ପୂର୍ଣ୍ଣଚନ୍ଦ୍ର

ଓଡ଼ିଆ ଭାଷାକୋଷ ।

ଚ

ଚ—ବ୍ୟଞ୍ଜନବର୍ଣ୍ଣର ୬ଷ୍ଠ ଓ ଚ ବର୍ଗର ୧ମ ବର୍ଣ୍ଣ; ଅଘୋଷବାନ୍‌ବର୍ଣ୍ଣ;
Cha ଏହାର ଉଚ୍ଚାରଣ ସ୍ଥାନ ତାଳୁ—The sixth consonant. It has the sound of 'ch' in child. It is uttered with the help of the roof of the palate in the cavity of the mouth.

ସଂ. ଅ—୧ । ଏବଂ; ଓ—1. And.

୨ । ପକ୍ଷାନ୍ତରରେ; କିନ୍ତୁ—
2. On the other hand; still.

୩ । ପୁନରପି—6. Also; again; moreover.

୪ । ତଥାପି—4. Yet.

୫ । ସମୁଚ୍ଚୟ—5. Too; together.

୬ । ଇତରେତର ଯୋଗ—
6. Mutual connection.

୭ । ସମାହାର—7. Collective compilation.

୮ । ଯଦି—8. If.

୯ । ଅନୁଷଙ୍ଗିକତା; ମଧ—
9. Together with; simultaneity.

୧୦ । (ଅବଧାରଣ) ନିଶ୍ଚେ—
10. (certainty) Yes; certainly.

୧୧ । ସଙ୍କଳ୍ପ—11. Determination.

୧୨ । ପାଦପୂରଣ—12. Expletive used to fill up or complete a sentence.

[ଦ୍ର—ଏହା ଦୁଇ ଶବ୍ଦ ମଧ୍ୟରେ କିମ୍ବା ଶବ୍ଦର ଶେଷରେ ବ୍ୟବହୃତ ହୁଏ; ଏହା ଶବ୍ଦର ପୂର୍ବରେ ବା ବାକ୍ୟର ଶେଷରେ କଦାପି ବ୍ୟବହୃତ ହୁଏ ନାହିଁ । ଓଡ଼ିଆଭାଷାରେ 'ଚ' ର ବ୍ୟବହାର ନାହିଁ; କେବଳ ଏବଂଚ, ପୁନଶ୍ଚ, ଅପିଚ, ବରଂଚ, ତଥାଚ, କଦାଚ ଇତ୍ୟାଦିରେ ଏହା ଅନ୍ୟ ଅବ୍ୟୟରେ ଯୁକ୍ତ ହୋଇ ନିପାତ ହେବା ପଦ ସ୍ୱରୂପ ଓଡ଼ିଆରେ ଏହାର ବ୍ୟବହାର ଅଛି ।]

ସଂ. ବି. (ଚର୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—

୧ । ଚୋର; ତସ୍କର—1. Thief.

୨ । ଚନ୍ଦ୍ର—2. The moon.

୩ । କୂର୍ମ—3. Tortoise.

୪ । ଶିବାନୁଚର; ଚଣ୍ଡେଶ୍ୱର—
4. An attendant of Śiba.

୫ । ଶିବ—5 Śiba.

୬ । ଚୋବାଇବା—6. Chewing.

୭ । ଖାଇବା—7. Eating.

ଚଅଁଚଅଁ—ଦେ. ଅ (ଧ୍ୱନ୍ୟନୁକରଣ)—
Cha-añ cha-añ
চোঁচোঁ
चुमरचुमर

୧ । ବାଛୁରୀ ଗାଈଚରକୁ ଓ ଶିଶୁ ମାତୃସ୍ତନକୁ ଚୁଚୁମିବା ବେଳେ ହେବା ଶବ୍ଦ—1. Sound made by a calf or child sipping milk from its mother's teat.

୨ । ଦୁଇ ଓଠ ମେଲା ଥାଇ ଉପର ଦାନ୍ତମୂଳ ଓ ଜିଭକୁ ଚପି ପବନକୁ ଭିତରକୁ ଟାଣିନେବାର ଉଦ୍ୟମଜନିତ ଧ୍ୱନି (ସ୍ତ୍ରୀଲୋକମାନେ 'ଚୁ' କଲାବେଳେ 'ଛ' ଯୁକ୍ତ ହୋଇ ଯେଉଁ ଧ୍ୱନି ଶୁଣାଯାଏ)—2. The sound produced by sucking wind through the tip of the tongue and the root of the upper teeth after joining them and keeping the lips open.

ଚଅଁଫଳା—ଗ୍ରା. ବିଣ. (ସଂ. ଚପଳ)—
Cha-añphalā
(ଚଅଁଫୁଲି—ସ୍ତ୍ରୀ)

୧ । ଚଞ୍ଚଳମତି—
1. Fickle-minded.

୨ । ଅସ୍ଥିର—2. Restless.

ସାଧାରଣ ଲୋକେ ଅପର ବୃଷ୍ଟାରେ ଦୂରତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ କୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଲହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ '[illegible]' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଚଅଁର—ଦେ. ବି. (ସଂ. ଚମର)—
Cha-añra ୧ । ଚମରୀ ଗୋ ବା କପିଳା ଗାଈର ଲାଙ୍ଗୁଳର ଲମ୍ବ ଲୋମଗୁଚ୍ଛ ଏକତ୍ର ମୂଳରେ ବନ୍ଧାଯାଇ ତିଆରି ହୋଇଥିବା ଚାମର—
চউরী; চামর
चँवर; चौंरी
1. Chowrie; a long brush made of tufts of the tail-hair of an yak (used as a fan or fly-whisk to drive away fleas from the body).

[ଦ୍ର—ଚଅଁରର ଯେଉଁ ପାଖରେ ଲୋମଗୁଡ଼ିକ ଗୋଛ ହୋଇ ବନ୍ଧା ହୋଇଥାଏ ସେହି ପାଖରେ ଗୋଟିଏ ଧାତୁର ବା କାଠର ବେଣ୍ଟ ଲାଗିଥାଏ । ଘୋଡ଼ା ଲାଞ୍ଜର ଲମ୍ବ ବାଳରେ ମଧ୍ୟ ଚଅଁର ହୁଏ । ଚଅଁର ରାଜା ଓ ବଡ଼ଲୋକମାନଙ୍କର ଓ ଦେବତାଙ୍କ ସେବାରେ ଲାଗେ । ଚଅଁରର ବେଣ୍ଟକୁ ଧରି ତାକୁ ଇତସ୍ତତଃ ସଞ୍ଚାଳିତ କରାଯାଏ । ଏହାକୁ ଚଅଁର ଢାଳିବା ବା ଚଅଁର ପକାଇବା କହନ୍ତି । ଶୁଣ୍ଢରେ ଚଅଁର ଧରି ତାକୁ ଇତସ୍ତତଃ ଢାଳିବା ପାଇଁ କେତେକ ହାତୀଙ୍କୁ ମଧ୍ୟ ଶିକ୍ଷିତ କରାଯାଇଥାଏ । ଠିଆ-ପାଲିବାଲାଙ୍କ ଗାୟକ ବା ନେତା ଅଭିନୟ କରିବା ବେଳେ ଚଅଁର ଧରି ଥାଆନ୍ତି । ଘୋଡ଼ାଙ୍କ ଦେହରୁ ମାଛି ହୁରୁଡ଼ାଇବା ପାଇଁ ମଧ୍ୟ ଛୋଟ ଚଅଁର ବ୍ୟବହୃତ ହୁଏ ।]

୨ । ନଡ଼ିଆ, ଖଜୁରି ଗଛର ଫଳମାନ ଯେଉଁ ଗୁଚ୍ଛରୁ ବାହାରିଥାଏ—2. A bunch (issuing out of cocoanut and date-palm trees) to which the fruits are attached.

ପ୍ରାଦେ. (ସମ୍ବଲପୁର) ବି—ନିଶୁଣିର ଅଡ଼କାଠ (ଯହିଁରେ ଗୋଡ଼ ଦେଇ ନିଶୁଣିରେ ଚଢ଼ିବାକୁ ହୁଏ)—
Foot-pad of a ladder; the cross-bar of a ladder.

ଚଅଁର କାଢ଼ିବା—ଦେ. କ୍ରି—(ନଡ଼ିଆ ବା ଖଜୁରି ଗଛ) ସ୍କନ୍ଧଦେଶରୁ
Cha-añra kārḍhibā ଫୁଲଫଳଧାରୀ ଚଅଁର ବାହାରକରିବା—
(a cocoanut or date-palm tree) To bring forth a bunch of flowers.

(ଯଥା—ନୂଆଗଛଟି ଚଅଁର କାଢ଼ିଲାଣି ।)

ଚଅଁର ଛାଞ୍ଚୁଣୀ—ଦେ. ବି—ଚଅଁର ଝାଡ଼ୁ (ଦେଖ)
Cha-añra chhāñchuṇi Cha-añra jhārḍu (See)

ଚଅଁରଝାଡ଼ୁ—ଦେ. ବି. (ସଂ. ଚମର+ସଂ. ଜଟ ବମ୍ମା ଝାଟ)—
Cha-añrajhārḍu ଚଅଁର ପରି ଦେଖାଯିବା ଏକପ୍ରକାର ତୃଣର ପୁଷ୍ପଗୁଚ୍ଛରେ ନିର୍ମିତ ଗୃହମାର୍ଜନୀବିଶେଷ; ଫୁଲଝାଡ଼ୁ—
A kind of broom looking like a chowrie made of hair-like filaments of Broom-grass (Sorghum Vulgare).

ଚଅଁରଡିହ—ଦେ. ବି—ଚାମରର ବେଣ୍ଟଦ୍ୱାରା କେଞ୍ଚିବା ଆଘାତ—
Cha-añra diha A poke given by the handle of a chowrie.

ଚଅଁର ଢାଳିବା—ଦେ. କ୍ରି. (ସଂ. ଚମର+ଦୋଳନ)—ଚାମର
Cha-añra ḍhāḷibā ଇତସ୍ତତଃ ସଞ୍ଚାଳନ କରିବା; ଚାମରଦ୍ୱାରା
চামর ঢালা
चँवर डुलाना
ବିଞ୍ଚିବା—To fan with a chowrie.

ଚଅଁର ପକାଇବା—ଦେ. କ୍ରି—୧ । ଚଅଁର କାଢ଼ିବା (ଦେଖ)
Cha-añra pakāibā 1. Cha-añra kārḍhibā (See)
୨ । ଚଅଁର ଢାଳିବା (ଦେଖ)
2. Cha-añra ḍhāḷibā (See)

ଚଅଁରବେଣ୍ଟ—ଦେ. ବି. (ସଂ. ଚମର+ବୃନ୍ତ ବା ବଣ୍ଟ)—ଚାମରକୁ
Cha-añra benṭa ଢାଳିବା ସମୟରେ ଧରିବା ନିମନ୍ତେ ନିର୍ମିତ
চামরের বাঁট
चँवरका मुठ
ହାତଧରା—The handle of a chawrie.

ଚଅଁରମୁଠା—ଦେ. ବି. (ସଂ. ଚମର+ମୁଷ୍ଟି)—୧ । ପୂଜା କରୁଥିବା
Cha-añra muthā ସମୟରେ ପାଲାବାଲାମାନେ ଯେଉଁ ଚଅଁର ବ୍ୟବହାର କରନ୍ତି—1. Chowrie used by the chanting performers of Pālā.
୨ । ଚାମରର କେଶଗୁଚ୍ଛ ଏକତ୍ର ବନ୍ଧାଯାଇ ଯେଉଁ ସ୍ଥାନରେ ବେଣ୍ଟ ସଙ୍ଗେ ସଂଯୁକ୍ତ କରାଯାଇଥାଏ—
2. The place where the root of the tied bunch of hair of a chowrie is linked to the handle.

ଚଅଁରା—ଦେ. ବିଣ—ଚାମର ଭଳି ଲାଞ୍ଜରେ ଗୋଛାଏ ବାଳ ଥିବା (ଗାଈ
Cha-añrā କିମ୍ବା ବଳଦ)—(a cow or bullock) Having a tuft of hair in the tail like a chowrie (more than is ordinarily seen in the tail of cattle.

ଚଅଁରା ଭଅଁରା—ଦେ. ବି (ଅର୍ଥହୀନ ପ୍ରୟୋଗ; ଅନାଦର ବ୍ୟଞ୍ଜକ)—
Cha-añrā bha-añrā ଗଳ୍ପରେ ବ୍ୟବହୃତ ସମଧର୍ମୀ ଓ ସମକର୍ମୀ ଦୁଇ ଭାଇ ବା ସଙ୍ଗୀ—Two boon companions or brothers; companions always moving together (names of 2 brothers in the folktales).

ଚଅଁରିବା—ଦେ. କ୍ରି. (ସଂ. ଚମରରୁ ଓଡ଼ିଆ ନାମଧାତୁ)—
Cha-añribā ୧ । ଚଅଁର କାଢ଼ିବା (ଦେଖ)
1. Cha-añra kārḍhibā (See)
୨ । (କୌଣସି ଭଙ୍ଗପ୍ରବଣ ପଦାର୍ଥ) ଫାଟିଯିବାର ପୂର୍ବାଭାସ ପ୍ରକାଶ କରିବା—2. To crack; to indicate signs of becoming cracked (said of any fragile thing.)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଛ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଞ	ନ୍ତ

ଚଅଁରେଇବା—ଦେ. କ୍ରି—ଚଅଁର କାଢ଼ିବା (ଦେଖ)
Cha-añreibā Chaañra kārḍhibā (See)

ଚଇ—ଦେ. ବି. (ସଂ. ଚବିକା)—
Chai ୧ । ଚଇଁକାଠ (ଦେଖ)
1. Cha-iñ kāṭha (See)
୨ । ଚୈତନ୍ୟ ନାମଧାରୀ ବ୍ୟକ୍ତିଙ୍କୁ ଡାକିବାର ଆଦରବ୍ୟଞ୍ଜକ ନାମ—2. Name by which a person named Chaitanya is called in fondness.
(ଅନାଦରବ୍ୟଞ୍ଜକ ରୂପ—ଚଇଆ; ଚଇଁଆଁ ।)

ଚଇଁ—ଦେ. ବି. (ସଂ. ଚବିକା)—ଚଇ (ଦେଖ)
Chaiñ Chai (See)

ଚଇଁକାଠ—ଦେ. ବି. (ସଂ. ଚବିକା + କାଷ୍ଠ)—
Chaiñ kāṭha ଔଷଧ ଲତାବିଶେଷ—
ସଂ. ନାମ—ଚବ୍ୟ; ଚବିକା; A medicinal creeper.
ଉଷଣା; ଚବନ, ଚବି; ଚବୀ [ଦ୍ର—ଏହା ତାମ୍ବୂଳାଦି ବର୍ଣ୍ଣର ଲତା ।
ଚଈ ଏହି ଲତା ନଦୀ ଓ ପାଣିକୂଳରେ
ଅହ୍ନ, ଅଷଧ ହୁଏ । ଏହାର ପତ୍ରର ଆକାର ପାନ
ତେ. ସେବାମ୍ଭୁ; ଚେବାର୍ଣ୍ଣି ପରି; ଫଳ ପିପ୍ପଳୀ ପରି । ଏହା ଗ୍ରୀଷ୍ମ
ମ. ମିରେବେଲ୍ଲୀବେଁମୁଲ୍ଲ; ଦେଶଜାତ ରୋଗନାଶକ । ଏହି
ଚକଲ୍ଲ ଲତାର ଫଳକୁ ଗଜପିପ୍ପଳୀ ବା ବଣ
ଗୁ. ଚବକ ପିପ୍ପଳୀ ବୋଲାଯାଏ ।]

ଚଇକାଠ—ଦେ. ବି—ଚଇଁକାଠ (ଦେଖ)
Chai kāṭha Chaiñ kāṭha (See)

ଚଇତ—ଗ୍ରା. ବି. (ସଂ. ଚୈତ୍ର)—
Chaita ଚୈତ୍ର ମାସ; ବସନ୍ତ ଋତୁର ଦ୍ୱିତୀୟ ବା ଶେଷ ମାସ—
চৈত্র, চইত The month of Chaitra
चैत (March–April).

ଚଇତ ମାସରେ ରାଧାମାଧବ ସୁମରି
ବୃନ୍ଦାବନେ ପଶିଣ ଲୋଡ଼ଇ ଅନୁସରି । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଇତନ୍—ପ୍ରାଦେ. (ମେଦିନୀପୁର) ବି (ମୂଳ ଏହି ଅର୍ଥରେ ବ. ଚୈତନ୍)-
Chaitan ଚୁରୁକି; ଚୁଟି—Pigtail on the middle of the head of a Brāhmaṇa.

ଚଇତନ୍ ଚୁଟ୍‌କି—ଦେ. ବି—ଚଇତନ୍ ଚୁରୁକି (ଦେଖ)
Chaitan chuṭki Chaitan churki (See)

ଚଇତନ୍ ଚୁରୁକି—ଦେ. ବି. (ସଂ. ଚୈତନ୍ୟ + ଚୂଡ଼ିକା)—
Chaitan churki ଚୈତନ୍ୟପ୍ରବର୍ତ୍ତିତ ବୈଷ୍ଣବସମ୍ପ୍ରଦାୟର ବ୍ୟକ୍ତି-
চৈতন চুটকী ମାନଙ୍କ ମସ୍ତକାଗ୍ରର ମଝିଅଡ଼େ ଥିବା ଲମ୍ବ କେଶର କ୍ଷୁଦ୍ର ଗୁଚ୍ଛ—A small tuft of long hair left in the middle of the head of the followers of Chaitanya.

ଚଇତନ—ଗ୍ରା. (ପଦ୍ୟ) ବି. (ସଂ. ଚୈତନ୍ୟ)—
Chaitana ୧ । ଚେତା; ଚେତନା—1. Consciousness.
চৈতন ୨ । ଜ୍ଞାନ; ଚୈତନ୍ୟ—
चैतन्य 2. Perception; sensation.

କାଳ ସ୍ୱଭାବ ସଙ୍ଗେ ମନ
ଚେ ନିତ୍ୟ ଶୁଦ୍ଧ ଚଇତନ । ଜଗନ୍ନାଥ. ଭାଗବତ ।

୩ । ବଙ୍ଗଦେଶର ପ୍ରସିଦ୍ଧ ଧର୍ମପ୍ରଚାରକ; ଶ୍ରୀ ଚୈତନ୍ୟ—
3. The name of the religious reformer of Bengal (taken to be an incarnation of Bishṇu); Chaitanya.
୪ । ଚୈତନ୍ୟ ବା ଚୈତନ୍ୟଚରଣନାମକ ବ୍ୟକ୍ତିର ଡାକ ନାମ—4. Name by which a person named Chaitanya or Chaitanya-charaṇa is called.
୫ । (ବ୍ୟଙ୍ଗ) ପ୍ରହାର (ଯାହାଦ୍ୱାରା ଚେତନା ଉଦୟ ହୁଏ)—
5. (ironical) A stripe (as punishment).
(ଯଥା—ଏ ପିଲାଠେଇଁ ଗୋଟିକେତେ ଚଇତନ ବାଜଗଲେ ତାର ପଢ଼ାପଢ଼ି ପ୍ରତି ମନ ଯିବ ।)

ଚଇତନିଆଁ—ଦେ. ବି—୧ । ଚୈତ୍ରକାଳୀନ ଦାବାଗ୍ନି—
Chaitaniāñ 1. Fire breaking out in forests in the month of Chaitra.
୨ । ଚୈତନ୍ୟଭକ୍ତ; ବୈଷ୍ଣବ—2. Baishṇabas.

ବନ ନାଶ କରେ ଚଇତ ନିଆଁ
ବର୍ଣ୍ଣ ନାଶ କରେ ଚଇତନିଆଁ—ଢଗଢମାଳି ।

୩ । ଚୈତନ୍ୟ ନାମକ ବ୍ୟକ୍ତିର ଅନାଦରବ୍ୟଞ୍ଜକ ଡାକନାମ—
3. Name for calling Chaitanya.

ଚଇତନିଆଁ ଚିତା—ଦେ. ବି. (ସଂ. ଚୈତନ୍ୟ + ଚିତ୍ରକ)—ଚୈତନ୍ୟ-
Chaitaniāñ chitā ପ୍ରବର୍ତ୍ତିତ ବୈଷ୍ଣବସମ୍ପ୍ରଦାୟ କପାଳରେ ଯେଉଁ ପ୍ରକାର ଚିତା ଦିଅନ୍ତି—A mark of sandal paste drawn on the forehead by the followers of Chaitanya.

ଚଇତନ୍ୟ—ଗ୍ରା. ବି. (ସଂ. ଚୈତନ୍ୟ)—ଚଇତନ (ଦେଖ)
Chaitanya Chaitana (See)

ଚଇତ ପୁନେଇଁ—ଦେ. ବି. (ସଂ. ଚୈତ୍ରପୂର୍ଣ୍ଣିମା)—ଚୈତ୍ରପୂର୍ଣ୍ଣିମା—
Chaita puneiñ The full-moon of the month of Chaitra.

[ଦ୍ର—ଏହା କେଉଟମାନଙ୍କର ପର୍ବ; କେଉଟମାନେ ଏଥିରେ ଘୋଡ଼ାର ରୂପରେ ଗୋଟିଏ ଖୋଳ କରି ଅଣ୍ଟା ପର୍ଯ୍ୟନ୍ତ ତାହା ମଧ୍ୟରେ ପଶି ଘୋଡ଼ା ଉପରେ ଚଢ଼ିବାର ଅଭିନୟ କରି ନଚେଇ ନାଚିବାଦ୍ୱାରା ଘୋଡ଼ାକୁ ନଚାନ୍ତି । ସ୍ଥାନେ ସ୍ଥାନେ ଚଇତ-ଘୋଡ଼ାମାନଙ୍କର ମେଳନ ହୁଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଂା' ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଇତବାଢ଼ି—ଗ୍ରା. ବି—ଚୈତ୍ରମାସରେ ବ୍ୟାପିବା ହଇଜା ରୋଗ—
Chaitabārdi Cholera prevailing in the month of Chaitra.
(ଚଇତବାଢ଼ି—ଅନ୍ୟରୂପ)

ଚଇତା—ଦେ. ବି. (ସଂ. ଚୈତନ୍ୟ)—ଚୈତନ୍ୟର ଅନାଦରବ୍ୟଞ୍ଜକ
Chaitā ଡାକନାମ—Name for calling Chaitanya.
चैती ଚଇତା ! ଭବତ ଖାଇବୁ କି ପଖାଳ ଖାଇବୁ ବୋଲି ଥାଇଁ ଥାଇଁ କହୁଥା—ଭଗ
ଦେ. ବି. (ସଂ. ଚୈତ୍ର)—୧ । ଚୈତ୍ରମାସ ସମ୍ବନ୍ଧୀୟ—
1. Appertaining to the month of Chaitra.
(ଯଥା—ଚଇତା ପବନ ।)
୨ । ଚୈତ୍ରମାସରେ ଅମଦାନି କରା ହେବା (ଫସଲ)—
2. (crop) Harvested in the month of Chaitra.
(ଯଥା—ଚଇତା ହରଡ଼ ।)

ଚଇତାଳି—ଦେ. ବିଣ. (ସଂ. ଚୈତ୍ର)—ଚଇତା (ଦେଖ)
Chaitāli Chaitā (See)

ଚଇତିଆଳି—ଦେ. ବିଣ—ଚଇତା (ଦେଖ)
Chaitiāli Chaitā (See)

ଚଇତିଘୋଡ଼ା—ଗ୍ରା. ବି. (ସଂ. ଚୈତ୍ର+ଘୋଟକ)—ଚୈତ୍ରପୂର୍ଣ୍ଣିମାରେ
Chaitighordā କେଉଟମାନେ ବତାର ଥାଟ ଉପରେ ଲୁଗା ଘୋଡ଼ାଇ ଯେଉଁ ଘୋଡ଼ାର ରୂପ ନଚାନ୍ତି—
An image of a horse prepared by the fishermen of Orissa and made to dance on the Chaitra full-moon day.

[ଦ୍ର—କିମ୍ବଦନ୍ତୀ ଅଛି ଯେ ରାମଚନ୍ଦ୍ର ବନବାସ କରିବାକୁ ଯିବା ସମୟରେ ତାଙ୍କୁ ଯେଉଁ ଧୀବର ବା ଦାସରାଜ ଡଙ୍ଗାରେ ବସାଇ ସରଯୂନଦୀକୁ ପାରି କରାଇଥିଲା, ରାମଚନ୍ଦ୍ର ତାକୁ ଗୋଟିଏ ଘୋଡ଼ା ପୁରସ୍କାରରୂପେ ଦେଇ ଯାଇଥିଲେ; ସେହି ଦିନରୁ କେଉଟମାନେ ଘୋଡ଼ାର ରୂପ ନିର୍ମାଣ କରି ପୂଜା କରି ଆସୁଅଛନ୍ତି । କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦସ୍ଥାନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆବି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ତିଆରି ମୁଖାଟିଏ ଲଗାନ୍ତି । ଉକ୍ତ ଚଇତିଘୋଡ଼ାର ପିଠିରେ ଗୋଟିଏ କଣା ଥାଏ । ସେହି କଣାବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆହୁଏ ଓ ଘୋଡ଼ାରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ । ମନୁଷ୍ୟର ଅଣ୍ଟାଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟାଠାରୁ ଉପର ଅଂଶ ଘୋଡ଼ା ଉପରେ ବସିବା ପରି ଅନୁମିତ ହୁଏ । ଏ ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ । ଘୋଡ଼ାର ମୁହଁଆଡ଼େ ଲଗାମପରି କନାଡୋରି ବନ୍ଧା ହୋଇଥାଏ । ଉକ୍ତ ଡୋରିକୁ ନାଚନ୍ତିବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ । କେଉଟମାନେ ଏହି ପର୍ବ ଉପଲକ୍ଷରେ ଚଢ଼େଇଆ ଓ ଚଢ଼େଇଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି ।]

ଚଇତିପୁନେଇଁ—ଗ୍ରା. ବି.—(ସଂ. ଚୈତ୍ରପୂର୍ଣ୍ଣିମା)—
Chaiti puneiṅ ଚଇତପୁନେଇଁ (ଦେଖ)
Chaita puneiṅ (See)

ଚଇତିମଡ଼ା—ଦେ. ବି. (ସଂ. ଚୈତ୍ର ଓ ମଡ଼ିବା)—ଚୈତ୍ରମାସରେ ବର୍ଷା
Chaiti matā ହେବା—Raining in the month of Chaitra.
ମେଘ ଚଇତିମଡ଼ା କଲା, ଗଛଡ଼ ଗଲା ଦୁହିଁ ଦୁହିଁ ମଲା । ପ୍ରବଚନ ।
ଦେ. ବିଣ.—ଚଇତ୍ରମାସରେ ବର୍ଷିବା ବା ମାଡ଼ିବା (ମେଘ)—
Raining in the month of Chaitra.

ଚଇତିମାସ—ଗ୍ରା. ବି. (ସଂ. ଚୈତ୍ର+ମାସ)—ଚଇତ (ଦେଖ)
Chaiti māsa Chaita (See)

ଚଇତ୍ର—ଦେ. ବି.—(ସଂ. ଚୈତ୍ର)—ଚୈତ୍ର ୧ (ଦେଖ)
Chaitra Chaitra (1) (See)
କେଉଁ ଲେ ଚଇତ୍ର ପୁଷ ନକ୍ଷତ୍ର କରିବ ।
ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

ଚଇତ୍ରରଥ—ଗ୍ରା. (ପଦ୍ୟ) ବି.—(ସଂ. ଚୈତ୍ରରଥ)—
Chaitra ratha ଚୈତ୍ରରଥ (ଦେଖ)
Chaitra ratha (See)
ନନ୍ଦନ ଚଇତ୍ରରଥୁଁ ଏମନ୍ତ ରଚନା ।
ଉପେ. ବୈଦେହୀଶବିଳାସ ।

ଚଇନ୍—ବୈଦେ. ବିଣ. (ଅ. ଚୈନ୍)—୧ । ସ୍ଥିର, ଶାନ୍ତ—
Chain 1. Quiet; calm; tranquil.
चयन, चयेन ୨ । ନିଶ୍ଚଳ—
चैन 2. Motionless.
(ବେଚଇନ୍—ବିପରୀତ) ୩ । ସୁସ୍ଥ—3. Healthy.
ବୈଦେ. ବି.—୧ । ସ୍ଥିରତା—1. Calmness.
୨ । ମନର ସ୍ଥିରତା—2. Calmness of mind; mental tranquility.
୩ । ସ୍ୱାସ୍ଥ୍ୟ—3. Health.
୪ । ସ୍ୱଚ୍ଛନ୍ଦତା; ଆରାମ—4. Ease; relief.
चेइन ବୈଦେ. ବି. (ଇଂ. ଚେନ୍)—୧ । ଶିକୁଳି—
चेन 1. A chain.
୨ । ଘଣ୍ଟାର ଶିକୁଳି – 2. Watch-chain.
୩ । ଜମି ମାପିବାର ଶିକୁଳି (୧୦୦ ଲିଙ୍କ୍ ବା ୬୬ ଫୁଟ ଲମ୍ବା)—3. A chain of 100 links (66 ft) for measuring land; Gunter's chain.

ଚଇନ୍‌ଫିଟ୍—ବୈଦେ. ବିଣ. (ଇଂ ଚେନ୍=ଘଣ୍ଟାର ଶିକୁଳି+ଫିଟ୍=
Chain phit ସଜ୍ଜିତ)—ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ବାବୁଗିରିର ଉପଯୁକ୍ତ ସାଜସଜ୍ଜାରେ ସଜ୍ଜିତ; ଲମ୍ୱଶାଟପଟାବୃତ—Equipped from top to toe; foppish; gorgeously equipped

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଘ,ଖ	ଙ୍କ	ଙ୍ଖ	ଙ୍ଗ	ଙ୍ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ଖ	ଗଂ	ଙଖ	ଙ୍ଗ	ନ୍ତ

ଚଇନ ମାହାପାତ୍ରେ—ଦେ. ବି.—୧ । (ଅବଜ୍ଞାସୂଚକ ବ୍ୟବହାର)
Chaina mahapatre ସର୍ବେସର୍ବା; ପ୍ରଧାନ ଲୋକ—
(ଚଇନ ମାହାପାତ୍ରେ—ଅନ୍ୟରୂପ) 1. (satirical) A principal personage.
(ଯଥା—ତୁ ମନେ ମନେ ଭାବୁଅଛୁ ଯେ ତୁ ଏଠେଇଁ ଚଇନ ମହାପାତ୍ରେ ।)
୨ । (ବ୍ୟଙ୍ଗୋକ୍ତି) କେହିନୁହେଁ—2. (ironical) A man of no importance.

ଚଇନି—ଦେ. ବିଣ. ଓ ବି. (ଅ. ଚୈନ୍)—ସ୍ଥିର—
Chaini Quiet; calm.

ଚଉ—ଦେ. ବିଣ. (ସଂ. ଚତୁର)—୧ । ଚାରି ସଂଖ୍ୟକ—
Chau 1. Four.
ଚৌ ୨ । ଚାରିଦିଗରେ ଅବସ୍ଥିତ (ଯଥା, ଚଉହଦୀ)—
चौ, चउ 2. Situate on four sides.
[ଦ୍ର—ଏହି ପଦ ଚାରି ସଂଖ୍ୟା ବୁଝାଇବା ପାଇଁ ଅନେକ ବସ୍ତୁବାଚକ ଶବ୍ଦ ପୂର୍ବରେ ଯୁକ୍ତ ହୁଏ । ଯଥା—ଚଉକୋଳ; ଚଉଦୋଳ; ଚଉତାଳ; ଚଉମଥା; ଚଉବାହା । ଏହି ପଦ ସଂଖ୍ୟାବାଚକ ଦଶକ ଶବ୍ଦ ପୂର୍ବେ ଯୁକ୍ତ ହେଲେ ତହିଁରେ ୪ ସଂଖ୍ୟା ମିଶିବାର ବୁଝାଏ ; ଯଥା— ଚଉଦଶ ସ୍ଥଳରେ ଚଉଦ=୧୪; ଚଉବିଶ ସ୍ଥଳରେ ଚବିଶ =୨୪; ଚଉତିରିଶ ବା ଚଉତିଶ=୩୪; ଚଉଚାଳିଶ ସ୍ଥଳରେ ଚଉରାଳିଶ=୪୪; ଚଉପଚାଶ ସ୍ଥଳରେ ଚଉବନ=୫୪; ଚଉଷାଠି ସ୍ଥଳରେ ଚଉଷଠି=୬୪; ଚଉସତୁରି ସ୍ଥଳରେ ଚଉସ୍ତରି=୭୪; ଚଉଅଶି ସ୍ଥଳରେ ଚଉରାଅଶି=୮୪; ଚଉନବେ ସ୍ଥଳରେ ଚଉରାନବେ=୯୪ ।]
ଦେ. ଅ—ଅମୁକ ସଂଖ୍ୟାରେ ୪ ଦ୍ୱାରା ଗୁଣିତ ହେଲେ (ଯଥା—ଉନ ଚଉ ଛାଉ ପଣ, ପାଞ୍ଚ ଚଉ କୋଡ଼ିଏ ପଣ—ପଣିକିଆ)—
Multiplied by four.

ଚଉଅଂଶ— ଦେ. ବି (ସଂ. ଚତୁର୍ଥାଂଶ)—ଏକଚତୁର୍ଥାଂଶ—
Chau-amsa One fourth.

ଚଉଅଂଶା—ଦେ. ବିଣ (ସଂ. ଚତୁରଂଶ; ଚତୁରସ୍ର)—
Chau-amsa ୧ । ଚାରିପାଖବିଶିଷ୍ଟ—1. Foursided;
চউঅংশা having four sides; quadrilateral.
चौखूँटा; चौपहल ୨ । ବର୍ଗକ୍ଷେତ୍ରାକୃତି; ଚାରି ସମକୋଣବିଶିଷ୍ଟ
(ଚଉଅଂଶିଆ, ଚଉଅଂଶା-ଅନ୍ୟରୂପ) (କ୍ଷେତ୍ର)—
2. Square; rectangular.

ଚଉଆ—ଦେ. ବି.—ଅଲଛ; ଶିଶୁମାନଙ୍କ ମୁହଁରେ ଓ ଦେହରେ ହେବା
Chaua ଚକାଚକା ନାଲମନ୍ଦା (ରୋଗ)—
A kind of red round eruption in patches on the body of infants.
ଦେ. ବିଣ. (ସଂ. ଚତୁର୍ଥ)—ଚତୁର୍ଥ—Fourth.
ପ୍ରାଦେ. (ବାଲେଶ୍ୱର) ବି.—ଗୋରୁଙ୍କ-ରୋଗବିଶେଷ—
A cattle-disease.

ଚଉଅଂଶ—ଦେ. ବିଣ—ଚଉଅଂଶା (ଦେଖ)
Chau-amsa Chauamsa (See).
(ଚଉଅଂଶିଆ, ଚଉଅଂଶୀ—ଅନ୍ୟରୂପ)

ଚଉଆଖିଆ—ଦେ. ବିଣ (ସଂ. ଚତୁରକ୍ଷ)—
Chau-akhia ୧ । ଯେ ଚାରିଆଡ଼କୁ ଆଖି ରଖି କାର୍ଯ୍ୟ କରେ —
(a person) Who acts by having his vision directed to all sides.
୨ । (ଲକ୍ଷଣାର୍ଥ) ଖୁବ ସତର୍କ ଓ ସାବଧାନ—
2. (figurative) Very cautious and watchful.
୩ । (ଲକ୍ଷଣାର୍ଥ) କୌଶଳୀ; ବୁଦ୍ଧିମାନ୍—
3. (figurative) Very dexterous; ingenious.

ଚଉଁର—ପ୍ରାଦେ (ସମ୍ବଲପୁର) ବି—ବାଉଁଶ ନିଶୁଣିରେ ଲାଗିଥିବା ଆଡ଼ବତା
Chaunra ବା ପାଙ୍ଗି (ଯହିଁରେ ଗୋଡ଼ ଦେଇ ଚଢ଼ାଯାଏ)—
The foot-pad of a ladder.
ଦେ. ବି.—ଚଉରୀ (ଦେଖ)
Chaura (See).

ଚଉଁରିବା—ଦେ. କ୍ରି—(ସଂ. ଚମର)—ପୁଷ୍ପଗୁଚ୍ଛ ବିକଶିତ ହେବା—
Chaunriba To blossom in clusters.
କୁରୁବକ ଚଉଁରିଲେ ଅତ ଉଗ୍ର ଗନ୍ଧ—ପ୍ରାଚୀ. ଉପେନ୍ଦ୍ରଭଞ୍ଜ ।

ଚଉଁରୀ (ଇତ୍ୟାଦି)—ଦେ. ବି—ଚଉରୀ ଇତ୍ୟାଦି (ଦେଖ)
Chaunri (etc) Chauri etc (See).
ବନନେ କବରୀ କରନ୍ତୁ ଚଉଁରୀ ଏ ଗୁରୁ ଚାମର—ଉଞ୍ଜ. ବୈଦେହୀଶବିଳାସ ।
ନଳ ଚଉଁରୀକ ନେଲାଗଲେ ଛାଡ଼ ବତ୍ସ ଧର ମହାଦରେ—ରାଧାନାଥ. ପାର୍ବତୀ ।

ଚଉଁଳ—ପ୍ରାଦେ (ସମ୍ବଲପୁର) (ଇତର) ବି—ଚାଉଳ—
Chaunla Rice.
[ଦ୍ର —ସମ୍ବଲପୁର ଅଞ୍ଚଳରେ ଶ୍ରେଷ୍ଠଜାତିମାନେ 'ଚାଉଳ' ସ୍ଥଳେ ଚଉଁଳ କହନ୍ତି । କଟକ ପୁରୀ ଆଦି ଜିଲ୍ଲାମାନଙ୍କରେ ବାଉରୀ, କଣ୍ଡରା ପ୍ରଭୃତି ଶ୍ରେଷ୍ଠଜାତି 'ଚାଉଳ' ସ୍ଥଳେ 'ଚାଉର' ଉଚ୍ଚାରଣ କରନ୍ତି ।]

ଚଉଁସର—ପ୍ରାଦେ (ସମ୍ବଲପୁର) ବି—ଚଉପାର; ପଶାଖେଳ—
Chaunsara The game of dice.

ଚଉକ—ଦେ. ବି (ସଂ. ଚତୁଷ୍କ; ପ୍ରା. ଚଉକ୍କ)—
Chauka ୧ । ଚାରିଅଙ୍ଗୁଳ ପରମାଣ—
চৌক 1. A measure of the breadth
चौक of 4 fingers.
ଚଉକେ ଅନ୍ତର ନୁହଇ କେବେ—କବିସୂର୍ଯ୍ୟ କବିତା ।
୨ । ଚଉରାସ୍ତା; ଚତୁଷ୍ପଥ—
2. A meeting place for 4 roads.
୩ । ବହୁ ଲୋକଙ୍କ ମିଳନସ୍ଥଳ; ଗଞ୍ଜ—
3. A market place; a public square.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। 'ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୪। ଗୃହର କାଷ୍ଠସ୍ତମ୍ଭର ମୁଣ୍ଡ ଉପରେ ଥିବା କାଷ୍ଠଖଣ୍ଡ— 4. A piece of wood put on the top of a pillar of a house.

୫। ଚତୁଷ୍କୋଣବିଶିଷ୍ଟ କ୍ଷେତ୍ର ବା ସ୍ଥାନ— 5. Quadrangle; a square.

୬। ଚଉକା; ଚାରି ଟିପବିଶିଷ୍ଟ ତାସ— 6. A card with four points.

୭। ଚାରି ପାଖରେ ଘର ଥିବା ଅଗଣା— 7. A courtyard sorrounded by houses on four sides.

ପ୍ରାଦେ. (ସମ୍ବଲପୁର) ବି—ପାଞ୍ଚଖେଣିଆ ଚାଳଘରର ତଳଖେଣି ଓ ମଥାନ-ଖେଣିର ମଧ୍ୟରେ ଥିବା ଦୁଇପାଖର ଖେଣିଦ୍ୱୟ—The middlemost pair of plates in a five-plated thatched house.

ଚଉକଠ—ଦେ. ବି. (ସଂ. ଚତୁଷ୍କାଷ୍ଠ; ପ୍ରା. ଚୌକାଠ)—ଘରର ଦୁଆର-ମୁହଁରେ ବା ଝରକାରେ ଲାଗିଥିବା ଫରମା, ଯହିଁରେ କବାଟ ଲାଗେ—Door-frame; casement of a door or window.
Chaukaṭha
ଚୌକାଠ
चौखट; चौखट; चौकठ

ଚଉକଡ଼ି—ଦେ. ବି. (ଦେଶିଆ ଶବ୍ଦ)—ସୁନାରେ ତିଆରି ଗଳାର ଅଳଙ୍କାରବିଶେଷ—A gold necklace.
Chaukaṛhi

ଚଉକଣି—ଦେ. ବିଣ. (ସଂ. ଚତୁଷ୍କୋଣ)—ଚାରିକୋଣବିଶିଷ୍ଟ—Quadrangular.
Chaukaṇi
(ଚଉକଣିଆଁ—ଅନ୍ୟରୂପ)

ଚଉକତି—ଦେ. ବି.—ଚାରିଦିଗ; ଚାରିପାଖ—Four sides.
Chaukati

କେ ବାଉନାସ ପୂର୍ଣ୍ଣ ପ୍ରସର ଚଉକତିକ ଚାହିଁ। ଦୀନକୃଷ୍ଣ- ରସକଲ୍ଲୋଳ।

ଦେ. କ୍ରି. ବିଣ—ଚାରିପାଖେ—On all sides.

ବେଢ଼ିଛନ୍ତି ଚଉକତି ଯୂଥପତି ବ ଅଙ୍କ ଦେବେ ସମ୍ରାଟ।
ଉପେ- ବୈଦେହୀଶବିଳାସ।

ଚଉକନା—ଦେ. ବି—ଚାରିଗୋଟି ମୁନ ବା ଶାଖା ଥିବା ଅସ୍ତ୍ରବିଶେଷ—A weapon having four points or forks.
Chaukanā

ଚଉକନି—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଚତୁଷ୍କୋଣ)—ପତ୍ରନିର୍ମିତ ଚତୁଷ୍କୋଣ ପାତ୍ର; ଚଉପଦା—A square pot made of leaves, sewn together.
Chaukani

ଚଉକସ—ଦେ. ବିଣ.—୧। ଦୃଢ଼ଭାବରେ ଆବଦ୍ଧ; ଚାରିଆଡ଼ୁ ବନ୍ଧା ହୋଇଥିବା—1. Strongly fixed or firmly attached; firmly tied or secured.
Chaukasa
चौकस
चौकस

୨। ଦୃଢ଼—2. Tight.

(ଚଉକସିଆ—ଅନ୍ୟରୂପ) ୩। ମଜବୁତ; ବଳୁଆ—3. Strong.

(ଚଉକସୀ—ବି)

୪। ଚତୁର—4. Cunning.

୫। ସର୍ବକର୍ମନିପୁଣ; ଧୁରନ୍ଧର—5. Very active; pert; square-headed; square; able to do any and every work.

୬। (ଭୁଲ. ସଂ. ଚକ୍ଷୁଷ୍ମାନ୍) ଖୁବ୍ ସାବଧାନ; ସତର୍କ—6. Vigilant; careful; cautious; circumspect; very careful.

୭। ଯାହାର ସବୁଆଡ଼କୁ ଦୃଷ୍ଟି ଥାଏ; (ଭୁଲ. ସଂ. ଚକ୍ଷୁଷ୍ମାନ୍) 7. Far-sighted; having always his eyes wide open.

୮। ଚାରିଦିଗରେ ସମତଳ— 8. Level on all sides.

ଚଉକା—ଦେ. ବି. (ସଂ. ଚତୁଷ୍କ; ପ୍ରା. ଚଉକ୍କ)—୧। ଜଳସଞ୍ଚୟାର୍ଥ ଗାତୁଆ ବା ଗର୍ତ୍ତ—1. A square excavation of water; a small hole dug in the ground for water to ooze and accumulate.
Chaukā

୨। ଗଞ୍ଜପା ଓ ତାସ ଖେଳରେ ୪ ଗୋଟି ଟିପ ଥିବା ସାର— 2. The playing-card having four tips on it.

चउका
चौका
୩। ପାକ ପୂର୍ବରୁ ଲିପାପୋଛା ହୋଇଥିବା ଚୁଲିର ଚାରି ପାଖ ଓ ନିକଟବର୍ତ୍ତୀ ନିର୍ଦ୍ଦିଷ୍ଟ ସ୍ଥାନ— 3. Space near about an oven marked out, cleaned and washed with cowdung-water before cooking.

[ଦ୍ର—ପଶ୍ଚିମା ଓ ମାଡ଼ୱାଡ଼ିମାନେ ଚୁଲିର ଚାରି ପାଖର ନିର୍ଦ୍ଦିଷ୍ଟ ସ୍ଥାନ ଲିପାପୋଛା କରି ସେହି ସୀମା ମଧ୍ୟରେ କଳେ କଳେ ଶୋଧେଇ କରନ୍ତି ଓ ଭୋଜନ କରନ୍ତି। ଅନ୍ୟ କେହି ସେହି ସୀମା ମଧ୍ୟକୁ ପଶି ଗଲେ ସମସ୍ତ ଖାଦ୍ୟ ଅପବିତ୍ର ହୋଇଯାଏ।]

ଚଉକାଠ—ଦେ. ବି—ଚଉକଠ (ଦେଖ) Chaukaṭha (See)
Chaukāṭha

ଚଉକା ଦେବା—ଦେ. କ୍ରି—ପାକ ପୂର୍ବରୁ ଚୁଲିର ଚାରିପାଖ ଗୋବରରେ ଲିପି ପରିଷ୍କାର ଓ ପରିଶୁଦ୍ଧ କରିବା— To mark out and wash a space near the cooking oven with cow-dung-water before cooking.
Chaukā debā
চৌকা দেওয়া
चौका देना

ପ୍ରାଦେ. (କଟକ) କ୍ରି—ଦୈନିକ କାର୍ଯ୍ୟ ସ୍ୱରୂପ ବିଶେଷତଃ ପର୍ବପର୍ବାଣିରେ ଘରର ଦୁଆରମୁହଁ ପାଖ ଗୋବରମିଶା ପାଣିରେ ଲିପିବା—To smear the precincts of the door-step with cow-dung and water daily and specially on festive occasions.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଛ୍ଛ
୨	ଈ	ଊ	ରୁ	ଲୁ	ଯ଼	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଥ

ଚଉକି—ଦେ. ବି. (ସଂ. ଚତୁଷ୍କୀ; ପ୍ରା. ଚଉକ୍କୀ)—
Chauki ୧ । ବସିବା ନିମନ୍ତେ ଚାରିଗୋଡ଼ିଆ କାଷ୍ଠ ବା ପଥରର
চৌকী ଆସନ—1. Stool of wood or stone.
चौकी

କାଠିଲାଗି ପାଇଁ ଚଉକିରେ ଯାଇ ସଧୀରେ ବିଜୟ କଲେ ।
ଦୀନକୃଷ୍ଣ. ରସକଲ୍ଲୋଳ ।

୨ । ପଛପଟରେ ଆଉଜିବାର ଉପଯୋଗୀ ବାଡ଼ ଥିବା କାଷ୍ଠ ବା ବେତର ଆସନ; ଖୁରସୀ—2. Chair.

[ଦ୍ର—ପ୍ରାଚୀନ କାଳରେ କେବଳ ଚାରିଗୋଡ଼ିଆ ପଥର ବା କାଠର ବା ବେତବୁଣା ଆସନକୁ ଚୌକି କହୁଥିଲେ, ତହିଁରେ ପଛପଟେ ଆଉଜିବା ପାଇଁ ଆଶ୍ରୟ ବସ୍ତୁ ନ ଥିଲା । ଏହା କେବଳ ଗାଧୋଇବାବେଳେ ବ୍ୟବହୃତ ହୁଏ ଓ ମୁଦି ଦୋକାନମାନଙ୍କରେ ଦୋକାନୀର ବସିବାରେ ଲାଗେ । କିନ୍ତୁ ବର୍ତ୍ତମାନ ଯୁଗରେ କାଠ-ତିଆରି ଓ ବେତବୁଣା ନାନାପ୍ରକାର ଚଉକି ବ୍ୟବହୃତ ହେଉଅଛି । ଏ ସବୁର ବସିବା ଆସନ ଓ ପୃଷ୍ଠଦେଶର ଆଶ୍ରୟ ବେତ ବା କାଷ୍ଠ ନିର୍ମିତ । କୌଣସି କୌଣସି ଚଉକି ଲୌହରେ ମଧ୍ୟ ନିର୍ମିତ ହେଉଅଛି; କାହିଁରେ ସ୍ପ୍ରିଙ୍ଗ୍ ବା ତୂଳାର ଗଦି ଅଣ୍ଟା ଯାଉଅଛି । ଦୀର୍ଘ ବାହୁଯୁକ୍ତ ଆରାମ ଚଉକି ବା Arm chair ସର୍ବତ୍ର ସୁପରିଚିତ ।]

୩ । କର୍ଣ୍ଣର ନୋଳିବିଶେଷ—
3. A kind of ear-ring.

୪ । ଗ୍ରାମ ବା ନଗର ରକ୍ଷା କରିବା ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନ ବା ଚତୁଷ୍ପଥରେ ଅବସ୍ଥିତ ପ୍ରହରୀଙ୍କ ଆଡ୍ଡା; ଫାଣ୍ଡି—
4. Police outpost.

୫ । ଜଗିବା କର୍ମ; ପହରା—
5. Watch; watching; guarding.

୬ । (ଜାହାଜଅଭାଷା) ମାସ୍ତୁଲର ଅଗ୍ରଭାଗରେ ସଂଯୁକ୍ତ ଆସନ; ଯେଉଁଠାରେ ନାବିକମାନେ ବସି ଦୂରବୀକ୍ଷଣ ସାହାଯ୍ୟରେ ଦୂରସ୍ଥ ବସ୍ତୁମାନ ଦେଖନ୍ତି—
6. (nautical) A seat attached to the top of the main mast of a ship for sailors taking observation of far off things with the telescope.

ମୁଁ ନାବର ଡଉଡ଼ି ଧରି ଚଉକୀ ଉପରକୁ ଉଠି ଯାଇ ଦୂରବୀନ କଷିଦେଲି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚଉକିଆ—ଦେ. ବି.—ଚଉକିଦାର (ଦେଖ)
Chaukiā Chaukidāra (See)
ଦେ. ବିଣ—(ସଂ. ଚତୁଷ୍କ) ଚାରିକୋଣିଆ—Quadrangular.

ସନ୍ତ୍ରେମୁଖୀ ଚମ୍ପା ତହିଁ ଚଉକିଆ ସ୍ତମ୍ଭ—ପ୍ରାଚୀ. ବୃନ୍ଦାବନରୂପଣଗୀତା ।

ଚଉକି କରିବା—ଦେ. କ୍ରି.—ପହରା ଦେବା—
Chauki karibā .To watch; to guard.
চৌকীদেওয়া
चौकीदेना

ଚଉକିଦାର—ଦେ· ବି. (ସଂ. ଚତୁଷ୍କ+ଫା. ପ୍ରତ୍ୟୟ. ଦାର୍)—ଗ୍ରାମ
Chaukidāra ବା ଗୃହରକ୍ଷକ; ପହରାବାଲା—Watchman;
চৌকীদার village-chowkidar.
चौकीदार [ଦ୍ର—ଏ ଶବ୍ଦ ଇଂରାଜୀଭାଷାରେ ବ୍ୟବହୃତ ହେଲାଣି ।]

ଚଉକିଦାର ପରେଡ୍—ଦେ. ବି. (ଚଉକିଦାର+ଇଂ. ପାରେଡ୍)—
Chaukidāra paret ଚଉକିଦାରମାନଙ୍କର ପ୍ରେସିଡେଣ୍ଟ ଓ ଥାନା ହାକିମଙ୍କ ନିକଟରେ ସପ୍ତାହର ବା ପକ୍ଷର ନିର୍ଦ୍ଦିଷ୍ଟ ଦିନରେ ଗ୍ରାମରେ ଘଟୁଥିବା ବିଶିଷ୍ଟ ସମ୍ବାଦ ଦେବାରୂପ କର୍ମ—Chowkidars' parade held weekly or fortnightly at the police station and before the President of the chowkidari union respectively.

ଚଉକିଦାରି—ଦେ. ବି—୧ । ଚୌକିଦାରର କର୍ମ—
Chaukidāri 1. The duty of a watchman.
চৌকিদারী ୨ । ଚୌକିଦାରର ଚାକିରି—
चौकिदारी 2. The post or service of a watchman.
ଦେ. ବିଣ—ଚଉକିଦାର ସମ୍ବନ୍ଧୀୟ—
Relating to a watchman.

ଚଉକିଦାରି ଆଇନ୍—ଦେ. ବି—ବଙ୍ଗର ୧୮୭୦ ସାଲର ୬ ଆଇନ୍,
Chaukidāri āin ଯେଉଁ ଆଇନ୍ ଅନୁସାରେ ବଙ୍ଗ-ବିହାର-ଓଡ଼ିଶାରେ ବର୍ତ୍ତମାନ ଚଉକିଦାରମାନେ ଓ ପ୍ରେସିଡେଣ୍ଟ ଓ ପଞ୍ଚାଏତମାନେ ନିଯୁକ୍ତ ହୋଇଅଛନ୍ତି ଓ ଚଉକିଦାରି ଟିକସ ଆଦାୟ ହେଉଅଛି—The Bengal Village Chowkidari act (Act 6 of 1870 B. C).

ଚଉକିଦାରି ଇଉନିଅନ୍—ଦେ. ବି. (ଚଉକିଦାରି+ଇଂ. ୟୁନିଅନ୍)—
Chaukidāri iunian ଚଉକିଦାରି ଆଇନ୍ ଅନୁସାରେ ଗଠିତ ଗ୍ରାମପୁଞ୍ଜ—Chowkidari union; a union consisting of a group of villages for the adminstration of the Village Chowkidari Act.

ଚଉକିଦାରି ଟିକସ—ଦେ. ବି. (ଚଉକିଦାରି+ଇଂ. ଟାକ୍ସ)—ଚଉକି-
Chaukidāri ṭikasa ଟିକସ; ଚଉକିଦାରର ଦରମା ତୁଠାଇବା ନିମନ୍ତେ ଗ୍ରାମସ୍ଥ ପ୍ରତ୍ୟେକ ସକ୍ଷମ ଗୃହସ୍ଥଠାରୁ ଆଦାୟ ହେବା କର—Village-chowkidari tax.

ଚଉକିଦାରି ପଞ୍ଚାଏତ—ଦେ. ବି—ଚଉକିଦାରି ଆଇନ୍ ଅନୁସାରେ
Chaukidāri pañchāeta ନିଯୁକ୍ତ ଇଉନିଅନ୍ ବା ଗ୍ରାମପୁଞ୍ଜର ପ୍ରଧାନ ବ୍ୟକ୍ତିମଣ୍ଡଳୀ—A Chowkidari Panchayat; a group of headmen constituted under the Village Chowkidari Act for a Village union.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଚଉକିଦାରି ପ୍ରେସିଡେଣ୍ଟ—ଦେ. ବ. (ଚୌକିଦାର+ଇଂ. ପ୍ରେସିଡେଣ୍ଟ)—
Chaukidāri president ଚଉକିଦାରି ଆଇନ୍ ଅନୁସାରେ ଗ୍ରାମପୁଞ୍ଜରେ ନିର୍ବାଚିତ ପଞ୍ଚାଏତମାନଙ୍କର ସଭାପତି; ଶିରପଞ୍ଚ—The President of a Chowkidari union.

ଚଉକି ଦେବା—ଦେ. କ୍ରି.—ଚଉକି କରିବା (ଦେଖ)
Chauki debā — Chauki karibā (See)

ଚଉକିବେଇ—ପ୍ରାଦେ. (ଗଡ଼ଜାତ) ବି. ସ୍ତ୍ରୀ—ରାଜାମାନଙ୍କ ରକ୍ଷିତା
Chaukibei ସ୍ତ୍ରୀବିଶେଷଙ୍କ ନାମ—A class of concubines.
(ଚଉକିବାଈ—ଅନ୍ୟରୂପ) [ଦ୍ର—ଏହାଙ୍କୁ ରାଜା ଚଉକିରେ ବସାଇ ଗାନ୍ଧର୍ବ ବିବାହ ବିଧିରେ ସ୍ତ୍ରୀରୂପେ ଗ୍ରହଣ କରନ୍ତି । ଏହିପରି ଫୁଲ ଓ ମାଳ ଉପହାର ଦେଇ 'ଫୁଲବେଇ' ଓ 'ମାଳବେଇ'ଙ୍କୁ ରଖା ରଖନ୍ତି ।]

ଚଉକୁଣା—ଦେ. ବଣ—(ସ. ଚତୁଷ୍କୋଣ)—ଚଉକୋଣିଆ (ଦେଖ)
Chaukuṇā — Chaukoṇiā (See)
(ଚଉକୁଣିଆଁ—ଅନ୍ୟରୂପ)

ଚଉକୁଣି—ଦେ. ବ. (ସ. ଚତୁଷ୍କୋଣ)—ଏକପ୍ରକାର ଖେଳ—
Chaukuṇi — A kind of out-of-door game.
[ଦ୍ର—ଏଥିରେ ୮ ଜଣ ଖେଳନ୍ତି । ଏମାନଙ୍କ ମଧ୍ୟରୁ ୪ ଜଣ ଚାରି କୋଣରେ ଜଗିଥାନ୍ତି ଓ ଅନ୍ୟ ୪ ଜଣ ନିର୍ଦ୍ଦିଷ୍ଟ ସୀମା (ପାଲ) ମଧ୍ୟକୁ ଆସିବାପାଇଁ ସୁବିଧା ଖୋଜୁଥାଆନ୍ତି ।]

ଚଉକୁଣ୍ଡି—ଦେ. ବ.—ଚଉକୁଣି (ଦେଖ)
Chaukuṇḍi — Chaukuṇi (See)

ଚଉକୋଣା—ଦେ. ବଣ. (ସ. ଚତୁଷ୍କୋଣ)—
Chaukoṇā ଚତୁଷ୍କୋଣ; ଯେଉଁ କ୍ଷେତ୍ର ବା ବସ୍ତୁର ୪ଟି କୋଣ ଥାଏ—Quadrangular.
ଚୌକୋନା
चौकोना
(ଚଉକୋଣିଆ—ଅନ୍ୟରୂପ)

ଚଉକୋଣି—ଦେ. ବଣ. (ସ. ଚତୁଷ୍କୋଣ)—
Chaukoṇi — ଚଉକୋଣା (ଦେଖ) — Chaukoṇā (See)
ପ୍ରାଦେ. (ସମ୍ବଲପୁର) ବ—ଚଉକନି (ଦେଖ) — Chaukani (See)

ଚଉକୋନି—ପ୍ରାଦେ. (ସମ୍ବଲପୁର) ବ—ଚଉକନି (ଦେଖ)
Chaukoni — Chaukani (See)
ପ୍ରାଦେ. (ସମ୍ବଲପୁର) ବଣ—ଚଉକଣି (ଦେଖ) — Chaukaṇi (See)

ଚଉଖାନା—ପ୍ରାଦେ. (ସମ୍ବଲପୁର) ବ—ଚଉଖାନି (ଦେଖ)
Chaukhānā — Chaukhāni (See)

ଚଉଖାନି—ଦେ. ବ—୧ । ଚତୁଷ୍କାକାରରେ ବୁଣା ଯାଇଥିବା ବା ଚିତ୍ରିତ ହୋଇଥିବା ବସ୍ତ୍ର—Cloth painted or woven into squares.
Chaukhāni
चौखानि
୨ । ଚାରି ଭାଷା—2. Four languages.
୩ । ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ୍ଜ ଏହି ଚାରି ଜାତିର ଜୀବ—2. The four classes of animals born of womb, of eggs, of sweat and of vegetable.

ଚଉଖୁଣ୍ଟ—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ଏହି ଅର୍ଥରେ ହି.
Chaukhunṭa ଚୌଖୁଣ୍ଟ)—ଚଉକାଠ—Door-frame.

ଚଉଖୁଣ୍ଟା—ଦେ. ବଣ—ଚଉଖୁଣ୍ଟିଆ (ଦେଖ)
Chaukhunṭā — Chaukhunṭia (See)

ଚଉଖୁଣ୍ଟିଆ—ଦେ. ବଣ—୧ । ଚାରି ଗୋଟି ଖୁଣ୍ଟଵିଶିଷ୍ଟ—
Chaukhunṭiā 1. Having four pillars to support it.
চৌখুঁট
चौखुन्ट, चौखुन्टा, चौखुन्टि ୨ । ଚତୁଷ୍କୋଣ; ଚାରିକୋଣିଆ—2. Quadrangular.
୩ । ସମଚତୁଷ୍କୋଣ—3. Square.
ଚଉଖୁଣ୍ଟିଆ ସେ ପୁର ହୋଇଛି ନିର୍ମାଣ । ପ୍ରାଚୀ. ଚୂଳାମଣି ଗୀତା ।

ଚଉଗଡି—ପ୍ରାଦେ. (ସମ୍ବଲପୁର) ବ—
Chaugadi ଚଉହଦ; କୌଣସି ଜମିର ଚାରିଆଡ଼ର ସୀମା—Boundaries on the 4 sides.

ଚଉଗୁଣ—ଦେ. ବଣ. (ସ. ଚତୁର୍ଗୁଣ; ପ୍ରା. ଚଉଗୁଣ)—
Chaturguṇa ଚାରିଗୁଣା; ଚତୁର୍ଗୁଣ; ମୂଳ ସଂଖ୍ୟାକୁ ଚାରିରେ
চৌগুন ଗୁଣିଲେ ଯାହା ହେବ ସେହି ପରିମିତ—
चौगुना, चौगुन Fourtimes as much; qurdrupled.
(ଚଉଗୁଣା—ଅନ୍ୟରୂପ)

ଚଉଗୁନ୍—ପ୍ରାଦେ. (ସମ୍ବଲପୁର) ବଣ. (ଣ ସ୍ଥାନରେ ନ ଉଚ୍ଚାରଣ)—
Chaugun — ଚଉଗୁଣ (ଦେଖ)
(ଚଉଗୁନା—ଅନ୍ୟରୂପ) — Chauguṇa (See)

ଚଉଗୋଡ଼ିଆ—ଦେ. ବଣ—ଚାରି ପାଦବିଶିଷ୍ଟ; ଚତୁଷ୍ପଦ—
Chaugorḍiā Having four legs; quadruped.
চারপায়া ।
ଦେ. ବ—ଉଚ୍ଚ ଛାତ ଓ କାନ୍ଥ ଆଦିକୁ ଝାଡ଼ିବା
चौगोड़िया, चौगोड़ा ବା ଚୂନ ସଫେଦ କରିବା ବ୍ୟକ୍ତି ଚଢ଼ିବା ପାଇଁ ୪ଟି ଗୋଡ଼ ଲଗା ଯାଇ ଥିବା ଉଚ୍ଚ କାଠର ଘୋଡ଼ାଟି—
A tall stool used by persons cleansing or whitewashing high roofs or walls.

ଚଉଘରା—ଦେ. ବ. (ସ. ଚତୁର୍+ଘର)—
Chaugharā (ବଣିଆ ଶବ୍ଦ) ଚାରି ଗୋଟି ଘରଥିବା ରୂପାରେ
चौघड़ा ତିଆରି ମସଲା ରଖିବାର ପାତ୍ର ବା ଗୁଣ୍ଡଗୁଡ଼ା—
A plate with 4 apartments for keeping spices.
ପ୍ରାଦେ. (ସମ୍ବଲପୁର) ବ—ଚାରିଆଡ଼େ ଘର ବୁଲିଥିବା ଅଗଣା—
A courtyard enclosed by houses on four sides.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଘ	ଜ	ଶ,ଷ	ଜ୍ଞ	ଇଂ	ହ୍ଅ	ଛ
୨	ଈ	ଊ	ଋ	ଌ	ଯ୍ୱ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ

ଚଉଚୂଳି—ଦେ. ବ—ଚଉଶାଳା (ଦେଖ)
Chauchāḻi Chauśāḻā (See)
(ଚଉଚୂଳିଆ—ଅନ୍ୟରୂପ)

ଚଉଛକ—ଦେ. ବ.—ଚଉରାସ୍ତା (ଦେଖ)
Chauchhaka Chaurāstā (See)

ଚଉଛକି—ଦେ. ବ.—ଚଉରାସ୍ତା (ଦେଖ)
Chauchhaki Chaurāstā (See)
ଦେ. ବଣ.—ଯେଉଁ ରାସ୍ତା ଦୁଇ ରାସ୍ତାର ମିଳନ ସ୍ଥଳ ବା ଛକରୁ ବାହାର ଅଛି—(a road) Which comes out of the meeting place of 2 cross-roads.

ଚଉଠ—ଦେ. ବ. (ସଂ. ଚତୁର୍ଥ; ପ୍ରା. ଚଉତ୍ଥ)—୧ । ଚାରିଭାଗରୁ ଏକ
Chautha ଭାଗ—1. One fourth; $\frac{1}{4}$.
ଚଔଠ, ଚଔଠା ଚଉଠେ ନ ରଖିଲ ସେ ସ୍ନେହକୁ ।
चौथ, चौथाई କବିସୂର୍ଯ୍ୟ. କବଡା ।
୨ । ପୂଜକ ଆପଣା ପାରଶ୍ରମିକ ସ୍ୱରୂପ ନେବା ପୂଜାଦ୍ରବ୍ୟର ଏକ ଚତୁର୍ଥାଂଶ—2. The fourth of the offering taken by the priest who officiates at the function.
୩ । ଜମିଦାରଙ୍କର ପ୍ରଜାଠାରୁ ପ୍ରାପ୍ୟ ଜମିରୁ ଉତ୍ପନ୍ନଦ୍ରବ୍ୟର ଏକଚତୁର୍ଥାଂଶ—3. The quarter of the produce of a holding payable as rent to the landlord.

ଚଉଠା—ଦେ. ବ.—(ସଂ. ଚତୁର୍ଥ, ପ୍ରା. ଚଉତ୍ଥ)—
Chauthā ୧ । ଚଉଠ (ଦେଖ)
ଚଔଠା 1. Chautha (See)
चौथा ୨ । (ମାସର) ୪ର୍ଥ ଦିବସ ବା ତାରିଖ—
2. The 4th day (of a month).
ଦେ. ବିଣ—ଚତୁର୍ଥ—Fourth.

ଚଉଠି—ଦେ. ବ. (ସଂ. ଚତୁର୍ଥୀ; ପ୍ରା. ଚଉତ୍ଥି)—୧ । ଶୁକ୍ଳମାନ ପକ୍ଷର
Chauthi ଚତୁର୍ଥୀ ତିଥି—1. The fourth day of a
ଚଔଠି, ଚଉଥା lunar fortnight.
चौथ, चौथी ୨ । ଶିଶୁଜନ୍ମର ଚତୁର୍ଥ ଦିବସର କୃତ୍ୟ—
2. Ceremony performed on the fourth day of a child's birth.
୩ । ବିବାହର ଚତୁର୍ଥ ଦିବସ ଓ ସେଦିନ କର୍ତ୍ତବ୍ୟ ଉତ୍ସବାଦି—3. The fourth day after marriage and the ceremony thereof.
ରେବତୀଙ୍କ ବରଙ୍କ ଚଉଠି ଉତ୍ସବ । ଭକ୍ତ. ବୈଦେହୀଶବିଳାସ ।
[ଦ୍ର—ଚଉଠି ଦିନ ବରକନ୍ୟା ଏକାସନରେ ବସି ବର ହୋମ କରନ୍ତି, ବର ଓ କନ୍ୟା ଦୁହେଁ କାଠିର ମୁକୁଟ ପିନ୍ଧନ୍ତି ଓ ଏବଂ ନିକଟବର୍ତ୍ତୀ କୌଣସି ଜଳାଶୟକୁ ଯାଇ ସେଠାରେ ସ୍ନାନ କରନ୍ତି ।]

୪ । ମାସର ଚତୁର୍ଥ ଦିବସ—
4. Fourth day of the month.

ଚଉଠି ବେଭାର—ଦେ. ବ.—ବିବାହର ଚତୁର୍ଥ ଦିନ କନ୍ୟାର ବାପ-
Chauthi bebhāra ଘରେ ଦମ୍ପତି ଥିଲେ ବରର ବାପଘରକୁ କମ୍ବା
(ଚଉଠି ଭୋଜ—ଅନ୍ୟରୂପ) ବରର ବାପ ଘରେ ଦମ୍ପତି ଥିଲେ କନ୍ୟାର ବାପଘରୁ ପଠାଯିବା ଚତୁର୍ଥୀକର୍ମର ଉପକରଣ ପଦାର୍ଥମାନ—A present of articles required for the ceremonies performed on the fourth day of the marriage, sent to the house where the newly married couple stay on that day, by the father of the bride or bridegroom (as the case may be).

ଚଉଠେ—ଦେ. ବ. ଓ ବଣ.—ଏକ ଚତୁର୍ଥାଂଶ ମାତ୍ର—
Chauthe One fourth only.
ପ୍ରାଦେ. (ସମ୍ବଲପୁର) ବ.—ଚଉଠୀ (ଦେଖ)
Chauthī (See)

ଚଉଡ଼ା—ଦେ. ବ.—(ସଂ. ଚର୍ପଟ=ବିପୁଳ, ସଂ. ଚର୍ବଟ=ଚେପଟା)—
Chauṛā ପ୍ରସ୍ଥ; ଫରକ୍, ଆଡ଼—
ଚଓଡ଼ା, ଚୌଡ଼ା Breadth; width.
चौड़ाई
(ଲମ୍ବା—ବିପରୀତ)
ଚଓଡ଼ା ଦେ. ବଣ—୧ । ଫରକ୍; ବିସ୍ତୀର୍ଣ୍ଣ—
चौड़ा 1. Wide; extensive.
ସକଳ ଦେଶରୁ ଭୂମି ହୋଇଛି ଚଉଡ଼ା । ପ୍ରାଚୀ. ଦୁଷ୍ମନ୍ତରୂପଣଗୀତ ।
୨ । ପ୍ରସ୍ଥଯୁକ୍ତ; ପ୍ରଶସ୍ତ—2. Broad.

ଚଉଡ଼ାଇ—ଦେ. ବ—ପ୍ରସ୍ଥ—Breadth; width.
Chauṛāi
ଚଓଡ଼ା
चौड़ाई

ଚଉଡ଼ାଇବା—ଦେ. କ୍ରି—୧ । ଚଉଡ଼ା କରିବା—
Chauṛāibā 1. To widen.
ଚଓଡ଼ାନ ୨ । ଚଡ଼କାଇବା; ଫଟାଇବା—2. To crack.
चौड़ाना ଚଉଡ଼ାଇ ଦେଉଛ ସ୍ନେହ ଘଟ । କବିସୂର୍ଯ୍ୟ. କବଡା ।

ଚଉଡୁଲ—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ହି. ଚଂଡୋଲ୍;
Chaudulā ଚୌଡୋଲ୍)—ଚଉଦୋଳ (ଦେଖ)
Chaudoḻa (See)

ଚଉଡୋଳ—ଗ୍ରା. ବ—ଚଉଦୋଳ (ଦେଖ)
Chaudoḻa Chandoḻa (See)
(ଚଉଡୋଳା—ଅନ୍ୟରୂପ)

ଚଉତ—ଦେ. ବ. (ସଂ. ଚତୁଷ୍ପଟ- M. W.)—(ଲୁଗାଆଦିର)
Chauta ଚାରିଭାଙ୍ଗ—Folding into four folds.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧,୨,୩ ୧ ଚଲ୍ଛିତ ଅକ୍ଷର ଓ ମାତ୍ରା ଏବଂ ୨ ଚଲ୍ଛିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚଲ୍ଛିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚଲ୍ଛିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଳବତ ନ ପାଇଲେ 'ଅଲବତ୍ତ ଦେଖିବେ

चारपाट ଦେ. ବିଣ—ଚାରିଭାଗରେ ଭଙ୍ଗା ବା ସଙ୍କୁଚିତ ହୋଇଥିବା (ଲୁଗା)—Four folded; quadrupled; folded into four; having four folds.
चउपत

ଚଉତନା—ଦେ ବ. (ସଂ. ଚତୁସ୍ ଓ ତନ୍; କ୍ରମ୍ପା ତନ ଧାତୁ=ବିସ୍ତାର କରିବା)—୧ । ଚାରିକୋଣିଆଁ ରୁମାଲ ବା ଚାଦର—
Chautanā
(ଚଉତୁନା—ଅନ୍ୟରୂପ) 1. A square napkin or wrapper.
चौतनी; चौतनियाँ

୨ । ଯେଉଁ ମରହଟ୍ଟୀ କୁରୁତା ବା ଅଙ୍ଗାରେ ବୋତାମ ପରିବର୍ତ୍ତେ ଦୁଇପାଖେ ଚାରିଖଣ୍ଡ ଫିତା ଲାଗିଥାଏ —
2. A coat with 4 tapes on two sides for fastening the flaps.

୩ । ଶିଶୁମାନଙ୍କ ମୁଣ୍ଡର ଟୋପି ଯହିଁର ଦୁଇପାଖରେ ଚାରି ଖଣ୍ଡ ଫିତା ଲାଗିଥାଏ—3. Infant's cap to which 4 tapes are attached.

ଚଉତରଫ—ଦେ. ବ—ଚାରି ଦିଗ—Four sides.
Chautaraph ଦେ. କ୍ରି. ବିଣ—୧ । ଚାରିଦିଗରେ—
चौदिग 1. On four sides.
चौतरफ ୨ । ସର୍ବତ୍ର; ସବୁଠାରେ—2. Throughout.

ଚଉତରା—ଦେ. ବ. (ସଂ. ଚତ୍ୱର; ଚତ୍ୱାଲ)—୧ । ଗୃହାଗ୍ରେ ବସିବା ପାଇଁ ପ୍ରସ୍ତୁତ ମେଣ୍ଟ ଚତୁଷ୍କୋଣ ପୀଠ—
Chautarā
चउतारा; चबूतारा 1. A raised pucca square platform.
चबुतरा; चौरा; चउतरा ୨ । ପକ୍କା ତୁଳସୀଚଉରା—
(ଚଉତୁରା—ଅନ୍ୟରୂପ) 2. A raised pucca platform to plant the Holy Basil plant.

୩ । ଚୌବଚ୍ଚା; ଗୃହସ୍ଥର ଦୈନନ୍ଦିନ ବ୍ୟବହାର୍ଯ୍ୟ ଜଳ ସଂଗ୍ରହ କରି ରଖିବା ନିମନ୍ତେ ପ୍ରସ୍ତୁତ ଚତୁଷ୍କୋଣ ଜଳକୁଣ୍ଡ—
3. A square reserevoir to store water for daily household use or consumption.

ଚଉତଲା—ଦେ. ବ. (ସଂ. ଚତୁସ୍ତଳ)—ଚଉତାଲା (ଦେଖ)
Chautalā Chautālā (See)

ଚଉତା—ଦେ. ବ ଓ ବିଣ—ଚଉତି (ଦେଖ)
Chautā Chauta (See)

ଚଉତାଇବା—ଦେ. କ୍ରି—୧ । ଚଉତିବାର ଣିଜନ୍ତରୂପ—
Chautāibā 1. Causative of Chautibā.

ଚଉତାଇ ରଖିଥିଲେ ଯାହା ଯତନରେ । ମଧୁସୂଦନ. ଛାନ୍ଦମାଳା ।

୨ । ଚଉତିବା (ଦେଖ)
2. Chautibā (See)

ଚଉତା ଚଉତି—ଦେ. ବ. (ସଂ. ଚତୁଷ୍ପୁଟ)—(ଲୁଗାକୁ) ଚାରିଭାଙ୍ଗରେ ଉତ୍ତମରୂପେ ଭାଙ୍ଗିବା—
Chautā chauti
Folding (cloth) into four folds.

ଦେ. ବିଣ—ଚାରିଭାଙ୍ଗ ହୋଇ ଉତ୍ତମରୂପେ ଭଙ୍ଗା ହୋଇଥିବା—
Nicely folded into four.

ଚଉତାରା—ଦେ. ବ—୧ । (ସଂ. ଚତ୍ୱର)—ଚଉତରା (ଦେଖ)
Chautarā 1. Chautarā (See).

୨ । (ସଂ. ଚତୁସ୍+ତନ୍ତ୍ର) ଚାରି ତାର ଲାଗିଥିବା ତନ୍ତ୍ରୀ—
2. A four-stringed musical instrument.

ଚଉତାରି—ଦେ. ବିଣ (ସଂ. ଚତ୍ୱର)—୧ । ବସ୍ତ୍ର ଚତୁଷ୍କ ଆକାରରେ ବୁଣା ହୋଇଥିବା (ଲୁଗା)—
Chautāri
1. (cloth) Woven into squares.

୨ । ଲକଟବର୍ତ୍ତୀ ଦୁଇଦୁଇ ସୂତାରେ ଏକତ୍ର ବୁଣା ଯାଇଥିବା (ମସିଣା)
2. (mat) Woven with 2 strings at a time.

ଚଉତାଳ—ପ୍ରାଦେ (ସମ୍ବଲପୁର) ବ (ସଂ.ଚତୁସ୍ତଳ)—ଦେବତାଙ୍କ ରଥର ଚାରିପାଖରେ ଦୋମାହାଲା ପରି ବୁଲିଥିବା କାଠର ସ୍ଥାନ—A roof or upper story raised on the 4 sides of a Deity's car.
Chautāla

ଚହିଁର ଦୁଆରେ ଚଉତାଳ ଛଡ ଅଛି—ପ୍ରାଚୀ. ବୃନ୍ଦାବନବିହାରଗୀତା ।

चउताला ଦେ. ବ (ସଂ. ଚତୁସ୍ତାଳ) –ମୃଦଙ୍ଗର ତାଳବିଶେଷ—
चौताल Name of a measure accompanying the striking of the Mrudanga drum.

[ଦ୍ର—ଏଥିରେ ୭ ଦୀର୍ଘ ବା ୧୨ ଲଘୁ ମାତ୍ରା ଥାଏ ଓ ୪ ଆଘାତ ଓ ୨ ଶୂନ୍ୟ ଥାଏ; ଏଥିର ଉଦ୍ଧୃତି—ଧାଧାଧିନ୍ତାକତା, ଗଂଦିନ୍ତା ତେଟେକତା ଗେଦଧୀନ୍—ହି. ଶବ୍ଦସାଗର।]

ଚଉତାଲା—ଦେ. ବ (ସଂ. ଚତୁସ୍ତଳ)—୧ । ଚାରିତଳବିଶିଷ୍ଟ କୋଠା—
Chautālā 1. Four-storied building.
चौताला; चौतला ୨ । ଚତୁର୍ଥ ତଳ—2. Fourth story
चौताला; चौमहला of a building.

ଚଉତି—ପ୍ରାଦେ (ଗଡ଼ଜାତ) ବ—ଚଉପଖା ବା ପତ୍ରର ଠୋଲା—
Chauti A pot made of leaves sewn together.

ଚଉତିବା—ଦେ. କ୍ରି (ସଂ. ଚତୁଷ୍ପୁଟ—M. W.)—
Chautibā ବସ୍ତ୍ରାଦିକୁ ଚାରିଭାଙ୍ଗ ବା ୪ ପରସ୍ତ କରି ସଜାଡ଼ିବା—
चारपाट करा To fold a cloth fourfold.
चउपताना; चउपरताना ଯୋଡ଼ିଏ ବୁଣାଗଲା ବାଦ ଶାଢ଼ୀ ଭାକୁ ଚଉତାଏ ଯାଏ ଚଉତଲା—ଫକୀରମୋହନ. ଛମାଣଆଠଗୁଣ୍ଠ ।

ଚଉତିରିଶ—ଦେ. ବ (ସଂ. ଚତୁସ୍ତ୍ରିଂଶ)—୩୪ ସଂଖ୍ୟା—
Chautirisa Thirty four.
चौतिश ବିଣ—୩୪ ସଂଖ୍ୟକ—
चौतीश Numbering thirty-four.

ଚଉତିରିଶି
ଚଉତିଶ } —ଅନ୍ୟରୂପ
ଚଉତିଶି

ଚଉତିରଶାଶଏ—ଦେ. ବ—(ସଂ. ଚତୁସ୍ତ୍ରିଂଶୋତ୍ତରଶତ)—ଏକଶତ ଚଉତିରିଶ; ୧୩୪—One hundred thirty-four; 134.
Chautirisāsae

ଚଉତିରଶାଶହେ
ଚଉତିଶାଶଏ } —ଅନ୍ୟରୂପ
ଚଉତିଶାଶହେ

[ଦ୍ର—ଏହିପରି ଚଉତିରଶାଦୂଇଶ ହୁଏ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଙ୍ଖ	ଙ୍ଘ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଙ୍ଘ	ଙ୍କ

ଚଉତିଶା—ଦେ. ବି (ସଂ. ଚତୁସ୍ତ୍ରିଂଶ)—କ ଠାରୁ କ୍ଷ ପର୍ଯ୍ୟନ୍ତ କ୍ରମରେ
Chautiśā ଆଦ୍ୟ ଅକ୍ଷର ଯୁକ୍ତ ହୋଇ ରଚିତ ହୋଇଥିବା ୩୪ପଦ-
ବିଶିଷ୍ଟ ପଦ୍ୟ; କଉଁସ—Abecedarian poem;
a poem consisting of 34 couplets beginning with the 34 letters of the alphabet from ka to ksha successively.

[ଦ୍ର—ଏଥିରେ ସାଧାରଣତଃ ପଦର ଆଦ୍ୟରେ ଙ ଅକ୍ଷର ସ୍ଥାନରେ ନ, ଞ ଅକ୍ଷର ସ୍ଥାନରେ ନ, ଣ ଅକ୍ଷର ସ୍ଥାନରେ ଅ, କ୍ଷ ସ୍ଥାନରେ ଛ ଆଦ୍ୟବର୍ଣ୍ଣଯୁକ୍ତ ଶବ୍ଦ ବସିଥାଏ ।]

ଚଉଥ—ଦେ ବି (ସଂ. ଚତୁର୍ଥ)—୧ । ଏକଚତୁର୍ଥାଂଶ; ଚତୁର୍ଥ ଭାଗ—
Chautha 1. A fourth part; a quarter.
চৌথ ୨ । ମରହଟ୍ଟାମାନେ ମୁସଲମାନ୍ ଶାସିତ ବଙ୍ଗବିହାରଓଡ଼ିଶାରୁ
चौथ; चौथैया ଆଦାୟ କରୁଥିବା କର—2. A fourth part of the land revenue which the Marhattas used to collect from the tenants of Bengal, Bihar and Orissa under Mahomedan rule.

[ଦ୍ର—ମରହଟ୍ଟାମାନେ ଓଡ଼ିଶା ଅଧିକାର କରି ପ୍ରଜାମାନଙ୍କ ଠାରୁ ନିର୍ଦ୍ଦିଷ୍ଟ ଭୂମିରାଜସ୍ୱର ¼ ଅଂଶ ଗ୍ରହଣକରି ଅବଶିଷ୍ଟ ଜମିଦାରମାନଙ୍କ ପାଇଁ ଛାଡ଼ି ଦେଉଥିଲେ, ତେଣୁ ଏହାକୁ 'ଚଉଥ' କୁହା ଯାଉଥିଲା । ଶିବଜୀଙ୍କ ଅମଳରେ ମରହଟ୍ଟାମାନେ ମଧ୍ୟ ଅନ୍ୟ ରାଜାମାନଙ୍କ ରାଜ୍ୟକୁ ଆକ୍ରମଣକରି ଉକ୍ତ ରାଜ୍ୟରୁ ଚୌଥ ଆଦାୟ କରୁଥିଲେ । ମରହଟ୍ଟାମାନଙ୍କ ଲୁଟପାଟ ଓ ଅତ୍ୟାଚାରରୁ ରାଜ୍ୟକୁ ରକ୍ଷା କରିବା ପାଇଁ ଭିନ୍ନ ରାଜ୍ୟର ରାଜାମାନେ ମଧ୍ୟ ସେମାନଙ୍କ ରାଜ୍ୟରୁ ମରହଟ୍ଟାମାନଙ୍କର ଚୌଥ ଆଦାୟ କରିବାର ଅଧିକାର ମରହଟ୍ଟାମାନଙ୍କୁ ସନନ୍ଦ ଦ୍ୱାରା ଅର୍ପଣ କରୁଥିଲେ ।]

୩ । କୌଣସି ରୟତି ଜମି ବିକ୍ରି ହେଲେ ଜରସମନର ¼ ଅଂଶ, ଯାହାକି ଖରିଦଦାର ଜମିଦାରଙ୍କୁ ରୋସନ ଦେଇ ଆପଣା ନାମ ଦାଖଲଖାରଜ କରାଏ—
3. Mutation fee, being ¼ of the consideration money paid to a Zamindar to register the name of the purchaser of a royati holding.

ଚଉଥା—ପ୍ରାଦେ (ସମ୍ବଲପୁର) ବି (ସଂ. ଚତୁର୍ଥ)—୧ । ଚତୁର୍ଥାଂଶ—
Chauthā 1. One fourth.
୨ । ମାସର ୪ର୍ଥ ଦିନ ବା ତାରିଖ—
2. The fourth day of a month.
ପ୍ରାଦେ. (ସମ୍ବଲପୁର) ବିଣ—ଚତୁର୍ଥ—Fourth.

ଚଉଦ—ଦେ.ବି ଓ ବିଣ (ସଂ. ଚତୁର୍ଦ୍ଦଶ; ପ୍ରା.ଚଉଦ୍ଦହ)—୧୪ ସଂଖ୍ୟା—
Chauda Fourteen.
চৌদ, চৌদ্দ
चौदह

ଚଉଦନ୍ତା—ଦେ. ବିଣ (ସଂ. ଚତୁର୍+ଦନ୍ତ)—୧ । ଯେଉଁ ବଳଦ ବା
Chaudantā ଘୋଡ଼ାର କେବଳ ୪ଟି ମାତ୍ର ଦାନ୍ତ ଉଠିଅଛି,
चौदन्ता ଅର୍ଥାତ୍ ଯେ ପୂର୍ଣ୍ଣ ଯୁବାବସ୍ଥା ପ୍ରାପ୍ତ ହୋଇ ନାହିଁ; ଯେଉଁ ଘୋଡ଼ା ବା ବଳଦ ଚାରିଟି ଦାନ୍ତ ଅଛି—
1. (a horse or bullock) Which has got only four teeth come out; not yet full grown.
୨ । ଚାରିଗୋଟି ଦନ୍ତବିଶିଷ୍ଟ (ହାତୀ)—
2. (an elephant)Having four teeth or tusks.
ଦେ. ବି—ଶ୍ୟାମଦେଶର ଏକଜାତୀୟ ହାତୀ (ଏମାନଙ୍କର ୪ଟି ଦାନ୍ତ ବାହାରେ—
Four-tusked elephant of Siam in Burma.

ଚଉଦ ପହଣ୍ଡିଆ—ଦେ. ବି—ସାତପାହୁଣ୍ଡିଆ ଖେଳ ପରି ଏକପ୍ରକାର
Chauda pahaṇḍiā ଖେଳ—A kind of outdoor game;
(ଚଉଦ ପାହୁଣ୍ଡିଆ—ଅନ୍ୟରୂପ) a contest at running.

[ଦ୍ର—ପିଲାମାନେ ବାଲିଗଡ଼ିଏ ଗଦା କରି ତହିଁରେ ଖଣ୍ଡେ ବାଡ଼ି ପୋତି ଦିଅନ୍ତି ଓ ସେହି ବାଡ଼ିଠାରୁ ୧୪ ପାହୁଣ୍ଡ ମାପି ଖେଳାଳିମାନେ ଦୂରରେ ଠିଆ ହୁଅନ୍ତି । ସମସ୍ତେ ଠିଆ ହେଲା ପରେ ଖେଳର କର୍ତ୍ତାପକ୍ଷ ୩ଟି ତାଳି ମାରିଦିଅନ୍ତି ଓ ଦୂରରେ ଠିଆ ହେବା ପିଲାମାନଙ୍କ ମଧ୍ୟରୁ ୩ଟି ତାଳିମାରି ଶେଷ ହେବା ସମୟକୁ ଯେଉଁ ଖେଳାଳି ଆସି ସେ ବାଡ଼ିକୁ ପ୍ରଥମେ ସ୍ପର୍ଶ କରେ ସେ ଜିତେ । ଏଥିରେ ଦୂରତ୍ୱ ମାପିବାରେ ପ୍ରକାରଭେଦ ଅଛି ।]

ଚଉଦ ପୁରୁଷ—ଦେ. ବି. (ସଂ. ଚତୁର୍ଦ୍ଦଶ ପୁରୁଷ)—ମନୁଷ୍ୟର ପୂର୍ବବର୍ତ୍ତୀ
Chauda purusha ୭ ପୁରୁଷ ଓ ପରବର୍ତ୍ତୀ ୭ ପୁରୁଷ—
চোদ্দপুরুষ 7 generations above and 7 generations
चौदहपुरुख below a person.

ଚଉଦପୋଇ—ଦେ. ବି—ଚତୁର୍ଦ୍ଦଶପଦୀ କବିତା (ଦେଖ)
Chaudapoi Chaturddaśapadī kabitā (See)

ଚଉଦ ବିଶ୍ୱା—ଦେ. ବି—୧ । କୌଣସି ରୋଗ ବା ବିପଦ ଦ୍ୱାରା ବିଶେଷ
Chauda biśwā ଭାବରେ ଆକ୍ରାନ୍ତ ହେବା; ଅତି ଆକ୍ରାନ୍ତ ଅବସ୍ଥା-
1. Great distress.
ନିଶ୍ୱାସ ବନ୍ଦ ହୋଇ ପେଟ ଫୁଲିଲା ଚଉଦବିଶ୍ୱା ହେଲାଣି—
ନୀଳକଣ୍ଠ, ପିଲଙ୍କ ରାମାୟଣ ।
୨ । ଦୁର୍ବିସହ ଅବସ୍ଥା—2. Unbearable condition.

ଚଉଦ ବ୍ରହ୍ମାଣ୍ଡ—ଦେ. ବି—ସପ୍ତପାତାଳ ଓ ସପ୍ତସ୍ୱର୍ଗ—Seven nether
Chauda brahmāṇḍa worlds and seven heavens.
ସପ୍ତପାତାଳ ନବଖଣ୍ଡ
ଅଶେଷ ଚଉଦ ବ୍ରହ୍ମାଣ୍ଡ—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

ଚଉଦ ମାଦଳ—ଦେ. ବି—ପୁରୀ ସହରରେ ଥିବା ଚୈତନ୍ୟଭକ୍ତ
Chauda mādaḷa ସମ୍ପ୍ରଦାୟଗଣ ଚଉଦଖଣ୍ଡି ମାଦଳ ବା ମୃଦଙ୍ଗ ଓ ଝାଞ୍ଜ ବଜାଇ ନଗର ଓ ଜଗନ୍ନାଥଙ୍କ ବେଢ଼ାରେ କରିବା ସଂକୀର୍ତ୍ତନ—A procession of the followers of

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ, ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଳା' ଦେଖିବେ, 'ଅଳବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

Chaitanya round the compound of the Temple and in the town of Puri accompanied by 14 drums and cymbals.

ଚଉଦଳ—ଦେ. ବି. (ସଂ. ଚତୁର୍ଦଳ ବା ଚତୁର୍ଦ୍ଦୋଳ)—
Chaudaḷa ୧ । ଚଉଦୋଳ (ଦେଖ)
1. Chaudoḷa (See)
୨ । ଚାରିଜଣ ଖେଳିବା ଖେଳ—
2. A game played by four players.

ଚଉଦଳା—ଦେ. ବି—ଚଉଦୋଳ (ଦେଖ)
Chaudaḷā Chaudoḷa (See)

ଚଉଦାଣି—ଦେ. ବି. (ସଂ. ଚତୁର୍ଧାନ୍ୟା; ଚତୁର୍ଧାନିକା)—ଧାନ ଆକାରର
Chaudāṇi ୪ଟି ମୁକ୍ତାର ଦାନା ଝୁଲୁଥିବା କର୍ଣ୍ଣଭୂଷଣ—
চৌদানী An earring having 4 long pearls (like
चौदानी paddy) as pendants.

ଚଉଦିଗ—ଦେ. ବି. (ସଂ. ଚତୁର୍ଦ୍ଦିକ୍)—ଚାରିଆଡ଼ (ପୂର୍ବ, ପଶ୍ଚିମ,
Chaudiga ଉତ୍ତର ଓ ଦକ୍ଷିଣ)—Four corners of the
চৌদিক; চৌদিগ globe; four points of the compass.
चारओर ଚଉଦିଗ ଘୋଟିଥିଲା ଅନ୍ଧକାର
ମାରିବ ନଷ୍ଟଲ ଥିଲା ଏ ସଂସାର—ମଧୁସୂଦନ. ଛନ୍ଦମାଳା ।
କ୍ରି. ବିଂ—ସବୁଆଡ଼େ—On all sides.

ଚଉଦିଗା—ଦେ. ବିଣ. (ସଂ. ଚତୁର୍ଦ୍ଦିକ୍)—ଚତୁର୍ଦ୍ଦିଗ ଘେରିଥିବା;
Chaudigā ଚତୁର୍ଦ୍ଦିଗବ୍ୟାପୀ—
Surrounding on all sides.
(ଯଥା—ଏଥର ଓଡ଼ିଶାରେ ଚଉଦିଗା ବରଷା ହୋଇଅଛି ।)
ଦେ. ଅ—ଚାରିଆଡ଼େ; ସବୁଆଡ଼େ—
On all sides.

ଚଉଦିନ—ଦେ. ବି—ଚାରି ଦିନ—
Chaudina Four days.
ଚଉଦିନ କରିବ ଯେ ମହୋତ୍ସବ ମୋର । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଚଉଦୁଆର—ଦେ. ବି—ଓଡ଼ିଶାର ପ୍ରାଚୀନ ରାଜାମାନଙ୍କର ସାମୟିକ
Chauduāra ରାଜଧାନୀବିଶେଷ—A town for sometime capital of ancient Oria kings.
[ଦ୍ର—ଏହା କଟକର ଉତ୍ତର ପଶ୍ଚିମ ସାତ ମାଇଲ ଦୂରରେ ବିରୂପା ନଦୀ କୂଳରେ ଅବସ୍ଥିତ । ଚଉଦୁଆର, ଜୋବରା ଓ ନରାଜରେ ଆନିକଟ (ପଥର ବନ୍ଧ) ପକାଇ ସରକାର ୧୨ ମାଇଲ ଲମ୍ବର ଗୋଟିଏ ଜଳଭଣ୍ଡାର କରି ଓଡ଼ିଶାର କେନାଲ ସୃଷ୍ଟି କରିଅଛନ୍ତି । ଏଠାରେ ଜନମେଜୟ ମହାରାଜ ଯଜ୍ଞ କରିଥିବା ବିଷୟରେ ସ୍ଥାନୀୟ ଜନଶ୍ରୁତି ଅଛି । ଭୂଗର୍ଭରୁ ଏଠାରେ ପୁରୁଣା ମୁଦ୍ରା ଅବଶ୍ୟ ମିଳୁଅଛି । ଚୈତନ୍ୟଦେବ ଓଡ଼ିଶାକୁ ଆସିଥିଲା ବେଳେ ଏଠାରେ ଓଡ଼ିଶା ରାଜାଙ୍କର ଗୋଟିଏ ରାଜଧାନୀ ଥିଲା ।]
ଦେ ବିଣ. (ସଂ. ଚତୁର୍ଦ୍ୱାର)—ଚାରିଦ୍ୱାରବିଶିଷ୍ଟ—
Having four doors or gates.

ଚଉଦୃଢ଼—ଦେ. ବିଣ. (ସଂ. ଚତୁର୍+ଦୃଢ଼)—ଅତ୍ୟନ୍ତ ଦୃଢ଼—
Chaudṛuṛdha Very tight or rigid.

ଚଉଦୋଳ—ଦେ. ବି. (ସଂ. ଚତୁର୍ଦ୍ଦୋଳ)—
Chaudoḷa ୧ । ମନୁଷ୍ୟବାହ୍ୟ ରାଜକୀୟ ଯାନବିଶେଷ—
চৌডুলি, চৌদোল 1. A royal palanquin.
चौडोल, चंडोल ୨ । ଚାରିଜଣ ବୋହିବା ଶିବିକା—
(ଚଉଦୋଳା—ଅନ୍ୟରୂପ) 2. A litter or palanquin borne on the shoulders of 4 persons.
୩ । ବିମାନ—3. A square sedan chair for carrying idols in a procession.
୪ । ବିବାହରେ ବରକନ୍ୟା ବସି ଶୋଭାଯାତ୍ରା କରିବାର ବଡ଼ ବିମାନାକୃତ ପାଲିଙ୍କି (ଏଥିରେ ୮ ଠାରୁ ୧୬ଜଣ ଯାଏ ବାହକ ଲାଗନ୍ତି)—4. A grand marriage-palanquin (borne by 8 to 16 bearers) to convey the bride and bride-groom in the marriage-procession.

ଚଉଧୁରୀ—ଦେ. ବି ପୁଂ. (ସଂ. ଚତୁର୍ଧୁରୀ କିମ୍ବା ସଂ. ଚତୁର୍=ଚକଅ+
Chaudhuri ଧୃ ଧାତୁ; ଯେ ସର୍ବଦା ଚକଅକୁ ଆଉଜି ବସିଥାଏ)—
চৌধুরী ୧ । ଜାତି ଓ ବ୍ୟବସାୟୀଙ୍କ ମଧ୍ୟରେ ପ୍ରଧାନ ବ୍ୟକ୍ତିଙ୍କ
चौधुरी ଉପାଧି—Surname of the headman of a caste or trade.
ଚଉଧୁରାଣୀ } ସ୍ତ୍ରୀ.
ଚଉଧୁରିଆଣୀ }
୨ । ଓଡ଼ିଆ ଜମିଦାରମାନଙ୍କ ସମ୍ମାନସୂଚକ ଉପାଧିବିଶେଷ—2. An honorific title; a surname of distinction amongst the Oria Zamindars.
[ଦ୍ର—ଏହା ନାମ ପୂର୍ବରେ ଲାଗେ; ଯଥା—ଭେଡ଼ାର ଜମିଦାର ଚଉଧୁରୀ ରାଧାନାଥ ମିଶ୍ର । ଏଥିର ସାଙ୍କେତିକ 'ଚୌ' କିମ୍ବା 'ଚ' ।]
୩ । ମୁସଲମାନ୍ ଅଧିକାର କାଳରେ ତାଲୁକାର ପ୍ରଧାନ କର୍ମଚାରୀ—3. The name of the chief revenue-officer of a Tālukā under the Mahomedan rule.
୪ । (ସ୍ଥୂଳକାୟ ବ୍ୟକ୍ତି ପ୍ରତି ବିଦ୍ରୂପରେ ପ୍ରଯୁଜ୍ୟ) ସ୍ଥୂଳକାୟ ବ୍ୟକ୍ତି—4. (witticism) A pot-bellied or fat man.

ଚଉପଟ—ଦେ. ବି—୧ । ଚାରିଆଡ଼; ଚାରିପାଖ—
Chaupaṭa 1. Four sides; all sides.
চৌপট ୨ । ଯେଉଁ ଗଣ୍ଡି କାଠରୁ ପଲକା ବାହାର କରାଯାଇ
तलपट, चौफेर, ତାକୁ ଚାରିଅଂଶିଆ କରାଯାଇ ଅଛି—
चौपट 2. A four-sided log of wood from the sides of which the unsubstantial portions have bean sawn or scraped off.

୧	ଈ	ଊ	ଋ,ଌ	୫	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଜ୍ଞ	ଙ୍ଗ
୨	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	କ୍ଷ	ନ୍ତ

୩ । ଏକପ୍ରକାର ପଶା ଖେଳ—
3 A kind of game of dice.

୪ । ସର୍ବନାଶ—4. Ruin.

ଦେ. ବଣ.—୧ । ଚାରିଆଡ଼େ ଖୋଲା—
1. Open on all sides.

୨ । ଅରକ୍ଷିତ—2. Unprotected.

ଚଉ ପଟ୍ଟନାଏକ—ଦେ. ବ.—ଓଡ଼ିଶାରେ ରାଜପ୍ରଦତ୍ତ କରଣମାନଙ୍କ Chau paṭanāeka ଉପାଧିବିଶେଷ; ଚ୍ୟାଉପଟ୍ଟନାଏକ— (ଚ୍ୟାଉପଟନାଏକ—ଅନ୍ୟରୂପ) A title given to Karaṇas by Orissa Rajās.

ଚଉପଣି—ଦେ. ବ.—୧ । ¼ ହିସାବରେ ଆଦାୟ କରାଯିବା ଶୁଳ୍କ—
Chaupaṇi 1. Cess livied af the rate of ¼.
चौपणी ୨ । କୌଣସି ବସ୍ତୁର ଏକ ଚତୁର୍ଥାଂଶ—
चौअनी 2. One fourth.

୩ । ରଯ଼ତି ଜମି ବିକ୍ରି ହେଲେ ଜରସମନର ¼ ହିସାବେ ନିଆଯିବା ଜମିଦାରଙ୍କ ପ୍ରାପ୍ୟ ଦାଖଲଖାରିଜ ରେସମ—
3. Mutation fees payable to the zamindar at the rate of ¼ of the consideration on the sale of a rayati holding.

ଦେ. ବଣ.—୧ । ଚାରିପଣ ବା ¼ ହିସାବରେ ନିଆଯିବା (ଶୁଳ୍କ)—
1. (a tax) Levied at the rate of ¼.

୨ । ସାଧାରଣ ଉତ୍ପନ୍ନ ଫସଲର ହାରାହାରି ¼ ହିସାବରେ ହୋଇଥିବା (ଫସଲ)—2 (crop) Produced at the rate of ¼ of the normal produce.

୩ । ଚାରିଭାଗରୁ ଭାଗେ ପାଇବା (ଅଂଶୀଦାର)—
3. (share-holder) Entitled to a fourth share

୪ । ଚାରିଭାଗରୁ ଏକଭାଗରେ ମାଲିକ ହୋଇଥିବା (ଜମିଦାର)—
4 (a zamindar) Owning one-fourth of the proprietory right of an estate.

୫ । ଯେଉଁ କିସ୍ତିରେ ରାଜସ୍ବ ବା ଖଜଣାର ¼ ଦାଖଲ କରାଯାଏ—6. (an instalment) In which ¼ of the rent or revenue is to be deposited.

ଚଉପଣିଆଁ—ଦେ. ବଣ.—ଚଉପଣି (ଦେଖ)
Chaupaṇiāñ Chaupaṇi (See)

ଚଉପଦୀ - ଦେ. ବି. (ସଂ. ଚତୁଷ୍ପଦୀ)—୧ । ଚାରି ଓ କ୍ବଚିତ୍ Chaupadī ତତୋଽଧିକ ପଦ ବିଶିଷ୍ଟ ସଙ୍ଗୀତ ବା କବିତା—
चौपदो 1. A song or poem ordinarily consisting of
चौबोला, चौपई, चौपैया, चौपाई 4 couplets.

ଚାରୁବେଶାର ମୁହିଁ ଅନୁରଙ୍ଗ,
ଚଉପଦୀ ଗୀତ ରଚନା ସଙ୍ଗ । କବିସୂର୍ଯ୍ୟ. କବିତା ।

୨ । (ସଂ. ଚତୁଷ୍ପୁଟୀ) ଚାରିକୋଣିଆଁ ପତ୍ରର ଦନା; ଠୋଲା—
2. A square cup made of leaves sewn together.

ଚଉପହରା—ଦେ. ବଣ.—(ସଂ ଚତୁଷ୍ପ୍ରହର)—୧ । ଯେଉଁ ଦାସ ବା Chaupaharā ଦାସୀମାନେ ପ୍ରଭୁଙ୍କ ନିକଟରେ ରାତି ଓ ଦିନ ଚାରି चउपरा ପହର ଲେଖାଏଁ ପାଳି କରି ଉପସ୍ଥିତ ଥାଆନ୍ତି; ଅର୍ଦ୍ଦଳୀ—
चौपहरा 1. Servants attending on the master throughout the day and night by turns of 4 prahars or 12 hours each.

ଚଉପହରା ଦାସୀଙ୍କ ଉପରେ,
ଚାପୋଡ଼ ପରମାସର କୋପରେ । କବିସୂର୍ଯ୍ୟ. କବିତା ।

୨ । ଯେଉଁ ଚାକର ଓ ମୂଲିଆମାନେ ଦିନ ରାତି ୮ ପହର ମଧ୍ୟରୁ କେବଳ ଦିନ ଚାରି ପ୍ରହର ପାଇଁ ଖଟନ୍ତି—
2. A labourer or servant who attends on his master for 12 hours only in 24 hours.

ଚଉପାଖ—ଦେ. ବ.—ଚାରିପାଶ—
Chaupākha Four sides.
चउतरफ ବୁଦ୍ଧିଁ ଅହାର ଧରି ମୁଖେ
चौतरफ ଖୋଜନ୍ତି ବୃକ୍ଷ ଚଉପାଖେ । ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

ଚଉପାଟ – ଦେ. ବ—ଚଉପଟ ୧ (ଦେଖ)
Chaupāṭa Chaupaṭa 1 (See)

ପୁଷ୍କରଣୀ ଚଉପାଟ ମାଣିକ୍ୟ ପାବଚ୍ଛ ଘାଟ
ମଲ୍ଲଭା ମର୍କତ ହେମ ଚଟକ କମ ଯେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଉପାଟଳି – ଦେ. ବ— ପାଟଳି (ଦେଖ)
Chaupāṭaḻi Pātaḻi (See)

ଚଉପାଟି—ଦେ. ବ. (ସଂ. ଚତୁଷ୍କୂଟ)—ଗୋଲ ନ ହୋଇ ଚାରିପାଖ Chaupāṭi ସମାନ ଭାବରେ ଚଞ୍ଛା ହୋଇଥିବା କାଷ୍ଠଖଣ୍ଡ— (ଚଉପାଟୁଆ—ଅନ୍ୟରୂପ) A square log of wood or timber.

ଦେ. ବଣ—ଚତୁରସ୍ର—Four-sided; quadrangular.

ଚଉପାଠୀ—ଦେ. ବ. (ସଂ. ଚତୁଷ୍ପାଠୀ)—ଚଉପାଢ଼ୀ (ଦେଖ)
Chaupāṭhī Chaupārdhi (See)

ଚଉପାଡ଼ୀ—ଦେ. ବ. (ସଂ. ଚତୁଷ୍ପାଠୀ) – ଚଉପାଢ଼ୀ (ଦେଖ)
Chaupārdi Chaupārdhi (See)

ଭଦ୍ର ଚଉପାଡ଼ି ଲପୁ ଡ଼ି ପଢ଼ିଲ
ଝଡ଼ିଲ ଅଟ୍ଟାଳି ପୁର । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଉପାଢ଼ୀ—ଦେ. ବ. (ସଂ. ଚତୁଷ୍ପାଠୀ; ଯେଉଁଠାରେ ୪ ବେଦ Chaupārdhi ଅଧ୍ୟାପନା କରାଯାଉଥିଲା)—
चौपाड़; चौपाड़ी; चौबाड़ी ୧ । ଗ୍ରାମ୍ୟବିଦ୍ୟାଳୟ; ପାଠଶାଳା—
चौपाड़; चौपाल 1. A village-school.

୨ । ସଂସ୍କୃତ ପାଠଶାଳା; ଟୋଲ—2. Tol; a school for teaching Sanskrit free of charge.

ସାଧାରଣ ସେବେ: ଅପର ପୃଷ୍ଠାରେ ଦୂରତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭ୍ରମ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ସେ ସ୍ଥଳେ ଯେବେ ଏ ତାହାକେ ସ୍ଥରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପରର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳେ 'ଗାଈ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଆ' ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଉପରେ ଛାତ ବା ଛପର ଥିବା ଚାରି ପଟ ଖୋଲା ଥିବା ବୈଠକ ଘର—3. A roofed hall open on all sides and used as a sitting room.

୪ । ଚତୁର୍ଦ୍ୱାରଯୁକ୍ତ ମଣ୍ଡପ—4. A pavillion or square hall with 4 doors.

ଚଉପାୟା—ଦେ. ବି. (ସଂ. ଚତୁଷ୍ପାଦ; ଚତୁଷ୍ପଦ)—
Chaupāyā ଚାରିଗୋଡ଼ିଆ ଛୋଟ ହାଲୁକା ଖଟ; ଖଟିଆ—
চৌপায়া A small portable bedstead with four
चौपैया; चौपाइ legs.
(ଚଉପାହିଆ; ଚଉପାହ୍ୟା—ଅନ୍ୟରୂପ) ଦେ. ବିଣ—ଯାହାର ଚାରିଟି ଗୋଡ଼ ଅଛି—Four-legged.

ଚଉପାଲ—ଦେ. ବି—ସ୍ତ୍ରୀଲୋକଙ୍କୁ ବହିବା ପାଇଁ ବ୍ୟବହୃତ ମନୁଷ୍ୟବାହ୍ୟ
Chaupālā ଛୋଟ ଡୋଲି ବା ଖଟିଆ—
A kind of litter for carrying women (Howells).

ଚଉପିଠି—ଦେ. ବି. (ସଂ. (ସଂ. ଚତୁର୍ ଓ ପୃଷ୍ଠ)—
Chaupiṭhi ୧ । କୌଣସି ଘନ ପଦାର୍ଥର ଚାରି ପାର୍ଶ୍ୱ ବା ତଳ-
চউপিঠ 1. The four surfaces or sides of a
चौतर्फ solid thing.

୨ । କୌଣସି ସ୍ଥାନର ଚାରିଆଡ଼; ଚାରିଦିଗ—
2. The four sides of a place.

ପୋଷାକ ପିନ୍ଧି ଉଆସ ଚଉପିଠି ବଡ଼ିଶ୍ ଅଭ
ଅଗଦାଣ୍ଡରେ ପ୍ରାତର୍ଭ୍ରମଣ କରୁ ଅଛନ୍ତି । ଫକୀରମୋହନ• ଗଳ୍ପସ୍ୱଳ୍ପ ।

ଚଉପିଠିଆ—ଦେ. ବିଣ—୧ । ଯେଉଁ ପଶୁ ସବୁପ୍ରକାର (୪ ପ୍ରକାର)
Chaupiṭhiā ଭାର ବୋହିବାରେ ଅଭ୍ୟସ୍ତ—1. (beast of
চৌপিঠা burden or animal) Habituated to
चौकस do all sorts of work; dexterous in all sorts of work.

[ଦ୍ର—କେତେକ ବଳଦ, ଘୋଡ଼ା ପ୍ରଭୃତି ଶଗଡ଼, ହଳ, ଲଦନ ଓ ଘଣା ଟାଣିବାକୁ ଅଭ୍ୟସ୍ତ ହୋଇଥାନ୍ତି ।]

୨ । (ଲକ୍ଷଣାର୍ଥ) ଚଉକସ୍; ଯେଉଁ ବ୍ୟକ୍ତି ସବୁ କାର୍ଯ୍ୟ (କାୟିକ ଓ ମାନସିକ) ରେ ପାରଙ୍ଗମ—
2. (Figurative) Strong on all sides; all round; clever at everything (manual and intellectual work).

୩ । (ଲକ୍ଷଣାର୍ଥ) ସବୁପ୍ରକାର କାର୍ଯ୍ୟ କରିବାରେ ଅଭ୍ୟସ୍ତ—
3. (Figurative) Thoroughly qualified.

ଚଉପିଠି ଖରଚ—ଦେ. ବି (ପ୍ରଥମ ପକ୍ଷର ଯିବା ଏକ ପିଠି ଅସିବା ଏକ
Chaupiṭhik haracha ପିଠି, ୨ୟ ପକ୍ଷର ଯିବା ଏକ ପିଠି ଓ ଆସିବା ଏକ ପିଠି, ଏପରି ୪ ପିଠି ବା ଥର)—ବିବାହ ଓ ମକଦମା ଆଦି ଉପଲକ୍ଷେ ଉଭୟ ପକ୍ଷର ଯିବାର ଓ ଆସିବାର ସମସ୍ତ ଖରଚ—All the expenses of both parties for coming and going; entire travelling expenses of the two parties (in a case or marriage).

ଚଉଫେରି—ଦେ. ବି (ସଂ. ଚତୁଃ + ପ୍ରତ୍ୟାଗମନ)—ମନ୍ଦିର ବା ଦେବ-
Chaupheri ଭଗବାନଙ୍କର ଚାରିପାଖ ବୁଲିଆସିବା; ପରିକ୍ରମା—
চৌফেরী Going round a temple or idol;
चौफेरी circumambulation.

ଚଉବଚ୍ଚା—ଦେ. ବି (ଫା. ଚହ୍‌ବଚା; ଚହ୍=କୁଅ+ବଚା=କ୍ଷୁଦ୍ର; ଛୋଟ
Chaubachā କୁଅ)—ଭୂମି ଉପରେ ଇଟା, ପଥର ଆଦି ଦ୍ୱାରା
চৌবাচ্চা ଚୂନରେ ଗଢ଼ାଯିବା ଜଳାଧାର ; କ୍ଷୁଦ୍ର ଜଳାଧାର; କୁଣ୍ଡ—
चौबच्चा A small reservoir of stone or brick
ଚଉବଚା, ଚଉବାଚ୍ଚ, ଚଉବାଚା } ଅନ୍ୟରୂପ masonry for storage of water.

ଚଉବନ—ଦେ. ବି (ସଂ. ଚତୁଃପଞ୍ଚାଶତ୍, ପ୍ରା. ଚଉବଣ୍ଣ)—
Chaubana ପଚାଶ ଅପେକ୍ଷା ଚାରି ଅଧିକ ସଂଖ୍ୟା; ୫୪ ସଂଖ୍ୟା—
চুআন্ন Fiftyfour; 54.
चव्वन; चौवन ଦେ ବିଣ.—୫୪ ସଂଖ୍ୟକ—
Numbering fiftyfour.

ଚଉବନାଶଏ—ଦେ. ବି (ସଂ. ଚତୁଃପଞ୍ଚାଶତ୍ + ଶତ)—ଏକଶ ଚଉବନ;
Chaubanāśae ୧୫୪—One hundred and fiftyfour;
(ଚଉବନାଶହେ—ଅନ୍ୟରୂପ) 154.

ଚଉବଣୀ—ଦେ. ବିଣ—୧ । କଟକରେ ବ୍ୟବହୃତ (ସେର); ଯାହା
Chaubanī ଓଜନରେ ୧୦୮ ଟଙ୍କା ସଙ୍ଗେ ସମାନ; ପକ୍କା (ସେର)—
1. (a Cuttack seer) Weighing 108. tolas.

୨ । (ସଂ. ଚତୁର୍ବର୍ଣ୍ଣି)—ଚାରିବର୍ଣ୍ଣବିଶିଷ୍ଟ; ଧଳା, କଳା, ନାଲି ଓ ହଳଦିଆ ଏହି ୪ଟି ରଙ୍ଗର (ଯଥା—ଚଉବଣୀ ମୃଦଙ୍ଗ)—
2. Of four different colours (black, white, red and yellow).

ଦେ. ବି —ଚଉବଣୀ ସେର (ଦେଖ)--Chaubanī sera (See).

ଚଉବଣୀ ସେର—ଦେ. ବି— ୧୦୮ ଟଙ୍କା ଓଜନର ସେର; କଟକୀ ସେର
Chaubanī sera A seer of 108 tolas
পাকীসের [ଦ୍ର—କଟକୀ ସେରର ଓଜନ ୧୦୮ ତୋଳା; କିନ୍ତୁ
पक्कासेर ଏଥିରୁ ଅଧେ ଅର୍ଥାତ୍ ୫୪ ସଂଖ୍ୟା ଦ୍ୱାରା ଏହାର କାହିଁକି ନାମକରଣ ହୋଇଅଛି ? ୮୦ ତୋଳା ଓଜନର ସେରକୁ ବାଲେଶ୍ୱରୀ ବା କଚ୍ଚା ସେର କହନ୍ତି; କଲିକତାରେ ଏବଂ ଉତ୍କଳଭାଷୀ ଅନ୍ୟସମସ୍ତ ଅଞ୍ଚଳମାନଙ୍କରେ ବାଲେଶ୍ୱରୀ ସେର ବ୍ୟବହୃତ ହୁଏ, କେବଳ କଟକ ଓ ତନ୍ନିକଟବର୍ତ୍ତୀ ଅଞ୍ଚଳରେ ଚଉବଣୀ ସେର ପ୍ରଚଳିତ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ସ	ଙ୍କ	ଇଏ	ଉଅ	ଭ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଊ	ନ୍ତ

ଚଉବନ୍ଦୀ—ଦେ. ବ (ସଂ. ଚତୁଃ+ବନ୍ଧନ)—୧ । ଅଣ୍ଟା ପର୍ଯ୍ୟନ୍ତ ଲମ୍ବିବା ପୁରୁହାତବାଲା ଏକପ୍ରକାର ମରହଟ୍ଟିଆ ଜାମା ବା ମିରଜେଇ—1. A kind of old-fashioned coat with double flaps on the breast tied by 4 cords.
Chaubandī
চউবন্দী
चौबन्दी

[ଦ୍ର—ଏଥିର ଛାତି ଉପରେ ୨ ପରସ୍ତ ଲୁଗା ଥାଏ ଓ ଉକ୍ତ ଲୁଗା ଦୁଇ ଖଣ୍ଡର ୨ ମୁଣ୍ଡ ଡୋରି ଦ୍ୱାରା ଯଥାକ୍ରମେ ବାଁଆପାଖେ ଓ ଡାହାଣପାଖେ ବନ୍ଧାଯାଏ ।]

୨ । ଘୋଡ଼ାର ବା ବଳଦର ୪ ଗୋଡ଼ର ନାଲବନ୍ଦୀ—2. Shoeing of the four feet of a horse or bullock.

ଚଉବନ୍ଧ—ଦେ. ବ (ସଂ. ଚତୁର୍ବନ୍ଧ)—ଚଉକଠ (ଦେଖ)
Chaubandha — Chaukatha (See).
(ଚଉବନ୍ଦ—ଅନ୍ୟରୂପ)

ଚଉବର୍ଗ—ଦେ.ବ (ସଂ.ଚତୁର୍ବର୍ଗ)—ଧର୍ମ, ଅର୍ଥ, କାମ ଓ ମୋକ୍ଷରୂପ ମନୁଷ୍ୟ-ଜୀବନର ଚାରିଗୋଟି ଲକ୍ଷ୍ୟ ବା ଫଳ— Fourfold aims or summum bonum of the life of a man. (religion, wealth, desire and salvation).
Chaubarga
চউবর্গ
चौबरग

ଦେଲେ ସନ୍ତୋଷ ବସ୍ତୁ ହୋଇ,
ପ୍ରାଣିଙ୍କି ଚଉବର୍ଗ ଦେଇ । ଜଗନ୍ନାଥ. ଭାଗବତ ।

ଚଉବର୍ଷ—ଦେ. ବ (ସଂ. ଚତୁର୍ବର୍ଷ)—ମୃତ୍ୟୁର ଚତୁର୍ଥ ବର୍ଷରେ ଯେ ଶ୍ରାଦ୍ଧ ଓ ଦାନପୁଣ୍ୟ ଆଦି ଧର୍ମଶାସ୍ତ୍ରର ନିୟମ ଅନୁସାରେ ଅନୁଷ୍ଠିତ ହୁଏ—An obsequal rite performed on the 4th anniversary of the death of a person.
Chaubarsha
चौबरसा

ଚଉବଳ—ଦେ. ବ (ସଂ. ଚତୁର୍+ବଳ)—୧ । (ଏଥିରେ ପ୍ରତ୍ୟେକ ବ୍ୟକ୍ତିର ୨ ହାତ ଓ ୨ ଗୋଡ଼, ଏପରି ୪ଟି ଅଙ୍ଗର ବଳ ପରୀକ୍ଷା କରାଯିବାରୁ) ଦୁଇଜଣଙ୍କ ମଧ୍ୟରେ ଏକପ୍ରକାର ବଳକସାକସି କସରତ୍—1. An athletic test of strength between two persons, like a tug of war, with a stick.
Chaubaḷa

[ଦ୍ର—ଏଥିରେ ୨ ଜଣ ମନୁଷ୍ୟ ପରସ୍ପର ଆଡ଼କୁ ମୁହଁକରି ଦୁଇ ଗୋଡ଼କୁ ଆଗକୁ ଲମ୍ବାଇ ବସନ୍ତି ଓ ପରସ୍ପରଙ୍କ ଗୋଡ଼ର ତଳପା ପରସ୍ପର ସଙ୍ଗେ ଲଗାନ୍ତି; ମଝିରେ ଖଣ୍ଡିଏ ବାଡ଼କୁ ଦୁହେଁଯାକ ପରସ୍ପରର ଦୁଇହାତ ଦ୍ୱାରା ଧରନ୍ତି । ଦୁହେଁ ପରସ୍ପରଙ୍କ ପାଦକୁ ଠେଲୁଥାଆନ୍ତି ଏଣେ ହାତଦ୍ୱାରା ବାଡ଼କୁ ପରସ୍ପର ଆଡ଼କୁ ଟାଣୁଥାଆନ୍ତି । ଯାହା ଆଡ଼କୁ ବାଡ଼ଖଣ୍ଡ ଟାଣିହୋଇ ଆସେ ତାହାର ବଳ ବେଶି ହେଲା ଓ ସେ ଜିତିଲା ବୋଲି ଅବଧାରିତ ହୁଏ ।]

୨ । ଚତୁରଙ୍ଗବଳ—2. The army consisting of 4 branches (e. g. infantry, cavalry, elephants and cars.

୩ । ଚଉପାରି; ପଶା ଖେଳ—3. The Game of dice.

୪ । ସତରଞ୍ଜି ଖେଳ—4. The Game of chess.

ଚଉବାହା—ଦେ. ବଣ (ସଂ. ଚତୁର୍ବାହୁ)—ଚତୁର୍ଭୁଜବିଶିଷ୍ଟ—Having four arms.
Chaubāhā
(ଚଉବାହୁ—ଅନ୍ୟରୂପ) ଦେ. ବ—ଶ୍ରୀ ଜଗନ୍ନାଥ; ବିଷ୍ଣୁ—God Jagannātha; Bishṇu.

ମୋ ବୁଦ୍ଧିରେ ତୁମ୍ଭଙ୍କୁ କେହୁ ଚଉବାହା,
ଜାଣିକରି ଭଜିବ କହ ମତେ ତାହା । କୃଷ୍ଣସିଂହ. ମହାଭାରତ. ସଭା ।

ଚଉବିଂଶ—ଦେ. (ପଦ୍ୟ) ବ (ସଂ. ଚତୁର୍ବିଂଶ; ପ୍ରା. ଚଉବୀସା)—ଚବିଶି; ୨୪ ସଂଖ୍ୟା—24.
Chaubiṁśa
চব্বিশ ଦେ. ବଣ—୨୪ ସଂଖ୍ୟକ—Numbering 24.
चौबीस

ଚଉବିଂଶ ସହସ୍ର ଭାରତ ରଚି କଲେ—କୃଷ୍ଣସିଂହ. ମହାଭାରତ. ଆଦି ।

ଚଉଭିତେ—ଦେ. (ପଦ୍ୟ) କ୍ରି. ବଣ—୧ । ଚାରିଦିଗରେ—1. On four sides.
Chaubhite

୨ । ଚାରିପାଖରେ—2. On all sides.

ଚଉଭୁଜୀ—ଦେ. ବଣ (ସଂ. ଚତୁର୍ଭୁଜ)—ଚାରିବାହୁବିଶିଷ୍ଟ—Having four sides.
Chaubhujī

ଚଉଭୁଜୀ କୁଞ୍ଜଘର ସହସ୍ରେ ପାଖୁଡ଼ା—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ପ୍ରାଦେ. (ସମ୍ବଲପୁର) ବ—ଚଉହଦ; ଚତୁଃସୀମା—Boundaries on the 4 sides.

ଚଉଭୋମି—ଦେ. ବଣ—ବର୍ଗାକାର—Square.
Chaubhomi

ଅଣମେଡ଼ା ଅଣବେଢ଼ା ଚଉଭୋମି ଘର—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ଚଉମଥା—ଦେ. ବ (ସଂ. ଚତୁର୍ମସ୍ତକ)—୧ । ବ୍ରହ୍ମା—1. God Brahmā.
Chaumathā
চৌমাথা ୨ । (ସଂ. ଚତୁଷ୍ପଥ) ଚଉଛକି ରାସ୍ତା—2. A place where four roads meet; a place where two roads cross each other.
(ଚଉମସ୍ତା, ଚଉମାଥ—ଅନ୍ୟରୂପ) ଦେ. ବଣ—ଚାରିଟି ମସ୍ତକ-ଯୁକ୍ତ—Four-headed.

ଚଉମହଲା—ଦେ. ବ. (ସଂ. ଚତୁର୍+ଫା. ମହଲ୍)—ଚଉତାଲା (ଦେଖ)
Chaumahala — Chautālā (See)
(ଚଉମାହାଲା—ଅନ୍ୟରୂପ)

ଚଉମୁହାଁ—ଦେ. ବଣ. (ସଂ. ଚତୁର୍ମୁଖ)—ଚାରିଟି ମୁଖ ବା ଦ୍ୱାରବିଶିଷ୍ଟ; ଚାରିଦିଗକୁ ଯାହାର ମୁହଁ ଚାରିଗୋଟି ଅଛି—Four-faced; facing towards the four sides.
Chaumuhāṅ
চউমুখা
चौमुखा

ସାଧାରଣ ଲୋକେ ଅପଠିତ ପୁସ୍ତକରେ ଦନ୍ତ୍ୟ ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ କ୍ଷେତ୍ର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଁଧାର' ନ ପାଇଲେ 'ଅନ୍ଧାର' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚଉମୁହାଣୀ— ଦେ. ବି. (ସଂ· ଚତୁର୍+ଫା. ମୁହାନା=ନଦୀର ସମୁଦ୍ରରେ ମିଳନସ୍ଥଳ)—୧ । ଯେଉଁ ସ୍ଥାନରେ ନଦୀ ଏକାଧିକ ଶାଖା ମେଲି ସମୁଦ୍ରରେ ଯାଇ ପଡ଼ିଅଛି—
Chaumuhāṇi
चौमुहानी
1. Delta; the place where a river branches off and falls into the sea.
୨ । ଚୌରାସ୍ତା (ଦେଖ)
2. Ch**au**rāstā (See)

ଚଉର—ସ୍ତ୍ରୀ. (ପଦ୍ୟ) ବି. (ସଂ. ଚୌର)—ଚୋର—
Chaura Thief.
চউর
चउर

ଲୁକ୍କାଇ କୂଟରଟରେ ପଳାଯିବ ଚଉର ଅବସ୍ଥା ହେବା—
ଭକ୍ତ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚଉରଙ୍ଗୀ—ଦେ. ବି. (ସଂ. ଚତୁରଙ୍ଗ)—
Chaurangi ୧ । ଏକପ୍ରକାର ଖେଳ—
চৌরঙ্গী
1. A kind of game.
चौरङ्गा
୨ । ଛକରାସ୍ତା—
2. A place where four roads meet.
୩ । ଏକପ୍ରକାର ବାତ ଯାହା ସମସ୍ତ ଅଙ୍ଗକୁ ଅବଶ କରେ—
3. Complete paralysis; acute rheumatism.
୪ । ଚତୁରଙ୍ଗବଳ—
4. Army consisting of four divisions (cars, elephants, cavalry and infantry).

ଚଉରବାସ—ଦେ. (ପଦ୍ୟ) ବି. (ସଂ· ଚୌରବାସ)—ବନ୍ଦିଘର—
Chaurabāsa Jail.

ବହୁରତ ଲଙ୍କାରେ ସ୍ୱଭାବବଶେ
ବନ୍ଧନ ପାଏ ରକ୍ଷ ଚଉରବାସେ—ଉପେ. ବୈଦେହୀଶବିଳାସ ।

ଚଉରସ୍—ଦେ. ବିଣ. (ସଂ. ଚତୁରସ୍ର=ଚତୁଷ୍କୋଣ)—
Chauras ୧ । ବର୍ଗ (କ୍ଷେତ୍ର); ଯାହାର ଚାରିବାହୁ ସମାନ—
চৌরস 1. Square
चौरस ୨ । ଚାରିଆଡ଼ରେ ସମପରିମିତ—
2. Even; equally or evenly distributed.
୩ । ଭଲ; ସମ୍ପୂର୍ଣ୍ଣ; ଷୋଳପଣ—
3. Full; abundant.
(ଯଥା—ଏ ବର୍ଷ ଚାରିଆଡ଼େ ଚଉରସ୍ ଫସଲ ହୋଇଅଛି; ଚଉରସ ଭୋଜନ ।)
(ଚଉରସିଆ—ଅନ୍ୟରୂପ) ୪ । ସମତଳ; ସମତୁଲ—
4. Level; flat; even; smooth.
୫ । ଶକ୍ତ; ମଜବୁତ୍—5. Strong; firm.
୬ । (ଥଟାରୀଙ୍କ ବ୍ୟବହୃତ ଶବ୍ଦ) କଂସା ଆଦି ବାସନକୁ ଘଷି ପାଲିସ କରିବାପାଇଁ ବ୍ୟବହୃତ ହତିଆର—
6. A scraper used by braziers to scrape and polish utensils.
୭ । ଖୁବ୍—7. Excessive.
(ଯଥା—ଚଉରସ ମାଡ଼, ଚଉରସ ଶୋଧନ ।)
ପ୍ରାଦେ. (ଗଡ଼ଜାତ) ବି—ଚରସ୍ (ଦେଖ)
Charas (See)

ଚଉରସ୍ ରୁଖିଲ—ଦେ. ବି. (ବଣିଆଶବ୍ଦ)—ଖୁବ୍ ଛୋଟ ଛୋଟ ଅଳଙ୍କାର ଗଢ଼ିବା ପାଇଁ ଚାରିକୋଣିଆ ଏକପ୍ରକାର ଠଷା—A kind of square mould used by goldsmiths to beat out small ornaments.
Chauras ruẹ̄li

ଚଉରା—ଦେ. ବି. (ସଂ. ଚତ୍ୱର; ଚତ୍ୱାର)—ଗୃହସଲଗ୍ନ ଯେଉଁ ମାଟି; ପଥର ବା ଇଟା ନିର୍ମିତ ସ୍ତୂପରେ ତୁଳସୀବୃକ୍ଷ ଲଗା ହୋଇଥାଏ; ତୁଳସୀଚଉରା— A raised mound or structure near the house in which the Tulsi plant (a daily worshippable plant in every Hindu household) is reared.
Chaurā
চৌতারা
चौरौंह

ସୁବର୍ଣ୍ଣ ଚଉରା ଧାଡ଼ି ଧାଡ଼ି
ହୋଇ ବଣୁଅଛି ଉଦ୍ଭଳ ସେ । ରଘୁନାଥ. ଚଉଦହରାମାୟଣ ।

[ଦ୍ର—ହିନ୍ଦୁଗୃହସ୍ଥ ପ୍ରତିଦିନ ସ୍ନାନ କରି ଚଉରାରେ ପାଣି ଦିଏ ଓ କୁଳବଧୂମାନେ ପ୍ରତିଦିନ ଓ ବିଶେଷତଃ ଗୁରୁବାର, ଏକାଦଶୀ ଓ କାର୍ତ୍ତିକମାସରେ ସକାଳୁ ଉଠି ଗୋବରପାଣିରେ ଚଉରାମୂଳକୁ ଲିପନ୍ତି ଓ କାର୍ତ୍ତିକମାସରେ ବିଧବାମାନେ ଲିପା ଚଉରାମୂଳରେ ମୁରୁଜ ଦେଇ ରାଧାଦାମୋଦରଙ୍କୁ ପୂଜା ଓ ନୈବେଦ୍ୟଆଦି ଦିଅନ୍ତି; କୁମାରପୂର୍ଣ୍ଣିମା, କାଞ୍ଜିଅଁଲା, ନାଗଲ ଚଉଠି, ସୋମନାଥ ବ୍ରତ ଆଦି ଉପଲକ୍ଷରେ ଚଉରା ମୂଳେ ଭୋଗ ଦିଆଯାଏ । ପଣାସଂକ୍ରାନ୍ତି ଦିନ ତୁଳସୀଚଉରା ଉପରେ ଖମ୍ବଣ୍ଡିଆ ବାନ୍ଧି ତୁଳସୀଗଛରେ ମାଠିଆର ତଳକଣା ବାଟେ ଟୋପା ଟୋପା ପାଣି ପଡ଼ିଲା ପରି ତୁଳସୀଗଛ ଉପରେ ଖୋଟିଏ ଶିକାରେ ସଛିଦ୍ର ଘଟ ବା ମାଠିଆ (ବସୁନ୍ଧରା) ଟଙ୍ଗା ଯାଏ । ସନ୍ଧ୍ୟା ବେଳେ ମଧ୍ୟ ଗୃହବଧୂ ଓ ଗୃହିଣୀମାନେ ଚଉରାମୂଳେ ସଞ୍ଜବତୀ ବସାନ୍ତି ।]

ଚଉରାଅଶି— ଦେ. ବି. (ସଂ. ଚତୁରଶୀତି; ପ୍ରା. ଚଉରାସୀଇ)—
Chaurā-aśi ଅଶି ଅପେକ୍ଷା ଚାରି ଅଧିକ ସଂଖ୍ୟା; ୮୪—
চুরাশী Eightyfour.
चौरासी ଦେ. ବିଣ—୮୪ ସଂଖ୍ୟକ—
(ଚଉରାଶି—ଅନ୍ୟରୂପ) Numbering eightyfour.

ଚଉରାଁଲବେ— ଦେ. ବି. (ସଂ. ଚତୁର୍ନବତି, ପ୍ରା. ଚଉଣ୍ଣବଇ)—
Chaurāṅlabe ନବେ ଅପେକ୍ଷା ୪ ଅଧିକ ସଂଖ୍ୟା; ୯୪—
চুরানব্বই 94; Ninetyfour.
चौरानबे ଦେ. ବିଣ—୯୪ ସଂଖ୍ୟକ—Numbering 94.
(ଚଉରାଁ ଲୋଇ, ଚଉରାଣବେ, ଚଉରାନବେ, ଚଉରାଲବେ) } ଅନ୍ୟରୂପ

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍	ହ୍ଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ହ	ନ୍ତ

ଚଉରାଳିଶ—ଦେ. ବ. (ସଂ. ଚତୁଶ୍ଚତ୍ୱାରିଂଶତ୍; ପ୍ରା. ଚଉଚ୍ଚାଳିସଇ)—
Chaurālisa ଚାଳିଶିରୁ ଚାରି ଅଧିକ ସଂଖ୍ୟା; ୪୪ ସଂଖ୍ୟା—
চুয়ালিশ 44; fortyfour.
चौवालीस ଦେ. ବିଣ.—୪୪ ସଂଖ୍ୟକ—
(ଚଉରାଳିଶି—ଅନ୍ୟରୂପ) Numbering fortyfour.

ଚଉରାଳିଶାଶଏ—ଦେ. ବି. (ସଂ. ଚତୁଶ୍ଚତ୍ୱାରିଂଶତ୍+ଶତ)—
Chaurālisāsae ଏକଶତ ଚଉରାଳିଶ; ୧୪୪—144.
(ଚଉରାଳିଶାଶହେ—ଅନ୍ୟରୂପ) ଦେ. ବିଣ—୧୪୪ ସଂଖ୍ୟକ—
Numbering 144.

ଚଉରା ସେବା—ଦେ. ବି—ତୁଳସୀଚଉରାରେ ରୋପିତ ଓ ସଯତ୍ନବର୍ଦ୍ଧିତ
Chaurā sebā ତୁଳସୀ ବା ବୃନ୍ଦାବତୀଙ୍କୁ ଜଳଦାନ ଓ ପୂଜାଆଦି
କରିବାରୂପ କର୍ତ୍ତବ୍ୟ କାର୍ଯ୍ୟ—Act of worshipping and watering the holy Basil plant reared up on a mound.

ଚଉରାସ୍ତା—ଦେ. ବି. (ସଂ. ଚତୁର୍+ପା. ରାସ୍ତା)—
Chaurāstā ଚାରିପଥର ମିଳନ ସ୍ଥାନ; ଛକ—
চৌরাস্তা A place where four roads meet,
चौराहा; चौहट्टा; चौरास्ता i. e roads cross each other.

ଚଉରି— ଦେ. ବି—୧ । (ସଂ. ଚମରୀ)—କେଶଦ୍ୱାରା ନିର୍ମିତ କେଶବନ୍ଧନ-
Chaurī ରଜ୍ଜୁ—1. A string made of hairs strung
চউরি, চৌরি together and used as a tape for tying the hair.
चौंरी

୨ । (ସଂ. ଚତ୍ୱର)—ଚାରିଆଡ଼େ ଘେରିଥିବା ପ୍ରାଙ୍ଗଣ; ଚଉକ-
2. Courtyard surrounded by houses on four sides.

୩ । (ସଂ. ଚତ୍ୱର) ଚଉଶାଳା (ଦେଖ)
3. Chauśālā (See)

୪ । ଚାମର (ଦେଖ)
4. Chāmara (See)

୫ । ସତ୍ୟଆମ୍ବ (ଦେଖ)
5. Satya-āmba (See).

୬ । ଅଗଣା ମଧ୍ୟରେ ଥିବା ଛୋଟ ପକ୍କା ବେଦୀ—
6. A small pucca raised platform or altar in a courtyard.

୭ । (ସଂ. ଚତୁଷ୍କୀ)—ଚାରିକୋଣିଆ ଅଗଣା—
7. A quadrangular courtyard.

ଚଉରି ଭୁଣ୍ଡି—ଦେ.ବି-ଚଉରିର ଗୁଚ୍ଛର ମୂଳଗଣ୍ଠି ଉପରେ ଜଉଦ୍ୱାରା ଦୃଢ଼
Chaurī bhuṇḍi ହୋଇ ବସା ଯାଇଥିବା ପାତ୍ରାକୃତି ଅଳଙ୍କାର-
ବିଶେଷ—A cup-shaped ornament for the hair into which a bunch of Chauri is firmly attached with wax.

ଚଉର୍ଯ୍ୟ—ଗ୍ରା. (ପଦ୍ୟ) ବି. (ସଂ. ଚୌର୍ଯ୍ୟ)— ଚୋରବୃତ୍ତି—
Chaurjya Theft; stealing; habit of stealing.
চৌর্য্য ବାଳ୍ପ ପ୍ରଭୃ ବାରଧୂଳ ହେବ
ବେନ ଦଶସୁ ଚଉର୍ଯ୍ୟେ ଯିବ । ଉଲ୍ଲ. ବୈଦେହୀଶବିଳାସ ।

ଚଉଲରି—ଦେ. ବି—ଚାରିସରିଆ ହାର—
Chaularī A necklace with 4 strings.

ଚଉଶାଳା—ଦେ. ବି. (ସଂ. ଚତୁଃଶାଳା)—
Chauśālā ୧ । ବର୍ଗାକୃତି ଘର; ମୁନିମାନଙ୍କ ଘର—
চৌচালা 1. A block-house; a square house; the hut of a hermit.
बंगला

୨ । ଚାରି ପାଖେ ଚାଳ ଢାଳିଥିବା ଘର—
2. A house having 4 sloping thatches on 4 sides; a thatched bungalow.

ଚଉଶିଙ୍ଗା—ଦେ. ବି. (ସଂ. ଚତୁଃ ଶୃଙ୍ଗ)—
Chauśingā କୋଟରା ମୃଗ; ଚାରିଶୃଙ୍ଗବିଶିଷ୍ଟ କୃଷ୍ଣସାର ମୃଗ-
চৌশিঙ্গা ବିଶେଷ—The four-horned antelope;
चौसिंघा Zetracerus Quadricornis.
(ଚଉଶିଂଘା—ଅନ୍ୟରୂପ) [ଦ୍ର—ଏହାର ବର୍ଣ୍ଣ ପାଉଁଶିଆ, ଲୋମ କର୍କଶ, ଆକାର ଛୋଟ ଓ ପୁଚ୍ଛ ହ୍ରସ୍ୱ; ଅଣ୍ଡିରା ମୃଗର ୩।୫ ଅଙ୍ଗୁଳ ଲମ୍ବର ଚାରି ଗୋଟି ଶିଙ୍ଗ ହୁଏ; ମାଂସ ସୁସ୍ୱାଦୁ—ଯୋଗେଶଚନ୍ଦ୍ର ।]
ଦେ. ବିଣ—ଚାରି ଗୋଟି ଶୃଙ୍ଗବିଶିଷ୍ଟ—
Four-horned.

ଚଉଷଠାଶଏ—ଦେ. ବି ଓ ବିଣ – ଏକଶତ ଚଉଷଠି—
Chaushaṭhāśa-e 164.
(ଚଉଷଠାଶହେ—ଅନ୍ୟରୂପ)

ଚଉଷଠି—ଦେ. ବି. (ସଂ. ଚତୁଃଷଷ୍ଟି, ପ୍ରା. ଚଉସଟ୍ଠି)—
Chaushaṭhi ଷାଠିଏ ଅପେକ୍ଷା ୪ ଅଧିକ ସଂଖ୍ୟା; ୬୪—
চৌষট্টি 64; sixtyfour.
चौंसठ ଦେ. ବିଣ—୬୪ ସଂଖ୍ୟକ—Numbering 64.

ଚଉଷଠି କଳା—ଦେ. ବି. (ସଂ. ଚତୁଃଷଷ୍ଟି ଓ କଳା)—
Chaushaṭhi kaḷā ଚଉଷଠି ପ୍ରକାର କଳା ବିଦ୍ୟା (ଯାହା କି ପ୍ରତ୍ୟେକ ସୁଶିକ୍ଷିତା ରସିକା ସ୍ତ୍ରୀଙ୍କର ଶିକ୍ଷା କରିବା କର୍ତ୍ତବ୍ୟ)-
Sixtyfour kinds of fine arts according to the Hindu Śāstras (which a woman must learn before she becomes perfect).

[ଦ୍ର—ଶୁକ୍ରନୀତି ମତରେ ୬୪ କଳା ଯଥା—୧ ସଙ୍ଗୀତ, ୨ ନୃତ୍ୟ, ୩ ବାଦ୍ୟ, ୪ ଉଦକ ବାଦ୍ୟ, ୫ ନାଟ୍ୟାଭିନୟ, ୬ ରୂପ-ବିଧାନ, ୭ ତିଳକ ରଚନା, ୮ ବେଶ ରଚନା, ୯ ଅଙ୍ଗରଞ୍ଜନ, ୧୦ ମୁଣ୍ଡରେ ପୁଷ୍ପବିନ୍ୟାସ, ୧୧ କେଶବିନ୍ୟାସ, ୧୨ ପୁଷ୍ପଶଯ୍ୟା-ରଚନା, ୧୩ ମାଳ ଗୁନ୍ଥିବା, ୧୪ ଗନ୍ଧଦ୍ରବ୍ୟ ପ୍ରସ୍ତୁତ କରିବା, ୧୫ ଚିତ୍ରବିଦ୍ୟା, ୧୬ ପ୍ରତିମା ନିର୍ମାଣ, ୧୭ ବୈଜୟନ୍ତୀ ବିଦ୍ୟା,

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

୧୮ ବୃକ୍ଷାୟୁର୍ବେଦ ବିଦ୍ୟା, ୧୯ ପାକକ୍ରିୟା, ୨୦ ପାନୀୟରଚନା, ୨୧ ବଢ଼େଇ କର୍ମ, ୨୨ ସୂତା କାଟିବା, ୨୩ ବେତ ବାଉଁଶ ବୁଣିବା, ୨୪ ଶଯ୍ୟାରଚନା, ୨୫ ସୂଚୀକର୍ମ, ୨୬ ଅଳଙ୍କାର ପିନ୍ଧିବା, ୨୭ ଶିଶୁ କ୍ରୀଡ଼ନକ, ୨୮ ଅଳଙ୍କାର ନିର୍ମାଣ, ୨୯ ତଣ୍ଡୁଳକୁସୁମ-ବିକାର, ୩୦ ସ୍ଥିରା କାଟିବା, ୩୧ ମଣିଭୂମିକା, ୩୨ ବାସ୍ତୁବିଦ୍ୟା, ୩୩ ମଣିରାଗ ବିଜ୍ଞାନ, ୩୪ ସ୍ୱର୍ଣ୍ଣ ରୌପ୍ୟ ପରୀକ୍ଷା, ୩୫ ଖନି ବିଦ୍ୟା, ୩୬ ଧାତୁ ରସାୟନ, ୩୭ ଇନ୍ଦ୍ରଜାଲ, ୩୮ ବସ୍ତ୍ର ଗୋପନ, ୩୯ ଚିତ୍ର ପ୍ରଦର୍ଶନ, ୪୦ ହସ୍ତଲାଘବ, ୪୧ ସୂତ୍ରକ୍ରୀଡ଼ା, ୪୨ ମେଷ କୁକ୍କୁଟ ଯୁଦ୍ଧ, ୪୩ ଶୁକସାରିକା ପଢ଼ାଇବା, ୪୪ ଦ୍ୟୂତ କ୍ରୀଡ଼ା, ୪୫ ଆକର୍ଷ କ୍ରୀଡ଼ା, ୪୬ ଅଭିଧାନ, ୪୭ ଦେଶ ଭାଷା, ୪୮ ଛଦ୍ମବଧ ଭାଷା, ୪୯ ବୈନାୟିକୀ ବିଦ୍ୟା, ୫୦ କାବ୍ୟ ସମସ୍ୟା, ୫୧ ଅକ୍ଷର-ମୁଷ୍ଟିକା କଥନ, ୫୨ ଗ୍ରନ୍ଥ ପାଠ, ୫୩ ନାଟକ ଜ୍ଞାନ, ୫୪ ମାନସୀ କାର୍ଯ୍ୟ ୫୫ ପ୍ରହେଳିକା, ୫୬ ଯନ୍ତ୍ରମାତୃକା, ୫୭ ଜଳସ୍ତମ୍ଭ ବିଦ୍ୟା, ୫୮ ବସ୍ତୁରୂପାନ୍ତ ବିଦ୍ୟା, ୫୯ ଦୁର୍ବାଚକ ଯୋଗ, ୬୦ ବାୟୁ ମେଘ ବିଦ୍ୟା, ୬୧ ଧାରଣ ମାତୃକା, ୬୨ କ୍ରିୟା କୌଶଳ, ୬୩ ଛଳିତକ (ନାଟକଭେଦ), ୬୪ ବୈତାଳିକ ଜ୍ଞାନ ।]

ଚଉଷଠି ବନ୍ଧ—ଦେ. ବି—କାମଶାସ୍ତ୍ରାଦିରେ ବର୍ଣ୍ଣିତ ସ୍ତ୍ରୀପୁରୁଷସଙ୍ଗମର
Chaushaṭhi bandha ୬୪ ପ୍ରକାର ବିଧି ବା ଅବସ୍ଥାନ—
64 kinds of poses in copulation described in the erotic books of ancient India.

ଚଉସମ— ଦେ. ବି.—(ସଂ. ଚତୁଃସମ)—୧ । ଚାରିଗୋଟି ସୁଗନ୍ଧ ଦ୍ରବ୍ୟର
Chausama ସମାହାର [ଚନ୍ଦନ; ଅଗୁରୁ (ମତାନ୍ତରରେ କର୍ପୂର)
चउसम କସ୍ତୁରି ଓ କୁଙ୍କୁମ]—1. Aggregate of 4 scents
चौसम used as a paste for the body (sandal, bdellium or camphor, musk and saffron).

୨ । ଚାରିଗୋଟି ଶ୍ଳେଷ୍ମା ନିବାରକ ଔଷଧ ଦ୍ରବ୍ୟର ଚୂର୍ଣ୍ଣ—
2. Powder of 4 drugs for cold.

[ଦ୍ର—ଶୁଣ୍ଠି, ପିପ୍ପଳି, ମରିଚ ଓ ବଚ ଚୂର୍ଣ୍ଣ ହୋଇ ଏହା ପ୍ରସ୍ତୁତ ହୁଏ ।]

୩ । ଲବଙ୍ଗ, ଜୀରା, ଜୁଆଣି ଓ ହରଡ଼ାର ଚୂର୍ଣ୍ଣରେ ପ୍ରସ୍ତୁତ ପାଚକ, ଭେଦକ ଓ ଶୂଳନିବାରକ ଔଷଧବିଶେଷ—
3. A medicinal preparation consisting of powdered clove,,cumin, ptychotis and myrobalan.

ଚଉସମାଳି—ଦେ. ବି.—(ସଂ. ଚତୁଃ+ସୀମା; ତୁଳ. ଦୋସମାଲି,
Chausamāḻi ତିସମାଲି)—ଯେଉଁ ସ୍ଥାନରେ ୪ଟି ମଉଜାର ସୀମା
चौमेंड़ा, चौवा, ମିଳିଅଛି—A point where the boundaries
चसिंहा of four villages meet.

ଚଉସରି—ଦେ. ବି —(ସଂ. ଚତୁଃସର)—ଚାରିସରିଆ ହାର; ଚଉଲରୀ
Chausari ହାର—Four-stringed necklace.
चारनरी ଦେ. ବିଣ.—୧ । ଚାରିକେରିଆ (ହାର); ଚାରିସୋରି-
चौलड़ा ବିଶିଷ୍ଟ—1. (necklace) Consisting of 4 strings; four-stringed.
ଚଉସରା, ଚଉସରିଆ } —ଅନ୍ୟରୂପ

୨ । ଚତୁରସ୍ର; ଚତୁଷ୍କୋଣବିଶିଷ୍ଟ—2. Quadrangular.

ଚଉସାର—ଦେ. ବି.—(ସଂ. ଚତୁଃସାରି, ଏଥିରେ ଚାରି ବର୍ଣ୍ଣର ୪ଟି
Chausāra ଲେଖାଏଁ ସାର ବା ଗୋଟି ଥିବାରୁ)—୧ । ପଶାପାଲି--
पाशा 1. The dice-board.
चौपड़, चौसर ୨ । ପଶାଖେଳ—2. The game of dice.

ଚଉସ୍ତରିଶଏ—ଦେ. ବି. ଓ ବିଣ.—ଏକଶତ ଚଉସ୍ତରି—
Chaustarāśa-e 174; one hundred seventyfour.
(ଚଉସ୍ତରିଶହେ—ଅନ୍ୟରୂପ)

ଚଉସ୍ତରି—ଦେ. ବି.—(ସଂ. ଚତୁଃସପ୍ତତି; ପ୍ରା. ଚୌହତ୍ତରି)—ସତୁରି
Chaustari ଅପେକ୍ଷା ଚାରି ଅଧିକ ସଂଖ୍ୟା; ୭୪—
चूहत्तर 74; seventyfour.
चौहत्तर
(ଚଉସ୍ତୁରି, ଚଉସ୍ତୋରି } — ଦେ. ବିଣ—୭୪ ସଂଖ୍ୟକ—
Numbering 74.

ଚଉହତା – ଦେ. ବିଣ.—(ସଂ. ଚତୁର୍‌+ଆ ଇହାଟ୍‌)—୧ । ଚାରି
Chauhattā ଦିଗରେ ବାଡ଼ ବା ପ୍ରାଚୀରଦ୍ୱାରା ବେଷ୍ଟିତ କରା ଯାଇ
चउहात्ता 1. Surrounded by a compound wall on all sides.
चाहत्ता

୨ । (ସଂ. ଚତୁଃ+ହସ୍ତ)—ହୃଷ୍ଟପୁଷ୍ଟ ଓ ବଳବାନ୍ (ମରଦ)--
(ଚଉହତା—ଅନ୍ୟରୂପ) Tall and strong (man).

[ଦ୍ର—ସାଧାରଣ ଲୋକେ ଉଚ୍ଚରେ ୩୧ ହାତ ହୁଅନ୍ତି, ଚାରି ହାତ ଡେଙ୍ଗା ଲୋକ ସାଧାରଣଙ୍କ ଅପେକ୍ଷା ବଡ଼ ।]

ଦେ. ବି.—ଚାରିପାଖେ ତୋଳିଥିବା ପାଚେରି—
A compound-wall raised round a place.

ଚଉହଦ—ଦେ. ବି.—(ସଂ. ଚତୁଃ+ଆ. ହଦ୍ =ସୀମା)—୧ । ସୀମା-
Chauhadi 1. Boundary.
चौहद्दि ୨ । ଚତୁଃସୀମା—
चौहद्दी; चौसीमा 2. Boundaries on the 4 sides

ଦେ. ବିଣ.—୧ । ଚତୁଃସୀମାରେ ଅବସ୍ଥିତ—
(ଚଉହଦି—ଅନ୍ୟରୂପ) 1. Situated on the 4 boundaries

୨ । ସୀମାକୁ ଲାଗି କରି ଅବସ୍ଥିତ—
2. Adjoining the boundary; adjacent.

ଚଏତୁ—ପ୍ରାଦେ (ସମ୍ବଲପୁର) ବି (ସଂ. ଚୈତ୍ର)—ଚୈତ୍ରମାସ—
Chaetu The lunar month of Chaitra.

ଚଁକ ପଶିବା—ପ୍ରାଦେ (ସମ୍ବଲପୁର) କ୍ରି. (ତୁଳ. ହି. ଚୌଁକ୍‌ନା)—
Chaṅki paśibā ଚମକିପଡ଼ିବା—To be startled; to be alarmed.

୧	ଇ	ଉ	ଋ,ଋ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ଁ	ଉଅ	ଞ୍ଚ
୨	ଈ	ଊ	ଋୁ	ଌ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ୍ୟ	ଇଅ	ଢ଼	ନ୍ତୁ

ଚଁକିବା—ପ୍ରାଦେ (ସମ୍ବଲପୁର) କ୍ରି (ଭୁଲ. ହି. ଚୌଂକ୍‌ନା)—ଚମକିବା—
Chaṅkibā To be startled.

ଚଁଘରା—ପ୍ରାଦେ (ସମ୍ବଲପୁର) ବି (ଭୁଲ. ହି. ଚୌଘଡ଼ା)—ଗୁଙ୍ଗଡ଼ା;
Chaṅgharā ଗୁଙ୍ଗୁଡ଼ା—Wicker-work tray.

ଚଁଚଁ—ଦେ. ଅ—ଚଅଁ ଚଅଁ (ଦେଖ)
Chaṅchaṅ Cha-aṅ cha-aṅ (See).

ଚଁରୁ—ପ୍ରାଦେ (ସମ୍ବଲପୁର)—ବି—ଚଁଅର; ନିଶୁଣିର ଅଡ଼ୁଆକାଠ—
Chaṅr The steps or foot-pads of a ladder.

ଚକ୍ (ଧାତୁ)—ସଂ.—୧ । ବ୍ୟାଘାତ କରିବା—
Chak (root) 1. To obstruct.
୨ । ବାଧା ଦେବା—2. To resist; to repel.
୩ । ତୃପ୍ତ ହେବା—3. To be pleased; to be satiated or contented.
୪ । ଭୀତ ହେବା—4. To be frightened.
୫ । ଚକଚକ କରିବା—5. To shine.

ଚକ୍—ବୈଦେ. ବି. (ଇଂ. ଚକ୍)—ଘୂଲଖଡ଼ି—
Chak Chalk.
ଚକ୍ ଦେ. ଅ—ହଠାତ୍—Suddenly.
ଚକ

ଚକ୍‌ଚକ୍—ବୈଦେ. ବି (ସଂ. ଚାକଚକ୍ୟ; ଭୁଲ. ଭୁକୀ. ଚକ୍‌ମକ୍; ସଂ.
Chakchak ଚକ୍ ଧାତୁ=ତୃପ୍ତି ପାଇବା)—୧ । ଦୀପ୍ତି; ଚମକ—
चकचक 1. Splendour; lustre; brilliancy.
जगमगाहट ୨ । ଚାକଚକ୍ୟ; ବର୍ଣ୍ଣର ଔଜ୍ଜ୍ୱଲ୍ୟ—
2. Brightness of colour; dazzling brightness.
चकचकिया; चुकचुके ଦେ. ବିଣ—ଜାଜ୍ୱଲ୍ୟମାନ; ଉଜ୍ଜ୍ୱଳ;
जगमग ଚକ୍‌ଚକ୍—Shining; bright; brilliant, dazzling.
ଦେ. ଅ (ଧ୍ୱନ୍ୟନୁକରଣ)—ବିରାଡ଼ି କୁକୁର ପ୍ରଭୃତିର ପଦାର୍ଥ ଜଳ ଦ୍ୱାରା ଚାଟି ପିଇବାର ଶବ୍ଦ—Sound of licking of milk or water by cats and dogs.
ପ୍ରାଦେ (ସମ୍ବଲପୁର) ବି—ଆସନ୍ନବିପଦଜନିତ ଆଶଙ୍କାଯୋଗୁଁ ମନର ଅସ୍ଥିରତା—Uneasiness due to the fear of impending danger.

ଚକ୍‌ଚକ୍ ଲାଗିବା—ପ୍ରାଦେ (ସମ୍ବଲପୁର) କ୍ରି—ଆସନ୍ନବିପଦର ଆଶଙ୍କାରେ
Chakchak lāgibā ମନରେ ଅସ୍ଥିରତା ଜାତହେବା—
Feeling of uneasiness due to apprehension of impending danger.

ଚକ୍‌ଚକାଇବା—ପ୍ରାଦେ (ସମ୍ବଲପୁର) କ୍ରି. (ଭୁଲ. ଏହି ଅର୍ଥରେ ହି.
Chakchakāibā ଚକ୍‌ଚକାନା)—ଝଲକିବା; ପାଣି ଆଦି କୌଣସି ପାତ୍ରରୁ ତରଳ ବାହାରେ ପଡ଼ିବା—To split (said of any liquid coming out of a pot).

ଚକ୍‌ଚକି—ଦେ. ବି—ଏକପ୍ରକାର ଡଙ୍ଗା—
Chakchaki A kind of country-boat.

ବାଉଳୋଡ଼ୁଆ ପଲଉଗୋଡ଼ୁଆ ଭୁଆଳୀ, ଚକ୍‌ଚକି ନାଆ ଅଛି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚକ—ଦେ. ବି (ସଂ. ଚକ୍ର, ପ୍ରାକୃତ. ଚକ୍କ)—୧ । ଶକଟ ପ୍ରଭୃତିର ଚକ୍ର—
Chaka 1. Wheel.
चाका ଚକେ ଗଲେ ବାଉବାଦ—ଚଗ ।
चाक [ଦ୍ର—ଶଗଡ଼ ଚକର ଭିନ୍ନ ଭିନ୍ନ ଅଂଶର ନାମ—ଯଥା—ପହି, ପୁଟ, ଅର, ନାହିଅ,-ସନ୍ଧିଆ, ପଟଗ୍ରି, ପିଠିକାଲା, ପନ୍ଦାଡ଼ି, କୋଳିଆ, ଛାମ ଓ ବଳା ।]
चक ୨ । ଏକତ୍ରାବସ୍ଥିତ ବହୁ କ୍ଷେତ୍ରର ସମଷ୍ଟି—
चक 2. A compact and large block of land.
ସେ ଛମାଣ ଆଠଗୁଣ୍ଠ ଚକକୁ ହଳ ଯିବ ଟି ?—ଫକୀରମୋହନ. ଛମାଣଆଠଗୁଣ୍ଠ ।
୩ । ମୌଜା ମଧ୍ୟସ୍ଥ ଏକଶ୍ରେଣୀର ଭୂମି—
3. One class or lot of land in a village.
୪ । ବେଦୀ ମଧ୍ୟସ୍ଥ ବରକନ୍ୟାଙ୍କ ଆସନ—4. The place occupied by the couple on the marriage altar.
୫ । ଚଉକୋଣିଆ ଭୂମି—5. A square plot of land.
୬ । ଗୃହପାଖରେ କୋଠା ଥିବା ଅଗଣା—
6. A square courtyard.
୭ । ବଜାର; ହାଟସ୍ଥାନ—7. Marketplace.
୮ । ଜମିଦାରର ଅଂଶ—8. Part of an estate.
୯ । ନଗର ମଧ୍ୟସ୍ଥ ଚଉକୋଣ ସ୍ଥାନ—
9 A square in a town.
୧୦ । କୁମ୍ଭାର ଯେଉଁ ଚକକୁ ବୁଲାଇ ହାଣ୍ଡି ଆଦି ଗଢ଼େ—
10. Potter's wheel.

ଚକଚକିଆ—ଦେ. ବିଣ (ସଂ. ଚାକଚକ୍ୟ)—ଚକ୍‌ଚକ୍ (ଦେଖ)—
Chakachakiā Chakchak (See)
ଚିକ୍କଣ ନୂଆ ଚକଚକିଆ ପୋଷାକ—ପ୍ରଧାନାଥ. ଦଇବାର ।

ଚକଚୁନ୍ଦି—ଦେ. ବି (ସଂ. ଚକ୍ର ଓ ଚକ୍ଷୁସ୍)— ୧ । କିଂକର୍ତ୍ତବ୍ୟବିମୂଢ଼ତା;
Chakachāndi ଧନ୍ଦକା; ଘାବରା; ବିହ୍ୱଳତା—1. State of
भेबाचाका being confounded; bewilderment.
चकचौंध; तिलमिलि ୨ । ଅତ୍ୟନ୍ତ ଅଧିକ ଆଲୋକ ଦେଖି ଆଖି ଝଲସି ଯିବା—2. The state of the eyes becoming dazzled by excessive glare of light.
(ଯଥା— ମତେ ଚକଚୁନ୍ଦି ଲାଗିଗଲା; ମୋର ଚକଚୁନ୍ଦି ବୁଲିଗଲା ।)
୩ । ବହୁତ ବାଟ ଚାଲିବା ଯୋଗୁ ତଳପାରେ ହେବା ବ୍ୟଥାଯୁକ୍ତ ବ୍ରଣ; ତଳପାରେ ଗୋଡ଼ ଫୁଟିଯିବା—
3. Foot-sore due to excessive walking.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ବିଶେଷ ଉଦ୍‌ବେଗ ବା ଚିନ୍ତା ଯୋଗୁଁ ମନରେ ଜନ୍ମିବା ଅସ୍ଥିରତା—4. Uneasiness or restlessness due to anxiety.

ଚକଚାନ୍ଦି ଉଠିବା—ଦେ. ବି—୧ । କିଂକର୍ତ୍ତବ୍ୟବିମୂଢ଼ତା ଉପସ୍ଥିତ ହେବା; Chakachāndi uṭhibā ଉଦ୍‌ବେଗ ଯୋଗୁଁ ଅସ୍ଥିର ହେବା— 1. Becoming extremely restless through anxiety; being bewildered.

୨ । ଅଧିକ ବାଟ ଚାଲିବା ଯୋଗୁଁ ଗୋଡ଼ ତଳପାରେ ବ୍ରଣ ହେବା; ଗଣ୍ଡ ଫୁଟିଯିବା— 2. Having foot-sores.

ଚକଚାନ୍ଦି ଘୁମିବା—ଦେ. ବି—ଚକଚାନ୍ଦି ଉଠିବା (୧) (ଦେଖ)— Chakachāndi ghumibā Chakachāndi uṭhibā (1) (See)

ଚକଚାନ୍ଦି ଘୂରିବା—ଦେ. ବି—ଚକଚାନ୍ଦି ଉଠିବା (୧) (ଦେଖ)— Chakachāndi ghuribā Chakachandi uṭhibā (1) (See)

ଚକଚାନ୍ଦି ଫୁଟିବା—ଦେ. ବି—ଚକଚାନ୍ଦି ଉଠିବା (୨) (ଦେଖ)— Chakachāndi phuṭibā Chakachandi uṭhibā (2) (See)

ଚକଚାନ୍ଦି ବଣା ହେବା—ଦେ. ବି—ଚକଚାନ୍ଦି ଉଠିବା (୧) (ଦେଖ)— Chakachāndi baṇā hebā Chakachāndi uṭhibā (1) (See)

ଚକଚାନ୍ଦି ବୁଲିବା—ଦେ. ବି—ଚକଚାନ୍ଦି ଲାଗିବା (ଦେଖ)— Chakachāndi bulibā Chakachāndi lāgibā (See)

ଚକଚାନ୍ଦି ଲାଗିବା—ଦେ. ବି—ଅତ୍ୟନ୍ତ ଅଧିକ ଆଲୋକ ଯୋଗୁଁ ଆଖି Chakachāndi lāgibā ଝଲସି ଯିବା—The eyes becoming dazzled by excessive light.

(ଯଥା— ବିଜୁଳି ମାରିବାରୁ ମତେ ଚକଚାନ୍ଦି ଲାଗିଗଲା ।)

ଚକଟ ମନ୍ଥନ—ଦେ. ବି—୧ । ଚକଟାମନ୍ଥା; କୌଣସି ବିଷୟର ପୁଙ୍ଖାନୁ Chakaṭa manthana ପୁଙ୍ଖରୂପେ ଅନୁସନ୍ଧାନ ବା ଆଲୋଚନା— (ଚକଟମନ୍ଥ—ଅନ୍ୟରୂପ) 1. Thorough or sifting enquiry or discussion of any matter.

୨ । ବିଶେଷ ଆନ୍ଦୋଳନ—2. Great agitation.

ଚକଟା—ଦେ. ବି. (ସଂ. ଚଟ ଧାତୁ=ଭେଦନ; ତା. ଚଖଲ=କାଦୁଅ)- Chakaṭā ୧ । ଦୁଇ ବସ୍ତୁକୁ ପାଣି ସଙ୍ଗେ ବା ଗୋଟିଏ ଘନ ବସ୍ତୁକୁ ତରଳ ବସ୍ତୁ ସଙ୍ଗେ ସାନ୍ଧିବା କର୍ମ— 1. Act of mixing two things one of which is a liquid; kneading.

চটকা

गुँधाई

୨ । ଦୁଧ, ପାଚିଲାକଦଳୀ ପ୍ରଭୃତିର ସମ୍ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟବିଶେଷ; କଦଳୀ ଚକଟା — 2. A food prepared with milk and ripe plantains mixed together.

୩ । ହସ୍ତଦଳିତ ଖାଦ୍ୟ—3. Well kneaded food.

୪ । ଦଳିତ ପଦାର୍ଥ—4. Well mixed thing; solid thing mixed with a liquid thing.

୫ । ଗୋଡ଼ରେ ଦଳିବା— 5. Treading with the feet.

ଦେ. ବିଣ—୧ । ଦଳିତ; ଦଳା ହୋଇଥିବା— 1. Well mixed; thoroughly pressed.

୨ । ପଦଦଳିତ—2. Trodden.

ଚକଟାଇବା—ଦେ. କ୍ରି—ଚକଟିବା କ୍ରିୟାର ଣିଜନ୍ତ ରୂପ— Chakaṭāibā Causative form of Chakaṭibā.

কচটান

गुँधवाना

(ଚକଟେଇବା—ଅନ୍ୟରୂପ)

ଅନୁଜେ ସେନାଙ୍କ କାଣ୍ଡକୁ କାଟି ଦେଇ
ପକାଇଲେ ହାତୀ ଗୋଡ଼ରେ ଚକଟାଇ ।
କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

ଚକଟାଚକଟି—ଦେ. ବି—୧ । ଦଳାଦଳି—1. Thoroughly Chakaṭāchakaṭi mixing up or kneading.

কচটাকচটি

गुँधागुँधि

୨ । ଉତ୍ତମରୂପେ ଦଳିବା; ଘଣ୍ଟାଚକଟା; ଗୋଳମାଳ— 2. Thorough agitation; disturbance.

ଚକଟାମନ୍ଥା—ଦେ. ବି—ଚକଟାଚକଟି (ଦେଖ) Chakaṭāmanthā Chakatāchakaṭi (See)

ଚକଟିବା—ଦେ. କ୍ରି. (ସଂ. ଚଟଧାତୁ=ଭେଦନ)— Chakatibā ୧ । କରତଳଦ୍ୱାରା ମଳିବା ବା ଦଳିବା— 1. To mix with the hands.

চটকান

गुँधना, सानना

ବାକ ଯେତେକ ଅନ୍ନ ବଳିଲା ଚକଟି
ଦେହରେ ବୋଳି ହେଲେ ଦୁର୍ବାସାଋଷି ।
କୃଷ୍ଣସିଂହ, ମହାଭାରତ ବନ ।

୨ । ଗୋଡ଼ରେ ଦଳିବା; ଖୁନ୍ଦିବା— 2. To tread with the feet.

ବଣିଜାରମାନେ ଯେ ଶୋଇଥିଲେ ବାଟେ
ଚକଟି ଗଲେ ପାଦ ପକାଇ ସେ ଅଣ୍ଟେ ।
କୃଷ୍ଣସିଂହ, ମହାଭାରତ ।

୩ । (ଲକ୍ଷଣାର୍ଥ) ବିଧ୍ୱସ୍ତ କରିବା— 3. (figurative) To destroy; to ruin.

ତମସଙ୍କେତା ଏ ଶୁଭ ପାଦରେ
ଚକଟି ପକାଇଲ ଅନାଦରେ । ଉପେନ୍ଦ୍ରଭଞ୍ଜ, କଳା ।

୪ । (ଲକ୍ଷଣାର୍ଥ) ଆନ୍ଦୋଳିତ କରିବା; ବ୍ୟାକୁଳିତ କରିବା— 4. (figurative) To agitate; to disturb.

ଚକଟି ଦେଲୁ ମୋ ହୃଦାଶୟ । ଉପେନ୍ଦ୍ରଭଞ୍ଜ, କଂଶୋପ ଚମ୍ପୂ ।

୫ । (ଲକ୍ଷଣାର୍ଥ) ଗୋଳମାଳ ସୃଷ୍ଟି କରିବା— 5. (figurative) To create confusion.

ଚକଡ଼ା—ଦେ. ବି. (ସଂ. ଚକ୍ର)—୧ । ବିସ୍ତୃତ ଭୂଖଣ୍ଡ— Chakarḍā 1. A wide expanse of land.

চক্

୨ । ଅଞ୍ଚଳ—2. A tract of the country; locality.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍	ଉଅ	ଢ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଢ଼	ଢ଼

ঘড়া; चक ୩ । ଶାଳାବାଡ଼; ବାସ୍ତୁ, ଦେବାଳୟଅନ୍ଦର ସୀମା—3. The boundary and premises of a temple (exclosed within a compound); homestead.

୪ । ଚକଲା (ଦେଖ)—4. Chakalā (See)

୫ । ରଥଚକମାନଙ୍କଦ୍ୱାରା ଅଧିକୃତ ସ୍ଥାନ—5. The space occupied by the wheels of a car.

୬ । ଚକାକୃତି ସ୍ଥାନ—6. A circular place.

୭ । ଚକାକୃତି ବଡ଼ ଖଣ୍ଡ—7. A big circular bit.

ଚକଡ଼ା ଦାନ—ଦେ. ବି.—ବିସ୍ତୃତ ଭୂଖଣ୍ଡ ବା ଚକଲା ଦାନ—Chakardā dāna Gift of a larg tract of land.

[ଦ୍ର—ଉତ୍କଳୀୟ ରାଜାମାନେ ବ୍ରାହ୍ମଣମାନଙ୍କର ଭରଣପୋଷଣ ନିମନ୍ତେ ସେମାନଙ୍କୁ ଚକଡ଼ା ଦାନ କରୁଥିଲେ ।
ଭଗବାନ୍ ପ୍ରାଚୀନ ଉତ୍କଳ ।]

ଚକଡ଼ାଭେଜି—ଦେ. ବି.—(ବୈଦ୍ୟକ)—କଣ୍ଟକାରି (ଦେଖ) Chakardābheji Kanṭakārī (See)

ଚକତି—ଦେ. ବି. (ସଂ. ଚକ୍ରବତ୍ ବା ଚକ୍ର+ପତ୍ର)—ଧାତୁ, ଚମଡ଼ା, Chakati ମୋଟ କାଗଜ ବା କନାର ଗୋଲ ପତଳା ଛୋଟ ଖଣ୍ଡ; ଟିକଲି; ଢାଲ—A small circular bit of thin metal, leather, tough paper or cloth.
চাকতি
चकति

ଚକନି—ପ୍ରାଦେ. (ସମ୍ବଲପୁର) ବି.—ଚୌପତ୍ର; ପତ୍ରର ଠୋଙ୍ଗା—Chakani Leaves made or sewn into a pot.

ଚକବନ୍ଦି—ଦେ. ବି.—(ସଂ. ଚକ୍ର+ବନ୍ଧ ଧାତୁ)—୧ । ଗ୍ରାମର ସୀମା-Chakabandi ନିରୂପଣ—1. Ascertaining the boundary of a village.
চকবন্দি
चकबन्दी

୨ । ଖଣ୍ଡ ଖଣ୍ଡ କରି ଭୂମିର ଭାଗକରଣ—2. Allotment of land by lots.

୩ । ଭୂସମ୍ପତ୍ତି (କ୍ଷାନେନ୍ଦ୍ର)—3. An estate.

୪ । ରାଜସ୍ୱ ବା ପୁଲିସ ଅଧିକାରର ସୀମା (କ୍ଷାନେନ୍ଦ୍ର)—4. The limit of a Revenue or Police jurisdiction.

ଚକଭୁଅ—ଗ୍ରା. ବି (ସଂ. ଚକ୍ରବ୍ୟୂହ)—ଚକ୍ରବ୍ୟୂହ (ଦେଖ) Chakabhua Chakrabyūha (See).
चकाबु

ଚକମକ—ବୈଦେ. ବି (ତୁର୍କୀ ଚକ୍‌ମକ୍; ତୁଲ. ସଂ. ଶୁକଚକ୍ଷ୍ୟ)—Chakamaka ଚକ୍‌ଚକ୍ (ଦେଖ) Chakchak (See).

ଚକମକି—ଦେ. ବି (ତୁର୍କୀ. ଚକ୍‌ମକ=ହଠାତ୍ ଆଲୁଅ ମାରିବା, ଯଥା—Chakamaki ବିଦ୍ୟୁତ୍)—୧ । ନିଆଁ ଝାଡ଼ିବାର ପଥର (ଖଣ୍ଡେ ଚାଲଗରଡ଼ା ଓ ଖଣ୍ଡେ ଲୁହା)—1. Flint and steel for striking out fire.
চকমকী
चकमक

୨ । ଯେଉଁ ଟାଣୁଆ ପଥରରେ ଅନ୍ୟ ପଥର ବା ଲୁହା ଆଘାତ କଲେ ନିଆଁ ବାହାରେ—2 Flint.

୩ । ଝଟକ; ବିଦ୍ୟୁତର ଝଟକ—3. The striking out of lightning; sudden glow of lightning.

ଦେ. ବିଣ—ଚକମକି ଲଗାଯାଇଥିବା (ବନ୍ଧୁକ)—(gun) Having a flint

ଚକମକିଆ—ଦେ. ବିଣ (ସଂ. ଶୁକଚକ୍ଷ୍ୟ)—ଚକ୍‌ଚକ୍ (ଦେଖ) Chakamakiā Chakchak (See).

ଚକମକି ଝାଡ଼ିବା—ଦେ. କ୍ରି—ଚକମକି ପଥରରେ ଲୁହା ମାରି ଅଗ୍ନି Chakamaki jhārdibā ବାହାର କରିବା—To strike out fire from flint stone.
চকমকীঝাড়া
चकमकमारना
(ଚକମକି ମାରିବା—ଅନ୍ୟରୂପ)

ଚକମକି ଥଳି—ଦେ. ବି—ଯେଉଁ ମୁଣିରେ ଚକମକି ପଥର ଓ ଶୋଲ Chakamaki thaḷi ଥାଏ—A pouch containing materials for striking out a fire (e. g flint, iron and a combustible cork).
(ଚକମକି ମୁଣି—ଅନ୍ୟରୂପ)

ଚକମକି ପଥର—ଦେ. ବି. (ତୁ. ଚକ୍‌ମକ୍+ସଂ. ପ୍ରସ୍ତର)—ଏକପ୍ରକାର Chakamaki pathara ଅଙ୍ଗାରଶୀଳା ପଥର, ଲୁହାରେ ଆଘାତ କଲେ ଯହିଁରୁ ଅଗ୍ନିସ୍ଫୁଲିଙ୍ଗ ବାହାରେ—Flint-stone.
চকমকি পাথর
चकमक

ଚକମକି ବନ୍ଧୁକ—ଦେ. ବି—ଯେଉଁ ବନ୍ଧୁକରେ ଚକମକିରୁ ଝଡ଼ିବା Chakamaki bandhuka ନିଆଁ ଲାଗି ବନ୍ଧୁକ ଫାଏର୍ ହୁଏ—Flint-lock.
চকমকি বন্দুক
चकमाकि बंधुक

ଚକମାଚୁର—ଦେ. ବିଣ—ଚୂର୍ଣ୍ଣବିଚୂର୍ଣ୍ଣ; ଚୁନାଚୁନା; ଚୂରମାର—Chakamāchur Shattered to pieces.
চুরমার
चकनाचूर

ଚକର—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚକ୍ର; ତୁଲ. ହି. ଚକ୍କର)—Chakar ଚକ—Wheel.

ପ୍ରାଦେ. (ସମ୍ବଲପୁର) ବିଣ—ଚକାକୃତିବିଶିଷ୍ଟ—Round; circular.

ଚକର ପବନ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚକ୍ର ଓ ପବନ)—Chakar pabana ଘୂର୍ଣ୍ଣିବାୟୁ—Whirlwind.

ଚକର—ଗ୍ରା. ବି. (ସଂ. ଚକ୍ର)—୧ । ଚକ୍ରାନ୍ତ—Chakara 1. Collusion; evil plot.
চক্কর

୨ । ଚକ୍ରଧରଙ୍କ ଡାକନାମ—2. Name for calling Chakradhara.
चक्कर

ଚକର (ଇତ୍ୟାଦି)—ଦେ. ବି—ଚକ୍କର ଇତ୍ୟାଦି (ଦେଖ) Chakara (etc) Chakkara etc (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚକର ଛେଉଣ୍ଡା—ଗ୍ରା. ବିଣ. ପୁଂ. (ଗାଳି) (ସଂ ଚକ୍ର ଓ ଛେଦନ)—
Chakara chheuṇḍā ବାସସ୍ଥାନ; ବାଉଳିଆ; ଛତର; ଦୁଷ୍ଟ;
(ଚକରଛେଉଣ୍ଡୀ—ସ୍ତ୍ରୀ) ବଗୁଲିଆ —Wicked; one who has
(ଚକରଛେଣ୍ଡା—ଅନ୍ୟରୂପ) got no house of his own.
୨ । ଯେଉଁ ପିଲା ଗର୍ଭରେ ଥିଲାବେଳେ ପିତା ବା ମାତା ମରି ଯାଇ ଥାଆନ୍ତି ।—2. Posthumous (child).
[ଦ୍ର—ଅଶ୍ୱତ୍ଥାମା ଉତ୍ତରାଙ୍କ ଗର୍ଭକୁ ଶର ନିକ୍ଷେପ କଲାବେଳେ ଶ୍ରୀକୃଷ୍ଣ ଚକ୍ର ଉଡ଼ାଇ କରି ପରୀକ୍ଷିତଙ୍କୁ ରକ୍ଷା କରିଥିଲେ ।]

ଚକରାନ୍ତ—ଗ୍ରା. ଓ ପଦ୍ୟ ବି. (ସଂ. ଚକ୍ରାନ୍ତ)—ଚକ୍ରାନ୍ତ (ଦେଖ)—
Chakarānta Chakrānta (See)

ଚକରେ ଗଢ଼ାଇବା—ଦେ. କ୍ରି—ଚକରେ ଗଢ଼ିବା କ୍ରିୟାର ଣିଜନ୍ତ ରୂପ—
Chakare gaṛhāibā Causative of Chakaregaṛhibā.

ଚକରେ ଗଢ଼ିବା—ଦେ. କ୍ରି—(କୁମ୍ଭାର ଚକଦ୍ୱାରା ହାଣ୍ଡି ଆଦି ଗଢ଼ିବା
Chakaregaṛhibā ଅର୍ଥରୁ)—(ଲକ୍ଷଣାର୍ଥ) ନ ଥିବା ପଦାର୍ଥକୁ
চাকায় গড়া ଉତ୍ପାଦନ କରିବା—
चाकमेगढ़ना (figurative) To bring a thing into existence.

ଚକରେ ଘର ଗଢ଼ିବ ନାଁ, ସରଗରୁ ଚୋଳ ଆଣିବ—
ବୃନ୍ଦାବନ ବସା. ଚଉପଦୀ.

ଚକଲା—ଦେ. ବି—ମରହଟ୍ଟା ରାଜତ୍ୱରେ ଶାସନଶୃଙ୍ଖଳା ପାଇଁ କରାଯାଇ-
Chakalā ଥିବା ଭୂଖଣ୍ଡ ବିଭାଗ ।
চকলা
चकला

ଚକଲେଟ୍—ବୈଦେ. ବି (ଇଂ. ଚକୋଲେଟ୍)—
Chakaleṭ କୋକାଓ ନାମକ କୃଷିଜାତ ବୃକ୍ଷର ଫଳକୁ ଭାଜି, ଚୂରି
চকলেট ଓ ଜଳରେ ମିଶାଇ ତିଆରି କରାଯାଇଥିବା ଏକ ପ୍ରକାର
चकलेट ଶିଶୁପ୍ରିୟ ମିଷ୍ଟାନ୍ନ—Chocolate.
[ଦ୍ର—ଏ ଚିନାର ବର୍ଣ୍ଣ ରକ୍ତାଭ ପାଣ୍ଡୁର ବା ପିଙ୍ଗଳ ବର୍ଣ୍ଣ ଥିବାରୁ ଚକଲେଟ୍ ବର୍ଣ୍ଣ (Chocolate colour) କହିଲେ ରକ୍ତାଭ ପାଣ୍ଡୁର ବର୍ଣ୍ଣ ବୁଝାଯାଏ ।

ଚକଶ—ଦେ. ବିଣ— ଚଉକଶ (ଦେଖ)
Chakaś Chaukaśa (See)

ଚକା—ଦେ. ବି. (ସଂ. ଚକ୍ର)—୧ । ଚକଡ଼ା; ଗୋଲାକାର ପଦାର୍ଥର
Chakā ଅଧିକୃତ ସ୍ଥାନ—1. Place occupied by a round thing; the base of a round thing.
୨ । ଦୁଇ ଜାନୁକୁ ପରସ୍ପର ମଣ୍ଡଳାକାରରେ ରଖି ଭୂମିରେ ବସିବା ଆସନ; ପଦ୍ମାସନ—2. Squatting cross legged; sitting on the ground by entwining the two thighs and knees and legs, with hips touching the ground.

ଚକାଆସନରେ ବସିଣ ଶୁକ ଋଷି
ନେତ୍ର ଦୁଇ ହାତ ପଟରେ ଦେଇ ଯୋଷି । କୃଷ୍ଣସିଂହ, ମହାଭାରତ. ଶାନ୍ତି ।

୩ । ବସିବା କାମରେ ଚକାକାର ପୀଢ଼—
3. A circular slab of stone used as a seat.
୪ । ଜଗନ୍ନାଥ ମହାପ୍ରଭୁଆଦି ସ୍ନାନ-ମଣ୍ଡପରେ ଯେଉଁ ଗୋଲ ପଥରରେ ବସି ସ୍ନାନ କରନ୍ତି—4. Round slabs of stone on which the deities Jagannath, Balabhadra and Subhadra are seated and bathed during Snāna Jātrā.
୫ । ଗୋଲାକାର ପଥର ଯାହା ଉପରେ ମଲ୍ଲମାନେ ହାତ ଭରା ଦେଇ ଦଣ୍ଡ ପକାନ୍ତି—5. A slab of stone on which athletes make physical exercises.

ଏକ ସ୍ଥଳ ଚକାରେ ହସ୍ତ ନ୍ୟସ୍ତ
କଲେ ଆରବ ହୋଇ ଚମକିତ । ଉପେ. ପ୍ରେମସୁଧାନିଧି ।

୬ । ଚକୁଆ (ଦେଖ)
6. Chakuā (See)
୭ । ଚେକା; କୋଡ଼ି ବା ଫାଉଡ଼ାରେ ହାଣି ଉଠାଇବା ଘାସଲଗା ମାଟିର ଖଣ୍ଡ—7. Sod; turf.
ଦେ. ବିଣ—ବର୍ତ୍ତୁଳ; ଗୋଲ—Circular; round.
ଗ୍ରା. ବି—ଚେକା; ଘାସ ସହିତ ମାଟିର ଗୋଲାକାର ଢେଲା—
A circular cake of turf; sod.

ଚକାଆଖି—ଦେ. ବି. (ସଂ. ଚକ୍ର + ଅକ୍ଷି; ଚକ୍ଷୁ ଗୋଲ ଥିବାରୁ)—
Chakāākhi (ଜଗନ୍ନାଥଙ୍କ ପ୍ରତିମାର ଚକ୍ଷୁ ଗୋଲ ଥିବାରୁ) ପୁରୀରେ ପ୍ରତିଷ୍ଠିତ ଗୋଲ ଚକ୍ଷୁଯୁକ୍ତ ଜଗନ୍ନାଥଙ୍କ ପ୍ରତିମା—The idol of Jagannath at Puri (having round eyes and a peculiar face).
୨ । ଜଗନ୍ନାଥଙ୍କ ଗୋଲାକାର ଚକ୍ଷୁ—2. The round eyes of the idol Jagannatha at Puri.

ତୁଅଁତ ଅଟେ ଚକା ଅଖି ହେ କୃପାନିଧି । କବିସୂର୍ଯ୍ୟ—କବିତା ।

ଦେ. ବିଣ—ଗୋଲ ଚକ୍ଷୁବିଶିଷ୍ଟ—Round-eyed.

ଚକାଚକା—ଦେ. ବିଣ. (ବହୁବଚନ)—୧ । ବହୁ ସଂଖ୍ୟକ ଗୋଲାକାର
Chakāchakā (ବସ୍ତୁ)—1. Numerous and circular (things).
୨ । ବହୁସଂଖ୍ୟକ ଚକାକାର ଚିହ୍ନବିଶିଷ୍ଟ—
2. Consisting of many circular marks.

ଚକାଚକା ଭଉଁରି—ଦେ. ବି. (ସଂ. ଚକ୍ର ଓ ଭ୍ରମ)—
Chakāchakā bhaun̐ri ୧ । ଚକାକାରରେ ଘୂରିବା—
চাকভাউরি; চাকাভউরি 1. Whirling round; making circles.
ଚକାଚକାମହୁରି } ଅନ୍ୟରୂପ
ଚକାଚକାମାଉଳି }
୨ । ପିଲାମାନଙ୍କର ଚକାକାରରେ ବୁଲିବା ଏକପ୍ରକାର ଖେଳ—2. A play of children whirling round or making circuits.

ଚକାଚକା ଭଉଁରି, ମାମୁଘର ଡଉଁରି । ଶିଶୁଗୀତ ।

୯	ଇ	ଊ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଉସ୍ତ	ଊଅ	ଛ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍ନ

ଚକାଚକ—ଦେ. ବ—ଚକୁଆଚକ (ଦେଖ)
Chakāchaki Chakuāchaki (See)

ଚକାଛଆଣି—ଦେ. ବ. (ଚକ+ଛଦନ)—ଚେକା ଛାଉଣି; ମାଟିବନ୍ଧଅଦ Chakāchhaāṇi ପାଣିରେ ଧୋଇ ନ ଯିବ ଏଥିପାଇଁ ତହିଁ ଉପରେ ଘାସ ଅଦର ଚେକା ବସାଇବା—
ଚକାଛଉଣି, ଚକାଛୁଆଣି, ଚକାଚୁଆଣି } ଅନ୍ୟରୂପ Laying of turf on earth; turfing.

ଚକାଡୋଲା—ଦେ. ବ. ଓ ବଣ.—ଚକାଅକ୍ଷି (ଦେଖ)
Chakāḍoḷā Chakāakhi (See)
କଳା ଅକ୍ଷି ଚକାଡୋଳା ସୁରଙ୍ଗ ଅଧର,
ଯେଣୁ ଅବଲୋକନ କରନ୍ତୁ ନରନ୍ତର । ପ୍ରାଚୀ. କଳଚରିତ ।

ଚକାଦାଗ—ଦେ. ବ.—ଦେହରେ ଫଳବା ଗୋଲ ଚିହ୍ନ—
Chakādāga Circular marks appearing on the body.
চাকাদাগ
चकत्ता

ଚକାନୟନ—ଦେ. ବ. ଓ ବଣ.—ଚକାଅକ୍ଷି (ଦେଖ)
Chakānayana Chakāakhi (See)
ଚକାନୟନକୁ ଚକାରେ ମାନସ । ଉଜନ ।

ଚକାପକାଇବା—ଦେ. କି.—୧ । ଜାନୁ ଛନ୍ଦି ବସିବା—
Chakā pakāibā 1. To squat; to sit with the legs as in a knot with hips touching the ground.
আসন পীড়িকরা,
চাপাঠিলি খাওয়া
पलथीमारना
ଚକାପାଡ଼ିବା, ଚକାପାରିବା, ଚକାମାଇବା } ଅନ୍ୟରୂପ
୨ । ପଦ୍ମାସନରେ ବସିବା—
2. To sit cross-legged.

ଚକାପିଢ଼ା—ଦେ. ବ.—୧ । ଜାନୁ ଛନ୍ଦି ଉପବେଶନ—1. A posture of sitting on with hips on the ground.
Chakāpirḍhā
୨ । ବର୍ତ୍ତୁଳ ପୀଠ ବା ଆସନ—
2. A circular seat.

ଚକାପିଢ଼ା ମାରିବା—ଦେ. କି.—ଚକା ପକାଇବା (ଦେଖ)
Chakāpirḍhā māribā Chakā pakāibā (See)

ଚକାଭଉଁରି—ଦେ. ବ.—ଚକା ଚକା ଭଉଁରି (ଦେଖ)
Chakābhauñri Chakā chakā bhauñri (See)
(ଚକାମଉରି— ଅନ୍ୟରୂପ)

ଚକାମାଉଳି—ଦେ. ବ.—୧ । ଚକା ଚକା ଭଉଁରି (ଦେଖ)
Chakāmāuli Chakā chakā bhauñri (See)
୨ । ଚକାମାଣ୍ଡୁ (ଦେଖ)
2. Chakāmāṇḍu (See)

ଚକାମାଉଳି ପକାଇବା—ଦେ. କି.—୧ । ଚକାଭଉଁରି କରିବା (ଦେଖ)
Chakāmāuli pakāibā
1. Chakābhauñri karibā (See)
୨ । ଚକାମାଣ୍ଡୁ ପକାଇବା (ଦେଖ)
2. Chakāmāṇḍu pakāibā (See)

ଚକାମାଡ଼ିବା—ଦେ. କି.—ଚକାପକାଇବା (ଦେଖ)
Chakā mārḍibā Chakāpakāibā (See)
ମୋ ବୋଲେ ଚକାମାଡ଼ି ବସ ଯାନ କର ।
କୃଷ୍ଣସିଂହ. ମହାଭାରତ. ବନ ।

ଚକାମାଣ୍ଡୁ—ଦେ. ବ. (ସଂ. ଚକ୍ର ଓ ମଣ୍ଡଳ)—ଜାନୁ ଛନ୍ଦି ଭୂମିରେ
Chakāmāṇḍu ଉପବେଶନ; ପଦ୍ମାସନ—Squatting;
(ଚକାମାଲି—ଅନ୍ୟରୂପ) sitting cross-legged (with hips on the ground.)

ଚକାମାଣ୍ଡୁ ପକାଇବା—ଦେ. କି.—ଭୂମିରେ ଜାନୁ ଛନ୍ଦି ପଦ୍ମାସନରେ
Chakāmāṇḍu pakāibā ବସିବା—To sit cross-legged with hips to the ground.

ଚକାମୁଆଁ—ଦେ. ବ.—ଚକାକାରର ମୁଆଁ ଧନୁମୁଆଁ—
Chakāmuañ A round cake of fried paddy seasoned with sugar.
(ଚକାମୁହାଁ—ଅନ୍ୟରୂପ)
ଚକାମୁଆଁ ଗଢ଼େ ଦେବୀମାନଙ୍କୁ । କବିସୂର୍ଯ୍ୟ. କବଚ ।

ଚକାମୁଟ୍ଲା—ପ୍ରାଦେ. (ସମ୍ବଲପୁର)—ବ.—ଚକାମାଡ଼ି ବସିବା—
Chakāmutḷā Squatting.

ଚକାସ୍ (ଧାତୁ)—ସଂ.—୧ । ଦୀପ୍ତି ପାଇବା —
Chakās (root) 1. To glitter; to shine.
୨ । (ଲକ୍ଷଣାର୍ଥ) ଖୁସି ହେବା—
2. To be happy.
୩ । ଦୀପ୍ତ କରିବା; ଉଜ୍ଜ୍ୱଳ କରିବା—
3. To brighten; to illuminate.

ଚକାସନ—ଦେ. ବ—ପଦ୍ମାସନ—
Chakāsana Posture of sitting cross-legged.
ଦେ. ବଣ—ଭୂମିରେ ଜାନୁ ଛନ୍ଦି ଚକାସନରେ ବସିବା; ଚେକାମାଉଳି ପକାଇ ବସିଥିବା—Sitting cross-legged.
ସମସ୍ତର ସଭରେ ଚକାସନ ହୋଇ—କୃଷ୍ଣସିଂହ. ମହାଭାରତ. ସଭା ।

ଚକାସିତ—ସଂ. ବଣ (ଚକାସ୍ ଧାତୁ+ତ)—
Chakāsita ୧ । (+କର୍ତ୍ତୃ. ତ) ଦୀପ୍ତ; ଉଜ୍ଜ୍ୱଳ—
1. Glittering; bright; splendid; shining.
୨ । ଅଲଙ୍କୃତ; ଶୋଭିତ —2. Adorned.
୩ । (+କର୍ମ+ଅ) ଆଲୋକିତ; ପ୍ରକାଶିତ—
3. Lighted; illuminated.
୪ । ସୁନ୍ଦର—4. Beautiful.

ଚକି—ଦେ. ବ (ସଂ. ଚକ୍ର)—୧ । କାଗଜର ଗୁଡ଼ି—
Chaki 1. Paper kite.
চাকী ୨ । ଚକତି; କ୍ଷୁଦ୍ର ବର୍ତ୍ତୁଳାକାରଖଣ୍ଡ—
चकरी; चक्की; चकता 2. Circular pieces or bits.

ସାଧାରଣ ଲୋକେ ଅପର ପୃଷ୍ଠାରେ ବ୍ରତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

୩ । ଚୁନ ପେଷିବା ପାଇଁ ଚକାକାର ପଥର— 3. A circular stone used to pound and mix lime.

जान्तु; जन्त्रा ୪ । ଯନ୍ତା; ପେଷଣ ଯନ୍ତ୍ର— 4. Mill stone; grinding stone.

[ଦ୍ର—ଦୁଇଟି ପଥରର ଚକ ଉପର ତଳ ହୋଇ ରଖାଯାଏ, ତଳ ଚକଟି ସ୍ଥିର ଥାଏ ତହିଁ ଉପରେ ଉପର ଚକକୁ ଘୁରାଇ ଦୁଇ ଚକ ମଧ୍ୟରେ ଖାଦ୍ୟାଦି ରଗଡ଼ାଯାଏ ବା ଚୁନା କରାଯାଏ । ଚକ ଦୁଇଟି କାର୍ଯ୍ୟରେ ବ୍ୟବହୃତ ହୁଏ । ୧—ଗୋଟା ମୁଗ ଆଦିକୁ ଫାଳ ଫାଳ କରି ରଗଡ଼ିବା; ୨—ଚାଉଳ ଆଦିକୁ ଚୂନା କରିବା । ଚକ ଦୁଇପଟ; ଉପର ଚକ ପଟର ଗୋଟିଏ ପାଖରେ ଗୋଟିଏ କଣା ହୋଇଥାଏ । ସେହି କଣାରେ ଗୋଟିଏ କାଠି (ଚକିକାଠି) ପୁରାଇ ସେ କାଠିକୁ ଘୁରାଇଲେ ଚକ ଚଳେ । ତଳପଟ କେନ୍ଦ୍ରରେ ଗୋଟିଏ କଣା ହୋଇ ଖୁଣ୍ଟିଟିଏ (ମାଣିଖୁଣ୍ଟି) ପୋତା ହୋଇଥାଏ । ଉପର ପଟର କେନ୍ଦ୍ରସ୍ଥ ଛିଦ୍ର ସେହି ମାଣିଖୁଣ୍ଟିରେ ଗଳାଯିବାରୁ ଘୁରାଇଲା ବେଳେ ଚକ ଖସି ଯାଏ ନାହିଁ । କେତେକସ୍ଥଳରେ ଉପର ଚକରେ ଥିବା ବଡ଼ କଣାରେ ଖଣ୍ଡିଏ ରନ୍ଧ୍ରଯୁକ୍ତ କାଠ ଚକ୍ତି ବା ପିହାଣିଆ ଥାଏ ।]

୫ । (ସଂ. ଚକ୍ରିକା) ଗୋଡ଼ ଆଣ୍ଠୁଗଣ୍ଠିରେ ଥିବା ଗୋଲାକାର ହାଡ଼ଖଣ୍ଡ; ଆଣ୍ଠୁର ଚକ— 5. The knee-bone.

୬ । ହାତର ଲେଉଟ; କରତଳର ମଧ୍ୟଭାଗ, କରତଳର ଖାଲୁଆ ଜାଗା—6. Palm; middle of the palm; the depressed centre of the palm; hollow of the hand.

ଚକିଆଇବା—ଦେ. କ୍ରି (ସଂ. ଚକ୍ର)—ଚେକିଆଇବା (ଦେଖ)
Chakiāibā Chekiāibā (See).

ଚହାଇ ଉଭୟ ଦୃଶ ପାଦପେ
ଚକିଆଇ ମୂର୍ଚ୍ଛି ଝାନ୍ତିଲେ କୋପେ—ଇନ୍ଦୁମତୀ ଜନ୍ମ ।

ଚକିଏ—ଦେ. ବି ଓ ବିଣ—ହାତ ଲେଉଟର ଚକ ମଧ୍ୟରେ ଯେତିକି
Chakie (ମୁଷ୍ଟି) ସମ୍ଭାଏ—As much as can be contained in the hollow of the palm.

ଚକିକାଠି—ଦେ. ବି—ଚକର ଉପର ପଟର ପାର୍ଶ୍ୱରେ ଥିବା ଛିଦ୍ରରେ
Chakikāṭhi ଯେଉଁ ଗୃହଖଣ୍ଡ ଲମ୍ବର କାଠିକୁ ପୁରାଇ ବୁଲାଇବାକୁ ହୁଏ—The wooden rod which is thrust inside the lateral hole of the upper mill stone and which is held by the hands while the mill is set in motion.

ଚକିଗୁଡ଼—ଦେ. ବି—ଅଖାରେ ଗୋଲାକାର ପୋଟଳା ପରି ବନ୍ଧା ହୋଇ
Chakigurda ଥିବା ଗୁଡ଼—Molasses made into round blocks and rolled in gunny-bags.

[ଦ୍ର—ଗଞ୍ଜାମ ଓ ଜାସିଲ ଗଞ୍ଜରେ ଏହିପରି ଗୁଡ଼ ପ୍ରସ୍ତୁତ ହୁଏ ।]

ଚକିତ—ସଂ. ବିଣ. ପୁଂ. (ଚକ୍ ଧାତୁ=ଭୀତ ହେବା; ବ୍ୟାଘାତ କରିବା
Chakita + କର୍ତ୍ତୃ. ତ)—୧ । ଭୀତ; ଭୟବ୍ୟାକୁଳ—
(ଚକିତା—ସ୍ତ୍ରୀ) 1. Frightened; afraid.

ଚମକ ଚକିତ ଉଦାସୀ
ହାସ୍ୟ ଗୋଦକ ମିଶାମିଶି । ଭୂପତି. ପ୍ରେମପଞ୍ଚାମୃତ ।

୨ । ଭୟତ୍ରସ୍ତ; ଭୟ କମ୍ପିତ—2. Trembling through fear; struck with fear.

୩ । ଚମକି ପଡ଼ିଥିବା—3. Startled; alarmed.

୪ । ତୃପ୍ତ—4. Satisfied.

୫ । ଥରୁଥିବା—5. Trembling.

୬ । ଆଶ୍ଚର୍ଯ୍ୟାନ୍ୱିତ—6. Wondering.

ସଂ. ବି. (+ ଭାବ. ତ)— ଭୟ—Fear; fright.

ଚକୁ—ବୈଦେ. ବି. (ଫା. ଚକୁ; ତୁର୍କୀ. ଚୁକୁ)—
Chaku ଛିଲକାତି; ଛୋଟ ଛୁରୀ—A small knife.
চাখু, চাকু
चक्कु, चाखु

ଚକୁଆ—ଦେ. ବି. (ସଂ. ଚକ୍ରାହ୍ୱ; ପ୍ରାକୃତ. ଚକ୍କାଓ)—
Chakuā ଚକ୍ରବାକ ପକ୍ଷୀ; ରଥାଙ୍ଗ ପକ୍ଷୀ—
(ଚକୋଇ—ସ୍ତ୍ରୀ) The ruddy sheldrake (male); the
চকা Brahmine duck (male).
चकवा
(ଚକୋଆ—ଅନ୍ୟରୂପ)

ଚକୁଆଚକୀ—ଦେ. ବି. (ଚକ୍ରବାକ+ଚକ୍ରବାକୀ)—
Chakuāchaki ରଥାଙ୍ଗ ମିଥୁନ; ଚକ୍ରବାକ ଦମ୍ପତି—
চকাচকী The Brahmini duck (male and fe-
चकवाचकई male); the ruddy sheldrake (male and female).
ଚକୁଆଚକେଇ } ଅନ୍ୟରୂପ
ଚକୁଆଚକୋଇ }

ଚକୁଳି—ଦେ. ବି. (ସଂ. ଶଷ୍କୁଲୀ)—
Chakuḻi ଚାଉଳ ଓ ବିରି ବଟାରେ ତିଆରି ପତଳା ପିଷ୍ଟକ-
চকলি, চুকলী ବିଶେଷ—Thin roll of cakes prepared
चपाटी, चपाती from rice and phasolus paste.

ଚକୁଳି ଖାଇବ ନା ଚକ୍ର ଗଣିବ—ପ୍ରବଚନ ।

[ଦ୍ର—ବଟା ଅଣ ବା ପିଠଉକୁ ପାଣିଆ କରି ନିଆଁ ଉପରେ କଡ଼େଇ ବା ପଲମ ବସାଇ ସେ ପଲମରେ ଘିଅ ବା ତେଲ ବୋଳି ପିଠଉ ଢଳାଯାଏ ଓ ପଲମକୁ ଧରି ଘୁରାଇଲେ ପିଠଉଟକ ପତଳା ଓ ଚଉଡ଼ା ହୋଇଯାଏ । ଯେଉଁ ଚକୁଳିର ମଝିରେ ପୁର ଦେଇ ତାକୁ ଗୁଡ଼ିଆଡ଼ୁ ଭାଙ୍ଗି ଦେବାକୁ ହୁଏ ତାକୁ ପୋଟଳ ଚକୁଳି ବୋଲାଯାଏ । ବଡ଼ାଏ ଦୁବକୁ ପିଠଉରେ ବୁଡ଼ାଇ କଡ଼େଇରେ ଛାଣ୍ଡି

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଣ	ଜ	ଷ,ଶ	ଙ୍କ	ଇଯ଼	ଉଅ	ଡ଼
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ଘ	ଇଅ	ଢ଼	ନ୍

ଯେଉଁ ପିଠା କରାଯାଏ ତାକୁ କୁଞ୍ଚ ପତର ବୋଲାଯାଏ । ପତଳା ଚକୁଳି ଲେଉଟା ଯାଏ ନାହିଁ । କିନ୍ତୁ ପିଠଉକୁ ମୋଟ କରି କରେଇରେ ଦେଲେ ତହିଁର ଉପର ପାଖ ସିଝିବାପାଇ ଚକୁଳିକୁ ଲେଉଟାଇବାକୁ ହୁଏ । ତାକୁ ଲେଉଟ ଚକୁଳି ବୋଲାଯାଏ । ଘରୁ ପୁଅ ଆଦି ବିଦେଶକୁ ଯିବା ସମୟରେ ସ୍ତ୍ରୀମାନେ ତାକୁ ଲେଉଟ ଚକୁଳି ଖୁଆନ୍ତି, ଏହାର ଉଦ୍ଦେଶ୍ୟ ସେ ବ୍ୟକ୍ତି ବିଦେଶରୁ ଘରକୁ ଶୀଘ୍ର ଲେଉଟି ଆସିବ ।]

ଚକୁଲି—ପ୍ରାଦେ. (ସମ୍ବଲପୁର) ବି.—ଚକୁଳି ପିଠା—Thin roll of
Chakuli cakes prepared from rice paste.

ଚକୁଳିଆ ପଣ୍ଡା—ଦେ. ବି—ଏକ ଜାତୀୟ ନୀଚ ଶ୍ରେଣୀର ଭିକ୍ଷୁକ ବ୍ରାହ୍ମଣ—
Chakuliāpandā A class of low Brahmans, living by begging.

[ଦ୍ର—ଏମାନେ କାଶ୍ୟପ ଗୋତ୍ରୀ । କଥିତ ଅଛି ଏମାନେ ପର୍ଣ୍ଣ-ଗ୍ରାମଙ୍କ ବଂଶଧର ଏବଂ ଗ୍ରାମଙ୍କ ଅଭିଶାପରୁ ଭିକ୍ଷା ମାଗନ୍ତି । ମହାଭାରତରେ--ଭୀମ ବିରାଟ ଭବନରେ ଛଦ୍ମବେଶରେ ଅଜ୍ଞାତବାସ କରିବା ସମୟରେ ବିରାଟ ରାଜାଙ୍କର ପାଚକ ରୂପରେ ବଲ୍ଲଭ ପଣ୍ଡା ନାମ ଧରିଥିଲେ । ସେହି ସମୟରେ ସେ ଦେଶ ବୁଲି 'ଚକ ଭିକ୍ଷା' କରୁଥିଲେ । ଭିକ୍ଷାନ୍ନ ସଂଗ୍ରହାର୍ଥ ସେ ଗ୍ରାମରେ କାହାର ଦ୍ୱାରସ୍ଥ ନ ହୋଇ ଗ୍ରାମ ଦାଣ୍ଡରେ ତିନ ଥର ବୁଲିଯାଉଥିଲେ ଓ ଯେ ଯାହା ଦେଉଥିଲା ନେଉଥିଲେ । ତାଙ୍କ ସଙ୍ଗେ ଚକଭିକ୍ଷା ସମୟରେ ଯେଉଁ ବ୍ରାହ୍ମଣମାନେ ଯୋଗ ଦେଇଥିଲେ ଆଧୁନିକ ଚକୁଳିଆ ପଣ୍ଡାମାନେ ସେମାନଙ୍କ ବଂଶଧର ଅଟନ୍ତି ।

ପୁରୀ ଜିଲ୍ଲାର ଖୋର୍ଦ୍ଧା ସବଡିଭିଜନ ଦାଣ୍ଡିମାଳ ପ୍ରଗନାରେ ଏମାନଙ୍କ ମଧ୍ୟରୁ ଅନେକ ବାସ କରନ୍ତି । ଏମାନେ କାହା ଦ୍ୱାରକୁ ଭିକ୍ଷା କରିବାକୁ ନ ଯାଇ ଗ୍ରାମ ଦାଣ୍ଡରେ ବୁଲି ବୁଲି ଉଚ୍ଚୈଃସ୍ୱରରେ "ଦେବ, ଦିଆଇବ, ଦେ ପଦ ବୋଲିବ, ପଞ୍ଚଅ ଭୂମିରେ ଗୋଧନ ଚରାଇବ; ଦେଇଥିଲେ ପାଇ ବୁଣିଥିଲେ ଦାଇ ଇତ୍ୟାଦି ବାକ୍ୟ ଆବୃତ୍ତି କରନ୍ତି ଓ ଯେ ଯାହା ଦିଏ ତାହା ଗ୍ରହଣ କରନ୍ତି ।]

ଚକେ—ଦେ. କ୍ରି. ବିଣ.—୧ । ଚକ ଥରେ ବୁଲିଯିବା ଦୂରତ୍ୱ—
Chake 1. Space travelled by a wheel in one circuit.

ଚକେ ଗଲେ ବାରହାତ । ରଗ ।

୨ । ଚକାଏ; ମନୁଷ୍ୟ ବସିଥିବା ଭୂମିପରିମିତ—
2. Measuring as much space as is occupied by a man sitting on the ground.

୩ । ଚଉକେ (ଦେଖ)
3. Chauke (See).

ସମସ୍ତଙ୍କ ଦେହପାକ ଥିଲା କାହୁଅ ବୋଲା, ମୁଣ୍ଡରେ ଚକେ ଚକେ ଭୁଡ଼ ।
ଫକୀରମୋହନ- ଗଳ୍ପସ୍ୱଳ୍ପ ।

ଚକେଇ—ଦେ. ବି. ସ୍ତ୍ରୀ. (ସଂ. ଚକ୍ରବାକୀ)—
Chakei ଚକ୍ରବାକ ସ୍ତ୍ରୀ ପକ୍ଷୀ—
ଚକୀ The Brahmini duck (female).
ଚକଇ
(ଚକୋଇ—ଅନ୍ୟରୂପ)

ଚକୋଆ—ଦେ. ବି. ପୁଂ—ଚକୁଆ (ଦେଖ)
Chakoā Chakuā (See)

ଚକୋୟା—ଦେ. ବି. ପୁଂ—ଚକୁଆ (ଦେଖ)
Chakoyā Chakuā (See)

ଯେସନେ ଚକୋୟା ଚନ୍ଦ୍ର—କାତୁଣ କରଇ କଣି
ଚେ ନ ମୋ ଅଭ୍ୟର୍ଥନା କରୁଣୋକରେ । ପ୍ରାଚୀ. ରସବାରିଧି ।

ଚକୋର—ସଂ. ବି. ପୁଂ. (ଚକ୍ ଧାତୁ ତୃପ୍ତ ହେବା+କର୍ତ୍ତୃ. ଓର; ଯେ
Chakora ଚନ୍ଦ୍ର କିରଣ ପାନ କରି ତୃପ୍ତ ହୁଏ)—
(ଚକୋରୀ—ସ୍ତ୍ରୀ) ପାର୍ବତ୍ୟ ଜାତୀୟ ପଶ୍ଚିମ ହିମାଳୟସ୍ଥ ନଖର ପକ୍ଷୀ-ବିଶେଷ—The red-legged or Himalaya Patridge; Caccabis Chucar or Rubra; the greak Patridge (a gallinacious bird).

ଚକୋର ବନ୍ଧୁ-ଛବି ହେରି ଉଷତି
ହରକି ଧାନେ ଧିର ଯଥା ଉକତ । ରାଧାନାଥ. ଚିଲିକାପ୍ରଭବ ।

[ଦ୍ର—ଏମାନେ ଲମ୍ବାରେ ପ୍ରାୟ ଏକ ହାତ ହୁଅନ୍ତି, ଗୋଡ଼ ଲାଲ, ଚକ୍ଷୁ ସୁନ୍ଦର । ସନ୍ଧ୍ୟା ସମୟରେ ଅନେକ ଚକୋର ଏକ ସଙ୍ଗରେ ରାବ କରନ୍ତି । ଏଥିପାଇଁ ପ୍ରବାଦ ଅଛି ଯେ ଏମାନେ ଚନ୍ଦ୍ର କିରଣ ପାନ କରି ବଞ୍ଚନ୍ତି ଓ ଜ୍ୟୋତ୍ସ୍ନା ଦେଖି ତୃପ୍ତ ହୁଅନ୍ତି ।]

ଚକୋରକ—ସଂ. ବି. ପୁଂ. (ଚକୋର+ସ୍ୱାର୍ଥେ. କ)—
Chakoraka ଚକୋର (ଦେଖ)
(ଚକୋରକା—ସ୍ତ୍ରୀ) Chakora (See)

ଚକୋରନୟନା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଚକୋର+ନୟନ+ଆ)-
Chakoranayanā ଯେଉଁ ସ୍ତ୍ରୀର ଚକ୍ଷୁ ଚକୋର ଚକ୍ଷୁ ପରି ସୁନ୍ଦର--
Fair eyed (woman).

ଚକୋରନୟନୀ—ଦେ. ବିଣ. ସ୍ତ୍ରୀ. (ସଂ. ଚକୋରନୟନା)—
Chakoranayanī ଚକୋରନୟନା (ଦେଖ)
Chakoranayanā (See)

ଚକ୍କ (ଧାତୁ)—ସଂ—୧ ।-ଦୁଃଖ ଭୋଗ କରିବା—
Chakka (root) 1. To suffer.
୨ । ଦୁଃଖ ଦେବା—2. To suffer pain.

ଚକ୍କର—ଦେ. ବି—୧ । ମସ୍ତକ ଘୂର୍ଣ୍ଣନ—
Chakkara 1. Giddiness; dizziness.
ଚକ୍କର୍ ୨ । ପ୍ରଦକ୍ଷିଣ—2. Walking round a thing;
चक्कर making circuit; circumambulation.
୩ । ଘୋଡ଼ାର ଚକାକାର ଗତି—
3. Wheeling motion of the horse.

କାହିଁ ଅଶ୍ୱାରୋହୀ ସେନ ଅଶ୍ୱବର
କଦମେ ବୁଲାଇ ଦିଅଇ ଚକର । ରାଧାନାଥ. ଚନ୍ଦ୍ରଭାଗା ।

ସାଧାରଣ ଲୋକେ ଅପଢ଼ ସ୍ୱଗ୍ଧାରେ ଦୃଢ଼ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଢ଼' ନ ପାଇଲେ 'ଅଲ୍‌ଢ଼' ଦେଖିବେ ।

୪ । ଘୋଡ଼ା ଦଉଡ଼ର ଚକାକାର ଭୂଖଣ୍ଡ— 4. The circuit of a race-course.

ଚକ୍କର ଖାଇବା—ଦେ. କ୍ରି—୧ । ମୁଣ୍ଡ ବୁଲାଇବା—
Chakorakhāibā 1. To feel dizziness in the head.
চক্করদেওয়া
चक्कर खाना
(ଚକ୍କର ଦେବା—ଅନ୍ୟରୂପ)
୨ । ଚକ୍ର ପରି ଘୂରିବା— 2. To revolve round.
୩ । ଘୋଡ଼ାକୁ ଚକାକାର ଗତି କରାଇବା—3. To make a horse perform a wheeling motion.
୪ । ଚକାକାର ବିସ୍ତୃତ ଭୂଖଣ୍ଡରେ ବୃତ୍ତାକାର ଆସ୍ଫାଳନରେ ଘୋଡ଼ାକୁ ଦଉଡ଼ାଇ ଆଣି ସ୍ୱସ୍ଥାନରେ ପହଞ୍ଚାଇବା— 4. To make the horse run over a large circuit.

ଚକ୍କରପଡ଼ିଆ—ଦେ. ବି—ଘୋଡ଼ଦଉଡ଼ ପାଇଁ ବିସ୍ତୃତ ମଇଦାନ—
Chakkaraparḍiā Race-ground; a field for horse race.

ଚକ୍କଲ—ସ. ବିଣ. (ଚକ୍କ୍ + ଅଲ)—ଚକା; ଗୋଲ—
Chakkaḷa Circular; round.

ଚକ୍କୁ—ବୈଦେ. ବି—ଚକୁ (ଦେଖ)
Chakku Chaku (See)

ଚକ୍ତି—ଦେ. ବି—ଚକତି (ଦେଖ)
Chakti Chakati (See)

ଚକ୍ର—ସ. ବି. (କୃ ଧାତୁ + କର୍ତ୍ତୃ. ଅ ନିପାତନ)—୧ । ଚକ୍ରବାକପକ୍ଷୀ; ଚକୁଆ—1. The shel drake (bird).
Chakra
୨ । ରଥାଙ୍ଗ; ରଥର ଚକ—2. Wheel of a car.
୩ । ଚକ୍ରରଥ; ଚକ୍ରଯାନ— 3. Cycle; vehicle; a wheeled conveyance.
୪ । କାଳଚକ୍ର—4. Cycle of time.
୫ । ଘୋଡ଼ଦୌଡ଼ର ଚକାକାର ପଥ— 5. Race circle; race course.
୬ । ଘେର; ଗୃହଅଡ଼େ ଘୂରି କରି ବୁଲିବା—6. Circuit
୭ । ଚକାକାର ବେଷ୍ଟନୀ— 7. Ring or circular belt.
୮ । କୁମ୍ଭାରର ଚକ—8. Potter's wheel.
୯ । ବତ୍ସରବର୍ଗର ସମଷ୍ଟି ବା ସମାହାର— 9. A cycle of years.
୧୦ । ଜଳାବର୍ତ୍ତ—10. Eddy; whirlpool.
୧୧ । ବୃତ୍ତ—11. Circle.
୧୨ । ଗୋଲକ—12. Sphere.
୧୩ । ବିଷ୍ଣୁଙ୍କ ଅସ୍ତ୍ର; ସୁଦର୍ଶନ ଚକ୍ର— 13. The discus; circular weapon of Bishṇu.
୧୪ । ବୃତ୍ତର ପରିଧି— 14. Circumference.
୧୫ । ଚକାକାର ଅସ୍ତ୍ର—15. A sharp circular weapon (disc) of offense.
୧୬ । ଗ୍ରାମସମୂହ; ଚକଲା—16. An aggregate of many villages; a village union for revenue administration purposes.
୧୭ । ଦଳ; ସମୂହ—17. Troop; multitude; collection; assemblage.

ବଳୀ ବୋଲସ ଅହେ ଶୁଣ ଅଶ୍ୱଚକ୍ର
ପାଠ ଶାଠରେ ମୁହିଁ ଛଣି ଦିଁଳଚକ୍ର । କୃଷ୍ଣସିଂହ. ମହାଭାରତ. ବନ ।

୧୮ । ଗ୍ରହମଣ୍ଡଳ—18. Halo round a planet or disc.
୧୯ । ଚକ୍ରବ୍ୟୂହ; ଚକାକାର ସୈନ୍ୟସମାବେଶ— 19. A circular battle-array.
୨୦ । ଦେଶାଂଶ; ପ୍ରଦେଶ; ଜିଲ୍ଲା— 20. Province; district.
୨୧ । ରାଜ୍ୟ—21 Kingdom; realm.
୨୨ । ଜମିଦାରୀ—22. Estate.
୨୩ । ରାଶିଚକ୍ର—23. Zodiac; astronomical circle.
୨୪ । ବଳୟ, ମୁଦିଅ— 24. A ring used as an ornament.
୨୫ । ତେଲ ଘଣା—25. Oil mill.
୨୬ । କୂଟ; କପଟ; କୌଶଳ; ଛଳ— 26 Fraud; crooked contrivance; deception.
୨୭ । କୁମନ୍ତ୍ରଣା; କୂଟମନ୍ତ୍ରଣା; ଷଡ଼ଯନ୍ତ୍ର— 27. A plot for mischief; conspiracy.
୨୮ । ଶାଳଗ୍ରାମଶିଳାରେ ଥିବା ଚକାକାର ଚିହ୍ନ — The convolutions or spiral marks found in Sāḷagrāma or the sacred stone of the Hindus.
୨୯ । ପୁସ୍ତକ ବା ଗ୍ରନ୍ଥର ଭାଗ ବା ଅଧ୍ୟାୟ— 29. Section of a book.
୩୦ । ଶରୀରରେ ଥିବା ଚକାକାର ଦାଗ—30. A circular spot on the body.
୩୧ । ପକ୍ଷୀମାନଙ୍କର ଚକ୍ରବତ୍ ଉଡ୍ଡୟନ— 31. Circular fligts of birds.
୩୨ । ସାପର ଫଣା—32. Serpent's hood.
୩୩ । ଦେହରେ ରୋଗାଦି ଯୋଗୁ ଦେଖାଯିବା ଚକା ଦାଗ— 33. Circular marks on the body due to disease.
୩୪ । ଯୋଗଶାସ୍ତ୍ରବର୍ଣ୍ଣିତ ଶରୀରାଭ୍ୟନ୍ତରସ୍ଥ କାଳ୍ପନିକ ଅଧ୍ୟାତ୍ମିକ ଚକ୍ର—34. The six esoteric circles imagined to be inside the human body.

୧	ଇ	ଉ	ଋ,ଌ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ୟ	ଜ	ଶ,ଷ	ଙ୍କ	ଇୟ	ଙ୍ଖ	ଞ୍ଚ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ଗ	ଇଅ	ଞ	ନ୍ତ

୩୫ । ସେନା; ସୈନ୍ୟଗଣ—35. A host; an army; troop of soldiers.

୩୬ । ଦେବାର୍ଚ୍ଚନରେ ଅଙ୍କିତ ଯନ୍ତ୍ର—36. A circle drawn for worshipping a deity.

୩୭ । ନଦୀର ବାଙ୍କ—37. The winding of a river.

୩୮ । ଭେଲ୍କି; ଇନ୍ଦ୍ରଜାଲ—38. Magic; jugglery.

୩୯ । (ଜ୍ୟୋତିଷ) ଷଡ଼୍‌ଭୁଜାକାରର ନକ୍ଷତ୍ରପୁଞ୍ଜ; ବୃତ୍ତକଟାହ ପୁଞ୍ଜ (ଦେଖ)
39. (astrology) A particular constellation in the form of a hexagon.

୪୦ । ସୁଧ—4. Interest.

୪୧ । ରାଜ୍ୟର କୌଣସି ବିଶିଷ୍ଟ ଶାସନବିଭାଗ—
41. Administrative department of a state.

୪୨ । ହସ୍ତ ଓ ପାଦସ୍ଥ ଚକ୍ରାକାର ରେଖା—42. Circular lines in the palm of hand and heel.

ଚକ୍କର ଦେ. ବି—୧ । ଚକ୍ରବନ୍ଧ (ଦେଖ)
1. Chakrabandha (See)

୨ । (ଚନ୍ଦନ ତିଳକାଦିର) ଚକ୍ରାକାର ଛାପ—2. A circular mark of sandal-paste on the body.

ବୈଷ୍ଣବ ସରସୀ ପ୍ରାୟ ଚକ୍ର ଚକ୍ରେ ଯୋଗ । ଭଞ୍ଜ. ବୈଦେହୀଶବିଳାସ ।

୩ । ଗୁଡ଼ି; ଘୁଡ଼ି—3. Kite.

ଚକ୍ର ପ୍ରାୟ ମୋତେ ଉଡ଼ାଇ ଗଗନେ,
ଛିଡ଼ି ଦେଇ କଲୁ ହେଲା ଗୋ । ଲାବଣ୍ୟବତୀ ।

୪ । ନିଆଁ ଲଗାଇଲେ ଚକ୍ର ପରି ବୁଲିବା ବାଣ—
4. A kind of whirling fire-work.

୫ । କୌଣସି ଜଟିଳ ବିଷୟ—
5. Any intricate matter.

ଚକ୍ର ଉହାଡ଼ କରିବା—ଦେ. କ୍ରି.—ଚକ୍ରାସ୍ତ୍ରକୁ ଟେକି ଧରି ଚକ୍ର ତଳେ ମନୁଷ୍ୟକୁ ଶତ୍ରୁର ଅସ୍ତ୍ରରୁ ରକ୍ଷା କରିବା—To protect a person from danger by extending the discus over him.
Chakra uhārḍa karibā
(ଚକ୍ର ଉହାଡ଼ିବା—ଅନ୍ୟରୂପ)

ଚକ୍ରକ—ସଂ. ବି.—(ଚକ୍ର+କ)—୧ । (ନ୍ୟାୟ) ଚକ୍ରତର୍କ; ଦେହାଶ୍ରୟ—
Chakraka 1. (Logic) Arguing in a circle.

୨ । ଏକପ୍ରକାର ସର୍ପ (ହି. ଶବ୍ଦସାଗର)—
3. A kind of serpent.

ସଂ. ବିଣ.—ଚକା—Circular; wheels haped.

ଚକ୍ରକାରକ—ସଂ. ବି—୧ । ଲୁହାକଣ୍ଟା—
Chakrakāraka 1. Iron nail

୨ । ସୁଗନ୍ଧବିଶେଷ—2. A kind of perfume.

୩ । ହାତର ନଖ (ହି. ଶବ୍ଦସାଗର)—
3. Finger-nail of the hand.

ଚକ୍ରକେଳି—ଦେ. ବି—ଓଡ଼ିଆ ରାଗବିଶେଷ—
Chakrakeḷi A kind of Oria musical tune.
ରାଗ ତଳେ ନୋଟ (ଦେଖ)
See notes under Rāga.

ଚକ୍ରଗଣ୍ଡୁ—ସଂ. ବି—ଗୋଲ ତକିଆ; ମାଣ୍ଡି; ମୁରୁଲା—
Chakragaṇḍu A round pillow.

ଚକ୍ରଗତି—ସଂ. ବି—୧ । ଚକ୍ରର ଗତି—
Chakragati 1. The motion of a wheel; rotation, revolution of a wheel.

୨ । ଚକ୍ରାକାରରେ ଗମନ—
2. Circular movement.

ଚକ୍ରଗୁଚ୍ଛ—ସଂ. ବି—ଅଶୋକ ଗଛ—
Chakraguchha The Aśoka tree.

ଚକ୍ରଚର—ସଂ. ବିଣ. ପୁଂ (ଚକ୍ର+ଚର ଧାତୁ+ଅ)—
Chakrachara ଚକ୍ର ପରି ବୁଲୁଥିବା—
Whirling; moving in a circle.

ସଂ. ବି. ପୁଂ—୧ । ଐନ୍ଦ୍ରଜାଲିକ—
1. A juggler; a magician.

୨ । ତେଲି (ହି. ଶବ୍ଦସାଗର)—2. Oilman.

୩ । କୁମ୍ଭାର (ହି. ଶବ୍ଦସାଗର)—3. Potter.

ଚକ୍ରଚାରୀ—ସଂ. ବିଣ. ପୁଂ (ଚକ୍ର+ଚର ଧାତୁ, ଇନ୍ ୧ମା. ୧ ବ)—
Chakrachārī ଚକ୍ରଚର (ଦେଖ)
(ଚକ୍ରଚାରିଣୀ—ସ୍ତ୍ରୀ) Chakrachara (See).

ସଂ. ବି—ରଥ—Chariot; car.

ଚକ୍ରଚୂଡ଼ାମଣି—ସଂ. ବି. (ଚକ୍ରବତ୍ ଚୂଡ଼ାରେ ଥିବା ମଣି)—
Chakrachūrḍāmaṇi ମୁକୁଟର ଗୋଲାକାର ମଧ୍ୟ ମଣି—
A round jewel in a diadem.

ଚକ୍ରଛେଉଣ୍ଡ—ଦେ. ବିଣ. ପୁଂ—ଚକର ଛେଉଣ୍ଡା (ଦେଖ)
Chakrachheuṇḍa Chakara chheuṇḍā (See)
(ଚକ୍ରଛେଉଣ୍ଡୀ—ସ୍ତ୍ରୀ)
(ଚକ୍ରଛେଉଣ୍ଡା—ଅନ୍ୟରୂପ)

ଚକ୍ରଜୀବକ—ସଂ. ବି. (ଚକ୍ର+ଜୀବ ଧାତୁ+କର୍ତ୍ତୃ. ଅକ=ଯେ ଚକଦ୍ୱାରା ଜୀବିକା ନିର୍ବାହ କରେ)—କୁମ୍ଭାର—Potter.
Chakrajībaka
(ଚକ୍ରଜୀବୀ—ଅନ୍ୟରୂପ)

ଚକ୍ରଣୀ—ଦେ. ବି—ଚକଥିବା ରଥ—A car having its wheels.
Chakraṇi

ବମାନେ ଗୁଡ଼ ଯୋଡ ଚକ୍ରଣୀରେ ସଜାନ୍ତି ଅବଶ୍ୟକହିଁ ଯୋଡ଼ି ସେ ।
ଭଞ୍ଜ. ବୈଦେହୀଶବିଳାସ ।

ଚକ୍ରତୀର୍ଥ—ସଂ.ବି—(ଷଷ୍ଠୀ ତତ୍ପୁରୁଷ; ଚକ୍ର=ସୁଦର୍ଶନ ଚକ୍ର, ତଦ୍ୱାରା କୃତ ତୀର୍ଥ)—୧ । ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ରଦ୍ୱାରା ନିର୍ମିତ ପ୍ରଭାସକ୍ଷେତ୍ରସ୍ଥ ତୀର୍ଥବିଶେଷ (ସ୍କନ୍ଦପୁରାଣୋକ୍ତ)—
Chakratīrtha
3. A sacred place in Prabhāsa.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଁଆ' ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ବୃନ୍ଦାବନସ୍ଥ ତୀର୍ଥବିଶେଷ—
2. Name of a sacred place in Brindabana.

୩ । ପୁରୀର ସମୁଦ୍ରତୀରସ୍ଥ ତୀର୍ଥବିଶେଷ—
3. Name of a sacred place in Puri

ସେବନ୍ତୁ, ହେ ପୁଣ୍ୟଶ୍ଳୋକ ଲୋକେ ଏହୁଠାରି
ସିନ୍ଧୁତୀରେ ବୋଲାଉଛି ଚକ୍ରତୀର୍ଥ ନାମେ—ରାଧାନାଥ. ମହାଯାତ୍ରା ।

୪ । ଦାକ୍ଷିଣାତ୍ୟର ଋଷ୍ୟମୂକ ପର୍ବତ ନିକଟରେ ତୁଙ୍ଗଭଦ୍ରା ନଦୀ ଘୂରିକରି ଯାଇଥିବା ତୀର୍ଥବିଶେଷ (ହି. ଶବ୍ଦସାଗର)—
4. Name of a sacred place in the Deccan.

[ଦ୍ର—ମହାଭାରତ ଆଦି ପୁରାଣରେ ନିମ୍ନଲିଖିତ ସ୍ଥାନମାନଙ୍କରେ ଅନେକଗୁଡ଼ିଏ ଚକ୍ରତୀର୍ଥର ବର୍ଣ୍ଣନ ଅଛି । ଯଥା—କାଶୀ; କାମରୂପ, ନର୍ମଦା, ଶ୍ରୀକ୍ଷେତ୍ର, ସେତୁବନ୍ଧ ରାମେଶ୍ୱର—ହି. ଶବ୍ଦସାଗର ।]

ଚକ୍ରତୁଣ୍ଡୀ—ସଂ. ବିଣ—(ବିଜ୍ଞାନପରିଭାଷା) ଯାହାର ମୁଖ ଚକ୍ର ପରି ମଣ୍ଡଳାକାର—Cyclostomata; having circular faces.
Chakratuṇḍī

ଚକ୍ରଦଂଷ୍ଟ୍ର—ସଂ. ବି. ପୁଂ (ବହୁବ୍ରୀହି)—ଶୂକର—
Chakradaṁshtra Hog.

ଚକ୍ରଦଣ୍ଡ—ସଂ. ବି—ଏକପ୍ରକାର କସରତ ବା ଦଣ୍ଡ (ହି. ଶବ୍ଦସାଗର)—
Chakradaṇḍa A kind of physical exercise.

[ଦ୍ର—ଏଥିରେ ସାଧକ ଦୁଇ ହାତକୁ ଭୂମିରେ ଲଗାଇ ଥରେ ଦଣ୍ଡ କରିବା ପରେ ଦୁଇ ଗୋଡ଼କୁ ଉଠାଇ ଏକ ହାତକୁ ଟେକି ଦେଇ ଦୁଇ ଗୋଡ଼କୁ କୁମ୍ଭାର ଚକ୍ର ପରି ଯଥାକ୍ରମେ ବାମ ଓ ଡାହାଣ ହାତ ତଳେ ବୁଲାଇ ଆଣନ୍ତି ।]

ଚକ୍ରଦତ୍ତ—ସଂ. ବି—ବୈଦ୍ୟକ ଗ୍ରନ୍ଥବିଶେଷ—
Chakradatta Name of a sanskrit medical treatise.

ଚକ୍ରଦନ୍ତୀ—ସଂ. ବି—ଦନ୍ତୀ (ଦେଖ)
Chakradantī Dantī (See)

ଚକ୍ରଧର—ସଂ. ବିଣ. (ଚକ୍ର + ଧୃ ଧାତୁ + କର୍ତ୍ତୃ. ଅ)—
Chakradhara ୧ । ଚକ୍ରରୂପ ଅସ୍ତ୍ର ଧରିଥିବା—1. Holding a discus or wheel as a weapon.
(ଚକ୍ରଧାରୀ—ଅନ୍ୟରୂପ)

୨ । ଯାହାର ଚକ୍ର ଥାଏ—2. Wheeled.

ସଂ. ବି. (ବହୁବ୍ରୀହି)—୧ । ବିଷ୍ଣୁ—1. Bishṇu.

୨ । ରାଜା—2. King.

୩ । ମଣ୍ଡଳାଧିପ—
3. The ruller or chief of a province.

୪ । ସର୍ପ—4. Serpent; snake.

୫ । କୁମ୍ଭାର— 5. Potter.

୬ । କୁହୁକିଆ; ଐନ୍ଦ୍ରଜାଲିକ—
6. A juggler; magician.

୭ । ଚକ୍ରାସ୍ତ୍ରଧାରଣକାରୀ ବ୍ୟକ୍ତି—
7. One who holds the discus (weapon).

୮ । ଗ୍ରାମପୁରୋହିତ (ହି. ଶବ୍ଦସାଗର)—
8. The priest of a village.

୯ । ଗ୍ରାମ ବା ନଗରର ଅଧିପତି (ହି. ଶବ୍ଦସାଗର)—
9. The chief of a village or town.

୧୦ । ରାଗବିଶେଷ (ହି. ଶବ୍ଦସାଗର)—
10. Name of musical tune.

[ଦ୍ର—ଏହା ନଟ ରାଗର ଷାଡ଼ବଜାତିର ରାଗ । ଏହା ଷଡ୍‌ଜ ସ୍ୱରରୁ ଆରମ୍ଭ ହୁଏ ଓ ଏଥିରେ ପଞ୍ଚମସ୍ୱର ଲାଗେ ନାହିଁ । ଏହା ସନ୍ଧ୍ୟା ସମୟରେ ଗୀତ ହୁଏ ।]

ଦେ. ବି. ପୁଂ—ଲୋକଙ୍କ ନାମ—Name given to males.

ଚକ୍ରଧାରା—ସଂ. ବି (୬ଷ୍ଠୀ ତତ୍; ଚକ୍ର + ଧାରା)—୧ । ଚକ୍ରର ପରିଧି—
Chakradhārā 1. Periphery of a wheel.

୨ । ୧୧୦୦ ଶତାବ୍ଦୀ ଠାରୁ ୧୫୦୦ ଶତାବ୍ଦୀ ମଧ୍ୟରେ ରଚିତ ସିଦ୍ଧାନ୍ତଶିରୋମଣି ନାମକ ବେଧ ଗ୍ରନ୍ଥ—2. Name of an astronomical treatise.

[ଦ୍ର—ଏହାଙ୍କ ଯନ୍ତ୍ର ତୁରୀୟ ଯନ୍ତ୍ର—Quadrant ।]

ଚକ୍ରନଖ—ସଂ. ବି—ବ୍ୟାଘ୍ରନଖ ନାମକ ଔଷଧି; ନଖୀ (ଦେଖ)—
Chakranakha Nakhī (See)

ଚକ୍ରନଦୀ—ସଂ. ବି (ମଧ୍ୟପଦଲୋପୀ କର୍ମଧା; ଏଥିରୁ ଶାଳଗ୍ରାମ (ଚକ୍ର) ମିଳୁଥିବାରୁ)—ଗଣ୍ଡକୀ ନଦୀ (ଦେଖ)—
Chakranadī Gaṇḍakī nadī (See)

ଚକ୍ରନାଭି—ବି (୬ଷ୍ଠୀ ତତ୍; ଚକ୍ର + ନାଭି)—ଶଗଡ଼ ଚକର କେନ୍ଦ୍ର; ଚକର ନାହିଆ—The name of a wheel.
Chakranābhi

ଚକ୍ରନାମା—ସଂ. ବି (ଚକ୍ର + ନାମନ୍; ୧ମା. ୧ବଚନ)—
Chakranāmā ୧ । ଚକ୍ରବାକ ପକ୍ଷୀ—1. Ruddy goose.
(ଚକ୍ରନାମ—ଅନ୍ୟରୂପ) ୨ । ଲୌହ ସଙ୍ଗେ ଅନ୍ୟ ଧାତୁ ମିଶ୍ରିତ ଖଣିଜ ଦ୍ରବ୍ୟ; ମାକ୍ଷିକ ଧାତୁ—2. A pyritic oxe of iron (Apte)

ଚକ୍ରନାୟକ—ସଂ. ବି (୬ଷ୍ଠୀ ତତ୍; ଚକ୍ର + ନାୟକ)—୧ । ସେନାପତି—
Chakranāyaka 1. Leader of a troop.

୨ । ସୁଗନ୍ଧବିଶେଷ; ନଖୀ—2. A kind of perfume,

ଚକ୍ରନେମି—ସଂ. ବି (୬ଷ୍ଠୀ ତତ୍; ଚକ୍ର + ନେମି)—ଚକ୍ରର ପରିଧି—
Chakranemi The periphery of a wheel.

ଚକ୍ରପାଣି—ସଂ. ବିଣ (ବହୁବ୍ରୀହି)—ଚକ୍ରଧାରଣ କରିବା ବ୍ୟକ୍ତି—
Chakrapāṇi One who holds a discus; holding a discus in the hand.

ସଂ. ବି. ପୁଂ—ବିଷ୍ଣୁ—Bishnu.

ଦେ. ବି. ପୁଂ—ଲୋକଙ୍କ ନାମ—Name given to males.

ଚକ୍ରପାଣି ପଟ୍ଟନାୟକ—ଦେ. ବି—ଗଞ୍ଜାମ ଖଲ୍ଲିକୋଟ ନିବାସୀ ଜଣେ ସଂସ୍କୃତଜ୍ଞ କରଣ ପଣ୍ଡିତ (ଜଗବନ୍ଧୁ—ପ୍ରାଚୀନ-ଉତ୍କଳ)—A Karaṇa Sanskrit Pandit of Khalikota in Ganjam.
Chakrapāṇi paṭṭanāyaka

୧୦	ଇ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଈଫ	ଉଅ	ଝ
୨	ଇ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	.ସ	ଙ୍ଘ	ଇଅ	ଞ	ନ୍ଜ

ଚକ୍ରପାଦ—ସଂ. ବି (ବହୁବ୍ରୀହି; ଚକ୍ର+ପାଦ)—୧ । (ଚକ୍ର ଅଟେ ପାଦ ଯାହାର) ରଥ; ଗାଡ଼ି—1. Wheeled vehicle; carriage.
Chakrapāda
(ଚକ୍ରପାଦକ—ଅନ୍ୟରୂପ)

୨ । (ଚକ୍ରପରି ଗୋଲାକାର ପାଦ ଯାହାର) ହସ୍ତୀ—
2. Elephant.

ଚକ୍ରପାଳ—ସଂ. ବି (ଚକ୍ର+ପାଳ ଧାତୁ+କର୍ତ୍ତୃ. ଅ)—୧ । ପ୍ରାଦେଶିକ ଶାସନକର୍ତ୍ତା—1. Provincial Governor.
Chakrapāla

୨ । ବିଶିଷ୍ଟ ସେନା ଦଳର ଅଧ୍ୟକ୍ଷ; ସୁବାଦାର—
2. Officer in charge of a division of army.

୩ । ଦିଗ୍‌ବଳୟ—3. Horizon.

୪ । ବୃତ୍ତ—4. Circle.

୫ । ଚକ୍ରାସ୍ତ୍ରଧାରୀ ବ୍ୟକ୍ତି—
5. A person armed with a discus.

୬ । ଶୁଦ୍ଧରାଗର ଏକଭେଦ (ହି. ଶବ୍ଦସାଗର)—
6. A musical tune.

ଚକ୍ରବତ୍—ସଂ.—୧ । ଚକ୍ରପରି ଗୋଲାକାର—1. Circular.
Chakrabat ୨ । ଚକ୍ରପରି—2. Like a wheel or cycle.

ଚକ୍ରବନ୍ଧ—ବି—୧ । ରତିବନ୍ଧବିଶେଷ—1. A particular pose during copulation.
Chakrabandha

ଚକ୍ରବନ୍ଧକୁ କରୁଛ ରତରେ—ଗୋପୀଙ୍କ. ଇନ୍ଦୁରେଖା ।

୨ । ଛନ୍ଦୋବଦ୍ଧ ରଚନାବିଶେଷ; ଚିତ୍ରକାବ୍ୟବିଶେଷ—
2. A sort of artistic composition.

ଚକ୍ରେ ଚକ୍ରେ ଅର୍ଥିରେ ସ୍ତବ କରେ । ଗୋପୀଙ୍କ. ଇନ୍ଦୁରେଖା ।

[ଦ୍ର—ଏଥିରେ ପଦମାନଙ୍କ ଅକ୍ଷରମାନ ଚକ୍ରାକାର ହୋଇ ସଜ୍ଜିତ ହୁଏ ।]

ଚକ୍ରବନ୍ଧୁ—ସଂ. ବି. (ଷଷ୍ଠୀ ତତ୍; ଚକ୍ର+ବନ୍ଧୁ; ସୂର୍ଯ୍ୟ ପ୍ରକାଶିତ ହେଲେ ଚକ୍ରବାକ ମିଥୁନଙ୍କ ମିଳନ ହେବାରୁ)—ସୂର୍ଯ୍ୟ—The sun.
Chakrabandhu
(ଚକ୍ରବାନ୍ଧବ—ଅନ୍ୟରୂପ)

ଚକ୍ରବର୍ତ୍ତୀ—ସଂ. ବି. ପୁଂ. (ଚକ୍ର+ବୃତ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Chakrabartti ୧ । ସମ୍ରାଟ; ସାର୍ବଭୌମ; ଆସମୁଦ୍ରାନ୍ତ ଭୂମିର ଅଧିପତି
(ଚକ୍ରବର୍ତ୍ତିନୀ—ସ୍ତ୍ରୀ) 1. Emperor.

୨ । (ଲକ୍ଷଣାର୍ଥେ) ବହୁ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଧାନ ବା ଅଧ୍ୟକ୍ଷ ବା ଅଗ୍ରଣୀ—2. (fig) A chief or head of many persons; the foremost person; a leader amongst men.

୩ । ବାସ୍ତୁକ ନାମକ ଶାକ; ବଥୁଆ (ହି. ଶବ୍ଦସାଗର)—
3. A kind of pot herb.

ଦେ. ବି—ବଙ୍ଗୀୟ ବ୍ରାହ୍ମଣଙ୍କ ବଂଶୋପାଧି ବିଶେଷ—
A title of Bengali Brahmin.

ଚକ୍ରବାଉଳି—ଦେ. ବି—ଉପର କାନରେ ପିନ୍ଧାଯିବାର ଚକ୍ରାକାର ଚେପଟା ଫାଶିଆ—A flat circular ear-ring for the upper ear.
Chakrabāuḻi

ଚକ୍ରବାକ—ସଂ. ବି. ପୁଂ. (ଚକ୍ର+ବଚ ଧାତୁ+କର୍ମ. ଅ; ଯେ ଚକ୍ର ନାମରେ ଉକ୍ତ ହୁଏ; ଯାହାର ଏକ ନାମ ଚକ୍ର)—
Chakrabāka
ସଂ. ଭୂରିପ୍ରେମା, ଦ୍ୱନ୍ଦ୍ୱଚାରୀ, ରଥାଙ୍ଗ, ଚକ୍ର
ଚକୁଆ ପକ୍ଷୀ—The ruddy shel drake
(ଚକ୍ରବାକୀ—ସ୍ତ୍ରୀ) [ଦ୍ର—କଥିତ ଅଛି ରାମଚନ୍ଦ୍ରଙ୍କ ଅଭିଶାପରୁ ଚକ୍ରବାକ ଯୁଗଳ ଦିନଯାକ ଏକତ୍ର ରହନ୍ତି ଓ ରାତି ହେଲାରୁ ଏମାନଙ୍କର ବିଚ୍ଛେଦ ହୁଏ । ଗୋଟିଏ ନଦୀର ଏକ କୂଳରେ ଅପର ନଦୀର ଅନ୍ୟ କୂଳରେ ରହି ପରସ୍ପରକୁ ଝୁରି ରାବ କରୁଥାନ୍ତି ।]

ଚକ୍ରବାଟ—ସଂ. ବି—୧ । ସୀମା—1. Boundary.
Chakrabāṭa ୨ । ଦୀପରୁଖା—2. Lamp-stand.
୩ । କୌଣସି କାର୍ଯ୍ୟରେ ଲାଗିବା—
3. Being engaged in an action.

ଚକ୍ରବାଡ଼—ସଂ. ବି.— ଚକ୍ରବାଳ (ଦେଖ)
Chakrabāṛda Chakrabāḻa (See)

ଦେ. ବି.—ଚନ୍ଦ୍ରମଣ୍ଡଳ; ସୂର୍ଯ୍ୟମଣ୍ଡଳ—
The halo of the sun or moon.

ସ୍ତନ ଲଳିତ ଚକ୍ରବାଡ଼ ସୀମାକୁ ନେତ୍ର କମଳ ନ ବଳଇ ।
ଅଭିମନ୍ୟୁ. ବଦଗ୍ଧଚିନ୍ତାମଣି ।

ଚକ୍ରବାତ—ସଂ. ବି.—(ଚକ୍ର+ବାତ)—ଘୂର୍ଣ୍ଣିଆଲୁଅ; ଘୂର୍ଣ୍ଣିବାୟୁ—
Chakrabāta Whirlwind; hurri-cane; tornado.

ଚକ୍ରବାନ୍—ସଂ. ବିଣ. (ଚକ୍ର+ବତ୍ ୧ମା. ୧ବ.)—୧ । ଚକ୍ରଧର—
Chakrabān 1. Armed with discus.
୨ । ଯାହାର ଚକ୍ର ଥାଏ; ଚକ୍ରବିଶିଷ୍ଟ—2. Wheeled.
୩ । ଗୋଲାକାର—3. Round; circular.

ସଂ. ବି.—୧ । ତେଲି—1. Oilman.
୨ । ସମ୍ରାଟ - 2. Emperor.
୩ । ବିଷ୍ଣୁ—3. A name of a Bishṇu.
୪ । ପୌରାଣିକ ପର୍ବତବିଶେଷ (ହି. ଶବ୍ଦସାଗର)—
4. Name of a legendary mountain.

[ଦ୍ର—ଏହି ପର୍ବତରେ ବିଷ୍ଣୁ ହୟଗ୍ରୀବ ଓ ପଞ୍ଚଜନ ଦୈତ୍ୟଦ୍ୱୟଙ୍କୁ ବଧ କରି ସେମାନଙ୍କଠାରୁ ଯଥାକ୍ରମେ ଚକ୍ର ଓ ଶଙ୍ଖ ଆୟୁଧ ଆଣିଥିଲେ ।]

ଚକ୍ରବାନ୍ଧବ—ସଂ. ବି.—ଚକ୍ରବନ୍ଧୁ (ଦେଖ)
Chakrabāndhaba Chakrabandhu (See)

ଚକ୍ରବାଳ—ସଂ. ବି.—(ଚକ୍ର=ଦେଶ ସମୂହ+ବଳ ବେଷ୍ଟନ ବା ଆବରଣ କରିବା+କର୍ତ୍ତୃ. ଅ)—୧ । ଦିଗ୍‌ବଳୟ; ଦିଙ୍‌ମଣ୍ଡଳ—1. Horizon.
Chakrabāḻa

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗଁା ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—କୌଣସି ସ୍ଥାନରେ ଠିଆ ହୋଇ ଚାରିଆଡ଼କୁ ଚାହିଁଲେ ଯେଉଁଠାରେ ପୃଥିବୀ ଓ ଆକାଶ ମିଶିଲା ପରି ଦେଖାଯାଏ ସେହି ଚକ୍ରାକାର ରେଖା ।]

୨ । ଚକ୍ରବାକ ପକ୍ଷୀ—2. Ruddy goose.

୩ । ଲୋକାଲୋକ ପର୍ବତ; ପୃଥିବୀକୁ ଘେରିଥିବା ପୌରାଣିକ ପର୍ବତ—3. The imaginary mountain on the horizon encircling the globe; the fabulous range of mountains encircling the earth.

୪ । ପୁଞ୍ଜ; ଦଳ; ରାଶି; ସମୂହ—
4. Mass; multitude; group.

ଦେ. ବିଣ—ମଣ୍ଡଳାକାର—Circular.

ଚରେ ଚର ଦେଇ ଚକ୍ରବାଳ ହୋଇ କମଳେ କମଳ ତୋଳନ୍ତି ।
ଦୀନକୃଷ୍ଣ- ରସକଲ୍ଲୋଳ ।

ଚକ୍ରବାଳଧି—ସଂ. ବି (ବହୁବ୍ରୀହି; ଚକ୍ର ପରି ବାଳଧି=ପୁଚ୍ଛ ଯାହାର;
Chakrabāladhi କୁକୁର ଲାଞ୍ଜ ସର୍ବଦା ଚକ୍ର ପରି ବଙ୍କା ହୋଇଥିବାରୁ)—କୁକୁର—Dog.

ଚକ୍ରବିସାଇ—ଦେ. ବି (ନାମ)—ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ବିପକ୍ଷରେ ମେଳି
Chakrabisāi କରିଥିବା ଜଣେ ସର୍ଦ୍ଦାର—Name of an Oria warrior of Ghumsar who headed the rebellion against the British in 1836.
ଚକ୍ରବିସୋଇ } ଅନ୍ୟରୂପ
ଚକ୍ରବିସୋୟୀ }

[ଦ୍ର—୧୮୩୬ ଖ୍ରୀଷ୍ଟାବ୍ଦରେ ଘୁମୁସର ଇଂରାଜମାନଙ୍କର ହସ୍ତଗତ ହେବାର ୨୦ ବର୍ଷ ପରେ ଏ ଘୁମୁସର ରାଜ୍ୟରେ ମେଳି କରାଇଥିଲେ । ଶେଷ ପରାସ୍ତ ହୋଇ ପ୍ରାଣଦଣ୍ଡ ପାଇଥିଲେ ।]

ଚକ୍ରବୁଲା—ଦେ. ବି—ଶୋଭାଯାତ୍ରାପୂର୍ବକ ଚକ୍ରବୁଲା ଏକାଦଶୀ ଦିନ
Chakrabulā ଜଗନ୍ନାଥଙ୍କ ସୁଦର୍ଶନ ଚକ୍ରକୁ ପୁରୀର ସାତ ସାହିରେ ବୁଲାଇବାରୂପ ଉତ୍ସବ—The festival of taking the discus of Jagannatha throughout the town of Puri in the month of Śrābaṇa.

ଚକ୍ରବୁଲା ଏକାଦଶୀ—ଦେ. ବି—ଶ୍ରାବଣ କୃଷ୍ଣ ଏକାଦଶୀ—
Chakrabulā ekādaśī The 11th day of the dark fortnight of the month of Śrābaṇa.

[ଦ୍ର—ଏ ଦିନ ଜଗନ୍ନାଥଙ୍କ ପ୍ରତିନିଧିସ୍ୱରୂପ ସୁଦର୍ଶନଚକ୍ରକୁ ବିମାନରେ ପୁରୀର ସାତ ସାହିରେ ବୁଲାଯାଏ ।]

ଚକ୍ରବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍; ଚକ୍ର+ବୃଦ୍ଧି)—୧ । ବୃଦ୍ଧିର ବୃଦ୍ଧି;
Chakrabṛuddhi ସୁଧ ଉପରେ ସୁଧ—1. Compound interest; interest upon interest.

[ଦ୍ର—ଖାତକ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁଧ ନ ଶୁଝିଲେ ଉକ୍ତ ସୁଧ ମୂଳଧନ ସଙ୍ଗେ ମିଶି ତହିଁ ଉପରେ ସୁଧ ଚଢ଼େ ।]

୨ । ଗାଡ଼ିରେ ଜିନିଷ ବୋହିବା ପାଇଁ ଭଡ଼ା—
2. Wages paid for transportation of things in a carriage.

ଚକ୍ରବ୍ୟୂହ—ସଂ. ବି. (ମ. ପ. ଲୋ; ଚକ୍ର+ବ୍ୟୂହ)—
Chakrabyūha ମଣ୍ଡଳ ବା ଚକ୍ରାକାରରେ ରଚିତ ସୈନ୍ୟ-ସଂସ୍ଥାନ—Circular battle array.

[ଦ୍ର—ମହାଭାରତ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟ ଏ ବ୍ୟୂହ ରଚନା କରିଥିଲେ । ଏଥିରେ ଅଭିମନ୍ୟୁ ପଶିଯାଇ ଆଉ ବାହାରି ନ ପାରି ହତ ହେଲେ ।]

ଚକ୍ରଭିକ୍ଷା—ସଂ. ବି—ବହୁଗ୍ରାମର ଗ୍ରାମଦାଣ୍ଡରେ ବୁଲି ବୁଲି ଭିକ୍ଷା କରିବା—
Chakrabhikshā Begging alms by walking along the village roads of many villages.

[ଦ୍ର—ଚକୁଳିଆ ପଣ୍ଡାମାନେ ଚକ୍ର ଭିକ୍ଷା କରନ୍ତି ।]

ଚକ୍ରଭୃତ୍—ସଂ. ବି. ଓ ବିଣ. (ଚକ୍ର+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—
Chakrabhṛut ଚକ୍ରଧର (ଦେଖ) Chakradhara (See)

ଚକ୍ରଭେଦିନୀ—ସଂ. ବି. (ଚକ୍ର=ଚକ୍ରବାକ ପକ୍ଷୀ+ଭିଦ୍ ଧାତୁ=ଦୁଃଖ
Chakrabhedinī ଦେବା+ଇନ୍+ଈ; ଯାହା ଚକ୍ରବାକ ମିଥୁନର ବିଚ୍ଛେଦ ଘଟାଏ)—ରାତ୍ରି—Night

ଚକ୍ରଭ୍ରମ—ସଂ. ବି. (ଚକ୍ର+ଭ୍ରମ)—
Chakrabhrama ୧ । (୬ଷ୍ଠୀ ତତ୍) ଚକର ଘୂରିବା—
(ଚକ୍ରଭ୍ରମି—ଅନ୍ୟରୂପ) 1. Revolution of a wheel.

୨ । (ବହୁବ୍ରୀହି) କୁନ୍ଦିବା ଯନ୍ତ୍ର; ଶାଣଯନ୍ତ୍ର—
2. Turning lath.

୩ । ଚକି—3. Grind stone.

ଚକ୍ରଭ୍ରମର—ସଂ. ବି—ଏକପ୍ରକାର ନୃତ୍ୟ (ହି. ଶବ୍ଦସାଗର)—
Chakrabhramara A kind of whirling dance.
(ଚକ୍ରମଣ୍ଡଳ—ଅନ୍ୟରୂପ)

ଚକ୍ରଭ୍ରାନ୍ତି—ସଂ. ବି. (୬ଷ୍ଠୀ ତତ୍; ଚକ୍ର+ଭ୍ରାନ୍ତି)—ଚକ୍ର ଘୂରିବା—
Chakrabhrānti Revolution of a wheel.

ଚକ୍ରମଣ୍ଡଳୀ—ସଂ. ବି. (ଚକ୍ର+ମଣ୍ଡଳ+ଇନ୍; ୧ମା. ୧ବ.)—
Chakramaṇḍaḷī ୧ । ଗୋଖୁରସାପ (ଯାହା ଫଣାରେ ଚକ୍ର ଚିହ୍ନ ଥାଏ)—1. A species of cobra (having circlets on the fang).

୨ । ଅଜଗର ସାପ (ହି. ଶବ୍ଦସାଗର)—
2. Boa constrictor.

ଚକ୍ରମର୍ଦ୍ଦ—ସଂ. ବି—ଚକୁଣ୍ଡା (ଦେଖ)
Chakramardda Chākuṇḍā (See)

ଚକ୍ରମୀମାଂସା—ସଂ. ବି—୧ । ବୈଷ୍ଣବମାନଙ୍କର ଚକ୍ରମୁଦ୍ରା ଧାରଣ
Chakramīmāṁsā କରିବାର ବିଧି (ହି. ଶବ୍ଦସାଗର)—

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଐ	ଔ	ୟ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍ର	ଗଁ୍ୟ	ଐ	ଔ	ନୃ

1. The ritual for the Baishnabas and getting a stamp put on their body.

୨ । ଭଜସ୍ୱେନ୍ଦ୍ର ସ୍ୱାମୀଙ୍କ ରଚିତ ଚକ୍ରମୁଦ୍ରା ଧାରଣବିଧି ପ୍ରତିପାଦକ ଗ୍ରନ୍ଥବିଶେଷ —
2. Name of a sanscrit treatise.

ଚକ୍ରମୁଖ—ସଂ. ବି. (ବହୁବ୍ରୀହି; ଏହାର ଥୋମଣିର ଆଗ ଚକ୍ର ପରି ଗୋଲ)— ଘୁଷୁରି—Hog.
Chakramukha

ଚକ୍ରମୁଣୋହି— ପ୍ରାଦେ. (ପୁରୀ) ବି—ଜଗନ୍ନାଥ ମନ୍ଦିରର ନୀଳଚକ୍ରକୁ ଦେଖାଇ ଦେବତାଙ୍କ ନାମରେ ଉତ୍ସର୍ଗୀକୃତ ଭୋଗ—The offerings made to the diety Jagannātha by showing to the discus over the temple.
Chakramuṇohi

[ଦ୍ର—ଯାତ୍ରା ଆଦିର ଭିଡ଼ ସମୟରେ ଜଗନ୍ନାଥଙ୍କ ସମ୍ମୁଖକୁ ଯାଇ ନୈବେଦ୍ୟ ଦେବାର ସୁଯୋଗ ନ ମିଳିଲେ ଏପରି କରାଯାଏ ।]

ଚକ୍ରମୁଦ୍ରା—ସଂ. ବି. (ଚକ୍ର + ମୁଦ୍ରା) — ୧ । ଦେବପୂଜା କାଳୀନ କରମୁଦ୍ରା-ବିଶେଷ—1. A pose of the palms of the hands joined together like a circle used during worship.
Chakramudrā

୨ । ବିଷ୍ଣୁଙ୍କ ଚକ୍ରାଦି ଆୟୁଧର ଛାପ ଯାହା ଭକ୍ତମାନେ ଦେହରେ ଘେନନ୍ତି—2. The marks of the weapons of Bishṇu which are stamped on the body of his devotees.

[ଦ୍ର—ଏହା ଦୁଇ ପ୍ରକାର । ୧ ତପ୍ତମୁଦ୍ରା = ଦ୍ୱାରକାଛାପ; ୨ ଶୀତଳମୁଦ୍ରା = ଚନ୍ଦନାଦି ଦେହରେ ଛାପ ।]

ଚକ୍ରଯାନ—ସଂ. ବି. (ମ. ପ. ଲୋ, କର୍ମଧା, ଚକ୍ର + ଯାନ)—
Chakrajāna ୧ । ରଥ; ଗାଡ଼ି; ଶକଟ—
1. Cart; car; vehicle; wheeled conveyance.
୨ । ଗୁନ୍ ଗାଡ଼ି—2. Cycle.

ଚକ୍ରରବ—ସଂ. ବି. (ବହୁବ୍ରୀହି; ଚକ୍ର + ରବ) – ଘୁଷୁରି—
Chakraraba Hog.

ଚକ୍ରସଂଜ୍ଞ—ସଂ. ବି. (ବହୁବ୍ରୀହି; ଚକ୍ର + ସଂଜ୍ଞା)—
Chakrasamjña ୧ । ଧାତୁବିଶେଷ; ରଙ୍ଗା; ବଙ୍ଗ—
1. Tin (metal .
୨ । ଚକ୍ରବାକ ପକ୍ଷୀ—
2. The ruddy shel drake.

ଚକ୍ରସିଂହାବଲୋକନ—ଦେ. ବି—ଶବ୍ଦାଲଙ୍କାରବିଶେଷ; ଚିତ୍ରକାବ୍ୟ-ବିଶେଷ—A kind of artistic composition.
Chakrasimhābalokana

[ଦ୍ର—ଏକ ଶବ୍ଦ ନେଇ ସିଂହାବଲୋକନ ଅଲଙ୍କାର ଏକାଧିକ ପଦରେ କ୍ରମା ସମ୍ପୂର୍ଣ୍ଣ ଛନ୍ଦରେ ଥିଲେ ତାହାକୁ ଚକ୍ରସିଂହାବଲୋକନ କହନ୍ତି । ଏଥିର ଉଦାହରଣ ଉପେ. ବୈଦେହୀଶବିଳାସ ବିଂଶ ଛନ୍ଦରେ ଅଛି ।]

ଚକ୍ରହସ୍ତ—ସଂ. ବି. ପୁଂ. (ବହୁବ୍ରୀହି; ଚକ୍ର+ହସ୍ତ)—ବିଷ୍ଣୁ—
Chakrahasta Bishṇu.
(ଚକ୍ରହସ୍ତା—ସ୍ତ୍ରୀ) ସଂ· ବିଣ. ପୁଂ.—ଚକ୍ର ଧାରଣକାରୀ—
Holding or armed with a discus.

ଚକ୍ରା—ସଂ. ବି.—୧ । ନାଗର ମୁଥା (ଦେଖ)
Chakrā Nāgaramuthā (See)
୨ । କର୍କଟାଶୃଙ୍ଗୀ (ଦେଖ)
2. Kakarḏāśṛuṅgi (See)

ଚକ୍ରାକାର—ସଂ. ବିଣ. (ବହୁବ୍ରୀହି; ଚକ୍ର+ଆକାର)—ମଣ୍ଡଳାକାର; ଗୋଲ—Round; circular.
Chakrākāra
(ଚକ୍ରାକୃତି—ଅନ୍ୟରୂପ)

ଚକ୍ରାଙ୍ଗୀ—ସଂ. ବି.—ମାଈହଂସ —
Chakrākī Goose.
(ଚକ୍ରାଙ୍କୀ—ଅନ୍ୟରୂପ)

ଚକ୍ରାଙ୍କ—ସଂ. ବି. (ଷଷ୍ଠୀ ତତ୍; ଚକ୍ର+ଅଙ୍କ)—୧ । ଚକ୍ରର ଚିହ୍ନ —
Chakrāṅka 1. The mark or sign of a wheel.
୨ । ଚକ୍ରମୁଦ୍ରା (ଦେଖ)—2. Chakramudrā (See)

ଚକ୍ରାଙ୍ଗ—ସଂ. ବି. (ବହୁବ୍ରୀହି; ଚକ୍ର+ଅଙ୍ଗ)—୧ । ରଥ; ଗାଡ଼ି —
Chakrāṅga 1. Wheeled vehicle; cart.
୨ । ବଗିଚା—2. Pleasure garden.
୩ । ବତକ; ହଂସ—3. Swan; gander.
୪ । ଛତା—Parasol umbrella.
୫ । ଚକ୍ରବାକ ପକ୍ଷୀ—5. Ruddy goose.
୬ । ହିଡ଼ମିଚ ଶାଗ—(ହି. ଶବ୍ଦସାଗର)—
6. A kind of pot herb.
୭ । କଟୁକୀ (ହି· ଶବ୍ଦସାଗର)—7. A herb.

ଚକ୍ରାଙ୍ଗୀ—ସଂ. ବି ସ୍ତ୍ରୀ.—୧ । କଟୁକୀ (ଦେଖ)
Chakrāṅgi 1. Kaṭuki (See)
୨ । ମାଈ ବତକ—2. Goose.
୩ । ହୁଲମୋଚକା ଶାଗ—3 A kind of potherb.
୪ । ମଞ୍ଜିଷ୍ଠା—4. Indian madder.
୫ । କର୍କଟାଶୃଙ୍ଗୀ (ଦେଖ)
5. Kakarḏāśṛuṅgi (See)

ଚକ୍ରାଟ —ସଂ. ବି. (ଚକ୍ର+ଗ୍ରାମସମୂହ+ଅଟ ଧାତୁ=ଭ୍ରମଣ କରିବା+ କର୍ତ୍ତୃ. ଅ)—୧ । ଠକ; ପ୍ରତାରକ—
Chakrāṭa
1. A knave; a cheat; a rogue.
୨ । ଐନ୍ଦ୍ରଜାଲିକ; କୁହୁକିଆ —2. A juggler.
୩ । ସାପୁଆ କେଳା—3. A snake charmer.
୪ । ସ୍ୱର୍ଣ୍ଣମୁଦ୍ରା; ମୋହର—4. A gold coin.

ଚକ୍ରାଧିବାସୀ—ସଂ. ବି.—ଲେମ୍ବୁ—
Chakrādhibāsi Orange.

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କଥ' ନ ମିଳିଲେ 'କୂଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଚକ୍ରାନ୍ତ—ସଂ. ବି. (ଚକ୍ର+ଅନ୍ତ; ୬ଷ୍ଠୀ ତତ୍)—୧ । ଷଡ଼ଯନ୍ତ୍ର; କୁମନ୍ତ୍ରଣା;
Chakrānta ପରର ଅନିଷ୍ଟ ସାଧନାର୍ଥ ଗୁପ୍ତ ମନ୍ତ୍ରଣା—
1. Evil plot; conspiracy;.
୨ । ମେଳ—2. Combination.

ଚକ୍ରାବର୍ତ୍ତ—ସଂ. ବି.—(ଚକ୍ର+ଆବର୍ତ୍ତ)—୧ । ଚକାଭଉଁରି; ଘୂର୍ଣ୍ଣନ;
Chakrābartta ମଣ୍ଡଳାକାର ଭ୍ରମଣ; ଚକ ପରି ଘାଉଁରି ଖାଇବା—
1. Whirling motion; movement in a circle.
୨ । ପରିକ୍ରମା—2. Walking in a circuit; circumambulation.

ଚକ୍ରାୟୁଧ—ସଂ. ବିଣ. (ବହୁବ୍ରୀହି; ଚକ୍ର+ଆୟୁଧ) ଯାହାର ଚକ୍ର ଅସ୍ତ୍ର ଅଟେ
Chakrāyudha Having the discus as his weapon.
ସଂ. ବି.—ବିଷ୍ଣୁ—Bishṇu.

ଚକ୍ରାହ୍ୱ—ସଂ. ବି. (ବହୁବ୍ରୀହି; ଚକ୍ର+ଆହ୍ୱା)—ଚକ୍ରବାକ ପକ୍ଷୀ—
Chakrāhwa Ruddy goose.
(ଚକ୍ରାହ୍ୱୟ—ଅନ୍ୟରୂପ)

ଚକ୍ରିଆ—ଦେ. ବିଣ. (ସଂ. ଚକ୍ରୀ)—୧ । କୁମନ୍ତ୍ରଣାକାରୀ—
Chakriā 1. Conspiring.
୨ । ପ୍ରତାରକ—2. Cheating; deceitful.

ଚକ୍ରିକ—ସଂ. ବିଣ. ପୁଂ. (ଚକ୍ର+ଇକ)—ଚକ୍ରଧାରୀ—
Chakrika Armed with discus.
ସଂ. ବି—୧ । କୂଟ—1. Fraudulent; device.
୨ । ଚକ୍ରଧର; ଚକ୍ରଧାରୀ ବ୍ୟକ୍ତି—
2. A person armed with the discus.

ଚକ୍ରିକା—ସଂ. ବି. ସ୍ତ୍ରୀ. (ଚକ୍ରକ+ଆ)—
Chakrikā ୧ । ଆଣ୍ଠୁର ଗୋଲ ହାଡ଼ ବା ଚକି—1. The circular bone at the knee joint; kneebone.
୨ । ଜାନୁ—2. Knee.
୩ । ରାଶି; ଗଦା—3. Heap.
୪ । ଦଳ—4. Troop; crowd.
୫ । ସେନା ଦଳ—5. A troop of soldiers.

ଚକ୍ରିଣୀ—ଦେ. ବି. (ଚକ୍ରିନ୍+ଈ)—ରଥ—
Chakriṇī Chariot.
କୃଷ୍ଣଙ୍କୁ ରଥୁଁ କରି ଅବରୋହ
କୋପଭରେ ସେ ଚକ୍ରିଣୀ ଅରୋହି । ଗୀ.କୃଷ୍ଣ—ରସକଲ୍ଲୋଳ ।
ସଂ. ବି ଓ ବିଣ. ସ୍ତ୍ରୀ—ଚକ୍ରୀର ସ୍ତ୍ରୀଲିଙ୍ଗ—
Feminine of Chakrī.

ଚକ୍ରିବାଣ—ଦେ. ବି—ଚକ୍ରୀ (ଦେଖ)
Chakribāṇa Chakrī (See)

ଚକ୍ରିୟ—ସଂ. ବିଣ. ପୁଂ. (ଚକ୍ର+ଇୟ)—
Chakriya ଭ୍ରମଣକାଳରେ ଚକ୍ରଯାନ ଚଢ଼ିଥିବା—
(ଚକ୍ରିୟା—ସ୍ତ୍ରୀ) Going or travelling in a carriage.

ଚକ୍ରୀ—ସଂ. ବି. ପୁଂ. (ଚକ୍ର+ଇନ୍; ୧ମା. ୧ବ.)—୧ । ବିଷ୍ଣୁ—
Chakrī 1. Bishṇu.
(ଚକ୍ରିଣୀ—ସ୍ତ୍ରୀ) ୨ । କୁମ୍ଭକାର—2. Potter.
୩ । ସମ୍ରାଟ୍—3. Emperor.
୪ । ସର୍ପ—4. Serpent; snake.
୫ । ଚକ୍ରବାକ ପକ୍ଷୀ—5. Ruddy shel-drake.
୬ । ତେଲି—6. Oilman.
୭ । ବାଜିକର—7. Juggler.
୮ । ଗୁପ୍ତଚର; ଗୁଇନ୍ଦା—8. Informer; spy.
୯ । କାକ—9. Crow.
୧୦ । ଗର୍ଦ୍ଦଭ—10. Ass.
୧୧ । ପ୍ରାଦେଶିକ ଶାସନକର୍ତ୍ତା—
11. Provincial Governor.
୧୨ । ଗ୍ରାମର ପୁରୋହିତ (ହି. ଶବ୍ଦସାଗର)—
12. The priest of a whole village.
୧୩ । ବକରା; ଅଣ୍ଡିରା ଛେଳି (ହି. ଶବ୍ଦସାଗର)—
13. A male goat.
୧୪ । ଚକୁଣ୍ଡା (ଦେଖ)
14. Chākuṇḍā (See)
୧୫ । ତିନିଶ (ଦେଖ)
15. Tiniśa (See)
୧୬ । ରଥାରୋହୀ ବ୍ୟକ୍ତି (ହି. ଶବ୍ଦସାଗର)—
16. A person who rides on a car.
୧୭ । ଔଶନସଙ୍କ ଜାତି ବିବେକ ଗ୍ରନ୍ଥରେ ଉଲ୍ଲିଖିତ ବର୍ଣ୍ଣସଙ୍କର ଜାତିବିଶେଷ (ହି. ଶବ୍ଦସାଗର)—
17. Name of a hybrid tribe of ancient India.
୧୮ । (ଚନ୍ଦ୍ରଶେଖରଙ୍କ ମତରେ) ଆର୍ଯ୍ୟାଛନ୍ଦର ୨୨ଟି ଭେଦମଧ୍ୟରୁ ଏକ (ହି. ଶବ୍ଦସାଗର)—
18. Name of a musical tune.
[ଦ୍ର—ଏଥିରେ ୭ ଗୁରୁ ଓ ୪୫ ଲଘୁସ୍ୱର ଥାଏ ।]
ସଂ. ବିଣ—୧ । ଚକ୍ରବିଶିଷ୍ଟ—1. Wheeled.
୨ । ଚକ୍ରଧାରୀ—2 Armed with a discus.
୩ । ଗୋଲାକାର—3. Circular; round.
୪ । ସୂଚକ—4 Indicative.
୫ । କୁମନ୍ତ୍ରଣାକାରକ; ଷଡ଼ଯନ୍ତ୍ରକାରୀ—
5. Plotting; conspirating.
ଦେ. ବି. (ସଂ. ଚକ୍ର)—ଏକ ପ୍ରକାର ବାଣ ଯହିଁରେ ନିଆଁ ଲାଗିଲେ ଚକ ପରି ଘୂରେ—A whirling firework. Catherine wheel.
[ଦ୍ର—ଏହା ୨ ପ୍ରକାର; ଏକପ୍ରକାର ଚକ୍ରୀ ତାଳ ପଟକାପରି, ଏଥିରେ ନିଆଁ ଲଗାଇ ଦେଲେ ଏହା ଚକ ପରି ଘୂରୁ ଘୂରୁ ଶୂନ୍ୟକୁ

୧.	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇସ୍ତ	ଉଅ	ଲ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଊ	ନ୍ତ

ଉଠେ । ଅଭି ଏକ ପ୍ରକାର ଚକାକାର ବତାରେ ୩୪ ସ୍ଥାନରେ ବାରୁଦ ପୂର୍ଣ୍ଣ ନଳୀ ଲାଗିଥାଏ ଓ ଉକ୍ତ ଚକର କେନ୍ଦ୍ରକୁ ଭୂମିରେ ପୋତା ବାଉଁଶରେ ବାନ୍ଧିବାକୁ ହୁଏ । ନଳୀ ଲଗାଇଲେ ତାହା ଉକ୍ତ ପୋତା ବାଉଁଶ ଉପରେ ବାରମ୍ବାର ଘୂରେ ।]

ଚକ୍ରୀକରଣ—ସଂ. ବି. (ଚକ୍ର+ଅଭୂତ ତଦ୍ଭାବେ. (ଚ୍ୱି) ଈ+କରଣ)—
Chakrīkaraṇa ସିଧା ହୋଇଥିବା କୌଣସି ବସ୍ତୁ (ଧନୁ ଆଦି) (ଚକ୍ରୀକୃତ—ବିଣ) କୁ ଗୋଲ କରିବା—To form into a circle; to make circular.

ଚକ୍ରୀବାନ୍—ସଂ. ବି. (ଚକ୍ରୀ+ବତ୍; ୧ମା. ୧ବ)—
Chakrībān ୧ । ଗର୍ଦ୍ଦଭ—1. Ass.
୨ । ନୃପବିଶେଷ (ପ୍ରକୃତିବାଦ)—
2. Name of a king.

ଚକ୍ରେଶ୍ୱର—ପୁଂ. ବି. (୬ଷ୍ଠୀ ତତ୍; ଚକ୍ର+ଈଶ୍ୱର)—
Chakreśwara ୧ । ସମ୍ରାଟ୍—1. Emperor.
୨ । ରାଜା—2. King.
୩ । ପ୍ରାଦେଶିକଶାସନକର୍ତ୍ତା—
3. Provincial Governor.
୪ । ଜିଲ୍ଲାର ଶାସନକର୍ତ୍ତା—4. District officer.
୫ । ବିଷ୍ଣୁ—5. Bishṇu.
୬ । ତାନ୍ତ୍ରିକ ସାଧନାର ଚକ୍ରର ଅଧିଷ୍ଠାତା—
6. The presiding Deity of a mystic circle of the Tāntrikas.

ଚକ୍ଷ (ଧାତୁ)—ସ—୧ । ବୋଲିବା; କହିବା—
Chaksh (root) 1. To speak; to tell; to say.
୨ । ଖାଇବା—2 To eat.
୩ । ଚାଖିବା—3. To taste.
୪ । ଦେଖିବା—4. To see; to perceive.
୫ । ତ୍ୟାଗ କରିବା—5. To abandon; to leave.

ଚକ୍ଷଣ—ସଂ. ବି. (ଚକ୍ଷ୍ ଧାତୁ+ଅନ)—
Chakshaṇa ୧ । (+ଭାବ. ଅନ) କଥନ—
1. Speaking.
୨ । (+କର୍ମ. ଅନ) ଚଟଣି—2. Sauce; chutney.
୩ । ମଦର ଚାଟ୍; ମଦ୍ୟପାୟୀର ମୁଖରୋଚକ ବସ୍ତୁ; ଚାଖଣା—
3. A relish; a sweet thing taken by the winedrinker after drink.
୪ । ମୁଖସ୍ୱାଦ ବା କ୍ଷୁଧାବୃଦ୍ଧି କରିବାପାଇଁ ଚାଟ୍ ଚାଖିବା—
4. Eating of a relish to promote appetite.
୫ । (+ଭାବ. ଅନ) ଚାଖିବା—5. Tasting.
୬ । (+ଭାବ. ଅନ) କୃପାଦୃଷ୍ଟି; ଅନୁଗ୍ରହ (ହି. ଶବ୍ଦସାଗର)-
6. A look of favour.

ଚକ୍ଷମ—ସଂ. ବି. (ଚକ୍ଷ୍ ଧାତୁ—କହିବା+କର୍ତ୍ତୃ. ଅମ)—
Chakshama ୧ । ସୁରଗୁରୁ; ବୃହସ୍ପତି—1. Bṛuhaspati.
୨ । ଉପାଧ୍ୟାୟ (ହି. ଶବ୍ଦସାଗର)—
2. Teacher; pedagogue.

ଚକ୍ଷୁ—ଦେ. ବି. (ସଂ. ଚକ୍ଷୁସ୍)—ଚକ୍ଷୁଃ (ଦେଖ)
Chakshu Chakshuḥ (See)
ଚୋକ

ଚକ୍ଷୁଃ—ସଂ. ବି. (ଚକ୍ଷ୍ ଧାତୁ+ଉସ୍)—୧ । (+କରଣ. ଉସ୍) ଆଖି;
Chakshuḥ ନୟନ; ଦର୍ଶନେନ୍ଦ୍ରିୟ—1. Eye.
୨ । (+ଭାବ. ଅନ) ଦୃଷ୍ଟି—2. Sight; vision; look.
୩ । ଦୃଷ୍ଟିଶକ୍ତି—3 The faculty of sight.
୪ । ଉଜ୍ଜ୍ୱଳତା; କାନ୍ତି; ତେଜଃ—
4. Lustre; radiance; splendour.
୫ । ଆଲୋକ—5. Light.
୬ । ଅଜମୀଢ଼ବଂଶୀୟ ପୁରୁଜାନୁଙ୍କ ପୁତ୍ର ଓ ହର୍ଯ୍ୟଶ୍ୱଙ୍କ ପିତା; ବିଷ୍ଣୁପୁରାଣୋକ୍ତ ରାଜାବିଶେଷ—6. Name of a king of ancient India.
୭ । ଅକ୍ସସ୍ ନଦୀ—7 The river Oxus.

[ଦ୍ର—ବିଷ୍ଣୁପୁରାଣରେ ଅଛି ଯେ ଗଙ୍ଗା ବ୍ରହ୍ମଲୋକରୁ ପଡ଼ି ୪ଟି ଧାରରେ ପ୍ରବାହିତ ହେଲା । ଯେଉଁ ଧାର କେତୁମାଲ ପର୍ବତ ପାଖରେ ପଶ୍ଚିମସାଗରରେ ଯାଇ ପଡ଼ିଲା ତାହାର ନାମ ଚକ୍ଷୁଃ । ବେଦରେ ମଧ୍ୟ ଏ ନାମ ମିଳେ (ହି. ଶବ୍ଦସାଗର) ।]

ଚକ୍ଷୁଃପଥ—ସଂ. ବି (ଷଷ୍ଠୀତତ୍; ଚକ୍ଷୁଃ+ପଥ)—
Chakshuḥpatha ୧ । ଦୃଷ୍ଟିର ସୀମା—
(ଚକ୍ଷୁଷ୍ପଥ—ଅନ୍ୟରୂପ) 1. Range of vision.
୨ । ଚକ୍ରବାଳ; ଦିଗ୍ବଳୟ—2 Horizon.

ଚକ୍ଷୁଃପୀଡ଼ା—ସଂ. ବି (୬ଷ୍ଠୀ ତତ୍; ଚକ୍ଷୁଃ+ପୀଡ଼ା)—
Chakshuḥpīṛḍā ଆଖି ବିନ୍ଧିବା; ଆଖି ଶୂଳିହେବା—
(ଚକ୍ଷୁଷ୍ପୀଡ଼ା—ଅନ୍ୟରୂପ) Pain in the eye.

ଚକ୍ଷୁଃପ୍ରୀତି—ସଂ. ବି—କୌଣସି ସୁନ୍ଦର ବସ୍ତୁ ଦେଖିବାଦ୍ୱାରା ଜନ୍ମିବା
Chakshuḥprīti ଆନନ୍ଦ—Pleasure derived from seeing a beautiful thing.

ଚକ୍ଷୁଃଶୂଳ—ସଂ. ବି (୬ଷ୍ଠୀ ତତ୍; ଚକ୍ଷୁଃ+ଶୂଳ)—୧ । (ଲକ୍ଷଣାର୍ଥ) ଯାହା
Chakshuḥśūḷa ଦେଖିବା ବ୍ୟକ୍ତିର ମନରେ କଷ୍ଟ ଦିଏ—
1. (fig) An eyesore.
୨ । ଚକ୍ଷୁଃପୀଡ଼ା—2. Pain in the eye.
ସଂ. ବିଣ (ଲକ୍ଷଣାର୍ଥ) ଯାହା ଦେଖିଲେ କଷ୍ଟ ଜାତ ହୁଏ; ନେତ୍ରର ଅପ୍ରୀତିକର—Very unpleasant or offensive to look at.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ୍ୟା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚକ୍ଷୁଃଶ୍ରବ—ଦେ. ବ (ସଂ. ଚକ୍ଷୁଃଶ୍ରବାଃ)—
Chakshuhśraba — ଚକ୍ଷୁଃଶ୍ରବାଃ (ଦେଖ) Chakshuhśrabāh (See).
(ଚକ୍ଷୁଃଶ୍ରବା—ଅନ୍ୟରୂପ)

କୋପେ କମ୍ପଇ ଚକ୍ଷୁଃଶ୍ରବ—ଜଗନ୍ନାଥ. ଭାଗବତ ।

ଚକ୍ଷୁଃଶ୍ରବାଃ—ସଂ.ବ (ବହୁବ୍ରୀହି; ଚକ୍ଷୁ + ଶ୍ରବସ୍; ଯେ ଚକ୍ଷୁଦ୍ୱାରା ଶୁଣେ)—
Chakshuhśrabāh — ସର୍ପ—Serpent.

[ଦ୍ର—ସାପମାନଙ୍କ ମୁଣ୍ଡରେ କାନ ଦେଖା ନ ଯିବାରୁ ସାପମାନେ ଆଖିଦ୍ୱାରା ଶୁଣନ୍ତି ବୋଲି ଲୋକେ ବିଶ୍ୱାସ କରୁଥିଲେ, କିନ୍ତୁ ଆଧୁନିକ ପଣ୍ଡିତମାନେ ସ୍ଥିର କରିଅଛନ୍ତି ଯେ ସର୍ପମାନଙ୍କର ସ୍ୱତନ୍ତ୍ର କର୍ଣ୍ଣଯନ୍ତ୍ର ମସ୍ତକର ଚର୍ମ ତଳେ ଲୁଚିଛି ।]

ଚକ୍ଷୁଃସ୍ପନ୍ଦନ—ସଂ. ବ (୬ଷ୍ଠୀ ତତ୍; ଚକ୍ଷୁଃ + ସ୍ପନ୍ଦନ)—
Chakshuhspandana — ଆଖିର ପତା ଡେଇଁବା—The throbbing of the eyelid; involuntary vibration of the different parts of the eyelid.
(ଚକ୍ଷୁସ୍ପନ୍ଦନ, ଚକ୍ଷୁଃସ୍ଫୁରଣ, ଚକ୍ଷୁସ୍ଫୁରଣ—ଅନ୍ୟରୂପ)

[ଦ୍ର—ବେଳେବେଳେ ଆଖିର ଉପରପତା, ଆଖିର ତଳପତା, ଆଖିପତାର କୋଣ ଓ ଆଖିପତାର ପ୍ରାନ୍ତର ସ୍ପନ୍ଦନ ହୁଏ । ପୁରୁଷର ଡାହାଣ ଆଖିର ଓ ସ୍ତ୍ରୀର ବାମ ଆଖିର ଭିନ୍ନ ଭିନ୍ନ ଅଂଶର ସ୍ପନ୍ଦନ ହେଲେ ଶୁଭମଙ୍ଗଳର ଓ ପୁରୁଷର ବାମ ଆଖି ଓ ସ୍ତ୍ରୀର ଡାହାଣ ଆଖିର ଭିନ୍ନ ଭିନ୍ନ ଅଂଶର ସ୍ପନ୍ଦନ ହେଲେ ଅଶୁଭ-ଅମଙ୍ଗଳର ସୂଚନା ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି ।]

ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟାଇବା—ଦେ. କ୍ରି—ଶୁଣିଥିବା ବିଷୟକୁ ଦର୍ଶନ
Chakshu karnnara bibāda mentāibā — କରିବା ଦ୍ୱାରା
চক্ষু কর্ণের বিবাদ মেটান — ଶୁଣା କଥା ଓ ଦେଖା କଥା ଏକ ଥିବା ଜାଣି ସନ୍ତୁଷ୍ଟ ହେବା—To test the truth or otherwise of a report (heard) about a thing or person by actually seeing the thing or person.

ଚକ୍ଷୁ କର୍ଣ୍ଣର ବିବାଦ ମେଣ୍ଟିବା—ଦେ. କ୍ରି—ଶୁଣିଥିବା ବିଷୟ ବା
Chakshu karnnara bibāda mentibā — ବର୍ଣ୍ଣନାକୁ ସ୍ୱଚକ୍ଷୁରେ
চক্ষু কর্ণের বিবাদ মিটা — ଦେଖିବାଦ୍ୱାରା ଶୁଣା କଥା ସଙ୍ଗେ ଦେଖା କଥାର ସାମଞ୍ଜସ୍ୟ ପ୍ରତିପାଦିତ ହେବା—Reconciliation of the hearsay report with the actual facts by visual test.

ଚକ୍ଷୁଖୋଲିବା—ଦେ. କ୍ରି—ଆଖି ମେଲିକରିବା—
Chakshu kholibā — To open one's eyes.
চোখ খুলা — ଦେ. ବ—(ଲକ୍ଷଣାର୍ଥ) ଚୈତନ୍ୟ ଉଦୟ ହେବା; ପ୍ରକୃତ
আঁখ খুলনা — ଅବସ୍ଥା ହୃଦୟଙ୍ଗମ ହେବା—(figurative) Becoming alive to the reality.

ଚକ୍ଷୁଗୋଚର—ଦେ. ବଣ (ସଂ. ଚକ୍ଷୁର୍ଗୋଚର)—
Chakshugochara — ଚକ୍ଷୁର୍ଗୋଚର (ଦେଖ) Chakshurgochara (See).

ଚକ୍ଷୁଦାନ—ଦେ. ବ—(ସଂ. ଚକ୍ଷୁର୍ଦାନ)—ଚକ୍ଷୁର୍ଦାନ (ଦେଖ).
Chakshudāna — Chakshurdāna (See)

ଚକ୍ଷୁ ପୀଡ଼ା—ଦେ. ବ—(ସଂ.ଚକ୍ଷୁଃ ପୀଡ଼ା)—୧ । ଚକ୍ଷୁଃ ପୀଡ଼ା (ଦେଖ)
Chakshu pirdā — Chakshuh pirdā (See)

ଚକ୍ଷୁରୋଗ—ସଂ. ବ—(ଚକ୍ଷୁଃ + ରୋଗ)—ଚକ୍ଷୁକୁ ବାଧା କରିବା ରୋଗ;
Chakshuroga — ନେତ୍ରବ୍ୟାଧି—Eye disease (M. W)
(ଚକ୍ଷୁରୋଗ-ଅନ୍ୟରୂପ)

ଚକ୍ଷୁର୍ଗୋଚର—ସ. ବଣ.—(୬ଷ୍ଠୀ ତତ୍; ଚକ୍ଷୁଃ + ଗୋଚର)—
Chakshurgochara — ୧ । ଦୃଷ୍ଟିଗୋଚର—1. Coming under the ken of one's eyes.
(ଚକ୍ଷୁର୍ଗୋଚରା—ସ୍ତ୍ରୀ)
୨ । ଦେଖା ଯାଉଥିବା—3. Visible.

ଚକ୍ଷୁର୍ଗ୍ରହଣ—ସଂ. ବ. (୬ଷ୍ଠୀ ତତ୍; ଚକ୍ଷୁଃ + ଗ୍ରହଣ)—ଆଖିଧରା ରୋଗ—
Chakshurgrahana — A morbid affection of the eye.

ଚକ୍ଷୁର୍ଦାନ—ସଂ. ବ—(୬ଷ୍ଠୀ ତତ୍; ଚକ୍ଷୁଃ + ଦାନ)—୧ । ଚିକିତ୍ସା ବା
Chakshurdāna — ଔଷଧପ୍ରୟୋଗ ଦ୍ୱାରା ଲୁପ୍ତ ଦୃଷ୍ଟିଶକ୍ତିକୁ ଉଦ୍ଧାର କରିବା—1. Restoration of lost eyesight by treatment.
୨ । ଦେବ ପ୍ରତିମାର ଚକ୍ଷୁରେ ରଙ୍ଗ ଦେଇ ମନ୍ତ୍ରଦ୍ୱାରା ପ୍ରାଣପ୍ରତିଷ୍ଠା କରିବା; ଚକ୍ଷୁଦାନ—2. The ritual of painting the eyes of an image and infusing life into it.

ଚକ୍ଷୁର୍ବନ୍ଧ—ସଂ. ବ.—(୬ଷ୍ଠୀ ତତ୍; ଚକ୍ଷୁଃ + ବନ୍ଧ)—
Chakshurbandha — ୧ । ଆଖିରେ ଅନ୍ଧପୋଟଳ ବାନ୍ଧିବା—1. Putting of a blind over the eyes
(ଚକ୍ଷୁର୍ବନ୍ଧନ—ଅନ୍ୟରୂପ)
୨ । ମନ୍ତ୍ରପ୍ରୟୋଗ ଦ୍ୱାରା ଦୃଷ୍ଟିଶକ୍ତିର ଲୋପକରଣ—2. Blinding the sight by charms.

ଚକ୍ଷୁର୍ବିଷୟ—ସଂ. ବ.—(୬ଷ୍ଠୀ ତତ୍; ଚକ୍ଷୁଃ + ବିଷୟ)—
Chakshurbishaya — ନୟନଗୋଚର; ଦର୍ଶନୀୟ ବସ୍ତୁ—Thing seen by the eye; object of sight
ସଂ. ବଣ—ଦର୍ଶନୀୟ—Perceivable by the eye; perceptible.

ଚକ୍ଷୁର୍ମଳ—ସଂ. ବ. (୬ଷ୍ଠୀ ତତ୍; ଚକ୍ଷୁଃ + ମଳ)—ଆଖିର ଲେଞ୍ଜରା—
Chakshurmala — The excretion of the eye; rheum of the eye.

ଚକ୍ଷୁର୍ଲଜ୍ଜା—ସଂ. ବ—(ମ. ପ. ଲୋ; ଚକ୍ଷୁଦ୍ୱାରା ଅନୁଭୂତ ଲଜ୍ଜା)—
Chakshurlajjā — ମୋହବଡ଼; ମୁହଁ ଉପରୋଧ; ଅଶିଷ୍ଟ ଆଚରଣ ହେତୁ ଲଜ୍ଜା ବୋଧ ବା କୁଣ୍ଠା ବୋଧ—Scruple; sensitiveness felt by one in the presence of a gentleman.

୧.	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଋଷ୍	ଡ୍ଥ	ଖ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଋଥ	ଡ଼	ଜ

ଚକ୍ଷୁଲଜ୍ଜା—ଦେ. ବ. (ସଂ. ଚକ୍ଷୁର୍ଲଜ୍ଜା)—ଚକ୍ଷୁର୍ଲଜ୍ଜା (ଦେଖ)
Chakshulajjā Chakshurlajjā (See)

ଏ ପରଗୌରବ ଏବେ ସାଜସଜ୍ଜା—
ପ୍ରଚାର ଚଳେ ନାହିଁ ଚକ୍ଷୁଲଜ୍ଜା । ରଧାନାଥ—ଦରବାର ।

ଚକ୍ଷୁଷ୍କର୍ଣ୍ଣ—ସଂ. ବ. (ବହୁବ୍ରୀହି; ଚକ୍ଷୁଃ ଅଟେ କର୍ଣ୍ଣ ଯାହାର)—ଚକ୍ଷୁଃଶ୍ରବାଃ,
Chakshushkarnna ସର୍ପ—Serpent (M. W.)

ଚକ୍ଷୁଷ୍ପତି—ସଂ. ବ.—(୬ଷ୍ଠୀ ତତ୍; ଚକ୍ଷୁଃ=ଆଲୋକ+ପତି)—
Chakshushpati ସୂର୍ଯ୍ୟ (ହି. ଶବ୍ଦସାଗର)—The sun.

ଚକ୍ଷୁଷ୍ପୀଡ଼ା—ସଂ. ବି.—ଚକ୍ଷୁଃ ପୀଡ଼ା (ଦେଖ)
Chakshushpirdā Chakshuh pirdā (See)

ଚକ୍ଷୁଷ୍ମତ୍ତା—ସଂ. ବ (ଚକ୍ଷୁଷ୍ମତ୍+ତା)—୧ । ଦୃଷ୍ଟିର ଶକ୍ତି—
Chakshushmattā 1. The faculty of sight.
(ଚକ୍ଷୁଷ୍ମତ୍ତ୍ୱ—ଅନ୍ୟରୂପ) ୨ । ପ୍ରଖର ଦୃଷ୍ଟି ଶକ୍ତି—
2. Keen eye-sight.
୩ । ସ୍ପଷ୍ଟ ଦେଖି ପାରିବା—3 Clear vision.

ଚକ୍ଷୁଷ୍ମାନ୍—ସଂ. ବଣ. ପୁଂ (ଚକ୍ଷୁସ୍+ମତ୍; ୧ମା. ୧ବ; ଶବ୍ଦବିଧାନର
Chakshushmān ନିୟମ ଅନୁସାରେ ସ+ମ ମିଶି 'ଷ୍ମ' ହେଲା)—
(ଚକ୍ଷୁଷ୍ମତୀ—ସ୍ତ୍ରୀ) ୧ । ଯାହାର ଆଖି ଅଛି—1. Having eyes.
୨ । ସ୍ପଷ୍ଟ ଦୃଷ୍ଟିଶକ୍ତିଯୁକ୍ତ—
2. Having clear eye-sights; clear-sighted.
୩ । ଯାହାର ପ୍ରଖର ଦୃଷ୍ଟି ଶକ୍ତି ଅଛି—3. Keen sighted.
୪ । ଯାହାର ଦୃଷ୍ଟି ଶକ୍ତି ଅଛି —
4. Endowed with the faculty of sight.

ଚକ୍ଷୁଷ୍ୟ—ସଂ. ବଣ (ଚକ୍ଷୁସ୍+ହିତାର୍ଥେ ଯ)—୧ । ଚକ୍ଷୁର ହିତକର—
Chakshushya 1. Beneficial to the eye.
(ଚକ୍ଷୁଷ୍ୟା—ସ୍ତ୍ରୀ) ୨ । ନୟନାଭିରାମ, ଯାହାକୁ ଦେଖିଲେ ମନ ଆନନ୍ଦିତ
ହୁଏ; ପ୍ରିୟ ଦର୍ଶନ—2. Soothing to the eyes;
pleasing to the eyes
୩ । ପ୍ରିୟଦର୍ଶନ; ସୁନ୍ଦର—
3. Beautiful; good-looking.
୪ । ଯାହା ଦୃଷ୍ଟି ଶକ୍ତିର ହିତକର—
4. Wholesome for the eye-sight.
ସଂ. ବି—୧ । ଆଖି ପାଇଁ କଜ୍ଜ୍ୱଳ—1. Collyrium.
୨ । କିଆଗଛ—2. Pandanus Odoratissinus; the screwpine (M. W.)
୩ । ସଜନାଗଛ—
3. Hyperanthera Moringa (tree) (M. W.)
୪ । ପ୍ରପୌଣ୍ଡରୀକ ଗୁଳ୍ମ—
4. A kind of small shrub (M. W.)

ଚକ୍ଷୁଷ୍ୟା—ସଂ. ବଣ. ସ୍ତ୍ରୀ (ଚକ୍ଷୁଷ୍ୟ+ଆ)—ଚକ୍ଷୁଷ୍ୟର ସ୍ତ୍ରୀଲିଙ୍ଗ—
Chakshushyā Feminine of Chakshushya.
ସଂ. ବି. ସ୍ତ୍ରୀ—୧ । ସୁନ୍ଦରୀ ସ୍ତ୍ରୀ—1. A graceful woman.
୨ । ଏକପ୍ରକାର କଜ୍ଜ୍ୱଳ—2. A kind of collyrium.
୩ । କିଆଗଛ—
3. Pandanus Odoratissinus (M. W.)

ଚକ୍ଷୂରାଗ—ସଂ. ବ (ଚକ୍ଷୁଃ+ରାଗ; ସନ୍ଧିରେ 'ଋ' ଠାରେ 'ଊ')—
Chakshūrāga ୧ । ଚକ୍ଷୁର ରକ୍ତିମା—1. Redness of the eye.
୨ । ଚକ୍ଷୁକୁ କଜ୍ଜ୍ୱଳ ଆଦି ରଙ୍ଗଦେଇ ରଙ୍ଗାଇବା—
2. Painting the eye-lids with collyrium etc.
୩ । ଚକ୍ଷୁଃପ୍ରୀତି (ଦେଖ)—
3. Chakshuhpriti (See) (M. W.)

ଚକ୍ଷୂରୋଗ—ସଂ. ବ (୬ଷ୍ଠୀ ତତ୍; ଚକ୍ଷୁଃ+ରୋଗ, ସନ୍ଧି ଯୋଗେ 'ଋ'
Chakshūroga ଠାରେ 'ଊ') ନେତ୍ରରୋଗ—
ଚକ୍ଷୁରୋଗ—ଅନ୍ୟରୂପ) Disease of the eye.

ଚଖନା—ପ୍ରାଦେ. (ସମ୍ବଲପୁର) ବ—ଗୁଖଣା; ଗୁଖିବା ଯୋଗ୍ୟ ବସ୍ତୁ—
Chakhnā A thing which is eaten by licking.

ଚଖ—ପ୍ରାଦେ (ଫିହ୍ଡିଭୂମ) କି—ଅସ୍ତ୍ରାଦି ପଜାଇବା—
Chakha Whetting of weapons.

ଚଖଣ୍ଡା ପ୍ରାଦେ (ସମ୍ବଲପୁର) ବି. (ସଂ. ଚକ୍ରମର୍ଦ୍ଦ)—ଚକୁଣ୍ଡା (ଦେଖ)
Chakhanrdā Chākundā (See)

ଚଖା—ଦେ. ବି.—(ସଂ.ଚଷଣ)—ଜିହ୍ୱାଦ୍ୱାରା ସ୍ୱାଦଗ୍ରହଣ; ଗୁଖିବାକର୍ମ—
Chakhā Tasting.
চাকা, চাখা

চখনা
(ଚଖେଇ—ସ୍ତ୍ରୀ) ଦେ. ବଣ. ପୁଂ—୧ । ଯେ ସବୁ ପଦାର୍ଥ ଗୁଖେ
କିନ୍ତୁ କୌଣସି ପଦାର୍ଥ ଖାଏନାହିଁ—1. Tasting everything but not eating anything.
୨ । ଯେ ଖାଦ୍ୟଦ୍ରବ୍ୟ କିଣିବା ବାହାନାରେ ସବୁ ଖାଦ୍ୟ
ଦ୍ରବ୍ୟକୁ ଟିକଏ ଟିକଏ ଗୁଖେ କିନ୍ତୁ ଶେଷରେ ସ୍ୱାଦ
ଗ୍ରହଣ କରିସାରି ଫାଙ୍କିଦେଇ କୌଣସି ପଦାର୍ଥ ନ କିଣି
ଚାଲିଯାଏ—2. One who, pretending to purchase different foods exposed for sale after ascertaining which is good and which is bad tastes different articles, but goes away without purchasing anything.
୩ । (ଗାଳିରେ ବ୍ୟବହୃତ) ଯେ କୌଣସି ଗୋଟିଏ ବିଷୟକୁ
ଦୃଢ଼ଭାବରେ ନ ଧରି ଆଜି ଏ କାମ କାଲି ସେ କାମ
କରେ ଓ ସବୁ କାମକୁ ଗୁଖିଲାପରି ଗୁଖିଦେଇ ଛାଡ଼
ଦିଏ—3. (term of abuse) A person who does not stick to any particular thing or profession; a jack of all trades.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ଚଖା ହୋଇଥିବା ବସ୍ତୁ— 4. (a thing) Tasted.

ଚକ୍ଷୁଲାଗି ଏକ କହେ, ଚଖା ଦ୍ରବ୍ୟେ ଲୋଭ ରହେ—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଚଖାଇବା— ଦେ. କ୍ରି—(ସଂ. ଚଷ ଧାତୁର ଣିଜନ୍ତ)—୧ । ଚାଖିବା କ୍ରିୟାର ଣିଜନ୍ତ ରୂପ—1. Causative of Chākhibā.
Chakhāibā
চাখান
चखान
(ଚଖେଇବା—ଅନ୍ୟରୂପ)
୨ । ଅନ୍ୟ ବ୍ୟକ୍ତିକୁ କୌଣସି ପଦାର୍ଥ ଚାଖିବାର ସୁଯୋଗ ବା ଅନୁମତି ଦେବା—2. To permit or cause a person to taste a thing.

ଚାଖି ବୁଝାଇଦ ଦେଉଛ ଜାନକୁ—କୃଷ୍ଣସିଂହ, ମହାଭାରତ, ସଭାପର୍ବ ।

ଚଖାଚଖି – ଦେ. ବି—୧ । ଅନେକ ବସ୍ତୁକୁ ଚାଖିବା କର୍ମ— 1. Tasting of many things.
Chakhāchakhi
চাখাচাখি
चखाचखि
୨ । କୌଣସି ବସ୍ତୁର ସ୍ୱାଦ ପରସ୍ପରକୁ ଗ୍ରହଣ କରିବା— 2. Causing each other to taste anything.

୩ । (ଲକ୍ଷଣାର୍ଥ) ପରସ୍ପରର ବଳ ବା ପରାକ୍ରମ ପରୀକ୍ଷା କରିବା; କସାକସି—3. Tasting of each other's strength or might.

୪ । ବିବାଦ; ବୈର—4. Dispute.

ଦେ. ବିଣ—ପରସ୍ପର ବଳ କସାକସି ହେଉଥିବା (ବ୍ୟକ୍ତି ଦ୍ୱୟ)— (two persons) Engaged in tasting each other's strength.

ଚଖୁ—ଗ୍ରା. ବି. (ସଂ. ଚକ୍ଷୁଃ)—ଚକ୍ଷୁଃ; ଆଖି— Eye.
Chakhu
চোখ
चखु

ଚଗଲ୍—ଦେ. ବି.—(ସଂ. ଚପଳ; ତମ୍ଭା ଜଗଲ)—୧ । ଅସ୍ଥିରତା; ଚପଳତା—1. Unstability; restlessness; fickleness.
Chagal
चुलबुल
୨ । ଅମନୋଯୋଗ—2. Inattention.

ଦେ. ବିଣ—୧ । ଅସ୍ଥିର—1. Restless.

୨ । ଅମନୋଯୋଗୀ—2. Inattentive.

ଚଗଲ୍‌ବଗଲ୍—ଦେ. ବିଣ.—(ଫା. ଅଗଲ୍ ବଗଲ୍ ତମ୍ଭା. ସଂ. ଚପଳ ସଙ୍ଗେ ଅନର୍ଥକ ଧ୍ୱନ୍ୟନୁକାରୀ ଶବ୍ଦ ସହିତର)—
Chagalbagal
୧ । ଚଞ୍ଚଳ ମତି; ଚପଳ— Fickle.
अगल बगल ୨ । ଅସ୍ଥିର—2. Restless.

ଦେ. ବି.—୧ । ଅସ୍ଥିରତା—1. Restlessness.

୨ । ଅନିଶ୍ଚିତତା—2. Uncertainty.

ଚଗଲପଣ—ଦେ. ବି.—୧ । ଦୁଷ୍ଟାମି—1. Wickedness.
Chagalapaṇa
(ଚଗଲପଣିଆଁ—ଅନ୍ୟରୂପ)
चुलबुलापन
୨ । ଅସ୍ଥିରତା—2. Restlessness; fickleness.
୩ । ଅମନୋଯୋଗିତା—3. Inattentiveness

ଚଗଲା—ଦେ. ବିଣ. ପୁଂ. (ସଂ. ଜଗଲ=ଧୂର୍ତ୍ତ; ସଂ. ଚପଳ, ତୁଳ. ହି. ଚଗଡ଼୍=ଚତୁର; ସଂ. ଚଙ୍ଗ=ଦକ୍ଷ)—
Chagalā
চেঁগলা, চেঁগড়া
चिबिल्ला, चुलबुला
चिलबिला
(ଚଗଲୀ—ସ୍ତ୍ରୀ)
୧ । ଅସ୍ଥିରମନା; ଚପଳ; ଚଞ୍ଚଳମତି— 1. Fickle; of unstable mind.
୨ । ମନୋଯୋଗହୀନ; ଅମନୋଯୋଗୀ— 2. Inattentive; of wandering mind

ଚଗଲା
ଚଗଲାପଣିଆଁ } ବି
ଚଗଲାମି
୩ । ଦୁଷ୍ଟ—3. Wicked; naughty.
୪ । ଅସ୍ଥିର—4. Restless.

୫ । ଚିନ୍ତିତ ବା କୃତ ବିଷୟରୁ ଅନ୍ୟ ଆଡ଼କୁ ଆକର୍ଷିତ ମନ- 5. (mind) Diverted from the act or thought in hand.

ଚଗଲିଆ— ପ୍ରାଦେ. (ସମ୍ବଲପୁର) ବିଣ—ଚଗଲା; ଅସ୍ଥିର— Restless.
Chagaliā

ଚଗଲେଇବା—ଦେ. କ୍ରି—(ମନକୁ) ଅସ୍ଥିର କରିବା ବା ଚଞ୍ଚଳ କରିବା-
Chagaleibā To divert (one's attention) to allow one's mind to rove.

ଚଘିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଆରୋହଣ କରିବା; ଚଢ଼ିବା— 1. To ride; to ascend.
Chaghibā
୨ । ଅବରୋହଣ କରିବା— 2. To descend to alight; to get down.

ଚଙ୍କାଇବା—ଦେ. କ୍ରି. (ସଂ. ଚଙ୍କ୍ରମ ଧାତୁର ଣିଜନ୍ତ)—
Chaṅkāibā ୧ । ଚଙ୍କିବା କ୍ରିୟାର ଣିଜନ୍ତ ରୂପ— 1. Causative of Chaṅkibā.
সরান
सरकाना
(ଚଙ୍କେଇବା—ଅନ୍ୟରୂପ)
୨ । ଘୁଞ୍ଚାଇବା; ସ୍ଥାନଚ୍ୟୁତ କରିବା—To displace; to cause to budge.

ଚଙ୍କିବା—ଦେ. କ୍ରି. (ଚଂକ୍ରମଣ)—
Chaṅkibā ସାମାନ୍ୟ ମାତ୍ର ହାଲିବା ବା ସ୍ଥାନାନ୍ତର ହେବା— To budge; to move a little.
সরা
सरकना
(ଚଙ୍କାଇବା—ଣିଜନ୍ତରୂପ)

ସମସ୍ତେ ମିଶି କୁମ୍ଭକର୍ଣ୍ଣଙ୍କୁ ହଲାଇଲେ, କୁମ୍ଭକର୍ଣ୍ଣ ଚଙ୍କିଲ ନାହିଁ ।
ନୀଳକଣ୍ଠ ଦାସ, ପିଲାଙ୍କ ରାମାୟଣ ।

ଚଙ୍କୁଣ— ସଂ. ବି. (କ୍ରମ ଧାତୁ ଯଙ୍‌ଲୁଗନ୍ତ=ଚଙ୍କ୍ରମ ଧାତୁ+ଉଣ)—
Chaṅkuṇa ୧ । (ଭାବ. ଉଣ) ପୁନଃ ପୁନଃ ଗମନ କରିବା— 1. Going repeatedly, repeated movements.
୨ । (+କର୍ତ୍ତୃ. ଉଣ) ଚଙ୍କୁର (ଦେଖ) 2. Chaṅkura (See)

ଚଙ୍କୁର – ସଂ. ବି. (କ୍ରମ ଧାତୁ; ପୁନଃ ପୁନଃ ଅର୍ଥରେ ଯଙ୍‌ଲୁଗନ୍ତ= ଚଙ୍କ୍ରମ ଧାତୁ+କର୍ତ୍ତୃ. ଉର)—୧ । ବୃକ୍ଷ—1. Tree.
Chaṅkura
୨ । ଗାଡ଼ି—2. Carriage.
୩ । ଚକ୍ରବିଶିଷ୍ଟ ଯାନ— 3. Any vehicle or wheeled contrivance; car.

୧	ଇ	ଋ	ଐ,ଐ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	ଙ୍କ	ଇପ୍ସ	ଉଅ	ଣ୍ଟ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ	ନ୍ତ

ଚଙ୍କ୍ରମଣ—ସଂ ବି. (କ୍ରମ ଧାତୁ; ପୁନଃ ପୁନଃ ଅର୍ଥରେ ଯଙ୍‌ଲୁଗନ୍ତ= Chankramana ଚଙ୍କ୍ରମ୍ ଧାତୁ + ଭାବ. ଅନ)—୧ । ଇତସ୍ତତଃ (ଚଙ୍କ୍ରମା—ଅନ୍ୟରୂପ) ଭ୍ରମଣ—1. Moving about.
୨ । ଧୀରେ ଧୀରେ ପୁନଃ ପୁନଃ ଗମନ—2. Slowly moving up and down; coming and going.
୩ । ପୁନଃ ପୁନଃ ଭ୍ରମଣ— 3. Roving about.
୪ । ବାରମ୍ବାର ଘୂରିବା—4. Repeated whirling.
୫ । ଭ୍ରମଣ—5. Walking.
୬ । ପରିଭ୍ରମଣ—6. Travelling.
୭ । ଧୀରଗତି—7. Slow movement.
୮ । ବକ୍ର ଗମନ— 8. Going crookedly or tortuously.
୯ । ଡିଆଁ—9. Leap; jump; spring.

ଚଙ୍ଗ୍ରା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚଙ୍ଗେରିକ; ଚଙ୍ଗେର; ତୁଳ. ହି. Changrā ଚଙ୍ଗେରୀ)—ଚଙ୍ଗଡ଼ା; ଚଉକୋଣିଆ ଡାଲା— A square tray.

ଚଙ୍ଗ—ସଂ. ବିଣ. (ଚ=ଚନ୍ଦ୍ର+ଗମ ଧାତୁ+କର୍ତ୍ତୃ. ଅ; ଯେ ଚନ୍ଦ୍ର Changa ନିକଟରୁ ଗମନ କରେ ଅର୍ଥାତ୍ ଚନ୍ଦ୍ର ସଙ୍ଗେ ଯାହାର ତୁଳନା କରାଯାଇ ପାରେ ବା ଯେ ଚନ୍ଦ୍ର ପରି)—
୧ । ସୁନ୍ଦର—1. Beautiful; handsome.
୨ । ଦକ୍ଷ; କର୍ମଠ—2. Clever; fit for work.
୩ । ସୁସ୍ଥ—3. Healthy; hale and hearty.
ସଂ. ବି.—୧ । ମଲ୍ଲ; ପହିଲିଭାନ—1. An athlet.
୨ । ଯୋଦ୍ଧା; ସୈନ୍ୟ—2. Warrior; soldier.
ଚଙ୍ଗ ଚାଂଗ ଦେ.ବି.—୧ । ନକାସି କାମ କରା ଥିବା ସୁନା ବା ରୂପାର ବଳୟ— 1. A gold or silver bracelet on which figures have been wrought.
୨ । ଚମକ—2. Fright; startling.
୩ । ଗଞ୍ଜପାର ଆଠ ରଙ୍ଗରୁ ଏକ ରଙ୍ଗ—3. One of the 8 colours of the ganjapa cards.
୪ । ସିତାରର ଚଢ଼ା ହୋଇଥିବା ସ୍ୱର— 4. Highly pitched tune of guitar.
ଦେ. ବିଣ.—(ସଂ. ଜଙ୍ଗମ)—୧ । ଅସ୍ଥିର—1 Restless.
୨ । ଚଞ୍ଚଳ—2. Active.
୩ । ସ୍ଫୂର୍ତ୍ତିଯୁକ୍ତ—3. Vigorous
ପ୍ରାଦେ.—(ସିଂହଭୂମ) ବି.—କାଗଜଚଢ଼େଇ; ଗୁଡ଼ି— Paper kite.

ଚଙ୍ଗଚଙ୍ଗ ହେବା—ଦେ. କ୍ରି.—୧ । ଅସ୍ଥିର ହେବା— Changa changa hebā 1. To become restless.
ଚମଚମ ଗୀତର ଶବ୍ଦ ଅବିରଳ ଅନ୍ଧକାର ଭଣି ଭେଦ କରି, କାନରେ ପଡ଼ିବାରୁ ବାଘୋଇ ଚଙ୍ଗଚଙ୍ଗ ହୋଇ ଠିଆ ହୋଇ ସେହି ଆଡ଼କୁ ଅନାଇଲା । ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଅସ୍ଥିରଭାବରେ ଏଣେତେଣେ ଦୃଷ୍ଟି କରିବା— 2. To look uneasily to this side and that.

ଚଙ୍ଗଚଙ୍ଗିଆ—ଦେ. ବିଣ. ପୁଂ.—(ସଂ. ଚଙ୍ଗ)—୧ । ଅସ୍ଥିର; ଅବ୍ୟ-Changachangiā ବସ୍ଥିତ ଚିତ୍ତ—1. Unsteady; restless; fickleminded.
চ্যাঙ্গড়া; চঞ্চমনা
चङ्गा; चौकन्ना ୨ । ସୁନ୍ଦର—2. Handsome; charming.
(ଚଙ୍ଗଚଙ୍ଗେଇ—ଅନ୍ୟରୂପ) ୩ । ସୁସ୍ଥ ଓ ସବଳ— 3. Spirited and healthy.
୪ । ଯେ ସର୍ବଦା ଚମକେ—4. Hartlish.

ଚଙ୍ଗଡ଼ା—ପ୍ରାଦେ. (ସମ୍ବଲପୁର) ବି—ଚଙ୍ଗ୍ରା (ଦେଖ) Changarḍā Changrā (See)

ଚଙ୍ଗାରି—ଦେ. ବି. (ସଂ. ଚଙ୍ଗେରିକ; ଶୃଙ୍ଖଳିକା)— Changāri ବାଉଁଶଟୋକେଇ— চাঙ্গারী Bamboo basket.
चङ्गेरी

ଚଙ୍ଗି—ଦେ. ବି—ଚଙ୍ଗୁ (ଦେଖ) Changi Changu (See)

ଚଙ୍ଗିମା—ସଂ. ବି. (ଚଙ୍ଗ+ଇମନ୍)—ସୌନ୍ଦର୍ଯ୍ୟ— Changimā Beauty; grace.

ଚଙ୍ଗିମାଡ଼—ଦେ. ବି—ଚଙ୍ଗୁମାଡ଼ (ଦେଖ) Changimārḍa Changumārḍa (See)

ଚଙ୍ଗୁ—ଦେ. ବି. (ଫା. ଚଙ୍ଗ୍)—ଏକପ୍ରକାର ଆନଦ୍ଧବାଦ୍ୟ; ଖଞ୍ଜଣି— Changu A kind of drum.
चङ्ग [ଦ୍ର—ଏହା କରତଳଦ୍ୱାରା ବଜାଯାଏ ।]

ଚଙ୍ଗୁମାଡ଼—ଦେ. ବି—ଚଙ୍ଗି ବାଦ୍ୟ ବଜାଇବା; ଖଞ୍ଜଣି ମାଡ଼— Changumārḍa Beating of the (changi) drum.

ଚଙ୍ଘରା—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଚଁଗେର୍)— Changharā ଚଙ୍ଗ୍ରା (ଦେଖ) Changrā (See)

ଚଚଡ଼ି—ଦେ. ବି. (ବଙ୍ଗଳାରୁ ଅନୁକୃତ; ଧ୍ୱନ୍ୟନୁକରଣ)— Chachchardi ଚଡ଼ଚଡ଼ି; ଶକ୍ତୁଲା ଭଅଣ; ଅଳ୍ପ ରସାବଶିଷ୍ଟ চড়চড়ী ବ୍ୟଞ୍ଜନ—A kind of curry.

ଚଚ୍ଚପୁଟ—ସଂ. ବି—ଚଞ୍ଚତ୍ପୁଟ; ସଙ୍ଗୀତର ତାଳବିଶେଷ— Chachchaputa A kind of musical measure (M.W) (ଚଚ୍ଚତ୍ପୁଟ—ଅନ୍ୟରୂପ)

ଚଚ୍ଚା—ଦେ. ବି. ପୁଂ (ସଂ. ତାତ)—ଦଦେଇ; କନିଷ୍ଠ ପିତୃବ୍ୟ— Chachchā Father's younger brother; junior paternal uncle.
চাচা
चच्चा; चाचा
(ଚଚ୍ଚୀ—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୁଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଆ' ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚଚ୍ଛୁ—ଗ୍ରା. ବି (ସଂ. ଚକ୍ଷୁଃ)—୧ । ଚକ୍ଷୁ—
Chachhu 1. Eye.
ଚୋଖ ଲୋମେ କଷା ଦଶିଲ୍ଲ ଭୁରଙ୍ଗୀ ଚଚ୍ଛୁ—ପ୍ରଭାତ. ଗଣିସେଣା ।
ଚାଖ୍ ୨ । ପ୍ରତିମାର ଚକ୍ଷୁ—2. The eye of an image.
(ଚଚ୍ଛୁ—ଅନ୍ୟରୂପ)

ଚଚ୍ଛୁଦାନ—ଗ୍ରା. ବି (ସଂ. ଚକ୍ଷୁର୍ଦାନ)—ତଚ୍ଛୁଦାନ (ଦେଖ)
Chachhudāna Tachchhudāna (See).

ଚଚ୍ଛୁପାଇବା—ଗ୍ରା. ବି—ଦେବପ୍ରତିମାର ଚକ୍ଷୁଦାନ—
Chachhupāibā The painting of the eye and consecration of the image of a deity.

ଚଜା—ଦେ. ବି (ସଂ. ତର୍ଜ ଧାତୁ)—ଚଦା; ତର୍ଜନ; ଭୟପ୍ରଦର୍ଶନ—
Chajā Threatening.
धमक
डाटा

ଚଜାଚଜି—ଦେ. ବି. ଓ ବିଣ—ଅନ୍ୟୋନ୍ୟରେ ଭୟ ଦେଖାଦେଖି,
Chajāchaji ଚଦାଚଦି—Threatening each other.
धमकाधमकी ବାହ୍ୱାସ୍ଫୋଟ ମାରି ଅତୀବ ବଢ଼ିକରି
डाँटाडाँटि ଚଜାଚଜି ହୋଇଲେ କରେ ଗଦା ଧରି ।
କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

ଚଜିବା—ଦେ. କ୍ରି. (ସଂ. ତର୍ଜଧାତୁ)—୧ । ଚଦିବା; ଧମକାଇବା;
Chajibā ତର୍ଜନ କରିବା; ଭୟ ଦେଖାଇବା—To threaten,
धमकाना; तर्जा ଭୁମ୍ଭେ ଏଣେ ଚଜେ ବାମଦେବ ଗ୍ରାମ୍ୟେ କାମକୁ ନତ ଚଜୁଥାଇ ।
डाँटना, घुड़कना ଭକ୍ତ ମଥୁରାମଙ୍ଗଳ ।
୨ । ଭର୍ତ୍ସନା କରିବା—2. To reprimand.
ଚଜିଲ ପଦ୍ମଯେ ଭଣି । ଲୋଚନ ସୁମନ କଲୁଛୁ ଗୁମାନ
କାହିଁ ଯିବ ଆଜ ପୁଣି । ଅଭିମନ୍ୟୁ—ବିଦଗ୍ଧ ଚିନ୍ତାମଣି ।

ଚଜିମର୍କଟି ହେବା—ଦେ. କ୍ରି. (ସଂ. ତର୍ଜ ଧାତୁ ଓ ସଂ. ମର୍କଟ)—
Chajimarkaṭi hebā ଭୟଦେଖାଇ ମାଙ୍କଡ଼ ଭଳି ଗର୍ଜିବା ବା
तर्जागर्जा ଖେଙ୍କାରି ହେବା—To threaten and fret
कड़कना, घुड़कना like an ape.

ଚଞ୍ଚ (ଧାତୁ)—ସଂ—୧ । ଗତି କରିବା—1. To move.
Chañch (root) ୨ । ଅସ୍ଥିର ହେବା—2. To be restless.
୩ । ଖାଇବା—3. To eat.
୪ । ହଲାଇବା—4. To dangle about; to shake.
୫ । ଡେଇଁବା; କୁଦିବା—5. To jump; to leap.

ଚଞ୍ଚ—ସଂ. ବି. (ଚଞ୍ଚ ଧାତୁ+ଅ)—୧ । ଟୋକେଇ; ବାଉଁଶିଆ—
Chañcha 1. Basket.
୨ । ପଞ୍ଚାଙ୍ଗୁଳମାନ—2. A measure of length equal to 5 fingers.

ଚଞ୍ଚକ—ଗ୍ରା. ବି—କପଟତା—Crooked-ness.
Chañchaka ଟଞ୍ଚକ (ଦେଖ)—Tañchaka (See)

ଚଞ୍ଚତ୍—ସଂ. ବିଣ. ପୁଂ. (ଚଞ୍ଚ ଧାତୁ=ଚଞ୍ଚଳ ହେବା+କର୍ତ୍ତୃ. ଅତ୍=
Chañchat ଶତୃ)—୧ । ଚଞ୍ଚଳ; ଅସ୍ଥିର—
(ଚଞ୍ଚନ୍ତୀ—ସ୍ତ୍ରୀ) 1. Unsteady; restless.
୨ । ଗତିଶୀଳ—2. Moving.
୩ । ଦୋହଲୁଥିବା—3. Waving; oscillating.

ଚଞ୍ଚତ୍କ—ସଂ. ବିଣ. (ଚଞ୍ଚତ୍+କ)—୧ । କୁଦୁଥିବା—
Chañchatka 1. Leaping; jumping.
୨ । ଥରୁଥିବା—2. Trembling; shaking.
୩ । ଗତି କରୁଥିବା—3. Moving.
୪ । ଅସ୍ଥିର—4. Restless.

ଚଞ୍ଚନ୍—ଦେ. ଅ—ଚନ୍‌ଚନ୍ (ଦେଖ)
Chañchan Chanchan (See)

ଚଞ୍ଚପୁଟ—ଦେ. ବି. (ସଂ. ଚଚ୍ଚପୁଟ=ତାଳବିଶେଷ)—
Chañchapuṭa ୧ । ଏକ ପ୍ରକାର ଆନଦ୍ଧ ବାଦ୍ୟ—
1. A kind of drum.
୨ । ଚଞ୍ଚୁପୁଟ (ଦେଖ)
2. Chañchupuṭa (See)

ଚଞ୍ଚର—ସଂ. ବି. ପୁଂ. (ଚର ଧାତୁ ଯଙ୍‌ଲୁଗନ୍ତ; ଚଞ୍ଚୂର୍ ଧାତୁ+କର୍ତ୍ତୃ.
Chañchara ଅ; ଯେ ପୁଷ୍ପ ଆଦିରେ ବାରମ୍ବାର ବିଚରଣ କରେ)—
(ଚଞ୍ଚରୀ—ସ୍ତ୍ରୀ) ଭ୍ରମର—Large black wasp.

ଚଞ୍ଚରଣୀ—ସଂ. ବି. ସ୍ତ୍ରୀ. (ଚଞ୍ଚରନ୍+ଈ)—ଭ୍ରମରୀ—
Chañchariṇi A she-bee.

ଚଞ୍ଚରୀ—ସଂ. ବି. ପୁଂ. (ଚୀର+ଇନ୍. ୧ମା. ୧ବ)—ଭ୍ରମର—
Chañcharī A male large black wasp.
ସଂ. ବି. ସ୍ତ୍ରୀ. (ଚଞ୍ଚର+ଈ)—
୧ । ଭ୍ରମରୀ—1. A female large black wasp.
୨ । ଚର୍ଚ୍ଚରୀ; ହୋଲି ସମୟରେ ବୋଲାଯିବା ଗୀତ (ହି. ଶବ୍ଦସାଗର)—2. A class of songs sung during the Holi festival.

ଚଞ୍ଚରୀକ—ସଂ. ବି. ପୁଂ. (ଚର ଧାତୁ=ବିଚରଣ କରିବା; ପୁନଃ ପୁନଃ
Chañcharīka ଅର୍ଥରେ ଯଙ୍‌ଲୁଗନ୍ତ ଚଞ୍ଚର ଧାତୁ+କର୍ତ୍ତୃ. ଈକ;
ଚଞ୍ଚରିକା } ଅନ୍ୟରୂପ ଯେ ପୁଷ୍ପମାନଙ୍କ ନିକଟରେ ବାରମ୍ବାର ବିଚରଣ
ଚଞ୍ଚରୀକା } କରେ)—୧ । ଭଅଁର; ଭ୍ରମର—
1. The black wasp.
ଡୋଳା ଚଞ୍ଚରୀକେ ଚଞ୍ଚଳ ଗୃହୀ, ଆଣିଲ୍ଲ ବିଶେଷ କରି ।
ଭଞ୍ଜ. ଲାବଣ୍ୟବତୀ ।
୩ । ଗୁଣୁ ଗୁଣୁ ସ୍ୱର କରି ମକରନ୍ଦ ପାନ କରିବା ପାଇଁ ଫୁଲ ଉପରେ ଉଡ଼ିବା ଏକ ପ୍ରକାର ପକ୍ଷୀ—
3. Humming bird.

ଚଞ୍ଚରୀକାବଳି—ସଂ. ବି. (୬ଷ୍ଠୀ ତତ୍; ଚଞ୍ଚରୀକ+ଆବଳୀ)—
Chañcharīkābaḷi ୧ । ଭ୍ରମର ଶ୍ରେଣୀ—1. A vow or number of black bees.

୧	ଇ	ଉ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଯ	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଡ଼	ନ୍ତ

୨ । ୧୩ ଅକ୍ଷରବିଶିଷ୍ଟ ଛନ୍ଦୋବିଶେଷ—
2. A Sanscrit metre of 13 syllables.
[ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଯ ଗଣ ମ ଗଣ ଦୁଇ ର ଗଣ ଓ ଏକ ଗୁରୁବର୍ଣ୍ଣ ଥାଏ । ଦ୍ର. ଶବ୍ଦସାଗର ।]

ଚଞ୍ଚଳ—ସଂ. ବିଣ. (ଚଲ ଧାତୁ ପୁନଃ ପୁନଃ ଅର୍ଥରେ ଯଙ୍‌ଲୁଗନ୍ତ
Chañchaḷa ଚଞ୍ଚଲ ଧାତୁ+କର୍ତ୍ତୃ. ଅ)—୧ । ଗତିଶୀଳ—
(ଚଞ୍ଚଳା—ସ୍ତ୍ରୀ) 1. Moving.
ଚଞ୍ଚଳତା } ବି. ୨ । ଅସ୍ଥିର—2. Restless; unsteady; fickle; unstable.
ଚଞ୍ଚଳତ୍ୱ }
୩ । ଅବ୍ୟବସ୍ଥିତ; ଅଧୀର—3. Capricious.
୪ । ଚପଳ—4. Hasty.
୫ । ଥରୁଥିବା—5. Trembling; tremulous.
୬ । କମ୍ପିତ; ହଲୁଥିବା—6. Shaking; oscillating.
୭ । ତ୍ୱରିତ—7. Quick; brisk.
୮ । ଚଳନ୍ତ—8. Moving; shifting.
୯ । ଲୋଲୁପ—9. Covetuous.
୧୦ । ଲମ୍ପଟ—10. Adulterous.
୧୧ । ଚିନ୍ତାକୁଳ; ଉଦ୍‌ବିଗ୍ନ—11. Anxious.
ସଂ. ବି.—୧ । ବାୟୁ—1. Air.
୨ । ପ୍ରେମିକ ବ୍ୟକ୍ତି; ନାଗର—2. Lover.
୩ । ରସିକ ବ୍ୟକ୍ତି—3. A libertine.
ଦେ. ବି.—(ପ୍ରାଚୀନ ପଦ୍ୟ)—ଅବ୍ୟବସ୍ଥିତତା—
Capriciousness.

> ସ୍ତ୍ରୀଭାବକୀ ଚଞ୍ଚଳ ନ ଛାଡ଼ିଲେ,
> ହୋଇଁ ବହସ୍ୟେ ଧୀର ଧୀର ହେଲେ । ଉପେନ୍ଦ୍ର. ବୈଦେହୀଶବିଳାସ ।

ଦେ. କ୍ରି. ବିଣ—ଶୀଘ୍ର; ତୁରନ୍ତ—Soon.

ଚଞ୍ଚଳଚିତ୍ତ—ସଂ. ବିଣ. ପୁଂ. (ବହୁବ୍ରୀହି)—୧ । ଅସ୍ଥିର ହୃଦୟ—
Chañchaḷachitta 1. Unsteady
(ଚଞ୍ଚଳଚିତ୍ତା—ସ୍ତ୍ରୀ) ୨ । ଅବ୍ୟବସ୍ଥିତ ଚିତ୍ତ—
(ଚଞ୍ଚଳଚିତ୍ତତା—ବି) 2. Restless; fickle-minded.
୩ । ଉଦ୍‌ବିଗ୍ନ—3. Anxious.

ଚଞ୍ଚଳଚେତାଃ—ସଂ. ବି (ବହୁବ୍ରୀହି; ଚଞ୍ଚଳ+ଚେତସ୍; ୧ମା. ୧ବ)—
Chañchaḷachetāḥ ଚଞ୍ଚଳଚିତ୍ତ (ଦେଖ)—
Chañchaḷachitta (See)

ଚଞ୍ଚଳନୟନ—ସଂ. ବି (କର୍ମଧା; ଚଞ୍ଚଳ+ନୟନ)—୧ । ଇତସ୍ତତଃ
Chañchaḷanayana ଘୂରୁଥିବା ନେତ୍ର—1. Moving eye.
(ଚଞ୍ଚଳନୟନା—ସ୍ତ୍ରୀ) ୨ । ଅସ୍ଥିର ଦୃଷ୍ଟି—
2. Unsteady glance.
ସଂ. ବିଣ (ବହୁବ୍ରୀହି)—ଅସ୍ଥିର ଦୃଷ୍ଟି; ଏଣେତେଣେ ଆଖି ବୁଲାଉଥିବା—Looking here and there.

ଚଞ୍ଚଳପ୍ରକୃତି—ସଂ. ବିଣ (ବହୁବ୍ରୀହି)—ଯେ ସ୍ୱଭାବତଃ ଅସ୍ଥିର—
Chañchaḷaprakṛuti Of restless or changing nature.

ଚଞ୍ଚଳପ୍ରକୃତିକ—ସଂ. ବିଣ. ପୁଂ—ଚଞ୍ଚଳପ୍ରକୃତି (ଦେଖ)—
Chañchaḷaprakṛutika Chañchaḷaprakṛuti (See)
(ଚଞ୍ଚଳପ୍ରକୃତିକା—ସ୍ତ୍ରୀ)

ଚଞ୍ଚଳମନାଃ—ସଂ. ବିଣ. (ବହୁବ୍ରୀହି; ଚଞ୍ଚଳ+ମନସ୍; ୧ମା. ୧ବ)—
Chañchaḷamanāḥ ୧ । ଚଞ୍ଚଳଚିତ୍ତ (ଦେଖ)—
1. Chañchaḷachitta (See)
୨ । ଚଞ୍ଚଳପ୍ରକୃତି (ଦେଖ)—
Chañchaḷaprakṛuti (See)

ଚଞ୍ଚଳା—ସଂ. ବିଣ. ସ୍ତ୍ରୀ (ଚଞ୍ଚଳ+ଆ)—ଚଞ୍ଚଳର ସ୍ତ୍ରୀ ଲିଙ୍ଗ—
Chañchaḷā Feminine of Chañchaḷa.
୧ । ଅସ୍ଥିରା (ସ୍ତ୍ରୀ)—
1. Restless; hasty; fickle-minded.
୨ । ନଷ୍ଟଚରିତ୍ରା—2. Adulterous; unchaste.
୩ । ସ୍ଥିରଭାବରେ ରହୁନଥିବା—Evershifting; changing.
ସଂ. ବି—୧ । ବିଦ୍ୟୁତ—1. Lightning.
୨ । ଲକ୍ଷ୍ମୀ—2. Lakshmi; goddess of fortune.
[ଦ୍ର—ଲକ୍ଷ୍ମୀ ଚିରକାଳ ଜଣକଠାରେ ବା ଏକ ପରିବାରରେ ସ୍ଥିର ହୋଇ ନ ରହିବାରୁ ଲକ୍ଷ୍ମୀଙ୍କର ଏହି ନାମ ହୋଇଅଛି ।]
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—Name given to females.
ଦେ. ବିଣ. ସ୍ତ୍ରୀ—ଚଞ୍ଚଳୀ (ଦେଖ) Chañchaḷi (See)

ଚଞ୍ଚଳିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଚଞ୍ଚଳ)—ଯେଉଁ ବ୍ୟକ୍ତି ଖୁବ୍
Chañchaḷiā ସ୍ଫୂର୍ତ୍ତିରେ କାର୍ଯ୍ୟ କରେ—Very active; of
(ଚଞ୍ଚଳେଇ—ସ୍ତ୍ରୀ) active habits.

ଚଞ୍ଚଳିତ—ସଂ. ବିଣ—(ଚଞ୍ଚଳ ନାମଧାତୁରୁ+କର୍ତ୍ତୃ. ତ)—ଚଞ୍ଚଳପରି
Chañchaḷita ଆଚରଣ କରୁଥିବା; ଭୁଲ. ଧଳଳିତ, ଚଳଳିତ,
କମ୍ପିତ ହେଉଥିବା; ଦୋହଲୁଥିବା—Shaking; trembling; oscillating.

> ବଲ୍ଲି ପାଶେ ଚଞ୍ଚଳିତ ଡାଳଙ୍କ ।
> ଉପେନ୍ଦ୍ର. ବୈଦେହୀଶବିଳାସ ।

ଚଞ୍ଚଳୀ—ଦେ. ବିଣ. ସ୍ତ୍ରୀ (ସଂ. ଚଞ୍ଚଳା)—୧ । ଯେଉଁ ସ୍ତ୍ରୀ ଖୁବ୍ ସ୍ଫୂର୍ତ୍ତିରେ
Chañchaḷi କାର୍ଯ୍ୟକରେ—1. Of active habits; very active (woman)
୨ । ନିରଳସ—2. Not lazy; brisk.

ଚଞ୍ଚଳେଇବା—ପ୍ରାଦେ. (ଗଡ଼ଜାତ) କ୍ରି.—କୌଣସି କାର୍ଯ୍ୟକୁ ଶୀଘ୍ର
Chañchaḷeibā କରିବା—To do anything quickly.

ଚଞ୍ଚଳେଇ—ଦେ. ବିଣ. ସ୍ତ୍ରୀ—ଚଞ୍ଚଳୀ (ଦେଖ)—Chañchaḷi (See)
Chañchaḷei

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚଣ୍ଡିତ ଅକ୍ଷର ଓ ମାତ୍ରା ଏବଂ ୨ ଚଣ୍ଡିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଣ୍ଡିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଣ୍ଡିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କ୍ଷଥ' ନ ମିଳିଲେ 'କ୍ଷୁଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲକ୍ତ' ନ ପାଇଲେ 'ଅଲ୍‌କ୍ତ' ଦେଖିବେ ।

ଚଞ୍ଚା—ସଂ. ବି. ସ୍ତ୍ରୀ. (ଚଞ୍ଚ୍+ଅ+ଆ)—୧ । ବାଉଁଶ କାଠି ନିର୍ମିତ ଆସନ ବା ମୋଢ଼ା—1. Stool made of wickerwork.
Chañchā
୨ । ବାଉଁଶ କାଠି ନିର୍ମିତ ଆସନ; ଗୁଞ୍ଚ; ମୁନ୍ଦୁର; ତଲେଇ—2. Mat made of reeds.
୩ । (କ୍ଷେତରୁ ଶୃଗାଳ, କାକ ଆଦିଙ୍କୁ ଭୟ ଦେଖାଇବା ନିମନ୍ତେ ବ୍ୟବହୃତ) କାଠି କୁଟାରେ ତିଆରି ମନୁଷ୍ୟାକୃତି ମୂର୍ତ୍ତି—3. Scare-crow.
ଦେ. ବି. (ସଂ. ଚଞ୍ଚା=ତଲେଇ ପରି ପତଳା ଥିବାରୁ)—
ଚାଁଚଡ଼ି ୧ । ନଡ଼ିଆ ବାହୁଙ୍ଗା ମୂଳରେ ଥିବା ଜାଲ ଆକାରର ବଳ୍କଲ;
ଜାଲୀ ଗୁଞ୍ଚ—1. A net-like thin bark at the root of a cocoanut branch.
୨ । ଅପରିପକ୍ୱ ଆମ୍ବଫଳର ନୂତନ କୋମଳ ଟାଙ୍କୁଆ—2. The newly hardened stone of a newly developed mango fruit.
ଚାଁଛା ୩ । (ସଂ. ତକ୍ଷଣ) ଚାଞ୍ଛିବା; ଚଞ୍ଚା—
ଖୁରଚନ 3. Scraping.
ଦେ. ବିଣ. (ସଂ. ତକ୍ଷଣ)—୧ । ଯାହା ଦେହରୁ ଚୋପାକୁ ଚାଞ୍ଛି ଥାନ୍ତି; ଚଞ୍ଚା—1. Scraped of the bark.
ଚାଁଛା ୨ । ଯେଉଁ ଭୂମି ଉପରୁ ଘାସ ଆଦି ଚଞ୍ଚା ହୋଇଥାଏ—2. (land) From which grass has been scraped off.
୩ । ଗାଳିବିଶେଷ—3. A term of abuse.

ଚଞ୍ଚୁ—ସଂ. ବି. (ଚଞ୍ଚ୍ ଧାତୁ=ଖାଇବା=କରଣ ଉ; ଯାହାଦ୍ୱାରା ପକ୍ଷୀ ଖାଦ୍ୟ ଗ୍ରହଣ କରେ)—
Chañchu
୧ । ପକ୍ଷୀର ଥଣ୍ଟ—1. Bill or beak of a bird
୨ । ରକ୍ତଏରଣ୍ଡ; ନାଲି ଜେରଣ୍ଡାଗଛ; ନାଲି ଗବଗଛ (ଦ୍ରବ୍ୟଗୁଣ)—2. The red variety castor seed plant.
୩ । ମୃଗ; ହରିଣ—3. Deer.
୪ । ବର୍ଷାଦିନେ ଉଠୁଥିବା ଏକପ୍ରକାର ଶାଗ (ବୃ.ଶବ୍ଦସାଗର)—4. A kind of pot-herb coming out during the rains.
ଦେ. ବି—ଚଞ୍ଚା (ଦେଖ)—Chañchā (See)

ଚଞ୍ଚୁକା—ସଂ. ବି. (ଚଞ୍ଚୁ+କ+ସ୍ତ୍ରୀ. ଆ)—ପକ୍ଷୀର ଥଣ୍ଟ—
Chañchukā Beak.

ଚଞ୍ଚୁପୁଟ—ସଂ. ବି. (ରୂପକ କର୍ମଧାରୟ; ଚଞ୍ଚୁ+ପୁଟ)—ପକ୍ଷୀର ବୁଜି ଥଣ୍ଟ ବୁଜା ହୋଇଥିବା ଅବସ୍ଥା—The bill of a bird when shut; the cavity enclosed by the upper and the lower beaks of a bird.
Chañchupuṭa

ଚଞ୍ଚୁପ୍ରହାର—ସଂ. ବି. (ଷଷ୍ଠୀ ତତ୍, ଚଞ୍ଚୁ+ପ୍ରହାର)—ଥଣ୍ଟରେ ଠୁକିବା ବା ଥଣ୍ଟରେ ହାଣିବା; ଥଣ୍ଟ ମାରିବା—A peck with a beak.
Chañchuprahāra

ଚଞ୍ଚୁଭୃତ୍—ସଂ. ବି. (ଚଞ୍ଚୁ+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—ପକ୍ଷୀ—
Chañchubhṛut Bird.

ଚଞ୍ଚୁର—ସଂ. ବିଣ. (ଚଞ୍ଚ୍ ଧାତୁ=ଗମନ କରିବା+କର୍ତ୍ତୃ. ଉର)—
Chañchura ଦକ୍ଷ; ନିପୁଣ—Active; clever; expert; skilful.
(ଚଞ୍ଚୁରା—ସ୍ତ୍ରୀ)
ସଂ. ବି—ଏକପ୍ରକାର ଶାଗ—A kind of pot-herb.

ଚଞ୍ଚୁରୀ—ବି. ସ୍ତ୍ରୀ. (ଚଞ୍ଚୁର+ଈ)—ବାୟାଚଢ଼େଇ—
Chañchurī Tailor-bird.

ଚଞ୍ଚୁସୂଚି—ସଂ. ବି. (ବହୁବ୍ରୀହି; ଚଞ୍ଚୁ+ସୂଚି)—୧ । ବାୟାଚଢ଼େଇ—
Chañchusūchi 1. The tailor bird.
୨ । କାରଣ୍ଡବ ପକ୍ଷୀ (ବୃ. ଶବ୍ଦସାଗର)—2. A kind of gander.

ଚଞ୍ଚୂ—ସଂ. ବି—ଚଞ୍ଚୁ (ଦେଖ)
Chañchū Chañchu (See)

ଚଞ୍ଛା—ଦେ. ବି ଓ ବିଣ. (ସଂ. ତକ୍ଷ ଧାତୁ)—ଚଞ୍ଚା (ଦେଖ)
Chañchhā Chañchā (See)

ଚଞ୍ଛାଇବା—ଦେ. କ୍ରି—ଚାଞ୍ଛିବା କ୍ରିୟାର ଣିଜନ୍ତରୂପ—
Chañchhāibā Causative of Chāñchhibā.

ଚଟ୍ (ଧାତୁ)—ସଂ.—୧ । ଭେଦ କରିବା—
Chaṭ (root) 1. To pierce.
୨ । ଭାଙ୍ଗିବା—2. To break.
୩ । ବଧ କରିବା—3. To kill.
୪ । ହିଂସା କରିବା—4. To injure.
୫ । ମର୍ଦ୍ଦନ କରିବା—5. To rub.
୬ । ପୃଥକ୍ କରିବା—6. To separate.
୭ । ଘୋଡ଼ାଇବା—7. To cover.
୮ । ଫଟାଇବା—8, To split.

ଚଟ୍—ଦେ. ଅ. (ସ ଝଟିତି; ସଂ. ଚଟୁଳ+ଚଞ୍ଚଳ)—
Chaṭ ୧ । ଅତି ଶୀଘ୍ର—1. Presently.
चट ୨ । ଝଟିତି; ଝଟ୍—2 Immediately; sharp.
चट ୩ । ଚଞ୍ଚଳ—3. Quickly.
ଗୋପାଳ ବାବୁ ଭଗବତୀ ଭାଉଣୀ ନାମ ଚଟ୍ ବୁଝିଗଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚଟ୍‌କନ୍—ପ୍ରାଦେ. (ସମ୍ବଲପୁର) ବି—ଚଟକଣା—
Chaṭkan Slap.

ଚଟକରି—ଦେ. କ୍ରି. ବିଣ—ଅତି ଶୀଘ୍ର; ସତ୍ୱର; ତୁରନ୍ତ—
Chaṭkari Immediately; at once; instantly; presently.
चटकरे
चटसे
ଚଟ୍‌କନା } ଅନ୍ୟରୂପ
ଚଟ୍‌କରି }

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ସ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଵ	ଦ୍ବ

ଚଟ୍‌ପଟ୍—ଦେ. ଅ. (ସ. ଝଟିତି)—
Chatpaṭ ୧ । ଚଟ୍ (ଦେଖ)
चटपट 1. Chaṭ (See)
चटपट ୨ । (ଧ୍ୱନ୍ୟନୁକରଣ) ଭଣ୍ଡାର ଉପରେ କ୍ଷୁର ଘଷିବାର ଶବ୍ଦ- 2. Sound produced by the strapping of a razor.
୨ । କ୍ଷିପ୍ର ସତ୍ୱର—2. Briskly; quickly.

ଚଟ—ଦେ. ବି. (ସ. ଜଟା)—୧ । ଥଳ; ବୋରା; ଅଖା—
Chaṭa 1. Gunny bag; sack cloth.
चट ୨ । ଚଟେଇ; ମସିଣା—2. Mat.
जुट, टाट ପ୍ରାଦେ. (ମେଦନୀପୁର ଓ ବାଲେଶ୍ୱର) ବି—
ଝୋଟ—Jute.
ଦେ. ଅ—ଚଟ୍ (ଦେଖ)
Chaṭ (See)

ଚଟକ—ସ. ବି. ପୁଂ. (ଚଟ୍ ଧାତୁ=ଖାଇବା+କର୍ତ୍ତୃ. ଅକ)—
Chaṭaka ଘରଚଟିଆ ଚଢ଼େଇ— Sparrow.
ଚଟକା, ଚଟୁକା, ଚଟକକା } ସ୍ତ୍ରୀ. ଦେ. ବି. (ସ. ଚଟ ଧାତୁ=ଭେଦନ)— ୧ । ପୂର୍ବାନୁଭୂତ ସୁଖ ଓ ସ୍ୱାଦ ଭୋଗ କରିବାର ଲୋଭ ବା ଆଶା—
चटक 1. Hankering after a thing once tasted; craving for a food once tasted.
चटक
୨ । ଗୁରୁଚକ୍ୟ; ବାହ୍ୟାଡ଼ମ୍ବର; ଛଟା; ଚମକ—
2. Grandeur; splendour; glamour.

ଚକଣ ଚଟକେ ଖେଳ ହୋଇ ରହୁ ଏବେ କାଳ
କ ଦଶା ହେଲଣି ଅରେ ହେଜ ମନରେ ।
ଉପେନ୍ଦ୍ର. ଗୀତଭଣ୍ଡ ।

୩ । ଖାଦ୍ୟ ପ୍ରତି ରୁଚି—3. Relish.

ଚଟକଣା—ଦେ. ବି. (ଧ୍ୱନ୍ୟନୁକରଣ; ସ. ଚପଟ)—ଚାପୁଡ଼ା—
Chaṭakaṇā A slap.
चड़
चपत, चपट

ଗାଲେ ଚଟକଣା କାନେ କାନ ମୋଡ଼ା
ଖାଇବାକୁ ବଡ଼ ଖୁସି ପାଇଁ ।
ଉପେନ୍ଦ୍ର. ଗୀତଭଣ୍ଡ ।

ଚଟକଣି—ଦେ. ବି—ଛୋଟ ଚାପୁଡ଼ା; ଚାପୁଡ଼—
Chaṭakaṇi Slight slap.

ଚଟକଳ—ଦେ. ବି—୧ । ଯେଉଁ କଳରେ ଅଖା ବା ବସ୍ତା ତିଆର ହୁଏ—
Chaṭakaḷa 1. Gunny making machine.
चटकल ୨ । ବସ୍ତାତିଆର କାରଖାନା—
टाटकाकल 2. Gunny bag factory.

ଚଟକ ଲଗାଇବା—ଦେ. କ୍ରି—ଲୋଭ ଦେଖାଇ ବଶ କରିବା—
Chaṭaka lagāiba To captivate by making a
चटक लागान person taste a thing once.
चटक लगाना

ଚଟକଲାଗିବା—ଦେ. ବି—ଲୋଭ ଲାଗିବା—
Chaṭaka lāgibā Hankering after a thing once tasted.
चटकलागा
चटकलगना

ଚଟକା—ସ. ବି. ସ୍ତ୍ରୀ.—(ଚଟକ+ଆ)—୧ । ମାଈ ଘରଚଟିଆ ଚଢ଼େଇ—
Chaṭakā 1. A hen-sparrow.
୨ । ପିପ୍ପଳୀ ମୂଳ—2. Root of long pepper.
ଦେ. ବଣ. (ସ. ଚପିଟ—ଚୁଡ଼ା; ଚୁଡ଼ାପରି ପତଳା)—
୧ । ଚେପଟା—1. Flat.
চাটাল, চেটকা ୨ । ସମତଳ—
चपटा 2. Even.
ଦେ. ବି. (ନାମ)—ନୀଳଗିରିର ଦୁଇ କୋଶ ଦୂରରେ ଅବସ୍ଥିତ ଗୋଟିଏ ଝର୍ଣ୍ଣର—Name of a mountain-spring in the Nilgiri state of Orissa.

ଚଟକାଇବା—ଦେ କ୍ରି.—୧ । ଚେପଟା କରିବା—
Chaṭakāiba 1. To flatten.
୨ । ଚଟାଇବା—2. To cause to lick.

ଚଟକାମୁଖ—ଦେ. ବି.—ଅସ୍ତ୍ରବିଶେଷ—
Chaṭakā mukha A kind of weapon.

ଚଟକାମୁହାଁ—ଦେ ବଣ. ପୁଂ.— ଯାହାର ମୁହଁ ଚେପଟା—
Chaṭakāmuhāṅ Flat-faced.
(ଚଟକାମୁହାଁ—ସ୍ତ୍ରୀ)

ଚଟକାର—ସ. ବଣ.—ଚଟକା; ଚେପଟା—
Chaṭakāra Flat (Howells)

ଚଟଚଟ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ସୁଦାହ୍ୟ ପଦାର୍ଥରେ ଚଞ୍ଚଳ
Chaṭachaṭa ଚଞ୍ଚଳ ଅଗ୍ନି ଲାଗିବାର ଶବ୍ଦ—1. Sound of
चटचट fire setting into easily combustible materials.
चटचट ୨ । ବାହୁକୁ ଭୂମିରେ ଆଘାତ କରିବା ଓ ଚପେଟାଘାତରୁ ଜାତ ଶବ୍ଦ—2. Sound of slapping and of striking the arms on the ground.

ମାରନ୍ତେ ଭଟେ ଟେକେ ଭୂମିରେ ବାହାପଟ,
ଚଟଁକୁ ଶୁଭେ ମହା ଚ୍ଛନ ଚଟ ଚଟ । କୃଷ୍ଣସିଂହ. ମହାଭାରତ. ସଭା ।

चटचटे ଦେ. ବଣ.—ଅଠାଳଆ; ଅଠାପରି ଲାଗିବା—
चिपचिपा Gummy; sticky.
ଦେ. କ୍ରି. ବିଣ.—ଅବିଳମ୍ବେ; ଅତି ଚଞ୍ଚଳ—
Without dealy; instantly.

ଚଟଚଟା—ସ. ଅ. (ଧ୍ୱନ୍ୟନୁକରଣ)—୧ । ଅଗ୍ନି ଜଳିବାର ଚଡ଼ ଚଡ଼
Chaṭachaṭā ଶବ୍ଦ—1. Cracking of burning fire.

ହାସେ ଖଡ଼ ତୀକ୍ଷ୍ଣ ପଳାଇବେ ଶୁଣି ସେ ଅନଳ ଚଟ ଚଟ ।
ରାଧାନାଥ. ପାର୍ବତୀ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

୨ । ଶସ୍ତ୍ରାଦିର ସଂଘର୍ଷଣଜନିତ ଶବ୍ଦ— 2. Clashing sound of weapons.

ଚଟଚଟାୟନ—ସଂ. ବି. (ଚଟଚଟା ନାମ ଧାତୁ + ଅନ)—ଚଡ଼ ଚଡ଼ ଶବ୍ଦ—
Chaṭachaṭāyana — Cracking

ଚଟଚଟିଆ—ଦେ. ବିଣ.—ଚଟଚଟ (ଦେଖ)
Chaṭachaṭiā — Chaṭachaṭa (See)

ଚଟଚାଟ—ଦେ. ଅ. ବିଣ ଓ କ୍ରି. ବଣ.—ଚଟଚଟ (ଦେଖ)
Chaṭachāta — Chaṭachaṭa (See)

ମଇମର ଭୁଅନ୍ତେ ଭୁହେଁ ବାଡ଼ାପଟ,
ତହୁଁ ଜାତ ହେଲା ଶବଦ ଚଟଚାଟ । କୃଷ୍ଣସିଂହ· ମହାଭାରତ, ବନ ।

ଚଟଣି—ଦେ. ବି.—(ସଂ. ଚକ୍ଷଣୀ)—ଖଟା ଫଳ, ଲୁଣ, ଲଙ୍କା ଓ ମିଠା
Chaṭaṇi — ଏକତ୍ର ବଟା ଯାଇ ପ୍ରସ୍ତୁତ ରୁଚିକର ଅମ୍ଳପ୍ରଧାନ ଲେହ୍ୟ;
চাটনী — ଚଟ୍ଣି—1. Sauce; chutny; chutnee.
चटनी — [ଦ୍ର—ଏ ଶବ୍ଦ ଇଂରାଜୀରେ ପ୍ରଚଳିତ ହୋଇଅଛି ।]
୨ । (ଲକ୍ଷଣାର୍ଥ) ପ୍ରୀତିପ୍ରଦ କଥା; ରସିକତାପୂର୍ଣ୍ଣ ବାକ୍ୟ— 2. (fig) Witty saying; witticism wit and humour.

ଚଟଣି କରିବା—ଦେ. କ୍ରି.—୧ । କୌଣସି ପଦାର୍ଥକୁ ବାଟି ଲେହ୍ୟରେ
Chaṭaṇi karibā — ପରିଣତ କରିବା—1. To prepare sauce by bruising.
চাটনীকরা — ୨ । (ଲକ୍ଷଣାର୍ଥ) ଦଳିବା; ଧ୍ୱସ୍ତବିଧ୍ୱସ୍ତ କରିବା—
चटनीबनाना — 2. (figurative) To crush.

ସେଥିରେ ରାକ୍ଷସ ଗୁଡ଼ିକୁ ଏକାବେଳକେ ପେଷି ଚଟଣି କରିଦେଲା ।
ନୀଳକଣ୍ଠ ଦାସ—ପିଲାଙ୍କ ରାମାୟଣ ।

ଚଟଣିପତ୍ର—ପ୍ରାଦେ. (ଯାଜପୁର) ବି. (ଏ ପତ୍ରକୁ ବାଟି ଲୋକେ ଚଟଣି
Chaṭaṇipatra — ତିଆରି କରୁଥିବାରୁ)—ଧନିଆ ପତ୍ର— Coriander.

ଚଟଣିପତ୍ର ମଞ୍ଜି—ପ୍ରାଦେ. (ଯାଜପୁର) ବି—ଧନିଆ— Coriander.
Chaṭaṇipatra mañji

ଚଟତ୍କାର—ସଂ.ବଣ. (ଚଟତ୍=ଅନୁକରଣ ଶବ୍ଦ+କୃ ଧାତୁ+କର୍ତ୍ତୃ. ଅ)—
Chaṭatkāra — ଅସ୍ଫୁଟ ଶବ୍ଦକାରକ— Making a slight slapping sound.
ସଂ. ବି. (+ଭାବ. ଅ)—ଅସ୍ଫୁଟ ଶବ୍ଦକରଣ— Low slapping sound.

ଚଟନ—ସଂ. ବି. (ଚଟ ଧାତୁ+ଭାବ. ଅନ)—୧ । ଫଟାଇବା;
Chaṭana — ଫାଳେଇବା—1. Splitting; cracking.
୨ । ଟୁକୁଟାକ ହୋଇ ଭାଙ୍ଗିଯିବା— 2. Falling to small pieces.

ଚଟପଟ—ଦେ. ଅ. (ସଂ. ଝଟିତି)—ଝଟିତି; ଅତିଶୀଘ୍ର—
Chaṭapaṭa — Swiftly; instantly.
চটপট;
चटपट

ଚଟପଟି—ଦେ. ବି—୧ । (ସଂ. ଚର୍ମପଟ୍ଟ)—ଯେଉଁ ଚର୍ମପଟରେ ଭଣ୍ଡାରି
Chaṭapaṭi — ଖୁରର ଧାରକୁ ମସୃଣ କରେ—
চামাতি; চামাটি — 1. Barber's strop.
चमोटी; चमोटा — ୨ । ଭରା—2. Haste; swiftness.

ଚଟପଟିଆ—ଦେ. ବଣ. ପୁଂ ଓ ସ୍ତ୍ରୀ. (ସଂ. ଚଟୁଳ=ଚଞ୍ଚଳ+ପଟୁ)—
Chaṭapaṭiā — ୧ । ଅତି ଚଞ୍ଚଳ—1. Hasty.
চটপটিয়া — ୨ । ତ୍ୱରିତ—2. Brisk; swift.
(ଚଟପଟେଇ—ସ୍ତ୍ରୀ)

ଚଟରପଟର—ଦେ. ଅ—ଚଟ୍‌ପଟ୍ (ଦେଖ)
Chaṭarapaṭara — Chaṭpaṭ (See)

ଚଟଲଫିରଙ୍ଗି—ପ୍ରାଦେ. (ଗଞ୍ଜାମ) ବି—ରୋଗବିଶେଷ—
Chaṭalaphiraṅgi — A kind of disease.

ଚଟା—ଦେ. ବି—୧ । (ସଂ. ଚକ୍ଷଣ) ଚାଟିବା କର୍ମ—
চাটা — 1. Act of licking.
चटाई — ୨ । କୁମ୍ଭାରମାନେ ବାମହାତରେ ହାଣ୍ଡିକୁ ଧରି ଡାହାଣ ହାତରେ କଞ୍ଚା ହାଣ୍ଡିଅଧର ପିଠିକୁ ଯେଉଁ ଚଟକା କାଠର କୋବା ଦ୍ୱାରା ପିଟନ୍ତି—2. A flat piece of wood which the potters pat over a newly made unbaked earthen pot.
[ଦ୍ର—ହାଣ୍ଡିର ତଳପାଖରେ ବାଆଁ ହାତଦ୍ୱାରା 'ପିଣ୍ଡି' ଧରିଥାନ୍ତି ଓ ପିଣ୍ଡି ଲାଗିଥିବା ସ୍ଥାନର ଉପରପାଖକୁ ଚଟାଦ୍ୱାରା ପିଟନ୍ତି ।]
চাটা — ଦେ. ବିଣ—୧ । ଯେ ଚାଟେ—1. Licking.
चटोरा; चट्टू — ୨ । (ଗାଳି) ଅଇଣ୍ଠାଖିଆ—2. (a term of abuse) Licking the food left by another.
ପ୍ରାଦେ. (କଟକ) ବି. (କୋଡ଼ିକାଙ୍କ ଅଧରେ) ଥରେ ହାଣିବା— One stroke with the spade.
(ଯଥା—ସେ ଛୁଡ଼ିରେ କୋଡ଼ିରେ ଚଟାଏ ମାରିଲା ।)
ପ୍ରାଦେ. (କଟକ) ବିଣ—କୋଡ଼ିକାଙ୍କ ଅଧ ଥରେ ହାଣିଲେ ଯେଉଁ ମାଟି ସମ୍ଭାଳି ଯିବ—(earth) Which will withstand one stroke of a spade.
(ଯଥା—ଏ ଘରଅରେ ଚଟାମାଟି ପକାଅ ।)
ପ୍ରାଦେ. (ମେଦିନୀପୁର; ଭୁଲ. ବ. ଚଟା) ବି.—୧ । ରାଗ, କ୍ରୋଧ— 1. Anger; rage.
୨ । ରାଗିବା—2. Being angry.
ପ୍ରାଦେ. (ସମ୍ବଲପୁର) ବି—ଚଡ଼ୁ (ଦେଖ) Chardu (See)
ପ୍ରାଦେ. (ସମ୍ବଲପୁର) ବିଣ—୧ । ଚେପଟା; ଚଟକା— 1 Flat.
୨ । ସମତଳ—2. Level.
୩ । ଶୁଖିଲା—3. Dry.

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ୍ଞ	ଷ,ଷ	କ୍ଷ	ଇଯ଼	ଉଅ	ଓ
୨	ଈ	ଊ	ଋୁ	ଳୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ବ

(ଯଥା—ବଳଦଟା ଚାଟୁଦେଲେ ଘୋଷରାଟା ଚଟା ପଡ଼ିଯିବ ।)

୪ । ଚଠା (ଦେଖ)

4. Chaṭhā (See).

ପ୍ରାଦେ (ଗଡ଼ଜାତ) ବଣ—ସାନ; କ୍ଷୁଦ୍ର—Small; tiny.

(ଯଥା—ଚଟା ଟୁଆଟ କାନ୍ଦ କାନ୍ଦ ଲହୁଲାଣି ।)

ଚଟାଇ—ଦେ. ବ (ସ. ଚଟୁ=ବ୍ରହ୍ମଚାରୀମାନଙ୍କ ଅସନ; କଟ= ତୃଣାସନ)—ତୃଣାସନ; ମସିଣା— Grass-mat; a mat made of reeds.
Chaṭāi
ଚାଟାଇ; চেটাই; চেটা
चटाइ ପ୍ରାଦେ (ସମ୍ବଲପୁର; ଭୁଲ. ହି. ଚଟ୍ଟା) ବ—ଗୃହ ତଳେ ପାରିବା ବାଉଁଶପାଢ଼ିଆର ପଟ; ତଲେଇ— A mat woven with thin bamboo-laths.

ଚଟାଇ ପକାଇବା—ଦେ. କି — ଭୂମିଉପରେ ମସିଣାକୁ ଲମ୍ବକରି ପକାଇବା—To spread a mat on the ground.
Chaṭāipakāibā
চটাইপাতা
चटाइबिछाना

ଚଟାଇଁ ପାଡ଼ିବା
ଚଟାଇ ପାରିବା
ଚଟାଇ ବିଛାଇବା } ଅନ୍ୟରୂପ
ଚଟାଇ ଲମ୍ବାଇବା

ଚଟାଇବା—ପ୍ରାଦେ (ମେଦିନୀପୁର) କି (ଭୁଲ. ହି. ଚଟାନ)—(ଚଟିବା କ୍ରିୟାର ଣିଜନ୍ତରୂପ) ରଗାଇବା; ରାଗ କରାଇବା; ଉତ୍ତ୍ୟକ୍ତ କରିବା—To tease; to make angry; to irritate.
Chaṭāibā

ଚାଟାନ ଦେ. କି. (ଚାଟିବାର ଣିଜନ୍ତରୂପ)—ଅନ୍ୟ ବ୍ୟକ୍ତିକୁ ଚାଟିବାକୁ ବାଧ୍ୟ କରାଇବା— To cause another to lick; to cause to lap.
चटाना

ଚଟାକ୍—ଦେ. କି. ବଣ (ସ. ଝଟିତି)—ଶୀଘ୍ର; ତୁରନ୍ତ— Quickly.
Chaṭāk
চটকরে
चटाक्

ଚଟାଚଟ୍—ଦେ. କି. ବ° (ସ. ଝଟିତି)—ଅତିଶୀଘ୍ର— Very quickly.
Chaṭāchaṭ
চটাপট
चटापट

ଚଟାଚଟି—ଦେ. ବ—୧ । (ପଶୁମାନଙ୍କର) ପରସ୍ପର ଦେହକୁ ଚାଟିବା କର୍ମ—1. Act of beasts licking each other's body.
Chaṭāchaṭi
চাটাচাটি
चटाचटि ୨ । ରଗାରଗି; ପରସ୍ପର ପ୍ରତି ରାଗିବା— 2. Being angry with each other.
চটাচটি

ପରସ୍ପର ଚଟାଚଟି ପୁଣି ଗଡ଼ାଗଡ଼ି—ମଧୁସୂଦନ. ଛନ୍ଦ ।

ଦେ. ବଣ—୧ । ପରସ୍ପରର ଦେହକୁ ଚାଟୁଥିବା— 1. Licking each other.

୨ । ପରସ୍ପରପ୍ରତି କ୍ରୁଦ୍ଧ—2. Mutually angry.

ଚଟାଡାଙ୍ଗ—ପ୍ରାଦେ (ସମ୍ବଲପୁର) ବ—ଚଡ଼ୁକାଠି (ଦେଖ)
Chaṭāḍānga Chaṛdukāṭhi (See)

ଚଟାଣ—ଦେ. ବ—୧ । ସମତଳ ଭୂମି—1. Level ground.
Chaṭāṇa ୨ । ପଥୁରିଆ ସମତଳ; ପ୍ରସ୍ତର ଶିଳାପଟଳ—
চটান 2. Rocky even surface.
चट्टान ୩ । ଗୃହତଳ —3 Floor of a house.

୪ । କୋଠା ଘରର ପକ୍କା ସମତଳ—
4. The pucca floor of a building.

ଚଟାତ୍—ଦେ. ଅ (ସ. ଝଟିତି; ହଠାତ୍)—୧ । ହଠାତ୍— 1. Unexpectedly.
Chaṭāt
চটাত্ ୨ । ତତ୍କ୍ଷଣାତ୍—2. At once.
चटाक

ଚଟାତ୍‌କରି
ଚଟାତ୍‌କିନା } ଅନ୍ୟରୂପ
ଚଟାତ୍‌କିନି

୩ । ଶୀଘ୍ର—3. Quickly; briskly.

ଚଟାଲ—ଦେ. କି. ବଣ—ଶୀଘ୍ର—(ଗୋପୀନାଥ ନନ୍ଦ) Quickly; sharp.
Chaṭāla

ଚଟାଲିଆ—ଦେ. ବଣ—ଈଷତ୍ ଚେପଟା— Slightly flat; flattish.
Chaṭāliā
চাটাল
चिपटासा

ଚଟି—ଦେ. ବ (ଫା. ଚତ୍ର=ଛତ୍ର, ଛେଞ୍ଚା; ଚମ୍ପା ସ. ଚର)— ୧ । ପାନ୍ଥଶାଳା; ପଥିକମାନଙ୍କ ବିଶ୍ରାମାର୍ଥ ମାର୍ଗନିକଟରେ ନିର୍ମିତ ଗୃହ—1. Rest house along a road; traveller's rest house; serai.
Chaṭi
চটী
चटी

ଅଳ୍ପଦିନ ରହି ପରେ ଚଟିରେ—ସୁଖାକାଥ. ଦରବାର ।

୨ । ଏହାକୁ ପିନ୍ଧି (ଚାଲିବାବେଳେ ଏଥିର ତଳାରେ ଗୋଇଠି ବାରଂବାର ବାଜି ଚଟ୍ ଚଟ୍ ଶବ୍ଦ ହେଉଥିବାରୁ) ପଛ ନ ଥିବା ଯୋତା—2. Slippers.

ପ୍ରାଦେ (ବାଲେଶ୍ୱର; ମେଦିନୀପୁର) ବ—କ୍ଷୁଦ୍ର ବହି— Pamphlets; booklets.

ପ୍ରାଦେ (ବାଲେଶ୍ୱର; ମେଦିନୀପୁର) ବଣ (ଭୁଲ. ବ. ଚଟୀ)— ୧ । କ୍ଷୁଦ୍ର; ଛୋଟ—1. Little; small.
୨ । ସାନ; କନିଷ୍ଠ—2. Younger; junior.

(ଯଥା—ଚଟିବାବୁ ।)

୩ । ପତଳା —3. Thin.

(ଯଥା—ଚଟି ବହି ।)

ଚଟିଆ—ଦେ. ବ (ସ. ଚଟକ)—ଘରଚଟିଆ ଚଢ଼େଇ— Sparrow; martins.
Chaṭiā

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

ଚଡ଼ାଇ ପ୍ରାଦେ. (ଯାଜପୁର) ବି—ଖଜୁରିପତ୍ରର ବୁଣା ପଟି—
ଚିଡ୍ଡା; ଗୌଟା A mat woven with datepalm leaves.
ପ୍ରାଦେ. (ସମ୍ବଲପୁର) ବିଣ— ଚଟକା—Flat.

ଚଟିକା—ସଂ. ବି. ସ୍ତ୍ରୀ(ଚଟକ+ଆ)--ଚଟକା; ମାଈ ଘରଚଟିଆ ଚଢ଼େଇ—
Chaṭikā Hen sparrow.

ଚଟିବା—ପ୍ରାଦେ (ମେଦିନୀପୁର) କ୍ରି (ମୂଳ. ବ. ଚଟା)—କ୍ରୁଦ୍ଧହେବା;
Chaṭibā ରାଗିବା— To be angry.

ଚଟୁ—ସଂ. ବି (ଚଟ୍‌ ଧାତୁ=ଭେଦନ କରିବା+କରଣ. ଉ)—
Chaṭu ୧ । ଚାଟୁବାକ୍ୟ—1. Flattery.
୨ । ଚିତ୍କାର ଶବ୍ଦ—2. Scream.
୩ । (+କର୍ତ୍ତୃ. ଉ) ଉଦର; ପେଟ—3. Belly.
୪ । ବ୍ରତଧାରୀମାନଙ୍କ ଆସନବିଶେଷ—4. A kind of seat for persons observing fasts.

ଚାଟୁ ଦେ. ବି (ସଂ. ଦର୍ବି; ଯୋଗେଶ୍ଚନ୍ଦ୍ର)—ବ୍ୟଞ୍ଜନ ପ୍ରଭୃତି
ଚଳୌନା ଘାଣ୍ଟିବା ପାଇଁ ବ୍ୟବହୃତ ଚେପଟା ଦଣ୍ଡ; ଦର୍ବୀ—
A flat stick to stir curry etc on fire; pot stick; stick ladle.

ନାନାଜାତ ପାକ ରସେ ଚଟୁପଣେ,
କହୁଛ ତାର ସ୍ୱାଦୁ ଜାଣେ କଛ କ ଯେ । କୃଷ୍ଣସିଂହ. ମହାଭାରତ. ସଭା ।

ପ୍ରାଦେ (ସମ୍ବଲପୁର) ବି— କରଛୁଲ୍‌; କରଛୁଲ—A big metal spoon for agitating boiling food.

ଚଟୁଆ—ଦେ. ବି (ସଂ. କଟି)—୧ । ପଢ଼ିଆ; ପିଚ୍ଛ ଓ ଜଂଘ ମଧ୍ୟସ୍ଥ ଅଂଶ;
Chaṭuā କଟି ଓ ଅଣ୍ଟ ମଧ୍ୟରେ ଥିବା ଗୋଡ଼ର ପଛ ଅଂଶ—
ପାଛା 1. Hip; the back of the thigh.
କୁଲ୍‌ହା ପୁଟା ସେ ଶକଟ ମୋର ହାତରୁ ଫିଟିଗଲା
ଭୃକାନ୍ତରେ ବାଜି ଚଟୁଆ ଫୁଟିଗଲା । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।
୨ । ମୃଗାଦିର ପଢ଼ିଆ—
2. The ham hip of beasts; haunch.
୩ । ଧାନ କିଆରିରେ ଜନ୍ମିବା ଏକପ୍ରକାର ଘାସ—
3. A sort of weed growing in paddy fields.
[ଦ୍ର—ଏହା ଏକ ଫୁଟ ପର୍ଯ୍ୟନ୍ତ ଉଚ୍ଚ, କାଣ୍ଡ ଚେପଟା, ପତ୍ର ଖଣ୍ଡାପରି ।]
ପ୍ରାଦେ. (ସମ୍ବଲପୁର) ବି—ସାନ ଚଟୁ—Small stick-ladle.

ଚଟୁଆଫୁଲା—ଦେ. ବି—ଗୋରୁଙ୍କର ଏକପ୍ରକାର ରୋଗ—
Chaṭuāphulā Black quarter; a disease of cattle.

ଚଟୁଆମୁଣ୍ଡା—ଦେ. ବିଣ. ପୁଂ.— ପୁରୁଷଙ୍କ ପ୍ରତି ଗାଳି (ଚଟୁପରି ଯାହାର
Chaṭuāmuṇḍā ମୁଣ୍ଡ ଚେପ୍ଟା)—A term of abuse
(ଚଟୁଆମୁଣ୍ଡୀ—ସ୍ତ୍ରୀ) applied to males.

ଚଟୁଚଲାଇବା—ଦେ. କ୍ରି.—୧ । ଚଟୁଦ୍ୱାରା ପାକହାଣ୍ଡିରେ ଥିବା ବସ୍ତୁକୁ
Chaṭuchalāibā ଘାଣ୍ଟିବା—1. To stir up the contents of a pot with a ladle.
୨ । (ଲକ୍ଷଣାର୍ଥ) ବହୁବ୍ୟକ୍ତିଙ୍କ ମଧ୍ୟରେ ଆପଣା ଜାଣିବା ପଣର ବା ବାହାଦୁରି ଦେଖାଇ ହେବା ବା ପ୍ରୌଢ଼ି କରିବା—
2. (fig.) To boast of one's knowledge.
୩ । (ଲକ୍ଷଣାର୍ଥ) କିଛି ନ ବୁଝି ନ ସୁଝି ଗୋଟିଏ ଅଣାଡ଼ୁଆ ଆଦେଶ ଜାରି କରିବା—3. (fig.) To pass an order without mature consideration.

ଚଟୁଣି—ଦେ. ବି.—ଚଟଣି (ଦେଖ)
Chaṭuṇi Chaṭaṇi (See)

ଚଟୁତ୍ରାସ—ଦେ. ବି.—ଲୁହାର ଚଟୁକୁ ରଡ଼ନିଆଁରେ ତତାଇ କୁମ୍ଭି
Chaṭutrasa ରୋଗରେ ଫୁଲିଥିବା ଗାଲ ପାଖରେ ଦେଖାଇ ଫୁଲା ଯାଗାକୁ ସେକିବା—Fomentation of the smotten cheek by holding a red hot ladle near it.
ଦେ. ବି—ଭୟ ବା ଲଜ୍ଜାରେ ବିବର୍ଣ୍ଣ—Pale through fear.
(ଯଥା—ଏକଥା ଶୁଣି ତା ମୁହଁ ଚଟୁତ୍ରାସ ପଡ଼ିଗଲା—
ଅପର୍ଣ୍ଣା. ଦଶକୁମାରଚରିତ)

ଚଟୁଳ—ସଂ. ବିଣ. (ଚଟ୍‌ ଧାତୁ+କର୍ତ୍ତୃ. ଉଳ)—୧ । ଚଞ୍ଚଳ; ଅସ୍ଥିର—
Chaṭuḷa 1. Restless; unsteady.
(ଚଟୁଳା—ସ୍ତ୍ରୀ) ୨ । ଚପଳ—2. Fickle.
୩ । ସୁନ୍ଦର—3. Beautiful; nice.
୪ । ପ୍ରିୟବାଦୀ—4. One who speaks kindly.

ଚଟୁଳା—ସଂ. ବି. ସ୍ତ୍ରୀ—(ଚଟୁଳ+ଆ) ବିଦ୍ୟୁତ୍‌—Lightning.
Chaṭuḷā ସଂ. ବିଣ. ସ୍ତ୍ରୀ—ଚଟୁଳର ସ୍ତ୍ରୀଲିଙ୍ଗ—Feminine of chaṭuḷa.

ଚଟୁଲୋଳ—ସଂ. ବିଣ. (ଚଟୁ+ଲୋଳ)—୧ । ଅତିଶୟ ଚଞ୍ଚଳ; ଅତ୍ୟନ୍ତ
Chaṭuloḷa ଚପଳ—1. Very unsteady; very fickle.
(ଚଟୁଲୋଳ—ଅନ୍ୟରୂପ) ୨ । ଅତିଶୟ ସୁନ୍ଦର—
2, Very graceful or charming; lovely,
୩ । ଥରୁଥିବା—Trembling; tremulous.
୪ । ଚାଟୁକାରୀ—4. Flattering.

ଚଟେଇ (ଇତ୍ୟାଦି)—ଦେ. ବି. —ଚଟାଇ (ଇତ୍ୟାଦି) (ଦେଖ)
Chaṭei (etc) Chaṭāi (etc) (See)
ପ୍ରାଦେ.(ଯାଜପୁର) ବି.—ନଡ଼ିଆ ଛପା; ଗୁଣ୍ଠି—A mat made of cocoanut leaves woven with each other.

ଚଟ୍ଟ—ସଂ. ବି.—ଛାତ୍ର; ଚାଟ—Student; pupil.
Chaṭṭa ଶିଷ୍ୟ; ଚେଲା—Desciple.

ଚଟ୍ଟଗ୍ରାମ--ସଂ.ବି. (ଆଧୁନିକ) ସଂ.ଚଟୁଳ+ଗ୍ରାମ);ସଂ.ଚୈତ୍ୟଗ୍ରାମ. M.W)-
Chaṭṭagrāma ବଙ୍ଗ ଦେଶର ଗୋଟିଏ ଜିଲ୍ଲା ଓ ତହିଁର ରାଜଧାନୀ; ଚାଟଗାଁ—Chittagong; name of a district and its capital in the province of Bengal.

୧	ଇ	ଉ	ର,ଋ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଦସ୍ତ	ଢ଼ଅ	ଛ
୨	ଈ	ଊ	ଋ	ଲୃ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଢ଼	ଚ୍ଛ

[ଦ୍ର—ଏହା ବଙ୍ଗୋପସାଗରେ ଉତ୍ତରପୂର୍ବ କୋଣ ଉପକୂଳରେ ଅବସ୍ଥିତ ଓ ବ୍ରହ୍ମଦେଶର ଉତ୍ତରପଶ୍ଚିମ କୋଣକୁ ଲାଗି ଅଛି । ଚଟ୍ଟଗ୍ରାମର ଗୋଟିଏ ଅଂଶ ଗଡ଼ଜାତ ଓ ଅନ୍ୟ ଅଂଶ ବ୍ରିଟିଶ-ଶାସିତ । ଏଥିର ପୌରାଣିକ ନାମ ଚଟ୍ଟଳ ଓ ମୁସଲମାନ ରାଜତ୍ୱ ସମୟରେ ଏହାର ନାମ ଇସ୍ଲାମାବାଦ୍ ଥିଲା; ଏହାର ଇଂରାଜୀ ନାମ ଚଟ୍ଟାଗଙ୍ଗ୍ ଓ ବଙ୍ଗୀୟ ନାମ ଚାଟଗାଁ]

ଚଟଳ—ସଂ. ବ—ଚଟ୍ଟଗ୍ରାମର ପୌରାଣିକ ନାମ (ଜ୍ଞାନେନ୍ଦ୍ର)—
Chattala The old name of Chittagong.
[ଦ୍ର—ମୁସଲମାନ ରାଜତ୍ୱ ସମୟର ନାମ ଇସ୍ଲାମାବାଦ୍ ।]

ଚଟ୍ଟି—ଦେ. ବ—ଚଟ୍ଟ (ଦେଖ)—
Chatti Chati (See)

ଚଟ୍ଟୋପାଧ୍ୟାୟ—ସଂ. ବି. (ଅଧିକ୍ୟ)--(ସଂ. ଚଟ୍ଟ=ଗ୍ରାମ, ଗ୍ରାମ+ଉପାଧ୍ୟାୟ-- ଶିକ୍ଷକ)--ବଙ୍ଗୀୟ ବ୍ରାହ୍ମଣଙ୍କ ଉପାଧିବିଶେଷ—
Chattopadhyāya A family-title of Bengalee Brahmins.

ଚଠା, ପ୍ରାଦେ. (ସମ୍ବଲପୁର) ବିଣ (ଗାଳି)—୧ । ଉଦରମ୍ଭରି; ପେଟୁ—
Chathā 1. Greedy.
(ଚଠୀ—ସ୍ତ୍ରୀ) ୨ । ବିନା ନିମନ୍ତ୍ରଣରେ ଭୋଜନ ସ୍ଥାନକୁ ଯିବା (ବ୍ୟକ୍ତି)—
2. (a person) Attending a feast without invitation.
୩ । ଅଇଁଠାଚଟା; ପରାନ୍ନଭୋଗୀ—3. Slavishly living on the leavings of other's dishes.
୪ । ଅତ୍ୟନ୍ତ ସ୍ୱାଦଲୋଲୁପ; ଡାହାଣୀ—
4. Hankering after dainties.

ଚଡ଼୍ (ଧାତୁ)—ସଂ--ଚଡ଼ିବା; ବିରକ୍ତ ହେବା; କ୍ରୁଦ୍ଧହେବା (ଯୋଗେଶ୍ଚନ୍ଦ୍ର)--
Chard (root) To be enraged.

ଚଡ଼୍ଚଡ଼୍—ଦେ. ଅ (ଧ୍ୱନ୍ୟନୁକରଣ) (ସଂ. ଚଟଚଟା)—
Chardchard ୧ । ଉପର୍ଯ୍ୟୁପରି ଗୁପୁଡ଼ା ବାଜିବାର ଶବ୍ଦ—
চড়্চড়্ চড়্বড়্ 1. Sound of constant slapping.
चड़्चड़् ୨ । ଧାନ ଭାଜିବା ସମୟରେ ଖଇ ଫୁଟିବାର ଶବ୍ଦ—
2. Sound of fried paddy bursting quickly over fire.

ଦାଣ୍ଡ ବାଲିରେ ମୁଠାଏ ଧାନ ପକାଇ ଦେଲେ
ଚଡ଼୍ ଚଡ଼୍ କରି ଖଇ ଫୁଟିଯିବ । ଫ କୀରମୋହନ, ଛମାଣଆଠଗୁଣ୍ଠ ।

୩ । କଞ୍ଚା ଫଳ ନିଆଁରେ ପୋଡ଼ି ଫାଟିଯିବାର ଶବ୍ଦ—
3. Crackling sound of unripe fruits in burning fire while bursting.
୪ । ଜଳନ୍ତା ନିଆଁରେ ଜଳୁଥିବା କାଠର ଶବ୍ଦ—
4. Crackling sound of wood in burning fire.
୫ । ଶୁଖିଲା କାଠ ବା ବକଳ ଫାଟିଯିବାର ଶବ୍ଦ—
5. Crackling sound of dry wood or bark breaking.

ଦେ. କ୍ରି. ବିଣ—୧ । ଚଡ଼୍ଚଡ଼୍ ଶବ୍ଦ କରି—
1. Making a crackling noise.
(ଯଥା—ନିଆଁରେ ଲୁଣ ପକାଇଲେ ତାହା ଚଡ଼୍ ଚଡ଼୍ ଫୁଟେ ।)
୨ । ଅତି ଚଞ୍ଚଳ; ଖୁବ୍ ଶୀଘ୍ର—
2. Before one's eyes; quickly; in quick succession.
[ଦ୍ର—ଗାଆ ବା ଦେହ ଫାଟିବା ଅର୍ଥରେ ବ୍ୟବହୃତ । ଯଥା—ଗାଆଟା ଚଡ଼୍ଚଡ଼୍ ଫାଟିଗଲା; ଖୁବ୍ ଖରାରେ କାଦୁଅ ଭୂମି ଶୁଖିଯାଇଁ ଚଡ଼ଚଡ଼ ଫାଟେ ।]

ଚଡ଼ଚଡ଼ିଆ—ଦେ. ବିଣ—ଚଡ଼୍ଚଡ଼୍ଶବ୍ଦକାରୀ—
Chardchardia Making a crackling sound.

ଚଡ଼୍ଚଡ଼ୁଆ—ଦେ. ବିଣ—ଚଡ଼୍ଚଡ଼ିଆ (ଦେଖ)
Chardchardua Chardchardiā (See).

ଚଡ଼୍ଗୁଡ଼୍—ଦେ. ଅ (ଧ୍ୱନ୍ୟନୁକରଣ)—ଚଡ଼୍ଚଡ଼୍ (ଦେଖ)
Chardchard Chardchard (See)

ଚଡ଼୍ଭଡ଼୍—ଦେ. ଅ (ଧ୍ୱନ୍ୟନୁକରଣ)—ଚଡ଼୍ଚଡ଼୍ (ଦେଖ)
Chardbhard Chardchard (See)

ଚଡ଼—ପ୍ରାଦେ (ଗଞ୍ଜାମ ଓ ମେଦନୀପୁର) ବ (ତୁଲ. ବ. ଚଡ଼୍)—ଗୁପୁଡ଼ା—
Charda Slap.

ଚଡ଼ଉ—ଦେ. ବ—ଚଢ଼ଉ (ଦେଖ)
Chrdau Chardhau (See).

ଚଡ଼କ—ଦେ. ବ.—(ଚଡ଼ଚଡ଼ ଧ୍ୱନ୍ୟନୁକରଣ; ଚଡ଼ିତ)—
Chardaka ୧ । ବଜ୍ର—1. Thunder.
বাজ ୨ । ବଜ୍ରସୂଚି—2. Thunder bolt.
बिजलीकीकड़क ଗଜ ନଭକୁ ଗଲା ବଜ ।
बिजलीकी तड़प ଶଜଟେ ପଡ଼ିଲା ଚଡ଼କ—ଭୂପତି, ପ୍ରେମପଞ୍ଚାମୃତ ।
ପ୍ରାଦେ. (ମେଦନୀପୁର, ବାଲେଶ୍ୱର) ବ. (ତୁଲ. ବ. ଚଡ଼ାକ; ସଂ. ଚକ୍ର; ଫା. ଚର୍ଖ=ଚକ)—
ଚଡ଼କ ପୂଜା (ଦେଖ)—Chardaka pūjā (See)

ଚଡ଼କ ପକାଇବା—ଦେ. କ୍ରି.—ଲକ୍ଷଣାର୍ଥ) ନାଶ କରିବା; ବିନଷ୍ଟ କରାଇବା—(fig.) To destory.
Chardaka pakāibā

ରେ ଅଭଜନ ସ୍ନେହ ସମ୍ପଦେ ।
ଚଡ଼କ ପକାଇ ନିର୍ଦ୍ଦୟ ହୃଦେ—ଜଦୁସୂର୍ଯ୍ୟ କବିତା ।

ଚଡ଼କ ପଡ଼ିବା—ଦେ. ବି.—୧ । ବଜ୍ରପାତ—1. The falling of thunder.
Chardaka pardibā
বাজপড়া ୨ । (ଲକ୍ଷଣାର୍ଥ) ସର୍ବନାଶ ଘଟିବା—
बिजलीगिरना 2. (figurative) Ruination.

ଚଡ଼କ ପୂଜା—ପ୍ରାଦେ. (ମେଦନୀପୁର, ବାଲେଶ୍ୱର) ବି.—
Chardaka pūjā (ତୁଲ. ବ. ଚଡ଼କ ପୂଜା)—
ଓଡ଼ିଶାରେ 'ପାଟୁଆ' ଉତ୍ସବ—A swinging or whirling ceremony performed by the

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

low caste Hindus on the Chaitra Saṁkrānti day.

[ଦ୍ର—କେତେକ ଗଡ଼ଜାତ ଓ ବାଲି ଅଞ୍ଚଳରେ ବାଉରି, କଣ୍ଡରା, ପାଣ, ଶବର ଆଦି ଲୋକେ ଏ ଉତ୍ସବ କରନ୍ତି । ଯେଉଁମାନେ ପୂର୍ବରୁ ମାନସିକ କରି ଏ ବ୍ରତ କରନ୍ତି ତାଙ୍କୁ 'ପାଟୁଆ' ବୋଲାଯାଏ ଓ ଏ ଯାତ୍ରାକୁ 'ଦଣ୍ଡଯାତ' ବା 'ଝାମୁଯାତ' ବୋଲାଯାଏ । ବ୍ରତଧାରୀର ପିଠିକୁ ପୋଡ଼ା ଝୁଣା ଫିଙ୍ଗି ପିଠିର ଚମକୁ କଷ୍ଟସହନକ୍ଷମ କରାଯାଏ । ପୋଡ଼ା ଝୁଣା ମରାଯିବା ଯୋଗୁଁ ପିଠି ଚମ ଅକାଟ୍ଟ ହେଲାରୁ ପିଠିକୁ ଫୋଡ଼ି ବେଏଁଶିରା ତଳେ ଗୋଟିଏ ବନଶୀକଣ୍ଟା ପରି ବଡ଼ ମୁନିଆଁ ହୁକ ଫୋଡ଼ାଯାଏ ଓ ସେ ହୁକର ମୂଳରେ ଦଉଡ଼ି ଲାଗେ । ଭୂମିରେ ଗୋଟିଏ ୨୦।୨୫ ହାତ ଉଚ୍ଚ ବାଉଁଶ ପୋତା ଯାଇ ସେ ବାଉଁଶର ଅଗରେ ତରାଜୁଦଣ୍ଡ ବା ନାହୁଙ୍ଗୀ ପରି ଗୋଟିଏ ନମନୀୟ ବାଉଁଶ ଲଗାଯାଏ । ସେହି ବାହୁଙ୍ଗୀର ଗୋଟିଏ ମୁଣ୍ଡରେ ଏକ ଲମ୍ବ ଦଉଡ଼ି ଲଗାଯାଏ ଓ ଅନ୍ୟ ମୁଣ୍ଡରେ ପାଟୁଆର ପିଠିରେ ଫୋଡ଼ା ହୋଇଥିବା ବନଶୀକଣ୍ଟାର ମୂଳରେ ଲାଗିଥିବା ଦଉଡ଼ିରେ ପାଟୁଆକୁ ଟାଙ୍ଗି ଦିଅନ୍ତି ଓ ପାଟୁଆ ଶୂନ୍ୟରେ ଝୁଲୁଥାଏ ଏବଂ ଲୋକେ ଆର ମୁଣ୍ଡର ଦଉଡ଼ିକୁ ଟାଣି ସେ ବାହୁଙ୍ଗୀକୁ ଘୂରାନ୍ତି ଓ ପାଟୁଆ ଶୂନ୍ୟରେ ୭ ଘେର ବା ୨୧ ଘେର ଘାଉଁରି ଖାଇ ବୁଲୁଥାଏ । ତତ୍‌ପରେ ପାଟୁଆକୁ ସେଥିରୁ ମୁକ୍ତ କରନ୍ତି ଓ ପାଟୁଆ ମାସେ ଯାକେ ଗ୍ରାମେ ଗ୍ରାମେ ବୁଲି ବାଜା ସହିତ ନାଚେ ଓ ଗୀତ ବୋଲେ ।]

ଚଡ଼କବାଜୀ—ଦେ. ବି. (ସଂ. ଚକ୍ର ଓ ଫା. ବାଜୀ=କ୍ରୀଡ଼ା)—
Chaṟḏakabāji ଚଡ଼ ଚଡ଼ ଶବ୍ଦ କରି ଫୁଟିବା ଏକପ୍ରକାର
চড়কবাজী ବାଣ—A kind of cracking work.
चरखाबाजी, चरकीबाजी [ଦ୍ର—ଏହା ବମ୍ବାଜୀ ଓ ତୋପବାଜୀଠାରୁ ଅଧିକତର ଶବ୍ଦ କରେ ।]
(ଚଡ଼କାବାଜୀ—ଅନ୍ୟରୂପ)

ଚଡ଼କ ସଂକ୍ରାନ୍ତି—ପ୍ରାଦେ. (ମେଦିନୀପୁର, ବାଲେଶ୍ୱର) ବି. (ତୁଳ. ବ.
Chaṟḏaka saṁkrānti ଚଡ଼କ ସଂକ୍ରାନ୍ତି)—ପଣା ସଂକ୍ରାନ୍ତି; ଚୈତ୍ର ସଂକ୍ରାନ୍ତି—The Saṁkrānti of the month of Chaitra.

ଚଡ଼କା—ଦେ. ବି—୧ । (ସଂ. ଚର୍ଚ୍ଚରୀ)--ବାଦ୍ୟବିଶେଷ; ଚର୍ଚ୍ଚରୀବାଦ୍ୟ;
Chaṟḏakā ଓଡ଼ିଶାର ତାସା ବାଜା—1. A kind of shallow drum making a crackling sound.
চিড়ফাট ୨ । (ସଂ. ଚୀର୍ଣ୍ଣ) କାଠ ବା ଧାତୁ ବା କାଚରେ ଖୁବ ସରୁ
चटक; कड़क ଫଟା ଦାଗ—2. Crack in a wood or glass or metalware.

ଚଡ଼କାଇବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Chaṟḏakāibā ୧ । ଚଡ଼କିବାର ଣିଜନ୍ତରୂପ—
1. The causative form of Chaṟḏakibā.
চড়কান ୨ । ଫଟାଇବା—2. To cause to crack; to split.
चटकाना ୩ । ଭୟରେ ସ୍ତମ୍ଭିତ ବା ଚମକିତ କରିବା—
(ଚଡ଼କେଇବା—ଅନ୍ୟରୂପ) 3. To startle; to alarm.

ତାହା ସଙ୍ଗରେ ସଙ୍ଗ ହୋଇଣ ଚଡ଼କ
ଚଡ଼କାଇବ ଏ ସବୁରି ହୃଦୟାକ—କୃଷ୍ଣସିଂହ, ମହାଭାରତ. ବନ ।

ଚଡ଼କିବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Chaṟḏakibā ୧ । ଚଡ଼ ଚଡ଼ ଶବ୍ଦ କରିବା—
চড়কা 1. To make a crackling sound
चिटकना; चटकना ୨ । (ଲୁଣ ନିଆଁରେ)ଚଡ଼ ଚଡ଼ ହୋଇ ଫୁଟିବା—
2. To crackle (said of particles of salt thrown into fire).
୩ । (ପଟା ଆଦି) ଚଡ଼ ଚଡ଼ ହୋଇ ଫାଟିଯିବା—
3. (planks) To be cracked.
୪ । (ବିଜୁଳି ଆଦି) ଘନଘନ ଝଟକିବା—
4. To flash repeatedly.
୫ । (ମନ) ଘୋର ଗର୍ଜ୍ଜନନାଦ ଶୁଣି ଚକିତ ବା ତ୍ରସ୍ତ ହେବା—5. (mind) To be startled; to be alarmed.
୬ । (କାଦୁଅ ମାଟି) ଖରାରେ ଶୁଖି ଫାଟିଯିବା—
6. To crack (said of dried up clayey soil.)

ଚଡ଼ଚଡ଼ାଇବା—ଦେ. କ୍ରି.—ଚଡ଼ ଚଡ଼ ଶବ୍ଦ କରିବା—
Chaṟḏachaṟḏāibā To make a crackling sound.

ଚଡ଼ଚଡ଼ି—ଦେ. ବି.—୧ । ବଜ୍ରପାତ—
Chaṟḏachaṟḏi 1. Stroke of lightning.
୨ । ଚଡ଼କ; ବଜ୍ରସୂଚି; ବଜ୍ର—2. Thunderbolt.

ଘଡ଼ଘଡ଼ି ଉପରେ ପଡ଼ଇ ଚଡ଼ଚଡ଼ି । ପ୍ରାଚୀ. ରହସ୍ୟମଞ୍ଜରୀ ।

[ଦ୍ର – ଘଡ଼ଘଡ଼ି=ମେଘ ଗର୍ଜ୍ଜନ; ଚଡ଼ଚଡ଼ି=ବଜ୍ରସୂଚି ।]
ପ୍ରାଦେ. (ମେଦିନୀପୁର) ବି.—(ତୁଳ. ବ. ଚଡ଼ଚଡ଼ି)—
ସନ୍ତୁଳା ତିଅଣ—A kind of curry with very little water left in it.

ଚଡ଼ ଚପଡ଼—ଦେ. ବି.—(ଏକାର୍ଥକ ସହଚର; ଚଡ଼ ଧ୍ୱନ୍ୟନୁକରଣ+ସଂ.
Chaṟḏa chāpaṟḏa ଚପଟ)—୧ । ଚାପୁଡ଼ା—1. Slap.
চড়চাপড় ୨ । ଚାପୁଡ଼ାରୂପ ଦଣ୍ଡ—
चपत 2. Punishment in the shape of slaps
(ଚଡ଼ଚାପୁଡ଼ା— ଅନ୍ୟରୂପ)

ଅବଧାନ୍ ! ଆଗ ମାଇପକୁ ଚଡ଼ଚାପଡ଼,
ପଛ ମାଇପକୁ ସାବଧାନ୍ । ଢଗ ।

ଚଡ଼ତି—ପ୍ରାଦେ. (ମେଦିନୀପୁର) ବି.—(ସଂ. ଚର ଧାତୁ; ତୁଳ. ବ.
Chaṟḏati ଚଡ଼ତି)—୧ । ଆରୋହଣ—1. Riding.
(ପଡ଼ତି—ବିପରୀତ) ୨ । ଊର୍ଦ୍ଧ୍ୱଗମନ—2. Ascent; rising up.
୩ । ବୃଦ୍ଧି; ବଢ଼ିବା—3. Increase.
୪ । ମୂଲ୍ୟବୃଦ୍ଧି—4. Rise in price.

୧	ଇ	ଉ	ଋ,ୠ	ଈ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଚ୍ୟ	ତ୍ଥ	ଗ୍ଣ
୨	ଈ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଁ	ଚ୍ଛ	ୱ	କ

ଚଡ଼ନ୍—ପ୍ରାଦେ. (ମେଦନୀପୁର)—ବ.—୧ । ଆରୋହଣ—
Chardan 1. Ascending.
୨ । (ପଶ୍ୱାଦିର) ପୃଷ୍ଠରେ ଆରୋହଣ—2 Riding.
୩ । ବର୍ଦ୍ଧନ—3. Increasing.
୪ । ଜଡ଼ାଉ କାମ କରିବା; ଖଚିତ କରିବା—
4. Mounting a gem on a metal.

ଚଡ଼ନ୍‌ଦାର୍—ପ୍ରାଦେ. (ମେଦନୀପୁର) ବ.—(ଭୁଲ. ଏହି ଅର୍ଥରେ ବଂ ଓ
Chardan-dār ହି)—୧ । ଆରୋହୀ—1. Riding.
୨ । ଅଲଙ୍କାରରେ ଜଡ଼ାଉ କରିବା କାରିଗର—2. An artisan who mounts gems on an ornament.
୩ । ଯେଉଁ ଅଲଙ୍କାରରେ ଜଡ଼ାଉ କାମ ହୋଇଥାଏ—
3. Mounted ornament; gem-set ornament.
୪ । ଯେଉଁ ବ୍ୟକ୍ତି ବୋଝାଇମାଲକୁ ଜଗିବା ପାଇଁ ଗାଡ଼ି, ଡଙ୍ଗା ବା ରେଳରେ ଯାଏ—4. A passenger who accompanies the merchandises laden in a cart, boat or rail.

ଚଡ଼ୟା—ପ୍ରାଦେ. (ଗଞ୍ଜାମ) ବ—କାଶତୃଣ (ଦେଖ)
Chardayā Kāsatruna (See)
ଦେ. ବ—ଚଢ଼େୟା (ଦେଖ)—Chardheyā (See)

ଚଡ଼ୟା ଅଠା—ଦେ. ବ—ପକ୍ଷୀ ଧରିବା ନିମିତ୍ତ ଅଠାକାଠିରେ ଦିଆଯାଇ-
Chardayā atha ଥିବା ଅଠା—Bird-lime.

ଗୃହୁସ ମାଧୁରିଛଅ ଗୃହାଣୀ ଚଡ଼ୟା ଅଠା
କ୍ରିବଳ ଲଳତ ଠାଣି ନ୍ତିଜଗ ଜାଣି ସେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚଡ଼ା—ଦେ. ବ.—(ସଂ. ଚର)—୧ । ନଦୀ ଗର୍ଭରେ ବନ୍ୟା ବେଳେ
Chardā ସ୍ରୋତଦ୍ୱାରା ସ୍ତୁପୀକୃତ ବାଲି ବା ପଙ୍କ; ପଠା,—
ଚଡ଼ା 1. Sand-bank; alluvion or accretion formed
पड़ि; कच्छार in the bed of a river.
ଚଢ଼ା ୨ । (ସଂ. ଚର ଧାତୁ) ଆରୋହଣ—2. Ascending.
चढ़ाइ ୩ । ଉଠାଣି—3. Ascent.
୪ । ପ୍ରଶ୍ନ—(ବିପରୀତ—ଉତ୍ତର)—4. Question
ଚଢ଼ା (ଦେଖ)— Chardhā (See)

ଚଡ଼ାଇ (ଇତ୍ୟାଦି)—ଦେ. ବ—ଚଢ଼ାଇ ଇତ୍ୟାଦି (ଦେଖ)
Chardāi (etc) Chardhāi etc (See)

ଚଡ଼ାଇବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଚଢ଼ାଇବା (ଦେଖ)
Chardāibā 1. Chardhāibā (See)
୨ । ଧନୁରେ ଗୁଣ ଚଢ଼ାଇବା—2. To put the string (ଚଢ଼େଇବା—ଅନ୍ୟରୂପ) into the bow; to string a bow.

ଚଡ଼ାଏବା ପ୍ରାଦେ. (ସମ୍ବଲପୁର) କ୍ରି—ଚଢ଼ାଇବା (ଦେଖ)
Chardāebā Chardhāibā (See)

ଚଡ଼ା ପଡ଼ିବା—ଦେ. ବ.—(ସଂ. ଚର + ପତନ)—ନଦୀ ଗର୍ଭରେ ସ୍ରୋତ-
Chardā pardibā ଦ୍ୱାରା ଏକ ସ୍ଥାନରେ ସ୍ତୁପୀକୃତ ବାଲି ବା ମାଟି
ଚଡ଼ାପଡ଼ା ଜମା ହୋଇ ଯିବା—Formation of alluvial
चरपड़ना deposit or sand-bank in the bed of a river.

ଚଡ଼ୁ—ଦେ. ବ—୧ । ରୋଗ ନିବାରଣାର୍ଥ ତପ୍ତଲୌହଦ୍ୱାରା ଜୀବଶରୀରର
Chardu ଶିରରେ ଦିଆଯିବା ଦାଗ; ଚିହ୍ନ; ବାଣୀ—
শেঁক; দাগ 1. Cauterization; branding marking
दाग; छाप; चरका with a hot iron.
୨ । ଗରମ ଲୌହଦ୍ୱାରା ଦେହରେ କରାଯିବା ଚିହ୍ନ—
2. A mark with a branding iron.

ଚଡ଼ୁଆ—ପ୍ରାଦେ. (ଗଡ଼ଜାତ) ବ. (ଭୁଲ. ସଂ. ଚରୁ; ଚରୁସ୍ଥାଲୀ)—
Charduā ଧାତୁର ଥାଳିଆ—Small metal plate.

ଚଡ଼ୁକାଠି—ଦେ. ବ—ଯେଉଁ ଲୌହଶଲାକାର ଅଗ୍ରଭାଗ ଉତ୍ତପ୍ତ କରି
Chardukāthi ମନୁଷ୍ୟ ଶରୀରରେ ଚଡ଼ୁ ଦିଆଯାଏ—
দাগনী Searing iron; an iron used for canterising.
चरकाठी

ଚଡ଼ୁ ଘିନିବା—ଦେ. କ୍ରି—ଦଗାଇ ହେବା; ଆପଣା ଶରୀରରେ ଚଡ଼ୁ ଦାଗ
Chardu ghinibā ଗ୍ରହଣ କରିବା—To allow one's self to be seared.
দাগলওয়া
दागलेना; दगवाना; छापलेना

ଚଡ଼ୁ ଦେବା—ଦେ. କ୍ରି—ଅନ୍ୟର ଶରୀରରେ ଚିହ୍ନ ମାଡ଼ିବା; ଦାଗିବା—
Chardu debā To sear another's body.
দাগা
दागना; चरदेना; छापदेना

ଚଡ଼େଇ—ଦେ. ବ—ଚଢ଼ାଇ (ଦେଖ)
Chardei Chardhāi (See)

ଚଡ଼େୟା—ପ୍ରାଦେ. (ଗଞ୍ଜାମ) ବ—ଚଡ଼ୟା (ଦେଖ)
Chardeyā Chardayā (See)

ଚଢ଼ଇ—ପ୍ରାଦେ. (ମେଦନୀପୁର) ବ. (ଭୁଲ· ବ. ଚଢ଼ଇ)—
Chardhai ଚଢ଼ାଇ (ଦେଖ)—Chardhāi (See)

ଚଢ଼ଉ—ଦେ. ବି· (ସଂ. ଚର ଧାତୁ)—୧ । ଉଠାଣି—1. Ascent.
Chardhau ୨ । ଉଠିବା କର୍ମ—2. Act of ascending.
চড়াই; চড়াউ ୩ । ଚଢ଼ାଉ; ଆକ୍ରମଣ—3. Attack,
चढ़ाइ; चढ़ाउ

ଚଢ଼ଉ ଜୋତା—ଦେ. ବି.—ଯେଉଁ ଜୋତାର ପଛ ପାଖ ବା ଏଡ଼ୀର
Chardhau jotā ଚମଡ଼ା ଗୋଇଠି ଉପରକୁ ଉଠିଥାଏ—
चढ़ौवा High-backed shoes.

ଚଢ଼ା—ଦେ. ବ. (ସଂ. ଚର ଧାତୁ)—ଚଡ଼ା (ଦେଖ)
Chardhā Chardā (See)
চড়া ଭଣ—୧ । ଆରୋହୀ—1. Riding; ascending.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଢ଼ାଇ ଅକ୍ଷର ଓ ମାତ୍ରା ଏବ ୨ ଚଢ଼ାଇ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ରେ । ୨ ଚଢ଼ାଇ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଢ଼ାଇର ବଦଳରେ ୨ ବା ୧ ଚଢ଼ାଇ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ

चिढ़ाव, चढ़ाव (ଯଥା—ଘୋଡ଼ା ଚଢ଼ା ଲୋକ ।)

୨ । ମହର୍ଘ, ଦୁର୍ମୂଲ୍ୟ—
2. High; dear; of high price.
ପୁଣି ଦର ଭାରି ଚଢ଼ା । ଫକୀରମୋହନ, ଗଳ୍ପସ୍ୱଳ୍ପ ।

୩ । ଯାହା ଉପରେ ଚଢ଼ାଯାଏ (ଘୋଡ଼ା; ହାତୀ)—
3. Used in riding; riding (horse or elephant).

୪ । ଉଚ୍ଚୈଃସ୍ୱରବିଶିଷ୍ଟ (କଥା)—
4 Loud; high-toned (speech).

୫ । ଉଗ୍ର (ସ୍ୱଭାବ)—5. Irritable (temper).

୬ । ଉଠାଣିଆ (ରାସ୍ତା)—6. Ascending (road).

ଚଢ଼ାଇ—ଦେ. ବି, (ସଂ. ଚଟକ ଜନ୍ମା ଚଇ ଧାତୁ)—
Chardhāi ୧ । ଶ୍ରେଷ୍ଠ ପକ୍ଷୀ—1. Small bird.
চড়ুই ୨ । ପକ୍ଷୀ—2. Bird.
चिड़िआ,चरैह

ଚଢ଼ାଇବା—ଦେ. କ୍ରି—(ସଂ. ଚରଧାତୁର ପ୍ରେରଣାର୍ଥକ)—
Chardhāibā ୧ । ଚଢ଼ିବାର ଣିଜନ୍ତରୂପ—
চড়ান 1. The causative form of 'chardhibā'
चढ़ाना,चढ़वाना ୨ । ଆରୋହଣ କରାଇବା—
2. To cause to ascend or ride.
(ଚଢ଼େଇବା—ଅନ୍ୟରୂପ) ଚଢ଼ାଇ ଭାଇଙ୍କ ପୁଷ୍ପପାଦପେ
ଚକଅଇ ମୂର୍ତ୍ତି ଅନ୍ତିଲେ କୋପେ—
ବଇଦେହୀଶ ବିଳାସ, ଉପେନ୍ଦ୍ରଭଞ୍ଜ ।

୩ । ଉତ୍ତୋଳନ କରିବା; ଉପରକୁ ଉଠାଇବା—
3. To lift up.

୪ । ରେଲ, ଜାହାଜ ବା ଯାନରେ ଯାତ୍ରୀଙ୍କୁ ଆରୋହଣ କରିବାର ସୁବିଧା କରିଦେବା—4. To see a man get into a conveyance.

୫ । ନିଜର ପିଠିରେ ଅନ୍ୟଙ୍କୁ ବସିବାକୁ ସମର୍ଥ କରିବା—
5. To cause another to sit or come over one's back.
(ଯଥା—ଏ ଘୋଡ଼ା କାହାକୁ ଚଢ଼ାଇ ଦେଉନାହିଁ ।)

୬ । (ଔଷଧ) ନିଜେ ଖାଇବା—6. To eat.

୭ । (ଔଷଧ) ପରକୁ ଖୁଆଇବା—7. To feed.

୮ । (ମାଡ଼) ମାରିବା—
8. To deal (blows); to administer.
(ଯଥା—ଛଡ଼ି ଚଢ଼ାଇବା ।)

୯ । (ସ୍ୱର) ଉଚ୍ଚ କରିବା—
9 To highten; to raise (one's voice).

୧୦ । (ଯନ୍ତ୍ରର ତାର) କସିବା; ଟାଣିବା —
10. To tighten (the strings).
ଢୋଲ ଚଢ଼ାଇ ଅଛି କସେ ନିଜ କଣ୍ଠ-ଯନ୍ତ୍ରେ କୂଅଭାର—
ରାଧାନାଥ, ଉଷବୀ ।

୧୧ । (ଫୁଲମାଳ ଓ ପୋଷାକ) ନିଜେ ପିନ୍ଧିବା—
11. To wear; to put on.
(ଯଥା—ସେ ଆଜି ଚକଚକିଆ କୋଟ୍ ଚଢ଼ାଇ ଦରବାରକୁ ଆସିଛି ।)

୧୨ । (ବ୍ୟଙ୍ଗାର୍ଥ) (ନିଶା) ଖାଇବା—
12. To take (some intoxicant).
ଯେଉଁରୂପେ ମଦୁଆ ଚଢ଼ାଇ ଥାଇ ନିଶା—ପ୍ରାଚୀ, ବ୍ରହ୍ମନିରୂପଣଗୀତା ।

୧୩ । ଦେବବିଗ୍ରହଙ୍କ ଉପରେ ଲାଗି କରିବା—
13. To put on the body of an image.
ସେ ଦେଶରେ ଯେତେକ ଦେବଦେବୀ ଥିଲେ
ତାଙ୍କୁ ଭୋଗ ଦେଇ ମାଳ ଚଢ଼ାଇଲେ—କୃଷ୍ଣସିଂ ହ. ମହାଭାରତ. ବନ ।

ଚଢ଼ାଇମାରୁ—ଦେ. ବି—ବ୍ୟାଧ; ଯେ ପକ୍ଷୀ ଧରି ଜୀବିକା ନିର୍ବାହ କରେ—
Chardhāimāru Bird-catcher; bird-shooter; fowler.
চিড়িআমার
चिड़ीमार

ଚଢ଼ାଉ—ଦେ. ବି. (ସଂ. ଉଚ୍ଚଳନ; ପ୍ରା. ଉଚ୍ଚଢ଼ଣ)—୧ । ଆକ୍ରମଣ—
Chardhāu 1. Attack; onset.
চড়াউ ଏକ ଏକ ହୋଇ ରାଜପୁତ୍ରଗଣ ସଦଳେ କଲେ ଚଢ଼ାଉ—
चढ़ाइ ରାଧାନାଥ. ପାର୍ବତୀ ।

୨ । ବହୁସଂଖ୍ୟାରେ ଏକ ସ୍ଥାନରେ ପ୍ରବେଶ—
2. Arriving at or entering a place with a large number of people.

୩ । ସୈନିକଙ୍କଦ୍ୱାରା ରାଜ୍ୟାଦି ଆକ୍ରମଣ—
3. Invasion of a kingdom by an army.

ପ୍ରାଦେ. (ପୁରୀ) ବି—ଜଗନ୍ନାଥଙ୍କ କର୍ମଚାରିବିଶେଷ; ଚଢ଼ଉ—
A class of record-keepers of the Puri tremple.
[ଦ୍ର—ମାଦଳାପାଞ୍ଜି ଏମାନଙ୍କ ଘରେ ଥାଏ । ଏମାନେ ରାଜବଂଶର ଇତିହାସ ଲେଖନ୍ତି—ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ଚଢ଼ାଉତ୍ରା କରିବା—ଦେ. କ୍ରି—ଗାଲୁଆଗାରି ଉପରକୁ ଚଢ଼ ଓ ତଳକୁ
Chardhāutrā karibā ଉପରକୁ ଆସିବା ଓ ଯିବା—
Repeatedly to go up and come down; to walk up and down a steep incline.

ଚଢ଼ା ଉତାର—ଦେ. ବି. (ବିପରୀତାର୍ଥକ ସହଚର)—୧ । କୌଣସି
Chardhā utāra ପଦାର୍ଥକୁ ଉପରକୁ ଉଠାଇବା ଓ ତଳକୁ
চড়াউতার ଓହ୍ଲାଇ ଆଣିବା—
चढ़ाउतार; चढ़ाउतरी 1. Lifting and lowering.

୨ । ଉଠାଣି ଓ ଗଡ଼ାଣି—2. Ascent and descent; upward and downwand slopes.

୩ । ପ୍ରଶ୍ନ ଓ ତାହାର ଉତ୍ତର—
3. 3. Question and its reply.

୪ । ଉପରକୁ ଉଠିବା ଓ ତଳକୁ ଖସିବା—
4. Ascending and descending; going up and coming down.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଫ୍ଟ	ଢ଼ଃ	ଢ
୨	ଈ	ଉ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟଁ	ଇଅ	ଢ଼	ନ୍ନ

୫ । ଖୁବ କଡ଼ା ସ୍ୱର ଓ ଖୁବ ନରମା ସ୍ୱର—
5. Sounds of high and low pitch.

ଚଢ଼ାଚଢ଼ି—ଦେ. ବି—୧ । ଅନ୍ୟୋନ୍ୟ ଉପରେ ଚଢ଼ିବା—
Chardhachardhi 1. Getting over the body of each other; mounting upon one another.
ଚଢ଼ାଚଢ଼ି
चढ़ाचढ़ि

୨ । ବାରମ୍ବାର ଆରୋହଣ—
2. Repeated riding or ascending.

୩ । (ଅଶ୍ଳୀଳ) ମୈଥୁନ କ୍ରିୟା—
3. Copulation (by the male and female alternately getting on each other).

ଚଢ଼ାନ୍—ପ୍ରାଦେ. (ସମ୍ବଲପୁର) ବିଣ—ଉଠାଣି (ସ୍ଥାନ)—
Chardhan Ascending (slope).
(ପଢ଼ରେନ୍—ଉପସ୍ଥିତ) ବି—ଉଠାଣି ସ୍ଥାନ—
An sscending slope; an ascent.

ଚଢ଼ାଳି—ଦେ. ବିଣ. (ସଂ. ଉଚ୍ଚଳନକାରୀ)—
Chardhali ୧ । ଘୋଡ଼ା ଚଢ଼ିବାରେ ଅଭ୍ୟସ୍ତ—
चढ़ैत 1. Habituated to riding.

୨ । ଘୋଡ଼ା ଚଢ଼ିବାରେ ପଟୁ—
2. Expert in horse-riding.

୩ । ଆରୋହଣକାରୀ—3. Riding; ascending.

୪ । (ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ଘୋଡ଼ାଚଢ଼ାଳି, ଗଛଚଢ଼ାଳି, ପର୍ବତଚଢ଼ାଳି) ଅମୁକ ଉପରେ ଚଢ଼ିବାରେ ଅଭ୍ୟସ୍ତ ବା ପଟୁ—
4. Habituated to or expert in riding (a horse or tree).

ଦେ. ବି—ଘୋଡ଼ସବାର—1. Jockey.

୨ । ଅଶ୍ୱାରୋହୀ ବ୍ୟକ୍ତି—2. A rider.

୩ । ଆରୋହଣରେ ପଟୁ ବ୍ୟକ୍ତି—
3. A skilful rider.

ଚଢ଼ିଆ ଘାସ—ପ୍ରାଦେ. (ଗଞ୍ଜାମ) ବି—ଟଣ୍ଡା (ଦେଖ)
Chardhia ghasa Tanda (See)

ଚଢ଼ିବା—ଦେ· କ୍ରି. (ସଂ. ଚର ଧାତୁ; ସଂ. ଉଚ୍ଚଳନ. ପ୍ରା. ଉଚ୍ଚଡ଼ନ; ଚଢ୍ଡନ) —୧ । ଉପରକୁ ଆରୋହଣ କରିବା—
Chardhiba
ଚଡ଼ା 1. To ascend; to get on.
चढ़ना ଚଢ଼ିଲେ ଜଗତରେ ନକୁଳ ଦେଖିବାକୁ । କୃଷ୍ଣସିଂ. ମହାଭାରତ. ବନ

୨ । ଯାନ ବାହାନରେ ଆରୋହଣ କରିବା—
2. To ride on a beast or conveyance.

୩ । ବୃଦ୍ଧି ହେବା—3. To increase.

୪ । ମହର୍ଘ ହେବା; ଦୁର୍ମୂଲ୍ୟ ହେବା—
4. To become dear or high (in price).

୫ । (ସ୍ୱର) ଉଚ୍ଚତର ହେବା ବା କର୍କଶତର ହେବା—
5, (sound) To become louder or harsher.

୬ । (ପ୍ରକୃତି) କଡ଼ା ବା ରୁକ୍ଷ ହେବା—
6. (temper) To be rude or rough.

ଗ୍ରା. (ଇତର; ଅଶ୍ଳୀଳ) କ୍ରି—ସହବାସ କରିବା; ସଙ୍ଗମ କରିବା—
(slang) To cohabit; to copulate.

ଚଢ଼େଇ—ଦେ. ବି—ଚଢ଼ାଇ (ଦେଖ)
Chardhei Chardhai (See)

ଚଢ଼େଇଆ—ଦେ. ବି— ଯେ ଚଢ଼େଇ ଧରି ବିକ୍ରୟ କରି ପେଟ ପୋଷେ—
Chardheia Bird-catcher; fowler.
(ଚଢ଼ୁଇଣୀ—ସ୍ତ୍ରୀ) [ଦ୍ର—କେଉଟମାନଙ୍କର ଚଇତିଘୋଡ଼ା-ଯାତରେ ଚଇତିଘୋଡ଼ା ନାଚ ସଙ୍ଗେ ଚଢ଼େଇଆ-ଚଢ଼ୁଇଣୀଙ୍କର ମଧ୍ୟ ନାଚ ହୁଏ ।]

ଚଢ଼େଇଗୋଡ଼ି—ପ୍ରାଦେ. (ଗଡ଼ଜାତ) ବି— ପାଣି କୂଳରେ ଜନ୍ମିବା
Chardheigordi ଜଙ୍ଗଲ ଫୁଲଗଛ ବୃକ୍ଷବିଶେଷ—
Ixora Undulata; name of a large shrub growing near water (Haines)
[ଦ୍ର—ଏ ଗଛ ଝାମ୍ପୁଡ଼ା; ୩୦ ହାତ ଉଚ୍ଚ ହୁଏ । କାଠ ଖୁବ ଟାଣ, ଘୁଣ୍ଡି ଚଳେ ନାହିଁ । ଭଲ ଜାଳ ହୁଏ ।]

ଚଢ଼େଇନଖୀ—ଦେ. ବି.—ଏକପ୍ରକାର ଧାନ—
Chardeinakhi A species of paddy.

ଚଢ଼େଇ ମାଛିମରା ବେଳ—ପ୍ରାଦେ. (ଗଡ଼ଜାତ) ବି.—ସନ୍ଧ୍ୟା ହେବାର ଠିକ୍ ପୂର୍ବକାଳ (ଏ ସମୟରେ ଚଢ଼େଇମାନେ ଉଡ଼ୁଥିବା ମାଛି ଓ ମଶାଙ୍କୁ ଖାଆନ୍ତି)—
Chardhei machhimara bela
Dusk.

ଚଢ଼େଇଲେଣ୍ଡା—ଦେ. ବି.—୧ । ପକ୍ଷିବିଷ୍ଠା—
Chardheileda . The ordure of birds.

୨ । ଜଗନ୍ନାଥଙ୍କୁ ଭୋଗ ଲାଗିବାପାଇଁ ପ୍ରସ୍ତୁତ ନାନାପ୍ରକାର ପିଠାରୁ ବାଛି ପଡ଼ିଥିବା କ୍ଷୁଦ୍ର ଖଣ୍ଡମାନଙ୍କୁ ମିଶାଇ ଚକଟି କରାଯିବା ପିଣ୍ଡୁଳ—2. The remnants of different cakes kneaded and rolled into a mass & offered to Lord Jagannath.

ଚଢ଼େନ—ପ୍ରାଦେ. (ସମ୍ବଲପୁର) ବି ଓ ବିଣ.—ଚଢ଼ାନ୍ (ଦେଖ)
Chardhen Chardhan (See)

ଚଣ (ଧାତୁ)—ସଂ.—ଦାନ କରିବା—
Chan (root) To give away.

ଚଣକ—ସଂ. ବି.—(ଚଣ୍ ଧାତୁ+କର୍ମ. ଅ+କ)—୧ । ବୁଟ—
Chanaka 1. Gram.
(ଅନ୍ୟ ସଂ. ନାମ—ଚଣ, ହରିମନ୍ଥ, କୃଷ୍ଣ ଚଞ୍ଚୁକ, ବାଲଭୋଜ୍ୟ, ସୁଗନ୍ଧକ, କଞ୍ଚୁକୀ)

୨ । ଚଣା—2. Chick pea.

୩ । ମୁନିବିଶେଷ—
3. Name of a sage.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବ ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଚଣା—ଦେ. ବି.— (ସଂ. ଚଣକ)—୧ । ବୁଟ ପରି ଏକପ୍ରକାର ଶସ୍ୟ—
Chaṇā 1. A kind of leguminous grain; Cicer
চণা Arietinum; Panicum Maliaceum
चना [ଦ୍ର—ଚଣା ଶସ୍ୟ ବୁଟ ଆକାରର; ବୁଟ ଉପରି ଚେପଟା ଓ ଶୃଙ୍ଗଯୁକ୍ତ, କିନ୍ତୁ ଚଣା ଗୋଲ । ଏ ଫସଲ ମାଘ, ଫଗୁଣ ଓ ଚୈତ୍ର ମାସରେ ଅମଦାନି କରାଯାଏ । ବୁଟ ଅପେକ୍ଷା ଚଣା ହାଲୁକା । କଞ୍ଚା ଚଣାକୁ ବଭୁରାଇ କରି, ଡାଲି କରି ଓ ଭାଜି କରି ଖାଆନ୍ତି ଓ ଏଥିରେ ମିଠାଇ ମଧ୍ୟ କରା ଯାଏ । ଦୋଳଯାତ୍ରାରେ ଭଜା ଚଣା ଓ ଖଜା ଠାକୁରଙ୍କୁ ଭୋଗ ଦିଆଯାଏ । ବୈଦ୍ୟକ ମତରେ ଏହା ମଧୁର, ଦୀପକ, ରୁକ୍ଷ, ରୁଚକ ଓ ବଳ ବର୍ଦ୍ଧକ; ଏହା ମେହ କୃମି ଓ ରକ୍ତ-ପିତ୍ତନାଶକ; ବଂ ଓ ହି. ରେ ଏହାକୁ ବୁଟ ମଧ୍ୟ କହନ୍ତି; କିନ୍ତୁ ଏହା ବୁଟ ନୁହେଁ; ଆକାର ଭେଦରେ ଏ ଶସ୍ୟ ଦୁଇ ପ୍ରକାର— ସାନ ଚଣା ଓ ବଡ଼ଚଣା ।]

୨ । ଅମ୍ବକଳିରୁ ବାହାରିବା ଚଣା ପରି କ୍ଷୁଦ୍ର କଷି—
2. The pea-like mango fruit first appearing from the bud.

୩ । ଖେସାରି (ଦେଖ)
3. Kheṡāri (See)

ଚଣାଚଟା—ଦେ. ବିଣ. (ଗାଳି)—୧ । (ଲୋକ) ବେହିଆ—
Chaṇāchaṭā 1. (Term of abuse) Shameless.

୨ । (ଲୋକ) ନାଛୋଡ଼—2. Importunate; nagging.

ଚଣାଚୂର୍—ଦେ. ବି. (ସଂ. ଚଣକ+ଚୂର୍ଣ୍ଣ)—୧ । ଲୁଣ, ମରିଚ ଓ ମସଲା-
Chaṇāchūr ଦିଆ ଚଣା ବା ବୁଟର ଭଜା—
চণাচুর 1. Gram fried with salt, pepper and spices.
चनाचुर

ଚଣା ଧରିବା—ଦେ. ବି.—ଅମ୍ବକଳିରୁ ପ୍ରଥମେ ଚଣାପରି ଅତି ଛୋଟ କଷି
Chaṇā dharibā ବାହାରିବା—The coming out of
सरसइँ बँटना pea-like fruits from the mango blossoms.

[ଦ୍ର—ଚଣା ଅପେକ୍ଷା ବଡ଼ ହେଲେ ଅମ୍ବଫଳକୁ କଷି କୁହାଯାଏ ।]

ଚଣାଫଳି— ଦେ. ବି.—ଶଗଡ଼ର ଉଧିର ଅଗ ଓ ପଛରେ ଥିବା କାଷ୍ଠ-
Chaṇāphali ଖଣ୍ଡ—The small cross-bars joining the shafts of a bullock-cart near its two ends.

ଚଣ୍ଡ୍ (ଧାତୁ)—ସଂ.—କ୍ରୋଧ କରିବା—
Chaṇḍ (root) To be angry.

ଚଣ୍ଡ—ସଂ. ବି. (ଚଣ୍ଡ୍ ଧାତୁ+ଅ)—୧ । (+ଭାବ. ଅ) କ୍ରୋଧ—
Chaṇḍa 1. Anger; rage; fit of passion; wrath.

୨ । ତିନ୍ତିଡ଼ି ବା ତେନ୍ତୁଳୀ ଗଛ—2. Tamarind tree.

୩ । (+କର୍ତ୍ତୃ. ଅ) ଯମଦୂତ—
3. Messenger of the God of death.

୪ । ଶିବାନୁଚରବିଶେଷ—4. An attendant of Ṡiba.

୫ । ଚଣ୍ଡୀପୁରାଣବର୍ଣ୍ଣିତ ଦୁର୍ଗାଙ୍କଦ୍ୱାରା ନିହତ ଦୁଷ୍ଟ ଦୈତ୍ୟ-ବିଶେଷ—5. A wicked demon killed by Durgā.

[ଦ୍ର—ଏ ମୁଣ୍ଡଦୈତ୍ୟର ଭାଇ ଓ ଶୁମ୍ଭନିଶୁମ୍ଭଙ୍କ ସେନାପତି ଥିଲେ ।]

୬ । ନିଷ୍ଠୁରତା—6. Cruelty.

୭ । ଉଷ୍ଣତା—7. Warmth; heat.

୮ । ଭୀଷଣତା—Fury; ferocity.

୯ । ଉଗ୍ରତା; ତୀକ୍ଷ୍ଣତା—9. Sharpness.

୧୦ । ତୀବ୍ରତା—1. Pungency.

୧୧ । ଜଳିବା ଅଗ୍ନିର ତାପ—
11. Violent heat; burning heat.

୧୨ । ବିଷ୍ଣୁଙ୍କ ପାରିଷଦବିଶେଷ (ହି. ଶବ୍ଦସାଗର)—
12. One of the courtiers of Bishṇu.

୧୩ । ଚଣ୍ଡବଳି (ଦେଖ)
13. Chaṇḍabaḻi (See)

୧୪ । ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ କଂସାସୁରର ଭାଇ (ହି. ଶବ୍ଦସାଗର)—14 Name of a brother of Kaṁsa slain by Ṡrīkrushṇa.

[ଦ୍ର—ପୁରାଣ ମତରେ ଏ କୁବେରଙ୍କ ଆଠପୁଅ ମଧ୍ୟରୁ ଏକ । ଏ ଶିବପୂଜା ପାଇଁ ନେଉଥିବା ଫୁଲକୁ ବାଟରେ ଶୁଙ୍ଘିବାରୁ ପିତାଙ୍କ ଶାପରେ କଂସର ଭାଇ ହୋଇ ଜନ୍ମିଥିଲା । ହି. ଶବ୍ଦସାଗର ।]

ବିଣ, ପୁଂ—୧ । ଅତିଶୟ କ୍ରୁଦ୍ଧ—
(ଚଣ୍ଡା—ସ୍ତ୍ରୀ) 1. Passionate; very angry; wrathful.
(ଚଣ୍ଡତା—ବି) ଚଣ୍ଡ ମୂରତି ଧଇଲା କା ବୋଲେ
ଚରଣ ପଙ୍କଜ ଧଇଲେ ହେଲେ । କବିସୂର୍ଯ୍ୟ. କବିତାକଲ୍ଲୋଳମା ।

୨ । ଉଷ୍ଣ—2. Hot; very warm.

୩ । ଜଳୁଥିବା—3. Burning.

୫ । ଭୀଷଣ, ବିକଟ—5. Furious; frightful; violent; fierce.

୬ । ପ୍ରଚଣ୍ଡ; ତୀକ୍ଷ୍ଣ; ଉଗ୍ର—6. Fiery; sharp.
ଟଙ୍କାରିକି ଶର ସରିକି ବାସବ କୋଦଣ୍ଡକୁ ଚଣ୍ଡ ଧନୁ ।
କବିସୂର୍ଯ୍ୟ. କଶୋରଚମ୍ପୂ. ୫ ଗୀତ ।

୭ । କଠୋର—7. Severe; hard.

୮ । ଦୁର୍ଦ୍ଦମନୀୟ—8. Indomitable.

୯ । ନିଷ୍ଠୁର—9. Cruel.

୧୦ । ଦୁଷ୍ଟ; ଦୁର୍ବୃତ୍ତ—10 Wicked; wanton.

ଦେ. ବି—ଜଣେ ଉଗ୍ରତେଜା ରାଜସ୍ଥାନବାସୀ ରାଜପୁତ ରାଜକୁମାରଙ୍କ ନାମ (ଏ ପୃଥ୍ୱୀରାଜଙ୍କର ଜଣେ ସାମନ୍ତ ଥିଲେ ହି. ଶବ୍ଦସାଗର)—Name of a prince of Rajputānā.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଙ୍ଯ	ଞ୍ଅ	ଢ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	●	ନ୍ତୁ

ପିତୃ ସତ୍ୟ ପାଇ ବଣ୍ଡତେଜା ଚଣ୍ଡ
ରାଜସିଂହାସନ କଲେ ବର୍ଜନ । ନନ୍ଦକିଶୋର- କୃଷ୍ଣକୁମାରୀ ।

ଚଣ୍ଡକର—ସଂ. ବି. (ବହୁବ୍ରୀହି; ଚଣ୍ଡ + କର; ତୀକ୍ଷ୍ଣକିରଣ ଯୁକ୍ତ)-ସୂର୍ଯ୍ୟ—
Chandakara The sun

ଚଣ୍ଡକୌଶିକ—ସଂ. ବି—୧ । ମୁନି ବିଶେଷ—
Chandakausika 1. Name of a sage.
୨ । ବିଶ୍ୱାମିତ୍ର ଓ ହରିଶ୍ଚନ୍ଦ୍ରଙ୍କ ଆଖ୍ୟାୟିକାଯୁକ୍ତ ନାଟକ-ବିଶେଷ—2. Name of a Sanscrit drama.
୩ । ଜୈନପୁରାଣରେ ବର୍ଣ୍ଣିତ ବିଷଧର ସର୍ପବିଶେଷ—
3. Name of a venomous serpent mentioned in the Jaina scriptures.
[ଦ୍ର—ଏ ଜୈନଧର୍ମ ପ୍ରବର୍ତ୍ତକ ମହାବୀରସ୍ୱାମୀଙ୍କୁ ଦର୍ଶନ କରି ହିଂସାବୃତ୍ତି ତ୍ୟାଗକରି ଜୀବମାନଙ୍କୁ ଆଉ ଦଂଶନ କଲା ନାହିଁ ଓ ସବୁବେଳେ ନିଜ ଗାତରେ ପଡ଼ି ରହିଥାଏ । ତାକୁ ଏପରି ନିଶ୍ଚଳ ଦେଖି ତା ଦେହଯାକ ପିମ୍ପୁଡ଼ି ବେଢ଼ିଲେ, ତଥାପି ସେ କଡ଼ ଲେଉଟାଇଲା ନାହିଁ—ହି. ଶବ୍ଦସାଗର ।]

ଚଣ୍ଡଚାମୁଣ୍ଡ—ସଂ. ବି—ଶିବଙ୍କର ଭୀଷଣ ଅନୁଚରଦ୍ୱୟ—
Chandachāmunda Two of the fierce attendants of Siba.
ଦେ. ବି—ଦୁର୍ଦ୍ଦାନ୍ତ ଅନୁଚର—
The fierce attendant of a person.

ଚଣ୍ଡତା—ସଂ. ବି (ଚଣ୍ଡ + ଭାବ. ତା)—
Chandatā ୧ । ଭୀଷଣତା—1. Ferocity.
(ଚଣ୍ଡତ୍ୱ—ଅନ୍ୟରୂପ) ୨ । ଦୁଷ୍ଟତା—2. Wickedness.

ଚଣ୍ଡତେଜାଃ—ସଂ. ବିଣ (ବହୁବ୍ରୀହି; ଚଣ୍ଡ + ତେଜସ୍; ୧ମା. ୧ବ)—
Chandatejāh ଉଗ୍ରତେଜାଃ; ଅତ୍ୟନ୍ତ ଶକ୍ତିଶାଳୀ—
Of great prowess

ଚଣ୍ଡଦକ୍ଷିଣା—ଦେ. ବି—ଦେବତାଙ୍କ ନିକଟରେ ଅର୍ପିତ ଭୋଗରୁ ଚଣ୍ଡଙ୍କ
Chandadakshinā ପାଇଁ କଢ଼ା ହୋଇଥିବା ଅଂଶ, ଯାହା କି ପୂଜକଙ୍କୁ ଦକ୍ଷିଣାରୂପେ ଦିଆଯାଏ; ଚଣ୍ଡବଳି (୩) (ଦେଖ)-
Fixed portion of offering to a Deity which is set apart as 'Chandabali' and which is taken by the officiating priest as his remuneration (usually $\frac{1}{4}$ part).

ଚଣ୍ଡଦୀଧିତି—ସଂ. ବି (ବହୁବ୍ରୀହି; ଚଣ୍ଡ + ଦୀଧିତି; ଯାହାର କିରଣ ଉଗ୍ର)—
Chandadidhiti ସୂର୍ଯ୍ୟ The sun.

ଚଣ୍ଡନାୟିକା—ସଂ. ବି. ସ୍ତ୍ରୀ—୧ । ଦୁର୍ଗା; ଚଣ୍ଡୀ—
Chandanāyikā 1. Goddess Durgā.
୨ । ହିନ୍ଦୁଶାସ୍ତ୍ରବର୍ଣ୍ଣିତ କୋପନସ୍ୱଭାବା ନାୟିକାବିଶେଷ; ନାୟକ ଅନ୍ୟ ନାୟିକା ପ୍ରତି ଆସକ୍ତ ଥିବାର ସୂଚନା ବା ପ୍ରମାଣ ପାଇଲେ ଯେଉଁ ନାୟିକା ନାୟକ ପ୍ରତି ଅତି କ୍ରୁଦ୍ଧ ହୁଏ—2. One of the 8 classes of woman lovers described in the Hindu books; a lady who becomes furious on finding her lover attached to another woman.
୩ । ତାନ୍ତ୍ରିକମାନଙ୍କ ପୂଜିତା ଅଷ୍ଟନାୟିକାଙ୍କ ମଧ୍ୟରୁ ଏକ (ଏ ଦୁର୍ଗାଙ୍କର ସଖୀ—ହି. ଶବ୍ଦସାଗର)—
3. One of the 8 Goddesses worshipped by the Tāntrikas.

ଚଣ୍ଡନୈବିଦ୍ୟ—ଦେ. ବି (ସଂ. ଚଣ୍ଡନୈବେଦ୍ୟର ଅଶୁଦ୍ଧ ଉଚ୍ଚାରଣ)—
Chandanaibidya ଚଣ୍ଡବଳି (ଦେଖ)
Chandabali (See)

ଚଣ୍ଡନୈବେଦ୍ୟ—ସଂ. ବି (ମ. ପ. ଲୋ; ଚଣ୍ଡଙ୍କ ନାମରେ ଉତ୍ସୃଷ୍ଟ
Chandanaibedya ନୈବେଦ୍ୟ)—ଚଣ୍ଡବଳି (ଦେଖ)
Chandabali (See)

ଚଣ୍ଡବତୀ—ସଂ. ବି. ସ୍ତ୍ରୀ (ଚଣ୍ଡ + ବତ୍ + ସ୍ତ୍ରୀ. ଈ)—
Chandabatī ଚଣ୍ଡନାୟିକା (ଦେଖ)
Chandanāyikā (See)

ଚଣ୍ଡବଳି—ସଂ. ବି—୧ । ଚଣ୍ଡେଶ୍ୱର; ମହାଦେବଙ୍କ ଅନୁଚରବିଶେଷ—
Chandabali 1. An attendant of Siba.
[ଦ—ମହାଦେବଙ୍କୁ ନୈବେଦ୍ୟ ଦେବା ସମୟରେ ନୈବେଦ୍ୟର ଏକାଦଶମାଂଶ ଏହାଙ୍କ ନାମରେ ଉତ୍ସର୍ଗ କରାଯାଏ ।]
୨ । ମହାଦେବଙ୍କର ଚଣ୍ଡଦେବତାଙ୍କୁ ନିବେଦିତ ଭୋଗାଂଶ ବା ବଳି; ବିଷ୍ଣୁଙ୍କର ପାର୍ଶ୍ୱଚର ଦେବତାଙ୍କୁ ନିବେଦିତ ଭୋଗାଂଶ—
2. Part of the offering set apart for being given to the principal demigod-attendant of a Deity.
୩ । ଭୋଗ ହେବା ପରେ ନିବେଦିତ ଦ୍ରବ୍ୟରୁ ପୂଜକ ନିଜର ପାରିଶ୍ରମିକ ନିମନ୍ତେ କାଢ଼ି ରଖିବା $\frac{1}{4}$, $\frac{1}{10}$ ବା $\frac{1}{16}$ ଅଂଶ (ଅର୍ଥାତ୍ ଭୋଗ କରିବା ପରେ ଯାହା ଚଣ୍ଡଦେବତାଙ୍କୁ ସ୍ୱତନ୍ତ୍ର ଉତ୍ସର୍ଗ କରାଯାଏ)—
3. A part ($\frac{1}{4}$, $\frac{1}{10}$ or $\frac{1}{16}$) of the offering set apart for Chanda and taken by the priest as his remuneration.
[ଦ୍ର—ଶିବଙ୍କର ଜଣେ ଅନୁଚରଙ୍କ ନାମ ଚଣ୍ଡ ଓ ବିଷ୍ଣୁଙ୍କର ଜଣେ ଅନୁଚରଙ୍କ ନାମ ଚଣ୍ଡ । ଶିବ ବା ବିଷ୍ଣୁଙ୍କୁ କୌଣସି ଦ୍ରବ୍ୟ ମନ୍ତ୍ରାଦି ପାଠପୂର୍ବକ ନିବେଦିତ ହୋଇ ସାରିଲା କ୍ଷଣି ନିବେଦିତ ଦ୍ରବ୍ୟର ନିର୍ଦ୍ଦିଷ୍ଟାଂଶ ଉକ୍ତ ଦ୍ରବ୍ୟରୁ ପୃଥକ୍ ହୋଇ କଢ଼ାଯାଏ ଓ ତାହା ପୁଣି ଚଣ୍ଡଙ୍କ ମନ୍ତ୍ରରେ ଉତ୍ସୃଷ୍ଟ ହୁଏ । ଏହାକୁ ଚଣ୍ଡବଳି କହନ୍ତି । ଚଣ୍ଡଙ୍କ ପାଇଁ ଏହି କଢ଼ା ହେବା ଅଂଶ ପୂଜକ ବା ପୂଜା-ପଣ୍ଡା ନିଜର ପାରିଶ୍ରମିକ ରୂପେ ନିଏ ।]

ଚଣ୍ଡବିକ୍ରମ—ସଂ. ବି (କର୍ମଧାରୟ; ଚଣ୍ଡ + ବିକ୍ରମ)—ପ୍ରଚଣ୍ଡ ପରାକ୍ରମ—
Chandabikrama Great prowess.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବିଣ. ପୁ· (ବହୁବ୍ରୀହି) ପ୍ରବଳପ୍ରତାପଶାଳୀ—Fierce in prowess.
(ଚଣ୍ଡବିକ୍ରମା-ସ୍ତ୍ରୀ)

ଚଣ୍ଡମୟୂଖ— ସଂ. ବି (ବହୁବ୍ରୀହି; ଚଣ୍ଡ+ମୟୂଖ; ଯାହାର କିରଣ ପ୍ରଖର)—
Chaṇḍamayūkha ସୂର୍ଯ୍ୟ—The sun (having fierce rays).

ଚଣ୍ଡମୟୂଖ ମଣ୍ଡଳ ସମାନ, ଗହନ ଗହନ ଯହିଁ କଲା ବଦନ ।
କବିସୂର୍ଯ୍ୟ. ବିଦଗ୍ଧଚିନ୍ତାମଣି ।

ଚଣ୍ଡମୁଣ୍ଡ— ସଂ. ବି. (ଦ୍ୱନ୍ଦ୍ୱ; ଚଣ୍ଡ+ମୁଣ୍ଡ)—ଦୁର୍ଗାଙ୍କ ଦ୍ୱାରା ନିହତ ରାକ୍ଷସ
Chaṇḍamuṇḍa ଭ୍ରାତୃଦ୍ୱୟ—Two fierce and wicked demon brothers killed by Durgā.
[ଦ୍ର—ଏହାଙ୍କ ବଧ ବିଷୟ ଚଣ୍ଡୀପୁରାଣରେ ବର୍ଣ୍ଣିତ ହୋଇଅଛି । ଏ ଦୁହେଁ ଶୁମ୍ଭ ନିଶୁମ୍ଭ ଦୈତ୍ୟଙ୍କର ସେନାପତି ଥିଲେ]
ଦେ. ବି—ଅତି ଦୁଷ୍ଟ ବ୍ୟକ୍ତି—A very wicked person

ଚଣ୍ଡମୁଣ୍ଡା— ସଂ. ବି. ସ୍ତ୍ରୀ (ଚଣ୍ଡ+ମୁଣ୍ଡ+ଆ; ଯେ ଚଣ୍ଡମୁଣ୍ଡ ରାକ୍ଷସ ଦ୍ୱୟଙ୍କୁ
Chaṇḍamuṇḍā ବଧ କରିଥିଲେ)—
ଚଣ୍ଡୀ; ଚାମୁଣ୍ଡା (ହି. ଶବ୍ଦସାଗର)—An incarnation of Durgā.

ଚଣ୍ଡରଶ୍ମି— ସଂ. ବି (ବହୁବ୍ରୀହି; ଚଣ୍ଡ+ରଶ୍ମି)—ଚଣ୍ଡମୟୂଖ (ଦେଖ)—
Chaṇḍaraśmi Chaṇḍamayūkha (See)

ଚଣ୍ଡଶକ୍ତି— ସଂ. ବି—୧ । (ବହୁବ୍ରୀହି; ଚଣ୍ଡ+ଶକ୍ତି; ପ୍ରବଳ ପରାକ୍ରମଶାଳୀ)
Chaṇḍaśakti ବଳୀଙ୍କ ସୈନ୍ୟସ୍ଥିତ ଦାନବ ବିଶେଷ—
A fierce demon in the army of the demon-king Baḻī.
୨ । (କର୍ମଧା) ପ୍ରବଳ ପରାକ୍ରମ—Great prowess.
ବିଣ. ପୁ. ଓ ସ୍ତ୍ରୀ - ପ୍ରଚଣ୍ଡ ପରାକ୍ରମଶାଳୀ—Very powerful or mighty.

ଚଣ୍ଡା— ସଂ. ବିଣ. ସ୍ତ୍ରୀ (ଚଣ୍ଡ+ଆ)—ଚଣ୍ଡର ସ୍ତ୍ରୀଲିଙ୍ଗ—
Chaṇḍā Feminine of Chaṇḍa·
ବି. ସ୍ତ୍ରୀ—୧ । କୋପନା ସ୍ତ୍ରୀ—1. A woman of fiery temper; a termagant woman.
୨ । ଅଷ୍ଟନାୟିକା ମଧ୍ୟରୁ ଏକ (ହି. ଶବ୍ଦସାଗର)—
ଚଣ୍ଡନାୟିକା ୨ ଓ ୩ (ଦେଖ)
2. Chaṇḍanāyikā 2 and 3 (See)
୩ । ଶ୍ୱେତକ ନାମକ ସୁଗନ୍ଧ (ହି. ଶବ୍ଦସାଗର)—
3. Name of a scented herb.
୪ । କପିକଚ୍ଛୁ; ବାଇଡଙ୍କ (ହି. ଶବ୍ଦସାଗର)—
4. Cowhage.
୫ । ଶ୍ୱେତଦୂବ୍ରା (ହି. ଶବ୍ଦସାଗର)—5. The white variety of Duba grass.
୬ । ସଉପ (ହି. ଶବ୍ଦସାଗର)—6. The Sowa seed.
୭ । ପାନମହୁରି (ହି. ଶବ୍ଦସାଗର)—7. Aniseed.
୮ । ଏକ ପ୍ରାଚୀନ ନଦୀର ନାମ (ହି. ଶବ୍ଦସାଗର)—
8. Name of an ancient river.
ଗ୍ରା (ପଦ୍ୟ) ବିଣ. ପୁଂ.—ଅତି କ୍ରୋଧାନ୍ୱିତ—Very much enraged; fiery with rage.

ଜାଣି ତାହା ଗନ୍ଧର୍ବେ, କୋପ କରିଣ ସର୍ବେ, ମାରୁତ ଅଗ୍ରତେ ମିଳିଲେ ସେ,
ଅତିଚଣ୍ଡ, ମାଇଲେ ତୀକ୍ଷ୍ଣ କାଣ୍ଡ ଗଣ୍ଡ । ବିଶ୍ୱନାଥ. ବିଚିତ୍ର ରାମାୟଣ ।

ଚଣ୍ଡାଂଶୁ— ସଂ. ବି (କର୍ମଧା; ଚଣ୍ଡ+ଅଂଶୁ)— ୧ । ତୀକ୍ଷ୍ଣ କିରଣ—
Chaṇḍāṁśu 1. Sharp rays.
୨ । ସୂର୍ଯ୍ୟକିରଣ—2. Sun's rays.
୩ । (ବହୁବ୍ରୀହି) ସୂର୍ଯ୍ୟ—3. The sun.
ଚଣ୍ଡାଂଶୁକିରଣେ ଖର ଅତିଶୟ—ରାଧାନାଥ. ଚିଲିକା ।

ଚଣ୍ଡାତକ— ସଂ. ବି. (ଚଣ୍ଡା=କୋପନା ସ୍ତ୍ରୀ+ଅତ୍ ଧାତୁ=ଗମନ କରିବା
Chaṇḍātaka +କର୍ତ୍ତୃ, ଅକ)—୧ । ସ୍ତ୍ରୀମାନଙ୍କ ଅର୍ଦ୍ଧୋରୁ (ଜଙ୍ଘ) ପର୍ଯ୍ୟନ୍ତ ଲମ୍ବା ହୋଇ କଟିମାରି ପିନ୍ଧା ଯାଉଥିବା ବସ୍ତ୍ର; ଲହଙ୍ଗା—1. Cloth worn tightly round the waist of females and extending half-way to the thighs; a tight half-pant-like dress worn by ladies.
[ଦ୍ର—ଏହାକୁ ପିନ୍ଧିବା ଲୋକ ଛଡ଼ା ଅନ୍ୟ କେହି ବ୍ୟକ୍ତି ସହଜରେ ଫିଟାଇ ପାରନ୍ତି ନାହିଁ ।]
୨ । ସ୍ତ୍ରୀମାନଙ୍କ କୁରୁତା; ଚୋଲି (ହି. ଶବ୍ଦସାଗର)—
2 A female jacket.

ଚଣ୍ଡାଧିକାର— ସଂ. ବି (ଷଷ୍ଠୀ ତତ୍; ଚଣ୍ଡ+ଅଧିକାର)—୧ । ଦେବତାଙ୍କୁ
Chaṇḍādhikāra ଅର୍ପିତ ହେବା ଭୋଗରୁ ନିର୍ଦ୍ଦିଷ୍ଟ ଅଂଶ (ଛି, ୧୦, ୧୬) ଚଣ୍ଡବଳରୂପେ କଢ଼ା ହୋଇ ସ୍ୱତନ୍ତ୍ର ରଖା ଯିବାର ବିଧି—1. The custom or practice of a fixed portion out of the offering to a Deity being set apart as 'Chaṇḍa.'
[ଦ—ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ଭୋଗରେ ଚଣ୍ଡାଧିକାର ନାହିଁ ।]
୨ । ଦେବତାଙ୍କୁ ଅର୍ପିତ ହେବା ନୈବେଦ୍ୟ ବସ୍ତୁ ମଧ୍ୟରୁ ନିଜର ପାରିଶ୍ରମିକ ପାଇଁ ପୂଜକର କେତେକ ଅଂଶ କାଢ଼ି ରଖିବା ଅଧିକାର—2. The right of a worshipping priest taking out a fixed portion out of the offering for his remuneration.

ଚଣ୍ଡାଳ— ସଂ. ବି. ପୁଂ (ଚଣ୍ଡ=କ୍ରୁଦ୍ଧ+ଅଲ ଧାତୁ=ପାରଗ ହେବା+
Chaṇḍāḻa କର୍ତ୍ତୃ. ଅ)— ୧ । ଶୂଦ୍ର ଔରସରେ ବ୍ରାହ୍ମଣୀ-
(ଚଣ୍ଡାଲ - ଅନ୍ୟରୂପ) ଗର୍ଭଜାତ ଜାତି ବିଶେଷ—

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଏ୍	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଚ	ନ୍ତ

ଚଣ୍ଡାଳିନୀ }
ଚଣ୍ଡାଳୀ } ସଂ. ସ୍ତ୍ରୀ 1. A low caste originating from the issue of a Brāhmaṇa woman
ଚଣ୍ଡାଳୁଣୀ—ଦେ. ସ୍ତ୍ରୀ by a Śūdra male.

[ଦ୍ର—ହିନ୍ଦୁମାନେ ଆବହମାନକାଳରୁ ଚଣ୍ଡାଳ ଜାତିକୁ ଅତି ଘୃଣା-ଦୃଷ୍ଟିରେ ଦେଖି ଆସୁଅଛନ୍ତି । ଏମାନେ ଅସ୍ପୃଶ୍ୟ, ଏପରିକି ଏମାନଙ୍କ ଛାଇ ଉଚ୍ଚଜାତୀୟ ହିନ୍ଦୁ ଉପରେ ପଡ଼ିଗଲେ ଉକ୍ତ ହିନ୍ଦୁ ସ୍ନାନ କରି ପବିତ୍ର ହୁଏ । ଏମାନଙ୍କ ବସତି ଗ୍ରାମ ବା ନଗରର ବାହାରେ; ଉଚ୍ଚ ଜାତିମାନେ ଯେଉଁ ବାଟେ ଯିବେ ଓ ଯେଉଁ ପୋଖରୀ ବା କୂଅ ବ୍ୟବହାର କରିବେ ଚଣ୍ଡାଳମାନେ ତାହାର ପାଖ ମାଡ଼ିବେ ନାହିଁ; ହିନ୍ଦୁଙ୍କ ପୂଜିତ ଦେବତାଙ୍କୁ ଏମାନେ ଦର୍ଶନ କରି ପାରିବେ ନାହିଁ ଓ ହିନ୍ଦୁମନ୍ଦିର ମଧ୍ୟକୁ ପଶିବେ ନାହିଁ । ହିନ୍ଦୁ ସ୍ମୃତି ଅନୁସାରେ ଏମାନେ ସୁନା ବା ରୂପାର ବାସନ ବା ଅଳଙ୍କାର ବ୍ୟବହାର କରିପାରିବେ ନାହିଁ, ଏପରି କି ଏମାନେ ଉଚ୍ଚଜାତୀୟ ହିନ୍ଦୁକୁ ସ୍ୱହସ୍ତରେ ଦାନ ମଧ୍ୟ ଦେଇ ପାରିବେ ନାହିଁ । କୁକୁର ଓ ଗଧ ପାଳିବା, ମୃତ୍ୟୁର ଓ ମଢ଼ ଉଠାଇବା, ବାଜା ବଜାଇବା, ଡାଲେଇ ଓ ଟୋକେଇ ଆଦି ବୁଣିବା, ପ୍ରାଣଦଣ୍ଡରେ ଦଣ୍ଡିତ ଅପରାଧୀକୁ ବଧ କରିବା, ଏମାନଙ୍କ ଜୀବିକା ଥିଲା । ଏମାନେ ଗୋମାଂସଭୋଜୀ ଓ ମଦ୍ୟପାୟୀ । ଯଜ୍ଞ ଓ ଶ୍ରାଦ୍ଧାଦି ଧର୍ମାନୁଷ୍ଠାନକାରୀ ବ୍ୟକ୍ତି ଏମାନଙ୍କୁ ଦେଖିଲେ ବା ଏମାନଙ୍କ ପାଟି ଶୁଣିଲେ ଉକ୍ତ ଅନୁଷ୍ଠାନମାନ ମାରି ହେଉଥିଲା । ହିନ୍ଦୁ ସମାଜ ଏମାନଙ୍କୁ କୁକୁର, ବିରାଡ଼ି ଓ ଗଧ ଆଦିଙ୍କ ଅପେକ୍ଷା ହୀନତର ଦୃଷ୍ଟିରେ ଦେଖୁଥିଲା । ହିନ୍ଦୁ ଗ୍ରାମରେ ରାତିରେ ରହିଯିବା ଚଣ୍ଡାଳକୁ ଗ୍ରାମରୁ ତଡ଼ି ଦେବାର ବିଧି ଥିଲା । ବର୍ତ୍ତମାନ ମଧ୍ୟ ଦାକ୍ଷିଣାତ୍ୟରେ ଏମାନଙ୍କୁ ଏହିପରି ହୀନ ଅବସ୍ଥା ଭୋଗିବାକୁ ପଡ଼ୁଅଛି । ଅନେକ ଚଣ୍ଡାଳ ଏହି ସାମାଜିକ ନିର୍ଯ୍ୟାତନ ସହି ନ ପାରି ମୁସଲମାନ୍ ଓ ଖ୍ରୀଷ୍ଟାନ୍ ଧର୍ମ ଗ୍ରହଣ କରୁଥିଲେ । ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ ଏମାନଙ୍କ ପ୍ରତି ଉଚ୍ଚ ଜାତୀୟ ହିନ୍ଦୁମାନଙ୍କର ବ୍ୟବହାର କ୍ରମଶଃ ବଦଳୁ ଅଛି । ଦାକ୍ଷିଣାତ୍ୟରେ ଏମାନଙ୍କୁ ପଞ୍ଚମା (ଅର୍ଥାତ୍ ହିନ୍ଦୁ ୪ ବର୍ଣ୍ଣରୁ ବାହାର ପଞ୍ଚମ ଜାତି) ବୋଲିଯାଏ । ମହାତ୍ମା ଗାନ୍ଧୀ ହିନ୍ଦୁ ସମାଜରୁ ଏ ଅସ୍ପୃଶ୍ୟତାକଳଙ୍କ ଲୋପ କରିବାକୁ ଚେଷ୍ଟା କରୁଅଛନ୍ତି । ଏହିଠାରେ ଉଲ୍ଲେଖ କରିବା ଉଚିତ ଯେ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ 'ବୈଶ୍ୱଦେବ' କରିବା ସମୟରେ କୁକୁର (ଶ୍ୱ), ଚଣ୍ଡାଳ (ଶ୍ୱପଚ) ଓ କୁଆ (ବାୟସ) ମାନଙ୍କ ପାଇଁ ଗୃହର ବାହାରେ 'ଅନ୍ନବଳି' ଦେଇ ସାରି ପରେ ଭୋଜନ କରୁଥିଲେ ।]

୨ । ହିନ୍ଦୁମାନଙ୍କର ନୀଚତମ ଅସ୍ପୃଶ୍ୟ ଜାତି— 2. The lowest untouchable caste amongst the Hindus.

ଚାଁଡ଼ାଳ ୩ । ପତିତ ଓ ମହାପାପୀ ବ୍ୟକ୍ତି—3. A reprobate and depraved person.
ଚାଁଡ଼ାଲ

୪ । ପାପୀ ବ୍ୟକ୍ତି—4. A sinner.

ବିଣ. ପୁଂ—୧ । ପାପକର୍ମୀ—Sinful.

ଚଣ୍ଡାଳତା }
ଚଣ୍ଡାଳତ୍ୱ } ବି

୨ । ନିଷ୍ଠୁର—2. Cruel.

୩ । କ୍ରୂରକର୍ମା—3. Doing evil and vile deeds.

୪ । ନୀଚମନାଃ—4. Mean-minded; vile.

ଦେ. ବି—ହାଡ଼ି; ମେହେନ୍ତର ଜାତି—The sweeper-caste (an untouchable class).

[ଦ୍ର—ଏମାନେ ସାଧାରଣ ସ୍ଥାନରୁ ମଇଳା ଓ କଷ୍ଟା ଆଦି କାଢ଼ନ୍ତି, ପାଇଖାନା ସଫା କରନ୍ତି, ମଢ଼ ଓ ମଡ଼ା କାଢ଼ନ୍ତି ଓ ବାଜା ବଜାନ୍ତି । ଏମାନେ ଗୋମାଂସ ଓ ମଦ ଖାଆନ୍ତି ।]

ପ୍ରାଦେ. (ଗଞ୍ଜାମ) ବି—ଗଞ୍ଜାମ ଜିଲ୍ଲାର ପାଟକବିଶେଷ— A class of low-caste Śūdras in the district of Ganjam.

ଚଣ୍ଡାଳପକ୍ଷୀ—ସଂ. ବି—କାକପକ୍ଷୀ; କୁଆ (ହି. ଶବ୍ଦସାଗର)—
Chaṇḍāḻapakshī The crow.

ଚଣ୍ଡାଳବଲ୍ଲକୀ—ସଂ. ବି (ମଧ୍ୟପଦଲୋପୀ; ଚଣ୍ଡାଳ+ବଲ୍ଲକୀ—ଚଣ୍ଡାଳ-
Chaṇḍāḻaballakī ମାନଙ୍କର ବଜାଇବା ଏକପ୍ରକାର ତାରଯୁକ୍ତ
(ଚଣ୍ଡାଳବୀଣା—ଅନ୍ୟରୂପ) ବାଦ୍ୟ ଯନ୍ତ୍ର)—କେଣ୍ଡେରା ବୀଣା; କେନରା—
A guitar or lute used by low caste people; the beggars' lute.

ଚଣ୍ଡାଳିକା—ସଂ. ବି. ସ୍ତ୍ରୀ (ଚଣ୍ଡାଳ+କ+ଆ)—୧ । ଦୁର୍ଗା; ଚଣ୍ଡିକା—
Chaṇḍāḻikā 1. Durga.

୨ । ଚଣ୍ଡାଳବଲ୍ଲକୀ (ଦେଖ)—
2. Chaṇḍāḻaballakī (See)

୩ । ଔଷଧାର୍ଥ ବ୍ୟବହୃତ ବୃକ୍ଷବିଶେଷ (ହି. ଶବ୍ଦସାଗର)—
3. Name of a medicinal tree.

୪ । ଶିମ୍ବାଦି ବର୍ଗର ବର୍ଷାୟୁଃ ବନ୍ୟ ଶାକ ବା କ୍ଷୁପବିଶେଷ—
ବନଚାଁଡ଼ାଳ 4. The Telegraph plant; Desmodium Gajrans.

[ଦ୍ର—ଏ ଗଛ ୧½ ହାତ ବଢ଼େ; ଶିମ୍ବପରି ପତ୍ର ତ୍ରିପର୍ଣ୍ଣ; ପାଖର ଦୁଇ ପର୍ଣ୍ଣ ଗରମ ସମୟରେ ଉପରକୁ ଉଠେ ଓ ଅଣ୍ଡାବେଳେ ତଳକୁ ପଡ଼େ. ଯୋଗେଶ୍ୱର୍ ।]

ଚଣ୍ଡାଳିନୀ—ସଂ. ବି. ସ୍ତ୍ରୀ (ଚଣ୍ଡାଳ+ସ୍ତ୍ରୀ. ଈ)—ଚଣ୍ଡାଳୁଣୀ (ଦେଖ)—
Chaṇḍāḻinī Chaṇḍāḻuṇī (See)
(ଚଣ୍ଡାଳୀ—ଅନ୍ୟରୂପ)

ଚଣ୍ଡାଳୁଣୀ—ଦେ. ବି. ସ୍ତ୍ରୀ (ସଂ. ଚଣ୍ଡାଳିନୀ; ଚଣ୍ଡାଳ ଶବ୍ଦରେ ଓଡ଼ିଆ
Chaṇḍāḻuṇī ସ୍ତ୍ରୀବାଚକ ଉଣୀ ପ୍ରତ୍ୟୟ ଯୋଗ; ତୁଳ. ତମୁଣୀ,
ଚାଁଡ଼ାଲିନୀ ଶବରୁଣୀ, କନ୍ଧୁଣୀ)—୧ । ଚଣ୍ଡାଳର ସ୍ତ୍ରୀ—
ଚଣ୍ଡାଲୋନ 1. A woman of the 'chaṇḍāḻa' caste.

ଗୃହଜାତଯାକ ହେବେଟି ଏକଜାତ
କରିବେ ଚଣ୍ଡାଳୁଣୀ ସଙ୍ଗରେ ସୁରତ—କୃଷ୍ଣସିଂହ. ମହାଭାରତ, ବନ ।

୨ । ମେହେନ୍ତରାଣୀ—2. A sweeper woman.

ସାଧାରଣ ଲୋକେ ଅନେକ ସ୍ଥଳରେ ଦୃଗତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ପାପିନୀ—3. Sinful woman; a female sinner.

୪ । ନିଷ୍ଠୁର ସ୍ତ୍ରୀ—4. Hard-hearted or cruel woman.

୫ । ଦୁଷ୍ଟା ସ୍ତ୍ରୀ; ନଷ୍ଟା ସ୍ତ୍ରୀ; ଦୁଷ୍କର୍ମକାରିଣୀ ସ୍ତ୍ରୀ—
5. A reprobate or depraved woman.

ଚଣ୍ଡିଆ—ଦେ. ବିଣ. ପୁଂ (ସଂ. ଚଣ୍ଡ)—୧ । ଦୁଷ୍ଟ; କ୍ରୂରକର୍ମୀ;
Chaṇḍiā କୁରୁଚଣ୍ଡିଆ—1. Wicked (person); wanton.
(ଚଣ୍ଡେଇ—ସ୍ତ୍ରୀ) ୨ । ବୁଲା—2. Vagabond.

ଚଣ୍ଡିକା—ସଂ. ବି (ଚଣ୍ଡ+କ+ଅ)—୧ । ଚଣ୍ଡୀ (ଦେଖ)
Chaṇḍikā 1. Chaṇḍī (See).

୨ । ଗାୟତ୍ରୀଦେବୀ (ହି. ଶବ୍ଦସାଗର)—
2. The Gāyatrī formula personified.

ସଂ. ବିଣ. ସ୍ତ୍ରୀ—୧ । କୋପନା; ଦୁର୍ଦ୍ଧର୍ଷା—
1. Shrewish; irritable (woman).

୨ । କଳହକାରିଣୀ—2. Quarrelsome (woman).

ଚଣ୍ଡିମା—ସଂ. ବି (ଚଣ୍ଡ+ଭାବେ. ଇମନ୍ ୧ମା. ୧ବ.)—
Chaṇḍimā ୧ । ଚଣ୍ଡତା, ପ୍ରଚଣ୍ଡତା—1. Ferocity.

୨ । ଉଗ୍ରତା—2. Violence.

୩ । କ୍ରୋଧ—3. Wrath; passion.

୪ । କୋପନସ୍ୱଭାବ—4. Wrathfulness.

ଚଣ୍ଡୀ—ସଂ. ବି. (ଚଣ୍ଡ+ଈ)—୧ । ଦୁର୍ଗା; ପାର୍ବତୀଙ୍କର ଅସୁରବିଧ୍ୱଂସୀ
Chaṇḍī ଦଶଭୁଜବିଶିଷ୍ଟ ଅବତାର—1. Goddess Durgā (in her incarnation of demon-killer with 10 arms).

[ଦ୍ର—ଓଡ଼ିଶାର ୮ ଗୋଟି ସ୍ଥାନରେ ଚଣ୍ଡୀଙ୍କର ପ୍ରଧାନ ବିଗ୍ରହ ଅଛି । ବାଣପୁରରେ ଭଗବତୀ, ପୁରୀରେ ବିମଳା, କାକଟପୁରରେ ମଙ୍ଗଳା, ଝଙ୍କଡ଼ରେ ଶାରଳା, ଯାଜପୁରରେ ବିରଜା, କାଙ୍କିରେ ଚର୍ଚ୍ଚିକା, ସମ୍ବଲପୁରରେ ସମଲେଇ, ଓ ତାଲଚେରରେ ହିଙ୍ଗୁଳା । ଏମାନେ ପରମ ବୈଷ୍ଣବୀ ଓ ହାତରେ ଜପାମାଳା ଧରି ଅଛନ୍ତି ।]

୨ । ଅତି କୋପନା ସ୍ତ୍ରୀ—2. A wrathful or termagant woman; a shrewish woman; virago.

ବାମକର କପୋଳେ ଚଣ୍ଡୀସ୍ୱରୂପା—ଉପେ. ବୈଦେହୀଶବିଳାସ ।

୩ । କଳହକାରିଣୀ ସ୍ତ୍ରୀ—3. A quarrelsome woman.

୪ । ତ୍ରୟୋଦଶାକ୍ଷର ଛନ୍ଦୋବିଶେଷ—4. Name of a Sanskrit metre of 13 syllables.

ଦେ. ବି.—(ଚଣ୍ଡୀପୁରାଣ) ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମାହାତ୍ମ୍ୟ; ଦୁର୍ଗାଙ୍କର ଶୁମ୍ଭନିଶୁମ୍ଭ, ମହିଷାସୁର, ଚଣ୍ଡମୁଣ୍ଡାଦି ଅସୁରବଧକୀର୍ତ୍ତିନାତ୍ମକ ଗ୍ରନ୍ଥ—A part of the Mārkaṇḍeya Purāṇa describing the prowess and doings of Durgā in killing many wicked demons.

ହେବ ହବସ ଏକକ୍ଷଣ କ୍ଷଣାଦାବୃତ୍ତିକି ଚଣ୍ଡୀ ଗୁଣାଇବ—ଉପେ. ପ୍ରେମସୁଧାନିଧି ।

[ଦ୍ର—ଦୁର୍ଗା, ଚଣ୍ଡୀରୂପରେ ଶୁମ୍ଭନିଶୁମ୍ଭ, ରକ୍ତବୀଜ, ଚଣ୍ଡମୁଣ୍ଡ, ମହିଷାସୁର ପ୍ରଭୃତି ରାକ୍ଷସମାନଙ୍କୁ ବଧ କରିଥିଲେ ।]

ଚଣ୍ଡୀ ଗୁଣା—ଦେ. ବି—୧ । ଅନୁଚ୍ଚ ସ୍ୱରରେ ଚଣ୍ଡୀପାଠ—
Chaṇḍīguṇā 1. Recital of 'Chaṇḍī Purāṇa' in a low voice.

୨ । (ଲକ୍ଷଣାର୍ଥ) ଚଣ୍ଡୀଗୁଣିବା ଭଳି କୋପରେ ଅନୁଚ୍ଚ ଗୁଣୁ ଗୁଣୁ ଶବ୍ଦ କରିବା—2. Grumbling due to rage.

ଦେ. ବିଣ—ଚଣ୍ଡୀପାଠକାରୀ—
Reciting the Chaṇḍī Purāṇa.

ଚଣ୍ଡୀ ଗୁଣିବା—ଦେ. କ୍ରି—୧ । ଅନୁଚ୍ଚ ସ୍ୱରରେ ଚଣ୍ଡୀପାଠ କରିବା—
Chaṇḍī guṇibā 1. To recite or read 'Chaṇḍīpurāṇa' in a low voice.

୨ । (ବ୍ୟଙ୍ଗ୍ୟ; ଲକ୍ଷଣାର୍ଥ) କ୍ରୋଧ ବା ଅପମାନରେ ଗୁଣୁଗୁଣୁ ଶବ୍ଦ କରିବା—2. (figurative) To grumble with rage.

ଚଣ୍ଡୀଦାସ—ସଂ. ବି—ଚଣ୍ଡୀଙ୍କର ସେବକ—
Chaṇḍīdāsa A worshipper devoted to Goddess Chaṇḍī.

ଦେ. ବି—ପଞ୍ଚଦଶ ଶତାବ୍ଦୀର ବଙ୍ଗୀୟ କବିବିଶେଷ—
A Bengalee classical poet of the 15th century.

[ଦ୍ର—ଏ ଜାତିରେ ବ୍ରାହ୍ମଣ ଥିଲେ । ବୀରଭୂମି ଜିଲ୍ଲାରେ ଖ୍ରୀ.୧୪୧୭ ରେ ଜନ୍ମ ଗ୍ରହଣ କରି ଖ୍ରୀ ୧୪୭୨ ରେ ମୃତ ହୋଇଥିଲେ । ଏ ଗୀତଚନ୍ତାମଣି ନାମକ ବଙ୍ଗଳା ଗ୍ରନ୍ଥର ରଚୟିତା । ଏ ବଙ୍ଗୀୟ କବି ବିଦ୍ୟାପତିଙ୍କ ସମସାମୟିକ ଓ ଚୈତନ୍ୟଙ୍କ ପୂର୍ବବର୍ତ୍ତୀ । ଚଣ୍ଡୀଦାସଙ୍କ ସମୟ ବଙ୍ଗଳା ସାହିତ୍ୟ ରଚନାର ଆଦିକାଳ । ଏହାଙ୍କ ରଚନା ସରଳ ଓ ମଧୁର ଥିଲା । ଏହାଙ୍କ ଗୀତମାନ ପ୍ରତ୍ୟେକ ବଙ୍ଗୀୟ ସାହିତ୍ୟଭକ୍ତଙ୍କର ଆଦରର ସାମଗ୍ରୀ ।]

ଚଣ୍ଡୀପର୍ବ—ଦେ. ବି—ଦୁର୍ଗୋତ୍ସବ—
Chaṇḍīparba The festival of Durgāpūjā.

ବଢ଼ାଇଲା ବେଗେ ଚଣ୍ଡୀପର୍ବ କାଳ ପଶୁ ଖଣ୍ଡି
ରକ୍ତଧାର ପାନବୋଲେ ଓଷ୍ଠ ରଞ୍ଜନ । ଉପେ. ବୈଦେହୀଶବିଳାସ ।

ଚଣ୍ଡୀପାଠ—ସଂ. ବି. (୬ଷ୍ଠୀ ତତ୍; ଚଣ୍ଡୀ+ପାଠ)—
Chaṇḍīpāṭha ଦେବୀମାହାତ୍ମ୍ୟ ଗ୍ରନ୍ଥର ଆବୃତ୍ତି—
Recital of the text of Chaṇḍī Purāṇa.

ଚଣ୍ଡୀପୂଜା—ସଂ. ବି. (୬ଷ୍ଠୀ ତତ୍; ଚଣ୍ଡୀ+ପୂଜା)—୧ । ଚଣ୍ଡୀ ବା
Chaṇḍīpūjā ଦୁର୍ଗାଙ୍କର ଉପାସନା—2. Tho worship of the Goddess Chaṇḍī.

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	ଙ୍କ	ଇଯ୍	ଉଅ	ଧ୍ନ
୨	ଈ	ଉ	ଋୃ	ଌୢ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତ

୨ । ଦୁର୍ଗାପୂଜା; ଶାରଦୀୟ ଦୁର୍ଗୋତ୍ସବ—2. The annual autumnal ceremony of worshipping Goddess Durgā.

ଚଣ୍ଡୀପୁରାଣ—ସଂ. ବି.—(୬ଷ୍ଠୀ ତତ୍; ଚଣ୍ଡୀ+ପୁରାଣ) – ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମାହାତ୍ମ୍ୟ—
Chaṇḍipurāṇa A part of the Mārkaṇḍeya Purāṇa describing the prowess and doings of Durgā in her incarnation of Chaṇḍī.

[ଦ୍ର—ଏହି ଆଖ୍ୟାୟିକାରେ ବର୍ଣ୍ଣିତ ହୋଇ ଅଛି ଯେ ସୁରଥ ନାମରେ ଜଣେ ପ୍ରଜାପାଳକ ରାଜା ଥିଲେ; ସେ ଶତ୍ରୁମାନଙ୍କଦ୍ୱାରା ପରାଜିତ ହୋଇ ଅମାତ୍ୟାଦିପରିତ୍ୟକ୍ତ ଓ ଭ୍ରଷ୍ଟରାଜ୍ୟ ହେଲେ । ଅମାତ୍ୟାଦିଙ୍କ ଦ୍ୱାରା ତାଙ୍କ ଧନ ଅପହୃତ ହେବାରୁ ସେ ମୃଗୟାଚ୍ଛଳରେ ବଣକୁ ଯାଇ କୌଣସି ମୁନିଙ୍କ ଆଶ୍ରମରେ କିଛିକାଳ ଅବସ୍ଥାନ କଲେ; ତଥାପି ନିଜ ରାଜ୍ୟର ମମତା ତାଙ୍କ ଚିତ୍ତକୁ ଆକୃଷ୍ଟ କରୁଥାଏ । ଏହି ସମୟରେ ସ୍ତ୍ରୀପୁତ୍ରମାନଙ୍କଦ୍ୱାରା ଧନଲୋଭରେ ତଡ଼ାହୃତ ସମାଧି ନାମରେ ଜଣେ ବୈଶ୍ୟ ସେଠାରେ ପହଞ୍ଚିଲେ; ସେ ମଧ୍ୟ ସର୍ବଦା ତ୍ୟକ୍ତ ଗୃହର ମମତାଦ୍ୱାରା ବ୍ୟଥିତ ହେଉଥାଆନ୍ତି । ସୁରଥ ଏହା ଦେଖି ତାଙ୍କ ଆଶ୍ରୟଦାତା ମୁନିଙ୍କୁ ପଚାରିଲେ:—ଯେଉଁ ଅମାତ୍ୟ, ସ୍ତ୍ରୀ ଓ ପୁତ୍ର ଆଦି ଆମ୍ଭମାନଙ୍କ ପ୍ରତି ଅତ୍ୟାଚାର କରିବାରୁ ଆମ୍ଭେମାନେ ଘରୁ ପଳାଇ ଆସି ଏ ଆଶ୍ରମରେ ଆଶ୍ରୟ ନେଇ ଅଛୁଁ ପୁଣି ସେହି ଦୁର୍ବୃତ୍ତମାନଙ୍କ ପ୍ରତି ଆମ୍ଭମାନଙ୍କ ମନ ଆକୃଷ୍ଟ ହେଉଅଛି କାହିଁକି ? ମୁନି ଉତ୍ତର କଲେ:—ବିଷ୍ଣୁଙ୍କର ମହାମାୟା ପ୍ରଭାବରୁ ପ୍ରାଣିଗଣ ମମତାରୂପ ଆବର୍ତ୍ତରେ ଓ ସଂସାରର ମୋହଗର୍ତ୍ତରେ ପଡ଼ିଅଛନ୍ତି; ଏହି ବିଷ୍ଣୁମାୟା ଜଗତକୁ ସୃଷ୍ଟି କରିଅଛି, ପାଳନ କରୁଅଛି ଓ ସଂହାର କରୁଅଛି; ଏହି ମାୟା ଜୀବକୁ ମୋହରେ ପକାଏ, ବିଶ୍ୱବାସୀଙ୍କୁ ମୁକ୍ତି ପ୍ରଦାନ କରେ ଓ ବିଶ୍ୱକୁ ବ୍ୟାପି ଅଛି; ରାଜା ପଚାରିଲେ:—ସେ ମହାମାୟା କିଏ ? ମୁନି ସେହି ଯୋଗମାୟାଙ୍କ ସ୍ୱରୂପ ଓ ଭିନ୍ନ ଭିନ୍ନ ଆବିର୍ଭାବ ଚଣ୍ଡୀପୁରାଣରେ ବର୍ଣ୍ଣନା କଲେ:—ମହାପ୍ରଳୟରେ ବିଷ୍ଣୁଙ୍କୁ ଅଭିଭୂତ କରିଥିବା ଯୋଗନିଦ୍ରା ସେହି ଅଟନ୍ତି ଓ ଦେବତାମାନଙ୍କ କାର୍ଯ୍ୟସିଦ୍ଧି କରିବା ପାଇଁ ଦୁଷ୍ଟ ଦାନବମାନଙ୍କୁ ବଧ କରିବାକୁ ସେ ଯୁଗେଯୁଗେ ପୃଥିବୀରେ ଅବତାର ଗ୍ରହଣ କରନ୍ତି; ସେ ବିଷ୍ଣୁଙ୍କର ଓ ଅନ୍ୟ ଦେବତାମାନଙ୍କର ଶକ୍ତିସଂଭୂତା ଓ ଦେବଶକ୍ତିର ସମଷ୍ଟି ଅଟନ୍ତି; ସେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀଜ, ଶୁମ୍ଭ ଓ ନିଶୁମ୍ଭ ରାକ୍ଷସଙ୍କୁ ବଧ କରିଥିଲେ ଓ ପରେ ପୁଣି ଯେତେବେଳେ ରାକ୍ଷସମାନେ ମାତିବେ ସେ ସେହି ରାକ୍ଷସମାନଙ୍କୁ ବଧ କରିବାକୁ ପୃଥିବୀରେ ଅବତୀର୍ଣ୍ଣ ହେବେ ବୋଲି ଦେବତାମାନଙ୍କୁ ବର ଦେଇ ଅଛନ୍ତି; ତାଙ୍କର ପୂଜା କଲେ ମନୁଷ୍ୟମାନେ ସର୍ବ ପାପ, ସର୍ବ ଦୁଃଖ ଓ ସର୍ବ ଦୁର୍ଦ୍ଦଶାରୁ ମୁକ୍ତ ହେବେ । ସୁରଥ ଓ ସମାଧି ମୁନିଙ୍କଠାରୁ ଏହା ଶୁଣି ସେହି ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ ଓ ପ୍ରତିଷ୍ଠା କରି ପୂଜା କଲେ । ଏହି ପୂଜାର ଫଳରେ ସୁରଥ ରାଜ୍ୟ ପାଇଲେ, ବୈଶ୍ୟ ମଧ୍ୟ ଗୃହକୁ ଫେରିଯାଇ ସୁଖଭୋଗ କଲେ । ଏହି ସବୁ ବିଷୟ ୧୩ ଅଧ୍ୟାୟରେ ଚଣ୍ଡୀପୁରାଣରେ ବର୍ଣ୍ଣିତ ହୋଇଅଛି ।]

ଚଣ୍ଡୀମଣ୍ଡପ—ସଂ. ବି. (୬ଷ୍ଠୀ ତତ୍; ଚଣ୍ଡୀ+ମଣ୍ଡପ)—
Chaṇḍīmaṇḍapa ୧ । ଯେଉଁ ମଣ୍ଡପ ବା ମେଲାରେ ଚଣ୍ଡୀପାଠ ଓ ବାର୍ଷିକ ଶାରଦୀୟ ଦୁର୍ଗାପୂଜା ହୁଏ—
1 An open thatched pavillion where Chaṇḍī Purāṇa is recited and Durga is worshipped during the month of Āświna.

୨ । ଗ୍ରାମର ସାଧାରଣ ଠାକୁରାଣୀ-ମଣ୍ଡପ—
2. The temple of the village Goddess where villagers perform their common worship and assemble for social purposes.

[ଦ୍ର—ବଙ୍ଗଦେଶରେ ଅନେକ ଗ୍ରାମରେ ଚଣ୍ଡୀମଣ୍ଡପ ଅଛି । ଓଡ଼ିଶାରେ ଅନେକ ଗ୍ରାମରେ 'ଭାଗବତଟୁଙ୍ଗୀ' ଓ ଗ୍ରାମ ଦେବତାଙ୍କ ମଣ୍ଡପ ବା ମନ୍ଦିରମାନ ଅଛି । ସାହେବମାନଙ୍କ 'କ୍ଲବ୍' ଘରେ ଯେଉଁପରି ଗ୍ରାମବାସୀ ବା ସ୍ଥାନୀୟ ସାଧାରଣ ଲୋକେ ସନ୍ଧ୍ୟା ପରେ ସମ୍ମିଳିତ ହୋଇ ବଇଠକ କରନ୍ତି ଓ ନାନାଦି ବିଷୟର ଚର୍ଚ୍ଚା କରନ୍ତି, ବଙ୍ଗଦେଶରେ ଚଣ୍ଡୀମଣ୍ଡପରେ ଓ ଓଡ଼ିଶାର ଭାଗବତଟୁଙ୍ଗୀ ଓ ଠାକୁରଘର ମାନଙ୍କରେ ସେହିପରି ହୁଏ ।]

ଚଣ୍ଡୁ—ସଂ. ବି. (ଚଣ୍ଡ ଧାତୁ+ସଂଜ୍ଞାର୍ଥେ ଉ)—ଇନ୍ଦୁର; ମୂଷା—
Chaṇḍu Rat.

ଚଣ୍ଡୁ—ଦେ. ବି. (ସଂ. ଚଣ୍ଡ=ଉଗ୍ର)—ଅଫିମରେ ପ୍ରସ୍ତୁତ ଧୂମ୍ରପାନପୂର୍ବକ ସେବିତ ଉଗ୍ର ମାଦକଦ୍ରବ୍ୟବିଶେଷ—A highly intoxicating smoking preparation of opium; chandoo.
চণ্ডু
चंडू

[ଦ୍ର—ଏହା ଗୁଲି ବା ମଦତ୍ ଅପେକ୍ଷା ଉଗ୍ରତର ନିଶା ଜନ୍ମାଏ; ଗୁଲି ପରି ହୁକ୍କାନଳୀଦ୍ୱାରା ଚଣ୍ଡୁର ଧୂମ୍ରପାନ କରାଯାଏ; ଚୀନାମାନେ ବେଶି ଚଣ୍ଡୁ ପିଅନ୍ତି । ଆଫଗାନିସ୍ଥାନରୁ ଚଣ୍ଡୁ ତିଆରି ହୋଇ ହିନ୍ଦୁସ୍ଥାନକୁ ଆସେ । ଅଫିମକୁ ପାଣିଅଁ କରି ଛାଣି ନିଆଁରେ ବସାଇ ଲୋକେ ଚଣ୍ଡୁ ତିଆରି କରନ୍ତି—ହି. ଶବ୍ଦସାଗର; ଏ ଶବ୍ଦ ଇଂରେଜୀଭାଷାରେ ମଧ୍ୟ ଚଳନ୍ତି ।]

ଚଣ୍ଡୁଖୋର୍—ଦେ. ବିଣ—ଯେ ଚଣ୍ଡୁ ନାମକ ମାଦକଦ୍ରବ୍ୟର ଧୂମ୍ରପାନ କରେ; ଯେ ଚଣ୍ଡୁ ପିଏ—Chaṇḍu-smoker.
Chaṇḍukhor
চণ্ডুখোর
चंडूखोर; चंडूल
(ଚଣ୍ଡୁବାଜ୍—ଅନ୍ୟରୂପ)

ଚଣ୍ଡୁଳ—ସଂ. ବି—ଏକପ୍ରକାର ସୁନ୍ଦର ଭରତିଆ ପକ୍ଷୀ—
Chaṇḍuḷa A kind of beautiful lark; the skylark; Alonda Gulgula.
(ଭଣ୍ଡୁଳ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଏହାର ବର୍ଣ୍ଣ ମାଟିଆ; ଏ ଗଛଉପରେ ସୁନ୍ଦର ବସା ନିର୍ମାଣ କରେ ଓ ଏହାର ରାବ ସୁମଧୁର ।]

ଚଣ୍ଡୁଶ୍—ଦେ. ବି—ଚଣ୍ଡୁ (ଦେଖ)
Chaṇḍuś Chaṇḍu (See)

ଚଣ୍ଡେଶ୍ୱର—ସଂ. ବି. (ଚଣ୍ଡ + ଈଶ୍ୱର)—୧ । ଶିବଙ୍କର ଅନୁଚର-
Cnaṇḍeśwara ବିଶେଷ—1. The chief attendant of Śiba and the participator of a fixed portion of food offered to Śiba.
[ଦ୍ର—ମହାଦେବଙ୍କୁ ନିବେଦିତ ଦ୍ରବ୍ୟର ଏକଚତୁର୍ଥାଂଶ ବା ଏକାଦଶମାଂଶ ବା ଷୋଡ଼ଶାଂଶ ଏହାଙ୍କୁ ଉତ୍ସର୍ଗ କରାଯାଏ ।]
୨ । ରକ୍ତବର୍ଣ୍ଣ ଶରୀରଧାରୀ ଶିବଙ୍କର ଏକରୂପ (ହି. ଶବ୍ଦସାଗର); ଶିବମୂର୍ତ୍ତିବିଶେଷ—2. A red-tinted image or incarnation of Śiba.
୩ । ଭୁବନେଶ୍ୱର ଲିଙ୍ଗରାଜଙ୍କ ବେଢ଼ା ମଧ୍ୟରେ ଈଶାନକୋଣରେ ସ୍ୱତନ୍ତ୍ର ମନ୍ଦିରରେ ଅବସ୍ଥିତ ଶିବଲିଙ୍ଗବିଶେଷ – 3. One of the images representing God Śiba set up in a separate temple, to the north-east of the Lingarāja temple of Bhubaneswar, to whom separate offering isd aily offered.
[ଦ୍ର—ଭୁବନେଶ୍ୱରସ୍ଥ ଲିଙ୍ଗରାଜ ସାଧାରଣ ଶିବ ନ ଥାଇ ସ୍ୱୟମ୍ଭୁ ଲିଙ୍ଗ ଅଟନ୍ତି, ଅତଏବ ତାଙ୍କ ଭୋଗରୁ ନିର୍ଦ୍ଦିଷ୍ଟ ଅଂଶ ଚଣ୍ଡେଶ୍ୱରଙ୍କୁ ଉତ୍ସୃଷ୍ଟ ହୁଏ ନାହିଁ; ସେ ସ୍ୱୟମ୍ଭୁ ଲିଙ୍ଗ ଥିବାରୁ ତାଙ୍କ ଭୋଗରେ ଚଣ୍ଡାଧିକାର ନାହିଁ । ଏଥିପାଇଁ ସାଧାରଣ ଶିବଙ୍କ ପ୍ରସାଦ ଅଗ୍ରାହ୍ୟ ହେଲେ ହିଁ ମଧ୍ୟ ଲିଙ୍ଗରାଜଙ୍କ ପ୍ରସାଦକୁ ସମସ୍ତେ ଖାଇ ପାରନ୍ତି (ଶିବପୁରାଣ, ଲିଙ୍ଗପୁରାଣ) । ଲିଙ୍ଗରାଜଙ୍କ ଭୋଗରୁ ଚଣ୍ଡ କଢ଼ାଯାଉ ନ ଥିବାରୁ ଏଠାରେ ଚଣ୍ଡେଶ୍ୱରଙ୍କୁ ସ୍ୱତନ୍ତ୍ର ଭୋଗ ଦିଆ ଯାଏ ।]

ଚତ୍ (ଧାତୁ)—ସଂ—୧ । ପ୍ରାର୍ଥନା କରିବା—1. To pray.
Chat (root) ୨ । ଗମନ କରିବା – 2. To go.
୩ । ଲୁଚିବା—3. To hide one's self (M. W.).
୪ । ମାଗିବା—4. To beg.

ଚତର—ଦେ. ବି. (ସଂ. ଚତ୍ୱର; ଚତୁଃ+ତଳ)-୧ । ଗୋଲ ସମତଳ ଭୂମି-
Chatarā 1. A circular plot of level ground.
চাতাল ୨ । ଜଳାଶୟ ମଧ୍ୟରେ ଦଳଘାସ ଦ୍ୱାରା ଆବୃତ ହୋଇ
तलैया ନ ଥିବା ଜଳର ଉପରଭାଗର ବିସ୍ତୃତ ଅଂଶ—
2. A wide expanse or plot of the surface of a tank not overgrown or covered with aquatic grass or reeds.
୩ । ଜଳସଞ୍ଚୟ ନିମନ୍ତେ ଭୂମିରେ ଖୋଳା ହୋଇଥିବା ଅଗଭୀର ଚତୁଷ୍କୋଣିଆ ଗାତ—3. A square shallow pit dug in the ground for storing oozing water.
୪ । ଅଗଭୀର ବଡ଼ ଜଳାଶୟ; ଜୋଡ଼—
4. A wide expanse of shallow water.
ଦେ. ବିଣ—୧ । ବିସ୍ତୃତ—1. Extensive; wide.
୨ । ବିସ୍ତୃତ ବହୁଶାଖାଯୁକ୍ତ(ବୃକ୍ଷ); ଝାଙ୍ଗୁଳ—2 Bushy (tree); spreading over a large area.

ଚତରାଇବା—ଦେ. କ୍ରି. (ସଂ. ଚତ୍ୱର; ସଂ. ଛତ୍ର)—
Chatarāibā ୧ । (ଅକର୍ମକ) ଅଧିକତର ବିସ୍ତୃତ କରିବା—
ছাতলান 1. To make more extensive; to widen.
छितराना ୨ । (ଅକର୍ମକ) ବହୁ ଶାଖା ମେଲିବା; ଛତା ପରି ବିସ୍ତୃତ
(ଚତରେଇବା—ଅନ୍ୟରୂପ) ହେବା—2. To bifurcate or shoot out or spread into numerous branches like an umbrella.
୩ । (ସକର୍ମକ) ଖେଳାଇ ଦେବା—
3. To thin out; to scatter; to spread.

ଚତରି – ପ୍ରାଦେ. (ଅଠମଲ୍ଲିକ) ବି—ଚଉପଦି; ପତରଟୋଲି—
Chatarī A pot or cup made of leaves sewn together.

ଚତୁଃ—ସଂ. ବି ଓ ବିଣ (ସଂଖ୍ୟାବାଚକ)—ଚାରି—
Chatuḥ Four.
[ଦ୍ର—ଚତୁଃର ବ୍ୟବହାର କେବଳ ସଂସ୍କୃତରେ ହୁଏ, କିନ୍ତୁ ଓଡ଼ିଆରେ ଏଥିର ସ୍ୱତନ୍ତ୍ର ବ୍ୟବହାର ନାହିଁ; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବା ସନ୍ଧି ହୋଇ ବ୍ୟବହୃତ ହେବା ଶବ୍ଦମାନ ଓଡ଼ିଆରେ ଚଳେ । ଯଥା—ଚତୁଃସୀମା; ଚତୁରଙ୍ଗ ।]

ଚତୁଃପଞ୍ଚାଶ—ସଂ. ବିଣ. (ଚତୁଃ+ପଞ୍ଚାଶତ୍+ପୂରଣାର୍ଥ ଅ.)—
Chatuḥpañchāśa ୫୪ର ପୂରକ—Fiftyfourth (M.W).
(ଚତୁଷ୍ପଞ୍ଚାଶ—ଅନ୍ୟରୂପ)

ଚତୁଃପଞ୍ଚାଶତ୍—ସଂ. ବି. (ମ. ପ. ଲୋ; ଚତୁଃ ଅଧିକ ପଞ୍ଚାଶତ୍)—
Chatuḥpañchāśat ପଚାଶରୁ ଚାରି ଅଧିକ ସଂଖ୍ୟା; ଚଉବନ;
(ଚତୁଷ୍ପଞ୍ଚାଶତ୍—ଅନ୍ୟରୂପ) ୫୪—54; Fiftyfour.
ସଂ. ବିଣ—ଚଉବନ ସଂଖ୍ୟକ—
Numbering fiftyfour.

ଚତୁଃପଞ୍ଚାଶତ୍ତମ—ସଂ. ବିଣ—୫୪ର ପୂରକ—
Chatuḥpañchāśattama Fiftyfourth.
(ଚତୁଷ୍ପଞ୍ଚାଶତ୍ତମ—ଅନ୍ୟରୂପ)

ଚତୁଃପାର୍ଶ୍ୱ—ସଂ. ବି—୧ । ଚାରିଦିଗ—1 .Four corners or
Chatuḥpārśwa points of the compass.
୨ । ସବୁଆଡ଼—2. All sides.
୩ । ଚାରିପାଖ—3. Four sides e.g. north, south, east and west.
(ଚତୁଷ୍ପାର୍ଶ୍ୱ—ଅନ୍ୟରୂପ) ୪ । ବର୍ଗକ୍ଷେତ୍ରର ୪ଟି ବାହୁ—
4. The four sides of a square (Wilson).
[ଦ୍ର—ଚତୁର୍ପାର୍ଶ୍ୱ ଶବ୍ଦ ଅବ୍ୟାକରଣିକ ଅଟେ ।]

୧	ଇ	ଊ	ଋ,ର୍‌	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ	ଥ	ଘ
୨	ଈ	ଉ	ଋ	ଲୃ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଢ଼	ଢ

ଚତୁଃଶତ—ସଂ. ବି. (ଚତୁଃ+ଶତ)—୧ । (ଦ୍ୱିଗୁ) ଚାରିଶହ—
Chatuḥśata 1. Four hundred; 400.

୨ । (ମ. ପ. ଲୋ; ଚତୁରଧିକଶତ) ଏକଶହ ଚାରି—
2. One hundred and four; 104 (M. W.)

ଚତୁଃଶଫ—ସଂ. ବିଣ. ପୁଂ. (ବହୁବ୍ରୀହି; ଚତୁଃ+ଶଫ)—
Chatuḥśapha ଯେଉଁ ଜୀବର ୪ଟି ଖୁରା ଅଛି—
(ଚତୁଃଶଫା—ସ୍ତ୍ରୀ) Four-hoofed (animal).

ଚତୁଃଶାଖ—ସଂ. ବିଣ. (ବହୁବ୍ରୀହି)—୧ । ଚାରିଶାଖାବିଶିଷ୍ଟ—
Chatuḥśākha 1. Having four branches; pointing to the 4 sides of the compass.

୨ । ଚାରିଗୋଟି ଶାଖା ବା ଅଙ୍ଗବିଶିଷ୍ଟ (ଯଥା—ବେଦ)—
2. Having four component parts.

ସଂ. ବି—(ଏହାର ଦୁଇ ହାତ ଓ ଦୁଇ ଗୋଡ଼ ଏହି ୪ ଶାଖା ଥିବାରୁ) ଦେହ; ଶରୀର—Body (M. W.)

ବେ. ବି—ବେଦ—The Bedas (4 in number).

ଚତୁଃଶାଲ—ସଂ. ବି. (ବହୁବ୍ରୀହି; ଚତୁଃ+ଶାଲା)—
Chatuḥśāla ୧ । ଯେଉଁ କୋଠାରେ ୪ଟି ଦାମଣ୍ଡ ଅଛି—
ଚତୁଃଶାଲକ; ଚତୁଃଶାଲା } ଅନ୍ୟରୂପ 1. A building with 4 halls (M. W.).

୨ । ଚାରି ଦିଗରେ ୪ଟି କୋଠରି ବା ଦାମଣ୍ଡ ଥିବା ବଡ଼ଘର—
2. A square four roomed house.

୩ । ଚାରିପାଖେ ୪ଟି ଘରଦ୍ୱାରା ଆବଦ୍ଧ ଅଗଣା—
3. A square courtyard enclosed by 4 houses on the 4 sides facing each other.

ଚତୁଃଶୃଙ୍ଗ—ସଂ. ବି. (ବହୁବ୍ରୀହି; ଚତୁଃ+ଶୃଙ୍ଗ)—
Chatuḥśrunga ୧ । ଯେଉଁ ଜୀବର ୪ଟି ଶିଙ୍ଗ ଥାଏ; ଚଉଶିଙ୍ଗା—
1. Four-horned (animal).

୨ । ଯେଉଁ ପର୍ବତର ୪ଟି ଶୃଙ୍ଗ ଥାଏ—
2. Four-peaked (mountain).

ଚତୁଃଷଷ୍ଟ—ସଂ. ବି. (ଚତୁଃଷଷ୍ଟି+ପୂରଣାର୍ଥେ. ଅ)—ଚଉଷଠି ସଂଖ୍ୟାର
Chatuḥshashṭa ପୂରଣ—Sixtyfourth (M. W.)

ଚତୁଃଷଷ୍ଟି—ସଂ. ବି. (ମ. ପ. ଲୋ; ଚତୁରଧିକ ଷଷ୍ଟି)—
Chatuḥshashṭi ଷାଠିଏରୁ ଚାରି ଅଧିକ ସଂଖ୍ୟା; ଚଉଷଠି; ୬୪ ସଂଖ୍ୟା—64; Sixtyfour.

ସଂ. ବିଣ.—ଚଉଷଠି ସଂଖ୍ୟକ—
Numbering sixtyfour.

ଚତୁଃଷଷ୍ଟିତମ—ସଂ. ବିଣ—୬୪ ସଂଖ୍ୟାର ପୂରଣ—
Chatuḥshashṭitama 64th; sixtyfourth.

ଚତୁଃଷ୍ଟୋମ—ସଂ. ବି. (ଚତୁଃ+ସ୍ତୋମ)—
Chatuḥshṭoma ୪ଟି ଅଂଶ ଥିବା ବୈଦିକ ସ୍ତବବିଶେଷ—
(ଚତୁଷ୍ଟୋମ—ଅନ୍ୟରୂପ) A vedic hymn consisting of 4 parts.

[ଦ୍ର—ଏଥିରେ ୨ୟ, ୩ୟ ଓ ୪ର୍ଥ ଅଂଶରେ ପୂର୍ବାଂଶ ଅପେକ୍ଷା ୪ଟି ଲେଖାଏଁ ଅଧିକା ଶ୍ଳୋକ ଥାଏ M. W.]

ଚତୁଃଶଙ୍କର—ସଂ. ବି. (ଚତୁଃ+ଶଙ୍କର)—
Chatuḥsankara (ହିନ୍ଦୁ ସ୍ମୃତି) ଯେଉଁ ମକଦ୍ଦମାରେ ୪ଟି ନାଲିସର କାରଣ ଏକତ୍ର ମିଶିଅଛି (ଯାଜ୍ଞବଲ୍କ୍ୟ)—
(Hindu Law) A lawsuit in which there is multiplicity of (four) causes of action. (M. W.)

ଚତୁଃସନ—ସଂ. ବି. (ଚତୁଃ+ସନ; ଯେଉଁ ଚାରି ଜଣଙ୍କ ନାମର
Chatuḥsana ଆଦ୍ୟରେ 'ସନ' ଅଛି)—
'ସନ' ପଦ ଆଦ୍ୟରେ ଥିବା (ସନକ, ସନନ୍ଦ, ସନତ୍‌କୁମାର ଓ ସନାତନ) ନାମଚତୁଷ୍ଟୟଯୁକ୍ତ ବ୍ରହ୍ମାଙ୍କ ଚାରି ପୁତ୍ର—
The four sons of Brahmā whose names begin with the 2 letters 'Sana'.

ଚତୁର ବୋଲେ ଭଗବାନ
ଜାତ ହୋଇଲେ ଚତୁଃସନ । ଜଗନ୍ନାଥ. ଭାଗବତ ।

ସଂ. ବିଣ—ଯହିଁରେ ବ୍ରହ୍ମାଙ୍କର ଉପରୋକ୍ତ ୪ ପୁତ୍ର ଥାଆନ୍ତି—
Containing the above four sons of Brahmā (M. W.).

ଚତୁଃସପ୍ତତ—ସଂ. ବିଣ. (ଚତୁଃସପ୍ତତି+ପୂରଣାର୍ଥେ. ଅ)—
Chatuḥsaptata ଚଉସ୍ତରି ସଂଖ୍ୟାର ପୂରଣ—
Seventyfourth. (M. W.)

ଚତୁଃସପ୍ତତି—ସଂ. ବି. (ମଧ୍ୟପଦଲୋପୀ କର୍ମଧାରୟ; ଚତୁଃ+ସପ୍ତତି)—
Chatuḥsaptati ଚଉସ୍ତରି; ୭୪—74.

ବିଣ—ଚଉସ୍ତରିସଂଖ୍ୟକ—74 in number.

ଚତୁଃସପ୍ତତିତମ—ସଂ. ବିଣ. (ଚତୁଃସପ୍ତତି+ପୂରଣାର୍ଥେ. ତମ)—
Chatuḥsaptatitama ଚଉସ୍ତରିର ପୂରଣ—
Seventyfourth.

ଚତୁଃସମ—ସଂ. ବି. (ବହୁବ୍ରୀହି; ଚତୁଃ+ସମ=ସମଗୁଣବିଶିଷ୍ଟ)—
Chatuḥsama ୧ । (ବୈଦ୍ୟକ) ସମଗୁଣବିଶିଷ୍ଟ ଔଷଧ ଦ୍ରବ୍ୟ-ଚତୁଷ୍ଟୟ; ଚଉସମ (ଲବଙ୍ଗ, ହରିଡ଼ା, ସୈନ୍ଧବ, ଓ ଯୁଆଣି)—1. A collection of four drugs (cloves, rocksalt, myrobalan and caraway)

୨ । ସମଗୁଣବିଶିଷ୍ଟ ଗନ୍ଧଦ୍ରବ୍ୟଚତୁଷ୍ଟୟ । (ଚନ୍ଦନ, ଅଗୁରୁ, କସ୍ତୁରୀ ଓ କୁଙ୍କୁମ)—2. A collection of four scented articles (sandal, aloe-wood, musk and saffron).

୩ । ଏକତ୍ର ମିଶ୍ରିତ କର୍ପୂର, କସ୍ତୁରୀ, ଜାଫ୍ରାନ୍‌କେଶର ଓ ଚନ୍ଦନ—3. A mixture of 4 unguents, (viz camphor, musk, saffron and sandal.)

ଶ୍ରୀଅଙ୍ଗରେ ଲେପ ଚତୁଃସମ
ସୌରଭ ଗନ୍ଧେ ମନୋରମ । ଜଗନ୍ନାଥ. ଭାଗବତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ତାଣ' ନ ମିଳିଲେ 'ତାଣ' ଖୋଜିବେ; 'କ୍ଷୁଅ' ନ ମିଳିଲେ 'ଖୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବ

ଚତୁଃସହସ୍ର—ସଂ. ବି. (ଚତୁଃ+ସହସ୍ର)—
Chatuḥsahasra ୧ । (ଦ୍ୱିଗୁ) ଚାରି ହଜାର—
1. Four thousand; 4000.
୨ । (ମ. ପ. ଲୋ; ଚତୁରଧିକ ସହସ୍ର)—
ଏକ ହଜାର ଚାରି ସଂଖ୍ୟା—
2. One thousand and four; 1004 (M. W.)

ଚତୁଃସୀମା—ସଂ. ବି—ଚାରି ଦିଗର ସୀମା ବା ସରହଦ; ଚୌହଦି—
Chatuḥsimā The borders or boundaries on 4 sides; the northern, southern, eastern and western boundaries of a thing or place.

ଚତୁଃସ୍ତନା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଚତୁଃ+ସ୍ତନ+ଆ)—
Chatuḥstanā ଚାରୋଟି ଥନ ଥିବା (ଗାଈ)—
(ଚତୁସ୍ତନା—ଅନ୍ୟରୂପ) (a cow) Having four nipples.

ଚତୁର୍—ସଂ. ବି. (ଚତ୍ ଧାତୁ=ପ୍ରାର୍ଥନା କରିବା+କର୍ତ୍ତୃ ଉର୍)—
Chatur ଚାରି—Four
ସଂ. ବିଣ—ଚାରି ସଂଖ୍ୟକ—Numbering four.
[ଦ୍ର—ଚତୁଃଶବ୍ଦ ପରି ଏ ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ଓଡ଼ିଆରେ ନାହିଁ ।]

ଚତୁର—ସଂ. ବିଣ. ପୁଂ. (ଚତ୍ ଧାତୁ=ଗମନ କରିବା ଇତ୍ୟାଦି+କର୍ତ୍ତୃ. ଉର)—୧ । ବୁଦ୍ଧିମାନ୍; ଚାଲାକ—
Chatura
(ଚତୁରା—ସ୍ତ୍ରୀ) 1, Clever; ingenuous.

ବୋଲେ ଅଗସ୍ତି ହୋଇଣ ଚତୁର ବଣା ତୁଅ ଥିଲ ଭୂଜ ଚତୁର ।
ଉପେ. ବୈଦେହୀଶ ବିଳାସ ।

ଚତୁରତା, ଚତୁରତ୍ୱ, ଚାତୁର୍ଯ୍ୟ, ଚାତୁରୀ } ବି.
୨ । ନିପୁଣ; କାର୍ଯ୍ୟଦକ୍ଷ; କର୍ମଠ—
2. Expert; dexterous.
୩ । କୌଶଳୀ—3. Crafty; shrewd.
୪ । ଧୂର୍ତ୍ତ—4. Fraudulent.
୫ । ଚଞ୍ଚଳିଆ—5. Swift; quick; brisk (M. W.)
୬ । ନେତ୍ରଗୋଚର—6. Visible (M. W.).
୭ । ସୁନ୍ଦର; ମନୋହର—7. Beautiful; charming.
ସଂ. ବି—୧ । ଚାରି (ସଂଖ୍ୟା)—1. Four.
୨ । ଚତୁରଙ୍ଗ ସେନା—2. Army consisting of 4 arms or divisions. (viz. Elephants, cars, cavalry and infantry)

ବଧିବନ୍ତୁ ଚତୁର ଅଙ୍ଗମାନେ ଅତୁଳ ସମ୍ଭାବ ପୃଷ୍ଠ ଦେଇ ଯେ ।
ଉପେ. ବୈଦେହୀଶବିଳାସ ।

୩ । (ଚତ୍ ଧାତୁ+କର୍ମ. ଉର) ଗୋଲ ତକିଆ—
3. A circular pillow.
୪ । ହସ୍ତିଶାଳା—4. A stable for elephants.
୫ । ରୋହିମାଛ—5. The fish Cyprinus Rohita. (M. W.).
ଦେ. ବିଣ. (ସଂ. ଚତୁର୍)—ଚାରିସଂଖ୍ୟକ—Four in number.

ବୋଲେ ଅଗସ୍ତି ହୋଇଣ ଚତୁର
ବଣାତୁଅ ଥିଲ ଭୂଜ ଚତୁର । ଉପେ. ବୈଦେହୀଶବିଳାସ ।

ଚତୁରଂଶ—ସଂ. ବି. (ଦ୍ୱିଗୁ; ଚତୁଃ+ଅଂଶ)—ଚାରି ଭାଗ—
Chaturaṁśa Four parts.
(ଚତୁରଂଶିତ—ଅନ୍ୟରୂପ) ସଂ. ବିଣ. (ବହୁବ୍ରୀହି)—୧ । ଚାରିଭାଗରେ ବିଭକ୍ତ—1. Divided into 4 parts.
୨ । ଚାରିପେଜା; ଏକଫର୍ଦ୍ଦ କାଗଜ ଚାରିପୃଷ୍ଠାରେ ଭଙ୍ଗା ହୋଇଥିବା (କାଗଜ)—2. Quarto (paper).
୩ । ଚଉଅଂଶିଆ; ଚାରିକୋଣିଆ—
3. Square; quadrangular.
୪ । ଚାରୋଟି ସମତଳବିଶିଷ୍ଟ—
4. Having four equal surfaces.

ଚତୁରକ—ସଂ. ବିଣ ଓ ବି. ପୁଂ. (ଚତୁର+ସ୍ୱାର୍ଥେ. କ)—
Chaturaka ଚତୁର (ଦେଖ)
(ଚତୁରକା—ସ୍ତ୍ରୀ) Chatura (See)

ଚତୁରକ୍ଷ—ସଂ. ବିଣ. (ବହୁବ୍ରୀହି; ଚତୁଃ+ଅକ୍ଷି)—୧ । ଚାରିଆଖି ବିଶିଷ୍ଟ—
Chaturaksha 1. Four-eyed.
(ଚତୁରକ୍ଷୀ—ସ୍ତ୍ରୀ) ୨ । ସାମନାସାମନି ଭେଟ ହେବା (ଦୁଇ ବ୍ୟକ୍ତି)—
2. (two persons) Meeting each other face to face; confronted with each other.

ଚାଦରଧରକୁ ଏହା କ କହ, ଚତୁରକ୍ଷ କେବେ ନ ହେଲ ପର ।
ଯଦୁସୂର୍ଯ୍ୟ. ଯଦୁନାଥକଲ୍ଲୋଳ ।

ଦେ. ବି—ଚତୁରାକ୍ଷ (ଦେଖ)
Chaturāksha (See)

ଚତୁରଗ—ସଂ. ବିଣ. ପୁଂ. (ଚତୁର+ଗମ ଧାତୁ+କର୍ତ୍ତୃ. ଅ)—
Chaturaga ଦ୍ରୁତଗାମୀ—Going quickly. (M. W.)
(ଚତୁରଗା—ସ୍ତ୍ରୀ)

ଚତୁରଙ୍ଗ—ସଂ. ବିଣ. (ବହୁବ୍ରୀହି; ଚତୁଃ+ଅଙ୍ଗ)—
Chaturaṅga ୧ । ଚାରିଗୋଟି ଅଙ୍ଗବିଶିଷ୍ଟ; ୪ଟି ଅଂଶବିଶିଷ୍ଟ—
1. Having four component parts or limbs or members; quadripartite.
୨ । ସର୍ବାଙ୍ଗସମ୍ପନ୍ନ—2. Complete; completely equipped; shipshape.
୩ । ସମସ୍ତ ଅଙ୍ଗକୁ ଘୋଟିଥିବା (ବାତ); ଚତୁରଙ୍ଗୀ (ବାତ)—
3. Attacking all the limbs of the body.
୪ । ହସ୍ତୀ, ଅଶ୍ୱ, ରଥ ଓ ପଦାତି ସେନାବିଶିଷ୍ଟ (ବଳ)
4. (army) Consisting or comprising of four distinct divisions (elephants, chariots, cavalry and infantry).

୧	ଇ	ଊ	ଋ,ଋ	ଞ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ୟ	ଡ଼ଅ	ଢ଼
୨	ଈ	ଉ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଡ଼	ନ

ସଂ. ବି—୧ । ସଙ୍ଗୀତର ଚଞ୍ଚଳ ସ୍ୱରବିଶେଷ—
1. A quick musical note.
୨ । ଚାରିଜଣ ଖେଳାଳିଙ୍କ ଦ୍ୱାରା ଖେଳାଯିବା ସତରଞ୍ଜ ବା ତାସ୍ପରି ଖେଳ—2. A kind of game at chess played by 4 parties (M. W.)
୩ । ପଶାଖେଳ—3. Game at dice.
୪ । ହସ୍ତୀ, ରଥ, ଅଶ୍ୱ ଓ ପଦାତି ଏହି ଚାରିଅଙ୍ଗବିଶିଷ୍ଟ ସେନା; ଚତୁରଙ୍ଗ ବଳ—4. Army consisting of 4 divisions (elephants, cars, horses and men).
୫ । ଏକପ୍ରକାର କାକୁଡ଼ି—
5. Cucumis Utilissimus (creeper and fruit . (M. W.)
୬ । ଲୋମପାଦ ରାଜାଙ୍କର ଏକ ପୁତ୍ର—6. Name of a son of king Lomapāda (M. W.)

ଚତୁରଙ୍ଗ ବଳ—ସଂ. ବି.—୧ । ହସ୍ତୀ, ରଥ, ଅଶ୍ୱ ଓ ପଦାତିଯୁକ୍ତ ପୂର୍ଣ୍ଣାବୟବ ସେନା—1. A complete or entire army consisting of 4 divisions viz, elephants, chariots, cavalry and infantry.
Chaturaṅga baḻa
ଚତୁରଙ୍ଗବାହିନୀ, ଚତୁରଙ୍ଗ ସେନା } ଅନ୍ୟରୂପ
୨ । ୪ ଜଣ ଖେଳାଳି ଖେଳିବା ଏକପ୍ରକାର ସତରଞ୍ଜ ଖେଳ—2. A kind of chess played by 4 parties. (M. W.)

ଚତୁରଙ୍ଗିଣୀ—ସଂ. ବି.—(ଚତୁଃ+ଅଙ୍ଗ+ଇନ୍+ସ୍ତ୍ରୀ. ଈ)—
Chaturaṅgiṇī ଚତୁରଙ୍ଗ ବଳ (ଦେଖ)
Chaturaṅga baḻa (See)

ଚତୁରଙ୍ଗୁଳ—ସଂ. ବି.—୧ । ବୁଢ଼ା ଆଙ୍ଗୁଠି ଛଡ଼ା ହାତର ଚାରି ଆଙ୍ଗୁଠି—1. The four fingers of the hand except the thumb.
Chaturaṅguḻa
୨ । ଚାରିଅଙ୍ଗୁଳ ଅଧିକୃତ ଦୈର୍ଘ୍ୟ ବା ପ୍ରସ୍ଥ—
2. A measure of the breadth of four fingers.
୩ । ଆରଗ୍ୱଧ; ସୁନାରି ଗଛ—3. A kind of plant; Cassia Fistula; Cathatocarpus Fistula (M. W.)
ସଂ. ବିଣ.—ଚାରିଅଙ୍ଗୁଳ ପରିମିତ—Four fingers broad; measuring 4 fingers.

ଚତୁରତା—ସଂ. ବି.—(ଚତୁର+ଭାବ. ତା)—୧ । ଦକ୍ଷତା; ନିପୁଣତା—
Chaturatā 1. Dexterity.
(ଚତୁରତ୍ୱ—ଅନ୍ୟରୂପ) ୨ । ବୁଦ୍ଧିଆପଣିଆ—2. Cleverness.
୩ । ଧୂର୍ତ୍ତତା—3. Shrewdness; carftiness.

ଚତୁରଦଶ—ଗ୍ରା. (ପଦ୍ୟ) ବି ଓ ବିଣ—ଚତୁର୍ଦ୍ଦଶ (ଦେଖ)
Chaturadaśa Chaturddaśa (See)

ଚତୁରଦଶ ଲୋକ ସ୍ଥିତ,
କେତେକେ ଅନ୍ତରେ ବସନ୍ତି । ଜଗନ୍ନାଥ. ଭାଗବତ ।

ଚତୁରନ୍ତ—ସଂ. ବି—(ଦ୍ୱିଗୁ; ଚତୁଃ+ଅନ୍ତ)—ଚାରି ସୀମା—
Chaturanta The four boundaries.
(ଚତୁରନ୍ତା—ସ୍ତ୍ରୀ) ବିଣ. (ବହୁବ୍ରୀହି)—ଚାରି ପଦାର୍ଥଦ୍ୱାରା ପରିବୃତ—
1. Consisting of 4 things.
୨ । ଚାରି ସୀମାଦ୍ୱାରା ପରିବେଷ୍ଟିତ—2. Surrounded or bordered on all four sides. (M.W.)

ଚତୁରନ୍ତା—ସଂ. ବି. ସ୍ତ୍ରୀ.—(ଚତୁରନ୍ତ+ସ୍ତ୍ରୀ. ଆ)—ପୃଥିବୀ—
Chaturantā The earth (M. W.)

ଚତୁର ପଣ—ଦେ. ବି.—୧ । ଚତୁରତା—
Chatura paṇa 1. Cleverness.
চতুরপণা ୨ । ଧୂର୍ତ୍ତତା—
चतुराई 2. Shrewdness.
(ଚତୁରପଣିଆ—ଅନ୍ୟରୂପ)

ଚତୁର ବଦନ—ଗ୍ରା. (ପଦ୍ୟ) ବି.—(ସଂ. ଚତୁର୍ବଦନ)
Chutura badana ଚତୁର୍ମୁଖ (ଦେଖ)
Chaturmukha (See)

ସୁରନଦୀ ତୀର୍ଥ ଜଳେ କରନ୍ତି ଯେ ସ୍ନାନ,
ପୂଜା ତାକୁ କରନ୍ତି ଚତୁରବଦନ । କୃଷ୍ଣସିଂହ. ମହାଭାରତ. ବନ ।

ଚତୁର ବିଧ—ଗ୍ରା. (ପଦ୍ୟ) ବିଣ.—(ସଂ. ଚତୁର୍ବିଧ)—
Chaturabidha ଚତୁର୍ବିଧ (ଦେଖ)
Chaturbidha (See)

ଚତୁରମ୍ଳ—ସଂ. ବି.—(ସମାହାର ଦ୍ୱିଗୁ; ଚତୁଃ+ଅମ୍ଳ)—ବୈଦ୍ୟଶାସ୍ତ୍ରୋକ୍ତ ୪ଟି ଅମ୍ଳ ବସ୍ତୁ; ଅମ୍ଳବେତସ, ବୃକ୍ଷାମ୍ଳ (ତିନ୍ତୁଳି), ବୃହଜ୍ଜମ୍ବୀର (ଟଭା) ଓ କାଗଜିଲେମ୍ବୁ—Four sour articles presented as medicine; (common sorrel, tamarind, orange and lime).
Chaturamḻa

ଚତୁରଶୀତ—ସଂ. ବିଣ. (ଚତୁରଶୀତି+ପୂରଣାର୍ଥେ. ଅ)—୮୪ର ପୂରଣ—
Chaturaśita Eightyfourth (M. W.)

ଚତୁରଶୀତି—ସଂ. ବି.—(ମୂ. ପ. ଲୋ. କ; ଚତୁଃ+ଅଶୀତି)—ଅଶିରୁ ୪ ଅଧିକ ସଂଖ୍ୟା; ଚଉରାଅଶି—84; Eightyfour.
Chaturaśiti
ବିଣ.—୮୪ ସଂଖ୍ୟକ—84 in number.

ଚତୁରଶୀତିତମ—ସଂ. ବିଣ.—୮୪ ସଂଖ୍ୟାର ପୂରଣ—
Chaturaśititama 84; Eightyfourth.

ଚତୁରଶ୍ୱ—ସଂ. ବି.—(ସମାହାର ଦ୍ୱିଗୁ; ଚତୁଃ+ଅଶ୍ୱ)—ଅଶ୍ୱ ଚତୁଷ୍ଟୟ; ଚାରି ଗୋଟି ଘୋଡ଼ା—Four horses.
Chaturaśwa
ବିଣ. (ବହୁବ୍ରୀହି) ଅଶ୍ୱ ଚତୁଷ୍ଟୟଯୁକ୍ତ; ଚାରି ଘୋଡ଼ା ଲାଗିଥିବା (ରଥ)—(chariot) Having or drawn by 4 horses.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚତୁରସ୍ର—ସଂ. ବି (ବହୁବ୍ରୀହି; ଚତୁଃ+ଅସ୍ର=କୋଣ)—
Chaturasra ଚାରିକୋଣିଆ କ୍ଷେତ୍ର—Four-sided figure;
(ଚତୁରସ୍ରକ—ଅନ୍ୟରୂପ) square.

ବିଣ—୧ । ଚତୁଷ୍କୋଣ; ଚାରିକୋଣିଆ—
1. Quadrangular; square; four-cornered.

୨ । ଚଉରସ; ସମତଳ —2. Wide and level.

୩ । ନିର୍ଦ୍ଦୋଷ—3. Faultless.

୪ । ସବୁ କାର୍ଯ୍ୟରେ ଦକ୍ଷ—
4. Expert; clever in every matter.

ଚତୁରା—ଦେ. ବିଣ. ପୁଂ. (ସଂ. ଚତୁର)—ଚତୁର; ଧୂର୍ତ୍ତ; ଶଠ—
Chaturā Artful; shrewd; cunning.

ସଂ. ବିଣ. ସ୍ତ୍ରୀ (ଚତୁର+ଆ; ଚତୁରର ସ୍ତ୍ରୀଲିଙ୍ଗ)—

୧ । ବୁଦ୍ଧିଶାଳିନୀ—1. Clever (woman).

୨ । ବୁଦ୍ଧିମତୀ—2. Intelligent; ingenuous.

୩ । ଧୂର୍ତ୍ତା—3. Shrewd; cunning.

୪ । ଶଠତାପୂର୍ଣ୍ଣା ସ୍ତ୍ରୀ—4. Artful; wily.

ବି. ସ୍ତ୍ରୀ—ବୁଦ୍ଧିମତୀ ସ୍ତ୍ରୀ—An intelligent woman.

ଚତୁରାଇବା—ଦେ. କ୍ରି—୧ । ଚତୁରତା ଦେଖାଇବା—
Chaturaibā 1. To show shrewdness.

୨ । ଆତ୍ମପ୍ରଶଂସା କରିବା—2. To boast; to brag.

ଚତୁରାଇ—ଦେ. ବିଣ. ସ୍ତ୍ରୀ (ସଂ. ଚତୁରା)—୧ । ଚତୁରା (ଦେଖ)
Chaturāi 1. Chaturā (See).
चतुराई ୨ । ଆତ୍ମପ୍ରଶଂସାକାରିଣୀ—
2- Boastful; braggart (woman).

ବି—ଚତୁରାଙ୍ଗୀ (ଦେଖ)
Chaturāṅgi (See).

ଚତୁରାଇପଣ—ଦେ. ବି—ଚତୁରାଙ୍ଗୀ (ଦେଖ)
Chaturāipaṇa Chaturāṅgi (See).

କରୁଥାଉ ଚତୁରାଇପଣ ତ ଆମ୍ଭକୁ—ଗୋପକୃଷ୍ଣ. ଭଜନକଳ୍ପଲତା ।

(ଚତୁରାଇପଣିଆ—ଅନ୍ୟରୂପ)

ଚତୁରାକ୍ଷ—ଗ୍ରା. ବିଣ. ଓ ପ୍ରାଚୀନ ପଦ୍ୟ (ସଂ. ଚତୁରକ୍ଷ)—
Chaturāksha ୧ । ସାମନାସାମନି ଭେଟହେବା (୨ଜଣ ବ୍ୟକ୍ତି)—
(two persons) Meeting each other face to face; confronted with each other.

୨ । ଦୁଇ ଜଣଙ୍କର ଭେଟ ହେବାର (ସମୟ)—
2. (time) Of interview or meeting of 2 persons.

ପରସ୍ପର କେ ଉପାସ୍ଥି ସେନଥାନ୍ତି ତାହା ଚତୁରାକ୍ଷ ବେଳ ପରି ।
ଭକ୍ତ. କୋଟିବ୍ରହ୍ମସୁନ୍ଦରୀ ।

ବି—ଦୁଇ ଜଣ ମନୁଷ୍ୟଙ୍କର ଭେଟାଭେଟି—
Interview between two persons; two persons being confronted with each other.

ବେନି ଚତୁରାକ୍ଷ ରାକ୍ଷସ ପ୍ରାୟେ ବପକ୍ଷ ପକ୍ଷ ଯୁଗ କୋଟି ଏଥୁ ରକ୍ଷ ରକ୍ଷ ।
ଭକ୍ତ. ପ୍ରେମସୁଧାନିଧି ।

ଚତୁରାଙ୍ଗ—ଦେ. ବି—ଚତୁରାଙ୍ଗୀ (ଦେଖ)
Chaturāṅga Chaturāṅgi (See).

ଚତୁରାଙ୍ଗି—ଦେ. ବି (ସଂ. ଚତୁରତା)—୧ । ଚତୁରତା; ଚାତୁର୍ଯ୍ୟ—
Chaturāṅgi 1. Cleverness; shrewdness; cunning;
चतुराली art; wiles.
चतुराई ୨ । ଆତ୍ମପ୍ରଶଂସା; ଡାଉଁଫି—2. Bragging.

୩ । ଗୁମର—3. Self-aggrandisement.

୪ । ସ୍ୱଗୁଣକୀର୍ତ୍ତନ—4. Self-advertisement.

ଚତୁରାନନ—ସଂ. ବି (ବହୁବ୍ରୀହି; ଚତୁର+ଆନନ)—ଚତୁର୍ମୁଖ (ଦେଖ)
Chaturānana Chaturmukha (See).

ଚତୁରାଶ୍ରମ—ସଂ. ବି (କର୍ମଧାରୟ; ଚତୁର୍+ଆଶ୍ରମ)—ବ୍ରାହ୍ମଣଜୀବନରେ
Chaturāsrama ପାଳନୀୟ ୪ଟି ଅବସ୍ଥା—
Four successive stages in the lifetime of a Brāhmaṇa as enjoined in the Sastras.
[ଯଥା—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ।]

ଚତୁରାଶ୍ରମୀ—ସଂ. ବି. ପୁଂ (ଚତୁରାଶ୍ରମ+ଇନ୍; ୧ମା. ୧ବ) ବ୍ରାହ୍ମଣ—
Chaturāsrami A Brāhmaṇa.

ଚତୁରିକା—ସଂ. ବି (ଚତୁର+ଇକ+ଆ)—ଅଭ୍ୟାଗତମାନଙ୍କ ସମ୍ବର୍ଦ୍ଧନାର୍ଥ
Chaturikā ବ୍ୟବହୃତ ଚାରିକୋଣିଆ ଅଗଣା—A quadrangular courtyard used for receiving guests (M.W.)

ସଂ. ବିଣ. ସ୍ତ୍ରୀ (ଚତୁରକ+ଆ)—ଚତୁରକର ସ୍ତ୍ରୀଲିଙ୍ଗ—
Feminine of Chaturaka.

ଚତୁରୀ—ଦେ. ବିଣ. ଓ ବି (ସଂ. ଚତୁରା)—ଚତୁରା (ଦେଖ)—
Chaturi Chaturā (See)

ତେଡ ଚତୁରୀ ଗୁହିଁଲା କଣିନାଗେ ପାଶେ ନାହିଁ ଅବ୍ୟ ତରୁଣ ।
ଭକ୍ତ. ଲାବଣ୍ୟବତୀ ।

ଚତୁରୀ ଚମ୍ପା—ଗ୍ରା. ବି — ସ୍ତ୍ରୀଲୋକମାନଙ୍କ ପ୍ରତି ପ୍ରଯୁଜ୍ୟ ବ୍ୟଙ୍ଗୋକ୍ତି-
Chaturi champā ବିଶେଷ; ଚତୁରୀ ସ୍ତ୍ରୀ—A term applied to a female in jest; a smart woman.

ଚତୁରୁଗୁଣ—ଗ୍ରା. (ଇତର) ବି (ସଂ. ଚତୁର୍ଗୁଣ)—ଚତୁର୍ଗୁଣ (ଦେଖ)—
Chaturuguṇa Chaturguṇa (See)

ଚତୁରୁଥ—ଗ୍ରା (ଇତର) ବି ଓ ବିଣ (ସଂ. ଚତୁର୍ଥ)—ଚତୁର୍ଥ (ଦେଖ)—
Chaturutha Chaturtha (See)

ଚତୁରୁଥି—ଗ୍ରା (ଇତର) ବି (ସଂ. ଚତୁର୍ଥୀ)—ଚତୁର୍ଥୀ (ଦେଖ)—
Chaturuthi Chaturthi (See)

ଚତୁରୁଦଶି—ଗ୍ରା (ଇତର) ବି (ସଂ. ଚତୁର୍ଦ୍ଦଶୀ)—ଚତୁର୍ଦ୍ଦଶୀ (ଦେଖ)—
Chaturudaśi Chaturddaśi (See)

ଚତୁରୁଦିଗ—ଗ୍ରା. (ଇତର) ବି (ସଂ. ଚତୁର୍ଦ୍ଦିଗ)—ଚତୁର୍ଦ୍ଦିଗ (ଦେଖ)—
Chaturudiga Chaturdiga (See)

୧	ଇ	ଉ	ର୍,ର୍ତ୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍ତ	ଋଅ	ୠ
୨	ଈ	ଊ	ରୁ	ଲୁ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍ନ

ଚତୁରୁଧା—ଗ୍ରା. (ଇତର) ବିଣ (ସଂ. ଚତୁର୍ଦ୍ଧା)—ଚତୁର୍ଧା (ଦେଖ)—
Chaturudhā Chaturdhā (See)

ଚତୁରୁମାସିଆ—ଗ୍ରା. (ଇତର) ବି (ସଂ. ଚାତୁର୍ମାସ୍ୟ)—
Chaturumāsiā ଚାତୁର୍ମାସ୍ୟ (ଦେଖ)—
Chaturmāsyā (See)

ଚତୁରୂଷଣ—ସଂ. ବି (ସମାହାରଦ୍ୱିଗୁ; ଚତୁଃ+ଊଷଣ) (ବୈଦ୍ୟକ)
Chaturūshaṇa ଔଷଧାର୍ଥେ ଏକତ୍ର ମିଶ୍ରିତ ଶୁଣ୍ଠି, ପିପ୍ପଳୀ, ମରିଚ ଓ ପିପ୍ପଳୀମୂଳ—A mixture of dried ginger, longpepper, blackpepper and longpepper-root used as medicine.

ଚତୁର୍ଗତି—ସଂ. ବି (ବହୁବ୍ରୀହି; ଚତୁଃ+ଗତି)—୧ । (ଚାରିଗୋଡ଼ରେ
Chaturgati ଗତିକାରୀ) କଚ୍ଛପ—1. Tortoise.

୨ । (ଆଶ୍ରମଚତୁଷ୍ଟୟର ଗତିସ୍ୱରୂପ) ପରମେଶ୍ୱର—
2. God (the ultimate aim of attainment in all the 4 stages of the life of a man.)

ସଂ. ବିଣ—ଯାହାର ୪ ପ୍ରକାର ଗତି ଅଛି—Having four kinds of motion or going (M. W.)

ଚତୁର୍ଗବ—ସଂ. ବି (ବହୁବ୍ରୀହି; ଚତୁର୍+ଗୋ)—ଚାରି ବଳଦରେ ଟଣା-
Chaturgaba ଯିବା ଗାଡ଼ି—A carriage drawn by four oxen.

ଚତୁର୍ଗୁଣ—ସଂ. ବିଣ (କର୍ମଧାରୟ)—୧ । ଚାରିଗୁଣ—
Chaturguṇa 1. Fourfold; quadruple.
(ଚତୁର୍ଗୁଣା—ସ୍ତ୍ରୀ) ୨ । ଅତ୍ୟନ୍ତ—2 Inordinate; excessive; manifold.

୩ । ଯେଉଁ ଲୁଗାରେ ୪ଟି ଫିତା ବା ଡୋର ଲାଗିଥାଏ—
3. (upper garment) Tied with 4 strings (M. W.)

୪ । ଚାରିସରିଆ (ହାର)—4. Four stringed

ଚତୁର୍ଜାତ—ସଂ. ବି (ଆୟୁର୍ବେଦ)—୪ ଗୋଟି ଔଷଧଦ୍ରବ୍ୟ (ଗୁଡ଼ତ୍ୱକ,
Chaturjāta ଅଳାଇଚ, ତେଜପତ୍ର ଓ ନାଗେଶ୍ୱର)—Four
(ଚତୁର୍ଜାତକ—ଅନ୍ୟରୂପ) kinds of articles used as medicine (viz cinnamon, cardamom, Cassia leaves and Messua Ferra).

ଚତୁର୍ଥ—ସଂ. ବିଣ (ଚତୁର୍+ପୂରଣାର୍ଥେ. ଥ)—ଚାରି ସଂଖ୍ୟାର ପୂରକ—
Chaturtha 4th; fourth.
(ଚତୁର୍ଥୀ—ସ୍ତ୍ରୀ) ଦେ. ବି—୧ । ମୃତ୍ୟୁର ୪ର୍ଥ ଦିନ କର୍ତ୍ତବ୍ୟ କ୍ଷାତି-ବନ୍ଧୁମାନଙ୍କୁ ଦିଆଯିବା ଜଳଯୋଗ—1. Refreshments given to guests and relatives assembled on the 4th day of a person's death.

[ଦ୍ର—ଏ ଦିନ ମୃତବ୍ୟକ୍ତିର ଉପଲକ୍ଷରେ ଶ୍ରାଦ୍ଧ ଓ ଭୋଜ୍ୟୋତ୍ସର୍ଗ ହୁଏ । ଏହି ଭୋଜ୍ୟୋତ୍ସର୍ଗକୁ ଶୀତଳ କୁହାଯାଏ ।]

୨ । ମୃତ୍ୟୁର ୪ର୍ଥ ଦିବସ—
2. The fourth day after death.

୩ । ବର୍ଗମାନଙ୍କର ଚତୁର୍ଥ ବର୍ଣ୍ଣ; (ଘ, ଝ, ଢ, ଧ, ଭ,)—
The fourth letter of the five classes of consonants (M. W.)

୪ । ଚତୁର୍ଥ ବର୍ଣ୍ଣ; ଶୂଦ୍ର—4. A Śūdra (M. W.)

୫ । ଏକଚତୁର୍ଥାଂଶ—
5. A quarter; one fourth (M. W.)

୬ । ଚାରିର ସମାହାର—6. A collection of four.

ଚତୁର୍ଥ ଉପାୟ—ସଂ. ବି.—୧ । ଭେଦ; ପରସ୍ପର ବିବାଦ—
Chaturtha upāya 1. Mutual discord.
[ଦ୍ର—ଶତ୍ରୁକୁ ଅଧିକାର କରିବା ପାଇଁ ନୀତିଶାସ୍ତ୍ରକଥିତ ରାଜାଙ୍କ ଆଚରିତ ସାମ, ଦାନ, ଦଣ୍ଡ, ଭେଦ ଏହି ଚାରିଗୋଟି ଉପାୟ ମଧ୍ୟରୁ ଏହା ଚତୁର୍ଥ ।]

୨ । ବିବାଦ; କଳହ —2. Dispute.

ତତ ଅରେ ଆଗ ପଛ ନଜାଣି, ଚତୁର୍ଥ ଉପାୟ କଇଲା ସିନା ।
କବିସୂର୍ଯ୍ୟ. କଳାବତୀଙ୍କୋଇଳି ।

ଦେ. ବି. ଓ ବିଣ—ଚାରି—Four.

ଚତୁର୍ଥକ—ସଂ. ବି. (ଚତୁର୍ଥ+କ; ଯେଉଁ ଜ୍ୱର ପ୍ରତି ୪ର୍ଥ ଦିନ
Chaturthaka ଆକ୍ରମଣ କରେ)—୧ । ବିଷମଜ୍ୱରବିଶେଷ; ପାଳିଜର—1. A kind of remittent fever; quartan.

୨ । ସଙ୍ଗୀତର ତାଳବିଶେଷ—2. A kind of measure in music (M.W.)

ଚତୁର୍ଥକାଳିକ—ସଂ. ବିଣ. ପୁଂ (ଚତୁର୍ଥକାଳ+ଇକ)—ଯେଉଁ ବ୍ୟକ୍ତି
Chaturthakālika ୪ ବେଳରେ ଥରେ ଖାଏ One who takes every fourth meal (M.W.)

ଚତୁର୍ଥଭାକ୍—ସଂ.ବିଣ—(ଚତୁର୍ଥ+ଭଜ୍ ଧାତୁ+କର୍ତ୍ତୃ କ୍ୱିପ୍; ୧ମା.୧ବ)—
Chaturthabhāk ୧ । ଚତୁର୍ଥାଂଶ ନେବା ବ୍ୟକ୍ତି—
1. One who takes ¼ of a thing or one's income; entitled to a quarter share.

ବି—(ଭୂମିର ଉତ୍ପନ୍ନରୁ ଚତୁର୍ଥାଂଶ ଗ୍ରହଣ କରୁଥିବାରୁ) ରାଜା—
King (who takes ¼ of the income of the subject as revenue.)

ଚତୁର୍ଥସ୍ୱର—ସଂ. ବି.—ବୃଦ୍ଧ ବ୍ୟକ୍ତିର ସ୍ୱର — The tone of
Chaturthaswara an old man.

ବଡ ନେ ନାହିଁ ପାଞ୍ଚ ଚତୁର୍ଥସ୍ୱରେ ବଡ ପ୍ରକାଶ କଲ ଯଥା ଗୀତ ସେ ।
ଉତ୍କ. ବୈଦେହୀଶବିଳାସ ।

ସଂ. ବିଣ.—ସଙ୍ଗୀତର ୭ ସ୍ୱର ମଧ୍ୟରୁ ୪ର୍ଥ ସ୍ୱରଯୁକ୍ତ—
Having the 4th tone or accent (M. W.)

ସାଧାରଣ ଲୋକେ ଅପଠ ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚାର୍ଟର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚତୁର୍ଥାଂଶ—ସଂ. ବି. (କର୍ମଧାରୟ; ଚତୁର୍ଥ + ଅଂଶ)—ଚଉଠ; Chaturthāmsa ଚାରି ଭାଗରୁ ଏକ ଭାଗ—One fourth; a quarter.

ଚତୁର୍ଥାବସ୍ଥା—ସଂ. ବି. (କର୍ମଧାରୟ; ଚତୁର୍ଥ + ଅବସ୍ଥା)—ବୃଦ୍ଧାବସ୍ଥା— Chaturthābasthā Old age; last (4th) stage of human life.

[ଦ୍ର—୧ । ବାଲ୍ୟ ବା ବାଲ୍ୟ—Childhood.
୨ । କୁମାର ବା କୌମାର୍ଯ୍ୟ—Boyhood.
୩ । ଯୁବା ବା ଯୌବନ—Youth.
୪ । ବୃଦ୍ଧ ବା ବାର୍ଦ୍ଧକ୍ୟ—Old age.]

ଚତୁର୍ଥିକା—ସଂ. ବି—୧ । ସମବେଶନ; ବିବାହର ଚତୁର୍ଥୀ ରାତ୍ରରେ Chaturthikā ସଙ୍ଗମାର୍ଥ ଦମ୍ପତିଙ୍କର ଏକତ୍ର ଶୟନ— 2. The sleeping together of the newly married couple on the 4th night of marriage for sexual intercourse.
୨ । ୪ କର୍ଷ ଓଜନ—2. A weight of 4 Karshas (M W.)

ଚତୁର୍ଥୀ—ସଂ. ବି. (ଚତୁର୍ଥ + ଈ)—୧ । ଶୁକ୍ଳପକ୍ଷ ଓ କୃଷ୍ଣପକ୍ଷର ଚତୁର୍ଥୀ-Chaturthī ତିଥି; ଅମାବାସ୍ୟା ଓ ପୂର୍ଣ୍ଣିମାର ପରବର୍ତ୍ତୀ ଚତୁର୍ଥ ଦିବସ—1. The 4th day of the lunar fortnight.

[ଦ୍ର—ଚତୁର୍ଥୀ ତିଥି ୨ ପ୍ରକାର । ଯଥା—ଶୁକ୍ଳପକ୍ଷ ଚତୁର୍ଥୀ ଓ କୃଷ୍ଣପକ୍ଷ ଚତୁର୍ଥୀ । ପ୍ରତ୍ୟେକ ମାସରେ ଦୁଇଟି କରି ଚତୁର୍ଥୀ ହୁଏ । ସେମାନଙ୍କ ମଧ୍ୟରୁ ଭାଦ୍ର ଶୁକ୍ଳ ଚତୁର୍ଥୀ ଗଣେଶପୂଜା ଓ ମାଘ ଶୁକ୍ଳ ଚତୁର୍ଥୀ ଗୌରୀପୂଜା ଯୋଗୁଁ ପ୍ରସିଦ୍ଧ ।]

୨ । ଚଉଠି; ବିବାହର ଚତୁର୍ଥ ଦିବସ—2. The 4th day of marriage.
୩ । ବ୍ୟାକରଣର ବିଭକ୍ତିବିଶେଷ; ସମ୍ପ୍ରଦାନକାରକର ବିଭକ୍ତି—(grammar) The fourth case.
ସଂ. ବିଣ. ସ୍ତ୍ରୀ—ଚତୁର୍ଥର ସ୍ତ୍ରୀଲିଙ୍ଗ—Feminine of Chaturtha.

ଚତୁର୍ଥୀକର୍ମ—ସଂ. ବି—ବିବାହର ୪ର୍ଥ ଦିବସରେ କରଣୀୟ କର୍ମ— Chaturthīkarma The ceremonies performed by the bride and bridegroom on the 4th day of marriage.

ଚତୁର୍ଥୀକ୍ରିୟା—ସଂ. ବି—ପିତାମାତାଙ୍କ ମୃତ୍ୟୁର ୪ର୍ଥ ଦିବସରେ ବିବାହିତା Chaturthīkriyā କନ୍ୟାକର୍ତ୍ତୃକ କରଣୀୟ ଶ୍ରାଦ୍ଧ— The Sraddha ceremony performed on the 4th day of a parent's death by the married daughter.

ଚତୁର୍ଦନ୍ତ—ସଂ. ବି. (ବହୁବ୍ରୀହି)—ଐରାବତ ହସ୍ତୀ— Chaturdanta An epithet of Indra's elephant.
(ଚତୁର୍ଦ୍ଦନ୍ତ—ଅନ୍ୟରୂପ)
ଚତୁର୍ଦ୍ଦନ୍ତ } ଅନ୍ୟରୂପ ସଂ. ବିଣ—ଚାରିଦନ୍ତଯୁକ୍ତ—
ଚତୁର୍ଦଂଷ୍ଟ୍ର } Having four teeth or tusks.

ଚତୁର୍ଦ୍ଦଳ—ସଂ. ବି. (ବହୁବ୍ରୀହି; ଚତୁର୍ + ଦଳ)—ଚତୁଷ୍ପୁଷ୍ପୀ (ଦେଖ) Chaturdala Chatushpushpī (See)

ଚତୁର୍ଦ୍ଦଶ—ସଂ. ବି. (ମ ପ. ଲୋ କର୍ମଧାରୟ; ଚତୁଃ ଅଧିକ ଦଶ)— Chaturdasa ଚଉଦ; ୧୪—14; fourteen.
(ଚତୁର୍ଦ୍ଦଶ—ଅନ୍ୟରୂପ) ବିଣ—୧ । ୧୪ ସଂଖ୍ୟକ— 1. Numbering 14.
୨ । ୧୪ର ପୂରଣ—2. Fourteenth.
ଦେ. ବି—ଚଉଦ ବ୍ରହ୍ମାଣ୍ଡ—The 14 worlds.

ତୋର ଅଧୀନ ଚତୁର୍ଦ୍ଦଶ, ଭୂ ହୋଇ ଯେଉଁ ଭବେ ବଶ ।
ଭୂପତି. ପ୍ରେମପଞ୍ଚାମୃତ ।

ଚତୁର୍ଦ୍ଦଶକ—ସଂ. ବିଣ.(ଚତୁର୍ଦ୍ଦଶ + ପୂରଣାର୍ଥେ କ)—ଚଉଦର ପୂରଣ— Chaturdasaka Fourteenth (M. W.).
(ଚତୁର୍ଦ୍ଦଶମ—ଅନ୍ୟରୂପ)

ଚତୁର୍ଦ୍ଦଶପଦୀ କବିତା—ସଂ. ବି· (ଆଧୁନିକ ପ୍ରୟୋଗ)— Chaturdasapadī kabitā ୨ । ଇଂରାଜୀ ସନେଟ ଅନୁକରଣରେ ରଚିତ ୧୪ଟି ଧାଡ଼ିବିଶିଷ୍ଟ କବିତା— 1. A poem with 14 lines; sonnet.
[ଦ୍ର—ମଧୁସୂଦନ ରାଓ ଓଡ଼ିଆ ଭାଷାରେ ଏହିପରି କେତେଗୁଡ଼ିଏ କବିତା ଲେଖିଅଛନ୍ତି ।]
୨ । ଚଉଦପୋଇ—2. Poems with fourteen lines.
[ଦ୍ର—ସ୍ୱର୍ଣ୍ଣପୁରର ସ୍ୱର୍ଗୀୟ ଯୁବରାଜ ଶ୍ରୀ ପ୍ରତାପରୁଦ୍ର ସିଂହ ଦେବଙ୍କ ରଚିତ କେତେକ ଚତୁର୍ଦ୍ଦଶପଦୀ ବା ଚଉଦପୋଇ ପ୍ରାଚୀନ କବିତା ସୋନପୁରର ପଣ୍ଡିତ ସୁଧାଂଶୁଶେଖର ସିଂହ ଦେବଙ୍କଦ୍ୱାରା ପୁସ୍ତକାକାରରେ ପ୍ରକାଶିତ ହୋଇଅଛି ।]

ଚତୁର୍ଦ୍ଦଶବିଦ୍ୟା—ସଂ. ବି—ବ୍ରାହ୍ମଣର ପଠନୀୟ ୧୪ଟି ବିଦ୍ୟା (ଯଥା— Chaturddasabidyā ୪ ବେଦ, ୬ ବେଦାଙ୍ଗ, ଧର୍ମଶାସ୍ତ୍ର ବା ସଂହିତା, ପୁରାଣ, ମୀମାଂସା ଓ ତର୍କ ଏହି ୪ ଶାସ୍ତ୍ର)— Fourteen lores or arts to be learnt by every Brahman as enjoined in the Sastras (viz, 4 Vedas, 6 Vedangas and Law, Mythology, Logic and Philosophy).

ଚତୁର୍ଦ୍ଦଶଭୁବନ—ସଂ. ବି—ହିନ୍ଦୁଶାସ୍ତ୍ରଅନୁସାରେ ୭ ଗୋଟି ସ୍ୱର୍ଗ ଓ ୭ Chaturddasabhubana ଗୋଟି ପାତାଳ ଏହିପରି ୧୪ଟି ସଂସାର ବା ଲୋକ—The 14 worlds described in

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଊ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍ତ

the Hindu Sastras, 7 above heaven and 7 below (Nether worlds) the Earth.

[ଦ୍ର—ଯଥା—ଭୂଃ, ଭୁବଃ, ସ୍ୱଃ, ମହଃ, ଜନ, ତପ ଓ ସତ୍ୟ ଏହି ସପ୍ତସ୍ୱର୍ଗ (ଊର୍ଦ୍ଧ୍ୱଭୁବନ) ଓ ଅତଳ, ସୁତଳ, ବିତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ ଏହି ସପ୍ତପାତାଳ (ଅଧୋଭୁବନ) ।]

ଚତୁର୍ଦ୍ଦଶଲୋକ—ସଂ. ବି—ଚତୁର୍ଦ୍ଦଶଭୁବନ (ଦେଖ)—
Chaturddasaloka Chaturddasabhubana (See)

ଚତୁର୍ଦ୍ଦଶୀ—ସଂ.ବି.ସ୍ତ୍ରୀ (ଚତୁର୍ଦ୍ଦଶ + ଈ)—ଅମାବାସ୍ୟା ଓ ପୂର୍ଣ୍ଣିମାର ପୂର୍ବ
Chaturdasi ଦିବସ—The 14th day of the dark and
(ଚତୁର୍ଦ୍ଦଶୀ—ଅନ୍ୟରୂପ) bright fortnight of the lunar month.

[ଦ୍ର—ଏ ଦିନ ଶିବପୂଜା, ରାତ୍ରିରେ ଉପବାସ ଓ ମହାଦେବଙ୍କ ବେଢ଼ା ପରିକ୍ରମା କରାଯାଏ । ଚତୁର୍ଦ୍ଦଶୀମାନଙ୍କ ମଧ୍ୟରେ ନିମ୍ନଲିଖିତ ୧୫ଟିରେ ହିନ୍ଦୁମାନଙ୍କ ପର୍ବ ହୁଏ ।]

୧ । ବୈଶାଖ ଶୁକ୍ଳପକ୍ଷ—ନୃସିଂହଚତୁର୍ଦ୍ଦଶୀ ।
୨ । ଜ୍ୟୈଷ୍ଠ କୃଷ୍ଣ—ସାବିତ୍ରୀଚତୁର୍ଦ୍ଦଶୀ ।
୩ । ଜ୍ୟୈଷ୍ଠ ଶୁକ୍ଳ—ଚମ୍ପକଚତୁର୍ଦ୍ଦଶୀ ।
୪ । ଆଷାଢ଼ କୃଷ୍ଣ—ଜଗନ୍ନାଥ ନେତ୍ରୋତ୍ସବ ଓ ନବଯୌବନ-ଦର୍ଶନଯାତ୍ରା ।
୫ । ଆଷାଢ଼ ଶୁକ୍ଳ—ଶିବଶୟନଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଉତ୍ସବ)
୬ । ଶ୍ରାବଣ ଶୁକ୍ଳ—ପବିତ୍ରାରୋପଣ ଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଯାତ୍ରା)
୭ । ଭାଦ୍ର କୃଷ୍ଣ—ଅଘୋର ଚତୁର୍ଦ୍ଦଶୀ ।
୮ । ଭାଦ୍ର ଶୁକ୍ଳ—ଅନନ୍ତ ଚତୁର୍ଦ୍ଦଶୀ ।
୯ । କାର୍ତ୍ତିକ କୃଷ୍ଣ—ନରକ ବା ଭୂତ-ଚତୁର୍ଦ୍ଦଶୀ ।
୧୦ । କାର୍ତ୍ତିକ ଶୁକ୍ଳ—ଶିବୋତ୍ଥାପନ ଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଯାତ୍ରା)
୧୧ । ମାର୍ଗଶିର ଶୁକ୍ଳ—ପାଷାଣ ଚତୁର୍ଦ୍ଦଶୀ ।
୧୨ । ମାଘ କୃଷ୍ଣ—ରଟନ୍ତୀ ଚତୁର୍ଦ୍ଦଶୀ ।
୧୩ । ଫାଲ୍ଗୁନ କୃଷ୍ଣ—ଶିବ ଚତୁର୍ଦ୍ଦଶୀ (ଲିଙ୍ଗରାଜଙ୍କ ଯାତ୍ରା)
୧୪ । ଚୈତ୍ର କୃଷ୍ଣ—ସ୍ନାନ ଚତୁର୍ଦ୍ଦଶୀ ।
୧୫ । ଚୈତ୍ର ଶୁକ୍ଳ—ଅଙ୍ଗାରକ ବା ଦମନକ ଚତୁର୍ଦ୍ଦଶୀ ।

ଚତୁର୍ଦ୍ଦିକ୍—ସଂ. ବି (ସମାହାର ଦ୍ୱନ୍ଦ୍ୱ; ଚତୁର୍ + ଦିଶ; ୧ମା. ୧ବ)—
Chaturdik ୧ । ଚାରିଦିଗ; ପୂର୍ବପଶ୍ଚିମ ଓ ଉତ୍ତରଦକ୍ଷିଣ ଦିକ୍-
(ଚତୁର୍ଦ୍ଦିକ୍—ଅନ୍ୟରୂପ) ଚତୁଷ୍ଟୟ—1. The four quarters or points of the compass.
୨ । କୌଣସି ବସ୍ତୁର ଚାରି ଅଡ଼ ବା ପାର୍ଶ୍ୱ—
2. The four sides of a thing.
୩ । ସମସ୍ତ ବିଷୟ—3. All matters.
ଦେ. ଅ—୧ । ଚାରିଆଡ଼େ—1. On all sides.
୨ । ସବୁଆଡ଼େ—2. All round.

ଚତୁର୍ଦ୍ଦିଗ—ଦେ. ବି (ସଂ. ଚତୁର୍ଦ୍ଦିକ୍)—ଚତୁର୍ଦ୍ଦିକ୍ (ଦେଖ)
Chaturdiga Chaturdik (See)

ଚତୁର୍ଦ୍ଦିଗା—ଦେ. ବିଣ (ସଂ. ଚତୁର୍ଦ୍ଦିକ୍)—ଚତୁର୍ଦ୍ଦିଗ ବ୍ୟାପିଥିବା;
Chaturdigā ଚାରିଦିଗ—Pervading the four points of the compass; extending over the four quarters.
କ୍ରି. ବିଣ—୧ । ଚତୁର୍ଦ୍ଦିଗରେ; ଚାରିଆଡ଼େ—
1. On all sides; in every quarter.
(ଯଥା—ଏଥରକ ମେଘ ଚତୁର୍ଦ୍ଦିଗା ବର୍ଷିଛି ।)
୨ । ଯେ ସବୁଆଡ଼େ ଘେରିକରି (ଥାଏ)—
2. All round.

ଚତୁର୍ଦ୍ଦୋଳ—ସଂ. ବି (ଚତୁଃ + ଦୁଲ୍ ଧାତୁ + ଅ)—ଚଉଦୋଳ; ୪ ଜଣ
Chahurdola ବାହକଙ୍କ ବହନଯୋଗ୍ୟ ଶିବିକା—
(ଚତୁର୍ଦ୍ଦୋଳ—ଅନ୍ୟରୂପ) A sedan chair or state-litter carried on the shoulders of 4 bearers.

ଚତୁର୍ଦ୍ୱାର—ସଂ. ବିଣ (ବହୁବ୍ରୀହି; ଚତୁର୍ + ଦ୍ୱାର)—ଚାରିଦ୍ୱାରବିଶିଷ୍ଟ—
Chaturdwāra Having four doors.
(ଚତୁର୍ଦ୍ଦ୍ୱାର—ଅନ୍ୟରୂପ)
(ଚତୁର୍ଦ୍ୱାରୀ—ସ୍ତ୍ରୀ)

ଚତୁର୍ଦ୍ଧା—ସଂ. ଅ (ଚତୁର୍ + ପ୍ରକାରାର୍ଥେ ଧା; ତୁଲ. ବହୁଧା)—
Chaturdhā ୧ । ଚତୁର୍ବିଧ; ଚାରିପ୍ରକାରେ—
1. Of four kinds; in four ways.
ଚତୁର୍ଦ୍ଧାରୂପରେ ଅଛେ ଜନମ ହୋଇଛୁ—ଦୀନନାଥ. ବଡ଼ଦାଣ୍ଡ ରାମାୟଣ ।
(ଚତୁର୍ଦ୍ଧା—ଅନ୍ୟରୂପ) ୨ । ଚାରିଗୁଣ—2. Fourfold.
୩ । ଚାରିଦିଗରେ—3. On four sides.
୪ । ଚାରିଥର—4. Four times.
୫ । ଚାରିଖଣ୍ଡ—5. In four pieces.
୬ । ଚାରି ବିଷୟରେ—6. In four matters.
୭ । ଚାରି ଅଂଶରେ—7. In four parts.

ଚତୁର୍ଦ୍ଧାଟା—ଗ୍ରା. (ପଦ୍ୟ) ବିଣ—ଚାରି—
Chaturdhāta Four.

ଶୁଣ ନରବର ଭୁବେ ଚତୁର୍ଦ୍ଧାଟା ବାହା ।
ଗ୍ରାଚୀ. ବୃନ୍ଦାବନ ରୂପଣଗୀତା ।

ଚତୁର୍ଧାମୂରତ—ଦେ. ବି. (ସଂ. ଚତୁର୍ଦ୍ଧା + ମୂର୍ତ୍ତି)—୧ । ଶ୍ରୀ ବିଷ୍ଣୁଙ୍କର
Chaturdhā mūrati ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରିଥିବା ମୂର୍ତ୍ତି—
1. The image of Bishnu holding couch, discus, mace and lotus in hands.

ସାଧାରଣ ଲୋକେ ଅପଠିତ ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

(ଚତୁର୍ଦ୍ଧାମୂରତି—ଅନ୍ୟରୂପ) ୨ । ଜଗନ୍ନାଥଙ୍କ ମନ୍ଦିରରେ ଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଚକ୍ର ଏହିପରି ଚାରିଟି ମୂର୍ତ୍ତି—2. Four images inside the temple of Jagannath.

ସୁଭଦ୍ରା ସୁଦର୍ଶନ ଶ୍ରୀପତି
ବଳଦେବ ଅଟ ଚତୁର୍ଧା ମୂରତି । ପାଚୀ. ରହସ୍ୟମଞ୍ଜରୀ ।

ଚତୁର୍ଧାମୂର୍ତ୍ତି—ଦେ. ବି.—ଚତୁର୍ଧାମୂରତି (ଦେଖ)
Chaturdhā mūrtti Chaturdhā mūrati (See)

ଚତୁର୍ଧାରୂପ—ଦେ. ବି.—ଚତୁର୍ଧାମୂରତି (ଦେଖ)
Chaturdhā rūpa Chaturdhā mūrati (See)

ଚତୁର୍ଧାମ— ସଂ. ବି. (ଚତୁର୍‌+ଧାମନ୍ ୧ମା ୧ବ)—
Chaturdhāma ଭାରତରେ ହିନ୍ଦୁଙ୍କର ପ୍ରସିଦ୍ଧ ୪ ତୀର୍ଥକେନ୍ଦ୍ର— (ଚତୁର୍ଦ୍ଧାମ—ଅନ୍ୟରୂପ) (ଯଥା— ଜଗନ୍ନାଥ, ରାମନାଥ, ଦ୍ୱାରକାନାଥ ଓ ବଦ୍ରିନାଥ)—The four centres of Hindu pilgrimage in India (e. g. Puri, Rameswara, Dwārakā and Badrināthaa.

ଚତୁର୍ନବତ--ସଂ. ବିଣ (ଚତୁର୍ନବତି+ପୂରଣାର୍ଥେ. ଅ)— ୯୪ର ପୂରଣ—
Chaturnabata Nintyfourth (M. W)
(ଚତୁର୍ଣ୍ଣବତ—ଅନ୍ୟରୂପ)

ଚତୁର୍ନବତି—ସଂ. ବି. (ମ. ପ. ଲୋ; ଚତୁର୍ ଅଧିକ ନବତି)—
Chaturnabati ଚଉରାନବେ; ୯୪—94.
ବିଣ— ୯୪ ସଂଖ୍ୟକ—94 in number.

ଚତୁର୍ନବତିତମ—ସଂ. ବିଣ— ୯୪ର ପୂରଣ—
Chaturnabatitama 94th.

ଚତୁର୍ବକ୍ତ୍ର—ସଂ. ବି. (ବହୁବ୍ରୀହି; ଚତୁଃ+ବକ୍ତ୍ର)—ଚତୁର୍ମୁଖ (ଦେଖ)
Chaturbaktra Chaturmukha (See)

ଚତୁର୍ବର୍ଗ—ସଂ. ବି. (ସମାହାର ଦ୍ୱିଗୁ; ଚତୁର୍‌+ବର୍ଗ)—ଧର୍ମ, ଅର୍ଥ,
Chaturbarga କାମ ଓ ମୋକ୍ଷ ଏହି ପୁରୁଷାର୍ଥ ଚତୁଷ୍ଟୟ— The four main objects or somum bonum of human pursuit (viz. 1 Religion or virtue, 2 wealth or riches, 3 enjoyment or love, 4 final salvation or beatitude).

ଚତୁର୍ବର୍ଗକର୍ତ୍ତା—ସଂ. ବି. (୬ଷ୍ଠୀ ତତ୍; ଚତୁର୍ବର୍ଗ+କର୍ତ୍ତା)—
Chaturbarga karttā ଚତୁର୍ବର୍ଗଦାତା (ଦେଖ)
Chaturbarga dātā (See)

ଚତୁର୍ବର୍ଗଦାତା—ସଂ. ବି. (୬ଷ୍ଠୀ ତତ୍; ଚତୁର୍ବର୍ଗ+ଦାତା; ଯେ ମନୁଷ୍ୟକୁ
Chaturbrga dātā ଚତୁର୍ବର୍ଗ ଦଅନ୍ତି)—ପରମେଶ୍ୱର; ଭଗବାନ— God.

ଚତୁର୍ବର୍ଣ୍ଣ—ସଂ. ବି. (ସମାହାର ଦ୍ୱିଗୁ; ଚତୁର୍‌+ବର୍ଣ୍ଣ)—
Chaturbarṇṇa ୧ । ହିନ୍ଦୁମାନଙ୍କର ଜାତିଚତୁଷ୍ଟୟ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର)—
1. The four castes amongst the Hindus (Brāhmaṇa, Kshatriya, Baiśya and Śūdra).
୨ । ଚାରିଟି ପ୍ରଧାନ ବର୍ଣ୍ଣ ବା ରଙ୍ଗ (ଧଳା, କଳା, ନାଲି ଓ ନେଳି)—2 The four principal colours (white, black, red and blue).

ଚତୁର୍ବାର୍ଷିକା—ସଂ. ବି. (ଚତୁର୍‌+ବର୍ଷ+ଇକ+ଆ)—୪ ବର୍ଷ-
Chaturbārshikā ବୟସ୍କା ଗାଈ—A cow 4 years old (M. W.)

ଚତୁର୍ବାହୀ—ସଂ. ବି (ଚତୁର୍‌+ବହ ଧାତୁ+ଇନ୍, ୧ମା. ୧ବ.)—
Chaturbāhī ଚାରି ଘୋଡ଼ା ବା ବଳଦଙ୍କଦ୍ୱାରା ଟଣାହେବା ରଥ—A carriage drawn by four horses or oxen (M. W.).

ଚତୁର୍ବାହୁ—ସଂ. ବିଣ. (ବହୁବ୍ରୀହି; ଚତୁର୍‌+ବାହୁ)—
Chaturbāhu ୧ । ଚଉବାହା; ଯାହାର ଚାରିଟି ବାହା ବା ହାତ ଅଛି—1. Four-handed.
୨ । ଚାରିବାହୁବିଶିଷ୍ଟ (କ୍ଷେତ୍ର)—
2. Four sided (figure); quadrilateral.
ବି—ବିଷ୍ଣୁ—God; Bishṇu.
[ଦ୍ର—ଏହାଙ୍କର ଶଙ୍ଖ, ଚକ୍ର, ଗଦା ଓ ପଦ୍ମ-ଧାରୀ ୪ଟି ବାହୁ ଅଛି ।]

ଚତୁର୍ବିଂଶ—ସଂ. ବିଣ. (ମଧ୍ୟପଦଲୋପୀ; ଚତୁର୍ ଅଧିକ ବିଂଶ)—
Chaturbiṁśa ୨୪ ସଂଖ୍ୟାର ପୂରଣ—24th.

ଚତୁର୍ବିଂଶତତ୍ତ୍ୱ—ଦେ. ବି. (ସଂ. ଚତୁର୍ବିଂଶତି+ତତ୍ତ୍ୱ)—
Chaturbiṁśa tattwa ୨୪ ଗୋଟି ତତ୍ତ୍ୱ (ପଞ୍ଚମହାଭୂତ, ଏକାଦଶ ଇନ୍ଦ୍ରିୟ, ପଞ୍ଚ ତନ୍ମାତ୍ର, ଅହଙ୍କାର, ମହତ୍ତତ୍ତ୍ୱ ଓ ପ୍ରକୃତି)—

ଏକ ଚତୁର୍ବିଂଶତତ୍ତ୍ୱ ଜାଣ
ମୁକ୍ତିର ଅଟନ୍ତି କାରଣ । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଚତୁର୍ବିଂଶତି—ସଂ. ବି. (ମଧ୍ୟପଦଲୋପୀ; କର୍ମଧାରୟ; ଚତୁଃ+ବିଂଶତି)—
Chaturbiṁśati ଚବିଶ; ୨୪—24.
ସଂ. ବିଣ—୨୪ ସଂଖ୍ୟକ—24 in number.

ଚତୁର୍ବିଂଶତିକ—ସଂ. ବିଣ. (ଚତୁର୍ବିଂଶତି+କ)—
Chaturbiṁśatika ଚତୁର୍ବିଂଶତି-ସଂଖ୍ୟା-ଯୁକ୍ତ— Consisting of twenty four.

ଚତୁର୍ବିଂଶତିତମ—ସଂ. ବିଣ. (ଚତୁର୍ବିଂଶତି+ପୂରଣାର୍ଥେ ତମ)—
Chaturbiṁśatitama ୨୪ ର ପୂରଣ—24th.

ଚତୁର୍ବିଦ୍ୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଚତୁର୍‌+ବିଦ୍ୟା)—
Chaturbidya ୧ । ଚାରିବେଦଜ୍ଞ; ଚତୁର୍ବେଦୀ—
4. Knowing the 4 Bedas; read or versed in 4 Vedas.

୧	ଇ	ଉ	ରୃ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ୟ	ଡ଼ଅ	ଢ଼
୨	ଈ	ଊ	ରୂ	ଳୃ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ୍ହ

ଚତୁର୍ବିଧ—ସଂ. ବଣ.—(ବହୁବ୍ରୀହି; ଚତୁର୍ + ବିଧା = ପ୍ରକାର)—
Chaturbidha ଚାରି ପ୍ରକାର—Of four kinds.

ଚତୁର୍ବିଧାନ୍ନ—ସଂ. ବି. (ଚତୁର୍ବିଧ + ଅନ୍ନ)—ଚାରି ପ୍ରକାରର ଖାଦ୍ୟ
Chaturbidhānna ପଦାର୍ଥ (ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ)—
Four kinds of eatables (viz that which can be chewed; which can be sucked; which can be licked and which can be drunk)

ଚତୁର୍ବେଦ—ସଂ. ବି. (ସମାହାର ଦ୍ୱିଗୁ; ଚତୁର୍ + ବେଦ)—ଚାରିଗୋଟି
Chaturbeda ବେଦର ସମଷ୍ଟି; ବେଦଚତୁଷ୍ଟୟ (ଋକ୍, ସାମ, ଯଜୁଃ ଓ ଅଥର୍ବ)—The four Bedas (Ṛuk, Sāma, Jajur and Atharba).

ଚତୁର୍ବେଦୀ—ସଂ. ବି. (ଚତୁର୍ + ବେଦ + ଇନ୍; ୧ମା. ୧ବ.)—
Chaturbedī ଚାରିବେଦ ପଢ଼ିଥିବା ବ୍ରାହ୍ମଣ; ଚୌବେ—
One who has read 4 Bedas; one versed in the 4 Bedas.

ସଂ. ବଣ—ଚତୁର୍ବିଦ୍ୟ—Versed in the four Bedas.

ଚତୁର୍ଭଦ୍ର—ସଂ. ବି. (ଦ୍ୱିଗୁ; ଚତୁର୍+ଭଦ୍ର=ମଙ୍ଗଳକର ବସ୍ତୁ)—
Chaturbhadra ୧ । ଚତୁର୍ବର୍ଗ (ଦେଖ)
1. Chaturbarga (See)
୨ । ନାଗରମୁଥା; (ମତାନ୍ତରେ ପୁଷ୍କର ମୂଳ) ପିପ୍ପଳୀ; ଅତୁଷୀ (ମତାନ୍ତରେ ଜାଇଫଳ) ଓ କର୍କଟଶୃଙ୍ଗୀକୁ ଚୂର କରି ପ୍ରସ୍ତୁତ କରାଯିବା ଅବଲେହ (ଏହା କାଶ, ଶ୍ୱାସ, ଅତିସାର ଓ ଜ୍ୱରରେ ଉପକାରୀ)—
2. A medicinal paste consisting of 4 particular ingredients and taken as an antidote for cough, dysentery and fever.

ଚତୁର୍ଭାଗ—ସଂ. ବି. (ଚତୁର୍ + ଭାଗ)—ଚଉଠ, ଏକଚତୁର୍ଥାଂଶ—
Chaturbhāga A quarter; the fourth part.

ଚତୁର୍ଭୁଜ—ସଂ. ପ. (ବହୁବ୍ରୀହି)—୧ । ବିଷ୍ଣୁ—
Chaturbhuja 1. Bishṇu (having 4 hands).
୨ । ଯେଉଁ କ୍ଷେତ୍ର ୪ଟି ରେଖାଦ୍ୱାରା ଅବଦ୍ଧ—
2. A quadrilateral figure.
ସଂ. ବଣ—୧ । ଚାରିହାତବିଶିଷ୍ଟ—
1. Four-armed; four-handed.
୨ । ଚାରିରେଖାବିଶିଷ୍ଟ—
2. Quadrilateral; four-sided.
ଦେ. ବି. ପୁଂ—ଲୋକଙ୍କ ନାମ—
Name given to males.

ଚତୁର୍ମସ—ସଂ. ବଣ. (ନିପାତନ; ଚତୁର + ମାସ)—
Chaturmasa ଚତୁର୍ମାସ୍ୟା (ଦେଖ)
Chaturmāsyā (See)

ଚତୁର୍ମାଥ—ଦେ. ବି. (ସଂ. ଚତୁର+ମସ୍ତକ)—ଚତୁର୍ମୁଖ (ଦେଖ)
Chaturmātha Chaturmukha (See)

ରଣ ଜନକ ର ଚତୁର୍ମାଥ
ମିଳିଲେ ଯୋମର ଅଗ୍ରତ—ଜଗନ୍ନାଥ. ଭାଗବତ ।

ଚତୁର୍ମାସ—ସଂ. ବି. (ଦ୍ୱିଗୁ; ଚତୁର+ମାସ)—
Chaturmāsa ୧ । ବର୍ଷା ଚାରିମାସ; ଆଷାଢ଼ ଶୁକ୍ଳ ଦ୍ୱାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ ସମୟ, ଦେବଶୟନ ଏକାଦଶୀଠାରୁ ଉତ୍ଥାନ ଏକାଦଶୀ ପର୍ଯ୍ୟନ୍ତ ୪ ମାସ ସମୟ; ଚତୁର୍ମାସ୍ୟା—1. The monsoon months; the time of 4 month from the 12th day of the bright fortnight of Āshāṛdha to the 12th day of the bright fortnight of Kārttika.

ଏରୂପେ କରି କ୍ଷେତ୍ରବାସ
ଉତ୍ତରିଲେ ଚନ ଚତୁର୍ମାସ—ଭୂପତି. ପ୍ରେମପଞ୍ଚାମୃତ ।

୨ । ୪ ମାସ ସମୟ—2. A period of 4 months.

ଚତୁର୍ମାସିକ—ସଂ. ବଣ. (ଚତୁର + ମାସ + ଇକ)—ଚତୁର୍ମାସବ୍ୟାପୀ
Chaturmāsika (ବ୍ରତ); ଚାତୁର୍ମାସ୍ୟ; ଚତୁର୍ମାସରେ ଅନୁଷ୍ଠେୟ—
(a religious observance) Extening over a period of 4 months from 12th (bright) Āshāṛdha to 12th (bright) Kārttika.

ଚତୁର୍ମାସ୍ୟା—ଦେ. ବି. (ସଂ. ଚାତୁର୍ମାସ୍ୟ)—ଶ୍ରାବଣ, ଭାଦ୍ର, ଆଶ୍ୱିନ ଓ
Chaturmāsyā କାର୍ତ୍ତିକ ଏହି ଚାରି ମାସ; ବର୍ଷା ସମୟ—The 4
चौमसिया monsoon months; the rainy season; the four months from Śrābaṇa to Kārttika.

ଏମନ୍ତେ ଚତୁର୍ମାସ୍ୟା ହୋଇ
ଶୟନଯାତ୍ରା ସେ ରଥର—ସଦୋଦର. ପ୍ରେମଭକ୍ତିଗୀତା ।

ଚତୁର୍ମୁଖ—ସଂ. ବି. (ବହୁବ୍ରୀହି; ଚତୁର୍ + ମୁଖ)—ବ୍ରହ୍ମା—
Chaturmukha The four-faced God Brahmā.
ସଂ. ବଣ. ପୁଂ—ଚାରିମୁଖବିଶିଷ୍ଟ—
Having four faces.

ଚତୁର୍ଯୁଗ—ସଂ. ବି. (ଦ୍ୱିଗୁ; ଚତୁର୍+ଯୁଗ)—
Chaturjuga ହିନ୍ଦୁଶାସ୍ତ୍ରୋକ୍ତ ସତ୍ୟ, ତ୍ରେତା, ଦ୍ୱାପର ଓ କଳି ନାମକ ପୃଥିବୀର ୪ ଗୋଟି ଯୁଗ—The four ages of the world viz, Satya, Tretā, Dwāpara and Kaḷi (according to the Hindu mythology)

ଚତୁଶ୍ଚତ୍ୱାରିଂଶ—ସଂ. ବଣ. (ଚତୁଶ୍ଚତ୍ୱାରିଂଶତ୍+ପୂରଣାର୍ଥେ. ଅ)—
Chatuśchatwāriṁśa ୪୪ର ପୂରଣ—44 th.

ଚତୁଶ୍ଚତ୍ୱାରିଂଶତ୍—ସଂ. ବି. (ମଧ୍ୟପଦଲୋପୀ କର୍ମଧାରୟ; ଚତୁଃ ଅଧିକ
Chatuśchatwāriṁśat ଚତ୍ୱାରିଂଶତ୍)—ଚଉରାଳିଶି; ୪୪—
44; fortyfour.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଥ ନ ମିଳିଲେ 'କୂଥ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗିଁଆ ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ବିଣ—୪୪ ସଂଖ୍ୟକ—Numbering 44.

ଚତୁଶ୍ଚତ୍ୱାରିଂଶତ୍ତମ—ସଂ. ବିଣ. (ଚତୁଶ୍ଚତ୍ୱାରିଂଶତ୍+ପୂରଣାର୍ଥେ. ତମ)—
Chatuśchatwārimśattama ୪୪ର ପୂରଣ—44th.

ଚତୁଷ୍କ—ସଂ. ବି. (ଚତୁର୍ + ସଂଜ୍ଞାର୍ଥେ. କ)—
Chatushka ୧ । ଚାରିକୋଣିଆ ପ୍ରାଙ୍ଗଣ; ଚତ୍ୱର; ଚଉକ—
1. A square courtyard. (used for receiving guests (M.W.)
୨ । ଚାରିକୋଣରେ ଚାରିଗୋଟି ସ୍ତମ୍ଭଯୁକ୍ତ ମଣ୍ଡପ—
2. A hall standing or resting upon 4 pillars.
୩ । ଚାରିଟି ବସ୍ତୁର ସମାହାର—3. A collection or aggregate of four; a set of 4.
୪ । ଚଉରାସ୍ତା; ଛକ—4. A crossing where 4 roads meet or 2 roads cross; a cross-way.
୫ । ଚାରିସରିଆ ହାର—
5. A necklace of 4 strings (M. W.)
ସଂ. ବିଣ—୧ । ୪ଟି ବସ୍ତୁବିଶିଷ୍ଟ—
1. Consisting of four.
୨ । ୪ ଦ୍ୱାରା ଯୋଗକରାଯିବା—
2. Increased by four.

ଚତୁଷ୍କବେଶ୍ମ—ସଂ. ବି. (କର୍ମଧା; ଚତୁଷ୍କ + ବେଶ୍ମନ୍)—
Chatushkabeśma ଚାରିଟି ଖୁଣ୍ଟ ଉପରେ ଯେଉଁ ମଣ୍ଡପର ଛାତ ଥାଏ—A hall resting on 4 columns.

ଚତୁଷ୍କର—ସଂ. ବି. (ବହୁବ୍ରୀହି; ଚତୁଃ+କର)—
Chatushkara ଚତୁର୍ବାହୁ; ନାରାୟଣ; ବିଷ୍ଣୁ—
(four-armed) Bishṇu.

ଏକାକରେ ଦ୍ୱିକରେ ତ୍ରୀକର ଧରୁ ଚତୁଷ୍କର ଦର୍ଶନକୁ ପଞ୍ଚକରେ
ସପ୍ତକରେ ଯାଉଅଛନ୍ତି । ପଦ୍ମମଣି. ରହସ୍ୟ ।

ବିଣ—୧ । ଚାରିହସ୍ତଯୁକ୍ତ (ଜନ୍ତୁ); ଯେଉଁ ଜନ୍ତୁଙ୍କର ପାଦଦ୍ୱୟ ମଧ୍ୟ ହାତ ପରି (ଯଥା—ବାନର)—
1. Quadrumanous (e.g. apes).
୨ । (କ୍ଷେତ୍ରତତ୍ତ୍ୱ) ଚାରିଭୁଜ ବା ବାହୁବିଶିଷ୍ଟ—
2. Quadrilateral.
୩ । ଚାରିହାତବିଶିଷ୍ଟ—
3. Having 4 arms or hands.

ଚତୁଷ୍କା—ସଂ. ବି. ସ୍ତ୍ରୀ. (ଚତୁଷ୍କ+ଆ)—
Chatushkā ୧ । ଚାରିକୋଣିଆ ଛୋଟ ପୋଖରୀ; ଚଉକା—
1. Small square tank.
୨ । ଚଉକି; ବେତ୍ରାସନ—2. Chair; a square stool.
୩ । ମଶାରି; ଚାନ୍ଦୁଆ—3. A square awning; a mosquito curtain.

୪ । ଚାରିସରିଆ ହାର—
4. A necklace of 4 strings (M. W.)

ଚତୁଷ୍କୀ—ସଂ. ବି. ସ୍ତ୍ରୀ. (ଚତୁଷ୍କ+ଈ)—ଚତୁଷ୍କା (ଦେଖ)
Chatushkī Chatushkā (See)

ଚତୁଷ୍କୋଣ—ସଂ. ବିଣ (ବହୁବ୍ରୀହି; ଚତୁଃ+କୋଣ)—
Chatushkoṇa ଚାରିକୋଣଯୁକ୍ତ (କ୍ଷେତ୍ର)—
Quadrangular; having 4 angles.
ସଂ. ବି.—୧ । (ଦ୍ୱିଗୁ) ଚାରିଟି କୋଣ—1. Four angles.
୨ । (ବହୁବ୍ରୀହି)—ଚାରିକୋଣଯୁକ୍ତ କ୍ଷେତ୍ର; ଚତୁର୍ଭୁଜ କ୍ଷେତ୍ର—Tetragon; a figure with 4 sides.

ଚତୁଷ୍ଖଣ୍ଡ—ସଂ. ବିଣ.—(ବହୁବ୍ରୀହି; ଚତୁଃ+ଖଣ୍ଡ) ଚାରିଖଣ୍ଡିଆ; ଯାହାର
Chatushkhaṇḍa ୪ ଟି ଭାଗ ଥାଏ—
Consisting of four parts or volumes.

ଚତୁଷ୍ଟୟ—ସଂ. ବିଣ.—(ଚତୁର୍ + ଅବୟବାର୍ଥେ. ତୟ)—୧ । ଯାହାର
Chatushṭaya ୪ଟି ଅବୟବ ବା ଅଙ୍ଗ ଅଛି—
1. Composed of 4 parts.
୨ । ଚତୁର୍ବିଧ—2. Of four kinds.
୩ । ୪ ସଂଖ୍ୟକ—3. Numbering four.
ବି.—୧ । ଚାରିଗୋଟି ପଦାର୍ଥର ସମଷ୍ଟି—1. An aggregate of four things
୨ । ୪ ସଂଖ୍ୟା—2. Four.

ଚତୁଷ୍ପଞ୍ଚାଶ—ସଂ. ବିଣ.—(ଚତୁଷ୍ପଞ୍ଚାଶତ୍+ପୂରଣାର୍ଥେ. ଅ) ୫୪ ର
Chatushpañchāśa ପୂରଣ—Fifty fourth.
(ଚତୁଷ୍ପଞ୍ଚାଶତ୍ତମ—ଅନ୍ୟରୂପ)

ଚତୁଷ୍ପଞ୍ଚାଶତ୍—ସଂ ବି.—(ମ. ପ. ଲୋ; ଚତୁରଧିକ ପଞ୍ଚାଶତ୍)—ପଚାଶରୁ
Chatushpañchāśat ଚାରି ଅଧିକ ସଂଖ୍ୟା; ଚଉବନ; ୫୪—
Fiftyfour.
ବିଣ.—୫୪ ସଂଖ୍ୟକ—Numbering 54.

ଚତୁଷ୍ପତ୍ରୀ—ସଂ. ବି. (ବହୁବ୍ରୀହି; ଚତୁଃ+ପତ୍ର+ଈ; ଏହାର ପତ୍ର ଚାରି-
Chatushpatrī ଚାରିଟିଆ)—ସୁନୁସୁନିଆ ଶାଗ—Marselia Quadrifolia; a potherb; Blephares Edulis.

ଚତୁଷ୍ପଥ—ସଂ. ବି.—(ଦ୍ୱିଗୁ; ଚତୁର୍+ପଥିନ୍)—୧ । ଚଉରାସ୍ତା;
Chatushpatha ଛକ—1. Meeting of 2 crossing roads; cross-way.

ଜନପଦ ଅଳ୍ପ-କଷ୍ଟରେ ଅର୍ଜି ହେବ,
ଚତୁଷ୍ପଥ ଲକ୍ଷଣ ବେଶ୍ୟାରେ ପୂରିବ । କୃଷ୍ଣସିଂହ. ମହାଭାରତ ।

୨ । ଚଉମୁହାଣିଆ ସ୍ଥାନ—
2. Place having four outlets.
୩ । (ଚତୁରାଶ୍ରମୀ ବା ଚତୁର୍ବେଦାଧ୍ୟାୟୀ) ବ୍ରାହ୍ମଣ—
3. A Brahman (treading on the path of the 4 Vedas or following the 4 āśramas)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ୍	ଉଅ	ୱ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୱ	ନ୍ବ

ସଂ. ବିଣ.—(ବହୁବ୍ରୀହି) ଯହିଁର ୪ଟି ବାଟ ଅଛି—
Having four outlets.

ଚତୁଷ୍ପଦ—ସଂ. ବି. ପୁଂ.—(ବହୁବ୍ରୀହି)—୧ । ଚାରିଗୋଡ଼ଥିବା ଜନ୍ତୁ; ପଶୁ - 1. Quadruped.
Chatushpada
(ଚତୁଷ୍ପଦା—ସ୍ତ୍ରୀ) ୨ । (ଦ୍ୱିଗୁ) ଚାରିଚରଣବିଶିଷ୍ଟ ଶ୍ଳୋକ—
1. A verse with 4 lines or parts; a quartet.
୩ । ଚଉପଦୀ; ୪ ପାଦଥିବା ଗୀତ—
3. A song with 4 stanzas.
୪ । ଚାରିଗୋଡ଼ଥିବା ଖଟ; ଚୌପାୟା—
4. A bedstead with 4 posts.
୫ । ରତିବନ୍ଧବିଶେଷ—5. A kind of coitus (M W)

ଚତୁଷ୍ପଦୀ, ଚତୁଷ୍ପଦିକା, ଚତୁଷ୍ପଦା } ସ୍ତ୍ରୀ. ସଂ. ବିଣ.—୧ । ଚାରୋଟି ଗୋଡ଼ ଥିବା (ଜନ୍ତୁ)
1. (animal) Having four feets or legs; four-legged.
୨ । ଚାରିଚରଣବିଶିଷ୍ଟ (ଶ୍ଳୋକ)—
2. Consisting of four lines.
୩ । ଚାରୋଟି ଶ୍ଳୋକଯୁକ୍ତ (ଗୀତ) ବା ପଦ୍ୟ—
3. Having four stanzas.
୪ । ଚାରୋଟି ପାଦ ବା ଖୁରା ଥିବା (ଆସନାଦି)—
4. Four-footed (seat).
୫ । (ବୀଜଗଣିତ)—୪ଟି ପାଦ ଥିବା ସମୀକରଣ—
5 (algebra) Tetranomial (equation)
୬ । ଚାରୋଟି ପଦ ବା ଶବ୍ଦଯୁକ୍ତ (ବାକ୍ୟ)—
6. (a sentence) Having four words.

ଚତୁଷ୍ପାଠୀ—ସଂ.ବିଣ.—(ଚତୁର + ପଠ ଧାତୁ + ଈ)—୧ । ଚଉପାଢ଼ୀ; ଟୋଲ—1 Sanscrit Tol or Academy.
Chatushpāṭhī
୨ । ଯେଉଁଠାରେ ୪ ବେଦ ଶିକ୍ଷା ଦିଆ ଯାଏ; ବେଦ ବିଦ୍ୟାଳୟ—2 A college where 4 vedas are taught

ଚତୁଷ୍ପାଦ—ସଂ. ବି.—ଚତୁଷ୍ପଦ (ଦେଖ)
Chatushpāda Chatushpada (See)
ବିଣ.—୧ । ଚାରିଗୋଡ଼ବିଶିଷ୍ଟ—1. Four-legged.
୨ । ସର୍ବାବୟବସମ୍ପନ୍ନ—2. Complete with all the component parts.

ଚତୁଷ୍ପାଦଯୋଗ—ସଂ. ବି.—ଶୁଭଯୋଗବିଶେଷ—
Chatushpādajoga An auspicious astrological conjunction.
[ଦ୍ର—ଆଷାଢ଼ ଶୁକ୍ଳପଞ୍ଚମୀ ଓ ମଘାନକ୍ଷତ୍ରରେ ଶ୍ରୀ ଭଗବାନଙ୍କର ମହାବେଦୀ ସମାଗମ ଓ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ଏହି ଚତୁର୍ବିଧ ମିଳନରେ ଉକ୍ତ ଯୋଗ ପଡ଼େ । ମଦନମୋହନ—ତୀର୍ଥଦର୍ଶନ ।]

ଚତୁଷ୍ପାର୍ଶ୍ୱ—ଦେ. ବି—ଚତୁଃପାର୍ଶ୍ୱ (ଦେଖ)
Chatushpārśwa Chatuḥpārśwa (See)

ଚତୁସମ—ଦେ. ବି. (ସ. ଚତୁଃସମ) —ଚତୁଃସମ (ଦେଖ)
Chatusama Chatuḥsama (See)
ସୁବେଶ ହୋଇଣ ବାଳୀ, ଚତୁସମ ଅଙ୍ଗେବୋଳି
ମେଘୋହି ମାଡାଙ୍କ ସଙ୍ଗେ, ବସିଥ ଭଙ୍ଗେ ଯେ । ପ୍ରଭାତ. ଶଶିରେଖା ।

ଚତୁସ୍ତଳ—ସ. ବିଣ (ଚତୁଃ + ତଳ; ବହୁବ୍ରୀହି)—
Chatustaḻa ୧ । ଚାରିମହାଲା, ଚଉତାଲା—
1. Four-storied (building).
୨ । ଚାରିଗୋଟି ସମତଳ ବା ପାଖଥିବା (ବସ୍ତୁ)—
2. Consisting of 4 planes or sides; cubical.
ସ· ବି. (ଦ୍ୱିଗୁ)—କୋଠାର ଚାରୋଟି ମହାଲା—
Four stories of a building.

ଚତୁସ୍ତାଳ—ସ. ବି—ସଙ୍ଗୀତର ତାଳବିଶେଷ—
Chatustāḻa A kind of measure in music (M. W.).

ଚତୁସ୍ତ୍ରିଂଶ—ସ. ବିଣ. (ଚତୁସ୍ତ୍ରିଂଶତ୍ + ପୂରଣାର୍ଥେ. ଅ)—୩୪ର ପୂରଣ—
Chatustrimsa 34 th.
ସ. ବି—ପ୍ରଜାପତି—God Prajāpati (M. W.)

ଚତୁସ୍ତ୍ରିଂଶତ୍—ସ. ବି. (ମ. ପ. ଲୋ; ଚତୁଃ + ତ୍ରିଂଶତ୍; ଚତୁରଧିକ-ତ୍ରିଂଶତ୍)—ଚଉତିରିଶି; ୩୪—34.
Chatustrimsat
ବିଣ—୩୪ ସଂଖ୍ୟକ—34 in number.

ଚତୁସ୍ତ୍ରିଂଶତ୍ତମ—ସଂ. ବିଣ. (ଚତୁଃ + ତ୍ରିଂଶତ୍ + ତମ)—
Chatustrimsattama ଚତୁସ୍ତ୍ରିଂଶ (ଦେଖ)
Chatustrimsa (See)

ଚତୂରାତ୍ର — ସଂ. ବିଣ. (ଚତୁଃ + ରାତ୍ରି)—ଚାରିରାତ୍ରିବ୍ୟାପୀ—
Chatūrātra Covering a period of 4 successive nights.
ସଂ. ବି—ଉତ୍ସବବିଶେଷ—
Name of a ceremony (M. W.).

ଚତ୍ରୁ (ଇତ୍ୟାଦି)—ଗ୍ରା. (ଇତର) ବିଣ (ସଂ. ଚତୁର୍) ଚତୁରର ଅଶୁଦ୍ଧ
Chatṛu (etc) ଉଚ୍ଚାରଣ (ଚତୁର୍ ଶବ୍ଦଯୁକ୍ତ ପଦମାନ ଦେଖ)—
Incorrect pronunciation of the word chatur prefixed to words (see words beginning with Chatur).
[ଦ୍ର -ଅଶିକ୍ଷିତ ଓ ଇତରଲୋକେ ଚତୁର୍ ଶବ୍ଦଯୁକ୍ତ ଚତୁର୍ଭୁଜ, ଚତୁର୍ମାସ୍ୟା, ଚତୁର୍ଥ, ଚତୁର୍ଥୀ ଆଦିକୁ ଚତ୍ରୁଭୁଜ, ଚତ୍ରୁମାସ୍ୟା, ଚତ୍ରୁଥ, ଚତ୍ରୁର୍ଥୀ ଆଦି ରୂପେ ଉଚ୍ଚାରଣ କରନ୍ତି ।]

ଚତ୍ୱର—ସଂ. ବି. (ଚତ୍ ଧାତୁ=ଗମନ କରିବା + ବର)—
Chatwara ୧ । ପ୍ରାଙ୍ଗଣ; ଅଗଣା—1. Court-yard.
୨ । ଯଜ୍ଞାର୍ଥ ପ୍ରସ୍ତୁତ ସମତଳ ଭୂମି—
2. A levelled spot of ground prepared for a sacrifice.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ତାଙ୍କୁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' କୁ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଆବାସ —3. Ward; quarter; premises.
୪ । ରଙ୍ଗଭୂମି—4. Stage; ampitheatre; arena.
୫ । ଚତ୍ୱର; ଚୁଉକୋଣିଆ ଭୂମି—5. A squar.
୬ । ଚତୁଷ୍ପଥ; ଛକ—6. Cross-way (M. W.)

ଚତ୍ୱରତରୁ— ସଂ. ବି (ମ. ଷ. ଲୋ; ଚତ୍ୱର+ତରୁ)—
Chatwarataru ଛକରେ ଉଠିଥିବା ଗଛ—
A tree growing on a cross-way (M W.)

ଚତ୍ୱାର— ସଂ. ବି. (ଚତ୍ +ଅର)—୧ । ୪ ସଂଖ୍ୟା—
Chatwāra 1. Four.
ସେ ଅନ୍ତଃ କରଣ ଚତ୍ୱାର
ଏ ମନ ବୁଦ୍ଧି ଅହଙ୍କାର । ଜଗନ୍ନାଥ. ଭାଗବତ ;
୨ । ଚତ୍ୱାଲ (ଦେଖ)
2. Chatwāla (See)

ଚତ୍ୱାରିଂଶ—ସଂ. ବି. (ଚତ୍ୱାରିଂଶତ୍ + ପୂରଣାର୍ଥ. ଅ)—୪୦ର ପୂରଣ—
Chatwāriṁsa 40 th.
(ଚତ୍ୱାରିଂଶତ୍ତମ—ଅନ୍ୟରୂପ)

ଚତ୍ୱାରିଂଶତ୍—ସଂ. ବି (ଚତୁର୍ ୧୦ଗୁଣ ଅର୍ଥରେ ନିପାତନ ସିଦ୍ଧ)—
Chatwāriṁsat ଚାଳିଶ; ୪୦—40.
(ଚତ୍ୱାରିଂଶତି—ଅନ୍ୟରୂପ) ବିଣ—୪୦ ସଂଖ୍ୟକ—40 in number

ଚତ୍ୱାଲ—ସଂ. ବି (ଚତ୍ ଧାତୁ+ବାଲ)—୧ । ହୋମାଗ୍ନି ନିମନ୍ତେ ଖୋଳିତ
Chatwala ଗର୍ତ୍ତ—1. A hole in the ground for the
(ଚୃତ୍ୱାଲ—ଅନ୍ୟରୂପ) sacrificial fire.
୨ । ପକ୍କା ବା ପଥରବନ୍ଧା ଚଟାଣ; ଚବୁତରା—
2. A paved floor or platform,
୩ । ଗର୍ଭ—3. Womb (M. W.)
୪ । ଦର୍ଭ; କୁଶତୃଣ—4. The Kuśa grass (M.W.)

ଚଦର (ଇତ୍ୟାଦି)—ବୈଦେ. ବି (ଅ. ଚାଦର୍)—
Chadara etc ଚାଦର ଇତ୍ୟାଦି (ଦେଖ)
(ଚଦର—ଅନ୍ୟରୂପ) Chādara etc. (See).

ଚଢା—ଦେ. ବି (ସଂ. ତର୍ଜ୍ ଧାତୁ)—ଧମକ; ତର୍ଜନା—
Chadā Threatening; reprimand.
तर्जा
ଘୁଡ଼କୀ

ଚଢାଇବା—ଦେ. କ୍ରି—ଚଢିବାର ଣିଜନ୍ତରୂପ—
Chadāibā The causative form of Chadibā.
तर्जान କାମେ ଚଢାଇଥାନ୍ତି ଅଣ ହେଡାଇଥାନ୍ତି, ପ୍ରଳୟ ଅନଳ ରୂପେ ଲିଭାଇଥାନ୍ତି ।
ଘୁଡ଼କନା ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଚଢାଚଢି—ଦେ. ଅ (ସଂ. ତର୍ଜ୍ ଧାତୁ)—ଅନ୍ୟୋନ୍ୟରେ ତର୍ଜନା ବା
Chadāchadi ଧମକ—Mutual threatening or
तर्जातर्ज reprimand.
ଘୁଡ଼କାଘୁଡ଼କୀ

ଚଢାମର୍କଟା—ଦେ. ବି (ସଂ. ତର୍ଜନ ଓ ମର୍କଟ)—ତର୍ଜନଗର୍ଜନ; ଧମକ
Chadāmarkaṭā ଓ ମୁଖଭଙ୍ଗୀ—Threatening and making faces.

ଚଢିବା—ଦେ. କ୍ରି (ସଂ. ତର୍ଜ୍ ଧାତୁ; ପ୍ରା. ତଡ୍ଡ)—୧ । ଧମକାଇବା—
Chadibā 1. To threaten.
तर्जा ଛାଡ଼ିମ୍ ବୋଲିବାରେ କର ଚଢ଼ି କେତେ—କୃଷ୍ଣସିଂହ. ମହାଭାରତ. ଅଦ ।
ଘୁଡ଼କନା
୨ । ସାବଧାନ କରିବା; ତାଡ଼ନ କରିବା—
2. To caution; to warn.
ଚଢ ଥରେ ଅଗପଛେ ନଜାନ
ଚତୁର୍ଥ ଉପାୟ କରନ୍ତା ସିନା—କବିସୂର୍ଯ୍ୟ. ବଳଭଦ୍ରଙ୍କ ଛାନ୍ଦ ।

ଚଢିମର୍କଟି ହେବା—ଦେ. କ୍ରି—ଚଢିମର୍କଟି ହେବା (ଦେଖ)
Chadimarkaṭi hebā Chajimarkaṭi hebā (See).

ଚନଖା—ପ୍ରାଦେ (ସମ୍ବଲପୁର) ବି—ଗୁଳସର ଉପରେ ପକାଇବା ରୁଅ-
Chankhā ବିଶେଷ—A kind of rafter put on the roof of thatched house.

ଚନ୍‌ଚନ୍- ଦେ. ଅ—୧ । ଚନ୍‌ଚନ୍; ଝୁଇଁ ଝୁଇଁ; ଶିରା, ସ୍ନାୟୁ ପ୍ରଭୃତିର
Chanchan ସଙ୍କୋଚନଜନିତ ଉପର୍ଯ୍ୟୁପରି କ୍ଷଣସ୍ଥାୟୀ ବ୍ୟଥା ବା
चिन्चिन, चनचन ଶାରୀରିକ କ୍ଲେଶାନୁଭୂତି—1. Smarting pain due to contraction of vens or muscle.
୨ । ଛନ୍‌ଛନ୍ (ଦେଖ)
2. Chhanchhan (See).

ଚନଚନାଇବା—ପ୍ରାଦେ (ସମ୍ବଲପୁର) କ୍ରି—୧ । କୌଣସି କାର୍ଯ୍ୟରେ
Chanchanāibā ଖୁବ୍ ଦୃଢ଼ତାସହିତ ଲାଗିଯିବା—
1. To be engaged in a work with avidity.
୨ । (ବଥ) ବଥିବା; ବଥାଇବା, କଟ୍‌କଟ୍ ହେବା—
2. To ache (said of boil).

ଚନନ୍ହାର—ଦେ. ବି—ଚନ୍ଦ୍ରହାର (ଦେଖ)
Chananhāra Chandrahāra (See).

ଚନାବ୍—ଦେ. ବି (ନାମ)—(ସଂ. ଚନ୍ଦ୍ରଭାଗା)—ପଞ୍ଜାବର ୫ ନଦୀ ମଧ୍ୟରୁ
Chanāb ଏକ, ସିନ୍ଧୁ ନଦର ଏକ ଉପନଦୀ—The chanab, a
चेनाब tributary of the Iudus.
चनाब [ଦ୍ର—ଏହା ହିମାଳୟର ଦକ୍ଷିଣ କାଶ୍ମୀରର ରାଜଧାନୀ ଶ୍ରୀନଗରର ପୂର୍ବ ଅଞ୍ଚଳ ପର୍ବତରୁ ବାହାରି ଝେଲମ୍ ଓ ଶତଦ୍ରୁ ଉପନଦୀ ସଙ୍ଗେ ମିଳିତ ହୋଇ ସିନ୍ଧୁନଦୀରେ ପଡ଼ିଅଛି । ମୁଲତାନ ଚେନାବ୍ ନଦୀର ତୀରରେ ଅବସ୍ଥିତ ।]

ଚନୀ—ଗ୍ରା. ବି—ଗୋମୂତ୍ର—
Chani Cow's wine.

ଚନ୍ଦ୍ (ଧାତୁ)—ସଂ—୧ । ଦୀପ୍ତିପାଇବା—
Chand (root) 1. To shine; to glitter.
୨ । ଅହ୍ଲାଦିତ କରିବା—2. To gladden.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍ଯ	ଉ୍ଅ	ଧ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ଁ୍ୟ	ଇଅ	ଞ୍ଚ	ଢ଼

ଚନ୍ଦ—ଦେ. ବ (ସଂ. ଚନ୍ଦ୍ର)—ଚନ୍ଦ୍ର; ଇନ୍ଦୁ—
Chanda — Moon.

ଚନ୍ଦକ—ସଂ. ବ. (ଚନ୍ଦ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅକ)—ଟଙ୍କା-
Chandaka ଗୁଣ୍ଡିମାଛ—A small white circular fresh-water fish.

ଚନ୍ଦନ—ସଂ. ବ (ଚନ୍ଦ୍ ଧାତୁ=ଆହ୍ଲାଦିତ କରିବା+କର୍ତ୍ତୃ. ଅନ; ଏ
Chandana ଶବ୍ଦ ଦ୍ରାବିଡ଼ ଭାଷାରୁ ସଂସ୍କୃତକୁ ଆସିଅଛି)—
୧ । ସ୍ୱନାମପ୍ରସିଦ୍ଧ ସୁଗନ୍ଧ କାଠ ଓ ବୃକ୍ଷ (ଯାହା ଘୋରିଲେ ବାସେ)—1. Sandal wood; Santanum Album (Kirtikar).

ସଂ. ନାମ—ଚନ୍ଦନ, ଶ୍ରୀଖଣ୍ଡ, ଚନ୍ଦ୍ରକାନ୍ତ, ଗୋଶୀର୍ଷ, ଭୋଗୀବଲ୍ଲଭ, ଭଦ୍ରସାର, ମଳୟଜ, ଗନ୍ଧସାର, ଏକାଙ୍ଗ, ବର୍ଣ୍ଣିକ, ଭଦ୍ରଶ୍ରୀ, ଗନ୍ଧରାଜ, ରୌହିଣ, ସେବ୍ୟ, ସର୍ପେଷ୍ଟ, ମଳୟୋଦ୍ଭବ, ସୁଗନ୍ଧ, ଶୀତଗନ୍ଧ, ତୈଳପର୍ଣ୍ଣିକ, ଗନ୍ଧସାର, ଚନ୍ଦ୍ରଦ୍ୟୁତି
चन्दन
चंदन
ତେ. ମାଂଚଗନ୍ଧମୁ, ଚନ୍ଦନମୁ
ଗୁ. ସୁଖଡ଼
ଆ. ସନ୍ଦଲେ ଅବୀୟଦ୍
ମ. ଚନ୍ଦନ

[ଦ୍ର—ଚନ୍ଦନ ଦକ୍ଷିଣଭାରତର କ୍ଷୁଦ୍ର ଅରଣ୍ୟରେ ଜନ୍ମିବା କାଭୂଚ ଚିରଶ୍ୟାମଳତରୁ । ପଥୁରିଆ ଭୂମିରେ ଓ ଘାସମଯ୍ୟ ଅରମା ସ୍ଥାନରେ ଏ ଗଛ ଉଠାଏ । ଏଥିପାଇଁ ଚନ୍ଦନ ଗଛ ଜନ୍ମିବା ସ୍ଥାନରେ ସାପ ରହନ୍ତି । ଏ ଗଛର ମଞ୍ଜି-କାଠ ସୁଗନ୍ଧ ଓ ତାହା ପଥରରେ ପାଣିଦେଇ ଘୋରିଲେ ତହିଁରୁ ସୁବାସିତ ଲେପ ହୁଏ । ଏ ଗଛ ଉଚ୍ଚରେ ୩୦।୪୦ ଫୁଟ ଉଚ୍ଚ ହୁଏ ଓ ପତ୍ରଝଡ଼ା ହଏ ନାହିଁ । ଘୃଷ୍ଟଚନ୍ଦନକୁ ଲୋକେ ଦେହରେ ବୋଳନ୍ତି ଓ ଦେବତାଙ୍କୁ ଅର୍ପଣ କରନ୍ତି ଓ ଚନ୍ଦନକାଠର ଗୁଣ୍ଡି ଦ୍ୱାରା ଧୂପ ଦିଅନ୍ତି । ଏ କାଠରୁ ଚନ୍ଦନ ତେଲ ବାହାର କରାଯାଏ । ଏ କାଠରେ ତିଆରି ବାକ୍ସ, ପଲଙ୍କ ଓ ଚଉକାଠ ଆଦିରେ ପୋକ ଲାଗନ୍ତି ନାହିଁ । ନାନାଜାତିର ଚନ୍ଦନଗଛ ଅଛି । ସବୁଠାରୁ ଶ୍ରୀଖଣ୍ଡ ବା ଧଳା ଚନ୍ଦନ ସୁବାସ ଓ ଗୁଣରେ ଶ୍ରେଷ୍ଠ । ଏ କାଠର ସ୍ୱାଦ ତିକ୍ତ । ଏ ଗଛ ଭାରି ଗଣ୍ଠିଗଣ୍ଠିଆ ଓ କୋଟରମଯ୍ୟ; ଏହି କୋଟରମାନଙ୍କରେ ସାପ ରହନ୍ତି । ମଳୟ ପବନ ବାଜିଲେ ଅନ୍ୟ ଗଛର କାଠ ମଧ୍ୟ ଚନ୍ଦନ ପାଲଟିଯାଏ ବୋଲି ପ୍ରବାଦ ଅଛି । କାଠର ବର୍ଣ୍ଣ ଓ ବାସ ଅନୁସାରେ ଶ୍ରୀଖଣ୍ଡ ବା ଶ୍ୱେତଚନ୍ଦନ, ଶବରଚନ୍ଦନ, ହରିଚନ୍ଦନ ବା ପୀତଚନ୍ଦନ, ରକ୍ତଚନ୍ଦନ, ବର୍ବର-ଚନ୍ଦନ, ଅଗୁରୁଚନ୍ଦନ ଶ୍ରେଣୀ ବିଧାନ କରାଯାଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶ୍ରାନ୍ତି, ଶୋଥ, ବିଷ, ଶ୍ଳେଷ୍ମା, ତୃଷ୍ଣା, ପିତ୍ତ, ରକ୍ତଦୋଷ ଓ ଦାହନାଶକ । ଚନ୍ଦନତେଲ ପ୍ରମେହ ରୋଗରେ ବିଶେଷ ଉପକାରୀ ।]

୨ । ଘୃଷ୍ଟଚନ୍ଦନ; ଘୋରାଚନ୍ଦନ—
2. Sandal-paste.

୩ । ରାମାୟଣବର୍ଣ୍ଣିତ ମର୍କଟଯୂଥପତି—
3. Name of a monkey-general.

ବନ୍ଦକେ ତାତମ୍ବ କାମ୍ବକ ପନସ ଚନ୍ଦନ ହିଁ ମନୋରମ—
ଉକ୍ତ. ବୈଦେହୀଶବିଳାସ ।

୪ । ପସାରୁଣୀଲତା (ଦେଖ (ହି. ଶବ୍ଦସାଗର)—
4. Pasāruṇī (See)

ଦେ. ବ—ଚନ୍ଦନ ଯାତ୍ରା (ଦେଖ)—
Chandana jātrā (See)

ଚନ୍ଦନ ଅର୍ଗଳି—ଦେ. ବ (ସଂ. ଚନ୍ଦନ+ଅର୍ଗଳ; ଜଗନ୍ନାଥଙ୍କ ଦେଉଳର
Chandana-argaḻi ଅର୍ଗଳମାନ ସମ୍ଭବତଃ ଚନ୍ଦନକାଠରେ ଥିବାରୁ)
—ଦେବତାଙ୍କ ଦର୍ଶନ ନିମିତ୍ତ ଗମ୍ଭୀରା ବା ଦେଉଳ ମଧ୍ୟକୁ ଯିବା ପୂର୍ବରୁ ବାଟରେ ଦୁଇପାଖେ ଖୁଣ୍ଟ ପୋତା ହୋଇ ସେଥିର ଛିଦ୍ରମାନଙ୍କରେ ଯେଉଁ କାଠର ଲମ୍ବ ଗଲା ଯାଇ-ଥାଏ ଓ ଯାହା ଫିଟାଇଦେଲେ ବାଟ ମେଲା ହୁଏ ଓ ପକାଇ-ଦେଲେ ବାଟ ବନ୍ଦ ହୁଏ—Stout wooden bars put at the entrance to the main temple of a Deity.

ଦ୍ୱାରେ ଚନ୍ଦନ ଅର୍ଗଳି ଲଗାଣି ଉଠନ୍ତି । ପ୍ରାଚୀ. ବ୍ରହ୍ମଳକ୍ଷ୍ମଣଗୀତା ।

ଚନ୍ଦନ ଘେନିବା—ଦେ. କ୍ରି—ଶରୀରରେ ଘୃଷ୍ଟଚନ୍ଦନ ଲେପନ କରିବା—
Chandana ghenibā — To besmear the body with sandal paste.
চন্দন মাখা
चन्दन चढ़ाना

ଚନ୍ଦନ ଘୋରିବା—ଦେ. କ୍ରି (ସଂ. ଚନ୍ଦନ+ଘୃଷ୍ ଧାତୁ)—ଚନ୍ଦନକାଠକୁ
Chandana ghoribā ଚନ୍ଦନପେଡ଼ିରେ ପାଣିଦେଇ ଘଷିବା—
চন্দন ঘষা — To rub sandal-wood on a stone
चन्दन घिसना — slab with water to prepare paste.

ଚନ୍ଦନଚର୍ଚ୍ଚିତ—ସଂ. ବ (ଶସ୍ୟା ତତ୍; ଚନ୍ଦନ+ଚର୍ଚ୍ଚିତ)—ଚନ୍ଦନ ବୋଳା-
Chandanacharchchita ହୋଇଥିବା (ଶରୀର)—
(body) Besmeared with sandal-paste.

ଚନ୍ଦନଜାତ—ସ୍ତ୍ରୀ. ବ (ସଂ. ଚନ୍ଦନ+ଯାତ୍ରା)—ଚନ୍ଦନଯାତ୍ରା (ଦେଖ)—
Chandanajata — Chandanajātrā (See)
চন্দনযাত্রা
चन्दनयात्रा

ଚନ୍ଦନ ତେଲ—ଦେ. ବ (ସଂ. ଚନ୍ଦନ+ତୈଳ)—ଚନ୍ଦନ କାଠରୁ
Chandana tela ବୈଜ୍ଞାନିକପ୍ରକ୍ରିୟାଦ୍ୱାରା ବାହାର କରାଯିବା ତେଲ—
চন্দন তেল — Sandal oil.
चन्दन तेल

ଚନ୍ଦନ ଦାନ—ଦେ. ବ. (ସଂ. ଚନ୍ଦନ+ଆଧାନୀ)—ଘୋରା ଚନ୍ଦନକୁ
Chandana dān ରଖି ବ୍ୟବହାର କରିବା ନିମନ୍ତେ ରୁପାର ପାତ୍ର—
চন্দন দান — A tray or cup for keeping sandal-paste.
चन्दन दान

ଚନ୍ଦନ ଧେନୁ—ସଂ. ବ. (ମ. ପ. ଲୋ; ଚନ୍ଦନଚର୍ଚ୍ଚିତା ଧେନୁ)—
Chandana dhenu ପତିପୁତ୍ରବତୀ ମୃତା ନାରୀର ମୃତାହ ଉପଲକ୍ଷରେ ବୃଷୋତ୍ସର୍ଗ ପରବର୍ତ୍ତିରେ ପୁତ୍ରଦ୍ୱାରା ବ୍ରାହ୍ମଣକୁ ଦାନ କରାଯିବା ଚନ୍ଦନଚର୍ଚ୍ଚିତା ସବତ୍ସା ଗାଭୀ—
A cow with its calf smeared with sandal-paste and given to a Brāhmaṇa by the

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ବାଇ' ନ ମିଳିଲେ 'ବାଈ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

son of a deceased female (who dies leaving her husband and sons behind) during her obsequies.

[ଦ୍ର—ଶାସ୍ତ୍ର ଅନୁସାରେ ଜୀବତ୍‌ପିତୃକ ପୁତ୍ରର ବୃଷୋତ୍ସର୍ଗ କରିବାର ଅଧିକାର ନ ଥିବାରୁ ମାତାଙ୍କ ଉଦ୍ଦେଶ୍ୟରେ ଚନ୍ଦନଧେନୁ ଦାନ କରନ୍ତି ।]

ଚନ୍ଦନ ନଗର—ଦେ. ବି. (ନାମ—ଫରାସୀ ଅଧିକୃତ କଲିକତା ନିକଟସ୍ଥ
Chandana nagara ନଗରବିଶେଷ—Name of a village
চন্দননগর belonging to the French near Calcutta.
चन्दननगर

ଚନ୍ଦନ ନାଇବା—ଗ୍ରା. (ଇତର) କ୍ରି.—ଚନ୍ଦନ ଘେନିବା (ଦେଖ)
Chandana nāibā Chandana ghenibā (See)

ଚନ୍ଦନ ପଙ୍କ—ସଂ. ବି. (ଷଷ୍ଠୀ ତତ୍; ଚନ୍ଦନ+ପଙ୍କ)—ଘୃଷ୍ଟ ଚନ୍ଦନ;
Chandna panka ଘୋରା ଚନ୍ଦନ—Sandal-paste.

ଚନ୍ଦନ ପାଟି—ଦେ. ବି. (ସଂ. ଚନ୍ଦନ+ପଟ୍ଟ)—କପାଳର ଦୁଇ ପାଖରେ
Chandana pāṭi ଗାଲ ପର୍ଯ୍ୟନ୍ତ ବୋଳା ହୋଇଥିବା ଚନ୍ଦନର
চন্দনপাটী ପଟ୍ଟ ବା ଚିହ୍ନ—Strips of sandal-paste
चन्दनकी पट्टी painted over the brow from the middle along the cheeks on both sides. (right and left).

ଚନ୍ଦନପାଟ୍ଟ ଏ ଥିବ କପୋଳେ—ଉଦ୍ଧ. ଲାବଣ୍ୟବତୀ ।

ଚନ୍ଦନ ପାଲି—ଦେ. ବି.—ଏକୋଇଶଦିନବ୍ୟାପୀ ଚନ୍ଦନଯାତ୍ରାର ଗୋଟିଏ
Chandana pāḻi ଲେଖାଏଁ ଦିନର ଉତ୍ସବ ଓ ଭକ୍ତ ଉତ୍ସବର ବ୍ୟୟାଦି ନିର୍ବାହର ଭାର—One of the 21 days of the festival of Chandanajātrā.

ଚନ୍ଦନ ପୁଷ୍ପ—ସଂ. ବି.—(ବହୁବ୍ରୀହି; ଚନ୍ଦନ ପରି ସୁବାସିତ ପୁଷ୍ପ ଯାହାର)—
Chandana pushpa ୧ । ଲବଙ୍ଗ—1. Cloves.
୨ । (ଷଷ୍ଠୀ ତତ୍) ଚନ୍ଦନ ଗଛର ଫୁଲ—2. The flowers of the Sandal tree.

ଚନ୍ଦନ ପେଡ଼ି—ଦେ. ବି. (ସଂ ଚନ୍ଦନ+ପୀଠ)—ଚନ୍ଦନକାଠ
Chandana peṟḏi ଘୋରିବାର ପଥରଚକି—A piece of
চন্দনপীড়ি circular plate or slab of stone on which
चन्दन घीषनेकी पटिया sandal wood is rubbed for preparing sandal-paste.

ଘୋରାଏ ଚନ୍ଦନ ପେଡ଼ି ଖଲିରେ ଲଗାଇଲେ ଚନ୍ଦନ ।—ଭଗ୍ନାବଥ. ପାଟଣା ।

ଚନ୍ଦନ ବେଶ—ସଂ.ବି. (ମ.ପ.ଲୋ; ଚନ୍ଦନ ଲେପନ କରାଯିବା ବେଶ)—
Chandana beśa ଶରୀରରେ ବା ସର୍ବାଙ୍ଗରେ ଚନ୍ଦନ ଲେପନଦ୍ୱାରା କରାଯିବା ବେଶ—Annointing or besmearing the body with sandal-paste.

ଚନ୍ଦନବେଶ ମୁଁ କରନ୍ତି ମୋର ହେଉଛି ମନ ।
କଳାକଳେବର ଚଉତିଶା ।

ଚନ୍ଦନବୋଡ଼ା—ଦେ. ବି. (ସଂ. ଚନ୍ଦ୍ର+ବୋଡ଼ା)—ହଳଦିଆ ଦେହରେ
Chandanaboṟḏā ତିନି ଧାଡ଼ି ବଡ଼ ବଡ଼ କଳା ଗୋଲ ଚିହ୍ନ ଥିବା
চন্দন বোড়া, চন্দ্রবোড়া ଭୟାନକ ବିଷଧର ବୋଡ଼ା ସାପ(ଏ ଲମ୍ବରେ
चन्द्रबोड़ा ୨ ହାତ ବଢ଼େ; ଲାଙ୍ଗୁଡ଼ ପତଳା ଓ ୪।୧୦ ଅଙ୍ଗୁଳ ଲମ୍ବ)—A kind of venemous viper with yellow body with 3 lines of black circular marks; Vipera Russela; Daboia Russelli; Russell's viper.

ଚନ୍ଦନ ବୋଳିବା—ଦେ. କ୍ରି.—ସର୍ବାଙ୍ଗରେ ଚନ୍ଦନ ଲେପନ କରିବା—
Chandana boḻibā To smear the body with sandal-paste.
(ଚନ୍ଦନ ଲେପିବା—ଅନ୍ୟରୂପ)

ଚନ୍ଦନ ଯାତ୍ରା—ସଂ. ବି.—ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଠାରୁ
Chandana jātrā ୨୧ ଦିନ ଅପରାହ୍ଣ ଓ ସନ୍ଧ୍ୟାରେ ପୁରୀ, ଭୁବନେଶ୍ୱର, ସତ୍ୟବାଦୀ ଓ ରାଜଧାନୀ ଓ ବଡ଼ ବଡ଼ ଗ୍ରାମମାନଙ୍କରେ ପ୍ରତିଷ୍ଠିତ ଦେବବିଗ୍ରହମାନଙ୍କୁ ନିକଟବର୍ତ୍ତୀ ପୁଷ୍କରିଣୀକୁ ନେଇ ସେଠାରେ ନୌକାରେ ବସାଇ କରାଯିବା ଜଳକ୍ରୀଡ଼ାରୂପ ଉତ୍ସବ—The festival of taking out the image of a Deity to a tank and giving it a boating in the afternoon and evening for 21 days begining with the third day of the light fortnight of the month of Baiśākha.

ଚନ୍ଦନ ଲଗାଇବା—ଦେ. କ୍ରି.—ଚନ୍ଦନ ଘେନିବା (ଦେଖ)
Chandana lagāibā Chandana ghenibā (See)

ଚନ୍ଦନଶାରିବା—ସଂ. ବି. (ମ. ପ. ଲୋ, ଚନ୍ଦନଗନ୍ଧଯୁକ୍ତା ଶାରିବା)—
Chandanaśāribā ଅତି ସୁବାସଯୁକ୍ତ ଔଷଧ ଲତାବିଶେଷ—A kind of sweet smelling medicinal creeper.

ଚନ୍ଦନା—ସଂ. ବି—୧ । ଶୁକସଦୃଶ କିନ୍ତୁ ହ୍ରସ୍ୱପୁଚ୍ଛବିଶିଷ୍ଟ ଉଜ୍ଜ୍ୱଳ
Chandanā ହରିତ୍‌ବର୍ଣ୍ଣ ପକ୍ଷୀ; ପୁଂପକ୍ଷୀର ଗଳାରେ ଗୋଲାପି କଣ୍ଠରେଖା ଥାଏ; ଏ ମନୁଷ୍ୟର ବୋଲି ଶିଖି ପାରେ—Palœornis Nepalensis; a species of short and broad-tailed singing parrots which can be taught to sing; the jaco bird.

[ଦ୍ର ଏମାନେ ନାହାକା ଶୁଆଠାରୁ ବଡ଼ ଓ ମୋଟା । ଏମାନଙ୍କ ପୁଚ୍ଛ ଶ୍ୱେତ ଓ ଚେପ୍ଟା ଏବଂ ପୁଚ୍ଛର ଅଗ ଚଉଡ଼ା । ଏମାନଙ୍କ ଉପରଓଠ ଥଣ୍ଟ ଛିଦ୍ରର ତଳଓଠର ଉପରକୁ ଆବରଣ କରିଥାଏ । ଏମାନେ ଲମ୍ବରେ ହାତେ ପର୍ଯ୍ୟନ୍ତ ବଢ଼ନ୍ତି ।]

୨ । ଚନ୍ଦନଶାରିବା (ଦେଖ)
2 Chandanaśāribā (See)

ଚନ୍ଦନାଚଳ—ସଂ. ବି. (ମ. ପ. ଲୋ; ଚନ୍ଦନବୃକ୍ଷବିଶିଷ୍ଟ ଅଚଳ)—
Chandanāchaḻa ମଳୟ ପର୍ବତ—The Maḻaya range

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ୍	ଢ଼ଅ	ହ୍ମ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ହ୍ନ

(ଚନ୍ଦନାଦ୍ରି—ଅନ୍ୟରୂପ) of mountains in the Eastern Ghats in South India where sandal trees abound.

ଚନ୍ଦନାଦି ତୈଳ—ସଂ. ବି — ଆୟୁର୍ବେଦୋକ୍ତ ମସ୍ତିଷ୍କହିତକର ଔଷଧ
Chandanādi taila ତୈଳବିଶେଷ—A medicated oil
(ଚନ୍ଦନାଦ୍ୟତୈଳ— ଅନ୍ୟନାମ) prepared for keeping the brain cool.

[ଦ୍ର— ଏଥିର ପ୍ରଧାନ ଉପାଦାନ ଚନ୍ଦନ । ଏହା ଚନ୍ଦନ, ଅଗୁରୁ, ଦେବଦାରୁ, ପଦ୍ମକାଷ୍ଠ, ଅଳାଇଚ, ନାଗକେଶର, କପୂର, ଜାଇଫଳ, କସ୍ତୂରୀ, ଶିଉଳଚନ୍ଦନ, ଖାଲଚନ୍ଦନ, ଜାଫ୍ରାନ କେଶରକୁ ବାଟି ତୈଳରେ ସିଦ୍ଧ କରାଯିବା କବିରାଜୀତୈଳ ଅଟେ । ଏହା ମସ୍ତିଷ୍କବିକୃତିନାଶକ, କାନ୍ତିବର୍ଦ୍ଧକ ଓ ବାତନାଶକ ।]

ଚନ୍ଦନି ମାଟି— ଦେ. ବି - ଯେଉଁ ମାଟିରେ ବାଲି, ଗୋଡ଼ିଆଦି ନ ଥାଏ—
Chandani māṭi Pebbly soil.

ଚନ୍ଦର (ଇତ୍ୟାଦି)—ଗ୍ରା. (ଇତର) ବି — ଚନ୍ଦ୍ର, ଇତ୍ୟାଦି (ଦେଖ)
Chandara (etc) Chandra etc (See)
চাঁদ
चन्द

ଚନ୍ଦରସ୍—ବୈଦେ. ବି. (ଇଂ ସାନ୍ଦରାକ୍)—
Chandaras ଧୂପ ନିମନ୍ତେ ବ୍ୟବହୃତ ବୃକ୍ଷନିର୍ଯ୍ୟାସବିଶେଷ;
চান্দরস্ ଧୂନା ସନ୍ଦରସ୍; ଏକ ପ୍ରକାର ଝୁଣା—
सफेद डुमर, A white-yellow resin exuding from
सान्दरस् Barbary tree; Indian capal; Peney;
ତା. କୁଣ୍ଡିରୁମ୍ Varnish tree; Vateria Indica;
ତେ. ଦୁପାଡୁ Sandarac.

[ଦ୍ର— ଏହା ଦକ୍ଷିଣ ଓ ପଶ୍ଚିମ ଭାରତରେ ଶାଳଜାତୀୟ ଏକ ପ୍ରକାର ଗଛର ଶୁଖାଯାଇଥିବା ନିର୍ଯ୍ୟାସ । ଏହା ଧୂପ ଓ ବାର୍ଣ୍ଣିସ ନିମନ୍ତେ ବ୍ୟବହୃତ ହୁଏ ।

ଏହାର ଗଛ ପ୍ରଥମେ କାନେଡ଼ାରୁ ବା କାହାର କାହାର ମତରେ ଆଫ୍ରିକାର ମରକ୍କୋ ଦେଶରୁ ଭାରତକୁ ଆଣିତ ହୋଇଥିଲା । ଏହି ଗଛ ସୁନ୍ଦର ଓ ସର୍ବଦା ଫୁଲଫଳ ଧରେ । ଏଥିର ପଲଙ୍ଗ କାଠ ଧଳା; ମଞ୍ଜି ପାଉଁଶିଆ; ଏହା ଶାଳ କାଠଠାରୁ ବେଶି ଶକ୍ତ ଓ ଗ୍ରନ୍ଥିଳ; ପତ୍ର ୩ଇଞ୍ଚ ୪ଇଞ୍ଚ । ଏହାର ଫଳର ତେଲ ବାତ ରୋଗରେ ଔଷଧ ରୂପରେ ବ୍ୟବହୃତ ହୁଏ ।]

ଚନ୍ଦା—ଦେ. ବି. (ସଂ. ଚନ୍ଦ୍ର)—୧ । ଚିହ୍ନ—1. Mark.
Chandā ୨ । ଅନାବୃତ ସ୍ଥାନ—
চাঁদা 2. Bare or open space.
चांदा ୩ । ଜମିର ସୀମାନିର୍ଦ୍ଦେଶକ ଚିହ୍ନ ବା ଖୁଣ୍ଟ—
3. A distinguishing mark on the boundary of a land.
টেকো ବିଣ—କେଶରହିତ (ମସ୍ତକ); ଟାଙ୍ଗରା—
चँदला Bald-headed.

ପ୍ରାଦେ. (ସମ୍ବଲପୁର) ବିଣ—ଚନ୍ଦିଆ (ଦେଖ)
Chandiā (See)

ଚନ୍ଦାଇ—ଦେ. ବିଣ. ଓ ବି. ସ୍ତ୍ରୀ—(ସଂ. ଚୁନ୍ଦୀ=କୁଟ୍ଟିନୀ)—
Chandāi ୧ । କୁଟ୍ଟିନୀ; ବେଧୋଇ; ଛିନାଳୀ; ନଷ୍ଟା ସ୍ତ୍ରୀ—
ছাবলা 1. An adulteress.
चाँचलहाई ୨ । ଯେ ଆପଣାର ପ୍ରଶଂସା ଆପେ କରେ—
(ଚନ୍ଦେଇ—ଅନ୍ୟରୂପ) 2 A self-advertising woman.
୩ । ଯେଉଁ ସ୍ତ୍ରୀ ହାବଭାବଦ୍ୱାରା ପୁରୁଷ ନିକଟରେ କାମେଚ୍ଛା ଦେଖାଇ ହୁଏ —A flirt.

ଚନ୍ଦାଇ ପଣ—ଦେ. ବି.—୧ । ସ୍ତ୍ରୀର ଆତ୍ମବଡ଼ିମା ପ୍ରକୃତି—
Chandāi paṇa 1. Self-adulation of a woman;
ছাবলামী self-aggrandisement.
चें.चला ୨ । ହାବଭାବଦ୍ୱାରା ପୁରୁଷ ନିକଟରେ ସ୍ତ୍ରୀର କାମେଚ୍ଛା
(ଚନ୍ଦେଇପଣ—ଅନ୍ୟରୂପ) ପ୍ରକଟନ—Flirtation.

ଚନ୍ଦାଇ ହେବା—ଦେ. କ୍ରି.—(ସ୍ତ୍ରୀଲୋକଙ୍କପ୍ରତି ପ୍ରଯୁଜ୍ୟ)—୧ । ଆତ୍ମଶ୍ଳାଘା
Chandāi hebā କରିବା; ଆପଣାକୁ ଆପେ ଦେଖାଇ ହେବା,
ছাবলামীকরা ଢମ ଢମ ହେବା —1. To self-adver-
(ଚନ୍ଦେଇ ହେବା—ଅନ୍ୟରୂପ) tise; to aggrandise one's self.
୨ । ମକମକ ହେବା; ହାବଭାବଦ୍ୱାରା କାମଚେଷ୍ଟା ପ୍ରକାଶ କରିବା—2. To show outward signs of amour; to flirt.

ଚନ୍ଦାମୁଣ୍ଡା— ଦେ. ବିଣ—ଯାହାର ମୁଣ୍ଡରେ କେଶ ନାହିଁ—
Chandāmuṇḍā Bald-headed.
টেকো
चन्दला
(ଚନ୍ଦାମୁଣ୍ଡୀ, ଚନ୍ଦାମୁଣ୍ଡେଇ —ସ୍ତ୍ରୀ)
(ଚନ୍ଦାମୁଣ୍ଡିଆ —ଅନ୍ୟରୂପ)

ଚନ୍ଦିଆ—ପ୍ରାଦେ (ସମ୍ବଲପୁର) ବିଣ (ସଂ. ଚନ୍ଦ୍ର)—ଚନ୍ଦିଆ; ମୁଣ୍ଡରେ ଚନ୍ଦ୍ର ବା
Chandiā ଧଳା ଦାଗ ଥିବା (ପଶୁ ଆଦି)—(a horse or cow) Having a white patch on the face or brow.
(ଯଥା — ଚନ୍ଦିଆ ଘୋଡ଼ା ।)

ଚନ୍ଦିର—ସଂ. ବି (ଚନ୍ଦ୍ ଧାତୁ = ଦୀପ୍ତି ପାଇବା + ସଜ୍ଞାର୍ଥେ. ଇର)—
Chandira ୧ । ଚନ୍ଦ୍ର—1. The moon.
୨ । ହସ୍ତୀ—2. Elephant.

ଚନ୍ଦୁଆ—ପ୍ରାଦେ (ସମ୍ବଲପୁର) ବି (ସଂ. ଚନ୍ଦ୍ରାତପ, ଭୁଲ ହି. ଚନ୍ଦୱା)—
Chanduā ଚନ୍ଦ୍ରାତପ; ସାମିଆନା—An awning.

ଚନ୍ଦୁକ—ଦେ.ବି (ବଣିଆ ଶବ୍ଦ)—ଭିନ୍ନ ଭିନ୍ନ ପ୍ରକାରର ଛିଦ୍ର ଥାଇ ତିଆରି
Chanduka ହୋଇଥିବା ଏକପ୍ରକାର ଠସା—
A goldsmifh's mould with several holes to suit many forms.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧି' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଘ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଲଙ୍କୃତ ଦେଖିବେ

ଚନ୍ଦେଇ—ଦେ. ବି. ଓ ବିଣ. ସ୍ତ୍ରୀ—ଚନ୍ଦାଈ (ଦେଖ)
Chandei — Chandāī (See)

ଚନ୍ଦେରୀ—ଦେ. ବି (ନାମ) (ହି. ଚେଦୀ)—ଗ୍ୱାଲିୟର ରାଜ୍ୟର ଅନ୍ତର୍ଗତ ଜିଲ୍ଲାରେ ଥିବା ପ୍ରାଚୀନ ନଗର—
Chanderī — Name of an ancient town in Gwaliar.
चंदेरी
(ଚନ୍ଦେଲ—ଅନ୍ୟରୂପ) [ଦ୍ର—ଏହା ପୂର୍ବେ ଶିଶୁପାଳଙ୍କ ରାଜଧାନୀ ଚେଦୀ ଥିଲା ।]

ଚନ୍ଦେଲୀ—ଦେ. ବି (ନାମ) (ହି. ଚେଦୀ ବା ଚନ୍ଦ୍ରାତ୍ରେୟ)—
Chandelī — କ୍ଷତ୍ରିୟ ବା ରାଜପୁତମାନଙ୍କର ଏକ ଶାଖା—
চন্দেল — Name of a branch of the Rājputs.
चंदेली
(ଚନ୍ଦେଲ—ଅନ୍ୟରୂପ) [ଦ୍ର—ଏ ବଂଶର କ୍ଷତ୍ରିୟମାନେ ମହର୍ଷିଙ୍କ ପୌତ୍ର ଚନ୍ଦ୍ରାତ୍ରେୟଙ୍କଠାରୁ ଉଦ୍ଭୂତ ବୋଲି କଥିତ ଅଛି । ଏହି ବଂଶର ରାଜାମାନେ ବୁନ୍ଦେଲଖଣ୍ଡ ଓ ମଧ୍ୟଭାରତରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ — ହି. ଶବ୍ଦସାଗର ।]

ଚନ୍ଦ୍ର—ସଂ. ବି (ଚନ୍ଦ୍ ଧାତୁ=ଦୀପ୍ତି ପାଇବା + କର୍ତ୍ତୃ. ର)—
Chandra — ୧ । ଚାନ୍ଦ; ଜହ୍ନ—1. Moon.
୨ । ସୋମ; ଜ୍ୟୋତିଃଶାସ୍ତ୍ରୋକ୍ତ ନବଗ୍ରହ ମଧ୍ୟରୁ ଏକତମ—2. One of the nine planets of Hindu astrology.
[ଦ୍ର—ଜ୍ୟୋତିଷ ମତରେ ମନୁଷ୍ୟର ପରମାୟୁରେ ଚନ୍ଦ୍ରଙ୍କ ଦଶା-ଭୋଗ କାଳ ୧୦ ବର୍ଷ । ଯେଉଁ ମାସରେ ପୃଥିବୀରେ ଚନ୍ଦ୍ର ଅଧିପତି ହୁଅନ୍ତି, ସେ ମାସରେ ଲୋକଙ୍କର ଶ୍ଲେଷ୍ମାବୃଦ୍ଧି ହୁଏ; ଦେଶରେ ସୁଭିକ୍ଷ, ଶସ୍ୟବର୍ଦ୍ଧନ ଓ ସର୍ବମଙ୍ଗଳ ହୁଏ । ରାହୁ (ପୃଥିବୀର ଛାଇ) ଚନ୍ଦ୍ରଙ୍କୁ ଗ୍ରାସ କଲେ ଚନ୍ଦ୍ରଗ୍ରହଣ ହୁଏ । ଚନ୍ଦ୍ରଯୁକ୍ତ ସୋମବାର ଜ୍ୟୋତିଷ ମତରେ ସର୍ବକର୍ମରେ ଶୁଭ । ଚନ୍ଦ୍ର ଯେଉଁ ରାଶିମାନଙ୍କ ସଙ୍ଗେ ଯୁକ୍ତ ହୋଇ ଯେଉଁ ତିଥିରେ ଥାଆନ୍ତି ତଦନୁସାରେ ମନୁଷ୍ୟ ଭିନ୍ନଭିନ୍ନ ଫଳ ଭୋଗ କରେ । ଚନ୍ଦ୍ର ଗୋଟିଏ ରାଶିରେ ୨¼ ଅର୍ଥାତ୍ ୨¼ ଦିନ ରହନ୍ତି । ଆଧୁନିକ ବିଜ୍ଞାନମତରେ ଚନ୍ଦ୍ର ଗୋଟିଏ ନିର୍ଜୀବ ବସ୍ତୁ ଓ ଏହା ପୃଥିବୀର ଚାରି ପାଖରେ ୨୮ ଦିନରେ ଥରେ ବୁଲେ; ଏହା ଗୋଟିଏ ମରୁ ଓ ପାଷାଣମୟ ପିଣ୍ଡ ଅଟେ ଓ ଏଥିରେ ଦେଖାଯିବା କଳଙ୍କ ପର୍ବତର ଗହ୍ୱର ଅଟେ । ଏହାର ବ୍ୟାସ ୨୧୬୨ ମାଇଲ ଓ ଏହା ପୃଥିବୀଠାରୁ ୨ ଲକ୍ଷ ୮ ହଜାର ୮ଶହ ମାଇଲ ଦୂରରେ ଅବସ୍ଥିତ । ଏହାର ଆକାର ପୃଥିବୀର ୪୯ ଭାଗରୁ ଭାଗେ । ପୁରାଣମତରେ ଏ ଏହାଙ୍କ ଗୁରୁ ବୃହସ୍ପତିଙ୍କ ପତ୍ନୀ ତାରାଙ୍କୁ ହରଣ କରିଥିବାରୁ ଗୁରୁଙ୍କ ଅଭିଶାପରେ ଏ କ୍ଷୟରୋଗୀ ହୋଇ ତଦନୁସାରେ ପ୍ରତି ପକ୍ଷରେ କ୍ଷୟ ଓ ବୃଦ୍ଧି ପାଆନ୍ତି । ରାତିରେ କଇଁ ଫୁଟୁଥିବାରୁ ଚନ୍ଦ୍ରଙ୍କୁ କୁମୁଦବନ୍ଧୁ ବୋଲାଯାଏ । କଥିତ ଅଛି ଯେ ଚକୋର ଚନ୍ଦ୍ରକିରଣ ପାନ କରେ । ଚନ୍ଦ୍ର ମହାଦେବଙ୍କ ମସ୍ତକରେ ଅବସ୍ଥାନ କରିବା ବିଷୟ ପୁରାଣରେ ଅଛି ।]

୩ । ମୟୂରଚନ୍ଦ୍ରିକା—3. The black round spots bordered by concentric bands of brilliant blue, green and gold on the tail-feathers of a peacock.
୪ । କର୍ପୂର—4. Campher.
୫ । ଜଳ—5. Water.
୬ । ସ୍ୱର୍ଣ୍ଣ—6. Gold.
୭ । ହୀରକ—7. Diamond.
୮ । ଦ୍ୱୀପବିଶେଷ—3. Name of an island.
୯ । (କାମଶାସ୍ତ୍ର) ସ୍ତ୍ରୀମାନଙ୍କ ଭିନ୍ନଭିନ୍ନ ଅଙ୍ଗରେ ଭିନ୍ନଭିନ୍ନ ତିଥିରେ ଥିବା କାମୋଦ୍ଦୀପକ କେନ୍ଦ୍ର—2. The amorous centres said to be in the different limbs of a woman on different days, by titillating which a woman becomes very amorous andundergoes orgasm.
[ଦ୍ର—ତତ୍ତତ୍ ତିଥିମାନଙ୍କରେ ସ୍ତ୍ରୀମାନଙ୍କର ତତ୍ତତ୍ ଅଙ୍ଗମାନଙ୍କୁ କୁତୁକୁତୁ କଲେ ସ୍ତ୍ରୀମାନେ ରମଣକାଳରେ କାମୋନ୍ମତ୍ତା ହୁଅନ୍ତି ।]
୧୦ । (ଅନ୍ୟ ଶବ୍ଦ ପରେ ଯୋଗ କଲେ) ଶ୍ରେଷ୍ଠ ବ୍ୟକ୍ତି—10. A superior being.
(ଯଥା—କବିଚନ୍ଦ୍ର, କୁଳଚନ୍ଦ୍ର; ପୁରୁଷଚନ୍ଦ୍ର ଇତ୍ୟାଦି ।)
୧୧ । ଚନ୍ଦ୍ରବିନ୍ଦୁ (ଦେଖ)
11. Chandrabindu (See)
୧୨ । ରକ୍ତବର୍ଣ୍ଣ ମୁକ୍ତା (ହି. ଶବ୍ଦସାଗର)—12. Red pearl.

ଦେ. ବି—୧ । ଚନ୍ଦ୍ରଶେଖରର ଡାକ ନାମ—
1. Name for calling Chandraśekhara.
୨ । ସ୍ୱର୍ଣ୍ଣ ବା ରୌପ୍ୟମୁଦ୍ରା—
2 Gold or silver coin.
ଏହା ଶୁଣି ଅତି ହରଷ ପୁରୁଷ ଲକ୍ଷେ ଚନ୍ଦ୍ର ଦେଇ ତାହାକୁ—
ଭଞ୍ଜ. ପ୍ରେମସୁଧାନିଧି ।
୩ । ଗାପକଳାରେ କଇଁଥଅଠା ମିଶାଇ ଗଞ୍ଜପାସାରେ ରଙ୍ଗ ଦେବା ନିମନ୍ତେ ବ୍ୟବହୃତ କଳାରଙ୍ଗ—3. Black paint used for dying Gañjapā cards.
୪ । (ବଣିଆ ଶବ୍ଦ) ସ୍ତ୍ରୀ ମସ୍ତକରେ ଅର୍ଦ୍ଧଚନ୍ଦ୍ରାକୃତି ରୂପା ବା ସୁନାର ଅଳଙ୍କାରବିଶେଷ—4. A gold or silver ornament for the head, shaped like a crescent.
୫ । ବଙ୍ଗାଳି ବଣିଆଙ୍କ ବଂଶୋପାଧିବିଶେଷ—
5. A family-title of Bengalee goldsmiths.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ସ	ଙ୍କ	ଉଦ୍ୟ	ଊଃ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଉଅ	ଡ଼	ନ୍ତ

୬। ଚେନାବ୍ ନଦୀର ଉତ୍ପତ୍ତିସ୍ଥଳରୁ ବାହାରିବା ଅଂଶର ନାମ—6 Name of the part of the river Chenab near its source.

ସଂ. ବିଣ—ଆହ୍ଲାଦକର—Delightful.

[ଦ୍ର—ଚନ୍ଦ୍ର ଶ୍ରେଷ୍ଠତାବାଚକ ଥିବାରୁ ବ୍ୟକ୍ତିମାନଙ୍କ ନାମ ପରେ ଯୁକ୍ତ ହୁଏ । ଯଥା—ରାମଚନ୍ଦ୍ର, କୃଷ୍ଣଚନ୍ଦ୍ର, ଗୌରଚନ୍ଦ୍ର, ଯଶୋଦଚନ୍ଦ୍ର, ଶିବଚନ୍ଦ୍ର, ଶମ୍ଭୁଚନ୍ଦ୍ର, କୈଳାଶଚନ୍ଦ୍ର, ନବଦ୍ୱୀପଚନ୍ଦ୍ର ଇତ୍ୟାଦି ।]

ଚନ୍ଦ୍ରଉଦଅ—ଦେ.ବି. (ସଂ. ଚନ୍ଦ୍ର ଓ ଉଦୟ)—ବାଣବିଶେଷ; ଯେଉଁ ବାଣକୁ Chandra-udiā ଜାଳିଲେ ଚନ୍ଦ୍ରୋଦୟ ହେଲା ଭଳି ଧଳା ଆଲୋକ ରଣମସାଲ ଦେଖାଯାଏ; ମହତାପ—A firework emitting **महताबी** white light; the Bengal Lights.

କୁବେଲ ରମର ସହସ୍ରେ ପଡ଼େ
ଚନ୍ଦ୍ରଉଦଅ ଦାଉ ଦାଉ ଝଡ଼େ—ପ୍ରାଚୀ. ଉତ୍ସବମଣ୍ଡପ ।

ଦେ. ବିଣ—ଚନ୍ଦ୍ର ପରି ସୁନ୍ଦର ଓ ଉଜ୍ଜ୍ୱଳ—
Lovely and bright like the moon; moonlike.

ଚନ୍ଦ୍ରକ—ସଂ. ବି. (ଚନ୍ଦ୍ର+ତୁଲ୍ୟାର୍ଥେ. କ)—୧ । ମୟୂରଚନ୍ଦ୍ରିକା—
Chandraka 1. The circular spot or eye on the tail-feather of the peacock.

୨ । ମଣ୍ଡଳ; ବଳୟ; ମୁଦି—2. A circular thing; a circular ring shaped like the moon (M. W.).

୩ । ଚନ୍ଦ୍ରମଣ୍ଡଳ—3. The orb of the moon.

୪ । (+ସ୍ୱାର୍ଥେ. କ) ଚନ୍ଦ୍ର—4. The moon.

୫ । ନଖ—5. Finger-nail.

୬ । ଟଙ୍କାଗୁଣ୍ଡିମାଛ—
6. A small circular freshwater-fish.

୭ । ଚନ୍ଦ୍ରକିରଣ (ଦ୍ର. ଶବ୍ଦସାଗର)—
7. Moon's rays.

୮ । ଧଳା ମରିଚ (ଦ୍ର. ଶବ୍ଦସାଗର)—
8. White pepper.

୯ । ମାଲକୋଶ ରାଗର ପୁତ୍ର ରାଗିଣୀବିଶେଷ(ଦ୍ର.ଶବ୍ଦସାଗର)—
9. Name of a secondary musical air.

୧୦ । ଗୋଲମରିଚ—
10. Black pepper (M. W.)

ଚନ୍ଦ୍ରକ ଚୂଳ—ସଂ. ବି. (ଚନ୍ଦ୍ରକ+ଚୂଳ)—
Chandraka chūḻa ମସ୍ତକ ଉପରେ ଅଳଙ୍କାର ରୂପେ ବ୍ୟବହୃତ ମୟୂରପୁଚ୍ଛର ଗୁଚ୍ଛ—Tail-feathers of the peacock tied into a bunch and put on the head as an ornament.

ଚନ୍ଦ୍ରକଚୂଳ ଶିର ବେଶେ । ପ୍ରାଚୀ. ପୂର୍ଣ୍ଣତମଚନ୍ଦ୍ରୋଦୟ

ଚନ୍ଦ୍ରକଳା—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+କଳା)—
Chandrakaḻā ୧ । ପୂର୍ଣ୍ଣ ଚନ୍ଦ୍ରର ୧୬ ଅଂଶର ଏକାଂଶ; ଚନ୍ଦ୍ରମଣ୍ଡଳର ଷୋଡ଼ଶ ଭାଗର ଏକ ଭାଗ—
1. One of the 16 parts of a full moon; a digit of the moon's orb.

ଝୁରେ ଯେସନ୍ତେ ଚନ୍ଦ୍ରକଳା ଅଦର୍ଶନେ କୁମୁଦାକର ।
ରାଧାନାଥ. ଉଷା ।

[ଦ୍ର—ଚନ୍ଦ୍ରଙ୍କର ଷୋଡ଼ଶ କଳାର ନାମ—ପୂଷା, ଯଶା, ସୁମନସା, ରତି, ପ୍ରାପ୍ତି, ଧୃତି, ଋଦ୍ଧି, ସୌମ୍ୟା, ମରୀଚି, ଅଂଶୁମାଳିନୀ, ଅଙ୍ଗିରା, ଶଶିନୀ, ଛାୟା, ସମ୍ପୂର୍ଣ୍ଣମଣ୍ଡଳା, ତୁଷ୍ଟି ଓ ଅମୃତା ।]

୨ । ଚନ୍ଦ୍ରମଣ୍ଡଳରେ ଦେଖାଯିବା କଳଙ୍କ—
2. Spots on the moon's disc.

୩ । ସ୍ୱର୍ଗବେଶ୍ୟାବିଶେଷ—
3. Name of a heavenly nymph.

କମଳ ଦଳକୁ ଜୁଇଁ, କଳସ୍ତ୍ରୀ ଚନ୍ଦ୍ରକଳା ହୋଇ ।
ଉପେ. ବୈଦେହୀଶବିଳାସ ।

୪ । ଚନ୍ଦ୍ରକିରଣ (ଦ୍ର. ଶବ୍ଦସାଗର)—
4. Moon's rays.

୫ । ଛୋଟ ଢୋଲ (ଦ୍ର. ଶବ୍ଦସାଗର)—
5. A small drum.

୬ । ସଙ୍ଗୀତର ତାଳବିଶେଷ—
6. Name of a musical measure or cadence.

ଦେ. ବି—୧ । କବିସୂର୍ଯ୍ୟଙ୍କ ସମକାଳୀନ ଜଳନ୍ତର ରାଜାଙ୍କର ପାଳିତା କନ୍ୟା—1. Name of a girl brought up by the Raja of Jaḻantara who was the patron of the Oria poet Kabisūrjya.

୨ । କବିସୂର୍ଯ୍ୟଙ୍କ ଦ୍ୱାରା ଲାବଣ୍ୟବତୀ କାବ୍ୟର ଅନୁକରଣରେ ଲିଖିତ ଓ ଜଳନ୍ତରର ରାଜା ରାମଚନ୍ଦ୍ରଙ୍କର ନାମରେ ଭଣିତ ଅସମ୍ପୂର୍ଣ୍ଣ କାବ୍ୟବିଶେଷ—2. Title of an unfinished Oria poem by poet Kabisūrjya.

ଚନ୍ଦ୍ରକାନ୍ତ—ସଂ.ବି. (ବହୁବ୍ରୀହି; ଚନ୍ଦ୍ର ଅଟେ କାନ୍ତ ଅର୍ଥାତ୍ ପ୍ରିୟ ଯାହାର)—
Chandrakānta ୧ । କାଳ୍ପନିକ ମଣିବିଶେଷ—
ସଂ. ଚନ୍ଦ୍ରମଣି, ଚନ୍ଦ୍ରୋପଲ, ଚନ୍ଦ୍ରକାନ୍ତ
1. A fabulous gem; the moon-stone; jasper.

[ଦ୍ର—କଥିତ ଅଛି ଯେ ଏହା ଚନ୍ଦ୍ରକିରଣ ସ୍ପର୍ଶରେ ଦ୍ରବୀଭୂତ ହୁଏ । ବୋଧହୁଏ ଏହାକୁ ରାତିରେ ପଦାରେ ରଖିଲେ ଏହା ଉପରେ ଶିଶିରବିନ୍ଦୁ ପଡ଼ିବାରୁ ଏହା ତରଳିଯିବା ପରି ଦେଖାଯାଏ ।]

୨ । ଚନ୍ଦନ କାଠ—2. Sandal wood.

୩ । (ବହୁବ୍ରୀହି) କୁମୁଦ—3. Water lily.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବିଣ—ଚନ୍ଦ୍ର ପରି ସୁନ୍ଦର—
Beautiful or charming as the moon.

ଦେ. ବି. ପୁଂ (ନାମ)—ଲୋକଙ୍କ ନାମ—
Name given to males.

ଚନ୍ଦ୍ରକାନ୍ତା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ବହୁବ୍ରୀହି; ଚନ୍ଦ୍ର + କାନ୍ତ + ସ୍ତ୍ରୀ. ଆ)—୧ । ଜ୍ୟୋତ୍ସ୍ନା—
Chandrakāntā
1. Rays of the moon; moon-light.
୨ । ରାତ୍ରି—2. Night.
୩ । ତାରକା—3. Star.
୪ । ଔଷଧି—4. Herbs.
୫ । ଚନ୍ଦ୍ରପତ୍ନୀ—5. The wife of the moon-god.
୬ । ଲକ୍ଷ୍ମଣଙ୍କ ପୁତ୍ର ଚନ୍ଦ୍ରକେତୁଙ୍କ ରାଜଧାନୀ—
6. Name of the capital of the ancient King Chandraketu.

ଚନ୍ଦ୍ରକାନ୍ତି—ସଂ. ବି. (ବହୁବ୍ରୀହି; ଚନ୍ଦ୍ର + କାନ୍ତି)—
Chandrakānti ୧ । ରଜତ; ରୂପା; ଚାନ୍ଦି—1 Silver.
୨ । ଶୁକ୍ତି; ସାମୁକା—2. Oyster.
ସୂତ୍ର-ଲମ୍ବିତ ଚନ୍ଦ୍ରକାନ୍ତି ଦକର । ରାଧାନାଥ. ମେଘଦୂତ ।
୩ । (୬ଷ୍ଠୀ ତତ୍) ଚନ୍ଦ୍ରଙ୍କ ଜ୍ୟୋତିଃ—
3. The brightness of the moon.

ଦେ. ବି—ମିଷ୍ଟାନ୍ନବିଶେଷ—
A kind of sweetmeat.
ଚନ୍ଦ୍ରକାନ୍ତି, ଝିଲ୍ଲି, ନାଡ଼ୁକା ସୁଶୋଭନ । ଅଭିମନ୍ୟୁ. ବଦଗ୍ଧଚିନ୍ତାମଣି ।

ଚନ୍ଦ୍ରକୀ—ସଂ. ବି. (ଚନ୍ଦ୍ରକ + ଇନ୍; ୧ମା. ୧ବ.)—ମୟୂର—
Chandrakī Peacock.

ଚନ୍ଦ୍ରକିତ—ସଂ. ବିଣ. (ଚନ୍ଦ୍ରକ + ଯୁକ୍ତାର୍ଥେ ଇତ; ଭୂଲ. ତାରକିତ; କଣ୍ଟକିତ)—ଚନ୍ଦ୍ରପରି ଉଜ୍ଜ୍ୱଳ ଗୋଲଗୋଲ ଚିହ୍ନବିଶିଷ୍ଟ—Furnished with myriads of brilliant moonlike spots (M. W.).
Chandrakita

ଚନ୍ଦ୍ରକେତୁ—ସଂ. ବି. (ନାମ)—ଲକ୍ଷ୍ମଣଙ୍କର ଏକ ପୁତ୍ର—
Chandraketu Name of a son of Lakshmaṇa.

ଚନ୍ଦ୍ରକ୍ଷୟ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+କ୍ଷୟ)—୧ । ଅମାବାସ୍ୟା—
Chandrakshaya The newmoon day.
୨ । ଯେଉଁ ତିଥିରେ ପୂର୍ଣ୍ଣ ଅମାବାସ୍ୟା ଥାଏ, ଅର୍ଥାତ୍ ଚନ୍ଦ୍ର ଆଦୌ ଦେଖାଯାଏ ନାହିଁ—2. The night when the moon is not at all seen.

ଚନ୍ଦ୍ରଗୁପ୍ତ—ସଂ. ବି. (ନାମ)—ଚିତ୍ରଗୁପ୍ତ (ଦେଖ)
Chandragupta Chitragupta (See)
ଦେ. ବି—୧ । ଗ୍ରୀକ୍ ମହାବୀର ସିକନ୍ଦରଙ୍କ ସମସାମୟିକ ଓ ଖ୍ରୀ: ପୂ: ଚତୁର୍ଥ ଶତାବ୍ଦୀର ଭାରତସମ୍ରାଟ—An emperor of India (whose capital was Magadha), a contemporary of Alexander the Great.

[ଦ୍ର—ଏ ମଗଧ ଦେଶର ପ୍ରଥମ ମୌର୍ଯ୍ୟବଂଶୀ ରାଜା । ପାଟଳୀପୁତ୍ର ଏହାଙ୍କ ରାଜଧାନୀ ଥିଲା । ଏ ବଲ୍‌ଖ୍ ରାଜ୍ୟର ଗ୍ରୀକ୍‌ରାଜା ସେଲ୍ୟୁକସଙ୍କୁ ଜୟ କରି ତାଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ଏ ରାଜା ମହାପଦ୍ମ ନନ୍ଦଙ୍କର ମୁରାନାମ୍ନୀ ରକ୍ଷିତା ଦାସୀର ପୁତ୍ର ଥିଲେ । ଚାଣକ୍ୟଙ୍କ କୂଟନୀତି ସାହାଯ୍ୟରେ ଏ ମହାନନ୍ଦଙ୍କୁ ମାରି ନନ୍ଦବଂଶୀୟମାନଙ୍କର ଉଚ୍ଛେଦସାଧନ କରି ମଗଧରାଜସିଂହାସନ ଅଧିକାର କଲେ । ବିଶାଖଦତ୍ତଙ୍କ ସଂସ୍କୃତ ମୁଦ୍ରାରାକ୍ଷସ ନାଟକ ଏହାଙ୍କୁ ଲକ୍ଷ୍ୟ କରି ରଚିତ; ଏ ବିଶେଷ ପ୍ରତାପୀ ଥିଲେ ଓ ପଞ୍ଜାବରୁ ଯବନମାନଙ୍କୁ ବିତାଡ଼ିତ କରିଥିଲେ । ଏ ଖ୍ରୀ: ପୂ: ୩୨୭ ରେ ସିଂହାସନ ଆରୋହଣ କରି ୨୪ ବର୍ଷ ରାଜତ୍ୱ କରିଥିଲେ । ଗ୍ରୀକ୍‌ମାନେ ଏହାଙ୍କୁ 'ସାନ୍ଦ୍ରାକୋଟସ୍' ନାମରେ ଡାକୁଥିଲେ ।]

୨ । ୪ର୍ଥ ଶତାବ୍ଦୀର ଗୁପ୍ତ ବଂଶର ଜଣେ ପ୍ରତାପୀ ରାଜା—
2. Name of a powerful king of the Gupta Dynasty.

[ଦ୍ର—ଏହାଙ୍କୁ କେହିକେହି ବିକ୍ରମ ବା ବିକ୍ରମାଦିତ୍ୟ କହନ୍ତି । ଏ ୩୧୮ ଖ୍ରୀଷ୍ଟାବ୍ଦରେ ସମସ୍ତ ଉତ୍ତରଭାରତରେ ସାମ୍ରାଜ୍ୟ ସ୍ଥାପିତ କରିଥିବାର ଶିଳାଲିପିରୁ ଜଣାଯାଉଅଛି । କେହିକେହି ଅନୁମାନ କରନ୍ତି ଯେ ଏ ଗୁପ୍ତସଂବତ୍ ଚଳାଇ ଥିଲେ । (ଏହାଙ୍କ ରାଣୀ କୁମାରୀ ଦେବୀ) ।]

୩ । ଉପରୋକ୍ତ ଚନ୍ଦ୍ରଗୁପ୍ତଙ୍କ ପୁତ୍ର ସମୁଦ୍ରଗୁପ୍ତଙ୍କ ପୁତ୍ର—
3. Name of the grandson of the above Chandragupta.

[ଦ୍ର—ଏହାଙ୍କର ଅନ୍ୟ ନାମ ବିକ୍ରମାଙ୍କ ବା ଦେବରାଜ । ଏ ନେପାଳ ରାଜକନ୍ୟା ଧ୍ରୁବଦେବୀଙ୍କୁ ବିବାହ କରିଥିଲେ । ଏ ଖ୍ରୀ: ୪୦୦ ଠାରୁ ୪୧୩ ପର୍ଯ୍ୟନ୍ତ ରାଜତ୍ୱ କରି ଦିଗ୍ୱିଜୟ କରି ଅନେକ ଦେଶରେ କୀର୍ତ୍ତିସ୍ଥାପନ କରିଥିବାର ଶିଳାଲେଖରୁ ଜଣାଯାଏ ।
(ହି. ଶବ୍ଦସାଗର)]

ଚନ୍ଦ୍ରଗୃହ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଗୃହ)—(ଜ୍ୟୋତିଷ)କର୍କଟରାଶି—
Chandragṛuha The zodiacal sign of Cancer.

ଚନ୍ଦ୍ରଗ୍ରହଣ—ସଂ. ବି. (୬ଷ୍ଠୀ ତତ୍; ରାହୁଦ୍ୱାରା ଚନ୍ଦ୍ରଙ୍କର ଗ୍ରହଣ)—
Chandragrahaṇa ରାହୁ ବା ପୃଥିବୀର ଛାୟାଦ୍ୱାରା ଚନ୍ଦ୍ରଙ୍କର ଆଚ୍ଛାଦନ—Lunar eclipse.

ଚନ୍ଦ୍ରଚଞ୍ଚଳ—ସଂ. ବି—ଏକପ୍ରକାର ମାଛ; (ହି. ଖରସା) ଖୁରୁସାଣ ମାଛ—
Chandrachañchaḷa A kind of freshwater-fish.

ଚନ୍ଦ୍ରଚଳନ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର + ଚଳନ)—
Chandrachaḷana (ଜ୍ୟୋତିଷ) ଚନ୍ଦ୍ରଙ୍କର ଏକରାଶିରୁ ଅନ୍ୟ ରାଶିକୁ ଗତି—(Astrology) The motion of the moon from one zodiacal sign to another.

ଚନ୍ଦ୍ରଚାଳକ—ଦେ. ବି. (ସଂ. ଚନ୍ଦ୍ରଚାଳନ)—(କାମଶାସ୍ତ୍ର) ଭିନ୍ନଭିନ୍ନ ତିଥିରେ
Chandra chāḷaka ସ୍ତ୍ରୀମାନଙ୍କ ଅଙ୍ଗର ଭିନ୍ନଭିନ୍ନ ଅଂଶରେ ଥିବା

୧	ଇ	ଉ	ର୍,ଋ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍ଖ	ଇଂସ୍ର	ଉଅ	ଢ
୨	ଈ	ଊ	ରୁ	ଲ୍ଲୁ	ଚ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସଂ	ଗଂ୍ୟ	ଇଅ	୭	ନ୍ଦୃ

'ଚନ୍ଦ୍ର'ଙ୍କୁ କାମଶାସ୍ତ୍ରୋକ୍ତ ବିଧିଦ୍ୱାରା ଉତ୍ତେଜିତ କରି କାମୋପଭୋଗ କରିବା ବିଧି—Titillation of a particular limb of a woman on a particular day of the lunar fortnight by a lover, by which she becomes very excited.

ଚନ୍ଦ୍ରଚାଳନ—ସଂ. ବି—(୬ଷ୍ଠୀ ତତ୍; ଚନ୍ଦ୍ର+ଚାଳନ)—
Chandra chā̱lana ଚନ୍ଦ୍ରଚାଳକ (ଦେଖ)
Chandra chā̱laka (See).

ଚନ୍ଦ୍ରଚାଳିବା—ଦେ. କ୍ରି—ସ୍ତ୍ରୀମାନଙ୍କ ଭିନ୍ନ ଭିନ୍ନ ଅଙ୍ଗରେ ଭିନ୍ନ ଭିନ୍ନ
Chandra chā̱libā ତିଥିରେ ଅବସ୍ଥିତ 'ଚନ୍ଦ୍ର'ଙ୍କୁ କାମଶାସ୍ତ୍ରୋକ୍ତ ବିଧିଦ୍ୱାରା ଚଳାଇବା—To titillate the different parts of the body of a woman on different days of the fortnight.

ନିତି ନିଧୁବନେ ଅନେକ ବିଧାନେ କେତେ ଚନ୍ଦ୍ର ଥାଇ ଚାଳି ।
କବିସୂର୍ଯ୍ୟ. ସଙ୍ଗୀତ ।

ଚନ୍ଦ୍ରଚୂଡ଼—ସଂ. ବି (ବହୁବ୍ରୀହି; ଚନ୍ଦ୍ର ଚୂଡ଼ାରେ ଯାହାର; ଚନ୍ଦ୍ରଙ୍କୁ ମସ୍ତକରେ
Chandrachū̱ṟḏa ଧରିଥିବା ଯୋଗୁଁ)—୧ । ମହାଦେବ —
1. God Śiba (lit. moon-crested).
୨ । ପର୍ବତବିଶେଷ—2. Name of a mountain.

ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବ—ଦେ. ବି (ନାମ)—
Chandrachū̱ṟḏā̱maṉi harichandana jagadeba
ଗଞ୍ଜାମ ସୁରଙ୍ଗୀ ରାଜ୍ୟର ସ୍ୱର୍ଗୀୟ ରାଜା । ଏ 'ମାତୃପୂଜା' 'ସଙ୍ଗୀତସର୍ବସ୍ୱ' ଓ 'ଦଶମହାବିଦ୍ୟା' ଆଦି ପୁସ୍ତକମାନ ଲେଖିଅଛନ୍ତି (ତାରଣୀ-ଉତ୍କଳସାହିତ୍ୟର ଇତିହାସ) । ଏ ଇଉରୋପ ଭ୍ରମଣ କରି 'ପାଶ୍ଚାତ୍ୟଭ୍ରମଣ' ଓ ଅନେକ-ଗୁଡ଼ିଏ କବିତା ରଚନା କରିଥିଲେ—
Name of the late Raja of Surangi in the district of Ganjam.

ଚନ୍ଦ୍ରଚୋର ବାହିନୀପତି—ଦେ. ବି (ନାମ)— ମୋଗଲ ବାଦଶାହା
Chandrachora bāhinīpati ଅକବରଙ୍କ ରାଜତ୍ୱକାଳର ପୁରୀ
(ଚନ୍ଦ୍ରଚୋରଗୁରୁ—ଅନ୍ୟ ନାମ) ଜିଲ୍ଲା ବୀରହରେକୃଷ୍ଣପୁର ପ୍ରଗଣାର ବୀର-ନରସିଂହପୁର ଶାସନର ଜଣେ ପ୍ରସିଦ୍ଧ ତାନ୍ତ୍ରିକ ବ୍ରାହ୍ମଣ—
Name of a Brahman Pandit of Puri district in the reign of Akbar, who is reputed to have acquired supernatural powers by Tantric exercises.

[ଦ୍ର—ଏ ଅକବର ବାଦଶାହାଙ୍କ ଦରବାରରେ ତନ୍ତ୍ରବଳରେ ଆଶ୍ଚର୍ଯ୍ୟଜନକ ଶକ୍ତି ଦେଖାଇଥିଲେ । କଥିତଅଛି ଦିନେ ପୂର୍ଣ୍ଣିମାଦିନ ରାଜସଭାରେ ଏ କହିପକାଇଲେ ଯେ ଆଜି ଅମାବାସ୍ୟା ଅଟେ । ଏହା ଦେଖି ସଭାପଣ୍ଡିତମାନେ ହସିଲେ । ଏଥିରେ ଏ ଲଜ୍ଜିତ ହୋଇ ବସାକୁ ଫେରିଆସି ଇଷ୍ଟଦେବୀଙ୍କ ଧ୍ୟାନ କରି ଏହି ବର ମାଗିଲେ ଯେ "ଆଜି ଚନ୍ଦ୍ର ଉଦୟ ହେବେ ନାହିଁ" । ଏଥିରେ ଦେବୀ ରାଜି ହୋଇ ଚନ୍ଦ୍ରୋଦୟ ପୂର୍ବରୁ ଚନ୍ଦ୍ରଙ୍କୁ ଘେନିଆସି ଏହାଙ୍କ ବସାରେ ହାଣ୍ଡିତଳେ ଲୁଚାଇଦେଲେ । ଏଣେ ସନ୍ଧ୍ୟାବେଳେ ଚନ୍ଦ୍ର ଉଦୟ ନ ହେବାରୁ ବାଦଶାହା ଆଶ୍ଚର୍ଯ୍ୟାନ୍ୱିତ ହୋଇ ଏହାଙ୍କୁ ଡକାଇ ପଠାଇଲେ ଓ ଏହାଙ୍କର ଏହି ଅସାଧାରଣ କ୍ଷମତା ଯୋଗୁଁ ଏହାଙ୍କୁ ପୁରସ୍କୃତ ଓ ସମ୍ମାନିତ କଲେ । ଏହାଙ୍କ ଭାଇଙ୍କ ନାମ ବଣି ପାଢ଼ୁଣୀ ।]

ଚନ୍ଦ୍ରଝଲକା—ଦେ. ବି—୧ । ଚନ୍ଦ୍ରକିରଣ—
Chandrajhalakā 1. The rays of the moon.
(ଚନ୍ଦ୍ରଝଲକ—ଅନ୍ୟରୂପ) ୨ । ମୁଣ୍ଡର ଅଳଙ୍କାରବିଶେଷ—
2. An ornament for the head.

ତଥିତ ଚନ୍ଦ୍ରଝଲକାବନ୍ତ କି ମାଧୁରୀ—ଭଞ୍ଜ. ବୈଦେହୀଶବିଳାସ ।

ଚନ୍ଦ୍ରଝୁମ୍ପା—ଦେ. ବି—ସ୍ତ୍ରୀମାନଙ୍କ ମୁଣ୍ଡର ଚଳିରିଭୁଣ୍ଡିରେ ଲାଗିଥିବା
Chandrajhumpā ଚନ୍ଦ୍ରାକାର ଝୁମ୍ପା—
A kind of pendant for the chignon.

କେ ବୋଲେ ଚନ୍ଦ୍ରଝୁମ୍ପା ମୁକୁତା ପ୍ରକାଶେ—କୃଷ୍ଣସିଂହ. ମହାଭାରତ. ବନ ।

ଚନ୍ଦ୍ରଝୁମ୍ପି—ଦେ. ବି—୧ । ଚନ୍ଦ୍ରଝୁମ୍ପା (ଦେଖ)
Chandrajhumpi Chandrajhumpā (See).

ବନ୍ଧୁ ଚନ୍ଦ୍ରଝୁମ୍ପି ଝିଲମିଲକା—ଭଞ୍ଜ. ବୈଦେହୀଶବିଳାସ ।

୨ । ଉପର କାନରେ ପିନ୍ଧାଯିବା ଅର୍ଦ୍ଧଚନ୍ଦ୍ରାକାର ଫାସିଆ—
2. A kind of crescent-shaped ear-ring for the upper ear.

ଚନ୍ଦ୍ରଦୀପ—ଦେ ବି—ରାତିରେ ଚାଲିବା ବେଳେ ବାଟ ସ୍ପଷ୍ଟରୂପେ
Chandradīpa ଦେଖାଯିବା ଉଦ୍ଦେଶ୍ୟରେ ବ୍ୟବହୃତ ଉଜ୍ଜ୍ୱଳ କିରଣଯୁକ୍ତ ପ୍ରଦୀପ ବା ଲଣ୍ଠନ—
A bright lamp or lantern used to show the way during the night.

ଚନ୍ଦ୍ରକାବଲ୍ଗନ ରଜନୀକାଳେ, ଗୃହନୀ ସୋପାନ ଉଠିବାବେଳେ ।
ଚନ୍ଦ୍ରଦୀପ ତା ସମ୍ମୁରେ ନ ଥିଲେ, ଚେତନା ମୋ ଦେହେ ନ ଥାଇ ଭଲେ ।
କବିସୂର୍ଯ୍ୟ. କଳାକଳଭୂକ ।

ଚନ୍ଦ୍ରଦ୍ୱୀପ—ସଂ. ବି.—ହିନ୍ଦୁଶାସ୍ତ୍ରୋକ୍ତ ୧୧ ଦ୍ୱୀପ ମଧ୍ୟରୁ ଏକତମ—
Chandradwīpa One of the 11 islands mentioned in Hindu mythology.
[ଦ୍ର—ଶ୍ୱେତଦ୍ୱୀପ ତଳେ ନୋଟ ଦେଖ]

ଚନ୍ଦ୍ରନେତ୍ର—ଦେ. ବି.—ରାମାୟଣୋକ୍ତ ରାକ୍ଷସବିଶେଷ—
Chandranetra Name of a demon.

ବଧିଲୁତ ବାଳପ୍ରକ ଜ୍ୟୋତିମ୍ମାଳ ଚନ୍ଦ୍ରନେତ୍ର ମୋଚକର୍ଷେ ପାବନ ଶର୍ଦ୍ଦୂଳ ।
ଭଞ୍ଜ. ବୈଦେହୀଶବିଳାସ ।

ଚନ୍ଦ୍ରପ୍ରଭ—ସଂ. ବଣ. ପୁଂ.—(ବହୁବ୍ରୀହି; ଚନ୍ଦ୍ର+ପ୍ରଭା)—ଚନ୍ଦ୍ରଙ୍କ ପରି
Chadraprabha ସୁନ୍ଦର—Beautiful like the moon.
(ଚନ୍ଦ୍ରପ୍ରଭା—ସ୍ତ୍ରୀ)

ଚନ୍ଦ୍ରପ୍ରଭା—ସଂ. ବି. ସ୍ତ୍ରୀ.—(୬ଷ୍ଠୀ ତତ୍; ଚନ୍ଦ୍ର+ପ୍ରଭା)—୧ । ଜ୍ୟୋତ୍ସ୍ନା—
Chandraprabhā 1. Moon-light.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନ‌ରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଂ'ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

୨ । ବାକୁଚି (ଦେଖ)
2. Bākuchi (See).

ସଂ. ବିଣ. ସ୍ତ୍ରୀ.—(ବହୁବ୍ରୀହି) ସୁନ୍ଦରୀ (ସ୍ତ୍ରୀ)
Beautiful (woman).

ଚନ୍ଦ୍ରପୃଷ୍ଠ—ସ୍ତ୍ରୀ. ବିଣ. ପୁଂ.—ଯାହାର ଜାନୁ, ଭୁଜ ଓ ହୃଦୟ ମୋଟ ଓ Chandrapṛushṭa ପେଟ କୃଶ ଏବଂ ଯେ ଦିବସରେ ନିଦ୍ରା ଯାଏ ଓ ରସଦ୍ରବ୍ୟ ଭକ୍ଷଣ କରେ—A person who has thick thighs, arms and breast and a thin belly.

ଚନ୍ଦ୍ରପୃଷ୍ଠ ବୋଲି ତାହାକୁ କହି । ପ୍ରାଚୀ. ପରତେ ଗୀତା ।

ଚନ୍ଦ୍ରବଂଶ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର + ବଂଶ)—ଚନ୍ଦ୍ରଙ୍କଠାରୁ ଉତ୍ପନ୍ନ Chandrabaṁśa ଭାରତର ପୁରାତନ ରାଜବଂଶବିଶେଷ; ଯଦୁ ଓ ପୁରୁ ରାଜାଙ୍କ ବଂଶ—Name of an ancient family of kings of ancient India; the Lunar royal race of India.

[ଦ୍ର—ପୁରାଣ ଅନୁସାରେ ଚନ୍ଦ୍ର ବା ସୋମ ଅତ୍ରି ମୁନିଙ୍କ ପୁତ୍ର; ଚନ୍ଦ୍ରଙ୍କ ପୁତ୍ର ବୁଧ; ସୂର୍ଯ୍ୟବଂଶୀୟ ରାଜାଙ୍କ କନ୍ୟା ଇଲାଙ୍କୁ ବୁଧ ବିବାହ କଲେ ଏବଂ ଇଲାଙ୍କ ଗର୍ଭରୁ ଐଳ ବା ପୁରୁରବା ନାମକ ପୁତ୍ର ଜନ୍ମିଲେ । ପୁରୁରବାଙ୍କ ଔରସରେ ଉର୍ବଶୀଙ୍କ ଗର୍ଭରୁ ଆୟୁଃ ନାମକ ପୁତ୍ର ଜନ୍ମିଲେ । ଆୟୁଙ୍କ ପୁତ୍ର ନହୁଷ; ନହୁଷଙ୍କ ପୁତ୍ର ଯଯାତି । ଯଯାତିଙ୍କର ଦୁଇ ପୁତ୍ର ପୁରୁ ଓ ଯଦୁ; ଏ ଦୁହିଙ୍କଠାରୁ ଚନ୍ଦ୍ରବଂଶର ଦୁଇଟି ଶାଖା ହେଲା । ଯଦୁବଂଶରେ କୃଷ୍ଣ, ବଳରାମ ଆଦି ଜନ୍ମିଥିଲେ । ପୁରୁବଂଶରେ ଦୁଷ୍ୟନ୍ତ ଜନ୍ମିଥିଲେ । ଦୁଷ୍ୟନ୍ତଙ୍କ ପୁତ୍ର ଭରତ । ଭରତଙ୍କ ନବମ ବଂଶଧର କୁରୁ ଏବଂ ଚତୁର୍ଦ୍ଦଶ ବଂଶଧର ଶାନ୍ତନୁ । ଶାନ୍ତନୁଙ୍କ ବିବାହିତା ଭାର୍ଯ୍ୟାଗର୍ଭଜାତ ପୁତ୍ର ଭୀଷ୍ମ, ଚିତ୍ରାଙ୍ଗଦ, ବିଚିତ୍ରବୀର୍ଯ୍ୟ ଓ ଦାସୀ ସତ୍ୟବତୀଙ୍କ କାନୀନ ପୁତ୍ର ବ୍ୟାସ । ଭୀଷ୍ମ ଚିରକୁମାର ଥିଲେ । ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ଅପୁତ୍ରକ ହୋଇ ମରିବାରୁ ନିୟୋଗ ବିଧିଦ୍ୱାରା ସେମାନଙ୍କ ବିଧବା ସ୍ତ୍ରୀଙ୍କ ଗର୍ଭରେ ବ୍ୟାସଦେବ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କୁ ଉତ୍ପାଦିତ କଲେ । ଧୃତରାଷ୍ଟ୍ର ଜ୍ୟେଷ୍ଠ କିନ୍ତୁ ଜନ୍ମାନ୍ଧ ଥିବାରୁ ପାଣ୍ଡୁ ରାଜ୍ୟ ପାଇଲେ । ପାଣ୍ଡୁଙ୍କ ଅନ୍ତେ ପାଣ୍ଡୁଙ୍କର ପାଞ୍ଚପୁତ୍ର ରାଜ୍ୟରେ ବସିବାରୁ ଧୃତରାଷ୍ଟ୍ରଙ୍କର ଦୁର୍ଯ୍ୟୋଧନାଦି ଶତ ପୁତ୍ର ରାଜ୍ୟ ଦାବି କଲେ ଓ ମହାଭାରତ ଯୁଦ୍ଧର ସୂତ୍ରପାତ ହେଲା । ଚନ୍ଦ୍ରବଂଶ ପରି ସୂର୍ଯ୍ୟବଂଶ ଭାରତର ଆଉ ଗୋଟିଏ ପ୍ରାଚୀନ ରାଜବଂଶ ରାମଚନ୍ଦ୍ର ସୂର୍ଯ୍ୟବଂଶୀୟ ।]

ଚନ୍ଦ୍ରବଦନ—ସଂ. ବି.—(ଉପମିତ ସମାସ; ଚନ୍ଦ୍ର + ବଦନ)—ଚନ୍ଦ୍ର ପରି Chandrabadana ସୁନ୍ଦର ମୁଖ—Moon-like lovely face.

(ଚନ୍ଦ୍ରବଦନା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଚନ୍ଦ୍ରଙ୍କ ପରି ସୁନ୍ଦର ମୁଖଯୁକ୍ତ (ପୁରୁଷ)—(a male) Having a lovely face like the moon.

ଚନ୍ଦ୍ରବଦନୀ—ସଂ. ବିଣ. ସ୍ତ୍ରୀ. (ସଂ. ଚନ୍ଦ୍ରବଦନା)—ଚନ୍ଦ୍ରମୁଖୀ—Chandrabadanī (a woman) Having a lovely and fair face.

ଚନ୍ଦ୍ରବନ୍ଧନୀ—ଦେ. ବି. (ଗଣିତ)—ଏକପ୍ରକାର ଗାଣିତିକ ସଙ୍କେତ—Chandrabandhanī A sign used in mathematics; simple bracket.

ବନ୍ଧନୀ ତଳେ ନୋଟ ଦେଖ—
See notes under Bandhanī.

ଚନ୍ଦ୍ରବଲ୍ଲରୀ—ସଂ. ବି. ସ୍ତ୍ରୀ. (ଉପମିତ କର୍ମଧାରୟ; ଚନ୍ଦ୍ର ସଦୃଶ ଉଜ୍ଜ୍ୱଳ Chandraballarī ବଲ୍ଲରୀ)—୧ । ସୋମ ଲତା—
1. The Soma creeper.
୨ । ଶାକଲତାବିଶେଷ—2. Ruta Graveolens; a kind of pot-herb (M. W.).

ଚନ୍ଦ୍ରବଲ୍ଲୀ—ସଂ. ବି—୧ । ପସାରୁଣୀ ଲତା—Chandraballī 1. Pæderia Foetida (creeper)(M.W.)
୨ । ମାଧବୀ ଲତା—2. Gærtnera Racemosa (creeper). (M. W.)

ଚନ୍ଦ୍ରବାଡ଼ି—ଦେ. ବି—ଭୟଙ୍କର ବିସୂଚିକା ରୋଗ—Chandrabārḍi Asiatic cholera; a very dangerous kind of cholera.

ଚନ୍ଦ୍ରବାଣ—ସଂ. ବି—ଅର୍ଦ୍ଧଚନ୍ଦ୍ରାକୃତି ବାଣବିଶେଷ; ଯେଉଁ ବାଣର Chandrabāṇa ଫଳକ ଅର୍ଦ୍ଧଚନ୍ଦ୍ରାକୃତି—A kind of
चंद्रबान crescent-bladed arrow.

ଚନ୍ଦ୍ରବାନ୍—ସଂ. ବିଣ (ଚନ୍ଦ୍ର + ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—Chandrabān ୧ । ଚନ୍ଦ୍ରକିରଣ ଦ୍ୱାରା ଆଲୋକିତ—
(ଚନ୍ଦ୍ରବତୀ—ସ୍ତ୍ରୀ) 1 Illuminated by the moon. (M W.)
୨ । (ବୈଦିକ) ଯହିଁରେ ପ୍ରଚୁର ସ୍ୱର୍ଣ୍ଣ ଅଛି—
2. Abounding in gold. (M. W.)

ଚନ୍ଦ୍ରବିନ୍ଦୁ—ସଂ. ବି—ଅନୁନାସିକ ବର୍ଣ୍ଣବିଶେଷ; ବିନ୍ଦୁଯୁକ୍ତ ଅର୍ଦ୍ଧଚନ୍ଦ୍ରାକୃତି ଅକ୍ଷର ँ—A nasal alphabet or adjunct to a letter ँ in Sanscrit and Oria.

ଚନ୍ଦ୍ରବିମ୍ବ—ସଂ. ବି (୬ଷ୍ଠୀ ତତ୍; ଚନ୍ଦ୍ର+ବିମ୍ବ)—ଚନ୍ଦ୍ରମଣ୍ଡଳ (ଦେଖ)—Chandrabimba Chandramaṇḍaḷa (See)

ଚନ୍ଦ୍ରବିମ୍ବା—ଦେ. ବି—ଧବଳ ପୁଷ୍ପବିଶେଷ—Chandrabimbā A kind of white flower

ଶତବର୍ଗ କୁରୁଅକା ଭଙ୍ଗମଲ୍ଲୀ, ମୃଦୁଳା ଏ ଚନ୍ଦ୍ରବିମ୍ବା—ପ୍ରାଚୀ. ରହସ୍ୟମଞ୍ଜରୀ ।

ଚନ୍ଦ୍ରବିହଙ୍ଗମ—ସଂ. ବି (ମଧ୍ୟପଦଲୋପୀ; ଚନ୍ଦ୍ରବତ୍ ଶୁକ୍ଳ ବିହଙ୍ଗମ)—Chandrabihaṅgama ବଗପକ୍ଷୀ—The heron; Ardea Nivea, (M. W.)

ଚନ୍ଦ୍ରବୋଡ଼ା—ଦେ. ବି—ଚନ୍ଦନବୋଡ଼ା (ଦେଖ)—Chandraborḍā Chandanaborḍā (See)

ଚନ୍ଦ୍ରବ୍ରତ—ସଂ. ବି—ଚାନ୍ଦ୍ରାୟଣବ୍ରତ (ଦେଖ)
Chandrabrata Chāndrāyaṇa brata (See)

୧	ଇ	ଉ	ୠ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ତ	ଉ୍ଥ	ଷ୍ଠ
୨	ଈ	ଊ	ଋ	ଌ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଢ଼	ନ୍ଥ

ଚନ୍ଦ୍ରଭଗା—ଗ୍ରା. ବି (ସଂ. ଚନ୍ଦ୍ରଭାଗା)—ଚନ୍ଦ୍ରଭାଗା ୨ (ଦେଖ)—
Chandrabhagā — Chandrabhāgā 2 (See)

ଚନ୍ଦ୍ରଭବନ—ସଂ. ବି—ଚନ୍ଦ୍ରଶାଳା (ଦେଖ)—
Chandrabhabana — Chandraśālā (See)

ବସନ୍ତେ ବନେ ଚନ୍ଦ୍ରଭବନେ ସ୍ବାମୀ ସେବନେ ମୋର,
ପିତବା ଘନସାରରେ ସକ ମାରେ ଜନକ ଘର । ଭକ୍ତ. ପ୍ରେମ-ସୁଧାନିଧି ।

ଚନ୍ଦ୍ରଭାଗ—ସଂ. ବି— ହିମାଳୟର ଶୃଙ୍ଗବିଶେଷ—
Chandrabhāga — Name of a mountain-peak in the Himalayan range.

[ଦ୍ର—ପୁରାଣରେ ଅଛି ଯେ ଏହିଠାରେ ବ୍ରହ୍ମା ଚନ୍ଦ୍ରଙ୍କର ହ୍ରାସ-ବୃଦ୍ଧିର ଭାଗ ନିରୂପଣ କରିଥିଲେ ।]

ଚନ୍ଦ୍ରଭାଗା—ସଂ. ବି. ସ୍ତ୍ରୀ (ଚନ୍ଦ୍ରଭାଗ + ଅ; ଚନ୍ଦ୍ରଭାଗ ପର୍ବତରୁ ଉତ୍ପନ୍ନ)
Chandrabhāgā — ୧ । ସିନ୍ଧୁର ଉପନଦୀବିଶେଷ; ଆଧୁନିକ ଚେନାବ ନଦୀ—1. The Chenab, a tributary of the Indus.

୨ । ଉତ୍କଳର ପୁରୀଜିଲ୍ଲାର ସମୁଦ୍ର ଉପକୂଳସ୍ଥ କୋଣାର୍କ ନିକଟବର୍ତ୍ତୀ ଲୁପ୍ତ ନଦୀ—2. A vanished stream near Koṇārka in the sea-coast of the Puri district.

[ଦ୍ର—ଏହିଠାରେ ମାଘ ଶୁକ୍ଳସପ୍ତମୀରୁ ସ୍ନାନଯୋଗ ପଡ଼ିବାରୁ ବହୁ ସହସ୍ର ଯାତ୍ରୀ ଅରୁଣୋଦୟ ସମୟରେ ବୁଡ଼ ବୁଡ଼ନ୍ତି । ପୂର୍ବେ ଏହା ଗୋଟିଏ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଓ ବନ୍ଦର ଥିଲା ।

ଖୋର୍ଦ୍ଧା ଜିଲ୍ଲା ଓ କଟକ ଜିଲ୍ଲା ଅନ୍ତର୍ଗତ ସାରଙ୍ଗଗଡ଼ ଓ ନୟାଗଡ଼ ମଧ୍ୟସ୍ଥିତ ପର୍ବତ ଓ ତତ୍ପାର୍ଶ୍ବବର୍ତ୍ତୀ ଭୂମିଖଣ୍ଡର ଜଳ ମିଶି ବାରଙ୍ଗ ପୋଲ ଦେଇ ନିମ୍ନଗାମୀ ହେଉଥିଲା । ବାରଙ୍ଗ ନିକଟରେ ଏହାର ଆକାର କ୍ଷୁଦ୍ର, ଦେଖାଗଲେ ମଧ୍ୟ ପୁରୀ ଜିଲ୍ଲା ମଧ୍ୟସ୍ଥିତ ନାନାସ୍ଥାନ ଓ ଶାଖାନଦୀମାନଙ୍କରୁ ଜଳ ଆହରଣକରି ଏହା କ୍ରମେ ବୃହଦାକାର ହୋଇ ସମୁଦ୍ରାଭିମୁଖରେ ଯାଉଥିଲା । କୁଆଭଦ୍ରା ନଦୀର ଜଳ ଏଥିରେ ମିଳିତ ହେଉଥିଲା । ଏହାକୁ ପୂର୍ବେ ପ୍ରାଚୀନଦୀ ବୋଲି କହୁଥିଲେ । ଏହା ଏକ ସୁବିସ୍ତୃତ ଗଭୀର ଓ ବେଗବତୀ ନଦୀ ଥିଲା । ବାଣିଜ୍ୟ ସହାୟେ ନୌକା ସମୂହ ଏଥିରେ ଯାତାୟାତ କରୁଥିଲା । ଚନ୍ଦ୍ରଭାଗାନଦୀ ଏହାର ଏକ ଅଂଶ ଥିଲା । କାଳକ୍ରମେ ପ୍ରାଚୀ ନଦୀର ଆକାର ଓ ଗତି ପରିବର୍ତ୍ତିତ ହୋଇଅଛି । ପ୍ରାଚୀର ଏକଶାଖା (ବର୍ତ୍ତମାନ କାଦୁଅ) ବାହାର ପ୍ରଥମେ ଭଦ୍ରା ଓ କ୍ରମେ ତଦୂର ଯାଇ ଚଡ଼ୋଇକୁଲା ନାମ ଧାରଣ କରି ଅର୍କକ୍ଷେତ୍ର ଦେଇ ସମୁଦ୍ରରେ ପଡ଼ିଥିଲା । ଏହି ଚଡ଼ୋଇକୁଲା ଚନ୍ଦ୍ରଭାଗାର ନାମାନ୍ତର ମାତ୍ର । ଏହା କୋଣାର୍କଠାରେ ଲୁପ୍ତ ହୋଇଅଛି ।

ମଦନ ମୋହନ ଗାର୍ଥଦର୍ଶକ ।]

୩ । କବି ରାଧାନାଥଙ୍କ ଓଡ଼ିଆ କାବ୍ୟଗ୍ରନ୍ଥବିଶେଷ—
3. Name of a poem of poet Radhanath of Orissa.

୪ । ପର୍ଶୁରାମଙ୍କ ଶିଷ୍ୟା ଓ ସୁମନ୍ୟୁଙ୍କ କନ୍ୟା—4 Name of a disciple of Pārśurāma and the daughter of Sumanyu.

ଚନ୍ଦ୍ରଭାଗାଳିକା—ଦେ.ବଣ.ସ୍ତ୍ରୀ—ଅର୍ଦ୍ଧଚନ୍ଦ୍ର ସଦୃଶ ଲଲାଟବିଶିଷ୍ଟା (ସ୍ତ୍ରୀ)—
Chandrabhāgāḻikā — (a woman) Having a crescent-shaped brow.

କଦାଚିତ ବନାନ୍ତେ ନବୀନାମଣି, ଭଲ୍ଲାନ ଚନ୍ଦ୍ରଭାଗାଳିକା ପୁଣି ।
ଭକ୍ତ. ବୈଦେହୀଶବିଳାସ ।

ଚନ୍ଦ୍ରଭାନୁ—ସଂ. ବ. (ନାମ)—ଶ୍ରୀକୃଷ୍ଣଙ୍କ ସ୍ତ୍ରୀ ସତ୍ୟଭାମାଙ୍କର ଦଶ ପୁତ୍ର ମଧ୍ୟରୁ ଏକ—
Chandrabhānu — One of the ten sons of Śrikṛushṇa by Satyabhāmā.

ଦେ. ବ.—୧ । ଶ୍ରୀକୃଷ୍ଣଙ୍କ ସହଚରୀ ଚନ୍ଦ୍ରାବଳୀଙ୍କ ପିତା—
1. The father of Chandrābaḻi.

୨ । ଉପେନ୍ଦ୍ର ଭଞ୍ଜଙ୍କ କଳିତ କାବ୍ୟର ନାୟିକା ଲାବଣ୍ୟବତୀର ସ୍ବାମୀ—2. Name of the husband of Upendrabhañja's Lābaṇyabatī.

ଚନ୍ଦ୍ରଭାସ—ସଂ.ବ. (ଚନ୍ଦ୍ର+ଭାସ୍ ଧାତୁ=ଦୀପ୍ତି ପାଇବା+ଅ;)—
Chandrabhāsa — ଚନ୍ଦ୍ରହାସ ୩ (ଦେଖ)
Chandrahāsa 3. (See)

ଚନ୍ଦ୍ରଭୂତି—ସଂ. ବ. (ବହୁବ୍ରୀହି; ଚନ୍ଦ୍ରପରି ଭୂତି ଯାହାର)—
Chandrabhūti — ରୁପା—Silver.

ଚନ୍ଦ୍ରମ—ଦେ. ବ. (ସଂ. ଚନ୍ଦ୍ରିକା)—ଚନ୍ଦ୍ରକିରଣ; ଜ୍ୟୋତ୍ସ୍ନା—
Chandrama — Moon-light.

ଚନ୍ଦ୍ରମଣି—ସଂ. ବ. (ମଧ୍ୟପଦଲୋପୀ କର୍ମଧାରୟ; ଚନ୍ଦ୍ର + ମଣି)—
Chandramaṇi — ଚନ୍ଦ୍ରକାନ୍ତ ମଣି—The moonstone; a gem.

ଦେ ବ. (ପୁଂ ଓ ସ୍ତ୍ରୀ)—ଲୋକଙ୍କ ନାମ—
A name given to males and females.

ଚନ୍ଦ୍ରମଣି ଦାଶ—ଦେ. ବ. (ନାମ)—ପ୍ରାଚୀନ ଓଡ଼ିଆ କବିବିଶେଷ—
Chandramaṇi dāsa — Name of an ancient Oṛiā poet.

[ଦ୍ର—ଏ ଜାତିରେ ବ୍ରାହ୍ମଣ; ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । 'ସୁଧାସାଗର ଗୀତା' ଏହାଙ୍କ ଦ୍ବାରା ରଚିତ ।
ଚାରଣୀ ଉତ୍କଳସାହିତ୍ୟ ଇତିହାସ ।

ଚନ୍ଦ୍ରମଣି ମହାନ୍ତି—ଦେ. ବ. (ନାମ)—ପ୍ରାଚୀନ କବିବିଶେଷ—
Chandramaṇi mahānti — Name of an ancient poet.

[ଦ୍ର— ଏ କବିଙ୍କ ଲିଖିତ ଗ୍ରନ୍ଥମାନଙ୍କ ମଧ୍ୟରେ 'ହଂସଦୂତ' ପ୍ରଧାନ ।]

ଚନ୍ଦ୍ରମଣ୍ଡଳ—ସଂ.ବ (୬ଷ୍ଠୀ ତତ୍; ଚନ୍ଦ୍ର+ମଣ୍ଡଳ)—୧ । ଚନ୍ଦ୍ରଙ୍କ ଗୋଲାକାର କଳେବର—1. The orb of the moon; the lunar orb.
Chandramaṇḍaḻa

ସାଧାରଣ ଲୋକେ ଅନେକ ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କୁଥ' ନ ମିଳିଲେ 'କୂଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ସମସ୍ତ ସମୟରେ ଚନ୍ଦ୍ରଙ୍କ ଚାରିପାଖେ କିଛିଦୂର ପର୍ଯ୍ୟନ୍ତ ଯେଉଁ ମଣ୍ଡଳାକାର ପ୍ରଭା ଚନ୍ଦ୍ରଙ୍କୁ ବେଷ୍ଟନ କଲାପରି ଦେଖାଯାଏ—2. A halo or circle seen surrounding the moon on some cloudy nights.

ଚନ୍ଦ୍ରମଣ୍ଡଳ ଭିତରେ ବାସ, ମେଘ ବରଷିବ ମୁଷଳଧାର—ଡାକବୃଷ୍ଟିବଚନ ।

ଚନ୍ଦ୍ରମଣ୍ଡଳ ପୁର—ଦେ. ବି—ଚନ୍ଦ୍ରଶାଳାପୁର—
Chandramandala pura — A pleasure-house at the top of a building.

ଚନ୍ଦ୍ରମଣ୍ଡଳପୁର ଛତ୍ର ପଡ଼ିଲା ଦେଖିଲେ ତର ମାଡ଼ଇ—ପ୍ରାଚୀ. ରହସ୍ୟମଞ୍ଜରୀ ।

ଚନ୍ଦ୍ରମଲ୍ଲିକା—ସଂ. ବି (ଭୁଲ. ଫା. ଗୁଲ୍‌ଦାଉଦୀ)—ଏକଜାତୀୟ ବିଲାତୀ
Chandramallikā ବିଦେଶାଗତ ସୁବାସଫୁଲ—Chrysanthemum Indicum.
চন্দ্রমল্লিকা
গুল্‌দাউদী [ଦ୍ର— ଏହା ହେମନ୍ତ କାଳରେ ଫୁଟେ । ଫୁଲର ପରିଧି (ଚନ୍ଦ୍ରମଲ୍ଲୀ—ଅନ୍ୟରୂପ) ୨ ଇଞ୍ଚ ଠାରୁ ୧୨ ଫୁଟ ପର୍ଯ୍ୟନ୍ତ ହୁଏ । ଫୁଲ ଫୁଟିବା ପରେ ଏକମାସ ପର୍ଯ୍ୟନ୍ତ ସତେଜ ରହିପାରେ ।] ।

ଚନ୍ଦ୍ରମହ—ସଂ. ବି—କୁକୁର—
Chandramaha — A dog (M. W.)

ଚନ୍ଦ୍ରମହାଦଶା—ସଂ. ବି (୬ଷ୍ଠୀ ତତ୍; ଚନ୍ଦ୍ର+ମହାଦଶା)—(ଜ୍ୟୋତିଷ)
Chandra mahādaśā ମନୁଷ୍ୟର ଜାତକରେ ଗ୍ରହ ଅବସ୍ଥାନ ଅନୁସାରେ ଗଣନା କରାଯିବା ମନୁଷ୍ୟର ଜୀବନରେ ଚନ୍ଦ୍ରଗ୍ରହ ଭୋଗ କରିବା କାଳ (ଏହାର ପରିମାଣ ୧୦ ବରଷ)—Ten years of the life time of a man when the moon presides over his life.

ଚନ୍ଦ୍ରମହାରାଜା—ଦେ. ବି (ନାମ)—ଗଞ୍ଜାମ ପାରଳାଖେମୁଣ୍ଡିର ସ୍ୱର୍ଗୀୟ
Chandra mahārājā ସେକେଣ୍ଡ୍ ପ୍ରିନ୍ସ (୨ୟ ରାଜକୁମାର) ଶ୍ରୀ ପଦ୍ମନାଭ ନାରାୟଣ ଦେବଙ୍କର ଗଞ୍ଜାମରେ ସୁପରିଚିତ ନାମ ବା ଡାକନାମ—The name by which the late (Second Prince) Padmanābha Nārāyan Deb of Parlakhemedi was popularly known and called.

[ଦ୍ର—ଏ ସାହିତ୍ୟ ଚର୍ଚ୍ଚା, ପଦ୍ୟ, ନାଟକ, ପ୍ରବନ୍ଧଲେଖା ଓ ନାଟ୍ୟକଳାରେ ରତ ଥିଲେ ଓ ସାହିତ୍ୟସେବକମାନଙ୍କୁ ନାନା ପ୍ରକାରେ ସାହାଯ୍ୟ କରି ଉତ୍ସାହିତ କରୁଥିଲେ । ଏହାଙ୍କର ଆଚରଣ ଅତି କରୁଣବ ଥିଲା । ଏ ଅତ୍ୟନ୍ତ ଦୟାଳୁ, ମିଷ୍ଟଭାଷୀ ଓ ଶାନ୍ତ ପ୍ରକୃତିର ଥିଲେ । ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ଏହାଙ୍କର ବାଲ୍ୟକାଳର ଗୃହଶିକ୍ଷକ ଥିଲେ । ଏହାଙ୍କ ଅକାଳ ମୃତ୍ୟୁରେ ଉତ୍କଳାକାଶ ଗୋଟିଏ ଉଜ୍ଜ୍ୱଳ ଗ୍ରହ ହରାଇଲା ।]

ଚନ୍ଦ୍ରମା—ଦେ. ବି (ସଂ. ଚନ୍ଦ୍ରମସ୍ ଶବ୍ଦର ୧ମା. ୧ବ. ଚନ୍ଦ୍ରମାଃ)—
Chandramā ୧ । ଚନ୍ଦ୍ର—1. The moon.

୨ । ସ୍ତ୍ରୀମାନଙ୍କୁ ଦିଆଯିବା ନାମ—
2. A name given to females.

ଚନ୍ଦ୍ରମାଃ—ସଂ. ବି (ଚନ୍ଦ୍ର=କର୍ପୂର+ମସ୍ ଧାତୁ=ତୁଲ୍ୟକରିବା+କ୍ୱିପ୍;
Chandramāh ଯେ କର୍ପୂର ତୁଲ୍ୟ ଶୁଭ୍ର ଜ୍ୟୋତି ଦାନକରେ)—
୧ । ଚନ୍ଦ୍ର—1. The moon.
୨ । ଦେବ ବା ଦାନବରୂପେ କଳ୍ପିତ ଚନ୍ଦ୍ର—2. The moon considered as a Dānaba or Deity (M. W.)
[ଦ୍ର—ଏହା ଅଷ୍ଟବସୁଙ୍କ ମଧ୍ୟରେ ଏକ ।]
୩ । ବିଷ୍ଣୁପୁରାଣୋକ୍ତ ନଦୀବିଶେଷ—1. Name of a river mentioned in Bishnu purāna.

ଚନ୍ଦ୍ରମାଗାର—ଦେ. ବି—୧ । ଚନ୍ଦ୍ରଶାଳାପୁର—
Chandramāgāra 1. A pleasure-house on the top of a building.
୨ । ଦେହରେ ଚନ୍ଦ୍ରାକୃତି ନଖ ଚିହ୍ନ—
2 Crescent shaped scar caused by scratching the body with the finger-nails.

ଅଙ୍ଗ ଯେ ସ୍ଥଳେ ନଖ ଚନ୍ଦ୍ରମାଗାର
ଦେଖୁଛି ତାହା ବସି ଚନ୍ଦ୍ରମାଗାର । ଭଞ୍ଜ. ପ୍ରେମସୁଧାନିଧି ।

ଚନ୍ଦ୍ରମାର୍ଗ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ମାର୍ଗ)—
Chandramārga ୧ । ଚନ୍ଦ୍ର ଯେଉଁ କଳ୍ପିତ ମଣ୍ଡଳାକାର ରେଖାରେ ପୃଥିବୀ ଚାରି ପାଖେ ବୁଲେ—
1. The moon's orbit.
୨ । ବାୟୁମଣ୍ଡଳ—2. The atmosphere. (M. W.)

ଚନ୍ଦ୍ରମାସ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ମାସ)—
Chandramāsa ଗୃହ୍ୟମାନ ମାସ; ଚନ୍ଦ୍ର ପୃଥିବୀର ଚାରି ପାଖରେ ଥରେ ଘୂରି ଆସିବାର କାଳ—Lunar month.

ଚନ୍ଦ୍ରମୁଖ—ସଂ. ବି ଓ ବିଣ—ଚନ୍ଦ୍ରବଦନ (ଦେଖ)
Chandramukha — Chandrabadana (See)
(ଚନ୍ଦ୍ରମୁଖୀ—ସ୍ତ୍ରୀ)

ଚନ୍ଦ୍ରମୁଖୀ—ସଂ. ବି. ସ୍ତ୍ରୀ—୧ । ସ୍ତ୍ରୀ ଜନନେନ୍ଦ୍ରିୟର ଶିରାବିଶେଷ—
Chandramukhī 1. A particular blood-vessel of the vulva (M. W.).
୨ । ସ୍ୱର୍ଗାଙ୍ଗନାବିଶେଷ—
2. Name of a heavenly nymph
୩ । ୧୦ ଅକ୍ଷରବିଶିଷ୍ଟ ୪ ପାଦଥିବା ଛନ୍ଦୋବିଶେଷ—
3. Name of a metre of 4×10 syllables (M. W.)

ଚନ୍ଦ୍ରମୁହିଁ—ଦେ. ବିଣ. ସ୍ତ୍ରୀ. (ସଂ. ଚନ୍ଦ୍ରମୁଖୀ)—ଚନ୍ଦ୍ରପରି ସୁନ୍ଦର ମୁଖ-
Chandramuhiñ ବିଶିଷ୍ଟା (ସ୍ତ୍ରୀ); ସୁନ୍ଦରୀ—(woman) Having a lovely face like the moon; beautiful (woman)

ଏବେ ତ ମୋଠାରୁ ଶୁଣିଲ ଚନ୍ଦ୍ରମୁହିଁ । କୃଷ୍ଣସିଂହ. ମହ.ଭାରତ. ବନ ।

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ୱ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଓ	ନ୍ଦ

ଚନ୍ଦ୍ରମୌଳି—ସ. ବି. (ବହୁବ୍ରୀହି; ଚନ୍ଦ୍ର+ମୌଳି)—
Chandramauli ୧ । ଚନ୍ଦ୍ରଚୂଡ଼ ୧ (ଦେଖ)
1. Chandrachūrda 1 (See)
୨ । ଚନ୍ଦ୍ରମୁଖୀ ୧ (ଦେଖ)
2. Chandramukhī 1. (See)

ଚନ୍ଦ୍ରରତ୍ନ—ସ. ବି—ମୁକ୍ତା; ମୋତି—Pearl (M. W.).
Chandraratna

ଚନ୍ଦ୍ରରେଖା—ସ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଚନ୍ଦ୍ର+ରେଖା)—
Chandrarekhā ୧ । ଶୁକ୍ଳ ପ୍ରତିପଦ ବା ଦ୍ୱିତୀୟା ତିଥିର କ୍ଷୀଣଚନ୍ଦ୍ର—1. The first digit of the moon; the slender moon of the first day of the bright fortnight.
୨ । ବାଣରାଜକନ୍ୟା ଉଷାର ସଖୀ—
1. Name of an attendant or companion of Ushā, daughter of king Bāṇa.
୩ । ଚନ୍ଦ୍ରକିରଣ (ହି. ଶବ୍ଦସାଗର)—3. Moonlight.
୪ । ଗୁଳ୍ମବିଶେଷ—4. Serratula Anthelminthica. (M. W.)
୫ । ଅପ୍ସରୋବିଶେଷ—
5. Name of a heavenly nymph (M. W.)

ଚନ୍ଦ୍ରରେଣୁ—ସ. ବି—ଗ୍ରନ୍ଥଚୌର; ଯେ ପର ଗ୍ରନ୍ଥରୁ ଚୋରି କରି
Chandrareṇu ଆପଣା ଲେଖା ବୋଲି ପରଚୟ ଦିଏ—
A plagiarist.

ଚନ୍ଦ୍ରଲେଖା—ସ. ବି.—୧ । ଚନ୍ଦ୍ରରେଖା (ଦେଖ)
Chandralekhā Chandrarekhā (See)
୨ । ଲତାବିଶେଷ—2. A kind of creeper.
୩ । ପଞ୍ଚଦଶାକ୍ଷର ସଂସ୍କୃତ ଛନ୍ଦୋବିଶେଷ—
3. Name of Sanskrit metre.
୪ । ନଦୀବିଶେଷ—4. Name of a river.

ଚନ୍ଦ୍ରଲୋକ—ସ. ବି.—(୬ଷ୍ଠୀ ତତ୍; ଚନ୍ଦ୍ର+ଲୋକ)—୧ । ସୌର-
Chandraloka ଜଗତରେ ଯେଉଁ ସ୍ଥାନରେ ଚନ୍ଦ୍ର ପୃଥିବୀକୁ ପରି-
ଭ୍ରମଣ କରେ—1. The space of the moon's orbit round the earth.
୨ । ପୁରାଣୋକ୍ତ ସ୍ୱର୍ଗଲୋକବିଶେଷ, ଯହିଁର ଅଧିଷ୍ଠାତା ଚନ୍ଦ୍ର—
2 A heaven or sphere said to be presided over by the moon-god.
୩ । ଚନ୍ଦ୍ର ଉପର ଅଭ୍ୟନ୍ତର ସ୍ଥାନ—3. The place on the face of the planet—moon.

ଚନ୍ଦ୍ରଲୋହକ—ସ. ବି. (ମ. ପ. ଲୋ; ଚନ୍ଦ୍ରପରି ଶୁକ୍ଳ ଲୋହ=ଧାତୁ)
Chandralohaka ରୌପ୍ୟ; ରୁପା—Silver.
ଚନ୍ଦ୍ରଲୌହ } ଅନ୍ୟରୂପ
ଚନ୍ଦ୍ରଲୌହକ

ଚନ୍ଦ୍ରଶାଳା—ସ. ବି.—୧ । ପ୍ରାସାଦ ଉପରସ୍ଥ ଗୃହ; ଶିରୋଗୃହ—
Chandraśāḷā 1 A room at the top of a house or building; a turret at the top of a house.
୨ । ଚନ୍ଦ୍ର କିରଣ (ହି. ଶବ୍ଦସାଗର)—
2. Moonlight (M. W.)

ଚନ୍ଦ୍ରଶିଖର—ସ. ବି.—(ବହୁବ୍ରୀହି; ଚନ୍ଦ୍ର+ଶିଖର)—
Chandraśikhara ଚନ୍ଦ୍ରଚୂଡ଼ (ଦେଖ)
(ଚନ୍ଦ୍ରଶେଖର—ଅନ୍ୟରୂପ) Chandrachūrda (See)
ଦେ. ବି. ପୁଂ.—ଲୋକଙ୍କ ନାମ—
A name given to males.

ଚନ୍ଦ୍ରଶୂର—ସ. ବି—ହାଲିମ (ଦେଖ)
Chandraśūra Hālima (See).

ଚନ୍ଦ୍ରଶେଖର ରାଜଗୁରୁ—ଦେ. ବି—ଜଣେକ ଆଧୁନିକ ଉତ୍କଳୀୟ ବ୍ରାହ୍ମଣ
Chandraśekhara rājaguru ପଣ୍ଡିତ—Name of a modern Oriya Brahman author.
[ଦ୍ର—ଏ ସଂସ୍କୃତ ଭାଷାରେ ଅନେକ କାବ୍ୟ ଓ ନାଟକ ରଚନା କରିଅଛନ୍ତି ।]

ଚନ୍ଦ୍ରଶେଖର ସାମନ୍ତ—ଦେ. ବି—ଉତ୍କଳର ଗଡ଼ଜାତ ଖଣ୍ଡପଡ଼ାର
Chandraśekhara sāmanta ରାଜବଂଶୀୟ ପ୍ରସିଦ୍ଧ ସ୍ୱର୍ଗୀୟ ଜ୍ୟୋତିର୍ବିଦ୍—Name of the late astronomer of Khaṇḍapaṛdā Raj family of Orissa.

[ଦ୍ର—ଏହାଙ୍କର ପୂରାନାମ ମହାମହୋପାଧ୍ୟାୟ ସାମନ୍ତ ଶ୍ରୀ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଏ ତଦାନୀନ୍ତନ ରାଜାଙ୍କର ପିତୃବ୍ୟ ଥିଲେ, କିନ୍ତୁ ଏହାଙ୍କର ସାଂସାରିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଏହାଙ୍କ ପିତା ଶ୍ୟାମବନ୍ଧୁ ଜ୍ୟୋତିଷ ଶାସ୍ତ୍ରରେ ପଣ୍ଡିତ ଥିଲେ । ଚନ୍ଦ୍ରଶେଖର ପିତାଙ୍କଠାରୁ ଜ୍ୟୋତିଷ ଶିକ୍ଷାକଲେ ଓ ପରେ ସଂସ୍କୃତ ଭାଷା ଶିକ୍ଷାକରି ପୁରାତନ ଜ୍ୟୋତିଷ ଗ୍ରନ୍ଥମାନ ଅଧ୍ୟୟନ କରି, ଭାସ୍କରାଚାର୍ଯ୍ୟ ଆଦି ଜ୍ୟୋତିଷାଚାର୍ଯ୍ୟମାନଙ୍କର ପୂର୍ବକାଳର ଗଣନା ଅନୁସାରେ ଗ୍ରହ, ରାଶି ଓ ନକ୍ଷତ୍ରମାନଙ୍କର ଗତି ଓ ସ୍ଥିତି ବଦଳିଥିବାର ସିଦ୍ଧାନ୍ତ କଲେ ଓ 'ସିଦ୍ଧାନ୍ତଦର୍ପଣ' ନାମରେ ଗୋଟିଏ ଉତ୍କୃଷ୍ଟ ଜ୍ୟୋତିଷଗ୍ରନ୍ଥ ସଂସ୍କୃତ ପଦ୍ୟରେ ରଚନାକଲେ । ଦୂରବୀକ୍ଷଣ ଆଦି ବୈଜ୍ଞାନିକ ଯନ୍ତ୍ରମାନଙ୍କର ବିନା ସାହାଯ୍ୟରେ ସାମାନ୍ୟ କେତେଖଣ୍ଡ କାଠି ଓ ସୂତାଦ୍ୱାରା ମାପି ଜ୍ୟୋତିଷ୍କମାନଙ୍କ ସମ୍ବନ୍ଧେ ଏ ଯେଉଁ ତଥ୍ୟମାନଙ୍କରେ ଉପନୀତ ହୋଇଥିଲେ ତାହା ଦେଖି ପାଶ୍ଚାତ୍ୟ ପଣ୍ଡିତମାନେ ବିସ୍ମିତ ହୋଇଥିଲେ । କଟକ କଲେଜର ବିଜ୍ଞାନାଚାର୍ଯ୍ୟ ରାୟବାହାଦୁର ଯୋଗେଶଚନ୍ଦ୍ର ଚନ୍ଦ୍ରଶେଖରଙ୍କ ଅସାଧାରଣ ପ୍ରତିଭା ପ୍ରତି ପାଶ୍ଚାତ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କଲେ । ଚନ୍ଦ୍ରଶେଖରଙ୍କର ଗଣନା ଅନୁସାରେ ନୂତନ ପାଞ୍ଜି ପ୍ରସ୍ତୁତ ହୋଇ ତାହା ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପ ପଣ୍ଡିତସଭାଦ୍ୱାରା ଅନୁମୋଦିତ ହେଲା ଓ ତଦନୁସାରେ ବଡ଼ଦେଉଳର ନୀତିମାନ ଚାଳିତ ହେଲା ।

ସାଧାରଣ ଲେକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାନ୍ତର୍ଗତ କୋଷରେ ତାହା ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ମୃତ୍ୟୁର ଅଳ୍ପକାଳ ପୂର୍ବରୁ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ମହାମହୋପାଧ୍ୟାୟ ଉପାଧି ଓ ମାସିକ ଟ ୫୦୧ ବୃତ୍ତି ଦେଲେ । ଏ ଧର୍ମପ୍ରାଣ ଓ ତପସ୍ୱୀପର ହିନ୍ଦୁ ଥିଲେ । ଏହାଙ୍କ ବିଷୟ ବିଲାତର ବିଖ୍ୟାତ ଜ୍ୟୋତିଷୀ ମଣ୍ଡର ସାହେବ (E. W. Maunder) ତାଙ୍କର ଯନ୍ତ୍ର-ସାହାଯ୍ୟବିନା ଜ୍ୟୋତିଷଚର୍ଚ୍ଚା (Astronomy without a telescope) ଗ୍ରନ୍ଥରେ ଲେଖିଅଛନ୍ତି ଓ ବିଲାତର ପ୍ରଧାନ ବୈଜ୍ଞାନିକ ପତ୍ରିକା ନଲେଜ (Knowledge, Vol. 22) ରେ 'ସିଦ୍ଧାନ୍ତଦର୍ପଣ' ଗ୍ରନ୍ଥର ଗଣନା ସମ୍ବନ୍ଧେ ପ୍ରଶଂସାସୂଚକ ମନ୍ତବ୍ୟ ପ୍ରକାଶିତ ହୋଇଅଛି । ଆମେରିକା, ଜର୍ମାନୀ, ହଲାଣ୍ଡ ଓ ଇଟାଲୀ ଆଦି ଦେଶରେ ଏ ମଧ୍ୟ ପ୍ରତିପତ୍ତି ଲାଭକରିଥିଲେ ।]

ଚନ୍ଦ୍ରସଚିବ—ସଂ. ବି. (୬ଷ୍ଠୀ ତତ୍‌ ବା ବହୁବ୍ରୀହି; ଚନ୍ଦ୍ର+ସଚିବ) Chandrasachiba ୧ । କାମଦେବ—1. The God of love (M. W).

୨ । କର୍ପୂର—2. Camphor (M. W.)

ଚନ୍ଦ୍ରସଦନ—ଦେ. ବି—ଚୂନଲିପା ଘର— Chandrasadana A whitewashed house.

ସେ ବଦନେ ଚନ୍ଦ୍ର ସଦନେ ଚନ୍ଦ୍ର ଚନ୍ଦ୍ରେ ବସିତ । ଉତ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚନ୍ଦ୍ରସୂର୍ଯ୍ୟ—ଦେ. ବି—ସ୍ତ୍ରୀମାନଙ୍କ କପାଳ ଉପରେ କେଶରେ ଖଞ୍ଜାଯିବା Chandrasūrjya ଖଣ୍ଡଚନ୍ଦ୍ର ଓ ସୂର୍ଯ୍ୟ ଆକୃତିବିଶିଷ୍ଟ ଅଲଙ୍କାର-ବିଶେଷ—An ornament consisting of 2 pieces like a crescent below a sun worn on the brow or skull over the hair by females.

କେ ବୋଇଲେ ଚନ୍ଦ୍ରସୂର୍ଯ୍ୟ ଚନ୍ଦ୍ରସୂର୍ଯ୍ୟ
କେଶ ସଙ୍ଗେ ବୋହୁଛି ଏ ବଡ଼ ଆଶ୍ଚର୍ଯ୍ୟ—କୃଷ୍ଣସିଂହ. ମହାଭାରତ ବନ ।

ସଂ. ବି (ଦ୍ୱନ୍ଦ୍ୱ)—ଚନ୍ଦ୍ର ଓ ସୂର୍ଯ୍ୟ— The moon and the sun.

ଚନ୍ଦ୍ରସେଣା—ଦେ. ବି (ସଂ. ଚନ୍ଦ୍ରସେନା)—ରାଧିକାଙ୍କ ସ୍ୱାମୀ— Chandrasenā Name of the husband of Radhā.

ଚନ୍ଦ୍ରସେନ—ସଂ. ବି. (ନାମ)—ମହାଭାରତୋକ୍ତ ରାଜା ସମୁଦ୍ରସେନାଙ୍କ Chandrasenā ପୁତ୍ର ରାଜକୁମାରବିଶେଷ--Name of a prince, son of king Samudrasenā (M. W.)

ଚନ୍ଦ୍ରସ୍ୱର—ସଂ. ବି —(ମ. ପ. ଲୋ; ଚନ୍ଦ୍ରଯୁକ୍ତ ସ୍ୱର)—ସ୍ୱରସାଧକ ବା Chandraswara ବାୟୁସାଧକମାନଙ୍କର ସାଧନାଶାସ୍ତ୍ରର ଅନୁକୂଳ ଅବସ୍ଥାବିଶେଷ; ଯେଉଁ ସମୟରେ ନିଶ୍ୱାସ ବାଆଁ ପୁଡ଼ାରେ ବହୁଥାଏ— A breath exercise consisting of doing some acts while the breath is passing through the left nostril.

ଚନ୍ଦ୍ରସ୍ୱରେ ଏମାନ ସାଧିଲେ ହୁଏ ସିଦ୍ଧି—ପ୍ରାଚୀ· ଶିବସ୍ୱରୋଦୟ ।

[ଦ୍ର—ନାକର ଡାହାଣ ପୁଡ଼ାରେ ନିଶ୍ୱାସ ଯାଉଥିବା ସମୟରେ କରାଯିବା ସାଧନାକୁ ସୂର୍ଯ୍ୟସ୍ୱର ବୋଲାଯାଏ ।]

ଚନ୍ଦ୍ରହାର—ଦେ. ବି. (ଏଥିରେ ଚନ୍ଦ୍ର ପରି ଗୋଲାକାର ଚକଚକିଆ Chandrahāra ଖଞ୍ଜା ଥିବାରୁ)—ଗୋଠ ବା କଟିଭୂଷଣବିଶେଷ-- 1. A waist-chain set with circular bits.

चन्द्रहार
चन्द्रहार; चन्दनहार

୨ । ଗଳାର ହାରବିଶେଷ— 2 A kind of necklace.

ପ୍ରାଦେ. (ଅଠମଲ୍ଲିକ) ବି—ଗୋଟର ଅଦରେ ଲାଗିଥିବା ଶିକୁଳି; ଯାହା କାନ ଉପରେ ବୁଲି ଆସିଥାଏ— Chain which keeps the heavy pendants of the ear suspended.

ଚନ୍ଦ୍ରହାସ—ସଂ. ବି. (ଚନ୍ଦ୍ର+ହସ୍ ଧାତୁ+ଅ; ଉଜ୍ଜ୍ୱଳତାରେ ଯେ ଚନ୍ଦ୍ରକୁ Chandrahāsa ଉପହାସ କରେ)—୧ । ରାବଣର ଖଡ୍ଗ— 1. The sword of Rābaṇa.

ବଧିବ ଅବଧି ଚନ୍ଦ୍ର ହାସ ଯେନ
ଚନ୍ଦ୍ରହାସ ଶୋଭି ଆଅ କାଣରେ । ଉତ୍ତ. ବୈଦେହୀଶବିଳାସ ।

୨ । ରୌପ୍ୟ—2. Silver.

୩ । ଚକଚକିଆ ତରବାରି—3. A dazzling sword, a glittering scimitar (M. W.)

ହିରୁଛି କେବଳ ସିନା ଚନ୍ଦ୍ରୋଜ୍ଜ୍ୱଳ ଭୂଷା
ଯାହାଙ୍କର ଚନ୍ଦ୍ରହାସ ବୃଣାଙ୍କିତ ଦେହେ । ରାଧାନାଥ. ମହାଯାତ୍ରା ।

୪ । ଚନ୍ଦ୍ରୋଦୟ ବା ଚନ୍ଦ୍ରକିରଣ ପରି ମନୋହର ହାସ୍ୟ— 4. A sweet smile (compared to the rising of the moon or the moon's ray).

ବଧିବ ଅବଧି ଚନ୍ଦ୍ରହାସ ଯେନ । ଚନ୍ଦ୍ରହାସଶୋଭି ଥାଅ କାଣରେ ।
ଉତ୍ତ. ବୈଦେହୀଶବିଳାସ ।

ଦେ. ବି—(୬ଷ୍ଠୀ ତତ୍‌) ଚନ୍ଦ୍ରକିରଣ—Moon light.

ବୋଲଇବା ପଦ୍ମିନୀ ସକାଶେ । ବିକାଶିତା ହେଲୁ କିବା ଚନ୍ଦ୍ରହାସେ ।
ଉତ୍ତ· ବୈଦେହୀଶବିଳାସ ।

ଚନ୍ଦ୍ରହାସା—ସଂ. ବି. ସ୍ତ୍ରୀ (ଚନ୍ଦ୍ର+ହସ୍ ଧାତୁ+ଅ+ସ୍ତ୍ରୀ. ଆ)— Chandrahāsā ୧ । ଗୁଳୁଚି ଲତା ଓ ଫୁଲ—1. Tinaspora Cardifolia; Cocculus Cordifolius (creeper and flower).

୨ । ଯୋଗିନୀବିଶେଷ—2. Name of a Jogini (M. W.)

ଚନ୍ଦ୍ରହିରଣ୍ୟ—ସଂ. ବି. (ଚନ୍ଦ୍ର+ହିରଣ୍ୟ; ଭୁଲ. ଚନ୍ଦ ଗୋହକ)— Chandrahiraṇya ରୌପ୍ୟ—Silver.

ଝଟକିଲ ଶତଗୁଣ ଝଳ, ଫଲ ଯଥା ଚନ୍ଦ୍ରବା ପରଶେ
ଚନ୍ଦ୍ରହିରଣ୍ୟଗଞ୍ଜମା—ଚିନ୍ତାମଣି· ବକମାଳତ୍ୟ ।

ଚନ୍ଦ୍ରା—ସଂ, ବି. ସ୍ତ୍ରୀ. (ଚନ୍ଦ୍ର+ଆ)—୧ । ଚନ୍ଦ୍ରାତପ; ଚାନ୍ଦୁଆ— Chandrā 1. Awning; canopy.

୨ । ଅଲାଇଚ—2. Cardamum.

୩ । ଗୁଳୁଚି ଲତା— 3. Coccutus Cardifolius (creeper).

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଙ୍ଖ	ଜ	ଶ,ଷ	ଙ୍କ	ଇଯ୍ୟ	ଢ଼ଅ	ଢ
୨	ଈ	ଊ	ରୁ	ଲୃ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ଟ୍ଟ

୪ । ଗୃହଆଡ଼ ମେଲା କେବଳ ଛାତ ବନ୍ଦ ହୋଇଥିବା ଘର—
4. A hall covered only at the top(M.W)

ଦେ. ବି—୧ । ଚନ୍ଦାବଳୀର ଡାକନାମ—
1. A name for calling Chandrābaḷi.

ଚନ୍ଦ୍ରାନୁରତ କନ୍ତୁ କରତ ପକାଇଛ ଢ ମ ଛତ—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

୨ । ଚନ୍ଦ୍ର ନାମକ ବ୍ୟକ୍ତିର ଅନାଦର ଡାକନାମ—
2. A name for calling a person named Chandra in familiarity

୩ । ବହୁପୁରୁଷ ହେଲା ଓଡ଼ିଶାରେ ଉପନିବେଶ କରି ଅଧୁନା ବ୍ୟବହାର ଓ ଚାଲିଚଳନରେ ଓଡ଼ିଆ ପାଲଟି ଯାଇଥିବା ବଙ୍ଗାଳି ବଣିଆଙ୍କ ବଂଶୋପାଧି (ବଙ୍ଗୀୟ ଚନ୍ଦ୍ର ଉପାଧିର ଅପଭ୍ରଂଶ)— 3. A family title of Bengalee goldsmiths domiciled and naturalised in Orissa for generation.

[ଦ୍ର—କଟକ ଜିଲ୍ଲାର କୋଦଣ୍ଡା ପ୍ରଗନାରେ 'ଚନ୍ଦ୍ରା' ଉପାଧିଧାରୀ ବଣିଆ ଓ ଶୂଦ୍ର ଅଛନ୍ତି ।]

ଚନ୍ଦ୍ରାତପ— ସଂ. ବି—୧ । (୬ଷ୍ଠୀ ତତ୍; ଚନ୍ଦ୍ର+ଆତପ) ଜ୍ୟୋତ୍ସ୍ନା—
Chandrātapa 1. Moonlight.

୨ । (ଚନ୍ଦ୍ର+ଆତ୍ ଧାତୁ=ଗମନ କରିବା+ପା ଧାତୁ=ରକ୍ଷା କରିବା+ଅ; ଯାହା ଚନ୍ଦ୍ରକିରଣର ଗତି ନିବାରଣ କରେ) ଚାନ୍ଦୁଆ—2. Canopy; awning.

ଅତଭଣ ଚନ୍ଦ୍ରାତପ ଅଙ୍ଗ ପୂରେ କେବେହେଁ ଚନ୍ଦ୍ର ନ ରହି—
ଭକ୍ତ ପ୍ରେମସୁଧାନିଧି ।

୩ । ଚାରିପାଖ ମେଲା ଘର—
3. An open hall (M. W.)

ଚନ୍ଦ୍ରାନନ— ସଂ. ବିଣ. (ବହୁବ୍ରୀହି; ଚନ୍ଦ୍ର+ଆନନ)—
Chandrānana ଚନ୍ଦ୍ରବଦନ (ଦେଖ)
(ଚନ୍ଦ୍ରାନନା—ସ୍ତ୍ରୀ) Chandrabadana (See)

ସଂ. ବି—୧ । କାର୍ତ୍ତିକେୟ—
1. A name of Kārttikeya.

୨ । କାଳିକାପୁରାଣୋକ୍ତ ବୀରବିଶେଷ (ବୀରଚରିତ)—
2. Name of a hero of Kāḷikā (M. W.)

ଚନ୍ଦ୍ରାନନୀ—ଦେ. ବିଣ. ସ୍ତ୍ରୀ. (ସଂ. ଚନ୍ଦ୍ରାନନା; କ୍ଷେତ୍ରେନ୍ଦ୍ର ଏହି ଶବ୍ଦକୁ
Chandrānani ସଂ. ଚନ୍ଦ୍ରାନନାର ରୂପାନ୍ତର ବୋଲି ଲେଖି ଅଛନ୍ତି)— ଚନ୍ଦ୍ରବଦନା; ଚନ୍ଦ୍ର ପରି ମନୋହର ମୁଖ ବିଶିଷ୍ଟା (ସ୍ତ୍ରୀ)—(a woman) Having a face as lovely as the moon.

ଠକ ଠବର୍ତ୍ତିନ ଚନ୍ଦ୍ରାନନୀ ତୋ ତଉରେ—
କବିସୂର୍ଯ୍ୟ, ଲଗୋଷ୍ଠତତ୍ତ୍ୱ, ଠ ଗୀତର ପାଠାନ୍ତର ।

ଚନ୍ଦ୍ରାପୀଡ଼—ସଂ. ବି. (ବହୁବ୍ରୀହି; ଚନ୍ଦ୍ର+ଆପୀଡ଼=ଶିରୋଭୂଷଣ)—
Chandrāpirda ୧ । ଚନ୍ଦ୍ରଚୂଡ଼; ଶିବ—1. Śiba.

୨ । କାଦମ୍ବରୀ କାବ୍ୟବର୍ଣ୍ଣିତ ନାୟକ ତାରାପୀଡ଼ଙ୍କ ପୁତ୍ର—
2. Name of the son of Tārāpirda, a hero of the sanscrit novel Kādambarī.

୩ । ରାଜା ଜନମେଜୟଙ୍କର ଏକ ପୁତ୍ର (ହରିବଂଶ)—
3. Name of a son of king Janamejaya (M. W.)

୪ । ତାରାପୀଡ଼ଙ୍କ ଭାଇ କାଶ୍ମୀରର ଜଣେ ରାଜା (ରାଜତରଙ୍ଗିଣୀ)—4. Name of a king of Kāśmira, brother of Tārāpirda (M.W)

୫ । କାନ୍ୟକୁବ୍ଜର ରାଜପୁତ୍ରବିଶେଷ (କଥାସରିତ୍ସାଗର)—
5. Name of a prince of Kānyakubja(M.W)

୬ । କାଳିକାପୁରାଣୋକ୍ତ ବୀରବିଶେଷ (ବୀରଚରିତ)—
6. Name of a hero of Kāḷikā (M. W.)

ଚନ୍ଦ୍ରାବଳୀ—ସଂ. ବି. ସ୍ତ୍ରୀ—୧ । ଗୋବର୍ଦ୍ଧନମଲ୍ଲର ସ୍ତ୍ରୀ (କୃଷ୍ଣଙ୍କର ଜଣେ
Chandrābaḷi ପ୍ରଣୟିନୀ)—The wife of Gobardhhana Malla and said to be a female-companion of Srikrishna.

[ଦ୍ର—କୌଣସି କୌଣସି ବୈଷ୍ଣବ କବି ଏହାଙ୍କୁ ରାଧା ମଧ୍ୟ କହନ୍ତି କିନ୍ତୁ ଏ ରାଧାଙ୍କ ସଖୀ, ଚନ୍ଦ୍ରଭାନୁଙ୍କ କନ୍ୟା, ଏହାଙ୍କ ମାତାଙ୍କ ନାମ ଇନ୍ଦୁମତୀ ।]

୨ । ଯୋଗିନୀବିଶେଷ (ଦୁର୍ଗଚରିତ)—
2. Name of a Jogini.

ସଂ. ବି. ପୁଂ—ଚନ୍ଦ୍ରକିରଣ—Moonlight; moon-beam.

ଚନ୍ଦ୍ରାଭାସ—ସଂ. ବି. (ବହୁବ୍ରୀହି; ଚନ୍ଦ୍ର+ଆଭାସ)—ଚନ୍ଦ୍ରପରି ଆକାଶରେ
Chandrābhāsa ବେଳେ ବେଳେ ଦେଖାଯିବା ମରୀଚିକା—
False moon; a mirage resemleling the moon appearing in the sky (M. W.).

ଚନ୍ଦ୍ରାର୍ଦ୍ଧ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଅର୍ଦ୍ଧ)—୧ । ଅର୍ଦ୍ଧଚନ୍ଦ୍ର—
Chandrārddha 1. Half-moon.

୨ । (ଲକ୍ଷଣାର୍ଥ) ନାୟିକାନାୟକର ଅଙ୍ଗରେ କାମକ୍ରୀଡ଼ା ସମୟରେ ନାୟକ ବା ନାୟିକାଦ୍ୱାରା କରାଯାଇଥିବା ଅର୍ଦ୍ଧଚନ୍ଦ୍ରାକାର ନଖକ୍ଷତ—A semicircular mark made by a lover on the body of his or her sweet heart during amorous dalliance.

ବନାଗ ଚନ୍ଦ୍ରାର୍ଦ୍ଧ ତପାଇ କର୍ମରୁ ହୋଇବୁ ବପାଇଁ ଭ୍ରମ ।
ଭଞ୍ଜ, ବୈଦେହୀଶବିଳାସ ।

୩ । କପାଳରେ ଅର୍ଦ୍ଧଚନ୍ଦ୍ରାକାର ତିଳକ—
3. A semicircular or crescent shaped mark drawn on the forehead with sandal-paste.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଳକତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଚନ୍ଦ୍ରାଲୋକ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଆଲୋକ)—
Chandrāloka ୧ । ଚନ୍ଦ୍ରକିରଣ—1. Moonlight.
୨ । ପୀୟୂଷ ବର୍ଷ ନାମକ କବିଙ୍କ ପ୍ରଣୀତ ସଂସ୍କୃତ ଅଲଙ୍କାର-ଗ୍ରନ୍ଥବିଶେଷ (ପ୍ରକୃତିବାଦ)—2. Title of a work on rhetoric by Pīyūshabarsha.
୩ । ଜୟଦେବକୃତ ଅଳଙ୍କାରଗ୍ରନ୍ଥବିଶେଷ—3. Name of a work on rhetoric by Jayadeba (M. W,).

ଚନ୍ଦ୍ରାଶ୍ମା—ସଂ. ବି. (ଚନ୍ଦ୍ର+ଅଶ୍ମନ୍; ୧ମା. ୧ବ.)—ଚନ୍ଦ୍ରକାନ୍ତମଣି—
Chandrāśmā Moon-stone; a kind of gem.
(ଚନ୍ଦ୍ରୋପଳ—ଅନ୍ୟରୂପ)

ଚନ୍ଦ୍ରିକା—ସଂ. ବି. (ଚନ୍ଦ୍ର+ଇକ+ଆ)—୧ । ଚନ୍ଦ୍ରକିରଣ—
Chandrikā 1. Moonlight.
୨ । ନୟନତାରା—2. The pupil of the eye.
୩ । ଚନ୍ଦ୍ରଭାଗା ନଦୀ—3. River Chandrabhāgā.
୪ । ମୟୂରପୁଚ୍ଛର ଗୋଲାକାର ଚିତ୍ରିତ ଚନ୍ଦ୍ର—
4. The circular multicoloured mark or eye on the tail-feather of a peacock.
୫ । ଚନ୍ଦାଙ୍କୁନ୍ଦମାଛ— 5. The chanda fish; a kind of small circular white water-fish.
୬ । ଅଭ୍ର—6. Mica.
୭ । ୧୩ ଅକ୍ଷରଯୁକ୍ତ ଛନ୍ଦୋବିଶେଷ; ଉତ୍ପଳମାଳିକ—
7. A metre of 13 letters.
[ଦ୍ର—ଏଥିର ୧୦, ୧୧ ଓ ୧୩ ବର୍ଣ୍ଣ ଗୁରୁ ।]
୮ । ଶ୍ୱେତ କଣ୍ଟକାରୀ ଗୁଳ୍ମ—8. A kind of thorny plant; Ranwofolia Serpentina.
୯ । ହାଲିମ (ଦେଖ)
9. Hālima (See)
୧୦ । ଆଭା; ଜ୍ୟୋତିଃ—10. Splendour (M. W.).
୧୧ । ଟାଙ୍ଗର; ଚନ୍ଦା—11. Baldness (M. W).
୧୨ । ଅଳାଇଚ—12. Cardamums (M. W.).
୧୩ । ମଲ୍ଲୀ ଫୁଲ—
13. Jasmine; Jasminum Zambac (M. W.)
୧୪ । ମେଥି—
14. Trigonella Fenugreek (M. W.)
୧୫ । ଚନ୍ଦ୍ରଭାଗା ନଦୀ—
15. A name of the Chandrabhāgā river.
୧୬ । (ଅନ୍ୟ ଶବ୍ଦ ପରେ ଯୁକ୍ତ ହେଲେ) କୌଣସି ବିଷୟର ଆଲୋଚନା ବା ବ୍ୟାଖ୍ୟାମୂଳକ ଗ୍ରନ୍ଥ—
16. Elucidation of a particular subject. (M.W.)
[ଦ୍ର—କେତେକ ବ୍ୟାଖ୍ୟା, ଟୀକା ଓ ବ୍ୟାକରଣ ଗ୍ରନ୍ଥ ପରେ ଏ ପଦ ଯୁକ୍ତ ହୁଏ । ଯଥା—ଅଲଙ୍କାରଚନ୍ଦ୍ରିକା, ସିଦ୍ଧାନ୍ତଚନ୍ଦ୍ରିକା, କାତନ୍ତ୍ରଚନ୍ଦ୍ରିକା ।]
୧୭ । ତଗରାଦି ବର୍ଗର କ୍ଷୁପବିଶେଷ (ଯୋଗେଶଚନ୍ଦ୍ର)—
17. A flowering shrub.
[ଦ୍ର—ଏଥିର ଫୁଲ ଧଳା, ଫୁଲ ଭିତର ଆମାଳ ରକ୍ତ, ଫଳ କୃଷ୍ଣ ବର୍ଣ୍ଣ ଓ ଯୋଡ଼ା ଯୋଡ଼ା, ପ୍ରତି ଗଣ୍ଠିରେ ୩।୪ ଟା ପତ୍ର ବଳୟାକାରରେ ଥାଏ, ଚେର ଔଷଧରେ ଲାଗେ ।]

ଚନ୍ଦ୍ରିକାଦ୍ରବ—ସଂ. ବି. (ଚନ୍ଦ୍ରିକା+ଦ୍ରୁ ଧାତୁ+କର୍ତ୍ତୃ. ଅ; ଯାହା ଚନ୍ଦ୍ର-
Chandrikādraba କିରଣଦ୍ୱାରା ଦ୍ରବୀଭୂତ ହୁଏ)—
ଚନ୍ଦ୍ରକାନ୍ତମଣି—Moon-stone.

ଚନ୍ଦ୍ରିକାପାୟୀ—ସଂ. ବି. (ଚନ୍ଦ୍ରିକା+ପା ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)
Chandrikāpāyī ଯେ ଚନ୍ଦ୍ରକିରଣ ପାନ କରେ)—ଚକୋର ପକ୍ଷୀ The chakora bird (M. W.)

ଚନ୍ଦ୍ରିତା—ଦେ. ବି—ରକ୍ତିମା—Redness.
Chandritā

ଚନ୍ଦ୍ରିତା ଭୁଙ୍ଗ ତା ପ୍ରମାଣେ, ହାନ୍ତିଂଶ ଜାଣ ସେ ଲକ୍ଷଣେ ।
ପ୍ରାଚୀ. ପୂର୍ଣ୍ଣତମଚନ୍ଦ୍ରୋଦୟ ।

ଚନ୍ଦ୍ରିମା—ସଂ. ବି. (ଚନ୍ଦ୍ର+ଇମନ୍; ୧ମା. ୧ବ)—
Chandrimā ଚନ୍ଦ୍ର କିରଣ; ଜ୍ୟୋତ୍ସ୍ନା—Moonlight (M. W.)

ଚନ୍ଦ୍ରିଳ—ସଂ. ବି. (ଚନ୍ଦ୍ର+ଅସ୍ତ୍ୟର୍ଥରେ. ଇଲ)—
Chandriḻa ୧ । ଶିବ—1. God Śiba.
୨ । ନାପିତ; ଭଣ୍ଡାରୀ—2. Barber.
୩ । ବାସ୍ତୁକ ବା ବଥୁଆ ଶାଗ—3. A kitchen herb; Chenopodium Album.

ଚନ୍ଦ୍ରୋଦୟ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଉଦୟ)—
Chandrodaya ୧ । ଚନ୍ଦ୍ରଙ୍କର ଆବିର୍ଭାବ; ଜ୍ୟୋତ୍ସ୍ନାର ଆବିର୍ଭାବ-
1. The rising of the moon; moon-rise.
୨ । ଚନ୍ଦ୍ରାତପ; ଚାନ୍ଦୁଆ—2. Canopy (M. W.)
୩ । ଚନ୍ଦ୍ରୋଦୟ ମକରଧ୍ୱଜ (ଦେଖ)
3. Name of mercurial preparation
୪ । (ନାମ) ପାଣ୍ଡବପକ୍ଷୀୟ ଯୋଦ୍ଧାବିଶେଷ—
4. Name of a Pāṇḍaba warrior (M. W.)

ଚନ୍ଦ୍ରୋଦୟମକରଧ୍ୱଜ—ସଂ. ବି. (ବୈଦ୍ୟକ)—ପାରଦ, ଗନ୍ଧକ ଓ
Chandrodayamakaradhwaja ସ୍ୱର୍ଣ୍ଣଘଟିତ ରସାୟନ ଔଷଧ-ବିଶେଷ (ମକରଧ୍ୱଜ ତଳେ ନୋଟ ଦେଖ)—
Name of a mercurial preparation of mercury and sulpher burnt in a covered bottle with gold

ଚନ୍ଦ୍ରୋଦୟା—ଦେ. ବି—ଚନ୍ଦ୍ରଉଦିଆ (ଦେଖ)
Chandrodayā Chandraudiā (See)

ଗୃହ ଚନ୍ଦ୍ରୋଦୟା ମଶାଳ ପାଖେ
ବର୍ତ୍ତି ଜାଳିବ ଯେବେ ଲଗା ମୁଖେ । କବିସୂର୍ଯ୍ୟ. କବିତାକଲ୍ଲୋଳଙ୍କ ।

୧	ଇ	ଊ	ର୍,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଲ୍ୟ	ତ୍ଥ	ଢ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚିଁ୍ୟ	ଲଥ	ଢ଼	ନ୍ତ

ଚନ୍ଦ୍ରୋପରାଗ—ସଂ. ବି. (୬ଷ୍ଠୀ ତତ୍; ଚନ୍ଦ୍ର+ଉପରାଗ) —ଚନ୍ଦ୍ରଗ୍ରହଣ
Chandroparāga Lunar Eclipse.

ଚନ୍ଦ୍ରୋପଲ—ସଂ. ବି. (ମ.ପ ଲୋ; ଚନ୍ଦ୍ରକିରଣଦ୍ୱାରା ଦ୍ରବୀଭୂତ ଉପଲ)—
Chandropaḷa ଚନ୍ଦ୍ରକାନ୍ତମଣି—The moon-stone.

ଚନ୍ଧା (ଇତ୍ୟାଦି)—ଦେ. ବି—ଚନ୍ଦା ଇତ୍ୟାଦି (ଦେଖ)
Chandhā (etc) Chandā etc. (See)

ଚନ୍ଧେଇ—ଦେ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅଙ୍ଗଭଙ୍ଗୀ ବା ହାବଭାବ ଦ୍ୱାରା
Chandheī କାମୁକତା ପ୍ରକାଶ କରେ—Flirt.
चोंचलहाइ

ଚନ୍ନ (ଇତ୍ୟାଦି)—ଗ୍ରା. ବି—ଚନ୍ଦନ ଇତ୍ୟାଦି (ଦେଖ)
Channa (etc) Chandana etc. (See)
চন্নন
चन्नन

ଚନ୍ନୀ—ଦେ. ବି.—ଚଣୀ (ଦେଖ)
Channī Chanī (See)

ଚପ୍ (ଧାତୁ)—୧ । ଚୂର୍ଣ୍ଣ କରିବା; ଚୂରିବା—
Chap (root) 1. To reduce to powder; to pound.
୨ । ଗମନ କରିବା—2. To go.
୩ । ଆଉଁସିବା—3. To caress; to soothe (M.W.)
୪ । ସାନ୍ତ୍ୱନା ଦେବା—4. To console (M. W.)
୫ । ଚକଟିବା; ଦଳିବା—5. To knead.
୬ । ଠକିବା—6. To cheat.
୭ । ଥାପଡ଼େଇବା—7. To pat.
୮ । କୁଟିବା—8. To bruise; to pestle.

ଚପ୍—ବୈଦେ. ବି. (ଇଂ. ଚପ୍)—ଛେଚା ହୋଇ ପିଷ୍ଟକାକାର ଭଜା
Chap ମାଂସଖଣ୍ଡ—Fried piece of minced meat;
চপ chop.
चप [ଦ୍ର—ଏହାର ସହଚର ଖାଦ୍ୟ କଟ୍‌ଲେଟ୍ ।]

ଚପ୍‌କନ୍—ଦେ. ବି.—(ଫ. ଚୁପ ଶବ୍ଦ ଜାତ ଉର୍ଦ୍ଦୁ ଚପକନା (=ଓତ୍ପ୍ରୋତ
Chapkan ଚପିବା) କ୍ରିୟାରୁ ଉତ୍ପନ୍ନ; ଯାହା ଦେହକୁ ଚାପି ଅତି
চাপকান ଚପି ଧରେ)—ଅଜାନୁଲମ୍ବିତ ଦୀର୍ଘ କୁର୍ତ୍ତା—A long
चपकन Indian coat reaching to the knees chapkan.

ପୋଷାକ କନ୍‌ଖାପ୍ ଭିଲ ପାଇଜାମା ସାହେବ୍ ଚପ୍‌କନ୍ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

[ଦ୍ର—ଇଂରାଜରେ ଏହି ଶବ୍ଦ ଏହି ଆକାରରେ ବ୍ୟବହୃତ ହେଲାଣି; ଏ ପୋଷାକ ମୁସଲମାନମାନଙ୍କ ଅମଳରେ ଓ ଇଂରାଜ ଅମଳରେ ଭାରତୀୟ ବ୍ୟକ୍ତିମାନଙ୍କ ଦରବାରୀ ପୋଷାକ ଅଟେ । ଏହା ଉପରେ ଯେଉଁ ଖୋଲା କୁର୍ତ୍ତା ପିନ୍ଧା ଯାଏ ତାକୁ ଚୋଗା କହନ୍ତି ।]

ଚପ୍‌ଚପ୍—ଦେ. କ୍ରି. ବିଣ.—(ସଂ. ଚପଳ)—ଝପାଝପ୍; ଅତି ଶୀଘ୍ର;
Chapchap ତୁରନ୍ତ—Very quickly; hastily; very
চটপট swiftly.
चपचप ଦେ. ଅ.—(ଧ୍ୱନ୍ୟର୍ଥକ)—୧ । କୁକୁର ବା ବିରାଡ଼ି ଚାଟି
চপচপ ଚାଟି କରି ପାଣି ବା ଦୁଧ ଚାଟିବାର ଶବ୍ଦ; ଚାଲୁ ଚାଲୁ—
चटचट, चपड़ चपड़ Sound of licking or lapping of some liquid by a dog or cat.
୨ । ୧।୨ ଇଞ୍ଚ ପାଣି ବା କାଦୁଅ ଥିବା ଜାଗାରେ ଚାଲିବାର ଶବ୍ଦ; ଚପର ଚପର—2. Splasting sound produced by walking on a place in which there is 1 or 2 inches of water or slime.

ଚପ୍‌ଚପିଆ—ପ୍ରାଦେ. (ସମ୍ବଲପୁର) ବିଣ.—(ଭୁଲ; ହି. ଚପଚପା)
Chapchapiā ଅଠାଳିଆ—Gummy; sticking.

ଚପ୍‌ରା—ପ୍ରାଦେ. (ସମ୍ବଲପୁର) ବି.—ଜଳାଭୂମି—
Chaprā Marsh; moor; fen.
दलदल ଦେ. ବି. (ସଂ. ଚତ୍ୱର)—ଚତରା (ଦେଖ)
Chatarā (See)
ଦେ, ବିଣ.—୧ । କର୍ଦ୍ଦମାକ୍ତ (ସ୍ଥାନ)—
1. Muddy (place) (Beams).
୨ । ସନ୍ତସନ୍ତିଆ—2. Moist (place).

ଚପ୍‌ରାସ୍—ବୈଦେ. ବି.—୧ । (ଫା. ଚପ୍‌ରାସ୍;) ଚପ୍=ବାମ+ରାସ୍ତ=
Chap-rās ଡାହାଣ; ଯାହା ବାମ କାନ୍ଧରୁ ପଇତାପରି ଅଣ୍ଟାର
চাপরাস ଡାହାଣକୁ ପଡ଼ି ଥାଏ)—ପିଅଦାମାନେ ପରିଚୟ ଚିହ୍ନସ୍ୱରୂପ
चपरास ପୋଷାକ ଉପରେ ଧାରଣ କରିଥିବା ପିତଳାଦି ନିର୍ମିତ ଫଳକ—A badge of a peon; a plate containing engravings of the name of the master or department under whom a peon serves.
୨ । (ଫା. ଚପରାସି)—ଚପରାସୀ; ପିଅଦା—A peon.
୩ । (ଫା)—କରତର ଦାନ୍ତମାନଙ୍କୁ ଏକାନ୍ତରକ୍ରମେ ବାଆଁ ଓ ଡାହାଣଆଡ଼କୁ ଝୁଙ୍କାଇବା କର୍ମ (ଏପରି ନ ହେଲେ କରତର ଦାନ୍ତ କାଠରେ ଘର କରି ପାରେ ନାହିଁ)—
3. The act of bending the teeth of a saw alternatively a little to the right and to the left.

ଚପରାସନ୍ୟସ୍ତ ପେଣି କଂସଗ୍ରସ୍ତ—କବିସୂର୍ଯ୍ୟ. ସଙ୍ଗୀତ ।

ଚପ୍‌ରାସି—ବୈଦେ. ବି (ଫା. ଚପ୍‌ରାସି; ବାମ+ରାସ୍ତ=ଡାହାଣ; ଯେ
Chaprāsi ପ୍ରଭୁଙ୍କର ବାମ ଦକ୍ଷିଣ ଦୁଇ ପାଖରେ ଉପସ୍ଥିତ ଥାଏ
চাপরাসী କିମ୍ବା ଯେ ଚପ୍‌ରାସ୍ ପିନ୍ଧିଥାଏ)—ଅର୍ଦ୍ଦଲୀ, ପିଅଦା; ପିଅନ—
चपरासी An orderly peon; peon (wearing a badge).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଜ୍ଜା' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ

ଚପଟ—ସଂ. ବି (ଚପ୍ + ଭାବ ଧାତୁ. ଅଟ)—ଚାପୁଡ଼ା—
Chapaṭa — Slapping; slap.

ଚପେଟ / चपत — ଦେ. ବି (ସଂ. ଚପେଟ; ଚାପ)—୧ । ଆଘାତ—Hurt, injury.

୨ । ବିପତ୍‌ପାତର ଆଶଙ୍କା—
2. Risk; hazard; apprehension of danger.

୩ । ଚାପ; ଉତ୍ପୀଡ଼ନ—3. Pressure.

୪ । ଦାୟିତ୍ୱ—4. Responsibility.

୫ । ପୀଡ଼ା—5. Oppression.

୬ । ହାନି; କ୍ଷତି; ଲୋକ୍‌ସାନ୍—6. Loss.

୭ । ବହୁ କାର୍ଯ୍ୟର ଜଞ୍ଜାଳ—
7. Pressure of business; overwork.

ଚପଟାଘାତ—ସଂ. ବି (୩ୟା ତତ୍; ଚପଟ + ଆଘାତ)—ଚାପୁଡ଼ା ମାରିବା—
Chapaṭāghāta — Slapping; blow with the flattened palm.

ଚପର୍‌ଚପର୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ବର୍ଷାର ଝିପ୍‌ଝିପ୍ ଶବ୍ଦ—
Chaparchapar — 1. Pattering of rain.

ଚপচপ / चपड़चपड़ — ୨ । ଦୁଇ ତିନି ଅଙ୍ଗୁଳି ପାଣି ବା କାଦୁଅ ଥିବା ସ୍ଥାନରେ ଲୋକ ଚାଲିଲେ ପଦାଘାତଜନିତ ଶବ୍ଦ—2. Splasting sound produced by a person walking on a ground in which there is one or two inches of water.

ଚପରା—ଦେ. ବିଣ—୧ । ଅଳ୍ପ ପାଣି ଥିବା (ସ୍ଥାନ)—
Chaparā — 1. Marshy (Grundy).

୨ । କର୍ଦ୍ଦମମୟ; ପଙ୍କୁଆ—Muddy (Grundy).

ଚପଳ—ସଂ. ବିଣ (ଚପ୍ ଧାତୁ + କର୍ତ୍ତୃ. ଅଳ କିମ୍ବା କମ୍ପ୍ ଧାତୁ + କର୍ତ୍ତୃ. ଅଳ ନିପାତନ)—୧ । କମ୍ପୁଥିବା—1. Shaking; trembling; wavering.
Chapaḻa
(ଚପଳା—ସ୍ତ୍ରୀ)

୨ । ଚଞ୍ଚଳ; ଚରଚରିଆ—2 Agile; quick.

୩ । ତରଳ; ଅସ୍ଥିର—3. Restless; unsteady.

୪ । ଚଗଲା; ଅବ୍ୟବସ୍ଥିତ; ଅନବସ୍ଥିତ—
4. Unstable; fickle; inconstant.

୫ । ଅସ୍ଥାୟୀ—5. Momentary; temporary.

ଚପଳତା, ଚପଳତ୍ୱ, ଚାପଲ୍ୟ } ବି. ୬ । ଦୁର୍ବିନୀତ, ଦୁଷ୍ଟ; ବସୁଲିଆ—6. Wicked; illmannered; wonton.

୭ । ଧୃଷ୍ଟ—7. Insubordinate; insolent.

୮ । ପ୍ରଗଲ୍‌ଭ—8. Boastful.

୯ । ବିକଳ—9. Agitated.

୧୦ । ଅବ୍ୟବସ୍ଥିତଚିତ୍ତ—
10. Of unsteady disposition; fickleminded.

୧୧ । ଅବିବେଚକ—11. Inconsiderate; thoughtless.

୧୨ । ଭୁରୁଭୁରିଆ—12. Hasty.

୧୩ । କ୍ଷଣିକ—13. Momentary; instantaneous.

୧୪ । ଦୋହୋଲୁଥିବା—14. Moving to and fro.

ବି—୧ । ପାରଦ—1. Mercury.

୨ । ଚୋର—2. Thief.

୩ । ମତ୍ସ୍ୟ—3. Fish.

୪ । ମୂଷିକବିଶେଷ—4. A kind of mouse.

୫ । ବାୟୁ; ପବନ—5. The wind.

୬ । କଳା ସୋରିଷ—6. Black mustard (M. W)

୭ । ଚୋରକ ନାମକ ସୁଗନ୍ଧ—
7. A kind of perfume.

୮ । ପ୍ରସ୍ତରବିଶେଷ—8. A kind of stone (M. W.)

୯ । ରୋଗ ଉତ୍ପାଦନକାରୀ ରାକ୍ଷସବିଶେଷ—
9. Name of a demon causing diseases.

କ୍ରି. ବିଣ—ଶୀଘ୍ର; ଚଞ୍ଚଳ—Quickly.

ଦେ. ବି—ପ୍ରାଚୀନ ଜଳଯାନବିଶେଷ—Name of a boat of ancient India.

ଭୋଜରାଜାଙ୍କ 'ଯୁକ୍ତିକଳ୍ପତରୁ' ଦ୍ରଷ୍ଟବ୍ୟ—ଜଗବନ୍ଧୁ. ପ୍ରାଚୀନ. ଉତ୍କଳ ।

ଚପଳଗଣ—ସଂ.ବିଂ(୬ଷ୍ଠୀ ତତ୍; ଚପଳ + ଗଣ)—ପଞ୍ଝାଏ ବସୁଲିଆ ଟୋକା।
Chapaḻagaṇa —A troop of ill-mannered boys (M. W.)

ଚପଳତା—ସଂ. ବି (ଚପଳ + ଭାବ. ତା)—କମ୍ପ; ଥରା—
Chapaḻatā — 1. Trembling.

ଚପଳତ୍ୱ, ଚାପଲ୍ୟ } ଅନ୍ୟରୂପ — ୨ । ଅବ୍ୟବସ୍ଥିତି—2. Fickleness; inconstancy.

୩ । ଚାଞ୍ଚଲ୍ୟ—3. Hastiness.

୪ । ଧୃଷ୍ଟତା—4. Insolence.

୫ । ଦୁଷ୍ଟାମି; ଖେଚଡ଼ାମି—
5. Wickedness; wantonness.

୬ । ଅଭଦ୍ରତା—6. Rudeness; bad manners.

ଚପଳତାଶୟ—ସଂ. ବି—୧ । ପେଟଫମ୍ପା—
Chapaḻatāśaya — 1 Flatulence (M. W.).

୨ । ଅଜୀର୍ଣ୍ଣ—2. Indigestion.

ଚପଳସ୍ୱଭାବ—ସଂ.ବି (କର୍ମଧାରୟ; ଚପଳ + ସ୍ୱଭାବ)—ଅସ୍ଥିର ପ୍ରକୃତି—
Chapaḻaswabhāba — Unsteady nature.

(ଚପଳସ୍ୱଭାବା—ସ୍ତ୍ରୀ) ବିଣ.ପୁଂ.(ବହୁବ୍ରୀହି) ଅସ୍ଥିରପ୍ରକୃତିକ (ବ୍ୟକ୍ତି)—
Fickle-minded (person).

ଚପଳା—ସଂ. ବିଣ. ସ୍ତ୍ରୀ (ଚପଳ + ସ୍ତ୍ରୀ. ଆ)—ଚପଳର ସ୍ତ୍ରୀ ଲିଙ୍ଗ—
Chapaḻā — Feminine of chapaḻa.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଢ
୨	ଈ	ଊ	ରୁ	ଲୁ	ଯୈ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଙ	ନ୍ତ

ସଂ. ବି. ସ୍ତ୍ରୀ (ଚପଳ + ଆ)—୧ । ସୁରା, ମଦିରା—
1. Spirit of wine; spirituous liquor.

୨ । ଲକ୍ଷ୍ମୀ—2. The Goddess of fortune.

୩ । ବିଜୁଳି; ବିଦ୍ୟୁତ—3 Lightning.

୪ । ବେଶ୍ୟା—4 Prostitute.

୫ । ଛନ୍ଦୋବିଶେଷ—5. Name of a metre.

୬ । ଜିହ୍ୱା—6. The tongue.

୭ । ପିପ୍ପଳୀ—7. The longpeper (M. W.)

୮ । ଅସତୀ ସ୍ତ୍ରୀ—3. A disloyal wife (M. W.)

୯ । ସଙ୍ଗୀତର ୫ମ ସ୍ୱର—
9. The fifth note in music (M. W.)

ଚପଳାକ୍ରୀଡ଼ା—ସଂ. ବି (୬ଷ୍ଠୀ ତତ୍; ଚପଳା + କ୍ରୀଡ଼ା)—
Chapalākrirdā ଚପଳାଲୀଳା (ଦେଖ)—
Chapalalīlā (See)

ଚପଳାକ୍ଷ—ସଂ. ବିଣ. ପୁଂ (ବହୁବ୍ରୀହି; ଚପଳ ଅକ୍ଷି)—ଯେ ଇତସ୍ତତଃ ଆଖି
Chapalāksha ବୁଲାଉଥାଏ—One whose eyes move
(ଚପଳାକ୍ଷୀ—ସ୍ତ୍ରୀ) to and fro

ଚପଳାଙ୍ଗ—ସଂ. ବି (ବହୁବ୍ରୀହି; ଚପଳ + ଅଙ୍ଗ)—ଶିଶୁମାର; ଜଳଜନ୍ତୁ-
Chapalānga ବିଶେଷ—Porpoise; Gangeticus Delphinus.

ଚପଳାଲୀଳା—ସଂ. ବି (ଚପଳା + ଲୀଳା)—୧ । (୬ଷ୍ଠୀ ତତ୍)
Chapalālīlā ମେଘରେ ବିଜୁଳି ଝଟକିବା; ବିଜୁଳି ଝଟକ—
1. The play-flash of lightning in the clouds.

ଘନେ ଚପଳାଲୀଳା, ଗୃହେଁ ଘନ ଭୁଜଲୀ ଭୁ କ ଏ ଅଭଳାଷ କହିଲୁରେ—
କବିସମ୍ରାଟ୍. ଯଶୋଦାଚମ୍ପୂ ସ. ଗୀତ ।

୨ । (ଉପମିତ ସମାସ) ବିଜୁଳି ଝଟକପରି ଚଞ୍ଚଳ ଅଙ୍ଗ ସଞ୍ଚାଳନ—2. Brisk movement of the limbs like lightning flash.

ଚପଳେ—ଦେ. କ୍ରି. ବିଣ (ସଂ. ଚପଳମ୍)—୧ । ଶୀଘ୍ର; ଚଞ୍ଚଳ—
Chapale 1. Quickly.

ଚୁମ୍ବି ବାରୁଣୀକି ଦିନ ସୂର୍ଯ୍ୟ, ଚପଳେ ଅମ୍ବର ବରଜନ୍ତି ।
କବିସୂର୍ଯ୍ୟ. ଯଶୋଦାଚମ୍ପୂ, ଚ. ଗୀତ ।

୨ । (ଲକ୍ଷଣାର୍ଥ) ଚପଳତା ସହକାରେ; ଆଗ ପଛ ବିଚାର ନ କରି—2. Precipitously.

ତ ଭଟେ ନ ରଖିଲ ସେ ସ୍ନେହକୁ, ଚପଳେ ଛଡ଼ାଇ ଦେଇ ଦେହକୁ ।
କବିସୂର୍ଯ୍ୟ. କବିତା. କଲ୍ଲୋଳ ।

ଚପସିବା—ଦେ. କ୍ରି (ସଂ. ଶୁଷ ଧାତୁ)—୧ । କାଳି ଶୋଷିନେବା; ଛପା
Chapasibā କାଗଜରେ କାଳି ଟାଣି ହୋଇଯିବା—1 To soak (said of a blotting paper).
चपसान

सेखना ୨ । ପୁରୁଣା କାଗଜରେ ଲେଖିଲାବେଳେ କାଗଜରେ କାଳି ଭେଦିଯିବା—2. To soak (said of old paper when written upon.)

ଚପା—ଦେ. ବି (ସଂ. ଚପ ଧାତୁ = କୁଟିବା; ଦଳିବା)—୧ । ଚାପ—
Chapā 1. Pressure.
चापा ୨ । ଚୁପିବା; ଦାବିବା—2. Pressing down.
दाब; चपना

ଚପାଇବା—ଦେ. କ୍ରି—୧ । ଚପିବା କ୍ରିୟାର ଣିଜନ୍ତରୂପ—
Chapāibā 1. The causative form of chapibā.
चापान ୨ । କାଗଜରେ ଅଠାଦ୍ୱାରା ଅନ୍ୟ ପାତଳା ବସ୍ତୁ (କୋର୍ଟଫି,
चपाना चापना ଟିକଟ) ଲଗାଇବା—2. To stick something with gum to another thing.
(ଯଥା—ଦରଖାସ୍ତ ଉପରେ କୋର୍ଟଫି ଚପାଇବା ।)

୩ । ଦବାଇବା; ଦାବିବା—3. To press.

୪ । ଲୁଚାଇବା; ଗଡ଼ାପ୍‌କରିବା—
4. To hush up a thing; to suppress.

୫ । ସମସ୍ତଙ୍କୁ ଭୟରେ ନତମସ୍ତକ ବା ଚୁପ୍ କରାଇବା—
5. To silence a person by frightening.

୬ । ଅନ୍ୟଦ୍ୱାରା ଚୁପିବା କର୍ମ କରାଇବା—
6 To cause to press

୭ । କାଗଜ ଉପରେ ଲେଖା ହୋଇଥିବା କାଳକୁ ଶୋଷିବା ନିମନ୍ତେ ଚପା କାଗଜ ମାଡ଼ିବା—To blot a writting with blotting.

୮ । ଧମକାଇବା—8. To threaten.

ଚପାକାଗଜ—ଦେ. ବି.—୧ । ଯେଉଁ କାଗଜରେ ଲେଖିଲେ କାଳି
Chapākāgaja କାଗଜଦ୍ୱାରା ଶୋଷି ହୋଇ ଯାଏ ବା କାଗଜ
चापाकागज ମଧ୍ୟକୁ କାଳି ଚପି ଯାଏ—
सोखता 1. Paper into which the ink soaks.

୨ । ମସିଶୋଷକ ପତ୍ର; ଛପାକାଗଜ; ଯେଉଁ କାଗଜ ସାହାଯ୍ୟରେ ଲିଖିତ କାଗଜରୁ କାଳି ଶୋଷି ନିଆଯାଏ—
2. Blotting paper.

ଚପାଚପି—ଦେ. ବି.—ଚପା (ଦେଖ)
Chapāchapi Chapā (See)
चापाचापी

ଚପିବା—ଦେ. କ୍ରି.—(ସଂ. ଚପ ଧାତୁ = କୁଟିବା)—୧ । ଦବିବା—
Chapibā 1. To sink down.
चापा ୨ । କାଳି ଆଦି କାଗଜରେ ଶୋଷି ହୋଇ ଯିବା—
चपना, दबना 2. To soak or sink (said of ink soaking into paper).

୩ । ଅନ୍ୟର ପ୍ରତାପରେ ଭୟ ପାଇ ଚୁପ ହେବା—
3. To be frightened to silence.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଦ୍ଧଶାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ

୪ । ଲଜ୍ଜିତ ହେବା—4. To be ashamed.

ଚପିଯିବା—ଦେ. କ୍ରି.—ଚପିବା (ଦେଖ)
Chapijibā Chapibā (See)
চেপেযাওয়া
चपयाना

ଚପେଟ—ସଂ. ବି.—(ଚପ ଧାତୁ + ଭାବ. ଏଟ)—୧ । ଚାପୁଡ଼ା—
Chapeṭa 1. Slap.
୨ । ଚାପୁଡ଼ାଇବା—2. Patting; slapping.

ଚପେଟାଘାତ—ସଂ. ବି.—ଚପଟାଘାତ (ଦେଖ)
Chapeṭāghāta Chapaṭāghāta (See)

ଚପେଟିକ—ସଂ. ବି.—ଚପେଟ (ଦେଖ)
Chapeṭika Chapeṭa (See)

ଚପେଟିକା—ସଂ. ବି.—ଚପେଟ (ଦେଖ)
Chapeṭikā Chapeṭa (See)

ଚବ୍ ଚବ୍—ଦେ. ଅ.—(ଧ୍ୱନ୍ୟନୁକରଣ)—ଅଳ୍ପ ପାଣିରେ ବା କାଦୁଅରେ
Chab chab ଚାଲିବାର ବା ହାତ ପାପୁଲି ବାଡ଼େଇବାର ଶବ୍ଦ—
চপচপ Splattering or splashing sound of striking
चपड़ चपड़ or walking shallow water or mud.

ଚବ୍ରା—ପ୍ରାଦେ. (ସମ୍ବଲପୁର) ବିଣ.—ଚବ୍ରା (ଦେଖ)
Chabrā Chabrā (See)

ଚବ୍ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି.—(ହିନ୍ଦ. ହି. ଚବାନା)—
Chablāibā ପାଗୁଳାଇବା—To ruminate.

ଚବକା—ଦେ. ବି.—ଅତି କ୍ଷୁଦ୍ର ଅଗଭୀର ଜଳାଶୟ—
Chabakā Very small shallow tank.

ଚବତି—ପ୍ରାଦେ. (ସିଂହଭୂମ) ବି.—ପତ୍ରର ଦନା—A cup made
Chabati of leaves sewn together.

ଚ ବର୍ଗ—ସଂ. ବି.—(୬ଷ୍ଠୀ ତତ୍; ଚ+ବର୍ଗ)—ଚ, ଛ, ଜ, ଝ, ଞ ଏହି
Cha barga ୫ ବ୍ୟଞ୍ଜନ ବର୍ଣ୍ଣ—The 5 consonants allied to 'ch'.

ଚବନ—ସଂ. ବି.—ଚଇଁକାଠ (ଦେଖ)
Chabana Chaiṅkātha.

ଚବା—ପ୍ରାଦେ. (ସମ୍ବଲପୁର) ବି.—କାଇଁଶ—
Chabā The kāsa reed.

ଚବି—ସଂ. ବି.—ଚଇଁକାଠ (ଦେଖ)
Chabi Chaiṅkātha (See)
ଚବିକ
ଚବିକା } ଅନ୍ୟରୂପ
ଚବୀ

ଚବିଦସ୍ତିଆମାଣ—ଗ୍ରା. ବି—ଚବିଶିଦସ୍ତିଆମାଣ (ଦେଖ)
Chabidastiāmāṇa Chabisidastiāmāṇa (See).

ଚବିଦସ୍ତିପଦିକା—ଗ୍ରା. ବି—ଚବିଶିଦସ୍ତିଆପଦିକା (ଦେଖ)
Chabidastipadikā Chabisidastiāpadikā (See).

ଚବିଲ୍ଲ—ଦେ. ବିଣ (ସଂ. ଛବିଲ)—୧ । ଛଇଲ (ଦେଖ)
Chabilā 1. Chhaila (See)
ছেবলা (ସଂ. ଚପଲ)—୨ । ଚଗଲା; ଚପଳସ୍ୱଭାବ—2. Fickle.

ଚବିଶ (ଇତ୍ୟାଦି)—ଦେ. ବି (ସଂ. ଚତୁର୍ବିଂଶ; ପ୍ରା. ଚଉବିସା)—
Chabisa etc ଚବିଶି ଇତ୍ୟାଦି (ଦେଖ)
Chabisi etc (See)

ଚବିଶାକୁଟା—ଦେ. ବି—୨୪ ଗୌଣୀ ଧାନ କୁଟା ଦେଲେ ତହିଁରୁ
Chabisākuṭā ୧୦ ଗଉଣୀ ଚାଉଳ ପାଇବାର ରୀତି—
The mode of supplying 10 'Gaunies' of rice for every 24 Gaunies of paddy given to a woman of husking.
[ଦ୍ର—ଆମ ଦେଶରେ ୨୨ ଗୌଣୀ ଧାନ ଦେଲେ କୁଟୁଣୀମାନେ ୧୦ ଗୌଣୀ ଅରୁଆ ଚାଉଳ ଦିଅନ୍ତି ଓ ୨୪ ଗୌଣୀ ଧାନ ଦେଲେ ୧୦ ଗୌଣୀ ଅରୁଆ ଚାଉଳ ଦିଅନ୍ତି । ୧୦ ଗୌଣୀ ଚାଉଳ ଦେଇ ଅଧିକରୁ ଯାହା ବଳେ ତାହା କୁଟୁଣୀମାନେ ଆପଣାର ପାରଶ୍ରମିକରୂପେ ନିଅନ୍ତି ।]

ଚବିଶାକୁଟାପ୍ରମାଣେ—ଦେ. କ୍ରି. ବିଣ—୨୪ ଗୌଣୀ ଧାନରୁ ୧୦
Chabisākuṭāpramāṇe ଗୌଣୀ ଚାଉଳ ମିଳିବା ହିସାବରେ—
At the rate of 10 gaunies of rice for every 24 gounies of paddy given to the husked.
(ଯଥା—ଚାରି ଭରଣ ଧାନରୁ ଚବିଶା କୁଟାପ୍ରମାଣେ କେତେ ଚାଉଳ ହେବ ?)

ଚବିଶାଦୁଇଶହ—ଦେ. ବି—ଦୁଇଶହ ଚବିଶ—
Chabisāduisaha 224.

ଚବିଶାଶହେ—ଦେ. ବି. (ସଂ. ଚତୁର୍ବିଂଶୋତ୍ତରଶତ)—ଏକଶହଚବିଶ—
Chabisāsahe 124

ଚବିଶି—ଦେ. ବି. (ସଂ. ଚତୁର୍ବିଂଶ, ପ୍ରା. ଚଉବିସା)—
Chabisi କୋଡ଼ିଏରୁ ଚାରି ଅଧିକ ସଂଖ୍ୟା; ଚତୁର୍ବିଂଶ ସଂଖ୍ୟା—
চবিশ 24; Twentyfour.
चौबिस ବିଣ—୧ । ଚତୁର୍ବିଂଶ ସଂଖ୍ୟକ—
1 Numbering twentyfour.
୨ । ଚତୁର୍ବିଂଶର ପୂରଣ—2. Twentyfourth.

ଚବିଶିଘଣ୍ଟା—ଦେ. ବି—ଦିନରାତି; ଅହୋରାତ୍ର—
Chabisighaṇṭā Day and night.
চবিশঘন্টা
चौबिसघन्टा

ଚବିଶିଦସ୍ତିଆ ମାଣ—ଦେ. ବି—ଉତ୍କଳ ଦେଶପ୍ରଚଳିତ ଭୂମିପରିମାଣ
Chabisidastiāmāṇa ବିଶେଷ; ଏକ ଏକର୍—One acre; a unit of land measurement in Orissa
[ଦ୍ର—ଚବିଶିଦସ୍ତି ପଦିକାରେ ଦୀର୍ଘରେ ୨୦ ପଦିକା ଓ ପ୍ରସ୍ଥରେ ୨୦ ପଦିକା ପରିମିତ ବର୍ଗକ୍ଷେତ୍ର ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଂ	ଉଅ	ଞ୍ଚ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଙ୍ଗ	ନ୍ତ

ଚବିଶିଦସ୍ତି ପଦିକା —ଦେ. ବି—ଉତ୍କଳର ଭୂମି ମାପିବାର ନଳ ବା କାଠି-
Chabiśidasti padikā ବିଶେଷ; ୧୦ ଫୁଟ ୫ ଇଞ୍ଚ ୧ ଯବ-
ପରିମିତ ଯଷ୍ଟି—A measing rod for land measure in Orissa.

[ଦ୍ର—ଚବିଶଦସ୍ତି ପଦିକାର ପରିମାଣ ୭ ହାତ; ମାତ୍ର ପୂର୍ବ-କାଳରେ ପ୍ରଜାମାନଙ୍କୁ ଜମି ଦେବାରେ ପ୍ରତାରିତ କରିବାପାଇଁ ଜମିଦାରମାନେ ଏହି ପରିମାଣକୁ ବଢ଼ାଇ ଦେଇ ପଦିକାକୁ ଛଅ ହାତ ଏକକାଣୀ ବା ହା ୬।୨୨ ଅଙ୍ଗୁଳ ରଖିଥିଲେ; ଏହା ଇଂରେଜି ୧୦ ଫୁଟ ୫ ଇଞ୍ଚ ୧ ଯବ ସଙ୍ଗେ ସମାନ ।]

ଚବିଶିଦସ୍ତି ମାଣ—ଦେ. ବି—ଚବିଶିଦସ୍ତିଆ ମାଣ (ଦେଖ)
Chabiśidasti māṇa Chabiśidastiā māṇa (See)

ଚବେଣା—ଦେ. ବି. (ସଂ. ଚର୍ବଣ; ହିନ୍ଦିରୁ ଅନୁକୃତ)—
Chabeṇā ଚାଉଳ, ମୁଗ, ବିରି, ବୁଟ ଓ ଚଣାଆଦି ଶସ୍ୟ ଭଜା
চবেনা ହୋଇ ଚୋବାଇବାପାଇଁ ବ୍ୟବହୃତ ଖାଦ୍ୟ—
चबैना Fried grains of several kinds mixed together and chewed as a refreshment.

ଚବ୍ୟ—ଗ୍ରା. ବିଣ (ସଂ. ଚର୍ବ୍ୟର ଅଶୁଦ୍ଧ ଉଚ୍ଚାରଣ)—୧ । ଚୋବାଇବାର
Chabya ଯୋଗ୍ୟ—Chewable.

[ଦ୍ର—ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ, ସ୍ଥାନରେ କେହି କେହି ଲେଖକ 'ଚବ୍ୟ' ବ୍ୟବହାର କରିବାର ଦେଖାଯାଏ ।]

ସଂ. ବି—୧ । ଚଇଁକାଠ (ଦେଖ)
1. A medicinal creeper; piper chaba
୨ । କପାଗଛ—2. The cotton plant (M.W.)

ଚବ୍ୟକାଷ୍ଠ—ସଂ. ବି.—ଚଇଁକାଠ (ଦେଖ)
Chabyakāshṭha A piper chaba.

ଚବ୍ୟଜା—ସଂ. ବି—ଗଜପିପ୍ପଳୀ—
Chabyajā Scinapsus offiicinalis (fruit).
(ଚବ୍ୟଫଳ—ଅନ୍ୟରୂପ)

ଚବ୍ରା—ପ୍ରାଦେ. (ସମ୍ବଲପୁର) ବିଣ—(ଯେ ଚୋବେ)—୧ । ହିଂସ୍ର—
Chabrā 1. Destructive; malicious; injurious
୨ । କାମୁଡ଼ା—2. Currish; given to biting.

ଚମ୍ (ଧାତୁ)—ସଂ. ୧ । ଭକ୍ଷଣ କରିବା—1. To eat.
Cham (root) ୨ । ଗମନ କରିବା—2. To go
୩ । ଧ୍ୱଂସ କରିବା—3. To destroy.

ଚମ୍—ପ୍ରାଦେ. (ସମ୍ବଲପୁର) ବି—(ସଂ. ଚର୍ମ)—ଚମ—
Cham Skin.

ଚମ୍ଚଟା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚର୍ମଚଟକ)—
Chamchaṭā ଚମଣି ଚଢ଼େଇ; ଚମଚଟା—Small bat.

ଚମ୍ଚମ୍—ଦେ. ବି. (ସଂ. ଚମଧାତୁ=ଖାଇବା)—ଛେନା ରସରେ ପାକ
Chamcham ହୋଇଥିବା ଦୁଧଛେନାର ଏକପ୍ରକାର ମିଷ୍ଟାନ୍ନ—
চমচম A kind of sweetmeat.
चमचम

ଚମ୍ଡୁଲା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଚର୍ମ ଓ ଦଲ ଧାତୁ)—
Chamḍulā ଚମଦଲା—A kind of itches.

ଚମ—ଦେ. ବି. (ସଂ. ଚର୍ମ; ପ୍ରା. ଚମ୍ମ, ଚୃମ)—
Chama ୧ । ଜୀବଦେହର ଚର୍ମ; ଜୀବଦେହର ମାଂସ; ଶିରା
চামড়া, চাম ଓ ହାଡ଼କୁ ଘୋଡ଼ାଇଥିବା ପତଳା ଆବରଣ—
चाम 1. Skin.

ଚମ କେଡ଼ିକି ଝିନା ଚଉଦଣିକ । ମନବୋଧ ଚଉତିଶା ।

୨ । ଖାଲ; ଚମଡ଼ା—2. Hide.

ଗୋରୁ ଚମ ଘେନି ଯେ ନାହାକ କେନ କାଣ୍ଡ । ବଳରାମ. ରାମାୟଣ ।

୩ । ପରିଷ୍କୃତ ଚମଡ଼ା—3. Leather.
୪ । ମଳଚମ—4. A very thin layer of skin on the body.
୫ । ଭଣ୍ଡାରୀଙ୍କ ଚଟପଟୀ—5. Barber's strop.

ଚମଉକୁଣି—ଦେ. ବି. (ଚର୍ମ+ଉତ୍କୁଣ)—
Chamaukuṇi ଦେହ, ଚର୍ମ ଓ ଆଖି ପତା ପ୍ରଭୃତି ସ୍ଥାନର କେଶରେ
চামউকুন্ ଜାତ ଉକୁଣିଆ ପୋକବିଶେଷ—
चमोकन, चमजुइ Skin-louse; louse-mite; crab-louse; morpion; Pediculus pubies.

ଚମଉକୁଣିଆଁ—ଦେ. ବିଣ. (ଲକ୍ଷଣାର୍ଥ)—ଚମ ଉକୁଣି ଚମରେ ଲାଗିଲା
Chamaukuṇiān̐ ପରି ଯେ କୌଣସି ବିଷୟରେ ଜୋର କରି ଲାଗି
चिलहड़ि ରହେ ଓ ସହଜରେ ଛାଡ଼େ ନାହିଁ—
(figurative) Tenaciously sticking to a thing (like skin louse)

[ଦ୍ର—ବଙ୍ଗଳାରେ ଓ ହିନ୍ଦୀରେ 'ନାଛୋଡ଼ବନ୍ଦା' ଯେଉଁ ଅର୍ଥରେ ବ୍ୟବହୃତ ହୁଏ ଓଡ଼ିଆରେ 'ଚମଉକୁଣିଆ', 'ଚେମରଚଟୁ' ସେହି ଅର୍ଥରେ ବ୍ୟବହୃତ ହୁଏ । ହିନ୍ଦିରେ ମଧ୍ୟ ଚମଜଇ ବ୍ୟବହୃତ ହୁଏ ।]

ଚମକ—ଦେ. ବି. (ସଂ. ଚମତ୍କାର; ପ୍ରା. ଚମକ୍କ; ଚିଁହିଁକ)—
Chamaka ୧ । ହଠାତ୍ ଉପସ୍ଥିତ କ୍ଷଣିକ ଭୟ; ଛନିଆ; ଚମକି
চমক ପଡ଼ିବା—1. Panic; alarm; mincing
चौंक through sudden fright; alarm.

ବେଗି କରପଦ୍ମ ପୁରେ ଚମକ ପଡ଼ିଲା । ଶିଶୁଶଙ୍କର. ଉଷାଅଭିଳାଷ ।

୨ । ବିସ୍ମୟ—2. Astonishment.

ଚମକ ଚକିତ ହିଦ ସୀ
ହା ! ଖେଦନ ମିଶାମିଶି । ଭୂପତି. ପ୍ରେମପଞ୍ଚାମୃତ ।

চমক ୩ । (ବିଦ୍ୟୁତ ଆଦିର) ହଠାତ୍ ପ୍ରକାଶିତ କ୍ଷଣିକ ଆଲୋକ;
चमक ଝଟକ—3. A flashing light; flash; glitter.
୪ । ହଠାତ୍ ଭୟଜନିତ ହୃଦର କମ୍ପନ ବା ସ୍ପନ୍ଦନ—
4. Palpitation of the heart (due to fright)

ଉଠେ ଗାତ୍ରରେ ଚମକ ଶତ ଶତ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଚାକଚକ୍ୟ; ଝଟକ—5. Glitter.

ବିଣ—୧ । ଅସ୍ଥିର, ଛନକା—
1. Wincing; suddenly frightened.

୨ । ଯାହା ହଠାତ୍ ଭୟ ଜନ୍ମାଏ—
2. Frightening; frightful; alarming

ବାଦ୍ୟ ଶବଦର ଚମକ ଚମକ ଦାନବେନ୍ଦ୍ର ଦାନ କରଣ ।
ଭଞ୍ଜ, ବୈଦେହୀଶବିଳାସ ।

୩ । ଚକମକ କରୁଥିବା—3. Glittering; flashing.

ଚମକ ଛଡ଼ାଇବା—ଦେ. କ୍ରି—ଚମକ ଭାଙ୍ଗିବା (ଦେଖ)
Chamaka chhaṛāibā Chamaka bhāṅgibā (See)

ଚମକଛିଣ୍ଡାଳ—ଦେ. ବିଣ. ସ୍ତ୍ରୀ. (ଗାଳିବିଶେଷ)—
Chamakachhiṇḍāḷa
चमकचाँदनी
चुपछिनाल
(ଚମକଛିଣ୍ଡାଳୀ—ଅନ୍ୟରୂପ)

୧ । ଯେ ଜାଣି ଶୁଣି ପର ପୁରୁଷ ସଙ୍ଗେ ପାପପ୍ରଣୟ କରୁଥାଏ ଅଥଚ ମଝିରେ ମଝିରେ କେହି ମୁରବୀ ଲୋକ ଆସିବା ବା ଧରା ପଡ଼ିବା ଭୟରେ ବାହାନା କରି ଚମକି ପଡ଼ୁଥାଏ—
1. A flirt; a term of abuse applied to a cunning and loose flirt.

୨ । ଯେଉଁ ଦୁଷ୍ଚରିତ୍ରା ସ୍ତ୍ରୀ ଖୁବ ଆଡ଼ମ୍ବରରେ ଥାଏ—
2. A gaudy adulteress.

୩ । ଗୁପ୍ତ ବ୍ୟଭିଚାରିଣୀ ସ୍ତ୍ରୀ—3. An adulteress who plies her trade secretly.

ଚମକଢ଼ା—ଦେ. ବି—ଗୋଡ଼ ଓ ଗୋଇଠିତଳପାରୁ ମଳଚମ ଚାଞ୍ଛି ନେବାର ନଖରୁଣୀ—An instrument used by barbers to scrape off the redundant layers of skin from the heels.
Chamakaṛhā
चामकाटा
चमछिलनी

[ଦ୍ର—ଆମ ଦେଶର ସ୍ତ୍ରୀଲୋକମାନେ ବହୁତ ଚାଲବୁଲ ନ କରିବାରୁ ସେମାନଙ୍କ ତଳପାରେ ମଳଚମ ଜମେ । ଭଣ୍ଡାରୁଣୀମାନେ ତଳପାକୁ ପାଣିରେ ବତୁରାଇ ମଳଚମ ଫୁଲି ଗଲାରୁ ଚମକଢ଼ାରେ ତାକୁ ଚାଞ୍ଛି ଦେଇ ତା ଉପରେ ଅଲତା ଦିଅନ୍ତି ।]

ଚମକଦମକ—ଦେ. ବି. (ସହଚର)—ଚାକଚକ୍ୟ; ଉଜ୍ଜ୍ୱଳତା; ଦୀପ୍ତି—
Chamakadamaka Glitter; splendour.
चमकदमक
चमकदमक
(ଯଥା—ତା ଚମକଦମକ ଦେଖି ମୁଁ ତ ଆଶ୍ଚର୍ଯ୍ୟ ହୋଇଗଲି ।)

ଚମକଦାର—ଦେ. ବିଣ—ଚକଚକିଆ—
Chamakadāra Glittering; dazzling.
चमकदार
चमकदार

ଚମକଧମକ—ଦେ. ବି—ଧମକଚମକ; ଧମକାଧମକି—
Chamakadhamaka Threats; threatenings.
धमकचमक

ଚମକ ପଡ଼ିବା—ଦେ. କ୍ରି—ଶୁଣିବା ଲୋକ ମନରେ ଛନକା ବା କମ୍ପ ଉପସ୍ଥିତ ହେବା—Being frightened or startled.
Chamaka paṛibā
चमकआसा
चौंकआना

ନୋହିଲେ ଚମକ ଭୂଷା ନାମେ ଏଡ଼େ ପଡ଼େ
ମେରୁମନ୍ଦର ଯେ ଭାଙ୍ଗିବ ଚୋର ଦାଢ଼େ—ପୀତାମ୍ବର. ନୃସିଂହପୁରାଣ

ଚମକ ପଶିବା—ଦେ. କ୍ରି—ମନରେ ହଠାତ୍ ଉପସ୍ଥିତ ଭୟର ଛାୟା ରହିଯିବା—Lingering of wincing sensation in the mind.
Chamaka paśibā
चमकटुका

ଚମକ ଭଙ୍ଗାଇବା—ଦେ. କ୍ରି—ଚମକ ଭାଙ୍ଗିବା (ଦେଖ)
Chamaka bhaṅgāibā Chamaka bhāṅgibā (See)
चमकभाङ्गान
चमकतोड़ना

ଚମକ ଭାଙ୍ଗିବା—ଦେ. କ୍ରି—୧ । ଯୁଦ୍ଧସ୍ଥଳାଦିକୁ ମନୁଷ୍ୟ ବା ଘୋଡ଼ା ଆଦିକୁ ନେଇ ସେମାନଙ୍କ ମନରୁ ହଠାତ୍ ଛନକା ହେବା ଖୋଇକୁ ଛଡ଼ାଇବା; ଅଭ୍ୟାସ-ଦ୍ୱାରା ମନରୁ ହଠାତ୍ ଭୟ ଛଡ଼ାଇବା—
Chamaka bhāṅgibā
चमकभाङ्गान
चौंकतोड़ना
1. To make a man or animal invulnerable against wincing by constantly habituating him to frightening scenes.

୨ । ଭୟ ଦୂର କରାଇବା—2. To remove fear,

ଚମକରେ—ଦେ. କ୍ରି. ବିଣ—ଝଟକରେ; ଆଡ଼ମ୍ବରରେ—
By the splendour of.

କଥା ଚମକରେ ଚମକଇ ମଣ୍ଡି ରହେ ସିନା କ୍ଷଣ ମାତର—
ଉପେନ୍ଦ୍ର. ଗୀତଲହରୀ ।

ଚମକ ଲାଗିବା—ଦେ. କ୍ରି—ଚମକ ପଶିବା (ଦେଖ)
Chamaka lāgibā Chamaka paśibā (See)

ଚମକା—ଦେ. ବି—ମନରେ ହଠାତ୍ ଭୟ ବା ଛନକା ପଶିବା—
Chamakā Wincing.
चमका
चौंका

चमकिया ଦେ. ବିଣ. ପୁଂ ଓ ସ୍ତ୍ରୀ—ଯେ ହଠାତ୍ ଚମକଉଠେ; ଛନକା—Wincing; timid.
चौंकना
(ଯଥା—ଚମକା ଘୋଡ଼ା ।)

ଚମକାଇବା—ଦେ. କ୍ରି. (ସଂ. ଚମତ୍କୃତ; ପ୍ରା. ଚଁମକ; ଚମକିବାର ଣିଜନ୍ତ ରୂପ)—୧ । ଭୟ ଦେଖାଇବା; ଡରାଇବା—
Chamakāibā 1. To frighten.
चमकान
चौंकाना

ମିଛ କୋହେ ଷଣ୍ଢ ସେ ଶ୍ଲୋକ ଯୋଗେ ଯୋଗେନ୍ଦ୍ରଙ୍କୁ ଚମକାଇବ—
ଭଞ୍ଜ. ପ୍ରେମସୁଧାନିଧି ।

(ଚମକେଇବା—ଅନ୍ୟରୂପ) ୨ । ଅସ୍ତ୍ରଆଦିର ଉଜ୍ଜ୍ୱଳଫଳାକୁ ଇତସ୍ତତଃ ସଞ୍ଚାଳିତ କରିବା ଝଟକାଇବା—
2. To cause to glitter; to flash (bright bladed weapons).

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଊଅ	ଘ୍ନ
୨	ଈ	ଉ	ଋୁ	ଳୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ନ

ଏଇ ଦେଖ ସୈନିକମାନେ ଅସ୍ତ୍ରଗୁଡ଼ାକ ଚମକାଇ କରନ୍ତି ଅଗ୍ନି ଭରନ୍ତ
ଅନାଇଅଛନ୍ତି—ମଧୁସୂଦନ. ଉତ୍ତରରାମଚରିତ ।

चमकाना ୩ । ଚକଚକଆ ପୋଷାକ ଦେଖାଇବା—
3. To parade one's dress.

୪ । ଇତସ୍ତତଃ ସଞ୍ଚାଳିତ କରାଇବା—
4. To cause to move to and fro.

ଘନ ଅନୁରୂପ କମ୍ପ ଚମକାଏ ଶୈଶବନ୍ଧନ ମସ୍ତକେ—
ମଧୁସୂଦନ. ଉତ୍ତରରାମଚରିତ ।

ଚମକାଣ—ଦେ. ବି—୧ । ଚମକାଇବା କର୍ମ—
Chamakāṇa 1. Act of causing to flash.
चमकानि ୨ । ଚମକ (ଦେଖ)—2. Chamaka (See)

ଚମକି ଉଠିବା—ଦେ. କ୍ରି—ଚମକି ପଡ଼ିବା (ଦେଖ)
Chamaki uṭhibā Chamaki par̤dibā (See)
चमकेउठा
चौँकउठना

ଚମକିତ—ଦେ. (ପଦ୍ୟ) ବିଣ. (ସଂ. ଚମତ୍କୃତ)—ହଠାତ୍ ତ୍ରସ୍ତ—
Chamakita Suddenly frightened; alarmed.

ଚମକି ପଡ଼ିବା—ଦେ. କ୍ରି. (ସଂ. ଚମତ୍କୃ; ଚମତ୍କାର)—
Chamaki par̤dibā ୧ । ହଠାତ୍ ଛନକା ହେବା—
चमकेउठा 1. To wince; to be startled; to take a
चौँकपड़ना sudden fright.

୨ । ଭୟତ୍ରସ୍ତ ହେବା; (ଛାତି) ଧଡ଼ଫଡ଼ କରିବା—
2. To be alarmed.

୩ । କମ୍ପିବା—3. To tremble.

୪ । ଭୟତ୍ରସ୍ତ ହେବାରୁ କମ୍ପିତ ହେବା—
4. To shake in fear.

ଚମକିବା—ଦେ. କ୍ରି. (ସଂ. ଚମତ୍କୃ; ପ୍ରା. ଚମକ୍କି)—
Chamakibā ୧ । ହଠାତ୍ ଦୂରକୁ ଖରବେଗରେ ଗତି କରିବା—
चमका 1. To shoot forth; to shoot out.
चमचमाना; चमकना ବକୁଳ ପରବେ ବାଣ ଚମକେ ଗଗନେ—
ମଧୁସୂଦନ. ବର୍ଣ୍ଣବୋଧ ।

୨ । (ଅସ୍ତ୍ରାଦି) ଇତସ୍ତତ ସଞ୍ଚାଳିତ ହେବା—
2. To be marshalled or moved to and fro (weapons).

ସଂଗ୍ରାମପ୍ରାଙ୍ଗଣେ ଧୂଳିପଟଳ ମଧ୍ୟରେ
ସୈନିକଙ୍କ ଅସ୍ତ୍ରଜାଳ ଚମକଇ ଘରେ—ମଧୁସୂଦନ. ଉତ୍ତରରାମଚରିତ ।

୩ । ଝଟକିବା—3. To flash; to glitter.

चौंकना; चौंधना ୪ । ଭୟ ଯୋଗୁଁ (ଛାତି) ଧଡ଼ଫଡ଼ କରିବା—
4. To palpitate; to throb.

ଚମକି ଚ ନାହିଁ ମୋର ଛାତି—କବିସୂର୍ଯ୍ୟ. ଗୋପୀଚନ୍ଦ୍ର. ଚ ଗୀତ ।

୫ । ଚମକି ଉଠିବା; ହଠାତ୍ ଭୟରେ ଛନକା ହେବା—
5. To be startled; to wince.

୬ । କମ୍ପିବା—6. To tremble.

କଥା ଚମକରେ ଚମକଇ ମଣ୍ଡି ରହେ ସିନା କ୍ଷଣମାତର—
ରାଧାନାଥ. ଗୀତରହସ୍ୟ ।

୭ । ଭୟରେ କମ୍ପିବା—
7. To tremble through fear.

ବୋଲନ୍ତ ବଚନ ଶୁଣି କମ୍ପଇ ଦେହ—ପ୍ରାଚୀ. ଶିଶୁଶଙ୍କର ଉଷାଭିଳାଷ

[ଦ୍ର—ଚମକିବାର ଅସମାପିକା ରୂପ ସଙ୍ଗେ ଉଠିବା, ପଡ଼ିବା, ଯିବା କିମ୍ବା ଲାଗେ ।]

ଚମଚ—ଦେ. ବି. (ସଂ. ଚମସ; ଫା. ଚମଚ୍)—ଶୁମଚ; ଧାତୁନିର୍ମିତ
Chamacha କ୍ଷୁଦ୍ର ଅଣକ—Spoon.
चामच
चमचा

ଚମଚଟା—ଦେ. ବି. (ସଂ. ଚର୍ମଚଟିକା)—୧ । ଚେମ୍ପିଣି ଚଢ଼ାଇ—
Chamachaṭā 1. House bats; small bat.
चामचिका ଚମିରକୁ କହୁଁ ବକନ୍ତି ଦଳେ ପକ୍ଷୀବାରେ ଚମଚଟା—
चमचिचड़ ରାଧାନାଥ. ପାର୍ବତୀ ।

ଚମଚଟିଆ
ଚମଚଟୁଆ
ଚମଚଟା
ଚମଚଟାଳ } ଅନ୍ୟରୂପ

୨ । (ଲକ୍ଷଣାର୍ଥ) ଚେମ୍ପିଣି ଭଳିଆ ସାଙ୍ଗରେ ଲାଗିବା—2. Pertinacity.

ଦେ. ବିଣ—୧ । ଯେ କୌଣସି କାର୍ଯ୍ୟରେ ଜିଦ୍ ଧରି ଲାଗି ରହୁଥାଏ—ନୋଛୋଡ଼ବନ୍ଦା; 1. Pertinacious.

୨ । ଏକଗୁଣ୍ଡି; ଏକଜିଦିଆ—
2. Stubborn; obbstinate.

୩ । ଅକ୍ଳାନ୍ତ—3. Untired.

ଚମଚୋର—ଦେ. ବିଣ. ପୁଂ (ସଂ. ଚର୍ମ+ଚୌର)—
Chamachora ୧ । ଗୁପ୍ତ ପ୍ରଣୟକାରୀ—
लोच्चा 1. Mixing in love intrigues.
वजिनाकार, ୨ । ପର ସ୍ତ୍ରୀ ସଙ୍ଗେ ଆସକ୍ତ; ଲମ୍ପଟ—
चामचोर 2. Adulterous.

ଚମଚୋରି—ଦେ. ବି. (ସଂ. ଚର୍ମ+ଚୌର୍ଯ୍ୟ)—
Chamachori ୧ । ଲମ୍ପଟ୍ୟ; ପରସ୍ତ୍ରୀହରଣ—
लोच्चामी 1. Adultry.
चामचोरी ୨ । ଗୁପ୍ତପ୍ରୀତି—2 Macking illicit or secret love; love intrigues.

ଚମଡ଼—ଦେ· ବିଣ—ଚେମଡ଼ (ଦେଖ)
Chamar̤da Chemar̤da (See)

ଚମଡ଼ଚଟା—ଦେ. ବି ଓ ବିଣ—ଚମଚଟା (ଦେଖ)
Chamar̤dachaṭā Chamachaṭā (See)

ଚମଡ଼ଚଟ
ଚମଡ଼ଚଟିଆ
ଚମଡ଼ଚଟୁ
ଚମଡ଼ଚଟୁଆ } ଅନ୍ୟରୂପ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚମଡ଼ା—ଦେ. ବି. (ସଂ. ଚର୍ମ)— ୧ । ଶରୀରର ଚର୍ମ—1. Skin.
Chamar̤d̤ā ୨ । ଛାଲି—2. Hide.
চামড়া ୩ । ମସଲାଦ୍ୱାରା ପରିଷ୍କୃତ ହୋଇ ରଙ୍ଗ ଓ ପାଲିସ
चमड़ा ହୋଇଥିବା ଚର୍ମ—2. Leather.

ଚମଡ଼ା ଉତାରିବା—ଦେ. କ୍ରି. (ସଂ. ଚର୍ମ+ଉତ୍ତରଣ)—
Chamar̤d̤ā utāribā ୧ । ଜୀବ ଦେହରୁ ଚମଡ଼ାକୁ ବାହାର
চামড়া উতরান କରିବା; ଛାଲି ଉତାରିବା—
चमड़ा उधेड़ना 1. To flay.
୨ । (ଲକ୍ଷଣାର୍ଥ) ବିଶେଷ ପ୍ରହାର କରିବା—
2. To give a sound thrashing.

ଚମଡ଼ା କଷିବା—ଦେ. କ୍ରି—ଚମଡ଼ାକୁ ମସଲାପାଣିଦ୍ୱାରା ନରମ କରିବା-
Chamar̤d̤ā kasibā To tan leather.
চমড়া কাষা
चमड़ा सिझाना

ଚମଡ଼ାଛାଆଣି—ଦେ. ବି—ଢୋଲ ଆଦିର ମୁହଁରେ ଚମ ଆବୃତ କରିବା-
Chamar̤d̤ā chhāāṇi Covering or binding a drum with leather.
ଚମଡ଼ାଛୁଆଣି } ଅନ୍ୟରୂପ
ଚମଡ଼ାଛୁଆଣି }
ଦେ. ବିଣ—ଉପରେ ଚମଡ଼ା ପଡ଼ିଥିବା; ଚର୍ମାବୃତ—
Hide-bound; having the mouth or surface covered with leather.

ଚମତ୍— ସଂ. ଅ. (ଚମ୍ ଧାତୁ=ଚମକି ପଡ଼ିବା+କର୍ତ୍ତୃ. ଅତ୍)—
Chamat ଚମକିବା—Wincing.
[ଦ୍ର—ଏ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ଓଡ଼ିଆ ଭାଷାରେ ନାହିଁ ।]

ଚମତ୍କରଣ—ସଂ. ବି. (ଚମତ୍=ଆଶ୍ଚର୍ଯ୍ୟବୋଧ+କୃ ଧାତୁ+ଭାବ.
Chamatkaraṇa ଅନ)—୧ । ହଠାତ୍ ଆଶ୍ଚର୍ଯ୍ୟ କରିବା; ଆଶ୍ଚର୍ଯ୍ୟ ବୋଧ କରାଇବା; ଛନକାଁ କରିବା—
1. Astonishing; surprising; alarming
୨ । ଆଶ୍ଚର୍ଯ୍ୟବୋଧ—2. Astonishment.
୩ । ଉତ୍ସବ—3. Festival.
୪ । ଉଚ୍ଚ ଧରଣର ପଦ୍ୟ ରଚନା—
4. High poetical composition

ଚମତ୍କାର—ସଂ. ବି. (ଚମତ୍+କୃ ଧାତୁ+ଭାବ. ଅ)—
Chamatkāra ୧ । ଆଶ୍ଚର୍ଯ୍ୟ; ବିସ୍ମୟ—1. Astonishment; surprize; amazement.
ଗୁରୁମୁଖୁଁ ଶୁଣି ଲଭିଲେ ଚମତ୍କାର । କୃଷ୍ଣସିଂହ. ମହାଭାରତ. ବନ ।
୨ । ଅନିର୍ବଚନୀୟ ଆନନ୍ଦ—2. Exquisite; pleasure.
୩ । ମଉଜ ମଜଲିସ—
3. Festive turbulance (M. W.)
୪ । ଆଡ଼ମ୍ବର—4. Show (M. W.)
୫ । ଉଚ୍ଚ ଧରଣର ପଦ୍ୟରଚନା—
5. High poetical composition (M. W.)
୬ । ବୃକ୍ଷବିଶେଷ—
6. Achyranthes Aspera tree (M. W.)
୭ । ଆଶ୍ଚର୍ଯ୍ୟଜନକ ବିଷୟ (ହି. ଶବ୍ଦସାଗର)—
7. Wonderful thing.
୮ । ଅଲୌକିକ ବା ଅସାଧାରଣ ବିଷୟ (ହି. ଶବ୍ଦସାଗର)—
8. Extraordinary thing.
ଦେ. ବିଣ — ୧ । ଆଶ୍ଚର୍ଯ୍ୟଜନକ—
1. Wonderful; surprizing; imazing.
ସେ କଥା ଚମତ୍କାର ହେଉ ଏ ଲୋକର । କୃଷ୍ଣସିଂହ. ମହାଭାରତ. ବନ ।
୨ । ଆନନ୍ଦଦାୟକ—2. Charming.
୩ । ଉତ୍କୃଷ୍ଟ—3. Excelent; capital.
୪ । ଆଶ୍ଚର୍ଯ୍ୟାନ୍ୱିତ—
4. Amazed; wondering; surprised.
ତୁମ୍ଭ କଥା ଶୁଣି ମୁଁ ଚମତ୍କାର ହୁଏଁ । କୃଷ୍ଣସିଂହ. ମହାଭାରତ ବନ ।

ଚମତ୍କାରକ—ସଂ. ବିଣ. (ଚମତ୍+କୃ ଧାତୁ+କର୍ତ୍ତୃ. ଅକ)—
Chamatkāraka ୧ । ଆଶ୍ଚର୍ଯ୍ୟ ଉତ୍ପାଦନକାରୀ; ବିସ୍ମୟକର—
(ଚମତ୍କାରିକା—ସ୍ତ୍ରୀ) 1. Astonishing; wonderful.
(ଚମତ୍କାରୀ—ଅନ୍ୟରୂପ) ୨ । ଅତ୍ୟନ୍ତ ସୁନ୍ଦର—
2. Very beautiful.
୩ । ମନୋମୋହକର—3. Captivating; charming.

ଚମତ୍କାର ପାଇବା—ଦେ. କ୍ରି—୧ । ଆଶ୍ଚର୍ଯ୍ୟ ବୋଧ ହେବା—
Chamatkāra pāibā 1. To seem wonderful
ଏ କଥା ମୋ ମନକୁ ବଡ଼ ଚମତ୍କାର
ପାଉଛି କହ ଅହେ ତପୋକୁଳବର । କୃଷ୍ଣସିଂହ. ମହାଭାରତ. ବନ ।
୨ । ଆଶ୍ଚର୍ଯ୍ୟାନ୍ୱିତ ହେବା—2. To be surprised.
ଚ. ଶୁଣି ଅଚଳନ୍ତ ପାଇଲେ ଚମତ୍କାର । କୃଷ୍ଣସିଂହ. ମହାଭାରତ ବନ ।

ଚମତ୍କାରିତ—ସଂ. ବିଣ. ପୁଂ. (ଚମତ୍କାର+ଇତ)—ଚମତ୍କୃତ—
Chamatkārita Astonished (M. W,)
(ଚମତ୍କାରିତା—ସ୍ତ୍ରୀ)

ଚମତ୍କାରିତା—ସଂ. ବି. (ଚମତ୍କାରିନ୍+ତା)—୧ । ବିସ୍ମୟକରତ୍ୱ—
Chamatkāritā 1. Wonderfulness.
(ଚମତ୍କାରିତ୍ୱ—ଅନ୍ୟରୂପ) ୨ । ମୁଗ୍ଧକାରିତା—
2. Charm; beauty.

ଚମତ୍କାରୀ—ସଂ. ବିଣ. ପୁଂ. (ଚମତ୍କାର+ଇନ୍ ୧ମା. ୧ବ.)—
Chamatkārī ଚମତ୍କାରକ (ଦେଖ)
(ଚମତ୍କାରିଣୀ—ସ୍ତ୍ରୀ) Chamatkāraka (See)

ଚମତ୍କୃତ—ସଂ ବିଣ. ପୁଂ. (ଚମତ୍+କୃ ଧାତୁ+କର୍ମ. ତ)—
Chamatkr̤uta ୧ । ଆଶ୍ଚର୍ଯ୍ୟାନ୍ୱିତ; ବିସ୍ମିତ—
(ଚମତ୍କୃତା—ସ୍ତ୍ରୀ) 1. Surprised; astonished.
(ଚମତ୍କୃତ—କ୍ଳୀ) ୨ । ବିମୁଗ୍ଧ—2. Captivated; charmed.

୧	ଇ	ଉ	ଋ,ଌ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ହ୍ଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୱ	ନ୍ତ

ଚମଦଉଡ଼ି—ଦେ. ବ—ଚର୍ମରଜ୍ଜୁ; ଚମଡ଼ାରୁ ବାହାରଥିବା ଦଉଡ଼ି;
Chamadaurdi ଚମଡ଼ାର ତନ୍ତୁରେ ବଳାଯାଇଥିବା ଦଉଡ଼ି—
চামদড়ি Leathern string or strap; leathern
चमड़ाकीरस्सि thong.

ଚମଦଳା—ଦେ. ବ (ସଂ. ଚର୍ମ ଓ ଦଳ ଧାତୁ)—
Chamadaḷā କୁଣ୍ଡିଆ ରୋଗବିଶେଷ—
A kind of itching eruption.

ଚମବାଇଦ—ଦେ. ବ. (ସଂ. ଚର୍ମ ଓ ବାଦ୍ୟ)—
Chamabāida ଚମଡ଼ାଛାଆଣି ବାଦ୍ୟ; ଅନଦ୍ଧ ବାଦ୍ୟ; ଢୋଲ—
Drum covered with skin.
ଚମବାଇଦ କୋଶେ; ଗୁଣବାଇଦ ସହସ୍ର କୋଶ । ଚଗ ।

ଚମମୁଠିଆ (ଭଣ୍ଡାରୀ)—ଦେ. ବ—ଉଚ୍ଚ ଶ୍ରେଣୀର ଭଣ୍ଡାରୀ ଜାତି—
Chamamuṭhiā A high class barber.
[ଦ୍ର—ଏମାନେ ଛେଳଚମର ମୁଠିରେ ଖୁର ଅବ ରଖି ଲଗ୍ନ ମୁଠିକୁ ସାଙ୍ଗେ ସାଙ୍ଗେ ସେନ ବୁଲନ୍ତି । ଅନ୍ୟ ଶ୍ରେଣୀର କନାମୁଠିଆ ଭଣ୍ଡାରମାନେ ନିମ୍ନତର ଶ୍ରେଣୀର, ଏମାନେ କନାର ମୁଠିରେ ଖୁର ଅବ ରଖନ୍ତି । ନିମ୍ନ ଶ୍ରେଣୀକୁ ହାତୁଆ ଭଣ୍ଡାର ବୋଲଯାଏ ।]

ଚମମୁଣା—ଦେ. ବ—ଚର୍ମନିର୍ମିତ ବଡ଼ ଥଳି—
Chamamuṇā Leather bag.
চামড়ার থলী
चमड़ाका थैला

ଚମର—ସଂ. ବ. (ଚମ୍ + ଧାତୁ = ଗନ୍ଧ କରିବା + କର୍ତ୍ତୃ. ଅର)—
Chamara ୧ । ଚାମର (ଦେଖ)
(ଚମରୀ—ସ୍ତ୍ରୀ) 1. Chāmara (See)
ଚଞ୍ଚଳ ଚମର, ପ୍ରଚଣ୍ଡ ପବନ ଚରମର । ଜଳ. ପ୍ରେମସୁଧାନିଧି ।
୨ । ଚମରମୃଗ; ମୃଗବିଶେଷ—2. A kind of deer.
୩ । ଅଣ୍ଡିରା ଚମରୀ ଗୋ—3. The yak.
୪ । ଦୈତ୍ୟବିଶେଷ—4. Name of a demon.

ଚମରଚଟା—ଦେ. ବି ଓ ବିଣ—ଚମଚଟା (ଦେଖ)
Chamarachaṭā Chamachaṭā (See)
ଚମରଚଟି }
ଚମରଚଟୁଆ }
ଚମରଚଟା } ଅନ୍ୟରୂପ
ଚମରଚଟାଳ }

ଚମରମୃଗ—ସଂ. ବି—ଚାମର ପରି ପୁଚ୍ଛଯୁକ୍ତ ଏକପ୍ରକାର ମୃଗ—
Chamaramṛuga A kind of deer with bushy tail.

ଚମରୀ—ସଂ. ବ.—(ଚମର + ଈ)—କପିଳା ଗାଈ—
Chamarī The female yak
सुरागाया, सुरागाय [ଦ୍ର—ଏ ଗାଈ ହିମାଳୟ ଅଞ୍ଚଳ ଓ ତିବ୍ବତରେ ମିଳନ୍ତି । ଏହାଙ୍କ ଲାଙ୍ଗୁଡ଼ରେ ଗୋଛାଏ ବାଳ ଥାଏ । ଏହି ବାଳରେ ଚାମର ହୁଏ । ଏହାଙ୍କ ଦେହରୁ ମଧ୍ୟ ଲମ୍ବ ଲୋମମାନ ଓହଳିଥାଏ ।]

ଚମରୀ ଗୋ—ସଂ. ବ. ସ୍ତ୍ରୀ.—ଚମରୀ (ଦେଖ)
Chamarī go Chamarī (See)

ଚମରୁ—ଦେ. ବ.—(ସଂ. ଚମରୀ)—ଚମରୀ ମୃଗ—
Chamaru The yak.
ପକ୍ଷ ପଶୁ ଗଜ ଗୃହେ ପଶୁରଜ ଚମରୁ ଭ୍ରମନ୍ତି କାହିଁ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚମସ—ସଂ. ବ.—(ଚମ ଧାତୁ = ଭକ୍ଷଣ କରିବା + କରଣ. ଅ)—
Chamasa ୧ । କାଷ୍ଠର ଯଜ୍ଞପାତ୍ରବିଶେଷ—1. A wooden spoon or bowl used in vedic sacrifice.
୨ । ଚାମଚ—2. Spoon.
୩ । କରଚୁଲି—3. Ladle.
୪ । (+କର୍ମ. ଅ) ଲଡ୍ଡୁ (ହ. ଶବ୍ଦସାଗର)—
4. A ball of sweetmeat.
୫ । ବିରିଅଟା; ବ୍ରୀହିଚୂର୍ଣ୍ଣ (ହ. ଶବ୍ଦସାଗର)—
5. The flour of phaseolus Brihi.
୬ । ପାପଡ଼ (ହ. ଶବ୍ଦସାଗର)—
6. A kind of flat cake made of corn-paste.

ଚମସୀ—ସଂ ବ. ସ୍ତ୍ରୀ.—୧ । ଶସ୍ୟଚୂର୍ଣ୍ଣନିର୍ମିତ ପିଠା—
Chamasi 1. A kind of cake made of corn flour.

ଚମାର—ଦେ. ବ. ପୁଂ.—(ସଂ. ଚର୍ମକାର ବା ଚର୍ମିର; ପ୍ରା. ଚମାର)—
Chamāra ୧ । ତାଳଗଛ ଝାଡ଼ିବା ଓ ତାଳପତ୍ରରେ ତାଟି,
চামার କାଉଁସିଆ ଓ ଟୋକେଇ ଅବ ପ୍ରସ୍ତୁତକାରୀ ଜାତି—
चमार 1. A caste dealing with palmleaf articles.
(ଚମାରୁଣୀ—ସ୍ତ୍ରୀ) [ଦ୍ର—ବଙ୍ଗଳାରେ ହିନ୍ଦୀରେ ଚମାର ଶବ୍ଦ ମୋଚିଙ୍କୁ ବୁଝାଏ ।]
୨ । ଅତି ନୀଚକର୍ମୀ ବା ହୀନ ବ୍ୟକ୍ତି—
2. A very mean or low person.
ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବ.—ମୋଚି—
Cobbler.
ପ୍ରାଦେ. (ବାଲେଶ୍ୱର) ବ.—୧ । ଏକଜାତୀୟ ଅସ୍ପୃଶ୍ୟ ତନ୍ତୀ—
1 A class of untouchable weavers
୨ । ଏକଜାତୀୟ ବଢ଼େଇ—
2. A class of carpenters.

ଚମାରପ୍ରେତ—ଦେ. ବ.—(ଗାଳିବିଶେଷ)—ଚମାରଙ୍କ ପ୍ରେତକାର୍ଯ୍ୟରେ
Chamārapreta ପୌରୋହିତ୍ୟ କରିବା ନାହାକ ଜାତି—
A caste of astrologers who officiate as priests in the funeral ceremonies of chamāras.

ଚମାରୁଣୀ—ଦେ. ବ. ସ୍ତ୍ରୀ.—(ସଂ. ଚର୍ମକାରଣୀ)—ଚମାରଜାତୀୟା ସ୍ତ୍ରୀ—
Chamāruṇi A female of the chamāra caste.
চামারনী
चमारनी, चमारिन, चमारी

ସାଧାରଣ ଲୋକେ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଗ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଚମିତ୍କାର—ଗ୍ରା. ବିଣ.—(ସଂ. ଚମତ୍କାର)—ଆଶ୍ଚର୍ଯ୍ୟଜନକ—
Chamitkāra Wonderful.

ଚମୀକର—ସଂ. ବି.—୧ । ସ୍ୱର୍ଣ୍ଣଖଣି—
Chamīkara Gold mine.
(ଯଥା—ଏଥିରୁ ଉତ୍ତମ ସୁନା ହୁଏ ବୋଲି ସୁନାକୁ ଚାମୀକର କହନ୍ତି ।)

ଚମୁ—ପ୍ରାଦେ. ବି.—(ଗଞ୍ଜାମ) (ମୂଳ. ତେଲି. ଚେମ୍ବୁ)—ଏକଜାତୀୟ ପିତଳର ଛୋଟ ଘାଳ—Small brass water-jar used in the Madras Presidency.
Chamu

ଚମୂ—ସଂ. ବି.—(ଚମ୍ ଧାତୁ=ଭକ୍ଷଣ କରିବା+କର୍ତ୍ତୃ. ଊ)—
Chamū ୧ । ସେନାଦଳ—1. Army.
୨ । ୭୨୯ ହାତୀ, ୭୨୯ ରଥ, ୨୧୮୭ ଅଶ୍ୱାରୋହୀ; ୩୬୪୫ ପଦାତି, ଏମାନଙ୍କ ଦ୍ୱାରା ଗଠିତ ସେନା—2. A division of army consisting of 729; chariots; 729 elephants; 2187 cavalry and 3645 infantry.

ଚମୂଚର—ସଂ. ବି (ଚମୂ+ଚର୍ ଧାତୁ କର୍ତ୍ତୃ. ଅ)—
Chamūchara ୧ । ଯୋଦ୍ଧା; ସୈନିକ—Warrior; soldier.
୨ । ସେନାନାୟକ—2. A captain; commander of an army.

ଚମୂପତି—ସଂ. ବି (୬ଷ୍ଠୀ ତତ୍; ଚମୂ+ପତି)—ସେନାଧ୍ୟକ୍ଷ—
Chamūpati General; commander of an army.

ଚମୂପତିସିଂହ—ଦେ. ବି—ଚମ୍ପତିସିଂହ (ଦେଖ)
Chamūpatisimha Champati Simha (See).

ଚମୂରୁ—ସଂ. ବି (ଚମ୍ ଧାତୁ=ଭକ୍ଷଣକରିବା+କର୍ମ. ଉରୁ; ଯାହାକୁ ଭକ୍ଷଣ କରାଯାଏ)—ଏକପ୍ରକାର ମୃଗ (ଏହାର ମାଂସ ସୁଖାଦ୍ୟ)—A kind of deer whose venison is dainty.
Chamūru
ଚମୂରୁକ } ଅନ୍ୟରୂପ—
ଚମୂରୁ }

ଚମେଲି—ଦେ.ବି (ସଂ. ଚମ୍ପକବେଲୀ; ଚମେ୍ଲି)—(ବୈଦ୍ୟକ ନିର୍ଘଣ୍ଟରେ ଚମେ୍ଲି ଶବ୍ଦ ବ୍ୟବହୃତ ହୋଇଅଛି)—ଚାମେଲି (ଦେଖ) Chāmeli (See.
Chameli

ଚମ୍ପ୍ (ଧାତୁ)—୧ । ଦୀପ୍ତି ପାଇବା—
Champ (root) 1 To glitter.
୨ । ଗମନ କରିବା—2. To go; to move.

ଚମ୍ପ—ସଂ. ବି (ନାମ)—ଚମ୍ପକନଗର ସ୍ଥାପୟିତା ରାଜାବିଶେଷ—
Champa Name of a king the founder of the town Champakapura.

ଚମ୍ପଉତି—ପ୍ରାଦେ (ଗଡ଼ଜାତ) ବି—ଚର୍ମ୍ପେଇତି ଅମ୍ବୁଲ (ଦେଖ)
Champauta Champaiti ambula (See).

ଚମ୍ପକ—ସଂ. ବି (ଚମ୍ପ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅକ)—
Champaka ୧ । ଚମ୍ପା ଫୁଲ ଓ ଗଛ—1. The Champaka flower and tree; Michelia Champaka.
[ଦ୍ର—ଏହି ଫୁଲ ହେମବର୍ଣ୍ଣ ଓ ଉଗ୍ରଗନ୍ଧବିଶିଷ୍ଟ । ନାନାବର୍ଣ୍ଣର ଚମ୍ପକ ପୁଷ୍ପ ଦେଖାଯାଏ । ଯଥା—ନାଲିମିଶା ହଳଦିଆ, ଗାଢ଼ ହଳଦିଆ, ଫିକା ହଳଦିଆ ଓ ଧଳା । ମୂର୍ଖମାନେ 'ଚମ୍ପକ'କୁ 'ଚମ୍ପେକ' ବୋଲି ଉଚ୍ଚାରଣ କରନ୍ତି । କୌଣସି କୌଣସି ଓଡ଼ିଆ ପୁସ୍ତକରେ ମଧ୍ୟ ଏପରି ଲେଖାଥିବାର ଦେଖାଯାଏ ।]
୨ । ନଗରବିଶେଷ—
2. Name of a town in ancient India.
[ଦ୍ର—ଏହା ପୂର୍ବେ ଅଙ୍ଗ ଦେଶର ରାଜଧାନୀ ଥିଲା; କର୍ଣ୍ଣ ଏଥିର ରାଜା ଥିଲେ । ଆଧୁନିକ ଭାଗଲପୁରର ପାଖଆଖରେ ଏ ନଗରୀ ଥିଲା ।]
୩ । ଚମ୍ପାକଦଳୀ—
3. A kind of banana with sweet smell.
୪ । ଧ୍ୟାନଯୋଗ୍ୟଦର୍ଶନୋକ୍ତ ସିଦ୍ଧିବିଶେଷ; ରମ୍ୟକସିଦ୍ଧି (ହି. ଶବ୍ଦସାଗର)—4. A kind of success in meditation.
୫ । ଦୀପକରାଗର ପୁତ୍ର; ରାଗବିଶେଷ (ହି. ଶବ୍ଦସାଗର)—
5. Name of a musical tune.
[ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ଏକ ରାଗ । ଏହା ଦିବସର ତୃତୀୟ ପ୍ରହରରେ ଗେୟ ।]

ଚମ୍ପକ କଦଳୀ—ସଂ. ବି—ଚମ୍ପାକଦଳୀ (ଦେଖ)
Champaka kadalī Champākadalī (See).

ଚମ୍ପକଗୋରୀ—ଦେ. ବିଣ. ସ୍ତ୍ରୀ (ସଂ. ଚମ୍ପକ+ଗୌରୀ)—
Champakagorī ଚମ୍ପାଗୋରୀ (ଦେଖ) Champāgorī (See).

ଚମ୍ପକଚତୁର୍ଦ୍ଦଶୀ—ସଂ. ବି. ସ୍ତ୍ରୀ (ଏ ଦିନ ଚମ୍ପାଫୁଲ ଚଢ଼ାଇ ଶିବଙ୍କୁ ପୂଜା କରିବାର ବିଧି ଥିବାରୁ)—
Champakachaturddaśī
ଜ୍ୟୈଷ୍ଠ ମାସର ଶୁକ୍ଳ ଚତୁର୍ଦ୍ଦଶୀ—The 14th day of the bright fortnight of the month of 'Jyeshtha'.

ଚମ୍ପକଦ୍ୱାଦଶୀ—ସଂ. ବି. ସ୍ତ୍ରୀ (ଏ ଦିନ ଚମ୍ପାଫୁଲଦ୍ୱାରା କୃଷ୍ଣ ପୂଜା କରିବାର ବିଧି ଥିବାରୁ)—
Champakadwādaśī
ଜ୍ୟୈଷ୍ଠ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ—The 12th day of the bright fortnight of the month of 'Jyeshtha.'

ଚମ୍ପକମାଳା—ସଂ. ବି. ସ୍ତ୍ରୀ—୧ । ଚମ୍ପକଫୁଲନିର୍ମିତ ହାର—
Champakamālā 1. A garland of champaka flowers.
୨ । ୧୦ ଅକ୍ଷରବିଶିଷ୍ଟ ଛନ୍ଦୋବିଶେଷ –
2. A sanskrit metre of 10 letters.
[ଦ୍ର—ଏଥିର ୨ୟ, ୩ୟ, ୭ମ ଓ ୮ମ ବର୍ଣ୍ଣ ଲଘୁ ।]
୩ । ଗଳାଭରଣବିଶେଷ (ଏଥିର ଦାନାଗୁଡ଼ିକ ଚମ୍ପାକଢ଼ି ପରି)—3. A kind of necklace.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଂ	ଋଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଙ୍ଗ	ଙ୍କ

ଚମ୍ପକଲତା—ସଂ. ବି. ସ୍ତ୍ରୀ—ରାଧିକାଙ୍କର ସଖୀବିଶେଷ—
Champakalatā Name of a companion of Rādhikā.

ଚମ୍ପକଲି—ଦେ.ବି (ଥ) (ମୁସଲମାନୀ ଅଲଙ୍କାର)-ଚମ୍ପାକଢ଼ି ୨ । (ଦେଖ)-
Champakalī Champākarḍhi 2 (See)
चम्पाकली

ଚମ୍ପକାଳୁ—ସଂ. ବି ଚମ୍ପକ + ଆଳୁ)-ରୋଟଫଳଗଛ (ହି. ଶବ୍ଦସାଗର)—
Champakāḻu Bread fruit tree.

ଚମ୍ପଟ୍—ଦେ. ବି (ସଂ. ଚମ୍ପ ଧ ଭୂ=ଗମନ କରିବା)—୧ । କୌଣସି
Champaṭ ସ୍ଥାନରୁ ଗୋପନରେ ପଳାୟନ—1. Escaping
চম্পত্, চম্পট্ from a place unnoticed.
चम्पत् ୨ । ହଠାତ୍ ପଳାୟନ—2. Sudden flight.
୩ । ହଠାତ୍ ଅନ୍ତର୍ଦ୍ଧାନ—
3. Sudden disappearance.

ଚମ୍ପଟ୍ କରିବା—ଦେ. କ୍ରି—କୌଣସି ସ୍ଥାନରୁ ହଠାତ୍ ଗୋପନରେ
Champaṭ karibā ପଳାଇବା—To flee away from a
চম্পটদেওয়া place unnoticed.
चम्पटहोना

ଚମ୍ପଟଦେବା
ଚମ୍ପଟମାରିବା } ଅନ୍ୟରୂପ

ଚମ୍ପତ୍—ଦେ. ବି—ଚମ୍ପଟ୍ (ଦେଖ)—
Champat Champaṭ (See)

ଚମ୍ପତି—ଦେ. ବି (ସଂ. ଚମୂପତି)—୧ । କ୍ଷୁଦ୍ର ରାଜା ବା ଜମିଦାର ବା
Champati ସେନାପତିଙ୍କର ରାଜଦତ୍ତ ଉପାଧି—1. A title given to a small landlord or commander of a small company of a soldiers.
୨ । ଓଡ଼ିଶା ଗଡ଼ଜାତ ରାଜାମାନଙ୍କର ବଶିଷ୍ଠ ଶୂଦ୍ର ଓ ଖଣ୍ଡାୟତ ପ୍ରଜାଙ୍କୁ ପ୍ରଦତ୍ତ ଉପାଧିବିଶେଷ—2. An honorary title given to prominent Śūdra and Khaṇḍāyet royats by the chiefs of Orissa States.
୩ । ଖଣ୍ଡାଏତ ଓ କ୍ଷତ୍ରିୟମାନଙ୍କର ବଂଶୋପାଧିବିଶେଷ—
3. A family title of Khaṇḍāyats and Kshyatriyas.

ଚମ୍ପତିରାୟ—ଦେ. ବି—ଚମ୍ପତି (ଦେଖ)—
Champatirāya Champati (See)
[ଦ୍ର—ଚମ୍ପତିରାୟ ଶବ୍ଦ ଉଚ୍ଚାରଣ କରିବା ସମୟରେ କେହି କେହି ଚମ୍ପତିରା ବୋଲି ମଧ୍ୟ କହନ୍ତି ।]

ଚମ୍ପତିସିଂହ—ଦେ. ବି—କ୍ଷତ୍ରିୟଙ୍କ ବଂଶୋପାଧିବିଶେଷ—
Champatisiṁha A family title of Kshytriyas.
[ଦ୍ର—ଟିଗିରିଆ ରାଜବଂଶର ଉପାଧି କ୍ଷତ୍ରିୟ ଘରବର ଚମ୍ପତିସିଂହ ମହାପାତ୍ର ।]

ଚମ୍ପା—ସଂ. ବି. ସ୍ତ୍ରୀ (ଚମ୍ପ + ଅଧି. ଅ + ସ୍ତ୍ରୀ. ଆ)—୧ । ଚମ୍ପ ନାମକ
Champā ରାଜାଙ୍କ ସ୍ଥାପିତ ଅଙ୍ଗରାଜ କର୍ଣ୍ଣଙ୍କ ରାଜଧାନୀ (ଆଧୁନିକ ଭାଗଲପୁର ନିକଟସ୍ଥ)—1. Name of the old capital of the king of Anga (near the present town of Bhagalpur).
୨ । ନଦୀବିଶେଷ—2. Name of a river.
୩ । ଅଙ୍ଗରାଜ କର୍ଣ୍ଣଙ୍କ ପତ୍ନୀ—
3. Queen of Karna, king of Anga.
ଦେ. ବି (ସଂ. ଚମ୍ପକ)—୧ । ଚମ୍ପାଫୁଲ ଓ ବୃକ୍ଷ—
1. The Champak flower and tree; Michelia champka.

[ଦ୍ର—ପ୍ରସିଦ୍ଧ ହେମବର୍ଣ୍ଣ ପୁଷ୍ପ, ଉଗ୍ରଗନ୍ଧ । ଶୀତକାଳରେ ଫୁଲ ଧରେ । ଗୋଟିଏ ଫୁଲରୁ ଅନେକ ଫଳ ହୁଏ । ଅସଂଖ୍ୟ ଫଳ ପ୍ରସବ କରିବା ହେତୁ ଗଛ ଦୀର୍ଘଜୀବୀ ହୁଏ ନାହିଁ । ଏ ଫୁଲ ସାଧାରଣତଃ ହଳଦିଆ, କିନ୍ତୁ ଧଳା, ଫିକା ହଳଦିଆ, ନାଲିମିଶା ହଳଦିଆ, ଓ ଗାଢ଼ ହଳଦିଆ ରଙ୍ଗର ଫୁଲ ମଧ୍ୟ ଦେଖାଯାଏ । ଧଳାଚମ୍ପା (ଶ୍ୱେତଚମ୍ପା)ର ଗନ୍ଧ କୋମଳତର;

ସଂ. ଚମ୍ପକ, କାଞ୍ଚନ, ରମ୍ୟକ୍ଷ,
ଚମ୍ପେୟା ସୁରଭି
চাঁপা, চাম্পা
चम्पा, कञ्चनाम्नु
ମ. ସୋନଚମ୍ପା, ଭୁଦ୍‌ଚମ୍ପା
ତେ. ଶାମ୍ପାଙ୍ଗୀ ପୁଭନ୍,, ଚମ୍ପକାମୁ,
ଚମ୍ପେୟାମୁ, କଚନାମ, ଗନ୍ଧଫଳ
ତା. ଶାମ୍ପାଙ୍ଗ, ଶେମ୍ପୁଗା, ଶିମ୍ପୁ
(Kirtikar)

ଚମ୍ପାଗଛ ଉଚ୍ଚରେ ୨୦ ହାତ ବଢ଼େ । ମୂଳରେ ପାଣି ନ ଦେଲେ ଗଛ ଶୀଘ୍ର ମରିଯାଏ । ଏ ଫୁଲରୁ ଅନ୍ୟାନ୍ୟ ଅନେକ ଫୁଲର ନାମକରଣ ହୋଇଅଛି । ଯଥା—କାଠଚମ୍ପା, ଗୋବରଚମ୍ପା, ଜହ୍ନର ଚମ୍ପା, ଦୋଳଚମ୍ପା, ଭୁଇଁଚମ୍ପା, ସୁଲ୍‌ତାନଚମ୍ପା, ଚନ୍ଦ୍ରଚମ୍ପା ଇତ୍ୟାଦି; କିନ୍ତୁ ଏ ଫୁଲମାନ ଚମ୍ପକ ଜାତୀୟ ନୁହେ ।

ଚମ୍ପାଫୁଲର ତୀବ୍ର ଗନ୍ଧ ଯୋଗୁଁ ସମ୍ଭବତଃ ଏ ଫୁଲରେ ଭ୍ରମର ବସନ୍ତି ନାହିଁ । ଉଦ୍ୟାନରୋପିତ ଚମ୍ପାଗଛ ଅପେକ୍ଷା ଜଙ୍ଗଲରେ ଉଠିବା ଚମ୍ପାଗଛ ବହୁତ ମୋଟ ଓ ଉଚ୍ଚ ହୁଏ । ଚମ୍ପା ଗଛର ମଞ୍ଜ କାଠ ହଳଦିଆ ଓ ଖୁବ ମଜବୁତ ହୁଏ ଏବଂ ଏଥିରେ ଚଉକି, ମେଜ, ଆଦି ଗୃହର ଉପକରଣମାନ ତିଆରି ହୁଏ । ନେପାଳ ତରାଇ ଅଞ୍ଚଳ, ବଙ୍ଗ, ଆସାମ ଓ ଦକ୍ଷିଣଭାରତର ଜଙ୍ଗଲରେ ଏ ଗଛ ଅଧିକ ଦେଖାଯାଏ ।]

୨ । ତଳ କାନର ଏକପ୍ରକାର ସୁନା ଅଲଙ୍କାର—
2. Name of a golden ornament of the ear.
୩ । ଚକ୍ରବାଣ; ଯେଉଁ ବାଣରୁ ଚମ୍ପାଫୁଲ ଭଳି ଅଗ୍ନିସ୍ଫୁଲିଙ୍ଗ ଝଡ଼େ—3. A fire work which sheds particles of fire (like champā flower) when lighted.
ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ— Name given to femals.
ପ୍ରାଦେ. (ପୁରୀ) ବି—ଏକପ୍ରକାର ଧାନ୍ୟ—A species of paddy.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୁ' ନ ମିଳିଲେ 'ବଧୂ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

ପ୍ରାଦେ (ସମ୍ବଲପୁର) ବି — ଗୋବରଚଟେଇ—A kind of bird.

ଚମ୍ପାଇନଳ—ଦେ. ବି—ଚମ୍ପେଇନେଉଳ (ଦେଖ)
Champāinaḷi — Champeineuḷi (See).

ଚମ୍ପାଈ—ଦେ. ବି. ସ୍ତ୍ରୀ (ସଂ. ଚମ୍ପାବତୀ)—୧ । ଗ୍ରାମଦେବୀବିଶେଷ—
Champāī — 1. Name of a village Goddess.
୨ । ଚମ୍ପାର ଡାକନାମ—
2. Name for calling Champā.

ଚମ୍ପାକଢ଼—ଦେ. ବି (ସଂ. ଚମ୍ପକ+କଳୀ)—୧ । ଚମ୍ପାଫୁଲର କଳିକା—
Champākarḍha — 1. The bud of champak flower.
চাঁপাকলী — ୨ । ଚମ୍ପାକଢ଼ ପରି ଗଢ଼ା ହୋଇଥିବା
चंपाकली — ଦାନାମାନ ଗୁନ୍ଥା ହୋଇଥିବା ଗଳାର ହାର—
(ଚମ୍ପାକଢ଼ି—ଅନ୍ୟରୂପ) 2. A necklace having pieces like champak buds string together.

ଚମ୍ପାକଦଳୀ—ଦେ. ବି (ସଂ. ଚମ୍ପକକଦଳୀ, କନକକଦଳୀ)—
Champākadaḷī — ଏକଜାତୀୟ ସୁଗନ୍ଧ ଗୋଲ କଦଳୀ (ପାଚିଲେ
চাঁপাকলা — ଖିଆଯାଏ)—A kind of sweet scented
चंपाकेला — banana or plantain eaten when ripe.

ଚମ୍ପାକଳି— ଦେ. ବି—ଚମ୍ପାକଢ଼ି (ଦେଖ)
Champākaḷi — Champākarḍhi (See).
চাঁপাকলি

ଚମ୍ପାଗୋରୀ—ଦେ. ବି. ସ୍ତ୍ରୀ (ସଂ. ଚମ୍ପକ ଓ ଗୌରୀ)—ଯେଉଁ ସ୍ତ୍ରୀର
Champāgorī — ଶରୀରର ବର୍ଣ୍ଣ ଚମ୍ପା ଫୁଲ ପରି ହଳଦିଆ ଗୌରବର୍ଣ୍ଣ; ସେ ଶୋଭା ଗୋରୀ ନୁହେ—(a woman) With a bright yellow fair complexion; yellow complexioned (woman)

ଚମ୍ପାଝଲକା—ଦେ. ବି —ସୁନାର ଅଳଙ୍କାରବିଶେଷ—
Champājhalakā — A short of gold ornament for the hair.
[ଦ୍ର — ଏହାକୁ ମୁଣ୍ଡ ବାଳର ସୁନାର ଗୋଟିଏ ପାଖରେ ଖୋସିଲେ ଏହା କାନ ସାମନାରେ ଗାଲ ଉପରେ ଝୁଲୁଥାଏ ।]

ଚମ୍ପାଧିପ—ସଂ. ବି (୬ଷ୍ଠୀ ତତ୍; ଚମ୍ପା+ ଅଧିପ)— ଚମ୍ପା ନଗରର ରାଜା
Champādhipa — କର୍ଣ୍ଣ—King Karna.

ଚମ୍ପାବତୀ—ଦେ. ବି. ସ୍ତ୍ରୀ—୧ । ଅଙ୍ଗରାଜ କର୍ଣ୍ଣଙ୍କ ରାଜଧାନୀ—
Champābatī — 1. Name of the capital of the king of Anga.
୨ । କାହାଣୀରେ ବର୍ଣ୍ଣିତ ରାଜକନ୍ୟାବିଶେଷ—
2. Name of a princess in the folktales.
୩ । ଗ୍ରାମଠାକୁରାଣୀଙ୍କ ନାମ—
3. Name of a village Goddess.
୪ । ସ୍ତ୍ରୀଲୋକଙ୍କ ନାମ—
4. A name given to females.

[ଦ୍ର— ଚମ୍ପାବତୀ ନାମକ ସ୍ତ୍ରୀକୁ କେହି କେହି ଚମ୍ପା, ଚମ୍ପୀ ଚମ୍ପେଇ ଓ ଚମ୍ପାଇ ବୋଲି ମଧ ଡାକନ୍ତି ।]

ଚମ୍ପାରଣ୍ୟ—ସଂ. ବି. (ନାମ)— ଆଧୁନିକ ବିହାର ପ୍ରଦେଶର ଚମ୍ପାରନର
Champāraṇya — ପ୍ରାଚୀନ ନାମ (ହି. ଶବ୍ଦସାଗର)—
The ancient name of Champaran, a district in Bihar.
[ଦ୍ର— ଚମ୍ପାରନ ବିହାରର ବିହୁତ ଉତ୍ତରର ଗୋଟିଏ ଜିଲ୍ଲା; ଏହାର ରାଜଧାନୀ ମୋତିହାରୀ; ଏହା ନେପାଳର ଦକ୍ଷିଣରେ ।]

ଚମ୍ପୂ—ସଂ. ବି.—(ଚମ୍ପ ଧାତୁ=ପ୍ରାପ୍ତି ପାଇବା+କର୍ତ୍ତୃ. ଉ —ଗଦ୍ୟ ଓ
Champū — ପଦ୍ୟମିଶ୍ରିତ କାବ୍ୟଗ୍ରନ୍ଥ— An elaborate composition interspersed in prose and verse.
(ଯଥା—କବିସୂର୍ଯ୍ୟରଚିତ କପୋତଚନ୍ଦ୍ରାନନ୍ଦଚମ୍ପୂ ।)

ଚମ୍ପେଇନଳ — ଦେ. ବି.—ଚମ୍ପେଇନେଉଳ (ଦେଖ)
Champeinaḷi — Champeineuḷi (See)

ଚମ୍ପେଇନେଉଳ—ଦେ. ବି.— ଚମ୍ପେଇନେଉଳ (ଦେଖ)
Champeineuḷa — Champeineuḷi (See)

ଚମ୍ପେଇନେଉଳି—ଦେ. ବି.—(ସଂ. ନାମ ଅଞ୍ଜନ, ଅଞ୍ଜନିକା)—ଝିଟିପିଟି
Champeineuḷi — ଶ୍ରେଣୀସ୍ଥ ଏକପ୍ରକାର ଚକ୍କଣତ୍ୱଚବିଶିଷ୍ଟ ସରୀସୃପ (ଏହାର ଲାଞ୍ଜ ନାଲି ଓ ଦେହ ଚିକ୍କଣ ପାଣ୍ଡୁର
আংজনী — ଓ ଧଳା ଲମ୍ବ ଗାରବିଶିଷ୍ଟ)—A kind of lizard
छिपकलि — living in the precinct of the house with a smooth skin and red tail.
[ଦ୍ର—ଏହାର ଶରୀର ମସୃଣ ଓ କାନ୍ତିଯୁକ୍ତ, ଲାଙ୍ଗୁଡ଼ ନାଲିଆ । ଆଘାତଦ୍ୱାରା ଏହାର ଲାଙ୍ଗୁଡ଼କୁ ଦେହରୁ ବିଚ୍ଛିନ୍ନ କଲେ ଝିଟିପିଟି ଲାଙ୍ଗୁଡ଼ ଭଳି ଏହା ଲାଙ୍ଗୁଡ଼ ଖଣ୍ଡି ଅନେକ ସମୟ ପର୍ଯ୍ୟନ୍ତ ଠକ୍ ଠକ୍ ହୋଇ ଡେଇଁ ଥାଏ ଓ ଲାଙ୍ଗୁଡ଼ହୀନ ଜୀବଟି ଗୁଳି ପଳାଏ । ପ୍ରବାଦ ଅଛି ଯେ ଏ ବଡ଼ ବିଷାକ୍ତ ଜୀବ । ଯାହାକୁ କାମୁଡ଼ିବ ତାହାର ମୃତ୍ୟୁ ନିଶ୍ଚୟ ହେବ ଏହା ଜାଣି ଭଗବାନ ତା ଲାଙ୍ଗୁଡ଼ରେ 'କାଲି' ଏହି ଶବ୍ଦ ଲେଖି ଦେଇ ଅଛନ୍ତି, ଏଣୁ ଏ ମନୁଷ୍ୟକୁ ଗଲା ବେଳେ ପଛକୁ ଲାଙ୍ଗୁଡ଼ ଅଡ଼କୁ ଚାହିଁ ଦେଇ 'କାଲି କାମୁଡ଼ିବ ବୋଲି କାମୁଡ଼େ ନାହିଁ ଓ ପ୍ରତିଦିନ 'କାଲି' 'କାଲି' କରି ଆଦୌ ମନୁଷ୍ୟକୁ କାମୁଡ଼େ ନାହିଁ ।
ଏଥିପାଇଁ "ଚମ୍ପେଇ ନେଉଳ 'କାଲି' କରିବା" ଲୋକବଚନର ଅର୍ଥ ଯେ କୌଣସି କାର୍ଯ୍ୟ କରିବାକୁ ଯାଇଁ ପ୍ରତିଦିନ 'କାଲି' କରିବି 'କାଲି' କରିବି ବୋଲି କହେ ଓ ଆଦୌ ସେ କରି ପାରେ ନାହିଁ ।]

ଚମ୍ପେଇ—ଦେ. ବି. ସ୍ତ୍ରୀ.—(ସଂ. ଚମ୍ପାବତୀ) —ଚମ୍ପାଈ (ଦେଖ)
Champeī — Champāī (See)

ଚମ୍ପେକ—ଗ୍ରା. (ଇତର) ବି.—(ସଂ. ଚମ୍ପକର ଅଶୁଦ୍ଧ ଉଚ୍ଚାରଣ)—
Champeka — ଚମ୍ପାଫୁଲ—Champak flower.

୧	ଇ	ଉ	ଋ.ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	ଙ୍କ	ଇଯ଼	ଢ଼ଅ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁୟ	ଇଅ	ଢ଼	ନ୍ଚ

ଚମ୍ପେଣୀ—ଦେ. ବି. ସ୍ତ୍ରୀ.—(ସଂ. ଚମ୍ପାବର୍ଣ୍ଣା)—ଚମ୍ପାଇ (ଦେଖ)
Champeṇi Champāi (See)

ଚମ୍ପୈତଅମ୍ବୁଲ—ପ୍ରାଦେ. (ଗଞ୍ଜାମ) ବି.— ବନ୍ୟଜାତ ଏକ ପ୍ରକାର ଅମ୍ବରୁ
Champaitiāmbula ପ୍ରସ୍ତୁତ କରାଯାଇଥିବା ଅମ୍ବୁଲ—A kind of mango-pickle prepared from wild-mango fruit.

ଚମ୍ପୌତ - ପ୍ରାଦେ. (ଗଡ଼ଜାତ) ବ—ଚମ୍ପୈତ ଅମ୍ବୁଲ (ଦେଖ)
Champauta Champaiti āmbula (See)

ଚମ୍ବଲ୍ - ଦେ. ବ. (ଚର୍ମଣ୍ୱତୀ—ଚର୍ମଣ୍ୱତୀ (ଦେଖ)
Chambal Charmaṇbatī (See)

ଚମ୍ବା—ଦେ. ବ. (ନାମ)—ପଞ୍ଜାବର ଦେଶୀୟ ରାଜ୍ୟବିଶେଷ—
Chambā Name of a native state in Punjab.

[ଦ୍ର—ଏହି ରାଜ୍ୟ ପଞ୍ଜାବର ଉତ୍ତରରେ; କାଶ୍ମୀର ରାଜ୍ୟର ଦକ୍ଷିଣ ପୂର୍ବରେ, ଜଲନ୍ଧର ବିଭାଗର ପଶ୍ଚିମରେ ଓ ହିମାଳୟର ଦକ୍ଷିଣରେ ଅବସ୍ଥିତ । ଏହି ରାଜ୍ୟର ପୂର୍ବସୀମାରୁ ସିନ୍ଧୁର ଉପନଦୀ ଚେନାବ ନଦୀ ବାହାରି ପ୍ରଥମେ ଚନ୍ଦ୍ର ନଦୀ ନାମ ଗ୍ରହଣ କରିଅଛି, ସିନ୍ଧୁର ଉପନଦୀ ରାବୀ ନଦୀ ଏହି ରାଜ୍ୟରୁ ବାହାରିଅଛି । ଏ ରାଜ୍ୟର ରାଜଧାନୀ ଚମ୍ବା ରାବୀ ନଦୀକୂଳରେ ।]

ଚମ୍ବୁ—ଦେ. ବ. (ଭୁଲ. ଦେ଼ି. ଚେମ୍ବୁ)—ଛୋଟମୁହାଁ ପାତ୍ର —
Chambu A small-mouthed water-pitcher.
चम्बु

ଚମ୍ବେଇବା—ଦେ. କ୍ରି. (ସଂ. ଚୁମ୍ବ ଧାତୁ)—ଏକ ପଦାର୍ଥକୁ ଅନ୍ୟ
Chambeibā କୌଣସି ପଦାର୍ଥ ନିକଟରେ ପହଞ୍ଚାଇବା—
চুঁয়ানো To cause a thing touch another.

(ଯଥା—ଏ ଷେଣୀକୁ ଖୁଣ୍ଟ ଦେହରେ ଚମ୍ବେଇଲେ ଦେଖାଯିବ ଏହା ଖୁଣ୍ଟରେ ଖାପ ଖାଇବ କି ନାହିଁ ।)

ଚମ୍ବେଲୀ—ସଂ. ବ. (ବୈଦ୍ୟକ; ନିଘଣ୍ଟୁ)—ଚମେଲୀ (ଦେଖ)
Chambeli Chāmelī (See)

ଚମ୍ଭା— ଦେ. ବଣ. (ସଂ. ଚମତ୍କାର)—୧ । ଉଜ୍ଜ୍ୱଳ—
Chambhā 1. Bright.
চাংগলা ୨ । ଚକଚକିଆ—2. Glittering.
୩ । ସତେଜ—3. Energetic; brisk; vigorous
୪ । ଚତୁର—4. Clever.

ଚୟ—ସଂ. ବ. (ଚି ଧାତୁ=ଏକତ୍ର କରିବା; ତୋଳିବା+କର୍ମ. ଅ)—
Chaya ୧ । ସମୂହ; ରାଶି; ପୁଞ୍ଜ—
1. Collection; assemblage.
୨ । ସ୍ତୂପ—2. Mound; heap; mass.
୩ । ସକଳ; ସମୂହ; ବହୁ—3. Many, multitude.

[ଦ୍ର—ସକଳ ଓ ସମୂହାର୍ଥରେ ଏହା ବିଶେଷ ଶବ୍ଦ ପରେ ବ୍ୟବହୃତ ହୁଏ । ଯଥା—ଗ୍ରାମଚୟ=ଗ୍ରାମସମୂହ ।]

୪ । ପ୍ରାକାର; ପାଚେରି—4. High wall.
୫ । (+ଭାବ. ଅ)—ତୋଳିବା; ସାଉଁଟିବା—
5. Picking up.
୬ । ସଂଗ୍ରହ; ସଞ୍ଚୟ; ଆହରଣ—
6. Act of gathering or compiling.
୭ । ହୋମାଗ୍ନି ଆହରଣ କରି ସଂସ୍କାରପୂର୍ବକ ସ୍ଥାପନ—
7. Ignition of the sacrificial fire.

ଚୟନ୍—ବୈଦେ. ବ ଓ ବଣ. (ଫା. ଚୈନ୍ ଓ ଇଂ. ଚେନ୍)—
Chayan ଚଇନ୍ (ଦେଖ)—Chain (See)
চএন ଦେ. ବ. (ଭୁଲ. ହି. ଚଏନ୍)—୧ । ମନର ସ୍ଥିରତା—
चैन 1. Mutual tranquility.
୨ । ସ୍ଥିରତା; ବିଶ୍ରାମ—2. Rest; repose.
୩ । ଫୁରସତ୍—3. Liesure.

ଚୟନ୍‌ଘଡ଼ି—ଦେ. ବ. (ଇଂ. ଚେନ୍ + ସଂ. ଘଟୀ)—ଶିକୁଳିସଂଯୁକ୍ତ
Chayanghaṛdi କ୍ଷୁଦ୍ର ଘଡ଼ି; କୁର୍ତ୍ତା ପକେଟରେ ସମ୍ଭାଇବା ଭଳି ଛୋଟ ଓ ପତଳା ଘଣ୍ଟା—
Pocket-watch (attached to a chain).

ଚୟନ୍‌ଫିଟ୍—ବୈଦେ. ବିଣ—ଚଇନ୍‌ଫିଟ୍ (ଦେଖ)
Chayanfiṭ Chainphiṭ (See)

ଚୟନ—ସଂ. ବି. (ଚି ଧାତୁ=ଏକତ୍ର କରିବା+ଭାବ. ଅନ)—
Chayana ୧ । ସଂଗ୍ରହ—1. Gathering; collecting.
୨ । ସଂକଳନ—2. Compiling; compilation
୩ । ଫୁଲତୋଳା—3. Picking up; of plucking of flowers.
୪ । ନିର୍ବାଚନ—4. Selection.
୫ । ଇଷ୍ଟକାଦିଦ୍ୱାରା ନିର୍ମାଣ; ଗ୍ରଥନ—
5. Setting of bricks.

ଚୟନିକା—ସଂ. ବ. (ଚୟନ+ସ୍ୱାର୍ଥେ କ+ସ୍ତ୍ରୀ. ଆ)—
Chayanikā କ୍ଷୁଦ୍ର ସଂଗ୍ରହ—A small collection.

ଚୟନ କରିବା—ଦେ. କ୍ରି—ତୋଳ ସଂଗ୍ରହ କରିବା—
Chayana karibā To gather; to cull; to pick up; to compile; to collect.

ଚୟନୀୟ—ସଂ. ବଣ. (ଚି ଧାତୁ+କର୍ମ. ଅନୀୟ)—
Chayanīya ତୋଳା ବା ସଂଗୃହୀତ ହେବାର ଯୋଗ୍ୟ—
Fit to be compiled, gathered, heaped, picked up or plucked.

ଚର୍ (ଧାତୁ)—ସ—୧ । ଗମନ କରିବା—
Char (root) 1. To go or walk.
୨ । ଆଚରଣ କରିବା—2. To practise.
୩ । ବିଚରଣ କରିବା—3. To frequent.
୪ । ବୋଧ କରିବା—4. To feel.

ଚର୍—ଦେ. ଅ. (ଧ୍ୱନ୍ୟନୁକରଣ)—ଚର୍‌ଚର୍ (ଦେଖ)
Char Charchar (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

ପ୍ରାଦେ. (ସମ୍ବଲପୁର ଭୁଲ. ଏହି ଅର୍ଥରେ ହି. ଚର୍କା) ଚଡ଼ୁ—
Cauterisation; marking with a red hot iron.

ଚର୍କାଠି—ପ୍ରାଦେ. (ସମ୍ବଲପୁର) ବି—ଚଡ଼ୁକାଠି (ଦେଖ)
Charkāṭhi — Chardukāṭhi (See)

ଚର୍କିବା—ଦେ. କ୍ରି—ଚିରିକିବା (ଦେଖ)
Charkibā — Chirikibā (See)

ଚରକଦେବା, ଚରକପକାଇବା } ଅନ୍ୟରୂପ

ଚର୍ଚର୍—ଦେ. ଅ. (ଧ୍ୱନ୍ୟନୁକରଣ)—
Charchar ୧ । ଲୁଗା ବା କାଗଜ ଚିରିବାର ବା କୁଣ୍ଟାରେ କାଟିବାର ଶବ୍ଦ—1. Sound of tearing or cutting through a sheet of cloth or paper.

୨ । ସରୁ ମୁହଁ ବାଟେ ଜଳସ୍ରୋତ (ପ୍ରବାହ) ବାହାର ହୋଇ ପଡ଼ିବାର ଶବ୍ଦ—2. Sound of water coming through a narrow hole.

ଚର୍‌ଚର୍, ସନ୍‌ସନ୍, ଛରଛର, चरचर ୩ । କାଗଜ ଉପରେ ପକ୍ଷୀ କଲମଦ୍ୱାରା ଚଞ୍ଚଳ ଲେଖିବାର ଶବ୍ଦ—3. Sound of scribbling on a paper with a soft pen point.

ପତ୍ର ଚମ୍ପକ୍ୟ ମହ ସ୍ତ୍ରୀ·········ଚର୍‌ଚର୍ କରି ଦସ୍ତଖତ କରନ୍ତି ।
ରାଧାନାଥ· ଚନ୍ଦ୍ରଭାଗା ।

୪ । ନଇବଢ଼ି ପାଣି କୂଳସ୍ଥ ସମତଳ ବାଲି ଉପରେ ମାଡ଼ି ଯିବାର ଶବ୍ଦ—4. Sound of flood-water spreading into a level piece of sand on the shore.

କ୍ରି ବିଣ—ଚର୍‌ଚର୍ ଶବ୍ଦ କରି ଲେଖିବା—
(writting) Producing a 'churchur' sound.

ଚର୍ଚରା—ଦେ. ବି—୧ । ନଇବଢ଼ି ସମୟରେ କୂଳସ୍ଥ ସମତଳ ବାଲି ଉପରକୁ ଚଞ୍ଚଳ ଚଞ୍ଚଳ ମାଡ଼ିଯିବା ଫେଣଯୁକ୍ତ ପାଣି—
Charchara 1. The foaming flood-water creeping up to a level sanday ground on the shore of the river.

୨ । ନଇବଢ଼ି ସମୟରେ କୂଳରେ ଲାଗିଥିବା ଫେଣ—
2. Foam of blood-water creeping to the shore.

ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଚର୍ଚ୍ଚ ଧାତୁ)—
ଅତିରିକ୍ତ ପରିମାଣରେ ବୋଳାଯାଇଥିବା (ତୈଳାଦି)—
(oil etc.) Excessively annointed over the body.

ଚର୍ଚରାଇବା—ଦେ. କ୍ରି—ଚର୍‌ଚର୍ ଶବ୍ଦପୂର୍ବକ କୌଣସି କାର୍ଯ୍ୟ କରିବା-
Charcharāibā — To do some work producing a 'churchur' sound.
चरचरान्
चरचराना

ଚର୍ଡ଼ାଂ—ପ୍ରାଦେ. (ସମ୍ବଲପୁର) ବି—ଚଡ଼ୁକାଠି (ଦେଖ)
Charrdām — Chardukāṭhi (See)

ଚର୍ପା—ଦେ. ବି—ଖଜୁରି ଗଛର ଫାଳିଡ଼ା ବା ଡାଳ ଡାଳର ମୂଳ-ଭାଗ—
Charpā — The lower broad part of the branch of a date leaf which adheres to the trunk.

ଚର୍ବା—ଦେ. (ସମ୍ବଲପୁର) କ୍ରି. (ଭୁଲ. ହି. ଚର୍‌ନା; ସଂ. ଚର ଧାତୁ)—୧ । ଚରିବା—1 To graze.
Charbā
୨ । ଖୁଣ୍ଟିବା; କାମୁଡ଼ିବା—2 To bite.

ଚର୍ର୍—ଦେ. ଅ. (ଧ୍ୱନ୍ୟନୁକରଣ)—ଚର୍‌ଚର୍ (ଦେଖ)
Charr — Charchar (See)

ଚର୍ଲ୍ଲି—ପ୍ରାଦେ. (ସମ୍ବଲପୁର) ବି—ବୃକ୍ଷବଲ୍କଳ—
Charlā — Bark of trees.

ଚର—ସଂ. ବି. (ଚର୍ ଧାତୁ=ଗମନ କରିବା + କର୍ତ୍ତୃ. ଅ)—
Chara ୧ । ରାଜଦୂତ—1. Ambassador; royal messenger.

୨ । ଗୁପ୍ତଦୂତ—2. Spy; secret emissary.

୩ । ନଦୀଗର୍ଭରେ ନଇବଢ଼ିଦ୍ୱାରା ଆଣିତ ଓ କ୍ରମସଞ୍ଚିତ ଭୂଭାଗ; ଚଡ଼ା; ପଟୁ; ବାଲିଚର—
3. Alluvial land; chur land.

୪ । ଗୋଚାରଣ ଭୂମି—4. Pasture.

୫ । (ଜ୍ୟୋତିଷ) ମେଷ, କର୍କଟ, ତୁଳ ଓ ମକର ରାଶି—
5. (astronomy) The four signs raun (aries ; crab (cancer); balance (libra); shark(capricorn) in the zodiac.

୬ । (ଜ୍ୟୋତିଷ) ସ୍ୱାତି, ପୁନର୍ବସୁ ଓ ଶ୍ରବଣା ନକ୍ଷତ୍ର—
6. (astronomy) Three constellations or lunar mansions-viz; swati (15th) punerbasu (7th); srabana (23rd).

୭ । କପର୍ଦ୍ଦକ; କଉଡ଼ି—7. Cowrie; sea-shell.

୮ । ଜୀବ; ପ୍ରାଣୀ—8. Animal; living being.

୯ । ଅକ୍ଷକ୍ରୀଡ଼ାବିଶେଷ—9. Game of chess.

୧୦ । ମଙ୍ଗଳଗ୍ରହ—10. The planet mars.

୧୧ । ଖଞ୍ଜନପକ୍ଷୀ (ହି. ଶବ୍ଦସାଗର)—11. A bird.

୧୨ । ପଶାଦ୍ୱାରା ଖେଳାଯିବା ଏକପ୍ରକାର ଜୁଆ (ହି.ଶବ୍ଦସାଗର)—
12. A kind of gambling in the dice.

ଚରତା, ଚରନ୍ତ } ବି ବିଣ—୧ । ଗତିବିଶିଷ୍ଟ; ଜଙ୍ଗମ—
1. Moveable, moving.
(ଯଥା—ଚର ନକ୍ଷତ୍ର ।)

୧	ଇ	ଉ	ଋ,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଣ୍ଡ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଓ	ନ୍ତ

୨ । ଅସ୍ଥିର—2. Unsteady; restless.

୩ । ଜୀବ ବା ପ୍ରାଣଯୁକ୍ତ—3. Living; animate.

୪ । ଯେ ବିଚରଣ କରେ; ଗମନକାରୀ—4. Moving about in; one who moves or goes about.

[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ରାତ୍ରିଚର ନିଶାଚର, ଗୁପ୍ତଚର, ବନଚର ଇତ୍ୟାଦି ।]

ଚରଉ—ଦେ. ବି. (ସଂ. ଚରଣ)—୧ । ପଶୁଚରଣ—
Charau 1. Tending of cattle.
চরাউ ୨ । ଚରଉ ଖଜଣା (ଦେଖ)
चरवाइ 2. Charau khajaṇā (See)

ଚରଉ ଖଜଣା—ଦେ, ବି- ଚରଣି; ଜମିରେ ଗୋରୁ ପ୍ରଭୃତି ଗୃହପାଳିତ
Charau khajaṇā ଜନ୍ତୁଙ୍କୁ ଚରାଇବାପାଇଁ ଦିଆଯିବା ନିର୍ଦ୍ଦିଷ୍ଟ ଖଜଣା—Grazing rent.

ଚରକ—ସଂ. ବି. ପୁଂ. (ଚର ଧାତୁ+କର୍ତ୍ତୃ. ଅକ)—
Charaka ୧ । ଚରକ ସଂହିତା ଆୟୁର୍ବେଦ ଗ୍ରନ୍ଥ; ଚରକ ମୁନି ସଙ୍କଳିତ ଆୟୁର୍ବେଦୀୟ ଗ୍ରନ୍ଥ—1. A treatise on Hindu medicine by sage Charaka.

୨ । ଚରକ ସଂହିତା ସଙ୍କଳୟିତା ଆର୍ଯ୍ୟ ବା ଋଷିବିଶେଷ—2. Name a sage who compiled the treatise or Hindu medicine.

[ଦ୍ର—ଚରକ ସଂହିତା ଦ୍ୱାପର ଯୁଗରେ ରଚିତ ହୋଇଥିବାର କଥିତ । କଥିତ ଅଛି ଯେ, ଚରକ ଋଷି ବ୍ରହ୍ମା, ଧନ୍ୱନ୍ତରୀ, ଇନ୍ଦ୍ର, ଅଶ୍ୱିନୀକୁମାରଦ୍ୱୟ, ଭରଦ୍ୱାଜ, ଆତ୍ରେୟ ଓ ଅଗ୍ନିବେଶ୍ୟ ଆଦିଙ୍କ ନିକଟରେ ବୈଦ୍ୟକ ଶାସ୍ତ୍ରମାନ ଅଧ୍ୟୟନ କରିଥିଲେ । ଇଉରୋପୀୟମାନେ ଚରକ ସଂହିତାର ଅନୁବାଦ ଦେଖି ବିସ୍ମିତ ହୋଇଅଛନ୍ତି । ଚରକ ମାଦକ ଓ ମଦ୍ୟର ଖୁବ୍ ପ୍ରଶଂସା କରିଅଛନ୍ତି । ଏହା ଚିକିତ୍ସା ପାଇଁ ପ୍ରୟୋଜନୀୟ । ପରନ୍ତୁ ଯାଗ, ଯଜ୍ଞ, ଧ୍ୟାନଧାରଣା ଆଦି ପାଇଁ ମଧ୍ୟ ଅତ୍ୟାବଶ୍ୟକ ବୋଲି ସେ ପ୍ରକାଶ କରିଅଛନ୍ତି—ସୁବଳଚନ୍ଦ୍ର. ବଙ୍ଗଳା ଅଭିଧାନ ।

ଚରକ ସଂହିତାରେ ଯଥାକ୍ରମେ ସୂତ୍ର, ଶାରୀରସ୍ଥାନ, ଐନ୍ଦ୍ରିୟ, ଚିକିତ୍ସା, କଳ୍ପ, ବିମାନ, ବିକଳ୍ପ ଓ ସିଦ୍ଧି ଏହି ଆଠଗୋଟି ବିଷୟ ବା ସ୍ଥାନ ଅଛି—ଜ୍ଞାନେନ୍ଦ୍ର. ବଙ୍ଗଳା ଅଭିଧାନ ।]

୩ । ଚଟକ; ଘରଚଟିଆ ଚଢ଼େଇ (ହ. ଶବ୍ଦସାଗର)—3. Sparrot.

୪ । ଚର; ଦୂତ—4. Messenger.

୫ । ଭିକ୍ଷୁକ—5. Beggar.

୬ । କ୍ଷେତପାପଡ଼ା ବା ଘରପୋଡ଼ିଆ ଗୁଳ୍ମ—6. A herbarious plant; Oldenlandia Biflora.

୭ । ଭେଦୁଆ; ଗୁପ୍ତଚର—7. A spy.

୮ । ବାଟୋଇ; ପଥିକ—8. A traveller.

ଚରକା—ଦେ. ବି. (ସଂ. ଚକ୍ର; ଫା. ଚର୍ଖ୍)—
Charakā ୧ । ସୂତା କାଟିବାର ଚକ୍ରଯୁକ୍ତ ଯନ୍ତ୍ର; ଅରଟ—
চরখা; চরকা 1. Spining wheel.
चखा; चरखा ୨ । ଚକାକାର ଅଗ୍ନିକ୍ରୀଡ଼ା ଦ୍ରବ୍ୟ; ଚକ୍ରୀବାଣ; ଚଡ଼କ୍‌ବାଜି—2. A revolving or whirling firework.

୩ । ଚଡ଼କ ଯନ୍ତ୍ର; ପଣାସଂକ୍ରାନ୍ତିରେ ପାଟୁଆମାନେ ଯେଉଁ ଯନ୍ତ୍ରରେ ଝୁଲି ଘୂରନ୍ତି—3. The contrivance on which religious dancers perform the swinging of the body as a vow on the Paṇāsaṁkrānti day.

୪ । ଟାକୁଡ଼ି—4. Distaff.

୫ । ନଟେଇ—5. Reel.

୬ । ଡଙ୍ଗା ବା ବୋଇତ ବା ଜାହାଜର ଦଉଡ଼ି ଗୁଡ଼ାଇବାର ଖୁଣ୍ଟି—6. A capstan.

୭ । କୂଅରୁ ପାଣି ଉଠାଇବା ଯନ୍ତ୍ର ଓ କପିକଳ ଆଦିରେ ଲାଗିବା ଖଗଡ଼—7. Pulley.

ବୈଦେ. ବି. (ଭୁଲ. ଫା. ଚରାଖ୍)—୧ । ବତି—
1. Lamp wick.

୨ । ପ୍ରଦୀପ—2. Lamp; light.

ଚରକି—ଦେ. ବି.—୧ । ଚରକା (ଦେଖ)
Charaki 1. Charakā (See)
চরখী ୨ । ନଟେଇ—2. Distaff.
चरखी ୩ । ଚକ୍ର ପରି ଘୂରିବା ଅଙ୍ଗବିଶିଷ୍ଟ କୌଣସି ଯନ୍ତ୍ର—3. Any machine or contrivance which has a revolving wheel attacted to it.

ପ୍ରାଦେ. (ଯାଜପୁର) ବି—ଶିକ୍ଷିତ ପାରା ଉଡ଼ିଲାବେଳେ କରିବା ଚକାକାର ଗତି—A whirling motion made by trained pigeons while flying.

ଚରକିବା—ଦେ. କ୍ରି—ଚିରିକିବା (ଦେଖ)
Charakibā Chirikibā (See)

ଚରଖା—ଦେ. ବି—୧ । ଚରକା (ଦେଖ)
Charakhā 1. Charakā (See)

୨ । କପାଖାଇ—2. A machine for separating seed from cotton pods.

ପ୍ରାଦେ. (ସମ୍ବଲପୁର, ଭୁଲ. ଏହି ଅର୍ଥରେ ହ. ଚରଖା) ବି—ଆଖୁଖାଇ—A sugarcane mill.

ଚରଖା କାଟିବା—ଦେ. କ୍ରି—ଚରଖା ଯନ୍ତ୍ରଦ୍ୱାରା ସୂତା ପ୍ରସ୍ତୁତ କରିବା—
Charakhā kāṭibā To spin thread.
চরখা চালান
चरखा काटना

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚରଖି—ଦେ. ବି—ଚରକି (ଦେଖ)—
Charakhi Charaki (See)
ପ୍ରାଦେ. (ସମ୍ବଲପୁର) ବି—କପାଖାଇ—
A mill for pressing cotton pods.

ଚରଖିଦେବା—ପ୍ରାଦେ. (ଯାଜପୁର) କ୍ରି—ପାରା ଉଡ଼ିଲାବେଳେ ଘୁରି ଘୁରି ଉଡ଼ିବା—To make a whirling motion while flying (said of trained pigeons).
Charakhidebā

ଚରଚା—ଗ୍ରାମ୍ୟ ବି. (ସଂ. ଚର୍ଯ୍ୟା)—ସମାଗତ ଅତିଥି ବା ବନ୍ଧୁବାନ୍ଧବଙ୍କୁ ସମ୍ମାନ ବା ମର୍ଯ୍ୟାଦାପୂର୍ବକ ଭୋଜନାଦି ଦେବା; ଅଭ୍ୟାଗତ ବା ଅତିଥିଚର୍ଯ୍ୟା; ଆତିଥେୟତା—
Charachā
मेहमनदारी
Serving or attending upon guests or comers with due respect; hospitality.

ଜଣ ଜଣକେ କରଚା କଲେ ଭରି ଥାଳ
ଦିବ୍ୟ ଅଶନମାନଙ୍କେ ପୂରିଲା ଉଦର । ବଇକୁଣ୍ଠନାଥ. ବଡଭୂସମାପ୍ତ ।

ଚରଚାଇତ—ପ୍ରାଦେ. (ଗଡ଼ଜାତ) ବି—ରାଜଦ୍ୱାରକୁ ଆଗତ ଅତିଥିମାନଙ୍କ ଖବର ବୁଝିବା ନିମନ୍ତେ ନିଯୁକ୍ତ ରାଜଭୃତ୍ୟ-ବିଶେଷ—A servant whose duty is to look after the proper serving of the guests of Rajas.
Charachāita

ଚରଚା କରିବା—ଦେ. (ଗ୍ରାମ୍ୟ) କ୍ରି—ଅତିଥିମାନଙ୍କୁ ଭୋଜନାଦିଦ୍ୱାରା ମର୍ଯ୍ୟାଦାପୂର୍ବକ ସେବା କରିବା—
Charachā karibā
मेहमनदारी करना To serve and attend upon guests.

କେବଳ ବ୍ରାହ୍ମଣେ ଚରଚା କରିବାକୁ । କୃଷ୍ଣସିଂହ. ମହାଭାରତ. ଆଦି ।

ଚରଚା ବେହେରା—ପ୍ରାଦେ. (ଗଡ଼ଜାତ) ବି—ଚରଚାଇତ (ଦେଖ)
Charachā beherā Charachāita (See)

ଖରଚ ନ ଦେଇ ଚରଚା ବେହେରା ଫେରଚ ହୋଇଣ ଗଲା । ଯଦୁମଣି ରହସ୍ୟ ।

ଚରଚିଆ—ପ୍ରାଦେ. (ଗଡ଼ଜାତ) ବି—ଚରଚାଇତ (ଦେଖ)
Charachiā Charachāita (See)

ଚରଚିବା—ଗ୍ରା. କ୍ରି. (ସଂ. ଚର୍ଯ୍ୟା)—ଚରଚା କରିବା (ଦେଖ)
Charachibā Charachā karibā (See)

ଚରଚେଇତ—ପ୍ରାଦେ. (ଗଡ଼ଜାତ) ବି—ଚରଚାଇତ (ଦେଖ)
Characheita Charachāita (See)

ଚରଡ଼—ଦେ. ବି. (ସଂ. ଶରାଳ ?)—ଏକଜାତୀୟ କୁଲେଚର ପକ୍ଷୀ; ଜଳାଭୂମିରେ ଚରି ଗେଣ୍ଡାଆଦି ଖାଆନ୍ତି; ବଡ଼ିଅକାଙ୍କ ବା ଗେଣ୍ଡାଳିଆ ଜାତୀୟ; ଏମାନେ ବିଷଧର ସାପଙ୍କୁ ମଧ୍ୟ ଖାଇଯାଆନ୍ତି—Adjutant bird; gigantic Indian stork; Flamingo a kind of wading bird living upon snails etc found on marshy ground and devouring poisonous snakes; Cisonia Agrala.
Chararda
शराड़

[ଦ୍ର—ଏମାନଙ୍କ ପେଟରୁ ଜାରମହୁରା ନାମକ ସର୍ପବିଷହର ପଦାର୍ଥ ମିଳେ । ଜାରମହୁରା ଶବ୍ଦେ କୋଠ ଦେଖ ।]

ଚରଡ଼ା—ଦେ. ବି—ଚରଡ଼ (ଦେଖ)
Charardā Chararda (See)

ଚରଡ଼ି—ପ୍ରାଦେ. (ବସ୍ତର ଓ ଜୟପୁର) ବି—ମଧ୍ୟପ୍ରଦେଶର ବସ୍ତର ଓ ଭିଜାଗାପାଟଣାର ଜୟପୁର ଅଞ୍ଚଳର ପାହାଡ଼ର ଜଙ୍ଗଲି ଜାତିବିଶେଷ—A wild caste of people living in hills of Bastar in C. P. and jaypur in Vizagapattam.
Charardi

[ଦ୍ର—ଏମାନେ 'ରାମାୟଣବର୍ଣ୍ଣିତ ବାନରମାନଙ୍କର ବଂଶଧର' ବୋଲି ଆପଣାର ପରିଚୟ ଦିଅନ୍ତି ।]

ଚରଣ—ସଂ. ବି. (ଚର ଧାତୁ + କରଣ. ଅନ)—୧ । ପଦ; ଗୋଡ଼—
Charaṇa 1. Leg; the foot.

୨ । ଶ୍ଳୋକର ଚତୁର୍ଥାଂଶ ପଂକ୍ତି—
2. A quarter or foot of a stanza.

୩ । କବିତା ପଦକର ଅଂଶ ବା ପାଦ—
3. A part of a foot of a stanza.

ତଥାପି ଗୁଣିଗଣ ଅନୁସରଣେ
କବିତା କରି ଥାଇ ପଦେ ଚରଣେ । ବ୍ରଜନାଥ. ସମରତରଙ୍ଗ ।

୪ । ଗୋତ୍ର—4. Family; clan.

୫ । ମୂଳ—5. Root.

୬ । (+ ଭାବ. ଅନ) ଭ୍ରମଣ—
6. Wandering; walking.

୭ । ଚଳନ; ଗତି—7. Motion.

୮ । ଭକ୍ଷଣ—8. Eating; consuming.

୯ । ଆହାରାନ୍ୱେଷଣ; ଚରିବା—
9. Grazing; roaming in quest of food.

୧୦ । ଆଚରଣ—10. Conduct; behaviour.

୧୧ । ସ୍ୱଭାବ; ଶୀଳ—11. Nature.

୧୨ । ଚରିତ୍ର—12. Character.

୧୩ । ବେଦର କଠ; କୌଥୁମ; ବହ୍ୱୃଚ୍ଛାଖା; ଉପନିଷଦ୍—
13. Branch of the Vedas; the Upanishads.

୧୪ । (ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି ଭକ୍ତର ଭକ୍ତିପ୍ରଣୋଦିତ ବଚନ) ଚରଣକମଳ; ସମ୍ବୋଧିତ ପୂଜ୍ୟ ବ୍ୟକ୍ତି ବା ଦେବତା ସ୍ୱୟଂ—14. (a use of the word prompted by devotion to one's elder or superior)

ସେ କଥା କହ ମୁନି ମତେ, (ସ ହରି ଚରଣେ ଯେମନ୍ତେ ।
ନିଶ୍ଚଳେ ମନ କରି ସ୍ଥିର, ଯେମନ୍ତେ ଛାଡ଼ଇ ଶରୀର । ଜଗନ୍ନାଥ. ଭାଗବତ ।

୧୫ । (ଲକ୍ଷଣାର୍ଥ) କୌଣସି ବସ୍ତୁର ନିମ୍ନ ଭାଗ—
15. The foot or lower part of a thing.

୧୬ । ବ୍ରତାଦି ପାଳନ; ସମ୍ପାଦନ—16. Performance; observance; practising. (M. W.)
(ଯଥା—ଚପଶ୍ଚରଣ ।)

୧	ଇ	ଉ	ଋ,ଌ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ୱ	କ୍ଟ

ଦେ. ବି. ପୁଂ—ପୁରୁଷବାଚକ ଗୋପାଳ, ଶ୍ୟାମ, କୃଷ୍ଣ, ରାମ, ବିଷ୍ଣୁ, ହରି, ଧ୍ରୁବ, ଇକାରା ଓ ସ୍ତ୍ରୀବାଚକ ରାଧା, ଶ୍ୟାମା, ଲକ୍ଷ୍ମୀ, କାଳନ୍ଦୀ, କାଳୀ, ପାର୍ବତୀ ଆଦି ସ୍ତ୍ରୀବାଚକ ଓ ଅଭୟ, ଧର୍ମ, ସତ୍ୟ ଓ ମିଥ୍ୟା ଆଦି ଶବ୍ଦମାନଙ୍କ ପରେ ଲାଗି ପୁରୁଷଙ୍କ ନାମ ହୋଇଥିବା ଶବ୍ଦ—A word added to some other words constituting names of males.

ଚରଣକମଳ—ସଂ. ବି. (ରୂପକ କର୍ମଧାରୟ; ଚରଣ + କମଳ; ଭକ୍ତିସୂଚକ Charaṇakamaḷa ବାକ୍ୟରେ ଦେବତା ବା ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି ବ୍ୟବହୃତ)—୧ । ପାଦପଦ୍ମ, ପୂଜାର୍ହ ପାଦ-ଦ୍ୱୟ; ପୂଜ୍ୟ ବ୍ୟକ୍ତିଙ୍କ ଗୋଡ଼ତଳ—
(ଚରଣପଦ୍ମ, ଚରଣସରୋଜ } ଅନ୍ୟରୂପ)

1. (literaly) Foot which is graceful like the lotus or lily; lotus-feet (of a revered person).

୨ । ଯେଉଁ ଗୁରୁ ସ୍ଥାନୀୟ ବ୍ୟକ୍ତି ବା ଦେବତାଙ୍କର ଚରଣ-କମଳ ବୋଲି କୁହାଯାଉଥାଏ ସେ ସ୍ୱୟଂ—

2. The person himself who is styled to have the Charaṇakamaḷa.

[ଦ୍ର—ଏ ପତ୍ର ପିତୃଦେବଙ୍କ ଚରଣ କମଳରେ ପହଞ୍ଚିବ, ଅର୍ଥାତ୍ ପିତୃଦେବଙ୍କ ନିକଟରେ ପହଞ୍ଚିବ । ଆପଣଙ୍କ ଚରଣକମଳ ମୋର ଆଶ୍ରୟ ସ୍ଥଳ ଅର୍ଥାତ୍ ଆପଣ ସ୍ୱୟଂ ମୋର ଆଶ୍ରୟ । ଆପଣଙ୍କ ଚରଣ କମଳରେ ଅଧୀନକୁ ସ୍ଥାନ ଦେବେ । ଆପଣଙ୍କ ନିକଟରେ ମୋତେ ରଖିବେ । କମଳାର୍ଥବାଚକ ଅନ୍ୟ ଶବ୍ଦମାନ ଚରଣାର୍ଥ ବାଚକ ଅନ୍ୟ ଶବ୍ଦମାନଙ୍କ ସଙ୍ଗେ ଯୁକ୍ତ ହୋଇ ଏହି ଅର୍ଥରେ ବ୍ୟବହୃତ ହୁଏ । ଯଥା—ପାଦପଦ୍ମ, ପଦସରୋଜ ।]

ଚରଣକମଳେଷୁ—ସଂ. ବି. (ସପ୍ତମୀ ବିଭକ୍ତି ବହୁବଚନ; ଗୁରୁଜନଙ୍କ Charaṇakamaḷeshu ନିକଟକୁ ଲେଖାଯିବା ପତ୍ରର ଶିରୋ-ନାମାରେ ବ୍ୟବହୃତ, ଯଥା—ପିତୃଦେବଙ୍କ ଚରଣକମଳେଷୁ)-ଶ୍ରୀଚରଣକମଳେଷୁ (ଦେଖ)
Śricharaṇakamaḷeshu (See)

ଚରଣକୃପା—ସଂ. ବି. (୬ଷ୍ଠୀ ତତ୍; ଚରଣ + କୃପା; ଗୁରୁଜନଙ୍କ ପ୍ରତି Charaṇakṛupā ବ୍ୟବହୃତ ଶବ୍ଦ)—ଚରଣର ଦୟା; (ଅର୍ଥାତ୍ (ଚରଣଦୟା—ଅନ୍ୟରୂପ) ସେ ଚରଣ ଯାହାଙ୍କର ତାଙ୍କର) ଦୟା ବା ଅନୁଗ୍ରହ; ସମ୍ବୋଧିତ ଗୁରୁଜନଙ୍କ ଦୟା—The kindness or favour (of the elderly person addressed)

(ଯଥା—ଆପଣଙ୍କ ଚରଣକୃପାରୁ ମୁଁ ସୁଖରେ ଅଛି । ଅର୍ଥାତ୍ ଆପଣଙ୍କ କୃପାରୁ ମୁଁ ସୁଖରେ ଅଛି ।)

[ଦ୍ର—ଚରଣାନୁଗ୍ରହ ଓ ଚରଣାନୁକମ୍ପା ଇତ୍ୟାଦି କେତେକ ଶବ୍ଦ ମଧ୍ୟ ଏହି ଅର୍ଥରେ ବ୍ୟବହୃତ ହୁଅନ୍ତି ।]

ଚରଣଗତ—ସଂ. ବିଣ. ପୁଂ.—(୨ୟା ତତ୍ ଵା ୭ମୀ ତତ୍)—Charaṇagata ଗୋଡ଼ତଳେ ପଡ଼ିଥିବା—
(ଚରଣଗତା—ସ୍ତ୍ରୀ) Fallen at one's feet (Wilson).

ଚରଣଗୁପ୍ତ—ସଂ. ବି. (ବହୁବ୍ରୀହି; ଚରଣ ହୋଇଅଛି ଗୁପ୍ତ ଯହିଁରେ)—Charaṇa gupta ଚିତ୍ରକାବ୍ୟ ବା ଛନ୍ଦ ରଚନାବିଶେଷ—A kind of artistic poetical composition.

[ଦ୍ର—ଏପରି ରଚନା ଭଞ୍ଜୀୟ ଯୁଗର ସାହିତ୍ୟରେ ବହୁଳ ହୋଇଥିଲା । ଦନ୍ତ୍ୟକ୍ଷର, ଦ୍ୱ୍ୟକ୍ଷର ଓ ଦନ୍ତ୍ୟବ୍ୟକ୍ଷର ଆଦି ନାମରେ ଏହି ଶ୍ରେଣୀର ବହୁ ରଚନା ତତ୍କାଳୀନ କବିମାନେ କରି ନିଜର ଶବ୍ଦପାଣ୍ଡିତ୍ୟ ଦେଖାଇବା ସଙ୍ଗେ ସଙ୍ଗେ ରଚନାମାନଙ୍କୁ ଦୁର୍ବୋଧ କରି ପାରୁଥିଲେ ।]

ଚରଣଗ୍ରନ୍ଥି—ସଂ. ବି.—(୬ଷ୍ଠୀ ତତ୍; ଚରଣ = ପାଦ + ଗ୍ରନ୍ଥି = ଗଣ୍ଠି)—Charaṇagranthi ୧ । ଗୋଡ଼ର ଗୋଇଠି ବା ଗୋଇଠି—1. Posterior heel of foot.

୨ । ବଳାଗଣ୍ଠି - 2. Ankle.

ଚରଣଚିହ୍ନ—ସଂ. ବି.—(୬ଷ୍ଠୀ ତତ୍; ଚରଣ+ଚିହ୍ନ)—୧ । ଭୂମିଆଦିରେ Charaṇa chihna ମୁଦ୍ରିତ ହୋଇ ରହି ଯିବା ତଳପାଦ ଦାଗ-- 1. Foot-print.

୨ । ପଥର, ମାଟି, ଧାତୁ ଆଦିରେ ଅଙ୍କିତ ବିଷ୍ଣୁ ଓ ମହାତ୍ମାମାନଙ୍କ ପଦଚିହ୍ନ (ଯାହାକୁ ଭକ୍ତମାନେ ପୂଜା କରନ୍ତି)—2. Foot prints taken on stone, clay, line etc of Bishnu or great-men worshipped and devotees.

ଚରଣଘଷା—ଦେ. ବି.—(ସଂ. ଚରଣ + ଘର୍ଷଣ)—ଗୋଡ଼ଘଷା ପଥର—Charaṇaghashā ଯେଉଁ କଳା ପଥରରେ ଲୋକେ ନିଜ ଗୋଡ଼ର ତଳପାଦ ଘଷି ମଳଚମ ସଫା କରନ୍ତି—A slap of sand-stone on which people rub the soles of their feet to clear away the overgrown skin.

ଚରଣଚୁଟିଆ—ଦେ. ବିଣ. ପୁଂ.—(ମହାର୍ଥ —(ସଂ. ଚରଣ ଓ ଓଡ଼ିଆ Charaṇachuṭiā ଚୁଟି=ଶିଖା)—ଯେଉଁ ବ୍ୟକ୍ତି ସମୟ ପଡ଼ିଲେ (ଚରଣଚୁଟେଇ—ସ୍ତ୍ରୀ) ଚରଣ ଧରି ଖୋସାମତ କରେ ଓ ସମୟ ପଡ଼ିଲେ ପୁଣି ଚୁଟି ଧରି ମାରେ—Time-serving; a person who acts slavishly and impudently as occasion requires; a man of no principles.

ଚରଣଚୁଟିଅ—ଦେ. ବିଣ. ପୁଂ.—ଚରଣଚୁଟିଆ (ଦେଖ)
Charaṇachuṭiā Charaṇachuṭiā (See)
(ଚରଣଚୁଟେଇ—ସ୍ତ୍ରୀ)

ଚରଣଟିକା—ସଂ. ବି. (ଅଧୁନିକ ବ୍ୟବହାର; ମ. ପ. ଲୋ; ଚରଣ Charaṇaṭikā ଲିଖିତ ଟୀକା)—ପଦଟୀକା; ଲିଖିତ ବିଷୟ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବୁଝାଇବା ପାଇଁ ପୃଷ୍ଠାର ତଳଭାଗରେ ଲିପିବଦ୍ଧ ହୋଇ ଥିବା ଟିପ୍ପଣୀ—Foot-note.

ଚରଣତଳ—ସଂ. ବି.—(୬ଷ୍ଠୀ ତତ୍; ଚରଣ+ତଳ; ଭକ୍ତି ବା ବିନୟ-ପ୍ରଣୋଦିତ ଅତ୍ୟୁକ୍ତି ବଚନ)—ଗୁରୁଜନାଦି ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି ପ୍ରଯୁଜ୍ୟ)—ଗୋଡ଼ପାଖ; ପାଦନିକଟ, ନିକଟ—
Charaṇatala
1. (at) The feet (of the person addressed to or referred).

(ଯଥା—ଏ ପତ୍ର ପିତୃଦେବଙ୍କ ଚରଣ ତଳେ ପହଞ୍ଚିବ ଅର୍ଥାତ୍ ପିତୃଦେବଙ୍କ ନିକଟରେ ପହଞ୍ଚିବ ।)

(ଯଥା—ମତେ ଆପଣଙ୍କ ଚରଣ ତଳେ ସ୍ଥାନ ଦେବେ । ଅର୍ଥାତ୍ ଆପଣଙ୍କ ନିକଟରେ ଆଶ୍ରୟ ଦେବେ ।)

ମୁଁ ଆପଣଙ୍କ ଚରଣ ତଳେ ଦୋଷୀ ଅଟେ=ମୁଁ ଆପଣଙ୍କଠାରେ ଦୋଷୀ ଅଟେ ।

୨ । ପାଦତଳ ଭୂମି; ଯାହା ଉପରେ ପାଦ ସ୍ଥାପନ କରାଯାଏ—
2. The earth which (the addressee's) foot is treading; a thing on which the addressee is putting his foot.

(ଯଥା—ମୁଁ ଆପଣଙ୍କ ଚରଣ ତଳକୁ ଯୋଗ୍ୟ ନୁହେଁ । ମୁଁ ଏଡ଼େ ହେୟ ଯେ ଆପଣଙ୍କ ପାଦ ମଧ୍ୟ ମୋ ଉପରେ ରହିବାର ଉପଯୁକ୍ତ ନୁହେଁ, ଅର୍ଥାତ୍ ଆପଣଙ୍କ ପାଦତଳ ଭୂମି ଅପେକ୍ଷା ମଧ୍ୟ ମୁଁ ହେୟ ।)

୩ । (ସମ୍ବୋଧିତବ୍ୟକ୍ତିଙ୍କ) ହୃଦୟ—
3. The mind (of the persou addressed to)

(ଯଥା—ଏ ଦାସୀକୁ ସର୍ବଦା ଚରଣତଳେ ସ୍ଥାନ ଦେବେ ଅର୍ଥାତ୍ ଏ ଦାସୀକୁ ସର୍ବଦା ମନରେ ବା ହୃଦୟରେ ରଖିଥିବେ ପାସୋରିବେ ନାହିଁ ।)

୪ । (ସମ୍ବୋଧିତବ୍ୟକ୍ତିଙ୍କ) ଆଶ୍ରୟ—
4. Patronage; protection.

(ଯଥା—ଦେବତାଙ୍କ ଚରଣତଳ ମତେ ରକ୍ଷାକରିବ ।)

୫ । ତଳପା—5. Sole of the feet.

ପ୍ର.ସ୍ଵପଦ୍ମ ର ନିକୁଞ୍ଜ ସଞ୍ଚାର ଶ୍ରମ୍ନେ ମୋ ଚରଣତଳ—ବଦସୂର୍ଯ୍ୟ. କଶୋରଚନ୍ଦ୍ର ପ ଗୀତ ।

ଚରଣତଳିଆ—ଦେ. ବିଣ (ସଂ, ଚରଣତଳ+ଓଡ଼ିଆପ୍ରତ୍ୟୟ ଇଆ)—
Charaṇataliā ୧ । ପାଦତଳେ ରହିବାର ଉପଯୁକ୍ତ; ଅତି ନ୍ୟୂନ; ପାଅତଳିଆ—1. Very humble; one who is fit to stay at the foot (of the person referred to.)

୨ । ଚରଣାଶ୍ରିତ (ବ୍ୟକ୍ତି); ଆଶ୍ରିତ—
2. Living on the patronage or favour of a nother person.

ଚରଣତଳେପଡ଼ିବା—ଦେ. କ୍ରି—ଗୋଡ଼ତଳେପଡ଼ିବା—
Charaṇatalepaṛdibā ୧ । ଅନୁଗ୍ରହ, ଦୟା, କ୍ଷମା, ଆଶୀର୍ବାଦ ପାଇବା ଉଦ୍ଦେଶ୍ୟରେ ମାନ୍ୟ ବ୍ୟକ୍ତିର ଗୋଡ଼ତଳେ
पायेंपड़ा
चरनलेना ପ୍ରଣିପାତ କରିବା—1. To fall at the foot of another; to lié prostrate at the foot of a person (to gain blessing, favour, kindness or forgiveness).

୨ । ଗୋଡ଼ପାଖରେ ମୁଣ୍ଡ ଲଗାଇ ପ୍ରଣାମକରିବା—
2. To make obeisance by touching one's head to the feet of an elderly person.

ଚରଣଦାସ—ସଂ. ବି. ପୁଂ (୬ଷ୍ଠୀ ବା ୭ମୀ ତତ୍; ଚରଣ+ଦାସ)—
Charaṇadāsa ୧ । ପ୍ରଭୁଙ୍କର ଚରଣସେବା କରିବା ଭୃତ୍ୟ—
1. Servant tending the legs of a master.

(ଚରଣଦାସୀ—ସ୍ତ୍ରୀ) ୨ । ପ୍ରଭୁଙ୍କର ଅତ୍ୟନ୍ତ ଅନୁଗତ ଭୃତ୍ୟ; କିଙ୍କର—2. Most obedient and humble servant.

୩ । ଆଜ୍ଞାକାରୀ ଶିଷ୍ୟ—3. An obedient deciple.

ଦେ. ବି—୧ । (ନାମ; 'ରାଧାରମଣଚରଣଦାସ'ର ସଂକ୍ଷିପ୍ତ ଡାକନାମ; ଏହି ନାମରେ ସେ କଟକରେ ସୁପରିଚିତ ଥିଲେ)—ରାଧାରମଣଚରଣଦାସ (ଦେଖ) Rādhāramaṇacharaṇadāsa (See).

୨ । ଦିଲ୍ଲୀରେ ବାସକରୁଥିବା ଏକ ସ୍ଵର୍ଗୀୟ ହିନ୍ଦୁଧର୍ମପ୍ରଚାରକ (ଜନ୍ମ ସମ୍ବତ୍ ୧୭୬୦ ଦେହାନ୍ତ ସମ୍ବତ୍ ୧୮୨୨; ଏ ସ୍ଵରୋଦୟ ଆଦି ଅନେକଗୁଡ଼ିଏ ଗ୍ରନ୍ଥ ରଚନା କରିଥିଲେ, ଏ ଗୋଟିଏ ନୂତନ ବୈଷ୍ଣବସମ୍ପ୍ରଦାୟର ପ୍ରବର୍ତ୍ତନ କରିଥିଲେ—ହି. ଶବ୍ଦସାଗର)—
2. Name of a deceased Hindu Saint of Délhi.

ଚରଣଦାସୀ—ସଂ. ବି. ସ୍ତ୍ରୀ (୬ଷ୍ଠୀ ବା ୭ମୀ ତତ୍; ଚରଣ+ଦାସୀ)—
Charaṇadāsi ୧ । ଚରଣଦାସର ସ୍ତ୍ରୀଲିଙ୍ଗ—
1 The feminine of Charaṇadāsa.

୨ । ପ୍ରଭୁଙ୍କର ପଦସେବାକାରିଣୀ କିଙ୍କରୀ—
2. A maidservant who massages the legs of the master.

୩ । ଆପଣାର ସ୍ତ୍ରୀ—3 One's wife.

୪ । ଅତ୍ୟନ୍ତ ଅନୁଗତା କିଙ୍କରୀ—
4. Most humble and obedient maid servant.

ଦେ. ବି. ପୁଂ—ଚରଣଦାସଙ୍କ ପ୍ରବର୍ତ୍ତିତ ବୈଷ୍ଣବ ସମ୍ପ୍ରଦାୟ-ବିଶେଷ—Name of a sect following the tenants of saint Charaṇadāsa.

ଚରଣଦେଶ—ଦେ. ବି (ରୂପକ କର୍ମ୍ମ ଧ. ସ.ଲୋ; ଚରଣାଧିକୃତ ଦେଶ)--
Charaṇadeśa ଚରଣତଳ; ପାଦଦେଶ; ଗୋଡ଼ତଳ; ପୂଜ୍ୟ ବ୍ୟକ୍ତିଙ୍କର ଚରଣ ଯେଉଁ ସ୍ଥାନରେ ପଡ଼ିଥାଏ—
Ground near one's foot.

ପଡ଼ିଲେ ସେ ତାହାଙ୍କ ଚରଣଦେଶରେ—କୃଷ୍ଣସିଂହ. ମହାଭାରତ. ସଭା ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଂ	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍ତ

ଚରଣଧୂଳି—ସଂ. ବି (ଷଷ୍ଠୀ ତତ୍; ଚରଣ + ଧୂଳି)—୧ । ପ୍ରଭୁ ବା
Charaṇadhūḻi ଗୁରୁଜନଙ୍କ ଚରଣରେ ଲାଗିଥିବା ଧୂଳି—
1. The dust of the feet of a master or Gurujana.

[ଦ୍ର—ଶିଷ୍ୟମାନେ ଏହାକୁ ଅତ୍ୟନ୍ତ ପବିତ୍ର ମନେ କରି ମୁଣ୍ଡରେ ଲଗାନ୍ତି ।]

୨ । (ଅତି ଭକ୍ତିପ୍ରଣୋଦିତ ବ୍ୟବହାର) ଗୁରୁଜନ ବା ପୂଜ୍ୟ ବ୍ୟକ୍ତିଙ୍କର ପାଦ—2. The feet of a revered person.

(ଯଥା—ଆମ ଘରେ ଆପଣଙ୍କ ଚରଣଧୂଳି ପଡ଼ିଲା ନାହିଁ ।)

ଚରଣନ୍ୟାସ—ସଂ. ବି (ଷଷ୍ଠୀ ତତ୍; ଚରଣ+ନ୍ୟାସ)—୧ । ଚାଲିବା
Charaṇanyāsa ପାଇଁ ଗୋଡ଼ ଭୂମିରେ ପକାଇବା; ପଦନ୍ୟାସ—
Footstep (M. W.)

୨ । ପାଦଚିହ୍ନ; ଚରଣଚିହ୍ନ—2. Footmark (M. W.)

ଚରଣପଦ୍ମ—ସଂ. ବି (ରୂପକ କର୍ମଧାରୟ; ଚରଣ + ପଦ୍ମ)—
Charaṇapadma ଚରଣକମଳ (ଦେଖ)—
Charaṇakamaḻa (See)

ଚରଣପଦ୍ମ ତଳୁ ଦୟାସାଗର ସଙ୍ଗେ କି ଏ ଦାସୀକି କଲ ଅନ୍ତର—
ମଧୁସୂଦନ. ସୀତାବନବାସ ।

ଚରଣପର୍ବଣ—ସଂ. ବିଣ (ଷଷ୍ଠୀ ତତ୍ ; ଚରଣ+ପର୍ବନ୍)—୧ । ଗୋଇଠି;
Charaṇaparbaṇa ଏଡ଼ି (ହି. ଶବ୍ଦସାଗର)—1. The back part of the heel.

୨ । ଗୁଲ୍ଫ; ଗୋଛ (ହି. ଶବ୍ଦସାଗର)—2. The part of the ankle where the muscles of the leg combine.

ଚରଣପାଦୁକା—ସଂ. ବି (ଷଷ୍ଠୀ ତତ୍ ; ଚରଣ+ପାଦୁକା)—୧ । କଠଉ;
Charaṇapādukā ଖଡ଼ମ – 1. Wooden sandals.

୨ । ଜୋତା—2. Shoes.

୩ । ଚରଣଚିହ୍ନ (ହି. ଶବ୍ଦସାଗର) (ଦେଖ)—
3. Charaṇachihna (See)

ଚରଣପୀଠ—ସଂ. ବି (ମଧ୍ୟପଦଲୋପୀ; ଚରଣାଧିକୃତ ପୀଠ)—
Charaṇapiṭha ୧ । ଚରଣପାଦୁକା (ହି. ଶବ୍ଦସାଗର) (ଦେଖ)—
1. Charaṇapādukā (See)

୨ । ଉଚ୍ଚ ସ୍ଥାନରେ ବସିବା ବ୍ୟକ୍ତି ଯେଉଁ ପୀଢ଼ା ବା ଟୁଲ୍ ଉପରେ ଆରାମ ପାଇଁ ଗୋଡ଼ ରଖନ୍ତି – 2. Footstool.

୩ । ପାଉଁଦାନ; ଗାଡ଼ି ଆଦିରେ ଚଢ଼ିବାବେଳେ ଯେଉଁ ଚଟକା ଧାତୁଖଣ୍ଡ ଉପରେ ଗୋଡ଼ ଦିଆଯାଏ—
3. Foot-board.

ଚରଣପ୍ରସାର – ସଂ. ବି (ଷଷ୍ଠୀ ତତ୍ ; ଚରଣ + ପ୍ରସାର) ଗୋଡ଼ ଲମ୍ବା-
Charaṇaprasāra ଇବା—Stretching the leg (M.W.)

ଚରଣଫାଟୁଆ—ଦେ. ବିଣ—ଗୋଡ଼ଫାଟ ରୋଗଗ୍ରସ୍ତ; ଯାହାର ଗୋଡ଼ର
Charaṇaphāṭuā ତଳପା ଶୀତ ଋତୁରେ ରୋଗ ହେତୁ ଫାଟି ଯିବାରୁ ସେ ଚାଲି ପାରେ ନାହିଁ—One whose heels become cracked in winter (a disease).

ଦେ. ବି.—ଗୋଡ଼ଫାଟ ରୋଗ—A disease by which the heels becom cracked.

ଚରଣଯୋଧୀ—ସଂ. ବି (ଚରଣ+ଯୁଧ ଧାତୁ+ଇନ୍; ୧ମା. ୧ବ)—
Charaṇajodhi କୁକୁଡ଼ା—A cock (M. W.)

ଚରଣରେଣୁ—ସଂ. ବି (ଷଷ୍ଠୀ ତତ୍ ; ଚରଣ+ରେଣୁ)—
Charaṇareṇu ଚରଣଧୂଳି (ଦେଖ)—
Charaṇadhūḻi (See)

ଚରଣଶରଣ—ସଂ. ବିଣ. ପୁଂ. (ବହୁବ୍ରୀହି; ଚରଣ+ଶରଣ) ଚରଣା-
Charaṇaśaraṇa ଶ୍ରିତ (ଦେଖ)—Charaṇāśrita (See).
(ଚରଣଶରଣା—ସ୍ତ୍ରୀ) ଚରଣ-ଶରଣ ଲୋକଙ୍କୁ ନାଶିବ। କଥାର ଉଚିତ ନୋହୁ—
ଭକ୍ତ. ପ୍ରେମସୁଧାନିଧି ।

ଚରଣସରୋଜ—ସଂ. ବି (ରୂପକ କର୍ମଧା; ଚରଣ+ସରୋଜ)—
Charaṇasaroja ଚରଣକମଳ (ଦେଖ)—
Charaṇakamaḻa (See)

ଚରଣସେବକ—ସଂ. ବି. ପୁଂ (ଷଷ୍ଠୀ ତତ୍; ଚରଣ + ସେବକ)—
Charaṇasebaka ଚରଣଦାସ (ଦେଖ)—
Charaṇadāsa (See)
ଚରଣସେବକା }
ଚରଣସେବିକା } ସ୍ତ୍ରୀ

ଚରଣସେବକୀ – ଦେ. ବି. ସ୍ତ୍ରୀ (ସଂ. ଚରଣସେବିକା)—ଚରଣଦାସୀ(ଦେଖ)—
Charaṇasebaki Charaṇadāsi (See)

ଚରଣସେବା—ସଂ. ବି (ଷଷ୍ଠୀ ତତ୍ ; ଚରଣ+ସେବା)—୧ । ଗୋଡ଼
Charaṇasebā ଘଷିବା; ପଦସମ୍ବାହନ—1. Caressing of the feet of another.

୨ । ଗୁରୁଜନଙ୍କ ପ୍ରତି ଶିଷ୍ୟାଦିଙ୍କର ଆନୁଗତ୍ୟ—
2. Obedience; whole hearted devotion; one's elder or superior.

୩ । ପ୍ରଭୁ ବା ଗୁରୁଜନଙ୍କର ସେବା—3. A master's service; serving at the feet of the master; devoted service to one's master.

ଚରଣା—ସଂ. ବି (ବୈଦ୍ୟକ)—ଯୋନିରୋଗବିଶେଷ—A disease of
Charaṇā the female organ.

[ଦ୍ର—ଏ ରୋଗଗ୍ରସ୍ତା ସ୍ତ୍ରୀର ମୈଥୁନ କାଳରେ ଅତିଶୀଘ୍ର ଅଧିକ ପରିମାଣରେ ରଜସ୍ରାବ ହୁଏ । (ହି. ଶବ୍ଦସାଗର)]

ଚରଣାଙ୍କିତ—ସଂ ବିଣ (ତୃତୀ. ତତ୍ ; ଚରଣ+ଅଙ୍କିତ)—୧ । ପାଦର
Charaṇāṅkita ଛାପ—1. The print of ones foot; foot-print.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, ଲୁଅ ନ ମିଳିଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (୭ମୀ ତତ୍) ପାଦରେ ଚିହ୍ନିତ—2. (lines and figures seen) Marked on the soles of the leg.

ଚରଣାଦ୍ରି—ସଂ. ବି (ନାମ) (ମଧ୍ୟପଦଲୋପୀ; ଚରଣାଙ୍କିତ ଅଦ୍ରି)—
Charaṇādri ଚୁନାର୍; କାଶୀ ଓ ମିର୍ଜାପୁର ମଧ୍ୟରେ ଥିବା ସ୍ଥାନ—Chunar, a town between Benares and Mirjapur.

[ଦ୍ର—ଏଠାର ଗୋଟିଏ ଶ୍ରେଷ୍ଠ ପାହାଡ଼ରେ ବୁଦ୍ଧଦେବଙ୍କର ଚରଣଚିହ୍ନାଙ୍କିତ ଖଣ୍ଡିଏ ପଥର ଅଛି । ଏ ପଥରକୁ ମୁସଲମାନମାନେ ନେଇ ଗୋଟିଏ ମସ୍‌ଜିଦ୍‌ରେ ରଖି କହନ୍ତି ଯେ, ଏ କଦମ୍ ରସୁଲ୍ (ମହମ୍ମଦଙ୍କ ପଦଚିହ୍ନ) ଅଟେ । ହି. ଶବ୍ଦସାଗର]

ଚରଣାନୁଗ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ଚରଣ+ଅନୁ+ଗମ୍+
Charaṇānuga କର୍ତ୍ତୃ. ଅ)—ଚରଣାନୁଗତ (ଦେଖ)
(ଚରଣାନୁଗା—ସ୍ତ୍ରୀ) Charaṇānugata (See)

ଚରଣାନୁଗତ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ଚରଣ+ଅନୁ+ଗମ୍+
Charaṇānugata କର୍ତ୍ତୃ. ତ)—୧ । ଅନ୍ୟର ପଦାଙ୍କ ଅନୁସରଣ-
(ଚରଣାନୁଗତା—ସ୍ତ୍ରୀ) କାରୀ ବା ପଶ୍ଚାଦ୍‌ଗାମୀ—
1. Following another's foot steps.
୨ । ଅତ୍ୟନ୍ତ ବିନୀତ ଓ ଆଜ୍ଞାପାଳକ—2. Most humble and obedient subservient.
୩ । ପ୍ରଭୁଙ୍କର ଚରଣ ସେବାକାରୀ—3. Tending the feet of or serving the master.
୪ । ଶରଣାଗତ (ହି. ଶବ୍ଦସାଗର)—4. One who is under the shelter of another.

ଚରଣାବରଣ—ସଂ. ବି—(୬ଷ୍ଠୀ ତତ୍; ଚରଣ+ଆବରଣ)—ମୋଜା—
Charaṇābaraṇa Stocking; socks.

ଚରଣାଭରଣ—ସଂ. ବି—(୬ଷ୍ଠୀ ତତ୍; ଚରଣ+ଆଭରଣ)—
Charaṇābharaṇa ଗୋଡ଼ର ଅଳଙ୍କାର—Ornament for the leg.

ଚରଣାମ୍ବୁଜ—ସଂ. ବି—(ରୂପକ କର୍ମଧାରୟ; ଚରଣ+ଅମ୍ବୁଜ)—
Charaṇāmbuja ଚରଣକମଳ (ଦେଖ)
Charaṇakamaḷa (See)

ଚରଣାମୃତ—ସଂ. ବି—(୬ଷ୍ଠୀ ତତ୍ କିମ୍ବା ମ. ପ. ଲୋ; ଚରଣ+
Charaṇāmṛuta ଅମୃତ)—ଦେବତା, ବ୍ରାହ୍ମଣ ବା ଗୁରୁଜନଙ୍କର ପାଦପ୍ରକ୍ଷାଳନ ଜଳ; ଯେଉଁ ଜଳକୁ ଭକ୍ତ ପାନ କରେ; ପାଦୋଦକ; ପାଦୁକ; ଗୋଡ଼ଧୂଆ ପାଣି—Water with which the feet of a Diety, Brahmana or spiritual preceptor have been washed and which is taken with avidity by a devotee or disciple.

[ଦ୍ର—ଚରଣାମୃତ 'ପିଇବା'କୁ ଭକ୍ତିରେ ଚରଣାମୃତ 'ପାଇବା' ବା 'ସେବା କରିବା' ବୋଲାଯାଏ]

ଚରଣାୟୁଧ—ସଂ. ବି. (ବହୁବ୍ରୀହି; ଯାହାର ଚରଣ ଆୟୁଧସ୍ୱରୂପ; ଯାହାର
Charaṇāyudha ଚରଣ ତୀକ୍ଷ୍ଣ ନଖଯୁକ୍ତ; ଯେ ଚରଣଦ୍ୱାରା ଅନ୍ୟ କୁକ୍କୁଟ ସଙ୍ଗେ ଯୁଦ୍ଧ କରେ)—
୧ । କୁକ୍କୁଟ; କୁକୁଡ଼ା —1. Cock

ଚରଣାୟୁଧବୃନ୍ଦ ରଡ଼ିରେ, ଦର କରୁଣା ବୋଲି ଯେତେ ଗୃହୁ ଉଠିଲା ତୋ ମାନଙ୍କୁ ତ ନ ଚିହ୍ନିଲେ । କବିସୂର୍ଯ୍ୟ—ସଙ୍ଗୀତ ।

୨ । ଶିକାରୀ ପକ୍ଷୀ ଓ ଜୀବଜନ୍ତୁ—
2. Birds and beasts of pray.
ସଂ. ବିଣ—ଯାହାର ଗୋଡ଼ ଅସ୍ତ୍ରରୂପେ ବ୍ୟବହୃତ—
Having the feet as weapon (animal) fighting with the feet.

ଚରଣାରବିନ୍ଦ—ସଂ. ବି—(ରୂପକ କର୍ମଧାରୟ, ଚରଣ+ଅରବିନ୍ଦ)—
Charaṇārabinda ଚରଣକମଳ (ଦେଖ)
Charaṇakamaḷa (See)

ଚରଣାଶ୍ରିତ—ସଂ. ବିଣ. ପୁଂ (୭ମୀ ତତ୍; ଚରଣ+ଆଶ୍ରିତ, ଅଭିବ୍ୟକ୍ତି-
Charaṇāśrita ପ୍ରଣୋଦିତ ବ୍ୟବହାର)—ଗୁରୁଜନ, ଦେବତା,
(ଚରଣାଶ୍ରିତା—ସ୍ତ୍ରୀ) ପ୍ରଭୁ, ଧନୀ ବା ବଡ଼ ଲୋକଙ୍କ ଆଶ୍ରୟରେ ରହିଥିବା ବ୍ୟକ୍ତି; ଚରଣାନୁଗତ—(a person) Who is dependent on the favour or bounty of another great or rich man or diety.

ଚରଣାସ୍କନ୍ଦନ—ସଂ. ବି. (୭ମୀ ତତ୍, ଚରଣ+ଆସ୍କନ୍ଦନ)—
Charaṇāskandana ଗୋଡ଼ରେ ମଳିବା; ପାଦଦଳନ—
Treading down with the feet.

ଚରଣି—ସଂ.ବି. (ଚର ଧାତୁ+କର୍ତ୍ତୃ. ଅନି —
Charaṇi ମନୁଷ୍ୟ (ହି. ଶବ୍ଦସାଗର)—Man.
चरानी ଦେ. ବି—(ସଂ. ଚର୍ ଧାତୁ)—୧ । ଘାସ; ଗୋରୁ ଘୋଡ଼ାଙ୍କ
चराई ଖାଦ୍ୟ—1. Food for beasts.
୨ । (ସଂ. ଗୃରଣ) ଗୋଚାରଣ; ଗୋରୁ ଚରାଇବା—
2. Tending cattle; pasturing.
୩ । (ସଂ. ଚରଣ) ଗୋରୁ ମହିଷାଦମାନଙ୍କର ଘାସ ଚରିବା—
3. The beasts feeding on pasture; grazing.
୪ । (ସଂ. ଚରୁ) ଗୋଚାରଣ ଭୂମି—4. Pasturage.
୫ । (ସଂ. ଚରୁ) ଜମିଦାର ବା ରାଜାଙ୍କ ଭୂମିରେ ଗୋ-ମହିଷାଦଙ୍କ ଘାସ ଚରିବା ନିମନ୍ତେ ଗୋରୁର ସ୍ୱାମୀ ରାଜାଙ୍କୁ ଯେଉଁ କର ଦିଏ—5. Pasture tax; grazing tax; tax paid to the Raja or zamindar for ones cattle grazing on the Zamindar's land or pasture.

୧	ଇ	ଢ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଉଅ	ଧ୍ୱ
୨	ଈ	ଊ	ଲୃ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଓ	ନ୍ବ

୨ । ଗୋରୁ ମଇଁଷି ରାଜା ବା ଜମିଦାରଙ୍କ ଜମି ବା ଜଙ୍ଗଲ ବା ପଡ଼ାରେ ଚରିବାରୁ ଗଉଡ଼ମାନେ ରାଜାଙ୍କୁ କର ବଦଳରେ ଯେଉଁ ଘିଅ ଦିଅନ୍ତି—6. Ghee paid by cowherds to the Raja or Zamindar in lieu of grazing tax.

ଦେ. ବଣ.—ଗୋରୁ ଗାଈ ଚରାଇବାପାଇଁ ଭୂସ୍ୱାମୀଙ୍କୁ ଦେୟ (ଶୁଳ୍କ, ରାଜସ୍ୱ) —Payable for grazing.
(ଯଥା— ଚରଣି ଘିଅ, ଚରଣି ଖଜଣା, ଚରଣି ଟିକସ ।)

ଚରଣି ଘିଅ—ଦେ. ବି.—ରାଜାଙ୍କ ଭୂମିରେ ଚରା କରନ୍ତେ ଗୋରୁ
Charaṇi ghia ଚରାଇବା ଯୋଗୁଁ ଗଉଡ଼ମାନେ ରାଜାଙ୍କୁ ମାଗଣା ଦେବା ନିର୍ଦ୍ଦିଷ୍ଟ ଘିଅ—Ghee paid to a landlord by cowherds in lieu of grazing tax.

ଚରଣିଭୂଇଁ - ଦେ. ବି. (ସଂ ଚରଣ+ଭୂମି)—୧ । ଗୋଚର ଜମି;
Charaṇi bhuüiṅ ଚରାଭୂଇଁ—1. Pasture land.

ଚରଣୋଦକ—ସଂ. ବି.—(୬ଷ୍ଠୀ ତତ୍, ଚରଣ+ଉଦକ —
Charaṇodaka ଚରଣାମୃତ (ଦେଖ)
Charaṇāmṛuta (See)

ଚରଣୋପଧାନ—ସଂ. ବି. (୬ଷ୍ଠୀ ତତ୍; ଚରଣ+ଉପଧାନ)—ଯେଉଁ
Charaṇopadhāna ମାଣ୍ଡି ବା ଆସନ ଉପରେ ଗୋଡ଼ ରଖା ଯାଏ—Foot rest (M. W.)

ଚରତି— ସଂ. ବି—ଚିରସ୍ଥାୟୀ ଶାକତରୁବିଶେଷ—Name of a perennial potherb; Ionidium suffruticosum; Viola Suffruticosa (Kirtikar).
Charati
ସୁନବୋରା
रतनपुरुष
ତେ. ସୂର୍ଯ୍ୟକେନ୍ଦ୍ର, ମାଲ- କୋବାସି, ପୁରୁଷରତ୍ନମ୍
ସାନ୍ତାଲୀ. ଡାଣ୍ଡି, ସୋଲ,
ମାରସୂର୍ଯ୍ୟମୁଖୀ
[ଦ୍ର—ଏହା ଭାରତର ଉତ୍ତର ପଶ୍ଚିମ ପ୍ରଦେଶ, ମଧ୍ୟପ୍ରଦେଶ, ବଙ୍ଗ ଓ ସିଂହଳରେ ଜାତ ହୁଏ । ଏହାର ଶାଖାଗୁଡ଼ିକ ଝାଙ୍କା ମେଲିଯାଏ ଓ ଫୁଲ ନାଲିଆ ଦିଶେ । ଏହି ଗଛର ପତ୍ର, ଡାଙ୍ଗ ଓ ଚେର ବାତଜ୍ୱର, ଗୋଦର, ମେହ ଆଦିର ଔଷଧରେ ବ୍ୟବହୃତ ହୁଏ ।]

ଚରବଣ— ଗ୍ରା· (ପଦ୍ୟ) ବି. (ସଂ. ଚର୍ବଣ)—ଚର୍ବଣ; ଚୋବାଇବା—
Charabaṇa Chewing.
(ଚରବଣା—ଅନ୍ୟରୂପ)

ଚରବସ୍ତ—ଦେ. ବି. (ସଂ. ଚର=ପଟୁ+ବସ ଧାତୁ; ଯେଉଁ ଜମିରେ
Charabast ପଟୁ ବସି ଯାଇଥାଏ)—ନଈବଢ଼ି ଦ୍ୱାରା ନଦୀଗର୍ଭରେ ପଟୁ ପଡ଼ି ଯେଉଁ କୃଷି ଉପଯୋଗୀ ଜମି ଜାତ ହୋଇଥାଏ; ପଟୁଭୂମି—Silted land on the bed of a river fit for cultivation.
चरबस्त
चरबस्त

ଚରବି (ଇତ୍ୟାଦି)—ଗ୍ରା. ବୈଦେ. ବି. (ଫା)—ଚର୍ବି ଇତ୍ୟାଦି (ଦେଖ)
Charabi (etc) Charbi etc (See)

ଚରବ୍ୟ—ସଂ. ବଣ. (ଚରୁ+ଯ)—ହୋମରେ ଚରୁରୂପେ ବ୍ୟବହୃତ
Charabya ହେବାର ଉପଯୁକ୍ତ (ହ୍ର. ଶବ୍ଦସାଗର)— Fit to be employed as an accompaniment to the ghee offered to fire.

ଚରମ—ସଂ. ବି. (ଚର୍ ଧାତୁ+କର୍ତ୍ତୃ. ଅମ)—୧ । ଶେଷଭାଗ—
Charama 1. Last or finishing stage.
୨ । ପଶ୍ଚିମ (ହ୍ର. ଶବ୍ଦସାଗର)—2. The west.
୩ । ଶେଷ—3. Finish; end.
୪ । ପଛଆଡ଼—4. Back side.
ଚରେଡ ନ ରହିବ ଚରମରେ, ସାର ଶାଦୁଳି ମୁଣ୍ଡପଡନରେ—
ଉପେ. ବୈଦେହୀଶବିଳାସ ।
୫ । ପିଠି; ପୃଷ୍ଠ—5. Back.
ଚରମଭାଗ ମୋ ଭାର, ଲାଗି ନାହିଁ ଭୂମେ ଭର
ଚମକ ତ ନାହିଁ ମେର ଗୁଣ ରେ—ବଳଦ୍ସର୍ଦ୍ଦ୍ୟ. ଜଗୋଷଦକମ୍ ଦ-ଗୀତ।

ସଂ. ବଣ—୧ । ଅନ୍ତିମ; ଶେଷ—
1. Last; final; ultimate; extreme.
୨ । ସବୁ ଶେଷରେ ବାହାରେ ଥିବା—
2. Outermost (M. W.)
୩ । କ୍ଷୁଦ୍ରତମ—3 Lowest; least (M W.)
୪ । ପାଶ୍ଚାତ୍ୟ—4. Western (M. W.)
୫ । ସର୍ବୋଚ୍ଚ; ଯାହାଠାରୁ ଆଉ ବଡ଼ ନାହିଁ; ବୃହତ୍ତମ—
5. Highest; largest.
(ଯଥା— ଚରମ ପ୍ରଶଂସା ।)
୬ । ପଛଆଡ଼ର—6. Of the back side; posterior.

ଗ୍ରାମ୍ୟ. (ପଦ୍ୟ) ବି. (ସଂ. ଚର୍ମ)—ଚର୍ମ—Skin.

ଚରମ ଆଦର୍ଶ—ଦେ. ବି. (ସଂ. ଚରମ+ଆଦର୍ଶ; ସଂ. ରେ ସନ୍ଧିଦ୍ୱାରା
Charama ādarśa ଚରମାଦର୍ଶ ପଦ ହେବ; ଓଡ଼ିଆରେ ୨ଟି ଶବ୍ଦ ପୃଥକ ରଖାଯାଇଅଛି)—ମନୁଷ୍ୟ ଜୀବନର ସର୍ବୋତ୍କୃଷ୍ଟ ବା ଅନ୍ତିମ ଲକ୍ଷ୍ୟ—The beau-ideal; the ultimate model or aim of life; the highest aim of human existence.

ଚରମ କରିବା—ଦେ. କ୍ରି —କୌଣସି ବ୍ୟକ୍ତି ଆଡ଼କୁ ଆପଣାର ପିଠିକୁ
Charama karibā ବୁଲାଇବା; କୌଣସି ବ୍ୟକ୍ତି ଆଡ଼ରୁ ଆପଣାର ମୁହଁକୁ ବୁଲାଇବା—To turn back; to turn one's face away from a person.

ଉରମରମ୍ୟଦେହା ଚରମ କଲୁ ଯହା ଜାଣିଲି ମୋ କରମ ଫାଟିଲା ରେ—
ବଳଦ୍ସର୍ଦ୍ଦ୍ୟ, ସଙ୍ଗୀତ ।

ଚରମକାଳ—ସଂ. ବି (କର୍ମଧାରୟ; ଚରମ+କାଳ)—
Charamakāla ୧ । ଅନ୍ତିମ ବା ଶେଷ ଅବସ୍ଥା—
1. Last stage; final stage,
୨ । ବୃଦ୍ଧାବସ୍ଥା—2. Old age.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଣା' ନ ପାଇଲେ 'ଅଗଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ମୁମୂର୍ଷୁ ଅବସ୍ଥା; ମଲାବେଳ—3. Dying state; one's last moments; the hour of death.

ଚରମକୋଟି—ସଂ. ବି—ପରାକାଷ୍ଠା; ଶେଷସୀମା—
Charamakoṭi The highest pitch; the last point.

ଚରମକ୍ରିୟା—ସଂ. ବି—(କର୍ମଧା; ଚରମ+କ୍ରିୟା)—ମୃତ ବ୍ୟକ୍ତିର
Charamakriyā ଶୁଦ୍ଧିକ୍ରିୟା—Funeral ceremony (M.W)

ଚରମଗିରି—ସଂ. ବି (କର୍ମଧା; ଚରମ+ଗିରି)—ଅସ୍ତାଚଳ ପର୍ବତ—
Charamagiri The mythological mountain in the west beyond which the sun is said to set.

ଚରମଦଶା—ସଂ. ବି. (କର୍ମଧାରୟ; ଚରମ+ଦଶା)—
Charamadaśā ୧ । ଚରମକାଳ (ଦେଖ)—
1. Charama kāḷa (See)
୨ । (ମନୁଷ୍ୟର ଦଶ ଦଶା ମଧ୍ୟରୁ ଶେଷ ଦଶା) ମୃତ୍ୟୁ—
2. Death.

ଚରମଦେଶ—ଦେ. ବି.—୧ । ପଛଆଡ଼—1. Back side.
Charamadeśa ୨ । ପୃଷ୍ଠ; ପିଠି—2. Back.

ଚରମପତ୍ର—ସଂ ବି. (ଆଧୁନିକ ପ୍ରୟୋଗ) (କର୍ମଧାରୟ; ଚରମ+ପତ୍ର)—
Charamapatra ମୃତ୍ୟୁ ପରେ ତାଙ୍କ ସମ୍ପତ୍ତି ସମ୍ବନ୍ଧରେ ମୃତ୍ୟୁ ପୂର୍ବରୁ କୌଣସି ବ୍ୟକ୍ତି ସମ୍ପାଦନ କରିଯିବା ଦଲିଲ—A will; last will; testament
ଚରମ ପତ୍ରିକା, ଚରମଲିପି, ଚରମଲେଖ } ଅନ୍ୟରୂପ

ଚରମପନ୍ଥା—ସଂ. ବି (ଚରମ+ପଥ; ଆଧୁନିକ ପ୍ରୟୋଗ)—ରାଜା ବା
Charamapanthā ଶାସକଙ୍କ ବହିଷ୍କୃତ କରି ସ୍ୱାୟତ୍ତଶାସନ ଲାଭ କରିବାରୂପ ରାଜନୀତିକ ଉପାୟ—The way of the extrements in politics; extremist in politics.

ଚରମପନ୍ଥୀ—ସଂ. ବି (ଅଧୁନିକ ପ୍ରୟୋଗ; ଚରମପନ୍ଥା+ଇନ୍, ୧ମା.୧ବ.)-
Charamapanthī ରାଜନୀତିରେ ଯେଉଁମାନେ ଚରମପନ୍ଥା ଅବ-
(ନରମପନ୍ଥୀ—ବିପରୀତ) ଲମ୍ବନ କରନ୍ତି; ଅର୍ଥାତ୍ ମାରପିଟ ଆଦି କ୍ରିୟା-ଦ୍ୱାରା ସରକାରଙ୍କୁ ଧ୍ୱଂସ କରି ବା ତଡ଼ି ସ୍ୱାୟତ୍ତଶାସନ ବା ଅନ୍ୟ ପ୍ରକାର ସ୍ୱାତନ୍ତ୍ର୍ୟ ଲାଭ କରିବାର ଉଦ୍ଯୋଗ କରନ୍ତି—
Extremists in politics; persons who want to destroy the present form of Government.

ଚରମଫଳ—ସଂ. ବି. (୬ଷ୍ଠୀ ତତ୍; ଚରମ+ଫଳ)—ଶେଷ ଫଳ—
Charamaphaḷa Last resutl; ultimate result.

ଚରମବୟଃ—ସଂ. ବିଣ. (ବହୁବ୍ରୀହି; ଚରମ+ବୟସ୍)—
Charamabayaḥ ଅତି ବୁଢ଼ା; ଯେ ମରିବାକୁ ବସିଲାଣି—
Very old; being in the last stage of life (M. W).

ଚରମଭାଗ—ସଂ. ବି—ଶେଷ ଅଂଶ—
Charamabhāga Final or last position.

ଦେ. ବି—୧ । ପୃଷ୍ଠଆଡ଼; ପିଠିପଟ—1. Back side; the side towards ones back.
୨ । ପଛଆଡ଼—2. Hind part.
ଚରମଭାଗ ମୋ ଭାଇ ଲାଗି ନାହିଁ ତୁମେ ଭାଇ ଚମକ ତ ନାହିଁ
ମୋର ଛାତ ରେ । କବିସୂର୍ଯ୍ୟ, କପୋତଚମ୍ପୂ ।

ଚରମଲିପି—ଦେ. ବି. (କର୍ମଧା କିମ୍ବା ୬ଷ୍ଠୀ ତତ୍; ଚରମ+ଲିପି)—
Charamalipi ଚରମପତ୍ର (ଦେଖ)
(ଚରମଲେଖ—ଅନ୍ୟରୂପ) Charamapatra (See)

ଚରମଲେଖା—ଦେ. ବି. (ସଂ. ଚରମଲେଖ)—ଚରମପତ୍ର (ଦେଖ)
Charamalekhā Charamapatra (See)

ଚରମସ୍ଥଳ—ଦେ. ବି—ପୃଷ୍ଠଭାଗ—The back.
Charamasthaḷa ଚରମସ୍ଥଳ ସହଜେ ଅଗମ୍ୟ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚରମାଚଳ—ସଂ. ବି. (କର୍ମଧା ବା ୭ମୀ ତତ୍; ଚରମ+ଅଚଳ)—
Charamāchaḷa ଅସ୍ତଗିରି, ଯେଉଁ ପୌରାଣିକ ପର୍ବତ ପଛରେ ସୂର୍ଯ୍ୟ ବୁଡ଼ିଯାଆନ୍ତି—The mythological or fabulous mountain to which the sun enters while setting in the west.

ଚରମାଦ୍ରି—ସଂ. ବି. (କର୍ମଧା; କିମ୍ବା ୭ମୀ ତତ୍; ଚରମ+ଅଦ୍ରି)—
Charamādri ଚରମାଚଳ (ଦେଖ)
Charamāchaḷa (See)

ଚରମାବସ୍ଥା—ସଂ. ବି. (କର୍ମଧା; ଚରମ+ଅବସ୍ଥା)—
Charamābasthā ଚରମକାଳ (ଦେଖ)
Charamakāḷa (See)

ଚରଳ—ଦେ. ବି (ସଂ. ଶରଳ)—ଚରଡ଼ (ଦେଖ)
Charaḷa Charaṛḍa (See).

ଚରଳା—ଦେ. ବି (ସଂ. ଶରଳ)—ଚରଡ଼ (ଦେଖ)
Charaḷā Charaṛḍa (See).

ଚରସ୍—ଦେ. ବି (ସଂ. ଚର୍ମ)—ଗଞ୍ଜାଇ ଗଛ ବା ଫୁଲ ବା କଢ଼ରୁ ବାହାରିବା ଅଠା; ମାଦକବିଶେଷ—An intoxicant slimygum collected from the flowers stems and buds of the Indian hemp plant (Gañjā).
Charas
चरस
चरस

[ଦ୍ର—ଚରସ୍ ଶବ୍ଦର ହିନ୍ଦୀ ବା ଉର୍ଦ୍ଦୁରେ ଏକ ଅର୍ଥ ଗୋରୁ ବା ମଇଁଷି ଚମଡ଼ାର ଥଳି । ପୂର୍ବେ ଚରସ୍ ମଧ୍ୟଆସିଆରୁ ଚମଡ଼ା ଥଳିରେ ପଶି ଭାରତକୁ ଆସୁଥିଲା । ଏଥିଯୋଗୁଁ ଏହାର ନାମ ଚରସ୍ ହେଲା । ଏହା ଗଞ୍ଜେଇଗଛର ଫୁଲ ଓ ଡେମ୍ଫ ଓ ମଞ୍ଜରୀରୁ ବାହାରେ । ଏହା ଦେଖିବାକୁ ମଇଳା ଭଳି, ଈଷତ୍ ହଳଦିଆ ଓ ଅଠାଳିଆ । ଏହାକୁ ଲୋକେ ଗଞ୍ଜେଇ କଲି ବା ଧୂଆଁପତ୍ର ସଙ୍ଗେ ମିଶାଇ ଧୂମ୍ରପାନ କରନ୍ତି । ଏହା ପିଇବାମାତ୍ରକେ ନିଶା ଧରେ ଓ ଆଖି ଲାଲ ହୋଇଯାଏ । ଏହାର ନିଶା ଗଞ୍ଜେଇ ନିଶାଠାରୁ କିଛିତ୍ ଉଗ୍ର; ଏହି ଅଠା ଉତ୍ତର ପଶ୍ଚିମ ହିମାଳୟ, ନେପାଳ, କମାଉନ୍, କାଶ୍ମୀର, ଅଫଗାନିସ୍ତାନ,

୧	ଇ	ଉ	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ସ	ଙ୍କ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍ୱ	ଚିଁ୍ୟ	ଇଅ	ଞ	ନ୍ତ

ଭୁର୍କି ସ୍ଥାନର ଗଞ୍ଜେଇ ଗଛରୁ ବେଶି ବାହାରେ ଓ ସେ ଦେଶମାନଙ୍କରୁ ଭାରତକୁ ଅଣାଯାଏ । ଗ୍ରୀଷ୍ମକାଳରେ ଗଞ୍ଜେଇ ଗଛରେ ଫୁଲ ଧରିବା ପୂର୍ବରୁ ଏହା ସଂଗ୍ରହ କରାଯାଏ । ଗଞ୍ଜେଇ ଗଛ ଉପରେ କୌଣସି ପଟିର ଘର ବା ପତଳା ଚମଡ଼ା ଚଳାଇଲେ ପରରେ ବା ମେଡ଼ାରେ ଏ ଅଠା ଲାଗିଆସେ । ଏହା ଅଧିକ ବ୍ୟବହାର କଲେ ମସ୍ତିଷ୍କର ବିକୃତି ଘଟେ—ହି· ଶବ୍ଦସାଗର ।]

ଚରସିଆ—ଦେ. ବିଣ—ଚରସ ଧୂମ୍ରପାନରେ ଅଭ୍ୟାସକ୍ତ—
Charasiā Addicted to smoking Charas.
চরসী
चरसी
(ଚରସୀ —ଅନ୍ୟରୂପ)

ଚରା—ଦେ. ବି. (ସଂ. ଚର୍ ଧାତୁ)—
Charā ୧ । ପଶୁପକ୍ଷି ପ୍ରଭୃତିଙ୍କର ପଡ଼ିଆ ଆଦିରେ ବୁଲି
চারা ଖାଦ୍ୟ ଆଦି ଖାଇବା—1. Grazing;
चराइ,चरवा browsing of cattle and birds.
ଚରେ ସାରୁ ପକ୍ଷୀ ଆକାଶେ ଉଡ଼େ । ମଧୁସୂଦନ· ସନ୍ଧ୍ୟା ।
୨ । ଗୋରୁମାନଙ୍କର ଖାଇବା ଘାସ ଆଦି—
2. Grass; fodder.
୩ । ମାଛମାନେ ବନଶୀ ପକାଇବା ସ୍ଥାନକୁ ଆକୃଷ୍ଟ ହୋଇ ଆସିବା ନିମନ୍ତେ ଜଳାଶୟର ନିର୍ଦ୍ଦିଷ୍ଟ ଅଂଶରେ ବୁଣାଯିବା ଖାଦ୍ୟ; ଚରେଇ—3. Food for fishes strewn on a particular spot of a tank or river to attract fishes (so that a person may successfully angle there).
୪ । ଚରାଭୂଇଁ; ଗୋଚାରଣ ସ୍ଥାନ; ତୃଣାଦିବହୁଳ ଗୋଚାରଣୋପଯୋଗୀ ସ୍ଥାନ—4. Pasture.
୫ । (ସଂ. ଚର) ନଦୀର ଚର; ପଠା; ପଟୁ—
5. Sand bank; accretions; alluvial land.
ନୈଋଣ୍ୟ ଚରାରେ ଲକ୍ଷ ଉହାଳ ସେ ବାନ୍ଧିଛନ୍ତି ବାହିଁ ଅଛ ·
ରଘୁନାଥ· ଯଗାତ ।
୬ । ଗବାଦି ପଶୁଙ୍କର ଗିଳିତ ବସ୍ତୁର ଉଦ୍ଗିରଣ; ପାଗୁଳ—
6. Rumination.
ଦେ. ବିଣ—୧ । ଚରୁଥିବା—1. Grazing; browsing.
୨ । ଗୋରୁ ଚରିବାର ଯୋଗ୍ୟ—
2. Fit for pasture.
୩ । ଯେଉଁଠାରେ ଗୋରୁ ଚରନ୍ତି—
3. Used as a pasture
(ଯଥା— ଚରା ଭୂଇଁ ।)
୪ । ଯେଉଁ ସ୍ଥାନରେ ମାଛ ଆଦି ଖାଦ୍ୟ ଖୋଜି ବୁଲନ୍ତି—
4. (land) Used by fish to find food.
(ଯଥା— ଚରାଭୂଇଁ ।)
୫ । (ଅନ୍ୟ ଶବ୍ଦ ପରେ ପ୍ରଯୁକ୍ତ) ଯେ ଚରାଏ; ରଖୁଆଳ—
5. Tending cattle.
(ଯଥା—ଗାଈଚରା ଟୋକା ।)
ପ୍ରାଦେ. (ସମ୍ବଲପୁର) ବି—୧ । ଖାଦ୍ୟ—1. Food.
୨ । ଗ୍ରାସାଚ୍ଛାଦନ—
2. Maintenance; food and raiment.

ଚରାଇ—ଦେ. କ୍ରି— ଚରେଇ (ଦେଖ)
Charāi Charei (See)

ଚରାଇ ଦେବା—ଦେ. କ୍ରି—ଶସ୍ୟକ୍ଷେତ୍ରାଦିରେ ଗୋରୁ ପୂରାଇ ଫସଲ
Charāi debā ନଷ୍ଟ କରାଇବା; ଖିଆ କରିବା—To cause or
চরিয়েদেওয়া allow cattle to damage a crop by
चरादेना grazing.
(ଚରେଇ ଦେବା--ଅନ୍ୟରୂପ)

ଚରାଇବା—ଦେ. କ୍ରି. (ସଂ. ଚର୍ ଧାତୁ ଣିଜନ୍ତ—ଚୁର୍ ଧାତୁ)—
Charāibā ୧ । ଗୋରୁ ପ୍ରଭୃତି ପଶୁଙ୍କୁ ଚରିବାବେଳେ ଜଗିବା—
চরান 1. To watch or tend cattle while
चराना; चरावाना grazing.
(ଚରେଇବା— ଅନ୍ୟରୂପ) ଗୃହ ଦ୍ୱାରରେ ସେହ, ଚରାଉଥାନ୍ତି ବାଛୁରୀ—
କବିସୂର୍ଯ୍ୟ· ଜଗୋପରଚମ୍ପୂ· ଚ-ଗୀତ ।
୨ । ଗୋରୁ ପ୍ରଭୃତିଙ୍କର ଚରିବାର ସୁବିଧା କରିବା—
2 To allow the cattle to graze.
୩ । ଅତଜାତ କରାଇବା; ଚଳାଇବା—
3. To look after; to take care; to attend to.
ଗରଡ଼ ଗୋରୁ ଚରାଏ, ରଜା ମଣିଷ ଚରାନ୍ତି—ଢଗ ।
୪ । ଚରିବାର ଣିଜନ୍ତ—
4. The causative form of Charibā.
ପ୍ରାଦେ. (ସମ୍ବଲପୁର) କ୍ରି—ବଳି ହିଆଯିବା ବୋଦାକୁ ବଳି ହିଆଯିବା ପୂର୍ବରୁ ଦେବୀଙ୍କ ପ୍ରସାଦ ଖୁଆଇବା—
To feed a victin (goat or sheep) with the offerring of a Goddess before it is killed.
[ଦ୍ର—ଚରାଇବା କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ନେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଚରାଚର—ସଂ. ବିଣ. (ଦ୍ୱନ୍ଦ୍ୱ; ଚର+ଅଚର)—ସ୍ଥାବର ଓ ଜଙ୍ଗମ;
Charāchara ଚଳନ୍ତି ଓ ଅଚଳନ୍ତି (ବସ୍ତୁ)—Animate and inanimate; locomotive and stationary; moveable and immoveable (things).
ସଂ. ବି - ୧ । ଜଙ୍ଗମ ଜୀବ ଓ ସ୍ଥାବର ବସ୍ତୁସମନ୍ୱିତ ଜଗତ୍; ବିଶ୍ୱସଂସାର—1.The universe; the aggregate of all things animate and inanimate (moving and stationary) creation; the world.
ଚରାଚର ଗୁରୁ ଭଦ୍ରମଧ୍ୟ—କବିସୂର୍ଯ୍ୟ, ଜଗୋପରଚମ୍ପୂ· ଚ-ଗୀତ ।

ସାଧାରଣ ଲୋକେ ଅପର ବ୍ୟକ୍ତିରେ ଦୃଢ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପରପକ୍ଷ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲକତ' ନ ପାଇଲେ 'ଅଲ୍ଲକ୍ତ ଦେଖିବେ

୨ । ବାୟୁ—2 Atmosphere or air.

ଦେ. ବି—ମନୁଷ୍ୟସମାଜ—The human society.

ଚରାଚରଗୁରୁ— ସଂ. ବି. (୬ଷ୍ଠୀ ତତ୍, ଚରାଚର+ଗୁରୁ=କର୍ତ୍ତା)—
Charācharaguru ପରମେଶ୍ୱର; ବିଶ୍ୱଗୁରୁ—
The creator; the Lord of the creation.

ଚରାଣି (ଇତ୍ୟାଦି)—ଦେ. ବି—ଚରଣି ଇତ୍ୟାଦି (ଦେଖ)
Charāṇi (etc) Charaṇi etc (See)

ଚରାବାତ—ଦେ. ବି—ଯେଉଁ ବାତ ବା ବାୟୁ ଶରୀରର ଅଭ୍ୟନ୍ତରରେ
Charābāta ଚରି ବୁଲୁଥାଏ, ଅର୍ଥାତ୍ ବର୍ତ୍ତମାନ ଏକ ସ୍ଥାନରେ ବ୍ୟଥା ଦେଇ ପରକ୍ଷଣରେ ଅନ୍ୟ ସ୍ଥାନରେ ମାରେ — A wind which pangs or throbs or appears now in one part of the body now in another.

ଚରାବୁଲା—ଦେ. ବି. (ଏକାର୍ଥକ ସହଚର ଶବ୍ଦ)—ଚଲାବୁଲା; ବୁଲାବୁଲି;
Charābulā ଚରିବା ଓ ବୁଲିବା ଆଦି କ୍ରିୟା—Roaming and
চলাফিরা grazing etc.
चलना घुमना

ଚରାଭୂଇଁ— ଦେ. ବି. (ସଂ. ଚରଣ+ଭୂମି)—୧ । ଚରିବାର ଭୂମି;
Charābhūiṅ ଯେଉଁଠାକୁ କୌଣସି ପଶୁ ବା ପଶୁଦଳ ବା ମାଛ
चरागह; चरोखर ଚରିବାକୁ ଆସନ୍ତି—1. A place to which
(ଚରାଭୂମି—ଅନ୍ୟରୂପ) an animal or herd or fishes frequent for grazing or browsing or feeding; pasture-land.

୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ସର୍ବଦା ଯାତାୟତ କରିବାର ସ୍ଥାନ—2. (figurative) Resort; one's much frequented place.

ଚରାମୂଲ—ଦେ. ବି—ଗୋରୁ ବା ମେଣ୍ଢା ଚରାଇବା ସକାଶେ ଜଗୁଆଳ
Charāmūla ନେବା ବର୍ତ୍ତନ ବା ମୂଲ—Wages paid to
চরানের মজুরা the person who tends cattle and
चरवाहा sheep..

ଚରାମେଘ— ଦେ. ବି (ସଂ. ଚରୁର ଏକ ଅର୍ଥ ମେଘ ଦ୍ର. ଶବ୍ଦସାଗର)—
Charāmegha ଯେଉଁ ମେଘ ଏକସ୍ଥାନରୁ ଅନ୍ୟସ୍ଥାନକୁ ଚରି ବୁଲୁଥାଏ; ଗତିବିଶିଷ୍ଟ ମେଘ; ବିଚରଣଶୀଳ ମେଘ— Drifting cloud.

ଚରାୟିବା—ପ୍ରାଦେ. (ବସ୍ତର) ବି —ଚରାଇବା (ଦେଖ)
Charāybā Charāibā (See)

ଚରାଳି— ଦେ. ବିଣ. (ସଂ. ଚୃରକ)—ଗୋରୁ ମେଣ୍ଢା ଚରାଉଥିବା
Charāḻi ଜଗୁଆଳ—A herdsman; a person who looks
রাখাল after grazing beasts.
चरवाहा; चरौवा

ଚରିଆ—ପ୍ରାଦେ. (ସମ୍ବଲପୁର) ବି—୧ । କାଶଘାସବିଶେଷ —
Chariā 1. A kind of reed grass.

୨ । ଯେଉଁ ମନୁଷ୍ୟ କୃଷିକ୍ଷେତ୍ରରେ ବଳିରୂପେ ଅର୍ପିତ ହୁଏ; ମେରିଆ—2. A man who is sacrificed as a victim in a cultivated land.

ଚରିତ—ସଂ. ବି. (ଚର ଧାତୁ=ବିଚରଣ କରିବା+ଭାବ. ତ)—
Charita ୧ । ପୁରାଣାଦିରେ ବର୍ଣ୍ଣିତ ବିଷୟ ବା ଘଟନା ବା ବୃତ୍ତାନ୍ତ— 1. Mythological event or topic; episode.
(ଯଥା—ମହାଭାରତର ପଞ୍ଚାଖେଳଚରିତ ।)

୨ । ଐତିହାସିକ ଘଟନା—2. Historical episode.

୩ । ଚରିତ୍ର—3. Character.

୪ । ଆଚରଣ—4. Conduct; behaviour.

ସବୁ ଅନ୍ୟାୟ ଚରିତ, ଶିକ୍ଷାକୁ ଗୁରୁ ରୁହ ତ ।
କବିସୂର୍ଯ୍ୟ. କଶୋରଚନ୍ଦ୍ର ସ. ଗୀତ ।

୫ । ବିବରଣ—5. Delineation.

୬ । ଅନୁଷ୍ଠାନ; ପ୍ରତିଷ୍ଠାନ— 6. An institution; a fixed institute.

୭ । ପ୍ରଥା; ରୀତି—7. Usage; practice; custom; manners.

୮ । ଭ୍ରମଣ; ଚଳନ; ସଞ୍ଚାର; ଗତି— 8. Movement; walking; moving; motion.

୯ । କାର୍ଯ୍ୟ—9. Action; work; doings.

୧୦ । ବ୍ୟବହାର—10 Treatment.

୧୧ । ଚେଷ୍ଟା; ଉପାୟ— 11. Endeavour; steps taken.

୧୨ । ଜୀବନଚରିତ—12. Biography

୧୩ । କାର୍ଯ୍ୟବିଧି; କାର୍ଯ୍ୟଗତି—13. Proceedure.

୧୪ । ଢଙ୍ଗ; ଚାଲିଚଳନ—14. Ways; mode of life.

ମାର ରଖିଛ ଶରଣାଗି, ତାର ଚରିତ ଅଛୁ ଜାଣି । କବିସୂର୍ଯ୍ୟ. ସଙ୍ଗୀତ ।

ସଂ. ବିଣ. (ଚର ଧାତୁ+କର୍ମ. ତ)—୧ । ଅନୁଷ୍ଠିତ— 1. Performed; initiated; conducted.

୨ । କୃତ—2. Done.

୩ । ସିଦ୍ଧ—3- Fulfilled; attained.

୪ । ସମ୍ପନ୍ନ—4. Finished.

୫ । ଫଳିତ—5. Resulting from.

୬ । ଭକ୍ଷିତ—6. Eaten.

୭ । ଅନୁଗତ—7. Followed.

୮ । ଅଭ୍ୟସ୍ତ—8. Practised.

୯ । ଚରଦ୍ୱାରା ସ୍ଥିରୀକୃତ— 9. Ascertained by a spy (M. W.)

ଦେ. ବି.—କଳାବିଦ୍ୟା—Art.

ସୁରତଚରିତେ ପଣ୍ଡିତା, କନ୍ଦର୍ପକେଳି କଳ୍ପଲତା ।
ଭୂପତି. ପ୍ରେମପଞ୍ଚାମୃତ ।

‌ ା	ଇ	ଊ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଷ	ଙ୍କ	ଇୟ	ଞ୍ଝ	ଢ଼
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଂ	ଇଅ	ଙ୍ଗ	ଡ଼

ଚରିତପୂର୍ବ—ସଂ. ବିଣ. (ପରନିପାତ; ପୂର୍ବ+ଚରିତ)—
Charitapūrba ପୂର୍ବେ କରାଯାଇଥିବା—
Performed formerly (M. W.)

ଚରିତବ୍ୟ—ସଂ. ବିଣ. (ଚର ଧାତୁ+କର୍ମ. ତବ୍ୟ)—
Charitabya ୧ । ଯାହା କରାଯିବ—
1. To be performed or practised.
୨ । ଯାହା କରାଯିବା ଉଚିତ—
2. Fit or proper to be performed.

ଚରିତବ୍ରତ—ସଂ. ବିଣ. ପୁଂ. (ବହୁବ୍ରୀହି; ଚରିତ=ଅନୁଷ୍ଠିତ ହୋଇ
Charitabrata ଅଛି ବ୍ରତ ଯାହା ଦ୍ୱାରା)—ଯେ ବ୍ରତ ଅନୁଷ୍ଠାନ
(ଚରିତବ୍ରତା—ସ୍ତ୍ରୀ) କରିଅଛି; କୃତବ୍ରତ—
One who has observed a religious vow.

ଚରିତାଖ୍ୟାନ—ସଂ. ବି. (୬ଷ୍ଠୀ ତତ୍; ଚରିତ+ଆଖ୍ୟାନ)—
Charitākhyāna କୌଣସି ବ୍ୟକ୍ତିର ଜୀବନଚରିତ ବର୍ଣ୍ଣନ—
Biography of a person; relating the life and doings of a man.

ଚରିତାଖ୍ୟାୟକ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ଚରିତ+ଆଖ୍ୟାୟକ)—
Charitākhyāyaka ଚରିତର ଆଖ୍ୟାୟକ; ଜୀବନବୃତ୍ତାନ୍ତ ଲେଖକ-
(ଚରିତାଖ୍ୟାୟିକା—ସ୍ତ୍ରୀ) Biographer.

ଚରିତାବଳି—ସଂ. ବି. (୬ଷ୍ଠୀ ତତ୍; ଚରିତ+ଆବଳି=ସମୂହ)—
Charitābali ଅନେକଗୁଡ଼ିଏ ଜୀବନଚରିତର ସଂଗ୍ରହ—
(ଚରିତାବଲୀ—ଅନ୍ୟରୂପ) A collection of biographies and lives.

ଚରିତାର୍ଥ—ସଂ. ବିଣ. ପୁଂ. (ବହୁବ୍ରୀହି; ଚରିତ=ସମ୍ପାଦିତ ହୋଇଅଛି
Charitārtha ଅର୍ଥ=ଉଦ୍ଦେଶ୍ୟ ବା କାର୍ଯ୍ୟ ଯାହାର ବା ଯାହା-
(ଚରିତାର୍ଥା—ସ୍ତ୍ରୀ) ଦ୍ୱାରା)—୧ । କୃତକାର୍ଯ୍ୟ—1. Successful.
(ଚରିତାର୍ଥତା—ବି) ୨ । ସଫଳକାମ; ଯାହାର ଅଭୀଷ୍ଟ ସିଦ୍ଧ
(ଚରିତାର୍ଥିତ—ଅନ୍ୟରୂପ) ହୋଇଅଛି; ସିଦ୍ଧକାମ—
2. One who has attained his wishes one who has his aim fulfilled or accomplished.
୩ । ଚିରବାଧିତ; ଅପ୍ୟାୟିତ—3. Obliged.
୪ । ସନ୍ତୁଷ୍ଟ—4. Pleased; satisfied.

ଚରିତାର୍ଥ କରିବା—ଦେ. କ୍ରି. (ସଂ. ଚରିତାର୍ଥଯ୍ ନାମ ଧାତୁ)—
Charitārtha kariba ୧ । ଅନ୍ୟର ବାଞ୍ଛା ସିଦ୍ଧ କରି ତାକୁ
चरितार्थकरा ସନ୍ତୁଷ୍ଟ ବା ସୁଖୀ କରାଇବା—
चरितार्थकरना 1. To make one happy by fulfilling one's desire.
୨ । ଅନ୍ୟକୁ ସନ୍ତୁଷ୍ଟ କରିବା—
2. To satisfy a person.
୩ । ଅନ୍ୟ ବ୍ୟକ୍ତିକୁ ଉଦ୍ଦେଶ୍ୟ ସାଧନରେ ସହାୟ ହେବା—
3. To cause any one to attain his aim.

ଚରିତାର୍ଥୀ—ସଂ. ବିଣ. (ଚରିତାର୍ଥ+ଇନ୍. ୧ମା. ୧ବ)—
Charitārthī ଚରିତାର୍ଥ ବ. ସଫଳକାମ ହେବାପାଇଁ ଇଚ୍ଛୁକ—
Desirous of success (M. W.)

ଚରିତ୍ର—ସଂ. ବି. (ଚର୍ ଧାତୁ+କରଣ. ଇତ୍ର)—
Charitra ୧ । ଆଚରଣ; ଚାଲିଚଳନ; ବ୍ୟବହାର—
1. Conduct; behaviour.
୨ । ସ୍ୱଭାବ; ପ୍ରକୃତି—2. Nature; disposition.
୩ । ଆଚାର; ରୀତି—2. Practice; custom; usage.
୪ । ଚେଷ୍ଟା; ଉପାୟ—4. Endeavour.
୫ । ସଦ୍ ବା ଅସଦ୍ ଗୁଣ; ନୈତିକ ଆଚରଣ—
5 Character; morality;
୬ । ଇତିହାସ, ନାଟକ, ପୁରାଣ, କାବ୍ୟାଦିରେ ନାୟକ ଆଦିଙ୍କର ଚର୍ଚ୍ଚିତ ସ୍ୱଭାବ—6. The character of a personage as depicted in a book or history gathered from the book.
୭ । ଇତିହାସ—7. History; memoir.
୮ । ଐତିହାସିକ ବା ପୌରାଣିକ ବ୍ୟକ୍ତିଙ୍କର ଜୀବନର ଘଟନା ବା ତତ୍ସମ୍ବର୍ଣ୍ଣନ, ପୌରାଣିକ ଉପାଖ୍ୟାନ—
8. Historical or mythological anecdote or narrative.

ମହାଜନ. ମଙ୍ଗଳ ଚରିତ୍ର ମୋତେ କହ । ପ୍ରାଚୀ. ବୃନ୍ଦାବନଭୂଷଣଗୀତା ।

୯ । ରୀତି ଉପରେ ପ୍ରତିଷ୍ଠିତ ଆଇନ; ଧର୍ମ—
9. Law as based on custom or usage.
୧୦ । ବୌଦ୍ଧ ସମ୍ପ୍ରଦାୟ ବା ଧର୍ମବିଶେଷ—
10 A Buddhistic religion or sect.

ଦେ. ବି.—ଚରିତ; ଜୀବନବୃତ୍ତାନ୍ତ—Biography.

ରାମ, ରାମ ଚରିତ୍ର ବଖାଣ କଲେ ଧୀରେ ଧୀରେ ସେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଚରିତ୍ରଚିତ୍ରଣ—ସଂ. ବି. (୬ଷ୍ଠୀ ତତ୍; ଚରିତ୍ର+ଚିତ୍ରଣ)—୧ । କୌଣସି
Charitra chitrana ଐତିହାସିକ ବା ପୌରାଣିକ ବ୍ୟକ୍ତିଙ୍କର ସ୍ୱଭାବ ଉପରେ ଥିବା ଚର୍ଚ୍ଚାର ବିଶଦ ବର୍ଣ୍ଣନା—
1. Depicting the character of a historical or a mythological personage.
୨ । ମନୁଷ୍ୟ ଚରିତ୍ରର ବ୍ୟାଖ୍ୟାନ—2. Depicting human nature; a study of human nature as depicted in a work of history; biography or fiction.

ଚରିତ୍ରଜୀବୀ—ଦେ. ବିଣ. ପୁଂ.—(ଚରିତ୍ର+ଜୀବ ଧାତୁ+କର୍ତ୍ତୃ. ଇନ୍;
Charitrajibi ୧ମା. ୧ବ.)—ଅତି ଚରିତ୍ରବାନ୍—
(ଚରିତ୍ରଜୀବନୀ—ସ୍ତ୍ରୀ) Of a very good character.

> ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିବାକୁ ହେବ । ଯଥା— 'ଚାଉ' ନ ମିଳିଲେ 'ଚାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଟ୍' ନ ପାଇଲେ 'ବଟୁ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

ଚରିତ୍ରବାନ୍—ସଂ. ବିଣ. ପୁଂ. (ଚରିତ୍ର+ଅସ୍ତି ଅର୍ଥରେ ବତ୍. ୧ମା. ୧ବ) Charitrabān ୧ । ସଚ୍ଚରିତ୍ର; ସୁଗୁଣସମ୍ପନ୍ନ—1. Of good (ଚରିତ୍ରବତୀ—ସ୍ତ୍ରୀ) character; of an excellent moral character.

୨ । ଯେ ହୋମ ବା ବ୍ରତ କରି ସାରିଅଛି— 2. One who has already performed a sacrifice (M. W)

ଚରିତ୍ରହୀନ—ସଂ. ବିଣ. ପୁଂ.—(ନାସ୍ତି ଚରିତ୍ର; ଚରିତ୍ରଦ୍ୱାରା ହୀନ)— Charitrahina ଅସଚ୍ଚରିତ୍ର; ନଷ୍ଟଚରିତ୍ର, ଦୁଶ୍ଚରିତ୍ର; ଅନୈତିକ; (ଚରିତ୍ରହୀନା—ସ୍ତ୍ରୀ) ସଦ୍‌ଗୁଣଶୂନ୍ୟ; ଯାହାର ସଦ୍‌ଗୁଣ ନାହିଁ— Immoral; of bad character; devoid of moral stamina.

ଚରିତ୍ରା—ସଂ. ବି.—(ଭୂଇ. ବ. ଗ୍ରଲ୍‌ଭା =ଓଷ୍ଠ)—ତିନ୍ତୁଳଗଛ— Charitrā Tamarind tree.

ଚରିବା—ଦେ. କ୍ରି.—(ସଂ. ଚର୍ ଧାତୁ)—୧ । ବିଚରଣ କରିବା; ଇତସ୍ତତଃ Chariba ବୁଲିବା—1. To wander; to rove; to run about.
ଚରା
चरना

ମୃଗେନ୍ଦ୍ର ଯେସନ୍ତେ ଭକ୍ଷ ଲୋଭେ, ବନେ ଚରେ ମହାବଳୀ । ଜଗନ୍ନାଥ. ଭାଗବତ ।

୨ । ସର୍ବତ୍ର ବ୍ୟାପ୍ତ ହେବା; ସଞ୍ଚାରିତ ହେବା—2. To circulate; to be diffused, to suffuse.

ପ୍ରାଣିଙ୍କ ଦେହେ ଚରୁ ଭୁକ୍ତ; ଅନଳ ପ୍ରାପ୍ତ ଗୋପ୍ୟ ହୋଇ । ଜଗନ୍ନାଥ. ଭାଗବତ ।

୩ । ପଶୁ ଆଦି ଚରା ଭୂମିରେ ବୁଲି ଘାସ ଇତ୍ୟାଦି ଖାଇବା— 3. To graze; to browse.

ଛାଡ଼ି ହବେ ଯେବେ ନିଜ ଦଳ ମହୁଶାଳ ସିନ୍ଧୁ ତୀରବାସୀ, ଚରିବାକୁ ବସ୍ତ୍ରଶୂନ୍ୟବେଶୀ ପୂର୍ଣ୍ଣ ପାଣ୍ଡେ । ରାଧାନାଥ. ମହାଯାତ୍ରା ।

୪ । ମାଛଆଦି ପାଣିତଳ ଭୂଇଁରେ ଖାଦ୍ୟାନ୍ୱେଷଣରେ ବୁଲିବା- 4. To feed (said of fishes); to move in quest of food

୫ । ଖାଇବା— 5. To eat.

ଅନେକ ଦୁଃଖେ ତପ କଲ, ଜଳ ପବନ ପତ୍ର ଚରି । ଭାଗବତ ।

[ଦ୍ର—ଚରିବା କ୍ରିୟାର ଅସମାପିକା ରୂପ ସଙ୍ଗେ ବୁଲିବା, ଯିବା କ୍ରିୟାର ସମାପିକା ରୂପ ହୁଏ ।]

୬ । (ପୋକ, ଉଇ, ସମ୍ପାଳୁଆ) କୌଣସି ଗଛର ପତ୍ର ବା କାଠ ବା ଲୁଗା ବା ବହିକୁ ଆକ୍ରମଣ କରି ନଷ୍ଟ କରିବା—6. To damage a cloth or book or wood or leaves of a tree (said of worms, white ants and caber pillars.)

(ଯଥା—ପୋଢ଼ିକପାକ ପୋଥି ଉଇ ଚରିଲେ ।)

୭ । (ମେଘ) ପର୍ବତ ଦେହକୁ ଆବରଣ କରିବା; ଘୋଟିବା— 7. (cloud) To envelop the body of a mountain.

(ଯଥା—ମେଘ ପାହାଡ଼ ଉପରେ ଚରୁଛି ।)

[ଦ୍ର—ଇତର ଲୋକେ ବିଶ୍ୱାସ କରନ୍ତି ଯେ, ମେଘ ପର୍ବତରେ ଚରିଲା ବେଳେ ପର୍ବତ ଉପରେ ମେଘରୁ ଯେଉଁ ଜଳ ବହେ ତାହା ଅଭ୍ର ରୂପରୂପେ ପର୍ବତରେ ପଡ଼ିଯାଏ । ଏଥିପାଇଁ ଅଭ୍ରର ଅନ୍ୟ ଦେ. ନାମ. ମେଘନାଲ ।]

ଚରିବୁଲିବା—ଦେ. କ୍ରି.—(ସଂ. ଚର୍ ଧାତୁ)—ଚରିବା (ଦେଖ) Charibuliba Chariba (See)

ଚରିଯିବା—ଦେ. କ୍ରି.—୧ । (କୌଣସି ରୋଗ ଔଷଧ ବା ବିଷର କ୍ରିୟା) Charijibā ଦେହଯାକ ବ୍ୟାପ୍ତ ହେବା—1. (any disease चरेयाओया or medicine or poison) To pervade or to **चरयाना** to be diffused through the whole system.

ବିଷ ଗରଳ ଦେହେ ଯାଉଛି ଚରି । ମଧୁସୂଦନ, ଉତ୍ତରରାମଚରିତ ।

୨ । (ଗୋରୁ ଆଦି) କୌଣସି କ୍ଷେତର ଫସଲକୁ ଖାଇ ବିଶେଷ ଭାବରେ ବା ସମୂଳେ ନଷ୍ଟ କରିବା— 2 (cattle) To completely or excessively damage the crop of a field.

(ଯଥା—ମୋ ବାଇଗଣବାଡ଼ିଆରୁ ଗୋରୁ ଚରି ଗଲେ ।)

୩ । (ଗୋରୁମାନେ) ଚରିବା ନିମନ୍ତେ ଘରୁ ବା ପଘାରୁ ଫିଟି ବାହାରକୁ ବାହାରିବା—3 To go out for grazing.

(ଯଥା—ଆମ ଗାଈ ବଳଦ ସକାଳୁ ଚରିଯାଇଛନ୍ତି, ସନ୍ଧ୍ୟାକୁ ଘରକୁ ଫେରି ଆସିବେ ।)

[ଦ୍ର—ଏ ବର୍ଷ ଏତେ ବେଶି ଆମ୍ବ ଫସଲ ହୋଇଥିଲା ଯେ ଆମ୍ବଯାକ ଗୋରୁ ଚରିଗଲେ । ତା ପିଠିରେ ମାଡ଼ରେ ଗୋରୁ ଚରିଗଲେ । ଏପରି ସ୍ଥଳରେ 'ଗୋରୁ ଚରିଯିବା' ପ୍ରୟୋଗ ଆମ୍ବର ବା ମାଡ଼ର ଅତ୍ୟନ୍ତାଧିକ୍ୟ ଭାବ ବୁଝାଏ ।]

୪ । (ଲକ୍ଷଣାର୍ଥ) ଗୋରୁ ଘାସ ଚରିଯିବା ଭଳି ଅଳ୍ପ ଧ୍ୱଂସ କରିବା—4. To feed extensively.

୫ । ଚରିବା ୬ । (ଦେଖ)— 5 Chariba 6. (See)

ଚରିଷ୍ଣୁ—ସଂ. ବିଣ (ଚର୍ ଧାତୁ+ଶୀଳାର୍ଥେ. ଇଷ୍ଣୁ; ଭୂଇ. ସହିଷ୍ଣୁ, Charishnu ବର୍ଦ୍ଧିଷ୍ଣୁ, ରୋଚିଷ୍ଣୁ)—ଚଳନଶୀଳ; ଗତିଶୀଳ; ଜଙ୍ଗମ- 1. Moving about; moveable.

ବି (ନାମ)—କୀର୍ତ୍ତିମାନ୍ ରାଜାଙ୍କ ପୁତ୍ର— Name of the son of the king Kirtiman.

ଚରୀ—ସଂ. ବି (ଚର୍ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ. ଯେ ବିଚରଣ Chari କରେ)—ପ୍ରାଣୀ—An animal (M. W.).

ଚରୁ—ସଂ. ବି (ଚର୍ ଧାତୁ+ସଂଜ୍ଞାର୍ଥେ. କର୍ମ. ଉ; ଯାହା ଦେବତାମାନେ Charu ଭକ୍ଷଣ କରନ୍ତି)—୧ । ହୋମାଗ୍ନିରେ ଦେବତାଙ୍କ ଉଦ୍ଦେଶ୍ୟରେ ଘୃତ ଢଳା ହେବାବେଳେ ତହିଁ ସଙ୍ଗେ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇୟ	ଉଅ	ଧ୍ୱ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଔ	ନ୍ଧ

ଅଗ୍ନିରେ ଅର୍ପିତ ହେବା ପାୟସାନ୍ନ ବା ମିଷ୍ଟାନ୍ନ; ହୋମାଗ୍ନିରେ ଦଆଯିବାପାଇଁ ଦୁଗ୍ଧ, ଚନ୍ଦ୍ର ଓ ଚାଉଳ ଏକତ୍ର ରନ୍ଧା ହୋଇଥିବା ଅନ୍ନ—1. Boiled sweetened rice or sweetmeat put into the 'Homa'-fire along with the ghee-offering.

୨ । ଚରୁସ୍ଥାଲୀ (ଦେଖ) (ହି. ଶବ୍ଦସାଗର)—
2. Charusthāli (See).

୩ । ଯେଉଁଅ ଭାତ; ଯେଉଁ ଭାତରୁ ପେଜ ଗଳା ହୋଇ ନାହିଁ (ହି. ଶବ୍ଦସାଗର)—3. Boiled rice from which water has not been poured off.

୪ । ପଶୁଚାରଣଭୂମି (ହି. ଶବ୍ଦସାଗର)—
4. Pasture-land; pasturage.

୫ । ପଶୁଚାରଣ ପାଇଁ ପଶୁସ୍ୱାମୀ ଜମିଦାରଙ୍କୁ ଦେବା ଖଜଣା (ହି. ଶବ୍ଦସାଗର)—5. Grazing tax.

୬ । ଯଜ୍ଞ (ହି. ଶବ୍ଦସାଗର)—6. Vedic sacrifice.

୭ । ବାଦଲ; ମେଘ (ହି. ଶବ୍ଦସାଗର)—7. Cloud.

ପ୍ରାଦେ (ସମ୍ବଲପୁର) ବ—୧ । ଚଡ଼ୁ (ଦେଖ)
1. Chardu (See)

୨ । ଚରିଆ (ଦେଖ)
2. Chariā (See).

ଚରୁକାଠି—ଗ୍ରା. ବ—ଚଡ଼ୁକାଠି (ଦେଖ)
Charukāṭhi Chardukāṭhi (See).

ଚରୁସମିଧ—ସଂ. ବ (ଦ୍ୱନ୍ଦ୍ୱ; ଚରୁ ଓ ସମିଧ) —ହୋମାଗ୍ନିରେ ଘୃତ
Charusamidha ସହିତ ଅର୍ପିତ ହେବା ମିଷ୍ଟାନ୍ନ ଓ କାଠ— Sweetmeat and fuel given into a sacrificial fire along with the offerings of ghee.

ଚରୁସ୍ଥାଲୀ—ସଂ. ବ (୬ଷ୍ଠୀ ତତ୍; ଚରୁ+ସ୍ଥାଲୀ=ପାକପାତ୍ର ବା ହାଣ୍ଡି)—
Charusthāli ଯେଉଁ ହାଣ୍ଡିରେ ଚରୁଅନ୍ନ ରନ୍ଧାଯାଏ— The earthen pot in which 'charu' is cooked.

ଚରୁହା—ପ୍ରାଦେ (ସମ୍ବଲପୁର) ବ (ତୁଳନୀୟ ହି. ଚରବାହା)—
Charuhā ଗୋରୁ ଚରିବା ସମୟରେ ଜଗିବା ବ୍ୟକ୍ତି; ଗୋଚାରଣରେ ନିଯୁକ୍ତ ବ୍ୟକ୍ତି; ଯେ ଗାଈ ଜଗେ; ଗାଈଆଳ; ଚରାଳୀ—A person who looks after cattle while grazing; a cowherd.

ଚରୁହୋମ—ସଂ. ବ — ଦେବତାଙ୍କ ଉଦ୍ଦେଶ୍ୟରେ ହୋମାଗ୍ନିରେ
Charuhoma ଦଆଯିବା ମାଂସ; ମାଂସବଳି (ଜ୍ଞାନେନ୍ଦ୍ର)— Oblation of meat offering into the sacrificial fire (as laid down for certain occasions).

ଚରେଇ—ଦେ. ବ—୧ । ଚରାଇବା କର୍ମ—
Charei 1. Tending of cattle.
चारा ୨ । ଗୋରୁ ଆଦି ଚରିବାପାଇଁ ତୃଣପୂର୍ଣ୍ଣ ଭୂମି—
চারা 2. Rich pasturage.

୩ । ବନଶୀ ପକାଇବା ଦୃଷ୍ଟିରୁ ଜଳାଶୟରେ ବିଞ୍ଚାଯିବା ଖୁଦକଣ ବା ମଇଦାର ଛୋଟ ଗୁଳା ବା ମାଛମାନଙ୍କ ଲୋଭନୀୟ ପଦାର୍ଥ, ଯାହା ପାଣିରେ ବିଞ୍ଚାଯାଏ—3. Bits of food strewn in the water to attract fishes to a place where a person intends to angle.

[ଦ୍ର—ମାଛମାନେ ଏହାର ଗନ୍ଧରେ ଆକୃଷ୍ଟ ହୋଇ ସେ ସ୍ଥାନରେ ଜମା ହୁଅନ୍ତି ଓ ପରେ ବନଶୀଆ ଯୋଗ ଦେଇ ସେଠାରେ ବନ୍ଶୀ ପକାଏ । ସୋରିଷ ପିଡ଼ିଆ ଭଜା, ମେଥି ଭଜା, ଗନ୍ଧଶୁଣ୍ଠି, ପଣ୍ଟୁପଣି, କାଙ୍ଗିମଞ୍ଜି, ଘୋଡ଼ାବଚ, ଲୋବାନକୁ ଚୂର ଅଟା ବା ମାଟି ସଙ୍ଗେ ଏକତ୍ର ବାଟି ଗୁଳା ବାନ୍ଧି ଏହା ପ୍ରସ୍ତୁତ କରାଯାଏ ।]

ଚରେଇଘର—ପ୍ରାଦେ. (ସମ୍ବଲପୁର) ବ—ପକ୍ଷୀବସା—
Chareigharā Bird's nest.

ଚରେନ୍‌ଗୁଡ଼ା—ପ୍ରାଦେ (ସମ୍ବଲପୁର) ବ—ଗୋଚରଭୂମି—
Charengurdā Grazing ground.

ଚର୍ଚ୍ଚ୍—ବୈଦେ. ବ (ଇଂ) —ଗିର୍ଜା; ଖ୍ରୀଷ୍ଟୀୟାନମାନଙ୍କ ଭଜନାଳୟ—
Charch Church.
চর্চ্চ
चर्च

ଚର୍ଚ୍ଚ୍‌ବେଲ୍—ବୈଦେ. ବ (ଇଂ) —ଉପାସକମାନଙ୍କୁ ଆହ୍ୱାନ କରିବା ପାଇଁ
Charchbel ଗିର୍ଜାରେ ବାଜିବା ଘଣ୍ଟା—Church-bell.
চর্চ্চবেল
चर्चबेल

ଚର୍ଚ୍ଚ—ସଂ. ବ (ଚର୍ଚ୍ଚ ଧାତୁ+ଭାବ. ଅ)—ବିଚାର; ବିବେଚନା—
Charcha Consideration; delebration (M. W.)
(ଚର୍ଚ୍ଚା—ଅନ୍ୟରୂପ)

ଚର୍ଚ୍ଚର (ଇତ୍ୟାଦି)—ଦେ. ଅ (ଧ୍ୱନ୍ୟନୁକରଣ)—
Charchar etc ଚର୍ଚର ଇତ୍ୟାଦି (ଦେଖ)— Charchar etc. (See)

ଚର୍ଚ୍ଚରା—ଦେ. ବି—ଚର୍ଚରା (ଦେଖ)—
Charcharā Charcharā (See)

ଚର୍ଚ୍ଚରାଇବା—ଦେ. କ୍ରି—ଚର୍ଚରାଇବା (ଦେଖ)—
Charchrāibā Charcharāibā (See)

ଚର୍ଚ୍ଚା—ସଂ. ବି. ସ୍ତ୍ରୀ (ଚର୍ଚ୍ଚ ଧାତୁ+ଭାବ ଅ; ସ୍ତ୍ରୀ. ଆ)—
Charchā ୧ । ଆନ୍ଦୋଳନ—1 Agitation.
(ଚର୍ଚ୍ଚା—ଅନ୍ୟରୂପ) ୨ । ଆଲୋଚନା—2. Discussion; dealing with a subject.

୩ । ବିଚାର; ବିବେଚନା—
3. Consideration; deliberation.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'ଝିଅ' ନ ମିଳିଲେ 'ଝୀଅ' ଦେଖିବେ; 'ବଧୂଁ'କୁ ନ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଅନୁଶୀଳନ—4. Study of a theme.
୫ । ପୁନଃ ପୁନଃ ଆବୃତ୍ତି—5. Recitation; repetition.
୬ । ଜପ; ଚିନ୍ତା; ଅନୁଧ୍ୟାନ—6. Constant pondering over a matter; reflecting upon.
୭ । ଲେପନ; ବୋଳିବା—
7. Besmearing; anionting; laying on.
୮ । ଅନୁସନ୍ଧାନ—8. Investigation; enquiry.
୯ । ଭ୍ରମଣ—9. Walking; travelling.
୧୦ । ପରୀକ୍ଷା—10. Testing; examination.
୧୧ । ଯତ୍ନ—11. Care; attention.
୧୨ । ବର୍ଣ୍ଣନ; ବଖାଣ (ହି. ଶବ୍ଦସାଗର)—
12. Description.
୧୩ । ବେଦପାଠ ସମୟରେ 'ଇତି' ଶବ୍ଦ ପ୍ରୟୋଗପୂର୍ବକ କୌଣସି ଶବ୍ଦର ପୁନରୁଚ୍ଚାରଣ—13. Repetition of a word in reciting the Vedas, specially while adding 'iti' (M.W.)
୧୪ । କୌଣସି ବିଷୟରେ କଥୋପକଥନ—
14. Talking about; conversation (M. W.)
୧୫ । ପାଳି କରି ଦୁଇଜଣଙ୍କ ଦ୍ୱାରା ଗୋଟିଏ ପଦ୍ୟର ଆବୃତ୍ତି—
15. Alternate recitation of a poem by two persons (Wilson).
୧୬ । ତଦନ୍ତ; ଅନୁସନ୍ଧାନ—16. Inquiry (Wilson).
୧୭ । କିମ୍ବଦନ୍ତୀ; ଜନଶ୍ରୁତି (ହି. ଶବ୍ଦସାଗର)—
17. Rumour.
୧୮ । ଦୁର୍ଗା (ହି. ଶବ୍ଦସାଗର)—18. Goddess Durgā.
୧୯ । ଗାୟତ୍ରୀରୂପା ମହାଦେବୀ (ହି. ଶବ୍ଦସାଗର)—
19. Gāyatri personified.

ଦେ. ବି (ସଂ. ଚର୍ଯ୍ୟା)—ସମ୍ମାନ ସହିତ ଗୃହାଗତ ଅତିଥି ବା ବନ୍ଧୁଙ୍କର ସେବା ବା ସତ୍କାର; ଅତିଥେୟତା—
Serving or treating of a guest; a treat; hospitality.

ବଶିଷ୍ଠଣ ସ୍ୱାଧସମାନଙ୍କୁ ଯେବେ ମୁନି ଋଷିଙ୍କ ଚର୍ଚ୍ଚାରେ ରହିଲେ—
ଗଳକଣ୍ଠ. ପିଙ୍ଗଳରାମାୟଣ ।

ଚର୍ଚ୍ଚାଇତ—ଦେ. ବି—ଚରଚ୍ଚାଇତ (ଦେଖ)—
Charchāita — Charachāita (See)

ଚର୍ଚ୍ଚାକରିବା—ଦେ. କ୍ରି—୧ । ଆଲୋଚନା କରିବା—
Charchākaribā — 1. To discuss a matter.
চর্চাকরা — ୨ । ଅନୁଶୀଳନ କରିବା—2. To study a subject or theme.
चर्चाकरना
୩ । ମର୍ଯ୍ୟାଦାପୂର୍ବକ ଅତିଥି ବା ଅଭ୍ୟାଗତଙ୍କୁ ଖାଦ୍ୟ-ପାନାଦି ଦ୍ୱାରା ସେବା କରିବା—3. To serve a guest.

ଚର୍ଚ୍ଚା ବେହେରା—ଦେ. ବି—ଚରଚ୍ଚାଇତ (ଦେଖ)—
Charchā beherā — Charachāita (See)

ଚର୍ଚ୍ଚିଆ—ଦେ. ବି—ଚରଚ୍ଚାଇତ (ଦେଖ)—
Charchiā — Charachāita (See)

ଚର୍ଚ୍ଚିକା—ସଂ. ବି. ସ୍ତ୍ରୀ (ଚର୍ଚ୍ଚ ଧାତୁ + ଭାବ. ଅକ + ସ୍ତ୍ରୀ. ଆ)—
Charchikā — ୧ । ଅଙ୍ଗରେ ଚନ୍ଦନାଦି ଲେପନ—1. Smearing the body with scented pastes.
(ଚର୍ଚ୍ଚିକା—ଅନ୍ୟରୂପ)
୨ । ଚର୍ଚ୍ଚା; ଆଲୋଚନା (ହି. ଶବ୍ଦସାଗର)—
2. Discussion.
୩ । ଦୁର୍ଗା (ହି. ଶବ୍ଦସାଗର)—3. Goddess Durga (M. W.)
୪ । ଏକପ୍ରକାର ଶିମ୍ବ (ହି. ଶବ୍ଦସାଗର)—
4. A kind of bean.

ଦେ. ବି.—୧ । କଟକ ଜିଲ୍ଲାର ବାଙ୍କି ରାଜ୍ୟର ପ୍ରଧାନ ଗ୍ରାମ—
1. The big village of Banki in Cuttack District.
୨ । ବାଙ୍କିରେ ପୂଜିତା ଦୁର୍ଗାମୂର୍ତ୍ତି; ଗ୍ରାମଦେବୀ—
2. Name of the goddess in Banki.

[ଦ୍ର—ଉତ୍କଳରେ ପୂଜା ପାଉଥିବା ଅଷ୍ଟ ଚଣ୍ଡୀଙ୍କ ମଧ୍ୟରୁ ଏ ଏକତମ, ଏହାଙ୍କ ମନ୍ଦିର ଗୋଟିଏ ପାହାଡ଼ ଉପରେ ଓ ମହାନଦୀ ନିକଟରେ ଅବସ୍ଥିତ ।

ଦେଖ ଅଛି ତ ଚର୍ଚ୍ଚିକା ଦେବୀ ବାଙ୍କି ଈଶ୍ୱରୀ । — ରାଧାନାଥ. ଚନ୍ଦ୍ରଭାଗା ।

ଚର୍ଚ୍ଚିତ—ସଂ. ବିଣ.(ଚର୍ଚ୍ଚ + କର୍ମ. ତ; ଚର୍ଚ୍ଚା + ସଞ୍ଜାତାର୍ଥେ. ଇତ)—୧ । ପୂଜିତ; ସେବିତ—1. Served; worshipped.
Charchita
(ଚର୍ଚ୍ଚିତ—ଅନ୍ୟରୂପ) ୨ । ପ୍ରଲିପ୍ତ—2. Besmered; anointed.
୩ । ଆଲୋଚିତ—3. Considered.
୪ । ଆନ୍ଦୋଳିତ—4. Discussed; treated.
୫ । ଅନୁଧ୍ୟାତ; ଚିନ୍ତିତ—5. Pondered over.

ଚର୍ଚ୍ଚିବା—ଦେ. କ୍ରି.—ଚରଚ୍ଚା କରିବା (ଦେଖ)
Charchibā — Charachā karibā (See)

ବସିଲେ ଭରଦ୍ୱାଜର ସବଳେ ପ୍ରବେଶ କାଳ
ତପୋବଳେ ସମସ୍ତ ଚର୍ଚ୍ଚିଲେ । — ଉପେନ୍ଦ୍ର. ବୈଦେହୀଶବିଳାସ ।

ଚର୍ଚ୍ଚ୍ (ଧାତୁ)—ସଂ.—୧ । ଚଡ଼ଚଡ଼ ଶବ୍ଦ କରିବା—
Charchch (root) — To produce a crackling sound.
୨ । ଆଲୋଚନା କରିବା—2. To discuss; to deal with a subject; to study a subject.
୩ । କହିବା—3. To speak; to talk.
୪ । ସୁନ୍ଦର ହେବା—
4. To look beautiful or lovely.
୫ । ବୋଳିବା; ଲେପିବା—5. To smear over; to anoint.

୧	ଇ	ଉ	ର୍‌,ର୍ଁ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଙ୍ଘ	ଢ଼ଅ	ଣ
୨	ଈ	ଊ	ରୁ	ଳୁ	ଯ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଜ୍ଞ	ନ

୬ । ଗାଳଦେବା—
6. To abuse; to censure (M. W.)

୭ । ଗର୍ଜନା କରିବା; ଧମକାଇବା; ଡରିବା—
7. To menace (M. W.)

୮ । ବେଦ ପାଠ ସମୟରେ 'ଇତି' ଶବ୍ଦ ଲଗାଇ କୌଣସି ଶବ୍ଦକୁ ପୁନର୍ବାର ବୋଲିବା—8. To repeat a word in reciting the Vedas spesially while adding 'iti' (M. W.)

ଚର୍ଚ୍ଚକ—ସଂ. ବିଣ. ପୁଂ. (ଚର୍ଚ୍ଚ ଧାତୁ+କର୍ତ୍ତୃ. ଅକ)—
Charchchaka ୧ । ଆଲୋଚନାକାରୀ—1. Discussing.
(ଚର୍ଚ୍ଚିକା—ସ୍ତ୍ରୀ) ୨ । ଲେପନକାରୀ—2. Besmearing.
(ଚର୍ଚ୍ଚକ—ଅନ୍ୟରୂପ) ସଂ. ବି—୧ । ବେଦ ପାଠ ସମୟରେ ଗୋଟିଏ ଶବ୍ଦର ପୁନରାବୃତ୍ତି—1. Repetition of a word in reciting the Bedas (M. W.)

୨ । ବେଦଜ୍ଞ ବ୍ୟକ୍ତି (ହି. ଶବ୍ଦସାଗର)—
2. A person versed in the Bedas

ଚର୍ଚ୍ଚନ—ସଂ. ବି. (ଚର୍ଚ୍ଚ ଧାତୁ+ଭାବ. ଅନ)—
Charchchana ୧ । ଆଲୋଚନ—1. Discussion.
(ଚର୍ଚ୍ଚିତ—ବିଣ) ୨ । ଲେପନ—2. Besmearing; anointing.
(ଚର୍ଚ୍ଚନ—ଅନ୍ୟରୂପ)

ଚର୍ଚ୍ଚର—ସଂ. ବିଣ. ପୁଂ. (ଚର ଧାତୁ+କର୍ତ୍ତୃ. ଚର)—
Charchchara ଗମନଶୀଳ—Moving.
ଚର୍ଚ୍ଚରୀ } ସ୍ତ୍ରୀ.
ଚର୍ଚ୍ଚରୀ }
(ଚର୍ଚ୍ଚର—ଅନ୍ୟରୂପ)

ଚର୍ଚ୍ଚରିକା—ସଂ. ବି. ସ୍ତ୍ରୀ.—(ଚର୍ଚ୍ଚ ଧାତୁ=ଚର୍‌ଚର୍‌ ଶବ୍ଦ କରିବା+
Charchcharikā ସଜ୍ଞାର୍ଥେ. ଅର+କ+ସ୍ତ୍ରୀ. ଆ)—୧ । ଆନଦ୍ଧ
(ଚର୍ଚ୍ଚରିକା—ଅନ୍ୟରୂପ) ବାଦ୍ୟ ଯନ୍ତ୍ରବିଶେଷ; ତାସା—1. A kind of drum producing a crackling sound.

୨ । ବହୁ ବାଦ୍ୟସମନ୍ୱିତ ଧ୍ୱନି—
2. Musical symptony.

୩ । ଗାନବିଶେଷ; ପୁନଃ ପୁନଃ ଉଚ୍ଚାରିତ ଗାନ—
3. A kind of swiftly sung song; an alternately recited song.

୪ । ବସନ୍ତୋତ୍ସବ; ଗୁଡେର ଉତ୍ସବ; ହୋରି ଉତ୍ସବ—
4. Name of a religious ceremony performed in spring time.

[ଦ୍ର—ଦୋଲ ସମୟରେ ପିଚକାରି ମାରିବା, ଅବିର ପକାଇବା ଆଦି ହୁଏ ଓ ହୋରି ଗୀତ ବୋଲାଯାଏ ।]

୫ । ହୋରି ସମୟରେ ବୋଲା ଯିବା ଗୀତ—
5. A kind of song sung during the Holi festival.

୬ । କରତଳ ଧ୍ୱନି; ତାଳି ବଜାଇବାର ଶବ୍ଦ (ହି.ଶବ୍ଦସାଗର)-
6. Sound of clapping.

୭ । ନାଟକ ଅଭିନୟ ବେଳେ ଏକ ଅଭିନୟର ସମାପ୍ତି ଓ ପରବର୍ତ୍ତୀ ଅଭିନୟ ଆରମ୍ଭ ମଧ୍ୟରେ ଦର୍ଶକମାନଙ୍କ ମନୋରଞ୍ଜନାର୍ଥ ବୋଲାଯିବା ଗାନ (ହି. ଶବ୍ଦସାଗର)—
7. A song sung during intervals of acting.

[ଦ୍ର—କାଳିଦାସଙ୍କ ବିକ୍ରମୋର୍ବଶୀ ନାଟକରେ ଅନେକ ଚର୍ଚ୍ଚରିକା ଅଛି ।]

ଚର୍ଚ୍ଚରୀ—ସଂ. ବି. ସ୍ତ୍ରୀ (ଚର୍ଚ୍ଚ ଧାତୁ+ସଜ୍ଞାର୍ଥେ. ଅର+ସ୍ତ୍ରୀ. ଈ)—
Charchchari ୧ । ଚର୍ଚ୍ଚରିକା (ଦେଖ)
(ଚର୍ଚ୍ଚରୀ—ଅନ୍ୟରୂପ) 1. Charchcharikā (See).
ଧା ଉପରେ ପୁଣି ଦୋଲ ଚର୍ଚ୍ଚରିର—ସ୍ୱଧାକାଥ ପାବଂଗ ।

୨ । ଆମୋଦପ୍ରମୋଦ (ହି. ଶବ୍ଦସାଗର)—
2. Amusement

୩ । ନାଟରଙ୍ଗ; ନାଚତାମସା (ହି. ଶବ୍ଦସାଗର)—
3. Songs and music.

ଚର୍ଚ୍ଚରୀକ—ସଂ. ବି—୧ । ମହାକାଳ ଭୈରବ; ଶିବଙ୍କ ଅନୁଚରବିଶେଷ
Charcharika (ହି. ଶବ୍ଦସାଗର)—1. One of the attendants of Siba.

୨ । ଶାଗ; ଶାକ (ହି. ଶବ୍ଦସାଗର)—2 Pot-herb.

୩ । କେଶବିନ୍ୟାସ; ମୁଣ୍ଡ ବାଳ ସାଉଁଳିବା କର୍ମ (ହି. ଶବ୍ଦସାଗର)—3. Act of dressing up of the hair.

ଚର୍ଚ୍ଚରୀବିହାର—ସଂ. ବି—ଦୋଲଯାତ୍ରା ସମୟର ଫଗୁଖେଳ—
Charchcharibihāra The sports in the red powder during the Dolajātrā festival.

ଚର୍ଚ୍ଚସ—ସଂ. ବି—କୁବେରଙ୍କ ନବ ନିଧି ମଧ୍ୟରୁ ଏକ (ହି. ଶବ୍ଦସାଗର)—
Charchchas One of the nine treasures possessed
(ଚର୍ଚସ୍‌—ଅନ୍ୟରୂପ) by God Kubera (M. W.).

ଚର୍ଡାଙ୍ଗ—ପ୍ରାଦେ (ସମ୍ବଲପୁର). ବି—ଚଡ଼ୁକାଠି (ଦେଖ)
Chardāng Chardukāthi (See).

ଚର୍ପ (ଧାତୁ)—ସଂ.—୧ । ବିସ୍ତୃତ ହେବା—
Charpa (root) 1. To extend.

୨ । ଚିତକାହେବା—2. To lie flat.

ଚର୍ପଟ—ସଂ. ବି (ଚର୍ପ ଧାତୁ+କର୍ତ୍ତୃ. ଅଟ)—୧ । ଚାପୁଡ଼ା; ଚପେଟ;
Charpata ଢାକଡ଼ା; ଚଟକଣା; କରତଳ ଦ୍ୱାରା ଆଘାତ—
ଓ. ଚାପଡ଼ା, ଚାପୁଡ଼ା 1. A slap (by the palm of the hand)-
चापड़
चपत ୨ । କରତାଳି—2, Clapping.

୩ । ବିସ୍ତାର—3. Extention; extent; span.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ପ୍ରସାରିତ କରତଳ—
4. The open palm of the hand (M. W.)

ସଂ. ବିଣ—୧ । ବିପୁଳ; ଅଧିକ (ହି. ଶବ୍ଦସାଗର)—
1. Great, excessive.

୨ । ମୁଣ୍ଡ ପର୍ଯ୍ୟନ୍ତ ଚଟକା ହୋଇ ପଡ଼ିଥିବା—
2. Lying flat to the head (M. W).

ଚର୍ପଟା—ସଂ. ବି. (ଚର୍ପଟ + ସ୍ତ୍ରୀ. ଆ)—୧ । ଚାପୁଡ଼ାଧ୍ୱନି—
Charpaṭā 1. Sound produced by slapping.

୨ । ତାଳି ଶବ୍ଦ—2. Clapping sound.

୩ । ଭାଦ୍ର ଶୁକ୍ଳଷଷ୍ଠୀ; ଷଠୀଓଷା; ଷଷ୍ଠୀଦେବୀ ପୂଜା—
3. A ceremony observed on the 6th day of the bright fortnight of Bhādrab on which Shashṭhidebī is worshipped and children are patted with a bunch of small branches by elderly women.

[ଦ୍ର—ଏ ଦିନ ଶିଶୁମାନଙ୍କ ପିଠିରେ ବୟୋଧିକା ସ୍ତ୍ରୀମାନେ କେତେଗୁଡ଼ିଏ ଡାଳର ଗୋଛାକୁ କୌତୁକରେ ଚାପୁଡ଼ାନ୍ତି (ଆଘାତ କରନ୍ତି) ।]

ଚର୍ପଟିକା—ସଂ. ବି. ସ୍ତ୍ରୀ. (ଚର୍ପଟ + କ + ସ୍ତ୍ରୀ. ଆ)—
Charpaṭikā ୧ । କରତଳଦ୍ୱାରା ମଡ଼ା ହୋଇ ପ୍ରସ୍ତୁତ ହୋଇଥିବା
चापाती ପିଷ୍ଟକ; ବାଙ୍ଗୁଳାକର ପିଠା; ହାତବେଲ୍ଲ ରୁଟି; ପର୍ପଟୀ;
चपाटी ପାପୁଡ଼—1. A thin piece of bread or cake (pressed thin by the palm).

୨ । ବିସ୍କୁଟ—2. Biscuit.

ଚର୍ପଟୀ—ସଂ. ବି. (ଚର୍ପଟ + ସ୍ତ୍ରୀ. ଈ)—୧ । ଚର୍ପଟା (ଦେଖ)
Charpaṭi 1. Charpaṭā (See)

୨ । ଚର୍ପଟିକା (ଦେଖ)
2, Charpaṭikā (See)

ଚର୍ବା—ପ୍ରାଦେ. (ସମ୍ବଲପୁର) କ୍ରି—ଚର୍ବିବା (ଦେଖ)
Charbā Charbā (See)

ବିଣ. (ପୁଂ)—୧ । କାମୁଡ଼ା (ପଶୁଆଦି)—
1. Biting; given to biting; currish.

(ଚର୍ବୀ—ସ୍ତ୍ରୀ) ୨ । ହିଂସ୍ର (ଜନ୍ତୁ)—
2. Ferocious (animal); malignant.

ଚର୍ବି—ବୈଦେ. ବି. (ଫା)—୧ । ମେଦ; ବସା—
Charbi 1. Animal fat.
चर्बी ୨ । ମୃତ ଜୀବର ବସା ତରଲାଯାଇ ପ୍ରସ୍ତୁତ ହେବା ଦ୍ରବ୍ୟ—
चरबी 2. Lard; grease.

[ଦ୍ର—ଏହା ସଫେଦ ବା ଈଷତ୍ ହଳଦିଆ ତୈଳାକ୍ତ ଗାଢ଼ ଦ୍ରବ; ପ୍ରାଣୀମାନଙ୍କ ଦେହରେ ଓ ଗଛ ବୀଜରେ ଓ କେତେକ ଫଳରେ ଥାଏ । ବୈଦ୍ୟକ ଅନୁସାରେ ଏହା ଶରୀରସ୍ଥ ସପ୍ତଧାତୁରୁ ଏକ; ଏହା ପାଣିରେ ଗୋଳିହୁଏ ନାହିଁ; ଏଥିରେ ମଲମ, ସାବୁନ ମହମ ବତୀ ହୁଏ । ଏହା ଇଞ୍ଜିନର ଗଣ୍ଠିମାନଙ୍କରେ ଦିଆଯାଏ ଓ ତେଲ ପରିବର୍ତ୍ତରେ ଏହା ବ୍ୟବହୃତ ହୁଏ ।]

ଚର୍ବିଚକ୍ତି—ଦେ. ବି—ଘୋଡ଼ା ଗାଡ଼ିର ଚକ ଓ ଅକ୍ଷ ଘର୍ଷଣ ସ୍ଥାନରେ
Charbichakti ଲାଗିଥିବା ଦିଆଯିବା ଗୋଲାକାର ଚର୍ମଖଣ୍ଡ ଓ ଚର୍ବୀ—
Lard and circular piece of leather given on the wheel and axle of a cirrage-wheel to grease (prevent wearing due to friction of) the wheel.

ଚର୍ବିବତି—ଦେ. ବି—ଚର୍ବିରେ ତିଆରି ବତି; ମହମବତି—
Charbibati Candle made of animal fat; tallow candle.

ଚର୍ବି ହେବା—ଦେ. କ୍ରି—୧ । ମେଦବୃଦ୍ଧି ହେବା—
Charbi hebā 1. Increase of fat in the body.

୨ । ମୋଟା ହେବା—2. Fattening.

୩ । (ଲକ୍ଷଣାର୍ଥ) ଗର୍ବୀ ହେବା—3. (figurative) To become elated with pride.

ଚର୍ବ (ଧାତୁ)—ସଂ.—ଚୋବାଇବା—To munch; to chew.
Charbba (root)
(ଚର୍ବି—ଅନ୍ୟରୂପ)

ଚର୍ବଣ—ସଂ. ବି (ଚର୍ବ ଧାତୁ + ଭାବ. ଅନ)—୧ । ଚୋବାଇବା; ଦନ୍ତ-
Charbbaṇa ଦ୍ୱାରା ପେଷଣ କ୍ରିୟା—1 Chewing; munching; mesticating.
(ଚବଣ-ଅନ୍ୟରୂପ)
(ଚର୍ବିତ—ବିଣ) ୨ । ଯେଉଁ ବସ୍ତୁ ଚୋବାଯାଇପାରେ—
2. A thing which can be chewd.

୩ । ଚବେଣା (ହି. ଶବ୍ଦସାଗର) (ଦେଖ)—
3. Chabeṇā (See)

ଚର୍ବଣା—ଦେ. ବିଣ—ଯେ ଚୋବାଇ କରି ଖାଏ—
Charbbaṇā Chewing; masticating.
(ଚବଣା—ଅନ୍ୟରୂପ) ସପତ ଜନମ ପର୍ଯ୍ୟନ୍ତେ ଚବଣା ଚବଣା—ଭଗ ।

ଚର୍ବଣୀୟ—ସଂ. ବିଣ. (ଚର୍ବ ଧାତୁ + କର୍ମ. ଅନୀୟ)—
Charbbaṇiya ଚୋବାଇବାର ଯୋଗ୍ୟ—Fit to be chewed; masticable.
(ଚବଣୀୟ—ଅନ୍ୟରୂପ)

ଚର୍ବିତ—ସଂ. ବିଣ. (ଚର୍ବ ଧାତୁ କର୍ମ + ତ)—
Charbbita ୧ । ସ୍ୱାଦିତ—1. Tasted.
(ଚର୍ବିତ—ଅନ୍ୟରୂପ) ୨ । ଯାହାକୁ ଚୋବା ଯାଏ—
2. Chewed; masticated.

୩ । ଚୋବାଇ କରି ଖିଆଯିବା—
3. Eaten after mastication

ସଂ. ବି—୧ । ପାନପିକ; ଛେପ; ଥୁପ—1. Spittle.

୨ । ଗୋରୁ ଆଦିଙ୍କ ପାଗୁଳ—2. Cud.

୧	ଇ	ଊ	ରୃ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଈୟ	ଓଅ	ଞ
୨	ଈ	ଉ	ଲୃ	ଲ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଂ	ଇଅ	ଞ	ନ୍ତ

୩ । ଚର୍ବଣ—3. Chewing; mastication.

ଚର୍ବିତଚର୍ବଣ—ସଂ. ବି. (୬ଷ୍ଠୀ ତତ୍; ଚର୍ବିତ+ଚର୍ବଣ)—
Charbbitacharbbaṇa ୧ । ପାଗୁଳ—1. Chewing of the cud.
୨ । (ଲକ୍ଷଣାର୍ଥ) କଥିତ ବସ୍ତୁର ପୁନଃ କଥନ – 2. (figurative) Repetition of a thing already said.
୩ । (ଲକ୍ଷଣାର୍ଥ) କୃତ କାର୍ଯ୍ୟର ପୁନଃକରଣ—3. (fig.) Redoing of a work once done.

ଚର୍ବ୍ୟ—ସଂ. ବିଣ. (ଚର୍ବ୍ ଧାତୁ+କର୍ମ. ଯ)—ଚୋବାଇବାର ଯୋଗ୍ୟ;
Charbbya ଚର୍ବଣୀୟ—Masticable.
[ଦ୍ର—ଏହାକୁ କେହି କେହି ଭୁଲକ୍ରମେ 'ଚବ୍ୟ' ବୋଲି କହନ୍ତି ଓ ଲେଖନ୍ତି ।]

ଚର୍ବ୍ୟ ଚୂଷ୍ୟ ଲେହ୍ୟ ପେୟ—ସଂ. ବିଣ. (ଦ୍ୱନ୍ଦ୍ୱ; କିନ୍ତୁ ବିଶେଷ୍ୟରୂପେ
Charbbya chūshya lehya peya ଭାଷାରେ ବ୍ୟବହାର)—
ସବୁପ୍ରକାରର ଖାଦ୍ୟଦ୍ରବ୍ୟ; ଯାହା ଚୋବାଇ କରି, ଯାହା ଚୋଷିକରି, ଯାହା ଚାଟିକରି ଓ ଯାହା ପିଇକରି ଖିଆଯାଏ—Food of every kind; sundry eatables (consisting of articles taken by chewing, by sucking, by licking and by drinking).
[ଦ୍ର—କେହି କେହି ଲେଖକ ଚର୍ବ୍ୟ, ଚୂଷ୍ୟ, ଲେହ୍ୟ, ପେୟ ସ୍ଥଳରେ ଅଶୁଦ୍ଧରୂପେ ଚବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ବ୍ୟବହାର କରିବାର ଦେଖାଯାଏ ।]

ଚର୍ମ—ସଂ. ବି. (ଚର୍ ଧାତୁ+କରଣ ମନ୍, ୧ମା. ୧ବ. ଯାହାଦ୍ୱାରା ବୋଧ
Charma ବା ସ୍ପର୍ଶ କରାଯାଏ)—୧ । ଚମଡ଼ା; ତ୍ୱକ୍; ଚମ—
(ଚର୍ମ୍ମ—ଅନ୍ୟରୂପ) 1. Skin.
୨ । ଜୀବ ଦେହର ଖୋଳ—2. Hide.
୩ । ଗଛର ଛେଲି; ବକଳ—3. Bark.
୪ । ଢାଲ—4. Shield.
୫ । ବର୍ମ—5. Armour.
୬ । ମସଲାଦ୍ୱାରା କଷା ହୋଇ ପାଲିସ ଓ ସ୍ଥାୟୀ କରାଯାଇଥିବା ଚମଡ଼ା—6. Leather.
ଦେ. ବି—ଚରମ (ଦେଖ) Charama (See)
କର୍ମ କର କର୍ମକାଣ୍ଡ କର ଚର୍ମ କଟାଁବର ଅଧମ ନଦେ ।
ସା. କୃଷ୍ଣ. ରସକଲ୍ଲୋଳ ।

ଚର୍ମକ—ସଂ. ବି.—ଚର୍ମକାର (ଦେଖ) (ହି. ଶବ୍ଦସାଗର)
Charmaka Charmakāra (See)
ଦେ. ବିଣ.—ଚମରେ ତିଆରି (ବାଜଣା)—
Made of leather or hide.
ଚର୍ମକଜନ୍ତ୍ର-ବାଦ୍ୟ ଯେତେ, ସକଳ ବାଜାଇଲେ ଗତେ ।
ଭୂପତି. ପ୍ରେମପଞ୍ଚାମୃତ

ଚର୍ମକରୀ—ସଂ ବି.—୧ । ଏକ ସୁଗନ୍ଧ ଦ୍ରବ୍ୟ—
Charmakarī 1. A kind of scent.
(ଚର୍ମ୍ମକରୀ—ଅନ୍ୟରୂପ) ୨ । ମାଂସରୋହିଣୀ ଲତା (ହି. ଶବ୍ଦସାଗର)—
2. Name of a creeper.

ଚର୍ମକଷା—ସଂ. ବି—ଛେଳିପାଗୁଳିଆ (ଦେଖ) (ହରେକୃଷ୍ଣ—ଦ୍ରବ୍ୟଗୁଣ)
Charmakashā Chhe̱lipāgu̱liā (See)
ଚର୍ମକଶା । ଚର୍ମ୍ମକଷା } ଅନ୍ୟରୂପ

ଚର୍ମକାର—ସଂ. ବି. (ଚର୍ମ+କୃ+କର୍ତ୍ତୃ. ଅ)—୧ । ମୋଚୀ—
Charmakāra 1. Shoe-maker; tanner; cobbler.
ଚର୍ମକୃତ । ଚର୍ମ୍ମକାର } ଅନ୍ୟରୂପ ୨ । ଜାତି ଅସ୍ପୃଶ୍ୟ ହିନ୍ଦୁଜାତିବିଶେଷ; ଜୀବର ସ୍ୱାମୀ ଔରସରେ ଚଣ୍ଡାଳୀ ସ୍ତ୍ରୀ ଗର୍ଭଜାତ—
(ଚର୍ମକାରୀ—ସ୍ତ୍ରୀ) 2. A low untouchable caste amongst Hindus.
[ଦ୍ର—ଏହି ଶବ୍ଦରୁ ଓଡ଼ିଆ 'ଚମାର' ଶବ୍ଦ ହୋଇଅଛି । କିନ୍ତୁ ଆମ ଦେଶରେ 'ଚମାର'ମାନେ 'ଚମ' କାମ କରନ୍ତି ନାହିଁ । ଚମାରମାନେ ତାଳଗଛ କାଟନ୍ତି, ତାଳପତ୍ରର ଜିନିଷ ତିଆରି କରନ୍ତି ଓ ତାଳପତ୍ରର ଚାଟ ତିଆରି କରନ୍ତି । ଆମ ଦେଶରେ 'ମୋଚୀ' ଜାତି 'ଚମ' କାମ କରନ୍ତି ଓ ଏମାନେ ଚମାରଙ୍କଠାରୁ ସ୍ୱତନ୍ତ୍ର । ଏଥିରୁ ଜଣାଯାଏ ଯେ ପୂର୍ବେ ଚମାରମାନେ ଚମଡ଼ା କାମ କରୁଥିଲେ । ପରେ ମୋଚି ଓ ଚମାର ସ୍ୱତନ୍ତ୍ର ଜାତି ହେଲେ ।]

ଚର୍ମକୀଲ—ସଂ. ବି. (୬ଷ୍ଠୀ ତତ୍; ଚର୍ମ+କୀଲ)—୧ । ଆଞ୍ଚୁ—
Charmakī̱la 1. A wart or mole on the body.
(ଚର୍ମ୍ମକୀଲ—ଅନ୍ୟରୂପ) ୨ । ଅର୍ଶରୋଗ—
2. Piles (a disease).
୩ । ବାଘୀରୋଗ (ହି. ଶବ୍ଦସାଗର)—3. Bubo.

ଚର୍ମଘଟିକା—ସଂ. ବି. (ଚର୍ମ+ଘଟ୍ ଧାତୁ=ବେଧ କରିବା+କ+ସ୍ତ୍ରୀ.
Charmaghaṯikā ଅ)—ଜୋକ—Leech.
(ଚର୍ମ୍ମଘଟିକା—ଅନ୍ୟରୂପ)

ଚର୍ମଚକ୍ଷୁଃ—ସଂ. ବି—ଜୀବର ସାଧାରଣ ଚକ୍ଷୁ (ଜ୍ଞାନଚକ୍ଷୁର ବିପରୀତ)—
Charmachakshuḥ The ordinary eye (as opposed to the eye of knowledge).

ଚର୍ମଚଟକ—ସଂ. ବି. ପୁଂ. (ଚର୍ମ+ଚଟ୍=ଆବରଣ କରିବା+ଅକ;
Charmachaṯaka ଯାହାର ପକ୍ଷ ଚର୍ମଦ୍ୱାରା ଆବୃତ)—ବାଦୁଡ଼ି—
(ଚର୍ମ୍ମଚଟକ—ଅନ୍ୟରୂପ) Bat; flying fox
[ଦ୍ର—ଏମାନେ ଗଛରେ ରହନ୍ତି ।]

ଚର୍ମଚଟିକା—ସଂ. ବି. ସ୍ତ୍ରୀ. (ଚର୍ମ+ଚଟ୍+ଇକ+ସ୍ତ୍ରୀ. ଅ)—
Charmachaṯikā ଚମଚିଡ଼ା; ଚମଚଟିଆ; ଚେମିଣି—The small house bat; Cynopterus Marginatus.
ଚର୍ମ୍ମଚଟିକା । ଚର୍ମଚଟୀ । ଚର୍ମଚଟକା } ଅନ୍ୟରୂପ
[ଦ୍ର—ଏମାନେ ଘରେ ଓ ଦେଉଳରେ ରହନ୍ତି ।]

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚର୍ମଚିତ୍ର—ସଂ. ବି. (ବହୁବ୍ରୀହି; ଚର୍ମ+ଚିତ୍ର; ଯାହା ଚର୍ମକୁ ଚିତ୍ରବିଚିତ୍ର କରେ)—୧ । ଶ୍ୱେତ କୁଷ୍ଠରୋଗ—
Charmachitra
ଚର୍ମ୍ମଚିତ୍ର, ଚର୍ମଚିତ୍ରକ } ଅନ୍ୟରୂପ
1. Lencoderma; the white disease.
୨ । (ଯାହାର ଚର୍ମ ଚିତ୍ରବିଚିତ୍ର) ଚିତ୍ରମୃଗ; ବାଙ୍କୁଡ଼ିଆ— 2 Spotted deer.

ଚର୍ମଜ—ସଂ. ବି. (ଚର୍ମ+ଜନ୍ ଧାତୁ+କର୍ତ୍ତୃ. ଅ)—
Charmaja ୧ । ଲୋମ; ରୋମ—1. Fur.
୨ । ରକ୍ତ—2 Blood.
ଦେ. ବି—୧ । ମୃଦଙ୍ଗ; ଢୋଲ ଆଦି ଆନଦ୍ଧ ବାଦ୍ୟ—
2 Hide-bound instruments; drums.

ଅବର ନାନା ବାଦ୍ୟ ଜାଣ,
ଚର୍ମଜ ଆଦି ଯେତେ ପୁଣ— ଯଶୋବନ୍ତ. ପ୍ରେମଭକ୍ତି ଗୀତା ।

୨ । ରୋମ; ଲୋମ (ହି. ଶବ୍ଦସାଗର)—
2. Down of the blood.
୩ । ରକ୍ତ; ଲହୁ (ହି. ଶବ୍ଦସାଗର)—3. Blood
ସଂ. ବିଣ—୧ । ଚର୍ମରୁ ଉତ୍ପନ୍ନ—
1. Born of the skin.
(ଯଥା—ଚର୍ମଜ ରୋଗ, ଚର୍ମଜ କୀଟ ।)
୨ । ଚର୍ମନିର୍ମିତ—2 Made of leather or hide.

ଚର୍ମଣ୍ୱତୀ—ସଂ. ବି. ସ୍ତ୍ରୀ. (ଚର୍ମନ୍+ବତ୍+ସ୍ତ୍ରୀ. ଈ)—୧ । ଭାରତର ଉତ୍ତର ପଶ୍ଚିମସ୍ଥ ବୁନ୍ଦେଲଖଣ୍ଡ ଅନ୍ତର୍ଗତ 'ଚମ୍ବଲ' ନଦୀ; ହିନ୍ଦୁମାନଙ୍କର ତୀର୍ଥବିଶେଷ—
Charmanṇbati
(ଚର୍ମ୍ମଣ୍ୱତୀ—ଅନ୍ୟରୂପ)
1. The river Chambal in Bundel-khand (N. W. provinces of India); a sacred river of the Hindus

ଚର୍ମଣ୍ୱତୀ ନଦୀରେ ଦେହ ଚର୍ମ ଧୋଇ
ଯେ ଅଛି ତାହା ପରି ଭାଗ୍ୟବନ୍ତ ନାହିଁ । କୃଷ୍ଣସିଂହ. ମହାଭାରତ. ବନ ।

[ଦ୍ର—ଏହା ମଧ୍ୟଭାରତର ବିନ୍ଧ୍ୟ ପର୍ବତରୁ ବାହାରି ଉତ୍ତର-ପୂର୍ବ ମୁଖ ହୋଇ ଯମୁନାରେ ପଡ଼ିଅଛି । ଶିପ୍ରା ନଦୀ ଏହାର ଗୋଟିଏ ଶାଖା ।
ପୂର୍ବକାଳରେ ରାଜା ରନ୍ତିଦେବ ଅସଂଖ୍ୟ ବୃଷ ବଧ କରାଇ ବ୍ରାହ୍ମଣ ଭୋଜନ କରାଉଥିଲେ । ଏହି ନିହତ ପଶୁମାନଙ୍କ ରକ୍ତ ସ୍ରୋତରୁ ଏ ନଦୀ ଉତ୍ପନ୍ନ ହୋଇଥିବା କଥା ପୁରାଣରେ ଉକ୍ତ ଅଛି ।]
୨ । କଦଳୀ ଗଛ—2. Plantain tree.

ଚର୍ମତରଙ୍ଗ—ସଂ. ବି. (ଜରା ବା ରୋଗଗ୍ରସ୍ତ ବ୍ୟକ୍ତିର)—
Charmataranga ୧ । ଶିଥିଳ ଚର୍ମ; ଝଲପଲିତ ଚର୍ମ—
(ଚର୍ମ୍ମତରଙ୍ଗ—ଅନ୍ୟରୂପ) 1. Hanging skin of an old or sick person.
୨ । ପଲିତ ଚର୍ମର ବଳି—Folds or flaps of hanging skin of an old or sick person.
୩ । ସ୍ଥୂଳକାୟ ବ୍ୟକ୍ତିଙ୍କ ପେଟର ମେରୁ ଓହୋଳିଥିବା ପୁଟି—
3. Folds of skin bulging out of the belly of a fat person

ଚର୍ମଦଣ୍ଡ—ସଂ. ବି. (୬ଷ୍ଠୀ ତତ୍; ଚର୍ମ+ଦଣ୍ଡ)—ଚମଡ଼ାର ଚାବୁକ—
Charmadaṇḍa Whip made of strings and leather; leathern whip.
ଚର୍ମନାଳିକା, ଚର୍ମନାସିକା, ଚର୍ମ୍ମଦଣ୍ଡ } ଅନ୍ୟରୂପ

ଚର୍ମଦଳ—ସଂ. ବି—କ୍ଷୁଦ୍ର କୁଷ୍ଠବିଶେଷ—Impetigo; a kind of skin disease.
Charmada̲la
(ଚର୍ମ୍ମଦଳ—ଅନ୍ୟରୂପ)

ଚର୍ମଦୂଷିକା—ସଂ. ବି. (୬ଷ୍ଠୀ ତତ୍; ଚର୍ମ+ଦୂଷିକା)—
Charmadūshikā ଦଦ୍ରୁ ରୋଗ (ହି. ଶବ୍ଦସାଗର)—
(ଚର୍ମ୍ମଦୂଷିକା—ଅନ୍ୟରୂପ) Ringworm.

ଚର୍ମଦ୍ରୁମ—ସଂ. ବି—ଭୂର୍ଜ ପତ୍ରର ଗଛ (ଯାହାର ପାତଳା ଛାଲ କାଗଜରୂପେ ଲେଖିବାରେ ବ୍ୟବହୃତ ହୋଇପାରେ)—
Charmadruma
(ଚର୍ମ୍ମଦ୍ରୁମ—ଅନ୍ୟରୂପ) A variety of the birch tree whose thin bark was used for paper; Betula Bhurja.

ଚର୍ମନୟନ—ଦେ. ବି—ସ୍ଥୂଳ ଚକ୍ଷୁ—
Charmanayana The ordinary eye.

କେତେକାଳ ବସି କେତେ ଘର ବୁଲି
ଦେଖିଲୁଁ ଚର୍ମ ନୟନେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଚର୍ମପତ୍ରା—ସଂ. ବି. ସ୍ତ୍ରୀ. (ଚର୍ମ+ପତ୍ର+ଅସ୍ତ୍ୟର୍ଥେ ଅ; ଚର୍ମପରି ପତ୍ର=ପକ୍ଷ ଯାହାର)—ବାଦୁଡ଼ି; ଚେମ୍ପିଣୀ—The bat.
Charmapatrā
ଚର୍ମ୍ମପତ୍ରା, ଚର୍ମପତ୍ରୀ } ଅନ୍ୟରୂପ

ଚର୍ମପାଦୁକା—ସଂ. ବି. ସ୍ତ୍ରୀ. (ମ. ପ. ଲୋ; ଚର୍ମ+ପାଦୁକା)
Charmapādukā ଉପାନହ; ଜୋତା—
(ଚର୍ମ୍ମପାଦୁକା—ଅନ୍ୟରୂପ) Shoes (made of leather).

ଚର୍ମପୀଡ଼ିକା—ସଂ. ବି. ସ୍ତ୍ରୀ. (ଚର୍ମ+ପୀଡ଼ ଧାତୁ+ଇକ+ଆ)—
Charmapiṟdikā ୧ । ଏକପ୍ରକାର ମସୂରିକା ବା ବସନ୍ତ ରୋଗ—
(ଚର୍ମ୍ମପୀଡ଼ିକା—ଅନ୍ୟରୂପ) 1. A kind of small pox.
[ଦ୍ର—ଏଥିରେ ରୋଗୀର ଗଳା ବନ୍ଦ ହୋଇଯାଏ ଓ ପ୍ରଳାପ ଓ ବ୍ୟାକୁଳତା ହୁଏ । ହି. ଶବ୍ଦସାଗର ।]
୨ । ଦେହରେ ବର ବର ହୋଇ ଫଳବା ଲୁଣ୍ଡିଆ—
2 Small pimples or eruptions on the body.
୩ । ମିଳିମିଳା—3. Measles.

ଚର୍ମପୁଟ—ସଂ. ବି. (ଚର୍ମ+ପୁଟ)—ତେଲ ଘିଆଦି ରଖିବା ନିମନ୍ତେ ପ୍ରସ୍ତୁତ ଚମଡ଼ାର କୁମ୍ଭା ବା କୋତ—
Charmaputa
ଚର୍ମ୍ମପୁଟ, ଚର୍ମ୍ମପୁଟକ } ଅନ୍ୟରୂପ
Big leathern jars (for storing oil, ghee etc).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇ୍ୟ	ଡ଼ଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୱ	ଲ୍ଳ

ଚର୍ମପୁଡ଼ା—ଦେ. ବି. (ସଂ. ଚର୍ମପୁଟକା)—ଚମମୁଣା—
Charmapurdā Leather bag.

ମାଡା ଚର୍ମପୁଡ଼ା ସ୍ୱରୂପ ମଣ୍ଡିଣ
ଭାଠାରେ ସ୍ତୁତରୂପେ ପିଡାକ୍ରୁଦ ନାଡ । କୃଷ୍ଣସିଂ. ମହାଭାରତ. ଅଦ ।

ଚର୍ମପ୍ରଭେଦିକା—ସଂ.ବି. ସ୍ତ୍ରୀ. (ଚର୍ମ+ପ୍ର+ଭିଦ୍ ଧାତୁ+କର୍ତ୍ତୃ ଅକ+ସ୍ତ୍ରୀ. ଆ)—ମନୁଷ୍ୟର ଶରୀର ଫୁଟାଇବାର
Charmaprabhedikā
(ଚର୍ମ୍ମପ୍ରଭେଦିକା—ଅନ୍ୟରୂପ) ଚିକିତ୍ସାସ୍ତ୍ରବିଶେଷ—Lancet; a surgical instrument for piercing the skin.

ଚର୍ମପ୍ରସେବକ—ସଂ. ବି. ପୁଂ. (ଚର୍ମ+ପ୍ର+ସିବ ଧାତୁ=ସେଲାଇବା+କର୍ମ. ଅକ)—୧ । ନିଆଁକୁ ବାୟୁଦ୍ୱାରା
Charmaprasebaka
(ଚର୍ମ୍ମପ୍ରସେବକ—ଅନ୍ୟରୂପ) ଉତ୍ତେଜିତ କରିବା ନିମନ୍ତେ କମାର-
(ଚର୍ମପ୍ରସେବିକା—ସ୍ତ୍ରୀ) ମାନଙ୍କ ବ୍ୟବହୃତ ଯନ୍ତ୍ର, ଭସ୍ତି, ଭସ୍ତ୍ରା—
1. Leathern bellows.

୨ । ଘସ୍ତି; ଜଳ ତେଲାଦି ବୋହିବା ନିମନ୍ତେ ପ୍ରସ୍ତୁତ ଚମଡ଼ାର ମୁଣି—2. Leathern bag or pouch for carrying water and oil; Vistee.

ଚର୍ମବତୀ—ସଂ. ବି. ସ୍ତ୍ରୀ. (ଚର୍ମ+ବତ୍+ସ୍ତ୍ରୀ. ଈ)—
Charmabatī ଚର୍ମଣ୍ୱତୀ (ଦେଖ)
(ଚର୍ମ୍ମବତୀ—ଅନ୍ୟରୂପ) Charmanbatī (See)

ଚର୍ମବାସ—ସଂ. ବଣ. (ବହୁବ୍ରୀହି; ଚର୍ମ+ବାସ)—
Charmabāsa ବ୍ୟାଘ୍ର ଓ ମୃଗଚର୍ମ ପିନ୍ଧିଥିବା (ବ୍ୟକ୍ତି)—
Wearing skin (of tiger and deer).

ଶ୍ଳୋକ ଚହିଁରେ ଅଛ ସହସ୍ର ଦ୍ୱିଜଗଣ
କହୁଅଛନ୍ତି ଚର୍ମବାସ ବେଦବାଣୀ । କୃଷ୍ଣସିଂ. ମହାଭାରତ. ଅଦ ।

ଚର୍ମମସୂରିକା—ସଂ. ବି.—ଚର୍ମପିଡ଼ିକା (ଦେଖ)
Charma masūrikā Charmapirdikā (See)

ଚର୍ମରୁ—ସଂ. ବି. (ଚର୍ମ+ରୁ ଧାତୁ=ରବ କରିବା+କର୍ତ୍ତୃ. କ୍ୱିପ୍)—
Charmaru ଚର୍ମକାର; ମୋଚି—
(ଚର୍ମ୍ମରୁ—ଅନ୍ୟରୂପ) Cobbler; shoe-maker.

ଚର୍ମରୋଗ—ସଂ. ବି. (ମ. ପ. ଲୋ; ଚର୍ମ+ରୋଗ)—ଚର୍ମକୁ ଆକ୍ରମଣ
Charmaroga କରିବା ରୋଗ; (କାଛୁ; କୁଣ୍ଡିଆ; ଦାଦୁ ପ୍ରଭୃତି—
(ଚର୍ମ୍ମରୋଗ—ଅନ୍ୟରୂପ) Skin disease.

ଚର୍ମହନ୍ତ୍ରୀ—ସଂ. ବି.—(ଚର୍ମ+ହନ ଧାତୁ+କର୍ତ୍ତୃ. ତୃ+ସ୍ତ୍ରୀ. ଈ)—
Charmahantrī ହାଲିମ (ଦେଖ)
(ଚର୍ମ୍ମହନ୍ତ୍ରୀ—ଅନ୍ୟରୂପ) Hālima (See).

ଚର୍ମାଖ୍ୟ—ସଂ. ବି. ସ୍ତ୍ରୀ—(ଚର୍ମ+ଆଖ୍ୟା)—କ୍ଷୁଦ୍ର କୁଷ୍ଠବିଶେଷ (ଏଥିରେ
Charmākhya ଦେହର ଚମଡ଼ା ଟାଣୁଆ ହୋଇଯାଏ)—
(ଚର୍ମ୍ମାଖ୍ୟ—ଅନ୍ୟରୂପ) A kind of skin disease; Scleroderma (accompanied by rigidity and hardness of the skin.)

ଚର୍ମାତ—ସଂ. ବି.—ସୁଶ୍ରୁତୋକ୍ତ ପ୍ରାଚୀନକାଳରେ ଅସ୍ତ୍ରଚିକିତ୍ସାର୍ଥ ବ୍ୟବହୃତ
Charmāta ଯନ୍ତ୍ରବିଶେଷ—An ancient surgical instrument

ଚର୍ମାନୁରଞ୍ଜକ—ସଂ. ବଣ. (୬ଷ୍ଠୀ ତତ୍; ଚର୍ମ+ଅନୁରଞ୍ଜକ)—ଯେ
Charmānurañjaka ଚମଡ଼ାକୁ ରଙ୍ଗାଏ ବା କଷେ—
(ଚର୍ମ୍ମାନୁରଞ୍ଜକ—ଅନ୍ୟରୂପ) A tanner; a person who dyes leather.

ଚର୍ମାନୁରଞ୍ଜନ—ସଂ. ବି. (ଚର୍ମ+ଅନୁରଞ୍ଜନ)—୧ । (୬ଷ୍ଠୀ ତତ୍;)
Charmānurañjana ଚମଡ଼ା କଷିବା ବା ରଙ୍ଗେଇବା—
(ଚର୍ମ୍ମାନୁରଞ୍ଜନ—ଅନ୍ୟରୂପ) 1. Tanning.
୨ । (ବହୁବ୍ରୀହି) ହରିତାଳ—2. Yellow orpiment.

ଚର୍ମାର—ସଂ. ବି. (ଚର୍ମ+ରୁ ଧାତୁ=ରବ କରିବା+ଅ)—ମୋଚି—
Charmāra Cobbler.
(ଚର୍ମ୍ମାର—ଅନ୍ୟରୂପ)

ଚର୍ମିକ—ସଂ. ବଣ. (ଚର୍ମ+ଇକ; ଯେ ଚର୍ମନିର୍ମିତ ଫଳକ ଧାରଣ କରି
Charmika ଯୁଦ୍ଧ କରେ)—ଢାଲ ଧରିଥିବା(ଯୋଦ୍ଧା); ଢାଲଧାରୀ—
(ଚର୍ମ୍ମିକ—ଅନ୍ୟରୂପ) Fighting with or carrying a leathern shield.

ସଂ. ବି.—୧ । ଢାଲ ଧରି ଯୁଦ୍ଧ କରିବା ଯୋଦ୍ଧା—
1. A warrier who fights with a shield in his hand.

୨ । (ଚର୍ମ+କ) ଭୂର୍ଜପତ୍ର (ପ୍ରକୃତିବାଦ)—
2. The leaf of Birch.

୩ । ପାର୍ଚମେଣ୍ଟ (ପ୍ରକୃତିବାଦ)—3 Parchment.

ଚର୍ମିକା—ସଂ. ବି. (ଚର୍ମିକ+ସ୍ତ୍ରୀ. ଆ)—୧ । ଭୂର୍ଜପତ୍ର—1. The
Charmikā paperlike bark of the birch tree.
(ଚର୍ମ୍ମିକା—ଅନ୍ୟରୂପ) ୨ । ଚମଡ଼ାନିର୍ମିତ କାଗଜ—
2. Parchment.

ଚର୍ମୀ—ସଂ. ବଣ. (ଚର୍ମ=ଢାଲ+ଅସ୍ତି ଅର୍ଥରେ ଇନ୍)—
Charmī ଚର୍ମିକ (ଦେଖ)
(ଚର୍ମ୍ମୀ—ଅନ୍ୟରୂପ) Charmika (See)
ସଂ. ବି.—ଚର୍ମିକ ୧ (ଦେଖ)
Charmaka 1. (See)

ଚର୍ଯ୍ୟ—ସଂ. ବଣ. ପୁଂ. (ଚର୍ ଧାତୁ+କର୍ମ. ଯ)—ଆଚରିତ ହେବାର
Charjya ଯୋଗ୍ୟ; ଆଚରଣୀୟ; କରଣୀୟ; କର୍ତ୍ତବ୍ୟ—
(ଚର୍ଯ୍ୟା—ସ୍ତ୍ରୀ) Proper or fit to be practised; incumbent.

ଚର୍ଯ୍ୟା—ସଂ. ବି. (ଚର୍ ଧାତୁ+ଭାବ. ଯ+ସ୍ତ୍ରୀ. ଆ)—୧ । ଆଚରଣ—
Charjyā 1. Conduct; rules of conduct.
(ଯଥା—ଦିନଚର୍ଯ୍ୟା; ଋତୁଚର୍ଯ୍ୟା ।)
୨ । ଗତି—2. Movement; motion.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁଆ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ପାଳନ—3. Bringing up; practising; observance.
(ଯଥା—ବ୍ରହ୍ମଚର୍ଯ୍ୟା ।)
୪ । ରକ୍ଷା—4. Protecting.
୫ । ସେବା—5. Serving; tending; looking after.
(ଯଥା—ଅତିଥିଚର୍ଯ୍ୟା ।)
୬ । ଆହାର; ଭୋଜନ—6. Eating.
୭ । ଚରିତ୍ର—7. Character.
୮ । ବିଧି ବା ଆଚାର ପାଳନ—
8. Observance of rules and customs.
୯ । ବ୍ରତ ବା ଧର୍ମକାର୍ଯ୍ୟ କରଣ—
9. Parctice of religious austerities.
୧୦ । ବୃତ୍ତି; ଜୀବିକା (ହି. ଶବ୍ଦସାଗର)—
10 Profession.

ଚର୍ଷଣି—ସଂ. ବି. (ଚର୍ ଧାତୁ+କର୍ତ୍ତୃ. ଅଣି)—୧ । (ପୁଂ) ମନୁଷ୍ୟ
Charshani (ହି. ଶବ୍ଦସାଗର)—1. Man.
୨ । (ସ୍ତ୍ରୀ) କୁଳଟା ସ୍ତ୍ରୀ (ହି. ଶବ୍ଦସାଗର)—
2. An adulteress.

ଚର୍ଷଣୀ—ସଂ. ବି—ମନୁଷ୍ୟଜାତି; ମାନବଜାତି (ହି. ଶବ୍ଦସାଗର)—
Charshani The human kind.

ଚଲ୍ (ଧାତୁ)—ସଂ.—ଗତି କରିବା—
Chal (root) To move.

ଚଲ୍—ଦେ. ବିଣ. (ସଂ. ଚଳିତ, ହିନ୍ଦୀରୁ ଅନୁକୃତ)—୧ । ଗତ; ଚାଲି
Chal ଯାଇଥିବା—1. Gone; departed.
ଚଲ ୨ । ପଳାୟିତ—2. Run away.
(ଯଥା—ସେ ଏଠା କହି ଚଲ୍ ।)
ଦେ. ବି—ପଳାୟନ—Running away.
(ଯଥା—ସେ ଯାଁ କହି ଚଲ୍ ଦେଲା ।)
ଦେ. ଅ. (ଭୁଲ. (ହି) କି. ଚଲ୍=ଚାଲ ଯାଅ)—
୧ । ଚାଲ୍; ଚାଲଯା—
1. (Interjection) Get off; be gone!
୨ । ଅଗ୍ରସର ହୁଅ—2. Proceed; go on.

ଚଲକରିବା—ଦେ. କି. (ଭୁଲ.ହି. ଚଲ୍‌ଦେନା)—ଚାଲ କରିବା, ଚାଲିଯିବା—
Chalkariba To go away; to depart.
ଚଲ୍‌ଦେବା } ଅନ୍ୟରୂପ
ଚଲ୍‌ବନେଇବା }

ଚଲ୍‌ତି—ଦେ. ବିଣ ଓ ବି—ଚଳନ୍ତି (ଦେଖ)
Chalti Chalati (See)

ଚଲ୍‌ଧା—ପ୍ରାଦେ. (ସମ୍ବଲପୁର) ବି—ଟୋକେଇ—
Chaldha A wicker work-tray.

ଚଲ୍‌ଫେର୍—ପ୍ରାଦେ. (ବାଲେଶ୍ବର) ବି—ଚଲାବୁଲା; ଚାଲବୁଲ—
Chalpher Walking.

ଚଲ୍‌ବା—ପ୍ରାଦେ. (ସମ୍ବଲପୁର) କି. (ସଂ. ଚଲ ଧାତୁ. ହି. ଚଲ୍‌ନା)—
Chalba ୧ । ଚଳିବା; ଗତି କରିବା—1. To move.
୨ । ଭ୍ରମଣ କରିବା—2. To walk.

ଚଲ୍‌ଭାଇଛୁଟି—ଦେ. ଅ. (ହିନ୍ଦୀରୁ ଅନୁକୃତ ଭୁଲ. ହି. ଚଲଭାଇଛୁଟ୍ଟୀ,
Chalbhaichhutti ଅର୍ଥାତ୍ ଚାଲରେ ଭାଇ! ଆମର କାର୍ଯ୍ୟ ଶେଷ ହେଲା, ଆମେ ଖଲାସ ପାଇଲୁଁ)—
୧ । କୃତକର୍ମା; ଆପଣାଠାରେ ନିର୍ଦ୍ଦିଷ୍ଟ କୌଣସି କାର୍ଯ୍ୟ ସମାପ୍ତ ହେଲେ ମନୁଷ୍ୟର ଯେଉଁ ଅବସ୍ଥା ହୁଏ—
1. Set free after one's work is finished.
୨ । ଦାୟିତ୍ୱରୁ ମୁକ୍ତ—2. Freed from a liability.
(ଯଥା—ମୋ ଉପରେ ଭାର ଥିବା କାର୍ଯ୍ୟ ଶେଷ ହେଲା, ଏଥରକ ମୁଁ 'ଚଲ୍‌ଭାଇଛୁଟି' ।)

ଚଳ—ସଂ. ବିଣ. ପୁଂ. (ଚଲ୍ ଧାତୁ+କର୍ତ୍ତୃ. ଅ)—
Chala ୧ । ଗମନଶୀଳ; ଗତିବିଶିଷ୍ଟ; ଜଙ୍ଗମ—
(ଚଳା—ସ୍ତ୍ରୀ) 1. Moving.
ଚଳତା } ବି. ୨ । ଜୀବିତ; ପ୍ରାଣୀ—
ଚଳତ୍ୱ } 2. Living; animate.
୩ । ଆଚରିତ—3. Observed; practised.
୪ । ଅସ୍ଥିର; ଚଞ୍ଚଳ—
4. Unsteady; fickle; wavering.
୫ । କମ୍ପିତ—5. Trembling; tremulous.
୬ । ଦୋହଲୁଥିବା; ହଲୁଥିବା—
6. Moving to and fro; shaking
୭ । ପଳାୟିତ; ପଳାତକ—7. Fugitive.
୮ । ବ୍ୟବହୃତ—8. In use.
ସଂ. ବି—୧ । (+ଭାବ. ଅ) ଚାଞ୍ଚଲ୍ୟ; ଅସ୍ଥିରତା—
1. Unsteadiness; fickleness.
୨ । (+କର୍ତ୍ତୃ. ଅ) ବାୟୁରୋଗ; ବାୟୁଜନିତ ରୋଗ—
2. Wind disease; disorder or disorganisation of the system due to wind
[ଦ୍ର—ରକ୍ତ, ପେଟଫମ୍ପା ଓ ବାୟୁ ଅଥବା ଇତ୍ୟାଦି ବାୟୁ ରୋଗ ।]
୩ । (ଅସ୍ଥି ବିଜ୍ଞାନ) ଶରୀରର ଯେଉଁ ଅସ୍ଥିସନ୍ଧି ସ୍ଥିର ନୁହେ ଅର୍ଥାତ୍ ଇତସ୍ତତଃ ହଲେ (ଯଥା—ଅଣ୍ଟାର ଚକିତି)—3. Moveable bone joints of the body; a complete joint in the human body.
୪ । ପାରଦ (ହି. ଶବ୍ଦସାଗର)—4. Mercury.
୫ । ଶିବ; ମହାଦେବ (ହି. ଶବ୍ଦସାଗର)—5. Siba.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇୟ	ଉଅ	ଢ଼
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ଢ଼

୬ । ବିଷ୍ଣୁ (ହି. ଶବ୍ଦସାଗର)—6. Bishnu.

୭ । (+ଭାବ. ଅ) କମ୍ପନ (ହି. ଶବ୍ଦସାଗର)—
7. Shaking; tremour; vibration.

୮ । ଦୋଷ; ତ୍ରୁଟି (ହି. ଶବ୍ଦସାଗର)—8. Defect; flaw.

୯ । ଭୁଲ; ଭ୍ରାନ୍ତି (ହି. ଶବ୍ଦସାଗର)—9. Mistake.

୧୦ । ଛଳ; କପଟ (ହି. ଶବ୍ଦସାଗର)—1. Deception.

୧୧ । ନୃତ୍ୟର ଚେଷ୍ଟାବିଶେଷ, ଯହିଁରେ ହାତ ଠାରି କାହାକୁ ପାଖକୁ ଆସିବାକୁ ଇସାରା ଦିଆଯାଏ (ହି. ଶବ୍ଦସାଗର)-
11. Beckoning with the hand during dancing.

୧୨ । ନୃତ୍ୟକାଳରେ ଶୋକ, ଉତ୍କଣ୍ଠା, ଚିନ୍ତା ଓ ପରିଶ୍ରମସୂଚକ ଗମ୍ଭୀର ନିଶ୍ୱାସ ମାରିବା (ହି. ଶବ୍ଦସାଗର)—
12. Deep sighing indicating grief; anxiety and exertion during dancing.

ଦେ. ବିଣ—୧ । ସୁପରିଚାଳିତ—1. Well conducted.
(ଯଥା—ତାହାଙ୍କର ଚଳପକ୍ଷ ।)

୨ । ସଚଳ; ସାଂସାରିକ ସମ୍ପଦଯୁକ୍ତ—2. Prosperous.

ଦେ. ବି—୧ । ରାଗ; କ୍ରୋଧ; ବିରକ୍ତି—
1. Anger; displeasure.

୨ । ଆଳସ୍ୟ ଯୋଗୁଁ ବିରକ୍ତିବୋଧ—
2. Feeling of ennui.
(ଯଥା—ବସି ବସି ମୋତେ ଚଳ ମାଡ଼ିଲାଣି ।)

୩ । (ସଂ. ଚଳୁ) ଗୋଟିଏ ହାତର ଗର୍ତ୍ତାକୃତ କରତଳ ବା ପୁଟ ମଧ୍ୟରେ ଯେତେ ପାଣି ସମ୍ଭାଇ ପାରେ; ପୋଷ—
3. Quantity of water which can be contained in the hollowed palm of one hand; handful.

ବ୍ରାହ୍ମଣ ଚେଡ଼ିଲ ତହୁଁ ମୃତ୍ୟୁସଞ୍ଜୀବନୀ
ପାଉଁଶରେ ମିଶ୍ରଦେଲ ଚଳେ ପାଣି ଘେନି—କେଦାରଗୌରୀ ଚଉତିଶା ।

[ଦ୍ର—ଏକ ହାତର ସମ୍ପୁଟୀକୃତ କରତଳରେ ଯେତେ ବସ୍ତୁ ସମ୍ଭାଏ ତାକୁ ବା ତହିଁର ପରିମାଣକୁ ପୋଷ ବୋଲାଯାଏ । ଯଥା—ପୋଷେ ପାଣି, ପୋଷେ ଚାଉଳ । ତରଳ ଓ ଘନ ବସ୍ତୁ ସମ୍ବନ୍ଧରେ 'ପୋଷ' ବ୍ୟବହୃତ ହୁଏ । କିନ୍ତୁ 'ଚଳ' କେବଳ ତରଳ ବସ୍ତୁ ପ୍ରତି ପ୍ରଯୁଜ୍ୟ । ଯଥା—ଚଳେ ପାଣି । ପୋଷେ ପାଣି ଅପେକ୍ଷା ଚଳେ ପାଣି ପରିମାଣରେ ଅଳ୍ପ । ସମ୍ପୁଟୀକୃତ କରତଳଦ୍ୱୟରେ ସମ୍ଭାଇବା ବସ୍ତୁକୁ ବା ତହିଁର ପରିମାଣକୁ ଅଞ୍ଜୁଳା (ସଂ. ଅଞ୍ଜଳି) ବୋଲାଯାଏ । ଅଞ୍ଜୁଳାଏ ପାଣି ଅପେକ୍ଷା ପୋଷେ ପାଣି ଅଳ୍ପ ଓ ପୋଷେ ପାଣି ଅପେକ୍ଷା ଚଳେ ପାଣି ଅଳ୍ପ ।]

୪ । ସାଂସାରିକ ସ୍ୱାଚ୍ଛନ୍ଦ୍ୟତା; ସଚଳ ଅବସ୍ଥା; ଗୃହସ୍ଥର ବୈଷୟିକ ଅବସ୍ଥା—4. A householder's worldly prosperity or plenty; the state of being well-to-do.

ଚଳଉ—ଦେ. ବି (ସଂ. ଚଳନ)—୧ । ଯାନଆଦିର ଗତିର ବେଗ—
Chalau 1. Velocity of a conveyance.
(ଯଥା—ଏ ରେଳଗାଡ଼ିର ଚଳଉ ଘଣ୍ଟାକେ ୩୦ ମାଇଲ ।)
চলন ୨ । ଗତିର କ୍ରମ ବା ପ୍ରକାର; ଚାଲି—
चाल 2. Mode or manner of motion.
୩ । ଗତି—3. Motion.
(ଯଥା—ଏ ହାଲୁକା ସବାରୀ ଖଣ୍ଡକର ଚଳଉ ଭଲ ଅଟେ ।)

ଚଳକର୍ଣ୍ଣ—ସଂ. ବିଣ. ପୁଂ (ବହୁବ୍ରୀହି; ଚଳ+କର୍ଣ୍ଣ)—ଯେ ସର୍ବଦା କାନ ହଲାଉଥାଏ—Moving the ears.
Chalakarnna
ସଂ. ବି—୧ । ପୃଥିବୀଠାରୁ ଗ୍ରହର ସ୍ୱାଭାବିକ ଅନ୍ତର (ହି. ଶବ୍ଦସାଗର)—1. The natural distance between the earth and planet.
୨ । ହାତୀ (ହି. ଶବ୍ଦସାଗର)—2. Elephant.

ଚଳକା—ଦେ. ବି—ହସ୍ତକୋଷ; ପାତ୍ରୀକୃତ ଗୋଟିଏ କରତଳ (ଗୋପୀନାଥ ନନ୍ଦ)—Cuplike position of the palm of one hand.
Chalakā

ଚଳକାଚଳ—ଦେ. ଅ—ଏକଚଳ (ଜଳୀୟ ପଦାର୍ଥ) ପରେ ଅନ୍ୟ ଏକ ଚଳ; ଅନେକ ପୋଷ; ପୋଷକୁପୋଷ (ଜଳୀୟ ପଦାର୍ଥ)—Many or successive handfuls (of liquid).
Chalakāchala
(ଚଳକୁଚଳ—ଅନ୍ୟରୂପ)
(ଯଥା—ଚଳକାଚଳ ପାଣି ତା ମୁହଁକୁ ମାରିବାରୁ ତାର ସଞ୍ଜ୍ଞାଲାଭ ହେଲା ।)

ଚଳକେତୁ—ସଂ. ବି (କର୍ମଧା; ଚଳ+କେତୁ) ଧୂମକେତୁବିଶେଷ—
Chalaketu Name of a comet.
[ଦ୍ର—ଏହା ପଶ୍ଚିମ ଆକାଶରେ ଉଦିତ ହୁଏ । ଏହାର ମୁଣ୍ଡ ଦକ୍ଷିଣକୁ ଓ ପୁଚ୍ଛ ଉତ୍ତରକୁ ଥାଏ । ଏହା ଉଦିତ ହୋଇ କ୍ରମଶଃ ଉତ୍ତର ଆଡ଼କୁ ଗତି କରି ସପ୍ତର୍ଷିମଣ୍ଡଳ ବା ଅଭିଜିତ୍ ନକ୍ଷତ୍ର ପର୍ଯ୍ୟନ୍ତ ଅଗ୍ରସର ହୁଏ ଓ ହଠାତ୍ ଆକାଶ ମଧ୍ୟରେ ଅଦୃଶ୍ୟ ହୋଇଯାଏ । ଫଳିତ ଜ୍ୟୋତିଷ ମତରେ ଏହାର ଉଦିତ ହେବାର ୧୦ମାସଠାରୁ ୧୮ମାସ ମଧ୍ୟରେ ଦେଶରେ ଦୁର୍ଭିକ୍ଷାଦି ଉପଦ୍ରବ ହୁଏ—
(ହି. ଶବ୍ଦସାଗର) ।]

ଚଳଚଞ୍ଚୁ—ସଂ. ବି (ବହୁବ୍ରୀହି; ଚଳ+ଚଞ୍ଚୁ)—ଚକୋରପକ୍ଷୀ—
Chalachañchu The red legged Himalayan Partridge (which always moves its beak).

ଚଳଚିତ୍ତ—ସଂ. ବିଣ. ପୁଂ (ବହୁବ୍ରୀହି; ଚଳ+ଚିତ୍ତ)—
Chalachitta ୧ । ଯାହାର ମନର ସ୍ଥିରତା ନାହିଁ; ଚଞ୍ଚଳସ୍ୱଭାବ; ଚପଳଚିତ୍ତ—1. Fickle-minded.
(ଚଳଚିତ୍ତା—ସ୍ତ୍ରୀ)
ଚଳଚିତ୍ତତା } ବି.
ଚଳଚିତ୍ତତ୍ୱ }
୨ । ଅବ୍ୟବସ୍ଥିତଚିତ୍ତ—2. Of unsteady mind; of movable temper.
୩ । ଉଦ୍‌ବିଗ୍ନ; ବ୍ୟାକୁଳ—
3. Anxious; agitated; perturbed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚଳଚ୍ଛକ୍ତି—ସଂ. ବି (ଚଳତ୍=ଚଳୁଥିବା+ଶକ୍ତି)—ଚଳିବାର କ୍ଷମତା;
Chaḻachchhakti ଗତିଶକ୍ତି; ଚାଲି ବୁଲି ପାରିବାର କ୍ଷମତା—Power of motion; power of walking; walking strength.
(ଯଥା—ସେ ଚାରିମାସ ହେଲା ରୋଗ ଭୋଗି ବର୍ତ୍ତମାନ ଚଳଚ୍ଛକ୍ତି-ରହିତ ହେଲେଣି ।)

ଚଳଜାତି—ଦେ. ବି—ପାଣିଛୁଆଁ ହିନ୍ଦୁଜାତି, ଯେଉଁ ଜାତିର ଲୋକଙ୍କ
Chaḻajāti ସ୍ପୃଷ୍ଟ ଜଳକୁ ବ୍ରାହ୍ମଣ ଆଦି ଉଚ୍ଚଜାତିର ହିନ୍ଦୁମାନେ ପିଇ ପାରନ୍ତି—Touchable caste; a caste from whose hands Hindus of high caste can drink water.

ଚଳଣ—ଦେ. ବି (ସଂ. ଚଳନ)—୧ । ଚଳିବାର ରୀତି—
Chaḻaṇa 1. Usage; custom.
চলন ୨ । ଆଚରଣ—2. Conduct..
चलन ୩ । ବ୍ୟବହାର—3. The state of being vogue or use.
୪ । ସାମାଜିକ ଆଦାନପ୍ରଦାନ ବା ସମ୍ପର୍କ—4. Social connection; social intercourse.
[ଦ୍ର—ଚାଲି ଶବ୍ଦ ପରେ ଏ ଶବ୍ଦ ସହଚରରୂପେ ବ୍ୟବହୃତ ହୁଏ । ଯଥା— ଚାଲିଚଳଣ ।]

ଚଲଣ—ଗ୍ରା. ବି (ସଂ. ଚଳନ)—ଚଳଣ (ଦେଖ)—
Chalaṇa Chaḻaṇa (See)

ଚଳଣା—ଦେ. ବି—୧ । (ସଂ. ଚଳନ)—ଚଳଣ (ଦେଖ)—
Chalaṇā 1. Chaḻaṇa (See)
୨ । (ସଂ. ଦୋଲାଦ୍ରି—ହରେକୃଷ୍ଣ ଦ୍ରବ୍ୟଗୁଣ) ଏକ ପ୍ରକାର ନିକୃଷ୍ଟ ଲାଉ ଜାତୀୟ ଫଳ; ତରୁଭୁଜବିଶେଷ—2. A kind of inferior gourd.
ଚଳଣା ଗୋଟିକୁ ମୁଣ୍ଡ କାଟ ଖସ୍ତି—ଢଗ ।
চালতা ୩ । ଏକପ୍ରକାର ଖଟା ଫଳ; ଚଳତା—
चलता 3. A kind of acid fruit (Howells.)
୪ । ଏକପ୍ରକାର ବସ୍ତ୍ର; ଏକପ୍ରକାର କାଛ ବା ଲେଙ୍ଗୁଟି— (ଗୋପୀନାଥ ନନ୍ଦ)—4. A kind of under wear or strip of cloth worn under the dress round the private parts.
ଗ୍ରାମ ଚଳଣାହିଁ ଠିକ ହୋଇଲେ କାଛଲୁଛ—କୃଷ୍ଣସିଂହ. ମହାଭାରତ. ବନ୍ତ ।

ଚଳଣି—ଗ୍ରା. ବି (ସଂ. ଚଳନ)—୧ । ବ୍ୟବହାର—
Chaḻaṇi 1. Practice.
চলন ୨ । ଦେଶାଚାର—2. Usage of a country; custom.
चलन ୩ । ଦେଶରେ ମୁଦ୍ରାରୂପେ ବ୍ୟବହାର—3. Currency.
୪ । ଅଭ୍ୟାସ—4. Habit.
୫ । ଆଚରଣ; ବ୍ୟବହାର—5. Behaviour; conduct.
୬ । ଚଳିବାର ରୀତି—6. Mode of life.
ଦେ. ବିଣ—୧ । ପ୍ରଚଳିତ—1. In use; customary.
୨ । ମୁଦ୍ରାରୂପେ ପ୍ରଚଳିତ—2. Current (coin).

ଚଲଣି—ଗ୍ରା. ବି—ଚଳଣି (ଦେଖ)—
Chalaṇi Chaḻaṇi (See)

ଚଳତ୍—ସଂ. ବିଣ (ଚଳ୍=ଚଳୁଥିବା, ଚଳ+କର୍ତ୍ତ୍ତୃ. ଅତ୍ (ଶତୃ
Chaḻat ପ୍ରତ୍ୟୟ)—୧ । ଚଞ୍ଚଳ; ଚପଳ—1. Unsteady.
୨ । ଜଙ୍ଗମ; ଗମନଶୀଳ; ଚଳୁଥିବା; ଚଳନ୍ତା—2. Moving; movable.
୩ । ଦେଶରେ ବ୍ୟବହୃତ; ପ୍ରଚଳିତ; ଚଳନ୍ତି—3. Current; in use; in vogue.
(ଯଥା—ଅମୁକ ଶବ୍ଦଟି ତୁମଆଡ଼େ ଚଳତ୍ କଥାରେ କି ନାମରେ ଜାଣନ୍ତି ?)
୪ । ଧାବମାନ—4. Running.
୫ । କମ୍ପମାନ—5. Trembling.
୬ । କାର୍ଯ୍ୟ ଚଳିଯିବା ଉପଯୋଗୀ (ଅବସ୍ଥା)—6. (condition) Fit or proper for the doing of a work; passable; tolerable.
୭ । ସଚ୍ଛଳ; ସଂସାର ଚଳିବା ଭଳି ସକ୍ଷମ (ବୈଷୟିକ ଅବସ୍ଥା)—7. Well-to-do worldly circumstance).

ଚଳତା—ଦେ. ବି (ସଂ. ଚରକା, ଚୁରକା=ଉତ୍କଳ)—ଅମ୍ଳକଷାୟବିଶିଷ୍ଟ
Chaḻatā ଫଳ; ଓଉ (ଦେଖ)—
চালতা A kind of sour fruit; Ou (See)
चालता
(ଚଳତା—ଅନ୍ୟରୂପ)

ଚଳତି—ଦେ. ବିଣ. (ସଂ ଚଳତ୍; ସ୍ତ୍ରୀ ଚଳନ୍ତୀ)—
Chaḻati ୧ । ପ୍ରଚଳିତ; ଚଳନ୍ତି—1. Current; in vogue.
চলতি ୨ । ବ୍ୟବହୃତ—2. In use.
चलता, चलती ୩ । ଗତିବିଶିଷ୍ଟ—3. Moving.
(ଚଳନ୍ତି—ଅନ୍ୟରୂପ) ବି—୧ । ସାମାଜିକ କାର୍ଯ୍ୟରେ ପରସ୍ପର ମଧ୍ୟରେ ବିବାହ, ଶବବହନ ଓ ଖାଦ୍ୟଭୋଜନାଦି ସମ୍ପର୍କ—1. Social intercommunication (in the matter of dining, marriage, carrying dead-body etc.).
୨ । ବ୍ୟବହାର; ପ୍ରଚଳନ—2 Use.

ଚଳଦଙ୍ଗ—ସଂ. ବି. (ବହୁବ୍ରୀହି; ଚଳତ୍+ଅଙ୍ଗ)—
Chaḻadaṅga ଯାହାର ଅଙ୍ଗ ଚଞ୍ଚଳ ବା ଅସ୍ଥିର; ଏକ ପ୍ରକାର ମାଛ (ହି. ହୀଙ୍ଗା) (ହି. ଶବ୍ଦସାଗର) ଚେଙ୍ଗ ମାଛ—A kind of fresh-water-fish.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଋ	ଊ	ଙ୍କ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ	ଇଅ	ୠ	ନୃ

ଚଳଦଳ—ସଂ. ବି. (ବହୁବ୍ରୀହି; ଚଳ+ଦଳ; ଯାହାର ପତ୍ର ସର୍ବଦା ପବନରେ ଥରୁଥାଏ)—ଅଶ୍ୱତ୍ଥଗଛ; ଓସ୍ତଗଛ—
Chaḻadaḻa
The Peepal tree; the holy fig; Ficus Religiosa.

ଚଳନ—ସଂ. ବି. (ଚଳ୍ ଧାତୁ+ଭାବ. ଅନ)—
Chaḻana
चलन्
१ । ଚାଲି; ଭ୍ରମଣ; ଗମନ—1. Walking; going; roaming; wandering.
२ । ଗତି—2. Motion; movement.
୩ । ଦୋହଲିବା—3. Waving.
୪ । ହଲିବା; କମ୍ପନ—4. Trembling; shaking.
୫ । ଚାଲିବାର ରୀତି—5. Gait.
୬ । ରୀତି; ଆଚାର; ବ୍ୟବହାର—
6. Usage, custom; practice.
୭ । ଅଭ୍ୟାସ; ଚାଲି; ଧରଣ—
7. Habit; manner; mode; ways; style.
୮ । ଅନୁଷ୍ଠାନ—8. Institution.
୯ । (+କରଣ. ଅନ) ଚରଣ; ପାଦ; ଗୋଡ଼—
9. Leg; foot.
୧୦ । (+କର୍ତ୍ତୃ. ଅନ) ହରିଣ—11. Deer.
୧୧ । (ଗଣିତ ଜ୍ୟୋତିଷ) ଗ୍ରହାଦିର ସଞ୍ଚାର; ଏକ ରାଶିରୁ ଅନ୍ୟ ରାଶିକୁ ଗମନ—11. (astronomy) The movement of a planet from one sign to another.
(ଯଥା—ରାଶିଚଳନ ।)
୧୨ । ଦେଶରେ ବା ସମାଜରେ ବ୍ୟବହାର—
12. Currency; vogue.
୧୩ । ବ୍ୟବହାର—13. Use.
୧୪ । (ଗଣିତ ଜ୍ୟୋତିଷ) ଦିନ ଓ ରାତ୍ରି ସମାନ ଥିବା ସମୟରେ କ୍ରାନ୍ତିପାତ ବା ବିଷୁବଦ୍‌ର ଗତି (ହି. ଶବ୍ଦସାଗର)—
14. (Astronomy) Equinoxial motion; the apparent motion of the sun during the vernal and autumnal Equinox.
୧୫ । ହାତି ବନ୍ଧାଯିବା ଦଉଡ଼ି—
15. The rope for tying an elephant (M.W)
୧୬ । (ସମାସରେ) କୌଣସି ମାର୍ଗରୁ ଚ୍ୟୁତି; ବିଚଳନ—
16. (in compound) Turning off from.
ବିଣ. ପୁଂ—୧ । ଗତିଶୀଳ—1. Moving.
୨ । କମ୍ପଯୁକ୍ତ—2. Trembling; shivering.
ଦେ. ବି—୧ । ପରସ୍ପର ସଙ୍ଗେ ଥିବା ସାମାଜିକ ସମ୍ପର୍କ—
1. Mutual social connection or intermixture or intercourse.
୨ । କୌଣସି ବ୍ୟକ୍ତି ସମାଜରେ ଚଳିବା ଅବସ୍ଥା—
2. The state of a person being a member of the society.

ଚଳନକ—ସଂ. ବି (ଚଳ ଧାତୁ+ଅନ+କ)—ନର୍ତ୍ତକୀମାନେ ପିନ୍ଧିବା ଫତେଇ; କାଞ୍ଚୁଲା—A short petty coat worn by dancing girls (M. W.)
Chaḻanaka

ଚଳନକଳନ—ସଂ. ବି (୬ଷ୍ଠୀ ତତ୍; ଚଳନ+କଳନ)—ଜ୍ୟୋତିଷରେ ଯେଉଁ ଗଣନାଦ୍ୱାରା ପୃଥିବୀର ଗତିର ତାରତମ୍ୟ ଅନୁସାରେ ଦିନ ରାତ୍ରି ବଢ଼ିବା ଓ କମିବାର ହିସାବ କରାଯାଏ (ହି. ଶବ୍ଦସାଗର)—
Chaḻanakaḻana
Astronomical calculation by which the gradual lengthening and shortening of the day and night are calculated according to difference in the motion of the Earth.

ଚଳନକ୍ଷମ—ସଂ. ବିଣ. ପୁଂ.—(ଚଳନ+କ୍ଷମ୍+କର୍ତ୍ତୃ. ଅ)—୧ । ଚାଲି ବୁଲିବାକୁ ସମର୍ଥ—
Chaḻanakshama
(ଚଳନକ୍ଷମା—ସ୍ତ୍ରୀ) 1. Able to walk or move about.
୨ । ଚଳନସହି (ଦେଖ)
2. Chaḻanasahi (See)

ଚଳନକ୍ଷମତା—(୬ଷ୍ଠୀ ତତ୍; ଚଳନ+କ୍ଷମତା)—ଚାଲିବାର ଶକ୍ତି ବା ସାମର୍ଥ୍ୟ; ଚଳଚ୍ଛକ୍ତି—
Chaḻanakshamatā
Strength or ability to move about.

ଚଳନଶୀଳ—ସଂ. ବିଣ.—ଗତିବିଶିଷ୍ଟ; ଗତିଶୀଳ—
Chaḻanaśiḻa
Having motion; moving.

ଚଳନସହି—ଦେ. ବିଣ.—(ସଂ. ଚଳନ ଓ ସହ ଧାତୁ)—
Chaḻanasahi
(ଚଳନସଇ—ଅନ୍ୟରୂପ)
चलनसई
चलनसार
୧ । କାର୍ଯ୍ୟ ଚଳିବାର ଉପଯୁକ୍ତ; ଯାହା ଦ୍ୱାରା କାମ ଚଳି ପାରେ—
1. Passable; tolerable.
୨ । ସାଧାରଣରେ ପ୍ରଚଳିତ—
2. In current or ordinary use.

ଚଳନା—ସଂ. ବିଣ. ସ୍ତ୍ରୀ.—(ଚଳନ+ଆ)—୧ । ଚଳନର ସ୍ତ୍ରୀଲିଙ୍ଗ—
Chaḻanā
1. Feminine of chaḻana.
୨ । ଧୃଷ୍ଟା; ଅସଚ୍ଚରିତ୍ରା (ସ୍ତ୍ରୀ)—
2. Wanton (woman) (M. W.)

ଚଳନାକାଛ—ଦେ. ବି.—(ସଂ. ଚଳନ୍ ଓ. କଚ୍ଛ)—ଫେର ଲମ୍ବି ଥିବା କାଛ ବା କାଛୁଆ; ଯେଉଁ କାଛର ଅଗ ପାଖ ଫେର ତଳକୁ ଲମ୍ବି ଥିବାରୁ ହଲୁଥାଏ—A tight loin-strip of cloth of which one end hangs down from the navel in front.
Chaḻanākāchha

ଚଳଣି—ଦେ. ବି.—ଚଳଣି (ଦେଖ)
Chaḻani
Chaḻaṇi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଚଳନିକା—ସଂ. ବି. ସ୍ତ୍ରୀ. (ଚଳନକ + ଆ)—ରେଶମୀ ଝାଲର—
Chaḻanikā Silken fringes (M. W.).

ଚଳନୀ—ସଂ. ବି. ସ୍ତ୍ରୀ. (ଚଳନ + ଈ)—୧ । ଚଳନକ (ଦେଖ)
Chaḻani 1. Chaḻanaka (See)
୨ । ଘାଗରା (କ୍ଷୀରୋଦେନ୍ଦ୍ର)—2. Gown.

ଚଳନୀୟ—ସଂ. ବିଣ. (ଚଳ୍ ଧାତୁ + କର୍ମ. ଅନୀୟ)—
Chaḻaniya ୧ । ବ୍ୟବହାର୍ଯ୍ୟ; ଚଳିବାର ଯୋଗ୍ୟ—
1. Fit to be used.
୨ । ପ୍ରଚଳିତ; ଚଳୁଥିବା—2. In use; in vogue.
୩ । ଚାଳିତ ହେବାର ଯୋଗ୍ୟ—
3. Fit to be moved or shaken (M.W.); current.

ଚଳନ୍ତା—ଦେ. ବିଣ—ଚଳନ୍ତି (ଦେଖ)
Chaḻantā Chaḻanti (See)

ଚଳନ୍ତି—ଦେ ବିଣ. (ସଂ. ଚଳତ୍)—୧ । ପ୍ରଚଳିତ; ଚଳୁଥିବା—
Chaḻanti 1. In use; current; in vogue.
ଚଲତି; ଚଲନ୍ତ ୨ । ଗତି କରୁଥିବା; ଗତିଶୀଳ; ଜଙ୍ଗମ—
चलता 2. Having motion; moving; movable.
(ଅଚଳନ୍ତି; ଅଚଳନ୍ତା—ବିପରୀତ) (ଯଥା—ଚଳନ୍ତି ଶଗଡ଼ରେ ହାତ ପୂରାଇବା—ନ୍ୟାୟ ।)
୩ । ଅଧୁନା ବ୍ୟବହୃତ; ଉପସ୍ଥିତ; ବର୍ତ୍ତମାନ ଘଟୁଥିବା; ଅଧୁନା ଲକ୍ଷିତ—3. Present; happening now.
୪ । ବ୍ୟବହାରରେ ଯାହାର ନେବା ଦେବା ହେଉଅଛି—
4. Now in circulation (e. g. coin)
(ଯଥା—ଚଳନ୍ତି ମୁଦ୍ରା ।)
୫ । ଅସ୍ଥାବର ସମ୍ପତ୍ତି—5. Movable (property).
୬ । ଯେଉଁ ମୁଦ୍ରାଦିରେ କୌଣସି ଦୋଷ (ଯଥା—ଘଷରା ହୋଇଥିବା, ତେଲ, କୌଣସି ଅଂଶରେ ଦାଗ ବା କଟା ଚିହ୍ନ ନ ଥିବା) ନ ଥିବାରୁ ତାହା ଚଳିବାରେ ବାଧା ନ ଥାଏ; ଚଳନୀୟ—6. Circulable (coin) which is not defective.
ଦେ. ବି—ଚଳନ୍ତି ମାଲ (ଦେଖ)—
Chaḻantimāla (See)

ଚଳନ୍ତି କୋରଖ—ଦେ. ବି (ସଂ. ଚଳତ୍ + ଫା. କୁର୍କ୍)—ଋଣିଦାରର
Chaḻanti korakha ଦେୟ ପରିଶୋଧାର୍ଥ ଦେଣଦାରର ଅସ୍ଥାବର
ଚଲତିମାଲକ୍ରୋଖ୍ ସମ୍ପତ୍ତି ବିକି ଦେବାପାଇଁ ଅଦାଲତଦ୍ୱାରା ଅଟକା
चलतामालकी कुर्की ହେବା—Confiscation or attachment of the movables of a judgment debtor.

ଚଳନ୍ତି ତହବିଲ—ଦେ. ବି (ସଂ. ଚଳତ୍ + ଫା. ତହ୍‌ୱିଲ) ବାହାରର
Chaḻanti tahabila ତହବିଲ; ଯେଉଁ ତହବିଲରୁ ଦୈନନ୍ଦିନ
ଚଲତି ତବିଲ ବ୍ୟୟାଦି ଚଳେ—Current cash (as
चलता तहबील opposed to hoarded cash).
(ଗଚ୍ଛିତ—ବିପରୀତ ତହବିଲ)

ଚଳନ୍ତି ପ୍ରତିମା—ଦେ. ବି (ସଂ. ଚଳତ୍ ଓ ପ୍ରତିମା)—୧ । ଉତ୍ସବ
Chaḻanti pratimā ପ୍ରତିମା; ପ୍ରତିନିଧିରୂପେ ସ୍ଥାପିତ ଦେବମୂର୍ତ୍ତି—
ଚଲତି ପ୍ରତିମା 1. Removable images of irremov-
चलती मूर्त्ति able idols (which are taken out to different places.)
[ଦ୍ର—ଯେଉଁ ଦେବମୂର୍ତ୍ତିମାନ ଅଚଳ ଅର୍ଥାତ୍ ସ୍ଥାନାନ୍ତରିତ ହେବା ଅସମ୍ଭବ (ଯଥା—ଶିବଲିଙ୍ଗ, ବଡ଼ ବଡ଼ ପାଷାଣବିଗ୍ରହ) ଦେବାଳୟମାନଙ୍କରେ ସେହି ମୂର୍ତ୍ତିମାନଙ୍କର ପ୍ରତିନିଧିରୂପେ କ୍ଷୁଦ୍ରତର ଅବୟବବିଶିଷ୍ଟ ଓ ସ୍ଥାନାନ୍ତରକୁ ଚାଳିତ ହେବା ଯୋଗ୍ୟ ମୂର୍ତ୍ତିମାନ ରଖାଯାଇ ପୂଜା କରାଯାଉଥାଆନ୍ତି । ଯାତ୍ରାଯାତ୍ରା ସମୟରେ ପ୍ରକୃତ ଦେବବିଗ୍ରହମାନଙ୍କୁ ବାହାରକୁ ନିଆ ନ ଯାଇ ଉକ୍ତ ଚଳନ୍ତି ପ୍ରତିମାମାନଙ୍କୁ ବିମାନାଦିରେ ଉତ୍ସବସ୍ଥଳକୁ ନିଆଯାଏ ।]
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କର ପ୍ରତିନିଧି—
2. (figurative) A representative of a person.
(ଯଥା—ମେନେଜର ବାବୁ ରାଜା ସାହେବଙ୍କର ଚଳନ୍ତି ପ୍ରତିମା ।)

ଚଳନ୍ତି ମାଲ—ଦେ. ବି (ସଂ. ଚଳତ୍ ଓ ଫା. ମାଲ୍)—
Chaḻanti māla ଚଳନ୍ତି ସମ୍ପତ୍ତି (ଦେଖ)—
Chaḻanti sampatti (See)

ଚଳନ୍ତି ମୁଦ୍ରା—ଦେ. ବି. (ସଂ. ଚଳତ୍ + ଓ. ମୁଦ୍ରା)—
Chaḻanti mudrā ୧ । ପ୍ରଚଳିତ ମୁଦ୍ରା; ଯେଉଁ ମୁଦ୍ରା ଧନାଦିର
ଚଲତିମୁଦ୍ରା ବିନିମୟରେ ବ୍ୟବହୃତ ହୁଏ—
चलति सिक्का 1. Current coin.
୨ । ଯେଉଁ ମୁଦ୍ରାର ରାଜକୀୟ ଛାପ ଆଦି ଘଷରା ହୋଇ ନ ଥାଏ ଓ ଯହିଁରେ ଦାଗ ଆଦି ନ ଥାଏ—
2. A coin in which the marks have not been worn out.

ଚଳନ୍ତି ସମ୍ପତ୍ତି—ଦେ. ବି. (ସଂ. ଚଳତ୍ + ସମ୍ପତ୍ତି)—ଅସ୍ଥାବର ଧନ;
Chaḻanti sampatti ଯେଉଁ ସମ୍ପତ୍ତିକୁ ସ୍ଥାନାନ୍ତରିତ କରାଯାଇ
ଚଲତି সম্পত্তি ପାରେ—Movable property; the
चलती चीज movables; personal property.
(ଅଚଳନ୍ତି ସମ୍ପତ୍ତି—ବିପରୀତ)

ଚଳପକ୍ଷ—ଦେ. ବି. (ସଂ. ଚଳତ୍ + ଓ. ପକ୍ଷ)—
Chaḻapaksha ୧ । ସଚଳ ଅବସ୍ଥା; ଉତ୍ତମ ସାଂସାରିକ ଅବସ୍ଥା—
ଚଲଂପକ୍ଷ 1. Well-to-do condition; worldly
खुसहाल prosperity; easy worldly circumstance.
୨ । କୌଣସି କାର୍ଯ୍ୟ ଅଟକି ନ ଯାଇ ଚଳିଯିବା ଅବସ୍ଥା—
2. State of being passable or tolerable.

୧	ଋ	ଌ	ୠ,ୡ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇସ୍ପ	ଇଥ	ଡ଼
୨	ୠ	ୡ	ଋ	ଌ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ତ

ଚଳପଟ୍ଟ—ଦେ. ବି—ଚଳପକ୍ଷ (ଦେଖ)
Chalapata Chalapaksha (See)

ଚଳପତ୍ର—ସଂ. ବି (ବହୁବ୍ରୀହି; ଚଳ=ଚଞ୍ଚଳ+ପତ୍ର)—
Chalapatra ଅଶ୍ୱତ୍ଥବୃକ୍ଷ; ଓସ୍ତଗଛ—
The Peepal tree; Ficus Religiosa.

ଚଳପ୍ରଚଳ—ଦେ. ବି (ଏକାର୍ଥକ ସହଚର)—୧ । ଗମନାଗମନ—
Chalaprachala 1. Coming and going; frequenting.
চলপ্রচল ୨ । ପରସ୍ପର ମଧ୍ୟରେ ସଂଶ୍ରବ—2. Intercourse.
ଚୋରର ବନ୍ଧ ମୁକ୍ତି ନାହିଁ,
ଚଳପ୍ରଚଳ ଅବା କାହିଁ—ଭୂପତି. ପ୍ରେମପଞ୍ଚାମୃତ ।
୩ । ଗତିବିଧି—3. Movements.
ଦେ. ବଣ—୧ । ନିର୍ଦ୍ଧାରିତ ମାତ୍ରାରୁ ସାମାନ୍ୟ ମାତ୍ରାରେ କମ ବେଶୀ; ନିର୍ଦ୍ଦିଷ୍ଟ ମାତ୍ରାରୁ ସାମାନ୍ୟ ଅତିକ୍ରମ କରୁଥିବା—
1. A little more or less than the given quantity.
୨ । ଯାତାୟାତ—2. Frequenting; coming and going.
(ଯଥା—କଟକରେ ମୁଁ ପଇଁଚାଳିଶି ବର୍ଷ ହେଲା ଚଳପ୍ରଚଳ ହେଉଅଛି ।)
୩ । ପରସ୍ପର ମଧ୍ୟରେ ସଂଶ୍ରବଯୁକ୍ତ—3. Having mutual intercourse or connection.

ଚଳବିଚଳ—ଦେ. ବି—ଚଳପ୍ରଚଳ (ଦେଖ)
Chalabichala Chalaprachala (See).
[ଦ୍ର—ହିନ୍ଦୀରେ 'ଚଲବିଚଲ' ଶବ୍ଦର ବିଶେଷଣ ଅର୍ଥ ଦେଖିହେଣା, ଅବ୍ୟବସ୍ଥିତ ଓ ସ୍ୱସ୍ଥାନଚ୍ୟୁତ ଓ ବିଶେଷ୍ୟ ଅର୍ଥ ବ୍ୟତିକ୍ରମ ।]

ଚଳମାଡ଼ିବା—ଦେ. କ୍ରି—୧ । ବିରକ୍ତି ବୋଧ ହେବା—
Chalamārdibā 1. Feeling of displeasure
দিকদারীলাগা dissatisfaction.
दिकमालुमहोना ୨ । କାର୍ଯ୍ୟରେ ଦୁରାଗ୍ରହ ବା ଅଳସ୍ୟ ବା ବ୍ୟାପାରହୀନତା ଯୋଗୁଁ ବିରକ୍ତି ବୋଧ ହେବା; ଚଟା ଲାଗିବା—2. A feeling of ennui or disgust.

ଚଳମୁକୁଟିଆ—ଦେ. ବଣ (ସଂ. ଚଳ ଓ ମୁକୁଟ)—ମସ୍ତକଚାଳନ ହେତୁରୁ
Chalamukuṭiā ଯେଉଁମାନଙ୍କ ମୁକୁଟ ଇତସ୍ତତଃ ସଞ୍ଚାଳିତ ହେଉଥାଏ—With the crowns moving to and fro (due to the movement of the head).
ଘର ହରଷରେ ଯେଉ, ଚଳୁଥାନ୍ତି ମୁକୁଟ ଚଳମୁକୁଟିଆ ସଖାମାନେ ।
କବିସୂର୍ଯ୍ୟ. ବଳୋଗଚଳ୍ପ ।

ଚଳସି—ଦେ (ପ୍ରାଚୀନ ପଦ୍ୟ) କ୍ରି (ସଂ. ଚଳ ଧାତୁ ବର୍ତ୍ତମାନ କାଳ
Chalasi ମଧ୍ୟମପୁରୁଷ ୧ ବଚନର ରୂପ)—(ତୁମ୍ଭେ) ଯାଅ; ଚାଲ—
(you) Go.
ତୁଙ୍ଗଶିଖରୀଙ୍କ ଚଳସି ସଖା,
ଶ୍ରୀକୃଷ୍ଣ ହୃଦରେ ମଦନବାଧା—ପ୍ରାଚୀ. ରସବାରିଧି ।

ଚଳା—ସଂ. ବଣ. ସ୍ତ୍ରୀ (ଚଳ+ସ୍ତ୍ରୀ. ଆ)—ଚଳର ସ୍ତ୍ରୀଲିଙ୍ଗ—
Chalā Feminine of Chala.
୧ । ଚଞ୍ଚଳା (ସ୍ତ୍ରୀ)—1. Moving (female).
୨ । ଅସ୍ଥିରା—2. Roving.
ସଂ. ବି. ସ୍ତ୍ରୀ—୧ । ଲକ୍ଷ୍ମୀ—1. Lakshmi; Goddess of fortune.
୨ । ବିଦ୍ୟୁତ୍—2. Lightning.
ଦେ. ବି—୧ । ଚଳଚଳ ହେବା—1. Moving.
୨ । ଟିପ୍ପଣୀ; ଚିଟା; ସଂକ୍ଷିପ୍ତ ହିସାବ—
2. Short note; memo.
୩ । (ସଂ. ଚଳୁ) ଚଳ; ପୋସ—3. Handful.
୪ । ପ୍ରେରିତ ଟଙ୍କା ବା ଜିନଷର ତାଲିକା; ଚାଲାଣ—
4. Invoice; memo of consigned or transmitted articles or cash.

ଚଲ୍ଲା—ଦେ. ବି—୧ । ଚାଲୁଣୀଦ୍ୱାରା ଚଲ୍ଲାଇବା କାର୍ଯ୍ୟ—
Challā 1. Act of sifting through a sieve.
চলা ୨ । ଚାଲିବା—2 Walking.
୩ । ଥଳ; ନଦୀର ପାଣି କମିଯିବା ଯୋଗୁଁ ଲୋକେ ନଇରେ ପଶି ନଈ ପାର ହେବା ଅବସ୍ଥା—
3. Fordable condition of a river.
୪ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ; ଯଥା—ଖଇଚଲ୍ଲା, ବିରିଚଲ୍ଲା, ଗୁଣ୍ଡଚଲ୍ଲା) ଚାଲୁଣୀ—4. Sieve.
ଦେ. ବଣ—୧ । ଯେଉଁ ପଥରେ କେବଳ ପାଦରେ ଚାଲି ଯିବାକୁ ହୁଏ—
1. (road or path) Passable by foot.
(ଯଥା—ଚଲ୍ଲା ବାଟ ।)
(ଗଞ୍ଜାମ; ଖଣ୍ଡ—ବିପରୀତ) ୨ । ନଦୀର ଯେଉଁ ଅଂଶରେ ମନୁଷ୍ୟ ପଶି ଚାଲିଯାଇ ପାରେ—
2. Fordable part of a river.
ପ୍ରାଦେ. (ଗଞ୍ଜାମ) ବି—ଜଳମିଶ୍ରିତ ଘୋଳଦହି; ପଖାଳ—
Churned curd.

ଚଳାଇବା—ଦେ. କ୍ରି. (ସଂ. ଚଲ୍ ଧାତୁ ଣିଚ୍=ଚାଳ ଧାତୁ; ଚଳବାର
Chalāibā ଣିଜନ୍ତରୂପ; Causative form of Chalbā)—
চালান ୧ । ଚାଳନ କରିବା; ଚାଲିବା; ଗତି କରାଇବା—
चलाना; चलावाना 1. To set a going; to cause to
(ଚଳେଇବା—ଅନ୍ୟରୂପ) move; to set in motion.
ଚକ୍ରରପାଣରେ ଚକ୍ରପଟ୍ଟିକା, ଚଳାଇବାକୁ ହେବାରୁ ମୋଦକା—
କବିସୂର୍ଯ୍ୟ. କଳାକଲ୍ଲୋଳିନୀ ।
୨ । ଅନ୍ୟ ଲୋକଙ୍କୁ କାର୍ଯ୍ୟ କରାଇବା—2. To cause another to work; to have a work done by another.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ବିତୀୟ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖୋ' ନ ପାଇଲେ 'ଅଖା' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

୩ । କାମ ଅକାମ କରିବା; କାର୍ଯ୍ୟ ସମାଧା କରିବା; କାର୍ଯ୍ୟ ଭୁଲାଇବା; ନିର୍ବାହ କରିବା—3. To accomplish a work any how; to carry on a work.

(ଯଥା—ଏ କାଗଜକୁ ଠିକା ପଚିଶଟି ମଧ୍ୟରେ ଚଲାଇନାଅ) ।

୪ । ନେତାରୂପେ ପରିଚାଳନ କରିବା—
4. To guide; to conduct; to lead.

ଆସିଲେ ସେହିଠାକୁ ସଇନ ଚଳାଇ—କୃଷ୍ଣସିଂହ. ମହାଭାରତ. ବନ ।

୫ । ଉତ୍ୟକ୍ତ କରିବା; ହଦ କରିବା—
5. To tease; to displease.

୬ । ରଗାଇବା; କ୍ରୁଦ୍ଧ କରିବା; ଚିଡ଼ାଇବା—
6. To enrage; to irritate.

୭ । କୌଣସି ନୂତନ ରୀତି ବା ନିୟମର ପ୍ରବର୍ତ୍ତନ କରିବା—
7. To introduce a new rule or system; to promulgate.

୮ । କୌଣସି ଜାତିଚ୍ୟୁତ ବା ନବାଗତ ବ୍ୟକ୍ତିକୁ ସମାଜଭୁକ୍ତ କରି ସାମାଜିକ କାର୍ଯ୍ୟରେ ତାହାର ଯୋଗ ଦେବାର ସୁବିଧା କରିବା—8. To enable a person to have social intercourse in a particular society; to introduce a person into a society.

୯ । ଅପ୍ରଚଳିତ ବସ୍ତୁକୁ ଲୋକସାଧାରଣଙ୍କ ମଧ୍ୟରେ ପ୍ରଚଳିତ କରାଇବା—9. To utter (a coin); to make a thing current; to pass a counterfiet coin.

(ଯଥା—ଇଂରେଜ ଗଭର୍ଣ୍ଣମେଣ୍ଟ ଏବେ ଏ ଦେଶରେ ଟଙ୍କା ଯଉପରେ ନୋଟ ଚଳାଇଲେଣି ।)

୧୦ । ଯାନାଦି ଗମନ କରିବାପାଇଁ ବଳଦ ବା ଘୋଡ଼ା ଆଦିଙ୍କୁ ନିଯୁକ୍ତ କରିବା—10. To drive a conveyance (e. g. carriage, cart, motor or rail.

୧୧ । କୌଣସି ନୂତନ ବସ୍ତୁ କୌଣସି ଅଞ୍ଚଳରେ ଚଳିବାର ବା ବ୍ୟବହୃତ ହେବାର ଉପାୟ କରିବା—11. To introduce the use of a new thing; to cause a thing to be used.

(ଯଥା— ବ୍ରହ୍ମଚାରୀ ସାକ୍ଷୀଗୋପାଳଙ୍କ ଭୋଗରେ କଦଳୀ, ଅମ୍ବ, ପଣସ ମଞ୍ଜି ଓ କାକୁଡ଼ିଭଜା ଚଳାଇଲେ କିନ୍ତୁ ଅନ୍ନ, ଡାଲି ଚଳାଇ ପାରିଲେ ନାହିଁ ।)

୧୨ । ପ୍ରଚାରିତ କରିବା—
12. To circulate; to promulgate.

୧୩ । କୌଣସି ବିଷୟ ବା ବସ୍ତୁକୁ ବ୍ୟବହାର କରିବାପାଇଁ ସମାଜରେ ଗ୍ରହଣ କରିବା—13. To admit or accept a thing into social use.

[ଦ୍ର—ଆଜିକାଲି ନବ୍ୟଶିକ୍ଷିତ ଯୁବକମାନେ ବ୍ରାହ୍ମଣକୁଳରେ ବିଧବାବିବାହ ଚଳାଇଲେଣି ।]

୧୪ । ଆଭରଣସ୍ୱରୂପ ଗ୍ରହଣ କରିବା; ଭିଡ଼ିବା—
14. To put on.

ବଇଗ୍ଧି ମୃଗ ପଛରେ ପ୍ରଚ୍ଛନ୍ନ ଲୁଚଇ,
ବସ୍ତ୍ରଆଦିର ନେଇ କି ମସ୍ତକେ ଚଳାଇ । ଭଞ୍ଜ. ବୈଦେହୀଶବିଳାସ ।

୧୫ । ସ୍ଥାନାନ୍ତରକୁ ପଠାଯିବାର ଉପାୟ କରିବା—
15. To cause a thing to be sent from one place to another.

(ଯଥା—କାଗଜର ପାଇଁ ଗୃହକର୍ତ୍ତା ନିମନ୍ତ୍ରଣପତ୍ର ଓ ଗୁଆ ଚଳାଇ ଦେଲେ ।)

୧୬ । କୌଣସି ଦ୍ରବ୍ୟ ବ୍ୟବହାର କରିବାକୁ ନିଜକୁ ଅଭ୍ୟସ୍ତ କରିବା—16. To habituate one'sself to the use of something.

(ଯଥା—ଆଗେ ମୋ ଦେହରେ ଅଫିମ ଚଳୁ ନ ଥିଲା; କିନ୍ତୁ ଫିରୁଥାଇ କଣ ହନାକେତେ ଖାଇବାଦ୍ୱାରା ମୁଁ ମୋ ଦେହରେ ଏବେ ଅଫିମକୁ ଚଳାଇଲିଣି ।)

୧୭ । କୌଣସି ବ୍ୟକ୍ତିର ଅଭାବ ଅଦି ପୂରଣ କରିବା—
17. To administer to the wants of a person.

(ଯଥା— ଆପଣ ମୋତେ ୧୦ ବର୍ଷ ହେଲା ଚଳାଇ ଆସିଲେ, ବର୍ତ୍ତମାନ ବୃଦ୍ଧ ବୟସରେ ଦର୍ମା କାଟି ଦେଲେ ମୁଁ କେଉଁ ଆଡ଼େ ଯିବି ।)

ଚଲାଇବା—ଦେ. କ୍ରି.—୧ । ଚାଲିବାର ଣିଜନ୍ତ ରୂପ—1. Causative form of chālibā.
Chalāibā
চালান
चलवाना

୨ । କୌଣସି ବ୍ୟକ୍ତି ପାଦଚାରଣଦ୍ୱାରା ଗତି କରିବାର ଘଟନା କରିବା—2. To cause a person to walk.

(ଯଥା—ବାପା ଖଣ୍ଡେ ଗାଡ଼ି ଭଡ଼ା ନ କରି ୫ ବର୍ଷର ପିଲାଟାକୁ ତିନି କୋଶ ବାଟ ଚଲାଇଲେ ।)

୩ । ଚାଲୁଣୀଦ୍ୱାରା କୌଣସି ବସ୍ତୁରୁ ସୂକ୍ଷ୍ମାଂଶ ବା ଚୋପା ବାହାର କରିବା—3. To sift with a sieve.

୪ । ପ୍ରଚାରିତ କରିବା; ଜାରି କରିବା—
4. To promulgate.

(ଯଥା—ମେନେଜର ବାବୁ ଚଉକିରେ ବସି ହୁକୁମ ଚଲାଉଛନ୍ତି ।)

୫ । ଅଙ୍ଗରେ ଅସ୍ତ୍ରାଦି ପ୍ରୟୋଗ କରିବା— 5. To apply a knife or other insrument to the body.

(ଯଥା—ଡାକ୍ତର ବ୍ରଣରେ ଛୁରି ଚଲାଇଲେ; ସେ ନିଜ ତଣ୍ଟିରେ ଖୁର ଚଲାଇଦେଲା ।)

ଃ	ର	ଡ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଡ଼ଅ	ଢ଼
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଈ	ନ୍ତ

୬ । ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ରାଦିଦ୍ୱାରା ଅଭିପ୍ରେତ କର୍ମ କରିବା—
6. To wield a weapon or instrument.
(ଯଥା—ବନ୍ଧୁକ ଚଳାଇବା, ଖଣ୍ଡା ଚଳାଇବା, ଠେଙ୍ଗା ଚଳାଇବା) ।
୭ । ତନଖିବା; ସୁପରିଚାଳିତ କରିବା—7. To manage.
(ଯଥା—ସ୍କୁଲ ଚଳାଇବା; ଜମିଦାରୀ ଚଳାଇବା ।)
চলেযাওয়া ୮ । ପାଦଦ୍ୱାରା ଗମନ କରିବା; ଚାଲିଯିବା—
चलयाना 8. To walk.
(ଚଲେଇବା—ଅନ୍ୟରୂପ)
(ଯଥା—ବାବାଜୀ ରଜାଙ୍କଠାରୁ ବିଦାୟ ପାଇ ଦକ୍ଷିଣକୁ ଚଳିଗଲେ ।)
୯ । କୌଣସି ସ୍ଥାନ ତ୍ୟାଗ କରିବା—9. To go away from or leave a place.
୧୦ । ମୃତ ହେବା; ପରଲୋକ ଗମନ କରିବା—10 To die.
(ଯଥା—ଗୁରୁଦେବ ଶିଷ୍ୟମାନଙ୍କୁ ଛାଡ଼ିଦେଇ ଚଳିଗଲେ ।)

ଚଲାକ୍—ବୈଦେ. ବିଣ. (ଫା. ଚାଲାକ୍;) ତୁଳ. ସଂ. ଚାଳକ)—
Chalāk ୧ । ବୁଦ୍ଧିମାନ—
চালাক, চালাখ 1. Intelligent.
चलाक ୨ । ଚତୁର—2. Clever.
ଚଲାକ ଲୋକ କହୁଛି······ସେଥିର ଠିକଣା ମୋତେ ଜଣା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
(ଚଲାଖ—ଅନ୍ୟରୂପ) ୩ । ଧୂର୍ତ୍ତ; ଚାଲବାଜ—
3. Sly; cunning; artful; shrewd; crafty.

ଚଲାକ୍‌ଚତୁର—ଦେ. ବିଣ. (ସହଚର)—୧ । ଚତୁର—1. Clever.
Chalākchatura ୨ । ଧୂର୍ତ୍ତ ଓ ଚତୁର—
চালাখচতুর 2 Sly and active.
(ଚଲାଖଚତୁର—ଅନ୍ୟରୂପ)

ଚଲାକି—ଦେ. ବି. (ସଂ. ଚଳ ଧାତୁ)—ପାଦରେ ଚାଲିବା; ପଦବ୍ରଜ;
Chalāki ପାଦଚାରଣ—Walking on foot.
(ଯଥା—ମୁଁ ପୁରୀଠାରୁ ଚଲାକିରେ କଟକ ଆସିଲି ।)
ଦେ. ବିଣ—୧ । ଯେଉଁ ବାଟରେ ଗାଡ଼ି ଘୋଡ଼ାର ବ୍ୟବହାର କରାଯାଇ ପାରେ ନାହିଁ—କେବଳ ଗୋଡ଼ରେ ଚାଲିବାକୁ ହୁଏ—(a road) Passable by foot only (i. e. not passable by any conveyance).
୨ । ଯେଉଁ ପଥରେ କାଦୁଅ ଆଦି ନ ଥିବାରୁ କିମ୍ବା ସମତଳ ହୋଇଥିବାରୁ ସେଥିରେ ଚାଲିବାକୁ ସୁଖ ହୁଏ—
2. (a road) Which is comfortable to walk upon.

ବୈଦେ. ବି. (ଫା. ଚାଲାକୀ)—୧ । ତୀକ୍ଷ୍ଣବୁଦ୍ଧି—
চালাকী; চলাখী 1. Sharp intelligence.
चालाकी ୨ । ଚତୁରତା—2. Cleverness
(ଚଲାଖି—ଅନ୍ୟରୂପ) ୩ । ଫନ୍ଦି; ଧୂର୍ତ୍ତତା—
3. Trick; fraud; artifice.

ଚଲାକିଆ—ଦେ. ବିଣ—ଚଲାକ (ଦେଖ)
Chalākiā Chalāka (See)
(ଚଲାଖିଆ—ଅନ୍ୟରୂପ)

ଚଲାକି କାଢ଼ିବା—ଦେ. କ୍ରି—କାର୍ଯ୍ୟରେ ବା ବାକ୍ୟରେ ଫନ୍ଦି ବା
Chalāki kārḍhibā ଧୂର୍ତ୍ତପଣ ପ୍ରକାଶ କରିବା—
চালাকীমারা To show any trick.
चालाकीखेलना
ଚଲାକି ଖେଳିବା }
ଚଲାକି ଦେଖାଇବା } ଅନ୍ୟରୂପ
ଚଲାକି ବତାଇବା }
ଚଲାକି ବାହାର କରିବା }

ଚଲାଖ୍ (ଇତ୍ୟାଦି)—ବୈଦେ. ବିଣ. (ଫା)—ଚଲାକ୍ ଇତ୍ୟାଦି (ଦେଖ)
Chalākh (etc) Chalāk etc (See)

ଚଲାଖି (ଇତ୍ୟାଦି)—ବୈଦେ. ବି. (ଫା)—ଚଲାକି ଇତ୍ୟାଦି (ଦେଖ)
Chalākhi (etc) Chalāki etc (See)

ଚଲାଖିଆ—ଦେ. ବିଣ—ଚଲାକିଆ (ଦେଖ)
Chalākhiā Chalākiā (See)

ଚଳାଚଳ—ସଂ. ବିଣ. ପୁଂ. (ଚଳ+ଚଳ; ନିପାତନ)—୧ । ତ୍ୱରିତ—
Chaḷāchaḷa 1. Quick; speedy.
୨ । ଲୋଳ; ଅତ୍ୟନ୍ତ ଚଞ୍ଚଳ—
2. Very fickle; unstable wavering.
୩ । ସର୍ବଦା ଗତିବିଶିଷ୍ଟ (ସଂସାରଚକ୍ର)—
3. Evermoving (M. W.)
୪ । ଇତସ୍ତତଃ ଗତିଶୀଳ—4. Moving to and fro.
କି ଦଶେ ଚଳାଚଳ ଗୁରୁ ଚନ୍ଦ୍ରକାନ୍ତିଲ । ଅବସୂର୍ଯ୍ୟ. କଣୋଗଚକ୍ର ।
୫ । ପରିବର୍ତ୍ତନଶୀଳ—5. Changeable (M. W.)
୬ । (ଚଳ+ଅଚଳ)—ପ୍ରଚଳିତ ଓ ଅପ୍ରଚଳିତ; ବ୍ୟବହୃତ ଓ ଅବ୍ୟବହୃତ—6. Current and obsolete; used and unused.
୭ । ଚଳନ୍ତ ଓ ଅଚଳନ୍ତ (ପଦାର୍ଥ)—7. Movable and immovable; locomotive and stationary (things).
୮ । (ଅସ୍ଥିବିଜ୍ଞାନ) ଅଂଶତଃ ଚଳୁଥିବା ପୁଣି ଅଚଳ ହେବା (ଅସ୍ଥିସନ୍ଧି) (ଜ୍ଞାନେନ୍ଦ୍ର)—8. (osteology) Appearthrodial (bone-joints).
ସଂ. ପୁ—୧ । କାକ—1. Crow; raven.
୨ । ବାକ୍ୟ (ଜ୍ଞାନେନ୍ଦ୍ର)—2. Word; speech.
୩ । (ଆଧୁନିକ ଅସ୍ଥିବିଜ୍ଞାନପରିଭାଷା)—ଯେଉଁ ସବୁ ଅସ୍ଥିସନ୍ଧି ଅଂଶିକ ଚଳେ ଓ ପୁଣି ଅଚଳ ହୁଏ (ଜ୍ଞାନେନ୍ଦ୍ର)—(osteology) Amphiarthrodial joints; mixed joints.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁଆ'ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । (ଅସ୍ଥିବିଜ୍ଞାନ) ଚଳାଚଳ ଅସ୍ଥିସନ୍ଧିର ଆଂଶିକ ଚଳନ ଓ ସ୍ଥିରତା (କ୍ଲୀବେନ୍ଦ୍ର)—4. (Osteology) Amphiarthrosis; symphysis.

ଦେ. ବି—୧ । ପରସ୍ପର ମଧ୍ୟରେ ସାମାଜିକ ଘନିଷ୍ଠତା ବା ସଂଶ୍ରବ;
চলাচলা ଚଳାଚଳ—1. Social intercourse; mutual social connection.

୨ । କାର୍ଯ୍ୟ ଚଳିବା; କାର୍ଯ୍ୟନିର୍ବାହ; କାର୍ଯ୍ୟ ପରିଚାଳନ—
2. Administration; conduct of business; management.

୩ । ଗମନାଗମନ; ଚଳପ୍ରଚଳ—
3. Coming and going.

୪ । ସାଂସାରିକ ସ୍ୱାଚ୍ଛନ୍ଦ୍ୟ—4. Making both ends meet; state of a person being well-to-do.

୫ । ଚଳାଚଳି (ଦେଖ)
5. Chaḻāchaḻi (See)

ଦେ. ବିଣ—ଚଳପ୍ରଚଳ (ଦେଖ)
Chaḻaprachaḻa (See)

ଚଳାଚଳସିବଣି—ସଂ. ବି. (ଆଧୁନିକ ଅସ୍ଥିବିଜ୍ଞାନପରିଭାଷା)—
Chaḻāchaḻasibanī ସିଅଁ ହୋଇଥିବା ଚଳାଚଳ ଅସ୍ଥିସନ୍ଧି (କ୍ଲୀବେନ୍ଦ୍ର)—(osteology) Sacrum Coccyx.

ଚଳାଚଳି—ଦେ. ବି. (ସଂ. ଚଳନ)—
Chaḻāchaḻi ୧ । ପରସ୍ପର ମଧ୍ୟରେ ସଂଶ୍ରବ—
চলাচলি 1. Mutual connection; intercourse.
चलाचली ୨ । କାର୍ଯ୍ୟଚାଳନ; ପରିଚାଳନ; ଶାସନ—
2 Management; administration.

୩ । ସମ୍ପାଦନ—
3. Accomplishment; carrying on.

୪ । ସାମାଜିକ ସଂଶ୍ରବ—4. Social intercourse.

୫ । ଯିବା ଆସିବା; ଗମନାଗମନ—
5. Frequenting; coming and going.

ଚଲାଚଲି—ଦେ. ବି—୧ । ପାଦଦ୍ୱାରା ଗମନ; ପାଦରେ ଯିବା—
Chalāchali 1. Walking on foot.

୨ । ବୁଲାବୁଲି; ଏଣେ ତେଣେ ଯିବା; ଇତସ୍ତତଃ ଗତି—
2. Moving to and fro.

୩ । ଚାଲୁଣୀରେ ଛାଣିବା—
3. Sifting by a sieve.

ଚଳାଣ—ଦେ. ବିଣ. (ସଂ. ଚାଳକ)—ଯେ ରାଜାଙ୍କର କାର୍ଯ୍ୟ ଚଳାନ୍ତି;
Chaḻāṇa ରାଜକାର୍ଯ୍ୟ ପରିଚାଳନକାରୀ—
Conducting royal business.

ରାଜବଧୂ ଯେତେ ବେଢିଲେ
ଚଳାଣ ପରୀକ୍ଷା ବଳ ଦେନି ସଙ୍ଗେ । ପ୍ରାଚୀ. କଳତରୁ ।

ଦେ. ବି—ଚଲାଣ (ଦେଖ)
Chalāṇa (See)

ଚଲାଣ—ଦେ. ବି. (ସଂ. ଚଲ ଧାତୁରୁ ଚାଳନ)—
Chalāṇa ୧ । ପଣ୍ୟ ଦ୍ରବ୍ୟାଦିର ପ୍ରେରଣ; ରପ୍ତାନି—
চালান্ 1. Exporting commodities.
चलान, चालान ୨ । ଧନାଦିର ପ୍ରେରଣ—2. Remittance of
(ଚଲାନ୍—ଅନ୍ୟରୂପ) money or things; transmittance.

୩ । ପୁଲିସଦ୍ୱାରା ଧୃତ ଅପରାଧୀ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟକୁ ବିଚାରାର୍ଥ ପ୍ରେରଣ କରିବା—3. Sending up of an accused arrested by the police in custody for trial to a magistrate.

୪ । ପ୍ରେରିତ ପଣ୍ୟ ଦ୍ରବ୍ୟ ସଙ୍ଗେ ପଠାଯିବା ତାଲିକା—
4 Memo or invoice of articles sent.

୫ । ରାଜକୋଷରେ ଟଙ୍କା ଦାଖଲ କରିବାର ଚମ୍ପୂକ ବିବରଣ ପତ୍ର ବା ଚିଠା—5. A memo of remittances sent to the treasury.

[ଦ୍ର—ପ୍ରେରକ ଟଙ୍କା ସଙ୍ଗେ ଚଲାଣକୁ ପଠାଏ ଏବଂ ଟଙ୍କା ପାଇବା ବ୍ୟକ୍ତି ପ୍ରାପ୍ତିସ୍ୱୀକାରପୂର୍ବକ ଏଥିରେ ସ୍ୱାକ୍ଷର କରି ପ୍ରେରକଙ୍କ ନିକଟକୁ ଏହାକୁ ଫେରାଇ ଦିଏ । ମାଦକ ଦ୍ରବ୍ୟ ଅବକାରୀ ଜିନିଷ ସଙ୍ଗେ ଯେଉଁ ଚଲାଣ (ପତ୍ର) ଯାଏ, ମାଲ ନେଉଥିବା ବ୍ୟକ୍ତି ପକ୍ଷରେ ତାହା ଛାଡ଼ଚିଠି (Pass-port) ର ମଧ୍ୟ କାମ କରେ । ଏ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳନ୍ତି—Chalāṇ.]

ଚଲାଣ କରିବା—ଦେ. କ୍ରି—୧ । ଅପରାଧୀଙ୍କୁ ଗିରଫଦାର କରି ବିଚାରାର୍ଥ
Chalāṇa karibā ପ୍ରେରଣ କରିବା—1. To send up an
চালানকরা accused for trial; to chalān.
चलानदेना ୨ । ଧନାଦି ପ୍ରେରଣ କରିବା—2. To send
(ଚଲାଣଦେବା—ଅନ୍ୟରୂପ) articles; to remit money.

୩ । ପଣ୍ୟ ଦ୍ରବ୍ୟ ରପ୍ତାନି କରିବା—3. To export commodities; to send commodities abroad.

୪ । କୁଲିମାନଙ୍କୁ ଦୂର ଦେଶକୁ ପଠାଇବା—
4. To send up batches of coolies or hired labourers abroad.

ଚଲାଣଦାର୍—ଦେ. ବି. (ସଂ. ଚାଳନ + ପା. ପ୍ରତ୍ୟୟ ଦାର୍)—
Chalāṇadār ଚଲାଣି ମାଲ ବା ଆସାମୀ ସଙ୍ଗେ ଯେଉଁ ବ୍ୟକ୍ତି ଯାଏ-
চালানদার The person who accompanies a rem-
चलानदार ittance export or sent up person.

ଚଲାଣି—ଦେ. ବି—ଟଙ୍କା ବା ଜିନିଷ ପଠାଇବା—
Chalāṇi Remittance of articles or money.
চালানি ଦେ. ବିଣ—୧ । ପଠାଯାଉଥିବା (ଦ୍ରବ୍ୟ)—
चलानी 1. Remitted (articles).

୨ । ରପ୍ତାନିର ଉପଯୋଗୀ—
2. Fit for being exported.

୧	ଇ	ଙ୍	ଋତ୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଈ
୨	ଈ	ଉ	ଋ	ଲୃ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଷ୍ପ	ନ୍ଦ

୩ । ବିଚାରାର୍ଥ ପ୍ରେରିତ (ଅପରାଧୀ)—
3. (accused) Sent up for trial.

ଚଳାତଙ୍କ—ଦେ. ବି. ପୁଂ. (ଚଳ+ଆତଙ୍କ)—
Chalātaṅka ୧ । ବାତରୋଗ (କ୍ଲାରେନ୍ସ)—
1. Rheumatism (M.W.)
୨ । ଅଶ୍ୱ ବାତ (ହି. ଶବ୍ଦସାଗର)—2. A disease resulting in fits of violent trembling.

ଚଳାନ୍ (ଇତ୍ୟାଦି)—ଗ୍ରା. ବି—ଚଳାଣ ଇତ୍ୟାଦି (ଦେଖ)
Chalān (etc) Chalāṇa etc. (See)

ଚଳାପାଙ୍ଗ—ସଂ. ବି. (କର୍ମଧା; ଚଳ+ଅପାଙ୍ଗ)—
Chalāpāṅga ୧ । ଚଞ୍ଚଳଚକ୍ଷୁକୋଣ—
1. Restless eyes.
୨ । ଇତସ୍ତତଃ ସଞ୍ଚାଳିତ ଚକ୍ଷୁର କୌଣିକ ଦୃଷ୍ଟି—
2. Wandering side-glance.
(ଚଳାପାଙ୍ଗୀ—ସ୍ତ୍ରୀ) ସଂ. ବିଶ. (ବହୁବ୍ରୀହି)—
ଚଞ୍ଚଳ ଅପାଙ୍ଗଯୁକ୍ତ (ବ୍ୟକ୍ତି)—With wandering side-glances; casting quick furtive glances.

ଗୁରୁ ଚକ୍ଷୁ ନିଶାରଲୁ ଅସିରେ ଚଳାପାଙ୍ଗି ।
କବିସୂର୍ଯ୍ୟ, କଳୋପରଚନ୍ଦ୍ର. ନ ଗୀତ ।

ଚଳାଫେରା (ଇତ୍ୟାଦି)—ଦେ. ବି—ଚଳାବୁଲା ଇତ୍ୟାଦି (ଦେଖ)
Chalāpherā etc Chalābulā etc (See).
(ଚଲାଫେରା—ଅନ୍ୟରୂପ)

ଚଳାବଇ—ଦେ. ପ୍ରାଚୀନ ପଦ୍ୟ. କ୍ରି (ସଂ. ଚଳ ଧାତୁ ଣିଜନ୍ତ=ଚଳ ଧାତୁ
Chalābai ଚଳାଇବା କ୍ରିୟାର ବର୍ତ୍ତମାନକାଳ ତୃତୀୟ ପୁରୁଷ ଏକ ବଚନ)—ଚଳାଏ—Guides; conducts.

ଏ ଭାବ ପ୍ରକାଶ କରଇ,
ବୃନ୍ଦ ସନ୍ଥିଙ୍କ ଚଳାବଇ—ଜଗନ୍ନାଥ. ଭାଗବତ ।

[ଦ୍ର—ଭୁଲନାକର—କରନ୍ତି ସ୍ଥାନରେ ପ୍ରାଚୀନ ପ୍ରୟୋଗ କରିବନ୍ତି, ଗାଏ ସ୍ଥାନରେ ଗାବଇ; ଗାଅନ୍ତି ସ୍ଥାନରେ ଗାବନ୍ତି; ଶୁଣାନ୍ତି ସ୍ଥାନରେ ଶୁଣାବନ୍ତି; ଦେଖାନ୍ତି ସ୍ଥାନରେ ଦେଖାବନ୍ତି । ଭୁଲନାକର—ହିନ୍ଦୀ ଚଲ୍‌ନା (ଚଳିବା) ର ଣିଜନ୍ତରୂପ ଚଲ୍‌ବାନା; କର୍‌ନା (କରିବା) ର ଣିଜନ୍ତରୂପ କର୍‌ବାନା ।]

ଚଳାବୁଲା—ଦେ. ବି (ଏକାର୍ଥକ ସହଚର; ସଂ. ଚଳନ+ଭ୍ରମଣ)—
Chalābulā ୧ । ଇତସ୍ତତଃ ଗମନ—
ଚଲାଫିରା; ଚଲାବুଲା; চলাবোলা 1. Moving to and fro.
चलतफिरता, डोलडाल ୨ । ଇତସ୍ତତଃ ଭ୍ରମଣ—
2 Walking about.
୩ । ଯାତାୟାତ କରିବା—3. Frequenting.
୪ । ପାଦଚାରଣ—4. Walking.
ଦେ. ବିଣ—ଇତସ୍ତତଃ ଭ୍ରମଣ କରୁଥିବା—
Moving about.

ଚଳାମଣି—ପ୍ରାଦେ (ଗଞ୍ଜାମ) ବି—ଦେଶରେ କୌଣସି ଧାତୁ ବା ମୁଦ୍ରାର
Chalāmaṇi ଆଦାନପ୍ରଦାନ ଓ କାରବାରରେ ପ୍ରଚଳନ; ଚଳଣି—
Currency.

ଚୀନଦେଶ କ୍ରମେ ରୂପା ଚଳାମଣି ବନ୍ଦ କରିବାପାଇଁ ନାନା ଉପାୟ କରୁଛି ।
ଦୈନିକ ଆଶା ୧୯୬୨।୮।୧ ।

ଚଳାୟିବା—ଦେ. କ୍ରି (ପ୍ରାଚୀନ ପଦ୍ୟ) (ସଂ. ଚଲ୍ ଧାତୁ)—
Chalāyibā ଚଳିବା; ଗତି କରିବା—To go.

ଦିବ୍ୟବେଶ ସର୍ବ ଧଣୀ ଯାଉ ଯେତେ ପରିଜନ
ସେବାସୁଖ ସଙ୍ଗେ ଯେନ ସଙ୍ଗେ ଚଳା ସ୍ୱ—ପ୍ରାଚୀ. ଋତୁସଂମଙ୍ଗଳ ।

ଚଳିଉଠିବା—ଦେ. କ୍ରି—ହଠାତ୍ ରାଗିଯିବା; ସ୍ୱଭାବତଃ ହେବା—
Chaliuṭhibā To be easily irritated.

ଲକ୍ଷଣ ବୋଇଲେ ଉଗ୍ରୀବ ଚଳିଉଠି
ତାହାକୁ ବ ବହୁତୁ ମୋତେ କର ପିଠି—କୃଷ୍ଣସିଂହ. ମହାଭାରତ. ବନ ।

ଚଳିଚାଳିଯିବା—ଗ୍ରା. କ୍ରି—୧ । (କାର୍ଯ୍ୟ) ସମାଧା ହେବା—
Chalichālijibā 1. (work) To be accomplished;
চলেচেলেযাওয়া accomplishment (of a work).

ଚଳିତ—ସଂ. ବିଣ (ଚଳ ଧାତୁ+କର୍ତ୍ତୃ. ତ)—
Chalita ୧ । ପ୍ରସ୍ଥିତ; ଗତ—
1. Gone; departed; preceded.
୨ । ଅସ୍ଥିର—2. Fickle.
୩ । କମ୍ପିତ—3. Trembling.
୪ । ନିଯୁକ୍ତ—4. Employed.
ସଂ. ବି (+ଭାବ. ତ) ଚଳନ; ଗତି—
Motion; movement.
ଦେ ବିଣ—ଯାହା ଚଳୁଅଛି; ବ୍ୟବହୃତ; ପ୍ରଚଳିତ (କଥା)—
Current; in vogue; in use.

ଚଳିବା—ଦେ. କ୍ରି (ସଂ. ଚଳ ଧାତୁ)—
Chalibā ୧ । ସ୍ଥାନାନ୍ତରକୁ ଯିବା; ଗମନ କରିବା—
চলা 1. To go; to pass on from one place to
चलना another.
(ଚଳାଇବା, ଚାଲିବା—ଣିଜନ୍ତରୂପ)

ସର୍ବ ସମ୍ପଦ ପରିହରେ
ତା ସଙ୍ଗେ ଚଳେ ଦେଶାନ୍ତରେ—ଭୂପତି. ପ୍ରେମପଞ୍ଚାମୃତ ।

୨ । ଅଗ୍ରସର ହେବା—2. To advance.
(ଯଥା—ସେନା ନଗର ଅଭିମୁଖରେ ଚଳିଲେ ।)
୩ । ପଦବ୍ରଜରେ ଗମନ କରିବା; ଚାଲିବା—3. To walk.
(ଯଥା—ସେ ବୃଦ୍ଧ ହେବାରୁ ଆଉ ଚଳି ପାରୁ ନାହାନ୍ତି ।)
୪ । ନିର୍ବାହିତ ହେବା—4. To be accomplished.
(ଯଥା—ଏହିଦ୍ୱାରେ ତାଙ୍କ କାମ ଚଳିବ ନାହିଁ ।)
୫ । ହଲିବା; ଦୋଦୋଲିବା; ଇତସ୍ତତଃ ଚାଳିତ ହେବା—
5. To move to and fro.
(ଯଥା—ପବନ ବନ୍ଦ ହେବାରୁ ଗଛର ପତ୍ରଟିଏ ହିଁ ଚଳୁ ନାହିଁ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୬ । ପ୍ରଚଳିତ ହେବା; ସାଧାରଣରେ ବ୍ୟବହୃତ ହେବା; ବ୍ୟବହାରରେ ଲାଗିବା—6. To be in vogue; to pass current; to be current.

(ଯଥା—ଏ ଟଙ୍କା ବଜାରରେ ଚଳିବ ।)

୭ । ସମାଜରେ ଅନ୍ୟ ବ୍ୟକ୍ତିମାନଙ୍କ ପଂକ୍ତିରେ ଭୋଜନାଦି କରିବାକୁ ଅନୁମତି ପାଇବା ବା ଯୋଗ୍ୟ ହେବା—7. To be admitted to social intercourse or communion.

(ଯଥା—ସେ ଏବେ ଆମ ଗ୍ରାମ ସମାଜରେ ଚଳିଲେଣି ।)

୮ । ଗତି କରିବା; ଗତିଯୁକ୍ତ ହେବା—
8. To move; to have motion.

ଦେଖିଲେ ନାକ ପେଟ ଭିତର ନ ଚଳଇ,
ପଥର ପରି ଅଣ୍ଡ ହୋଇଣ ରହିଲ । କୃଷ୍ଣସିଂ. ମହାଭାରତ. ଆଦି ।

୯ । ସଙ୍ଗତ ହେବା—9. To be fitting; to fit in.

(ଯଥା—ଗୁରୁଜନଙ୍କ ପାଖରେ ଧୃଷ୍ଟତା ଚଳିବ ନାହିଁ ।)

୧୦ । ବହିବା; ପ୍ରବାହିତ ହେବା—10. To flow.

(ଯଥା—ଖାଦ୍ୟ ରକ୍ତରେ ପରିଣତ ହୋଇ ଶରୀରର ପ୍ରତ୍ୟେକ ଅଂଶକୁ ଚଳେ; ବାୟୁ ଚଳିବା ।)

୧୧ । କ୍ରମାଗତ ଘଟିବା ବା ହେବା—11. To happen or take place continually; to continue.

ବନଦେବୀଙ୍କର ଅନୁସାରଲୀଳା ଚଳୁଥାଇ ଅବିରତେ—ରାଧାନାଥ. ଯଯାତି ।

୧୨ । ଇହଲୋକରୁ ପ୍ରସ୍ଥାନ କରିବା; ମହାଯାତ୍ରା କରିବା; ମରିବା—12. To die.

ସର୍ବେ ଚଳିବେ କାଳବଳେ, ଯଶ ରହିବ ମହୀତଳେ—ଜଗନ୍ନାଥ. ଭାଗବତ ।

୧୩ । ଘଣ୍ଟିକାଯନ୍ତ୍ରାଦି ଠିକ ମତେ କାର୍ଯ୍ୟ କରିବା; କାର୍ଯ୍ୟକ୍ଷମ ହେବା—13. To be in a working order; to work; to go on; to get on.

(ଯଥା—ଏ ଘଣ୍ଟାଟି ଦଶ ବର୍ଷ ହେଲା ଚଳୁଛି ।)

୧୪ । ସଂସାରରେ ସୁଖରେ ଜୀବନ ଯାପନ କରିବା—
14. To be well off; to get on the world.

(ଯଥା—ସେ ଏବେ (ସୁଖରେ) ଚଳୁଛନ୍ତି ।)

୧୫ । ଶରୀରରେ ସହ୍ୟ ହେବା; ଦେହରେ ଯିବା—
15. To agree with one's system.

(ଯଥା—ତାଙ୍କ ଦେହରେ ଘିଅ ଚଳେ ନାହିଁ ।)

୧୬ । ଅସନ୍ତୁଷ୍ଟ ବା ବିରକ୍ତ ହେବା; ଚିଡ଼ିବା; ରାଗିବା—
16. To be angry or displeased.

ଚରଣେ ପୁଣି ଚଳି ପକାଇଦେଲୁ ଚାଳି ଭ୍ରୂ ସୁନ୍ଦର କୁସୁମକୁଟୀରେ—
କବିସୂର୍ଯ୍ୟ. ସଙ୍ଗୀତ ।

୧୭ । ସୁସ୍ଥିରୂପେ ନିର୍ବାହିତ ହେବା—
17. To go on well; to be conducted.

(ଯଥା—କେବଳ ଛାତ୍ରବୃତ୍ତି ବେତନରେ ସ୍କୁଲଟି ଚଳେ ।)

୧୮ । (କୌଣସି ବସ୍ତୁ ବା ବିଷୟ)ସମାଜରେ ଗୃହୀତ ହେବା ବା ପ୍ରକାଶ୍ୟଭାବରେ ବ୍ୟବହୃତ ହେବା—
18. (anything) To be recognised by or be in a vogue in a society.

(ଯଥା—ଆଜିକାଲି ବ୍ରାହ୍ମଣଜାତିରେ କେଶ ରଖିବା ଚଳିଲାଣି ପରା ?)

୧୯ । ପ୍ରଚାରିତ ହେବା—
19 To be circulated or published.

(ଯଥା—ଆଶାପତ୍ରିକା ଗାଁ ଗାଁ ଚଳିଲାଣି ।)

୨୦ । ଅଭିପ୍ରେତ କର୍ମରେ ନିଯୁକ୍ତ ହେବା—
20. To be engaged in its proper function.

(ଯଥା—ହାତ ଚଳିବା; ପାଦ ଚଳିବା; ଠେଙ୍ଗା ଚଳିବା ।)

୨୧ । ସ୍ଥାନାନ୍ତରକୁ ପ୍ରେରିତ ହେବା—21. To be sent to another place; to be transmitted.

(ଯଥା—ନିମନ୍ତ୍ରଣ ଚଳିବା, ଗୁଆ ଚଳିବା, ବେଣ୍ଟ ଚଳିବା ।)

୨୨ । କୌଣସି ଗ୍ରହ ଏକ ରାଶିର ସୀମା ଟପି ଅନ୍ୟ ରାଶିର ସୀମାରେ ପଡ଼ିବା—22 (a planet) To pass from one zodiacal sign to another.

(ଯଥା—ଶନି କୁମ୍ଭରାଶିରୁ ମୀନରାଶିକୁ ଚଳିଲେ ।)

୨୩ । ଆରମ୍ଭ ହେବା (ପ୍ରସ୍ତାବ ଚଳିବା)—
23 To be begun.

୨୪ । ପ୍ରବର୍ତ୍ତିତ ହେବା; କାର୍ଯ୍ୟରେ ପରିଣତ ହେବା—
24. To be carried out

(ଯଥା—ହୁକୁମ ଚଳିବା, ଆଇନ ଚଳିବା ।)

୨୫ । ପରଷାଯିବା; ଖାଦ୍ୟଦ୍ରବ୍ୟ ଖାଇବା ପତ୍ରରେ ପଡ଼ିଯିବା—25. (food) To be served on plate.

(ଯଥା—ସଙ୍ଗୁଡ଼ି ସହରେ ବର୍ତ୍ତମାନ ଖିରି ଚଳୁଛି ।)

୨୬ । ଫଳପ୍ରଦ ହେବା—26 To be effective

(ଯଥା—ମୋଠାରେ ତୋର ଚାଲାକି ଚଳିବ ନାହିଁ ।)

୨୭ । ବାସ କରିବା; ବଞ୍ଚି ରହିବା—27. To live.

(ଯଥା—ଦୁନିଆରେ ଚଳିବାକୁ ହେଲେ କେତେ ଦୁଃଖ ସହିବାକୁ ହୁଏ ।)

ଚଳି ମରିବା—ଦେ. କ୍ରି—ଅତ୍ୟନ୍ତ ବିରକ୍ତି ହେତୁରୁ ବିଷମ ମାନସିକ କଷ୍ଟ
Chali maribā ବୋଧ କରିବା—To be mortified.

ଟେକ ତଥ ମନ୍ତ୍ର ଏ ଶୀତମୟୂଖଜତ ହୋଇ ମରୁ ଚଳି—କବିସୂର୍ଯ୍ୟ. ସଙ୍ଗୀତ ।

ଚଳିଷ୍ଣୁ—ସଂ. ବିଣ (ଚଲ୍ ଧାତୁ + ଶୀଳାର୍ଥରେ. ଇଷ୍ଣୁ)—୧ । ଗମନଶୀଳ;
Chalishnu ଗତିବିଶିଷ୍ଟ—1. Moving.

୨ । ଗମନୋଦ୍ୟତ; ଗମନୋନ୍ମୁଖ—2. About to go.

ଚଳି ହେବା—ଦେ. କ୍ରି—୧ । କୌଣସି ବ୍ୟକ୍ତି ପ୍ରତି ବିରକ୍ତ ହୋଇ
Chali hebā ରାଗଦେବା ବା ବିରକ୍ତି ପ୍ରକାଶ କରିବା—
1. To give vent to one's displeasure

ସେହୁ ମୋତେ ଗୁରୁଜନେ ଚଳି ହେଉଥିବେ ପର ଭାବ—କବିସୂର୍ଯ୍ୟ. ସଙ୍ଗୀତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍	ଦ୍ଧ୍ୟ	ଘ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ୍ୟ	ଇଅ	ଡ଼	ହ୍ବ

ଦେ. ବି—ସୁବିଧାଜନକଭାବରେ ଚଳପ୍ରଚଳ ହେବା; ସୁବିଧା—Convenience; being convenient for one's movements.

(ଯଥା—ଏଠାରେ ବିଶେଷ ଗୋଳମାଳ ଲାଗିବାରୁ ଏଣିକି ଚଳ ହେବା କଥା ଦିଶୁ ନାହିଁ ।)

ଚଳୁ—ସଂ. ବି. (ଚଲ ଧାତୁ + ଉ)—୧ । ଗଣ୍ଡୂଷ—1. The hollow of an open palm.

Chalu

ଚଲୁ; ଚଲୁକ

୨ । ଗଣ୍ଡୂଷରେ ଧରିବା ଜଳ—2. Water contained in the hollow of an open palm.

୩ । (ପାଣି ଆଦିର) ଏକ ଚଳ—3. A handful (of water etc).

୪ । ଭୋଜନାଦ୍ୟରେ ଓ ଭୋଜନାନ୍ତରେ ବ୍ରାହ୍ମଣାଦିଙ୍କର କରିବା ଆଚମନ—4 The sipping of a little water done by Brāhmaṇas just before and after meals.

ଦେ. ବି—୧ । ବ୍ରାହ୍ମଣମାନେ ଭୋଜନ ପୂର୍ବରୁ ଓ ପରେ କରିବା ଆଚମନର ବୈଦିକ ମନ୍ତ୍ର—1. The formulae recited by Brāhmaṇs just before and after meals.

[ଦ୍ର—ଯଜୁର୍ବେଦୀୟ ଚଳୁବିଧି, ଯଥା—'ଓଁ ବ୍ରହ୍ମଣେ ନମଃ', କହି ଚଳେ ଗଣ୍ଡୂଷେ ଜଳ ଛିଞ୍ଚିବା; 'ଓଁ ଧର୍ମରାଜାୟ ନମଃ' 'ଓଁ ଚିତ୍ରଗୁପ୍ତାୟ ନମଃ' କହି ଜଳ ଛିଞ୍ଚା ହୋଇଥିବା ସ୍ଥାନରେ ଦୁଇ ଜାଗାରେ କିଛି କିଛି ଅନ୍ନ ରଖିବା, 'ଓଁ ଧର୍ମରାଜାୟ ସ୍ୱାହା', 'ଓଁ ଚିତ୍ରଗୁପ୍ତାୟ ସ୍ୱାହା' କହି ରଖାଯାଇଥିବା ଅନ୍ନ ଉପରେ ଜଳ ଛିଞ୍ଚିବା; 'ଓଁ ଅମୃତୋପସ୍ତରଣମସି ସ୍ୱାହା' (ଅମୃତର ଆସନ ହେଲ) କହି ଗଣ୍ଡୂଷେ ଜଳ ପାନ କଲା ପରେ ପଞ୍ଚପ୍ରାଣ ବାୟୁଙ୍କୁ (ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ) ପାଞ୍ଚଗୁଣ୍ଡା ଅନ୍ନ (ପଞ୍ଚଗ୍ରାସି) ଦେବା; ତଦୁପରେ ଇଚ୍ଛା ଅନୁସାରେ ଭୋଜନ କରି ଶେଷରେ 'ଓଁ ଅମୃତାପିଧାନମସି ସ୍ୱାହା' (=ଅମୃତର ଅପିଧାନ ବା ଘୋଡ଼ଣୀ ହେଲ) କହି ଗଣ୍ଡୂଷେ ଜଳ ପାନ କରି ଭୋଜନ ଶେଷ କରିବା, ଅର୍ଥାତ୍ ମୁଁ ଯାହା ଭୋଜନ କଲି ତାହାର ତଳେ ଓ ଉପରେ ଅମୃତ ରହିଲା ।]

୨ । (ଲକ୍ଷଣାର୍ଥ) ଭୋଜନ—2. (fig) Eating.

ଚଳୁଆ—ଦେ. ବିଣ. ପୁଂ—୧ । ରାଗାନ୍ୱିତ—1. Angry.

Chaluā

(ଚଳୋଇ—ସ୍ତ୍ରୀ) ୨ । କୋପନସ୍ୱଭାବ; ଚିଡ଼ିଲା—2. Of irritable disposition; passionate.

ଚଳୁଆ ମୁରଗାବି ଲକ୍ଷ୍ମୀ ଯେବେ
ଚରଣ ଧର ବୋଲି ଦେଇ ଏବେ—ବନ୍ଦପୁଂ. ବିଚଣ ।

ଚଳୁକ—ସଂ. ବି. (ଚଲ୍ ଧାତୁ + ପରିମାଣ ଅର୍ଥରେ. ଉକ)—୧ । ମେଲା ହାତ ପାପୁଲି; ଗଣ୍ଡୂଷ—1. Space in the hollow of the open palm.

Chaluka

୨ । ଚୂଳୁକ; ଗଣ୍ଡୂଷ ପରିମିତ ଜଳ—2. That much water which can be contained in the hollow of the open palm; a handful of water.

୩ । କ୍ଷୁଦ୍ର ପାତ୍ର—3. A tiny water-pot.

ଚଳୁକରିଦେବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଏକା ଥରକେ ଭୋଜନ କରି ଦେବା; ଖାଇଦେବା—1. (figurative) To eat at one gulp.

Chalukaridebā

ଚଲୁକରେଦେଓୟା

चुल्लुकरदेना

୨ । (ଲକ୍ଷଣାର୍ଥ) ଆତ୍ମସାତ୍ କରିବା—2. (figurative) To misappropriate.

ଚଳୁ କରିବା—ଦେ. କ୍ରି—୧ । ଗଣ୍ଡୂଷ ପରିମିତ ଜଳ ପାନ କରିବା—1. To sip a handful of water.

Chalu karibā

ଚଲୁକରା

चुल्लुकरना

ଏ ନାମ ଅଗସ୍ତି ଉଦିଲେ, ସାତ ସମୁଦ୍ର ଚଳୁ କଲେ ।
ସଗୋବନ୍ଧୁ. ପ୍ରେମଭକ୍ତି ବ୍ରହ୍ମଗୀତା ।

୨ । ବ୍ରାହ୍ମଣର ଖାଇବା ପୂର୍ବରୁ ଓ ପରେ ଚଳୁବିଧି ପାଳନ କରିବା—2. To perform the rites of chalu before and after meals.

୩ । (ଲକ୍ଷଣାର୍ଥ) ଭୋଜନ କରିବା—3. (fig) To eat.

୪ । ଭୋଜନରେ ବସିବା—4. To sit at meal.

୫ । (ଲକ୍ଷଣାର୍ଥ) ଆତ୍ମସାତ୍ କରିବା—5. (figurative) To appropriate.

ଚଳୁ ଧରିବା—ଦେ କ୍ରି—୧ । ବ୍ରାହ୍ମଣମାନଙ୍କର ଭୋଜନ କରିବା ପୂର୍ବରୁ ଚଳୁ କରିବାକୁ ଗଣ୍ଡୂଷ ପରିମିତ ଜଳ ହାତରେ ଧରିବା—1. (Brāhmaṇas) To hold a handful of water in order to sip it before taking meal.

Chalu dharibā

୨ । (ଲକ୍ଷଣାର୍ଥ) ଭୋଜନ ଆରମ୍ଭ କରିବା—2. (fig.) To begin eating.

ଚଳୁ ଲାଗିବା—ଦେ. ବି—ବ୍ରାହ୍ମଣମାନଙ୍କର ପଂକ୍ତିଭୋଜନ ସଭାରେ ଭୋଜନ ପୂର୍ବରୁ ଆଚମନ ବା ଚଳୁର ବିଧି ପାଳନ କରିବା; ଆଚମନବିଧି ପାଳନ—The act of performing the rites of 'Chalu' as observed by Brahmans in a caste-dinner before taking meals.

Chalu lāgibā

ଚଳେନ୍ଦ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଚଳ=ଚଞ୍ଚଳ; ଚଞ୍ଚଳ + ଇନ୍ଦ୍ରିୟ)—୧ । ଅଜିତେନ୍ଦ୍ରିୟ—

Chalendriya

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

(ଚଳେନ୍ଦ୍ରିୟା—ସ୍ତ୍ରୀ) 1. Lustful; one who has not his
(ଚଳେନ୍ଦ୍ରିୟତା—ବି) passions under control.

୨ । ସାମାନ୍ୟ କାରଣରୁ ଯାହାର ଚିତ୍ତଚାଞ୍ଚଲ୍ୟ ଘଟେ—
2. One who loses his balance of mind at a little provocation.

୩ । ସାମାନ୍ୟ କାରଣରୁ ଯେ ରାଗିଯାଏ—3. Irritable.

୪ । ଅସ୍ଥିରଚିତ୍ତ—4. Fickle-minded.

ଚଳୋର୍ମି—ସଂ. ବି. (କର୍ମଧା; ଚଳ=ଚଞ୍ଚଳ+ଊର୍ମି)—ନର୍ତ୍ତନଶୀଳ
Chalormi ତରଙ୍ଗ—Dancing wave; billow.

ଚଲ୍ହା—ପ୍ରାଦେ. (ଗଞ୍ଜାମ) ବି.—ଘୋଳଦହି—
Chalhā Churned cud.

ଚଲ୍ହା ପୋକ—ପ୍ରାଦେ. (ସମ୍ବଲପୁର) ବି.—ଗଉଡ଼ୁଣୀ ପୋକ (ଦେଖ)
Chalhā poka Gaurduṇi poka (See)

ଚଷ୍ (ଧାତୁ)—ସଂ. ଭୋଜନ କରିବା—
Chash (root) To eat.

ଚଷକ—ସଂ. ବି. (ଚଷ୍ ଧାତୁ+କରଣ. ଅକ)—୧ । ମଦ୍ୟପାନପାତ୍ର—
Chashaka 1. Wine glass; goblet; wine cup.

ଶୁଣ୍ଡିରୁ ଚଷକ ହସ୍ତରୁ ଅଲଗା ହୋଇଗଲେ ଯଥା ବଳେ—
ରାଧାନାଥ. ପାର୍ବତୀ—

୨ । (+କର୍ମ. ଅକ)—ସୁରା; ମଦ୍ୟ—2. Wine.

୩ । ମଧୁ—3. Honey.

ଚଷଡ଼୍—ଦେ. ବି. (ଗାଳି; ସଂ. କୃଷକ)—ମୂର୍ଖ ଓ ନିର୍ବୁଦ୍ଧିଆ ବା
Chashaṛd ଅଖାଡ଼ୁଆ ବ୍ୟକ୍ତି; ଚଷାଭୂଷା ଲୋକ—A boor; a churl.

ଚଷା—ଦେ. ବି. (ସଂ. କୃଷ୍ ଧାତୁ=କର୍ଷଣ କରିବା)—୧ । କର୍ଷଣ କାର୍ଯ୍ୟ;
Chashā ଚଷିବା; କର୍ଷଣ—1. Ploughing

चासा ୨ । କୃଷକ; ଯେ ଚାଷ କରେ—
किसान; चाषा 2. Cultivator; peasant.

୩ । ଓଡ଼ିଶାର କୃଷକଜାତି (ଶୂଦ୍ର)—
3. The peasant class of Orissa.

[ଦ୍ର—ଓଡ଼ିଶାରେ ନାନା ଶ୍ରେଣୀର ଚଷା ଅଛନ୍ତି । ତହିଁ ମଧ୍ୟରୁ ଓଡ଼ଚଷା, ଓଡ଼ପଧାନ, ଶୁଦ୍ଧଚଷା, ବେଣାତିଆ, କଲୁଚୁଆ ଏବଂ ଗୁଆଳିଆ ପ୍ରଧାନ ।

୧୯୦୧ ମସିହା ସେନ୍ସସ୍ ରିପୋର୍ଟରେ ଓଡ଼ିଶାର ଚଷା ସଂଖ୍ୟା ୮୭ ଲକ୍ଷ ଥିଲା; ମାତ୍ର ୧୯୨୧ ମସିହାର ରିପୋର୍ଟରେ ୭୭ ଲକ୍ଷ ହୋଇଅଛି ।]

୪ । (ଲକ୍ଷଣାର୍ଥ) ଇତର ଜନ—4. (fig) One of the common people.

୫ । ଅସଭ୍ୟ ବ୍ୟକ୍ତି—5. An uncivilized person.

ଦେ. ବିଣ—କୃଷ୍ଟ; ଯାହା ଚଷାଯାଇଅଛି—Ploughed.

ଚଷାଇବା—ଦେ. କ୍ରି—୧ । ଚଷିବାର ଣିଜନ୍ତ ରୂପ—
Chashāibā 1. Causative form of chashibā.

चासान ୨ । ଅନ୍ୟଦ୍ୱାରା ଚାଷ କରାଇବା—To have ploughing
जुतवाना done by another.

ହଳ ଲଙ୍ଗଳ ଯାଅ ଅଣି ।
ଚଷାଅ ଅଗେ ଯଜ୍ଞଭୂମି—ବଣ୍ଣନାଥ. ବଚିତ୍ରରାମାୟଣ ।

ଚଷାଚଷି—ଦେ. ବି—(ସଂ. କୃଷ ଧାତୁ)—୧ । କୃଷିକର୍ମ—
Chashāchashi 1. Ploughing operations. agriculture.
चासाचासि
जोताजोति ୨ । ଭୂମିକର୍ଷଣ—2. Ploughing of a field.

ଚଷାଚାପେଣ୍ଡିଆ—ଦେ. ବିଣ—ଚଷାଣ୍ଡିଆ (ଦେଖ)
Chashāchāpeṇḍiā Chashāṇḍiā (See)

ଚଷାଟିଆ—ଦେ. ବିଣ—ଚଷାଣ୍ଡିଆ (ଦେଖ)
Chashāṭiā Chashāṇḍiā (See)

ଚଷାଣ୍ଡିଆ—ଦେ. ବିଣ—୧ । ଚଷାପରି ନିର୍ବୋଧ—
Chashāṇḍiā 1. Foolish; stupid.

चासाड़िआ ୨ । ଅଖାଡ଼ୁଆ—2. Rash.
उजड्ड ୩ । ଅଭଦ୍ରାଚାରୀ—3. Churlish; boorish.

୪ । ମଫସଲିଆ; ଓଲ୍ଟ—Rustic.

ଚଷାପକ୍ଷୀ—ଦେ. ବି (ସଂ. ନାମ ଚାଷପକ୍ଷୀ)—ଭରଦ୍ୱାଜ; ଭରଦ୍ୱାଜପକ୍ଷୀ;
Chashāpakshī ଭଦଭଦଳିଆ ପକ୍ଷୀ; ସ୍ୱର୍ଣ୍ଣଚୂଡ଼କ; ଚଷାପୁଅ—
चाषपाखी;नीलकण्ठ The lark; the jay; the Indian roller;
भरतपक्षी Coracias Indica.

[ଦ୍ର—ଏହା ଶାଖାଶ୍ରୟୀ ବର୍ଗର ଦେଢ଼ ଚୁଆଣ୍ଟ ଲମ୍ବ ପକ୍ଷୀ । ସଂ. ନାମ ଚାଷ ପକ୍ଷୀ, ଭରଦ୍ୱାଜ । ଏହାର ପକ୍ଷ ନୀଳ ବର୍ଣ୍ଣ, କଣ୍ଠ ନୀଳରକ୍ତ, ଥଣ୍ଟ କୁଆ ଥଣ୍ଟ ପରି କଳା ଚେପଟା । ଏହା ଶସ୍ୟ ଓ ପୋକ ଜୋକ ଖାଏ । ବ. ରେ ଏହାକୁ ନୀଳକଣ୍ଠ କହନ୍ତି । କିନ୍ତୁ ସଂ. ନୀଳକଣ୍ଠର ଅର୍ଥ ନୀଳ ମୟୂର, ଡାହୁକ ଓ ଖଞ୍ଜନ—ଯୋଗେଶ୍ଚନ୍ଦ୍ର । ଏହା ଭୂମିରେ ଘାସ ମଧ୍ୟରେ ବସା ବାନ୍ଧେ, ଖୁବ୍ ଉଚ୍ଚକୁ ଉଡ଼ି ପାରେ, ଏହାର ସ୍ୱର ମଧୁର । ହି. ଶବ୍ଦସାଗର ।]

ଚଷାପୁଅ—ଦେ. ବି.—୧ । ଚଷାପକ୍ଷୀ (ଦେଖ)
Chashāpua 1. Chashā pakshī (See)

କହିଲେ କାନ୍ତାରେ କୁହୁ ଟି କୌଣିକ
ଚଷାପୁଏ ନିଳ କଷା-ଚୌର୍ଯ୍ୟନିକ । ରାଧାନାଥ ନନ୍ଦକେଶରୀ ।

୨ । ଚଷାଘରର ସନ୍ତାନ; କୃଷକପୁତ୍ର—2. A man belonging to a chashā family.

ଚଷାଭାଗ—ଦେ. ବି—ଜମିଦାରଠାରୁ ପ୍ରଜା ଭାଗରେ ନେଇ ଚାଷ କରି-
Chashābhāga ଥିବା ଜମିର ଉତ୍ପନ୍ନରୁ ରାଜଭାଗ ବା ଜମିଦାରଙ୍କ
चाषीर भाग ପ୍ରାପ୍ୟ ଅର୍ଦ୍ଧକ ଗଲା ପରେ ପ୍ରଜାର ପାରିଶ୍ରମିକ ସ୍ୱରୂପ ପ୍ରାପ୍ୟ ଅପର ଅର୍ଦ୍ଧ—Half of the produce of a field cultivated by a farmer on produce-rent which is retained by himself after making over the landlords moity to the landlord.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଙ୍ଗ	ଞ୍ଚ	ଘ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍ୱ	ଙ୍ଗ	ଙ୍ଖ	ଢ଼	ନ୍

ଚଷାଭୁଷା—ଦେ. ବଣ—୧ । ଗ୍ରାମ୍ୟ; ଅଶିକ୍ଷିତ—1. Rustic.
Chashābhūshā ୨ । ଅଖାଡୁଆ—2. Churlish; boorish.
चाषाभुषो ୩ । ଅସଭ୍ୟ; ଅଭଦ୍ର—3. Rude; uncivilized.
गँवार

ଚଷାଳ—ସଂ. ବ. (ଚଷ୍ ଧାତୁ+କର୍ମ. ଅଲ; ସଂଜ୍ଞାର୍ଥେ)—
Chashāla ୧ । ଯଜ୍ଞୀୟ ପଶୁବନ୍ଧନାର୍ଥ କାଷ୍ଠ; ଯୂପକଟକ—
1. The peg to tie the beast to be sacrificed.
୨ । ଯୂପୋପରସ୍ଥ ଲୌହ ବା କାଷ୍ଠନିର୍ମିତ ବଳୟ—
2. Wooden or iron ring at the top of the peg for tying a sacrificial beast.
୩ । ମଧୁଚକ୍ର—3. Hive.

ଚଷିବା—ଦେ. କ୍ରି (ସଂ. କୃଷ୍ ଧାତୁ)—ଭୂମିକର୍ଷଣ କରିବା—
Chashibā To plough.
चाषा ବୃଷାଳ ମଙ୍ଗଳାଳକୁ ଯେ ଯନ୍ତେ ଚଷୁଁ ଅବନୀ—ଭକ୍ତ, କବିଦେଖ୍ୱରଦଳାସ ।
जोतना, चासना

ଚଷୁ—ଦେ ବ (ସଂ. ତୁଷ)—ଚଷୁ; ଧାନର ଚୋପା—
Chashu Husks of paddy; chaff.
तुस्
बूकला, चोकर, भूसा

ଚଷୁକୁଟା—ଦେ. ବ (ସଂ. ତୁଷ+କୁଟ୍ଟନ)—୧ । (ଲକ୍ଷଣାର୍ଥ)—ଚଷୁ
Chashukuṭā କୁଟିବା ପରି ନିଷ୍ଫଳ ବା ବୃଥା ପରିଶ୍ରମ; ପଣ୍ଡଶ୍ରମ;
ନିଷ୍ଫଳ ପରିଶ୍ରମ—1. Fruitless labour.
୨ । ନିଷ୍ଫଳ ଆଲୋଚନା—
2. Fruitless discussion.
୩ । ବହ୍ୱାରମ୍ଭ ଲଘୁକ୍ରିୟା—
3. Much ado about nothing.

ଚଷୁ କୁଟିବା—ଦେ. କ୍ରି.—(ଧାନ ପରିବର୍ତ୍ତେ ଚଷୁ ଅର୍ଥାତ୍ ଧାନର
Chashu kuṭibā ଚୋପାକୁ କୁଟିବା ଯେପରି ନିଷ୍ପ୍ରୟୋଜନ)—
୧ । (ଲକ୍ଷଣାର୍ଥ) ବୃଥା ପରିଶ୍ରମ କରିବା—
1. To perform a fruitless task
ବନ୍ଧୁ ବ୍ୟସ୍ତେ ଏଡୁ ବହୁଣାର୍ଥ ପଣ୍ଡ,
ଗୋଟି ବିନା ଖାଇ କୁଟୁଅଛ ଚଷୁ—ଗ୍ରାମ୍ୟ ନାଥ. ଦରବାର ।
୨ । ଅପ୍ରୟୋଜନୀୟ ବିଷୟର ଆଲୋଚନା ବା ଆନ୍ଦୋଳନ
କରିବା—2. To discuss unnecessary matters.
୩ । ନିଷ୍ଫଳ କାର୍ଯ୍ୟ ବା ଆଲୋଚନାରେ ସମୟ ନଷ୍ଟ କରିବା—
3. To waste time in a wild goose chase.

ଚସମ୍‌ଖୋର୍—ବୈଦେ. ବଣ. (ଫା. ଚଶ୍ମ=ଚକ୍ଷୁ+ଖୋର୍=ଖାଦକ)—
Chasamkhor ଯାହାର ଚକ୍ଷୁଲଜ୍ଜା ନାହିଁ; ବେମୋହବତିଆ—
चशमखोर Regardless of the feelings of others;
चशमखोर one who has no respect for the feelings of others.

ଚସମଇ—ପ୍ରାଦେ. ବ. (ପୁରୀ)—ଖୀରି; ପାୟସ; ଚସମଇ; ଚସମେ—
Chasamai Gruel; frumenty.
ଚସମେଇ
ଚସଇ } ଅନ୍ୟରୂପ
ଚସେଇ

ଚସମା—ବୈଦେ. ବ. (ଫା. ଚଶ୍ମ=ଆଖିରୁ)—ଉପନେତ୍ର;
Chasamā ପ୍ରଚକ୍ଷୁ—Spectacles; eyeglasses.
चश्मा ନାସିକା-ଶୋଭନ ସୁବର୍ଣ୍ଣ ଚସମା—ଗ୍ରାମ୍ୟନାଥ. ଦରବାର ।
चशमा
(ଚସ୍ମା—ଅନ୍ୟରୂପ)

ଚହଁକ—ଦେ. ବ—ଚମକ (ଦେଖ)
Chahaṅka Chamaka (See)

ଚହଁକା—ଦେ. ବ. ଓ ବଣ—ଚମକା (ଦେଖ)
Chahaṅkā Chamakā (See)

ଚହଁକାଇବା—ଦେ. କ୍ରି. (ଚହଁକିବାର ଣିଜନ୍ତ ରୂପ)—
Chahaṅkāibā ଚମକାଇବା (ଦେଖ)
Chamakāibā (See)

ଚହଁକିବା—ଦେ. କ୍ରି.—ଚମକିବା (ଦେଖ)
Chahaṅkibā Chamakibā (See)
(ଚହଁକାଇବା—ଣିଜନ୍ତରୂପ)

ଚହଁଫଳା—ପ୍ରାଦେ. (ଗଡ଼ଜାତ) ବଣ. ପୁଂ. ଓ ସ୍ତ୍ରୀ. (ସଂ. ଚପଳ)—
Chahaṅphaḷā ଚଗଲିଆ; ଚଳଚିତ୍ତ; ଚପଳପ୍ରକୃତିକ (ବ୍ୟକ୍ତି)—
(ଚହଁଫଳୀ—ସ୍ତ୍ରୀ) Fickle minded.

ଚହକ—ଦେ. ବ—୧ । ଚମକ (ଦେଖ)
Chahaka 1. Chamaka (See)

ଚହକଚିକଣ—ଦେ. ବଣ. (ସଂ. ଚମତ୍କାର+ଚିକ୍କଣ)—
Chahakachikaṇa ୧ । ଚାକଚକ୍ୟଯୁକ୍ତ; ଚହକଚିକଣ—
चमकदार; चटकिया 1. Splendid; gorgeous.
चमकदार; चटकीला ୨ । ବେଶଭୂଷାରେ ସୁସଜ୍ଜିତ—
2. Dressed gorgeously.
୩ । ବିଳାସପ୍ରିୟ—3. Luxurious; fond of luxury.

ଚହକମହକ—ଦେ. ବ. (ସହଚର)—ଚାକଚକ୍ୟ—
Chahakamahaka Splendour; lustre; glare.
चमक दमक
चमक दमक

ଚହକା—ଦେ. ବ. ଓ ବଣ—ଚମକା (ଦେଖ)
Chahakā Chamakā (See)

ଚହକାଇବା—ଦେ. କ୍ରି—୧ । ଚହକିବାର ଣିଜନ୍ତ ରୂପ—
Chahakāibā 1. Causative form of Chahakibā.

ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ୱରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ.

(ଚହକେଇବା—ଅନ୍ୟରୂପ) ୨ । ଚମକାଇବା (ଦେଖ)
2. Chamakāibā (See)

ଗ୍ରୀଷ୍ମରଶ୍ମିଙ୍କ ମଧ୍ୟେ ଚହକାଇ ପଶ୍ଚିମରୁ କହି—
କବିସୂର୍ଯ୍ୟ, କଳୋଶାବତମ୍ ।

ଚହକିବା—ଦେ. କ୍ରି.—ଚମକିବା (ଦେଖ)
Chahakibā Chamakibā (See)

ଚନ୍ଦ୍ରକୁ ଚନ୍ଦ୍ରିକା ପିଇବା ଅଶେ
ଚକୋର ପଦ ଅବସର ପାଶେ
ଚଳୁଥାଇ ଅସାଧାରଣ ଫଳ
ଚହକିଲାକାଳେ ଦୃଷ୍ଟି ମୂଳ—କବିସୂର୍ଯ୍ୟ, କବିତାକଲ୍ଲୋଳମା ।

ଚହଚହ—ଦେ. ଅ. (ଧ୍ୱନ୍ୟନୁକରଣ)—
Chahachaha ୧ । ଲୋକଗହଳ ବା ଗୋଳମାଳର ଅବ୍ୟକ୍ତ
गहगह; चहचह ଶବ୍ଦ; ଗହଗହ—1. Indistinct noise arising from a crowd of people.
୨ । ଚମକ; ଔଜ୍ଜ୍ୱଲ୍ୟ—2. Splendour.
୩ । ଅତ୍ୟନ୍ତ; ଝହଝହ—
3. Very; too much.
(ଯଥା—ନାଲଚହଚହ ।)

ଚହଚହ ମହମହ—ପ୍ରାଦେ. ବିଣ. (କଟକ)—ଆଡ଼ମ୍ବରପୂର୍ଣ୍ଣ—
Chahachaha mahamaha With much splendour; grand; in a grand style.
(ଯଥା—ସେ ଚହଚହ ମହମହ ବାହାଘର କଲେ ।)

ଚହଟ—ଦେ. ବି—୧ । ଔଜ୍ଜ୍ୱଲ୍ୟ—
Chahaṭa 1. Brightness.
चटक ୨ । ଶୋଭା; କାନ୍ତି—2. Beauty; sheen.
चटक

ଜାଣିଣ ଭୋଳା ଶଙ୍ଖଶବ୍ଦର ଚହଟ
ବନ୍ଦୀ କଲେ ଅଞ୍ଜନ ଅଠାବରେ କରି ହଟ—କୃଷ୍ଣସିଂହ. ମହାଭାରତ, ଆଦି ।

୩ । ଆଡ଼ମ୍ବର; ବ୍ୟାପିବା—
3. Splendour; gaudiness; grandeur.

ବାଣୀ ସ୍ୱପକ୍ଷଙ୍କୁ ଗଜ ଚହଟକୁ ସ୍ଥାନ ନୋହି ଯନ୍ତ୍ରାଯନ୍ତ୍ର ।
ଭଞ୍ଜ. ବୈଦେହୀଶବିଳାସ ।

୪ । ପ୍ରକାଶ—4 Diffusion; exibition.
୫ । ପ୍ରଚାର; ପ୍ରକଟନ—
5. Disclosure; publication.
ଦେ. ବିଣ—୧ । ପ୍ରକାଶିତ—1. Exibited.
୨ । ପ୍ରଚାରିତ; ପ୍ରକଟ—2. Published.

କ୍ରମେ ତା ହେଲା ଚହଟ । ରାଧାନାଥ. ଯଯାତି ।

୩ । ଚକଚକିଆ; ଉଜ୍ଜ୍ୱଳ—3. Bright; dazzling.

ଚହଟଚମ୍ପା—ଦେ. ବିଣ. ସ୍ତ୍ରୀ—ଫୁଟିଥିବା ଚମ୍ପା ଫୁଲ ପରି ସୁନ୍ଦରୀ ଓ
Chahaṭachampā ଗୋରୀ (ସ୍ତ୍ରୀ)—(female)
Beautiful and fair coloured like a full-blown Champaka flower.

ଚହଟଚିକଣ—ଦେ. ବିଣ—୧ । ସର୍ବଗୁଣରେ ସୁନ୍ଦର—
Chahaṭachikaṇa 1. Full of all good qualities.
चटकिला ୨ । ଶୋଭାମୟ—2. Splendid;
चटकमटक gaudy; grand.
୩ । ବାହ୍ୟାଡ଼ମ୍ବରପୂର୍ଣ୍ଣ—3. Foppish; gaudy.

ଚହଟ ଚିକଣ ଖଣ୍ଡା ଖଡ଼ ସହିରେ । ଭକ୍ତକବି. ଗୀତଲହରୀ ।

ଦେ. ବି—୧ । କୃତ୍ରିମ ସୌନ୍ଦର୍ଯ୍ୟ; ପ୍ରସାଧନଦ୍ୱାରା ପ୍ରସ୍ତୁତ ସୌନ୍ଦର୍ଯ୍ୟ—1. Beauty due to dressing and toilet artificial or made up grace.
୨ । ଆଡ଼ମ୍ବର—2. Gaudiness.

ଚହଟନାଗର—ଦେ. ବିଣ. ପୁଂ—ସୁବେଶ ସଜ୍ଜିତ ରସିକ ନାଗର; ଛଇଳ;
Chahaṭanāgara ବେଶଭୂଷାପ୍ରିୟ ରସିକ ପୁରୁଷ—
फुलबाबु A fop; a beau.
छैला

ଚହଟା—ଦେ. ବି—୧ । ବିସ୍ତୃତ ସମତଳ ଭୂଖଣ୍ଡ—
Chahaṭā 1. A wide plot of level land.

ସେ ଚହଟା ଭିତରେ ଅଛି ଯେଉଁ ମନ୍ଦର
ଯହିଁରେ ଶବଦ ଶୁଭେ ଦ୍ୱାଦଶ ପ୍ରକାର । ପୀତାମ୍ବର. ନୃସିଂହପୁରାଣ ।

୨ । ବିଷ ଆଦି ମନୁଷ୍ୟର ମଗଜରେ ବା ଶରୀରଯାକ ବ୍ୟାପିଯିବା—
2. Diffusion through the system (as poison).
୩ । ସୁଗନ୍ଧ ବିସ୍ତାର; ସୁଗନ୍ଧ ସବୁଆଡ଼େ ବ୍ୟାପିଯିବା—
3. Diffusion of smell.
ପ୍ରାଦେ. (ଗଡ଼ଜାତ) ବି—ଚାରିପାଖେ ଜଙ୍ଗଲ ଥିବା ବିସ୍ତୃତ ଭୂଖଣ୍ଡ—A wide plot of land having jungles on all sides.
ଦେ. ବିଣ—ଚପଳସ୍ୱଭାବ; ଚଞ୍ଚଳମତି—Fickle-minded.

ଅରେ ଚହଟା, ଝଟା ଲଟା ଭଲେ ନ କର ହଟା ।
ଯଦୁମଣି, ରହସ୍ୟ ଚଉତିଶା ।

ଚହଟାଇବା—ଦେ. କ୍ରି. (ଚହଟିବାର ଣିଜନ୍ତ ରୂପ)—
Chahaṭāibā ୧ । ଆମୋଦରେ ଦିଗଦିଗନ୍ତ ପୂର୍ଣ୍ଣ କରିବା—
छाओयान 1. To fill the air with smell.
फैलाना

ସୁରଭି କୁସୁମ ଚହଟାଇ ବାସ ମହକାଏ ତା ମାଧୁରୀ ।
ନନ୍ଦକିଶୋର. ଗ୍ରାମ୍ୟ ।

୨ । ପ୍ରକାଶିତ କରାଇବା—
2 To cause to come out.
୩ । ପ୍ରଚାରିତ କରିବା—
3. To publish; to reveal; to disclose
୪ । ଶୋଭିତ କରାଇବା; ଶୋଭାଯୁକ୍ତ କରିବା—
4. To make beautiful; to cause to be charming.

କାହା ଶିର ମୁକୁଟ ଭଲେ ପଡ଼ଯାଏ
ରତନ ଜ୍ୟୋତିରେ ସେ ମହୀ ଚହଟାଏ । କୃଷ୍ଣସିଂହ. ମହାଭାରତ. ଆଦି ।

୧	ଇ	ଉ	ୠ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଲଯ୍ୟ	ଭ୍ୟ	ଢ
୨	ଈ	ଊ	ରୁ	ଳୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଭ୍ଭ	ଦୃ

ଚହଟିଆ—ଦେ. ବଣ—ଶୋଭାମୟ; କାନ୍ତିବିଶିଷ୍ଟ—
Chahaṭiā — Charming; beautiful.
চটকীলা
चटकीला

ଚହଟିବା—ଦେ. କ୍ରି—୧ । (ସୁଗନ୍ଧ) ପ୍ରକାଶିତ ହେବା; ମହକିବା—
Chahaṭibā — 1. To diffuse; to fill the air (as a smell).
ছাওয়া
ফৈলনা

ଚନ୍ଦନକ୍ଷଣେ ସେ ପଦ୍ମ ବାସନା ଚହଟି ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

୨ । (ବିଷ) ମନୁଷ୍ୟ ଶରୀରରେ ବ୍ୟାପିବା—2. To diffuse through the system (as a poison).

୩ । (ବିଦ୍ୟୁତ୍ ଆଦି) ଉଜ୍ଜ୍ୱଳରୂପେ ପ୍ରକାଶିତ ହେବା—3. To flash.

ସେ କରୁ ଉପୁଜି ଚହଟି ବିଦ୍ୟୁତ,
କରର ନୟନକୁ ଦେଉଥାନ୍ତି ଦୁଃଖ । କୃଷ୍ଣସିଂହ. ମହାଭାରତ ବନ ।

୪ । (ଦିଗଦିଗନ୍ତ) ସୁବାସରେ ପୂର୍ଣ୍ଣ ହେବା—4. To be filled with (e. g. the air with a smell.)

୫ । ପ୍ରକାଶିତ ହେବା; ପ୍ରକଟିତ ହେବା—5. To be opened to view; to be disclosed or revealed.

ବକ ପାଶରେ ଜଳଦାଦି ବଂଶୀର ଲୁଳହିଁ ଚହଟେ ।
ଉପେ. ବୈଦେହୀଶବିଳାସ ।

୬ । (ମାଛ ଆଦି) ଉପରକୁ ଉଠିବା; ଉପୁଡି ଉଠିବା—6. To rise up to the surface; (e. g. as a fish in water).

ମାଛର ଦେହ ଗୋଟି ପ୍ରବଳେ ବଢ଼ିଲା,
ଚହଟି ଖେଳିବାକୁ ଜଳ ନ ମିଳଇ । କୃଷ୍ଣସିଂହ. ମହାଭାରତ. ବନ ।

ଚହଟି ହେବା—ଦେ. କ୍ରି.—ଦଣ୍ଡକର ମାଛ ପରି ଉପରକୁ ଉଠି ଫର ଫର ହେବା; ପ୍ରକାଶିତ ହେବା—
Chahaṭi hebā — To flutter or become prominent.

ବ୍ରାହ୍ମଣକୁଳେ ଜନ୍ମି ବଣ୍ଟୁବିକ୍ଷିଭ ପୁଏ ।
ଚହଟି ହେଉଛନ୍ତି ସଫରୀ ମୀନ ପ୍ରାୟେ । ପୀତାମ୍ବର. କୃଷି ହରିପୁରାଣ ।

ଚହରାଇବା—ପ୍ରାଦେ. (ସମ୍ବଲପୁର; ଭୁଲ. ହି. ଚହରନା=ଆନନ୍ଦିତ ହେବା) କ୍ରି.—ପ୍ରଲୋଭନ ଦେଖାଇବା—
Chaharāibā — To hold out temptation; to allure.

ଚହଳ—ଦେ. ବି. (ସଂ. ଚଳ୍ ଧାତୁ)—୧ । ଆନ୍ଦୋଳନ—
Chahaḻa — 1 Agitation; disturbance.
হৈচৈ
चहल
୨ । ଗୋଳମାଳ; ବହୁଲୋକଙ୍କ ମୁଖରବ; ହୁଲରି; ଘୋଷା—2. Noise; ado; hue and cry; out cry bustle.

ଚୌଦିଗେ ଉଠିଲା ମହାଶୋକର ଚହଳ । ରଘୁନାଥ. ମହାଯାତ୍ରା ।

୨ । ବହୁ ମନୁଷ୍ୟଙ୍କର ଏକତ୍ର ଯିବା ଆସିବା ହେତୁରୁ ଭିଡ଼; ଗହଳ—2. Pressure of a crowd.

୩ । ପ୍ରଘଟ; ପ୍ରକାଶ—
3. Disclosing; publication; revealing.

[ଦ୍ର—ଏ ଶବ୍ଦ ଗହଳ ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ । ଯଥା—ଗହଳ ଚହଳ ।]

ଚହଲ—ଦେ. ବି.—୧ । (ସଂ. ଚଲ ଧାତୁ) ସ୍ପନ୍ଦନ; କମ୍ପନ—
Chahala — 1. Throbbing; vibration.
ছলকন
চহল
୨ । (ସଂ. ଚିକ୍କଲ=ପଙ୍କ)—କାଦୁଅ; ପଙ୍କ—Clay; mire.
चहला
ଦେ. ବଣ.—କର୍ଦ୍ଦମମୟ; ପଙ୍କିଲ—Clayey; miry

ଚହଲା—ଦେ. ବଣ.—ଚହଳିଆ (ଦେଖ)
Chahaḻā — Chahaḻiā (See)

ଭୁଜେ ଜାତ ସେତେ କାଠରେ ଅଗ୍ନି ଥିଲା;
ପର ଉହି ଥାନ୍ତି କୋହଣ ଚହଳା । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

ଚହଲି—ଦେ. ବି. (ସଂ. ଚିକ୍କଲ; ପଙ୍କ)—୧ । ମଳ; ମଇଳା—
Chahalā — 1. Dirt.
চহল, চহলা
चहला; छलकन
୨ । ପଙ୍କ—2. Mire; soft mud.

ଦେ. ବଣ.—ପଙ୍କୁଆ; କର୍ଦ୍ଦମମୟ—Clayey; miry.

ପ୍ରାଦେ. (ସମ୍ବଲପୁର; ଭୁଲ. ହି. ଚହଲୀ କୁଅରୁ ପାଣି କାଢିବା ପାଇଁ କୁଅ ଉପରେ ଲାଗିଥିବା ଚରଖି) ବି—

୧ । ବଡ଼କୂଅ, ବାମ୍ଫୀ—1. A wide well.

୨ । ଜଳକୁଣ୍ଡ—2. Reservoir of water.

୩ । ନଈବାଲି ବା ଖାଲ ଭୂମିରେ ପାଣି ପାଇଁ ଖୋଳାଯାଇଥିବା ଚଉଡ଼ା ବା ଓସାରିଆ ଗାତ; ଚୁଆ—
3. A small pool or hole dug in the ground to get water.

ପ୍ରାଦେ. (ବସ୍ତର) ବି—ବୟସ ଛଉ (ଦେଖ)
Bayasa chhau (See)

ଚହଲାଇବା—ଦେ. କ୍ରି—'ଚହଲିବା'ର ଣିଜନ୍ତ ରୂପ—
Chahalāibā — Causative form of Chahalibā.
চলকান
ଆନ୍ଦୋଳିତ କରିବା; ହଲାଇବା—
छलकाना
To agitate; to shake.

ଚହଳି—ଦେ. ବି—ଚହଳ; ଗୋଳମାଳ—
Chahaḻi — Tumult; noise.

[ଦ୍ର—ଏ ଶବ୍ଦ ଗହଳ ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ :—ଗହଳ ଚହଳ ।]

ଚହଳିଆ—ଦେ. ବଣ. (ସଂ. ଚଳ)—୧ । ଅସ୍ଥିର; ଚଞ୍ଚଳ—
Chahaḻiā — 1. Moving here and there; restless.

୨ । ଚପଳ—2. Fickle; unsteady.

୩ । ଯେ ହଲ୍ଲା କରେ—3. Noisy.

ସାଧାରଣ ଲୋକେ ଅପର ସ୍ଥାନରେ ୨ ଚିହ୍ନିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚହଲିବା—ଦେ. କ୍ରି. (ସଂ. ଚଲ୍ ଧାତୁ)—୧ । (ପାତ୍ରର ଚଳନ ଯୋଗୁଁ ତରଳ ପଦାର୍ଥ) ହଲିବା ବା ହଲଚଲ ହେବା—
Chahalibā
चलका
छलकाना
(ଚହଳିବା—ଅନ୍ୟରୂପ)
1. To be agitated; to vibrate (said of a liquid being agitated).

୨ । ଚଳିବା; ଗତିଯୁକ୍ତ ହେବା—2. To be in motion; to move.

ଚଳୁଥିଲା ପଥ ଟେକି ଚକ୍ଷୀ
ତେଉଁ କର୍ଣ୍ଣପାଶ ନ ଚହଲି । କବିସୂର୍ଯ୍ୟ. କବିତା ।

୩ । ଅସ୍ଥିର ହେବା— 3. To be restless.

୪ । କମ୍ପିବା—4. To shake.

ସେ ପୃଥିବୀ ଟଳଟଳ ହୋଇ ଚହଲିଲା
ଚହଲନ୍ତେ ପୃଥିବୀକି ପିଡ଼ା ପଡ଼ିଲା । ପୀତାମ୍ବର, ନୃସିଂହପୁରାଣ ।

ଚହାଁଚହିଁ—ସ୍ତ୍ରୀ. ବି. (ଓ. ଚାହିଁବା କ୍ରିୟା)—ଚାହାଁଚାହିଁ (ଦେଖ)
Chahāñchahiñ — Chāhāñchāhiñ (See)
(ଚହାଁଚହିଁ—ଅନ୍ୟରୂପ)

ଚହ୍ଲା—ପ୍ରାଦେ. (ଗଞ୍ଜାମ) ବି—ଘୋଳଦହି; ଘୋଳଦହି—
Chahlā — Churned curd.

ଯେ ବାସି ଛେନା ଚହ୍ଲାପାଣି,
ତହିଁ ଢାଳିଲ ସ୍ନେହେ ଅଣି । ଭୂପତି, ପ୍ରେମପଞ୍ଚାମୃତ ।

ଚହ୍ଲାପୋକ—ପ୍ରାଦେ. (ସମ୍ବଲପୁର) ବି—ଗଉଡ଼ୁଣୀପୋକ (ଦେଖ)
Chahlāpoka — Gaurḍuṇipoka (See)

ଚା—ବୈଦେ. ବି. (ଚୀନ୍ ଭାଷା ଚା; ତୁଳ. ଏହି ଅର୍ଥରେ ଫା. ଚାୟ)—
Chā
चा
चा; चाय
ତେ. ତେୟାକୁ
୧ । ଏକଜାତୀୟ ଗୁଳ୍ମ ଏବଂ ତାହାର ଶୁଷ୍କ ପତ୍ରବିଶେଷ; ଚାହା ଗଛ ଓ ପତ୍ର—1. Tea; tea-plant and its leaves

[ଦ୍ର—ଏ ଗୁଳ୍ମ ପ୍ରଥମେ ଚୀନ ଦେଶରୁ ଭାରତକୁ ଆସିଥିଲା । ଆସାମ ଜଙ୍ଗଲରେ 'ଚା' ଗୁଳ୍ମ ଦେଖାଯିବାରୁ ପରୀକ୍ଷାସ୍ୱରୂପ ଆସାମରେ ଏହାର କୃଷି କରାଗଲା ଓ କ୍ରମେ କ୍ରମେ ଆସାମରେ ଓ ଲଙ୍କାରେ ଏହାର ବିସ୍ତର କୃଷି ହେଲା । ବର୍ତ୍ତମାନ ଏହା ଭାରତରୁ ଓ ଲଙ୍କାରୁ ବିଦେଶକୁ ପଠାଯିବା ଗୋଟିଏ ଲାଭଜନକ ପଣ୍ୟଦ୍ରବ୍ୟ ହୋଇଅଛି । 'ଚା' ଗଛ ଉଚ୍ଚରେ ୨ ହାତଠାରୁ ୪ ହାତ ବଢ଼େ । ଏହାର ପତ୍ର ୧୦।୧୨ ଅଙ୍ଗୁଳ ଲମ୍ବ ଓ ୩।୪ ଅଙ୍ଗୁଳ ଚଉଡ଼ା ଓ ପତ୍ରର ଦୁଇ ମୁଣ୍ଡ ମୁନିଆଁ; ଏଥିର ଫୁଲ ୪।୫ ପାଖୁଡ଼ିଆ ଓ ଧଳା । ଫୁଲ ଝଡ଼ିଗଲା ପରେ ଗଛରେ ଫଳ ଧରେ । ଫଳ ମଧ୍ୟରେ ଏକଠାରୁ ୩ ପର୍ଯ୍ୟନ୍ତ ମଞ୍ଜି ଥାଏ । ଏହାର ପତ୍ରକୁ କଅଁଳ ସମୟରେ ତୋଳି ତାକୁ ଶୁଖାଇ ଟିକିଟିକି କରି ରଖାଯାଏ । ଶୁଖିଲା ପତ୍ରର ବର୍ଣ୍ଣ ଫିକା କଳା । ଫୁଟିଲା ପାଣିରେ ଏହି ଶୁଖିଲା ପତ୍ରକୁ ପକାଇ ଚୁଲିରୁ ଓହ୍ଲାଇଆଣି ସେ ପାଣିରୁ ବଳୁଥିବା 'ଚା' ପତ୍ରଗୁଡ଼ିକ ଛାଣି ଫିଙ୍ଗିଦିଆଯାଏ । ସେ ପାଣି ଈଷତ୍ ନାଲି ଓ କଷା ଲାଗେ । ଉକ୍ତ ପାଣିରେ ଦୁଧ ଓ ଚିନି ମିଶାଇ ତାହା ଗରମ ଥାଉଁ ଥାଉଁ ପିଆଯାଏ । କେହି କେହି ଦୁଧ ଓ ଚିନି ନ ଦେଇ ଖାଲି ଚା ସିଝା ପାଣି ପିଅନ୍ତି ଓ କେହି କେହି ଲୁଣ ମିଶାଇ ଖାଆନ୍ତି । ସଭ୍ୟସମାଜରେ ଓ ସଭ୍ୟସମାଜ ସଂସ୍ରବରେ ଆସିଥିବା ବନ୍ୟ ଓ ଅସଭ୍ୟ ଜାତିମାନଙ୍କ ମଧ୍ୟରେ 'ଚା' ପିଇବା ଗୋଟିଏ ଅପରିହାର୍ଯ୍ୟ ଅଭ୍ୟାସରେ ପରିଣତ ହୋଇଅଛି । ଚୀନ ଦେଶରେ ଲୋକେ ଅତି ପ୍ରାଚୀନକାଳରେ ଔଷଧରୂପେ ଚା ପତ୍ର ବ୍ୟବହାର କରୁଥିଲେ । ତନ୍ନୁ ଅଜକାଲି ପରି ଚା ପତ୍ର ବତୁରା ଗରମ ପାଣିକୁ ପିଇବାର ରୀତି ଖ୍ରୀଷ୍ଟ ୭ମ ବା ଅଷ୍ଟମ ଶତାବ୍ଦୀରୁ ଚଳିଲା । ଏ ପାଣି ପିଇଲେ ଦେହରୁ ଆଳସ୍ୟ ଦୂର ହୋଇ ସ୍ଫୂର୍ତ୍ତି ଜନ୍ମେ ଓ ଅନିଦ୍ରା ଏବଂ ପରିଶ୍ରମଜନିତ କ୍ଳାନ୍ତି ଦୂର ହୁଏ । ଇଷ୍ଟଇଣ୍ଡିଆ କୋମ୍ପାନୀ ଭାରତକୁ ପ୍ରଥମେ ବ୍ୟବସାୟ ପାଇଁ ଆସିଲାବେଳେ ଚୀନ ଦେଶରୁ 'ଚା' କିଣି ବିଲାତକୁ ପଠାଉଥିଲେ । ପରେ ଆସାମରେ 'ଚା' ଗଛ ବଣରେ ଉଠୁଥିବାର ଦେଖାଯିବାରୁ ଭାରତରେ ଏହାର ଚାଷ ହେଲା । 'ଚା' ଗଛ ଅନେକ ପ୍ରକାର ଓ ତହିଁର ପତ୍ର ମଧ୍ୟ ଅନେକ ପ୍ରକାରର । ଶୁଖିଲା ପତ୍ରର ବର୍ଣ୍ଣ ମଧ୍ୟ ନାନାପ୍ରକାରର —
ହି. ଶବ୍ଦସାଗର ।]

୨ । ଫୁଟିବା ପାଣିରେ ଶୁଖିଲା 'ଚା'ର ପତ୍ର ପକାଇ ଉକ୍ତ ଜଳକୁ ଛାଣି ସେ ଆରକ୍ତ ଜଳ ସଙ୍ଗେ ଦୁଧ ଓ ଚିନି ମିଶାଇ ପ୍ରସ୍ତୁତ କରାଯିବା ପାନୀୟ—2. Tea (drink); concoction of dry tea leaves mixed with milk and sugar and used as a drink.

ଚାଅଲତା—ଦେ. ବି.—ମେଜେଣ୍ଟାର; ମାଜେଣ୍ଟା; ବୈଜ୍ଞାନିକ ପ୍ରକ୍ରିୟାରେ ଆଲକାତରାରୁ ପ୍ରସ୍ତୁତ ଈଷତ୍ ନୀଳଦାନାଦାର ରଙ୍ଗବିଶେଷ—Magenta; a red pigment.
Chāaḻatā

[ଦ୍ର—ଏହି ମେଜେଣ୍ଟାରଦାନାମାନ 'ଚା' ପତ୍ର ପରି କଳା ଦିଶେ ଓ ପାଣିରେ ପକାଇଲେ ପାଣି ଅଲତା ପରି ନାଲିଆ ହୁଏ । ଏଥିଯୋଗୁଁ ଏଥିର ନାମ ଚା-ଅଲତା ହୋଇଅଛି ।]

ଚାଆ (ଇତ୍ୟାଦି)—ବୈଦେ. ବି (ଚୀନ ଭାଷା ଚା)—
Chāā (etc) — ଚା (ଇତ୍ୟାଦି) (ଦେଖ)
Chā (etc) (See).

ଚାଆଁରା—ଦେ. ବି—ଏକପ୍ରକାର ଘାସ—
Chāañrā — A kind of grass.

ଚାଙ୍ଗା—ଦେ. ବିଣ (ସଂ. ଚଙ୍ଗ = ସୁସ୍ଥ, ଦକ୍ଷ, ନୀରୋଗ)—
चाङ्गा
चाङ्गला
୧ । ଚାଙ୍ଗଳା; ସତେଜ (ବୃକ୍ଷାଦି)—1. Vigorous (trees).

୨ । ହୃଷ୍ଟପୁଷ୍ଟ—2. Strong and well developed.

ଚାଇ—ଦେ. ବି—୧ । ଗୋଲମରିଚ (ଦେଖ)—
Chāi — 1. Golamaricha (See) (Haines).

୨ । ଚାଇକାଠ (ଦେଖ)—
Chaikaṭha (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଉଅ	ଓ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍ତ

ଚଇଁ—ଦେ. ବିଣ—୧ । (ସଂ. ଚପଳ)—ଚଞ୍ଚଳମତି; ଚପଳ—
Chāin̄ 1. Unsteady; fickle.
চায়াঁ ୨ । ସ୍ଫୂର୍ତ୍ତିଯୁକ୍ତ; ଚଞ୍ଚଳ—2. Brisk.
चाँइ ୩ । ଠକ; ପ୍ରତାରକ—3. Cheating; fraudulent.
(ଚଁଇଁ—ଅନ୍ୟରୂପ) ୪ । ଧୂର୍ତ୍ତ—4. Sly.
୫ । ଚତୁର—5. Clever.
୬ । ଦକ୍ଷ; କର୍ମଠ—6. Active; skilful.
୭ । (ସଂ, ତପ୍ତ) ତାତିଲା; ଉତ୍ତପ୍ତ—7. Hot; heated.
ଦେ. ବି—୧ । ଯେଉଁ ଲୋକ ଆଖି ଆଗରୁ ଜିନିଷ ଚୋରିକରି ନିଏ—1. A sly thief who steals things before one's eyes.
୨ । ଧପାବାଜ୍ ବା ଠକ ବ୍ୟକ୍ତି—2. A cheat.
୩ । ଠକାମି—3. Cheating.

ଚଇଁଆ—ଦେ. ବିଣ—ଚଇଁ (ଦେଖ)—
Chāin̄ā Chāin̄ (See)

ଚଇଁକରିବା—ଦେ. କ୍ରି—୧ । ତାତିବା; ଉତ୍ତପ୍ତ ହେବା—
Chāin̄karibā 1. To become heated.
୨ । ଚଇଁ ଶବ୍ଦ କରିବା—2. To produce the sound of a drop of water falling on a very hot metal.

ଚଇଁକାଠ—ଦେ. ବି. (ସଂ. ଚବକା; ଚବ୍ୟ)—ଚଇକାଠ (ଦେଖ)
Chāin̄kāṭha Chaikāṭha (See)

ଚଇଁକିନା—ଦେ. ଅ—ଚଇଁଚଇଁ (ଦେଖ)
Chāin̄kinā Chāin̄chāin̄ (See)

ଚଇଁକରି
ଚଇଁଚଇଁ } ଅନ୍ୟରୂପ
ଚଇଁଦସ

ଚଇଁଖରା—ଦେ. ବି—ମଧ୍ୟାହ୍ନ ପୂର୍ବେ ବା ପରେ ହେବା ପ୍ରବଳ ଖରା; ଚଇଁ
Chāin̄kharā ଚଇଁଆଁ ରୌଦ୍ର—Very hot rays of the sun.

ଚଇଁଖସିବା—ଦେ. କ୍ରି—ଭୟରେ ଛାନିଆ ପଶିବା; ହୃଦୟରେ ହଠାତ୍
Chāin̄khasibā ଭୟଜାତ ହେବା—Becoming terrified.
চমকেযাওয়া (ଯଥା—ସେଠାରେ ହାଣକାଟ ହେଉଥିବା ଖବର
चौंकना ଶୁଣି ତାର ବା ତାଠଇଁ ଚଇଁଖସିଲା ।)
ଚଇଁଖସିପଡ଼ିବା } ଅନ୍ୟରୂପ
ଚଇଁଖସିଯିବା }

ଚଇଁଚଇଁ—ଦେ. ଅ—୧ । ତୀକ୍ଷ୍ଣ-ସ୍ପର୍ଶ-ଅନୁଭୂତି ସହିତ—
Chāin̄chāin̄ 1. A sharp biting sensation.
୨ । ଚଆଁ ବା ନିଆଁହୁଳା ଦେହରେ ମାଡ଼ ହେଲେ ଯେଉଁ ଅନୁଭୂତି ହୁଏ ସେହିପରି—2. A burning sensation in the body (when touched with a searing rod).
୩ । ଦେହରେ ଛୁଞ୍ଚି ଫୋଡ଼ି ହୋଇ ଗଲେ ଯେଉଁ କଷ୍ଟ ଅନୁଭୂତ ହୁଏ—3. The pang of a pin pricking the body.
୪ । ଶୀଘ୍ର ଶୀଘ୍ର—
4. Repeatedly; in quick succession.
୫ । ଘନ ଘନ ଦେହ ଫୋଳ ବନ୍ଧ ହେବାର ଅନୁଭୂତି ସହିତ—5. With a feeling of repeated momentary pangs in the system (as by pin-prick or pricking with a fire brand.)
୬ । ତାତିଲା ଲୁହା ଉପରେ ବା ତାତିଲା ହାଣ୍ଡିରେ ଟୋପା ଟୋପା ପାଣି ପଡ଼ିବାର ଶବ୍ଦ; ଚେଁଚେଁ ଶବ୍ଦ—6. Sound produced by drops of water falling on a red-hot metal or earthen pot.

ଚଇଁପଖାଳ—ଦେ. ବି—ଭାତ ଗରମ ଥାଉଁ ଥାଉଁ ସେଥିରେ ପାଣି
Chāin̄pakhāḻa ଢଳାଯାଇଥିବା ପଖାଳ; ଯେଉଁ ପଖାଳ
(ବାସି ପଖାଳ—ବିପରୀତ) ଭାତରୁ ଉଷ୍ମ ଛାଡ଼ି ନ ଥାଏ—
1. Boiled rice mixed with water while still hot and served while still hot.
୨ । ସଜ ପଖାଳ—2. Freshly watered boiled rice.

ଚଇଁମାରିବା—ଦେ. କ୍ରି—୧ । ଧପ୍ପାମାରିବା—
Chāin̄māribā 1 To practise cheating.
୨ । ଆଖି ଆଗରୁ କୌଣସି ପଦାର୍ଥ ଚୋରି କରି ନେବା—
2. To steal a thing before one's eyes; to pilfer.

ଚଇଁ ମୁଗ—ଦେ. ବି—ଝାଞ୍ଜିମୁଗ; ଖରାଦିନେ ପାଚିବା ଏକଜାତୀୟ କଳିଷ୍ଠ
Chāin̄ muga ମୁଗ—A leguminous seed harvested in summer.
[ଦ୍ର—ଏହା ମାଘ ମାସରେ ବୁଣା ହୋଇ ଗ୍ରୀଷ୍ମ ଋତୁରେ ଅମଳ ହୁଏ । ଏହାର ବର୍ଣ୍ଣ ସବୁଜ ।]

ଚଇକଚିକା—ଦେ. ବି. (ସଂ. ଚାକଚକ୍ୟ)—
Chāikichikā ୧ ।.ବେଶଭୂଷାର ଆଡ଼ମ୍ବର—
1. Foppishness; gaudiness in dress.
୨ । ଉଜ୍ଜ୍ୱଳତା—2. Glitter; dazzle
ଦେ. ବିଣ—୧ । ଚାକଚକ୍ୟ ବା ଆଡ଼ମ୍ବରପୂର୍ଣ୍ଣ—
1. Foppish; gaudy.
୨ । ଉଜ୍ଜ୍ୱଳ—2. Bright; glittering; dazzling.

ଚଇନାପାମ୍—ବୈଦେ. ବି. (ଇଂ. ଚଇନା=ଚୀନ୍‌ଦେଶ+ପାମ୍= ତାଳଗଛ)—ବିଦେଶାଗତ ତାଳ ଓ ଖଜୁରୀଜାତୀୟ ବୃକ୍ଷବିଶେଷ—China palm; Phoenix Rotundipotea.
Chāināpām

> ସାଧାରଣ ଲୋକେ ଅପଢ ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂଁନି' ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଚାଉଁ—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ହଠାତ୍ ତାତିଲା ଧାତୁଖଣ୍ଡ ଦେହରେ ମାଡ଼ିବାର ଅନୁଭୂତି—1. Sensation felt when the body is touched with a piece of hot metal.
Chāuṅ
୨ । ହଠାତ୍—2. Suddenly.
୩ । ହଠାତ୍ ଭୟ ପାଇ ଚମକିବା—3. Being startled suddenly.
୪ । ହଠାତ୍ ଭୟ; ଛନକା—4. Sudden fear or fright.

ଚାଉଁକିନା—ଦେ. ଅ—ଚାଇଁଚାଇଁ (ଦେଖ)
Chāuṅkinā — Chāiṅchāiṅ (See)
ଚାଉଁକରି, ଚାଉଁକରି, ଚାଉଁଦେଇ } ଅନ୍ୟରୂପ

ଚାଉଁଚାଉଁ—ଦେ. ଅ—୧ । ଚାଇଁଚାଇଁ (ଦେଖ)
Chāuṅchāuṅ — 1. Chāiṅchāiṅ (See)
୨ । ଚାଉଁଚାଉଁଆ (ଦେଖ) 2. Chāuṅchāuṅā (See).

ଚାଉଁଚାଉଁଆ—ଦେ. ଅ—୧ । ନିଶ୍ଛାଟିଆ ହେବାଯୋଗୁଁ ଡର ବା ଭୟ—1. Fear on being lonely.
Chāuṅchāuṅāṅ
୨ । ନିର୍ଜନତା ଯୋଗୁଁ ଭୟପ୍ରଦ (ସ୍ଥାନ)—2. (a place) Fearful on account of being lonely.
୩ । ନିଶ୍ଛାଟିଆ; ନିର୍ଜନ—3. Lonely; lonesome.
୪ । କୌଣସି ବସ୍ତୁ ହଠାତ୍ ଉପସ୍ଥିତ ହେବା ଦେଖି ତ୍ରସ୍ତ—4. Startled or frightened on account of sudden appearance of a thing.

ଚାଉଁରି—ପ୍ରାଦେ (ସମ୍ବଲପୁର) ବ—ଚଉଁରି (ଦେଖ)—
Chāuṅri — Chauṅri (See)

ଚାଉଁରିମୁଠି—ପ୍ରାଦେ (ମେଦିନୀପୁର) ବ—ଚଉଁରିଭୁଣ୍ଡି (ଦେଖ)—
Chāuṅrimuṭhi — Chauṅribhuṇḍi (See)

ଚାଉଁରିମୁଣ୍ଡି—ପ୍ରାଦେ (ସମ୍ବଲପୁର) ବ—ଚଉଁରିଭୁଣ୍ଡି (ଦେଖ)—
Chāuṅrimuṇḍi — Chauṅribhuṇḍi (See)

ଚାଉରପିଶାନ୍—ପ୍ରାଦେ (ବସ୍ତର) ବ—ଚାଉଳଚୂନା—
Chāurpisān — The powder of rice.

ଚାଉର—ଗ୍ରା. ବ (ଅଶୁଦ୍ଧ ଉଚ୍ଚାରଣ)—ଚାଉଳ (ଦେଖ)—
Chāura — Chāuḷa (See)
[ଦ୍ର—ବାଲେଶ୍ୱର, କଟକ, ପୁରୀ ଆଦି ମୋଗଲବନ୍ଦୀର ଲୋକେ 'ଚାଉଳ' ସ୍ଥଳରେ 'ଚାଉର' ଉଚ୍ଚାରଣ କରନ୍ତି; ଏହିପରି 'କେଉଳ', 'ଖେଉଳ' ଇତ୍ୟାଦି ମଧ୍ୟ କହନ୍ତି ।]

ଚାଉଲ୍—ପ୍ରାଦେ (ସମ୍ବଲପୁର, ମେଦିନୀପୁର; ତୁଳ. ହି. ଚାଵଲ୍; ବ. ଚାଲ୍)—
Chāul — ବ—ଚାଉଳ; ତଣ୍ଡୁଳ—Rice.

ଚାଉଲ୍‌ଚି—ପ୍ରାଦେ. (ପୁରୀ) ବ. ସ୍ତ୍ରୀ—ଚାଉଲ୍‌ତି (ଦେଖ)—
Chāuḷchi — Chāuḷti (See)

ଚାଉଲ୍‌ତି—ପ୍ରାଦେ (ପୁରୀ) ବ. ସ୍ତ୍ରୀ—ଯେଉଁ ସ୍ତ୍ରୀ ଧାନ କିଣି ଅଣି ଚାଉଳ କୁଟି ବେପାର କରେ—The woman whose profession is to purchase paddy, husk it and sell the rice so produced on profit.
Chāuḷti

ଚାଉଲ୍‌ପୋକ୍—ପ୍ରାଦେ (ସମ୍ବଲପୁର) ବ—ଚାଉଳିଆ ପୋକ (ଦେଖ)—
Chāulpok — Chāuḷiā poka (See)

ଚାଉଳ—ଦେ. ବ (ସଂ. ତଣ୍ଡୁଳ; ଚାଳନାଦ୍ୱାରା ପରିଷ୍କୃତ ହେବାରୁ କି ?)
Chāuḷa — ୧ । ତଣ୍ଡୁଳ—1. Rice; Oryza Sativa.
চাউল, চাল
প্রাচীন চাল্
चांवल, चावल
[ଦ୍ର—ଧାନର ପ୍ରକାରଭେଦରେ ଚାଉଳ ବହୁବିଧ ଜାତୀୟ ହୁଏ । ଧାନରୁ ଚାଉଳ ପ୍ରସ୍ତୁତ କରିବା ପ୍ରଣାଳୀଭେଦରେ ଏହା ପ୍ରଧାନତଃ ଅରୁଆ ଓ ଉସୁନା ଏହିପରି ଦୁଇପ୍ରକାର ।]
୨ । ଭୁଷ ବା ଚୋପା କଢ଼ା ହୋଇଥିବା କେତେକ ଶସ୍ୟ-ବୀଜ—2. Husked seed of certain corns.
(ଯଥା—ବାଉଁଶ ଚାଉଳ, ଗୁଆ ଚାଉଳ, କୋଦୁଅ ଚାଉଳ ।)
୩ । ଏକ ରତିର ଅଷ୍ଟମାଂଶ (ଓଜନ)—3. A standard of weight; $\frac{1}{8}$ of a grain.

ଚାଉଳ ଧରିବା—ଦେ. କ୍ରି—ଚାଉଳ ମହାଜନ କୃଷକ ଓ ଛୋଟ ବେପାରିଙ୍କଠାରୁ ବାଣିଜ୍ୟାର୍ଥ ବହୁପରିମାଣରେ ଚାଉଳ କ୍ରୟ କରିବା—To purchase rice from producers or petty traders in large quantities for commerce.
Chāuḷa dharibā
চালধরা

ଚାଉଳଧୁଆ—ଦେ. ବ—୧ । ଯେଉଁ ପାଚିଆ ବା ବାଉଁଶିଆରେ ଚାଉଳ ରଖି ଧୌତ କରାଯାଏ—1. A basket used for washing rice.
Chāuḷadhuā
ধুচনী
୨ । ଗୁଳ୍ମବିଶେଷ—2. A kind of bush; Glycosmis Arborea; Uveria.
[ଦ୍ର—ଏହା ନଈମୁହାଣର ପଠାମାଟିରେ ଉତ୍ତମରୂପେ ବଢ଼େ; ଉଚ୍ଚତାରେ ୫।୬ ଫୁଟ ହୁଏ । ଲୋକେ ଏହାର କୋଳ ଖାଆନ୍ତି ।]

ଚାଉଳଧୁଆପାଣି—ଦେ. ବ—ତଣ୍ଡୁଳୋଦକ; ଯେଉଁ ଜଳରେ ଚାଉଳ ମକଚା ହୋଇ ଧୁଆ ହେବାରୁ ତାହାର ଅଂଶ ବିଦ୍ୟମାନ ଥାଏ—Water left after washing rice in it.
Chāuḷadhuāpāṇi
চাল ধোয়ান জল, চেলুনি; চোঁয়ানি

ଚାଉଳ ପକାଇବା—ଦେ. କ୍ରି—୧ । ଅନ୍ନ ପ୍ରସ୍ତୁତ କରିବା ସକାଶେ ଚୁଲିରେ ବସିଥିବା ପାଣି ହାଣ୍ଡିରେ ଧୁଆ ଚାଉଳକୁ ଛାଡ଼ିଦେବା—1. To put washed rice into the water of a pot boiling over fire in order to prepare boiled rice for meal.
Chāuḷa pakāibā
চালফেলা
चावलडालना

ৎ	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଣ,ଷ	ଜ୍ଞ	ଇସ୍ତ	ଉଃ	ଢ
୬	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ନ୍

୨ । (ଲକ୍ଷଣାର୍ଥ) କୌଣସି କନ୍ୟା କୌଣସି ନିର୍ଦ୍ଦିଷ୍ଟ ପୁରୁଷଙ୍କୁ ବା ନିର୍ଦ୍ଦିଷ୍ଟ ପରିବାରସ୍ଥ ସନ୍ତାନଙ୍କୁ ବିବାହ କରିବ ବୋଲି ପୂର୍ବରୁ ପ୍ରଜାପତିଙ୍କଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା—
2. (figurative) (a bride) To have been ordained by Prajapati to be the bride of (so and so male).
(ଯଥା— ଅମୁକ (କନ୍ୟା) ଅମୁକ (ବର) ଙ୍କ ଘରେ ତ ଚାଉଳ ପକାଇଥିଲା, ସେଠେଇଁ ବିଭା ନ ହୋଇ ଅଉ କାହାକୁ ବିଭା ହୋଇ ଥାଆନ୍ତି ।)

ଚାଉଳ ବାଛିବା—ଦେ. କ୍ରି.—ଅନ୍ନ ପାକାର୍ଥ ଚାଉଳରୁ ଧାନ, ଗୋଡ଼ି ଆଦି
Chāuḷa bāchhibā ବାଛି ପରିଷ୍କାର କରିବା—To pick
চালবাছা out foreign matters or particles from
चावलछाटना a quantity of rice before boiling it for food.

ଚାଉଳଭଜା—ଦେ. ବି.—(ସଂ. ତଣ୍ଡୁଳ + ଭର୍ଜନ)—୧ । ଭଜା ହୋଇ-
Chāuḷabhajā ଥିବା ଚାଉଳ; ଭୃଷ୍ଟ ତଣ୍ଡୁଳ; ମୁଢ଼ି—
চালভাজা 1. Fried rice.
चावल भुनना ୨ । ହାଣ୍ଡି ମଧ୍ୟରେ ବାଲି ଦିଆଯାଇ ସେହି ବାଲିସ୍ତର ଉପରେ ଚାଉଳକୁ ଖଡ଼ିକାମୁଠାରେ ଖରଡ଼ି ଖରଡ଼ି ଅଗ୍ନି-ତ ପରେ ଭାଜିବା ପ୍ରକ୍ରିୟା—2. The operation of frying rice on sand in a pot over fire.

ଚାଉଳଭାଜିଲି ଝାଇଁ—ଦେ. ପ୍ରବଚନ—ଚାଉଳଭଜା ପ୍ରସ୍ତୁତ କରିବା
Chāuḷa bhājili jhāin ଉଦ୍ଦେଶ୍ୟରେ ଚାଉଳ ଓ ବାଲି ଖଡ଼ିକାମୁଠାରେ ଖରଡ଼ିବା ବେଳେ ଖଡ଼ିକାମୁଠାର ମୂଳ, ଚାଉଳ, ବାଲି ଓ ହାଣ୍ଡିର ପରସ୍ପର ଘର୍ଷଣରୁ ଜାତ ଝାଇଁ ଝାଇଁ ଶବ୍ଦ ।

ଚାଉଳ ମୁଗୁରା—ଦେ. ବି.—(ଏହାର ମଞ୍ଜି ଚାଉଳ ପରି ଥିବାରୁ) ବନ୍ୟ
Chāuḷa mugurā ତରୁବିଶେଷ—A tree growing in
চালমুগুরা the forest; Tarak Togenus Kurzii.
[ଦ୍ର— ଶ୍ରୀହଟ୍ଟ, ଚଟ୍ଟଗ୍ରାମ ଓ ବ୍ରହ୍ମଦେଶର ଜଙ୍ଗଲମାନଙ୍କରେ ଏ ଗଛ ଜନ୍ମେ । ଏହାର ପତ୍ର ମସୃଣ ଓ ଫଳ ଗୋଲ । ଏହାର ମଞ୍ଜିରୁ ଚର୍ମରୋଗନାଶକ ଏକପ୍ରକାର ତୈଳ ପ୍ରସ୍ତୁତ ହୁଏ ।]

ଚାଉଳି—ଦେ. ବିଣ—ଚାଉଳରୁ ପ୍ରସ୍ତୁତ (ମଦ)—
Chāuḷi (wine) Made from rice.

ଚାଉଳିଆ—ଦେ. ବି—୧ । ପିଜୁଳି—
Chāuḷiā 1. Guava.
পিআরা ୨ । (ସଂ. ଚଳଚମ = ଶ୍ୱେତ ପରି ମାଛ) ଚିଲିକାରେ
अमृद; अमूत ମିଳିବା ଏକପ୍ରକାର ମାଛ—
2. A kind of fish (in Chilka).
୩ । ବଡ଼ ବଡ଼ ଜାମୁକୋଳି (ନନେ)—
3. Large black-berries.
୪ । ଚାଉଳବ୍ୟବସାୟୀ ମହାଜନ—
4. A rice merchant.
ଦେ. ବିଣ—୧ । ଚାଉଳବ୍ୟବସାୟୀ—
1 Trading in rice.
(ଯଥା—ଚାଉଳିଆ ମହାଜନ ।)
୨ । ଚାଉଳ ପରି ଟାଣୁଆ (ବସ୍ତୁ)—
2. Hard as grains of rice.
୩ । ପାଟିରେ ଚାଉଳ ଚୋବାଉଥିବା ଅବସ୍ଥାରେ ଉଚ୍ଚାରିତ ହେବା ଭଳି—3. Uttered as if the speaker is chewing a mouthful of rice.
୪ । ଚାଉଳସମ୍ବନ୍ଧୀୟ—
4. Relating to rice.

ଚାଉଳିଆ କେଳା—ଦେ.ବି—ଏକଜାତୀୟ କେଳା—
Chāuḷiā keḷā A wandering tribe.
[ଦ୍ର—ଏ କେଳାଙ୍କ ସ୍ତ୍ରୀମାନେ ଅଲଙ୍କାର ମାଳିବାରେ ବ୍ୟବହୃତ ହେଉଥିବା ବେଣାଚେରର ମୁଠା ଓ ତାଳପତ୍ର ଝୁମୁକା ପ୍ରସ୍ତୁତ କରି ବିକ୍ରୟ କରନ୍ତି ।]

ଚାଉଳିଆଗଞ୍ଜ—ଦେ. ବି—୧ । ଚାଉଳ ବେପାରର ଅଡ୍ଡା—
Chāuḷiāgañja 1. A mart of rice trade.
(ଚାଉଳିଆଗଣ୍ଡ—ଅନ୍ୟରୂପ) ୨ । (ନାମ) କଟକ ରେଲଷ୍ଟେସନ ନିକଟବର୍ତ୍ତୀ ହାତୀଆ ଗ୍ରାମବିଶେଷ—2. A large village near the Cuttack station B. N. Ry.
[ଦ୍ର— ଏହି ଗ୍ରାମରେ ବର୍ତ୍ତମାନ ବହୁତ ପାଠାଣ ବାସ କରନ୍ତି । ଏହି ମଉଜାରେ ମରହଟ୍ଟା ଅମଳର ସୈନିକ ଘୋଡ଼ା ଅସ୍ତବଲ ଅଦ୍ୟାପି ଅଛି; ଏହି ଘୋଡ଼ା ଅସ୍ତବଲ ବର୍ତ୍ତମାନ ସରକାରୀ ଅଧସ୍ତନ ପୁଲିସଙ୍କ ବସାଘର ଓ ଥାନାରୂପେ ବ୍ୟବହୃତ ହେଉଅଛି । ପୂର୍ବେ ଏ ଗ୍ରାମସଂଲଗ୍ନ ପଡ଼ିଆରେ ଘୋଡ଼ଦଉଡ଼ ହେଉଥିଲା, କିନ୍ତୁ ବର୍ତ୍ତମାନ ସେଠାରେ କଟକ ଷ୍ଟେସନ ଓ ରେଭେନ୍‌ସା କଲେଜ ଭବନ ନିର୍ମିତ ହୋଇଅଛି ।]

ଚାଉଳିଆ ଗୁଣା—ଦେ. ବି (ବର୍ଣ୍ଣିଅଣ୍ଡ)—ଦୁଇ ଧାଡ଼ି ଗୁଆ ବସା
Chāuḷiā guṇā ହୋଇଥିବା, ମଝିରେ ପଥର ଘରା ଥିବା ଏକପ୍ରକାର ଗୋଲ ଗୁଣା; ଯାଉଁଳ ଗୁଣା—
A kind of nose ring.

ଚାଉଳିଆ ପୋକ—ଦେ.ବି—ପୁରୁଣା ଚାଉଳରେ ହେବା ଧଳା ଲମ୍ବ କୀଟ-
Chāuḷiā poka ବିଶେଷ—A kind of white in-
চেলেপোকা sects infesting rice kept for some time; Calandra.

ଚାଉଳି କୋକଲି—ଦେ. ବି—ଏକ ପ୍ରକାର କୋକଲି ମାଛ;
Chāuḷi kokali (କୋକଲି ତଳେ ନୋଟ ଦେଖ)—
A kind of fish (see notes under 'Kokali')

ସାଧାରଣ ଲୋକେ : ଅପର ପୃଷ୍ଠାରେ ୨ ଚିହ୍ନିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପୂର୍ବ ବା ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କର' ଦେଖିବେ

ଚାଉଳେଇ ଚାଉଳେଇ କଥା କହିବା—ଦେ. କ୍ରି—
Chāuḷei chāuḷei kathā kahibā ଦଶେଷ୍ଟ କଥା କହିବା; ଅସ୍ପଷ୍ଟ ଭାବରେ କଥା କହିବା (ପାଟିରେ ଚାଉଳ ଚୋବାଉ ଚୋବାଉ କଥା କହିଲେ କଥା ଯେପରି ଅସ୍ପଷ୍ଟ ହୁଏ, ସେହି ପରି କହିବା—To speak indistinctly and confusedly (as if speaking while chewing rice).

ଚାଁବର—ପ୍ରାଦେ. (ବସ୍ତ୍ର; ଭୁଲ. ହି. ଚଁବର)—
Chāñbara ଚଅଁର (ଦେଖ)
Chaañra (See)

ଚାକ୍—ପ୍ରାଦେ. (ମେଦିନୀପୁର) ବି. (ସଂ. ଚକ୍ର; ଭୁଲ. ଏହି ଅର୍ଥରେ ବ. ଚାକ୍)—୧ । ମଧୁଚକ୍ର; ମହୁଫେଣା; ମଧୁମକ୍ଷିକାର ଚକାକାର ବସା—1 Bee hive.
Chāk
୨ । (ସିଂହଭୂମ) ବି—ଶଗଡ଼ର ଚକ—
2. The wheel of a cart.

ଚାକଚକ୍ୟ—ସଂ. ବି. (ଚକ୍ ଧାତୁ=ତୃପ୍ତ ହେବା; ଦ୍ୱିତ୍ୱ; ଚକଚକ ଧାତୁ +ଭାବ. ଅ)—ବର୍ଣ୍ଣର ଉଜ୍ଜ୍ୱଳତା; ଦୀପ୍ତି; ଚକଚକ—Brightness; glitter; brilliance.
Chākachakya

ଚାକଚକ୍ୟବନ୍ତ—ଦେ. ବିଣ—ଚକଚକିଆ; ଦୀପ୍ତିଶାଳୀ—
Chākachakyabanta Bright; dazzling.
ଚାକଚକ୍ୟବନ୍ତ ସୁନ୍ଦର ଗାଲେ
ଚୁମ୍ବିଲ ଯେବେ ମୁଁ କାମ ଅମଳେ । କନ୍ଦର୍ପୂର୍ବ. କବିତା ।

ଚାକଚିକ୍ୟ—ସଂ. ବି—୧ । ଚାକଚକ୍ୟ (ଦେଖ)
Chākachikya 1. Chākachakya (See)
୨ । ମାୟା—2. Illusion.

ଚା କପ୍—ବୈଦେ. ବି. (ଚୀନ ଭାଷା. ଚା ଓ ଇଂ. କପ୍)—
Chā kap ଚାହା ପାନ କରିବା ନିମନ୍ତେ ସାଧାରଣତଃ ବ୍ୟବହୃତ ଚୀନା ମାଟିର ଗିନା ବା ପିଆଲା—Tea cup.
चा कप्
चा कप्

ଚାକର—ବୈଦେ. ବି (ଫା. ଚାକର)—ଦାସ; ଭୃତ୍ୟ; ସେବକ—
Chākara Servant; attendant.
চাকর ଚାକର ନୁହେଁ କୁକୁର—ପ୍ରବାଦ ।
चाकर [ଦ୍ର—ଚାକରର ମୌଳିକ ଅର୍ଥ ପ୍ରଭୁଙ୍କର ସେବାକାରୀ (ଚାକରିଆ—ଅନ୍ୟରୂପ) ଦରମାଖିଆ ଭୃତ୍ୟ କିନ୍ତୁ ବର୍ତ୍ତମାନ ଏହା
ଚାକରାଣୀ } ସ୍ତ୍ରୀ.
ଚାକରିଆଣୀ }
କୌଣସି ବେତନଭୋଗୀ ବ୍ୟକ୍ତି ପ୍ରତି ଖଟା ଯାଉଅଛି । ପ୍ରଧାନ ମନ୍ତ୍ରିଙ୍କଠାରୁ ଆରମ୍ଭ କରି ଚପରାସୀ ପର୍ଯ୍ୟନ୍ତ ଓ ଦରମାଖିଆ ଘାତ ସେବକ ଭୃତ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଚାକର ବୋଲା ଯାଉଅଛି ।]

ଚା-କର—ଦେ.ବି. (ଚୀନ୍.ଚା+ସ ପ୍ରତ୍ୟୟ.କର)—ଚା ବଗିଚାର ମାଲିକ·
Chā-kara A tea planter.
চাকর

ଚାକରନୌକର—ବୈଦେ. (ଫା)—ବି. (ଏକାର୍ଥକ ଶବ୍ଦଦ୍ୱୟ;)
Chākaranaukara ଫା. ଚାକର+ନୌକର)—
चाकरनौकर ଚାକରବାକର (ଦେଖ)
(ଚାକରନଫର—ଅନ୍ୟରୂପ) Chākarabākara (See)

ଚାକରବାକର—ଦେ. ବି. (ଧ୍ୱନ୍ୟନୁକାରୀ ନିରର୍ଥକ ଦ୍ୱିତୀୟ ଶବ୍ଦ)—
Chākarabākara ଭୃତ୍ୟାଦି; ଅନୁଚରବର୍ଗ—
চাকরবাকর Servants; attendants; followers.
चाकरनौकर ବୁଢ଼ୀ ଚାକରବାକର ସମସ୍ତଙ୍କୁ ହାତ କରି × ପୋଷ୍ୟ ପୁତ୍ର ବୋଲି ସରକାରରୁ ବାହାଲ ହୋଇ ଅଛି—ଫକୀରମୋହନ—ଗଳ୍ପସ୍ୱଳ୍ପ ।

ଚାକରାଣୀ—ଦେ.ବି. ସ୍ତ୍ରୀ (ଫା ଚାକର+ଓଡ଼ିଆ ସ୍ତ୍ରୀ ପ୍ରତ୍ୟୟ ଆଣୀ=ଦାସୀ)—
Chākarāṇi Maid servant.
চাকরানী
चाकरानी

ଚାକରାନ୍—ବୈଦେ. ବି. (ଫା.)—ଭୃତ୍ୟବର୍ଗ—
Chākarān A body of attendants.
চাকরান বିଣ.—ଚାକରମାନଙ୍କୁ ଦରମା ପରିବର୍ତ୍ତେ ପ୍ରଦତ୍ତ;
चाकरान् (ଜାଗିର)—(grants of land) Given to servants in lieu of pay.

ଚାକରାନ୍‌ଜାଗିର—ବୈଦେ. ବି (ଫା. ଚାକରାନ୍+ଜାଗୀର)—
Chākarānjāgiri ଭୃତ୍ୟମାନଙ୍କୁ ଦରମା ପରିବର୍ତ୍ତେ ଦିଆ-
চাকরানজায়গীর ଯାଇଥିବା ଭୂମି; ଚାକରଙ୍କ ଖଞ୍ଜାବାଡ଼ି—
चाकरानयागीर Service grants.

ଚାକରି (ଇତ୍ୟାଦି)—ଦେ. ବି—ଚାକିରି ଇତ୍ୟାଦି (ଦେଖ)
Chākari (etc) Chākiri (etc) (See).
ରହିଲେ ଛତ୍ର ଭୂପ ଙ୍କ ଚାକରି—କୃଷ୍ଣସିଂହ. ମହାଭାରତ. ବନ ।

ଚା କରିବା—ଦେ. କ୍ରି—ଗରମ ଜଳରେ ଚାହା ସିଦ୍ଧ କରି ପାନୀୟ ପ୍ରସ୍ତୁତ କରିବା—To make or prepare tea.
Chā karibā

ଚାକଳେଇବା—ଦେ. କ୍ରି—ଚାଲୁଳେଇବା (ଦେଖ)
Chākaḷeibā Chākuḷeibā (See).

ଚାକି (ଇତ୍ୟାଦି)—ଦେ. ବି—ଚାଖି ଇତ୍ୟାଦି (ଦେଖ)
Chāki etc) Chākhi (etc) (See).
(ଗୁରୁ ଗୀତରେ ଏ କି ଚାକି—କନ୍ଦର୍ପ. ସଙ୍ଗୀତ ।

ଚାକିରି—ବୈଦେ. ବି (ଫା. ଚାକ୍‌ରୀ)—୧ । ଭୃତ୍ୟର କର୍ମ—
Chākiri 1. Post of a servant.
চাকুরী, চাকরী ୨ । ଦାସତ୍ୱ; ଭୃତ୍ୟପଣିଆ—
चाकरी 2. Service under a master.
୩ । ନିର୍ଦ୍ଦିଷ୍ଟ ବେତନ ପାଇଁ କରାଯିବା କର୍ମ—
3. Any service for pay salaried job.

ଚାକିରିଆ—ଦେ. ବି. ପୁଂ (ଫା. ଚାକର)—ଭୃତ୍ୟ; ଦାସ; ଚାକର—
Chākiriā Servant.
চাকরে
चाकर
(ଚାକିରିଆଣୀ—ସ୍ତ୍ରୀ)

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇପ୍ସ	ଉଅ	ଘ
୨	ଈ	ଉ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଥ	ଞ	କ୍ତ

ଚାକିରି ଉଠାଇବା—ଦେ. କ୍ରି | ୧ । ଚାକିରି ତୁଲାଇବା (ଦେଖ)
Chākiriuṭhāibā — 1. Chākiri tulāibā (See).
୨ । ଚାକିରିରୁ ବରଖାସ୍ତ କରାଇବା—
2. To cause to dismiss a servant.

ଚାକିରି କରିବା—ଦେ. କ୍ରି—୧ । ପ୍ରଭୁର ସେବା କରିବା—
Chākiri karibā — 1. To serve or attend on a master
চাকুরিকরা — ୨ । ଦାସତ୍ୱ ଗ୍ରହଣ କରିବା—
चाकरीकरना — 2. To take or accept service under a person.

ଚାକିରି ଛଡ଼ାଇବା—ଦେ. କ୍ରି—ଭୃତ୍ୟଙ୍କୁ ବରଖାସ୍ତ ବା ଅନ୍ତର କରିବା—
Chākiri chhar̤āibā — To dismiss a servant.
চাকুরি ছাড়ান
चाकरीछुड़ाना

ଚାକିରି ଛାଡ଼ିବା—ଦେ. କ୍ରି—ଦାସତ୍ୱରୁ ନିଜେ ଅନ୍ତର ହେବା—
Chākiri chhar̤ibā — To give up or resign a service.
চাকুরিছাড়া
चाकरीछोड़ना

ଚାକିରି ଜୁଟିବା—ଦେ. ବି—କର୍ମପ୍ରାପ୍ତି; ଚାକିରି ମିଳିବା—Employment; engagement in service; getting a job.
Chākiri juṭibā
চাকুরীজুটা
चाकरीजुटना

ଚାକିରି ତୁଲାଇବା—ଦେ. କ୍ରି—ଦାସରୂପେ ଆପଣା ଉପରେ ନ୍ୟସ୍ତ କାର୍ଯ୍ୟ ସମ୍ପାଦନ କରିବା—To discharge one's responsibility as a servant; to discharge the routine duties of an office.
Chākiri tulāibā
চাকারী বাজান
चाकरी बजाना

ଚାକିରି ଦେଖିବା—ଦେ. କ୍ରି—୧ । ଆପଣା ପାଇଁ କିମ୍ବା ଅନ୍ୟ ନିମନ୍ତେ ଉପଯୁକ୍ତ ଚାକିରି ବା କର୍ମର ଅନ୍ୱେଷଣ କରିବା—1. To be on the lookout for a suitable job or post or service for one's self or another.
Chākiri dekhibā
চাকুরিদেখা
चाकरी देखना
୨ । ଖୋଜି ଉପଯୁକ୍ତ ଚାକିରି ଠିକଣା କରିବା—
2. To find out a suitable job or post.
୩ । ଚାକିରିର ସୁଖ ଦୁଃଖ ଅନୁଭବ କରିବା—
3 To have or gain experience of actual service under another.

ଚାକିରି ଦେବା—ଦେ. କ୍ରି—୧ । ଚାକିରରୂପେ ନିଯୁକ୍ତ କରିବା—
Chākiri debā — 1. To engage a man as servant.
চাকুরিদেওয়া — ୨ । କୌଣସି ସେବାରେ ନିଯୁକ୍ତ ବା ମୁକରର କରିବା—2. To appoint a person in a post.
चाकरी देना

ଚାକିରି ନେବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ତାହାର ଚାକିରିରୁ ଛଡ଼ାଇ ଆପେ ଉକ୍ତ ଚାକିରିରେ ନିଯୁକ୍ତ ହେବା—To take from one his post and get one's self appointed in his place.
Chākiri nebā
চাকুরি লেওআ
चाकरी लेना

ଚାକିରି ପାଇବା—ଦେ. କ୍ରି—କୌଣସି ଚାକିରିରେ ମୁକରର ହେବା—
Chākiri pāibā — To get a service; to be appointed in a post.
চাকুরি পাওয়া
चाकरी पाना

ଚାକିରି ବଜାଇବା—ଦେ. କ୍ରି—ଚାକିରି ତୁଲାଇବା (ଦେଖ)
Chākiri bajāibā — Chākiri tulāibā (See)

ଚାକିରି ବାକିରି—ଦେ. ବି. (ଧ୍ୱନ୍ୟନୁକାରୀ ନିରର୍ଥକ ୨ୟ ସହିତର)—
Chākiri bākiri — ଚାକିରି ଆଦି; ଚାକିରି ବା ସେହିପରି ଆଉ କିଛି ଅବଲମ୍ବନ—Services etc; service or some such occupation.
চাকরী বাকরী
चाकरी नौकरी

ଚାକିରି ରହିବା—ଦେ. ବି—୧ । କୌଣସି ଚାକିରି ସ୍ଥାୟୀ ହେବା—
Chākiri rahibā — 1. The state of a post being permanent.
(ଯଥା—ଭଲ କରି କାମ ନ କଲେ ମୋର ଚାକିରି ରହିବ ନାହିଁ ।)
୨ । କିଛିକାଳ ପାଇଁ ଚାକିରି ସ୍ଥିର ହେବା—
2. The continuance of a service.
ଦେ. କ୍ରି—(କୌଣସି ବ୍ୟକ୍ତି) ବେତନ ସକାଶେ ଅନ୍ୟର କାର୍ଯ୍ୟ କରିବା; ଚାକିରି କରିବା—To serve; to work for remuneration.
(ଯଥା—ମୁଁ ଆଜିକି ଚାରି ମାସ ହେଲା କଟକରେ ଚାକିରି ରହିଛି ।)

ଚାକୁ—ବୈଦେ. ବି. (ତୁର୍କୀ. ଚାକୁ)—
Chāku — ୧ । ଛୋଟ ଛୁରୀ; କଲମତରାସ; ଚକୁ; କଲମକଟା ଛୁରୀ—
চাকু — 1. Small knife; pen knife.
चाकु;चक्कु — ଚାକୁରେ କରକ ତରୁଣୀ ପରି
ହେ ସକଡ଼ାଇ ଅଣାଗି କରି—କବିସୂର୍ଯ୍ୟ, କବିତା ।
୨ । ଯେଉଁ ଛୁରୀର ଦାଢ଼ ବେଣ୍ଟ ଭିତରର ଘରରେ ଭୁଜି ହୋଇଯାଏ—2. Clasp knife.

ଚାକୁଚାକୁ—ଦେ. ଅ. (ଧନ୍ୟନୁକରଣ)—ପାଣିଅ ଜିନଷକୁ ବିରାଡ଼ି କୁକୁର ଆଦି ଚାଟିଲେ ଚାଟିଲେ ଯେଉଁ ଶବ୍ଦ ହୁଏ—Sound of cats and dogs eating any watery substance by licking.
Chākuchāku
চাক্ চাক্, চুক্ চুক্
चपड़चपड़

ଚାକୁ ଛୁରୀ—ଦେ. ବି. (ଏକାର୍ଥକ ଦୁଇ ଭାଷାର ସହିତର ଫା. ଚକୁ ଓ ସ. ଛୁରୀ)—ଚାକୁ (ଦେଖ)
Chāku chhurī — Chāku (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚାକୁଣ୍ଡା—ଦେ. ବି. (ସଂ. ଚକ୍ରମର୍ଦ୍ଦ)—୧ । କାଶ୍ମନାଦି ବର୍ଗର ବନ୍ୟ କ୍ଷୁପ
Chākuṇḍā ବିଶେଷ; ଯାଦୁଖାଇ ଗଛ—1. Cassia Tora.
(ସଂ. ପର୍ଯ୍ୟାୟ—ଦଦ୍ରୁଘ୍ନ, ଚକ୍ରୀ, ଦଦ୍ରୁମର୍ଦ୍ଦନ, ପ୍ରଭୁନାଥ, ପ୍ରପୁନ୍ନାଟ, ଏଡ଼ଗଜ, ଏଳଗଜ, ଚକ୍ରମର୍ଦ୍ଦ, ମେଷଲୋଚନ, ପଦ୍ମାଟ, ପୁନ୍ନାଟ । ଦାଦମାରି, ଚାକୁନ୍ଦେ
पवाँर, फावार, चकवड़
ଫା. ସଞ୍ଜୀସ୍‌ବୋୟା
ମ. ତରବଟା
ତେ. ତଗିରସ;
ତା. ଟାମ୍
ଗୁ. କୁଵାଧ୍ୟୋ

[ଦ୍ର—ଏହାର ଫୁଲ ହେଣ୍ଡା ହେଣ୍ଡା ହୋଇ ଫୁଟେ, ଫୁଲର ବର୍ଣ୍ଣ ହଳଦିଆ, ମଞ୍ଜି ଚକ୍ରାକାର ଯାଦୁ ମାରିବାରେ ବ୍ୟବହୃତ ହୁଏ । ବୈଦ୍ୟକ ଅନୁସାରେ ଏହା ପିତ୍ତ, ବାୟୁ, କଫ, ଶ୍ୱାସ, ଦଦ୍ରୁ ଓ କୃମିନାଶକ ।]

୨ । କାଶମର୍ଦ୍ଦ (ଦେଖ)
2. Kāśamardda (See)

୩ । ଚଳନ୍ତ ଚାକୁଣ୍ଡା—
3. Delbergia Lanceolaria.

[ଦ୍ର—ଏହା ନଈ ବା ଝରଣା କୂଳରେ ବା ପାହାଡ଼ରେ ଜନ୍ମେ । ଏ ଗଛ ଅଳ୍ପକାଳ ମଧ୍ୟରେ ମହାଦ୍ରୁମ ଆକାର ଧାରଣ କରେ । ଏହାର ପତ୍ର ଚାକୁଣ୍ଡା ଗଛର ପତ୍ର ପରି । ଏହାର ଫୁଲ ନାଲି ଏବଂ କେଶରଯୁକ୍ତ । କାଠ ଧଳା ମାତ୍ର ମଞ୍ଜ କଳା । ଏ କାଠ କଞ୍ଚା ବେଳେ ମଧ୍ୟ ଜଳେ ।]

ଦେ. ବିଣ.—ଦାର, ସୁତ, ଧନ ଆଦି ସାଂସାରିକ ବିଷୟରେ ଏକାନ୍ତ ଆସକ୍ତ—Tied down or addicted to worldly affairs.

ଦାର ତନୟ ଧନରେ ଯେ ହୁଅନ୍ତି ମୋହି,
ଚାକୁଣ୍ଡା ବୋଲି ତାହାଙ୍କୁ ସଂସାରରେ କହି । ପୀତାମ୍ବର- ନୃସିଂହପୁରାଣ ।

ଚାକୁଣ୍ଡି—ଗ୍ରା. ବି.—(ସଂ. କଣ୍ଡୁଲକ)—କାଉଁଚ; ମଳ ବା ବାନ୍ତି ସଙ୍ଗେ
Chākuṇḍi ପଡ଼ିବା ବୃହତ୍ କୃମି—Long and large (½
କେଁଚୁଳ foot) intestinal worms; large and round tape worms coming out with the faecus and vomiting.

ଚାକୁନ୍ଦା—ଦେ. ବି.—ଚାକୁଣ୍ଡା (ଦେଖ)
Chākundā Chākuṇḍā (See)

ଚା-କୁଲି—ଦେ. ବି.—ଯେଉଁ ମୂଲିଆମାନେ ନିର୍ଦ୍ଦିଷ୍ଟ କାଳ ପାଇଁ ଏଗ୍ରିମେଣ୍ଟ
Chā-kuli ସମ୍ପାଦନ କରି ଚାହା କ୍ଷେତରେ କାର୍ଯ୍ୟ କରିବା ସକାଶେ ନିଯୁକ୍ତ ହୁଅନ୍ତି—Tea garden coolies.

ଚାକୁଳିଆ—ଦେ. ବି. (ସଂ. ଚକ୍ରକୁଲ୍ୟା)—କୃଷ୍ଣପର୍ଣ୍ଣୀ; ଶିମ୍ବାଦି ବର୍ଗର
Chākuḻiā ବନ୍ୟ ହ୍ରସ୍ୱାକାର କ୍ଷୁପବିଶେଷ—Uraria Lagopoides; Hemionites Cordifolia
(ସଂ. ପର୍ଯ୍ୟାୟ—ଚକ୍ରପର୍ଣ୍ଣୀ, ଚକ୍ରକୁଲ୍ୟା, ଅର୍ଦ୍ଧବଲ୍ଲିକା; ପୃଥକ୍‌ପର୍ଣ୍ଣୀ, ପୃଶ୍ନିପର୍ଣ୍ଣୀ, ଚିତ୍ରପର୍ଣ୍ଣୀ, କୋଷ୍ଟୁବିନ୍ନା, ସିଂହପୁଚ୍ଛୀ, କଳସୀ; ଧାବନୀଗୁହା ।
चाकुल्या, चाकुले
पिठवन; पेठवान; पीठौनी
ମ. ସେବରୀ; ପୀଠବଣ
ତେ. କୋଲାକୁପନ୍ନା

[ଦ୍ର—ଏହାର ପତ୍ର ପ୍ରାୟ ଗୋଲ ଓ ଲୋମଶ; ଫୁଲ ଆରକ୍ତ ଓ ବହୁ ପରିମାଣରେ ଫୁଟେ; ଚୁଇଁରେ ୨ଟି ଗଣ୍ଠି ହଡ଼କୁହଡ଼ ଲାଗିଥାଏ । ଗଛ ଲଟାଇଲାବେଳେ ପ୍ରତି ଗଣ୍ଠିରୁ ଚେର ବାହାରେ । ଏହା ତ୍ରିଦୋଷନାଶକ, ଶୁକ୍ରବର୍ଦ୍ଧକ, ଉଷ୍ଣବୀର୍ଯ୍ୟ, ମଧୁରରସ ଓ ସାରକ । ଏହା ଦାହ, ଜ୍ୱର, ଶ୍ୱାସ, ରକ୍ତାତିସାର, ତୃଷ୍ଣା ଓ ବମନ ନିବାରକ ।]

ଚାକୁଳିଆ—ପ୍ରା. ଦେ.—(ମେଦିନୀପୁର) ବି.—ଚାକୁଳିଆ (ଦେଖ)
Chākuliā Chākuḻiā (See)

ଚାକୁଲ୍ୟା—ପ୍ରାଦେ. (ମେଦିନୀପୁର) ବି.—ଚାକୁଳିଆ (ଦେଖ)
Chākulyā Chākuḻiā (See)

ଚାକେରି (ଇତ୍ୟାଦି) - ଗ୍ରା. ବୈଦେ. ବି. (ଫା. ଚାକର)—
Chākeri (etc) ଚାକିରି ଇତ୍ୟାଦି (ଦେଖ)
Chākiri (etc) (See)

ଚାକୁଳେଇବା—ଦେ. କ୍ରି. (ଚକ୍ ଚକ୍ ଧ୍ୱନି ହେବାରୁ)—
Chākuḻeibā ୧ । କୌଣସି ଖାଦ୍ୟକୁ ଧୀରେ ଧୀରେ ପାଟିରେ
চিবিয়ে চিবিয়ে খাওয়া ଚୋବାଇ ଜିଭ ସାହାଯ୍ୟରେ ଏକଲ ସେକଲ
चपरचपर खाना କରିବା—1. To slowly munch a food in the mouth.

୨ । ପାଗୁଳେଇବା—2. To ruminate.

ଚାକ୍ରିକ—ସଂ. ବି. (ଚକ୍ର=ସମୂହ + ଅସ୍ତି ଅର୍ଥରେ. ଇକ)—
Chākrika ୧ । ଚକ୍ରାକାର ଦଳବଦ୍ଧ ସ୍ତୁତିପାଠକ—
1. A circular gathering of choristers or hymn-singers.

୨ । ତେଲି—2. Oilman.

୩ । ଗାଡ଼ିଆଳ—3. Cartman; coachman.

ଚାକ୍ଷୁଷ—ସଂ. ବିଣ. (ଚକ୍ଷୁସ୍ + ସମ୍ବନ୍ଧ ଅର୍ଥରେ. ଅ)—
Chākshusha ୧ । ଚକ୍ଷୁର୍ଗୋଚର; ପ୍ରତ୍ୟକ୍ଷ—
1. Directly perceived by the eyes; ocular.

୨ । ଦୃଷ୍ଟିଦ୍ୱାରା ଲବ୍ଧ (ଜ୍ଞାନ)—
2. (knowledge) Acquired by sight.

ସଂ. ବି—୧ । ଚକ୍ଷୁର୍ଜନ୍ୟ ଜ୍ଞାନ—
1. Direct perception by the eye.

୨ । ୬ଷ୍ଠ ମନୁ; ମନୁଙ୍କର ୬ଷ୍ଠ ବଂଶଧର—
2. Name of the 6th Manu or progenitor of mankind.

ଷଷ୍ଠରେ ଚକ୍ଷୁଷଙ୍କ ସୁତ, ଚାକ୍ଷୁଷ ନାମେ ସେ ବଦତ ।
ଜଗନ୍ନାଥ—ଭାଗବତ ।

ଚାକ୍ଷୁଷ ପ୍ରମାଣ—ସଂ. ବି. (କର୍ମଧା; ଚାକ୍ଷୁଷ + ପ୍ରମାଣ)—
Chākshusha pramāṇa ୧ । ପ୍ରତ୍ୟକ୍ଷ ପ୍ରମାଣ—
1. Direct evidence; evidence of a person who himself saw an occurrence.

୨ । ଯେଉଁ ପ୍ରମାଣ ସ୍ୱଚକ୍ଷୁରେ ଦେଖାଯାଏ—
2. Ocular demonstration.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଡଅ	ଢ
୨	ଈ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍ବ

ଚା-ଖଡ଼ି—ଦେ. ବି (ଇଂ. ଚକ୍ + କଠିଣ)—ଚକ୍ (ଦେଖ)
Chā-khar̤di Chak (See)

ଚାଖଣା—ଦେ. ବି. (ସଂ. ଚଷଣ)—୧ । ସ୍ୱାଦଗ୍ରହଣ; ଚାଖିବା—
Chākhaṇā 1. Tasting; trying the taste of a food.
চাকন; চাখন
चखना
୨ । କୌଣସି ବସ୍ତୁର ସ୍ୱାଦ ପରୀକ୍ଷା କରିବା—
2. Examining the taste of a thing.
୩ । ଅଗ୍ନିର ପ୍ରବୃଦ୍ଧ ମୁଖରୋଚକ ଦ୍ରବ୍ୟ—
3. Pickles; things which palliate one's sense of taste.
୪ । ଚାଟ୍; ମଦ୍ୟପାନ କାଳରେ ଖିଆଯିବା ବା ଚଟାଯିବା ମୁଖରୋଚକ ଖାଦ୍ୟ—4. Something licked or eaten after swallowing some strong intoxicating liquor.

ଚାଖଣିଆ—ଦେ. ବି—ଚାଖୁଣିଆ (ଦେଖ)
Chākhaṇiā Chākhuṇiā (See)

ଚାଖଣ୍ଡ—ଦେ. ବି—ବିତସ୍ତି; ବିସ୍ତାରିତ କରତଳର କାଣିଅଙ୍ଗୁଠି
Chākhaṇḍa ଅଗଠାରୁ ବୁଢ଼ାଅଙ୍ଗୁଠିର ଅଗ ପର୍ଯ୍ୟନ୍ତ ପରିମାଣ;
চাঁকর; চাঁখর; বিঘত୍ ୧୨ ଅଙ୍ଗୁଳ—A span; a measure
बिलाद; बित्ता of length by the span of the extended palm from the tip of the little finger to that of the thumb; a length of about 9 inches.

ତ୍ରିସପ୍ତ ଭୁବନ ଯେ ମଣିଲେ ଅଳ୍ପ
ଅଣ୍ଡିଲେ ସେ ସପ୍ତ ଚାଖଣ୍ଡର ତଳ୍ପ । ରଘୁନାଥ—ଚଳିକା ।

ଚାଖଣ୍ଡିକିଆ—ଦେ. ବିଣ—ଏକ ଚାଖଣ୍ଡ ପରିମିତ—
Chākhaṇḍikiā Measuring one span only.
(ଚାଖଣ୍ଡକିଆ—ଅନ୍ୟରୂପ)

ଚାଖି—ଦେ. ବି· (ଚକ୍ଷ ଧାତୁ=କହିବା)—
Chākhi ୧ । ଚାକ; ବାଲଙ୍ଗି ବା ଚାଖାନ—
ফুটানী 1. Boasting; bragging.
शेखी
ଅର୍ଜୁନ କାଣ୍ଡେ ମଣି ହେବ ଯେତେବେଳେ
ତେତେବେଳେ କହିବା ଚାଖିରେ । କୃଷ୍ଣସିଂହ. ମହାଭାରତ କର୍ଣ୍ଣ ।
୨ । ଅତ୍ମପ୍ରଶଂସା—2. Self adulation.
ଦର୍ପବିମ କୋଇଲେ ଚାଖି କଥା ଛଡ଼
ମୋହ ଧନୁରେ ଗୁଣ ଦେଇ ଏବେ ଛଡ଼ । କୃଷ୍ଣସିଂହ. ମହାଭାରତ ବନ ।
୩ । ଦାମ୍ଭିକତା; କଥାର ଡାଉଁଫି; ଗୁମର—
3. Vanity; ostentation.
୪ । ନମୁନା—4. Sample (Howells).
ଦେ. ବିଣ—୧ । ଅତ୍ମଶ୍ଳାଘୀ—1. Self adulating.
୨ । ଯେ ବାଲଙ୍ଗି ଦେଖାଏ—
2. Boastful; bragging.
୩ । ଗର୍ବୀ—3. Vain.

ଚାଖିଖୁଣ୍ଟିଆ—ଦେ. ବି (ନାମ)—ପୁରୀର ଜନୈକ ବଳଶାଳୀ ସ୍ୱାଧୀନଚେତା
Chākhikhuṇṭiā ବ୍ରାହ୍ମଣସେବକ—Name of a Brahman Panda of Puri who was of very strong constitution and indipendent spirit.
[ବି—ଏ ନେପାଳୀମାନଙ୍କ ପଣ୍ଡା ଥିଲେ । ୧୮୫୭ ସାଲରେ ଭାରତର ସିପାହୀବିଦ୍ରୋହବେଳେ ଏ ଉତ୍ତରପଶ୍ଚିମାଞ୍ଚଳର ହିନ୍ଦୁ ନେପାଳୀ ସୈନ୍ୟଙ୍କୁ ଇଂରେଜମାନଙ୍କ ବିପକ୍ଷରେ ଉତ୍ତେଜିତ କରୁଥିଲେ । ଏ ଶେଷକୁ ଧରାପଡ଼ି ଦଣ୍ଡ ପାଇଥିଲେ । ଏହାଙ୍କର ଶାରୀରିକ ବଳ ଅସାଧାରଣ ଥିଲା ।]

ଚାଖିବା—ଦେ. କ୍ରି (ସଂ. ଚଷଣ)—୧ । ସ୍ୱାଦ ଗ୍ରହଣ କରିବା; ଅସ୍ୱାଦନ
Chākhibā କରିବା—1. To taste a thing.
চাকা, চাখা
चखना
(ଚଖାଇବା—ଣିଜନ୍ତ)
ଦମୟନ୍ତୀ ଯେ ସେହି ମାଂସରୁ ଖଣ୍ଡିଏ
ଚାଖିଦେଲେ ନଳଙ୍କୁ ଜାଣିବା ଉପାୟେ ।
କୃଷ୍ଣସିଂହ. ମହାଭାରତ ବନ ।
୨ । ସ୍ୱାଦ ପରୀକ୍ଷା କରିବା—
2. To try the taste of a thing.
ସୁସ୍ୱାଦୁ ଫଳ ଯେତେ ପାଇ
ଚାଖି ଗୋବିନ୍ଦଙ୍କୁ ରଖଇ—ଭୂପତି. ପ୍ରେମପଞ୍ଚାମୃତ ।
୩ । (ଲକ୍ଷଣାର୍ଥ) ଇନ୍ଦ୍ରିୟଦ୍ୱାରା ଉପଲବ୍ଧି କରିବା—
3. (fig) To enjoy with any organ of sense.

ଗମ୍ଭୀକଳ ଗୁରୁଣିସମଗ ସେ କେଉଁ ଅମୃତ ଚାଖି ନାହିଁ ଏବେ ମୋ ନୟନ ।
କବିସୂର୍ଯ୍ୟ ବଳଦେବରଥ ।

ଚାଖୁ—ବୈଦେ. ବି (ଫା.)—ଚାକୁ (ଦେଖ)
Chākhu Chāku (See).

ଚାଖୁଆ ଦେ. ବିଣ. ପୁଂ (ଗାଳି)—ଚଖା (ଦେଖ)
Chākhuā Chakhā (See).

ଚାଖୁଣିଆ—ଦେ. ବି (ସଂ. ଚଷଣ)—ରାଜଭୋଜ୍ୟ ଖାଦ୍ୟକୁ ଅସ୍ୱାଦନ କରି
Chākhuṇiā ପରୀକ୍ଷା କରିବା ନିମନ୍ତେ ନିଯୁକ୍ତ ଭୃତ୍ୟ—
চাকুনিয়া, চাকুনী A servant whose duty is to taste
(ଚାଖୁଣୀ—ସ୍ତ୍ରୀ) the food prepared for the king before it is taken by the king.
[ବି—ରାଜାମାନଙ୍କ ଖାଦ୍ୟରେ ବିଷପ୍ରୟୋଗର ଅଶଙ୍କା ଥିବାରୁ ପ୍ରଥମେ ଜଣେ ଲୋକଦ୍ୱାରା ଖାଦ୍ୟ ପରୀକ୍ଷା କରିବାର ବିଧି ଥିଲା । ବର୍ତ୍ତମାନ ମଧ୍ୟ ଏ ବିଧି ସ୍ଥାନେ ସ୍ଥାନେ ଚଳୁଅଛି ।]
ଦେ. ବିଣ—ଚାଖୁଣିଆ; ଯେ ଚାଖେ—One who tries or examines the taste of a food.

ଚାଗଡ଼ା (ଇତ୍ୟାଦି)—ଦେ. ବି—ଚାଙ୍ଗଡ଼ା ଇତ୍ୟାଦି (ଦେଖ)
Chāgar̤dā etc Chāṅgar̤dā etc (See).

ଚାଙ୍କିବା—ପ୍ରାଦେ (ଗଡ଼ଜାତ) କ୍ରି—ଅଳ୍ପ ଘୁଞ୍ଚାଇଦେବା; ସ୍ଥାନଚ୍ୟୁତ
Chāṅkibā କରିବା—To dislodge.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଧ' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାଙ୍ଗ୍ରି—ପ୍ରାଦେ (ସମ୍ବଲପୁର; ଭୁଲ. ହି. ଚଂଗେରୀ) ବି—
Chāṅgri — ଚାଙ୍ଗୁଡ଼ି (ଦେଖ) Chāṅgurdi (See).

ଚାଙ୍ଗଡ଼ା—ଦେ. ବି—୧ । ଡାଲା; ଚାଙ୍ଗୁଡ଼ି—
Chāṅgardā — 1. A tray of wicker-work of wood; a shallow; wicker basket.
চাঁগড়া; চাঁঙ্গারী
चाङ्गेरी

କୁସୁମ ଚାଙ୍ଗଡ଼ା ପଦ୍ମହସ୍ତେ ଧରି
ଠାବେ ଠାବେ ଠୁଳ ପ୍ରାଙ୍ଗଣେ ନାଗରୀ—ରାଧାନାଥ. ଚନ୍ଦ୍ରଭାଗା ।

୨ । କୌଣସି ବଡ଼ ଗଛକୁ ମୂଳରୁ କାଟିଦେଲା ପରେ ଗଛ ମୂଳ ଖୋଳ ହୋଇ ଯେଉଁ ଗଡ଼ଖଣ୍ଡି ବାହାର କରାଯାଏ—
2. The part of the trunk of a tree which is just abone the root.

ଚାଙ୍ଗଡ଼ା ଘର—ଦେ. ବି—ଯେଉଁ ଘରେ ବସ୍ତ୍ର ଅଲଙ୍କାରାଦି ରଖା ହୋଇ ଥାଏ; ଗନ୍ଧାଘର—
Chāṅgrdā ghara — War drobe; a room for storing dress and ornaments etc.

ଚାଙ୍ଗଡ଼ା ଘର ଜୁଇରେ ଘରମାସେ । କବିସୂର୍ଯ୍ୟ, କବିତା ।

ଚାଙ୍ଗଡ଼ା ଚେର—ଦେ. ବି—କୌଣସି ଗଛର ଚାଙ୍ଗଡ଼ାରୁ ବାହାରି ମାଟି ଉପରକୁ ଦିଶୁଥିବା ଚେର—
Chāṅgardā chera — The root of a tree which is seen above the ground.

ଚାଙ୍ଗଡ଼ା ତୁମ୍ବ—ଦେ. ବି—ଗଛର ଚାଙ୍ଗଡ଼ାର ମଝିରେ ଠିଆ ଗାତ କରି ତହିଁରେ ବାରୁଦ ଭର୍ତ୍ତି ଯେଉଁ ତୁମ୍ବ ବାଣ କରାଯାଏ—
Chāṅgardā tumba — A fire work made by putting gun-powder in a hole made in the Chāṅgardā of a tree.

ଚାଙ୍ଗଡ଼ା ମେକାପ—ଦେ. ବି—ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ-
Chāṅgardā mekāpa — A class of Sebaka of Lord Jagannath.

[ଦ୍ର—ଶ୍ରୀ ଜୀଉଙ୍କର ଭିନ୍ନ ଭିନ୍ନ ବେଶ ନିମନ୍ତେ ପ୍ରୟୋଜନୀୟ ସାଜସଜ୍ଜା (ବସ୍ତ୍ର, ଅଲଙ୍କାରାଦି) ଏମାନଙ୍କ ଜିମା ଥାଏ । ଏମାନେ ପ୍ରତ୍ୟେକ ବେଶ ପୂର୍ବରୁ ପ୍ରୟୋଜନୀୟ ସଜମାନ ଚାଙ୍ଗଡ଼ା ବା ଡାଲାରେ ସହିତ କରି ବେଶକାରୀ ସେବକଙ୍କୁ ଦିଅନ୍ତି ଏବଂ ବେଶ ଫିଟିବା ସମୟରେ ଫେରାଇ ଆଣି ନିଜ ତତ୍ତ୍ୱାବଧାନରେ ରଖନ୍ତି ।]

ଚାଙ୍ଗଡ଼ି—ଦେ. ବି—ଚାଙ୍ଗୁଡ଼ି (ଦେଖ)
Chāṅgardi — Chāṅgurdi (See)

ଚାଙ୍ଗଲ—ଦେ. ବିଣ—ଚେଙ୍ଗା (ଦେଖ)
Chāṅgalā — Cheṅgā (See)

ଚାଙ୍ଗା—ଦେ. ବିଣ—ଚେଙ୍ଗା (ଦେଖ)
Chāṅgā — Cheṅgā (See)

ଚାଙ୍ଗାରି—ବୈଦେ. ବି—ଚଙ୍ଗାରି (ଦେଖ)
Chāṅgāri — Chaṅgāri (See)

ଚାଙ୍ଗୁ—ପ୍ରାଦେ. (ଗଡ଼ଜାତ) ବି—୧ । ଓଡ଼ିଶା ଗଡ଼ଜାତର ଜୁଆଙ୍ଗ ଆଦି ଅଧିବାସୀଙ୍କର ଚାଙ୍ଗୁ ବାଦ୍ୟ ସହ ନାଚ—
Chāṅgu — 1. A dance prevalent among the wild tribes of the Oriya agency tracts.

୨ । ଚାଙ୍ଗୁବାଦ୍ୟ (ଦେଖ)
2. Chāṅgubādya (See)

ଚାଙ୍ଗୁଡ଼ା—ବୈଦେ. ବି—୧ । ଚାଙ୍ଗଡ଼ା (ଦେଖ)
Chāṅgurdā — 1. Chāṅgardā (See)

୨ । ପୁଷ୍ପାଧାର—2 A flower-tray.

ଚାଙ୍ଗୁଡ଼ି—ଦେ. ବି—୧ । ଛୋଟ ଡାଲା; ଚାଙ୍ଗଡ଼ି—
Chāṅgurdi — 1. A small tray.
চাঙ্গড়ী
चाङ्गेरी

ବାଳକ ବାଳିକା ଧରିଣ ଚାଙ୍ଗୁଡ଼ି
ଫୁଲ ତୋଳୁଛନ୍ତି ଦଉଡ଼ି ଦଉଡ଼ି । ମଧୁସୂଦନ. ପ୍ରଭାତ ।

୨ । ବାକ୍ସ ବା ପେଡ଼ିର ମୁହଁ ବା ଢାଙ୍କୁଣୀ—
2. The cover for a box.

ଚାଙ୍ଗୁନାଟ—ପ୍ରାଦେ. (ଗଡ଼ଜାତ) ବି—ଚାଙ୍ଗୁ ବାଦ୍ୟସହ ଅନାର୍ଯ୍ୟମାନଙ୍କର ନୃତ୍ୟବିଶେଷ—
Chāṅgunāta — A dancing accompanied with the music of Chāṅgu.

ରଥଯାକ ବସି ଶିଖରେ ଜୁଆଙ୍ଗେ କରୁଥିବେ ଚାଙ୍ଗୁନାଟ ।
ରାଧାନାଥ. ଯାଜତି ।

ଚାଙ୍ଗୁନିଡ଼ା—ପ୍ରାଦେ. (ଗଡ଼ଜାତ) ବି—ଆନଦ୍ଧ ବାଦ୍ୟବିଶେଷ—
Chāṅgunirdā — A kind of drum.

ଚାଙ୍ଗୁବାଦ୍ୟ—ପ୍ରାଦେ. (ଗଡ଼ଜାତ) ବି—୧ । ଆନଦ୍ଧ ବାଦ୍ୟବିଶେଷ—
Chāṅgubādya — 1. A kind of drum.

[ଦ୍ର—ଏହା କାଠର ଗୋଟିଏ ଦୁଇ ମୁହଁ ମେଲା ଡାଲା । ଏହାର ବ୍ୟାସ ୧ ବା ୧୨ ହାତ । ଏହାର ଗୋଟିଏ ମୁହଁରେ ଚମଡ଼ା ଛାଉଣି ହୋଇଥାଏ । ଏଥିରେ ଡୋରି ବାନ୍ଧି କାନ୍ଧରେ ପକାଇ ଡେବିରି ହାତରେ ଧରିବାକୁ ହୁଏ । ଡେବିରି ହାତରେ ଖଣ୍ଡେ ସରୁ କାଠି ଓ ଡାହାଣ ହାତରେ ଆଉ ଖଣ୍ଡେ ମୋଟା କାଠି ଧରି ଏହାକୁ ବାଡ଼ିଆଯାଏ । ଏହା ଓଡ଼ିଶାର ଜାତୀୟ ବାଦ୍ୟ ଭଳି । ଏହାକୁ ବଡ଼ ଚାଙ୍ଗୁ ବୋଲାଯାଏ ।

ଗଡ଼ଜାତରେ ଛୋଟ ଜାତିମାନେ ଏବଂ ଜୟପୁର ଅଞ୍ଚଳରେ ଭଦ୍ର ଲୋକେ ଏ ବାଦ୍ୟ ବଜାନ୍ତି ।]

୨ । ମାଦେଳ ଚାଙ୍ଗୁ ବା ସାନ ଚାଙ୍ଗୁ—2. A kind of drum smaller than Chāṅgu.

[ଦ୍ର—ଏହା ଚାଙ୍ଗୁ ଭଳି, କିନ୍ତୁ ଏହାର ଗୋଟିଏ ମୁହଁ କାଠ ଓ ଅନ୍ୟ ମୁହଁରେ ବଡ଼ ଚାଙ୍ଗୁ ଭଳି ଚମଡ଼ା ଛାଉଣି ହୋଇଥାଏ । ଏହାର ବ୍ୟାସ ୧ ହାତ ବା ତହିଁରୁ କମ୍ । ବଜେଇବା ଲୋକ ଉଭୟ ହାତରେ ୨ ଖଣ୍ଡି ଲେଖାଏଁ ସରୁ କାଠି ଧରି ଏହାକୁ ବଜାଏ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଡ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ

ଚାଚକ—ଗ୍ରା. ବି (ସଂ. ଚାତକ)—ଚାତକ (ଦେଖ)—
Chāchaka Chātaka (See)

ଚାଚକା—ଗ୍ରା. ବି. ସ୍ତ୍ରୀ (ସଂ.'ଚର୍ଚ୍ଚିକା)—୧ । କଟକ ଜିଲ୍ଲାର ବାଙ୍କି ବା
Chāchakā ଚର୍ଚ୍ଚିକା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ—1. The Deity worshipped at Banki in Cuttack district.

୨ । ଗ୍ରାମଦେବତାବିଶେଷ —
2. Name of a village Goddess.

ଚାଚକାଇ—ଦେ. ବି. ସ୍ତ୍ରୀ—ଚାଚକା (ଦେଖ)—
Chāchakāi Chāchakā (See)
(ଚାଚକେଇ—ଅନ୍ୟରୂପ)

ଚା-ଚଢ଼େଇ—ଦେ. ବି—କାଡୁଅଖୁମ୍ପୀ (ଦେଖ)—
Chā-chardhei Kāduakhumpī (See)

ଚାଚପୁଟ—ସଂ. ବି - ସଙ୍ଗୀତରେ ତାଳର ୬୦ ପ୍ରକାର ମୁଖ୍ୟ ଭେଦ ମଧ୍ୟରୁ
Chāchaputa ଏକ (ଦ୍ର. ଶବ୍ଦସାଗର)—One of the 60 musical measures in Hindu music.
[ଦ୍ର—ଏଥିରେ ଏକ ଲଘୁ, ଏକ ଗୁରୁ, ଏକ ପ୍ଳୁତ ସ୍ୱର ଥାଏ ।]

ଦେ. ବି (ସଂ. ଚଞ୍ଚୁପୁଟ; ପକ୍ଷୀର ଥଣ୍ଟ ସଦୃଶ ଏକତ୍ର ସଂଯୁକ୍ତ ହେବାରୁ; କିମ୍ବା ସଂ. ଚାଚପୁଟ=ତାଳଭେଦ)—ଦୁଇଖଣ୍ଡ କାଠରେ ବଜାଯିବା ବାଦ୍ୟବିଶେଷ; କରତାଳକା ବାଦ୍ୟ—A kind of musical instrument; the castanets consisting of 2 concave and flat pieces of wood sounded by clapping together.

ଚାଚର—ଦେ. ବିଣ—କୁଞ୍ଚିତ ବା କୁଟିଳ (କେଶ)—
Chāchara Curled; curling (hair).
चाँचर

ଚା ଚାମଚ—ବୈଦେ. ବି. (ଚୀନ୍ ଭାଷା ଚା ଓ ଫା. ଚମ୍‌ଚହ୍)—ଚାହା
Chā chāmachā ପାନ କରିବାରେ ବ୍ୟବହୃତ ଚାମଚ—
चा चामच Tea-spoon.

ଚାଚିକା—ଦେ. ବି—ଭିକ୍ଷାପାତ୍ର—
Chāchikā Beggar's bowl.
[ଯଥା —ସୀତା ପର୍ଣ୍ଣକୁଟୀରରୁ ଫଳମୂଳ ଆଣି ରାବଣର ଚାଚିକାରେ ଦେଲେ ।]

ଚାଚେର—ଦେ. ବି—ଚାଚର (ଦେଖ)
Chāchera Chāchara (See)

ଚାଚେରି ମୁଦ୍ରା—ଦେ. ବି—ମୁଦ୍ରାବିଶେଷ (ମୁଦ୍ରା ତଳେ ନୋଟ ଦେଖ) —
Chācheri mudrā A kind of rifualistic pose of the hands (See notes under Mudrā).

ଚାଚେରି ମୁଦ୍ରା ଯେ ସବୁରି ମୂଳ
ଚନ୍ଦ୍ରକୁ ସେହୁ ଅଟଇ ଶୀତଳ—ପ୍ରା.ଚୀ. ପରତେଗୀତା ।

ଚାଚେରୀ—ଦେ. ବି. (ସଂ. ଚର୍ଚ୍ଚରୀ)—
Chācherī ୧ । ଦୋଳପୂର୍ଣ୍ଣିମାର ପୂର୍ବ ଦିନ ଅବିର ପିଚକାରୀ ଆଦି
चाँचर ମାରି କରତାଳ ଧ୍ୱନି କରି ଯେଉଁ ହୋରି ଉତ୍ସବ
चाचर କରାଯାଏ; ବସନ୍ତୋତ୍ସବବିଶେଷ—1. A festival accompanied with syringing and singing on the eve of Dolapūrṇṇamī.

ଚାଚେରୀ ଗହଳ ସଖୀ ଗୋବିନ୍ଦଙ୍କ ଦୋଳ—ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ଗ୍ରାମଦେବତାବିଶେଷ —
2. Name of a village Goddess.

ଚାଚ୍ଛେଣି—ଦେ. ବି—ଚାହାକୁ ଛାଣିବା ସକାଶେ ବ୍ୟବହୃତ ରନ୍ଧ୍ରଯୁକ୍ତ
Chāchchheṇi ପାତ୍ରବିଶେଷ—Tea-sieve for sifting
चाछनी tea from the boiled leaves.
चाच्छनी

ଚାଛଣି —ଦେ, ବି—ଚାଚ୍ଛେଣି (ଦେଖ)
Chāchhaṇi Chāchcheṇi (See)

ଚାଞ୍ଚ —ଦେ. ବି. (ସଂ. ଚଞ୍ଚା) ନଡ଼ିଆ ପତ୍ର, ତାଳପତ୍ର ବା ବାଉଁଶ-
Chāñcha ପାତିଆରେ ବୁଣା ହୋଇଥିବା ଆସ୍ତରଣବିଶେଷ;
चाँच ଚଟେଇ—A mat made of cocoanut
चटाइ leaves or palm leaves or thin strips of bamboo woven together.

ଚାଞ୍ଚଖାଇ—ପ୍ରାଦେ. (ଗଡ଼ଜାତ) ବି. ସ୍ତ୍ରୀ—
Chāñchakhāi ପିଲାଙ୍କର ରକ୍ତ ଶୋଷି ନେବା ଡାହାଣୀ—
A witch believsd to suck blood out of children.

ଚାଞ୍ଚଡ଼ା—ଦେ. ବି.—ଚାଞ୍ଚ (ଦେଖ)
Chāñcharḍā Chāñcha (See)

ଚାଞ୍ଚଡ଼ା ପଥର— ପ୍ରାଦେ. (ଗଡ଼ଜାତ ଓ ଗଞ୍ଜାମ)—ବି.—ସମତଳ ଭାବରେ
Chāñcharḍā pathara ବିସ୍ତୃତ ପଥରଖଣ୍ଡ—A big level or plain slab of stone.

ଚାଞ୍ଚର — ଦେ. ବିଣ.—ଚାଚର (ଦେଖ)
Chāñchara Chāchara (See)

ଚାଞ୍ଚରା—ଗ୍ରା. ବି.—ଚାଞ୍ଚ (ଦେଖ)
Chāñcharā Chāñcha (See)

ଚାଞ୍ଚଲ୍ୟ — ସଂ. ବି.—(ଚଞ୍ଚଳ + ଭାବ. ଯ)—୧ । ଚଞ୍ଚଳତା —
Chāñchalya 1. Speed; quickness.
୨ । ଅସ୍ଥିରତା—2. Restlessness; fickleness; inconstancy.
୩ । ବ୍ୟଗ୍ରତା; ଉତ୍କଣ୍ଠା—3. Anxiety.

ଚାଞ୍ଚି—ଦେ. ବି.—(ସଂ. ଚୈତ—ନଡ଼ିଆ କତା)—୧ । ନଡ଼ିଆ ବାହୁଙ୍ଗାର
Chāñchi ମୂଳରେ ନଡ଼ିଆ ଗଛର ଗଣ୍ଡିକୁ ବେଢ଼ିଥିବା ଜାଲି
चाँचाड़ि ଆକୃତିର ବଳ୍କଳ; ଚାଞ୍ଚୁ—1. A netlike bark
जालि entwining the trunk of a cocoanut tree at the place whence branches come out.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଓ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ପାଚିଲ ଆମ୍ବର ନୂତନ ଟାଙ୍କୁଆର ଦୃଢ଼ ଆବରଣ—
2. The hard rind formed on the stone of a fully developed mango fruit.

୩ । ଚାଞ୍ଛି (ଦେଖ)
3. Chāñchhi (See).

ଚାଞ୍ଚିବା—ଦେ. କ୍ରି—ଚାଞ୍ଛିବା (ଦେଖ)
Chāñchibā — Chāñchhibā (See)

ଚାଞ୍ଚୁ—ଦେ. ବି—ଚାଞ୍ଚି (ଦେଖ)
Chāñchu — Chāñchi (See)

ଚାଞ୍ଛି—ଦେ. ବି—(ସଂ. ତକ୍ଷ ଧାତୁ; ସଂ. ତ୍ୱେଚ=ବଲ୍କଲ)—
Chāñchhi ୧ । ଫଳ ବା କାଠରୁ ଚଞ୍ଛା ହୋଇଥିବା ଚୋପା ବା
চাচুঁনি ବଲ୍କଲ—Thin scrapings (of bark or rind).
छिलका ୨ । ଚାଞ୍ଚି (ଦେଖ)—2. Chāñchi (See)

ଚାଞ୍ଛିବା—ଦେ. କ୍ରି. (ସଂ ତକ୍ଷ ଧାତୁ)—୧ । କାଠ ବା ଫଳର ଚୋପା
Chāñchhibā ଛଡ଼ାଇବା; ତାଞ୍ଛିବା; ଛେଲିବା—
চাঁছা, চাঁচা 1. To scrape off the bark or rind
छीलना; खुरचना from a wood, branch or fruit.
(ଚଞ୍ଛାଇବା—ଣିଜନ୍ତ)

୨ । ଭୂମି ଉପରୁ ଘାସ ସହିତ ମାଟିର ପତଳା ସ୍ତର ଉଠାଇବା—
2. To scrape off grass from the ground
ବାମ ଦକ୍ଷିଣେ ଚଞ୍ଛା ଗଡ଼, ଚାଞ୍ଛିଲ ବାଟ ପ୍ରାୟ ଝଡ଼—ଜଗନ୍ନାଥ. ଭାଗବତ ।

୩ । ଉପରୁ ପତଳା ପ୍ରସ୍ତ ଉଠାଇବା—3. To pare; to clip; to prune; to trim.

ଚାଟ୍—ଦେ. ବି (ଜିଭରେ ଚାଟି ଖାଇବା ହେତୁ; ସଂ. ଚଷଣ)—
Chāṭ ୧ । ମଦ୍ୟାଦି ମାଦକ ସେବନ ପରେ ଖାଇବା ମୁଖରୋଚକ
চাট ଖାଦ୍ୟ—1. A relishing food eaten after drink-
चाट ing in order to palliate the sharpness left in the mouth after drinking spirits or wine.
ଅଳି ମାଳି ସାଙ୍ଗରେ ଦେଶୀ ଚାଟ୍ ପଡ଼ୁଥିଲା—ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଲାଳସା; ଝୁଙ୍କ—2. Hankering.

ଚାଟ୍ ଧରିବା—ଦେ. ବି—୧ । (କୁଅର୍ଥ) ଅଭ୍ୟାସ ହେବା—
Chāṭ dharibā 1. Formation of a habit (bad sense).
চাট ধরা ୨ । କୌଣସି ଦ୍ରବ୍ୟ ପ୍ରତି ଝୁଙ୍କ ଲାଗିବା ବା ଲାଳସା ଜନ୍ମିବା—
चाट लगना 2. Growth of a hankering after something once tasted.

ଚାଟ୍‌ନି—ଦେ. ବି.—ଚାଟ୍ (ଦେଖ)
Chāṭni — Chāṭ (See)

ଚାଟ୍ ଲାଗିବା—ଦେ. ବି—ଚାଟ୍ ଧରିବା (ଦେଖ)
Chāṭ lāgibā — Chāṭ dharibā (See)

ଚାଟ—ସଂ.ବି. (ଚଟ୍ ଧାତୁ=ବଧ କରିବା+କର୍ତ୍ତୃ ଅ; ତୁଳ ଇଂ.ଚୀଟ୍)—
Chāṭa ୧ । ବିଶ୍ୱାସ ଘାତକ—1. A perfidious person.

୨ । ଚୋର—2. Thief.

୩ । ଠକ—3. A cheat.

ছাত্র ଦେ. ବି. (ସଂ. ଛାତ୍ର; ନବ୍ୟ ସଂ. ଚଟ୍ଟ; ସଂ. ଚେଟକ=
चट्टा ସେବକ, ଦାସ)—

୧ । ପାଠଶାଳାରେ ପଢ଼ୁଥିବା ଛାତ୍ର; ଶିଷ୍ୟ—
1. Student reading in a school.
କାହିଁ ବା ଚାଟେ ଚାହାଳରେ
ପଢ଼ନ୍ତି ପୋଥି ଧୀରେ ଧୀରେ—ମଧୁସୂଦନ. ଛନ୍ଦମାଳା ।

୨ । ବତ୍ସ; କୁମାର; ପୁଅ—2. Son.
ସେ ଦେଶେ ଯାଇଣ ହେଲେ ପବନଙ୍କ ଚାଟ—କୃଷ୍ଣସିଂହ. ମହାଭାରତ. ସଭା ।

୩ । (ସଂ. ଚଙ୍କ; ପାଲି. ଚାଟି=ପାତ୍ର) ବଡ଼ ଡାଲା; ଡାଟ—
3. A large shallow tray.

୪ । (ସଂ. ଚଷଣ) ଚାଟ୍ (୧) (ଦେଖ)
4. Chāṭ (1) (See)

ଦେ. ବିଣ—୧ । ବିଦ୍ୱାନ୍—1. Learned
(ଚାଟପୁଅ ଚାଟ, ଭାଟପୁଅ ଭାଟ—ଢଗ)

୨ । ବିଦ୍ୟାର୍ଥୀ—2. Bent on studying.

ଚାଟକେର—ସଂ. ବି (ସଂ. ଚଟକା=ମାଈ ଘରଚଟିଆ+ଅପତ୍ୟାର୍ଥେ ଏର;
Chāṭakera ଚଟକାର ସନ୍ତାନ)—ଛୁଆ ଘରଚଟିଆ ଚଢ଼େଇ—
The young ones of the sparrow.

ଚାଟକୈର—ସଂ. ବି (ଚଟକା+ଅପତ୍ୟାର୍ଥରେ ଐର)—ଚାଟକେର (ଦେଖ)—
Chāṭakaira — Chāṭakera (See)

ଚାଟଗାଁ—ଦେ. ବି (ନାମ) (ସଂ. ଚଟ୍ଟଗ୍ରାମ)—ଚଟ୍ଟଗ୍ରାମ (ଦେଖ)—
Chāṭgāñ — Chaṭṭagrāma (See)
চাটগাঁ

ଚାଟଶାଳ—ଦେ. ବି—ଚାଟଶାଳା (ଦେଖ)—
Chāṭaśāḷa — Chāṭaśāḷā (See)

ଚାଟଶାଳା—ଦେ. ବି (ସଂ. ଛାତ୍ରଶାଳା; ନବ୍ୟ ସଂ. ଚଟ୍ଟଶାଳା)—ଚାହାଳି;
Chāṭaśāḷā ପାଠଶାଳା; ଦେଶୀୟ ପ୍ରାଥମିକ ବିଦ୍ୟାଳୟ—
पाठशाला Village-school; a primary school
चटशाला where the vernacular is taught.

ଚାଟଶାଳିଆ—ଦେ. ବିଣ—୧ । ପାଠଶାଳାରେ ଶିକ୍ଷା ଦିଆଯିବା (ପାଠ)—
Chāṭaśāḷiā 1. Learnt in the village-school.

୨ । ପାଠଶାଳାରେ ପଢ଼ୁଥିବା (ଛାତ୍ର)—
2. Studying in the village-school.

୩ । ପାଠଶାଳାରେ ବ୍ୟବହୃତ (ଦଣ୍ଡ)—
3. (punishment) In vogue in village-schools.

୪ । ଚାହାଳି ସମ୍ବନ୍ଧୀୟ—
4. Relating to a village-school.

ଚାଟଶାଳୀ—ଦେ. ବି—ଚାଟଶାଳା (ଦେଖ)—
Chāṭaśāḷī — Chāṭaśāḷā (See)
ମାଡ଼ ମାରନ୍ତି ଚାଟଶାଳୀ—ଭୂପତି. ପ୍ରେମପଞ୍ଚାମୃତ ।

ଚାଟି—ଦେ. ବି—୧ । ବଡ଼ ଟୋକେଇ; ବେତା—
Chāṭi 1. A big basket.

୧	ଇ	ଉ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଲ୍ୟ	ଡ଼ଅ	ଢ଼
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଂ	ଇଅ	ଡ଼	ଢ଼

ପେଟୁଟମାନଙ୍କୁ ଯେ ଥେଳାଗୁଛ ପଣ,
ବଢ଼ାଇଲେ ସମସ୍ତେ ଚକ୍ଷୁଣ୍ଟ କର । କୃଷ୍ଣସିଂହ. ମହାଭାରତ. ବନ ।

୨ । ଲୁଣ ପୋକ୍ତାନ ହେବାର ସ୍ଥାନ—2. A place where sea-salt is manufactured.

ଗୁଲଅ ଡାବକ ଯେନ ଚାଟକୁ ଗଲଯାଏ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପ୍ରାଦେ (ବସ୍ତର) ବି (ଭୁଲ. ଏହି ଅର୍ଥରେ ହି. ଚାଁଟୀ)—
୧ । ଜନା—1. Big ants.
୨ । ପିମ୍ପୁଡ଼ି—2. Small ants

ପ୍ରାଦେ (ମେଦନୀପୁର) ବି (ଭୁଲ. ଏହି ଅର୍ଥରେ ବ. ଚାଟା, ଚାଟାଇ)—ଖଜୁରିପଟି—Mat made of date-palm leaves woven together.

ଚାଟିଗ୍ରାମ—ସଂ. ବି (ନାମ)—ଚଟ୍ଟଗ୍ରାମ (ଦେଖ)—
Chāṭigrāma Name of a place (M. W.); Chaṭṭagrāma (See)

ଚାଟିଚୁଟି—ଦେ. କ୍ରି. ବିଣ—ପୋଛିପାଛି; ନିଃଶେଷ କରି (ଖାଦ୍ୟ ପଦାର୍ଥକୁ
Chāṭichuṭi ଖାଇବା)—(to eat a food given to one)
চেঁচেপুঁছে; চেটেচুটে To the dregs; without leaving
चाटपोंछकर any particle of food in the plate; by licking the plate.

ଚାଟିବା—ଦେ. କ୍ରି (ଧ୍ୱନ୍ୟନୁକରଣ; ଚାଟିବାବେଳେ ଶୁଣାଯିବା ଚଟଚଟ
Chāṭibā ଶବ୍ଦରୁ; ସଂ. ଭକ୍ଷଣ; ଲେହନ)—୧ । ଜିହ୍ୱାଦ୍ୱାରା ଲେହନ
চাটা କରିବା—1. To lick.
चाटना
(ଚଟାଇବା—ଣିଜନ୍ତ ରୂପ)

ଅଷ୍ଟବର୍ଗ ଭୂପତି, ମିଳିକି ଯେ ଦମ୍ପତି
ପଦାମ୍ବୁଜକରନ୍ଦ ଚାଟନ୍ତି ରେ ।
କବିସୂର୍ଯ୍ୟ. ସଙ୍ଗୀତକଳ୍ପଲତା ।

୨ । ଜିଭଦ୍ୱାରା ସ୍ୱାଦ ଗ୍ରହଣ କରିବା;—
2. To taste with the tongue.
୩ । (ଲକ୍ଷଣାର୍ଥ) ବ୍ୟଗ୍ରତା ସହିତ ଖାଇବା—
3. (figurative) To eat with gusto.
୪ । (ଲକ୍ଷଣାର୍ଥ) ଧ୍ୱଂସ କରିବା—
4. (figurative) To destroy; to ruin.
(ଯଥା - କ୍ଷଣକ ମଧ୍ୟରେ ନିଆଁ ରାଜପ୍ରାସାଦକୁ ଚାଟି ଦେଇଗଲା ।)
[ଦ୍ର—ଚାଟିବା କ୍ରିୟାର ଅସମାପିକାରୂପ ସଙ୍ଗେ ଖାଇବା, ଦେବା, ପକାଇବା, ଯିବା କ୍ରିୟାମାନଙ୍କର ସମାପିକାରୂପ ଯୁକ୍ତ ହୁଏ ।]

ଚାଟୁ—ସଂ. ବି (ଚଟ୍ ଧାତୁ=(କୋଧକୁ) ଭେଦ କରିବା+କରଣ. ଉ)—
Chāṭu ୧ । ସ୍ତୁତିବାକ୍ୟ; ପ୍ରିୟବଚନ—1. Encomium; eulogy; praise.
୨ । ତୋଷାମୋଦ; ମିଥ୍ୟା ପ୍ରିୟବାକ୍ୟ; ମିଥ୍ୟା ପ୍ରଶଂସା—2. Flattery.
୩ । ବିନୟବଚନ—3. Supplicating words; humble prayer.

୪ । ପାକଳାପାକଳ କରିବା; କଥଁଲେଇ ସଥଁଲେଇ କରି ଭୁଲାଯିବା କଥା—4. Coaxing; blandishment; cajolery.

ପ୍ରାଦେ (ବସ୍ତର) ବି—୧ । ଚଟୁ (ଦେଖ)
1. Chaṭu (See).
୨ । କରଚୁଲି (ଦେଖ)
2. Karachuli (See).

ଚାଟୁଆ—ଦେ. ବିଣ. ପୁଂ (ସଂ. ଚାଟୁକାର)—୧ । ଚାଟୁକାରୀ; ଯେ
Chaṭuā ଖୋସାମଦ୍ କରେ—1. Flattering.
(ଚାଟୋଇ—ସ୍ତ୍ରୀ) ୨ । ଚାଟୁପ୍ରିୟ; ଯେ ଚାଟୁକଥା ଶୁଣିବାକୁ ସୁଖ ପାଏ—
2. Loving to be flattered; liking flattery.

ଦେ. ବି—ଚାଟି (ଦେଖ)
Chāṭi (See).

ଚାଟୁଆଇବା—ଦେ. କ୍ରି (ସଂ. ଚାଟୁ)—୧ । ଖୋସାମଦ କରିବା—
Chāṭuāibā 1. To flatter.
୨ । ପାକଳାପାକଳ କରିବା; ମନଭୋଳା କଥା କହିବା—
2 To coax; to cajole.

କାର୍ତ୍ତିକେ କୋଳରେ ବସାଇ
କହନ୍ତି ବାକ୍ୟ ଚାଟୁଆଇ—ଭୂପତି. ପ୍ରେମପଞ୍ଚାମୃତ ।

୩ । ବିନୟପୂର୍ଣ୍ଣ କଥା କହିବା—
3. To speak with humility;

ଦିବ୍ୟ ଭୋଜନ ବହେ ଦେଇ,
ବାକ୍ୟ କହିବ ଚାଟୁଆଇ—ଜଗନ୍ନାଥ. ଭାଗବତ ।

ଚାଟୁକଟୁ—ଦେ. ବି (ଉପସର୍ଗାର୍ଥକ ସହଚର)—
Chāṭu kaṭu ଚାଟୁବାକ୍ୟ ଓ କଟୁବାକ୍ୟ—Flattery and pungent speech.

ଚାଟୁକାର—ସଂ. ବିଣ. ପୁଂ (ଚାଟୁ+କୃ ଧାତୁ+କର୍ତ୍ତୃ. ଅ)—
Chāṭukāra ୧ । ଯେ ମନ ରଖାଇ କଥା କହେ—
1. Humouring; complaisant.
(ଚାଟୁକାରୀ—ଅନ୍ୟରୂପ) ୨ । ଖୋସାମଦ କରିବା (ବ୍ୟକ୍ତି);
ଚାଟୁକାରୀ—2. Flattering; sycophant.
ସଂ. ବି—ଖୋସାମଦିଆ ବ୍ୟକ୍ତି—Flatterer; a sycophant.

ଚାଟୁପଟୁ—ସଂ. ବି. (୭ମୀ ତତ୍; ଚାଟୁ+ପଟୁ)—
Chāṭupaṭu ଖୋସାମଦିଆ; ଯେ ଖୁବ୍ ଖୋସାମଦ କରି ପାରେ—
Flattering; expert in flattering.

ପ୍ରଭୁର ଅଳୀକ ଯଶ ଭଣନ୍ତେ କେ ରତ, ଚାଟୁପଟୁ × ×
ରଧାନାଥ. ମହାଯାତ୍ରା ।

ସଂ. ବି—ଭଣ୍ଡ; ବିଦୂଷକ—A jester or fool in a king's; court or in a drama.

ଚାଟୁପ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଚାଟୁ+ପ୍ରିୟ)—
Chāṭupriya ଯେ ଖୋସାମଦିଆ କଥା ଶୁଣିବାକୁ ସୁଖ ପାଏ—
(ଚାଟୁପ୍ରିୟା—ସ୍ତ୍ରୀ) Fond of flattery; fond of being flattered.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାଟୁବଚନ— ସଂ. ବି. (ମ. ପ. ଲୋ; ଚାଟୁ+ବଚନ)—
Chāṭu bachana ୧ । ଖୋସାମଦଥା କଥା; ଚାଟୁପୂର୍ଣ୍ଣ ବଚନ— 1. Flattering words.
୨ । ଅତିରିକ୍ତ ପ୍ରଶଂସା— 2. Undue praise; adulation.
୩ । ପ୍ରାର୍ଥନା—3. Entreaty.

ଚାଟୁବଟୁ—ସଂ. ବିଣ. (୬ଷ୍ଠୀ ତତ୍; ଚାଟୁ+ବଟୁ)—
Chāṭubaṭu ଚାଟୁପଟୁ (ଦେଖ) Chāṭupaṭu (See)
ସଂ. ବି—ବିଦୂଷକ—Jester.

ଚାଟୁବଟୁକୁ ଭୂଜାଣ ବୋଲି ଜାଣ । ଉଣ୍ଡ. କୋଷ୍ଠପ୍ରସ୍ଥାଣୱ୍ରୀତସ ।

ଚାଟୁବାକ୍ୟ— ସଂ. ବି. (ମ. ପ. ଲୋ; ଚାଟୁ+ବାକ୍ୟ)—
Chāṭu bākya ଚାଟୁବଚନ (ଦେଖ) Chāṭubachana (See)

ଚାଟୁବାଦ— ସଂ. ବି.—(ଚାଟୁ+ବଦ୍ ଧାତୁ+ଭାବ. ଅ)—
Chāṭu bāda ଚାଟୁବଚନ (ଦେଖ) Chāṭu bachana (See)

ଚାଟୁବାଦୀ— ସଂ. ବିଣ. ପୁଂ-(ଚାଟୁ+ବଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)
Chāṭu bādī ଚାଟୁକାର (ଦେଖ)
(ଚାଟୁବାଦିନୀ—ସ୍ତ୍ରୀ) Chāṭukāra (See)

ଚାଟୁଭାଷୀ— ସଂ. ବିଣ. (ଚାଟୁ+ଭାଷ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)
Chāṭubhāshī ଚାଟୁକାର (ଦେଖ)
(ଚାଟୁଭାଷିଣୀ—ସ୍ତ୍ରୀ) Chāṭukāra (See)

ଚାଟୁର୍ଯ୍ୟା— ଦେ. ବି.—(ସଂ. ଚଟ୍ଟୋପାଧ୍ୟାୟ)—ଚାଟୁର୍ଯ୍ୟୀ; ଚଟ୍ଟୋପାଧ୍ୟାୟ;
Chāṭurjya ବଙ୍ଗାଳ ବ୍ରାହ୍ମଣଙ୍କ ଉପାଧିବିଶେଷ—Chatterjee,
চাটুর্য্যা a title of Bengale Brāhmaṇas.

ଚାଟୂକ୍ତି— ସଂ. ବି· (ମ. ପ. ଲୋ କର୍ମଧା; ଚାଟୁ+ଉକ୍ତି)—
Chāṭūkti ଚାଟୁବଚନ (ଦେଖ), Chāṭubachana (See)

ଚାଟୋଲ— ଦେ. ବିଣ. (ସଂ. ଚଟୁଲ=ଅସ୍ଥିର)—
Chāṭola ୧ । ରୋଗାଦି ଯୋଗୁଁ ବ୍ୟାକୁଳତା ଅନୁଭବ କରୁଥିବା—
बेचैन 1. (a person) Feeling restless on account of disease.
୨ । ଡହଳ ବିକଳ (ଦେଖ) 2. Dahaḷa bikaḷa (See)
(ଦ୍ର—ଯେଉଁ ରୋଗୀ ଚାଟୋଲ ହୁଏ, ସେ ଥୟ ହୁଏ ନାହିଁ, ଅଣ୍ଟା ସ୍ଥାନ ଓ ପବନ ଲୋଡ଼େ, ଦେହରୁ ଲୁଗାପଟା କାଢ଼ି ପକାଏ ଓ ହାତଗୋଡ଼ ବାଡ଼େଇ ହୁଏ ।)

ଚାଡ୍ରା—ପ୍ରାଦେ. (ମେଦିନୀପୁର) ବିଣ—ଟାଙ୍ଗରମୁଣ୍ଡିଆ—
Chāḍrā Bald-headed.

ଚାଣକ୍ୟ—ସଂ. ବି. (ଚଣକ=ମୁନିବିଶେଷ+ଅପତ୍ୟାର୍ଥେ ଯ)—
Chāṇakya ୧ । ରାଜା ଚନ୍ଦ୍ରଗୁପ୍ତଙ୍କର ତୀକ୍ଷ୍ଣବୁଦ୍ଧି ମନ୍ତ୍ରୀ ବିଷ୍ଣୁଗୁପ୍ତ— 1. The name of a minister of Raja Chandragupta noted for his political acumen.
[ଦ୍ର—ଏ ଜାତିରେ ବ୍ରାହ୍ମଣ ଥିଲେ । ମଗଧ ବା ପାଟଳିପୁତ୍ରର ନନ୍ଦବଂଶର ରାଜା ମହାନନ୍ଦଙ୍କଠାରୁ ଏ ଅପମାନ ପାଇ ତହିଁର ପ୍ରତିଶୋଧ ନେବା ପାଇଁ ମହାନନ୍ଦଙ୍କ ଦାସୀପୁତ୍ର ଚନ୍ଦ୍ରଗୁପ୍ତଙ୍କୁ ସହାୟତା ଦେଇ ଏ ନନ୍ଦବଂଶର ଉଚ୍ଛେଦ ସାଧନ କଲେ, ଓ ଚନ୍ଦ୍ରଗୁପ୍ତଙ୍କୁ ମଗଧ ସିଂହାସନରେ ବସାଇଲେ । ଏହାଙ୍କ ଜନ୍ମସ୍ଥାନ ତକ୍ଷଶିଳା (ଅଧୁନିକ ରାଓଲପିଣ୍ଡିର ପାଖ) ରେ ଥିଲା । ଚାଣକ୍ୟଙ୍କ ରଚିତ 'ଅର୍ଥଶାସ୍ତ୍ର' ରାଜନୀତି ସମ୍ବନ୍ଧରେ ପ୍ରାମାଣିକ ଗ୍ରନ୍ଥ ଅଟେ । ଏହାଙ୍କ ରଚିତ ଶ୍ଳୋକମାନଙ୍କ ମଧ୍ୟରୁ ବାଛି ବାଛି ପରବର୍ତ୍ତୀ ସଂକଳୟିତାମାନେ 'ବୃଦ୍ଧଚାଣକ୍ୟ', 'ଲଘୁଚାଣକ୍ୟ' 'ବୋଧଚାଣକ୍ୟ' 'ଚାଣକ୍ୟସାରସଂଗ୍ରହ' ନାମକ ଗ୍ରନ୍ଥମାନ ସଙ୍କଳନ କରିଅଛନ୍ତି । ଚାଣକ୍ୟଙ୍କ ରଚିତ 'ବିଷ୍ଣୁଗୁପ୍ତସିଦ୍ଧାନ୍ତ' ରେ ଜ୍ୟୋତିଷ ବିଷୟର ଚର୍ଚ୍ଚା ହୋଇଅଛି । ସେ 'ବୈଦ୍ୟଜୀବନ' ନାମକ ଖଣ୍ଡିଏ ଆୟୁର୍ବେଦିକ ଚିକିତ୍ସାଗ୍ରନ୍ଥ ମଧ୍ୟ ଲେଖିଥିଲେ; ବିଷ୍ଣୁପୁରାଣ, ଭାଗବତ ଓ କଥାସରିତ୍‌ସାଗର ଆଦି ସଂସ୍କୃତ ଗ୍ରନ୍ଥରେ ଏହାଙ୍କର ନାମ ଉଲ୍ଲେଖ ଅଛି । ଏହାଙ୍କର ଅନ୍ୟ ନାମ ବାତ୍ସ୍ୟାୟନ, ମଲ୍ଲନାଗ, କୌଟିଲ୍ୟ, ଚଣକାତ୍ମଜ, ଦ୍ରାମିଳସ୍ୱାମୀ, ବିଷ୍ଣୁଗୁପ୍ତ ଓ ଅଙ୍ଗୁଳ ଥିବାର ଅଭିଧାନକାର ହେମଚନ୍ଦ୍ର ଲେଖିଅଛନ୍ତି— ହି. ଶବ୍ଦସାଗର ।]
୨ । ଚାଣକ୍ୟଙ୍କ ରଚିତ ନୀତିଗ୍ରନ୍ଥ—2. A work of political and moral aphorisms compiled by Chāṇakya.

ଚାଣକ୍ୟନୀତି — ସଂ. ବି. (୬ଷ୍ଠୀ ତତ୍; ଚାଣକ୍ୟ+ନୀତି)—ଚାଣକ୍ୟଙ୍କ
Chāṇakya niti ସଂକଳିତ ଅର୍ଥନୀତି ଓ ରାଜନୀତି—Principles of Ethics and Politics compiled or enunciated by Chāṇakya.

ଚାଣିକ୍ୟ—ଗ୍ରା ବି (ସଂ. ଚାଣକ୍ୟ)—ଚାଣକ୍ୟ (ଦେଖ)
Chāṇikya Chāṇakya (See).

ଚାଣୂର—ସଂ. ବି (ନାମ) (ଚଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଉର)—
Chāṇūra ଦୈତ୍ୟବିଶେଷ—Name of a demon.
[ଦ୍ର—ଏ କଂସପାଖରେ ମଲ୍ଲ ବା ମାଲରୂପେ ଥାଇ ବଡ଼ ସମ୍ମାନ ପାଉଥିଲେ । ଶ୍ରୀକୃଷ୍ଣ ଏହାକୁ ନିହତ କରିଥିଲେ ।]

ଚାଣୂରମର୍ଦ୍ଦନ— ସଂ. ବି (୬ଷ୍ଠୀତତ୍; ଚାଣୂର+ମର୍ଦ୍ଦନ)— ଶ୍ରୀକୃଷ୍ଣ—
Chāṇura marddana Srikrushṇa.
(ଚାଣୂରନିସୂଦନ —ଅନ୍ୟରୂପ)

ଚାଣ୍ଟ—ଦେ. ବି (ବଣିଆ ଶବ୍ଦ)—ସୁନାରୂପାରେ ନିର୍ମିତ ଗୋଲାପଫୁଲ ପ୍ରଭୃତି
Chāṇṭa ସୁନ୍ଦର ଦିଶିବାପାଇଁ ତହିଁ ତଳେ ଝୁଲୁଥିବା ଚେପ୍‌ଟା ଚେପ୍‌ଟା ରୂପ—Flat pendants hanging from the fringe of gold and silver flowerlike ornaments.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଷ,ଷ'	ଙ୍କ	ଇସ୍	ଉଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଊ	ନ୍ତ

ଚାଣ୍ଟି — ପ୍ରାଦେ (ସମ୍ବଲପୁର) ବି (ଭୁଲ. ଏହି ଅର୍ଥରେ ହି. ଚ୍ୟୁଁଟୀ) —
Chāṇṭi ୧ । ପିମ୍ପୁଡ଼ି—1. Ant.
(ଯଥା—ଚାଣ୍ଟି ଚାବିବା = ପିମ୍ପୁଡ଼ି କାମୁଡ଼ିବା)

୨ । ଚାଣ୍ଟିଶାଗ୍; ଅମ୍ଳିତିପତ୍ର— 2. A kind of wild kitchen-herb which tastes sour.

ଚାଣ୍ଟିଶାଗ୍ — ପ୍ରାଦେ. (ସମ୍ବଲପୁର) ବି. (ସଂ. ଚାଙ୍ଗେରୀ) —
Chāṇṭisāg ଅମ୍ଳିତିପତ୍ର (ଦେଖ)
Āmḻitipatra (See).

ଚାଣ୍ଡ — ଦେ. ବି. (ସଂ. ଚଣ୍ଡତା ବା ଚାଣ୍ଡ୍ୟ) — ତୀବ୍ରତା —
Chāṇḍa Acuteness.

ରାମଙ୍କ କାଣ୍ଡ ଚାଣ୍ଡ ରାବଣ ନ ସହି—କୃଷ୍ଣସିଂହ. ମହାଭାରତ. ବନ ।

ଦେ. କ୍ରି. ବିଣ— ଚାଣ୍ଡେ (ଦେଖ)
Chāṇḍe (See)

ଚାଣ୍ଡରସ — ଦେ. ବି. (ସଂ. ଚଣ୍ଡ + ରସ) — ଭୂମ୍ବବାଣ ଅଗ୍ରରେ ନିଆଁ
Chāṇḍarasa ଲଗାଇବା ପୂର୍ବରୁ ହଠାତ୍ ନିଆଁ ଧରିବାପାଇଁ ବାଣ ମୁହଁରେ ଯେଉଁ ବାରୁଦ ବ୍ୟବହୃତ ହୁଏ; ରଞ୍ଜକ — Gunpowder which is put inside the wick at the mouth of a firework to ignite it very quickly.

ଚାଣ୍ଡାଳ — ସଂ. ବି. ପୁଂ. (ଚଣ୍ଡାଳ + ସ୍ୱାର୍ଥରେ. ଅ) —
Chāṇḍāḻa ୧ । ନିଷାଦ; ଚଣ୍ଡାଳ; ହାଡ଼ି—
(ଚାଣ୍ଡାଳୀ— ସ୍ତ୍ରୀ) 1. A man belonging to a very low caste amongst the Hindus.
୨ । ନୀଚତମ ଅସ୍ପୃଶ୍ୟଜାତି—2. A pariah.
চাঁড়াল ଦେ. ବି— ୧ । ନୀଚ ବ୍ୟକ୍ତି; ଅସ୍ପୃଶ୍ୟଜାତୀୟ ବ୍ୟକ୍ତି—
चाण्डाल 1. A low mean fellow; a pariah; an
(ଚାଣ୍ଡାଳୁଣୀ — ସ୍ତ୍ରୀ) outcaste
୨ । କ୍ରୂରକର୍ମା ବ୍ୟକ୍ତି —2. A cruel person.

ମୋହର କନିଷ୍ଠ ଭାଇ କାହାଁରୁ ଚାଣ୍ଡାଳ ମାରିଗଲା—
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଚାଣ୍ଡେ — ଦେ. କ୍ରି. ବିଣ. (ସଂ. ଚଣ୍ଡ) —
Chāṇḍe ୧ । କ୍ଷଣମାତ୍ରକେ; ଅତିଶୀଘ୍ର—
তুরিতে 1. Quickly; very soon; instantaneously; in a moment.
फौरन
(ଚାଣ୍ଡେକେ — ଅନ୍ୟରୂପ) ବହୁବ୍ୟାଘାତସହି ଚାଣ୍ଡେ ଯାଆନ୍ତେ ଭାସି—
ମଧୁସୂଦନ. ଛନ୍ଦମାଳା ।

୨ । ପ୍ରତ୍ୟକ୍ଷଭାବରେ—2. Directly.
× × ଚାଣ୍ଡେ ଦେଇଥିଲେ ବ୍ରାହ୍ମଣଙ୍କ
ତପୁର ଦେଇ ସେ ସବୁ ଏଣିକି—କବିସୂର୍ଯ୍ୟ. କ୍ରୀଡ଼ା ।

ଚାଣ୍ଡେ ଚାଣ୍ଡେ — ଦେ. କ୍ରି. ବିଣ—ଅତି ଶୀଘ୍ର; କ୍ଷଣମାତ୍ରକେ—
Chāṇḍe chāṇḍe Instantaneously; in a moment.

ବିଶ୍ୱାମିତ୍ର ସଙ୍ଗେ ଶ୍ରୀରାମ ଲକ୍ଷ୍ମଣ ସାଜ ହେଲେ ଚାଣ୍ଡେ ଚାଣ୍ଡେ—
ନନ୍ଦକିଶୋର. ନର୍ମଦଣୀ ।

ଚାତକ — ସଂ. ବି. ପୁଂ. (ଚତ୍ ଧାତୁ=ମାଗିବା + କର୍ତ୍ତୃ. ଅକ; ଯେ ଚତ୍କାର କରି ମେଘକୁ ଜଳ ମାଗେ) —
Chātaka
ଚାତକୀ } ସ୍ତ୍ରୀ ୧ । ସ୍ୱନାମଖ୍ୟାତ କୃଷ୍ଣବର୍ଣ୍ଣ ପକ୍ଷୀବିଶେଷ —
ଚାତକିନୀ } 1. Pied-crested cuckoo; Coccyster, genus Coculus.

[ଦ୍ର—ଏହାର ଥଣ୍ଟ ଖୁବ୍ ଛୋଟ । ପୁଚ୍ଛ କୋଡ଼ି ପର ଏବଂ ଗୋଡ଼ ଛୋଟଥା; ଡେଣାର ଶେଷ ପର ଦୁଇଟି ସନ୍ନ୍ୟାସୀଙ୍କ ଚୂମ୍ପା ପରି ଦୁଇ ପାଖକୁ ବାହାରିଥାଏ । ପକ୍ଷର ବର୍ଣ୍ଣ କଳା, ବାଇଗଣୀ ଓ ଧୂସର । କଣ୍ଠ ଓ ପେଟ ରକ୍ତାଭ ଶୁକ୍ଳ—ଜ୍ଞାନେନ୍ଦ୍ର ।

ଚାତକ କୋଇଲି ପରି ପରଭୃତ୍ ଅର୍ଥାତ୍ ଅନ୍ୟ ଚଢ଼େଇ ଏହାର ଡିମ୍ବକୁ ଫୁଟାଏ—ଯୋଗେଶଚନ୍ଦ୍ର ।

କିନ୍ତୁ ବର୍ଷାଦିନେ ମେଘ ଉଠାଇଲାବେଳେ ଯେଉଁ ଛୋଟ ଚଢ଼େଇମାନେ ଦୀର୍ଘ ଚେଁ ଚେଁ ଶବ୍ଦ କରି ଆକାଶରେ ଅତିଶୀଘ୍ର ଚକ୍ରାକାର ଗତିରେ ଉଡ଼ି ବୁଲନ୍ତି ଓ ଯେ ଉଡ଼ିଲାବେଳେ ଗୁଆକାତି ଆକାର ଦେଖାଯାଆନ୍ତି ସେମାନେ କୋଇଲିଜାତୀୟ ନୁହନ୍ତି । ସେମାନେ ଘରଚଟିଆଙ୍କ ପରି ଘରର ଚାଳ ଓ କାନ୍ଥ ସନ୍ଧିରେ, କୋଠାର କଡ଼ିସନ୍ଧିରେ କୋମଳ ପର ଓ କାଠିକୁଟାରେ ବସା ନିର୍ମାଣ କରି ଜ୍ୟେଷ୍ଠ ମାସରେ ଡିମ୍ବ ଦିଅନ୍ତି ଓ ଆପଣା ଡିମ୍ବକୁ ଆପେ ଫୁଟାଇ ଛୁଆଙ୍କୁ ପାଳନ୍ତି । ଏମାନେ ଲମ୍ବରେ ୮।୧୦ ଅଙ୍ଗୁଳି ହୁଅନ୍ତି । ୱେବ୍‌ଷ୍ଟାର୍ ଇଂରାଜୀ ଅଭିଧାନରେ ସ୍ୱିଫ୍ଟ (Swift) ପକ୍ଷୀର ବସିବାର ଓ ଉଡ଼ିବାର ଯେଉଁ ଚିତ୍ର ଦିଆଯାଇଅଛି, ଏ ପକ୍ଷୀର ରୂପ ସେହିପରି । ଏ ପକ୍ଷୀ କୋଠା ଛାତ ତଳେ ବସା କରିବାର ଓ ଖୁବ୍ ଦ୍ରୁତବେଗରେ ଉଡ଼ିବାର ଓ ଚେଁ ଚେଁ ଶବ୍ଦ କରିବାର ଯାହା ଲେଖା ଅଛି, ତାହା ଏ ପକ୍ଷୀ ପ୍ରତି ପ୍ରଯୁଜ୍ୟ ଅଟେ । ପ୍ରବାଦ ଅଛି, ଚାତକ ବୃଷ୍ଟି ଜଳ ଭିନ୍ନ ଅନ୍ୟ ଜଳ କେବେହେଁ ପାନ କରେ ନାହିଁ । ଏ ବୃଷ୍ଟି ଜଳ ଆଶାରେ ମେଘକୁ ବିକଳକଣ୍ଠରେ ପ୍ରାର୍ଥନା କରେ, ଅଥଚ କେବେ ହେଲେ ଭୂପୃଷ୍ଠର ଜଳ ପିଏ ନାହିଁ ।

ପୁରାଣ ମତରେ ବୃହଦଶ୍ୱା ଗନ୍ଧର୍ବଙ୍କୁ ଇନ୍ଦ୍ର ଅଭିଶାପ ଦେବାରୁ ସେ ଚାତକ ପକ୍ଷୀର ରୂପ ଧାରଣ କଲା । ତେଣୁ ସେ 'କଣ୍ଠ ଫେଡ଼' 'କଣ୍ଠ ଫେଡ଼' ବୋଲି ଇନ୍ଦ୍ରଙ୍କୁ ପ୍ରାର୍ଥନା କରୁଥାଏ । କବି ଲେଖିଅଛନ୍ତି :—

ବୃହଦଶ୍ୱା ଗନ୍ଧର୍ବ ଯେ କଣ୍ଠରେ ଶୋଷଇ
କଣ୍ଠ ଫେଡ଼ କଣ୍ଠ ଫେଡ଼ ଇନ୍ଦ୍ରକୁ ଡାକଇ—ସାରଳା. ମହାଭାରତ, ମଧ୍ୟ ।

୨ । ଘରଚଟିଆଜାତୀୟ କ୍ଷୁଦ୍ର ପକ୍ଷୀବିଶେଷ—
2. The common Indian Swift; Cypselus Affinis.

ସାଧାରଣ ଲୋକେ: ଅପଠ ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାତକାନନ୍ଦନ—ସଂ. ବି. (ଚାତକ + ଆନନ୍ଦନ = ଆନନ୍ଦଦାୟକ)—
Chātakānandana ୧ । ବର୍ଷାକାଳ—1. Rainy season.
୨ । ମେଘ—2. Cloud.

ଚାତନ—ସଂ. ବି. (ଚତ୍ ଧାତୁ ଣିଜନ୍ତ = ଚାତି ଧାତୁ = ପୀଡ଼ା ଦେବା + ଭାବ. ଅନ)—ପୀଡ଼ନ; କ୍ଲେଶ ଦେବା—
Chātana Troubling; oppressing; teasing.

ଚାତର—ଦେ. ବି. (ସଂ. ଚାତୁରୀ)—୧ । ଚାତୁରୀ; କୌଶଳ—
Chātara 1. Deceit; fraud.
ସେଖୀ ୨ । ଢୁଣ୍ଡି; କଥାର ବଡ଼ାଇ; ବାଲଙ୍ଗି—
2. Boasting; bragging.
ଚାତର ମାତର କାହାର ଚାତର ଏସବୁ କର ଏ ଆଗେ ।
ଅଭିମନ୍ୟୁ. ଉଦୟ ଉତ୍ତମଣି ।
୩ । ଅହଙ୍କାର; ଗର୍ବ—3. Pride; arrogance.
ଚିରକର ଘର କେତେ ମାତର,
କୋହ୍ନ ତୁଚ୍ଛ'ଣ୍ଡେ ଗୋ କେ କହୁଁ ଧଣ ଚାତର । ପ୍ରାଚୀ. ରହସ୍ୟମଞ୍ଜରୀ ।
ଦେ. ବିଣ.—ଗର୍ବୀ; ଗର୍ବାନ୍ଧାଳତ—Elated with pride.
ବିପଦବେଳେ ନ ହୁଅ କାତର,
ସମ୍ପଦବେଳେ ନ ହୁଅ ଚାତର । ପ୍ରବଚନ ।

ଚାତରା—ଦେ. ବି. ଓ ବିଣ.—ଚାତର (ଦେଖ)
Chātarā Chātara (See)

ଚାତରିଆ—ଦେ. ବିଣ.—୧ । ଆତ୍ମଗର୍ବୀ—
Chātariā 1. Vainglorious.
୨ । ଯେ ମୁହଁବାଲଙ୍ଗି କରେ—
2. Bragging; boastful.

ଚାତୁର—ସଂ. ବି.—(ଚତୁର+ସମ୍ବନ୍ଧାର୍ଥେ. ଅ)—୧ । ଗୋଲ ତକିଆ;
Chātura ମାଣ୍ଡି—1. Circular leaning cushion.
୨ । ଚାରିଜଣ ବସିବା ଭଳି ଗାଡ଼ି—
2. A four-seated carriage.
୩ । (ଚତୁର+ଭାବାର୍ଥେ. ଅ)—ଚାତୁରୀ—
3. Cunning; fraud.
(ଚାତୁରୀ—ସ୍ତ୍ରୀ) ସଂ. ବିଣ. ପୁଂ. (ଚତୁର + ସ୍ୱାର୍ଥେ. ଅ)—
୧ । ପ୍ରିୟଭାଷୀ—1. Flattering; sweet-speaking.
୨ । ଚକ୍ଷୁଗୋଚର—2 Within the ken of one's eyes.

ଚାତୁରିକ—ସଂ. ବି. ପୁଂ (ଚତୁର = ରଥ + ଚଳାଇବା ଅର୍ଥରେ. ଇକ)—
Chāturika ସାରଥି—Coachman; driver of a car

ଚାତୁରୀ—ସଂ. ବି. ସ୍ତ୍ରୀ. (ଚତୁର+ଭାବ. ଅ+ସ୍ତ୍ରୀ. ଈ)—୧ । ଚାତୁର୍ଯ୍ୟ;
Chaturī ଚତୁରତା—1. Cleverness; dexterity.
ଦେ. ବି.—ପ୍ରବଞ୍ଚନା; ଶଠତା; ଛଳ—
1. Fraud; deceit; craft.
୨ । ଚାତର (ଦେଖ)
2. Chātara (See)

ଚାତୁର୍ଜାତକ—ସଂ. ବି. (ଚତୁର୍ଜାତକ+ସ୍ୱାର୍ଥେ. ଅ)—ଔଷଧାର୍ଥ ଡାଲଚିନି,
Chāturjātaka ତେଜପତ୍ର, ଅଲାଇଚ ଓ ନାଗେଶ୍ୱର ଏହି ଚାରି-
(ଚାତୁର୍ଜାତ—ଅନ୍ୟରୂପ) ଗୋଟି ପଦାର୍ଥର ମିଳନ—A mixture of cinnamon, cassia-leaves, cardamum and the filaments of the flowers of Mesua Fera for medicinal purposes.

ଚାତୁର୍ଥିକ—ସଂ. ବିଣ. (ଚତୁର୍ଥ + ଇକ)—ଚତୁର୍ଥ ଦିନରେ ଦେଖାଯିବା--
Chāturthika Appearing at an interval of 4 days.
(ଚାତୁର୍ଥକ—ଅନ୍ୟରୂପ)
ସଂ. ବି.—୪ ଦିନ ଛଡ଼ା ହେବା ପାଳି ଜର—
Quartan; quotidian fever.

ଚାତୁର୍ଦ୍ଦଶ—ସଂ. ବିଣ. (ଚତୁର୍ଦ୍ଦଶ + ଭାବାର୍ଥେ. ଅ)—ଚତୁର୍ଦ୍ଦଶୀ ତିଥିରେ
Chāturddaśa ଜାତ ବା ଘଟିତ—Happening on the 14th day of the lunar fortnight.
ସଂ. ବି. ରାକ୍ଷସ (ହ୍ର. ଶବ୍ଦସାଗର)—Demon.

ଚାତୁର୍ବର୍ଣ୍ଣ୍ୟ—ସଂ. ବିଣ.—(ଚତୁର୍ବର୍ଣ୍ଣ+ସମ୍ବନ୍ଧାର୍ଥେ. ଯ)—ଚତୁର୍ବର୍ଣ୍ଣ
Chāturbarṇṇya ସମ୍ବନ୍ଧୀୟ—Relating to the 4 chief castes amongst the Hindus.
ସଂ. ବି.—(+ସ୍ୱାର୍ଥେ. ଯ) ୧ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର-
ଏହି ଚାରି ଜାତି—1. The 4 principal caste-divisions amongst the Hindus, viz Brāhmaṇa, Kshatriya, Baiśya and Śūdra.
୨ । ବ୍ରାହ୍ମଣାଦି ୪ ଜାତିଙ୍କ ଅନୁଷ୍ଠେୟ କର୍ମ ବା ଧର୍ମ—
2. The duties and religious observances enjoined for the 4 castes of the Hindus.
(ଯଥା—ବ୍ରାହ୍ମଣର ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ; କ୍ଷତ୍ରିୟର ବାହୁବଳରେ ପ୍ରଜାପାଳନ; ବୈଶ୍ୟର କୃଷି, ଗୋରକ୍ଷା ଓ ବାଣିଜ୍ୟ ଏବଂ ଶୂଦ୍ରର ଦ୍ୱିଜାତିସେବା-କର୍ମ ।)

ଚାତୁର୍ଭଦ୍ର—ସଂ. ବି. (ଚତୁର୍ଭଦ୍ର+ସ୍ୱାର୍ଥେ. ଅ)—ଚତୁର୍ଭଦ୍ର (ଦେଖ)
Chāturbhadra Chaturbhadra (See)
(ଚାତୁର୍ଭଦ୍ରକ—ଅନ୍ୟରୂପ)

ଚାତୁର୍ଭୌତିକ—ସଂ. ବିଣ. (ଚତୁର୍ଭୂତ+ଜାତାର୍ଥରେ ଇକ)—
Chāturbhautika ମୃତ୍ତିକା, ଜଳ, ଅଗ୍ନି ଓ ବାୟୁରୁ ଉତ୍ପନ୍ନ (ଶରୀରାଦି)—(matter) Evolved from the 4 elements viz. water, earth, fire and air.
[ଦ୍ର—ନ୍ୟାୟଦର୍ଶନରେ ଆକାଶ-ଉପାଦାନ ସ୍ୱୀକୃତ ହୋଇ ନାହିଁ ।]

ଚାତୁର୍ମହାରାଜିକ—ସଂ. ବି—୧ । ବିଷ୍ଣୁ; ଭଗବାନ୍ (ହ୍ର. ଶବ୍ଦସାଗର)—
Chāturmahārājika 1. Bishṇu.

ଽ	ଇ	ଉ	ର୍,ର୍ସ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ସ	ଙ୍କ	ଇଅ	ଉଅ	ଢ଼
୵	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ତ

୨ । ବୁଦ୍ଧଦେବ (ହି. ଶବ୍ଦସାଗର)—2. The Buddha

ଚାତୁର୍ମାସ —ସଂ. ବିଣ. (ଚତୁର୍ମାସ + ସ୍ୱାର୍ଥେ. ଅ)—୪ ମାସରେ ସମ୍ପାଦ୍ୟ
Chāturmāsa (ବ୍ରତ)—(rites) To be performed during 4 months.

ଚାତୁର୍ମାସିକ—ସଂ. ବିଣ. (ଚତୁର୍ମାସ+ଇକ)— ଚାତୁର୍ମାସ (ଦେଖ)
Chāturmāsika Chāturmāsa (See)

ସଂ. ବି—ଚାରିମାସବ୍ୟାପୀ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବା (ପ୍ରବୃଦ୍ଧବାଦ)—Observance of the vow of continence for a period of 4 months.

ଚାତୁର୍ମାସ୍ୟ—ସଂ. ବି. ପୁଂ. (ଚତୁର୍ମାସ+ଯ)—୧ । ଆଷାଢ଼ ଶୁକ୍ଳ ଦ୍ୱାଦଶୀ
Chāturmāsya ବା ପୂର୍ଣ୍ଣିମାଠାରୁ କାର୍ତ୍ତିକ ଶୁକ୍ଳଦ୍ୱାଦଶୀ ବା ପୂର୍ଣ୍ଣିମା ପର୍ଯ୍ୟନ୍ତ ୪ ମାସ କାଳ ପାଳନ କରାଯିବା ବ୍ରତବିଶେଷ—
1. A vow observed during the 4 rainy months (viz. Śrābaṇa, Bhādraba, Āświna and Kārttika)

[ଦ୍ର—ବରାହପୁରାଣ ଓ ମତ୍ସ୍ୟପୁରାଣରେ ଏ ବ୍ରତର ବିଧି ବର୍ଣ୍ଣିତ ହୋଇଅଛି । ଏହା ବିଷ୍ଣୁପୂଜନ ବ୍ରତ ଅଟେ ଓ ଏହା ଗୃହସ୍ଥମାନେ ପାଳନ କଲେ ମଧୁରସ୍ୱର, ଯୋଗସିଦ୍ଧି ଓ ସନ୍ତାନବୃଦ୍ଧି ହୁଏ । ଏଥିରେ ଗୁଡ଼, ମଦ୍ୟ, ଧାତୁପାତ୍ରରେ ପକ୍ୱ ଅନ୍ନ ଖାଇବା ନିଷିଦ୍ଧ ଓ 'ଓଁ ନମୋନାରାୟଣାୟ' ମନ୍ତ୍ର ଜପ କରିବା କର୍ତ୍ତବ୍ୟ । ଏ ବ୍ରତ ଯତିମାନେ ମଧ୍ୟ କରିବାର ବିଧି ଅଛି । ବ୍ରତପାଳନକାଳରେ ଯତିମାନଙ୍କର ଏକ ସ୍ଥାନରେ ଏ ଚାରି ମାସ ବାସ କରିବା କର୍ତ୍ତବ୍ୟ । ବୌଦ୍ଧଭିକ୍ଷୁ (ଯତି) ମାନେ ଏ ନିୟମ ପାଳନ କରନ୍ତି— ହି. ଶବ୍ଦସାଗର ।]

୨ । ଫାଲ୍ଗୁନ, ଚୈତ୍ର ବା ବୈଶାଖ ପୂର୍ଣ୍ଣିମାଠାରୁ ଆରମ୍ଭ କରାଯାଇ ୪ ମାସ କାଳ ଅନୁଷ୍ଠିତ ହେବା ଯଜ୍ଞବିଶେଷ (ଏହି ଯଜ୍ଞର ୪ଟି ପର୍ବ—ବୈଶ୍ୱଦେବ, ବରୁଣପ୍ରଘାସ, ଶାକମେଧ ଓ ଶୁନାଶୀରୀୟ—ହି. ଶବ୍ଦସାଗର)—
2. A vedic sacrifice perfomed in the course of 4 months.

ସଂ. ବିଣ—ଚାରି ମାସରେ ସମ୍ପାଦନୀୟ—
Performable in 4 months.

ସବୁ କଥା ମିଳିବା ସ୍ଥାନେ ବୋଲି ଗଲେ
ରହିଁ ରହିଣ ଚାତୁର୍ମାସ୍ୟ ଯାଗ କଲେ । କୃଷ୍ଣସିଂ. ମ. ମହାଭାରତ ବନ ।

ଚାତୁର୍ମାସ୍ୟା—ସଂ. ବି. ସ୍ତ୍ରୀ. (ଚତୁର୍ମାସ+ଯ+ସ୍ତ୍ରୀ. ଆ)—
Chāturmāsyā ଚାତୁର୍ମାସ୍ୟ (ଦେଖ)
Chāturmāsya (See)

ଦେ. ବି. (ସଂ. ଚାତୁର୍ମାସ)—୧ । ବର୍ଷା ଋତୁର ଚାରି ମାସ—
1. The 4 rainy months of Śrābaṇa, Bhādraba, Āświna and Kārttika.

୨ । ବର୍ଷାଋତୁ—2. The rainy season.

ବର୍ଷେ ଚାତୁର୍ମାସ୍ୟା ଗୀତ ଶୁଣିଥିଲି
ମନେ ପଡ଼େ ତାହା ଏବେ । ନନ୍ଦକିଶୋର—ନିର୍ଝରିଣୀ ।

ଚାତୁର୍ହୋତ୍ର —ସଂ. ବି. (ଚତୁର୍ + ହୋତୃ + ଅ)—ଚାରିଜଣ ହୋତାଙ୍କଦ୍ୱାରା ସମ୍ପାଦ୍ୟ ଯଜ୍ଞ—A vedic sacrifice performed by 4 priests together.
Chāturhotra (ଚାତୁର୍ହୋତ୍ରିୟ—ବିଣ)

ଚାତୁର୍ଯ୍ୟ —ସଂ. ବି. (ଚତୁର + ସ୍ୱାର୍ଥରେ ଯ)—୧ । ଚତୁରତା—
Chāturjya 1. Cleverness; cunning.

୨ । ନିପୁଣତା, ନୈପୁଣ୍ୟ—2. Skill; dexterity.

ଦେ. ବି—ପ୍ରବଞ୍ଚନା, ଶଠତା —Fraud; deceit; craft.

ଚାଦର —ବୈଦେ ବି. (ଫା. ଚାଦର୍=ଶରୀରଦେହ ଆଚ୍ଛାଦକ ବସ୍ତ୍ର)—
Chādara ୧ । ଦୋପଟ୍ଟା; ଉତ୍ତରୀୟ ବସ୍ତ୍ର—1. A sheet of cloth used as a scarf.
চাদর
चद्दर; चादरा ୨ । ବିଛଣାର ଆସ୍ତରଣ; ବିଛଣା ଉପରେ ପକାଯିବା ବସ୍ତ୍ର—2. Bed-sheet.

୩ । ଖୁବ୍ ଲମ୍ବା ଓ ଚଉଡ଼ା ଲୁଗା—
3. A piece of cloth long and wide.

୪ । ଧାତୁଅାଦିର ପତଳା ଓ ଦୀର୍ଘ ଏବଂ ପ୍ରଶସ୍ତ ଖଣ୍ଡ—
4. A thin long and broad sheet of a metal

[ଦ୍ର—ହିନ୍ଦୀରେ ପୁରୁଷଙ୍କ ଉର୍ଦ୍ଧ୍ୱାଙ୍ଗ ଆବରକ ବସ୍ତ୍ରକୁ ଚାଦର୍ ଓ ସ୍ତ୍ରୀମାନଙ୍କ ଓଢ଼ଣୀକୁ ଚାଦର ବୋଲାଯାଏ ।]

ଚାଦରଧରା—ଦେ. ବି—ରାଜା ବା ବରକନ୍ୟା ଦୁଆର ମୁହଁ ବାଟେ
Chādaradharā ଯାଉଥିବା ବେଳେ ଯେଉଁ ଚାକର ସେମାନଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଚାଦର ଟେକି ଧରେ—The servant or a person who holds a cloth as canopy over the head of a king or a resently married couple while passing through a door-way.

ଚାଦରଧରାକୁ ଏହା କି କହି, ଚତୁରଙ୍ଗ କେବେ କି ହେଲି ପରୁ—
ଉପେନ୍ଦ୍ରଭଞ୍ଜ, କଟକ ।

ଚାଦର ଧରିବା—ଦେ. କ୍ରି—ରାଜା ବା ବରକନ୍ୟା କୌଣସି ଦୁଆର
Chādara dhariba ମୁହଁ ବାଟେ ଗଲାବେଳେ (ଆଗପଛ
চাদরধরা ହୋଇ ଛିଡ଼ା ହୋଇଥିବା ଦୁଇ ଜଣ ବ୍ୟକ୍ତି)
चादर पकड़ना ତାଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଚାଦର ଟେକି ଧରିବା—To hold a sheet as a canopy over the head of a king or a newly married couple while passing through a door-way.

ଚାଦର ବିଜୁଳି—ଦେ. ବି—ଯେଉଁ ବିଜୁଳି ମାରିବା ସମୟରେ ମେଘବ୍ୟାପୀ ଆଲୋକ ଦେଖାଯାଏ—
Chādara bijuli Sheet lightning.
চাদর বিজলি
चद्दर बिजलि

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଳା' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଚା ଦାନ୍—ଦେ. ବି. (ଚୀନ. ଚା + ପା. ଦାନ୍=ସଂ. ଆଧାର)—
Chā-dān ଯେଉଁ ପାତ୍ରରେ ଛଣା ହୋଇଥିବା ଗରମ ଚାହାପାଣି
চা-দান ରଖାଯାଇଥାଏ ଏବଂ ଯହିଁରୁ ଉକ୍ତ ଜଳକୁ ଚା-
चा-दान ପିଆଲିରେ ଢାଳି ତହିଁରେ ଆବଶ୍ୟକ ପରିମାଣରେ
(ଚା-ଦାନି-ଅନ୍ୟରୂପ) ଦୁଧ ଓ ଚିନି ମିଶାଇ ପାନୀୟ ଚାହା ପ୍ରସ୍ତୁତ କରାଯାଏ; ଚାହାପୋଟ—Tea pot.

ଚାନ୍ସ୍— ବୈଦେ. ବି. (ଇଂ)—୧ ।ସୁବିଧା—
Chān-s 1. Opportunity.
୨ । କପାଳବାଗ୍ଭ ଦାମ ବା ଅବସ୍ଥା—2 Chance.

ଚାନ୍ସରି— ବୈଦେ. ବି. (ଇଂ. ଚାନ୍‌ସେରି)—
Chān-sari ସ୍ୱତ୍ୱାସ୍ୱତ୍ୱ ବିଚାରାର୍ଥ ବିଲାତରେ ଥିବା ସର୍ବୋଚ୍ଚ ଅଦାଲତ—
চানসেরী Court of Chancery.
चैंसरी

ଚାନ୍ସୀ—ଦେ· ବି—ଯେଉଁ ଦେଶୀ ଡାକ୍ତର ଅସ୍ତ୍ରଚିକିତ୍ସା ନ କରି
Chān-si କେବଳ ତୈଳ ଓ ଲେପ ଆଦିରେ ବ୍ରଣ ଓ ନାଳୀଘାଆ ଇତ୍ୟାଦି ଆରୋଗ୍ୟ କରନ୍ତି—A class of Indian medical practitioners who cure surgecal-cases without operation by the application of oils and ointments.

ଚାନ୍ସେଲର୍—ବୈଦେ. ବି. (ଇଂ)—ବିଶ୍ୱବିଦ୍ୟାଳୟର ଶାସନ ଓ ଚାଳନ
Chān-selar ଭାର ପ୍ରାପ୍ତ ସର୍ବୋଚ୍ଚ କର୍ମଚାରୀ—Chanceller of
চানসেলর an university.
चैंसलर; चैंसेलर

ଚାନକା—ଦେ. ବି ଓ ବିଣ—ଛନକା (ଦେଖ)
Chānakā Chhanakā (See)
(ଚାନକା—ଅନ୍ୟରୂପ)

ଚାନ୍ଦ୍ସୀ—ଦେ. ବି—ଚାନ୍ସୀ (ଦେଖ)
Chānd–si Chān–si (See)

ଚାନ୍ଦ—ଦେ. ବି. (ସଂ. ଚନ୍ଦ୍ର)—
Chānda ୧ । ଚନ୍ଦ୍ର—1. The moon.
চান্দ କଳିତବଦନାରବିନ୍ଦେ; ନବଲ ପୂର୍ଣ୍ଣିମାର ଚାନ୍ଦ ।
चांद ଜଗନ୍ନାଥ. ଭାଗବତ ।

୨ । ବିବାହର ପରବର୍ତ୍ତୀ ଶୁକ୍ଳ ତୃତୀୟା ଦିନ ବରକନ୍ୟାଙ୍କ ଦ୍ୱାରା କରାଯିବା ଚନ୍ଦ୍ରବନ୍ଦାପନା ବିଧି; ଚନ୍ଦ୍ରବନ୍ଦାପନା—
2. The ceremony of worshipping the moon on the third day of the bright lunar fortnight succeeding the marriage.

୩ । କୁମାରପୂର୍ଣ୍ଣିମା ଦିନ ସନ୍ଧ୍ୟାବେଳେ ଚନ୍ଦ୍ରଙ୍କୁ ଭୋଗ ଦିଆଯିବା ନୈବେଦ୍ୟ (ଛେନା ଗୁଡ଼ ଚକଟା ବା ଖଇ ପାଚିଲା କଦଳୀ ଚକଟା)—3. The sweet offerings offered to the Moon-god in the evening of Kumārapūrṇṇimā.

୪ । କୁମାରପୂର୍ଣ୍ଣିମାର ନୈବେଦ୍ୟ ପରସ୍ପର ପାଟିରେ ଦିଆଦେଇ ହୋଇ ଦୁଇ ଜଣ ସ୍ତ୍ରୀଲୋକ ବା ବାଳକଙ୍କ ମଧ୍ୟରେ ସ୍ଥାପିତ ବନ୍ଧୁତା ଓ ପରସ୍ପରକୁ ଡାକିବା ସମ୍ବୋଧନ—
4. Name by which two females or children friends address each other after feeding each other with the offerings of Kumāra Pūrṇṇimā evening; the mutual friendship springing up from such mutual feeding.

୫ । ଗାଈ, ବଳଦ ଓ ଘୋଡ଼ାଙ୍କର ମୁହଁ ସମ୍ମୁଖରେ କପାଳ-ତଳକୁ ଥିବା ଶୁକ୍ଳ ବର୍ଣ୍ଣ ଗୋଲ ବା ଲମ୍ବ ରୋମରେଖା—
5. White mark or star on the forehead of a coloured beast (e. g. horse, cattle).

୬ । ଦ୍ୱିତୀୟା ଚନ୍ଦ୍ର, ଅର୍ଦ୍ଧଚନ୍ଦ୍ର ବା ପୂର୍ଣ୍ଣଚନ୍ଦ୍ର ଆକୃତିର ଧାତୁ-ନିର୍ମିତ ଅଳଙ୍କାରବିଶେଷ—6. Crescent-shaped or moon-shaped orhament.

୭ । (ଲକ୍ଷଣାର୍ଥ) ଚନ୍ଦ୍ର ପରି ପ୍ରୀତିଦାୟକ ବ୍ୟକ୍ତି ବା ବସ୍ତୁ—
7. (figurative) A pleasing person or thing.

ହେ ଚକ୍ରଚକ୍ରବର୍ତ୍ତି-ଲୋକଙ୍କର ଚାନ୍ଦ
ତୁମ୍ଭଙ୍କୁ ଦେଖି ସୁଖୀ ହୁଅନ୍ତି ନନ୍ଦ—କୃଷ୍ଣସିଂହ. ମହାଭାରତ. ବିରାଟ ।

୮ । ବନ୍ଧୁକ ମାରିବାକୁ ଶିକ୍ଷା କରିବା ବ୍ୟକ୍ତିର ଲକ୍ଷ୍ୟ ରୂପେ ଦୂରରେ ସ୍ଥାପିତ କୌଣସି ଚିହ୍ନ—8. Target.

୯ । ଧଳା ଓ ଗୋଲ ଦାଗମାନ—9. Round white spots.

ଚାନ୍ଦଉଡ଼ିଆ—ଦେ. ବି—ଚନ୍ଦ୍ରଉଡ଼ିଆ (ଦେଖ)
Chānda-udiā Chandra-udiā (See).

ଚାନ୍ଦକଳା - ଦେ. ବି (ସଂ. ଚନ୍ଦ୍ର + କାଳ)—କୃଷ୍ଣବର୍ଣ୍ଣ ରଙ୍ଗବିଶେଷ—
Chāndakaḻā A black pigment or dye used by females to put on the middle of the forehead as a tip.
[ଦ୍ର—ସ୍ତ୍ରୀଲୋକେ କପାଳରେ ଚାନ୍ଦକଳାର ଟୋପି ଦିଅନ୍ତି ।]

ଚାନ୍ଦକା—ଦେ. ବି (ସଂ. ଚନ୍ଦ୍ର; ଚନ୍ଦ୍ରକ)—ଅର୍ଦ୍ଧଚନ୍ଦ୍ରାକାର ଖିଲାଣ—
Chandakā A semicircular arch.
চান্দকা

ଚାନ୍ଦନା—ବୈଦେ. ବି (ପା. ଚାନ୍ଦ୍‌ନା)—ରଇତ ଘରବାଡ଼ି ରୂପେ ଭୋଗ
Chāndanā କରୁଥିବା ଭୂମି ବା ଯୋତ; ଘରବାଡ଼ି; ରଇତର ଘରତଳ
চাংদনা ଜମି—Homestead holding of a tenant.

ଚାନ୍ଦନାଦାର୍—ଦେ. ବି - ଚାନ୍ଦନା ପ୍ରଜା (ଦେଖ)
Chāndanādār Chāndanā prajā (See).

ଚାନ୍ଦନା ପ୍ରଜା—ଦେ. ବି—ଯେଉଁ ରଇତ ଆପଣା ଯୋତରେ ଘର
Chāndanā prajā କରିଥାଏ—A royat who has residence on his own holding.

୧	ଇ	ଊ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଖ,ଷ	କ୍ଷ	ଂସ୍ୟ	ଡଅ	ଭ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍ତ

ଚାନ୍ଦଣୀ—ଦେ. ବଣ (ସଂ. ଚନ୍ଦ୍ରିଣୀ; ଚାନ୍ଦ୍ରୀ—ଜ୍ୟୋତ୍ସ୍ନାମୟୀ (ରାତ୍ରି);
Chāndani ଚନ୍ଦ୍ରିକାଯୁକ୍ତ; ଚନ୍ଦ୍ରକିରଣ ଥିବା—
চান্দনিয়া; চান্দনী Moon-lit (night)
चान्दनी

ସବୁଦିନେ କାହିଁ ଚାନ୍ଦଣୀ ରାତି ?
ସବୁଦିନେ ନାହିଁ ଶୀତପାହାନ୍ତ୍ର—ଢଗ ?

ଦେ. ବି—୧ । ଚନ୍ଦ୍ରକିରଣ—1. Moon light.

ବ ମଧୁରେ ଖେଳେ ମନ୍ଦହାସର ଚାନ୍ଦଣୀ
ବଧୂବଦନର ଚାରୁ-ବନ୍ଧୁଳୀ-ଅଧରେ—ରାଧାନାଥ, ମହିଯାତ୍ରା ।

୨ । ଚନ୍ଦ୍ରଶାଳା (ଦେଖ)
2. Chandraśālā (See).

ଚନ୍ଦ୍ରକାନ୍ତମଣି ରଚିଲାକାଳେ
ଚାନ୍ଦଣୀ ସୋପାନ ଉଠିବାକ୍ଷଣେ—କବିସୂର୍ଯ୍ୟ, କବିତା

୩ । ପଥର, ଇଟା, ଚୂନ ଆଦିରେ ନିର୍ମିତ ଖୋଲା ପକ୍କା ମଣ୍ଡପ—
3. A pucca platform with no roof.

[ଦ୍ର—ମଣ୍ଡପର ଛାତ ଥାଏ, ମାତ୍ର ସାଧାରଣତଃ ଚାନ୍ଦଣୀର ଛାତ ନ ଥାଏ ।]

ଚାନ୍ଦବଦନ—ଦେ. ବି. ଓ ବଣ—ଚନ୍ଦ୍ରବଦନ (ଦେଖ)
Chāndabadana Chandrabadana (See).

ଚାନ୍ଦବଦନା }
ଚାନ୍ଦବଦନୀ } ସ୍ତ୍ରୀ—
চান্দমুখ
चाँदकामुखड़ा

ଚାନ୍ଦବନ୍ଦା—ଦେ. ବି—ଚାନ୍ଦବନ୍ଦାପନା (ଦେଖ)
Chānda bandā Chānda bandāpanā (See).

ଚାନ୍ଦ ବନ୍ଦାଇବା—ଦେ. କ୍ରି—୧ । (କୁମାର କୁମାରୀମାନେ) କୁମାରପୂର୍ଣ୍ଣିମା
Chānda bandāibā ସନ୍ଧ୍ୟାବେଳେ ନବୋଦିତ ଚନ୍ଦ୍ରଙ୍କୁ ବନ୍ଦାପନା
(ଚାନ୍ଦ ବନ୍ଦେଇବା—ଅନ୍ୟରୂପ) କରିବା—(boys and girls) To worship the moon in the evening of Kumārapūrṇṇimā.

୨ । ବିବାହର ପରବର୍ତ୍ତୀ ଶୁକ୍ଳ ତୃତୀୟାର ସନ୍ଧ୍ୟାରେ ଚନ୍ଦ୍ରଙ୍କୁ ବରକନ୍ୟା ବନ୍ଦାପନା କରିବା - 2. (a newly married couple) To worship the moon on the third day of the bright fortnight following the marriage

ଚାନ୍ଦ ବନ୍ଦାପନା—ଦେ. ବି (ସଂ. ଚନ୍ଦ୍ରବନ୍ଦନ)—
Chānda bandāpanā ୧ । ବିବାହର ପରବର୍ତ୍ତୀ ଶୁକ୍ଳ ତୃତୀୟା ଦିନ
(ଚାନ୍ଦବନ୍ଦାଣ—ଅନ୍ୟରୂପ) ବରକନ୍ୟା ଚନ୍ଦ୍ରଙ୍କୁ ପୂଜା କରିବା ବିଧି; ଚନ୍ଦ୍ରବନ୍ଦାପନା--The ceremoney of the newly married couple worshipping ;the moon on the evening of the third day of the bright fortnight which succeeds the marriage.

୨ । କୁମାରପୂର୍ଣ୍ଣିମୀ ସନ୍ଧ୍ୟାବେଳେ ବାଳକବାଳିକାମାନଙ୍କ ଦ୍ୱାରା ଚନ୍ଦ୍ରଙ୍କ ପୂଜା—2. Worship of the moon on the evening of the Kumārapūrṇnamī by boys and girls.

ଚାନ୍ଦ ବସିବା—ଦେ. କ୍ରି—(ଦୁଇ ଜଣ ସ୍ତ୍ରୀ ବା ବାଳକ ବା ବାଳିକା)
Chānda basibā କୁମାରପୂର୍ଣ୍ଣିମୀ ସନ୍ଧ୍ୟାବେଳେ ନବୋଦିତ ଚନ୍ଦ୍ରଙ୍କୁ ନୈବେଦ୍ୟସ୍ୱରୂପ ଦିଆଯାଇଥିବା 'ଚାନ୍ଦ' ଖିଅଖୋଇ ହୋଇ ପରସ୍ପର ମଧ୍ୟରେ 'ଚାନ୍ଦ' ସମ୍ବନ୍ଧ ସ୍ଥାପନ କରିବା—(two women or boys or girls) To set up the god-relationship of Chānda between them on the evening of the Kumārapūrṇṇamī.

ଚାନ୍ଦ ବାଢ଼ିବା—ଦେ. କ୍ରି—କୁମାରପୂର୍ଣ୍ଣିମୀ ସନ୍ଧ୍ୟାବେଳେ ଚନ୍ଦ୍ରଙ୍କୁ ପୂଜା
Chānda bārḍhibā କରିବାପାଇଁ ଛେନାଗୁଡ଼ ବା ଖଇଚକଟା ତୁଳସୀଚଉରା ମୂଳେ ଥୋଇବା—To put some sweets as offering to the moon-god on the Kumārapūrṇṇimā evening near the Holy Basil plant.

ଚାନ୍ଦବାଲି—ଦେ. ବି (ନାମ)—ବାଲେଶ୍ୱର ଜିଲ୍ଲାର ଗ୍ରାମବିଶେଷ—
Chāndabāli Name of a village in the district of Balasore.

[ଦ୍ର—ଏହା କଟକ ଓ ବାଲେଶ୍ୱର ଜିଲ୍ଲାର ସୀମାରେ ବ୍ରାହ୍ମଣୀ ଓ ବୈତରଣୀ ନଦୀର ସଙ୍ଗମସ୍ଥଳ ଧାମରା ମୁହାଁଣଠାରୁ କିଛିବାଟ ଦୂରରେ ଅବସ୍ଥିତ । ଏହା ଆଜିକାଲି ଓଡ଼ିଶାର ଏକମାତ୍ର ବାଣିଜ୍ୟପ୍ରଧାନ ବନ୍ଦର । ଏହି ସ୍ଥାନ ପର୍ଯ୍ୟନ୍ତ ଛୋଟଛୋଟ ଜାହାଜ କଲିକତାରୁ ଆସେ ଏବଂ ଏଠାରୁ କେନାଲ ବାଟେ କଟକକୁ ଷ୍ଟିମର ଯାତାୟାତ କରେ । ରେଲ ହେବା ପୂର୍ବରୁ କଟକରୁ କଲିକତା ଯିବା ଯାତ୍ରି-ମାନେ କଟକରୁ ଚାନ୍ଦବାଲି ପର୍ଯ୍ୟନ୍ତ ଷ୍ଟିମରରେ ଯାଇ ସେଠାରେ କଲିକତାକୁ ସମୁଦ୍ର ବାଟେ ଜାହାଜରେ ଯାଉଥିଲେ । ବର୍ତ୍ତମାନ କେବଳ ପଣ୍ୟଦ୍ରବ୍ୟମାନ ଏହିବାଟେ ଯାଉଅଛି ।]

ଚାନ୍ଦ ବୁଢ଼ା ହୋଇଯିବା—ଦେ. କ୍ରି—କୁମାରପୂର୍ଣ୍ଣିମା ସନ୍ଧ୍ୟାବେଳେ ଚାନ୍ଦ
Chānda burḍhā hoijibā ବନ୍ଦାଇବାର ସମୟ ଅତିକ୍ରାନ୍ତ ହେବା—The proper time for worshipping the moon on the Kumārapūrṇṇimā evening being over.

ଚାନ୍ଦମଣି—ଦେ. ବି—ଚନ୍ଦ୍ରମଣି (ଦେଖ)—
Chāndamaṇi Chandramaṇi (See)

ଚାନ୍ଦମାରି—ଦେ. ବି (ସଂ. ଚନ୍ଦ୍ର+ମୃ ଧାତୁ ଣିଜନ୍ତ=ମାର ଧାତୁ)-ବନ୍ଧୁକ
Chāndamāri ଦ୍ୱାରା ଲକ୍ଷ୍ୟ ଭେଦ ଶିକ୍ଷା କରିବା ନିମନ୍ତେ ନିର୍ଦ୍ଦିଷ୍ଟ
চাঁদমারী ଦୂରରେ ରଖାଯାଇଥିବା ଚନ୍ଦ୍ରାକାର ଚିହ୍ନ-
चाँदमारी ବିଶେଷ—Target .

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୂଳେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଚାନ୍ଦମୁଖ—ଦେ. ବି ଓ ବିଣ. (ସଂ. ଚନ୍ଦ୍ରମୁଖ)—ଚନ୍ଦ୍ରବଦନ (ଦେଖ)
Chāndamukha Chandrabadana (See)
চাঁদমুখ
चाँदसामुखड़ा
(ଚାନ୍ଦମୁଖୀ—ସ୍ତ୍ରୀ)

ଚାନ୍ଦମୁହିଁ—ଦେ. ବିଣ. ସ୍ତ୍ରୀ (ସଂ. ଚନ୍ଦ୍ରମୁଖୀ)—ଚନ୍ଦ୍ରମୁଖୀ; ଚନ୍ଦ୍ରବଦନା—
Chāndamuhiñ (a lady) Having the face as beautiful and charming as the moon.
ଦଉଡ଼ୁ ଥିଲେ ଦେଖ ପଡ଼ିଯିବୁ ପୁଚ୍ଛିଲାରୁ ଚାନ୍ଦମୁହିଁ—ରାଧାନାଥ. ଯଯାତି ।

ଚାନ୍ଦ ରାୟଗୁରୁ—ଦେ. ବି (ନାମ) ପୁରୀ ଜିଲ୍ଲାର ଜଣେକ ସଂସ୍କୃତଜ୍ଞ
Chānda rāyaguru ପଣ୍ଡିତ—A great Sanskrit Pandit of Puri district.

[ଦ୍ର—ପୁରୀଜିଲ୍ଲା ବୀରନରସିଂହପୁର ଶାସନରେ ଏହାଙ୍କର ଜନ୍ମ । ଏ ସଂସ୍କୃତ ଭାଷାରେ 'ଉଷାପରିଣୟ' ନାଟକ ରଚନା କରିଥିଲେ ଏବଂ 'ନୈଷଧ'କାବ୍ୟର ଗୋଟିଏ ଉତ୍କୃଷ୍ଟ ଟୀକା ଲେଖି ଥିଲେ । ପୁରୀର ତଦାନୀନ୍ତନ ଗଜପତି ରାଜା ବୀରକିଶୋରଦେବଙ୍କ ରାଜସଭାରେ ଏହାଙ୍କର ଅଖଣ୍ଡ ପ୍ରତିପତ୍ତି ଥିଲା ।

କିମ୍ବଦନ୍ତୀ ଅଛି ଯେ ଦିନେ ପୂର୍ଣ୍ଣିମାରେ ରାଜଗୁରୁ ସେଦିନ ଅମାବାସ୍ୟା ଅଟେ ବୋଲି ଭ୍ରମରେ କହି ପକାଇଲେ ଏବଂ ତନ୍ତ୍ରସାଧନ ବଳରେ ପୂର୍ଣ୍ଣିମା ରାତିରେ ଚନ୍ଦ୍ରଙ୍କୁ ଆଣି ନିଜଘରର ଧାନକୁଣ୍ଢଆଁ ହାଣ୍ଡିତଳେ ଘୋଡ଼ାଇ ରଖିଦେବାରୁ ସେ ରାତିରେ ଚନ୍ଦ୍ର ଆଉ ଆକାଶରେ ଉଇଁଲେ ନାହିଁ; ଫଳତଃ ପୂର୍ଣ୍ଣିମାରାତି ଅମାବାସ୍ୟା ରାତିପରି ଅନ୍ଧକାରମୟ ହୋଇ ଉଠିଲା । ତାଙ୍କର ଏହି ଅସାଧାରଣ ଶକ୍ତିମତ୍ତାରେ ରାଜା ଓ ରାଜପାରିଷଦମାନେ ଏକାନ୍ତ ବିସ୍ମିତ ହୋଇ ଯାଇଥିଲେ । ଚନ୍ଦ୍ରଶେଖର ବାହିନୀପତି ଓ ଚାନ୍ଦରାୟଗୁରୁ ଭିନ୍ନ ଭିନ୍ନ ବ୍ୟକ୍ତି ଥିବାର କେହି କେହି କହନ୍ତି ।]

ଚାନ୍ଦସୁରା—ଦେ. ବି (ସଂ. ଚନ୍ଦ୍ରଶୂର)—ଚନ୍ଦ୍ରଶୂର (ଦେଖ)—
Chāndasurā Chandraśūra (See)
চাঁদসুর
चंसुर

ଚାନ୍ଦ ସୁରଜ—ଦେ. ବି (ସଂ. ଚନ୍ଦ୍ର+ସୂର୍ଯ୍ୟ)—ସ୍ତ୍ରୀଲୋକମାନେ କପାଳର
Chānda suraja କେଶ ଉପରେ ଗୁନ୍ଥି ପିନ୍ଧିବା ସୁନା ବା ରୁପାର
চাঁদসুরুচী ଦ୍ୱିତୀୟାଚନ୍ଦ୍ରପରି ବୃତ୍ତଖଣ୍ଡାକାର ଫଳକ ଓ ତହିଁ
चाँदसुरज ଉପରେ ସୂର୍ଯ୍ୟପରି ବୃତ୍ତାକାର ଅଳଙ୍କାରବିଶେଷ—
(ଚାନ୍ଦସୁରୁଜ—ଅନ୍ୟରୂପ) An ornament consisting of 2 preces of gold or silver in the shape of a crescent below the sun and worn on the hair over the brow.

ଚାନ୍ଦସୁରୁଜ ଚୁଟୁକି—ଦେ. ବି—ପାଆପଦ୍ମ (ଦେଖ)—
Chāndasuruja chuṭuki Pā-ā padma (See)

ଚାନ୍ଦା—ବୈଦେ. ବି (ଫା. ଚନ୍ଦ=ଅଳ୍ପ, କେତେକ; କେତେ ଜଣଙ୍କ
Chāndā ନିକଟରୁ ଏହା ଅଳ୍ପ ଅଳ୍ପ ଆଦାୟ କରାଯିବାରୁ)—
চাঁদা ୧ । ଡେରା; ଅନେକ ବ୍ୟକ୍ତିଙ୍କ ଠାରୁ କୌଣସି ବିଶିଷ୍ଟ
चँदा କାର୍ଯ୍ୟପାଇଁ ସଂଗୃହୀତ ଅର୍ଥ—1. Subscription.
୨ । ସମ୍ବାଦପତ୍ର ପାଇଁ ଗ୍ରାହକ ଦେବା ମୂଲ୍ୟ—
2. Subscription for a newspaper.
চাঁদা ୩ । ଭୂମିମାପ ବେଳେ ବିଶିଷ୍ଟ ସ୍ଥାନର ନିଦର୍ଶନ ସ୍ୱରୂପ ଭୂମିରେ
चाँदा ପୋତାଯିବା କାଠଖିଅ ଚିହ୍ନ—3. A distinctive peg put on the ground during a survey.

ଚାନ୍ଦା ଉଠା(ଠେ)ଇବା—ଦେ. କ୍ରି—ବହୁବ୍ୟକ୍ତିଙ୍କ ଠାରୁ ଚାନ୍ଦା ଅସୁଲ
Chāndā uṭhā(e)ibā କରିବା—To raise subscription from many persons.
চাঁদাউঠান
चँदाउठाना

ଚାନ୍ଦା ଉଠିବା—ଦେ. ବି—ବହୁ ବ୍ୟକ୍ତିଙ୍କଠାରୁ ଚାନ୍ଦା ଆଦାୟ କରାଯିବା—
Chāndā uṭhibā Raising of subscription.
চাঁদাউঠা
चँदाउठना

ଚାନ୍ଦା ସ୍ୱାକ୍ଷର କରିବା—ଦେ. କ୍ରି.—ନିଜର ଦେୟ ଚାନ୍ଦାର ପରିମାଣ ଅଙ୍ଗୀ-
Chāndā swākshara karibā କାର କରି ଦସ୍ତଖତ୍ କରିବା—
চাঁদাসাখর করা To subscribe or sign promising payment of subscription for a certain purpose.

ଚାନ୍ଦି—ଦେ. ବି. (ସଂ. ଚନ୍ଦ୍ର)—୧ । ବିଶୁଦ୍ଧ ରୌପ୍ୟ—
Chāndi 1 Pure silver.
চাঁদী ୨ । (ସଂ. ଚନ୍ଦ୍ରକ, ଚନ୍ଦ୍ରଗୋଳିକା) ମତ୍ସ୍ୟ ବିଶେଷ—
चाँदी 2 Ambassia Ranga; a kind of fish.
চাঁদগুড়া, চাঁন্দামাচ [ଦ୍ର—ଏମାନେ ଚେପଟା ଓ ଦେଖିବାକୁ
चाँदा ଧଳା; ପିଠିରେ କଣ୍ଟାଳିଆ ଡେଣା ଥାଏ । ଏମାନଙ୍କୁ 'ଟଙ୍କାଚାନ୍ଦି' ମଧ୍ୟ କୁହାଯାଏ । ଏ ମାଛର ବ୍ୟାସ ୧ ଠାରୁ ୨ ଇଞ୍ଚ ।]
୩ । ଗୋଡ଼ର ତଳିପା—3. The sole or heel of the foot.
[ଯଥା—ବହୁତ ବାଟ ଚାଲିବାରୁ ତା ଚାନ୍ଦି ଫାଟିଗଲା ।]
ପ୍ରାଦେ. (ପୁରୀ) ବି.—ଘୋଡ଼ା ଓ ଗୋରୁଙ୍କ ଖୁରରେ ମରାଯିବା ନାଲ ବା ଲୁହାପାତିଆ—Horse-shoe; shoes for the hoofs of bullocks.

ଚାନ୍ଦିଆ—ଦେ. ବିଣ.—ଯେଉଁ ରଙ୍ଗିନ୍ ଘୋଡ଼ା ଓ ଗୋରୁ ପ୍ରଭୃତିଙ୍କ
Chāndiā କପାଳରେ ଚନ୍ଦ୍ରାକୃତି ଧଳା ରୋମରେଖା ଥାଏ—
(a coloured beast) Having a white mark or star on the forehead.
ଦେ. ବି.—କପାଳରେ ଚାନ୍ଦଥିବା ପଶୁ—A beast having a white mark or star on the forehead.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ଉ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଜ୍ୟ	ଯ	ସ	ଙ୍ଗ୍ୟ	ଇଅ	●	ଦ୍ୱ

ଚାନ୍ଦିନା (ଇତ୍ୟାଦି)—ବୈଦେ. ବି. (ଫା.)—ଚାନ୍ଦନା ଇତ୍ୟାଦି (ଦେଖ)
Chāndinā (etc). Chāndanā etc. (See)

ଚାଣ୍ଡି ଫୁଟିବା—ଦେ. କ୍ରି—ଅନେକ ବାଟ ଚାଲିବାରୁ ବା କଙ୍କରମୟ
Chāndi phuṭibā ରାସ୍ତାରେ ପଦଗତି କରିବା ହେତୁ ଗୋଡ଼ର ତଳପା ଫୁଟି ଯିବା ବା କ୍ଷତଯୁକ୍ତ ହେବା—The state of having foot-sores.

ଚାଣ୍ଡିବୁଡ଼ା—ପ୍ରାଦେ. (ସମ୍ବଲପୁର) ବି (ତୁଳ. ହି. ଚାଁପା=କ୍ଷୁଦ୍ରଡାଳ)
Chāndiburḍā ବିଣ—୧ । ସର୍ବସ୍ୱାନ୍ତ (ବ୍ୟକ୍ତି)—
1. (a person) Destitute of all his belongings; ruined.
୨ । ଆକ୍ରାନ୍ତ—2. Overpowered.

ଚାନ୍ଦୀ—ଦେ. ବିଣ. ସ୍ତ୍ରୀ—ଚାନ୍ଦିଆ (ଦେଖ)
Chāndī Chāndiā (See)

କାଳୀ କସୁରି ଧଳୀ ରଙ୍ଗୀ
ଚାନ୍ଦୀ ଚାମରି ଠକ ଅଙ୍ଗୀ । ଭୂପତି. ପ୍ରେମପଞ୍ଚାମୃତ ।

ଚାନ୍ଦୁଆ—ଦେ. ବି. (ସଂ. ଚନ୍ଦ୍ରା; ଚନ୍ଦ୍ରାତପ)—
Chānduā ବିତାନ; ନାନାବର୍ଣ୍ଣରେ ଚିତ୍ରିତ ଚାମିଯାନା—
चाँदोवा An awning.
चँदवा

ଚାନ୍ଦୁଆ ଅବନା ମନ୍ଦ ଚଳେ
ତାଳର ଯେବେ କେବେ ବୁଡୁ ହେଲେ । କବିସୂର୍ଯ୍ୟ. କବିତା ।

ଚାନ୍ଦୁୟା—ପ୍ରାଦେ. (ଗଞ୍ଜାମ) ବି—ଚାନ୍ଦୁଆ (ଦେଖ)
Chānduyā Chānduā (See)

ଚାନ୍ଦ୍ର—ସଂ. ବିଣ. ପୁ. (ଚନ୍ଦ୍ର+ସମ୍ବନ୍ଧାର୍ଥେ. ଅ.)—୧ । ଚନ୍ଦ୍ର ସମ୍ବନ୍ଧୀୟ—
Chāndra 1. Pertaining to the moon; lunar.
(ଚାନ୍ଦ୍ରୀ—ସ୍ତ୍ରୀ) ୨ । ଚନ୍ଦ୍ରଙ୍କ ଗତିଦ୍ୱାରା ନିୟମିତ—2 Regulated by the motion of the moon.
୩ । ଚାନ୍ଦ୍ର ବ୍ୟାକରଣ ଅଧ୍ୟୟନକାରୀ—3. Studying the Sanscrit grammar named Chāndra.
ସଂ. ବି.—୧ । ଚନ୍ଦ୍ରଲୋକ (ଦେଖ)
Chandraloka (See)
୨ । ଚନ୍ଦ୍ରକାନ୍ତ ମଣି—2. Moonstone.
୩ । ତ୍ରିଂଶତ୍ ତିଥି ଘଟିତ ମାସ; ଚାନ୍ଦ୍ର ମାସ—
3. Lunar month.
୪ । ଚାନ୍ଦ୍ରାୟଣ (ବ୍ରତ) (ଦେଖ)
4. Chāndrāyaṇa (See)
୫ । ସଂସ୍କୃତ ବ୍ୟାକରଣବିଶେଷ—
5. Name of a Sanscrit grammar.

ଚାନ୍ଦ୍ରମଳ—ସଂ. ବି (କର୍ମଧା; ଚାନ୍ଦ୍ର+ମଳ=ମଳମାସ)—
Chāndramaḷa ଅଧିକା ଚାନ୍ଦ୍ରମାସ; ମଳମାସ—
An additional lunar month added to the lunar calculation of months at intervals of 3 years to make the lunar year approximate the solar year.
[ଦ୍ର—ଚାନ୍ଦ୍ର ବର୍ଷ ପ୍ରାୟ ୩୫୪ ଦିନ ଓ ସୌରବର୍ଷ ପ୍ରାୟ ୩୬୫ ଦିନ । ଏହି ଉଭୟବିଧ ବର୍ଷରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ପ୍ରତି ୩ ବର୍ଷରେ ହିନ୍ଦୁ ଜ୍ୟୋତିଷମତେ ଚାନ୍ଦ୍ରମାନ ବର୍ଷର ଗୋଟିଏ ଅଧିକା ମାସ ଗଣନା କରାଯାଏ ଏବଂ ତଦ୍ୱାରା ଚାନ୍ଦ୍ରମାନ ବର୍ଷ ଓ ସୌରମାନ ବର୍ଷ ମଧ୍ୟରେ ଋତୁଗତ ମିଳନ ପ୍ରାୟ ରକ୍ଷିତ ହୁଏ । ଏହି ଅଧିକା ମାସର ନାମ ମଳମାସ ବା ଚାନ୍ଦ୍ରମଳ । ମଳମାସରେ ହିନ୍ଦୁଶାସ୍ତ୍ରମତେ ଶୁଭକର୍ମାଦି ନିଷିଦ୍ଧ ।]

ଚାନ୍ଦ୍ରମାସ—ସଂ. ବିଣ. ପୁଂ (ଚନ୍ଦ୍ରମସ୍+ସମ୍ବନ୍ଧାର୍ଥେ ଅ)—
Chāndramāsa ୧ । ଚନ୍ଦ୍ରମା ସମ୍ବନ୍ଧୀୟ—1. Relating to
(ଚାନ୍ଦ୍ରମାସୀ—ସ୍ତ୍ରୀ) the moon; lunar.
୨ । ମୃଗଶିରାନକ୍ଷତ୍ର—The fifth asterism of the Hindu Astronomy.

ଚାନ୍ଦ୍ରମାନ ବତ୍ସର—ସଂ. ବି—ଚନ୍ଦ୍ରଙ୍କ ଗତି ଦ୍ୱାରା ନିୟମିତ ଦ୍ୱାଦଶ ମାସ-
Chāndramāna batsara ବିଶିଷ୍ଟ ବର୍ଷ ବା ୩୫୪. ୧୯୨ ଦିନ—
Lunar year of 354. 192 days.

ଚାନ୍ଦ୍ରମାନ ମାସ—ସଂ. ବି—ଚନ୍ଦ୍ରଙ୍କ ଗତି ଦ୍ୱାରା ନିୟମିତ ମାସ (ଶୁକ୍ଳପକ୍ଷ
Chāndramāna māsa ୧୫ ଦିନ ଓ କୃଷ୍ଣପକ୍ଷ ୧୫ଦିନ; ୨୯. ୫୧୬ ସାବନ ଦିନ)—Lunar month; 29.516 days.

ଚାନ୍ଦ୍ରାୟଣ—ସଂ. ବି (ଚାନ୍ଦ୍ର=ଚନ୍ଦ୍ରଲୋକ+ଅୟ ଧାତୁ=ପାଇବା+
Chāndrāyaṇa କରଣ. ଅନ; ଯେଉଁ ବ୍ରତ କଲେ ମୃତ୍ୟୁ ପରେ ମନୁଷ୍ୟ ଚନ୍ଦ୍ରଲୋକକୁ ଯାଏ)—ଚାନ୍ଦ୍ର ତିଥି ଦ୍ୱାରା ନିୟମିତ ବ୍ରତବିଶେଷ—A religious vow and penance consisting of regulating one's daily diet by gradual diminution for the first 15 days of the lunar month and gradual increment for the next lunar fortnight and observing continence and self-control.
[ଦ୍ର—ଏ ବ୍ରତରେ ଶୁକ୍ଳ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତିଦିନ ଆପଣାର ସାଧାରଣ ଭୋଜନର ପରିମାଣରୁ ପନ୍ଦର ଭାଗରୁ ଏକଭାଗ ଲେଖାଁଏ କମାଇବାକୁ ହୁଏ ଏବଂ କୃଷ୍ଣ ପ୍ରତିପଦଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ସେହିପରି ଭାଗେ ଲେଖାଁଏ ଭୋଜନର ମାତ୍ରା ବଢ଼ାଇ ଶେଷରେ ପୂର୍ଣ୍ଣିମା ଦିନ ପୂର୍ଣ୍ଣ ଭୋଜନ କରିବାକୁ ହୁଏ । ଏହିପରି ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବା ବ୍ରତ ଓ ପ୍ରାୟଶ୍ଚିତ୍ତର ବିଧାନ ଶାସ୍ତ୍ରସମ୍ମତ ।]

ଚାନ୍ଦ୍ରାୟଣ ବାର—ଦେ. ବି—ସୋମବାର—
Chāndrāyaṇa bāra Monday.

ଚାନ୍ଦ୍ରାୟଣ ବାରରେ ସୋ ଚନ୍ଦ୍ରଙ୍କ ପ୍ରଧାନ
କଳଙ୍କେ ଚନ୍ଦ୍ରସ୍ୱାମୀ ବୁଧେ ପୃଥ୍ୱୀ ଜାଣ । ପ୍ରାଚୀ. ଶିବସ୍ୱରୋଦୟ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଆ ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଚାନ୍ଦ୍ରାୟଣିକ—ସ. ଡଣ. ପୁଂ (ଚାନ୍ଦ୍ରାୟଣ+କରିବା ଅର୍ଥରେ. ଇକ)—
Chāndrāyaṇika ଚାନ୍ଦ୍ରାୟଣ ବ୍ରତର ଅନୁଷ୍ଠାତା—
Observing the vow or penance of Chāndrāyaṇa.
(ଚାନ୍ଦ୍ରାୟଣିକା—ସ୍ତ୍ରୀ)

ଚାନ୍ଦ୍ରୀ—ସ. ବି. ସ୍ତ୍ରୀ. (ଚନ୍ଦ୍ର+ଅ+ସ୍ତ୍ରୀ. ଈ)—
Chāndrī ୧ । ଚନ୍ଦ୍ର ପତ୍ନୀ—
1. The wife of the Moon-god.
୨ । ଜ୍ୟୋସ୍ନା—2. Moon-light.
୩ । ଶ୍ୱେତ କଣ୍ଟକାରୀ—3. Solanium Nigrum.
ସ. ଡଣ. ସ୍ତ୍ରୀ—'ଚାନ୍ଦ୍ର'ର ସ୍ତ୍ରୀ ଲିଙ୍ଗ—
Feminine of Chāndra.

ଚାନ୍ସ୍—ବୈଦେ. ବି. (ଇଂ)—ଚାନ୍‌ସ୍ (ଦେଖ)
Chāns Chān-s (See)

ଚାନ୍ସୀ—ଦେ. ବି—ଚାନ୍‌ସୀ (ଦେଖ)
Chānsī Chān-sī (See)

ଚାନ୍ସେରୀ—ବୈଦେ.ବି. (ଇଂ. ଚାନ୍‌ସେରୀ)—ଇଂଲଣ୍ଡର ଦେୱାନୀ ମକଦ୍ଦମା
Chānserī ବିଚାର ପାଇଁ ନିଯୁକ୍ତ ସର୍ବୋଚ୍ଚ ଅଦାଲତ—
চানসেরী Court of Chancery in England.
चैंसरी

ଚାନ୍ସେଲର୍—ବୈଦେ. ବି. (ଇଂ. ଚାନ୍‌ସେଲର୍)—୧ । ଇଂଲଣ୍ଡର
Chānselar ଚାନ୍ସେରୀ ଅଦାଲତର ସର୍ବପ୍ରଧାନ ବିଚାରକ—
চানসেলার 1. The President of the Court of Chancery.
चैंसलर
୨ । ବିଶ୍ୱବିଦ୍ୟାଳୟର ପ୍ରଧାନ ଅଧିକାରୀ—
2. Chancellor of a University.
[ଦ୍ର—ଏହାଙ୍କ ସହକାରୀଙ୍କୁ ଭାଇସ୍ ଚାନ୍ସେଲର୍ ବୋଲାଯାଏ ।] ଚାନ୍ସେଲର୍ ବିଶ୍ୱବିଦ୍ୟାଳୟର ଶାସନ ଓ ଚାଳନସଂକ୍ରାନ୍ତ ସଭାସମିତିରେ ସଭାପତି ରୂପେ କାର୍ଯ୍ୟ କରନ୍ତି । ଭାରତର ପ୍ରାୟ ସବୁ ପ୍ରାଦେଶିକ ବିଶ୍ୱବିଦ୍ୟାଳୟର ଚାନ୍ସେଲର୍ ତତ୍ତତ୍ ପ୍ରଦେଶର ଲାଟ ଅଟନ୍ତି । ସାଧାରଣତଃ ତାଙ୍କର ଅଧିକାଂଶ କାର୍ଯ୍ୟ ଭାଇସ୍‌ଚାନ୍ସେଲର୍ ଚଳାନ୍ତି । ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଉପାଧି ଓ ସନନ୍ଦ ବିତରଣ କରାଯିବା ସଭାରେ ଚାନ୍ସେଲର୍ ସଭାପତି ହୁଅନ୍ତି । ପାଶ୍ କରିବା ଛାତ୍ରମାନଙ୍କ ସନନ୍ଦରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାନ୍ସେଲର୍ ଦସ୍ତଖତ୍ କରନ୍ତି ।]

ଚାପ—ସ. ବି. (ଚପ୍ ଧାତୁ=କ୍ଷେପ କରିବା, ପେଷଣ କରିବା+କର୍ତ୍ତୃ. ଅ.)—୧ । କୋଦଣ୍ଡ; ଧନୁ—1. Bow.
Chāpa
୨ । ବୃତ୍ତଖଣ୍ଡ; ବୃତ୍ତର କୌଣସି ଅଂଶ—
2. Arc of a circle.
ଦେ. ବି—୧ । ଓଜନ; ଭାର—1. Weight; burden
চাপা ୨ । ପୀଡ଼ନ; ଦାବିବା—2. Pressure.
चाप ୩ । ଚାପସରି; କଣ୍ଠର ଅଳଙ୍କାର ବିଶେଷ; ଚକ୍—
3. A collar (ornament) for the neck.
୪ । ରାଜା ବା ଦେବତାମାନଙ୍କର ଯାତ୍ରା ଉପଲକ୍ଷେ ସଜ୍ଜିତ ନୌକା—4. A pleasure-boat fitted up for special occasions.
ବସାଇ ଚନ୍ଦ୍ର ପଲଙ୍କ ଚେଳ ପ୍ରଭୁ କରେକ୍ତ ଚାପେ ଗମନ ।
ମଦନମୋହନ. ଚନ୍ଦନଯାତ୍ରା ସଙ୍ଗୀତ ।
୫ । ଗାଡ଼ି ପ୍ରଭୃତି ପାର କରାଇବା ପାଇଁ ଯେଉଁ ବଡ଼ ନୌକାର ଉପରେ ପ୍ରଶସ୍ତ କାଠ ପଟାମାନ ଆଚ୍ଛାଦିତ ହୋଇଥାଏ—5. A big boat overspread with wooden planks and used in ferrying over carts and carriages.
ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ଦୁଇଟି ନୌକା ଏକତ୍ର ଯୋଡ଼ା ହୋଇ ତା ଉପରେ ପଟା ପଡ଼ି ଅପେକ୍ଷାକୃତ ପ୍ରଶସ୍ତ କରାଯାଇଥିବା ନୌକା—Two boats joined and planked together so as to make the deck more spacious.

ଚାପ ଖେଳିବା—ଦେ. କି—ନୌକାବିହାର କରିବା—
Chāpa kheḷibā To sport in a pleasure-boat.

ଚାପଡ଼ (ଇତ୍ୟାଦି)—ଦେ. ବି—ଚାପଡ଼ା ଇତ୍ୟାଦି (ଦେଖ)
Chāparḍa (etc) Chāparḍā etc (See).
ଚଇପଡ଼ିବ ଦାସୀଙ୍କ ଉପରେ,
ଚାପଡ଼ ପରମାଣର କୋପରେ—କବିସୂର୍ଯ୍ୟ. କବିତା ।

ଚାପଡ଼ା—ଦେ. ବି. (ସ. ଚପେଟ; ଚପଟ)—ଚାପୁଡ଼ା; ମୁକ୍ତ କରତଳଦ୍ୱାରା
Chāparḍā ଆଘାତ; ଚାପୋଡ଼ି; ଜାବଡ଼ା—Slap.
চড়; চাপট
चपेत; चपेटा; चपेट; चटकन

ଚାପଡ଼ାଇବା—ଦେ. କି—୧ । ମୁକ୍ତ କରତଳଦ୍ୱାରା ଅସ୍ତେ ଅସ୍ତେ ଆଘାତ
Chāparḍāibā କରିବା; ଥାପଡ଼େଇବା—1. To pat; to tap.
চাপড়ান ୨ । ଚାପଡ଼ା ମାରିବା (ଦେଖ)
थपथपाना; थपकना 2. Chāparḍā māribā (See)
(ଚାପଡ଼େଇବା—ଅନ୍ୟରୂପ) ୩ । କରତଳ ଦ୍ୱାରା ଘୁଷି ଗୋବରକୁ ଚକାକାର କରି ଭୂମିରେ ବା କାନ୍ଥରେ ଘସି ପାରିବା—
3. To lay flat circular cakes of cowdung on the ground or wall.

ଚାପଡ଼ା ଖାଇବା—ଦେ. କି—ଅନ୍ୟର ଚପେଟାଘାତ ସହିବା—
Chāparḍā khāibā To be slapped by another.

ଚାପଡ଼ାଖିଆ—ଦେ. ବଣ. ପୁଂ—ଯେ ବହୁବାର ଅନ୍ୟଠାରୁ ଚାପଡ଼ାମାଡ଼
Chāparḍākhiā ଖାଏ—One who is used to get slapped.

ଚାପଡ଼ା ଛାଡ଼ିବା—ଦେ. କି—ଜୋରରେ ଚାପଡ଼ା ମାରିବା (ଦେଖ)
Chāparḍā chhārḍibā To slap with force.

ଚାପଡ଼ାପକା(କେ)ଇବା—ଦେ. କି—ଚପେଟାଘାତ କରିବା—
Chāparḍā pakā(e)ibā To give a slap.
(ଚାପଡ଼ା ବଜା(ଜେ)ଇବା—ଅନ୍ୟରୂପ)

୯	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଋ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନୃ

ଚାପଡ଼ା ମାରିବା—ଦେ. କ୍ରି—ଚପେଟାଘାତ କରିବା; ଚାପଡ଼ ଦେବା; ଥାପଡ଼ ମାରିବା—
Chāpa<u>rd</u>ā māribā
চাপড়ান To slap; to administer slaps.
थपकाना; थपना

ଚାପଦଣ୍ଡ—ସଂ. ବି—ପିଚକାରୀର ଦଣ୍ଡ ପରି ଯାହାଦ୍ୱାରା ଜଳାଦି ଊର୍ଦ୍ଧ୍ୱଗତ ଓ ଅଧୋଗତ ହୁଏ—Piston.
Chāpada<u>nd</u>a

ଚାପଦାର୍—ଦେ. ବି—ଜାହାଜ ଉପରେ ଯାତ୍ରୀମାନେ ରହିବା ଘର—
Chāpadār A cabin in a ship.
চাপদার
चापदार; झोपड़ी

ଚାପର୍—ପ୍ରାଦେ. (ସମ୍ବଲପୁର) ବି—ଚାପଡ଼ା (ଦେଖ)
Chāpar Chāpa<u>rd</u>ā (See)

ଚାପର୍ କୁଟିବା—ପ୍ରାଦେ. (ସମ୍ବଲପୁର) କ୍ରି—ଚାପଡ଼ା ମାରିବା—
Chāpar kuṭibā To slap; to give slaps.

ଚାପରାସ୍—ବୈଦେ. ବି. (ଫା. ଚପ୍ରାସ୍)—ଭୃତ୍ୟର ପରିଚୟଜ୍ଞାପକ ଧାତୁପଟ୍ଟ—A servant's or a peon's badge.
Chāparās

ଚାପରାସୀ—ବୈଦେ. ବି. (ଫା. ଚପରାସୀ)—
Chāparāsi ୧ । କୌଣସି ହାକିମଙ୍କ ଆଜ୍ଞାକାରୀ ଭୃତ୍ୟ—
1. An orderly.
୨ । ପିଅଦା – 2 A peon.

ଚାପଳ—ସଂ. ବି. (ଚପଳ+ଭାବ. ଅ)—ଚାପଲ୍ୟ (ଦେଖ)
Chāpa<u>l</u>a Chāpalya (See)

ଚାପଲ୍ୟ—ସଂ. ବି. (ଚପଳ + ଭାବ. ଯ)—
Chāpalya ୧ । ଚପଳତା; ଅସ୍ଥିରତା—
1. Fickleness; unsteadiness.
୨ । ଧୃଷ୍ଟତା—
2. Insolence; impertinence.
୩ । ପ୍ରଗଳ୍ଭତା—3. Bragging; boasting.
୪ । ଅବିମୃଷ୍ୟକାରିତା—
4. Shortsightedness; rashness.

ଚାପସରି—ଦେ. ବି. (ସଂ. ଚଳମାଳିକା)—
Chāpasari ୧ । ବେକରେ ପିନ୍ଧା ଯିବା ଅଳଙ୍କାରବିଶେଷ—
চীক 1. A collar (ornament) worn round the neck.
୨ । ମୁଦିଆ ଲାଗିଥିବା ଏକପ୍ରକାର ଅଣ୍ଟାସୂତା—
2. A kind of waist-chain consisting of more than one string and kept attached by rings.

ତଡ଼ୁ ତଡ଼ନ ବୋଲାଇ ମୋଡ଼ରେ
ଚାପସରି କାଢ଼ି ଦିଏ ଅଦରେ—କବିସୂର୍ଯ୍ୟ କବିତା ।

ଚାପସୋରି—ଗ୍ରା. ବି—ଚାପସରି (ଦେଖ)
Chāpasori Chāpasari (See)

ଚାପା—ଦେ. ବି—ଉପରୁ ଦବିଯିବା ଭାବ—
Chāpā 1. Downward pressure.
চাপা
चाप
চাপা ୨ । ପୀଡ଼ନ—2. Pressure.
चापा ୩ । ଅତିରିକ୍ତ ଭୋଜନ—3. Overeating.

ଚାପାଇବା—ଦେ. କ୍ରି. ('ଚାପିବା' ଓ 'ଚପିବା'ର ଣିଜନ୍ତରୂପ)—
Chāpaibā ଚପାଇବା (୨ ଓ ୭) (ଦେଖ)
চাপান Chapāibā (2 and 7) (See)
चापाना

ଚାପା କାଗଜ—ଦେ. ବି—ଚପାକାଗଜ (ଦେଖ)
Chāpā kāgaja Chapākāgaja (See)

ଚା-ପିଆଲା—ବୈଦେ. ବି. (ଚୀନଭାଷା ଚା ଓ ଫା. ପିଆଲା)—ଯେଉଁ ଚୀନା ବା କଲେଇ ହୋଇଥିବା ବାସନରେ ପ୍ରସ୍ତୁତ ଚାହା ପାନ କରାଯାଏ—Tea-cup.
Chā-piālā
চাপিয়ালা
चापिआला

ଚାପି ଚାପି କଥା କହିବା—ଦେ. କ୍ରି. (ଲକ୍ଷଣାର୍ଥ)—ସତର୍କତା ସହିତ କଥା କହିବା—To speak (some thing) very carefully.
Chāpi chāpi kathā kahibā
চেপেচেপে কথাবলা
चपचपकर बात बोलना

ଚାପିବା—ଦେ. କ୍ରି.—୧ । ଭାର ଦେଇ ତଳକୁ ଦାବିବା—
Chāpibā 1. To press downwards by weight.
চাপা
चपेकना, चापना, दबाना

କଳସ୍ତ ବଦନ ଚାପି ଅଧୋଭୁବନରେ,
ଉକ୍ତ. ବୈଦେହୀଶବିଳାସ ।

୨ । ଚପିବା—2. To squeeze.
୩ । (କୌଣସି ବ୍ୟକ୍ତିର ଅଙ୍ଗପ୍ରତ୍ୟଙ୍ଗ) ଘଷିବା ବା ଚପିବା—
3. To massage.

ପାଦ ଚାପନ୍ତି ମିତ୍ର ସୁତେ । ଭୂପତି. ପ୍ରେମପଞ୍ଚାମୃତ ।

୪ । ଦାବିବା—4. To press tightly.

ଚାପୁଅଣି—ଦେ. ବି.—୧ । ଘରର ଚାଳ କାମଡ଼ା ଦିଆ ହୋଇ ବେତରୀ ହେବା ପରେ ବତାଗୁଡ଼ିକୁ ଚାପି ରଖିବା ପାଇଁ ଭୂଇଁଅରୁ ପାରିଆ ଆଡ଼କୁ ଯେଉଁ ବତା ଖୁବ୍ କସ୍ କରି ବାନ୍ଧି ଦିଆ ଯାଏ—1. A split bamboo which is laid over the bamboo-frame of a thatch to keep the bamboos tight.
Chāpuā<u>n</u>i
୨ । ଚାଳର ପାଣିପାଟିଆକୁ ରୁଅ ସଙ୍ଗେ ଭିଡ଼ି ରଖିବା ପାଇଁ କଣ୍ଟା ମାରିବା ପୂର୍ବରୁ ବ୍ୟବହୃତ ବତାର ବନ୍ଧନୀ—
2. A tie-band of split bamboo in a thatch.
୩ । ଜାଲ୍ ଟୀ ବାଡ଼ରୁ ଜାଲ ଫିଟାଇବାକୁ ଯେଉଁ ଯନ୍ତ୍ରର ଚାପା ଦିଆ ଯାଏ—3. An instrument for pressing the net while untying it.

ସାଧାରଣ ଲୋକେ ଏପରି ସ୍ଥଳରେ ଦୃଢ଼ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଧା' ନ ପାଇଲେ 'ଅଗ୍ନା' ଦେଖିବେ; 'ଅଲକତ' ନ ପାଇଲେ 'ଅଲ୍‌କତ୍ର' ଦେଖିବେ

୪ । ଦୁଇ ବା ତତୋଽଧିକ ସେରିଯୁକ୍ତ ଅଣ୍ଟାସୂତା ବା ଗୋପର ସରମାନଙ୍କୁ ଏକାଠିଁ ଧରି ରଖିବା ପାଇଁ ବ୍ୟବହୃତ ମୁଦଥା—4 A ring set in a waist-chain, having two or more strings, to hold them together.

ଚାପୁଡ଼ା (ଇତ୍ୟାଦି)—ଦେ. ବି.—ଚାପଡ଼ା ଇତ୍ୟାଦି (ଦେଖ)
Chāpurḍā (etc.) Chāparḍā etc. (See)

ଚାପୁଡ଼ାଇବା—ଦେ. କ୍ରି.—ଚାପଡ଼ାଇବା; ସ୍ନେହରେ ଧୀରେ ଧୀରେ
Chāpurḍāibā କରତଳଦ୍ୱାରା ଆଘାତ କରିବା—
(ଚାପୁଡ଼େଇବା—ଅନ୍ୟରୂପ) To pat; to tap.

ଚା-ପୋଚି— ଦେ. ବି.—ଚା-ଦାନ୍—
Chā-pochi Tea-pot. (Howells)

ଚାପୋଡ଼ (ଇତ୍ୟାଦି)—ଦେ. ବି.—ଚାପଡ଼ା ଇତ୍ୟାଦି (ଦେଖ)
Chāporḍa (etc.) Chāparḍā etc. (See)

ଚାପୋଡ଼ା (ଇତ୍ୟାଦି)—ଦେ. ବି.—ଚାପଡ଼ା ଇତ୍ୟାଦି (ଦେଖ)
Chāporḍā (etc.) Chāparḍā etc. (See)

ବଡ ବଡ ଚାପୋଡ଼ାମାନଙ୍କୁ ପ୍ରହାର,
ଯୁଦ୍ଧ କରିଲେ କେହି କାହାକୁ ନ ଡର । କୃଷ୍ଣସିଂହ. ମହାଭାରତ ବନ ।

ଚାବରା—ପ୍ରାଦେ. (ସମ୍ବଲପୁର, ଗଞ୍ଜାମ, ଗଡ଼ଜାତ) ବିଣ.— (ଭୁଲ.
Chābrā ଚାବିବା=କାମୁଡ଼ିବା)—କାମୁଡ଼ା—
Currish; biting snappish.

ଚାବ୍ରି ଚାଁଟି—ପ୍ରାଦେ. (ସମ୍ବଲପୁର) ବି.— କାମୁଡ଼ା ପିମ୍ପୁଡ଼ି—
Chābri chānti Biting ant.

ଚା ବଗିଚା—ଦେ. ବି.— ଚାହାର କୃଷି କରାଯିବା କ୍ଷେତ୍ର—
Chā bagichā Tea-garden; tea-plantation.

ଚାବରା—ପ୍ରାଦେ. (ଗଞ୍ଜାମ; ଗଡ଼ଜାତ)—ବିଣ.—(ସଂ. ଚର୍ବ ଧାତୁ; ଯେ
Chābarā ଚାବେ ବା କାମୁଡ଼େ)—କାମୁଡ଼ା—
Currish; snappish.

ଚାବି— ବୈଦେ. ବି· (ପର୍ତ୍ତୁ. ଚାବେ)—୧ । କୁଞ୍ଚି; କୋଲପର କାଠି;
Chābi ଯେଉଁ ଧାତୁମୟ ଶଳାକ ସାହାଯ୍ୟରେ କୋଲପ ଫିଟା ଯାଏ
ଚାବି ଓ ବନ୍ଦ କରାଯାଏ—
चाबी Key of a padlock.
୨ । କୌଣସି କଳର ଚାଳନ ଓ ସ୍ଥଗିତକରଣର ଯନ୍ତ୍ର—
2. Key to move or stop a machine;
୩ । ଘଣ୍ଟାରେ ଦମ୍ ଦେବା କାଠି—3. The key of clock or watch.

ଚାବି ଆନ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି.—ଚାବିବା (ଦେଖ)
Chābi ānbā Chābibā (See)

ଚାବି କାଠି—ଦେ. ବି.—ଚାବି. ୧ (ଦେଖ)
Chābi kāthi Chābi. 1 (See)

ଚାବିଦାର—ଦେ. ବିଣ.— ଯେଉଁ ଯନ୍ତ୍ର (ଯଥା. ଘଡ଼ି) ସ୍ୱତନ୍ତ୍ର ଚାବିଦ୍ୱାରା
Chābidār ଚାଳିତ ହୁଏ— Key-winding (watch.)
চাবিদার
चाबीदार

ଚାବି ଦେବା—ଦେ. କ୍ରି.— ୧ । ଚାବି ପକାଇବା (ଦେଖ)
Chābi debā 1. Chābi pakāibā (See)
চাবিদেওয়া ୨ । ଘଣ୍ଟା ଭିତରର ସ୍ପ୍ରିଂ ଖୋଲ ଯାଇଥିଲେ
चाबी देना ତାକୁ ଚାବି ଦ୍ୱାରା ଗୁଡ଼ାଇବା; ଘଣ୍ଟାରେ ଦମ୍ ଦେବା—
2 To wind up the spring of a clock or watch by a key.
ପ୍ରାଦେ. (ସମ୍ବଲପୁର) କ୍ରି—କାମୁଡ଼ିବା— To bite.

ଚାବି ପକା(କେ)ଇବା—ଦେ. କ୍ରି—୧ । କୋଲପକୁ ବନ୍ଦ କରିବା—
Chābi pakā(e)ibā 1 To close a lock.
চাবিফেলা ୨ । ଘର କବାଟରେ ତାଲା ଦେବା —
ताला देना 2. To lock up a door.

ଚାବି ଫିଟା(ଟେ)ଇବା—ଦେ. କ୍ରି—୧ । କୋଲପକୁ ମେଲା କରିବା—
Chābi phiṭā(e)ibā 1 To open a lock.
চাবিখোলা ୨ । ଘର କବାଟରୁ କୋଲପ ଫିଟାଇବା—
चाबी खुलना 2. To unlock the door of a room.

ଚାବିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଚର୍ବଣ, ଭୁଲ. ହି. ଚାବ୍‌ନା)—
Chābibā କାମୁଡ଼ିବା— To bite.

ଚାବୁକ— ବୈଦେ. ବି. (ଫା ଚାବୁକ୍)—୧ । ଅଶ୍ୱତାଡ଼ନ ଦଣ୍ଡ; କୋରଡ଼ା—
Chābuka 1. A horse-whip; scourge.
চাবুক ଚାବୁକ ବାଜିଲା ପରି ମୁଁ ଡରେ
चाबुक ତହିଁକି ପଡ଼ଇ ପହଲୁଁ ଥରେ । କବିସୂର୍ଯ୍ୟ. ଚଉତିଶା ।
୨ । ଚାବୁକ ମାଡ଼; ଚାବୁକଦ୍ୱାରା ପ୍ରହାର—
2. Whipping; a cut by the whip.
ପ୍ରାଦେ. (ଗଞ୍ଜାମ) ବି—ଗଛ —Tree.

ଚାବୁକ ଖାଇବା—ଦେ. କ୍ରି—କଶାଘାତ ସହିବା; କୋରଡ଼ାଦ୍ୱାରା ପ୍ରହାର
Chābuka khāibā ଖାଇବା – To be whipped.

ଚାବୁକ ଦେବା—ଦେ· କ୍ରି —ଚାବୁକ ମାରିବା (ଦେଖ)
Chābuka debā Chābuka māribā (See)
চাবুকদেওআ
चाबुक देना

ଚାବୁକ ମାରିବା—ଦେ. କ୍ରି —କଶାଘାତ କରିବା—
Chābuka māribā To whip.
চাবুকমারা
चाबुक मारना

ଚାବୁକ ଲଗା(ଗେ)ଇବା—ଦେ. କ୍ରି—ଚାବୁକ ମାରିବା (ଦେଖ)
Chābuka lagā(e)ibā Chābukamāribā (See)

ଚାବୁକସବାର—ବୈଦେ. ବି. (ଫା. ଚାବୁକ୍‌ସବାର୍)—
Chābukasabāra ଯେଉଁ ଅଶ୍ୱାରୋହୀ ଘୋଡ଼ାକୁ ବଶ କରେ—
চাবুকসোয়ার Horse-trainer; jockey.
चाबुकसवार ଚଢ଼ିଲେ ହେଲେ ଚାବୁକସବାର । କବିସୂର୍ଯ୍ୟ. ଚଉତିଶା ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଙ୍ଗ	ଞ୍ଚ	ଢ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଙ୍ଖ	ଢ଼	ନ୍

ଚାବୁକାଇବା—ଦେ. କ୍ରି· (ଫା. ଚାବୁକ୍)—ଚାବୁକଦ୍ୱାରା ପ୍ରହାର କରିବା—
Chābukāibā To whip.
চাবুকা, চাবকা
चाबुकमारना
(ଚାବୁକେଇବା—ଅନ୍ୟରୂପ)

ଚାବୁଚାବୁ—ଦେ. ଅ. (ଧ୍ୱନ୍ୟନୁକରଣ)—ଅଳ୍ପ ପାଣିରେ ଆଙ୍ଗୁଠି ବା
Chābuchābu କ୍ଷୁଦ୍ର ବସ୍ତୁ ବାଡ଼େଇବା ଶବ୍ଦ; ଚବଚବ ଶବ୍ଦ—
Sound produced by striking the fingers or small articles on shallow water.

ଚାମ—ପ୍ରାଦେ. (କଟକ) ବି—ଚେମଣୀ—
Chāma House-bat.

ଚାମଚ—ବୈଦେ. ବି. (ଫା. ଚମ୍‌ଚହ୍)—ଚାମଚ୍ (ଦେଖ)
Chāmacha Chāmachā (See)

ଚାମଚା—ବୈଦେ. ବି. (ଫା. ଚମ୍‌ଚହ୍; ତୁଳ. ସଂ. ଚମସ)—
Chāmachā ଧାତୁନିର୍ମିତ ଡଙ୍କି ବା ସାନ ଅଣଡ—
চামচ A spoon.
चमचा [ଦ୍ର—ଡାଲିଚାମଚ୍, ଚାହାଚାମଚ୍ ଓ ଖାନାଚାମଚ୍ ଆଦି ବିଭିନ୍ନ ପ୍ରକାରର ଚାମଚ୍ ଦେଖାଯାଏ । ଆମ୍ଭେମାନେ ଥାଳରୁ ଖାଦ୍ୟ-ଦ୍ରବ୍ୟକୁ ହାତଦ୍ୱାରା ଉଠାଇ ପାଟିକୁ ନେଉଁ, ମାତ୍ର ସାହେବମାନେ ପାଣିଆ ଓ କାଦୁଅ ଖାଦ୍ୟ ପଦାର୍ଥ ଏବଂ ମାଛଆଦିକୁ ଚାମଚ୍ ସାହାଯ୍ୟରେ ପାଟିକୁ ନିଅନ୍ତି ।]

ଚାମଚି—ବୈଦେ. ବି. (ଫା)—ଚାମଚ୍ (ଦେଖ)
Chāmachi Chāmachā (See)
চামচি
चमची

ଚାମଚିକା—ଦେ. ବି. ସ୍ତ୍ରୀ. (ସଂ. ଚର୍ମଚଟିକା)—
Chāmachikā ଚର୍ମଚଟି; ଚମ୍ପିଣିଆ; ଚେମଣୀ; ଚର୍ମପକ୍ଷୀ—
House-bat; Cynopterous Margina.
[ଦ୍ର—ଏହା ଆକାରରେ ୫।୬ ଅଙ୍ଗୁଳ; ଏହାର କାନ ବଡ଼ ବଡ଼ । ବୃକ୍ଷର ଫଳ ଓ ମଶା ଏହାର ଖାଦ୍ୟ । ଜୀର୍ଣ୍ଣମନ୍ଦିର ଓ ପୁରାତନ ଗୃହରେ ଏ ବାସ କରେ ।]

ଚାମଠା—ପ୍ରାଦେ. (ସିଂହଭୂମ) ବି—ଶଗଡ଼ର ଯୁଆଳି ଓ ଦଣ୍ଡା ଅଗକୁ
Chāmaṭhā ଯୋଡ଼ି ରଖିବାରେ ବ୍ୟବହୃତ ରଜ୍ଜୁ—
The rope with which the yoke is tied to the fore ends of the shafts of a cart.

ଚାମଡ଼ା—ଦେ. ବି—୧ । ଚମଡ଼ା (ଦେଖ)
Chāmarḍā 1. Chamarḍa (See)
(ଚାମଡ଼େଇ—ଅନ୍ୟରୂପ) ୨ । ଚାମୁଣ୍ଡା (ଦେଖ)
2. Chāmuṇḍā (See)

ଚାମଡ଼ା ବସନ୍ତ—ଦେ ବି. (ସଂ.ଚାମୁଣ୍ଡା ଓ ବସନ୍ତ; ଏଥିର ସଂ. ନାମ ଚର୍ମ-
Chāmarḍā basanta ମସୂରିକା)—ଏକପ୍ରକାର ମାରାତ୍ମକ ବସନ୍ତ ରୋଗ—A sort of fatal smallpox which is marked by discoloration of the body and very tiny eruptions; confluent pox.
[ଦ୍ର—ଏହା ମାରାତ୍ମକ । ଏଥିରେ ଅନ୍ୟଜାତୀୟ ବସନ୍ତ ପରି ଚର୍ମ ଉପରେ ବିସ୍ଫୋଟକ ବାହାରେ ନାହିଁ, ମାତ୍ର ମିଳିମିଳା ବା ଘିମିରିପରି ଦେହଯାକ ଫୁଟିଯାଏ; ଛଅଦିନ ପରେ ଦାଗଗୁଡ଼ିକ ମଉଳି ଯାଏ ଓ ଦେହର ଚର୍ମ ବିବର୍ଣ୍ଣ ହୋଇଯାଏ; ଚାରିପାଞ୍ଚ ଦିନରେ ରୋଗୀର ମୃତ୍ୟୁ ଘଟେ । ଏ ବସନ୍ତ ଶରୀରର ଅଭ୍ୟନ୍ତରରେ ଜାତ ହୁଏ; କଣ୍ଠ ଫୁଲି ବରଳି ହୋଇଯାଏ ଏବଂ ରୋଗୀ ପାଣି ସୁଦ୍ଧା ପିଇପାରେ ନାହିଁ ।]

ଚାମଣ୍ଡା—ଦେ. ବି. ସ୍ତ୍ରୀ—ଚାମୁଣ୍ଡା (ଦେଖ)
Chāmaṇḍā Chāmuṇḍā (See)
(ଚାମଣ୍ଡେଇ—ଅନ୍ୟରୂପ) ଦେବୀମାନଙ୍କୁ ଜଗିଛ ଚଣ୍ଡୀ ଯେ ଚାମଣ୍ଡା ।
ପ୍ରାଚୀ. ବୃନ୍ଦାବନଭୂପଣଗୀତା ।

ଚାମର—ସଂ. ବି. (ଚମର=ମୃଗ ବିଶେଷ+ସମ୍ବନ୍ଧାର୍ଥେ. ଅ)—
Chāmara ୧ । କେଶଗୁଚ୍ଛନିର୍ମିତ ବ୍ୟଜନ; ଚଅଁର; ବାଳବ୍ୟଜନ—
1- Chowrie; a fan consisting of a bunch of tail-hair; a fly-flap or fan made from the bushy tail of the yak.
[ଦ୍ର—ଏହା ଦେବତା ଓ ରାଜାମହାରାଜାଙ୍କ ନିକଟରେ ଚାଳିତ ହୋଇ ବ୍ୟଜନ ରୂପେ ବ୍ୟବହୃତ ହୁଏ ।]
୨ । କେଶଗୁଚ୍ଛ—2- A bunch of hair.

ଚାମରଚିକୁରା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଚାମର+ଚିକୁର+ସ୍ତ୍ରୀ. ଆ)-
Chāmara chikurā ଘନକେଶୀ; ଯେଉଁ ସ୍ତ୍ରୀର ମୁଣ୍ଡର ବାଳ ଚାମର ପରି ଘନ ଓ ଲମ୍ବ—
Thick or dense haired (woman).
ଚାମରଚିକୁରା ମଧ୍ୟେ ଚନ୍ଦ୍ରକାନ୍ତି ପଗ୍ଭରିଲୁ କହି ।
କବିସୂର୍ଯ୍ୟ, କଳୋପରିଚୟ ।

ଚାମର ଢାଳିବା—ଦେ. କ୍ରି. (ସଂ. ଚାମର+ଢୁଲ ଧାତୁ)—
Chāmara ḍhāḻibā ଚଅଁର ପକାଇବା; ଚଅଁର ଚାଳିବା—
चँवर डोलना To fan with a chowrie.

ଚାମର ପକା(କେ)ଇବା—ଦେ. କ୍ରି—ଚାମର ଢାଳିବା (ଦେଖ)
Chāmara pakā(e)ibā Chāmara ḍhāḻibā (See)

ଚାମର ପୁଷ୍ପ—ସଂ. ବି. (ବହୁବ୍ରୀହି; ଚାମର+ପୁଷ୍ପ; ଯେଉଁ ବୃକ୍ଷର ପୁଷ୍ପ-
Chāmara pushpa ଗୁଚ୍ଛମାନ ଚାମର ପରି)—ନଡ଼ିଆ, ଗୁଆ, ଆମ୍ବ, କେତକୀ, କାଶ ଆଦି ବୃକ୍ଷମାନ—
Trees bearing bunches of flowers resembling a chowrie e. g. cocoanut, betelnut, mango,

ଚାମରା—ଦେ. ବି—ଚାମର (ଦେଖ)
Chāmarā Chāmara (See)

ଚାମରୀ—ସଂ. ବି. (ଚାମର+ଅଛି ଯାହାର ଏହି ଅର୍ଥରେ ଇନ୍; ୧ମା. ୧ବ)—
Chāmarī ୧ । ଘୋଡ଼ା—1. The horse.
୨ । ଚମର ମୃଗ—2. Bushy-tailed deer.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭଣ୍ଡାରରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଣ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଚମରୀ ଗୋ—3. The yak.

୪ । (ଚମର+ଅ+ସ୍ତ୍ରୀ. ଈ) ଚାମର; ଚଅଁର—
4. A fan made of a bunch of tail-hair.

ସଂ. ବିଣ. ପୁଂ—୧ । ଚାମରବିଶିଷ୍ଟ; ଚଅଁର ଥିବା (ପଶୁ)—
(ଚାମରିଣୀ—ସ୍ତ୍ରୀ) 1. Bushy-haired (beast).

୨ । ଚଅଁର ଧରିଥିବା (ବ୍ୟକ୍ତି)—2. (a person)
Holding a chowrie or tail-fan.

ଚାମୀକର—ସଂ. ବି. (ଚମୀକର=ଖଣି+ଭବାର୍ଥେ. ଅ)—ସୁନା—
Chāmikara Gold.

ସଂ. ବିଣ—ସ୍ୱର୍ଣ୍ଣମୟ—Golden; made of gold.

ଚାମୀକରଗୌର—ସଂ. ବିଣ. ପୁଂ. (ଉପମିତ କର୍ମଧାରୟ; ଚାମୀକର
Chāmikara gaura ପରି ଗୌର)—ଯାହାର ଦେହର ବର୍ଣ୍ଣ
(ଚାମୀକର ଗୌରୀ—ସ୍ତ୍ରୀ) ସୁନାପରି—Fair-skinned;
(yellowish) gold-complexioned.

ଚାମୁଣ୍ଡା—ସଂ. ବି. ସ୍ତ୍ରୀ. (ଚଣ୍ଡ+ମୁଣ୍ଡ; କପାଟନ=ଚାମୁଣ୍ଡ+ସ୍ତ୍ରୀ.ଆ)—
Chāmuṇḍā ଚଣ୍ଡମୁଣ୍ଡବିନାଶକାରିଣୀ ଦୁର୍ଗା—
An incarnation of Goddess Durgā.

[ଦ୍ର—ଚଣ୍ଡ ଓ ମୁଣ୍ଡ ନାମକ ଦୁଇଟି ଅସୁରଙ୍କୁ ବିନାଶ କରି ଥିବାରୁ ଦୁର୍ଗାଙ୍କର ଏହି ନାମ ହୋଇଅଛି—ଚଣ୍ଡୀ. ୭ମ ଅ. ।]

ଚାମେଲି—ଦେ. ବି. (ସଂ. ଚମ୍ପକବେଲୀ—ହି. ଶବ୍ଦସାଗର; ସଂ. ଚମ୍ପ-
Chāmeli କେଲି, ଚମ୍ପେଲୀ—ଯୋଗେଶଚନ୍ଦ୍ର; ବୈଦ୍ୟକ
चामेली ନିର୍ଘଣ୍ଟରେ ଚମ୍ପେଲୀ ଶବ୍ଦର ଉଲ୍ଲେଖ ଅଛି; ପ୍ରକୃତ
चंबेली, चमेली ସଂ. ନାମ ଜାତି)—ଜାଈ ଫୁଲ—
ସଂ. ନାମ—ଜାତି, ଚମ୍ପକେଳି, Catalian or Spanish
ଚମ୍ପକବେଲୀ, ଚମ୍ପେଲୀ Jasmine; Jasminum Grandiflorium.

[ଦ୍ର— ଏହା ମଲ୍ଲିକାଦି ବର୍ଗର ପୁଷ୍ପକ୍ଷୁପ; ପୁଷ୍ପଭେଦରେ ଏହା ୨ ପ୍ରକାର, ଯଥା—ଧଳା ଓ ହଳଦିଆ । ଏ ଫୁଲର ମହକ ଅତି ମୃଦୁ ଓ ମଧୁର । ରାଶିତେଲକୁ ଏ ଫୁଲର ପାଖୁଡ଼ା ଦ୍ୱାରା ସୁଗନ୍ଧିତ କରି ସୁବାସିତ ତେଲ ପ୍ରସ୍ତୁତ କରାଯାଏ । ଏ ଗଛର ପତ୍ର ପତ୍ରାକାର । ଗ୍ରୀଷ୍ମ ଓ ବର୍ଷା ଦିନେ ଏଥିର ଫୁଲ ଫୁଟେ; ପଥୁରିଆ ମାଟିରେ ଏ ଗଛ ଉଧାଏ; ଏ ଗଛ ଜଙ୍ଗଲରେ ସ୍ଥାନେ ସ୍ଥାନେ ମନକୁ ଉଠେ ।]

ଚାମ୍ପ—ଦେ. ବି. (ସଂ. ଚାମର)—ନଡ଼ିଆ ଓ ଗୁଆ ଗଛର ଚଅଁରର ରଙ୍କ-
Chāmpa ସଦୃଶ ବୃନ୍ତ (ଯହିଁରେ ଫଳ ଓହୋଳି ଥାଏ)—
The stem from which the cocoanut and areca-nut fruits hang down from the bunch.

ଲମ୍ବାଳି ଚାମ୍ପ ରଙ୍କୁରେ ବାନ୍ଧି ନାରିକେଳ
ବୃକ୍ଷରେ ବୃଦ୍ଧିବ କିଏ ? ତାଙ୍କ ବୃଦ୍ଧି ଖେଳ । ବୃ. ସୁ. (ନକେ)

ଚାମ୍ପିବା—ପ୍ରାଦେ. (ଯାଜପୁର) କ୍ରି—(ନଡ଼ିଆଗଛ) ନୂଆ ଚଅଁର ବାହାରିବା
Chāmpibā (a cocoanut tree) To bring forth a new bunch of flowers.

ଚାମ୍ପେୟ—ସ. ବି. (ଚମ୍ପା=ଦେଶବିଶେଷ+ଭବାର୍ଥେ. ଏୟ)—
Chāmpeya ୧ । ଚମ୍ପାଫୁଲ—
1. The Champaka flower.

୨ । ନାଗେଶ୍ୱର ଫୁଲ—
2. The Nāgeśwara flower.

୩ । ସ୍ୱର୍ଣ୍ଣ—3. Gold.

୪ । କିଞ୍ଜଲ୍କ; କେଶର—
4 Pollen or slender filaments of flowers.

ଚାୟାଁ—ଦେ. ବି—ପଖୋଜର ଡାହାଣ ମୁଣ୍ଡରେ ଥିବା ଚମଡ଼ା ଏବଂ ତହିଁ
Chāyāñ ପାଖରୁ ଜାତ ହେବା ଧ୍ୱନି—The right-hand-side of a two-sided drum and the sound produced by striking it.

[ଦ୍ର—ପଖୋଜର ବାମପାଖ ଚମଡ଼ା ଓ ତନ୍ନିର୍ଗତ ଧ୍ୱନିକୁ ଧେୟାଁ କହନ୍ତି ।]

ଚାର୍ ଡବଲ୍—ଦେ. ବିଣ. (ସଂ. ଚତୁର୍ ଓ ଇଂ. ଡବ୍‌ଲ୍)—ଚାରିଗୁଣ;
Chār ḍabal ଚାରିଡବଲ୍—Four times as much.

ଚାର୍‌ସମା—ବୈଦେ. ବି. (ଆ. ଚାହାର୍ ସମ୍ବାହ୍=ଚତୁର୍ଥ ଦିବସ)—
Chārsamā ବୁଧବାର—Wednesday.
चारशम्बा [ଦ୍ର—ମୁସଲ୍‌ମାନ୍‌ମାନେ ଶନିବାରଠାରୁ ସପ୍ତାହ
चाहारसम्बाह ଗଣନ୍ତି । ଶୁକ୍ରବାର ସପ୍ତାହର ଶେଷ ପର୍ବଦିବସ
(ଚାରସମ୍ବା—ଅନ୍ୟରୂପ) ଅଟେ ।]

ଚାର—ସଂ. ବି. (ଚର୍ ଧାତୁ=ଗମନ କରିବା+ଭାବ. ଅ)—
Chāra ୧ । ଗତି; ସଞ୍ଚାର—1. Motion; course

୨ । ବନ୍ଧନ—2. Binding.

୩ । (+ଅଧି; ଅ) କାରାଗାର—3. Prison.

୪ । (+କର୍ମ ଅ) ଶୃଙ୍ଖଳ—
4. Chain; fetters; bond.

୫ । (+କର୍ତ୍ତୃ. ଅ) କୃତ୍ରିମ ବିଷ—
5. Prepared poison; artificial poison.

୬ । ସମ୍ବାଦବାହକ—6. Messenger.

ବିନରପତିର ଚାର ହେବେ ଏ କପାଇଁ—ଉତ୍ତ. ବୈଦେହୀଶବିଳାସ ।

୭ । (ଚର+ସ୍ୱାର୍ଥେ ଅ) ଗୁପ୍ତଚର—
7. A spy; a secret emissary.

୮ । ଚାରକୋଳି (ଦେଖ)—
8. Chārakoḻi (See)

ଦାରକ୍ଷ କେତେ ତାଳ ଖଜୁରି, ଇଙ୍ଗିତ ଚାର ଗଇର ସୁଜାଣି—
ପ୍ରାଚୀ ପ୍ରତାପ. ଶଶିସେଣା ।

ଦେ. ବି (ସଂ. ଚର ଧାତୁ)—୧ । ଉଚ୍ଚ କୋଠାଆଦିରେ କାମ କରିବା ରାଜମିସ୍ତ୍ରୀମାନଙ୍କ ସୁବିଧା ନିମନ୍ତେ ବନ୍ଧା ହୋଇଥିବା ମଞ୍ଚା ବା ଭାଡ଼ି; ଭାରା—
1. Scaffolding raised for masons and labourers working in high buildings.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଛ
୨	ଈ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍ତ

୨ । ଦେଉଳ ବା କୋଠାର ଛାତ ଓ ଉଚ୍ଚ ଉଚ୍ଚସ୍ଥାନକୁ କାଠ ପଥର ଇତ୍ୟାଦି ଉଠାଇବା ପାଇଁ ପ୍ରସ୍ତୁତ ସାହାଡ଼ା ସିଡ଼ି—2. Temporary inclined plane for lifting building materials to the roof of a high building during its construction.

୩ । ଉଚ୍ଚଭୂମି ଉପରଦେଇ ଦୂରସ୍ଥ ଜମିକୁ ଜଳ ଯିବା ସକାଶେ କରାଯାଇଥିବା ପାଣିନାଳ ବା ବାଟ—3. Water-channel constructed on a high ground to convey water for irrigation to distant fields.

୪ । ଜୋଡ଼ ବା ନାଳ ପାର ହେବାପାଇଁ ଏକ ପାଖରୁ ଅନ୍ୟ ପାଖକୁ ପଡ଼ିଥିବା କାଠ ବା ବାଉଁଶ ଏବଂ ତା ଉପରେ ଗଲାବେଳେ ହାତଭରା ଦେବାପାଇଁ ଅଡ଼ବାଗରେ ବନ୍ଧା ହୋଇଥିବା ବାଡ଼ା—4. A temporary contrivance consisting of long bamboos or planks laid across a deep channel and a side-railing.

୫ । ମାଛଙ୍କ ପାଇଁ ଜଳରେ ପକାଯିବା ଖାଦ୍ୟ; ଚାର—5. Bait strewn in water to attract fishes (for angling).

ପ୍ରାଦେ. (ଉତ୍ତରଖଣ୍ଡ; ଭୁଲ ହି. ଚାର୍=ଚାର) ବି—ଚାର; '୪'—The number 4.

ଚାରକ—ସଂ. ବି. ପୁଂ (ଚର ଧାତୁ ଣିଚ୍=ଚାର ଧାତୁ=ଚରାଇବା+କର୍ତ୍ତୃ. ଅକ; ଯେ ଚରାଏ)—୧ । ଗୋରୁଚରଗୁଆଳ; ଗୋପାଳକ—1. A keeper or tender of cattle; a cowherd or shephered.
Chāraka

(ଯଥା—ଗୋଚାରକ; ପଶୁଚାରକ ।)

୨ । (ଚାର+ସ୍ୱାର୍ଥେ. କ) ପିଆଳଗଛ (ଦେଖ)—2 Piyāla tree (See)

୩ । ବନ୍ଧ—3. Embankment, dam.

୪ । ଗତି—4. Motion

୫ । କାରାଗାର—5. Jail; prison.

ଚାର କୋଳି—ଦେ. ବି (ସଂ. ଚାର ଓ କୋଳି) ପିଆଳ—(ଦେଖ)—Piyāla (See)
Chāra koḷi

ଚାରଚକ୍ଷୁଃ—ସଂ. ବି (ବହୁବ୍ରୀହି; ଚାର=ଗୁପ୍ତଚର+ଚକ୍ଷୁଃ)—ରାଜା—A king (whose spies are his eyes, i, e, who sees every thing through his spies.)
Chārachakshuh

ଚାରଜ (ଇତ୍ୟାଦି)—ବୈଦେ. କ୍ରି. ବି—(ଇଂ. ଚାର୍ଜ୍)—ଚାର୍ଜ୍ ଇତ୍ୟାଦି (ଦେଖ)—Chārj etc (See)
Chāraj (etc)
चारज
चारज

ଚାରଣ—ସଂ. ବି (ଚର୍ ଧାତୁ. ଣିଚ୍=ଚାର ଧାତୁ+କର୍ତ୍ତୃ. ଅନ)—୧ । ଭାଟ; ସ୍ତୁତିପାଠକ—1. A herald; a bard.
Chāraṇa

୨ । ନଟ—2. A dancer; actor.

୩ । ଦେବଯୋନିବିଶେଷ; ଦେବଗାୟକ—3. A class of aereal beings or divine singers.

ସିଦ୍ଧ ଚାରଣେ ତାହାଁ ଯୁଦ୍ଧ ଦେଖୁଥିଲେ,
ଅଦ୍ଭୁତ ଅଦ୍ଭୁତ ଶ୍ରମ ବୋଲି ପ୍ରଶଂସିଲେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୪ । ଧର୍ମଶାସ୍ତ୍ରପାଠକ—4. A reader or reciter (of religious works).

୪ । ରାଜପୁତମାନଙ୍କ ଶ୍ରେଣୀବିଶେଷ—4. A class of Rajputs who used to incite warriors to action in the battle-field by reciting stories of illustrious warriors.

[ଦ୍ର—ଏମାନେ ଯୁଦ୍ଧଭୂମିରେ ବୀରମାନଙ୍କ କାହାଣୀ ଗାଇ ଯୋଦ୍ଧାମାନଙ୍କୁ ଉତ୍ତେଜିତ କରୁଥିଲେ ।]

୫ । (+ଭାବ. ଅନ) ଗୋରୁ ଆଦିଙ୍କୁ ଚରାଇବା—5. Tending cattle.

୬ । ଗୋଚର ଭୂମି—6. Pasture; grazing ground.

୭ । କାରାଗାର (ପ୍ରକୃତିବାଦ)—7. Prison.

ଚାରଣା—ଗ୍ରା. ବି—ଚାରି ଅଣା—Four annas.
Chāraṇā
चारआना
चारआना

ଚାରଣି—ଦେ. ବି—ସିକି; ଚାରି ଅଣା ମୂଲ୍ୟର ମୁଦ୍ରା; ସୁକି—Four anna-piece.
Chāraṇi
चारानि
चवन्नी

ଚାରଣିଆ—ଦେ. ବଣ—ଯହିଁର ପ୍ରତ୍ୟେକର ମୂଲ୍ୟ ଚାରି ଅଣା—Worth four annas each.
Chāraṇiā
चारानिआ
चोअन्नी

ଚାରଦୃଷ୍ଟି—ସଂ, ବି—(ରୂପକ କର୍ମଧା; ଚାର+ଦୃଷ୍ଟି)—ଚାର ବା ଦୂତଙ୍କ ଦ୍ୱାରା ଦେଶବିଦେଶର ସମ୍ବାଦ ଜାଣିବା—Getting information of the kingdom and of the outside world through messengers and spies.
Chāradṛushṭi

[ଦ୍ର—ରାଜାମାନେ ଚାର ପଠାଇ ଦେଶ ବିଦେଶର ସମ୍ବାଦ ସଂଗ୍ରହ କରନ୍ତି; ଏ ବିଧାନ ପ୍ରାଚୀନକାଳରୁ ଚଳି ଆସୁଅଛି ।]

ଚାରପାଇ—ଦେ. ବି—ଚାରପାହିଆ (ଦେଖ)—Chāripāhiā (See).
Chārapāi

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧୋ' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚାରମାଚାଣ୍ଡୁ—ପ୍ରାଦେ (ଗଞ୍ଜାମ) ବି—ବାଟୁଖେଳ ବା ଗୁଲିଖେଳରେ
Chāramāchāṇḍu ଖାତରେ ପକାଇ ଖେଳିବା ବାଟୁର ଚତୁର୍ଥ ଆଘାତ—The 4th stroke in a game of marble.

ଚାରମାର—ଗ୍ରା. ବି— ଚାର (୧ ଓ ୨) (ଦେଖ)
Chāramāra Chāra (1 and 2) (See).
(ଚାରମାଳ—ଅନ୍ୟରୂପ)

ଚାରା—ବୈଦେ. ବି (ଫା. ଚାର୍‌ହା=ଔଷଧ, ଉପାୟ, ସହାୟ)—
Chārā ୧ । ଶକ୍ତି; କ୍ଷମତା—1. Power.
चारा ଏଥିରେ ତାର ଚାରା ନାହିଁ—ରାଧାନାଥ. ଚନ୍ଦ୍ରଭାଗା ।
चारा ୨ । ଉପାୟ—2. Means; expedient; alternative; help; resource; resort.
ଅପ୍ରକଟ ହୋଇ ରହିବାପାଇଁ କାହିଁ ତା ଚାରା—ରାଧାନାଥ. ଚନ୍ଦ୍ରଭାଗା ।
୩ । ପ୍ରତିବିଧାନ—3. Remedy; redress.
୪ । ସାହାଯ୍ୟ—4. Help.
[ଦ୍ର—ଏହି ଫାର୍ସୀ ଶବ୍ଦରୁ 'ଚାରେଗର', 'ନାଚାର' ପ୍ରଭୃତି ଓଡ଼ିଆ ଶବ୍ଦର ଉତ୍ପତ୍ତି ହୋଇଅଛି ।]
ଦେ. ବି (ସଂ. ଚର୍ ଧାତୁ)—୧ । ଖାଦ୍ୟସାମଗ୍ରୀ; ଖାଦ୍ୟସମ୍ଭାର—1. Provisions; victuals.
୨ । ବନ୍ଦିସିର ଥୋପ—2. Bait for fishes.
୩ । ଚରେଇ; ବନିସି ପଡ଼ିବା ସ୍ଥାନକୁ ମାଛଙ୍କୁ ଲୋଭନୀୟ ଗନ୍ଧ ଦ୍ୱାରା ପ୍ରଲୋଭିତ କରି ଅଣାଇବା ନିମନ୍ତେ ପାଣିରେ ପକାଯିବା ମଇଦା ବା ମସଲାର ଗୁଳା—3. Small balls prepared of various powders strewn on water to attract fishes to a place where an angler wishes to angle.
[ଦ୍ର—ଭଜା ମେଥି, ମଥା ଘଷା ଆଦି ଚୂର୍ଣ୍ଣ କରି ସାନ ସାନ ଗୋଟାଳି ବାନ୍ଧି ବା ଅଠାର ଗୋଟିକା ପ୍ରସ୍ତୁତ କରି ପାଣିରେ ପକାଇଲେ ମାଛମାନେ ଲୋଭରେ ପଡ଼ି ତାହା ପଡ଼ିଥିବା ସ୍ଥାନକୁ ଆସନ୍ତି ।]
चारा ୪ । ମଞ୍ଜିରୁ ବାହାରିବା ଛୋଟ ଗଜା; ତଳି—4. Seedlings
अङ्कुर ପୋତିଲି ଅଁଟୁ ଚାରା ବଢ଼ି ହୋଇଗଲା ଖର—ଉପେନ୍ଦ୍ର, ଲାବଣ୍ୟବତୀ ।
चारागाछ ୫ । ଛୋଟ ଗଛ—5. Plant; young tree.
पाधा

ଚାରା ଗଛ—ଦେ. ବି—୧ । ଛୋଟ ଗଛ—
Chārā gachha 1. A young tree.
चारागछ ୨ । ଯେଉଁ ଗଛ ବେଶି ଢେଙ୍ଗା ହୁଏ ନାହିଁ—
पौधा 2. Plant.

ଚାରାମାଛ—ଦେ. ବି—ଶିଶୁ ମତ୍ସ୍ୟ; ମାଛ ଛୁଆଁଳ—
Chārā māchha Fry of fishes.

ଚାରି—ଦେ. ବି. (ସଂ. ଚତୁର୍)—
Chāri ଚତୁଃ ସଂଖ୍ୟା—The number 4.
चार, चारि ଦେ. ବିଣ—୪ ସଂଖ୍ୟକ—Numbering 4
चार, चारौं

ଚାରିଅଖି—ଦେ. ବି. (ସଂ. ଚତୁରକ୍ଷ)—୧ । ଦୁଇ ଜଣଙ୍କର ପରସ୍ପର
Chāriākhi ସାକ୍ଷାତ୍କାର ବା ଭେଟାଭେଟି—
चारचोख 1. A face-to-face meeting; meeting of
आँखेचार two persons (i. e. 4 eyes).
ଅଗତ ହୋଇ ଚାରିଅଖି, ଦେଖିବୁ କି କରିଣ ସଖୀ—ଭୂପତି. ପ୍ରେମପଞ୍ଚାମୃତ ।
୨ । ବ୍ରହ୍ମା—2. God Brahmā.
୩ । ଆଗପଛ ଦୃଷ୍ଟି; ଦୂରଦୃଷ୍ଟି; ଅତିଶୟ ସାବଧାନତା—3. Insight (looking in front and behind); utmost carefulness.
ଦେ. ବିଣ—ଚାରିଅଖିଆ (ଦେଖ)
Chāriākhiā (See)

ଚାରିଅଖିଆ—ଦେ. ବିଣ—୧ । ଚାରି ଗୋଟି ଆଖି ବିଶିଷ୍ଟ—
Chāriākhiā 1. Four-eyed; having 4 eyes.
चारचोख् ୨ । ଦୂରଦର୍ଶୀ—2. Very careful and considerate; having a deep insight into things.
आँखेचार
୩ । ପରସ୍ପରକୁ ଭେଟିଥିବା (ଦୁଇ ଜଣ)—3. (two persons) Having met face to face.
ଦେ. ବି—୧ । ଚାରିଅଖିଆ ମାଛ (ଦେଖ)
1. Chāriākhiā māchha (See)
୨ । ବ୍ରହ୍ମା—2. God Brahmā.
୩ । ପିଲ୍ଲାମାନଙ୍କ ମଧ୍ୟରେ ଏକପ୍ରକାର ଖେଳ—
3. A kind of game amongst boys.
[ଦ୍ର—ଏ ଖେଳରେ ଗୋଟିଏ ପିଲା ଏକସ୍ଥାନରେ ବସେ, ତା ଅଙ୍ଗାତରେ ଚାରିଆଡ଼େ ଅନ୍ୟ ପିଲାମାନେ ଘେରି ତା ଚୁଟି ଟାଣନ୍ତି ଓ ତା ମୁଣ୍ଡରେ ଥୋପି ଦେଇ ତାକୁ ବ୍ୟତିବ୍ୟସ୍ତ କରନ୍ତି ।]

ଚାରିଅଖିଆ ମାଛ—ଦେ. ବି—ମତ୍ସ୍ୟ ବିଶେଷ; ମକରାଢ଼ିଜାତୀୟ ମାଛ—
Chāriākhiā māchha A kind of fish having
চোখপনীমাছ্, চক্ষুদানী মাছ্ 2 projecting eyes (mistaken for 2 additional eyes) Aspidoparia marar.
[ଦ୍ର—ଏହା ୧୪ ବା ୨ ଇଞ୍ଚ ଲମ୍ବା; ମୁଣ୍ଡର ମଝି ଆଖିପରି ଜଳଜଳ ଦିଶୁଥାଏ ।]

ଚାରିଅଖି ମିଳା(ଳେ)ଇବା—ଦେ. କ୍ରି—ଚତୁରକ୍ଷ ହେବା; (ଦୁଇ ଜଣ)
Chāriākhi miḷā(e)ibā ପରସ୍ପରକୁ ମୁହାଁମୁହିଁ ଭେଟିବା—
চারচোখ মেলান (2 persons) To meet face to face.
दुचार होना, आँखेचार होना

ଚାରିଅଖି ମିଶା(ଶେ)ଇବା—ଦେ. କ୍ରି—ଚାରିଅଖି ମିଳାଇବା (ଦେଖ)
Chāriākhi miśā(e)ibā Chāriākhi miḷāibā (See)
চারচোখমেশান

'	ଇ	ଉ	ରୃ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଷ	ଙ୍କ	ଇସ୍ତ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ୱ	ନ୍

ଚାରିଆଡ଼—ଦେ. ବି—୧ । ଚତୁର୍ଦ୍ଦିଗ; ସବୁଦିଗ—
চারধার, চারদিগ 1. Every side; all sides; all quarters.
चारओर; चार तरफ ଚାରିଆଡ଼ରେ ବୁଲି ଆହାର ତା ପାଇଁ ।
ଅଣଲ୍ଲ ପକ୍ଷୀମାନେ ଅତି ଚୋଷ କରୁ—କୃଷ୍ଣସିଂହ.ମହାଭାରତ.ସଭା ।

୨ । ସବୁ ବିଷୟ—2. All matters; everything.

ଚାରି ଉତ୍ତର ଶହେ—ଦେ.ବି. (ସଂ. ଚତୁରଧିକଶତ)—ଏକଶତ ଚାରି—
Chāri uttara śahe One hundred four.

ଚାରିକଣ୍ଟା—ଦେ. ବିଣ—ଓଜନରେ ଠିକ୍ (କମ୍ ବା ବେଶୀ ନୁହେଁ)—
Chārikanṭā Accurately weighed (not more
চারকাঁটা nor less) in the scale.
(ଯଥା—ଏ ସବୁ ଜିନିଷ ଚାରିକଣ୍ଟା ଓଜନ ହୋଇଅଛି ।)

ଚାରିକାତ—ଦେ. ବି (ଚାରିଗୋଟା କାତପରି ଶରୀରରୁ ଲମ୍ବିଥିବାରୁ)—
Chārikāta ୨ ହାତ ଓ ୨ ଗୋଡ଼; ହାତଗୋଡ଼—
The extended arms and legs.
(ଯଥା—ସେ ଚାରିକାତ ଲମ୍ବେଇ ଶୋଇଛି ।)
ଦେ. ବିଣ—ଦୁଇ ହାତ ଦୁଇ ଗୋଡ଼ ଲମ୍ବାଇଥିବା ବା ବିସ୍ତାର କରିଥିବା (ବ୍ୟକ୍ତି)—(a person) With the arms and legs extended on the ground.

ଚାରିକାନ—ଦେ. ବିଣ—୧ । ଦୁଇ ଜଣ ବ୍ୟକ୍ତି ଶୁଣିଥିବା (ବିଷୟ)—
Chārikāna 1. Heard by 4 ears (i.e. only by
চারকান 2 persons).
୨ । ପ୍ରକଟ ହୋଇଥିବା (ଗୁପ୍ତ କଥା)—
2. Divulged (secret).
(ଯଥା—କଥାଟା ଚାରିକାନ ହୋଇଥିଲା ।)

ଚାରିକୋଣ—ଦେ. ବି (ସଂ. ଚତୁଷ୍କୋଣ)—(କ୍ଷେତ୍ର ବା ଘରର) ୪ ଗୋଟି
Chārikoṇa କୋଣ—The four corners (of a house
চারকোনা or field.)
चारकोन

ଚାରିକୋଣିଆଁ—ଦେ. ବିଣ (ସଂ. ଚତୁଷ୍କୋଣ) ଚାରିକୋଣ ବିଶିଷ୍ଟ—
Chārikoṇiān̐ Quadrangular; square.
চারকোণা
चौकोना

ଚାରିଖାନା—ଦେ. ବି—ଦେହସାରା ଛକି ପଡ଼ି ବୁଣା ହୋଇଥିବା ବସ୍ତ୍ର;
Chārikhānā ଚେକ୍‌ଲୁଗା—Checkered cloth; check.
চারখানা
चारखाना

ଚାରିଖାଣି—ଦେ. ବି. (ସଂ. ଚତୁସ୍+ଖଣ୍ଡ)—୧ । ଚତୁର୍ବିଧ ସୃଷ୍ଟ ଜୀବ
Chārikhāni (ଯଥା—ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ)—
চারখানি 1. The created beings consisting of 4
चौखानि classes e. g. born of womb (man, beast), born of eggs (reptiles and birds), born of sweat (insects and maggots) and born of the earth (trees etc.)
ଏହାରୁ ଜାତ ହୋଇ କହୁ; ଭୂତରେ ଚାରିଖାଣି ଏହୁ ।
ଦୀନକୃଷ୍ଣ. ନିର୍ଗୁଣମାହାତ୍ମ୍ୟ ।

୨ । (ସଂ. ଚତୁଷ୍କୋଣ) ଚାରିଦିଗ; ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ—2. The four quarters of the globe.
ଖେଳିବା ଅର୍ଥେ ଧନମନ୍ଦ,
କଲ୍ପି ରଖିଲା ଚାରିଖାଣି । ଦୀନକୃଷ୍ଣ. ନିର୍ଗୁଣମାହାତ୍ମ୍ୟ ।

୩ । (ସଂ. ଚତୁସ୍+ସ୍ଥାନ) ଭାରତର ୪ ଦିଗରେ ଥିବା ଚାରି ଗୋଟି ପ୍ରସିଦ୍ଧ ତୀର୍ଥ—3. The 4 sacred places of the Hindus in the 4 quarters of India.

[ଦ୍ର—ପୂର୍ବରେ ପୁରୀ, ପଶ୍ଚିମରେ ଦ୍ୱାରକା, ଉତ୍ତରରେ ବଦ୍ରିନାଥ ଏବଂ ଦକ୍ଷିଣରେ ରାମେଶ୍ୱର ଭାରତର ପ୍ରଧାନ ଚାରି ତୀର୍ଥ ।]

୪ । ଚାରିଭାଷା (ଓଡ଼ିଆ, ବଙ୍ଗଳା, ପାରସୀ ଓ ନାଗରୀ)—
5. Four languages.
(ଯଥା—ସେ ଚାରିଖାଣି ପଢ଼ିଛି ।)
ଦେ. ବିଣ—ଚତୁର୍ବିଧ—Of 4 kinds; consisting of 4 elements.

ଚାରି ଖୁଣି ମାଫ୍—ଦେ. ବି. (ସଂ. ଚତୁର୍+ପା. ଖୁନ୍=ହତ୍ୟା+
Chāri khuṇi māph ପା. ମୁଆଫ୍=କ୍ଷମା, ଦୋଷ ମାଜନା)—
চারখুন মাফ ୧ । ମୁସଲମାନ୍ ରାଜତ୍ୱରେ ସମ୍ରାଟଙ୍କର
चारखून मुआफ ବିଶେଷ ଅନୁଗୃହୀତ ବ୍ୟକ୍ତିଙ୍କୁ ସମ୍ମାନ ରୂପେ ଦିଆଯାଉଥିବା ବିଶିଷ୍ଟ ଅଧିକାର (ଏପରି କି, ସେ ୪ଟି ପର୍ଯ୍ୟନ୍ତ ନରହତ୍ୟା କଲେ ମଧ୍ୟ ତାଙ୍କୁ ରାଜଦଣ୍ଡ ଦିଆଯାଉ ନ ଥିଲା)—1. A privilage granted to a favourite of the Mahomedan emperors in ancient India (viz. he would not be punished for committing murder to the maximum of four.
୨ । (ଲକ୍ଷଣାର୍ଥ) କୌଣସି କ୍ଷମତାପନ୍ନ ବ୍ୟକ୍ତି ତାଙ୍କର ଅନୁଗ୍ରହପାତ୍ରକୁ ଦେବା ବିଶିଷ୍ଟ ଅଧିକାର—2. Any special privilage granted to the favourite of a powerful person.

ଚାରିଖୁଣ୍ଟ—ଦେ. ବି—୧ । ପୃଥିବୀର ୪ ଦିଗ (ଉତ୍ତର, ପଶ୍ଚିମ, ଦକ୍ଷିଣ
Chārikhunṭa ଓ ପୂର୍ବ)—1. The four quarters of
চারখুঁট the globe.
चौखुंट

ଚାରିଗଣ୍ଡା—ପ୍ରାଦେ. (ଗଞ୍ଜାମ) ବି—ଏକପ୍ରକାର କଉଡ଼ି ଖେଳ; ଷୋହଳ
Chāriganḍā କଉଡ଼ି ଖେଳ—A kind of in-door game
চারগণ্ডা played with 16 cowries.

ସାଧାରଣ ଲେଖକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ଓ ଦନ୍ତ୍ୟ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ'ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ'ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

[ଦ୍ର — ଏ ଖେଳରେ ୧୬ଟି କଉଡ଼ି ଲୋଡ଼ା ହୁଏ ।]

ଦେ. ବି ଓ ବିଣ (ସଂଖ୍ୟାବାଚକ)—ଷୋଳ ସଂଖ୍ୟା—Sixteen.

ଚାରିଗୁଣ—ଦେ. ବ (ସଂ. ଚତୁର୍ଗୁଣ) – ଚତୁର୍ଗୁଣ; ଚାରିଡ଼ବଳ —
Chāriguṅa — Four times.
চারগুণ — ଦେ. ବିଣ—୧ । ଚତୁର୍ଗୁଣିତ—1. Fourfold;
चारगुन; चौगुणा — multiplied by four.
୨ । ଅତ୍ୟଧିକ—2. Excessive.
ଦେ. କ୍ରି. ବିଣ—୧ । ଚତୁର୍ଗୁଣରେ—1. Four times.
୨ । ଅତ୍ୟଧିକ ପରିମାଣରେ —2. Excessively.

ଚାରିଗୁଣା— ଦେ. ବିଣ (ସଂ. ଚତୁର୍ଗୁଣ)—ଚତୁର୍ଗୁଣ—
Chāriguṇā — Four times as much of; fourfold.
চারগুণা
चौगुणा

ଚାରିଗୋଡ଼ିଆ—ଦେ. ବିଣ—୧ । ଚତୁଷ୍ପଦ—
Chāri gorḍiā — 1. Having four legs.
চারপায়া — ୨ । ଦୁଇ ହାତ ଓ ଦୁଇ ଅଣ୍ଠୁ ଭୂମିରେ
चौगोड़या,चोपाया — ଲଗାଇ ଗୁରୁଣ୍ଡିବା (ବ୍ୟକ୍ତି)—
2. (a persos) Crawling with the 2 hands and 2 knees.
ଦେ. ବି—୧ । ଚତୁଷ୍ପଦ ଜନ୍ତୁ—1. Quadruped.
୨ । ପୂର୍ବେ ଚାଟଶାଳିରେ ଛାତ୍ରମାନଙ୍କୁ ଦୁଇ ହାତ ଓ ଦୁଇ ଅଣ୍ଠୁ ଭୂମିରେ ଲଗାଇ କେତେ ସମୟ ଅବସ୍ଥାନ କରିବାକୁ ଦିଆ ଯାଉଥିବା ଦଣ୍ଡ —2 A punishment formerly given in village-schools consisting of an offender remaining in a crawling posture for a long time.
୩ । ଘୋଡ଼ା, ଗୋରୁ ଆଦି ଚାରି ଠାପୁ ଉଠାଇ ଦଉଡ଼ିବା—
3. (beasts) Running on all fours.

ଚାରିଘଣ୍ଟିଆ—ଦେ. ବିଣ—ଦୁଇ ଓଳି କାମ ନ କରି ମୂଲିଆମାନଙ୍କର
Chāri ghaṇṭiā — ବେଳ ୯ଟା ବା ୧୦ଟା ଠାରୁ ୪ଟା ପର୍ଯ୍ୟନ୍ତ କାମ କରିବା (ରୀତି)—(the system) Of working for wages from 10 A. M. till 4 P. M instead of working morning and evening.

ଚାରିଙ୍କି ଚାରିହେଁ—ଦେ. ସର୍ବ— ଚାରିଜଣଯାକ ସମସ୍ତେ—
Chāriṅki chārihen̐ — All the four persons.
চারকেচার — (ଯଥା—ସାଆନ୍ତ ସାଆନ୍ତାଣୀ, ଚାକର ଚାକରାଣୀ, ଚାରିଙ୍କି
चारकोचार — ଚାରିହେଁ ସରକରଣୀ ବିଷୟରେ ଚାରିଚଉକସ ।)

ଚାରିଚଉକ—ଦେ. ବିଣ, (ସଂ. ଚତୁଃ + ଚତୁଷ୍କ)—ସମଚତୁଷ୍କୋଣ —
Chārichauka — Square.
चारकाने — ଦେ. ବି—ପଶା ଓ କଉଡ଼ିରେ ପକାଯିବା ୪ ସଂଖ୍ୟକ ଦାନ—A turn of the dice or cowries resulting in the turning np of the number 4.

ଚାରିଚଉକସ – ଦେ. ବିଣ—୧ । ସମ୍ପୂର୍ଣ୍ଣରୂପେ ସଜ୍ଜିତ—
Chārichaukasa — 1 Fully equipped or dressed.
চৌকস — ୨ । ଖୁବ୍ ସାବଧାନ (ବ୍ୟକ୍ତି)—
चौकस — 2. Very cautious (person).
୩ । ଖୁବ୍ ଦୃଢ଼ ରୂପେ ଭିଡ଼ା ହୋଇ ବନ୍ଧା ହୋଇଥିବା—
3. Very tightly tied or bound.
୪ । ଖୁବ୍ ବଳିଷ୍ଠ (ବ୍ୟକ୍ତି)—
4. Very strong (person).
୫ । ଧୁରନ୍ଧର; ପାରଙ୍ଗମ;—5 Able; capable.
୬ । ବହୁ ବିଦ୍ୟାରେ ପାରଙ୍ଗମ—
6. Versed in many arts.
୭ । ପରସ୍ପର ସଙ୍ଗେ ସମ୍ପୂର୍ଣ୍ଣ ରୂପେ ମେଳ ଖାଉଥିବା (ବସ୍ତୁଦ୍ୱୟ)— 7. (two things) Completely tallying or coinciding with each other.
୮ । ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ—
8. Fully ready or prepared.

ଚାରିଚଉକା—ଦେ: ବି—ଏକପ୍ରକାର କଉଡ଼ି ଖେଳ—A kind of
Chārichaukā — game played with 4 cowries.
[ଦ୍ର—୪ଟି କଉଡ଼ିରେ ଏ ଖେଳ ଖେଳାଯାଏ ।]

ଚାରିଚଉରସ—ଦେ. ବିଣ. (ସଂ. ଚତୁର୍ ଓ ଚତୁରସ୍ର)—
Chārichaurasa — ୧ । ଯେଉଁ କ୍ଷେତ୍ରର ଚାରିଆଡ଼ ସମତଳ;
চারচউরস — ସମତଳ—1. (a plot) Which is level on
चौरस — all sides.
୨ । ବର୍ଗ (କ୍ଷେତ୍ର)—2. Square.

ଚାରିଚକ୍ଷୁ (ଇତ୍ୟାଦି)— ଦେ. ବି. ଓ ବିଣ—ଚାରିଆଖି ଇତ୍ୟାଦି (ଦେଖ)
Chārichakshu (etc) — Chāriākhi etc (See)

ଚାରିଚକ୍ଷୁ ମିଳାଇଲୁ ଆସି—କବିସୂର୍ଯ୍ୟ, କଣୋଈଚମ୍ପୂ ।

ଚାରିଚବକା— ଦେ. ବି—ଚାରିଚଉକା (ଦେଖ)
Chārichabakā — Chārichāukā (See)

ଚାରିଚେମା —ପ୍ରାଦେ. (ଗଞ୍ଜାମ) ବି—ଚାରିକଡ଼ା କଉଡ଼ିରେ ଖେଳାଯିବା
Chārichemā — ଏକ ପ୍ରକାର ଖେଳ—An indoor game played by the players alternately throwing 4 cowries on the ground.

ଚାରି ଜଣ – ଦେ. ବି—୧ । ଚାରି ସଂଖ୍ୟକ ବ୍ୟକ୍ତି—1. Four men.
Chāri jaṇa — ୨ । ଏକତ୍ର ଉପବିଷ୍ଟ କେତେ ଜଣ ବ୍ୟକ୍ତି—
চারজন — 2. Some men sitting together.
चारआदमी — ୩ । ଅନିର୍ଦ୍ଦିଷ୍ଟ ସଂଖ୍ୟକ ଅଳ୍ପ ବ୍ୟକ୍ତି—
3. A few men.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇସ୍ତ	ଝ୍ଅ	ଛ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଜ୍ଞ	ନ୍ତ୍ର

ଚାରିଜଣିଆଁ—ଦେ. ବିଣ—୧ । ଚାରିଜଣ ବ୍ୟକ୍ତିଙ୍କଦ୍ୱାରା ନିଷ୍ପାଦ୍ୟ—
Chārijaṇiāṅ 1. Capable of being done by 4 men.
চারজনা
चारआदमीयोंका (ଯଥା—ଚାରିଜଣିଆଁ କାମ ।)
୨ । ଚାରିବ୍ୟକ୍ତିଙ୍କ ବ୍ୟବହାରାର୍ଥ ଅଭିପ୍ରେତ—
2 Intended for the use of 4 persons.
(ଯଥା—ଚାରିଜଣିଆଁ ରୁଟେଇ)
୩ । ଚାରି ବ୍ୟକ୍ତିଙ୍କଦ୍ୱାରା ବାହ୍ୟ (ଯାନାଦି)—
3. (a conveyance) Drawn or carried by 4 persons.

ଚାରିଜମା—ପ୍ରାଦେ. (ଗଡ଼ଜାତ) ବିଣ—ଖୁବ୍ ମଜବୁତ୍—
Chāri jamā Very strong.

ଚାରିଜାମା—ବୈଦେ. ବି.(ଫା. ଚାର୍‌ଜାମା)—ଘୋଡ଼ାର ପିଠିରେ ପକାଇବା Chārijāmā ତୂଳାରେ ପୂର୍ଣ୍ଣ ବସ୍ତ୍ରନିର୍ମିତ କୋମଳ ଚତୁଷ୍କୋଣ
চারজামা ଆସ୍ତରଣବିଶେଷ—Quilted saddle; padded saddle.
चारजामा
[ଦ୍ର—ଚମଡ଼ାନିର୍ମିତ ଆଧୁନିକ ଜିନ୍‌ର ବ୍ୟବହାର ହେବା ପୂର୍ବରୁ ଘୋଡ଼ାଙ୍କ ପିଠିରେ ଚାରିଜାମା ପକାଯାଇ ସବାର ଘୋଡ଼ା ଚଢ଼ୁଥିଲେ; ଏହା ସମଚତୁଷ୍କୋଣ ଓ କୋମଳ ଏବଂ ଏଥି ଉପରେ ଅନେକ ପ୍ରକାରର ଜରି ଓ ସୂତାର ଛୁଞ୍ଚିକାମ କରାଯାଉଥିଲା ।]
ଦେ. ବିଣ—ଚାରି ଚଉକସ (ଦେଖ)
Chāri chaukasa (See)

ଚାରିଟା—ଦେ. ବି. (ଅନାଦରାର୍ଥ)—୧ । ସଂଖ୍ୟାରେ ଚାରି—
Chāriṭā 1. Four in number.
চারটে ୨ । ଅପରାହ୍ନ ଓ ଭୋର୍ ୪ ଘଣ୍ଟା ବେଳ—
चारठो 2. Four o'clock (A. M. or P. M.)
(ଚାରିଟି; ଚାରୋଟି—ଆଦରାର୍ଥକ)
ଦେ. ବିଣ—୧ । ଚାରି ସଂଖ୍ୟକ—1. Numbering four
୨ । ଅଳ୍ପସଂଖ୍ୟକ; ସାମାନ୍ୟ—2. A little; a few.
[ଯଥା—ବେଳ ହୋଇଯିବାରୁ ସେ ଚାରିଟା ଭାତ ଖାଇଦେଇ ପଳାଇଗଲା ।]

ଚାରିତୁଲା—ଦେ. ବିଣ—୧ । ଚତୁର୍ବର୍ଗଯୁକ୍ତ; ପୂର୍ଣ୍ଣସୁଖୀ—
Chāritulā 1. Happy in every respect.
୨ । ପୂର୍ଣ୍ଣ (ଭୋଜନ)—2. Full (meal).

ଚାରିତ୍ର—ସଂ. ବି (ଚରିତ୍ର+ସ୍ୱାର୍ଥରେ ଅ)—୧ । ଚରିତ୍ର; ସ୍ୱଭାବ—
Chāritra 1. Character; nature.
୨ । କୁଳକ୍ରମାଗତ ଆଚାର (ହି. ଶବ୍ଦସାଗର)—
2. Family-custom
୩ । ଚାଲିଚଳନ; ଢଙ୍ଗ (ହି. ଶବ୍ଦସାଗର)—
Movements; mode of life

୪ । ଜୈନମାନଙ୍କ ସନ୍ନ୍ୟାସ (ହି. ଶବ୍ଦସାଗର)—
4. Relinquishment of the world by the Jainas.

ଚାରିତ୍ରବିନୟ—ସଂ. ବି—୧ । ଚରିତ୍ରଦ୍ୱାରା ବିନୀତଭାବ ପ୍ରଦର୍ଶନ; ନମ୍ରତା
Chāritrabinaya (ହି. ଶବ୍ଦସାଗର)—1. Humility; humbleness of character.
୨ । ଶିଷ୍ଟାଚାର; ସୌଜନ୍ୟ (ହି. ଶବ୍ଦସାଗର)—
2. Civility; etiquette.

ଚାରିତ୍ରା—ସଂ. ବି. ସ୍ତ୍ରୀ—ତିନ୍ତିଳିଗଛ—
Chāritrā Tamarind tree.

ଚାରିତ୍ର୍ୟ—ସଂ. ବି. (ଚରିତ୍ର+ସ୍ୱାର୍ଥରେ ଯ)—ଚରିତ୍ର (ଦେଖ)
Chāritrya Charitra (See)

ଚାରି ଦଉଡ଼ି କଟା—ଦେ. ବିଣ—ଯାହାର ସଂସାରରେ କୌଣସି ମାୟା-
Chāri daurḍi kaṭā ବନ୍ଧନ ନାହିଁ; ଯାହାର ଆତ୍ମୀୟସ୍ୱଜନ ସମସ୍ତେ ମରିଅଛନ୍ତି ବା ଯେ ସଂସାର ଛାଡ଼ି ବୈରାଗୀ ହୋଇଅଛି—One who has no worldly ties to tie him down to the world; freed from worldly ties.

ଚାରିଦାମା—ବୈଦେ. ଗ୍ରା. ବି. (ଫା. ଚାର୍‌ଜାମା)—
Chāridamā ଚାରିଜାମା (ଦେଖ)—Chārijāmā (See)
ସାଜିଲେ ସର୍ବ ସଂସାର, ଜିନ ଜିଦର ଘଲମେଟ ଦଉଡ଼ି
ଚାରିଦମା କରିଥିଲେ—ବ୍ରଜନାଥ. ସମରତରଙ୍ଗ ।

ଚାରିଦଶ—ଦେ. ବି. (ସଂ. ଚତୁର୍ଦ୍ଦଶ)—ଦଶରୁ ଚାରି ଅଧିକ ସଂଖ୍ୟା—
Chāridaśa The number 14.
ଦେ. ବିଣ—ଚତୁର୍ଦ୍ଦଶ ସଂଖ୍ୟକ—14 in number.
ଭୂମି ମହିମାର ସୀମା ଏ ଚାରିଦଶ
ଲୋକମାନଙ୍କୁ ତ ହୋଇଅଛି ଅଦୃଶ୍ୟ—କୃଷ୍ଣସିଂହ. ମହାଭାରତ. ବନ ।

ଚାରି ପଇସା—ଦେ. ବି—୧ । ଚାରିଗୋଟି ପଇସା ବା ତାମ୍ରମୁଦ୍ରା—
Chāri paisā 1. Four pice.
চারপয়সা ୨ । (ଲକ୍ଷଣାର୍ଥ) କିଛି ଧନ; କିଛି ଅର୍ଥ—
चारपैसा 2. Some money.
(ଯଥା—ତା ହାତରେ ଚାରିପଇସା ହେଲାଣି, ସେ କଥା କାହାକୁ ଡରିବ ?)

ଚାରି ପହର—ଦେ· କ୍ରି. ବିଣ. (ସଂ. ଚତୁଃ+ପ୍ରହର)—ଦିନତମାମ୍;
Chāri pahara ସାରାଦିନ—Throughout the whole
চারপ্রহর day; the whole day long.
चौपहर ଭବଭବ ବାରି ନିଃସରିବ ଚାରିପହର ନୟନଯୁଗୁଁ—
କବିସୂର୍ଯ୍ୟ, କଣୋଇଚମ୍ପୂ. ଡ-ଗୀତ ।

ଚାରି ପା—ଦେ. ବି—ଏକସେର ପରିମାଣ—
Chāri pā One seer (weight).
(ଚାରି ପାଅ—ଅନ୍ୟରୂପ) ଦେ. ବିଣ—ସମ୍ପୂର୍ଣ୍ଣ; ଷୋଳଅଣା; ପୂରା—Full; complete.

ସାଧାରଣ ଲୋକେ ଅପଭ୍ରଷ୍ଟରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଅ' ନ ମିଳିଲେ 'ବୂଅ' ଦେଖିବେ; 'ବଢ଼ୁ' ନ ପାଇଲେ 'ବଢ଼ୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚାରି ପାଇ—ଦେ. ବି. (ସଂ ଚତୁଃ ଓ ପାଦ)—
Chāri pāi ଚାରି ପାହିଆ (ଦେଖ)
(ଚାରିପାହି—ଅନ୍ୟରୂପ) Chāri pāhiā (See)

ଚାରି ପାଇଆ —ଦେ. ବି—ଚାରିପାହିଆ (ଦେଖ)
Chāri pāiā Chāripāhiā (See)

ଚାରି ପାଠ—ଦେ. ବି—ଓଡ଼ିଆ, ବଙ୍ଗଳା, ନାଗରୀ ଓ ପାରସୀ ଏହି
Chāri pāṭha ଚାରି ଭାଷା ଶିକ୍ଷା—Learning of the 4
চারপাঠ languages (formerly prevalent in
चारविद्या Orissa, e. g. Oria, Bengali, Persian and Debanagari).

ଉକାପୁଅ ଚାରି ଦିନରେ ଚାରିପାଠ ହାସଲ କଲା—କାହାଣୀ ।

[ଦ୍ର—ଇଂରାଜୀ ପାଠ ଆମ ଦେଶରେ ଚଳିବା ପୂର୍ବରୁ ଓଡ଼ିଆ, ବଙ୍ଗଳା, ପାରସୀ ଓ ନାଗରୀ ଭାଷାର ପ୍ରଚଳନ ଥିଲା । ଏହାକୁ ଚାରିଖାନ ବା ଚାରିପାଠ କହୁଥିଲେ । ଯେ ଚାରିପାଠ ଜାଣୁଥିଲେ ସେ ମହାପଣ୍ଡିତରୂପେ ଗଣ୍ୟ ହେଉଥିଲେ ।]

ଚାରି ପାହାଡ଼ିଆ—ଦେ· ବିଣ— ସକଳ କାର୍ଯ୍ୟରେ ସମର୍ଥ—Able to
Chāri pahārdiā do anything and every thing.

ଚାରି ପାହିଆ—ଦେ. ବି. (ସଂ. ଚତୁଃ ଓ ପାଦ)—
Chāri pāhiā ୧ । କାଷ୍ଠନିର୍ମିତ କ୍ଷୁଦ୍ର ଖଟ ବା ଖଟିଆ—
চাষপায়া, চারপাএ 1. Charpoy; a movable bedstead.
चारपाया; चारपाइ ୨ । ଚଉକି—2. Chair.
(ଚାରିପାହ୍ୟା—ଅନ୍ୟରୂପ) ୩ । ଛୋଟ ଟେବୁଲ ବା ମେଜ; ଟୁଲ୍—
3. Small table; stool.

ଚାରି ଫଲା—ଦେ. ବିଣ. (ସଂ. ଚତୁଃ+ଫଲ, ଫଳକ)—ଯେଉଁ
Chāri phalā ଖିଲକାତି ବା ଛୁରିରେ ୪ଟି ଫଲା ବା ଫଳକ ଥାଏ—
চারফলা (a clasp knife) Having four blades;
चौफला four-bladed.
(ଚାରିଫଲିଆ—ଅନ୍ୟରୂପ)

ଚାରିଫୁଲିଆ—ଦେ. ବିଣ.—ଧଡ଼ିରେ ଚାରି ଧାଡ଼ି ଫୁଲ ଥିବା (ବସ୍ତ୍ର)—
Chāri phuliā (cloth) Having hems with floral designs in 4 lines.

ମାଣିଆବନ୍ଧୀ ଚାରିଫୁଲିଆ ଧୋତି ପିନ୍ଧା ।
ଫକୀରମୋହନ· ଛମାଣଆଠଗୁଣ୍ଠ ।

ଚାରିଫୁଲି ଅଗ—ଦେ. ବି.—୧ । ପୂରା ଏକ ବିଶା ଓଜନ—1. Full
Chāriphuli āga one Bisā in weight.

[ଦ୍ର—ବିଶାକାଠିରେ ପ୍ରତି ୫ ପଲ ଓଜନ ଦେଖାଇବା ପାଇଁ ଗୋଟିଏ ଲେଖାଏଁ ଫୁଲ ବା ଛିଦ୍ର(✻) ଯୁକ୍ତ ଦାଗ ଥାଏ । ଚାରି-ଫୁଲରେ ସୁତୁଲି ବସିଲେ ବିଶାର ପଲୁଡ଼ିରେ ଥିବା ଦ୍ରବ୍ୟ ୨୦ ପଲ ଓଜନର ବୋଲି ଜଣାଯାଏ ଏବଂ ଚାରିଫୁଲି ଅଗରେ ସୁତୁଲି ବସିଲେ ୨୫ ପଲ ଅର୍ଥାତ୍ ପୂର୍ଣ୍ଣ ୧ ବିଶା ହୁଏ ।]

କ୍ରି. ବିଣ.—ପୂର୍ଣ୍ଣ ପରିମାଣରେ; ପୂରା ମାତ୍ରାରେ—
In full measure.
(ଯଥା—ସେ ତା ପାଉଣା ନେବାକୁ ଚାରିଫୁଲି ଅଗ ଧରି ବସିଛି ।)

ଚାରିଭାଇଙ୍କ କାନ୍ଧରେ ଯିବା—ଦେ. କ୍ରି.—୧ । (ଲକ୍ଷଣାର୍ଥ)—
Chāribhāiṅka kāndhare jibā ମୃତ ହେବା—
1. (figurative) To die.
୨ । ମଲା ପରେ ଆପଣା ଶବ ୪ ଜଣ ଜ୍ଞାତି ବା ମଡ଼ାସାଙ୍ଗିଆ ଭାଇଙ୍କ କାନ୍ଧରେ କୋକେଇରେ ଶ୍ମଶାନକୁ ନିଆଯିବା—
2. To be carried on the shoulders of one's four kinsmen to the cremation-ground after one's death.

[ଦ୍ର—ହିନ୍ଦୁ ସମାଜରେ ମୃତ ବ୍ୟକ୍ତିର ଶବକୁ କୋକେଇରେ ଥୋଇ କୋକେଇର ଅଗ ପାଖର ଦୁଇ ବାଉଁଶକୁ ଦୁଇ ଜଣ ଓ ପଛପାଖର ଦୁଇ ବାଉଁଶକୁ ଦୁଇ ଜଣ, ଏପରି ୪ ଜଣ କାନ୍ଧେଇ କରି ଶ୍ମଶାନକୁ ନିଅନ୍ତି । ମୃତ ବ୍ୟକ୍ତିର ଜ୍ଞାତି, କୁଟୁମ୍ବ ଓ ଯେଉଁମାନେ ମଡ଼ାସାଙ୍ଗିଆ ଭାଇ ବୋଲି ଗୃହୀତ, ସେହିମାନେ ଏହା ଶବ ବହନ କରନ୍ତି ।]

ଚାରି ଭିତ—ପ୍ରାଦେ. (ମେଦିନୀପୁର) ଅ (ତୁଳ. ବଂ. ଚାରିଦିକେ)—
Chāri bhit ଚୌଦିଗରେ; ଚାରିଆଡ଼େ—All around; on all sides; in every direction.

ଚାରିମା—ସଂ. ବି. (ଚାରୁ+ଭାବାର୍ଥରେ ଇମନ୍; ତୁଳ. ଲଘିମା, ଗରିମା)—
Chārimā ୧ । ଚାରୁତା; ସୌନ୍ଦର୍ଯ୍ୟ—1. Beauty.
୨ । ଲାଳିତ୍ୟ—2. Charm; sweetness.

ଚାରିମାଥ—ଦେ. ପଦ୍ୟ. ବି. (ସଂ. ଚତୁର+ମସ୍ତକ)—ଚତୁର୍ମୁଖ;
Chāri mātha ବ୍ରହ୍ମା—Brahmā.

କେତେବେଳେ କରିବ ଚାରିମାଥ,
ଲେଖିଥିଲା ମୋର କର୍ମେ ଏ ଦୁଃଖ ପଥ । କୃଷ୍ଣସିଂହ. ମହାଭାରତ. ଭ.

ଚାରିମୁଖ—ଦେ. ବି. (ସଂ· ଚତୁର୍ମୁଖ)—ବ୍ରହ୍ମା—
Chārimukha God Brahmā.

ଚାରି ହରିତ—ଦେ. ବି. (ସଂ. ଚତୁଃ ଓ ହରିତ୍)—ଚତୁର୍ଦ୍ଦିଗ—
Chāri harita Four sides; all sides.

ଚାରି ହରିତରେ ବେରି, ଚକ୍ରିଥାନ୍ତି ବାହୁଙ୍କ ବଳ ମଣ୍ଡିତ ସଖା ମାନେ ।
କବିସୂର୍ଯ୍ୟ. କଣୋଇଚମ୍ପୂ, ତ ଗୀତ ।

ଚାରୀ—ସଂ. ବିଣ. ପୁଂ. (ଚର୍ ଧାତୁ+ଇନ୍; ୧ମା. ୧ବ.)—ବିଚରଣ-
Chārī କାରୀ Wandering; walking.
(ଚାରିଣୀ—ସ୍ତ୍ରୀ) [ଦ୍ର—ଏହା ଅନ୍ୟ ସଙ୍ଗେ ଯୁକ୍ତ ହୋଇ ବ୍ୟବହୃତ ହୁଏ; ଯଥା—ବନଚାରୀ, ବ୍ୟୋମଚାରୀ ।]

ସ. ବି. ପୁଂ—୧ । ପଦାତି ସୈନ୍ୟ (ହି. ଶବ୍ଦସାଗର)—
1 Infantryman; foot soldier.
୨ । ସଞ୍ଚାରୀ ଭାବ (ହି. ଶବ୍ଦସାଗର)—
2. The pervading element in a sentiment in literature.

୧	ଇ	ଉ	ଋ,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଢ଼
୨	ଈ	ଊ	ଋୂ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଡ଼	ନ୍ନ

୩ । (ସ୍ତ୍ରୀ; ଚର+ଈ) ନୃତ୍ୟର ଅଙ୍ଗବିଶେଷ (ହି. ଶବ୍ଦସାଗର)—
3. A particular part of dancing.
[ଶୃଙ୍ଗାର ଆଦି ରସର ଉଦ୍ଦୀପନକାରୀ ମଧୁର ଗତିକୁ ଚାରୀ ବୋଲା-ଯାଏ; କାହାକାହା ମତରେ ଏକ ବା ଦୁଇ ଗୋଡ଼ରେ ନାଚିବାର ନାମ ଚାରୀ ଅଟେ । ଚାରୀ ଦୁଇ ପ୍ରକାର—୧ । ଭୂଚାରୀ; ୨ । ଆକାଶ-ଚାରୀ; ଭୂଚାରୀ ୧୬ ଓ ମତାନ୍ତରରେ ୨୬ ପ୍ରକାର । ଆକାଶଚାରୀ ୧୬ ପ୍ରକାର । ହି. ଶବ୍ଦସାଗର ।]

ଚାରୁ—ସଂ. ବିଣ. (ଚର୍ ଧାତୁ+କର୍ତ୍ତୃ. ଉ)—
Chāru ୧ । ମନୋହର; ସୁନ୍ଦର—1. Agreeable; beautiful;
(ଚାର୍ବୀ—ସ୍ତ୍ରୀ) pleasing; lovely; handsome; elegant.
୨ । ସୁସ୍ୱାଦ; ସୁମିଷ୍ଟ—
2. Sweet.
୩ । ସମ୍ୟକ୍—3. Peculiar; particular.
୪ । ଅସାଧାରଣ—4. Extraordinary.
ସଂ. ବି—୧ । ବୃହସ୍ପତି—1. Bruhaspati; the preceptor of the Gods.
୨ । ରୁକ୍ମିଣୀତନୟ—
2. The son of Śrīkrushṇa by Rukminī.
[ଦ୍ର—ହରିବଂଶ ଓ ମହାଭାରତରେ ଚାରୁ ଶବ୍ଦଯୁକ୍ତ ଚାରୁଗର୍ଭ, ଚାରୁଗୁପ୍ତ, ଚାରୁଦେଷ୍ଣ, ଚାରୁବାହୁ, ଚାରୁଭଦ୍ର, ଚାରୁଯଶ, ଚାରୁଚନ୍ଦ୍ର, ଚାରୁବେଶ, ଚାରୁଶ୍ରବା ନାମରେ ରୁକ୍ମିଣୀଙ୍କ ଗର୍ଭରୁ ଶ୍ରୀକୃଷ୍ଣଙ୍କର ପୁତ୍ରମାନେ ଓ ଚାରୁମତୀ ନାମରେ କନ୍ୟା ଜନ୍ମିଥିଲେ—
ହି. ଶବ୍ଦସାଗର ।]
୩ । ଜାଫ୍ରାନ୍—3. Saffron. (Apte).
ଦେ. ବି—୧ । ଚାରୁପାଣି (ଦେଖ)
1. Charupāṇi (See)
୨ । (ପୁଂ) ପୁରୁଷଙ୍କୁ ଦିଆଯିବା ନାମ—
2. A name given to males.

ଚାରୁକାନ୍ତି—ସଂ. ବି. (କର୍ମଧା; ଚାରୁ+କାନ୍ତି)—ଲାବଣ୍ୟ—
Chārukānti Beauty; grace.
ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)—ସୁନ୍ଦର; ଲାବଣ୍ୟମୟ—
Graceful; beautiful.

ମୁଁ ଯେ ସଞ୍ଚରୁ ଥିଲୁ ପଛୁଁ କ ବଳରୁ ଚାରୁ-
କାନ୍ତି ଗଲା ମୋ କୋଳରୁ ତରୁ । ଭକ୍ତ. ପ୍ରେମସୁଧାନିଧି ।

ଚାରୁକେଶରୀ—ସଂ. ବି—ନାଗରମୁଥା (ଦେଖ)
Chārukeśarī 1. Nāgaramuthā (See)
୨ । ସେବତୀଫୁଲ (ଦେଖ)
2. Sebatī flower (See)

ଚାରୁତା—ସଂ. ବି. (ଚାରୁ+ଭାବାର୍ଥରେ ତା)—୧ । ସୌନ୍ଦର୍ଯ୍ୟ—
Chārutā 1. Beauty; elegance,
(ଚାରୁତ୍ୱ—ଅନ୍ୟରୂପ) ୨ । ମାଧୁର୍ଯ୍ୟ— 2. Sweetness.

ଚାରୁଦର୍ଶନ—ସଂ, ବିଣ. ପୁଂ. (ବହୁବ୍ରୀହି; ଚାରୁ+ଦର୍ଶନ)—
Chārudarśana ଦେଖିବାକୁ ସୁନ୍ଦର—
(ଚାରୁଦର୍ଶନା—ସ୍ତ୍ରୀ) Good-looking; graceful; lovely.

ଚାରୁଧାମା—ସଂ. ବି. ସ୍ତ୍ରୀ. (ଚାରୁ+ଧାମନ୍=ସ୍ଥାନ; ଆଧାର)—
Chārudhāmā ଶଚୀ; ଇନ୍ଦ୍ରପତ୍ନୀ—Wife of God Indra.

ଚାରୁଧାରା—ସଂ. ବି. ସ୍ତ୍ରୀ. ୧ । (ଚାରୁ+ଧୃ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ.
Chārudhārā ଆ)—ଶଚୀ; ଇନ୍ଦ୍ରପତ୍ନୀ—
1. Wife of God Indra.
୨ । (କର୍ମଧା; ଚାରୁ+ଧାରା) ସୁମନୋହର ପ୍ରବାହ—
2. Charming current.
ସଂ. ବିଣ. (ସ୍ତ୍ରୀ)—ମନୋହର ପ୍ରବାହଯୁକ୍ତ (ନଦୀ)—
(river) Having a charming current.

ବଢଳକୁ ଅଲଙ୍ଘନ କରି ଜାହ୍ନବୀ ଶୋଭନ
ହରେ ସୁରକର ତାପ ଚାରୁଧାରା ସେ । ଉପେ. ବୈଦେହୀଶବିଳାସ ।

ଚାରୁନୟନ—ସଂ ବିଣ. ପୁଂ. (ବହୁବ୍ରୀହି; ଚାରୁ+ନୟନ)—
Chārunayana ଯାହାର ଆଖି ସୁନ୍ଦର; ଚାରୁନେତ୍ର—
ଚାରୁନୟନା } ସ୍ତ୍ରୀ Having beautiful eyes.
ଚାରୁନୟନୀ } ସଂ. ବି—ମୃଗ—Deer.

ଚାରୁନେତ୍ର—ସଂ. ବି ଓ ବିଣ—୧ । ଚାରୁନୟନ (ଦେଖ)
Chārunetra 1. Chārunayana (See)
ଚାରୁନେତ୍ରା } ସ୍ତ୍ରୀ ୨ । ଅପ୍ସରାବିଶେଷ—
ଚାରୁନେତ୍ରୀ } 2. Name of a heavenly nymph.

ଚାରୁପର୍ଣ୍ଣୀ—ସଂ. ବି. ସ୍ତ୍ରୀ—(ବହୁବ୍ରୀହି; ଚାରୁ+ପର୍ଣ୍ଣ+ଈ; ଏହାର
Chāruparṇṇī ପତ୍ରମାନ ଦେଖିବାକୁ ସୁନ୍ଦର)—
ପସାରୁଣୀ ଲତା (ଦେଖ)
Pasāruṇī creeper (See)

ଚାରୁପାଣି—ପ୍ରାଦେ (ଗଞ୍ଜାମ) ବି—ମାନ୍ଦ୍ରାଜ ଅଞ୍ଚଳରେ ବ୍ୟବହୃତ ରୋଚକ,
Chārupāṇi ସୁପକ୍ୱ, ଅମ୍ଳ ଓ ଝାଳ ରସଯୁକ୍ତ ପାନୀୟ ବିଶେଷ (ଏହାକୁ ଭାତ ସଙ୍ଗେ ଗୋଳାଇ ଖାଆନ୍ତି)—A tasteful acid drink prepared for being taken with boiled rice in Madras presidency.

ଚାରୁଫଳା—ସଂ. ବି. (ବହୁବ୍ରୀହି; ଚାରୁ+ଫଳ+ସ୍ତ୍ରୀ. ଆ)—
Chāruphaḷā ଦ୍ରାକ୍ଷାଲତା; ଅଙ୍ଗୁର ଗଛ—Vine.

ଚାରୁବର୍ଦ୍ଧନା—ସଂ. ବି. ସ୍ତ୍ରୀ(ବହୁବ୍ରୀହି; ଚାରୁ+ବର୍ଦ୍ଧନ+ସ୍ତ୍ରୀ. ଆ)—
Chārubardhanā ସ୍ତ୍ରୀଲୋକ—Woman.

ଚାରୁବ୍ରତା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଚାରୁ+ବ୍ରତ+ସ୍ତ୍ରୀ. ଆ)—
Chārubratā ପୂର୍ଣ୍ଣ ଏକମାସ ପର୍ଯ୍ୟନ୍ତ ଉପବାସ ବ୍ରତ ଆଚରଣ କରିବା
(ସ୍ତ୍ରୀ)—(a woman) Observing fast for a whole month.

ଚାରୁରବା—ସଂ. ବି. ସ୍ତ୍ରୀ (ଚାରୁ+ରବ+ସ୍ତ୍ରୀ. ଆ)—ଚାରୁଧାମା (ଦେଖ)
Chārurābā Chārudhāmā (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ, ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଢ଼ୂଅ' ନ ମିଳିଲେ 'ଢୁଅ' ଦେଖିବେ; 'ବର୍ତ୍ତି' ନ ମିଳିଲେ 'ବର୍ତ୍ତ୍ତୀ' ଦେଖିବେ; 'ଅର୍ଗ୍ଯା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଚାରୁଶିଳା—ସଂ. ବି. (କର୍ମଧା; ଚାରୁ+ଶିଳା)—୧ । ସୁଦୃଶ୍ୟ ପ୍ରସ୍ତର ଖଣ୍ଡ—1. A beautiful piece of stone.
Chārusilā
୨ । ମଣି; ରତ୍ନ—2. Gem.

ଚାରୁଶୀଳ—ସଂ. ବିଣ. ପୁଂ. (ବହୁବ୍ରୀହି; ଚାରୁ+ଶୀଳ=ସ୍ୱଭାବ)—
Chārusila ୧ । ସଦ୍‌ସ୍ୱଭାବବିଶିଷ୍ଟ—1. Of lovely disposition; good-natured.
(ଚାରୁଶୀଳା—ସ୍ତ୍ରୀ)
୨ । ସଚ୍ଚରିତ୍ର; ସୁଶୀଳ—2. Of good conduct; of good morals.
୩ । ନମ୍ରସ୍ୱଭାବ; ମର୍ଯ୍ୟାଦାବନ୍ତ—3. Amiable; modest; good-mannered; of gentle manners.

ଚାରୁଶୀଳତା—ସଂ. ବି (ଚାରୁଶୀଳ+ଭାବ. ତା)—ସୁଶୀଳତା—
Chārusiltā Modesty; elegance of manners; good manners.

ଚାରୁହାସୀ—ସଂ. ବିଣ. ପୁଂ (ଚାରୁ+ହସ୍ ଧାତୁ+ଇନ୍; ୧ମା. ୧ବ)—
Chāruhāsi ଯାହାର ମୁଖ ସର୍ବଦା ହାସ୍ୟଯୁକ୍ତ; ଯେ ମୃଦୁମଧୁର
(ଚାରୁହାସିନୀ—ସ୍ତ୍ରୀ) ହସ ହସେ; ହର୍ଷମୁଖ—Having a smiling face or countenance; smiling modestly; with enchanting or enrapturing smiles on the face.

ଚାରୋଟା—ଗ୍ରା. ବି ଓ ବିଣ (ଅନାଦରାର୍ଥକ)—ଚାରିଟା (ଦେଖ)—
Chārotā Chāritā (See)
(ଚାରୁଟା—ଅନ୍ୟରୂପ)
(ଚାରୁଟି; ଚାରୋଟି—ଆଦରାର୍ଥକ)

ଚାର୍ଚ୍ଚକ—ସଂ. ବିଣ. ପୁଂ (ଚର୍ଚ୍ଚ ଧାତୁ+କର୍ତ୍ତୃ. ଅକ)—ବେଦପାଠପୂର୍ଣରେ
Chārchchaka ନିପୁଣ—Proficient in the recital of
(ଚାର୍ଚ୍ଚିକା—ସ୍ତ୍ରୀ) the Vedas.

ଚାର୍ଚ୍ଚିକ୍ୟ—ସଂ. ବି (ଚର୍ଚ୍ଚିକା=ଚନ୍ଦନାଦି ଦ୍ୱାରା ବିଲେପନ+ଭାବ. ଯ)—
Chārchchikya ୧ । ଚର୍ଚ୍ଚିକା; ଅଙ୍ଗରେ ଚନ୍ଦନାଦି ଲେପନ—
1. Besmearing the body with scented pastes or ointments.
୨ । ଲେପ—2. Liniment; plaster.

ଚାର୍ଜ୍—ବୈଦେ. ବି (ଇଂ)—୧ । ଅପରାଧୀ ବ୍ୟକ୍ତି ଉପରେ ବିଚାରପତି ଧାର୍ଯ୍ୟ
Chārj କରିବା ଅଭିଯୋଗ—1. Charge framed against
ଚାର୍ଜ an accused.
ଚାର୍ଜ
୨ । କୌଣସି ଅଫିସ୍ ବା କାର୍ଯ୍ୟର ଦାୟିତ୍ୱ; କାର୍ଯ୍ୟଭାର—
2. Charge of an office.
୩ । ଜିମ୍ମାଦାରୀ; କୌଣସି ବସ୍ତୁର ସଂରକ୍ଷଣର ଭାର—
3. Custody.

ଚାର୍ଜ୍ କରିବା—ଦେ. କ୍ରି —(ବିଚାରପତି) ମୁଦେଇର ସାକ୍ଷୀମାନଙ୍କଠାରୁ
Chārj karibā ଅସାମୀ ବିପକ୍ଷରେ ଅପରାଧର ପ୍ରମାଣ ଗ୍ରହଣ କରି
ଚାର୍ଜକରନା ଅପରାଧୀ ନାମରେ ଅଭିଯୋଗ ଲିପିବଦ୍ଧ କରିବା—
ଚାର୍ଜକରନା (a Court) To frame a charge against an accused.

ଚାର୍ଜ୍ ଦେବା—ଦେ. କ୍ରି—ନୂତନ ନିଯୁକ୍ତ କର୍ମଚାରୀଙ୍କୁ ପୂର୍ବବର୍ତ୍ତୀ କର୍ମଚାରୀ
Chārj debā ଆପଣା ଉପରେ ନ୍ୟସ୍ତ କର୍ମର ଭାର ଅର୍ପଣ କରିବା—
ଚାର୍ଜଦେଓଆ To make over charge.
ଚାର୍ଜଦେନା

ଚାର୍ଜ୍ ନେବା—ଦେ. କ୍ରି — ପୁରାତନ ଭାରପ୍ରାପ୍ତ କର୍ମଚାରୀଙ୍କଠାରୁ
Chārj nebā ନବନିଯୁକ୍ତ ବ୍ୟକ୍ତି ଅଫିସର ଭାର ଗ୍ରହଣ କରିବା—
ଚାର୍ଜଲଓଆ To take over charge from the
ଚାର୍ଜଲେନା former incumbent.

ଚାର୍ଜ ଫରଦ—ବୈଦେ. ବି (ଇଂ. ଚାର୍ଜ୍ ଓ ଫା. ଫରଦ୍=କାଗଜଖଣ୍ଡ)—
Chārj pharada ୧ । ଅସାମୀ ବିପକ୍ଷରେ ବିଚାରିତ ଅଭିଯୋଗ
ଚାର୍ଜଫର୍ଦ ଲିପିବଦ୍ଧ ହୋଇଥିବା କାଗଜ—
ଚାର୍ଜକାଫର୍ଦ 1. Charge-sheet.
୨ । ନବନିଯୁକ୍ତ କର୍ମଚାରୀ ପୁରାତନ କର୍ମଚାରୀଙ୍କଠାରୁ ଚାର୍ଜ୍ ବୁଝିନେବା ସମୟରେ ପ୍ରସ୍ତୁତ ତାଲିକା—
2. List of items taken charge of.

ଚାର୍ଜ୍ ବୁଝା(ଝେ)ଇବା—ଦେ. କ୍ରି—ଚାର୍ଜ୍ ଦେବା (ଦେଖ)
Chārj bujhā(e)ibā Chārj debā (See).
ଚାର୍ଜବୁଝାନ
ଚାର୍ଜବୁଝାନା

ଚାର୍ଜାମା—ବୈଦେ. ବି—ଚାରଜାମା (ଦେଖ)
Charjāmā Chārijāma (See).

ଚାର୍ବଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି; ଚାରୁ+ଅଙ୍ଗ; ସନ୍ଧିରେ ଉ+ଅ=
Chārbaṅga ବ)—ଯାହାର ଅଙ୍ଗ ବା ଶରୀର ସୁନ୍ଦର ଓ କୋମଳ-
(ଚାର୍ବଙ୍ଗୀ—ସ୍ତ୍ରୀ) Having a soft, graceful and well-proportioned body and limbs.

ଚାର୍ବାକ—ସଂ. ବି (ବହୁବ୍ରୀହି; ଚାରୁ+ବାକ୍; ଯାହାଙ୍କର ବାକ୍ୟ ଆପାତ-
Chārbāka ମଧୁର)—୧ । ନାସ୍ତିକତା ବା ଅନୀଶ୍ୱରବାଦ-
ପ୍ରତିପାଦକ ଦର୍ଶନଶାସ୍ତ୍ରପ୍ରଣେତା ଋଷିବିଶେଷ—
1. Name of a sage; the propounder of the materialistic or atheistic system of Hindu Philosophy; name of a sophistical philosopher of ancient India.

[ଦ୍ର—ଚାର୍ବାକ କେବେ ଜନ୍ମିଥିଲେ ଓ ସେ କେଉଁ କାଳର ଲୋକ ତହିଁର କିଛି ଦୃଢ଼ ପ୍ରମାଣ ମିଳ ନାହିଁ । ସେ ବୃହସ୍ପତିଙ୍କ ଶିଷ୍ୟ ଥିଲେ ଓ ତାଙ୍କ ପ୍ରଚାରିତ ମତ ବିଷୟ ଚାଣକ୍ୟଙ୍କ ଅର୍ଥଶାସ୍ତ୍ର, ନୈଷଧର ସପ୍ତଦଶ ସର୍ଗ, ପଦ୍ମପୁରାଣ, ବିଷ୍ଣୁପୁରାଣ ଓ ଲିଙ୍ଗପୁରାଣରେ ଉଲ୍ଲେଖ ଅଛି । ଚାର୍ବାକ ଈଶ୍ୱର, ପୁନର୍ଜନ୍ମ ଓ ପରଲୋକ ସ୍ୱୀକାର କରୁ ନ ଥିଲେ, ସେ କେବଳ ଆତ୍ମାକୁ ମାନୁ ଥିଲେ । ଅନୁଭବ ଉପରେ ନିର୍ଭରକରିବା ଏବଂ ଅନୁମାନ ଉପରେ ନିର୍ଭର ନ କରିବା ପାଇଁ ସେ ଉପଦେଶ ଦେଇ ଅଛନ୍ତି । ତାଙ୍କ ମତ ସର୍ବଦର୍ଶନସଂଗ୍ରହ, ସର୍ବଦର୍ଶନ-

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ଼	ଓଅ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଊ	ନ୍ତ

ଶିରୋମଣି ଓ ବୃହସ୍ପତିସୂତ୍ରରେ ଅଛି । ରାମାୟଣରେ ଜାବାଳ ଋଷି ରାମଚନ୍ଦ୍ରଙ୍କୁ ବନକୁ ନ ଯାଇ ଘରକୁ ଲେଉଟି ଯିବାକୁ ଯେଉଁ ଉପଦେଶ ଦେଇ ଅଛନ୍ତି ଚାର୍ବାକଙ୍କ ମତ ସଙ୍ଗେ ତାହା ମିଳୁଅଛି । ଚାର୍ବାକଙ୍କ ମତରେ ସୁଖହିଁ ଜୀବନର ଏକ ମାତ୍ର ଲକ୍ଷ୍ୟ ଅଟେ । ତାଙ୍କର ଗୋଟିଏ ପଦ ସାଧାରଣଙ୍କ ମୁଖରୁ ଶୁଣାଯାଏ 'ଯାବତ୍ ଜୀବେତ୍ ସୁଖଂ ଜୀବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍'— ହି. ଶବ୍ଦସାଗର ।]

୨ । ରାକ୍ଷସବିଶେଷ—2. Name of a demon who was engaged by Durjodhana to assassinate Judhishṭhira.

[ଦ୍ର—ଯୁଧିଷ୍ଠିରଙ୍କୁ ହତ୍ୟା କରିବା ସକାଶେ ଦୁର୍ଯ୍ୟୋଧନ ଏହି ରାକ୍ଷସକୁ ନିଯୁକ୍ତ କରି ଥିଲେ । ଯୁଧିଷ୍ଠିରଙ୍କର ହସ୍ତିନାପୁରରେ ପ୍ରବେଶ କାଳରେ ଏ ବ୍ରାହ୍ମଣରୂପ ଧରି ତାହାଙ୍କୁ ଗାଳି ଦେଲା । ପରେ ବ୍ରାହ୍ମଣମାନେ ଏହାକୁ ଚିହ୍ନି ପାରି ହତ୍ୟା କଲେ ।]

ଚାର୍ବାକ ଦର୍ଶନ—ସଂ. ବି. (ନାମ)—ଚାର୍ବାକ ମୁନିଙ୍କ ପ୍ରବର୍ତ୍ତିତ ନାସ୍ତିକତା-
Chārbāka darśana ପ୍ରତିପାଦକ ଦର୍ଶନଶାସ୍ତ୍ରବିଶେଷ—
The system of atheistic or materialistic Philosophy propounded by sage Chārbāka.

ଚାର୍ବା—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—କାମୁଡ଼ା—
Chārba Currish.

ଚାର୍ବୀ—ସଂ. ବିଣ. ସ୍ତ୍ରୀ. (ଚାରୁ+ସ୍ତ୍ରୀ. ଈ)—ସୁନ୍ଦରୀ—
Chārbi Beautiful, of charming appearance; handsome (female).
ଚାରୁ—ପୁଂ

ସଂ. ବି—୧ । ସୁନ୍ଦରୀ ସ୍ତ୍ରୀ—
1. A handsome damsel.
୨ । କୁବେରଙ୍କ ପତ୍ନୀ—
2. The wife of the Hindu God of wealth.
୩ । ଶୋଭା; ଦୀପ୍ତି; ଆଭା—
3. Beauty; charm; lustre.
୪ । ଜ୍ୟୋତ୍ସ୍ନା—4. Moon-light.
୫ । ବୁଦ୍ଧି—5. Intelligence
୬ । ଦାରୁ ହଳଦୀ (ହି. ଶବ୍ଦସାଗର)—
6. A kind of wild turmeric.

ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ—କାମୁଡ଼ା—
Currish; snappish.

ଚାର୍ମ—ସଂ. ବିଣ. (ଚର୍ମ+ସମ୍ବନ୍ଧାର୍ଥେ. ଅ)—
Chārma ୧ । ଚର୍ମ ସମ୍ବନ୍ଧୀୟ—
1. Relating to the skin.
୨ । ଚର୍ମ ନିର୍ମିତ—
2. Made of skin; leathern.

ସଂ. ବି—ଚର୍ମାବୃତ ଯାନ—A conveyance covered over with leather.

ଚାର୍ମଣ—ସଂ. ବିଣ. (ଚର୍ମନ୍+ଅ)—
Chārmaṇa ଚର୍ମାବୃତ; ଚମଡ଼ାଘୋଡ଼ାଣି—
(ଚାର୍ମଣୀ—ସ୍ତ୍ରୀ) Covered with skin.

ସଂ. ବି—ଚର୍ମସମୂହ—A multitude or number of hides.

ଚାର୍ମିକ—ସଂ. ବିଣ. (ଚର୍ମ+ନିର୍ବୃତ୍ତ ଓ ବ୍ୟବସାୟ ଅର୍ଥେ. କ)—
Chārmika ୧ । ଚର୍ମନିର୍ମିତ—
1. Leathern; made of skin.
୨ । ଚର୍ମ ବ୍ୟବସାୟୀ—
2. Dealing in hide or leather.

ଚାର୍ମିଣ—ସଂ. ବି. (ଚର୍ମିନ୍+ସମୂହାର୍ଥରେ. ଅ)—
Chārmiṇa ଢାଲ-ସଜ୍ଜିତ ବହୁଲୋକ—A number of warriors armed with leathern shields.

ଚାଲ୍—ଦେ. ବି. (ସଂ. ଚଲ୍ ଓ ଚର୍ ଧାତୁ; ଫ. ଚାଲ)—
Chāl ୧ । ଦେଶାଚାର; ରୀତି; ପ୍ରଥା—
ଚାଲ 1. Custom; usage.
चाल ୨ । ଅଭ୍ୟାସ—2. Habit.
୩ । ପ୍ରଣାଳୀ; କାର୍ଯ୍ୟର ଧାରା—
3. Method; manner; course of action.
୪ । ବ୍ୟବହାର; ଆଚରଣ—
4. Conduct; treatment; behaviour.
୫ । ସ୍ୱଭାବ; ଚରିତ୍ର—5. Character.
୬ । କୌଶଳ—6. Skill; dexterity.
୭ । ଫନ୍ଦି; ଫିକର—
7. Tactics; tactful movement.
୮ । ଚଳନ; ଗତି; ଚାଲି—
8. Movement; motion; course.
୯ । ଧରଣ; ଢପ; ଢଙ୍ଗ—9. Mode; manner.
୧୦ । ପଶା ଓ ସତରଞ୍ଚ ଆଦି ଖେଳରେ ଗୋଟିର ଏକ ଘରୁ ଅନ୍ୟ ଘରକୁ ଚାଳନ—10. A move of the play-balls in a game of chess or dice.
୧୧ । ସଂସାରରେ ଚଳିବା ରୀତି ବା ପ୍ରଣାଳୀ—
11. Mode of living.
୧୨ । ପ୍ରଚଳନ—12. Currency; use.
(ଯଥା—ଏ ଦେଶରେ ପାଉଣ୍ଡ୍, ଶିଲିଙ୍ଗ୍ ଆଦିର ଚାଲ୍ ନାହିଁ)
୧୩ । କପଟ; କୂଟ 13. Fraud; trick.
୧୪ । ଚାଲାକି—14 Cleverness; trickery.

ଚାଲ୍ ଚଳଣ—ଦେ. ବି—ଚାଲ୍‌ଚଳଣି (ଦେଖ)
Chāl chalaṇa Chālchalaṇi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଚାଲ୍ ଚଳଣି—ଦେ. ବି. (ସଂ. ଚଳ ଧାତୁ)—୧ । ଆଚରଣ—
Chāl chalaṇi 1. Conduct; deportment.
चालचलन ୨ । ବ୍ୟବହାର—2. Behaviour.
चालचलन ୩ । ସ୍ୱଭାବ; ଚରିତ୍ର—3. Character.
ଚାଲ୍‌ଚଲନ୍, ଚାଲ୍‌ଚଳନ୍, ଚାଲଚଳନ, ଚାଲଚଳଣି } ଅନ୍ୟରୂପ
୪ । ରୀତିନୀତି—4. Custom; usage
୫ । ପରସ୍ପର ମିଶାମିଶି; ଯାତାୟାତ—5. Intercourse; communion.
୬ । ସମ୍ପର୍କ—6. Connection.
୭ । ସମାଜରେ ଚଳିବା—7. Social intercourse.

ଚାଲ୍ ଚାଲିବା—ଦେ. କ୍ରି—୧ । ଫନ୍ଦି ବା କୌଶଳରେ କାର୍ଯ୍ୟ କରିବା—1. To move tactfully.
Chāl chāliba
चालचला (ଯଥା—ସେ ମୋ ସଙ୍ଗେ ଚାଲ୍ ଚାଲିଛି ।)
चालचलना ୨ । ବିଶିଷ୍ଟ ଧରଣରେ ଚଳିବା—
2. To go on with a particular mode of life.

ଚାଲ୍‌ନି—ପ୍ରାଦେ (ସମ୍ବଲପୁର) ବି (ସଂ. ଚାଳନୀ; ତୁଳ. ହି. ଚଲ୍‌ନୀ; ଛଲ୍‌ନୀ)—ଚାଲୁଣୀ—Sieve.
Chālni

ଚାଲ୍‌ବାଜ୍—ବୈଦେ. ବିଣ (ହି. ଚାଲ୍+ଫା. ବାଜ୍)—
Chālbāj ୧ । କୌଶଳୀ; ଫନ୍ଦିବାଜ୍—
चालबाज 1. Crafty; artful; plotting; machinating; tactician.
चालबाज
(ଚାଲବାଜୀ—ବି) ୨ । ପ୍ରବଞ୍ଚକ—2. Fraudulent.

ଚାଳ—ସଂ. ବି (ଚଳ୍ ଧାତୁ=କମ୍ପନକରିବା, ଗମନ କରିବା+କର୍ତ୍ତୃ. ଅ)
Chāḻa ୧ । ଘରର କ୍ରମନିମ୍ନ ଛପର; ଗୃହପଟଳ—
चाल 1. The sloping thatch of a house.
पाखा; छप्पर ବସେ ନିଜ ସ୍ଥାନରେ ଗଡ଼କର ଊର୍ଦ୍ଧ୍ୱରେ
ମନ୍ଦର ଚାଳ ନବନ୍ତରେ ସେ—ଭକ୍ତ. ବୈଦେହୀଶବିଳାସ ।

୨ । କଡ଼ାଘରର ତୃଣାଚ୍ଛାଦନ—
2. Reed-covering of a thatched house.
୩ । ଖଞ୍ଜନପକ୍ଷୀ; ସ୍ୱର୍ଣ୍ଣଚୂଡ଼ ପକ୍ଷୀ, (ହି. ଶବ୍ଦସାଗର)—
3. The blue jay.
୪ । (+ଭାବ. ଅ) ଚଳନଶୀଳତା—
4. The state of being movable.

ଚାଳ ଅଟ୍ଟୁ—ପ୍ରାଦେ (ଗଡ଼ଜାତ) ବି—ଯେଉଁ ଅଟ୍ଟୁ ଚାଳପର ଦୁଇଅଡ଼କୁ ଗଡ଼ାଣିଆ ହୋଇଥାଏ; ଦକ୍ଷିଣୀ ଅଟ୍ଟୁ—A double-thatched house of which the mud-thatch is sloping towards both sides.
Chāḻa-āṭu

ଚାଳକ—ସଂ. ବି. ପୁଂ (ଚଳ୍ ଧାତୁ ଣିଚ=ଚାଳ ଧାତୁ+କର୍ତ୍ତୃ. ଅକ)—
Chāḻaka ୧ । ଗାଡ଼ି ଚଳାଇବା ବ୍ୟକ୍ତି—
(ଚାଳିକା—ସ୍ତ୍ରୀ) 1. The driver of a vehicle.
୨ । ପରିଚାଳକ; ତତ୍ତ୍ୱାବଧାରକ—
2. Superintendent; guide.
୩ । କୌଣସି ଯନ୍ତ୍ରକୁ ଚଳାଇବା ବ୍ୟକ୍ତି—
3. Conductor of a machine.
୪ । ନେତା—4. Leader.
୫ । ମତ୍ତ ହସ୍ତୀ—5. A mad or infuriated elephant.
୬ । ଯେଉଁ ହାତୀ ଅଙ୍କୁଶକୁ ମାନେ ନାହିଁ (ହି.ଶବ୍ଦସାଗର)—
6. An elephant which does not mind the goad.
୭ । ନୃତ୍ୟରେ ଭାବପ୍ରକାଶ ବା ଚାତୁରୀପ୍ରକାଶ କରିବାପାଇଁ ନର୍ତ୍ତକର ହସ୍ତଚାଳନ କ୍ରିୟା (ହି. ଶବ୍ଦସାଗର); ପାରିଜା—
7. A significant movement of the hands of a dancer to gracefully express the sentiment of the song.
ସଂ. ବିଣ. ପୁଂ—ଚାଳନକାରୀ; ଯେ ଚଳାଏ—Conducting; driving; guiding; causing to move.
ଦେ. ବି—୧ । କୌଣସି ବ୍ୟକ୍ତି ପ୍ରତି ମନ୍ତ୍ରଯନ୍ତ୍ରାଦିର ପ୍ରୟୋଗ—
1. Employing charm or black art against a person.
(ଯଥା—ସେ ଅମୁକକୁ ଚାଳକ କରିଛି ।)
୨ । ଉଚ୍ଚାଟନ; ଉତ୍ତେଜନ—
2. Irritating; exciting; inciting.

ଚାଳକ କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ଉଚ୍ଚାଟନ କରିବା ବା ବଶ କରିବା ସକାଶେ ତାହା ପ୍ରତି ମନ୍ତ୍ର-ଯନ୍ତ୍ର ପ୍ରୟୋଗ କରିବା—1. To employ charms against a person to bring him under control or to madden him.
Chāḻaka karibā
୨ । କଥାରେ ଚଳାଇବା; ଚଡ଼ାଇବା—
2. To tease or provoke by words.
କୃଷ୍ଣ କହିଲେ ହସ୍ତିପାଳକ, କଥା କହୁଛ କରି ଚାଳକ—
ଯାନକୃଷ୍ଣ. ରସକଲ୍ଲୋଳ ।

ଚାଳକ ଲଗା(ଗେ)ଇବା—ଦେ. କ୍ରି—ଚାଳକ କରିବା ୧ (ଦେଖ)—
Chāḻaka lagā(e)ibā Chāḻaka karibā 1 (See)

ଚାଳକୁଡ଼ି—ପ୍ରାଦେ (ଗଡ଼ଜାତ) ବି—ଚାଳିଟାଟି (ଦେଖ)—
Chāḻakurḍi Chāḻitāṭi (See)

ଚାଳକୁଣ୍ଡ—ସଂ. ବି (ନାମ)—ଓଡ଼ିଶାର ପୁରୀଜିଲ୍ଲା ଓ ଗଞ୍ଜାମର ପୂର୍ବ-ପ୍ରାନ୍ତସ୍ଥ ସାମୁଦ୍ରିକ ହ୍ରଦ; ଚିଲିକାହ୍ରଦ (ହି. ଶବ୍ଦ-ସାଗର)—The Chilka lake lying in the districts of Puri and Ganjam.
Chāḻakuṇḍa

ଚାଳଧୂଆ—ପ୍ରାଦେ (ମେଦିନୀପୁର) ବି—କଣ୍ଟାଳିଆ ଛୋଟ ବୃକ୍ଷବିଶେଷ—
Chāḻadhuā Erythrena Suberosa; a thorny shrub.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଁ	ଡ଼ଅ	ଢ଼
୨	ଈ	ଊ	ରୁ	'ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ୱ	ନ୍ତ

ଚାଳନ—ସଂ. ବି (ଚଲ୍ ଧାତୁ ଣିଚ=ଚାଳ ଧାତୁ+ଭାବ.'ଅନ)—
Chālana ୧ । ସ୍ଥାନାନ୍ତର କରିବା; ଚଳାଇବା କର୍ମ—
1. Causing motion; moving a thing.
୨ । (ଅବୟବ ଆଦି) ଇତସ୍ତତଃ ଘୂରାଇବା—2. Brisk exercise; moving to and fro; brandishing.
୩ । ପରିଚାଳନ—3. Management.
୪ । ଖେଳାଇବା; ସଞ୍ଚାଳନ—
4. Movement; ventilation.
୫ । କାର୍ଯ୍ୟରେ ଲଗାଇବା; ପ୍ରୟୋଗ କରିବା—
5. Application.
୬ । ହୁଗୁଳାଇବା—6. Loosening.
୭ । ହଲାଇବା—7. Shaking; wagging.
୮ । ଚାଲୁଣି—8. A sieve; a strainer.
୯ । (+କରଣ ଅନ) ଚାଲୁଣିରେ ଚାଲିଇ କରି ଛାଣିବା—
9. Sifting or straining through a sieve.
୧୦ । ଗତି; ଗମନ (ହି. ଶବ୍ଦସାଗର)—
10. Movement; motion.

ଚାଳନା—ସଂ. ବି (ଚଲ୍ ଧାତୁ ଣିଚ୍ =ଚାଳଧାତୁ+ଭାବ. ଅନ+ଆ)—
Chālanā ୧ । ଆନ୍ଦୋଳନ—1. Agitation.
୨ । ଅନୁଶୀଳନ—2. Exercise.
୩ । ଚର୍ଚ୍ଚା—3. Practice; discussion.
୪ । ଗତି—4. Movement; moving
୫ । ଗତି କରାଇବା—5. Causing anything to move.
୬ । ନିୟନ୍ତ୍ରିତ କରିବା; ନିୟମନ; ପରିଚାଳନ—
6. Guidance; regulation.
୭ । ସୂଚନା; ପ୍ରସ୍ତାବ—7 Hint; proposal.

ଚାଳନୀ—ସଂ. ବି. ସ୍ତ୍ରୀ (ଚାଳଧାତୁ+କରଣ. ଅନ+ସ୍ତ୍ରୀ ଈ)—ଚାଲୁଣୀ—
Chālani Sieve; a strainer.

ଚାଳନୀୟ—ସଂ. ବିଣ (ଚଲ୍ ଧାତୁ. ଣିଚ=ଚାଳଧାତୁ+କର୍ମ. ଅନୀୟ)—
Chālaniya ୧ । ଚାଳିତ ହେବା ଯୋଗ୍ୟ—1. Capable of being moved.
୨ । ଚାଲୁଣିରେ ଚାଲି ହେବା ଯୋଗ୍ୟ—
2. Fit to be sifted or strained.
୩ । ହୁଗୁଳା ଯିବା ଯୋଗ୍ୟ; ଯାହା ହୁଗୁଳା କରିବା ଉଚିତ—
3. Fit to be loosened.

ଚାଳ ବୁଲ—ଦେ. ବି—୧ । ଚାଲବୁଲ; ଯିବା ଆସିବା; ଗମନାଗମନ—
Chāla bula 1. Coming and going.
चलाफिरा ୨ । ଭ୍ରମଣ—2. Walking; walk.
चलताफिरता, डोलडाल

ଚାଳ—ଦେ. ବି (ସଂ. ଛଲ୍ଲ)—ଘରର ଚାଳ ବା ଛପର—
Chāla Thatch of a house.

ଚାଳା—ପ୍ରାଦେ. (ଗଡ଼ଜାତ) ଓ. ଗ୍ରାମ୍ୟ. (ଇତର) ବି (ସଂ. ଚେଟକ; ପ୍ରା. ଚେଡ଼ା)—ଚେଲା; ଶିଷ୍ୟ—Disciple.
Chālā
ଦେ. ବି (ସଂ. ଚଳନ)—ଚାଲି (ଦେଖ)
Chāli (See)

ଚାଳକ (ଇତ୍ୟାଦି)--ବୈଦେ.ବିଣ (ଫା.ଚାଲାକ୍)—ଚାଲାକ ଇତ୍ୟାଦି(ଦେଖ)
Chālāka (etc) Chalāka etc (See)
(ଚାଲାକ—ଅନ୍ୟରୂପ)

ଚାଳକି (ଇତ୍ୟାଦି)--ବୈଦେ.ବି (ଫା.ଚାଲାକୀ)--ଚାଲାକି ଇତ୍ୟାଦି (ଦେଖ)
Chālāki etc) Chalāki etc. (See)
(ଚାଲାକି—ଅନ୍ୟରୂପ) ସେଠାରୁ ଚାଳକି କରି କୈକେୟୀ ରାଣୀ କହିଲେ—
ଜାନକୀଙ୍କ ଦାନ ପରିଚ୍ଛ ପ୍ରମାସ୍ୱନ ।

ଚାଳକିଆ—ଦେ. ବିଣ—ଚାଲାକିଆ (ଦେଖ)
Chālakiā Chalākiā (See)
(ଚାଲାକିଆ—ଅନ୍ୟରୂପ)

ଚାଳାକି (ଇତ୍ୟାଦି)—ବୈଦେ. ବି (ଫା.)—ଚାଲାକି ଇତ୍ୟାଦି (ଦେଖ)
Chālākhi (etc) Chalāki etc (See)

ଚାଲଣ—(ଇତ୍ୟାଦି) ଦେ. ବି—ଚାଲଣ ଇତ୍ୟାଦି (ଦେଖ)
Chālāṇa (etc) Chalāṇa etc (See)

ଚାଳଣୀ—ଦେ. ବି ଓ ବିଣ—ଚାଲଣି (ଦେଖ)
Chālaṇi Chālaṇi (See)

ଚାଳି—ଦେ. ବି (ସଂ. ଛଲ୍ଲି)—୧ । ଛୋଟ ଚାଳ—
Chāli 1. A small thatch.
ଏକଚାଳା ୨ । ଏକପାଖକୁ ଛାଲୁ ଚାଳ ଥିବା ଘର; ଏକଚାଳିଆ ଘର -
एकचाला A house having one sloping thatch only; a thatched lean-to.

ଚାଲି—ଦେ. ବି. (ସଂ.ଚଲ୍ ଧାତୁ)—୧ । ଗମନ; ଭ୍ରମଣ; ପାଦଚାରଣ—
Chāli 1. Walking.
चलन ହେଲେ ଯେ ମନ୍ଦରସ୍ତନା ତୋ ସୁନ୍ଦର ଚାଲିରେ କରିବ ଦୃଷ୍ଟିଦାନ ।
चाल କବିସୂର୍ଯ୍ୟ, ସଙ୍ଗୀତ ।
୨ । ଗମନ କରିବାର ରୀତି—2. Gait; mode of walking; deportment.
୩ । ଗତିର ବେଗ—3. Velocity.
୪ । ଆଚରଣ—4 Conduct.
ଚରିତର ଚାଲି ଉତ୍ତମମ୍ । କବିସୂର୍ଯ୍ୟ. କଳୋମ୍ପତଃ . ବ ଗୀତ ।

ଚାଳିଆ— ଦେ. ବି —ଚାଳି (ଦେଖ)
Chālia Chāli (See)
ଦେ. ବିଣ.—(ଅନ୍ୟ ଶବ୍ଦ ପରେ ଯୁକ୍ତ ହୋଇ)—ଚାଳ ବା ଛପରଯୁକ୍ତ—(used in compound) Thatched; having such or such a thatch.
(ଯଥା—ଏକଚାଳିଆ, ଦୋଚାଳିଆ, ନାହାଚାଳିଆ ।)

ଚାଳିତ—ସଂ. ବିଣ.—(ଚଲ୍ ଧାତୁ, ଣିଚ+କର୍ମ. ତ)—୧ । ସଞ୍ଚାଳିତ -
Chālita 1. Caused to move; made to move.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

୨ । ସ୍ଥାନାନ୍ତରିତ—2. Moved away; transferred.
୩ । ଆନ୍ଦୋଳିତ—3 Agitated, stirred.
୪ । ପ୍ରସ୍ତାବିତ—4. Proposed.
୫ । ଅନୁଶୀଳିତ—5. Exercised.

ଚାଲି ଟାଟି—ପ୍ରାଦେ. (ଗଡ଼ଜାତ) ବି.—ଦୁଇ ପାଖରେ ବାଉଁଶବତା ଦ୍ୱାରା ବୁଣା ଯାଇ ତିଆରି କରା ଯାଇଥିବା ଏକ ପ୍ରକାର ସ୍ଥାନାନ୍ତରଯୋଗ୍ୟ ଚାଳ ବା ଛପର—
Chāḻi tāṭi
A movable frame of thatch which is bound by split bamboos on both sides.
[ଦ୍ର—ଏହି ଚାଲିର ମଝି ବାଉଁଶକୁ ଟେକି ଦେଲେ ଦୁଇ ପାଖକୁ ଚାଳର ଦୁଇଟି ପଞ୍ଝରା ଓହୋଳି ପଡ଼େ । ଲୋକେ ଏ ପ୍ରକାର ଚାଳକୁ ସହଜରେ ଉଠାଇ ନେଇ ଖୁଣ୍ଟ ଉପରେ ଉଚ୍ଚ ଖାଡ଼ି କରି ଖାଡ଼ିଉପରେ କୁଡ଼ିଆ ମାରି ଜଙ୍ଗଲ ଭିତରେ କ୍ଷେତ ଜଗନ୍ତି ଓ ଫସଲ ଉଠିଯାଇ ଜଗିବା କାର୍ଯ୍ୟ ଶେଷ ହେଲେ ଚାଳଟାଟିକୁ ପୁଣି ଉଠାଇ ଆଣନ୍ତି ।]

ଚାଲିବା—ଦେ. କ୍ରି. (ସଂ. ଚଲ୍ ଧାତୁ. ଣିଚ=ଚାଳି ଧାତୁ; 'ଚଳିବା'ର ଣିଜନ୍ତରୂପ)—୧ । ଚାଳନ କରିବା; ଗତି କରାଇବା—
Chāḻibā
চালান 1, To move; to set in motion.
चलाना ହେ ଜଳଧର, ବଇଣୀ ପାଦ ମଣ୍ଡାଳ ଚାଳ ।
(ଚଳାଇବା—ଅନ୍ୟରୂପ) ଭଞ୍ଜ. ପ୍ରେମସୁଧାନିଧି ।

୨ । ଉତ୍ତେଜିତ କରିବା; ଟେହିବା; ମତାଇବା—
2. To excite; to incite; to instigate.
ଅଳୀକ ଅଳାପି ତାକୁ ଦେଉଥିଲା ପ୍ରତିପଦରେ କୋଳତପଟତ—
କବିସୂର୍ଯ୍ୟ. ସଙ୍ଗୀତ ।

୩ । ଆନ୍ଦୋଳିତ କରିବା—3. To stir up; to agitate.
୪ । ରଗାଇବା; ଚିଡ଼ାଇବା—
4. To make angry; to irritate.
ଏତେ ଅମିତ ଆଚରିଲେ । ନିର୍ଗୁଣ ମୁନିଙ୍କି ଚାଳିଲେ—
ଜଗନ୍ନାଥ. ଭାଗବତ ।

୫ । (କିବାହାଦି କାର୍ଯ୍ୟ) ସମ୍ପନ୍ନ ହେବା ବିଷୟରେ ସାହାଯ୍ୟ କରିବା—5. To help some one in accomplishing a work.
୬ । (ମୁଣ୍ଡ, ହାତ, ଯଷ୍ଟି) ହଲାଇବା—6. To shake from one side to another; to brandish,
୭ । ଅଭାବ ବା ଗରଜ ପୂରଣ କରିବା; ଆବଶ୍ୟକ ପଡ଼ିବା ବେଳେ ସାହାଯ୍ୟ କରିବା—7. To help a person in need.
୮ । ସ୍ଥାନାନ୍ତରିତ କରିବା, ଘୁଞ୍ଚାଇବା—
8. To remove; to shuffle.
ଭକତ ହୃଦୟ ବଦନ । ଚେଉଣ ଚାଳିଲ ଅସନ—
ଜଗନ୍ନାଥ. ଭାଗବତ ।

୯ । (ପଶାଖେଳ ଆଦିରେ ସାରିକୁ) ଦାନ ପକାଇ ଦାନ ଅନୁସାରେ ଏକ ଘରୁ ଅନ୍ୟ ଘରକୁ ନେବା —
9. To move the chessmen on a chess-board or dice-board from one room to another according to the throw.
୧୦ । (ଗାଡ଼ି, ଘୋଡ଼ା ଓ ଯନ୍ତ୍ରାଦି) ଚାଳିତ କରିବା—
10. To conduct or drive (a conveyance or animal).
୧୧ । (କୌଣସି ସମ୍ବାଦ) ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଇବା—11. To circulate (some news).
ଚାଳଇ ଯେବେ ମୁଁ ଶୁଭ ସନ୍ଦେଶ—କବିସୂର୍ଯ୍ୟ. କବିତା ।
୧୨ । ମନ୍ତ୍ରଯନ୍ତ୍ର ଦ୍ୱାରା କୌଣସି ବ୍ୟକ୍ତିକୁ ଉନ୍ମତ୍ତ କରିବା —
12. To madden or excite a person by the use of charms.
୧୩ । (ସାପକୁ) ଖେଳାଇବା; ସାପର ଦେହରେ ହାତ ମାରି ଓ ପଦ୍ମତୋଳା ବୋଲି ତାକୁ ଗତିବିଶିଷ୍ଟ କରିବା —
13. To cause a snake to move by exciting it
ଶଙ୍କାର ନୋହି କଳା ନାଗକୁ ଚାଳିଲୁ ଭେ—
କବିସୂର୍ଯ୍ୟ. କଂଶୋଗିତଖ୍ଣ୍ଡ ଗୀତ ।

ଚାଲିବା—ଦେ. କ୍ରି (ସଂ. ଚଲ୍ ଧାତୁ)—୧ । ଗତି କରିବା—
Chāliba 1. To move.
চলা ଚାଲିଲେ ମହେନ୍ଦ୍ରମୂର୍ତ୍ତେ ଅନଳ ସହିତେ—ରାଧାନାଥ. ମହାଯାତ୍ରା ।
चलना ୨ । ଭ୍ରମଣ କରିବା; ପାଦଚାରଣ କରିବା—
[ଚଳା(ଲେ)ଇବା—ଣିଜନ୍ତରୂପ] 2 To walk.
୩ । ପୂର୍ବପରି ଗତି କରିବା—
3. To continue; to go on as bofore.
୪ । ଘଟିବା—4. To happen.
୫ । (କାର୍ଯ୍ୟ) ଚଳିବା; ପରିଚାଳିତ ହେବା —
5. To be conducted or moved.
୬ । ବ୍ୟବହାରରେ ଲାଗୁଥିବା —
6. To be used or utilised.
୭ । ଗମନାଗମନ କରିବା —7. To come and go.
୮ । ଲମ୍ବଭାବରେ ପାଡ଼ିତ ହେବା—
8. To be laid along.
(ଯଥା—କାନ୍ଥ ଉପରେ ଉପରେ ଖେଣୀ ଚାଲିଛି ।)
[ଦ୍ର—ଚାଲିବା କ୍ରିୟାର ଅସମାପିକାରୂପ ସଙ୍ଗେ ଆସିବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଚାଲି ବେଲି—ଦେ. ବି—ଚାଲ୍‌ଚଳଣି (ଦେଖ)
Chāli beli Chāl chalaṇi (See)
ଅର୍ଜ୍ଜୁନଙ୍କର ଚାଲିବେଲିଟି ଯେତେକ୍ଷଣି
ଦେଖ ଏହା ଦେହରେ ଅଛି ତ ଚେତେକ—କୃଷ୍ଣସିଂହ. ମହାଭାରତ. ବନ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଡ଼ଅ	ଝ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଢ଼	ନ୍ତ

ଚାଲି ଯିବା—ଦେ. କ୍ରି—୧ । ପାଦରେ ଗତି କରି କୌଣସି ସ୍ଥାନକୁ ଯିବା—
Chāli jibā 1. To go by walking on foot; to walk.
চলেযাওয়া
चला जाना

୨ । କୌଣସି ସ୍ଥାନ ପରିତ୍ୟାଗ କରିବା; ପ୍ରସ୍ଥାନ କରିବା—To leave; to depart; to to go away.

୩ । (ଶୁଭବାଦନ) ମରିଯିବା—3. (Euphemism) To die; to pass away.

୪ । ସଂସାର ତ୍ୟାଗ କରିବା; ବୈରାଗ୍ୟ ବା ବାନପ୍ରସ୍ଥ ଅବଲମ୍ବନ କରିବା—4. To retire from worldly concerns; to renounce the world.

୫ । (କାର୍ଯ୍ୟ) ଚାଲିବା; ସମ୍ପାଦିତ ହେବା—5. (a work) To go on; to be accomplished.

୬ । ଲୋପ ପାଇବା; ଲୁପ୍ତ ହେବା—6. To disappear; to vanish.

ସେ ପ୍ରଭୃତି ଚାଲିଗଲେ କାହିଁ କୌଶଳ
ବଳେ ଯିବ ସ୍ୱାଧୀନତା × × × ରାଧାନାଥ. ମହାଯାତ୍ରା ।

୭ । (ଏତେ କାଳ ପାଇଁ) ସ୍ଥାୟୀ ହେବା—
7. To last for (some time).
[ଯଥା—ଏ ଲୁଗା ଖଣ୍ଡି ୩ ବର୍ଷ ଚାଲିଯିବ ।]

୮ । (ସମୟ) ଅତିବାହିତ ହେବା; ଅତିକ୍ରାନ୍ତ ହେବା—
8. (time) To pass away.
[ଯଥା—ଏ ସୁଖର ଦିନ ଶୀଘ୍ର ଚାଲିଯିବ]

ଚାଲିଲି ଚାଲିଲି ହୋଇ ଯିବା—ଦେ. କ୍ରି—ଧୀରେ ଧୀରେ ଚାଲି ଚାଲି
Chālilā chālilā hoi jibā କୌଣସି ସ୍ଥାନକୁ ଯିବା—
To go to a place by slow walking.

ଚାଳିଶ—ଦେ. ବି. (ସଂ. ଚତ୍ୱାରିଂଶତ୍; ପ୍ରା. ଚତ୍ତାଳୀସ)—୪୦ ସଂଖ୍ୟା—
Chā̱lisa The number 40.
চালিস
चालीस

ଦେ. ବିଣ.—୧ । ୪୦ ସଂଖ୍ୟକ—1. Numbering forty.

୨ । ଚାଳିଶ ସଂଖ୍ୟାର ପୂରଣ—2 Fortieth.

ଚାଳିଶା—ଦେ. ବିଣ. (ସଂ. ଚତ୍ୱାରିଂଶ; ପ୍ରା. ଚତ୍ତାଳୀସା)—
Chā̱lisā ୪୦ ସଂଖ୍ୟା ସମ୍ବନ୍ଧୀୟ—Relating to 40.
চল্লিশা; চালসা
चालीसा

ଦେ. ବି—୧ । ପ୍ରାୟ ୪୦ ବର୍ଷ ବୟସ ପରେ ମନୁଷ୍ୟର ଦୃଷ୍ଟିଶକ୍ତିର କ୍ଷୀଣତା—1. Dimness of eyesight which overtakes a man generally after the age of 40.

୨ । ଚାଳିଶ ନମ୍ବରିଆ କଳ ସୂତା—
2. Twist of 40 counts.

୩ । ୪୦ ବସ୍ତୁର ପୁଞ୍ଜ ବା ସମାହାର—
3. A group or aggregate of 40 things.

ଚାଳିଶାଦୁଇଶ—ଦେ. ବି. (ସଂ. ଚତ୍ୱାରିଂଶତ୍ + ଦ୍ୱିଶତ)—ଦୁଇ ଶତ
Chā̱lisā duisa ଚାଳିଶ ସଂଖ୍ୟା—240.
ଚବିଶି ଦଣ୍ଡା ଚାଳିଶାଦୁଇଶ ପଣ ପନ୍ଦର କାହାଣ—ପଣିକିଆ ।

ବିଣ—ଦୁଇଶତ ଚାଳିଶ ସଂଖ୍ୟକ—Numbering 240.

ଚାଳିଶାଶହେ—ଦେ. ବି—୧୪୦ ସଂଖ୍ୟା—
Chā̱lisā sahe The number 140.

ଦେ. ବିଣ—୧୪୦ ସଂଖ୍ୟକ—140 in number.
ଚଉଦ ଦଣ୍ଡା ଚାଳିଶାଶହେ ପଣ ଆଠ କାହାଣ ବାର ପଣ—ପଣିକିଆ ।

ଚାଳିଶି—ଦେ. ବି. ଓ ବିଣ—ଚାଳିଶ (ଦେଖ)
Chā̱lisi Chā̱lisa (See)

ଚାଳିଶି ଘରିଆ—ପ୍ରାଦେ. (ବାଲେଶ୍ୱର) ବି—ଏକ ଶ୍ରେଣୀର ଗଉଡ଼;
Chā̱lisi gharia ଗୋପପୁରିଆ ଗଉଡ଼—
A sect of cowherds
[ଦ୍ର—ଏମାନେ ପାଲିଙ୍କି, ସବାରି ଆଦି ବୁହନ୍ତି ନାହିଁ; କେବଳ ଗୋରୁ ଜଗନ୍ତି ।]

ଚାଲୁ—ଦେ. ବି. (ସଂ. ଚଳନ)—ଯାନାଦିର ଗତି; ଚାଲି—
Chālu Motion of a conveyance.
(ଯଥା—ଏ ପାଲିଙ୍କିର ଭଲ ଚାଲୁ ଅଛି ।)

ଚାଳୁଆ—ଦେ. ବିଣ—୧ । ଚାଳ ସମ୍ବନ୍ଧୀୟ -
Chālua 1. Relating to the thatch.

୨ । ଯେଉଁ ମୂଷାମାନେ ଚାଳରେ ବସା କରି ରହନ୍ତି—
2. (mice) Living in the thatches.

ଚାଲୁକ୍ୟ—ଦେ. ବି. (ନାମ)—ଦାକ୍ଷିଣାତ୍ୟର ଏକ ପ୍ରାଚୀନ ପ୍ରସିଦ୍ଧ ପରାକ୍ରମୀ
Chālukya ରାଜବଂଶ—Name of a historic line of powerful kings of the Deccan.
[ଦ୍ର—ବିହ୍ଲଣଙ୍କ ବିକ୍ରମାଙ୍କଚରିତରେ ଲେଖା ଅଛି ଯେ ବ୍ରହ୍ମାଙ୍କ ଚୁଲୁକ (ଚଳୁ)ରୁ ଏ ବଂଶର ଆଦିପୁରୁଷ ଜନ୍ମିଥିବାରୁ ଏ ବଂଶର ଏହି ନାମ । କିନ୍ତୁ ତାମ୍ରପତ୍ର ଶାସନମାନଙ୍କରୁ ଦେଖାଯାଏ ଯେ ଏମାନେ ଚନ୍ଦ୍ରବଂଶୀୟ । ବିଷ୍ଣୁବର୍ଦ୍ଧନ, ୧ମ ପୁଲକେଶୀ, କୀର୍ତ୍ତିବର୍ମ୍ମା, ମଙ୍ଗଳୀଶ, ସତ୍ୟାଶ୍ରୟ ବା ୨ୟ ପୁଲକେଶୀ, ଚନ୍ଦ୍ରାଦିତ୍ୟ, ଆଦିତ୍ୟବର୍ମା, ବିକ୍ରମାଦିତ୍ୟ, ବିନୟାଦିତ୍ୟ, ତ୍ରିଭୁବନମଲ୍ଲ, ତୈଲ ଆଦି ଏହି ବଂଶୀୟ ରାଜା ଥିଲେ । ବିଷ୍ଣୁବର୍ଦ୍ଧନ, ଗଙ୍ଗ ଓ କାଦମ୍ବବଂଶକୁ ପରାସ୍ତ କରି ଦକ୍ଷିଣରେ ରାଜତ୍ୱ ସ୍ଥାପନ କରିଥିଲେ । ୨ୟ ପୁଲକେଶୀ ମାଳବା, ଗୁଜରାଟ, ମହାରାଷ୍ଟ୍ର, କୋଙ୍କଣ ଓ କାଞ୍ଚି ଆଦି ଜୟ କରି ଆପଣା ରାଜ୍ୟଭୁକ୍ତ କରିଥିଲେ । ଚୀନ ପରିବ୍ରାଜକ ୨ୟ ପୁଲକେଶୀଙ୍କ ବର୍ଣ୍ଣନା କରିଅଛନ୍ତି । ଏ ରାଜବଂଶରେ ବିକ୍ରମାଦିତ୍ୟ ଓ ତୈଲ ନାମଧାରୀ ଏକାଧିକ ରାଜା ଥିଲେ । ଏ ବଂଶ ଶକାବ୍ଦ ୪୧୧ ଠାରୁ ୧୧୧୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମହୀଶୂରର ହୟଶାଳ ବଂଶର ରାଜାମାନେ ଏ ବଂଶର ରାଜାଙ୍କୁ ପରାସ୍ତ କରି ରାଜ୍ୟ ବିସ୍ତାର କରିଥିଲେ—
ହି. ଶବ୍ଦସାଗର ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଥ' ନ ମିଳିଲେ 'କୃଥ୍' ଦେଖିବେ; 'ବଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚାଲୁଣିଆଁ—ଦେ. ବି. (ଚାଲୁଣୀ ପରି ବହୁ ଛିଦ୍ରବିଶିଷ୍ଟ ଥିବାରୁ)—
Chāluṇiā̃ ୧ । ବହୁ ମୁଖବିଶିଷ୍ଟ ବ୍ରଣ; ପଠାବ୍ରଣ—
বোলতারবাসা 1. Carbuncle or boil bursting out into
तलवासना many holes like a sieve.
୨ । ଗୋଡ଼ ତଳପାରେ ହେବା ବହୁଛିଦ୍ରଯୁକ୍ତ ରୋଗବିଶେଷ—
2. A disease causing numerous pores in the sole or heel.

ଚାଲୁଣିଆଁ କରି ମାଟି ପକା(କେ)ଇବା—ଦେ. କ୍ରି.—ଟୋକେଇରେ
Chāluṇiā̃ kari māṭi pakā(e)ibā ବୋହିବା ମାଟିକୁ ଏକ ସ୍ଥାନରେ ଗଦା ନ କରି ଚାରିଆଡ଼େ ଚତରେଇ ବା ଖେଳେଇ କରି ଢାଳି ଦେବା—To scatter a basketful of earth in a large area (instead of pouring it down to a heap.)

ଚାଲୁଣି ଜଳା—ଦେ. ବି.—ନଖ ଦର୍ପଣ (ଦେଖ)
Chāluṇi jaḻā Nakha darpaṇa (See)

ଚାଲୁଣି ପାଣି—ଦେ. ବି.—ପ୍ରଥମ ରଜସ୍ୱଳା ବାଳିକାର ପ୍ରଥମ ରଜୋ-
Chāluṇi pāṇi ଦର୍ଶନ ହେବା ମାତ୍ରକେ ତାକୁ ନେଇ ବାଉଁଶ ନଡ଼ିଆ ବା ଅନ୍ୟ ଗଛ ମୂଳେ ବସାଇ ତା ମୁଣ୍ଡ ଉପରେ ଗୋଟିଏ ଚାଲୁଣୀ ଧରି ତହିଁରେ ସାତ ଜଣ ଅହ୍ୟ ସ୍ତ୍ରୀ ହଳଦିପାଣି ଢାଳିବା ରୂପ ସ୍ତ୍ରୀଆଚାର—
A rite consisting of seven housewives holding a sieve over the head of a girl and giving her a shower bath by pouring water on the sieve just after her first menses.

ଚାଲୁଣୀ—ଦେ. ବି.—(ସଂ. ଚାଲନୀ)—ଚୂର୍ଣ୍ଣ ଆଦିର ସୂକ୍ଷ୍ମ ଅଂଶ ଛାଣିବା
Chāluṇī ନିମନ୍ତେ ବ୍ୟବହୃତ ବହୁଛିଦ୍ରଯୁକ୍ତ ପାତ୍ରବିଶେଷ—
চালুনী A sieve; a strainer.
चलनी, छलनी

ଚାଲୁଣୀ ଜଳାର ପ୍ରାୟ ଅସନ୍ତର ଗର୍ଭ,
ସୁଲଭେ ପକାଇ ସେ ଅଙ୍ଗେ ରଖେ ସର୍ବ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

ଚାଲ୍ୟ—ସଂ. ବିଣ. (ଚଲ୍ ଧାତୁ. ଣିଚ + କର୍ମ. ଯ)—ଚାଳନୀୟ (ଦେଖ)
Chālya Chāḻanīya (See)

ଚାଶାଳୀ—ଗ୍ରା. (ଇତର) ବି.—(ସଂ. ଛାତ୍ରଶାଳା; ନବ୍ୟ ସଂ. ଚଟ୍ଟଶାଳା)—
Chāśāḻi ଚାଟଶାଳି; ପାଠଶାଳା; ଚାଟଶାଳ—Village-school.

ଚାଶାଳି ତ ଗଲା କରିକି ବଡ଼ିକି ସାଙ୍ଗ ବସିଛନ୍ତି ଚାହିଁ ।
ଉକ୍ତାସ. ସାଅନ୍ତଅ ବାହୁ ।

ଚାଷ—ସଂ. ବି. (ଚଷ୍ ଧାତୁ=ଭକ୍ଷଣ କରିବା + କର୍ତ୍ତୃ. ଅ)—୧ । ସ୍ୱର୍ଣ୍ଣ-
Chāsha ଚାତକ; ଚଷାପୁଅ ପକ୍ଷୀ; ଚଦଚଦିଆ ପକ୍ଷୀ—
1. Fairy blue bird (a kind of swallow).
୨ । ଇକ୍ଷୁ; ଆଖୁ—2. Sugarcane.
ଦେ. ବି. (ସଂ. କୃଷ୍ ଧାତୁ)—୧ । କୃଷି କର୍ମ—
চাষ 1 Agriculture; agricultural operations;
चास farming husbandry.
୨ । ଭୂମି କର୍ଷଣ—
2. Ploughing; cultivating; tillage.
୩ । କୃଷି ବୃତ୍ତି; ହଳବାଡ଼; କ୍ଷେତ—
3. Plough-land; holding; tenure.

ଚାଷ କରିବା—ଦେ. କ୍ରି. (ସଂ. କୃଷ୍ ଧାତୁ)—୧ । କୃଷି କରିବା—
Chāsha karibā 1. To perform agricultural operations.
চাষকরা
चासना ୨ । ହଳ ବୁଲାଇବା—2. To plough a field.

ଚାଷବାସ—ଦେ. ବି. (ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ)—୧ । ହଳବାଡ଼;
Chāsha bāsa ହଳ ଓ ଘର ବାଡ଼ି—
চাষবাস 1. Plough-land and homestead.
खेतीबारी ୨ । କୃଷିକର୍ମମାନ—2. Agricultural operations.
୩ । କୃଷିବୃତ୍ତି—3. Agriculture as a profession.

ଚାଷମୁଣ୍ଡ—ଦେ. ବି.—(ଲକ୍ଷଣାର୍ଥ) କୃଷିର ଶେଷ ବା ଫସଲ ଅମଳ
Chāsha muṇḍa ହେବା ସମୟ—Harvest-season.

ମଝିରେ ଆଉ କାହାରିକୁ ଲଗା ନ ରଖି ଚାଷ ମୁଣ୍ଡରେ ଚାଷିମାନଙ୍କଠାରୁ ସହଜ ବଳେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚାଷୀ—ଦେ. ବି. (ସଂ. କର୍ଷକ)—କୃଷିଜୀବୀ; କୃଷକ; ଚଷା—
চাষী Cultivator; peasant; farmer.
किसान
(ଚାଷୁଣୀ—ସ୍ତ୍ରୀ) ଦେ. ବିଣ.—ଜମି ଚାଷ କରୁଥିବା (ବ୍ୟକ୍ତି)—
(a person) Cultivating a plot of land.

ଚାସ୍—ବୈଦେ. ବି. (ଅ. ତାସ୍)—ତାସ୍ (ଦେଖ)
Chās Tās (See)

ଚାସ—ସଂ. ବି.—ଚାଷ (ଦେଖ)
Chāsa Chāsha (See)

ଚାହା (ଇତ୍ୟାଦି)—୧ । ବୈଦେ. ବି. (ଚୀନ୍‌ଭାଷା. ଚା)—
Chāhā (etc) ଚା ଇତ୍ୟାଦି (ଦେଖ)
1. Chā etc (See)
୨ । ଚାହିଁତା (ଦେଖ)
2. Chāhitā (See)

ଚାହାଁ—ଦେ. ବି. (ସଂ. ଚକ୍ଷ୍ ଧାତୁ)—ଦେଖିବା; ଅନାଇବା; ଚାହାଣି—
Chāhā̃ Look; glance.
ଦେ. ଅ. (ବିସ୍ମୟସୂଚକ)—(ତୁ) ଦେଖ୍—
Look; (you) see.
ଦେ. କ୍ରି. (ଦେଖିବା କ୍ରିୟାର ଅନୁଜ୍ଞା)—(ତୁ) ଦେଖ୍—
(you) See.

ଚାହାଁରେ ନନ୍ଦକିଶୋରକୁ
ଜୀବନର ବନ୍ଧୁ ରାଧାଗୋବିନ୍ଦ ସଜକୁ । ପ୍ରାଚୀନ ସଙ୍ଗୀତ ।

ଚାହାଁଇବା—ଦେ. କ୍ରି. ('ଚାହିଁବାର' ଣିଜନ୍ତରୂପ)—
Chāhā̃ibā ଚହାଁଇବା; ଚାହାଁଇବା; ଦେଖାଇବା—
1. To show.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଷ,ସ	ଙ୍କ	ଇଯ୍ୟ	ଉଅ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଂ	ଇଅ	ଓ	ନ୍ତ

୨ । ଚାହିଁବା; ଦେଖିବା—2. To look at; to see.
ଚତୁର୍ଦ୍ଦିଗେ ଚାହିଁଲେ ସେ ପଙ୍କଜ ଲୋଚନ । ପ୍ରାଚୀ. ରସବାରିଧି ।

ଚାହାଁଚହିଁ—ଦେ. ବ—ଚାହାଁଚାହିଁ (ଦେଖ)
Chahān̄ chahin̄ Chāhān̄ chāhin̄ (See)

ଚାହାଁଚାହାଁ—ଦେ. କି. ବଣ—ଚାହିଁ ଚାହିଁ କା; ଦୃଷ୍ଟିନିକ୍ଷେପ କରି କରି—
Chāhān̄ chāhān̄ Looking on or glancing for some time.
ଦେ. ବ—ବାରଂବାର ଇତସ୍ତତଃ ଦୃଷ୍ଟିନିକ୍ଷେପ—
Repeated glancing
ଦେ. ବଣ—ବାରଂବାର ଇତସ୍ତତଃ ଦୃଷ୍ଟିନିକ୍ଷେପ କରୁଥିବା—
Repeatedly glancing about

ଚାହାଁଚାହାଁ କରିବା—ଦେ. କ୍ରି—୧ । ସାବଧାନତା ସହିତ ଇତସ୍ତତଃ
Chāhān̄chāhān̄ karibā ବାରମ୍ବାର ଦୃଷ୍ଟି ବୁଲାଇବା—
1. To cast repeated glances on all sides with caution.
୨ । କୌଣସି ବ୍ୟକ୍ତିକୁ ଅପେକ୍ଷା କରି ବିଳମ୍ବ କରିବା—
2. To loiter waiting for some one.

ଚାହାଁଚାହାଁ ହେବା—ଦେ. କ୍ରି—ଚାହାଁଚାହାଁ କରିବା (ଦେଖ)
Chāhān̄chāhān̄ hebā Chāhān̄chāhān̄ karibā (See)

ଚାହାଁଚାହିଁ—ଦେ. ବ—ପରସ୍ପର ପ୍ରତି ଦୃଷ୍ଟିନିକ୍ଷେପ—
Chāhān̄chāhin̄ Looking at each other; mutual glance.
चाहाचाहि

ଚାହାଁଚୁହିଁ—ଦେ. ବ—ଚାହାଁଚାହିଁ (ଦେଖ)
Chāhān̄chuhin̄ Chāhān̄chāhin̄ (See)

ଚାହାଡ଼ା—ଦେ. ବି. ସ୍ତ୍ରୀ—ରାଣୀଙ୍କ ଦାସୀ ବିଶେଷ—
Chāhārḍā A class of maid servants of the ranees.

ଚାହାଁଣି—ଦେ. ବ—ଚାହାଣି (ଦେଖ)
Chāhān̄ṇi Chāhāṇi (See)

ଚାହାଣି—ଦେ. ବ (ସଂ. ଚାକ୍ଷୁ ଧାତୁ=ଚାକ୍ଷୁଷ ଜ୍ଞାନ ଲଭିବା)—
Chāhāṇi ୧ । ଦୃଷ୍ଟି—1. Look.
चाहनि; चाउनि ଏହା ଶୁଣିଣ ଧୃତରାଷ୍ଟ୍ର ନରମଣି
चितवन;चितवनी ପୁତ୍ରଙ୍କ ଆଖିରେ କରିଣ ଚାହାଣି ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।
୨ । ଦୃଷ୍ଟିଭଙ୍ଗୀ—2. Glance.
୩ । ଦେଖିବା—3. Seeing.
୪ । ଅପାଙ୍ଗ ଦୃଷ୍ଟି—4. Sidelong glance.
ଚୁମ୍ବ ଦେଇ ଗଣି ଗଣି ଅଧରେ ଚାହାଣି ହାଣି
ଭଣେ ପ୍ରେମେ ପିକବାଣୀ ବାଣୀ । ଭଞ୍ଜ. ପ୍ରେମସୁଧାନିଧି ।

ଚାହାଣି ଛଟକ—ଦେ. ବ—ଚାହିଁବାର ଢଙ୍ଗ; ଅପାଙ୍ଗଦୃଷ୍ଟି—
Chāhāṇi chhaṭaka Sidelong glance.

ଚାହାଣି ମଣ୍ଡପ—ଦେ. ବ—ରଥଯାତ୍ରାରୁ ଜଗନ୍ନାଥ ଓ ଲଙ୍ଗରାଜ ମହାପ୍ରଭୁ
Chāhāṇi maṇḍapa ଫେରିବା ସମୟରେ ଦେଉଳରେ ପଶିବା ପୂର୍ବରୁ ବାଟରେ ଅସୁଥିବା ଅବସ୍ଥାରେ ଦେଉଳର ବେଢ଼ା ମଧ୍ୟରେ ଥିବା ଯେଉଁ ମଣ୍ଡପରେ ଠାକୁରାଣୀଙ୍କ ପ୍ରତିମାକୁ ନେଇ ବିଜେ କରାଯାଏ ଓ ଯେଉଁଠାରୁ ଠାକୁରାଣୀ ବାହୁଡ଼ାବିଜେ କରୁଥିବା ପତିଙ୍କୁ ଚାହିଁବେ ବୋଲି ଅନୁମାନ କରାଯାଏ—A platform where the Goddess of a Deity is taken to have a look at the Deity in the car in his return-journey to the temple

ଚାହାନି—ପ୍ରାଦେ. (ସମ୍ବଲପୁର) ବ—ଚାହାଣି (ଦେଖ)
Chāhāni Chāhāṇi (See)

ଚାହାରସମ୍ବା—ବୈଦେ. ବ. (ଆ. ଚାହାରସମ୍ବାହ୍)—
Chāhār sambā ଚାରସମା (ଦେଖ)
(ଚାହାର ସମ୍ବା—ଅନ୍ୟରୂପ) Chārsamā (See)

ଚାହାରମ୍—ବୈଦେ. ବଣ. (ଫା. ଚାହାରମ୍)—୧ । ଚତୁର୍ଥ—
Chāhāram 1. Fourth.
चौथा ୨ । ଚତୁର୍ଥ ବା ନିକୃଷ୍ଟ ଶ୍ରେଣୀର—
चाहारम 2. Of the 4th or inferior class.

ଚାହାରମ୍ ଜମି—ବୈଦେ. ବ. (ଫା. ଚାହାରମ୍+ଜମୀନ୍)—
Chāhāram jami ମୁସଲମାନ୍ ରାଜାଙ୍କ ଅମଳରେ ଜମିର ଶ୍ରେଣୀ-ବିଭାଗ ବିଶେଷ; ଚତୁର୍ଥ ଶ୍ରେଣୀର ନିକୃଷ୍ଟ ଜମି—
A classification of lands made during the Mahomedan rule in India; land of the 4th or inferior class.

ଚାହାରମ୍ ଫାତିଆ—ବୈଦେ. ବ. (ଫା) ବ—ମୁସଲମାନ୍‌ମାନଙ୍କର
Chāhāram phātiā ମୃତ୍ୟୁ ପରେ ଚତୁର୍ଥ ଦିବସରେ ହେବା
चाहारम फातिआ ଅନୁଷ୍ଠାନ ବା ଉତ୍ସବ—
चाहारम फातिआ The religious rites performed on the 4th day after the death of a Mahomedan.

ଚାହାଳି—ଦେ. ବ. (ସଂ. ଚଟ୍ଟଶାଳା)—ଚାଟଶାଳି (ଦେଖ)
Chāhāḻi Chāṭaśāḻi (See)

ଚାହାଳିଆ—ଦେ. ବଣ—ଚାଟଶାଳିଆ (ଦେଖ)
Chāhāḻiā Chāṭaśāḻiā (See)

ଚାହାଳି କରିବା—ଦେ. କ୍ରି—ପିଲାଏ ଛାତ୍ର ସଂଗ୍ରହ କରି ଗୋଟିଏ ପାଠଶାଳା
Chāhāḻi karibā ଖୋଲିବା—To open an elementary school by gathering some pupils.

ଚାହାଳିରେ ବସିବା—ଦେ. କ୍ରି—(ବାଳକ ବା ବାଳିକା) ପାଠଶାଳାରେ
Chāhāḻire basibā ପ୍ରବେଶ କରି ପାଠ ଆରମ୍ଭ କରିବା—
(a boy or girl) To be admitted into a village-school to begin education.

ସାଧାରଣ ଜ୍ଞାତବ୍ୟ: ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଂା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

ଚାହାଲ୍ଲମ୍—ବୈଦେ. ବି. (ଅ)—ମୁସଲମାନ୍‌ମାନଙ୍କର ସଫର୍ ମାସର ବିଂଶ ଦିନ—The 20th day of the Mahomedan month of Safar.
Chāhāllam
चाहाल्लम

ଚାହି—ଦେ. ବିଣ—୧ । ଆବଶ୍ୟକ; ଦର୍କାର—1. Necessary; required.
Chāhi
चाहि
दरकार
ପ୍ରବୋଧୁଛ ବୋଇଲେ ଅହେ ନରସାଇଁ
ଉପାୟ ଅଛି କରି ପାରିବାର ଚାହି । କୃଷ୍ଣସିଂହ. ମହାଭାରତ. ବନ ।

୨ । ଉଚିତ—2. Proper.
(ଯଥା—ପିଲାମାନେ ଗୁରୁଙ୍କୁ ମାନିବା ଚାହି ।)

ଦେ. ଅ—ଅପେକ୍ଷା; ଠାରୁ—Than.
से
चाहि
(ଯଥା—ତା ଚାହି ମୋର ସଂସାରରେ ଆଉ କେହି ପ୍ରିୟ ବ୍ୟକ୍ତି ନାହିଁ ।)

ଚାହିଁ—ଦେ. ବିଣ—ଚାଇଁ (ଦେଖ)
Chāhiñ — Chāiñ (See)

ଦେ. ଅ—ଅନୁରୂପେ; ଅନୁଯାୟୀ—According to; suiting.
ତହିଁକି ଚାହିଁ ଦଣ୍ଡ ଦିଅନ୍ତି ଆମ୍ଭ ନୃପ । କୃଷ୍ଣସିଂହ. ମହାଭାରତ. ବନ ।

ଚାହିଁ ଅନ୍ଧ—ଦେ. ବିଣ. ପୁଂ—ଚକ୍ଷୁ ବିଦ୍ୟମାନ ଥାଇ ସୁଦ୍ଧା ଯେଉଁ ବ୍ୟକ୍ତିକୁ ଆଦୌ ଦେଖାଯାଏ ନାହିଁ—Purblind; (a person) who has his eyes intact to all appearances but who has completely lost his eyesight
Chāhiñ andha
(ଚାହିଁଅନ୍ଧୁଣୀ—ସ୍ତ୍ରୀ)

ଚାହିଁଥା—ଦେ. ବିଣ—ଚାଇଁ (ଦେଖ)
Chāhiñā — Chāiñ (See)

ଚାହିଁ ଜଲକା—ଦେ. ବିଣ. ପୁଂ—ଯେଉଁ ଲୋକର ଆଖି ବିଦ୍ୟମାନ ଥାଏ ଅଥଚ ସେ ସ୍ପଷ୍ଟ ଦେଖି ପାରେ ନାହିଁ—A person suffering from Retinitis.
Chāhiñ ja̱lakā
ଚାହିଁ ଜଲକୀ—ସ୍ତ୍ରୀ
चुँधा
ଚାହିଁଜଲକୀ ବଇପୀ ନାରୀ, ସଖି ଗୋ ! ମନିଏ । ଦନେଇଦାସଙ୍କ ପଦ୍ୟାଳି ।

ଦେ. ବି—ରୋଗ ବିଶେଷ; ଆଖିର ପୁଅ ଉପରେ ଗୋଟିଏ ପତଳା ଆବରଣ ମାଡ଼ି ଯିବା ହେତୁ ଆଖି ଥାଇଁ ଥାଇଁ ସୁଦ୍ଧା ସ୍ପଷ୍ଟ ଦେଖି ନ ପାରିବା ରୋଗ—A disease of the eye; Retinitis.

ଚାହିଁ ଜଲକା ବନା(ନେ)ଇବା—ଦେ. କ୍ରି—(କୌଣସି ବ୍ୟକ୍ତିକୁ) ଆଖି ଆଗରେ ଠକାଇବା—To cheat a person before his own eyes
Chāhiñ ja̱lakā banā(e)ibā

ଚାହିଁ ବସିବା—ଦେ. କ୍ରି—୧ । ବହୁକ୍ଷଣ ଅପେକ୍ଷା କରିବା—1. To wait long.
Chāhiñ basibā
चेयेबसा
तकाकर वैठना
୨ । ଉତ୍କଣ୍ଠା ଓ ଆଶା ସହକାରେ କୌଣସି ବିଷୟକୁ ଅପେକ୍ଷା କରିବା; ଚାହିଁ ରହିବା—2. To eagerly expect or long for a thing; to wish for.

୨ । ଚେଇଁ କରି ବସିବା—2. To sit up.

ଚାହିଁବା—ଦେ. କ୍ରି. (ସଂ. ଚାୟୃ ଧାତୁ=ଚାକ୍ଷୁଷ ଜ୍ଞାନ ଲଭିବା)—୧ । ଅନାଇବା; ଦୃଷ୍ଟି ପକାଇବା—1. To look at; to glance at
Chāhiñbā
চাহা
दिखना, तकाना, चितवना
ଚାହିଁ ଦେଲେ ଅଉ କାହିଁ ନ ଦିଶଇ ଅଖି ଥାଇଁ ଥାଇଁ ପଥ ।
କବିସୂର୍ଯ୍ୟ. ସଙ୍ଗୀତ ।

୨ । ଦେଖିବା—2. To see.

୩ । ଆଖି ମେଲା କରିବା—3. To open the eyes.

୪ । ଅପେକ୍ଷା କରିବା; ଚାହିଁ ରହିବା—4. To wait in expectation
ତହିଁକୁ ଶୀଘ୍ରେ ଚାଲି ଯାଇ, ରହିଲ ମୃତ୍ୟୁ ବାଟ ଚାହିଁ ।
ଜଗନ୍ନାଥ. ଭାଗବତ ।

୫ । ଚେଇଁବା—5. To keep awake.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା, ରହିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଚାହିଁ ଯୋଗା(ଗେ)ଇବା—ଦେ. କ୍ରି—ଦୃଷ୍ଟି ପକାଇବାର ଉପଯୋଗୀ ହେବା—Te be fit for being looked at; to deserve a look.
Chāhiñ jogā(e)ibā

ଚାହିଁ ରହିବା—ଦେ. କ୍ରି—ଚାହିଁ ବସିବା (ଦେଖ)
Chāhiñ rahibā — Chāhiñbasibā (See).

ଚାହିଁଲେ—ଦେ. ଅ—(ଅମୁକକୁ ଅମୁକ ସଙ୍ଗେ) ତୁଳନାକଲେ ଦେଖାଯିବ ଯେ—It will be found on comparison that.
Chāhiñle
(ଯଥା—ଆଠଗଡ଼କୁ ଚାହିଁଲେ ମୟୂରଭଞ୍ଜ ବଡ଼ ।)

ଚାହିକି—ଦେ. ବିଣ—ଚାହିକିଚିକଣ (ଦେଖ)
Chāhiki — Chāhikichikaṇa (See).

ଚାହିକିଚିକଣ—ଦେ. ବିଣ (ସଂ. ଚାକଚକ୍ୟ)—ଚକଚକ କରୁଥିବା; ବାହ୍ୟାଡ଼ମ୍ବରଯୁକ୍ତ—Glittering; grandiose.
Chāhiki chikaṇa

ଚାହିକିଚିକା—ଦେ. ବି—ଚାକଚକ୍ୟ—Glitter; grandeur.
Chāhikichikā

ଦେ. ବିଣ—ଚାହିକିଚିକଣ (ଦେଖ)—Chāhikichikaṇa (See).

ଚାହିତା—ଦେ. ବି (ସଂ. ଉତ୍ସାହ; ପ୍ରା. ଉଚ୍ଛାହ)—୧ । ଯତ୍ନ; ଆଦର—1. Care.
Chāhitā
চাহিদা
चाहता, चाहा, छाहु
୨ । ସ୍ନେହ; ଗେହ୍ଲା—2. Affection; fondness.

୩ । (କୌଣସି ଦ୍ରବ୍ୟର) ଆବଶ୍ୟକତା—3. Necessity; demand for a thing.

୪ । ଅଭିଳାଷ; ଇଚ୍ଛା—4. Desire.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୱ	ଢ଼

ଚାହିଦା—ପ୍ରାଦେ (ଗଞ୍ଜାମ) ବି—ଚାହିତା (ଦେଖ)
Chāhidā — Chāhitā (See).

ଚାହିବା—ଦେ. କ୍ରି (ସଂ. ଇଚ୍ଛା; କମ୍ପା ଉତ୍ସାହ)—୧ । ଇଚ୍ଛାକରିବା—
Chāhiba — 1. To wish; to desire.
ଚাওয়া, চাহা — ନବାଙ୍ଗନେ କହୁ ଜଣକେ ଚାହୁଁଇ ଗ୍ରହାକୁ ନାହିଁ
चाहना — କଳ ହଂସଗଳୀ ଯନ୍ତୁଁ ଗୋଡ଼କାଢ଼ି ଯିବାକୁ ଚାହିଁ—ରାଧାନାଥ. ଉଷା ।
୨ । ମାଗିବା—2. To ask for.
୩ । ଲୋଡ଼ିବା; ଦରକାର କରିବା—3 To want.
୪ । ସ୍ନେହ କରିବା—4. To like; to be attached to.
୫ । ଆଦର କରିବା; ଯତ୍ନ କରିବା—
5. To take much care of.

ଚାହୁ—ପ୍ରାଦେ (ଜାଜପୁର) ବିଣ—ଉଚିତ—
Chāhu — Proper.
ଦେ. ବି.—ଚାହିତା (ଦେଖ)—
Chāhitā (See).
(ଯଥା—ସେ କୁକୁରକୁ ଭାରି ଚାହୁରେ ରଖିଛି ।)

ଚାହୁଁ ଚାହୁଁ—ଦେ. ଅ—୧ । ହଠାତ୍; ତତ୍‌କ୍ଷଣାତ୍—
Chāhunchāhun — 1. All on a sudden.
দেখতেদেখতে — ଦେହ ଲୁଚିଗଲା ହକେ ଚାହୁଁ ଚାହୁଁ—ଦାଶରଥି. ବ୍ରଜବିହାର ।
୨ । କେତେକ ସମୟ ଅନ୍ତେ—2. After a time.

ଚାହୁକମ—ଦେ. ବି—ଯୁଦ୍ଧବାଦ୍ୟବିଶେଷ—
Chāhu kama — A kind of battle-drum.

ଚି (ଧାତୁ)—ସଂ—ସଂଗ୍ରହ କରିବା—
Chi (root) — To collect; to gather; to pick up.

ଚିଆଇଁବା—ଦେ. କ୍ରି (ସଂ. ଚିତ୍ ଧାତୁ=ଜାଗରଣ)—
Chiainba — ୧ । ଚେଇଁବା; ସଚେତ ହେବା—
চিয়া, চিয়ান — 1 To be awake; to watch up.
जागना — କୁମ୍ଭକର୍ଣ୍ଣ ବୋଇଲ ନ ପାରେ ଚିଆଇଁ
ଶୋଇବ ଏହୁ ବର ଦିଅ ହେ ଗୋସାଇଁ—କୃଷ୍ଣସିଂହ. ମହାଭାରତ. ବନ ।
୨ । (ଚେଇଁବାର ଣିଜନ୍ତରୂପ) ଚେତା କରାଇବା; ନିଦରୁ ଉଠାଇବା To awaken from sleep.
୩ । ନିର୍ଜୀବ ବା ମୃତ ଜୀବକୁ ପୁନରୁଜ୍ଜୀବିତ କରିବା; ଜିଆଇଁବା-3. To enliven; to revive; to bring to life.
୪ । ଶସ୍ତ୍ରାଦି ଆସ୍ଫାଳନ କରିବା; କମ୍ପାଇବା—
4 To brandish
ଗଣ୍ଡା ଗଣ୍ଡା ହୋଇଣ ଶସ୍ତ୍ରକୁ ଚିଆଇଁ—କୃଷ୍ଣସିଂହ ମହାଭାରତ. ସଭା ।

ଚିଆଇବା—ପ୍ରାଦେ (ସମ୍ବଲପୁର) କ୍ରି—ବିଥାଇବା—
Chiaiba — To ache

ଚିଆଁ—ଦେ. ବି (ସଂ. ଚିତ୍ ଧାତୁ=ଜାଗରଣ; ଚେତନା)
Chiān — ୧ । ତପ୍ତଲୌହଦ୍ୱାରା ମନୁଷ୍ୟ ବା ପଶୁର ଦେହରେ ଦିଆଯିବା
শেক — ଦାଗ; ଚିହ୍ନ—1. Mark made on the body with
चरका, दाग — hot iron; searing mark; brand.

୨ । ତପ୍ତ ଲୌହରେ ଦାଗ ଦେଲେ ଯେପରି କଷ୍ଟ ହୁଏ ସେହିପରି ତୀବ୍ର ବେଦନା—2. Acute pang like that due to searing or branding.
୩ । ଦେହରେ ନିଆଁଖୁଣ୍ଟା ମାଡ଼ିଲେ ଯେଉଁ ତୀବ୍ର ଅନୁଭୂତି ହୁଏ—3. Acute pain due to a fire-brand being suddenly applied to the body.
୪ । ଚେଇଁବା; ଚେତା—
4 Wakefulness from sleep.
ଦେ. ବିଣ—୧ । ଚେଇଁ ଥିବା; ଶୋଇ ନ ଥିବା—
সজাগ — 1. Wakeful; not asleep.
जागता — (ଯଥା—ଚିଆଁ ପହଡ଼)
୨ । ଚେତନାଯୁକ୍ତ; ସଚେତନ—2. Conscious.
ମନକୁ ନିଷ୍ଟଲେ ଭକ୍ତିର ଚିଆଁ ଚୈତନ୍ୟ କରାଇବ—ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।
চটী — ୩ । ଅତି କ୍ଷୁଦ୍ର—3. Very small; tiny.
चिआंसा

ଚିଆଁଇଁ ଉଠିବା—ଦେ. କ୍ରି—୧ । ଚେଇଁ ଉଠିବା; ନିଦରୁ ଉଠିବା—
Chiānin uṭhiba — 1. To wake up from sleep; to awake.
জেগেউঠা
जगउठना — ଚେଇ ଚାହିଁଲ ନନ୍ଦଘରଣୀ, ଚିଆଁଇଁ ଉଠି ସୁଲକ୍ଷଣୀ—ଜଗନ୍ନାଥ. ଭାଗବତ
୨ । ସଚେତ ହେବା—2. To gain consciousness.
୩ । ସତେଜ ହେବା—3. To become enlivened.

ଚିଆଁ ଚଇତନ—ଦେ. ବି (ସଂ. ଚେତନା)—ଜୀବାତ୍ମା—
Chiān chaitana — The living soul.

ଚିଆଁ ଦେବା—ଦେ. କ୍ରି—ଲୁହା ତତାଇ ଦେହ ଦାଗିବା ବା ଲାଞ୍ଛିବା—
Chiān deba — To brand with a hot iron.
শেঁকদেওয়া, শেঁকা
चरकादेना
ଚିଆଁ ମାଡ଼ିବା } ଅନ୍ୟରୂପ
ଚିଆଁ ଲଗା(ଗେ)ଇବା }

ଚିଆଁ ପହଡ଼—ଦେ. ବି—୧ । ବିଛଣାରେ ପଡ଼ିଥିବା ଅଥଚ ନିଦ ହୋଇ
Chiān paharḍa — ନ ଥିବା ଅବସ୍ଥା—1. Lying awake in bed; wakeful sleep.
୨ । ରାଜାଙ୍କ ନିଦ୍ରାଶୂନ୍ୟ ଅବସ୍ଥାରେ ବିଶ୍ରାମ—2. Taking rest in bed without sleep (a term applied to Rajas).

ଚିଆର—ଦେ. ବିଣ—ତୀକ୍ଷ୍ଣ—
Chiāra — Sharp.
ରୁଦ୍ର ଉନ୍ଦ୍ର ପର କ୍ଷେମ କର୍ଣ୍ଣ କଲେ
ଚିଆର କାଣ୍ଡେ ଘଟୋତ୍କଚେ ଭେଦି ଦେଲେ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ
চিয়াড়; চিআরী — ଦେ. ବି—ଶର; ବାଣ—Arrow.
ବୈଦେ. ପ୍ରାଦେ. (ମେଦିନୀପୁର) ବି. (ଇଂ. ଚେଅର)—
ଚଉକି—Chair.

ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

ଚିଆଳ—ଦେ. ବିଣ—ଚିଆର (ଦେଖ)
Chiāḷa Chiāra (See)

ଚିଇଁ—ଦେ. ଅ. (ଧ୍ୱନ୍ୟନୁକରଣ)—
Chi-iñ ୧ । ଚଢ଼େଇ ଛୁଆଙ୍କର ଅସ୍ଫୁଟ ଶବ୍ଦ; ଚେମେଣି ଚଢ଼େଇଙ୍କ
ଚିଁ ଶବ୍ଦ—1. Indistinct sound of unfledged
चीँ young birds or house-bats; chirping
(ଚିଁ—ଅନ୍ୟରୂପ) sound.
୨ । ରୁଗ୍ଣ ଦୁର୍ବଳ ବ୍ୟକ୍ତିର କ୍ଷୀଣ କଣ୍ଠ ସ୍ୱର—
2. The feeble sound of a weak and sick man.

ଚିଇଁକା—ଦେ. ବି. (ସଂ. ଚମତ୍କୃତ; ପ୍ରା. ଚମକ୍କ; ଚିଁକ୍କି)—
Chi-iñkā ହଠାତ୍ ଚମକି ଉଠିବା—Startling up
চমক
चौंक

ଚିଇଁକିବା—ଦେ. କ୍ରି. (ସଂ. ଚମତ୍କୃତ)—ହଠାତ୍ ଚମକି ଉଠିବା—
Chiiñkibā To be startled; to shy.
চমকেউঠা
चौंकना

ଚିଇଁଚିଇଁ—ଦେ. ଅ—ଚିଇଁ (ଦେଖ)
Chi-iñ chi-iñ Chi-iñ (See)
চিঁচিঁ
चीँचीँ
(ଚିଁଚିଁ—ଅନ୍ୟରୂପ)

ଚିଇଁଚିଇଁଆ—ଦେ. ବିଣ—୧ । ଚିଇଁ ଚିଇଁ ଶବ୍ଦକାରୀ—
Chi-iñ chi-iñā 1. Making a chirping sound.
(ଚିଇଁଚିଆଁ—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଅତି କ୍ଷୀଣ (ବ୍ୟକ୍ତି)—
2. (figurative) Slender; of delicate health.

ଚିଇଁବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ=କ୍ଷରଣ)—ଭୂମିରେ ଭେଦିଯିବା—
Chi-iñbā To be absorbed or soaked in the ground.
ପ୍ରାଦେ. (ଗଞ୍ଜାମ) କ୍ରି.—ଶୋଷିବା; ଚୂଚୁମିବା—To suck.

ଚିଉଡ଼ି ଦଳ—ଦେ ବି.—ଏକଜାତୀୟ ଦଳ—
Chiuṛi daḷa Villisnaria (a kind of aquatic weed).

ଚିଉଟାଣି—ଦେ. ବି. (ସଂ. ଚିତ୍ ଧାତୁ)—୧ । ଚିନ୍ତନ—
Chiuṭāṇi 1 Resolving in one's mind; thinking.
চেতানি
चेत ୨ । ସ୍ମରଣ—2. Recollection.
୩ । ଜାଗରଣ—3. Waking up.

ଚିଉଟିବା—ଦେ. କ୍ରି. (ସଂ. ଚିତ୍ ଧାତୁ)—ସ୍ମରଣ କରିବା—
Chiutibā To recollect.
চেতা
चेतना

ଚିଉର—ପ୍ରାଦେ. (ସମ୍ବଲପୁର) ବି.—ଶାକବିଶେଷ—
Chiura A species of pot-herb.

ଚିଏଲ୍ କାଣ୍ଡ୍—ପ୍ରାଦେ. (ସମ୍ବଲପୁର) ବି—ଶରବିଶେଷ—
Chiel kāṇḍ A kind of arrow.

ଚିକ୍ (ଧାତୁ)—ସଂ.—ବ୍ୟାଘାତ କରିବା—To mar; to obstruct.
Chik (root)

ଚିକ୍ ଚିକ୍—ଦେ. ବି (ସଂ. ଶୁକ୍ଳଚକ୍ୟ; ସଂ. ଚକାସ୍ ଧାତୁ=ଦୀପ୍ତି ପାଇବା)—
Chik chik ୧ । ଉଜ୍ଜ୍ୱଳତା; ଝକଝକ—
চকচক,চিকচিক 1. Sparkling; glitter; gloss; lustre.
जगमग ୨ । ଶୁକ୍ଳଚକ୍ୟ—2. Splendour; glimmer.
(ଚିକ ଚିକ—ଅନ୍ୟରୂପ)
ଦେ. ବିଣ—୧ । ଝକ ଝକ—1. Glittering.
୨ । ଚିକଚିକିଆ; ଚିକ୍କଣିଆ—2. Glimmering; glossy.

ଚିକ ଚିକ୍ ଚାହିକିଚିକା—ଗ୍ରା. ବି—୧ । ଶୁକ୍ଳଚକ୍ୟ—1. Glitter.
Chik chik chāhikichikā ୨ । ଆଡ଼ମ୍ବର—2. Grandeur.
ଦେ. ବିଣ—୧ । ଚିକଚିକିଆ—1. Glittering;
୨ । ଆଡ଼ମ୍ବରମୟ—2. Grandiose.

ଚିକ୍ନା—ପ୍ରାଦେ. (ସମ୍ବଲପୁର) ବି (ସଂ. ଚିକ୍କଣ)—ଲହୁଣୀ; ମାଖନ—
Chiknā Butter.

ଚିକ—ଦେ. ବି (ସଂ. ଚଳମାଳିକା; କମ୍ବା ସଂ. ଶୁକ୍ଳଚକ୍ୟ; ଏହା ଖୁବ୍
Chika ଉଜ୍ଜ୍ୱଳ ଦେଖାଯିବାରୁ)—ଗୁପସର ପରି କଣ୍ଠାଭରଣବିଶେଷ—
চিক A collar (ornament) for the neck.
चिक
ବୈଦେ. ବି (ତୁର୍କୀ-ଚିକ୍)—ବରଣ୍ଡାରେ ଟଙ୍ଗା ଯିବା ବାଉଁଶକାଠି-
চিক ନିର୍ମିତ ପରଦା—A screen-mat made of thin
चिक, चिलमन narrow strips of bamboo.
୩ । ତୁଚ୍ଛ ବା ହେୟ ବ୍ୟକ୍ତି—3. A mean detestable person.

ଚିକଟ—ଦେ. ବିଣ—ଚିକଟା (ଦେଖ)
Chikaṭa Chikaṭā (See)

ଚିକଟା—ଦେ. ବିଣ (ସଂ. ଚିକ୍କଲ=ପଙ୍କ ବା ଚିକ୍କଣ=ମସୃଣ)—
Chikaṭā ୧ । ଅଠାଳିଆ (ମାଟି)—1. Sticky; gummy;
চিক্টা, চিকিটা, চিকটিয়া glutinous (soil).
चिकट, चिकनाहट ୨ । ତେଲାକ୍ତ; ତେଲକାଳି ଯୋଗୁଁ ମଇଳା—
2. Soiled with oil; oily and dirty.
୩ । (ଲକ୍ଷଣାର୍ଥ) କୃପଣ; ବ୍ୟୟକୁଣ୍ଠ—3. (figurative) Miserly; close-fisted.
ଦେ. ବି—ଚିକଟାମାଟି (ଦେଖ)—1. Chikaṭā māṭi (See)
୨ । ତେଲ ଯୋଗୁଁ ଲୁଗା ବା ବାଳରେ ଲାଗିବା ଅଠାଳିଆ ମଇଳା—Gummy dirt on cloth or hair due to oil

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଡ଼ଅ	ଖ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ହ

ଚକଟା ଦୋରସା ମାଟି—ଦେ. ବି—ବାଲି ଓ କାଦୁଅ ମିଶା ମାଟି; ଯେଉଁ
Chikaṭā dorasā māṭi ମାଟିରେ ବାଲିର ଦୁଇଗୁଣ କାଦୁଅ
ଥାଏ—Loamy soil; soil consisting of one part of sand to 2 parts of clay.

ଚକଟା ମଟାଳ—ଦେ. ବି—ଯେଉଁ ଠାଣୁଆ ମାଟି ବରଷା ହେଲେ ଖୁବ୍
Chikaṭā maṭāla ଅଠାଳିଆ ହୋଇଯାଏ—Sticky hard soil.

ଚକଟା ମାଟି—ଦେ. ବ—ଅଠାଳିଆ ମାଟି; ଯେଉଁ ମାଟିରେ ବାଲିର
Chikaṭā māṭi ୯ ଗୁଣ କାଦୁଅ ଥାଏ—Sticky soil;
এঁটেলমাটি clayey soil.
चिकनीमिट्टी

ଚକଣ—ଦେ. ବ (ସଂ. ଚିକ୍କଣ; ଭୁଲ. ଛେ. ଚିକ୍କଣୀ=ସୁନ୍ଦର)—
Chikaṇa ୧ । ତେଲ—1. Oil.

ବାଳକ ହାତରୁ ସେ କଇଲା ଉପସ୍ୟା,
ଚକଣ ନ ପେଲେ ସଞ୍ଜାକୁ ଅମାବାସ୍ୟା । ଗୀତାସ୍ୱର. ନୃସିଂହପୁରାଣ ।

୨ । ତୈଳବତ୍ ସ୍ନିଗ୍ଧ ପଦାର୍ଥ—2. Any oily substance.
ଦେ. ବଣ—୧ । ମସୃଣ ଓ ଉଜ୍ଜ୍ୱଳ—1. Bright and
চিকণ, চিক্কণ polished; smooth.
चिकना ୨ । ଖସଡ଼ା—2. Slippery.
୩ । ସୁନ୍ଦର—3. Beautiful; fine; nice.
୪ । ତେଲ ଲଗାଇଲାପରି ଝକଝକ—4. Glossy.
୫ । ସ୍ନିଗ୍ଧ ବା ତୈଳାକ୍ତ—5. Oily.
ଚକଣ ତ ଦଣ୍ଡରୁ ମୋ ଦେହ—କବିସୂର୍ଯ୍ୟ. କଣୋପଚମ୍ପୂ. ବ ଗୀତ ।
୬ । ଉତ୍ତମରୂପେ ବଟା ହୋଇଥିବା—
6. Reduced to a fine paste.

ଚକଣ କୁହା—ଦେ. ବଣ. ପୁଂ.—୧ । ଯେଉଁ ବ୍ୟକ୍ତି ମଧୁର କଥା କହେ
Chikaṇa kuhā ମାତ୍ର ଅଯୋଗ୍ୟ ବା ଅବଶ୍ୱାସୀ ଅଟେ—
চিকনা 1. Oily-tongued.
୨ । ଖୋସାମଦିଆ; ଗୁହ୍ମଭାଷୀ—2. Flattering.
ଚକଣ କୋହୀ }
ଚକଣ କହୀ } ସ୍ତ୍ରୀ
ଚକଣ କୁହୀ }

ଚକଣ ଚାକଣ—ଦେ. ବଣ (ସଂ. ଚିକ୍କଣ+ଧ୍ୱନ୍ୟନୁକାରୀ ଦ୍ୱିରୁକ୍ତ ସହଚର
Chikaṇa chākaṇa ଶବ୍ଦ)—୧ । ସୁନ୍ଦର ଓ ମସୃଣ—
চিকণচাকণ 1. Fine and smooth.
चिकनाचुपड़ा ୨ । ସୁନ୍ଦରରୂପେ ସଜ୍ଜିତ (ବ୍ୟକ୍ତି); ଫିଟ୍‌ଫାଟ୍;
ଛଇଳା—2. Foppishly dressed.

ଚକଣପଟୁ—ଦେ. ବଣ—(ବ୍ୟଙ୍ଗ) ହୃଷ୍ଟପୁଷ୍ଟ, ବିଳାସୀ ଓ ଅଳସ୍ୟ-
Chikaṇapaṭu ପରାୟଣ (ବ୍ୟକ୍ତି)—(ironical) Stout and
चिकनाचुपड़ा strong but idle and foppish.

ଚକଣ ହାତ—ଦେ. ବ—ତେଲ ଘିଅ ଆଦି ଚିକ୍କଣ ପଦାର୍ଥ ଲାଗିଥିବା ହାତ;
Chikaṇa hāta ତୈଳାକ୍ତ ହସ୍ତ—Hand besmeared with oil or ghee.

ଚକଣା—ଦେ. ବ ଓ ବଣ—ଚକଣ (ଦେଖ)—
Chikaṇā Chikaṇa (See)
চিকনাই ବ (ସଂ. ଚିକ୍କଣତା).—ଚିକ୍କଣ ହେବାର ଅବସ୍ଥା—
चिकनाई Smoothness; oiliness.

ଚକଣା(ଣେ)ଇବା—ଦେ. କ୍ରି (ସଂ. ଚିକ୍କଣରୁ ଓଡ଼ିଆ ନାମଧାତୁ)—
Chikaṇā(e)ibā ୧ । ତୈଳାକ୍ତ କରିବା—
চিকণান 1. To besmear with oil.
चिकनाना ୨ । ମସୃଣ କରିବା; ପାଲିସ୍ କରିବା—
2. To make smooth; to polish; to burnish.
ଚକଣେଇବା }
ଚକଣାଇବା } ଅନ୍ୟରୂପ
ଚକଣେଇବା }
୩ । ସୁନ୍ଦର କରିବା—
3. To beautify.
୪ । ହଳଦୀ ଇତ୍ୟାଦି ଚିକ୍କଣ କରି ବାଟିବା—
4. To reduce turmeric etc. into a fine paste.
୫ । ଖୋସାମଦ୍ କରିବା; ଗୁହ୍ମ କରିବା—5. To flatter.
୬ । ଶ୍ରୋତାର ମନୋରଞ୍ଜନ ପୂର୍ବକ କଥା କହିବା—
6. To use pleasing and oily words.

ଚକଣା ଚକଣି—ଦେ. ବଣ—ସୁନ୍ଦର ଓ ମସୃଣ—
Chikaṇā chikaṇi Fine and smooth.
ଦେ. ବ.—ହଳଦୀ ଆଦି ବାଟି ଚିକ୍କଣ କରିବା କର୍ମ—The act of reducing turmeric etc. into a fine paste.

ଚକଣା ମାଟି—ଦେ. ବ.—କୁମ୍ଭାର ହାଣ୍ଡି ଆଦି ଗଢ଼ିବା ନିମନ୍ତେ ଚିକ୍କଣ
Chikaṇā māṭi କରି ଚକଟିଥିବା ମାଟି—
চিকনামাটি Prepared potter's soil.
चिकनिमट्टि

ଚକଣା ହାତ—ଦେ. ବ.—ଚକଣ ହାତ; ତୈଳାକ୍ତ ହସ୍ତ—Hand
Chikaṇā hāta besmeared with ghee or oil.

ଚକଣିଆ—ଦେ. ବଣ.—ଚିକ୍କଣ (ଦେଖ)
Chikaṇiā Chikkaṇa (See)

ଚକନ୍—ବୈଦେ. ବି. (ଫା.)—ଛୁଞ୍ଚିସୂତା ଲୁଗାରେ ଫୁଲ ଲତା ଆଦି ବୁଣା
Chikan ହୋଇଥିବା କାମ—1. Embroidery work.
চিকন ୨ । ଛୁଞ୍ଚି ସାହାଯ୍ୟରେ କଳା ଓ ସୁତାରେ ଫୁଲ ଓ ଲତା ଆଦି
चिकन ବୁଣା ହୋଇଥିବା ଖୁବ୍ ସରୁ ଲୁଗା—A kind of fine cloth of embroidery work
ପ୍ରାଦେ. (ସମ୍ବଲପୁର) ବଣ—ଚିକ୍କଣ—Smooth.

ଚକା—ପ୍ରାଦେ. (ଗଞ୍ଜାମର ଦକ୍ଷିଣାଞ୍ଚଳ) ବ—
Chikā ୧ । ଆଶା—1. Hope.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ପ୍ରଲୋଭନ—2. Temptation; allurement.
୩ । କୌଣସି ମଧୁର ବିଷୟର ଆସ୍ୱାଦନଜନିତ ଲାଳସା—
3. Hankering after a sweet thing due to having taken it once.

ଚିକା ଦେଖା(ଖେ)ଇବା—ପ୍ରାଦେ. (ଗଞ୍ଜାମ) କ୍ରି—ପ୍ରଲୋଭନ ଦେଖାଇବା—
Chikā dekhā(e)ibā To tempt; to allure.

ଚିକାରି—ଦେ. ବି—ସିତାରର ଦଣ୍ଡରେ ସଂଲଗ୍ନ ପ୍ରଧାନ ୫ଟି ତାର ଛଡ଼ା ଅତିରିକ୍ତ ୩।୪ ଟି କ୍ଷୁଦ୍ର କ୍ଷୁଦ୍ର ତାର—
Chikāri
চিকারী
चिकारी
The 3 or 4 minor strings of a guitar.

ଚିକି—ଦେ. ବି (ସଂ. ଚିକ୍କଣ)—ଚେକଚେକ ହୋଇ କଟା ହୋଇ ଦୁଧରେ ସିଝାଯାଇ ଶୁଖା ଯାଇଥିବା ଏକ ପ୍ରକାର ଗୁଆ—
Chiki
চিকি
चिकनीसुपारी
A kind of areca nut which is cut into slides and boiled in milk.
[ଦ୍ର—ଦକ୍ଷିଣ ଭାରତ କର୍ଣ୍ଣାଟକ ଅଞ୍ଚଳରୁ ଏ ଗୁଆ ଚେକଚେକ ହୋଇ କଟା ଓ ସିଝା ହୋଇ ଅନ୍ୟାନ୍ୟ ଦେଶକୁ ପଠାଯାଏ ।]

ଚିକଟା (ଇତ୍ୟାଦି)—ଦେ. ବିଣ—ଚିକଟା ଇତ୍ୟାଦି (ଦେଖ)
Chikitā etc Chikaṭā etc (See)
(ଚିକିଟିଆ—ଅନ୍ୟରୂପ)

ଚିକିତ୍ସକ—ସଂ. ବି. [କିତ୍ ଧାତୁ=ରୋଗନାଶ କରିବା+ସ୍ୱାର୍ଥେ ସନ୍(ଦ୍ୱିତ୍ୱ) =ଚିକିତ୍ସ ଧାତୁ+କର୍ତ୍ତୃ. ଅକ]—
Chikitsaka
ବୈଦ୍ୟ; ଡାକ୍ତର—Physician; doctor.

ଚିକିତ୍ସନ—ସଂ. ତ. [କିତ୍ ଧାତୁ ସ୍ୱାର୍ଥେ ସନ୍ (ଦ୍ୱିତ୍ୱ)=ଚିକିତ୍ସ ଧାତୁ+ଭାବ ଅନ]—କୌଣସି ରୋଗରୁ ଆରୋଗ୍ୟକରଣ—
Chikitsana
Curing or treatment of a disease.

ଚିକିତ୍ସା—ସଂ. ବି. (ଚିକିତ୍ସ ଧାତୁ+ଭାବ ଅ+ଆ)—
Chikitsā ୧ । ରୋଗର ପ୍ରତିକାରାର୍ଥ ବୈଦ୍ୟଙ୍କ କ୍ରିୟାସମୂହ—
1. Medical treatment of a disease.
୨ । ରୋଗର ଆରୋଗ୍ୟ ପାଇଁ ଚିକିତ୍ସକଙ୍କ କୃତ କର୍ମମାନଙ୍କ ବ୍ୟବସ୍ଥା—2. Therapeutics (M. W.).
[ଦ୍ର—ଆୟୁର୍ବେଦର ୨ଟି ବିଭାଗ—୧ । ନିଦାନ, ୨ । ଚିକିତ୍ସା; ନିଦାନରେ ଭିନ୍ନଭିନ୍ନ ରୋଗର ଲକ୍ଷଣମାନ ବର୍ଣ୍ଣିତ ହୋଇଅଛି । ଚିକିତ୍ସାରେ ଭିନ୍ନଭିନ୍ନ ରୋଗ ପାଇଁ ଭିନ୍ନଭିନ୍ନ ଔଷଧାଦିର ବ୍ୟବସ୍ଥା ବର୍ଣ୍ଣିତ ହୋଇଅଛି । ଚିକିତ୍ସା ତ୍ରିବିଧ;—୧ । ଦୈବୀ, ୨ । ମାନୁଷୀ ଓ ୩ । ଆସୁରୀ; ଦେବପୂଜନ, ଗ୍ରହଯଜ୍ଞ ଆଦି ଦ୍ୱାରା ରୋଗୋପଶମନଚେଷ୍ଟା ଦୈବୀ; ଔଷଧ ଓ ପଥ୍ୟାଦି ଦ୍ୱାରା ରୋଗୋପଶମନଚେଷ୍ଟା ମାନୁଷୀ ଓ ଅସ୍ତ୍ରପ୍ରୟୋଗ (ଅପରେସନ୍) ଦ୍ୱାରା ରୋଗୋପଶମନଚେଷ୍ଟା ଆସୁରୀ—ହି. ଶବ୍ଦସାଗର]

ଚିକିତ୍ସାଳୟ—ସଂ. ବି. (୬ଷ୍ଠୀ ତତ୍; ଚିକିତ୍ସା+ଆଳୟ); ଡାକ୍ତରଖାନା ହାସପାତାଲ—Hospital.
Chikitsālaya

ଚିକିତ୍ସିତ—ସଂ. ବିଣ. ପୁଂ (କିତ୍ ଧାତୁ+ସ୍ୱାର୍ଥେ ସନ୍+କର୍ମ. ତ)—
Chikitsita ୧ । ଯାହାର ରୋଗର ଚିକିତ୍ସା କରାଯାଇଅଛି—
ଚିକିତ୍ସିତା—ସ୍ତ୍ରୀ 1. Treated for a disease; under medical treatment.
୨ । ଯେ ରୋଗରୁ ଆରୋଗ୍ୟ ଲାଭ କରିଅଛି—
2. Cured (Wilson).

ଚିକିତ୍ସ୍ୟ—ସଂ. ବିଣ (ଚିକିତ୍ସ ଧାତୁ+କର୍ମ. ଯ)—୧ । ପ୍ରତିକାର ପାଇବା ଯୋଗ୍ୟ—1. Deserving treatment.
Chikitsya
(ଚିକିତ୍ସନୀୟ-ଅନ୍ୟରୂପ) ୨ । ଚିକିତ୍ସିତ ହେବାର ଉପଯୋଗୀ—
2. Fit to be medically treated.
୩ । ଯେଉଁ ଚିକିତ୍ସାଦ୍ୱାରା ପ୍ରଶମିତ ହୁଏ—3. Curable.
୪ । ପ୍ରତିବିଧେୟ; ସଂଶୋଧ୍ୟ—4. Remediable.

ଚିକିଲ—ସଂ. ବି (ଚିକ୍ ଧାତୁ=ବ୍ୟାଘାତ କରିବା+କର୍ତ୍ତୃ. ଇଲ)—
Chikila ୧ । ପଙ୍କ—1. Mud; mire.
(ଚିଖଲ୍ଲ—ଅନ୍ୟରୂପ) ୨ । କାଦୁଅ—2. Clay.

ଚିକୀର୍ଷା—ସଂ. ବି. (କୃ ଧାତୁ+ଇଚ୍ଛାର୍ଥରେ ସନ୍=ଚିକୀର୍ଷ ଧାତୁ+ଭାବ ଅ+ଆ)—କରିବାର ଇଚ୍ଛା—A wish to do (a work).
Chikirshā

ଚିକୀର୍ଷିତ—ସଂ. ବିଣ (କୃ. ଧାତୁ+ଇଚ୍ଛାର୍ଥରେ ସନ୍=ଚିକୀର୍ଷ ଧାତୁ+କର୍ମ ତ)—ଅଭିଲଷିତ; ବାଞ୍ଛିତ; ଅଭିପ୍ରେତ—
Chikirshita
Intended to be done; designed, wished for; longed for.
ସଂ. ବି—(+ଭାବ. ତ) କରିବାର ଇଚ୍ଛା—A wish to do,

ଚିକୀର୍ଷୁ—ସଂ. ବିଣ (ଚିକୀର୍ଷ ଧାତୁ+କର୍ତ୍ତୃ ଉ) କରିବାକୁ ଇଚ୍ଛୁକ—
Chikirshu Wishing to act; desirous of doing.

ଚିକୁର—ସଂ. ବି (ଚି ଧାତୁ=ବର୍ଦ୍ଧିତ ହେବା+ସଂଜ୍ଞାର୍ଥେ କୁର)—
Chikura ୧ । କେଶ—1. Hair.
(ଚିକୂର—ଅନ୍ୟରୂପ) ୨ । ପର୍ବତ—2 Mountain.
୩ । ସରୀସୃପ—3. Reptile. ୪ । ସର୍ପ—4. Serpent.
୫ । ପକ୍ଷିବିଶେଷ—5. A kind of bird.
୬ । ଚୁଚୁନ୍ଦ୍ରା—6. Musk-rat (M. W).
ସଂ. ବିଣ—୧ । ଚପଳ—1. Hasty.
୨ । ବିଚାରଶୂନ୍ୟ—2. Rash; inconsiderate.
୩ । ଅପରାଧୀ—3. Sinning; offending.

ଚିକୁରପକ୍ଷ—ସଂ. ବି (୬ଷ୍ଠୀତତ୍; ଚିକୁର+ପକ୍ଷ)—କେଶସମୂହ; କେଶଗୁଚ୍ଛ; ମୁଣ୍ଡର ଗୋଛାଏ ବାଳ—A tuft of hair (on the head).
Chikurapaksha

ଚିକୁରକଳାପ
ଚିକୁରପାଶ
ଚିକୁରନିକର
ଚିକୁରଭାର
ଚିକୁରରଚନା
ଚିକୁରହସ୍ତ
} ଅନ୍ୟରୂପ—(M. W).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଓଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଯ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍ବ

ଚିକ୍କ—ସଂ. ବଣ ପୁଂ (ଚିକ୍=ଅନୁକରଣଶବ୍ଦ+କୈ ଧାତୁ=ଶବ୍ଦକରିବା+ କର୍ତ୍ତୃ. ଅ)—ଚେପଟାନାକ—Flat-nosed (M.W.)
Chikka
(ଚିକ୍କା—ସ୍ତ୍ରୀ)

ବି—୧ । ଛୁଚୁନ୍ଦରୀ; ଛୁଚୁନ୍ଦା—1. Mole; musk rat; Sorex Coerulens.

୨ । ଗୁଆ—2. Betel nut (M. W.)

୩ । ନାକ ଚେପଟା ହେବା ଅବସ୍ଥା—3. Flat-nosedness (M. W.)

ଚିକ୍କଣ—ସଂ. ବଣ (ଚିକ୍ ଧାତୁ=ବୋଧକରିବା+କର୍ମ. କନ)—
Chikkaṇa ୧ । ସ୍ନିଗ୍ଧ; ଚିକଣ—1. Smooth; glossy.

୨ । ତେଲିଆ; ତୈଳାକ୍ତ—2. Unctuous; oily.

୩ । ଖସଡ଼ା—3. Slippery.

ସଂ. ବି—୧ । ଗୁଆଗଛ ଓ ଫଳ—1. Betel-nut and its tree.

୨ । ଚିକ୍କଣିଆ ବସ୍ତୁ; ଅଠା—2. Any smooth liquid; gum (M. W.)

ଚିକ୍କଣା—ସଂ. ବି. ସ୍ତ୍ରୀ (ଚିକ୍କଣ+ସ୍ତ୍ରୀ. ଆ)—୧ । ଯେଉଁ ଗାଈର ଗାତ୍ରଚର୍ମ ମସୃଣ ଏବଂ ଉଜ୍ଜ୍ୱଳ—1. A cow with a smooth and shining skin.
Chikkaṇā
(ଚିକ୍କଣା—ଅନ୍ୟରୂପ)

୨ । ଉତ୍କୃଷ୍ଟ ଗାଈ—2. An excellent cow (M.W.)

୩ । ଗୁଆ—3. Betel nut (M. W.)

ଦେ. ବି ଓ ବଣ—ଚିକଣ (ଦେଖ)—Chikaṇa (See)

ଚିକ୍କଣୀ—ସଂ. ବି.—ଗୁବାକ; ଗୁଆ (ଗଛ ଓ ଫଳ)—
Chikkaṇī The betel nut (tree and fruit).

ଚିକ୍କସ—ସଂ. ବି—୧ । ଯବଚୂର୍ଣ୍ଣ—
Chikkasa 1. Barley-meal.

୨ । ବିବାହାଦି ଉତ୍ସବରେ ଦେହରେ ବୋଳାଯିବା ବଟା ହଳଦୀ ଓ ତେଲ ମିଶା ଯବଚୂର୍ଣ୍ଣ (ବୃ. ଶବ୍ଦସାଗର)—2. Barley-meal mixed with turmeric-paste and oil, anointed on the body on festive occasions.

ଚିକ୍କା—ସଂ. ବି (ଚିକ୍କ+ଆ)—ଗୁଆଗଛ ଓ ତାହାର ଫଳ—
Chikkā The betelnut (tree and fruit).

ଚିକ୍କୁର—ସଂ. ବି. (ଚିକ୍ ଧାତୁ=ବ୍ୟାଘାତ କରିବା+କର୍ତ୍ତୃ. ଉର)—
Chikkura ଘଡ଼ଘଡ଼ି—Thunderbolt.

ଚିଖଲ୍ଲ—ସଂ. ବି. (ଚିକ୍ ଧାତୁ=ବ୍ୟାଘାତ କରିବା+କର୍ତ୍ତୃ. ଅଲ୍ଲ; Chikhalla ନିପାତନ)—

୧ । କାଦୁଅ—1. Clay; mud.

୨ । ପଙ୍କ—2 Mire.

ଚିଙ୍ଗଡ଼ା—ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି—
Chingrdā ଚିଙ୍ଗୁଡ଼ି (ଦେଖ)
(ଚିଙ୍ଗଡ଼ି—ଅନ୍ୟରୂପ) Chingurdi (See)

ଚିଙ୍ଗଡ଼ା ଝୁରର ଝୋଳ୍—ତଗ ।

ଚିଙ୍ଗ୍ରା—ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingrā Chingurdi (See)

ଚିଙ୍ଗ୍ରି—ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingri Chingurdi (See)

ଚିଙ୍ଗଟ—ସଂ. ବି. (ଚିଙ୍ଗ=ସୁନ୍ଦର+ଅଟ୍ ଧାତୁ=ଗମନ କରିବା+ କର୍ତ୍ତୃ. ଅ)—ଚିଙ୍ଗୁଡ଼ିମାଛ—
Chingata
(ଚିଙ୍ଗଡ଼ି—ଅନ୍ୟରୂପ) Shrimp; prawn.

ଚିଙ୍ଗଟୀ—ସଂ. ବି. (ଚିଙ୍ଗଟ+କ୍ଷୁଦ୍ର ଅର୍ଥରେ ଈ)—ଛୋଟ ଚିଙ୍ଗୁଡ଼ି ମାଛ—Small shrimp.
Chingatī

ଚିଙ୍ଗିଡ଼ି—ପ୍ରାଦେ. (ସିଂହଭୂମ) ବି—ଏକଜାତୀୟ ଧାନ—
Chingirdi A species of paddy.

ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingurdi (See)

ଚିଙ୍ଗିରି ପ୍ରାଦେ. (ସମ୍ବଲପୁର) ବି—ଚିଙ୍ଗୁଡ଼ି (ଦେଖ)
Chingiri Chingurdi (See)

ଚିଙ୍ଗୁଡ଼ି—ଦେ. ବି. (ସଂ. ଚିଙ୍ଗଟ; ଚିଙ୍ଗଡ଼ି)—ମତ୍ସ୍ୟବିଶେଷ—
Chingurdi A kind of fish; shrimp; prawn.
चिंगड़ि [ଦ୍ର—ଏମାନଙ୍କ ଦେହରେ ହାଡ଼ ବା କଣ୍ଟା
झींगा; चिंगड़ा ନାହିଁ; ମୁହଁରେ ବଡ଼ବଡ଼ ଜଙ୍ଘ ଥାଏ । ବଗ୍ଦା-
(ଚୁଙ୍ଗୁଡ଼ି—ଅନ୍ୟରୂପ) ବାଳିଆ, ଗଣ୍ଡିଆ, କାଦୁଆ ଓ ଘୁଇଁ ଚୁଙ୍ଗୁଡ଼ି ଭେଦରେ ବଡ଼ ଓ ସାନ ଚିଙ୍ଗୁଡ଼ି ନାନାଜାତୀୟ ।]

ଚିଙ୍ଗୁଡ଼ିଆ ଦଳ—ଦେ. ବି—ଚିଙ୍ଗୁଡ଼ି ମାଛର ଜଙ୍ଘ ପରି ଲମ୍ବଲମ୍ବ
Chingurdiā dala କେଶଯୁକ୍ତ ପାଣିରେ ଜନ୍ମିବା ଅପୁଷ୍ପକ
चिंगड़िदल ଜଳଜ ଉଦ୍ଭିଦବିଶେଷ—A kind of
(ଚୁଙ୍ଗୁଡ଼ିଆଦଳ—ଅନ୍ୟରୂପ) hairy moss growing in water; Hydrilla Verticillata; Chara.

[ଦ୍ର—ଏହା ସାମାନ୍ୟ ସୁଅ ଥିବା ପାଣିରେ ଜନ୍ମେ ଏବଂ ପାଣିତଳର ମାଟିକୁ ଛୁଇଁ ନ ଥାଏ । ଏହାର ପତ୍ର ନାହିଁ, ଡାଙ୍ଗଗୁଡ଼ିକ ସରୁ ଓ ହରିଦ୍ବର୍ଣ୍ଣ ।]

[ଦ୍ର—ଶିଷ୍ୟ ବା ଛାତ୍ର ୪ ପ୍ରକାର—୧ । ଚିରଚିରା—ଯେ ପାଠକୁ ବିଳମ୍ବରେ ଆବୃତ୍ତି କରେ ଓ ବିଳମ୍ବରେ ପାଶୋରେ । ୨ । ଚିରବେଗା—ଯେ ପାଠକୁ ବିଳମ୍ବରେ ଆବୃତ୍ତି କରେ କିନ୍ତୁ ଚଞ୍ଚଳ ପାଶୋରି ପକାଏ । ୩—ବେଗବେଗା—ଯେ ପାଠକୁ ଚଞ୍ଚଳ ଆବୃତ୍ତି କରେ ଓ ଚଞ୍ଚଳ ପାଶୋରିପକାଏ । ୪—ବେଗଚିରା—ଯେ ପାଠକୁ ଚଞ୍ଚଳ ଆବୃତ୍ତି କରେ କିନ୍ତୁ ବିଳମ୍ବରେ ପାଶୋରେ । ଏଥି ମଧ୍ୟରୁ ୪ର୍ଥ ଶ୍ରେଣୀର ଛାତ୍ର ବୁଦ୍ଧିମାନ୍ ଓ ପ୍ରଶଂସାର୍ହ ।]

ଦେ. ବି (ସଂ. ଚିତ୍କାର)—ଚିରିଚିରା (ଦେଖ)
Chirichirā (See).

ଚିରଚିରାଇବା—ପଦ. କ୍ରି (ସଂ. ଚିତ୍କାର)—ଚିରିଚିରାଇବା (ଦେଖ)
Chirachirāibā Chirichirāibā (See)
(ଚିରଚିରେଇବା—ଅନ୍ୟରୂପ).

ଚିରଜୀବକ—ସଂ. ବିଣ. ପୁଂ (ଚିର+ଜୀବ୍ ଧାତୁ=ବଞ୍ଚିରହିବା+କର୍ତ୍ତୃ. ଅକ)—୧ । ଦୀର୍ଘାୟୁଃ; ଦୀର୍ଘଜୀବୀ; ଯେ ଅନେକ ଦିନ ବଞ୍ଚେ—1. Long-lived.
Chirajībaka
(ଚିରଜୀବକା—ସ୍ତ୍ରୀ)
୨ । ଅମର—2. Undying; immortal.
ବି—୧ । ବିଷ୍ଣୁ—1. Bishṇu.
୨ । କାକ—2. The crow.
୩ । ମାର୍କଣ୍ଡେୟ ଋଷି—3 Sage Mārkaṇḍeya (said to be still alive).
୪ । ଶାଳ୍ମଳୀ ଗଛ; ଶିମିଳିଗଛ—4. The silk-cotton tree; Bambax Heptaphyllia.
ଅଶ୍ୱତ୍ଥାମା—5. Aśwatthāmā, the son of Droṇāchārjya.
୬ । ବଳିରାଜା—6. Baḷi, the king who was pressed down into the nether regions by Bishṇu in his incarnation of Bāmana.
୭ । ବ୍ୟାସଦେବ—7. Byāsa, the author of the Mahābhārata.
୮ । ପରଶୁରାମ—8. Paraśurām.
୯ । ହନୁମାନ୍—9. Hanumān, the devoted follower of Rāmchandra.
୧୦ । ବିଭୀଷଣ—10. Bibhīshaṇa, the brother of Rābaṇa.
୧୧ । କୃପ—11. Kṛupa, the preceptor of the Pandu and Kuru princes in archery.
[ଦ୍ର—ପୁରାଣ ମତରେ ଅଶ୍ୱତ୍ଥାମା, ବଳି, ବ୍ୟାସ, ହନୁମାନ୍, ବିଭୀଷଣ, କୃପ ଓ ପରଶୁରାମ ଏ ୮ ଜଣ ଅମର ଓ ପ୍ରତିଦିନ ସକାଳେ ଏମାନଙ୍କ ନାମ ସ୍ମରଣ କରିବା ଲୋକ ଦୀର୍ଘାୟୁ ହୁଏ ।]
୧୨ । (ବୈଦ୍ୟକ) ଜୀବକ ନାମକ ବୃକ୍ଷ—
12. Name of a very rare medicinal plant.

ଚିରଜୀବନ—ସଂ. ବି.—ମନୁଷ୍ୟର ଜୀବିତ କାଳ—
Chirajībana The lifetime of a person.
କ୍ରି. ବିଣ.—ଆଜୀବନ; ଜୀଇଁବା ପର୍ଯ୍ୟନ୍ତ—
Till death; for life.

ଚିରଜୀବିତା—ସଂ. ବି. (ଚିରଜୀବିନ୍+ଭାବ. ତା)—
Chirajībitā ୧ । ବହୁକାଳ ବଞ୍ଚିବା—1. Longevity.
୨ । ଅମରତ୍ୱ—2. Immortality.

ଚିରଜୀବୀ—ସଂ. ବିଣ ଓ ବି.ପୁଂ—(ଚିର+ଜୀବ୍ ଧାତୁ+କର୍ତ୍ତୃ. ଇନ୍)—
Chirajībī ଚିରଜୀବକ (ଦେଖ)
(ଚିରଜୀବିନୀ—ସ୍ତ୍ରୀ) Chirajībaka (See)
(ଚିରଞ୍ଜୀବୀ—ଅନ୍ୟରୂପ)

ଚିରଞ୍ଜି—ଦେ. ବି.—(ସଂ.,ଚିର+ବୀଜ)—୧ । ପିଆଳ ବୃକ୍ଷ—
Chirañji 1. Buchanonia Latifolia (a wild timber-tree.
চিরোঞ্জি
पियार, चिरौंजी ୨ । ପିଆଳଫଳ; ଏକପ୍ରକାର ବାଦାମ—
2. Seed of the Chironjia Sapida.

[ଦ୍ର—ଏହି ମଞ୍ଜିର ଶସ ବାଦାମ ପରି ସୁସ୍ୱାଦୁ ଓ ଏଥିରୁ ଏକପ୍ରକାର ତେଲ ବାହାରେ । ପଶ୍ଚିମ ଅଞ୍ଚଳରେ ଏହି ତେଲ (ଆମ ଦେଶରେ ରାଶିତେଲ, ସୋରିଷତେଲ ପରି) ତିଅଣକୁ ସୁସ୍ୱାଦୁ କରିବାରେ ବ୍ୟବହୃତ ହୁଏ ଓ ଏ ମଞ୍ଜିର ଶସ ପିଠା ଓ ମିଠାଇରେ ପଡ଼େ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଣ୍ଟା ନ ପାଇଲେ 'ଅଣ୍ଠା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚିରଣ୍ଟୀ—ସଂ. ବି. ସ୍ତ୍ରୀ—(ଚିର+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ
Chiraṇṭī +ସ୍ତ୍ରୀ. ଈ; ନିପାତନ)—୧ । ଯେଉଁ କନ୍ୟା ପିତୃ

ଚିରଣ୍ଟୀ
ଚିରିଣ୍ଟୀ
ଚିରିଣ୍ଟିକା
ଚିରଣ୍ଟୀ
ଚିରଣ୍ଟୀ
ଚିରଣ୍ଟୀ
} ଅନ୍ୟରୂପ

ଗୃହରେ ଆଜୀବନ ବାସ କରେ (ବିବାହିତା କିମ୍ବା ଅବିବାହିତା ଅବସ୍ଥାରେ); ଅତି ସ୍ନେହାଧିକ୍ୟ; ପିତୃଗୃହବାସିନୀ କନ୍ୟା; ବିବାହିତା ହୋଇ ମଧ୍ୟ ପିତୃଗୃହବାସିନୀ କନ୍ୟା—A daughter who (instead of living in her husband's house) lives in her father's house through life; a woman (married or unmarried) who on account of fondness or affection of the parnets passes her whole life in her father's house.

୨ । ଯୁବତୀ (ହି. ଶବ୍ଦସାଗର)—2. A young woman.

ଚିରତିକ୍ତ—ସଂ. ବି.—ଚିରେଇତା; କିରାତତିକ୍ତ; ଭୂନିମ୍ବ; କିରାତକ—
Chiratikta A bitter medicinal plant used as vermifuge; Gentiana Chersyta.

ଚିରତୁଷାର—ଦେ. ବି.—ଯେଉଁ ବରଫ ଆଦୌ ତରଳେ ନାହିଁ—
Chiratushāra Perpetual snow.

ଚିରତୁଷାରବଳୟ—ସଂ. ବି. (ଆଧୁନିକ ବ୍ୟବହାର)—ପର୍ବତ ବା
Chiratushārabaḷaya ଦେଶର ଯେଉଁ ଭାଗ ସବୁଦିନେ ବରଫରେ ଆଚ୍ଛାଦିତ ହୋଇ ରହିଥାଏ (ଅର୍ଥାତ ଯେଉଁ ସ୍ଥାନରେ ବରଫ ଖରାରେ ମଧ୍ୟ ତରଳେ ନାହିଁ) ତାହାର ସର୍ବନିମ୍ନ ସୀମା—

ଚିରତୁଷାର ରେଖା
ଚିରତୁଷାର ସୀମା
} ଅନ୍ୟରୂପ

Snowline; the line of perpetual snow.

ଚିରତୁଷାରବାହୁ—ସଂ. ବି. (ଆଧୁନିକ ପ୍ରୟୋଗ)—ଯେଉଁ ବୃହଦାକାର
Chiratushārabāhu ବରଫ ଖଣ୍ଡ ତରଳେ ନାହିଁ—
(ଚିରତୁଷାରସ୍ତୂପ—ଅନ୍ୟରୂପ) A glacier.

ଚିରତୃଷିତ—ସଂ. ବିଣ (ସୁପ୍ ସୁପ୍ ସମାସ)—ଦୀର୍ଘକାଳ ହେଲା ପାଣି ପିଇ
Chiratṛushita ନ ଥିବାରୁ ଅତ୍ୟନ୍ତ ତୃଷାତୁର (ବ୍ୟକ୍ତି)—
(ଚିରତୃଷିତା—ସ୍ତ୍ରୀ) (person) Very thirsty, not having drunk for a long time.

ଚନ୍ଦ୍ରରୁ ଚପୁଡ଼ି ସୁଧା ଝର
ଚିରତୃଷିତର ମୁଖେ ଭର—କବିସୂର୍ଯ୍ୟ, କଣୋଇଚମ୍ପୂ ତ ଗୀତ ।

ଚିରତ୍ନ—ସଂ. ବିଣ (ଚିର+ଘଟିବା ଅର୍ଥରେ. ତ୍ନ)—ଚିରନ୍ତନ (ଦେଖ)
Chiratna Chirantana (See).

ଚିରଦାସ—ସଂ. ବିଣ. ପୁଂ—୧ । ଚିରାନୁଗତ; ଯାବଜ୍ଜୀବନ କୌଣସି
Chiradāsa ବ୍ୟକ୍ତିଠାରେ ଅନୁଗତ—1. Ever devoted;
(ଚିରଦାସୀ—ସ୍ତ୍ରୀ) devoted for life to a master.
(ଚିରଦାସତ୍ୱ—ବି) ୨ । ଆଜୀବନ ପ୍ରଭୁଙ୍କଠାରେ ଭୃତ୍ୟରୂପେ ଅବଦ୍ଧ—2. Tied to a master as a slave for life.

ବି—୧ । ଆଜୀବନ ଦାସ—1. A slave for life.

୨ । ଆଜୀବନ ଭକ୍ତ—2. A life-long devotee.

ଚିରଦିନ—ସଂ. ବି—ଚିରକାଳ (ଦେଖ)
Chiradina Chirakāla (See)

ଚିରଦିନିଆଁ—ଦେ. ବିଣ—ଚିରକାଳିଆ (ଦେଖ)
Chiradiniāñ Chirakāḷiā (See)

ଚିରନିଦ୍ରା—ସଂ. ବି. (କର୍ମଧା; ଚିର+ନିଦ୍ରା)—ଯେଉଁ ନିଦ କେବେହେଁ
Chiranidrā ଭାଙ୍ଗେ ନାହିଁ ଅର୍ଥାତ୍ ମୃତ୍ୟୁ—
(ଚିରନିଦ୍ରିତ—ବିଣ) Everlasting sleep; death.

ଚିରନିବାସ—ସଂ. ବି. (କର୍ମଧା; ଚିର+ନିବାସ)—
Chiranibāsa ୧ । ପୁରୁଷାନୁକ୍ରମେ ଏକସ୍ଥାନରେ ବାସ କରିବା—

ଚିରନିବାସୀ
ଚିରନିବିଷ୍ଟ
} ବିଣ.

1. Residence at one place for generations.

୨ । ଆଜୀବନ କୌଣସି ସ୍ଥାନରେ ବାସ—
2. Permanent or lifelong residence at a place.

ଚିରନିର୍ଦ୍ଦିଷ୍ଟ—ସଂ. ବିଣ (ସୁପ୍ ସୁପ୍ ସମାସ)—ଚିରକାଳ ସକାଶେ ସ୍ଥିରୀକୃତ;
Chiranirddishṭa ଯହିଁରେ କେବେହେଁ ବ୍ୟତିକ୍ରମ ଘଟିବ ନାହିଁ;
ଅପରିବର୍ତ୍ତନୀୟ—Ever constant, immutable.

ଚିରନିର୍ବାସନ—ସଂ. ବି. (ଚିର+ନିର୍+ବସ୍ ଧାତୁ ଣିଚ୍=ବାସି ଧାତୁ
Chiranirbāsana +ଭାବ. ଅନ)—ଅପରାଧୀକୁ ପ୍ରଦତ୍ତ
(ଚିରନିର୍ବାସିତ—ବିଣ. ପୁଂ) ଯାବଜ୍ଜୀବନ ଦେଶାନ୍ତରରେ ବାସ
(ଚିରନିର୍ବାସିତା—ବିଣ. ସ୍ତ୍ରୀ) କରିବା ରୂପ ଦଣ୍ଡ—
Transportation for life; lifelong exile.

ଚିରନୀହାର (ଇତ୍ୟାଦି)—ଚିରତୁଷାର ଇତ୍ୟାଦି (ଦେଖ)
Chiranihāra (etc) Chiratushāra etc (See)

ଚିରନ୍ତନ—ସଂ. ବିଣ. (ଚିରଂ+ଭବାର୍ଥେ. ତନ)—୧ । ଚିରକାଳୀନ;
Chirantana ଯାହା ଅବହମାନ କାଳରୁ ଚାଲି ଆସୁଅଛି—
(ଚିରନ୍ତନୀ—ସ୍ତ୍ରୀ) 1. Existing from time immemorial.

୨ । ଅତି ପୁରାତନ 2. Very old; ancient.

ଚିରପରିଚିତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ପରିଚିତ)—
Chiraparichita ୧ । ଦୀର୍ଘକାଳ ଯେଉଁ ବ୍ୟକ୍ତିଙ୍କ ସଙ୍ଗେ
(ଚିରପରିଚିତା—ସ୍ତ୍ରୀ) ପରିଚୟ ବା ଜଣାଶୁଣା ଅଛି—
(ଚିରପରିଚୟ—ବି) 1. Long acquainted or familiar; known for a pretty long time.

୨ । ବହୁକାଳ ହେଲା ଯେଉଁ କାର୍ଯ୍ୟ ଅଭ୍ୟାସ କରାଯାଇଅଛି;
ଚିରାଭ୍ୟସ୍ତ—2. Long practised.

ଚିରପାକୀ—ସଂ. ବି. (ଚିର+ପଚ ଧାତୁ=ପକ୍ୱ ହେବା+କର୍ତ୍ତୃ. ଇନ୍;
Chirapākī ଏ ଫଳ ପାଚିବାକୁ ଅନେକ ସମୟ ଲାଗେ ବୋଲି)
କଇଥ ଗଛ ଓ ଫଳ—Wood-apple (tree and fruit) Feronia Elephantum.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ୠ

ଚିରପାଳିତ—ସଂ. ବିଣ. ପୁଂ—ଚିରପୋଷିତ (ଦେଖ)
Chirapālita Chiraposhita (See)
(ଚିରପାଳିତା—ସ୍ତ୍ରୀ)

ଚିରପୁଷ୍ପ—ସଂ. ବି. (ବହୁବ୍ରୀହି; ଚିର+ପୁଷ୍ପ; ଏଥିର ଫୁଲ ସବୁ ଋତୁରେ
Chirapushpa ଫୁଟେ)—ବଉଳ ଗଛ—Bakula tree
Mimusops Elengi.

ଚିରପୋଷିତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ପୋଷିତ)—
Chiraposhita ୧। ଯେଉଁ ବ୍ୟକ୍ତି ଦୀର୍ଘକାଳ ହେଲା ପାଳନ
(ଚିରପୋଷିତା—ସ୍ତ୍ରୀ) କରାଯାଇଅଛି—1. Long maintained.
୨। ବହୁକାଳ ହେଲା ଯେଉଁ ଆଶା ବା ଇଚ୍ଛା ମନରେ ପୋଷଣ କରାଯାଇଅଛି 2 Long cherished hope or desire.

ଚିରପ୍ରଚଳିତ—ସଂ. ବିଣ (ସୁପ୍‌ସୁପ୍ ସମାସ; ଚିର+ପ୍ରଚଳିତ)—
Chiraprachalita ଆବହମାନକାଳରୁ ଚଳିଥିବା—
Immemorial; obtaining for a long time past.

ଚିରପ୍ରବାସ—ସଂ. ବି (କର୍ମଧା; ଚିର+ପ୍ରବାସ)—
Chiraprabāsa ୧। ବହୁକାଳ ବିଦେଶରେ ବାସ—
1. Long sojourn; staying abroad for a very long time.
ଚିରପ୍ରବାସୀ } ଚିରପ୍ରୋଷିତ } ବିଣ ୨। ଆଜୀବନ ବିଦେଶରେ ବାସ—
2. Lifelong sojourn.

ଚିରପ୍ରବାସୀ—ସଂ. ବିଣ ପୁଂ (ଚିରପ୍ରବାସ+ଇନ୍ ୧ମା. ୧ବ.)—
Chiraprabāsī ୧। ବହୁକାଳ ହେଲା ଯେ ବିଦେଶରେ ରହିଅଛି—
1. A person who has been staying abroad for a very long time.
(ଚିରପ୍ରବାସିନୀ—ସ୍ତ୍ରୀ) ୨। ଯେ ଆଜୀବନ ବିଦେଶରେ କଟାଇଅଛି—
2. A sojourner for life.

ଚିରପ୍ରବାହ—ସଂ. ବି (କର୍ମଧା; ଚିର+ପ୍ରବାହ)—ଅନନ୍ତ ବା ଅବିରତ
Chiraprabāha ସ୍ରୋତୋଧାରା—Eternal or continuous current; perennial spring.
ଚିରପ୍ରବାହିତ } ଚିରପ୍ରବାହୀ } ବିଣ

ଚିରପ୍ରବାହିତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ପ୍ରବାହିତ)—
Chiraprabāhita ୧। ଯାହା ଆବହମାନକାଳରୁ ବହି ଆସୁଅଛି—1. Ever flowing; ever running.
(ଚିରପ୍ରବାହିତା—ସ୍ତ୍ରୀ) ୨। ବାର ମାସ ଯହିଁରେ ସୁଅ ଥାଏ; ଯେଉଁ ନଦୀର ସୁଅ ଖରାଦିନେ ସୁଦ୍ଧା ଶୁଖିଯାଏ ନାହିଁ—
2. Having a current flowing throughout the year; perennial.
ଚିରପ୍ରବାହୀ—ବିଣ. ପୁଂ } ଚିରପ୍ରବାହିଣୀ—ବିଣ. ସ୍ତ୍ରୀ } ଅନ୍ୟରୂପ— ୩। ଯେଉଁ ନଦୀ ଅବିର ସ୍ରୋତ ବା ପ୍ରବାହ ଅର୍ଦ୍ଧେ ବନ୍ଦ ହୁଏ ନାହିଁ—3. Never drying; never ceasing to flow.

ଚିରପ୍ରାପ୍ତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ପ୍ରାପ୍ତ)—
Chiraprāpta ୧। ଯାହା ବହୁଦିନପୂର୍ବେ ମିଳିଥିଲା—
1. Acquired long long ago.
(ଚିରପ୍ରାପ୍ତା—ସ୍ତ୍ରୀ) ୨। ଯାହା ଆଜନ୍ମ ତପସ୍ୟା ବା ସାଧନାରେ ମିଳିଅଛି—2. Acquired after lifelong labour or penance.
୩। ଯାହା ବହୁ ବିଳମ୍ବରେ ମିଳିଅଛି—
3. Got after a long delay.
୪। ଯାହା ଯାବଜ୍ଜୀବନ ଭୋଗକରିବା ସକାଶେ ମିଳିଛି—
4 Acquired for lifelong enjoyment.

ଚିରପ୍ରାର୍ଥିତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ପ୍ରାର୍ଥିତ)—
Chiraprārthita ୧। ଯେଉଁ ବସ୍ତୁକୁ ପାଇବା ପାଇଁ ବହୁକାଳ
(ଚିରପ୍ରାର୍ଥିତା—ସ୍ତ୍ରୀ) ହେଲା ଅଭିଳାଷ କରା ଯାଇଅଛି; ଚିରବାଞ୍ଛିତ—1. Ever prayed for.
୨। ଯାହା ପାଇବାପାଇଁ ଆଜୀବନ ପ୍ରାର୍ଥନା କରା ଯାଇଅଛି—
2. That for whom prayers are offered since a long time.
୩। ଯାହାକୁ ବହୁକାଳ ଅନୁସରଣ ବା ପ୍ରାର୍ଥନା କରା ଯାଇଅଛି—
3 One who has been approached or solicited for a long time.

ଚିରପ୍ରୋଷିତ—ସଂ. ବିଣ. ପୁଂ (ସୁପ୍‌ସୁପ୍ ସମାସ; ଚିର+ପ୍ରୋଷିତ=ପ୍ରବାସୀ)—ଚିରପ୍ରବାସୀ ଦେଖ)
Chiraproshita
(ଚିରପ୍ରୋଷିତା—ସ୍ତ୍ରୀ) Chiraprabāsī (See).

ଚିରବଚ୍ଚା—ଦେ. ବି (ସଂ. ଚିର=ସ୍ତନାଗ୍ର+ହି. ବଚ୍ଚା=ଶିଶୁ)—
Chirabachā ସ୍ତନନ୍ଧୟ ଶିଶୁ; ଦୁଧଖିଆ ପିଲା—
A suckling; sucking baby.

ଚିରବଚ୍ଚାରୁ ପେଟ ହେବାକାଳେ ଶକଟ ହେଲାଣି ଯାହା ସେ କହିଲେ ମୃଦୁ।
କବିସୂର୍ଯ୍ୟ. ସଙ୍ଗୀତ।

ଚିରବନ୍ଧୁ—ସଂ. ବି. ପୁଂ. (କର୍ମଧା; ଚିର+ବନ୍ଧୁ)—
Chirabandhu ୧। ଅନେକ ଦିନର ପୁରୁଣା ବନ୍ଧୁ—
(ଚିରବନ୍ଧୁତା—ବି) 1. Very old friend.
୨। ସ୍ଥାୟୀ ବନ୍ଧୁ; ଯେଉଁ ବନ୍ଧୁର ମିତ୍ରତା ନଷ୍ଟ ହେବାର ନୁହେ—2. Constant friend.

ଚିରବାଞ୍ଛିତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ବାଞ୍ଛିତ)—
Chirabānchhita ୧। ଯାହାକୁ ପାଇବା ସକାଶେ ବହୁକାଳରୁ
(ଚିରବାଞ୍ଛିତା—ସ୍ତ୍ରୀ) ବଳବତୀ ଇଚ୍ଛା ରହିଅଛି—1. Ever longed for; desired for since a long time.
୨। ଚିରପ୍ରାର୍ଥିତ—2. Ever prayed for.

ଚିରବାହୀ—ସଂ. ବିଣ. ପୁଂ. (ଚିର+ବହ୍ ଧାତୁ+ଇନ୍ ୧ମା. ୧ବ)—
Chirabāhī ଚିରପ୍ରବାହିତ (ଦେଖ)
(ଚିରବାହିନୀ—ସ୍ତ୍ରୀ) Chiraprabāhita (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଜିଣ' ନ ପାଇଲେ 'ଅର୍ଜ୍ଜନ' ଦେଖିବେ, 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଚିରବିଚ୍ଛିନ୍ନ—ସଂ. ବିଣ. ପୁଂ. (ଚିର+ବିଚ୍ଛିନ୍ନ)—
Chirabichchhinna ୧ । ଯାହାଠାରୁ ବହୁଦିନ ହେଲା ଅନ୍ତରିତ ହେବାକୁ ହୋଇଅଛି—
(ଚିରବିଚ୍ଛିନ୍ନା—ସ୍ତ୍ରୀ) 1. Long separated.
୨ । ଚିରକାଳ ପାଇଁ ଅନ୍ତରିତ—
2. Separated for ever; separated never to meet.

ଚିରବିଚ୍ଛେଦ—ସଂ. ବି. (କର୍ମଧା; ଚିର+ବିଚ୍ଛେଦ)—
Chirabichchheda ୧ । ବନ୍ଧୁ ବା ଦମ୍ପତିଙ୍କର ଦୀର୍ଘକାଳ ପାଖ ଛଡ଼ାଛଡ଼ି—Long separation from each other (of friends or husband and wife).
୨ । ଯାବଜ୍ଜୀବନ ପାଖ ଛଡ଼ାଛଡ଼ି ହେବା—
2. Separation for ever.
୩ । ମୃତ୍ୟୁ—3. Death.

ଚିରବିଦାୟ—ସଂ. ବି—୧ । ଚିରଦିନ ସକାଶେ ପ୍ରସ୍ଥାନ—
Chirabidāya 1. Separation not to meet again; eternal adiew.
୨ । ମୃତ୍ୟୁ—2. Death.

ଚିରବିରହ—ସଂ. ବି. (ଚିର+ବିରହ)—ଚିରବିଚ୍ଛେଦ (ଦେଖ)
Chirabiraha Chirabichchheda (See)

ଚିରବିରହୀ—ସଂ. ବିଣ. ପୁଂ. (ଚିରବିରହ+ଇନ୍; ୧ମା. ୧ବ.)—
Chirabirahi ୧ । ବହୁକାଳ ପାଖ ଛଡ଼ାଛଡ଼ି ହୋଇ ରହିଥିବା
(ଚିରବିରହିଣୀ—ସ୍ତ୍ରୀ) (ସ୍ୱାମୀ ବା ସ୍ତ୍ରୀ)—
1. Long separated (couple).
୨ । ଆଜୀବନ ସ୍ୱାମୀ ବା ସ୍ତ୍ରୀସଙ୍ଗରୁ ବଞ୍ଚିତ—
2. Deprived of the association of one's wife or husband for life.

ଚିରବିରୁଦ୍ଧ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ବିରୁଦ୍ଧ)—
Chirabiruddha ୧ । ଯେ ଆଜୀବନ ପ୍ରତିକୂଳ ବା ବିପକ୍ଷ; ଯାହା
(ଚିରବିରୋଧୀ—ଅନ୍ୟରୂପ) ସଙ୍ଗେ ଆଜୀବନ ଶତ୍ରୁତା ଲାଗିଅଛି;
(ଚିରବିରୁଦ୍ଧା—ସ୍ତ୍ରୀ) ବହୁକାଳ ହେଲା ଶତ୍ରୁ—
ଚିରବିରୁଦ୍ଧତା }
ଚିରବିରୋଧ } ବି 1. Inimical for a long time; having lifelong enmity with each other.
୨ । ଯେଉଁ ଦ୍ରବ୍ୟଦ୍ୱୟ (ଯଥା—କ୍ଷୀର କ୍ଷାର ଏକତ୍ର ସେବନ କଲେ ଅନିଷ୍ଟ ଘଟେ)—2. (two things) Which do not agree with each other.

ଚିରବିଲ୍ୱ—ସଂ. ବି—୧ । କରଞ୍ଜବୃକ୍ଷ—
Chirabilwa 1. Pongamia Glabra (M. W).
୨ । ସୁରୁବୁଲି (ଦେଖ) 2. Surubuli (See)

ଚିରବିସ୍ମୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଚିର+ବିସ୍ମୟ)—
Chirabismaya ଯେଉଁ ବ୍ୟକ୍ତି ବା ବସ୍ତୁ ଚିରଦିନ ବିସ୍ମୟ ଉତ୍ପାଦନ
(ଚିରବିସ୍ମୟା—ସ୍ତ୍ରୀ) କରେ—Ever wonderful; ever enrapturing.

ଚିରବିସ୍ମୃତ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ବିସ୍ମୃତ)—
Chirabismṛuta ୧ । ଯେ ବହୁଦିନ ହେଲା କୌଣସି କଥା ଭୁଲି
(ଚିରବିସ୍ମୃତା—ସ୍ତ୍ରୀ) ଯାଇଅଛି—1. Long forgetting; long
(ଚିରବିସ୍ମୃତି—ବି) oblivious.
୨ । ଯାହାକୁ ବହୁଦିନ ହେଲା ଭୁଲାଯାଇଅଛି—
2. Long forgotton.

ଚିରବୀର୍ଯ୍ୟ—ସଂ ବି—ନାଲି ଜଡ଼ଗଛ (ହି. ଶବ୍ଦସାଗର)—
Chirabirjya The redvariety of the castor-seed-plant.

ଚିରବେଗା—ଦେ. ବିଣ—ଯେଉଁ ଛାତ୍ର କୌଣସି ପାଠକୁ ଅଭ୍ୟସ୍ତ କରିବାକୁ
Chirabegā ବହୁସମୟ ନିଏ କିନ୍ତୁ ଶୀଘ୍ର ପାସୋରି ପକାଏ—
(ବେଗଚିରା—ବିପରୀତ) Acquiring a lesson very slowly but forgetting it very fast; long to acquire but quick to forget (said of memory or students).
[ଦ୍ର—ଚିରଚିରା ତଳେ ନୋଟ ଦେଖ ।]

ଚିରବୈର—ସଂ. ବି. (କର୍ମଧା; ଚିର+ବୈର)—
Chirabaira ବହୁକାଳ ବ୍ୟାପୀ ଶତ୍ରୁତା—
Long standing enmity; life long antipathy.
ସଂ. ବିଣ (ବହୁବ୍ରୀହି)—ଚିରବିରୁଦ୍ଧ (ଦେଖ)
Chirabiruddha (See).

ଚିରବୈରାଗୀ—ସଂ. ବିଣ. (ସଂ. ଚିର+ବୈରାଗୀ)—
Chirabairāgi ୧ । ଯେ ବାଲ୍ୟକାଳରୁ ସଂସାର ତ୍ୟାଗ କରିଅଛି—
(ଚିରବୈରାଗ୍ୟ—ବି) 1. One who has renounced the world for life; since boyhood.
୨ । ଯେ ବଞ୍ଚିଥିବା ପର୍ଯ୍ୟନ୍ତ ସଂସାର ତ୍ୟାଗ କରେ—
2. Renouncing the world for life.

ଚିରବୈରୀ—ସଂ. ବିଣ. ପୁଂ. (କର୍ମଧା; ଚିର+ବୈରୀ)—
Chirabairi ୧ । ଆଜୀବନ ବା ବହୁକାଳ ହେଲା ପ୍ରତିକୂଳ—
(ଚିରବୈରିଣୀ—ସ୍ତ୍ରୀ) 1. Enmical for life or for a long time.
୨ । ଜନ୍ମତଃ ବା ପ୍ରକୃତିତଃ ପରସ୍ପର ଶତ୍ରୁ—
(ଯଥା—ଘୋଡ଼ା, ମଇଁଷି, କାଉ, ପେଚା ।)
2. Enmical to each other by nature.

ଚିରମଳିନ—ସଂ. ବିଣ. ପୁଂ. (କର୍ମଧା; ଚିର+ମଳିନ)—
Chiramalina ୧ । ଯେଉଁ ପଦାର୍ଥ ବା ବ୍ୟକ୍ତିଠାରୁ ମଳିନତା
(ଚିରମଳିନା—ସ୍ତ୍ରୀ) କଦାପି ଦୂର ହେବ ନାହିଁ—
ଚିରମଳିନତା }
ଚିରମାଳିନ୍ୟ } ବି. 1. Ever dirty; ever soiled; that which can never be purified or chastened.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	ଙ୍କ	ଇଯ୍	ଉଅ	ଛ
୨	ଈ	ଊ	ଋ	ଌ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସଂ	ଙ୍ଗ୍ୟ	ଇଅ	ଞ୍ଚ	ନ୍ତ

୨ । ଯେଉଁ ବ୍ୟକ୍ତିଠାରେ ଲାଗିବା କଳଙ୍କ ଦୂରପନେୟ—
1. Having a stain which will never be effaced.

ଚିରମେହୀ—ସଂ. ବି. (ଚିର+ମିହ ଧାତୁ=ପ୍ରସ୍ରାବ କରିବା+କର୍ତ୍ତୃ. ଇନ୍; ଯେ ବହୁବାର ଓ ଅନେକ ସମୟ ପର୍ଯ୍ୟନ୍ତ ପ୍ରସ୍ରାବ କରେ)—ଗଧ—The ass.
Chirameh̄i

ଚିରମ୍ଭ—ସଂ. ବି. (ଚି=ଚିତ୍କାର ଧ୍ୱନି+ରମ୍ଭ ଧାତୁ=ଆରମ୍ଭ କରିବା +କର୍ତ୍ତୃ. ଅ)—ଚିଲ—
Chirambha
(ଚିରମ୍ଭଣ—ଅନ୍ୟରୂପ) The common Indian kite.

ଚିରଯଶଃ—ସଂ. ବି.—(କର୍ମଧାରୟ, ଚିର+ଯଶଃ)—ଯେଉଁ ଯଶ ଚିରକାଳ ରହିଥିବ; ଅନନ୍ତକୀର୍ତ୍ତି—
Chirajaśah
ଚିରଯଶାଃ } ବିଣ
ଚିରଯଶସ୍ୱୀ
Everlasting or undying fame.

ଚିରଯୁବା—ସଂ. ବିଣ.—(ଚିର+ଯୁବନ୍)—୧ । ଯାହାର ଯୌବନ କେବେ ହେଲେ ମଉଳେ ନାହିଁ (ଯଥା—ଦେବତା)—
Chirajubā
ଚିରଯୁବକ—ପୁଂ } ଅନ୍ୟରୂପ
ଚିରଯୁବତୀ—ସ୍ତ୍ରୀ
ଚିରଯୌବନ—ବି
1. Of never fading youth.
୨ । ଯାହାର ଯୌବନ ବହୁକାଳ ରହେ—2. Of lasting youth; one who maintains his or her youth for an extraordinarily long time.
୩ । ବାର୍ଦ୍ଧକ୍ୟରେ ମଧ୍ୟ ଯେ ଯୁବକ ପରି ସତେଜ ଥାଏ—
3. Sprightly and energetic even in old age.
୪ । ଯେଉଁ ବ୍ୟକ୍ତିର ଯୌବନଜନିତ ଅଙ୍ଗସୌଷ୍ଠବ ବୃଦ୍ଧକାଳରେ ମଧ୍ୟ ରହେ—Maintaining youthful plumpness and grace even in advanced age.

ଚିରରହସ୍ୟ—ସଂ. ବି. (କର୍ମଧା; ଚିର+ରହସ୍ୟ)—ଯେଉଁ ରହସ୍ୟ କେବେହେଁ ସମାଧାନ ହୋଇ ପାରିବ ନାହିଁ—
Chirarahasya
Insoluble problem or riddle.

ଚିରରାତ୍ର—ସଂ. କ୍ରି. ବିଣ. (ଚିର+ରାତ୍ରି+ଅ)—ଚିରକାଳ—
Chirarātra For ever

ଚିରରୁଗ୍ଣ ସଂ. ବିଣ. ପୁଂ—(ସୁପ୍ ସୁପ୍ ସମାସ; ଚିର୍+ରୁଗ୍ଣ)—
Chirarugna ୧ । ଯେ ବହୁକାଳ ହେଲା ରୋଗ ଭୋଗ କରୁ ଅଛି—
(ଚିରରୁଗ୍ଣା—ସ୍ତ୍ରୀ) 1. Suffering from a chronic disease;
ଚିରରୋଗୀ—ପୁଂ. } ଅନ୍ୟରୂପ
ଚିରରୋଗିଣୀ—ସ୍ତ୍ରୀ.
Valetudinarian; invalid.
୨ । ଅଜନ୍ମ ରୋଗୀ—2. Delicately constituted or sickly from birth.

ଚିରରୋଗ—ସଂ. ବି.—ବହୁଦିନ ବ୍ୟାପୀ ଅସୁସ୍ଥତା—
Chiraroga Chronic disease.

ଚିରରୋଗଣା—ଦେ. ବିଣ. ପୁଂ (ସଂ. ଚିର+ରୁଗ୍ଣ)—ଚିରରୋଗୀ—
Chiraroganā Suffering from a chronic disease;
(ଚିରରୋଗଣୀ—ସ୍ତ୍ରୀ) constantly ailing.
ଚିରରୋଗା; ଚିରରୋଗିଣା—ପୁଂ } ଅନ୍ୟରୂପ
ଚିରରୋଗେଇ, ଚିରରୋଗିଣୀ—ସ୍ତ୍ରୀ
चिरकतौस

ଚିରଲୁବ୍ଧ—ସଂ. ବିଣ. ପୁଂ.—ଚିରବାଞ୍ଛିତ (ଦେଖ)
Chiralubdha Chirabānchhita (See)
(ଚିରଲୁବ୍ଧା—ସ୍ତ୍ରୀ)

ଚିରଶୟନ—ସଂ. ବି. (ଚିର+ଶୟନ)—ମୃତ୍ୟୁ—
Chiraśayana Death.
ଚିରଶୟିତ; ଚିରସୁପ୍ତ—ପୁଂ } ବିଣ
ଚିରଶୟିତା; ଚିରସୁପ୍ତା—ସ୍ତ୍ରୀ
ହଳାହଳ ପାନେ ଦାରୁଣ ଶୁଣାକେ କୋଳେ କଲେ ଅହା ଚିରଶୟନ ।
ନନ୍ଦକଶୋର. କୃଷ୍ଣକୁମାରୀ ।

ଚିରଶାନ୍ତ—ସଂ. ବିଣ. ପୁଂ (ସୁପ୍ ସୁପ୍ ସମାସ; ଚିର+ଶାନ୍ତ)—
Chiraśānta ୧ । ଯେ ଆଜୀବନ ସଂଯତ—1. Observing
(ଚିରଶାନ୍ତା—ସ୍ତ୍ରୀ) lifelong self control
୨ । ଆଜୀବନ ଧୀର—2. Calm and quiet by nature.
୩ । ଦୀର୍ଘକାଳ ହେଲା ନିରୁପଦ୍ରବ ଓ ସ୍ଥିର—
3. Pacified for a long time.
୪ । ଯେଉଁଠାରେ କେବେ ହେଲେ ଅଶାନ୍ତି ଘଟେ ନାହିଁ—
4. Ever peaceful and quiet (place).

ଚିରଶାନ୍ତି—ସଂ. ବି. ପୁଂ (କର୍ମଧାରୟ; ଚିର+ଶାନ୍ତି)—୧ । ଦୀର୍ଘକାଳ ବ୍ୟାପୀ ଶାନ୍ତି; ଅନବଚ୍ଛିନ୍ନ ଶାନ୍ତି—1. Everlasting peace or contentment.
Chiraśānti
୨ । ମୃତ୍ୟୁ—2 Death.

ଚିରଶ୍ୟାମଳ—ସଂ. ବିଣ. ପୁଂ. (ସୁପ୍ ସୁପ୍ ସମାସ; ଚିର+ଶ୍ୟାମଳ)—
Chiraśyāmala ଯାହା ବଞ୍ଚିଥିବା ପର୍ଯ୍ୟନ୍ତ (ବୃକ୍ଷ ବା ପତ୍ର)
(ଚିରଶ୍ୟାମଳା—ସ୍ତ୍ରୀ) ସବୁଦିନେ ସବୁଜ ବର୍ଣ୍ଣ ଥାଏ; ଯେଉଁ ଗଛ ପତ୍ରଝଡ଼ା ହୁଏ ନାହିଁ—Ever green (tree).
(ଯଥା—ନଡ଼ିଆ, ତାଳ, ଖଜୁରୀ, ପୋଲାଙ୍ଗ ଆଦି ଗଛ ।)

ଚିରସଙ୍ଗୀ—ସଂ. ବି. ପୁଂ—୧ । ନିତ୍ୟସଙ୍ଗୀ; ଅନ୍ତରଙ୍ଗସଙ୍ଗୀ ବା ଅନୁଚର—
Chirasangi 1. Friends constantly attached to
(ଚିରସଙ୍ଗିନୀ—ସ୍ତ୍ରୀ) each other; companion for life.
୨ । ବହୁକାଳ ହେଲା ଯେଉଁ ସଙ୍ଗୀର ସଙ୍ଗଲାଭ ହୋଇଅଛି—
2 Long established friends; very old friend
୩ । ଯାହାକୁ ଜୀବନରେ କେବେ ହେଲେ ଛାଡ଼ି ହେବ ନାହିଁ—
3. Unavoidable companion.
(ଯଥା—ଦାରିଦ୍ର୍ୟ ସରସ୍ୱତୀପୁତ୍ରମାନଙ୍କର ଚିରସଙ୍ଗୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚିରସହାୟ—ସଂ. ବି. ପୁଂ. (ଚିର+ସହାୟ)—
Chirasahāya ୧ । ବହୁକାଳର ଆଶ୍ରୟଦାତା ବା ଉପକାରୀ
(ଚିରସହାୟା—ସ୍ତ୍ରୀ) 1. An old benefactor.
୨ । ଯେ ସର୍ବଦା ଆପଦ ବା ଅଭାବବେଳେ ସାହାଯ୍ୟ କରେ— 2. A person who invariably renders help when required
୩ । ସର୍ବଦା ସହକାରୀ—3. A constant assistant.

ଚିରସୁଖ—ସଂ ବି. (କର୍ମଧାରୟ; ଚିର+ସୁଖ)—
Chirasukha ୧ । ଚିରସ୍ଥାୟୀ ଆନନ୍ଦ—
ଚିରସୁଖୀ—ପୁଂ, ଚିରସୁଖିନୀ—ସ୍ତ୍ରୀ 1. Constant or lasting happiness.
୨ । ଯାବଜ୍ଜୀବନ ଭୋଗ କରିବା ଆନନ୍ଦ— 2. Lifelong bliss.
୩ । ଅନନ୍ତକାଳ ପାଇଁ ସୁଖ— 3. Eternal happiness; beatitude.

ଚିରସୁନ୍ଦର—ସଂ. ବିଣ. (ସୁପ୍ ସୁପ୍ ସମାସ; ଚିର+ସୁନ୍ଦର; ଯେ ବସ୍ତୁ
Chirasundara ଚକ୍ଷୁରେ ସର୍ବଦା ସୁନ୍ଦର)—
ଯାହା ସବୁଦିନେ ସୁନ୍ଦର ଦେଖାଯାଏ—Ever beautiful.
ସଂ. ବି—ପରମେଶ୍ୱର—A name of God.

ଚିରସୂତା—ସଂ. ବିଣ. ସ୍ତ୍ରୀ. (ଚିର+ସୂତା=ପ୍ରସୂତା)—
Chirasūtā ୧ । (ଗାଈ ବା ସ୍ତ୍ରୀ) ଯେ ଅନେକ ଦିନ ପୂର୍ବେ ସନ୍ତାନ ଜନ୍ମ କରିଥିଲା; କାକବନ୍ଧ୍ୟା; କାକବାନ୍ଧି—
1. (woman or cow) Which lore a child long ago.
୨ । ଯେଉଁ ଗାଈ ଅନେକ ଥର ପ୍ରସବ କରେ—
2 (cow)Bearing calves in quick succession.
୩ । ଯେଉଁ ଗାଈ ଅନେକ ଦିନ ପରେ ପ୍ରସବ କରେ—
3. Bearing calves at long intervals.

ଚିରସେବିତ—ସଂ. ବିଣ. ପୁଂ. (ଚିର+ସେବିତ)—
Chirasebita ୧ । ଯାହାକୁ କୌଣସି ବ୍ୟକ୍ତି ବହୁକାଳ ହେଲା
(ଚିରସେବିତା—ସ୍ତ୍ରୀ) ସେବା କରି ଆସୁଥାଏ—
1. Long served; long enjoyed; long attended.
୨ । ଯେଉଁ କାର୍ଯ୍ୟ ବହୁ ଦିନ ହେଲା ଅନୁଷ୍ଠିତ ବା ଆଚରିତ ହେଉଅଛି—2. Being done for a long time.
୩ । ଲୋକେ ଯାହା ବହୁକାଳ ହେଲା ମାନି ଚଳି ଆସୁଅଛନ୍ତି— 3. Long followed or obeyed.

ଚିରସ୍ଥାୟୀ—ସଂ. ବିଣ. ପୁଂ. (ଚିର+ସ୍ଥା ଧାତୁ+କର୍ତ୍ତୃ. ଇନ୍)—
Chirasthāyi ୧ । ଅବିନାଶୀ—1. Indestructible;
(ଚିରସ୍ଥାୟିନୀ—ସ୍ତ୍ରୀ) permanent; ever lasting.
(ଚିରସ୍ଥାୟୀ—ବିପରୀତ) ୨ । ଦୀର୍ଘକାଳସ୍ଥାୟୀ—
ଚିରସ୍ଥାୟିତା, ଚିରସ୍ଥାୟିତ୍ୱ—ବି. 2. Long standing; durable; lasting.
୩ । ଚିରସ୍ଥାୟୀ—3. Perpetual.

ଚିରସ୍ଥାୟୀ ପଟ୍ଟା—ଦେ. ବି—ଯେଉଁ ପଟ୍ଟାଦ୍ୱାରା ଭୂମି ଚିରକାଳ
Chirasthāyi paṭā ସକାଶେ ରଇତକୁ ନିର୍ଦ୍ଦିଷ୍ଟ ଜମାରେ ଭୋଗ
ଚିରସ୍ଥାୟୀ ପଟ୍ଟା କରିବାକୁ ଦିଆଯାଏ; ଇସ୍ତମରାରୀ ପଟ୍ଟା—
चिरस्थायी पट्टा Permanent lease granted by a Zamindar; a lease in perpetuity.

ଚିରସ୍ଥାୟୀ ବନ୍ଦୋବସ୍ତ—ଦେ. ବି—୧ । ଚିରଦିନ ସକାଶେ ଭୂମିର
Chirasthāyi bandobasta ସରକାରୀ ରାଜସ୍ୱ ନିରୂପଣ—
চিরস্থায়ী বন্দোবস্ত 1. Permanent revenue Settlement
चिरस्थायी बन्दोबस्त in which the revenue payable to Government is fixed in perpetuity.
[ଦ୍ର—ବଙ୍ଗ, ବିହାର ଓ ଓଡ଼ିଶା ଦେଶରେ ଲର୍ଡ଼ କର୍ଣ୍ଣଓ୍ୱାଲିସ୍ ୧୭୯୩ ସାଲରେ ପ୍ରଥମେ ଜମିଦାରମାନଙ୍କ ଉପରେ ୧୦ ବର୍ଷ ସକାଶେ ବସାଇଥିବା ନିର୍ଦ୍ଦିଷ୍ଟ ଜମା ପରେ ଚିରକାଳ ସକାଶେ ସ୍ଥାୟୀ ରହିବ ବୋଲି ଆଦେଶ କଲେ । ଏ ଜମା ଆଉ ବଦଳିବ ନାହିଁ । ଓଡ଼ିଶାର କେତେଗୁଡ଼ିଏ ରାଜ୍ୟର ରାଜସ୍ୱ ମଧ୍ୟ ଚିରକାଳ ସକାଶେ ସ୍ଥିରୀକୃତ ହୋଇଥିଲା । ଇଂରାଜୀରେ ଏହାକୁ The Permanent Settlement of Bengal, Bihar & Orissa ବୋଲି କହନ୍ତି ।]
୨ । ଯେଉଁ ବ୍ୟବସ୍ଥାର ପରିବର୍ତ୍ତନ ଘଟେ ନାହିଁ—
2. A permanent arrangement.

ଚିରସ୍ମରଣୀୟ—ସଂ. ବିଣ (ଚିର+ସ୍ମରଣୀୟ)—୧ । ଯାହା ଚିରକାଳ
Chirasmaraṇiya ସକାଶେ ଲୋକଙ୍କ ମନରେ ରହିବ—
Ever memorable.
ଚିରସ୍ମରଣୀୟତା, ଚିରସ୍ମୃତି—ବି ୨ । ଅବହମାନକାଳରୁ ଲୋକେ ଯାହାକୁ ମନେ ରଖିଅଛନ୍ତି—
2 Ever-remembered.

ଚିରସ୍ରୋତ—ଦେ. ବି (ଚିର+ସ୍ରୋତସ୍)—ଚିରପ୍ରବାହ (ଦେଖ)
Chirasrota Chiraprabāha (See).
ଦେ. ବିଣ. ପୁଂ (ସଂ. ଚିରସ୍ରୋତା)—ଚିରପ୍ରବାହିତ (ଦେଖ)
Chiraprabāhita (See).

ଚିରସ୍ରୋତାଃ—ସଂ. ବିଣ. (ବହୁବ୍ରୀହି; ଚିର+ସ୍ରୋତସ୍; ୧ମା. ୧ବ)—
Chirasrotāḥ ଚିରପ୍ରବାହିତ (ଦେଖ)—
Chiraprabāhita (See)

ଚିରା—ଦେ. ବି (ସଂ.ଚୀର=ଚିରା;ଜୀର୍ଣ୍ଣ ବସ୍ତ୍ରଖଣ୍ଡ, କନା); ସଂ ଚୀର୍ଣ୍ଣ)—
Chirā ୧ । ଫାଡ଼ିବା; ଚିରିବା—1. Tearing; tear.
চিরা, চেরা ୨ । ରାମ୍ପୁଡ଼ିବା—2. Scratching, lacerating.
चिराव, चिर, चीरा ୩ । କନା—3. Rags.
୪ । ଦୁଇଫାଳ କରିବା—4. Splitting up into two
୫ । ଅସ୍ତ୍ରଦ୍ୱାରା କାଟିବା ବା କ୍ଷତବିକ୍ଷତ କରିବା—
5. To cut through or wound by an instrument.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇର୍ଯ୍ୟ	ତ୍ଥ	ଢ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଥ	ଢ଼	ନ୍ତୁ

୬ । ଫନ୍ଦା—6. Rent.

कूदा ୭ । (ସଂ. ଚର ଧାତୁ=ଗତି) ଲମ୍ଫ, ଡିଆଁ—

फलाङ्ग, चौकड़ी 7. A high jump; a running jump; leap.

ଚିରମର ଶୃଙ୍ଗ ବେଣୁ, ବାଦ୍ୟନାଦ ଶୁଣୁ ଶୁଣୁ—କବିସୂର୍ଯ୍ୟ. ବ. ଚ ।

ବିଣ—୧ । (ସଂ. ଚିର୍=କନା; ନେକୁଡ଼ି) ଚିରି; ଛିଣ୍ଡା ଯାଇଥିବା

चिरा (କନା)—1. Torne to pieces; tattered (cloth).

चीरा ଚିରାକନାରେ ମଣି ବର ଥିଲେ ନ ତୁଟେ ମୂଲ୍ୟ ତାର ।

ଭୂପତି, ପ୍ରେମପଞ୍ଚାମୃତ ।

୨ । (ସଂ. ଚୃଧାତୁ) ନଖଦ୍ୱାରା କ୍ଷତବିକ୍ଷତ; ରମ୍ପୁଡ଼ା ହୋଇଥିବା—2. Scratched (with finger nails); lacerated.

୩ । ଫାଳ ଫାଳ କରାଯାଇଥିବା—(ଯଥା—ଚିରାକାଠ)—3. Split up into two.

୪ । କ୍ଷତବିକ୍ଷତ—4 Scarred at many places

ସହସ୍ରେ କାଣ୍ଡ ବକ୍ଷ ସାତ୍ୟକି ମହାବୀର, କଲେ ଅଶ୍ୱତ୍ଥାମାଙ୍କ ଦେହଟିକ ଚିର—

କୃଷ୍ଣସିଂ ହ. ମହାଭାରତ. ଦ୍ରୋଣ ।

ପ୍ରାଦେ (ଗଞ୍ଜାମ) ବି—ପଟ୍ଟା; ଏକାଧିକ ଅଂଶୀଦାର ଗୋଟିଏ କିଆରୀକୁ ବାଣ୍ଟିନେଲେ ପ୍ରତି ଭାଗରେ ପଡ଼ିବା ଲମ୍ବ ଓ ସରୁ ଅଂଶମାନ—A land partitioned amongst many co-sharers.

ଚିରାଇ—ଦେ. ବି—ଚିରେଇ (ଦେଖ)—
Chirāi Chirei (See)

ଚିରାଇତା—ଦେ. ବି—ଚିରେଇତା (ଦେଖ)—
Chirāitā Chireitā (See)

ଚିରାଇବା—ଦେ. କ୍ରି--(ଚିରିବାର ଣିଜନ୍ତ ରୂପ) ଅନ୍ୟଦ୍ୱାରା ଫଡ଼ାଇବା—
Chirāibā To cause a thing to be split up
चेरान or torne up by another.
चिरवाना, चिराना
(ଚିରେଇବା—ଅନ୍ୟରୂପ)

ଚିରାଇସ—ଦେ. ବିଣ (ସଂ. ଚିରାୟୁଃ)—ଚିରାୟୁଃ (ଦେଖ)—
Chirāisa Chirāyuḥ (See)

ଚିରାକ (ଇତ୍ୟାଦି)—ଚିରାଗ୍ ଇତ୍ୟାଦି (ଦେଖ)—
Chirāk (etc) Chirāg etc (See)

ଚିରା କନା—ଦେ. ବି (ସଂ. ଚୀର୍ଣ୍ଣ+କର୍ଣ୍ଣ=ବସ୍ତ୍ରର କୋଣ) ଛିଣ୍ଡା
Chirā kanā ବସ୍ତ୍ରାଂଶ—Rag; tattered piece of cloth.
चिरा कापड़, छेंड़ा कानि ଏବେବେଳେ ଚିରାକନା ହଜିଗଲେ ମାଠ । ଚିରା ।
चिथड़ा

ଚିରାକୁଟି—ଦେ. ବି—ଚିରକୁଟ (ଦେଖ)
Chirākuṭi Chirkuṭ (See)

ବାହୁରେ ବାହୁଟି ତାଙ୍କ କଣ୍ଠେ ଚିରାକୁଟି—ସାରଳା, ମହାଭାରତ, ସଭା ।

ଚିରାଖ (ଇତ୍ୟାଦି)—ଚିରାଗ୍ ଇତ୍ୟାଦି (ଦେଖ)—
Chirākh (etc) Chirāg etc (See)

ଚିରାଗ୍—ବୈଦେ. ବି. (ଫା. ଚିରାଗ୍; ଚିରାଖ୍)—୧ । ପ୍ରଦୀପ—
Chirāg 1. Lamp.
চিরাগ; চেরাগ ୨ । ଆଲୁଅ—2. Light.
चिराग ୩ । ସନ୍ଧ୍ୟାବେଳେ ମୁସଲମାନଙ୍କ ମସଜିଦ ଓ ପୀରଙ୍କ ଅସ୍ଥାନ ଆଦିରେ ଜଳାଯିବା ବତି—3 Wick lighted in mosques and shrined in the evening by Mahomedans.

ଚିରାଗ୍‌ଦାନ—ବୈଦେ. ବି. (ଫା. ଚିରାଗ୍‌ଦାନ୍)—ପ୍ରଦୀପସ୍ତମ୍ଭ;
Chirāgdān ଦୀପରୁଖା—Lamp stand.
চেরাগদান
चिरागदान

ଚିରାଗତ—ସଂ. ବିଣ. (ଚିର+ଆଗତ)—୧ । ବହୁକାଳ ହେଲା
Chirāgata ପ୍ରଚଳିତ ବା ଅନୁଷ୍ଠିତ—1. Long prevalent.
୨ । ପୁରୁଷାନୁକ୍ରମେ ବା ଅବିଦିତମାନକାଳରୁ ଚଳି ଆସୁଥିବା—
2. Continuing from time immemorial; transmitted from generation to generation.

ଚିରାଚରିତ—ସଂ. ବି. (ସନ୍ଧି; ଚିର+ଆଚରିତ)—ଚିରାଗତ (ଦେଖ)
Chirācharita Chirāgata (See)

ଚିରାଚିରି ଦେ. ବି—ଅନେକ ବସ୍ତ୍ର ବା କାଗଜକୁ ଚିରିବା କର୍ମ—
Chirāchiri Various acts of tearing or rending.
ছেঁড়াছেঁড়ি ବିଣ—ଛିଣ୍ଡା (କାଗଜ କନା ଆଦି)—
चिराचिरि Tattered; torne.

ଚିରାଚିରି କରିବା—ଦେ. କ୍ରି—ଅନେକ କାଗଜ ବା ବସ୍ତ୍ରଆଦି ଚିରିବା
Chirāchiri karibā ବା ଟିକି ଟିକି କରିବା—
To tear cloths or papers to pieces.

ଚିରାତିକ୍ତ—ସଂ. ବି—ଚିରେଇତା (ଦେଖ)
Chirātikta Chireitā (See)

ଚିରା ଦରବା—ଦେ. ବି—ଚିରା କନା (ଦେଖ)
Chirā darabā Chirā kanā (See)

ଚିରା ଦରବାରେ ନ ଲୁଚେ ଅଣ୍ଡ—ଚିରା ।

ଚିରାନୁଷ୍ଠିତ—ସଂ. ବିଣ—ବହୁକାଳ ହେଲା ଚଳି ଆସୁଥିବା—
Chirānushṭhita Continuing since time immemorial; long practised.

ଚିରାନ୍ଧ—ସଂ. ବିଣ. ପୁଂ. (ଚିର+ଅନ୍ଧ)—୧ । ଜନ୍ମାନ୍ଧ—
Chirāndha 1. Blind from birth.
(ଚିରାନ୍ଧା—ସ୍ତ୍ରୀ) ୨ । (ଲକ୍ଷଣାର୍ଥ) ଯେ କେବେହେଁ ସତ୍ୟ ତତ୍ତ୍ୱ ଦେଖେ ନାହିଁ (କ୍ଲୀବେନ୍ଦ୍ର)—2. A person who does never see the truth.

ଚିରାଭ୍ୟସ୍ତ—ସଂ. ବିଣ—୧ । ଚିରାନୁଷ୍ଠିତ (ଦେଖ)
Chirabbyasta 1. Chirānushṭhita (See)
୨ । ବହୁଦିନ ହେଲା ଯେଉଁ ବ୍ୟକ୍ତିର କୌଣସି କଥା

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବ୍ୟତୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗ୍ନି ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅଭ୍ୟାସ କରାଯାଇଅଛି—2. Habituated to a certain thing for a very long time.

ଚିରମରା—ଦେ. ବିଣ—ଜୀର୍ଣ୍ଣ—
Chirāmarā Torne; worn out
କୁଦାମାରା ବି—ଡିଆଁ ତେଇଁ—
फलांगमारना Leaping; frisking; jumping.

ଚିରମରା ଶୃଙ୍ଗ ବେଣୁ
ବାଦ୍ୟନାଦ ଶୁଣୁ ଶୁଣୁ—କବିସୂର୍ଯ୍ୟ. ଗୋପୀଚନ୍ଦ୍ରିକା. ୮-ଗୀତ ।

ଚିରମାରିବା—ଦେ. କ୍ରି. (ସ. ଚର ଧାତୁ)—
Chirāmāribā ୧ । ଉର୍ଦ୍ଧ୍ୱକୁ ଲମ୍ଫ ଦେବା; ତେଇଁବା; ଡିଆଁ
କୁଦାମାରା ମାରିବା—1. To spring or jump up;
फलांगमारना to make a high jump.

ନାଚଲେ ରଣବାଣ୍ଡେ ଚିରମାର କରି—କୃଷ୍ଣସିଂହ. ମହାଭାରତ. ସ୍ତ୍ରୀ ।

୨ । ଡିଆଁ ମାର ଦଉଡ଼ି ପଳାଇବା—
2. To run away with bounds.

ଚିରିଜିବା—ଦେ. କ୍ରି. (ସ. ଜୃ ଧାତୁ=ଜୀର୍ଣ୍ଣ)—
Chirājibā ଚିରିବା କ୍ରିୟାର କର୍ମବାଚ୍ୟରେ ରୂପ—
(ଚିରି ହେବା—ଅନ୍ୟରୂପ) Passive voice of the verb
চেরান হওয়া to tear.
चिरना

ଚିରାୟୁ—ଦେ. ବିଣ. (ସ. ଚିରାୟୁଃ)—ଚିରାୟୁଃ (ଦେଖ)
Chirāyu Chirāyuḥ (See)
চিরাই ଚିରାୟୁ ରଖିଲ କରଗରେ । କବିସୂର୍ଯ୍ୟ. ଗୋପୀଚନ୍ଦ୍ରିକା. ୮ ଗୀତ ।
चिरायु

ଚିରାୟୁଃ—ସ. ବିଣ. (ବହୁବ୍ରୀହି; ଚିର+ଆୟୁସ୍)—
Chirāyuḥ ଦୀର୍ଘଜୀବୀ; ଦୀର୍ଘାୟୁଃ—
Long lived; living to a good old age.
ସ. ବି—ଦେବତା—God; Deity.

ଚିରାୟୁଷ—ଦେ. ବିଣ. (ସ. ଚିରାୟୁସ୍)—ଦୀର୍ଘଜୀବୀ—
Chirāyusha Long lived.

ବାଞ୍ଛିଲେ ପାବନ ହେବ ଚିରାୟୁଷ ହୁଦେ । ଉପେ. ବୈଦେହୀଶବିଳାସ ।

ଚିରାଲ—ଦେ. ବି. (ସ. ଚୀର=ବସ୍ତ୍ର; କଳା)—ପତାକା—
Chirāla Flag; banner.
নিশান ଶଲ୍ୟବଧ ଦେଖି ପାଣ୍ଡବ ଉଠି କୁଳ
फरेरा ଲୋକଙ୍କୁ ବୋଇଲେ ରେ ଉଡ଼ାଅ ଚିରାଳ ।
କୃଷ୍ଣସିଂହ. ମହାଭାରତ. ଶଲ୍ୟ.

ଚିରାଶ୍ରିତ—ସ. ବିଣ. (ଚିର+ଆଶ୍ରିତ)—
Chirāśrita ୧ । ବହୁକାଳରୁ ଅନୁଗତ—
1. Following or depending upon a person for a long time; an old dependant
୨ । ଚିରପାଳିତ—
2. Maintained for a long time.

ଚିରିକା—ଦେ. ବି. (ଧ୍ୱନ୍ୟନୁକରଣ)—କୌଣସି ଜଳୀୟ ବସ୍ତୁକୁ
Chirikā ସାମାନ୍ୟ ପରିମାଣରେ ଜୋରରେ ଛାଡ଼ିଦେବା—
চিরকা To emit forcibly any liquid substance
चिरकना in small quantities.
(ଯଥା—ପକ୍ଷୀମାନେ ପାଣିଆ ମଳ ଚିରିକା ପକାନ୍ତି ।)

ଚିରିକାଇବା—ଦେ. କ୍ରି—ଚିରିକିବା (ଦେଖ)
Chirikāibā Chirikibā (See)
(ଚିରିକେଇବା—ଅନ୍ୟରୂପ)

ଚିରିକାଏ—ଦେ. ବି—ଅତ୍ୟଳ୍ପ ପରିମାଣ—
Chirikāe A little in quantity.

ଚିରିକା ଚିରିକି—ଦେ. ବି—ଚିରିକା (ଦେଖ)
Chirikā chiriki Chirikā (See)

ଚିରିକିବା—ଦେ. କ୍ରି. (ସ. ଉତ୍ସର୍ଗ; କର୍ମ ଧ୍ୱନ୍ୟନୁକରଣ; ଈଷତ୍
Chirikibā ପରିମାଣରେ ମଳ ଗୁହ୍ୟଦ୍ୱାରରୁ ବାହାରି ପଡ଼ିବା
চিরকা ସମୟରେ ଶୁଣାଯିବା 'ଚିରି' ଧ୍ୱନି)—
चिरकना ୧ । ଅତି ଅଳ୍ପ ମାତ୍ରାରେ ଜଳୀୟ ମଳ ବିସର୍ଜନ କରିବା-
1 To pass a scanty quantity of loose stool at a time.

[ଦ୍ର—କୁଆ ଓ ବଗ ଆଦି ପକ୍ଷୀ ଚିରିକନ୍ତି ।]

୨ । କୌଣସି ଜଳୀୟ ବସ୍ତୁକୁ କ୍ଷୁଦ୍ର ରନ୍ଧ୍ର ବାଟେ ଅଳ୍ପ ପରିମାଣରେ ଜୋରରେ ଛାଡ଼ିଦେବା—
2. To emit a liquid through a small hole forcibly and in small quantities.

[ଦ୍ର—ନାଳିରକ୍ତ ଛାଡ଼ିଦେଲେ ରୋଗୀ ଏହିପରି ଚିରିକେ ।]

୩ । ଟୋପା ଟୋପା ହୋଇ ସାମାନ୍ୟ ମାତ୍ରାରେ ପଡ଼ିବା—
3. To drizzle; to dribble.

(ଯଥା—ଆଜି ସକାଳୁ ମେଘ ଚିରିକୁଛି ।)

୪ । ଦନ୍ତୁରି ବା ଛିଣ୍ଡା ଅସମାନ ଥିବା କଲମରେ ଲେଖିବା ସମୟରେ ଲେଖୁଥିବା କାଗଜରେ କାଳିକୁ ଇତସ୍ତତଃ ଛିଞ୍ଚିବା—4. To sprinkle ink on a piece of paper while writing slovenly with a blunt or irregularly pointed pen.

(ଯଥା—ବାଳକ ଖାତାଟିଯାକ ଚିରିକି ପକାଇଛି ।)

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା ଓ ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୋଇ ବ୍ୟବହୃତ ହୁଏ ।]

ଚିରିଗୁଡ଼ିଆ—ପ୍ରାଦେ. (ଗଡ଼ଜାତ) ବି—ଲଇ ହେବା ଭଳି ଜଙ୍ଗଲି ଲତା-
Chirigurdiā ବିଶେଷ—A kind of wild fibrous creeper.

ଚିରିଗୁଣି—ଦେ. ବି. (ସ. ଚୀରଭୁଣୀ-ଜନେ; ସ. ନାମ ପିଶାଚପିପିକା;
Chiriguṇi ସ. ଅଚିର+ଅଗ୍ନି)—ଅନ୍ଧାର ଓ ମେଘୁଆ ରାତିରେ
(ଚିରୁଗୁଣି—ଅନ୍ୟରୂପ) ନିର୍ଜନ ସ୍ଥାନ ଓ ଶ୍ମଶାନାଦିରେ ଯେଉଁ

୧	ଇ	ଡ଼	ର୍‌,ର୍ହ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍‌	ଜଅ	ଣ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସଁ	ଗଁ୍ୟ	ଇଅ	ଙ	ନ୍ହ

আলেয়া; আলায়া ଅସ୍ଥିର (କ୍ଷଣେ ଲିଭ କ୍ଷଣେ ଜଳ ଉଠିବା)
छलावा; अजयाबत्ताल ଅଲୋକ ଦେଖାଯାଏ—
Ignis-fatuus; will-o'-the-wisp.

[ଦ୍ର—ବର୍ଷାଦିନେ ଭୂଗର୍ଭରୁ ଏକପ୍ରକାର ବାଷ୍ପ ଉଠେ, ଏହା ବେଳେ ବେଳେ ଜଳ ଉଠେ ଓ ବେଳେ ବେଳେ ଲିଭଯାଏ ଓ ଘଞ ଘଞ କରେ, ଲୋକେ ଏହାକୁ ମୃତ ନରପ୍ରସୂଭର ପ୍ରେତ ବୋଲି ବିଶ୍ୱାସ କରନ୍ତି । ଅନ୍ୟ କେହି କେହି କହନ୍ତି ଯେ, ଉଲ୍କାମୁଖୀ ନାମକ ଏକ କଲୁଅ ପାଟି ମେଲା କଲେ ତା ପାଟିରୁ ଏ ଅଲୁଅ ବାହାରେ । କିନ୍ତୁ ବିଜ୍ଞାନ ମତରେ ଏହା ସଢ଼ା ସବାଦିରୁ ଜାତ ଭୂପୃଷ୍ଠରୁ ଉତ୍ଥିତ ଏକପ୍ରକାର ବାଷ୍ପ ଓ ଏହା ବାୟୁଦ୍ୱାରା ଇତସ୍ତତଃ ସଞ୍ଚାଳିତ ହୁଏ ଏବଂ ବାୟୁରେ ଥିବା ଅମ୍ଳଜାନ ବାଷ୍ପଦ୍ୱାରା ଏହା ଜଳ ଉଠେ । ସ୍ତ୍ରୀମାନଙ୍କର ବିଶ୍ୱାସ ଯେ ଅଲୁଢ଼ିଜନଅଁ ନ ଜନ୍ମୁଣୁ ଯେଉଁ ପ୍ରସୂତି ମରିଯାଏ, ସେ ପ୍ରେତ ହୋଇ ଅଲୁଅ ଜଳାଉଥାଏ ଓ ସେହି ନିଆଁ ହିଁ ଚିରଗୁଣୀ ଅଲୁଅ ।]

ଚିରଚିର—ଦେ. ବି. (ସଂ. ଚିତ୍କାର)—ହଠାତ୍ ଭୟଜନିତ ବିକଟ ଚିତ୍କାର—
Chirichirā A cry of horror; a loud cry of a
চিচকার person when beset with sudden fright;
चिंघार; चीख scream; shriek.

ଚିରଚିରାଇବା—ଦେ. କି. (ସଂ. ଚିତ୍କାର)—ହଠାତ୍ ଉପସ୍ଥିତ ଭୟରେ
Chirichirāibā ବିକଟ ଚିତ୍କାର କରିବା—To raising a
চেঁচান; চিচকারকরা loud cry of horror at a sudden
चिंघारना; चिंघाड़ना danger; to scream; to shriek.

ଚିରଟୀ—ସଂ. ବି. ସ୍ତ୍ରୀ—ଚିରଣ୍ଟୀ (ଦେଖ)
Chiriṭi Chiraṇṭi (See)

ଚିରଣୀ—ଦେ. ବି. (ସଂ. ଚୀର୍ଣ୍ଣ=ବିଦୀର୍ଣ୍ଣ)—୧ । ଚିରୁଣୀ (ଦେଖ)
Chirini 1. Chiruṇi (See)
চিরনী ୨ । ବଣିଆଙ୍କର ଏକ ଶସ୍ତ୍ର ଯହିଁରେ ସେମାନେ ଧାତୁମୟ
चिरना ତାର ବା ପାତ୍ରଆଦିକୁ କାଟନ୍ତି—
2. Goldsmith's cutting instrument.
୩ । ଥାଳଆଦିରେ ଗାର ଖୋଳିବା ପାଇଁ ବ୍ୟବହୃତ କଂସାରୀଙ୍କ ଯନ୍ତ୍ର—3. A brazier's tool for cutting lines on utensils
୪ । କୁମ୍ଭାର ଯେଉଁଥିରେ କଞ୍ଚା ମାଟିପାତ୍ର କାଟନ୍ତି—
4. Potter's knife

ଚିରଣ୍ଟୀ—ସଂ. ବି. ସ୍ତ୍ରୀ—ଚିରଣ୍ଟୀ (ଦେଖ)
Chirinṭi Chiraṇṭi (See)
(ଚିରଣ୍ଟିକା—ଅନ୍ୟରୂପ)

ଚିରଣୀ—ପ୍ରାଦେ. (ବାଲେଶ୍ୱର; ମେଦିନୀପୁର) ବି. (ଭୁଲ. ବି. ଚିରଣୀ)—
Chirini ଚିରୁଣୀ (ଦେଖ)
Chiruṇi (See)

ଚିରିବା—ଦେ. କି. (ସଂ. ଚୃ ଧାତୁରୁ ଚୀର୍ଣ୍ଣ)—୧ । ଫାଡ଼ିବା—
Chiribā 1. To split up; to rend.
চিরা; চেরা ନୃସିଂହରୂପ ଅସମ୍ଭବ । ଚିରିଲୁ ଦୁର୍ଜ୍ଜୟ ଦାନବ ।
चिरना; चिरना; चिथाड़ना ଉପେନ୍ଦ୍ର, ପ୍ରେମସୁଧାମୃତ ।
ଚିରାଇବା } ଣିଜନ୍ତରୂପ ୨ । (ବସ୍ତ୍ର; କାଗଜ) ଛିନ୍ନେଇବା—
ଚିରେଇବା } 2. To tear up.
ଚିରାଯିବା } କର୍ମବାଚ୍ୟରୂପ ୩ । କୁରାଢ଼ିଆଦି ଅସ୍ତ୍ରଦ୍ୱାରା କାଠକୁ ଲମ୍ବ
ଚିରାହେବା } ଲମ୍ବ ଖଣ୍ଡ ଖଣ୍ଡ କରି କାଟିବା—
3. To cut wood into long pieces with axe; to split up wood.
୪ । କରତରେ ଫାଳ ଫାଳ କାଟିବା—
4. To cleave or saw into pieces.
୫ । ରାମ୍ପୁଡ଼ିବା—5 To scratch.
୬ । କ୍ଷତବିକ୍ଷତ କରିବା—6. To lacerate.
୭ । କେଶକୁ କେଶ କେଶ କରି ବିଭକ୍ତ କରିବା—
7. To part (the hair).
ଶିରରେ କରକ ଚିରୁଣୀ ପଡ଼ି,
ରେ ସକାଉଡ଼ ଅଶ୍ୱାସି କରି । କବିସୂର୍ଯ୍ୟ. ସଙ୍ଗୀତ ।
୮ । ଦ୍ୱିଫାଳ କରିବା—8. To split into two.
୯ । (ଅପମାନରେ କମ୍ପା କଷ୍ଟମୀ ହୋଇ ଠିଆ ହେବା ବା ବସିବାବେଳେ) ହାତ ବା ଗୋଡ଼ ନଖରେ ଭୂମିରେ ଗାର କାଟିବା—9. To scratch lines on the ground with the finger nails.
ଅଙ୍ଗୁ ପ୍ରସରିବାର ମସ୍ତକ ଚିରିବାର । କବିସୂର୍ଯ୍ୟ. ସଙ୍ଗୀତ ।
[ଦ୍ର—ପ୍ରବାଦ ଅଛି ଯେ, ନଖରେ ଭୂମି ଚିରିଲେ ଲକ୍ଷ୍ମୀ ଛାଡ଼ନ୍ତି । ଏହି ଧାତୁର ଅସମାପିକା ରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଲାଗେ—ଚିରିଦେବା, ଚିରି ପକାଇବା ଓ କର୍ମବାଚ୍ୟରେ ଚିରି ହେବା, ଚିରିଯିବା ରୂପ ହୁଏ ।]

ଚିରିଯିବା—ଦେ. କି.—ଲୁଗା ଆଦି ଜୀର୍ଣ୍ଣ ହେବାରୁ ବା କଣ୍ଟା ଲାଗିବାରୁ
Chirijibā ଛିନ୍ନହୋଇଯିବା; ଫାଟି ହୋଇଯିବା—
ছিঁড়ে যাওয়া To become torne to pieces.
चिरना, चिरजाना

ଚିରିହେବା—ଦେ. କି.—ଫାଡ଼ି ହେବା; ଚିରିଯିବାର ଉପଯୁକ୍ତ ହେବା—
Chirihebā To be capable of being torne to pieces

ଚିରୁଗୁଣୀ—ଦେ. ବି.—ଚିରଗୁଣୀ (ଦେଖ)
Chiruguṇi Chiriguṇi (See)

ଚିରୁଡ଼ା—ଦେ. ବି.—(ସଂ. ଚତୁର ବା ଚତୁର୍ଥାଂଶ)—ଆମ୍ବ ଆଦି ଫଳର
Chirurḍā ଏକ ଫାଳ ବା ଏକ ଚତୁର୍ଥାଂଶ ବା ଚଉଠ; କୋଳି—
চোকলা A strip out of a ripe fruit (mango or lemon
कोया etc.)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ତାହା ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚିରୁଣୀ—ଦେ. ବି.—(ଯାହାଦ୍ୱାରା ବାଳ ଚିରାଯାଏ; ସଂ. ଚୃ ଧାତୁରୁ ଚୀର୍ଣ୍ଣ)
Chiruṇi ପାନିଆ; କଙ୍କତିକା—
चिरणी, चिरूणी A hair comb.
कंघा

> ଚୁଳୁରେ କରନ୍ତ ଚିରୁଣୀ ପରି,
> ତହିଁ ସଜାଡ଼ନ୍ତି ଅଶ୍ୱାସି କରି । କବିସୂର୍ଯ୍ୟ. ସଙ୍ଗୀତ ।

ଚିରୁନି— ଦେ. ବି.—ଚିରୁଣୀ (ଦେଖ)
Chiruni Chiruṇi (See)

ଚିରୁଲା—ଦେ. ବି.—ଚିରୁଡ଼ା (ଦେଖ)
Chirulā Chirurdā (See)

ଚିରୁଲି—ପ୍ରାଦେ. (ଗଡ଼ଜାତ) ବି.—ଶୁଖି ଲାଗିଥିବା କଞ୍ଚା ଅମ୍ବକୁ ଅଣି ଗୁଡ଼ ଚିରୁଡ଼ା କରି କାଟି ମସଲା ଆଦି ଦେଇ କରାଯିବା ଆଚାର ।
Chiruli

ଚିରେ — ଦେ. କ୍ରି. ବି. (ପଦ୍ୟ) (ସଂ. ଚିର)—ଚିର (ଦେଖ)
Chire Chira (See)

> ବାସୁକୀ ବନା ଧର ଭବ ଧାରଣ ଆନ ସୋଦରେ କି ଚିରେ ହେ ।
> ଉପେ. ବୈଦେହୀଶବିଳାସ ।

ଚିରେଇ—ଦେ. ବି.—(ସଂ. ଚୀର୍ଣ୍ଣ)—୧ । ଚିରିବା କର୍ମ—
Chirei 1. Act of tearing or splitting up.
चेराई ୨ । କାଠ ଆଦି ଚିରିବା ମଜୁରି—
चिराइ 2. Wages for splitting up wood etc.

ଚିରେଇତା—ଦେ. ବି. (ସଂ. ଚିରତିକ୍ତ)—ହିମାଳୟଜାତ କ୍ଷୁଦ୍ର ଗାଛ-ବିଶେଷ; ଭୂନିମ୍ବ; ଅତ୍ୟନ୍ତ ତିକ୍ତ କୃମିନାଶକ ଔଷଧ-ଗୁଳ୍ମବିଶେଷ—A medicinal bitter plant used as a febrifuge and vermifuge; swertia chirata; Gentiana chirayta Agathotis chirayata; Andrographis paniculata (Kirtikar).
Chireitā
चिरातो, चिरेता
चिरायता, चिरैता, महतिक्ता
ସଂ. ଭୂନିମ୍ବ, ଅନାର୍ଯ୍ୟତିକ୍ତ
କିରାତକ, ଚିରତିକ୍ତ, କିରାତତିକ୍ତ
ତିକ୍ତକ, ସୁତିକ୍ତକ, କିରାଟକା,
ରାମସେନକ, କିରାତ,
କୈରାତବୈମ, କାଣ୍ଡତିକ୍ତ,
କିରାତତିକ୍ତକ, ଜ୍ୱରାନ୍ତକ,
ସନ୍ନିପାତହା, ନଦ୍ୟାର
ତେ. ନେଲ ବେମୁ
ଓ. ଭୁଇଁ ନିମ୍ବ

[ଦ୍ର—ଏହାର ସିଦ୍ଧ ଜଳ ଜ୍ୱରଘ୍ନ ଓ କୃମିନାଶକ । ଏହା ପାଶ୍ଚାତ୍ୟ ଉଦ୍ଭିଦଶାସ୍ତ୍ର ଅନୁସାରେ ତ୍ରିବିଧ । ଯଥା—(a) Wallichiana. (b) Pyramidals. (c) Pulchella. (Haines)]

ଚିରେତା—ଦେ. ବି—ଚିରେଇତା (ଦେଖ)
Chiretā Chireitā (See).

ଚିରୋଞ୍ଜି—ପ୍ରାଦେ (ସମ୍ବଲପୁର ଓ ଛତିଶଗଡ଼) ବି—ପିୟାଳ (ଦେଖ)
Chironji Piyāla (See).

ଚିରୋପକୃତ—ସଂ. ବିଣ. ପୁଂ—୧ । ଚିରକୃତ ୩ (ଦେଖ)
Chiropakṛuta 1. Chirakrita 3 (See).
(ଚିରୋପକୃତା—ସ୍ତ୍ରୀ) ୨ । ଏପରି ଉପକାରପ୍ରାପ୍ତ ଯେ ଯେଉଁ ଉପକାରକୁ ଉପକୃତ ବ୍ୟକ୍ତି ଯାବଜ୍ଜୀବନ ଭୋଗ କରିବ—
2. Benefited in such a way as to enjoy the benefit for ever.

ଚିରୋମାରେ—ପ୍ରାଦେ (ସମ୍ବଲପୁର) ବି (ଭୁଲ. ଗଞ୍ଜାମରେ ଚେରମାରୁ)—
Chiromāre ଅନନ୍ତମୂଳ; ଚେମଡ଼ିଲଇ ବା ଗୁଆପାନ ଲତାର ମୂଳ—The root of 'Chemardilai creeper.

ଚିର୍ଭଟା—ସଂ. ବି. ସ୍ତ୍ରୀ—ଚିର୍ଭଟୀ (ଦେଖ)
Chirbhaṭā Chirbhaṭi (See).

ଚିର୍ଭଟୀ—ସଂ. ବି. ସ୍ତ୍ରୀ—୧ । କାକୁଡ଼ି—
Chirbhaṭi 1. Cucumber.
୨ । ଫୁଟି କାକୁଡ଼ି—2. Melon.

ଚିଲ୍ (ଧାତୁ)—ସଂ.—ପିନ୍ଧିବା—
Chil (root) To wear.

ଚିଲ୍ରା—ପ୍ରାଦେ (ଗଞ୍ଜାମ) ବି—ଟଙ୍କା ଭଙ୍ଗାଇ ତତ୍‌ପରିବର୍ତ୍ତରେ ନେବା କ୍ଷୁଦ୍ର ମୁଦ୍ରା; ଖୁଚୁରା ପଇସା ଆଦି; ଚେଙ୍ଗା; ରେଜକି—
Chilrā Small change for a larger coin.
ବିଣ—୧ । ରେଜା; ଖୁଚୁରା—
1. Consisting of coins of small value.
୨ । ହିସାବବେଳେ ଟଙ୍କାରୁ ବଳିପଡ଼ିବା (ଅର୍ଥ)—
2. (small coins) In excess of a whole rupee found after counting.
୩ । ସାମାନ୍ୟ—3. Insignificant; of small value.
ସଂ. ବି—ଚିଲଚିମ (ଦେଖ)
Chilichima (See).

ଚିଲ—ଦେ. ବି (ସଂ. ଚିଲ୍ଲ)—(ପ୍ରସିଦ୍ଧବର୍ଗର ତୀକ୍ଷ୍ଣ ନଖରଯୁକ୍ତ ଶିକାରୀ ପକ୍ଷୀ)—୧ । ଶଙ୍ଖଚିଲ—1. The Brahmini kite; Haliastus Indicus.
Chila
चिल
चिल
୨ । ମାଟିଆ ଚିଲ—2. Common kite; Milvus govinda.

[ଦ୍ର—ଦୁଇପ୍ରକାରର ଚିଲ ଦେଖାଯାନ୍ତି । ଯଥା—ମାଟିଆ ଓ ଶଙ୍ଖଚିଲ । ମାଟିଆ ଚିଲର ରଙ୍ଗ ଖଇରବର୍ଣ୍ଣ ଓ ଶଙ୍ଖଚିଲର ଦେହ ନାଲି ଏବଂ ମୁଣ୍ଡ, ଗଳା ଓ ପେଟ ଧଳା । ଏମାନେ ହାତକରୁ ବେଶି ଲମ୍ବ ହୁଅନ୍ତି । ଏମାନଙ୍କ ପକ୍ଷ ଦୀର୍ଘ; ଚଞ୍ଚୁ ଅଗ୍ର ବକ୍ର; ଏମାନେ ମାଛ ଇତ୍ୟାଦି ଝାମ୍ପମାରି ନେଇ ଖାଆନ୍ତି ଓ ମାଛପାଇଁ ଗଡ଼ିଆ ପୋଖରୀ ଗୋଳ ହେଲେ ଏମାନେ ବହୁତ ଉଡ଼ନ୍ତି । ଆଉ ଜାତିଏ ଖଇରି ରଙ୍ଗର ଚିଲଙ୍କଠାରୁ ବଡ଼ ଦେଢ଼ହାତ ଲମ୍ବର ପକ୍ଷୀ ଚିଲ ପରି ଦେଖାଯାନ୍ତି । ଏମାନେ ସହରମାନଙ୍କରେ ଉଡ଼ି ଲୋକଙ୍କ ହାତରୁ ମାଛ, ଜଳଖିଆ ଆଦି ଝାମ୍ପି ନେଇଯାନ୍ତି, ଚିଲମାନେ ବହୁ

୯	ଇ	ଉ	ର,ହ୍ମ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇସ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଓ	ନ୍

ଦୀର୍ଘକାଳବ୍ୟାପୀ ଚୀଁ ରବ କରନ୍ତି ଓ ଏହା ଶୁଣିଲେ ମନୁଷ୍ୟ କାନ୍ଦିଲା ପରି ଶୁଣାଯାଏ । ମାଈ ଚିଲ ଅଣ୍ଡିରା ଚିଲ ଅପେକ୍ଷା ବଡ଼ । ସଂ. ନାମ—କ୍ରୁରବ୍; ଏ ଉଚ୍ଚ ଗଛରେ ବସା କରେ ।]

ଚିଲଆଖି ଇତ୍ୟାଦି—ଚିଲ୍ଲଆଖି ଇତ୍ୟାଦି (ଦେଖ)—
Chila-ākhi etc — Chilā-ākhi etc (See)

ଚିଲବିଲ୍ୱ—ସଂ. ବି—ସୋଲ୍ହ (ଦେଖ)—
Chilabilwa — Solha (See)

ଚିଲମ୍ଚି—ବୈଦେ. ବି (ତୁର୍କୀ)—୧ । ପିତ୍ତଳଆଦି ଧାତୁ ନିର୍ମିତ ହାତଧୁଆ କୁଣ୍ଡ—1. A metal washing basin or tub.
Chilamchi
চিলমচি
चिलमची, चिलमगर्दा
୨ । (ଫା. ଚିଲମ୍ଗର୍ଦା) ହୁକାର ଯେଉଁ ନଳ ଉପରେ ଚିଲମ ବସାଯାଏ—2. The main tube of a hubble-bubble on which the fire-bowl is set.

ଚିଲମ—ଦେ. ବି (ଫା. ଚିଲମ୍) ଗଞ୍ଜେଇ, ଗୁଡ଼ାଖୁ ଆଦିର ଧୂମପାନର ଉପକରଣବିଶେଷ—The bowl or firepot of a hookah for smoking tobacco or gunja.
Chilama
চিলম্, ছিলম্
चिलम्

[ଦ୍ର—ଏଥିରେ ଗଞ୍ଜେଇ ବା ଗୁଡ଼ାଖୁ ଉପରେ ନିଆଁ ରଖି ଏହାର ତଳେ ଥିବା କଣା ବାଟେ ଧୂଆଁ ଟାଣି ନେବାକୁ ହୁଏ; ଏହାକୁ ହୁକା ଉପରେ ରଖି ଗୁଡ଼ାଖୁଧୂଆଁ ଟିଆଯାଏ ଓ ହାତରେ ଧରି ଗଞ୍ଜେଇଧୂଆଁ ଖିଆଯାଏ । ଗଞ୍ଜାଇ, ଗୁଡ଼ାଖୁ ଓ ମଦତ୍ ପିଇବାର ଚିଲମମାନଙ୍କ ଆକାର ପୃଥକ୍ ।]

ଚିଲମପୋସ୍—ବୈଦେ. ବି. (ଫା)—ଚିଲମ ଉପରେ ଦିଆଯିବା ଛିଦ୍ରଯୁକ୍ତ ଧାତୁର ଢାଙ୍କୁଣି—A perforated metal covering for the fire-bowl.
Chilamapos
চিলমপোস
चिलमपोस

ଚିଲମବରଦାର—ବୈଦେ. ବି (ଫା) ରଜା ଓ ନବାବଆଦିଙ୍କ ପାଖରେ ଚିଲମରେ ଗୁଡ଼ାଖୁଆଦି ସଜାଇବା ଓ ତାଙ୍କ ଗହଣରେ ଚିଲମ ଧରି ଯିବା ଭୃତ୍ୟ—A servant of Rajas and Nababs who is in charge of the chilam and makes it ready for smoking.
Chilamabardār
চিলমবর্দার
चिलमबरदार

ଚିଲମବାଜ୍—ବୈଦେ. ବିଣ (ଫା)—ଚିଲମି (ଦେଖ)—
Chilamabāj — Chilami (See)

ଚିଲମା—ଦେ. ବିଣ—ଚିଲମି (ଦେଖ)
Chilamā — Chilami (See)

ଚିଲମି—ଦେ. ବିଣ—ଚିଲମଦ୍ୱାରା ଗଞ୍ଜାଧୂମ ପାନ କରିବାରେ ଅତ୍ୟନ୍ତ ଅଭ୍ୟସ୍ତ—Addicted to smoking Ganja.
Chilami
ছিলিমী
चिलमचट

ଚିଲମିଳିକା—ସଂ. ବି. ସ୍ତ୍ରୀ. (ଚିର+ମିଲ ଧାତୁ=ଚକ୍ଚକ୍ କରିବା +ଇକ; ସ୍ତ୍ରୀ. ଆ)—୧ । ଖଦ୍ୟୋତ—1. Firefly.
Chilamilikā
ଚିଲମିଲିକା } ଅନ୍ୟରୂପ
ଚିଲମୀଲିକା }
୨ । ବିଦ୍ୟୁତ୍—2. Lightning.
୩ । କଣ୍ଠାଭରଣବିଶେଷ; ଚିକ୍; ଝିଲମିଲ ମାଳ—3. A collar (ornament) of the neck.

ଚିଲା—ଦେ. ବି—୧ । ଚିଲ ଆଦି ହିଂସ୍ର ପକ୍ଷୀମାନଙ୍କର ନଖଦ୍ୱାରା କୌଣସି ବସ୍ତୁକୁ ଝାମ୍ପିବା—1, A swooping by a bird of prey.
Chilā
ছোঁ
चपट्टा, झपट्टा
୨ । କୁଦା; ଡେଇଁ—2. Jump; leap.

ଦୁଇ ଚିଲାରେ ଘର ଭିତରକୁ ଯାଇ ମାଁଆକୁ ଆଉ ନେଳାକୁ ଖବର ଦେଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ବିଣ—୧ । ଫିକା; ମାଣ୍ଡିଆ—1. Light-coloured.
୨ । ପାଣ୍ଡୁର ବର୍ଣ୍ଣ—2. Grey.

ଚିଲାଆଖି—ଦେ. ବି. (ସଂ. ଚିଲ୍ଲ+ଅକ୍ଷି)—ମାଣ୍ଡିଆ ବା ପାଣ୍ଡୁର ଡୋଳାଯୁକ୍ତ ଆଖି—Eye with grey pupils.
Chilaākhi
বিরাল্ আখি, কুটাচোখ

ଚିଲାଆଖିଆ—ଦେ. ବିଣ. (ସଂ. ଚିଲ୍ଲ=କ୍ଲିନ୍ନଚକ୍ଷୁ ବ୍ୟକ୍ତି)—ଚିଲର ଆଖି ପରି ଯାହାର ଆଖିର କଳା ଡୋଳା ମାଣ୍ଡିଆ ବା ପାଣ୍ଡୁର ବା ଈଷତ୍ ସବୁଜ ବର୍ଣ୍ଣ—Grey-eyed; having pupils of the eye grey or greenish.
Chilā-ākhiā
কটাচোখ,
বিরালচোখ
(ଚିଲ୍ଲ ଆଖେଇ—ସ୍ତ୍ରୀ)

ଚିଲାଅଖିଆ ବଇଦାମା, ଗୋଡ଼େଇ ଗୋଡ଼େଇ ଘରଛା ଖା—ଛଗ ।

ଚିଲାଇବା—ଦେ. କ୍ରି. (ଚିଲ ପରି ତୀବ୍ର ଚେଁ ଚେଁ ଶବ୍ଦ)—ଉଚ୍ଚ ସ୍ୱରରେ ଡାକିବା; ରଡ଼ି ଦେବା; କଣ୍ଠିକଟୁ ରଡ଼ି ଦେବା; ଚିତ୍କାର କରିବା—To utter a loud cry; to halloo; to make a shrill sound; to scream.
Chilāibā
চেঁচান
चिल्लाना

ପଡ଼ଶୋଇଲ ଠାବରେ କାନ୍ଦ ତୁ ଚିଲାଇ । ବେତାଳ ପଞ୍ଚବିଂଶତି ନନ୍ଦେ ।

ଚିଲ ମାରିବା—ଦେ. କ୍ରି—୧ । (ହିଂସ୍ର ପକ୍ଷୀ) ଝାମ୍ପ ମାରିବା—1. To swoop down or pounce upon a thing (said of a bird of prey).
Chilāmāribā
ছোঁমারা
झपट्टामारना

ଚିଲ ମଣ୍ଡେ ଚିଲ ମାରନ୍ତେ ଗାଗୋଡ଼ । ରାଧାନାଥ. ଚିଲିକା ।

୨ । (ଲକ୍ଷଣାର୍ଥ) ହଠାତ୍ ଆକ୍ରମଣ କରି ନେଇଯିବା—2. To take away by a sudden attack.

ମନେ ନ ହୁଁ ଦନେ କାଳ ପଥିକ ଉପରୁ ମାରିବ ଚିଲ ।
ରାଧା.ନା. ପାର୍ବତୀ ।

୩ । (ଲକ୍ଷଣାର୍ଥ) ଠକି ନେଇଯିବା—3. To take away by deceitful means.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷି' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କି'ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । କୁଦିବା; ନାଚିବା—
4. Jump up; leap up; dance.

ମୋ ଶାଉଆ, ମୋ ଛମାଣ ଅଠଗୁଣ୍ଠ କହୁ ନାଚେ ଚିଲ୍ଲ ମାରେ, ଉଡ଼ା ପାଡ଼େ, ହସେ । — ଫକୀରମୋହନ· ଛମାଣ, ଅଠଗୁଣ୍ଠ ।

ଚିଲି—ଦେ. ବି. (ସଂ. ଚିଲ୍ଲୀ; ଚିଲ୍ଲିକା)—
Chili — ୧ । ଚିଲ୍ଲୀ (ଦେଖ)
चिल्ली — 1. Chilli (See)

୨ । ଠାଙ୍ଗିବଥୁଆ; ଟଙ୍କବଥୁଆ—
ହିନ୍ଦୁରକ୍ଷିଷ୍ଣୁ ଦ୍ରବ୍ୟଗୁଣ ।)
2. A kind of pot-herb.

୩ । ଭ୍ରୂଲତା—3. Eyebrow.

ରସି କମାଣ ସେ କରେ କଣ୍ଠାଇଲେ ନୟନରୁ ଭ୍ରୂ ଏବଂ ଚୋ ଚିଲି— ବିଶ୍ୱନାଥ. ବିଚିତ୍ର ରାମାୟଣ ।

୪ । (ଦକ୍ଷିଣ ଅମେରିକାର ମିକ୍ସିକୋ ଦେଶ ପ୍ରଚଳିତ ଭାଷା । ଏହା ମଧ୍ୟ ଇଂରାଜୀ ଭାଷାରେ ଗୃହୀତ)—ଲଙ୍କାମରିଚ—
4. Red pepper; cayenne pepper.

ଚିଲିକା—ଦେ. ବି—୧ । ଓଡ଼ିଶାର ଦକ୍ଷିଣପୂର୍ବସ୍ଥ ପୁରୀ ଜିଲ୍ଲା ଓ ଗଞ୍ଜାମ
Chilikā — ଜିଲ୍ଲାରେ ସ୍ଥିତ ପ୍ରସିଦ୍ଧ ଲବଣାମ୍ବୁ ହ୍ରଦ—
A salt-lake in the southeast corner of Orissa; the Chilka lake.

[ଦ୍ର—ପୂର୍ବେ ଚିଲିକାହ୍ରଦ ନୌବାଣିଜ୍ୟର ଗୋଟିଏ ପ୍ରଧାନ କେନ୍ଦ୍ର ଥିଲା । ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ଗ୍ରୀକ୍ ଐତିହାସିକ ଟଲେମୀ ପ୍ରାଚୀନ ଓଡ଼ିଶାର ୩ ଗୋଟି ବନ୍ଦର ମଧ୍ୟରେ ଚିଲିକା ଗୋଟିଏ ପ୍ରଧାନ ବନ୍ଦର ଥିବାର ଉଲ୍ଲେଖ କରିଅଛନ୍ତି । ଚିଲିକାର ଆୟତନ ଉତ୍ତର ଦକ୍ଷିଣରେ ୮୪ ଓ ପୂର୍ବ ପଶ୍ଚିମରେ ୨୦ ମାଇଲ । ପୂର୍ବେ ଏହାର ଆକୃତି ଅନେକ ବଡ଼ ଓ ଏହା ସୁଗଭୀର ଥିଲା । କିନ୍ତୁ କାଳକ୍ରମେ ନଦୀ ପଙ୍କ ଓ ସମୁଦ୍ର ବାଲିଦ୍ୱାରା ଏହା ପୋତି ହୋଇ ଯାଉଅଛି । ଏହା ମଧ୍ୟରେ କେତେଗୁଡ଼ିଏ ବଡ଼ ଓ ସାନ ଦ୍ୱୀପ ଅଛି । ପାରିକୁଦ, ମାଲୁଦ, ବଳୁକୋଠ, ଗୁରୁବାଇ ଗୋଟିଏ ଗୋଟିଏ ଦ୍ୱୀପ । ଏଥିମଧ୍ୟରୁ ଅନେକଗୁଡ଼ିଏ ପୋତି ହୋଇ ଉପଦ୍ୱୀପ ହୋଇଗଲାଣି । ଏହା ବଙ୍ଗୋପସାଗର ସଙ୍ଗେ ଗୋଟିଏ ସରୁ ମୁହାଣ ଦ୍ୱାରା ଯୁକ୍ତ । କିନ୍ତୁ କ୍ରମେ କ୍ରମେ ସେ ମୁହାଣ ପୋତିହୋଇ ଯାଉଅଛି । ଚିଲିକାର ପାଣି ଲୁଣି । ଏଥିରୁ ଅନେକ ବଡ଼ ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ି ଇତ୍ୟାଦି ଜଳଚର ଜନ୍ତୁ ମିଳନ୍ତି । ସ୍ଥାନେ ସ୍ଥାନେ ଚିଲିକା ଗର୍ଭରୁ ସିପ ଆମଦାନୀ ହୋଇ ସେ ସିପରୁ କଳିଚୂନ ହୁଏ । ଶୀତଋତୁରେ ଅନେକ ଜଳଚର ପକ୍ଷୀ ଚିଲିକାକୁ ଆସନ୍ତି ଓ ଦଳଦଳ ହୋଇ ପହଁରନ୍ତି । ଏ ପକ୍ଷୀମାନଙ୍କୁ ଲୋକେ ଯାଇ ଶିକାର କରନ୍ତି । ପୂର୍ବେ ଚିଲିକାକୂଳରେ ଲୁଣ ମରାଯାଉଥିଲା । ଇଂରାଜଙ୍କ ଅମଳରେ ତାହା ବନ୍ଦ ହୋଇଅଛି ।]

୨ । କବିବର ରାଧାନାଥଙ୍କ କୃତ ଚିଲିକାହ୍ରଦର ଦୃଶ୍ୟବର୍ଣ୍ଣନାତ୍ମକ ପଦ୍ୟଗ୍ରନ୍ଥ—2. Name of a poem by Radhanath, describing the sceneries of the Chilkā lake.

ଚିଲିଚିମ—ସଂ. ବି—ମିଠା ପାଣିରେ ରହୁଥିବା ଏକ ପ୍ରକାର ଶ୍ୱେତ ମାଛ;
Chilichima — ଖଙ୍କାରଖାଇ ମାଛ—A kind of small fresh-water-fish; the Chela fish.
(ଅନ୍ୟ ସଂ. ନାମ ଚିଲ, ଚିଲିମିଳିକା, ଚିଲିମୀନକ
चेला
चेलहवा; चिलहुल;
चिल्लिया;)

[ଦ୍ର—ଏହା ଦୁଇ ଜାତିର; ବଡ଼ ମାଛ (ବଂ. ଘୋଡ଼ା ଚେଲା; Chelaghora) ଲମ୍ବରେ ୧୦।୧୨ ଅଙ୍ଗୁଳ ବଢ଼େ; ସାନ ମାଛ (ବଂ. ଫଲଚେଲା; Chelaphula) ୬।୭ ଅଙ୍ଗୁଳ ଲମ୍ବ ହୁଏ । ଏହାର ଦେହ ଲମ୍ବ ଓ ଚେପ୍ଟା, ରଙ୍ଗ ଶ୍ୱେତ । ମୁହଁର ଥୋମଣି ଉପର-ଆଡ଼କୁ ଉଠିଥାଏ; ଉଦରର ଧାର ଦନ୍ତୁର—ଯୋଗେଶଚନ୍ଦ୍ର ।]

ଚିଲିମ—ଦେ. ବି—ଚିଲମ (ଦେଖ)
Chilima — Chilama (See).

ଚିଲିମିଲି ପୋକ—ଦେ. ବି (ସଂ. ଚିଲିମୀଳିକା)—ଜୁଳୁଜୁଳିଆପୋକ—
Chilimili poka — Firefly.

ଚିଲିମିଲି ମାଳି—ଦେ. ବି (ସଂ. ଚିଲିମୀଳିକା)—ଏକପ୍ରକାର କଣ୍ଠାଭରଣ;
Chilimili māḷi — ଝିଲିମିଲି ମାଳ; ଚିକ—A kind of collor (ornament) for the neck.

ଚିଲ୍କା—ଦେ. ବି—ଚିଲିକା (ଦେଖ)
Chilkā — Chilikā (See).

ଚିଲ୍ଲ (ଧାତୁ)—ସଂ—୧ । ବିଳାସ କରିବା—
Chilla (root) — 1. To play; to sport.

୨ । ଢିଲା ହେବା; ଶ୍ଲଥ ହେବା—
2. To become loose (M. W.).

୩ । ହାବଭାବ ଦେଖାଇବା—3. To exhibit amorous glance or movements (M. W.).

ଚିଲ୍ଲ—ସଂ. ବି (ଚିଲ୍ଲ ଧାତୁ+କର୍ତ୍ତୃ. ଅ)—୧ । ଚିଲପକ୍ଷୀ—
Chilla — 1. The Indian Kite.

୨ । ଲେଟେଦାବୃର୍ଣ୍ଣ ଅକ୍ଷି—
2. A bleared or sore eye (M. W.).

ବିଣ—କ୍ଲିନ୍ନାକ୍ଷ; ଯାହାର ଆଖି ଲେଟେଦାପୂର୍ଣ୍ଣ—
Having eyes full of dirt and execrecessence; with exuding eyes; blear-eyed.

ଚିଲ୍ଲକ—ସଂ. ବି. (ଚିଲ୍ଲ+ସ୍ୱାର୍ଥେ. କ)—୧ । ଚିଲପକ୍ଷୀ—
Chillaka — 1. Kite.

୨ । ଝିଞ୍ଝିକା; ଝିଙ୍କାରିପୋକ—2. A cricket (insect).

୩ । ଚିତ୍ରକ (ଦେଖ)
3. Chitraka (See) (M. W).

ଚିଲ୍ଲାଭ—ସଂ. ବି. ପୁଂ. (ବହୁବ୍ରୀହି; ଚିଲ୍ଲ+ଆଭା; ଯେ ଚିଲ୍ଲ ପରି
Chillābha — ଝାମ୍ପ ମାରେ)—ଠାକୁଆ ଚୋର—
A petty thief; a pickpocket (M. W.).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇସ୍	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସଂ	ଙ୍ୟ	ଇଅ	ୠ	ନ୍ନ

ଚିଲ୍ଲି—ସଂ. ବ—୧ । ଚିଲ୍ଲ ପକ୍ଷୀ—
Chilli 1. The Bengal kite (M. W.).

ଚିଲ୍ଲିକା—ସଂ. ବ. (ଚିଲ୍ଲିକ+ସ୍ତ୍ରୀ. ଆ)—୧ । ଝିଲ୍ଲିକା; ଝିଙ୍କାରପୋକ—
Chillikā 1. An insect emitting a very shrill sound in the night; a cricket (insect).
[ଦ୍ର—ଏମାନେ ଝିଣ୍ଟିକା ପରି ଦେଖାଯାନ୍ତି ।]
୨ । ଭ୍ରୂଲତା; ଭୁଲତା—2 Eyebrow.
୩ । ଭୁରୁଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନ (ହି. ଶବ୍ଦସାଗର)—
3. The middle of both the eyebrows.
୪ । ଚାଙ୍ଗେରିଥିବା; କ୍ଷୁଦ୍ର ପତ୍ର ଥିବା ଶାଗ (ହି. ଶବ୍ଦସାଗର)—
4. A kind of pot-herb.
ଦେ. ବ—ଚିଲିକା (ଦେଖ)
Chilikā (See)

ଚିଲ୍ଲିକାଲତା—ସଂ. ବ—ଭ୍ରୂଲତା—
Chllikālata Eyebrow (M. W.).

ଚିଲ୍ଲୀ—ସଂ. ବ. (ଚିଲ୍ଲ ଧାତୁ+ଅ+ଈ)—୧ । ଭ୍ରୂଲତା—
Chillī 1. Eye brow.
ଭରୁଅଛ ପର ଚେକ ଚିଲ୍ଲୀ
ଭେଦ କର୍ଣ୍ଣପାଶ କ ଚହଲ । କବିସୂର୍ଯ୍ୟ, ସଙ୍ଗୀତ ।
୨ । ଝିଲ୍ଲୀ; ଝିଙ୍କାରି—2. Cricket (ensect).
ଦେ. ବ—ଚିଲି (ଦେଖ)
Chili (See)

ଚିଲ୍ଲୀକା—ସଂ. ବ— ଚିଲ୍ଲିକା ୧ (ଦେଖ)
Chillīkā Chillikā 1 (See)

ଚିହିଁକା—ଦେ. ବ—ହଠାତ୍ ଚମକ ଉଠିବା; ଚିଁଇକା—
Chihiṅka Wincing; being startled with a sudden fright,
चमकानि
• चौंक, चिलक; चमक

ଚିହିଁକାଇବା—ଦେ. କ୍ରି. (ସଂ. ଚମତ୍କାର; ଚକିତ)—ହଠାତ୍ ଭୟ ଦେଖାଇ
Chihiṅkāibā ଚମକାଇବା; ଉତ୍ପୀଡ଼ିତ କରିବା—
चमकाना To frighten and cause a person to wince;
चिलकाना to startle; to alarm.
(ଚହିଁକେଇବା—ଅନ୍ୟରୂପ)
ଚିହିଁକ ଲକ୍ଷକ ସରେ, ଗୁମରେ ଚିରୁଣ ମୋତେ
ଚିହିଁକ ଉ ପଗରୁ କହ । କବିସୂର୍ଯ୍ୟ, କଳୋଗପଞ୍ଚ ଗୀତ ।

ଚିହିଁକିବା—ଦେ. କ୍ରି. (ସଂ. ଚମକିତ; ଚକିତ)—
Chihiṅkibā ହଠାତ୍ ଭୟରେ ଚମକିବା—
चमका; चमकपड़ा To wince; to take fright; to be
चिलकना; चौंकना; चिहुँकना alarmed; to be startled.
ଗୁରୁକ ବାଜଣ ପର ମୁଁ ଡରେ
ଚିହିଁକ ଚଢ଼ଇ ପଡ଼ିଲୁ ଥରେ । କବିସୂର୍ଯ୍ୟ—ସଙ୍ଗୀତ ।
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଉଠିବା, ପଡ଼ିବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୋଇ ବ୍ୟବହୃତ ହୁଏ ।]

ଚିହିଡ଼ିବା—ପ୍ରାଦେ. (ସଂ ହିହୁମ୍) କ୍ରି—ଚିତ୍କାର କରିବା; ଡାକିବା—
Chihirḍibā To halloo.

ଚିହୁର—ସଂ. ବ—ଚିକୁର; ମୁଣ୍ଡର କେଶ—
Chihura The hair of the head (M. W.).

ଚିହ୍ନ (ଧାତୁ)—ସଂ—୧ । ଲକ୍ଷ୍ୟ କରିବା—
Chihna (root) 1. To mark; to observe.
୨ । ଦାଗ ଦେବା—2. To put a mark; to stamp.
୩ । ପରିଚିତ ବ୍ୟକ୍ତି ବା ବସ୍ତୁକୁ ଠଉରାଇବା—
3. To recognise a thing or person.

ଚିହ୍ନ—ସଂ. ବ. (ଚିହ୍ନ ଧାତୁ+ଭାବ. ଅ)—୧ । ଛାପ; ଦାଗ—
Chihna 1. Mark; stamp; spot.
୨ । କଳଙ୍କ—2. Stain.
୩ । (+କରଣ. ଅ) ଲକ୍ଷଣ—3. Sign; vestige; symptom; characteristic.
୪ । ନିଦର୍ଶନ; ସଙ୍କେତ—5. Signal; token; symbol; indication; insignia.
୫ । ଧ୍ୱଜା; ପତାକା—5. Flag; banner.
୬ । ସମ୍ମାନ ଦାୟିତ୍ୱ ବା ପଦ ଜ୍ଞାପକ ବସ୍ତୁ; ପଦକ; ତମଘା—
6. Badge.
୭ । କ୍ଷତଚିହ୍ନ—7. Cicatrice; scar.
୮ । ସ୍ମାରକ ବସ୍ତୁ—8. Memento; souvenir.
୯ । ଜ୍ୟୋତିଷିକ ରାଶି—9. A zodiacal sign (M.W.)

ଚିହ୍ନକ—ସଂ. ବ.—୧ । ଏକ ରତି ବା ୪ ଧାନର ଓଜନ—
Chihnaka 1 A small weight; 4 grains.
୨ । କ୍ଷୁଦ୍ର ଚିହ୍ନ ବା ଦାଗ—2. A small mark (M.W.)

ଚିହ୍ନକାରୀ—ସଂ. ବି. ପୁଂ (ଚିହ୍ନ+କୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—
Chihnakārī ଯେ ଚିହ୍ନ ଦିଏ —A marker; a mark-man.
(ଚିହ୍ନକାରିଣୀ— ସ୍ତ୍ରୀ) ବିଣ. ପୁଂ.—୧ । ଚିହ୍ନ ଦେଉଥିବା—
1. Marking; stamping.
୨ । କ୍ଷତ କରୁଥିବା—2. Wounding (M.W.)
୩ । ଭୟଙ୍କର—3. Frightful (M. W.)

ଚିହ୍ନଟ—ଦେ. ବ. (ସଂ. ଚିହ୍ନ)—ଯେଉଁ ବିଶିଷ୍ଟ ଚିହ୍ନରୁ କୌଣସି ବ୍ୟକ୍ତି
Chihnaṭa ବା ବସ୍ତୁ ଚିହ୍ନି ହୁଏ—1 Identifying mark.
चिह्नत; चेनत ଚିହ୍ନଟ କର କହିବା ତୁହ୍ମର ଶରୀର.
चिह्नानो, चिह्नट ପ୍ରାଚୀ, ବ୍ରହ୍ମକବୃନ୍ଦ ଗୀତା ।
୨ । କୌଣସି ବ୍ୟକ୍ତି ବା ବସ୍ତୁ ପ୍ରକୃତରେ ସେହି ଅଟେ ବୋଲି ଚିହ୍ନାଇବା—2 Identification.
୩ । ଯେ ଅନ୍ୟ ବ୍ୟକ୍ତିର ପରିଚୟ ଜଣାଇଦିଏ—
3. Identifier.
ବିଣ.—(ସଂ. ଚିହ୍ନିତ) — ୧ । ଅନ୍ୟର ପରିଚୟଜ୍ଞାପକ—
1. Identifying.
୨ । ସୁପରିଚିତ—2. Well known.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ତାହା ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ, 'ଅର୍ଦ୍ଧ' କି ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୩ । ସ୍ମାରକ—3. Memorial; aiding the memory.

ଚିହ୍ନଟ କରିବା—ଦେ. କ୍ରି.—୧ । କୌଣସି ଦଲିଲ ସମ୍ପାଦନ କରି Chihnaṭa karibā ରେଜିଷ୍ଟ୍ରି କରିବାକୁ କଚେରିକୁ ଯିବା ଚିହ୍ନତକରା ବ୍ୟକ୍ତି କମ୍ବା ହାକିମଙ୍କ ନିକଟରେ ଉପସ୍ଥିତ ହେବା ବ୍ୟକ୍ତି **चिह्नवाना चिह्नाना** ପ୍ରକୃତ ବ୍ୟକ୍ତି କି ନା ଏହା ହାକିମଙ୍କୁ ଚିହ୍ନାଇ ଦେବା—1. To identify an executant of a document or a party (to be the true person he represents to be) before a public servant (e. g. Registrar, Judge.)

ଚିହ୍ନଟ ଦେବା } ଅନ୍ୟରୂପ
ଚିହ୍ନଟ ହେବା }

[ଦ୍ର—ଦଲିଲ ରେଜିଷ୍ଟ୍ରି କରିବା ହାକିମ ଯେବେ ସ୍ୱୟଂ ଦଲିଲ ସମ୍ପାଦନକାରୀ ବ୍ୟକ୍ତିଙ୍କୁ ଚିହ୍ନିଥାଆନ୍ତି ତେବେ ଉକ୍ତ ବ୍ୟକ୍ତିକୁ ହାକିମଙ୍କ ଆଗରେ ଚିହ୍ନଟ କରିବା ଦରକାର ହୁଏ ନାହିଁ, ଅନ୍ୟଥା କେହି ଜଣେ ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ ନ ଦେଲେ ହାକିମ ଦଲିଲ ରେଜିଷ୍ଟ୍ରି କରନ୍ତି ନାହିଁ । ଯେ ଉକ୍ତ ବ୍ୟକ୍ତିକୁ ଚିହ୍ନଟ କରେ ସେ ମଧ୍ୟ ହାକିମଙ୍କ ଆଗରେ ଚିହ୍ନଟ-ସାକ୍ଷୀରୂପେ ଦଲିଲପୃଷ୍ଠରେ ସ୍ୱାକ୍ଷର କରେ ।]

୨ । କୌଣସି ଜମି ବା ବସ୍ତୁକୁ ରାଜକୀୟ କର୍ମଚାରୀଙ୍କୁ ଚିହ୍ନାଇ ଦେବା—2. To identify a thing or land to a public servant.

[ଦ୍ର—ରାଜକୀୟ କର୍ମଚାରୀ କୌଣସି ଜମିକୁ କୋରକ କରିବାକୁ ବା ଡିକ୍ରୀ ହୋଇଥିବା ସମ୍ପତ୍ତିକୁ ଡିକ୍ରୀଦାରଙ୍କୁ ଦଖଲ ଦେବାକୁ ବା ସମନ ଆଦି ଜାରି କରିବାକୁ ସରଜମିନକୁ ଗଲେ ଡିକ୍ରୀଦାରଙ୍କ ପକ୍ଷରୁ ଜଣେ ଲୋକ ଉକ୍ତ ବସ୍ତୁ ବା ବ୍ୟକ୍ତି ପ୍ରକୃତ ଥିବା ବିଷୟ ଉକ୍ତ କର୍ମଚାରୀଙ୍କୁ ଚିହ୍ନାଇଦିଏ ।]

ଚିହ୍ନଟଦାର—ଦେ. ବି—ଯେଉଁ ବ୍ୟକ୍ତି କୌଣସି ବସ୍ତୁ ବା ବ୍ୟକ୍ତିକୁ Chihnaṭadār ରାଜକର୍ମଚାରୀଙ୍କ ଆଗରେ ଚିହ୍ନଟ କରେ— ଚିହ୍ନତଦାର **चिह्नटदार** An identifier of a person or thing before a public servant.

ଚିହ୍ନଟ ପଡ଼ିବା—ଦେ. କ୍ରି—କୌଣସି ପକ୍ଷ ବା ବସ୍ତୁ ବା ଜମିକୁ ରାଜ-Chihnaṭa paḍibā କର୍ମଚାରୀଙ୍କ ଆଗରେ ଚିହ୍ନାଇ ଦେଇ ତତ୍-ଚେହ୍ନତପଡ଼ା ସମ୍ବନ୍ଧୀୟ ଦଲିଲରେ ଚିହ୍ନଟ-ସାକ୍ଷୀରୂପେ ଦସ୍ତଖତ କରିବା—To sign in a public document as the identifier of a certain person or property before a public servant (e.g. a registering officer; a searching or attaching officer).

ଚିହ୍ନଟ ସାକ୍ଷୀ—ଦେ. ବି—ଯେଉଁ ସାକ୍ଷୀ କୌଣସି ଦଲିଲର ସମ୍ପାଦନକାରୀ Chihnaṭa sākshi ବ୍ୟକ୍ତିକୁ ବା ମକଦ୍ଦମାର ପକ୍ଷକୁ ବା ଚେହ୍ନତ ସାକ୍ଷୀ ବସ୍ତୁକୁ ବା ସମ୍ପତ୍ତିକୁ ଜାଣେ ବୋଲି **चिह्नानी साक्षी** ଚିହ୍ନଟ-ସାକ୍ଷୀରୂପେ ଆପଣାର ନାମ ଦସ୍ତଖତ କରେ—An identifying witness of a document.

ଚିହ୍ନତ (ଇତ୍ୟାଦି)—ଚିହ୍ନଟ ଇତ୍ୟାଦି (ଦେଖ)
Chihnata (etc) Chihnaṭa etc (See)

ଚିହ୍ନଧାରୀ—ସଂ. ବିଣ. ପୁଂ—୧ । ଚିହ୍ନଯୁକ୍ତ; ଯେ ଚିହ୍ନ ଧାରଣ କରେ—Chihnadhārī 1. Bearing marks.
(ଚିହ୍ନଧାରିଣୀ—ସ୍ତ୍ରୀ) ୨ । ପତାକାଧାରୀ—2. Bearing a standard.
(ଚିହ୍ନଧର—ଅନ୍ୟରୂପ)
୩ । ରାଜକୀୟ ଚିହ୍ନସମ୍ବଳିତ ଯେ ବହନ କରେ—3. Bearing the insignia of office (M. W.).

ଚିହ୍ନନ—ସଂ. ବି. (ଚିହ୍ନ ଧାତୁ+କରଣ. ଅନ; ଯାହାଦ୍ୱାରା କୌଣସି Chihnana ବସ୍ତୁ ଚିହ୍ନାଯାଏ)—ଲକ୍ଷଣ—Characteristic (M. W.).

ଚିହ୍ନବର୍ଣ୍ଣ—ଦେ. ବି. (ଏକତ୍ୱବାଚକ ସମାସ)—ଅସ୍ତିତ୍ୱ; ପତ୍ତା; ଚିହ୍ନମାତ୍ର; Chihnabarṇna କୌଣସି ବସ୍ତୁର ଅସ୍ତିତ୍ୱର କୌଣସି ନିଦର୍ଶନ—ଚିହ୍ନବର୍ଣ୍ଣ **चिह्नबरन** Trace or sign of any thing; slightest indication of the existence of a thing.

ଚିହ୍ନବର୍ଣ୍ଣ ଯେ ବହୁ ନ ଦେଖିଲୁ—ପ୍ରାଚୀ, ଜଳତରଙ୍ଗ ।

ଚିହ୍ନୟିତବ୍ୟ—ସଂ. ବିଣ. (ଚିହ୍ନ ଧାତୁ+କର୍ମ. ତବ୍ୟ)—ଯହିଁରେ ଚିହ୍ନ Chihnayitabya ଦିଆଯିବ—To be marked (M.W).

ଚିହ୍ନାରୀ—ଦେ. ବିଣ. (ସଂ. ଚିହ୍ନ)—
Chihnarā ୧ । ଯେ ଭଲ ମନ୍ଦ ଚିହ୍ନି ପାରେ—
ଚେନା **चिह्नार** 1. One who can distinguish a good thing from bad.
(ଚିହ୍ନିରୀ—ଅନ୍ୟରୂପ) ଶ୍ରାବଧା ବାତୁଲୀ ପ୍ରେମରସାତୁଲୀ ଯେବେ ଚିହ୍ନାରୀ ଗ୍ରାହକମାନେ—ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

୨ । ଯେ ଭଲ ମନ୍ଦ ପରୀକ୍ଷା କରି ବାଛି ପାରେ; ସୁପରୀକ୍ଷକ—2. One who can taste and find out what is good and what is bad.

୩ । ଯେ ସୁନା ରୁପା ଆଦିର ଉତ୍କୃଷ୍ଟତା ବାରି ପାରେ—3. One who can taste gold, silver etc.

ପ୍ରେମକଟକୀରେ ଚିହ୍ନାରୀ ଗ୍ରାହକ ତାର ବିନା ପ୍ରେମିକଜ—ରାଧାନାଥ, ଉଷଣୀ ।

ଦେ. ବି—ବଣିଆମାନଙ୍କ ଉପାଧିବିଶେଷ; ଚିନରୀ—A family–title among gold-smiths.

ଚିହ୍ନା—ଦେ. ବି. (ସଂ. ଚିହ୍ନ)—୧ । ପରିଚୟ; କୌଣସି ବ୍ୟକ୍ତି ବା ବସ୍ତୁକୁ Chihnā ପୂର୍ବରୁ ଜାଣିଥିବା; ଜଣାଶୁଣା—1. Acquintance.
ଚେନା ୨ । ଏକ ଚିନା ବା ସୁନ କାଟିବା ପରିମାଣ ଓଜନ—
पहचान 2. A small weight; about 4 grains.
ବିଣ—୧ । ସୁପରିଚିତ; ଜଣାଶୁଣା—1. Well known;
ଚେନା; चिना well acquainted.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଥ	ୱ
୨	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଵ	ଢ଼

चिह्नार ୨ । ଯେ ଚିହ୍ନି ପାରେ—2. One who can distinguish good from bad.

ବ୍ରହ୍ମଚିହ୍ନା ଲୋକକୁ ବୋଲନ୍ତି ବ୍ରହ୍ମଜ୍ଞାନୀ—ପୀତାମ୍ବର, ନୃସିଂହପୁରାଣ ।

୩ । ଚିହ୍ନିତ—3. Marked.

ଚିହ୍ନାଇବା—ଦେ. କ୍ରି—(ସଂ. ଚିହ୍ନ ଧାତୁ ଣିଜନ୍ତ; ଚିହ୍ନିବାର ଣିଜନ୍ତ ରୂପ)—୧ । କୌଣସି ବ୍ୟକ୍ତିଙ୍କୁ ଅନ୍ୟ ବ୍ୟକ୍ତିଙ୍କ ନିକଟରେ ପରିଚିତ କରାଇବା—1. To introduce a person to another.
Chihnāibā
ଚେନାନ
चिह्नाना; पहचानवाना

କହି ଜ୍ୟେଷ୍ଠ କ୍ରମରେ ପୁତ୍ରଙ୍କୁ ଚିହ୍ନାଇ—କୃଷ୍ଣସିଂହ, ମହାଭାରତ, ଆଦି ।

୨ । କୌଣସି ବିଶିଷ୍ଟ ଚିହ୍ନଦ୍ୱାରା ଚିହ୍ନିତ କରାଇବା—2. To mark; to indicate by a particular mark.

୩ । କୌଣସି ବସ୍ତୁ ବା ବ୍ୟକ୍ତିଙ୍କୁ ଅନ୍ୟ ଲୋକଙ୍କୁ ଦେଖାଇଦେବା—3. To point out.

୪ । କୌଣସି ବ୍ୟକ୍ତି ବା ବସ୍ତୁ ବା ସମ୍ପତ୍ତି ଲୋଡ଼ା ହେବା ବ୍ୟକ୍ତି, ବସ୍ତୁ ବା ସମ୍ପତ୍ତି ଅଟେ ବୋଲି ରାଜକୀୟ କର୍ମଚାରୀଙ୍କୁ ଦେଖାଇଦେବା—4. To identify a person, thing or property to a public servant.

(ଚିହ୍ନେଇବା—ଅନ୍ୟରୂପ)

ଚିହ୍ନାକ—ଦେ. ବି (ସଂ. ଚିହ୍ନକ)—ଏକ ଚିନା ପରିମିତ—Weight of one 'chinā'.
Chihnāka

ଦେ. ବିଣ—ଚିହ୍ନି ପାରିବା ବ୍ୟକ୍ତି—One who can recognise or distinguish a thing.

ଚିହ୍ନାଚିହ୍ନି—ଦେ. ବି—ଅନ୍ୟୋନ୍ୟ ପରିଚୟ—Mutual recognition.
Chihnāchihi
চেনাচিনি

ସେ ଯୁଦ୍ଧେ ପିତା ପୁତ୍ରେ ନୋହି ଚିହ୍ନାଚିହ୍ନି,
ହଣାହଣି ହୋଇ ଯେ ପଡ଼ନ୍ତି ଅବନୀ ।
କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ବିଣ—ଅନ୍ୟୋନ୍ୟରେ ପରିଚିତ ହେବା—Mutually recognising.

ସାକ୍ରାମେଣ୍ଟରେ ଚିହ୍ନାଚିହ୍ନି ନୋହି ପୁରୁଷ ବନସ୍ତ କହି—ଭଞ୍ଜ, ରସପଞ୍ଚକ ।

ଚିହ୍ନା ଦେବା—ଦେ. କ୍ରି—ଆପେ ଆପଣାର ପରିଚୟ ପ୍ରକାଶ କରିବା—To give out one's identity; to make one's self known; to announce one's self.
Chihnā debā
চেনাদেওয়া
चिह्नादेना

ଚିହ୍ନା ନେବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କର ପରିଚୟ ଆଦି ଜିଜ୍ଞାସା କରିବା ବା ସ୍ଥିର କରିବା—To ascertain or enquire about a person's whereabouts or identity.
Chihnā nebā
চেনালওয়া
चिह्नालेना

ଚିହ୍ନା ପଡ଼ିବା—ଦେ. କ୍ରି—୧ । ଜଣା ପଡ଼ିବା; ଚିହ୍ନିତ ହେବା; ପ୍ରକାଶ ପାଇବା—1. To be detected or marked.
Chihnā pardibā
চেনাপড়া
मालुम पड़ना

ଗରୁ ଗୃହାଣିକୁ ଚିହ୍ନା ପଡ଼ୁଥାଇ—କବିସୂର୍ଯ୍ୟ, ସଙ୍ଗୀତ ।

୨ । କୌଣସି କାର୍ଯ୍ୟରେ ନିଜର ଗୁପ୍ତ ସହାନୁଭୂତି ବା ସାହଚର୍ଯ୍ୟ ଥିବା ବିଷୟ ସାଧାରଣରେ ପ୍ରକାଶିତ ହେବା—2. To be publicly known as an accessary to or sympathiser with any matter.

୩ । ଉତ୍ତମରୂପେ ଜ୍ଞାତ ହେବା—3 To be well known.

୪ । ଲକ୍ଷଣାଦିଦ୍ୱାରା ସୁନିଶ୍ଚିତରୂପେ ସ୍ଥିରୀକୃତ ହେବା—4. To be ascertained by symptoms.

ଚିହ୍ନା ପରିଚୟ—ଦେ ବି. (ଓ. ଚିହ୍ନା+ସଂ. ପରିଚୟ; ଏକାର୍ଥକ ଶବ୍ଦଦ୍ୱୟ)—ସୁପରିଚୟ; ଘନିଷ୍ଠ ପରିଚୟ; ଜଣାଶୁଣା; ପରସ୍ପର ପରସ୍ପରଙ୍କୁ ଉତ୍ତମରୂପେ ଜାଣିବା—Intimacy; close acquaintance.
Chihnā parichaya
চেনাপরিচয়
जानपहचान

[ଦ୍ର—କୌଣସି ବ୍ୟକ୍ତିଙ୍କୁ ମୁଁ ଅନେକବାର ଦେଖିଥିଲେ ବା ତାଙ୍କ ଛବି ଦେଖିଥିଲେ ତାଙ୍କ ସଙ୍ଗେ ମୋର ଚିହ୍ନା ଅଛି ବୋଲି ବୁଝାଯିବ; କିନ୍ତୁ ଯେବେ ସେ ମଧ୍ୟ ମୋତେ ଜାଣନ୍ତି ତେବେ ତାଙ୍କ ସଙ୍ଗେ ମୋର ପରିଚୟ ବୋଲି ବୋଲାଯିବ ।]

ଚିହ୍ନାର—ପ୍ରାଦେ. (ସମ୍ବଲପୁର) ବିଣ. (ଭୁଲ. ଏହି ଅର୍ଥରେ ହି. ଚିହ୍ନାର)—ସୁପରିଚିତ—Well known.
Chihnār

ଚିହ୍ନାର ବାମନଙ୍କେ କାହିଁ ପିଟତା—ଗିତ ।

ଚିହ୍ନାଲି—ଦେ. ବିଣ. (ସଂ. ଚିହ୍ନ ଧାତୁ)—ଯେ ଚିହ୍ନି ପାରେ; ଚିହ୍ନାରି—One who can test or distinguish good from bad; expert in testing things.
Chihnāli
চেনালি
चिह्नेवाला

ଚିହ୍ନିତ—ସଂ. ବିଣ. (ଚିହ୍ନ ଧାତୁ+କର୍ମ. ତ)—୧ । ସୁପରିଚିତ—1. Well acquainted.
Chihnita

୨ । ଚିହ୍ନଯୁକ୍ତ—2. Having marks.

୩ । ସଙ୍କେତଦ୍ୱାରା ପରିଚିତ—3. Indicated; symbolised.

୪ । ଅଙ୍କିତ—4 Drawn; delineated.

୫ । ବିଶିଷ୍ଟ ଲକ୍ଷଣ ଯୋଗୁଁ ଅନ୍ୟମାନଙ୍କଠାରୁ ପ୍ରଧାନ—5. Conspicious by piculiar signs.

୬ । ଦାଗ ଦିଆଯାଇଥିବା—6. Branded; marked.

୭ । ପ୍ରସିଦ୍ଧ—7. Famous; noted.

୮ । (ଆଧୁନିକ ବ୍ୟବହାର) ଉଚ୍ଚଶ୍ରେଣୀର ରାଜକାର୍ଯ୍ୟରେ ନିଯୁକ୍ତ ହୋଇ ଆପଣା ଉପରେ ନ୍ୟସ୍ତ କାର୍ଯ୍ୟଭାର ଚଳାଇବାପାଇଁ ସରକାରଙ୍କ ସଙ୍ଗେ ଯେ ଚୁକ୍ତି କରି କାର୍ଯ୍ୟରେ ନିଯୁକ୍ତ ହୋଇଥାଆନ୍ତି—8. Covenanted (high Government-official).

୯ । ଉତ୍ତମରୂପେ ଯାହାକୁ ଲୋକେ ଜାଣିଥାଆନ୍ତି—9. Well known.

୧୦ । ଯାହା ଅନ୍ୟ ବ୍ୟକ୍ତି ବା ବସ୍ତୁଠାରୁ ବାରି ହୁଏ—10. Distinguished (M. W.).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ମିଳିଲେ 'ବଦ୍ଧ' ଦେଖିବେ; 'ଅଁଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୧୧ । ଲକ୍ଷଣଦ୍ୱାରା ସ୍ଥିରୀକୃତ—11. Diagnosed; ascertained by means of symptoms.

ଚିହ୍ନିଦେବା—ଦେ. କ୍ରି—୧ । ଭଲ ମନ୍ଦ ବାଛିଦେବା—
Chihnidebā 1. To distinguish the good from bad.
ଚେନେଦେଓୟା ୨ । ପରିଚୟ କରିବା; ପୂର୍ବ ପରିଚିତ ବ୍ୟକ୍ତିକୁ ଜାଣି
चिह्नदेना ନେବା—2. To recognise.

ଚିହ୍ନିନେବା—ଦେ. କ୍ରି—ସୁପରିଚିତ ବ୍ୟକ୍ତିକୁ ବା ବାଞ୍ଛିତ ପଦାର୍ଥକୁ
Chihninebā ଅନେକ ମଧ୍ୟରୁ ବାଛି ନେବା—To select
ଚେନେନେଓୟା what is wanted from amongst many.
चिह्नलेना

ଚିହ୍ନିପକାଇବା—ଦେ. କ୍ରି—ଚିହ୍ନିଦେବା (ଦେଖ)
Chihnipakāibā Chihnidebā (See)

ଚିହ୍ନିବା—ଦେ. କ୍ରି. (ସଂ. ଚିହ୍ନ ଧାତୁ)—୧ । ପୂର୍ବପରିଚିତ ବା ଜ୍ଞାତ
Chihnibā ବ୍ୟକ୍ତିକୁ ବା ବସ୍ତୁକୁ ଜାଣିବା; ଠଉରାଇବା; ପରିଚୟ
ଚେନା କରିବା—1. To recognise.
चिह्नाना; पहचानना ମଧ୍ୟମ ପାଣ୍ଡବେ ଗର୍ବେ ସେ ଦିବ୍ୟ ପୁରୁଷ
(ଚିହ୍ନାଇବା—ଣିଜନ୍ତ) ବୋଇଲେ "ହେ ବୀର" ଚିହ୍ନି ପାରିଲୁଟି ମୋତେ ।
ଚିହ୍ନାହେବା } କର୍ମବାଚ୍ୟ   ଦଧିନଥ. ମହାଯାତ୍ରା ।
ଚିହ୍ନାଯିବା } ୨ । ପରୀକ୍ଷା କରି ଭଲ ମନ୍ଦ ବସ୍ତୁ ଜାଣିବା—
2. To distinguish the good from bad; to discriminate; to ascertain after testing.

ମୂଲ୍ୟ ଚିହ୍ନି ମୂଲ୍ୟ ଦେବାକୁ କେହି ନାହିଁ ଆଜି ସଂସାରେ । ରାଧାନାଥ. ଉଷା ।

୩ । ଉତ୍ତମରୂପେ ଜାଣିବା—
3. To know well or intimately.
(ଯଥା—ଅକ୍ଷର ଚିହ୍ନିବା ।)
୪ । ଲକ୍ଷଣ ଦେଖି ରୋଗ ନିର୍ଣ୍ଣୟ କର
4. To diagnose a disease by symptoms.
୫ । ନିରେଖି ଦେଖିବା—
5. To mark; to observe; to perceive.

ଚିହ୍ନି କି କଞ୍ଜନ ସତେ, ଗ୍ରହଗଣକୁଳ ମତେ
ବନ୍ଦିକାର ପରିକଲୁ କହ । ... କଣୋରବଂଶ୍ଚ ତ. ଗୀତ ।

[ଦ୍ର—ଚିହ୍ନିବା କ୍ରିୟାର ଅସମାପିକ ରୂପ ସଙ୍ଗେ ଦେବା, ନେବା, ପକାଇବା କ୍ରିୟାର ସମାପିକା ରୂପମାନ ବ୍ୟବହୃତ ହୁଏ ।]

ଚିହ୍ନୀକୃତ—ସଂ. ବଣ. (ଚିହ୍ନ+ଅଭୂତତଦ୍ଭାବେ ଚ୍ୱି + କୃତ)—
Chihnikṛuta ଯହିଁରେ ମାର୍କା ବା ଚିହ୍ନ ମରାଯାଇଅଛି—
(ଚିହ୍ନୀକରଣ—ବି) Marked; branded.

ଚୀକ୍ (ଧାତୁ)—ସଂ—ସହ୍ୟ କରିବା—
Chīk (root) To endure.

ଚୀଚୀକୂଚୀ—ସଂ. ବି. (ଧ୍ୱନ୍ୟନୁକରଣ)—ଚଢ଼େଇମାନଙ୍କ ଚେଁଚେଁ ଚୁଁ ଚୁଁ
Chīchikūchī ଧ୍ୱନି—Warbling of birds (M. W.).

ଚୀଠିକା—ସଂ. ବି. (ଚିଟ୍ ଧାତୁ=ପ୍ରେରଣ କରିବା + କର୍ମ. ଇକ + ଆ)—
Chīthikā କାଗଜର କ୍ଷୁଦ୍ର ଖଣ୍ଡ—
A small slip of paper (M. W).

ଚୀଣ—ସଂ. ବି—ଚୀନ (ଦେଖ)
Chīṇa China (See) (M. W.).
(ଚୀଣକ—ଅନ୍ୟରୂପ)

ଚୀତ୍କାର—ସଂ. ବି. (ଚୀତ୍=ଅନୁକରଣ ଧ୍ୱନିବିଶେଷ+କୃ ଧାତୁ+
Chītkāra ଭାବ. ଅ)—୧ । ଚିତ୍କାର; ଉଚ୍ଚୈଃସ୍ୱର; ହକ୍କା—
(ଚିତ୍କାର—ଅନ୍ୟରୂପ) 1. Loud cry; shout; exclamation.
୨ । ଘୋଡ଼ଘାଆ; ଗୋଳମାଳ—
2. Noise; hubbub; uproar (M. W.).

ଚୀତ୍କୃତ—ସଂ. ବି. (ଚୀତ୍+କୃ ଧାତୁ+ଭାବ. ତ)—
Chītkṛuta ଚିତ୍କାର (ଦେଖ)
Chītkāra (See)

ଚୀତ୍କୃତି—ସଂ. ବି. (ଚୀତ୍+କୃ ଧାତୁ+ଭାବ. ତି)—ଗଡ଼ଗଡ଼ ଶବ୍ଦ—
Chītkṛuti Rattling (M. W.).

ଚୀନ—ସଂ. ବି. (ଚି. ଧାତୁ=ଚୟନ କରିବା+କର୍ମ. ନ)—
Chīna ୧ । ଚମରୀ ମୃଗ—1. A deer with bushy tail.
୨ । ଚୀନ ଦେଶ 2. The country of China.

[ଦ୍ର—ଏ ଦେଶ ଆସିଆ ମହାଦେଶର ପୂର୍ବରେ । ଏଥିର ଉତ୍ତରରେ ରୁଷିଆ, ପଶ୍ଚିମରେ ମଧ୍ୟ-ଆସିଆ, ଦକ୍ଷିଣରେ ବ୍ରହ୍ମଦେଶ, ଶ୍ୟାମ ଓ ଚୀନ ସାଗର ଓ ପୂର୍ବରେ ଚୀନ ସାଗର । ଏ ଦେଶରେ ୧୮ଟି ପ୍ରଦେଶ, ଏଥିର ରାଜଧାନୀ ପିକିଙ୍ଗ; ଚୀନ ସାମ୍ରାଜ୍ୟ ପୂର୍ବେ ରାଜତନ୍ତ୍ର ଥିଲା, ବର୍ତ୍ତମାନ ସାଧାରଣତନ୍ତ୍ର ହୋଇଅଛି; ଅଧିବାସୀମାନେ ବୌଦ୍ଧ-ଧର୍ମାବଲମ୍ବୀ; ଚୀନାମାନେ ଆପଣା ଦେଶକୁ 'ଚଙ୍ଗକ୍ୟୁଃ' ନାମରେ ଡାକନ୍ତି । ଚୀନ ଦେଶ ବହୁ ପ୍ରାଚୀନକାଳର ସଭ୍ୟ ଥିଲା । ଭାରତ ସଙ୍ଗେ ବହୁ ପ୍ରାଚୀନକାଳରୁ ଚୀନର ସମ୍ପର୍କ ରହିଅଛି ଓ ଏ ଦେଶର ଅନେକ ପରିବ୍ରାଜକ ଭାରତ ପରିଭ୍ରମଣ କରି ଆମ ଦେଶର ଅନେକ ତଥ୍ୟାତ୍ମକ ବିଷୟ ଲେଖି ଯାଇଅଛନ୍ତି । ମହାଭାରତ, ମନୁସଂହିତା ଆଦିରେ ଚୀନ ଦେଶର ଉଲ୍ଲେଖ ଅଛି । ଚୀନ ଦେଶରେ ବୁଣା ଅତି ବାରିକ୍ ରେସମ ଲୁଗାର ନାମରୁ ସୂକ୍ଷ୍ମ ରେସମୀ ଲୁଗାର ନାମ 'ଚୀନାଂଶୁକ' ହୋଇଅଛି । ତିବ୍ବତ, ମାଞ୍ଚୁରିଆ, ମଙ୍ଗୋଲିଆ, ତୁର୍କିସ୍ଥାନ ଏହି ଦେଶର ଅଧୀନ ରାଜ୍ୟ । ଗ୍ରନ୍ଥମୁଦ୍ରଣ ଓ ବାରୁଦକୁ ଇଉରୋପ ଚୀନଦେଶରୁ ଗ୍ରହଣ କରିଅଛି । ଖ୍ରୀଷ୍ଟପୂର୍ବ ୨୦୦୦ ବର୍ଷଠାରୁ ଚୀନଦେଶର ଧାରାବାହିକ ଇତିହାସ ମିଳେ । ଭାରତବର୍ଷରୁ ଖ୍ରୀଷ୍ଟପୂର୍ବ ୨୧୭ ଅବ୍ଦରେ ବୌଦ୍ଧଧର୍ମ ଯାଇ ଚୀନରେ ପ୍ରଚାରିତ ହେଲା । ଚୀନ ଦେଶରେ କେତେକ ସ୍ତୂପ ଅଶୋକ ନିର୍ମାଣ କରିଥିବାର କଥିତ । ଏ ଦେଶର ପଶ୍ଚିମ ଓ ଉତ୍ତର ସୀମରେ ୧୫୦୦ ମାଇଲ ଲମ୍ବର ଗୋଟିଏ ପକ୍କା ପାଚେରି ଅଛି । ଏ

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍ତ

ପ୍ରାଚୀନ ସଂସାରର ୭ ଆଶ୍ଚର୍ଯ୍ୟ ବସ୍ତୁ ମଧ୍ୟରେ ଏକ । ଚୀନା ପୁରୁଷ-ମାନେ ମୁଣ୍ଡରୁ ଗୋଟିଏ ଲମ୍ବ ବେଣୀ ଲମ୍ବାଉଥିଲେ ଓ ସ୍ତ୍ରୀମାନଙ୍କ ଗୋଡ଼ ପିଲାଦିନୁ ଲୁହାଯୋତାରେ ପଶି ରହୁଥିଲା । ଚୀନାମାନଙ୍କ ଲେଖା ଆମ ପରି ଧାଡ଼ି ଧାଡ଼ି ନ ହୋଇ ଖମ୍ବ ପରି ଉପରୁ ତଳକୁ ଲେଖାଯାଏ । ବୁଦ୍ଧଦେବଙ୍କ ଜନ୍ମସ୍ଥାନ ବୋଲି ଭାରତକୁ ଚୀନାମାନେ ତୀର୍ଥରୂପେ ଗଣନା କରନ୍ତି ।]

୩ । ଚନା; କ୍ଷୁଦ୍ର ଧାନ୍ୟବିଶେଷ—3. A kind of globular small grain; millet; Panicum Miliaceum.

୪ । ଚୀନ ଦେଶବାସୀ ଲୋକ—4. A Chinese.

୫ । ଚୀନଦେଶୀୟ ପତଳା ରେଶମ ଲୁଗା—5. A thin silk stuff made in China.

ଚୁମ୍ବିକରସାରଦେହା ଦେହରେ,
ଚୀନ ବାସ ପରି ହକ ଯେ ହରେ । କବିସୂର୍ଯ୍ୟ: ସଙ୍ଗୀତ ।

୬ । ସୂତ୍ର; ସୂତା—6. Thread (M. W.)

୭ । ସୀସକ; ସୀସା ଧାତୁ—7. Lead (M. W.)

୮ । ପତାକା—8. Flag; banner.

୯ । ଆଖିର କୋଣ ଉପରେ ବନ୍ଧାଯିବା ପଟି (ଶ୍ରୁତ)—9. A bandage for the corners of the eyes (M. W.)

ବିଣ. —ଚୀନ୍ ଦେଶୀୟ—Of or pertaining to China.

ଚୀନକ—ସଂ. ବି. (ଚୀନ+କ)—୧ । ଚୀନ ଦେଶବାସୀ ଲୋକ—
Chinaka 1. A Chinese.

୨ । ଚୀନା ଶସ୍ୟ—2. A small grain; Panicum Miliaceum.

୩ । ଚୀନକର୍ପୂର—3. Camphor.

୪ । ସଉଫ (ମସଲା)—4. Fennel (M. W.).

ଚୀନକର୍ପୂର—ସଂ. ବି. (କର୍ମଧା; ଚୀନ+କର୍ପୂର)—
Chinakarpūra ଏକପ୍ରକାରର କର୍ପୂର (କର୍ପୂର ଚଳେ କୋଠ ଦେଖ)—A kind of camphor.

ଚୀନଜ—ସଂ. ବି. (ଚୀନ+ଜନ୍ ଧାତୁ+କର୍ତ୍ତୃ. ଅ)—ଇସ୍ପାତ୍
Chīnaja Steel.

ଚୀନାଂଶୁକ—ସଂ. ବି. (୬ଷ୍ଠୀ ତତ୍; ଚୀନ+ଅଂଶୁକ)—ଚୀନଦେଶାଗତ
Chīnāmsuka ସରୁ ପଟ୍ଟବସ୍ତ୍ର—A thin silk stuff orginally imported from China.

ଚୀନାକ—ସଂ. ବି.—୧ । ଚନା କାକୁଡ଼ି; ଏକପ୍ରକାର ଧଳା କାକୁଡ଼ି
Chinaka 1. White cucumber.

୨ । ସଉଫ; ଶତପୁଷ୍ପା—2. Fennel (M. W.)

ଚୀବର—ସଂ. ବି.—(ଚି ଧାତୁ=ସଂଗ୍ରହ କରିବା+କର୍ମ. ବର)—
Chibara ୧ । ସନ୍ନ୍ୟାସୀ (ବିଶେଷତଃ ବୌଦ୍ଧ ଓ ଜୈନ ସନ୍ନ୍ୟାସୀ) ମାନଙ୍କ ପରିଧେୟ ଜୀର୍ଣ୍ଣ ବସ୍ତ୍ର; ଚୀର; କନ୍ଥା—1. A mendicant's rags or garment.

୨ । କନା—2. A torn piece of cloth.

[ଦ୍ର—ସାହେବମାନେ ବେକରେ ଯେଉଁ କନା ଖଣ୍ଡିକୁ (Necktie=ଗଳା ବନ୍ଧ ରୂପେ) ବାନ୍ଧନ୍ତି ତାକୁ "ଶେଷବନ୍ଦୀ ଭାରତୀ"ରେ ଅନୁସୃତକ୍ତ 'ଚୀବର' ନାମ ଦେଇଅଛନ୍ତି । ଯଥା—
କୌଶେୟ ଚୀବର ଉର୍ଦ୍ଧ୍ୱକା ଗ୍ରଥିତ]

୩ । ଭିକ୍ଷାପାତ୍ର—3. Beggar's bowl.

୪ । ଲୁହାର ଗୁଣ୍ଡ—4. Iron filings (M. W.)

ଚୀବରୀ—ସଂ. ବି. ପୁଂ (ଚୀବର+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ)—
Chibari ବୌଦ୍ଧ ବା ଜୈନ ସନ୍ନ୍ୟାସୀ—A Buddhist or Jaina monk.

ବିଣ—ଚୀବରଧାରୀ—Wearing rags.

ଚୀଭଟ—ସଂ. ବି.—ଗଡ଼ୀ କଲରା (ହରେକୃଷ୍ଣ ଦ୍ରବ୍ୟଗୁଣ)—
Chibhata A kind of Memordica.

ଚୀର—ସଂ. ବି—୧ । କନ୍ଥା; ଚିରାକନା; ଛିନ୍ନ ବସ୍ତ୍ରଖଣ୍ଡ—
Chira 1. Rag; tatter.
(ଚୈଲ—ଅନ୍ୟରୂପ) ୨ । କୌପୀନ—
2. A strip or long and narrow piece of bark or cloth for wearing along the privities (M. W.)

୩ । ବୌଦ୍ଧ ସନ୍ନ୍ୟାସୀଙ୍କ ପରିଧେୟ ବସ୍ତ୍ର; ଚୀବର—
3. The dress of a Buddhist monk.

୪ । ଚାରିସରିଆ ମୋତି ହାର—
4. A necklace of 4 pearl-strings (M. W.)

୫ । ଚୂଡ଼ା—5. A crest (M. W.)

୬ । ବେତ ଆଦିଦ୍ୱାରା ପ୍ରହାର—
6. A stripe; stroke (M. W.)

୭ । ରେଖା—7. Line. (M. W.)

୮ । ଗଛର ଛାଲ—8. Bark of a tree.

୯ । କଦର୍ଯ୍ୟ ରେଖା ଓ ଲେଖାବିଶେଷ; ଗାବଗୋବର—
9. Slovenly writing.

ଦେ. ବି—ନାଭିବନ୍ଧ; ପିନ୍ଧା ଲୁଗାର ଖୋସଣୀ—The knot of the wearing cloth by which it is fastened to the waist.

ଯେତେବେଳେ ଚୀର କଲେ ପ.ରଇ କ ରଖି
ଭୁଜ ସରଚକୁ ବାଲ ବଜ ନକ ସଖି ଗୋ । ଉପେ. ସୁବର୍ଣ୍ଣରେଖା

ଚୀରକ—ସଂ. ବି—୧ । ଖଣ୍ଡିଏ ଛୋଟ କାଗଜରେ କୌଣସି ରାଜକୀୟ
Cheraka ଆଦେଶର ପ୍ରଚାର—1. Public announcement
(ଚୀରକା—ଅନ୍ୟରୂପ) on a slip of paper (M. W.)

୨ । କାଗଜର ଟିକିଖଣ୍ଡ; ଚିରକୁଟ—
2. A small slip of paper.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୀରଧାରୀ—ସଂ. ବିଣ (ଉପପଦ ତତ୍ପୁରୁଷ; ଚୀର + ଧୃ. ଧାତୁ + ଇନ୍)—
Chiradhārī — ଯେ ଛିଣ୍ଡା କନା ପିନ୍ଧେ; କୌପୀନଧାରୀ—Wearing rags.

ଚୀରଭବନ୍ତୀ—ସଂ. ବି. ସ୍ତ୍ରୀ—ସ୍ତ୍ରୀଙ୍କ ବଡ଼ ଭଉଣୀ; ଦେଢ଼ଶାଶୁ—
Chirabhabanti — The elder sister of one's wife (M. W.)

ଚୀର—ସଂ. ବି (ଚୀର + ଅ)—୧ । କନା—
Chira — 1. A piece of cloth (M. W.)
୨ । ଚିରା କନା; ଲେଙ୍ଗୁଡ଼ି—2. Rag (M. W.).

ଚୀରା (ଇତ୍ୟାଦି)—ଦେ. ବିଣ—ଚିରା ଇତ୍ୟାଦି (ଦେଖ)
Chirā (etc) — Chirā etc (See).

ଚୀରାଣି—ଦେ. ବିଣ—ଛିଣ୍ଡା—Torne.
Chirāṇi
ଚୀରାଣି ବସ୍ତ୍ର ପଥେ ଦେଖି
ତାର ଗ୍ରହଣେ ହୋନ୍ତି ସୁଖୀ—ଜଗନ୍ନାଥ. ଭାଗବତ ।

ଚୀରି—ସଂ. ବି— ଆଖିକୁ ଘୋଡ଼ାଇବାପାଇଁ ବ୍ୟବହୃତ ଓଢ଼ଣା—
Chiri — A veil for the eyes (M.W.)

ଚୀର୍ଣ୍ଣ—ସଂ. ବିଣ (ଚର୍ ଧାତୁ=ବିଭାଗ କରିବା + କର୍ମ. କ୍ତ)—
Chirṇṇa — ୧ । ବିଦୀର୍ଣ୍ଣ—1. Pierced; split up.
୨ । ଖଣ୍ଡିତ; ବିଭକ୍ତ—2. Divided; cut into
୩ । କୃତ; ସମ୍ପାଦିତ—3. Done; accomplished.
୪ । ଅନୁଶୀଳିତ—4. Studied; persued.
୫ । ସଞ୍ଚିତ—5. Stored; collected.
୬ । ଚିରା ହୋଇଥିବା—6. Torne.
୭ । ଅଭ୍ୟସ୍ତ—7. Practised.
୮ । ଆଚରିତ (ବ୍ରତ)—8. Observed (vow).

ଚୀର୍ଣ୍ଣପର୍ଣ୍ଣ—ସଂ. ବି (ବହୁବ୍ରୀହି; ଚୀର୍ଣ୍ଣ + ପର୍ଣ୍ଣ; ଯେଉଁ ଗଛର ପତ୍ର ଖଣ୍ଡିତ)—
Chirṇṇaparṇṇa — ୧ । ନିମ୍ବ ଗଛ—1 The Neem tree; Margosa; Melia Azadirachta.
୨ ଖଜୁରି ଗଛ—2. The date-palm; Phoenix Sylvestris.

ଚୀଲି—ଦେ. ବି—ଚିଲିକାର ଏକପ୍ରକାର ମାଛ—
Chili — A class of fish found in the Chilka lake

ଚୀଲ୍ଲିକ—ସଂ. ବି—ଚିଙ୍ଗୁଡ଼ିମାଛ (ହି. ଶବ୍ଦସାଗର)—
Chillaka — Shrimp.

ଚୁ—ଦେ. ବି—ଚୁଚୁକାର (ଦେଖ)
Chu — Chuchukāra (See)

ଚୁଆ—ଦେ. ବି. (ସଂ. ଚ୍ୟୁ ଧାତୁ=କ୍ଷରିତ ହେବା)—
Chuā — ୧ । ଉତ୍କଟଗନ୍ଧ ତୈଳବିଶେଷ—
चुया
चोआ
1. A kind of fragrant oil extracted by destructive distillation of resin and some other fragrant articles; a strong oil-like perfume.

[ଦ୍ର—ଝୁଣା ସଙ୍ଗେ ବେଣାମୂଳ, ଚନ୍ଦନକାଠଗୁଣ୍ଡି, ମୁଥା, କସ୍ତୁରି ମିଶାଇ ତାକୁ ମୁହଁ ନବୁଜ ହୋଇ ବନ୍ଦ ଥିବା ହାଣ୍ଡିରେ ପୂରାଇ ନିଆଁରେ ବସାଇବାକୁ ହୁଏ । ହାଣ୍ଡିର ଉପର ଧାଡ଼ି ପଲମରେ ଗୋଟିଏ ଛିଦ୍ର ଥାଏ । ସେହି ଛିଦ୍ରବାଟେ ବାହାରିବା ଧୂଆଁକୁ ବକଯନ୍ତ୍ର ଦ୍ୱାରା ଥଣ୍ଡା କଲେ ସେଥିରୁ ଯେଉଁ ରସ ନିଗିଡ଼େ ତାହାହିଁ ସୁବାସିତ ତୈଳବତ୍ ଚୁଆ ଅଟେ । ପୂର୍ବକାଳରେ ସ୍ତ୍ରୀମାନେ ଓ ଏବେ ମଧ୍ୟ ପ୍ରାଚୀନାମାନେ ଚନ୍ଦନ ଓ ହଳଦୀ ସଙ୍ଗେ ଚୁଆ ମିଶାଇ ଦେହରେ ଲଗାଉଥିଲେ । ଓଡ଼ିଶାର ଲୋକେ ଏହାକୁ ଗୁଣ୍ଡିରେ ମିଶାନ୍ତି । କଟକରେ ବହୁ ପରିମାଣରେ ହାଣ୍ଡି ସାହାଯ୍ୟରେ ଚୁଆ ତିଆରି ହୁଏ ।

ଆଇନ୍-ଇ-ଆକବରୀରେ ଲେଖାଅଛି ଯେ, ଏକପ୍ରକାର ଗଛର ଡେରକୁ କାଟି ଆଣି ମାଟି ଭିତରେ କିଛି ଦିନ ପୋତି ରଖିବା ପରେ ଡେରର ଯେଉଁ ଅଂଶ ସଡ଼ି ଯିବାର ତାହା ସଡ଼ିଯାଏ । ଯେଉଁ ଅଂଶ ବାକି ରହେ ତାକୁ ୧ ସପ୍ତାହ ପାଣିରେ ବତୁରାଇ ରଖାଯାଏ । ପରେ ସେହି ଜଳକୁ ଗୋଟିଏ ସରୁ ମୁହାଁ ବୋତଲରେ ପୂରାଇ ବୋତଲର ମୁହଁ ଅଚ୍ଛା କରି ମୁଦ ଦିଆଯାଏ ଓ ଉକ୍ତ ବୋତଲକୁ ଓଲଟାଇ କରି ତଳେ ଛିଦ୍ର ଥିବା ଅନ୍ୟ ଗୋଟିଏ ବୋତଲ ଉପରେ ବସାଇବାକୁ ହୁଏ ଓ ସବୁ ତଳେ ଗୋଟିଏ ଜଳପୂର୍ଣ୍ଣ ପାତ୍ର ରଖି ଏହି ପାତ୍ରର ଚାରି ପାଖେ ଘସିନିଆଁ ଦ୍ୱାରା ସାମାନ୍ୟ ତାପ ପ୍ରୟୋଗ କରାଯାଏ । ଏପରି କଲାରୁ ତାପ ଲାଗି ଯାହା ଚୁଆଇ ହୋଇ ତଳବୋତଲରେ ଜମା ହୁଏ ତାହାହିଁ 'ଚୁଆ' । ଏହି ଚୁଆକୁ ପୁଣି ଗୋଲାପପାଣିରେ ଧୂଆଯାଏ । ଜ୍ଞାନେନ୍ଦ୍ରଙ୍କ ଉଦ୍ଧୃତ ପାଣ୍ଡୁଲିପି ବନ୍ଦ୍ୟୋପାଧ୍ୟାୟ]

୨ । (ସଂ. କୂପ) ଝର ଜଳ ନିମନ୍ତେ ଖୋଳାଯାଇଥିବା ପାତକୁୟା, कुयाँ ‍କ୍ଷୁଦ୍ର ତଡ଼ାଗ ବା ଗର୍ତ୍ତ—2. Small hole or
गढ़ा
pit made for collecting underground water which filteres into it.
ପ୍ରାଦେ. (ସମ୍ବଲପୁର) ବି—କୂଅ; କୂପ—Well.

ଚୁଆଇବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ)—
Chuāibā — ଚୁଆଁଇବା (ଦେଖ)
Chuāṅibā (See)

ଚୁଆଁ—ଦେ. ବି. (ଧ୍ୱନ୍ୟନୁକରଣ)—୧ । ଚୁଁଚୁଁ (ଦେଖ)
Chuāṅ — 1. Chuṅchuṅ (See)
୨ । ଚୁଆ ୨ (ଦେଖ)
2. Chuā 2 (See)

ପକ୍ଷିବାମାଙ୍କ ସ୍ନାନଘାଟେ ଅସି
ଚୁଆଁ ତଳପାଶେ ଗଳପତ୍ର ବସି । ଉ. ର୍ଦ୍ଧ. ଋଷିକୁଲ୍ୟା ।

ପ୍ରାଦେ. (ବସ୍ତର) ବି—କୁଅ—Well.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ଼	ଉଅ	ଋ
୨.	ଈ	ଊ	ରୁ	ଲୃ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସଂ	ଗଁ୍ୟ	ଇଅ	ଔ	ନ୍ବ

ଚୁଆଁଇବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ=କ୍ଷରିତ ହେବାର ଣିଜନ୍ତ)—
Chuañibā ୧ । ବକଯନ୍ତ୍ରଦ୍ୱାରା କୌଣସି ବସ୍ତୁରୁ ଅଗ୍ନି
ଚୁୟାନ, ଚୁଁୟାନ ଉତ୍ତାପରେ ବାଷ୍ପ ବାହାର କରି ସେହି ବାଷ୍ପକୁ
ଚୁଆନା. ଶୀତଳପାତ୍ରସଂସ୍ପର୍ଶରେ ଥଣ୍ଡା କରି ଅର୍କ
ବାହାର କରିବା—1. To distil; to cause to ooze.

୨ । ଚୁଇଁବା (ଦେଖ)
2. Chuiñbā (See)

୩ । (ସଂ. ଚତ୍ ଧାତୁ) ନିଦ ଭଙ୍ଗାଇବା—
3. To awaken a person from sleep; to rouse.

ଚୁଆଁଚୁଇଁ—ଦେ. ଵି. (ଧ୍ୱନ୍ୟନୁକରଣ)—ଚୁଁଚୁଁ (ଦେଖ)
Chuañchuiñ Chuñchuñ (See)

ଚୁଆଁଚୁହିଁ } ଅନ୍ୟରୂପ ଦେ. ବି ଓ ବିଣ—ପରସ୍ପରକୁ ଚାହିଁବା—
ଚୁହାଁଚୁହିଁ } Looking at each other.

ମାତୋଳକଙ୍କର ଏସନ ବଚନ ଶୁଣି
ଦୁହିଁ ଚୁଆଁଚୁହିଁ ହେଲେ ବଦନକୁ ଗୁଣି । ସାରଳା- ମହାଭାରତ. ଆଦି

ଚୁଆଡ଼—ଦେ. ବି ଓ ବିଣ—ଚୁହାଡ଼ (ଦେଖ)
Chuārḍa Chuhārḍa (See)

ଚୁଇଁ—ଦେ. ବିଣ. (ଅନ୍ୟ ଶବ୍ଦର ପୂର୍ବରେ ବ୍ୟବହୃତ ହୁଏ; ସଂ. ଶିଶୁ)—
Chuiñ ଅତି ଛୋଟ—Very small; tiny.
କଚି (ଯଥା—ଚୁଇଁ କଉଡ଼ି, ଚୁଇଁ ମାଙ୍କଡ଼, ଚୁଇଁ ମୂଷା ।)
ଟେନୀ

ଚୁଇଁବା—ଦେ. କ୍ରି—ଚୁଇବା (ଦେଖ)
Chuiñbā Chuibā (See)

ଚୁଇ ପଡ଼ିବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ)—ଠୋପା ଠୋପା ହୋଇ
Chui parḍibā ପଡ଼ିବା—To flow down; to fall in drops; to ooze.

ଚୁଇ ପଡ଼ୁଥାଇ ଅଧରୁ ରଙ୍ଗ । ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

ଚୁଇବା—ଦେ. କ୍ରି. (ସଂ. ଚ୍ୟୁ ଧାତୁ=କ୍ଷରିତ ହେବା—
Chuibā କ୍ଷରିବା; ଝରିବା—To ooze; to fall down
ଚୁଁୟା in drops; to be distilled.
ଚୁନା
(ଚୁଇଁବା—ଅନ୍ୟରୂପ)

ଚୁଇଲି—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଚୁପଲୁସୀ; ସଂ. ଚାଟୁ)—
Chuili ଖୋସାମଦ; ଚାଟୁବାକ୍ୟ—Flattery.

ଚୁଉଁ ଚୁଉଁ—ଦେ. ବି. (ଧ୍ୱନ୍ୟନୁକରଣ)—ଚୁଁଚୁଁ (ଦେଖ)
Chu-uñ chu-uñ Chuñ chuñ (See)

ଚୁଉଁ ଚୁଉଁ କରି ତାକୁ ମୋଡେ
ହାଡଠାରୁ ଶିଙ୍ଗ ଠାଉରୁ ଛେଡେ । ଧୋରେ ବାଘ୍ୱା ଧୋ ।

ଚୁଁ—ଦେ. ବି (ଧ୍ୱନ୍ୟନୁକରଣ)—୧ । ଚୁଁଚୁଁ (ଦେଖ)
Chuñ 1. Chuñchuñ (See)
ଚୁଁ ୨ । ଚୁମ୍ବନଜନିତ ଶବ୍ଦ—
ଚୀଁ, ଚୁଁ 2. Sound of loud kissing.

୩ । ଅତି ସାମାନ୍ୟ ମାତ୍ର ଶବ୍ଦ—
3. Very slight sound.

ଚୁଁ କରିବା—ଦେ. କ୍ରି—ଜିଭ ଓ ଦନ୍ତମୂଳ ସାହାଯ୍ୟରେ ପାଟି ଦ୍ୱାରା
Chuñ kariba ଚୁଁ ଚୁଁ ଶବ୍ଦ କରିବା—To make a
ଚୁଁକରା squeaking sound with the tongue and teeth.

ଚୁଁକାର—ସଂ. ବି—ଚୁଁ ଚୁଁ ଶବ୍ଦ—The sound of making
Chuñkāra slight squeaking sound with the mouth.

ଗୃହଦ୍ୱାରରେ ଦେଖି ସତୀ ସଲଜ୍ଜ
ଚୁଁକାରେ ଡାକୁ କରି ଅଙ୍ଗର ତୋଳ—ଭକ୍ତ. ରସପଞ୍ଚକ ।

ଚୁଁକୃତ—ସଂ. ବି (ଚୁଁ+କୃତ)—ଚୁମ୍ବନ ଦେଲାବେଳେ କହିବା ଚୁଁ ଚୁଁ
Chuñkṛuti ଶବ୍ଦ—The sound produced by kissing.

ମଧୁ ମଧୁର ବଧୂ ଅଧର କଠୋର କରି ବଦନାମ୍ବର
ଦନ୍ତ ଚୁମ୍ବନ ଚୁଁକୃତରଙ୍ଗ ମେଳା ।—କବିସୂର୍ଯ୍ୟ ବଳଦେବ ରଥ. ମ. ଗୀତ ।

ଚୁଁଚାଁ—ଦେ. ବି. (ଧ୍ୱନ୍ୟନୁକରଣ)—ସବଳ ବ୍ୟକ୍ତିର କୃତ କର୍ମରେ ଦୁର୍ବଳ-
Chuñchāñ ବ୍ୟକ୍ତିର ବିରୋଧ ବା ଅସନ୍ତୋଷସୂଚକ ଶବ୍ଦ—
ଚୁଁଚାଁ Any sound indicating protest of a weak
ଚାଁ ଚପଡ଼ person against the doings of a strong person.

ଚୁଁ ଚୁଁ—ଦେ. ବି. (ଧ୍ୱନ୍ୟନୁକରଣ)—୧ । ବୋହୂଝିଅଙ୍କ ସ୍ତ୍ରୀମାନେ
Chuñchuñ ଗୁରୁଜନମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇ
ଚୁଁ; କଥା କହି ନ ପାରି ଦାନ୍ତ ଓ ଜିଭ ସାହାଯ୍ୟରେ ଉଚ୍ଚାରଣ
ଚୁଁଚୁଁ; ଚାଁଚାଁ କରିବା ଚୁଁ ଚୁଁ ମଧୁର ଶବ୍ଦ—(ଏ ଶବ୍ଦ ଜିଭ ଓ
ଚୁଚୁ ଉପର ଦାନ୍ତମୂଳଦ୍ୱାରା ଦୁଇ ଓଠର ମଝିଦେଇ ପବନକୁ ଭିତରକୁ ଟାଣିନେବାର ଈଷତ୍ ଚେଷ୍ଟାଦ୍ୱାରା ଉତ୍ପନ୍ନ ହୁଏ; ଚୁଁ ଚୁଁ କରିବା ପ୍ରଥା ବଙ୍ଗଦେଶରେ ନାହିଁ)—1. A squeaking sound made by newly come daughters-in-law with the tongue and teeth, to draw the attention of the elderly females.

[ଦ୍ର—ହିନ୍ଦୁ ସମାଜରେ ବଧୂ, ଶାଶୂ ଓ ଗୁରୁଜନମାନଙ୍କ ସଙ୍ଗେ ପାଟିକରି କଥା କହିବା ନିଷିଦ୍ଧ ଅଟେ । ଏଣୁ ଉତ୍କଳରେ ଚୁଁ ଚୁଁ ଧ୍ୱନିଦ୍ୱାରା ଗୁରୁଜନମାନଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ହାତର 'ଠାର' ଦ୍ୱାରା ବଧୂମାନେ ଗୁରୁଜନଙ୍କ ନିକଟରେ ନିଜର ମନୋଗତ-ଭାବ ପ୍ରକାଶ କରନ୍ତି । ଅତି କୋମଳ ଓ ମଧୁର ଚୁଁ ଶବ୍ଦ ଉଚ୍ଚାରଣପୂର୍ବକ ହାତର ଠାରଦ୍ୱାରା ବଧୂମାନଙ୍କର ଗୁରୁଜନଙ୍କ ଆଗେ ଭାବ ପ୍ରକାଶ କରିବା କ୍ରମଶଃ ଶିକ୍ଷିତ ସମାଜରୁ ଲୁପ୍ତ ହେଉଅଛି ଓ ଏତଦ୍ୱାରା ସ୍ତ୍ରୀମାନଙ୍କର ଗୋଟିଏ 'କଳା' ଲୁପ୍ତ ହେଉଅଛି ।

୨ । ଚୁଚୁନ୍ଦ୍ରର ଶବ୍ଦ—2. Squeaking of a mole.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଏଣୁ ସେ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—
'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଚୁଁଚୁଁଆଁ—ଦେ. ବି.—୧ । ଚୁଚୁମା (ଦେଖ)
Chuñchuñāñ 1. Chuchumā (See)
୨ । ଚୁଁ ଚୁଁ ଶବ୍ଦ—2. Squeaking sound.

ଚୁଁଟ୍ରା—ପ୍ରାଦେ. (ସମ୍ବଲପୁର) ବିଣ.—ଚୁଗୁଲିଆ—
Chuñṭ-rā Tell-tale; backbiting.

ଚୁଁଟି—ପ୍ରାଦେ. (ସମ୍ବଲପୁର) ବି.—ଚୁଟି—
Chuñṭi A tuft.

ଚୁଁଟିଆ—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଚଟକ)—ଘରଚଟିଆ ଚଢ଼େଇ
Chuñṭiā — Sparrow.

ଚୁଁ ମାରିବା—ଦେ. କ୍ରି.—ଚୁଁ କରିବା (ଦେଖ)
Chuñ māribā Chuñ karibā (See)

ଚୁକ୍ (ଧାତୁ)—ସଂ.—ତୃପ୍ତ ହେବା—
Chuk (root) To be satisfied

ଚୁକ୍—ଦେ. ବି.—(ଭୁଲ୍ ଚୁକ୍ ଶବ୍ଦରେ ଭୁଲ୍ ଶବ୍ଦର ସହଚରରୂପେ,
Chuk ଚୁକ୍=ଭୁଲ୍; ସଂ. ଚ୍ୟୁତ)—୧ । ଭ୍ରାନ୍ତି; ଭ୍ରମ—
चुक 1. Mistake; error; blunder; oversight.
चूक ୨ । ବିସ୍ମୃତି—2. Forgetting.
୩ । ଅଭାବ—3. Defect; omission.

ଚୁକ୍ଚୁକ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଚୁକୁ ଚୁକୁ (ଦେଖ)
Chukchuk Chuku chuku (See)

ଚୁକ୍ଚୁକିଆ—ପ୍ରାଦେ. (ସମ୍ବଲପୁର) ବି.—ଅଗବୋଲା; ନିରର୍ଥକ କଥା, ବା
Chukchukiā ପଚାରି ନ ହେଉଣୁ କଥା କହିବା (ବ୍ୟକ୍ତି)—
(a person) Who speaks unasked.

ଚୁକି—ଗ୍ରା. ବିଣ. ପୁଂ (ଅଶ୍ଳୀଳ)—ଚୁକା (ଦେଖ)
Chuka Chukā (See)
(ଚୁକୀ—ସ୍ତ୍ରୀ)

ଚୁକଣା—ଗ୍ରା. ବିଣ. ପୁଂ (ଅଶ୍ଳୀଳ)—ଚୁକା (ଦେଖ)
Chukaṇā Chukā (See)
(ଚୁକଣୀ—ସ୍ତ୍ରୀ)

ଚୁକଣୀ (ଇତ୍ୟାଦି)—ଚୁକୁଣୀ ଇତ୍ୟାଦି (ଦେଖ)
Chukaṇi (etc) Chukuṇi etc. (See)

ଚୁକା—ଗ୍ରା. ବିଣ. ପୁଂ. (ଅଶ୍ଳୀଳ)—(ସଂ. ଚୁକ୍ ଧାତୁ=ତୃପ୍ତ ହେବା)—
Chukā ଯେ ଅନ୍ୟ ବ୍ୟକ୍ତିର କାମବୃତ୍ତିକୁ ଅସ୍ୱାଭାବିକ ପ୍ରକ୍ରିୟା,
(ଚୁକୀ—ସ୍ତ୍ରୀ) ଅର୍ଥାତ୍ ମୁଖଦ୍ୱାରା ଶାନ୍ତ କରାଏ—One who pacifies another's lust by repeatedly sucking his male organ; sodomite; bugger.
ଗ୍ରା. ବି. (ଅଶ୍ଳୀଳ)—ମୁଖରତି—
Sodomy by means of the mouth; buggery.
ପ୍ରାଦେ. (ସମ୍ବଲପୁର) ବିଣ.—ଟଟ୍କା—Fresh.

ବି.—ନିଷ୍ପତ୍ତି—Decision.

ଚୁକାଇବା—ଦେ. କ୍ରି.—(ବଙ୍ଗଳା ଓ ହିନ୍ଦୀରୁ ଅନୁକୃତ)—୧ । ନିଷ୍ପତ୍ତି
Chukāibā କରିବା; ଶେଷ ହିସାବ ନିକାଶ କରିବା—
चुकान 1. To settle accounts finally.
चुकाना ୨ । ଋଣ ଅବା ଦେୟକୁ ଦବାକ ପରିଶୋଧ କରିବା—
(ଚୁକେଇବା—ଅନ୍ୟରୂପ) To liquidate a loan.
ଗ୍ରା. କ୍ରି. (ଅଶ୍ଳୀଳ) ଅନ୍ୟ ବ୍ୟକ୍ତିର ମୁଖଦ୍ୱାରା ଆପଣାର କାମବୃତ୍ତି ଚରିତାର୍ଥ କରାଇବା—To pacify lust through another's mouth; to have one's male organ sucked by another.

ଚୁକାଣ୍ଡିଆ—ଗ୍ରା. ବିଣ. ପୁଂ. (ପୁରୁଷଙ୍କ ପ୍ରତି ଗାଳି)—
Chukāṇḍiā ୧ । ବେହିଆ; ଲଣ୍ଡ—1. Shameless.
୨ । ଚୁକା (ଦେଖ)
2. Chukā (See)

ଚୁକା ମାରିବା—ପ୍ରାଦେ. (ଜୟପୁର) କ୍ରି—ଗାଣ୍ଡି ମାରିବା (ଦେଖ)
Chukā māribā Gāṇḍi māribā (See)

ଚୁକିବା—ପ୍ରାଦେ. (ଗଡ଼ଜାତ) କ୍ରି. (ସଂ. ଚୁକ୍ ଧାତୁ=ତୃପ୍ତ ହେବା-
Chukibā ତୁଳ. ଇଂ. ସକ୍=ଶୋଷିବା; ଚୁଚୁମିବା)—
୧ । ସ୍ତନ୍ୟପାନ କରିବା—1. To suck milk.
୨ । ଭ୍ରମରେ ପଡ଼ିବା (କ୍ୱଚେ)—
2 To commit a mistake.
ଗ୍ରା. କ୍ରି. (ଅଶ୍ଳୀଳ)—ଅନ୍ୟ ବ୍ୟକ୍ତିର କାମପ୍ରବୃତ୍ତି ଚରିତାର୍ଥ କରିବା ନିମନ୍ତେ ତାହାର ଉପସ୍ଥକୁ ଚୁଚୁମିବା
To pacify a male person's lust by sucking his male organ.

ଚୁକୀ—ଗ୍ରା. ବିଣ ସ୍ତ୍ରୀ. (ଗାଳି)—ଚୁକୁଣୀ (ଦେଖ)
Chukī Chukuṇī (See)
ପ୍ରାଦେ. (ଜୟପୁର) ବିଣ—ସ୍ତ୍ରୀମାନଙ୍କ ପ୍ରତି ସାଧାରଣ ପ୍ରଚଳିତ ଗାଳିବିଶେଷ A term of abuse used generally to women.

ଚୁକୀପୁଅ—ଗ୍ରା. ବି ପୁଂ. (ଗାଳି)—ଚୁକୁଣୀପୁଅ (ଦେଖ)
Chukīpua Chukuṇīpua (See)
(ଚୁକୀପୋ—ଅନ୍ୟରୂପ)

ଚୁକୁଚୁକିଆ—ପ୍ରାଦେ. (ସମ୍ବଲପୁର) ବି—ଚୁକ୍ଚୁକିଆ (ଦେଖ)
Chukuchukiā Chukchukiā (See)

ଚୁକୁଚୁକୁ—ଦେ. ଅ (ଧ୍ୱନ୍ୟନୁକରଣ)—ଚୁକୁଚୁକୁ ଶବ୍ଦ; ଦୁଗ୍ଧାଦି ଜିଭଦ୍ୱାରା
Chukuchuku ପିଇବାର ଶବ୍ଦ; ବାଳକର ମାଆଦୁଧ ଚୁଚୁମି
चुकचुक; चुकचुकानि ଖାଇବାର ଶବ୍ଦ—The sound produced by
चपड़ चपड़ licking milk or of a child sucking milk; the sound of lapping gently.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଙ୍ଘ
୨	ଈ	ଊ	ରୁ	ଲୁ	ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଊ	ଙ୍ଗ

ଚୁକୁଣା — ଗ୍ରା. ବଣ. ପୁଂ. (ଅଶ୍ଳୀଳ) — ଚୁକା (ଦେଖ)
Chukuṇā Chukā (See)
(ଚୁକୁଣୀ — ସ୍ତ୍ରୀ)

ଚୁକୁଣିଆଁ — ଗ୍ରା. ବଣ. ପୁଂ. (ଅଶ୍ଳୀଳ) — ଚୁକା (ଦେଖ)
Chukuṇiāṅ Chukā (See)
(ଚୁକେଇ; ଚୁକୁଣୀ — ସ୍ତ୍ରୀ)

ଚୁକୁଣୀ — ଗ୍ରା. ବଣ. ସ୍ତ୍ରୀ. (ଗାଳି) — ଯେଉଁ ସ୍ତ୍ରୀ ଅସ୍ୱାଭାବିକ ଭାବରେ
Chukuṇī ଅର୍ଥାତ୍ ମୁଖଦ୍ୱାରା ପୁରୁଷର କାମ ପ୍ରବୃତ୍ତି ଶାନ୍ତ କରେ—
A woman who satisfies a man's lust through her mouth.

ଚୁକୁଣୀପୁଅ — ଗ୍ରା. ବି. ପୁଂ. (ଗାଳି — ଅସ୍ୱାଭାବିକ କ୍ରିୟାନୁରକ୍ତା ମାତାର
Chukuṇīpua ପୁତ୍ର A term of abuse; (reflecting
(ଚୁକୁଣୀପୋ — ଅନ୍ୟରୂପ) on the mother's unnatural propensities or sodomy).

ଚୁକୁତି — ଗ୍ରା. ବି — ଚୁକ୍ତି (ଦେଖ)
Chukuti Chukti (See)

ଚୁକୁରାଇବା — ଗ୍ରା. କ୍ରି. (ଅଶ୍ଳୀଳ) — ଦୁଇଟି ସ୍ତ୍ରୀଲୋକ ପରସ୍ପରକୁ ଆଲିଙ୍ଗନ
Chukurāibā କରି ପରସ୍ପର ଯୋନି-ମଣି ଘର୍ଷଣପୂର୍ବକ ଉଭୟଙ୍କର
চপটীলড়াইকরা ଇନ୍ଦ୍ରିୟବୃତ୍ତି ଚରିତାର୍ଥ କରିବାର ଚେଷ୍ଟା କରିବା—
चपटिलड़ाना; (two women) To hug each other
चपटि खेलना and satiate lust.
(ଚୁକୁରୁଚୁକୁରୁ ହେବା; ଚୁକୁରେଇବା — ଅନ୍ୟରୂପ)

ଚୁକୁରି — ଗ୍ରା. ବି. ସ୍ତ୍ରୀ. (ଅଶ୍ଳୀଳ) — ଯେଉଁ ସ୍ତ୍ରୀ ଅନ୍ୟସ୍ତ୍ରୀକୁ ପୁନଃପୁନଃ
Chukurī ଆଲିଙ୍ଗନ ଓ ଚୁମ୍ବନାଦିଦ୍ୱାରା ନିଜର ଇନ୍ଦ୍ରିୟବୃତ୍ତି ଚରିତାର୍ଥ
चपटबाज; चपठाई କରେ—A woman addicted to embracing and hugging another woman to satiate lust.

ଚୁକେଇ (ଇତ୍ୟାଦି) — ଚୁକୁଣୀ ଇତ୍ୟାଦି (ଦେଖ)
Chukei (etc) Chukuṇī etc (See)

ଚୁକ୍କାର — ଦେ. ବି — ଘୋର ଶବ୍ଦ—
Chukkāra Roaring sound.

ଚୁକ୍ତି — ଦେ. ବି. (ସଂ ଚ୍ୟୁତ୍ କୃତି; ପ୍ରା. ଚୁକ୍କି ହି. ଶବ୍ଦସାଗର) —
Chukti ୧ । ଶେଷ ନିଷ୍ପତ୍ତି — 1. Final decision.
চুকতি; চুক্তি ୨ । ବିବାଦର ମୀମାଂସା ବା ସମାଧାନ—
चुकता; चुकती; चुक्ति 2. Settlement of a dispute.
୩ । ହିସାବର ବା ଦେୟ ଟଙ୍କାର ବିବାକ ପରିଶୋଧ; ଋଣାଦିର ଶେଷ ନିଷ୍ପତ୍ତି—3. Final settlement of accounts or payment; liquidation of a loan.
୪ । ଅଙ୍ଗୀକାର; କୌଣସି କାର୍ଯ୍ୟ କରିବା ପାଇଁ କବୁଲ୍—
4. Agreement; promise.
୫ । ଉଭୟପକ୍ଷଦ୍ୱାରା ସ୍ୱୀକୃତ କବୁଲ—5. Contract.
୬ । ଶେଷ; ଅନ୍ତ— 6. End; finish.

ଚୁକ୍ତି ଆଇନ — ଯେଉଁ ଆଇନରେ ଚୁକ୍ତି ବା ଦୁଇଜଣଙ୍କ ମଧ୍ୟରେ କରାଯିବା
Chukti āin କବୁଲର ବିଧିମାନ ଲିପିବଦ୍ଧ ହୋଇଅଛି —
চুক্তিআইন The Law of Contract.
चुकतिआईन

ଚୁକ୍ତିପତ୍ର — ଦେ. ବି — ଅଙ୍ଗୀକାର ପତ୍ର —
Chuktipatra Deed of agreement; deed of contract.

ଚୁକ୍ତିଭଙ୍ଗ — ଦେ. ବି — ଅଙ୍ଗୀକାରର ଲଙ୍ଘନ—
Chuktibhaṅga Breach of contract or agreement.

ଚୁକ୍ର — ସଂ. ବି (ଚୁକ୍ ଧାତୁ = ତୃପ୍ତହେବା + କରଣ. ର) — ଚୁକ୍ରକ (ଦେଖ)
Chukra Chukraka (See)

ଚୁକ୍ରକ — ସଂ. ବି (ଚୁକ୍ର + ସ୍ୱାର୍ଥେ. କ) — ୧ । ଖଟାପାଳଙ୍ଗ ଶାଗ;
Chukraka ଅମ୍ଳବେତସ ଶାଗ—1. A kind of sour sorrel (pot-herb).
୨ । ଏକପ୍ରକାର କାଞ୍ଜି—2. A kind of sour gruel.

ଚୁଗୁଡ଼ା — ପ୍ରାଦେ (ସମ୍ବଲପୁର) ବି — ଏକପ୍ରକାର ଛତୁ—
Chugurḍā A kind of mushroom.

ଚୁଗଲି (ଇତ୍ୟାଦି) — ଚୁଗୁଲି ଇତ୍ୟାଦି (ଦେଖ) —
Chugala (etc) Chuguli etc (See)

ଚୁଗୁଲି (ଇତ୍ୟାଦି) — ଚୁଗୁଲି ଇତ୍ୟାଦି (ଦେଖ) —
Chugula (etc) Chuguli etc (See)

ଚୁଗୁଲି — ବୈଦେ. ବି (ଆ. ଚୁଗଲ୍) — ଖଳ; ପଶ୍ଚାତରେ କୌଣସି ବ୍ୟକ୍ତିର
Chuguli ନିନ୍ଦା —Slander; calumny; backbiting
চুক্লি; চুগলি tale-bearing.
चुगलि; चाड़ि ଯେଣୁ ଚୁଗୁଲି ନାନାମତେ କଲେ,
ଅପେ କେମନ୍ତ ବାବୁ ବାହାରିଲେ । ବ୍ରଜନାଥ. ସମରତରଙ୍ଗ ।

ଚୁଗୁଲିଆ — ଦେ. ବଣ — ଖଳୁଆ; ଯେ ପରୋକ୍ଷରେ ଅନ୍ୟର ନିନ୍ଦାକରେ—
Chuguliā Slanderer.
চুগলে
चुगल; चुगलखोर

ଚୁଗୁଲି କରିବା — ଦେ. କ୍ରି — ପରୋକ୍ଷରେ ପରର ବଦନାମ କରିବା—
Chuguli karibā To backbite; to calumniate or
চুকলিখাওয়া slander a person behind his back.
चुगलिकहना, चाड़िखाना
(ଚୁଗୁଲିଖାଇବା — ଅନ୍ୟରୂପ)

ଚୁଗୁଲିଖୋର — ବୈଦେ. ବି (ଆ. ଚୁଗଲ୍ + ଫା. ପ୍ରତ୍ୟୟ ଖୋର୍) —
Chugulikhor ୧ । ଖଳୁଆ; ଯେ ଖଳ କହେ—
1. A backbiter; slanderer.
चुगलखोर ୨ । ଯେ ଖଳ କଥା ଶୁଣେ—2. One who gives ear to slanders behind another's back.

ଚୁଙ୍ଗ୍‌ଚୁଙ୍ଗ୍—ଦେ. ବଣ—ଅସ୍ଥିର—
Chungchung — Restive; restless.
চংবং

ଚୁଙ୍ଗ୍‌ଚୁଙ୍ଗ୍ ହେବା—ଦେ. କ୍ରି—ଅସ୍ଥିର ହେବା—
Chungchung hebā — To be restive or restless
চংবংকরা

ଚୁଙ୍ଗ୍‌ଚୁଙ୍ଗା—ଦେ. ବଣ. ପୁଂ—ଚୁଙ୍ଗଚୁଙ୍ଗିଆ (ଦେଖ)
Chungchungā — Chungchungiā (See).
(ଚୁଙ୍ଗଚୁଙ୍ଗୀ—ସ୍ତ୍ରୀ)
(ଚୁଙ୍ଗଚୁଙ୍ଗା—ଅନ୍ୟରୂପ)

ଚୁଙ୍ଗ୍‌ଚୁଙ୍ଗା ବୟସ—ଦେ. ବ—ପୂର୍ଣ୍ଣ ଯୌବନ—
Chungchungā bayasa — The full bloom of youth.

ଚୁଙ୍ଗ୍‌ଚୁଙ୍ଗିଆ—ଦେ. ବଣ. ପୁଂ (ସ. ଚଙ୍ଗ=ଦକ୍ଷ)—୧ । ଅସ୍ଥିର; ଚପଳ;
Chungchungiā — ଚଇଚଇଆ—1. Restless; unsettled; fickle.
(ଚୁଙ୍ଗଚୁଙ୍ଗେଇ—ସ୍ତ୍ରୀ)
(ଚୁଙ୍ଗଚୁଙ୍ଗିଆ—ଅନ୍ୟରୂପ) ଚୁଙ୍ଗ୍‌ଚୁଙ୍ଗିଆ ମାଗୁରମାଛିଆ ହୁଅରେ ନ ଥାଏ ବାଳ ଏତେକି ପରେ ନ ଯିବ ସାଇଁଥିବ ଦେଉଛବାଳ ଢଙ୍ଗ—
চেঙ্গড়া
चाँगला

୨ । ଅଧୀର—2. Impatient.
୩ । ଯୁବା ଓ ସୁନ୍ଦର—3. Youthful and handsome.
୩ । ବିଳାସଲୋଲ—3. Frolicsome; buxom.
୪ । ସୁସ୍ଥ ଓ ସବଳ—4. Healthy and spirited.
୫ । ନବଯୌବନଯୁକ୍ତ (ବୟସ)—
5. Youthful (age).
୬ । ନବଯୁବକ (ବ୍ୟକ୍ତି)—7. A person who is in the full bloom of youth.

ଚୁଙ୍ଗ—ଦେ. ବ. (ହି. ଚୋଙ୍ଗା)—ଚୁଙ୍ଗା (ଦେଖ)
Chunga — Chungā (See)

ଚୁଙ୍ଗା—ଦେ. ବ. (ସ. ଭୃଙ୍ଗୀ=ନଳ)—୧ । ନଳ; ନଳୀ—
Chungā — 1. A long tube.
চোঁগা
चोंगा

୨ । ବାଉଁଶ ନଳ—2. A bamboo tube.
୩ । ବୋତଲରେ ତୈଳାଦି ପୂରାଇବା ପାଇଁ କ୍ରମଶଃ ସରୁ ହୋଇ ଯାଇଥିବା ନଳୀ; କାହାଳୀ—
(ଚୁଙ୍ଗୀ—କ୍ଷୁଦ୍ରାର୍ଥକ)
3. Cone-shaped funnel for pouring liquids into a bottle

ଦେ. ବଣ—ଚୁଙ୍ଗଚୁଙ୍ଗିଆ (ଦେଖ)
Chungchungiā (See)

ଚୁଙ୍ଗା ବୟସ—ଦେ. ବ—ନବଯୌବନ—
Chungā bayasa — Full bloom of youth.

ଚୁଙ୍ଗି—ଦେ. ବ—ଚୁଙ୍ଗା (ଦେଖ)
Chungi — Chungā (See)

ପ୍ରାଦେ. (କାନ୍ଥି) ବ—ଡିବି; ଡିବିରି—A funnel-shaped kerosene lamp without chimney.

ଦେ. ବ—୧ । ଅଗ୍ନିଗୁଣା ମଞ୍ଜିର ଦାନାରେ ବାରୁଦ ଭର୍ତ୍ତି କରି ସେଥିରେ ଗୋଟିଏ ଶଡ଼କା ବାନ୍ଧି ଦାହଲ ପୁର ମଗ୍ରାଯିବା ବାଣ—1. A kind of small rocket.
୨ । ନଳୀ; ସାନ ନଳ—2. Small tube.
୩ । ସାନ ଚିଲମ—3. A small fire-bowl used for smoking gurdākhu, ganja etc.

চুংগী
चुंगी

୪ । (ସ. ଚତୁରଙ୍ଗୁଳ; ଫା. ଚଂଗାଲ୍; ଯେତିକ ବସ୍ତୁ ଚାରିଟି ଅଙ୍ଗୁଳିର ଟିପ ସାହାଯ୍ୟରେ ଉଠାଇ ନିଆ ଯାଇପାରେ; ପୂର୍ବେ ହାଟକୁ ପଣ୍ୟ ବିକ୍ରି କରିବାକୁ ଆସୁଥିବା ପ୍ରତ୍ୟେକ ପସାରୀମାନଙ୍କଠାରୁ ଜମିଦାର ଚୁଙ୍ଗିଏ ଲେଖାଏଁ ଦ୍ରବ୍ୟ ହାଟତୋଲା ସ୍ୱରୂପ ନେଉଥିବାରୁ)—ସହର ଭିତରକୁ ସହରର ବାହାରୁ ପଣ୍ୟଦ୍ରବ୍ୟ ବିକିବାକୁ ଆଣିବା ବ୍ୟକ୍ତିଠାରୁ ରାଜା ବା ମିଉନିସିପାଲିଟି ଯେଉଁ ଶୁଳ୍କ ନିଅନ୍ତି—
4. A tax on commodities brougut into a town for sale; octroi.

ଚୁଙ୍ଗିବା—ପ୍ରାଦେ. (ଗଡ଼ଜାତ) କ୍ରି—କୋଡ଼ି, କୁରାଢ଼ି ଓ ବାଡ଼ି ଆଦିର
Chungibā — ବେଣ୍ଟର ଦୁଇ ମୁଣ୍ଡକୁ ଗୋଲ ଓ ସମତୁଲ କରି କାଟିବା—To cut the both ends nicely and evenly of any stick or handle intended for a spade, axe, stick etc.

ଚୁଙ୍ଗି ଭଡ଼କା—ଦେ. ବ. (ବ୍ୟଙ୍ଗ୍ୟାର୍ଥ)—ଗୁଡ଼ାଖୁ ଖାଇବାର ହୁକା;
Chungi bhardakā (ଯହିଁରେ ଚୁଙ୍ଗି=ନଳୀ,ଓ ଭଡ଼କା=ଭଡ଼ଭଡ଼ ଶବ୍ଦ ଜାତ ହେଉଥିବା ନଡ଼ିଆ ଖୋଳା ଥାଏ)—
A hooka; a hubble-bubble.

ଚୁଙ୍ଗୁଡ଼ି—ଦେ. ବି—ଚିଙ୍ଗୁଡ଼ି (ଦେଖ)
Chungurdi — Chingurdi (See)

ଚୁଙ୍ଗୁଡ଼ିଆ ଦଳ—ଦେ. ବି—ଚିଙ୍ଗୁଡ଼ିଆ ଦଳ (ଦେଖ)
Chungurdiā dala — Chingurdiā dala (See)

ଚୁଙ୍ଗୁଡ଼ି ବାଛୁରି କୁଟୁମ୍ବ—ଦେ. ବି—ଯେଉଁ କୁଟୁମ୍ବରେ ଅନେକଗୁଡ଼ିଏ
Chungurdi bāchhuri kutumba — ଛୋଟ ପିଲା ଥାଆନ୍ତି—
A family consisting of a bevy of children.
(ଯଥା—ମୋ ଗୃହରକ୍ଷଣି ଗଲେ ମୋ ଚୁଙ୍ଗୁଡ଼ି ବାଛୁରି କୁଟୁମ୍ବ କୁହୁକୁହୁ ମରିଯିବେ ।)

ଚୁଚ୍‌କାର—ଦେ. ବ—ଚୁଚୁକାର (ଦେଖ)
Chuchkāra — Chuchukāra (See)

ଚୁଚି—ଦେ. ବ. (ସ. ଚୁଚୁକ)—୧ । ଦୁଧଭେଣ୍ଡି; ସ୍ତନାଗ୍ର—
Chuchi — 1. Nipple; teat.
চুঁচি
ढिपनी; ढेपनी

୨ । ଯୁବତୀସ୍ତନ—2. The developed breasts of a youthful woman

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଷ	ଙ୍କ	ଇଂ	ଙ୍ଗ	ଙ୍ଘ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ	ଇଅ	ଞ୍ଜ	ନ୍ହ

ଚୁଚୁ—ଦେ. ବ. (ଧ୍ୱନ୍ୟନୁକରଣ)—୧ । ଚୁଚୁକାର (ଦେଖ)
Chuchu　1. Chuchukāra (See)
ଚୁମକୁଡ଼ି; ଚুকচুক　୨ । ବିରାଡ଼ିକୁ ନିକଟକୁ ଡାକିବାର ଶବ୍ଦ—
चुचु; चुचुकारी　2. The sound for calling cats.

ଦେ. ଅ—୧ । (କୌଣସି ବସ୍ତୁ ବା ଉଦ୍ଦେଶ୍ୟ ନଷ୍ଟ ହେଲେ ବା କୌଣସି ବ୍ୟକ୍ତି ମଲେ ବା ବିପନ୍ନ ହେଲେ ତଜ୍ଜନିତ ଦୁଃଖରେ ଅନ୍ୟ ବ୍ୟକ୍ତିଦ୍ୱାରା ଉଚ୍ଚାରିତ ଶବ୍ଦ) ହାୟ—
1. (word uttered expressing regret) Alas !
୨ । (ବିରାଡ଼ି କୁକୁର ଆଦିଙ୍କୁ ପାଖକୁ ଡାକିବା ବେଳେ ବା ପାଳିତ ଜୀବଙ୍କୁ ଗେଲ କଲା ବେଳେ ଉଚ୍ଚାରିତ ଶବ୍ଦ) ଆସ୍ !—2. Come ! (a word uttered while caressing or calling a pet animal.

ଚୁଚୁକ—ସଂ. ବି. (ଚୁଚୁ=ଶିଶୁ ସ୍ତନ୍ୟପାନ କରିବାର ଅନୁକରଣ ଶବ୍ଦ
Chuchuka　+କୈ ଧାତୁ=ଶବ୍ଦ କରିବା+କର୍ତ୍ତି. ଅ)—
୧ । ସ୍ତ୍ରୀ ସ୍ତନାଗ୍ର; ଚୁଚୁମୁଣ୍ଡି—
1. Nipple of female breast.
୨ । ଦାକ୍ଷିଣାତ୍ୟର ଦେଶବିଶେଷ (ହି. ଶବ୍ଦସାଗର)—
2. Name of a country of South India.
୩ । ଚୁଚୁକ ଦେଶବାସୀ ବ୍ୟକ୍ତି (ହି. ଶବ୍ଦସାଗର)—
3 An inhabitant of the Chuchuka country.

ଚୁଚୁ କରିବା - ଦେ. କ୍ରି—୧ । ପାଳିତ ପଶୁପକ୍ଷୀ ଆଦିଙ୍କୁ ଗେଲ କରିବା
Chuchu kariba　ବା ପାଖକୁ ଡାକିବାପାଇଁ ଜିଭ ଓ ଦାନ୍ତଦ୍ୱାରା
ଚୁମକୁଡ଼ି ଦେଓୟା; চুক্ চুক্ করা　ଚୁ ଚୁ ଶବ୍ଦ କରିବା—
पुचकरना, चुचकारना,　1. To make a chirping or
चुमकारना　coaxing sound with the tongue and lips.
୨ । ଅନୁତାପ ବା ଅକ୍ଷେପ ପ୍ରକାଶାର୍ଥ ଜିଭ ଓ ଦାନ୍ତଦ୍ୱାରା ଏକାଧିକ ଥର ଚୁ ଚୁ ଶବ୍ଦ କରିବା—2. To make a chirping sound in expression of regret or grief

ଚୁଚୁକାର—ଦେ. ବି—(ସଂ. ଚୁଚୁକୃତ)-ଜିଭ ଓ ଦାନ୍ତଦ୍ୱାରା ପବନକୁ
Chuchukāra　ଈଷତ୍ ପାଟି ଭିତରକୁ ଟାଣିନେବାଦ୍ୱାରା ଉତ୍ପନ୍ନ
ଚୁମକୁଡ଼ି, চুচুকার　ଚୁ ଚୁ ଶବ୍ଦ—Chirping or coaxing
पुचपुच, चुचकारी　or sucking sound with the tongue and the teeth.

ବନ୍ଧୁକ ଘୋଡ଼ାଙ୍କର ଏ ଗୀତ ଦେଖିଲେ
ଚୁଚୁକାର କରିବା ଦାଢେ ଉଠାଇଲେ—କୃଷ୍ଣସିଂ. ମହାଭାରତ. ବନ ।

ଚୁଚୁକାଳ } ଅନ୍ୟରୂପ
ଚୁଚୁକାଲ }

[ଦ୍ର—କୁକୁର ବିରାଡ଼ି ଆଦି ପଶୁଙ୍କୁ କଥ ଲେଇ କରି ପାଖକୁ ଡାକିବାବେଳେ ବା ଗେଲ କରିବା ବେଳେ ଓ ଅନୁତାପ ବା ଅକ୍ଷେପ ପ୍ରକାଶ ସମୟରେ ମନୁଷ୍ୟ ଏହି ଶବ୍ଦ କରେ । ପୋଷା ଜୀବ (ଯଥା ଘୋଡ଼ା, ପକ୍ଷୀ) ଆଦିଙ୍କୁ ଆଦର ବା ଗେଲ କଲାବେଳେ ମଧ୍ୟ ଏ ଶବ୍ଦ କରାଯାଏ । ଏ ଶବ୍ଦ ଉପରପାଟିର ଦାନ୍ତମୂଳ ଓ ଜିଭ ସାହାଯ୍ୟରେ ଉଚ୍ଚାରିତ ହୁଏ । ଏ ଧ୍ୱନି କଲାବେଳେ ଓଠ ଖୋଲା ଥାଏ ଓ ଜିଭ ଏବ ଦାନ୍ତର ବ୍ୟବଧାନ ବାଟେ ପବନ ପାଟି ଭିତରକୁ ଈଷତ୍ ଟଣାଯାଏ । ଏ ଧ୍ୱନି ଓ ବଧୂମାନେ କରିବା ଚୁଁ ଚୁଁ ମଧ୍ୟରେ ପ୍ରଭେଦ ଏହି କି ବଧୂମାନଙ୍କ ଧ୍ୱନି କୋମଳତର ଓ ଦୀର୍ଘକାଳ-ସ୍ଥାୟୀ ।]

ଚୁଚୁକାରିବା—ଦେ. କ୍ରି. (ଧ୍ୱନ୍ୟନୁକରଣ; ଚୁଚୁ+କୃ ଧାତୁ)—
Chuchukāriba　୧ । ଜିଭ ଓ ଦନ୍ତମୂଳଦ୍ୱାରା ଚୁଚୁ ଶବ୍ଦ କରି
চুমরা; চুমকুড়িদেওয়া　ବିରାଡ଼ି, ଘୋଡ଼ା, ଶୁଆ ଆଦିଙ୍କୁ ଗେଲ
चुचकारना; चुमकारना　ବା ଆଦର କରିବା—1. To fondle
(ଚୁଚୁକାଳିବା—ଅନ୍ୟରୂପ) or coax a cat, horse or parrot by uttering a chirping sound of chu chu.
୨ । (ଲକ୍ଷଣାର୍ଥ) ଫୁସୁଲାଇବା; କଥ ଲେଇ ସଥ ଲେଇବା; ବହଲେଇବା—2. To coax; to cajole.

ଚୁଚୁକୃତ—ସଂ. ବି.(ଚୁଚୁ=ଅନୁକରଣ ଧ୍ୱନି+କୃ ଧାତୁ+ଭାବ. ତ)—
Chuchukruti　୧ । ଚୁଚୁକାର ଶବ୍ଦ—1. Chirping sound.
୨ । ଚୁମ୍ବନଶବ୍ଦ—2. Kissing sound.
୩ । ସ୍ତ୍ରୀ କୁଚାଗ୍ର—3. Nipple or teat of female breast.

ଚୁଚୁନ୍ଦରା—ଗ୍ରା. ବି. ପୁଂ. (ସଂ. ଛୁଚ୍ଛୁନ୍ଦରୀ)—ଚୁଚୁନ୍ଦ୍ରା (ଦେଖ)
Chuchundarā　Chuchundrā (See)
ছুচা　ଚୁଚୁନ୍ଦରାକୁ ମାରିଲେ ହାତ ଗନ୍ଧାଏ—ଢଗ ।
छुछुन्दर
(ଚୁଚୁନ୍ଦରୀ—ସ୍ତ୍ରୀ)
(ଚୁଚୁନ୍ଦୁରା—ଅନ୍ୟରୂପ)

ଚୁଚୁନ୍ଦରି—ଗ୍ରା. ବି —ଚୁଚୁନ୍ଦ୍ରି (ଦେଖ)
Chuchundari　Chuchundri (See)
(ଚୁଚୁନ୍ଦୁରି—ଅନ୍ୟରୂପ)

ଚୁଚୁନ୍ଦ୍ରା—ଦେ. ବି. (ସଂ. ଛୁଚ୍ଛୁନ୍ଦରୀ; ଚୁଞ୍ଚ)—ଗନ୍ଧମୂଷିକ—
Chuchundrā　A mole; the musk-rat; musk-shrew;
ସଂ. ଗନ୍ଧନକୁଲ, ରାଜପୁତ୍ରୀ,　Sorex Ceoruleses; Crocedura Caerulea.
ଗନ୍ଧମୂଷିକ
(ଚୁଚୁନ୍ଦ୍ରୀ—ସ୍ତ୍ରୀ)　ନାକଘୋଡ଼ ଚୁଚୁନ୍ଦ୍ରାକୁ ଧରିବା ନ୍ୟାୟ—ଢଗ ।
ছুচা;ছুঁচো
छुछुन्दर

[ଦ୍ର—ଚୁଚୁନ୍ଦ୍ରାର ଦେହର ଗଢ଼ଣ ମୂଷା ପରି, କିନ୍ତୁ ଗୋଡ଼ ଛୋଟ ଏବ ଥୋମଣି ଲମ୍ବ ଓ ମୁନିଆ । ଏହାର ଦେହର ରଙ୍ଗ ମୂଷାର ଦେହର ରଙ୍ଗ ଅପେକ୍ଷା ଫିକା । ଏହା ଦେହ ସର୍ବଦା ଗନ୍ଧାଉଥାଏ । ଏମାନେ ମାଟିରେ ଗାତ ଖୋଳି ରହନ୍ତି ଓ ଗୃହର ଏବ ଉଦ୍ୟାନ ବୃକ୍ଷର ଶାଖା ନାନାପ୍ରକାର କୀଟ, ଦଣ୍ଡ, ଜିଆ, ପିମ୍ପୁଡ଼ି, ସମ୍ପାକୁଆ ପୋକ ଆଦିକୁ ଖାଆନ୍ତି । ଏମାନେ ଚୁଁ ଚୁଁ ବା ଚେଁ ଚେଁ ଶବ୍ଦ କରନ୍ତି ।

ସାଧାରଣ ଲୋକେ ଅପଢ଼ ପୃଷ୍ଠାରେ ଦର୍ଶିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କଥ' ନ ମିଳିଲେ 'କଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲକଢ' ନ ପାଇଲେ 'ଅଲ୍‌କଢ' ଦେଖିବେ ।

କଥିତ ଅଛି ଯେ, ଏମାନଙ୍କ ଦେହର ଦୁର୍ଗନ୍ଧରେ ଏମାନେ ବିଚରଣ କରିବା ସ୍ଥାନରେ ସାପ ରହନ୍ତି ନାହିଁ । ମଧ୍ୟ କଥିତ ଅଛି ଯେ, ଯେବେ କଦାଚିତ୍ ନାଗସାପ ଚୁଚୁନ୍ଦ୍ରାକୁ ଆକ୍ରମଣ କରି ଧରେ ତେବେ ସାପ ଅତି ବିପ୍ରତ ହୁଏ, କାରଣ ଚୁଚୁନ୍ଦ୍ରାକୁ ଖାଇଲେ ସାପ ମରିଯିବ ଓ ତାକୁ ଛାଡ଼ିଦେଲେ ସାପ ଅନ୍ଧ ହୋଇଯିବ । ଏଥିପାଇଁ ଲୋକ ଉଭୟ ସଙ୍କଟରେ ପଡ଼ିଲେ 'ନାଗସାପ ଚୁଚୁନ୍ଦ୍ରାକୁ ଧରିବା ନ୍ୟାୟ' ଉକ୍ତି ଦିଆଯାଏ । ଚୁଚୁନ୍ଦ୍ରା ରାତ୍ରିଚର ଓ କୀଟଭୋଜୀ । ଏମାନେ ନରମ ଭୂଇଁରେ ଗାତ କରି ରହନ୍ତି ଓ କେବେ କେବେ ଘର ଓ ଅଗଣା କୋଣରେ ଜମା ହୋଇଥିବା ଅଳିଆ, ଖଡ଼ିକା, ଇଟା, ଚିରାକନା, ଚିରାକାଗଜ ମଧ୍ୟରେ ବସା କରି ରହନ୍ତି । ଚୁଚୁନ୍ଦ୍ରା କୌଣସି ଖାଦ୍ୟଦ୍ରବ୍ୟରେ ମୁହଁ ମାରିଲେ ବା କେତେକ ଅଂଶ ଖାଇଲେ ଉକ୍ତ ଦ୍ରବ୍ୟରେ ଚୁଚୁନ୍ଦ୍ରାର ଦେହର ତୀବ୍ର ଗନ୍ଧ ରହିଯାଏ । କଥିତ ଅଛି ଯେ, ଦାଢ଼ୁଆ ଖଣ୍ଡାରେ ଚୁଚୁନ୍ଦ୍ରାର ମୁହଁ ବାଜିଲେ ସେ ଖଣ୍ଡା ଆଉ କାଟୁ କରେ ନାହିଁ । ଚୁଚୁନ୍ଦ୍ରା ଭୀତ ହେଲେ ଚେଁ ଚେଁ ଶବ୍ଦ କରେ । ଏହାର ଆଖି ଛୋଟ ଓ ସମ୍ଭବତଃ ଦୃଷ୍ଟିଶକ୍ତି ମଧ୍ୟ କମ୍, କାରଣ ପାଖରେ ମନୁଷ୍ୟ ଚଳପ୍ରଚଳ ହେଉଥିଲେ ମଧ୍ୟ ଏ ଯିବା ଆସିବା କରୁଥାଏ; କିନ୍ତୁ ହୁରୁଡ଼ାଇ ଦେଲେ ଚେଁ ଚେଁ ଶବ୍ଦ କରି ପଳାଏ । ଗର୍ଭିଣୀ ଚୁଚୁନ୍ଦ୍ରାର ଦଂଶନ ମାରାତ୍ମକ ।]

ଚୁଚୁନ୍ଦ୍ରି—ଦେ. ବି—୧ । ଏକ ଜାତୀୟ ବାଣ; [ଚମନଳୀରେ ବାରୁଦ ଭର୍ତ୍ତି କରି ଏହା ପ୍ରସ୍ତୁତ ହୁଏ; ନିଆଁ ଲଗାଇ ଛାଡ଼ି ଦେଲେ ଏହା ଚୁଚୁନ୍ଦ୍ରା ପରି ଭୂଇଁରେ ଏଣେ ତେଣେ ପଳାଇ ବୁଲେ]—
Chuchundri
छूँछा, छूछो
छुछुन्दर

1. A kind of small ground-rocket or fire-work made by enclosing some gunpowder in a cartridge.

୨ । ଲିଙ୍ଗର ରୋଗବିଶେଷ—

2. A disease of the penis; Phimosis.

[ଦ୍ର—ଏହି ରୋଗଦ୍ୱାରା ଲିଙ୍ଗର ଅଗ୍ରଭାଗ ବା ସୁପାରିକୁ ଆବରଣ କରିଥିବା ଚମଡ଼ାର ମୁହଁ ସଙ୍କୀର୍ଣ୍ଣ ହୋଇଯିବାରୁ ଚମଡ଼ା ତଳେ ଲିଙ୍ଗର ସୁପାରି ତଳ ଗଣ୍ଠିର ଗୁହ ପାଖେ ମଇଳା ଜମି ଘାଆ ହୋଇଯାଏ; ମୁସଲମାନ୍‌ମାନଙ୍କ 'ସୁନ୍ନତ୍' ନାମକ ସଂସ୍କାରଦ୍ୱାର ବାଲ୍ୟକାଳରେ ଲିଙ୍ଗର ଅଗ୍ର ଭାଗକୁ ଘୋଡ଼ାଇଥିବା ଚମଡ଼ା (foreskin) କଟା ହୋଇ ଯିବାରୁ ସେମାନଙ୍କ ଲିଙ୍ଗାଗ୍ର ବା ସୁପାରି ଖୋଲା ଥାଏ ଏବଂ ସେମାନଙ୍କୁ ଚୁଚୁନ୍ଦ୍ରି ରୋଗ ଧରେ ନାହିଁ ।]

ଚୁଚୁମା—ଦେ. ବି. (ଧ୍ୱନ୍ୟନୁକରଣ କିମ୍ବା ସଂ. ଚୁମ୍ବ ଧାତୁ)—
Chuchumā
चूसा
चचोड़ना,
चूसी

୧ । ଜିଭ ଓ ଓଠଦ୍ୱାରା ଶୋଷିବା କର୍ମ—
1. Sucking by the tongue and lips.
୨ । ଶିଶୁମାନଙ୍କର ଚୁଚୁମିବା ନିମନ୍ତେ ଏକ ପ୍ରକାର କ୍ରୀଡ଼ନକ—2. A play-thing in the shape of nipple which the infants suck.

୩ । ଚୁକା (ଦେଖ)
3. Chukā (See)

ଦେ. ବିଣ—୧ । ଯେ ଚୁଚୁମେ—1. Sucking.
୨ । (ଗାଳିରେ ବ୍ୟବହୃତ) ଚୁକା (ଦେଖ)
2. Chukā (See)

ଚୁଚୁମାଇବା—ଦେ. କ୍ରି. (ସଂ. ଚୁମ୍ବ ଧାତୁ କିମ୍ବା ଧ୍ୱନ୍ୟନୁକରଣ; ଚୁଚୁମିବାର ଣିଜନ୍ତ ରୂପ)—
Chuchumāibā
चुसान
चचोड़वाना, चुँसाना

ଅନ୍ୟକୁ (ଯଥା—ଶିଶୁକୁ) କୌଣସି ବସ୍ତୁ (ଯଥା—ସ୍ତନାଗ୍ର) ଚୁଚୁମିବାକୁ ଦେବା—
2. To suckle (e.g. a child); to cause another to suck
(ଚୁଚୁମେଇବା—ଅନ୍ୟରୂପ)

ଚୁଚୁମା ଚୁଚୁମି—ଦେ. ବି. (ବହୁବାର ସୂଚକ ଦୁଇଥର ପ୍ରୟୋଗ)—
Chuchumā chuchumi
ବହୁବାର ଚୁଚୁମିବା କର୍ମ—
Repeated sucking.

ଚୁଚୁମିବା—ଦେ. କ୍ରି. (ସଂ. ଚୁମ୍ବ ଧାତୁର ଯଙନ୍ତ ଚୁଚୁମ୍ବ ଧାତୁ = ଅତିଶୟ ବା ବାରମ୍ବାର ଚୁମ୍ବନ କରିବା)—
Chuchumibā
चूसा
चचोड़ना, चोखना, चुसना
(ଚୁଚୁମାଇବା—ଣିଜନ୍ତ)
(ଚୁଚୁମା ଯିବା, ଚୁଚୁମା ହେବା—କର୍ମବାଚ୍ୟ)

ଜିଭ ଓ ଓଠଦ୍ୱାରା ବାରମ୍ବାର ଶୋଷିବା—
To suck (e.g. mother's milk).

[ଦ୍ର—ଚୁମ୍ବନ କରିବା ବସ୍ତୁ ଓଠର ବାହାରେ ଥାଏ, କିନ୍ତୁ ଚୁଚୁମା ଯିବା ବସ୍ତୁକୁ ପାଟିରେ ପୂରାଇ ଦାନ୍ତ ଓ ଜିଭ ସାହାଯ୍ୟରେ ତହିଁରୁ ରସ ଶୋଷଣ କରାଯାଏ । ଚୁଚୁମିବା ଓ ଶୋଷିବା ବା ଚୁଷିବା ମଧ୍ୟରେ ପ୍ରଭେଦ ଏହି କି ଶୋଷିବାବେଳେ କୌଣସି ବସ୍ତୁର ଆଗପାଖ ଅଂଶକୁ ପାଟିରେ ପୂରାଇ ତହିଁରୁ ରସ ଶୋଷଣ କରାଯାଏ, ଯଥା—ଶିଶୁ ମାତୃସ୍ତନକୁ ଶୋଷେ; କିନ୍ତୁ ଚୁଚୁମିବା ବେଳେ ଚୁଚୁମା ଯିବା ବସ୍ତୁର ଅଧିକ ଅଂଶ ପାଟିଭିତରକୁ ପୂରାଇବାକୁ ହୁଏ । ଯଥା—ଆମ୍ବଟାକୁଆ ଚୁଚୁମିବା ।]

ଚୁଚ୍ଛା—ଗ୍ରା. ବିଣ ଓ କ୍ରି. ବିଣ ଓ ବିଂଶେ ବିଣ—ତୁଚ୍ଛା (ଦେଖ)
Chuchhā
Tuchchhā (See)

ଚୁଞ୍ଚି—ଦେ. ବି. (ସଂ. ଚୁଚୁକ)—ଚୁଚି (ଦେଖ)
Chuñchi
Chuchi (See)

ଚୁଞ୍ଚୁ—ସଂ. ବି. (ଅନ୍ୟ ଶବ୍ଦ ସଙ୍ଗେ ଲାଗିଲେ, ଯଥା—ବିଦ୍ୟାଚୁଞ୍ଚୁ, ଅକ୍ଷରଚୁଞ୍ଚୁ, ନ୍ୟାୟଚୁଞ୍ଚୁ)—୧ । (ଅମୁକ କର୍ମପାଇଁ) ବିଖ୍ୟାତ—1. Famous for a certain thing.
Chuñchu
୨ । (ଅମୁକ ବିଷୟରେ) ପାରଙ୍ଗମ—2. Expert.
ସଂ. ବି—୧ । ଚୁଚୁନ୍ଦ୍ରା (ହ୍ୱି. ଶବ୍ଦସାଗର)—
1. Mole; shrew.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଅ	ୱ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଵ	ନ୍

୨ । ବୈଦେହକ ସ୍ତ୍ରୀ ଓ ବ୍ରାହ୍ମଣ ପିତାଠାରୁ ଉତ୍ପନ୍ନ ସଙ୍କର ଜାତିବିଶେଷ (ହି. ଶବ୍ଦସାଗର)—
2. Name of a mixed caste.

ପ୍ରାଦେ. (ଯାଜପୁର) ବି—ନଡ଼ିଆ ତେଲ ରନ୍ଧା ହେବା ପରେ ତଳ ପଡ଼ିବା କୋରୁଅ—The dregs left in the pan after cocoanut-juice is boiled and turned into oil.

ଚୁଞ୍ଚୁରି—ସଂ. ବି.—ତେନ୍ତୁଳ ମଞ୍ଜିରେ ଖେଳାଯିବା ଜୁଆ ଖେଳ
Chuñchuri (ହି. ଶବ୍ଦସାଗର)—A kind of game at hazards played with tamarind-seeds.

ଚୁଟ୍‌କା—ପ୍ରାଦେ. (ସମ୍ବଲପୁର) ବି.—୧ । ଗୋଡ଼ର ବୁଢ଼ା ଅଙ୍ଗୁଠିରେ
Chutkā ପିନ୍ଧାଯିବା ଅଳଙ୍କାର; ଚଟୁଲି; ଚୁଟ୍‌କି—1. An ornament worn on the big toe
(ଚୁଟୁକା—ଅନ୍ୟରୂପ)
୨ । ଗୋଡ଼ର ଦ୍ୱିତୀୟ ଅଙ୍ଗୁଠିରେ ପିନ୍ଧାଯିବା ମୁଦି ବା ପିତଳର ମୁଦିଆ; ଝୁଣ୍ଟିଆ—2. A ring worn on the second finger of the leg.

ଚୁଟ୍‌କି—ଦେ. ବି.—୧ । ସ୍ତ୍ରୀଲୋକମାନେ ବୁଢ଼ା ଅଙ୍ଗୁଠିରେ ଯେଉଁ
Chutki ଘୁଙ୍ଗୁର ଲାଗିଥିବା ଏକପ୍ରକାର ମୁଦି ପିନ୍ଧନ୍ତି; ଚଟୁଲି—
চুটকি 1. A kind of tinkling ring worn on the toe by females.
चुटकि
(ଚୁଟୁକି—ଅନ୍ୟରୂପ) ୨ । ମୁଷ୍ଟି ବନ୍ଦ କରି ଅଙ୍ଗୁଠିର ଗଣ୍ଠି ଦ୍ୱାରା
ঠোনা କିଆଯିବା ଆଘାତ; ଠଣା—2. Stroke with the knob of a fisted finger.
ग
চুটকী ୩ । କ୍ଷୁଦ୍ର ଅଂଶ
3. Small particle.
୪ । ଅତି ସାମାନ୍ୟ ଅଂଶ—4 A pinch.
୫ । ବୁଢ଼ା ଅଙ୍ଗୁଠିର ଟିପକୁ ମଧ୍ୟମା ଅଙ୍ଗୁଠିର ଟିପ ଉପରେ
চুটকী, তুড়ী ରଖି ଜୋରରେ ଘଷାଇ ନେଲେ ଯେଉଁ ଶବ୍ଦ ହୁଏ—
5. Snapping of the finger-tips; fillip.
ପ୍ରାଦେ. (ମେଦିନୀପୁର) (ଭୁଲ. ବ. ଚୁଟ୍‌କି) — ଚୁରକୀ; ମସ୍ତକର ଶିଖା—Pigtail.
ଦେ. ବିଣ.—ଚୁଟ୍‌କିଆ (ଦେଖ)
Chuṭkiā (See)

ଚୁଟ୍‌କିଆ—ଦେ. ବିଣ.—୧ । କ୍ଷୁଦ୍ର—
Chuṭkiā 1. Small.
চুটকী ୨ । ଖର୍ବାକାର—2 Diminutive.
चुटफुट ୩ । ସାମାନ୍ୟ; ଅଳ୍ପ; ବାଜେ (ଯଥା—ଚୁଟ୍‌କିଆ ଖର୍ଚ୍ଚ)—
(ଚୁଟୁକିଆ—ଅନ୍ୟରୂପ) 3. Sundry or miscellaneous (expenses.)
୪ । ଅନାୟାସଗେୟ (ସ୍ୱର)—4. Light (musical air).

ଚୁଟ୍‌କିନି—ଦେ. କ୍ରି. ବିଣ. (ସଂ. ଝଟିତି)—୧ । ଚଞ୍ଚଳ; ଅତିଶୀଘ୍ର—
Chuṭ kini Very soon.
চটকরে ୨ । ହଠାତ୍—2. Suddenly.
झटसे, झटपट (ଯଥା—ସେ ଚୁଟ୍‌କିନି ଆସି ପହଞ୍ଚିଗଲା ।)
(ଚୁଟୁକିନା—ଅନ୍ୟରୂପ)

ଚୁଟ୍‌କୁରିଆ—ଦେ. ବିଣ.—ଚୁଟ୍‌କିଆ (ଦେଖ)
Chuṭkuriā Chuṭkiā (See)
(ଚୁଟୁକୁରିଆ—ଅନ୍ୟରୂପ)

ଚୁଟ୍‌ଚୁଟ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଜଳମିଶ୍ରିତ କୌଣସି କ୍ଷୁଦ୍ର
Chuṭchuṭ ବସ୍ତୁକୁ ନିଆଁରେ ଭାଜିଲେ ତାହା ଯେପରି ଅନୁଚ୍ଚ
চুটচুট ଶବ୍ଦ କରେ—1. Crackling sound of a small
चटचट thing (containing water) while roasted over fire.
୨ । ମୁହୂର୍ତ୍ତିକୁ ମୁହୂର୍ତ୍ତି—2. Every moment.
୩ । ଉପର୍ଯ୍ୟୁପରି—3. In quick succession; at very short intervals; momentarily; repeatedly.
(ଯଥା—ସେ ଚୁଟ୍‌ଚୁଟ୍ ଝାଡ଼ାଫେରି ବାହାରୁଛି ।)

ଚୁଟ୍‌ଚୁଟି—ପ୍ରାଦେ. (ସମ୍ବଲପୁର) ବି.—(ବାଇଗଣ ଆଦି) ଫଳର
Chuṭchuṭi ଭରତା—Sauce prepared with burnt brinjals and other fruits.

ଚୁଟି—ଦେ. ବି. (ସଂ. ଚୂଡ଼ା)—୧ । ମସ୍ତକରେ ରଖାଯିବା ଲମ୍ବ କେଶ
Chuṭi ବା ଶିଖା; ଚୂଡ଼ା—1. Tuft of long hair left on
ঝুঁটি চুটক the head; pigtail.
चोटि, चुटिआ, चुटैया ନଖ କେଶ ରଖି କେଶିର ଚୁଟି । ସ୍ତାଚୀ ପରତେଶୀଡ଼ା
୨ । କେଶଗୁଚ୍ଛ—2. A tuft of hair.
ପ୍ରାଦେ. (ସମ୍ବଲପୁର) ବି—ଚୁଟିଆମୂଷା; ଘାଇମୂଷା; ଭୁଗେଇମୂଷା-
A small rat.

ଚୁଟିଆ—ଦେ. ବିଣ—ଯାହା ମୁଣ୍ଡରେ ଶିଖା ଥାଏ—
Chuṭiā Having a tuft of hair on the head.
ঝুঁটীওয়ালা ବି—୧ । ଚୁଟିଧରି ଟଣା—1. Pulling a person
चुटियावाला, चुंडित by the tuft of his hair.
चोटिवाला ୨ । ଏକପ୍ରକାର କ୍ଷୁଦ୍ର ମୂଷା—
2. A kind of small rat.

ପୁଣି ସେ ଘରେ ମୂଷା ଥିଲେ, ଚୁଚୁନ୍ଦ୍ରା ଥିଲେ, ଚୁଟିଆ ଥିଲେ ।
ଫକୀରମୋହନ- ଛମାଣ ଆଠଗୁଣ୍ଠ ।

ଚୁଟିଆ ମୂଷା—ଦେ. ବି—ଭୁଗେଇ ମୂଷା; ଏକପ୍ରକାର କ୍ଷୁଦ୍ର ମୂଷା—
Chuṭiā mūshā A kind of small mouse; the
নেংটীইঁদুর common house-mouse; Mus Musculus
चुहियो ଚୋଖାଳ ଚୁଟିଆ ମୂଷାର ଅହାରୁ । ରାଧାନାଥ. ଦରବାର ।
ପ୍ରାଦେ (ବସ୍ତର) ବି—ଗୁଣ୍ଡୁଚିମୂଷା—Squirrel.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଥମ ୧ ଲେଖିତ ଅକ୍ଷର ଓ ମାତ୍ରା ଏବଂ ୨ ଲେଖିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଲେଖିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଲେଖିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁନ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୁଟି ଓହଳାଇବା—ଦେ. କ୍ରି—କୌଣସି ବ୍ୟକ୍ତିର ମୁଣ୍ଡକୁ ଓହଳାଇ
Chuṭi ohaḻāibā ଅର୍ଥାତ୍ ତା ବେକକୁ ନୁଆଁଇ ପିଠିରେ ବିଧା
ଚୁଟିଓହଳେଇବା | ଚୁଟିଓହୋଳାଇବା } ଅନ୍ୟରୂପ | ଚୁଟିଓହୋଳେଇବା
ମାରିବା ପାଇଁ ବାଆଁ ହାତରେ ତା ଚୁଟିକୁ ତଳ ଆଡ଼କୁ ଝିଙ୍କିବା— To pull down a person's head by catching hold of his tuft (to give blows on the back).

ଚୁଟିକଟା—ଦେ. ବଣ. (ବ୍ୟଙ୍ଗ୍ୟ)—ଲଣ୍ଡା; ଲୂନଶିଖ; ଯାହାର ବାଳ
Chuṭikaṭā କଟୁରା ହୋଇଥାଏ—(ironical) Having the hairs cropped off.
ନେଡ଼ା; ନେଡ଼େ

ବଣ—ମୁସଲମାନ୍—A Mohamedan.

ପରତେ ନ ଯିବ ଚୋଟିକଟାକୁ
ପରତେ ନ ଯିବ ଚୁଟିକଟାକୁ—ଢଗ ।

ଚୁଟି ଝିଙ୍କିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଦଣ୍ଡଦେବା ନିମନ୍ତେ ତାକୁ
Chuṭi jhiṅkibā କେଶ ଧରି ଘୋଷାରିବା; କେଶାକର୍ଷଣ କରିବା—
चोटियाना To catch or drag a man by holding the tuft of his hair.

ବେଗ ବ୍ୟାଘ୍ର କାଳ ଅରେ ଅରେ ଚୁଟି
ଝିଙ୍କି ଦେଲେ, ଏହି ଦର୍ପଯାଏ ଛୁଟି । ରାଧାନାଥ. ଦରବାର ।

[ଦ୍ର—ଆଗେ ଆମ ଦେଶରେ ଅଧିକାଂଶ ପୁରୁଷ ଗୋଛାଏ ଲେଖାଏଁ ବାଳ (ଚୁଟି) ମୁଣ୍ଡରେ ରଖୁଥିଲେ । ତଦ୍ୱାରା ଗୋଟାଏ ହାତରେ ଚୁଟିଧରି ଚୁଟିଆ ଲୋକକୁ ଅକ୍ତିଆରରେ ରଖି ଆରହାତରେ ତାକୁ ମାରିବାର ବିଶେଷ ସୁବିଧା ହେଉଥିଲା । ଏବକୁ ଅଧିକାଂଶ ଲୋକେ ସଭ୍ୟ ହୋଇ ଲଣ୍ଡା ହେବାରୁ ଲୋକଙ୍କ ଚୁଟି ଧରିବାର ଆଉ ସୁବିଧା ନାହିଁ । ନିତାନ୍ତ ମରହଟ୍ଟୀ ଓ ଅସଭ୍ୟମାନେ ଅବଶ୍ୟ ଚୁଟିରଖା ଛାଡ଼ି ନାହାନ୍ତି ।]

ଚୁଟିପିଠି—ଦେ. ବି. (ସହଚର ଶବ୍ଦ)—ଚୁଟି ଓ ପିଠି (ମନୁଷ୍ୟକୁ ମାରିବାର
Chuṭipiṭhi ଦୁଇଟି ସ୍ଥାନ, ଯଥା—୧ ଚୁଟି ଧରିବା, ୨ ପିଠିରେ ବିଧା ଦେବା)—The tuft of hair on the head and the back.

(ଯଥା—ମୋ ଚୁଟି ପିଠି ରହିବ ନାହିଁ, ଅର୍ଥାତ୍ ମତେ ଭାରି ମାଡ଼ ହେବ, ମୋ ମୁଣ୍ଡର କେଶ ଝିଙ୍କା ହେବ ଓ ପୃଷ୍ଠଦେଶରେ ମାଡ଼ ହେବ ।)

ଚୁଟି ରଖିବା—ଦେ. କ୍ରି—ମୁଣ୍ଡରେ କେଶଗୁଚ୍ଛ ଛାଡ଼ିବା—
Chuṭi rakhibā To allow a tuft of hair to grow on the head.
ଝୁଁଟିରଖିବା
चोटीरखना

ଚୁଟି ହାତରେ ପଡ଼ିବା—ଦେ. କ୍ରି— ୧। କୌଣସି ଲମ୍ବ କେଶ ଥିବା
Chuṭi hātare paṛibā ବ୍ୟକ୍ତିର ଶିଖା ଅନ୍ୟ ଲୋକର ମୁଠାରେ ଧୃତ ହେବା—1. The tuft of a person's long hair being caught by another person.

ଭଣ୍ଡାରି ହାତରେ ପଡ଼ିଛି ଚୁଟି
ପେଚକ ନଭଛି ଶ୍ରେଣିକି ଉଠି । ଢଗ ।

[ଦ୍ର—ଚୁଟିଆ ଲୋକଙ୍କୁ ଖିଅର କଲାବେଳେ ତାଙ୍କ ଚୁଟିକୁ ଭଣ୍ଡାରି ବାମ ହାତରେ ମୁଠାଇ ଧରି ଡାହାଣ ହାତରେ ଖିଅର କରେ ।]

चोटी हाथमे होना ୨। (ଲକ୍ଷଣାର୍ଥ) ଅନ୍ୟର କାବୁରେ ଆସିବା— 2. (figurative) Being under the complete sway of another.

(ଯଥା—ତାଙ୍କଦ୍ୱାରା ମୋର କେତେକ କାର୍ଯ୍ୟୋଦ୍ଧାର ହେବାର ଆଶା ଥିବାରୁ ମୋ ଚୁଟି ତାଙ୍କ ହାତରେ ପଡ଼ିଛି, ସେ ବର୍ତ୍ତମାନ ଯାହା କରିବାକୁ କହିବେ ମୁଁ ତାହା ଲଙ୍ଘି ପାରିବି ନାହିଁ ।)

ଚୁଡ଼୍‌ଚୁଡ଼୍—ଦେ. ଅ (ଧ୍ୱନ୍ୟନୁକରଣ)—ଚୁଙ୍ଗୁଡ଼ି ଆଦି ଜଳୀୟାଂଶ ଯୁକ୍ତ
Chur̤dchur̤d ପଦାର୍ଥକୁ ନିଆଁରେ ପକାଇଲେ ଯେଉଁ ଶବ୍ଦ ହୁଏ—
(ଚୁଡ଼ୁଚୁଡ଼ୁ—ଅନ୍ୟରୂପ) Crackling sound of a watery thing being roasted in a naked fire.
চুরচুর
चड़चड़

ଚୁଡ଼୍‌ମୁଡ଼୍—ଦେ. ଅ (ଧ୍ୱନ୍ୟନୁକରଣ)—ଚଟକା ଚୁଡ଼ାଭଜା ବା ମୁଢ଼ି
Chur̤dmur̤d ଚୋବାଇବା ସମୟରେ ଯେଉଁ ଶବ୍ଦ ହୁଏ—
(ଚଡ଼ୁମୁଡ଼ୁ—ଅନ୍ୟରୂପ) Crackling sound produced while chewing small and crisp things.
চুড়মুড়
चुरमुर

ଚୁଡ଼ଙ୍ଗ ଗଡ଼—ଦେ. ବ (ଚୋରଗଙ୍ଗ)—କଟକ ସହରର ୪ ମାଇଲ ଉତ୍ତର
Chur̤daṅga gar̤da ବାରଙ୍ଗ ନିକଟରେ ଥିବା ଗୋଟିଏ ପ୍ରାଚୀନ ଗଡ଼—Name of an ancient fort to the north of Cuttack town.

ଚୁଡ଼ଙ୍ଗ ଦହ—ଦେ. ବ—କଟକର ଉତ୍ତରରେ ୨ କୋଶ ଦୂରବର୍ତ୍ତୀ
Chur̤daṅga daha ସାରଙ୍ଗଗଡ଼ ନିକଟରେ ଅବସ୍ଥିତ ଜଳପୂର୍ଣ୍ଣ ପାଟବିଶେଷ—Name of a fen or marsh to the north of Cuttack town.

[ଦ୍ର—ଏଥିରୁ କଟକ ସହରକୁ ବହୁପରିମାଣରେ ପଦ୍ମ ଫୁଲ, ପଦ୍ମ ପତ୍ର, କଉ, ମାଗୁର ଓ ରଢ଼ା ମାଛ ଓ ଶିଂଘଡ଼ା ବିକ୍ରି ହେବାକୁ ଗରିବ ଲୋକେ ଆଣନ୍ତି ।]

ଚୁଡ଼ଙ୍ଗ ଦେବ—ଦେ. ବ (ନାମ)—ଚୋରଗଙ୍ଗଦେବ (ଦେଖ)
Chur̤daṅga deba Choragaṅgadeba (See).

ଚୁଡ଼ଙ୍ଗ ବନ୍ଧ—ଦେ. ବ—ଚୁଡ଼ଙ୍ଗଗଡ଼ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ରାଜା
Chur̤daṅga bandha ଚୋରଗଙ୍ଗଦେବଙ୍କ ଦ୍ୱାରା କୃତ ଉଚ୍ଚ ଓ ପ୍ରଶସ୍ତ ପଥ (ବର୍ତ୍ତମାନ ଏହାର ଭଗ୍ନାବଶେଷ ମାତ୍ର ଅଛି)—Name of an embankment (now in ruins) laid by king Choragaṅga Deba from Chur̤daṅga fort to Bhubaneśwara.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଢ଼ଅ	ଣ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ

ଚୂଡ଼ା—ଦେ. ବି (ସଂ. ଚିପିଟ; ଚିପିଟକ; ପ୍ରା. ଚିବଡ଼ା)—ବତୁରା ଧାନକୁ
Churdā ସାମାନ୍ୟରେ ଭାଜି, କୁଟି ତହିଁରୁ ପ୍ରସ୍ତୁତ କରିବା ପତଳା
ଚିଡ଼େ ଖାଦ୍ୟ—Flattened and parched rice.
चिउड़ा; चिड़ुआ

[ଦ୍ର— ଧାନକୁ ବତୁରାଇ ସେହି ବତୁରା ଧାନକୁ ଟିକିଏ ଉଷାଇ ସଙ୍ଗେସଙ୍ଗେ ଢିଙ୍କିରେ କୁଟିଲେ ଧାନମଧ୍ୟସ୍ଥ ବତୁରା ଚାଉଳ ଚେପଟା ହୋଇଯାଏ; ତତ୍ପରେ ଉକ୍ତ କୁଟା ଧାନକୁ ପାଛୁଡ଼ିଦେଲେ ସେଥିରୁ ଧାନ ଚୋପା (ତଷୁ) ବାହାରିଯାଇ ଚେପଟା ଚାଉଳ ରହେ; ଏହାକୁ ଚୂଡ଼ା କହନ୍ତି । ଏହାକୁ ପାଣିରେ ବତୁରାଇଲେ ଏହା ନରମ ହୋଇଯାଏ ଓ ଏହାକୁ ନ ସିଝାଇ ବା ନ ରାନ୍ଧି ଖିଆଯାଏ । ସରୁ ଧାନରୁ ସରୁ ଚୂଡ଼ା ହୁଏ, ବଗଡ଼ା ବା ମୋଟା ଧାନରୁ ବଗଡ଼ା ବା ମୋଟ ଚୂଡ଼ା ହୁଏ । ଚୂଡ଼ା କୁଟିବା କେଉଟୁଣୀମାନଙ୍କ ଜାତୀୟ ବ୍ୟବସାୟ । ଯେଉଁମାନେ ଉପବାସ ଓ ବ୍ରତାଦି କରନ୍ତି ସେମାନେ କେଉଟୁଣୀଙ୍କଦ୍ୱାରା ଉଷୁଆଁ ଧାନର ଚୂଡ଼ା (ଉଷୁନା ଚୂଡ଼ା) ନ ଖାଇ ଉଷୁଆ ନ ହୋଇ କେବଳ ବତୁରା ଧାନରୁ ପ୍ରସ୍ତୁତ ଚୂଡ଼ା (ଅରୁଆ ଚୂଡ଼ା) ଖାଆନ୍ତି । କିନ୍ତୁ ଉଷୁନା ଓ ଅରୁଆ ଚୂଡ଼ାର କିଛି ପ୍ରଭେଦ ଆଖିକୁ ଦେଖା ନ ଯିବାରୁ ଚୂଡ଼ା ଉଷୁନା କି ଅରୁଆ ଏ ତଥ୍ୟ ପାଇଁ କେଉଟୁଣୀଙ୍କ ମୁହଁକଥା ଉପରେ ନିର୍ଭର କରାଯାଏ । ଚୂଡ଼ାକୁ ଗୁଡ଼ ଓ ଦହି ସଙ୍ଗେ ଚକଟି କିମ୍ବା ଚୂଡ଼ାଘଷା କରି, କିମ୍ବା ଚୂଡ଼ାଭଜା କରି କିମ୍ବା ଖିରି କରି ଖିଆଯାଏ ।]

ପ୍ରାଦେ. (ମେଦନୀପୁର) ବି (ସଂ. ଚୂଡ଼ା) ସ୍ତ୍ରୀଲୋକମାନେ ମୁଣ୍ଡରେ ପିନ୍ଧିବା ରୂପା ଚିରୁଣୀ—Silver comblike ornament for the chignon.

ଚୂଡ଼ାକୁଟି—ଦେ. ବି—ଏକପ୍ରକାର ବୁଦାଳିଆ ଘାସ (ଏହା ଧାନ ବିଲରେ
Churdākuti ଜନ୍ମେ)—A kind of bushy weed growing in paddy-fields.

[ଦ୍ର—ଏହାର ଚେର ଏଡ଼େ ଶକ୍ତ ଯେ ଦାଆର ମୂନରେ ଏହାକୁ ନ ଉଖାରିଲେ ଏ ଉପୁଡ଼େ ନାହିଁ ।]

ଚୂଡ଼ା କୁଟିବା—ଦେ. କ୍ରି—ଧାନକୁ ଓଦା କରି ଓଦା ଅବସ୍ଥାରେ ଉଷାଇଁ,
Churdā kuṭibā କୁଟି ତହିଁରୁ ଚୂଡ଼ା ବାହାର କରିବା—To flatten paddy into 'churdā' by pounding or beating.

ଚୂଡ଼ା ଚାଉଳ—ଦେ. ବି (ସହଚର ଶବ୍ଦ)—ଜଳଖିଆ ପାଇଁ ଚୂଡ଼ା ଓ
Churdā chāula ରୋଷାଇ ପାଇଁ ଚାଉଳ (ଯାହାକୁ ଲୋକେ ବିଦେଶ ଗଲାବେଳେ ସଙ୍ଗରେ ବାନ୍ଧି ନିଅନ୍ତି) ଚୂଡ଼ା
ଚିଡ଼େଚାଲ ଓ ଚାଉଳ—Parched rice and rice carried by a person going abroad.

ମୁଁ ଘରୁ ଚୂଡ଼ା ଚାଉଳ ବାନ୍ଧି ଆଣିଅଛି—ଫକୀରମୋହନ. ଛମାଣଆଠଗୁଣ୍ଠ ।

ଚୂଡ଼ାଦହି— ଦେ. ବି (ଓ. ଦ୍ୱନ୍ଦ୍ୱ ସମାସ, ଚୂଡ଼ା + ଦହି)—୧ । ଖାଦ୍ୟାର୍ଥ
Churdādahi ବ୍ୟବହୃତ ଚୂଡ଼ାମିଶ୍ରିତ ଦହି—1. Parched
ଚିଡ଼େଦଇ rice and curd (and molasses) mixed together.

୨ । ସାମାଜିକ ବା ଧର୍ମାନୁଷ୍ଠାନ ଉପଲକ୍ଷରେ ବ୍ରାହ୍ମଣଭୋଜନ
ଫଲାହାର; ଫଲାର (ଚୂଡ଼ା ଓ ଦହି ଯହିଁର ପ୍ରଧାନ ଉପାଦାନ)—2. Feeding the Brahmans on occasions of social and religious ceremonies (the chief ingredients of which are churdā and dahi).

ଚୂଡ଼ାଦହିଆ—ଦେ. ବିଣ (ବ୍ୟଙ୍ଗ୍ୟାର୍ଥ)—୧ । ଯେଉଁ ବ୍ରାହ୍ମଣମାନେ ଅନ୍ୟର
Churdādahiā ଘରକୁ ଆମନ୍ତ୍ରିତ ହୋଇ ଚୂଡ଼ା ଓ ଦହି
ଫଲାରେ ଖାଇବାକୁ ଯାଆନ୍ତି—1. (Brahmans) attending a feast for feeding Brahmans with churdā and dahi.

୨ । ଚୂଡ଼ାଦହି ପ୍ରିୟ—2. Fond of taking 'churdā and dahi at a feast.

ଚୂଡ଼ାଭଜା—ଦେ. ବି—ଚୂଡ଼ାକୁ ଭାଜି ତିଆରି କରିବା ଖାଦ୍ୟ; ହୁଡ଼ୁମ୍
Churdābhajā (ଏହା ଲଘୁ ଖାଦ୍ୟ)—Fried parched
ଚିଡ଼େଭାଜା rice (this is light food.)

[ଦ୍ର—ଦରକୁଟା ଚୂଡ଼ା ଓଦା ଥାଉଁଥାଉଁ କେଉଟଣୀମାନେ ତାକୁ ଭାଜିଲେ ତାହା ହୁଡ଼ୁମ୍ ହୁଏ । କିନ୍ତୁ ଚୂଡ଼ା ଶୁଖିଯିବା ପରେ ଆମ୍ଭେମାନେ ତାକୁ ଘରେ ଭାଜିଲେ ତାହା ଚୂଡ଼ାଭଜା ହୁଏ । ହୁଡ଼ୁମ୍ ଚୂଡ଼ାଭଜା ଅପେକ୍ଷା ଫୁଲୁକୀ ଓ ଫମ୍ପା ଏବଂ ଏହା ଚୂଡ଼ା-ଅପେକ୍ଷା ଲଘୁତର ଖାଦ୍ୟ ।]

ଚୁଡ଼ି—ଦେ. ବି (ସଂ. ଚୂଡ଼ା=ବାହୁଭୂଷଣ—ଯୋଗେଶ୍ଚନ୍ଦ୍ର)—
Churḍi ୧ । ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧିବା ଚଟକା ଓ
চুড়ী ପତଳା ଅଳଙ୍କାରବିଶେଷ—1. Choorie; a kind
चूड़ी of flat and broad bracelet used by females.

ରଙ୍ଗ ହିଙ୍ଗୁଳର ରଙ୍ଗଚୁଡ଼ି, ଦେଖୁ ଗୋ ରଙ୍ଗ ପାଟଶାଢ଼ୀ—ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ବଙ୍ଗଦେଶରେ ଓ ହିନ୍ଦୁସ୍ଥାନରେ ଯାହାକୁ ଚୁଡ଼ି ବୋଲି ବୋଲାଯାଏ ତାହା ଓଡ଼ିଶାର 'କାଚ' ଅଟେ ଏବଂ ତାହା ସୁନା ବା ରୁପାର ସରୁ ଓ ପତଳା ବଳୟ ଅଟେ । ପ୍ରତି ହାତରେ ଏକାଧିକ ପଟ ଉକ୍ତ ଚୁଡ଼ି ପିନ୍ଧାଯାଏ । କିନ୍ତୁ ଓଡ଼ିଶାରେ ଆମେ ଯାହାକୁ ଚୁଡ଼ି କହୁଁ ତାହା ପ୍ରତି ହାତରେ ପଟେ ଲେଖାଏଁ ପିନ୍ଧାଯାଏ ଓ ତାହା କଚଟି ଠାରୁ କହୁଣୀ ଆଡ଼କୁ ୩।୪।୫।୬।୭।୮।୯।୧୦।୧୧।୧୨ ଅଙ୍ଗୁଳି ପର୍ଯ୍ୟନ୍ତ ସ୍ଥାନ ଅଧିକାର କରି ଥାଏ ।]

୨ । କମିଜର ହସ୍ତପ୍ରାନ୍ତର ପଟି; କଫ୍—2. Cuff of the sleeve of a shirt; the fold at the end of a sleeve.

୩ । ସ୍ତ୍ରୀଲୋକମାନଙ୍କ ହାତରେ ପିନ୍ଧାଯିବା ପତଳା ପତଳା କାଚ ବା ଧାତୁର ଖଡ଼ୁ—3. Small bangles worn by females on the hand.

୪ । (ଦେଶୀ ଗୁଆ ବ୍ୟବସାୟରେ ଗୁଆ ସୁମାର କରାଯିବା ସଂଖ୍ୟା ବିଶେଷ) ୯ ପଣ ବା ୭୨୦ ଗୋଟା (ଗୁଆ)—
4. A unit of 720 areca-nuts

୫ । ଗ୍ରାମୋଫୋନ୍ ଯନ୍ତ୍ରରେ ବଜାଯିବା ରେକର୍ଡ୍—
5. Gramophone record.

[ଦ୍ର—ପୂର୍ବେ ଫନୋଗ୍ରାଫ୍ ଯନ୍ତ୍ରରେ ଚୁଡ଼ି ଆକାରର ରେକର୍ଡ୍ ଲଗାଯାଇ ବଜା ଯାଉଥିଲା । ବର୍ତ୍ତମାନ ଗ୍ରାମୋଫୋନ୍ ରେକର୍ଡ୍ ଆବିଷ୍କାର ହେବା ପରେ ଗ୍ରାମୋଫୋନ୍ ରେକର୍ଡ୍ ଚୁଡ଼ି ଆକାରର ନ ହେଲେ ମଧ୍ୟ ଫନୋଗ୍ରାଫ୍ ରେକର୍ଡ୍‌ର ଚୁଡ଼ି ବ୍ୟବହାର ଅନୁସାରେ ଏହାକୁ ମଧ୍ୟ କେହି କେହି ଚୁଡ଼ି କହନ୍ତି ।]

ଚୁଡ଼ିଆ—ଦେ. ବି—୧ । (ସଂ. ଚୂଡ଼ା) ମୁଣ୍ଡରେ ଚୂଳଥିବା ଏକପ୍ରକାର ଯୁଦ୍ଧପ୍ରିୟ ପକ୍ଷୀ; ଗୋବର ଚଢ଼େଇ; ଚୂଳିଆ—
Churdiā
1. A kind of tufted bird which loves fighting with another of its kind.

୨ । (ସଂ. ଚୋଡ଼) ଏକପ୍ରକାର ଓଢ଼ଣୀ—
2. A kind of veil or wrapper.

୩ । (ସଂ. ଚୋଡ଼କ) ଏକପ୍ରକାର ଚୁଡ଼ିପରି ଚିତ୍ରିତ ଧଡ଼ିଥିବା (ଲମ୍ବ ଓ ଓସାର) ଲୁଗାଜୋଡ଼—3. A pair of cloths, (very broad and long.

ଚୁଡ଼ିଆ ଫେଟା—ଦେ. ବି.—(ଏହା ରଣପୁର ଓ ଢେଙ୍କାନାଳର ମାଣିଆବନ୍ଧ ଆଦି ସ୍ଥାନରେ ବୁଣାଯାଏ) ଖୁବ ଲମ୍ବ ଓ ଚଉଡ଼ା ଧଡ଼ିଦାର ଲୁଗା—Long and broad bordered wearing cloth.
Churdiā phetā

ଚୁଡ଼ିତିଆ—ପ୍ରାଦେ. (ଗଞ୍ଜାମ) ବି. ପୁଂ.—(ଏମାନେ ଚୁଡ଼ା କୁଟୁଥିବାରୁ) କେଉଟ ବା ଲୁଆଣି ଜାତି-(ଗୋପୀନାଥ ନନ୍ଦ)—
Churditiā
(ଚୁଡ଼େଇତିଆଣୀ—ସ୍ତ୍ରୀ)
A caste of Hindus who prepare parched rice.

ଚୁଡ଼ିଦାର କମିଜ—ଦେ. ବି.—ଯେଉଁ କମିଜର ହାତରେ କଫ୍ ଥାଏ—
Churdidār kamija
चुड़िदार
चूड़िदार
Cuffed shirt; shirt with sleeves having cuffs.

ଚୁଡ଼ିପାଡ଼—ଦେ. ବି.—ଯେଉଁ ଲୁଗାର ଧଡ଼ି ଚୁଡ଼ିପରି ଚିତ୍ରିତ ହୋଇ ଥାଏ—(cloth) Having its borders pictured like the churdi.
Churdipārd
चुड़िपार
(ଚୁଡ଼ିପାର—ଅନ୍ୟରୂପ)

ଚୁଡ଼ି ଶୀତଳେଇବା—ଦେ. କ୍ରି. (ଶୁଭବାଚକ)—ହାତରୁ ଚୁଡ଼ି ଓହ୍ଲାଇବା ବା କାଢ଼ିଦେବା—(euphemism) To put off the chooree from the hand.
Churdi Sitaleibā
चुड़िशीतलान
चूड़िया बढ़ाना
[ଦ୍ର—ଖଡ଼ୁ ଓ ଚୁଡ଼ି ସ୍ତ୍ରୀଲୋକମାନଙ୍କର ସଧବା ଥିବାର ଚିହ୍ନ ଥିବାରୁ, ଏହାକୁ କାଢ଼ିବା କଥା ନ କହି ଶୀତଳେଇବା ଶବ୍ଦ ସ୍ତ୍ରୀଲୋକମାନେ କହନ୍ତି ।]

ଚୁଡ଼ୁଚୁଡ଼ା—ଦେ. ବି.—କୌଣସି ଜଳୀୟାଂଶ ଥିବା ପଦାର୍ଥ ଖରା ବା ନିଆଁରେ ପଡ଼ି ଧଡ଼ଧଡ଼ ହୋଇ ଶୁଖି ଯିବା—
Churduchurdā
चिड़चिड़ा
Drying up in the sun or fire (said of a thing containing water

ଚୁଡ଼ୁଚୁଡ଼ା କେନ୍ଦୁ—ପ୍ରାଦେ. (ଗଞ୍ଜାମ) ବି.—ସାନ କେନ୍ଦୁ—A small variety of Kendu tree.
Churduchurdā kendu

ଚୁଡ଼େଇତିଆଣୀ—ପ୍ରାଦେ. (ଗଞ୍ଜାମ)—ବି.—(ଚୁଡ଼ା କୁଟିବା ଓ ବିକିବାରୁ) ଚୁଡ଼ିତିଆ ଜାତିର ସ୍ତ୍ରୀଲୋକ; କେଉଟୁଣୀ—A woman of the Churditiā caste.
Churdeitiāṇi

ଚୁଣ୍ଟା—ଦେ. ବି.—ବୋତଲ ମୁହଁ ବା ଅନ୍ୟ କ୍ଷୁଦ୍ର ମୁହଁବା ପାଇଁ ଦିଆଯିବା (ପାଳ ବା ଚିରିକନାର) ବିଣ୍ଡା—A rolled bundle (of straw or rags) used as a gag or cork to stop the mouth of a jar or a hole.
Chunṭā
गोंज

ଚୁଣ୍ଟା ଦେବା—ଦେ. କ୍ରି.—ବିଣ୍ଡାରେ ମୁହଁ ବନ୍ଦ କରି ଦେବା—
Chunṭā debā
गोंजदेओया
To gag.
(ଚୁଣ୍ଟା ମାରିବା—ଅନ୍ୟରୂପ)

ଚୁଣ୍ଟି—ପ୍ରାଦେ. (ସମ୍ବଲପୁର) ବି.—ଚୁଟି (ଦେଖ)
Chunṭi
Chuṭi (See)

ଚୁଣ୍ଟିବା—ପ୍ରାଦେ. (ସମ୍ବଲପୁର ଓ ଗଞ୍ଜାମ) କ୍ରି—ଖାଇବା; ଖାଦ୍ୟକୁ ଗିଳିପକାଇବା—To eat voraciously..
Chunṭibā

ପଡ଼ିଥିବା ଅଇଁଠା ଭାତ ଅଣ୍ଟେ ଚୁଣ୍ଟି,
ପେଟକୁ ତୋଷ କଲେ ତାହା ଦେଇ ଚୁଣ୍ଟି । କୃଷ୍ଣସିଂ. ମହାଭାରତ. ବନ ।

ପ୍ରାଦେ. (ଗଡ଼ଜାତ) କ୍ରି.—ଗେଞ୍ଜିଦେବା; ପୂରାଇ ଦେବା—
To put in; to thrust in.

ଚୁତଲ୍—ପ୍ରାଦେ. (ସମ୍ବଲପୁର) ବି.—(ତୁଳ. ହି. ଚୂତଡ଼; ସଂ. ଚ୍ୟୁତ=ଭଗ; ଚୂତ=ଗୁଦଦ୍ୱାର)—୧ । ଗାଣ୍ଡି; ପିଚ୍ଛା—
Chutal
1. Buttocks.

୨ । ଗୁହ୍ୟଦ୍ୱାର—2. Anus.

ଚୁତିଆ—ଦେ. ବି.—୧ । କମାରଙ୍କ ସଣ୍ଡାସି—
Chutiā
1. Pincers; forceps.

୨ । ଛୋଟ ହାତୁଡ଼ି—2. A small hammer.

लोच्चा
चूतिया
ଦେ. ବିଣ. (ଗାଳି); (ହି. ଚୁତିୟା=ମୂର୍ଖ; ସଂ. ଚୂତ=ଗୁହ୍ୟଦ୍ୱାର)—୧ । ପାଜି—1. Rascal.

୨ । କୁଳାଙ୍ଗାର—2. Unworthy or evil (person).

୩ । ଧୀଟ—3. Pertinacious; stubborn.

୪ । ମୂର୍ଖ—4. Illiterate.

ଚୁଦ୍ (ଧାତୁ)—ସଂ - ୧ । ପ୍ରବର୍ତ୍ତାଇବା—
Chud (rood)
1. To impel; to incita; to urge.

୨ । ଉତ୍ତେଜିତ କରିବା; ମତାଇବା—
2. To inspire; to excite.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଙ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ନ୍ନ

୩ । ଅନୁରୋଧ ବା ପ୍ରାର୍ଥନା କରିବା—
3. To request; to solicit; to pray.

୪ । ଆଦେଶ କରିବା—4. To enjoin; to direct.

୫ । ଅଳି କରିବା; ଜିଦ କରିବା—
5. To importune; to press with a request.

୬ । ପଜାଇବା; ଧାରୁଆ କରିବା—
6. To whet; to sharpen (M. W.)

୭ । ଅଡ଼ାଇବା—7. To goad; to drive (M. W.)

୮ । ନିମନ୍ତ୍ରଣ କରିବା—8. To invite (M. W.)

୯ । ଅନ୍ୱେଷଣ କରିବା—9 To seek after.

ଚୁନ୍‌ଚୁନ୍ କରିବା—ଦେ. କ୍ରି—ଚୂନାଇବା (ଦେଖ)
Chunchun karibā Chūnāibā (See)

ଚୁନ୍‌ଚୁନିଆ—ଦେ. ବି ଓ ବିଣ—ଚୂନାଚୂନା (ଦେଖ)
Chunchuniā Chūnāchūnā (See)

ଚୁନ (ଇତ୍ୟାଦି)—ଦେ. ବି—ଚୂନ ଇତ୍ୟାଦି (ଦେଖ)
Chuna (etc) Chūna etc. (See)

ଚୁନଟ୍—ଦେ. ବି. (ସଂ. ଚୟନ)—୧ । ବସ୍ତ୍ରାଦିର କୁଞ୍ଚ; କୁଞ୍ଚ—
Chunaṭ 1. Curling of cloth into artistic
ଚୁନାଟ folds; making wrinkles in a cloth.
ଚୂନ୍ଟ୍, ଚୂନାଟ୍ } ଅନ୍ୟରୂପ ୨ । କୁରୁତା ଇତ୍ୟାଦିରେ ଯେଉଁ କୁଞ୍ଚ କନାରେ ସିଲାଇ କାମ କରାଯାଏ—
2. Frills; ruffle.

ଚୁନପତର—ଗ୍ରା. ବି. (ସଂ. ଚୂର୍ଣ୍ଣ+ପତ୍ର)—ଚୂନପତ୍ର (ଦେଖ)
Chunapatara Chūnapatra (See)

ଚୁନା (ଇତ୍ୟାଦି)—ଗ୍ରା. ବି. (ସଂ. ଚୂର୍ଣ୍ଣ)—ଚୂନା ଇତ୍ୟାଦି (ଦେଖ)
Chunā (etc) Chūnā etc. (See)

ଚୁନି—ଦେ. ବି. (ସଂ. ଚୂର୍ଣ୍ଣ)—ମାଣିକ; ପଦ୍ମରାଗ ମଣି—
Chuni Ruby.
ଚୁନୀ ଦେ. ବି ଓ ବିଣ—ଚୂନି (ଦେଖ)
চুন্নী Chūni (See)

ଚୁନି ଚୁନି—ଦେ. ବି ଓ ବିଣ—ଚୂନାଚୂନା (ଦେଖ)
Chuni chuni Chūnāchūnā (See)

ଚୁନିଦା—ଦେ. ବିଣ. (ସଂ. ଚୟନ; ହି. ଚୁନ୍‌ନା=ବାଛିବା; ତୁଳ. ଫା. ଚିଦାହ୍=ବଛା)—
Chunidā
ବାଛା ୧ । ବହୁ ବସ୍ତୁ ବା ବ୍ୟକ୍ତି ମଧ୍ୟରୁ ବଛା ହୋଇଥିବା—
চুনিন্দা 1. Chosen; selected.
(ଚୁନିନ୍ଦା—ଅନ୍ୟରୂପ) ୨ । ଉତ୍କୃଷ୍ଟ—2. Excellent.
୩ । ପ୍ରଧାନ; ମୁଖ୍ୟ—3. Chief; principal.

ଚୁନକୋଳି—ଗ୍ରା. ବି—ଚୂନକୋଳି (ଦେଖ)
Chunakoḻi Chūnakoḻi (See)
[ଦ୍ର—ଚୂନ ଶବ୍ଦର ପ୍ରଥମ ଅକ୍ଷର ଉକାରାନ୍ତ ଥିବାରୁ ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ଉଚ୍ଚାରଣ ବେଳେ ଚୂନ ସ୍ଥାନରେ 'ଚୁନୁ' ଉଚ୍ଚାରଣ ସ୍ୱଭାବତଃ ହୋଇଯାଏ । ତୁଳ.—ଚୁନୁଖାଇ, ଚୁନୁଦାନି, ଚୁନୁପତର ।]

ଚୁନୁଖାଇ—ଗ୍ରା. ବି—ଚୂନଦାନି (ଦେଖ)
Chunukhāi Chūnadāni (See)

ଚୁନୁଚୁନିଆଁ—ଦେ. ବି ଓ ବିଣ—ଚୂନାଚୂନା (ଦେଖ)
Chunuchuniāṅ Chūnāchūnā (See)

ଚୁନୁଦାନି—ଗ୍ରା. ବି—ଚୂନଦାନି (ଦେଖ)
Chunudāni Chūnadāni (See)

ଚୁନୁପତର—ଗ୍ରା. ବି—ଚୂନପତ୍ର (ଦେଖ)
Chunupatara Chūnapatra (See)

ଚୁନୁରା—ଗ୍ରା. ବି—ଚୂନରା (ଦେଖ)
Chunurā Chūnarā (See)

ଚୁନ୍ଦ (ଧାତୁ)—ସଂ—ବିଜ୍ଞାପନ ଦେବା—
Chunda (root) To advertise.

ଚୁଣ୍ଡି—ପ୍ରାଦେ. (ଲଇଅ) ବି—କେଶ; ବାଳ—
Chundi Hair.
ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଏହି ଅର୍ଥରେ ଚୁଣ୍ଡୀ)—ଚୁଟି; ଶିଖା—Chignon; pigtail; a tuft of long hair left on the middle of the head.

ଚୁଣ୍ଡିବା—ପ୍ରାଦେ. (ଗଡ଼ଜାତ) କ୍ରି—କାଠରେ କିଛି ପଦାର୍ଥ ଗଢ଼ିବା—
Chundibā To do some wood-work.

ଚୁନ୍ଦୀ—ସଂ. ବି. ସ୍ତ୍ରୀ. (ଚୁଦ୍ ଧାତୁ=ଅନ୍ୱେଷଣ କରିବା, ପ୍ରବର୍ତ୍ତାଇବା, ମତାଇବା+କର୍ତ୍ତୃ. ଅ+ସ୍ତ୍ରୀ. ଈ; ନ ଆଗମ)—ଦୂତୀ;
Chundī କୁଟ୍ଟିନୀ—A procuress.

ଚୁପ୍—ଦେ. ଅ. (ଅନାଦରାର୍ଥ)—(ସଂ. ଚୁପ ଧାତୁ=ମୌନ ହେବା-ହି. ଶବ୍ଦସାଗର; ହି. ଚୁପ୍=ନୀରବ; ଗୋପନ; ଗାଳିରେ ବ୍ୟବହୃତ)—ପାଟି ବନ୍ଦକର; ତୁନି ହୋ—
Chup
चुप
চুপ Shut up your mouth ! hush !
[ଦ୍ର—ଏହା ନିମ୍ନତର ବ୍ୟକ୍ତିଙ୍କ ପ୍ରତି ବ୍ୟବହୃତ ହୁଏ ଓ ତାଚ୍ଛିଲ୍ୟାର୍ଥେ ବ୍ୟବହୃତ ହୁଏ ।]
ବି—ମୌନ—Silence,
ବିଣ—ନୀରବ—Silent.

ଚୁପ୍ କରି—ଦେ. କ୍ରି. ବିଣ—୧ । ନୀରବରେ—1. Silently.
Chup kari ୨ । ଅନ୍ୟଦ୍ୱାରା ଅତର୍କିତ ଭାବରେ; ଗୁପ୍ତରେ—
चुपकरे 2 Without the knowledge of
চুপকরকে; চুপকেসে another; secretly.

ଚୁପ୍ କରିବା—ଦେ. କ୍ରି—୧ । (ଅକର୍ମକ) ମୌନାବଲମ୍ବନ କରିବା; ନୀରବ ହେବା—1. To keep silent
Chup karibā
चुपकरना ୨ । କଥା ବନ୍ଦ କରିବା—2. To stop talking.
চুপকরা ୩ । ନିଶ୍ଚଳ ହେବା—3. To keep quiet

ସାଧାରଣ ଲୋକେ ଅପର ପୃଷ୍ଠାରେ ସହିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । (ସକର୍ମକ) କୌଣସି ବ୍ୟକ୍ତିଙ୍କୁ କଥା କୁହାଇ ନ ଦେବା— 4. Not to let a person speak; to silence a person; to stop the mouth of a person.

ଚୁପ୍‌ଚାପ୍— ଦେ. ବି— ମୌନ—Silence.
Chupchāp ବିଣ—୧ । ନୀରବ; ନିଃଶବ୍ଦ—1. Silent.
চুপচাপ; চুপিচাপি ୨ । ନିଶ୍ଚଳ—2. Quiet; motionless.
चुपचाप ୩ । ଗୋପନୀୟ; ଗୁପ୍ତ—3. Secret.
୪ । ଅସ୍ତେ ଅସ୍ତେ କୋହ୍ନା ଯାଉଥିବା; ଫୁସଫୁସ— 5. Whispered; uttered in a suppressed tone.
୫ । ଘୋଉଘାଆଶୂନ୍ୟ— 5. Noiseless.
କ୍ରି° ବିଣ—୧ । ନୀରବରେ—1. Silently; quietly.
୨ । ଗୋପନରେ—2. Secretly; stealthily.
୩ । ଅସ୍ତେ ଅସ୍ତେ (କଥା କହିବା); ଫୁସ୍ ଫୁସ୍ ହୋଇ— 3. In whispers; softly.
୪ । ଅନୁଚ୍ଚ ସ୍ୱରରେ— 4. In low tones; in low voice
୫ । ଘୋଉଘାଆ ନ କରି— 5. Without making a noise.

ଚୁପ୍‌ଚୁପ୍— ଦେ. ଅ—ଚୁପ୍ (ଦେଖ)
Chupchup Chup (See)
চুপচুপ ବିଣ ଓ କ୍ରି° ବିଣ—ଚୁପ୍‌ଚାପ୍ (ଦେଖ)
चुपचुप Chupchāp (See)

ଚୁପ୍‌ତେ— ଦେ. କ୍ରି. ବିଣ. (ବଙ୍ଗଳାରୁ ଅନୁକୃତ)—
Chupte ଚୁପ୍‌ଚାପ୍ (ଦେଖ)
চুপতে Chupchāp (See)

ଚୁପ୍‌ବେ— ଗ୍ରା. ଅ. (ଅନାଦରାର୍ଥକ ଓ ଦୃଢ଼ାର୍ଥକ)— ଚୁପ୍ (ଦେଖ)
Chup-be Chup (See)

ଚୁପ୍ ମାରିବା—ଦେ. କ୍ରି—ଚୁପ୍ କରିବା ୧. ୨. ୩ (ଦେଖ)
Chup māribā Chup karibā 1. 2. 3 (See)
চপমারা
चुपमारना
(ଚୁପ୍‌ମାରିବା— ଅନ୍ୟରୂପ)

ଚୁପ୍‌ରହ— ଦେ. ଅ. (ଅନାଦର ଓ ଦୃଢ଼ାର୍ଥକ)—ଚୁପ୍ (ଦେଖ)
Chupraha Chup (See)
চপকর
चुपरहो

ଚୁପ୍‌ସଇତାନ୍—ଦେ. ବିଣ—(ହି. ଚୁପ୍ + ପା. ସୈତାନ୍)—.
Chupsaitān ୧ । ଯେ ବାହାରେ ନମ୍ର ଦେଖାଯାଏ କିନ୍ତୁ ଭିତରେ
চুপ্‌সয়তান্ ଭିତରେ ଦୁଷ୍ଟାମି ବା ପାଞ୍ଚପଞ୍ଚ କରେ—
चुपसैतान, चुपछिनाल 1. Seemingly or outwordly
(ଚୁପ୍‌ସଏତାନ୍—ଅନ୍ୟରୂପ) quiet but really wicked.
(ଚୁପ୍‌ସଇତାନ—ବି) ୨ । ଷଡ଼ଯନ୍ତ୍ରକାରୀ; ଯେ ଗୋପନରେ ପରର ଅନିଷ୍ଟ କାମନା ପୂର୍ବକ ଅନ୍ୟମାନଙ୍କୁ ମନ୍ତ୍ରାଏ — 2. Intriguing; scheming.

ଚୁପ୍‌ସି—ଦେ. କ୍ରି. ବିଣ—ଚୁପ୍ ହୋଇ—
Chupsi Silently.
ଦେ. ବିଣ.—ଚୁପ୍‌ସଇତାନ୍ (ଦେଖ) —Chupsaitān (See)
ଦେ. ବିଣ. ସ୍ତ୍ରୀ—ଚୁପୁସୀ—Chupusī (See)

ଚୁପ୍ ସେ —ଦେ. କ୍ରି. ବିଣ (ହିନ୍ଦିରୁ ଅନୁକୃତ)– ଚୁପ୍‌ଚାପ୍ (ଦେଖ)
Chupse Chupchāp (See)
चुप् से

ଚୁପ୍ ହେବା—ଦେ. କ୍ରି.—ଚୁପ୍ କରିବା (ଦେଖ)
Chup hebā Chup karibā (See)

ଚୁପା—ପ୍ରାଦେ (ସମ୍ବଲପୁର; ବାଲେଶ୍ୱର) ବି—ଚୋପା—
Chupā Peel.

ଚୁପୁଡ଼ା (ଇତ୍ୟାଦି) – ଚିପୁଡ଼ା ଇତ୍ୟାଦି (ଦେଖ)
Chupurdā (etc). Chipurdā etc. (See)

ଚୁପୁଡ଼ିବା— ଦେ କ୍ରି.—ଚିପୁଡ଼ିବା (ଦେଖ)
Chupurdibā Chipurdibā (See)

ଚୁପୁଲି—ଦେ. ବି.—ଚିପୁଲି (ଦେଖ)
Chupuli Chipuli (See)

ଚୁପୁସୀ—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ବାହାରେ ସୁଶୀଳା ଦେଖାଯାଏ,
Chupusī କିନ୍ତୁ ଭିତରେ ଭିତରେ ଗୋପନରେ ପରର ଚୁଗୁଲି କରୁଥାଏ—A slandering woman (though seemingly innocent); seemingly innocent gossiping woman.

ଚୁବୁଡ଼ି—ଦେ. ବି.—ବାଉଁଶ ଟୋକାଇ; ପାଛିଆ—
Chub-rdi Bamboo-basket.
ঝুড়ী
टोकरी
(ଚୁବୁଡ଼ୀ—ଅନ୍ୟରୂପ)

ଚୁବ୍‌ଲା ହଟ୍‌ଲା— ପ୍ରାଦେ. (ସମ୍ବଲପୁର) ବିଣ— ଘଣ୍ଟାଘଣ୍ଟି ହୋଇଥିବା
Chub-lā hat-lā (ଖାଦ୍ୟ, ଜଳାଦି)—(food) Which has been spoiled by much handling.

ଚୁବ୍‌ଲିବା—ପ୍ରାଦେ. (ସମ୍ବଲପୁର) କ୍ରି.— ଚାଳ ଗିଲାସ ପ୍ରଭୃତି ଜଳ-
Chub-libā ପାତ୍ରରେ ହାତକୁ ବୁଡ଼ାଇ ଦେଇ ପାଣିକୁ ମାସ୍ କରିଦେବା—To spoil the water of a pot by dipping the hand into it.

ଚୁବନ୍ୟ—ଗ୍ରା. ବି. (ସଂ. ଚୁମ୍ବନ)—ଚୁମ୍ବନ—
Chubanya Kiss.

ଚୁବାଇବା - ପ୍ରାଦେ. (ବାଲେଶ୍ୱର) କ୍ରି—ଚୋବାଇବା—
Chubāibā To chew.

୧	ଇ	ଉ	ଋ,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଅ	ଡଅ	ଘ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଷ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍

ଚୁବୁକ—ସଂ. ବ—ଚିବୁକ (ଦେଖ)
Chubnka Chibuka (See)

ଚୁବ୍ର—ସଂ. ବ. (ଚୁମ୍ବ ଧାତୁ=ଚୁମ୍ବନ କରିବା+କର୍ମ. ର)—
Chubra ୧। ମୁଖ; ମୁହଁ—1. The face.
୨। ପାଟି—2. Mouth

ଚୁମ୍—ଦେ. ବ. (ସଂ. ଚୁମ୍ବ ଧାତୁ; ବଙ୍ଗଳାରୁ ଅନୁକୃତ)—
Chum ଚୁମା; ଚୁମ୍ବନ—Kiss.
चूम्, चमो, चूमा
चूमा, चुम्मा

ଚୁମ୍କି—ଦେ. ବ. (ସଂ. ଚମତ୍କାର; ଯାହା ଚକ୍‌ଚକ୍ କରେ)—
Chumki ଧାତୁର ଖୁଦ୍ ଖୁଦ୍ ପତଳା ଖଣ୍ଡ; ଚେପଟା ଓ ଚକ୍-
चूमकी ଚକିଆ ଖୁଦ୍ ଧାତୁଖଣ୍ଡ—Minute metal-
चमकी foils; spangles (set on cloth etc.).
[ଦ୍ର—ଏହା ଲୁଗା ଅବରେ ଓ ପ୍ରତିମାର ମେଢ଼ରେ ଲଗାଯାଏ ।]

ଚୁମ୍କି ବସା—ଦେ. ବଣ—ଯହିଁରେ ଧାତୁର ଖୁଦ୍ ଖୁଦ୍ ପତଳା ଖଣ୍ଡ
Chumki basā ଲଗାଯାଇ ଯାଏ—Spangled; overlaid
चूमकीदार with minute metal-foils.
चमकीदार
ଚୁମ୍କିଲଗା } ଅନ୍ୟରୂପ
ଚୁମ୍କିଦାର }

ଚୁମ୍ ଖାଇବା—ଦେ. କ୍ରି—ଚୁମ୍ବନ ଦେବା—
Chum khāibā To imprint a kiss; to kiss.
चूम्खाओया
चुम्मादेना
(ଚୁମ୍ଦେବା—ଅନ୍ୟରୂପ)

ଚୁମ—ପ୍ରାଦେ. (ସିଂହଭୂମ) ବ. (ସ. ଚୁମ୍ବ; ଚୁମ୍ବନ)—
Chuma ଚୁମ୍ବନ—Kiss.

ଚୁମା—ପ୍ରାଦେ. (ସମ୍ବଲପୁର) ବ. (ତୁଳ. ହି. ଚୁମ୍ମା)—ଚୁମ୍ବନ—
Chumā Kiss.

ଚୁମାଇବା—ଦେ. କ୍ରି—ଚୁମିବାର ଣିଜନ୍ତ ରୂପ—
Chumāibā Causative form of Chumibā.
(ଚୁମେଇବା—ଅନ୍ୟରୂପ)

ଚୁମା ଖାଇବା—ପ୍ରାଦେ. କ୍ରି. (ସମ୍ବଲପୁର)—ଚୁମ୍ ଖାଇବା (ଦେଖ)
Chumā khāibā Chum khāibā (See)
ଚୁମାଦେବା } ଅନ୍ୟରୂପ
ଚୁମାନେବା }

ଚୁମାଚୁମି ହେବା—ଦେ. କ୍ରି. (ସଂ. ଚୁମ୍ବନ)—ପରସ୍ପର ପରସ୍ପରକୁ
Chumāchumi hebā ଚୁମ୍ବନ କରିବା; ଚୁମା ଦିଅନ୍ତେଇ
चूमाचूमि हओया ହେବା—To kiss each other.
चुम्माचुम्मी होना

ଚୁମିବା—ଦେ. କ୍ରି. (ସଂ. ଚୁମ୍ବ ଧାତୁ)—ଚୁମ୍ବିବା; ଚୁମ୍ବନ କରିବା—
Chumibā To kiss.
चूमा
चुमना

ଚୁମୁ—ଦେ. ବ. (ସଂ. ଚୁମ୍ବକ)—ପାଣି ପିଇବାର ଛୋଟ ପାମଛେଇ—
Chumu A small water-pot to sip wate form

ଚୁମୁଟା—ଦେ. ବ—ଚିମୁଟା (ଦେଖ)
Chumuṭā Chimuṭā (See)

ଚୁମୁଟିବା—ଦେ. କ୍ରି—ଚିମୁଟିବା (ଦେଖ)
Chumuṭibā Chimuṭibā (See)

ଚୁମୁତ୍‌କାର—ସଂ. ବ. (ଧ୍ୱନ୍ୟନୁକରଣ)—ଚୁମ୍ବନଜନିତ ଚୁଁ ଚୁଁ ଶବ୍ଦ—
Chumutkāra Sound of kissing.
ଚୁମୁତ୍‌କାର ରବ ନ କର୍ଣ୍ଣେ ଥରେ । କବିସୂର୍ଯ୍ୟ, ସଙ୍ଗୀତ ।

ଚୁମୁଳା—ଦେ. ବ—ମୁଚୁଳା (ଦେଖ)
Chumuḻā Muchuḻā (See)

ଚୁମ୍ବ୍ (ଧାତୁ)—ସଂ—୧ । ଓଠ ଦ୍ୱାରା ଗଣ୍ଡାଦି ସ୍ପର୍ଶ କରିବା—
Chumb (root) 1 To kiss; to touch with the lips.
୨ । ଈଷତ୍ ସ୍ପର୍ଶ କରିବା—
2. To touch slightly or softly.
୩ । ଆଘାତ କରିବା—3. To hurt. (M. W.)
୪ । ଆକର୍ଷଣ କରିବା—4. To attract.

ଚୁମ୍ବ—ସଂ. ବ. (ଚମ୍ବ୍ ଧାତୁ+ଭାବ, ଅ)—ଚୁମ୍ବନ (ଦେଖ)
Chumba Chumbana (See)

ଚୁମ୍ବକ—ସଂ. ବ. (ଚୁମ୍ବ ଧାତୁ+କର୍ତ୍ତୃ. ଅକ; ଯାହା ଲୌହକୁ ଚୁମ୍ବନ
Chumbaka ବା ଆକର୍ଷଣ କରେ)—
୧ । ଅୟସ୍କାନ୍ତ ମଣି; ଲୋହକୁ ନିକଟକୁ ଟାଣିବା ପଥର—
1. Load-stone.
ମନ ଲୋହ ହୋଇଥିଲା, ତୋ ଚୁମ୍ବ ଚୁମ୍ବକ ବଳେ ଛାଡ଼ି କାଢ଼ି ନେଲା—
ଅଭି. ପ୍ରେମସୁଧାନିଧି ।
୨ । ଚୁମ୍ବକ ଲୌହ (ଦେଖ)—
2. Chumbaka lauha (See)
୩ । ବହୁ ବିସ୍ତୃତ ବିଷୟର ସାରସଂଗ୍ରହ; ସଂକ୍ଷିପ୍ତ ବିବରଣ—
3. Epitome; summary; abstract.
୪ । ନିକିତିର ଉପରଭାଗ—
4. The upper part of a balance. (M. W.)
୫ । ଗ୍ରନ୍ଥାନ୍ତରରୁ ସମଶ୍ରେଣୀର ବା ସମଭାବଗର୍ଭିତ ଉଦ୍ଧୃତ ଅଂଶ—5. A parallel passage. (M. W.)
ବଣ—୧ । ଚୁମ୍ବନକାରୀ—1. Kissing.
୨ । ଲମ୍ପଟ—2. Lecherous.
୩ । ଧୂର୍ତ୍ତ—3. Cunning.
୪ । ଗ୍ରନ୍ଥାଦିର ସାର ସଂଗ୍ରାହକ—4. Compiling.

ସାଧାରଣ ଭାବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ବା ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରବେଶ ଲକ୍ଷ୍ୟ କରିବେ। ଯେବେ ୧ଟା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣଟି ମାତ୍ରାଯୁକ୍ତ ହୋଇ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଥି' ନ ମିଳିଲେ 'କ୍ରଥି' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଢ଼' ନ ପାଇଲେ 'ଅଲଢ଼ି' ଦେଖିବେ

୫। ଯେଉଁ ଗ୍ରନ୍ଥର ସାର ସଂଗୃହୀତ ହୋଇଥାଏ—
5. Abridged; summarised.

୬। ଯେ ବହୁତ ପଢ଼ିଛି କିନ୍ତୁ ଗମ୍ଭୀର ଜ୍ଞାନଲାଭ କରିନାହିଁ—
6. Superficial (M. W.)

୭। ଠକ; ଧୂର୍ତ୍ତ—7. Knavish; roguish. (M. W.)

ଚୁମ୍ବକ ଲୌହ—ଦେ. ବି—ଯେଉଁ ଲୁହାରେ ଚୁମ୍ବକ ପଥରର ଗୁଣ
Chumbaka lauha (ଅନ୍ୟ ଲୁହାକୁ ଟାଣିବାର ଗୁଣ) ରହିଛ କରା ଯାଇଥାଏ—Magnetic iron.

[ଦ୍ର—ନାନାସ୍ଥାନରେ ଭୂଗର୍ଭରୁ ଚୁମ୍ବକ ଲୌହ ଓ ଚୁମ୍ବକ-ପଥର ମିଳେ। ଏହା ଲୌହକୁ ଆପଣା ଆଡ଼କୁ ଆକର୍ଷଣ କରେ। ଏହି ଆକର୍ଷଣ-ଶକ୍ତି ବୈଦ୍ୟୁତିକ ଶକ୍ତି ଅଟେ। ସାଧାରଣ ଲୁହାକୁ ଚୁମ୍ବକପଥର ବା ଚୁମ୍ବକଲୁହାରେ ଘଷିଲେ ତାହା ଚୁମ୍ବକର ଗୁଣଯୁକ୍ତ ହୁଏ। ଚୁମ୍ବକ ଲୌହର ଦୁଇ ପ୍ରାନ୍ତ ଲୁହାକୁ ଆକର୍ଷଣ କରେ। ଏ ଦୁଇ ପ୍ରାନ୍ତକୁ ଆକର୍ଷଣପ୍ରାନ୍ତ କହନ୍ତି। ଚୁମ୍ବକ ଲୌହର ମଧ୍ୟଭାଗରେ ଉକ୍ତ ଶକ୍ତି ନ ଥାଏ, ଏହାକୁ ଶୂନ୍ୟପ୍ରାନ୍ତ କହନ୍ତି। ଗୋଟିଏ ଚୁମ୍ବକ ଶଲାକାକୁ ତାହାର କେନ୍ଦ୍ରବିନ୍ଦୁ ଉପରେ ରଖିଲେ ବା ଝୁଲାଇଲେ ବା ପାଣିରେ ଭସାଇଲେ ତାହାର ଗୋଟିଏ ପ୍ରାନ୍ତ ଉତ୍ତରଦିଗକୁ ଓ ଗୋଟିଏ ପ୍ରାନ୍ତ ଦକ୍ଷିଣ ଦିଗକୁ ବୁଲିଯାଏ। ଚୁମ୍ବକ-ଶଲାକାର ଏହି ଗୁଣ ଯୋଗୁଁ ଏହାଦ୍ୱାରା ଦିଗ୍‌ନିର୍ଣ୍ଣୟଯନ୍ତ୍ର (କମ୍ପାସ୍) ନିର୍ମିତ ହୁଏ। କମ୍ପାସ୍ ମଧ୍ୟରେ ଥିବା ଚୁମ୍ବକ-ଶଲାକାର ଗୋଟିଏ ପ୍ରାନ୍ତ ଉତ୍ତରକୁ ଓ ଗୋଟିଏ ପ୍ରାନ୍ତ ଦକ୍ଷିଣକୁ ବୁଲି ଯାଉଥିବାରୁ ନାବିକମାନେ ଅକୂଳ ସମୁଦ୍ରରେ ଓ ପର୍ଯ୍ୟଟକମାନେ ମରୁଭୂମି ଓ ଅରଣ୍ୟରେ ଦିଗ ବାରି ପାରନ୍ତି। ଏକ ଚୁମ୍ବକ ଶଲାକାର ଉତ୍ତରପ୍ରାନ୍ତ ଅନ୍ୟ ଚୁମ୍ବକଶଲାକାର ଦକ୍ଷିଣପ୍ରାନ୍ତକୁ ଆକର୍ଷଣ କରେ। ଇସ୍ପାତର ଛଡ଼ରେ ବିଦ୍ୟୁତ୍‌ପ୍ରବାହ ପ୍ରବେଶ କରାଇଲେ ତାହା ଚୁମ୍ବକରେ ପରିଣତ ହୁଏ। ଚୁମ୍ବକଗୁଣଯୁକ୍ତ ଇସ୍ପାତରୁ ମଧ୍ୟ ବିଦ୍ୟୁତ୍‌ପ୍ରବାହ ଉତ୍ପାଦନ କରାଯାଏ।]

ଚୁମ୍ବକଶଲାକା—ସଂ. ବି (ଆଧୁନିକ ପ୍ରୟୋଗ)—୧। ଲୌହ ଆକର୍ଷକ
Chumbakasalākā ଚୁମ୍ବକ କଣ୍ଟା—1. Magnetic needle.

ଚୁମ୍ବକସୂଚିକା
ଚୁମ୍ବକସୂଚୀ } —ଅନ୍ୟରୂପ

୨। ଚୁମ୍ବକ ଗୁଣବିଶିଷ୍ଟ ଲୁହାଛଡ଼—
2. Magnetic rod.

ଚୁମ୍ବ ଘେନିବା—ଦେ. କ୍ରି—ଅନ୍ୟ ଲୋକ ଚୁମ୍ବ ଦେବାକୁ ଗାଲ
Chumba ghenibā ଦେଖାଇବା—To show one's lip to be kissed by another person.

କୋଟିଏ ସବତେ ଅଳଙ୍କର ହେଲେ ଗୋଟିଏ ନ ଘେନୁ ଚୁମ୍ବ—କବିସୂର୍ଯ୍ୟ ସଙ୍ଗୀତ।

ଚୁମ୍ବନ—ସଂ. ବି (ଚୁମ୍ବ ଧାତୁ + ଭାବ. ଅନ)—୧। ସ୍ନେହ ଓ ଆଦରରେ
Chumbana ଅନ୍ୟର ମୁଖଆଦି ସ୍ଥାନରେ ଓଷ୍ଠସ୍ପର୍ଶନ—1. Kissing; a kiss.

କେତେ ରୂପେ ଚୁମ୍ବନ, କେତେ ସ୍ଥାନେ ପ୍ରଦାନ। ଗୋପକୃଷ୍ଣ. ରସକଲ୍ଲୋଳ।

[ଦ୍ର—ଚୁମ୍ବନ ଦେହର ନାନା ସ୍ଥାନରେ, ପ୍ରଧାନତଃ—ଲଲାଟ, ଅଳକ, କପୋଳ, ନୟନ, ବକ୍ଷ, ସ୍ତନ, ଓଷ୍ଠ ଓ ମୁଖରେ ଦିଆଯାଏ। ସ୍ଥାନଭେଦରେ ଚୂଡ଼କ, ଉଚ୍ଚୁମ୍ବକ, ପ୍ରବାଳମଣି, ଖଣ୍ଡାଭ୍ରକ, ଦୋଳଚବିତ ଇତ୍ୟାଦି ଚୁମ୍ବନର ଅନେକ ନାମକରଣ ହୁଏ।]

୨। ସ୍ପର୍ଶ; ଛୁଇଁବା—2. Touch.

କୋପରେ ଚୁମ୍ବନ୍ତ ମାଲଲ ପଥରେ,
ଚୁମ୍ବନ ସେ ଦେଲ ଯାଇଁ ତାହାର ମୁଖରେ। ବଶ୍ୱନାଥ. ବଚିତ୍ରରାମାୟଣ।

ଚୁମ୍ବନଦାନ—ସଂ. ବି (୬ଷ୍ଠୀ ତତ୍; ଚୁମ୍ବନ + ଦାନ)—ଅନ୍ୟର ମୁଖ
Chumbanadāna ଆଦିର ଚୁମ୍ବନ—Giving a kiss.

ଚୁମ୍ବନୀୟ—ଗ୍ରା. ବି (ସଂ. ଚୁମ୍ବନ)—ଚୁମ୍ବନ—
Chumbanya Kiss.

ଚୁମ୍ବା—ଦେ. ବି—ଚୁମ୍ବନ—
Chumbā Kiss.
ଚୁମ୍ବ
ଚୁମା

ଚୁମ୍ବାଇବା—ଦେ. କ୍ରି—ଚୁମ୍ବିବାର ଣିଜନ୍ତ ରୂପ—
Chumbāibā The causative form of Chumbibā.
(ଚୁମ୍ବେଇବା—ଅନ୍ୟରୂପ)

ଚୁମ୍ବାଇ ଚୁମ୍ବି ମୋ ଅଧର ବଦଳେ ପୀଡ଼ୁ କେନିକଣ୍ଠ ଘୋଟି—କବିସୂର୍ଯ୍ୟ ସଙ୍ଗୀତ।

ଚୁମ୍ବା ଖାଇବା—ଦେ. କ୍ରି—ଚୁମ୍ବ ଖାଇବା (ଦେଖ)—
Chumbā khāibā Chum khāibā (See)
(ଚୁମ୍ବାଦେବା, ଚୁମ୍ବାନେବା—ଅନ୍ୟରୂପ)

ଚୁମ୍ବିତ—ସଂ. ବିଣ (ଚୁମ୍ବ ଧାତୁ + କର୍ମ. ତ)—୧। କୃତଚୁମ୍ବନ;
Chumbita ଯାହାକୁ ଅନ୍ୟ ବ୍ୟକ୍ତି ଚୁମ୍ବନ ଦିଏ—1. Kissed.

୨। କୋମଳଭାବରେ ସ୍ପୃଷ୍ଟ
2. Tenderly touched; lightly touched.

୩। ପରସ୍ପର ସମ୍ମିଳିତ—3. Joined to each other

ଚୁମ୍ବିବା—ଦେ. କ୍ରି (ସଂ. ଚୁମ୍ବ ଧାତୁ)—୧। ସ୍ନେହରେ କୌଣସି
Chumbibā ବ୍ୟକ୍ତିର ଗଣ୍ଡଦେଶ, ଚିବୁକ ବା ମସ୍ତକରେ ଓଠ
ଚୁମା ଲଗାଇବା; ଚୁମ୍ବନ କରିବା—1. To kiss.
ଚୁମନା

ଚୁମ୍ବିଲେ ଭରତ ରଘୁନ୍ଦନ ଶିର,
ଅଳିଙ୍ଗି ଆଦରେ ରଘୁପ୍ରବୀର। ମଧୁସୂଦନ. କବିତାବଳୀ।

୨। କୋମଳଭାବରେ ସ୍ପର୍ଶ କରିବା—
2. To touch tenderly or lightly

କୋମଳତର ମୋହନ, କୁଙ୍କୁମରୁ କି ସ୍ତନ
ଅଧି ଚୁମ୍ବିଦେଲ ମୋ ଶ୍ରବଣରେ। କବିସୂର୍ଯ୍ୟ. କଳୋରଚମ୍ପୂ. କ. ଗୀତ।

୩। ସମ୍ମିଳିତ ହେବା—3. To be joined together; to be attached.

୪। ଭେଟିବା; ହାବୁଡ଼ିବା—4. To meet.

ଶୋଭନଧି ତୋ ଗାଲ, ନ ଚୁମ୍ବୁ ଶ୍ୟାମ ନେତ୍ର। କବିସୂର୍ଯ୍ୟ. ଚମ୍ପୂ.

୧	ଇ	ଊ	ର୍‌,ରି	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଛ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ତ୍ନ

୫ । କଥା ସଙ୍ଗେସଙ୍ଗେ ଅର୍ଥ ଗୋଡ଼ାଇବା—
5. To follow behind (e. g. a meaning following a sentence).
(ଯଥା—ମୋ କଥାକୁ ଅର୍ଥ ଚୁମ୍ବୁଛି କି ?)
୬ । (ଲକ୍ଷଣାର୍ଥ) ଅନୁଭୂତ ହେବା; ବୋଧ ହେବା—
6. To affect; to be felt.
ଶରଦଚନ୍ଦ୍ର ଚୁମ୍ବୁ ନାହିଁ କି ଗଜ—କବିସୂର୍ଯ୍ୟ, କଳୋପରତନ୍ତ୍ର, ୫ ଗୀତ ।
୭ । (ସଂ. ଆଚମନ) ଆଚମନ କରିବା - 7. To sip.
୮ । ପାନ କରିବା; ପିଇବା—8. To drink.
୯ । ଉପଭୋଗ କରିବା; ସୁଖ ବା ଆନନ୍ଦରେ ସେବା କରିବା—
9. To enjoy with delight.
ଚୁମ୍ବି ରକଳଙ୍କାର ଗାର, ଚନ୍ଦ୍ର କାଚସ୍ତ ଭୁଷାର ସର—
କବିସୂର୍ଯ୍ୟ, କଳୋପରତନ୍ତ୍ର, ୬ ଗୀତ ।
୧୦ । ଅତିକ୍ରମ କରିବା; ଯୋଡ଼ିବା—10. To overtake.
ଚୋରକ ଚୁମ୍ବିଲ ଦୂତ—କବିସୂର୍ଯ୍ୟ, କଳୋପରତନ୍ତ୍ର, ୦ ଗୀତ ।

ଚୁମ୍ବୀ—ସଂ. ବିଣ. ପୁଂ (ଚୁମ୍ବ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ; ଅନ୍ୟ Chumbi ଶବ୍ଦ ପରେ ଯୁକ୍ତ ହୋଇ ବ୍ୟବହୃତ ଯଥା—ଗଗନଚୁମ୍ବୀ; (ଚୁମ୍ବିନୀ—ସ୍ତ୍ରୀ) ନଭଶ୍ଚୁମ୍ବୀ)—୧ । (ଅମୁକକୁ) ଚୁମ୍ବନ କରୁଥିବା—
1. Kissing.
(ଯଥା—ବଦନଚୁମ୍ବୀ ।)
୨ । (ଅମୁକକୁ) ସ୍ପର୍ଶ କରୁଥିବା—2. Touching.
(ଯଥା—ଗଗନଚୁମ୍ବୀ ।)
୩ । (ଅମୁକଦ୍ୱାରା) ଆକ୍ରାନ୍ତ—3. Affected with. (M. W.)
୪ । (ଅମୁକ) ସମ୍ବନ୍ଧୀୟ—4 Relating to. (M.W.)
୫ । (ଅମୁକ କାର୍ଯ୍ୟରେ) ବ୍ୟାପୃତ—
5. Busy with (M W.)

ଚୁର—ଦେ. ବିଣ (ସଂ. ଚୂର୍ଣ୍ଣ)—ଅତ୍ୟନ୍ତ ନିଶାରେ ବିହ୍ୱଳ; ମାଦକ-Chur ସେବନର ଫଳରେ ବାହ୍ୟଜ୍ଞାନଶୂନ୍ୟ—Much intoxicated; inebriated.
ଚୂର
चूर

ଚୁରକି—ଦେ. ବି (ସଂ. ଚୂଡ଼ା)—ମସ୍ତକର ମଧ୍ୟଭାଗସ୍ଥ ଲମ୍ବ ଓ କ୍ଷୁଦ୍ର କେଶ-Chur-ki ଗୁଚ୍ଛ—Long and small tuft of hair left on the middle of the head.
চুট্‌কী
चुरकी
ମଝିରେ ଚଉଡ଼ିକ ଡେଙ୍ଗପର ଚୁରକି, ବେକରେ ମୋଟ-
ମୋଟା ତୁଳସୀକଣ୍ଠି ପଞ୍ଚପେଟ ବାନ୍ଧିଛି । ଫକୀରମୋହନ, ଛମାଣ ଆଠଗୁଣ୍ଠ ।
ପ୍ରାଦେ (ବସ୍ତର) ବି—ଟୋକେଇ—A small basket.

ଚୁରଚୁର—ଦେ. ଅ (ସଂ. ଚୂର୍ଣ୍ଣ)—୧ । ସହଜରେ କୌଣସି ଭଙ୍ଗପ୍ରବଣ Churchur ବସ୍ତୁକୁ ଚୂର୍ଣ୍ଣ କରିବା—1. Reducing of a fragile thing into powder; pulverisation.
ଟୁକୁରା ଟୁକୁରା ବିଣ—୧ । ଚୂନାଚୂନା; ଗୁଣ୍ଡାଗୁଣ୍ଡା—
चूरचूर; चुरकुट 1. Reduced into powder; pulverised.
(ଯଥା—ସେ ଇଟାକାନ୍ଥ ଭୁଶି, ମାଡ଼ ଚୁରଚୁର ହୋଇ ଝଡ଼ି ପଡ଼ୁଛି ।)
୨ । ଟୁକୁଟୁକୁ—2. Shredded.
ବି—(ଧ୍ୱନ୍ୟନୁକରଣ) ୧ । କୋମଳତର ଘୁରୁ ଘୁରୁ ଶବ୍ଦ; ଅଳ୍ପ-
চুরচুর ଅଳ୍ପ ପରିମାଣରେ ପରିସ୍ରା କରିବାର ଶବ୍ଦ—1. Soft pissing sound made by urine when being discharged in small quantities.
[ଦ୍ର—ଘରଘର ଠାରୁ ଘୁରଘୁର ଶବ୍ଦ ଅଳ୍ପ ।]
୨ । ଘୁଡ଼ଘୁଡ଼ (ଦେଖ)—
2. Ghurd ghurd (See)
চড়চড় ୩ । କୌଣସି ମସକା ଛୋଟ ପଦାର୍ଥ ଭାଙ୍ଗିଯିବାର ଶବ୍ଦ;
चुरचुर ମୁଡ଼ମୁଡ଼—3. The sound of the breaking of a small brittle thing.

ଚୁର୍ (ଧାତୁ)—ସଂ—୧ । ଚୋରି କରିବା; ଅନ୍ୟର ଧନ ଅପହରଣ Chur (root) କରିବା—1. To steal; to commit theft.
୨ । କୌଣସି ବସ୍ତୁକୁ ଅଦୃଶ୍ୟ କରାଇବା—
2. To cause to disappear (M. W.).
୩ । ବହିବା; ନେବା—3. To bear; to take (Apte).
୪ । ଅଧିକାର କରିବା—4. To possess, to assume (M. W.)

ଚୁରୁଣି—ପ୍ରାଦେ (ସମ୍ବଲପୁର) ବିଣ ଓ ବି. ସ୍ତ୍ରୀ—ଚୋରଣୀ—
Chur-ni A female thief.

ଚୁରୁମା—ଦେ. ବି (ଧ୍ୱନ୍ୟନୁକରଣ; ତୁଳ. ହି. ଚୁରମୁର=ମସକା)—
Chur-mā ଗଜା; ସହଜରେ ଚୂନା ହୋଇଯିବା ଏକପ୍ରକାର ପିଠା—
চুরম A kind of easily fragile cake.
चरमा [ଦ୍ର—ଅଟାକୁ ପ୍ରଥମେ ଘିଅରେ ଭାଜି ତହିଁପରେ ପାଣିରେ ଚକଟି ଗୁଳା କରି ପୁଣି ଘିଅରେ ଭାଜି ଏହାକୁ ତିଆରି କରାଯାଏ । ଅଟାରେ ଲୁଣ ମିଶାଯାଇଥିଲେ ଏହା ଲୁଣିଆ ଲାଗେ, କିମ୍ବା ଲୁଣ ନ ମିଶାଇ ଘିଅରେ ଛାଣିବା ପରେ ଏହାକୁ ଚିନିରସରେ ବୁଡ଼ାଇଲେ ଏହା ମିଠା ହୁଏ ।]

ଚୁରମାର—ବୈଦେ. ବିଣ (ହି)—୧ । ଚୂର୍ଣ୍ଣ ଓ ମର୍ଦ୍ଦିତ; ଚୂର୍ଣ୍ଣବିଚୂର୍ଣ୍ଣ;
Churmār ଚୂନାହୋଇଯିବା—1. Reduced into powder; pulverised.
চুরমার
चकनाचूर ୨ । ଭଙ୍ଗିଭୂତ ଖିନଖଣ୍ଡ ହୋଇଥିବା—
2. Demolished; smashed to atoms.

ଚୁର—ସଂ. ବିଣ. ପୁଂ (ଚୁର ଧାତୁ+କର୍ତ୍ତୃ. ଅ)—ଚୋରିକରୁଥିବା—
Chura Stealing. (Apte)
চুর ଦେ. ବି (ସଂ. ଚୂର୍ଣ୍ଣ) ଚୂନା—Powder.
चूर (ଯଥା—ଖଇରଚୁର ।)
ପ୍ରାଦେ (ବାଲେଶ୍ୱର) ବି ('ଓ' ସ୍ଥାନରେ 'ଉ' ଉଚ୍ଚାରଣ)—
ଚୋର—Thief.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଗଳା ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୁରଟ୍—ବୈଦେ. ବି (ଫା) —ଚୁରୁଟ୍ (ଦେଖ)
Churat Churut (Sse).

ଚୁରଣ—ସଂ. ବି (ଚୁର ଧାତୁ+ଭାବ. ଅନ)—ଚୋରି—
Churana Theft. (Apte).

ଚୁରନ୍—ପ୍ରାଦେ (ସମ୍ବଲପୁର) ବି (ଭୁଲ. ହି. ଉଚ୍ଚାରଣ-ଚୂରନ୍)—
Churan ଚୂର୍ଣ୍ଣ—Powder.

ଚୁରା—ସଂ. ବି (ଚୁର ଧାତୁ+ଭାବ. ଅ+ଆ)—ଚୋରି—
Churā Theft.

ଦେ. ବି ଓ ବଣ—ଚୂରା (ଦେଖ).
Chūrā (See).

ଚୁରାଇବା—ଦେ. କ୍ରି (ସଂ. ଚୂ. ଧାତୁ)—ଚୂରାଇବା (ଦେଖ)
Churāibā Chūrāibā (See).

(ଚୁରେଇବା—ଅନ୍ୟରୂପ) ପ୍ରାଦେ (ବାଲେଶ୍ୱର) କ୍ରି (ସଂ. ଚୁର ଧାତୁ)—ଚୋରାଇବା (ଦେଖ;
Chorāibā (See).

ଚୁରାଲି—ପ୍ରାଦେ (ସମ୍ବଲପୁର) ବି—ଚୁଗୁଲି—
Churāli Back-biting.

ଚୁରି—ପ୍ରାଦେ (ବାଲେଶ୍ୱର) ବି ('ଓ' ସ୍ଥାନରେ 'ଉ' ଉଚ୍ଚାରଣ)—ଚୋରି
Churi Theft.

ଚୁରିଆ—ପ୍ରାଦେ (ସମ୍ବଲପୁର) ବି—ବେଣା ଘାସରେ ନିର୍ମିତ ମାଛ ଧରିବା
Churiā ଯନ୍ତ୍ରବିଶେଷ—A contrivance made of 'Beṇā' grass for catching fish.

ଚୁରୁକି—ଦେ. ବି—ଚୁର୍‌କି (ଦେଖ)
Churuki Chur-ki (See).

ଚୁରୁଚୁରୁ—ଦେ. ଅ; କ୍ରି. ବଣ ଓ ବି—ଚୁର୍‌ଚୁର୍ (ଦେଖ)
Churuchuru Chur-chur (See).

ଚୁରୁଟ୍—ବୈଦେ. ବି (ତା. ଚୁରୁଟ୍ଟୁ; ଇଂ. ଚେରୁଟ୍; ଫା. ଚେରୁଟୀ)—
Churut ୧ । ଧୂଆଁପତ୍ରର ଖୋଟ ପିକା; ସିଗାରେଟ୍—
चुरुट 1. Cigarette.
चुरट ୨ । ପିକା—2. Cigar; cheroot.

[ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ବ୍ୟବହୃତ ହୁଏ ।]

ଚୁରୁଡ଼ା—ଦେ. ବି—ଚିରୁଡ଼ା (ଦେଖ)
Churur̤ā Chirur̤ā (See).

ଚୁରୁମା—ବୈଦେ. ବି. (ହି. ଚୂର୍‌ମା)—ଚୁର୍‌ମା (ଦେଖ)
Churumā Chur-mā (See)

ଚୁରୁମାର୍—ବୈଦେ. ବଣ. (ହି)—ଚୁର୍‌ମାର୍ (ଦେଖ)
Churumār Chur-mār (See)

ଚୁରେଇ—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଚିରୈୟା)—
Churei ଚଢ଼େଇ; ପକ୍ଷୀ—Bird.

ଚୁଲ୍ (ଧାତୁ)—ସଂ—୧ । ପାନ କରିବା—1. To drink; to sip.
Chul (root) ୨ । ଉତ୍ତୋଳନ କରିବା; ଉପରକୁ ଉଠାଇବା—
2. To raise (M. W.).
୩ । ବୁଡ଼ିବା—3. To dive into (M. W.).

ଚୁଲ୍—ପ୍ରାଦେ. (ସମ୍ବଲପୁର) ବି—୧ । (ଭୁଲ. ବଂ. ଚୁଲ୍=କେଶ; ସଂ.
Chul ଚୂଡ଼ା)—କେଶ—1. Hair.
୨ । (ସଂ. ଚୂଡ଼ା) ଚୂଳ—2. Hump.

ଚୁଲକ—ସଂ. ବି—ଚୁଲୁକ (ଦେଖ)
Chuḻakā Chuḻuka (See) (M. W.).

ଚୁଲା—ଦେ. ବି. (ସଂ. ଚୁଲ୍ଲୀ)—୧ । ଚୁଲ୍ଲୀ (ଦେଖ)
Chulā 1. Chullī (See)
चूला ୨ । ଇଟାଭାଟି ବା ଚୂନଭାଟି ବା କୁମ୍ଭାରଭାଟି ବା
चुल्हा କୁମ୍ଭାରଙ୍କ ଭାଟିରେ ନିଆଁ ଲଗାଇବା ପାଇଁ ନିର୍ମିତ ପ୍ରକୋଷ୍ଠ—2. Furnace in a brick-kiln or lime-kiln or potter's kiln.

ଚୁଲି—ଦେ. ବି. (ସଂ. ଚୁଲ୍ଲୀ)—୧ । ରନ୍ଧନ ନିମନ୍ତେ ଯେଉଁ କୁଣ୍ଡ ବା
Chulī ଗର୍ତ୍ତରେ ନିଆଁ ଜଳାଯାଏ; ଅଗ୍ନ୍ୟାଧାନ—
चूला; चूली; चूल्हो 1 Oven; hearth; fire-place.
चूल्हा ଚୁଲିରେ ବସିଥିଲା କ୍ଷୀର
ଗୃହିଁଲେ ପ୍ରଭୁ ଚକ୍ରଧର । ଜଗନ୍ନାଥ· ଭାଗବତ ।

୨ । କମାରଆଦିଙ୍କ ଅଗ୍ନିକୁଣ୍ଡ—2 Furnace.

୩ । ଉଠାଚୁଲି—3. A portable stove; movable oven.

[ଦ୍ର—ଚୁଲିର ଯେଉଁ ବାଟେ ଜାଳକାଠ ଭରତି କରାଯାଏ ତାକୁ 'ମୁହଁ' ଓ ଯେଉଁ ବାଟେ ନିଆଁର ଧାସ ବାହାରେ ଓ ଯାହାଉପରେ ହାଣ୍ଡି ବସେ ତାକୁ 'ପଖା' କହନ୍ତି । ଚୁଲି ଉପରେ ୩ଟି ଗୋବ ଥାଏ, ସେହି ଗୋବମାନଙ୍କ ଉପରେ ହାଣ୍ଡି ବସେ; ତାକୁ ଚୁଲିହିଙ୍କା କହନ୍ତି ।]

୪ । ଗାଳିବିଶେଷ—4. A term of abuse.

[ଦ୍ର—କୌଣସି କାର୍ଯ୍ୟ ନଷ୍ଟ ହେଲେ ବା ଖରାପ ହେଲେ ଲୋକେ ବିରକ୍ତ ହୋଇ କହନ୍ତି:—ଅମୁକ କଥାଟା ଚୁଲି ହେଲା; ତା ପଛାପଛି ଚୁଲିଟା ହେବ ।]

ଚୁଲିଆ—ଦେ. ବି—୧ । ସୁପକାର; ପାଚକ—1. Cook.
Chuliā ୨ । ଚାଳଘରର ମଝିପେଣୀ ଉପରେ ପଡ଼ିଥିବା ଚୁଅମାନ ଯେଉଁ ବାଉଁଶରେ ଭିଡ଼ା ହୋଇ ବନ୍ଧା ହୋଇଥାଏ—
2. A bamboo to which the rafters are fastened over the central wall-plate of a thatched house.
ସତ୍ତ୍ରେ ଶେଣୀ ଲଗି ମୃଦ ମାରିଛ ଚୁଲିଆ । ପ୍ର.ଚୀ. ଚୁହ୍ଳନରୂପଣଗୀତା ।

ପ୍ରାଦେ. (ବାଲେଶ୍ୱର) ବି—ସମୁଦ୍ର ପାଣିକୁ ନିଆଁରେ ଗରମ କରି ତହିଁରୁ ଲୁଣ ତିଆରି କରିବା ପାଇଁ ନିଯୁକ୍ତ ବ୍ୟକ୍ତିମାନଙ୍କର ସରଦାର—The chief of the employees engaged in the preparation of salt by heating the sea-water.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଆ	ଉଅ	ଲ
୨	ଈ	ଊ	ଋୂ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ଘ	ଯ	ସ	ଙ୍ଘ	ଇଅ	ଢ଼	ନ୍ତ

ଚୁଲି ଉଖାରିବା—ଦେ. କ୍ରି—ଚୁଲିରେ ଥିବା ନିର୍ବାଣୋନ୍ମୁଖ ନିଆଁକୁ
Chuli ukhāribā କାଠିଦ୍ୱାରା ଇତସ୍ତତଃ କରି ସତେଜ କରିବା—
To stir up the smouldering fire in an oven by a rod.

ଚୁଲି ଉଠାଇବା—ଦେ. କ୍ରି. (ଲକ୍ଷଣାର୍ଥ)—ଏକ ସ୍ଥାନରୁ ବାସ ଭାଙ୍ଗି
Chuli uṭhāibā ଅନ୍ୟତ୍ର ଚାଲିଯିବା—(figurative) To leave
(ଚୁଲି ଉଠେଇବା—ଅନ୍ୟରୂପ) one place of abode and go to another place to live.

ଚୁଲିକା—ପ୍ରାଦେ. (ସମ୍ବଲପୁର) ବି—କାନ୍ଥକୁଲି—
Chulikā A niche in the wall.

ଚୁଲିକି ଯାଉ—ଦେ. ଅ—(ଅମୁକ ବିଷୟ) ଆଲୋଚନା କରିବାର
Chuliki jāu ବର୍ତ୍ତମାନ ଲୋଡ଼ା ନାହିଁ—Not to speak of
চুলোয়ে যাক (such or such a matter).
चूल्हेमे जाय (ଯଥା—ବାବୁ ସୁନ୍ଦର ଭାବରେ ଧନ ଅର୍ଜିବାକୁ ବିଦେଶକୁ ଯାଇଥିଲେ, ଧନ ଅର୍ଜିବା କଥା ଚୁଲିକି ଯାଉ, ବାବୁ ସେଠାରେ ରୋଗରେ ପଡ଼ିଲେ ଯେ, ବର୍ତ୍ତମାନ ତାଙ୍କର ବଞ୍ଚିବା କଥା ବେଠିକଣା ।)

ଚୁଲିକି ଯିବା—ଗ୍ରା. କ୍ରି. (ବିରକ୍ତିସୂଚକ ବାକ୍ୟରେ ବ୍ୟବହୃତ)—
Chuliki jibā ୧ । (କୌଣସି ବ୍ୟକ୍ତିର ଅନୁରୋଧ) ଅଗ୍ରାହ୍ୟ
চুলোয়যাওয়া ହେବା—1. Not to be taken any
चूल्हेमेजाना notice of
(ଯଥା—ମୋ କଥା ଚୁଲିକି ଗଲା ।)
୨ । (କୌଣସି ବ୍ୟକ୍ତିର ଉପଦେଶ ବା ବାକ୍ୟ) କାହାଦ୍ୱାରା ମନୋଯୋଗପୂର୍ବକ ଶୁଣା ନ ଯିବା—
2. Not to be attended to by any person.
୩ । (ଗାଳିରେ ବ୍ୟବହୃତ) ମରିବା—3. To die.
୪ । ପୋଡ଼ି ହୋଇ ମରିବା—
4. To be burnt to death.
୫ । ପୋଡ଼ି ଜଳି ଯିବା; ଭସ୍ମୀଭୂତ ହେବା—
5. To be burnt to ashes.
୬ । ନଷ୍ଟଭ୍ରଷ୍ଟ ହେବା—
7. To be utterly spoiled; to go to dogs.

ଚୁଲିଖପରା—ଦେ. ବି—ଚୁଲି ତିଆରିବେଳେ ତହିଁରେ ଲାଗିଥିବା ହାଣ୍ଡି
Chulikhaparā ବହୁଦିନ ବ୍ୟବହାର ପରେ ଭାଙ୍ଗି ଯିବାରୁ
উনুনের খপরা ସେଥିରୁ ବାହାରିବା ଛୋଟ ଛୋଟ ଖପରା—
The potsherds which are brought out of an old fireplace when it is renewed and replaced by a new earthen pot.
[ଦ୍ର—ଏହା ଔଷଧରୂପେ ବ୍ୟବହୃତ ହୁଏ ।]

ଚୁଲିଚଉକା—ଦେ. ବି. (ସହଚର)—ରାନ୍ଧିବା ପୂର୍ବରୁ ଚୁଲି ଓ
Chulichaukā ତାହାର ଚାରିପାଖ ଗୋବରପାଣିରେ ପରିଷ୍କାର
উনুনে চউকা ହୋଇ ଲିପା ହୋଇଥିବା ସୀମା—The fire-
चल्हाचौका place and its vicinity swept clean (with cowdung and water) before cooking.

ଚୁଲିଚଉକା ଦେବା—ଦେ. କ୍ରି—ରାନ୍ଧିବା ପୂର୍ବରୁ ଚୁଲିର ଚାରିପାଖ
Chulichaukā debā ଗୋବରପାଣିରେ ଲିପି ପରିଷ୍କାର କରିବା—
উনুনে চউকাদেওয়া To sweep the fireplace and
चुल्हाचौका करना its vicinity clean with cow-dung-water before cooking.

ଚୁଲି ଚାଳ ନାହିଁ ଅଘରବାସ—ଦେ. ପ୍ରବଚନ—ଯେଉଁ ବ୍ୟକ୍ତିର ରହିବା-
Chuli chāḻa nāhiṅ agharabāsa ପାଇଁ ଗୃହ ଓ ରନ୍ଧନ
চুলিচাল নাই জঙ্গলে বাস କରିବା ପାଇଁ ଚୁଲି ନାହିଁ—
A homeless person (who has neither home nor hearth).

ଚୁଲି ଚାଳରେ ବାସ ପାଇବା—ଦେ. କ୍ରି—ନିରାଶ୍ରୟ ଅବସ୍ଥାରେ କୌଣସି
Chuli chāḻare bāsa pāibā ସ୍ଥାନରେ ଯେନତେନ ପ୍ରକାରେ
ଆଶ୍ରୟ ପାଇବା—To get shelter anyhow somewhere.

ଚୁଲି ଜଳିବା—ଦେ. ବି—୧ । ଚୁଲି ମଧ୍ୟରେ ଥିବା ଜାଳ ଆଦି
Chuli jaḻibā ଜଳିବା—1. The burning of the fuel
চূলাজলা in the oven.
चुल्हाजलना ୨ । ରୁଷେଇବାସ ହେବା—2. Cooking.
(ଯଥା—ବିଦେଶରୁ ପୁଅର ରୋଗ କଥା ଚିଠି ଆସିବା ଦିନଠାରୁ ତାଙ୍କ ଘରେ ଚୁଲି ଜଳି ନାହିଁ ।)

ଚୁଲି ଜାଳିବା—ଦେ. କ୍ରି—୧ । ଚୁଲିର ନିଆଁକୁ ସତେଜ କରିବା—
Chuli jāḻibā 1. To stir up the fire in the oven.
চূলাজালা ୨ । ଚୁଲି ଜଳିବା ପାଇଁ ତହିଁରେ କାଠ ଆଦି ଖଞ୍ଜିବା—
चुल्हाजालना 2. To arrange fuel in an oven for burning; to fuel an oven.
୩ । ଚୁଲି ମଧ୍ୟରେ ଥିବା କାଠ ଆଦି ଜଳିବା ପାଇଁ ମୁହଁଦ୍ୱାରା ବା ନଳଦ୍ୱାରା ଫୁଙ୍କିବା—3. To blow the fire of the oven by the mouth or a blow-tube.

ଚୁଲିଝିଙ୍କା—ଦେ. ବି (ସଂ. ଚୁଲ୍ଲୀ+ଶିଖା)-ଚୁଲିର ଉପରେ ହାଣ୍ଡି ବସିବା
Chulijhiṅkā ପାଇଁ ସ୍ଥାପିତ ତିନିଗୋଟି ଖୁଣ୍ଟି ବା ମାଟିପିଣ୍ଡ—
চুলীরঝিঁক Projections over an oven on which pots are put.
[ଦ୍ର—ଚୁଲି ଉପରେ ହାଣ୍ଡି ବସାଇଲେ ଏହି ଝିଙ୍କାମାନ ଥିବାରୁ ଝିଙ୍କା ଯୋଗୁଁ ଚୁଲିର ଧାର ଓ ହାଣ୍ଡି ମଧ୍ୟରେ ଯେଉଁ ଫାଙ୍କ ରହେ ସେ ଫାଙ୍କ ବାଟେ ନିଆଁର ଧାସ ଓ ଧୂଆଁ ବାହାରି ଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ରୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧାଙ୍କ' ନ ପାଇଲେ 'ଅର୍ଦ୍ଧାଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ବନ୍ୟ ବୃକ୍ଷବିଶେଷ—
2. A wild tree; Hugonia Mystax (Haines).

ଚୁଲିଝୁଣ୍ଟିଆ—ଦେ. ବି—ବୁଢ଼ାଅଙ୍ଗୁଠି ଛଡ଼ା ଅନ୍ୟ ପାଦାଙ୍ଗୁଳିରେ ପିନ୍ଧା
Chulijhuntia ଯିବା ମୁଦ୍ରିକା (ଏଥିର ଉପରେ ଚିଲ ଥାଏ)—
A kind of ring worn on the minor fingers of the feet.

ହଂସକ ନୂପୁର ପାଦେ, ଚୁଲିଝୁଣ୍ଟିଆ ପ୍ରପଦେ ।
ଉକ୍ତ- କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଚୁଲି ପକାଇବା—ଦେ. କ୍ରି—ଗୋଟିଏ ନୂଆ ଚୁଲି ତିଆରି କରିବା—
Chuli pakāibā To construct a new oven.
चूल्हा पाता

ଚୁଲିପକେଇବା
ଚୁଲିପାଡ଼ିବା } ଅନ୍ୟରୂପ
ଚୁଲିପାରିବା

ଚୁଲିପଖା—ଦେ. ବି. (ସଂ. ଚୁଲ୍ଲୀ+ପକ୍ଷ)—
Chulipakhā ୧ । ଚୁଲି ଉପରେ ହାଣ୍ଡି ବସିବା ସମୟରେ
(ଚୁଲିପଖା—ଅନ୍ୟରୂପ) ଚୁଲିର ଝିଙ୍କା ଓ ହାଣ୍ଡି ମଧ୍ୟରେ ଯେଉଁ ବ୍ୟବଧାନ ଥାଏ—
1. The space between the cooking pot and the clods of earth put on the rim of an oven.

୨ । ଚୁଲିର ଉପର ପାଖର ମେଲା ଅଂଶ—
2. The upper opening of an oven.

ଚୁଲିପଶା—ଗ୍ରା. ବିଣ. ପୁଂ. (ଗାଳିରେ ବ୍ୟବହୃତ)—
Chulipasā ୧ । ପୋଡ଼ି ହୋଇ ମରିବାର ଉପଯୁକ୍ତ (ବ୍ୟକ୍ତି)—
(ଚୁଲିପଶୀ—ସ୍ତ୍ରୀ) 1. Fit to be burnt to death.
୨ । ପୋଡ଼ାମୁହାଁ (ଦେଖ)
2. Pordāmuhāṅ (See)

ଚଲେ ଚୁଲିପଶାଟା ! ବୁଢ଼ା ସାଆନ୍ତମାନେ ସଙ୍ଗରେ ଖୁନ୍ ହୋଇ ରହୁ ଅଛନ୍ତି ।
ଲକ୍ଷଣ, ଲଚ୍ଛମାନୀ ।

ଚୁଲି ପାଉଁଶ—ଦେ. ବି—୧ । ଚୁଲିରେ ଜଳିବା କାଠର ପାଉଁଶ—
Chuli pāunsa 1. The ashes left in the oven after a fire.
୨ । (ବିରକ୍ତି ବା ଘୃଣାବ୍ୟଞ୍ଜକ) ନଷ୍ଟ ହୋଇଥିବା ବସ୍ତୁ ବା ବିଷୟ—2. Any spoilt thing or matter.

ଚୁଲିପୂଜା—ଗ୍ରାଦେ. (ଯାଜପୁର) ବି—ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ
Chulipūjā ଉପରଓଳ ଚୁଲିକୁ କରାଯିବା ପୂଜା—
The ceremony of worshipping the family-hearth on the eleventh day of the light fortnight of the month of Bhādraba.
[ଦ୍ର—ସେଦିନ ଚୁଲିରେ ଅନ୍ନବ୍ୟଞ୍ଜନାଦି ରନ୍ଧା ହୁଏ ନାହିଁ ।]

ଚୁଲି ଫୁଙ୍କା—ଦେ. ବି—ଚୁଲିରେ ନିଆଁ ଜାଳିବା ପାଇଁ ମୁହଁ ବା ନଳ
Chuli phunkā ଦ୍ୱାରା ଚୁଲିରେ ଥିବା କାଠ ଆଦିକୁ ଫୁଙ୍କିବା—
उन्नपंग Blowing of the fuel in an oven to light them.

ଚୁଲି ଫୁଙ୍କିବା—ଦେ. କ୍ରି—୧ । ଚୁଲି ଜଳାଇବା ସକାଶେ ମୁହଁରେ
Chuli phunkibā ଫୁଙ୍କିବା—To blow the fuel in
उन्नेकं देओया an oven with the mouth.
चुल्हाफुकना ୨ । (ଲକ୍ଷଣାର୍ଥ) ଅନ୍ନାଦି ପାକ କରିବା—
2. To cook food.

କେତେବେଳେ କୋଡ଼ା ମାଇପରେ ଘର
କେତେବେଳେ ଚୁଲୀ ଫୁଙ୍କି ଫୁଙ୍କି ମର—ତଗ ।

ଚୁଲିଫନ୍ଦ—ଦେ. ବି—ଚୁଲିର ଉପର ଅଗ୍ରର ଧାର—
Chuliphanda The upper edge of an oven.

ଚୁଲି ବସାଇବା—ଦେ. କ୍ରି—ଚୁଲି ପକାଇବା (ଦେଖ)
Chuli basāibā Chuli pakāibā (See)
(ଚୁଲି ବସେଇବା—ଅନ୍ୟରୂପ)

ଚୁଲିମୁଣ୍ଡ—ଦେ. ବି—୧ । ଚୁଲିର ନିକଟବର୍ତ୍ତୀ ସ୍ଥାନ—
Chulimunda 1. The vicinity of an oven.
(ଯଥା—ବୋହୂଟି ସବୁବେଳେ ଚୁଲିମୁଣ୍ଡରେ ପଶିଛି ।)
୨ । ଦୁଇଟି ଚୁଲିର ମଧ୍ୟବର୍ତ୍ତୀ ସ୍ଥାନ—
2. The space between two ovens.

ବାପ ରେ ବାପ ! ଚୁଲି ମୁଣ୍ଡ ଠେଇଁ କୋଡ଼ାଏ ସାପ—ତଗ ।

[ଦ୍ର—ଏ ସ୍ଥାନ ଉଷୁମ ଥିବାରୁ ବିରାଡ଼ିମାନେ ଶୀତଦିନରେ ଲିଭିଲା ଚୁଲିର ଚୁଲିମୁଣ୍ଡରେ ଶୁଅନ୍ତି ।]
୩ । (ଲକ୍ଷଣାର୍ଥ) ଅନ୍ତଃପୁର—
3. Female compartments; zenana.
(ଯଥା – ଗମ୍ଭୀରସାଆନ୍ତେ ସବୁବେଳେ ଚୁଲିମୁଣ୍ଡରେ ରହୁଛନ୍ତି ।)
୪ । (ଲକ୍ଷଣାର୍ଥ) ପାକଶାଳା —4. Kitchen.

ଝିଅଜନମ ଚୁଲା ଚୁଲିମୁଣ୍ଡକୁ । ତଗ ।

୫ । (ଲକ୍ଷଣାର୍ଥ) ଅନ୍ତଃପୁରସ୍ଥ ସ୍ତ୍ରୀମାନଙ୍କ ସାହଚର୍ଯ୍ୟ—
5. Company of females in the cook room.
୬ । ପାକକର୍ମ—6. The act of cooking.

ଝିଅ ହୋଇ ଯେବେ ଚୁଲିମୁଣ୍ଡକୁ ଯୋଗ୍ୟ ନ ହେଲା, ତା ଜନମଟା ବୃଥା ।
ତଗ ।

୭ । (ଗାଳି ଓ ବିରକ୍ତିରେ ବ୍ୟବହୃତ)—କୌଣସି ନଷ୍ଟ ବସ୍ତୁ ବା ବିଷୟ—6. (A term used in abuse or vexation) Any spoilt thing or matter.

ଚୁଲିମୁଣ୍ଡକୁ ଆଶ୍ରା କରିବା—ଦେ. କ୍ରି—୧ । କେବଳ ଗଣ୍ଡାଏ ଖାଇବା
Chulimundaku āshrā karibā ଲାଗି କୌଣସିଠାରେ ପଡ଼ି ରହିବା—1. To remain at a place only for getting a meal.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଙ୍ଯ	ଙ୍ଅ	ଞ
୨	ଈଂ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଂ	ଇଅ	ଡ଼	ନ୍

ଚୁଲୀମୁହଁ—ଦେ. ବି—ଚୁଲୀରେ ନିଆଁ ଓ ଜାଳ ଦେବା ଓ ଫୁଙ୍କିବା ନିମନ୍ତେ
Chulīmuhañ ଚୁଲୀର ସାମନା ପାଖରେ ଯେଉଁ ରନ୍ଧ୍ର ହୋଇ
চুলারমুখ; উনানেরমুখ ଥାଏ—A lateral opening in an
चुल्हाकामुहँ oven through which fuel is pushed into it.

ଚୁଲୀମୁହାଁ—ଗ୍ରା. ବିଣ ପୁଂ (ଗାଳିବିଶେଷ)—ପୋଡ଼ାମୁହାଁ; ଯାହା ମୁହଁରେ
Chulīmuhāñ ନିଆଁ ଲାଗି ଯାଇଛି—
(ଚୁଲୀମୁହାଁ—ସ୍ତ୍ରୀ) (A term of abuse) With a burnt
চুলোমুখ; চুলামুখা or charred face.
ବି—ଚୁଲୀରେ ଜାଳେଣି କାଠ ପୂରାଇବା -
Adding of fuel to an oven.

ଚୁଲୀ ମୁହାଁଇବା—ଦେ. କ୍ରି—ଚୁଲୀମୁହଁ ବାଟେ ଜାଳଆଦି ପୂରାଇ ନିଆଁକୁ
Chulī muhāñibā ସତେଜ କରିବା—To add fuel to the fire in the oven to enliven it.
ଚୁଲୀମୁହାଁବା
ଚୁଲୀମୋହାଁଇବା } ଅନ୍ୟରୂପ
ଚୁଲୀମୋହାଁବା

ଚୁଲୀରେ ପଶିବା—ଗ୍ରା. କ୍ରି (ବିରକ୍ତିସୂଚକ ବାକ୍ୟରେ ବ୍ୟବହୃତ)—
Chulīre pasibā ଚୁଲୀକି ଯିବା (ଦେଖ)
Chulīki jibā (See)
(ଯଥା—ଭୁ ରାଣ୍ଡୀ ! ଚୁଲୀରେ ପଶ୍ ।)

ଚୁଲୀ ଲଗାଇବା—ଦେ. କ୍ରି—ଚୁଲୀରେ ପ୍ରଥମେ ନିଆଁ ଜାଳିବା—
Chulī lagāibā To make a fire in the oven; to
উনুনধরান ignite fire in the oven.
(ଚୁଲୀଲଗେଇବା—ଅନ୍ୟରୂପ) [ଦ୍ର—ଚୁଲୀ ଲଗାଇବାର ଅର୍ଥ ଚୁଲୀରେ ଥିବା ଜାଳରେ ନିଆଁ ଲଗାଇବା ।]

ଚୁଲୀ ଲିଭାଇବା—ଦେ. କ୍ରି—ଚୁଲୀର ନିଆଁକୁ ନିର୍ବାପିତ କରିବା—
Chulī libhāibā To extinguish the fire in an oven.
উনুননিভান [ଦ୍ର—ଚୁଲୀ ଲିଭାଇବାର ଅର୍ଥ ଚୁଲୀରେ ଜଳୁଥିବା ନିଆଁକୁ ଲିଭାଇବା ।]
ଚୁଲୀ ଲିଭେଇବା
ଚୁଲୀ ନିଭା(ଭେ)ଇବା } ଅନ୍ୟରୂପ

ଚୁଲୀହଗୁରା—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଡରରେ ପଦାକୁ ଝାଡ଼ା
Chulīhagurā ଫେରି ନ ଯାଇ ନିଜର ଚୁଲୀରେ (ବିଶେଷତଃ
(ଚୁଲୀହଗୁରୀ—ସ୍ତ୍ରୀ) ରାତିରେ) ଝାଡ଼ା ଫେରେ—A person who eases in the oven for fear of going out to answer the call of nature, specially during the night.

କାହାର ବାଛିଲେ ଘଷିଲେ ପୋଡ଼ପିଠା
ତାର ଚୁଲୀରେ ହଗିଲେ ପୋଡ଼ପିଠା । ଢଗ ।

[ଦ୍ର—ପୂର୍ବେ ସମାଜରେ ଏପରି କଡ଼ା ପ୍ରଥା ଥିଲା ଯେ ନବାଗତବଧୂ ନିର୍ଜନରାତି ନ ହେଲେ ଘରୁ ପଦାକୁ ବାହାରିବ ନାହିଁ, ଏପରି ଅବସ୍ଥାରେ ନବବଧୂମାନଙ୍କ ନିର୍ଯ୍ୟାତନ ଓ ଦୁଃଖଭୋଗ କହିଲେ ସରୁ ନ ଥିଲା । ଫଳତଃ ସେମାନଙ୍କୁ କାଳେ ଦିନବେଳେ ପୋଖରୀ ଚାଲିବ ହେବ ଏଥିପାଇଁ ସେମାନେ ପେଟପୂରା କରି ମୁଠିଏ ଖାଉ ନ ଥିଲେ; ତଥାପି କେତେବେଳେ ଦୁର୍ଭାଗ୍ୟକୁ ଦିନରେ ପ୍ରସ୍ରାବ ବା ଝାଡ଼ା ମାଡ଼ିଲେ ବହୁ ସମୟ ମଳମୂତ୍ରର ବେଗ ରୋଧ କରୁ ଥିଲେ ଓ ନିତାନ୍ତ ଅସମ୍ଭାଳ ହେଲା ବେଳକୁ ପଦାକୁ ଯାଇ ନ ପାରି ଚୁଲୀରେ ଆବର୍ଜନା କରି ପକାଉଥିଲେ ।]

ଚୁଳୁକ—ସଂ. ବି. (ଚୁଲ୍ ଧାତୁ—ବୁଡ଼ିବା, ପାନ କରିବା+ଅଧିକରଣ ଉକ)—
Chuḻuka ୧ । କର୍ଦ୍ଦମ ବା କାଦୁଅ—1. Mud; clay.
୨ । ଗଣ୍ଡୁଷ; ଖୋଲା ହାତର ପାପୁଲିରେ ଏକା ଥରକେ ସମ୍ଭାଇବା ଜଳ—2. One sip of water; that much water as can be contained in the flat palm of the hand.
୩ । କ୍ଷୁଦ୍ର ଜଳପାତ୍ର; ସାମସେଇ—
3. A small water-pot.
୪ । ମାଷମଜ୍ଜନୋପଯୁକ୍ତ ପାପୁଲିରେ ସମ୍ଭାଇବା ଜଳ—
4. A quantity of water contained in the flat palm of the hand in which a grain of Brīhi can be immersed.
୫ । ଗୋତ୍ରପ୍ରବର୍ତ୍ତକ ଋଷିବିଶେଷ—5 Name of a sage who was the founder of a clan.

ଚୁଳୁକିତ—ସଂ. ବିଣ. (ଚୁଳୁକ+ରୁ ପିଆ ଯିବା ଅର୍ଥରେ. ଇତ)—
Chuḻukita ୧ । ଗଣ୍ଡୁଷଦ୍ୱାରା ପୀତ ବା ପିଆ ଯାଇ ଥିବା—
1. Sipped from the palm of the hand.
୨ । କର୍ଦ୍ଦମାକ୍ତ—2 Muddy; clayey.

ଚୁଲ୍ଲ (ଧାତୁ)—ସଂ.—ବିଳାସ କରିବା; କେଳି କରିବା—
Chulla (root) To play; to disport.

ଚୁଲ୍ଲ ସଂ. ବିଣ.—(ଚୁଲ୍ଲ୍ ଧାତୁ+ଅ)—କ୍ଲିନ୍ନ ଚକ୍ଷୁବିଶିଷ୍ଟ—
Chulla Blear-eyed; having moistened eyes.
ବି.—କ୍ଲିନ୍ନ ଚକ୍ଷୁ—Bleared eye.

ଚୁଲ୍ଲକୀ—ସଂ. ବି. [ଚୁଲ୍ଲ ଧାତୁ—(ଜଳରେ) ବିଳାସ କରିବା+କର୍ତ୍ତୃ. ଅକ+ସ୍ତ୍ରୀ. ଈ]—୧ । ଶିଶୁମାର ନାମକ ଜଳଜନ୍ତୁ—
Chullakī 1. A purpoise.
୨ । ନଦୀର ଅପର ପାର—
2. The opposite shore of a river.
୩ । କ୍ଷୁଦ୍ର ପାତ୍ରବିଶେଷ; ରେକାବି—
3. A small plate or vessel; saucer.

ଚୁଲ୍ଲା—ସଂ. ବି.—(ଚୁଲ୍ଲ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ନିଆଁ
Chullā ଜଳିବା ସ୍ଥାନ—1. Oven; furnace.
୨ । ଚିତା; ଚୁଲି - Funeral pyre; cermation-fire-place.

ଚୁଲ୍ଲି—ସଂ ବି. (ଚୁଲ୍ଲ ଧାତୁ+କର୍ତ୍ତୃ. ଇ)—ଚୁଲ୍ଲା (ଦେଖ)
Chulli Chullā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ବର୍ଣ୍ଣିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କ୍ଷୀଣ' ନ ମିଳିଲେ, 'କ୍ଷୀଣ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଳକ' ନ ପାଇଲେ 'ଅଲକ' ଦେଖିବେ ।

ଚୁଲ୍ଲୀ—ସଂ. ବି. (ଚୁଲ୍ଲ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ)—ଚୂଲ୍ଲୀ (ଦେଖ)
Chulli — Chulla (See)

ଚୂଷ୍ (ଧାତୁ)—ସଂ. ଚୂଷ୍ (ଧାତୁ) (ଦେଖ)
Chush (root) — Chūsh (root) (See)

ଚୁଷ୍—ଦେ. ବି.—ଚୁଚୁ ୨ (ଦେଖ)
Chush — Chuchu 2 (See)

ଚୁଷିବା—ଦେ. କ୍ରି.—(ସଂ. ଚୂଷ ଧାତୁ)—ଶୋଷିବା—
Chushibā — To suck.
चूसा
चुसना

ଚୁସ୍ତ—ବୈଦେ. ବିଣ. (ଫା.)—୧ । ଟାଣୁଆ; ଶକ୍ତ—
Chust — 1. Hard; smart.
চোস্ত — ୨ । ଦୃଢ଼; ଅଶିଥିଳ; ଯାହା ଢ଼ୁଗୁଲା ନ ହୋଇ ଖୁବ୍ କସି ହୋଇ ଥାଏ—2. Tight.
चुस्त
୩ । ଚୌରସ—3. Level.
(ଗୀଲା—ବପଲଗର) ୪ । କର୍ମଠ; ଚଲାଖ—4. Active.
୫ । ଦେହରେ କସି ହୋଇ ବସିବା (ପୋଷାକ)—
5. Fit; tightly fitting the body.
୬ । ଯାହା ଶିଥିଳ ବା ଢ଼ୁଗୁଲା ନୁହେଁ—
6. Not loose or slack.

ଚୁହା—ଦେ. ବି.—ଚୂଆ (ଦେଖ)
Chuhā — Chuā (See)

ଚୁହିଁ—ଦେ. କ୍ରି.—ଚାହିଁବା; ଅବଲୋକନ—Looking; look.
চাওয়া — ଚନ୍ଦ୍ର ଚୁହିଁ ସୁଖ ବଡ଼ ? କି ତା ମୁଖ ଦେଖା ବଡ଼ ?
• चितवन — କବିସୂର୍ଯ୍ୟ. ସଙ୍ଗୀତ ।

ଚୁହାଁଇବା—ଦେ. କ୍ରି—ଚାହିଁବାର ଣିଜନ୍ତରୂପ—
Chuhāṅibā — The causative form of
চাওয়ান — Chāhiṅibā.
ଚୁହାଁଇଲ ଚହିଁ ହଲଇ ତା ବଦନ—କୃଷ୍ଣସିଂହ. ମହାଭାରତ. ବନ ।

ଚୁହାଁଚୁହିଁ—ଦେ. ବିଣ—୧ । ଅନ୍ୟୋନ୍ୟରେ ଦେଖାଦେଖି; ଚହାଁଚହିଁ—
Chuhāṅchuhiṅ — 1. Looking at each other.
তাকাতাকি
ପାଣ୍ଡବମାନେ ତାହା ଦେଖି କ୍ରୋଧ ହୋଇ
ହୋଇଲେ ପରସ୍ପରେ ମୁହିଁ ଚୁହାଁଚୁହିଁ—କୃଷ୍ଣସିଂହ ମହାଭାରତ. ସଭା ।
୨ । ଅନ୍ୟକୁ ଦେଖିବା କର୍ମ—
2. Act of seeing any person.
ଚୁହାଁଚୁହିଁ ନାହିଁ ଆଜରେ ବୋଲି
ତାକାରେ କମ୍ପନ ଯେବେ ମୁଁ କଲି—କବିସୂର୍ଯ୍ୟ. ସଙ୍ଗୀତ ।

ଚୁହାଡ଼—ଦେ. ବି—(ହି. ଚୁହଡ଼ା=ଚଣ୍ଡାଲ, ଶ୍ୱପଚ; ହି. ଖୋଁଅଡ଼= ପାହାଡ଼ିଆ ଜଙ୍ଗଲିଆ ଜାତିବିଶେଷ)—
Chuhārḍa
চুয়াড়, চোয়াড় — ୧ । ଚୁଆଡ଼; ଖୋଁଆଡ଼; ଅସଭ୍ୟ ଜଙ୍ଗଲ ଜାତି—
चुहड़ा — A wild tribe.
୨ । ହାଡ଼ି; ମେହେନ୍ତର—
2. A man of the sweeper caste.
ବିଣ—୧ । ଅସଭ୍ୟ; ଜଙ୍ଗଲି—1. Uncivilised.
୨ । ବର୍ବର; ନିଷ୍ଠୁର—2. Cruel.
୩ । ଅଭଦ୍ର—3. Rude.
୪ । ନୀଚ—4. Low; mean.

ଚୁହାଣ—ଦେ. ବି—୧ । ଚୌହାଣ; ଚୌହାନବଂଶ; କ୍ଷତ୍ରିୟ ବା ରାଜପୁତଙ୍କ ଶାଖାବିଶେଷ (ଚୌହାଣ ଶବ୍ଦ ଲେଖି ଦେଖ)—
Chuhāṇa
चुहान — 1. A branch of Kshyatriyas or
चौहान, चोहान — Rajputs
ଏତେ ରାଜପୁତ ଶେଖଭଟ୍ଟ ମୁଗଲ ବଘେଲ ଚୁହାଣ ପଠାଣ
ଗଡ଼କୁ ବୋଲି ପଶି ଖାଇଁ ଯିବେ ସେ ଜନ ଲର୍ଗବେ କେହୁ ପୁଣ ।
ବ୍ରଜନାଥ. ସମରତରଙ୍ଗ ।
୨ । ଗୃହଦାହକ—2. An incendiary.
୩ । ନୀଚଜାତିର ଗୃହଦାହକ ରାଜସେବକବିଶେଷ—
(ଗୋପୀନାଥ ନନ୍ଦ)
ଶୂନ୍ୟ ଘର ପୁଡ଼ାଏ ଅଛନ୍ତି ସବୁ ତେଡ଼
ଚୁହାଣଙ୍କୁ ବୋଇଲ ରେ ଘର ଦିଅ ପୋଡ଼—ପୀତାମ୍ବର. ନୃସିଂହପୁରାଣ ।
3. A class of king's servants of low caste whose duty it was to set fire to houses under the king's order.

ଚୁହାନ୍—ଦେ. ବି—ଚୁହାଣ ୧ (ଦେଖ)—
Chuhān — Chuhāṇa 1 (See)

ଚୁହାର—ଦେ. ବି—ଛୁଆର (ଦେଖ)—
Chuhārā — Chhuārā (See)

ଚୁହିବା—ପ୍ରାଦେ (ସମ୍ବଲପୁର) କ୍ରି (ତୁଲ. ହି. ଚୁହନା; ସଂ ଚୂଷ ଧାତୁ)
Chuhibā — ଶୋଷିବା—To suck.

ଚୂଚୁକ—ସଂ. ବି—ଚୁଚୁକ (ଦେଖ)—
Chūchuka — Chuchuka (See)

ଚୂର୍ଦ୍ଦ (ଧାତୁ)—ସଂ—ମୁଣ୍ଡନ କରିବା—
Chūrd (root) — To shave.

ଚୂଡ଼—ସଂ. ବି (ଚୂଡ଼ ଧାତୁ+କର୍ମ. ଅ)—୧ । ଚୂଳ; ବୃଷଭାଦି ପଶୁଙ୍କ ପିଠିରେ ବାହାରିଥିବା ମାଂସପିଣ୍ଡ—
Chūrḍa — 1. A hump or protuberance on the back of certain animals e g. bulls.
୨ । ଚୁଟି—2. A tuft of long hair on the head.
୩ । ଶଙ୍ଖଚୂଡ଼ ନାମକ ଦୈତ୍ୟ—3. Name of a demon.
୪ । ଶୃଙ୍ଗ, ଘର ଓ ପାହାଡ଼ର ଅଗ୍ରର ଶିଖା—
4. Top; summit.
୫ । ଛୋଟ କୂଅ (ହି. ଶବ୍ଦସାଗର)—5. Small well.

ଚୂଡ଼କ—ସଂ. ବି (ଚୂଡ଼ ଧାତୁ+କର୍ମ. ଅକ)—ଚୂଡ଼ (ଦେଖ)—
Chūrḍaka — Chūrḍa (See)

୧	ଇ	ଉ	ର୍,ର୍	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଥ	ଘ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଥ	ଊ	ନ୍ନ

ଚୂଡ଼ନ୍ତ (ଇତ୍ୟାଦି) (ସ. ଚୂଡ଼ାନ୍ତ)—ଚୂଡ଼ାନ୍ତ ଇତ୍ୟାଦି (ଦେଖ)—
Chūrdanta (etc) Chūrdānta etc (See)
ଚୁଡ଼ନ୍ତ

ଚୂଡ଼ା—ସ. ବି (ଚୂଡ଼ ଧାତୁ=ମୁଣ୍ଡନ କରିବା+କର୍ମ. ଅ+ସ୍ତ୍ରୀ. ଆ)—
Chūrdā ହିନ୍ଦୁ ବାଳକର ମସ୍ତକମୁଣ୍ଡନରୂପ ସଂସ୍କାର—
1. The ceremony of shaving performed on a Hindu boy.

୨ । କେଶ—2. Hair.

୩ । ଜୁଡ଼ା; ଜଟ; ମୁଣ୍ଡ ଉପରେ ପକାଯିବା ଗଣ୍ଠି—
3. A mass of hair artistically dressed into a knot ever the head; chignon.

ବନ୍ଧୁ ଅଛୁ କ ଲେଢ଼ା, ନୂଆ ନଆଳ କର୍ମିତ ଚୂଡ଼ା—କବିସୂର୍ଯ୍ୟ. ସଙ୍ଗୀତ ।

୪ । କେଶର ଶିଖା; ଚୁଟି—
4. Tuft of hair lett on the crown of the head after the 1st shaving ceremony; a single lock of hair.

୫ । ମୟୂରାଦି ପକ୍ଷିଙ୍କ ମୁଣ୍ଡରେ ଦେଖିଁ ଉନ୍ନତ ପକ୍ଷଗୁଚ୍ଛ ଥାଏ—
5. Tuft of feathers standing on the head of certain birds (e. g. peacock).

୬ । ପର୍ବତର ଶିଖର; ପର୍ବତ ଶୃଙ୍ଗ—
6. Mountain-peak; crest; pinnacle.

୭ । ଅଗ୍ରଭାଗ—Top; summit; crown.

୮ । ମୁକୁଟ; ମସ୍ତକଭୂଷଣ—
8. A conical head-dress; crown.

୯ । ମୁକୁଟ ବା ପଗଡ଼ି ଉପରେ ଲମ୍ବଭାବରେ ଠିଆ ହୋଇଥିବା ଶିଖା—9. Diadem; an ornament put upright on the crown or turban.

୧୦ । ସ୍ତ୍ରୀମାନଙ୍କ ଚୁଡ଼ି; କରର ଭୂଷଣ—
10. A flat bracelet.

୧୧ । ଭୂଷଣ; ଅଳଙ୍କାର—
10. Ornament; jewellery.

୧୨ । ମସ୍ତକ (ହି. ଶବ୍ଦସାଗର)—12. Head

୧୩ । ପ୍ରଧାନ ନାୟକ (ହି. ଶବ୍ଦସାଗର)—
13. Chief; leader.

୧୪ । କୂଅ (ହି. ଶବ୍ଦସାଗର)—14. Well.

୧୫ । କାଇଁଚ (ହି. ଶବ୍ଦସାଗର)—
15. A black-topped red seed.

୧୬ । ବାହୁଭୂଷଣବିଶେଷ (ହି. ଶବ୍ଦସାଗର)—
16. A kind of ornament for the arms; armlet.

୧୭ । ଚୂଡ଼ାକରଣ (ଦେଖ) (ହି. ଶବ୍ଦସାଗର)—
17. Chūrdākaraṇa (See)

୧୮ । (ଚୂଦ ଧାତୁ=ପ୍ରେରଣ କରିବା+ଭାବ. ଅ+ସ୍ତ୍ରୀ. ଆ)
ପ୍ରେରଣ (ପ୍ରକୃତିବାଦ)—18. Sending.

ବିଣ—ଶ୍ରେଷ୍ଠ; ପ୍ରଧାନ—Chief; principal.

ଚୂଡ଼ାକରଣ—ସ. ବି—ବ୍ରାହ୍ମଣାଦି ଦ୍ୱିଜାତି ବାଳକର ପ୍ରଥମ କ୍ଷୌର ବା
Chūrdākaraṇa କେଶମୁଣ୍ଡନ ରୂପ ସଂସ୍କାର; ବାଳପକା—
(ଚୂଡ଼ାକର୍ମ—ଅନ୍ୟରୂପ) The ceremony of first shaving done on a boy of the twice-born castes amongst the Hindus; the ceremony of tonsure practised amongst the 3 higher caste-boys amongst the Hindus.

[ଦ୍ର—ଏଥିରେ ବାଳକର ମୁଣ୍ଡସାଙ୍କ ଲଣ୍ଡା କରାଯାଇ ମଝିରେ ଚୂଡ଼ା ବା ଶିଖା ଛାଡ଼ି ଦିଆ ଯାଉଥିଲା ।]

ଚୂଡ଼ାନ୍ତ—ସ. ବି. (୬ଷ୍ଠୀ ତତ୍; ଚୂଡ଼ା=ଶିଖା+ଅନ୍ତ=ଶେଷ)—
Chūrdānta ୧ । ଶେଷ ମୀମାଂସା—1. Final decision or determination; conclusion.

୨ । ଯୁକ୍ତିଜନିତ ଅନୁମାନ—
2. Deduction; inference.

୩ । ଚରମ ବା ଶେଷ ସୀମା—
3. Extremity; limit.

୪ । ପରାକାଷ୍ଠା—4 Acme.

୫ । କାର୍ଯ୍ୟସମାପ୍ତି—5. Completion of work.

୬ । ଚୂଡ଼ାର ଅଗ୍ର—6. The top of a chignon or knot of hair.

ଦେ. ବି—ଶେଷ; ଅନ୍ତ—Finish; end.

ଦେ. ବିଣ—ଅନ୍ତିମ; ଚରମ—
Final; conclusive.

ଚୂଡ଼ାନ୍ତ କରିବା—ଦେ. କ୍ରି—କୌଣସି କାର୍ଯ୍ୟକୁ ଶେଷ ବା ସାଙ୍ଗ କରିବା
Chūrdānta karibā To bring a thing to completion; to give the finishing touch to a thing.
ଚୁଡ଼ନ୍ତକରା

ଚୂଡ଼ାନ୍ତ ଡିଗ୍ରି—ଦେ (କଚେରୀଆ ଭାଷା) ବି—ବନ୍ଧକ ଓ ବଣ୍ଟା ମକଦ୍ଦମାରେ
Chūrdāntadigri ହାକିମ ପ୍ରଥମ ଡିଗ୍ରି ବା ଫଇସଲା ଲିପିବଦ୍ଧ
ଚୁଡ଼ନ୍ତଡ଼ିଗ୍ରି କରିବା ପରେ ମିଆଦଗତେ କମ୍ପା ଅମିନ କଇଫର୍ଦ
(ଚୂଡ଼ାନ୍ତ ଫଇସଲା—ଅନ୍ୟରୂପ) ଦାଖଲ କରି ରିପୋର୍ଟ ଦେବା ପରେ ଅଦାଲତ ଶେଷରେ ଯେଉଁ ଡିଗ୍ରି ଲିପିବଦ୍ଧ କରନ୍ତି—
Final decree passed in a mortgage-suit or partition-suit at its final stage, i. e. some time after a preliminary decreee ts passed.

ଚୂଡ଼ାନ୍ତ ନିଷ୍ପତ୍ତି—ଦେ. ବି—ଶେଷ ନିଷ୍ପତ୍ତି—
Chūrdānta nishpatti Final decision.
(ଚୂଡ଼ାନ୍ତନିଷ୍ପତ୍ତି—ଅନ୍ୟରୂପ)

ସାଧାରଣ ଲୋକେ ଅପର ଦୃଷ୍ଟାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଦେଖିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଚୂଡ଼ାନ୍ତ ହୁକୁମ—ଦେ. (କଚେରୀଆ ଭାଷା) ବି—
Chūrdānta hukuma ୧ । ଚୂଡ଼ାନ୍ତ ନିଷ୍ପତ୍ତି (ଦେଖ)
1. Chūrdānta nishpatti (See)
୨ । ଶେଷ ନିଷ୍ପତ୍ତି ପରେ ହାକିମ ଯେଉଁ ଆଦେଶ ଦିଅନ୍ତି—
2. Final order.

ଚୂଡ଼ାବାନ୍—ସଂ. ବିଣ. ପୁଂ (ଚୂଡ଼ା + ଅସ୍ତି ଅର୍ଥରେ ବତ୍; ୧ମା.୧ବ)—
Chūrdābān ଯାହାର ଚୂଡ଼ା ଅଛି—
(ଚୂଡ଼ାବତୀ—ସ୍ତ୍ରୀ) Having a tuft or chignon.

ଚୂଡ଼ାମଣି—ସଂ. ବି. (୬ଷ୍ଠୀ ତତ୍; ଚୂଡ଼ା + ମଣି)—୧ । ମୁକୁଟର ପ୍ରଧାନ ମଣି—1. Crest-jewel; a jewel worn on the diadem or crest; the gem worn in the crown.
Chūrdāmaṇi
୨ । ସର୍ବଶ୍ରେଷ୍ଠ ବ୍ୟକ୍ତି—
2. Chief or principal person.
୩ । କାକମାଚି (ଦେଖ)
3. Kākamāchi (See)
ଦେ. ବି—୧ । ବଙ୍ଗଦେଶର ବିଦ୍ୱାନ୍ ପଣ୍ଡିତମାନଙ୍କୁ ଦିଆଯିବା ଉପାଧି—1. A title given to Bengal Pandits for eminent scholarship.
୨ । ଉତ୍କଳର କେତେକ ବିଶିଷ୍ଟ ଜମିଦାରଙ୍କ ଉପାଧି—
2. The title of some prominent zamindars of Orissa.
୩ । (ନାମ) ଚୂଡ଼ାମନ୍ (ଦେଖ)
3. Chūrdāman (See)
ବିଣ—୧ । ସର୍ବଶ୍ରେଷ୍ଠ—1. Chief; principal; eminent

ଏହା କହି ସାର ଧାନୁକଚୂଡ଼ାମଣି
ଅରଜୁନ କହିଲେ ଶ୍ରୀକୃଷ୍ଣଙ୍କୁ ବାଣୀ । କୃଷ୍ଣସିଂହ. ମହାଭାରତ କର୍ଣ୍ଣ ।

୨ । ସର୍ବୋଚ୍ଚ—2. highest.

ତ୍ରିଲୋକ ଚୂଡ଼ାମଣି ସ୍ଥାନେ
ବସିଲ ନିଷ୍ଠଳ ଆସନେ । ଜଗନ୍ନାଥ. ଭାଗବତ ।

ଚୂଡ଼ାମନ୍—ଦେ. ବି.—ଓଡ଼ିଶା ବାଲେଶ୍ୱର ଉପକୂଳର ପ୍ରାଚୀନ ବନ୍ଦର ବିଶେଷ—(ଜଗବନ୍ଧୁ ପ୍ରାଚୀନ ଉତ୍କଳ)—Name of an ancient port in the Orissa sea-coast in the district of Balasore.
Chūrdāman

ଚୂଡ଼ାମ୍ଳ—ସଂ. ବି. (ବହୁବ୍ରୀହି; ଚୂଡ଼ା + ଅମ୍ଳ)—ତିନ୍ତିଳ (ହି. ଶବ୍ଦସାଗର)—
Chūrdāmla Tamarind.

ଚୂଡ଼ାଳ—ସଂ. ବି. (ଚୂଡ଼ା + ଅସ୍ତି ଅର୍ଥରେ ଲ)—ମସ୍ତକ—
Chūrdāla The head.
ବିଣ.—ଚୂଡ଼ାବିଶିଷ୍ଟ; ଶିଖାଯୁକ୍ତ—
Having a tuft or chignon.

ଚୂଡ଼ାଳା—ସଂ, ବି. (ଚୂଡ଼ାଳ + ଆ)—୧ । ଧଳା କାଇଁଚ—1. White variety of Kāiñcha.
Chūrdālā
୨ । ନାଗର ମୁଥା (ଦେଖ)
2. Nāgaramuthā (See).
୩ । କବିଁଷୀ ତୃଣ (ହି. ଶବ୍ଦସାଗର)—
3. A kind of grass.

ଚୂଡ଼ି (ଇତ୍ୟାଦି)—ଦେ. ବି. (ସଂ. ଚୂଡ଼ା)—ଚୂଡ଼ି ଇତ୍ୟାଦି (ଦେଖ)
Chūrdi (etc) Churdi etc (See)

ଚୂତ—ସଂ. ବି.—୧ । (ଚୂଷ୍ ଧାତୁ = ଶୋଷିବା, ଚୂଚୂମିବା + କର୍ମ. ତ; ଯେଉଁ ଫଳକୁ ଚୂଚୂମି କରି ଖିଆଯାଏ)—ଆମ୍ବ (ବୃକ୍ଷ ଓ ଫଳ)—1. Mango (tree and fruit); Magnifera Indica.
Chūta
୨ । (ଚ୍ୟୁତ୍ ଧାତୁ = କ୍ଷରିତ ହେବା + ଅପାଦାନେ. ଅ. ନିପାତନ)—ଭଗ; ପ୍ରସବଦ୍ୱାର; ଯୋନି—
2. Vagina.
୩ । ଗୁହ୍ୟଦ୍ୱାର—3 Anus.
୪ । ଗୃହଦ୍ୱାର—4, Door of a house (M.W).

ଚୂତକ—ସଂ. ବି. (ଚୂତ + ସ୍ୱାର୍ଥେକ)—ଚୂତ (ଦେଖ)
Chūtaka Chūta (See)

ଚୂତମୁକୁଳ—ସଂ. ବି (୬ଷ୍ଠୀତତ୍; ଚୂତ + ମୁକୁଳ)—ଆମ୍ବ ବଉଳ—
Chūtamukula Mango-flowers; mongo-buds.

ଚୂତଲତା—ସଂ. ବି (ଚୂତ + ଲତା)—୧ । (୬ଷ୍ଠୀତତ୍)—ଲଟାଣିଆଁ ଆମ୍ବଗଛ—1. A kind of mango tree with spreading or overhanging branches
Chūtalatā
୨ । (ମ. ପ. ଶ୍ଳୋ.)—ଅମ୍ବ ଗଛରେ ମାଡ଼ିଥିବା ଲତା—
2. A creeper creeping over a mango tree.

ଚୂନ—ଦେ. ବି (ସଂ. ଚୂର୍ଣ୍ଣ)—ପଥର, ଶିପ ପ୍ରଭୃତିକୁ ପୋଡ଼ିବା ଦ୍ୱାରା ଜାତ ଚୂର୍ଣ୍ଣ—Slaked lime
Chūna
चून, चुन [ଦ୍ର—ଚୂନ ଦୁଇ ପ୍ରକାର । ୧. ପଥର ଚୂନ
चून, चूना ବା Stone-lime ଓ ୨. ଶିପଚୂନ ବା Shell-lime.
ଚୂନଆ ପଥର ବା ଗେଙ୍ଗୁଟିକୁ ପୋଡ଼ି (୧) ପଥରଚୂନ, ଓ ଶାମୁକା ବା ସିପକୁ ପୋଡ଼ି (୨) ସିପଚୂନ ବା କଳିଚୂନ କରାଯାଏ । ପୋଡ଼ା ହୋଇଥିବା ଚୂନରେ ପାଣି ପକାଇଲେ ତାହା ପାଣିକୁ ଶୋଷିନିଏ ଓ ପାଣି ଗରମ ହୋଇ ଫୁଟେ । ଏହାକୁ ଫୁଟୁସା ଚୂନ (Slaked lime) କୁହାଯାଏ । ଶିପଚୂନକୁ ଫୁଟୁସାଇ କଳିଚୂନ କରାଯାଏ । ଏହା ପାନରେ ଖିଆଯାଏ ଓ କୋଠାଘରେ ଇଟା ପ୍ରଭୃତି ଗାନ୍ଥିବା କରିବାରେ ଲାଗେ । ପଥରଚୂନରେ ସାଧାରଣତଃ ଇଟାର ଓ ପଥରର ଗାନ୍ଥିନି ହୁଏ ଓ କଳିଚୂନରେ କାନ୍ଥଆଦି ଧଉଳା ଯାଏ । ଶଙ୍ଖ ଓ ମୋତିକୁ ପୋଡ଼ି ମଧ୍ୟ ଚୂନ କରାଯାଏ । ଚୂନ ଔଷଧରେ ଲାଗେ ଓ କ୍ଷେତରେ ସାର ଦିଆଯାଏ ।]

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଗ	ଞ୍ଚ	ଛ
ऽ	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଙ୍ଖ	ଞ୍ଜ	ଚ୍ଛ

ଚୂନକଲା—ଦେ. ବ—କୌଣସି ବ୍ୟକ୍ତିକୁ ହାସ୍ୟାସ୍ପଦ କରିବା ବା ଦଣ୍ଡ
Chūnakaḷā ଦେବା ନିମନ୍ତେ ତା ଦାଢ଼ ଏକ ଗାଲରେ ବୋଲାଯିବା
চূনকালী ଚୂନ ଓ ଅନ୍ୟ ଗାଲରେ ବୋଲାଯିବା କଳା—
(ଚୂନକଳଳ—ଅନ୍ୟରୂପ) Lime and lamp-black used for painting the two cheeks of a person (as punishment or in jest).
[ଦ୍ର—ପୂର୍ବେ ଅପରାଧୀ ଲୋକଙ୍କ ମୁହଁରେ ଚୂନକଲା ବୋଳ ଦାଣ୍ଡରେ ବୁଲାଉଥିଲେ ଓ ସେ ଲୋକ ଏତଦ୍ୱାରା ଅତି ଲଜ୍ଜିତ, ଅପମାନିତ ଓ ଉପହସିତ ହେଉଥିଲା ।]

ଚୂନକଲା ଦେବା (ମୁହଁରେ)—ଦେ. କ୍ରି—୧ । ଲଜ୍ଜିତ କରିବା ପାଇଁ
Chūnakaḷā debā ଅପରାଧୀ ବ୍ୟକ୍ତିର ଏକଗାଲରେ ଚୂନ ଓ
(গালে) চুনকালী দেওয়া ଏକ ଗାଲରେ କାଳି ବୋଳିବା—
चूनाकालना 1. To besmear lime on one side and black on the other side of the face of an offender to put him to dersion and shame.
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅତି ଲଜ୍ଜିତ କରିବା—
2. (figurative) To put a person to shame.

ଚୂନକାମ—ସଂ. ବ. (ସଂ. ଚୂର୍ଣ୍ଣ+କର୍ମ)—ଚୂନରେ କରାଯିବା ପଲସ୍ତରା
Chūnakāma ଓ ଗାନ୍ଥିନି—Plaster-work and masonry
চুণকাম of lime.
चुनाइ

ଚୂନକୋଳି—ଦେ. ବ—ଏକପ୍ରକାର ସୁଖାଦ୍ୟ କୋଳ—
Chūnakoḷi A kind of edible plum.
[ଦ୍ର—ଏହାର ଗଛ କଣ୍ଟାଳିଆ, କୋଳର ବର୍ଣ୍ଣ ଧଳା ଓ ସ୍ୱାଦ ମିଷ୍ଟ ।] (ଚୂନୁକୋଳି—ଅନ୍ୟରୂପ)

ଚୂନଖାଇ—ଦେ. ବ—ଚୂନଦାନି (ଦେଖ)
Chūnakhāi Chūnadāni (See)

ଚୂନଗୋଡ଼—ଦେ. ବ—ପୋଡ଼ା ଚୂନକୁ କୁଟି ଚଲୁଣୀରେ ଚାଳିଦେବା
Chūnagorḍi ପରେ ଯେଉଁ କଠିନ ପ୍ରସ୍ତରଖଣ୍ଡମାନ ରହିଯାଏ—
চুনগুড়ী The concrete left after sifting
चूनाकाकड़ pounded lime.
(ଚୂନୁଗୋଡ଼ି ଅନ୍ୟରୂପ)

ଚୂନଚଉଁରି—ଦେ. ବ—ଚୂର୍ଣ୍ଣଚଉଁରି (ଦେଖ)
Chūnachaunri Chūrṇṇachaunri (See)

ଚୂନଦାନି—ଦେ. ବ. (ସଂ. ଚୂର୍ଣ୍ଣ+ଆଧାନ)—ପାନରେ ଲଗାଇବା
Chūnadāni ପାଇଁ ଅଉପ୍ରେଡ ଚୂନ ଯେଉଁ ଧାତୁପାତ୍ର ବା
চুনটী; চুনাতী ଡବାରେ ରଖାଯାଏ—A pot containing
चुनौटी, चूनादानी lime used for applying on betel leaves.

ଚୂନପତ୍ର—ଦେ. ବ. (ସଂ. ଚୂର୍ଣ୍ଣ+ପତ୍ର; ଏହା ଚୂନ ସଙ୍ଗେ ମିଶାଯାଇ
Chūnapatra ଖିଆ ହେବାରୁ)—ପାନ ସଙ୍ଗେ କିମ୍ବା ଖାଲି
খইনী ପାଟିରେ ପକାଇବା ନିମନ୍ତେ ଚୂନ ସଙ୍ଗେ ଏକତ୍ର
भांग, खैनी ଦଳା ହୋଇଥିବା ତମାଖୁ ପତ୍ର—Bits of tobacco-leaves pressed with a little lime and used with betel or taken alone.

ଚୂନପୋଡ଼ା—ଦେ. ବ—ଶିପ ବା ଗେଙ୍ଗୁଟିକୁ ଚୂନରେ ପରିଣତ କରିବା
Chūnaporḍā ପାଇଁ ଭାଟିରେ ପୋଡ଼ିବା—Slaking or
চুনপুড়ান burning of limestone or shells.
चूनाफुकना [ଦ୍ର—ଗେଙ୍ଗୁଟି ଓ ଶାମୁକା ଆଦି ପୋଡ଼ାଯାଇ ଚୂନରେ ପରିଣତ ହୁଏ । ଅତଏବ ଏହା ଚୂନପୋଡ଼ା ନ ହୋଇ ପ୍ରକୃତରେ ଗେଙ୍ଗୁଟିପୋଡ଼ା ବା ଶାମୁକାପୋଡ଼ା ଅଟେ ।]

ଚୂନଫେରା—ଦେ. ବ—୧' ଫୁଟ ଲମ୍ବା, ଚଉଡ଼ା ଓ ଗଭୀର ଚୂନ
Chūnapherā ମାପିବାର ପାତ୍ର—A measure one cubic foot) for lime.

ଚୂନ ଫେରାଇବା—ଦେ. କ୍ରି—ଚୂନସଫେଦ କରିବା (ଦେଖ)
Chūna pheraibā Chūnasaphedi karibā (See)
(ଚୂନଫେରିଇବା—ଅନ୍ୟରୂପ)

ଚୂନଭାଟି—ଦେ. ବ—ଯେଉଁ ଚୁଲିରେ ଗେଙ୍ଗୁଟି ବା ଶିପ ପୋଡ଼ାଯାଇ
Chūnabhāṭi ଚୂନ ତିଆରି ହୁଏ—Lime-kiln.
চুনের ভাটী
चूनेकिभट्टी

ଚୂନରା—ଦେ. ବ.—(ସଂ. ଚୂର୍ଣ୍ଣକାର)—୧ । ଯେଉଁ ଜାତି ଶିପ ଓ
Chūnarā ଗେଙ୍ଗୁଟି ପୋଡ଼ି ଚୂନ ତିଆରି କରନ୍ତି—1. A caste
(ଚୂନୁରା—ଅନ୍ୟରୂପ) of men who prepare slaked lime;
চুনারী a lime-burner.
चूनारी ୨ । ଯେ ଚୂନ ପୋଡ଼ି ବିକି କରେ—
2. One who sells slaked lime.

ଚୂନସଫେଦ କରିବା—ଦେ. କ୍ରି—ଚୂନଗୋଳିଆ ପାଣିରେ ଘର
Chūnasaphedi karibā ଧଉଳାଇବା—To whitewash
চুন সফেদি করা; চুনফিরা a house with lime-water.
चूनाफेराना

ଚୂନସୁରକି—ଦେ. ବ.—ପକ୍କା-ଗାନ୍ଥିନି କରାଯିବା ପାଇଁ ଚୂନ ସଙ୍ଗେ
Chūnasurki ଇଟାଗୁଣ୍ଡା ମିଶା ଯାଇ ତିଆରି କରାଯିବା ମସଲା—
চুনসুর্কী Mortar made of brick-dust and lime.
चूनासुरखी
(ଚୂନ ସୁରୁକି, ଚୂନୁସୁରୁକି—ଅନ୍ୟରୂପ)

ଚୂନହଳଦି—ଦେ. ବ.—ଏକତ୍ର ମିଶ୍ରିତ କଳିଚୂନ ଓ ବଟା ହଳଦି—
Chūna haḷadi Mixture of quicklime and
চুনহলুদ turmeric.
[ଦ୍ର—ଏହି ଦୁଇଟି ପଦାର୍ଥ ମିଶାଇଲେ ମିଶ୍ରିତ ପଦାର୍ଥର
(ଚୂନହଳଦୀ, ଚୂନୁହଳଦୀ—ଅନ୍ୟରୂପ) ବର୍ଣ୍ଣଲାଲ ହୁଏ ।]

ଚୂନା—ଦେ. ବ. (ସଂ. ଚୂର୍ଣ୍ଣ)—୧ । କୌଣସି ପଦାର୍ଥର ଚୂର୍ଣ୍ଣ—
Chūnā 1. Powder.
চনা, চূর (ଯଥା—ଗୁଉଳ ଚୂନା, ଗହମ ଚୂନା)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ବୁକନୀ, ଚୂନ, ଚୂନୀ, ଚୂର ୨ । ଧାତୁ ବା କାଠ ଆଦିର ଗୁଣ୍ଡ; କରତ ଗୁଣ୍ଡ—2. Saw-dust; filings.

ବିଣ.—୧ । ଚୂର୍ଣ୍ଣୀକୃତ—1. Powdered; pulverised.

ମୋଡ଼ାରେ ଚୂନା ହୋଇ ଯାଇ ପାରେ ମେରୁ ।
କୃଷ୍ଣଙ୍କ ହ. ମହାଭାରତ. ବନ ।

୨ । ଅତି କ୍ଷୁଦ୍ର—2. Very small; minute.
(ଯଥା—ଚୂନା ମାଛ ।)

ଚୂନାଇବା—ଦେ. କ୍ରି. (ସ୍ଂ. ଚୂର୍ଣ୍ଣ)—୧ । ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ କାଟିବା—1. To cut into very small pieces.
Chūnāibā
(ଚୂନେଇବା—ଅନ୍ୟରୂପ)

(ଯଥା—ପରିବାକୁ ଚୂନାଇ କରି କାଟିଲେ ଶୀଘ୍ର ସିଝି ଯାଏ)

୨ । ଚୂର୍ଣ୍ଣ କରିବା; ଗୁଣ୍ଡିବା—
2. To pound; to reduce into powder.

ଚୂନା କରିବା—ଦେ. କ୍ରି.—୧ । କୌଣସି ବସ୍ତୁକୁ ଚୂର୍ଣ୍ଣରେ ପରିଣତ କରିବା—1. To reduce into powder; to pulverise.
Chūnā karibā
চূনাকরা

୨ । (ଲକ୍ଷଣାର୍ଥ) ଧ୍ୱଂସ ବା ବିନାଶ କରିବା—
2. (figurative) to destroy.

ଅନାଦରଭଞ୍ଜନ, ଅନାଥଙ୍କ ନରନ, ଚୂନାକରୁ ଦୁର୍ଜନ ।
କବିସୂର୍ଯ୍ୟ ବଳଦେବରଥଙ୍କ ଗୀତ ।

ଚୂନାକୁ ଚାହିଁ ପିଠା କରିବା—ଦେ. କ୍ରି.—(ଲକ୍ଷଣାର୍ଥ) ଉପାଦାନକୁ ଚାହିଁ ବ୍ୟୟ କରିବା—(figurative) To cut your coat according to your cloth.
Chūnāku chāhiñ pithā karibā

ଚୂନା କୁଟିବା—ଦେ. କ୍ରି.—ଚାଉଳ ଇତ୍ୟାଦିକୁ କୁଟି ଚୂନା କରିବା—To pound or press rice etc into powder.
Chūnā kuṭibā
চালকুটা

[ଦ୍ର—ପ୍ରକୃତରେ ଚୂନା କୁଟା ଯାଏ ନାହିଁ, ଚାଉଳ ଆଦି କୁଟାଯାଇ ଚୂନାରେ ପରିଣତ ହୁଏ ।]

ଚୂନା ଚୂନା—ଦେ. ବିଣ.—୧ । ଚୂର୍ଣ୍ଣିତ—1. Powdered.
Chūnā chūnā
চূনা চূনা

୨ । ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡମାନଙ୍କରେ ବିଭକ୍ତ—2. Reduced into minute pieces
ଚକନାଚୂର

ବି.—୧ । ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ (ବହୁବଚନ)—
1. Many minute bits.

୨ । ବହୁ ପରିମିତ ଚୂର୍ଣ୍ଣ—
2. A large quantity of powder.

ଚୂନାଟ୍—ବୈଦେ. ବି. (ହି. ଚୁନଟ୍)—ଚୁନଟ୍ (ଦେଖ)
Chūnāṭ — Chunaṭ (See)

ଚୂନା ଧାନ—ଦେ. ବି—ବିଲାରୁ ଝଡ଼ା ହୋଇ ଏକାଠି ଜମା କରାଯାଇ ଥିବା ଧାନ—Paddy separated from the sheaves and gathered into a heap.
Chūnā dhāna

ଚୂନା ମାଛ—ଦେ. ବି—ଅତି ଛୋଟ ଛୋଟ ମାଛ—
Chūnā māchha — Small fishes.

চুনাপুঁঠী, চুনোপুঁটী [ଦ୍ର—ଦଣ୍ଡକଣା, କେରାଣ୍ଡୀ ଇତ୍ୟାଦିକୁ ଚୂନା ମାଛ କୁହାଯାଏ ।]

ଚୂନା ହେବା—ଦେ. କ୍ରି—୧ । ଚୂର୍ଣ୍ଣ ହେବା; ନଷ୍ଟ ହେବା—
Chūnā hebā — 1. To be destroyed.
চূনাহওয়া

୨ । ଭାଙ୍ଗି ଯାଇ ଟିକି ଟିକି ହେବା—
ଚକନାଚୂର ହୋନା — 2. To be broken into small pieces.

୩ । ଚୂର୍ଣ୍ଣରେ ପରିଣତ ହେବା—
3. To be reduced into powder.

ଚୂନି—ଦେ. ବି. (ସ୍ଂ. ଚୂର୍ଣ୍ଣିକା)—
Chūni
খুদ
ବୁକ୍ନୀ, ଚୂନ; ଚୂନୀ

୧ । ଚୂନା ହୋଇ ଚାଲୁଣିରେ ଚଲା ହେବା ପରେ ବାକି ରହିଯିବା ଗହମ ପ୍ରଭୃତିର ଅତି କ୍ଷୁଦ୍ର କ୍ଷୁଦ୍ର ଅଂଶ; ଚୋକଡ଼; ଶସ୍ୟରୁ ବାହାରି ଥିବା ପ୍ରଭୃତିର କ୍ଷୁଦ୍ରାଂଶ; କାଣ୍ଡିଆ କୁଣ୍ଡା—
1. Small particles of the chaff or bran of wheat or other grains after they are pounded and the husks sifted and separated.

୨ । କରତ ଗୁଣ୍ଡ—2. Saw dust.

চুনি
চুনী
୩ । ରକ୍ତବର୍ଣ୍ଣ ବହୁମୂଲ୍ୟ କ୍ଷୁଦ୍ର ପ୍ରସ୍ତର ବିଶେଷ; ପଦ୍ମରାଗ ମଣି; କ୍ଷୁଦ୍ର ମାଣିକ—3. A ruby.

ବିଣ—୧ । ଅତି କ୍ଷୁଦ୍ର—1. Very small; minute.

୨ । ଚୂର୍ଣ୍ଣୀକୃତ—2. Powdered; pulverised.

ଚୂନିଆଁ ପଥର—ଦେ. ବି. (ସ୍ଂ. ଚୂର୍ଣ୍ଣ+ପ୍ରସ୍ତର)—
Chūniañ pathara
চূনিয়াপাথর

ଯେଉଁ ପଥରରେ ଚୂନର ଭାଗ ଥାଏ; ଖଡ଼ିଆ ପଥର; ଯେଉଁ ପଥରକୁ ପୋଡ଼ିଲେ ଚୂନ ବାହାରେ—Limestone; chalkstone.

ଚୂନିଗବ—ଦେ. ବି—ଏକ ପ୍ରକାର କ୍ଷୁଦ୍ର ଗବ ବା ଏରଣ୍ଡ—
Chūnigaba · A kind of small castor-oil-seed.

ଚୂନୁରା—ଦେ. ବି—ଚୂନରା (ଦେଖ)
Chūnurā — Chūnarā (See)

ଚୂନି ଚୂନି—ଦେ. ବିଣ ଓ ବି—ଚୂନା ଚୂନା (ଦେଖ)
Chūni chūni — Chūnā chūnā (See)

[ଦ୍ର—ଚୂନାଚୂନା ଅପେକ୍ଷା ଚୂନିଚୂନି କ୍ଷୁଦ୍ରତର ।]

ଚୂର—ଦେ. ବି. (ସ୍ଂ. ଚୂର୍ଣ୍ଣ)—ଚୂର୍ଣ୍ଣ—
Chūra — Powder.
চূর
চূর

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ୟ	ଇଅ	●	ତ୍ବ

ଚୂରା—ଦେ. ବି—୧ । ଚୂର୍ଣ୍ଣ କରିବା—
Chūrā 1 Reducing into powder.
ପେଷା ୨ । ଚୂରିବା; ପେଷଣ—
ଚୂରା 2. Pounding.
୩ । ଚୂନା—3. Powder.
ବିଣ—ଚୂର୍ଣ୍ଣ କରି ଯାଇଥିବା—Pounded; reduced to powder; pulverized.

ଚୂରାଳି—ଦେ. ବି. ପୁଂ ଓ ସ୍ତ୍ରୀ—ଯେଉଁ ବ୍ୟକ୍ତି କୌଣସି ଦ୍ରବ୍ୟକୁ ଚୂରେ
Chūrāḷi ବା ପେଷେ—A person who grinds or pounds some thing; a grinder.
(ଯଥା—ଗହମ ଚୂରାଳି ।)

ଚୂରିବା—ଦେ. କ୍ରି. (ସଂ. ଚୂର୍ଣ୍ଣ ଧାତୁ)—
Chūribā ୧ । ଚୂନା କରିବା; ଗୁଣ୍ଡା କରିବା; ଚୂର୍ଣ୍ଣ କରିବା—
ପିଷା,ପେଷା 1. To reduce into powder.
ଚୂରନା, ଚୂରନା ମାଂସ ହାଡ଼ ସଙ୍ଗେ କଲେ ଚୂରିଲେ ।
(ଚୂରାଇବା, ଚୂରେଇବା—ଣିଜନ୍ତ) କୃଷ୍ଣସିଂହ. ମହାଭାରତ- ବନ ।
୨ । ଶିଳ ବା ଉଦୁଖଳରେ ପେଷିବା—2. To pound.
୩ । ବିଦାରଣ କରିବା; ଚିରିବା—3 To tear up.

ବଜ୍ରଦଣ୍ଡରେ ଚୂରେ, ନପୁଣ ଅସ୍ତ୍ର ବରେ ଶଙ୍କା ଜନମି ଦେଲେ ଯେ ।
ଭଞ୍ଜ. ବୈଦେହୀଶବିଳାସ ।

ଚୂର୍ଣ୍ଣ (ଧାତୁ)—ସଂ—ଗୁଣ୍ଡା କରିବା—
Chūrṇṇa (root) To reduce to powder.

ଚୂର୍ଣ୍ଣ—ସଂ. ବି. (ଚୂର୍ଣ୍ଣ ଧାତୁ=ଗୁଣ୍ଡା କରିବା + କର୍ମ. ଅ)—
Chūrṇṇa ୧ । ଚୂନା; ଗୁଣ୍ଡା—1. Powder.
୨ । ପଥର ଓ ଶିପ ପୋଡ଼ି ବାହାର କରିବା ଚୂନ—
2. Slaked lime; burnt lime.
୩ । ସୁଗନ୍ଧ ଧୂଳି—
3. Fragrant powder; toilet powder.
୪ । ଅବିର—4. A red powder used in the spring-festival for sprinkling in sport.
୫ । ଅଟା; ମଇଦା; ଛତୁଆ—
5. Barley-meal; corn-flour.
୬ । ଧୂଳି (ହି. ଶବ୍ଦସାଗର)—6. Dust.
୭ । କପର୍ଦ୍ଦକ; କଉଡ଼ି (ହି. ଶବ୍ଦସାଗର)—
7. Small sea-shell.
୮ । ଅଙ୍ଗଭଙ୍ଗୀ—8. Artistic pose of the limbs.
ବିଣ—୧ । ଗୁଣ୍ଡା ହୋଇଥିବା—1. Powdered.
୨ । ନଷ୍ଟ—
2. Destroyed.
୩ । ପିଷ୍ଟ—2. Pounded.
୪ । କୁଞ୍ଚିତ—4. Curled.

ଚୂର୍ଣ୍ଣକ—ସଂ. ବି. (ଚୂର୍ଣ୍ଣ+ସ୍ୱାର୍ଥେ କ)—୧ । ଚୂନା; ଗୁଣ୍ଡା—
Chūrṇṇaka 1. Powder.
୨ । ଗଦ୍ୟଦ୍ୱାରା ପଦ୍ୟର ବ୍ୟାଖ୍ୟା କରିବା ଗ୍ରନ୍ଥବିଶେଷ—
2. A composition expounding by a sentence in prose, the purport of a preceding verse.
[ଦ୍ର— ଚୂର୍ଣ୍ଣକ ଗ୍ରନ୍ଥରେ ପଦ୍ୟ ଥାଏ ଓ ତହିଁ ତଳେ ଉକ୍ତ ପଦ୍ୟର ଗଦ୍ୟରେ ବିଶଦ ବ୍ୟାଖ୍ୟା ଥାଏ ।]
୩ । ବିଶଦ ବ୍ୟାଖ୍ୟାନ ପୁସ୍ତକ; ମାନେ ବହି—
3. An elabarate commentary, a key.
୪ । (ଚୂର୍ଣ୍ଣ ଧାତୁ + କର୍ମ. ଅକ) ଅଟା; ଛତୁଆ—
4. Barley-meal; corn-flour.
୫ । ଔଷଧଚୂର୍ଣ୍ଣ—5. A medicinal powder.
୬ । କଠୋରବର୍ଣ୍ଣ ଓ ଦୀର୍ଘସମାସ ରହିତ ଏବଂ ବୈଦର୍ଭୀ ରୀତିରେ ଲିଖିତ ରଚନା—
6. A very simple style of composition.
୭ । ଅଭିପ୍ରାୟ; ଅଭିପ୍ରାୟ ପ୍ରଦର୍ଶନ (ପ୍ରକୃତିବାଦ)—
7. Indication of one's intention.
୮ । ଏକପ୍ରକାର ଶାଳିଧାନ୍ୟ (ହି. ଶବ୍ଦସାଗର)—
8. A kind of winter-paddy.
୯ । ବୃକ୍ଷବିଶେଷ (ହି. ଶବ୍ଦସାଗର)—
9. A kind of tree.

ଚୂର୍ଣ୍ଣ କରିବା—ଦେ. କ୍ରି. (ସଂ. ଚୂର୍ଣ୍ଣ ଧାତୁ)—୧ । ଗୁଣ୍ଡା କରିବା—
Chūrṇṇa karibā 1. To pulverise.
୨ । ପେଷି ଚୂନା କରିବା—
2. To pound or grind into powder.
୩ । (ଲକ୍ଷଣାର୍ଥ) ବିନାଶ କରିବା—
3 (figurative) To destroy; to crush.
(ଯଥା—ସେ ଶତ୍ରୁର ଗର୍ବକୁ ଚୂର୍ଣ୍ଣ କଲେ ।)

ଚୂର୍ଣ୍ଣକାର—ସଂ. ବି—୧ । ଯେ ଚୂନ ପୋଡ଼େ; ଚୂନରି—
Chūrṇṇakāra 1. A lime burner.
୨ । ଚୂନ ବ୍ୟବସାୟୀ—2. A dealer in lime
୩ । ଯେ ଅଟା ପେଷେ—3. Corn-grinder.
୪ । ନଟଜାତୀୟା ସ୍ତ୍ରୀ ଓ ପୁଣ୍ଡ୍ରକଜାତୀୟ ପୁରୁଷ ଔରସରେ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତିବିଶେଷ (ପରାଶର ସଂହିତା)—
4. A mixed caste amongst the Hindus.

ଚୂର୍ଣ୍ଣକୁନ୍ତଳ—ସଂ. ବି. (କର୍ମଧାରୟ; ଚୂର୍ଣ୍ଣ+କୁନ୍ତଳ)—ଯେଉଁ କେଶ
Chūrṇṇakuntaḷa କୁଞ୍ଚକୁଞ୍ଚିଆ ହୋଇ କପାଳ ଓ ଗାଲ ଉପରକୁ ଝୁଲିପଡ଼ି ଥାଏ; ଅଳକ; ଝୁମ୍ପି ବାଳ—Locks or rings of curling short hairs overhanging the brow and cheeks.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ତେବେ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଚୂର୍ଣ୍ଣଖଣ୍ଡ—ସଂ. ବି—ଚେଙ୍ଗୁଟ; ଯେଉଁ ଗୋଡ଼କୁ ପୋଡ଼ି ଚୂନ କରାଯାଏ—
Chūrṇṇakhaṇḍa Line-stone: lime-ghooting.

ଚୂର୍ଣ୍ଣତା—ସଂ. ବି. (ଚୂର୍ଣ୍ଣ+ଭାବାର୍ଥେ. ତା)—ଚୂନା ହେବାର ଅବସ୍ଥା—
Chūrṇṇatā The state of being reduced into powder.

ଚୂର୍ଣ୍ଣନ—ସଂ. ବି. (ଚୂର୍ଣ୍ଣ ଧାତୁ+ଭାବ. ଅନ)—
Chūrṇṇana ଗୁଣ୍ଡା କରିବା; ଚୂନା କରିବା—
Reducing into powder; pounding; pulverising.

ଚୂର୍ଣ୍ଣଚଉଁରି—ଦେ. ବି—ଚୁନ ଅଛି ଚୂନକାମ କରାଯାଇଥିବା ପିଣ୍ଡା ବା
Chūrṇṇa-chauṅri ସ୍ତୂପ ବା ଘର—A house or mound or platform having limework masonry on all sides.

ଚଢ଼ ବଢ଼ିଥିବ ବେଢ଼ି ବ ଲୋକ ଚୂର୍ଣ୍ଣଚଉଁରି ।
ଉଷ୍ଟ. ଲାବଣ୍ୟବତୀ ।

ଚୂର୍ଣ୍ଣନୀୟ—ସଂ. ବିଣ. (ଚୂର୍ଣ୍ଣ ଧାତୁ+କର୍ମ. ଅନୀୟ)—
Chūrṇṇaniya ଚୂନା କରିଯିବାର ଯୋଗ୍ୟ—
Fit to be reduced to powder; capable of being pulverised

ଚୂର୍ଣ୍ଣପଥର—ଦେ. ବି—ଚୂନପଥ (ଦେଖ)
Chūrṇṇapatara Chūnapatra (See)

ଚୂର୍ଣ୍ଣପଥର ପୂର୍ଣ୍ଣ କର
ମାରବେ ନାକ ପୂର୍ଣ୍ଣ କର । (ନସ୍ୟ ସମ୍ବନ୍ଧେ ଗୀତ)

ଚୂର୍ଣ୍ଣପଦ—ସଂ. ବି. (ବହୁବ୍ରୀହି; ଚୂର୍ଣ୍ଣ=ଅଙ୍ଗଭଙ୍ଗୀ ଘଟିତ+ପଦ=
Chūrṇṇapada ପଦକ୍ଷେପ ଯହିଁରେ)—
ଏକ ପ୍ରକାର ବିଶେଷ ଅଙ୍ଗଭଙ୍ଗୀଯୁକ୍ତ ନୃତ୍ୟ—
A kind of dexterous dance accompanied with brisk undulations or artistic poses of the limbs.

ଚୂର୍ଣ୍ଣହାର—ସଂ. ବି—ଏକ ପ୍ରକାର ଜଙ୍ଗଲୀ ଗଛ—
Chūrṇṇahāra A kind of wild tree.
चूरनहार [ବି—ଏଥିର ପତ୍ର ଖୁବ୍ ଲମ୍ବା, ଚିକଣା ଓ ମୋଟା; ଏଥିର ଫୁଲ ସୁଗନ୍ଧଯୁକ୍ତ ଓ ଶ୍ୱେତ; ଏଥିର ମୂଳ, ଛାଲ ଓ ପତ୍ର ଔଷଧରେ ଲାଗେ । ବୈଦ୍ୟକ ମତରେ ଏହା କଷା, ଗରମ, ତ୍ରିଦୋଷନାଶକ, ରକ୍ତଦୋଷନାଶକ ଓ କ୍ରିମିନାଶକ; ବିଷମ ଜ୍ୱରର ଏହା ଉତ୍କୃଷ୍ଟ ଔଷଧ ବୋଲି ବିଖ୍ୟାତ । ହି. ଶବ୍ଦସାଗର ।]

ଚୂର୍ଣ୍ଣା—ସଂ. ବି. (ଚୂର୍ଣ୍ଣ+ଆ)—
Chūrṇṇā ଆର୍ଯ୍ୟା ଛନ୍ଦର ପ୍ରକାର ବିଶେଷ (ଏଥିରେ ୧୮ଟି ଗୁରୁ ଓ ୨୨ଟି ଲଘୁ ବର୍ଣ୍ଣ ଥାଏ—ହି. ଶବ୍ଦସାଗର)—
A kind of Sanscrit metre.

ଚୂର୍ଣ୍ଣି—ସଂ. ବି. (ଚୂର୍ଣ୍ଣ+ଇ)—୧ । ଚୂର୍ଣ୍ଣୀ (ଦେଖ)
Chūrṇṇi 1. Chūrṇṇī (See)
୨ । କପର୍ଦ୍ଦକ; କଉଡ଼ି (ହି. ଶବ୍ଦସାଗର)—
2. Small sea-shell.

ଚୂର୍ଣ୍ଣିକା—ସଂ. ବି. ସ୍ତ୍ରୀ (ଚୂର୍ଣ୍ଣକ+ଆ)—ଚୂନା; ଛତୁଆ—
Churṇṇikā Barley-meal; corn-flour.

ଚୂର୍ଣ୍ଣିକୃତ—ସଂ. ବି. (ନାମ)—ମହାଭାଷ୍ୟକାର ପତଞ୍ଜଳି ମୁନି—
Chūrṇṇikṛuta A name of the great commentator Patañjaḻa.

ଚୂର୍ଣ୍ଣିତ—ସଂ. ବିଣ. (ଚୂର୍ଣ୍ଣ ଧାତୁ+କର୍ମ. ତ)—
Chūrṇṇita ୧ । ଗୁଣ୍ଡା କରା ଯାଇଥିବା—1. Powdered.
୨ । ଧ୍ୱଂସପ୍ରାପ୍ତ; ବିଧ୍ୱସ୍ତ—2 Annihilated; destroyed.
୩ । ଟିକିଟିକି କରା ଯାଇଥିବା—
3. Chopped into small bits.

ଚୂର୍ଣ୍ଣୀ—ସଂ. ବି. (ଚୂର୍ଣ୍ଣ ଧାତୁ+କର୍ମ. ଇ; ଇ ସ୍ଥାନରେ ଈ ଆଦେଶ)—
Chūrṇṇī ୧ । ସଂସ୍କୃତ ପାଣିନି ବ୍ୟାକରଣର ପାତଞ୍ଜଳ ଭାଷ୍ୟ—
1 The learned commentary of Patañjaḻi on the Sanskrit Grammar of Pāṇini.
୨ । ଭାରତରେ ପୂର୍ବେ ପ୍ରଚଳିତ ଶହେ କଉଡ଼ି ମୂଲ୍ୟର ମୁଦ୍ରାବିଶେଷ—2. An ancient Indian coin equal in price to 100 cowries.
୩ । ବଙ୍ଗଦେଶର ପ୍ରସିଦ୍ଧ ନଦୀବିଶେଷ—
3. Name of a river in Bengal.
୪ । କାର୍ଷାପଣ; ମୁଦ୍ରା ରୂପେ ପୂର୍ବେ ଚଳୁଥିବା ଏକ କାହାଣ କଉଡ଼ି (ହି. ଶବ୍ଦସାଗର)—4. 180 bits of small sea-shells formerly used as a standard of currency in India.
୫ । ଏକ ପ୍ରାଚୀନ ନଦୀର ନାମ (ହି. ଶବ୍ଦସାଗର)—
5. Name of a river in ancient India.

ଚୂର୍ଣ୍ଣୀକୃତ—ସଂ. ବିଣ. [ଚୂର୍ଣ୍ଣ+ଅଭୂତ ତଦ୍ଭାବେ ଚ୍ୱି (ଈ)+କୃତ]—
Chūrṇṇīkṛuta ଯାହା ପୂର୍ବେ ଚୂର୍ଣ୍ଣ ହୋଇ ନ ଥିଲା, କିନ୍ତୁ ବର୍ତ୍ତମାନ
(ଚୂର୍ଣ୍ଣୀକରଣ—ବି) ଚୂର୍ଣ୍ଣ କରାଯାଇଅଛି—Lately reduced into powder.

ଚୂର୍ଣ୍ଣୀଭୂତ—ସଂ. ବିଣ. (ଚୂର୍ଣ୍ଣ+ଅଭୂତ ତଦ୍ଭାବେ ଚ୍ୱି+ଭୂତ)—
Chūrṇṇibhūta ୧ । ଯାହା ପୂର୍ବେ ଚୂନା ହୋଇ ନ ଥିଲା,
(ଚୂର୍ଣ୍ଣୀଭାବ—ବି) ବର୍ତ୍ତମାନ ଚୂନା ହୋଇଅଛି; ଗୁଣ୍ଡା ହୋଇଥିବା—
1. Turned into powder; pulverised.
୨ । ସମ୍ପୂର୍ଣ୍ଣରୂପେ ଧ୍ୱଂସପ୍ରାପ୍ତ; ବିଧ୍ୱସ୍ତ—
2. Completely destroyed or ruined.

ଚୂଲ୍ (ଧାତୁ)—ସଂ—ଉନ୍ନତ ହେବା—
Chūḻ (root) To rise up; to stand high.

୧	ଇ	ଉ	ର୍‌,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅର୍ଦ୍ଧନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଡ଼ଅ	ଖ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ତ

ଚୂଳ—ସଂ. ବି. (ଚୂଲ୍ ଧାତୁ=ଉନ୍ନତ ହେବା+କର୍ତ୍ତୃ. ଅ)—
Chūḷa ୧ । ଶିରୋରୁହ; କେଶ; ବାଳ—
1. Hair of the head

ନାନା ସୁଗନ୍ଧ ଦିବ୍ୟଫୁଲେ, ଲୁବୁଧେ ଭୃଙ୍ଗମାନେ ଚୂଳେ ।
ଭୂପତି, ପ୍ରେମପଞ୍ଚାମୃତ ।

୨ । ଚୁଟି; ଶିଖା; ମୁଣ୍ଡରେ ଛଡ଼ାଯିବା ଲମ୍ବ କେଶଗୁଚ୍ଛ—
2. A long tuft of hair left on the head.

ଦେ. ବି—୧ । ମସ୍ତକର ନଳାକାର ଭୂଷଣବିଶେଷ; ଲମ୍ବ ମୁକୁଟ—1. A conical head-dress worn on the skull.

୨ । ଗଣ୍ଠି ଦିଆ ହୋଇ କପାଳ ଉପରେ ସଜ୍ଜିତ ହେବା କେଶଗୁଚ୍ଛ; ଜଟ—2. A knot of hair tied and placed in upright position over the skull or brow.

୩ । ମୁଣ୍ଡ ଉପରେ ବନ୍ଧା ଯାଇଥିବା ଦଣ୍ଡାୟମାନ ପୁଷ୍ପସଜ୍ଜା—
3. A nosegay put on the brow in an upright position

(ଯଥା—ଜଗନ୍ନାଥଙ୍କ ମାଳଚୂଳ ।)

ଝୁଁଟି ୪ । ଓଟ; ପଶୁଆଦିଙ୍କ କାନ୍ଧ ଉପରେ ବାହାରି ଥିବା ମାଂସ-
ଡାଠା ପିଣ୍ଡ; କକୁଦ—4. Hump on the shoulders of certain animals (e.g. bull, camel).

୫ । ଚୁଲି ଉପରେ ହାଣ୍ଡିକୁ ମୁଣ୍ଡ ଇବା ନିମନ୍ତେ ବାହାରିଥିବା ମାଟି ପିଣ୍ଡୁଳା; ଚୁଲିଝିଙ୍କା—
5. The balls or clods of clay or earth (usually three) protruding from the rim of an oven to sustain the cooking pot.

୬ । କେତେକ ପକ୍ଷୀଙ୍କ (ଯଥା ମୟୂର, ଚୂଳିଆ ଚଢ଼େଇ, ଅଣ୍ଡିରା କୁକୁଡ଼ା ଆଦି) ମୁଣ୍ଡ ଉପରୁ ବାହାରି ଥିବା ପକ୍ଷଗୁଚ୍ଛ
6 A tuft of feathers protruding from the head of certain birds (e. g. peacock); cocks-comb.

୭ । (ସଂ ଚୂଡ଼) — ପର୍ବତ ଶିଖର —
7. Crest of a mountain.

ସ୍ୱର୍ଗେ-ପୃଥ୍ୱୀ ହିଂସକ ଉଡ଼ି ଗଲେ କଣ୍ଡଗିରି ଚୂଳେ ।
ରାଧାନାଥ, ପାର୍ବତୀ ।

୮ । ଅଗ୍ରଭାଗ—8. Top.

ଅଳ ସ୍ୱର୍ଣ୍ଣେ ପୁଣି ପେତକ ସବଲ୍ଲ ଚନ୍ଦ୍ରଶାଳା ଚୂଳେ ବସି ।
ରାଧାନାଥ—ପାର୍ବତୀ ।

୯ । କଣା ବା ଘର୍ଷ କରାଯାଇଥିବା କାଠର ଛିଦ୍ରରେ ପୂରାଯିବା କାଠର ଅଂଶ—9. Tennon.

୧୦ । ଚୂଳି (ଦେଖ)
10. Chūḷi (See)

୧୧ । ଝୁଣ୍ଟିଆ ଆଦି ଅଳଙ୍କାର ଉପରେ ବସାଯାଇ ଥିବ ଗୋବ—11. Knobs put on some ornaments.

ଚୂଳକ—ସଂ. ବି.(ଚୂଳ+ସ୍ୱାର୍ଥେ. କ)—୧ । ଚୂଳ (ଦେଖ)
Chūḷaka 1. Chūḷa (See)
ଚ୍ଚ ୨ । ଏକ ପ୍ରକାର ପାର୍ବତ୍ୟ ସିଜୁ—
2. A kind of mountain-cactus

[ଦ୍ର—ଏ ଗଛ ହିମାଳୟର ଦକ୍ଷିଣଭାଗ ଓ ପଞ୍ଜାବର କେତେକ ଜିଲ୍ଲାରେ ଦେଖାଯାଏ । ଏଥିର କ୍ଷୀରରେ ଗନ୍ଧକର ଅଂଶ ଅଧିକ ଥାଏ । ଏ କ୍ଷୀର ଅଗ୍ନିର ଉଦ୍ଦୀପକ । ଚଟକା କ୍ଷୀର ସୁଗନ୍ଧ । ବାସି କ୍ଷୀର ଦେହରେ ଲାଗିଲେ ଦେହରୁ ଛାଲ ଉଠିଯାଏ —
ହି.ଶବ୍ଦସାଗର]

ଚୂଳମୁକୁଟିଆ—ଦେ.ବିଣ.(ସଂ ଚୂଳ+ମୁକୁଟ)—ମୟୂର ଚୂଳର ମୁକୁଟଧାରୀ;
Chūḷamukṭiā ଯେ ମୟୂର ଚୂଳର ମୁକୁଟ ପିନ୍ଧେ— Wearing a crown of peacock-feathers.

ଚରଣ ଥାନ୍ତି ବାଳୁସ. ଚୂଳମୁକୁଟିଆ ସଖାମାନେ
କବିସୂର୍ଯ୍ୟ, କଟଣୋଷ୍ଟ ୭ ମ୍. ବ. ଗୀତ

ଚୂଳା—ସଂ. ବି. (ଚୂଳ+ଆ)—୧ । ଚୂଡ଼ା (ଦେଖ)
Chūḷā 1. Chūrḍā (See)
୨ । ପ୍ରାସାଦ ଉପରସ୍ଥ ଗୃହ; ଚନ୍ଦ୍ରଶାଳା—2. A pleasure-dome or turret at the top of a building.

ଚୂଳି—ଦେ.ବି. ୧ । (ସଂ. ଚୂଳ)—କଠଉର ଆଗ ପାଖରେ ଛିଦ୍ର ହୋଇ
Chūḷi ଉହିଁରେ ଠିଆ ବାଗରେ ମରିଥିବା ଛତାଗ୍ର କାଷ୍ଠଖଣ୍ଡ (ଏହାକୁ
ବଉଳ ବୁଢ଼ାଅଙ୍ଗୁଠି ଓ ଦ୍ୱିତୀଅଙ୍ଗୁଠିର ସନ୍ଧିରେ ରଖି ଲୋକେ କଠଉ
ଅଙ୍କୋଠା ମାଡ଼ନ୍ତି)—A button-topped peg driven into the upper front of wooden sandals (which is thrust into the interstics of the toe and second finger of the leg, while walking.

୨ । ପାହାଡ଼ର ଗୋଜିଆ ଶିଖର—
2. Conical peak of a hill.

ଚୂଳିଆ—ଦେ. ବିଣ.—୧ । ଯାହାର ଚୂଳ ଥାଏ; ଚୂଳଧାରୀ—
Chūḷiā 1. Having a tuft; tufted.

ହେ କୃଷ୍ଣ କଦମ୍ବମୂଳିଆ ମୟୂରଚନ୍ଦ୍ରିକାଚୂଳିଆ । ଭୂପତି, ପ୍ରେମପଞ୍ଚାମୃତ ।

୨ । ଯେଉଁ ଅଳଙ୍କାର ଆଦି ଉପରେ ଚୂଳ ବା ଗୋବ ଥାଏ--
2 Knobbed; having a knob.

୩ । ଗୋଜିଆ —3. Conical.

ବି.—୧ । ବାମଣ୍ଡା ରାଜ୍ୟର ଗୋଟିଏ ଉଚ୍ଚ ପର୍ବତ—1. Name of a lofty mountain in the Bamra state of Orissa.

ସାଧାରଣ ଲୋକେ ଅପର ଦୃଷ୍ଟାରେ ସରଳ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଣ୍ଣା ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଚୂଳ ପାରଧୀର ଛଳି—
ଚୂଳିଆ ଅଚଳ ତହୁଁ ଶାର୍ଦ୍ଦୂଳ ଯେସନେ,
ଓଲ୍ଲାଳେ ଶିକାର ଲୋକେ ବ୍ରାହ୍ମିଗଲେ ମନେ । ରାଧାନାଥ, ମହାଯାତ୍ରା ।

ଶାବୁଲବୁଲ ୨ । ଚୂଳଥିବା ଗୋବର୍‌ ଚଢ଼େଇ—
ସାବୁଲବୁଲ 2. The Paradise-fly-catcher (bird).

ଚୂଳିଆ ହଦ୍‌ହଦ୍—ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବି.—
Chūliā had had କାଠକଟା (ପକ୍ଷୀ) (ଦେଖ)
Kāṭhakaṭā (bird). (See)

ଚୂଳିକ—ସଂ. ବି.—(ଚୂଳ ଧାତୁ=ଉନ୍ନତ ହେବା+କର୍ତ୍ତୃ. ଇକ; ଯାହା
Chūḷika ଘିଅରେ ଛଣା ହୋଇ ଉନ୍ନତ ବା ଫୁଲୁକା ହୁଏ)—
୧ । ଘିଅପିଠା; ଲାକଟ୍ଟା—1. A kind of sweeet puffed up cake fried in ghee.
୨ । ଲୁଚି; ପତଳା ପୁରି (ହି. ଶବ୍ଦସାଗର)—2. A kind of thin bloated cake fried in ghee.
୩ । ଅଥର୍ବ ବେଦର ଏକ ଉପନିଷଦର ନାମ; ଚୂଳିକୋପନିଷଦ—2. Title of an Upanishada in the Atharba Beda.

ଚୂଳିକା—ସଂ. ବି.(ଚୂଳିକ+ଆ)—୧ । ଚୂଳିକ (ଦେଖ)
Chūlikā 1. Chūḷaka (See)
୨ । ନାଟକର ଅଙ୍ଗବିଶେଷ, ଯହିଁରେ ନେପଥ୍ୟରୁ କୌଣସି ଘଟଣାର ସୂଚନା ଦିଆଯାଏ; ନାଟ୍ୟାଙ୍ଗବିଶେଷ—
2. A part of a drama in which indication of some event is given from behind the scene.

[ଦ୍ର—ସଂସ୍କୃତ ନାଟକର ନିୟମ ଅନୁସାରେ ରଙ୍ଗମଞ୍ଚରେ ଯୁଦ୍ଧ, ମୃତ୍ୟୁ ଓ ବଧାଦିର ଅଭିନୟ କରିବା ନିଷିଦ୍ଧ; ଏଥିପାଇଁ ଏ ବିଷୟମାନଙ୍କର ସୂଚନା ନେପଥ୍ୟରୁ କରାଯାଏ । ମହାବୀର ନାମକ ସଂସ୍କୃତ ନାଟକରେ ରାମ ଓ ପରଶୁରାମଙ୍କ ଯୁଦ୍ଧ ଓ ରାମଚନ୍ଦ୍ରଙ୍କ ବିଜୟ ବିଷୟରେ ଏବମ୍ଭୂତ ସୂଚନା ଅଛି—ହି. ଶବ୍ଦସାଗର ।]

୩ । ହସ୍ତୀର କର୍ଣ୍ଣମୂଳ; ହାତୀର କାନମୁଣ୍ଡା—
3. The root of an elephant's ear.
୪ । ଚୂଡ଼ା (ଦେଖ)
4. Churḍa (See).

ଚୂଳିଝୁଣ୍ଟିଆ—ଦେ.ବି—ସ୍ତ୍ରୀଲୋକମାନଙ୍କ ଗୋଡ଼ର ଦ୍ୱିତୀ ଅଙ୍ଗୁଠି ଓ ମଝି-
Chūli-jhunṭiā ଅଙ୍ଗୁଠିରେ ପିନ୍ଧାଯିବା ଟୁଙ୍ଗୁରିଲଗା ଏକପ୍ରକାର
ଚୁଟକୀ ମୁଦ, ଯହିଁ ଉପରେ ଚୂଳ ବା ଗୋବ ଲାଗିଥାଏ—
चुटकी A kind of tinkling ring with a knob worn by females on the 2nd and 3rd fingers of the leg.

ଚୂଷ୍ (ଧାତୁ)—ସଂ— ଜିହ୍ୱାଦ୍ୱାରା ଶୋଷିବା; ଚୁଚୁମିବା—
Chūsh (root) Te suck.

ଚୂଷଣ—ସଂ. ବି (ଚୂଷ୍ ଧାତୁ+ଭାବ. ଅନ)—ଜିଭ ଓ ଓଠଦ୍ୱାରା
Chūshaṇa ଶୋଷିବା; ଚୋଷିବା; ଚୁଚୁମିବା—Sucking.
(ଚୂଷିତ, ଚୂଷଣୀୟ, ଚୂଷ୍ୟ—ବିଶେଷଣ)

ଚୂଷଣୀୟ—ସଂ. ବିଣ (ଚୂଷ୍ ଧାତୁ+କର୍ମ. ଅନୀୟ)—ଯାହା ଚୋଷା ହୋଇ
Chūshaṇiya ପାରେ; ଯାହା ଚୁଚୁମା ଯାଇ ପାରେ—
(ଚୂଷ୍ୟ—ଅନ୍ୟରୂପ) Capable of being sucked.

ଚୂଷା—ସଂ. ବି (ଚୂଷ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Chūshā ୧ । ଚୋଷିବା; ଶୋଷିବା; ଚୂଷଣ—1. Sucking.
୨ । (+କର୍ତ୍ତୃ ଅ+ସ୍ତ୍ରୀ. ଆ)—ହାତୀର ଅଣ୍ଟାଚାରିପାଖେ ବନ୍ଧାଯିବା ପେଟୀ ବା ରଜ୍ଜୁ—
2. A strap or rope passed round the waist of an elephant.

ଚୂଷି—ଦେ. ବି(ସଂ. ଚୂଷ ଧାତୁ)—ଚୁଚୁମା; ପିଲାଏ ଚୁଚୁମିବା ଖେଳନା--
Chūshi A plaything given to infants to suck
चूषी (representing mother's nipple).

ଚୂଷିତ—ସଂ. ବିଣ (ଚୂଷ୍ ଧାତୁ+କର୍ମ. ତ)—ଶୋଷା ହୋଇଥିବା;
Chūshita ଚୁଚୁମା ଯାଇଥିବା—Sucked.

ଚୂଷିବା—ଦେ. କ୍ରି (ସଂ. ଚୂଷ୍ ଧାତୁ)—ମୁହଁରେ ଶୋଷିବା; ଚୁଚୁମିବା;
Chushibā ଜିଭ ସାହାଯ୍ୟରେ କୌଣସି ଦ୍ରବ୍ୟରୁ ରସ ଶୋଷିନେବା-
চুষা, চোষা To suck.
चचोड़ना, चूसना

ଚୂଷ୍ୟ—ସଂ. ବିଣ (ଚୂଷ୍ ଧାତୁ+କର୍ମ. ଯ)—ଶୋଷିବାର ଯୋଗ୍ୟ—
Chushya Fit to be sucked.
(ଚୋଷ୍ୟ—ଅନ୍ୟରୂପ)

ଚେଆର୍—ବୈଦେ. ବି (ଇଂ. ଚେଆର୍)—ବେତ୍ରାସନ; ଚଉକି—
Cheār Chair.
চেয়ার
चेअर

ଚେଆର୍‌ମାନ୍—ବୈଦେ. ବି (ଇଂ ଚେଆର୍‌ମାନ୍; ଏଥିର ମୌଳିକ ଅର୍ଥ
Cheārmān ଯେ ଚଉକିରେ ବସେ)--ସଭାପତି; କୌଣସି ସଭା ବା
চেয়ারমান ସମାଜର ଅଧ୍ୟକ୍ଷ ବା ନେତା—Chairman;
चेअरमेन president.
(ଚେଆର୍‌ମେନ୍; ଚେର୍‌ମେନ୍—ଅନ୍ୟରୂପ)

ଚେଇ—ଦେ. ଅ—ଚେଇ ଚେଇ (ଦେଖ)—
Chei Chei chei (See)
हइ
चहै

ଚେଇ ! ଚେଇ !—ଦେ. ଅ—ହାତୀକୁ ଅଗକୁ ଗମନ କରିବାପାଇଁ ବା ପାଖ-
Chei! chei! ଅଡ଼କୁ ବୁଲାଇବା ପାଇଁ ବା ଫେରାଇବା ପାଇଁ
हइहइ ମାହୁନ୍ତ ଦ୍ୱାରା ବ୍ୟବହୃତ ଆଦେଶ—A word
चइचइ used in goading an elephant to advance or to turn round or to turn back.
[ଦ୍ର—ହାତୀକୁ ଠିଆ କରିବାପାଇଁ ବ୍ୟବହୃତ ଶବ୍ଦ—ଧାଇ ।]

୧	ଇ	ଉ	ଋଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍ଯ	ଉଅ	ଞ୍ଚ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟଁ	ଇଅ	ଞ୍ଜ	ନ୍ତ

ଚେଇଁ ଉଠିବା—ଦେ. କ୍ରି—୧ । (ଝାଉଁଳ ଯାଇଥିବା ଗଛ ଆଦ ପାଣି ପାଇଲେ) ପୁନର୍ବାର ସତେଜ ହେବା—1. To revive (said of withering plants when watered).
Cheiñ uṭhibā
ଜେଗେଉଠା
जगउठना

୨ । (ବିଶ୍ରାମ ନେଇଥିବା ବା ମନ୍ତ୍ର ଯନ୍ତ୍ରଦ୍ୱାରା କାଲା ଯାଇଥିବା ଡାହାଣୀ, ଭୂତ, ପ୍ରେତ ଆଦ ମନ୍ତ୍ରଯନ୍ତ୍ରର ପ୍ରଭାବରୁ ମୁକ୍ତ ହେବା ପରେ) ପୁଣି ନିଜର କରାମତ ଦେଖାଇ ଲୋକଙ୍କୁ ଉତ୍ପୀଡ଼ନ କରିବା—2. (said of ghosts which had been made powerless by magic) To revive after torpor.

୩ । ନିଦରୁ ଉଠିବା—3. To rise up from sleep.

ଚେଇଁ ବସିବା—ଦେ. କ୍ରି—ଉଜାଗର ହୋଇ ଅର୍ଥାତ୍ ନ ଶୋଇ ବସି ରହିବା—To keep a watch or vigil; to sit up; to keep watch.
Cheiñ basibā
ଜେଗେବସା

ଚେଇଁବା—ଦେ କ୍ରି (ସଂ. ଚେତନ; ଚିତ ଧାତୁ)—୧ । ନିଦରୁ ଉଠିବା—1. To wake up from sleep; to rise up from sleep.
Cheiñbā
ଜାଗା
चेतना

୨ । ଜାଗ୍ରତ ରହିବା—2. To keep awake; to sit up.
(ଚିଆଁଇବା; ଚ୍ୟାଇଁବା—ଶିଜନ୍ତରୂପ)

ତୁହି ତ ମୋର ପାଖେ ବସିଛୁ ଚେଇଁ—କୃଷ୍ଣସିଂହ. ମହାଭାରତ. ବନ ।

୩ । ଆଲସ୍ୟ ଛାଡ଼ି ସଚେତ ହେବା—3. To be enlivened; to wake up from torpor; to shake up drowsiness.

୪ । ସଜୀବ ହେବା; ପୁନରୁଜ୍ଜୀବିତ ହେବା—4. To show signs of vitality; to revive.

ଚିୟାନ ୫ । (ଚେଇଁବାର ଣିଜନ୍ତରୂପ) ଚିଆଁଇବା; କୌଣସି ବ୍ୟକ୍ତିକୁ ନିଦ୍ରାରୁ ଜାଗରିତ କରିବା—5 To awaken a person for sleep.

ଚେଇଁ ଶୋଇବା—ଦେ. କ୍ରି—ନିଦ୍ରାର ବାହାନା କରି ବିଛଣାରେ ପଡ଼ି ରହିବା—To feign sleep; to lie awake while seeming to be sleeping.
Cheiñ soibā
ଜେଗେଶୋୟା

ଚେଉ—ଦେ. ବି—ଚ୍ୟାଉ ପଟ୍ଟନାୟକ (ଦେଖ)—Chyāu paṭṭanāyaka (See)
Cheu

ଚେଉ ପଟ୍ଟନାଏକ—ଦେ. ବି—ଚ୍ୟାଉ ପଟ୍ଟନାୟକ (ଦେଖ)—Chyāu paṭṭanāyaka (See)
Cheu paṭanaeka

ଚେଓର—ଦେ. ବି—ସତ୍ୟଆମ୍ବା (ଫଳ)—Cocum Butter-fruit.
Cheora

ଚେଁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଚକୁଳିପିଠା ବା ଭଜା ଭାଜିବାର ଶବ୍ଦ—1. Sound produced when a pastry-cake is fried.
Cheñ
ଚିଁ
चें

ସାତ ଚକୁଳିକୁ ଚଉଦ ଚେଁ,
ଶାଶୁ ବୋଇଲେ କୋଉଁ ସବଂକେ । ଭଗ ।

[ଦ୍ର—ଚକୁଳି ପିଠା କରିବା ପାଇଁ ଚୁଲି ଉପରେ ବସିଥିବା ଉତ୍ତପ୍ତ କରେଇ ବା ତେଲକଣିରେ ପିଠୋଉ ଢଳା ହେଲାବେଳେ ଓ ଚକୁଳି ଲେଉଟା ହେବାବେଳେ ଓ ତେଲ, ଘିଅ ଆଦି ଦ୍ୱାରା ଭଜାଭଜି ହେବାବେଳେ ଓ କାକରା ଆଦି ପିଠା ଘିଅରେ ଛଣା ହେଲାବେଳେ "ଚେଁ" ଶବ୍ଦ ଶୁଣାଯାଏ ।]

୨ । ଦେହରେ ତାତିଲା ଲୁହା ମାଡ଼ିବାର ଶବ୍ଦ—2. Sound produced while marking the body with red-hot iron.

୩ । ଚେମ୍ପିଣୀ ଆଦ ଚଢ଼େଇ ଓ ଛୁଚୁନ୍ଦ୍ରା ଆଦଙ୍କର ଧ୍ୱନି—3. Chirping or squeaking sound of house-bats and moles.

ଚେଁ ଏଁ—ଦେ. ଅ (ଧ୍ୱନ୍ୟନୁକରଣ)—ଚେଁ (ଦେଖ)—Cheñ (See)
Cheñ-eñ

ଚେଁଖ—ଦେ. ବି—୧ । ତାତିଲା ଲୁହାଦ୍ୱାରା ଦେହରେ ଚିଆଁ ଦେବା—1. Branding or singeing the body with red-hot iron.
Cheñkha
ଛେଁକା; ଦାଗା
दाग

୨ । ଚିଆଁ; ଦାଗ—2. Brand or mark of singeing.

୩ । ଦୁଃଖ; ଯାତନା; ଉତ୍ପୀଡ଼ନ—3. Torture; harassment.

୪ । ପ୍ରତାରଣା—4 Deception; cheating.

୫ । ଦୁଃଖର ଅନୁଭୂତିରୁ ମନୁଷ୍ୟ ଲଭିବା ଶିକ୍ଷା—5. Lesson acquired by bitter experience.

ଚେଁଖ ଦେବା—ଦେ. କ୍ରି—୧ । ଦେହରେ ଗରମ ଲୁହାର ଦାଗ ବସାଇବା; ଚିଆଁଦେବା—1. To brand the body with red-hot iron.
Cheñkha debā
ଛେଁକାଦେଓୟା; ଦାଗା
दागना

୨ । ଯାତନା ଦେବା—2. To torture.

୩ । ପ୍ରତାରଣା କରିବା—3. To deceive.

ଚେଁଖ ପାଇବା—ଦେ. କ୍ରି—୧ । ଆପଣା ଦେହରେ ଚିଆଁ ବସିବା—1. To be branded with red-hot iron.
Cheñkha pāibā
ଦାଗାପାଓୟା
दागपाना

୨ । ଯାତନା ପାଇବା—2. To suffer pains.
(ଚେଁଖେ ପାଇବା—ଅନ୍ୟରୂପ)

ଚେଁଖ ବସାଇବା—ଦେ. କ୍ରି.—ଚେଁଖ ଦେବା ୧ (ଦେଖ)—Chsñkha debā 1 (See)
Cheñkha basāibā
(ଚେଁଖ ବସେଇବା—ଅନ୍ୟରୂପ)

ଚେଁଖା (ଇତ୍ୟାଦ)—ଦେ. ବି.—ଚେଁଖ ଇତ୍ୟାଦ (ଦେଖ)—Cheñkha etc (See)
Cheñkhā (etc)

ବିଣ.—ପ୍ରତାରକ—Deceitful

ଚେଁଖାଇବା—ଦେ. କ୍ରି.—୧ । ପ୍ରତାରଣାରେ ପକାଇବା; ଠକାଇବା—1. To deceive.
Cheñkhāibā
(ଚେଁଖେଇବା—ଅନ୍ୟରୂପ)

ସାଧାରଣ ନିୟମ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଉତ୍ପୀଡ଼ନ କରିବା—2. To harass; to oppress.
୩ । ଚେତାଇଦେବା—3. To remind.

ଚେଁଖାଏ ଦେବା—ଦେ. କ୍ରି.—ଚେଁଖେ ଦେବା (ଦେଖ)—
Chen̄khāe debā — To teach a lesson.

ଚେଁଖିବା—ଦେ. କ୍ରି.—୧ । (ଅକର୍ମକ)—ପ୍ରତାରିତ ହେବା—
Chen̄khibā — 1. To be deceived.
ठका — ୨ । (ସକର୍ମକ) ଚାଖଁ ଦେବା—2. To sear; to cauterise.
୩ । ଦୁଃଖମୟ ଅନୁଭବ ଦ୍ୱାରା ଶିକ୍ଷା ଲାଭ କରିବା—
3. To learn a lesson by bitter experience.

ଚେଁଖେ ଦେବା—ଦେ. କ୍ରି.—୧ । ଅତ୍ୟନ୍ତ କଷ୍ଟ ଦେବା—
Chen̄khe debā — 1. To give much pain; to harass.
ছেঁকাদেওয়া — ୨ । ସବକ୍ କରିବା; ପ୍ରତିହିଂସା ନେବା—
चोटदेना, दागदेना — 2. To take revenge.
୩ । ଠକାଇବା—3. To cheat.

ଚେଁଚାଁ—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଚୀଚୀକୂଚୀ)—ପକ୍ଷୀମାନଙ୍କର
Chen̄chān̄ — ଚେଁଚାଁ ଶବ୍ଦ—
কিচিরী মিচিরী, চিঁচিঁ — Chirping of birds; twittering;
चह चह, चिँचिँ, चेँ चेँ — warbling of birds.

ଚେଁଚେଁ—ଦେ. ଅ.—(ଧ୍ୱନ୍ୟନୁକରଣ)—୧ । ଅତିରୁଗ୍ଣ ଓ ଦୁର୍ବଳ
Chen̄chen̄ — ବ୍ୟକ୍ତିର ଖନଖନିଆ କଥା—
চেঁচেঁ — 1. Faint faltering nasal voice of a weak
चैँ चै — and sickly person.
୨ । ଉତ୍ତପ୍ତ କଡ଼ାହାଦିରେ ଜଳାଦି ଶୀତଳ ଦ୍ରବ୍ୟ ଢାଳିବା
ଶବ୍ଦ—2. The sound produced when some cold liquid is poured into a hot pan.
୩ । ଚେଁ (ଦେଖ)
Chen̄ (See)

ଚେଁଚେଁଆ—ଦେ. ଗୁଣ.—୧ । ଅତି ଦୁର୍ବଳ ଓ କ୍ଷୀଣ—
Chen̄chen̄yān̄ — 1. Very weak and debilitated.
চিঁচিঁয়া — ୨ । ଅତି ଦୁର୍ବଳ ଓ କ୍ଷୀଣ ଗଳାରେ ସ୍ୱର କରୁଥିବା—
चेँचर — Having a very weak and faltering voice (due to weakness and chronic illness).
୩ । ଚେଁ ଚେଁ ଶବ୍ଦ କରୁଥିବା—3. Making a chirping or squeaking sound.

ଚେଁ ଚେଁ ହେବା—ଦେ. କ୍ରି.—୧ । (ପକ୍ଷୀ) ଚେଁ ଚେଁ ଶବ୍ଦ କରିବା—
Chen̄ chen̄ hebā — 1. To chirp; to twitter.
চেঁচান, কিচকিচকরা — ୨ । (ଚାଉଳ ଆଦି ପିଠା ପାଇଁ ପିଠଉ କଡ଼େଇର
चिचियाना, चहचहाना — ତଳା ହେବା ସମୟରେ) ଚେଁ ଧ୍ୱନି କରିବା—
2. To produce a squeaking sound (said of a liquid or paste while poured into a pan on a fire).

୩ । (ଚଟୁଚୁନା ଆଦି) ଚେଁ ଚେଁ ଶବ୍ଦ କରିବା—
3. To squeak.
୪ । (ଅତି କ୍ଷୀଣ ବା ରୁଗ୍ଣ ବ୍ୟକ୍ତି) କ୍ଷୀଣ ବା ଖନା ସ୍ୱରରେ କଥା କହିବା—4. To speak in faint or faltering nasal tone (said of a very weak or invalid person.)

ଚେକ୍—ବୈଦେ. ବି. (ଇଂ)—୧ । ହିସାବପତ୍ର ବା ଟିକଟ ଆଦିର
Chek — ମୁକାବିଲା—1. Checking of accounts or tickets.
চেক — ୨ । ଖଜଣାଖାନାରୁ ବା ବାଙ୍କରୁ କୌଣସି ବ୍ୟକ୍ତିଙ୍କୁ ଟଙ୍କା ଦିଆ
चेक — ଯିବା ପାଇଁ ତାଙ୍କୁ ଯେଉଁ ବରାଦ ଚିଠି ବା ହୋଣ୍ଡି ଦିଆଯାଏ—
2. A cheque for payment of money to the holder by a treasury or bank.

[ଦ୍ର—ସାଧାରଣତଃ ଯାହାଙ୍କର କୌଣସି ବାଙ୍କ୍ ବା ଟ୍ରେଜରୀରେ ଟଙ୍କା ଜମା ଥାଏ, ଉକ୍ତ ବାଙ୍କ୍ ବା ଟ୍ରେଜରୀ ବହୁସଂଖ୍ୟକ ସାଧା ଚେକ୍-ସମ୍ବଳିତ ଖଣ୍ଡିଏ ଲେଖାଏଁ ଚେକ୍‌ବହି ତାଙ୍କୁ ଦେଇଥାନ୍ତି । ସେ ବହିରେ ଚେକ୍ ଓ ମୁଣ୍ଡା ଥାଏ । ଉକ୍ତ ବ୍ୟକ୍ତିଙ୍କର କାହାରିକୁ ଟଙ୍କା ଦେବାର ଦରକାର ହେଲେ ସେ ଖଣ୍ଡିଏ ଚେକ୍‌ରେ ଟଙ୍କାନେବା ବ୍ୟକ୍ତିଙ୍କ ନାମ ଓ ଟଙ୍କାର ପରିମାଣ ଲେଖି, ଦସ୍ତଖତ କରି ମୁଣ୍ଡାରେ ତହିଁର ଜାବେଦା ଟିପି ରଖି ଚେକ୍ ଖଣ୍ଡି ଚେକ୍-ବହିରୁ କାଟି ତାଙ୍କୁ ଦିଅନ୍ତି ଓ ମୁଣ୍ଡାଚେକ୍ ଖଣ୍ଡି ଆପଣା ପାଖରେ ରଖନ୍ତି ।]

୩ । ଚଉକୋଣିଆ ଘର ଅଙ୍କିତ ବା ବୁଣା ହୋଇଥିବା ଲୁଗା—
3. A chequered cloth; check.
୪ । ଚେକ୍ ପାଉତି (ଦେଖ)
4. Chek pāuti (See)

ଚେକ୍ କରିବା—ଦେ. କ୍ରି—୧ । ହିସାବପତ୍ର ମୁକାବିଲା କରିବା—
Chek karibā — 1. To check accounts.
চেককরা — ୨ । ରେଲ ବା ଭଡ଼ା ମଟର ବା ଟ୍ରାମ୍ ଗାଡ଼ିର ଯାତ୍ରୀ-
चेककरना — ମାନଙ୍କଠାରୁ ଟିକଟଗୁଡ଼ିକୁ ଦେଖି ମୁକାବିଲା କରିବା—
2. To check the tickets of the passengers of a railway, steamer, tram, or taxi.

ଚେକ୍ କାଟିବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ପରିମିତ ଧନ
Chek kāṭibā — ଦେବା ପାଇଁ କୌଣସି ବାଙ୍କ୍ ବା ଖଜଣାଖାନାର
চেককাটা — ଭାରପ୍ରାପ୍ତ ବ୍ୟକ୍ତିଙ୍କ ନାମରେ ଚେକ୍ (ହୋଣ୍ଡି ବା
चेककाटना — ବରାଦପତ୍ର) ଲେଖି, ସେ ଚେକ୍ ଖଣ୍ଡି ଚେକ୍-ବହିରୁ ଚିରି ଟଙ୍କା ନେବା ବ୍ୟକ୍ତିଙ୍କୁ ଦେବା ବା ବାଙ୍କ୍‌କୁ ପଠାଇ ଦେବା—To issue a cheque in favour of a payee.

ଚେକ୍‌ଦାଖିଲା—ବୈଦେ. ବି—ଚେକ୍ ପାଉତି (ଦେଖ)
Chek-dākhilā — Chek pāuti (See)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଶ	କ୍ଷ	ଇସ୍ପ	ଉଅ	ଙ
୨	ଈ	ଊ	ଋ	ଌ	ଯ୍ୱ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ୢ

ଚେକ୍ ପାଉତି—ବୈଦେ. ବ—ପ୍ରଜା ଖଜଣା ଦାଖଲ କଲେ ଜମିଦାର
Chek pāuti ପ୍ରଜାଙ୍କୁ ଯେଉଁ ଛପା ରସିଦ ଦଅନ୍ତି—
চেক দাখিলা Printed rent-receipt granted by
चेक दाखिला the Zamindar to a rent-paying tenant.

ଚେକ୍ ବହି—ବୈଦେ. ବ. (ଇଂ. ଚେକ୍ + ଫା. ବହି)—
Chek bahi ଯେଉଁ ବହିରେ ଗୁଡ଼ିଏ ସାଧା ବରାଦ-ପତ୍ର ଥାଏ—
চেক বহি Cheque-book; a book containing
चेक बहि blank cheques.
[ଦ୍ର—ଧନସ୍ୱାମୀ ଉକ୍ତ ବହିରୁ ଖଣ୍ଡିଏ ଖଣ୍ଡିଏ ଚେକ୍ ପୂରଣ ଓ ଦସ୍ତଖତ କରି କୌଣସି ବ୍ୟକ୍ତି ନାମରେ ବରାଦ ଲେଖି ତାଙ୍କୁ ଉକ୍ତ ଚେକ ଦେଲେ ସେ ବାଙ୍କରୁ କିମ୍ବା ଖଜଣାଖାନାରୁ ଉକ୍ତ ଚେକକୁ ଭଙ୍ଗାଇ ଟଙ୍କା ଆଣି ପାରେ ।]

ଚେକ୍ ବୁକ୍—ବୈଦେ. ବ. (ଇଂ)—ଚେକ୍ ବହି (ଦେଖ)
Chek buk Chek bahi (See)

ଚେକ୍ ମୁଣ୍ଡା—ଦେ. ବ— ମୁଣ୍ଡାଚେକ୍; ମୁଣ୍ଡିଚେକ୍; ପ୍ରଜାଙ୍କୁ ବା ଟଙ୍କା
Chek muṇḍā ଦାଖଲ କରିବା ବ୍ୟକ୍ତିକୁ ଦିଆଯିବା ଛପା
চেক মুঁড়ি ରସିଦର ମୂଳପାଳ (ଯାହା ଟଙ୍କା ଗ୍ରହଣ କରିବ
मुंड़ा चेक ବ୍ୟକ୍ତି ନିଜ ପାଖରେ ରଖେ)—
(ଚେକମୁଣ୍ଡି—ଅନ୍ୟରୂପ) Counterfoil of cheque-receipts kept with the person who grants the receipts on receipt of money.

ଚେକ୍ ରସିଦ୍—ବୈଦେ. ବ (ଇଂ. ଚେକ୍ ରସିଦ୍)—
Chek rasid ୧ । ଚେକ୍ ପାଉତି (ଦେଖ)
চেকরসিদ 1. Chek pāuti (See).
चेक रसिद ୨ । ଯେକୌଣସି ପ୍ରକାର ଧନପ୍ରାପ୍ତିର ଛପା ହୋଇଥିବା ସ୍ୱୀକାରପତ୍ର—Cheque-receipt.

ଚେକ୍ ମାସୁମୀ ଭିଡ଼ି ବସିବା—ପ୍ରାଦେ (ଯାଜପୁର) କ୍ରି—ଚେକା ପକାଇବା;
Chek mashumi bhirḍi basibā ଚେକାମାଲି ପକାଇ ବସିବା—
To squat cross-legged.

ଚେକର୍—ବୈଦେ. ବ. (ଇଂ)—ଯେଉଁ କର୍ମଚାରୀ ରେଲ ଆଦିର ଯାତ୍ରୀଙ୍କ
Chekar ଟିକଟମାନ ଚେକ୍ କରନ୍ତି—Ticket-checker.

ଚେକା—ଦେ. ବଣ. (ସ. ଚକ୍ର)—ଚକା; ଗୋଲ; ଚକ୍ରାକାର—
Chekā Circular.
ବ—୧ । ପଦ୍ମାସନ; ଚକା—1. Squatting on the ground with the buttocks and hips on the ground and entwining the legs together as to form a ring; squatting cross-legged.
ঘাসের চাবড়ী ୨ । କୋଡ଼ି ବା କାଉଁଆ ଦ୍ୱାରା ଉଠାଯିବା ଚକ୍ରାକୃତି
चीप; ढेला ମୃତ୍ତିକା ଓ ଘାସଖଣ୍ଡ—2. Clod of grassy earth; sod; turf cut by a spade.
୩ । ଗୋଲାକାର ଖଣ୍ଡ—3. A circular piece.
୪ । ଗୋଲାକାର ସୀମାବିଶିଷ୍ଟ ଭୂମି—
4. A circular plot or area.
୫ । ସାପ, ଚେଲୁଣିପୋକ ଆଦିଙ୍କର କୁଣ୍ଡଳୀକୃତ ଅବସ୍ଥାନ—
5. The spiral position or coil of the body assumed by serpents while at rest.

ଚେକାଇବା—ଦେ. କ୍ରି—ଚେକିଆଇବା (ଦେଖ)
Chekāibā Chekiāibā (See)

ଚେକା ଉଠାଇବା—ଦେ. କ୍ରି—ଚେକା କାଟିବା (ଦେଖ)
Chekā uthāibā Chekā kātibā (See)
ଚେକା ଉଠେଇବା—ଅନ୍ୟରୂପ)

ଚେକା କାଟିବା—ଦେ. କ୍ରି—ବନ୍ଧ ବା ସଡ଼କର ନୂଆ ମାଟି ଉପରେ ବସାଇବା
Chekā kātibā ପାଇଁ ତୃଣାବୃତ ମାଟିର ଢେଲାମାନଙ୍କୁ
ঘাসের চাবড়ী কাটা କୋଦାଳରେ ହାଣିବା—
चीपकाटना To cut turf or sods.

ଚେକା କୋଶଳା—ଦେ. ବ—ଯେଉଁ କୋଶଳାଶାଗର ଗଛ ଡେଙ୍ଗା
Chekā kosaḷā ହୋଇ ନ ବଢ଼ି ଭୂମିରେ ଚକ୍ରାକାର ସ୍ଥାନ
(ଡେଙ୍ଗା କୋଶଳା—ବିପରୀତ) ଅଧିକାର କରି ମାଡ଼େ—
The creeping variety of Kosaḷā pot-herb.

ଚେକା ଚେକା—ଦେ. ବଣ. (ସ. ଚକ୍ରାକାର)—୧ । ଗୋଲ ବସ୍ତୁଖଣ୍ଡ
Chekā chekā ବିଶିଷ୍ଟ—1. Round slices of.
গোল গোল ୨ । ଚକା ଚକା; ଗୋଲ ଗୋଲ (ବହୁତ ବସ୍ତୁ)—
गोल गोल 2. Circular (said of many things).

ଚେକାଚେକା ମାଉଲି—ଗ୍ରା.ବ.(ଶିଶୁବଚନ)—ଚକାଚକା ଭଉଁରି(ଦେଖ)
Chekā chekā māuli Chakā chakā bhaunri (See)

ଚେକାଛାଉଣି—ଦେ. ବ. (ସ. ଚକ୍ର + ଛାଦନ)—କୌଣସି ସ୍ଥାନକୁ
Chekā-chhāuṇi ଘାସଯୁକ୍ତ ଚକ୍ରାକାର ମୃତ୍ତିକାଖଣ୍ଡଦ୍ୱାରା ଆବୃତ
চাবড়াছাদনী କରିବା—Covering a place with
ढेलाजमाना sods or turfs; turfing
(ଚେକାଛାଆଣି, ଚେକାଛୁଆଣି, ଚେକାଛୁଆଣି—ଅନ୍ୟରୂପ)

ଚେକା ପକାଇବା—ଦେ. କ୍ରି—ଚକା ପକାଇବା (ଦେଖ)
Chekā pakāibā Chakā pakāibā (See)
(ଚେକା ପକେଇବା—ଅନ୍ୟରୂପ)

ଚେକା ପାଡ଼ିବା—ଦେ କ୍ରି—ଚକା ପକାଇବା (ଦେଖ)
Chakā pārḍibā Chakā pakāibā (See)
(ଚେକା ପାରିବା—ଅନ୍ୟରୂପ)

ଚେକାବନ୍ଦି—ଦେ. ବ—ଚେକା ଛାଉଣି (ଦେଖ)
Chekā-bandi Chekā chhāuṇi (See)

ଚେକା ଭିଡ଼ି ବସିବା—ପ୍ରାଦେ. (ଯାଜପୁର) କ୍ରି—
Chekā bhirḍi basibā ଚେକା ପକାଇବା (ଦେଖ)
Chakā pakāibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଥମ ୧ ଚକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ କୌଣସି ୨ ଚକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ତିର ବିପରୀତ ୨ ବା ୧ ଚକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ'ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଚେକାମାଉଲି—ଦେ. ବି—୧ । ଚକାଚକା ଭଉଁରି (ଦେଖ)
Cheka-mauli — Chakachaka bhaunri (See)
୨ । ପଦ୍ମାସନ—2. Cross-legged squatting.
(ଚେକାମାଲି, ଚେକାମଉଳି, ଚେକାମଲି—ଅନ୍ୟରୂପ)

ଚେକା ମାଡ଼ିବା—ଦେ. କ୍ରି—ଚକା ପକାଇବା (ଦେଖ)
Cheka mardiba — Chaka pakaiba (See)

ଚେକାସନରେ ବସିବା—ପ୍ରାଦେ (ଯାଜପୁର) କ୍ରି—ଚକା ପକାଇବା (ଦେଖ)
Chikasanare basiba — Chaka pakaiba (See).

ଚେକା ହାଣିବା—ଦେ. କ୍ରି—ଚେକା କାଟିବା (ଦେଖ)
Cheka haniba — Cheka katiba (See).

ଚେକି—ଦେ. ବି (ସଂ. ଚକ୍ର)—୧ । କ୍ଷୁଦ୍ର ଗୋଲାକାର ଖଣ୍ଡ; ଚକତି—
Cheki — 1. Small circular pieces.
চকতি
୨ । ସ୍ୱର୍ଣ୍ଣ ରୌପ୍ୟାଦିର ମୁଦ୍ରା—
चकत्ति — 2. Gold and silver coin.

ଚେକିଆ—ଦେ. ବି—ଚେକିଆ ସୁନା (ଦେଖ)
Chekia — Chekia suna (See).

ଚେକିଆଇବା—ଦେ. କ୍ରି (ସଂ. ଚକ୍ର)—୧ । ଚେକା ବା ଗୋଲ କରି କାଟିବା; ମଣ୍ଡଳାକାର କରି କାଟିବା—
Chekiaiba — 1. To cut into circle or circular slices; to make a circular cut.
୨ । ଗଛର ଗଣ୍ଡିକୁ ମୂଳରୁ ପୋଛିକରି କାଟିଦେବା—
2. To cut off a tree from the base.
(ଚେକାଇବା, ଚେକେଇବା—ଅନ୍ୟରୂପ)

ଚେକିଆ ସୁନା—ଦେ. ବି (ସଂ. ଚକ୍ରାକାର+ସ୍ୱର୍ଣ୍ଣ)—ସୁନା ମୋହର; ସ୍ୱର୍ଣ୍ଣମୁଦ୍ରା—Gold coin.
Chekia suna

ଚେକି କନ୍ଦା—ପ୍ରାଦେ (ଗଞ୍ଜାମ) ବି (ସଂ. ଚକ୍ର+କନ୍ଦ)—(ବୈଦ୍ୟକ) ଏକପ୍ରକାର ଗଛ—
Cheki kanda — A kind of medicinal plant.
[ଦ୍ର—ଏହାର ମୂଳର କନ୍ଦା ଗୁଆଦହି ସହିତ ବାଟି ଅତିସାର, ଆମରକ୍ତାତିସାର, ଗ୍ରହଣୀ ଓ ପ୍ରଦର ରୋଗରେ ସେବନ କରାଯାଏ ।]

ଚେକି ଚେକି—ଦେ. ବିଣ—୧ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡଯୁକ୍ତ—
Cheki cheki — 1. Full of circular bits.
୨ । କ୍ଷୁଦ୍ର ଓ ଗୋଲାକାର ବହୁ (ବସ୍ତୁ)—
2. Myriads of small and circular (things).

ଚେକି ଚେକି ମଦରଙ୍ଗା,
ଫୁଲ ଫୁଟେ ରଙ୍ଗା ରଙ୍ଗା—ଶିଶୁଗୀତ ।

୩ । କ୍ଷୁଦ୍ର ଗୋଲାକାର (ଖଣ୍ଡ ମାନ)—
3. Small and round (slices).

ଚେକିତାନ—ସଂ. ବିଣ (ଚିତ୍ ଧାତୁ ଯଙ୍ ଲୁଗନ୍ତ +କର୍ତ୍ତୃବାଚ୍ୟରେ ତାଚ୍ଛିଲ୍ୟାର୍ଥେ, ଅନ)—ସର୍ବଜ୍ଞ—
Chekitana — Omniscient
ସଂ. ବି—୧, । ମହାଦେବ—1. The God Siba.
୨ । ପ୍ରାଚୀନ ଭାରତର ଜନୈକ ନୃପତି—2. Name of a king of ancient India mentioned in the Mahabharata.
[ଦ୍ର—ଏ କୁରୁକ୍ଷେତ୍ର ଯୁଦ୍ଧରେ ପାଣ୍ଡବଗଣ ପକ୍ଷରେ ଯୁଦ୍ଧ କରୁଥିଲେ ଏବଂ ଦୁର୍ଯ୍ୟୋଧନଙ୍କ ଦ୍ୱାରା ହତ ହୋଇଥିଲେ ।]

ଚେଙ୍କ—ଦେ. ବି—ଚେଙ୍ଗ ୨ (ହରେକୃଷ୍ଣ ଦ୍ରବ୍ୟଗୁଣ) (ଦେଖ)
Chenka — Chenga 2 (See).

ଚେଙ୍କା—ପ୍ରାଦେ (ସିଂହଭୂମ) ବିଣ—ଖଟା—
Chenka — Of acid taste.
ପ୍ରାଦେ (ଯାଜପୁର) ବିଣ (ଗାଳିରେ ବ୍ୟବହୃତ)—ଯାହାକୁ ଅଗ୍ନିତପ୍ତ ଶଲାକାରେ ଚେଙ୍କିବା ବା ଦାଗିବା ଉଚିତ—(a term of abuse) (a person) Deserving to be seared.
ପ୍ରାଦେ (ଯାଜପୁର) ବି—ଚିଆଁ (ଦେଖ)
Chian (See).

ଚେଙ୍କିବା—ପ୍ରାଦେ (ଯାଜପୁର) କ୍ରି—କୌଣସି ଜୀବର ଦେହକୁ ତାତିଲା ଲୁହାରେ ଛେଙ୍କିବା ବା ଦାଗିବା—To sear or mark the body of an animal with hot iron.
Chenkiba

ଚେଙ୍ଖ (ଇତ୍ୟାଦି)—ଚେଁଖ (ଇତ୍ୟାଦି) (ଦେଖ)
Chenkha (etc) — Chenkha etc (See).

ଚେଙ୍ଗ—ଦେ. ବି—୧ । ଗଞ୍ଜପା ସାରପାଇଁ ହରିତାଳ ଓ ନୀଳ ବାଟି ପ୍ରସ୍ତୁତ କରାଯିବା ରଙ୍ଗ—1. A paint for the Ganjapa cards (prepared with yellow orpiment and indigo mixed together.
Chenga
চংগ
୨ । (ସଂ. ଚଲଦଙ୍ଗ; ଏହା ଚେଇଁ ଚେଇଁ ଯାଇ ପାରେ) ଶ୍ରେଷ୍ଠ ଗଡ଼ିଶା ମାଛ; କାଦୁଅଥିବା ଓ ପଙ୍କରେ ରହୁଥିବା ଏକପ୍ରକାର ଶ୍ରେଷ୍ଠ ମାଛ—2. A kind of small fish (with scales) living in muddy tanks; Ophicephalus Gachu.
চেঙ্গ, চাঙ্গ, চেং
चेङ्ग, चेनगा
[ଦ୍ର—ଯାଜପୁର ଅଞ୍ଚଳରେ ବ୍ରାହ୍ମଣମାନେ ଚେଙ୍ଗ ମାଛ ଖାଆନ୍ତି ନାହିଁ ।
ଚାରି ଅଙ୍ଗୁଳି ପର୍ଯ୍ୟନ୍ତ ଲମ୍ବ ଗଡ଼ିଶା ମାଛକୁ ଚେଙ୍ଗ କୁହାଯାଏ । ଏମାନେ ଦେଖିବାକୁ ସାନ ସେଉଳ ମାଛ ପରି, କିନ୍ତୁ ଏମାନଙ୍କ ଦେହ ଭାରି ଚିକ୍କଣ । ଚେଙ୍ଗ ଉଭୟଚର । ଚେଙ୍ଗ ପାଣି, ପଙ୍କ ଓ ପାଚିକୂଳରେ ଥିବା ଗାତମାନଙ୍କରେ ରହେ । ଏହାର ମୁଣ୍ଡ ଚେପ୍ଟା; ଧଣ୍ଡ ସାପ ପରି ଏହାର ଦେହ ଲମ୍ବା ଓ ଗୋଲ ।]

୧	ଇ	ଉ	ର୍,ର୍ହ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ସ	ଜ	ଶ,ଷ	କ୍ଷ	ଙ୍କ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ନ୍

୩ । ଚେଙ୍ଗ ହାବେଳି (ଦେଖ)
3. Chenga hābeḻi (See)

ପ୍ରାଦେ. (କଟକ) ବି—ଲମ୍ବ ଲାଞ୍ଜଯୁକ୍ତ କାଗଜର ଗୁଡ଼ି । (ଏହାର ଶେଷରେ ଖଣ୍ଡିଏ ଲମ୍ବା କେତେ ପତ୍ର ଲାଙ୍ଗୁଡ଼ି ଲାଗିଥାଏ, ଓ ସେଥିଯୋଗୁଁ ଉଡ଼ିଲା ବେଳେ ସେହି ଲାଙ୍ଗୁଡ଼ି ଇତସ୍ତତଃ ସଞ୍ଚାଳିତ ହୋଇ ଶବ୍ଦ କରେ)—A kind of paper-kite having streamers hanging down from it and making a humming sound while flying.

ଚେଙ୍ଗ ରାଶି ବେଙ୍ଗ ରାଶି—ଦେ. ବି. (ପ୍ରବଚନ ବା ଉକ୍ତି)—
Chenga rāsi benga rāsi ୧ । ଦୁଇ ଜଣଙ୍କ ମଧ୍ୟରେ କେବେ (ଚେଙ୍ଗ ରାଶିକି ବେଙ୍ଗ ରାଶି—ଅନ୍ୟରୂପ) ହେଲେ ମନ ନ ମିଳିବା ଅବସ୍ଥା—1. A phrase used with reference to two persons who are inimical to each other or who do never agree.
୨ । ଦୁଇ ଜଣଙ୍କର ଖୁବ ମନ ମିଳିବା ଅବସ୍ଥା—
2. A state of close intimacy or agreement between two persons.
(ଯଥା—ସେ ଦୁଇ ଜଣଙ୍କର ଚେଙ୍ଗ ରାଶି ବେଙ୍ଗ ରାଶି ।)
[ଦ୍ର— ଚେଙ୍ଗମାନେ ଅଳ୍ପ ପାଣିରେ ଥାଆନ୍ତି ଓ ପାଣିକୂଳରୁ ଥଳକୁ କିଛି ଦୂର ଡେଇଁ ଆସନ୍ତି । ବେଙ୍ଗମାନେ ମଧ୍ୟ ଅଳ୍ପ ପାଣିରେ ଥାଆନ୍ତି ଓ ପାଣିକୂଳରୁ ଥଳକୁ କିଛି ଦୂର ଡେଇଁ ଆସନ୍ତି । ପାଣି କୂଳକୁ କେହି ଗଲା ମାତ୍ରେ କୂଳରେ ଥଳରେ ଥିବା ଚେଙ୍ଗ ଓ ବେଙ୍ଗମାନେ ପାଣି ଭିତରକୁ ଫାଙ୍କ୍ ଫାଙ୍କ୍ ଡେଇଁ ପଡ଼ନ୍ତି । ଏହି କାରଣରୁ ଏମାନଙ୍କ ମଧ୍ୟରେ ଶତ୍ରୁତା ବା ମିତ୍ରତା ଥିବାର କଳ୍ପନା କରି ଏ ପ୍ରବଚନ ବ୍ୟବହୃତ ହୋଇଅଛି ।]

ଚେଙ୍ଗ ହାବିଳି—ଦେ. ବି—ଏକ ପ୍ରକାର ବାଣ; ଛୋଟ ହାଉଇ (ଏଥିରେ
Chenga hābiḻi ନିଆଁ ଲଗାଇଲାକ୍ଷଣି ଚେଙ୍ଗ ମାଛକୁ ଧରିବା
ছোটহাউই ବେଳେ ହାତରୁ ଖସିଗଲାପରି ଏହା ଆକାଶକୁ
छोटीहवाई ଉଠି ପଳାଏ)—
1. A kind of small rocket used as fireworks.

ଚେଙ୍ଗା—ଦେ. ବି—୧ । ହାତର ବୁଢ଼ା ଅଙ୍ଗୁଠି ଓ ତର୍ଜନୀ ଅଙ୍ଗୁଠି ଦ୍ୱାରା
Chengā ଅନ୍ୟର ଜଙ୍ଘକୁ ଚିମୁଟିବା; ଚୁଟିଆ—
1. A pinch on the thigh of a person with the thumb and index fingers; a pinch with the thumb and index finger.
୨ । ଚେଙ୍ଗ ୨ (ଦେଖ)
2. Chenga 2 (See)
୩ । ଚେଙ୍ଗ ହାବିଳି (ଦେଖ)
3. Chenga hābiḻi (See)

ବିଣ. (ସଂ. ଚଙ୍ଗ=ଦକ୍ଷ, କର୍ମଠ, ନୀରୋଗ)—
୧ । ସତେଜ; ତାଜା—
1. Animated; lively; fresh; enlivened.
চাঙ্গা ୨ । ନୀରୋଗ; ସୁସ୍ଥ—2. Hale and hearty.
चङ्गा, चाङ्गला ୩ । ଆଳସ୍ୟ ବା ନିଦ୍ରାମୁକ୍ତ—
3. Having shaken off stupor or slumber; freshened after sleep or rest.

ଚେଙ୍ଗି—ଦେ. ବି—ଚେଙ୍ଗା ୧ (ଦେଖ)
Chengi Chengā 1 (See)

ଚେଙ୍ଗେଇ ଚାଉଳ—ଦେ. ବି—୧ । ଗାଈଜଗା ପିଲାମାନେ ବିଲରୁ
Chengei chāuḻa ନୂଆ ଧାନ ଆଣି ସଢ଼େଇରେ ରଖି ପାଞ୍ଚଣ ଅଗରେ କୁଟି ଖାଇବା ପାଇଁ ସେ ଧାନରୁ ଯେଉଁ ଚାଉଳ କାଢ଼ନ୍ତି—1. Rice got from new paddy gathered by cowherd boys from the field in small quantities and husked in a cocoanut shell with the help of the cowherd's staff.
୨ । ବାଳକମାନେ ପାଚିଲା କଣ୍ଟେଇ କୋଳିକୁ ଆଣି ଗୋଟିଏ ସଢ଼େଇରେ ତହିଁରେ ଲୁଣ ଓ ଲଙ୍କା ମରିଚ ମିଶାଇ ଘୋଟି ପ୍ରସ୍ତୁତ କରିବା ଖାଦ୍ୟ ପଦାର୍ଥ—2. Ripe Kanṭei berries plucked by children from the bushes and mixed with salt and red pepper and crushed in a cocoanut shell

ଚେଞ୍ଚରୁଳି—ପ୍ରାଦେ. (ମେଦିନୀପୁର) ବି—ଚମ୍ପେଇ ନେଉଳ (ଦେଖ)
Cheñchruḻi Champei neuḻi (See)

ଚେଞ୍ଜ୍—ବୈଦେ. ବି. (ଇଂ)—ସ୍ୱାସ୍ଥ୍ୟ ଲାଭ କରିବା ଲାଗି ଜଳବାୟୁ
Cheñj ପରିବର୍ତ୍ତନ ପାଇଁ କିଛିଦିନ ସ୍ଥାନାନ୍ତର ଗମନ—
Temporary change of climate; change
চেঁজ of ones' place of residence for im-
चेँज provement of health

ଚେଟ—ସଂ. ବି. ପୁଂ. (ଚଟ୍ ଧାତୁ=ପ୍ରେରଣ କରିବା+କର୍ମ. ଅ)—
Cheṭa ୧ । ଭୃତ୍ୟ; ଦାସ—
(ଚେଟୀ—ସ୍ତ୍ରୀ) 1. A slave; an orderly; a servant.
୨ । ଉପନାୟକ (ଯେଉଁ ନାୟକ ମିଷ୍ଟବାକ୍ୟ ଦ୍ୱାରା ରୁଷ୍ଟା ସ୍ତ୍ରୀକୁ ତୁଷ୍ଟ କରେ)—2. A gallant who pacifies his enraged sweetheart with endearing words.
୩ । ଭଣ୍ଡ; ବିଦୂଷକ—3. A fool; jester.
୪ । ନାୟକ ଓ ନାୟିକାଙ୍କ ମିଳନ ଘଟାଇବା ପୁରୁଷ (ଶବ୍ଦସାଗର)—1. A go-between.

•ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୫ । ଏକ ପ୍ରକାର ମାଛ (ହି. ଶବ୍ଦସାଗର)—
5. A kind of fish.
୬ । ପତି; ସ୍ୱାମୀ (ହି. ଶବ୍ଦସାଗର)—6. Husband.
୭ । ଉପପତି; ଜାର (ଯୋଗେଶ୍ଚନ୍ଦ୍ର)—
7, Paramour.

ଚେଟକ—ସଂ. ବି. ପୁଂ. (ଚଟ୍ ଧାତୁ=ପ୍ରେରଣ କରିବା +କର୍ମ. ଅକ)—୧ । ଚେଟ (ଦେଖ)
Cheṭaka
(ଚେଟକା—ସ୍ତ୍ରୀ)
1. Cheṭa (See)
୨ । ଦୂତ (ହି. ଶବ୍ଦସାଗର)—2. A messenger.
୩ । ଆଡ଼ମ୍ବର; ଜାକ୍‌ଜମକ୍ (ହି. ଶବ୍ଦସାଗର)—
3. Show; parade.

ଚେଟକୀ—ସଂ. ବି. ପୁଂ. (ଚେଟକ+ଇନ୍, ୧ମା. ୧ବ.)—ଇନ୍ଦ୍ରଜାଲିକ; ବାଜୀଗର; ଯାଦୁକର (ହି. ଶବ୍ଦସାଗର)—
Cheṭakī
(ଚେଟକିନୀ—ସ୍ତ୍ରୀ)
Magician.

ଚେଟିକା—ସଂ. ବି. ସ୍ତ୍ରୀ. (ଚେଟକ+ସ୍ତ୍ରୀ. ଆ)—ଚେଟୀ (ଦେଖ)
Cheṭikā
Cheṭī (See)

ଚେଟୀ—ସଂ. ବି. ସ୍ତ୍ରୀ. (ଚେଟ+ସ୍ତ୍ରୀ. ଈ)—୧ । ଦାସୀ—
Cheṭī 1. A slave-girl; a maid-servant.
ଚେଟୀ ହେଲେ ହେଲେ ଏ ପୁରୁଷେ
ଚରଣ ନ କଲୁ ପୂଣ୍ୟ ପୂଣ୍ୟରେ—କବିସୂର୍ଯ୍ୟ. ରତ୍ନାକରଚନ୍ଦ୍ର; ଚ. ଗୀତ ।
୨ । ଉପନାୟିକା; ରକ୍ଷିତା ସ୍ତ୍ରୀ—2. A concubine.

ଚେଟୁ—ପ୍ରାଦେ. (ବସ୍ତର) ବି—ଅଣକ; ଡଙ୍କା—
Cheṭu
A wooden spoon or ladle.

ଚେଡ଼—ସଂ. ବି. ପୁଂ (ଚଟ୍ ଧାତୁ+କର୍ମ. ଅ)—ଦାସ; ଭୃତ୍ୟ—
Cherḍa (ଚେଡ଼ୀ—ସ୍ତ୍ରୀ)
Servant.
ପ୍ରାଦେ. (ପୁରୀ) ବି—ଛଣସକଠା; ଅପୁଷ୍ଟ ପଣସଫଳ; ପଣସଫଳର କଷି—Small and young jack-fruit.

ଚେଡ଼କ—ସଂ. ବି. ପୁଂ (ଚଟ୍ ଧାତୁ+କର୍ମ. ଅକ)—ଚେଡ଼ (ଦେଖ)
Cherḍaka (ଚେଡ଼କା—ସ୍ତ୍ରୀ)
Cherḍa (See)

ଚେଡ଼ୀ—ସଂ. ବି. ସ୍ତ୍ରୀ. (ଚେଡ଼+ସ୍ତ୍ରୀ. ଈ)—ଚେଟୀ (ଦେଖ)
Cherḍī
Cheṭī (See)
ଚନ୍ଦ୍ର ଶିବଙ୍କର ଆବରଣ ପେଡ଼ି
କେମାକୁ ଦେଖିଲେ ନନ୍ଦ୍ରାଗଇ ଚେଡ଼ୀ—ବ୍ରଜନାଥ. ନଦକେଶୁରୀ ।

ଚେଡ଼ୀପୁଅ—ଗ୍ରା. ବି. ପୁଂ. (ଗାଳିବିଶେଷ)—୧ । ଦାସୀପୁତ୍ର—
Cherḍipua 1. (a term of abuse) Son of a
(ଚେଡ଼ୀପୋ—ଅନ୍ୟରୂପ) concubine or maid servant.
ସିନ୍ଧୁର ଫଳୁଆ ଗୋଟି କାହି ଚେଡ଼ୀପୋ କେଉ
କାହି ଚେଡ଼ୀପୋ କେଇ କରି ଦେଉଳ ଚୋଦନ—ଶିଶୁଗୀତ ।
୨ । ନୀଚକୁଳ ପ୍ରସୂତ ବ୍ୟକ୍ତି—2. A lowborn person.
୩ । ନୀଚଲୋକ—3 A mean person

ଚେଣି (ଇତ୍ୟାଦି)—ଗ୍ରା. ବି—ଚିନି ଇତ୍ୟାଦି (ଦେଖ)
Cheṇi (etc)
Chini etc (See)

ଚେଣ୍ଟା—ଦେ. ବିଣ. ପୁଂ—୧ । ଯେ ଏକ କଥାକୁ ବାରମ୍ବାର କହି ଚିଡ଼ାଏ
Chenṭā
(ଚେଣ୍ଟେଇ—ସ୍ତ୍ରୀ)
ଲରେ—1. Teasing; pertinacious.
୨ । କଳହୁଡ଼ା—2. Quarrelsome.
୩ । ଅତି କୃପଣ—3. Very miserly; niggardly.
୪ । ଯେ ଦରଦାମରେ ଖିଚିମାରି କରେ—
4. Higgling and haggling.

ଚେଣ୍ଟାଲ୍—ଦେ ବି. ଓ ବିଣ. ସ୍ତ୍ରୀ. (ଗାଳିବିଶେଷ; ସଂ. ଛିନ୍ନା; ଭୁଲ. ପ୍ରା. ଛିନ୍ନାଳଅ)—ନଷ୍ଟା (ସ୍ତ୍ରୀ); ଛିଣ୍ଡାଳ—
Chenṭāl
ছেনাল
छिनाल
(ଚେଣ୍ଟାଲି—ଅନ୍ୟରୂପ)
Adulteress; lewd (woman).

ଚେଣ୍ଟେଇବା—ଦେ. କ୍ରି. (ସଂ. ଚଣ୍ଡ, କମ୍ପା ଚଟ ଧାତୁ=ଭେଦନ)—
Chenṭeibā ୧ । ଖିଚିମାରି ହେବା; ଗୋଟିଏ କଥାକୁ ବହୁବାର
চটান କହି ଚିଡ଼ିଆ କରିବା—1. To tease a person
खिजाना by repeatedly saying the same thing; to importune.
୨ । କୃପଣତା ପ୍ରକାଶପୂର୍ବକ ଦରଦାମରେ ଖିଚିମାରି କରିବା—
2. To higgle and haggle.

ଚେଣ୍ଟେଇ—ଦେ. ବି. ସ୍ତ୍ରୀ—ସାମାନ୍ୟ ବାଳିକା—
Chenṭei
An ordinary girl.
ଦେ. ବିଣ. ସ୍ତ୍ରୀ—ଚେଣ୍ଟାର ସ୍ତ୍ରୀଲିଙ୍ଗ—
Feminine Chenṭā.

ଚେଣ୍ଟି ହାତ—ପ୍ରାଦେ. (କାନ୍ଥି; ମେଦନୀପୁର; ଯାଜପୁର)ବି—ବାଁଆଁହାତ—
Chenṭri hāta
Left hand

ଚେଣ୍ଡା—ପ୍ରାଦେ. (ଗଡ଼ଜାତ) (ସଂ. ଚଣ୍ଡ)—ଅଣ୍ଡିରା ମଇଁଷି—
Chenḍā
A male buffalo.
ବିଣ.—ଯୁବା ବୟସ୍କ—Youthful.

ଚେଣ୍ଡିଆ—ପ୍ରାଦେ. (ଗଡ଼ଜାତ) ବିଣ. (ସଂ. ଚଣ୍ଡ)—ନବଯୁବା—
Chenḍiā Youthful (person); of blooming youth.

ଚେତ୍—ସଂ. ଅ.—(ଚିତ୍ ଧାତୁ=ଜାଣିବା+କର୍ତ୍ତୃ. କ୍ୱିପ୍)—୧ । ଯଦି—
Chet
1. If.
୨ । କଦାଚିତ୍—2. If ever.
[ଦ୍ର—ଏ ଶବ୍ଦର ଓଡ଼ିଆରେ ସ୍ୱତନ୍ତ୍ର ବ୍ୟବହାର ନାହିଁ; କିନ୍ତୁ ସଂ. ନୋଚେତ୍, ନଚେତ୍ ଶବ୍ଦମାନ ଓଡ଼ିଆରେ ବ୍ୟବହୃତ ହୁଏ ।]
ଦେ. ବି. (ସଂ. ଚେତନ)—୧ । ବିବେଚନା—
1. Thought; reasoning.
୨ । ସଂଜ୍ଞା; ଜ୍ଞାନ—2. Consciousness.

ଚେତ—ଦେ ବି. (ସଂ. ଚେତସ୍)—୧ । ଚେତ; ଜ୍ଞାନ—
Cheta
চেত
चेत
1. Consciousness.
୨ । ଜାଗରଣ—
2. Awakening.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଅ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଊ	ନ୍

୩ । ଇଚ୍ଛା; ମନ—3. Mind; wish.

ଚେତ ମୋ ଯେବେ ନ ବଳେ ଅଲକ୍ଷ । କବିସୂର୍ଯ୍ୟ. ସଙ୍ଗୀତ ।

୪ । ସାବଧାନତା; ହୁସିଆର୍—
4. Carefulness; caution.

୫ । ସ୍ମରଣ; ଖିଆଲ—5. Remembrance; memory.

ଚେତଃ—ସଂ. ବି. (ଚିତ୍ ଧାତୁ+କର୍ତ୍ତୃ. ଅସ୍; ଚେତସ୍ ଶବ୍ଦ)—
Chetaḥ ୧ । ମନ; ଅନ୍ତଃକରଣ; ଚିତ୍ତ—1. Mind; heart.
୨ । ଜ୍ଞାନ—2. Knowledge.
୩ । ଚିତ୍ତବୃତ୍ତି—3. Reasoning faculty.
୪ । ଚୈତନ୍ୟ—4. Consciousness.
୫ । ଆତ୍ମା—5 Soul

ଚେତକ—ସଂ. ବିଣ. (ଚିତ୍ ଧାତୁ+କର୍ତ୍ତୃ. ଅକ)—୧ । ଯେ ସ୍ମରଣ
Chetaka କରାଏ—One who reminds; reminding.
୨ । ଯେ ଚେତନା ଜନ୍ମାଏ—2. One who restores consciousness.
୩ । ଯାହା କର୍ତ୍ତବ୍ୟାକର୍ତ୍ତବ୍ୟବୋଧ ଜନ୍ମାଏ—
3. That which arouses one's conscience.

ଚେତକୀ—ସଂ. ବି. ସ୍ତ୍ରୀ. (ଚେତକ+ସ୍ତ୍ରୀ. ଈ)—୧ । ବୈଦ୍ୟଶାସ୍ତ୍ରୋକ୍ତ
Chetakī ସୁଗନ୍ଧଯୁକ୍ତ ହରିଡ଼ା—A kind of sweet-scented myrobalan.

[ଦ୍ର—କଥିତ ଅଛି ଯେ ଏ ହରିଡ଼ାକୁ ହାତରେ ଧଇଲେ ବା ଉକ୍ତ ଗଛର ତଳକୁ ଗଲେ ଲୋକର ଝାଡ଼ା ହୋଇ ଯାଏ; ଏ ପ୍ରକାର ହରିଡ଼ା ଉପରେ ୩ଟ ରେଖା ଥାଏ । ଏ ହରିଡ଼ା ଆଜିକାଲି ମିଳେ ନାହିଁ । (ହି. ଶବ୍ଦସାଗର)]

୨ । ଜାଇଫୁଲ; ଜାତିପୁଷ୍ପ—2. Jasminum Grandifloria.
୩ । ଶ୍ରୀରାଗର ସ୍ତ୍ରୀ ରାଗିଣୀ ବିଶେଷ (ହି. ଶବ୍ଦସାଗର)—
1. A kind of secondary tune.
୪ । ହରିଡ଼ା (ହି. ଶବ୍ଦସାଗର)—4. Myrobalan.

ଚେତନ—ସଂ. ବି. (ଚିତ୍ ଧାତୁ+କର୍ତ୍ତୃ. ଅନ)—୧ । ଆତ୍ମା—
Chetana 1. Soul.
୨ । ଜୀବ; ପ୍ରାଣୀ—2. Animal.
୩ । ଚିତ୍ତ—3. Heart; mind.
୪ । (+ଭାବ. ଅନ) ଚେତନା; ଜ୍ଞାନ—
4. Consciousness; perception.

କ୍ଷଣକେ ହୋଇ ହତଜ୍ଞାନ,
କ୍ଷଣକେ ଲଭଇ ଚେତନ । ଜଗନ୍ନାଥ. ଭାଗବତ ।

ବିଣ.—୧ । ଚେତନାଶାଳୀ; ସଜୀବ—
ଚେତନତା } ବି.
ଚେତନତ୍ୱ } 1. Animate; sentient; intelligent.
୨ । ଜାଗ୍ରତ; ହୁସିଆର୍; ସାବଧାନ—
2. Wakeful; on one's guard.

ଦେ. ବି—ଜୀବନ—Life

ବ୍ୟାଧ କବ୍ୟାଧ ଜୀବନ ହରଣେ କେହି ଚେତନ ରହିଛ ଏହି କଠନ ହେଲ ସେ ।
ଭଞ୍ଜ. ବୈଦେହୀଶବିଳାସ ।

ଚେତନକୀ—ସଂ. ବି. ସ୍ତ୍ରୀ. (ଚେତନ+ସ୍ୱାର୍ଥେ କ+ଈ)—
Chetanakī ଚେତକୀ ୧ (ଦେଖ)
Chetakī 1 (See).

ଚେତନ ପଦାର୍ଥ—ସଂ. ବି—ଜୀବ; ଯାହାର ଜୀବନର ଅନୁଭୂତି ଅଛି—
Chetana padārtha A sentient or living being.

ଚେତନା—ସଂ. ବି. (ଚେତନ+ଆ)—୧ । ସଂଜ୍ଞା; ଜ୍ଞାନ; ଅନୁଭୂତି;
Chetanā ଚୈତନ୍ୟ—1. Sensation; consciousness.
୨ । ବୁଦ୍ଧି—2. Inward perception.
୩ । ଜୀବନ—3. Animation.
୪ । ମନ—4. Mind.
୫ । ଜାଗରଣ; ନିଦ୍ରାଭଙ୍ଗ—5. Awakening.
୬ । ସ୍ମୃତି—6. Remembrance.

ଚେତନାହୀନ—ସଂ. ବିଣ. (ଷଷ୍ଠୀ ତତ୍; ଚେତନା+ହୀନ)—
Chetanā-hīna ୧ । ନିର୍ଜୀବ—1. Inanimate.
୨ । ସଂଜ୍ଞାହୀନ—2. Unconscious; insensible.

ଚେତନୀୟ—ସଂ. ବିଣ. (ଚିତ ଧାତୁ+କର୍ମ ଅନୀୟ)—ଜାଣିବା ଯୋଗ୍ୟ—
Chetaniya Knowable.

ଚେତ ପଶିବା—ଦେ. ବି—୧ । ସାବଧାନ ହେବା; ହୋଷ ହେବା—
Cheta paśibā 1. Becoming careful.
চেতহওয়া ୨ । ଚେତା ପଶିବା (ଦେଖ)—
चैतन्यहोना 2 Chetā paśibā (See)

ଚେତବ୍ୟ—ସଂ. ବିଣ. (ଚି ଧାତୁ+କର୍ମ ତବ୍ୟ)—ଚୟନ କରିବା ଯୋଗ୍ୟ—
Chetabya Fit to be plucked or gathered.

ଚେତସ୍—ସଂ. ବି—ଚେତଃ (ଦେଖ)
Chetas Chetaḥ (See) :

ଚେତା—ଦେ. ବି. (ସଂ. ଚେତଃ)—୧ । ଚେତନା; ଚୈତନ୍ୟ; ହୋସ୍;
Chetā ଜ୍ଞାନ—1. Consciousness
চৈতন্য ଚେତା ଥିଲା ପର କହ, ପଣ୍ଡିତ ତ ହେଉଅଛ ।
चेत କବିସୂର୍ଯ୍ୟ. କଣୋଇରାମ୍ଭ. ଚ. ଗୀତ ।
୨ । ଜାଗରଣ—2. Awakening; watchfulness.
୩ । ସ୍ମରଣ—3. Remembrance.
সজাগ ବିଣ—୧ । ଜାଗ୍ରତ; ଗତନିଦ୍ର—
होसिआर 1. Awakened from sleep; watchful.
୨ । ମୋହରୁ ବିମୁକ୍ତ—2. Free from illusion.
୩ । ହୋସ୍ ଥିବା (ବ୍ୟକ୍ତି)—3. Conscious (person).

ଚେତାଇବା—ଦେ. କ୍ରି. (ଚିତ୍ ଧାତୁର ଣିଚ=ଚେତି ଧାତୁ; ଚେତିବାର
Chetaibā ଣିଜନ୍ତ ରୂପ)—୧ । ଅନ୍ୟକୁ ସ୍ମରଣ କରାଇବା—
চিতান; চেতান; চিয়ান 1. To remind a person.
चिताना ଲଜ୍ଜା ହେଉଛି କାହାକୁ, ଚେତାଇବାର ଅସ୍ତ୍ର ସିନା ମୋ ନାହାକୁ ।
ଭଞ୍ଜ. ପ୍ରେମସୁଧାନିଧି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

(ଚେତେଇବା—ଅନ୍ୟରୂପ) ୨ । ସତର୍କ କରିବା—
2. To caution a person.
୩ । ନିଦ୍ରାରୁ ଉଠାଇବା—
3. To awaken a person from sleep.
୪ । ଜ୍ଞାନ ଉଦୟ କରିବା; ଦିନାକେତେ ମନେ ରହିଲା ଭଳି ଶିକ୍ଷା ଦେବା—4. To teach a lesson which will last in the mind for some time to come.

ଦୁଷ୍ଟଙ୍କୁ ଦଣ୍ଡ ବାନ୍ଧିବେ
ଚେତାଇ ଦେବେ ଇଷ୍ଟସ୍ଥିର । ଭୂପତି. ପ୍ରେମପଞ୍ଚାମୃତ ।

୫ । ପୁନରୁଜ୍ଜୀବିତ କରିବା—
5. To bring one to senses.
୬ । ଆଳସ୍ୟ ଛଡ଼ାଇବା; ଉତ୍ତେଜିତ କରିବା—
6. To excite; to stimulate.
୭ । ମନେପକାଇବା; ସ୍ମରଣ କରିବା—
7. To remember; to recollect.

ଚେତିଲେ କୃଷ୍ଣଙ୍କୁ ଚେତାଇ
ଡାକିଲେ ବେଦାନ୍ତ ମିଶାଇ । ଭୂପତି. ପ୍ରେମପଞ୍ଚାମୃତ ।

ଚେତାଉଣି—ଗ୍ରା. ବି. (ସଂ. ଚିତ୍ ଧାତୁ)—ଚେତାନି (ଦେଖ)
Chetāuṇi — Chetāni (See)
चेतावनी

ଚେତା କରାଇବା—ଦେ. କ୍ରି—ଅଚେତନ ଲୋକର ଚେତନା ଆଣିବା—
Chetā karāibā — To restore a person to consciousness.
জাগান
होस दिलाना
(ଚେତା କରିବା—ଅନ୍ୟରୂପ)

ଚେତା ଚଇତନ—ଗ୍ରା. ବି. (ସହଚର)—ଚେତନା—
Chetā chaitana — Consciousness.
চেতাচৈতন্য
होसहवास

ଚେତାନି— ଦେ. ବି (ସଂ. ଚିତ୍ ଧାତୁ)— ୧ । ସତର୍କ କରିବା—
Chetāni — 1. Making one watchful
চিতানি — ୨ । ନିଦରୁ ଉଠାଇବା—2. A wakening.
चितानी — ୩ । ଉତ୍ତେଜନା—3. Exciting; stimulating.
୪ । ସ୍ମରଣ କରାଇବା—4. Reminding.

ଚେତା ପଶିବା—ଦେ. କ୍ରି—୧ । ହଠାତ୍ କୌଣସି ବିଷୟରେ ସତର୍କତା ବା ଜ୍ଞାନର ଉଦୟ ହେବା—1. Becoming suddenly conscious or cautious.
Chetā paśibā
জ্ঞানআঁসা
होसआना — ୨ । ସଂଜ୍ଞା ଲାଭ କରିବା—2 Being restored to consciousness.
(ଚେତା ବହିବା, ଚେତା ହେବା—ଅନ୍ୟରୂପ)

ଚେତା ବୁଡ଼ିବା—ଦେ. କ୍ରି (ରୋଗାଦି ହେତୁରୁ) ବାହ୍ୟଜ୍ଞାନର ଲୋପ ହେବା—Loss of consciousness.
Chetā burḍibā
জ্ঞানলোপ হওয়া
होस डूबना

ଚେତା ହେବା—ଦେ. କ୍ରି—ସଚୈତନ୍ୟ ହେବା; ଚେତନ ଅବସ୍ଥାକୁ ଆସିବା—To come to one's senses.
Chetā hebā
ଦେ. କ୍ରି—ଚେତା ପଶିବା (ଦେଖ)
Chetā paśibā (See)

ଚେତାଳ—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଚେତନ)—୧ । ଜାଗ୍ରତ—
Chetāḷa — 1. Watchful; wakeful.
হোসিআর — ୨ । ଯେ ଆଗ ପଛ ବିଚାରି କାର୍ଯ୍ୟ କରେ—
होशिआर — 2. Circumspect.
୩ । ହୁସିଆର; ସତର୍କ; ସାବଧାନ—
3 Cautious; careful.
୪ । ବ୍ୟୟ ସମ୍ବନ୍ଧରେ ସାବଧାନ—4 Provident.

ଘୋଡାଶାଳ, ଉଟଶାଳ, ରୁଅ ହେନ୍ତାଳ, ଘଣ୍ଟି ବେତାଳ,
ଘରଣୀ ଚେତାଳ, ତେବେ ସେ ଘର ଯାଏ ଅପାରକାଳ । ଡାକ ।

ଚେତିତ—ସଂ. ବିଣ (ଚିତ୍ ଧାତୁ ଣିଚ=ଚେତି ଧାତୁ+କର୍ମ. କ୍ତ)—
Chetita — ୧ । ଜ୍ଞାପିତ—1. Informed.
୨ । ଜାଗ୍ରତ—2. Awakened.

ଚେତିବା—ଦେ. କ୍ରି (ସଂ. ଚିତ୍ ଧାତୁ)—୧ । ନିଦରୁ ଉଠିବା—
Chetibā — 1. To wake up from sleep.
চিআ
चौता

ଚେତି ଚଉଦିଗ ଚାହିଁଲା ନଣି ନାଶେ ପାଶେ ନାହିଁ ଦିବ୍ୟ ତରୁଣ ।
ଉପେ. ଲାବଣ୍ୟବତୀ ।

୨ । ମନେପକାଇବା; ସ୍ମରଣ କରିବା—2 To recollect.

ଚେତି ପାଇଲେ ନିଜ ଜ୍ଞାନ, ଜାଣିଲେ କୃଷ୍ଣ ଭଗବାନ । ଭୂପତି. ପ୍ରେମପଞ୍ଚାମୃତ ।

୩ । ଇନ୍ଦ୍ରିୟଦ୍ୱାରା ଜାଣିବା—
3. To perceive; to be conscious.
୪ । ସତର୍କ ହେବା—4. To be cautious.

ଚେତିଲା ନାରୀ ଘର କରେ—ଢଗ ।

୫ । ଜାଣିବା—5. To know; to realise.

ମୋତେ ତୁଚ୍ଛାକର କରିଲେଟି ମୁଁ କଥର ଖର ଝପୁଁ ଚେତି ଲାଗେ ଜରଜର ।
ଉପେ. ପ୍ରେମସୁଧାନିଧି

୬ । ମନେ ରଖିବା—
6. To remember.

ଦୂରକର ଦାପରକୁ ଚେତ—କବିସୂର୍ଯ୍ୟ, ରତ୍ନାକରଚମ୍ପୂ ତ ଗୀତ ।

ପ୍ରାଦେ (ସମ୍ବଲପୁର) କ୍ରି—ଚେଇଁବା; ଜାଗ୍ରତ ହେବା—
To watch up; to keep awake.
[ଚେତା(ତେ)ଇବା—ଣିଜନ୍ତରୂପ]

ଚେତୁଆ—ଦେ. ବିଣ—୧ । ଜାଗରୁକ—
Chetuā — 1. Watchful,
୨ । ସତର୍କ—2. Cautious.
(ଚେତୁଆଳ - ଅନ୍ୟରୂପ) ୩ । ଯେ ଅନୁଭବଦ୍ୱାରା ଜ୍ଞାନ ଲାଭ କରେ—3. Profiting by experience.

ଚେତୋଇବା—ଦେ. କ୍ରି. (ସଂ. ଚେତୋଇବା)—
Chetoibā — ୧ । ଚେତାଇବା (ଦେଖ)
চিয়ান — 1. Chetāibā (See)

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଈ
୨	ଇ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଵ	ନ୍ତ

चेताना ୨ । ସ୍ମରଣ କରିବା; ଚେତାଇବା—2. To recollect
ଚେତଇଲେ ଯାହା ବୋଲେ ଲଇ ରାଜ
ଚେତୋଉ ନାହିଁ ସେ ଉସକୁ ଅନ—ଜଗନ୍ନାଥ. କବତା ।

ଚେଦ—ସଂ. ବ (ନାମ)—ପ୍ରାଚୀନ ଭାରତର ରାଜ୍ୟବିଶେଷ; ଶିଶୁପାଳର ରାଜ୍ୟ; ଚନ୍ଦେଲ୍ (ଆଧୁନିକ ବୁନ୍ଦେଲଖଣ୍ଡ)— (ଚୈଦ୍ୟ; ଚେଦୀ—ଅନ୍ୟରୂପ)
Chedi
Name of a kingdom of ancient India (modern Bundelkhand).

ଚେଦପତି—ସଂ. ବ (୬ଷ୍ଠୀ ତତ୍; ଚେଦ+ପତି)—ଶିଶୁପାଳ—
Chedipati
King Śisupāla.
ଚେଦିରାଜ }
ଚେଦୀଶ୍ୱର } —ଅନ୍ୟରୂପ

ଚେଦୀ (ଇତ୍ୟାଦି)—ସଂ. ବ—ଚେଦି ଇତ୍ୟାଦି (ଦେଖ)—
Chedī (etc)
Chedi etc (See)
ଆସନ୍ତି ଅମିତଚେଦୀ ଚେଦୀ ମହୀପାଳରେ—ରାଧାନାଥ. ମହାଯାତ୍ରା ।

ଚେନ୍—ବୈଦେ. ବ (ଇଂ ଚେନ୍)—୧ । ଜଞ୍ଜିର; ଶିକୁଳି—
Chen
1. Chain.
चेन
୨ । ଲୁଗାରେ ପକେଟ୍-ଘଡ଼ି ଝୁଲାଇବା ଶିକୁଳି—
चेन; चेइन्
2. Watch-chain.
ନବ୍ୟ ଘଡ଼ି ଚେନ୍ ପ୍ରାଚୀନ କୁଣ୍ଡଳ—ରାଧାନାଥ. ଦରବାର ।
୩ । ଭୂମି ମାପିବା ଶିକୁଳି; ଜରିବ୍—
3. Gunter's chain; a chain to measure land.
[ଦ୍ର—୧ ଚେନ୍=୧୦୦ ଲିଙ୍କ୍=୬୬ ଫୁଟ । ଦୀର୍ଘରେ ୧୦ ଚେନ୍ ଓ ପ୍ରସ୍ଥରେ ୧୦ ଚେନ୍ ହେଲେ ଜମିର ବର୍ଗଫଳ ଏକ ଏକର ବା ୨୪ ଗୁଣ୍ଠରେ ୧ ମାଣ ହୁଏ । ଦୀର୍ଘ ୧ ଚେନ୍ ପ୍ରସ୍ଥ ୧ ଚେନ୍=୧୦ ଡେସିମଲ୍ ବା ୨୪ ଗୁଣ୍ଠ । ପ୍ରତି ଚେନ୍‌ରେ ୧୦୦ଟି କାଠି (ଲିଙ୍କ୍) ମୁଦରି ଦ୍ୱାରା ପରସ୍ପର ସହିତ ଯୁକ୍ତ ହୋଇଥାଏ ।]

ଚେନ୍‌ମାପ—ଦେ. ବ—ଚେନ୍ ସର୍ଭେ (ଦେଖ)—
Chen-māpa
Chen-sarbhe (See)

ଚେନ୍‌ମେନ୍—ବୈଦେ. ବ (ଇଂ. ଚେନ୍‌ମାନ୍)—୧ । ଜମି ମାପ ବେଳେ ଜଞ୍ଜିରକୁ ଭୂମିରେ ଟାଣିବା ମୂଲିଆ—1. Chain-man; a cooly who drags the chain through a field.
Chen-men
চেইনমেন্
चेनमेन
୨ । ଓଡ଼ିଶାରେ କାନୁନ୍‌ଗୋମାନଙ୍କ ସଙ୍ଗେ ନିଯୁକ୍ତ ସରକାରୀ ପିଅନ୍—2. The peon accompanying a Kanungo in Orissā.

ଚେନ୍ ଲାଇନ୍—ବୈଦେ. ବ (ଇଂ. ଚେନ୍ ଲାଇନ୍)—୧ । ମାପ କରିବା ପାଇଁ ଭୂମିରେ ଯେଉଁ ବାଟେ ଚେନ୍ ଓଟରାଯାଏ—1. Chain-line; a line on the field during chain-measurement.
Chen lāin
চেইন্‌লাইন
चेनलाइन
୨ । ମାପ କରିବାବେଳେ ଯେଉଁ ବାଟେ ଚେନ୍ ଓଟରାଯାଇ ଥାଏ, ନକସାରେ ତାହାର ଚିହ୍ନ—2. A chain-line shown on the map.

ଚେନ୍ ସର୍ଭେ—ବୈଦେ. ବ (ଇଂ)—ଲୁହା ଶିକୁଳି ସାହାଯ୍ୟରେ ଆଧୁନିକ ପ୍ରଣାଳୀଦ୍ୱାରା ଜମି ମାପିବାର ପ୍ରକ୍ରିୟା—
Chen-sarbhe
চেইনসর্ভে
चेनसर्वे
Chain-survey.

ଚେନା—ଦେ. ବ—୧ । କ୍ଷୁଦ୍ର ଲମ୍ବ ଖଣ୍ଡ (ଯଥା ଜମିର)—
Chenā
1. A small narrow strip.
धजी
୨ । ଅତି କ୍ଷୁଦ୍ର ଖଣ୍ଡ—2. A very small piece.
ଦେ. ବଣ—ଅତି କ୍ଷୁଦ୍ର—Very small.

ଚେନାଇବା—ଦେ. କ୍ରି—(ସଂ. ଛିନ୍ନ) ୧ । କାଠରୁ ଛାଲି ବାହାର କରିବା—1. To take out the rind or bark from wood.
Chenāibā
চেলান
चीरना
୨ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ କରିବା; ଟୁକୁଟୁକ କରି ଚିରିବା—2. To tear into pieces; to split into thin strips or splinters.
(ଚେନେଇବା—ଅନ୍ୟରୂପ)

ଚେନାଏଁ—ଦେ. ବ ଓ ବଣ—ଅତି କ୍ଷୁଦ୍ର (ଖଣ୍ଡ)—
Chenāeṅ
A very small strip of.
(ଯଥା—ଚେନାଏଁ ଜାଗା, ଚେନାଏଁ ଜମି ।)

ଚେନାଚେନା କରିବା—ଦେ. କ୍ରି—ଚେନାଇବା (ଦେଖ)—
Chenāchenā karibā
Chenāibā (See)

ଚେନାପଟମ୍—ଦେ. ବ (ନାମ)—ମାନ୍ଦ୍ରାଜ—
Chenāpatam
Madras.

ଚେନି (ଇତ୍ୟାଦି)—ଗ୍ରା. ବ—ଚିନି ଇତ୍ୟାଦି (ଦେଖ)—
Cheni (etc)
Chini etc (See)

ଚେନ୍ଦ୍ରି—ପ୍ରାଦେ (ସମ୍ବଲପୁର) ବ (ସଂ. ଚୀର)—୧ । କନା—
Chendri
1. A bit of cloth.
୨ । କନ୍ଥା—2. Rag; a bit of torne cloth.
ଘରେ ନାହିଁ ଚେନ୍ଦ୍ରି, ମୁଣ୍ଡ କୁରୁଛେ ବେନ୍ଦ୍ରି—ବ୍ୟଙ୍ଗ ପ୍ରବଚନ ।

ଚେପଟା (ଇତ୍ୟାଦି)—ଦେ. ବଣ (ସଂ. ଚିପିଟ)—ଚେପ୍ଟା ଇତ୍ୟାଦି (ଦେଖ)
Chepaṭā (etc)
Chep-ṭā etc (See)

ଚେପା—ଦେ. ବଣ.—୧ । ଚେପ୍ଟା (ଦେଖ)
Chepā
1. Chep-ṭā (See)
চেপটা
୨ । ଯେଉଁ ପାତ୍ରାଦିର ଉପରି ପାଖ ଭିତରକୁ ପଶିଯାଇ ଥାଏ—2. Pressed inside (e. g. a pot).
चिपटा
ପ୍ରାଦେ. (କଳାହାଣ୍ଡି) ବ.—ବାହୁଙ୍ଗିର ପେଟରେ ବନ୍ଧାଯିବା ପତଳା କାଠ ବା ବାଉଁଶ—A thin strip of wood or bamboo put in the inside of a bahungi.
ଗ୍ରା. ବ.—ପେଚା—Owl.

ଚେପ୍ଟା—ଦେ. ବଣ. (ସଂ. ଚିପିଟ)—୧ । (ଉଚ୍ଚତା ପରି ଅଳ୍ପ ବିସ୍ତୀର୍ଣ୍ଣ) ପତଳା; ଚଉଡ଼ା—1. Flattened; thin.
Chep-ṭā
চাপটা, চেপটা
चिपटा
୨ । ଚେପା; ଯାହା ଭିତରଆଡ଼କୁ ଦବିଯାଏ—2. Compressed; flat.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ବର୍ଣ୍ଣ ଥିବା ସ୍ଥାନରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଚେପ୍‌ଟା ଢୋଲ— ପ୍ରାଦେ. (ସମ୍ବଲପୁର) ବି.—ଆଶ୍ୱିନପକ୍ଷ ସମୟରେ
Chep-ṭā ḍhola ସମଲେଶ୍ୱରୀ ଠାକୁରାଣୀଙ୍କୁ ଉଭା କରିବା ଉପଲକ୍ଷରେ ବଜାଯିବା ଏକପ୍ରକାର ଢୋଲ—A kind of drum beat before Goddess Samaleśwarī of Sambalpur during the Durgā-pujā festival.

[ଦ୍ର—ଏ ଢୋଲ ଗୋଲାକାର । ମାତ୍ର ଏହାର ଗଠନ ଚେପ୍‌ଟା । ଏହାର ସ୍ୱର ଢୋଲର ସ୍ୱରଠାରୁ ଉଚ୍ଚତର । ଏହାକୁ ପୂଜା କରି ଓ ଓ ଫୁଲ ଚନ୍ଦନରେ ବିଭୂଷିତ କରି ଘାସୀମାନେ ବଜାନ୍ତି । ବଜାଉଥିବା ବେଳେ ଓ ବାଦ୍ୟନାଦରେ ଥରେ ଉଲୁହୁଳି ଓ ହୁଳହୁଳି କରାଯାଇ ଗୋଟିଏ ଗୋଟିଏ ଭଉଣୀ ହୁଏ । ଏହିପରି ଷୋଳଟି ଭଉଣୀ ବାଦିତ ହେଲେ କାଳସୀ (ବଳି) ଠାରେ ଠାକୁରାଣୀ ଉଭା ହୁଅନ୍ତି ।]

ଚେପ୍‌ଟାନାକା—ଦେ. ବିଣ. ପୁଂ.—(ସଂ. ଚିପିଟନାସିକ)— ଯାହାର ନାକ
Chep-ṭā-nākā ଚେପ୍‌ଟା ବା ବସି ଯାଇଥାଏ—
চেপটানাকো Flat-nosed.
चिपटी नाक
(ଚେପ୍‌ଟାନାକୀ—ସ୍ତ୍ରୀ)

ଚେପ୍‌ଟାମୁହାଁ—ଦେ. ବିଣ. ପୁଂ.—ଯେଉଁ ବ୍ୟକ୍ତିର ମୁହଁ ଚଟକା—
Cheptā-muhāṅ Flat-faced.
চেপটা মুখ
(ଚେପ୍‌ଟାମୁହାଁ—ସ୍ତ୍ରୀ)

ଚେପ୍‌ଟି— ଦେ. ବି. (ଅଶ୍ଳୀଳ) (ସଂ. ଚିପିଟ=ଚେପଟା)—ଭଗ; ଯୋନି—
Chepṭi Female organ.
चिपटी

ଚେପ୍‌ଟି ଲଢ଼େଇବା— ଦେ. (ଅଶ୍ଳୀଳ) କ୍ରି.—କାମାତୁର ଦୁଇ ଜଣ ସ୍ତ୍ରୀ
Chep-ti laṛḍheibā ପୁରୁଷସଂସର୍ଗ ଅଭାବରେ ପରସ୍ପରକୁ ଆଲିଙ୍ଗନ
चिपटिलेखना ପୂର୍ବକ ପରସ୍ପର ଯୋନିଲିଙ୍ଗ ଘଷାଘଷି
चिपटी लड़ाना ହେବା—(two woman) To embrace each other and rub each other's organ in the absence of any other means of satiating lust.
(ଚେପ୍‌ଟି ଲଢ଼େଇ—ବି)

ଚେଭଡ଼ା—ଦେ. ବିଣ. ପୁଂ.—ଢିଠା; ଯେ ମନୁଷ୍ୟଙ୍କୁ ଅତିଶୟ ବିରକ୍ତ
Chebharḍā କରେ—Teasing; vexatious.
(ଚେଭଡ଼ୀ—ସ୍ତ୍ରୀ)

ଚେଭଡ଼ାଇବା—ଦେ. କ୍ରି.—ଅତ୍ୟନ୍ତ ବିରକ୍ତ କରିବା—
Chebharḍāibā To tease; to vex.
(ଚେଭଡ଼େଇବା—ଅନ୍ୟରୂପ)

ଚେଭରା— ଦେ. ବିଣ.—ଦାବୀ ଥିବାରୁ ଯେଉଁ ବ୍ୟକ୍ତି ବାରମ୍ବାର ମାଗେ—
Chebharā. One who pressingly asks for his dues.
(ଚେଭରୀ—ସ୍ତ୍ରୀ)

ଚେମଟା—ଦେ. ବିଣ.—(ସଂ. କ୍ଷାମ)—୧ । ଅତି କ୍ଷୀଣ ବା ପତଳା—
Chemaṭā 1. Very lean.
୨ । ଶୀର୍ଣ୍ଣ—2 Emaciated (Howells).

ଚେମଠା—ଦେ. ବିଣ.—ଚେମଡ଼ା (ଦେଖ)
Chemaṭhā Chemarḍā (See)

ଚେମଡ଼—ଦେ. ବିଣ. (ସଂ. ଚର୍ମ; ଚମ ପରି ଅଭଙ୍ଗପ୍ରବଣ)—
Chemarḍa ୧ । ଘାତସହ; କଠାଳିଆ; ଚମ ପରି ଟାଆଁସା—
চিমড়, চিমড়া 1 Tenacious; inflexible; tough.
चिमड़ा ୨ । ଯାହା ସହଜରେ ଛିଣ୍ଡେ ନାହିଁ—
2. Not fragile; in frangible.
୩ । ଯାହା ଲଇଁ ଯାଏ, ଭାଙ୍ଗେ ନାହିଁ—3. Pliant
୪ । ଦୁର୍ଦ୍ଦମନୀୟ—4. Pertinacious.
୫ । ଏକଗୁଣ୍ଡିଆ ।—5. Obstinate.
ପ୍ରାଦେ. (ସମ୍ବଲପୁର) ବିଣ—ଅକ୍ଳାନ୍ତ—Untired.

ଚେମଡ଼ଚଟି—ଦେ. ବି. (ସଂ. ଚର୍ମଚଟକ)—
Chemarḍachaṭi ଚମଚଟା (ଦେଖ)
Chamachaṭā (See)

ଚେମଡ଼ଚଟିଆ
ଚେମଡ଼ଚଟୁ
ଚେମଡ଼ଚଟୁଆ } ଅନ୍ୟରୂପ
ଚେମଡ଼ଚେଟୁ
ଚେମଡ଼ଚେଟୁଆ

ଦେ. ବିଣ—ଯେ କୌଣସି ବିଷୟରେ ଅତି ଜିଦ ବା ଅଳି କରେ (ହି. ଶବ୍ଦ-ସାଗର)—Importunate.

ଚେମଡ଼ା ଲଇ—ଦେ. ବି— ଖାଇବା (ଦେଖ)
Chemarḍā lai Ṡāribā (See)

ଚେମଡ଼ଲଇ
ଚେମିଡ଼ିଲଇ } ଅନ୍ୟରୂପ
ଚେମେଡ଼ିଲଇ

ଚେମଣାବାବୁ—ଦେ. ବି. (ନାମ)—ନାଗପୁର ମରହଟ୍ଟା ରାଜା ମାଧୋଜୀ
Chemaṇābābu ଭୋଁସଲାଙ୍କ ସାନ ଭାଇ—The younger brother of Mādhoji Bhoṅsalā, the Marhatta ruler of Nagpur.

[ଦ୍ର—ମାଧୋଜୀ ଏହାଙ୍କୁ ଢେଙ୍କାନାଳ ବିଦ୍ରୋହ ଦମନ କରିବା ଓ ବଙ୍ଗପ୍ରଦେଶ ଆକ୍ରମଣ କରିବା ପାଇଁ ପଠାଇଥିଲେ । ଢେଙ୍କାନାଳର ରାଜା ତ୍ରିଲୋଚନଙ୍କ ସଙ୍ଗେ ଏହାଙ୍କର ଯୁଦ୍ଧ ହେବା ପରେ ସନ୍ଧି ସ୍ଥାପିତ ହୋଇଥିଲା (ଖ୍ରୀ. ଅ, ୧୭୯୮) । ବ୍ରଜନାଥ ବଡ଼ଜେନା ସମର-ତରଙ୍ଗରେ ଢେଙ୍କାନାଳ ରାଜାଙ୍କ ଯୁଦ୍ଧ ବିଷୟ ବର୍ଣ୍ଣନା କରିଅଛନ୍ତି ।]

ଚେମଣି—ଦେ. ବି. (ସଂ. ଚର୍ମଚଟକ)—ଚେମଣି ଚଢ଼େଇ—
Chemaṇi The house-bat.
চামচিকে
चमगादड़
(ଚେମଣିଆ, ଚେମିଣି, ଚେମେଣି—ଅନ୍ୟରୂପ)

୧	ଲ	ଢ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଙ୍ଗ	ଶ,ଷ	ଜ୍ଞ	ଇୟ	ଉଅ	ଣ୍ଣ
?	ଈ	ଭ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଜ୍ଞ	ନ୍ତ

ଚେମଣି ଲଇ—ଦେ. ବ—ଶାରବା (ଦେଖ)
Chemani lai Śāribā (See)
(ଚେମିଣି ଲଇ—ଅନ୍ୟରୂପ)

ଚେମର—ପ୍ରାଦେ. (ସମ୍ବଲପୁର) ବଣ—୧ । ଚେମଡ଼ା—
Chemar 1. Tenacions.
୨ । ଅକ୍ଳାନ୍ତ—2. Untired.

ଚେମରଚଟି—ଦେ. ବ. (ସ. ଚର୍ମଚଟକ)—
Chemara-chaṭi ଚମଚଟା (ଦେଖ)
Chama-chaṭā (See)
ଚେମରଚଟିଆ, ଚେମଡଚଟି, ଚେମରଚଟିଆ } ଅନ୍ୟରୂପ ବଣ—ଚେମଡ଼ଚଟି (ଦେଖ)
Chemarḍachaṭi (See)

ଚେମା—ଦେ. ବି—ଏକପ୍ରକାର କଉଡ଼ି ଖେଳ—A kind of game
Chemā at hazards with five Kaurḍis.
[ଦ୍ର—ଏ ଖେଳକୁ ଅଠପଚଶ ଖେଳ ମଧ୍ୟ କୁହାଯାଏ । ଏଥିରେ ଦୁଇ ବା ଗୁରଜଣ ଖେଳାଳ ପାଞ୍ଚଗୋଟି କଉଡ଼ି ମୁଠାଇ ସେ ଭୂମିରେ ପକାଇ ତାହାର ଅନୁସାରେ ଦାନ ଗଣି ଖେଳନ୍ତି ।]

ଚେମଡ଼ି ଲଇ—ଦେ. ବି—ଶାରବା (ଦେଖ)
Chamarḍi lai Śāribā (See)

ଚେମିଣି—ଦେ. ବି (ସ. ଚର୍ମଚଟୀ)—
Chemiṇi ଚମଚଟା (ଦେଖ)
(ଚେମେଣି—ଅନ୍ୟରୂପ) Chamachaṭā (See)

ଚେମ୍ବର—ପ୍ରାଦେ. (ସମ୍ବଲପୁର) ବିଣ—ଚେମଡ଼ା (ଦେଖ)
Chembar Chemarḍa (See)
चेम्बर ବୈଦେ. (ଇଂ.) ବି—୧ । କୋଠରି—
चैंबर 1. Chamber; room.
(ଯଥା—ବେଡ୍‌ଚେମ୍ବର୍—ରାଜାଙ୍କ ଶୟନମନ୍ଦିର ।)
୨ । ହାକିମମାନଙ୍କ ଅଫିସ୍‌ସଲଗ୍ନ ଖାସ୍ କାମରା—
2. The chamber of an official.
୩ । ବାରିଷ୍ଟର ଓ ଉକିଲମାନଙ୍କର ଖାସ୍ ବୈଠକଖାନା ବା ଅଫିସ୍—3. The sitting room or office of a barrister or pleader.
[ଦ୍ର—କେତେକ ସଭା ବା ସଙ୍ଘକୁ ମଧ୍ୟ ଚେମ୍ବର୍ ନାମ ଦିଆଯାଏ । ଯଥା—ଚେମ୍ବର୍ ଅଫ୍ କମର୍ସ, ଅପର୍ ଚେମ୍ବର୍, ଚେମ୍ବର୍ ଅଫ୍ ପ୍ରିନ୍ସେସ୍ ।]

ଚେମ୍ବର୍ ଅଫ୍ କମର୍ସ—ବୈଦେ. ବ. (ଇଂ)—ପ୍ରାଦେଶିକ ବଣିକ ସଙ୍ଘ—
Chember of kamars The Chamber of Commerce.
चेम्बर अफ् कमर्स
चैंबर अफ् कामर्स

ଚେମ୍ବର୍ ଅଫ୍ ପ୍ରିନ୍ସେସ୍—ବୈଦେ. ବ. (ଇଂ)—ଭାରତର ଭାରତସରକାରଙ୍କ
Chember af prinses ସଭାପତିତ୍ୱରେ ଗଠିତ ଦେଶୀୟ ରାଜନ୍ୟବର୍ଗଙ୍କ ସଭା; ନରେନ୍ଦ୍ରମଣ୍ଡଳ—
The Chamber of Princes.

ଚେମ୍ବର୍ଲେନ୍—ବୈଦେ. ବ. (ଇଂ)—ରାଜାଙ୍କ ଶୟନମନ୍ଦିରରେ ରାଜା
Chemberlen ଶୋଇଲା ବେଳେ ତାଙ୍କୁ ଜଗିବା ବ୍ୟକ୍ତି ବା ପ୍ରହରୀ—
Chamberlain.

ଚେମ୍ବର୍ସ ଡିକ୍ସନାରି—ବୈଦେ. ବ. (ଇଂ)—ଇଂରାଜ ପଢ଼ୁଥିବା ଭାରତୀୟ
Chembers diksināri ବାଳକବାଳିକାମାନଙ୍କ ବ୍ୟବହୃତ ଚେମ୍ବର୍ସ ନାମକ ସାହେବଙ୍କ ସଙ୍କଳିତ ଇଂରାଜୀ ଭାଷାକୋଷ—
A dictionary of the English language compiled by Mr. Chambers.

ଚେମ୍ବଲ୍—ଦେ. ବ. (ନାମ) (ସ. ଚର୍ମଣ୍ୱତୀ)—
Chembal ଚମ୍ବଲ୍ (ନଦୀ) (ଦେଖ)
Chambal (river) (See)

ଚେୟ—ସ. ବଣ. (ଚି ଧାତୁ=ସଂଗ୍ରହ କରିବା + କର୍ମ. ଯ)—
Cheya ଚୟନଯୋଗ୍ୟ—
(ଚେତବ୍ୟ—ଅନ୍ୟରୂପ) Fit to be plucked.

ଚେୟାଡ଼—ଦେ. ବ. (ସ. ଶର)—୧ । ଶର—
Cheyārḍa 1. Arrow.
चिआर ୨ । ଅସ୍ତ୍ର—2. Weapon.
तीर ୩ । ଅସ୍ତ୍ର ରୂପେ ବ୍ୟବହୃତ ବାଉଁଶପାତିଆ—
3. Sharp bamboo-splinter used as a weapon of offence.

ଚେର୍‌ପି—ପ୍ରାଦେ. (ମେଦିନୀପୁର) ବ—ଚର୍ବି (ଦେଖ)—
Cher-pi Charbi (See)

ଚେର—ଦେ. ବ—୧ । (ସ. ଚର ଧାତୁ=ଗତି କରିବା; ଯାହା ଭୂମି
Chera ମଧ୍ୟକୁ ଗତି କରେ; କିମ୍ବା ସ. ଚୂଡ଼ା)—ବୃକ୍ଷମୂଳରୁ
शिकड़; जड़ ଭୂମିଭିତରକୁ ଭେଦ କରିଥିବା ଲମ୍ବ ସୂକ୍ଷ୍ମ ବୃକ୍ଷ ବୃନ୍ତ ଅଂଶ—
जड़ 1. Root of a tree.
ମଞ୍ଜି ଚେର ତଳେ ଭେଦିବ ସେତେକ,
ଅନ୍ତକ ରଗଡ଼େ ହିଁକିବ ତେତେକି । ଗୁଧାନାଥ. ଦରବାର ।
चूँची; बाँट ୨ । (ସ. ଚୀର) ପଶୁସ୍ତନର ଅଗ୍ରଭାଗ; ଚର—
थन; चुँची 2. The nipple or teat of the udder of a beast; the dug of a beast.
ଷୋଳ ଚେର ଗାଇ ବନ୍ଧ ରୂପକ । ପ୍ରାଚୀ. ପରତେ ଗୀତା ।
आँश ୩ । ପାଚିଲା ଆମ୍ବ, ତାଳ ଆଦି ଫଳମାନଙ୍କ ମଧ୍ୟରେ ଥିବା
रिसा ସୂକ୍ଷ୍ମ ତନ୍ତୁ—3. Tough fibres found in some ripe mangoes and palm fruits.
୪ । (ନାମ) ପ୍ରାଚୀନ ଭାରତର ରାଜ୍ୟବିଶେଷ (ଏହାର ଉତ୍ତରରେ କର୍ଣ୍ଣାଟ, ଦକ୍ଷିଣରେ ସମୁଦ୍ର ଓ ପଶ୍ଚିମରେ କେରଳ ରାଜ୍ୟ ଥିଲା)—4. Name of an ancient kingdom in South India.
୫ । (ଲକ୍ଷଣାର୍ଥ) ବଂଶଧର; ସନ୍ତାନ ସନ୍ତତି—
5. (figurative) Descendent; offspring

(ଯଥା—ସାଆନ୍ତର ବଂଶର କେହି ହେଲେ ଚେର ରହିଲା ନାହିଁ ।)

୬ । (ଲକ୍ଷଣାର୍ଥ) ସମ୍ପର୍କ—
6. (figurative) Connection; relation.

ଚେର ଉପାଡ଼ିବା—ଦେ. କ୍ରି. (ଦେ ଚେର + ସଂ. ଉତ୍ପାଟନ)—
Chera upārdibā — ୧ । କୌଣସି ଗଛକୁ ଭୂମିରୁ ଟାଣି ତହିଁର ମୂଳକୁ ଭୂମିମଧ୍ୟରୁ ଝିଙ୍କି ଆଣିବା; ମୂଳୋତ୍ପାଟନ କରିବା—
জড় উপড়া
जड़ उखाड़ना
2. To root out a tree; to uproot.
୨ । (ଲକ୍ଷଣାର୍ଥ; ମୂଳ ଉପାଡ଼ିଲେ ଗଛ ମରିଯିବାରୁ) କୌଣସି ବ୍ୟକ୍ତିର ବା ବସ୍ତୁର ଉଚ୍ଛେଦ ସାଧନ କରିବା—
2. (figurative) To cause ruin or eradicate a person or thing.

ଚେର କାଟିବା—ଦେ. କ୍ରି—୧ । କୌଣସି ବୃକ୍ଷର ମୂଳକୁ କାଟିବା—
Chera kātibā — 1. To cut the root of a tree.
শিকড় কাটা
जड़ काटना
୨ । (ଲକ୍ଷଣାର୍ଥ; ଚେର କାଟିଲେ ଗଛ ମରିଯିବାରୁ) କୌଣସି ବ୍ୟକ୍ତିର ଅନିଷ୍ଟ ବା ଉଚ୍ଛେଦ ସାଧନ କରିବା—
2. (figurative) To injure or ruin a person.
(ଯଥା—ସେ ମୋର ଉପରେ ଉପରେ ପାଣି ଢାଳୁଛି, ହେଲେ, ଭିତରେ ଭିତରେ ଚେର କାଟୁଛି ।)

ଚେରଚଣା—ଦେ. ବି—ଭୁଇଁଚଣା; ମୁଗଫଳ; ଚିନାବାଦାମ—
Cherachanā — Groundnut.
চীনেবাদাম
चीनाबादाम; मुँगफली

ଚେରଚେଣ୍ଡା—ପ୍ରାଦେ. (ବସ୍ତର). ବି—ପୋଟଳ (ଦେଖ)
Cherachendā — Potala (See)

ଚେର ଦେବା—ଦେ. କ୍ରି—୧ । (ଦୃଢ଼ମୂଳ ହୋଇଥିବା ଗଛ) ଭୂମିର ଗଭୀର ପ୍ରଦେଶକୁ ଚେର ବିସ୍ତାର କରିବା—
Chera debā — 1. (a tree) To strike root; to send forth the roots deep into tho soil; to take root.
শিকড়গাড়া
जड़पकड़ना
(ଚେର ମାରିବା—ଅନ୍ୟରୂପ)
୨ । (ଲକ୍ଷଣାର୍ଥ) କୌଣସି ସ୍ଥାନରେ ସ୍ଥାୟୀଭାବରେ ଅବସ୍ଥାନ କରିବା—2. (figurative) To become firmly established at a place; to permanently reside at a place.
୩ । (ଲକ୍ଷଣାର୍ଥ)—କୌଣସି ସ୍ଥାନରେ ନିଜର ଅଧିକାର ବା ସମ୍ପତ୍ତି ବା ସମ୍ପର୍କ ବା ଆଧିପତ୍ୟ ବିସ୍ତାର କରିବା
3. (figurative) To extend one's authority, influence, property or connection in a place.
୪ । (ଲକ୍ଷଣାର୍ଥ) ନିଜର ବଂଶବୃଦ୍ଧିଦ୍ୱାରା ବହୁସଂଖ୍ୟକ ବ୍ୟକ୍ତି-ସମ୍ବଳିତ ପରିବାରର କର୍ତ୍ତା ହେବା—
4. (figurative) To have a large number of children added to one's family.
୫ । (ଲକ୍ଷଣାର୍ଥ) (ସ୍ତ୍ରୀ ପକ୍ଷରେ)—ସନ୍ତାନ ପ୍ରସବ କରିବା—
5. (figurative) (in the case of a woman) To give birth to a child.
୬ । (ଭୂମିରେ ପୋତା ହୋଇଥିବା କମ୍ବା କଲମ କରାଯାଇଥିବା କୌଣସି ଗଛର ଡାଳ) ମୂଳଦେଶରୁ ଚେର ଛାଡ଼ିବା—6. To send forth roots (said of a branch planted on the ground or grafted).

ଚେରପାରୁ—ଦେ. ବି. (ସମାନ୍ୟ ବହୁତ୍ୱାର୍ଥକ ସହଚର)—ପାଚିଲା ଆମ୍ବ, Cherapāru — ନଡ଼ିଆକତା, ପାଚିଲା ତାଳ ଓ ତେନ୍ତୁଳିରେ ଥିବା ବଡ଼ ବଡ଼ ଅଂଶୁ (ଚେର) ଓ କ୍ଷୁଦ୍ର କ୍ଷୁଦ୍ର ଅଂଶୁ—
Large and small fibres of ripe mango, palm, tamarind fruit and cocoanut-coir.
(ଯଥା – ସେ ଦାଣ୍ଡଦ୍ୱାରଗୁଡ଼ାକ ଆମ୍ବ ଖାଇଛନ୍ତି ଯେ, ଆମ୍ବର ଚେରପାରୁ ସୁଦ୍ଧା ରଖି ନାହାନ୍ତି ।)

ଚେର ମାଡ଼ିବା—ଦେ. ବି.—(ଗଛ କ୍ରମଶଃ ବଢ଼ିବା ଯୋଗୁ) ଭୂମି ମଧ୍ୟକୁ ଚେରର କ୍ରମଶ ବିସ୍ତାର—
Chera mārdibā — The spreading out or striking of the roots underground of a growing tree.

ଚେରମାରୁ—ପ୍ରାଦେ. (ଗଞ୍ଜାମ) ବି – ଚେମିଡ଼ି ଲଇ (ଦେଖ)
Cheramāru — Chemirdi lai (See)

ଚେରମୂଳ—ଦେ. ବି (ଏକାର୍ଥକ ସହଚର)—ଔଷଧରେ ବ୍ୟବହୃତ ମୂଳ-ମୂଳିକା; ଜଡ଼ିବୁଟୀ; ମୁଣିଗୁଣି; ଟୋଟକା ଔଷଧ—
Cheramūla — Various medicinal roots and drugs.
জড়ীবুটী
जड़ीबुटी
(ଚେରମୂଳ —ଅନ୍ୟରୂପ)

ଚେରଲ—ଦେ. ବି—ଚରଡ଼ (ଦେଖ)
Cheral̤a — Charardа (See).

ଚେରଷ୍ଟା—ଗ୍ରା. ବି (ସଂ. ଚେଷ୍ଟା)—୧ । ଆଚରଣ—
Cherashtā — 1, Conduct.
(ଚେରେଷ୍ଟା—ଅନ୍ୟରୂପ) ଦୁର୍ଯ୍ୟୋଧନ ସୈନ୍ୟର ଚେରଷ୍ଟା କହିଲେ । କୃଷ୍ଣସିଂହ, ମହାଭାରତ. ବନ ।
୨ । ବ୍ୟବହାର; କାର୍ଯ୍ୟକଳାପ—2. Behaviour.
ଅନେକ କାଳର ସେ ଅଟଇ ବୁଢ଼ୀ ଗୋଟା
ତାହାଠାରେ ହେଲା ମୋର ଏତେକ ଚେରଷ୍ଟା—ସାରଳା. ମହାଭାରତ. ଆଦି
୩ । କର୍ମ; କାର୍ଯ୍ୟ—3. Act.
୪ । ଚୈତନ୍ୟ; ଜ୍ଞାନ—4. Conciousness.
୫ । ଜୀବନୀଶକ୍ତି—5. Vital power.
୬ । ରୀତି; ଢଙ୍ଗ—6. Manner.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଅ	ଉଅ	ଋ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ୍ଦ

ଚେରାଇବା—ଦେ. କ୍ରି—୧ । (ଗଛ ଭୂଗର୍ଭରେ ନିଜର ଚେରକୁ) ବିସ୍ତାର
Cherāibā କରିବା—1. To take root; to strike root.
ଚାଙ୍ଗାହଓ୍ୱା ୨ । ସବଳ ଓ ସତେଜ ହେବା—
ଜୀନା, ଚଁଙ୍ଗାହୋନା 2. To become healthy and strong.
(ଚେରେଇବା—ଅନ୍ୟରୂପ) ୩ । (ଲକ୍ଷଣାର୍ଥ) ଚେହେରା କ୍ରମେ କ୍ରମେ ସତେଜ ଦେଖାଯିବା—3 (figurative) To appear more and more strong and blooming; to become enlivened.

ଚେରାଗ୍ (ଇତ୍ୟାଦି)—ପ୍ରାଦେ. (ବାଲେଶ୍ୱର; ମେଦନୀପୁର) ବୈଦେ.
Cherāg (etc) ବି. (ଫା. ଚିରାଗ୍; ଭୁଲ. ବ. ଚେରାଗ୍)—
(ଚେରାଗ୍, ଚରାଖ୍, ଚିରାଗ୍—ଅନ୍ୟରୂପ) ଚିରାଖ୍ ଇତ୍ୟାଦି (ଦେଖ)
Chirākh etc (See)

ଚେରାପୁଞ୍ଜି—ଦେ. ବି. (ନାମ)—ଆସାମ ପ୍ରଦେଶର ଖାସିଆ ପାହାଡ଼ର
Cherāpunji ପାଦଦେଶରେ ଅବସ୍ଥିତ ନଗର ଓ ପର୍ବତବିଶେଷ—
Cherrapunji in the Khasia hills of Assam.
[ଦ୍ର—ଏଠାରେ ପୃଥିବୀର ସକଳ ସ୍ଥାନ ଅପେକ୍ଷା ବେଶି ବର୍ଷା ହୁଏ । ଏପରିକି, ଏକଦିନ ମଧ୍ୟରେ ଏଠାରେ ୪୧ ଇଞ୍ଚ ବା ତିନି ହାତ ପର୍ଯ୍ୟନ୍ତ ପାଣି ଜମା ହେବା ଭଳି ବର୍ଷା ହେବାର ଦେଖା ଯାଇଅଛି । ଏହା ସିଲ୍‌ହଟ୍ ଜିଲ୍ଲା ଓ ନଗରର ଉତ୍ତର ଓ ସିଲଙ୍ଗର ଦକ୍ଷିଣରେ ଅବସ୍ଥିତ ।]

ଚେରିଙ୍ଗି—ଦେ. ବି—୧ । ପିତ୍ତ—
Cheringi 1. Bile.
୨ । (ଲକ୍ଷଣାର୍ଥ)—ବାଲିଙ୍ଗି—
2. Bragging; boasting.
(ଯଥା—ତୋ ଚେରିଙ୍ଗି ମାରିଦେଲିଣି ।)

ଚେରିପୁଅ—ଗ୍ରା. ବି—ଚେଡ଼ିପୋ (ଦେଖ)
Cheripua Cherdipo (See)
(ଚେରପୋ—ଅନ୍ୟରୂପ)

ଚେରୁଆ—ଦେ ବିଣ—ଚେରଯୁକ୍ତ (ପାଚିଲା ଅମ୍ବ)—
Cheruā Filbrous (ripe mango).
ରେସାଦାର

ଚେରୁଡ଼ା—ଗ୍ରା. ବି—ଚିରୁଡ଼ା (ଦେଖ)
Cherurdā Chirurdā (See)
(ଚେରୁଡ଼ା—ଅନ୍ୟରୂପ)

ଚେଲ୍—ଦେ. ବି. (ହି. ଚଲ୍)—ଚଲ୍ (ଦେଖ)
Chel Chal (See)
ମଣ୍ଡଳ ମହାଜନ ଗାଲ ଏତେ କହିଲେ, ହୁଁ—ଚେ. ଲ୍—ବାବା କଡ଼ା । ଚେଲ୍—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଚେଲ ସଂ. ବି. (ଚଲ୍ ଧାତୁ—ଚିହ୍ନିବା + କର୍ମ. ଅ)—୧ । ବସ୍ତ୍ର—
Chela 1. Cloth; garment.
୨ । ପୋଷାକ—2. Apparel; dress.
୩ । ପଟ୍ଟବସ୍ତ୍ର—3. Silk cloth.
ସଂ. ବିଣ. (+ କର୍ତ୍ତୃ. ଅ)—ଅଧମ; କୁତ୍ସିତ—
Inferior; mean.

ଚେଲା—ବୈଦେ. ବି. (ସଂ. ଚେଟକ; ପ୍ରା. ଚେଡ଼ଅ; ସଂ. ଚେଲ = ଦାସ; ସଂ. ଚୈଲୁକ = ବୌଦ୍ଧଭିକ୍ଷୁଙ୍କ ଶିଷ୍ୟ)—
Chelā
ଚେଲା ୧ । ଶିଷ୍ୟ; ଯେଉଁ ବ୍ୟକ୍ତିକୁ ସନ୍ନ୍ୟାସୀ ଦୀକ୍ଷା ଦେଇଥାଆନ୍ତି;
चेला ଦୀକ୍ଷିତ ଶିଷ୍ୟ—1. Disciple; a person initiated
(ଚେଲି—ସ୍ତ୍ରୀ) into the mysteries of a sect by an ascetic.
୨ । ମହନ୍ତ, ବୈଷ୍ଣବ ଓ ସନ୍ନ୍ୟାସୀମାନଙ୍କର ନିର୍ବାଚିତ ଶିଷ୍ୟ—
2. The selected heir-apparent of a Mahanta or Sannyāsi.
ତୁମ୍ଭ ଚେଲ ଅଂଶ ସଙ୍ଗେ ପ୍ରବେଶ—ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।
[ଦ୍ର—ଯାହାଙ୍କଠାରୁ ଚେଲା ଦୀକ୍ଷା ନିଏ ତାଙ୍କୁ ଗୁରୁ ବୋଲି ଯାଏ ।]

ଚେଲା ଚେଲି—ଦେ. ବି. (ସହଚର)—୧ । ଚେଲା ଇତ୍ୟାଦି—
Chelācheli 1. Disciples and others.
ଚେଲାଚେଲି ୨ । କୌଣସି ଗୁରୁଙ୍କର ଶିଷ୍ୟବୃନ୍ଦ—
चेलाचापटे 2. The body of one's disciples.

ଚେଲାନ—ସଂ. ବି—ଚର୍ଭୁଜ (ହ. ଶବ୍ଦସାଗର)—
Chelāna Melon.
(ଚେଲାଲ—ଅନ୍ୟରୂପ)

ଚେଲି—ସଂ. ବି—କ୍ଷୁଦ୍ର ବା ନୀଚ ବ୍ୟକ୍ତି—
Cheli A mean person.

ଚେଲିକା—ସଂ. ବି. ସ୍ତ୍ରୀ. (ଚେଲ + ସ୍ୱାର୍ଥେ. କ + ଆ)—
Chelikā ୧ । ପରିଚ୍ଛଦ; ପୋଷାକ—
1. Garment; clothes.
୨ । ପଟ୍ଟବସ୍ତ୍ର; ପାଟଶାଢ଼ୀ—
2. Silken cloth for females.

ଚେଲୀ—ସଂ. ବି. ସ୍ତ୍ରୀ (ଚେଲ+ଈ)—ଚେଲିକା (ଦେଖ)
Chelī Chelikā (See).

ଚେଲି—ଦେ. ବି. ସ୍ତ୍ରୀ (ସଂ. ଚେଟୀ)—ଶିଷ୍ୟା; ସନ୍ନ୍ୟାସୀ ଅବଧୂତଙ୍କଠାରୁ
Cheli ଦୀକ୍ଷାଗ୍ରହଣ କରିଥିବା ସ୍ତ୍ରୀ—A female disciple.
ଚେଲୀ
चेलिन; चेली

ଚେଲୁକ—ସଂ. ବି. ପୁଂ—ବୌଦ୍ଧ ଭିକ୍ଷୁ—
Cheluka A Buddist itinerant ascetic.

ଚେଶିସ୍—ବୈଦେ. ବି. (ଇଂ) (ମଟର ଗାଡ଼ିର ଅଂଶ; ଇଂ. ଚେସିସ୍)—
Chesis ମଟର ଗାଡ଼ିର ଫମ୍ପା ଭୂଲବାର ତଳ—
চেসিস Chasis; a traversing base or frame along
चैसिस which the body of a car moves.

ଚେଷ୍ଟ (ଧାତୁ)—ସଂ—ଚେଷ୍ଟା କରିବା—
Chesht (root) To try; to endeavour; to exert.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପରି ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚେଷ୍ଟକ— ସଂ. ବିଣ. ପୁଂ. (ଚେଷ୍ଟ୍ ଧାତୁ + କର୍ତ୍ତୃ. ଅକ)—
Cheshtaka ଯେ ଚେଷ୍ଟା କରେ—
(ଚେଷ୍ଟିକା—ସ୍ତ୍ରୀ) Endeavouring; exerting.
ସଂ. ବି—ରତିବନ୍ଧବିଶେଷ—A pose in copulation.
[ଦ୍ର— ପାଦମେକଂ କୁଚେ ନ୍ୟସ୍ୟ ଇତରେଣୈବ ଚେଷ୍ଟୟେତ୍ । କାନ୍ତଃ କୋଡ଼େ ସ୍ଥିତାଂ କାନ୍ତାଂ ବନ୍ଧୋଽୟଂ ଚେଷ୍ଟକୋ ମତଃ ॥]

ଚେଷ୍ଟମାନ— ସଂ. ବିଣ. ପୁଂ. (ଚେଷ୍ଟ ଧାତୁ + କର୍ତ୍ତୃ. ଶାନଚ୍)—
Cheshtamāna ୧ । ଯେ ଚେଷ୍ଟା କରୁଅଛି; ଉଦ୍‌ଯୋଗୀ—
(ଚେଷ୍ଟମାନା—ସ୍ତ୍ରୀ) 1. Endeavouring; exerting.
୨ । ଚଳନ୍ତି; ଗୁଳୁଥିବା—2. Moving.

ଚେଷ୍ଟା— ସଂ. ବି. ସ୍ତ୍ରୀ. (ଚେଷ୍ଟ୍ ଧାତୁ + ଭାବ. ଅ + ସ୍ତ୍ରୀ. ଆ)—
Cheshtā ୧ । ପ୍ରୟାସ; ଉଦ୍‌ଯୋଗ; ଯତ୍ନ—
1. Endeavour; exertion; effort.
୨ । କାୟିକ ବ୍ୟାପାର; ଅଙ୍ଗାଦିର ଗତି—
2. Motion of limbs; bodily movement.
୩ । ପରିଶ୍ରମ—3. Labour.
୪ । ଅଭୀଷ୍ଟସାଧକ ଅନିଷ୍ଟନାଶକ କ୍ରିୟା—
4. Any motion, movement or activity for bringing about the desired result or for evading an injury.
୫ । ସାହସ—5. Courage.
୬ । କର୍ମ; କାର୍ଯ୍ୟ 6. Act.
ଗଲେ ବେଳେ ନାନା ଚେଷ୍ଟା କରି ଗଲେ । କୃଷ୍ଣସିଂହ, ମହାଭାରତ. ଆଦି ।
୭ । ମନର ଭାବ ବା ବୃତ୍ତିର ପ୍ରକଟନକାରୀ ଦୈହିକ ଗତି—
7. Bodily movement which indicates the mover's mental condition.
୮ । ପ୍ରେମପାତ୍ର ପାଇଁ ପ୍ରେମ ପ୍ରକଟ କରିବାର ନାୟକ-ନାୟିକାଙ୍କ ପ୍ରଯତ୍ନ—2. A lover's outward indication of love.
୯ । ଇଚ୍ଛା; କାମନା (ହି. ଶବ୍ଦସାଗର)—
9. Wish; desire
ଦେ. ବି—୧ । ଚୈତନ୍ୟ; ଜ୍ଞାନ—1. Consciousness.
୨ । ଢାଞ୍ଚ; ଢଙ୍ଗ—3. Manner; mode

ଚେଷ୍ଟାସାଧ୍ୟ— ସଂ. ବିଣ. (ଷଷ୍ଠୀ ତତ୍; ଚେଷ୍ଟା + ସାଧ୍ୟ)—
Cheshtā sādhya ଯାହା ଚେଷ୍ଟା ଦ୍ୱାରା ସାଧିତ କରାଯାଇ ପାରେ-
Accomplishable with efforts.

ଚେଷ୍ଟିତ— ସଂ. ବିଣ. (ଚେଷ୍ଟ ଧାତୁ + କର୍ତ୍ତୃ. ତ)—
Cheshtita ୧ । ସଚେଷ୍ଟ—1 Exerting; active; endeavouring.
୨ । (+କର୍ମ. ତି) ଯେଉଁ ବିଷୟ ପାଇଁ ଚେଷ୍ଟା କରାଯାଇ ଅଛି—
2. Persued; sought after; laboured for.
ସଂ. ବି. (ଚେଷ୍ଟ୍ ଧାତୁ + ଭାବ. ତ)—
୧ । ଉଦ୍ୟମ—1. Exertion.
୨ । କର୍ମ—2. Action
୩ । ଗତି—3. Motion.

ଚେହେଁକା— ଦେ. ବି. (ସଂ. ଚମତ୍କୃତ; ପ୍ରା. ଚମଁକ; ଚବିଁକ)—
Chehenkā ୧ । ଚମକ; ଭୟରେ ଚମକିବା—
चमक 1 Wincing; startling.
चौंक ୨ । ଚେଙ୍ଗା (ଦେଖ)
2. Chengā (See)
ଦେ. ବିଣ— ଚେଙ୍ଗା (ଦେଖ)
Chengā (See)

ଚେହେଁକାଇବା— ଦେ. କି —ଚମକାଇବା—
Chehenkāibā To startle.
चमकाना
चौंकाना
(ଚେହେଁକେଇବା —ଅନ୍ୟରୂପ)

ଚେହେଁକିବା— ଦେ . କି. (ସଂ. ଚମତ୍କୃତ)— ଭୟରେ ଚମକିବା; ଛନକା
Chehenkibā ହେବା—To wince; to take a sudden
चमके उठा fright; to start.
चौंकना

ଚେହେରା— ବୈଦେ. ବି. (ଫା. ଚେହ୍‌ରା)—୧ । ମୁଖମଣ୍ଡଳର ଛବି;
Cheherā ମୁଖଛବି—1. Appearance; countenance;
चेहारा facial expression.
चेहरा ସେ ନ ମାନେ କଉ ଯେସନ ଚେହେରା । ରାଧାନାଥ, ଦରବାର ।
୨ । ସୌନ୍ଦର୍ଯ୍ୟ—2. Fairness; beauty.
୩ । କୌଣସି ବ୍ୟକ୍ତିର ମୁଖମଣ୍ଡଳର ପ୍ରତିକୃତି ବା ରୂପ—
3. Likeness of the face; a picture of one's face.
୪ । ମୁଖମଣ୍ଡଳ—4. The whole face.

ଚେହେରାବନ୍ତ— ଦେ. ବିଣ.—ସୁନ୍ଦର ମୁଖଯୁକ୍ତ—
Cheherābanta Having a beautiful face; of a
चेहेरावन्त graceful countenance.
चेहरामंद

ଚେହେଲମ୍— ବୈଦେ. ବି. (ଫା. ଚେହ୍‌ଲୁମ୍=ଚତ୍ୱାରିଂଶତ୍ତମ)—
Chehelam ୧ । ମୁସଲମାନ୍‌ମାନଙ୍କ ସଫର୍ ମାସର ୨୦ ତାରଖରେ
चेहेलम ପଡ଼ିବା ପର୍ବ—The anniversary of the funeral
चेहलुम (40th day of the death) of Hassan amongst the Mahomedans.
[ଦ୍ର—ସଫର୍ ମାସର ବିଂଶ ଦିବସରେ ଏହା ପଡ଼େ । ମହରମର ଚାଳିଶ ଦିନରେ ମୁସଲମାନ୍‌ମାନଙ୍କର ଏ ପର୍ବ ହୁଏ । ମହରମ ଦିନ ହୋସେନ୍ ଓ ହସନ୍‌ଙ୍କ ମୃତ୍ୟୁ ଘଟିଥିଲା । ମୁସଲମାନ୍-

୧	ଇ	ଉ	ର୍‌,ରୁ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇସ୍ପ	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଔ	ଡ଼

ମାନେ ମୃତ୍ୟୁର ୪୦ ଦିନରେ ଶ୍ରାଦ୍ଧ କରନ୍ତି ଅତଏବ ମହରମ ପର୍ବର ୪୦ ଦିନ ପରେ ହୋସେନ୍ ଓ ହସନଙ୍କ ସାମ୍ବତ୍ସରିକ ଶ୍ରାଦ୍ଧଦିବସ ପାଳିତ ହୁଏ ।]

୨ । କୌଣସି ମୁସଲମାନଙ୍କ ମୃତ୍ୟୁର ୪୦ ଦିନ—
2. The 40th day of a Mahomedan's death.

ଚେହେଲମ୍ ଫାତିଆ— ବୈଦେ. ବି. (ଫା)—ମୁସଲମାନ୍‌ମାନଙ୍କ ମୃତ୍ୟୁ
Chehelam phātiā ପରେ ଚାଳିଶ ଦିନରେ ହେବା ଦେବାରାଧନ
চেহেলম ফাতিয়া ଆଦି—The worship and rites per-
चेहेलुम फातिया formed by the Mahomedans on the 40th day of a person's death.

ଚୈ—ଦେ. ବି.—ଚଇ (ଦେଖ)
Ch**ai** Chai (See)

[ଦ୍ର—ଦେଶଜ ଓ ବୈଦେଶିକ ଓ ସଂସ୍କୃତ ପଦମାନ, ଯହିଁର ଆଦ୍ୟ ଅକ୍ଷର 'ଚୈ' ଅଟେ ତାହା, ଗ୍ରାମ୍ୟ, ଅଶିକ୍ଷିତ ଓ ଘରୋଇ ଭାଷାରେ 'ଚଇ' ଯୁକ୍ତ ହୁଏ । ଚୈ ଆଦ୍ୟରେ ଥିବା କୌଣସି ଶବ୍ଦ 'ଚୈ' ତଳେ ନ ପାଇଲେ 'ଚଇ' ତଳେ ଦେଖିବାକୁ ହେବ ।]

ଚୈ ଚୈ—ଦେ. ଅ.—ହାତୀଙ୍କୁ ଆଗକୁ ଚଳାଇବା ପାଇଁ ମାହୁନ୍ତର
Ch**ai** ch**ai** ଡାକ—Sound uttered by the driver of an elephant to make the elephant proceed.

ଚୈତ (ଇତ୍ୟାଦି)—ଗ୍ରା. ବି.—ଚଇତ ଇତ୍ୟାଦି (ଦେଖ)
Ch**ai**ta (etc) Chaita etc. (See)
চৈত
चैत

ଚୈତନ (ଇତ୍ୟାଦି)—ଦେ. ବି.—ଚଇତନ ଇତ୍ୟାଦି (ଦେଖ)
Ch**ai**tana (etc) Chaitana etc (See)

ଚୈତନ୍ୟ—ସଂ. ବି. (ଚେତନ + ଭାବ ବା ସ୍ୱାର୍ଥ. ଯ)—୧ । ଜ୍ଞାନ;
Ch**ai**tanya ଅନୁଭୂତି; ବୋଧ—1 Sensation; knowledge; perception; intelligence.

୨ । ଚେତନା—2. Animation; consciousness.

୩ । ଜାଗରଣ—3. Awakening.

୪ । ପ୍ରକୃତି—4. Nature

୫ । ଜୀବନ; ପ୍ରାଣ—5. Life

୬ । ପରମାତ୍ମା; ବ୍ରହ୍ମ—6. Brahma; the Universal Soul.

୭ । ପରମେଶ୍ୱର (ହି. ଶବ୍ଦସାଗର)—7. God.

୮ । ଜୀବାତ୍ମା—8. The individual soul.

[ଦ୍ର—**ନ୍ୟାୟଦର୍ଶନ**ରେ ଜ୍ଞାନ ଓ ଚୈତନ୍ୟ ଏକ ଥିବାର ବୋଲାଯାଇ ଅଛି । ଏହା ଆତ୍ମାର ଧର୍ମ ଅଟେ । କିନ୍ତୁ ସାଂଖ୍ୟଦର୍ଶନ ମତରେ ଜ୍ଞାନ ଓ ଚୈତନ୍ୟ ପୃଥକ୍, ଚୈତନ୍ୟକୁ ଆତ୍ମାର ଧର୍ମ ଓ ଜ୍ଞାନକୁ ବୁଦ୍ଧିର ଧର୍ମ ବୋଲାଯାଇଅଛି—ହି. ଶବ୍ଦସାଗର ।]

ଦେ. ବି—୧ । ବଙ୍ଗର ପ୍ରସିଦ୍ଧ ବୈଷ୍ଣବ ପ୍ରବର୍ତ୍ତକ ଶ୍ରୀ ଚୈତନ୍ୟ ଦେବ—Name of the Bengalee religious reformer Ch**ai**tanya.

[ଦ୍ର—ଶ୍ରୀ ଚୈତନ୍ୟ ଦେବ ୧୪୮୪ ଖ୍ରୀଷ୍ଟାବ୍ଦ (୧୪୦୮ ଶକାବ୍ଦ) ଦୋଳପୂର୍ଣ୍ଣିମା ରାତ୍ରିରେ ଚନ୍ଦ୍ରଗ୍ରହଣ ସମୟରେ ବଙ୍ଗଦେଶର ନଦିଆ ବା ନବଦ୍ୱୀପ ନଗରରେ ଜନ୍ମଗ୍ରହଣ କରିଥିଲେ । ତାହାଙ୍କର ପିତାଙ୍କ ନାମ ଜଗନ୍ନାଥ ମିଶ୍ର ଓ ମାତାଙ୍କ ନାମ ଶଚୀଦେବୀ । ବାଲେଶ୍ୱର ଜିଲ୍ଲାରେ ତାହାଙ୍କ ବଂଶର ଆଦି ବାସସ୍ଥାନ ଥିଲା । ଜଗନ୍ନାଥ ମିଶ୍ର ବଡ଼ ପଣ୍ଡିତ ଥିଲେ । ବିଦ୍ୟାଚର୍ଚ୍ଚା କରିବା ନିମନ୍ତେ ସ୍ୱଦେଶ ଛାଡ଼ି ସେ ସକୁଟୁମ୍ବ ନବଦ୍ୱୀପରେ ବାସ କରୁଥିଲେ ।

ଚୈତନ୍ୟ ବୈଷ୍ଣବ-ଧର୍ମ-ପ୍ରବର୍ତ୍ତକ । ସେ ୧୫୧୦ ଖ୍ରୀଷ୍ଟାବ୍ଦରେ ରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ସମୟରେ ଉତ୍କଳକୁ ଆସିଥିଲେ । ରାଜା ବୈଷ୍ଣବ ଥିବାରୁ ତାହାଙ୍କ ସହାୟତାରେ ଶ୍ରୀ ଚୈତନ୍ୟଦେବ ସମଗ୍ର ଉତ୍କଳରେ ବୈଷ୍ଣବ ଧର୍ମର ପ୍ରେମଲହରୀ ଖେଳାଇ ଦେଇଥିଲେ । ପୁରୀର ରାଧାକାନ୍ତ ମଠ ତାହାଙ୍କ ସାଧନାର ପ୍ରଧାନ ପୀଠ ଥିଲା । ପୁରୀର 'ଟୋଟା ଗୋପୀନାଥ'ଙ୍କ ମନ୍ଦିରରେ ସେ ତନୁତ୍ୟାଗ କରିଥିଲେ । କୃପାସିନ୍ଧୁ. ଉତ୍କଳ ଇତିହାସ ।

ଏହାଙ୍କର ଅନ୍ୟ ନାମ ଗୌରାଙ୍ଗ, ନିମାଇ, ଗୋରା, ଗୋରାଚାନ୍ଦ, ଚୈତନ୍ୟଚନ୍ଦ୍ର । ଏହାଙ୍କୁ ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କ ଅବତାର ବୋଲି ମାନନ୍ତି । ବାଲ୍ୟକାଳରେ ଏହାଙ୍କର ପିତାଙ୍କ ମୃତ୍ୟୁ ହୋଇଥିଲା । ଏ ପ୍ରଥମେ ବିବାହ କରି ତାଙ୍କର ପତ୍ନୀବିୟୋଗ ଘଟିବାରୁ ଦ୍ୱିତୀୟଥର ବିବାହ କଲେ । ଏ କିଛିଦିନ ସଂସାରୀ ହୋଇ ଗୃହତ୍ୟାଗ ପୂର୍ବକ ସନ୍ନ୍ୟାସ ଦୀକ୍ଷା ନେଲେ । ଏ ବୈଷ୍ଣବଧର୍ମର ଅହୈତୁକ ପ୍ରେମ, ଭଗବାନଙ୍କ ପ୍ରତି ସ୍ତ୍ରୀ ସ୍ୱାମୀଙ୍କୁ କରିବା ପ୍ରେମ ଓ ବିଶ୍ୱଜନୀନ ମୈତ୍ରୀଭାବର ପ୍ରଚାର କରିଥିଲେ । ବୈଷ୍ଣବ ହେଲେ ସମସ୍ତେ ଏକ ଜାତି ଓ ଏକ ଭାଇ ହୁଅନ୍ତି ବୋଲି ସେ ପ୍ରଚାର କଲେ । ଶ୍ରୀକୃଷ୍ଣଙ୍କୁ ସର୍ବଦା ଧ୍ୟାନ ଓ ନାମକୀର୍ତ୍ତନ ହିଁ ମୋକ୍ଷର ପ୍ରଧାନ ପନ୍ଥା ବୋଲି ଏ ପ୍ରଚାର କଲେ । ଏହାଙ୍କ ପ୍ରବର୍ତ୍ତିତ ଧର୍ମ ବଙ୍ଗ, ବିହାର, ପଞ୍ଜାବ, ଯୁକ୍ତପ୍ରଦେଶ ଓ ଉତ୍କଳରେ ଖୁବ୍ ବିସ୍ତୃତି ଲାଭ କରିଥିଲା ଓ ବର୍ତ୍ତମାନ ଦାକ୍ଷିଣାତ୍ୟରେ ମଧ୍ୟ ଏ ଧର୍ମର ପ୍ରଚାର ହେଉଥିବାର ଦେଖାଯାଏ । ଏ ୪୮ ବର୍ଷ ବୟସରେ ପୁରୀଠାରେ ଲୋକଚକ୍ଷୁର ଅଗୋଚରରେ ଦେହାନ୍ତର ପ୍ରାପ୍ତ ହେଲେ । ଏହାଙ୍କ ପ୍ରଭାବରେ ବଙ୍ଗୀୟ ବୈଷ୍ଣବ ସାହିତ୍ୟର ବିକାଶ ହେବା ସଙ୍ଗେ ସଙ୍ଗେ ବଙ୍ଗୀୟ ସାହିତ୍ୟର ଉନ୍ନତି ଆରମ୍ଭ ହେଲା ।]

୨ । ପୁରୁଷ ଲୋକଙ୍କୁ ଦିଆଯିବା ନାମ—
2 A name given to males

ଚୈତନ୍ୟ ଚନ୍ଦ୍ରାମୃତ—ଦେ. ବି—ବୈଷ୍ଣବ ଗ୍ରନ୍ଥ ବିଶେଷ (ଏହାର ପ୍ରଣେତା
Ch**ai**tanya chandrāmruta ପ୍ରବୋଧାନନ୍ଦ ସରସ୍ୱତୀ)—
A book on Baishnavism by Prabodhananda Saraswati.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଥମ ୧ ଶ୍ରେଣୀର ଅକ୍ଷର ଓ ମାତ୍ରା ଏବଂ ୨ ଶ୍ରେଣୀର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଶ୍ରେଣୀର ଯେଉଁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଶ୍ରେଣୀର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳି' ନ ପାଇଲେ 'ଅର୍ଗଳୀ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଚୈତନ୍ୟ ଚରିତାମୃତ— ଦେ. ବି—ଭକ୍ତଶ୍ରେଷ୍ଠ କୃଷ୍ଣଦାସ କବିରାଜଙ୍କ ରଚିତ ଶ୍ରୀଚୈତନ୍ୟ ଦେବଙ୍କ ଜୀବନୀ ଓ ଉପଦେଶ ବିଷୟକ ବଙ୍ଗଳା ଗ୍ରନ୍ଥ—
Chaitanya charitāmruta
Name of a Bengale book by Krushna Das dealing with the life and teachings of Chaitanya.

ଚୈତନ୍ୟମୟ—ସଂ. ବିଣ. ପୁଂ—୧। ଚିନ୍ମୟ—
Chaitanyamaya 1. Essential; consisting of the soul.
(ଚୈତନ୍ୟମୟୀ—ସ୍ତ୍ରୀ)
୨। ଚେତନାଯୁକ୍ତ—2. Animate; endowed with consciousness.

ଚୈତନ୍ୟୋଦୟ—ସଂ. ବି. (୬ଷ୍ଠୀ ତତ୍; ଚୈତନ୍ୟ+ଉଦୟ)—
Chaitanyodaya ୧। ଚେତନାର ଉଦୟ—
1. Awakening of consciousness.
୨। ଜ୍ଞାନୋଦୟ; ଜ୍ଞାନର ଆବିର୍ଭାବ—
2. The dawning of knowledge.

ଚୈତା (ଇତ୍ୟାଦି)—ଗ୍ରା. ବି. ଓ ବିଣ— ଚଇତା ଇତ୍ୟାଦି (ଦେଖ)
Chaitā (etc) Chaitā etc (See).

ଚୈତାଳି—ଗ୍ରା. ବିଣ—ଚଇତା (ଦେଖ)
Chaitāli Chaitā (See).

ଚୈତି (ଇତ୍ୟାଦି)— ଚଇତି ଇତ୍ୟାଦି (ଦେଖ)
Chaiti (etc) Chiti etc (See).

ଚୈତିଆଳି—ଗ୍ରା. ବିଣ—ଚଇତା (ଦେଖ)
Chaitiāli Chaitā (See).

ଚୈତ୍ତ—ସଂ. ବିଣ (ଚିତ୍ତ+ସମ୍ବନ୍ଧାର୍ଥେ. ଅ)—ଚିତ୍ତସମ୍ବନ୍ଧୀୟ—
Chaitta Pertaining to the heart; mental
ସଂ. ବି—ବୌଦ୍ଧ ମତରେ ବିଜ୍ଞାନସ୍କନ୍ଧର ଅତିରିକ୍ତ ଅନ୍ୟ ସ୍କନ୍ଧମାନ--The attributes of a living being except Bijnāna-skandha according to the Buddhists.
[ଦ୍ର—ବୌଦ୍ଧମାନେ ଦେହର ୫ ଗୋଟି ସ୍କନ୍ଧ ବା ଗୁଣ ଥିବାର ସ୍ୱୀକାର କରନ୍ତି, ଯଥା—ରୂପ, ବେଦନା, ବିଜ୍ଞାନ, ସଞ୍ଜ୍ଞା ଓ ସଂସ୍କାର। ଏଥିମଧ୍ୟରୁ ବିଜ୍ଞାନ ଛଡ଼ା ଅନ୍ୟ ୪ ଗୋଟି ଚିତ୍ତସମ୍ବନ୍ଧୀୟ ଥିବାରୁ ଏ ୪ଟି ସ୍କନ୍ଧକୁ ଚୈତ୍ତ ବୋଲାଯାଏ—ହି. ଶବ୍ଦସାଗର]

ଚୈତ୍ତିକ—ସଂ. ବିଣ (ଚିତ୍ତ+ସମ୍ବନ୍ଧାର୍ଥେ. ଇକ)—ଚୈତ୍ତ (ଦେଖ)
Chaittika Chaitta (See).

ଚୈତ୍ୟ—ସଂ. ବି (ଚି ଧାତୁ+କର୍ମ. ଯ; ଚିତ୍ୟ=ଅଗ୍ନି+ସମ୍ବନ୍ଧେ. ଅ.--
Chaitya ୧। ଯଜ୍ଞଶାଳା; ପୂଜାସ୍ଥାନ—
1. A place or house of worship or sacrifice.
୨। ବୌଦ୍ଧମାନଙ୍କର ଦେବାଳୟ; ବୌଦ୍ଧ ମନ୍ଦିର—
2. A Buddhistic temple.
୩। ଗୃହ; ଘର (ହି. ଶବ୍ଦସାଗର)—3. House.
୪। ସ୍ମୃତିସ୍ତମ୍ଭ—4. Monument.
୫। ଶ୍ମଶାନତରୁ (ବୌଦ୍ଧମାନଙ୍କ ପୂଜ୍ୟ)—
5. A tree near a cremation ground which is considered sacred by the Buddhists.
୬। ଅଶ୍ୱତ୍ଥ ବୃକ୍ଷ—6 The Religious Fig tree; the Peepal tree.
ଛାଡ଼ିବୁ ଗୁଳ୍ମ ତେତେ। ଚୈତ୍ୟ ବୃକ୍ଷ—କୃଷ୍ଣସିଂହ. ମହାଭାରତ ସଭା।
୭। ଯେଉଁ ଗଛକୁ ଲୋକେ ଦେବତା ସ୍ଥାନରେ ପୂଜାକରନ୍ତି--
7. Any tree held sacred and worshipped by people.
୮। ଗ୍ରାମର ସୀମାରେ ଥିବା ବୃକ୍ଷସମୂହ (ହି. ଶବ୍ଦସାଗର)---
8. A cluster of trees on the boundary of a village.
୯। ବେଲ ଗଛ (ହି. ଶବ୍ଦସାଗର)—
9. The Bel (Marmalos) tree.
୧୦। ବୁଦ୍ଧ (ହି. ଶବ୍ଦସାଗର)—
10. A name of Buddha.
୧୧। ବୌଦ୍ଧ ଭିକ୍ଷୁ (ହି. ଶବ୍ଦସାଗର)—
11. A Buddhist mendicant.
୧୨। ବିହାର; ବୌଦ୍ଧ ମଠ (ହି. ଶବ୍ଦସାଗର)—
12. A Buddhistic abbey or Math.
୧୩। ଚିତା (ହି. ଶବ୍ଦସାଗର; ଚିତାଗ୍ନି—
13. Cremation-fire.
ସଂ. ବିଣ—ଚିତାସମ୍ବନ୍ଧୀୟ—Pertaining to the funeral pyre.

ଚୈତ୍ୟବନ୍ଦନ—ସଂ. ବି—୧। ଜିନ ବା ବୁଦ୍ଧଙ୍କ ମୂର୍ତ୍ତି (ହି. ଶବ୍ଦସାଗର)--
Chaityabandana 1. An image of the Jina or Buddha.
୨। ଜୈନ ବା ବୌଦ୍ଧମନ୍ଦିର—
2. A Jaina or Buddhistic temple.
୩। ଚୈତ୍ୟ ବା ଦେବାଳୟ ସମ୍ବନ୍ଧୀୟ ଧନର ରକ୍ଷା—
3. Management and custody of the funds of a religious endowment

ଚୈତ୍ୟକ—ସଂ. ବି (ଚୈତ୍ୟ+ସ୍ୱାର୍ଥେ କ)—୧। ଅଶ୍ୱତ୍ଥ ଗଛ—
Chaityaka 1. The Peepal tree.
୨। ବିହାର ପ୍ରଦେଶର ରାଜଗୃହ ନିକଟରେ ଥିବା ପର୍ବତ—
2. Name of a mountain in Bihar.
[ଦ୍ର—ଏଠାରେ ଗୋଟିଏ ପଥରରେ ଥିବା ଚରଣଚିହ୍ନକୁ ଦେଖିବାକୁ ଜୈନମାନେ ଯାଆନ୍ତି।]

ଚୈତ୍ୟତରୁ—ସଂ. ବି—୧। ଅଶ୍ୱତ୍ଥଗଛ—
Chaitya taru 1. The Peepal tree.

୧	ଇ	ଉ	ଋ,ଋଁ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଊ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଙ୍ଗ	ନ୍

୨ । ଗ୍ରାମର କୌଣସି ପ୍ରସିଦ୍ଧ ବୃକ୍ଷ—
2. Any celebrated tree of a village.

ଚୈତ୍ୟଦ୍ରୁମ—ସଂ. ବି—୧ । ଅଶ୍ୱତ୍ଥଗଛ—
Chaitya-druma 1. The Peepal tree.
୨ । ଅଶୋକ ବୃକ୍ଷ (ହି. ଶବ୍ଦସାଗର)—
2. The Asoka tree.

ଚୈତ୍ୟମୁଖ—ସଂ. ବି—କମଣ୍ଡଳୁ (ହି. ଶବ୍ଦସାଗର)—
Chaityamukha An ascetic's water-pot.

ଚୈତ୍ୟଯଜ୍ଞ—ସଂ. ବି—ଆଶ୍ୱଳାୟନ ଗୃହ୍ୟସୂତ୍ରରେ ବର୍ଣ୍ଣିତ ଯଜ୍ଞବିଶେଷ—
Chaitya-jajna A kind of Vedic sacrifice.
[ଦ୍ର—କୌଣସି ଦ୍ରବ୍ୟ ହଜିଗଲେ ଦ୍ରବ୍ୟସ୍ୱାମୀ ଏ ଯଜ୍ଞ କରିବା ପାଇଁ ସଂକଳ୍ପ କରୁଥିଲେ ଓ ନଷ୍ଟ ଦ୍ରବ୍ୟ ମିଳିଲେ ଏ ଯଜ୍ଞର ଅନୁଷ୍ଠାନ କରୁଥିଲେ । (ହି. ଶବ୍ଦସାଗର) ।]

ଚୈତ୍ୟବିହାର—ସଂ. ବି—ବୌଦ୍ଧ ବା ଜୈନ ମଠ—
Chaitya-bihāra A Math of the Buddists or Jainas.

ଚୈତ୍ୟସ୍ଥାନ—ସଂ. ବି—୧ । ବୁଦ୍ଧଦେବଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିବା ସ୍ଥାନ—
Chaitya-sthāna 1. A place containing an image of Buddha.
୨ । କୌଣସି ପବିତ୍ର ସ୍ଥାନ; ତୀର୍ଥ—2. Any sacred place; a centre of pilgrimage.

ଚୈତ୍ର—ସଂ. ବି (ଚୈତ୍ରୀ=ଚିତ୍ରା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା+ଯୁକ୍ତାର୍ଥେ. ଅ; ଯେଉଁ ମାସରେ ଚିତ୍ରାନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ହୁଏ—
Chaitra ୧ । ଫାଲ୍ଗୁନର ପରବର୍ତ୍ତୀ ଓ ବୈଶାଖର ପୂର୍ବବର୍ତ୍ତୀ ଚାନ୍ଦ୍ରମାସ; ବସନ୍ତର ଦ୍ୱିତୀୟ ମାସ—1. The lunar month succeeding Phālguna (i. e April or May).
[ଦ୍ର—ସମ୍ବତ୍ ବର୍ଷ ଗଣନାରେ ଏହା ବର୍ଷର ପ୍ରଥମ ମାସ ।]
୨ । ପୌରାଣିକ ଭାରତର ରାଜବଂଶବିଶେଷ—
2. Name of a mythological royal family of India.
୩ । ପୌରାଣିକ ୭ଟି ବର୍ଷପର୍ବତ ମଧ୍ୟରୁ ଏକ (ହି. ଶବ୍ଦସାଗର)—
3. One of the 7 mythological Barsha-mountains.
୪ । ବୌଦ୍ଧ ଭିକ୍ଷୁକ (ହି. ଶବ୍ଦସାଗର)—
4. A Buddist mendicant.
୫ । ଯଜ୍ଞଭୂମି (ହି. ଶବ୍ଦସାଗର)—5. A place where vedic sacrifice is performed.
୬ । ଦେବାଳୟ; ମନ୍ଦିର (ହି. ଶବ୍ଦସାଗର)—
6. A temple.
୭ । ଚୈତ୍ୟ (ହି. ଶବ୍ଦସାଗର) (ଦେଖ)—
7. Chaitya (See)
୮ । ବୁଧଙ୍କ ଔରସରେ ଚିତ୍ରା (ନକ୍ଷତ୍ର) ଗର୍ଭରୁ ଜନ୍ମ ପୌରାଣିକ ସପ୍ତଦ୍ୱୀପର ଅଧୀଶ୍ୱର ରାଜାବିଶେଷ ଓ ଚୈତ୍ର ନାମକ ରାଜବଂଶର ପ୍ରବର୍ତ୍ତକ—8. Name of a king of the seven mythological islands, said to have been born of the 14th lunar mansion as mother and the planet Mercury as father.
[ଦ୍ର—ଏହାଙ୍କ ବଂଶ ଚୈତ୍ର ବଂଶ ନାମରେ ବିଖ୍ୟାତ ଥିଲା ଏବଂ ଏହି ବଂଶରେ ଚଣ୍ଡୀପୁରାଣୋକ୍ତ ସୁରଥ ରାଜା ଜନ୍ମିଥିଲେ ।]

ଚୈତ୍ରମଖ—ସଂ. ବି. (ମ. ପଂ. ଲୋ; ଚୈତ୍ରମାସରେ ଅନୁଷ୍ଠିତ ମଖ)—
Chaitra-makha ଚୈତ୍ରମାସରେ ଅନୁଷ୍ଠିତ ମଦନୋତ୍ସବ; (ହି. ଶବ୍ଦସାଗର) ଫୁଲଦୋଳି ଉତ୍ସବ—A festival in honour of the Hindu God of Love during the month of Chaitra.

ଚୈତ୍ରରଥ—ସଂ. ବି. (ଚିତ୍ରରଥ=ଗନ୍ଧର୍ବବିଶେଷ+ରକ୍ଷକାର୍ଥେ. ଅ)—
Chaitra-ratha ୧ । (ଯେଉଁ ଉଦ୍ୟାନର ଚିତ୍ରରଥ ଗନ୍ଧର୍ବ ଜଗୁଥିଲେ) କୁବେରଙ୍କ ଉଦ୍ୟାନ—1. The pleasure-garden of the Hindu God of Riches.
୨ । ମୁନିବିଶେଷ—2. Name of a sage.
୩ । ଚିତ୍ରରଥ ଗନ୍ଧର୍ବଙ୍କ ବିଷୟର ବର୍ଣ୍ଣନାତ୍ମକ ଗ୍ରନ୍ଥ—
3. Name of a book dealing whith the Gandharba Chitraratha.

ଚୈତ୍ରସଖା—ସଂ ବି. (୬ଷ୍ଠୀ ତତ୍; ଚୈତ୍ର+ସଖା, ଚୈତ୍ରମାସ ବସନ୍ତକାଳ ଓ କାମଦେବଙ୍କ ପ୍ରିୟମାସ ଥିବାରୁ—
Chaitra-sakhā The Hindu God of Love; Cupid.

ଚୈତ୍ରାବଳୀ—ସଂ. ବି. (ଚୈତ୍ର+ଆବଳୀ, ଅନ୍ୟ ସଂ. ନାମ. ମଧୂତ୍ସବା, ସୁବସନ୍ତ; କାମମହ; ବାସନ୍ତୀ; କର୍ଦ୍ଦମୀ; ହି. ଶବ୍ଦସାଗର)—୧ । ଚୈତ୍ରପୂର୍ଣ୍ଣିମା—1. The full-moon of the month of Chaitra.
Chaitrābali
୨ । ମଦନ ତ୍ରୟୋଦଶୀ; ଚୈତ୍ରମାସର ଶୁକ୍ଳତ୍ରୟୋଦଶୀ—
2. The 13th day of the bright fortnight of the month of Chaitra.

ଚୈତ୍ରିକ—ସଂ. ବି. (ଚୈତ୍ର+ଇକ)—ଚୈତ୍ରମାସ—
Chaitrika The month of Chaitra.
(ଚୈତ୍ରକ—ଅନ୍ୟରୂପ)

ଚୈତ୍ରୀ—ସଂ. (ଚିତ୍ରା+ଯୁକ୍ତାର୍ଥେ. ଅ+ସ୍ତ୍ରୀ. ଈ; ଯେଉଁ ପୂର୍ଣ୍ଣିମାରେ ଚନ୍ଦ୍ର ଚିତ୍ରାନକ୍ଷତ୍ର ସଙ୍ଗେ ରହନ୍ତି)—
Chaitri
୧ । ଚୈତ୍ରପୂର୍ଣ୍ଣିମା—The full-moon of the month of Chaitra.
୨ । (ଚୈତ୍ରୀ+ବିଦ୍ୟମାନାର୍ଥେ. ଇନ୍. ୧ମା. ୧ବ.) ଚୈତ୍ର ମାସ, (ପ୍ରକୃତିବାଦ)—
2. The month of Chaitra.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲତେ' ନ ପାଇଲେ 'ଅଲକ୍ତ' ଦେଖିବେ।

ଚୈଦିକ—ସଂ. ବି.(ଚେଦି+ଇକ)—୧। ଚେଦିଦେଶର ରାଜା; ଶିଶୁପାଳ-
Chaidika 1. A name of Śisupāla.
(ଚୈଦ୍ୟ—ଅନ୍ୟରୂପ) ୨। ଚେଦିଦେଶୀୟ ଲୋକ—
2. A resident of the Chedi country.
ସଂ. ବିଣ— ଚେଦିଦେଶ ସମ୍ବନ୍ଧୀୟ—
Relating to the Chedi country.

ଚୈନ୍ (ଇତ୍ୟାଦି)—ଦେ. ବି ଓ ବିଣ —ଚଇନ୍ ଇତ୍ୟାଦି (ଦେଖ)
Chain (etc) Chain etc (See)
চেইন
चैन

চেন বৈଦେ. ଗ୍ରା. ବି. (ଇଂ. ଚେନ୍)—ଶିକୁଳି—
चैन Chain.

ଚୈନ—ସଂ. ବିଣ (ଚୀନ+ଅ)—୧। ଚୀନଦେଶୀୟ—
Chaina 1. Chinese.
୨। ଚୀନଦେଶ ଜାତ—2 Produced in China.

ଚୈନେୟ—ସଂ. ବିଣ. (ଚୀନ+ଭବାର୍ଥେ. ଏୟ)—ଚୈନ (ଦେଖ)
Chaineya Chaina (See)

ଚୈଲ—ସଂ. ବିଣ (ଚେଲ+ସମ୍ବନ୍ଧାର୍ଥେ. ଅ)—୧। ବସ୍ତ୍ରସମ୍ବନ୍ଧୀୟ—
Chaila 1. Relating to cloth
ସଂ. ବି. (ଚେଲ+ସ୍ୱାର୍ଥେ ଅ)—୧। ବସ୍ତ୍ର—1. Cloth
୨। ପୋଷାକ—2. Dress.

ଚୈଲକ—ସଂ. ବି—ଶୂଦ୍ର ପିତା ଓ କ୍ଷତ୍ରିୟା ମାତା ଗର୍ଭଜାତ ପ୍ରାଚୀନ ବର୍ଣ୍ଣ-
Chailaka ସଙ୍କର ଜାତିବିଶେଷ (ଦ୍ର. ଶବ୍ଦସାଗର)—Name of mixed caste originating from a Sūdra father and Kshatriya mother.

ଚୈଲଧାବ—ସଂ. ବି. (ଚେଲ+ଧାବ ଧାତୁ+କର୍ତ୍ତୃ. ଅ; ଯେ ଲୁଗା
Chaila-dhāba ଧୁଏ)—ଧୋବା— Washerman.

ଚୌକତି—ପ୍ରାଦେ, (ଯାଜପୁର) ବି—ଚଉକତି (ଦେଖ)
Choukati Chaukati (See)

[ଦ୍ର—ସଂ. ଚତୁଃ ଶବ୍ଦର ଅପଭ୍ରଂଶ 'ଚଉ' ବା 'ଚୌ' ଆଦ୍ୟରେ ଥିବା ଶବ୍ଦମାନ ଯାଜପୁରରେ 'ଚୌଉ' ଯୁକ୍ତ ହୋଇ ଉଚ୍ଚାରିତ ହୁଏ। ଯଥା—ଚଉକାଠ ସ୍ଥାନରେ ଚୌଉକାଠ, ଚଉପାଢ଼ି ସ୍ଥାନରେ ଚୌଉପାଢ଼ି; ପଣ୍ଡିତ ଓ ଶିକ୍ଷିତମାନଙ୍କ ମୁଖରୁ ମଧ୍ୟ ଏପରିକି କଥାବାର୍ତ୍ତାରେ ଏହା ଶୁଣାଯାଏ।]

ଚୋକ୍—ପ୍ରାଦେ. (ସମ୍ବଲପୁର) ବିଣ (ସଂ. ତୀକ୍ଷ୍ଣ)—ତୀକ୍ଷ୍ଣ—
Chok Sharp.

ଚୋକ—ସଂ. ବି— ଔଷଧାର୍ଥ ବ୍ୟବହୃତ ଗୁଳ୍ମବିଶେଷ—
Choka • A medicinal plant; Cleome Felina.
भड़भाँड़, सतयानासी

ଚୋକର୍ଡ଼—ଦେ. ବି. (ସଂ. ଶକଲ; ଶଲ୍କ; ତ୍ୱକ୍; ସଂ. ଚୋଳକ=ବଲ୍କଲ)—
Chokarda ଗହମର ଚୋପା, ଭୁସି—Husk of wheat; bran.
ভুসী; চোকল ପ୍ରାଦେ. (ଯାଜପୁର) ବିଣ—କୋଚଟ (ଦେଖ)
चोकर Kochata (See)
(ଯଥା—ଲୁହା ର ଚୋକଡ଼, କମାର ର ଚୋକଡ଼, ଇତ।)

ଚୋକ୍ଷ—ସଂ. ବିଣ. (ଚୁକ୍ଷ୍ ଧାତୁ+କର୍ତ୍ତୃ. ଯ)—ଦକ୍ଷ; ନିପୁଣ—
Choksha 1. Expert; skilful.
୨। ତୀକ୍ଷ୍ଣ—2. Sharp.
୩। ନିର୍ମଳ—3. Clean; pure.
୪। ମନୋହର—4. Beautiful.
୫। କ୍ଷୁଦ୍ର (ଦ୍ର. ଶବ୍ଦସାଗର)—5. Small.
୬। ପବିତ୍ର (ଦ୍ର. ଶବ୍ଦସାଗର)—6. Sacred.
୭। ହୁସିଆର (ଦ୍ର. ଶବ୍ଦସାଗର)—7. Cautions.
୮। ପ୍ରଶଂସିତ—8. Praised.
ସଂ. ବି—ପବିତ୍ର ବନପ୍ରଦେଶ—
A solitary and hallowed sylvan spot.

ଚୋଖ୍—ପ୍ରାଦେ. (ସମ୍ବଲପୁର) ବିଣ (ସଂ. ତୀକ୍ଷ୍ଣ)—ତୀକ୍ଷ୍ଣ—
Chokh Sharp.

ଚୋଖ—ଦେ. ବି. (ସଂ. ତୀକ୍ଷ୍ଣ; ଭୂଲ ପ୍ରା. ଚୋଖ)—୧। ରାଗ; କ୍ରୋଧ—
Chokha 1. Anger.
ଚୋଖରେ ଲଳନା ଭାଷେ, ତହିଁ ନାହିଁ ତୁମ୍ଭେ କେଉଁ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି।
୨। ମନୋଜ୍ଞତା; ସୌନ୍ଦର୍ଯ୍ୟ; ପରିପାଟୀ—
2. Beauty; charm; elegance.
चोख ୩। ସଂଯୋଗ—3. Conjunction; connection.
୪। ସ୍ଫୂର୍ତ୍ତି—4. Activity; briskness.
୫। ତେଜ—5. Energy.
୬। ବେଗ—6. Velocity.

চোখা ଦେ. ବିଣ. (ସଂ. ଚୋକ୍ଷ)—୧। ସଂଲଗ୍ନ—
चोखा 1. Attached.
(ଚୋଖିଆ—ଅନ୍ୟରୂପ) ୨। ମନୋଜ୍ଞ; ସୁନ୍ଦର—
2. Beautiful; charming; fine.
ସୁନ୍ଦର ଚୋଖଦନ୍ତ ଶୋଭେ ତାହାରେ
ଚନ୍ଦ୍ରନ କରୁଛି ଫୋଟକ ଜନକ ବଦନ ମନୋହର ଚରରେ।
ଭକ୍ତ. ଲାବଣ୍ୟବତୀ।
୩। (ସଂ. ତୀକ୍ଷ୍ଣ) ତୀବ୍ର; ତୀକ୍ଷ୍ଣ—3. Sharp; piercing.
ଅଧିକ ହୋଇବ ଚୋଖ ଚନ୍ଦ୍ରା ଅଙ୍କୁର। ପ୍ରାଚୀ. ଉଦ୍ଦଣ୍ଡମଞ୍ଜରୀ।
୪। ବିଶୁଦ୍ଧ; ଅମିଶ୍ରିତ—4. Pure; unmixed.
୫। ଶ୍ରେଷ୍ଠ; ଉତ୍କୃଷ୍ଟ—5. Excellent.
ଏଡ ଚକ୍ରିଙ୍କ ଉପରେ ଚୋଖ ଗୋ ସକଳ। ପ୍ରାଚୀ. ଉଦ୍ଦଣ୍ଡମଞ୍ଜରୀ।
୬। ବେଗଗାମୀ—6. Swift.
୭। ତେଜୀ; ସ୍ଫୂର୍ତ୍ତିବାନ୍—7. Active; energetic; brisk.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍ଯ	ଉଅ	ଝ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ୱ	ନ୍ତ

ଚୋଖ କରିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ତୀକ୍ଷ୍ଣ)—
Chokha kariba ଛୁରୀ ବା କଟୁରୀ ଆଦିକୁ ଦାଢ଼ୁଆ କରିବା; ଘଷିଲେଇବା—To sharpen.

ଚୋଖା—ଦେ. ବିଣ. (ସଂ. ଚୋକ୍ଷ)—ଚୋଖ (ଦେଖ)
Chokhā Chokha (See)

ଯେଉଁ ବୁଦ୍ଧି ଚୋଖା ହେବ ସେହି ବୁଦ୍ଧିକୁ ଅର୍ପିବା—ଉକାଳ. ଗୀତଳହରୀ।

ଚୋଖାର—ଦେ. ବିଣ. (ସଂ. ଚୋକ୍ଷ)—ଚୋଖା (ଦେଖ)
Chokhāra Chokhā (See)
ଦେ. ବି. (ପ୍ରାଚୀନ ଓଡ଼ିଆ ପୁସ୍ତକମାନଙ୍କରେ ବ୍ୟବହୃତ; ମାତ୍ର ଅର୍ଥ ଅସ୍ପଷ୍ଟ)—ବେଗଗାମୀ ଚର (ଗୋପୀନାଥ ନନ୍ଦ)—
A swift messenger.

ଚୋଖି—ଦେ. ବି. (ସଂ. ଚୁକ୍ର)—୧। ଖଟାପାଳଙ୍ଗ; ଏକପ୍ରକାର ଶାଗ—
Chokhi 1. A kind of spinach (pot-herb).
୨। ଓଡ଼ିଆଗୀତର ରାଗବିଶେଷ—
2. A metre of Oria songs.
[ଦ୍ର—ରାଗ ଚଳେ ଚୋଖି ଦେଖ ।]
୩। ଉତ୍କର୍ଷ; ଉତ୍ତମତା—3. Excellence.
चोखाइ ୪। ବାଲିଙ୍ଗି—4 Bragging; boasting.
(ଚୋଖୀ—ଅନ୍ୟରୂପ) ଦେ. ବି. (ସଂ. ଚୋକ୍ଷ)—ଚୋଖ (ଦେଖ)
Chokha (See)

ଚୋଖ୍ଖୀ ମାଲ୍—ଦେ. ବି—ଅତି ଉତ୍ତମ ବା ଉତ୍କୃଷ୍ଟ ପଦାର୍ଥ—
Chokhkhi māl Very good or excellent thing.

ଚୋଗା—ବୈଦେ. ବି. (ଫା. ଚୋଗା; ଭୁଲ ଲ୍ଲ. ଢୋଗା=ଅଣ୍ଟୁ ତଳ ବା ଗୋଡ଼ଭଣ୍ଡା ପର୍ଯ୍ୟନ୍ତ ଲମ୍ବିଥିବା ଢିଲା ଓ ସାମନା ପାଖ ଖୋଲାଥିବା ଜାମା (ଏହା ଚପ୍‌କନ୍ ଉପରେ ପିନ୍ଧାଯାଏ)—
Chogā
চোগা Toga; a loose outer garment worn over a Chapkan.
चोगा

ଚୋଙ୍ଖି ମାଲ—ଗ୍ରା. ବି—ଚୋଖ୍ଖୀ ମାଲ (ଦେଖ)
Chonkhi māla Chokhkhi māla (See)

ଚୋଙ୍ଗା—ଦେ. ବି. (ସଂ. ଭୁଙ୍ଗୀ=ଶରମୁଣ୍ଡା)—ଚୁଙ୍ଗା; ବଡ଼ନଳ—
Chongā A big tube.
চোঁগা
चोंगा
(ଭୁଙ୍ଗୀ=କ୍ଷୁଦ୍ରନଳ)

ଚୋଚ—ସଂ. ବି—୧। ଡାଲଚିନି (ଦ୍ରବ୍ୟଗୁଣ)—
Chocha 1. Cinnamon-bark.
୨। ବକଲ—2. Bark (M. W.).
୩। ଚର୍ମ; ଛାଲ—3. Skin (M. W.).
୪। ନଡ଼ିଆ ଫଳ—4. Cocoanut fruit (M. W.).
୫। ତାଳ ଫଳ—5. The fruit of the fan-palm (M. W.).
୬। କାଠିଆ କଦଳୀ—6. Banana (M. W.).
୭। ଫଳର ଅଖାଦ୍ୟ ଅଂଶ—
7. The uneatable part of a fruit (M. W.).

ଚୋଚମା (ଇତ୍ୟାଦି)—ଦେ. ବି—ଚୁଚୁମା ଇତ୍ୟାଦି (ଦେଖ)
Chochamā (etc) Chuchumā etc (See)

ଚୋଚମା ଚୋଚମି—ଦେ. ବି. (ଚହଁବାର ଅର୍ଥରେ ଦ୍ୱିତ୍ୱ)—
Chochamā chochami ବହୁବାର ଚୁଚୁମିବା—
Repeated sucking.

ଚୋଚମିବା—ଦେ. କ୍ରି—ଚୁଚୁମିବା (ଦେଖ)
Chochamibā Chuchumibā (See)
(ଚୋଚମାଇବା; ଚୋଚମେଇବା—ଣିଜନ୍ତରୂପ)
ଚୋଚମିବା }
ଚୋଚୁମିବା }

ଚୋଟ—ଦେ. ବି. (ସଂ. ଚୁଟ୍ ଧାତୁ=କାଟିବା)—
Choṭa ୧। ଶସ୍ତ୍ରଦ୍ୱାରା ଆଘାତ; ମାଡ଼; ପ୍ରହାର—
চোট 1. Stroke; blow or cut with a weapon.
चोट ଉସ୍ ବୋଇଲେ କି ଚୋଟ ନ କାଟେ ? ଉଶ।
୨। ଶସ୍ତ୍ରାଘାତଜନିତ କ୍ଷତ; ଜଖମ; ଘାଆ—
2. Wound or sore due to a blow with a weapon.
୩। ଆଘାତଜନିତ ଶାରୀରିକ ବ୍ୟଥା—
3. Physical pain due to a blow.
୪। ଜୋର; ବଳ; ଶକ୍ତି—
4. Force; power; vigour.
ମୋହର ଲହର ଚୋଟରେ ସକ୍ତକର ଅଂସ୍ଥା ଶୋଚନୀୟ ହୋଇପଡ଼ୁଅଛି।
ଉତ୍କଳସେବକ ୪।୩।୨୯।
୫। ତୀବ୍ରତା; ପ୍ରଖରତା—5. Keenness.
୬। ବନ୍ଧୁକରେ ଥରେ ଗୁଳ ବାରୁଦ ଖଦା ହେବା—
6. Charging of a gun with powder; charge.
(ଯଥା—ଦୋହୋଗୀନଳୀ ବନ୍ଧୁକରେ ଏକାଥରକେ ଦୁଇଚୋଟ ପଡ଼େ।)
୭। ବନ୍ଧୁକର ଥରେ ଫାଏର ହେବା—
7. Discharge of a gun; firing of a gun.
(ଯଥା—ରାଇଫଲ୍‌ଗୁଡ଼ାରେ ଲାଗେଲାଗେ ୬ ଚୋଟ ଫାଏର ହୁଏ।)
୮। ଶସ୍ତ୍ରଦ୍ୱାରା ଥରେ ଆଘାତ—
8. One blow with a weapon.
କାମୀ କାମିନୀ ଯହିଁ ହେଲେ ଭେଟ,
ଭେଟ କରନ୍ତି କାମ କୃପାଣ ଚୋଟ। ରାଜକୃଷ୍ଣ. ଜଗମୋହନ।
୯। (ଲକ୍ଷଣାର୍ଥ) ମନରେ ଜନ୍ମିବା ଆଘାତ ବା ଦୁଃଖ; ମନୋବେଦନା—9. Grief; mental affliction.
୧୦। (ଆକ୍ରମଣର) ବାର ; ଥର—
10. Time (of an attack).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କ୍ଷୁଅ' ନ ମିଳିଲେ 'କ୍ଷୁଅଁ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ, 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୧୧ । ସର୍ପାଦିଙ୍କର ଦଂଶନ—11. Biting of a snake.

୧୨ । ଶସ୍ତ୍ରାଘାତ ବା ସର୍ପଦଂଶନର ଚିହ୍ନ—
12. The mark of a blow or snake-bite.
(ଯଥା—ତା ଦେହରେ ୩ ଜାଗାରେ ଚୋଟ ବସିଛି ।)

୧୩ । ଗୁରୁ ଦାୟିତ୍ୱ ବା ଜବାବଦେହୀ—
13 Grave responsibility.

[ଦ୍ର—ଚୋଟ ଶବ୍ଦ ସଙ୍ଗେ ଦେବା, ମାରିବା, ପକାଇବା, ଲଗାଇବା, ଭରିବା, ଖାଇବା, ସହିବା, ସମ୍ଭାଳିବା, ହାଣିବା, ବଜାଇବା ଆଦି ଶବ୍ଦ ଯୁକ୍ତ ହୋଇ କ୍ରିୟାରୂପେ ଓ କାଟିବା, ବସିବା, ବାଜିବା, ଲାଗିବା, ପଡ଼ିବା, ପହଞ୍ଚିବା, ଖସିଯିବା ଆଦି ଶବ୍ଦ ଯୁକ୍ତ ହୋଇ ବିଶେଷ୍ୟରୂପେ ବ୍ୟବହୃତ ହୁଏ ।]

୧୪ । ହସ୍ତା; ଚୋଡ଼—14. Volley; paroxysm; fit (e. g. of rage).

୧୫ । କୌଣସି କାର୍ଯ୍ୟ ସମ୍ବନ୍ଧେ ଜିଦ୍; ଜଗର—15 Zid; being bent on doing a thing; fixed determination to do a thing.

୧୬ । ତୀକ୍ଷ୍ଣ ଶସ୍ତ୍ରଦ୍ୱାରା କଟା ଆଘାତ; ହାଣ—
16. Cutting by a sharp instrument; cut.

ଚୋଟ କାଟିବା—ଦେ. କ୍ରି—୧ । ଅସ୍ତ୍ରର ଆଘାତ ସଫଳ ହେବା—
Choṭa kāṭibā — 1. (a blow from a weapon) Becoming effective.
চোটলাগা
चोटलगना — ୨ । ଅସ୍ତ୍ର ଶସ୍ତ୍ରାଦିର ଆଘାତଦ୍ୱାରା ବ୍ୟଥା ଜନ୍ମିବା—
2. Suffering or pain resulting from a blow.

ଚୋଟ ଚପଟ—ଦେ. ବି (ଏକାର୍ଥକ ସହଚର)—ଆଘାତମାନ—
Choṭa chapaṭa — Strokes.
চোটপাট
चोटचपट

ଚୋଟ ପକା(କେ)ଇବା—ଦେ. କ୍ରି—୧ । ବନ୍ଧୁକରେ ବାରୁଦ ଭରିବା—
Choṭapakā(ke)ibā — 1. To charge a gun.
চোটমারা — ଆଗ ଲୋକେ ପୁଣି ଚୋଟ ପକାଇ,
चोटमारना — ବେଗେ ହାଜର ହୋଇଥାନ୍ତି ଯାଇ । ବ୍ରଜନାଥ- ସମରତରଙ୍ଗ ।
୨ । (ସର୍ପ) ଦଂଶନ କରିବା—2. (snake) To bite

ଚୋଟ ବାଜିବା—ଦେ. କ୍ରି—ଚୋଟ କାଟିବା (ଦେଖ)—
Choṭa bājibā — Choṭa kāṭibā (See)

ଚୋଟ ମାରିବା—ଦେ. କ୍ରି—୧ । ଅସ୍ତ୍ରଶସ୍ତ୍ରଦ୍ୱାରା ଆଘାତ କରିବା—
Choṭa māribā — 1. To strike a blow.
চোটমারা — ୨ । (ସର୍ପ) ଦଂଶନ କରିବା—
चोटमारना — 2. (snake) To bite.

ଚୋଟେ—ଦେ. ବି—୧ । କେବଳ ଏକମାତ୍ର ଚୋଟ ବା ଆଘାତ—
Choṭe — 1. Only one blow.
একচোট — ୨ । ଥରେମାତ୍ର—2. Once only.

ଚୋଟେଇବା—ଦେ. କ୍ରି—ତୀକ୍ଷ୍ଣ କର୍ତ୍ତନାସ୍ତ୍ର (ଯଥା—ଖଣ୍ଡା, କଟୁରି) ଦ୍ୱାରା ଚୋଟଚୋଟ କରି ହାଣିବା—
Choṭeibā
কোপান — To cut by strokes; to give successive cuts with a sharp weapon; to chop.
चोटियाना

ଚୋଟ୍ଠା (ଇତ୍ୟାଦି)—ଦେ. ବିଣ—ଚୋଠା ଇତ୍ୟାଦି (ଦେଖ)
Choṭṭhā (etc) — Choṭhā etc (See .
(ଚୋଟ୍ଠୀ—ସ୍ତ୍ରୀ)

ଚୋଠଉଁ ଚୋଠା—ଦେ. ବିଣ—(ଚୋଠା ଠାରୁ ବଳି ଚୋଠା) ଅତ୍ୟନ୍ତ ଚୋଠା—Very wicked.
Choṭhauñ choṭhā
चोटम चोट्टा
(ଚୋଠମ୍ ଚୋଠା—ଅନ୍ୟରୂପ)

ଚୋଠମ୍ ଚୋଠା—ଦେ. ବିଣ—ଚୋଠଉଁ ଚୋଠା (ଦେଖ)
Choṭham choṭhā — Choṭhauñ choṭhā (See)

ଚୋଠା—ଦେ. ବି (ସଂ. ଚୌର; ହିନ୍ଦିରେ ଚୋଟ୍ଟାର ଅର୍ଥ ଚୋର ଓ ଚୋଟ୍ଟୀକା, ଚୋଟ୍ଟିବାଜ ଶବ୍ଦଦ୍ୱୟ ପୁରୁଷଙ୍କ ଗାଳିରେ ବ୍ୟବହୃତ ହୁଏ)—୧ । ଚୋର—1. Thief.
Choṭhā
(ଚୋଠୀ—ସ୍ତ୍ରୀ)
ଚୋଠାଗିରି, ଚୋଠାପଣ, ଚୋଠାଇ, ଚୋଠାମି
୨ । ଖେଚେଡ଼ା—2. Wicked.
୩ । ପାଜି; ନୀଚପ୍ରକୃତିକ—3. Mean-minded.
চোট্‌ঠা — ୪ । କୃପଣ—4. Miserly.
चोट्टा — ୫ । ହମାକିଆ; ଯେଉଁ ଭୃତ୍ୟ ପ୍ରଭୁଙ୍କୁ ମାନେ ନାହିଁ—
5. Insubordinate (servant).

ଚୋଡ଼—ସଂ. ବି (ଚୁଲ୍ ଧାତୁ=ଉନ୍ନତ ହେବା + ଅ)—
Choṛa — ୧ । ଦକ୍ଷିଣ ଭାରତର ପ୍ରାଚୀନ ଦେଶବିଶେଷ; ଚୋଳ—1. Name of an ancient kingdom in South India.
୨ । ଉତ୍ତରୀୟ ବସ୍ତ୍ର—2. A sheet for the upper part of the body.
୩ । କାଞ୍ଚୁଳି—3. Bodice.

ଚୋଡ଼କ—ସଂ. ବି (ଚୋଡ଼ + କ)—ଏକପ୍ରକାର ପରିଧେୟ ବସ୍ତ୍ର (ହି. ଶବ୍ଦସାଗର)—A kind of cloth for wearing.
Choṛaka

ଚୋଡ଼ା—ସଂ. ବି (ଚୁଲ ଧାତୁ=ଉନ୍ନତ ହେବା + କର୍ତ୍ତୃ. ଅ + ଆ)—
Choṛā — ବଡ଼ ଗୋରଖମୁଣ୍ଡୀ (ହି. ଶବ୍ଦସାଗର) (ଦେଖ)
A variety of Gorakhamuṇḍi (See)

ଚୋଡ଼ୀ—ସଂ. ବି (ଚୁଲ ଧାତୁ=ଉନ୍ନତହେବା + କର୍ତ୍ତୃ. ଅ + ଈ)—
Choṛī — ସ୍ତ୍ରୀମାନଙ୍କ ପିନ୍ଧିବା ଶାଢ଼ୀ (ହି. ଶବ୍ଦସାଗର)—
A cloth with coloured boder worn by women.

ଚୋଟକ—ସଂ. ବି—୧ । ଡାଲଚିନି (ହି. ଶବ୍ଦସାଗର)—
Choṭaka — 1 Cinnamon-bark.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଖ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ତ

୨ । ବଲ୍କଳ—2. Bark of a tree.

ଚୋଦ୍—ଦେ. ବଣ. ପୁଂ (ଅନ୍ୟ ଶବ୍ଦ ପରେ ଲାଗେ, ଯଥା—ବାହାନ୍-ଚୋଦ୍, ମାଦର୍‌ଚୋଦ୍) ଯେ (ଅମୁକ ସ୍ତ୍ରୀକୁ) ମୈଥୁନ କରେ—
Chod (in compounds) Cohabiting with (such a woman.)
चोद
चोद्

ଚୋଦ—ସଂ. ବି—୧ । ଚାବୁକ; କୋରଡ଼ା (ହି. ଶବ୍ଦସାଗର)—
Choda 1. Whip.
୨ । ଅଗରେ ମୁନଥିବା ଲୁହାକଣ୍ଟା ଲାଗିଥିବା ଲମ୍ବ ଯଷ୍ଟି (ହି. ଶବ୍ଦସାଗର)—2 A long stick with an iron point at the top; goad.

ଚୋଦକ—ସଂ. ବଣ. ପୁଂ. (ଚୁଦ୍ ଧାତୁ, ଣିଚ=ଚୋଦ ଧାତୁ+କର୍ତ୍ତୃ. ଅକ)—୧ । ଯେ ପ୍ରବର୍ତ୍ତାଏ—
Chodaka 1. Inducing; one who induces.
୨ । ଯେ ପଠାଏ—2. Sending; one who sends.
୩ । ନିଯୋଜକ—3. Employing; one who employs.
୪ । କୌଣସି କାର୍ଯ୍ୟ କରିବାକୁ ଯେ ଅନ୍ୟକୁ ଉତ୍ତେଜିତ କରେ—4. Inciting another person to do a work; goading to action.

ଚୋଦଣା—ଦେ. ବି—ମୈଥୁନ—
Chodaṇā Copulation.

ଚୋଦନ—ସଂ. ବି. (ଚୁଦ୍ ଧାତୁ ଣିଚ୍=ଚୋଦ ଧାତୁ+ଅନ)—
Chodana ୧ । ବିଧିବାକ୍ୟ; କୌଣସି କାର୍ଯ୍ୟ କରିବା ପାଇଁ ଉପଦେଶ ବାକ୍ୟ—1. Precept
୨ । ପ୍ରେରଣ—2. Sending.
୩ । ନିଯୋଜନ—3. Employing.
୪ । ସଂଯୋଗ ଆଦି ସମ୍ବନ୍ଧ ସ୍ଥାପନ ପାଇଁ ପ୍ରଯତ୍ନ—4. Exertion for bringing about a union.
୫ । ପ୍ରବର୍ତ୍ତନ—5. Inducing; impelling.
ସଂ. ବଣ—ଚୋଦକ (ଦେଖ)—Chodaka (See)
ଗ୍ରା. ବି. (ଅଶ୍ଳୀଳ)—ସ୍ତ୍ରୀ ପୁରୁଷଙ୍କ ରତିପ୍ରସଙ୍ଗ; ରମଣ—
चुदन
चुदाई Cohabitation; copulation.

ଚୋଦନା—ସଂ. ବି ସ୍ତ୍ରୀ (ଚୋଦନ+ସ୍ତ୍ରୀ. ଆ)—
Chodanā ୧ । ଶୋଧନ; ଭର୍ତ୍ସନ—1. Reproof (M. W.).
୨ । ଚୋଦନ (ଦେଖ)—2 Chodana (See)
ଗ୍ରା. ବି. (ଅଶ୍ଳୀଳ)—ମୈଥୁନ—Copulation.

ଚୋଦନୀ—ଗ୍ରା. ବଣ. ସ୍ତ୍ରୀ (ଅଶ୍ଳୀଳ ଗାଳି)—ଚୋଦେଇ (ଦେଖ)
Chodanī Chodeī (See)
ସଂ. ବି—ଚୋଦନୀ ନାମକ ଗୁଳ୍ମ—Name of a plant.

ଚୋଦୟିତା—ସଂ. ବଣ. ପୁ (ଚୁଦ୍ ଧାତୁ ଣିଚ୍=ଚୋଦ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—ଚୋଦକ (ଦେଖ)
Chodayitā Chodaka (See.)
(ଚୋଦୟିତ୍ରୀ—ସ୍ତ୍ରୀ)

ଚୋଦା—ଗ୍ରା. ବି (ଅଶ୍ଳୀଳ) (ସଂ. ଚୁଦ୍ ଧାତୁ ଣିଚ. ଚୋଦ ଧାତୁ=ସଂଯୋଗ ପାଇଁ ଯତ୍ନ କରିବା, ପ୍ରବର୍ତ୍ତାଇବା)—ମୈଥୁନ; ସ୍ତ୍ରୀ ପୁରୁଷ ସଙ୍ଗମ—Cohabitation; copulation.
Chodā
चुदा; चोदा
चुदा

ଚୋଦାବୁଆ—ବଣ. ପୁଂ (ଅଶ୍ଳୀଳ)—୧ । ସ୍ତ୍ରୀପ୍ରସଙ୍ଗରେ ଅତିରିକ୍ତ ରୂପେ ରତ—1. Addicted to excessive copulation.
चुदवैया
(ଚୋଦେଇ—ସ୍ତ୍ରୀ)
୨ । କାମାତୁର—2. Lecherous (male).
୩ । (ଗାଳି) ଲମ୍ପଟ; ପରସ୍ତ୍ରୀରତ—3. Adulterous (male).
୪ । (ସମାସରେ ବ୍ୟବହୃତ) ଯେ ଅମୁକ ସ୍ତ୍ରୀକୁ ରମଣ କରେ—4. Cohabiting with such or such a female.

ଚୋଦାଇବା—ଗ୍ରା· କ୍ରି. (ଅଶ୍ଳୀଳ)—୧ । (ସ୍ତ୍ରୀ) ଆପଣାକୁ ପୁରୁଷଦ୍ୱାରା ରମିତ କରାଇବା—1. (a female) To allow one's self to be cohabited by a male.
Chodāibā
चुदाना; चोदाना
चुदवाना, चुदाना ୨ । (କୌଣସି ପୁରୁଷ) ଆପଣାର ସ୍ତ୍ରୀ ବା ଅନ୍ୟ କୌଣସି ସମ୍ପର୍କୀୟା ସ୍ତ୍ରୀକୁ ଜାରପୁରୁଷ ସହବାସ କରିବାକୁ ଦେବା—2. (a male) To allow his wife or another woman to have copulation with a paramour.
(ଚୋଦେଇବା—ଅନ୍ୟରୂପ)

ଚୋଦାଇ ହେବା—ଗ୍ରା. କ୍ରି. (ଅଶ୍ଳୀଳ)—ଚୋଦାଇବା ୧ (ଦେଖ)
Chodāi heba Chodāibā 1 (See)
(ଚୋଦେଇ ହେବା—ଅନ୍ୟରୂପ)

ଚୋଦିତ—ସଂ. ବି. (ଚୁଦ୍ ଧାତୁ+କର୍ମ. ତ)—୧ । ଆଦିଷ୍ଟ—
Chodita 1. Enjoined; directed; ordered (M.W).
୨ । ଉତ୍ତେଜିତ—2. Incited; impelled.
୩ । ଯେଉଁ ପଶୁଆଦିକୁ ଅଡ଼ାଇ ଦିଆ ଯାଉଥାଏ—3. (beast) Driven or goaded to action (M. W.).
୪ । ଯାହାକୁ ଅବଗତ କରାଯାଏ—4. Informed (M. W.).
୫ । ସ୍ଥିରୀକୃତ—5 Fixed; appointed (M. W).

ଚୋଦିବା—ଦେ. କ୍ରି (ସଂ. ଚୁଦ ଧାତୁ ଣିଚ. ଚୋଦ ଧାତୁ=ପ୍ରବର୍ତ୍ତାଇବା)—
Chodibā ଉତ୍ତେଜନା ଜାତ କରିବା—To excite.
गा ବି. (ଅଶ୍ଳୀଳ) (ସଂ. ଚୁଦ୍ ଧାତୁ)—ସ୍ତ୍ରୀସଙ୍ଗମ କରିବା—To cohabit.
चुदा; चोदा
चुदना; चोदना

ଚୋଦେଇ—ଗ୍ରା. ବଣ. ସ୍ତ୍ରୀ (ଅଶ୍ଳୀଳ ଗାଳି)—୧ । ଅତ୍ୟନ୍ତ ପୁରୁଷସଙ୍ଗମାସକ୍ତା (ସ୍ତ୍ରୀ); କାମାତୁରା—
Chodeī 1. (female) Addicted to carnal pleasures; lecherous (female); lustful.
चुतमारानी
चुदासी, चोदासी
୨ । କୁଳଟା; ଦୁଶ୍ଚରିତ୍ରା—2. Adulterous woman.

ସାଧାରଣ ଲୋକେ ଅପର ପୃଷ୍ଠାରୋପଣରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗାଢ଼' ଖୋଜିବେ, କୁଥ ନ ମିଳିଲେ 'କୁଥ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅର୍ଦ୍ଧ ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୋପ୍ (ଇତ୍ୟାଦି)—ଦେ. ଅ—ଚୁପ୍ ଇତ୍ୟାଦି (ଦେଖ)
Chop (etc) Chup etc (See)

ଏରେ ଚୋପ୍ ଚୋପ୍ ଯେମୁଡ଼ାଙ୍କ ବଡ଼ର କାହିଁକି କହୁଚୁ—
ଭୂକାସୁଚରଣ, ଶୌଭୁକ ।

ପ୍ରାଦେ. (ସମ୍ବଲପୁର) ବି. (ସଂ. ଚ୍ୟୁ ଧାତୁ=କ୍ଷରିବା; ତୁଳ. ହି. ଚୋପ୍=କଞ୍ଚା ଆମ୍ବଫଳର ଲସି)—
୧ । ଗଛର ଅଠା ବା ଖିର—
1. Gum or juice from trees.
୨ । ଅଶ୍ୱତ୍ଥ ଗଛର ଅଠା —
2. The gummy juice of Religious Fig tree.
୩ । କଞ୍ଚା ଆମ୍ବ ଫଳର ଚେମ୍ପ ଭାଙ୍ଗି ଦେଲେ ଫଳର ମୁଣ୍ଡିରୁ ଯେଉଁ ଲସି ବାହାରେ—
3. Acrid juice coming out of a young mango when separated from the stalk.

ଚୋପ୍ କାଣ୍ଡିଆ—ପ୍ରାଦେ. (ସମ୍ବଲପୁର) ବି—ଅଠାକାଠି; ଅଠାକାଣ୍ଡିଆ—
Chop kāṇdiā Pointed reed covered with bird-lime.

ଚୋପ୍‌ଚାପ୍—ଗ୍ରା. ବି ଓ ବିଣ—ଚୁପ୍‌ଚାପ୍ (ଦେଖ)
Chopchāp Chupchāp (See)

ଚୋପ୍‌ଦାର୍—ବୈଦେ. ବି. (ଫା. ଚୋବ୍‌ଦାର୍)—
Chopdār ରାଜା ଓ ବିଶିଷ୍ଟ ବ୍ୟକ୍ତିମାନେ ଶୋଭାଯାତ୍ରା କରିବା
চোপদার ସମୟରେ ତାଙ୍କ ଆଗେ ଆଗେ ଆସା, ସୋଟା
चोबदार ବହନ କରି ଅଗ୍ରସର ହେବା ଭୃତ୍ୟ; ରାଜଦଣ୍ଡ ବାହକ; ଅଗ୍ରଗାମୀ ସିପାହୀ; ଆସାବରଦାର୍—
Chobedār; persons carrying maces before kings on ceremonial occasions.

ଚୋପ— ଦେ. ବି—୧ । ରାଗ; କ୍ରୋଧ—
Chopa 1. Anger.
୨ । ଶର; ବାଣ—1. Arrow.
୩ । ଦାନପତ୍ର—3. Deed of gift.
୪ । ଅଧିକାରପତ୍ର—
4. A deed or letter of authority.

ବୈଦେ. ବି. (ଫା. ଚୋବ୍)—୧ । ତମ୍ବୁକୁ ସିଧା କରି ଠିଆ କରିବା ପାଇଁ ବ୍ୟବହୃତ ଖୁଣ୍ଟି—
चोब 1. Tent-pole.
୨ । ଢୋଲ, ନାଗରା, ତାସା ଆଦି ବାଡ଼େଇବାରେ ବ୍ୟବହୃତ କାଠି—2. Drum-stick.

ଘାଣ୍ଟ ଯାଉ ନାଗେ ତା ତୋଡ଼ି ଯାଉ ଚୋପ । ଭକାଗ୍. କହେ ବକସୁ ।

୩ । ସୁନା ବା ରୁପା କୁଅଣି ହୋଇଥିବା ଦଣ୍ଡ (ଯାହା ଚୋପ୍‌ଦାର୍‌ମାନେ ରାଜା ଆଦିଙ୍କ ଗହଣରେ ବହନ୍ତି)—
3. Gilt or silver-covered big sticks carried by bearers in the retinue of great personages.

ପ୍ରାଦେ. (ସମ୍ବଲପୁର) ବି—ବରଗଛର ଅଠା—
The gummy juice of Banyan tree.

ଚୋପକ—ଦେ. ବି—ବାଣ; କାଣ୍ଡ—
Chopaka Arrow.

ଜାଲ ଚୋପକ ଜଳ କାଣ୍ଡ
ଅବର ଧର ଟେକା ପାଦ । ପ୍ରାଚୀ. ନର୍ମଣମାହାତ୍ମ୍ୟ ।

ଚୋପ କାଠି—ଦେ. ବି. (ଫା. ଚୋବ୍+ସଂ. କାଷ୍ଠ)—
Chopa kāṭhi ଯେଉଁ କାଠି ଦ୍ୱାରା ଢୋଲ ଓ ନାଗରା ଆଦି ବାଜୁଥାଏ—Drum-stick.
[ଦ୍ର— ପାଣ ଓ ବାଦ୍ୟମାନଙ୍କର ଚୋପକାଠି ସନ୍ତକ ଅଟେ ।]

ଚୋପ ଖଣ୍ଡୁଆତ— ଦେ. ବି. (ପ୍ରାଚୀ)—ଅଧିକାରପତ୍ର—
Chopa khaṇḍuāti Deed or letter of authority.

ମହାପାତ୍ରେ ଶାସ୍ତ୍ରୀ ଠାଇ ପୁରୁଷୋତ୍ତମ ଦେଶ ଲୋକଙ୍କୁ ଚୋପ ଖଣ୍ଡୁଆତ ଦେଲେ ।
ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ଚୋପଦାର୍—ଦେ. ବି—ଚୋପ୍‌ଦାର୍ (ଦେଖ)
Chopadār Chopdār (See)

ଲକ୍ଷ ଚୋପଦାରେ ଡାକନ୍ତି କହୁ ନୋହେ ଏ ଯେଉଁ ସମ୍ପତ୍ତି
ବି ଅବା ଛତ୍ର ପତାକା ସୁରନଗରୀ ହିରି । ବ୍ରଜନାଥ. ସମର ତରଙ୍ଗ ।

ଚୋପ ପତ୍ର—ଦେ. ବି—ସନନ୍ଦ—
Chopa patra A deed or letter of gift.

ଚୋପରା—ପ୍ରାଦେ. (ସମ୍ବଲପୁର) ବି—ଅଳିଆ; ଝାଟୁଆ—
Choparā Refuse; sweepings.

ଚୋପରା ଖାତ—ପ୍ରାଦେ. (ବାଲେଶ୍ୱର) ବି—ଯେଉଁ ଖାତରେ ଅଳିଆ ବା
Choparā khāta ଝାଟୁଆ ପକାଯାଏ—Refuse-pit.

ଚୋପା—ଦେ. ବି. (ସଂ. ଚୁପ ଧାତୁଜାତ ଚୋପନ=ଗୋପନ; ଯାହା
Chopā ମଧ୍ୟସ୍ଥ ବସ୍ତୁକୁ ଗୋପନ କରେ)—୧ । ବୃକ୍ଷର ଛେଲି
চোপরা; छिबड़ा ବା ବଲ୍କଲ—1. Bark of trees.
छाल, छिलका ୨ । ଫଳର ଉପରସ୍ଥ ଆବରଣ—
2. The rind of a fruit.
୩ । ଶସ୍ୟାଦିର ତୁଷ—3. The husks of grain.
୪ । ଛାଲ; ବାହାରର ଚମଡ଼ା—4 Outer skin.
୫ । ଘାଅର ବକଲା—
5. The slough of a wound or sore.

ଦେ. ବିଣ— ସାରହୀନ; ବଲ୍କଲମାତ୍ରାବଶିଷ୍ଟ—
Hollowed; emptied of the inner substance.

ଚୋପାଚୋପି—ଦେ. ବି—କଟା ହୋଇଥିବା ନାନାଫଳର ଚୋପା—
Chopāchopi The rinds of various fruits scraped off from the fruits.

ଚୋପାଛଡ଼ା—ଦେ. ବିଣ. (ଅବଜ୍ଞା ସୂଚକ)—ଯେ ସବୁକଥାରୁ କଠେଇ
Chopā-chharḍā କରି ଦୋଷଗୁଣ ବାଛେ—(a term of contempt) Over-careful in dealing with a thing.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ଼	ଉଥ	ଢ଼
১	ଇ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ୱ	ନ୍ନ

ଚୋପା ଛଡ଼ାଇବା—ଦେ. କ୍ରି—ଉପରୁ ଛାଲ ଛଡ଼ାଇବା; ଛାଲ ଉତାରିବା—
Chopā-chhardāibā To take off the rind or outer skin.
(ଚୋପା ଛଡ଼େଇବା—ଅନ୍ୟରୂପ)

ଚୋପାମୁହାଁ—ଦେ. ବଣ. ପୁଂ—ଯାହା ମୁହଁ ଫଳର ଚୋପା ପରି ଭିତରକୁ
Chopā-muhā̃ ପଶିଯାଇ ଥାଏ; ଝାଙ୍କୁଅଗାଲ—
(ଚୋପାମୁହାଁ—ସ୍ତ୍ରୀ) One whose cheeks are hollowed like the rind of a fruit.

ଚୋବ୍ (ଇତ୍ୟାଦି)—ବୈଦେ. ବ. (ଫା)—ଚୋପ୍ ଇତ୍ୟାଦି (ଦେଖ)
Chob (etc) Chop etc (See)

ଚୋବ୍‌ଚିନି—ଦେ. ବ. (ଫା. ଚୋବ୍=କାଠି+ଚୀନ=ଚୀନ୍ ଦେଶରୁ
Chob-chini. ଆଗତ)—ମୋଦକରେ ବ୍ୟବହୃତ ବିଦେଶୀୟ
ସଂ. ନାମ—ଦ୍ୱୀପାନ୍ତ ବଚ୍ଚ, ବଚ, ଚୋପଚିନି—A kind of
ଓ. ଚୋପଚିନି, ଚୋବ୍‌ଚିନି pungent root used as a
चोबचिनि tonic; Smilax China (tree)
चोबचिनि and its root; China-root.
ଫା. ଚୋବଚିନ [ଦ୍ର—ଏହା ଚୀନ ଓ ଜାପାନରେ
ଅ. ଖସବୁଲସିନ ଜନ୍ମିବା ଏକ ଲତାର ଚେର; ଏହା
ଈଷତ୍ ତିକ୍ତ, ଉଷ୍ଣବୀର୍ଯ୍ୟ, ଅଗ୍ନିଦୀପକ, ରକ୍ତଶୋଧକ ଓ ମଳମୂତ୍ର-
ଶୋଧକ । ଏହା ବିବନ୍ଧ, ଉଦରାଧ୍ମାନ, ଶୂଳ, ବାତ, ଅପସ୍ମାର,
ଉନ୍ମାଦ ଓ ଗାତ୍ରବେଦନା-ନିବାରକ; ଫିରଙ୍ଗ (ଗର୍ମି) ରୋଗରେ ଓ
ଦୁର୍ବଳତାରେ ଏହା ବ୍ୟବହୃତ ହୁଏ । ଏ ଲତାର ପତ୍ର ଅଶ୍ୱଗନ୍ଧା
ଗଛର ପତ୍ରପରି ।]

ଚୋବଣା—ଦେ. ବି. (ସଂ. ଚର୍ବଣ)—ଚବଣା, ଚୋବାଇବା ପାଇଁ
Chobanā ବ୍ୟବହୃତ ଭୃଜିଲ ମୁଗଆଦି ନାନା ଶସ୍ୟର ମିଶ୍ରିତ ଭଜା—
चबेना Fried grains eaten by chewing.

ଚୋବା—ଦେ. ବି. (ସଂ. ଚର୍ବଣ)—୧ । ଦନ୍ତଦ୍ୱାରା ପେଷଣ—
Chobā 1. Chewing.
चिबान ୨ । ଭୋଜନବେଳେ ଖାଦ୍ୟଦ୍ରବ୍ୟକୁ ଦନ୍ତଦ୍ୱାରା ଉତ୍ତମରୂପେ
चबेना ଚଗଡ଼ିବା—2. Mastication.
୩ । ଚୋବଣା (ଦେଖ)
3. Chobanā (See)

ଚୋବାଇ ଚୋବାଇ କଥା କହିବା—ଦେ. କ୍ରି—ପାଟିରେ ଖାଇଲ
Chobāi chobāi kathā kahibā ଚୋବାଇ ଚୋବାଇ କଥା
चिबिये चिबिये कथा बका କହିଲେ ମନୁଷ୍ୟ ଯେପରି
चबा चबाकर बातें करना ଅସ୍ପଷ୍ଟଭାବରେ କଥା କହେ
ସେହିପରି କଥା କହିବା; ବାରଗୁଡ଼ିଲଆ କରି କଥା
କହିବା—To speak indistinctly (as if the speakers were uttering words while engaged in chewing something).

ଚୋବାଇବା—ଦେ. କ୍ରି (ସଂ. ଚର୍ବଣ)—୧ । ଦାନ୍ତଦ୍ୱାରା ଖାଦ୍ୟାଦି
Chobāibā ପେଷିବା—1. To chew.
(ଚୋବେଇବା—ଅନ୍ୟରୂପ) ଦେଲେ ତାମ୍ବୁଳ ବଟିଅ ଚୋବାଇଲେ ।
चिबान କୃଷ୍ଣସିଂ. ମହାଭାରତ, ସଭା ।
चबाना, चिबलाना ୨ । ଦୁଇ ପାଟିର ଦାନ୍ତକୁ ପରସ୍ପର ସହିତ
ଘଷିବା=2. To grind the teeth together.
(ଯଥା—ସେ ଦାନ୍ତ ଚୋବାଉଛି) ।
ପ୍ରାଦେ (ଗଞ୍ଜାମ) କ୍ରି—ଦଂଶନ କରିବା; କାମୁଡ଼ିବା—
To bite
ଅପଗ୍ରଥ ବନା ବେଂପିଠାକୁ ଭୁଞ୍ଜିତ
ଚୋବାଉଛ ଦୃଶ ତକ୍ଷକ ନାଗବର—କୃଷ୍ଣସିଂ. ମହାଭାରତ, ଅଦ ।

ଚୋବା ଚୋବି—ଦେ. କ୍ରି—କୌଣସି ପଦାର୍ଥକୁ ଉପର୍ଯ୍ୟୁପରି ଚୋବାଇବା—
Chobā chobi To masticate.
चिबाचिबि ଦେ. ବଣ—ପରସ୍ପର କାମୁଡ଼ାକାମୁଡ଼ି—
चबाचबि Biting each other.
ବେଢ଼େ ଯୋଦ୍ଧାଙ୍କ ଚୋବାଚୋବି ହୁଅନ୍ତି
ହୋଇଣ ଭେଦାଙ୍କେ ପଡ଼ିଲେ ଦଣ୍ଡେ—କୃଷ୍ଣସିଂ. ମହାଭାରତ, ଦ୍ରୋଣ ।

ଚୋବାଣ—ଦେ. ବ (ସଂ. ଚର୍ବଣ)—ଚୋବା (ଦେଖ)
Chobāna Chobā (See).
चिबान
चबाना

ଚୋବେ—ଦେ ବ (ସଂ. ଚତୁର୍ବେଦୀ)—୧ । ଚତୁର୍ବେଦୀ
Chobe ବ୍ରାହ୍ମଣଙ୍କ ବଂଶୋପାଧିବିଶେଷ—
चोबे 1. Family-title of a class of Brāhmanas
चौबे reading the four Bedas.
[ଦ୍ର—ତୁଳନାକର—ଦୁବେ=ଦ୍ୱିବେଦୀ] ।

ଚୋର—ପ୍ରାଦେ (ମେଦିନୀପୁର) ବ—ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧାଯିବା
Chor ରୁପା ଖଡ଼ୁ—Silver bangle worne on the wrist of females.

ଚୋର—ସଂ. ବ. ପୁଂ (ଚୁର୍ ଧାତୁ=ଚୋରିକରିବା+କର୍ତ୍ତୃ. ଅ)—
Chora ୧ । ତସ୍କର—1. A thief; a robber.
(ଚୋରଣୀ—ସ୍ତ୍ରୀ)
[ଦ୍ର—ଯେଉଁ ବ୍ୟକ୍ତି ଆପଣାର ଅନ୍ୟାଯ୍ୟ ଲାଭ ଆଶାରେ ଦ୍ରବ୍ୟସ୍ୱାମୀର
ବିନା ଅନୁମତିରେ କୌଣସି ଦ୍ରବ୍ୟକୁ ସ୍ଥାନାନ୍ତରିତ କରେ ସେ
ଚୋର । ବହୁ ଲୋକ ମିଳି ବାଧା ଦେବା ବ୍ୟକ୍ତିକୁ ଆଘାତ ବା
ବଳପ୍ରୟୋଗ କରି ଚୋରିକଲେ ସେମାନଙ୍କୁ ଡକାଇତ ବୋଲାଯାଏ ।]
୨ । ଯେ ଅନ୍ୟର ଗ୍ରନ୍ଥରୁ ଚୋରିକରି ଆପଣା ନାମରେ
ପ୍ରକାଶ କରେ; ଗ୍ରନ୍ଥଚୋର—2. A plagiarist (M. W.)
୩ । ଚିତ୍ତଚୋର; ଯେ ମନକୁ ମୋହିତ ବା ବଶୀଭୂତ କରେ—
3. A person who captivates a person's heart (Apte).
୪ । ଗନ୍ଧଦ୍ରବ୍ୟବିଶେଷ; ଗଣ୍ଠିଅଳା—
4. A kind of scented drug.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ତେବେ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ

୫ । କୃଷ୍ଣଘାଟୀଲତା—5. A kind of creeper (M. W.)

୬ । ଅନ୍ୟାୟ୍ୟଲାଭକାଂକ୍ଷୀ ବା ପ୍ରତାରକ ବ୍ୟବସାୟୀ—6 Any dishonest dealer (M.W)

ଚୋରକାଟି—ଦେ. କ୍ରି—୧ । ରହିରହି ଦେହରେ ଅଟକିଯିବା ବାୟୁ—Wind appearing now and then at different places inside the body and giving pain.
ଫିକବେଦନା
ହବାଅଟକନା

ଚୋର
चोर
୨ । ପିଲାଙ୍କ ଚୁରିଅଣୀ ବା ଲୁଚକାଳି ଖେଳରେ ଯେଉଁ ପିଲା ଚୋର ହାତରେ ଧରାପଡ଼େ—2. A boy who is caught by the seeker in the children's game of hide and seek.

ଦେ. ବଣ (ଲକ୍ଷଣାର୍ଥ) ୧ । ଚୋରକରିବା ବ୍ୟକ୍ତି ପରି ଲଜ୍ଜିତ—1. Ashamed like a thief.
(ଯଥା— ମୋର ଅମୁକ ଅନ୍ୟାୟ କାର୍ଯ୍ୟ କରିଥିବା କଥା ଧାର୍ମିକଜଣଙ୍କ ଆଗରେ ପଡ଼ିଯିବାରୁ ମୁଁ ଚୋର ହୋଇଗଲି ।)

୨ । ଲଜ୍ଜାଶୀଳ; ଲାଜକୁଳା—2. Bashful; coy.

୩ । ଲଜ୍ଜାରେ ମ୍ରିୟମାଣ—3. Ashamed.

୪ । ପଶ୍ଚାତ୍ପଦ—4. Shrinking to do a work.

ଦେ. ବ—ଚୋଳଗଙ୍ଗ (ଦେଖ)—Cholaganga (See)

ଉଙ୍କିଦେ ଚତୁର ଚୋର ସେନାପତ,
ହେଲେ କଲ ନୋହେ ତାଙ୍କ ମତଗତ । ରଥାବାଥ. ଚନ୍ଦ୍ରଶେଖର ।

ଚୋରକ—ସଂ. ବ (ଚୋର+କ)—୧ । ଗୁଚ୍ଛଥିଆ ତୃଣ, ଯାହାର ଶୁଙ୍ଗଯୁକ୍ତ ଶସ୍ୟ ଲୁଗାରେ ଲାଗିଯାଏ—A species of grass having spiked ears which stick to the cloth; Andropogen Aciculatus; Spear-grass.
Choraka
চোরকাঁটা
अंधाहुली

୨ । ସୁଗନ୍ଧ ଔଷଧ ବିଶେଷ; ଗଣ୍ଠିଅଳା; ଚୋର—2. A kind medicinal perfume.

ଚୋରକଣ୍ଟକ—ସଂ. ବ—ଚୋରକ ୧ (ଦେଖ)—Choraka 1 (See)
Chorakantaka

ଚୋରକଳା—ଦେ. ବ (ଷଷ୍ଠୀ ତତ୍; ସଂ. ଚୋର+କଳା)—ଚୋରର ଲକ୍ଷଣ; ଚୋରଠାରେ ଦେଖାଯିବା କେତେକ ଲକ୍ଷଣ, ଯାହା ଦେଖିଲେ କୌଣସି ଲୋକକୁ ଚୋର ବୋଲି ଠଉରାଇ ହୁଏ)—Indications or marks found in the face of a thief.
Chora-kala

[ଦ୍ର—ଲୋକଙ୍କର ବିଶ୍ୱାସ ଯେ ଚୋରଙ୍କ ଆଖିରେ ଏକପ୍ରକାର ଦାଗ ଥାଏ ଓ ସେହି ଦାଗକୁ ଦେଖି ଅନୁଭବୀ ଲୋକେ ଚୋରକୁ ଚିହ୍ନି ପାରନ୍ତି ।]

ଚୋରଖେଳ—ଦେ. ବ—ଶିଶୁମାନଙ୍କର ଏକପ୍ରକାର କ୍ରୀଡ଼ା (ଏଥିରେ ଜଣେ ଚୋର ହୁଏ ଓ ଅନ୍ୟମାନେ ଲୁଚନ୍ତି; ଚୋର ସେମାନଙ୍କୁ ଖୋଜି ଧରି ପକାଏ, ସେ ପୁଣି ଚୋର ହୁଏ)—The game of hide and seek.
Chora khela
লুকোচুরী
चोरखेल; आंखमिचौली

ଚୋରଗଙ୍ଗଦେବ—ଦେ. ବ (ନାମ)—ଗଙ୍ଗବଂଶର ପ୍ରଥମ ରାଜା—The first king of the Ganga dynasty of anient Orissa.
Chora-ganga-deba

[ଦ୍ର—ଏ ଚନ୍ଦ୍ରବଂଶୀୟ ରାଜା । ଏହାଙ୍କ ମାତାଙ୍କ ନାମ 'ଗଙ୍ଗା' ଥିବାରୁ ତାହାଙ୍କ ନାମାନୁସାରେ ଏ ବଂଶଟି 'ଗଙ୍ଗବଂଶ' ନାମରେ ପରିଚିତ । ଏହାଙ୍କ ଘର ଦକ୍ଷିଣ ରାଜ୍ୟରେ ଥିଲା । ବାସୁଦେବ ରଥ ନାମକ ଜଣେ ବ୍ରାହ୍ମଣ ସ୍ୱପ୍ନରେ ଭୁବନେଶ୍ୱରଙ୍କ ଆଦେଶ ପାଇ ଦକ୍ଷିଣ ଯାଇ ଦେଖିଲେ ଯେ ଚୋରଗଙ୍ଗ କେତେକ ବାଳକଙ୍କ ସହିତ ଖେଳୁଛନ୍ତି ଓ ଖେଳରେ ରାଜା ହୋଇଅଛନ୍ତି । ଖେଳ-ରାଜାଙ୍କ ସଙ୍ଗେ ସାକ୍ଷାତ ହେବାକୁ ରଥେ ଉକ୍ତ ରଜା-ପିଲା ନିକଟକୁ ଗୋଟିଏ ପିଲାକୁ ପଠାଇଲେ । ଖେଳ-ରାଜା ଉତ୍ତର କଲେ, "ବର୍ତ୍ତମାନ ସମୟ ନାହିଁ, ସେ ଅର୍ଦ୍ଧ ନେଇ ରହନ୍ତୁ; ପରେ କଥାବାର୍ତ୍ତା ହେବ ।" ପରଦିନ ପରେ ରଥଙ୍କର ରାଜାଙ୍କ ସଙ୍ଗେ କଥାବାର୍ତ୍ତା ହେଲା । ବ୍ରାହ୍ମଣ ତାଙ୍କୁ ଭୁବନେଶ୍ୱରଙ୍କ ଆଜ୍ଞା ଜଣାଇଲେ । ରାଜା ବ୍ରାହ୍ମଣ କଥାରେ ସମ୍ମତ ହୋଇ ଓଡ଼ିଶାକୁ ଆସିଲେ । ସେ କେଶରୀବଂଶର ଶେଷ ରାଜା ସୁବର୍ଣ୍ଣକେଶରୀ ବା ସିଂହେଶ୍ୱର କେଶରୀଙ୍କୁ ପରାସ୍ତ କରି ରାଜା ହେଲେ । ଏହାଙ୍କର ଅନ୍ୟ ନାମ ଚୁଡ଼ଙ୍ଗ ଦେବ । ଏହାଙ୍କ ନାମାନୁସାରେ ପୁରୀରେ ଗୋଟିଏ ସାହି ଅଛି । ଏ ଜଗନ୍ନାଥମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏ ଏକାଦଶ ଶତାବ୍ଦୀରେ ଜୀବିତ ଥାଇ ୭୦ ବର୍ଷ ରାଜତ୍ୱ କରିଥିଲେ ।

ଜଗବନ୍ଧୁ. ପ୍ରାଚୀନ ଉତ୍କଳ

ମାଦଳାପାଞ୍ଜି ଲେଖା ଏହାଙ୍କ ଆଦେଶରେ ପ୍ରଥମେ ଆରମ୍ଭ ହେଲା । ଏ ଅସାଧାରଣ ବୀର ଥିଲେ । ଏହାଙ୍କର ବିଦ୍ୟାନୁରାଗ ଅତୀବ ପ୍ରଶଂସନୀୟ । ଏହାଙ୍କ ଉତ୍ସାହରେ ସଦାନନ୍ଦ 'ସୂର୍ଯ୍ୟ ସିଦ୍ଧାନ୍ତ' ରଚନା କରିଥିଲେ । କୃପାସିନ୍ଧୁ. ଉତ୍କଳ ଇତିହାସ ।]

ଚୋରଚୋଟ୍ଠା—ଦେ. ବଣ. (ଦ୍ୱନ୍ଦ୍ୱ)—ଚୋର ଓ ପାଜି—Thievish and wicked.
Chora-chottha
(ଯଥା—ମୁଁ ଚୋରଚୋଟ୍ଠା ନୁହେଁ ।)

ଚୋରଚୁଇଁବା—ଦେ. କ୍ରି—୧ । ମନରେ ଅନିଷ୍ଟ ବା ଅମଙ୍ଗଳ ଆଶଙ୍କା ଜାତ ହେବା—Misgiving or presentiment.
Chorachuinba
(ଯଥା—ତା ଦେହ ବେମାର ହେବା ଶୁଣି ମୋ ମନ ଚୋର ଚୁଇଁଲା ।)

୨ । ମନରେ ସନ୍ଦେହ ଜନ୍ମିବା—2. A feeling of doubt or suspicion.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଈଯ	ଉଅ	ଡ଼
ং	ই	উ	ঋ	৯	ঐ	অকারান্তবর্ণ	অনুস্বার বা চন্দ্রবিন্দুযুক্ত বর্ণ	ষ্য	য	স	ং	ইঅ	ড়	ন্

ଚୋରଟସ୍କର—ଦେ. ବ (ସଦୃଶ; ସଂ. ଚୌର+ତସ୍କର)—ଚୋର
Choraṭaskara ତସ୍କରଗଣ—Thieves and docoyats.
ଆଉ ଟଙ୍କା ପଇସା ଦେଖିଲେ ଚୋର ଟସ୍କର ଚୁଆଡୁ ଆସିବେ ।
ଫକୀରମୋହନ. ଗଳ୍ପସ୍ବଳ୍ପ ।

ଚୋରଡ଼ଗଡ଼ିଆଫଟା—ଦେ. ବ—ଛାତ ବା ଚଟାଣରେ ଚୂନ ମାରେଣି
Chorarḍagarḍiāphāṭa ହୋଇଥିବା ସ୍ଥାନରେ ଖରା ଯୋଗୁଁ ଯେଉଁ ସରୁ ଫଟା ଦାଗ ଦେଖାଯାଏ—
Small cracks appearing on a plastered roof or floor.

ଚୋରଡ଼ା—ଗ୍ରା. ବ—ଚରୁଡ଼ା (ଦେଖ)
Chorarḍā Chirurḍā (See)

ଚୋରଣୀ—ଦେ. ବି. ସ୍ତ୍ରୀ—ଚୌର୍ଯ୍ୟବୃତ୍ତି କରିବା ସ୍ତ୍ରୀ—
Choraṇi A female thief

ଚୋରଣୀଗାଈ—ଦେ. ବି. ସ୍ତ୍ରୀ—ଯେଉଁ ଗାଈକୁ ଦୁହିଁଲାବେଳେ ସେ
Choraṇigāi ଦୁଧକୁ ଲୁଚାଏ, ଅର୍ଥାତ୍ ଆପଣା ଥନରୁ ଶୁଖାଇଦିଏ,
चोरथन ଜନ୍ତୁ ବାଛୁରୀ ମୁହଁ ଲଗାଇଲେ ତାହା ଥନରୁ ଦୁଧ ବାହାରେ—
A cow which feigns that her udder is empty when a man milks her, but sucks her calf afterwards.

ଚୋରପଣ—ଦେ. ବ—୧ । ଚୌର୍ଯ୍ୟ—
Chorapaṇa 1. Stealing; theft.
୨ । ଗୋପନ କରାଯିବା ଅପରାଧ—
2. Offences done stealthily.
ଚୋର ଲାଗି ଚୋର ପଢ଼ିବା ହେଉଛି ଚୋରପଣ ଆଚରଣ ।
କବିସୂର୍ଯ୍ୟ. ଲୋକଚିନ୍ତାମଣି ଗୀତ ।

ଚୋରପୁଷ୍ପୀ—ସଂ. ବ—୧ । ଚୋରକ ୧ (ଦେଖ)
Chorapushpi Choraka 1 (See).
ଚୋରପୁଷ୍ପ } ଅନ୍ୟରୂପ ୨ । ଶଙ୍ଖପୁଷ୍ପୀ (ଦେଖ)
ଚୋରପୁଷ୍ପିକା } 2 Sankhapushpi (See).

ଚୋରବନିବା—ଦେ. କ୍ରି—୧ । ଅପ୍ରତିଭ ହେବା—
Chorabanibā 1. To be at the end of one's wits.
(ଯଥା—ମୁଁ ତାଙ୍କ ଯୁକ୍ତି ଶୁଣି ଚୋର ବନିଗଲି)
୨ । କୌଣସି ବ୍ୟକ୍ତି ସମ୍ମୁଖରେ ଉପସ୍ଥିତ ହେବା ପାଇଁ କୁଣ୍ଠିତ ବା ଭୀତ ହେବା—2. To hesitate to appear.

ଚୋରମୁହାଁ—ଦେ. ବଣ. ପୁଂ—ଅତ୍ୟନ୍ତ ଲଜ୍ଜାଶୀଳ ବ୍ୟକ୍ତି—
Choramuhāṅ Very sensitive and shy (person).
(ଚୋରମୁହାଁ—ସ୍ତ୍ରୀ)

ଚୋର ହେବା—ଦେ. କ୍ରି—ଚୋର ବନିବା (ଦେଖ)
Chora hebā Chora banibā (See).
ଚୋର ହେଲ ତାହା ଶୁଣିଲୁ ଏବେ—କବିସୂର୍ଯ୍ୟ. କବିତା ।

ଚୋରା—ସଂ. ବ—୧ । ଅସୁରବିଶେଷ (ଦୁର୍ଗା ଏହାକୁ ବଧ କରିଥିଲେ)—
Chorā A demon (killed by Goddess Durgā).

୨ । ଚୋରକ ୧ (ଦେଖ) (ହି. ଶବ୍ଦସାଗର)—
2. Choraka 1 (See).
ଦେ. ବ—ଚୋରିକରିବା—Stealing
ଦେ. ବଣ—୧ । ଅପହାରକ—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ଛତ୍ରଚୋରା, ଗାଈଚୋରା)—
1. One who steals; stealing; lifting.
୨ । ଅପହୃତ (ଯଥା—ଚୋରା ମାଲ—Stolen.
চোরাই ৩ । ଲୁକ୍କାୟିତ, ଗୁପ୍ତ (ଯଥା—ଚୋରାପ୍ରୀତି) —
चोरा 3. Hidden; secret; stealthy; clendestine.
ଚୋରା ସୁଖେ ରତ ହୋଇ କଥାଇଲେ
ଧନ ଅଡ ଦୁଃଖ ମନେ । ରାଧାନାଥ—ଯଯାତି ।
୪ । ସରକାରଙ୍କ ଅବକାରୀ ବିଭାଗର ନିୟମକୁ ଲଙ୍ଘନପୂର୍ବକ କିଆଅଣା କରାଯାଉଥିବା (ଅବକାରୀ ଦ୍ରବ୍ୟ, ଯଥା—ଚୋରା ଅଫିମ, ଚୋରା ମଦ) —
4. Smuggld (excise articles).
୫ । ଉପରସ୍ଥ କର୍ମଚାରୀମାନଙ୍କର ବିନା ଅନୁମତିରେ କରାଯାଉଥିବା (କାର୍ଯ୍ୟ)—5. (action) Done without the knowledge or permission of the higher officers

ଚୋରାଇମାଲ—ଦେ. ବ—ଚୋରାମାଲ (ଦେଖ)
Chorāimāla Chorāmāla (See)

ଚୋରାଇବା—ଦେ. କ୍ରି. (ସଂ. ଚୁର୍ ଧାତୁ)—୧ । ଚୋରି କରିବା—
Chorāibā 1. To steal.
চোরান; চুরিকরা ଅଣିଲ ତା ଚୋରାଇ ଦେଖାଇ ଗୁରୁଙ୍କୁ ।
ଉଚ୍ଚାନା; चुराना; चोराना କୃଷ୍ଣସିଂହ. ମହାଭାରତ. ବନ ।
(ଚୋରେଇବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଅନୁକରଣ କରିବା—
2. To imitate.

ଭଗ୍ନ ତନ୍ତ୍ର ମନମଥ ତନସ୍ତ୍ରୀ ମଙ୍ଗଳ ରଥ
ଗତିପାର ଚୋରାଇଛ ଗଜ । କବିସୂର୍ଯ୍ୟ. ସଙ୍ଗୀତ ।

ଚୋରାଗସ୍ତ—ଦେ. ବ. (ସଂ. ଚୋର+ଫା. ଗଶ୍ତ୍)—
Chorāgasta ଗୋପନ ଅନୁସନ୍ଧାନ କରିବା ପାଇଁ ରାଜା ରାଜ-
চোরাগস্ত କର୍ମଚାରୀମାନେ ଗୋପନରେ କରିବା ରାଜ୍ୟ ଭ୍ରମଣ—
चोरगश्त Tour.

ଚୋରାଗାତ—ଦେ. ବ—ଅଦୃଶ୍ୟ ଗର୍ତ୍ତ—
Chorāgāta A pit-fall; a hidden pit.
চোরাগর্ত

ଚୋରାଚାହାଣି—ଦେ. ବ—୧ । ଅନ୍ୟମାନଙ୍କ ନଜର ନ ପଡ଼ିବା ଭଳି
Chorāchāhaṇi କିମ୍ବା ଯାହାକୁ ଚାହିଁବ ତାର ଲକ୍ଷ୍ୟ ନ ହେବା ଭଳି ଭାବ ଅଡ଼ୁକୁ ଦୃଷ୍ଟି କରିବା—
1. Covert glances.
୨ । ଆଡ଼ଚାହାଣି—2. Sidelong glances.

ସାଧାରଣ ଲୋକେ ଅପର ପୃଷ୍ଠାରେ ସପ୍ତମ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ୧୦-୨ ପଙ୍କ୍ତିର ଅକ୍ଷର ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପର୍ଯ୍ୟାୟକ୍ରମେ ପଛର ଉପସ୍ଥିତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଚୋରାଚୋରି—ଦେ. ବି—ଏକାଧିକ ଥର ଚୋରି କରିବା କର୍ମ—
Chorāchori — Acts of stealing.
চুরাচুরি
चोराचोरी

ଚୋରାନୋଟ୍—ଦେ. ବି. (ଓ. ଚୋରା+ଇଂ. ନୋଟ୍)—
Chorānoṭ ୧ । ଜାଲ୍‌ନୋଟ୍—1. Counterfeit note.
চোরাইনোট ୨ । ଚୋରିଯାଇଥିବା କରେନ୍ସୀ ନୋଟ—
2. Stolen currency note.

ଚୋରାପଥ—ଦେ. ବି—ଗୁପ୍ତପଥ—
Chorāpatha — Secret way; a hidden path.
চোরাপথ
चोररास्ता

ଚୋରାପାହାଡ଼—ଦେ. ବି—ଜଳତଳରେ ଅଦୃଶ୍ୟ ହୋଇ ରହିଥିବା ପାହାଡ଼—Mountain sunken under the water.
Chorāpāhāṛa
ডুবাপাহাড়
चोरपाहाड़

ଚୋରାପ୍ରୀତି—ଦେ. ବି—ଗୁପ୍ତପ୍ରଣୟ—Secret and clandestine love making.
Chorāpriti

ଚୋରାବସନ୍ତ—ଦେ. ବି—ବସନ୍ତଋତୁ ଆରମ୍ଭ ନ ହେଉଣୁ ଯେଉଁ ଶୀତଳ ମଳୟ (ଦକ୍ଷିଣ) ପବନ ବହେ—
Chorābasanta
(ଚୋରବସନ୍ତ—ଅନ୍ୟରୂପ) The delicious south wind which begins to blow some time before the advent of the spring proper.

ନଥିଲା—କାଣି ଚୋରା ବସନ୍ତକୁ କେଉଁ ପଥ ଫୁଲ ତଳି ।
ରାଧାନାଥ—ଯଯାତି ।

ଚୋରାବାଟ—ଦେ. ବି—ଚୋରାପଥ (ଦେଖ)
Chorābāṭa — Chorāpatha (See)
(ଚୋରବାଟ—ଅନ୍ୟରୂପ) :

ଚୋରାବାଲି—ଦେ. ବି.—ଜଳ ତଳରେ ଅଦୃଶ୍ୟ କୋମଳ ବାଲୁକା, ଯହିଁରେ ଗୋଡ଼ ଗଲେ ପଡ଼େ ଓ ତାହାର ଅତ ଲାଗେ ନାହିଁ; ଯେଉଁ ବାଲି ଦେଖିବାକୁ ସାଧାରଣ ବାଲି ପରି ଦେଖାଯାଏ କିନ୍ତୁ ଗୋଡ଼ ଦେଲେ ମନୁଷ୍ୟ ତହିଁରେ ଭୁଶି ମରେ—Quick sand; a bank of sunken sand; sunken sand bank.
Chorābāli
চোরাবালি
चोरबालू

ଚୋରାମଦ—ଦେ. ବି.—ସରକାରଙ୍କୁ ଟିକସ ନ ଦେଇ ଚୋରାରେ ଲୁଚାଇ ବିକ୍ରି କରାଯାଉଥିବା ମଦ—
Chorāmada — Smuggled wine.

ଚୋରାମାଲ—ଦେ. ବି.—୧ । ଚୋରି ହୋଇଥିବା ପଦାର୍ଥ—
Chorāmāla — 1. Stolen property.
চোরাইমাল ୨ । ଅବରୋଧ ଆଇନ ଉଲ୍ଲଂଘନ କରିବା; ମାସୁଲ ନ ଦେଇ ଦେଶ ମଧ୍ୟକୁ ଗୁପ୍ତ ଭାବରେ ଅଣା ଯିବା ପଣ୍ୟ—2. Smuggled particles; contraband.
चोरिका माल

ଚୋରାରତି—ଦେ. ବି.—ପର ସ୍ତ୍ରୀ ହରଣ; ସ୍ତ୍ରୀର ସ୍ୱାମୀ ବା ଗୁରୁଜନମାନଙ୍କ ଅଜ୍ଞାତରେ ସ୍ତ୍ରୀକୁ ରମଣ କରିବା—
Chorārati — Illicit cohabitation; secret adultery,

ଚୋରି—ଦେ. ବି. (ସଂ. ଚୁର ଧାତୁ)—୧ । ଅପହରଣ—
Chori — 1. Theft.
চুরি [ଦ୍ର—ଦ୍ରବ୍ୟ-ସ୍ୱାମୀର ବିନା ଅନୁମତିରେ ଅନ୍ୟାନ୍ୟ ଲାଭ ଆଶାରେ ତାଙ୍କ ଧନ ହରଣକୁ ଚୋରି ବୋଲି ଯାଏ ।]
चोरि
୨ । ଚୌର୍ଯ୍ୟ ବୃତ୍ତି; ତସ୍କରତା—
2. Habit or act of stealing,
୩ । ଗୁପ୍ତକର୍ମ—3. Secret act.

ଅନ୍ତର୍ଗତ ହରି ହସି ବୋଲେ ଚୋରି ଧରି ପଡ଼ି ଗଲା ପରି ।
କବିସୂର୍ଯ୍ୟ, ସଙ୍ଗୀତ ।

୪ । ଚୋରାଧନ; ଚୋରା ମାଲ—4. Stolen article.

ତେବେ ଏହି ଚୋରି ପ୍ରମାଣ, ତକେ ପଶେ ଯେବେ ତାହା ଧାରଣ ।
ଭକ୍ତ. ବୈଦେହୀଶବିଳାସ ।

ଦେ. ବିଣ. (ଅନ୍ୟ ଶବ୍ଦ ପୂର୍ବେ ବ୍ୟବହୃତ, ଯଥା—ଚୋରି କବାଟ; ଚୋରି ମାଲ ଇତ୍ୟାଦି)—୧ । ଅପହୃତ—
1. Stolen.
୨ । ଗୁପ୍ତ—2. Secret; hidden.

ଚୋରି କବାଟ—ଦେ. ବି.—୧ । ଗୁପ୍ତଦ୍ୱାର—
Chorikabāṭa — 1. A secret door.
চুরীদোর ୨ । ସବୁବେଳେ ବଡ଼ ଦରୋଜା ନ ଫିଟାଇ ଯିବା ଆସିବା ସକାଶେ ବଡ଼ ଦରୋଜାର ମଝିରେ ଲାଗିଥିବା ଛୋଟ କବାଟ—2. A small door fixed in an opening made in a larger door so that it may be used in ordiary manner without taking the trouble to open the bigger door.
चोरदरवाजा
(ଚୋରି ଦୁଆର—ଅନ୍ୟରୂପ)

ଚୋରିକା—ସଂ. ବି. ସ୍ତ୍ରୀ—(ଚୋର+ଇକ+ସ୍ତ୍ରୀ· ଆ)—ଚୌର୍ଯ୍ୟବୃତ୍ତି—
Chorikā — Act of stealing; theft,

ଚୋରିଖୋପ—ଦେ. ବି.—ଚୋର ବା ସାଧାରଣ ଲୋକ ତାକୁ ଫିଟାଇଲା ବେଳେ ଦେଖି ନ ପାରିଲା ଭଳି ବାକ୍ସ ବା ଆଲମାରି ଆଦି ଭିତରେ ଥିବା ଖୋପ—Secret drawyers or space in box or shelf done to evade the eye of a rifler.
Chorikhopa
চুনিকুঠরী
चोरखाना

ଚୋରିଚପାଟି—ଦେ. ବି. (ସହଚର)—ଚୌର କର୍ମ ଆଦି—
Chorichapāṭi — Theft and other vices.
চুরিচাপাতী ତାହାଯୋଗେ ଗ୍ରାମରେ ଚୋରିଚପାଟି ହୁଏ ନାହିଁ ।
चोरीचपाटी ଫକୀରମୋହନ. ଛମାଣଆଠଗୁଣ୍ଠ ।
(ଚୋରିଚମାରି—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ଼	ଇଅ	ଛ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ୍ଜ	ହ୍ନ

ଚୋରିଚାରି କରିବା—ଦେ. କ୍ରି (ଚୋର ସଙ୍ଗେ ଚରର୍ଥକ ସମ ଧ୍ୱନି ଚାରି ଶବ୍ଦ ଯୋଗ)—ନାନା ଉପାୟରେ ବା ଅନେକଥର ଚୋରି କରିବା—
Chorichāri karibā
ଚୁରିଚାରିକରା
चोराचोरीकरन
To steal in many ways.
(ଚୋରଚୋରି କରିବା—ଅନ୍ୟରୂପ) (ଯଥା—ମୋର ସମ୍ପତ୍ତିସବୁ ଚାକର ଓ କର୍ମଚାରୀମାନେ ଚୋରିଚାରି କରି ନେଇ ଗଲେ ।)

ଚୋରିଛିନ୍ଦାଳି—ଦେ. ବି. ସ୍ତ୍ରୀ—ଚୌର୍ଯ୍ୟ ଓ ପରପୁରୁଷ ସଙ୍ଗମ—
Chorichhindāli
Theft and adultery.
ଚୁରିଛିନାଳି [ଦ୍ର—ସ୍ତ୍ରୀ ପକ୍ଷରେ ଏ ଦୁଇ କର୍ମ ଲଜ୍ଜାଜନକ ।]
चोरीछिनाला

ଚୋରିତ—ସଂ. ବଣ (ଚୁର ଧାତୁ + କର୍ମ. ତ) – ଅପହୃତ—
Chorita
Stolen.

ଚୋରିଧନ—ଦେ. ବି—ଚୋରମାଲ (ଦେଖ)
Choridhana
Chorāmāl (See)

ଚୋରିନାରୀ—ଦେ. ବି. (ସହଚର)—ଚୌର୍ଯ୍ୟ ଓ ବେଶ୍ୟାବୃତ୍ତି ବା ପରସ୍ତ୍ରୀ ସଙ୍ଗ—Theft and adultery.
Chorinārī
ଚୁରୀନାରୀ
चोरीयारी

ଚୋରିପତ୍ର—ପ୍ର ଦେ. ବି (ପାନବରଜ ଭାଷା)—ପାନବରଜ ଚାଟର କାଣ୍ଡଗୁଡ଼ିକମାନଙ୍କ ମଝିରେ ବନ୍ଧା ଯାଇଥିବା ପତ୍ରର ଭିତରୁ ମଧ୍ୟରୁ ମଝି ଥାକର ପତ୍ର—The middle most group of leaves in a reed-wall.
Choripatra

ଚୋରି ପାଲଧୁଆ—ଦେ. ବି—ଏକପ୍ରକାର ବଣୁଆ ଗଛ—
Chori pāladhuā
A kind of wild tree.
[ଦ୍ର—ଏହାର ଉଚ୍ଚତା ଆଠ ଦଶ ହାତ । ଫୁଲ ପାଲଧୁଆ ଫୁଲ ପରି ଚୋପା ନାଲି ଓ ଗୋଟା ଗୋଟା ।]

ଚୋରିବସନ୍ତ—ଦେ. ବି—ଚୋରବସନ୍ତ (ଦେଖ)
Choribasanta
Chorābasanta (See)

ଚୋରିବା—ଦେ. କ୍ରି. (ପଦ୍ୟ)—ଚୋରାଇବା (ଦେଖ)
Choribā
Chorāibā (See)
ଚୁରନ ଚୋର କାହିଁ, ଅଲେହେଁ ବସ୍ତ୍ରଅ—କବିସୂର୍ଯ୍ୟ. କଳୋଗଚମ୍ପୂ ଚ-ଗୀତ ।
चोरना

ଚୋରିବାଟ—ଦେ. ବି—ଚୋରପଥ (ଦେଖ)
Choribāṭa
Chorāpatha (See)

ଚୋରିବାଲି—ଦେ. ବି—ଚୋରବାଲି (ଦେଖ)
Choribāli
Chorābāli (See)

ଚୋରିମାଲ—ଦେ. ବି—ଚୋରମାଲ (ଦେଖ)
Chorimāl
Chorāmāl (See)

ଚୋରିଯିବା—ଦେ. କ୍ରି (ଚୋରାଇବା କ୍ରିୟାର କର୍ମବାଚ୍ୟରୂପ)—ଅପହୃତ ହେବା—To be stolen.
Chorijibā
ଚୁରୀଯାଓୟା
चोरीहोना
(ଚୋରହେବା—ଅନ୍ୟରୂପ)

ଚୋରିରତି—ଦେ. ବି—ଚୋରାରତି (ଦେଖ)
Chorirati
Chorārati (See)

ଚୋରୀ—ସଂ. ବି. (ଚୁର ଧାତୁ; ଭାବ. ଅ+ଈ)—ଚୌର୍ଯ୍ୟ; ଅପହରଣ—
Chorī
Theft; stealing (M. W.)

ଚୋରୁଣୀ—ଗ୍ରା. ବି. ସ୍ତ୍ରୀ—ଚୋରର ସ୍ତ୍ରୀଲିଙ୍ଗ; ଚୋରଣୀ—
Choruṇī
The feminine of chora.

ଚୋଳ—ସଂ. ବି—୧ । ଦାକ୍ଷିଣାତ୍ୟର ପ୍ରାଚୀନ ରାଜ୍ୟବିଶେଷ—
Choḷa
A ancient kingdom in southern India.

ଜଣେ ଭଣେ ଚୋଳଦୁର୍ଗେ ଭିରକସେନାଙ୍କ
ରହି ନ ପାରିବି ପର ରଚ ରୁଣ ଯେନ—ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

[ଦ୍ର—ଅଧୁନିକ ମାନ୍ଦ୍ରାଜ ପ୍ରଦେଶର କୋୟମ୍ବତୁର, ତ୍ରିଚନାପଲ୍ଲି, ତାଞ୍ଜୋର, ମଣ୍ଡୁଗୁରର ଦକ୍ଷିଣାଂଶ ଅର୍ଦ୍ଧେକ ଅଞ୍ଚଳରେ ପ୍ରାଚୀନ ଚୋଳ ରାଜ୍ୟର ବିସ୍ତାର ଥିଲା । ରାମାୟଣ ଓ ମହାଭାରତରେ ଚୋଳ ରାଜ୍ୟର ଉଲ୍ଲେଖ ଅଛି । ଚେର, ଚୋଳ ଓ ପାଣ୍ଡ୍ୟ ଦାକ୍ଷିଣାତ୍ୟର ଅତି ପ୍ରାଚୀନ ପ୍ରଭାପଶାଳୀ ରାଜ୍ୟ ଥିଲା ।]

୨ । ମଞ୍ଜିଷ୍ଠା (ହି. ଶବ୍ଦସାଗର)—
2 Indian madder plant.

୩ । ସ୍ତ୍ରୀମାନଙ୍କ ପିନ୍ଧିବା କାଞ୍ଚୁଳା—
3. Bodice; females tight jacket.

୪ । ଛାଲ; ବଲ୍କଲ (ହି. ଶବ୍ଦସାଗର)—
4. Bark of tree.

୫ । କବଚ; ସାଞ୍ଜୁ (ହି. ଶବ୍ଦସାଗର)—
5. Coat of mail.

୬ । ଚୋଳ ଦେଶବାସୀ ବ୍ୟକ୍ତି (ହି. ଶବ୍ଦସାଗର)—
6. An inhabitant of Choḷa country.

ଗ୍ରା. ବି. (ସଂ. ଚୁଲ୍ଲକ)—ଚଳି (ଦେଖ)
Chaḷa (See)

ଚୋଳକ—ସଂ. ବି. (ଚୋଳ+ସ୍ୱାର୍ଥେ. କ)—
Choḷaka
୧ । ସାଞ୍ଜୁ; କବଚ—1. Armour.

୨ । ଯେଉଁ କବଚରେ ଛାତି ଆବୃତ ରହେ—
2. Breast-plate.

୩ । ବଲ୍କଲ; ଛାଲି—3. Bark.

ଚୋଳକୀ—ସଂ. ବି. (ଚୋଳକ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Choḷakī
୧ । ବାଉଁଶ କରଡ଼ (ହି. ଶବ୍ଦସାଗର)—
1. Offshoots of bamboo.

୨ । ନାରଙ୍ଗ ଗଛ (ହି. ଶବ୍ଦସାଗର)—
2. A kind of orange tree.

୩ । ହାତ ଗଣ୍ଠି (ହି. ଶବ୍ଦସାଗର)—3. Wrist.

୪ । କରୀର (ଦେଖ)
4. Karīra (See)

ସାଧାରଣ ରୂପରେ ଅପର ପୃଷ୍ଠାରେ ୧୨ରେ ୧ ଅଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଅଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଅଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ପରସ୍ଥ ୨ ବା ୧ ଅଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଦେଖିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଚୋଲଗଙ୍ଗ ଦେବ—ଦେ. ବ—ଚୋରଗଙ୍ଗ ଦେବ (ଦେଖ)
Cholaganga deba Choraganga deba (See)

ଚୋଲା—ଦେ. ବି. (ସଂ. ଚୋଲ)—ସାଧୁ ଓ ଫକୀରମାନେ ପିନ୍ଧିବା ଏକ ପ୍ରକାର ଢିଲା ଓ ଲମ୍ବ କୁରୁତା—
Cholā
চোলা A kind of loose and long flowing coat
चोला worn by mendicants.

ଚୋଲିକା—ସଂ. ବି. (ଚୋଲ+କ+ଅ)—ଚୋଲ (ଦେଖ)
Cholikā Chola (See)

ଚୋଲି—ସଂ. ବି. (ଚୋଲ+ଈ)—
Choli ୧ । ସ୍ତ୍ରୀମାନଙ୍କର ଏକ ପ୍ରକାର କାଞ୍ଚୁ (ଏହାର
(ଚୋଲୀ—ଅନ୍ୟରୂପ) ପେଟି ପାଖେ ଥିବା କୋଣ ଦୁଇଟିକୁ ଟାଣି ଗଣ୍ଠି ପକାଇବାକୁ ହୁଏ)—1. Bodice.
୨ । ଚୋଲା (ଦେଖ)
2 Cholā (See)
୩ । ପାନ ଆଦି ରଖିବାର ଡାଲା (ହି. ଶବ୍ଦସାଗର)—
3. A wicker work tray for keeping betel-leaves etc.

ଚୋଲି ମାର୍ଗ—ସଂ. ବି—୧ । ତାନ୍ତ୍ରିକମାନଙ୍କର ବାମ ମାର୍ଗବିଶେଷ—
Choli mārga 1. A kind of tantrik ritual.
୨ । ଘଟକଞ୍ଚୁକୀ (ଦେଖ)
2 Ghatakanchuki (See)

ଚୋଲ୍ଟ୍ରି—ପ୍ରାଦେ. (ଗଞ୍ଜାମ) ବି—ପାନ୍ଥଶାଳା; ଯେଉଁଠାରେ ପଥିକମାନେ ବିନା ଭଡ଼ାରେ କିଛି ଦିନ ରହି ପାରନ୍ତି—
Choltri Choultry; caravansari.

[ଦ୍ର—ଗଞ୍ଜାମ ଓ ମାନ୍ଦ୍ରାଜରେ ଧନିକମାନେ ଅନେକ ନଗରରେ ବହୁ ଧନ ବ୍ୟୟ କରି ଚୋଲ୍ଟ୍ରିମାନେ ପ୍ରତିଷ୍ଠା କରି ଅଛନ୍ତି । ଏଠାରେ ପାନ୍ଥ ଓ ଅଭ୍ୟାଗତ ଭଦ୍ର ବ୍ୟକ୍ତିମାନେ ବିନା ଭଡ଼ାରେ ଆଶ୍ରୟ ନିଅନ୍ତି ।]

ଚୋଷକ—ସଂ. ବିଣ. ପୁଂ. (ଚୁଷ୍ ଧାତୁ+କର୍ତ୍ତୃ. ଅକ)—
Choshaka ଯେ ଶୋଷି ନିଏ—
(ଚୋଷିକା—ସ୍ତ୍ରୀ) Sucking; one who sucks.

ଚୋଷଣ—ସଂ. ବି. (ଚୁଷ୍ ଧାତୁ+କର୍ତ୍ତୃ. ଅନ)—ଶୋଷିବା—
Choshana Sucking.

ଚୋଷା—ଦେ. ବିଣ. (ସଂ. ଚୁଷ ଧାତୁ)—
Choshā ୧ । ଯେ ନିଃଶେଷ କରି ଶୋଷି ନିଏ—
1. One who sucks out every thing.
୨ । ଅତି ଲୋଭୀ; ଶୋଷା—2. Very covetuous.

ଚୋଷି—ଦେ. ବି—ଚୁଷୀ; ପିଲାମାନଙ୍କ ଶୋଷିବା କ୍ରୀଡ଼ନକ—
Choshi A play-thing intended for infants
चूषी sucking it (taking it for the mother's nipple.

ଚୋଷିବା—ଦେ. କ୍ରି—(ସଂ. ଚୁଷ୍ ଧାତୁ) ଶୋଷିବା; ଚୁଷିବା—
Choshibā To suck.
চুষান, চোষান
चुसना

ଚୋଷ୍ୟ—ସଂ. ବିଣ—ଯାହା ଶୋଷାଯାଇ ପାରେ—
Choshya Which can be sucked by the mouth.

ଚୋସ୍କ—ସଂ. ବି—ଉତ୍ତମ ଜାତି ଘୋଡ଼ା (ହି. ଶବ୍ଦସାଗର)—
Choska 1. A horse of excellent breed.
୨ । ସିନ୍ଧୁବାରଗଛ (ହି. ଶବ୍ଦସାଗର) (ଦେଖ)—
2. Sindhubāra (See)

ଚୋସ୍ତ୍—ବୈଦେ. ବିଣ (ଫା.)—ଚୁସ୍ତ୍ (ଦେଖ)
Chost Chust (See)

ଚୋହଲା—ଦେ. ବିଣ (ହି. ଚୁହଡ଼ା=ଚାଣ୍ଡାଳ; ଋପଚ; ଚୋଆଡ଼; ପାହାଡ଼ିଆ ଅସଭ୍ୟ ଉଦ୍ଧତ ଜାତିବିଶେଷ)—
Chohalā
চোয়াড় ୧ । ଉଦ୍ଧତ—1. Impertinent; arrogant;
चूहड़ा haughty.
(ଚୋହୋଲା—ଅନ୍ୟରୂପ) ୨ । ଅସଭ୍ୟ—2. Uncivilised; rude.
୩ । ଉନ୍ମତ୍ତ—3. Maddened; intoxicated crazy.

ଚୋହାଡ଼—ଦେ. ବି (ହି. ଚୁହଡ଼୍=ବ୍ୟାଧ)—ଚୁହାଡ଼; ଅସଭ୍ୟ ଜାତିବିଶେଷ; ଦୁଷ୍ଟ; ବର୍ବର; ଚାଢ଼; ଅତି ନୀଚ ଜାତିବିଶେଷ (ଯଥା—ହାଜାରିବାଗ ଅଞ୍ଚଳ ଧାଙ୍ଗଡ଼ ଜାତି—
Chohardа
চোয়াড়
चोआड़ A low untouchable wild tribe.

[ଦ୍ର—ହାଜାରିବାଗ ଅଞ୍ଚଳ ଧାଙ୍ଗଡ଼ ଜାତି ଅମ ଦେଶର ହାଡ଼ି ଜାତି ପରି । ଏମାନେ ମହାଭାରତୋକ୍ତ ଏକଲବ୍ୟର ବଂଶଜାତ ଏବଂ ବଂଶପରମ୍ପରାକ୍ରମେ ଧାନୁଷୀ । ଏହି ଜାତିର ପ୍ରଧାନ ଶାଖା ମଧ୍ୟରେ ଅବଶ୍ୟ ବୃଦ୍ଧାଙ୍ଗୁଳି କାଟିବାର ବିଧି ଅଛି । ଯେଉଁମାନେ ବୁଢ଼ା ଅଙ୍ଗୁଠି କାଟନ୍ତି ନାହିଁ ସେମାନଙ୍କ ମଧ୍ୟରେ ମଧ୍ୟ ଶର ନିକ୍ଷେପ କାଳରେ ଡାହାଣହାତ ବୁଢ଼ା ଅଙ୍ଗୁଠି ଛଡ଼ା ଅନ୍ୟ ଚାରି ଅଙ୍ଗୁଠି ବ୍ୟବହାର କରନ୍ତି ।"]

ଦେ. ବିଣ—୧ । ଅସଭ୍ୟ; ବର୍ବର—1. Wild; uncivilised.
୨ । ଉଦ୍ଧତ; ଅଭଦ୍ର—2. Rude; arrogant.
୩ । ମୂର୍ଖ—3. Illiterate.
୪ । ଜିଦଖୋର—4. Obstinate.

ଚୋହାଣ—ଦେ. ବି—ରାଜପୁତନାର ରାଜପୁତ ଜାତିର ଚାରି ଶାଖା ମଧ୍ୟରୁ ଚତୁର୍ଥ ଶାଖା—One of the four classes
Chohāna
চৌহান, চহান of Rajputs of Rajputānā
चौहान ପ୍ରତିହାର, ପ୍ରମାରକ, ଚଲୋକ, ଚୋହାନ,
ଜାମ୍ବ୍ୟାପ୍ରବୃତ, ଗୃହ ଷଷ ମହାକୁଳେ । ସଖାନାଥ ମହାରାଜ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ଙ୍ଖ
୨	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଚ	ନ୍ତ

[ଦ୍ର—ଏହା ବଶିଷ୍ଠଙ୍କ ଯଜ୍ଞକୁଣ୍ଡର ଅଗ୍ନିରୁ ଉତ୍ପନ୍ନ ରାଜପୁତ ଜାତିର ଚାରିଗୋଷ୍ଠି କ୍ଷତ୍ରିୟବଂଶ ମଧ୍ୟରୁ ଚତୁର୍ଥ ଶାଖା । ଏହି ବଂଶର ପ୍ରତିଷ୍ଠାତା ବୀରଶ୍ରେଷ୍ଠ ଚୋହାନ୍ ବା ଚାହୁମାନ୍‌ଙ୍କର ଚାରିହାତ ଥିବାର କଥିତ ଅଛି; କେହି କେହି କହନ୍ତି ମାଣିକ୍ୟ ଏ ବଂଶର ପ୍ରତିଷ୍ଠାତା; ଏହି କୁଳରେ ବୀରବର ଅନହଳଙ୍କଠାରୁ ମହାରାଜ ପୃଥ୍ୱୀରାଜଙ୍କ ପର୍ଯ୍ୟନ୍ତ ୩୯ ଜଣ ରାଜତ୍ୱ କରିଥିଲେ । ୧୦୦୦ ବର୍ଷ ପୂର୍ବେ ଏ ବଂଶର ରାଜାମାନେ ମାଳବ ଓ ରାଜପୁତାନାରେ ରାଜତ୍ୱ କରୁଥିଲେ । ବର୍ତ୍ତମାନ ଉତ୍କଳର କେତେକ ରାଜବଂଶ ଚୌହାନ ବଂଶୀୟ ଅଟନ୍ତି ।]

ଚୈ୍ହାନ—ଦେ. ବ—ଚୈ୍ହାଣ (ଦେଖ)
Chohāna Chohāṇa (See)

ଚୌ—ଦେ. ଅ. (ସଂ. ଚତୁଃ; ଶବ୍ଦର ଆଦ୍ୟରେ ବ୍ୟବହୃତ)—
Ch**au** ଚଉ (ଦେଖ)
Chau (See)

[ଦ୍ର—ଆଦ୍ୟରେ 'ଚଉ' ଥିବା ଯେତେ ଶୁଦ୍ଧ ଦେଶଜ ଶବ୍ଦ 'ଚଉ' ତଳେ ଦିଆଯାଇଅଛି, ତହିଁର 'ଚଉ' ସ୍ଥଳରେ 'ଚୌ' ମଧ୍ୟ କଥାରେ ଓ ଲେଖାରେ ବ୍ୟବହୃତ ହୁଏ, ଯଥା—ଚଉକଠ, ଚଉକ, ଚଉକିଦାର, ଚଉରସ, ଚଉକସ, ଚଉଖୁଣ୍ଟିଆ, ଚଉଡ଼, ଚଉଡ଼ା, ଚଉତିଶା, ଚଉଥ, ଚଉଦ ଇତ୍ୟାଦି ଯଥାକ୍ରମେ ଚୌକଠ, ଚୌକ, ଚୌକିଦାର, ଚୌରସ, ଚୌକସ, ଚୌଖୁଣ୍ଟିଆ, ଚୌଡ଼, ଚୌଡ଼ା, ଚୌତିଶା, ଚୌଥ, ଚୌଦ ଇତ୍ୟାଦି ରୂପେ ବ୍ୟବହୃତ ହୁଏ । ଅତଏବ 'ଚୌ' ଆଦ୍ୟରେ ଥିବା ଦେଶଜ ଶବ୍ଦମାନଙ୍କ ନିମନ୍ତେ 'ଚଉ' ଦେଖ ।]

ଚୌଡ଼—ସଂ. ବ. (ଚୂଡ଼ା+ଭାବ. ଅ)—
Ch**aur**ḍa ଦ୍ୱିଜାତିଙ୍କର ଚୂଡ଼ାକରଣ ସଂସ୍କାର—
The ceremony of tonsure performed on a Hindu boy of the three higher castes.
ସଂ. ବଣ. (+ ସମ୍ବନ୍ଧାର୍ଥେ. ଅ)—ଚୂଡ଼ାସମ୍ବନ୍ଧୀୟ—
Pertaining to Chūrḍā.

ଚୌଡ଼କର୍ମ—ସଂ. ବ—ଚୌଡ଼ (ଦେଖ)
Ch**aur**ḍakarma Ch**aur**ḍa (See)

ଚୌତିଶା—ଦେ. ବ—ଚଉତିଶା (ଦେଖ)
Ch**au**tiśā Chautiśā (See)

ଚୌତିଶା ଚଉପଦୀ ଗୀତ
ବର୍ଣ୍ଣ ଶ୍ରୀ ଗୋବିନ୍ଦ ଚରିତ । ଭୂପତି. ପ୍ରେମପଞ୍ଚାମୃତ ।

ଚୌପଦୀ—ଦେ. ବ—ଚଉପଦୀ (ଦେଖ)
Ch**au**padī Chaupadī (See)

ଚୌତିଶା ଚୌପଦୀ କଲ ବିଚାର । ଗ୍ରାମ୍ୟ. ଶରତଚନ୍ଦ୍ରିକା ।

ଚୌପଣି—ଦେ. ବ—ଅଚ୍ୟୁତାନନ୍ଦଙ୍କ ଗାଦି ନେମାଳମଠର ମାଲିକଙ୍କୁ ଉତ୍କଳର ପ୍ରତ୍ୟେକ ଗଉଡ଼ ପରିବାରର ଦେଉଥିବା ବାର୍ଷିକ ମାମୁଲ ବା ଭେଟି—Presents given by each family of cowherds to the authority of the Nemāḻamaṭha, the seat of Achyutānanda.
Ch**au**paṇi

ଚୌପର—ପ୍ରାଦେ. (ମେଦନୀପୁର) ବ. (ସଂ. ଚତୁଃ+ପ୍ରହର)—
Ch**au**par ଚାରିପହର—Four quarters of the day or night.

ଚୌପାଶ—ଦେ. ବି—ଚାରିପାଖ; ଚତୁର୍ଦ୍ଦିଗ—
Ch**au**pāśa Four directions; four sides.

ମଧ୍ୟରେ ଗିରି ଚଉ ସେ ପୁର ଚୌପାଶେ । କୃଷ୍ଣସିଂହ. ମହାଭାରତ. ବନ ।

ଚୌବର୍ଗ (ଇତ୍ୟାଦି)—ଦେ: ବି—ଚଉବର୍ଗ ଇତ୍ୟାଦି (ଦେଖ)
Ch**au**barga (etc) Chaubarga etc (See)

ଚୌବର୍ଗ ଭୁଞ୍ଜ ଦ୍ୱାରେ ବସେ । ଭୂପତି. ପ୍ରେମପଞ୍ଚାମୃତ ।

ଚୌମ୍ବକ—ସଂ. ବିଣ. (ଚୁମ୍ବକ+ସମ୍ବନ୍ଧାର୍ଥେ. ଅ)—ଚୁମ୍ବକ ସମ୍ବନ୍ଧୀୟ—
Ch**au**mbaka Magnetic.
(ଯଥା—ଚୌମ୍ବକାକର୍ଷଣ ।)

ଚୌର—ସଂ. ବି. (ଚୋର+ସ୍ୱାର୍ଥେ. ଅ)—ଚୋର (ଦେଖ)
Ch**aur**a Chora (See)

ଚୌରି—ସଂ. ବି. (ଚୋର+ଇ)—ଚୌର୍ଯ୍ୟ (ଦେଖ)
Ch**au**ri Ch**au**rjya (See)
ଦେ. ବି—ଚଉରି (ଦେଖ)
Chauri (See)

ଚୌର୍ଯ୍ୟ—ସଂ. ବି (ଚୋର+ଭାବ. ଯ)—୧ । ଚୋରି—
Ch**au**rjya 1. Theft.
୨ । ତସ୍କରବୃତ୍ତି—2. The act or profession of stealing.
ଦେ. (ପଦ୍ୟ) ବି—ଚୋର—Thief.

ବହୁ ଉପେ ଚୌର୍ଯ୍ୟ ଗଣ ଯାଏ ଲୁଚ ସେ । ଉପେ. ବୈଦେହୀଶବିଳାସ ।

ଚୌର୍ଯ୍ୟାପରାଧ—ସଂ. ବି—ଚୋରିରୂପ ରାଜବିଧି ନିର୍ଦ୍ଦିଷ୍ଟ ଦୋଷ—
Ch**au**rjyāparādha The offence of theft.
[ଦ୍ର —ଭାରତୀୟ ଦଣ୍ଡବିଧି ଆଇନର ୩୭ ଦଫାରେ ଚୌର୍ଯ୍ୟାପରାଧର ସଜ୍ଞା ଓ ୩୭୯ ଦଫା ଆଦିରେ ତହିଁର ଦଣ୍ଡବିଧାନ ଅଛି ।]

ଚୌଳ (ଇତ୍ୟାଦି)—ସଂ. ବ. ଓ ବଣ—ଚୌଡ଼ ଇତ୍ୟାଦି (ଦେଖ)
Ch**au**ḻa (etc) Ch**aur**ḍa etc. (See)
[illegible] ବ. (ଚୋଳ+ସ୍ୱାର୍ଥ. ଅ)—ଚୋଳ (ଦେଖ)
Choḻa (See)

ଚୌଷଠି—ଦେ ବ: ଓ ବଣ—ଚଉଷଠି (ଦେଖ)
Ch**au**shaṭhi Chaushaṭhi (See)

ଏ ମହାପୁରୁଷ ସେ ଭୁଣ,
ଚୌଷଠି ପ୍ରକାରେ ସେ ଜାଣ । ଗ୍ରାମ୍ୟ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଚୌହାଣ—ଦେ. ବ.—ଚୋହାଣ (ଦେଖ)
Ch**au**hāṇa Chohāṇa (See)
(ଚୌହାନ—ଅନ୍ୟରୂପ)

ପାଠକମାନେ ଦେଖିବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରୁନାହାନ୍ତି । ଅତଏବ ୧ କିମ୍ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ କୋଷକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ଜାଗାରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଚ୍ୟବନ—ସଂ. ବି. (ଚ୍ୟୁ ଧାତୁ + କର୍ତ୍ତୃ. ଅନ)—୧ । ମୁନିବିଶେଷ;
Chyabana ପୁଲୋମାଙ୍କ ଗର୍ଭଜାତ ଭୃଗୁଋଷିଙ୍କ ପୁତ୍ର—
1. A sage; son of Bhṛugu

[ଦ୍ର—ଏହାଙ୍କ ମାତା ଗର୍ଭବତୀ ଥିବା ସମୟରେ ଏକ ରାକ୍ଷସ ତାଙ୍କୁ ଅପହରଣ କରି ନେବାରୁ ଏ ସ୍ୱୟଂ ଗର୍ଭରୁ ଖସି ପଡ଼ି ଦୁଷ୍ଟ ରାକ୍ଷସକୁ ନିଜ ତେଜରେ ଭସ୍ମୀଭୂତ କରିଥିଲେ । ଏ ସ୍ୱୟଂ ଗର୍ଭରୁ ଖସି ପଡ଼ିଥିବାରୁ (ଚ୍ୟୁ ଧାତୁ) ଏହାଙ୍କର ଏହି ନାମ ହୋଇଅଛି । ଏ ଏକ ସରୋବର ନିକଟରେ ବହୁକାଳ ତପସ୍ୟା କରୁ କରୁ ଏହାଙ୍କ ଦେହ ଉପରେ ଉଇମାନେ ହୁଙ୍କା ନିର୍ମାଣ କଲେ, କେବଳ ଆଖି ଦୁଇଟି ଉକ୍ତ ହୁଙ୍କା ମଧ୍ୟରୁ ଦେଖାଯାଉ ଥାଏ । ରାଜା ଶର୍ଯ୍ୟାତି ତାଙ୍କ ସେନାସମଭିବ୍ୟାହାରରେ ସେ ସ୍ଥାନକୁ ଆସିଥିବା ସମୟରେ ତାଙ୍କ କନ୍ୟା ସୁକନ୍ୟା ସେଠାରେ ବୁଲି ବୁଲି ହୁଙ୍କାରେ ଜୁଳୁ ଜୁଳୁ ଦିଶୁଥିବା ଦୁଇଟି ଆଖିକୁ କୌତୂହଳବଶତଃ କଣ୍ଟାରେ ଫୋଡ଼ିଦେବାରୁ ଚ୍ୟବନଙ୍କ ଆଖି ଫୁଟିଗଲା । ଏଥିରେ ଋଷି କ୍ରୁଦ୍ଧ ହୋଇ ରାଜାଙ୍କର ସମସ୍ତ ସୈନ୍ୟ ଓ ଅନୁଚରଙ୍କର ମଳମୂତ୍ର ରୋଧ କରି ଦେଲେ । ରାଜା ଆସି ତାଙ୍କୁ ପ୍ରାର୍ଥନା କରିବାରୁ ମୁନି ଶାନ୍ତ ହେଲେ ଓ ସୁକନ୍ୟାଙ୍କୁ ମୁନିଙ୍କୁ ବିବାହ ଦେଲେ । ସୁକନ୍ୟା ମଧ୍ୟ ବୃଦ୍ଧ ସ୍ୱାମୀଙ୍କ ପ୍ରତି ଅଟଳା ଭକ୍ତି କରି ତାଙ୍କ ସେବାରେ ଲାଗିଲେ । ଦିନେ ଅଶ୍ୱିନୀକୁମାରଦ୍ୱୟ ଆସି ସୁକନ୍ୟାଙ୍କୁ ନାନାବିଧ ପ୍ରଲୋଭନ ଦେଖାଇ ବୃଦ୍ଧ ସ୍ୱାମୀଙ୍କୁ ତ୍ୟାଗ କରି ସେ ଦୁହିଙ୍କୁ ବିବାହ କରିବାକୁ ସୁକନ୍ୟାଙ୍କୁ ଫୁସୁଲାଇଲେ କିନ୍ତୁ ସୁକନ୍ୟା କୌଣସି ପ୍ରକାରେ ସମ୍ମତ ନ ହେବାରୁ ଅଶ୍ୱିନୀକୁମାରଦ୍ୱୟ ପ୍ରସନ୍ନ ହୋଇ ଏକ ଔଷଧ (ଚ୍ୟବନପ୍ରାଶ) ପ୍ରୟୋଗ ପୂର୍ବକ ବୃଦ୍ଧ ଚ୍ୟବନଙ୍କୁ ଯୁବକ କରି ଦେଲେ । ଏହି ଉପକାରର ବଦଳରେ ରାଜା ଶର୍ଯ୍ୟାତିଙ୍କ ଯଜ୍ଞରେ ପ୍ରଥମେ ଇନ୍ଦ୍ରଙ୍କୁ ନ ଦେଇ ଅଶ୍ୱିନୀକୁମାରଦ୍ୱୟଙ୍କୁ ସୋମରସ ଦେଲେ । ଏଥିରେ ଇନ୍ଦ୍ର କୁପିତ ହୋଇ ଋଷିଙ୍କୁ ବଜ୍ର ମାରିଲେ । କିନ୍ତୁ ଋଷିଙ୍କର ସେଥିରେ କିଛି ନ ହେବାରୁ ଶେଷରେ ଇନ୍ଦ୍ର ଚ୍ୟବନଙ୍କ ଶରଣ ପଶିଲେ ।]

୨ । (+ ଭାବ. ଅନ) ଝରିବା; କ୍ଷରଣ; (ଜଳୀୟ ପଦାର୍ଥ) ତଳକୁ ବହିଯିବା — 2. Percolation; oozing; flowing down (of liquids).

୩ । ଛତ୍ର—3. Umbrella.

ଚ୍ୟବନପ୍ରାଶ—ସଂ. ବି. (ଚ୍ୟବନ + ପ୍ରାଶ = ସେବ୍ୟ)—ଆୟୁର୍ବେଦୋକ୍ତ
Chyabana prāśa କାଶରୋଗର ମହୌଷଧ ଅବଲେହବିଶେଷ—
A medicine paste (for being taken) prepared with certain ingredients as an antidote against cough, catarrh and other complaints of the lungs.

[ଦ୍ର— କାଶରୋଗାକ୍ରାନ୍ତ ବୃଦ୍ଧ ଚ୍ୟବନ ମୁନି ଅଶ୍ୱିନୀକୁମାରଦତ୍ତ ଯେଉଁ ଏହି ପ୍ରାଶ ବା ଔଷଧ ସେବନ କରି କାଶରୋଗରୁ ମୁକ୍ତ ହୋଇ ଯୁବା ହୋଇଥିବାର କଥିତ ଅଛି । ଚକ୍ରଦତ୍ତ ଗ୍ରନ୍ଥରେ ଏହାର ପ୍ରକ୍ରିୟା ଲେଖା ଅଛି । ଏଥିରେ ଅଧିକ ଭାଗ ଅଁଳା କୋଳର ରସ ଦିଆଯାଏ ।]

ଚ୍ୟାଉ—ଦେ. ବି—ଚ୍ୟାଉ ପଟ୍ଟନାୟକ (ଦେଖ)
Chyāu Chyāu paṭṭanāyaka (See)

ଚ୍ୟାଉ ପଟ୍ଟନାୟକ – ଦେ. ବି – ରାଜପ୍ରଦତ୍ତ କରଣମାନଙ୍କର ଉପାଧି
Chyāu paṭṭanāyka ବିଶେଷ—A little of honour given to Karaṇas of Orissa by Rājās.

ଚ୍ୟାହି—ଦେ. ବି. (ସଂ. ଇଚ୍ଛାର ବର୍ଣ୍ଣବିପର୍ଯ୍ୟୟ)—
Chyāhi ୧ । ଯତ୍ନ; ହେପାଜତ; ଚାହିଦା—1. Care.
चाह ୨ । ଆଦର; ଗେଲବସର—2. Fondling.
चाह ୩ । ସଚେତପଣ; ଚାଙ୍ଗଲାପଣ—
3. Activity.
(ଯଥା— ସାଥିନ୍ତାଣୀଙ୍କର ପାଦନ୍ତ ପୁଅଟିର ଭାରି ଚ୍ୟାହି ।)
ଦେ. ବି— ସଚେତ; ଫୁର୍ତ୍ତିବାଜ— Activity.
(ଯଥା— ଆମ ଜଗବନ୍ଧୁ ପିଲାଟି ଭାରି ଚ୍ୟାହି ହୋଇଛି ।)

ଚ୍ୟୁ (ଧାତୁ)— ସଂ—୧ । ପତିତ ହେବା—
Chyu (root) 1. To fall; to drop.
୨ । କ୍ଷରିତ ହେବା; ଝରିବା—
2. To percolate; to ooze.
୩ । ତରଳ ପଦାର୍ଥ ବୋହିଯିବା—
3. To flow down (liquid).
୪ । ଖସି ପଡ଼ିବା—4. To fall down.
୫ । ହସିବା—To laugh.

ଚ୍ୟୁତ—ସଂ. ବିଣ. (ଚ୍ୟୁ ଧାତୁ + କର୍ତ୍ତୃ. ତ)—
Chyuta ୧ । ସ୍ଥାନଭ୍ରଷ୍ଟ—1. Excommunicated, displaced.
୨ । ଉଚ୍ଚ ସ୍ଥାନରୁ ପତିତ—2. Fallen down.
ସେ ରାକ୍ଷସକୁ ମାତାଙ୍କ କୋଷ ପାଇଁ ।
ଗର୍ଭରୁ ଚ୍ୟୁତ ହେଲେ ଅତି କୋଧ ବହି । କୃଷ୍ଣସିଂହ, ମହାଭାରତ. ଆଦି ।
୩ । କ୍ଷରିତ; ବିନ୍ଦୁ ବିନ୍ଦୁ ହୋଇ ପତିତ; ଝରିଥିବା—
3. Oozed; percolated.
୪ । ନଷ୍ଟ; ବିଚ୍ୟୁତ—4. Spoiled; shorn.
(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ । ଯଥା—ରାଜ୍ୟଚ୍ୟୁତ, କର୍ମଚ୍ୟୁତ ।)
୫ । ବହିଷ୍କୃତ; ବିତାଡ଼ିତ—
5. Degraded; driven out.
୬ । ଚଞ୍ଚଳ; ଚପଳ—6. Unsteady.
୭ । ସ୍ୱସ୍ଥାନଭ୍ରଷ୍ଟ—
7. Displaced from ones proper place.
୮ । (ସମାସରେ) ପଶ୍ଚାତ୍‌ଗତ—
8. Backward shrinking from.

୧	ଇ	ଉ	ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଛଅ	ଞ୍ଚ
୨	ଈ	ଊ	ରୁ	ଲୁ	ସ୍ପେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଁ୍ୟ	ଇଅ	୭	ନ୍ତୁ

୯ । ବକଯନ୍ତ୍ରଦ୍ୱାରା ବାଷ୍ପ ଜଳରେ ପରିଣତ ହୋଇ ନିର୍ଗତ ଥିବା—9. Destilled.

ଚ୍ୟୁତସଂସ୍କାରତା—ସଂ. ବି—ବ୍ୟାକରଣବିରୁଦ୍ଧ ପଦବିନ୍ୟାସଜନିତ ରଚନାର
Chyutasaṁskāratā ପ୍ରଧାନ ଦୋଷ (ସାହିତ୍ୟଦର୍ପଣ)—
A defect in composition consisting of using ungrammatical phrases and words.

ଚ୍ୟୁତାକ୍ଷରି—ସଂ. ବି—କବିତା ରଚନାର ଏକପ୍ରକାର ପରିପାଟୀ—
Chyutākshara A sort of poetic skill in verses.
(ଦତ୍ତାକ୍ଷର—ତପସିତ) [ଦ୍ର—ଏଥିର 'ପାଦ' ମଧ୍ୟରେ ଏକ ପଦରୁ ଗୋଟିଏ ଅକ୍ଷର କାଟିଦେଲେ ଅର୍ଥାଗମ ହୁଏ । ଯଥା—

କହିଲା ଭଣି କଂନରେଶନନ୍ଦନୀ-ପାଠ-ପଠିନୀ ପକ୍ଷ ହଣେ ।

ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଏଠାରେ କଂନରେଶନନ୍ଦନୀ—ପାଠପଠିନୀ=କୁବେର କନ୍ୟାର ଶିକ୍ଷୟିତ୍ରୀ । ଏଥିରୁ କଂ ଅକ୍ଷରଟି କାଟିଦେଲେ ନରେଶନନ୍ଦନୀ-ପାଠ-ପଠିନୀ=ରାଜକନ୍ୟାର ଶିକ୍ଷୟିତ୍ରୀ ।

ଉଞ୍ଜ. ପ୍ରେମସୁଧାନିଧି ୧୨—୫ ରେ ମଧ୍ୟ ଏହାର ଅନ୍ୟ ଉଦାହରଣ ଅଛି ।]

ଚ୍ୟୁତାଧିକାର—ସଂ. ବଣ. ପୁଂ (ବହୁବ୍ରୀହି; ଚ୍ୟୁତ+ଅଧିକାର)--ଅଧିକାର-
Chyutādhikāra ଭ୍ରଷ୍ଟ; ଅଧିକାରରୁ ବଞ୍ଚିତ—Shorn of
(ଚ୍ୟୁତାଧିକାରା—ସ୍ତ୍ରୀ) one's power or authority; expelled from one's position.

ଚ୍ୟୁତି—ସଂ. ବି (ଚ୍ୟୁ ଧାତୁ+ଭାବ. ତି)—୧ । ଧ୍ୱଂସ; ନାଶ; ହାନି—
Chyuti 1. Loss of destruction; ruin.
(ଯଥା—ଧୈର୍ଯ୍ୟଚ୍ୟୁତି ।)
୨ । ଅଧୋଗତି; ପତନ—2. Down fall.
୩ । ଅବନତି—3. Degradation.
୪ । ଗଳନ; କ୍ଷରଣ—4. Percolation; oozing.
୫ । ସ୍ଖଳନ—5. Slipping.
୬ । ଗତି; ଗମନ—6. Movement.
୭ । ମୁକ୍ତି—7. Release.
୮ । ଛିଡ଼ି ପଡ଼ିବା—8. Dropping down; falling down.
୯ । ଅଭାବ, ତ୍ରୁଟି (ହି. ଶବ୍ଦସାଗର)—
9. Defect; blemish.
୧୦ । କର୍ତ୍ତବ୍ୟବିମୁଖତା (ହି. ଶବ୍ଦସାଗର); କର୍ତ୍ତବ୍ୟ ସାଧନରେ ଅବହେଳା—10. Neglect of duty; negligence.
୧୧ । ଗୁହ୍ୟଦ୍ୱାର (ହି. ଶବ୍ଦସାଗର)—11. Anus.
୧୨ । ଭଗ (ହି. ଶବ୍ଦସାଗର)—12. Female organ.
୧୩ । ଗତି (ହି. ଶବ୍ଦସାଗର)--13. Motion; movement.
୧୪ । ସ୍ୱସ୍ଥାନରୁ ହଟିଯିବା (ହି. ଶବ୍ଦସାଗର)—
14. Displacement; removal from one's proper position.

ଚ୍ୟୂତ—ସଂ ବି—ଆମ୍ବ (ଗଛ ଓ ଫଳ) (ହି. ଶବ୍ଦସାଗର)—
Chyūta Mango (tree and fruit)

ଚ୍ୟୋତ—ସଂ. ବି (ଚ୍ୟୁତ୍+ଭାବ. ଅ)—ଚ୍ୟୁତି (ଦେଖ)
Chyota Chyuti (See)

ଚ୍ୟୋତନ—ସଂ. ବି (ଚ୍ୟୁତ୍ ଧାତୁ+ଭାବ. ଅନ)—ଚ୍ୟୁତି (ଦେଖ)
Chyotana Chyuti (See)

ଚ୍ରେଷ୍ଟା—ଗ୍ରା. ବି (ସଂ. ଚେଷ୍ଟା)—ଚେଷ୍ଟା (ଦେଖ)
Chreshṭā Cheshṭā (See)

ଛ

ଛ—ସଂ.—ବ୍ୟଞ୍ଜନବର୍ଣ୍ଣର ସପ୍ତମ ବର୍ଣ୍ଣ ଓ ଚ ବର୍ଗର ଦ୍ୱିତୀୟ ବର୍ଣ୍ଣ (ଏହାର
Chha ଉଚ୍ଚାରଣସ୍ଥାନ ତାଳୁ)—The seventh consonant of Sanskrit and its daughter languages including Oṛiā, corresponding to the pronunciation of 'chh' (as pirate of ch).
[ଦ୍ର—ଏହାର କରଣୀ ଅକାର ଛ; ଛ=ଛ ।]
ସଂ. ବି (ଛୋ ଧାତୁ=ଛେଦନ କରିବା+ଭାବ. ଅ)—
୧ । ଛେଦ; ଛେଦନ—1. Cutting.
୨ । ଖଣ୍ଡ—2. A piece.
୩ । ଭାଗ—3. A part.
୪ । (ଛଦ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ) ଗୃହ—
4. House.
୫ । ମାହାତ୍ମ୍ୟ—5. Glory
୬ । ଆଚ୍ଛାଦନ (ହି. ଶବ୍ଦସାଗର)—6. Covering.
ସଂ. ବିଣ (ଛୋ ଧାତୁ=ଛେଦନ କରିବା+କର୍ତ୍ତୃ. ଅ)—
୧ । ତରଳ—1. Liquid
୨ । ନିର୍ମଳ—2. Clear.
୩ । ଛେଦକ—3. Cutting.
୪ । କମ୍ପିତ—4. Trembling.

ଛ, ଛଅ, ଦେ. ବି (ସଂ. ଷଟ୍; ପ୍ରା. ଛ, ପାଞ୍ଚରୁ ଏକ ଅଧିକ ସଂଖ୍ୟା)—
ଛଃ, ଛଅ ୧ । ଛଅ ସଂଖ୍ୟା—1. The number six.
ଦେ. ବିଣ—୧ । ଛଅସଂଖ୍ୟକ—1. Numbering six.
୨ । ଷଷ୍ଠସ୍ଥାନୀୟ; ଛଅର ପୂରଣ—2. Sixth.
ତ, ନ, ଛେଉ, କେତେ ନ ଯିବ ଘର—ଚାଣକ୍ୟବଚନ ।

ସାଧାରଣତଃ ଲୋକେ ଅପର ପୃଷ୍ଠାରେ ସଠିକ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଁଖା ନ ପାଇଲେ 'ଆଙ୍ଖ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଛଅ—ଦେ. ବି. ଓ ବିଣ—ଛ (ଦେଖ)
Chha-a — Chha (See).
[ଦ୍ର—ସଂଖ୍ୟାବାଚକ 'ଛ' ଶବ୍ଦଯୁକ୍ତ ଶବ୍ଦମାନ 'ଛଅ' ଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ ।]

ଛଅଁଚା—ଦେ. ବି (ସଂ. ଶୌଚ)—ମଳଯୁକ୍ତ ଅଙ୍ଗର ଶୌଚକ୍ରିୟା—
Chhañchā — Act of washing or cleansing the anus.
ছোঁচা; ছুঁচা
आबदस्त, शौचा
ବିଣ—ଶୌଚ ହୋଇଥିବା—Cleansed.

ଛଅଁଚାଇବା—ଦେ. କ୍ରି (ଛଅଁଚିବା କ୍ରିୟାର ଣିଜନ୍ତ ରୂପ)—ଶିଶୁ ବା ଅସମର୍ଥ ଲୋକର ମଳଯୁକ୍ତ ଗୁହ୍ୟଦେଶକୁ ଶୌଚକରିବା—The act of washing the anus of a child or sick man after passing stools.
Chha-añchāibā
ছোঁচান
शौचाना
(ଛଅଚେଇବା—ଅନ୍ୟରୂପ)

ଛଅଁଚାଛଅଁଚି—ଦେ. ବି (ସଂ. ଶୌଚ)—ମଳତ୍ୟାଗ ପରେ ଗୁହ୍ୟଦ୍ୱାର, ହସ୍ତ, ପଦ, ମୁଖ ଆଦିର ଶୌଚକର୍ମ—
Chha-añchāchhaañchi — The cleansing operations (of the anus, face, hands, feet etc) after passing stools.
ছোঁচান খেঁচান
शौचाशौचि

ଛଅଁଚିବା—ଦେ. କ୍ରି (ସଂ. ଶୁଚ୍ ଧାତୁ)—ମଳତ୍ୟାଗ ପରେ ନିଜର ମଳଦ୍ୱାର ଧୋଇବା; ପାଣିଛିଙ୍କିବା—
Chha-añchibā — To wash ones anus after passing stools.
ছোঁচা
आबदस्तलेना, शौचना

ଛଅଁଚି ହେବା—ଦେ. କ୍ରି (ସଂ. ଶୌଚ)—ମଳତ୍ୟାଗ ପରେ ଗୁହ୍ୟଦ୍ୱାରକୁ ସ୍ୱୟଂ ପରିଷ୍କାର କରିବା—
Chha-añchi hebā — To wash or cleanse one's own anus after passiug stools.
ছোচা
शौचना

ଛଅକ—ଦେ. ବିଣ—ଯେଉଁ ପଣିକିଆ ବା କଡ଼ାଗଣ୍ଡା ବା ପାହ୍ୟାପଟିକିଆରେ ୬ ସଂଖ୍ୟାର ହିସାବମାନ ଥାଏ—
Chhaaka — (a multiplication table) Relating to or giving the various calculations of the number 6.
(ଯଥା—ଛଅକ ପଣିକିଆ, ଛଅକ ଖନ୍ଦା ।)
[ଦ୍ର—ଏହିପରି ଏକକ ପଣିକିଆ; ଦୁଇକ, ତିନକ ଆଦି ପଣକିଆ ବା ଖନ୍ଦା ପୂର୍ବରେ ଯୁକ୍ତ ହେଲେ ସେହି ସେହି ସଂଖ୍ୟା-ସମ୍ବନ୍ଧୀୟ ଖନ୍ଦାମାନଙ୍କୁ ବୁଝାଏ । ସାଧାରଣତଃ ପ୍ରତି ସଂଖ୍ୟା ପାଇଁ ୧୦ଟି ଖନ୍ଦା ଥାଏ; ଛଅକ ପଣିକିଆରେ ୬×୧ ର ଗଣନାଠାରୁ ୬×୧୦ ର ଗଣନା ପର୍ଯ୍ୟନ୍ତ ଦଶଗୋଟି ଖନ୍ଦା ଥାଏ । ସାଧାରଣତଃ ପିଲାମାନେ ପଚିଶିକ ପଣିକିଆ ପର୍ଯ୍ୟନ୍ତ ଘୋଷି ରଖିଥାଆନ୍ତି ।]

ଛଅକାନ ହେବା—ଦେ. କ୍ରି (ସଂ. ଷଟ୍‌କର୍ଣ୍ଣ)—(କୌଣସି ଗୁପ୍ତ ବିଷୟ) ଦୁଇଜଣ ବ୍ୟକ୍ତିରୁ ଅଧିକ ତିନି ବ୍ୟକ୍ତିର କାନରେ ପଡ଼ିବା—(a secret) To be divulged to three i. e. more than two persons.
Chha-akāna hebā
ছয়কানহওয়া
तिनिकानहओया

ଛଅକେ—ଦେ. ଅ—ଛଅ ଗୁଣିତକ ୧; ୬×୧—
Chha-ake — Six into one; 6×1.
ছয়কে
ଛଅକେ ଛଅପଣ—ପଣିକିଆ ।

ଛଅକୋଡ଼ି—ଦେ. ବି.—୧୨୦ ସଂଖ୍ୟା; ୬×୨୦—
Chhaakordi — The number 120, 6×20.
ছয়কুড়ী
ଦେ. ବିଣ.—୧୨୦ ସଂଖ୍ୟକ—Numbering 120.
[ଦ୍ର—ଅଶିକ୍ଷିତମାନେ ଗଣତି କଲାବେଳେ କୋଡ଼ି, ପୁଞ୍ଜା, ଜୋଡ଼ା, ତନନ ଆଦି ପର୍ଯ୍ୟନ୍ତ ବସ୍ତୁ ଗଣି ତହିଁରୁ ବେଶୀ ସଂଖ୍ୟାକୁ ଉକ୍ତ ଶବ୍ଦମାନଙ୍କ ଗୁଣିତକଦ୍ୱାରା ପ୍ରକାଶ କରନ୍ତି । ବାଣିଜ୍ୟରେ ମଧ୍ୟ ଏହିପରି ହୁଏ ।]

ଛଅଚିତ—ଦେ. ବି.—କଉଡ଼ିଖେଳରେ ଛଅଟିଯାକ କଉଡ଼ି ଚିତ ହୋଇ ପଡ଼ିବା ଅବସ୍ଥା—The state of six kaurdis falling with the ventral side upwards in a game of kaurdi.
Chhaa-chiti
छक्का
(ଛଅଚିତ—ଅନ୍ୟରୂପ)

ଛଅଟା—ଦେ. ବିଣ—(ଅନାଦରାର୍ଥ)—ଛଅ ସଂଖ୍ୟକ—
Chhaatā — Numbering six.
ছয়টা
ଦେ. ବି.—୧ । ସଂଖ୍ୟାରେ ଛଅ—
छक्की — 1. Six in number.
(ଛଅଟି—ଆଦରାର୍ଥକ) ୨ । ୬ ଘଣ୍ଟା ସମୟ—2. Six o'clock.

ଛଅଣ୍ଡା—ଗ୍ରା. ବି ଓ ବିଣ.—(ଛଅ ଗଣ୍ଡାର ସଂକ୍ଷିପ୍ତ ଉଚ୍ଚାରଣ)—ଛଅ ଗଣ୍ଡା; ଚବିଶ ଗୋଟା—Six quartets; twentyfour.
Chhaandā
ছয়গণ্ডা
ତିନି ବାଉକଡ଼ା ଛଅଣ୍ଡା ଚକଡ଼ା କେତେ । ଶିଶୁ ଗାଣିତିକ ପ୍ରଶ୍ନ ।
[ଦ୍ର—ଗଣ୍ଡା ସ୍ଥାନରେ ଲୋକେ ଅଣ୍ଡା ଶବ୍ଦର ବ୍ୟବହାର କରନ୍ତି ଯଥା—ଚାରଣ୍ଡା, ସାତଣ୍ଡା, ଆଠଣ୍ଡା, ନଅଣ୍ଡା ଇତ୍ୟାଦି; ଲୋକେ ଯଥାକ୍ରମେ ଦିଅଣ୍ଡା, ତିନଣ୍ଡା, ଚାରଣ୍ଡା, ପାଞ୍ଚଣ୍ଡା, ଛଅଣ୍ଡା, ସାତଣ୍ଡା, ଆଠଣ୍ଡା, ନଅଣ୍ଡା, ଦଶଣ୍ଡା କହନ୍ତି । କିନ୍ତୁ ଦୁଇଅଣ୍ଡା, ତିନିଅଣ୍ଡା, ଚାରିଅଣ୍ଡା, ପାଞ୍ଚଅଣ୍ଡା, ଛଅଅଣ୍ଡା, ସାତଅଣ୍ଡା, ଆଠଅଣ୍ଡା, ନଅଅଣ୍ଡା, ଦଶଅଣ୍ଡା କହନ୍ତି, ନାହିଁ ।]

ଛଅପୋଇ—ଦେ. ବି. (ସଂ. ଷଟ୍‌ପଦୀ; ପ୍ରା. ଛପ୍ପଇ)—ଛଅଚରଣଯୁକ୍ତ ପଦ୍ୟ-ବିଶେଷ—A poetical composition with 6 lines in each stanza.
Chhaapoi
छप्पय
(ଛ ପୋଇ—ଅନ୍ୟରୂପ)

ଛଅବାଆର—ଗ୍ରା. ବି.—ଛଅଚିତ (ଦେଖ)
Chhaa bāara — Chhaachita (See).

ଛଅର—ଗ୍ରା. (ଇତର) ବି. (ସଂ. କ୍ଷୌର; ମାଗ ଭାଷା)—କେଶମୁଣ୍ଡନ—
Chhaara — Shaving of the hair.
ক্ষৌরীকামান
हजामत
[ଦ୍ର—ଓଡ଼ିଶାରେ ପୂର୍ବେ ସମସ୍ତେ ଓ ଆଜିକାଲି ନବ୍ୟ ସଭ୍ୟତାର ପ୍ରଭାବରେ ଆକ୍ରାନ୍ତ ହୋଇ ନ ଥିବା ବ୍ୟକ୍ତିମାନେ ଖଉର ମଙ୍ଗିରେ ବେଶି ହେଉ କମି ହେଉ ଅଗ୍ରଏ ଶିଖା ବା ଚୁଟି ଛାଡ଼ି ମୁଣ୍ଡର ଅନ୍ୟ ସମସ୍ତ ଅଂଶ, ମୁଛ ଓ ଦାଢ଼ି ଖିଅର ହୁଅନ୍ତି ।]

୧	ଇ	ଊ	ଋ,ଌ	ଙ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଋ୍ୟ	ଋଅ	ଢ଼
১	ই	উ	ঋ	৯	এ	অকারান্তবর্ণ	অনস্বার বা চন্দ্রবিন্দুযুক্ত বর্ণ	য	য	স	ক্ষ	ঞ্য	ঞঅ	ড়

ଛଅରବାଅର—ଗ୍ରା. (ଇତର) (ଛଅର ଶବ୍ଦ ସଙ୍ଗେ ଧ୍ୱନ୍ୟନୁକାରୀ ନିରର୍ଥକ
Chha-arabā-āra ୨ୟ ସବ୍ଦରେ)—ମୃତ ବ୍ୟକ୍ତିର ଶୁଦ୍ଧିକ୍ରିୟା
ষাট ଉପଲକ୍ଷରେ ତାଙ୍କର ସ୍ୱଜନ ଓ କୁଟୁମ୍ବମାନଙ୍କ ନଖ
କାଟିବା ଓ କ୍ଷୌର ହେବା—Shaving of the head and pairing of the nails undergone by the relations and kinsmen of a deceased person on the occasion of purification after the funerals.

ଛଅଷଠି—ଦେ. ବି.—(ସଂ ଷଟ୍ଷଷ୍ଟି ; ପ୍ରା. ଛଛଠି)—୬୬; ଷାଠି ଏବଂ
Chha-ashaṭhi ଛଅ ଅଧିକ ସଂଖ୍ୟା—The number 66.
ছয়ষঠী, ছষঠী ଦେ. ବିଣ.—୬୬ ସଂଖ୍ୟକ—
ক্ষসাঠ Numbering 66.
ଛଷଠି
ଛଷଟ୍ଟି } —ଅନ୍ୟରୂପ

ଛଅସ୍ତରଶହେ—ଦେ. ବି.—୧୭୬; ଏକ ଶହ ଛଅସ୍ତରି—176; one
Chha-astarāsahe hundred and seventy six.
(ଛଅସ୍ତୁରଶହେ—ଅନ୍ୟରୂପ) (ଦ୍ର—ଏହିପରି ଛଅସ୍ତରିବାଇଶ = ଦୁଇ ଶହ ଛଅସ୍ତରି ।)

ଛଅସ୍ତରି—ଦେ. ବ ଓ ବିଣ. (ସଂ. ଷଟ୍ସପ୍ତତି; ପ୍ରା. ଛସତ୍ତରି; ପାଳି—
Chha-astari ଛହତ୍ତରି; ଛସତ୍ତରି)—୭୬; ସତୁରି ଅପେକ୍ଷା ୬
ছয়ত্তর ଅଧିକ—76; Seventysix.
छिहत्तर
ଛଅସ୍ତୁରି
ଛଅସ୍ତୋରି
ଛସ୍ତରି
ଛସ୍ତୁରି } ଅନ୍ୟରୂପ

ଛଅାଁଚି—ପ୍ରାଦେ. (ସମ୍ବଲପୁର) ବଣ—ଛୁଆଁଚି (ଦେଖ)
Chha-ãnchi Chhuãchi (See)

ଛଅଙ୍ଗୁଠିଆ—ଦେ. ବଣ. ପୁଂ ଓ ସ୍ତ୍ରୀ. (ସଂ. ଷଟ୍+ଅଙ୍ଗୁଳି)—
Chha-ãnguṭhiā ଯାହାରି ହାତ କିମ୍ବା ଗୋଡ଼ରେ ବା ହାତଗୋଡ଼
ছআঙুলে ଉଭୟରେ ପାଞ୍ଚ ଟେଲାଏଁ ପରବର୍ତ୍ତିରେ ଛଅଟି
छांगुर; छांगा; छंगू ଟେଲାଏଁ ଅଙ୍ଗୁଠି ଥାଏ—
(ଛଅଙ୍ଗୁଳିଆ. ପୁଂ—ଅନ୍ୟରୂପ) Hexadactylous.
(ଛଅଙ୍ଗୁଳେଇ—ସ୍ତ୍ରୀଲିଙ୍ଗ)

ଛଅଲ—ଦେ. ବଣ. (ସଂ. ଷଷ୍ଠ)—୧ । ଷଷ୍ଠ—1. Sixth.
Chha-ala ପାଶୋଃ । ପଞ୍ଚ ଷ୍ଟାଠାରେ ମୋର ଧନ
ছঅই ନ ସରଇ କେବେ ମୋ କର୍ମ ଲକ୍ଷଣ ନ
छठा ଛଅଲ ପଞ୍ଚ ସେ କାଳକ ହୋଇ କର
ବ ହାରନ୍ତି ଅବ କରିବ କ କୁହାର ।
କୃଷ୍ଣସିଂହ. ମହାଭାରତ. ବନ୍ଦ ।

୨ । (ଅପଣା ରାଜ୍ୟରୁ ପାଞ୍ଚଟି ରାଜ୍ୟ ବ୍ୟବଧାନ ଥିବା)—
ବହୁଦୂରସ୍ଥ (ରାଜ୍ୟ)—
2. Very distant kingdom).

ଛଇ—ଦେ. ବ. (ସଂ. ଛବି)—୧ । ଢଙ୍ଗଢାଙ୍ଗ; ଚାଲିଚଳଣ; ବ୍ୟବହାରିକ
Chhai ଆଚରଣ—1. Conduct; gait; manners.
ছটকি; ছটা ୨ । ଛଟକ—2. Sportiveness.
छब; छबा ୩ । ବିଳାସ; ଭଙ୍ଗୀ —
3. Gesture; deportment.
୪ । ରସିକତା—4. Gallantry.
୫ । ଥଟ୍ଟା—5. Jest; frolic.
୬ । ବାଲିଙ୍ଗି ; ଗୁମର; ଗର୍ବ—
6. Bragging; arrogance; foppery.
୭ । ଚତୁରତା —7. Cleverness; cunning.
୮ । ଲୋକ ଦେଖିବାପାଇଁ କସ୍ରତିବା ଆଡ଼ମ୍ବର —
8 Ado; ostentation; gaudiness.
୯ । ବୃଥାଗର୍ବ—9. Vainglory.
୧୦ । ଚେହେରା—10 Appearance.
୧୧ । ମନୋହର ସାଜ ବା ଢଙ୍ଗ—
11. Graceful or charming manner.
୧୨ । (ଭୂଲ. ଆ. ସଗାଃ=ସୁନ୍ଦର; ସଂ. ଶୋଭା)—ଶୋଭା;
ରୂପଶ୍ରୀ; ସୌନ୍ଦର୍ଯ୍ୟ—12. Grace; beauty.
ছই ୧୩ । (ସଂ. ଛଦ)—ନୌକା ବା ଗାଡ଼ିର ଛାତ—
छप्पर 13 Thatched covering or roof of a boat or cart.
୧୪ । (ସଂ. ସଜ୍ଜିତ)—ସୁସଜ୍ଜିତ ଶ୍ରେଣୀବଦ୍ଧ ଘନସନ୍ନିବଦ୍ଧ
ଗୁଣ୍ଡି—14. Will arranged heap; well-set stack.
(ଯଥା—ଇଟା ବା ଛଣଚକ ଛଇମାର ରଖିଦିଅ ।)
୧୫ । ବାକ୍ୟରେ ରସିକତା; ରସବାକ୍ୟ—
15. Wit and humour; witty speech.
ଦେ. ବିଣ. (ସଂ. ବିସ୍ତୃତ)—ଚତୁର୍ଦ୍ଦିଗରେ ପରିବ୍ୟାପ୍ତ; ବିସ୍ତୃତ—
Spread on all sides; diffused.

ଛଇଆ—ଦେ. ବିଣ—ବିଳାସଭଙ୍ଗୀଯୁକ୍ତ; ଛଟକଯୁକ୍ତ —
Chhaiā Foppish; coquettish; frolicsome;
छैला trickish; sportive.

ଛଇ କରିବା—ଦେ. କି—୧ । ଛଟକ ବା ଭଙ୍ଗୀ ପ୍ରକାଶ କରିବା—
Chhai karibā 1. To show frolicsomeness; to show
ছটাদেখান off one's fine things.
ଛଇ କାଢ଼ିବା
ଛଇ ଦେଖା (ଖେ)ଇବା
ଛଇ ଦେଖା (ଖେ)ଇ ହେ (ହ)ବା
ଛଇ ବାହାର କରିବା } ଅନ୍ୟରୂପ
୨ । ରସିକତା କରିବା—
2. To flirt; to practice gallantry

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ'କି ନ ପାଇଲେ 'ବଧୁ' ଦେଖିବେ; 'ଅଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଛଇଛଡ଼୍—ଦେ. ବଣ. ପୁଂ. ଓ ସ୍ତ୍ରୀ—ଛୈଛାଡ଼୍ (ଦେଖ)
Chhaichhārd — Chhaichhārd (See)
ଛଇଛାଡ଼ିଆ, ଛଇଛଲ, ଛଇଛାଳିଆ } ଅନ୍ୟରୂପ

ଛଇତି ମଇତି—ପ୍ରାଦେ. (ପୁରୀ) ବଣ (ସଂ. ହର୍ଷ+ଉନ୍ମତ୍ତ)—
Chhaiti maiti ୧ । ହର୍ଷୋନ୍ମତ୍ତ; ଆନନ୍ଦିତ—1. Delighted.
(ଯଥା—ତାଙ୍କ ଘରକୁ ଆଜ ଜ୍ୱାଇଁ ଆସିଛନ୍ତି ବୋଲି ଆଜ ସେ ଭାରି ଛଇତି ମଇତି ହଉଛନ୍ତି ।)
୨ । (ସଂ. ହସ୍ତ+ମୁକ୍ତ) ମୁକ୍ତହସ୍ତ—
2. Open-handed; liberal.

ଛଇ ଦେବା—ଦେ. କ୍ରି—୧ । (ସଂ. ସଜ୍ଜିତ) ଗଦା ଗଦା କରି ସୁସଜ୍ଜିତ କରିବା; ଗାଦ ମାରିବା—1. To arrange in rows or heaps (e. g. straw; bricks).
Chhai debā
गाँदिमारा
(ଛଇମାରିବା—ଅନ୍ୟରୂପ) ୨ । (ସଂ. ଛଦ୍) ଚାରିଆଡ଼େ ଘୋଡ଼ାଇ ପକାଇବା; ଛାଇବା—2. To cover the whole surface.

ଛଇବା—ଦେ. କ୍ରି (ସଂ. ଛଦ୍ ଧାତୁ)—ଚାରିଆଡ଼େ ବିସ୍ତୃତ ହେବା ବା ବିସ୍ତାର କରିବା—To be diffused over the whole surface; to spread in all directions (e. g water).
Chhaibā
छाओआ
फैलाना
ଛାଇ ଯିବା, ଛାଇ ହେବା, ଛାଇ ହୋଇଯିବା } ଅନ୍ୟରୂପ
(ଯଥା—ବର୍ଷାପାଣି ଆମ ଗାଁ ଚାରିପାଖ ଛଇ ହୋଇଛି ।)

ଛଇଲ୍—ଦେ. ବଣ (ସଂ. ସ୍ଲାବିତ; ଉଚ୍ଛଳିତ; ଭୂ. ଫା. ଏହି ଅର୍ଥରେ ସୟଲାବ୍)—୧ । ଚାରିଆଡ଼େ ଜଳ ପୂରିଥିବା ବା ମାଡ଼ିଥିବା; ଜଳପ୍ଲାବିତ—1. Flooded.
Chhail
छयलाप
फौलाहुआ
(ଯଥା—ଦେଶଯାକ ପାଣିରେ ଛଇଲ୍ ହୋଇଗଲା ।)
ଛଇଲାଟ୍, ଛଏଲ୍, ଛଏଲାଟ୍ } ଅନ୍ୟରୂପ
୨ । ଚତୁର୍ଦ୍ଦିଗରେ ପରିବ୍ୟାପ୍ତ—2. Extending towards all directions; diffused; spread on or all sides.
(ଯଥା—ଦେଶଯାକ ନଈବଢ଼ି ପାଣି ଛଇଲ୍ ହୋଇଛି ।)
ଦେ. ବି—୧ । ନଈବଢ଼ି—Flood; inundation
୨ । ବର୍ଷା ବା ନଈବଢ଼ି ପାଣି ସବୁଆଡ଼େ ମାଡ଼ିଯିବା ଅବସ୍ଥା—
2. The state of water spreading on all sides.
୩ । ଚାରିଆଡ଼େ ବ୍ୟାପିଯିବା—3. Diffusion.

ଛଇଲ୍ ଯିବା—ଦେ. କ୍ରି—(ଜଳ) ଚାରିଆଡ଼େ ବ୍ୟାପ୍ତ ହେବା—
Chhil jibā — To be diffused; to spread over on all sides.
छयलापहओया
फैलाहोना
ଛଇଲ୍ ହେବା, ଛଇଲ୍ ହୋଇଯିବା, ଛଇଲିଯିବା, ଛଇଲେଇବା } ଅନ୍ୟରୂପ

ଛଇଲ—ଦେ. ବଣ (ସଂ. ଛବି, ପ୍ରା. ଛବିଲ, ଛଇଲ୍ଲ)—
Chhaila ୧ । ଯେ ଛଟକ ଦେଖାଏ; ବିଳାସଭଙ୍ଗୀଯୁକ୍ତ; ରଙ୍ଗିଆ—1. Frolicsome.
ଛଇଲା, ଛଇଲୀ } ସ୍ତ୍ରୀ
୨ । ରସିକ—2. Gallant.
चटकदार
୩ । ଚତୁର—3. Clever.
छबीला, छैला, छैल
୪ । ମନୋହର, ସୁନ୍ଦର—
(ଛଇଲ୍—ଅନ୍ୟରୂପ) 4. Charming; beautiful; graceful; having a charming appearance.
୫ । ଯେ ଛଇ ବା ଆଡ଼ମ୍ବର ଦେଖାଏ—
5. Ostentatious.
୬ । ବାକ୍‌ଚତୁର; ବାକ୍ୟରେ ରସିକତାକାରୀ—
6 Witty; humorous.
୭ । ବେଶଭୂଷାରେ ପରିପାଟୀରୂପେ ସଜ୍ଜିତ—
7. Foppish; fine.
ଦେ. ବି—୧ ନାଗର ଲୋକ; ରସିକ—
1. A beau; a dandy; a gallant.
ଏ ବନରେ ଛଇଲ ହୋଇସ ଛଳଛନ୍ଦ । ଭକ୍ତ, ଲାବଣ୍ୟବତୀ ।
୨ । ଚକ୍‌ଚକିଆ ପୋଷାକ ଓ ବେଶପ୍ରିୟ ବ୍ୟକ୍ତି—
2. A person fond of showy dress and toilette

ଛଇଲା—ଦେ. ବଣ. ପୁଂ. ଓ ସ୍ତ୍ରୀ (ସଂ. ଛବି)—୧ । ବିଳାସଭଙ୍ଗୀଯୁକ୍ତ; ଯେ ଛଟକ ଦେଖାଏ—1. Foppish; frolicsome.
Chhailā
ଛଇଲୀ, ଛଇଲି } ସ୍ତ୍ରୀ—
୨ । ରସିକ; ନାଗର—2. Gallant; coquettish.
ଛଇଲା ! ମୋରେ ଘଇଲ ଛଡ଼—କବିସୂର୍ଯ୍ୟ ରତ୍ନାକରଚମ୍ପୂ ଓ ଗୀତ ।
୩ । (ସଂ. ଛଳ) ଚତୁର—3. Clever.
୪ । ସୁନ୍ଦର—4. Charming; handsome; attractive.
୫ । ସୁନ୍ଦର ସାଜସଜ୍ଜାପ୍ରିୟ—
5. Fond of finery; foppish.
ବି. ସ୍ତ୍ରୀ—ରସିକା; ନାଗରୀ—A flirt; a coquette.
ଠଉରବ ନାହିଁ ବୋଲି ଠଉରୁ ବରଗି ଚାହଣ ମଦନ ପଳାଏ ଭଳେ ଛଇଲୀ ।
କବିସୂର୍ଯ୍ୟ ଚମ୍ପୂ ଗୀତ ।

ଛଇଲିଆ—ଦେ. ବଣ. ପୁଂ. ଓ ସ୍ତ୍ରୀ—ଛଇଲା (ଦେଖ)
Chhailiā — Chhailā (See)
ଛଇଲୀ, ଛଇଲେଇ } ସ୍ତ୍ରୀ
ସେହି ହିଜନ୍ତ ହୋଇଅଛ ତ ଭେଣ୍ଡିଅ
ଏଣୁ ତା ବୁଝିନ୍ତ କରୁଛ ଛଇଲିଆ ।
କୃଷ୍ଣସିଂହ ମହାଭାରତ. ଶାନ୍ତି ।

ଛଇଲି ଛାଉଲି—ଦେ. ବି (ସଂ. ଛଳ)—୧ । ଛଳତାପୂର୍ଣ୍ଣ କୌଶଳ—
Chhaili chhāuli — 1. Stratagem.
୨ । ଛଇ (ଦେଖ)
Chhai (See)
ଏ ବଡ଼ ଛଇଲ ଘଇଲରେ ନାଚ କେବନ୍ତ—କବିସୂର୍ଯ୍ୟ. ରତ୍ନାକର ଚମ୍ପୂ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନୃ

ଛଉ—ଦେ. ବି (ସଂ. ଶ୍ୱିତ୍ର)—୧ । ଦେହର ରୋଗବିଶେଷ; ଦେହର
Chhau ସ୍ଥାନେ ସ୍ଥାନେ ଯେଉଁ ଧଳା ଧଳା (ଓ ସମୟେ ସମୟେ କଳା
ଛୁଲି ଓ ନାଲି) ଦାଗ ଚମ ଉପରେ ମାଡ଼ିଯାଏ; ଶ୍ୱିତ୍ରରୋଗ; ଧବଳ
श्वेत वा ଶ୍ୱେତକୁଷ୍ଠ ରୋଗ—1. A disease in which the skin becomes discoloured in patches of white or black; leucosis; albinism;

[ଦ୍ର—ଛଉ ତିନିପ୍ରକାର ଯଥା—୧ । କୁଷ୍ଠ ରୋଗର ପୂର୍ବ-ଲକ୍ଷଣ—ଦେହରେ କଳା, ନାଲି ଓ ଧଳା ମନ୍ଦାମନ୍ଦା ଦାଗ । ୨ । ଧବଳ କୁଷ୍ଠ—ଦେହତମାମ୍ ନାଲିମିଶା ଧଳା ଦାଗ; ୩ । ବୟସ୍ଥ ଯୁବକଯୁବତୀଙ୍କର ଚର୍ମରେ ସ୍ଥାନେସ୍ଥାନେ ମାଡ଼ିଯିବା ମନ୍ଦାମନ୍ଦା ଦାଗ ।]

୨ । କଳା ବା ନାଲିବର୍ଣ୍ଣବିଶିଷ୍ଟ ପଶୁ ଆଦିଙ୍କ ଶରୀରରେ ସ୍ଥାନେ-ସ୍ଥାନେ ଧଳା ରୋମର ମନ୍ଦା—2. Patches of white hair on the body of animals of red or black colour.

୩ । ଛଉନାଟ; ଗଡ଼ଜାତର ଜଙ୍ଗଲି ଜାତିମାନଙ୍କ ମଧ୍ୟରେ ପ୍ରଚଳିତ ଏକପ୍ରକାର ନାଟ—(ଏଥିରେ ସ୍ତ୍ରୀ ଓ ପୁରୁଷ ମାନେ ଦଳବଦ୍ଧ ହୋଇ ବାଦ୍ୟର ତାଳ ସହ ନାଚନ୍ତି-- 3. A kind of dance prevalent among the wild tribes of the Orissa Agency tracts.

୪ । (ସଂ. ଶଲ୍କ) ଛେଲି—4. Bark.

୫ । (ସଂ. ଛଦ୍ମ) ଗର୍ବ—
5. Arrogance; pride; vainglory.

୬ । ଚତୁରତା—6. Skill; dexterity.

୭ । ଶିକାର ଝାମ୍ପିବାପାଇଁ ଜଗି ରହିବା—
7. Lying in wait; crouching; being prepared to pounce upon a prey.

ছোঁ ୮ । ଶିକାର ବା ଖାଦ୍ୟ ବସ୍ତୁକୁ ଝାମ୍ପିବା; ଛପଟ୍ଟଆ—
पञ्जा 8. Pouncing on a prey.

ଛଉଁରି—ଦେ. ବି. (ସଂ. ଛଦ୍ ଧାତୁ)—ଛଉରି (ଦେଖ)
Chhauñri Chhauri (See)

ଅନନ୍ତ ମହିମାଙ୍କର ଦିବ୍ୟ ଆଭରଣୀ,
ତାଙ୍କ ନାମ ଅଟେ ବଜ୍ର ଛଉଁରି କୌପୁନୀ ।
ପ୍ର ଡୀ. ବ୍ରହ୍ମନିରୂପଣଗୀତା ।

ଛଉଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—(ସଂ. ଛବି)—୧ । ଛପଛପିକିଆ—
Chhauā 1. Having patches of different colours
ছাপছাপ, on the body (said of cows, cats,
রঙ্গবেরঙ্গ dogs, horses etc); mottled.
रङ्गबिरङ्ग ୨ । ଛଉ ରୋଗାକ୍ରାନ୍ତ—2. Albinous; having light patches on the body.

ଛଉକା—ଦେ ବିଣ. ପୁଂ.—୧ । ଶିକାରୀ; ଚତୁର; ଖାଦ୍ୟଦ୍ରବ୍ୟକୁ ଛପି
Chhaukā କରି ଖାଇବା ବିଷୟରେ ପାରଙ୍ଗମ (ଯଥା—ବିରାଡ଼ି,
শিকারী କୁକୁର)—1. Clever; cunning; dexterous
(ଛଉକୀ—ସ୍ତ୍ରୀ) (said of cats, dogs etc which are clever in catching things kept away from their reach).

୨ । ଯେ ସୁଯୋଗ ଦେଖି ଶିକାରକୁ ଝାମ୍ପିବାପାଇଁ ଜଗି ରହେ—2. Crouching; lying in wait to pounce on a prey.

୩ । ଛଉଆ (ଦେଖ)—3. Chhauā (See)

ଛଉଚ—ଗ୍ରା. ବି. (ସଂ. ଶୌଚ)—
Chhaucha ୧ । ଦେହରୁ ମଳ ଆଦିର ମାର୍ଜନା—
শৌচ 1. Cleaning impurities off the body.

୨ । ମୃତାହରେ ମୃତ ବ୍ୟକ୍ତିର କୁଟୁମ୍ବାଦିଙ୍କର କ୍ଷୌର, ସ୍ନାନ ଆଦି ଦ୍ୱାରା ଶୁଦ୍ଧ ହେବା—2. Purification of the kinsmen and relatives after the funerals.

୩ । ଝାଡ଼ା ଫେରିବା ପରେ ଛୁଆଁଳିବା—
3. Washing of the private parts after passing stools.

ଗ୍ରା. ବିଣ—ମାର୍ଜିତ; ଶୁଦ୍ଧ—Cleansed.

ଛଉଚ କରିବା—ଗ୍ରା. କ୍ରି. (ସଂ. ଶୌଚ)—ଛୁଆଁଳିବା; ମଳ ଆଦି
Chhaucha karibā ତ୍ୟାଗ କରିବା ପରେ ଶରୀରରୁ ମଳାଦି
শৌচকরা ପରିଷ୍କାର କରିବା—To cleanse the
(ଛଉଚ ହେବା—ଅନ୍ୟରୂପ) private parts of impurities after answering calls of nature.

ଛଉନାଟ—ଦେ. ବି—ଛଉ ୩ (ଦେଖ)
Chhau-nāṭa Chhau 3 (See)

ଛଉ ମାରିବା—ଦେ. କ୍ରି—ଶିକାରକୁ ଝାମ୍ପିବା—
Chhau māribā To pounce on a prey.
ছোঁমারা
फजा मारना

ଛଉର—ଗ୍ରା. ବି. (ସଂ. କ୍ଷୌର)—ଛଅର (ଦେଖ)
Chhaura Chha-ara (See)

ଛଉରି—ଦେ. ବି. (ସଂ. ଛଦ୍ ଧାତୁ)—
Chhauri ୧ । ସାଞ୍ଜୁ; କବଚ; ବର୍ମ—
1 Armour; coat of mail

୨ । ଆଚ୍ଛାଦନ; ଆସ୍ତରଣ - 2. A coverlet.

୩ । ବିଲେପନ—3. Anointing; smearing.

ଛଉରିବା—ଦେ. କ୍ରି. ୧ । (ସଂ. ଛଦ୍ ଧାତୁ)—
Chhauribā ଘୋଡ଼ାଇବା; ଆଚ୍ଛାଦନ କରିବା—
1. To cover.

ସାଧାରଣ ଲୋକଙ୍କ ଅପର ପୃଷ୍ଠାରେ ଦର୍ଶିତ ୧ ଚର୍ଚ୍ଚିତ ଅକ୍ଷର ଓ ମାତ୍ରା ଏବ ୨ ଚର୍ଚ୍ଚିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚର୍ଚ୍ଚିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚର୍ଚ୍ଚିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଉଁ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

୨ । (ସଂ. ଛର ଧାତୁ) ଲେପିବା—2. To anoint;
चुपरना to smear; (e.g. a paste over the body).
୩ । (ସଂ. କ୍ଷୌର) ଖିଅର କରିବା; କ୍ଷୌର କରିବା—
3. To shave the hair.
ଲଜ ନ ଥାଏ ଯେଉଁ ମୁହଁକୁ
ଭଣ୍ଡାର ନ ଥାଏ ଛଇରିବାକୁ—ଚଗ ।

ଛଏର୍—ପ୍ରାଦେ. (ସମ୍ବଲପୁର) ବି—ଛାୟା; ଛାଇ—
Chha-erā Shadow

ଛଏଲ୍—ଦେ. ବି—ଛଇଲ୍ (ଦେଖ)
Chha-el Chhail (See)
(ଛଏଲା୍—ଅନ୍ୟରୂପ)

ଛଁଚ୍—ପ୍ରାଦେ. (ମେଦନୀପୁର) ବି—ଘର ଲିପିବା—
Chhañch Smearing the floor by cow-dung and water.

ଛଁଚ୍ଚ—ପ୍ରାଦେ. (ମେଦନୀପୁର) ବି—ଓଳିଅ ବାନ୍ଧିବାପାଇଁ ତଳରେ
Chhañchā ପକାଯିବା ପ୍ରଥମ ପ୍ରସ୍ତ ଦଉଡ଼ି—
The first layer of ropes packet a laid on the ground for making of paddy.

ଛକ—ଦେ. ବି. (ସଂ. ଚତୁଷ୍ପଥ; ଚତୁଷ୍କ)—
Chhaka ୧ । ଚତୁଷ୍ପଥ; ଯେଉଁ ସ୍ଥାନରେ ଗୁଡ଼ିଏ ଗୁଡ଼ିଏ ଗୋଟି
চৌমাথা ରାସ୍ତା ମିଳିଥାଏ—1. A meeting of two
चौराहा cross-ways; cross-road; a place where four roads meet or two roads cross.
ଛକେ ଛକେ ଜଗି ଅଛନ୍ତି ଭରେ । ଭବସାର୍ଦ୍ଧ. ରଡ଼ାକରଚମ୍ପୂ ଛ ଗୀତ ।
୨ । ଦୁଇ ରେଖା ପରସ୍ପରକୁ କାଟୁଥିବା ଅବସ୍ଥା—
ছক 2. A cross.
୩ । ଯୁକ୍ତ ବା ଗୁଣନ ଚିହ୍ନ—3. A cross mark; the arithmetical sign of addition or multiplication.
୪ । ମଝିରେ ପରସ୍ପର କର୍ତ୍ତିତକାରୀ ରେଖାଦ୍ୱୟ କଟା ହୋଇଥିବା ପଶାପାଲିର ଘର—4. Chequered figure in a dice or chess board.
ছেঁকা ୫ । ଚଅଁଦ୍ୱାରା ଦାଗ—5. Marks made on the body with hot iron; brand.
୬ । ଚାବୁକ ବା ବେତ୍ର ପ୍ରହାରରେ ଦେହରେ ବସିଥିବା ଦାଗ; ନୋଳା—6. Marks left on the body after being caned or whipped.
୭ । ସୁବିଧାଜନକ ସ୍ଥାନ—
7. A convenient place.

ଛକ କାଟିବା—ଦେ. କ୍ରି—ଯୁକ୍ତ ବା ଗୁଣନଚିହ୍ନ ଅଙ୍କନ କରିବା—
Chhaka kātibā To draw cross-marks.
ଛକ ଦେବା }
ଛକ ପକେଇବା } ଅନ୍ୟରୂପ

ଛକଛାକ—ଦେ. ବି—୧ । ସୁଯୋଗ; ସୁବିଧା; ଖଞ୍ଜ—
Chhaka-chhāka Suitable occasion; opportunity.
ঘাত, যোত ঘাত (ଯଥା—ସେ ଛକ ଛାକ ବୁଝି କାମ କରେ ।)
मौका ୨ । ଆବଶ୍ୟକବେଳେ ସତର୍କତା—Watchfulness on suitable occasions.

ଛକଡ଼ା—ଦେ. ବି. (ସଂ. ଶକଟ ପ୍ରା. ସଗଡ଼, ଛଗଡ଼)—
Chhakarda ୧ । ଭଡ଼ାଗାଡ଼ି—
ছ্যাকড়া 1. Hackery; hackney
छकड़ा carriage.
(ଛକଡ଼ା—ଅନ୍ୟରୂପ) ୨ । ଶଗଡ଼; ଶକଟ; ଗୋରୁଗାଡ଼ି—
2. A cart drown by oxen.

ଛକଡ଼ ନକଡ଼—ଦେ. ବି (ଛଅ କଡ଼ା ଓ ନଅ କଡ଼ା କଉଡ଼ି ଅତି ଅଳ୍ପ
Chhakarda nakarda ଥିବାରୁ ହେୟ)—୧ । ତୁଚ୍ଛତାଚ୍ଛିଲ୍ୟ—
ছকড়ানকড়া 1. Derision; contempt.
୨ । ଅପମାନ—2. Neglect; disregard.
(ଛକଡ଼ା ନକଡ଼ା—ଅନ୍ୟରୂପ) ୩ । ମନ୍ଦ ବ୍ୟବହାର—
3 Ill treatment

ଛକଡ଼ି—ଦେ. ବି (ଭୁଲ. ବ. ଛନ୍‌କଡ଼ୀ)—୧ । ଉତ୍କଳରେ
Chhakardi ଅପଡ୍ରିଅଣି ଲୋକଙ୍କୁ ଦିଆଯିବା ନାମ)—
ছকড়ি (ଅପଡ୍ରିଅଣି ଉଲେ ନୋଟ୍ ଦେଖ)—
1. A name given to boys whose elder brothers or sisters have died (meaning, not worth a penny).
(ଛକଡ଼ି—ଅନ୍ୟରୂପ) (ଦ୍ର—ଏହାର ଅର୍ଥ :—ଏ
(ଛକଡ଼ିଆ—ଅନାଦରାର୍ଥକରୂପ) ବାଳକକୁ ଛଅ କଡ଼ା ମାତ୍ର ମୂଲ୍ୟରେ କିଣାଯାଇଅଛି । ଯେଉଁ ପିଲାର ଆଗପିଲା ମରି ଯାଇଥାନ୍ତି, ମାଆମାନେ ଯମକୁ ଭଣ୍ଡାଇବାପାଇଁ ତାହାକୁ ଛକ, ଛଅ, ନଅ କଡ଼ା କଉଡ଼ିରେ ଖେଟଲୋକଙ୍କ ବିକିଦେବାର ବାହାନା କରନ୍ତି ।]
ছকড়ী ୨ । ପଶାକାଠିରେ ପଡ଼ିବା '୬' ସଂଖ୍ୟକ ଦାନ—
छक्कड़ी, छक्का A throw of the dice resulting in the coming up of six points.

ଛକପକ—ଦେ. ବିଣ (ସଂ. ଶଙ୍କିତ)—୧ । ଶଙ୍କିତ—
Chhaka-paka 1. Apprehensive.
ছটপট ୨ । ଭବିଷ୍ୟତରେ ଅଶୁଭ ଘଟିବା ସମ୍ବନ୍ଧରେ ଆଶଙ୍କିତ—
छटपट 2. Having a presage or presentiment.
୩ । ଅସ୍ଥିର (ମନ)—3. Restless (mind)
୪ । ଲାଳାୟିତ—4. Hankering.
(ଯଥା—ସେ ପିଲା ହାତରେ ଓଳାସ୍ଫଟିଏ ଦେଖି ଏ ପିଲାଟି ଛକପକ ହେଉଛି !)

ଛକ ପାଗଡ଼ା—ଦେ. ବି—ପଶାଖେଳର ଦାନବିଶେଷ; ଛଅ ଏକ—
Chhaka pāgardā One of the throws of dice in a game of dice.

୯	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଏ	ଉଅ	ଘ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଙ୍ଗ	ନ୍

ଛକଲିଆ — ଦେ. ବି — ଏକଜାତୀୟ ଜାମା (ଯହିଁରେ ଛଅଟି କଲି ଥାଏ) —
Chhakalia A kind of coat having six trangular pieces sewn together.
छकलिया

ଦେ. ବିଣ — ୧ । ଯହିଁରେ ଛଅଗୋଟି କଲି ଥାଏ —
1. Having six trangular bits of cloth.
୨ । ଚତୁର — 2. Witty.

ଛକା — ଦେ. ବି — ୧ । ଜଗିବା; ଲୁଚିବା —
Chhakā 1. Watching; hiding.
छका
छक्का
(ଛକ୍କା — ଅନ୍ୟରୂପ)
୨ । ଅବସରକ୍ରମେ ଶିକାରକୁ ଆକ୍ରମଣ କରିବା ପାଇଁ ଛକି ରହିବା — 2 Lying watchfully; lying in ambush; ambush.
୩ । (ସଂ. ଷଟ୍କ; ପ୍ରା. ଛକ୍କୋ) ଗଞ୍ଜପା ବା ତାସ ଖେଳରେ ଛଅ ଟିପଯୁକ୍ତ ପାର — 3. The playing card having six tips on it.
୪ । ତାସ ଖେଳରେ ଅପର ପକ୍ଷକୁ ପିଠିଏ ମାତ୍ର ତାସ ନେବାର ସୁଯୋଗ ନ ଦେଇ ଏକ ପକ୍ଷ ସବୁ ପିଠିର ତାସଯାକ ଜିଣିବା — 4. The state of one party wining all the cards in a game of cards.
୫ । କଉଡ଼ିଖେଳରେ ଛଅଟିଯାକ କଉଡ଼ି ମୁହଁ ମାଡ଼ି ପଡ଼ିବା ଦାନ — 5. Six Kaurdis falling on the ground with the vental side down and dorsal side up in a Kaurdi game.
୬ । ସ୍ତ୍ରୀଲୋକମାନେ ଭୂଇଁରେ ଗାର କାଟି ଖେଳିବା କଉଡ଼ି ଖେଳ — 6. An indoor game of females with shells.
୭ । ଯୁକ୍ତଚିହ୍ନ ଅଙ୍କିତ କରିବା କର୍ମ —
7. Making or drawing of cross marks.
୮ । ଯେଉଁ ଗଞ୍ଜପା ବା ତାସରେ ୬ଟି ବିନ୍ଦୁ ଥାଏ —
8. A card containing 6 points.
୯ । ଛଅ ଅର୍ଥାତ୍ ଅନେକ ପ୍ରକାର ପରିବାରେ ପ୍ରସ୍ତୁତ ତିଅଣ; ଘାଣ୍ଟତିଅଣ — 9. Hodgepodge.
୧୦ । ଛଙ୍କା ତିଅଣ; ପାଣି ଦିଆ ହେବା ପୂର୍ବରୁ ପରିବା ଘିଅରେ ଛଙ୍କା ହୋଇ ତିଆରି କରାଯିବା ତିଅଣ —
10. A curry prepared from fried vegetables

ଛକାଇବା — ଦେ. କ୍ରି — ୧ । ଛକିବା (ଦେଖ)
Chhakāibā 1. Chhakibā (See)
(ଛକେଇବା — ଅନ୍ୟରୂପ) ୨ । ଛକିବାର ଣିଜନ୍ତ ରୂପ —
ব্যাকুল হওয়া 2. The causative form of Chhakibā.
୩ । (ସଂ. ଶଙ୍କା) (ମନ) ଶଙ୍କାଯୁକ୍ତ ହୋଇ ଅସ୍ଥିର ହେବା; ଛଟପଟ ହେବା — 3. To be apprehensive; to become restless through apprehensive.

ଛକାଖେଳ — ଦେ. ବି. (ସଂ. ଷଟ୍କ; ପ୍ରା. ଛକ୍କୋ) — ଏକପ୍ରକାର କଉଡ଼ି
Chhakākhela ଖେଳ — A kind of Kaurdi game.
दशपँचिश
छक्का
[ଦ୍ର — ଏଥିରେ ଛଅ କଟି କଉଡ଼ିରେ ଚାରିଜଣ ବା ଅଭାବପକ୍ଷେ ଦୁଇଜଣ ଖେଳାଳି ଖେଳନ୍ତି । ପଶାପାଲି ପରି ଘର କଟାଯାଏ, ଏଥିରେ କଉଡ଼ି ପଡ଼ିବା ଅନୁସାରେ ଦାନ ଚାଲିବାକୁ ହୁଏ ।]

ଛକାଛକ — ଦେ. ବିଣ. (ସଂ. ସତର୍କ) — ୧ । ଆକ୍ରମଣ ବା ଅନିଷ୍ଟ
Chhakāchhaka କରିବା ପାଇଁ ପରସ୍ପର ପରସ୍ପରକୁ ଜଗାଜଗି —
তাক্‌বুঝেথাকা 1. Watching each other for doing any harm or for attaching.
छक्का
ଛକାଛକି } ଅନ୍ୟରୂପ
ଛକାପକା
୨ । ସତର୍କ, ସାବଧାନ —
2. On the alert; watchful.
୩ । (ସଂ. ଶଙ୍କାଯୁକ୍ତ) କୌଣସି ଦୁର୍ଘଟଣା ନିମନ୍ତେ ପ୍ରସ୍ତୁତ —
3. Prepared or ready for any emergency.
ଦେ. ବି — ସତର୍କତା — Alertness; watchfulness; being in readiness for any emergency.

ଛକାଛକି — ଦେ. ବିଣ. ବି — ଛକାଛକ (ଦେଖ)
Chhakāchhaki Chhakāchhaka (See)
ବି — ଅନେକଗୁଡ଼ାଏ ଛକ ଆଙ୍କିବା କର୍ମ —
Act of drawing many crosses.

ଛକାଠି — ଦେ. ବି. (ଦେହର ପ୍ରତି ପାଖରେ ଏଥିର ସଂଖ୍ୟା ଛଅ ଥିବାରୁ) — ପଞ୍ଜରା ହାଡ଼ — The ribs.
Chhakāṭhi
পাঁজরা
पसली
କେଉଁ ଲୋକର ଚାଣ୍ଡେ ଯାଏ ଫୁଟି
ଭାଙ୍ଗି ପକାଏ କାହାର ଛକାଠି — ବ୍ରଜନାଥ. ସମରତରଙ୍ଗ ।

ଛକା ଦେବା — ଦେ. କ୍ରି — ତାସଖେଳରେ ସବୁ ପିଠିର ତାସଯାକ (ଏକ
Chhakā debā ପକ୍ଷ) ନେବା ଓ ଅପର ପକ୍ଷକୁ ପିଠିଏ ମାତ୍ର
ছকাকরা ତାସ ନେବାର ସୁଯୋଗ ନ ଦେବା —
ଛକା କରିବା
ଛକା ଧରିବା } ଅନ୍ୟରୂପ
ଛକା ବସାଇବା
To win all the cards in a game of cards without allowing of the opposite party to win the cards of any turn.
[ଦ୍ର — ଯେଉଁ ପକ୍ଷ ଆଦୌ ତାସ ଜିଣି ନ ପାରେ ତା ବିରୁଦ୍ଧରେ ଜିଣିବା ପକ୍ଷ ଗୋଟିଏ ଛଟିପଯୁକ୍ତ ତାସ ସ୍ଥାପନ କରେ ।]

ଛକାପଞ୍ଝା — ଦେ. ବି — ୧ । ଚାତୁର୍ଯ୍ୟ —
Chhakāpañjhā 1. Cleverness.
ছকাপাঞ্জা ୨ । ଡାକତରକ; ସତର୍କତା —
छक्कापञ्जा 2. Alterness.
ଛକାପଞ୍ଜା
ଛକାପଞ୍ଜା } ଅନ୍ୟରୂପ
ଛକ୍କାପଞ୍ଜା
୩ । ପେଁଚପାଚ; ଦାଉଁପେଚ —
3. Tortuous devices; write; tricks.
୪ । ଗଞ୍ଜପା ଖେଳର ୬ ବା ୫ ଟିପ ଥିବା ପାର —
4. Cards having six or five tips on Gañjapā cards.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଏକ ପ୍ରକାର କଉଡ଼ିଖେଳ; କସିପାଞ୍ଜି ଖେଳ—
5. A kind of indoor games in Kaurdis.

୬ । ମନୋହର ପଦବିକ୍ଷେପ ସହିତ ଏକ ପ୍ରକାର ନୃତ୍ୟ—
6. A sort of dancing with dexterous steps.

ଦେ. ବିଣ—ଚିକ୍ ସତର୍କ (ବ୍ୟକ୍ତି)—
Dexterous; cautious.

ଛକି—ଦେ. ବି. (ଚଉକ; ଚଉପଥ)—୧ । ଚଉପଥ—
Chhaki 1. Meeting of cross road.

୨ । ଦୁଇ ରେଖା ପରସ୍ପରକୁ କାଟିବାର ଚିହ୍ନ; ଯୁକ୍ତ ଚିହ୍ନ—
2. Cross-mark.

୩ । ପ୍ରହାର ଚିହ୍ନ—3. Marks of beating.

୪ । ଆକ୍ରମଣ କରିବାପାଇଁ ଶିକାରକୁ ଜଗିବା—
4. Ambush; lying in wait for prey.

ଛକିଛାକି—ଦେ. କି. ବିଣ—୧ । ଅତି ସତର୍କତା ସହିତ—
Chhakichhāki 1. Very cautiously.

୨ । ଲୁକ୍କାୟିତ ଭାବରେ—2. Stealthily.

୩ । କୌଶଳକ୍ରମେ—3. Cunningly.

[ଦ୍ର—ଛକିବା କ୍ରିୟା ସଙ୍ଗେ ଧ୍ୱନ୍ୟନୁକାରୀ କ୍ରିୟା ଯୁକ୍ତ ହୋଇ ଛକିଛାକିବା ଶବ୍ଦ ନିଷ୍ପନ୍ନ ହେଲା, କିନ୍ତୁ ଛକିଛାକିବା କ୍ରିୟାର ସମାପିକା ରୂପ ସ୍ୱତନ୍ତ୍ର ବ୍ୟବହାର ନ ଥାଇ ଅସମାପିକା ରୂପରେ କି. ବିଣ ଅର୍ଥରେ 'ଛକିଛାକି' ବ୍ୟବହୃତ ହୁଏ, ତୁଳନା କର ପୋଛିପାଛି=ନିଃଶେଷ କରି ଦେଖିଦାଖି=ଉତ୍ତମରୂପେ ନିରୀକ୍ଷଣପୂର୍ବକ ।]

ଛକିବା—ଦେ. କି—୧ । ଛକରେ ଜଗିବା—
Chhakibā 1. To lie in wait or watch at cross roads.
ছপটিমেরেবসা,
ওতপাতা, তাককরা ୨ । ଜଗିବା—2. To watch.
झाँबमेरहना ୩ । ଯୁକ୍ତ ବା ଗୁଣିତ ଚିହ୍ନର ଦାଗ ଅଙ୍କିତ କରିବା; ଛକ କାଟିବା—3. To mark with a cross; to draw a cross.

୪ । କୌଣସି ଲେଖା ଉପରେ ଛକ ଦେଇ କାଟି ଦେବା—
4. To cross out or score though some written matter.

୫ । ଶତ୍ରୁକୁ ବା ଶିକାରକୁ ଆକ୍ରମଣ କରିବା କାମରେ ଲୁଚି କରି ଜଗି ରହିବା—5. To wait stealthily to attack an enemy or a prey; to lie in ambush

ସାକ୍ଷାତ ଅନଙ୍ଗ ପ୍ରତ୍ୟେ ନୃଷ୍ଟ କଷ୍ଟ
ଛକି ଅନଙ୍ଗ କି ନାବଇ ଦୁର୍ଜିଷ୍ଟ । ରାଧାନାଥ, ନନ୍ଦିକେଶ୍ୱରୀ ।

୬ । ତାତିଲା ଲୁହାରେ ଦେହରେ ଏକାଧିକ ଦାଗ କରିବା—
6. To mark the body with red-hot iron.

୭ । ଦେହରେ ପ୍ରହାରଦ୍ୱାରା ଦାଗ କରିବା—
7. To leave marks on the body of caning or beating.

୮ । କଉଡ଼ି ବା ପଶାଖେଳରେ କଉଡ଼ି ବା ପଶାକାଠିରେ ଅଭିପ୍ରେତ ଦାଉ ପଡ଼ିବା ଉଦ୍ଦେଶ୍ୟରେ କଉଡ଼ି ବା ପଶା କାଠିକୁ ହାତରେ କୌଶଳପୂର୍ବକ ଗଣ୍ଡି କରି ଧରିବା-
8. To hold the Kaurdis or dice inside the fist so as to bring out the desired throw.

[ଦ୍ର—ଛକି କରି କଉଡ଼ି ବା ପଶାକାଠିକୁ ଧରି ଦାଉ ପକାଇବା ଅନ୍ୟାୟ ବୋଲି ବିବେଚିତ ।]

ଛକୋଣି—ଦେ. ବିଣ. (ସଂ. ଷଟ୍+କୋଣ)—ଛଅକୋଣବିଶିଷ୍ଟ
Chhakoṇi (କ୍ଷେତ୍ର)—Hexagonal (figure).
ছয়কোনা ଦେ. ବିଣ.—ଛଅକୋଣିଆବିଶିଷ୍ଟ କ୍ଷେତ୍ର—
छकोनिया Hexagon.
(ଛକୋଣିଆଁ—ଅନ୍ୟରୂପ)

ଛକ୍କା (ଇତ୍ୟାଦି)—ଦେ. ବି.—ଛକା ଇତ୍ୟାଦି (ଦେଖ)
Chhakkā etc. Chhakā etc (See)

ଛକ୍କା ବସିବା—ଦେ. ବି.—ତାସ୍ ଖେଳରେ ପିଠିଏ ତାସ ସୁଦ୍ଧା ଜିଣି ନ
Chhakkā basibā ଥିବା ପକ୍ଷ ବିରୁଦ୍ଧରେ ଗଣ୍ଡେ 'ଛକ୍କା' ତାସ୍
ছক্কাবসা ଲଗାଯିବା—The putting of a card against the party who does not win even one set of cards during a game of cards.

(ଯଥା—ଆଜି ତାର ଉପରେ ତିନି ଥର ଛକ୍କା ବସିଲା ।)

ଛଖଣ୍ଡି—ଦେ. ବିଣ. (ସଂ. ଷଟ୍+ଖଣ୍ଡ)—୧ । ଛଅଖଣ୍ଡ କାଠରେ ପ୍ରସ୍ତୁତ--
Chhakhaṇḍa 1. Made with six pieces of sticks.
ছয়খানা ୨ । ଛଅ ସଂଖ୍ୟକ—2. Consisting of 6 pieces;
छहो, छठ six pieces of.
খাটিয়া ଦେ. ବି.—କୋକେଇ; ଶ୍ମଶାନକୁ ଶବବହନାର୍ଥ ମଞ୍ଚା
अरथी, टिखटी (ନିଶୁଣି ପରି)—1. A ladder-like stretcher (prepared by thing four sticks crosswise on two longer sticks) for carrying the dead body to the cremation ground; bier.

୨ । ଛଅ ସଂଖ୍ୟକ ଖଣ୍ଡ—2. Six pieces or bits.

ଛଖଣ୍ଡି—ଦେ. ବିଣ. ଓ ବି.—ଛଖଣ୍ଡ (ଦେଖ)
Chhakhaṇḍi Chhakhaṇḍa (See)
ছয়খানি କୁଇଁ ବେ ନାହିଁ ତୋତେ ବୋଲିବେ ମଡ଼ା,
छटुकरा ଛଖଣ୍ଡି କାଠ ହେବ ତୋ ପାଇଁ ଲେଡ଼ା । ମନବୋଧ. ଚଉତିଶା ।

ଛଗ (ଧାତୁ)—ସଂ. ଛେଦନ କରିବା—
Chhaga (root) To cut.

୧	ଇ	ଉ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଖ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଓ୍ୱ	ନ୍ଦ

ଛଗ—ସଂ. ବି. (ଛଗ ଧାତୁ+କର୍ମ. ଅ; ବମ୍ୱା ଛେ ଧାତୁ=ଛେଦନ
Chhaga କରିବା+କର୍ମ. କ; କ ସ୍ଥାନରେ ଗ ଆଦେଶ; ଯାହାକୁ
(ଛଗୀ—ସ୍ତ୍ରୀ) ବଳି ବା ଖାଦ୍ୟାର୍ଥ ଛେଦନ କରାଯାଏ)—ଛାଗଳ;
ছেল—Goat.

ଛଗଣ—ସଂ. ବି.—(ବଷ୍ଠୀ ତତ୍ପୁ; ଛ=ଶଣ୍ଡ+ଗଣ=ସମୂହ)—ଘଷି—
Chhagaṇa Dried cake of cowdung (used as fuel).

ଛଗଳ—ସଂ. ବି. ପୁଂ. (ଛେ ଧାତୁ=ଛେଦନ କରିବା+କର୍ମ. କଳ;
Chhagaḷa ନିପାତନ)—୧ । ଛାଗ; ছেল—1. He goat.
(ଛଗଳୀ—ସ୍ତ୍ରୀ) ୨ । ଅତ୍ରିମୁନି—2. Sage Atri.
୩ । ଏକପ୍ରକାର ନୀଳବର୍ଣ୍ଣ ବସ୍ତ୍ର—
3. A sort of blue cloth.

ଛଗଳକ—ସଂ. ବି. ପୁଂ. (ଛଗଳ+ସ୍ୱାର୍ଥେ. କ)—ଛଗଳ (ଦେଖ)
Chhagaḷaka Chhagaḷa (See)

ଛଙ୍କା—ଦେ. ବି. (ସଂ. ସ୍ଖଳନ)—୧ । ଛାଙ୍କିବା; ଛାଣିବା—
Chhaṅkā 1. Straining; sifting (through a sieve.)
ছাঁকা ୨ । ଘିଅରେ ପୂର ଅଧ ଛାଣିବା—2. Frying in a
তলনা large quantity of ghee.
তলাহুআ ଦେ. ବିଣ.—୧ । ଛଣା ହୋଇଥିବା—1. Sifted.
୨ । ନିର୍ମଳ—2. Cleansed.
୩ । ବିଶୁଦ୍ଧ—3. Purified.
୪ । ଘିଅରେ ବା ତେଲରେ ଛଣା ହୋଇଥିବା—
4. Fried in ghee or oil.
୫ । ବଛା ହୋଇଥିବା—5. Selected.

ଛଙ୍କାଇବା—ଦେ. କ୍ରି—ଛାଙ୍କିବାର ଣିଜନ୍ତ ରୂପ—Causative form
Chhaṅkāiba of chhaṅkiba.
ছাঁকান
ছাঁকানো
(ଛଙ୍କେଇବା—ଅନ୍ୟରୂପ)

ଛଙ୍କା ଛଙ୍କା—ଦେ. ବିଣ.—୧ । ବଛା ବଛା ବହୁ ଲୋକଙ୍କ ମଧ୍ୟରୁ ଗୁଣ
Chhaṅkā chhaṅkā ଯୋଗୁଁ ବଛା ହୋଇଥିବା—1. The
বাছা বাছা selected and fittest few.
চুনিঁদা ୨ । ସର୍ବୋତ୍କୃଷ୍ଟ—2. Excellent.

ଛଙ୍କାଛଙ୍କି—ଦେ. ବି.—୧ । ଉତ୍ତମରୂପେ ଛଣା ହେବା—
Chhaṅkāchhaṅki 1. Careful sifting.
ছাঁকাছাঁকি ୨ । ଉତ୍ତମରୂପେ ତଦାରଖ—
তল্লাস্তালি, তলাতালি 2. A thorough enquiry.

ଛଙ୍କା ତରକାରୀ—ଦେ. ବି.—ପ୍ରଥମେ ପ୍ରଚୁର ଘିଅ ବା ତେଲରେ ନାନା
Chhaṅkā tarakāri ଜାତୀୟ ପରିବା ଛଙ୍କା ହେବା ପରେ
ছাকাতরকারী, ছক্কা ତହିଁରେ ମସଲାପାଣି ମିଶାଯାଇ ପ୍ରସ୍ତୁତ ହେବା
তলাহুআ তরকারী ପରିବା ତରକାରୀ—Curry made of
(ଛଙ୍କା ତିଅଣ—ଅନ୍ୟରୂପ) various kinds chopped
vegetables first fried in sufficient oil or
ghee and then cooked with spices.
[ଦ୍ର—ଘୃତପକ୍ୱ ଛଙ୍କା ତରକାରୀ ନିଶଙ୍ଗୁଳି ବୋଲି ଧରାଯାଏ ।]

ଛଙ୍କା ମଣ୍ଡା—ପ୍ରାଦେ. (ସିଂହଭୂମ) ବି.—ନାନମାନ (ଦେଖ)
Chhaṅkā maṇḍā Nānamāna (See)

ଛଙ୍କା ମାଲ—ଦେ. ବି—୧ । ଘିଅରେ ଛଣା ହୋଇଥିବା ଟଟକା ଖାଦ୍ୟ
Chhaṅkā māla ପଦାର୍ଥ—1. Fresh eatables fried in
ছাকামাল ghee.
চুনিদামাল ୨ । ଉତ୍କୃଷ୍ଟ ପଦାର୍ଥ—2. Excellent thing.

ଛଚା—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ. (ସଂ. ସତ୍—ଭୁ. ହି. ସଚା)—
Chhachā ୧ । ସତ୍‌ସ୍ୱଭାବଯୁକ୍ତ—
ভাল মানুষ 1. Honest.
সাচ্চা ୨ । ସତୀ—2. Chaste.
(ଛଚେଇ—ସ୍ତ୍ରୀ) ୩ । ସତ୍ୟବାଦୀ—3. Truthful.
୪ । ବିଶ୍ୱାସୀ—4. Faithful; trustworthy.
୫ । ଉତ୍ତମ; ଉତ୍କୃଷ୍ଟ—5. Excellent.
୬ । ନିର୍ଦ୍ଦୋଷ—6. Innocent.

ଛଚାପଣ—ଗ୍ରା. ବି. (ସଂ. ସତ୍)—୧ । ସତ୍‌ସ୍ୱଭାବ—
Chhachāpaṇa 1. Honesty.
(ଛଚାପଣିଆ—ଅନ୍ୟରୂପ) ୨ । ସତୀତ୍ୱ—2. Chastity.
ভালমানুষী ୩ । ସତ୍ୟବାଦିତା—
সাচ্চাই; সাচ্চাপন 3. Truthfulness.
୪ । ବିଶ୍ୱାସୀପଣିଆ—
4. Fidelity; trustworthiness; faithfulness.
୫ । ନିର୍ଦ୍ଦୋଷତା—5. Innocence.

ଛଚିତ—ଦେ. ବି—ଛଅ ଚିତ (ଦେଖ)
Chhachita Chhaa chita (See)
(ଛଚିତ୍ତ—ଅନ୍ୟରୂପ)

ଛଚିନା—ଦେ. ବି—୧ । (ସଂ. ସପ୍ତବର୍ଣ୍ଣ)—ଛତିଅନା ଗଛ; ଜଗଦ୍ୱର
Chhachinā ବର୍ଗର ଶୀଘ୍ର ବୃହତ୍ ତରୁବିଶେଷ—
ସଂ. ପର୍ଯ୍ୟାୟ—ସପ୍ତପର୍ଣ୍ଣ; 1. A wild tree, Alstonia
ସପ୍ତଚ୍ଛଦ; ସପ୍ତପତ୍ର; ବିଶାଳତ୍ୱକ୍; Schoearis; Schetes.
ଶାରଦ; ଶାରଦୀ; ବିଷମଚ୍ଛଦ, [ଦ୍ର—ଏହାର ଗଣ୍ଠିକି ଗଣ୍ଠି
ମଦଗନ୍ଧ; ଗୁଚ୍ଛପୁଷ୍ପ । ୭ଟି ବା ୫ ଶାଖା ବାହାରିଥାଏ
ছাতিম; ছাতিন্ ବୋଲି ଏହି ନାମ । ଏ ଗଛର ପତ୍ର
ছাতিয়ান; সাতানা; ছতিবন ମିଳିମିଳି ଗଛର ପଦ ପଦ । ଫୁଲ ଧଳ
ହି. ସାତବଣା ଚିକ୍କଣ । ଶରତ୍‌କାଳରେ ଏ
ତେ. ଏଡ଼ାକୁଲା; ଅଗଠାକୁ ଗଛରେ ଫୁଲ ଧରେ; ଫୁଲରେ ହସ୍ତି-
ମଦର ଗନ୍ଧ ଥାଏ । ଏହା କଷାୟ ତିକ୍ତରସ, ଉଷ୍ଣବୀର୍ଯ୍ୟ, ସ୍ନିଗ୍ଧ,
ଧାରକ, ଅଗ୍ନିବର୍ଦ୍ଧକ, ତ୍ରିଦୋଷନାଶକ ଏବଂ ବ୍ରଣ, ରକ୍ତ, କୃମି,

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଶ୍ୱାସ ଓ ଗୁଲ୍ମରୋଗରେ ଉପକାରୀ, ରସାୟନ, ବଳକାରକ । ଏହାର ଗ୍ଲନର ଅର୍କ କ୍ୱିନାଇନ୍ ଭଳି ଜ୍ୱରନାଶକ, ଛଚିଅନା ଗଛର କ୍ଷୀର ଲେପନ କଲେ ଦୁଷ୍ଟ ବ୍ରଣ ଶାନ୍ତ ହୁଏ ।]

୨ । (ସଂ. ଷଟ୍ ଓ ଚଣକ) ୬ ଚଣା ପରିମିତ ଓଜନ— 2. Weight of 6 chinās or less than a grain.

୩ । ଛଚିନ୍ଦା—3. Chhachindā (See)

ପ୍ରାଦେ. (ଗଡ଼ଜାତ) ବି—ଏକପ୍ରକାର ବଡ଼ ଝଙ୍କା ଗଛ— A kind of tree.

[ଦ୍ର—ଏହାର ଛୁଇଁ ଲମ୍ବ, ସରୁ ଓ ଏକହାତ ବା ତହିଁରୁ ଅଧିକ ଲମ୍ବ ।]

Hindi/Bengali: চিচিঙ্গে (Beng.)

ଛଚନ୍ଦା—ଦେ. ବି. (ସଂ. ଚିଚଣ୍ଡ, ଡଣ୍ଡ଼)—
Chhachindā ଏକପ୍ରକାର ସର୍ପାକୃତି ଖାଦ୍ୟ ଲତାଫଳ—
চিচিঙ্গা; চিচিঙ্গে Snake-gourd; Trichosanthes
चिचँड़ा; चचैन्‍्या Anguina.
(ଛଚନ୍ଦା—ଅନ୍ୟରୂପ)

ଛଚିନ୍ଦୀ—ଦେ. ବି. (ସଂ. ଚଚଣ୍ଡ)—କୁଷ୍ମାଣ୍ଡାଦି ବର୍ଗର ଉଦ୍ୟାନଜାତ
Chhachindi ଏକପ୍ରକାର ଲତାଜାତ ସର୍ପାକୃତି
ସଂ. ନାମ; ଚଚଣ୍ଡ, ଶ୍ୱେତରାଜ ଖାଦ୍ୟଫଳ—Snake gourd;
ସୁଗାର୍ଦ୍ଧ; ଗୃହକୁଳକ Jricosonthes Anguina.
চিচিঙ্গা: চিচিঙ্গে; হোপা [ଦ୍ର—ଏହା ବାତପିତ୍ତନାଶକ,
चँचँड़ा; चिचेन्ड़ा, चचैंधा ବଳକାରକ ପଥ୍ୟ ଓ ରୁଚିପ୍ରଦ;
ମ. ଟରକାକଡ଼ୀ ଏହା ଶୋଷ ରୋଗୀ ପକ୍ଷେ ହିତକର ।
ଗୁ. ପଣ୍ଡୋଲୀଂ ଏହା ପଟୋଳ ଅପେକ୍ଷା ଅଳ୍ପ
ତେ. ପୋଟଲ୍‌କାୟୀ ଗୁଣଯୁକ୍ତ ।]
ଆ. ଝିକା
(ଛଚୁନା; ଛଚନା; ଛଚନ୍ଦ୍ରା—ଅନ୍ୟରୂପ)

ଛଚନ୍ଦ୍ର—ଗ୍ରା. ବିଣ. (ସଂ. ଶଚୀନ୍ଦ୍ର; ଇନ୍ଦ୍ରଙ୍କ ସଙ୍ଗେ ତୁଳନା)—
Chhachindra ୧ । ବିଦ୍ୟା ପଢ଼ିବା ବିଷୟରେ ମନୋଯୋଗୀ ବା
(ଛଚନ୍ଦ୍ର—ଅନ୍ୟରୂପ) ବାହାଦୁର—1. Attentive to one's studies; diligent in one's studies.

ଛଚନ୍ଦ୍ର ରେ ବାବୁ ଭୟ ନ କର
ଛଚନ୍ଦ୍ର ହୋଇ ବଦ୍ୟା ପଢିବାର । ହରଦାସ. ଯଶୋଦାଙ୍କ ଉକ୍ତି ଗୀତ ।

୨ । ଉତ୍କୃଷ୍ଟ—2. Excellent.

ଛଚନ୍ଦ୍ର କଥା ଏ ଶ୍ରୀ ଭାଗବତ
ଶମେ ହରଦାସ ଗାଇଲେ ଗୀତ । ହରଦାସ. ଯଶୋଦାଙ୍କ ଉକ୍ତି ଗୀତ ।

ଛଚେଇ—ଗ୍ରା. ବିଣ. ସ୍ତ୍ରୀ (ସଂ. ସତ୍)—୧ । ସତୀ—
Chhachei 1. Chaste.
সতীপনা ୨ । ବିଶ୍ୱାସୀ—2. Faithful.
सच्ची ୩ । ସତ୍ୟବାଦିନୀ—3. Truthful.
(ଛଚେଇ—ଅନ୍ୟରୂପ) ୪ । ସତ୍‌ସ୍ୱଭାବଯୁକ୍ତ—4. Honest.

ଛଚା (ଇତ୍ୟାଦି)—ଦେ. ବିଣ (ସଂ. ସତ୍)—ଛଚ୍ଚା ଇତ୍ୟାଦି (ଦେଖ)
Chhachchā (etc) Chhachā etc (See).

ଛଚ୍ଛନ୍ଦ—ଗ୍ରା. ବିଣ—ସ୍ୱଚ୍ଛନ୍ଦ—
Chhachchhanda Convenient.
সচ্ছন্দ ଗ୍ରା. କ୍ରି. ବିଣ—ସ୍ୱଚ୍ଛନ୍ଦରେ—
सच्छन्द Without trouble.
(ଛଚ୍ଛନ୍ଦ—ଅନ୍ୟରୂପ)

ଛଚ୍ଛିକା—ସଂ. ବି—ଘୋଳଦହି (ହି. ଘଉଷାଗର)—
Chhachchhikā Churned butter-milk; whey.

ଛଚ୍ଛାନ୍—ପ୍ରାଦେ (ସମ୍ବଲପୁର) ବି—ଛଞ୍ଚାଣ ପକ୍ଷୀ—
Chhachhān Hawk.

ଛଞ୍ଚା—ଦେ, ବି—୧ । (ସଂ. ଶୌଚ)—ମଳ ଶୌଚକରିବା; ଛଅଞ୍ଚିବା—
Chhañchā 1. Washing of the anus after easing.
ছোঁচা ୨ । (ସଂ. ସଞ୍ଚ)—ଛଞ୍ଚ (ଦେଖ)
शौंचा 2. Chhañcha (See).
ছাঁচ ୩ । (ସଂ. ସଞ୍ଚୟ)—ସଞ୍ଚୟ—
साँचा 3. Hoarding; saving for future.
সঞ্চয় ୪ । କୃପଣତା—4. Niggardliness.
सँच
দাগ ୫ । (ସଂ. ସଞ୍ଚ=ଲେଖିବାର କାଳ) ଦେହରେ ଅଳଙ୍କାରର
छापा ଚାପଜନିତ ଦାଗ—5. Mark left on the body by pressure of ornaments.
ভালমানুষী ଗ୍ରା—୧ । (ସଂ. ସତ୍) ସତ୍ୟବତ୍ତା—
सच्चाई 1. Truthfulness.
୨ । ସତ୍‌ପଣ—2. Honesty.
୩ । ସତୀପଣ—3. Chastity.
সিধা ୪ । ଅଭ୍ୟାଗତ ଭଦ୍ରଲୋକଙ୍କୁ ଦିଆଯିବା ରନ୍ଧା ହୋଇ ନ ଥିବା
डालि ଖାଦ୍ୟୋପକରଣ; ସିଧା; ସଞ୍ଚା—
4. Victuals presented to a guest for cooking his food.

ପ୍ରାଦେ (ସମ୍ବଲପୁର) ବି—ଓଳିଆ ବା ପୁଡ଼ୁଗ ବାନ୍ଧିବା ଦଉଡ଼ି—
A string or rope for tying a rolled bundle of strand for storing grains.

ଦେ. ବିଣ. ପୁଂ (ସଂ. ସଞ୍ଚୟ)—୧ । କୃପଣ—
(ଛଞ୍ଚୀ—ସ୍ତ୍ରୀ) 1. Niggardly; close fisted.
୨ । ଯେ ସବୁ ପଦାର୍ଥକୁ ଭବିଷ୍ୟତ୍ ପାଇଁ ସଞ୍ଚୟକରି ରଖେ—
2. One who stores things for future use.
୩ । ସଞ୍ଚିତ, ଗଚ୍ଛିତ—3. Stored; hoarded.

ଗ୍ରା. ବିଣ. ସ୍ତ୍ରୀ (ସଂ. ସତୀ)—ସତୀ—Chaste.

ଛଞ୍ଚାଇବା—ଦେ. କ୍ରି—ଛଅଁଞ୍ଚିବାର ଣିଜନ୍ତରୂପ—
Chhañchāibā Causative form of chhaañchibā.
ছোঁচান
शौंचना
সংচান ଗ୍ରା. କ୍ରି—ଛଞ୍ଚିବାର ଣିଜନ୍ତ ରୂପ—
सँचाना Causative form of chhañchibā.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଘ	ଜ	ଶ,ଷ	କ୍ଷ	ଇପ୍ଟ	ଉଅ	ଢ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ଢ଼

ଛଞ୍ଚାଣ—ଦେ. ବି. (ସ. ସଞ୍ଚାନ; ଶଶାଦନ; ଶ୍ୟେନ)—
Chhañchāṇa ବାଜପକ୍ଷୀ; ସଞ୍ଚାଣ—Hawk; falcon
ছঞ্চাণ, বাজপাখী [ଦ୍ର—ସଞ୍ଚାଣ ପ୍ରସବକାଳୀୟ ପକ୍ଷୀବିଶେଷ ।
शिकरा,सचान ଏହାର ଦେହର ରଙ୍ଗ ମାଟିଆ, ଲମ୍ବରେ ପ୍ରାୟ ଦେଢ଼ ଫୁଟ; ଏ ଅନ୍ୟ ପକ୍ଷୀଙ୍କୁ ଶିକାର କରେ । ଅନ୍ୟ ପକ୍ଷୀଙ୍କୁ ଶିକାର କରିବାପାଇଁ ଲୋକେ ଛଞ୍ଚାଣ ପୋଷନ୍ତି ।]

ଛଞ୍ଚି—ଦେ. ବି. (ସ. ଛଦ୍ ଧାତୁ)—ଘରର କନ୍ଥ ପ୍ରାନ୍ତ; ଛାଚ; ଓଳି—
Chhañchi The eaves of a thatch; the lower end
ছাঁচ, ছাঁচা, তাকায় ছঞ্চা of a thatch.
बलति
ମ. ବଳଚଣୀ

ଛଞ୍ଚିତଳ—ଦେ. ବି—ଓଳିତଳ; ଛଞ୍ଚିର ନିମ୍ନସ୍ଥ ଭୂମି—
Chhañchitaḷa The ground just below the eaves
ছাঁচতলা of a thatch.

ଛଞ୍ଚିବା—ପ୍ରା. କ୍ରି (ସ. ସଞ୍ଚୟ)—
Chhañchibā ୧ । ସଞ୍ଚୟ କରିବା; ଧନାଦି ଜମାଇବା—
সংচিতকরা, জমান 1. To hoard or store for
जमाना future.

ସ୍ତ୍ରୀମା ଥିଲ ଜୀବନସାକ ଛଞ୍ଚି ଛଞ୍ଚି ବେକରେ ଗୋଟାଏ ସୁନାମାଳ
ଲଗାଇଥିଲ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । (ସ. ଶୌଚ)—ଛଅଁଚିବା (ଦେଖ)
2. Chhaañchibā (See)

ଛଟ—ଦେ. ବି (ସ. ଷଷ୍ଠ, ପ୍ରା. ଛଟ୍ଠ)—କାର୍ତ୍ତିକ ଶୁକ୍ଳ ଷଷ୍ଠୀ ତିଥିରେ
Chhaṭ ଅନୁଷ୍ଠିତ ହେବା ବିହାରୀମାନଙ୍କ ପର୍ବ—A festivity
ছট observed by the Biharis on the 6th day
छठ of the bright fortnight of the month of Kārttika.

ଛଟ୍‌କିନା—ଦେ. ଅ—ଛଟାତ୍‌କିନା (ଦେଖ)
Chhaṭkinā Chhaṭātkinā (See)
ଛଟ୍‌କିନି
ଛଟ୍‌କିର } ଅନ୍ୟରୂପ
ଛଟ୍‌ଦିନ୍

ଛଟ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ, ହୁ. ଛଟ୍‌କନା)—
Chhaṭkibā ୧ । ଖସିଯିବା—1. To slip out; to slip away.
ଛଟକାଇବା } ଅନ୍ୟରୂପ (ଯଥା—ଶିଳ (ଖଗଡ଼ତଳ)ରୁ ଭାରୁ
ଛଟକେଇବା (ହାଲ) ଛଟ୍‌କଗଲା ।)

୨ । ଛଟ୍‌ପଟ୍ ହେବା—2. To be restless.

ଛଟ୍‌କୁଛେ (ମୋର)—ପ୍ରାଦେ. (ସମ୍ବଲପୁର)—
Chhaṭkuchhe ୧ । (ବ୍ୟଙ୍ଗ ଓ ଅନାଦରବ୍ୟଞ୍ଜକ; ଯଥା—
ମୋର କ ଛଟ୍‌କୁଛେ) ମୋର ଏଥିପାଇଁ ଯାଏ କେତେ
ଅଛେ କେତେ—1. I do not care for or worry about it.

୨ । (ମୁଁ) ବ୍ୟସ୍ତରେ ପଡ଼ୁଛି, ବ୍ୟସ୍ତ ରହୁଛି—
2. (I) Feel restless or bothered.

ଛଟ୍‌ନା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ଛିଟ୍‌ନା (ଦେଖ)
Chhaṭnā Chhiṭnā (See)

ଛଟକ—ଦେ. ବି. (ସ. ଛଟା)—୧ । ସୌନ୍ଦର୍ଯ୍ୟ —
Chhaṭaka 1. Beauty; grace.
ছটক; চটক ୨ । ଶୋଭା—2. Splendour.
छटक, चोचला ପ୍ରବେଶ ହୋଇଲେ ଯାଇଁ ଅଯୋଧ୍ୟା କଟକେ
ଶଙ୍କଇ ଭୁବନ ପ୍ରାୟ ଜଣଇ ଛଟକେ—ବଳ୍ପନାଥ. ବଡ଼ଦାସମାପୂର୍ଣ ।

୩ । ଢଙ୍ଗ—3. Manner.
୪ । ଭଙ୍ଗୀ—4. Winsome deportments; arts.
୫ । ମନୋହର ନେତ୍ରଭଙ୍ଗୀ—5 Charming glance.
୬ । ଅକ୍ଷି ପିଞ୍ଜୁଳିବା; ନେତ୍ରଭଙ୍ଗୀ; ପଲକ—
6. Glance; tinkling of the eye.
୭ । ଛଳ; ଚତୁରତା—7. Trick
ଛଟକେ ଉପୁଜଇ ଅହାର—ଉପାନାଥ. ଯପାତ ।
୮ । ରସିକତା—8. Gallantry.

ଦେ. ବିଣ—୧ । ଶୋଭାଯୁକ୍ତ—
1. Beautiful; charming.
ଦେଖିବା ଢଙ୍ଗର କଟକ, କେ,ତ୍ରେ ବଗର ଛଟକ—
ଜଗନ୍ନାଥ. ଭାଗବତ ।

୨ । ଭଙ୍ଗୀବିଶିଷ୍ଟ—
2. With winsome deportments.
କଟକେ ଛଟକନାରୀ, ଅଛନ୍ତି ନାନା ଚତୁରୀ—
ସଦାଚ—ଶଚିସେଣୀ ।

ଛଟକଚାହାଣି—ଦେ. ବି—୧ । ନେତ୍ରଭଙ୍ଗୀ; ଭ୍ରୂଭଙ୍ଗୀ; ବାଙ୍କଚାହାଣୀ—
Chhaṭakachāhāṇi 1. Sidelong glance
চটুলচাউনী ୨ । ବିଳାସ ନେତ୍ରଭଙ୍ଗୀ—
चोचला 2. Amorous glance.

ଛଟକମାତ୍ରକେ—ଦେ. କ୍ରି. ବିଣ—୧ । ଅତି ଅଳ୍ପ ସମୟରେ—
Chhaṭakamātrake 1. In a very short time.
পলকমাত্রে ୨ । ମୁହୂର୍ତ୍ତିକେ—2. At a moment.
୩ । ଏକା ପିଞ୍ଜୁଳାକେ—
3. At one glance; in a twinkling of the eye.

ଛଟକରେ—ଦେ. କ୍ରି. ବିଣ—ଛଟକମାତ୍ରକେ (ଦେଖ)
Chhaṭakare Chhaṭakamātrake (See)

ଛଟକଣୀ—ଦେ. ବି. ସ୍ତ୍ରୀ. (ସ. ଛଟା)—ଛଟକ ଦେଖାଉଥିବା; ଚତୁରୀ
Chhaṭakiṇī (ସ୍ତ୍ରୀ)—Coquette; a lady with graceful glance.
ছেনাল
चोचलहाई ଅଟକିବ ଜାଣିଥିଲ ଛଟକଣୀ ସଜଣୀ ବୋଇଲ ହସି—
ଉପାନାଥ. ଲବଣୀ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ତେଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଛଟକିବା—ଦେ. କ୍ରି—୧ । (ଅସ୍ଥି, ମୁଣ୍ଡ) ବଥିବା; ଛଟ୍‌କିବା—
Chhaṭakibā — 1. To ache.
ব্যথাকরা (ଯଥା—ମୋ ଅସ୍ଥି ଛଟ୍‌କୁଛି ।)
टीसना ୨ । ଛଟକିଯିବା (ଦେଖ)
2. Chhaṭakijibā (See)

ଛଟକିଯିବା—ଦେ. କ୍ରି—(କୌଣସି ପଦାର୍ଥରୁ କୌଣସି ଅଂଶ) ହଠାତ୍
Chhaṭakijibā ଦ୍ରୁତବେଗରେ ବାହାରିଯିବା, ଛିଟିକି ଯିବା—
ছিটকে যাওয়া — To shoot forth.
छटकजाना, छिटकजाना

ଛଟଛଟ—ଦେ. ବଣ—ଅତ୍ୟନ୍ତ ଶାରୀରିକ କଷ୍ଟ ବା ଯନ୍ତ୍ରଣାରେ ଅଙ୍ଗ-
Chhaṭachhaṭa ବିକ୍ଷେପ କରିବା; ଛଲବଲ—Restless or
ছটপট struggling through extreme agony.
तड़प डाहट ଛଟଛଟ ହେଉ ଭୂମେ ଉତ୍ତାନ୍ଦ୍ରୀକା
ସାଳଙ୍କାର ହସ୍ତପାଦ, ସଶିରସ୍କ ଶିରଃ—ସାଧାନାଥ, ମହାଯାତ୍ରା ।

ଛଟଛଟକା—ପ୍ରାଦେ. (ସମ୍ବଲପୁର) ବ—ଉତ୍ସବ ସମୟରେ କାନ୍ଥରେ
Chhaṭachhaṭakā ଦିଆଯିବା ଚୂନ ବା ପିଠଉର ଫଟକା ଚିହ୍ନ--
Marks of lime or rice ground with water put on the wall by means of a brush or festive occasions.

ଛଟପଟ—ଦେ. ବ—ଅସ୍ଥିରତା—
Chhaṭapaṭa — Restlessness; agitation
ছটপট; ছটফট ୧ । ଅସ୍ଥିର; ଚଞ୍ଚଳ—
छटपटी 1. Restless; perturbed.
୨ । ବେଦନା ଯୋଗୁଁ ଅସ୍ଥିର—
तड़प, छटपट 2. Restless through pain.
ଛଲବଲ ଛଟପଟ ହୋଇ ଯାଉଛି ନପଟ ।
କବିସୂର୍ଯ୍ୟ, କଣୋପଦେଶ • କ ଗୀତ ।
୩ । ହତବୁଦ୍ଧ—3. Speechless.
୪ । ଇତସ୍ତତଃ ଶରୀର ଚାଳନ—
4. Moving the body from
୫ । ଛଲବଲ—5. Restless through pain.
୬ । ଜଞ୍ଜାଳ—6. Troubles.
ଏଇ ପେଟ, ଏଇ ପେଟ ପାଇଁ ଛଟପଟ—ଦଗ ।

ଛଟପଟିଆ—ଦେ. ବ—୧ । ଛଲବଲ; ଜାଲୁବାଲୁ—
Chhaṭapaṭiā 1. Anxiety; trouble; restlessness.
ছটপট ୨ । ଅସ୍ଥିରତା; ଅବକାଶହୀନତା—
छटपट 2. Want of leisure.
ଶୋଇଲେ ଦେହ ଛଟପଟିକୁ ଉଳଇ । କୃଷ୍ଣସିଂ. ମହାଭାରତ. ବନ ।
ଦେ. ବଣ—୧ । ଛଲବଲ—1. Anxious in trouble,
ছটপটে ୨ । ଅସ୍ଥିର—2. Restless; moving about.
तड़प; छटपटी
୩ । ଅବକାଶହୀନ —3. Having no leisure.

ଛଟପଟେଇବା—ଦେ. କ୍ରି. (ଛଟପଟରୁ ନାମ ଧାତୁ)—ଛଟପଟ ହେବା-
Chhaṭapaṭeibā To be restless; to be troubled.
ছটপটান
तड़पना, छटपटाना

ଛଟରପଟର (ଇତ୍ୟାଦି)—ଦେ. ବଣ—ଛଟପଟ ଇତ୍ୟାଦି (ଦେଖ)
Chhaṭarapaṭara (etc) Chhaṭapaṭa etc. (See)

ଛଟା—ସଂ. ବ. ସ୍ତ୍ରୀ. (ଛୋ ଧାତୁ=ଖଣ୍ଡି କରିବା + କର୍ତ୍ତୃ. ଅଟ
Chhaṭā + ସ୍ତ୍ରୀ. ଆ)—
୧ । ପ୍ରଭା; ଦୀପ୍ତି; ଆଲୋକ—
1. Glow; rediance; light; brightness.
୨ । ଭଙ୍ଗୀ; ଶୋଭା; ସୌନ୍ଦର୍ଯ୍ୟ; କାନ୍ତି—
2. Grace; beauty.
ଛଟା କାହା କହିବାର । କବିସୂର୍ଯ୍ୟ, କଣୋପଦେଶ, ଛ ଗୀତ ।
୩ । ସମୂହ—3. Collection.
୪ । ଆଲୋକରେଖା—4. Ray of light.
୫ । ପରମ୍ପରା—5. Succession.
୬ । ଢଙ୍ଗ; ରୂପ—6. Mode from.
ଏହି ସମୟରେ ସେ ଦ୍ରୁପଦଙ୍କ ବେଟା ।
ଧରିଲେ ମୃତ୍ୟୁଦେବଙ୍କର ଧର ଛଟା । କୃଷ୍ଣସିଂ. ମହାଭାରତ. ଦ୍ରୋଣ ।
ଦେ. ବ—୧ । ଅଭୁଆ କାର୍ଯ୍ୟ; ଗୋଳମାଳ—
ঝংঝাট 1 Complicated business.
୨ । ଧନ୍ଦା—2. Work requiring much labour.
छल ୩ । ଛଳ; ବାହାନା—3. Feigning.
୪ । ଚତୁର୍ଯ୍ୟ; ଚତୁରତା—4. Trick-cunning.
୫ । ବଙ୍କା ବା କୁଟିଳ ଲିପି—5. Slant and confused script or character.
ছাটালেখা
ছাটা, ছিটা, ঝাড়া ୬ । ଛାଟିବା—6. Sprinkling; strewing.
छापा ୭ । ଧାନ ପ୍ରଭୃତି ଶସ୍ୟ କାଦୁଅ ଜମିରେ ବୁଣିବା—
बुना 7. Act of sowing corn-seeds on a clayey field.
୮ । ବାଳ କାଟିବା—
8. Cropping hair with scissors.
ছাঁটা ୯ । ଗଛର ଡାଳ କାଟିବା—9. Pruning.
छाँटना ୧୦ । ଛଟଦେବା ବା ଜୋରରେ ଧକ୍କାଦେଇ ପକାଇଦେବା-
ঝাপটা 10. Act of throwing down with a push.
छिटकना ୧୧ । ଛଅଗୋଟା—11. Six in number.
ছটা ଦେ. ବଣ—୧ । ଛଟା ହୋଇଥିବା; କାନ୍ଥରେ ଦିଆଯାଇ
छटा ଥିବା (ମାଟି)—1. Sprinkled; piled up.
ছিটে (ଯଥା—ଛଟାମାଟିର କାନ୍ଥ=ବି. ଛଟେମାଟିର ଦେଓୟାଲ ।)
छींटा ୨ । କୁଟିଳଭାବରେ ଲେଖା ହୋଇଥିବା (ଅକ୍ଷର)—
2. Intricate; crooked; scrawled.

୯	ଉ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	କ୍ଷ	ଇଯ୍	ଉଅ	ଞ
୬	ଉ	ଊ	ରୁ	ଲୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଓ	ନ୍ଦ

୩ । ଛଅ ସଂଖ୍ୟକ—3. Numbering six.

ଛଟାଅକ୍ଷର—ଦେ. ବ—କରଣିଅକ୍ଷର (ଦେଖ)
Chhaṭāakshara Karaṇiakshara (See)
[ଦ୍ର—ଏ ଜାତୀୟ ଅକ୍ଷରର ଆକାର ପରିଶିଷ୍ଟରେ ଦିଆଯାଇ ଅଛି ।]

ଛଟାଇ—ଦେ. ବ—ଛଟା (ଦେଖ)
Chhaṭāi Chhaṭā (See)
(ଛଟେଇ—ଅନ୍ୟରୂପ) ଦେ. ବିଣ—ଛଟା ହୋଇଥିବା; କଟାଯାଇ-
छँटी ଥିବା—Cropped with-scissors.
छाँटाहुआ (ଯଥା—ସେ ଆଜକାଲି ଧରଣର ଛଟାଇ ବାଳ ରଖିଛି ।)

ଛଟାଇଙ୍କି—ଗ୍ରା. ବ—ଛଟାଙ୍କି (ଦେଖ)
Chhaṭāiṅki Chhaṭāṅki (See)
(ଛଟେଇଙ୍କି—ଅନ୍ୟରୂପ)

ଛଟାଇବା—ଦେ. କ୍ରି—୧ । ଛଟିବାର ଣିଜନ୍ତ ରୂପ—
Chhaṭāibā 1. The causative form of Chhāṭibā
छिटान (See)
छटकाना ୨ । ଛାଟ ବା ସରୁ ଯଷ୍ଟିଦ୍ୱାରା ପ୍ରହାର କରିବା—
(ଛଟେଇବା—ଅନ୍ୟରୂପ) 2 To beat with a cane.
୩ । ଅନ୍ୟ ବ୍ୟକ୍ତିଦ୍ୱାରା କୌଣସି ବ୍ୟକ୍ତିକୁ ଛାଟ ମରାଇବା—
3. To cause a person to be caned.

ଛଟାଗଲ—ଦେ. ବ—ଛଟା ଗାଳିବା; ବେଳ କରିବା—
Chhaṭāgaḷā Feigning.
ଦେ. ବିଣ—ଯେ ବେଳକରେ ବା ବାହାନା ଦେଖାଏ; ଯେ ଛଟା ଗାଳେ – (person) Feigning.

ଛଟାଗାଳିବା—ଦେ. କ୍ରି—ଛଳନା କରିବା; ରୋଗ ବା ଅକ୍ଷମତାର
Chhaṭāgāḷibā ବାହାନା କରିବା—To feign.
छटादेखाना
बहाना करना

ଛଟାଙ୍କ—ଗ୍ରା. ବ—ଛଟାଙ୍କି (ଦେଖ)
Chhaṭāṅk Chhaṭāṅki (See)

ଛଟାଙ୍କି—ଦେ. ବ. (ସଂ. ଷଷ୍ଟାଲି=ଗୁଣ୍ଡାଦର ଏକଛଟାଙ୍କି ପରିମାଣ;
Chhaṭāṅki କମ୍ପା ଷଟ୍ ଟଙ୍କ=୬ ଟଙ୍କା)—୧ । ଘନ ଓ
छटाक ତରଳ ପଦାର୍ଥର ପ୍ରାୟ ଛଅଟଙ୍କା ଓଜନ; ଏକ
छटाँक ସେରର ଏକ ଷୋଡ଼ଶାଂଶ ପରିମାଣ ଓଜନ—
1 A chittak; weight and measure of solid and liquid; $\frac{1}{16}$th of a seer (roughly weight of six rupees).

[ଦ୍ର—୪ ଛଟାଙ୍କି=୧ ପାଉ; ୦ ପାଉ=୧ ସେର; କଟକୀ ଏକ ସେର=୧୦୫ ଟଙ୍କା; ବାଲେଶ୍ୱରୀ ୧ ସେର=୮୦ ଟଙ୍କା । କଟକୀ ୧ ଛଟାଙ୍କିର ଓଜନ=ଟ ୬୨ ପ୍ରାୟ; ବାଲେଶ୍ୱରୀ ୧ ଛଟାଙ୍କିର ଓଜନ=ଟ ୫ ଟଙ୍କା]
୨ । ଏକ ଛଟାଙ୍କି ପରିମିତ ବଟକରା—
2. A weight of one chhittak.
୩ । ଛଟାଙ୍କି ମାପର ପାତ୍ର—
3. A chhittack measure.

ଛଟାଛଟି—ଦେ. ବ—୧ । (ସଂ. ଛିପ୍ର) ବାଡ଼ରେ ବା କାନ୍ଥରେ ମାଟି
Chhaṭāchhaṭi ଛାଟିବା ବା ଲେସିବା କର୍ମ—1. Sprinkling
छँटाछँटि or splashing with mud.
छोपछाप ୨ । ଭାଙ୍ଗିଯାଇଥିବା କାନ୍ଥରେ ମାଟି ଛାଟିବା କର୍ମ—
2. Reparing of a mud wall.
୩ । (ସଂ. ଛେଦନ) ଗଛର ଅଗମାନଙ୍କୁ ଛାଟିବା କର୍ମ—
3. Pruning.

ଛଟାଣ—ଦେ. ବ—୧ । ଛାଟିବା କର୍ମ—
Chhaṭāṇa 1. Act of sprinkling or splashing.
छँटान ୨ । ଛଟା (ଦେଖ)
छोपना . 2 Chhaṭā (See)

ଛଟାତକିନା—ଦେ. କ୍ରି. ବିଣ. (ସଂ. ହଠାତ୍; ଝଟିତି)—ହଠାତ୍—
Chaṭātkinā All on a sudden.
हठात्
झट
ଛଟାତ୍ କିନ } ଅନ୍ୟରୂପ
ଛଟାତ୍ କର

ଛଟାଫଳ—ସଂ. ବ. (ଛଟା=ସବଳରେଖା+ଫଳ)—
Chhaṭāphaḷa ୧ । ଗୁବାକ; ଗୁଆ—
1. Betel-nut; areca-nut.
୨ । ତାଳଗଛ (ହି. ଶବ୍ଦସାଗର)—2. Palm tree.

ଛଟାବାଡ଼—ପ୍ରାଦେ. (ଯାଜପୁର) ବ—ବାଡ଼ିଭଅଡ଼ କାନ୍ଥ—
Chhaṭābarḍa Wall made of a hedge of split bamboos or twigs filled up with mud; scuttle wall.

ଛଟାଭା—ସଂ. ବି. (୬ଷ୍ଠୀ ତତ୍; ଛଟା=ରେଖା+ଆଭା=କିରଣ)—
Chhaṭābhā ୧ । ବିଦ୍ୟୁତ୍; ବିଜୁଳି—1. Lightning.
୨ । ଦେହେଦ୍ୱର କାନ୍ତି ବା ଶୋଭା (ହି. ଶବ୍ଦସାଗର)
2. The grace or lustre of ones appearance.

ଛଟାଳି—ଦେ. ବିଣ.—ଯେ କାନ୍ଥରେ ମାଟି ଛାଟେ—One who
Chhaṭāḷi piles or puts mud on a wall.

ଛଟାଲେଖା—ଦେ. ବ—କରଣୀ ଲେଖା, ଯେଉଁ ଲେଖାରେ ଅକ୍ଷରର
Chhaṭālekhā ଗାଣ୍ଠି ଓ ବଙ୍କିମାନ ବଙ୍କା ହୋଇ ଲେଖା ହୋଇ-
छँटालेखा ଥାଏ—Crooked writing.
छाँटालेखा

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଁଳା ନ ପାଇଲେ 'ଅଁଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛଟିଆ—ପ୍ରାଦେ. (ସମ୍ବଲପୁର) ବିଣ.—ଢିପ (ଜମି)—
Chhaṭiā — High (ground.)

ଛଟେଇଙ୍କି—ଗ୍ରା. ବି. ଓ ବିଣ.— ଛଟାଙ୍କି (ଦେଖ)
Chhaṭeiṅki — Chhaṭāṅki (See)
(ଛଟେଙ୍କି—ଅନ୍ୟରୂପ)

ଛଟେଇ ହେବା— ଦେ. କ୍ରି.—୧ । ଅଙ୍ଗଭଙ୍ଗୀ କରିବା —
Chhaṭei hebā — 1. To make gestures.
୨ । ଭଣ୍ଡାରିଦ୍ୱାରା ମୁଣ୍ଡର ବାଳ କଟାଇବା—
2. To have ones hair cropped.
୩ । ଛଳ ଖାଳିବା—3. To feign.

ଛଡ଼୍‌ଦିଆଲ୍—ବୈଦେ. ବି. (ଫା. ଚହାରଦୀବାରୀ=ଗୃହ ଆଡ଼େ ନିର୍ମିତ Chhaṛddiāl କାନ୍ଥ)—ପ୍ରାଚୀର; ପାଚେରି; କୌଣସି ସ୍ଥାନର ଗୃହ ଛଡ଼୍‌ଦିଆଲ ପାଖେ ନିର୍ମିତ ଅଳ୍ପ ଉଚ୍ଚ କାନ୍ଥ—
चहारदीवारी — Compound wall.
ଛଡ଼୍‌ଦିଆଲ, ଛଡ଼୍‌ଦିବାଲ, ଛଡ଼୍‌ଦବାଲ, ଛଡ଼୍‌ଦେବାଲ, ଛଡ୍‌ଦେବାଲ — ଅନ୍ୟରୂପ

ଛଡ଼୍—ଗ୍ରା. ବିଣ. (ସଂ. ଷଟ୍)—(ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—
Chhaṛd ଛଡ଼୍‌ରସ; ଛଡ଼୍‌କାନ)—୬ ସଂଖ୍ୟକ—
Six in number.
ଛଡ଼୍ ନିଚନ୍ତୁ ବେକଣ୍ଠରେ । ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ছাড় ଦେ. ବି. (ସଂ. ସରଳ; କ୍ଷମ୍ୟା ଶର)— ୧ । ଧାତୁ ବା କାଷ୍ଠ
छड़ ଆଦିର ଛଡ଼ି; ଯଷ୍ଟି—1. Stick; staff.
୨ । ସଳଖ ଯଷ୍ଟିବତ୍ ବସ୍ତୁ—
2. Long and straight shoots.
୩ । ବେହେଲା ବଜାଇବାର କାଠି—
3. The bow of a violin.
ପ୍ରାଦେ. (ମେଦିନୀପୁର) ବି.—ଖାଲ—Hide.

ଛଡ଼୍‌କାନ—ଦେ. ବି. (ସଂ. ଷଟ୍ କର୍ଣ୍ଣ ଛଅଟି କାନ ଅର୍ଥାତ୍ ପ୍ରତ୍ୟେକ
Chhaṛdakāna ଦୁଇଟି ଲେଖାଏଁ କାନ ଥିବା ତିନି ଜଣ
ছয়কান ମନୁଷ୍ୟ)—୧ । ଦୁଇ ଜଣ ଜାଣି ଥିବା କୌଣସି ଗୁପ୍ତ ବିଷୟ ତୃତୀୟ ବ୍ୟକ୍ତିର କର୍ଣ୍ଣଗୋଚର ହେବା ଅବସ୍ଥା—
1. The state of a secret (known or confined heretofore to two persons reaching the ears of a third person.
୨ । ଗୁପ୍ତ ବିଷୟର ପ୍ରକାଶ—
2. The devulgence of a secret.
ଛଡ଼୍‌କାନ ନହି ଭେଦ । ଚଗ ।
ଦେ. ବିଣ—ତୃତୀୟ ବ୍ୟକ୍ତି ନିକଟରେ ପ୍ରକାଶିତ ବା ତୃତୀୟ ବ୍ୟକ୍ତିଦ୍ୱାରା ଜ୍ଞାତ (ଗୁପ୍ତ ବିଷୟ)—
Devulged (secret).

ଛଡ଼୍‌କାନ ହେବା—ଦେ. କ୍ରି.— ଛଅକାନ ହେବା (ଦେଖ)
Chhaṛdakāna hebā — Chha-a kāna hebā (See)

ଛଡ଼୍‌ବିନ୍ଦୁ— ଗ୍ରା. ବି.— ଷଡ଼୍‌ବିନ୍ଦୁ (ଦେଖ)
Chhaṛdabindu — Shaṛdabindu (See)
ଛଡ଼୍‌ବିନ୍ଦୁ ବସିଅଛି ଲଙ୍ଗଟେ ଦେହ । ଯାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଛଡ଼୍‌ରସ—ଗ୍ରା. ବି. (ସଂ. ଷଟ୍ + ରସ)=ଷଡ଼୍‌ରସ; କଟୁ, ତିକ୍ତ, ଲବଣ,
Chhaṛdarasa କଷାୟ, ଅମ୍ଳ ଓ ମିଷ୍ଟ—ଜିହ୍ୱାଦ୍ୱାରା ଜାତ ହେବା ଏହି ଛଅ ପ୍ରକାର ରସ ବା ଆସ୍ୱାଦ—1 The six tastes, viz pungent, bitter, saline, astringent; acid and sweet.
୨ । ସବୁ ପ୍ରକାର ମାନସିକ ବୃତ୍ତି ବା ଭାବ (ଯଥା—ଶୃଙ୍ଗାର ବୀର; କରୁଣ; ହାସ୍ୟ; ଅଦ୍ଭୁତ ଓ ଭୟାନକ)—
1. All the mental sentiments.
୩ । ନାନା ପ୍ରକାରର ବିକାର ବା ଦୁଶ୍ଚେଷ୍ଟା (ଗୋପୀନାଥ ନନ୍ଦ)—
3. All and sundry human passions.
ବିଣ.—କଟୁତିକ୍ତକଷାୟାଦି ଛଅଟି ଆସ୍ୱାଦଯୁକ୍ତ—
Consisting of the six kinds of taste.

ଛଡ଼୍‌ରସବ୍ୟଞ୍ଜନ – ଗ୍ରା. ବି. (ସଂ. ଷଡ଼୍‌ରସ+ବ୍ୟଞ୍ଜନ)—
Chhaṛdarasa-byañjana ଷଡ଼୍‌ରସବ୍ୟଞ୍ଜନ (ଦେଖ)
Shaṛdarasa-byañjana (See)

ଛଡ଼୍‌ରିପୁ—ଗ୍ରା. ବି. (ସଂ. ଷଡ଼୍‌ରିପୁ)—ଷଡ଼୍‌ରିପୁ (ଦେଖ)
Chhaṛdaripu — Shaṛdripu (See)

ଛଡ଼ା—ଦେ. ବି.—୧ । ସ୍ତ୍ରୀ. (ସଂ. ଉପସର୍ଯ୍ୟା=ଗର୍ଭଧାରଣୋପଯୁକ୍ତା
Chhaṛdā କିନ୍ତୁ ଅପ୍ରସୂତା ଗାଭୀ)—ଅପ୍ରସୂତା ଗୌ; ଅଳ୍ପ ବୟସ୍କା
বকনা ଗାଈ; ଯେଉଁ ଗାଈ ଜନ୍ମ କରି ନ ଥାଏ—
वसर 1. A young cow which has not yet borne any calf; heifer.
କେତେକ ବଡ଼ ସୁଲକ୍ଷଣୀ, ହାଲକୁ ପ୍ରଥମେ ପଲରେ ଛଡ଼ାଟିଏ ଲାଗିଛି—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।
ছাড়া ୨ । (ସଂ. ଛୋ ବା ଛୁର୍ ଧାତୁ) ଛଟା; ଇତସ୍ତତଃ କ୍ଷିପ୍ତ ବା ବିଚ୍ଛୁରିତ ଜଳ—2. Sprinkled water.
ପଡ଼ୁଅଛି ଦ୍ରବ୍ୟ ଚନ୍ଦନପାଣିଛଡ଼ା
ଅନେକ ଲୋକ ଭର୍ତ୍ତି ହୋଇଛନ୍ତି ଛଡ଼ା—କୃଷ୍ଣସିଂହ. ମହାଭାରତ. ଅଦ୍‌ ।
୩ । ଇତସ୍ତତଃ ଜଳାଦି ଛିଞ୍ଚିବା—3. Sprinkling.
ବାସୁ ମାର୍ଜନ ଛଡ଼ା ଦେଇ
ସୁବାସ ଜଳେ ମୁଖ ଧୋଇ—ଜଗନ୍ନାଥ. ଭାଗବତ ।
୪ । କଦଳୀ, ପଣସ, ଆମ୍ବ ପ୍ରଭୃତିରୁ ଚୋପା ଛଡ଼ାଇବା—
4. Taking off the rind from fruits.
ছড়া ୫ । ସ୍ତ୍ରୀଲୋକମାନଙ୍କର ପାଦର ଅଲଙ୍କାରବିଶେଷ, ମଲ୍ଲ—
छड़ा 5. An anklet for the leg.
[ଦ୍ର—ଏ ଅଲଙ୍କାର ଗୋଡ଼ ଗଣ୍ଠିପାଖରେ ପିନ୍ଧାଯାଏ, ଏହା ଗୋଲ ଗୋଲ ଓ ସରୁ । ରୁପାର ପତଳା ଛଡ଼୍‌କୁ ମୋଡ଼ ମୋଡ଼

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଙ୍କ	ଳପ	ଲ୍ଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତଚର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଲ୍ଅ	ଔ	ନ୍ତ

ଏହା କରାଯାଏ । ଏହା ଗୋଡ଼ରେ ଏକାଧିକ ସଂଖ୍ୟାରେ ପିନ୍ଧା ଯାଏ ଓ ଚଲାଗଣ୍ଡି ଚଲେ ଝୁଣୁଝୁଣୁ ହୋଇ ଥାଏ । ଚାଲିଲାବେଳେ ଏକାଧିକ ଛଡ଼ା ପରସ୍ପରକୁ ଆଘାତ କରିବାରୁ ଝୁଣୁଝୁଣୁ ଧ୍ୱନି ହୁଏ । ବଙ୍ଗଦେଶରେ ଓ ପଶ୍ଚିମରେ ଏହା ବ୍ୟବହୃତ ହୁଏ; ଓଡ଼ିଶାରେ ବଙ୍ଗୀୟାନୁକାରିଣୀ ସ୍ତ୍ରୀମାନେ ଏହା ପିନ୍ଧିବାର ଦେଖା ଯାଏ ।]

ଛାଡ଼ା ୬ । ଅନ୍ତର; ଦୂରତ୍ୱ—6. Distance; interval.
(ଯଥା—କଟକଠାରୁ ପଚାଶ କୋଶ ଛଡ଼ାରେ ପୁରୀ ।)
୭ । ଛାଡ଼ିବା; ତ୍ୟାଗ କରିବା—7. Act of leaving.

ଛଡ଼ା ୮ । ହାର ଆଦିର ଗୋଟିଏ ସରୁ—
ଲଡ଼ୀ 8. One string of a necklace.

ଛାଡ଼ା ଦେ. ବିଣ—୧ । ଦୂରସ୍ଥ—1. Distant.
୨ । ଅନ୍ତରରେ ବା କିଛି ଦୂରରେ ଅବସ୍ଥିତ—
2. Situated apart.

ଛାମୁରେ ଲଗ ନ ସହୁ ବୋଲି, ଛଡ଼ା ହୋଇ ମୁଁ ସେ ଛଡ଼ା ଦେଲି—
ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।

୩ । ବ୍ୟବହିତ—3. With interval between; separated from each other.
୪ । (ସ୍ତ୍ରୀ. ଉଚ୍ଛିଷ୍ଟ) ବ୍ୟବହାର ହେବା ପରେ ପରିତ୍ୟକ୍ତ (ଫୁଲ ଆଦି)—4. Discarded after use; cast off.

ଛାଡ଼ା ଦେ. ଅ—୧ । ବିନା; ବ୍ୟତୀତ—
ଛୋଡ଼, ଛୋଡ଼କର 1. Without, except; besides.
(ଯଥା—ତାଙ୍କ ଛଡ଼ା ମୋର ଅନ୍ୟ କେହି ଗତି ନାହିଁ ।)
୨ । ଅନ୍ତରରେ; ଦୂରରେ—2. Apart from.

ଛଡ଼ାଇ ଅଣିବା—ଦେ. କି—ଛଡ଼ାଇ ନେବା (ଦେଖ)
Chhardāi ānibā Chhardāi nebā (See)

ଛଡ଼ାଇ ଦେବା—ଦେ. କି—୧ । ରୋଗମୁକ୍ତ କରିବା—
Chhardāi debā 1. To cure.
ଛାଡ଼ିୟେଦେଓୟା (ଯଥା—ବୈଦ୍ୟ ଏକାବେଳକେ ମୋ ଜର ଛଡ଼ାଇ
ଛୁଡ଼ାଦେନା ଦେଲା ।)
୨ । ତ୍ୟାଗ କରାଇବା—2. To cause to give up.
(ଯଥା—ଏକା ମାଡ଼କେ ତୋ ମନ୍ଦ ଅଭ୍ୟାସ ଛଡ଼ାଇ ଦେବି ।)
୩ । ଫଳରୁ ଚୋପା ବା ଗଛରୁ ବକଲ ଛଡ଼ାଇବା—
3. To remove the rind or bark.
(ଯଥା—ପାଚିଲା ପଣସଟି ଛଡ଼ାଇ ଦେଲେ ଭୋଗ ଲାଗିବ ।)
୪ । ଦୁଇଜଣଙ୍କୁ ଅଲଗା ବା ପୃଥକ୍ କରାଇ ଦେବା—
4. To separate.
(ଯଥା—ସେ ଦୁହେଁ ମାଡ଼ ମରାମରି ହେଉଥିଲେ, ମୁଁ ଛଡ଼ାଇ ଦେଲି ।)

୫ । ହସ୍ତାନ୍ତର କରିବା; ବିକ୍ରୟ କରିବା—
5. To transfer or sell a thing.
(ଯଥା—ଧାନତକ ଶୀଘ୍ର ଛଡ଼ାଇ ନ ଦେଲେ ଗଦଗଦ ହୋଇ ଯିବ ।)
୬ । ଭୃତ୍ୟକୁ ଚାକିରିରୁ ବରଖାସ୍ତ କରିବା—
6. To dismiss a servant.
(ଯଥା—ହାକିମ ମଙ୍ଗେ ଚାକିରି ଛଡ଼ାଇ ଦେଲେ ।)
୭ । ବନ୍ଧନରୁ ମୁକ୍ତ କରିବା; ଉନ୍ମୁକ୍ତ କରିବା—
7. To set free; to release.
(ଯଥା—ହଡ଼ କାଟି ବଳଦଙ୍କୁ ପାଣିକି ଛଡ଼ାଇ ଦିଅ ।)
୮ । ମନରୁ ଦୂର କରିବା—8. To forget.
ଅକାରଣେ ବୈରକ ସେ କନ୍ୟାକୁ ପାଇ
କୋପ. ହିତ ସ୍ନେହ କି ଦେଲେ ସେ ଛଡ଼ାଇ—କୃଷ୍ଣସିଂହ, ମହାଭାରତ, ବନ
୯ । ପାଣି ପକାଇ ନୈବେଦ୍ୟ ପଦାର୍ଥକୁ ଉତ୍ସର୍ଗ କରିବା—
9. To consecrate or sprinkle water on an offering.
(ଯଥା—ପୂଜକ ଯିବା ପୂର୍ବରୁ ଯୋଗୀ ମନ୍ତ୍ରକୁ ପାଣି ଛଡ଼ାଇ ଦେଇଥାଏ ।)
୧୦ । ଦେହରେ ବୋଳା ହୋଇଥିବା ଚନ୍ଦନ, ହଳଦୀ, ରଙ୍ଗ ଆଦି ପୋଛିବା, ସାଫ୍ କରିବା—
10. To clear off sandal paste, turmeric paste or paint from the body.
୧୧ । (ବଙ୍ଗଳାରୁ ଅନୁକୃତ, ଅପର୍ଯ୍ୟାପ୍ତଭାବରେ ବର୍ଣ୍ଣି ଦେବା ବା ବାଣ୍ଟି ଦେବା—
11. To scatter broad cast

ଛଡ଼ାଇ ନେବା—ଦେ. କି—୧ । ବଳପୂର୍ବକ କୌଣସି ବ୍ୟକ୍ତିଠାରୁ
Chhardāi nebā କୌଣସି ପଦାର୍ଥକୁ ଅନ୍ତର କରିବା
ଛାଡ଼ିଏ ଲଓୟା ବା ନେଇଯିବା; କାଢ଼ି ନେବା—
ଛୁଡ଼ାଲେନା, ଛିନଲେନା 1. To snatch away; to take away.

ମୟୂରବର୍ଣ୍ଣ ରଥେ ବନ୍ଧୁ ଯୋଡ଼ା ଅଛେ
ଛଡ଼ା ମଧ୍ୟ ପାର୍ଥ ଛଡ଼ାଇ ନେଇ ଗଲେ । କୃଷ୍ଣସିଂହ. ମହାଭାରତ. ସଭା ।

୨ । ବନ୍ଧକରୁ କୌଣସି ବସ୍ତୁକୁ ମୁକୁଳାଇବା—
2. To free a thing from encombrance or pledge.
୩ । କୌଣସି ବ୍ୟକ୍ତିଙ୍କୁ ଚାକିରି ବା ବନ୍ଧନରୁ ମୁକ୍ତ କରାଇ ସଙ୍ଗରେ ଅଣିବା—3. To bring back a person after causing him to give up service or to be liberated.

ଛଡ଼ାଇବା—ଦେ. କି. (ସକର୍ମକ ଛାଡ଼ିବାର ଣିଜନ୍ତ ରୂପ; ସ. ଛୋରଣ,
Chhardāibā ଛୁଟ୍) —୧ । ତ୍ୟାଗ କରିବା ବାଧ୍ୟ କରିବା;
ଛାଡ଼ାନ ତ୍ୟାଗ କରାଇବା—1 To cause to give up.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲକତ' ନ ପାଇଲେ 'ଅଲକ୍ତ' ଦେଖିବେ ।

छुड़ाना, छुड़वाना, छोड़ाना, छिनना, झिँड़ाना (ଯଥା—ମୁଁ ତାହାର ଅଫିମ ଅଭ୍ୟାସ ଛଡ଼ାଇ ଦେଲି ।)

୨ । ନିକଟରୁ ଅନ୍ତର ବା ଦୂର କରିବା; ସ୍ଥାନାନ୍ତର କରିବା—
2. To remove; to cause removal.

(ଛଡ଼େଇବା—ଅନ୍ୟରୂପ) ୩ । ବଳପୂର୍ବକ କାଢ଼ି ନେବା; ବଳପୂର୍ବକ ହରଣ କରିବା 3. To snatch away; to take away by force.

(ଯଥା—କି ନ କଲୁ ମୋତେ, କିନା ଶଣ୍ଢିକି ଛଡ଼ାଇ ନେଲୁ ମାଘ ମାସର ଶୀତେ ।)

୪ । ଫଳରୁ ଚୋପା ବାହାର କରି ନେବା ବା ପୃଥକ୍ କରିବା—
4. To peel off the skin or rind from a fruit.

୫ । ମୁକ୍ତ କରିବା—
5. To set free; to liberated.

(ଯଥା—ବିଲରୁ ପାଣି ଛଡ଼ାଇଦିଅ ।)

୬ । ପୃଥକ୍ କରିବା—6. To separate.

(ଯଥା—ଦଇବ ପ୍ରେମିକଠାରୁ ପ୍ରେମିକାଙ୍କୁ ଛଡ଼ାଇ ନେଲା ।)

୭ । ('ପାଣି' ଶବ୍ଦ ସଙ୍ଗେ ବ୍ୟବହୃତ) ମଣ୍ଡଳାକାରରେ (ପାଣି) ଛିଞ୍ଚିବା ହାତରେ ଟିକିଏ ପାଣି ଧରି ଦେବତାଙ୍କୁ ମାନସିକ କରାଯିବା, ବା ଉତ୍ସର୍ଗ କରାଯିବା ବା ନୈବେଦ୍ୟ ଦିଆଯିବା ପଦାର୍ଥର ଚତୁର ପାଖରେ ଉକ୍ତ ପାଣିକୁ ମଣ୍ଡଳାକାରରେ ଛିଞ୍ଚି ଦେବାକୁ ପାଣି ଛଡ଼ାଇବା କହନ୍ତି—
7. To sprinkle water in a circle round any thing dedicated or offered to a Deity.

(ଯଥା—ପୂଜକ ନୈବେଦ୍ୟକୁ ପାଣି ଛଡ଼ାଇ ଦେଲା ।)

୮ । ହସ୍ତାନ୍ତର ବା ବିକ୍ରୟ କରିବା—
8. To shell away; to part with.

(ଯଥା—ଏ ବର୍ଷ ଧାନଭାଉ କମି ହୋଇଯିବାରୁ ମୁଁ କୋଠିରେ ଥିବା ଧାନତକ ଛଡ଼ାଇ ପାରିଲି ନାହିଁ ।)

୯ । ବନ୍ଧକରୁ ମୁକୁଳାଇବା—
9 To free a thing from encumbrance.

(ଯଥା—ଏ ବର୍ଷ ମୋର ହାତରେ ଟଙ୍କା ହେଲେ ବନ୍ଧା ପଡ଼ିଥିବା ଅଲଙ୍କାରତକ ଛଡ଼ାଇବି ।)

୧୦ । ବଳିଯିବା; ଜିତିଯିବା—10. To surpass

ଭୋଳା ଜ୍ଞାନ ବୁଡ଼ାଇବ, ଶିଳୀମୁଖ ଜେବା ଶୋଭକୁ ଛଡ଼ାଇବ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୧୧ । ଚମଡ଼ା ଉତାରିବା—11. To skin; to flay.

ମାଂସ କାଟିଲେ ତ ଛାଲ ଛଡ଼ାଇ । କୃଷ୍ଣସିଂହ. ମହାଭାରତ, ବନ ।

୧୨ । ଦେହର ମଳ ବା ଦେହରେ ବୋଳା ଯାଇଥିବା ଲେପ ବା କୌଣସି ପଦାର୍ଥ ଉପରୁ ପୃଷ୍ଠ ବା ରଙ୍ଗର ସ୍ତର ବା ମଇଳାକୁ ଉଠାଇ ଦେବା ବା କାଢ଼ିବା—
12. To scrape off or clear away a layer of ointment or paint or dirt from the body of some thing.

୧୩ । ନାଶ କରିବା—13. To destroy.

ତେବେ ଅସି ତୋର ଛଡ଼ାଇ ଏ ଦୁଃଖକୁ । କୃଷ୍ଣସିଂହ. ମହାଭାରତ. ବନ ।

୧୪ । ମନରୁ ସନ୍ଦେହ ଆଦି ଦୂର ହେବାର ଉପାୟ କରିବା—
14. To remove (doubt) from one's mind.

କହୁ ତା ଛଡ଼ାଅ ମୋ ହୃଦରୁ ସନ୍ଦେହକୁ । କୃଷ୍ଣସିଂହ, ମହାଭାରତ. ବନ ।

୧୫ । କୌଣସି ବ୍ୟକ୍ତିକୁ ବନ୍ଧନରୁ ବା ବିପଦରୁ ମୁକ୍ତ କରିବା—
15. To liberate or extricate a person from confinement or danger.

(ଯଥା—ମୁଁ ଶହେ ଟଙ୍କା ଖରଚ କରି ତାକୁ ଜେଲ ଦଣ୍ଡରୁ ଛଡ଼ାଇଲି ।)

୧୬ । ଜଳାଶୟ ଆଦିରେ ଅନ୍ୟ ବ୍ୟକ୍ତି ମାଛଜାଆଁଳ ଆଦି ଛାଡ଼ିବାର ଉପାୟ କରିବା—17. To cause fish-fries to be set free in a pond.

(ଯଥା—ମୁଁ ଏ ବରଷ ପାଞ୍ଚ ହାଣ୍ଡି ଭାକୁଡ଼ ଜାଆଁଳ ଆଣି ଆମ ଦାଣ୍ଡ ପୋଖରୀରେ ଛଡ଼ାଇଛି ।)

୧୭ । ଡଙ୍ଗା ବା ଜାହାଜ ଆଦିକୁ କୂଳରୁ ପାଣି ଭିତରକୁ ଚଳାଇବା—17. To move a boat from the shore.

(ଯଥା—ନାହୁରମାନେ ହରିବୋଲ ପକାଇ ବଢ଼ିଲା ନଈରେ ଡଙ୍ଗାକୁ ଛଡ଼ାଇଲେ ।)

୧୮ । (ଲକ୍ଷଣାର୍ଥ) (ସମ୍ପର୍କ ଆଦି) ତୁଟାଇବା; ନିଜ ଉପରୁ (ଦାୟିତ୍ୱ ଆଦି) ବିଚ୍ଛିନ୍ନ କରିବା—
18. (figurative) Cut or any connection or responsibility from one's self.

(ଯଥା—ସେ ପୁଅ ଉପରେ ସବୁ ଭାର ଦେଇ ଆପଣା ଦେହରୁ ସବୁ ଝୁଣ୍ଟ ଛଡ଼ାଇ ବସିଛି ।)

୧୯ । (ଲକ୍ଷଣାର୍ଥ) ଆରୋପିତ କଳଙ୍କ ବା ବଦନାମ ନିଜ ପ୍ରତି ଅପ୍ରମାଣିତ ବା ଅପନୋଦନ କରିବା—
19. (figurative) To free or exonerate one's self from any stain or blame.

(ଯଥା—ତାଙ୍କ ନାମରେ ଯେଉଁ କଳଙ୍କ ରଟିଥିଲା ତାହା ଛଡ଼ାଇବାକୁ ଯାଏ ବରଷ ଲାଗିଲା ।)

[ଦ୍ର—ଛଡ଼ାଇବା କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ନେବା, ଧକାଇବା କ୍ରିୟାମାନଙ୍କର ସମାପିକା ରୂପ ଯୁକ୍ତ ହୁଏ ।]

ଛଡ଼ାଇ ହେବା—ଦେ. କ୍ରି. (ଛଡ଼ିବା କ୍ରିୟାର କର୍ମବାଚ୍ୟ ରୂପ)—
Chhardāi hebā ୧ । ସମସ୍ତଙ୍କଠାରୁ ପୃଥକ୍ ହେବା—
1. To be separated from others.

ଛଡ଼ାଇ ହୋଇ ସେ ବ୍ରହ୍ମ ରହନ୍ତି ନରେଳେ ।
ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

୧	ଇ	ଉ	ର୍,ଡ଼	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଞ୍ଚ	ଇୟ	ଉଅ	ଞ୍ଜ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଞ	ନ୍

୨ । ଲେପନ ଦ୍ରବ୍ୟାଦି ନିଜର ଶରୀରରୁ ଛଡ଼ାଇବା—
2. To clear off paste etc smeared on ones own body.

୩ । ଚୋପା ଆଦି ଫଳ ଆଦିରୁ ପୃଥକ୍କୃତ ହେବା—
3. To be capable of being pulled off.
(ଯଥା— କଞ୍ଚା କଦଳୀ ଛଡ଼ାଇ ହେଲା ନାହିଁ । ଦେହରେ ହଳଦୀ ଶୁଖି ନ ଥିବା ଯୋଗୁଁ ଛଡ଼ାଇ ହେଲା ନାହିଁ ।)

ଛଡ଼ାଙ୍ଗିଆ—ପ୍ରାଦେ. (ମେଦିନୀପୁର) ବି. (ଏହା ଛଅ ଖଣ୍ଡ ଡାଙ୍ଗ ବା ଯଷ୍ଟିରେ
Chhar̲d̲āngiā ତିଆରି)—କୋକେଇ— A ladder-like stretcher for carrying a dead body to the cremation ground.

ଛଡ଼ା ଛଡ଼ା—ଦେ. ବିଣ.—(ବହୁବଚନ)—ପରସ୍ପରଠାରୁ ଦୂରସ୍ଥିତ ଥାଇ
Chhar̲d̲ā chhar̲d̲ā ହୋଇ ଅବସ୍ଥିତ—Separated apart from each other.
ছড়া ছড়া
फांक फांक (ଯଥା—ତା ଦାନ୍ତଗୁଡ଼ିକ ଛଡ଼ା ଛଡ଼ା ।)

ଛଡ଼ାଛଡ଼ି—ଦେ. ବିଣ.—୧ । ଭିନ୍ନ ଭିନ୍ନ, ପୃଥକ୍ ପୃଥକ୍; ବିଚ୍ଛିନ୍ନ—
Chhar̲d̲āchhar̲d̲i 1. Separated
ছাড়াছাড়ি
छीनाछीनी

ପୁଚ୍ଛୁରିବା ହେଲେ କଶ୍ୟପଙ୍କୁ ପୁଚ୍ଛିଲେ,
ଅନ୍ୟୋନ୍ୟେ ହିଁ କେ ଯେବେ ଛଡ଼ାଛଡ଼ି ହେଲେ,
ସବୁ ବର୍ଣ୍ଣ କାହାର ଆଶ୍ରୟ ଗ୍ରହଣ,
କରଣ ସୁରକ୍ଷିତ ହୁଅନ୍ତି ବଖାଣ । କୃଷ୍ଣସିଂହ- ମହାଭାରତ- ଶାନ୍ତି ।

୨ । (ବଙ୍ଗଳାରୁ ଗୃହୀତ) ବହୁ ପରିମାଣରେ ଇତସ୍ତତଃ ବିକ୍ଷିପ୍ତ ଅପର୍ଯ୍ୟାପ୍ତ ଭାବରେ ବିତରିତ (କୌଣସି ବସ୍ତୁ)—
2. Indiscriminately distributed or strewn.
(ଯଥା—ଆଜି ଭୋଜିରେ ରସଗୋଲାର ଛଡ଼ାଛଡ଼ି ଲାଗିଲା ।)

୩ । ପରସ୍ପରଠାରୁ କୌଣସି ବସ୍ତୁ ଛଡ଼ାଇ ନେଉଥିବା (ଦୁଇ ବ୍ୟକ୍ତି)—3. (two persons) Mutually snatching away a thing.

୪ । ଟଣାଟଣି; ଝିଙ୍କାଝିଙ୍କି—
4. Dragging each other; scuffling.

୫ । ପରସ୍ପରଠାରୁ ଅଲଗା କରାଯିବା (କଳି କରୁଥିବା କିମ୍ବା ମାଡ଼ ମରାମରି ହେଉଥିବା ଦୁଇ ବା ତତୋଽଧିକ ବ୍ୟକ୍ତି)—5. (two person) Separated from each other while engaged in a quarrel or scuffle.

୬ । ଚୋପା ଛଡ଼ା ହୋଇ ନୈବେଦ୍ୟ ବା ଖାଦ୍ୟ ନିମନ୍ତେ ପ୍ରସ୍ତୁତ—(ଫଳ ଆଦି)—6. (fruits) Ready for use after removal of the rind.

ବି. ବି.—୧ । କୌଣସି ବସ୍ତୁକୁ ଜବରଦସ୍ତି ଝିଙ୍କି ଛଡ଼ାଇ ନେବା—1. Forcible snatching away of a thing.

୨ । ଭିନ୍ନ ଭିନ୍ନ ହେବା; ପୃଥକ୍ ହେବା; ବିଚ୍ଛେଦ—
2. Separation.

କେବେହେଁ ନ ଥିଲା ମୋ ତା ଛଡ଼ାଛଡ଼ି । ଭକ୍ତ- ସୁବର୍ଣ୍ଣରେଖା ।

୩ । କୌଣସି ବସ୍ତୁର ଅପର୍ଯ୍ୟାପ୍ତ ଭାବରେ ବଣ୍ଟନ ବା ବଣ୍ଟା ହେବା; ହରିଲୁଟ—3. Indiscriminate distribution or strewing of any thing in large quantities.

୪ । ପରସ୍ପରଠାରୁ କୌଣସି ବସ୍ତୁ ଛଡ଼ାଇ ନେବା ପାଇଁ ଦୁଇ ବ୍ୟକ୍ତିଙ୍କର ଚେଷ୍ଟା—4. The state of two persons trying to snatch away a thing from each other.

୫ । ଟଣାଟଣି; ଝିଙ୍କାଝିଙ୍କି (ଗୋପୀନାଥ ନନ୍ଦ)—
5. Bragging each other; scuffling.

୬ । କଳି କରୁଥିବା ବା ମାଡ଼ ମରାମରି ହେଉଥିବା ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କୁ ପୃଥକ୍ କରିବା—6. Separating two persons from a scuffling.

ସାଇବାଲା ମିଶି ଛଡ଼ାଛଡ଼ି କଲେ ।
କୁନ୍ତଳାକୁମାରୀ- ନଅଭୂଣୀ ।

୭ । ପକ୍ୱ ଫଳାଦିରୁ ଚୋପା ଛଡ଼ାଇ ନୈବେଦ୍ୟ ବା ଖାଦ୍ୟ ନିମନ୍ତେ ପ୍ରସ୍ତୁତ କରିବା—
7. Peeling off a fruit.

ଛଡ଼ାଛଡ଼ି କରିବା—ଦେ. କ୍ରି.—୧ । କୌଣସି ବ୍ୟକ୍ତିଠାରୁ କୌଣସି
Chhar̲d̲āchhar̲d̲i karibā ପଦାର୍ଥ ଟାଣି ଝିଙ୍କି ବଳପୂର୍ବକ
ছাড়াছাড়ি করা ନେବାକୁ ଚେଷ୍ଟା କରିବା—1. To try to
छिनाछिनि करना snatch away a thing from a person.

୨ । କଳି କରୁଥିବା ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କୁ ପୃଥକ୍ କରିବା—2. To separate two persons scuffling or quarrelling with each other.

ଛଡ଼ାଛଡ଼ି ହେବା—ଦେ. କ୍ରି.—୧ । ପରସ୍ପରଠାରେ କୌଣସି ଜିନିଷକୁ
Chhar̲d̲ā chhar̲d̲i hebā କାଢ଼ି ନେବା—1. To mutu-
छीनाछीनी होना ally snatch away a thing from each other.

୨ । ପରସ୍ପରଠାରୁ ପୃଥକ୍ ହେବା—2. To be separated from each other.

୩ । (ଖାଦ୍ୟପଦାର୍ଥ) ଅପର୍ଯ୍ୟାପ୍ତ ଭାବରେ ବଣ୍ଟା ଯାଉଥିବା—
3. (a food) To be indiscriminatly distributed.

ଛଡ଼ାଣ—ଦେ. ବି.—(ସଂ. ଛୋରଣ; ଛେଦନ)—୧ । ଛାଡ଼ିବା, ତ୍ୟାଗ
Chhar̲d̲āṇa କରିବା—1. Forsaking; the act of
ছাড়া giving up.
छूट ୨ । ଅନ୍ତର; ବ୍ୟବଧାନ—2. Interval.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଢେ' ନ ପାଇଲେ 'ଅଲ୍‌ଢେ' ଦେଖିବେ।

୩ । ବିଚ୍ଛେଦ—3. Separation.

୪ । ଅବକାଶ; ଫୁରସେତ୍—4. Leisure; respect.

୫ । ମୁକ୍ତି—5. Relief; release.

ଛଡ଼ାପହଁରା—ଦେ. ବ—ଛରାପହଁରା (ଦେଖ)
Chhardāpahanrā Chharāpahanrā (See)
ছড়াঝাট

ଛଡ଼ାଫୁଲ—ଦେ. ବ. (ସଂ. ଛନ୍ନ+ପୁଷ୍ପ) – ଦେବତା ବା ମନୁଷ୍ୟଙ୍କର ବ୍ୟବହାର ପରେ ଯେଉଁ ଫୁଲ ଶରୀରରୁ ଛଡ଼ାଯାଇଥାଏ; ଉଲ୍ଲଗି ଫୁଲ—Flower taken off the body after use or enjoyment; discarded; cast off.
Chhardāphula

ସବୁ ସମ୍ପଦ ବେନି ଭୁଜ, ଛଡ଼ିଲୁଁ ଯେସନେ ଛଡ଼ା ଫୁଲ ।
ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ଏହିପରି ଅର୍ଥରେ ଛଡ଼ା ବେଲପତ୍ରି, ଛଡ଼ା ମାଳ ଇତ୍ୟାଦି ମଧ୍ୟ ହୁଏ ।]

ଛଡ଼ାହାଣ୍ଡି—ପ୍ରାଦେ. (ମେଦିନୀପୁର) ବ. (ଭୁଲ. ବ. ଛଡ଼ାହାଁଡ଼ି)—
Chhardāhāndi ପ୍ରତିଦିନ ସକାଳେ ଅଗଣାରେ ଛିଞ୍ଚିବା ପାଇଁ ମାଟିଗୋବରମିଶା ପାଣି ଯେଉଁ ହାଣ୍ଡିରେ ଥାଏ—The pot in which cowdung dessolved in water is kept for sprinkling over the courtyard.

ଛଡ଼ି—ଦେ. ବ. (ସଂ. ଶର; ସରଳ)— ୧ । ସରୁ ଲମ୍ବ ଯଷ୍ଟି—
Chhardi 1. Long and slender stick; rod.
ছড়ী ୨ । ହାତରେ ଧରି ହେବା ସରୁ ବାଡ଼ି—
छड़ी 2. Walking stick.

୩ । ବେହେଲା ବଜାଇବା କାଠି—
3. The bow of a violin

୪ । ଶୋଭାଯାତ୍ରାଦିରେ ମହନ୍ତ ଓ ରାଜାମାନଙ୍କ ଗହଣରେ ନିଆଯିବା ଚିତ୍ରିତ ଓ ଖଚିତ ଠେଙ୍ଗା; ଅଶାବାଡ଼ି—
4. A thick ornamented stick borne as an insignia with kings and big people in processions.

୫ । ଝରକାଆଦିରେ ଲାଗିବା ଧାତୁର ଯଷ୍ଟି—
5. Metal rod or railing.

୬ । ମୁସଲମାନମାନେ ପୀରଙ୍କ ଅସ୍ଥାନରେ ଚଢ଼ାଇବା ପତାକା; ଝଣ୍ଡା—6. A flag presented by Mahomedans to be flown over the shrine of a saint.

୭ । (ଦରଜୀଙ୍କ ଭାଷା) ଜାମାଆଦିରେ ଠିଆ ଭାଗରେ ସିଲାଇ କରାଯାଇଥିବା ଲମ୍ବ ଓ ସରୁ ବସ୍ତ୍ରଖଣ୍ଡ—
7. (tailors' phraseology) A long and strip of cloth sewn to a coat in an erect position.

[ଦ୍ର—ଯେଉଁ ସରୁଆ ବସ୍ତ୍ର ଖଣ୍ଡ କୁର୍ତ୍ତାଆଦିରେ ଆଡ଼ଭାଗରେ ଦିଆଯାଏ ତାକୁ ପଟି ବୋଲାଯାଏ ।]

୭ । ଆଡ଼ମ୍ବର (ଗୋପୀନାଥ ନନ୍ଦ)—
7. Ado; splendour; display.

ଛଡ଼ିଦାର୍—ଦେ. ବ. (ଓଡ଼ିଆ. ଛଡ଼ି+ଫା. ପ୍ରତ୍ୟୟ ଦାର୍; ଭୁଲ. ସଂ. ଧାରୀ)—୧ । ରାଜା ଓ ମହନ୍ତ ଆଦିଙ୍କ ଗହଣରେ ଶୋଭାଯାତ୍ରାଦିରେ ଯିବା ବେତ୍ରବାହକ ସିପାହୀ ବା ପାଇକ, ବେତ୍ରଧାରୀ ପାଇକ, ଆସାବରଦାର—
Chhardidār
ছড়িদার্
छड़ीदार
1. A peon carrying a thick stick (insignia) with a Rājā or a big person in a processin.

ଛଡ଼ିଦାରେ ଯେ ସୁନା ରୁପା ଛଡ଼ି ବହି
ଛଡ଼ା ହୋଇ ଅଛନ୍ତି ଧାଡ଼ି ଧାଡ଼ି ହୋଇ । କୃଷ୍ଣସିଂହ. ମହାଭାରତ ଆଦି ।

୨ । ଦ୍ୱାରପାଳ; ଦରୁଆନ—
2. Door keeper; porter.

ଦେ. ବଣ—୧ । ଯେ ଆଡ଼ମ୍ବର କରେ; ଆଡ଼ମ୍ବରପ୍ରିୟ (ଗୋପୀନାଥ ନନ୍ଦ)—1. Fond of display.

୨ । ଯହିଁରେ ଛଡ଼ିଲାଗି ଥାଏ—
2. Furnished with metal rods.
(ଯଥା—ଛଡ଼ିଦାର ଝରକା ।)

ଛଡ଼ିନ୍ଦା—ଗ୍ରା. ବଣ. ପୁଂ ଓ ସ୍ତ୍ରୀ—୧ । ଶଡ଼କା (ଦେଖ)
Chhardindā 1. Śardakā (See)
ছম্বাল; ছিয়াল ୨ । ଛୈଳଛଡ଼ିଆ; ହୃଷ୍ଟପୁଷ୍ଟ; ଡେଙ୍ଗା ଓ ବଳିଷ୍ଠ—
2. Stout and strong; tall.

[ଦ୍ର—ଭୁଲ, ହି. ଛଡ଼ିଦା=ଏକାକୀ, ଏକଲା, ଆ. ଜରିଦହ]
(ଯଥା—ସେ ପାଞ୍ଚହାତିଆ ଛଡ଼ିନ୍ଦା ମରଦ ।)

ଛଡ଼ିବରଦାର୍—ଦେ; ବ. (ଓଡ଼ିଆ. ଛଡ଼ି+ଫା. ପ୍ରତ୍ୟୟ ବରଦାର୍)—
Chhardibardār ଛଡ଼ିଦାର୍ ୧ (ଦେଖ)
ছড়ীবরদার Chhardidār 1 (See)

ଛଣ—ପ୍ରାଦେ. (ସମ୍ବଲପୁର) ବ—ଛନ୍ (ଦେଖ)
Chhan Chhan (See)

ଛଣ—ଦେ. ବ. (ସଂ. ଖଡ଼; ଖେଟ—୧ । ଧାନଗଛର ଶୁଷ୍କ କାଣ୍ଡ; ନଡ଼ା—
Chhana 1. Straw (of paddy plants).
খড় [ଦ୍ର—ପୁରୀଜିଲ୍ଲାର ଡଳମାଳ ଅଞ୍ଚଳରେ ଧାନଗଛକୁ ବାଡ଼େଇ
खर ତହିଁରୁ ଧାନ କାଢ଼ିନେବା ପରେ ଗଛର ଯେଉଁ ଅଂଶ ରହେ ତାହାକୁ 'ଛଣ' କହନ୍ତି । ଏହା ନଡ଼ାଠାରୁ ଲମ୍ବ । ଧାନଗଛର ଅଗ କଟା ହୋଇ କେଣ୍ଡାମାନଙ୍କୁ ପୃଥକ୍ କଲା ପରେ ଯେଉଁ ଅଂଶ ରହେ ତାହାକୁ 'ନଡ଼ା' କହନ୍ତି । ସାଧାରଣତଃ ନଡ଼ା ଓ ଛଣ ଏକ ଅର୍ଥରେ ବ୍ୟବହୃତ ହୋଇଥାଏ । ବେଙ୍ଗଲା ପଡ଼ ଅଳଆ ଡଳଆ ହୋଇଯିବା ଛଣକୁ ପାଲ ବା କୁଟା କୁହାଯାଏ ।]

୨ । ବେଣା—2. Thatching reed.

୧	ଇ	ଉ	ଋ,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଦ୍	ଉଥ	ଘ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଥ	ଦ୍ୱ	ନ୍ତ

शन ୩ । (ସ. ଶଣ)—ଛଣପଟ; ଏକପ୍ରକାର ଝୋଟ—
सन 3. Flax (a fibrous plant).

ଛଣଖାଇ—ଦେ. ବି—ଘରଚାଳର ଶେଷ ବା ନିମ୍ନରେ ଛପରବନ୍ଧ ହୋଇଥିବା ଛଣକୁ ଅଟକାଇ ରଖିବା ନିମନ୍ତେ ଦିଆ ଯାଇଥିବା ଲମ୍ବ ପଟା—A long plate attached to the lower end of the thatched frame-work of a house to keep the straw in position.
Chhaṇa-khāi

ଛଣଗୁଣ୍ଡ—ଦେ. ବି—ଘରଚାଳରୁ ଓଲଟି ହୋଇଥିବା ଛଣର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—Small pieces of straw which drop from the main body of straw while being handled.
Chhaṇa-guṇḍa
(ଛଣଗୁଣ୍ଡି—ଅନ୍ୟରୂପ)

ଛଣପଟ—ଦେ. ବି. (ସ. ଶଣ ଓ ପଟ୍ଟ; ପାଟ ବା ରେଶମ ସଦୃଶ ଶଣ)—ତନ୍ତୁମୟ ଗୁଳ୍ମଜାତୀୟ ବୃକ୍ଷବିଶେଷ—Flax; the Sunhemp; Crotolaria Juncea; hemp; Cannabis (Haines).
Chhaṇapaṭa
ଅନ୍ୟ ସ. ନାମ—ଶଣ, ଶଣ- ଘଣ୍ଟା, ଘଣ୍ଟା, ବସନ, ଦୀର୍ଘସାର, ଦୀର୍ଘପୁଷ୍ପୀ, ଘଣ୍ଟାରବ
शण, शन, झनझिनिआ, झनझन
सन, गुलाश्रुनिआ,
बनशणाइ, घागहि
ଫା. ଲାଲନାଂ
ତା. ଯେନାପ୍ପାନାର, ଚିଲିଚିଚା
ତେ. ଯେନାପାନସ୍,
ଶଣାମଭୁଭେଛ
[ଦ୍ର—ଏହା ଗ୍ରୀଷ୍ମାବିବର୍ଗର କୃଷିଜାତ ଗୁଳ୍ମ, ଏଥିର ଫୁଲ ହଳଦିଆ ଓ ଅକାରରେ ଘଣ୍ଟି ପରି । ଶୁଖି ଗଲେ ଭିତରର ମଞ୍ଜିଗୁଡ଼ିକ ଝୁଣ୍‌ଝୁଣ ବାଜେ । ଏଥିର ତନ୍ତୁ ଝୋଟ ଅପେକ୍ଷା ଟାଣ ଓ ଚିକ୍କଣ । ଏଥିରେ ଜାଲ ବୁଣାଯାଏ ଓ ଥଳି ହୁଏ । ପୂର୍ବକାଳରେ ଛଣପଟ ସୂତରେ ଯଜ୍ଞସୂତ୍ରର ପଇତା ବନା ଯାଉଥିଲା । ଏହାର ତନ୍ତୁ ଅତ୍ୟନ୍ତ ସୁଦୃଢ଼ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା କଟୁ, ଉଷ୍ଣ, ବମନକାରକ ଓ ବାତ, ପିତ୍ତ ଓ କଫ ନିବାରକ, ମଳମୂତ୍ରସାରକ; ଏହାର ଫୁଲ ମଳରୋଧକ ଓ ରକ୍ତପିତ୍ତନାଶକ । ଏହାର ଫାଙ୍ଗୁଚୂର୍ଣ୍ଣ ରକ୍ତଶୋଧକ ।]

ଛଣା—ଦେ. ବି—୧ । ଛାଣିବା—1. Passing through a sieve; sifting; straining.
Chhaṇā
छाँका ୨ । ଯେଉଁ ଯନ୍ତ୍ର ବା କନାଦ୍ୱାରା ଗୁଣ୍ଡା ଆଦି ଛଣା ଯାଏ—
छना 2. Straining pot or cloth.
(ଯଥା—ଗୁଆଛଣା, ଭାଙ୍ଗଛଣା ।)
୩ । ଜାଲର କ୍ଷେପ—3. Throw of a net.
(ଯଥା—ସେ ଏକା ଛଣାକେ ଗୋଟାଏ ବଡ଼ ମାଛ ଧରିଛି ।)
ଦେ. ବିଣ—୧ । ଛଣା ହୋଇଥିବା; ଚାଲୁଣୀ ବା ଜାଲ ବା ଲୁଗାର ସୂକ୍ଷ୍ମ ଛିଦ୍ରବାଟେ ଚଳାଯାଇ ଖଦଡ଼ା ବା ବଡ଼ ଅଂଶମାନ ବାହାରି କରାଯାଇଥିବା—1. Strained; passed through a sieve; sifted; filtered.
୨ । ନିର୍ମଳ; ପରିଷ୍କୃତ—2. Cleansed (liquid).
ଛଣା ସୁଧା ପରି ଉର୍ଣ୍ଣେ—ବିଦଗ୍ଧଚିନ୍ତାମଣି, ଉର୍ଣ୍ଣେତାରଙ୍ଗ୍ରୀ ଗୀତ ।

୩ । ଯେଉଁ ଘନ ପଦାର୍ଥ (ଯଥା—ଭାତ) ପାଣି (ଯଥା—ପେଜ) ମଧ୍ୟରୁ ଛଣା ହୋଇଥାଏ—3. (any solid e. g. rice) Got after straining the liquid (e. g. rice-gruel) in which it was immersed or mixed.

ଛଣାଇବା—ଦେ. କ୍ରି—ଛାଣିବାର ଣିଜନ୍ତ ରୂପ—
Chhaṇāibā Causative form of Chhāṇibā.
छँकाना
छनाना
(ଛଣେଇବା—ଅନ୍ୟରୂପ)

ଛଣା ଦେବା—ପ୍ରାଦେ. (ବାଲେଶ୍ୱର) କ୍ରି—ଖିଆ ଦେବା (ଦେଖ)
Chhaṇā debā Khia debā (See)

ଛଣା ପିତଳ—ଦେ. ବି—ବିଶୁଦ୍ଧ ଓ ଦୀପ୍ତିମୟ ପିତ୍ତଳ ଧାତୁ—Pure and shining brass (metal).
Chhaṇā pitaḷa

ଛଣା ସୁଧା—ଦେ. ବି—ଖାଣ୍ଟି ଅମୃତ; ବିଶୁଦ୍ଧ ଅମୃତ—
Chhaṇā sudhā Pure nectar; filtered nectar.
छँका सुधा ଛଣା ସୁଧା ସରସଣାରୁ ମଧୁର ଲାଗୁଥିଲା ଶ୍ୟାମପ୍ରୀତ—କବିସୂର୍ଯ୍ୟ, ସଙ୍ଗୀତ ।

ଛଣି—ଦେ. ବିଣ. (ସ. ଶଣ)—ଛଣପଟରେ ନିର୍ମିତ—
Chhaṇi Hempen.
ଦେ. ବି—୧ । ଯହିଁରେ ଗୁଣ୍ଡା ଛଣାଯାଏ—
1. A straining pot; strainer.
୨ । ଛଣପଟର ଦଉଡ଼ି ବା ସୁତୁଲି—
2. Hempen rope or twist.
୩ । ଛଣପଟ ସୁତୁଲିରେ ବୁଣା ହୋଇଥିବା ଟଙ୍କା ରଖିବାର ଥଳି ବା ଜୋଡ଼ା ବା ମୁଣି—3. A net purse or bag made of San-hemp.
୪ । ଛଣପଟ—4. San-hemp.
ବକଳ ଛଣିଠାରୁ ପାଟ ଲୁଗାଯାଏ
ଯାହା ମିଳଇ ତାହା ପିନ୍ଧଇ ମୁଁ ଦେବେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଛଣିଦା—ପ୍ରାଦେ. ବିଣ. (କଟକ)—ନିର୍ଭୟ ଓ ଆଡ଼ମ୍ବରଯୁକ୍ତ—
Chhaṇidā Fearless and pompous.
(ଛଣିନ୍ଦା—ଅନ୍ୟରୂପ) (ଯଥା—ସେ ଭାରି ଛଣିଦା ହୋଇ ଏଠାକୁ ଆସିଥିଲା ଯେ ତାକୁ କେହି ପଚାରିଲେ ନାହିଁ ।)

ଛଣି ନେବା—ପ୍ରାଦେ. (ସିଂହଭୂମ) କ୍ରି—ଛଡ଼ାଇ ନେବା—
Chhaṇi nebā To snatch away.

ଛଣିବା—ପ୍ରାଦେ. (ସିଂହଭୂମ)—ଛଡ଼ାଇ ନେବା—
Chhaṇibā To snatch away.

ଛଣ୍ଟା—ଦେ. ବି. (ସ. ଛେଦନ)—(କୁର୍ତ୍ତିକନା ଓ କେଶ ଆଦିର) ଛେଦନ—Cutting; clipping.
Chhaṇṭā
छँटा
छाँट, छाँटाइ

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' କି ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛଣ୍ଟାଇବା—ଦେ. କ୍ରି—ଛଣ୍ଟିବାର ଣିଜନ୍ତ ରୂପ—
Chhanṭāibā Causative form of Chhāṇṭibā.
ছঁাটান
छँटाना
(ଛଣ୍ଟେଇବା—ଅନ୍ୟରୂପ)

ଛଣ୍ଟାଛଣ୍ଟି—ଦେ. ବି—୧ । ମୁଣ୍ଡର ବାଳକୁ କଟୁରିବା କର୍ମ—
Chhaṇṭā-chhaṇṭi 1. Act of cropping the hair.
ছঁাটাছঁাটি ୨ । ଗଛର ଅଗ ଡାଳକୁ କାଟିବା କର୍ମ—
छँटाव 2. Pruning.

ଛଣ୍ଡା—ପ୍ରାଦେ. (ସିଂହଭୂମ) ବି· ପୁଂ. (ମୂଳ. ବ. ছোঁড়া=ଟୋକା)—
Chhaṇḍā ୧ । ଟୋକା—1. Chap.
(ଛଣ୍ଡୀ—ସ୍ତ୍ରୀ) ୨ । ଦାସ; ଚାକର—2. Servant.

ଛଣ୍ଡୀ—ପ୍ରାଦେ. (ସିଂହଭୂମ) ବି. ସ୍ତ୍ରୀ. (ମୂଳ. ବ. ছুঁড়ী)—
Chhaṇḍī ବଡ଼ କନ୍ୟା; ପ୍ରାପ୍ତବୟସ୍କା ବାଳିକା—
A grown up girl or bride.

ଛତ୍—ପ୍ରାଦେ. (ହିନ୍ଦୀ) ବି—ବିହାର ପ୍ରଦେଶର ପର୍ବବିଶେଷ; ଛଟ୍ (ଦେଖ)
Chhat A festival in Behar; Chhaṭ (See)

ଛତ—ଦେ. ବି. (ସଂ. ଛଦ୍, ସଂ. ଛତ୍ର; ପ୍ରା. ଛତ୍ତ)—
Chhata କୋଠା ଉପରର ଆବରଣ—
ছাদ Roof of a building.
छत ଗ୍ରା. ବି. (ପ୍ରାଚୀନ ପଦ୍ୟ) ବି—କ୍ଷତ—Wound.

ଅଶ୍ଳେଷ ଚୁମ୍ବନ କଉ, ନଖଦନ୍ତ ଛତ ଖାଉ
ରତି ଜୟ କର ଶାନ୍ତ ପ୍ରବୋଧ ବାଣୀ । ପ୍ରାଚୀ. ରସବାରିଧ ।

ଛତଉରୀ—ଦେ. ବି. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatauri Śatābarī (See)

ଛତର—ଦେ. ବି. (ସଂ. ସତ୍ର)—
Chhatara ୧ । ଅନ୍ନସତ୍ର; ଯେଉଁଠାରେ ରନ୍ଧା ଭାତ ପ୍ରଭୃତି ଖାଦ୍ୟ କଙ୍ଗାଳମାନଙ୍କୁ ବଣ୍ଟାଯାଏ; ସଦାବ୍ରତ—
ছত্র 1. A place where boiled rice is freely distributed to beggars (without distinction); a public kitchen.
छत्तर ୨ । ଜଳସତ୍ର—2. A place where water is distributed free to thirsty travellers.
ଗ୍ରା. (ପଦ୍ୟ) ବି. (ସଂ. ଛତ୍ର)—ଛତା—Umbrella.

ଛ ଅକ୍ଷର ହୋଇଛି ଛତର ଯେ ସତ । ପ୍ରାଚୀ. ବ୍ରହ୍ମଭୂଷଣ ଗୀତା ।

ଛତରଖାଈ—ଦେ. ବି. ସ୍ତ୍ରୀ. (ସଂ. ଛତ୍ର+ଖାଦକ) (ସ୍ତ୍ରୀଲୋକମାନଙ୍କୁ
Chhatara-khāī ଗାଳି)—୧ । ନୀଚ ଲୋକ ସଙ୍ଗମକାରିଣୀ ବେଶ୍ୟା;
(ଛତରଖିଆ—ପୁଂ) ଖାନଗୀ—1. A low class prostitute; a whore.
খানকী
खानगी ୨ । କଷ୍ଟଚରିତ୍ରା ସ୍ତ୍ରୀ—2. A fallen woman; a profligate woman.
୩ । ମାଗିଖାଈ—
3. A wandering beggar-woman.

ଛତରଖିଆ—ଦେ. ବିଣ. ପୁଂ. (ସଂ. ସତ୍ର+ଖାଦକ)—
Chhatara-khiā ୧ । ଯେ ଅନ୍ନସତ୍ରରେ ରନ୍ଧା ଭାତ ଖାଏ—
(ଛତରଖାଈ—ସ୍ତ୍ରୀ) 1. Taking food cooked in a public kitchen.
छन्नछाड़ा
୨ । ଯାହାର ଜାତିବାରଣ ନାହିଁ—
2. Observing no caste-distinction.
୩ । ବାରବୁଲା—3. Wandering; vagabond.
ଦେ. ବି—୧ । ଓଡ଼ିଶାରେ ନଅଙ୍କ (୧୮୬୬ ସାଲ) ଦୁର୍ଭିକ୍ଷରେ ସରକାର ଖୋଲିଥିବା ଅନ୍ନସତ୍ରରେ ଭାତ ଖାଇ ଯେଉଁ ହିନ୍ଦୁମାନେ ସମାଜଭ୍ରଷ୍ଟ ହୋଇଥିଲେ—
1. Those who lost their caste by eating rice in the public kitchens opened by the Government during the great famine of 1866 A. D. in Orissa.

[ଦ୍ର—ନଅଙ୍କ ଦୁର୍ଭିକ୍ଷରେ ଏହି ନରନାରୀମାନଙ୍କୁ ଏମାନଙ୍କ ସମାଜ ଗ୍ରହଣ ନ କରିବାରୁ ଅଗତ୍ୟା ଜାତିବିଚାର ନ କରି ଛତରଖିଆ ସଙ୍ଗେ ଛତରଖାଈମାନେ ଗାନ୍ଧର୍ବ ବିବାହ କଲେ ଓ ଏହିପରି ଗୋଟିଏ 'ବାରଜାତିଆ' ସମାଜର ସୃଷ୍ଟି ହେଲା । ଏମାନଙ୍କ ବଂଶଧରମାନଙ୍କ ମଧ୍ୟରେ ବିବାହଦ୍ୱାରା ଆଦାନ ପ୍ରଦାନ ଚଳୁଅଛି । ଅନେକ ସ୍ତ୍ରୀଲୋକ ନୀଚସମାଜରେ ବେଶ୍ୟାବୃତ୍ତି କଲେ ଓ ଅନ୍ୟ କେତେକ ଛତରଖିଆଙ୍କୁ ପାଦ୍ରୀମାନେ ନୂଆ ଗ୍ରାମମାନ ବସାଇ ଖ୍ରୀଷ୍ଟାନ୍ କରାଇ ଓଡ଼ିଶାରେ ଖ୍ରୀଷ୍ଟିଆନ୍ ସମାଜ ପ୍ରତିଷ୍ଠା କଲେ; କ୍ରମଶଃ ଛତରଖିଆମାନେ ହିନ୍ଦୁସମାଜରେ ଆପଣାକୁ ରଜପୁତ୍, ଛତ୍ରୀ ଆଦିରୂପେ ପରିଚୟ ଦେଉଅଛନ୍ତି ।]

୨ । ନଅଙ୍କରେ ଛତରରେ ଅନ୍ନ ଖାଇଥିବା ବ୍ୟକ୍ତିମାନଙ୍କର ବଂଶଧର—2. The discendants of the persons who were excluded from the Hindu society for having taken cooked rice in public Government kitchens during the great famine of Orissa (1866).
୩ । ବାରବୁଲା; ଯାହାର ଜାତିପତି କିଛି ନାହିଁ ଓ ଯେ ଯେଉଁଠାରେ ଇଚ୍ଛା ସେଠାରେ ଖାଏ—
3. A homeless vagrant observing no caste-distinction, taking food everywhere and belonging to no caste or society.
୪ । ମାଗିଖିଆ ବ୍ୟକ୍ତି—4. A wandering beggar.

ଛତରଙ୍ଗି—ଗ୍ରା. ବି—ସତରଞ୍ଜି (ଦେଖ)
Chhataraṅgi Sataraṇji (See)

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଲଂଯ୍ଯ	ଉଅ	ଞ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଞ	ନ୍

ଛତରଛାଉଳ—ଦେ. ବି. (ସଂ. କ୍ଷିପ୍ତ; ସଂ. ଛିନ୍ନଭିନ୍ନ)—
Chhatara-chhāula ୧ । ସମୂଳେ ବିନାଶ—
1. Annihilation; ruin.
୨ । ଛିନ୍ନଭିନ୍ନ—2. Being scattered on all sides.
ଛତିଛନ୍ନ ଦେ. ବିଣ—୧ । ଇତସ୍ତତଃ ବିକ୍ଷିପ୍ତ; ଛିନ୍ନଭିନ୍ନ—
ছিতরবিতর 1. Scattered on all sides.
ଛତରଛଉଳ } ଅନ୍ୟରୂପ ୨ । ବିଧ୍ୱସ୍ତ; ଛାରଖାର—
ଛତରଛାଉଳ } 2. Ruined; laid waste.
୩ । ଚୂର୍ଣ୍ଣବିଚୂର୍ଣ୍ଣ—3. Reduced to powder; reduced to small pieces.
୪ । ଯାହା ବସ୍ତୁ ଉଚ୍ଚରୁ ପଡ଼ି ଛିନ୍ନଭିନ୍ନ ହୋଇ ଖଣ୍ଡ ଖଣ୍ଡ ହୋଇ ବିଛି ହୋଇଯାଏ—4. Strewn in fragments or many pieces, having fallen from a great height.
(ଯଥା—କଖାରୁଟା ଘରଛପରରୁ ଖସି ପଡ଼ି ଅଗଣାରେ ଛତରଛାଉଳ ହୋଇଗଲା)

ଛତର ଦେବା—ଦେ. କ୍ରି—ଦୁର୍ଭିକ୍ଷବେଳେ ଭାତ ରନ୍ଧାଇ ଗରିବଙ୍କୁ
Chhatara debā ଖାଇବାକୁ ଦେବା ନିମନ୍ତେ ଅନ୍ନସତ୍ର ସ୍ଥାପନ
ছত্রবসান କରିବା—To open a public kitchen for distribution of boiled rice gratis to famine-stricken people.

ଛତର ବସା(ସେ)ଇବା—ଦେ. କ୍ରି.—ଛତର ଦେବା (ଦେଖ)
Chhatara basā(se)ibā Chhatara debā (See)

ଛତରରେ ପଶିବା—ଦେ. କ୍ରି.—୧ । ଭଦ୍ରରକ୍ଷାଲାରେ ଜାତି ବା
Chhatarare pasibā ସମାଜବନ୍ଧନ ନ ମାନି ଅନ୍ନସତ୍ରରେ ଭାତ ଖାଇବା—1. To eat cooked rice in a public kitchen by disregarding social restrictions.
୨ । ଅନ୍ନସତ୍ରରେ ରନ୍ଧା ହୋଇଥିବା ଭାତ ଖାଇବା ହେତୁରୁ ଜାତି ହରାଇବା—2. To lose one's caste or to be excluded from the pale of one's society by taking rice from a public kitchen.
୩ । (ପୁରୁଷଙ୍କ ପ୍ରତି ଗାଳିବିଶେଷ) ଜାତି ହରାଇବା; ଅଜାତିଅଙ୍କ ଘରେ ପକ୍ୱାନ୍ନ ଖାଇବା—3. (a term of abuse to males) To lose one's caste; to take food cooked by people of low caste.
୪ । (ସ୍ତ୍ରୀଙ୍କ ପ୍ରତି ଗାଳିବିଶେଷ)—କୁଳରୁ ବାହାର ଯାଇ ନୀଚ ବେଶ୍ୟାବୃତ୍ତି କରିବା; ବଜାରୁଣୀ ହୋଇଯିବା—
4. (a term of abuse to females) To go out of one's family and take to prostitution.

ଛତରା—ଦେ. ବିଣ. ପୁଂ.—୧ । (ସଂ. ସତ୍ର)—ଛତରଖିଆ; ଯେ ଏଣେ
Chhatarā ତେଣେ ବୁଲୁଥାଏ; ବାଉବୁଲା—
ছেঁচড়া 1. Vagrant.
বহেতু, ছিঞ্চোরা ୨ । (ସଂ. ଛତ୍ୱର=ଧୂର୍ତ୍ତ) ଧୂର୍ତ୍ତ; ଭଣ୍ଡ—
(ଛତରୀ—ସ୍ତ୍ରୀ) 2. Cheat.
ଛତରାଙ୍ଗି } —ବି. ୩ । ଦୁଷ୍ଟ; ବଗୁଲିଆ; ଖେଚଡ଼ା; ଛେଚଡ଼ା—
ଛତରାମି } 3. Wicked; wanton; dessolute.
୪ । (ଗାଳିବିଶେଷ) ଯାହାର ଘର ବା ଜାତି କିଛି ନାହିଁ—4. (a term of abuse) Belonging to no society; homeless.
୫ । (ସଂ. ବିସ୍ତୃତ; ସଂ. କ୍ଷିପ୍ତ. ପ୍ରା. ଛିତ୍ତ) ଗୃହ ଅଢ଼େ ବିସ୍ତୃତ ହୋଇଥିବା; ଚଉଡ଼ା—4. Spreading; extending on all sides.
(ଯଥା—ଛତରା ବର ।)

ଛତରାଇବା—ଦେ. କ୍ରି.—ଛତରେଇବା (ଦେଖ)
Chhatarāibā Chhatareibā (See)

ଛତରାଙ୍ଗି—ଦେ. ବି.—୧ । ଛତରାପଣିଆଁ—
Chhatarāngi 1. The state of a vagrant.
ছেঁচড়ামী ୨ । ଭଣ୍ଡାମି—2. Wantonness.
ছিঞ্চোরপন ୩ । ଖେଚେଡ଼ାଙ୍ଗ—3. Wickedness.
(ଛତରାମି—ଅନ୍ୟରୂପ)

ଛତରିଆ—ଦେ. ବି.—ଭଦଭଦଳିଆ ପରି ଏକ ପ୍ରକାର ମଧୁରସ୍ୱର-ବିଶିଷ୍ଟ
Chhatariā ପକ୍ଷୀ—The thrush; Turdus
ছতরিআ, ছাতারে Mustelinus.

ଛତରେଇବା—ଦେ. କ୍ରି.—୧ । (ସଂ 'ଛତ୍ର'ର ନାମଧାତୁ 'ଛତ୍ରାୟତେ)
Chhatareibā ସଂ. ଛତ୍ରାକାର)—୧ । (ଅକର୍ମକ) ଛତ୍ରାକାରରେ
ছাতরান ,ছঁাতলান ବିସ୍ତୃତ ହେବା—1. (intransitive) To
ছিতরানা spread out like an umbrella.
(ଯଥା—ଏ ବରଗଛଟା ଖୁବ ଛତରେଇଛି ।)
୨ । (ସଂ. କ୍ଷିପ୍ତକରଣ; ପ୍ରା. ଛିତ୍ତରଣ) (ସକର୍ମକ)—ଖେଳାଇ ଦେବା; ବିସ୍ତୃତ କରିବା—
2. (transitive) To spread out.
(ଯଥା—ଏ ଓଦା ଧାନଗଦାକୁ ଛତରେଇ ଦେଲେ ଚଞ୍ଚଳ ଶୁଖି ଯିବ ।)
୩ । (ଅକର୍ମକ) ବୃତ୍ତାକାର ଅଧିକ ସ୍ଥାନ ଅଧିକାର କରିବା ବା ବ୍ୟାପିବା—3. (intransitive) To occupy or spread over a wide and circular place.
(ଯଥା—ନଈବଢ଼ି ପରେ ଏବର୍ଷ ପାଣି ବାଲିଟିପା ଉପରେ ଘାସେ ଛତରେଇଛି ।)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନର ଦେଖାଯିବ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଛତା—ଦେ. ବି. (ସଂ. ଛତ୍ର; ପ୍ରା. ଛତ୍ତ)—
Chhatā — ଛାତା, ଛাতী — छाता, छत्ता
୧ । ତାଳପତ୍ରରେ ବା କନାରେ ନିର୍ମିତ ଓ କେନ୍ଦ୍ରରେ ତଳ ଅଡ଼କୁ ଗୋଟିଏ ଦଣ୍ଡ ବା ବେଣ୍ଟ ଥିବା ଗୋଲାକାର ଶରୀରାବରଣ ବସ୍ତୁ; ଆତପତ୍ର— 1. Umbrella.
୨ । ଛତାକାର ଆବରଣ—2. Parachutte.
୩ । ପରିବ୍ରାଜକ ସାଧୁମାନେ ନିଜ ନିଜର ଅସ୍ଥାନ ଉପରେ ପୋତିବା କନାର ବଡ଼ ଛତା— 3. A big cloth-umbrella installed on a central rod over the seat of a wandering ancharite.
୪ । ଘୁଷୁରିଆ ଓ ମଇଁଷିଆଳମାନେ ଘୁଷୁରି ଓ ମଇଁଷିଙ୍କ ସଙ୍ଗରେ ରହିବାବେଳେ ଆଶ୍ରୟ ନେବା ନିମନ୍ତେ ପୋତିବା ତାଳପତ୍ରର ଛତା—4. An umbrella with a palm-leaf covering installed on a central rod to give shelter to buffalo-herds or swineherds while accompanying their herds
୫ । ଦେବତା, ସମ୍ରାଟ ବା ପ୍ରଭୁଙ୍କ ଅଧିକାରଜ୍ଞାପକ ଛତ୍ର; ରାଜଛତ୍ର—5. An insignia of royalty, represented by an umbrella held over the head of a Raja or a Deity.

ଦେ. ବିଣ—ଛତା ପରି ବିସ୍ତୃତ; ଝାମ୍ପୁଡ଼ା; ମୂଳ ସରୁ ଓ ଅଗ ମେଲି ଯାଇଥିବା (ଗଛ)—Spreading like an umbrella (said of trees).

ଛତାଉରି—ଦେ. ବି. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatāuri — Śatābari (See)
ଛତୋରି / ଛତୌରି } ଅନ୍ୟରୂପ

ଛତାକାଠି—ଦେ. ବି. (ସଂ. ଛତ୍ର+କାଷ୍ଠ)—
Chhatā-kāthi — ছাতার কাঠি — छाताकातीलिया
(ଛତାକାଡ଼ି—ଅନ୍ୟରୂପ)
ଛନା ଛତାକୁ ଟାଣି ମେଲାଇ ରଖିବାପାଇଁ ବ୍ୟବହୃତ ଲୌହଶଲାକା—The iron rods used to sustain the framework of an umbrella.

ଛତା ଖୋଲିବା—ଦେ. କ୍ରି—ବନ୍ଦ ହୋଇଥିବା ଛତାକୁ ବ୍ୟବହାରାର୍ଥ ମେଲା କରିବା—To open up or spread out an umbrella for use; to unfurl a folded umbrella.
Chhatā kholibā — ছাতাখুলা — छाताखोलना
ଛତା ଟାଣିବା / ଛତା ମେଲେଇବା } ଅନ୍ୟରୂପ
(ଛତା ବୁଜିବା—ବିପରୀତ)

ଛତା ଜୋତା—ଦେ. ବି. (ସହଚର ଶବ୍ଦ)—ମନୁଷ୍ୟ ଘରୁ ବାହାରକୁ ଯିବାବେଳେ ବ୍ୟବହାର କରିବା ଦୁଇଟି ପଦାର୍ଥ:—(ମୁଣ୍ଡ ଓ ଗୋଡ଼କୁ ରକ୍ଷା କରିବାପାଇଁ) ଛତ୍ର ଓ ପାଦୁକା—Umbrella and shoes (necessary for a man going outside).
Chhatā jotā — ছাতাজুতো — छाताजुता
[ଦ୍ର—ଏ ଦୁଇଟି ପଦାର୍ଥ ଘରର ବାହାରେ ରଖି ଦେଇ ଘର ମଧ୍ୟକୁ ଯିବାର ବିଧି ଭଦ୍ରତାନୁମୋଦିତ ।]

ଛତା ଟେକା(କେ)ଇବା—ଦେ. କ୍ରି—ଛତି ଟେକାଇବା (ଦେଖ)
Chhatā tekā(e)ibā — Chhati tekāibā (See)

ଛତା ଟେକିବା—ଦେ. କ୍ରି—ଆପଣାର ବା ଅନ୍ୟ ବ୍ୟକ୍ତିଙ୍କ ମୁଣ୍ଡ ଉପରେ ଛତାକୁ ମେଲା କରି ଧରିବା—To hold an umbrella over one's head or over the head of another.
Chhatā tekibā — ছাতাধরা — छातातानना
ଛତା ଟାଣିବା / ଛତା ଧରିବା } ଅନ୍ୟରୂପ

ଛତା ଢାଙ୍କିବା—ଦେ. କ୍ରି—(ମେଘ) (ମନୁଷ୍ୟମାନଙ୍କୁ ଘେରିକରି ଛତା ଢାଙ୍କିଲା ପରି) ଚତୁର୍ଦ୍ଦିଗରେ ଘୋଟିବା—(the cloud) To spread above on all sides; to overspread (like an umbrella).
Chhatā dhānkibā — ছাতাঢাকা — छाताढकना
(ଯଥା—ଆଜି ସକାଳୁ ମେଘ ଛତା ଢାଙ୍କିଛି ।)

ଛତାନି—ଦେ. ବି. (ସଂ. ସପ୍ତ)—ଛତାନି ପୁରୁଷ (ଦେଖ)
Chhatāni — Chhatāni purusha (See)

ଛତାନି ପତାନି—ଦେ. ବି. (ନିରର୍ଥକ ଦ୍ୱିତୀୟ ସହଚର)—ଛତାନି ପୁରୁଷ (ଦେଖ)
Chhatāni patāni — Chhatāni purusha (See)
(ଯଥା—ସେ ମୋର ଛତାନି ପତାନି ଲଗେଇ ଶୋଧିଲା ।)

ଛତାନି ପୁରୁଷ—ଦେ. ବି. (ସଂ. ସପ୍ତ+ପୁରୁଷ)—କୌଣସି ବ୍ୟକ୍ତିର ବଂଶର ଏକାଦିକ୍ରମେ ୭ ପୁରୁଷ ବା ବଂଶଧର—Seven generations in the family of a person.
Chhatāni purush — সাতপুরুষ
(ଯଥା—ସେ ମୋତେ ଛତାନି ପୁରୁଷ ଲଗେଇ ଶୋଧିଲା; ବି. ସେ ଆମାୟୁ ସାତ୍ ପୁରୁଷ୍ ଭୁଲେ ଗାଲାଗାଲ୍ ଦିଲେ ।)

ଛତା ପକାଇବା—ଦେ. କ୍ରି—(ମହନ୍ତ ସାଧୁ, ମଇଁଷିଆ ଓ ଘୁଷୁରିଆମାନେ ଯେଉଁ ସ୍ଥାନରେ କିଛି ସମୟ ଅବସ୍ଥାନ କରିବେ ସେ ସ୍ଥାନରେ ଆପଣାର ଶରୀରକୁ ଖରାବର୍ଷାରୁ ରକ୍ଷା କରିବାପାଇଁ) ଛତାର ବେଣ୍ଟକୁ ଭୂମିରେ ଗାତ ଖୋଳି ପୋତିବା—To install an umbrella by planting the central rod on the ground for passing some time under it (said of wandering anchorites,
Chhatā pakāibā — ছাতাগাড়া — छातागाड़ना
ଛତା ପକେଇବା / ଛତା ପୋତିବା / ଛତା ମାରିବା } ଅନ୍ୟରୂପ

୧	ଇ	ଉ	ଋ,ୠ	ଌ	ଏ	ଦନ୍ତ୍ୟ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ୍ଞ	ଶ,ଷ	କ୍ଷ	ଇସ୍ତ	ଉଅ	ଣ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ୱ	ନ୍

buffalo-herds or swine herds) who pass days and night in the open).

ଛତା ବର—ଦେ. ବ. (ସଂ. ଛତ୍ରାକାର+ବଟ)—
Chhatā bara ଯେଉଁ ବରଗଛର ଶାଖା ଛତା ପରି ବିସ୍ତୃତ
ଛାତରା বটগাছ ହୋଇଥାଏ—A spreading banyan tree.
छतनावर

ଛତା ବୁଜିବା—ଦେ. କ୍ରି.—ଖୋଲା ହୋଇଥିବା ଛତାକୁ ବନ୍ଦ କରିବା—
Chhatā bujibā To shut up or close an umbrella
ছতা বন্দকরা when no longer in use.
छाताबन्द करना

ଛତା ମାରିବା
ଛତା ମୁଦିବା } ଅନ୍ୟରୂପ
(ଛତା ଖୋଲିବା—**ବିପରୀତ**)

ଛତାବେଣ୍ଟ—ଦେ. ବ. (ସଂ. ଛତ୍ର+ବୃନ୍ତ)—ଛତାକୁ ଠେକ କରି ଧରିବା
Chhatābenta ପାଇଁ ବ୍ୟବହୃତ ମଧ୍ୟସ୍ଥ ଦଣ୍ଡ—The central
ছাতার বেঁট rod which supports an umbrella; the
छाताका डंडा handle of an umbrella.

ଛତା ମାରିବା—ଦେ. କ୍ରି.—୧ । ଛତା ପକାଇବା (ଦେଖ)
Chhatā māribā 1. Chhatā pakāibā (See)
୨ । ଛତା ବୁଜିବା (ଦେଖ)
2. Chhatā bujibā (See)

ଛତା ମେଲାଇବା—ଦେ. କ୍ରି.—୧ । ଛତା ପରି ଅଗ ଝାମ୍ପୁଲା ହେବା;
Chhatā melāibā ଛତ୍ରାକାର ହେବା; ଛତରେଇବା—
1. To spread out like an umbrella.
(ଯଥା—ବରଗଛଟା ଖୁବ୍ ଛତା ମେଲାଇ ବଢ଼ୁଛି ।)

ଛତାମେଲିବା
ଛତା ମେଲେଇବା } —ଅନ୍ୟରୂପ
୨ । ଛତା ଖୋଲିବା (ଦେଖ)
2. Chhatā kholibā (See)

ଛତା ମେଲିବା—ଦେ. କ୍ରି.—ଛତା ମେଲାଇବା (ଦେଖ)
Chhatā melibā Chhatā melāibā (See)
(ଯଥା—ବରଗଛଟା ଛତା ମେଲି ବଢ଼ୁଛି ।)

ଛତାଳିଆ—ଦେ. ବଣ. (ସଂ. ଛତ୍ରାକାର)—ଛତା ପରି ବିସ୍ତୃତ; ଝାମ୍ପୁଲା—
Chhatālia Spreading.
ছাতরা
—छितरा हुआ, छतनार

ଛତି—ଦେ. ବ. (ସଂ. ଛତ୍ର)—ଆତପତ୍ର—
Chhati 1. Umbrella.
ছাতি ୨ । ମହନ୍ତ, ଦେବତା, ରାଜା ଆଦିଙ୍କ ମୁଣ୍ଡ ଉପରେ ଧରାଯିବା
छाति ବଡ଼ ଛତ୍ର—2. A big umbrella held over the head of deities, kings and mahantas.
୩ । (ସଂ. ଛଦ ଧାତୁ) ସଗଡ଼କୁ ପାଲିଙ୍କି ବା ରଥର ଆଚ୍ଛାଦନ—
3. The pood or cover of a palki or car.

୪ । କଣ୍ଟିଲାକାର ଅଗ୍ରଭାଗ; (ଲୁହା କଣ୍ଟାର ମୁଣ୍ଡି ପରି)
ଛତ୍ରାକାର ଅଗ୍ରଭାଗ ବା ମୁଣ୍ଡି—4. The spreading top (e. g. of a nail.)
୫ । ଲିଙ୍ଗର କଣ୍ଟିଲାକାର ଅଗ୍ରଭାଗ ବା ସୁପାରି—
5 The round top of the penis; nut.

ପ୍ରାଦେ. (ସମ୍ବଲପୁର) ବ. (ସଂ. ଛତ୍ରାକ; ତୁଳ. ହି. ଛତରୀ)—
ଛତୁ—Mushroom.
[ଦ୍ର—ଛତୁର ପ୍ରକାର ଭେଦ ପ୍ରାଦେ. ନାମ ଯଥା—ଘୁଟୁବା ରୁଗୁଡ଼ା, ପୁଥଲ, ଭୁଦୋମଲୁଲା, ବିହୁଡ଼େଙ୍ଗ, ବଣୁଆ, ବାଲି ।]

ଛତି (ଇତ୍ୟାଦି)—ଦେ. ବ.—ଛତା ଇତ୍ୟାଦି (ଦେଖ)
Chhati (etc) Chhatā etc (See)

ଛତିଅନା—ଦେ. ବ. (ସଂ. ସପ୍ତପର୍ଣ୍ଣୀ ପ୍ରା. ଛତ୍ତିବଣ୍ଣୀ)—ଛଚିନା (ଦେଖ)
Chhatianā Chhachinā (See)
(ଛତିଅନା—**ଅନ୍ୟରୂପ**)

ଛତିଆ—ଦେ. ବ. (ସଂ. ଛତ୍ରାକ)—୧ । ବହୁକାଳ ଅବନ୍ଧ ରହିଥିବା
Chhatiā ପଦାର୍ଥ (ଖାଦ୍ୟାଦି) ଉପରେ ମାଡ଼ିଯିବା ଧଳା ଫିମ୍ପି;
ছাতা କଳଙ୍କି—1. Mould; smut; mildew; rust.
फफुन्दी, मैल ୨ । ଜିହ୍ୱାମଳ; କ୍ଳେଦ—2. The dirt or foul matter appearing on the tongue (of a sick, famishing or a sleeping person).
୩ । ଦନ୍ତମଳ—3. Foul coating on the teeth; tartar of the teeth.
୪ । ରାଜା ଆଦିଙ୍କ ଗହଣରେ ଛତି ଧରି ଯିବା ଲୋକ—
4 A carrier of umbrella in the retinue of a king or idol.

ଦେ. ବ. (ନାମ)—ଦର୍ପଣ କିଲ୍ଲାରେ କପିଳାସ ରୋଡ଼୍ ଷ୍ଟେସନ୍ ନିକଟରେ ଥିବା ଗୋଟିଏ ଗ୍ରାମ—A village in the estate of Darpan (in Orissa).
[ଦ୍ର—ଏହିଠାରେ ଗୋଟିଏ ଅତି ପୁରାତନ ବଟଗଛ ମୂଳରେ ନିରାକାର ଉପାସକ ସାଧୁମାନଙ୍କର ସମାଧି ଓ ଭଜନାଳୟ ଅଛି । ଏହା ଜଗନ୍ନାଥ ସଡ଼କ ଉପରେ ଅବସ୍ଥିତ ।]

ଦେ. ବଣ.—୧ । କ୍ଳିନ୍ନ; ମଳଯୁକ୍ତ—
1. Sordid; furred (e.g. tongue).
୨ । କଳଙ୍କି ଲାଗିଥିବା—2. Soiled; rusted.
୩ । ଗମୁଅ; ଗମରା; ଫିମ୍ପି ମାଡ଼ି ଯାଇଥିବା—
3. Mildewed.

ଛତିଆ ଛଡ଼ାଇବା—ଗ୍ରା. କ୍ରି.—୧ । ଜିଭର ମଳକୁ ପରିଷ୍କାର କରିବା—
Chhatiā chhardāibā 1. To scrape off the sordes of the tongue.

୨ । (ଲକ୍ଷଣାର୍ଥ) ନ ଖାଇଥିବା ବ୍ୟକ୍ତିକୁ ସୁଖାଦ୍ୟ ଖାଇବାକୁ ଦେବା (ଅର୍ଥାତ୍ ତଦ୍ୱାରା ତାହାର ଜିଭର ମଳକୁ ପରିଷ୍କୃତ କରାଇବା)—2. (figurative) To give dainty things to a poor or famished person to eat (thus enabling him to have his tongue cleansed of its fur by the process of eating.)
(ଛତିଅ ଛଡ଼େଇବା—ଅନ୍ୟରୂପ)

ଛତିଅ ଛାଡ଼ିବା—ଗ୍ରା. କ୍ରି.—୧ । ମଳ ବା ଚିକ୍କଣ ପରିଷ୍କୃତ ହେବା—
Chhatiā chhārdibā 1 Cleansing of the sordes or rust from a thing.
ଛାତା ଛାଡ଼ା
୨ । (ଲକ୍ଷଣାର୍ଥ) ସୁଖାଦ୍ୟ ଖାଇବାଦ୍ୱାରା ମନୁଷ୍ୟର ଜିଭର ଅରୁଚି ଛାଡ଼ିଯିବା—2. (figurative) The disappearance of the sords of the tongue or the disappearance of the loathing for food; by the eating of dainty things.

ଛତିଅ ଧରିବା—ଦେ. କ୍ରି—(ବହୁକାଳ ଅବଦ୍ଧ ବା ଅବ୍ୟବହୃତ ପଦାର୍ଥ)
Chhatiā dharibā ଚିକ୍କଣଯୁକ୍ତ ବସିବା; ମଳଯୁକ୍ତ ହେବା—
ଛାତା ଧରା To bocome rusted, mildewed or sordid.
(ଛତିଅ ମାରିବା—ଅନ୍ୟରୂପ)

ଛତିଆଣା—ଦେ. ବି. (ସଂ. ସପ୍ତପର୍ଣ୍ଣୀ)—ଛଚିନା (ଦେଖ)
Chhatiānā Chhachinā (See)

ଛତିକଣ୍ଟା—ଦେ. ବି—ଯେଉଁ ଲୁହାକଣ୍ଟାର ମୁଣ୍ଡ ଛତାକୃତି ହୋଇଥାଏ—
Chhati-kanṭā Bolt; a nail having a flat head.

ଛତି କାହାଳି—ଦେ. ବି. (ସହଚର ଶବ୍ଦ; ସଂ. ଛତ୍ର)—ରାଜାଙ୍କ ଗମନରେ
Chhati kāhāli ଥିବା ପ୍ରଭୁତ୍ୱଜ୍ଞାପକ ଦୁଇଟି ବସ୍ତୁ ଛତା ଓ ତୁରୀ—
Umbrella and trumpet (two things accompanying a king and taken as insignia of royalty).

ଛତି ଟେକାଇବା—ଦେ. କ୍ରି—୧ । ନିଜ ଉପରେ ଅନ୍ୟ ବ୍ୟକ୍ତି ଛତି
Chhati ṭekāibā ଧରିବାର ଉପାୟ କରିବା—1. To have an umbrella held over one's own head by another.
(ଛତି ଟେକେଇବା—ଅନ୍ୟରୂପ)
୨ । (ଲକ୍ଷଣାର୍ଥ) ଶ୍ରେଷ୍ଠ ବୋଲି ପରିଗଣିତ ହେବା—
2. (figurative) To be reckoned as the best.

ପ୍ରେମବଳେ ତାଙ୍କ କର ଛତ୍ରତଳ
ପ୍ରେମିକାକୁଳେ ମୁଁ ଟେକାଇବି ଛତି । ରାଧାନାଥ. ଚନ୍ଦ୍ରଭାଗା ।

ଛତି ଟେକିବା—ଦେ. କ୍ରି—୧ । ରାଜା, ଦେବତା ବା ବଡ଼ଲୋକଙ୍କ
Chhati ṭekibā ମୁଣ୍ଡ ଉପରେ ଛାଇ ହେବାଲାଗି ଛତି ଧରିବା—
1. To hold up an umbrella over the head of a Raja, Deity or rich man.
୨ । (ଲକ୍ଷଣାର୍ଥ) ନିଜକୁ ଶ୍ରେଷ୍ଠ ବୋଲି ପରିଚିତ କରାଇବା—
2. (figurative) To make oneself known as the best.

ଯେବେ ସେ ହେବ କୋଳେ, କଳାବିଗନରେ
ନ ଟେକିବୁ କ ଶ୍ରେଷ୍ଠ ଛତି ରେ । କବିସୂର୍ଯ୍ୟ. ସଙ୍ଗୀତ ।

ଛତିଦାର କଣ୍ଟା—ଦେ. ବି—ଯାହାର ଛତି ଅଛି; ଯେଉଁ କଣ୍ଟାର ମୁଣ୍ଡ
Chhatidār kanṭā ଉପର ଛତାକାର—
A nail having a spreading top.

ଛତିବିତି—ଦେ, ବିଣ. (ପ୍ରାଚୀନ)—୧ । ଛିନ୍ନଭିନ୍ନ; ବିନଷ୍ଟ—
Chhatibiti 1. Shattered; ruined.
ଛତିଛନ୍ନ
ଛତରବିତର

ଏହିକ୍ଷଣି ଦେଖିବ ମୋର କରାମତି
କ୍ଷଣକେ ଦକ୍ଷଯାଗ ହେବ ଛତିବିତି । କୃଷ୍ଣସିଂହ, ମହାଭାରତ ଶାନ୍ତି ।

୨ । ଇତସ୍ତତଃ ବିକ୍ଷିପ୍ତ; ଚତୁର୍ଦ୍ଦିଗରେ ଖେଳାଇ ହୋଇଥିବା—
2. Scattered all round; routed.

ଛତିରି—ପ୍ରାଦେ. (ସମ୍ବଲପୁର) ବି. (ସଂ. ଛତ୍ର)—ବେଣ୍ଟ ନ ଥିବା ଅତି
Chhatiri ଛୋଟ ଛତା; ଝାମ୍ପି—A small umbrella without a holder.
(ଛତିରି—ଅନ୍ୟରୂପ)

ଛତିଶ—ଦେ. ବି. (ସଂ. ଷଟ୍‌ତ୍ରିଂଶତ୍, ପ୍ରା. ଛତ୍ତିସା)—ତିରିଶିରୁ ଅଧିକ
Chhatisa ଛଅ ସଂଖ୍ୟା; ୩୬—The number 36.
ଛତ୍ରିଶ ଦେ. ବିଣ—୧ । ୩୬ ସଂଖ୍ୟକ—
ଛତୀଶ 1. Numbering thirty six.
୨ । ୩୬ର ପୂରଣ—2. Thirtysixth.

ଛତିଶ
ଛତିଶି —ଅନ୍ୟରୂପ
ଛତିଶି

ଛତିଶଗଡ଼—ଦେ. ବି. (ନାମ)—ମଧ୍ୟପ୍ରଦେଶାନ୍ତର୍ଗତ ଗଡ଼ଜାତସମୂହ ଓ
Chhatisa-garda ଗୋଟିଏ ବିଭାଗ—Name of the agency tracts and of a division in the Central Province.
(ଛତିଶିଗଡ଼—ଅନ୍ୟରୂପ)

[ଦ୍ର—ପୂର୍ବେ ଛତିଶଗଡ଼ ୩୬ ଟି ଗଡ଼ଜାତ ରାଜ୍ୟର ସମଷ୍ଟି ଥିଲା । ବର୍ତ୍ତମାନ ତହିଁ ମଧ୍ୟରୁ କେତେକ ଓଡ଼ିଶା ଗଡ଼ଜାତ ଓ କେତେକ ମଧ୍ୟପ୍ରଦେଶ ଗଡ଼ଜାତର ଅନ୍ତର୍ଭୁକ୍ତ ହୋଇଅଛି; କିନ୍ତୁ ପୂର୍ବର ନାମଟି ମଧ୍ୟପ୍ରଦେଶ ଗଭର୍ଣ୍ଣରଙ୍କ ଅଧୀନ ଜଣେ ପୋଲିଟିକାଲ ଏଜେଣ୍ଟଙ୍କ ଶାସିତ ୨୦ ଟି ଗଡ଼ଜାତ ଓ ରାୟପୁର, ବିଳାସପୁର ଓ ଦୁର୍ଗ ନାମକ ୩ଟି ବ୍ରିଟିଶ୍-ଶାସିତ ଜିଲ୍ଲାସମ୍ବଳିତ ଜଣେ କମିସନରଙ୍କ ଅଧୀନସ୍ଥ ବିଭାଗକୁ ବୁଝାଉଅଛି । ଛତିଶିଗଡ଼ ଉଭୟର ଗଡ଼ଜାତ ମାନଙ୍କ ନାମ :—ବସ୍ତର, ଚଙ୍ଗଭାକର, ଛୁଇଖଦାନ, ଯାଶପୁର, କଙ୍କର, କର୍ଦ୍ଧାରଦା, ଖଇରାଗଡ଼, କୋରିଆ, ରାୟଗଡ଼, ନନ୍ଦଗାଁ, ଶକ୍ତି, ସାରଣଗଡ଼, ସରଗୁଜା, ଉଦୟପୁର, କୋଣ୍ଡା, ରାୟପୁର, ଇକବରିଆ, ଫୁଲଝର, ଖଡଅଲ, ମକରାଇ । କଳାହାଣ୍ଡି ପୂର୍ବେ ଛତିଶିଗଡ଼ ଇଲାକାରେ ଥିଲା । ବର୍ତ୍ତମାନ ତାହା ଓଡ଼ିଶା ଗଡ଼ଜାତ ଅନ୍ତର୍ଭୁକ୍ତ ହୋଇଅଛି । ବର୍ତ୍ତମାନ ଛତିଶଗଡ଼ ଅନ୍ତର୍ଗତ ଗୁଡ଼ିଏ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍ଗ	ଇଅ	ଉଅ	ଣ୍ଠ
୨	ଈ	ଊ	ରୁ	ଲୃ	ଏ୍ଟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍

ଗଡ଼ଜାତ (ଯଥା,—ଯାସପୁର, ବସ୍ତର, ସରଗୁଜା, ଖଡ଼ିଆଲ, ଫୁଲଝର, ରାଏଗଡ଼)ରେ ଅନେକ ଓଡ଼ିଆ ବାସ କରନ୍ତି ଓ ପ୍ରକୃତରେ ଏମାନ ଓଡ଼ିଆଭାଷୀ ଅଞ୍ଚଳ ଅଟେ ଓ ରାଏପୁର ଏବଂ ବିଲାସପୁର ଜିଲ୍ଲାର କେତେକ ଅଂଶ ମଧ୍ୟ ଓଡ଼ିଆଭାଷୀ ଅଟେ ।]

ଛତିଶଗଡ଼ି—ଦେ. ବି—ଛତିଶଗଡ଼ରେ କଥିତ ହିନ୍ଦି ଭାଷାର ଏକ ଭାଷା Chhatisa-gardi ବା ପ୍ରାଦେଶିକ କଥିତ ରୂପ—A dialect of छत्रिशगडी Hindi current in Chhatisagarda **छत्तीशगडी** area of the Central Province.

ଦେ. ବିଣ—୧ । ଛତିଶଗଡ଼ ସମ୍ବନ୍ଧୀୟ—

1. Pertaining to Chhtisagarda.

୨ । ଛତିଶଗଡ଼ରେ ଉତ୍ପନ୍ନ—

2. Produced in Chhatisagarda.

୩ । ଛତିଶଗଡ଼ରେ କଥିତ—

3. Spoken in the Chhatisagarda area.

ଛତିଶଗଡ଼ିଆ—ଦେ. ବିଣ—ଛତିଶଗଡ଼ରେ ବାସ କରୁଥିବା—Chhatisagardia (person) Belonging to Chhatisagarda. (ଛତିଶି ଗଡ଼ିଆ—ଅନ୍ୟରୂପ)

ଛତିଶ ପାଟକ—ଦେ. ବି—ହିନ୍ଦୁ ଶୂଦ୍ରମାନଙ୍କ ମଧ୍ୟରେ ଥିବା ଛତିଶଟି Chhatisa pataka ବାଛୁଆ ଜାତି—The thirty six sub-नवशाख sectins amongst the Śūdras

ଅପେ ଛତିଶପାଟକ ଅପେ ବହେ ନାନ—ପ୍ରାଚୀ, ବ୍ରହ୍ମନିରୂପଣଗୀତା ।

[ଦ୍ର—ଶୂଦ୍ରମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଶାଖା ବା ବୃତ୍ତି-ଅବଲମ୍ବନକାରୀ ବିଭାଗମାନଙ୍କୁ ପାଟକ ବୋଲାଯାଏ । ପ୍ରତ୍ୟେକ ପାଟକର ସାମାଜିକ ସଭା ଅଛି । ଉକ୍ତ ଜାତିର ମୁଖିଆମାନେ ଏହି ସଭା ଡକାଇ କରନ୍ତି ଓ ସାମାଜିକ ନିୟମ ଲଙ୍ଘନକାରୀ ବ୍ୟକ୍ତିଙ୍କୁ ଦଣ୍ଡ ଦିଅନ୍ତି । ଆଧୁନିକ କାଳରେ ସମାଜରେ ଶୂଦ୍ରଏ ଉପଜାତିର ସୃଷ୍ଟି ହୋଇଥିବାରୁ ଏ ୩୬ ପାଟକଙ୍କ ସଂଖ୍ୟା କରିବା ଦୁରୂହ । ଯଥା—ଚଷା, ଗଉଡ଼, ଭଣ୍ଡାରି, ଗୁଡ଼ିଆ, ତେଲି ଆଦି ପାଟକ ତଳେ ନୋଟ ଦେଖ ।]

(ଛତିଶି ପାଟକ—ଅନ୍ୟରୂପ)

ଛତିଶା—ଦେ. ବିଣ. (ତୁଳ. ସଂ. ଛତ୍ୱର=ଧୂର୍ତ୍ତ)—

Chhatisā ୧ । ଜାରଜ; ଅଜ୍ଞାତପିତୃକ; ବହୁପିତୃକ—

छबीस 1. Illegitimate; bastard; of unkown parent-**छत्तीसा** age; one whose father can not be fixed upon; born of a whore.

୨ । ଦୁଷ୍ଟ; ଖେଳେଡ଼ା; ଛିନ୍‌ଡା—

2. Wicked; wanton.

୩ । ଚତୁର; ଧୂର୍ତ୍ତ; ଛଳପୂର୍ଣ୍ଣ—

3. Cunning; artful.

୪ । ଛତିଶ ସଂଖ୍ୟା ବା ପରିମାଣଦ୍ୱାରା ପରିମିତ—

4. Measured by a standard of 36.

ଛତିଶା ନିଯୋଗ—ଦେ. ବି—ପୁରୀର ଶ୍ରୀଜଗନ୍ନାଥଙ୍କର ଓ ଅନ୍ୟ ପ୍ରସିଦ୍ଧ Chhatisā nijoga ଦେବତାମାନଙ୍କର ସବୁ ଶ୍ରେଣୀର ଶୂଦ୍ର ଓ ବ୍ରାହ୍ମଣ ସେବକ—All classes of servants of the Deity Jagannātha at Puri.

[ଦ୍ର—ସମ୍ଭବତଃ ଏ ସେବକମାନେ ପ୍ରଥମେ ଛତିଶ ଶ୍ରେଣୀରେ ବିଭକ୍ତ ହେଲେ, ତେଣୁ ଏହି ନାମ; କିନ୍ତୁ ବର୍ତ୍ତମାନ ଦେଖାଯାଏ ଯେ, ପୁରୀ ବଡ଼ଦେଉଳରେ ୯୬ ଶ୍ରେଣୀର ଭିନ୍ନ ଭିନ୍ନ ଜାତୀୟ ସ୍ତ୍ରୀ ଓ ପୁରୁଷ ସେବକ ଓ କର୍ମଚାରୀ ଅଛନ୍ତି । (ବ୍ରଜକିଶୋର ଘୋଷଙ୍କ ସଙ୍କଳିତ ଇଂରାଜୀ ଭାଷାରେ ଲିଖିତ ପୁରୀର ଇତିହାସରୁ (The History of Puri) ସଂଗୃହୀତ) ଯଥା—୧. ସ୍ୱୟଂ ପୁରୀ ମହାରାଜା-ରଥ ସମୟରେ ଦେବତାଙ୍କ ପହଣ୍ଡିବିଜେ କରାଇବେଲେ ଛେରାପହଁରା ସେବା; ୨. ମୁଦିରଥ—ରାଜାଙ୍କ ପ୍ରତିନିଧି, ରାଜାଙ୍କ ଅନୁପସ୍ଥିତିରେ ସେବାକାର୍ଯ୍ୟ ଚଳାଇବା; ୩. ପୂଜାପଣ୍ଡା—ନୈବେଦ୍ୟ ଦେବା; ୪. ଭିତରଚ୍ଛୁ—ଦେଉଳ ଦୁଆର ଫିଟାଇବା, ଭୋଗ ସମୟରେ ଜଗିବା, ବେଶ କରିବା; ୫. ତଳଚ୍ଛୁ—ପରିଛଙ୍କ ପ୍ରତିନିଧି; ୬. ପଶୁ-ପାଳକ—ବେଶ କରିବା; ୭. ଦଇତା—ସିଂହାସନରୁ ଦେବତାଙ୍କୁ ନେଇ ରଥରେ ବିଜେ କରାଇବା ଓ ବାହୁଡ଼ାଇ ଆଣିବା ଏବଂ ଅଣସର ସମୟରେ ସେବା କରିବା; ୮. ପାଳିଆ ମହାପାତ୍ର—ଅଣସର ସମୟରେ ସେବା; ୯. ମୁଦୁଲି—ଜୟବିଜୟ ଦ୍ୱାରର ଜଗୁଆଳି ଓ ଭଣ୍ଡାର ଜଗୁଆଳି; ୧୦. ମହାଜନ—ପାର୍ଶ୍ୱଦେବତାଙ୍କୁ ନରେନ୍ଦ୍ରକୁ ନେବା-ଆଣିବା କରିବା; ୧୧. ମୁଖସିଂହାରିଦତ୍ତ—ଦିନ ଦିଅଙ୍କର ମୁଖ ଧୋଇ କରିବା; ୧୨. ଭଣ୍ଡାର ମେକାପ—ଦେବତାଙ୍କ ପୋଷାକ, ଅଳଙ୍କାର ଓ ଭଣ୍ଡାରର ଜଗିଆ; ୧୩. ଚାଙ୍ଗଡ଼ା ମେକାପ—ଦେବତାଙ୍କ ପୋଷାକ ଓ ଅଳଙ୍କାରମାନ ପିନ୍ଧାଯିବା ପାଇଁ ଡାଲାରେ ସଜାଇବା; ୧୪. ଖୁଣ୍ଟିଆ—ପଶୁପାଳକମାନଙ୍କୁ ଡାକିବା, ଘୋଡ଼ାଙ୍କ ଖବର ବୁଝିବା; ୧୫. ଅଖଣ୍ଡ ମେକାପ—ପ୍ରଦୀପ ଜାଳାଇବା; ୧୬. ଗରାବଡ଼ୁ—ପୂଜାପଣ୍ଡାଙ୍କ ନିକଟରେ ପାଣିଗରା ରଖିବା; ୧୭. ପତ୍ରୀବଡ଼ୁ—ପୂଜାପଣ୍ଡାଙ୍କ ନିକଟରେ ଫୁଲ ତୁଳସୀ ରଖିବା; ୧୮. ପନ୍ତିବଡ଼ୁ—ପୂଜାର ନୈବେଦ୍ୟ ପୂଜାପଣ୍ଡାଙ୍କ ନିକଟରେ ରଖିବା; ୧୯. ସୁଆରବଡ଼ୁ—ପୂଜାସ୍ଥାନ ଝାଡ଼ିବା ଓ ଦେବ-ତାଙ୍କ ଆଗରେ ଭୋଗ ଥୋଇବା; ୨୦. ହଡ଼ପନାୟକ—ଭୋଗ ପରେ ଦେବତାଙ୍କୁ ପାନ ଓ ମସଲା ଯୋଗାଇବା; ୨୧ ଶୁଦ୍ଧସୁଆର—ଭୋଗ ମାରି ହେଲେ ତାହା ଉଠାଇ ନେବା; ୨୨. ଜଗିଆ—ଭୋଗ ସମୟରେ ପହରା ଦେବା; ୨୩. ମୁଖପଖାଳ ପଡ଼ିଆରି—ଦେବତାଙ୍କ ଦାନ୍ତକାଠି ଓ ମୁହଁଧୁଆ ପାଣି ଯୋଗାଇବା; ୨୪. ଅସ୍ଥାନ ପଡ଼ିଆରି—ପର୍ବ ସମୟରେ ଡାକ ଦେବା; ୨୫. ପାଟଶେଜ ମେକାପ—ଦେବତାଙ୍କ ଶଯ୍ୟାରଚନା କରିବା; ୨୬. ପୁରାଣ ପଣ୍ଡା—ପୁରାଣ ପାଠ କରିବା; ୨୭. ଡମ୍ବରୁ ସେବକ—ଜୟବିଜୟ ଦ୍ୱାର ନିକଟରେ ମେଘଡମ୍ବରୁ ବା ଢୋଲ ଯୋଗାଇବା;

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ, 'ଅଲଟ' ନ ପାଇଲେ 'ଅଲ୍‌ଟ' ଦେଖିବେ ।

୨୮. ସୁଆର—ପାକାଦି କାର୍ଯ୍ୟ କରିବା; ୨୯. ବଡ଼ବୁଢ଼ା ସୁଆର—ସମର୍ଥୀଠାରୁ ରାନ୍ଧିବା ପାଇଁ ଜିନିଷ ନେଇ ସୁଆରଙ୍କୁ ଦେବା; ୩୦. ମହାସୁଆର—ଭୋଗ ରାନ୍ଧିବାର ପ୍ରଧାନ ପାଚକ; ୩୧. ବେଷ ପାଇକ—ବେଷ ଘରେ ଅଲୁଅ ଦେବା ଓ ଭୋଗ ସଙ୍ଗେ ଜୟ-ବିଜୟ ଦ୍ୱାର ପର୍ଯ୍ୟନ୍ତ ଆସିବା, ୩୨. ଶିକାଧୁଆ ସୁଆର—ବେଷଘରୁ ଭୋଗ ହେବାପାଇଁ ପଦାର୍ଥମାନ ମନ୍ଦିର ମଧ୍ୟକୁ ଯେଉଁ ଶିକାରେ ବୁହା ହୁଏ, ତାକୁ ଧୋଇବା; ୩୩. ବାହାର ଦେଉଳ ସୁଆର—ଜଗନ୍ନାଥଙ୍କ ବେଢ଼ା ମଧ୍ୟରେ ଥିବା ଅନ୍ୟ ଦେବତାଙ୍କ ଭୋଗ କରିବା; ୩୪. ପଢ଼ିଆରୀ, ଗୋଲିକାର ଓ ଦୁଆର ନାୟକ—ଦେଉଳର ସବୁ ଦୁଆର ଜଗିବା ଓ ଅମଣିଆଁ ଆସିଲାବେଳେ ଦକ୍ଷିଣ ଦୁଆରେ ବାଟେ ଲୋକଙ୍କୁ 'ଆଡ଼ ହୋ' ବୋଲି ଆଦେଶ ଦେବା; ୩୫. ପ୍ରସାଦବଡ଼ୁ—ଶୁଖିଲା ଅମୁଣିଆଁ ଦିଅଁଙ୍କ ଆଗରେ ରଖିବା; ୩୬. ଛତାଧରା—ଯାତ୍ରା ସମୟରେ ଧଳା ଓ କଳା ଛତି ବୁହାଇବା; ୩୭. ତରାସିଆ—ଯାତ୍ରା ସମୟରେ ତ୍ରାସ ଧରିବା; ୩୮. ଫାରିକ—ଭଣ୍ଡାର ଜଗିଆ; ୩୯. ବିମାନବଡ଼ୁ—ଯାତ୍ରାଦିରେ ଦେବତାମାନଙ୍କ ବିମାନ କାନ୍ଧେଇବା; ୪୦. ଖୁଣ୍ଟ ଦିହୁଡ଼ିଆ—ଦେବତାଙ୍କ ଆଗରେ ମଶାଲ ଧରିବା; ୪୧. ପାଣିଆଁ—ବେଷେଇ ପାଇଁ ଜଳ ଯୋଗାଇବା; ୪୨. ପାଣି ଆପଟ—ପାଣି ବୁହାଇବା ଓ ବାସନ ମାଜିବା; ୪୩. ଲୁଗା-ଟୁଆ—ଦେବତାଙ୍କ ଲୁଗା ଧୋଇବା ଓ ଶୁଖାଇବା; ୪୪. ଘଟୁଆରି—ଚନ୍ଦନ ଘୋରିବା; ୪୫. ଚୂନରା—ଗରୁଡ଼ ପ୍ରଭୃତିଙ୍କ ସେବା କରିବା, ଏକାଦଶୀ ଦିନ ଦେଉଳର ଶିଖରକୁ ମହାଦୀପ ଉଠାଇବା ଓ ପତାକା ରକ୍ଷା କରିବା; ୪୬. ଧୋ ପଖାଳିଆ—ବେଷ ଧୋଇ ସଫା କରିବା; ୪୭. ଅଙ୍ଗାରୁଆ—ବେଷଘରୁ ପାଉଁଶ କାଢ଼ିବା; ୪୮. ସମର୍ଥୀ—ବେଷ ପାଇଁ ଡାଲି ରଗଡ଼ିବା; ୪୯. ରୁବାଡ଼ିଆ—ବେଷ ଅଗଣା ଓଳାଇବା; ୫୦. ପଖିଆବଡ଼ୁ—ପୂଜା ପଣ୍ଡାଙ୍କ ନିକଟରେ ପୂଜାବାସନ ରଖିବା; ୫୧. ପଧାନୀ—ପରୀକ୍ଷାଙ୍କ ହାତକୁ ସୁନାବେତ ଦେବା ଓ ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କୁ ଭୋଜନ ଦେବା; ୫୨. ଲେଙ୍କା—ପିଅଦା; ୫୩. ଦଳବେହେରା—ପ୍ରହରୀଙ୍କ ସରଦାର; ୫୪. ପାଇକ—ପ୍ରହରୀ; ୫୫. ଦ୍ୱାରୀ—ଦ୍ୱାରରକ୍ଷକ; ୫୬. ବୀଣାକାର—ବୀଣାବାଦକ; ୫୭. କାହାଳିଆ; ୫୮. ମହୁରିଆ ବା ଭୁରୀବାଦକ; ୫୯. ଘଣ୍ଟୁଆ; ୬୦. ଭୁଲାବଣ୍ଟ ବା ହାଣ୍ଡି ଯୋଗାଣିଆ, ଭଣ୍ଡାରକୁ ଓ ବେଷକୁ ହାଣ୍ଡି ଦେବା ଓ ସନ୍ଧ୍ୟାଧୂପ ଅମୁଣିଆ ବୁହାବେଳେ ଦୀପ ଦେଖାଇବା; ୬୧. ଟମକିଆ ବା ବଜନ୍ତ୍ରୀ—ବାଜାଦାର; ୬୨. ନାଗରଚି; ୬୩. ନହବତବାଲା ନାଗରଚି; ୬୪. ଗୀଉଲବନ୍ଧ; ୬୫. ଖଡ଼କା ସୁଆଁସିଆ—ଜଗମୋହନ ଓଳାଇବା; ୬୬. ନଳାହୁରୁଡ଼ା—ନଳାର ପାଣି ସଫା କରିବା; ୬୭. ଶଙ୍ଖୁଆ; ୬୮. ମାଦଳୀ—ଦେବଦାସୀଙ୍କ ନାଚବେଳେ ମାଦଳ ବଜାଇବା; ୬୯. ଦାସୀ, ମାହାରୀ, ରାଜସେବକ—ନର୍ତ୍ତକୀ; ୭୦. ଭିତରଗାଉଣୀ—ଜଗନ୍ନାଥଙ୍କ ଚନ୍ଦନଯାତ୍ରା ବେଳେ ଗୀତ ବୋଲିବା; ୭୧. ଦର୍ପଣିଆଁ—ନୃତ୍ୟବେଳେ ଦେବତାଙ୍କ ଆଗରେ ଦର୍ପଣ ଦେଖାଇବା; ୭୨. ବଜାଣି—ବଣିଆଁ; ୭୩. ବଢ଼େଇ; ୭୪. କୁମାର କଣେଇ—ହାଣ୍ଡି ଯୋଗାଇବା; ୭୫. ପଥୁରିଆ—ମିସ୍ତ୍ରି; ୭୬. କରତୀ; ୭୭. ରୂପକାର—ମୂର୍ତ୍ତିଗଢ଼ିବା; ୭୮. ଚିତ୍ରକର—ରଙ୍ଗଦେବା; ୭୯. ସୁଆଁସିଆ—ବେଷକୁଆଣି ଓ ମୂଲଆକାମ କରିବା; ୮୦. ଖୁପଦଳେଇ—ଚନ୍ଦନଯାତ୍ରା ସମୟରେ ଖୁପ ଚଳାଇବା; ୮୧. ଦରଜୀ ବା ସିପୁଟି—ସିଲାଇକାମ; ୮୨. ପାତ୍ର—ମାଳାଗନ୍ଥିବା; ୮୩. ତଅଁରା—କଂସାବାସନ ତିଆରି କରିବା; ୮୪. ମାହୁନ୍ତ—ହସ୍ତୀ ଚାଳକ; ୮୫. ଗୁଣବଳୁଆ—ଦଉଡ଼ି ବଳିବା; ୮୬. ବୋହିଆ—କୁମ୍ଭାରଘରୁ କୁଡ଼ୁଆ ଆଣିବା; ୮୭ ଚକ୍ର ଦିହୁଡ଼ିଆ—ଚକ୍ରମଶାଲ ଧରିବା; ୮୮. ଭୂଲାଉଣୀ; ୮୯. ଦୋଶାଖା—ଦୁଇ ଶାଖାଯୁକ୍ତ ମଶାଲ ଧରିବା; ୯୦. ଖୁରୁଘର ନାୟକ—ସମୟଜ୍ଞାପକ ଘଣ୍ଟା ବଜାଇବା; ୯୧. ଭଣ୍ଡାରନାୟକ—ଭଣ୍ଡାରର ହିସାବ ଲେଖିବା; ୯୨. ଲଢ଼ଉ—ମୋହରର; ୯୩. ଦେଉଳ କରଣ—ମାଦଳାପାଞ୍ଜି ଓ ହିସାବ ଲେଖିବା; ୯୪. ଚାଙ୍ଗଡ଼ା କରଣ—ଭଣ୍ଡାରର ଲୁଗିବସ୍ତ୍ର ଓ ଅଳଙ୍କାରର ହିସାବ ଲେଖିବା; ୯୫. ମହାସେଠୀ ବା ମହିଆଳ—ଲୁଗାକାଚିବା; ୯୬. ପାଳିଆ ମାହାର—ବେଢ଼ା ମଧ୍ୟରୁ ମଇଳା ସଫା କରିବା; ୯୭. ଛତିଶାନିଯୋଗନାୟକ—ଛତିଶା ନିଯୋଗମାନଙ୍କର ଅଧ୍ୟକ୍ଷ ।

ଏଥିରେ ପରିଚ୍ଛା, ପରକରଣ, ପତ୍ରୀ, ଗରାବଡ଼ୁ ଆଦି କେତେଗୁଡ଼ିଏ ନାମ ନାହିଁ । ବୋଧ ହୁଏ, ଦେଉଳ କରଣ ଓ ପରୁକରଣ ଏକ, ପତ୍ରୀ ବଡ଼ୁ ଓ ପତ୍ରୀ ଏକ । ପରିଚ୍ଛା—ମନ୍ଦିର ପରିଚାଳନ, ସେବା, ଯାତ୍ରାଦି ତଦାରଖିବାର ସର୍ବଶ୍ରେଷ୍ଠ ରାଜକର୍ମଚାରୀ । ବୋଧ ହୁଏ ଏହି ୯୭ଶ୍ରେଣୀ ମଧ୍ୟରୁ ବିଶିଷ୍ଟ ୩୬ ଟି ଶ୍ରେଣୀ ଯୋଗୁଁ 'ଛତିଶାନିଯୋଗ' ଶବ୍ଦ ଚଳିଅଛି ।

ବର୍ତ୍ତମାନ ମାଦଳା ପାଞ୍ଜିରେ ନିମ୍ନଲିଖିତ ସେବକ ଓ ସେବାମାନଙ୍କର ଉଲ୍ଲେଖ ଅଛି—

୧. ପାଣିଛଡ଼ା ପଣ୍ଡା ସେବକ ସେବା, ୨. ପଶୁପାଳକ ସେବା; ୩. ଛାମୁଖୁଣ୍ଟିଆ ସେବା; ୪. ଶ୍ରୀମୁଖଶୃଙ୍ଗାରୀମାନ ସେବା; ୫. ଚାଙ୍ଗଡ଼ା ମେକାପ ସେବା; ୬. ଭିତରଭଣ୍ଡାର ମେକାପ ସେବା; ୭. ଅଖଣ୍ଡ ମେକାପ ସେବା; ୮. ଶଯ୍ୟା ମେକାପ ସେବା; ୯. ସୁଆର ବଡ଼ ସେବା; ୧୦. ପତ୍ରୀବଡ଼ୁ ସେବା; ୧୧. ଭିତର ଗରାବଡ଼ୁ ସେବା; ୧୨. ବାହାର ଗରାବଡ଼ୁ ସେବା, ୧୩. ହଡ଼ପ ନାୟକ ସେବା; ୧୪. ପାନ ଯୋଗାଣିଆ ସେବା; ୧୫. ମୁଦୁସୁଆର ସେବା; ୧୬. ବ୍ରାହ୍ମଣ କରଟିଆ ମୁଦୁଲି ସେବା; ୧୭. ସନ୍ଧ୍ୟାଧୂପ ଜୟମଙ୍ଗଳାଳତି ସେବା; ୧୮. ପ୍ରସାଦବଡ଼ୁ ସେବା; ୧୯. ଫୁଲବଡ଼ୁ ସେବା; ୨୦. ବିମାନବଡ଼ୁ ସେବା, ୨୧. ଦରପଣିଆଁ ସେବା; ୨୨. ପୁରାଣ ପଣ୍ଡା ସେବା; ୨୩. ଧ୍ୱଜାଧରା ସେବକ ସେବା; ୨୪. ସୁନା ଚନ୍ଦ୍ର ସୂର୍ଯ୍ୟ କଳାପାଟ ବେଷସେବକ ସେବା; ୨୫. ଉପରର

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଓ
୨	ଈ	ଉ	ରୁ	ଲୁ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୱ	ନ୍ବ

ଗୃମୂଲସେବକ ସେବା; ୨୬. ବହ୍ନାଲଟ ସେବକ ସେବା; ୨୭. ଖଦ ବନ୍ଧବା ସେବକ ସେବା; ୨୮. ସୁନା ବେତ ସେବକ ସେବା; ୨୯. ପାହାନ୍ତ କବାଟ ଫେଡ଼ା ସେବକ ସେବା; ୩୦. ଦଥଣାମାଲ ଗୋଷ୍ଠଇତ ସେବକ ସେବା; ୩୧. ସୁନା, ରୁପା ତମ୍ବା, କଂସା ଯୋଗାଡ଼ ମହାସେବକ ସେବା; ୩୨. ପଣି ଅପଠ ସେବକ ସେବା; ୩୩. ଉହକମ ଢକାଣି ସେବକ ସେବା; ୩୪. ସୁନା, ରୁପା, ମାଠ, କମଣ୍ଡଳ ଣି ସେବକ ସେବା; ୩୫. ସୋଲ ବଡ଼ା ଢକାଣି ସେବକ ସେବା; ୩୬. ଚୁନଗ୍ଧ ମହାରଣା ସେବକ ସେବା. ୩୭. ସିପୁହ ମହାରଣା ସେବକ ସେବା; ୩୮. ଘଣ୍ଟା ବାଜଣା ସେବକ ସେବା; ୩୯. ଖାରକାହାଳଅ ସେବକ ସେବା; ୪୦. ପାହାନ୍ତ ଅବକାଶ ନିଦ୍ରା ଆଳସ୍ୟ ଭାଙ୍ଗିବା ସେବକ ସେବା ବା ପାଣିସଙ୍ଗ ଅ ସେବକ ସେବା; ୪୧. ଧୂପ ଶଙ୍ଖ ମହୁରଅ ସେବକ ସେବା; ୪୨. ଯୋଡ଼ କାହାଳଅ ସେବକ ସେବା; ୪୩. ମାଦେଳ ମୃଦଙ୍ଗ ସେବକ ସେବା, ୪୪. ଛପଙ୍ଗିଅ ସେବକ ସେବା; ୪୫. ବାଇଁସିକାର ସେବକ ସେବା; ୪୬. ଚଉଷଠି ସମ୍ପ୍ରଦା; ୪୭. ମୀନନାୟକ ସେବକ ସେବା; ୪୮. ଗୀତ ଗାଣ ସେବକ ସେବା; ୪୯. ଯନ୍ତ୍ରକାର ସେବକ ସେବା; ୫୦. ଉବାଦ ସେବକ ସେବା; ୫୧. ବଢ଼ାଇ ମହାରଣା ସେବକ ସେବା; ୫୨. କରତ ମହାରଣା ସେବକ ସେବା; ୫୩. ସୁନା ହନୁଡ଼ି ସେବକ ସେବା; ୫୪. ତାମ୍ବ୍ର ମହାରଣା ସେବକ ସେବା; ୫୫. କଂସାରୁ ମହାରଣା ସେବକ ସେବା; ୫୬. ଅଷ୍ଟଲୋହ ମହାରଣା ସେବକ ସେବା; ୫୭. ପାଟର ଢକାଣି ସେବକ ସେବା; ୫୮. ସୁଗନ୍ଧ ଘଟୁଆର ସେବକ ସେବା; ୫୯. ଶ୍ରେଷ ଛତିଶା ନିଯୋଗ ସେବା; ୬୦. ପିଠା ସୁଆର ସେବକ ସେବା; ୬୧. ବଗଡ଼ା ପିଠା ସେବକ ସେବା; ୬୨. ମହାସୁଆର ସେବକ ସେବା; ୬୩. ଗିରସୁଆର ସେବକ ସେବା; ୬୪. ଭିଅଣ ସୁଆର ସେବକ ସେବା; ୬୫. ପଣାସୁଆର ସେବକ ସେବା; ୬୬; ପାଚେଲି ସୁଆର ସେବକ ସେବା; ୬୭. ତୋଳାବଡ଼ୁ ସେବକ ସେବା; ୬୮. ପନ୍ତି ବଡ଼ସେବକ; ୬୯. ଉତର ବଡ଼ା ସେବକ; ୭୦. ଭୋଗ ମୁଣୋହି ଘରେ ମୂରୁଜ ଦେବା ସେବକ ସେବା; ୭୧. ଘିଅ ପରସା ସେବକ ସେବା; ୭୨. ବ୍ରାହ୍ମଣ ସମରଥା ସେବକ ସେବା; ୭୩. ଶୂଦ୍ର ସମର୍ଥା ସେବକ ସେବା; ୭୪. ଶ୍ରେଷସରଘର ମେକାପ ସେବା; ୭୫. କୁଆଉଡ଼ା ସେବକ; ୭୬. ଭୁଲାବଣ୍ଡି ସେବା; ୭୭. ଶ୍ରେଷଦ୍ୱାର ଜଗଅ ବ୍ରାହ୍ମଣ ପାଇକ ସେବା; ୭୮. ଶ୍ରେଷ ସରଘର ଜଗିଅ ଶୂଦ୍ର ସେବକ ସେବା; ୭୯. ଶ୍ରେଷ ଧୋପଖାଲଅ ସେବକ ସେବା; ୮୦. ଶ୍ରେଷ ଅଙ୍ଗାରଅ ସେବକ; ୮୧. ଶ୍ରେଷ ଭଣ୍ଡାର ମେକାପ ସେବା; ୮୨. ପାହାଡ଼ା ଘର ମେକାପ ସେବା; ୮୩. ଦୁଆର ନାୟକ ସେବା; ୮୪. ଛତା ସେବକ ସେବା; ୮୫. ସୁଆଁସିଆ ସେବକ; ୮୬. ସୁଆଁସ ସରଘର ମେକାପ ସେବା; ୮୭. ବେଣ୍ଟ ଢକାସ୍ତଭ ସେବା; ୮୮. ଅସ୍ଥା ମହାଜନ ସେବକ ସେବା; ୮୯. ଭଣ୍ଡାରଦ୍ୱାର ଜଗିଅ ସେବକ; ୯୦. ସିଂହଦ୍ୱାର ପ୍ରତିହାରି ନିଯୋଗ ସେବା; ୯୧. ପରବଯାତ୍ରା ପ୍ରତିହାରୀ ସେବକ ସେବା; ୯୨. ଅସ୍ଥାନ ପ୍ରତିହାରୀ ସେବକ ସେବା; ୯୩. ବୃନ୍ଦାବନ ନାୟକ ସେବା; ୯୪. ମଣ୍ଡଣି ଖୁଣ୍ଟିଅ ସେବକ ସେବା, ୯୫. ଗୃପଦଲାଇ ସେବକ ସେବା; ୯୬. ଅରଦ୍ଧଅ ସେବକ ସେବା; ୯୭. ହାଟ ସେବକ ସେବା; ୯୮. ପଦ୍ମକଦଳୀ ତୋଠାସେବକ ସେବା; ୯୯. ତୋଠାମାନର ମାଳ ଗୁଡ଼ିସେବକ ସେବା; ୧୦୦. ଖଇବୈଦ୍ୟ ସେବକ ସେବା; ୧୦୧. ଖସ୍ତ ବୈଦ୍ୟ ସେବକ ସେବା; ୧୦୨. ଦୁଧ ଘର ସେବକ ସେବା; ୧୦୩. ଦୁଧ ଘର ଜଗିଅ ପାଇକ ସେବା; ୧୦୪. ଉଆଣ ନିଯୋଗ ବଶୋଇ ସେବା; ୧୦୫. ଗଉଡ଼ ନିଯୋଗ ବଶୋଇ ସେବା; ୧୦୬. କୁମ୍ଭାର ନିଯୋଗ ବଶୋଇ ସେବା; ୧୦୭. ଅମୃତ ମଣୋହି ଖଟବା ବଶୋଇ ସେବକ ସେବା; ୧୦୮. ଗୁଆଟୁଅ ବଶୋଇ ସେବକ ସେବା; ୧୦୯. ପାଠ ହାଣ୍ଡି ମାନ୍ଦୁନ୍ତ ସେବକ ସେବା; ୧୧୦. ଧାନ ଘର ସେବକ ସେବା; ୧୧୧. କୋଠାଇତ ସେବକ ସେବା; ୧୧୨. ଭୁଞ୍ଜଣଅ ମୁଦୁଲି ସେବକ ସେବା; ୧୧୩. ଧାନ ଘର ଜଗିଅ ସେବା; ୧୧୪. ଦେଉଳ ଅଧୃତନ ଭିତର ବାହାର ବେଢ଼େଶ ସେବକ ସେବା; ୧୧୫. ଗୁହାରଅ ପ୍ରଧାନୀ ସେବକ ସେବା; ୧୧୬. ଚକୁରଅ ଲେଙ୍କା ସେବା; ୧୧୭. ତୀର୍ଥ ମାଝିଅ ସେବକ; ୧୧୮. କ୍ଷେତ୍ର ଜଗିଅ ମାଝି ସେବା; ୧୧୯. ବାଦ୍ୟକାର ସେବା; ୧୨୦. ଭୋଗ ପରୀକ୍ଷା ପଣ ସେବା ।

ଦ୍ର—ମଦଲା ପାଞ୍ଜିରେ ଯେଉଁ ଭାଷାରେ ଏହି ସେବା ଓ ସେବକମାନଙ୍କର ନାମ ଉଲ୍ଲେଖ ଅଛି ଏଠାରେ ସେହି ଭାଷାରେ ସେଗୁଡ଼ିକର ଉଲ୍ଲେଖ କରାଗଲା ।]

ଛତିଶା ପବନ - ଦେ. ବି.—ଯେଉଁ ପବନ ସବୁଆଡ଼ୁ ବହୁ ଥାଏ; Chhatisā pabana ଚଇତ୍ରଅଳ ବତାସ—A wind which blows from all quarters (in the month of Chaitra.)

ଛତିଶ (ଇତ୍ୟାଦି) – ଦେ. ବି. – ଛତିଶ ଇତ୍ୟାଦି (ଦେଖ) Chhatisi (etc) Chhatisa etc. See)

ଛତୁ—ଦେ. ବି. (ସଂ. ଛତ୍ର; ଛତ୍ରାକ; ଛତ୍ରିକା;)—୧ । ଶିଲୀନ୍ଧ୍ର; କାଠରୁ, Chhatu ଭୂମିରୁ ବା ନୁଙ୍କାରୁ ବାହାରବା ଛତାକାର କ୍ଷୁଦ୍ର ଛାତି, ଛାତୁ ଅପୁଷ୍ପକ ଉଦ୍ଭିଦ—1. Toadstool; mushroom; फोड़क, खुमी, छतरी. fungus; Agaricus.

[ଦ୍ର—ଏହା ପଗ୍ଧ କାଠରୁ, ସଢ଼ା ଛଣରୁ, ଭୂଇଁ ଗାଳରୁ ନୁଙ୍କାରୁ ଓ ଗୋବରରୁ ବର୍ଷାଦିନେ ବାହାରେ । ଛତୁ ଅନେକ ରଙ୍ଗର ଓ ଆକାରର ହୁଏ । କେତେକ ଖାଦ୍ୟ, କେତେକ ଅଖାଦ୍ୟ ଓ କେତେକ ବିଷାକ୍ତ । ଛତୁ ବହୁତ ପ୍ରକାର ଯଥା—ବାଲି ଛତୁ, ପାଳ ଛତୁ, କାଠ ଛତୁ, ଭୂଇଁ ଛତୁ, ଗୋବର ଛତୁ, ମଣ୍ଡା ଛତୁ, ଖୁଦ ଛତୁ ବା ନୁଙ୍କା ଛତୁ, ରୁଗୁଡ଼ା ଛତୁ । ଛତୁର ଗୋଟିଏ ଡେଙ୍ଗ ଓ ଗୋଟିଏ ଛତାକାର ଭୁଣ୍ଡି ଥାଏ । ଏହାର ଚେର, ଫଳ,

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗଁ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଫୁଲ ବା ପତ୍ର ନ ଥାଏ । ପରୀକ୍ଷା କରି ଦେଖା ଯାଇଅଛି ଯେ ଯେଉଁଠାରେ ହୁଙ୍କାଭିତରେ ବା ଭୂଇଁତଳେ ଉଇ ବସା ଥାଏ, ସେଠାରେ ଉଇଙ୍କଠାରୁ ଛତୁ ଉପରକୁ ଉଠେ ।]

୨ । ଛତୁଆ (ଦେଖ)—2. Chhatuā (See)

୩ । ଚୂର୍ଣ୍ଣ; ଚୂନା—3. Powder.

ଦେ. ବିଣ—୧ । ଚୂର୍ଣ୍ଣବିଚୂର୍ଣ୍ଣ—1. Reduced to powder.

୨ । ଟୁକୁଟୁକୁ ବହୁ ଖଣ୍ଡରେ ବିଭକ୍ତ—2. Reduced or broken into many small bits.

ଛତୁଆ—ଦେ. ବି. (ସଂ. ଶକ୍ତୁ)—୧ । ବୁଟ, ଯବ, ଗହମ ଆଦି ଭଜା ହୋଇ କରା ଯାଇଥିବା ଚୂର୍ଣ୍ଣ—1. Corn-powder: flour of fried corn.
Chhatuā
ଛାତୁ

ଉଣାଶାକ, ପିଣ୍ୟାକ ଫଳ ସେ ଯବାନ୍ନ
ଛତୁଆ ଖାଇ ଯୋଗୀ ରହିବନ୍ତି ଜାଣ—କୃଷ୍ଣସିଂହ, ମହାଭାରତ, ଶାନ୍ତି ।

[ଦ୍ର—ଉତ୍ତର ପଶ୍ଚିମ ଅଞ୍ଚଳରେ ଓ ବିହାରରେ ଖାଦ୍ୟ-ସାମଗ୍ରୀରୂପେ ଏହାର ଭୂରି ଆଦର । ଏହାକୁ ପାଣିରେ ଚକଟି ଓ ମିଠା ମିଶାଇ ଖିଆ ଯାଏ । ବୈଶାଖ ମାସର ପଣାସଙ୍କ୍ରାନ୍ତି ଦିନ ଲୋକେ ବ୍ରାହ୍ମଣଙ୍କୁ ଛତା, ବିଞ୍ଚଣା, ଛତୁଆ ଓ ପଣା ଦାନ କରନ୍ତି । କଞ୍ଚା ଶସ୍ୟର ଚୂନାକୁ ଅଟା ବା ଚୂନା କହନ୍ତି, ଭଜା ଶସ୍ୟର ଛତୁ ବା ଛତୁଆ କହନ୍ତି । ବୈଦ୍ୟଶାସ୍ତ୍ର ମତରେ ଯବର ଛତୁ ଅଗ୍ନିଦୀପକ, ବଳକାରକ, ଲଘୁ, କଫପିତ୍ତନାଶକ, ଶୁକ୍ରବର୍ଦ୍ଧକ, ଶରୀରର ଉପଚୟକାରକ, ଭେଦକ, ତୃପ୍ତିକାରକ, ଶ୍ରାନ୍ତି, ବ୍ରଣ ଓ ନେତ୍ରରୋଗ ନାଶକ ।]

୨ । ପୁରୀଜିଲ୍ଲାର ସତ୍ୟବାଦୀରେ ପ୍ରତିଷ୍ଠିତ ସାକ୍ଷୀଗୋପାଳଙ୍କୁ ଭୋଗ ଦିଆଯିବା ଚାଉଳଭଜା ଖଇର ଚୂର୍ଣ୍ଣ (ଲୁହାର ଗୋଲ ଛାଞ୍ଚରେ ପୂରାଇ ଏହାକୁ ଗୋଲାକାର ଚକ କରାଯାଏ)—2. Powdered fried paddy offered to the Deity at Sakhigopal in the Puri district.

ଛତୁଆରି—ଦେ. ବି. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatuāri Satābari (See)
ଛତୋରି } ଅନ୍ୟରୂପ
ଛତୌରି }

ଛତୁଆ ସଂକ୍ରାନ୍ତି—ପ୍ରାଦେ. (ବାଲେଶ୍ୱର) ବି. (ମୂଳ. ବି. ଛତୁସଂକ୍ରାନ୍ତି; ଏଦିନ ଛତୁଆ ବ୍ରାହ୍ମଣଙ୍କୁ ଦିଆଯିବାରୁ)—ପଣାସଂକ୍ରାନ୍ତି (ଦେଖ)
Chhatuā saṁkrānti
Panā-saṁkrānti (See)

ଛତୁ ଉଠାଇ ଦେବା—ଦେ. କ୍ରି—ସର୍ବନାଶ କରିବା—
Chhatu uṭhāi debā To ruin totally.
ଛାତୁତୁଲେଦେଓଯା

ଛତୁ କରିବା—ଦେ. କ୍ରି—୧ । ଚୂର୍ଣ୍ଣବିଚୂର୍ଣ୍ଣ କରିବା; ଧ୍ୱଂସ କରିବା—
Chhatu karibā 1. To reduce into powder; to annihilate.
ଛାତୁକରା

ଛତୁବନାଇବା } ଅନ୍ୟରୂପ
ଛତୁବକେଇବା }

୨ । ବହୁ ଟୁକୁଟୁକୁ ଖଣ୍ଡରେ ବିଭକ୍ତ କରିବା—2. To turn into hundreds of tiny bits.

ଛତୁ ନିକାଳିବା—ଦେ. କ୍ରି—ଛତୁ କରିବା (ଦେଖ)
Chhatu nikālibā Chhatu karibā (See)
ଛତୁ ଫଟାଇବା } ଅନ୍ୟରୂପ
ଛତୁ ଫଟେଇବା }
[ଦ୍ର—ଏହି ବାକ୍ୟ ଧମକାଣରେ ବ୍ୟବହୃତ ହୁଏ । ମୁଁ ତୋର ଛତୁ ନିକାଳିବି =ମୁଁ ତୋତେ ଏପରି ପ୍ରହାର ଦେବି ଯେ ତୁ ଛତୁ ପରି ଟୁକି ଟୁକି ହୋଇ ଯିବୁ ।]

ଛତୁ ନିକଳିବା—ଦେ. କ୍ରି—ଚୂର୍ଣ୍ଣବିଚୂର୍ଣ୍ଣିତ ହେବା; ବିନଷ୍ଟ ବା ବିଧ୍ୱସ୍ତ ହେବା; ଛତରଛତ୍ର ହେବା—
Chhatu nikilibā To be annihilated; to be completely ruined; to be spoiled.
ଛାତୁହয়েযাওয়া
ଛତୁ ଫାଟିଯିବା } ଅନ୍ୟରୂପ
ଛତୁ ହିବା }
(ଯଥା—କୋଠା ଉପରୁ ଖସି ପଡ଼ିଲେ ତୋର ଛତୁ ନିକଳି ଯିବ ।)

ଛତୁ ପରି ଉଠିବା—ଦେ. କ୍ରି—(ବର୍ଷା ଦିନେ ହୁଙ୍କାରୁ ବିଶେଷ ପରିମାଣରେ ଛତୁ ବାହାରିବା ପରି (କୌଣସି ପଦାର୍ଥ) ଅପର୍ଯ୍ୟାପ୍ତ ରୂପେ ଜାତ ହେବା—
Chhatu pari uṭhibā (a thing) To copiously spring up (like mushrooms in the rains.)
ଛାତୁରମତଉଠା
(ଛତୁ ପରି ମାତିବା—ଅନ୍ୟରୂପ)

ଛତୁ ଫୁଟିବା—ଦେ. ବି—ଛତୁ ଭୂମିରୁ ବାହାରକୁ ଗଜା ମାରିବା—
Chhatu phuṭibā The shooting or coming out of the mushroom from the ground.
ଛାତୁଫୁଟା

ଛତୁ ମାତିବା—ଦେ. ବି—ବର୍ଷା ଦିନେ ହୁଙ୍କାରୁ ବା ଭୂମିରୁ ବିଶେଷ ପରିମାଣରେ ଛତୁ ଜାତ ହେବା—
Chhatu mātibā Mushrooms springing up copiously from the ground or ant hills.

ଛ ଲୋ ଛତୁ ! ପାଣି ବରଷିଲେ କେତେ ତୁ ମାତୁ—ଚଗ ।

ଛତୁ ରସ—ଦେ. ବି—ଶସ୍ୟ ଚୂନାରେ ପ୍ରସ୍ତୁତ ଏକ ପ୍ରକାର ମିଷ୍ଟାନ୍ନ—
Chhatu rasa A sweetmeat prepared from the flour of grains.

ଛତୁ ସଂକ୍ରାନ୍ତି—ପ୍ରାଦେ. (ବାଲେଶ୍ୱର) ବି—
Chhatu saṁkrānti ଛତୁଆ ସଂକ୍ରାନ୍ତି (ଦେଖ)
Chhatuā saṁkrānti (See).

ଛତୋରି—ଦେ. ବି. (ସଂ. ଶତାବରୀ)—ଶତାବରୀ (ଦେଖ)
Chhatori Satābari (See)
(ଛତୌରି—ଅନ୍ୟରୂପ)

ଛତ୍ୱର—ସଂ, ବି. (ଛଦ ଧାତୁ + ସଂଜ୍ଞାର୍ଥେ. ବର)—
Chhatwara ୧ । କୁଞ୍ଜ; ଲତାକୁଞ୍ଜ—
1. A grove; a bower.

୧	ଇ	ଉ	ଋ,ଌ	ଈ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଋଷ୍	ଋଅ	ଞ
୨	ଈ	ଊ	ରୁ	ଲୁ	ଓ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଋଅ	ଞ	ନ୍ନ

୨ । ଆଶ୍ରମ—2. Hermitage.
୩ । ଗୃହ—3. House (M W.).

ଛତ୍ର—ସଂ. ବି. (ଛଦ ଧାତୁ, ଣିଚ୍ = ଛଦ ଧାତୁ + କରଣ. ତ୍ର)—
Chhatra ୧ । ଛତା; ଛତି; ଆତପତ୍ର—
(ଛତ୍ତ୍ର—ଅନ୍ୟରୂପ) 1. Umbrella.
୨ । ରାଜଛତ୍ର—2. One of the insignia of royalty; an umbrella held over the head of a king.
୩ । ଛତୁ; ଛତ୍ରାକ—3. Mushroom; fungus.
୪ । ଏକ ପ୍ରକାର ବିଷାକ୍ତ ଛତୁ; ଅତିଛତ୍ର (ହି. ଶବ୍ଦସାଗର)—
4. A kind of poisonous mushroom.
୫ । (+ଭାବ. ତ୍ର) ଆବରଣ; ଆଚ୍ଛାଦନ—
5. Covering.
ଦେ. ବି—୧ । (ବଙ୍ଗୀୟ ଶବ୍ଦ) ରାଜା ବା ଠାକୁରଙ୍କ ଉପରେ ଅଳଙ୍କାର ରୂପେ ଟଙ୍ଗା ଯିବା ସୁନା ବା ରୂପାର ଛତି—
ছত্র
ঝুমর 1. Gold or silver umbrella set over a king or Deity as a decoration
୨ । (ସଂ. ସତ୍ର) ଅନ୍ନସତ୍ର—2. A public kitchen where cooked rice is distributed free to the needy during a famine.
୩ । ଜଳସତ୍ର—3. A place where water is distributed free to thirsty wayfarers during summer.
୪ । ମେଳା—4. A fair.
(ଯଥା—ହରିହର ଛତ୍ର ।)
୫ । ପଂକ୍ତି; ଅକ୍ଷରପଙ୍କ୍ତି—
5. Line; a line of letters.
୬ । ଖଇରାତ—6. Charitable distribution.
ପ୍ରାଦେ. (ଗଞ୍ଜାମ) ବି. (ତୁଳ. ତେଲୁଗୁ. ଛତ୍ରମୁ)—
ଧର୍ମଶାଳା—Choultry.
[ଦ୍ର—ମାନ୍ଦ୍ରାଜ ଅଞ୍ଚଳରେ ଯେଉଁ ଧର୍ମଶାଳାମାନ ଅଛି ସେ ସବୁକୁ ଚୌଲ୍‌ଟ୍ରି ବା ଛତ୍ରମ୍ କହନ୍ତି । ଅଧିକାଂଶ ଛତ୍ରରେ ଆଗନ୍ତୁକ ବ୍ୟକ୍ତି ୧ ବା ୨ ଦିନ ଭଡ଼ା ନ ଦେଇ ରହି ପାରିବାର ସୁବିଧା ଥାଏ ।]
ଦେ. ବି. (ସଂ. ସତ୍ର) ଯେଉଁ ସ୍ଥାନ ବା ଗଛରେ ସମସ୍ତଙ୍କର ପ୍ରବେଶାଧିକାର ବା ଭୋଗାଧିକାର ଅଛି—
A place or tree to which the public have free access.

ଛତ୍ରକ—ସଂ. ବି. (ଛତ୍ର + ସ୍ୱାର୍ଥେ. କ)—୧ । ଛତା—
Chhatraka 1. Umbrella.
୨ । ମାଛରଙ୍କା ପକ୍ଷୀ—
2. The kingfisher; Alcedo Ispida.
[ଦ୍ର—ଏହାର ମୁଣ୍ଡରେ ଛତା ପରି ପକ୍ଷଗୁଚ୍ଛ ଥିବାରୁ ଏହି ନାମ ।]
୩ । ଛତୁ—3. Mushroom; toadstool.
୪ । ଛତା ଆକାରର ମହୁଫେଣା—
4. A parasol-shaped beehive.
୫ । ଛତାପରି ଛାତ ଥିବା ଗମ୍ବୁଜଯୁକ୍ତ ଶିବମନ୍ଦିରବିଶେଷ—
6. A parasol-shaped temple in honour of the Deity Śiba (M. W.)

ଛତ୍ରକଦେହୀ—ସଂ. ବି. (ଆଧୁନିକ ଜୀବବିଜ୍ଞାନ ପରିଭାଷା) — ଏକ ପ୍ରକାର
Chhatraka-dehī ଛତାକୃତି ସାମୁଦ୍ରିକ ଜୀବ —Medusa; a
(ଛତ୍ରାକାଙ୍ଗ—ଅନ୍ୟରୂପ) jellyfish; Discophora.

ଛତ୍ରଖାଈ—ଦେ ବିଣ. ସ୍ତ୍ରୀ—ଛତରଖାଈ (ଦେଖ)
Chhatrakhāī Chhatarakhāī (See)
(ଛତ୍ରଖିଆ—ପୁଂ.)

ଛତ୍ରଖିଆ—ଦେ. ବିଣ. ପୁଂ.—ଛତରଖିଆ (ଦେଖ)
Chhatrakhiā Chhatarakhiā (See)

ଛତ୍ରଚକ୍ର—ସଂ. ବି.—ଶୁଭାଶୁଭ ଫଳ ଜାଣିବା ପାଇଁ ଫଳିତ ଜ୍ୟୋତିଷର
Chhatra chakra ଚକ୍ରବିଶେଷ—A kind of astrological figure drawn to calculate a person's future.
[ଦ୍ର—ଏଥିରେ ୩ ପଙ୍କ୍ତିରେ ନଅଟି ଲେଖାଏଁ ଘରରେ ୨୭ ନକ୍ଷତ୍ର ଲେଖା ଯାଇ ଶୁଭାଶୁଭ ଗଣନା କରାଯାଏ ।]

ଛତ୍ରଛାଉଳ—ଗ୍ରା. ବି. ଓ ବିଣ.—ଛିନ୍ନ ଭିନ୍ନ; ଚୂର୍ଣ୍ଣବିଚୂର୍ଣ୍ଣ—
Chhatra-chhāuḷa Shattered to pieces; routed.
(ଛତ୍ରଖଉଳ, ଛତ୍ରଛଉଳ—ଅନ୍ୟରୂପ)

ଛତ୍ରଦଣ୍ଡ—ସଂ. ବି.—୧ । (ଦ୍ୱନ୍ଦ୍ୱ କିମ୍ବା ରୂପକ କର୍ମଧାରୟ-ପ୍ରକୃତିବାଦ)
Chhatradaṇḍa ରାଜତ୍ୱସୂଚକ ଛତା ଓ ଠେଙ୍ଗା; ରାଜଛତ୍ର ଓ ରାଜଦଣ୍ଡ; ଦଣ୍ଡଛତ୍ର—1. The umbrella and the sceptre; the two insignia or emblems of royalty.
୨ । (୬ଷ୍ଠୀ ତତ୍) ଛତାର ବେଣ୍ଟ—2. The handle or supporting rod of an umbrella.

ଛତ୍ରଧର—ସଂ. ବିଣ.—(ଛତ୍ର + ଧୃ ଧାତୁ + କର୍ତ୍ତୃ. ଅ)—୧ । ଯେ ଛତା
Chhatra-dhara ଧରି ଥାଏ—
ଛତ୍ରଧାରୀ } ଅନ୍ୟରୂପ 1. Holding an umbrella.
ଛତ୍ରଧାରୀ
୨ । ଯେ ରାଜାଙ୍କ ମୁଣ୍ଡ ଉପରେ ଛତା ଧରେ—2. Holding an umbrella over the head of a king.
ସଂ. ବି.—୧ । ରାଜା; ସମ୍ରାଟ—
1. An emperor; a sovereign.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଜିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ରାଜାଙ୍କ ମୁଣ୍ଡ ଉପରେ ଛତା ଟେକିବା ଭୃତ୍ୟ—
2. A retainer whose duty is to hold the umbrella over the head of a king.

ଛତ୍ର ଧରାଇବା—ଦେ. କ୍ରି.—୧ । ଛତା ଧରାଇବା—
Chhatra dharāibā — 1. To have an umbrella held over one's head by another.
ছাতা ধরান

୨ । ନିଜକୁ ଶ୍ରେଷ୍ଠ ବ୍ୟକ୍ତି ରୂପେ ପ୍ରଖ୍ୟାତ କରାଇବା—
2. To cause one's self to be highly reckoned.

ତାହା ଯେନାସେନ ସେନ ଭାଗ୍ୟବନ୍ତ ପଣେ ମୁଁ ଛତ୍ର ଧରାଇବ ।
ଭକ୍ତ: ପ୍ରେମସୁଧାନିଧି ।

୩ । ରାଜ୍ୟାଭିଷିକ୍ତ ହେବା—3. To be installed in throne.

ବତ୍ର ଧରାଇବ ଛତ୍ର କେଉଁ ଦିନ ଜାଣ । ସ୍ୱାତୀ. ଗୁରୁଭକ୍ତିଗୀତ । ।

(ଛତ୍ର ଧରେଇବା—ଅନ୍ୟରୂପ)

ଛତ୍ରପତି—ସଂ. ବି. (୬ଷ୍ଠୀ ତତ୍; ଛତ୍ର+ପତି)—୧ । ରାଜା; ସମ୍ରାଟ—
Chhatrapati — An emperor; a sovereign.

ପ୍ରବଳ ପ୍ରତାପ ଦାନବ ଶେଖରି
ଭୁବନପତି ଛତ୍ରପତି । ନନ୍ଦକିଶୋର. ଶର୍ମିଷ୍ଠା ।

ଦେ. ବି—ମହାରଟ୍ଟା ରାଜା ଶିବାଜିଙ୍କ ଉପାଧି—
A title assumed by Sibaji the Marhatta king.

ଛତ୍ରପତ୍ର—ସଂ. ବି. (ବହୁବ୍ରୀହି; ଯେ ଛତ୍ର ପରି ପତ୍ରବିଶିଷ୍ଟ)—
Chhatra-patra — ୧ । ସ୍ଥଳପଦ୍ମ—1. Hibiscus Mutabilis.
୨ । ଭୂର୍ଜପତ୍ର ଗଛ—2. A variety of Birch tree (having leaves like umbrella); Betula Bhoorja.
୩ । ମାଣସାରୁ (ଦେଖ)
3. Māṇa-sāru (See)

ଛତ୍ରବତୀ—ସଂ. ବି. (ନାମ)—ମହାଭାରତ, ହରିବଂଶ ଓ ବିଷ୍ଣୁପୁରାଣାଦିରେ
Chhatra-bati — ବର୍ଣ୍ଣିତ ପାଞ୍ଚାଳର ଉତ୍ତରରେ ଅବସ୍ଥିତ ପ୍ରାଚୀନ ରାଜ୍ୟ (ଏହାର ଅନ୍ୟ ନାମ ଅହିଚ୍ଛତ୍ର ବା ଅହିକ୍ଷେତ୍ର— (ହି. ଶବ୍ଦସାଗର)—Name of an ancient kingdom mentioned in the Hindu mythologies.

ଛତ୍ରବନ୍ଧୁ—ସଂ. ବି—ନୀଚବଂଶୀୟ କ୍ଷତ୍ରିୟ; କ୍ଷତ୍ରିୟାଧମ (ହି. ଶବ୍ଦସାଗର)—
Chhatra-bandhu — A Kshatriya of low grade.

ଛତ୍ର ବୃକ୍ଷ—ସଂ. ବି. (ମ. ପ. ଲୋ; ଛତ୍ରାକୃତି ବୃକ୍ଷ)—
Chhatra bṛuksha — ମୁଚୁକୁନ୍ଦ ଗଛ (ଦେଖ)
Muchukunda tree (See)

ଛତ୍ରବିଛତ୍ର—ଦେ. ବିଣ—ଘରଅଡ଼େ ଭାଙ୍ଗି ପଳାଇବା; ଛିନ୍ନଛତ୍ର—
Chhatra-bichhatra — Routed; disorganised.
ছিনছত্র
ছিতরবিতর

ଛତ୍ରଭଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଛତ୍ରର ଭଙ୍ଗ; ଛତ୍ର=ରାଜଚିହ୍ନ)—
Chhatra-bhaṅga — ୧ । ରାଜାଙ୍କର ରାଜ୍ୟନାଶ—
1. Loss of one's kingdom.
୨ । ରାଜାଙ୍କ ସିଂହାସନଚ୍ୟୁତି—2. Deposition of a king.
୩ । ଅରାଜକତା—3. Anarchy.
୪ । ଗୋଳମାଳ—4. Disorder.
୫ । ରଣଭଙ୍ଗ; ଯୁଦ୍ଧରେ ସୈନ୍ୟମାନେ ପରାସ୍ତ ହୋଇ ଯୁଦ୍ଧଭୂମି ଓ ଆପଣାର ଦଳ ଛାଡ଼ି ପଳାଇବା—
5. A rout.
୬ । ବୈଧବ୍ୟ—6. Widowhood.
୭ । ସ୍ୱାତନ୍ତ୍ର୍ୟ—7. Individuality.

ଛତ୍ରଭଙ୍ଗ ହେବା—ଦେ. କ୍ରି—(ସୈନ୍ୟମାନେ ଶତ୍ରୁଦ୍ୱାରା ପରାସ୍ତ ହୋଇ)
Chhatra-bhaṅga debā — ଯୁଦ୍ଧଭୂମି ଛାଡ଼ି ଏଣେତେଣେ ପଳାଇବା—
ছত্রভঙ্গদেওয়া — To be put to rout; to flee from the battle-field (said of a defeated army).

ଛତ୍ରମହାରାଜ—ସଂ. ବି. (ନାମ)—ଆକାଶରେ କଳ୍ପିତ ବୌଦ୍ଧମାନଙ୍କର
Chhatra-mahāraja — ଚାରି ଦିକ୍‌ପାଳ—The four protectors of the quarters of the earth according to the Buddhists.
(ଯଥା—୧. ପୂର୍ବଦିଗର ଅଧିପତି ବୀଣାହସ୍ତ—ବୀଣାରାଜ; ୨. ପଶ୍ଚିମଦିଗର ଅଧିପତି ଖଡ୍ଗହସ୍ତ—ଖଡ୍ଗରାଜ; ୩. ଉତ୍ତରଦିଗର ଅଧିପତି ଧ୍ୱଜହସ୍ତ—ଧ୍ୱଜରାଜ; ୪. ଦକ୍ଷିଣଦିଗର ଅଧିପତି ଚୈତ୍ୟହସ୍ତ. ଚୈତ୍ୟରାଜ; ବୌଦ୍ଧମନ୍ଦିରମାନଙ୍କରେ ଏମାନଙ୍କର ମୂର୍ତ୍ତି ରଖାଯାଏ- ହି. ଶବ୍ଦସାଗର ।)

ଛତ୍ରସାହି—ଦେ. ବି—ଛତ୍ରାକୃତି ଶିରସ୍ତ୍ରାଣ ବା ପାଗ—
Chhktra-sāhi — A wide bushy turban set like an umbrella over the head.
(ଛତ୍ରସାଇ—ଅନ୍ୟରୂପ)

ଛତ୍ରସାହି କରଣ ପାଗ ବାନ୍ଧିଛନ୍ତି । କୃଷ୍ଣସିଂହ. ମହାଭାରତ ଆଦି ।

ଛତ୍ରା—ସଂ. ବି. ସ୍ତ୍ରୀ. (ଛତ୍ର+ଆ)—୧ । ମଞ୍ଜିଷ୍ଠାଗଛ; ମଞ୍ଜୁଆତି ଗଛ—
Chhatrā — 1. The Indian madder-plant; Rubia Manjistha.
୨ । ଝାମ୍ପୁଲା ଗଛ—2. A spreading or bushy tree.
୩ । ପାନମଧୁରି ଗୁଳ୍ମ—3. Anethum Panmorium; the aniseed plant.
୪ । ସଲ୍ପ ଗଛ—4. Anethum Sowa plant.
୫ । ଟିଣା (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
5. Tiṇā (See)
୬ । ଧନିଆ (ହି. ଶବ୍ଦସାଗର)—6. Coriander.
୭ । ଛତୁ; ଛତ୍ରାକ (ହି. ଶବ୍ଦସାଗର)—7. Mushroom.

୧	ଇ	ଉ	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଘ	ଞ୍ଚ	ଛ
୨	ଈ	ଊ	ଋ	ଌ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଢ଼	ନ୍

ଛତ୍ରାକ—ସ. ବି. (ଛତ୍ର+ଅକ୍ ଧାତୁ=ଗମନ କରିବା, ଭୂମି ଦେବା+ କର୍ତ୍ତ୍ରି. ଅ)—୧ । ଶିଲୀନ୍ଧ୍ର; ଛତୁ—
Chhatrāka
1. Mushroom.

୨ । ଗୁଳ୍ମବିଶେଷ; ଜଳବବୁର ଗୁଳ୍ମ—
2. A plant akin to Acacia Acracia (M. W.).

ଛତ୍ରାକାର—ସ. ବିଣ. (ବହୁବ୍ରୀହି; ଛତ୍ର+ଆକାର)—
Chhatrākāra ଛତାପରି ହୋଇଥିବା—Spreading (like
(ଛତ୍ରାକୃତି—ଅନ୍ୟରୂପ) an umbrella); umbrella-shaped; umbellate.

ଛତ୍ରାକୀ—ସ. ବି. ସ୍ତ୍ରୀ. (ଛତ୍ରାକ+ଈ)—୧ । ରାସ୍ନା—
Chhatrākī 1. A parasitic plant growing on trees; Vanda Roxburghii; the Ichneumon plant (M. W.).

[ଦ୍ର—ଏହା ଏକପ୍ରକାର ନିର୍ମୂଳୀ ଗୁଳ୍ମ । ଆସାମ ଓ ଖାସୀଆ-ପାହାଡ଼ରେ ପ୍ରାୟ ଆମ୍ବଗଛରେ ଏହା ଜନ୍ମେ । ଏଥିର ଫୁଲ ବଡ଼ବଡ଼, ସୁଗନ୍ଧ ଓ ବହୁଦିନସ୍ଥାୟୀ । ଏହାର ଫଳ ଔଷଧରେ ଲାଗେ ।]

୨ । ସର୍ପାକ୍ଷୀ (ଦେଖ)
2. Sarpākshī (See)

ଛତ୍ରାଙ୍ଗ—ସ. ବି—ଗୋଦନ୍ତୀ ହରିତାଳ—
Chhatrāṅga A kind of yellow orpiment.

ଛତ୍ରାଧାନ୍ୟ—ସ. ବି—ଧନିଆଁ; ଧାନ୍ୟାକ—
Chhatrā-dhānya The coriander seed.

ଛତ୍ରି—ତ୍ତା. ବିଂ (ସ. ଛତ୍ର)—୧ । ଦେବତା ଓ ରାଜାମାନଙ୍କ ଉପରେ
Chhatri ଧରାଯିବା ବଡ଼ ଛତା—1. A big umbrella held
छत्री over kings and Deities.
छतरी

୨ । ଚକ୍ରବର୍ତ୍ତୀ ରାଜା—2. A sovereign; emperor.

୩ । ବୀର ପୁରୁଷ—3. A warrior.

ଏତ ଛତ୍ରିଙ୍କ ଉପରେ ରେଖ । ପ୍ରାଚୀ. ରତ୍ନସଂଗ୍ରହ ।

୪ । (ଦ୍ର. କ୍ଷତ୍ରିୟ)—କ୍ଷତ୍ରିୟ—4. A Kshatriya or man of the warrior class amongst the Hindus.

ପୁଣି ପରଶୁରାମ ରୂପେ
ଛତ୍ରି ନାଶିଲୁ ମହାକୋପେ । ଭୂପତି, ପ୍ରେମପଞ୍ଚାମୃତ ।
ଛତ୍ରି ଉତ୍ତମ ଶିରୋମଣି । କମଳଲୋଚନ. ଚଉତିଶା ।

୫ । ରାଜପୁତ ଜାତି—5. The Rajput caste.

ଛତ୍ରିଂଶ—ଦେ. ବି ଓ ବିଣ. (ସ. ଷଟ୍‌ତ୍ରିଂଶ)—
Chhatrimsa ଛତିଶ (ଦେଖ)
Chhatiṣa (See)

ଛତ୍ରିକ—ସ. ବିଣ. (ଛତ୍ରିନ୍+ସ୍ୱାର୍ଥେକ. କ)—ଛତ୍ରୀ (ଦେଖ)
Chhatrika Chhatrī (See)

ଛତ୍ରିକା—ସ. ବି. ସ୍ତ୍ରୀ. (ଛତ୍ର+କ+ସ୍ତ୍ରୀ. ଆ)—
Chhatrikā ୧ । ଶିଲୀନ୍ଧ୍ର; ଛତୁ—1. Mushroom.

୨ । ଛୋଟ ଛତା—2. Small parasol.

୩ । ଛତା—3. Parasol; umbrella.

୪ । ମିଶ୍ରି—4. Candied sugar. (M. W).

ଛତିଶ—ଦେ. ବି (ସ. ଷଟ୍‌ତ୍ରିଂଶ)—ଛତିଶ (ଦେଖ)
Chhatriṣa Chhatiṣa (See)

ଛତ୍ରୀ—ସ. ବିଣ. ପୁଂ—(ଛତ୍ର+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Chhatrī ୧ । ଯାହା ମୁଣ୍ଡଉପରେ ଛତା ଧରା ହୋଇଅଛି—
(ଛତ୍ରିଣୀ—ସ୍ତ୍ରୀଲିଙ୍ଗ) Having an umbrella held over the head.

୨ । ଛତ୍ରଧାରୀ—2. Bearing an umbrella.

ସ. ବି—୧ । ରାଜା—1. A king (M. W).

୨ । ଭଣ୍ଡାରି (ହ୍ର. ଶବ୍ଦସାଗର)—2. A barber (M.W).

ଛଦ୍ (ଧାତୁ)—ସ—ଆଚ୍ଛାଦନ କରିବା—To cover.
Chhad (root)

ଛଦ—ସ. ବି (ଛଦ୍ ଧାତୁ, ଣିଚ=ଛାଦ ଧାତୁ+କରଣ. ଅ)—
Chhada ୧ । ତମାଲବୃକ୍ଷ—1. Diospyros Tomentosa (tree).

୨ । ବୃକ୍ଷର ପତ୍ର—2. Leaf of a tree.

୩ । ପକ୍ଷ; ଡେଣା—3. Wing.

୪ । ଆବରଣ; ଢାଙ୍କୁଣୀ—4. A cover; lid.

୫ । ଆଚ୍ଛାଦନ-ବସ୍ତ୍ର; ଚଦର—5. A sheet.

୬ । ଘାସର ପତ୍ର—6. A blade of grass.

୭ । ଗଛର ଛାଲ; ଛେଲି—7. Bark of a tree.

୮ । (+ଭାବ. ଅ) ଆଚ୍ଛାଦନ କରିବା—
Act of covering.

ଛଦନ—ସ. ବି—(ଛଦ୍ ଧାତୁ+ଭାବ ଅନ)—୧ । ଆଚ୍ଛାଦନ—
Chhadana Covering.

୨ । (+କରଣ ଅନ)—ପତ୍ର—Leaf.

ଛଦନ ଯୁଗଳେ ସଦନ କରି ଅଛଇ ସତ । ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । ତେଜପତ୍ର—3. The Cassia Cinnamon (fragrant leaves).

୪ । ପକ୍ଷ—Wing.

ଛଦର୍ମ—ଗ୍ରା. ବି (ସ. ଛଦ୍ମ)—ଛଳ; ଛଦ୍ମ; ଛଳ—Deceit; trick.
Chhadarma

ଛଦା—ଦେ. ବି (ସ. ଛଦ୍ ଧାତୁ)—୧ । କୋଠାଘରର ପ୍ରାନ୍ତରେ
Chhadā କାନ୍ଥର ଅଗ୍ରରେ ପଦାକୁ ଟିପି ବସା ଯିବା ଇଟା କାନ୍ଥି—
1. A parapet at the extremes of a roof at the top of the walls of building.

୨ । ତାଳୀଶ ପତ୍ର (ଦେଖ)
2. Tālīsa patra (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚଠ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଛଦାମ—ଦେ. ବ—ଏକ ପଇସାର ଚାରିଭାଗରୁ ଏକଭାଗ—
Chhadāma — One fourth of a pice.
छदाम
छदाम
ଚେ. ଦାମୁଡ଼ି

ଛଦି—ସଂ. ବ (ଛଦ୍ ଧାତୁ + କରଣେ ଇ)—୧ । ଘରର ଛାତ; ଚାଳ;—
Chhadi — The roof of a house; thatch.
(ଛଦିଃ—ଅନ୍ୟରୂପ) ଛଦ ଅଛାଦ ଅଟେ ବର୍ଣ୍ଣିବ ଦୂରେ ଶୋଭିତ । ରାଧାନାଥ. ଉଷା ।
୨ । (+ଭାବ. ଇ) ଆଚ୍ଛାଦନ—Covering.

ଛ-ଦୁଇ—ଦେ. ବ ଓ ବିଣ—ଆଠ—Eight.
Chha-dui ଛଦୁଇ ଦୁର୍ଗେଶ ଲୁଣେ । କବିସୂର୍ଯ୍ୟ. କଳୋଗ ଚମ୍ପୂ. ଛ ଗୀତ ।

ଛଦ୍ମ—ସଂ. ବ (ଛଦ୍ ଧାତୁ + କରଣେ ମନ୍; ୧ମା. ୧ବ)—
Chhadma ୧ । ଛଳ—1. Trick.
୨ । କପଟ—2. Pretence.
୩ । ବ୍ୟାଜ—3. Hypocricy; disguise; sham.
୪ । ଗୋପନ—4. Concealment.

ଛଦ୍ମତପସ୍ୱୀ—ସଂ. ବି. ପୁଂ—କପଟାଚାରୀ ବୈରାଗୀ—
Chhadma-tapaswi — A hypocritical ascetic.
(ଛଦ୍ମତାପସ—ଅନ୍ୟରୂପ)
(ଛଦ୍ମତପସ୍ୱିନୀ—ସ୍ତ୍ରୀ)

ଛଦ୍ମବେଶ—ସଂ. ବ—୧ । କପଟ ବେଶ; ପରକୁ ପ୍ରତାରଣା କରିବାପାଇଁ
Chhadma-beśa ଧାରଣ କରାଯିବା ଅନ୍ୟ ବେଶ—
A mask; a disguise.
୨ । (ଲକ୍ଷଣାର୍ଥ)—୨ । ନିଜେ ପ୍ରକୃତରେ ଯେପରି ତାହା ଗୋପନ କରି ଲୋକଙ୍କ ନିକଟରେ ଅନ୍ୟ ଭାବରେ ପରିଚିତ ହେବା ନିମିତ୍ତ ଯେଉଁ ଆଚରଣ ବା ଅନୁଷ୍ଠାନ କରାଯାଏ—2. (figurative) Hypocricy; hypocritical conduct or act.

ଛଦ୍ମବେଶୀ—ସଂ. ବିଣ. ପୁଂ. (ଛଦ୍ମବେଶ + ଅଛି ଯାହାର ଏହି ଅର୍ଥରେ
Chhadma-beśi ଇନ୍; ୧ମା. ୧ବ)—ଯେ ଅନ୍ୟକୁ ପ୍ରତାରଣା
(ଛଦ୍ମବେଶିନୀ—ସ୍ତ୍ରୀ) କରିବା ପାଇଁ କପଟବେଶ ଧାରଣ କରିଥାଏ; କାପଟିକ—Masked; incognito; appearing in disguise.

ଛଦ୍ରମ—ଗ୍ରା. ବ. (ସଂ. ଛଦ୍ମ)—ଛନ୍ଦ; ଛଳ; ବ୍ୟାଜ; କପଟ; ବାହାନା—
Chhadrama — Disguise; trick; hypocricy; feigning.
छन्द ମାୟାମନୁଷ୍ୟରୂପେ ହରି, ଛଦ୍ରମେ ଗୃହବାସ କରି— ଜଗନ୍ନାଥ. ଭାଗବତ ।

ଛନ୍—ପ୍ରାଦେ. (ସମ୍ବଲପୁର) ବ. (ସଂ. ଶଣ)—ଝୋଟ—
Chhan — Jute; flax.
ପ୍ରାଦେ. (ସମ୍ବଲପୁର) ପ୍ରତ୍ୟୟ—ବର୍ତ୍ତମାନକାଳ ବହୁବଚନ 'ଛନ୍ତି' ସ୍ଥଳରେ ପ୍ରଯୁଜ୍ୟ (ଯଥା—କରଛନ୍, ଖାଛନ୍, ଛନ୍=ସଂ. ସନ୍ତି)—An inflection suffixed to verbs in the present tense plural.

ଛନ—ଦେ. ବ. (ମୂଳ. ସଂ.ଛନ୍ନ=ଗୁପ୍ତ)—୧ । ଭୟ; ଖିତ—
Chhana — 1. Fear; fright.
୨ । ଡରାଣ—2. Frightening.

ଛନକ—ଦେ. ବ. (ସଂ. ଚମତ୍କାର)—୧ । ଭୟ—
Chhanaka — 1. Fear.
चमक ଅବଶେ ଅଖି ମୁଁ ହୃଦୟ ଛନକେ—ରାଧାନାଥ. ଚନ୍ଦ୍ରଭାଗା ।
चौंक, छनक ୨ । ହଠାତ୍ ଜାତ ଭୟ; ଆତଙ୍କ—
2. Sudden fright; terror.

ଛନ କରିବା—ଦେ. କ୍ରି—ଡରାଇବା; କପଟଭୟ ଦେଖାଇବା—
Chhana karibā — To frighten in jest.
ଦମ୍ଭ ଦେଖିବାକୁ ମିନା କଲ ଛନ—କବିସୂର୍ଯ୍ୟ. କଳୋଗଚମ୍ପୂ. ଦ ଗୀତ ।

ଛନକା—ଦେ. ବ—ଛନକ (ଦେଖ)
Chhanakā — Chhanaka (See)
चमक ଛନକାରେ ଭ୍ରଷ୍ଟ ହେଲେ ଛନ୍ନମତ
चौंक, छनक ସର୍ବ ପ୍ରାଣୀ କ ଜଳେ, କ ସ୍ଥଳେ ବହାସ୍ୱେ— ରାଧାନାଥ, ମହାଯାତ୍ରା ।
ଛନକା ପଶିଲା ଘଟରେ, ଜାତ କୁଳ ଉପେକ୍ଷି— କଳାକଳେବର ଚଇତଶା. ଛ-ଗୀତ ।
(ଛନକୀ—ସ୍ତ୍ରୀ) ଦେ. ବିଣ. ପୁଂ. (ସଂ. ଚମତ୍କୃତ)—
୧ । ହଠାତ୍ ଭୟଗ୍ରସ୍ତ—1. Frightened; terrified.
୨ । ଚେହେଙ୍କିବା—2. Shying.

ଛନକାଇବା—ଦେ. କ୍ରି. (ଛନକିବା କ୍ରିୟାର ଣିଜନ୍ତରୂପ)—ହଠାତ୍ କପଟରେ ଭୟ ଦେଖାଇବା—
Chhanakāibā — To frighten in jest.
चमकाना
चमकाना
(ଛନକେଇବା—ଅନ୍ୟରୂପ)

ଛନକିବା—ଦେ. କ୍ରି—୧ । ଡରିବା—
Chhanakibā — 1. To fear.
चमका ୨ । ଚମକିବା—
छनकना 3. To be startled; to shy.

ଛନକୀ—ପ୍ରାଦେ. (ଗଡ଼ଜାତ) ବିଣ. ସ୍ତ୍ରୀ—ଅତି ଅସ୍ଥିର; ଚଞ୍ଚଳ (ଗାଈ); ହୁରୁଡ଼ା—
Chhanaki — Very restless, (cow).

ଛନଛତ୍ର—ଦେ. ବିଣ. (ସଂ. ଛିନ୍ନଛତ୍ର)—
Chhana-chhatra ୧ । ଅସ୍ତବ୍ୟସ୍ତ; ଛିନ୍ନଭିନ୍ନ; ଛତ୍ରଭଙ୍ଗ ଦେଇ ପଳାୟିତ—1. Routed; completely disorganised.
छन्नछत्र
छितरबितर
(ଛନଛତ୍ର—ଅନ୍ୟରୂପ) ୨ । ଉଚ୍ଛନ୍ନ; ବିନଷ୍ଟ; ବିଧ୍ୱସ୍ତ—
2. Ruined.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇପ୍ସି	ଚ୍ଛଅ	ଢ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ଢ଼

ଛନଛନ—ଦେ. ବିଣ. (ସଂ. ଚମକିତ)—୧ । ଭୀତ—
Chhana-chhana 1. Frightened.
अस्थिर; चंचल ୨ । ଭୟରେ ଅସ୍ଥିର—
बेचैन 2. Restless through fear, agitated.

ଶଲ୍ୟ ବାଣରେ ପୀଡ଼ା ପାଇ ପାଣ୍ଡୁ ସୈନ୍ୟ
ପଳାଇବାକୁ ମନ କରି ଛନଛନ—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

୩ । ଚଞ୍ଚଳ; ଅସ୍ଥିର—3. Restless.

ଛନଛନ ମନ ବାଉଳ ବଚନ ନରେଶ ଗୃହେ ଦଶରଥ—
ପ୍ରାଚୀ. ଶିଶୁଶଙ୍କର. ଉଷାଭିଳାଷ ।

୪ । ଏଣେ ତେଣେ ଅସ୍ଥିରଭାବରେ ଚାହିଁବା—
4. Glancing restlessly; casting momentary glances.

ଛନଛନ ହୋଇ ଦୁଆର ଏଣିତେଣି—କୃଷ୍ଣସିଂହ. ମହାଭାରତ. ବନ ।

ଛନଛନ ଲାଗିବା—ଦେ. କ୍ରି—ଚଳନ ସ୍ଥାନରେ ଅନିର୍ଦ୍ଦିଷ୍ଟ ଭୟ ମନରେ
Chhanachhana lāgibā ଉଦ୍ରେକ ହେବା—An undefined fear arising in the mind in solitude or wilderness.

ଛନ୍ତି—ଦେ. (ପଦ୍ୟ) (କ୍ରିୟାବାଚକକ୍ରିୟ ଚଳ ହେବା କ୍ରିୟାର ତୃତୀୟ
Chhanti ପୁରୁଷ ମାନ୍ୟାର୍ଥ ଏକବଚନ ଓ ବହୁବଚନ, ବର୍ତ୍ତମାନ
छेन କାଳ, ସେ ଓ ସେମାନେ କର୍ତ୍ତୃସହିତ ପ୍ରଯୁଜ୍ୟ)—
हैं ଅଛନ୍ତି—Are.

କୋଳରେ ଛନ୍ତି ଗଣନାଥେ—ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ଏହା ପଦ୍ୟରେ ଓ କଥିତ ଭାଷାରେ ସ୍ୱତନ୍ତ୍ର ଆକାରରେ 'ଅଛନ୍ତି' ସ୍ଥଳରେ ବ୍ୟବହୃତ ହୁଏ । ଅନ୍ୟାନ୍ୟ କ୍ରିୟା ସଙ୍ଗରେ ଲାଗି ମଧ୍ୟ ଏହି ଅର୍ଥ ଦିଏ । ଯଥା—କରୁଛନ୍ତି=କରୁଅଛନ୍ତି ।]

ଛନ୍ (ଧାତୁ)—ସ—୧ । ଆଚ୍ଛାଦନ କରିବା—1. To cover.
Chhand (root) ୨ । ଦୀପ୍ତି ପାଇବା—2. To shine.
୩ । ଗୋପନ କରିବା—
3. To conceal; to hide.
୪ । ବେଷ୍ଟନ କରିବା—
4. To envelop; to surround.
୫ । ରକ୍ଷା କରିବା—5. To profect.

ଛନ୍ଦ—ସ. ବି. (ଛନ୍ ଧାତୁ+ଭାବ. ଅ)—୧ । ଅଭିପ୍ରାୟ—
Chhanda 1. Intention; pleasure.
୨ । ବଶତା—2. Control; subjection; mastery.
୩ । ଅଭିଳାଷ—3. Wish; will; inclination.
୪ । ପ୍ରବୃତ୍ତି—4. Inclination
୫ । ବିଷ—5. Poison.
୬ । ବନ୍ଧନ—6. Binding; bond.
୭ । କପଟ; ଛଳ (ହି. ଶବ୍ଦସାଗର)—
7. Fraud; deceit; trick.

କାହିଁ ପାଇଁ କଲ ମୋତେ ଛନ୍ଦ । ଗୋପକୃଷ୍ଣ. ରସକଲ୍ଲୋଳ ।

୮ । ଆକାର; ଚେଷ୍ଟା, ରଙ୍ଗଢଙ୍ଗ (ହି. ଶବ୍ଦସାଗର)—
8. Deportment; mode of conduct.
୯ । ଅଭିପ୍ରାୟ (ହି. ଶବ୍ଦସାଗର)—9. Intention.
୧୦ । ଏକାନ୍ତ; ନିର୍ଜନତା (ହି. ଶବ୍ଦସାଗର)—
10. Solitude.
୧୧ । ଆବରଣ; ଢାଙ୍କୁଣି (ହି. ଶବ୍ଦସାଗର)—
11. Lid; cover.
ସ. ବିଣ—ଗୋପନୀୟ—Secret.

छन्द ଦେ. ବି.—୧ । (ସଂ. ଛନ୍ଦଃ) ରାଗିଣୀ; ଛନ୍ଦ—
छंद 1. Metre; musical air.
୨ । ଛନ୍ଦଃ; ବେଦର ରାଗିଣୀ—
2. The air of a vedic hymn.
छाँदनदड़ि ୩ । ଗୋରୁଦୁହାଁ ସମୟରେ ବାଛୁରୀକୁ ବାନ୍ଧିବା ଦଉଡ଼ି—
3. A string to tie the calf during milching the cow.
୪ । (ସଂ. ସନ୍ଦେହ) ସନ୍ଦେହ ସ୍ଥଳ—4. Dilemma.
୫ । (ସଂ. ସନ୍ଧି) ସନ୍ଧି; ସନ୍ନିପାତ—
5. Collapse (during fever).

ଛନ୍ଦଃ—ସ. ବି—ଛନ୍ଦସ୍ (ଦେଖ)
Chhandaḥ Chhandas (See)

ଛନ୍ଦଃ ପତନ—ସ. ବି—ଛନ୍ଦୋଭଙ୍ଗ (ଦେଖ)
Chhandaḥ patana Chhandobhaṅga (See)

ଛନ୍ଦକ—ସ. ବି. (ଛନ୍ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅକ)—
Chhandaka ୧ । ରକ୍ଷକ—1. Protector.
୨ । ବାସୁଦେବ; ଶ୍ରୀକୃଷ୍ଣ—
2. A name of Srikṛushṇa.
୩ । ବୁଦ୍ଧଦେବଙ୍କ ସାରଥି—
3. Name of the charioteer of Buddha.
ସ. ବିଣ—ଛଳୀ; କପଟୀ (ହି. ଶବ୍ଦସାଗର)—
Deceitful.

ଛନ୍ଦଣା—ଦେ. ବି—ବନ୍ଧନ (ଦେଖ)
Chhandaṇā Bandhana (See)

ଛନ୍ଦଣି—ଦେ. ବି—୧ । ଗାଈ ବାଛୁରୀଙ୍କୁ ବାନ୍ଧିବା ଦଉଡ଼ି—
Chhandaṇi 1. A string to tie the legs of cows
छाँदनि and calves to a peg or to each
तौम other.
(ଛନ୍ଦ ଦଉଡ଼ା, ଛନ୍ଦ ଦଉଡ଼ି—ଅନ୍ୟରୂପ)

କେହିଁ ଧେନୁ ଚରଣେ ଛନ୍ଦନ୍ତି ଛନ୍ଦଣି । ଗୋପକୃଷ୍ଣ. ରସକଲ୍ଲୋଳ ।

୨ । ବନ୍ଧନ; ବନ୍ଧାହେବା—2. Being tied.

କଟୀ ବାନ୍ଧନ୍ତି ହେମ ସୂତେ ଛନ୍ଦଣି
କଟୀ ତଟେ ପୀତାମ୍ବର ସ୍ୱର୍ଣ୍ଣ ଶ୍ରେଣୀ । ବଇଦ୍ୟନାଥ. ଚତୁର ସମାପୂର୍ଣ ।

ଛନ୍ଦଣି ଦଉଡ଼ି—ପ୍ରାଦେ. (ଗଞ୍ଜାମ) ବି—ସୂତାରେ ବଳା ଯାଇଥିବା ନୂଆ
Chhandaṇi daurḍi ଦଉଡ଼ି (ଏଥିରେ ଅର୍ଦ୍ଧା ଅମାବସ୍ୟା ଦିନ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ, ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଦ୍ୱାର' ନ ମିଳିଲେ 'ଦୁଆର' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅତ୍ୟ' ନ ପାଇଲେ 'ଅତ୍ୟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଘରର ସ୍ତ୍ରୀଲୋକେ ପିଲାଙ୍କୁ ବାନ୍ଧି ତାଙ୍କ ପିଠିରେ ବଳମୂଳୀ ଓ ଅପାମାର୍ଗ ଡାଳ ବାଡ଼େଇ କହନ୍ତି 'ବଳ୍ କୋ')—
A new rope made of thread

ଛନ୍ଦଣିମନ୍ଦଣି—ଦେ. ବି—ଗଣ୍ଠିଆଗଣ୍ଠି; ଅନେକଗୁଡ଼ାଏ ସୂତାରେ ଗଣ୍ଠି ପଡ଼ିଯିବା; ଅଡ଼ୁଆ ହେବା; ଗୁଡ଼ୁଆଗୁଡ଼ି
Chhandani mandani — Intricacy; being knotted; confusion; chaos.
छन्दबन्द
छँदो, छँदा

ଦେ. ବିଣ—୧ । ବିଶେଷ ଅଡ଼ୁଆ ହୋଇଥିବା—
1. Intricately knotted together; knotty; chaotic; tangled.

୨ । ପରସ୍ପର ସଙ୍ଗେ ଛନ୍ଦା ହୋଇଥିବା—
2. Intertwined with each other; crossed.
କୋଇଲି ଲୋ ଛନ୍ଦଣି ମନ୍ଦଣି ବୃକ୍ଷ ବଣ । କେଶବ କୋଇଲି ଛ ଗୀତ ।

ଛନ୍ଦନ—ଦେ. ବିଣ. (ସ. ଛନ୍ଦ=ବନ୍ଧନ)—ଛନ୍ଦି ହୋଇଥିବା—
Chhandana — Confused; entwined.
छांदन
छँदना

ଲମ୍ବିଛି ସୁମନ ମାଳ ଛନ୍ଦନ ଅଛି ତମାଳ
ଦଳେ ବାଚଂଛଡ଼ିଥା ଶୋଭନ ହେ ।
ଅଭିମନ୍ୟୁ. ବଦଗ୍ଧ ଚନ୍ତାମଣି ।

ଛନ୍ଦମନ୍ଦ—ସ. ବି. (ସ. ଛନ୍ଦ)—୧ । ଛଳ; କପଟ—
Chhanda-manda — 1. Deceit; hypocricy.
छन्दकपट — ୨ । ଖୁଡୁଗୁ—2. Cunning.
छन्दबन्द, छलछन्द
ଛନ୍ଦବନ୍ଦ } ଅନ୍ୟରୂପ
ଛନ୍ଦବନ୍ଧ

ଛନ୍ଦପାଟନ—ସ. ବି—କପଟ ସନ୍ନ୍ୟାସୀ; ସାଧୁବେଶଧାରୀ ଠକ (ହି. ଶବ୍ଦସାଗର)—A masked mendicant; a cheat in the mask of a saint.
Chhanda-pātana

ଛନ୍ଦସ୍—ସ. ବି. (ଛନ୍ଦ୍ ଧାତୁ—ପ୍ରୀତି ପାଇବା + ଭାବ. ଅସ୍)—
Chhandas — ୧ । ପଦ୍ୟବନ୍ଧ—1. Prosody; poetic composition; rhyme.

[ଦ୍ର—ଯେଉଁ ରଚନାରେ ବର୍ଣ୍ଣ ବା ମାତ୍ରାର ଗଣନା ଅନୁସାରେ ବିରାମ ଆଦିର ନିୟମ ଅଛି ତାକୁ ଛନ୍ଦଃ ବୋଲାଯାଏ । ଏହା ୨ ପ୍ରକାର; ଯଥା—ବାର୍ଣ୍ଣିକ ଓ ମାତ୍ରିକ । ଯହିଁର ପ୍ରତିପାଦରେ ଅକ୍ଷର ସଂଖ୍ୟାର ଓ ଲଘୁଗୁରୁକ୍ରମର ନିୟମ ଥାଏ ତାକୁ ବାର୍ଣ୍ଣିକ ବା ବର୍ଣ୍ଣବୃତ୍ତ, ଓ ଯହିଁରେ ଅକ୍ଷରଗଣନାର ତଥା ଲଘୁଗୁରୁକ୍ରମର ବିଚାର ନ କରି କେବଳ ମାତ୍ରାର ସଂଖ୍ୟା ରକ୍ଷା କରାଯାଏ ତାକୁ ମାତ୍ରିକ ଛନ୍ଦଃ ବୋଲାଯାଏ । ପାଦର ବିଚାରରେ ବୃତ୍ତ ବା ଛନ୍ଦଃର ୩ଭେଦ, ଯଥା—ସମବୃତ୍ତ, ଅର୍ଦ୍ଧସମବୃତ୍ତ ଓ ବିଷମବୃତ୍ତ । ଯେଉଁ ରଚନାରେ ୪ ପାଦ ସମାନ ତାକୁ ସମବୃତ୍ତ, ଯହିଁରେ ୧ମ ପାଦ ୩ୟ ପାଦ ସଙ୍ଗେ ଓ ୨ୟ ପାଦ ୪ର୍ଥ ପାଦ ସଙ୍ଗେ ସମାନ ତାକୁ ଅର୍ଦ୍ଧସମବୃତ୍ତ ଓ ଯହିଁରେ ପାଦମାନ ଅସମାନ ତାକୁ ବିଷମବୃତ୍ତ ବୋଲାଯାଏ । ଅଧିକାଂଶ ସଂସ୍କୃତ ଛନ୍ଦଃ ବାର୍ଣ୍ଣିକ ଓ ଭାଷାର ଛନ୍ଦମାନ ମାତ୍ରିକ ଅଟେ । ହି. ଶବ୍ଦସାଗର]

୨ । ପଦ୍ୟ ବା ଗଦ୍ୟ ରଚନାର ରୀତି—
2. Style of prose or poetry.

୩ । ପଦ୍ୟର ରାଗ ବା ରାଗିଣୀ—
3. Poetical air or measure; metre; cadence.

୪ । ଇଚ୍ଛା; ଅଭିଳାଷ—4. Wish; desire.

୫ । ସ୍ୱେଚ୍ଛାଚାର; ମନମୁଖୀ ବ୍ୟବହାର—
5 Voluntary action; arbitrary conduct.

୬ । ବେଦର ମନ୍ତ୍ରର ରାଗ—
6. Metre of vedic texts.

[ଦ୍ର—ଅକ୍ଷରର ସଂଖ୍ୟା ଅନୁସାରେ ରଚିତ ବେଦମନ୍ତ୍ରମାନଙ୍କର ଭିନ୍ନ ଭିନ୍ନ ଛନ୍ଦଃ ଅଛି । ଛନ୍ଦଃ ମୁଖ୍ୟତଃ ୭ଟି ଯଥା—ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ, ପଂକ୍ତି, ତ୍ରିଷ୍ଟୁପ୍ ଓ ଜଗତୀ । ଏ ପ୍ରତ୍ୟେକର ଆର୍ଷୀ, ଦୈବୀ, ଆସୁରୀ, ପ୍ରାଜାପତ୍ୟା, ଯାଜୁଷୀ, ସାମ୍ନୀ, ଆର୍ଚ୍ଚୀ ଓ ବ୍ରାହ୍ମୀ ଏହିପରି ଆଠଗୋଟି ଭେଦଅଛି ଓ ଏମାନଙ୍କ ସମ୍ମିଶ୍ରଣରେ ଅନେକ ସଙ୍କର ଛନ୍ଦଃମାନଙ୍କର କଳ୍ପନା କରାଯାଇଅଛି । ଏହା ଛଡ଼ା ଯଜୁର୍ବେଦର ମନ୍ତ୍ରମାନଙ୍କରେ ଅତିଜଗତୀ, ଶକ୍ୱରୀ, ଅତିଶକ୍ୱରୀ, ଅଷ୍ଟି, ଅତ୍ୟଷ୍ଟି, ଧୃତି, ଅତିଧୃତି, କୃତି, ପ୍ରକୃତି, ଆକୃତି, ବିକୃତି, ସଂସ୍କୃତି, ଅଭିକୃତି ଓ ଉତ୍କୃତି ନାମରେ ଗୁଡ଼ିଏ ଛନ୍ଦଃ ବ୍ୟବହୃତ ହୋଇଅଛି । ବୈଦିକ ଛନ୍ଦଃମାନଙ୍କରେ ମାତ୍ରା ବା ଲଘୁଗୁରୁର ବିଚାର ନାହିଁ; କେବଳ ଅକ୍ଷରସଂଖ୍ୟା ଅନୁସାରେ ଛନ୍ଦଃମାନଙ୍କ ନିଷ୍ପତ୍ତି କରାଯାଏ—ହି. ଶବ୍ଦସାଗର ।]

୭ । ବେଦ—7. The Bedas.

୮ । ଛନ୍ଦଃମାନଙ୍କର ଲକ୍ଷଣାଦି ବର୍ଣ୍ଣିତ ହୋଇଥିବା ବେଦାଙ୍ଗ (ହି. ଶବ୍ଦସାଗର)—8. That part of the Bedas which treat of metres.

ଛନ୍ଦା—ଦେ. ବି. (ସ. ଛନ୍ଦ=ବନ୍ଧନ)—୧ । ବନ୍ଧନ—
Chhandā — 1. Tie; bond.

୨ । ବାନ୍ଧିବା—2. Tying; binding.

୩ । ଚଉଛକି; ଛକ—3. A cross-road; a meeting place of cross-roads.

୪ । ଦୁଇ ନଦୀର ସଙ୍ଗମସ୍ଥଳ—
4. A place where two streams meet.

୫ । (ଏଠାରେ ସ୍ଥଳପଥ ନଦୀକୁ ପାର ହୋଇଥିବାରୁ) ନଦୀଘାଟ—
5. River ferry-ghat.

୬ । ଗ୍ରନ୍ଥି; ଗଣ୍ଠି—6. Knot.

छान्दा — ୭ । ଶ୍ରାଦ୍ଧ, ବିବାହାଦି କୌଣସି ସାମାଜିକ ଅନୁଷ୍ଠାନରେ ଯେଉଁ ନିମନ୍ତ୍ରିତ ବ୍ରାହ୍ମଣମାନେ ନିମନ୍ତ୍ରଣକାରୀଙ୍କ ଘରେ ଭୋଜନ କରନ୍ତି ନାହିଁ ସେମାନେ ସେଠାରୁ ସଙ୍ଗରେ କୁଟୁମ୍ବବାନ୍ଧ ଘରକୁ ଆଣିବା ଭଲଖିଆ ସମଗ୍ରୀ—

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	କ୍ଷ	ଶ,ଷ	ଜ୍ଞ	ଇସ୍	ଉଅ	ଛ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍ଦ

7. Sweets and tiffen carried home by those of the invited Brāhmaṇas who do not take their meals at the house of the inviter.

ଦେ. ବଣ — ୧ । ଯାହା କୌଣସି ବସ୍ତୁକୁ ଛନ୍ଦେ ବା ବାନ୍ଧେ— 1. Binding.
୩ । ରଚିତ (କବିତା)—3. Composed (poem).
୪ । ବନ୍ଧା ହୋଇଥିବା—4. Tied up.
୫ । ପରସ୍ପରକୁ ଛକ ପର କାଟୁଥିବା— 5. Crossing each other.

ଛନ୍ଦାଇବା—ଦେ. କ୍ରି—ଛନ୍ଦିବାର ଣିଜନ୍ତ ରୂପ—
Chhandāibā Causative form of Chhandibā.
छँदाना
छँदवाना
(ଛନ୍ଦେଇବା—ଅନ୍ୟରୂପ)

ଛନ୍ଦା ଚରଣ—ଦେ. ବଣ. (ବହୁବ୍ରୀହି; ଯେ ଦୁଇ ଗୋଡ଼କୁ ଛନ୍ଦ ଭଙ୍ଗୀ-
Chhandā charaṇa ଠାଣିରେ ଟେକି ଥିଅନ୍ତି)—ଶ୍ରୀକୃଷ୍ଣଙ୍କ ବିଶେଷଣ—An epithet of Śrikṛushṇa.

ଛନ୍ଦାଛନ୍ଦି—ଦେ. ବ—୧ । ଅନ୍ୟୋନ୍ୟ ବନ୍ଧନ—
Chhandā-chhandi 1. Mutual tie or bond.
छान्दाछान्दि
छाँदाछाँदि
ଉଭୟ ହୃଦୟରେ ପ୍ରେମେ ହୋଇବ ଛନ୍ଦାଛନ୍ଦି ସେକାଳେ । ରାଧାନାଥ. ଯଯାତିକେଶରୀ ।
୨ । ଅନ୍ୟୋନ୍ୟ ସମ୍ବନ୍ଧ—2. Mutual connection.
୩ । ବହୁପଦ୍ୟରଚନା— 3. Composing of many poems.
୪ । ଗୁଡ଼େଇ ଗୁଡ଼େଇ ବାନ୍ଧିବା— 4. Binding together.
୫ । କୁଣ୍ଢାକୁଣ୍ଢି—5. Mutual embrace.

ଦେ. ବଣ—୧ । ଅନ୍ୟୋନ୍ୟରେ ବନ୍ଧାବନ୍ଧି— 1. Mutually tied up or bound; tied to each other.
ବାଳକ ପ୍ରାଏ ହୋଇ ବାନ୍ଧ
ଏକ ଅରକେ ଛନ୍ଦାଛନ୍ଦି । ଜଗନ୍ନାଥ. ଭାଗବତ ।
୨ । ବିବାହ ବନ୍ଧନରେ ଆବଦ୍ଧ— 2. Tied together by the tie of marriage.

ଛନ୍ଦାନୁଗମନ—ସଂ. ବ. (୬ଷ୍ଠୀ ତତ୍; ଛନ୍ଦ=ଇଚ୍ଛା+ଅନୁଗମନ)—
Chhandānugamana ନିଜ ଇଚ୍ଛା ଅନୁସାରେ ଚଳିବା—
Acting according to one's own inclination.

ଛନ୍ଦାନୁଗାମୀ—ସଂ. ବଣ. ପୁଂ (ଛନ୍ଦ=ଇଚ୍ଛା; ପ୍ରବୃତ୍ତି+ଅନୁଗାମୀ)—
Chhandānugāmi ନିଜ ଇଚ୍ଛାନୁସାରେ କାର୍ଯ୍ୟକାରୀ; ମନମୁଖୀ—
(ଛନ୍ଦାନୁଗାମିନୀ—ସ୍ତ୍ରୀ) Following one's free will.

ଛନ୍ଦାନୁବର୍ତ୍ତନ—ସଂ. ବ. (୬ଷ୍ଠୀ ତତ୍; (ଛନ୍ଦ+ଅନୁବର୍ତ୍ତନ)—୧ । ପରର
Chhandānubarttana ଇଚ୍ଛା ଅନୁସାରେ ଚଳିବା--1. Acting according to another's will.
ଛନ୍ଦାନୁବର୍ତ୍ତୀ—ପୁଂ
ଛନ୍ଦାନୁବର୍ତ୍ତିନୀ—ସ୍ତ୍ରୀ
୨ । ପରର ଅନୁସରଣ; ପର ମନକୁ ଜଗି ଚଳିବା—2. Slavishly following or obeying the dictates of another person.

ଛନ୍ଦାନୁବର୍ତ୍ତୀ—ସଂ. ବଣ. ପୁଂ—ଯେ ପରର ମନ ଜଗି ଚଳେ—
Chhandānubartti Following another's wish or dictates.
(ଛନ୍ଦାନୁବର୍ତ୍ତିନୀ—ସ୍ତ୍ରୀ)

ଛନ୍ଦାନୁସାରୀ—ସଂ. ବଣ. ପୁଂ - ଛନ୍ଦାନୁଗାମୀ (ଦେଖ)
Chhandānusāri Chhandānugāmi (See).
(ଛନ୍ଦାନୁସାରିଣୀ—ସ୍ତ୍ରୀ)

ଛନ୍ଦାବନ୍ଧା—ଦେ. ବ.—୧ । ବନ୍ଧାଛନ୍ଦା; ସମ୍ପତ୍ତି ବନ୍ଧକ ଦେବା—
Chhandābandhā Pledge or mortagage or pawn of property.
बाँधा छाँदा
छाँदाबाँधा
(ବନ୍ଧା ଛନ୍ଦା—ଅନ୍ୟରୂପ)
୨ । ନିମନ୍ତ୍ରିତ ବ୍ୟକ୍ତି ନିମନ୍ତ୍ରଣକାରୀଙ୍କ ଘରେ ଭୋଜନ ନ କରି ନିଜ ଘରକୁ ଭୋଜ୍ୟ ବସ୍ତୁ ଆଣିବାକୁ ଲୁଗାରେ ବାନ୍ଧିବା—3. Tying of sweets etc in one's cloth for bringing them home instead of eating them at the house of the inviter.

ଦେ. ବଣ.—ବନ୍ଧକ ଦିଆଯାଇଥିବା —
Piedged; mortgaged; pawned.

ଛନ୍ଦିବା—ଦେ. କ୍ରି. (ସଂ, ଛନ୍ଦ=ବନ୍ଧନ)—୧ । ଦୁଇଟି ପଦାର୍ଥକୁ ସଂଯୁକ୍ତ
Chhandibā କରିବା—1. To join together two things.
छाँदा
छाँदना
କାହିଁ ଦଇବ ମୋତେ ଛନ୍ଦି ଗଲ,
କାହୁଁ ଆଣି ଦେ କାହିଁ ବନ୍ଦୀ କଲ । ପ୍ରାଚୀ. ରହସ୍ୟମଞ୍ଜରୀ ।
୨ । ଅନ୍ୟୋନ୍ୟ ସମ୍ବନ୍ଧ ଘଟାଇବା—2. To bring two persons or things together.
(ଛନ୍ଦାଇବା—ଣିଜନ୍ତ)
ସଢେ କ ଏ ଶୋଭା ସ୍ୱପ୍ନ ପରମାଦ୍ଭ ହାୟ !
ଛନ୍ଦିବେ ଗନ୍ଧ ଉପଦେ ଅମୃ ନରବର । ଚିନ୍ତାମଣି. ବନ୍ଦମାଦିତ୍ୟ ।
୩ । ଗଣ୍ଠି ପକାଇବା—3. To tie into a knot.
୪ । ଗୁଡ଼ାଇ କରି ବାନ୍ଧିବା—4. To twine round.
ରଚଶେଷେ ହସ୍ତ ଛନ୍ଦିଲେ ତୋ କଣ୍ଠ ଯାହା ପୀଡ଼ ଫେଡ଼ା ଫେରରେ ।
କବିସୂର୍ଯ୍ୟ. ଉତ୍କଳାବରକଥା, ର ଗୀତ ।
୫ । ବାନ୍ଧିବା—5. To tie; to bind.
ଗାଇକି ଦେବେ ଛନ୍ଦି ଦୁହନ୍ତି ଗାଇଡ଼େ । କୃଷ୍ଣସିଂହ. ମହାଭାରତ, ଅଁବ ।
୬ । ପଦ୍ୟାଦି ରଚନା କରିବା— 6 To compose (poems).
ବାରବର ବାସଠି ପଦରେ ଗନ୍ଧ ଛନ୍ଦେ । ଉପେ. ବୈଦେହୀଶବିଳାସ ।
୭ । (ଦୁଧ ଦୋହିଁବା ସମୟରେ ଗାଈଙ୍କର) ଗୋଡ଼କୁ ଛନ୍ଦ-ଦଉଡ଼ିଦ୍ୱାରା ବାନ୍ଧିବା—7. To tie the legs a cow with one another during milking.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲକତ' ନ ପାଇଲେ 'ଅଲ୍‌କତ୍ତ' ଦେଖିବେ.

ଛନ୍ଦି ହେବା—ଦେ. କ୍ରି.—୧ । ଗୁଡ଼େଇ ଭୁଡ଼େଇ ହେବା; ଛନ୍ଦଣି ମନ୍ଦଣି
Chhandi hebā ହେବା—1. To be intricately bound up; to be intertwined.

ସେ କାଳେ ପୁଣି ନକେ ହେବେ ଛନ୍ଦି,
ସେ କଣ୍ଟକ କର୍ମକାଣ୍ଡେ ହୋଇ ବନ୍ଦି । ରାଧାନାଥ. ମହାଯାତ୍ରା ।

୨ । (ସ. ସନ୍ଦେହ) ସନ୍ଦେହାକ୍ରାନ୍ତ ହେବା—
2. To be in doubt or dilemma.

୩ । (ଲକ୍ଷଣାର୍ଥ) ବନ୍ଧାହୁତ ହେବା; ବରକନ୍ୟା ପରସ୍ପରଙ୍କ ଲୁଗା ଓ ହାତ ଗଣ୍ଠାଗଣ୍ଠି ହେବା—
3. To be tied in the bond of marriage.

୪ । ସଂଯୁକ୍ତ ହେବା—4. To be connected.

ଛନ୍ଦି ହେଲେ ଲକ୍ଷମାନ ବସନ୍ତ ଆକୃତ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । (ଦୁର୍ବଳତା ଯୋଗୁଁ, ଦୁଇ ଗୋଡ଼) ଚାଲିବାବେଳେ ପରସ୍ପର ବାଜିବା—5. (the legs) To strike each other (owing to weakness), while walking.

ଛନ୍ଦି ହେଲା ଚରଣ କରନ୍ତେ ଗମନ । କୃଷ୍ଣସିଂହ. ମହାଭାରତ. ଆଦି ।

ଛନ୍ଦେ—ଦେ. ଅ.—ଅଭିପ୍ରାୟ ଅନୁସାରେ—
Chhande According to the intention or purport of.

ବିସ୍ମୃତ ଲୋକ ଅଧ ଭାବେ,
ସର୍ବ୍ବଙ୍କ ବେଦବାକ୍ୟ ଛନ୍ଦେ । ଜଗନ୍ନାଥ. ଭାଗବତ ।

ଛନ୍ଦୋଗ—ସ. ବି. (ଛନ୍ଦଃ + ଗୈ ଧାତୁ = ଗାଇବା + କର୍ତ୍ତୃ. ଅ)—
Chhandoga ୧ । ସାମବେଦଗାନକର୍ତ୍ତା—1. A reciter or chanter of the hymns of the Sāma Beda.

୨ । ସାମବେଦଜ୍ଞ ବ୍ୟକ୍ତି—
2. A person versed in the Sāma Beda.

ଛନ୍ଦୋଗ ପରିଶିଷ୍ଟ—ସ. ବି.—କାତ୍ୟାୟନ କୃତ ସାମବେଦର ଗୋଭିଲ-
Chhandoga parisishta ସୂତ୍ରର ପରିଶିଷ୍ଟ—The title of the appendix to the Gobhila aphorisms of the Sāma Beda.

ଛନ୍ଦୋବଦ୍ଧ—ସ. ବିଣ. (୩ୟା ତତ୍, ଛନ୍ଦଃ + ବଦ୍ଧ)—ପଦ୍ୟ ବା ଛନ୍ଦରେ
Chhando-baddha ରଚିତ—Composed in rhymes or metre.

ଛନ୍ଦୋଭଙ୍ଗ—ସ. ବି.—(୬ଷ୍ଠୀ ତତ୍. ଛନ୍ଦଃ + ଭଙ୍ଗ)—ଯତିଭଙ୍ଗ ଦୋଷ;
Chhando-bhanga ମାତ୍ରା ବା ଅକ୍ଷରର ନ୍ୟୂନତା ବା ଆଧିକ୍ୟ ଦୋଷରୁ ଗୀତର ଅଶୁଦ୍ଧି—Breach of cadence or measure in poetry.

ଛନ୍ନ—ସ. ବିଣ (ଛଦ୍ ଧାତୁ ଣିଚ୍ = ଛାଦ ଧାତୁ + କର୍ମ. ତ)—୧ । ଗୁପ୍ତ—
Chhanna 1. Concealed; secret

ନିଜ ଶରୀର ଛନ୍ନ କଲା, କଳ୍ପଲତାରୂପ ପ୍ରକାଶିଲା । ଜଗନ୍ନାଥ. ଭାଗବତ ।

୨ । ଆଚ୍ଛାଦିତ—2. Covered.

୩ । ଲୁପ୍ତ—3. Disappeared.

ସ. ବି—୧ । ଲୁଚିବାର ସ୍ଥାନ—1. Cover; hiding place.

୨ । ନିର୍ଜ୍ଜନ ସ୍ଥାନ—2. Solitary place; solitude; retreat.

୩ । ଗୁପ୍ତ ସ୍ଥାନ (ହି. ଶବ୍ଦସାଗର)—
3. Secret place.

ଦେ. ବିଣ (ସ. ଉଚ୍ଛନ୍ନ)—ଉଚ୍ଛନ୍ନ; ଉଦ୍‌ବିଗ୍ନ; ଅତ୍ୟନ୍ତ ଚଞ୍ଚଳ—
Anxious; eager; very uneasy.

ଛନ୍ନ କରୁଚ ତା ତଳ—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଦେ. ବି—କିଂକର୍ତ୍ତବ୍ୟବିମୂଢ଼ତା—Bewilderment.

ବେଢ଼ିଲେ ଅତି ଅନାସୃଷ୍ଟି. ଛନ୍ନେ ନ ଦିଶେ ଦିବ୍ୟ ରଥ—ଜଗନ୍ନାଥ. ଭାଗବତ ।

ଛନ୍ନଛନ୍ନ—ଦେ. ବିଣ—ଉଦ୍‌ବିଗ୍ନ—
Chhanna-chhanna Anxious.

ନୀଳକଣ୍ଠ ସନସନ କାନ୍ଦେ କଲା ଛନ୍ନଛନ୍ନ, ପୁଣି ରହେ କରି ମନ ମନ—
ଭଞ୍ଜ. ପ୍ରେମସୁଧାନିଧି ।

ଛନ୍ନଛିଦ୍ର—ଗ୍ରାମ୍ୟ (ପ୍ରାଚୀନ ପଦ୍ୟ) ବିଣ—ଶୋଭାହୀନ; ଅସୁନ୍ଦର—
Chhanna-chhidra Not beautiful; uncouth.

ଅଚେ ଟୋକା ପାଣ୍ଡୁ ଥାଇ ଅଚେ ଛନ୍ନଛିଦ୍ର—ପ୍ରାଚୀ. ବ୍ରହ୍ମନରୂପଣଗୀତା ।

ଛନ୍ନମତି—ସ. ବିଣ (ବହୁବ୍ରୀହି; ଛନ୍ନ + ମତି)—୧ । ମତିଛନ୍ନ; ଲୁପ୍ତ-
Chhannamati ବୁଦ୍ଧି; ଯାହାର ବୁଦ୍ଧି ଅବସନ୍ନ ହୋଇଅଛି; କିଂକର୍ତ୍ତବ୍ୟବିମୂଢ଼—1. Dumbfounded; bewildered.

ଛନକାରେ ବସ୍ତ୍ର ହୋଇ ହେଲେ ଛନ୍ନମତି,
ସର୍ବପ୍ରାଣୀ ବ ଜଳେ, ବ ସ୍ଥଳେ କହାଯୁଝେ । ରାଧାନାଥ, ମହାଯାତ୍ରା ।

୨ । ଜଡ଼; ମୂର୍ଖ (ହି. ଶବ୍ଦସାଗର)—
2. Stupid; dunce.

ଛପ (ଧାତୁ)—ସ.—ଆଘାତ କରିବା—
Chhap (root) To hurt (M. W.)

ଛପଛପକା—ଦେ. ବିଣ—ଛାପଛାପିକିଆ; ଚର୍ଚ୍ଚିତ; ଛିଟିକା—
Chhapa-chhapakā Variegated with spots
ছাপছাপ; ছাবকা of different colours;
रङ्गबिरङ्ग speckled; motley.
(ଛପଛପକିଆ; ଛପଛପିକା; ଛପଛପିକିଆ—ଅନ୍ୟରୂପ)

ଛପଛପ ହେବା—ପ୍ରାଦେ (ଯାଜପୁର) କ୍ରି—ଘଟଘଟ ହେବା (ଦେଖ)
Chhapa-chhapa hebā Ghaṭa-ghaṭa hebā (See)

ଛପଟିଆ ମାରିବା—ଦେ. କ୍ରି—୧ । ଝାମ୍ପ ମାରିବା—
Chhapaṭiā māribā 1. To pounce upon.
ছোমারা ୨ । (ଲକ୍ଷଣାର୍ଥ) ଠକିବା; ପ୍ରତାରଣା କରିବା—
पंजामारना 2 (figurative) To cheat; to deceive.

ଛପନ—ଦେ. ବି (ସ. ଷଟ୍‌ପଞ୍ଚାଶତ୍—ପ୍ରା. ଛପ୍ପଣ)—ପଞ୍ଚାଶ ଅପେକ୍ଷା ଛଅ
Chhapana ଅଧିକ ସଂଖ୍ୟା—Fifty-six.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଅ	ଉଅ	ଓ
୬	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ୱ	ନ୍ଦ୍

ଛପାଁନ; ଛପ୍ପନ ବଣ—ପଞ୍ଚାଶ ଅପେକ୍ଷା ଛଅ ଅଧିକ—Numbering
छप्पन fifty-six.

ଛପନ କୋଟୀ ଜୀବ—ଦେ. ବି—୧ । ୫୬୦୦୦୦୦୦୦୦ ସଂଖ୍ୟକ ଜନ୍ତୁ—
Chhapana koṭi jiba 1. 560 millions of animals.
୨ । ପୃଥିବୀର ଯାବତୀୟ ଜନ୍ତୁ—
2. All the animals in the creation.

ଛପନ ଭୋଗ—ଦେ. ବି—ଜଗନ୍ନାଥଙ୍କ ନିକଟରେ ଭୋଗ ହେବା ନାନା-
Chhapana bhoga ପ୍ରକାର ମିଷ୍ଟାନ୍ନ; ଜଗନ୍ନାଥଙ୍କର ପିଠା ଭୋଗ—
(ଛପନା ଭୋଗ—ଅନ୍ୟରୂପ) Many kinds of sweetmeats and cakes offered to Lord Jagannātha at Puri.

ଛପନାକୋଟୀ ଜୀବ—ଦେ. ବି—ଛପନକୋଟୀ ଜୀବ (ଦେଖ)—
Chhapanā-koṭi jiba Chhapanakoṭi jiba (See)

ଛପନାଶହେ—ଦେ. ବି ଓ ବଣ—୧୫୬; ଏକଶତ ଛପନ—
Chapanāsahe The number 156.
(ଦ୍ର—ଛପନାଦୁଇଶ=୨୫୬)

ଛପର—ଦେ. ବି (ସଂ ଛଦ ଧାତୁ; ସଂ ଛୁପ)—୧ । ଘରର ଚାଳ—
Chhapara 1. The thatch of a house; the roof
छप्पर of a thatched house.
छप्पर ୨ । ତୃଣର ଆଚ୍ଛାଦନ—2. A covering of grass.
୩ । ଛପର ହୋଇଥିବା ଘର—3. Thatched house.
୪ । ଶଗଡ଼ ଉପରେ ଆଚ୍ଛାଦିତ ଛାଟି —
4. Thatch of a cart.
ଦେ. ବଣ—ଛପର ହୋଇଥିବା—Thatched.
(ଯଥା—ଛପରଘର; ଛପର ଗାଡ଼ି)

ଛପର କରିବା—ଦେ. କି—ଘର ଛୁଆଣି କରିବା—
Chhapara karibā To thatch a house.
छप्पर छाओना (ଛପର ଛାଇବା—ଅନ୍ୟରୂପ)
छप्पर छाना

ଛପର ଫାଡ଼ିକରି ଦେବା—ଦେ. କି—(ଯେଉଁପରି ଘରମଧ୍ୟରେ
Chhapara phārḍi-kari debā ବସିଥିବା ଲୋକଙ୍କୁ କେହି
छप्पर फुड़े देओना ଚାଳକଣା କରି ଚାଳବାଟେ ଗଳାଇ କୌଣସି
छप्परफाड़कर देना ବସ୍ତୁ ପକାଏ ବା ଢାଳିଦିଏ,ସେହିପରି ଅନାୟାସରେ
ବା ପରିଶ୍ରମ କରି ନ ଥିବା ବ୍ୟକ୍ତିଙ୍କୁ ବହୁ ପରିମାଣରେ
ବାଞ୍ଛିତ ବସ୍ତୁ ଦେବା—To give a person profusely what he wants without his having to strive for it
(ଯଥା—ମହାପ୍ରଭୁ ଯାହାକୁ ଦିଅନ୍ତି ତାକୁ ଛପର ଫାଡ଼ିକରି ଦିଅନ୍ତି—ହିନ୍ଦି ପ୍ରବଚନର ଅନୁବାଦ ପ୍ରବଚନ)—

ଛପରବନ୍ଧି—ଦେ. ବି—୧ । ଗୃହର ଛାତକୁ ତୃଣାଦି ଦ୍ୱାରା ଆଚ୍ଛାଦନ—
Chhapara-bandi 1. Thatching of a house
छप्परबन्दि ୨ । ଘରଛୁଆଣି କରିବା ମୂଲିଆ—
छप्परबन्द 2. Thatcher; a person who thatches a
(ଛପରବନ୍ଦ—ଅନ୍ୟରୂପ) house.
ବଣ—ଛୁଆଣି କରାଯାଇଥିବା (ଗୃହ)—Thatched (house).

ଛପର ବେଠି—ପ୍ରାଦେ. (ଗଡ଼ଜାତ) ବି—ବିନା ମଜୁରିରେ ଅର୍ଥାତ୍
Chhapara beṭhi ବେଠିରେ ରାଜାଙ୍କ ଘର ଅନ୍ଦର ପ୍ରତି ବର୍ଷ
ବେଠିଆ ପ୍ରଜାଙ୍କଦ୍ୱାରା ଛୁଆଣି—Impressed labour consisting of the tenants thatching the houses of a Rājā annually.
[ଦ୍ର—ଗଡ଼ଜାତର ପ୍ରଜାମାନେ ସାଧାରଣତଃ ମୋଗଲବନ୍ଦିର ପ୍ରଜାଙ୍କ ଅପେକ୍ଷା ରଇତି ଅଧିକ ଜମିପାଇଁ ଅଳ୍ପ ଖଜଣା ଦିଅନ୍ତି ଓ ଖଜଣା ପରିବର୍ତ୍ତେ ରାଜାଙ୍କର ନାନାଦି ବେଠି କରନ୍ତି, ଅର୍ଥାତ୍ ବିନା ପାରିଶ୍ରମିକରେ, ଓ ଅଧିକାଂଶ ସ୍ଥଳରେ ବିନା ଖୋରାକରେ ମଧ୍ୟ, ରାଜାଙ୍କର ନାନା କାର୍ଯ୍ୟ କରନ୍ତି । ତହିଁ ମଧ୍ୟରୁ ରାଜାଙ୍କର ବା ରାଜକର୍ମଚାରୀଙ୍କର ଘରମାନ ବାର୍ଷିକ ଛୁଆଣି କରିବା ଏକତମ । ପ୍ରତ୍ୟେକ ପ୍ରଜାର ଜମିର ପରିମାଣ, ଜାତି ଓ ବ୍ୟବସାୟ ଅନୁସାରେ ବେଠିର ପରିମାଣ ଓ ପ୍ରକାର ନିରୂପିତ ହୁଏ । ରାଜାଙ୍କ ନିଜସ୍ୱ ଜମି ହଳକରିବା (ହଳ ବେଠି), ରାଜାଙ୍କ ବଗିଚା ବାଡ଼ ବୁଜିବା (ଖଗ୍ଗ ବେଠି), ଶିକାରବେଳେ ବଣରେ ଜନ୍ତୁଙ୍କୁ ହୁରୁଡ଼ାଇ ଆଣିବା (ଆଡ଼ି ବେଠି), ସଡ଼କମାନ ତିଆର କରିବା (ସଡ଼କ ବା ରାସ୍ତା ବେଠି); ଏହିପରି ନାନାପ୍ରକାରର ବେଠି ଗଡ଼ଜାତମାନଙ୍କରେ ପ୍ରଚଳିତ । କେତେକ ସହୃଦୟ ରାଜା ଏ ପ୍ରଥା ବନ୍ଦ କରିବାକୁ ଚେଷ୍ଟା କରୁଅଛନ୍ତି]

ଛପରା—ଦେ. ବି—୧ । ଘରର ଚାଳ—
Chhaparā 1. Thatch of a house.
छप्पर ୨ । ଶଗଡ଼ ଉପରେ ଆଚ୍ଛାଦିତ ଛାଟି—
छपरा 2. Thatch of a cart.
ଦେ. ବଣ—ପେଜୁଆ (ଭାତ)—(boiled rice) Having gruel still sticking to it.
(ଯଥା—ଆଜି ଭାତ ଛପରା ଲାଗୁଛି ।)

ଛପା—ଦେ. ବି. (ମୂଳ—ଫା. ଚପା) —
Chhapā ୧ । ନଡ଼ିଆପତ୍ର ବା ବାଉଁଶ ପାତିଆର ଲମ୍ବା ଅସନ—
चटोई, चेटोई 1. A long mat made of bamboo-
साथरी, चटाई scantlings or cocoanut-leaves.
छिपा, चापा ୨ । (ସଂ. କ୍ଷିପ ଧାତୁ, ସଂ. କ୍ଷପଣ=ନାଶ) ଲୁଚିବା,
छिपना ଗୋପନ—2. Concealment; hiding.
छापा ୩ । (ସଂ. ଚପନ=ଛେଚିବା) ଛାପିବା; ମୁଦ୍ରଣ—
छपाई 3. Printing.
छाप ୪ । ମୋହର; ମୁଦ୍ରା—
छाप 4. Seal.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅନ୍ଧ' ନ ପାଇଲେ 'ଅନ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ମୁଦ୍ରାକାର ମୁଦ୍ରିତ ଧାତୁଖଣ୍ଡ—5. A piece of metal stamped with letters like a coin.

୬ । କୌଣସି ବସ୍ତୁ ଉପରେ ମୁଦ୍ରିତ ଚିହ୍ନ—6. A mark sealed on a thing.

୭ । ମୁଦ୍ରିତ ଚିହ୍ନଯୁକ୍ତ କାଗଜ; ଟିକଟ—7. A bit of paper stamped with a distinctive mark; ticket; stamp.

୮ । ମୁଦ୍ରିତ ଛବି—8. Printed picture.

୯ । ଫଟୋ; ଛାୟାଚିତ୍ର, ଫଟୋଗ୍ରାଫ୍ ଯନ୍ତ୍ରଦ୍ୱାରା ଉତ୍ପାଦିତ ଛବି—9. Photo.

ଦେ. ବିଣ.—୧ । ମୁଦ୍ରିତ—1 Printed.

ছাপান (ଯଥା—ଛପା ବହି, ଛପା କାଗଜ ।)

छापा ୨ । ଗୁପ୍ତ; ଲୁକ୍କାୟିତ—2. Concealed; hidden.

চাপা (ଯଥା—ଜନାକାସ୍ତି, ମଣିଷମାରୁ ବହୁକାଳ ଯାଏ ଛପା ରହେ

छिपा ନାହିଁ ।)

ଯେତେକ ଯାତ୍ରା କର ଯେତେ ଦୋଡ଼ାଇ,
ନ ରହେ କଛ ଛପା କଥା ତାଇଁ । ଭିକାରିଚରଣ. ଗୀତଲହରୀ ।

୩ । ଅଜ୍ଞାତ—3. Unknown.

ମୋତେ କହ ନାହିଁ ଛପା ସାର ଉହ୍ଲରେ—ଭିକାରି ଚରଣ, କଣ୍ଟକବନ୍ଧ ।

୪ । ସାଧାରଣରେ ଅପ୍ରକାଶିତ—4. Unpublished.

ଛପାଇ—ଦେ. ବି (ସଂ. ଗୃପ)—୧ । ମୁଦ୍ରଣ—1. Printing.
Chhapāi
ছাপাই ୨ । ମୁଦ୍ରଣର ପ୍ରକାର—2. Mode of printing.
छपाई (ଯଥା—ଏ ପୁସ୍ତକଟିର ଛପାଇ ଖୁବ୍ ସୁନ୍ଦର ହୋଇଅଛି ।]
(ଛପେଇ—ଅନ୍ୟରୂପ) ୩ । ମୁଦ୍ରଣବ୍ୟୟ—3. Printing-charges.

ଛପା(ପେ)ଇ ଖର୍ଚ୍ଚ—ଦେ. ବି—ମୁଦ୍ରାଙ୍କନର ବ୍ୟୟ—
Chhapā(e)i kharchcha Printing-charges.
ছাপাইখরচ (ଛପାଇ ଖରଚ—(ଅନ୍ୟରୂପ)
छपाखर्च

ଛପାଇବା—ଦେ. କ୍ରି—୧ । (ସଂ. ଚପନ) ମୋହୋର ମାରିବା; ଛାପିବା—1. To stamp; to set a seal upon some thing.
Chhapāibā
ছাপা
छपाना ୨ । (ଛାପିବାର ଣିଜନ୍ତ ରୂପ) ଅନ୍ୟଦ୍ୱାରା (ପୁସ୍ତକାଦି) ଛାପିବା—2. To get (a book or paper) printed.
ছাপান
छपवाना ୩ । ଚପାଇ ଦେବା; କୌଣସି ବସ୍ତୁ ଉପରେ ଟିକଟ ବା କାଗଜ ମାରିଦେବା—3. To stick a paper or ticket on a thing.
ছাপান ୪ । (ଛିପିବାର ସକର୍ମକ ରୂପ) ଲୁଗ୍ରାଇବା—
छिपाना 4. To conceal a thing.

ଏଣୁ ତୁମ୍ଭେ ତାହାଙ୍କୁ ଛପାଇଛ ଦେଲ—କୃଷ୍ଣସିଂହ, ମହାଭାରତ. ଆଦି ।

୫ । ଘୋଡ଼ାଇଦେବା—5 To cover up.

(ଛପେଇବା—ଅନ୍ୟରୂପ) ତେଜରେ ସେହୁ ଚନ୍ଦ୍ର ସୂର୍ଯ୍ୟଙ୍କୁ ଛପାଇ—
କୃଷ୍ଣସିଂହ, ମହାଭାରତ. ବନ ।

ଛପା କରିବା—ଦେ. କ୍ରି—ଛାପିବା; ପୁସ୍ତକାଦି ମୁଦ୍ରଣ କରିବା—To print.
Chhapā karibā
ছাপা
छापना

ଛପା କାଗଜ—ଦେ. ବି—୧ । ଚପା କାଗଜ; ବ୍ଲଟିଙ୍ଗ୍; ଲେଖା କାଗଜରୁ କାଳି ଶୋଷିବା ନିମନ୍ତେ ବ୍ୟବହୃତ କାଗଜ—1. Blotting paper.
Chhapā kāgaja
ছাপা কাগজ
शोखता
ছাপা কাগজ ୨ । ମୁଦ୍ରିତ କାଗଜ—2. Printed paper.
छापा कागज ୩ । ସମ୍ବାଦପତ୍ର—3. Newspaper; gazette.

ଛପାଖାନା—ଦେ. ବି. (ସଂ. ଚପନ+ଫା. ଖାନା)—ମୁଦ୍ରାଯନ୍ତ୍ର; ପ୍ରେସ୍; ଛାପାଖାନା—Printing press.
Chhapā-khānā
ছাপাখানা
छापाखाना

ଛପାଚୋରା—ଦେ. ବି. (ସହଚର)—୧ । ଗୁପ୍ତକର୍ମ—1. Secret act.
Chhapā-chorā
লুকাচুরি ୨ । ଗୋପନ—2. Conceament
चुराछिपा ଦେ. ବିଣ—୧ । ଗୁପ୍ତ—1. Secret.
(ଛପାଲୁଚ—ଅନ୍ୟରୂପ) ୨ । ଲୁକ୍କାୟିତ—2. Concealed; hidden.

ଛପାଛପି—ଦେ. ବି—୧ । ମୁଦ୍ରଣ—1. Printing.
Chhapā-chhapi
ছাপাছাপি ୨ । ଲୁଗ୍ରାଇବା—2. Concealment; hiding.
छपाछपि ଦେ. ବିଣ—ମୁଦ୍ରିତ—1. Printed.
୨ । ଲୁକ୍କାୟିତ—2. Concealed.
ଦେ. କ୍ରି. ବିଣ—ଗୁପ୍ତଭାବରେ; ଲୁଗ୍ରାଇକରି; ଗୁପ୍‌ଚୁପ୍; ଚୁପ୍‌ଚୁପ୍—Secretly.

ଛପାମୁଦି—ଦେ. ବି. (ସଂ. ଚପନ+ମୁଦ୍ରିକା)—୧ । ନାମାଙ୍କିତ ମୁଦ୍ରିକା; ଯେଉଁ ମୁଦି ଉପରେ ମାଲିକର ନାମ ଲେଖା ହୋଇଥାଏ—1. Sealed ring; signet ring.
Chhapāmudi
সীল আঙ্গটী
छपहा; छाप
୨ । ଯେଉଁ ମୁଦିରେ ପଥର ବସା ନ ଯାଇ ଧାତୁଖଣ୍ଡ ବା ମୁଦ୍ରା ଥାଏ—2. A finger-ring having a metal plate or coin set on its top.

ଛପା ରହିବା—ଦେ. କ୍ରି—୧ । ଲୁଚି କରି ଅବସ୍ଥାନ କରିବା; ଗୁପ୍ତ ହୋଇ ରହିବା; ଲୋକମାନଙ୍କର ଅଜ୍ଞାତ ହୋଇ ରହିବା—To lie hid; to remain unknown; to lurk.
Chhapā rahibā
ছাপা থাকা
छिपा रहना

ପାପ ଛପା ରହେ ନାହିଁ—ଫକୀରମୋହନ, ଛମାଣ ଆଠଗୁଣ୍ଠ ।

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଯ,ଷ	କ୍ଷ	ଙ୍ଗ	ଞ୍ଜ	ଢ
୧	ଈ	ଊ	ରୁ	ଲ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟଂ	ଇଅ	ଞ	ନ୍ତ

ଛପାରେ ଉଠିବା—ଦେ. କ୍ରି—୧ । କୌଣସି ବିଷୟ ମୁଦ୍ରିତ ହେବାଦ୍ୱାରା ପ୍ରକାଶିତ ହେବା—1. To be published by bing printed; to get into print.
Chhapāre uṭhibā
ছাপায় উঠা
छापमे उठाना

୨ । ଆପଣାର ନାମ ବା କାର୍ଯ୍ୟକଳାପ ସମ୍ବାଦପତ୍ର ଆଦିରେ ମୁଦ୍ରିତ ହୋଇ ବିଖ୍ୟାତ ହେବା—
2. To become famous by one's name being printed in newspaper.
(ଯଥା—ଅସହଯୋଗ ଆନ୍ଦୋଳନର ନେତା ହେବାଦ୍ୱାରା ମୋ ନାଆଁଟା ଛପାରେ ଉଠିଗଲା ।)

୩ । ଫଟୋଗ୍ରାଫ୍ ଯନ୍ତ୍ର ସାହାଯ୍ୟରେ ମୁଦ୍ରିତ ହେବା—
3. To be photographed.

ଛପାଳି—ଦେ. ବି—ମୁଦ୍ରାକର; ଛାପାଖାନାରେ ଯେଉଁ ବ୍ୟକ୍ତି ପୁସ୍ତକାଦିର ମୁଦ୍ରଣ କାର୍ଯ୍ୟ କରେ—Printer.
Chhapāli
छपवैया

ଛପା ହେବା—ଦେ. କ୍ରି—୧ । (ଛାପିବାର କର୍ମବାଚ୍ୟ) ଛାପାହେବା; ମୁଦ୍ରିତ ହେବା—1. (passive voice of Chhāpibā) To be printed.
Chhapā hebā
ছাপাহওয়া
छपना; छापा जाना

୨ । (ଛପିବାର କର୍ମବାଚ୍ୟ) ଲୁଚି ହେବା; ଗୋପିତ ହେବା—2. (passive voice of Chhapibā) To be concealed.
ছাপা হওয়া
छिपा होना
(ଛପା ଯିବା—ଅନ୍ୟରୂପ)

ଛପାଛପି—ଦେ. କ୍ରି; ବିଣ. (ଛପିବା କ୍ରିୟାର ଅସମାପିକାରୂପ, କ୍ରି. ବିଣ. ରୂପେ ବ୍ୟବହୃତ)—ଲୁକ୍କାୟିତଭାବରେ; ଲୁଚାଲୁଚିକା; ଲୁଚିକରି; ଗୁପ୍ତରୂପେ; ଅନ୍ୟମାନଙ୍କ ଅଜ୍ଞାତରେ—Stealthily; without the knowledge of others.
Chhapāchhapi
লুকিয়ে লুকিয়ে
छिपकर; छिपाछिपी
(ଛପିଛପିକା—ଅନ୍ୟରୂପ)
(ଯଥା—ମୁଁ ଛପିଛପି ତାଙ୍କ କଥାବାର୍ତ୍ତା ଶୁଣି ଅସିଲି ।)

ଛପିବା—ଦେ. କ୍ରି. (ଅକର୍ମକ) (ସଂ. କ୍ଷିପ ଧାତୁ)—
Chhapibā
ছিপা; লুকা
छिपना

୧ । ଲୁଚିକରି ରହିବା—1. To lie concealed.

୨ । ଲୁଚିବା—2. To hide; to lurk; to conceal one's self.
(ଛପାଇବା—ଣିଜନ୍ତ)

୩ । ସାଧାରଣ ବା ଅନ୍ୟ ବ୍ୟକ୍ତିର ଦୃଷ୍ଟିରେ ନ ଅସିବା; ଦେଖା ନ ପଡ଼ିବା—
3. Not to come to the view of the public; not to be apparent.
ଛପିବାର ଅନ୍ତ ନ ଯେ—କବିସୂର୍ଯ୍ୟ. କଶୋରଚନ୍ଦ୍ର. ଛ-ଗୀତ ।

୪ । (ଅଲୋକ) ଲିଭିଯିବା; ନିର୍ବାପିତ—
4. (light) To be extinguished.

୫ । (ଶବ୍ଦ) ଉଚ୍ଚତର ଶବ୍ଦରେ ଲୀନ ହେବା; ବୁଡ଼ିଯିବା—5. (a sound) To sink in a louder sound.

ଅର୍ଜୁନ ସଙ୍ଗ ଶବଦ ବ୍ୟାପି ଅମ୍ବରରେ
ଛପିଗଲା କୃଷ୍ଣଙ୍କ ସଙ୍ଗ ଶବଦରେ—କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

୬ । ଲୋପ ପାଇବା; ଲୁପ୍ତ ହେବା—6. To disappear; to become extinct; to be effaced.

୭ । ଆବୃତ ହେବା; ଘୋଡ଼ାଇ ହୋଇଯିବା—
7. To be overshadowed or covered.
(ଯଥା—ବାଦଲରେ ଚନ୍ଦ୍ର ଛପିଛନ୍ତି ।)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଯିବା କ୍ରିୟାର ସମାପିକାରୂପ ଲାଗେ ।]

ଛପୋଇ—ଦେ. ବି—ଛଅପୋଇ (ଦେଖ)
Chha-poi • Chhaapoi (See)

ଛଫୁଲିଆ—ଦେ. ବିଣ— ଧଡ଼ିରେ ଛଅଧାଡ଼ି ଫୁଲ ବୁଣା ହୋଇଥିବା (ଶାଢ଼ୀ ବା ଲୁଗା)—(a cloth) Having six lines of floral work wrought on its border.
Chha-phuliā
ମୁଣ୍ଡରେ ମଇସିଆଁ ଛଫୁଲିଆ ଉଢ଼ଣୀ-ବନ୍ଧା ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।
(ଛଅଫୁଲିଆ—ଅନ୍ୟରୂପ)

ଛବି—ସଂ. ବି. (ଛେ ଧାତୁ=ଛେଦନ କରିବା+କରଣ. ଇ; ଯାହା ଦ୍ୱାରା ଅନ୍ଧକାରକୁ ଛେଦନ କରାଯାଏ)—
Chhabi

୧ । ଆଲୋକରଶ୍ମି—
1. A ray of light (M. W.)

୨ । ସୌନ୍ଦର୍ଯ୍ୟ; ଶୋଭା—
2. Beauty; grace (M. W.)

୩ । ଦୀପ୍ତି—3. Splendour (M. W.)

୪ । ଚମଡ଼ା; ଦେହର ଚମ—
4. Skin; cuticle (M. W.)

୫ । ଚମର ବର୍ଣ୍ଣ—
5 Colour of the skin (M. W.)

୬ । ରଙ୍ଗ; ବର୍ଣ୍ଣ—6 Colour (M. W.)

ବୈଦେ. ବି. (ଅ. ଶବୀହ୍; ଭୁଲ. ଅ. ତସ୍‌ବୀର୍)—

୧ । ପ୍ରତିମୂର୍ତ୍ତି—1. Figure; image.

୨ । ଅଙ୍କିତ ଚିତ୍ର—
2. Picture; drawn figure.

୩ । ପ୍ରତିକୃତି; ଫଟୋ; ପ୍ରତିରୂପ—
3. Likeness; photo.

୪ । ଚେହେରା; ରୂପ—4. Mien; appearance.
ଛବିର ଅବଳ ଦଶେ । କବିସୂର୍ଯ୍ୟ. କଶୋରଚନ୍ଦ୍ର. ଛ ଗୀତ ।

୫ । ପ୍ରତିବିମ୍ବ—5 Reflection.

ଦେ. ବି—ଛଇ (ଦେଖ)
Chhai (See)
[ଦ୍ର—ଛବି ଶବ୍ଦର ଅଧିକାଂଶ ଅର୍ଥ (ଚର୍ମ)=ଅରବୀ, ଶବୀହ୍ ।]

ସାଧାରଣ ଲୋକେ ଶବ୍ଦର ପୃଷ୍ଠାରେ ସବୁ ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାଂ । ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚନ୍ଦ୍ରବିନ୍ଦୁର ବଦଳରେ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଛବି ଅଙ୍କିବା—ଦେ. କ୍ରି (ଅ. ଶବୀହ୍ + ଅଙ୍କନ)—
Chhabi āṅkibā ଚିତ୍ର ଅଙ୍କିତ କରିବା ବା ଲେଖିବା—
ছবি আঁকা, To draw a picture; to sketch a picture.
छवि आँकना
(ଛବି କାଢ଼ିବା—ଅନ୍ୟରୂପ)

ଛବି ଉଠାଇବା—ଦେ. କ୍ରି—୧ । ଫଟୋଗ୍ରାଫ୍ ଦ୍ୱାରା ପ୍ରତିରୂପ ଉଠାଇବା-
Chhabi uṭhāibā 1. To take a photo; to photograph.
ছবিতোলা
छबिउतारना ୨ । କୌଣସି ଚିତ୍ର ଦେଖି ତାହାର ଅନୁକରଣରେ
ଛବି ଉତାରିବା; } ଅନ୍ୟରୂପ ଚିତ୍ର ଅଙ୍କିତ କରିବା—
ଛବି ଉଠେଇବା } 2. To draw or sketch a picture from a model.

ଛବି ଉଠିବା—ଦେ. କ୍ର—୧ । ବୈଜ୍ଞାନିକ ପ୍ରଣାଳୀରେ ଛାୟାଚିତ୍ର
Chhabi uṭhibā ଅଙ୍କିତ ହେବା—
ছবি উঠা 1. Photographing; the production
छवि उतरना of a picture by photography.
ଛବି ଉଠା) ୨ । ଚିତ୍ରାଙ୍କନ—2. Drawing;
ଛବି ଉଭୁରା } ଅନ୍ୟରୂପ sketching of a picture.
ଛବି ଉଭୁରିବା)

ଛବିଲ—ଦେ. ବି. (ସ. ଛବି)—୧ । ଚିତ୍ରିତ—
Chhabiḻa 1. Dyed; painted.
(ଛବିଲା—ସ୍ତ୍ରୀ) ୨ । ଦୀପ୍ତିମୟ—2. Bright; radiant.
চটকদার ୩ । ମନୋହର—
छबीला 3. Charming; enchanting; handsome.
୪ । ସୁନ୍ଦର—4. Beautiful; graceful; gay.
୫ । ଶୋଭାମୟ; ନାନା ସୌନ୍ଦର୍ଯ୍ୟଯୁକ୍ତ—
5. Picturesque.
'ଛବିଲ ଭଲ୍ଲେ ଶୋଭା ଛବି ଅତୁଳ । ରାଧାନାଥ. ଚିଲିକା ।
୬ । ଛଇଲ (ଦେଖ)
6. Chhaiḻa (See)
୭ । ଛଇଲା (ଦେଖ)
7. Chhaiḻā (See)

ଛବିଲା—ଦେ. ବିଣ. (ସ. ଛବି)—
Chhabilā ୧ । ଚିତ୍ରିତ—1. Spotted.
ছাবকা ୨ । ଛଉକା—2. Multicoloured.
छबीला (ଯଥା—ଛବିଲା ଘୋଡ଼ା ।)

ଛବିଶ—ଦେ. ବି ଓ ବିଣ. (ସ. ଷଡ୍‌ବିଂଶତି; ପ୍ରା. ଛବୀଶା)—
Chhabiśa ୨୬ ସଂଖ୍ୟା; କୋଡ଼ିଏ ଅପେକ୍ଷା ଛଅ ଅଧିକ ସଂଖ୍ୟା--
ছব্বিশ, ছাব্বিস The number 26; twentysix.
छब्बिस ବିଣ—ଷଡ୍‌ବିଂଶ ସଂଖ୍ୟକ—
(ଛବିଶି—ଅନ୍ୟରୂପ) Numbering twentysix.

ଛବିଶାଶହେ—ଦେ. ବି ଓ ବିଣ. (ସ. ଷଡ୍‌ବିଂଶତ୍ୟୁତ୍ତରଶତ)—
Chhabiśā-śahe ୧୨୬; ଏକ ଶତ ଛବିଶ—
One hundred and twentysix.
[ଦ୍ର—ଛବିଶା ଦୁଇଶ = ଦୁଇଶ ଛବିଶ ।]

ଛବିଶି—ଦେ. ବି—ଛବିଶ (ଦେଖ)
Chhabiśi Chhabiśa (See)

ଛମ୍ (ଧାତୁ)—ସ—ଭକ୍ଷଣ କରିବା—
Chham (root) To eat.

ଛମଣ୍ଡ—ସ. ବିଣ. ପୁଂ. (ଛମ୍ ଧାତୁ + ସଜ୍ଞାର୍ଥ. ଅଣ୍ଡ)—
Chhamaṇḍa ଅନାଥ; ପିତୃମାତୃହୀନ; ଛେଉଣ୍ଡ—
(ଛମଣ୍ଡୀ—ସ୍ତ୍ରୀ) Orphan (infant); one who has lost either or both of the parents.

ଛମାଖ—ପ୍ରାଦେ. (ଗଞ୍ଜାମ) ବି—ଛକା; କଉଡ଼ି ଖେଳରେ ଛଅ କଉଡ଼ି
Chhamākha ଯାକ କଉଡ଼ି ମୁହଁ ମାଡ଼ିପଡ଼ିବା—
The six kauries falling with the ventral side down in a game of kauries (sea-shells).

ଛମାସିଆ—ଦେ. ବିଣ—୧ । ଯାହାର ବୟସ ଛଅ ମାସ; ଷଣ୍ମାସ ବୟସ୍କ—
Chha-māsiā 1. Six months old; aged six months.
ছমাসিয়া ୨ । ଛଅ ମାସ ସମ୍ବନ୍ଧୀୟ; ଷାଣ୍ମାସିକ—
छमासी 2. Pertaining to six months.
୩ । ଛଅ ମାସ ଅନ୍ତରରେ ଘଟୁଥିବା—
3. Sixmonthly; half yearly.

ଛୟ୍—ବୈଦେ. ବିଣ. ପ୍ରାଦେ. (ସମ୍ବଲପୁର) (ହିନ୍ଦିରୁ ଅନୁକୃତ)—
Chha-y ୬; ଛଅ—6; Six.

ଛୟଲାଟ୍—ଦେ. ବି ଓ ବିଣ—ଛଇଲ୍ (ଦେଖ)
Chhayalāṭ Chhail (See)

ଛୟାଅଶି—ଦେ. ବି. (ସଂଖ୍ୟାବାଚକ, ସ. ଷଡ଼ଶୀତି; ପା. ଛସୀତି,
Chhayā-aśi ପ୍ରା. ଛସୀ)—ଅଶି ଅପେକ୍ଷା ଛଅ ଅଧିକ ସଂଖ୍ୟା—
ছয়াশী Eightysix.
छियासी ବିଣ—ଅଶି ଅପେକ୍ଷା ଛଅ ଅଧିକ ସଂଖ୍ୟକ—
(ଛୟାଶି—ଅନ୍ୟରୂପ) Numbering 86.

ଛୟାନବେ—ଦେ. ବି.—(ସଂଖ୍ୟାବାଚକ; ସ. ଷଣ୍ଣବତି, ପ୍ରା. ଷଣ୍ଣବଇ)--
Chhayā-nabe ନବେ ବା ନବ୍ବେ ଅପେକ୍ଷା ଛଅ ଅଧିକ ସଂଖ୍ୟା—
ছিয়ানব্বই, ছানবে Ninetysix.
छियानबे ଦେ. ବିଣ.—ନବେ ଅପେକ୍ଷା ଛଅ ଅଧିକ—
Numbering ninetysix.
(ଛୟାଣେଇ; ଛୟାଣୋଇ; ଛୟାଲବେ; ଛୟାଁଲବେ; ଛୟାନବେ;
(ଛୟାଲୋଇ, ଛୟାଁଲୋଇ—ଅନ୍ୟରୂପ)

ଛୟାଳିଶ—ଦେ. ବି.—(ସଂଖ୍ୟାବାଚକ; ସ. ଷଟ୍‌ଚତ୍ୱାରିଂଶତ୍; ପ୍ରା.
Chhayāḻiśa ଛଚତ୍ତାଲୀସ)--ଚାଳିଶ ଅପେକ୍ଷା ଛଅ ଅଧିକ ସଂଖ୍ୟା—
ছচল্লিশ Fortysix.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ଼	ଢ଼ଅ	ଭ
୨.	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍	ଗଁ୍ୟ	ଇଅ	ଡ଼	ନ୍ବ

छियालिस ଦେ. ଉଣ.—ଚାଳିଶ ଅପେକ୍ଷା ଛଅ ଅଧିକ—
(ଛୟାଳିଶି—ଅନ୍ୟରୂପ) Numbering fortysix.

ଛୟାଳିଶାଶହେ—ଦେ. ବି.—ଏକଶହ ଛୟାଳିଶ—
Chhayālisā-sahe One hundred and fortysix.
(ଦ୍ର—ଛୟାଳିଶାଦୁଇଶ=ଦୁଇ ଶହ ଛୟାଳିଶ ।)

ଛୟାଶୀ—ଦେ. ବି. ଓ ଋଣ—ଛୟାଅଶି (ଦେଖ)
Chhayāsi Chhayā-asi (See)

ଛରରା—ଦେ. ବି.—(ସଂ. କ୍ଷର ଧାତୁ=ଇତସ୍ତତଃ ବିକ୍ଷିପ୍ତ ହେବା)—
Chhar-rā ବନ୍ଧୁକରେ ଭର୍ତ୍ତି କରାଯିବା ଗୋଡ଼ି ପରି ଅତି କ୍ଷୁଦ୍ର
ছর্রা, ছিটা, ছিটে ଗୁଳି—Small shot; pellet.
छर्रा, छुरा
ଛରରା; }
ଛର୍ରା }

ଛର (ଇତ୍ୟାଦି)— ଗ୍ରା. (ଇତର) ବି.—(ସଂ. **କ୍ଷୌର**)—
Chhara (etc.) ଛଅର ଇତ୍ୟାଦି (ଦେଖ)
Cha-ara etc. (See)

ଛରା—ଦେ ବି. (ସଂ. କ୍ଷର ଧାତୁ; କିମ୍ବା ସଂ. କ୍ଷିପ୍ତ. ପ୍ରା. **ଛିତ୍ତ**)—
Chharā ୧ । ବୃଷ୍ଟି ଚନ୍ଦନାଦିର ଛିଟା—
ছর্রা, ছিটা, ছড়া 1. Particles of sprinkled sandal-paste.
छींटा
୨ । ଛିଟାଛିଟି ଜଳ ସିଞ୍ଚିବା; ଛେରା; ଛଡ଼ା—
2. Sprinkling of water.
(ଯଥା—ସକାଳୁ ମାଇପେ ଦୁଆରମୁହଁରେ ଓ ଅଗଣାରେ ଗୋବର-ପାଣିର ଛରା ଦିଅନ୍ତି ।)
ବିଶେଷରେ ପୂଜ ବିନ୍ଦୁ ବରେ ମିତ ମୋ ମାର୍ଗରୁ ସୁଧା ଛରାରେ ।
କବିସୂର୍ଯ୍ୟ. ସଙ୍ଗୀତ ।
ପ୍ରାଦେ. (ସମ୍ବଲପୁର) ବି. (ସଂ.କ୍ଷୁର)—୧ । ଖଟଖୁରା—
1. Posts of a bedstead.
୨ । (ସଂ. କ୍ଷୁର)—କ୍ଷୁର—2. Razor.

ଛରା ଦେବା—ଦେ. କି.—(ସକାଳୁ ସ୍ତ୍ରୀଲୋକମାନେ ଅଗଣା ଓଳାର)
Chharā debā ଗୋବରପାଣି ଛିଞ୍ଚିବା—To sprinkle water
ছড়াদেওয়া mixed with cowdung (on the courtyard).
छिड़कना

ଛରାପଥ ରା—ଦେ. ବି.—ଛେରା ପହଁରା (ଦେଖ)
Chharā paanrā Chherā pahanrā (See)
(ଛରାପଥରା, ଛରାପହଁରା, ଛରାପହରା—ଅନ୍ୟରୂପ)

ଛରିବା—ଦେ. (ପଦ୍ୟ) କି. (ସଂ କ୍ଷର ଧାତୁ)—ନିଃସୃତ ହେବା, ଝରିବା—
Chharibā To flow down; to ooze.
झरा
झरना ମୋ ଚକ୍ଷୁ ଛରିବ ନେତ୍ର । ଗୁ.ଚୀ ପରଶୋବନ୍ଧ, ପ୍ରେମଭକ୍ତି ବ୍ରହ୍ମଗୀତ ।

ଛର୍ଦ୍ଦ୍ (ଧାତୁ)—ସଂ.—ବମନ କରିବା—
Chhardd (root) To vomit.
(ଛର୍ଦ୍—ଅନ୍ୟରୂପ)

ଛର୍ଦ୍ଦନ—ସଂ. ବି. (ଛର୍ଦ୍ଦ ଧାତୁ+ଭାବ. ଅନ)—୧ । ବମନ; ବାନ୍ତି;
Chharddana ଉଦ୍ଗାର—1. Vomiting.
(ଛର୍ଦନ—ଅନ୍ୟରୂପ) ୨ । ବମନୋପକ୍ରମ—2. Nausea.
୩ । ନିମ୍ବ ବୃକ୍ଷ (ପ୍ରକୃତିବାଦ)—3. The Neem tree.
୪ । ମଦନ ବୃକ୍ଷ (ଶବ୍ଦେନ୍ଦୁ) (ଦେଖ)
4. Madana tree (See)

ଛର୍ଦ୍ଦି—ସଂ. ବି. (ଛର୍ଦ୍ଦ ଧାତୁ+ଭାବ. ଇ)—୧ । ଛର୍ଦ୍ଦନ (ଦେଖ)
Chharddi 1. Chharddana (See).
(ଛର୍ଦି—ଅନ୍ୟରୂପ) ୨ । ବାରମ୍ବାର ବମନ ହେବା ରୋଗବିଶେଷ—
2. A disease resulting in constant vomiting.
[ଦ୍ର—ଏଥିରେ ରୋଗୀ ମୁହଁରୁ ସର୍ବଦା ଲାଳ ବୁହେ ଓ ଅଇ ଉଠାଇ ବମନ ହୁଏ । ରାଗ, ଲୁଣିଆ ଓ ତେଲିଆ ପଦାର୍ଥ ଅଧିକ ଖାଇଲେ ଏ ରୋଗ ଜନ୍ମେ । ଅତ୍ୟଧିକ ଶ୍ରମ, ଉଦ୍ବେଗ ଓ ଅଜୀର୍ଣ୍ଣରୁ ମଧ୍ୟ ଏ ରୋଗ ଜନ୍ମେ । ଏ ରୋଗରେ ଜ୍ୱର, କାଶ, ଶ୍ୱାସ ଆଦି ମଧ୍ୟ ହୁଏ ।]

ଛର୍ଦ୍ଦିଘ୍ନ—ସଂ. ବିଣ.—(ଛର୍ଦ୍ଦି+ହନ୍ ଧାତୁ+କର୍ତ୍ତୃ. ଅ)—ଯେଉଁ ଔଷଧ
Chharddighna ବମନ ବନ୍ଦ କରାଏ—
(medicine) Preventive of vomiting.
ସଂ. ବି.—୧ । ନିମ୍ବ (ଦେଖ)
1. Nimba (See)
୨ । ମହାନିମ୍ବ (ଦେଖ)—2 Mahānimba (See).

ଛର୍ଦ୍ଦୀ—ସଂ. ବି. (ଛର୍ଦ୍ଦ ଧାତୁ+ଭାବ ଇସ୍. ୧ମା.୧ବ.)—ଛର୍ଦ୍ଦନ (ଦେଖ)
Chharddi Chharddana (See)

ଛଲ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି.—(ତୁଳ. ହି. ଛଲକ୍‌ନା)—
Chhalkibā ୧ । ଛିଡ଼ିକିବା—1. To be splutterd.
୨ । ଉଛୁଳିବା—2. To overflow.
୩ । ଟଳମଳିବା—3. To move to and fro.
୪ । ଗୋଡ଼ ଆଦି ଭୂଇଁରେ ଖସିଯିବା—
4. To slip (said of the legs).

ଛଳ—ସଂ. ବି. (ଛୋ ଧାତୁ=ଛେଦନ କରିବା+ଭାବ. ଅ)—
Chhala ୧ । କପଟତା—1. Hypocrisy; dissimulation.
୨ । ବଞ୍ଚନା; ଶଠତା; ପ୍ରତାରଣା—2. Deceit; fraud; stratagem; deception; wile.
୩ । ଚାତୁରୀ—3. Trick; cunning
୪ । କୌଶଳ—4. Skill; cleverness; artifice.
୫ । ଆପତ୍ତି—5. Objection.
୬ । ଅଭିସନ୍ଧି—6. Hidden intention.
୭ । ମନୋଭିଳାଷ; ଅଭିପ୍ରାୟ; ଉଦ୍ଦେଶ୍ୟ—
7. Intention; aim.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗାର' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ

୮ । ମନକୁ ବାଧିଲା ଭଳି କଥା କହିବା; ବାକ୍ୟଦୂଷଣ-ବିଶେଷ; ଛିଗୁଲାଇବା—8. Satire; sarcastic remarks.

୯ । ଉପଲକ୍ଷ; ପ୍ରସଙ୍ଗ; ସମ୍ପର୍କ—
9. Argument; connection; course.

ମନ୍ଦ ଅଗ୍ରଜ ବଶ ଏହି
ପ୍ରସ୍ତାବ ଛଳେ କହିଲଇଁ । ଜଗନ୍ନାଥ. ଭାଗବତ ।

୧୦ । ପ୍ରଯୁକ୍ତ ବାକ୍ୟର ଅର୍ଥାନ୍ତର କଳ୍ପନା; ବିପରୀତାର୍ଥବୋଧ—
10. Giving the opposite meaning to a word by playing upon the words used by the speaker.

୧୧ । ବ୍ୟଙ୍ଗ ଭାବ; ବ୍ୟଙ୍ଗୋକ୍ତି—11. Satire.

୧୨ । ଶ୍ଳେଷବଚନ—12. Mockery; equivoke; pun.

୧୩ । ସ୍ଖଳନ—13. Slipping.

୧୪ । ବାହାନା; ବ୍ୟାଜ—14. Pretence; pretext.

ଧବଳ ଫେନ ଛଳେ ଲାଜକୀ ହସେ । ରାଧାନାଥ ।

୧୫ । ମାନ; ଅଭିମାନ—15. Silent displeasure; sullenness; taking offence.

୧୬ । ଅପମାନ—16. Insult.

ପିତାର ଯଜ୍ଞଶାଳେ ଯାଇଁ
ସ୍ୱାମୀର ଛଳେ କୋପ ବହି
ଦେବଙ୍କ ମଧ୍ୟେ ଯଜ୍ଞଶାଳେ
ଜୀବନ ଛାଡ଼େ ଯୋଗ ବଳେ । ଜଗନ୍ନାଥ. ଭାଗବତ ।

୧୭ । ପ୍ରତିହିଂସା—17. Vengeance.

ତା' ଛଳେ ସର୍ବ ତିର ଗଣ
ଭଇବି କଲେ ଘୋର ରଣ । ଜଗନ୍ନାଥ. ଭାଗବତ ।

୧୮ । ପରଦୁଃଖରେ ବେଦନାନୁଭବ—
18. Sympathy; commiseration.

କପି ବୋଲନ୍ତି ମେଦନୀବଲ୍ଲଭ
କହ କେମନ୍ତ ତାହିଁ ମନେ ଛଳ । ଯାଦୁମଣି. ରସକଲ୍ଲୋଳ ।

୧୯ । (ନ୍ୟାୟଶାସ୍ତ୍ର) ବକ୍ତାର ଉଦ୍ଦିଷ୍ଟ ଅର୍ଥକୁ ଗ୍ରହଣ ନ କରି ବକ୍ତାର କଥିତ ବାକ୍ୟର ଅନ୍ୟ ଅର୍ଥ କଳ୍ପନାପୂର୍ବକ ବକ୍ତାର କଥନର ଖଣ୍ଡନ (ହି. ଶବ୍ଦସାଗର)—
19. (Logic) A refutation of the intended meaning of a speaker by playing upon the very words used by him.

[ଦ୍ର—ଏହା ତିନିପ୍ରକାର—ବାକ୍‌ଛଳ, ସାମାନ୍ୟଛଳ ଓ ଉପଚାରଛଳ—ହି. ଶବ୍ଦସାଗର ।]

ଛଳଛଳ—ଦେ. ବି. (ସଂ. ଉଚ୍ଛଳନ)—୧ । ଲୋତକଜଳରେ ଭାସିବା; ଅଖିରୁ ଅଶେଷ ପରିମାଣରେ ଲୁହ ବୋହିବା—
Chhaḻa-chhaḻa 1. Profuse discharge of tear.
छलछल

लबालब; डबडबा ଦେ. ବଣ—ଲୋତକ ଜଳରେ ପୂର୍ଣ୍ଣ—
(eyes) Brimming with tears; brimful.

ଦେଖି ମୋ ନୟନ ଜଳ ନାନ ନେତ୍ର ଛଳଛଳ ।
ମଧୁସୂଦନ. ଛନ୍ଦମାଳା ।

ଛଳ ଧରିବା—ଦେ. କ୍ରି—୧ । କଥାର ଦୋଷ ଧରିବା—
Chhaḻa dharibā 1. To find fault (with).
छल धरना
୨ । ଛଳ ବହିବା (ଦେଖ)
छल करना 2. Chhaḻa bahibā (See)
(ଛଳ କରିବା—ଅନ୍ୟରୂପ)

ଏ ଅଦ୍ଭୁତ ସନ୍ଦେଶ ଛଳକୁ ନ ଧର । ରାଧାନାଥ. ଦରବାର ।

ଛଳଧର୍ମ—ସଂ. ବି. (ମ. ପ. ଲୋ; ଛଳପୂର୍ଣ୍ଣଧର୍ମ)—କପଟ ଧର୍ମ; ଧର୍ମଧ୍ୱଜିତା—
Chhaḻa-dharma False piety.

ଶାସ୍ତ୍ରର ତତ୍ତ୍ୱ ନ ବୁଝିବ, ଯେ ଶାସ୍ତ୍ରବାକ୍ୟ ଭେଦ କରି
ବାହ୍ୟେ ଧର୍ମର ଧ୍ୱଜ ଧରି । ଛଳଧର୍ମ ସେ ତାକୁ ବୋଲି ।
ଜଗନ୍ନାଥ. ଭାଗବତ ।

ଛଳନ—ସଂ. ବି. (ଛଳ ନାମ ଧାତୁ=ଛଳନା କରିବା+ଭାବ. ଅନ—
Chhaḻana ଛଳନା (ଦେଖ)
Chhaḻanā (See)

ଛଳନା—ସଂ. ବି. (ଛଳ ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
Chhaḻanā ୧ । ପ୍ରତାରଣା; ଶଠତା—1. Deceit; fraud.
୨ । ବାହାନା—2. Pretext.

ଛଳ ପଶିବା—ଦେ. କ୍ରି—ଛଳବାକ୍ୟ କୌଣସି ବ୍ୟକ୍ତିର ମନରେ ଦୁଃଖ-
Chhaḻa pasibā ପ୍ରଦ ହେବା—The taking effect of a sarcastic remark; taking to heart a sarcastic remark.
(ଯଥା—ମୋ କଥା ଶୁଣି ତା ଦେହରେ ଛଳ ପଶିଗଲା ।)

ଛଳ ପୂରାଇବା—ଦେ. କ୍ରି—ଛଳ ବହିବା (ଦେଖ)
Chhaḻa pūraibā Chhaḻa bahibā (See)
(ଯଥା—ସେ ମୋ କଥାରେ ଛଳ ପୂରାଇ ବସିଛି ।)
(ଛଳ ପୂରେଇବା—ଅନ୍ୟରୂପ)

ଛଳ ବଚନ—ଦେ. ବି—ଛିଗୁଲା କଥା; କୌଣସି ବ୍ୟକ୍ତି ପ୍ରତି ବ୍ୟବହୃତ
Chhaḻa bachana ବ୍ୟଙ୍ଗୋକ୍ତି—Sarcastic remarks; innendo.
(ଛଳବାଣୀ—ଅନ୍ୟରୂପ)

ଛଳ ବଚନକୁ ସତ ମଣି କରେ—ପ୍ରାଚୀନ ସଙ୍ଗୀତ ।

ଛଳ ବଳ କୌଶଳ—ଦେ. ବି—କାର୍ଯ୍ୟସିଦ୍ଧି ନିମନ୍ତେ ଅନ୍ୟପ୍ରତି
Chhaḻa baḻa kausaḻa ପ୍ରଯୁଜ୍ୟ ସକଳ ପ୍ରକାର ଉପାୟ;
छलबल कौशल କପଟତା, ଶାରୀରିକ ବଳ ଓ ଫନ୍ଦି—
छलबल All available or conceivable means to be employed to gain one's object, viz. deceit, force and artifice.

ଛଳେ ବଳେ କୌଶଳେ, ଶତ୍ରୁକୁ ସାଧିବ ହେଳେ—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଈ	ଇଯ଼	ଉଅ	ଭ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍	ଇଅ	ଢ଼	ନ୍ତ

ଛଳ ବହିବା—ଦେ. କ୍ରି—କୌଣସି ବ୍ୟଙ୍ଗୋକ୍ତିକୁ ଆପଣା ଦେହକୁ ନେବା; ବ୍ୟଙ୍ଗୋକ୍ତିଦ୍ୱାରା ମର୍ମାହତ ହେବା—To take offence; to be offended by or to take to heart a sarcastic remark.
Chhaḻa bahibā
ଛଲ ବହା
छल लेना

ଛଳବାହିନୀଶ—ସଂ. ବଣ. (ଛଳର ବାହିନୀ=ଛଳବାହିନୀ; ଛଳବାହିନୀର ଈଶ) – ଛଳସାଗର; କପଟରେ ପରଦୃଷ୍ଟି—Full of wiles; adept at wiles.
Chhaḻa-bāhinisa

ଛଳବାହିନୀଶ ହେ ଶଠ ଏ ସାହସ ହେ—କବି ସୂର୍ଯ୍ୟ, ଚମ୍ପୂ, ଛ. ଗୀତ ।

ଛଳାଇବା—ଦେ. କ୍ରି—୧ । ଥଟ୍ଟା କରିବା; ଉପହାସ କରିବା—1. To deride; to sneer.
Chhaḻāibā
ଛଲାନ
छलाना
(ଛଳେଇବା—ଅନ୍ୟରୂପ)

ଏବେ ବହୁତ ପବନ ବନସ୍ତିଷ୍ଟ ଭ୍ରମର ବୋଲି ଛଳାଇବ—ଭଞ୍ଜ, ପ୍ରେମସୁଧାନିଧି ।

୨ । ମନକୁ ବାଧିଲା ଭଳି କଥା କହିବା—2. To make sarcastic remarks.
୩ । ଶ୍ଳେଷରେ କହିବା—3. To satirise.
୪ । ପ୍ରତାରଣ କରିବା—4. To cheat.

ଛଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—
Chhalāibā ୧ । (ଗଛରୁ) ଛେଲି ଛଡ଼ାଇବା—1. To take out or scrape off the bark.
(ଛଲେଇବା—ଅନ୍ୟରୂପ)
୨ । ଚାଞ୍ଛିବା; ଛେଲିବା—2. To scrape off.

ଛଳ (ନାମଧାତୁ)—ସଂ. (ଛେ ଧାତୁ+ଣିଚ୍)—ଅଚ୍ଛାଦନ କରିବା—To cover.
Chhaḻi (root)

ଛଳିତ—ସଂ. ବି. (ଛଳ ନାମଧାତୁ+ଭାବ. ତ)—ଛଳନା (ଦେଖ)
Chhaḻita — Chhaḻanā (See)
ସଂ. ବଣ (ଛଳ ଧାତୁ+କର୍ମ. ତ)—ପ୍ରତାରିତ—Cheated.

ଛଳିତକ—ସଂ. ବି—ନାଟକର ଏକ ଭେଦ—A class of drama.
Chhaḻitaka

ଛଳିବା—ଦେ. କ୍ରି. (ସଂ. ଛଳ)—
Chhaḻibā ୧ । ପ୍ରତାରଣା କରିବା; ଭଣ୍ଡାଇବା; ଠକିବା—1. To deceive; to cheat.
ଛଲା
छलना

ଦେବ ବାମନ ରୂପ ଧରି, ଛଳିଲୁ ବଳୀ ଦଣ୍ଡଧାରୀ—ଭୂପତି, ପ୍ରେମପଞ୍ଚାମୃତ ।

୨ । ଶ୍ଳେଷରେ କହିବା—2. To speak sarcastically.

ଭଲ କଲେ ବୋଲି ଛଳେ ଯୁବତୀ—ଭଞ୍ଜ, ପ୍ରେମସୁଧାନିଧି ।

୩ । ଅଚ୍ଛନ୍ନ କରିବା—3. To cover; to envelep.

ଛଳ ମନ ଭୃଙ୍ଗ ଗୁଣେ, ଛ ଦୁଇ ଦୁର୍ଲଭ ଭଣେ—କବିସୂର୍ଯ୍ୟ, କଳୋବତୀ, ଛ ଗୀତ ।

[ଦ୍ର—କବିସୂର୍ଯ୍ୟଗ୍ରନ୍ଥାବଳୀର ପ୍ରକାଶକ ପଣ୍ଡିତ ଭୁଲମଣି ଦାଶ ଭାଷାକୋଷର ପାଣ୍ଡୁଲିପି ସମ୍ମାର୍ଜନ କରିବା ସମୟରେ 'ଛଳ' ଶବ୍ଦଟି 'ଛଦ' ସ୍ଥାନରେ ମୁଦ୍ରାକର ପ୍ରମାଦରୁ ଛାପା ଭୁଲ ହୋଇଥିବା ବିଷୟ ମୋତେ ଜଣାଇଅଛନ୍ତି । ଅତଏବ ଛଳବାର ଏହି ତୃତୀୟ ଅର୍ଥ 'ଛଦିବାର' ଅର୍ଥ ଅଟେ ।]

୪ । ପ୍ରତିଯୋଗିତା କରିବା—4. To rival.

ଚନ୍ଦ୍ରିକ ଜବ ଛଳ ଆପଣା ପାଦେ ଦେଖାଇ ନୃତ୍ୟ କରି କରେ ଅମ୍ଭ ଲେପ—କୃଷ୍ଣସିଂହ, ମହାଭାରତ, ବନ ।

ଛଳୀ—ସଂ. ବଣ. ପୁଂ. (ଛଳ+ଇନ୍; ୧ମା. ୧ବ.)—୧ । କପଟୀ—1. Hypocritical.
Chhaḻī
(ଛଳିନୀ – ସ୍ତ୍ରୀ) ୨ । ପ୍ରତାରକ—2. Deceitful.

ଛଳୁଆ—ଦେ. ବଣ. ପୁଂ. (ସଂ. ଛଳୀ)—
Chhaḻuā ୧ । ଅଭିମାନୀ, ଯେ ସାମାନ୍ୟ କଥାରେ ଛଳ ବହେ—1. Prone to take offence at little things.
छलिया
(ଛଳେଇ – ସ୍ତ୍ରୀ) ୨ । କପଟୀ—Hypocritical.
୩ । ପ୍ରତାରକ—3. Deceitful.

ଛଳେ—କ୍ରି. ବଣ—ପ୍ରତିହିଂସା ନେବା ପାଇଁ—In order to take revenge.
Chhaḻe

ଏଠାରେ ସୁଗ୍ରୀବଙ୍କ ସଙ୍ଗେ ହେଲି ମିତ
ତାଙ୍କ ଛଳେ କଲି ବାଳିଙ୍କ କାଣ୍ଡେ ହତ—କୃଷ୍ଣସିଂହ, ମହାଭାରତ, ବନ ।

ଛଳେଇ କରି—ଦେ. କ୍ରି. ବଣ—ସ୍ପଷ୍ଟରୂପେ ପ୍ରକାଶ ନ କରି; (କୌଣସି ବିଷୟକୁ) କେବଳ ଇଙ୍ଗିତଦ୍ୱାରା (କହିବା)—(to mention) Indirectly; by insinuation or innuendos.
Chhaḻei kari

ଛଲ୍ଲି—ସଂ. ବି. (ଛଦ=ଅବରଣ+ଲା ଧାତୁ=ଦାନ କରିବା+କର୍ତ୍ତୃ. ଇ; ଯାହା ବୃକ୍ଷର ଶରୀରକୁ ଅଚ୍ଛାଦନ କରେ)—
Chhalli
୧ । ଛାଲ; ଛେଲି; ବଲ୍କଲ—1. Bark of a tree.
୨ । ଲତା—2. A creeper.
୩ । ସନ୍ତାନ—3. Offspring.
୪ । ବନ୍ୟ ପୁଷ୍ପବିଶେଷ (ଶ୍ରୀନେନ୍ଦ୍ର)—4. Name of a wild flower.
୫ । (ଛଳ+ଇ) ଶଠ ବ୍ୟକ୍ତି—5. A cheat.

ଛଲ୍ଲୀ—ସଂ. ବି. (ଛଦ+ଲା ଧାତୁ+କର୍ତ୍ତୃ. ଈ)—ଛଲ୍ଲି (ଦେଖ)
Chhallī — Chhalli (See)

ଛଷଠାଶହେ—ଦେ. ବି. ଓ ବଣ. (ସଂଖ୍ୟାବାଚକ, ସଂ. ଷଟ୍‌ଷଷ୍ଟ୍ୟୁତ୍ତର-ଶତ)—ଏକ ଶହ ଛଅଷଠି—166.
Chhashathā-sahe
ଛଅଷଠାଶହେ—ଅନ୍ୟରୂପ)

ଛଷଠି—ବଣ—ଛଅଷଠି (ଦେଖ)
Chhashaṭhi — Chhaashaṭhi (See)
(ଛଷଠି – ଅନ୍ୟରୂପ)

ଛସ୍ତରାଶହେ—ଦେ. ବି—ଛଅସ୍ତରାଶହେ (ଦେଖ)
Chhastarāsahe — Chhaastarāsahe (See)
(ଛସ୍ତୁରାଶହେ; ଛସ୍ତୋରାଶହେ; ଛଅସ୍ତୁରାଶହେ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଛସ୍ତରି—ଦେ. ବି. ଓ ବିଣ—ଛଅସ୍ତରି (ଦେଖ)
Chhastari — Chhaastari (See)
(ଛସ୍ତୁରି; ଛସ୍ତୋରି—ଅନ୍ୟରୂପ)

ଛା—ସଂ ବି—ଶାବକ, ପ୍ରାଣୀର ଛୁଆ—
Chhā — Young one's of animals (M. W.).

ଛାଅ—ପ୍ରାଦେ. (ବାଲେଶ୍ୱର, ମେଦିନୀପୁର) ବି. (ତୁଳ. ବ. ଛା, ଛାଁ, ଛାଁଅଲ) - ଛା (ଦେଖ)—Chhā (See)
Chhāa

ଛାଅଣ—ଗ୍ରା. ବି—ଛାଆଣି (ଦେଖ)
Chhā-āṇa — Chhāāṇi (See)

ଛାଆଣି—ଦେ. ବି. (ସଂ. ଛଦ ଧାତୁ ; ସଂ. ଛାଦନ)—
Chhā-āṇi — ୧ । ଆଚ୍ଛାଦନ—1. Covering.
ছাওয়া, ছাওনি — ୨ । ଘରର ଛପରବନ୍ଧ—
छान, छावनि — 2. Thatching of a house.
୩ । କୌଣସି ପଦାର୍ଥ ଉପରେ ଅନ୍ୟ ଧାତୁର ପତଳା ସ୍ତରର ଲେପନ--3. Overlaying of a layer of metal on some article.
୪ । (ସଂ. ଗାଳନ; ଛାରଣ) ଛାଣିବା; ଛଣିବା—
4. Distilling; sifting.
(ଯଥା—କପଡ଼ାଛାଅଣି ।)

ଛାଆଣିଆଁ—ଦେ. ବି. (ସଂ ଛଦ ଧାତୁ)—ଯେଉଁମାନେ ଘର ଛପର କରନ୍ତି; ଛାଉଁଆଁ—Thatcher.
Chhā-āṇiāṅ
छानेवाला, छप्परबन्द

ଛାଆଣି କରିବା—ଦେ. କ୍ରି—ଛାଇବା (ଦେଖ)
Chhā-āṇi kariba — Chhāibā (See)

ଛାଆଳି—ଦେ. ବି—ଛାଅଣିଆଁ (ଦେଖ)
Chhā-āḷi — Chhā-āṇiāṅ (See)

ଛାଇ—ଦେ. ବି. (ସଂ. ଛାୟା)—
Chhāi — ୧ । ଅନାତପ; ଖରାର ଅଭାବ—
ছাওয়া, ছাই — 1. Shade; want of sun's rays.
छाँ, चाँह, छाँहो — ୨ । ଛାୟା; ଆଲୋକ ବା ସୂର୍ଯ୍ୟ ବା ଚନ୍ଦ୍ରଙ୍କ ଉପସ୍ଥିତ ପଥରେ ପଡ଼ିବା କୌଣସି ବସ୍ତୁର ପ୍ରତିରୂପ—
2 Shadow.

ଦମୟନ୍ତୀ ହୋଇଲେ ନଳଙ୍କର ରୂପ
ଶଶୀରଙ୍କ ଛାଇ ହୋଇଛି ଅନୁରୂପ । କୃଷ୍ଣସିଂହ. ମହାଭାରତ, ବନ ।

୩ । (ଲକ୍ଷଣାର୍ଥ) ଆଶ୍ରୟ; ବାହୁଚ୍ଛାୟା; ଶରଣ—
3. Shelter.
(ଯଥା—ତା ଛାଇରେ ମୋ ଦିନ ଯାଉ ।)
୪ । ପ୍ରତିବିମ୍ବ, ଜଳ ବା ଦର୍ପଣରେ ଦେଖାଯିବା କୌଣସି ବସ୍ତୁର ପ୍ରତିରୂପ—4. Reflection of a thing on water or mirror.
୫ । ସୂର୍ଯ୍ୟକିରଣ ପଡ଼ି ନ ଥିବା ସ୍ଥାନ—
5. A place where the sun's rays do not fall.
୬ । ଛାଆଣି; ଛାଉଣୀ—
6. Thatching; overlaying.

ଛାଇଁବା—ଦେ. କ୍ରି. (ସଂ. ଛଦ ଧାତୁ)—ଛାଇବା (ଦେଖ)
Chhāiṅba — Chhāibā (See)

ଛାଇକି ଛଅ ଘା ମାରିବା—ଦେ କ୍ରି—୧ । ଅବାସ୍ତବ କଥାରେ ବୃଥା ଉତ୍ତେଜିତ ହେବା—
Chhāiki chhaa-ghā māribā
1. To be excited for nothing.
୨ । ପ୍ରକୃତ କାରଣ ବା ଉତ୍ତେଜନା ନ ଥାଇ କଳି କରିବା---
2. To quarrel without sufficient provocation.
[ଦ୍ର—ଛାଇକି ଗୋଇଠା ମାରିବା, ଛାଇକି ନାଡ଼ ମାରିବା, ମଧ୍ୟ ଏହି ଅର୍ଥରେ ବ୍ୟବହୃତ ହୁଏ ।]

ଛାଇ ଗଡ଼ିବା—ଦେ. ବି ଓ ବିଣ—ଛାଇ ନେଉଟା (ଦେଖ)
Chhāi gaṛḍibā — Chhāi neuṭā (See)

ଛାଇ ଘୋଡ଼ା(ଡ଼ୋ)ଇବା—ଦେ. ବି—୧ । ମେଘାବୃତ ଅବସ୍ଥା—
Chhāi ghoṛḍā(ṛḍe)ibā — 1. Cloudy state.
୨ । ମେଘାବୃତ ଋତୁ—2. Cloudy weather.
(ଯଥା—ଆଜି ସକାଳୁ ୧୨ଟାବେଳଯାଏ ଛାଇ ଘୋଡ଼େଇଛି ।)

ଛାଇ ଛାଇ—ଦେ. ବି—୧ । ଛାୟାବାହୁଲ୍ୟ; ବହୁଛାୟାର ଚିହ୍ନ—
Chhāi chhāi — 1. A number of shadows.
(ଛାଇଛାଇଆ—ଅନ୍ୟରୂପ) ୨ । ବହୁ ସମୟ ଛାୟାଯୁକ୍ତ ହେବା ଅବସ୍ଥା—
2. The state of being shadowy for a long time.
(ଯଥା—ମେଘ ଛାଇ ଛାଇ କରିଛି ।)
ଦେ. ବିଣ—୧ । ଛାୟାବହୁଳ—1. Full of shadows.
୨ । ଛାୟାମୟ—2. Shadowy.

ଛାଇଛାଇ ହେବା—ଦେ. କ୍ରି—୧ । ଛତରଛଡ଼ିଲ ହେବା—
Chhāi-chhāi hebā — 1. To be scattered about.
୨ । (ତୁଳ. ବ. ଛାଇ=ଭସ୍ମ)—
ଛାରଖାର ହେବା; ଭସ୍ମରେ ପରିଣତ ହେବା—
2. To be reduced to ashes; to be ruined.
୩ । (ଧ୍ୱନ୍ୟନୁକରଣ) ଘୂରିବା; ଚକ୍ରାକାରରେ ଘୂର୍ଣ୍ଣିତ ହେବା—
3. To reel; to whirl.

ଛାଇତଳିଆ—ଦେ. ବି—୧ । ଯେ ସର୍ବଦା ଛାଇ ତଳେ ଥାଏ, ଅର୍ଥାତ୍ ଯାହାଠାରେ ଖରା ଲାଗେ ନାହିଁ—
Chhāi·taḷiā
ছাওরা — 1. Living in the shade.
(ଯଥା—ଛାଇତଳିଆ ବେଉଷା, ଛାଇତଳିଆ ବଡ଼ଲୋକ ।)
୨ । ଛାୟାଯୁକ୍ତ; ଛାୟାମୟ—2. Shady; shadowy.

୧	ଇ	ଊ	ର୍‌,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତୁ	ଉଅ	ଙ୍ଖ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଙ୍ଘ	ନ୍ତ

ଛାଇଦେବା—ଦେ. କ୍ରି. (ସକର୍ମକ) (ସଂ.ଛଦ ଧାତୁ=ବେଷ୍ଟନ କରିବା)—
Chhāidebā ୧ । ବିସ୍ତାର କରିବା—
ছাওয়া 1. To diffuse; to spread.
छितराना

ଯୁଧିଷ୍ଠିର ନୃପେ ଚନ୍ଦ୍ର ନା ଭଳେ ତେଜ
ଚନ୍ଦ୍ର ପଦ କାର୍ତ୍ତିକ ଭବେ ଦିଅ ଛାଇ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୨ । ଚାରିଆଡ଼େ ଘେରିବା ବା ବେଢ଼ିବା—
2. To envelop; to encompass.

ଛାଇ ନ ପଡ଼ିବା—ଦେ. ବି—କୌଣସି ବ୍ୟକ୍ତିଠାରେ ଅନ୍ୟ ବ୍ୟକ୍ତିର
Chhāi na pa<u>r</u>dibā ସାମାନ୍ୟ ସମ୍ପର୍କ ମଧ୍ୟ ନ ରହିବା—
छाँह न गोरना The absence of the slightest connection between two persons.

ଛାଇ ନ ମାଡ଼ିବା—ଦେ. ବି. (ଲକ୍ଷଣାର୍ଥ)—(କୌଣସି ବ୍ୟକ୍ତିର) ସଙ୍ଗେ
Chhāi na mā<u>r</u>dibā ଲେଶ ମାତ୍ର ସମ୍ପର୍କ ନ ରଖିବା; କୌଣସି
ছাই ন মাড়ান ବ୍ୟକ୍ତିର ଦେହସ୍ପର୍ଶ ତ ଦୂରର କଥା,
छाँह बचाना ତାଙ୍କ ବ୍ୟକ୍ତିର ଦେହଚ୍ଛାୟାକୁ ସୁଦ୍ଧା ସ୍ପର୍ଶ
ନ କରିବା—(figurative) Not having even a little connection (with a person).

ଚପଷ ବା ଅହଙ୍କାରୀ ସେ ତାଙ୍କର
ନ ମାଡ଼ିବ ତାଙ୍କ ଛାଇଟି ନରବର । କୃଷ୍ଣସିଂହ. ମହାଭାରତ. ବନ ।

ଛାଇନିଦ—ଦେ. ବି.—(ସଂ. ଈଷତ୍+ନିଦ୍ରା)—ସଚେତ ନିଦ୍ରା; ସାମାନ୍ୟ
Chhāi-nida ନିଦ୍ରା; ତନ୍ଦ୍ରା; ନିଦ୍ରାର ପ୍ରଥମ ଆକର୍ଷଣରେ ଚେତନା-
সজাগ ঘুম ଚେତନ ଅବସ୍ଥା—Slight sleep; nap.
झपकी

ତାଙ୍କୁ ହେଲେ ଛାଇନିଦ ଲାଗିଲେ ଦେଖନ୍ତି, ଆକାଶରେ ଏକ ଉଜ୍ଜ୍ୱଳ ମୂର୍ତ୍ତି ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଛାଇନିଦ୍ରା—ଦେ. ବି—ଛାଇନିଦ (ଦେଖ)
Chhāi-nidrā Chhāi-nida (See)

ଘୋର ବରଷାରେ ସେ ଛାଇନିଦାରେ
ମୋ ପ୍ରାଣ-ଜନମୀ ଯେବେ
ପିଠି ଅଉଁସିଣ ଗୀତ ଗାଉଥିଲେ
ମନେ ପଡ଼େ ତାହା ଏବେ । ନନ୍ଦକିଶୋର. ନିର୍ଝରିଣୀ ।

ଛାଇନେଉଟା—ଦେ. ବିଣ· (ସଂ. ଛାୟା+ନିବର୍ତ୍ତିତ; ଯେଉଁ ସମୟରେ
Chhāi-neu<u>t</u>ā କୌଣସି ପଦାର୍ଥର ଛାୟା ପୂର୍ବାହ୍ଣ ପରି ପଶ୍ଚିମଦିଗରେ
ঢলা দুপহর ନ ପଡ଼ି ପୂର୍ବଦିଗକୁ ଲେଉଟେ)—ଯେଉଁ ସମୟରେ
ଛାଇନେଉଟିବା, ଛାଇଲେଉଟା, ଛାଇଲେଉଟିବା } ଅନ୍ୟରୂପ ଅପରାହ୍ଣ ଆରମ୍ଭ ହୁଏ; ଦ୍ୱିପହରର ପରବର୍ତ୍ତୀ (ସମୟ)—
(time) Past midday; P.M.

(ଯଥା—ଛାଇନେଉଟା ବେଳ ହେଲାଣି, ତଥାପି ସେ ଖାଇବାକୁ ଆସିଲେ ନାହିଁ ।)

ଦେ, ବି—ଦ୍ୱିପ୍ରହର ବିତିଯିବା ଅବସ୍ଥା ବା ସମୟ—
The state of the passing by of the noon; the time when the sun has passed the meridian; P. M.

ଛାଇ ପଡ଼ିବା—ଦେ. ବି—୧ । ଛାୟାର ପତନ; କୌଣସି ବ୍ୟକ୍ତି ବା
Chhāi pa<u>r</u>dibā ପଦାର୍ଥ ଉପରେ ଅନ୍ୟ ବ୍ୟକ୍ତିର ବା ପଦାର୍ଥର
(ଛାଇ ବାଜିବା—ଅନ୍ୟରୂପ) ଛାୟା ପତିତ ହେବା—
1. The shadow of a person or thing touching or falling on another person or thing.

ଗମ୍ଭୀରେ ଛାଇ ନ ପଡ଼ୁ ବୋଲି ଛଡ଼ା ହୋଇ ମୁଁ ଛଡ଼ା ହେଲି ।
ଜଗନ୍ନାଥ ଶୃଙ୍ଗ. ସଙ୍ଗୀତ ।

୨ । ଛାୟାଯୁକ୍ତ ହେବା—2. Being shady.
୩ । (ଲକ୍ଷଣାର୍ଥ) ସମ୍ପର୍କଶୀଳ ହେବା; ଅନ୍ୟର ସଙ୍ଗେ ସାମାନ୍ୟ ସମ୍ପର୍କ ରହିବା—3. The state of there being any connection between two persons.

(ଯଥା—ମୋ ଛାଇ ପଡ଼ିଲେ ତା ଲହୁ ଝେଉଁଛି ।)

[ଦ୍ର—ଦାକ୍ଷିଣାତ୍ୟରେ ବ୍ରାହ୍ମଣାଦି ଉଚ୍ଚଜାତୀୟ ବ୍ୟକ୍ତିଙ୍କୁ ଅସ୍ପୃଶ୍ୟ ଜାତୀୟ ବ୍ୟକ୍ତି ଛୁଇଁବାର ଦୂରେ ଥାଉ, ଯେବେ ଶେଷୋକ୍ତ ବର୍ଗ୍ଗର ଆତପଜନିତ ଛାୟା ପ୍ରଥମୋକ୍ତ ବ୍ୟକ୍ତିର ଦେହକୁ ସ୍ପର୍ଶ କରେ, ତାହାହେଲେ ପ୍ରଥମୋକ୍ତ ବ୍ୟକ୍ତି ଅଶୁଚି ହୋଇଯିବାର ବ୍ୟବସ୍ଥା ହୁଏ; କିନ୍ତୁ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ପ୍ରଭାବରୁ ଗାନ୍ଧୀଙ୍କ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ଫଳରେ ଏ କୁସଂସ୍କାର କ୍ରମଶଃ ଶିଥିଳ ହେଉଅଛି ।]

ଛାଇବା—ଦେ. କ୍ରି. (ସଂ. ଛଦ୍ ଧାତୁ=ବେଷ୍ଟନ କରିବା)—
Chhāibā ୧ । ଛୁଆଣି କରିବା; ଛପରବନ୍ଧ କରିବା—
ছাওয়া 1 To thatch.
छाना ୨ । ଆଚ୍ଛାଦନ କରିବା—2. To cover.

ଛାଇଦେଲ ଶରେ ପାର୍ଥଙ୍କ ଅପସର । କୃଷ୍ଣସିଂହ. ମହାଭାରତ ବନ ।

୩ । ବିସ୍ତୃତ କରିବା—3. To spread.

ସୁଦୃଢ଼େ ଦ୍ୱାର କାଷ ଛାଇ
ସେ ନଗରେ ସୁଖେ ରହି । ଜଗନ୍ନାଥ. ଭାଗବତ ।

୪ । ଘେରିବା—4. To surround.
୫ । ବ୍ୟାପିବା—5. To be diffused; to pervade.

ଛାଇବାଇ ଲେଦେଲ୍—ଗ୍ରା. ବି (ଛାଇ=ଦେହର ଛାୟା, ବାଇ=ବାଆ, Chhāibāi lenderā ପବନ, ବାୟୁ; ଲେଦେଲ୍=ଆବର୍ଜନା)—
(ଛାଇବାଇ ଲେଦେଲ୍—ଅନ୍ୟରୂପ) ଏକ ବ୍ୟକ୍ତିର ଦେହରୁ ଅନ୍ୟ ବ୍ୟକ୍ତିର ଦେହକୁ ଖଣ୍ଡିଏ କାଠି ବା କୁଟା ଲାଗିଥିବା ଅବସ୍ଥା—
(ଯଥା—ସେ ପିଲାଟା ଏକୁଟିଆବାଡ଼ିଆଟାଏ, ତାଠେଁ କାହାର ଛାଇବାଇ ଲେଦେଲ୍ ଲାଗିବ ନାହିଁ ।)

୨ । ଏକ ବ୍ୟକ୍ତି ସଙ୍ଗେ ଅନ୍ୟ ବ୍ୟକ୍ତିର କୌଣସି ପ୍ରକାରର ଅଡ଼ୁଆ ବା ସମ୍ପର୍କ—2. Any connection whatsoever (distant or near).

ଛାଇ ବାଜିବା—ଦେ. ବି—ଛାଇ ପଡ଼ିବା (ଦେଖ)
Chhāi bājibā Chhāi pa<u>r</u>dibā (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଏଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ

ଛାଇ ମଟୁଳିବା—ଦେ. କ୍ରି—ଛାଇନେଉଟା (ଦେଖ)
Chhāi maṭuḻibā Chhāi-neuṭā (See)
(ଛାଇ ମଟୁଳିବା; ଛାଇ ମୁଟୁଳିବା—ଅନ୍ୟରୂପ)

ଛାଇଯିବା—ଦେ. କ୍ରି. (ଅକର୍ମକ) (ସଂ. ଛଦ ଧାତୁ)—
Chhāi-jibā ବ୍ୟାପିବା; ପରିବ୍ୟାପ୍ତ ହେବା—
ছেয়ে যাওয়া To spread round; to be diffused.
छा जाना

ଛାଇରହିବା—ଦେ. କ୍ରି—ବେଳେ ସମୟ ପର୍ଯ୍ୟନ୍ତ ଆଚ୍ଛନ୍ନ କରିବା—
Chhāirahibā To cover for long time.
ছেয়েথাকা ଛାଇରହିଛି ସ୍ଥିର ଅପସରି ପୁଣି ବଢାଇବ ନବ ଭାବରେ ।
छा रहना ଉପେନ୍ଦ୍ର. ଗୀତଲହରୀ ।

ଛାଇଲେଉଟା—ଦେ. ବି. ଓ ବିଣ—ଛାଇନେଉଟା (ଦେଖ)
Chhāi-leuṭā Chhāi-neuṭā (See)
(ଛାଇଲେଉଟିବା—ଅନ୍ୟରୂପ)

ଛାଇହେବା—ଦେ. କ୍ରି—୧ । ଛାଇଯିବା (ଦେଖ)
Chhāi-hebā 1. Chhāi-jibā (See)
୨ । ଆଚ୍ଛାଦିତ ହେବା—2. To be covered.
କଳେବର ରେଣୁରେ ହୋଇଛି ଛାଇ । ଗୋପୀକୃଷ୍ଣ. ରସକଲ୍ଲୋଳ ।

ଛାଉଣି—ଦେ. ବି. (ସଂ. ଛଦ ଧାତୁ; ସଂ. ଛାଦନୀ=ଛାଉଣି, ଆବରଣ)—
Chhāuṇi ୧ । ଶିବିର; ତମ୍ବୁ; ଡେରା—
ছাউনী; ছাওনী 1. Camp; tent.
छावनी ୨ । ସାମୟିକ ବା ଅସ୍ଥାୟୀ ସେନାନିବାସ—
ଛାଅଣି, ଛୁଆଣି } ଅନ୍ୟରୂପ 2. Military camp,
ଉଠ ଏହିକ୍ଷଣେ ଉଠାଇ ଛାଉଣୀ ଯିବ ଇନ୍ଦ୍ରପୁର ଗଡ଼ ।
ରାଧାନାଥ. ପାର୍ବତୀ ।
୩ । ଆଚ୍ଛାଦନ—3. Covering.
(ଯଥା—ରୂପା ଉପରେ ସୁନା ଛାଉଣି ହୋଇଛି ।)
୪ । ଘରଛପରବନ୍ଧ; ଛାଅଣି; ଛୁଆଣି—4. Thatching.
୫ । ଧାତୁର ପତଳା ପାତିଆ ବା ସ୍ତର ଦ୍ୱାରା ଆଚ୍ଛାଦନ—
5. Covering with a thin layer of metal; overlaying with a thin coating of metal.
(ଯଥା—ଏ ପଲଙ୍କ ବାହୁଯାକ ରୂପା ଛାଉଣି ହୋଇଛି ।)
୬ । ଆନଦ୍ଧ ବାଦ୍ୟ (ଯଥା—ଢୋଲ, ମୃଦଙ୍ଗ)ର ମୁହଁ ଚମଡ଼ା ଦ୍ୱାରା ଆଚ୍ଛାଦନ—6. Binding of leather or hide on the mouth of a drum.
ବିଣ.—୧ । ଆଚ୍ଛାଦିତ—1. Covered.
ଅସ୍ଥି ଚର୍ମର ଘରପାଶେ, ଛାଉଣି ନଖ ଲୋମ କେଶେ ।
ଜଗନ୍ନାଥ. ଭାଗବତ ।
୨ । ଛପରବନ୍ଧ ହୋଇଥିବା—2. Thatched.
୩ । ଉପରେ ପତଳା ହୋଇ ମଡ଼ାଯାଇଥିବା—
3. Overlaid with a thin layer.
୪ । ଚମଡ଼ା ଆଦିଦ୍ୱାରା ଆନଦ୍ଧ (ଢୋଲ, ମୃଦଙ୍ଗାଦି)—
4. (drum) Having the opening covered with hide or leather.

ଛାଉଣିଆଁ—ଦେ. ବି.—ଯେ ଘର ଛପରବନ୍ଧ କରେ—
Chhāuṇiāṅ One who thatches; thatcher.
(ଛାଅଣିଆଁ; ଛୁଆଣିଆଁ—ଅନ୍ୟରୂପ)

ଛାଉଳି—ଦେ. ବି. (ସଂ. ଛଳ)—୧ । କପଟ ବ୍ୟବହାର—
Chhāuli 1. Hypocricy.
छल ଛଇଳା ! ମୋରେ ଛାଉଳି ଗଢ଼ ।
କବିସୂର୍ଯ୍ୟ: ରତ୍ନାକରଚମ୍ପୂ: ୫ ଗୀତ ।
୨ । ପରିହାସ—2 Jest; joking.
୩ । ଛଇ; ରସିକତା—3. Witticism; gallantry.

ଛାଉଳେଇ ବିଗୁଳେଇ ହେବା—ପ୍ରାଦେ. (ନରସିଂହପୁର ଓ ଗଡ଼ଜାତ)
Chhāulei bigulei hebā କ୍ରି.—ଖଟେଇ ହେବା—
To make faces.

ଛାଏଁ—ଦେ. ଅ. (ସଂ. ସ୍ୱୟଂ ବା ସ୍ୱେଚ୍ଛୟା)—୧ । ନିଜେ—
Chhāeṅ 1. One's self.
আপনি, আপনাআপনি ୨ । ସ୍ୱତଃ; ମନକୁ; ସ୍ୱେଚ୍ଛାକ୍ରମେ—
खुद, आपसेआप 2. Of one's own accord; voluntarily.
ପ୍ରଜାଏ ଅନ୍ୟୋଅନ୍ୟ ହୋଇ,
ଆପଣା ଛାଏଁ ନାଶ ଯାଇ । ଜଗନ୍ନାଥ. ଭାଗବତ ।
୩ । ଅନ୍ୟ କାହାରି ସାହାଯ୍ୟ ବିନା—
3. Without any other's help.
(ଛାଏଁ ଛାଏଁ—ଅନ୍ୟରୂପ) ୪ । କାର୍ଯ୍ୟତଃ; ଫଳତଃ—
4. Spontaneously; automatically.
ପ୍ରାଦେ. (ସମ୍ବଲପୁର) ବି. (ସଂ. ଛାୟା)—ଛାୟା; ଛାଇ—
Shade; shadow.

ଛାଏଁଡ଼—ପ୍ରାଦେ. (ସମ୍ବଲପୁର) ବି.—୧ । ଛାଁଡ଼ (ଦେଖ)
Chhāeṅṛḍ 1. Chhāṛḍa (See)
୨ । ଅନାବୃଷ୍ଟି; ମେଘ ଛାଡ଼ିଯିବା ଅବସ୍ଥା—
2. Want of rain, drought.

ଛାଏଁଣି—ଗ୍ରା. ବି.—୧ । (ସଂ. ଛାଦନ)—ଛାଉଣି (ଦେଖ)
Chhāeṅṇi 1. Chhāuṇi (See)
କାୟା ଯେତେ କର୍ମ କରେ ଛାଏଣି । ପ୍ରାଚୀ· ଗୁରୁଭକ୍ତିଗୀତା ।

ଛାଗ—ସଂ. ବି. ପୁଂ—(ଛିଦ୍ ଧାତୁ; ଛେଦନ କରିବା + କର୍ମ. ଅ; ଯାହାକୁ
Chhāga ଖାଦ୍ୟ ବା ବଳି ପାଇଁ ଛେଦନ କରାଯାଏ)—୧ । ଅଜ;
(ଛାଗୀ—ସ୍ତ୍ରୀ) ଛେଳି—1. Goat; Capra.
ସଂ. ବିଣ. (ଛେଳିଙ୍କର ଅଗମ୍ୟାଗମ୍ୟବିଚାରହୀନ ପ୍ରବୃତ୍ତିରୁ)
ଅଗମ୍ୟାଗମନକାରୀ—Incestuous.

ଛାଗଗୋତ୍ରିକ—ସଂ. ବିଣ. (ଛାଗମାନଙ୍କ ମଧ୍ୟରେ ଅଗମ୍ୟାଗମନ ପରିଦୃଷ୍ଟ
Chhāga-gotrika ହେଉଥିବାରୁ)—ଅଗମ୍ୟାଗମନବିଚାରହୀନ;
(ଛାଗପ୍ରକୃତିକ - ଅନ୍ୟରୂପ) ଛେଳିଗୋତ୍ରିଆ—
Incenstuous; goatish.

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍ୟ	ଉଅ	ଘ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଓ	ନ୍ତ

ଛାଗଣ—ସଂ. ବି. (ଛଗଣ=ଘସି+ସମ୍ବନ୍ଧେ. ଅ)—ଘସିଜଅଁ—
Chhāgaṇa Fire of cowdung cakes; burning cakes of cowdung.
(ଛାଗନ—ଅନ୍ୟରୂପ)

ଛାଗପାଳକ—ସଂ. ବିଣ.—୧ । ଛେଳି ରଖୁଆଳ; ଛେଳି ଜଗୁଆଳ—
Chhāga-pālaka 1. Goat-herd.
(ଛାଗରକ୍ଷକ—ଅନ୍ୟରୂପ) ୨ । ଛେଳି ପୋଷିବା ଯାହାର ଜୀବିକା—
2. One who brings up goats for a living.

ଛାଗବାହନ—ସଂ. ବି. (ବହୁବ୍ରୀହି, ଛାଗ+ବାହନ; ଅଗ୍ନିଙ୍କର ବାହନ ଛାଗ
Chhāga-bāhana ଥିବାରୁ)—ଅଗ୍ନି; ଅଗ୍ନିଦେବ—
The God of Fire.

ଛାଗମୁଖ—ସଂ. ବିଣ. (ବହୁବ୍ରୀହି)—ଛାଗମୁହଁ ପରି ମୁହଁ ଯାହାର—
Chhāga mukha Having a face like the goat.
ସଂ. ବି.—୧ । କାର୍ତ୍ତିକେୟ—1. God Kārttikeya.
[ଦ୍ର—ଏହାଙ୍କର ଷଷ୍ଠ ମୁଖ ଛେଳିର ମୁଖ ପରି ।]
୨ । ଦକ୍ଷ ପ୍ରଜାପତି—2. Daksha Prajāpati, the father-in-law of Mahādeba.
୩ । କାର୍ତ୍ତିକେୟଙ୍କ ଅନୁଚରବିଶେଷ — 3. The goat-faced attendant of Kārttikeya.
୪ । (୬ଷ୍ଠୀ ତତ୍, କର୍ମ୍ମ ମ. ପ: ଲୋ. ଛାଗବତ୍ ମୁଖ)—
କାର୍ତ୍ତିକେୟଙ୍କର ଛାଗବତ୍ ୬ଷ୍ଠ ମୁଖ—
4. The 6th goatlike face of Kārttikeya.

ଛାଗରଥ—ସଂ. ବି. (ବହୁବ୍ରୀହି; ଛାଗ+ରଥ)—ଛାଗବାହନ; ଅଗ୍ନି
Chhāgaratha ଦେବ—The God of fire.

ଛାଗଲ (ଇତ୍ୟାଦି)—ସଂ. ବି. ପୁଂ (ଛାଗ+ସ୍ୱାର୍ଥେ. ଲ)—
Chhāgaḷa (etc) ୧ । ଛାଗ ଇତ୍ୟାଦି (ଦେଖ)
(ଛାଗଲୀ—ସ୍ତ୍ରୀ) 1. Chhāga etc (See)
୨ । କୁଆମଇତା (ହରେକୃଷ୍ଣ. ଦ୍ରବ୍ୟଗୁଣ) (ଦେଖ)
2. Kuāmaitā (See)
୩ । ଛେଳି ଚମଡ଼ାରେ ନିର୍ମିତ ବସ୍ତୁ (ହି. ଶବ୍ଦସାଗର)—
3. Any thing made of goatskin.

ଛାଗଲକ—ସଂ. ବି. ପୁଂ—୧ । ଛାଗଲ (ଦେଖ)
Chhāgaḷaka 1. Chhāgaḷa (See)
(ଛାଗଲକା—ସ୍ତ୍ରୀ) ୨ । ମତ୍ସ୍ୟବିଶେଷ; ଭେକଟାମାଛ—
2. A kind of saltwater fish allied to the sheep headed fish.
[ଦ୍ର—ଏମାନେ ସମୁଦ୍ରରେ ରହନ୍ତି । ବର୍ଷା ସମୟରେ ନଦୀ-ମୁହାଣବାଟେ ମଧୁର ପାଣିକୁ ଉଠି ଆସନ୍ତି ।]

ଛାଗଲାଚ୍ଛି—ସଂ. ବିଣ. ପୁଂ—ଛାଗଗୋତ୍ରିକ (ଦେଖ)
Chhāgaḷāchāri Chhāgagotrika (See)
(ଛାଗାଚ୍ଛି—ଅନ୍ୟରୂପ)

ଛାଗଲାଦି ଘୃତ—ସଂ. ବି—ମେଧାବୃଦ୍ଧିକର; ବାତୁଳତା ରୋଗନାଶକ;
Chhāgaḷādi ghṛuta ଆୟୁର୍ବେଦୋକ୍ତ ଘୃତବିଶେଷ (ନପୁଂସକ
(ଛାଗଲାଦ୍ୟଘୃତ—ଅନ୍ୟରୂପ) ଛେଳି ବା ଅଣ୍ଡିରି ପକ୍ଷରେ ଖାସୀର ମାଂସ ଏ ଘୃତର ପ୍ରଧାନ ଉପକରଣ)—A medicinal ghee prepared under Ayurbedic precepts the chief ingredient of which in the flesh of a hermaphrodite or neutor goat.

ଛାଗଲାନ୍ତ୍ରିକା—ସଂ. ବି. (ଛାଗଲ+ଅନ୍ତ୍ର+ଇକ+ଆ)—ବୃଦ୍ଧଦାରକ
Chhāgaḷāntrikā ଗଛ—A kind of medicinal tree.

ଛାଗଲାସ୍ତ୍ରୀ—ସଂ. ବି. (ଛାଗଲ+ଅସ୍ତ୍ର+ଇନ୍; ୧ମା. ୧ବ.)—ହେଟା;
Chhāgaḷāstrī ଗଧିଆ—A wolf; a hyena.

ଛାଙ୍କ—ଦେ. ବି—୧ । ପ୍ରଚୁର ଘିଅ ବା ତେଲରେ ସନ୍ତୁଳା; ସିନ୍ତୁଳିବା;
Chhāṅka ଭାଜିବା; ପୁଆଇବା, ଜାଆଁ ଉପରେ ବସିଥିବା ପ୍ରଚୁର
छाँक ଘିଅ ବା ତେଲରେ ପିଠା ଆଦି ଛାଣିବା—1. Frying
तलना; छानना any thing in sufficient ghee or oil.
୨ । ପ୍ରଚୁର ଘିଅରେ ବା ତେଲରେ ଭଜା ହୋଇଥିବା ଭଲ ତରକାରି—2. A first class curry prepared by frying the vegetable with ghee or oil.

ଛାଙ୍କାପିଠା—ପ୍ରାଦେ. (ସିଂହଭୂମ) ବି—ଘିଅପିଠା—
Chhāṅkāpiṭhā Pastry cake fried in ghee.

ଛାଙ୍କିବା—ଦେ. କ୍ରି. (ସଂ. ଚ୍ଛଲ ଧାତୁ)—
Chhāṅkibā ୧ । ପରିବା ଆଦିକୁ ପ୍ରଚୁର ଘିଅରେ ଭାଜିବା—
छँका 1. To fry vegetables in boiling ghee.
तलना; छनना ୨ । ବସ୍ତ୍ରାଦିର ଛିଦ୍ରସମୂହଦ୍ୱାରା ତରଳ ପଦାର୍ଥକୁ
ଛଙ୍କାଇବା } ଣିଜନ୍ତ ଛାଣିବା—2. To strain a liquid
ଛଙ୍କେଇବା } through a porous substance; to filter.
୩ । ଚାଲୁଣୀରେ ଚାଳିବା—3. To sift or refine through a sieve.
ଛାଙ୍କି ସୂକ୍ଷ୍ମ କରିବାକୁ ନ୍ୟାୟ ଛାଙ୍କୁଣୀରେ—ଚନ୍ଦ୍ରାମଣି. ବଳମାଧବ୍ୟ ।

ଛାଙ୍କୁଣୀ—ଦେ. ବି. ସ୍ତ୍ରୀ. (ସଂ. ଚ୍ଛଲନୀ)—ଚାଲୁଣୀ—
Chhāṅkuṇī A strainer; a sieve.
छाकनी ଛାଙ୍କି ସୂକ୍ଷ୍ମ କରିବାକୁ ନ୍ୟାୟ ଛାଙ୍କୁଣୀରେ—
चलनी, छलनी ଚନ୍ଦ୍ରାମଣି, ବଳମାଧବ୍ୟ ।

ଛାଚ—ଗ୍ରା. ବିଣ—ଛଞ୍ଚ (ଦେଖ)
Chhācha Chhachā (See)

ଛାଚି—ଦେ. ବି. (ସଂ. ଶ୍ୱେତ ଶର୍କରା; ଏହାର ବର୍ଣ୍ଣ ଶ୍ୱେତ ଥିବାରୁ)—
Chhāchi ୧ । ସାଚ; ନବାତ; କନ୍ଦ—
छाँचि 1. White sugar.
साखा, शक्कर, खाँड़ ୨ । (ସଂ. ଛଦ ଧାତୁ) ଘର ଚାଳର ଓଳ;

ସାଧାରଣ ଲୋକେ ଅପର ଦୃଷ୍ଟାରେ ଚ ଓ ଛ ଅକ୍ଷର ଓ ମାତ୍ରା ଏବଂ ୨ ଛଡ଼ିଛ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଛେଡ଼ିଛ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନର ବିପରୀତ ୨ ବା ୧ ଛେଡ଼ିଛ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲକ୍ତ' ନ ପାଇଲେ 'ଅଲ୍‌କ୍ତ' ଦେଖିବେ

ছাঁচ, ছাএঁচ ଘରର ଚଳଧାର—2. The eaves of a thatch.
বলতী ଗ୍ରା. ବ—ଛାତି—Breast.
ছাঁচি, হা, সাচী ଦେ. ବଣ. (ସଂ. ଶ୍ୱେତ)—ଧଳା; ଶ୍ୱେତ—White.

ଛାଚକୋରା—ଦେ. ବ—କୋରା ନଡ଼ିଆ ଓ ନବାତରେ ତିଆରି ମିଷ୍ଟାନ୍ନ; Chhāchikorā ସାଚ କୋରା—A sweatmeat prepared from minced cocoanut and white sugar.

ଛାଚଖଇ—ଦେ. ବ—ଚିନି ପାଗରେ ପ୍ରସ୍ତୁତ ହୋଇଥିବା ଭୃଷୁଡ଼ା—Chhāchikhai. Fried paddy seasoned with white sugar syrup.

ଛାଚତଳ—ଦେ. ବ—ଓଳି ତଳ; ଘରର ପ୍ରାନ୍ତ ଭାଗର ନିମ୍ନସ୍ଥ ଭୂମି—Chhāchitala The ground below the eaves of a thatch.
ছাঁচতলা
বলতী

ଛାଚ ଧଡ଼ିଆ—ଦେ. ବଣ—ଶୁକ୍ଳ ପାଟ ଧଡ଼ିବିଶିଷ୍ଟ ଲୁଗା—Chhāchi dhardiā (cloth) Having a white silken border.

ଛାଚଧଡ଼ି—ଦେ. ବ—ଧଳା ଲୁଗାରେ ଥିବା ଧଳା ରେଶମ ଧଡ଼ି—Chhāchidhardi White silken border of a white cloth.

ଛାଚପାନ—ଦେ. ବ—୧ । ଏକ ପ୍ରକାର ସୁଗନ୍ଧ ପାନ; ସାଚପାନ—Chhāchipāna 1. A kind of sweet scented betel leaf.
ছাঁচিপান
সাঁচীপান ୨ । ଉତ୍କୃଷ୍ଟ ପାନ, ଯେଉଁ ପୁରୁଣା ପାନ ପାଚି କରି ଶେତାଭ ହୋଇ ଥାଏ—2. Matured betel-leaf which has become bleached.

ଛାଚୁଣି—ପ୍ରାଦେ. (ମେଦିନୀପୁର) ବ—ଛାଞ୍ଚୁଣି; ଝାଡ଼ୁ—Chhāchuni Broom-stick.

ଛାଞ୍ଚ—ଦେ. ବ. (ସଂ. ସଞ୍ଚ, ଏକତ୍ରୀକରଣ କର୍ମ୍ମ ସଂ. ଚ୍ୟ—ଆଦର୍ଶ; ସଂ. ନାମ. ସଂ. ଛାନ ଯୋଗେଶ୍ଚନ୍ଦ୍ର)—
Chhāncha
ছাঁইচ,ছাঁচ ୧ । ପ୍ରତିମା ଆଦି ତିଆରି କରିବା ନିମନ୍ତେ ଅଭିଟା ଧାତୁକୁ ଢାଳିବାର ନିର୍ଦ୍ଦିଷ୍ଟ ଆକାରର ପାତ୍ର—
সাঁচা
1. A casting mould; mould; cast.

ବିଶ୍ୱକାନ୍ତ ସାର ବୋଲି ଅବାମାର ଢାଳିଅଛି ପ୍ରେମ ଛାଞ୍ଚେ ।
ରାଧାନାଥ. ଯଯାତି ।

୨ । କାଠ, ମାଟି ଓ ମହଣ ଆଦିରେ ନିର୍ମିତ ଆଦର୍ଶ—2. Type; model.

୩ । (ସଂ. ସଞ୍ଚ) ଅଲେଖା ତାଳ ପତ୍ର ପୋଥି; ପୋଥି ଲେଖା ହେବା ପାଇଁ କଟା ହୋଇ ସଜ୍ଜିତ ହୋଇଥିବା ତାଳପତ୍ରସମୂ-3. Blank palm-leaves strung together and intended to be written upon unwritten palm-leaves made into one size and attached together (in which books are to be written).

୪ । ତଳେ ନାନାବିଧ ଚିତ୍ରବିଶିଷ୍ଟ ଛିଦ୍ର ଥିବା ମୁରୁଜର ଛାପା ବସାଇବାର ପାତ୍ର (ଏହା ତାଳ ପତ୍ରରେ ବା ମାଟିରେ ନିର୍ମିତ ହୁଏ)—4. A frame with its buttom perforated to represent various figures, through which white powders fall on the ground and describe various figures, when the frame is stamped or drawn on the ground.

୫ । ଇଟା ତିଆରି କରିବା ପାଇଁ ବ୍ୟବହୃତ ବାକ୍ସ ବା ଫର୍ମା—5. Brick-mould.

ପ୍ରାଦେ. (ସିଂହଭୂମ) ବ—ଘରର ଓଳି—The eaves of a thatch.

ଗ୍ରା. ବ—ଠାପରା, ଥଟ୍ଟା—Jesting.

ଛାଞ୍ଚି (ଇତ୍ୟାଦି)—ଦେ. ବ. (ସଂ. ଛଦ ଧାତୁ)—
Chhānchi (etc) ୧ । ଛାଚି ଇତ୍ୟାଦି (ଦେଖ)
1. Chhāchi etc (See)
୨ । ଛାଞ୍ଚ ୩ (ଦେଖ)
2. Chhāncha 3 (See)
ବଣ—ଛାଚି ଇତ୍ୟାଦି (ଦେଖ)
Chhāchi etc (See)

ଛାଞ୍ଚିକଖାରୁ—ପ୍ରାଦେ. (ସିଂହଭୂମ) ବ. (ଭୁଲ ବ. ଛାଗିକୁମଡ଼ା; ହି. ସାଁଗୀକୁମଡ଼ା)—ପାଣିକଖାରୁ (ଦେଖ)
Chhānchi kakhāru
Pānikakhāru (See)

ଛାଞ୍ଚିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ତକ୍ଷଣ)—ଗୁଞ୍ଚିବା; ଚାଞ୍ଛିବା—Chhānchibā To scrape off.

ଛାଞ୍ଚୁଆ—ଦେ. ବ—ଯେଉଁମାନେ ଛାଞ୍ଚ ବା ଫର୍ମାରେ କାଦୁଅ ପକାଇ ଇଟା ତିଆରି କରନ୍ତି—Brick-layers.
Chhānchuā
ছাঁচুয়া
সাচিয়া

ଛାଞ୍ଚୁଣି—ଦେ. ବ. (ସଂ. ସମ୍ମାର୍ଜନୀ)—କୋମଳ ସମ୍ମାର୍ଜନୀ ବା ଝାଡ଼ୁ—Chhānchuni A soft mop or broom.
ঝাঁটা; খেঙ্গ্রা
সোঁহনী

ସେ ରୂପେ ଛାଞ୍ଚୁଣି ପହରୁ ଭୁଲ ଯେତେ ।
କୃଷ୍ଣସିଂହ. ମହାଭାରତ ସଭା ।

ଛାଟ—ଦେ. ବ. (ସଂ. କ୍ଷିପ୍ତ; ପ୍ରା. ଛିତ୍ତ; ସଂ. ଛଟା)—
Chhāta ୧ । ପବନ ଯୋଗୁଁ ବର୍ଷା ଜଳ ତିର୍ଯ୍ୟକ୍ଭାବରେ ପଡ଼ିବା; ବାୟୁଚାଳିତ ବୃଷ୍ଟିଧାର—1. Slanting rain (due to wind).
ছাট; ছাইট
ক্রিয়া
ছাট
ছাড়; ক্রিটকুনী

ଘରବାଡ଼ ପାଣି ଛାଟରେ ଜର୍ଦ୍ଦି ପଡ଼ିଅଛି ।
ରାଧାନାଥ, ଚନ୍ଦ୍ରଭାଗା ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଯ୍	ଉଅ	ଢ
୨	ଈ	ଊ	ଋୁ	ଌୁ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍	ଙ୍ଗ୍ୟ	ଇଅ	ଢ଼	ନ୍

୨ । ଛୋଟ ସରୁ ଯଷ୍ଟି—
2. Slender stick; switch rod.

ମୋ ଭୁଜେ ଧିନା ଥିଲେ ମାଟ
ଛେବେ ତ ମୋତେ ଛାଟ ପିଟ । ଜଗନ୍ନାଥ. ଭାଗବତ ।

୩ । ଚାବୁକ—3. Whip.

୪ । ଛାତ୍ରମାନଙ୍କୁ ଅବଧାନମାନେ ଯେଉଁ ସରୁଯଷ୍ଟିରେ ତାଡ଼ନ କରନ୍ତି—4. A staff used by teachers for caning pupils.

ଛାଟକୁରେ କାରୁ ଭୟ ନ କର
ଛନ୍ଦକୁ ହୋଇ ବିଦ୍ୟା ପଢ଼ିବାର—ବଳରାମଦାସ ।

୫ । ଚାବୁକ ବା ଛାଟଦ୍ୱାରା ପ୍ରହାର—
5. Whipping; a stroke with the whip.

ସେ ରଥେ ଘୋଡ଼ାଙ୍କ ଦେହରେ ଯାଇଁ ଛାଟ
ବାଜନ୍ତେ ଧାଇଁଲେ ସେ ତେଜ ଯୁଦ୍ଧବାଟ । କୃଷ୍ଣସିଂହ. ମହାଭାରତ. ବନ ।

୬ । ପଶୁତାଡ଼ନ ଯଷ୍ଟି—
6. A staff for driving cattle.

ছাঁটা ୭ । (ସ. ଛେଦନ) ଛାଞ୍ଚ; ଛଟା; ଭଙ୍ଗି; ପ୍ରକାର—
छाँटा 7. Mode.

୮ । ବାତରୋଗ ପ୍ରଭାବରୁ ଛାଟ ହୋଇ ମନୁଷ୍ୟ ଭୂମିରେ ପଡ଼ିଯିବା; ଅହାର ଛାଟ—8. A sudden fall on the ground on account of a fit.

ଛାଟ ଛୁଟାଇବା—ଦେ. କ୍ରି—୧ । ଛାଟଦ୍ୱାରା ପ୍ରହାର କରିବା—
Chhāṭa chhuṭāibā 1. To thrash with a cane.
(ଛାଟ ଛଟେଇବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ବାଧାଦେବା; ବନ୍ଦ କରିବା—2. To put a stop to.

ଯେ ତୁମ୍ଭ ଦରଶନ ତତ୍ପରଃ
ତା ସ୍ୱର୍ଗ ମୁକ୍ତିରେ ଛୁଟାଇଲ ଛାଟ । ଭକ୍ତଚରିତ—କବିତା ।

ଛାଟଣା—ଦେ. ବି—୧ । ହଠାତ୍ ଝିଙ୍କି ଦେବାର ଆଘାତ—
Chhāṭaṇā 1. Jerk.
ছিটকান ୨ । ଛାଟଣି (ଦେଖ)
झिटकना 2. Chhāṭaṇi (See)
୩ । ଗୋରୁଙ୍କର ଚଟୁଆ ଫୁଲା ରୋଗ—
3. Black quarter (of cattle).

ଛାଟଣି—ଦେ. ବି.—୧ । ଛାଟ (ଦେଖ)
Chhāṭaṇi 1. Chhāṭa (See)
ছাট, সাট ୨ । 'ଝ' ଓ 'ଞ' ଅକ୍ଷରମାନଙ୍କ ମାତ୍ରାସ୍ଥାପକ ଓ ବ୍ୟଞ୍ଜନ
झिटक्नी ବର୍ଣ୍ଣର ମୁଣ୍ଡ ଉପରେ ଥିବା ଅଂଶ 'ଟି' 'ଗି' ଏହି ଚିହ୍ନ—
(ଛାଟଣି—ଅନ୍ୟରୂପ) 2. The whiplike portion of the 'ଝ' and 'ଞ'.
୩ । ଛାଟ ୩ (ଦେଖ)
3. Chhāṭa 3 (See)

ଅଶ୍ୱଙ୍କୁ ସାରଥି କଲେ ଛାଟଣି ପ୍ରହାର । ଜଗନ୍ନାଥ ।

ଛାଟଦେବା—ଦେ. କ୍ରି.—ସରୁ ଯଷ୍ଟି ଦ୍ୱାରା ପ୍ରହାର କରିବା—
Chhāṭa debā To whip with a slender twig or cane.
ছাটমারা
(ଛାଟ ପକାଇବା; ଛାଟ ମାରିବା—ଅନ୍ୟରୂପ)

ଛାଟ ମାରିବା—ଦେ. କ୍ରି.—୧ । ସରୁ ଯଷ୍ଟି ଦ୍ୱାରା ପ୍ରହାର କରିବା—
Chhāṭa māribā 1. To whip with a slender twig or cane.
୨ । ପବନ ପ୍ରଭାବରୁ ବର୍ଷାଜଳ ତିର୍ଯ୍ୟକ୍‌ଭାବରେ ଘର ବା ପିଣ୍ଡା ମଧ୍ୟକୁ ବରଷିବା—2. To rain slantingly or obliquely (due to wind).
ଦେ. ଅ.—ଅହାର ଛାଟ ମାରିବା; ଅପସ୍ମାର ରୋଗ ଆକ୍ରମଣ କରିବା—Being attacked with a fit of epipepsy.

ଛାଟି—ପ୍ରାଦେ. (ସମ୍ବଲପୁର) ବି.—୧ । ବଡ଼ ଦଉଡ଼ି—
Chhāṭi 1. Big or thick rope.
୨ । କୂଅରୁ ପାଣି କାଢ଼ିବା ଦଉଡ଼ି—2. A rope used in drawing water from wells.

ଛାଟିଆ—ଦେ. ବି.—୧ । ଚୌକିଆ; ପାଇକ (ଏମାନେ ପହରା ଦେବା
Chhāṭiā ପାଇଁ ହାତରେ ବେତ ଧରି ଥିବାରୁ)—1. A watchman (who holds a stick.

କେ ବୋଇଲେ କାମ ବା ଛାଟିଆ ହୋଇଛି ।
ଲୋକୁଲେ ରେମାଳୀ ମର୍କଟ ଛାଟ ଅଛି—କୃଷ୍ଣସିଂହ. ମହାଭାରତ. ବନ ।

୨ । ଗ୍ରାମ ଚୌକିଦାର—2. Village-watchman.

ଗାଁ ଛାଟିଆ ସଭିଅ କେବା ଫାଣ୍ଡିକୁ ଏତଲା ଦେବାକୁ ଧାଇଁଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୩ । ବେତ୍ରଧାରୀ ଶାନ୍ତିରକ୍ଷକ—3. A peon who maintains peace in a crowd by holding a stick.
୪ । ଅତି ଛୋଟ ଯଷ୍ଟି (ଛାଟ ଠାରୁ ସାନ)—
4. A very small whip.
ଦେ. ବିଣ.—ଯେ ଛାଟ ଧରି ଥାଏ—
One who holds a whip.

ଛାଟିପିଟି—ଦେ. ବିଣ.—ଛନ୍ନଛତ୍ର; ଅସ୍ତବ୍ୟସ୍ତ; ଛତ୍ରଭଙ୍ଗ—
Chhāṭipiṭi Scattered; confused; pellmell.

ହଂସମାନେ ତା ଦେଖି ଭୟେ ତେଣା ପିଟି,
ପଳାଇଲେ ଘର ଆଡ଼କୁ ଛାଟିପିଟି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଦେ. କ୍ରି. ବିଣ.—ଇତସ୍ତତଃ—
Pell-mell; in a confused manner.

ଛାଟିପିଟି ପଳାଇବା—ଦେ. କ୍ରି.—୧ । ଭୟରେ ଛନ୍ନଛତ୍ର ହୋଇ
Chhāṭipiṭi palāibā ବାହାରି ଯିବା—1. To run away
(ଛାଟ ପିଟ ହୋଇ ପଳାଇବା—ଅନ୍ୟରୂପ) pell-mell in fright.

ଅଗ୍ରମ ସଙ୍ଗ ଛାଟ ପିଟ ପଳାଇଲେ—କୃଷ୍ଣସିଂହ. ମହାଭାରତ. ଆଦି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍‌କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍‌କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୂକ' ନ ପାଇଲେ 'ବନ୍ଧୁକ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ ।

୨ । ଅତି ଶୀଘ୍ର କୌଣସି ସ୍ଥାନ ତ୍ୟାଗ କରିବା—
2. To leave a place in hot haste.

ଛାଟିପିଟି ହେବା—ଦେ. କ୍ରି.—୧ । କଷ୍ଟର ଆଧିକ୍ୟ ଯୋଗୁଁ ଭୂମିରେ
Chhāṭipiṭi hebā ହାତ ଗୋଡ଼ ଇତସ୍ତତଃ କଚାଡ଼ିବା—
1. To struggle violently on the ground with the arms and legs.

୨ । ଛନ୍ନ ଛତ୍ର ହେବା; ଅସ୍ତବ୍ୟସ୍ତ ହେବା—
2. To be routed, to become confused.
(ଯଥା—ସେମାନେ ଛାଟିପିଟି ହୋଇ ପଳାଇଲେ ।)

ଛାଟିବା—ଦେ. କ୍ରି.—(ସଂ. କ୍ଷିପ୍, ପ୍ରା. ଛତ୍ତ)—୧ । ଅଙ୍ଗାଦି ବିକ୍ଷେପ
Chhāṭibā କରିବା—1. To throw about one's limbs.
ছিটকা ୨ । ଛାଟିଆଡ଼ି ଦେବା; ନିକ୍ଷେପ କରିବା—
छिड़कना 2. To throw with a jerk.
(ଛଟାଇବା—ଣିଜନ୍ତ)

୩ । କାଦୁଅ ଭୂମିରେ ଶସ୍ୟ-ବୀଜ (ବିହନ) ଆଦି ବଳପୂର୍ବକ ବୁଣିବା—3. To jerk out seeds into a muddy field.

୪ । ବଳପୂର୍ବକ ଝିଙ୍କିବା—
4. To snatch away with a jerk.

ଖଣ୍ଡେ କାଷ୍ଠ ନେଇ ମାଜଣକ ଭଙ୍ଗ୍ୟ
ଖଣ୍ଡେ ଛାଟିନେଲା ବଙ୍ଗ । ଉଦ୍ଭବ. ଗୀତଲହରୀ ।

୫ । ବନଶୀ ବା ଦଉଡ଼ି ଆଦି ଦ୍ୱାରା ମାଛ ଆଦିଙ୍କୁ ଉପରକୁ ଝିଙ୍କି ଆଣିବା—5. To bring up with a jerk.

କଣ୍ଟୋରଙ୍କର ମନ ମୀନକୁ ଏ ବଦନ-ମିଷ ବଡ଼ୀଶ ଛାଟି ଘଟିଲା ରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୬ । (କାନ୍ଥରେ ମାଟି) ଲେସିବା; ତିର୍ଯ୍ୟକ୍ ଭାବରେ କୌଣସି
झोंपना ବସ୍ତୁକୁ (ଯଥା—କାଦୁଅ ବା ଗୋବର) ଅନ୍ୟ ବସ୍ତୁର (ଯଥା—କାନ୍ଥର) ଦେହକୁ ଫୋପାଡ଼ିବା—
6. To throw mud etc obliquely.

ছাঁটা ୭ । (ସଂ. ଛେଦନ; ଖଣ୍ଡନ) (ଗଛର ଡାଳକୁ) ଅଗ ଆଡ଼
झाँटना ସମାନ କରି କାଟିବା—
7. To prune (the branches of a tree).

୮ । ମୁଣ୍ଡର ବାଳ କଟୁରିବା; ଛାଣିବା—
8. To crop (the hair).

ଛାଟି ହୋଇ ପଡ଼ିବା—ଦେ. କ୍ରି—ଜୋର ସହିତ ବୁଲାଇ ହୋଇ କଚାଡ଼ି
Chhāṭi hoi paṛḍibā ହୋଇ ପଡ଼ିବା—To be thrown
ছিটকেপড়েযাওয়া down or hurled to the
छिटककरगिरना ground with a jerk.

ଛାଟେ—ଦେ. ବି—୧ । ଖଣ୍ଡିଏ ଛାଟ ବା ବେତ—
Chhāṭe 1. A piece of whip.
(ଛାଟେକ—ଅନ୍ୟରୂପ) ୨ । ଛାଟରେ ଏକ ଥର ମାତ୍ର ପ୍ରହାର—
2. A cut with a whip.

ଗୁଡ଼ ଓଡ଼ାଙ୍କ ଧରିବାର ବେଳେ
ଓଡ଼ାଏ ଛାଟେ ପିଟି ଦେଲେ ଚଳେ । ଲୀଳାବତୀ. ସ୍ୱ.ଚ ।

ଛାଟେଇ—ଦେ. ବି—ଓଡ଼ିଶାର ଚଷା (ଶୂଦ୍ର) ମାନଙ୍କର ବଂଶୋପାଧି-
Chhāṭei ବିଶେଷ—A family-title amongst Oriya
(ଛାଟୋଇ—ଅନ୍ୟରୂପ) cultivator.

ଛାଟେଣି—ଦେ. ବି—୧ । ହାତ ମୋଜା; ଦସ୍ତାନା; ହସ୍ତାବରଣ—
Chhāṭeṇi 1. Gloves.

ଛାଟେଣିକୁ ବେନି କରରେ ବାନ୍ଧିଲେ—କୃଷ୍ଣସିଂହ, ମହାଭାରତ ।

୨ । ଛୋଟ ଛାଟ ବା ଶୃଙ୍ଖଳ—
2. Whip or small stick.

୩ । ଦୂରକୁ ଢେଲା ବା ବାଟୁଳି ଫୋପାଡ଼ିବା ନିମନ୍ତେ ବ୍ୟବହୃତ ଦଉଡ଼ି; ଛାଟକଣି—3. Slings; a string with which pellets are hurled to a long distance.

୪ । ଏକପ୍ରକାର ସରୁ ଓ ଲମ୍ବ କଳା ସାପ; ପାଣିଛଟା—
4. A species of slender and long serpent.

[ଦ୍ର—ଏଜାତୀୟ ସାପମାନେ ଜୟପୁରର ନବରଙ୍ଗପୁର ନିକଟ ଇନ୍ଦ୍ରାବତୀ ନଦୀ ଓ କଳାହାଣ୍ଡିର ଓଲକଣା କୂଳରେ ବାସ କରି ରହନ୍ତି । ଏମାନେ ଲମ୍ବରେ ୩୦।୪୦ ହାତ ପର୍ଯ୍ୟନ୍ତ ବଢ଼ନ୍ତି ଓ ଅଙ୍ଗୁଠିପରି ସରୁ ହୁଅନ୍ତି । ୧୦।୧୨ ହାତ ଦୂରରୁ ଗୋରୁ ଓ ମନୁଷ୍ୟଙ୍କୁ ଲାଙ୍ଗୁଡ଼ ଛାଟି, ଝିଙ୍କିଆଣି ସେମାନଙ୍କ ନାକୁଡ଼ିରେ ୨ଟି ଶିଙ୍ଘ ପୂରାଇ ପଶି ମସ୍ତିଷ୍କରୁ ଦହି ଖାଇଯାଆନ୍ତି । ଏମାନଙ୍କ ମୁଣ୍ଡ କାଣିକଉଡ଼ି ପରି । ଏମାନେ ଜୀବଙ୍କୁ ପାଣିରେ ବୁଡ଼ାଇ ମାରନ୍ତି ।]

ଛାଡ଼—ଦେ. ବି. (ଋ ଧାତୁ, ଣିଚ୍=ସାର ଧାତୁରୁ ସାରଣ=ଦୂରୀକରଣ,
Chhāṛḍa ସଂ. ଛୋରଣ=ପରିତ୍ୟାଗ, ହି. ଶବ୍ଦସାଗର*)—
ছাড়, ছড়া, ছাড়ন ୧ । ବିଚ୍ଛେଦ—1. Separation.
छोड़ना ୨ । ବର୍ଜନ; ତ୍ୟାଗ—
2. Giving up; relinquishment.
୩ । ଦୂରୀକରଣ—3. Abandonment.
୪ । ଖଲାସ; ମୁକ୍ତି—4. Release.
୫ । ଦେୟ ଆଦି ଦେବା ଦାୟିତ୍ୱରୁ ମୁକ୍ତି; ରିହାଇ, ମାଫ—
5. Remission.
୬ । ଆଦେଶପତ୍ର—6. Letter of authority;license.
୭ । ଜ୍ୱର ଆଦି ଦେହରୁ ଛାଡ଼ିଯିବା—
7. Remisson of a fever.
୮ । ମୁକ୍ତି ଦେବାର ପତ୍ର; ପାଉଣା ଆଦି ଦାୟିତ୍ୱ ସମ୍ବନ୍ଧୀୟ ମୁକ୍ତିପତ୍ର; ଫାରକତ—8. Letter of remission or release; deed of full satisfaction.
୯ । ଛାଡ଼ ଚିଠି—9. A pass for the free passage of an article.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଂସ୍ତ	ଓଅ	ଔ
୨	ଈ	ଊ	ଋୁ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଋ	ନ୍ତ

୧୦ । କୌଣସି ବ୍ୟକ୍ତିକୁ କୌଣସି ରାଜ୍ୟର ସୀମା ଟପିବା ବା ଅନ୍ୟ ରାଜ୍ୟରେ ବିଚରଣ କରିବା ନିମନ୍ତେ ଦିଆଯିବା ଅନୁମତିପତ୍ର—10. Pass port.

୧୧ । ଭଟ୍ଟା; ପଡ଼ିଆ ଜୁଆର—11. Ebb-tide

୧୨ । ବିରତି; ବିରାମ—12. Cessation; stoppage.

୧୩ । ବିଶ୍ରାମ; ଫୁରୁସତ୍—13. Rest; respite.

୧୪ । ଅନ୍ତରାଳ; ବ୍ୟବଧାନ—14. Interval; space between two things.

୧୫ । କାର୍ଯ୍ୟ ବନ୍ଦ—15. Cessation of work.

୧୬ । ତାଲିକା ଆଦିରେ ଅନ୍ତର୍ଭୁକ୍ତ ନ ହେବା—16. Omission from a list.

(ଯଥା—ତାଙ୍କ ନାମ ତାଲିକାରୁ ଛାଡ଼ ହେଲା ।)

ଛାଡ଼ଖାଇ—ଦେ. ବି—କାର୍ତ୍ତିକ ପୂର୍ଣ୍ଣିମାର ପର ଦିବସ—The day
Chhārḍakhāi after the full-moon of Kārttika.
[ଦ୍ର—ହବିଷ୍ୟାଳିମାନେ କାର୍ତ୍ତିକମାସଯାକ ବ୍ରତ କରୁଥିବା ଯୋଗୁଁ ଯେଉଁ ଯେଉଁ ଖାଦ୍ୟ ଛାଡ଼ିଥାଆନ୍ତି, ତାହା 'ଛାଡ଼ଖାଇ' ଦିନ ଖାଆନ୍ତି ।]

ଛାଡ଼ଖାଇ ବାଡ଼ି—ଦେ. ବି—କାର୍ତ୍ତିକ ଶେଷରେ ହେବା ହଇଜା;
Chhārḍakhāi bārḍi ଅସମୟରେ ହେବା ହଇଜା—Cholera breaking out untimely.

ଛାଡ଼ଚଠି—ଦେ. ବି—୧ । ଯେଉଁ ରାଜକୀୟ ଆଦେଶପତ୍ର ଦେଖାଇଲେ
Chhārḍāchithi ପ୍ରହରୀମାନେ ନିର୍ଦ୍ଦିଷ୍ଟ ସୀମାର ବାହାରକୁ ମନୁଷ୍ୟ
ছাড়চিঠি ବା କୌଣସି କରିକ ପଦାର୍ଥକୁ (ଯଥା—ଲୁଣ, ଅବକାରୀ
छाड़चिट्ठी ଜିନିଷ ଇତ୍ୟାଦି) ନେବାକୁ ବାଧା ଦିଅନ୍ତି ନାହିଁ—1 A pass; pass-port.

୨ । ରାଜାଙ୍କ ଅଟକ ଜଙ୍ଗଲରୁ କାଠ ଆଦି ଅବାଧରେ ଆଣିବା ପାଇଁ ଲୋକଙ୍କୁ ଦିଆଯିବା ଆଦେଶପତ୍ର—2. A pass or license given to a person to bring wood from reserved forests; a permit.

ଛାଡ଼ ଜଙ୍ଗଲ—ପ୍ରାଦେ. (ଗଡ଼ଜାତ) ବି—ଯେଉଁ ସରକାରୀ ବା ରାଜକୀୟ
Chhārḍa jangala ଜଙ୍ଗଲରୁ କାଠ ଆଦି ଆଣିବାକୁ ପ୍ରଜାମାନଙ୍କୁ
(ଅଟକ ଜଙ୍ଗଲ—ବିପରୀତ) ଅନୁମତି ଆଣିବାକୁ ପଡ଼େ ନାହିଁ—The Government or state forest from which the subjects are free to bring wood.

ଛାଡ଼ଟକ—ବିଦେ. ବି—ଘୋଡ଼ାର ଏକାବେଳକେ ଚାରି ଗୋଡ଼ରେ
Chhārḍataka ଦଉଡ଼ିବା—Running of a horse on all
सरपट fours; gallop.

ଛାଡ଼ପଡ଼ିବା—ଦେ. କ୍ରି.—ବାଦ୍ ଯିବା—
Chhārḍa parḍibā To be remitted.

ଛାଡ଼ପତ୍ର—ଦେ. ବି. (ସଂ. ବିସର୍ଜନ+ପତ୍ର)—
Chhārḍapatra ୧ । ସ୍ୱାମୀ ସ୍ତ୍ରୀକୁ ପରିତ୍ୟାଗ କରି ବିବାହ ବନ୍ଧନକୁ
ছাড়পত্র ଛେଦନ କରିବାର ସମ୍ବନ୍ଧସୂଚକ ପତ୍ର—
तलाकनामा; छाड़चिट्ठि 1. A husband's deed of divorce
(ଛାଡ଼ପତ୍ର—ଅନ୍ୟରୂପ) given to a discarded wife.

୨ । କୌଣସି ବ୍ୟକ୍ତି ବା ବସ୍ତୁକୁ ବାହାରେ ପ୍ରହରୀ ଅଟକାଇ ନ ରଖି ଛାଡ଼ି ଦେବାର ରାଜକୀୟ ଆଦେଶପତ୍ର—2. A pass; pass-port.

୩ । କୌଣସି ସମ୍ପତ୍ତିରୁ ଦାବୀ ଓ ସ୍ୱତ୍ୱ ପରିତ୍ୟାଗସୂଚକ ଦଲିଲ୍—3. Deed of relinquishment or release.

୪ । ସମସ୍ତ ଦେୟ ପରିଶୋଧ ହୋଇଥିବାର ନିଦର୍ଶନପତ୍ର ବା ରସିଦ—4. A receipt of full satisfaction; a receipt in full.

ଛାଡ଼ବଡ଼—ଦେ. ବି. (ସହଚର)—୧ । ଖଜଣା ଆଦିର ମାଫ୍—
Chhārḍabarḍa 1. Remission.

୨ । ବିସର୍ଜନ—2. Relinquishment (Howells).

ଛାଡ଼ବାଡ଼—ଦେ. ବି. (ସହଚର ଶବ୍ଦ, ଧ୍ୱନ୍ୟନୁକାରୀ ନିରର୍ଥକ ଦ୍ୱିତୀୟ
Chhārḍabārḍa ପଦ)—୧ । ଛଡ଼ାଛଡ଼ି; ପରସ୍ପରଙ୍କ ମଧ୍ୟରେ
(ଛାଡ଼ମାଡ଼—ଅନ୍ୟରୂପ) ବିଚ୍ଛେଦ—1. Mutual separation.

ଦୁଇ ଜଣଙ୍କର ନିମିଷେ ଛଡ଼ବାଡ଼ ଆଏ ନାହିଁ ।
ଫକୀରମୋହନ. ଛମାଣଅଠଗୁଣ୍ଠ ।

୨ । ପରସ୍ପର ମଧ୍ୟରେ ସମ୍ପର୍କରାହିତ୍ୟ—2. Cessation of mutual connection or intercourse.

(ଯଥା—ତାର ଆମର ଆଜକୁ କୋଡ଼ିଏ ବର୍ଷ ହେଲା ଖିଅ-ପିଅ, କରିତ୍ୟପତ୍ର, ତାକରାହକରାରେ ଛାଡ଼ବାଡ଼ ହୋଇ ଗଲାଣି ।)

ଦେ. ବିଣ—ପରସ୍ପରଠାରୁ ପୃଥକ୍ ବା ବିଚ୍ଛିନ୍ନ—Separated from each other.

ଛାଡ଼ଯିବା—ଦେ. କ୍ରି—(ଅକର୍ମକ) ପରିତ୍ୟକ୍ତ ହେବା—
Chhārḍajibā To be given up.
(ଛାଡ଼ ହେବା—ଅନ୍ୟରୂପ) (ଯଥା—ଏବେ ସେ ଦୁଃଖ ପାଇ ଗଲେଣି କିନ୍ତୁ ବାପାଙ୍କ ଅମଳର ଢଙ୍ଗଢାଙ୍ଗ ଛାଡ଼ ଯାଇ ନାହିଁ ।)

ଛାଡ଼ି—ଦେ. ଅ. (ଛାଡ଼ିବା କ୍ରିୟାର ଅସମାପିକାରୂପ ଅବ୍ୟୟରୂପେ ବ୍ୟବହୃତ)
Chhārḍi ଛଡ଼ା; ବ୍ୟତୀତ—Except.
ছেড়ে
छोड़कर

ଛାଡ଼ି ଅସିବା—ଦେ. କ୍ରି—୧ । କୌଣସି ବସ୍ତୁ ବା ବ୍ୟକ୍ତିକୁ କୌଣସି
Chhārḍi āsibā ସ୍ଥାନରେ ଭୁଲ କ୍ରମେ ପକାଇ ଦେଇ
ছেড়েআসা (ଭୁଲ ଅସିବା)—1. To come away
छोड़आना by leaving a person or thing some where by oversight.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ।

୨। କୌଣସି ସ୍ଥାନକୁ ଆସୁଥିବା କୌଣସି ବ୍ୟକ୍ତି ସଙ୍ଗେ ସହଚର ରୂପେ ଆସିବା—2. To accompany a person coming to some place.

(ଯଥା—ଭାଇ ଭଉଣୀଙ୍କୁ ଶଶୁରଘରକୁ ଛାଡ଼ି ଆସିଥିଲା।)

୩। ବାଟରେ କୌଣସି ସ୍ଥାନ ବା ବସ୍ତୁକୁ ଅତିକ୍ରମ କରି ଚାଲି ଆସିବା—3. To come by leaving some place on the road.

(ଯଥା—ଆମେ ୩ କୋଶ ହେଲା ଭୁବନେଶ୍ୱର ମନ୍ଦିର ଛାଡ଼ି ଆସିଲେଣି।)

ଛାଡ଼ିକରି—ଦେ. ଅ—୧। ଅନର୍ଗଳ ଭାବରେ; ପର୍ଯ୍ୟାପ୍ତ ପରିମାଣରେ—
Chhār̤ikari 1. Abandontly.

ଏ ଅଞ୍ଚଳରେ ତିନି ଚାରି ଦିନ ହେଲା ମେଘ ଝପର ଝପର ଲଗେଇଛି କିନ୍ତୁ ବର୍ଷା ଛାଡ଼ି କରି ହେଉ ନାହିଁ। ଗଡ଼ଜାତବାସିନୀ ୨୨।୭।୨୯।

୨। କୋଷ୍ଠବଦ୍ଧ ନ ହୋଇ ତରଳ ଭାବରେ (ଝାଡ଼ା ହେବା)—
2. (passing of stools) Copiously.

(ଯଥା—କୋଷ୍ଠ କାଠିନ୍ୟ ମୋର ଗୋଟିଏ ପ୍ରଧାନ ରୋଗ, ଜୁଲାପ ନ ଖାଇଲେ ମୋର ଛାଡ଼ି କରି ପୋଖରୀ ହୁଏ ନାହିଁ।)

୩। ଛାଡ଼ି (ଦେଖ)
3. Chhār̤i (See)

ଛାଡ଼ିଛାଡ଼ି—ଦେ. କ୍ରି. ବିଣ—୧। ମଝିରେ କିଛି କିଛି ସମୟ ବ୍ୟବଧାନ ଥାଇ—1. With intermission; at short intervals.
Chhār̤ichhār̤i
ছেড়ে ছেড়ে
छोड़छोड़कर

(ଯଥା—ଆଜି ଦିନଯାକ ଛାଡ଼ି ଛାଡ଼ି ବର୍ଷା ହେଉଛି।)

୨। ଛାଡ଼ିକରି ୨ (ଦେଖ)
2. Chhār̤ikari 2 (See)

(ଯଥା—ଆଜି ଦିନକଯାକ ଛାଡ଼ି ଛାଡ଼ି ବର୍ଷା ହେଉଛି।)

ଛାଡ଼ିଛାଡ଼ି ଯିବା—ଦେ. କ୍ରି—୧। କ୍ରମଶଃ ଅଦୃଶ୍ୟ ହେବା—
Chhār̤ichhār̤i jibā 1. To begin to disapper.
ছেড়ে ছেড়ে যাওয়া

(ଯଥା—ଗ୍ରହଣ ଚନ୍ଦ୍ରଙ୍କଠାରୁ ଛାଡ଼ି ଛାଡ଼ି ଯାଉଛି।)

୨। କୌଣସି ପଦାର୍ଥରୁ ରଙ୍ଗ ବା ଆଚ୍ଛାଦନ ବା ଛାଲି ସ୍ଥାନେ ସ୍ଥାନେ ଉଠିଯିବା—
2. To scale of; to fade gradually.

ଛାଡ଼ିଛୁଡ଼ି ଦେବା—ଦେ. କ୍ରି. (ଛାଡ଼ିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଧ୍ୱନ୍ୟନୁକାରୀ ନିରର୍ଥକ ଛୁଡ଼ିବା କ୍ରିୟାର ଯୋଜନା)—୧। ଅବ୍ୟାହତି ଦେବା—
Chhār̤ichhur̤i debā
ছেড়েছুড়ে দেওয়া
छोड़छाड़ देना 1. To remit; to grant a receipt.

୨। ସମ୍ପୂର୍ଣ୍ଣରୂପେ ତ୍ୟାଗ କରିବା—
2. To give up or abandon completely.

ଛାଡ଼ିଣ—ଦେ. (ପଦ୍ୟ) ଅ—ଛଡ଼ା; ବ୍ୟତୀତ—
Chhār̤iṇa Except; without.
ছেড়ে
छोड़कर

ଯୁଦ୍ଧ ଛାଡ଼ିଣ ଯାହା ମାଗିବ ରାଜନ। କୃଷ୍ଣସିଂହ. ମହାଭାରତ ବନ।

ଛାଡ଼ିଦେବା—ଦେ. କ୍ରି—୧। ଛାଡ଼ିବା ୧. ୨ (ଦେଖ)
Chhār̤idebā 1. Chhār̤ibā 1. 2 (See)
ছেড়ে দেওয়া
छोड़ देना

ନ ବସି ଛାଡ଼ି ଦେଲା ତାର ନିଜ ସ୍ଥଳ। କୃଷ୍ଣସିଂହ. ମହାଭାରତ. ବନ।

୨। କୌଣସି ବ୍ୟକ୍ତିଙ୍କୁ ନେଇ କୌଣସି ବ୍ୟକ୍ତି ନିକଟରେ ବା କୌଣସି ସ୍ଥାନରେ ରଖିଦେଇ ଚାଲିଆସିବା—
2. To leave a person at some place or with some person.

୩। ସ୍ଥାନାନ୍ତରକୁ ଗମନୋଦ୍ୟତ କୌଣସି ବ୍ୟକ୍ତିଙ୍କୁ ବାଟ ବଳାଇ ଦେବା—3. To see a person off.

(ଯଥା—ଛୁଟି ନେଇ ବିଲାତକୁ ଯାଉଥିବା ମାଜିଷ୍ଟ୍ରେଟଙ୍କୁ ଆମ୍ଭେମାନେ ଷ୍ଟେସନରେ ଛାଡ଼ି ଦେବାକୁ ଆସିଥିଲୁଁ।)

୪। ଗୋରୁ ଛେଳିଆଦିଙ୍କୁ ରକ୍ଷକରୂପେ ଚରାଇବା—
4. To let cattle etc graze.

(ଯଥା—ଗୋରୁ ରଖୁଆଳ ଗୋରୁଙ୍କୁ ଛାଡ଼ିଦେଇ ଗଛ ଛାଇରେ ବସିଛି।)

ଛାଡ଼ିପଳାଇବା—ଦେ. କ୍ରି—ଛାଡ଼ିଯିବା ୧. ୨ (ଦେଖ)
Chhār̤ipaḷaibā Chhār̤ijibā 1. 2 (See)

ଦୁଷ୍ଟ ପରାକ୍ରମ ଦେଖିଣ କୁରୁମାନେ
ଅଜି ଛାଡ଼ି ପଳାନ୍ତି ଯୁଦ୍ଧ୍ୟେ ଭୟ ମନେ। କୃଷ୍ଣସିଂହ. ମହାଭାରତ. କର୍ଣ୍ଣ।

ଛାଡ଼ିବା—ଦେ. କ୍ରି. (ସଂ. ଛୃଦ ଧାତୁ; ତୁଳ—ପାଲି, ଛଡ୍ଡେଇ; ସଂ. ସାରଣ; ସଂ. ସର୍ଜନ; ସଂ. ଛୋରଣ = ପରିତ୍ୟାଗ)—
Chhār̤ibā
ছাড়া
छोड़ना
(ଛଡ଼ାଇବା—ଣିଜନ୍ତ)

୧। (ସକର୍ମକ) ତ୍ୟାଗ କରିବା; ବର୍ଜନ କରିବା—
1. To abandon; to give up.

(ଯଥା—ଭିକାରୀ କଷ୍ଟ ପାଇଁ ସେ କାଲି ପ୍ରାଣ ଛାଡ଼ିଲା।)

୨। (ସକର୍ମକ) (ଅମୁକ ସଙ୍ଗେ) ସମ୍ପର୍କ ତ୍ୟାଗ କରିବା; ସମ୍ବନ୍ଧ ତୁଟାଇବା—2. To cut off connection with; to cease to have to do with; to leave.

(ଯଥା—ମୁଁ ସଂସାର ଛାଡ଼ିଲିଣି।)

୩। (ସକର୍ମକ) (ଅମୁକର) ସଙ୍ଗରୁ ବିଚ୍ଛିନ୍ନ ହେବା; ସଙ୍ଗଚ୍ୟୁତ ହେବା—3. To be separated from.

(ଯଥା—ମୁଁ ଚାରିମାସ ହେଲା ବାପ ମାଆଙ୍କୁ ଘରେ ଛାଡ଼ି ବିଦେଶ ଆସିଛି।)

୪। (ସକର୍ମକ) କୌଣସି କାର୍ଯ୍ୟରୁ ବିରତ ହେବା—
4. To cease to do a thing; to discontinue.

(ଯଥା—ମୁଁ ତୁମ ଡାକ ଶୁଣି ଭାତଖିଆ ଛାଡ଼ି ଉଠି ଆସିଲି।)

ଽ	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍ଁ	ଡ଼ଅ	ଢ଼
ଽ	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଡ଼ି	ଢ଼ି

୫ । (ସକର୍ମକ) ପାଖରୁ ଅନ୍ତର ହେବା—
5. To go away from.
(ଯଥା—ଛଅମାସ ହେଲା ବନ୍ଧୁଙ୍କୁ ଛାଡ଼ି ମୋ ପ୍ରାଣ ବଳକଳ ହେଉଅଛି ।)

୬ । (ଅକର୍ମକ) ଫଳତଃ (ଅନୁଭବରୁ) ଭିନ୍ନ ବୋଲି ଜଣା ପଡ଼ିବା—6. To be found to differ from.
(ଯଥା—ଏ ସୁନା ମୂଲ୍ୟରୁ ସେ ସୁନାମୂଲ୍ୟ ଗୁଣପଣରେ ଛାଡ଼ୁଛି ।)

୭ । (ସକର୍ମକ) (କୌଣସି ଅଭ୍ୟାସ) ତ୍ୟାଗ କରିବା; ନିବୃତ୍ତ ହେବା—7. To give up (a habit).

୮ । (ସକର୍ମକ) (ଜୀବନର ବା ଅନ୍ୟ ଆଶା) ପରିତ୍ୟାଗ କରିବା—8. To give up (every hope of life or of any other matter).
(ଯଥା—ସବୁ ବଇଦମାନେ ସେ ମଲାକୁ ଛାଡ଼ି ବସିଲେଣି ।)

୯ । (ସକର୍ମକ) ତତ୍ତ୍ୱାବଧାନରେ ରଖିବା, ଚଳିବା; କୌଣସି ଆଡ଼କୁ ଯିବାକୁ ଦେବା—9. To let (some thing) to proceed in a certain direction.

ଚାଲିବ ଚଳନ୍ତି ମର୍ଣ୍ଣିଷ ଗାର
ଯେଣିକି ଛାଡ଼ଇ ତେଣିକି ଯାଇ । ଚଗ ।

୧୦ । କୌଣସି ସ୍ଥାନରେ କୌଣସି ଶିଶୁ ବା କୌଣସି ବସ୍ତୁକୁ ରଖିଦେଇ ସେ ସ୍ଥାନ ପରିତ୍ୟାଗ କରିବା; ରଖିଯିବା—10. To leave a place after leaving ones relatives or things.
(ଯଥା—ସେ ଛଅଗୋଟି ଶିଶୁସନ୍ତାନ ଛାଡ଼ି ଇହଜଗତ ପରିତ୍ୟାଗ କଲେ ।)

୧୧ । କୌଣସି ସ୍ଥାନ ତ୍ୟାଗ କରି ସ୍ଥାନାନ୍ତରକୁ ଯିବା—
11. To go away from a place.
(ଯଥା—ମାଜିଷ୍ଟ୍ରେଟ୍ ସାହେବ ୬ ମାସ ପାଇଁ କଟକ ଛାଡ଼ିଲେ ।)

୧୨ । (ଦେହରୁ ଜ୍ୱରଆଦି ରୋଗ) ଓହ୍ଲାଇବା—
12. To leave (said of a disease).
(ଯଥା—ସନ୍ଧ୍ୟାବେଳେ ତାଠାରୁ ଜର ଛାଡ଼ିଗଲା)

୧୩ । ସ୍ଥାନାନ୍ତରକୁ ଯିବା ପାଇଁ ଅନୁକୂଳ କରିବା; ନିର୍ଦ୍ଦିଷ୍ଟ ସ୍ଥାନରୁ ପ୍ରସ୍ଥାନ କରିବା—
13. To start or depart from a place.
(ଯଥା—ଜାହାଜ ଘଣ୍ଟାଏ ପୂର୍ବରେ ବନ୍ଦର ଛାଡ଼ିଲା)

୧୪ । ନ ରୋକିବା; ଅସଂଯମ; ଶିଥିଳ କରିବା—
14. To slacken control; not to restrain.
(ଯଥା—ଘୋଡ଼ସବାର ଘୋଡ଼ାକୁ ଛାଡ଼ିଦେବାରୁ ଘୋଡ଼ା ଖୁବ୍ ଜୋରରେ ଦଉଡ଼ୁଛି)

୧୫ । ଯୋଡ଼ ଖୋଲିଯିବା; ଫିଟିଯିବା; ବନ୍ଧନ ଶିଥିଳ ହେବା—
15. To give way.
(ଯଥା—ପୁରୁଣା ଭଣ୍ଡାର ଚଳପଟା ଗୁଡ଼ିକ ଛାଡ଼ି ଗଲାଣି)

୧୬ । କୌଣସି ଖାଦ୍ୟ ନ ଖାଇବା—16. To give up taking any food; to discontinue taking (food).
(ଯଥା—ପିଲା ୭ ମାସ ହେଲା ମାଆ ଦୁଧ ଛାଡ଼ିଲାଣି; ମଲା ଦୁଇ ମାସ ହେଲା ଆହାର ଛାଡ଼ିଲାଣି ।)

୧୭ । ଯିବାକୁ ଅନୁମତି ଦେବା—
17. To let go; to permit to go out.
(ଯଥା—ପଣ୍ଡିତେ ପିଲାଙ୍କୁ ଖାଇବାପାଇଁ ଛାଡ଼ିଲେ ନାହିଁ ।)

୧୮ । (ସକର୍ମକ) ବ୍ରତଧାରଣପୂର୍ବକ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ-ବସ୍ତୁ ବର୍ଜନ କରିବା ବା ନ ଖାଇବା—18. To abstain from taking a particular food by observing a religious vow.

୧୯ । (ସକର୍ମକ) ବନ୍ଧନରୁ ଅବ୍ୟାହତି ଦେବା; ମୁକୁଳାଇ ଦେବା; ମୁକ୍ତି ଦେବା—19. To release from restraint.

ଅରଜୁନ ବୋଇଲେ ସୁଶର୍ମାର ଦୁବୋଲେ,
ଛାଡ଼ିଦିଅ ଏବେ ଏହାଙ୍କୁ ତୁମ୍ଭେ ଭଲେ । କୃଷ୍ଣସିଂ. ମହାଭାରତ. ବନ ।

୨୦ । (ସକର୍ମକ) କ୍ଷମା ଦେବା; ମାର୍ଜନା କରିବା—
20. To pardon; to excuse.
(ଯଥା—ଏଥର ଥରକ ଚୋର ପ୍ରଥମ ଦୋଷ ମୁଁ ଛାଡ଼ି ଦେଲି; ଏଣିକି ଆଉ ଛାଡ଼ିବି ନାହିଁ ।)

୨୧ । (ସକର୍ମକ) (ପଥ) ଉନ୍ମୁକ୍ତ କରିବା; ମେଲା କରିବା;—
21. To open.
(ଯଥା—ମତେ ବାଟ ଛାଡ଼ିଦିଅ, ମୁଁ ଯିବି ।)

୨୨ । (ସକର୍ମକ) ରିଆତି ଦେବା; ଛାଡ଼ ଦେବା—
22. To remit.
(ଯଥା—ମହାଜନ ଖାତକଙ୍କୁ ଅର୍ଦ୍ଧେ ସୁଧ ଛାଡ଼ ଦେଲେ ।)

୨୩ । (ସକର୍ମକ) ହାତରେ ବା କୋଳରେ ନ ଧରିବା—
23. Not to take in one's arms.
(ଯଥା—ଶିଶୁକୁ ଛାଡ଼ିଦିଅ, ସେ ଆପଣା ମନକୁ ଚାଲୁ ।)

୨୪ । (ସକର୍ମକ) ଆସାମୀକୁ ମକଦମାରୁ ଖଲାସ ଦେବା, ଅବ୍ୟାହତି ଦେବା—2. To acquit (an accused).
(ଯଥା—ହାକମ ମୁଦାଲାକୁ ଛାଡ଼ିବାର ରାୟ ଦେଲେ ।)

୨୫ । (ସକର୍ମକ) ବିଞ୍ଚି ଦେବା; ଖେଳାଇବା—
25. To let loose; to strew.
(ଯଥା—ଚଉଳମାଛ କୋରଡ଼ରେ ବଢ଼ନ ଛାଡ଼ିଛି ।)

୨୬ । (ସକର୍ମକ) ଭ୍ରମକ୍ରମେ ବାଦ୍ ଦେବା ବା ତାଲିକାଭୁକ୍ତ ନ କରିବା—26. To omit from a list by oversight.
(ଯଥା—ନିମନ୍ତ୍ରଣ-ତାଲିକାରୁ ଜଣେ ପ୍ରଧାନ ବ୍ୟକ୍ତିଙ୍କ ନାମ ମୁଁ ଛାଡ଼ି ଯାଇଥିଲି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୂରତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁଆ'ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

୨୭ । (ସକର୍ମକ) ଗୋରୁ ଆଦି ନ ଜଗିବା—
27. Not to tend or watch cattle.
(ଯଥା—ଗଉଡ଼ ଗାଈଗୁଡ଼ାକ ଛାଡ଼ିଦେଇ ମୋ ବଗିଚା ଚରାଇ ଦେଲା ।)

୨୮ । (ସକର୍ମକ) (ଉପଦେଶ ଆଦି) ଗ୍ରହଣ ନ କରିବା; ବିଚାରରେ ନ ଆଣିବା—28. Not to take into account; to leave out of consideration.
ପୁତ୍ରକୁ ଯେ ହିତକଥାଟ ଦେଲ ଛାଡ଼ି । କୃଷ୍ଣସିଂହ. ମହାଭାରତ. ବନ ।

୨୯ । (ସକର୍ମକ) ମନେ ନ ପକାଇବା; ଭୁଲିଯିବା—
29. To forget.
(ଯଥା—ପୁତ୍ରଶୋକ ଛାଡ଼ି ନ ଦେଲେ ବୃଦ୍ଧ ଅଳ୍ପଦିନେ ମରିଯିବ ।)

୩୦ । (ସକର୍ମକ) ତଳକୁ ଲମ୍ବାଇ ଦେବା—
3. To unfurl; to let down.
ବାଳ ଛାଡ଼ିବାଅ ଭୂଇଁରେ ପଡ଼ୁ, ଲକ୍ଷେ ଚମ୍ପାଫୁଲ ଝଡ଼ୁ—ଗୀତ ।

୩୧ । (ଅକର୍ମକ) ଗତି ବନ୍ଦ ହୋଇଯିବା, ନିଷ୍ପନ୍ଦ ହେବା—
31. To cease to beat.
ପ୍ରକୃତ ଦେହରୁ ଜୀବନନାଡ଼ିକା ସହସା ଗଲକ ଛାଡ଼ି । ରାଧାନାଥ. ପାର୍ବତୀ ।

୩୨ । (ସକର୍ମକ) ତରଳ ପଦାର୍ଥ ବୋହିଯିବାର ଉପାୟ କରିବା; ତରଳ ବସ୍ତୁକୁ ଗତିବିଶିଷ୍ଟ କରାଇବା—
32. To let a liquid flow.
(ଯଥା—ଖଳାସୀ ଲକ୍ ଗୁଡ଼ ଖୋଲି ପାଣି ଛାଡ଼ିଲା ।)

୩୩ । (ସକର୍ମକ) ଘୋଡ଼ଦଉଡ଼ରେ ଘୋଡ଼ାମାନଙ୍କୁ ଖୁବ୍ ଜୋରରେ ଦଉଡ଼ାଇବାକୁ ଆରମ୍ଭ କରିବା; ଦଉଡ଼ାଇବା—
33. To start a horse in a race.
(ଯଥା—ଆଜି ଘୋଡ଼ଦଉଡ଼ରେ ତିନି ଜଣ ଘୋଡ଼ା ଛାଡ଼ି ଥିଲେ, କିନ୍ତୁ ଅଧବାଟରେ ଜଣେ ହଟି ରହିଗଲା ।)

୩୪ । କୌଣସି ବ୍ୟକ୍ତିକୁ ସ୍ଥାନାନ୍ତରକୁ ସଙ୍ଗରେ ନେଇ ସେଠାରେ ତାକୁ ରଖି ସେଠାରୁ ଏକାକୀ ଫେରି ଆସିବା; ସ୍ଥାନାନ୍ତରରେ ରଖି ଚାଲି ଆସିବା—34. To take a person to some place and come back alone after leaving him there.
(ଯଥା—ଲକ୍ଷ୍ମଣ ସୀତାଙ୍କୁ ବନରେ ଛାଡ଼ି ଆସିଲେ ।)

୩୫ । (ଅଙ୍ଗର ଗ୍ରନ୍ଥି ଆଦି) ଶିଥିଳ ହେବା—
35. To become slack.
(ଯଥା—ଅଫିମ ଖାଇବା ବେଳ ଗଡ଼ିଯିବାରୁ ତା ହାତ ଗୋଡ଼ ଛାଡ଼ି ଯାଉଛି ।)

୩୬ । ଲିଭିଯିବା; ଅଦୃଶ୍ୟ ହେବା—
36. To fade; to disapaper.
(ଯଥା—ଏ ଲୁଗାରୁ ଏ ପକ୍କା ରଙ୍ଗ ଛାଡ଼ିବ ନାହିଁ ।)

୩୭ । ନିକ୍ଷେପ କରିବା—
37. To throw some thing down.

(ଯଥା—ସେ ଦୁଷ୍ଟ ବାଉଳ ମୋ ଉପରକୁ କୁଳୁକୁଆଁ ପାଣି ଛାଡ଼ି ଦେଲା ।)

୩୮ । ବ୍ରତାଦି ଧାରଣପୂର୍ବକ ନଖବାଳ ଦାଢ଼ି ଆଦି ନ କାଟି ରଖିବା; ବଢ଼ାଇବା—38. To let the hair and nails etc grow (on account of the observance of some vow.)

୩୯ । କୌଣସି ବିଷୟର ଆଲୋଚନାରୁ କ୍ଷାନ୍ତ ହେବା—
39. To cease from discussing a matter.
(ଯଥା—ଧର୍ମକଥା ଛାଡ଼, ଘରକଥା ପକାଅ ।)

୪୦ । (ସକର୍ମକ) ନିର୍ଦ୍ଦିଷ୍ଟ ଦୂରତ୍ୱର ବ୍ୟବଧାନ ରଖିବା—
40. To leave out some space.
ଦୁଇଗଣ୍ଡେ ଛାଡ଼ି ଭାର୍ଗବ ଭଣ୍ଡା,
ତେବେ ସେ ଦେଖିବ କଦଳୀପେଣ୍ଡା । । କୃଷିବଚନ ।

୪୧ । (ସକର୍ମକ) କୌଣସି ସ୍ଥାନରେ (ଯଥା ପୋଖରୀରେ) କୌଣସି ଜୀବକୁ ସ୍ଥାନାନ୍ତରରୁ ଆଣି ରଖିବା—
41. To let fry of fishes in a pond to breed.
(ଯଥା—ମୁଁ ଏବର୍ଷ ଆମ ପୋଖରୀରେ ହଜାରେ ଜାଁଅଳା ଛାଡ଼ିଛି ।)

୪୨ । (ସକର୍ମକ) (ସଂ. ଛର୍ଦ୍ଦନ) ଉଦ୍ଗାରିବା (ତୁଳ. ହି. ଛୋଡ଼ନା =ବାନ୍ତି କରିବା)—42. To vomit.
ସର୍ପ ଗୋଡ଼ାଇ ନ ପାରିଲା
ଫୁତ୍କାରି ଗରଳ ଛାଡ଼ିଲା । ଜଗନ୍ନାଥ. ଭାଗବତ ।

୪୩ । (ସକର୍ମକ) ନିଜ ମନରୁ ସନ୍ଦେହ ଆଦି ଦୂର କରିବା—
43. To remove (doubt) from one's mind.
(ଯଥା—ମନରୁ ପୁତ୍ରବିୟୋଗ ଦୁଃଖ ଛାଡ଼ ।)

୪୪ । (ସକର୍ମକ) ଅମୁକ ସ୍ଥାନରେ ବା ଅମୁକଙ୍କ ନିକଟରେ ବା ଅମୁକଙ୍କ ତତ୍ତ୍ୱାବଧାନରେ କୌଣସି ବ୍ୟକ୍ତିକୁ ରଖିବା—
44. To leave with; to leave in the custody of.
(ଯଥା—ପିଲାଟି ଇଂରେଜୀ ପଢ଼ିବ ବୋଲି ତାକୁ ମୁଁ ମାସେ ହେଲା ହେଡ଼ମାଷ୍ଟରଙ୍କ ପାଖରେ ଛାଡ଼ିଛି ।)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଆସିବା, ଦେବା, ଯିବା, ପଳାଇବା କ୍ରିୟାମାନଙ୍କ ସମାପିକା ରୂପ ଲାଗେ ।]

୪୫ । (ସକର୍ମକ) (ବାଣ ଆଦି) ନିଜ ଦେହରୁ ଫୁଲିଙ୍ଗ ଆଦି ବାହାରିବା—45. To let off sparks from ones' body.
(ଯଥା—ହାଉଇଟା ଆକାଶକୁ ଉଠିଯାଇ ନାଗ ନକ୍ଷତ୍ର ଛାଡ଼ୁଛି ।)

୪୬ । (ସକର୍ମକ) ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ଅତିବାହିତ କରିବା—
46. To let a fixed time expire
(ଯଥା—ଆଜିକୁ ତିନି ମାସ ଛାଡ଼ି ତୁମେ ମୋତେ ଦେଖା କଲେ ମୁଁ ତୁମ୍ଭଙ୍କୁ କିଛି ସାହାଯ୍ୟ କରିବ ।)

ୀ	ଚ	ଭ	ଋ,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	କ୍ଷ	ଇଯ୍	ଡ଼ଅ	ଲ
ୀ	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ୟ	ଇଅ	ଡ଼	ନ୍ତ

୪୭ । (ସକର୍ମକ) ଅମୁକଠାରୁ ଭିନ୍ନ ହେବା; ଅମୁକ ସଙ୍ଗେ ମେଳ ନ ହେବା—47. To differ from.

(ଯଥା—ମୋ ଘଣ୍ଟା ରେଲ ଷ୍ଟେସନ ଘଣ୍ଟାକୁ ୫ ମିନଟ ଛାଡ଼ୁଛି ।)

୪୮ । (ସକର୍ମକ) ବସ୍ତ୍ରାନ୍ତର ପରିଧାନ କରିବା ପାଇଁ ପିନ୍ଧିଥିବା ବସ୍ତ୍ରାଦିକୁ ତ୍ୟାଗ କରିବା; ପାଲଟିବା; ବଦଳିବା—48. To change one's cloth.

୪୯ । (ସକର୍ମକ) ଆପଣା ନିକଟରେ ଥିବା କୌଣସି ଦ୍ରବ୍ୟକୁ ବିକି ଦେବା—49. To sell away something in hand; to part with.

(ଯଥା—ଏ ଅଭାବ ସମୟରେ ଧାନତକ ନ ଛାଡ଼ିଲେ ପଛେ ପସ୍ତାଇବାକୁ ପଡ଼ିବ ।)

୫୦ । (ସକର୍ମକ) ଗଣନା ନ କରିବା—50. Not to count; to leave out from calculation.

୫୧ । (ଅକର୍ମକ) ସ୍ଖଳିତ ହେବା; ଚ୍ୟୁତ ହେବା—51. To drop down; to fall down.

(ଯଥା—ତା ଦେହରୁ ହଳଦୀମଳଟିକୁ ଭଲ ହୋଇ ଛାଡ଼ ନାହିଁ; ଗଛରୁ ବକଲା ଛାଡ଼ିଲାଣି ।)

ଛାଡ଼ିଯିବା—ଦେ. କ୍ରି—୧ । (ସକର୍ମକ) କୌଣସି ପଦାର୍ଥକୁ କୌଣସି ସ୍ଥାନରେ ତ୍ୟାଗ କରି ଚାଲିଯିବା, ଅର୍ଥାତ୍ ଉକ୍ତ ପଦାର୍ଥକୁ ସଙ୍ଗରେ ନ ନେବା—1. To leave a thing.
Chhārḏi jibā
ছেড়েযাওয়া
छोड़ जाना

୨ । (ସକର୍ମକ) ସଙ୍ଗ ତ୍ୟାଗ କରି ଅନ୍ୟତ୍ର ଚାଲିଯିବା—2. To go elsewhere leaving the company of some one.

ନେମ ପଥେ ପଡ଼ିଗଲେ ଭ ସେ ଛାଡ଼ି—କବିସୂର୍ଯ୍ୟ. କଶୋରଚନ୍ଦ୍ର. ଚ ଗୀତ ।

୩ । (ଅକର୍ମକ) କୌଣସି ବ୍ୟକ୍ତି ବା ବସ୍ତୁର ଦେହରେ ବୋଳା ହୋଇଥିବା ବା ସଂଲଗ୍ନ ଥିବା କୌଣସି ପଦାର୍ଥ ଚ୍ୟୁତ ହେବା; ଖସି ପଡ଼ିବା—3. To come off (said of a thing attached to the body of another.

(ଯଥା—ପୁରୁଣା କବାଟରୁ ରଙ୍ଗ ଛାଡ଼ିଗଲା; ମୋ କପାଳରୁ ଚନ୍ଦନ ଛାଡ଼ିଗଲାଣି; ସାପଦେହରୁ କାତି ଛାଡ଼ିଗଲା; ଗଛରୁ ବକଲା ଛାଡ଼ିଗଲା ।)

୪ । (ଅକର୍ମକ) (ଅଭ୍ୟାସାଦି) ପରିତ୍ୟକ୍ତ ହେବା—4. (habits) To be given up.

(ଯଥା—କଟକର ଡାକ୍ତର ରଜନୀ ବାବୁଙ୍କର ଚିକିତ୍ସାରେ କେତେ ଲୋକଙ୍କ ଅଫିମ ଅଭ୍ୟାସ ଛାଡ଼ିଗଲାଣି ।

୫ । (ଅକର୍ମକ) ଲୁପ୍ତ ହେବା; ଲୋପ ପାଇବା—5. To cease; to be made to disappear.

(ଯଥା—ମୋ ସଙ୍ଗେ ଲାଗିଛୁ, ତୋ ଗରବ ଛାଡ଼ିଯିବ ।)

[ଦ୍ର—ଛାଡ଼ିବାର ପ୍ରକୃତ ଅର୍ଥ ସଂ. ଛୋରଣ=ପରିତ୍ୟାଗ କରିବା—to leave; to give up. ସେଥିରୁ ଲକ୍ଷଣାର୍ଥ ସମ୍ପର୍କ ତ୍ୟାଗ କରିବା । ଭାଷାରେ ଅନ୍ୟାନ୍ୟ ପ୍ରୟୋଗଗୁଡ଼ିକ ଏହି ମୂଳ ଭାବକୁ ଅବଲମ୍ବନ କରି ନାନା ବିଶିଷ୍ଟ ଭାବରେ ବ୍ୟବହୃତ ହୁଏ ।]

ଛାଡ଼ି ହେବା—ଦେ. କ୍ରି—(କୌଣସି ଅଭ୍ୟାସ) ସାଧ୍ୟମତେ ପରିତ୍ୟକ୍ତ ହେବା—To be capable of being given up.
Chhārḏi hebā
ছেড়েহওয়া

(ଯଥା—୨୦ ବର୍ଷ ଅଭ୍ୟାସ ପରେ ଅଫିମ ଛାଡ଼ି ହେଲା ନାହିଁ ।)

ଛାଣି—ପ୍ରାଦେ. (ଗଞ୍ଜାମ) ବି—ଛଣା ହେବାରେ ବ୍ୟବହୃତ ଯନ୍ତ୍ର—Filter.
Chhāṇi

ଛାଣିବା—ଦେ. କ୍ରି. (ସ. ଛଳନ; ସଂ. ଶାତନ. କ୍ଷାଳନ)—
Chhāṇibā ୧ । ଛାଙ୍କିବା; ବସ୍ତ୍ରଦ୍ୱାରା ତରଳ ପଦାର୍ଥ ବା ଚୂର୍ଣ୍ଣକୁ ଛାଙ୍କିବା—1. To strain a liquid or powder to filter.
ছাঁকা
छाना

ଛଣାଇବା } ଣିଜନ୍ତ
ଛଣେଇବା }

ମିଶିଗଲାଣି କ୍ଷୀରକୁଣ୍ଡରେ ଯେବେ କ୍ଷାର ଛାଣି କେ ସ୍ୱାଦୁ ବାରି ପାରିବ ଗୋ—କବିସୂର୍ଯ୍ୟ. ସଙ୍ଗୀତ ।

୨ । ତରଳ ପଦାର୍ଥରେ ମିଶିଥିବା କଠିନ ପଦାର୍ଥକୁ ବସ୍ତ୍ର ବା ଚୂର୍ଣ୍ଣରେ ମିଶିଥିବା ଗୋଡ଼ଗୋଡ଼ିଆ ଅଂଶକୁ ହାତଦ୍ୱାରା ଛାଙ୍କିବା—2. To sift the solid part from a liquid or the hard particles from a powder.

୩ । ଜଳ ମଧ୍ୟରେ ଥିବା ମାଛ ଆଦିକୁ ଲୁଗା ବା ଜାଲଦ୍ୱାରା ଛାଙ୍କି କରି ଆଣିବା—3. To bring out fishes etc from water by netting.

(ଯଥା—ପୋଖରୀରୁ ଜାଲରେ ବା ଖିଅରେ ମାଛ ଛାଣିବା ।)

୪ । (ଲକ୍ଷଣାର୍ଥ) ନିଃଶେଷ କରିବା—4. (figurative) To exhaust.

ମାର ରଖିଛି ଶର ଶାଣି, ଭାର କି କରିବ ଅଛି ଜାଣି,
ସଂସାରକୁ ଦେଇଯିବ ଛାଣି—କବିସୂର୍ଯ୍ୟ. ସଙ୍ଗୀତ ।

୫ । (ଲକ୍ଷଣାର୍ଥ) ସାରାଂଶ ବାଛି ନେବା—5. (figurative) To draw out the essential thing from a mass; to extract the essence.

ରସକଳଧିରେ ଅବଗାହି ଧୀରେ ଦଧିଁ କି ସାର ନ ଛାଣି—
କବିସୂର୍ଯ୍ୟ. ସଙ୍ଗୀତ ।

୬ । (ଲକ୍ଷଣାର୍ଥ) ଧନ ଆଦି ବହୁ ପରିମାଣରେ ଅର୍ଜନ କରିବା—6. (figurative) To earn or get copiously.

(ଯଥା—ଓକିଲାତି କରି ଅମୁକ ବାବୁ ଖୁବ୍ ଟଙ୍କା ଛାଣୁଛନ୍ତି ।)

[ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଆଣିବା, ଦେବା, ନେବା, ପକାଇବା କ୍ରିୟାର ସମାପିକାରୂପ ଯୁକ୍ତ ହୋଇ ମଧ୍ୟ ବ୍ୟବହୃତ ହୁଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଉ' ନ ମିଳିଲେ 'ଗାଈ' ଖୋଜିବେ, 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛାଣ୍ଟ—ଦେ. ବି. (ସଂ. ଛେଦନ; ତୁଳ. ଇଂ. କଟ୍=ଢଙ୍ଗ)—
Chhāṇṭ ୧ । ଛାଣ୍ଟ; ଛାଟ; ଢଙ୍ଗ—1. Fashion.
ଛାଁଟ ଚତୁଃ ପକ୍ଷ ଘଣ୍ଟି ଛାଣ୍ଟ ଛାନ୍ଦ ସକଳରେ—ବ୍ରଜନାଥ. ଗୀତଗୋବିନ୍ଦ ।
ଛାଁଟ ୨ । (ଲୁଗା କମିଜ ଲୁଗା) ଛେଦନ କରିବା—
2. Cutting (a stuff in a fashion for a dress).
୩ । ପୋଷାକର ଢଙ୍ଗ—3. The cut of a dress.
୪ । ବାଳ କତୁରିବା ଢଙ୍ଗ—
4. Fashion of cropping the hair.

ଛାଣ୍ଟକାଟ—ଦେ. ବି. (ସଂ. ଛେଦନ ଓ କର୍ତ୍ତନ)—ପୋଷାକ ଆଦିର
Chhāṇṭakāṭa ଢଙ୍ଗ—Fashion and cut of a dress.
ଛାଁଟକାଟ
ଛାଁଟକାଟ

ଛାଣ୍ଟି—ପ୍ରାଦେ. (ସମ୍ବଲପୁର) ବି—ବଡ଼ ଏବଂ ଲମ୍ବ ଦଉଡ଼ି—
Chhāṇṭi Thick and long rope.

ଛାଣ୍ଟିଛୁଣ୍ଟି—ଦେ. କ୍ରି. ବିଣ.—(ଛାଣ୍ଟିବା କ୍ରିୟାର ଅସମାପିକା ରୂପ ସଙ୍ଗେ
Chhāṇṭichhuṇṭi ଧ୍ୱନ୍ୟନୁକାରୀ ନିରର୍ଥକ ଛୁଣ୍ଟିବା କ୍ରିୟାର
छेंटेछूँटे ଅସମାପିକା ରୂପ କ୍ରି. ବିଶେଷ୍ୟ ବ୍ୟବହୃତ)—
छाँटछुँटकर ୧ । ବାରଂବାର କଟାକଟି କରି—
1. After repeated cuttings or prunings.
(ଯଥା—ଅମ ମାଳି ଗଛଟିକୁ ଛାଣ୍ଟିଛୁଣ୍ଟି ଗୋଲ କରିଛି ।)
୨ । ନାନାପ୍ରକାରରେ ବ୍ୟୟ ସଙ୍କୋଚ ପୂର୍ବକ—
2. After repeated retrenchments.
(ଯଥା—ମୁଁ ଘରଖରଚରୁ ଛାଣ୍ଟିଛୁଣ୍ଟି ଟ ୨୫୮ ରଖିଲି)
୩ । ନାନାଦିଗରୁ ଅଳ୍ପ ଅଳ୍ପ କରି ଗ୍ରହଣ କରି—
3. By taking bits from many sources.

ଛାଣ୍ଟିବା—ଦେ. କ୍ରି. (ସଂ. ଛେଦନ; ସଂ. ଖଣ୍ଡନ)—
Chhāṇṭibā ୧ । କଇଁଚିରେ କାଟିବା; କତୁରିବା—
ଛାଁଟା 1. To clip with scissors.
ଛାଁଟନା ୨ । ଅଗ କାଟିବା—2. To clip the tops.
୩ । ପଦାର୍ଥସ୍ୱାମୀଠାରୁ କୌଣସି ପଦାର୍ଥର କେତେକ ଅଂଶ ଲୁଚାଇ କରି ରଖି ନେବା—3. To take away a part of some thing stealthily without the owner's knowledge.
୪ । ବ୍ୟୟସଙ୍କୋଚ କରିବା—
4. To retrench the expenditure.
୫ । କାଣ୍ଡିବା; ଧାନ ଡାଲି ଆଦି କୁଟି କରି ଭୁଷ ବାହାର କରିବା—5. To husk.
୬ । ପାଛୁଡ଼ିବା—6. To winnow.
୭ । ବହୁତ ବସ୍ତୁ ମଧ୍ୟରୁ ନିକମ୍ମା ବସ୍ତୁରୁ ପ୍ରୟୋଜନୀୟ ବସ୍ତୁକୁ ବାଛିବା—7. To separate the necessary portions from a large quantity of any thing.

ଛାତ—ଦେ. ବି. (ସଂ. ଛଦ)—ଘର; ଘରଉପରସ୍ଥ ଆଚ୍ଛାଦନ; କୋଠା
Chhāta ଉପରର ଆଚ୍ଛାଦନ—Roof; thatch.
छाद; छात [ଦ୍ର—ନଡ଼ାଆଦିଦ୍ୱାରା ଛାଆଣି ହୋଇଥିବା ଘରର ଚୂନ
ছত ଗୋଡ଼ି ଆଦି ଦ୍ୱାରା ଗଠିତ କୋଠାର ଆଚ୍ଛାଦନକୁ ଛାତ ବୋଲାଯାଏ । ଆଜକାଲି କଡ଼ି, ବରଗା, ଟାଇଲ ଓ ଗୋଡ଼ିଆଦି ନ ଦେଇ ଏକପ୍ରକାର ଶିଳ୍ପକାମରେ ସିମେଣ୍ଟର ଛାତ ପଡ଼ୁଅଛି ।]
(ଛନ୍ତା ସ୍ତ୍ରୀ) ସଂ. ବିଣ. ପୁଂ. (ଛୋ ଧାତୁ=ଛେଦନ କରିବା+
କର୍ମ. ତ)—୧ । ଛିନ୍ନ—1. Cut off.
୨ । ଦୁର୍ବଳ—2. Weak.
୩ । କ୍ଷୀଣ—3. Emaciated; lean.

ଛାତପିଟା—ଦେ. ବି—କୋଠାର ଛାତକୁ ଗୋଡ଼ି ଚୂନ ଦେଇ କୋବାରେ
Chhātapiṭā ବାଡ଼େଇ ଟାଣ କରିବା—Solidifying of the
छादपिटा roof with concrete and lime.
ছতপীটনা [ଦ୍ର—କୋଠାର କାନ୍ଥ ଉପରେ ପ୍ରଥମେ କଡ଼ି ପଡ଼େ,
(ଛାତବାଡ଼ିଆ—ଅନ୍ୟରୂପ) କଡ଼ି ଉପରେ ବରଗା ପଡ଼େ; ବରଗାରେ ଟାଇଲ ବସାଯାଏ; ଟାଇଲ ଉପରେ ଚୂନମିଶା ଗୋଡ଼ି ୩ ଠାରୁ ୬ ଇଞ୍ଚ ମୋଟରେ ବିଛାଯାଏ; ଏହି ଗୋଡ଼ିର ଆସ୍ତରଣକୁ ଖୁବ୍ ଟାଣୁଆ ଓ ଜଳଦ୍ୱାରା ଅଭେଦ୍ୟ କରିବା ପାଇଁ ଏହି ଗୋଡ଼ିକୁ କୋବାଦ୍ୱାରା ଏକାଧିକ ଦିନ ପିଟାଯାଏ ।]

ଛାତି—ଦେ. ବି. (ସଂ. ଛଦ ଧାତୁ) (ଛାଦିତ, ଛାଦୀ=ଆଚ୍ଛାଦନକାରୀ
Chhāti ଏହା ହୃଦୟକୁ ଆଚ୍ଛାଦନ କରେ)—୧ । କଣ୍ଠଦେଶ ଓ ପେଟ
छाति; बुक ମଧ୍ୟସ୍ଥ ଶରୀରର ସାମନା ପାଖ; ବକ୍ଷଦେଶ; ବକ୍ଷସ୍ଥଳ—
ছাতী 1. Breast; chest.
ଚମକିତ ନାହିଁ ମୋ ଛାତି । କବିସୂର୍ଯ୍ୟ. ବଳରାମଦାସ. ତ. ଗୀତ ।
୨ । ବୁକ୍; ହୃଦୟ—2. Bosom; heart.
୩ । ମନଃ; ଅନ୍ତଃକରଣ—3. Mind.
୪ । ସାହସ—4. Courage.
୫ । ସ୍ତ୍ରୀଲୋକଙ୍କର ସ୍ତନ—5. Woman's breast.
ଫଳାଅ କୁମ୍ଭରକୁମ୍ଭଫଳାକୃତ ଛାତରେ । କବିସୂର୍ଯ୍ୟ. ସଙ୍ଗୀତ ।
୬ । ଧୈର୍ଯ୍ୟ—6. Patience; forbearance.
୭ । କଷ୍ଟସହିଷ୍ଣୁତା—7. Endurance.
୮ । ଏକ ଛାତି ପରିମିତ ଉଚ୍ଚତା ବା ଗଭୀରତା—
8. Depth up to a man's breast; height upto a man's breast.

ଛାତି ଉପରେ ଠିଆ ହେବା—ଦେ. କ୍ରି.—୧ । କୌଣସି ବ୍ୟକ୍ତିର ଛାତିକୁ
Chhāti upare ṭhiā hebā ଲୁଦ ତାକୁ ମାରି ପକାଇବା—
बुके बाँश देओया 1. To kill a person by standing on
छातिपर खड़ा हेना, छातिपर चढ़ना his breast.
(ଛାତିରେ ଚଢ଼ିବା } ଅନ୍ୟରୂପ ୨ । (ଲକ୍ଷଣାର୍ଥ) କୌଣସି
ଛାତିରେ ଠିଆ ହେବା } ବ୍ୟକ୍ତିକୁ ବଲବଲ କରିବା ବା ଦୁଃଖ
ଦେବା—2. (fig) To harass a person.

୧	ଳ	ଊ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଅ	ଉଅ	ଛ
୬	ଐ	ଊ	ଋ	ଌ	ଫ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଡ଼	ଢ଼

ଛାତିଉପରେ ପାଣିହାଣ୍ଡି ବସିବା—ଛାତିରେ ପଥର ଲଦା ହେବା (ଦେଖ)
Chhāti upare pāṇihāṇḍi basibā Chhātire pathara ladā hebā (See)
বুকে ভাতের হাণ্ডি নামা

ଛାତିଉପରେ ବସିବା—ଦେ. କ୍ରି.—୧ । କୌଣସି ବ୍ୟକ୍ତି ଉପରେ ବେଳାଯ୍ଯ ଅଧିକାର ପରିଚାଳନ କରିବା-
Chhāti upare basibā
छातिपर बैठना 1. To exercise too much power over another person.
(ଛାତିରେ ବସିବା—ଅନ୍ୟରୂପ)
୨ । କୌଣସି ବ୍ୟକ୍ତିର ନିକଟରେ ଥାଇ ତାକୁ ଦୁଃଖ ଦେବା -
2. To harass a person by being near him.

ଛାତିଏ—ବି. ବଣ.—୧ । ଛାତି ଯେତିକି ଉଚ୍ଚ ସେତିକି ଉଚ୍ଚତାଦ୍ୱାରା ପରିମିତ—1 Measured by the height of one's breast.
Chhāti
একছাতি
୨ । ଏକ ଛାତି ଗଭୀର—2. Breast-deep.
(ଯଥା—ଛାତିଏ ପାଣି ।)
୩ । ଏକଛାତି ଉଚ୍ଚ—3. Breast high.
(ଯଥା—ଛାତିଏ କାନ୍ଥ ।)
ଦେ. ବି.—୧ । ଛାତିପର୍ଯ୍ୟନ୍ତ ବୁଡ଼ିଯିବା ଭଳି ଗଭୀରତା—
1. Depth upto one's breast.
୨ । ଛାତିପରିମିତ ଉଚ୍ଚତା—
2. Height equal to one's breast.

ଛାତିକି ଛାତି ଦେଇ—ଦେ. କ୍ରି. ବଣ.—(ଆଲିଙ୍ଗନ କଲାବେଳେ ଦୁଇ ଜଣଙ୍କ ଛାତି ପରସ୍ପର ସଂଲଗ୍ନ ହେବାରୁ)—ସମ୍ପୂର୍ଣ୍ଣ ସହାନୁଭୂତି ବା ସହଯୋଗ ପୂର୍ବକ (କୌଣସି କାର୍ଯ୍ୟ କରିବା)—(to do something) With the fullest co-operation.
Chhātiki chhāti dei
ଛାତିକି ଛାତି ଯୋଡ଼ି } ଅନ୍ୟରୂପ
ଛାତିକି ଛାତି ଲଗା(ଗେ,ଇ) }

ଛାତିକି ପଥର କରିବା—ଦେ. କ୍ରି.—୧ । ସହିବା; ଧୈର୍ଯ୍ୟ ଧରିବା; ଦୁଃଖ ଆଦି ସହିବାପାଇଁ ହୃଦୟକୁ ଦୃଢ଼ କରିବା—To be ready to bear patiently; to screw up one's courage or patience to suffer.
Chhātikipathara karibā
ছাতী পাথর করা
छाति पथरा करना
ଦେଖି ଗୁହ୍ୟ ଛାତିକି ମୁଁ କଲି ପଥର ।
ଉକ୍ତ.ସ୍ୱ. ଗୀତଲହରୀ ।
୨ । ନିଷ୍ଠୁର କର୍ମ କରିବାପାଇଁ ବା ଦେଖିବାପାଇଁ ହୃଦୟକୁ କଠୋର ବା ନିଷ୍ଠୁର କରିବା; ନିଷ୍ଠୁରତା ଅଭ୍ୟାସ କରିବା—2. To make one's heart cruel (to do or see some cruel act); to be inured to do or see cruel acts unmoved

ଛାତିକି ମାରିବା-ଦେ. କ୍ରି—ଛାତିରେ ମାରି ହେବା (ଦେଖ)
Chhātiki māribā Chhātire māri hebā (See)
ଦେ. ବି—ଛାତିରେ ବେଦନା ହେବା —
Feeling pangs in the breast.

ଛାତିକୁ କୁଣ୍ଢ ନ ପାଇବା—ଦେ. ବି. (ଲକ୍ଷଣାର୍ଥ)—ମନ ମୋଟ ହେବା; ଗର୍ବିତ ହେବା—
Chhātiku kuṇḍha na pāibā
(fig) Arrogance; pride.
(ଛାତିକୁ ଲଙ୍ଗଳ ଦଉଡ଼ା(ଡ଼ି) ନ ପାଇବା—ଅନ୍ୟରୂପ)
(ଯଥା—ତା ଛାତିକୁ ଏବେ କୁଣ୍ଢ ପାଉ ନାହିଁ ।)

ଛାତି କୁଣ୍ଢେ ମୋଟ ହେବା—ଦେ. କ୍ରି. (ଲକ୍ଷଣାର୍ଥ)—ଆନନ୍ଦ ବା ସାହସ ବା ଗର୍ବରେ ଛାତି ଫୁଲି ଉଠିବା; ଗର୍ବ ବା ଆନନ୍ଦରେ ଷ୍ଫୀତ ହେବା—
Chhāti kuṇḍhemoṭāhebā.
বুক দশ হাত হওয়া
छातीउमड़आना The swelling of the heart with joy, pride or courage.
ଛାତି ବେଙ୍କାଏ ମୋଟ ହେବା } ଅନ୍ୟରୂପ
ଛାତି ମୋଟ ହେବା }

ଛାତି ଖାଇବା—ଦେ.କ୍ରି—ଉଚ୍ଚରେ (ଏକ ଅନ୍ୟର) ଛାତି ପର୍ଯ୍ୟନ୍ତ ହେବା;
Chhāti khāibā To approach one's breast in tallness.

ଛାତି ଠୁକିବା—ଦେ. କ୍ରି—୧ । ଛାତିରେ କରତଳ ଅଘାତପୂର୍ବକ ପ୍ରକାଶ୍ୟ ପ୍ରତିଜ୍ଞା କରିବା—
Chhāti ṭhuṅkibā
ছাতি ঠোকা 1. To publicly make a declaration
छातीठोकना; छातिठुकना by repeatedly striking the breast with the palm.
୨ । ନିଜର ଛାତିରେ କରତଳ ସ୍ଥାପନପୂର୍ବକ ଅନ୍ୟ ବ୍ୟକ୍ତିକୁ ଅଭୟ ବା ଦମ୍ଭ ବା ହିମତ ଦେବା—
2. To give assurance of safety or protection or encouragement to a person.
୩ । ଛାତିରେ ମାରି ହେବା (ଦେଖ)
3. Chhātire māri hebā (See)
୪ । କୌଣସି କଠିନ କାର୍ଯ୍ୟ କରିବାପାଇଁ ପ୍ରତିଜ୍ଞା କରିବା ବା ହିମତ ବାନ୍ଧିବା—
4. To take a resolve to do a difficult task; to make up one's mind to do some thing.

ଛାତି ଜଳା(ଳେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତି ଈର୍ଷା କ୍ରୋଧ ବା ଶୋକରେ ସନ୍ତପ୍ତ ହେବାର କାରଣ ହେବା—1. To cause a person to be afflicted by envy, anger or grief.
Chhāti jaḻā(ḻe)ibā
বুকজলান
छातीजलाना
୨ । କୌଣସି ବ୍ୟକ୍ତିକୁ ଚିଡ଼ାଇବା—
2. To tease a person.

ଛାତି ଜଳିବା—ଦେ. ବି—୧ । ଅଜୀର୍ଣ୍ଣ ଯୋଗୁଁ ହୃଦୟ ମଧ୍ୟରେ ଦାହର ଅନୁଭୂତି—1. A burning sensation in the heart on account of indigestion.
Chhāti jaḻibā
বুকজ্বলা
छातीजलना
(ଛାତି ପୋଡ଼ିବା—ଅନ୍ୟରୂପ)
[ଦ୍ର—ଏହା ବସ୍ତୁତଃ ହୃଦୟର ଜ୍ୱାଳା ନୁହେ ଅନ୍ନନାଳୀର ଜ୍ୱାଳା ଅଟେ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପରୁ ୨ ବା ୧ ଚିହ୍ନିତ ବର୍ଣ୍ଣବା ମାତ୍ରାଯୁକ୍ତ ଦେଖି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୨ । (ଲକ୍ଷଣାର୍ଥ) ଈର୍ଷା ବା କ୍ରୋଧରେ ସନ୍ତପ୍ତ ହେବା —
2. (figurative) Being greatly affected by anger or envy.
୩ । (ଲକ୍ଷଣାର୍ଥ) ଶୋକଦ୍ୱାରା ବ୍ୟଥିତ ହେବା—
3. (figurative) To be greatly affected by grief.

ଛାତି ଥଣ୍ଡା ହେବା—ଦେ. କ୍ରି—୧ । ଉଦ୍‌ବେଗ ବା ଭୟର ଆଶଙ୍କା ଦୂର ହେବାରୁ ମନରେ ଶାନ୍ତି ହେବା—
Chhāti thaṇḍā hebā
বুক জুড়ে যাওয়া
छाति ठंडी होना;
छातिजुड़ना
1. Peace of mind due to the removal of any anxiety or apprehension.
(ଛାତି ଥଣ୍ଡ ହେବା—ଅନ୍ୟରୂପ) ୨ । ମନର ପ୍ରଫୁଲ୍ଲତା ବା ପ୍ରସନ୍ନତା—
2. Being elated or delighted or pleased.

ଛାତିଥରା—ଦେ. ବି—୧ । ହୃତ୍‌ପିଣ୍ଡର ସ୍ପନ୍ଦନ—
Chhātitharā 1. Heart throbbings.
(ଛାତି ଥରିବା—ଅନ୍ୟରୂପ) ୨ । ଭୟ ବା ରୋଗାଦି ହେତୁରୁ ଛାତିରେ ଅନୁଭୂତ ହେବା କମ୍ପନ; ହୃତ୍‌କମ୍ପ—
2. Trembling or palpitation of the heart (due to excessive fear or some disease).

ଛାତିଦକ—ଦେ. ବି—୧ । ହୃଦୟରେ ଜନ୍ମିବା ଭୟ—
Chhātidaka 1. Mental fear.
(ଛାତିଦକା—ଅନ୍ୟରୂପ) ୨ । ଉଦ୍‌ବେଗ—2. Anxiety.

ଛାତି ଦକଦକ ହେବା—ଦେ. କ୍ରି—୧ । ହୃଦ୍‌ଯନ୍ତ୍ରର ପ୍ରଭୃତଣରେ ସ୍ପନ୍ଦନ—
Chhāti dakadaka hebā 1. Ordinary throbbing of the heart; heart-throbbing.
বুক গুরগুর করা,
বুক টিপটিপ করা
छाति धकधक करना
୨ । ଭୟରେ ବା ସନ୍ଦେହରେ ମନ ଉଦ୍‌ବିଗ୍ନ କରିବା; ହୃତ୍‌କମ୍ପ—1. Anxiety resulting from fear, suspence or apprehension.
ଛାତି ଦୁକ୍‌ଦୁକ୍ ହେବା } ଅନ୍ୟରୂପ
ଛାତି ଦୁକୁଦୁକୁ ହେବା }

ଛାତି ଦମଦମ ହେବା—ଦେ. କ୍ରି—ହଠାତ୍ ଉପସ୍ଥିତ ଭୟ ବା ଚିନ୍ତା ବା ଖୁବ୍ ଦଉଡ଼ିବା ଯୋଗୁଁ ଛାତିର ଦୁକ୍‌ଦୁକ୍ ବା ଉପର୍ଯ୍ୟୁପରି ନାଚିବା—Violent throbbing or palpitation of the heart (due to sudden fear or anxiety or brisk runing.
Chhāti damadama hebā
বুক ধড়পড় করা;
বুকে ঢেকিরপাড়পড়া
छाति धड़कना
(ଛାତିଦମକ, ଛାତିଦମକା, ଛାତି ଦାଉଁଦାଉଁ, ଛାତି ଦୁରୁଦୁରୁ, ଛାତି ଦୁରୁଦୁରୁ, ଛାତି ଦୁଲ୍‌ଦୁଲ୍, ଛାତି ଦୁଲୁକିବା, ଛାତି ଦୁଲୁଦୁଲୁ, ଛାତି ଧଡ଼କ, ଛାତି ଧଡ଼କା, ଛାତି ଧଡ଼କିବା, ଛାତି ଧଡ଼ଧଡ଼, ଛାତି ଧଡ଼ପଡ଼, ଛାତି ଧଡ଼ଫଡ଼—ଅନ୍ୟରୂପ)
[ଦ୍ର—ଛାତି ଦକଦକ ହେବା ଅପେକ୍ଷା ଛାତି ଦମଦମ ହେବା ପ୍ରବଳ ।]

ଛାତିଦମ୍ଭ—ଦେ. ବିଣ—୧ । ସାହସୀ—1. Brave.
Chhātidambha ୨ । ନିର୍ଭୀକ—2. Fearless.
বুকবাঁধা ୩ । ଧୈର୍ଯ୍ୟଶୀଳ—3. Patience.
୪ । ସହନଶୀଳ—4. Forbearing.
ବି—୧ । ସାହସ—1. Courage.
୨ । ଧୈର୍ଯ୍ୟ—2. Patience; forbearance.
୩ । ନିର୍ଭୀକତା—3. Fearlessness.
୪ । କଷ୍ଟସହନଶୀଳତା—4. Endurance.

ଛାତିଦରଜ—ଦେ. ବି. (ଓ. ଛାତି + ଫା. ଦର୍ଦ୍) —
Chhātidaraja ୧ । ନମୋନିଆଁ; କାଶ; ଯକ୍ଷ୍ମା ଆଦି ଯୋଗୁଁ ବକ୍ଷସ୍ଥଳର ଭିତରେ ଅନୁଭୂତ ବେଦନା—
বুকের ব্যথা
छातोकी दर्द
1. Pain inside the breast due to pneumonia cough, pthisis.
୨ । ଅଘାତ ଆଦି ଯୋଗୁଁ ବକ୍ଷସ୍ଥଳର ବାହାରେ ଜଣାଯିବା ଦରଜ ବା ବ୍ୟଥା—2. Pain on the breast due to some hurt to that part.

ଛାତିଧରା—ଦେ. ବି.—ଶରଦି ବା ରୋଗଯୋଗୁଁ ଛାତିରେ ଦରଜ ବା ବେଦନା ଅନୁଭବ—
Chhāti dharā
छातिका दर्द Pain in the chest.

ଛାତି ଧରିବା—ଦେ. ବି.—ଛାତିଧରା (ଦେଖ)
Chhāti dharibā Chhātidharā (See)
ছাতিধরা ଦେ. କ୍ରି—୧ । ଧୈର୍ଯ୍ୟ ଧରିବା—
1. To maintain one's patience.
(ଯଥା—ଏକମାତ୍ର ପୁଅ ମଲେ କିଏ ଛାତି ଧରି ରହି ପାରେ ।)
୨ । କୌଣସି ବିପଦ ବା ଦୁଃଖକୁ ସମ୍ଭାଳି ବଞ୍ଚି ରହିବା—
2. To live on by bearing the brunt of a danger or grief.

ଛାତିପତାଇବା—ଦେ. କ୍ରି.—୧ । ପ୍ରହାର ବା ଗୁଳି ଆଦି ବାଜିବାପାଇଁ ନିଜର ବକ୍ଷସ୍ଥଳକୁ ଦେଖାଇଦେବା—
Chhāti pataibā
ছাতিপাতা 1. To lay one's breast bare for a stroke. or bullet
छाति पसारना
(ଛାତିପତେଇବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) କୌଣସି ବିପଦ ସମ୍ଭାଳିବା ପାଇଁ ନିଜେ ପ୍ରସ୍ତୁତ ରହିବା—
2. (figurative) To keep one's self ready to meet the brunt of a danger.
সাহস কুলান ଦେ. ବି.—(କୌଣସି କାର୍ଯ୍ୟ କରିବାକୁ) ସାହସୀ ହେବା—
हियाव बाँधना Having courage or daring enough to do something.
ढाढस बाँधना
(ଯଥା—ଅନ୍ଧାର ରାତିରେ ଶ୍ମଶାନ ବାଟେ ଯିବାକୁ ମୋ ଛାତି ପତାଉ ନାହିଁ ।)
୨ । ସାହସ ବାନ୍ଧିବା—
1. To have courage; to dare.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍ଯ	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ନ୍ତ

ଛାତି ପଥର କରିବା—ଦେ. କ୍ରି—ଛାତିକି ପଥର କରିବା (ଦେଖ)
Chhāti pathara karibā Chhātiki pathara karibā (See)

ଛାତି ପଥର କରିଣ ସହୁ ସହୁ ଅଗୋ ତ୍ରିପୁରହ । ସଙ୍ଗୀତ ।

ଛାତି ପଥର ପରି ହେବା—ଦେ. ବ—ବହୁତ କ୍ଲେଶ ବା କଷ୍ଟ ସହୁ ସହୁ
Chhāti pathara pari hebā ସହନଶୀଳ ହେବା—Being inured to great suffering.

ଏହା ଦେଖି ପଥର ପରି ହେଲ ଛାତି
ଯାଉ ନ ଥିବ କହେ କବି ମହାମତି । କୃଷ୍ଣସିଂହ. ମହାଭାରତ. ବନ ।

ଛାତିଫଟା—ଦେ. ବଣ—୧ । ହୃଦୟବିଦାରକ; ମର୍ମଭେଦୀ (ଦୁଃଖ)—
Chhātiphaṭā 1. Heart-rending.
ছাতিফাটা ୨ । ଦୁର୍ବହ (ବୋଝ)—
2. Unbearable (load or burden).

ଛାତି ଫାଟିଯିବା—ଦେ. କ୍ରି—୧ । ଧୈର୍ଯ୍ୟଚ୍ୟୁତ ହେବା—
Chhāti phāṭijibā 1. To lose one's patience.
ছাতিফাটা ୨ । ଛାତି ବା କଲିଜା ଫାଟି ପ୍ରାଣତ୍ୟାଗ କରିବା—
छातीफटना; छातीदरकना 2. To die by the bursting of one's heart.
୩ । ହୃଦୟ ବିଦୀର୍ଣ୍ଣ ହେବା—
3 Bursting of one's heart.
୪ । ଅତି ତୃଷ୍ଣାରେ ହୃଦୟରେ ବେଦନା ଅନୁଭୂତ ହେବା—
4. A painful feeling inside the breast due to a keen thrist.

ଛାତି ଫୁଲାଇ ଚାଲିବା—ଦେ. କ୍ରି—ଗର୍ବରେ ଚାଲିବା—To strut or
Chhāti phulāi chālibā pace with pride.
বুকফুলিয়ে চলা (ଯଥା—ଏବେ ସେ ସମ୍ପତ୍ତିଶାଳୀ ହେବାରୁ ଛାତି
छातिफुलाकर चलना ଫୁଲାଇ ଚାଲୁଛି ।)

ଛାତି ଫୁଲାଇବା—ଦେ. କ୍ରି—ଆନନ୍ଦ ବା ଗର୍ବରେ ସ୍ଫୀତ ହେବା—
Chhāti phulāibā To swell with delight or pride.
বুকফুলানা ସଭାରେ ବସିଥାନ୍ତି ଛାତିକ ଫୁଲାଇ ।
छातिफुलाना; छातिनिकालना କୃଷ୍ଣସିଂହ. ମହାଭାରତ ସଭା ।
বুকফুলা ଦେ. ବ—ରୋଗ ଯୋଗୁଁ ଛାତି ଫୁଲିଯିବା—
छातिफुलना; छातिनिकलना Swelling up of the breast through disease.

ଛାତିରୁ ଅତଡ଼ା ଖସିବା—ଦେ. କ୍ରି—କୌଣସି ଭୟ ବା ବିପଦଜନକ
Chhātiru atarḍā khasibā ବିଷୟ ହଠାତ୍ ଅବଗତ ହୋଇ
ଛାତିରୁ କଅଁ ଖସିବା } ଅନ୍ୟରୂପ ମନରେ ବିଶେଷ ଉଦ୍‌ବେଗ ଜାତ
ଛାତିରେ ଦାଉ ପଡ଼ିବା } ହେବା; ଛାତି ଧଡ଼କିବା—
Palpetation of the heart due to sudden fear or danger.

ଛାତିରୁ ବୋଝ ଖସିବା—ଦେ. ବ—କୌଣସି ଅତ୍ୟନ୍ତ ଉଦ୍‌ବେଗ ବା
Chhātiru bojha khasibā ଦାୟିତ୍ୱ ବା ଆଶଙ୍କାରୁ ମୁକ୍ତ ହେବା—
छातीसे पत्थर टलना To be freed from a great
ଛାତିରୁ ପଥର ଖସିବା } ଅନ୍ୟରୂପ anxiety or appre-
ଛାତିରୁ ପାଣି ଦାଣ୍ଡି ଓହ୍ଲାଇବା } hention or responsibility.

ଛାତିରେ ଦକ ପଶିବା—ଦେ. କ୍ରି—୧ । ହୃଦୟରେ ଭୟ ବା ଆଶଙ୍କା
Chhātire daka pasibā ଜାତ ହେବା—The mind being
(ଛାତିରେ ଦକାପଶିବା—ଅନ୍ୟରୂପ) over come with fear or apprehension.

ଛାତିରେ ପକାଇବା—ଦେ. କ୍ରି—୧ । ଶିଶୁକୁ ଛାତି ଉପରେ ଧରିବା—
Chhātire pakāibā 1. To carry or hold an
বুকে লওয়া infant on one's breast.
छातीपर डालना; ୨ । (ଲକ୍ଷଣାର୍ଥ) ଶିଶୁକୁ ଅତି ସ୍ନେହ ବା
छातीतले रखना; ଆଦରରେ ପାଳନ କରିବା—
छातियाना 2. (figurative) To bring up a child
(ଛାତିରେ ପକେଇବା—ଅନ୍ୟରୂପ) with love and affection.
୩ । କୌଣସି ବ୍ୟକ୍ତିକୁ ଅତି ପ୍ରିୟ କରିବା—
3. To treat a person as one's dear and beloved.
୪ । ଅତ୍ୟନ୍ତ ଆଦର କରି ସବୁବେଳେ ପାଖରେ ଥିବା ଓ ପାଖରୁ ଅନ୍ତର ନ କରିବା—4. Not to let a person leave ones company (on account of excessive fondness).

ଛାତିରେ ପଥର ପକା(କେ)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଦୁଃଖ
Chhātire pathara pakā(ke)ibā ସହିବା; ଦୁଃଖ ବରଦାସ୍ତ
বুকে পাথর চাপা করିବା—1. (figurative)
छातिपर पत्थरलादना To endure pain patiently.
(ଛାତିରେ ପଥର ଲଦିବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତି ଚଳଚଞ୍ଚଳ ହେବାର କାରଣ ହେବା—
2. (figurative) To cause great anxiety to a person.

ଛାତିରେ ପଥର ଲଦା ହେବା—ଦେ. ବ—କୌଣସି ବିଶେଷ ଚିନ୍ତା ବା
Chhātire pathara ladāhebā ଉଦ୍‌ବେଗ ବା ଦାୟିତ୍ୱ ଆସି
বুকে পাথর চাপা হওয়া ମନୁଷ୍ୟକୁ ଘୋଟିବା—The devolving
छातीमें पत्थर रहना of a great responsibility or
ଛାତିରେ ବୋଝ ଲଦା ହେବା apprehension or anxiety.
(ଛାତିରେ ପାଣିଦାଣ୍ଡି (ପାହାଡ଼) ଲଦା ହେବା—ଅନ୍ୟରୂପ).

ଛାତିରେ ପଥର ଲଦି ବସିବା—ଦେ. କ୍ରି.—ସବୁଦା ଭୟ ଓ ଆଶଙ୍କା-
Chhātire pathara ladi basibā ଯୁକ୍ତ ଅଥଚ ଦମ୍ଭ ଧରି
ବସିବା—To wait patiently with a great anxiety or calamity impending over you.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛାତିରେ ପଥର ଲଦିବା—ଦେ. କ୍ରି.—୧ । ଅସହ୍ୟ ଦୁଃଖ ବା ବିପଦ ଯୋଗୁଁ ଅତି ଚିନ୍ତାନ୍ୱିତ ହେବା—
Chhātire pathara ladibā
বুকে পাথর চাপা
छातिपर पत्थर लदना
To be very anxious in expectation of an empending calamity.
୨ । ଅନ୍ୟ ବ୍ୟକ୍ତିକୁ ବିଶେଷ ଅପଦ୍ କରିବା—
2. To endanger a person.
୩ । ଅନ୍ୟ ବ୍ୟକ୍ତିକୁ ବିଶେଷ ଚିନ୍ତାନ୍ୱିତ କରିବା—
3. To cause great anxiety to a person.

ଛାତିରେ ପାଣିହାଣ୍ଡି ବସିବା—ଦେ. ବି—ଛାତିରେ ପଥର ଲଦିବା (ଦେଖ)
Chhātire pāṇihāṇḍi basibā
Chhātire pathara ladibā (See)

ଛାତିରେ ବାଉଁଶ ପକାଇବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ ଦଣ୍ଡ ଦେବା ବା ମାରି ପକାଇବା ପାଇଁ ତା ଛାତି ଉପରେ ଗୋଟିଏ ବାଉଁଶ ପକାଇ ଅନେକ ଲୋକ ଉକ୍ତ ବାଉଁଶର ଦୁଇ ମୁଣ୍ଡକୁ ମାଡ଼ି ବସିବା—To press a bamboo at the ends after pressing it on a person's breast (to turture or kill him.)
Chhātire bāuṅśa pakāibā
বুকে বাঁশ চাপা
छातीपर बाँस देना

ଛାତିରେ ବାଳ ଉଠିବା—ଦେ. କ୍ରି.—ଛାତି ଉପରେ ରୋମ ଉଠିବା—
Chhātire bāḷa uṭhibā 1. To have hair on one's breast.
বুকে চুল উঠা
छातीपर बाल उठना
[ଦ୍ର—ବାଲ୍ୟକାଳ ଅତିକ୍ରମ କରି ଯୁବାବସ୍ଥାରେ ପଦାର୍ପଣ କଲେ ମନୁଷ୍ୟଙ୍କ ଛାତିରେ ବାଳ ଉଠେ ।]
୨ । ଯୁବାବସ୍ଥାରେ ପଦାର୍ପଣ କରିବା—
2. To attain one's youth.
୩ । ନିଜର ସାଂସାରିକ କର୍ମ ବୁଝିବାପାଇଁ ଉପଯୁକ୍ତ ହେବା—
3. To become fit for looking after one's own affairs.
୪ । ବିଶ୍ୱାସୀପଣ ପ୍ରକାଶ କରିବା—4. To show signs of one's trustworthiness.
[ଦ୍ର—ଯେଉଁ ବ୍ୟକ୍ତି ଯୁବାବସ୍ଥା ପ୍ରାପ୍ତ ହେବା ପରେ ତା ଛାତିରେ ବାଳ ଉଠେ ନାହିଁ ସେ ଅତି ଅବିଶ୍ୱାସୀ ବୋଲି ଲୌକିକ ଧାରଣା ଓ ଢଗ ଅଛି ।]

ଛାତିରେ ମୁଣ୍ଡରେ ହେବା—ଦେ. ବି.—(ସ୍ତ୍ରୀ ଭାଷା)—କନ୍ୟା ରଜସ୍ୱଳା ହେବାରୁ ତାର ସ୍ତନଦ୍ୱୟ ସ୍ଫୀତ ଓ ପୁଷ୍ଟ ହେବା—Swelling of the breast of a grown up girl.
Chhātire muṇḍare hebā
ছাতিউঁভরনা

ଛାତିରେ ମାରି ହେବା—ଦେ. କ୍ରି.—ଗଭୀର ଶୋକାବେଗରେ ବକ୍ଷସ୍ଥଳରେ କରତାଡ଼ନା କରିବା—To strike one's palms on the breast in aparoxysm of grief; to wring one's breast in the agoney of grief
Chhātire māri hebā
বুক চাপড়না
छाती पीटना, छाती कूटना
ଛାତିରେ ପିଟି ହେବା }
ଛାତିରେ ବାଡ଼େଇ ହେବା } ଅନ୍ୟରୂପ

ଛାତିଲଗାଇବା—ଦେ. କ୍ରି.—୧ । ଆଲିଙ୍ଗନ କରିବା—
Chhāti lagāibā 1. To embrace.
বুকলাগনা
छातीसे लगाना
୨ । ଛାତିଦ୍ୱାରା ବଳ ପ୍ରୟୋଗ କରିବା ବା ପେଲିବା—
2 To push by the breast.
ଛାତି ଲଗେଇବା }
ଛାତିକି ଛାତି ଲଗା(ଗେ)ଇବା } ଅନ୍ୟରୂପ
୩ । ପରସ୍ପର ଛାତି ଲଗାଇ ପରସ୍ପରକୁ ସାହାଯ୍ୟ କରିବା—
3. To mutually help one another by putting the chest into a work.
୩ । ଅତି ସ୍ନେହ ଯୋଗୁଁ କୌଣସି ବ୍ୟକ୍ତିକୁ ସବୁବେଳେ ଆପଣା ପାଖରୁ ଅନ୍ତର ହେବାକୁ ନ ଦେବା—
3. Not to let a person part your company (as a result of excessive fondness); always to keep a person on one's side.

ଛାତିରେ ହାତ ଦେବା—ଦେ. କ୍ରି—୧ । ଶପଥ କରିବାବେଳେ ବକ୍ଷସ୍ଥଳରେ କରତଳ ଲଗାଇବା—
Chhātire hāta debā
বুকে হাত দেওয়া
छातीपर हात रखना
1. To touch one's breast with the palm while taking oath.
(ଛାତିରେ ହାତ ମାରିବା—ଅନ୍ୟରୂପ) ୨ । ସ୍ତ୍ରୀଲୋକର ସ୍ତନକୁ କରଦ୍ୱାରା ଧାରଣ କରିବା—
2. To handle the breast of a woman.

ଛାତି ସମ୍ଭାଳିବା—ଦେ. କ୍ରି—ଛାତି ଧରିବା ୨ (ଦେଖ)
Chhāti sambhāḷibā Chhāti dharibā 2 (See)

ଛାତ୍ର—ସଂ. ବି. ପୁଂ. (ଛତ୍ର=ଆବରଣ ଅର୍ଥାତ୍ ଗୁରୁଙ୍କ ଦୋଷାବରଣ + ଶୀଳାର୍ଥେ. ଅ; ଯେ ଗୁରୁଙ୍କ ଦୋଷାବରଣ କରେ)—
Chhātra
ଛାତ୍ରା }
ଛାତ୍ରୀ } ସ୍ତ୍ରୀ
୧ । ଶିକ୍ଷାର୍ଥୀ; ଶିଷ୍ୟ; ପଢ଼ୁଆ—
1. Disciple; pupil; scholar; student.
୨ । ମଧୁବିଶେଷ—2. A kind of hony.
୩ । ମଦ୍ୟବିଶେଷ—3. A kind of wine.

ଛାତ୍ରଗଣ୍ଡ—ସଂ. ବି. (ଛାତ୍ର + କୁତ୍ସାର୍ଥେ. ଗଣ୍ଡ)—ମୂର୍ଖ; ନିର୍ବୋଧ ଓ ଅମନୋଯୋଗୀ ପଢ଼ୁଆ ପିଲା—A pupil who is indifferent to his studies.
Chhātragaṇḍa

ଛାତ୍ରବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ଛାତ୍ର + ବୃତ୍ତି)—ଛାତ୍ରର ଜୀବିକା—
Chhātrabṛutti Studentship; students life.
ଦେ. ବି.—(ଆଧୁନିକ ପ୍ରୟୋଗ) ପଠନେଚ୍ଛୁ ପରିଶ୍ରମୀ ଓ ବୁଦ୍ଧିଶାଳୀ ଛାତ୍ରକୁ ବିଦ୍ୟାଶିକ୍ଷା କରିବାନିମନ୍ତେ ଦିଆଯିବା ନିର୍ଦ୍ଦିଷ୍ଟ ଧନ ସାହାଯ୍ୟ; ବୃତ୍ତି—Scholarship; stipend; regular allowance given to a student for continuing his studies.

ଛାତ୍ରବୃତ୍ତି ପରୀକ୍ଷା—ଦେ. ବି. (ଆଧୁନିକ ପ୍ରୟୋଗ)—ବୃତ୍ତିପରୀକ୍ଷା; ଯେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ସର୍ବୋତ୍କୃଷ୍ଟ ଛାତ୍ରକୁ କର୍ତ୍ତୃପକ୍ଷମାନେ ମାସିକ ଧନ ସାହାଯ୍ୟ କରନ୍ତି ବା ବୃତ୍ତି ଦିଅନ୍ତି; ବିଦ୍ୟାଳୟର ଶେଷ ପରୀକ୍ଷା—Scholarship examination; final examination of a school or class.
Chhātra bṛutti parikshā

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଭ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୠ	ନ୍ତୁ

ଛାତ୍ରାବାସ—ସଂ. ବି. (୬ଷ୍ଠୀ ତତ୍; ଛାତ୍ର+ଅବାସ)—ଯେଉଁଠାରେ
Chhātrābāsa ଶିକ୍ଷାର୍ଥୀମାନେ ଏକତ୍ର ବାସ କରନ୍ତି; ବୋର୍ଡିଙ୍ଗ୍; ହଷ୍ଟେଲ୍—Hostel; a students boarding house

ଛାଦ—ସଂ. ବି. (ଛଦ୍ ଧାତୁ+କରଣ. ଅ)—
Chhāda ୧ । ବହିରାବରଣ; ଆଚ୍ଛାଦନ—1. Covering.
୨ । ଘରର ଛାତ—2. Roof or thatch of a house.
୩ । ବୃକ୍ଷର ପତ୍ର—3. Leaf of a tree.
୪ । ଛାଲି; ବକଲା—4. Bark.
୫ । ଚମଡ଼ା—5. Skin; hide.

ଛାଦକ—ସଂ. ବିଣ. (ଛଦ୍ ଧାତୁ ଣିଚ୍=ଛାଦି ଧାତୁ+କର୍ତ୍ତୃ. ଅକ)—
Chhādaka ଆଚ୍ଛାଦନକାରୀ—
Covering; one who covers a thing.
ସଂ. ବି—ଘର ଛାଉଣିଆ; ଯେ ଘର ଉପର କରେ—
A thatcher.

ଛାଦନ—ସଂ. ବି. (ଛାଦ ଧାତୁ+ଭାବ. ଅନ)—
Chhādana ୧ । ଆଚ୍ଛାଦନ; ଆବରଣ—
1. Covering enveloping.
୨ । ଘୋଡ଼ାଇବା—2. Concealing.
୩ । ଘର ଛାଉଣି କରିବା—
3. Thatching of the roof of a house.
୪ । (+କରଣ. ଅନ) ଛାତ—4. Roof or thatch.
୫ । ପତ୍ର—5. Leaf.
୬ । ଛାଲ—6. Bark.
୭ । ଚମଡ଼ା—7. Skin.
୮ । ଦେହାବରଣ ବସ୍ତ୍ର—
8. Dress; cloth; raiment; clothing.
୯ । ଓଢ଼ଣା—9. A veil.
୧୦ । ଘୋଡ଼ଣୀ; ଘଣ୍ଟାଟପ—13. A cover.

ଛାଦିତ—ସଂ. ବିଣ. (ଛାଦ ଧାତୁ+କର୍ମ. ତ)—
Chhādita ୧ । ଆଚ୍ଛାଦିତ; ଆବୃତ—1. Covered.
୨ । ଲୁଚି ଯାଇଥିବା—2. Concealed.
୩ । ଓଢ଼ଣାରେ ଆବୃତ—3. Veiled.

ଛାନି—ଦେ. ବିଣ. (ସଂ. ଛାଦ୍ ଧାତୁ)—ଚକ୍ଷୁର ଡୋଳା ଉପରେ ମାଡ଼ି
Chhāni ଯିବା ପତଳା ଚମଡ଼ା; ପଟଳ; ଆଖି ଡୋଳାର ମାଡ଼-
ছানি କାଢ଼ିଆ ରୋଗ; ମୋତିଅବିନ୍ଦୁ—1. Cataract
মোতিয়াবিন্দ in the eye; a pearl in the eye.

ଛାନିଆଁ—ଦେ. ବି. (ସଂ. ଛନ୍ନ)—
Chhāniān̄ ୧ । ଛନକା; ହଠାତ୍ ଉପସ୍ଥିତ ଭୟ; ଶଙ୍କା—
চমক 1. Sudden fear; fright; terror;
ছমক alarm.
୨ । ହଠାତ୍ ଉପସ୍ଥିତ ଭୟଯୋଗୁଁ ହୃଦୟରେ ହେବା ଆବେଗ; ଚମକ—
2. Shying produced by fright.
ଦେ. ବିଣ—୧ । ଭୀତ; ତ୍ରସ୍ତ—1. Frightened;
চমকে alarmed; terror striken; struck dumb with terror.
୨ । ଡରୁଆ; ଭୀରୁ; ଭୟାଳୁ—2. Timid.

ଛାନିଆଁ କରିବା—ଦେ. କ୍ରି—ହଠାତ୍ ଭୟ ଜାତ କରିବା—
Chhāniān̄ kariba To frightened, to terrify.
চমকান
ছমকানা
(ଛାନିଆଁ ଲଗାଇବା—ଅନ୍ୟରୂପ)

ଛାନିଆଁ ପଶିବା—ଦେ ବି—(ମନରେ) ହଠାତ୍ ଭୟଜନିତ ଚାଞ୍ଚଲ୍ୟ
Chhāniān̄ pasiba ଉପସ୍ଥିତ ହେବା; ଚମକ—
Sudden fright.

ଛାନିଆଁ ପୂରାଇବା—ଦେ. କ୍ରି—୧ । ଛାନିଆଁ କରିବା (ଦେଖ)
Chhāniān̄ pūraiba 1. Chhāniān̄ kariba (See)
୨ । ନିଜେ ଭୟଭୀତ ହେବା—
2. To be alarmed.

ଛାନ୍ଦ—ଦେ. ବି (ସଂ. ଛନ୍ଦଃ)—୧ । ପଦ୍ୟର ରାଗିଣୀ—
Chhānda 1. Metre of a poem.
ছন্দ; ছঁদ্ ୨ । ଗୀତର ରାଗ—2. Musical air.
ছঁদ ୩ । ଏକ ରାଗିଣୀରେ ବନ୍ଧାଯାଇଥିବା ପଦ୍ୟ ବା ଗୀତ—
3. Poem composed in a particular metre.

ଛାନ୍ଦବନ୍ଦି—ଦେ. ବିଣ (ସଂ. ଛନ୍ଦୋବଦ୍ଧ)—ରାଗିଣୀରେ ରଚିତ—
Chhāndabandi Composed metrically;
(ଛାନ୍ଦବନ୍ଧ—ଅନ୍ୟରୂପ) metrically.

ଛାନ୍ଦମାଳା—ଦେ. ବି—ଓଡ଼ିଶାର ଭକ୍ତ କବି ମଧୁସୂଦନଙ୍କ ରଚିତ
Chhāndamāḻā ଲୋକପ୍ରିୟ ଶିଶୁପାଠ୍ୟ ପଦ୍ୟପୁସ୍ତକ—
Title of a book of small poems for young pupils by poet Madhusūdana.

ଛାନ୍ଦସ—ସଂ. ବି. ପୁଂ (ଛନ୍ଦସ୍=ବେଦ+ଅଧ୍ୟୟନାର୍ଥେ. ଅ)—
Chhāndasa ୧ । ବେଦାଧ୍ୟାୟୀ ଛାତ୍ର—1. A student learning the Bedas.
୨ । ବେଦାଧ୍ୟାପକ—2. A teacher of the Bedas.
୩ । ବେଦବ୍ୟାଖ୍ୟାନଯୁକ୍ତ ଗ୍ରନ୍ଥ—
3. A commentary on the Bedas.
ସଂ. ବିଣ—୨ । ବୈଦିକ; ବେଦ ସମ୍ବନ୍ଧୀୟ—1. Relating to the Bedas; Vedic.
ଛାନ୍ଦସ ବଧିର ଅନୁଷ୍ଠାନ ଗ୍ରନ୍ଥ—ରାଧାନାଥ. ଦରବାର ।
୨ । ମୂର୍ଖ (ହି. ଶବ୍ଦସାଗର)—2. Illiterate.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' କି ପାଇଲେ 'ବଧୁ' ଦେଖିବେ; 'ଅଁଟା' ନ ପାଇଲେ 'ଅଣ୍ଟା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ବେଦଜ୍ଞ (ହୁ. ଶବ୍ଦସାଗର)—
3. Versed in the Vedas.

୪ । ଛନ୍ଦଃ ସମ୍ବନ୍ଧୀୟ—4. Relating to metre; metrical.

୫ । ବେଦୋକ୍ତ; ବେଦରେ ବର୍ଣ୍ଣିତ—
5. Described the Bedas.

ଛାନ୍ଦସ ଜ୍ୟୋତିଃ—ସଂ. ବି (ଛାନ୍ଦସ = ବେଦୋକ୍ତ + ଜ୍ୟୋତି = ତେଜଃ) ସୂର୍ଯ୍ୟ—The sun.
Chhāndasa Jyotiḥ

ରହିବ ତାବତ ଭବେ ତୁମ୍ଭ ଯଶ
ଯାପିବେ ଯାବତ ଏ ଜ୍ୟୋତି ଛାନ୍ଦସ । ରାଧାନାଥ.

[ଦ୍ର—ସୂର୍ଯ୍ୟ ଅର୍ଥରେ ଏ ଶବ୍ଦର ପ୍ରୟୋଗ କୌଣସି ଅଭିଧାନରେ ଦେଖାଯାଏ ନାହିଁ, ସମ୍ଭବତଃ କବିବର ରାଧାନାଥ, ସୂର୍ଯ୍ୟ ବେଦରେ ଆଦ୍ୟ ଜ୍ୟୋତିରୂପେ ବର୍ଣ୍ଣିତ ହୋଇଥିବାରୁ ସୂର୍ଯ୍ୟଙ୍କୁ 'ଛାନ୍ଦସଜ୍ୟୋତି' ନାମରେ ଅଭିହିତ କରିଅଛନ୍ତି ।]

ଛାନ୍ଦୋଗ୍ୟ—ସଂ. ବି (ଛନ୍ଦସ୍ = ବେଦସମ୍ବନ୍ଧୀୟ + ଗମ୍ ଧାତୁ + କର୍ତ୍ତୃ. ଅ)—
Chhāndogya ବେଦ ମଧ୍ୟରେ ଗାନଯୋଗ୍ୟ ଅଂଶ; ସାମବେଦର ଅଂଶବିଶେଷ—A part of the Sāma Beda which can be sung.

ଛାପ୍—ଦେ. ବି (ମୁସଲମାନ ବ୍ୟବହୃତ)—ବିବାହ ଉପଲକ୍ଷରେ କନ୍ୟା
Chhāp ପକ୍ଷରୁ ବରକୁ ଉପହାର ଦିଆଯିବା ରୁମାଲର ଚାରି କୋଣରେ ଗଣ୍ଠି ପଡ଼ି ବନ୍ଧାଯାଇଥିବା ସୁନା ବା ରୂପାର ଚାରିଗୋଟି ମୁଦି—Four rings tied to the four corners of a handkerchief present to the bride-groom by the brides party on the occasion of a marriage before the marriage ceremony is formally solemnised amongst the Mahomedans.

ଛାପ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି—ହାତରେ କୌଣସି ପଦାର୍ଥକୁ
Chhāpkibā ଚପିକରି ଧରିବା—To press a thing with ones palm.

ଛାପ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି (ସଂ. ସ୍ଥାପି ଧାତୁ)—ବୋଳିବା;
Chhāpbā ମଡ଼ାଇବା; ଲେପିବା—To smear over; to daub.

(ଯଥା—କଣ୍ଠା ଘାରେ ବେଶର ଛାପ୍‌ବା—ସମ୍ବଲପୁରୀ ଢଗ = କଣ୍ଠା ଘାରେ ବେଶର ମଡ଼ାଇବା)

ଛାପ—ଦେ. ବି (ସଂ. ଚପ୍ ଧାତୁ = ଚୂର୍ଣ୍ଣ କରିବା—ଯୋଗେଶଚନ୍ଦ୍ର; ସଂ. ଛପ୍
Chhāpa ଧାତୁ = ସ୍ପର୍ଶକରିବା—ଜ୍ଞାନେନ୍ଦ୍ର)—୧ । ମୁଦ୍ରା; ଚିହ୍ନ—
ছাপা 1. Print; mark; impression.
छाप

ଛାପତିଳକ ମାଳା ଶୋହେ
ନବଗୁଁ କାମ କ୍ରୋଧ ଲୋଭେ—ଭୂପତି ପ୍ରେମପଞ୍ଚାମୃତ ।

୨ । ହରିନାମାବଳିମୁଦ୍ରିତ ଧାତୁଫଳକ; ଯହିଁରେ ଚନ୍ଦନ ବୋଳି ଦେହରେ ବସାଇଦେଲେ ହରିନାମ ଶରୀରରେ ଅଙ୍କିତ ହୋଇଯାଏ; ଛାପା; ଛପା; ହରିନାମମୁଦ୍ରା—
2. An engraved block with words containing the name of God which is impressed on the body.

ଅଙ୍ଗେ ବହନ୍ତି ଅନେକ ଛାପ,
କେହି ନ ଜାଣେ ଭିତର ପାପ । ଦୀନକୃଷ୍ଣ, ରସକଲ୍ଲୋଳ ।

୩ । ମୁଦ୍ରଣ—3 Stamping; printing.

୪ । ଛାପା ମାରିବା ମୋହର—
4. Seal; stamp; a dye.

୫ । (ବଣିଆ ଶବ୍ଦ) ମୁସଲମାନଙ୍କର ଏକ ପ୍ରକାର ହାତରେ ପିନ୍ଧିବା ମୁଦି A kind of ring.

୬ । (ସଂ. ଷ୍ଠୀବନ) ଛେପ; ଥୁକ—6. Spittle.

୭ । ଅକ୍ଷର ଲେଖା ହୋଇଥିବା ଧାତୁଫଳକ—7. An engraved block for printing on paper; calico.

ଛାପଚିକଣ—ଦେ. ବିଣ. (ସଂ. ଛବି ଓ ଚିକ୍କଣ)—୧ । ନାନା ବର୍ଣ୍ଣରେ
Chhāpachikaṇa ଚିତ୍ରିତ; ଚିତ୍ରବିଚିତ୍ର; ସବଳ ଓ ପରିଷ୍କୃତ
রংগঢ়ংগে ପରିଚ୍ଛଦ; ଛାପଛାପିକା; ଛଇଳା—
रंगबिरंग 1. Variegated; mottled.

ଛାପଚିକଣା
ଛାପଚିକଣିଆ } ଅନ୍ୟରୂପ
ଛାପଚିକଣିଆଁ

୨ । ମନୋହର; ଛବିଳ—2. Beautifully; coloured.

୩ । ଛଇଳା—3. Dandy; fophish.

୪ । ଧୋବଧାଉଳିଆ; ଭଦ୍ର ପରିଚ୍ଛଦଧାରୀ—
4. Wearing gentleman's dress.

ଛାପଛାପକା—ଦେ. ବିଣ.—ବହୁବର୍ଣ୍ଣଚିତ୍ରିତ; ନାନା ବର୍ଣ୍ଣରେ ରଞ୍ଜିତ;
Chhāpachhāpakā ଛାପଛାପିକା—
ছিপছিপে Mottled; variegated; spotted.
रंग बिरंग

ଛାପଛାପିକା
ଛାପଛାପିକିଆ } ଅନ୍ୟରୂପ

ଛାପଦେବା—ଦେ. କ୍ରି.—ଛାପା ମାରିବା (ଦେଖ)
Chhāpa debā Chhāpā māribā (See)
(ଛାପା ମାରିବା—ଅନ୍ୟରୂପ)

ଛାପ ଦେଇ ଲଘୁ ନ କର ହେଲେ,
ଛାଡ଼ ଟେକାଇ ଦେ ତରୁଣୀକୁଳେ ।
କବିସୂର୍ଯ୍ୟ, ରତ୍ନାକରଚଉତିଶା ।

ଛାପମୁଦି—ଦେ. ବି.—ଛାପା ମୁଦି (ଦେଖ)
Chhāpa mudi Chhāpā mudi (See)

ଛାପର୍—ପ୍ରାଦେ. (ସମ୍ବଲପୁର) ବି.—ମଇଁଷିଗାଧୁଆ ଛୋଟ ଜଳାଶୟ ବା
Chhāpar ଚୁବ—A water reservoir for buffaloes to bathe.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଉଅ	ଲ୍ଲ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ଳ

ଛାପର୍—ଦେ. ବିଣ.—ଛୋପର୍ (ଦେଖ)
Chhāpara Chhopara (See

ଛାପଲ୍—ପ୍ରାଦେ. (ସମ୍ବଲପୁର) ବି.—ଛାପର୍ (ଦେଖ)
Chhāpal Chhapar (See)

ଛାପା—ଦେ. ବି. (ସଂ. ଛବ); ସଂ. ଚପନ; ହି. ଶବ୍ଦସାଗର)—୧ । ମାର୍କା;
Chhāpā ମୁଦ୍ରାଙ୍କନ; ମୁଦ୍ରିତ ଚିହ୍ନ—
ଛାପ 1. Painted mark or spot.
छापा ୨ । ମୁଦ୍ରାବିନ୍ୟାସ; ମୁଦ୍ରଣ—
2. Printing; stamping.
୩ । ମୁଦ୍ରା; ମୋହର—3. Seal; stamp; dye.
୪ । ମୁଦ୍ରା; ଚିହ୍ନ—4. Print-mark; impression.
୫ । ନାମାଙ୍କିତ ମୁଦ୍ରା ବା ଫଳକ—5. Engraved block for printing on body, paper or cloth.
୬ । ଜଳ ମୋହର—6. A coin.
୭ । ହରିନାମାଙ୍କିତ ତିଳକ—7. Figures made with sandal paste on the body representing the name of God.

ସର୍ବାଙ୍ଗରେ ଛାପା ଲଗାଇ ହରିନାମ ଶୁଣାଇବା
ସବାଶେ ଗ୍ରାମକୁ ବାହାରିଲେ । ଫକୀରମୋହନ—ଛମାଣଆଠଗୁଣ୍ଠ ।

ଦେ. ବିଣ—୧ । ମୁଦ୍ରିତ—1. Printed.
୨ । ଚିହ୍ନିତ—2. Stamped; impressed.
୩ । ମୋହରଦିଆ; ମୁଦ୍ରାଙ୍କିତ—3. Sealed.

ଛାପାଇବା—ଦେ. କ୍ରି. (ଛାପିବାର ଣିଜନ୍ତରୂପ)—ମୁଦ୍ରିତ କରାଇବା—
Chhāpāibā To get printed or published.
ছাপান
छापाना
(ଛାପେଇବା)

ଛାପା କରିବା—ଦେ. କ୍ରି—ମୁଦ୍ରିତ କରିବା—
Chhāpā karibā To print.

ଛାପାକଳ—ଦେ. ବି—ମୁଦ୍ରାଯନ୍ତ୍ର—
Chhāpākala Printing machine.
ছাপাকল
छापेका कल

ଛାପା କାଗଜ—ଦେ. ବି—୧ । ମୁଦ୍ରିତ କାଗଜ—
Chhāpā kāgaja 1. Printed paper.
ছাপা কাগজ ୨ । କାଳିଶୋଷିବା କାଗଜ—2. Blotting paper.
छापाहुआ कागज

ଛାପା ଖରଚ—ଦେ. ବି—ମୁଦ୍ରଣ ବ୍ୟୟ—
Chhāpā kharacha Printing charges.
ছাপাই খরচ
छपाइका खर्च

ଛାପାଖାନା—ଦେ. ବି—ପ୍ରେସ୍; ମୁଦ୍ରାଳୟ; ଯେଉଁ ସ୍ଥାନରେ ମୁଦ୍ରାଯନ୍ତ୍ରଦ୍ୱାରା
Chhāpākhānā ପୁସ୍ତକାଦି ମୁଦ୍ରିତ ହୁଏ—
ছাপাখানা Printing house; press.
छापाखाना

ଛାପା ମାରିବା—ଦେ. କ୍ରି—୧ । ମୋହରଦ୍ୱାରା ମୁଦ୍ରିତ କରିବା; ଛାପିବା—
Chhāpā māribā 1. To set a stamp or dye on.
ছাপা মারা ୨ । ଦାଗ ଦେବା—2. To mark.
छापा मारना ୩ । (ଲକ୍ଷଣାର୍ଥ) ଦୋଷାରୋପ କରିବା; କଳଙ୍କଯୁକ୍ତ
(ଛାପାଦେବା—ଅନ୍ୟରୂପ) କରିବା—3. (figurative) To stain one's character.

ଛାପାମୁଢ଼ି—ଦେ. ବି—ଛପାମୁଢ଼ି (ଦେଖ)
Chhāpāmudi Chhapāmudi (See)

ଛାପି—ଦେ. ବି—ଦେହକୁ ଝାଳ ଆଦି ପୋଛିବା ଛୋଟ ଗାମୁଛା—
Chhāpi A small napkin to cleanse.

ଛାପିଛାପିକିଆ—ଦେ. ବି—ଛାପଛାପକା (ଦେଖ)
Chhāpichhāpikiā Chhāpachhāpakā (See)
(ଛାପିଛାପିକିା—ଅନ୍ୟରୂପ) ଝିଙ୍କି ସଙ୍ଗେ ଖେଳ ଛାପିଛାପିକିଆ
ପ୍ରଦୋଷର ମହାତ୍ମ୍ୟ । ରାଧାନାଥ—ଯଯାତି ।

ଛାପିଛାପି ଦେବା—ଦେ. କ୍ରି—କନା ବା ଛାପା କାଗଜରେ ବାରମ୍ବାର
Chhāpichhāpi debā ଛାପିବା—To blot repeatedly with blotting or rag

ଛାପି ଦେବା—ଦେ. କ୍ରି—ପୁସ୍ତକାଦିକୁ ମୁଦ୍ରିତ କରିବା—
Chhāpi debā To print a book.
ছাপে দেওয়া
छाप देना

ଛାପି ନେବା—ଦେ. କ୍ରି—ପୁସ୍ତକାଦିକୁ କୌଣସି ମୁଦ୍ରାଳୟ ବା ପ୍ରେସରେ
Chhāpi nebā ଛପାଇବା—To get a book printed at some press.
ছেপে নওয়া
छाप लेना

ଛାପିବା—ଦେ. କ୍ରି. (ସଂ. ଚପନ—ହି. ଶବ୍ଦସାଗର)—
Chhāpibā ୧ । ମୁଦ୍ରାଙ୍କନ କରିବା—1. To print.
ছাপা; ছাপান ୨ । ମୋହର ମାରିବା; ମୁଦ୍ରଣ କରିବା—
छापना 2. To cast a dye; to stamp; to impress.
୩ । ସଦ୍ୟ ଲେଖା କାଗଜରୁ କାଳିକୁ ଶୋଷିବା ନିମନ୍ତେ ଛାପା କାଗଜ ମାରିବା—3. To blot or to apply bloting paper on a newly written paper.
୪ । ଢଳି ଯାଇଥିବା ପାଣି, କାଳି, ତେଲ ଆଦିକୁ କନାଦ୍ୱାରା ଶୋଷାଇବା—4. To apply a rag to spilt liquid for soaking.

[ତୁ—ତେଲ ତେଲ ପେଡ଼ିଲାବେଳେ ଘଣାରୁ ଏହିପରି ତେଲ ଛାପିଥିଣି ଛାପା କନାକୁ 'ତେଲସିଡ଼ିବେ ଚପୁଡ଼ି ତେଲ ସଂଗ୍ରହ କରେ ।]

୫ । ଲୁଚିବା; ଲୁଚିବା—
5. To be hidden; to hide one s self.

୬ । ମାର୍କା ଦେବା; ଚିହ୍ନ ଦେବା—
6. To impress; to imprint.

୭ । ଗାଧୋଇବା ପରେ ଦେହକୁ ଗାମୁଛାଦ୍ୱାରା ପାଣି ପୋଛିବା ।
7. To scour the wet body with a napkin after bath.

ସ୍ୱର୍ଣ୍ଣକୁମ୍ଭେ ପାଣି ଅଣି ଅଭିଷେକାଲେ
ତଦନ୍ତେ ଦେହ ବସନେ ଛାପି ଦେଲେ—କୃଷ୍ଣସିଂ. ମହାଭାରତ. ଅଦ ।

୮ । ଗୃହ ଇତ୍ୟାଦି ଛୋଇଁବା ବା ମରାମତି କରିବା—
8. To thatch.

ପଞ୍ଚା କୁଡ଼ିଅକୁ ଛପୁଛନ୍ତି ଭଙ୍ଗା ବାଡ଼—ପ୍ରାଚୀ. ବୃନ୍ଦାବନରୂପଣଗୀତା ।

ଛାବଲ—ଦେ. ବି—ଏକପ୍ରକାର ଖେଳ (ଗୋପୀନାଥ ନନ୍ଦ)—
Chhābaḷa A kind of game or sports.

ଛାମୁ—ଦେ. ବି. (ସଂ. ସମ୍ମୁଖ)—୧ । ସମ୍ମୁଖ—
Chhāmu 1. Front side.
ହଜୁର ୨ । ନୈକଟ୍ୟ—2. Nearness; proximity.
ହଜୁର ୩ । (ମାନ୍ୟ ପୁରୁଷ) ରାଜା ବା ସମ୍ମାନାର୍ହ ବ୍ୟକ୍ତିଙ୍କ ସମୀପ, ସାନ୍ନିଧ୍ୟ; ହଜୁର—
3. Royal presence or majesty.
(ଯଥା—ମୁଁ ଆଜି ରଜାଙ୍କ ଛାମୁକୁ ଯାଇଥିଲି ।)
୪ । ଦେବତାଙ୍କ ସାନ୍ନିଧ୍ୟ ବା ସାମ୍ମୁଖ୍ୟ—
4. The vicinity of a deity.
(ଯଥା—କୋଠ ଭୋଗ ଦେବତାଙ୍କ ଛାମୁରେ ବଢ଼ା ହୁଏ ।)

ଦେ. ବିଣ—୧ । ସମ୍ମୁଖରେ ଥିବା—
1. Situate in front.
(ଯଥା—ଛାମୁଦାନ୍ତ ।)
୨ । ଯେଉଁ ସେବକ ରାଜା ବା ଦେବତାଙ୍କ ସମ୍ମୁଖରେ ସେବା କରେ—2. (a servant) Who renders service in the presence of a king or deity.
(ଯଥା—ଛାମୁ ଖୁଣ୍ଟିଆ; ଛାମୁ ମସାଲଚୀ ।)

ଦେ. ଅ—୧ । ଶ୍ରୀ ମହାରାଜ !; ଶ୍ରୀଦେବ !; ମହିମା !; ଶ୍ରୀହଜୁର—
1. An address to Royl Highness meaning Your Highness; Your Majesty !.
[ଦ୍ର—ରାଜାଙ୍କୁ ଆପଣ ବୋଲି ନ କହି ଛାମୁ ସମ୍ବୋଧନ କରନ୍ତି । ଯଥା—ଛାମୁ ! କଣ ଆଜ୍ଞା କରୁଅଛନ୍ତି ?]
୨ । (ଶିଷ୍ୟ ଗୁରୁଙ୍କୁ କିମ୍ବା ପ୍ରଜା ରାଜାଙ୍କୁ ଉତ୍ତର କରିବାରେ ପ୍ରଯୋଜ୍ୟ ଅବ୍ୟୟ) ଆଜ୍ଞା; ଅବଧାନ; ହଁ—
2. (interjection used in response to a king or preceptor) Yes ! Your Highness.

ଛାମୁଆଁ—ଦେ. ବିଣ—୧ । ସମ୍ମୁଖସ୍ଥ—
Chhāmuāñ 1. Frontal.
୨ । ସମ୍ମୁଖ ବା ସନ୍ନିଧିରେ ଥିବା; ଛାମୁରେ ସର୍ବଦା ଉପସ୍ଥିତ ଥିବା; ସର୍ବଦା ଛାମୁଙ୍କ ଗହଣରେ ଥିବା—2. Living or always present near His Majesty.

ଦେ. ବି—୧ । ରାଜାଙ୍କ ପାର୍ଶ୍ୱଚର ଭୃତ୍ୟ; ଛାମୁଙ୍କ ଖାସ୍ ସେବାକାରୀ ଚାକର—
1. Personal servant of a Rājā.

ଅସନ୍ତି ପୂଜକଦଳ ଭକ୍ତି ନାନାମତେ
ପ୍ରବୀଣ ଛାମୁଆ ପଣେ ... ... । ରାଧାନାଥ. ମହାଯାତ୍ରା ।

୨ । ରାଜାଙ୍କ ପାଖରେ ରହିବା ମୋସାହେବ—
2. A hanger-on on a king.

ଦେ. ବି. ସ୍ତ୍ରୀ—୧ । ରାଜାଙ୍କ ଶ୍ରୀଅଙ୍ଗଲଗା ଦାସୀ; ରାଜାଙ୍କ ଅବିବାହିତା ରକ୍ଷିତା ଦାସୀ; ଯେ ସର୍ବଦା ରାଜାଙ୍କ ଅଙ୍ଗ ସେବା କରେ—1. Personal maid servant or concubine of a Rāiā.

ଛାମୁଆଁ ଦାନ୍ତ—ଦେ. ବି. (ସଂ. ସମ୍ମୁଖ + ଦନ୍ତ)—
Chhāmuāñ dānta ଛାମୁଦାନ୍ତ (ଦେଖ)
Chhāmudānta (See)

ଛାମୁକରଣ—ଦେ. ବି—ରାଜା ବା ବଡ଼ଲୋକଙ୍କ ନିକଟରେ ସର୍ବଦା
Chhāmukaraṇa ଉପସ୍ଥିତ ଥିବା ଘରୋଇ ହିସାବପତ୍ର ରକ୍ଷିବା କର୍ମଚାରୀ; ହଜୁର ତହସିଲ—
1. A personal accounts clerk.
୨ । ରାଜା ବା ବଡ଼ଲୋକଙ୍କ ନିକଟରେ ଯେ କାଗଜ ପେଶ କରନ୍ତି; ପେସ୍କାର—2. A peskar; a clerk who puts up paper befor a Rājā or rich-man.

ଛାମୁକରଣି—ଦେ. ବି—ଛାମୁକରଣପଣିଆ; ଛାମୁକରଣର କାମ—
Chhāmukaraṇi The duty of a Chhāmukaraṇa.

ଛାମୁ କରିବା—ଦେ. କ୍ରି—(ଅତି ମାନ୍ୟାର୍ଥେ ରାଜା ପ୍ରଭୃତିଙ୍କୁ)
Chhāmu karibā ନମସ୍କାର କରିବା—To bow down (to great man or king).

ଛାମୁଖୁଣ୍ଟିଆ ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବକ-
Chhāmukhuṇṭiā sebaka ବିଶେଷ ।
[ଦ୍ର—ଏମାନେ ପ୍ରତ୍ୟହ ଫୁଲ, କରପଲ୍ଲବ ଇତ୍ୟାଦି ଆଣି ସରଘରେ ସାଇତି ରଖନ୍ତି; ଅବକାଶବେଳକୁ ସିଂହାରମାନଙ୍କୁ ଡକାଇ ଆଣନ୍ତି ଏବଂ ଅଣସରଦ୍ୱାର ଜଗନ୍ତି । ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ଛାମୁଗହଣ—ଦେ. ବି. (ସଂ. ସମ୍ମୁଖ + ଗଣ)—ରାଜାଙ୍କ ସମଭିବ୍ୟାହାର—
Chhāmugahaṇa Company of or attendance on a king.
(ଛାମୁଙ୍କ ଗହଣ—ଅନ୍ୟରୂପ)
(ଯଥା—ଛାମୁ ଗହଣରେ ୧୦୦ ଲୋକ ଅଛନ୍ତି ।)

ଛାମୁଚିଟାଉ—ଦେ. ବି—୧ । ରାଜାଙ୍କ ଆଦେଶପତ୍ର; ଯେଉଁ ଆଦେଶପତ୍ର
Chhāmuchiṭāu ସ୍ୱୟଂ ରାଜାଙ୍କ ଶ୍ରୀହସ୍ତାଙ୍କିତ ହୋଇ ପଠାଯାଏ—
1. A letter emanating from the kings royal presence.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଓ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୱ	ନ୍ତ

୨ । ସନନ୍ଦ—2. Charter.

ଛାମୁଡ଼ିଆ—ଦେ. ବି. (ସଂ. ଛାୟାମଣ୍ଡପ)—
Chhāmurdiā ୧ । ବିବାହାଦି ଉତ୍ସବ ନିମନ୍ତେ କରାଯାଇଥିବା ଡାଳପତ୍ରାଦି ରଚିତ ଛାୟାଯୁକ୍ତ ଅସ୍ଥାୟୀ ମଣ୍ଡପ—
ছাঁদলা
मंडप; बारहदरी
1. A temporary awning or shade made of branches and twigs put on a frame-work of bamboos; built on ceremonial occasions.
ଛାମୁଣ୍ଡା, ଛାମୁଣ୍ଡି, ଛାମୁଣ୍ଡିଆ } ଅନ୍ୟରୂପ

[ଦ୍ର—ଏହା ତଳେ ବିବାହ ବେଦୀ ହୁଏ ଏବଂ ଜାତିଭାଇମାନେ ବସି ଭୋଜନ କରନ୍ତି ।]

ବଡ଼କ ବାଲି ବେଢ଼ ନୂଆ ମାଧବୀକୁଞ୍ଜ ଛାମୁଡ଼ିଆ—
ଭୂପତି. ପ୍ରେମପଞ୍ଚାମୃତ ।

୨ । ଜାତିଚ୍ୟୁତ ବା ପ୍ରାୟଶ୍ଚିତ୍ତୀ ହାଟୁଆ ଜାତିର ବ୍ୟକ୍ତି ଜାତିଭାଇଙ୍କୁ ଯେଉଁ ଛାୟାମଣ୍ଡପ ତଳେ ଖୁଆଏ—
2. A temporary shed raised by a person for feeding his caste men on occasion of expiation.

ଛାମୁଣ୍ଡିଆ କରିବା—ଦେ. କ୍ରି—୧ । ଛାୟାମଣ୍ଡପ ନିର୍ମାଣ କରାଇବା—
Chhāmundiā karibā 1. To raise a temporary shed for ceremonial occasions.
(ଛାମୁଣ୍ଡିଆ ବାନ୍ଧିବା—ଅନ୍ୟରୂପ)

୨ । ହାଟୁଆସମାଜର ପତିତ ବ୍ୟକ୍ତି ଜାତିରେ ପୁନର୍ଗୃହୀତ ହେବା ନିମନ୍ତେ ପ୍ରାୟଶ୍ଚିତ୍ତ କରି ଜାତିଭାଇଙ୍କୁ ଖୁଆଇବା—
2. To perform expiation and feed the cast-men in order to be admitted into the folds of one's society; (said of a person of the Hāṭuā society excomunicated from society).

[ଦ୍ର—ହାଟୁଆ ଜାତି ମଧ୍ୟରେ କେହି ଜାତିଚ୍ୟୁତ ହେଲେ ସେ ଜାତିରେ ପୁନର୍ବାର ଗୃହୀତ ହେବା ନିମନ୍ତେ ପ୍ରାୟଶ୍ଚିତ୍ତ କରି ଜାତିଭାଇଙ୍କୁ ଖୁଆଇବା ନିମନ୍ତେ ଛାମୁଣ୍ଡିଆ କରେ ।]

ଛାମୁଦାନ୍ତ—ଦେ. ବି. (ସଂ. ସମ୍ମୁଖ+ଦନ୍ତ)—ପାଟିର ସମ୍ମୁଖରେ ଥିବା ଦାନ୍ତ; ଅଗଦାନ୍ତ—
Chhāmudānta
সামনাদাঁত
Front tooth; incisor (teeth).

ତମ୍ଭାର ଛାମୁଦାନ୍ତ ଦୁଇଗୋଟି ବାହାର ହୋଇ × × ×
ପର୍ବତଶୃଙ୍ଗ ପରି ଟେକି ରହିଥିବାରୁ ସେ ଶିଖରଦଶନା—
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଛାମୁଦାନ୍ତୁରା—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତିର ଛାମୁଦାନ୍ତମାନ ବଡ଼ ବଡ଼ ହୋଇ ଅଗକୁ ଫୁଟି ଦିଶୁଥାଏ—(a person)
Chhāmudānturā
(ଛାମୁଦାନ୍ତୁରୀ—ସ୍ତ୍ରୀ) Having the front teeth projecting beyond the lips.

ଛାମୁଦିହୁଡ଼ି—ଦେ. ବି—ରାଜା ବା ଦେବତାଙ୍କ ଅଗରେ ଧରାଯିବା ମସାଲ—Torch held before a Raja or Diety.
Chhāmudihurdi
(ଛାମୁମସାଲ—ଅନ୍ୟରୂପ)

ଛାମୁଦିହୁଡ଼ିଆ—ଦେ. ବି—ଯେଉଁ ବ୍ୟକ୍ତି ରାଜା ବା ଦେବତାଙ୍କ ଆଗେ ଆଗେ ମସାଲ ଧରେ—One who bears the torch before a Rājā or Deity.
Chhāmudihurdiā
(ଛାମୁମସାଲ୍‌ଚୀ—ଅନ୍ୟରୂପ)

ଛାମୁଦୁଆର—ଦେ. ବି. (ସଂ. ସମ୍ମୁଖ+ଦ୍ୱାର)—ସଦର ଦରୱାଜା—
Chhāmuduāra Sadar door; front door.

ଛାମୁର—ଦେ. (ପଦ୍ୟ) ଅ—ଆଗରେ—
Chhāmura In front.

ଅପରେ ଯେତେ ଉପଚାର, ସ୍ଥାପିବ କୃଷ୍ଣର ଛାମୁର—
ଜଗନ୍ନାଥ. ଭାଗବତ ।

ଛାମୁରୁ—ଦେ. ଅ—୧ । ଶ୍ରୀହଜୁରରୁ—
Chhāmuru 1. From his royal highness.

୨ । ଆପଣଙ୍କଠାରୁ—2. From you.

୩ । ଆପଣଙ୍କ ନିକଟରୁ—3. From your side.

(ଯଥା—ଛାମୁରୁ ବିଦାୟ ହେଉଅଛି ।)

ଧର୍ମଙ୍କ ଛାମୁରୁ ପାର୍ଥ ଭୋଜନ ମେଲଣି—ଜଗନ୍ନାଥ. ଭାଗବତ ।

ଛାମୁରେ—ଦେ. ଅ—୧ । ଶ୍ରୀ ହଜୁରରେ; ହଜୁରଙ୍କ ନିକଟରେ—
Chhāmure 1 At or near his Royal Highness; to His Royal Highness.

୨ । ଦେବତା ଆଦିଙ୍କ ସମ୍ମୁଖରେ; ନିକଟରେ (ରଖାଯିବା ଭୋଗ ଆଦି)—2. In front or near the Diety.

(ଯଥା—ସକାଳ ଧୂପରେ ଏ ଭୋଗତକ ଛାମୁରେ ବସାଇ ଦେବ ।)

୩ । ଆପଣଙ୍କ ନିକଟରେ—
3. To or at your Royal Highness.

(ଯଥା—ଛାମୁରେ ମୋର ନିବେଦନ ଏହି କି ।)

୪ । ସମ୍ମୁଖରେ—4. In front

ସ୍ୱେଚ୍ଛୁପେ ସନମାନ କରି
ଛାମୁରେ ଭଲି ଦଣ୍ଡଧାରୀ । ଭୂପତି. ପ୍ରେମପଞ୍ଚାମୃତ ।

୫ । ନିକଟରେ—5. Before; near.

ଅବଶ୍ୟ ତା ଛାମୁରେ ମୁଁ ନିବେଦନ କରିଛି । କବିସୂର୍ଯ୍ୟ. କଣୋଉଜନ୍ମ ।

ଛାମୁରେ ହେବା—ଦେ. କ୍ରି—ନିକଟରେ ବା ସମ୍ମୁଖରେ ଉପସ୍ଥିତ ହେବା—
Chhāmure hebā To reach the presence of

ଆକାଶରେ ନ ଦେଖିଲେ, ଶରେ ପୀଡ଼ିତ ହୋଇଲେ
ଲେଉଟି ଚାହିଁ ଅଇଲେ, ଛାମୁରେ ହେଲେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଛାମୁଲଗି—ପ୍ରାଦେ. (ଗଡ଼ଜାତ) ବିଣ—ରାଜାଙ୍କ ନିଜର ବ୍ୟବହୃତ ବା ବ୍ୟବହାର୍ଯ୍ୟ—Intended for the use of or used by a Raja.
Chhāmulāgi

ଛାମୁହେବା—ପ୍ରାଦେ. (ଗଞ୍ଜାମ) କ୍ରି—ନମସ୍କାର କରିବା; ପ୍ରଣାମ କରିବା—
Chhāmu hebā To bow down.

ଛାୟା—ସଂ. ବି. (ଛୋ ଧାତୁ=ଛେଦନ ଅର୍ଥାତ୍ ଖଣ୍ଡନ ଛେଦନ କରିବା +କର୍ତ୍ତୃ. ଯ+ଅ; ତୁଳ. ପା. ସାୟା; ଗ୍ରୀକ୍—ସ୍କା)—
Chhāyā

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ପରସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୧ । ଛାଇ; ଅନାତପ; ଖରାର ଅଭାବ—
1. Shade; absence of sun's rays.

୨ । ଅନ୍ଧକାର—2. Darkness.

୩ । ପ୍ରତିବିମ୍ବ; ପାଣି ଓ ଦର୍ପଣର ସମ୍ମୁଖରେ ଥିବା ବସ୍ତୁର ବିପରୀତ ଦିଗରେ ଲକ୍ଷିତ ପ୍ରତିରୂପ—
3. Reflected image; reflection.

ଦର୍ପଣ ଯେନ ଯେଉଁ ବସ୍ତୁ
ଗ୍ରହିଁଲେ ଛାୟା ହୋଏ ଜାତ । ଜଗନ୍ନାଥ. ଭାଗବତ ।

୪ । ସୂର୍ଯ୍ୟ ବା ଚନ୍ଦ୍ର କିରଣ ବା ଆଲୋକ କୌଣସି ବସ୍ତୁ ଉପରେ ପଡ଼ିଲେ ସୂର୍ଯ୍ୟର ବିପରୀତ ଦିଗରେ ଯେଉଁ ଅନ୍ଧକାର ମୟ ବିମ୍ବ ଲକ୍ଷିତ ହୁଏ—
4. Shadow.

୫ । କୌଣସି ବସ୍ତୁର ପ୍ରତିରୂପ—5. Image of a thing.

୬ । ରୂପ; ସାଦୃଶ୍ୟ—7. Likeness; image.

୭ । କାନ୍ତି; ପ୍ରଭା; ଛଟା—
7. Brightness; lustre; gloss.

୮ । ସୌନ୍ଦର୍ଯ୍ୟ—8. Beauty.

୯ । ଅବସ୍ତୁ; ଅଶରୀରୀ ରୂପ—
9. Spectre; apparition.

୧୦ । ଆଶ୍ରୟ—10. Refuge; shelter.

୧୧ । ପାଳନ; ଶରଣ; ରକ୍ଷା—
11. Patronage; supporting; protection.

୧୨ । ସୂର୍ଯ୍ୟଦେବଙ୍କ ଦୁଇ ପତ୍ନୀ ମଧ୍ୟରୁ ଏକ—
12. One of the two wives of the Hindu Sun-God.

[ଦ୍ର—ସୂର୍ଯ୍ୟଙ୍କର ଅନ୍ୟ ପତ୍ନୀର ନାମ ସଂଜ୍ଞା; ସଂଜ୍ଞା ବିଶ୍ୱକର୍ମାଙ୍କ କନ୍ୟା । ସୂର୍ଯ୍ୟଙ୍କ ଔରସରେ ଏହାଙ୍କ ଗର୍ଭରୁ ବୈବସ୍ୱତ ମନୁ, ଶ୍ରାଦ୍ଧଦେବ, ଯମ ଓ ଯମୁନା ଜନ୍ମିଥିଲେ । ସୂର୍ଯ୍ୟଦେବଙ୍କ ତେଜୋରାଶିକୁ ସଂଜ୍ଞା ସମ୍ଭାଳି ନ ପାରି ନିଜ ଦେହରୁ ନିଜର ପ୍ରତିରୂପ ଭଳି ଗୋଟିଏ କନ୍ୟା ଜାତ କଲେ । ସେ କନ୍ୟାର ନାମ ଛାୟା । ସଂଜ୍ଞା ସେହି କନ୍ୟାକୁ ସୂର୍ଯ୍ୟଙ୍କ ପାଖେ ଛାଡ଼ିଗଲେ ଏବଂ ଏ କଥା ସୂର୍ଯ୍ୟଙ୍କଠାରେ ପ୍ରକାଶ ନ କରିବାକୁ ଛାୟାଙ୍କୁ କହିଗଲେ ଓ ସ୍ୱୟଂ ଅଶ୍ୱିନୀ (ଘୋଡ଼ୀ) ରୂପଧାରଣ କରି ବନରେ ତପସ୍ୟା କଲେ । ସଂଜ୍ଞା ମଧ୍ୟ ସ୍ୱଗର୍ଭଜାତ ସନ୍ତାନମାନଙ୍କୁ ପାଳିବା ପାଇଁ ଛାୟାଙ୍କ ନିକଟରେ ଛାଡ଼ିଗଲେ । ସୂର୍ଯ୍ୟ ଛାୟାଙ୍କୁ ସଂଜ୍ଞା ବୋଲି ଜାଣି ପୂର୍ବପରି ତାଙ୍କ ସଙ୍ଗେ ବିହାର କଲେ ଓ ଛାୟାଙ୍କ ଗର୍ଭରୁ ଶନୈଶ୍ଚର, ସାବର୍ଣ୍ଣିମନୁ ନାମରେ ଦୁଇ ପୁତ୍ର ଓ ତପତୀ ନାମରେ କନ୍ୟା ଜନ୍ମିଲେ । ଛାୟା ଆପଣା ପୁତ୍ରମାନଙ୍କୁ ସଂଜ୍ଞାଙ୍କ ପୁତ୍ରମାନଙ୍କ ଅପେକ୍ଷା ବେଶି ସ୍ନେହ କଲେ । ଏଥିରେ ଯମ କ୍ରୁଦ୍ଧ ହୋଇ ତାଙ୍କୁ ଗୋଇଠା ମାରିବାରୁ ସେ ଯମଙ୍କୁ ଅଭିଶାପ ଦେଲେ ଯେ ତୋ ଗୋଡ଼ ଛିଣ୍ଡିପଡ଼ୁ । ସୂର୍ଯ୍ୟ ଛାୟାଙ୍କୁ ସନ୍ତାନମାନଙ୍କ ପ୍ରତି ଏ ଭେଦ ଭାବର କାରଣ ପଚାରିବାରୁ ଛାୟା ପ୍ରଥମେ କିଛି କହିଲେ ନାହିଁ । ପରେ ସୂର୍ଯ୍ୟ ସମାଧିଦ୍ୱାରା ସଂଜ୍ଞାଙ୍କ ରୂପ ପରିବର୍ତ୍ତନ ବିଷୟ ଜାଣିପାରି ବିଶ୍ୱକର୍ମାଙ୍କୁ ଯାଇ ପଚାରିବାରୁ ବିଶ୍ୱକର୍ମା କହିଲେ ଯେ ସଂଜ୍ଞା ତୁମ ତେଜ ସମ୍ଭାଳି ନ ପାରି ଅଶ୍ୱିନୀରୂପ ଧାରଣ କରି ତପସ୍ୟା କରୁଅଛି । ସୂର୍ଯ୍ୟ ଏହା ଅବଗତ ହୋଇ ନିଜର ତେଜରୁ କେତେକ ଅଂଶ କମାଇ ଦେଇ ସହନୀୟ ରୂପ ଧାରଣ କରି ଘୋଟକୀରୂପଧାରିଣୀ ସଂଜ୍ଞାଙ୍କ ନିକଟ ପହଞ୍ଚି ତାଙ୍କ ସଙ୍ଗେ ମିଳିତ ହେଲେ ଓ ତାଙ୍କ ଔରସରେ ସଂଜ୍ଞାଙ୍କଠାରୁ ଅଶ୍ୱିନୀକୁମାର ଦ୍ୱୟ ଜନ୍ମ ହେଲେ—ହି. ଶବ୍ଦସାଗର ।]

୧୩ । ମହାମାୟା; ଦୁର୍ଗା; କାତ୍ୟାୟନୀ—
13. Goddess Durgā.

୧୪ । ମାୟା—14. Illusion; delusion.

୧୫ । ଉତ୍କୋଚ; ଲାଞ୍ଚ—15. Bribe.

୧୬ । ବିଷାଦ—16. Mental despondency or sorrow.

୧୭ । ପଂକ୍ତି; ଶ୍ରେଣୀ (ଶବ୍ଦକଳ୍ପଦ୍ରୁମ)—
17. Class; row.

୧୮ । ଅନୁକରଣ; ନକଲ (ହି. ଶବ୍ଦସାଗର)—
18 Imitation copy.

୧୯ । ୧୭ ଗୁରୁ ଓ ୨୩ ଲଘୁବର୍ଣ୍ଣବିଶିଷ୍ଟ ଆର୍ଯ୍ୟାଛନ୍ଦର ଭେଦବିଶେଷ—19. Name of a sanscirt metre.

୨୦ । ରାଗିଣୀବିଶେଷ—2. Name of a musical air.

[ଦ୍ର—ସଙ୍ଗୀତସାର ମତରେ ଏହା ହମ୍ବୀର ଓ ଶୁଦ୍ଧନଟ ରାଗଦ୍ୱୟର ଯୋଗରେ ଉତ୍ପନ୍ନ, ଏଥିର ପଞ୍ଚମ ବାଦୀ, ଋଷଭ ସଂବାଦୀ ଓ ଅବରୋହଣରେ ତୀବ୍ର ମଧ୍ୟମ ଲାଗେ । ସଙ୍ଗୀତ ଦାମୋଦର ମତରେ ଏହା ଓଡ଼ବ ଓ ଏଥିର ସାରଗାମା—ନିଧମଗସା ଅଟେ— ହି. ଶବ୍ଦସାଗର ।]

୨୧ । ଭୂତ ପ୍ରେତାଦିଙ୍କ ପ୍ରଭାବ—21. The influence of a spirit on person.

(ଯଥା— ନୂଆବୋହୂ ସନ୍ଧ୍ୟାବେଳେ ପାଣି ଆଣିବାକୁ ଗଲାବେଳେ ଏହା ଉପରେ କାହା ଛାୟା ପଡ଼ିଯିବାରୁ ଏ ଏପରି ବିକୁଛି ।)

ଦେ. ବି—ତଳେ ବସିବା ବ୍ୟକ୍ତିଙ୍କ ଉପରେ ହିମ ବା ସୂର୍ଯ୍ୟକିରଣ ନ ପଡ଼ିବା ପାଇଁ ରଚିତ ଅସ୍ଥାୟୀ ଛାୟାମଣ୍ଡପ; ଛାମୁଣ୍ଡିଆ—A temporary shade or cover raised to protect the sitters from sun and dew.

(ଯଥା—ଅଗଣାରେ ଛାୟା ନ କରିଦେଲେ ଲୋକେ ଖରାବେଳେ ଏଠାରେ ବସି ପାରିବେ ନାହିଁ ।)

ଛାୟାଉପଚ୍ଛାୟା—ସଂ. ବି—୧ । (ବିଜ୍ଞାନପରିଭାଷା) ସୂର୍ଯ୍ୟଙ୍କର
Chhāyāupachchhāyā ଆଲୋକ କୌଣସି ବଡ଼ ବସ୍ତୁ ଉପରେ ପଡ଼ିଲେ ତଦ୍ୱାରା ଉତ୍ପନ୍ନ ହେବା ଗାଢ଼ ଅନ୍ଧକାରଯୁକ୍ତ ଛାୟା ଓ ଲଘୁ ଅନ୍ଧକାରଯୁକ୍ତ ଛାୟା—
1. Umbra and penumbra.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉ୍ଅ	ଢ଼
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଓ୍	ଢ଼

୨ । (କଟରିଥ ଭାଷା) କୌଣସି ପଦାର୍ଥର ଛାଇ ଓ „ ତାହାର ପ୍ରତିବିମ୍ବ—2. Shadow and reflection of a thing.

[ଦ୍ର—କୌଣସି ସମ୍ପତ୍ତି କବାଲା କରି ଦେବାବେଳେ ବହେତା ସମ୍ପାଦନ କରୁଥିବା କବାଲାରେ ଅନ୍ୟାନ୍ୟ ଶବ୍ଦ ମଧ୍ୟରେ ଲେଖାଯାଏ "ଅମ୍ଭେ ଏ ବୃକ୍ଷ ଓ ଏଥିରେ ଥିବା ପୋଡା ନୋଡା କଣ୍ଟକଶାଢ ଛାୟା ଉପଛାୟା ଆଦି ସମସ୍ତ ପ୍ରକାର ସତ୍ତ୍ୱ ଉପସତ୍ତ୍ୱକୁ ମୁସ୍ତଗିଙ୍କ ହସ୍ତେ ବହନ୍ତ କଲୁଁ ।]

ଛାୟାକ୍ରୀଡ଼ା—ସଂ. ବି. (ଅଧୁନାତନପ୍ରୟୋଗ)—୧ । କୁହୁକ—
Chhāyākrirdā 1. Magical show.

୨ । ବସ୍ତ୍ର ଉପରେ ଛାୟା ପକାଇ ଦେଖାଇବା ନାନାପ୍ରକାର ଅଦ୍ଭୁତ ଚିତ୍ର; ବାୟୋସ୍କୋପ୍—2. Magic lantern; cinamatograph; Bioscope.

ଛାୟାଗଣିତ—ସଂ. ବି—ଗୋଟିଏ ଶଙ୍କୁ ପୋତି ତହିଁର ଛାୟାଦ୍ୱାରା ନକ୍ଷତ୍ର-
Chhāyāganita ମଣ୍ଡଳର ଅବସ୍ଥିତି ନିର୍ଦ୍ଧାରଣପୂର୍ବକ ଗ୍ରହମାନଙ୍କ ଗତିଆଦି ନିର୍ଣ୍ଣୟ କରାଯିବା ଗଣିତ ଶାସ୍ତ୍ର—A branch of mathematics in which the monuments of the planets is ascertained by the shade cast on a dial.

ଛାୟାଗ୍ରହ—ସଂ. ବି. (ଛାୟା=ପ୍ରତିବିମ୍ବ+ଗ୍ରହ ଧାତୁ+କର୍ତ୍ତୃ. ଅ; ଯେ
Chhāyāgraha ବସ୍ତୁର ପ୍ରତିବିମ୍ବ ଗ୍ରହଣ କରେ)—ଦର୍ପଣ; ଆଇନା—Mirror.

ଛାୟାଗ୍ରାହିଣୀ—ସଂ. ବି. (ନାମ)—ହନୁମାନ ସୀତାଙ୍କୁ ଠାବ କରିବାକୁ
Chhāyāgrāhini ଯିବାବେଳେ ସମୁଦ୍ରକୁ ଡେଇଁ ଯିବାବେଳେ ସମୁଦ୍ର ଜଳରେ ପଡ଼ିବା ହନୁମାନ୍‌ଙ୍କ ଛାୟାକୁ ଧରି ହନୁମାନ୍‌ଙ୍କୁ ତଳକୁ ଟାଣି ଆଣିଥିବା ରାକ୍ଷସୀ—
Name of a demoness who by her supernatural powers was able to drag down Hanuman from the sky by catching his reflection on the sea when he was leaping over it on his mission to search Sitā.

ଛାୟାଙ୍କ—ସଂ. ବି. (ବହୁବ୍ରୀହି; ଛାୟା=ସୂର୍ଯ୍ୟଙ୍କ ପ୍ରତିବିମ୍ବ (ଦୀପ୍ତ) ଅଙ୍କ
Chhāyānka =ପ୍ରକାଶ ଯାହାର)—ଚନ୍ଦ୍ର—The moon.

ଛାୟାଚିତ୍ର—ସଂ. ବି. (ଅଧୁନାତନ ପ୍ରୟୋଗ) (ସାମନାରେ ଥିବା ମନୁଷ୍ୟଆଦିର
Chhāyāchitra ଛାୟା, କଳର କାଚଫଳକ ଉପରେ ପଡ଼ି ଚିତ୍ର ରହୁଥିବାରୁ) ଅଲୋକଜନିତ ଛବି ଉଠାଇବା; ଫଟୋଗ୍ରାଫୀ—Photography.

ଛାୟାଚ୍ଛନ୍ନ—ସଂ. ବିଣ. (୩ୟା ତତ୍; ଛାୟା+ଆଚ୍ଛନ୍ନ)—୧ । ଅନ୍ଧକାରାଚ୍ଛନ୍ନ-
Chhāyāchchhanna 1. Dark.

୨ । ବିଷାଦଗ୍ରସ୍ତ; ବିଷାଦମଗ୍ନ—
2. Despondent; sorrowful.

ଛାୟାତନୟ—ସଂ. ବି. (୬ଷ୍ଠୀ ତତ୍; ଛାୟା+ତନୟ)—ଶନି ଗ୍ରହ—
Chhāyātanaya The planet saturn.
(ଛାୟାସୁତ—ଅନ୍ୟରୂପ)

ଛାୟାତରୁ—ସଂ. ବି.—(ଛାୟା (ପ୍ରଧାନ) ତରୁ; ମ: ପ. ଲୋ. କର୍ମଧା)—
Chhāyātaru ୧ । ଯେଉଁ ଗଛର ଛାୟା ବହୁଦୂରବ୍ୟାପୀ—
1. A shady tree.

୨ । ବରଗଛ—
2. The banyan tree (Ficus Indica.)

୩ । ନମେରୁ ବୃକ୍ଷ; ସୁରପୁନ୍ନାଗ—
3. Elæocarpus Ganitrus (tree).

୪ । ଛତିଆନା ଗଛ (ଦ୍ର. ଶବ୍ଦସାଗର)
4. Chhatiānā (See)

ଛାୟାଦାନ—ସଂ. ବି. (୬ଷ୍ଠୀ ତତ୍; ଛାୟା+ଦାନ)—୧ । ଗ୍ରହାରିଷ୍ଟ ଶାନ୍ତି
Chhāyādāna ପାଇଁ ଗୋଟିଏ ପାତ୍ରରେ ଘିଅ ବା ତେଲ ପୂର୍ଣ୍ଣ କରି ତହିଁରେ ଦାତାର ପ୍ରତିବିମ୍ବ ପ୍ରତିଫଳିତ କରାଇବା ପରେ ଦକ୍ଷିଣା ସହିତ ଉକ୍ତ ଘୃତ ବା ତୈଳପୂର୍ଣ୍ଣ ପାତ୍ରର ଦାନ—1. A gift consisting of giving away a pot filled in with ghee or oil to a Brāhmana after having the doner's image reflected on it.

୨ । (ବୃକ୍ଷାଦି) ନିଜର ଛାୟାକୁ ପଥିକାଦିଙ୍କ ଉପକାରାର୍ଥ ସେମାନଙ୍କ ଉପରେ ପକାଇ ସେମାନଙ୍କୁ ଖରା ଆଦିରୁ ରକ୍ଷା କରିବା—2. (a tree) Affording its shade to protect a warfarer from the rags of the sun.

(ଯଥା—ମାର୍ଗରେ ଥିବା ପତ୍ରବହୁଳ ବୃକ୍ଷ ଛାୟା ଦାନପୂର୍ବକ ପଥିକମାନଙ୍କୁ ଉପକୃତ କରୁ ଅଛନ୍ତି ।]

ଛାୟାଦେହ—ସଂ. ବି.—ଭୂତାଦିର ଛାୟାମୟ ଅବସ୍ତୁ ଶରୀର—
Chhāyādeha Unsubstantial body or shadow of ghosts.

ଏବେ ସ୍ୱର୍ଗ ସେହି ସୂତ ଜନ୍ମାଇଛି ଏ ଛାୟା-ଦେହେ ପ୍ରବେଶ ।
ରାଧାନାଥ. ପାର୍ବତୀ ।

ଛାୟାନଟ—ସଂ. ବି.—ସଙ୍ଗୀତର ରାଗିଣୀବିଶେଷ—
Chhāyānata Name of a musical air.
(ଛାୟାନଟ୍ଟ—ଅନ୍ୟରୂପ)

[ଦ୍ର—ଏହା କେଦାରନଟ, କଲ୍ୟାଣ ନଟ ଆଦି ୧୨ ରାଗର ଅନ୍ତର୍ଗତ ଅଟେ । ଏହା ଛାୟା ଓ ନଟ ରାଗର ଯୋଗରେ ଉତ୍ପନ୍ନ; ଏଥିର ଅବରୋହଣରେ ତୀବ୍ର ମଧ୍ୟମ ଲାଗେ । ଏଥିରେ ବାଦୀ ସ୍ୱର ସା ଓ ସମ୍ବାଦୀ ସ୍ୱର ଗା । ସଙ୍ଗୀତସାର ମତରେ ଏହା ସମ୍ପୂର୍ଣ୍ଣ ଜାତିର ରାଗ ଓ ଏଥିର ଗ୍ରହ, ନ୍ୟାସ ଓ ଅଂଶ ଆଦି ଧୈବତ ଅଟେ । ଏହା ଦିବା ୧ ଦଣ୍ଡ ଠାରୁ ୫ ଦଣ୍ଡ ମଧ୍ୟରେ ଗେୟ । ଏଥିର ସ୍ୱର-

ସାଧାରଣ ଲୋକେ ଅପର ପୃଷ୍ଠାରେ ସବୁଠି ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—
'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲଂକାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଲିପି— ଧାସ ସାରେ ଗାମା ପାଧାସା ନିଧା ପାମା ମା ମା ରେ ଧା ଧା ପାମା ସାମା ମା ମା ମାରେ ଧାପା ସାମା ମାରେ ସାରେ ସା ସା ସା" (ହି. ଶବ୍ଦସାଗର) ।]

ଛାୟାପଟ— ସଂ. ବି. (ବିଜ୍ଞାନପରିଭାଷା)—ଆଖିର କଳା ଡୋଳା ପଛରେ
Chhāyāpaṭa ଥିବା ଯେଉଁ ପଟ ଉପରେ ଦୃଷ୍ଟ ବସ୍ତୁର ଚିତ୍ର ପ୍ରତିଫଳିତ ହୁଏ—Retina.

ଛାୟାପଥ— ସଂ. ବି. (ମ. ପ. ଲୋ. କର୍ମଧାରୟ ସମାସ; ଛାୟାଯୁକ୍ତ ପଥ=
Chhāyāpatha ଛାୟା=ଦୀପ୍ତି+ପଥ)—୧ । ଶୋଭାଯୁକ୍ତ ପଥ; ରାତିରେ ଦେଖାଯିବା ନକ୍ଷତ୍ରପୁଞ୍ଜପୂର୍ଣ୍ଣ ପଥ ପରି ପ୍ରତୀୟମାନ ନଭୋମଣ୍ଡଳସ୍ଥ ଉଜ୍ଜ୍ୱଳ ଅଂଶବିଶେଷ; ସ୍ୱର୍ଗଗଙ୍ଗା—
The milkyway; a bright belt seen accross the sky in clear nights.

୨ । ଜ୍ୟୋତିଷ୍ଚକ୍ର ମଧ୍ୟବର୍ତ୍ତୀ ଅର୍ଦ୍ଧମଣ୍ଡଳାକାର ପ୍ରଦେଶବିଶେଷ—
2. A semicircular region in the zodical sphere.

୩ । ଜ୍ୟୋତିଷ୍ଚକ୍ର ମଧ୍ୟବର୍ତ୍ତୀ ମଣ୍ଡଳାକାର ନକ୍ଷତ୍ରଶ୍ରେଣୀ—
3. A galary of stars in the zodiacal circle.

୪ । ଆକାଶ (ହି. ଶବ୍ଦସାଗର)—4. The sky.

ଛାୟାପଦ— ସଂ. ବି. (ବହୁବ୍ରୀହି; ଛାୟା+ପଦ; ଛାୟା ଯାହାର ପଦ ସ୍ୱରୂପ
Chhayāpada ଅଟେ)—ଖରା ପଡୁଥିବା ସ୍ଥାନରେ ୧୨ ଅଙ୍ଗୁଳ ଉଚ୍ଚ ଏକ ଶଙ୍କୁ ପୋତି ତହିଁର ଛାୟାଦ୍ୱାରା ଦିନର ସମୟ ନିରୂପଣ କରାଯିବା ପ୍ରାଚୀନକାଳର ଯନ୍ତ୍ରବିଶେଷ (ହି. ଶବ୍ଦସାଗର)—A sundial used in ancient India consisting of a pin as pan high.

ଛାୟାପାଦ— ସଂ. ବି—ସୂର୍ଯ୍ୟଙ୍କ ଛାୟାଦ୍ୱାରା ଦିବସର ସମୟ ନିରୂପଣ—
Chhāyāpāda Measurement of time by sun's shadow; measuring the time of the day by the sun-dial.

ଛାୟା ପୁରୁଷ— ସଂ. ବି—୧ । ନିଜ ଛାୟାର ଅନୁରୂପ ପ୍ରତିବିମ୍ବାତ୍ମକ
Chhāyā purusha ପୁରୁଷ—1. An image consisting of the shadow of one's self reflected on the sky.

[ଦ୍ର—ଛାୟା ପୁରୁଷ ଦର୍ଶନ କରିବା ହଠଯୋଗର ଗୋଟିଏ ସାଧନ ଅଟେ । ସାଧକ କୌଣସି ଉନ୍ମୁକ୍ତ ସ୍ଥାନରେ ସୂର୍ଯ୍ୟଙ୍କ ଆଡ଼କୁ ପିଠି କରି ଠିଆ ହୋଇ ଅପରାହ୍ଣରେ ଭୂମିରେ ପଡ଼ିବା ନିଜର ଛାୟାକୁ ସ୍ଥିର ଦୃଷ୍ଟିରେ ଏକ ଧ୍ୟାନରେ କେତେକ ସମୟ ଚାହିଁ ରହିବା ପରେ ନିଜର ସମ୍ମୁଖସ୍ଥ ଶୂନ୍ୟ (ଆକାଶ) ଆଡ଼କୁ ଏକ-ଦୃଷ୍ଟିରେ ଚାହିଁଲେ ଆକାଶରେ ନିଜର ଛାୟାର ପ୍ରତିରୂପ ଗୋଟିଏ ଛାୟାର ଆଭାସ ଦେଖାଯିବ—ଏହା କେତେକାଳ ସାଧନ ପରେ ସିଦ୍ଧ ହୁଏ । ଏହି ଛାୟାରୂପର ଆକୃତିକୁ ଛାୟାପୁରୁଷ ବୋଲାଯାଏ । ଛାୟାପୁରୁଷ ଦେଖିପାରିବା ଲୋକର ୬ମାସ ମଧ୍ୟରେ ମୃତ୍ୟୁ ଘଟିବ ନାହିଁ । ଏ ସାଧକ ଆଗାମୀ ୬ ମାସର ଘଟଣା ଆଗରୁ ଜାଣିପାରେ । ଯେବେ ଛାୟାପୁରୁଷର ମୁଣ୍ଡ ନ ଦେଖାଯାଏ ତେବେ ଜାଣିବ ଯେ ୬ମାସ ମଧ୍ୟରେ ଦ୍ରଷ୍ଟାର ମୃତ୍ୟୁ ଘଟିବ; ଯେବେ ଗୋଡ଼ ଦେଖା ନ ଯିବ ତେବେ ଭାର୍ଯ୍ୟାର ମୃତ୍ୟୁ ଓ ହାତ ଦେଖା ନ ଗଲେ ଭାଇର ମୃତ୍ୟୁ ନିକଟବର୍ତ୍ତୀ ବୋଲି ଜାଣିବାକୁ ହେବ । ଏହିପରି ଭିନ୍ନ ଭିନ୍ନ ଅଙ୍ଗର ଅଦର୍ଶନରେ ଭିନ୍ନ ଭିନ୍ନ ଫଳ ତନ୍ତ୍ରରେ କଥିତ ଅଛି । ଯେବେ ଛାୟାପୁରୁଷର ବର୍ଣ୍ଣ ଉଜ୍ଜ୍ୱଳ ପ୍ରତିଭାତ ହୁଏ ତେବେ ଶୀଘ୍ର ଧନପ୍ରାପ୍ତି ହେବାର ସୂଚିତ ହୁଏ— ହି. ଶବ୍ଦସାଗର ।]

୨ । ଅଶରୀରୀମୂର୍ତ୍ତି—1. A sceptre.

ଛାୟାବାଜି— ଦେ. ବି. (ଆଧୁନିକ)—୧ । କୁହୁକ; ଇନ୍ଦ୍ରଜାଲ—
Chhāyābāji 1. Magic.

ଛାୟାବାଜୀ — ଚାହିଁ ଚାହିଁ ହେଲ ଛାୟାବାଜି ବତ
सायाबाजी — ଗମ୍ଭୀର କବର ହୃଦେ ପଶିଣତ । ରାଧାନାଥ, ନନ୍ଦିକେଶ୍ୱରୀ ।

୨ । ବାୟୋସ୍କୋପ୍—2. Bioscope.

ଛାୟା ବିପ୍ରତିପତ୍ତି— ସଂ. ବି—ଆୟୁର୍ବେଦର ପ୍ରକରଣବିଶେଷ—
Chhāyā bipratipatti The title of a section of the Hindu Medical Science.

[ଦ୍ର—ଏଥିରେ ରୋଗୀର କାନ୍ତି, ଆଭା ଓ ଚେଷ୍ଟାଆଦିର ପରିବର୍ତ୍ତନରୁ ରୋଗୀର ମୃତ୍ୟୁ ନିକଟବର୍ତ୍ତୀ ବା ରୋଗୀ ବଞ୍ଚିଯିବ ଏ ବିଷୟମାନ ଆଲୋଚିତ ହୋଇଅଛି—ହି. ଶବ୍ଦସାଗର ।]

ଛାୟାବେଦୀ— ସଂ (ମଧ୍ୟପଦଲୋପୀ; ଛାୟାପ୍ରଦ ବେଦୀ)—ଛାମୁଣ୍ଡିଆ; ଛାୟା
Chhāyābedi ମଣ୍ଡପ—An awning made of branches put on a frame-work to protect a place from the rages of the sun.

ଦେଖିଲେ ଛାୟାବେଦୀ ମଧ୍ୟେ,
ବରହିଁ ଅଛି କନ୍ୟା ସଧେ । ଜଗନ୍ନାଥ. ଭାଗବତ ।

ଛାୟାମଣ୍ଡପ— ସଂ. ବି (ମଧ୍ୟପଦଲୋପୀ. କର୍ମଧା; ଛାୟାପ୍ରଦ ମଣ୍ଡପ)—
Chhāyāmaṇḍapa ଛାମୁଣ୍ଡିଆ—A temporary awning or shade raised over a place.

ଛାୟାମାନ— ସଂ. ବି (ଛାୟା+ମା ଧାତୁ=ମାପିବା+କର୍ମ. ଅନ; ପ୍ରତି-
Chhāyāmāna ବିମ୍ବାନୁସାରେ ଯାହାକୁ ମପା ଯାଏ)— ଚନ୍ଦ୍ର—
The moon.

ଛାୟାମିତ୍ର— ସଂ. ବି (୬ଷ୍ଠୀ ତତ୍; ଛାୟା+ମିତ୍ର)—ଛତା; ଆତପତ୍ର
Chhāyāmitra (ହି. ଶବ୍ଦସାଗର)—Umbrella.

ଛାୟାମୃଗ— ସଂ. ବି (ମଧ୍ୟପଦଲୋପୀ; ଛାୟାକଳ୍ପିତ ମୃଗ)—୧ । ଚନ୍ଦ୍ରଙ୍କ-
Chhāyāmṛuga ଠାରେ ଦେଖାଯିବା ମୃଗ ତୁଲ୍ୟ ଛାୟା—
1. The shady portion in the surface of the moon looking like a deer.

୨ । ଅଶରୀରୀ ମୃଗ; ମାୟାମୃଗ—
2. The ghost or sceptre of a deer.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଓଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟଁ	ଇଅ	ୱ	ନ୍ତ

[ଦ୍ର—ମାରୀଚ ଛାୟାମୃଗ ରୂପ ଧରି ରାମଚନ୍ଦ୍ରଙ୍କୁ ଭୁଲାଇ ନେଇ-ଯିବା ଅବସରରେ ରାବଣ ସୀତାଙ୍କୁ ହରଣ କଲା ।]

ଛାୟାମୃଗଧର—ସଂ. ବି (ଛାୟାମୃଗ+ଧୃ ଧାତୁ=ଧରିବା+କର୍ତ୍ତୃ. ଅ)—
Chhāyāmrugadhara ଚନ୍ଦ୍ର—The moon.

ଛାୟାଯନ୍ତ୍ର—ସଂ. ବି—ଖରାର ଛାଇଦ୍ୱାରା ସମୟ ନିରୂପଣ କରାଯିବା
Chhāyājantra ପ୍ରାଚୀନ ଭାରତରେ ବ୍ୟବହୃତ ଯନ୍ତ୍ରବିଶେଷ;
ସୂର୍ଯ୍ୟଘଣ୍ଟା—The sundial of ancient India.

[ଦ୍ର—ସୂର୍ଯ୍ୟସିଦ୍ଧାନ୍ତରେ ଏ ଯନ୍ତ୍ରରେ ଶଙ୍କୁ, ଧନୁ, ଚକ୍ର ଆଦି କେତେଗୁଡ଼ିଏ ଉପକରଣ ଏଥିରେ ବ୍ୟବହୃତ ହେବାର ଉପଦେଶ ଦିଆ ଯାଇଅଛି—ହି. ଶବ୍ଦସାଗର ।]

ଛାୟାରମଣ—ସଂ. ବି (୬ଷ୍ଠୀ ତତ୍; ଛାୟା+ରମଣ=ସ୍ୱାମୀ)—ସୂର୍ଯ୍ୟଦେବ—
Chhāyāramaṇa The sun-god.

ଛାୟାରୂପ—ସଂ. ବି—ଛାୟାପୁରୁଷ (ଦେଖ)—
Chhāyārūpa **Chhāyāpurusha** (See)

ଚଉଦ ବରଷ ଠାରେଁ ଛାୟା ରୂପ ଧାଇଁ—ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା ।

ଛାୟାସାଇଁ—ଦେ. ବି (ସଂ. ଛାୟା+ସ୍ୱାମୀ) ସୂର୍ଯ୍ୟ—
Chhāyāsāiṅ The sun.

ଅସିଲେ ଦେବତାଙ୍କ ଯେହ୍ନ ଛାୟାସାଇଁ—କୃଷ୍ଣସିଂହ. ମହାଭାରତ. ବନ ।

ଛାୟେଁ—ଦେ. ଅ (ସଂ. ସ୍ୱୟଂ)—୧ । ସ୍ୱୟଂ; ନିଜେ; ଆପେ—
Chhāyeṅ 1. One's self.
স্বয়ং; আপনাআপনি ୨ । ସ୍ୱେଚ୍ଛାକ୍ରମେ; ବିନା କାହାର ପ୍ରେରଣାରେ;
খুদ୍ ଆପେ ଆପେ—2. Of one's own accord; voluntairly

ଛାୟେଁ ଛାୟେଁ—ଦେ. ଅ (ସ୍ୱୟଂ)—ଛାୟେଁ (ଦେଖ)—
Chhāyeṅ chhāyeṅ Chhāyeṅ (See)

(ଯଥା—ତାକୁ କେହି ଡାକିବା ଦରକାର ନାହିଁ, ସେ ଛାୟେଁ ଛାୟେଁ ଏଠାକୁ ଆସିବ ।)

ଛାୟେଣି—ଦେ. ବି (ସଂ. ଛାୟା; କିମ୍ବା ସ୍ୱୟଂ)—ଆତ୍ମା—
Chhāyeṇi The soul.

କାୟା ଯେତେ କର୍ମ କରେ ଛାୟେଣି ଜାଣଇ—ଶ୍ରୀ ଗୁରୁଭକ୍ତିଗୀତା ।

ଛାର—ଦେ. ବିଣ (ସଂ. ଅସାର; କ୍ଷାର; ତୁଲ. ପାଲି ଛାର)—୧ । ଅଧମ;
Chhār ହୀନ; ନୀଚ—1. Vile; mean; ignoble.
হরি ମୋ ଛାର ପାମର ମୂଢ଼ ମତି—ପ୍ରାଚୀରହସ୍ୟମଞ୍ଜରୀ ।
नाचीज, पोच ୨ । ଘୃଣ୍ୟ; ହେୟ—2. Abominable; dispicable; contemptible.
୩ । ମନ୍ଦ—3. Bad; low.
୪ । ଜ୍ଞାନହୀନ—4. Ignorant.
୫ । ମୂଲ୍ୟହୀନ—5. Of no value.
୬ । ତୁଚ୍ଛ; ନଗଣ୍ୟ; ଅଗଣନୀୟ—
6. Insignificant; inconsiderable.

ଅଇ ମା କେଉଁ କଥା ଛାରକୁ ଚଳଚ—କୃଷ୍ଣସିଂହ. ମହାଭାରତ. ସଭା ।

୭ । ଅତି ସାମାନ୍ୟ—7. Petty.
୮ । ଅତି ଅଳ୍ପ—8. Very little.
୯ । ଅଯୋଗ୍ୟ—9. Worthless.

[ଦ୍ର—ଛାର ପୂର୍ବରେ ମୁଁ, ସେ, ତୁ, କେଉଁ, କି ଆଦି ପଦ ବ୍ୟବହୃତ ହୁଏ ଏବଂ ତତ୍‌ସ୍ଥଳେ ମୋଛାର, ତାଛାର, ତୋଛାର, କାହା ଛାର ମଧ୍ୟ ପ୍ରୟୋଗ ହୁଏ; ଏଥିର ଅର୍ଥ ଛାର ମୁଁ, ଛାର ସେ, ଛାର ତୁ, ଛାର କିଏ । ଯଥା—ଆପଣଙ୍କ ଆଦେଶକୁ ଲଙ୍ଘିବାକୁ ମୁଁ ଛାର (ମୋ ଛାର) ସକ୍ଷମ ନୁହେଁ ।].

ଛାର୍‌ଛିକରା—ପ୍ରାଦେ (ଗଡ଼ଜାତ) ବିଣ—ଅତି ସାମାନ୍ୟ; ହୀନ; ନଗଣ୍ୟ—
Chhār chhikarā Insignificant.

ଛାର୍‌ରି—ପ୍ରାଦେ (ସମ୍ବଲପୁର) ବି (ସଂ. ଛୋରଣ=ପରିତ୍ୟାଗ)—
Chhār-ri ୧ । ସ୍ୱାମୀଙ୍କର ସ୍ତ୍ରୀ ପରିତ୍ୟାଗ; ବିବାହବନ୍ଧନର ଛେଦନ
କ୍ରିୟା—1. Divorce.
୨ । ଅନଭ୍ୟାସ—2. Want of practice.
ବିଣ—୧ । ଅଭ୍ୟାସ ନ କରିବା ଯୋଗୁଁ ପରିତ୍ୟକ୍ତ (କର୍ମ)—
1. (a thing) Of which the habit has been given up.
୨ । ଅନଭ୍ୟସ୍ତ—2. Unpracticed; not habituated; not used to.
୩ । ଅନଭ୍ୟାସ ଯୋଗୁଁ ବିସ୍ମୃତ କର୍ମ—
3. (any act) Forgotten for want of exercise.

ଛାର୍‌ରିକାଗଜ—ପ୍ରାଦେ (ସମ୍ବଲପୁର) ବି—ଛାଡ଼ପତ୍ର; ସ୍ୱାମୀ ସ୍ତ୍ରୀ ମଧ୍ୟରେ
Chhārrikāgaja ବିବାହବନ୍ଧନ ଛେଦନ ପରିସୂଚକ ଦଲିଲ୍;
ତଲାକ୍‌ନାମା—A deed of divorce.

ଛାରଖାର—ଦେ. ବି (ସଂ. କ୍ଷାରରୁ ଛାର ଓ କ୍ଷାରରୁ ଖାର)—
Chhārakhāra ୧ । ସର୍ବନାଶ; ଧ୍ୱଂସ—
ছারখার Ruin; rack and ruin; devastation.
छारखार
ବିଣ—୧ । ଉଚ୍ଛନ୍ନ; ଉତ୍ସନ୍ନ; ଉଚ୍ଛିନ୍ନ; ବିନଷ୍ଟ, ଧ୍ୱଂସପ୍ରାପ୍ତ;
ନାରଖାର—1. Ruined; laid waste; devastated.
୨ । ଇତସ୍ତତଃ; ବିକ୍ଷିପ୍ତ—2. Scattered about.
୩ । ଭସ୍ମୀଭୂତ; ଭସ୍ମସାତ୍—
3. Reduced to ashes.

ଛାରପୋକ—ଦେ. ବି (ସଂ. ଉଦ୍‌ଦଂଶ; ସଂ. କ୍ଷାର ଓ କୀଟରୁ)—ଓଡ଼ଶ;
Chhārapoka ଗନ୍ଧକୀଟ; ମତ୍କୁଣ; ଶଯ୍ୟାକୀଟ—
ছারপোকা Bed-bug; vermin.
खटमल, उड़िश
(ପାବନା—ଛାଇପୋକା)
(ସମ୍ବଲପୁର—ଓଡ୍ରୁଶୋ; ଓଡ଼ଶ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଛାଲ୍‌କିଟ୍‌କିଟ୍‌—ଦେ. ଅ—ଡୁଡୁଖେଳରେ ଆକ୍ରମଣକାରୀ ବାଳକ ଅନ୍ୟ ପକ୍ଷର ସୀମା ମଧ୍ୟକୁ ଯାଇ ଅପର ପକ୍ଷର କୌଣସି ବାଳକ ଦେହକୁ ଗୋଡ଼ଦ୍ୱାରା ଆଘାତ କରିବା ପୂର୍ବରୁ ଏକାନିଶ୍ୱାସରେ ବାରଂବାର ଉଚ୍ଚାରଣ କରିବା ଶବ୍ଦ—The exclamation uttered by an aggressive boy in one breath while attacking the other side.
Chhālkitkit
(ଛାଲ କିଡ଼କିଡ଼—ଅନ୍ୟରୂପ)

ଛାଲ୍‌କିଟି—ଦେ. ବି—ଡୁଡୁଖେଳରେ ଆକ୍ରମଣକାରୀ ବାଳକ ଅନ୍ୟ ପକ୍ଷର ସୀମା ମଧ୍ୟକୁ ଯାଇ 'ଛାଲ୍‌କିଡ଼କିଡ଼' ଉଚ୍ଚାରଣ କରୁ କରୁ ଅପର ପକ୍ଷର କୌଣସି ବାଳକକୁ ମାରିବା ଗୋଇଠା—A kick given by the aggressor-boy to a boy of the opposite party while going to the latter's limits.
Chhālkiti

ଛାଲ୍‌ଟି—ଦେ. ବି. (ପୂର୍ବେ ଏହା ଛଣପଟର ଛାଲରୁ ହେଉଥିବା)—
Chhālti ୧ । ଛଣପଟର ସୂକ୍ଷ୍ମ ସୂତାରେ ବୁଣା ଏକପ୍ରକାର ସରୁ ଲୁଗା—1. Linen.
ছালটি
छालटी
୨ । ଖଜୁରି ଛାଲି; ଖଜୁରି ଗଛର ମୂଳରେ ଥିବା ଟାଣୁଆ କଣ୍ଟାଯୁକ୍ତ ପତ୍ର—2. The hard pointed leaves of datepalm found just over its roots.

ଛାଲ—ଦେ. ବି. (ସଂ. ଛଲ୍ଲୀ)—
Chhāla ୧ । ଚର୍ମ; ଚମଡ଼ା—1. Skin; hide.
ছাল ଚେଲି ଖାଲେ ଚେଲି ଛାଲ ଦାନ୍ତ ଦାନ୍ତ ବାକଇ । ଶିଶୁବେଦ ।
छालखाल ୨ । ଚର୍ମ ଉପରର ପତଳା ଆଚ୍ଛାଦନ; ମଳଚର୍ମ—
2. Fpidermis.
୩ । ଖୋଳପା; ଫଳର ଚୋପା—
3. Rind or peel of a fruit.
୪ । ଗଛର ବଲ୍କଲ; ବକଳା—
4. Bark of a tree.
୫ । ମୃଗ ଚର୍ମ—
5. Deer skin; hide of a deer.
୬ । ବ୍ୟାଘ୍ର ଚର୍ମ—6. Hide of a tiger.
୭ । ଯେ କୌଣସି ପଶୁ ବା ଜୀବର ଚର୍ମ—
7. The hide of any beast or animal.
୮ । ଛାଲି ୨ (ଦେଖ)
8. Chhāli 2 (See)

ଛାଲ ଉଠିବା—ଦେ. କ—କୌଣସି ବସ୍ତୁ ଉପରୁ ଚୋପା ବା ବକଳ ଛାଡ଼ିଯିବା—Peeling off of the skin.
Chhāla uṭhibā
(ଛାଲ ଛାଡ଼ିବା—ଅନ୍ୟରୂପ)

ଛାଲ ଉତାରିବା—ଦେ. କି—୧ । ଜୀବର ଦେହରୁ ଚମଡ଼ା କାଢ଼ିବା—
Chhāla utāribā 1. To flay an animal; to skin.
ছালতোলা ୨ । ଗଛରୁ ବକଳ ଛଡ଼ାଇବା—
खालउधेड़ना 2. To bark a tree; to peel of the bark off a tree.
୩ । ଚୋପା ଛଡ଼ାଇବା—
3. To scrape or peel.
୪ । ବହୁତ ପ୍ରହାର କରିବା—
4. To thrash a person very severely.

ଛାଲକଣ୍ଟା—ଦେ. ବି.—ଛାଲି ୨ (ଦେଖ)
Chhāla kaṇṭā Chhāli 2 (See)

ଛାଲକରଣ୍ଡି—ପ୍ରାଦେ. (ଯାଜପୁର) ବି.—ଛେଲାକେରଣ୍ଡି (ଦେଖ)
Chhāla karaṇḍi Chhelākeraṇḍi (See)

ଛାଲି—ଦେ. ବି. (ସଂ. ଛଲ୍ଲୀ)—୧ । ଛେଲି; ବଲ୍କଲ—
Chhāli 1. Bark of a tree.
ছালট ୨ । ଖଜୁରି ଗଛର ମୂଳ ପାଖେ ଥିବା ଡାଳର ମୂଳରେ ଥିବା
छाला ପତ୍ରର ଟାଣୁଆ କଣ୍ଟା—2. Pointed hard thorns or spikes of date-leaves.
[ଦ୍ର—ଏ ଲମ୍ବ ଓ ମୁନିଆ କଣ୍ଟାକୁ ଲୋକେ ଯିବା ଆସିବା କରୁଥିବା ଧାନ କିଆରି ଓ ପୋଖରୀରେ ଓ ବାଟରେ ଲୋକଙ୍କ ଯିବା ଆସିବା ଓ ସେ ବାଟେ ବନ୍ଦ କରିବା ପାଇଁ କ୍ଷେତ୍ର ସ୍ୱାମୀ ପୋତି ଦିଅନ୍ତି ।]

ଛାଲିଆ—ଦେ. ବି. (ସଂ. ଛଲ୍ଲୀରୁ)—ପତ୍ର ସହିତ ଖଜୁରି ଡାଳ ଗୁଡ଼ିଏ ଏକତ୍ର ବନ୍ଧା ଯାଇ କରା ଯାଇଥିବା ପିଛା ବା ଝାଡୁଣି—A broom made of date-palm branches tied together.
Chhāliā

ଛାଲିବା—ଦେ. କି.—ଛାଲ ଉତାରିବା (ଦେଖ)
Chhālibā Chhāla utāribā (See)
(ଛାଲେଇବା—ଅନ୍ୟରୂପ)

ଛାଲେରା—ଦେ. ବି—ସଲରା (କୋଳି; କଣ୍ଟା) (ଦେଖ)
Chhālerā Salarā (plum and spike) (See)

ଛି—ସଂ. ଅ. (ସଂ. ଧିକ୍)—ଘୃଣା; ନିନ୍ଦା; ବାରଣ ଏବଂ ଲଜ୍ଜାସୂଚକ ଅବ୍ୟୟ; ଧିକ୍—Foe ! tut, tut ! shame.
Chhi
ছি ଛି ଲୋ ଛିଲୁ, ମେଘ ବରଷିଲେ କେତେ ଦୁ ମାଣ୍ଡୁ—ଓଡ଼ିଆ ପ୍ରବଚନ ।
छीछी
(ଛିଃ; ଛିଃ ଛିଃ; ଛିଆ; ଛିଇ; ଛି ଛି—ଅନ୍ୟରୂପ)

ଛିଆ—ଦେ. ଅ—ଛି (ଦେଖ)
Chhiā Chhi (See)

ଛିଆଁ—ଦେ. ବି. (ସଂ. ଛିଦ୍ ଧାତୁ)—୧ । ଛିଣ୍ଡିବା; ଦାଣ୍ଡି କରି (ନଡ଼ିଆରୁ) ଚୋପା ଛଡ଼ାଇବା; ଚୋପା ଛେଲିବା—
Chhiāṅ 1. Scraping or shoving off the rind (of a cocoanut) by cutting with a sharp instrument.
চাঁছা
छीलना
ଛାଓୟା ୨ । (ସଂ. ଛାଦନ) ଘର ଛପର; ଘର ଛପର କରିବା; ଛାଉଣି—2. Thatching of a house; to thatch a house.
छाजन; छान

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଘ
୨	ଈ	ଊ	ରୁ	ଲୃ	ସ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ର୍ଯ୍ୟ	ଇଅ	ଓ	ନ୍

ଦେ. ବିଣ—୧ । ଚଞ୍ଛା ହୋଇଥିବା; ଛେଲା ହୋଇଥିବା—
1. With the rind scraped off with a sharp instrument.

୨ । ଯେ ଛପର କରେ; ଘର ଛପରକାରୀ—2. Thatching.

ଛିଆଁଇବା—ଦେ. କ୍ରି—୧ । (ସଂ. ଛିଦ୍ ଧାତୁ) ଫଳ ଆଦି (ଯଥା—
Chhiāṅibā ନଡ଼ିଆ)ର ଚୋପା କଟୁରିଦ୍ୱାରା ଛେଲିବା; ଛେଇଁବା—
ଛାଓଯ୍ନା 1. To scrape off the rind of a fruit by a sharp instrument.
ଛୀଲନା; ଛାନା

ଛିଆଇବା, ଛିଏଁଇବା, ଛେଇଁବା } ଅନ୍ୟରୂପ — ୨ । (ସଂ. ଛଦ୍ ଧାତୁ) (ଘର) ଛପର କରିବା—2. To thatch (a (house).

୩ । ଚଉକିର ତଳାରେ ବେତ ବୁଣିବା—
3. To bottom a chair

୪ । ଢୋଲ ଆଦିରେ ଚମଡ଼ା ଛିଆଣି କରିବା—
4. To tie or bind the ends of a drum with leather

ଛିଆଣି—ସ୍ତ୍ରୀ. ବି. (ସଂ. ଛାଦନ)—୧ । ଛପରବନ୍ଧ—
Chhiāṇi 1. Thatching.
ଛାଓଯ୍ନା ୨ । ଛାଆଣି (ଦେଖ)
ଛାନା 2. Chhā-āṇi (See)

ବିଣ—୧ । ଆବୃତ—1 Covered.

: ନୀଳକାନ୍ତମଣିର ଗୃହ, ସୁନା ଛିଅଣି ହୀରାଦାନ୍ତ ଖମ୍ବଗୁଡ଼ି—
ନୀଳକଣ୍ଠ ଦାସ. ପିଲଙ୍କ ରାମାୟଣ ।

୨ । ଛପରବନ୍ଧ ହୋଇଥିବା—2. Thatched.

ଛିଆ ଲୋ—ଦେ. ଅ—(ସ୍ତ୍ରୀଙ୍କଦ୍ୱାରା ବ୍ୟବହୃତ ଘୃଣାବ୍ୟଞ୍ଜକ ଅବ୍ୟୟ)ଛି—
Chhiā lo (Interjection indicating sh ame, used by females). Fie !

ଛିଇ ଛା—ଦେ. ବି—ଛି ଛା (ଦେଖ)
Chhi-i chhā Chhi chhā (See)
(ଛିଇଛାଅ— ଅନ୍ୟରୂପ)

ଛିଁଟିବା—ପ୍ରାଦେ. (ବାଣପୁର) କ୍ରି. (ସଂ. ସିଚ୍ ଧାତୁ)—
Chhiṅṭibā ଛିଞ୍ଚିବା (ଦେଖ)—Chhiñchibā (See)

ଛିକରା—ପ୍ରାଦେ. (ଗଡ଼ଜାତ) ବି—ଛାର୍‌ଛିକରା (ଦେଖ)
Chhikarā Chhār-chhikarā (See)

ଛି କରିବା—ଦେ. କ୍ରି—ଘୃଣାରେ ତ୍ୟାଗ କରିବା; ଉପେକ୍ଷା କରିବା—
Chhi karibā To give up with disgust.
ଛିଃକରନା (ଯଥା—ବାପା ଗାଳି ଦେବା ଦିନଠାରୁ ମୁଁ ପାନକୁ ଛି
ଛି କରନା କରିଛି ।)

ଛିକାଇବା—ଦେ. କ୍ରି. (ସଂ. ଶଙ୍କା)—କୌଣସି କାର୍ଯ୍ୟ କରିବାକୁ (ନିଜର
Chhikāibā ମନ) ଦ୍ୱିଧା କରିବା; ମନ ଛକପକ ହେବା; କୁନ୍ଥକୁନ୍ଥ
ହିଚକିଚାନା ହେବା—To hesitate.
(ଛିକେଇବା—ଅନ୍ୟରୂପ) ମୋ ମନଟା ଛିକଇ ଥାଏ
କଟକ ଯିବାକୁ ମନ ବଳୁ ନ ଥିଲା । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଛିକାର—ଦେ. ବି—୧ । (ସଂ. ଶୀତ୍କାର) ମୁଖରେ (ଜିହ୍ୱା ଓ ଦନ୍ତଦ୍ୱାରା
Chhi-kāra ଉଚ୍ଚାରିତ) ଅବ୍ୟକ୍ତ ଇସ୍‌ଇସ୍ ଶବ୍ଦ ଉଚ୍ଚାରଣ; ଇସ୍-ଇସ୍ ଶବ୍ଦ—1 Hissing sound.

୨ । (ସଂ. ଧିକ୍କାର)—ଧିକ୍କାର ବଚନ—
2. Contemptuous words.

ଦେ. ବିଣ—ତୁଚ୍ଛ; ଘୃଣାକର; ଧିକ୍କାରଯୁକ୍ତ—
Scornful; contemning; contemptuous.
(ଯଥା—ମୁଁ ତୋର ଏତେ ଛିକାର ବଚନ ସହି ପାରିବି ନାହିଁ)

ଛିକିବା—ଦେ. କ୍ରି—ଛିଙ୍କିବା (ଦେଖ)
Chhikibā Chhiṅkibā (See)
ଛିକନ୍ତେ ସେ ଗର୍ଭ ପଡ଼ିଲା ତଳେ ଯାଇ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

ଛିକ୍କ—ଦେ. ବି. (ସଂ. ଛିକ୍କା)—ଛିଙ୍କ (ଦେଖ)
Chhikka Chhiṅka (See)

ଛିକ୍କା—ସଂ. ବି—୧ । (ଛିକ=ଅନୁକରଣ ଶବ୍ଦ+କୈ ଧାତୁ +ଅ+ସ୍ତ୍ରୀ
Chhikkā ଆ)—ଛିଙ୍କ; କ୍ଷୁତ—1. Sneeze.

୨ । ସିକ୍ୟ; ସିକା (ହି. ଶବ୍ଦସାଗର)—
2. A hanging rope-basket.

ଛିକ୍କଣୀ—ସ.ବି.(ଛିକ+କୈ ଧାତୁ+ଅନ+ଈ)—ସୋମରାଜ୍ୟାଦି ବର୍ଗର
Chhikkaṇī ବର୍ଷାୟୁଃ ଶାକବିଶେଷ; ଜଳରେ ଜନ୍ମିବା ଏକପ୍ରକାର
ଅନ୍ୟ ସଂ. ନାମ— ଲଟାଳିଆ ଗୁଳ୍ମ; ଜଳନାସ—A kind of
ଛିକ୍କିକା; ସବକ; creeping plant; Artemisa Sternuta-
ଛିକ୍କିକା; ସବକୃତ୍; toria; Centepeda Orbicularis.
ତୀକ୍ଷ୍ଣା; ଘ୍ରାଣଦୁଃଖଦା; [ଦ୍ର—ଏହା ଶୀତଦିନେ ବିଲ ଓ ପଡ଼ିଆରେ
କ୍ଷବନାଶା, ଉଗ୍ରା, ମାଡ଼େ । ଯେଉଁଠାରେ କିଛି ଦିନ ପାଣି ଜମା
ଉଗ୍ରଗନ୍ଧା ହୋଇ ଶୁଖି ଯାଇଥାଏ ସେହି ସ୍ଥାନରେ ଏହା
ଓ. ଛିକ୍କଣି, ଛିକ୍କୁଣି, ଉଠେ । ପତ୍ର ଦନ୍ତୁର ଓ ଅଗ ଚଉଡ଼ା ।
ଜଳନାସ ଏହାର ଫୁଲ ହଳଦିଆ ଓ ଭୁଣ୍ଡି ପରି ଓ
হাঁচুটি; হেঁচেতা; ଆକାରରେ ଗୋଲ ପରି; ଏ ଫୁଲକୁ ଦଳି କରି
মেচেতা; নাক্‌ছিকনি ଶୁଙ୍ଘିଲେ ଭାରି ଛିଙ୍କ ହୁଏ ।
नाकछिकनि; ଏହା କଟୁରସ, ରୁଚିକର, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ,
उक्काशा, छिकनि ଅଗ୍ନିବର୍ଦ୍ଧକ ଓ ପିତ୍ତଜନକ ଏବଂ ବାତରକ୍ତ,
କୁଷ୍ଠ, କୃମି, ବାୟୁ ଓ କଫନାଶକ । ଏହା ଅଭାବରେ ବୈଦ୍ୟମାନେ ଔଷଧରେ ମରିଚ ବା ମଏଣ ଫଳ ବ୍ୟବହାର କରନ୍ତି ।]

ଛିକ୍କଣା—ସଂ. ବି—ଛିକ୍କଣୀ (ଦେଖ)
Chhikkanī Chhikkaṇī (See)

ଛିକ୍କର—ସଂ. ବି. (ଛିକ୍=ଅନୁକରଣ ଧ୍ୱନି+କୃ ଧାତୁ+କର୍ତ୍ତୃ. ଅ;
Chhikkara ଏହା ଛିକ୍ ଛିକ୍ ଧ୍ୱନି କରୁ ଥିବାରୁ)—ଏକପ୍ରକାର
ମୃଗ—A species of deer.

[ଦ୍ର—ଏହା ହରିଣ ଅପେକ୍ଷା ଦ୍ରୁତଗାମୀ, ବୃହତ୍‌ସଂହିତା ମତରେ ମନୁଷ୍ୟ କୌଣସି ଶୁଭକର୍ମାର୍ଥ ଅନୁକୂଳ କରିବା ବେଳେ ଏ ମୃଗର ଡାହାଣ ପାଖେ ଗଲେ ଶୁଭ ହୁଏ—ହି. ଶବ୍ଦସାଗର ।]

ସାଧାରଣ ଲୋକେ ଅପଠ ପୃଷ୍ଠାରେ ଦୃଢ଼ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ତେ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' କି ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧୋ' କି ପାଇଲେ 'ଅର୍ଦ୍ଧୋ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛିକ୍କା—ସଂ. ବି—୧ । (ଛିକ=ଅନୁକରଣ ଶବ୍ଦ+କୈ ଧାତୁ+ଭାବ
Chhikkā ଅ; ସ୍ତ୍ରୀ. ଆ —ଛିଙ୍କ; କ୍ଷୁତ—1. Sneeze.
୨ । ସିକ୍ୟ; ସିକା (ହି. ଶବ୍ଦସାଗର)—
2. A hanging rope-basket.

ଛିକ୍କିକା—ସଂ. ବି. (ଛିକ୍କା+ଇକ+ଆ)—ଛିକ୍କଣୀ (ଦେଖ)
Chhikkikā Chhikkaṇi (See)

ଛିଗୁଲ୍—ଦେ. ବି—୧ । ଶ୍ଳେଷ ବା ବ୍ୟଙ୍ଗଯୁକ୍ତ ଭର୍ତ୍ସନା—
Chhigulā 1. Ironical rebuke; gibe; jeer.
୨ । ଘୃଣାବ୍ୟଞ୍ଜକ ଦୁର୍ନାମ—
2. Contemptuous imputation; innuendo.
ଦେ. ବି—୧ । ଶ୍ଳେଷ ବା ବ୍ୟଙ୍ଗଯୁକ୍ତ (ବଚନ)—
1. Ironical (words).
୨ । ଘୃଣାବ୍ୟଞ୍ଜକ—2. Indicating contempt.

ଛିଗୁଲାଇବା—ଦେ. କ୍ରି—୧ । ଉପହାସ ବା ବ୍ୟଙ୍ଗ କରି ଭର୍ତ୍ସନା
Chhigulāibā କରିବା—1. To administer ironical
ଝିଡ଼ିମାନା rebuke; to jeer.
(ଛିଗୁଲେଇବା—ଅନ୍ୟରୂପ) ୨ । ଛିଗୁଲ କରି କହିବା—
2. To address in contemptuous language.

ଛିଙ୍କ—ଦେ. ବି. (ସଂ. ଛିକ୍କା)—କ୍ଷୁତ; ନାସିକାରୁ ହଠାତ୍ ଜୋର୍ ସହିତ
Chhiṅka ବାହାରିବା ଶବ୍ଦ—Sneeze.
ହାଁଚି ଛିଙ୍କରୁ କାଳ ହେବା ଯୋଗୁଁ କ୍ଷୁତ ନାମ
छींक ବହୁ ହୋଇଲେ ପ୍ରଜାପତି କରେଉମ ।
କୃଷ୍ଣସିଂ ମହାଭାରତ ଶାନ୍ତି ।

ଛିଙ୍କଇ ପଡ଼ିଲା—ଦେ. ଅ—ଛିଙ୍କିବା ଲୋକର ମଙ୍ଗଳ ହେଉ—
Chhiṅka-i paṛilā A sentence used on sneezing,
হেঁচেছি অ indicating:—Let weal happen to
शत जीव the sneezer.
ଛିଙ୍କ ପଡ଼ିଲା } ଅନ୍ୟରୂପ
ଛିଙ୍କେଇ ପଡ଼ିଲା }
[ଦ୍ର—ନାକ ମଧ୍ୟର ଝିଲ୍ଲୀ କୌଣସି କାରଣରୁ ଉତ୍ତେଜିତ ହେଲେ, ଶରଦି ହେଲେ ବା ନାସ ଶୁଙ୍ଘିଲେ ନାକ ଓ ପାଟିବାଟେ ଗୁଡ଼ାଏ ପବନ ହଠାତ୍ କେ ଟାଣି ହୋଇଯାଇ ଉଚ୍ଚୈଃସ୍ୱର ଓ ବେଗ ସହିତ ତାହା ନାକ ଓ ପାଟିବାଟେ ବାହାରେ; ଏହାକୁ ଛିଙ୍କ କହନ୍ତି । ଛିଙ୍କ ସଙ୍ଗେ ବେଳେବେଳେ ଛେପ ଓ ଶ୍ଳେଷ୍ମା ମଧ୍ୟ ବାହାରି ପଡ଼େ । କୌଣସି କାର୍ଯ୍ୟ ଆରମ୍ଭ କଲାବେଳେ ଛିଙ୍କିବା ଅଶୁଭସୂଚକ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି ଓ ସେତେବେଳେ 'ଶତଂଜୀବ' 'ଶତଂଜୀବ' ବୋଲି କହି ସେ ଅଶୁଭ ନିବାରଣ କରନ୍ତି । ଏ ବିଶ୍ୱାସ ପ୍ରାଚୀନ ଗ୍ରୀକ୍, ରୋମାନ୍ ଓ ଇହୁଦିମାନଙ୍କ ମଧ୍ୟରେ ଥିଲା । ପାଶ୍ଚାତ୍ୟମାନଙ୍କ ମଧ୍ୟରେ ମଧ୍ୟ ଅଦ୍ୟାପି ଏ ବିଶ୍ୱାସ ଅଛି; ସେମାନଙ୍କ ମଧ୍ୟରେ କେହି ଛିଙ୍କିଲେ ପାର୍ଶ୍ୱରେ ଥିବା ଲୋକେ କହନ୍ତି "ଈଶ୍ୱର ମଙ୍ଗଳ କରନ୍ତୁ"— ହି. ଶବ୍ଦସାଗର ।]

ଛିଙ୍କଣି—ଦେ. ବି. (ସଂ. ଛିକ୍କଣୀ)—ଚିଲନାସ; ଛିକ୍କଣୀ (ଦେଖ)
Chhiṅkaṇi Chhikkaṇi (See)
ଛିଙ୍କିଣି } ଅନ୍ୟରୂପ
ଛିଙ୍କୁଣି }

ଛିଙ୍କ ଦେଖାଇବା—ଦେ. ବି—ଛିଙ୍କିବାର ଉପକ୍ରମ ହେବା—
Chhiṅka dekhāibā Having a tendency to sneeze.
হাঁচি আসা
छींक आना
(ଛିଙ୍କମାରିବା; ଛିଙ୍କ ଦେଖେଇବା, ଛିଙ୍କ ଅସିବା—ଅନ୍ୟରୂପ)

ଛିଙ୍କ ପଡ଼ିବା—ଦେ. ବି.—ଛିଙ୍କିବା—
Chhiṅka paṛibā Sneezing.

ଛିଙ୍କା—ଦେ. ବି.—(ସଂ. ଛିକ୍କା)—ଛିଙ୍କ (ଦେଖ)
Chhiṅkā 1. Chhiṅka (See)
छींकना ୨ । ଛିଙ୍କିବା କର୍ମ—2. Act of sneezing.

ଛିଙ୍କାଇବା—ଦେ. କ୍ରି.—(ଛିଙ୍କିବାର ଣିଜନ୍ତ ରୂପ) କୌଣସି ବ୍ୟକ୍ତିକୁ
Chhiṅkāibā ନାସ ଶୁଙ୍ଘାଇ ବା ତା ନାକରେ ସୂକ୍ଷ୍ମ କାଠି ଆଦି
छींकाना ଭରତି କରିବା ଦ୍ୱାରା ସେ ଛିଙ୍କିବାର ଉପାୟ କରିବା—
(ଛିଙ୍କେଇବା—ଅନ୍ୟରୂପ) (causative of Chhiṅkibā) To cause a person to sneeze.

ଛିଙ୍କିବା—ଦେ. କ୍ରି.—(ସଂ. ଛିକ୍କା)—ନାସିକା ମଧ୍ୟରୁ ବେଗ ଓ ଶବ୍ଦ ସହିତ
Chhiṅkibā ହଠାତ୍ ପବନ ବାହାର କରିବା—To sneeze.
হাঁচি মরা [ଦ୍ର—ବରାଡ଼ି ଛିଙ୍କିଲେ ଗୃହସ୍ୱାମୀ ଅମଙ୍ଗଳ ସୂଚନା କରେ;
छींकना ମନୁଷ୍ୟ ଛିଙ୍କିବା ମଧ୍ୟ ଅମଙ୍ଗଳକର; ଏଥିପାଇଁ କେହି ଛିଙ୍କିଲେ ସେଠାରେ ଉପସ୍ଥିତ ବୟୋବୃଦ୍ଧ ମନୁଷ୍ୟ ଉକ୍ତ ଅମଙ୍ଗଳ ଦୂର ହେବା ଆଶାରେ କହି ଥାଆନ୍ତି 'ଚିରଂଜୀବୀ ହୋ' ।]

ଛିଙ୍ଗ୍‌ଲିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ଚାଲିବା; ଗତିକରିବା—
ଛୁଚିବାଈ ରକ୍ଷା—Excessive sentimentality in keeping away from untouchable things.
ଗ୍ରା. ବିଣ.—ଛୁଚିବାଇଆର ସ୍ତ୍ରୀଲିଙ୍ଗ—
Feminine of Chhuchibāiā.

ଛୁଚିବାଇଆ—ଗ୍ରା. ବିଣ. ପୁଂ (ସଂ. ଶୁଚି+ବାତୁଲ)—ସର୍ବଦା ଶୁଚି
Chhuchi-bāiā ରହିବା ଓ ଅସ୍ପୃଶ୍ୟ ବ୍ୟକ୍ତି ବା ବସ୍ତୁକୁ ନ ଛୁଇଁବା
ଛୁଚିବେଯେ ଯାହାର ଅଭ୍ୟାସ—Excessively sentimental in
(ଛୁଚିବାଇ—ସ୍ତ୍ରୀ) keeping away from untouchable or
(ଛୁଚିବାୟା—ଅନ୍ୟରୂପ) unclean things and persons.

ଛୁଚୁନ୍ଦରା—ଦେ. ବି. ଓ ବିଣ—ଛୁଛୁନ୍ଦରୀ (ଦେଖ)
Chhuchundarā Chhuchhundarī (See)
(ଛୁଚୁନ୍ଦୁରା, ଛୁଚୁନ୍ଦ୍ରା—ଅନ୍ୟରୂପ)

ଛୁଛା—ପ୍ରାଦେ. (ସମ୍ବଲପୁର) ବିଣ (ସଂ. ତୁଚ୍ଛ; ପ୍ରା. ଛୁଚ୍ଛ, ଭୁଲ. ଏହି
Chhuchhā ଅର୍ଥରେ ହି. ଛୁଁଛା)—୧ । ଛୁଚ୍ଛା; ଖାଲି; ରିକ୍ତ—
1. Empty.
ଖାଲି ୨ । କେବଳ—2. Sole; single.
खाली ୩ । ଏକାକୀ—3. Alone; solitary.
କ୍ରି. ବିଣ.—କେବଳ—Only.

ଛୁ ଛା କରିବା—ଦେ. କ୍ରି—ଗୋପନରେ ପଳାୟନ କରିବା—
Chhu chhā karibā To flee or slip away.
[ଛୁ ଛା ଦେବା, ଛୁ ଛା କରା (ହୋ)ଇବା—ଅନ୍ୟରୂପ]

ଛୁଛାକେ—ପ୍ରା. ଦେ. (ସମ୍ବଲପୁର) କ୍ରି. ବିଣ—ବୃଥା; ଅକାରଣରେ,
Chhuchhāke ଭୁଚ୍ଛାଟାରେ—In vain
(ଛୁ ଛା ଲାଗି—ଅନ୍ୟରୂପ)

ଛୁଛୁ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଛୁଛୁନ୍ଦରୀ; ଭୁଲ. ହି. ଛୁଁଛୁ)—
Chhuchhu ଚୁଚୁନ୍ଦ୍ରା—Mole.

ଛୁଛୁନ୍ଦରା—ଦେ. ବି ଓ ବିଣ—ଛୁଛୁନ୍ଦରୀ (ଦେଖ)
Chhuchhundarā Chhuchhundarī (See)
ଛୁଁଚା
छुँचा
(ଛୁଛୁନ୍ଦରୀ; ଛୁଛୁନ୍ଦୁରା; ଛୁଛୁନ୍ଦୁରୀ—ଅନ୍ୟରୂପ)

ଛୁଛୁନ୍ଦରୀ—ସଂ. ବି. (ଛୁଛୁ=ଅବ୍ୟକ୍ତ ଶବ୍ଦ+ଦ ଧାତୁ=ବିଦାରଣ କରିବା
Chhuchhundarī +କର୍ତ୍ତୃ. ଅ+ସ୍ତ୍ରୀ. ଈ)—୧ । ଚୁଚୁନ୍ଦ୍ରା;
ଗନ୍ଧମୂଷିକ—1. Musk-shrew; mole; musk-rat; Crocudura Caerula.
ଦେ. ବିଣ—୧ । ନିର୍ଲଜ୍ଜ—1. Shameless.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୨ । ଖେଳଟ (ଲୋକ); ନୀଚପ୍ରକୃତିକ (ଲୋକ)— 2. Low; mean (person).

୩ । ଲୋଭୀ; ପେଟୁ—3. Ravenous; always hankering after food from others' tables.

ଛୁଞ୍ଚ—ଦେ. ବି—୧ । (ପାନବରଜ ଭାଷା)—ପାନବରଜର ମୁଠାର ଗଣି ଉପରେ ପଡ଼ିଥିବା ଶେଣୀର ଉପରେ ପକାଯିବା ଲମ୍ବା ବାଉଁଶ—1. A big bomboo put on the wall-plate of a betel-plantation.
Chhuñcha
ଛୁତା; ହେଁଚ

୨ । (ସଂ. ସେଚନ) ସକାଳୁ ସ୍ତ୍ରୀଲୋକଙ୍କର ଘର ଓ ଅଗଣା ଲିପିବା କର୍ମ—2. The act of washing of the mud-floor of the house and the courtyard every morning by females of the house.

ଛୁଞ୍ଚକନା—ଦେ. ବି.—ଯେଉଁ କନାରେ ସ୍ତ୍ରୀଲୋକମାନେ ଘରତଳ ଓ ଅଗଣା ପ୍ରତିଦିନ ସକାଳେ ଲିପନ୍ତି—The piece of rag used by females for besmearing the mud-floor and courtyard.
Chhuñcha-kanā

ଛୁଞ୍ଚ ଦେବା—ଦେ. କ୍ରି—୧ । (ସଂ: ସେଚନ) ସକାଳୁ ଗୋବରପାଣିରେ ଅଗଣା ଆଦି ଲିପିବା—1. To wash the courtyard and floor of the house with cowdung-water every morning.
Chhuñcha debā
ଛୁତା ଦେଓ୍ୱା

୨ । (ସଂ. ସୂଚନା) ଉଲ୍ଲେଖ ଦେବା; ଘଟିଥିବା କୌଣସି ଗୋଟିଏ କଥାକୁ ଦରକାର ବେଳେ ପୁନଃପୁନଃ କହିବା—2. To allude to a past thing repeatedly.

ପ୍ରାଦେ. (ବାଲେଶ୍ୱର) କ୍ରି—୧ । ଖୁଞ୍ଚା ମାରିବା; ସ୍ଥାନେ ସ୍ଥାନେ ଚାଳରୁ ଛଣ ଉଳୁଡ଼ି ଯାଇଥିବା ସ୍ଥାନରେ କୁଟା ଗୁଞ୍ଜିବା—1. To put straw at places in the thatch where it has come out.

ଛୁଞ୍ଚପତ୍ର—ଦେ. ବି—୧ । ଛିଞ୍ଚିପତ୍ର (ଦେଖ)
Chhuñcha-patra 1. Chhiñchi-patra (See)

୨ । ଭାତଥାଳ ପାଖେ ଲୁଣଆଦି ବାଢ଼ିବା ନିମନ୍ତେ ନାନା କୌଶଳରେ କଟା ଯାଇଥିବା ଗୋଲ କଦଳୀପତ୍ରଖଣ୍ଡ—2. A circular piece of plantain leaf cut into various artistic designs for serving salt near a plate of rice.
(ଛୁଞ୍ଚପତର—ଅନ୍ୟରୂପ)

ଛୁଞ୍ଚପାଣି—ଦେ. ବି—ପ୍ରତ୍ୟହ ସକାଳେ ଘର ଓ ଅଗଣାଆଦି ଲିପିବାରେ ବ୍ୟବହୃତ ଗୋବରପାଣି—Water mixed with cowdung used in washing the courtyard and mud-floor every morning.
Chhuñcha-pāṇi
ছুতাজল; হেঁাচজল

ଛୁଞ୍ଚପାଣି ହାଣ୍ଡି ଧୋଇବାକୁ ବେଳ ନାହିଁ ।
ଫକୀରମୋହନ- ଛମାଣଆଠଗୁଣ୍ଠ ।

ଛୁଞ୍ଚହାଣ୍ଡି—ଦେ. ବି.(ସଂ ସେଚନ+ହାଣ୍ଡିକା)—ନିତ୍ୟ ସକାଳେ ଘରଦ୍ୱାର ଲିପିବା ପାଇଁ ଯେଉଁ ହାଣ୍ଡିରେ ମାଟିଗୋବର-ମିଶା ପାଣି ଥାଏ—An earthen pot containing water mixed with cowdung for smearing the mud-floor and courtyard every morning.
Chhcuñha-hāṇdi
ছুতহাঁড়ি; হেঁাচহাঁড়ি
ছডাহাঁডি

ଛୁଞ୍ଚି—ଦେ. ବି. (ସଂ. ସୂଚି)—ଲୁଗା ସିଇଁବାର ସରୁ ମୁନିଆଁ କଣ୍ଟା—Needle.
Chhuñchi
ছুঁচ
सुई

[ଦ୍ର—ଏଥିର ଅଗପାଖ ମୁନିଆଁ ଓ ମୂଳପାଖରେ ସୂତା ଗଳାଇବା ପାଇଁ ଗୋଟିଏ କଣା ଥାଏ ।]

ଛୁଞ୍ଚିଆ—ଦେ. ବଣ (ସଂ. ସୂଚି)—ଛୁଞ୍ଚିପରି ମୁନିଆଁ—
Chhuñchiā Sharp-pointed; needle-pointed.

ଦେ. ବି—୧ । ଅନେକଟିର ବା ଏକାଧିକ ନଳା ଥିବା ପୋଲର ଫୁକାରମାନଙ୍କର ମଝିରେ ଥିବା ଅଗଗୋଲିଆ ସ୍ତମ୍ଭର ମୁନିଆଁ ପ୍ରାନ୍ତ—1. The pointed ends of a pier or masonry-pillar of an anicut or bridge having more than one span.

୨ । ଛୁଞ୍ଚିଆ ବତା (ଦେଖ)
2 Chhuñchiā batā (See)

ଛୁଞ୍ଚିଆ ବତା—ଦେ. ବି—ଚାଳରୁ ଛଣ ଉଡ଼ି ନ ଯିବା ପାଇଁ ଚାଳ ଉପରେ ବନ୍ଧାଯିବା କ୍ଷୁଦ୍ର ବତା—Small scantlings of split bamboo attached to the thatch to keep the straw in position.
Chhuñchiā batā

ଛୁଞ୍ଚିଆ ବାନ୍ଧିବା—ଦେ. କ୍ରି—ଛପର ଉପରେ ଛୁଞ୍ଚିଆବତା ଦଉଡ଼ିଦ୍ୱାରା ସଂଲଗ୍ନ କରିବା—To tie small pieces of split bamboo over a thatch.
Chhuñchiā bāndhibā

ଛୁଞ୍ଚିଆ ଦେବା,
ଛୁଞ୍ଚିଆ ଭିଡ଼ିବା } ଅନ୍ୟରୂପ
ଛୁଞ୍ଚିଆ ମାରିବା

ଛୁଞ୍ଚିକନା—ଦେ. ବି.(ସଂ. ସେଚନ+କନ୍ଥି)--ପ୍ରତିଦିନ ଘର ଓ ଅଗଣା ଲିପିବା ନିମିତ୍ତ ବ୍ୟବହୃତ ଛିଣ୍ଡା କନା; ମାଟିଗୋବର-ନେତା କନା—A rag used in smearing the mud floor of a house and courtyard with mud and cowdung mixed with water.
Chhuñchi-kanā

ଘର ଘରଣୀ ଏ ଘଡ଼ ଛୁଞ୍ଚିକନା ରନ୍ଧାବଢ଼ାକୁ ଉଦାସୀ ।
ଭକ୍ତକବି. ଗୀତଲହରୀ ।

ଛୁଞ୍ଚିଗଳା—ଦେ. ବି.—(ଅଧୁନାତନ ବ୍ୟବହାର)—ଫମ୍ପା ଛୁଞ୍ଚି ମଧ୍ୟରେ ଦ୍ରବ ଔଷଧ ଚଳାଇ ରୋଗୀର ଶରୀରକୁ ଫୋଡ଼ି ଉକ୍ତ ଔଷଧକୁ ସିରାଦ୍ୱାରା ରୋଗୀର ରକ୍ତରେ ସଞ୍ଚାଳିତ କରିବା କ୍ରିୟା—Injection; hypodermic injection.
Chhuñchi-gaḻā
সূচ বিংধা
सुई बिंधना

(ଛୁଞ୍ଚି ଫୋଡ଼ା;ଛୁଞ୍ଚିମରା—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଊ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ୱ	ନ୍ତ

ଛୁଞ୍ଚିପତ୍ର—ଦେ. ବି—୧ । ଛିଞ୍ଚିପତ୍ର (ଦେଖ)
Chhuñchi-patra 1. Chhiñchi-patra (See)
(ଛୁଞ୍ଚିପତର—ଅନ୍ୟରୂପ) ୨ । ଛୁଞ୍ଚପତ୍ର (ଦେଖ)
2. Chhuñcha-patra (See)

ଛୁଞ୍ଚିବାଇ—ଦେ. ବି ଓ ବିଣ—ଛୁଚିବାଇ (ଦେଖ)
Chhuñchi-bāi Chhuchi-bāi (See)

ଛୁଞ୍ଚିବାଇଆ—ଦେ. ବିଣ. ପୁଂ—ଛୁଚିବାଇଆ (ଦେଖ)
Chhuñchibā-iā Chhuchi-bāiā (See)
(ଛୁଞ୍ଚିବାଇ—ସ୍ତ୍ରୀ)
(ଛୁଞ୍ଚିବାୟା—ଅନ୍ୟରୂପ)

ଛୁଞ୍ଚିମାଛି ପରଖ—ଦେ. ବି—ଅତି ସୂକ୍ଷ୍ମ ପରୀକ୍ଷା; ପୁଙ୍ଖାନୁପୁଙ୍ଖ ପରିଦର୍ଶନ—
Chhuñchi-māchhi parakha Very close scrutiny; minute examination.
(ଛୁଞ୍ଚିମାଛି ପରୀକ୍ଷା—ଅନ୍ୟରୂପ)

ଛୁଞ୍ଚି ମାରିବା—ଦେ. ବି—ଦେହରେ ସୂଚିବେଧ ପରି ବେଦନା ଅନୁଭୂତି—
Chhuñchi māribā Pinpricks; sensation resembling that due to piercing the body with an eedle.
ছুঁচ মারা
सुई मारना
(ଯଥା—ମୋ କଙ୍କାଳକୁ ଘଣ୍ଟାଏ ହେଲା ଛୁଞ୍ଚି ମାରି-ଦେଉଛି ।)

ଛୁଞ୍ଚିମୁନିଆଁ (ପକ୍ଷୀ)—ଦେ. ବି. (ସଂ. ଟୁଣ୍ଟୁକ; ଭୃଙ୍ଗବାସ୍ତୁ; ସୌଚିକ)—
Chhuñchi-muniāñ (bird) ଶାଖାଶ୍ରୟୀ କ୍ଷୁଦ୍ର ପକ୍ଷିବିଶେଷ—
টুনটুনী The Indian Tailor-bird; Orthomus Sutorius.
[ଦ୍ର—ଏ ୨।୭ ଅଙ୍ଗୁଳ ଲମ୍ବ; ଏହାର ଡାକ 'ଟୁଇଇ, ଟୁଇଇ'; ଏହାର ଚଞ୍ଚୁ ଓ ମସ୍ତକ ସମାନ ଦୀର୍ଘ; ଚଞ୍ଚୁ ସରୁ ଓ ଦୀର୍ଘ—ଏମାନେ ଅଣ୍ଟରେ ଏକାଧିକ ପତ୍ରର ଧାରକୁ ସିଲେଇ କରି ବସା ନିର୍ମାଣ କରନ୍ତି ।]

ଛୁଞ୍ଚିମୁହାଁ—ଦେ. ବିଣ. ପୁଂ (ସଂ. ସୂଚି + ମୁଖ)—(ପୁରୁଷକୁ ଦିଆଯିବା ଗାଳି) (a term of abuse applied to males)—ଯେଉଁ ବ୍ୟକ୍ତିର ମୁହଁ ବା ଓଠ ଶୋଞ୍ଚିଆ ହୋଇ ବାହାରି ଥାଏ—(a person) Having the lips protruding to a point.
Chhuñchi-muhāñ
(ଛୁଞ୍ଚିମୁହିଁ—ସ୍ତ୍ରୀ)
[ଦ୍ର—ଏପରି ଲୋକ ଚୁପ୍‌ସଇତାନ୍ ଓ କ୍ରୋଧୀ ହୁଅନ୍ତି ।]

ଛୁଟ୍‌କୁରିଆ—ଦେ. ବିଣ—ସାମାନ୍ୟ; ଛୋଟ—
Chhuṭ-kuriā Petty; small.
ছোটখাট
फुटकर
× × × ଆଉ ଶିବପୁର ବଜାରର ଛୁଟ୍‌କୁରିଆ ବଡ଼ିଆ ସମସ୍ତ ଦୋକାନ ନିମନ୍ତ୍ରିତ ହୋଇଗଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଛୁଟ୍‌ଛୁଟ୍—ଦେ. କ୍ରି. ବିଣ—୧ । ମୁହୁର୍ମୁହୁଃ; ଅନୁକ୍ଷଣ—
Chhuṭ-chhuṭ 1. Every moment; at very short intervals.
(ଯଥା—ସେ ଛୁଟ୍‌ଛୁଟ୍ ଡୋଳଗୋଟି ଦଉଛି ।)
୨ । ଛଟପଟ (ଦେଖ)
2. Chhaṭa-paṭa (See)
(ଯଥା—ଖାଇବାକୁ ନ ପାଇ ପିଲା ଗୁଡ଼ିକ ଛୁଟ୍‌ଛୁଟ୍ ହୋଇ ମଲେ ।) (ଛୁଟ୍‌ପୁଟ୍, ଛୁଟୁଛୁଟୁ, ଛୁଟୁପୁଟୁ—ଅନ୍ୟରୂପ)
[ଦ୍ର—'ଛଟଛଟ' ଅପେକ୍ଷା 'ଛୁଟ୍‌ଛୁଟ୍' କ୍ଷୁଦ୍ର ଭାବ୍ୟଞ୍ଜକ, ଛୁଟ୍‌ଛୁଟ୍ ଅପେକ୍ଷା ଛୁଟୁରୁଛୁଟୁ ରୁ ଆହୁରି କ୍ଷୁଦ୍ର ଭାବ୍ୟଞ୍ଜକ ।]

ଛୁଟ୍ (ଧାତୁ)—ସଂ.—୧ । ବନ୍ଧନ କାଟିବା—
Chhuṭ (root) 1. To cut a bond.
୨ । କାଟି କରି ଅଲଗା କରିବା—2. To cut off.

ଛୁଟଣ—ଦେ. ବି. (ସଂ. ଛୁଟ୍ ଧାତୁ=ବନ୍ଧନ କାଟିବା, ହି. ଶବ୍ଦସାଗର)—
Chhuṭaṇa ୧ । ବିରାମ; ବିରତି—
ছুট 1. Cessation; remission.
छूट, छुटना ୨ । ମୁକ୍ତି—2. Liberation.
୩ । ଅବସର; ବିଶ୍ରାମ; ଫୁରୁସତ୍—
3. Rest; leisure.
(ଯଥା—ମତେ କାମରେ ଦଣ୍ଡେ ଛୁଟଣ ନାହିଁ ।)

ଛୁଟା—ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର) ବିଣ. ପୁଂ (ଲେଙ୍ଗ ସ୍ଥାନରେ ଛୁ
Chhuṭā ଉଚ୍ଚାରଣ)—ଲେଙ୍ଗଡ଼ା—Lame.

ଛୁଟାଇବା—ଦେ. କ୍ରି. (ସଂ. ଛୁଟ୍ ଧାତୁ=ବନ୍ଧନ କାଟିବା)—
Chhuṭāibā (ଛୁଟିବାର ଣିଜନ୍ତ ରୂପ)—
ছুটান (causative of Chhuṭibā).
छुटाना, छुटवाना ୧ । ମୁକ୍ତ କରିବା; ମୁକୁଳାଇବା—
(ଛୁଟେଇବା—ଅନ୍ୟରୂପ) 1. To liberate; to set free.
୨ । ଢିଲା କରିବା; ଢିଲେଇବା—
2. To loosen; to slacken
୩ । (ଶସ୍ତ୍ରାଦି ଅନ୍ୟର ଦେହରେ) ପ୍ରହାର କରିବା; ଅନ୍ୟକୁ ପ୍ରହାର କରିବା ପାଇଁ ଅସ୍ତ୍ରାଦିକୁ ଚଳାଇବା—
3. To strike with (a weapon).
ଅଣ୍ଟାରୁ ଖଣ୍ଡା କାଢ଼ି ଦେହେ ଛୁଟାଇଲେ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
୫ । ଦଉଡ଼ାଇବା—
5, To cause to run; to send one running.
(ଯଥା—ଶିକାରୀ ମୃଗ ପଛରେ କୁକୁରକୁ ଛୁଟାଇଛି ।)
୬ । ସ୍ରୋତ ବୁହାଇବା; ଜଳୀୟ ବସ୍ତୁକୁ ବହାଇବା—
6. To cause (a liquid) to flow; to discharge (a liquid).

ଛୁଟାଛୁଟି—ଦେ. ବି—୧ । ଇତସ୍ତତଃ ଦଉଡ଼ାଦଉଡ଼ି; ଦଉଡ଼ିଧାପଡ଼—
Chhuṭā-chhuṭi 1. Running to and fro.
ছুটাছুটি ୨ । ତ୍ୱରା; ଲଣ୍ଡଭଣ୍ଡ—2. Hot-haste; bustle, hurry-scurry.
छुटाछुटि, हड़बड़ि
୩ । ଏକର ପଶ୍ଚାତ୍ ଅନ୍ୟର ଧାବନ—
3. Chasing one another.

ସାଧାରଣ ଲୋକେ ଅପର ପୃଷ୍ଠାରେ ଅଙ୍କିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କୁ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଛୁଟି— ଦେ. ବି. (ସଂ. ଛୁଟ୍ ଧାତୁ=ବନ୍ଧନ କାଟିବା; କାଟି କରି ଅଲଗା
Chhuṭi କରିବା—ହି. ଶବ୍ଦସାଗର)—
ছুটী ୧ । କାର୍ଯ୍ୟରୁ ଫୁରସତ୍ ବା ଅବକାଶ ମିଳିବା ସମୟ—
छुटकारा, छुट्टी 2. Holiday; vacation.
(ଯଥା—ଗ୍ରୀଷ୍ମ ଛୁଟି, ବଡ଼ଦିନ ଛୁଟି, ପୂଜା ଛୁଟି ।)
୨ । କାର୍ଯ୍ୟରୁ ସାମୟିକ ବିଦାୟ—
2. Temporary leave from duty.
୩ । ଅବସର—3. Leisure.
୪ । ଖଲାସ; ମୁକ୍ତି—4. Release; discharge.
୫ । କାର୍ଯ୍ୟରୁ ନିବୃତ୍ତି—
5. Cessation of work; stoppage of work.
୬ । ସ୍କୁଲ୍, କଚେରି, କାରଖାନା ଆଦିର ସାମୟିକ କାର୍ଯ୍ୟବନ୍ଦ—
6. Temporary closing or dismissal of a school, court or workshop.
(ଯଥା—୪ଟା ବାଜିଲେ ଇସ୍କୁଲର ଛୁଟି ହୁଏ ।)
୭ । କୌଣସି କାର୍ଯ୍ୟ କରିବା ପାଇଁ କର୍ତ୍ତୃପକ୍ଷଙ୍କଠାରୁ ମିଳିବା ଅନୁମତି—7. Permission given by an authority.
୮ । କୌଣସି ଦାୟିତ୍ୱରୁ ମୁକ୍ତି—8. Release or discharge from a responsibility.
ଦେ. ବିଣ—୧ । ମୁକ୍ତ; ମୁକ୍ତିପ୍ରାପ୍ତ; ଖଲାସ ହୋଇଥିବା—
1. Released; liberated.
(ଯଥା—୫ ଘଣ୍ଟା ନୌକରୀ ବଜାଇ ଦେଲେ ତେଣିକି ମୁଁ ଛୁଟି ।)
ପ୍ରାଦେ. (ସମ୍ବଲପୁର) ବି—ଛୁଇ (ଦେଖ)
Chhui (See)
ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର; ଏଥି ସ୍ଥାନରେ ଛୁ ଉଚ୍ଚାରଣ)
ବିଣ. ସ୍ତ୍ରୀ—ଖୋଟୀ—Lame (woman)
ବି. ସ୍ତ୍ରୀ—ଖଞ୍ଜ ସ୍ତ୍ରୀ—A lame woman.

ଛୁଟିଦରମା—ଦେ. ବି—କାର୍ଯ୍ୟରୁ ଅବସର ପାଇଥିବା ବ୍ୟକ୍ତିର ଅବସର-
Chhuṭi-daramā କାଳର ବେତନ—The salary of a
ছুটির মাইনা person for the period of his leave.
छुट्टीका तनख्वाह

ଛୁଟିଦିନ—ଦେ. ବି—ଅବସରବାସର; ଯେଉଁ ଦିନ ସ୍କୁଲ୍, କଚେରି ବା
Chhuṭi-dina କାରଖାନା ଆଦିର କାମ କୌଣସି ବିଶେଷ ଉପ-
ছুটির দিন ଲକ୍ଷରେ ବନ୍ଦ ଥାଏ—Holiday; vacation
छुट्टीका रोज -time; recess.

ଛୁଟି ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ କାର୍ଯ୍ୟରୁ ସାମୟିକ ବା
Chhuṭi debā ନିର୍ଦ୍ଦିଷ୍ଟ କାଳପାଇଁ ଅବସର ଦେବା—
ছুটি দেওয়া 1. To grant leave
छुट्टी देना ୨ । (ବନ୍ଧନରୁ, ସ୍କୁଲରୁ, ମକଦମାରୁ, ଦାୟିତ୍ୱରୁ)
(ଛୁଟି କରିବା—ଅନ୍ୟରୂପ) କୌଣସି ବ୍ୟକ୍ତିଙ୍କୁ ଖଲାସ ଦେବା; ମୁକ୍ତି ଦେବା—2. To release; to discharge; to acquit.
୩ । ସ୍କୁଲ ବା କଚେରି ଆଦିର କାର୍ଯ୍ୟ ସ୍ଥଗିତ କରିବା ବା ଭାଙ୍ଗିବା—3. To dismiss a court or school.

ଛୁଟି ପାଇବା—ଦେ. କ୍ରି—୧ । କାର୍ଯ୍ୟରୁ ଅବସର ପ୍ରାପ୍ତ ହେବା—
Chhuṭi pāibā 1. To get leave.
ছুটি পাওয়া ୨ । ଖଲାସ ହେବା—2. To be released,
छुट्टी पाना acquitted or discharged.

ଛୁଟିବା—ଦେ. କ୍ରି. (ସଂ. ଛୁଟ୍ ଧାତୁ=ବନ୍ଧନ ଆଦି କାଟିବା ହି.
Chhuṭibā ଶବ୍ଦସାଗର; ସଂ. କ୍ଷିପ୍ତ ପ୍ରା. ଛୁଟ—ଯୋଗେଶ ଚନ୍ଦ୍ର)—
ছুটা; ছোটা ୧ । ଜୋରରେ ଚାଲିବା; ଦଉଡ଼ିବା—
छूटना 1. To run; to move with force.
[ଛୁଟା(ଟେ)ଇବା—ଣିଜନ୍ତ] ୨ । ପଳାଇଯିବା—
2. To flee away; to escape.
୩ । (ତରଳପଦାର୍ଥ) କୌଣସି ସ୍ଥାନରୁ ବାହାରି ବେଗରେ ବହିବା—3. To flow out; to gush forth (said of a liquid).
(ଯଥା—ଭଙ୍ଗା କାଚ ବାଜିଯିବାରୁ ତା ଦେହରୁ ରକ୍ତ ଛୁଟୁଛି ।)
୪ । (ସମୟ) ଅତିବାହିତ ହେବା—
4. (the time) To run.
୫ । ଧ୍ୱଂସ ହେବା—
5. To be ruined or destroyed.
ଛୁଟିଲେ ଘଟ ଲୋକେ ବୋଲିବେ ମଡ଼ା
ଚୁଲିଣି କାଠି ଚୋର ହୋଇବ ଲୋଡ଼ା । ମନବୋଧ ଚଉତିଶା ।
୬ । ଲୋପ ପାଇବା; ଅଦୃଶ୍ୟ ହେବା—
6. To be lost; to disappear.
ଛୁଟି ଯାଉ ବଦେଇନା, ଛଟପଟ ହେବ ସିନା—କବିସୂର୍ଯ୍ୟ, ବଣୋବାଚମ୍ପୂ, ଛ ଗୀତ ।
୭ । ଫିଟିଯିବା; (ଗଣ୍ଠି ଆଦି) ଖୋଲିଯିବା—
7. (a knot) To get loose; to become slack.
୮ । (ଗୁଳି, ଶର, ଉଲ୍କା) ଖୁବ୍ ଜୋରରେ ଗତିକରିବା—
8. (bullet, arrow, shooting star) To shoot forth.
୯ । ମୁକ୍ତଦ୍ୱାର ହେବା; ବାଧା ବା ବନ୍ଧନରହିତ ହେବାରୁ ତନ୍ମଧ୍ୟସ୍ଥ ପଦାର୍ଥ ବେଗ ସହିତ ବାହାରିବା—
9. To become loose or open.
(ଯଥା—ଆଜି ଏ ତିନିଦିନ ହେଲା ସେ ଶିଶୁର ଗାଣ୍ଡି ଛୁଟିଛି; କାଲି ରାତିରୁ ସେ ବଅଠା ଛୁଟିଛି ।)

ଛୁଟିମାଟି—ପ୍ରାଦେ. (ସମ୍ବଲପୁର) ବି—ଛୁଇ (ଦେଖ)
Chhuṭi-māṭi Chhui (See)

ଛୁଟି ମିଳିବା—ଦେ. ବି—୧ । କାର୍ଯ୍ୟରୁ ସାମୟିକ ଅବସରପ୍ରାପ୍ତି—
Chhuṭi miḷibā 1. Getting of leave.
ছুটি মিলা (ଯଥା—ପୁଅ ବାହାପାଇଁ ମୋତେ ୪ଦିନ ମାତ୍ର ଛୁଟି
छुट्टी मिलना ମିଳିଲା ।)

୧	ଇ	ଓ	ଋ,ଋ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍

୨ । ଦାୟିତ୍ୱରୁ ମୁକ୍ତିଲାଭ—3. Being released or discharged from a responsibility.

୩ । କାର୍ଯ୍ୟରୁ ବିରତ ହେବା ପାଇଁ ଆଦେଶପ୍ରାପ୍ତି—
3. Getting of permission to stop work.

୪ । ଫୁରସତ୍ ବା ଅବକାଶ ପ୍ରାପ୍ତି—
4. Getting of leisure.

୫ । ବନ୍ଧନ ବା କାରାବାସରୁ ମୁକ୍ତିଲାଭ—
5. Release from confinement; being set free; liberation.
(ଛୁଟି ମିଳି ଯିବା—ଅନ୍ୟରୂପ)

ଛୁଟିଯିବା—ଦେ. କି.—ଛୁଟିବା (ଦେଖ)
Chhuṭi-jibā Chhuṭibā (See)
ছুটে যাওয়া
छूट जाना

ଛୁଟି ହେବା—ଦେ. କି.—୧ । (କୌଣସି ବ୍ୟକ୍ତି) କାର୍ଯ୍ୟରୁ ଅବସର ଲାଭ କରିବା—1. (a person) To get leave.
Chhuṭi hebā
ছুটি হওয়া
छुट्टि होना

୨ । (କୌଣସି ବ୍ୟକ୍ତି) ବନ୍ଧନ ବା ଜେଲରୁ ମୁକ୍ତ ହେବା—
2. To be set free or released from confinement.

୩ । (କୌଣସି ସ୍କୁଲ, କଚେରି, କାରଖାନାର କର୍ମ) ସ୍ଥଗିତ ହେବା—3. (a school, office or workshop) To be closed or stopped.

୪ । (ଚାକିରି, ଅବଲମ୍ବନ) ରହିତ ହେବା—
4. (any post or service or support) To cease; to stop.
(ଯଥା—୩ ମାସ ହେଲା ମୋର ଚାକିରି ଛୁଟି ଯିବାରୁ ମୁଁ ବେକାର ହୋଇ ବସିଛି ।)

ଛୁଟୁକା—ଦେ. ବଣ.—(ସଂ. କ୍ଷୁଦ୍ର)—୧ । କ୍ଷୁଦ୍ର; ଖୁଚୁରା; ଛୋଟ; ଛୋଟକିଆ, ଲଘୁ; ଅଳ୍ପ ଶ୍ରେଷ୍ଠ—
Chhuṭukā
ছুটলা, ছোটখাট 1. Minute; petty; very small.
अदना, छोटा ୨ । ଅନିର୍ଦ୍ଦିଷ୍ଟ—2 Uncertain.
(ଛୁଟୁକିଆ—ଅନ୍ୟରୂପ)—୩ । ତୁଚ୍ଛ—3. Insignificant.

ଛୁଟୁକୁରିଆ—ଦେ. ବଣ.—ଛୁଟ୍‌କୁରିଆ (ଦେଖ)
Chhuṭukuriā Chhuṭ-kuriā (See)

ଛୁଟୁଛୁଟୁ—ଦେ. କି. ବଣ.—(ଧ୍ୱନ୍ୟନୁକାରୀ)—ଛୁଟ୍‌ଛୁଟ୍ (ଦେଖ)
Chhuṭu-chhuṭu Chhuṭ-chhuṭ (See)
(ଛୁଟୁରୁଛୁଟୁରୁ—ଅନ୍ୟରୂପ) [ଦ୍ର—ଛଟଛଟ ଅପେକ୍ଷା ଛୁଟୁଛୁଟୁ କ୍ଷୁଦ୍ରଭାବବ୍ୟଞ୍ଜକ; ଯଥା;—ଘୋଡ଼ାଟା ଛଟଛଟ ହୋଇ ମରିଗଲା, ଶିଶୁ ଗୁଡ଼ିକ ଛୁଟୁଛୁଟୁ ହୋଇ ମରିଗଲେ ।]

ଛୁଟୁପୁଟୁ—ଦେ. କି. ବଣ—(ଧ୍ୱନ୍ୟନୁକରଣ)—ଛଟପଟ (ଦେଖ)
Chhuṭu-puṭu Chhaṭapaṭa (See)
(ଛୁଟୁରୁପୁଟୁରୁ—ଅନ୍ୟରୂପ)
[ଦ୍ର—ଛଟପଟ ଅପେକ୍ଷା ଛୁଟୁପୁଟୁ କ୍ଷୁଦ୍ରଭାବବ୍ୟଞ୍ଜକ, ଛୁଟୁପୁଟୁ ଅପେକ୍ଷା ଛୁଟୁରୁପୁଟୁରୁ ଅଧିକ କ୍ଷୁଦ୍ରଭାବବ୍ୟଞ୍ଜକ]

ଛୁଡ଼ିବା—ପ୍ରାଦେ. (ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର) କି. (ସଂ. ଛୁଟ୍ ଧାତୁ)—
Chhurḍibā ଛୋଡ଼ିବା (ଦେଖ)
Chhorḍibā (See)
କେଉଁ ପାଇକର ବାହାରୁ ଅନ୍ତ ଅନ୍ତ,
ଭଏ ପଡ଼ନ୍ତ ମରି ଛୁଡ଼ ଦେଇ ଦାନ୍ତ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଛୁତ—ଦେ. ବ. (ସଂ. ସ୍ୟନ୍ଦନ=ସ୍ରବିବା)—ପ୍ରସ୍ରାବ—
Chhuta Urine.
କେମିତି ସାରୁପନ୍ତରେ ପାଣି (ଛୁତ) ଏହି ଖାଉଛନ୍ତି କ କହୁ କେ'ବ୍ୟଥିଅଛନ୍ତି ଧାଉଁଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଛୁତକ—ଦେ. ବ. (ସଂ. ସୂତକ)—୧ । ଛୁଢିକିଆ (ଦେଖ)
Chhutaka 1. Chhutikiā (See)
छुतक ୨ । ଛୁତ (ଦେଖ)
(ସୂତକ—ଦ୍ରଷ୍ଟବ୍ୟ) 2. Chhuta (See)

ଦେ. ବଣ. (ସଂ. ସ୍ପୃଷ୍ଟ)—ଅଶୁଚିବ୍ୟକ୍ତିଦ୍ୱାରା ସ୍ପୃଷ୍ଟ ହେବାରୁ ଅଶୁଚି—Contaminated by the touch of an unclean person.
ଶୁଚି ଅଲ ନ ଭଖି ଛୁତକ ଅନ୍ନମାନ,
ଉପାସନା ନଇବେଦ୍ୟ ନ କରିବ ଜାଣ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଛୁତ ଦେବା—ପ୍ରାଦେ. (ଯାଜପୁର) କି.—ଗାଈ ବା ବଳଦ ବିକି କରିବା
Chhuta debā ବେଳେ, ବିକେତା କେତାକୁ ଟିକିଏ ମାଟି-ଗୋବର ଓ କେତୋଟି ଦୁବ ଘାସ ଦେବା—To hand over a bit of earth mixed with cowdung and a bunch of grass to the purchaser at the time of delivery of the head of cattle sold.

ଛୁତ ପଡ଼ିବା—ଦେ. ବ.—୧ । ପ୍ରସ୍ରାବ ସଙ୍ଗେ ସୂତା ପରି ଶୁକ୍ରପଡ଼ିବା
Chhuta parḍibā ଲାଲ ପଡ଼ିବା; ପ୍ରମେହ ରୋଗ—
1. Gonorrhoea in which threadlike lmucus (pus) passes with the urine.
୨ । ଛୁତପୋଡ଼ା (ଦେଖ)
2. Chhuta-porḍā (See)

ଛୁତପୋଡ଼ା—ଦେ. ବ.—ପ୍ରସ୍ରାବପୋଡ଼ା; ପ୍ରସ୍ରାବଦ୍ୱାରରେ ଯନ୍ତ୍ରଣା-ବୋଧ—A burning sensation in the urinary organs
Chhuta-porḍā
পেছাব জ্বালা
पेशाब जलना
(ଛୁତ ପୋଡ଼ିବା—ଅନ୍ୟରୂପ)

ଛୁତା—ଦେ. ବ. (ସଂ. ସୂତ୍ର)—ଛଳ; ବାହାନା—
Chhutā Pretence; excuse.
ছুতা
छल

ସାଧାରଣ ଲୋକେ ଅପର ପୃଷ୍ଠାରେ ଯେତେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛୁତାର୍—ପ୍ରାଦେ. (ମେଦିନୀପୁର) ବି. (ସଂ. ସୂତ୍ରଧର; ତୁଳ. ବଂ. ଛୁତାର)
Chhutāra ବଢ଼େଇ—Carpenter.

ଛୁତି—ଦେ. ବି. (ସଂ. ସ୍ପୃଶ ଧାତୁ)—୧ । ସ୍ପର୍ଶଜନିତ ଅପବିତ୍ରତା; ସ୍ପର୍ଶ-
Chhuti ସଂକ୍ରାମକତା—1. Contamination or impurity
ছুত, ছুতক caused by touch.
छूत (ଯଥା—ସେ କୁଆଁ ଛୁତି ନେଇ ଘରେ ପୂରିଛନ୍ତି ।)
୨ । କଳଙ୍କ; ଅପବାଦ—2. Stain; scandal.
୩ । ଅଳଅ; ଆବର୍ଜ୍ଜନା—3. Refuse matter.
୪ । ଦାୟିତ୍ୱ—4. Responsibility.
୫ । ସମ୍ପର୍କ—5. Connection.
(ଯଥା—ସେ ନିଜମୁଣ୍ଡରୁ ସବୁ ଛୁତି ଛଡ଼େଇ ଦେଇ ବସିଛନ୍ତି)
୬ । ଛୁଇଁବା ଯୋଗୁଁ ରୋଗୀର ଦେହରୁ ଦେହାନ୍ତରକୁ ରୋଗବୀଜର ସଂକ୍ରମଣ—6. Communication of the virus of a disease by contagion; contagion.

ଛୁତିଆ—ପ୍ରାଦେ. (ବସ୍ତର) ବି. (ତୁଳ ହି. ଛୁତିହା=ଅଶୁଚି ବ୍ୟକ୍ତିର
Chhutiā ସ୍ପର୍ଶଜନିତ ଅଶୁଦ୍ଧ ପାତ୍ର; ଅସ୍ପୃଶ୍ୟ)—ଛୁଆଁ; ସ୍ପର୍ଶଜନିତ ଅଶୁଚି—Impurity due to touch; contamination by touch.
ବିଣ—୧ । ଅସ୍ପୃଶ୍ୟ ବ୍ୟକ୍ତି ଛୁଇଁ ପକାଇବା ବା ଖାଇବା ଯୋଗୁଁ ଅଶୁଦ୍ଧ ହୋଇଥିବା (ପାତ୍ର)—1. (utensil) Contaminated by the touch of or by being used by an untouchable person.
୨ । ଅସ୍ପୃଶ୍ୟ—2. Untouchable.

ଛୁତିଆର୍—ପ୍ରାଦେ. (ମେଦିନୀପୁର) ବି. (ତୁଳ ହି. ଛୁତିହର=ଅସ୍ପୃଶ୍ୟ-
Chhutiār ସ୍ପୃଷ୍ଟ ପାତ୍ର)—ଛୁତିଆ (ଦେଖ)
Chhutiā (See)

ଛୁତିକା—ଦେ. ବି—୧ । (ସଂ. ସୂତକ)—ଛୁତିକଆ (ଦେଖ)
Chhutikā 1. Chhutikiā (See)
୨ । (ସଂ. ସୂତିକା)—ସୂତିକା (ଦେଖ)
2. Sūtikā (See)

ଛୁତିକା ଜର—ଗ୍ରା. ବି. (ସଂ. ସୂତିକାଜ୍ୱର)—ପ୍ରସବ ପରେ ପ୍ରସୂତିକୁ
Chhutikā jara ଆକ୍ରମଣ କରିବା ମାରାତ୍ମକ ଜ୍ୱର—
সূতিকা জ্বর Puerperal fever; a very dangerous
जच्चा ज्वर kind of fever attacking women just after confinement.

ଛୁତିକା ଝାଡ଼ା—ଦେ. ବି. (ସଂ. ସୂତକ+କ୍ଷରଣ)—ସୂତିକା ଗ୍ରହଣୀ;
Chhutikā jhar̤ā ପ୍ରସବର ଅବ୍ୟବହିତ ପରେ ବା ପୂର୍ବେ
সূতিকা ব্যাধী ପ୍ରସୂତୀକୁ ଧରିବା ଦୁରାରୋଗ୍ୟ ଗ୍ରହଣୀ ରୋଗ—
जच्चा झाड़ा Dysentery attacking women before or after confinement

ଛୁତିକଆ—ଦେ. ବି. (ସଂ. ସୂତକ)—୧ । ସନ୍ତାନଜନ୍ମଯୋଗୁଁ ଜ୍ଞାତି-
Chhutikiā ମାନଙ୍କୁ ଲାଗିବା ଅଶୌଚ; ସୂତକାଶୌଚ; ଜନନାଶୌଚ—1. Uncleanness observed by the kinsmen on the birth of a child.
[ଦ୍ର—ଶିଶୁଜନ୍ମର ୧୦ ଦିନ ପରେ ସୂତକଜନିତ ଅଶୌଚ ଦୂର ହୁଏ ।]
୨ । ପରିବାରରେ ସନ୍ତାନଜନ୍ମ—
2. Birth of a child in the family.

ଛୁତି ଛଡ଼ାଇବା—ଦେ. କ୍ରି—ସମ୍ପର୍କ ବା ଦାୟିତ୍ୱ ଭୁଞ୍ଜାଇ କୌଣସି କାର୍ଯ୍ୟରୁ
Chhuti chhar̤āiba ପୂର୍ଣ୍ଣଭାବରେ ଅଲଗା ହେବା—
(ଛୁତି ଛଡ଼େଇବା—ଅନ୍ୟରୂପ) To cut off all connection; to disown responsibility.

ଛୁତିରିକା—ଗ୍ରା. (ଉତ୍ତର) ବି—ଛୁତିକଆ (ଦେଖ)
Chhutirikā Chhutikiā (See)
(ଛୁତିରିକା—ଅନ୍ୟରୂପ)

ଛୁତୁକ—ଗ୍ରା. ବି. (ସଂ. ସୂତକ)—୧ । ଜନ୍ମ—
Chhutuka 1. Birth of a child.
ନାହିଁ ଆଉର ଛୁତୁକ ମୃତୁକ । ଯାତୀ. ପରଦେଶୀଗୀତ ।
୨ । ଜନନାଶୌଚ; ଛୁତିକଆ (ଦେଖ)
2. Chhutikiā (See)
ଦେ. ବିଣ—ଶିଶୁଜନ୍ମ ସମ୍ବନ୍ଧୀୟ—
Pertaining to childbirth.

ଛୁ ଦେବା—ଦେ. କ୍ରି—ଛୁ କରିବା (ଦେଖ)
Chhu debā Chhu karibā (See)
[ଛୁ ବଢ଼ା(ଢେ)ଇବା—ଅନ୍ୟରୂପ]

ଛୁନା—ଦେ. ବିଣ. (ସଂ. କ୍ଷୁଣ୍ଣ)—ଦୁଃଖିତ; ଚଞ୍ଚଳ—
Chhunā Anxious; sorry; distracted.

ଛୁନୁଛୁନିଆଁ—ଦେ. ବି—ସୁଣୁସୁଣିଆଁ (ଦେଖ)
Chhunu-chhuniāṅ Sunu-suniāṅ (See)

ଛୁନ୍ଦାର୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ସମ୍ମୁଖ+ଦ୍ୱାର)—
Chhundār ଛାମୁ ଦୁଆର (ଦେଖ)
Chhāmu-duāra (See)

ଛୁପ୍ (ଧାତୁ)—ସଂ—ସ୍ପର୍ଶ କରିବା—
Chhup (root) To touch.

ଛୁପ—ସଂ. ବି. (ଛୁପ୍ ଧାତୁ+ଭାବ. ଅ)—୧ । ସ୍ପର୍ଶ—1. Touch.
Chhupa ୨ । ଯୁଦ୍ଧ—2. Fight.
୩ । ଚପଳତା—3. Haste.
ঝুপ ଦେ. ବି—୧ । (ସଂ. କ୍ଷୁପ)—ବୁଦା—1. Bush.
छुप ୨ । କ୍ଷୁଦ୍ର ଗଛ—2. Plant.
ଗ୍ରା. ବି—ଛେପ—Spittle

୧	ଇ	ଊ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଞ୍ଚ	ଙ୍ଗ	ଙ୍କ	ଢ଼
୨	ଈ	ଉ	ରୁ	ଲୁ	ସ୍ନେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଜ	ନ୍ତ୍ର

ଛୁ ବଟା(ଟେ)ଇବା—ଦେ. କ୍ରି—ଛୁ କରିବା (ଦେଖ)
Chhu batā(e)ibā — Chhu karibā (See)

ଛୁୟା—ପ୍ରାଦେ. (ମେଦିନୀପୁର) ବି.—ଛୁଆଁ (ଦେଖ)
Chhuyā — Chhuāñ (See)

ଛୁର୍ (ଧାତୁ)—ସଂ.—୧। ଛେଦନ କରିବା; କାଟିବା—
Chhur (root) — 1. To cut.
୨। ରଞ୍ଜିତ କରିବା; ରଙ୍ଗାଇବା—
2. To paint; to besmear.

ଛୁର୍କି—ପ୍ରାଦେ. (ସମ୍ବଲପୁର) ବି. (ସଂ. କ୍ଷୁର)—ନୀଚଜାତୀୟା ସ୍ତ୍ରୀ-
Chhur-ki — ମାନଙ୍କଦ୍ୱାରା ବ୍ୟବହୃତ କଣ୍ଟ କଣ୍ଟା ଦାଗ ଥିବା ପିତଳର ହାତଖଡ଼ୁ—A kind of brass bracelet worn by low-class females.
[ଦ୍ର—ହାତର ମଣିବନ୍ଧ ପାଖରେ ପ୍ରଥମେ ମାଠି, ତା ଉପରକୁ ଛୁରିକ, ତା ଉପରକୁ ଚନ୍ଦ୍ରକଳା ପିନ୍ଧା ଯାଏ ।]

ଛୁର୍ଛୁର୍—ଦେ. କ୍ରି. ବିଣ—(ଧ୍ୱନ୍ୟନୁକରଣ)—ଚୁରୁଚୁରୁ; ଅଳ୍ପ ଅଳ୍ପ
Chhur-chhur — ପରିମାଣରେ (ଗଳିବା)—In small quantities (said of liquids flowing down.)

ଛୁରା—ସଂ. ବି. (ସଂ. ଛୁର ଧାତୁ=ଛେଦନ କରିବା+କରଣ. ଅ + ସ୍ତ୍ରୀ. ଆ
Chhurā — କ୍ଳୀବେନ୍ଦ୍ର)—୧। ବଡ଼ ଛୁରି—
ছোরা — 1. A large knife.
छुरा — ୨। (+ସଂଜ୍ଞାର୍ଥେ. ଅ)—ଚୂର୍ଣ୍ଣ; ଚୂନା—2. Powder.
ଦେ. ବି.—୧। ମୁନିଆଁ ଛୁରି; ଖେଞ୍ଚା—1. Dagger.
୨। (ଏହା ଛୁରି ପରି ଦେଖାଯିବାରୁ) ମଞ୍ଜିନଡ଼ିଆରୁ ଟାଙ୍ଗୁ ଏକ ଚତୁର୍ଥାଂଶ ଲମ୍ବରେ ବାହାରିଥିବା ଗଛ—
2. Cocoanut seedlings of which the sprouts are not more than 6 inches in length.
ପ୍ରାଦେ. (ସମ୍ବଲପୁର) ବି.—(ସଂ. କ୍ଷୁର; ମୂଳ. ଏହି ଅର୍ଥରେ ହି. ଛୁରା)—କ୍ଷୁର—Razor.
ଦେ. ବିଣ. (ସଂ. ଛୁରା=ଚୂର୍ଣ୍ଣ)—ଚୂରା; ଚୂର୍ଣ୍ଣ ହୋଇଥିବା—
Powdered; pulverised (Howells).

ଛୁରା ମହୁରା—ଦେ. ବି. (ସହଚର ଶବ୍ଦ; ପ୍ରାଣହାରକ ୨ଟି ବସ୍ତୁ)—
Chhurā mahurā — ଖେଞ୍ଚା ବା ମୁନିଆଁ ଅସ୍ତ୍ର ଏବଂ ବିଷ—
1. Two means used for taking life, viz. dagger and poison.

ଛୁରି—ସଂ. ବି. (ଛୁର ଧାତୁ+କରଣ. ଇ)—୧। କାଟିବାର କ୍ଷୁଦ୍ର ଅସ୍ତ୍ର;
Chhuri — ଅସିପୁତ୍ରୀ—1. Knife.
୨। (+କର୍ମ.ଇ) ବନ୍ଧ୍ୟା ଗୋରୁ—2. A barren cow.
ଦେ. ବି. (ଲକ୍ଷଣାର୍ଥ)—ଦାରୁଣ ଛୁରି ପରି ଯନ୍ତ୍ରଣାଦାୟକ—
A thing as painful as a sharp knife.
ତହିଁ କାହିଁ କଣ୍ଠାକ୍ଷର. ଛୁରି ହେଲ କ ବକ୍ଷର ।
କବିସୂର୍ଯ୍ୟ, କଳାବତୀ ଛ ଗୀତ ।

ଛୁରିଅନା—ଦେ. ବି. (ସଂ. ସୁରପୁନ୍ନାଗ)—ପୁଷ୍ପବୃକ୍ଷବିଶେଷ—
Chhurianā — A tree bearing fragrant, white and
স্থলতানি চাঁপা — long-stemmed ıowers; Ochrocarpus
सुलताना चंपा — Longifolius.
ଛୁରିଅନା କଦମ୍ବ ନାଗେଶ୍ୱର,
ଚମ୍ପା ବକୁଳ କେତକୀ ମନ୍ଦାର । ଜଗନ୍ନାଥ. ଦଶକୁମାରଚରିତ ।
[ଦ୍ର—ଏହା ପୁନ୍ନାଗ ପରି ବଡ଼ ଡେମ୍ଫ ଥିବା ସୁଗନ୍ଧ ଧଳା ଫୁଲ ଧାରଣ କରେ; ଏ ଗଛର ପତ୍ର ମୋଟା ଓ ଶାଖାର ପ୍ରତି ଗଣ୍ଠିରେ ୨ଟା ପତ୍ର ଥାଏ; ଏହାର ଫୁଲ ଡେଙ୍ଗରେ ଫୁଟେ ଏବଂ ପ୍ରଥମେ ଦୁଇଖଣ୍ଡରେ ବିଭକ୍ତ ହୋଇଥାଏ । ଏ ଗଛ ସତ୍ୟବାଦୀ ଗୋପୀନାଥଙ୍କ ମନ୍ଦିର ନିକଟସ୍ଥ ବକୁଳବନରେ ପ୍ରଚୁର ପରିମାଣରେ ଅଛି । ସାଧାରଣତଃ ଏ ଗଛ ଭାରତର ପଶ୍ଚିମ ଉପକୂଳ, ମାନ୍ଦ୍ରାଜ ପ୍ରଦେଶ, ଓଡ଼ିଶା ଓ ଚଟ୍ଟଗ୍ରାମରେ ଜନ୍ମେ । ଏହାର ମଞ୍ଜିକାଠ ରକ୍ତାଭ ଓ ଖୁବ ଟାଣୁଆ ।]

ଛୁରିଆ—ପ୍ରାଦେ. (ସମ୍ବଲପୁର) ବି—କଂସାରୀମାନଙ୍କ ପରି ପିତଳର
Chhuriā — କାମ କରିବା ଜାତିବିଶେଷ—
A caste of brass-makers; braziers.

ଛୁରିକ—ଦେ. ବି—ଛୁରିଅନା (ଦେଖ)
Chhurika — Chhurianā (See)

ଛୁରିକା—ସଂ. ବି. (ଛୁର ଧାତୁ+କରଣ. ଅକ + ସ୍ତ୍ରୀ. ଆ)—ଛୁରି (ଦେଖ)
Chhurikā — Chhuri (See)

ଛୁରିକାନିଆଁ—ଦେ. ବିଣ—ଛୁରିର ଫଳକ ପରି ଲମ୍ବ ଓ ପତଳା—
Chhuri-kāniāñ — Long and thin like the blade of a knife.

ଛୁରି ଚଳା(ଳେ)ଇବା—ଦେ. କ୍ରି—୧। ଛୁରିରେ କାଟିବା—
Chhuri chalā(le)ibā — 1 To cut with a knife.
ছুরি দেওয়া — ୨। (ଲକ୍ଷଣାର୍ଥ) ଅନିଷ୍ଟ କରିବା—
छुरि मारना — 2. Figurative to injure.
(ଛୁରି ଦେବା; ଛୁରି ମାରିବା; ଛୁରି ଚଳାଇବା—ଅନ୍ୟରୂପ)

ଛୁରିତ—ସଂ. ବିଣ. (ଛୁର ଧାତୁ=ରଞ୍ଜିତ କରିବା+କର୍ମ. ତ)—
Chhurita — ୧। ଲିପ୍ତ—1. Anointed; besmeared.
୨। ଖଚିତ; ଜଡ଼ିତ—2. Inlaid.
୩। ବ୍ୟାପ୍ତ—3. Pervaded; filled; occupied; spread over.
୪। ଶୋଭିତ; ଝଳସିତ—4. Adorned; shining.
୫। ଅଳଂକୃତ—5. Decorated.
୬। ରଞ୍ଜିତ—6. Painted; coloured.
୭। ଖୋଦାଇ କରା ଯାଇଥିବା (ହି. ଶବ୍ଦସାଗର)—
7. Engraven.
ସଂ. ବି—୧। ଲାସ୍ୟ ନାମକ ନୃତ୍ୟର ଏକ ଭେଦ—
1. A kind of amorous ball-dance.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଦ୍ଧିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଥ' ନ ମିଳିଲେ 'କୁଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କା'କୁ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

[ଦ୍ର—ଏ ନୃତ୍ୟ କଲାବେଳେ ନାୟକନାୟିକା ପରସ୍ପର ପ୍ରେମ-ପ୍ରଦର୍ଶନପୂର୍ବକ ପରସ୍ପରକୁ ଚୁମ୍ବନ କରୁଥାଆନ୍ତି—ହି. ଶବ୍ଦସାଗର ।]

୨ । ବିଜୁଳିର ଚମକ (ହି. ଶବ୍ଦସାଗର)—
2. Flash of lightening.

ଛୁରିତକ—ଦେ. ବି—୧ । (ସଂ. ସ୍ୱରପ୍ରଭାଗ) ଛୁରିଅନା ଗଛ; Chhuritaka ଛୁରିଅନା (ଦେଖ)—Chhurianā (See)
ଛୁରିତକ ତରୁଣୀ ପୁଷ୍ପାଙ୍କୁର ସର୍ବାଙ୍ଗେ—ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । (ସଂ. ଛୁରିତ=ବିକାଶିତ) ଉଚ୍ଚ ହାସ୍ୟ—
2. Loud laughter.
ଅପୂର୍ବ ଛୁରିତକହିଁ କଲ ହୋଇଲେ—ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଛୁରି ଦେବା—ଦେ. କ୍ରି—ଛୁରି ଚଳାଇବା (ଦେଖ) Chhuri debā Chhuri chalāibā (See)
(ଛୁରି ମାରିବା—ଅନ୍ୟରୂପ)

ଛୁରି—ସଂ. ବି. (ଛୁର୍ ଧାତୁ=ଛେଦନ କରିବା+କରଣ. ଇ)— Chhuri ଛୁରି (ଦେଖ)—Chhuri (See)

ଛୁରିକ—ସଂ ବି—ଛୁରିଅନା (ଫୁଲ) (ଦେଖ) Chhurika (ହରିକୃଷ୍ଣ. ଦ୍ରବ୍ୟଗୁଣ)— Chhurianā (flower) (See)

ଛୁଲିବା—ପ୍ରାଦେ. (ସମ୍ବଲପୁର) କ୍ରି (ସଂ. ଛଲ୍ଲୀ=ବକଲ)— Chhulibā ୧ । ଛାଲ ଛଡ଼ାଇବା—
1. To take out the bark.
୨ । ଚାଞ୍ଛିବା—2. To scrape off.

ଛୁଲି—ପ୍ରାଦେ. (ମେଦିନୀପୁର) ବି (ସଂ. ଛଲ୍ଲୀ; ଭୂ. ଏହି ଅର୍ଥରେ Chhuli ବ. ଛୁଲା)—ଛଉ (ଦେଖ) Chhau (See)

ଛୁହି—ପ୍ରାଦେ. (ସମ୍ବଲପୁର) ବି—ଛୁଇ (ଦେଖ) Chhuhi Chhui (See)
(ଛୁହିମାଟି—ଅନ୍ୟରୂପ)

ଛୁଟ (ଧାତୁ)—ସଂ—୧ । ବନ୍ଧନ କାଟି ଦେବା (ହି. ଶବ୍ଦସାଗର)— Chhūṭa (root) 1. To cut a bond.
୨ । କାଟି କରି ଅଲଗା କରିବା—
2. To cut asunder; to cut out.

ଛେ—ଦେ. ଅ—(ଅସୂୟାର୍ଥକ ଅବ୍ୟୟ) ଛି !— Chhe (interjection) Fie !.
ପ୍ରାଦେ. (ଭଞ୍ଜଭୂମି) ବି—ଛଅ; ୬—The number 6.
ପ୍ରାଦେ. (ସମ୍ବଲପୁର) ପ୍ରତ୍ୟୟ—ବର୍ତ୍ତମାନକାଳ ଅନ୍ୟ ପୁରୁଷ ଏକବଚନର କ୍ରିୟାରେ ଲାଗେ—An affix or inflection to verbs in the present tense 3rd person singular.
(ଯଥା—ଯାଉଛେ=ଯାଉଛି, ଅଛେ=ଅଛି ।)

ଛେଇବା—ଦେ. କ୍ରି—୧ । (ସଂ. ଛିଦ୍ ଧାତୁ) ଛେଦନ କରିବା; Chhei bā ହାଣିବା—1. To cut.

ଛେୟାନ; ଛୁଲା; ଛୋଲା ୨ । ନଡ଼ିଆଆଦି ଫଳର ଉପରସ୍ଥ ଚୋପାକୁ
ଛିଲ୍‌ନା କଟୁରୀଦ୍ୱାରା ଛେଲିବା—2. To scrape or chop off the rind of a fruit (e. g. cocoanut) with a bill-hook.
(ଛେଇଁବା—ଅନ୍ୟରୂପ) ୩ । ମୁଣ୍ଡ କାଟିବା—3. To behead.
ଛାଓୟା ୪ । (ସଂ. ଛଦ୍ ଧାତୁ) ଛୁଆଣି କରିବା—
ଛବାନା 4. To thatch.

ଛେଉଣ୍ଡ—ଦେ. ବିଶ. ପୁଂ. ଓ ସ୍ତ୍ରୀ. (ସଂ. ଛେମଣ୍ଡ)—
Chheuṇḍa ୧ । କୁଟୁମ୍ବହୀନ ଏକାକୀ ପୁରୁଷ—1. A single
ଛେଁଓଡ଼ person who has no kinsman (M.W).
ଛମଂଡ; ଯତୀମ ୨ । ପିତୃହୀନ ବା ମାତୃହୀନ ବା ଉଭୟହୀନ (ବାଳକ)-- 2. Orphaned.
(ଛେଉଣ୍ଡା—ଅନ୍ୟରୂପ) ଶୁଣାଅଛି, ୬ବର୍ଷ ବୟସରେ ସେ ଛେଉଣ୍ଡ ହୋଇ
(ଛେଉଣ୍ଡୀ—ସ୍ତ୍ରୀ) ଛୁଲୁଥିଲ—ଫକୀରମୋହନ. ଛମାଣ ଆଠଗୁଣ୍ଠ ।
ଦେ. ବି. (ପୁଂ ଓ ସ୍ତ୍ରୀ)—ପିତୃମାତୃହୀନ ବାଳକ ବା ବାଳିକା— Orphan.

ଛେଉଣ୍ଡୀ—ଦେ. ବିଣ. ସ୍ତ୍ରୀ (ସଂ. ଛେମଣ୍ଡୀ)—ପିତୃମାତୃହୀନା (ବାଳିକା)— Chheuṇḍi Orphaned (girl).
ଦେ. ବି. ସ୍ତ୍ରୀ—ପିତୃମାତୃହୀନା ବାଳିକା—An orphan girl.

ଛେଃ—ଦେ. ଅ—ଛେ (ଦେଖ)
Chheḥ Chhe (See)

ଛେଁଚ୍‌କି—ଦେ. ବି. (ବଙ୍ଗଳାରୁ ଅନୁକୃତ)—ସନ୍ତୁଳା; ପାଣିରେ ସିଝାଯାଇ Chheñch-ki ଅଳ୍ପ ଘିଅ ବା ତେଲରେ ବଘାର୍ ହୋଇଥିବା ବ୍ୟଞ୍ଜନ--
ଛେଁଚକୀ Vegetable fried with a little ghee or oil after being boiled. (a curry).

ଛେଁଚଡ଼ା—ଦେ. ବି—୧ । ତରକାରୀ ପାଇଁ କଟା ହେବା ପରବାର Chheñch-rdā ଚୋପା ଓ ଅନ୍ତ ଏବଂ ମାଛର ଅନ୍ତ ଓ କୋଳସି
ଛେଁଚଡ଼ା ଆଦିକୁ ବେଶି ତେଲରେ ସନ୍ତୁଳି ଯେଉଁ ତରକାରୀ କରାଯାଏ—1. A curry made from the leavings of kitchen—vegetables and refuse of fish, fried in a large quantity of oil.
ଛିଚ୍‌ଡ଼ା ୨ । (ସଂ. ଭୁଚ୍ଛ)—ଛେଳଆଦିଙ୍କ ଅନ୍ତ ଓ ପୁଚ୍ଛ ଆଦି ମନୁଷ୍ୟଙ୍କ ଖାଦ୍ୟାର୍ଥ ଅବ୍ୟବହାର୍ଯ୍ୟ ଅଂଶ—2 Entrails and refuse-parts of the meat of an animal.
[ଦ୍ର—ଏହାକୁ ଚାଉଳ ସଙ୍ଗେ ସିଝାଇ ପୋଷା କୁକୁରମାନଙ୍କ ଖାଇବାକୁ ଦିଆଯାଏ ।]
ଦେ. ବିଣ—ଛେଚଡ଼ା (ଦେଖ)
Chhechardā (See)

ଛେଁଚଡ଼ (ଇତ୍ୟାଦି)—ଗ୍ରା. ବିଣ—ଛେଚଡ଼ ଇତ୍ୟାଦି (ଦେଖ)
Chheñcharda (etc) Chhecharda etc (See)
(ଛେଁଚେଡ଼—ଅନ୍ୟରୂପ)

୧	ଇ	ଊ	ଋ,ଝ	•.ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଜ୍ଞ	ଇଫ୍ଟ	ଜ୍ଜ୍ୱ	ଘ
୨	ଈ	ଊ	ଋ	ଲ୍ଲ	ଙ୍ଗ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ତ୍ୟ	ଇଥ	ଢ଼	ନ୍

ଛେକ—ସଂ. ବିଣ. (ଛେ ଧାତୁ—ଛେଦନ କରିବା + କର୍ତ୍ତୃ. ଇକ; Chheka ନିପାତନ)—ପଣ୍ଡିତ; ବିଦଗ୍ଧ; ଚତୁର— Clever; shrewd; learned.

ସଂ. ବି. (+କର୍ମ. ଇକ)—୧ । ପାଳିତ ପଶୁପକ୍ଷୀ— 1. Domesticated birds and beasts.

୨ । ଅନୁପ୍ରାସବିଶେଷ—2. A kind of alliteration.

୩ । ମହୁମାଛି—3. Bee.

ଗ୍ରା. ବି—୧ । ଛକ; ଦାଗ; ଯୁକ୍ତ ଚିହ୍ନ—1. Cross-mark.

ଦେ. ବି—୨ । ଥର—2. Time of occurence.

ପ୍ରାଦେ. (ପୁରୀ—ଖାଦ୍ୟାଦି ରନ୍ଧନର ଏକଥର ବା ଏକପାଗ— The aggregate of food cooked at one stretch or for one meal.

ଛେକ ଉଠିବା—ଦେ. ବି—ଥରେ ଖାଦ୍ୟରନ୍ଧନ କ୍ରିୟାର ସମାପ୍ତି— Chheka uṭhibā Completion of cooking for one (ଛେକ ସରିବା—ଅନ୍ୟରୂପ) meal.

ଛେକକୁ ଛେକ—ଦେ. ଅ—ଥରକୁଥର; ବାରଂବାର; ବହୁବାର— Chhekaku chheka From time to time; several (ଛେକଛେକ—ଅନ୍ୟରୂପ) times; over and over; again and again.

ଛେକାନୁପ୍ରାସ—ସଂ. ବି. (ଛେକ+ଅନୁପ୍ରାସ)— Chhekānuprāsa ଅନୁପ୍ରାସ ବା ଶବ୍ଦାଳଙ୍କାରବିଶେଷ— A kind of rhetorical figure.

[ଦ୍ର—ଏହି ଅନୁପ୍ରାସରେ ଏକଚରଣରେ କେତେକ ବ୍ୟବଧାନ ପରେ ଦୁଇ ବା ତତୋଧିକ ବର୍ଣ୍ଣର ବାରମ୍ବାର ଆବୃତ୍ତି ହୋଇଥାଏ; ଉଦାହରଣ, ଯଥା—(କ) ନବ ପ୍ରମଦା ମଦାଳସୀ ଯୋଷାକୁ । ଜଳକେଳିରେ ମନାଇବ । ମୁଖ ଅଧିକ ଶିକ ଏ ସରସିଜ ଦେଖାଇ ତାକୁ ଚିହ୍ନାଇବ । ଚନ୍ଦ୍ରମା । ଉଦୟେ ମନ ସେନାଇବ । ଲୀଳା-ଅନ୍ତର ସଲିଳେ ଜରଜର ହେବା ଯୋଷାକୁ ଅନାଇବ ।

ଉପେନ୍ଦ୍ରଭଞ୍ଜ—ପ୍ରେମସୁଧାନିଧି ।]

ଛେକାପହ୍ନୁ—ସଂ. ବି. (ଛେକ+ଅପହ୍ନୁ)—କାବ୍ୟାଳଙ୍କାରବିଶେଷ— Chhekāpahnu Name of rhetorical figure.

[ଦ୍ର—ଏଥିରେ ଗୋଟିଏ ଅନୁମାନକୁ ଅଯଥାର୍ଥ ଉକ୍ତିଦ୍ୱାରା ଖଣ୍ଡନ କରାଯାଏ । ଯଥା— ନାୟିକାର ଓଠରେ କ୍ଷତଚିହ୍ନ ଦେଖି ଜଣେ ସଖୀ ଅନୁମାନ କରି କହିଲେ ଯେ ନାୟକ ଆସିଥିଲେ ପରା । ତହୁଁ ଆଉ ଜଣେ ସଖୀ ଉତ୍ତର ଦେଲେ ଶିଶିର ପବନ ବହୁଥିବାରୁ ଶୀତ ଯୋଗୁଁ ଓଠ ଫାଟିଛି ।]

ଛେକିବା—ଦେ. କ୍ରି—୧ । କଉଡ଼ି ବା ପଶାଖେଳାଳୀର ହାତମୁଠାରେ Chhekibā ଥିବା କଉଡ଼ି ବା ପଶାକାଠିକୁ ଫିଙ୍ଗିଲେ ଯେପରି ସଙ୍କଳ୍ପିତ ଦାନ ପଡ଼ିବ ଏହି ଉଦ୍ଦେଶ୍ୟରେ ମୁଠାମଧ୍ୟରେ ପଶାକାଠି ବା କଉଡ଼ିଗୁଡ଼ିକୁ ସଜ୍ଜିତ କରିବା—1. To manipulate the cawries (conch-shells) and dice while holding them inside the fist, in such a way that they will bring out the desired turn when thrown (considered as unfair in the game of cawries or dice).

[ଦ୍ର—ଏ ସ୍ଥଳ ପଶା ବା କଉଡ଼ି ଖେଳରେ ଅସଦୁପାୟ ରୂପେ ବିବେଚିତ ହୁଏ ।]

୨ । ଅଗାଳିବା—2. To obstruct a person from the front.

୩ । ଛକିବା; ଶତ୍ରୁକୁ ଆକ୍ରମଣ କରିବାକୁ ଗୋପନସ୍ଥାନରେ ଛକି ରହିବା—3. To be on the look-out for; the Enemy; to lie in ambush.

(ଯଥା—ଦେଖ, ସେ ତତେ ଛେକିଛି, ତାହିଁ ଦେଖିଲେ ମୁଣ୍ଡ ଏକ କୁଠାଣ ଦେବ ।)

୪ । ସୁବିଧା ଖୋଜିବା; ଓର ଖୋଜିବା—4. To seek an opportunity for accomplishing one's object.

(ଯଥା—ଯେବେ ଛେକିଲେ ହେଲେ କଅଣ ମୋତେ ଧରି ପାରିବୁ ?)

ପ୍ରାଦେ. (ସମ୍ବଲପୁର) କ୍ରି—ବିପକ୍ଷପକ୍ଷର ସାକ୍ଷୀକୁ କୂଟପ୍ରଶ୍ନ କରିବା; ଜେରା କରିବା—To cross-examine a witness.

ଛେକେ—ଦେ. ଅ—ଥରେ—Once.

Chheke ଦେ. ବିଣ—ସାରେ; ଏକସାର—One set of.

ପ୍ରାଦେ. (ଯାଜପୁର) ବିଣ—ଦଳେ; ଏକଦଳ— One company or batch of.

(ଯଥା—ଛେକେ ବ୍ରାହ୍ମଣ ଆସିଥିଲେ ।)

ଛେକୋକ୍ତି—ସଂ. ବି. (ଛେକ+ଉକ୍ତି)—ବକ୍ରୋକ୍ତି; ଛଳବଚନ— Chhekokti A pun; sinuous speaking.

[ଦ୍ର—ଏହା ଅର୍ଥାନ୍ତରଗର୍ଭିତ ହୁଏ, ଅର୍ଥାତ୍ ଏକ ପ୍ରକାଶିତ ଅର୍ଥ ଛଡ଼ା ବାକ୍ୟରେ ଆଉ ଗୋଟିଏ ଧ୍ୱନ୍ୟର୍ଥ ମଧ୍ୟ ସୂଚିତ ହୁଏ ।]

ଛେଙ୍ଗା—ପ୍ରାଦେ. (ସମ୍ବଲପୁର) ବି.—ସାନ ଗାତ— Chheṅgā A small hole.

ଛେଚକି—ପ୍ରାଦେ. (ମେଦନାପୁର) ବି.—ଛେଁଚ୍‌କି (ଦେଖ) Chhech-ki Cheñch-ki (See)

ଛେଚ୍‌ଡ଼ା—ଦେ. ବି.—ଛେଁଚ୍‌ଡ଼ା (ଦେଖ) Chhech-ṛdā Chheñch-ṛdā (See)

ବିଣ.—ଛେଚଡ଼ (ଦେଖ) Chhechaṛda (See)

ଛେଚଡ଼—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଚ୍ଛୁର=ଦୁଶ୍ଚରିତ୍ର; ହିଁ; ସଂ. Chhechaṛda ଚ୍ଛିତ୍ର)—୧ । ନଷ୍ଟଚରିତ୍ର; ଲମ୍ପଟ— ছেঁচড় 1. Lascivious; lecherous. छिछोरा ୨ । ଖେଚେଡ଼ା; ଦୁଷ୍ଟ; ଖଳ—2. Wicked.

ସାଧାରଣ ଲୋକେ ଅପର ଦୃଷ୍ଟାରେ ଦୃଢଭ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

(ଛେଚଡ଼ୀ, ଛେଚେଡ଼ୀ—ସ୍ତ୍ରୀ) ୩ । ବଗୁଲିଆ—
(ଛେଚେଡ଼ା—ଅନ୍ୟରୂପ) 3. Profligate; wanton.
୪ । ପ୍ରତାରକ; ବଞ୍ଚକ—4. Cheating; fraudulent.
୫ । ଯେ ପରର ଦେୟ ନିର୍ଦ୍ଦିଷ୍ଟ କାଳରେ ବାରଂବାର ତାଗିଦରେ ସୁଦ୍ଧା ଦିଏ ନାହିଁ—5. A person who is very loth to pay other's dues even after repeated demands,
୬ । ନୀଚପ୍ରକୃତିକ—6. Low; mean.
୭ । ବେହାୟା; ନିର୍ଲଜ୍ଜ—7. Shameless.

ଛେଚଡ଼ା—ଦେ. ବିଣ.—୧ । ଛେଚଡ଼ (ଦେଖ)
Chhecharḍā 1. Chhecharḍa See)
ଛେଚେଡ଼ା } —ଅନ୍ୟରୂପ
ଛେଚେଡ଼ା }
୨ । ମାଡ଼ ଖାଇଖାଇ ଗଣ୍ଠି; ଛେଚା ବା କୁଟା ଖାଇବାରେ ଅଭ୍ୟସ୍ତ—
2. Impervious or insensible or habituated to sound or thrashings
୩ । ବାରଂବାର ଛେଚା ହେବା ଯୋଗୁଁ ଯାହାର ଅଗ୍ରଭାଗ ଛିନ୍ନଭିନ୍ନ ହୋଇ ଯାଇ ଥାଏ (ଯଥା; ଦାନ୍ତକାଠି, ଯଷ୍ଟି)—
3. With the head smashed into fibres as a result of constant pounding.

ଛେଚଡ଼ାଙ୍ଗି—ଦେ. ବି.—୧ । ଖଳତା—
Chhecharḍāṁgi 1. Wickedness.
छेँचड़ाम ୨ । ନଷ୍ଟଚରିତ୍ରତା—
छिछोरपन 2. Dissoluteness of character.
ଛେଚଡ଼ାପଣ }
ଛେଚଡ଼ାପଣିଆ } ଅନ୍ୟରୂପ
ଛେଚେଡ଼ାଙ୍ଗି }
ଛେଚେଡ଼ାମି }
୩ । ବଗୁଲିଆପଣ—
3. Profligacy; wantonness.
୪ । ପ୍ରତାରଣା—
4. Fraud; deceit.
୫ । ନୀଚ ବୃତ୍ତି; ନୀଚତା—5. Meanness; lowness.
୬ । ଦନ୍ତୁରି (ଶସ୍ତ୍ରାଦି)—5. Blunted (weapon).

ଛେଚଡ଼ିଆ—ଦେ. ବିଣ. (ପୁଂ ଓ ସ୍ତ୍ରୀ)—ଛେଚଡ଼ (ଦେଖ)
Chhecharḍiā Chhecharḍa (See)
ଛେଚଡ଼ୀ } —ସ୍ତ୍ରୀ
ଛେଚଡ଼େଇ }
(ଛେଚେଡ଼ିଆ, ଛେଚେଡ଼ିଆ—ଅନ୍ୟରୂପ)

ଛେଚରା—ଗ୍ରା. (ଇତର) ବିଣ—ଛେଚଡ଼ା (ଦେଖ)
Chhecharā Chhecharḍā (See)

ଛେଚା—ଦେ. ବି., (ସଂ. ଛିଦ୍ ଧାତୁ)—୧ । ଛେଚିବା; ଉପର୍ଯ୍ୟୁପରି ଅଘାତ ପୂର୍ବକ ପେଷଣ ବା କୁଟ୍ଟନ—
Chhechā
छेँचा 1. Crushing; bruising; pounding; smashing.
कुचलना, मसलना
୨ । (ଯଥା—ଅମ୍ବଛେଚା) ପେଷା ହୋଇଥିବା ପଦାର୍ଥ—
2. A pounded thing.
୩ । ମାଡ଼; ବିଶେଷ ପ୍ରହାର—3. A sound beating.
ଦେ. ବିଣ.—୧ । (ଯଥା, ଛେଚା କଖା) କୁଟା ଯାଇଥିବା; ପିଷ୍ଟ ଯାଇଥିବା—1. Pounded; bruised.
୨ । (ଯଥା; ଛେଚା ବରଷା) ପ୍ରଚୁର; ଧୁମ୍‌ଧୁମ୍—
2. Incessant or heavy (shower).

ଛେଚାଇବା—ଦେ. କ୍ରି.—ଛେଚିବାର ଣିଜନ୍ତ ରୂପ—
Chhechāibā Causative of Chhechibā.
छेँचाना
कुचलाना
(ଛେଚେଇବା, ଛେଚା ଦିଆଇବା—ଅନ୍ୟରୂପ)

ଛେଚାକୁଟା—ଦେ. ବି.—(ଏକାର୍ଥକ ସହଚର)—ଉପର୍ଯ୍ୟୁପରି ଛେଚିବା
Chhechā-kuṭā କର୍ମ—Act repeated beating or bruising.

ଛେଚାଛେଚି—ଦେ. ବି.—୧ । ପରସ୍ପର ପରସ୍ପରକୁ ଛେଚିବା ବା ପ୍ରହାର
Chhechā-chhechi କରିବା—1. Mutual beating; beating or pounding each other.
छेँचाछेँचि
कुचलाकुचलि
କଣ୍ଡୁ କଣ୍ଡୁ ଦୁହେଁ ଛେଚାଛେଚି କଲେ ।
କୃଷ୍ଣସିଂହ ମହାଭାରତ. ସଭା ।
୨ । ବହୁ ପଦାର୍ଥକୁ ମିଳି ଆଦରେ ଛେଚିବା କର୍ମ—
2. Act of pounding many things.
ଦେ. ବିଣ.—ପରସ୍ପର ପରସ୍ପରଦ୍ୱାରା ପ୍ରହାରିତ—
Beat mutually.

ଛେଚା ଦାଗ—ଦେ. ବି.— ଛେଚିବା ବା ଅଘାତଜନିତ ଚିହ୍ନ—
Chhechā dāga A bruise.
छेँचादाग
चोट

ଛେଚା ବରଷା—ଦେ. ବି—ଛେଚିବା ପରି ମୁଷଳଧାରରେ ବର୍ଷା; ଧୁମ୍‌ବାର୍ଷି—
Chhechā barashā An outpour of rain; raining cats and dogs.

ଛେଚି କୁଟି ହେବା—ଦେ. କ୍ରି—ଶରୀରର ଅଙ୍ଗମାନ ବିଶେଷ
Chhechi kuṭi hebā ବଥାଇବା—Aching in the limbs.
(ଯଥା—ଆଜି ସକାଳଠାରୁ ମୋ ଗୋଡ଼ହାତ ଛେଚି କୁଟି ହଉଛି, ବୋଧହୁଏ ରାତିକୁ ଜର ହେବ ।)
ଦେ. କ୍ରି—ବିଶେଷ ଅଘ୍ରାସ ସହକାରେ ପରିଶ୍ରମ କରିବା—
To strive with one's utmost efforts; to make much physical exertion.
(ଯଥା—ମୁଁ ତା ପାଇଁ ଏତେ ଛେଚି କୁଟି ହଉଛି, କିନ୍ତୁ ତାର ଟିକିଏ ମୋ ପ୍ରତି ଦୟା ନାହିଁ ।)

ଛେଚି କୋଢ଼ି ହେବା—ଦେ. କ୍ରି—ଦୁଃଖରେ ଅତ୍ୟନ୍ତ ବ୍ୟତିବ୍ୟସ୍ତ
Chhechi korḍi hebā ଓ ଛଟପଟ ହେବା—
To be restless with pangs or grief.
ତୁମ୍ଭେ ଯେ ବସି ଛେଚି କୋଢ଼ି ହୋଇ ଶୋକ
କରିଲେ କେବେ ଶାଇ ନାହିଁ ଏ ବାଳକ—କୃଷ୍ଣସିଂହ. ମହାଭାରତ. ଶାନ୍ତି

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍	ଡ଼ଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଯ	ଯ	ସ	ଙ୍ଗ	ଇଅ	ଡ଼	ଢ଼

ଛେଚିବା—ଦେ. କ୍ରି. (ସଂ. କୃଷ ଧାତୁ; କମ୍ପା ଛଦ୍ ଧାତୁ)—
Chhechibā ୧ । କୁଟିବା; ମାଡ଼କର ଉପର୍ଯ୍ୟୁପରି ଆଘାତ କରିବା;
छेंचा ଦଳିବା—1. To bruise; to smash.
कुचलना; मसलना ଭୂମେ ପଡ଼ପାଡ଼େ ଛେଚଲେ ପିଠି ଧାଡ଼—
କୃଷ୍ଣସିଂ ହ. ମହାଭାରତ. ସଭା ।

୨ । ଉପର୍ଯ୍ୟୁପରି ବିଶେଷ ପ୍ରହାର କରିବା—
2. To repeatedly deal a sound beating.

୩ । ବିଶେଷ ପରିମାଣରେ ବୃଷ୍ଟି କରିବା—
3. To rain cats and dogs.

୪ । ଭୂମିରେ ବାଡ଼େଇବା—
4. To strike on the ground.

କୁରୁଙ୍କର ତ୍ରିଗର୍ତ୍ତ ହାତର ବାହୁନ୍ତ
ଛେଚି କରି କାଢ଼ିବେ ଅନୁଜ ସାଇଁନ୍ତ—କୃଷ୍ଣସିଂ ହ. ମହାଭାରତ. ବନ ।

୫ । ଚୂନା କରିବା; ଟିକିଟିକି କରିବା—
5 To powder; to reduce to small bits.

ରଥ କରିବା ଖଣ୍ଡ ଖଣ୍ଡ, ଛେଚିବା ଅଙ୍କୁରର ମୁଣ୍ଡ—
ଜଗନ୍ନାଥ. ଭାଗବତ ।

[ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଛେଚି ହେବା—ଦେ. କ୍ରି—୧ । ଉର୍ଦ୍ଧ୍ୱରୁ ପଡ଼ି ଯାଇ ଛଳେ ଶରୀର
Chhechi hebā ଛେଚି ହୋଇଯିବା—
1. To be bruised or smashed by a fall.

ଛେଚି ହୋଇବାକୁ ଜାତ ହୁଏ ବୃକ୍ଷ
ଛେଲ ମାରୁହେବ ରହିଥାଇ ସିଦ୍ଧି—ଉପେନ୍ଦ୍ରଭଞ୍ଜ. ଲାବଣ୍ୟବତୀ ।

୨ । ଛେଚି କୁଟି ହେବା (ଦେଖ)
2. Chhechi kuti hebā (See)

ଛେଚେଡ଼ା—ଦେ. ବିଣ – ୧ । ଛେଚଡ଼ା (ଦେଖ)
Chhecherdā 1. Chhechardā (See)
ଛେଚେଡ଼ିଅ } ଅନ୍ୟରୂପ ୨ । ଛେଚଡ଼ା (ଦେଖ)
ଛେଚେରା } 2. Chhechardā (See)

ଛେଛରି—ପ୍ରାଦେ. (ସମ୍ବଲପୁର) ବିଣ—ଚିରା; ଫଟା—
Chhechhari Torn; rent.

ଛେଛରି ଛିଡା, ହାଟ୍କେ ନେଲେ ପଇସା ହେଡା—ପ୍ରବାଦ

(ଅର୍ଥ—ଚିରା ଛିଡା ହାଟକୁ ନେଲେ ତାହା ବିକିଲେ ପଇସା ମିଳିଲା ।)

ଛେ ଛେ—ଦେ. ଅ—ଛି (ଦେଖ)
Chhe chhe Chhi (See)

ଛେଡ଼ା ଘାସ—ପ୍ରାଦେ. (ଗଡ଼ଜାତ) ବି—ଏକପ୍ରକାର ଘାସ—
Chherdā ghāsa A kind of grass.

[ଦ୍ର—ଏହା ଉଚ୍ଚରେ ପ୍ରାୟ ୧ ହାତ ହୁଏ, ଏହାର କାଣ୍ଡ ବାଉଁଶ କଣି ପରି ମୋଟା, ଏହା ପାଣିରେ ଓ ପାଣିକୂଳେ ଜନ୍ମେ । ଭୁଲ. ହି. ଛେଡ଼ାର ଅର୍ଥ ଦଉଡ଼ି, ବୋଧହୁଏ ଏ ଘାସରୁ ଦଉଡ଼ି ବଳା ହେଉଥିବାରୁ ଏହି ନାମ ।]

ଛେଡ଼ି—ପ୍ରାଦେ. (ଜୟପୁର) ବି—ଛେଳି—
Chherdi Goat.

ଛେଣା—ଦେ. ବି. (ସଂ. ଛିଦ୍ ଧାତୁ)—
Chhenā ୧ । ବାଇସୀଦ୍ୱାରା ପଟା ପ୍ରସ୍ତୁତ କରିବା—
1. Scraping a log of wood with the adze.
୨ । ଖଣିତ୍ର ପରି ଅସ୍ତ୍ରବିଶେଷ—2. An iron pick.

ଛେଣି—ଦେ. ବି. (ସଂ. ଛିଦ୍ ଧାତୁ)—୧ । ପଥର ବା ଲୁହା କାଟିବା
Chheni ଉପଯୋଗୀ ଛୋଟ ଉପକରଣ; ଟାଙ୍କି—1. A small
छेनी stout iron instrument for cutting
छेनी stone or iron; a drill.
୨ । ଷ୍ଟାମ୍ପ, କୋର୍ଟଫିସ୍ ବା ଟିକଟ ଆଦିରେ ଛିଦ୍ର କରିବା ଅସ୍ତ୍ର—
2. An instrument to perforate stamps or courtfees; a punching instrument.

ଛେଣି କରିବା—ଦେ. କ୍ରି—୧ । ଷ୍ଟାମ୍ପ ଆଦିକୁ ଯନ୍ତ୍ରଦ୍ୱାରା ଛିଦ୍ର କରିବା;
Chheni karibā ପଞ୍ଚ କରିବା—1. To perforate stamps
छेनि करा or courtfees.
छेनी करना ୨ । ଛେଣିରେ କାଟିବା—
2. To cut with a punch or drill.

ଛେଣିବା—ପ୍ରାଦେ. (ସିଂହଭୂମ) କ୍ରି. (ଭୁଲ. ହି. ଛନ୍ନା=ଜବରଦସ୍ତି
Chhenibā ଛଡ଼ାଇ ନେବା)—ହାତ ପଡ଼ାଇ ଉପରୁ ପଡ଼ିବା
ଜିନିଷକୁ ଧରି ପକାଇବା—To catch hold of a
thing (e. g. a ball) by holding out the
(ଛେଣି ନେବା—ଅନ୍ୟରୂପ) palm to catch it..
(ଯଥା—ଦୂରରୁ ଫିଙ୍ଗା ଯିବା ବଲ୍‌କୁ ଛେଣିବା ।)

ଛେତ୍—ଦେ. ଅ—ଛେ (ଦେଖ)
Chhet Chhe (See)

ଛେତ୍‌ଖାନା—ବୈଦେ. ବି. (ଫା. ଶୀତ୍‌ଖାନା—ଗ୍ଲାନେନ୍ଦ୍ର)—
Chhet-khānā ପାଇଖାନା; ସହର ଆଦିରେ ମଳତ୍ୟାଗ କରିବା
সেৎখানা ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ—Latrine; privy.
सोहतखाना; पाखाना

ଛେତ୍ ପାକ୍ ଡୁ ଡୁ ଡୁ ଡୁ—ଦେ. ଅ—ବାଳକମାନଙ୍କ 'ଡୁ ଡୁ' ଖେଳରେ
Chhet pāk ḍu ḍu ḍu ḍu ଏକଦଳର ଗୋଟିଏ ବାଳକ
(ଛେତ୍‌ପାକ୍ ଡୁ ଡୁ ଡୁ ଡୁ—ଅନ୍ୟରୂପ) କ୍ରୀଡ଼ାଭୂମିମଧ୍ୟସ୍ଥ ଗାରକୁ ଡେଇଁ ଯାଇ ଏକନିଶ୍ୱାସରେ ଅନ୍ୟ ଦଳର ପିଲାଙ୍କୁ ସ୍ପର୍ଶ କରିବାକୁ ଚେଷ୍ଟା କରିବା ସମୟରେ ଏକନିଶ୍ୱାସରେ ରହିଛି ବା ପୁନର୍ବାର ନିଶ୍ୱାସ ନେଇ ଏହା ଅପରପକ୍ଷ ପରୀକ୍ଷା କରିବା ନିମନ୍ତେ ଉକ୍ତ ବାଳକ ମୁଖରେ ଉଚ୍ଚାରଣ କରିବା ଉକ୍ତ ସ୍ୱର—
The acclamation of the boy who crosses the middle line of the play-field and

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚକ ୧ ଚକ୍ଷିତ ଅକ୍ଷରରେ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତ ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷିତ ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳଲେ 'ଗାଢ଼' ଖୋଜିବେ; 'କ୍ଷୀଣ' ନ ମିଳଲେ 'କ୍ଷୀଣ' ଦେଖିବେ; 'ବହି' ନ ପାଇଲେ 'ବହି' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

tries to touch any boy of the opposite side in one breath in the 'Ḍu Ḍu' game.

ଛେଚ (ଇତ୍ୟାଦି)—ଗ୍ରା. ବଣ. (ସଂ. ଶ୍ୱେତ)—ଶ୍ୱେତ ଇତ୍ୟାଦି (ଦେଖ)
Chheta (etc) Śweta etc (See)

ଛେଚର—ଗ୍ରା. ବଣ. (ସଂ. ଛତ୍ରାକ)—ଛତ୍ରଯୁକ୍ତ; ଝାମ୍ପୁଡ଼ା—
Chhetarā Bushy; with head like mushroom; spreading.
ଛାତରା
छितराहुआ
(ଛେଚେର; ଛେଚା—ଅନ୍ୟରୂପ)

ଛେଚା—ଗ୍ରା. ବଣ.—ଶେଚା (ଦେଖ)
Chhetā Śetā (See)

ଛେତ୍ତା—ସଂ. ବଣ. ପୁଂ. (ଛିଦ୍ ଧାତୁ+କର୍ତ୍ତୃ. ତୃ=ଛେତ୍ତୃ; ୧ମା. ୧ବ.)—ଛେଦକ; ଯେ ଛେଦନ କରେ—
Chhettā Cutting.
(ଛେତ୍ତ୍ରୀ—ସ୍ତ୍ରୀ)

ଛେତ୍ରୀ—ଗ୍ରା. ବ. (ସଂ. କ୍ଷତ୍ରିୟ)—ରାଜପୁତ ଜାତି=
Chhetri The Rajput caste.
छत्री
क्षत्री

ଛେଦ୍—ପ୍ରାଦେ. (ସମ୍ବଲପୁର) ବ—ଅବସାନ—
Chhed The end.

ଛେଦ୍‌କା—ପ୍ରାଦେ. (ସମ୍ବଲପୁର) ବଣ—ଚଟକା; ଅଗଭୀର—
Chhed-kā Flat; shallow.

ଛେଦ୍‌ଲି ପିଲା— ପ୍ରାଦେ. (ସମ୍ବଲପୁର) ବ—ମାଆବାପଙ୍କର କୋଡ଼ପୋଛା
Chhedli pilā ପିଲା—The last or youngest offspring of the parents.

ଛେଦ—ସଂ. ବି (ଛିଦ୍ ଧାତୁ+ଭାବ. ଅ)—୧ । ଛେଦନ; କାଟିବା—
Chheda 1. Cutting.
୨ । ଫାଟ—2. Fissure.
୩ । ଖଣ୍ଡନ; ବିରାମ—3. Remission.
୪ । କଟାଚିହ୍ନ—4. A cut.
୫ । ପରିଚ୍ଛେଦ; ଅଧ୍ୟାୟ—5. Chapter.
୬ । ବନ୍ଦ କରିବା; ବିରତି—
6. Stoppage; discontinuance; cessation.
୭ । ରଚନାରେ ଏକାଧିକ ବାକ୍ୟ ବା ପଦ ମଧ୍ୟରେ ବିରାମ—
7. A pause or a stop in a sentence; a period in a composition.
୮ । ଛିଦ୍ର; କଣା—8. A hole; perforation.
୯ । ଦୋଷ; ଦୂଷଣ; ଅବଦ୍ (ହ. ଶବ୍ଦସାଗର)—
9. Defect.
୧୦ । ନାଶ (ହ. ଶବ୍ଦସାଗର)
10. Ruin; destruction.
୧୧ । (+କର୍ମ. ଅ) କର୍ତ୍ତିତ ଅଂଶ; ଖଣ୍ଡ—
11. Piece; slice.
୧୨ । ଭାଗ—12. A part; section.
୧୩ । ପଥର କାଟିବା—13. Cutting of stone.
୧୪ । (+କର୍ତ୍ତୃ. ଅ) ଗଣିତରେ ଭାଜକ—
15. Divider in arithmetic
୧୫ । ଯେ ଛେଦନ କରେ; ଛେଦନକାରକ—16. Cutter.
୧୬ । ବିରାମ ଚିହ୍ନ; ପୂର୍ଣ୍ଣଚ୍ଛେଦ—16. Fullstop.
ଦେ. ବ.—ଦେବତାଙ୍କ ନିକଟରେ ପଶୁବଳି ଦେବା—
1. Decapitating a victim; animal sacrifice before a Deity.
୨ । ଦେବତାଙ୍କ ନିକଟରେ ବଳି ଦିଆ ଯିବା ପଶୁ—
2. An animal victim; a victim or animal sacrificed before a Deity.

ଛେଦକ—ସଂ. ବ. ପୁଂ—(ଛିଦ୍ ଧାତୁ+କର୍ତ୍ତୃ. ଅକ)—
Chhedaka ୧ । ଯେ ଛେଦନ କରେ; ଛେଦନକାରକ—
(ଛେଦିକା—ସ୍ତ୍ରୀ) 1. One who cuts; cutter.
୨ । (ଜ୍ୟାମିତି) ଯେଉଁ ରେଖା ଅନ୍ୟ ରେଖା ବା କ୍ଷେତ୍ରକୁ କାଟେ—2. (geometry) A line cutting another line or a figure,
୩ । (ଗଣିତ) ଭାଜକ—(mathematics) Divider.
ବଣ—୧ । ବିନାଶକାରୀ—1. Destroying; destructive.
୨ । କର୍ତ୍ତନକାରୀ—2. Cutting.

ଛେଦ କରିବା—ଦେ. କ୍ରି.—ଛେଦିବା (ଦେଖ)
Chheda karibā Chhedibā (See)

ଛେଦକାର—ଦେ. ବ.—୧ । ଯେଉଁ ବ୍ୟକ୍ତି (ଧୋବା ଆଦି) ଖଣ୍ଡା ବା କଟୁରିରେ ଠାକୁରାଣୀଙ୍କ ଆଗରେ ବୋଦା ହାଣେ—
Chheda-kāra
1. A person who beheads a victim at an animal-sacrifice.
୨ । ପଥର କାଟିବା କାରିଗର—2. Stone-cutter.

ଛେଦନ—ସଂ. ବ. (ଛିଦ୍ ଧାତୁ+ଭାବ. ଅନ)—୧ । କର୍ତ୍ତନ—
Chhedana 1. Cutting.
୨ । ଖଣ୍ଡ—2. Piece.
୩ । କାଟିବା ଅସ୍ତ୍ର—3. Cutting instrument.
୪ । ବିଭକ୍ତ କରଣ—4. Division.
୫ । ନାଶ; ଉଚ୍ଛେଦ—5. Cessation; destruction.
୬ । ଯେଉଁ ଔଷଧ କଫ ଆଦିକୁ ଗଳାରୁ ବାହାର କରିଦିଏ—
6. An expectorant medicine.

ଛେଦନୀୟ—ସଂ. ବଣ. (ଛିଦ୍ ଧାତୁ+କର୍ମ. ଅନୀୟ)—ଛେଦ୍ୟ (ଦେଖ)
Chhedaniya Chhedya (See)

ଛେଦ ପକା(କେ)ଇବା—ଦେ. କ୍ରି.—ଦେବତାଙ୍କ ଆଗରେ ପଶୁବଳି ଦେବା—To kill a victim before a Deity.
Chheda pakā(ke)ibā

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଦୃ	ଉଂ	ଘ
୨୦	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଂ୍ୟ	ଇଥ	ଞ	ନ୍

ଛେଦ ପଡ଼ିବା—ଦେ. କ୍ରି.—(ଦେବତାଙ୍କ ନିକଟରେ କୌଣସି ପଶୁ) Chheda pa**r**dibā ବଳିରୂପେ ହଣା ଯିବା; ବୋଦା ପଡ଼ିବା— (a victim) To be sacrificed before a Deity,

ଛେଦଭେଦ—ଦେ. ବି. (ସଂ. ଛେଦ ଓ ଭେଦ; କିମ୍ବା ଛଳ ଓ ଭେଦ) Chheda-bheda ୧ । କପଟ ବା ଛଳ ବ୍ୟବହାର— 1. Knavery; deciet.
୨ । କୂଟନୀତି—2. Diplomacy.
୩ । ପରଛିଦ୍ର; ଗୁପ୍ତଦୋଷ—3. Secret blemishes.
୪ । ଗୁପ୍ତ ରହସ୍ୟ—4. Secret.
୫ । ସମଗ୍ର ତତ୍ତ୍ୱ—5. All the secrets.
କହ ହେ ସୂତ ଛେଦଭେଦ
ପୃଚ୍ଛିଲୁ ଯେବଣ ସମ୍ବାଦ । ପ୍ରାଚୀ. ନର୍ମଦାମାହାତ୍ମ୍ୟ ।

ଛେଦରା—ଦେ. ବି.—୧ । (ସଂ. ଛିଦ୍ର)-ଏକପ୍ରକାର ସୂତା; ଗଣ୍ଠି ଅସୂତା; Chhedarā ବର୍ଣ୍ଣିସୂତା—1. Knotty thread; coarse twist.
୨ । (ସଂ. ଛିନ୍ନ) ଇତସ୍ତତଃ ହେବା; ଛନ୍ନଛତ୍ର ହେବା— 2. Being scattered here and there.
୩ । (ସଂ. କ୍ଷୁଦ୍ର) କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—3. Small bits.
ଦେ. ବିଣ—୧ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ ମିଶ୍ରିତ— 1. Mixed with small bits; coarse.
(ଯଥା—ଛେଦରା ଗୁଡ଼ ।)
୨ । ଗ୍ରନ୍ଥିଯୁକ୍ତ; ଗଣ୍ଠିଗଣ୍ଠିଆ—3. Knotty (thread).
(ଛେଦରୀ—ସ୍ତ୍ରୀ) ଗ୍ରା. ବିଣ. ପୁଂ—୧ । ଯେ ପରିବାର ମଧ୍ୟରେ କଳହ ଜାତ କରାଏ—1. One who foments family-quarrels.
୨ । ହିଂସ୍ର—2. Revengeful; spiteful.
୩ । ଅତି କୃପଣ—3. Penurious.
୪ । ଯେ କ୍ଷୁଦ୍ରକ୍ଷୁଦ୍ର କଥାରେ ଛଳ କରେ; ଅତ୍ୟନ୍ତ ଅଭିମାନୀ—4. Prone to take offence at small matters; unduly sentive.
୫ । ଅତି କୃପଣ—5 Very miserly.

ଛେଦରିବା—ଦେ. କ୍ରି. (ସଂ. ଛିନ୍ନ)—ଇତସ୍ତତଃ ବିକ୍ଷିପ୍ତ ହେବା— Chhedaribā To be scattered here and there;. ଛାତ୍ରା to be diffused.
ଛିଂତରାନା

ଛେଦା—ଦେ. ବି—୧ । ଧଡ଼ି ନ ଥିବା ପିନ୍ଧାଲୁଗା—1. A wearing Chhedā cloth without coloured borders.
[ଦ୍ର—ଏ ଲୁଗାକୁ ପିଲୁଙ୍ଗାନ, ବୃଦ୍ଧ ଓ ବିଧବାମାନେ ପିନ୍ଧନ୍ତି ।]
୨ । ଗୁଡ଼ରେ ରହିଯିବା ସ୍ଥାନସ୍ଥାନ ଅଖୁଚେପା— 2. Small bits of sugarcane left in the molasses.
୩ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—3 Clots; small bits.
୪ । ଏକପ୍ରକାର ବସାଦହି (ଏହା ଉତ୍ତମରୂପେ ବସି ନ ଥାଏ ଓ ଏଥିରେ ଖଣ୍ଡ ଖଣ୍ଡିଆ ଅଂଶମାନ ଭାସୁଥାଏ)— 4. A kind of clotted curd (not well curdled).
୫ । ହାଣିବା; କାଟିବା; ହାଣ; କାଟ—5. Cutting.
ଗ୍ରାଦେ. (ଗଞ୍ଜାମ) ବି—ମାଠିଆ— An earthen pitcher.
ଦେ. ବିଣ—କର୍ତ୍ତିତ; କଟା ହୋଇଥିବା—Cut into pieces.
ବରଣ ପାଶେ ଅଛି ଛେଦା ଶିବ ଗୃହିଁ ସ
ଏ ବଳେ ସ୍ତ୍ରୀ ରୋହି । ଉପେନ୍ଦ୍ରଭଞ୍ଜ—ବୈଦେହୀଶବିଳାସ ।

ଛେଦାଇବା—ଦେ. କ୍ରି. (ସଂ. ଛିଦ ଧାତୁ ଣିଚ ଛେଦ ଧାତୁ)— Chhhedāibā ଛେଦିବାର ଣିଜନ୍ତରୂପ— ଛୋଦାନ Causative of Chhedibā.
ଛିଦ୍‌ବାନା ସହସ୍ର ଶର ଘୋଡ଼ା ଶକୁନ ଛେଦାଇ
ଭଜନେ ତ ସହସ୍ର ଯେନ ନଲଭାଇ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
(ଛେଦାଇବା—ଅନ୍ୟରୂପ)

ଛେଦିତ—ସଂ. ବିଣ. (ଛିଦ୍ ଧାତୁ ଣିଜନ୍ତ=ଛେଦ ଧାତୁ+କର୍ମି ତ)— Chhedita ୧ । ଯାହା ଅନ୍ୟଦ୍ୱାରା ଛେଦନ କରାଯାଇ ଅଛି— 1. Cut.
୨ । ଏକାଧିକ ଭାଗରେ ବିଭକ୍ତ— 2. Divided into parts.
୩ । କାଟି କରି ବା ଛିଣ୍ଡାଇ ପୃଥକ୍ କରାଯାଇଥିବା— 3. Severed; separated.

ଛେଦିବା—ଦେ. କ୍ରି. (ସଂ. ଛିଦ୍ ଧାତୁ)—୧ । ଛେଦନ କରିବା; Chhedibā କର୍ତ୍ତନ କରିବା; ହାଣିବା; କାଟିବା— ଛେଦ୍ନା 1. To cut through.
ଛିଦ୍‌ନା ୨ । କାଟି କରି ଅଲଗା କରିବା—2. To cut off.
୩ । କୁଲାରେ ପାଛୁଡ଼ି କରି ଶସ୍ୟରୁ ଖୁଦ ବା କଣିଗୁଡ଼ିକ ଅଲଗା କରିବା—3. To separate small particles from bigger grains by winnowing.
୪ । ଗଛର ଡାଳକୁ ସମାନସମାନ କରି କାଟିବା— 4. To prune.
୫ । ଦୂର କରିବା; ନାଶ କରିବା— 5. To remove; to do away with,
ମାୟାରେ ହୋଇଣ ପ୍ରଭେଦ
ଛିନ୍ନ ବିବେକ ତାହା ଛେଦ । ଜଗନ୍ନାଥ. ଭାଗବତ ।

ଛେଦ୍ୟ—ସଂ. ବିଣ. (ଛିଦ୍ ଧାତୁ+କର୍ମ. ଯ)— Chhedya ୧ । ଯାହା ଛେଦନ କରାଯାଇ ପାରେ— 1. Capable of being cut.
୨ । ଯାହା ବିଚ୍ଛିନ୍ନ କରାଯାଇ ପାରେ—2. Separable.

ଛେଦ୍ରିବା - ଦେ. କ୍ରି—ଛେଦରିବା (ଦେଖ) Chhedribā Chhedaribā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ କୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ନ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍ଘ' ନ ପାଇଲେ 'ଅଲଙ୍ଘ୍ୟ' ଦେଖିବେ

ଛେନା—ଦେ. ବି. (ସଂ. ସନ୍ତାନିକା=ଦୁଧସର, ସଂ. ଛିନ୍ନ; ସଂ. ନାମ ଆମିକ୍ଷା)—୧ । ଦଧି ଓ ଦୁଗ୍ଧରୁ ଅଗ୍ନିସଂଯୋଗରେ ବା ଅମ୍ଳରସଯୋଗେ ଯେଉଁ ଖାଦ୍ୟ ପିଣ୍ଡ ବାହାରେ; ଆମିକ୍ଷା; ପନୀର—1. Posset; cheese; curd.
Chhenā
ছানা; ছেনা
छेना

[ଦ୍ର— ଦୁଧ ଛିଣ୍ଡିଗଲେ ଛେନା ହୁଏ, ଦହି ନିଆଁରେ ବସିଲେ ଛେନା ହୁଏ; ୧ମ କୁ ଦୁଧଛେନା ଓ ୨ୟକୁ ଦହିଛେନା କହନ୍ତି ।]

୨ । (ବିରକ୍ତିରେ ବ୍ୟବହୃତ ଶବ୍ଦ)—କିଛି ନାହିଁ—
2. (a term used in displeasure) Nothing.
(ଯଥା—ମୁଁ ପୁଅ ପିଇଁ ଖଟଖଟ ଖଟିଲି କଲି, ସେ ଛେନାଟା ପଢ଼ିଲା ।)

ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ଏହି ଅର୍ଥରେ ହ୍ର. ଛେନା)—
୧ । ଘସି—1. Dry cowdung-cakes (used as fuel).
୨ । ପାଉଁଶ—2 Ashes.

ଛେନାଗୁଡ଼—ଦେ. ବି. (ଛେନା+ଗୁଡ଼)—୧ । ମିଷ୍ଟାନ୍ନରୂପେ ବ୍ୟବହୃତ ଛେନା ଓ ଗୁଡ଼—1. Cheese and sugar mixed together.
Chhenā-gur̤da

୨ । (କାନଫୋଡ଼ା ହେବା ବେଳେ ପିଲାର ହାତରେ ଛେନା ଗୁଡ଼ ଦେଇ ପିଲାଙ୍କୁ କହନ୍ତି "ଛେନାଗୁଡ଼ ଖା", ପିଲା ଛେନା ଗୁଡ଼ ଖାଇବାରେ ଲାଗିଥିଲା ବେଳେ ଭଣ୍ଡାରି ତା କାନକୁ ଛୁଞ୍ଚିରେ ଟୁକ୍ କରି ଫୋଡ଼ି ଦିଏ; ଏଥିପାଇଁ ଲକ୍ଷଣାର୍ଥ) ପିଲାଙ୍କୁ ଭଣ୍ଡାଇଲା ପରି ଅଳ୍ପ ମୂଲ୍ୟର ଲୋଭନୀୟ ବସ୍ତୁ—
2. Any trifling bait.
୩ । (ଲକ୍ଷଣାର୍ଥ) ଅଳ୍ପ ମୂଲ୍ୟର ବସ୍ତୁ—
3. (figurative) Any trifle.
[ଦ୍ର— ଏହା ମଧ୍ୟ 'ଛେନା' ପରି 'କିଛି ନାହିଁ' ଅର୍ଥରେ ବିରକ୍ତିର ବ୍ୟବହୃତ ହୁଏ ।]

ଛେନା ଛିଣ୍ଡାଇବା—ଦେ. କ୍ରି.—ଗରମ ଦୁଧରେ ଖଟା ବା ଫିଟ୍‌କିରି ମିଶାଇ କିମ୍ବା ଦହିକୁ ନିଆଁରେ ବସାଇ ସେଥିରୁ ଛେନା ପ୍ରସ୍ତୁତ କରିବା—To prepare cheese or curd or milk.
Chhenā chhin̤d̤āiba
ছধ বা দহি কাটা
छेना बनाना

ଛେନା ଛିଣ୍ଡେଇବା } ଅନ୍ୟରୂପ
ଛେନା ବସା (ସେ) ଇବା }

[ଦ୍ର—ଦୁଧକୁ ଛିଣ୍ଡାଇ ଛେନା କରାଯାଏ; ଲୋକେ ଦୁଧକୁ ଛିଣ୍ଡାଇ ଛେନାରେ ପରିଣତ କରନ୍ତି, ଅଥଚ ଛେନା ଛିଣ୍ଡାଇବା କହନ୍ତି ।]

ଛେନାପଣା—ଦେ. ବି.—ଛେନା ଓ ଚିନାଇଯୁକ୍ତ ପାନୀୟ—A drink made by dissolving sugar or molasses in water and putting bits of cheese in it.
Chhenā-pan̤ā

ଛେନାପଣା ବିନା ଖାଇଲେ ପାକ ହୋଏ,
ବଣପଣା ଖାଇଲେ ନଜ ଚୈତକ ଜାଏ ।
କୃଷ୍ଣସିଂହ, ମହାଭାରତ, ଉଦ୍‌ଯୋଗ ।

ଛେନାପାଣି—ଦେ. ବି.—ଛେନା ଛିଣ୍ଡି ଯିବା ପରେ ଦୁଧ ବା ଦହିରେ ରହିଯିବା ଜଳୀୟ ଅଂଶ—Whey.
Chhenā-pān̤i
छेनाकापानी; छाछ

ଛେନାବଡ଼ା—ଦେ. ବି.—(ସଂ. ଛିନ୍ନ + ବଟକ)—ଗୁଡ଼ରେ ପକ୍ୱ ଛେନାର ପିଠା; ମିଷ୍ଟାନ୍ନବିଶେଷ—Cheese-cake.
Chhenābar̤da
ছেনাবড়া

ଛେନାମଣ୍ଡା } ଅନ୍ୟରୂପ
ଛେନାମାଣ୍ଡିଅ }

ପ୍ରାଦେ. (ଗଡ଼ଜାତ) ବି.—ଘସି; ଶୁଷ୍କ ଗୋମୟ—
Dried cowdung-cakes.

ଛେନାରୁ ଚୋପା ଛଡ଼ା(ଡ଼େ)ଇବା—ଦେ. କ୍ରି. (ବ୍ୟଙ୍ଗ)—ବୃଥା ବା ନିଷ୍ଫଳ କଥାରେ ମାତିବା—
Chhenāru chopā chhar̤dā(e)ibā
1. (ironical) To be engaged in a wild-goose chase.
୨ । ଅଡ଼ଗିରିକୁ ରୂପେ ତନ୍ନ ତନ୍ନ କରି ଆଲୋଚନା ବା ତର୍କ କରିବା—2. To use hair-splitting arguments.

ଛେପ୍‌ଲି ନାକା—ପ୍ରାଦେ. (ସମ୍ବଲପୁର) ବିଣ.—ଚେପ୍ଟାନାକା—
Chhep lānākā — Flat-nosed; having a flat-nose.
(ଛେପ୍‌ଲିନାକୀ—ସ୍ତ୍ରୀ)

ଛେପ୍‌ଲି—ପ୍ରାଦେ. (ସମ୍ବଲପୁର) ବିଣ.—ଘୋରି ହୋଇ ଯାଇଥିବା (ଜତୋଇ ବା ଜୋତା)—Worne out (sandals or slippers).
Chhep-li

ଛେପ—ଦେ. ବି. (ସଂ. ଷ୍ଠୀବ)—ଥୁକ; ନିଷ୍ଠୀବନ; ପାଟିରୁ ବାହାରିବା ଲାଳମୟ ବସ୍ତୁ—Saliva; spittle.
Chhepa
ছেপ, থুথু
थूक

ଛେପ ଖଙ୍କାର—ଦେ. ବି.—(ଅନୁକରଣ ଶବ୍ଦ) (ଛେପ + ଖଙ୍କାର)—(ଛେପ) ମୁଖରେ ପ୍ରସ୍ତୁତ ନିଷ୍ଠୀବନ ଓ (ଖଙ୍କାର) ଗଳାରୁ ନିଃସୃତ ଶ୍ଳେଷ୍ମା—Spittle and phlegm.
Chhepa khaṅkāra
থুথু কফ
थूक बलगम

ଛେପ ଢୋକିବା—ଦେ. କ୍ରି.—୧ । ମୁଖନିଃସୃତ ଛେପକୁ ଗଳାଧଃକରଣ କରିବା—1. To swallow the spittle.
Chhepa d̤hokibā
थूकार चाटना
୨ । (ଲକ୍ଷଣାର୍ଥ) କହିଥିବା ସତ୍ୟ ପାଳନ ନ କରିବା—
2. (figurative) Not to carry out one's promise.
(ଯଥା—ସେ ନାମବଡ଼ା ରଜାଟାଏ ହୋଇ ସ୍ୱଭା ପକାଇଲା ଛେପ ଢୋକିଲା)

ଛେପ ପକା(କେ)ଇବା—ଦେ. କ୍ରି.—ମୁହଁରୁ ଥୁକ ବାହାରକୁ ଫିଙ୍ଗିବା—To spit.
Chhepa pakā(e)ibā
ছেপ ফেলা
थूकना
[ଦ୍ର—କେହି ଅସ୍ପୃଶ୍ୟ ଜାତି ବା ଶୂଦ୍ର ଉଚ୍ଚଜାତୀୟ ବ୍ୟକ୍ତିର ଉପରେ ଛେପ ପକାଇଲେ ଯାହା ଉପରେ ଛେପ ପଡ଼େ ସେ ଅଜାତିଆ ବା ଅଶୁଦ୍ଧ ହୋଇ ଯାଏ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଈଯ୍	ଋଅ	ଈ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ	ଦ୍ବ

ଛେପିବା—ପ୍ରାଦେ. (ଗଞ୍ଜାମ)—କ୍ରି.—ଛେପ ପକାଇବା—
Chhepibā — To spit.

ଛେବଲ—ଦେ. ବଣ. (ସଂ. ଚପଲ)—୧ । ଚପଳ ସ୍ୱଭାବ—
Chhebala — 1. Fickle-minded.
ছাবলা; ছেবলা — ୨ । ବାଳସ୍ୱଭାବ—
चुलबुला — 2. Chlidish; puerile.
୩ । ଚଗଲା (ଦେଖ)
3. Chagalā (See)

ଛେମ—ଗ୍ରା. ବି. (ସଂ. କ୍ଷମ)—୧ । ଅଧିକାର; କ୍ଷମତା—
Chhema — 1. Power; authority,
୨ । ଯୋଗ୍ୟତା —2. Ability.

ଛେମଣ୍ଡ—ସଂ. ବଣ.—ପିତୃମାତୃହୀନ; ଅନାଥ—
Chhemanda — Orphaned.

ଛେର୍‌ଛେରା ମଗା—ପ୍ରାଦେ. (ସମ୍ବଲପୁର) ବି.—ପୌଷପୂର୍ଣ୍ଣିମୀରେ ଗଣ୍ଡ,
Chher-chherā magā — ପାଣ, ଭୂୟାଁ ଆଦି ନୀଚ ଜାତୀୟ ଲୋକ ବଡ଼ ଘରମାନଙ୍କୁ ଜଳର ପର୍ବ ଖରଚପାଇଁ ଧାନ ମାଗିଯିବା—
The act of approaching the rich people for doles of paddy on the Paush full-moon day by the low caste people.

ଛେର୍‌ରା—ପ୍ରାଦେ. (ଗଞ୍ଜାମ) ବି.—ଛରରା (ଦେଖ)
Chher-rā — Chhararā (See)

ଛେରଅଣ୍ଟା—ଦେ. ବି.—ଗୋରୁଙ୍କର ରୋଗବିଶେଷ—
Chhera-antā — Impaction of rumex of cattle.

ଛେରକୁରା—ଦେ. ବଣ. ପୁଂ—ଛେରୁଆ (ଦେଖ)
Chherakurā — Chheruā (See)
(ଛେରକୁରୀ—ସ୍ତ୍ରୀ)

ଛେରା—ଦେ. ବି. (ସଂ. କ୍ଷର ଧାତୁ; କିମ୍ବା ସଂ. ସୃଜ୍ ଧାତୁ)—
Chherā — ୧ । ତରଳ ମଳ—
ছেরানি — 1. Loose stools; watery evacuation.
छेरना — ୨ । ଭୂମିରେ ଯେଉଁ ସୁଗନ୍ଧ ଜଳ ଛିଞ୍ଚାଯାଏ—
ছড়া — 2. Scented water sprinkled on the
छिड़कना; छींटा — ground.

ଶୋଣୀ ଲମ୍ବାର ଗୃହ ମଣ୍ଡେ
ଚନ୍ଦନ ଛେରା ସହଦାଣ୍ଡେ । ଜଗନ୍ନାଥ. ଭାଗବତ ।

ছর্‌রা — ୩ । ଛରରା (ଦେଖ)
छर्रा — 3. Chhararā (See)
୪ । ତରଳ ପୁରୀଷ ତ୍ୟାଗ—
4 Passing of loose stools.
୫ । (ଗୋରୁ ଓ ମନୁଷ୍ୟଙ୍କର) ତରଳ ପୁରୀଷତ୍ୟାଗ କରିବା ରୋଗ—5. Diarrhoea; looseness of bowels.
ପାପୀ ବଡ଼ରେ ଛେରା ରୋଗ । ତଗ ।
୬ । ଗୋରୁଙ୍କର ଛେରା ରୋଗ; ଠାକୁରାଣୀ ରୋଗ; ଗୋବସନ୍ତ—
6. Rinderpest.
ছেরা — ଦେ. ବଣ—୧ । ତରଳ ପୁରୀଷ ତ୍ୟାଗକାରୀ—
1. One who habitually passes loose stools.
୨ । ଛେରୁଆ (ଦେଖ)
2. Chheruā (See)
ପ୍ରାଦେ. (ସମ୍ବଲପୁର) ବି.—ଭୂମିରେ ଛିଞ୍ଚାଯିବା ଗୋବରପାଣି—
Cowdung and water sprinkled on the ground

ଛେରାଇବା—ଦେ. କ୍ରି—୧ । ଛେରିବାର ଣିଜନ୍ତରୂପ—
Chherāibā — 1. Causative of Chheribā.
ছেরানো — ୨ । ଅତ୍ୟନ୍ତ ଭୟଭୀତ କରାଇବା—
छेराना — 2. To frighten a person.
(ଛେରେଇବା—ଅନ୍ୟରୂପ) [ଦ୍ର—ଏ କ୍ରିୟାର ଅସମାପିକା ରୂପସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଛେରାଛେରି—ଦେ. ବି—ବହୁ ପରିମାଣରେ ଛେରିବା—
Chherāchheri — Profuse passing of watery stools.

ଛେରା ଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଭୂମିରେ ଗୋବର ପାଣି ଛିଞ୍ଚିବା—
Chherā debā — To sprinkle water mixed with cowdung on the ground.

ଛେରା ପହଁରା—ଦେ. ବି. (ଅନୁଚର ଶବ୍ଦ) (ସଂ.କ୍ଷର ଧାତୁ ଓ ପରିମାର୍ଜନ)—
Chherā pahanrā — ପଥ ବା ଭୂମିରେ ଜଳ ସେଚନକରି ଓଳାଇବା—
ছড়াঝাঁটা — Sprinkling water on and sweeping the ground.
छींटना झाड़ना
ଛେରାପହଁରା
ଛେରାପହୁରା } ଅନ୍ୟରୂପ
ଛେରାପହରା
[ଦ୍ର—ଶ୍ରୀ ଜଗନ୍ନାଥ ମହାପ୍ରଭୁ ଗୁଣ୍ଡିଚ୍ଚା ସମୟରେ ରଥରୁ ପହଣ୍ଡିବାବେଳେ କରିବା ସମୟରେ ପୁରୀରାଜା ଶ୍ରୀଜୀଉଙ୍କ ଆଗେଆଗେ ସୁଗନ୍ଧ ଜଳ ଛିଞ୍ଚିଛିଞ୍ଚି ଓ ସୁନା ଖଡ଼ିକାରେ ଓଳାଇ ଓଳାଇ ଅର୍ଥାତ୍ 'ଛେରା ପହଁରା' କରି କରି ଯାଉଥାଆନ୍ତି । ଏଥିଯୋଗୁଁ କାଞ୍ଚିର ରାଜା ପୁରୀର ମହାରାଜ ପୁରୁଷୋତ୍ତମ ଦେବଙ୍କୁ ଚଣ୍ଡାଳ ବୋଲି କହି ତାଙ୍କୁ ନିଜ କନ୍ୟା ପଦ୍ମାବତୀଙ୍କୁ ବିବାହ ଦେଲେ ନାହିଁ । ଏଥିଲାଗି ଜଗନ୍ନାଥ ମହାପ୍ରଭୁଙ୍କର ଅପମାନ ହେବାରୁ ନିଜେ ଜଗନ୍ନାଥ ଓ ବଳଭଦ୍ର ମନୁଷ୍ୟରୂପ ଧରି କଳା ଘୋଡ଼ା, ଧଳାଘୋଡ଼ାରେ ବସି ରାଜା ଓ ରଜାଙ୍କ ସୈନ୍ୟଙ୍କ ସଙ୍ଗେ ସଙ୍ଗେ ଯାଇଥିଲେ ଓ ପୁରୀ ରାଜା କାଞ୍ଚୀ ନଗରକୁ ଜୟ କରି କାଞ୍ଚୀ ଯେମାନଙ୍କୁ ଆଣି ଶେଷରେ ବିବାହ କରିଥିଲେ ।]

ଛେରା ହଗା—ଦେ. ବି—ଅଜୀର୍ଣ୍ଣ ଯୋଗୁଁ ପତଳା ଜଳୀୟ ଝାଡ଼ା—
Chherā hagā — Liquid stools; diarrhoea.
ছেরাহাগা
छेराझाड़ा

ସାଧାରଣ ଲୋକେ ଅପର ବୃତ୍ତାରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛେରି—ଗ୍ରା. (ଇତର) ବି. (ସଂ. ଛେଳକା)—ଛେଳି; ଛାଗଳ—
Chheri Goat.
ଛେଲୀ [ଦ୍ର—ବାଲ୍ୟର କଣ୍ଠସ୍ୱରଦ ଇତରଜନ-
ଛେଁପୀ ବ୍ୟବହୃତ; 'ଳ' ସ୍ଥାନରେ 'ର' ଉଚ୍ଚାରଣ ଯୋଗୁଁ, ଛେଳି= ଛେରି ।]

ଛେରିବା—ଦେ. କ୍ରି—୧ । (ସଂ. କ୍ଷର ଧାତୁ) ତରଳ ମଳ ତ୍ୟାଗ କରିବା—
Chheribā 1. To pass watery stools.
ଖେଡ଼ାନ, ଛେରା ୨ । (ଲକ୍ଷଣାର୍ଥ) ରୋଗ ବା ଭୟ ହେତୁ ତରଳ ପୁରୀଷ
ଛେଁଲା ତ୍ୟାଗ କରିବା—2. To pass stools through disease or fear.
[ଦ୍ର—ଏହି କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଛେରୁ—ଦେ. ବିଣ. ପୁଂ ଓ ସ୍ତ୍ରୀ—ଛେରୁଆ (ଦେଖ)
Chheru Chherua (See)

ଛେରୁଆ—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଅତ୍ୟନ୍ତ ଭୀରୁ—
Chheruā 1. Coward.
ଛେରେଇ } ଅନ୍ୟରୂପ
ଛେରେଇ }
୨ । ଯେ ଭୟରେ ଛେର ପକାଏ—
2. One who passes loose stools through fear.
୩ । ଛେର ରୋଗାକ୍ରାନ୍ତ—
3. Suffering from loose stools.

ଛେଲ୍—ଗ୍ରାଦେ. (ସମ୍ବଲପୁର) ବି—ଛେଳି; ଅଜା—
Chhel Goat.

ଛେଲି—ଦେ. ବି. (ସଂ. ଶଲ୍ୟ)—
Chhela ୧ । ଶର; ବାଣ; ଅସ୍ତ୍ରବିଶେଷ—
1. Arrow; a weapon of offence.
ଗାଡ଼-ବନ୍ଧ ଛେଲ ଯୁଦ୍ଧ ମଧ୍ୟେ ପୋତାଇଲା
ଅସିଲେ ବାଲ୍ୟ ରଜା ମାଦ୍ରବ ଉବରେ । କୃଷ୍ଣସିଂ. ମହାଭାରତ. ବନ ।
୨ । ବରଛା—2. Spear.
ଛେଲ ପୋଷ ଫସ ଉପରେ ହସ୍ତ ଦେଇ । କୃଷ୍ଣସିଂ. ମହାଭାରତ. ଅଦ ।
୩ । (ସଂ. ଛଲ୍ଲି) ବାଉଁଶ ଇତ୍ୟାଦିଙ୍କର ପତଳା ଖଣ୍ଡ
ଛିଲକା ପାତିଆ—3. Thin small slices or strips of
ଛିଲକା bamboo.

ଛେଲା—ଦେ. ବି. (ସଂ. ଶଲ୍ୟ)—୧ । ଛେଲ (ଦେଖ)
Chhelā 1. Chhela (See)
ଛିଲକା, ଛୋଲ ୨ । (ସଂ. ଛଲ୍ଲି) କାଠ ବା ବାଉଁଶର ଉପରୁ
କତରନ, ଛିଲକା ପତଳା କରି କଟୁରି ବା ବାଉଁଶରେ ଛାଞ୍ଚି ନେଲେ ଯେଉଁ ପତଳା ପାତିଆ ବାହାରେ—
2. Scraped thin slice of bamboo or wood.
୩ । ଛାଞ୍ଚିବା—3. Scraping.
୪ । ଗୁଡ଼ର ପରିମାଣବିଶେଷ; ୧୦ ବିଶା—
4. A measure of molasses; 10 bisās.
୫ । କପାର ପରିମାଣବିଶେଷ; ୪୦ ବିଶା—
5. A measure of cotton; 40 bisās.
୬ । ଧାନର ପରିମାଣ ବିଶେଷ; ୪୦ ଗୌଣୀ—
6. A measure of paddy; 40 gaunis.
ଗ୍ରାଦେ. (ପୁରୀ) ବି—୧ । ପୁରୀ ଜିଲ୍ଲାରେ ନଡ଼ିଆଗଣନାରେ ସଂଖ୍ୟାବିଶେଷ; ୯ ପଣ ବା ୭୨୦ କଡ଼ା ନଡ଼ିଆ—
1. (Puri district) An aggregate of 720 cocoanuts.
୨ । (ବାଲେଶ୍ୱର) ବି—ବାଲେଶ୍ୱରୀ ଛଅସେରିଆ ଗଉଣୀରେ ୪୦ ଗଉଣୀ (ଧାନ)=୨୪୦ ବାଲେଶ୍ୱରୀ ସେର= ବାଲେଶ୍ୱରୀ ୬ ମହଣ=କଟକୀ ୪୨ ମହଣ—
2. Six maunds of paddy.
୩ । ଧୋଡ଼ବଳଦଙ୍କ ଉପରେ ଉପରେ ବୁହାଯିବା ପଲାଣ—
3. Pack-saddle
୪ । ବିଲରୁ କଟା ହୋଇ ଖଳାକୁ ଅଣାଯିବା କଳେଇର ଗୋଛା, ଯାହା ବଳଦଙ୍କ ପିଠିରେ ବୁହାଯାଏ—
4. A pack of paddy sheaves carried on the back of bullocks from the fields.

ଛେଲାଇବା—ଦେ. କ୍ରି—୧ । ଛେଲିବା କ୍ରିୟାର ଣିଜନ୍ତ ରୂପ—
Chhelāibā 1. Causative form of Chhelibā.
(ଛେଲେଇବା—ଅନ୍ୟରୂପ) ୨ । ଛେଲିବା (ଦେଖ)
2. Chhelibā (See)

ଛେଲା କେରଣ୍ଡି—ଦେ. ବି. (ସଂ. ମହାସଫର)—
Chhelā kerāndi ବଡ଼ ବଡ଼ କେରଣ୍ଡି ମାଛ—A kind of
ଫୁଟନୀ, ପୁଁଠୀ, ସରନାପୁଁଠୀ sweet-water fish; Barlens
ସୌରୀ Phutunes or Barlens Sarana.
(ଛେଲାକ୍ରଣ୍ଡି—ଅନ୍ୟରୂପ)

ଛେଲାଛେଲି—ଦେ. ବି—ଛେଲିବା ବା ଛାଞ୍ଚିବା କର୍ମ—
Chhelāchheli Act of scraping or mowing.
ଚାଁଛାଚାଁଛି

ଛେଳି—ଦେ. ବି. (ସଂ. ଛାଗଳ; ପ୍ରାକୃତ ଛଗଲୀ; ସଂ. ଛେଳକା=ଛାଗୀ;
Chheḷi ଯୋଗେଶଚନ୍ଦ୍ର)—୧ । ଛାଗ—1. Goat.
ଛାଗଲ [ଦ୍ର—ପୁଂଲିଙ୍ଗରେ ଅଣ୍ଡିରା ଛେଳି ଓ ସ୍ତ୍ରୀଲିଙ୍ଗରେ
ବକରା; ବକରୀ ମାଈ ଛେଳି ବୋଲାଯାଏ ।]
୨ । (ଲକ୍ଷଣାର୍ଥ) ଭୟାଳୁ ଲୋକ—
2 (figurative) A coward.
(ଯଥା—ସେ ଏ କାମ କରିବାକୁ ଛେଳି=ସେ ଏ କାମ କରିବାକୁ ଡରୁଛି ।)
[ଦ୍ର—ଛେଳିମାନେ ପାଣିରେ ପଶିବାକୁ ଡରନ୍ତି; ଏଥିପାଇଁ ପ୍ରବାଦ ଅଛି "ପାଣିଚ ଛେଳି" ପର ହେବା ।]

୧	ଇ	ଉ	ଋ,ଋ	ୡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଡଅ	ଘ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନୃ

ଛେଲି—ଦେ. ବି. (ସଂ. ଛଲ୍ଲି; ଛଲ୍ଲ)—୧ । ବୃକ୍ଷାଦିର ବକଲ—
Chheli 1 Bark of trees.
ছাল ছালাট ୨ । କାଠର ଉପରୁ ଚଞ୍ଛା ହୋଇଥିବା ପତଳା ଅଂଶ-
छिलका; छील 2. A slice scraped from a piece of wood.

ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ଏହି ଅର୍ଥରେ ହି. ଛେଲି)—
ଛେଳି—Goat.

ଛେଲିଗୋତ୍ରିଆ—ଦେ. ବିଣ. (ସଂ. ଛେଲିକା ଓ ଗୋତ୍ର)—
Chheligotriā ଛେଳିମାନଙ୍କ ପରି ଗମ୍ୟାଗମ୍ୟ ବିଚାରହୀନ—
Cohabiting with persons of prohibited degree of relationship; incestuous.

ଛେଲିପାଗୁଲିଆ—ଦେ. ବି—ଏକପ୍ରକାର କ୍ଷୁଦ୍ର ଔଷଧି ଗୁଳ୍ମ—
Chhelipāguliā A kind of medicinal plant.

ଛେଲିବା—ଦେ. କ୍ରି. (ସଂ. ଛଲ୍ଲି—ତ୍ୱକ୍; ଛଲ)—୧ । ଚାଞ୍ଛିବା—
Chhelibā 1. To scrape off.
ছুলা; ছোলা ୨ । ଉପରର ପତଳା ସ୍ତର ବା ବଲ୍କଲ କୌଣସି
छिलना; चोलना ଶସ୍ତ୍ରଦ୍ୱାରା ଉଠାଇବା—2. To scrape off the bark or outer layer.

୩ । ଭୂମି ଉପରୁ ଘାସକୁ ଚାଞ୍ଛିବା—
3. To mow the grass.

ଛେଲି ମାହାରିଆ—ପ୍ରାଦେ. (ଗଡ଼ଜାତ) ବି—ଛେଳି ଜଗୁଆଳ; ଛେଳି
Chheli māhāriā ରଖୁଆଳ—Goat-herd.

ଛେଲୁଆ—ଦେ. ବି. (ସଂ. ଛଲ୍ଲି)—୧ । ପାତ୍ରରୂପେ ବ୍ୟବହୃତ ମାଟି
Chheluā ହାଣ୍ଡିର ବଡ଼ ଭଙ୍ଗାଖଣ୍ଡ; ଖାଣ୍ଡି—1. A large
খাপরী; খোলাম broken bit of earthern ware used as
ठिकरा a pot.

୨ । ବଡ଼ ଖପରା—2. Big potsherd.

[ଦ୍ର—ହାଣ୍ଡିକୁ ଭାଙ୍ଗିଲେ ତହିଁରୁ ଯେଉଁ ଅଂଶ ପାତ୍ରରୂପେ ବ୍ୟବହାର କରାଯାଇ ପାରେ ତାକୁ ଛେଲୁଆ କହନ୍ତି, ଛୋଟଛୋଟ ଅଂଶଗୁଡ଼ିକୁ ଖପରା କହନ୍ତି ।]

ଛେଲୁଆ ମାରିବା—ଦେ. କ୍ରି—ଖଣ୍ଡେ ଛେଲୁଆ ବା ଖପରାକୁ ତୀର୍ଯ୍ୟକ୍-
Chheluā māribā ଭାବରେ ଏପରି ପାଣି ଉପରକୁ ପକାଯାଏ
ছিনিমিনি খেলা; ଯେ, ତାହା ପାଣି ଉପରକୁ ସ୍ପର୍ଶ କରି ଡେଇଁ
খোলামকুচিমারা ଡେଇଁକା ଖଣ୍ଡଦୂର ଚାଲିଯାଏ—
छिछोलिखेलना To play at ducks and drakes with a potsherd.

ଛୈ—ଦେ. ବି—୧ । (ସଂ. ଛଦ) ଛଇ; ନୌକା ପ୍ରଭୃତିର ଉପରର
Chhai ଆବରଣ; ନାହା, ଗାଡ଼ିଆଦିର ଉପରର ଚାଟି—
ছৈ 1. The thatch or covering for a boat or cart.

୨ । (ସଂ. ଛତ୍ର) ଚାରିଆଡ଼େ ଖେଳେଇ ହୋଇଯିବା—
2. Diffusion.

୩ । (ସଂ. ଛବି) ଛଟା; ଛଟକ; ବିଳାସ-ଭଙ୍ଗୀ—
3. Spotiveness; foppishness.

୪ । ଥଟ୍ଟା—4. Jest; frolic.

୫ । ଛଳନା; ଛେପଟା—5. Pretence; trick.

୬ । ବାଲଙ୍ଗି; ଗୁମର; ଗର୍ବ—6. Arrogance.

୭ । ରସିକତା—7. Gallantry; coquetry.

୮ । (ଇଟାଆଦିର) ସୁସଜ୍ଜିତ ଶ୍ରେଣୀବଦ୍ଧ ଗଦା—
8. Well-set stack (e. g. of brick).

[ଦ୍ର—'ଛଇ' ଆଦ୍ୟରେ ଥିବା ଦେଶଜ ଶବ୍ଦମାନ 'ଛୈ' ଆଦ୍ୟ-ଯୁକ୍ତ ହୋଇ ମଧ୍ୟ ଉଚ୍ଚାରିତ ହୁଏ ଓ ଲେଖାଯାଏ ।]

ଛୈଛଡ଼୍—ଦେ. ବିଣ—୧ । ଯେଉଁ ବ୍ୟକ୍ତି ବା ବୃକ୍ଷାଦି ହୃଷ୍ଟପୁଷ୍ଟ, ସୁନ୍ଦର,
Chhaichhārd ସତେଜ ଓ ଡେଙ୍ଗା ହୋଇ ବଢ଼େ—
1. Vigorously grown up; robust; vigorous.

ଛୈଛଟ୍, ଛୈଛଟିଆ, ଛୈଛଡ଼ିଆ, ଛୈଛଳ, ଛୈଛଳିଆ } ଅନ୍ୟରୂପ
୨ । ବଳିଷ୍ଠ ଓ ହୃଷ୍ଟପୁଷ୍ଟ—
2. Muscular and strong.

ଛୈଲ୍—ଦେ. ବିଣ—ଛଇଲ୍ (ଦେଖ)
Chhail Chhail (See)
(ଛୈଲାଟ୍—ଅନ୍ୟରୂପ)

ଛୈଲ—ଦେ. ବି ଓ ବିଣ—ଛଇଲ (ଦେଖ)
Chhaila Chhaila (See)

ଛୈଲା—ଦେ. ବିଣ. ସ୍ତ୍ରୀ—ଛଇଲା (ଦେଖ)
Chhailā Chhailā (See)

ଛୈଲୀ—ଦେ. ବିଣ. ସ୍ତ୍ରୀ—ଛଇଲା (ଦେଖ)
Chhaili Chhailā (See)

ଛୋଇଁ—ଦେ. ବି. (ସଂ. ଶିମ୍ବୀ)—ଶିମ୍ବ, ମୁଗ, ହରଡ଼, ସଜନା, ବରଗଡ଼
Chhoin ଆଦି ବୃକ୍ଷର ଲମ୍ବ ଖୋଷାଯୁକ୍ତ ଫଳ, ଛୁଇଁ—
শুঁটী Long slender stalk like beans of
छीमी certain trees and plants; a pot or legume.
(ଛୁଇଁ—ଅନ୍ୟରୂପ)

ଛୋଇଁବା—ଦେ. କ୍ରି—୧ । (ସଂ. ସ୍ପୃଶ୍ ଧାତୁ ; ସଂ. ଛୁପ ଧାତୁ)—
Chhoinbā ସ୍ପର୍ଶ କରିବା—1. To touch.
ছোঁয়া; ছুঁয়া ୨ । (ସଂ ଛଦ ଧାତୁ)—ଛାଆଣି କରିବା; ଘର ଛପର
छूना କରିବା—2. To thatch.

ଛୁଇଁବା, ଛୁଆଁଇବା, ଛୁଇଁବା } ଅନ୍ୟରୂପ
୩ । ଛୁଇଁବାର ଣିଜନ୍ତରୂପ—
3. Causative form of Chhuinbā.

ଛୌଙ୍କ—ଦେ. ବି—ଛୁଙ୍କ (ଦେଖ)
Chhonka Chhunka See)

ଛୌଂଦାର—ପ୍ରାଦେ. (ସମ୍ବଲପୁର) ବି. (ସଂ. ସମ୍ମୁଖ + ଦ୍ୱାର)—
Chhondāra ଛାମୁଦୁଆର (ଦେଖ)
Chhāmuduāra (See)

ସାଧାରଣ ଲୋକେ ଅନେକ ସ୍ଥଳରେ ସଠିକ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଛୋକରା—ଦେ. ବି. ପୁଂ (ହିନ୍ଦୀ ଓ ବ. ର ଅନୁକୃତ) (ସଂ. ଛୋକ=ଶିଶୁ)—୧ । ବାଳକ; ଟୋକା—
Chhokarā
(ଛୋକରୀ—ସ୍ତ୍ରୀ) 1. Boy; lad.
୨ । ଅପରିଣତବୟସ୍କ ଯୁବା—2. A youth.
୩ । ଚାକର ଟୋକା—3. Servant boy.

ଛୋକାର—ଦେ. ବି. ପୁଂ (ସଂ. ଶକାର=ନାଟକରେ ରାଜାଙ୍କର ନୀଚ ଜାତୀୟ ଶାଳକ)—୧ । ବେଶ୍ୟାପୁତ୍ର; ଭଡ଼ୁଆ ଜାତି—
Chhokāra
(ଛୋକାରୁଣୀ—ସ୍ତ୍ରୀ) 1. A caste consisting of persons born of whores.
ভাড়
भड़ुआ, भँड़ुवा
[ଦ୍ର—ଏମାନଙ୍କର ଗୋଟିଏ ସ୍ୱତନ୍ତ୍ର ଜାତି ଅଛି । ଏମାନେ ଗୃହସ୍ଥମାନଙ୍କ ପରି ବିବାହାଦି କରନ୍ତି, ଏମାନେ ନୃତ୍ୟକାରିଣୀ ବେଶ୍ୟାମାନଙ୍କ ସଙ୍ଗେ ବାଦ୍ୟ ଆଦି ବଜାନ୍ତି । ଆମ ଦେଶରେ କୌଣସି କୌଣସି ସ୍ଥଳେ ଏମାନେ ତେଲିଙ୍ଗି ବାଜା ବଜାନ୍ତି ।]
୨ । ନିର୍ଲଜ୍ଜ ବ୍ୟକ୍ତି; ଭଣ୍ଡ ଲୋକ—
2. A shameless person.
୩ । ପରପୁରୁଷ ନିକଟରେ ପର ସ୍ତ୍ରୀ ଜୁଟାଇବା ଲୋକ—
3. A pander; procurer; pimp a go-between.
୪ । ଅଶ୍ଳୀଳତାପ୍ରିୟ ବ୍ୟକ୍ତି—
4. A person who is fond of using obscene language
ଦେ. ବିଣ. ପୁଂ—୧ । ଯେ ପରପୁରୁଷମାନଙ୍କ ନିକଟରେ ପରସ୍ତ୍ରୀ ବା ନିଜ ସ୍ତ୍ରୀକୁ ଅସତ୍ ସଂସର୍ଗ ନିମନ୍ତେ ଜୁଟାଏ—
1. Pandering; procurer.
୨ । ଇନ୍ଦ୍ରିୟପରାୟଣ—
2. Lascivious; lewd; licentious; sensual.
୩ । ଭଣ୍ଡ; ନିର୍ଲଜ୍ଜ; ବେହିଆ—
3. Shameless; indecent.
୪ । ଅତି ନୀଚ (ଲୋକ)—4. Low; vile, mean.
୫ । ଅଶ୍ଳୀଳ—5. Obscene.
(ଯଥା—ଛୋକାର କଥା ।)
୬ । ଅଶ୍ଳୀଳତା ପ୍ରିୟ (ବ୍ୟକ୍ତି)—
6. Fond of obscene language.
୭ । ଅସଚ୍ଚରିତ୍ରା—7. Immoral; debanched.
୮ । ଲମ୍ପଟ—8. Addicted to adultery.
[ଦ୍ର—ଦିନାଇ ଦାସଙ୍କର ଗୋଟିଏ ପ୍ରବଚନ (ଛାନ୍ଦ) ଅଛି, ଯଥା—"ଛୋକାରୁଣୀ ମାଇପଙ୍କ ଓଷା ସଖୀ ଗୋ ମନ ଏ" ଅର୍ଥାତ ଅସଚ୍ଚରିତ୍ରା ସ୍ତ୍ରୀଲୋକର ଧର୍ମଭୟ ନାହିଁ; ଏପରି ସ୍ଥଳରେ ଉପବାସ ବ୍ରତାଦି ଅନୁଷ୍ଠାନ କରିବା ତା ପକ୍ଷରେ କେବଳ ଲୋକଦେଖାଣିଆ ଭଣ୍ଡତା ମାତ୍ର ।]

ଛୋକାରକଥା—ଦେ. ବି.—ଅଶ୍ଳୀଳ କଥା—
Chhokāra kathā Obscene language.

ଛୋକାରିଆ—ଦେ. ବିଣ. ପୁଂ—ଛୋକାର (ଦେଖ)
Chhokāriā Chhokāra, (See)
(ଛୋକାରୁଣୀ—ସ୍ତ୍ରୀ)

ଛୋଟ—ଦେ. ବିଣ. (ସଂ. କ୍ଷୁଦ୍ର)—୧ । ବାଙ୍ଗର; ଆକାରରେ କ୍ଷୁଦ୍ର; ସାନ; ଟିକି—1. Small; dwarfish.
Chhoṭa
(ବଡ଼—ବିପରୀତ) ୨ । କନିଷ୍ଠ (ଯଥା ଛୋଟ ଭାଇ)—
ছোট 2. Younger.
छोटा ୩ । ବୟସରେ ସାନ; ଅଳ୍ପବୟସ୍କ—3. Young.
୪ । ଅପେକ୍ଷାକୃତ ଅଳ୍ପବୟସ୍କ—
4 Younger; junior.
୫ । ଅଧମ; ହୀନପ୍ରକୃତି; ନୀଚ—5. Low; mean.
୬ । ନୀଚଜାତୀୟ—6. Of low caste.

ଛୋଟ ଅଦାଲତ—ଦେ. ବି.—ଅଳ୍ପ ଦାବୀ ଥିବା ସହଜ ବିଚାର୍ଯ୍ୟ ମକଦ୍ଦମାମାନ ସରସରି ଅର୍ଥାତ୍ ସଂକ୍ଷେପରେ ବିଚାର କରିବା ନିମିତ୍ତ ଭାରତ ସରକାରଙ୍କ ପ୍ରତିଷ୍ଠିତ ବିଚାରାଳୟ—Court of small causes in India.
Chhoṭa adālata
ছোট আদালত
छोटा अदालत काजकोट

ଛୋଟ ଅଲାଇଚ—ଦେ. ବି. (ସଂ. ନାମ କ୍ଷୁଦ୍ରୈଲା)—ଗୁଜରାଟି (ଦେଖ)
Chhoṭa alāicha Gujarāti (See)
ছোট এলাচী
छोटि इलायची

ଛୋଟ ଓଷା—ଦେ. ବି—ଏକ ପ୍ରକାର ଧାନ—
Chhoṭa osā A kind of paddy.

ଛୋଟକଇଁ—ଦେ. ବି.—ସାନ ସାନ ଧଳା କଇଁ ଫୁଲ—
Chhoṭa kaiñ Small white Indian water-lily;
ছোট সুন্দি Nymphla Lotus.

ଛୋଟ କଥା—ଦେ ବି.—୧ । ତୁଚ୍ଛ କଥା—
Chhoṭa kathā 1. Insignificant words.
୨ । ଅତି ନଗଣ୍ୟ ବା ସାମାନ୍ୟ ବିଷୟ—
2. A very small matter.

ଛୋଟଘର—ଦେ. ବି.—୧ । କ୍ଷୁଦ୍ର, ଅଳ୍ପ ଭିତିବିଶିଷ୍ଟ ଗୃହ—
Chhoṭa ghara 1. A small or snug house.
୨ । ନିକୃଷ୍ଟ ବଂଶ; ନୀଚକୁଳ—
2. Low caste; low family.

ଛୋଟଚମ୍ପା—ଦେ. ବି—ଏକପ୍ରକାର ସରୁ ଧାନ—
Chhoṭa champā A species of fine paddy.

ଛୋଟ ଠାକୁର—ଦେ.ବି—୧ । ପୁରୀରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁ—
Chhoṭa ṭhākura 1. The Deity Jagannath at Puri.

୧	ଇ	ଡ	ଋ,ର୍	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	କ୍ଷ	ଇଯ୍	ତ୍ଥ	ଢ
୨	ଈ	ଉ	ଋ	ଳ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍

୨ । ଶ୍ରୀକୃଷ୍ଣ ଅବତାରରେ ଶ୍ରୀକୃଷ୍ଣ—
2. A name of Śrikṛushṇa.
[ଦ୍ର—ବଳଭଦ୍ର ଓ ଜଗନ୍ନାଥଙ୍କ ବୟସ ତୁଳନାରେ ବଳଭଦ୍ର ଜ୍ୟେଷ୍ଠ ଥିବାରୁ ତାଙ୍କୁ ପୁରୀରେ ସାଧାରଣ ଲୋକେ 'ବଡ଼ ଠାକୁର' ଓ ଜଗନ୍ନାଥଙ୍କୁ ଛୋଟ ଠାକୁର ବା ସାନ ଠାକୁର ବୋଲି ଡାକନ୍ତି ।]

ଛୋଟଣ—ଗ୍ରା. ବି.—୧ । ଛୁଟଣ; ବିଶ୍ରାମ; ଅବସର—
Chhoṭaṇa 1. Remission, pause.
ছুট ୨ । ବିରାମ; ବିରତି—
ছুটনা 2. Cessation.

ଛୋଟଦିନ—ଦେ. ବି—୧ । ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଯୋଗୁଁ ଯେଉଁ ସମୟରେ ଦିନମାନର ପରିମାଣ ଅଳ୍ପ ହୁଏ, ଶୀତକାଳର ଦିବସ—1. The smallest day in the year in December 22nd or 23rd.
Chhoṭadina
ছোটদিন
(ବଡ଼ଦିନ—ବିପରୀତ)
[ଦ୍ର—ଡିସେମ୍ବର ମାସ ୨୨ ବା ୨୩ ତାରିଖ ଦିନଟି ବର୍ଷକଯାକରେ ସାନ ଓ ରାତିଟି ବଡ଼ ହୁଏ ।]
୨ । ଅପ୍ରେଲ ମାସର ଗୁଡ଼ଫ୍ରାଇଡେ ଓ ଇଷ୍ଟରଡେ ଯାହା କି ଖ୍ରୀଷ୍ଟିଆନ୍‌ମାନଙ୍କର ପର୍ବଦିନ—2. Good Friday and Easter day.
[ଦ୍ର—ଲୋକେ ସାଧାରଣତଃ ଖ୍ରୀଷ୍ଟମସ୍‌କୁ ବଡ଼ଦିନ ଓ ଗୁଡ଼୍‌ଫ୍ରାଇଡେକୁ ଛୋଟଦିନ କହିଥାନ୍ତି ।]

ଛୋଟନଜର—ଦେ. ବି (ହି. ଛୁଦ୍ର+ଫା. ନଜର)—ହୀନଦୃଷ୍ଟି; ଉଦାରତାହୀନ ଦୃଷ୍ଟି; କୃପଣତାମିଶ୍ରିତ ଦୃଷ୍ଟି—
Chhoṭanajara Illiberal views.
ছোটনজর
छोटानजर ଦେ. ବିଣ—୧ । ହୀନଚେତା (ବ୍ୟକ୍ତି)—
1. Mean minded.
ଛୋଟ ନଜରିଆ } ଅନ୍ୟରୂପ
ଛୋଟା ନଜରୀ }
୨ । କୃପଣ—2. Miserly.

ଛୋଟ ବଡ଼—ଦେ. ବିଣ (ବିପରୀତାର୍ଥ ଶବ୍ଦଦ୍ୱୟ)—୧ । ସାନ ଓ ବଡ଼—
Chhoṭa baṛda 1. Big and small.
ছোট বড় ୨ । ଉଚ୍ଚ ଓ ନୀଚ—2. High and low.
छोटा बड़ा ୩ । କିବା ବଡ଼ କିବା ସାନ—
3. Whether big or small.
ଦେ. ବି (ବହୁବଚନ)—ସମସ୍ତେ; ସବୁ ବ୍ୟକ୍ତି—Every one big or small; every one high or low; all (persons).
(ଯଥା—ଛୋଟ ବଡ଼ଙ୍କ ମୁହଁରୁ ମୁଁ ଏହା ଶୁଣିଲି ।)

ଛୋଟ ଭାଇ—ଦେ. ବି—କନିଷ୍ଠ ଭ୍ରାତା—
Chhoṭa bhāi Younger brother.
ছোট ভাই
छोटा भाई

ଛୋଟ ମହୀପାଳ—ଦେ. ବି—ଏକପ୍ରକାର ସରୁ ଧାନ—
Chhoṭa mahipāla A kind of fine paddy.

ଛୋଟ ମୁଖ—ଦେ. ବି—ଛୋଟ ଲୋକ ବା ନୀଚ ଲୋକର ମୁହଁ—
Chhoṭa mukha The mouth of a low or insignificant person.
ছোট মুখ
छोटा मुहँ (ଯଥା—'ଛୋଟ ମୁହଁରେ ବଡ଼ କଥା,
(ଛୋଟ ମୁହଁ—ଅନ୍ୟରୂପ) ଶୁଣିଲି ଲୋକର ମନ ବ୍ୟଥା'—ଲୋକ ।)

ଛୋଟ ମୋଟ—ଦେ. ବିଣ—(ସହଚର ଶବ୍ଦ)—୧ । ଛୋଟ ବଡ଼ (ଦେଖ)
Chhoṭa moṭa 1. Chhoṭa baṛda.
ছোট মোট ଦେ. ବିଣ—୨ । ଅତି କ୍ଷୁଦ୍ର—
छोटा मोटा 2. Tiny; very small.
୩ । ଚଳନୀୟ; ଚଳନ୍ତି—3. Tolerable.
(ଯଥା—ସେ ଛୋଟ ମୋଟରେ ଜଣେ ରାଜା ।)

ଛୋଟ ଲଙ୍କାକାଲି—ପ୍ରାଦେ (ଗଞ୍ଜାମ) ବି—ବାଇଗବା—
Chhoṭa lankākāla A kind of Bāigabā (See)

ଛୋଟଲାଟ—ଦେ. ବି (ହି. ଛୋଟା ଓ ଇଂ. ଲର୍ଡ)—ଇଂରେଜ ଅଧିକୃତ ଭାରତର ପ୍ରାଦେଶିକ ଶାସନକର୍ତ୍ତା—
Chhoṭalāṭa Provincial Governor;
ছোটলাট
छोटालाट Governor of a Province.
(ବଡ଼ଲାଟ – ବିପରୀତ)

ଛୋଟଲୋକ—ଦେ. ବି—୧ । ନୀଚାଶୟ ଲୋକ—
Chhoṭaloka 1. Low or mean person.
ছোটলোক ୨ । ଇତର ଲୋକ—
छोटाआदमी 2. One low class person.
୩ । କୃପଣ—3. Miser.

ଛୋଟହାଜିରି—ଦେ. ବି—ଭାରତରେ ରହୁଥିବା ସାହେବ ଓ ସାହେବଙ୍କ ରୀତି ଅନୁକରଣକାରୀ ଭାରତୀୟମାନଙ୍କର ପ୍ରାତର୍ଭୋଜନ—Break-fast.
Chhoṭahājiri
ছোটাহাজরী
छोटीहाजिरी [ଦ୍ର—ଏଥିରେ ରୁଟି, ଟୋଷ୍ଟ ବା ବିସ୍କୁଟ ଓ ଡିମ୍ବ ଆଦି ଖିଆଯାଏ ।]

ଛୋଟା—ଦେ. ବିଣ. ପୁଂ—୧ । ଲେଙ୍ଗଡ଼ା; ଖଞ୍ଜ; ପାଦବିକଳ ହୋଇଥିବା
Chhoṭā (ବ୍ୟକ୍ତି)—1. Lame; cripple legged.
নেঙ্‌ড়া ଦେ. ବି—ଲେଙ୍ଗଡ଼ା ଲୋକ—A lame man.
लंगड़ा ଛୋଟା ଆଜ କୁଡ଼ ପାହାରେ—ଲୋକ ।
(ଛୋଟୀ—ସ୍ତ୍ରୀ)

ଛୋଟାଇବା—ଦେ. କ୍ରି. (ଅକର୍ମକ)—
Chhoṭāibā ୧ । ଲେଙ୍ଗଡ଼ା ହୋଇ ଚାଲିବା—
নেঙ্গচান 1. To limp (with a defetcive leg).
लंगड़ाना ୨ । (ସକର୍ମକ) କ୍ଷୁଦ୍ର କରିଦେବା; ଛୋଟ କରିଦେବା—2. To shorten; to lessen.
୩ । (ସକର୍ମକ) କୌଣସି ବ୍ୟକ୍ତିକୁ ଲେଙ୍ଗଡ଼ା କରିବା—
3. To maim an animal.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

ଛୋଟା କରିବା--ଦେ. କ୍ରି—କୌଣସି ଜୀବକୁ ଲେଙ୍ଗଡ଼ା କରିବା—
Chhoṭā karibā — To maim an animal.

ଛୋଟିଆ—ଦେ. ବି—୧ । ଛୋଟ; ସାନ; କ୍ଷୁଦ୍ର—
Chhoṭiā — 1. Small; petty.
ଛୋଟା — ପଡ଼ଉଣ ସମସ୍ତଙ୍କର ଏକ, **ଛୋଟିଆ** ମଇଳା ଦରକୁଟା—ତସ
ଛୋଟା — ଖଣ୍ଡେ ଖଣ୍ଡେ ଲୁଗା—ଫକୀରମୋହନ. ଗଳ୍ପସ୍ୱଳ୍ପ ।
୨ । ଅଳ୍ପକାଳସ୍ଥାୟୀ—
2. Brief or short. (in duration).

ଛୋଟିଆ ମୋଟିଆ—ଦେ. ବିଣ—ଛୋଟ ମୋଟ (ଦେଖ)
Chhoṭiā moṭiā — Chhoṭa moṭa (See)

ଛୋଟିକା—ସଂ. ବି. ସ୍ତ୍ରୀ (ଛୁଟ୍ ଧାତୁ=ଛେଦନ କରିବା+କର୍ତ୍ତୃ. ଅକ
Chhoṭikā +ସ୍ତ୍ରୀ. ଆ)—ହାତର ଅଙ୍ଗୁଳିଦ୍ୱାରା କରାଯିବା ଧ୍ୱନି; ଅଙ୍ଗୁଠିଦ୍ୱାରା ଫୁଟୁକା—A snapping sound made by the fingers.

ଛୋଟୀ—ସଂ. ବିଣ. ପୁଂ. (ଛୋ ଧାତୁ=ଛେଦନ କରିବା+ଉଟ୍ କିମ୍ବା
Chhoṭī ଅଥବା ଛୁଟ୍ ଧାତୁ+ଇନ୍)—ଧୀବର; କୈବର୍ତ୍ତ—
Fisherman.
ଦେ. ବିଣ. ସ୍ତ୍ରୀ—ଲେଙ୍ଗଡ଼ୀ (ସ୍ତ୍ରୀ)—Lame (woman).
(ଛୋଟା—ସ୍ତ୍ରୀ) ଦେ. ବି. ସ୍ତ୍ରୀ—ଲେଙ୍ଗଡ଼ୀ ସ୍ତ୍ରୀ—
A lame woman.

ଛୋଟେଇବା—ଦେ. କ୍ରି—ଛୋଟାଇବା (ଦେଖ)
Chhoṭeibā — Chhoṭāibā (See)

ଛୋଡ଼୍‌କଷି—ଦେ. ବିଣ—ସୁନ୍ନତ କରାଯାଇଥିବା (ବ୍ୟକ୍ତି); ଯେଉଁ
Chhoṛd kaṣi ବ୍ୟକ୍ତିର (ଜନ୍ମତଃ କିମ୍ବା ଅସ୍ତ୍ରପ୍ରୟୋଗଦ୍ୱାରା) ଲିଙ୍ଗର
(ଛୋଡ଼୍‌କଷିଆ—ଅନ୍ୟରୂପ) ଅଗ୍ରକୁ ଚର୍ମ ଆଚ୍ଛାଦନ କରି ନ ଥାଏ--
(a person) Having no foreskin on the male organ (either since one's birth or by undergoing the ceremony of removal by operation).

[ଦ୍ର—ହିନ୍ଦୁ ବ୍ରାହ୍ମଣମାନଙ୍କର ବେଦବହିତ ସଂସ୍କାର (ଯଥା—କାନଫୋଡ଼ା, ବିଦ୍ୟାରମ୍ଭ, ଚୂଡ଼ାକର୍ମ, ବ୍ରତ, ବିବାହ) ପରି ସୁନ୍ନତ୍ ମୁସଲମାନମାନଙ୍କର ଗୋଟିଏ ପ୍ରଧାନ ସଂସ୍କାର ଓ ଏହା ବାଲ୍ୟକାଳରେ କରାଯାଇଥାଏ । ମୁସଲମାନଙ୍କ ମଧ୍ୟରେ ଜଣେ ଜଣେ ଏପରି ସୁଦକ୍ଷ ସୁନ୍ନତ୍-କାରୀ ଅଛନ୍ତି ଯେ ସେମାନେ ଆଧୁନିକ ବୈଜ୍ଞାନିକ ପ୍ରକ୍ରିୟା ନ ଜାଣି ଓ ବାଳକର ସଂଜ୍ଞାଲୋପ ନ କରି ସୁଦ୍ଧା ନିମେଷକମଧ୍ୟରେ ବାଳକ ବା ଯୁବକର ଲିଙ୍ଗର ଅଗ୍ରାଚ୍ଛାଦକ ଚର୍ମକୁ ଛୁରିଦ୍ୱାରା ଗୋଲ କରି କାଟି ଦିଅନ୍ତି ଓ ଏକ ସପ୍ତାହ ମଧ୍ୟରେ ସେ କ୍ଷତଟି ଚଞ୍ଚଳ ଶୁଖିଯାଏ । ଏହା ମୁସଲମାନ୍‌ମାନଙ୍କ ଶାସ୍ତ୍ରବିହିତ କର୍ମ । ଏ ପ୍ରଥା ଥିବାରୁ ସେମାନଙ୍କ ମଧ୍ୟରେ ରୁଦ୍ରୁକ୍ ରୋଗ ଆଦୌ ଦେଖାଯାଏ ନାହିଁ ।]

ଛୋଡ଼ଙ୍ଗ—ଗ୍ରା. ବି. (ଅଶ୍ଳୀଳଭାବବ୍ୟଞ୍ଜକ) (ସୂଚିତ ବ୍ୟକ୍ତିଦ୍ୱାରା କୃତ)—
Chhoṛdaṅga କିଛିମାତ୍ର ଅନିଷ୍ଟ ବା ଉପକାର ବା ଦାନ ବା ଇଷ୍ଟ—
Any little of either injury or benefit, gift or prosperity (to be rendered by the person referred to by the addressee)
(ଯଥା—ତୁ ତାକୁ ବରଷେ ସେବା ଅନୁସରଣ କରିଛୁ, ସେ ତୋତେ ଛୋଡ଼ଙ୍ଗ ଦେବ ।)

ଛୋଡ଼ା ଦେ. ବି. (ଅଶ୍ଳୀଳ) (ତୁଳ=ଫ. ଚୂଡ଼ା)—୧ । ହାତୀ ଘୋଡ଼ା
Chhoṛdā ଭଳି ଅଣ୍ଡିରା ଜୀବର ଜନନେନ୍ଦ୍ରିୟ; ହସ୍ତୀ ଓ ଅଶ୍ୱାଦି ପୁଂଜୀବର ଜନନେନ୍ଦ୍ରିୟ—
1. Male organ specially big ones.
୨ । ଯେଉଁ ଲିଙ୍ଗର ଗୁଅ ଉପରେ ଚମଡ଼ା ନ ଥାଏ—
2. A penis having no foreskin.
ଦେ. ବିଣ—ଯେଉଁ ଲିଙ୍ଗର ଉପର ଚମଡ଼ାକୁ ପଛର ଆଡ଼କୁ ଟାଣି ନିଆଯାଇ ଗୁଅକୁ ବାହାର କରାଯାଇଥାଏ—
(a penis) Having the foreskin drawn in
(ଛୋଡ଼ୀ—ସ୍ତ୍ରୀ) ଦେ. ବିଣ. ପୁଂ—ନିର୍ଲ୍ଲଜ; ଭଣ୍ଡ; ଯେ ସବୁବେଳେ ଦାନ୍ତ ଦେଖାଇ ହସୁଥାଏ; ଲେବେଡ଼ା—
Shameless; addicted to laughing loudly by grinning and loud laughter.

ଛୋଡ଼ାକଷିଆ—ଦେ. ବିଣ—ଛୋଡ଼୍‌କଷି (ଦେଖ)
Chhoṛdākaṣiā — Chhoṛdkaṣi (See)

ଛୋଡ଼ାଦାନ୍ତିଆ—ଦେ. ବିଣ. ପୁଂ. (ଅଶ୍ଳୀଳ)—ଯେଉଁ ବ୍ୟକ୍ତିର ଦାନ୍ତ
Chhoṛdādantiā ଉପରେ ଓଷ୍ଠଦ୍ୱାରା ଆଚ୍ଛାଦିତ ନ ଥାଇ ସର୍ବଦା
(ଛୋଡ଼ୀଦାନ୍ତେଇ—ସ୍ତ୍ରୀ) ବାହାରକୁ ଦେଖାଯାଉଥାଏ--
(a person) Having a prominent row of teeth.

ଛୋଡ଼ିବା—ଗ୍ରା. କ୍ରି. (ଅଶ୍ଳୀଳ ଓ ଇତର)—୧ । କୌଣସି ଅପ୍ରକାଶ୍ୟ
Chhoṛdibā ପଦାର୍ଥର ଉପରସ୍ଥ ଆବରଣକୁ ଖୋଲି ଦେବା; ଛେଲିବା; ନିକୁଟିବା; ଲେଫେଡ଼ିବା—
1. To lay bare; to exhibit.
(ଯଥା--ଦାନ୍ତ ଛୋଡ଼ିବା=ଅତି ନିର୍ଲ୍ଲଜରୂପେ ଦାନ୍ତକୁ ଦେଖାଇ ହସିବା ।)
୨ । (ଲିଙ୍ଗ ସମ୍ବନ୍ଧେ ଅଶ୍ଳୀଳାର୍ଥକ ବ୍ୟବହାର) ଜନନେନ୍ଦ୍ରିୟର ଗୁଅର ଆଚ୍ଛାଦକ ଚର୍ମକୁ ଲିଙ୍ଗର ମୂଳଆଡ଼କୁ ଟାଣି ନେବା—2. To draw in the foreskin of the penis.
୩ । (ଯୋନି ସମ୍ବନ୍ଧେ ଅଶ୍ଳୀଳାର୍ଥକ ବ୍ୟବହାର) ଯୋନିର ଉଭୟ ପାର୍ଶ୍ୱସ୍ଥ ଚର୍ମକୁ ଅଡ଼େଇ ଦେଇ ଯୋନିମୁଖକୁ ମେଲି କରିବା—3. To open the mouth of the vulva by separating the skin on both sides.

୧	ଇ	ଡ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଘ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ଼ଁ୍ୟ	ଇଅ	ଓ	ନ୍ତ

୪ । (ଗାଳି ଓ ଅବଜ୍ଞାର୍ଥରେ ବ୍ୟବହୃତ) କୌଣସି ବ୍ୟକ୍ତିର ସାମାନ୍ୟ ବା ବିଶେଷ କୌଣସି ପ୍ରକାର ଅନିଷ୍ଟ କରି ପାରିବା—4. To succeed in inflicting any injury on the person (who uses the expression contemptuously in respect of another person with whom the former is in terms of enmity).

[ଦ୍ର—କୌଣସି ବ୍ୟକ୍ତିର ଅନିଷ୍ଟ କରିବାକୁ ଅନ୍ୟ ବ୍ୟକ୍ତି ଚେଷ୍ଟାକଲେ ପ୍ରଥମ ବ୍ୟକ୍ତି ଉକ୍ତ ବ୍ୟକ୍ତିକୁ ଉଦ୍ଦେଶ୍ୟ କରି କହୁଥାଏ; ଯଥା—ତୁ ମୋର ଛୋପଡ଼ା ପକାଇବୁ ପରା ? ଅର୍ଥାତ୍ ତୁ ମୋର କିଛିମାତ୍ର ଅନିଷ୍ଟ କରି ପାରିବୁ ନାହିଁ ।]

ଛୋପଡ଼ା—ଦେ. ବି. ଓ ବିଣ—ଛୋପରା (ଦେଖ)
Chhoparḍā Chhoparā (See)

ଛୋପରା—ଦେ. ବି—୧ । ଖେଳ; କୌତୁକ—
Chhoparā 1. Tricks; practical joke.
୨ । ବାହାନା କରିବା; ଛଳ—
2. Trickery; feigning; pretence.
୩ । ଥଟ୍ଟା; ପରିହାସ—
3. Jesting; jokes; buffoonry.

ଛୋପରା } ସ୍ତ୍ରୀ ଦେ. ବିଣ. ପୁଂ—୧ । ଯେ ଖେଳ ଖାଳେ—
ଛୋପରେଇ } 1. Given to cutting jokes or making jests.
୨ । ଯେ ବାହାନା କରେ—2. Pretending; feigning sickness or inability.

ଛୋପରା କାଢ଼ିବା—ଦେ. କ୍ରି—୧ । ଖେଳ କରିବା—
Chhoparā kārḍhibā 1. To exhibit tricks to cut practical jokes.
ଛୋପରା ଦେଖାଇବା }
ଛୋପରା ବାହାର କରିବା } ଅନ୍ୟରୂପ ୨ । ଛଳ ବା ବାହାନା କରିବା—2. To feign.
ଛୋପରା ହେବା }

ଛୋବ—ଦେ. ବି· (ସଂ· କ୍ଷୋଭ)—ମୂର୍ଚ୍ଛା—
Chhoba Swoon; fainting; fit.

ଛୋବ ଯିବା—ଦେ. (ହି. ଛୋଭ) କ୍ରି—ମୂର୍ଚ୍ଛା ଯିବା; ଚେତା ହରା-
Chhoba jibā ଇବା; ମୂର୍ଚ୍ଛିତ ହେବା—To swoon; to faint.

ଛୁରା—ଦେ. ବି. (ସଂ. ଛୁରିକା)—୧ । ବଡ଼ ଛୁରୀ—
Chhorā 1. A large knife; a dagger; a stilleto.
ছোরা ୨ । ଅଗ୍ର ମୁନ ଥିବା ଭୁଷିବାର ଯନ୍ତ୍ର—2, A pointed
छुरा instrument for dealing thrusting wound.
୩ । ଗୋରୁଙ୍କର ଏକପ୍ରକାର ରୋଗ—3. Authrax.

ଛୋଲ୍‌ଦାରି—ବୈଦେ. (ଇଂ. ସୋଲ୍‌ଜର=ସୈନିକ; ସୈନିକମାନେ
Chholdāri ଏହାକୁ ବ୍ୟବହାର କରୁଥିବାରୁ)—ଗୋଟିଏ ଜଣେ
ছোলদারী ଜଣେ ମନୁଷ୍ୟର ବ୍ୟବହାରୋପଯୋଗୀ ବାଡ଼ ନଥିବା
छोलदारी କ୍ଷୁଦ୍ର ତ୍ରିକୋଣ ତମ୍ବୁ ବା ସୁଇଟୀ—A small tent sufficient to shelter one person.

ଛୋଲଙ୍ଗ—ଦେ. ବି. (ସଂ. ମାତୁଲଙ୍ଗ)—ଟଭା; ମାତୁଲଙ୍ଗ; ବାତାପି
Chholaṅga ଲେମ୍ବୁ; ଶ୍ୱେପାବକଳଥ ବଡ଼ଲେମ୍ବୁ—A kind of
छोलङ्ग lemon with a tough and thick rind.
[ଦ୍ର—ଏହାର ଛୋପାତଳେ ବଡ଼ ବଡ଼ ଦାନା ଦାନା ନାଲିଆ ଗୋସା ଥାଏ, ପାଚିଲେ ସୁସ୍ୱାଦୁ ହୁଏ ।]

ଛୋଲା—ଦେ· ବି—୧ । ବୁଟ—1. Gram (a grain; given to
Chholā horses); vetch; oats.
छोला ୨ । ଚଣା—2. The chickpea; Cicer Arietirum.
ছোলা ବିଣ—ଛାଲ ବା ଚୋପା କଢ଼ାଯାଇଥିବା—From which
छीलाहुआ the rind has been removed or scraped; pared.

ଛ୍ୟା—ଦେ· ଅ. (ହେୟ, ଅସୂୟା ସୂଚାର୍ଥକ)—୧ । ଧିକ୍ !; ଛିଛି !—
Chhyā 1. (interjection) Fie !.
ছ্যা ୨ · । ଛି (ଦେଖ)
छि 2. Chhi (See)
(ଛ୍ୟା ଛ୍ୟା—ଅନ୍ୟରୂପ)

ଚ୍ୟୁତ—ସଂ. ବିଣ—ଅସ୍ପର୍ଶ୍ୟଲୋକ ଛୁଇଁବାଦ୍ୱାରା ଅପବିତ୍ରୀକୃତ—
Chhyūta Contaminated by the touch of an untouchable person.

ଛ୍ୟୁତି—ସଂ. ବି—ଅସ୍ପର୍ଶ୍ୟ ଲୋକେ ଛୁଇଁ ଦେବାରୁ ଉତ୍ପନ୍ନ ଅପବିତ୍ରତା—
Chhyūti Contamination by the touch of an untouchable person.

ଜ

ଜ—ବର୍ଗ୍ୟ ଜ; ବ୍ୟଞ୍ଜନ ବର୍ଣ୍ଣମାଳାର ଅଷ୍ଟମ ଓ ଚ ବର୍ଗର ତୃତୀୟ ବର୍ଣ୍ଣ ।
Ja ଏହା ସ୍ୱଳ୍ପପ୍ରାଣ ଓ ଘୋଷବର୍ଣ୍ଣ । ଏହାର ଉଚ୍ଚାରଣସ୍ଥାନ ତାଳୁ ଏଥିପାଇଁ ଏହା ତାଲବ୍ୟବର୍ଣ୍ଣ । ଗ୍ରାମ୍ୟ ଓ କଥିତ ଭାଷାରେ ଅନ୍ତସ୍ଥ ଯ ଓ ବର୍ଗ୍ୟ ଜ ମଧ୍ୟରେ ପ୍ରଭେଦ ରକ୍ଷା କରାଯାଏ ନାହିଁ—The eighth consonant of the sanscrit and the oria alphabet corresponding to the sound of soft 'G' in 'Germ'.

ସଂ. ବି. (ଜ ଧାତୁ=ଜୟକରିବା+କର୍ତ୍ତୃ. ଅ)—
୧ । ମୃତ୍ୟୁଞ୍ଜୟ; ଶିବ—1. God Siba.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୨ । ବିଷ୍ଣୁ—2. Bishṇu.
୩ । ପିତା ଓ ମାତା—3. Parents.
୪ । ଉତ୍ପତ୍ତି—4. Birth; origin.
୫ । ତେଜଃ—5. Energy.
୬ । ବିଷ—6. Poison.
୭ । ଭୋଗ—7. Fnjoyment.
୮ । ବେଗ—8. Force; velocity.
୯ । ଭୋଜନ—9 Eating; meal.
୧୦ । ପିଶାଚ—10. A malignant spirit.
୧୧ । ଛନ୍ଦଃଶାସ୍ତ୍ରୋକ୍ତ ୩ ଅକ୍ଷରବିଶିଷ୍ଟ ଗଣବିଶେଷ—
11. An unit of 3 letters in prosody.
[ଦ୍ର—ଏଥିର ଆଦି ଓ ଅନ୍ତ୍ୟବର୍ଣ୍ଣ ଲଘୁ ଓ ମଧ୍ୟବର୍ଣ୍ଣ ଗୁରୁ; ଯଥା— ରମେଶ, ମହେଶ, ସୁରେଶ ।]

ସଂ. ପ୍ରତ୍ୟୟ (ଜନ ଧାତୁ=ଜନ୍ମିବା+କର୍ତ୍ତୃ. ଅ; ଏହା ଅନ୍ୟ ବିଶେଷ୍ୟ ଶବ୍ଦରେ ଯୁକ୍ତ ହୁଏ ଯଥା—କର୍ମଜ, ଜଳଜ; ଅଣ୍ଡଜ)—ଅମୁକରୁ ଜାତ—(used in composition) Born from; produced in.

यव ଦେ. ବି. (ସଂ. ଯବ; ପ୍ରା. ଜଅ)—୧ । ଯବଧାନ୍ୟ—
जौ 1. Barley.
୨ । ଏକ ଇଞ୍ଚର ଚତୁର୍ଥାଂଶ—2. A lineal measure; quarter of an inch.
୩ । (ସାଙ୍କେତିକ) ଜମିଦାର ବା ଜନୋବ—
3. An abbreviation for Jamidar or Janob.
ଗ୍ରା. କ୍ରି. (ଯିବା କ୍ରିୟାର ଅନୁଜ୍ଞା—ଯାଅ)—(ତୁମ୍ଭେ) ଯାଅ—
(you) Go.

ଜଅ—ଦେ. ବି. (ସଂ. ଯବ)—ଯବଧାନ—
Ja-a Barley.
यव
जौ

ଜଇ—ଦେ. ବି—ଜୟକୃଷ୍ଣର ଡାକନାମ—
Jai A name for calling Jaikṛushṇa.

ଜଇଁ—ଗ୍ରା. ବି. (ଇତର ବ୍ୟବହୃତ) (ସଂ. ଜାମାତା)—ଜଇଁ; ଜାମାତା—
Jaiṅ Son-in-law.
जामाई
जमाइ

ଜଇକୁଷ୍ଟଁ—ଗ୍ରା. ବି. (ନାମ)—ଜୟକୃଷ୍ଣର ଡାକନାମ—
Jaikushṭaṅ A name for calling Jayakṛushṇa.
(ଜଇକୃଷ୍ଣଁ; ଜଇକୃଷ୍ଣ—ଅନ୍ୟରୂପ)

ଜଇଜ ବାବା—ପ୍ରାଦେ. (ଯାଜପୁର) ବି. ପୁଂ—ଜେଜେ ବାପା; ପିତାମହ—
Jaija bābā Paternal grand father.
(ଜଇଜ ମା—ସ୍ତ୍ରୀ)

ଜଇତ୍ର—ଦେ. ବି. (ପଦ୍ୟରେ ବ୍ୟବହୃତ)—ଜୈତ୍ର (ଦେଖ)
Jaitra Jaitra (See)

ଜଇତ୍ର ନାମ ରଥେ ବସି
ସୁଭବେ ଶୋଭେ ରୂପରାଶି । ଜଗନ୍ନାଥ—ଭାଗବତ ।

ଜଇନ—ଦେ. ବି. (ସଂ. ଜୈନ)—ଜୈନ (ଦେଖ)
Jaina Jaina (See)

ଜଇନ୍ତ୍ରା—ଦେ.ବି. (ନାମ)—ଯାଜପୁର ସବ୍‌ଡିଭିଜନରେ ଥିବା ଏକ ଗ୍ରାମ—
Jaintrā Name of a village in Jajpur subdivision of the Cuttack district.
[ଦ୍ର—ଏ ଗ୍ରାମର ପାଣମାନେ ବିଶେଷ ଚୋର ଓ ଡକାଇତି କରିବାରୁ ଜଇନ୍ତ୍ରାବାଲା କହିଲେ କଟକ ଜିଲ୍ଲାରେ ଡକାଇତ ବୋଲି ବୁଝାଯାଏ ।]

ଜଇପୁର—ଦେ. ବି. (ନାମ)—ଜୟପୁର (ଦେଖ)
Jaipura Jayapura (See)

ଜଇବାତୃକ—ଦେ. ବି. (ସଂ. ଜୈବାତୃକ)—ଚନ୍ଦ୍ର—
Jaibātṛuka The moon.

ଚନ୍ଦ୍ର ଚନ୍ଦ୍ରିକା ନିକର ଜଇବାତୃକର
ଅଶାସ୍ତ୍ରୀ ଯେମନ୍ତ ଜୀବଞ୍ଜୀବ । ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

ଜଇଲ—ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ଜେଲ୍‌ର ଅଶୁଦ୍ଧ
Jaila ଉଚ୍ଚାରଣ)—ଜେଲ୍‌ଖାନା; କାରାଗାର—
Jail; prison.

ଜଇସଣ୍ଡା—ଦେ. ବି—ଅରଣ୍ୟ ଜାତ ତରୁବିଶେଷ—A wild tree
Jaisaṇḍā Litsala Sebifera (Haines).

ଜଉ—ଦେ. ବି. (ସଂ· ଜତୁ)—୧ । ଲାଖ; ଲାକ୍ଷା—
Jau 1. Shell lac; sealing lac.
ସଂ. ଅଲକ୍ତକ; ଯାବକ ୨ । ଶିମ୍ବ ଲତା ଉପରେ ମାଡ଼ିବା ଏକପ୍ରକାର
जो; जउ କଳାପୋକ—2 A kind of black
लाह: चपरा insect attacking the bean creeper.
ତେ. ଲକ୍କ

ଜଉଆ—ଦେ. ବି—ଧାନଗଛର ଡେମ୍ଫରେ ଜଉଭଳି ସ୍ତର ବସିଯିବା
Jauā ରୋଗ-ବିଶେଷ—A disease affecting the stems
(ଜଉଆମାରିବା—ଅନ୍ୟରୂପ) of Paddy plants.

ଜଉକଣ୍ଠି—ଦେ. ବି. (ସଂ. ଜତୁ+କଣ୍ଠଭୂଷଣ)—୧ । କଣ୍ଠରେ ମାଳା-
Jaukaṇṭhi ରୂପେ ପିନ୍ଧାଯିବା ଜଉରେ ତିଆରି ଏକପ୍ରକାର କଣ୍ଠି—
1. Coloured lac-beads used as a string of necklace.
[ଦ୍ର—ଏହା ପୋଡ଼ିଲା ପରି ଲାଲ ଦେଖାଯାଏ ଓ କମ୍ ଦାମ ହେବାରୁ ଇତର ଲୋକେ ଏହା ବ୍ୟବହାର କରନ୍ତି ।]
୨ । ଜଉକଣ୍ଠିର ମାଳା—
2. A string of shell-lac beads.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇୟ	ଉଅ	ଯ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଙ	ନ୍ଦ

ଜଉଗଡ଼—ଦେ. ବି—ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗୋଟିଏ ପ୍ରାଚୀନ ଦୁର୍ଗ—
Jaugarda Name of an ancient fort in Ganjam district.

[ଦ୍ର—ଏ ଗଡ଼ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମଠାରୁ ୩ ମାଇଲ ଦୂରରେ ଅବସ୍ଥିତ । ଏଠାରେ ଅଶୋକଙ୍କର ଶିଳାଲିପି ବିଦ୍ୟମାନ ଅଛି ।

"କେବଳ ଜଉରେ ଏ ଗଡ଼ର ପାଚେରି ତିଆରି ହୋଇଥିବାରୁ ନାମ ଜଉଗଡ଼ ହୋଇଥିଲା । ଏହା କଳିଙ୍ଗର ରାଜଧାନୀ ଥିଲା—କୃପାସିନ୍ଧୁ. ଇତିହାସ ।]

ଜଉଘର—ଦେ. ବି. (ସଂ. ଜତୁଗୃହ)—ପାଣ୍ଡବମାନଙ୍କୁ ପୋଡ଼ି ପକାଇବାକୁ
Jaughara କଳ୍ପନା କରି ଦୁର୍ଯ୍ୟୋଧନ ନିର୍ମାଣ କରାଇଥିବା ଜତୁଗୃହ· A house made of inflammable materials smeared with lac by setting which on fire Durjyodhana intended to kill the Pāndabas.

ଜଉଘରା—ଦେ. ବି—ଜଉପୋକ ବା ଭ୍ରମର କରିଥିବା ବସା—
Jaugharā A nest of a kind of wasp, the materials of which resemble shell-lac.

ଜଉ ଟିଙ୍କ—ଦେ. ବି—ଏକ ପ୍ରକାର ଟିଙ୍କ—
Jau tṛika A kind of lice.

ଜଉତିଷ—ଗ୍ରା. (ଇତର) ବି. (ସଂ. ଜ୍ୟୋତିଷ)—
Jautisha ୧ । ଫଳିତ ଜ୍ୟୋତିଷଶାସ୍ତ୍ର—
জোতিষ ·· 1. Astrology.
୨ । ଫଳିତ ଜ୍ୟୋତିଷ ଶାସ୍ତ୍ର ଅନୁଶୀଳନ କରିବା ଜାତି-ବିଶେଷ—2. A cast whose profession is astrology.
ଦେ. ବିଣ—ଜ୍ୟୋତିଷଶାସ୍ତ୍ରବେତ୍ତା—Astrologer.

ଜଉତିଷ ନାୟକ—ଦେ. ବି. (ସଂ. ଜ୍ୟୋତିଷ ଓ ନାୟକରୁ)—
Jautisha nāyaka ଖଣ୍ଡାୟତ ନାୟକ ଜାତି, ଏମାନେ ଜ୍ୟୋତିଷ
(ଜଉତିଷ ନାହାକ—ଅନ୍ୟରୂପ) ଗଣନାଦ୍ୱାରା ଜୀବିକା ନିର୍ବାହ କରନ୍ତି—A sect of astrologers by caste.

ଜଉତୁକ—ଦେ. ବି. (ସଂ. ଯୌତୁକ)—ଯୌତୁକ (ଦେଖ)
Jautuka Jautuka (See)

ଜଉପୋକ—ଦେ. ବି. (ସଂ. ଜତୁ)—
Jaupoka ୧ । ଲାକ୍ଷାକୀଟ—1. Shell lac insects;
জউপোকা Tachardia Lacca.
लाखका कीड़ा [ଦ୍ର—ଏହି ପତଙ୍ଗ ପଳାଶ, ଅଶ୍ୱତ୍ଥ, କୁସୁମ, ଶାଳ, ବରକୋଳି ପ୍ରଭୃତି ଗଛର ଡାଳରେ ରହି ସେଥିର ରସ ଖାଇ ବଞ୍ଚନ୍ତି । ଏମାନଙ୍କ ପେଟରୁ ଏକ ପ୍ରକାର ରକ୍ତବର୍ଣ୍ଣ ଲାଳ ବାହାରେ ଓ ଉକ୍ତ ଗଛର ଡାଳରେ ସେ ପୋକମାନେ ସ୍ଥିର ହୋଇଯାନ୍ତି ଓ ପୋକ ମରି ଗଲାରୁ ସେହି ଡାଳମାନ ଆଣି ତାକୁ ସିଝାଇଲେ ତହିଁରୁ ଲାଖ ବା ଜଉ ବାହାରେ ।]

୨ । ଏକ ପ୍ରକାର ଭ୍ରମର, ସେମାନେ ଜଉ ପରି ପଦାର୍ଥରେ ବସା ନିର୍ମାଣ କରନ୍ତି—2. A kind of insect building there nests with materials looking like lac.

ଜଉବିଡ଼ମାଳ—ଦେ. ବି—ଜତୁନିର୍ମିତ ଗୋଲିମାନଙ୍କରେ ଗୁନ୍ଥା ହୋଇ
Jaubidamāla ଥିବା ହାର—A string of coloured lac-beads.

ଜଉମୁଦ—ଦେ. ବି. (ସଂ. ଜତୁ ଓ ମୁଦ୍ରା)—ପତ୍ରାଦି ବନ୍ଦ କରି ତାହା
Jaumuda ଉପରେ ଲାଖ ଦିଆଯାଇ ତହିଁ ଉପରେ ବସାଯିବା
লাখের মোহর ମୋହର—Sealing letters etc with lac; wax seal.
लाखकामुहर
(ଜଉମୋହର—ଅନ୍ୟରୂପ)

ଜଉଶାଳ—ଦେ. ବି. (ସଂ. ଜତୁଶାଳା)—
Jauśāla ୧ । ଜଉଘର (ଦେଖ)
1. Jaughara (See)
୨ । (ଲକ୍ଷଣାର୍ଥ) ଯେଉଁ ଘରେ ବିଶେଷ ଗ୍ରୀଷ୍ମ ଅନୁଭୂତ ହୁଏ
2. (figurative) A house in which much heat is felt.
(ଯଥା—ସେ ଘରଟା ଜଉଶାଳ ହୋଇଛି ।)
୩ । ଚିତ୍ର ଉପରେ ଜଉର ପତଳା ସ୍ତର ବୋଳି ବୋଳି ତହିଁ ଉପରେ ଉଷ୍ଣ ଚଟୁର ଆଞ୍ଚ ଦେଖାଇ ତରଳ ଜଉ ସବୁଆଡ଼େ ବ୍ୟାପିଲା ପରେ ଜଉକୁ ପୋଛି ଚିତ୍ରର ଝଲ ବାହାର କରିବା—3. Annointing a painting with a layer of lac and bringing out its sheen by applying in direct heat to it by holding a hot laddle near it.

ଜଏ—ଗ୍ରା. ବି. (ସଂ. ଜୟ)—ଜୟ (ଦେଖ)
Jae Jaya (See)

ଜଏଣ୍ଟ ମାଜିଷ୍ଟ୍ରେଟ—ବୈଦେ. ବି. (ଇଂ ଜଏଣ୍ଟ ମାଜିଷ୍ଟ୍ରେଟ)—ଇଂରାଜ
Jaent mājishtret ଶାସିତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହକାରୀ
জএণ্ট মাজিষ্ট্রেট ମାଜିଷ୍ଟ୍ରେଟ—
ज्वाइंट मेजेस्टर Joint Magistrate.
[ଦ୍ର—ଇଂରାଜୀ ଜଏଣ୍ଟ (ସହଯୋଗୀ) ଶବ୍ଦ ପୂର୍ବରେ ଲାଗିଥିବା ଅନେକ ଶବ୍ଦ ଓଡ଼ିଆରେ ସମୟେ ସମୟେ ବ୍ୟବହୃତ ହେବାର ଦେଖାଯାଏ, ଯଥା—ଜଏଣ୍ଟ ଇନ୍‌ସପେକ୍ଟର, ଜଏଣ୍ଟ ଫାମିଲି, ଜଏଣ୍ଟ ଷ୍ଟକ୍ କମ୍ପାନୀ ।]

ଜଏଣ୍ଟଷ୍ଟକ୍‌କମ୍ପାନୀ—ବୈଦେ. ବି. (ଇଂ)—ଯେଉଁ ବ୍ୟବସାୟ ସଙ୍ଗେ ବହୁ
Jaent stak kampāni ସଂଖ୍ୟକ ମେମ୍ବରମାନଙ୍କ ପ୍ରଦତ୍ତ ଧନ
জএণ্ট ষ্টাক্ কম্পানী (ସେଆର)ମୂଳ ଧନରେ ଗଠିତ ଓ ଯହିଁର ସେୟାର
ज्वाइंट स्टाक कम्पनी (ଅଂଶ)ମାନ ସମସ୍ତ ଅଂଶୀଦାରମାନଙ୍କ ସମ୍ମତି ବିନା ହସ୍ତାନ୍ତରିତ କରାଯାଇ ନ ପାରେ—A species of

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗର' ନ ମିଳିଲେ 'ଗାର' ଖୋଜିବେ, କୁଥ ନ ମିଳିଲେ 'କୁଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗିଁ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

partnership causing generally of a large member of members having a capital divided or agreed to be divided into shares, the shares owned by any member being usually transferable without the consent of therest; Joint stock company.

ଜଏନ୍ କରିବା—ବୈଦେ. କ୍ରି.—(ଇଂ. Join)—୧ । କୌଣସି ପଦରେ ନିଯୁକ୍ତ ହୋଇଥିବା କାର୍ଯ୍ୟରେ ଯୋଗ ଦେବା—
Jaen kariba 1. To join in a post.
जएनकरा
जाइन करना ୨ । ଦୁଇ ବସ୍ତୁକୁ ସଂଲଗ୍ନ ବା ସଂଯୁକ୍ତ କରିବା—
2. To join two things

ଜଏନିଙ୍ଗ୍ ରିପୋର୍ଟ—ବୈଦେ. ବି. (ଇଂ)—କୌଣସି କର୍ମଚାରୀ ନୂଆ କର୍ମରେ ଯୋଗ ଦେଇ ଉପରସ୍ଥ ହାକିମଙ୍କୁ ଯୋଗଦେବା ବିଷୟରେ କରିବା ରିପୋର୍ଟ—
Jaening ripot
जएनिंग रिपोर्ट
जाइनिङ्ग रिपोट Joining report.

ଜଏଲ୍—ବୈଦେ. ପ୍ରାଦେ. (ଗଞ୍ଜାମ) ବି. (ଇଂ. ଜେଲ)—ଜେଲଖାନା—
Jael Jail.

ଜଏସନ୍—ବୈଦେ. ବି (ଫା. ଜୋଶନ)—(ମୁସଲମାନ ସ୍ତ୍ରୀଲୋକମାନଙ୍କ ବ୍ୟବହୃତ) ବାଜୁବନ୍ଧ—
Jaesan Armlet.
জোসন
जोषन

ଜଂକ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜଳୌକା)—ଜୋକ—
Jamka Leech.

ଜଂଖ—ଦେ. ବି. (ସଂ. ଯକ୍ଷ)—ଯଖ (ଦେଖ)
Jamkha Jakha (See)

ଜଂଜର୍ଲା—ପ୍ରାଦେ. (ସମ୍ବଲପୁର) ବି.—ଇକ୍ଷୁକାଣ୍ଡ ସଦୃଶ ଦୀର୍ଘ ପତ୍ର ଓ ଉଚ୍ଚ କାଣ୍ଡ ଫଳବାନ୍ ବୃକ୍ଷବିଶେଷ—A kind of reed
Jamjarla like fruit bearing plant.

ଜକ୍—ପ୍ରାଦେ. (ସମ୍ବଲପୁର) ବି. (ଜଳୌକା)—ଜୋକ—
Jak Leech.

ଜକ୍ରିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ଠାକ ରହିବା—
Jakriba 1. To wait eagerly.
୨ । ଜିଗର କରିବା—2. To insist.
୩ । ଲାଗି ପଡ଼ି ଋଣ ବା ଅପଣା ପ୍ରାପ୍ୟ ଅନ୍ୟଠାରୁ ଅସୁଲ କରିବା—3. To realise one's dues from debtors with persevearance.

ଜକ୍‌ଜକ୍—ଦେ. ବିଣ. ଓ କ୍ରି. ବିଣ (ସଂ. ଚକ ଚକ)—୧ । ଚକଚକିଆ; ଉଜ୍ଜ୍ୱଳ—1. Dazzling; bright; shining
Jakjak brilliant; glittering.
जक्‌जक्, जिक्‌जिक्
झकाझक, झल्‌झल्. ଚରଣ କୋଣରେ ସେ ହେଉଛି ଜକ ଜକ ।
କୃଷ୍ଣସିଂ. ମହାଭାରତ. ଅବ ।
ଚିକ୍କଣ; ତେଲିଆ—2. Oily; smooth; glossy.

ଜକ—ଦେ. ବି—୧ । କୌଣସି ପଦାର୍ଥରେ ବା ଭୂମିରେ ଆର୍ଦ୍ରଭାବ; ସଜସଜିଆ ଅବସ୍ଥା—1. Presence of water in a thing or in the soil; moisture; humidity.
Jaka
জিক্
सील
ନୈବ ଜଳ ବରଷନ୍ତି ନାହିଁ ଜକ ଓଡ଼ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।
୨ । (ସଂ. ଚକଚକ୍ୟ) ଦୀପ୍ତି; ତେଜ; ଆଭା—
2. Brilliance; gloss.
ସୂର୍ଯ୍ୟ ପଥ ଏ ଯୋଗରୁ ଛଡ଼ୁଛନ୍ତି ଜକ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।
জঁক ୩ । (ସଂ. ଜକ) ରାତିରେ ଏଣେ ତେଣେ ଜକ ଜକ ହୋଇ
जक ବୁଲି ବୁଲି କରୁଥିବା ସଜୀବ ପୋତା ଧନ—
3. A luminious moving body said to be evolved from long hoarded or hidden gold or treasure and roving at the site at dead of night.

[ଦ୍ର—ସାଧାରଣ ଲୋକେ ବିଶ୍ୱାସ କରନ୍ତି ଯେ, ସୁନା ଆଦି ଧନ ବହୁକାଳ ପୋତା ହୋଇ ରହିଲେ ତାହା ଜୀବ ପାଲଟିଯାଇ ଏଣେ ତେଣେ ବୁଲେ ଓ ତାକୁ ଓର ଦେଖି କେହି ତା ଉପରେ ହଳଦୀ ପାଣି ଢାଳିବାଦ୍ୱାରା ତାକୁ ମାରି ପକାଇଲେ, ସେ ଜୀବଟି ପୁଣି ସୁନା ପାଲଟି ଯାଏ ଏବଂ ଏ ସମୟ ସମୟରେ ମଧ୍ୟ ତାହା ଅଗ୍ନି ଥିବା ଚୁଲିରେ ପଶିଯାଇ ସୁନା ପାଲଟିଯାଏ । ଏହି ପରି ସୁନା ସଂଗ୍ରହ କରି ଯେ ଲୋକ ତାକୁ ନିଜ ସ୍ୱାର୍ଥ ସାଧନରେ ଲଗାଏ ତାହାର କୁଳ ଧ୍ୱଂସ ହୋଇଯାଏ ।]

୪ । ଗୁପ୍ତ ସୁନା—4. Hidden gold or treasure.
ଦେ. ବି—୧ । କୃପଣ—1. Miserly; close fisted.
জঁক ୨ । କୁବେରଙ୍କ ପରି ଧନୀ—
जक 1. Immensely rich like Kubera the God of Wealth.

ଜକଜକିଆ—ଦେ. ବିଣ—୧ । ଉଜ୍ଜ୍ୱଳ—
Jakajakia 1. Shining; brillient.
জিকজিকে, জকজকে ୨ । ଚିକ୍କଣ; ତେଲିଆ—2. Oily.
झकाझक, जगमग, जगजगा ୨ । ଜକଲିଆ (ଦେଖ)
2 Jakalia (See)

ଜକଡ଼ିବା—ଗ୍ରା. କ୍ରି. (ସଂ. ଯୁକ୍ତ କରଣ; ଶୃଙ୍ଖଳ)—
Jakardiba ୧ । ଭିଜା ହୋଇଥିବା ପଦାର୍ଥ ସାନ୍ଦ୍ର ହେବା; କଠିନ ହେବା—1. To be tight.
जकड़ना
୨ । ଜାବୁଡ଼ି କରି ଧରିବା—
2. To hold tightly.

ଜକ ମାରିବା—ଦେ. କ୍ରି—୧ । ବାହାରେ ବୁଲୁଥିବା 'ଜକ' ଉପରେ ହଳଦୀ ପାଣି ଆଦି ଅଜାଡ଼ି ଦେଇ ତାକୁ ପୁଣି ସୁନାରେ ପରିଣତ କରିବା—
Jaka mariba
জঁকমারা
जकमारना 1. To turn a living or moving rib of gold into actual gold by pouring turmeric water over it.

୧	ଇ	ଡ	ର,ର	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଏ	ଉଅ	ଢ
୨	ଈ	ଉ	ଋ	ଌ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ନ

୨ । (ଲକ୍ଷଣାର୍ଥ) ଗୁପ୍ତ ବା ପୋତା ଧନ ପାଇଯିବା—
2. (figurative) To get a buried hoard of wealth.

ବଡ଼େଇ ଖାଇର ଗରବ ଦେଖ
ବାଡ଼ ପଦାଡ଼ରେ ମାରନ୍ତ ଜଖ—ଉଗ ।

ଜକରା—ପ୍ରାଦେ. (ଗଡ଼ଜାତ) ବି—ଝର—
Jakarā A spring.

ଜକଲା ମାଡିବା—ପ୍ରାଦେ. (ଗଞ୍ଜାମ) —ଜଳାର୍ଦ୍ର କରିବା; ଓଦା ହେବା—
Jakalā mātibā Becoming wet.

ଭୂମିରୁ ପାଣି ବହୁ ମାଡଇ ଜକଲା । କୃଷ୍ଣସିଂ ହ. ମହାଭାରତ. ବନ ।

ଜକଲିଆ—ପ୍ରାଦେ. (ଗଡ଼ଜାତ) ବିଣ—ସନ୍ତସନ୍ତିଆ (ଭୂମି)—
Jakaliā Damp (land); moist.
(ଜକଲା—ଅନ୍ୟରୂପ)

ଜକା—ଦେ. ବି—ଜାକିବା; କୌଣସି ପଦାର୍ଥକୁ ଅନ୍ୟ ବସ୍ତୁ ମଧ୍ୟରେ
Jakā ଘୋଡ଼ାଇ କରି ରଖିବା—Putting of a thing concealed inside another thing.
(ଯଥା—ବନ୍ଧୁ ସମସ୍ତ ଯାଏ ବଳରେ ପାନ ଜକା ହେଲେ ଦାନ୍ତ ପକ୍ଷରେ ଅନିଷ୍ଟକର ।)

ବିଣ—୧ । ଯେ କୌଣସି ପଦାର୍ଥକୁ ଜାକି କରି ରଖେ—
1. (a person) Who put a thing concealed within another thing.
୨ । (ସଂ. ଯକ୍ଷ) କୃପଣ—
2. Miserly; close-fisted.
୩ । ଯେ ଧନ ଅଧିକ ସଞ୍ଚୟ କରି ରଖେ—3, Hoarding.
୪ । ଅନ୍ୟ ବସ୍ତୁ ମଧ୍ୟରେ ଲୁକ୍କାୟିତ—4. Concealed.
(ଯଥା—କୋଡ଼ଜକା ପିଲାଟାକୁ କାହିଁକି ଧରି ଆଣିଲୁ କହ ?)
୫ । ଗୋପନରେ ସଞ୍ଚିତ (ଧନ)—
5. Secretly hoarded (wealth).

ଜକାଇବା—ଦେ. କି—୧ । ଜାକିବା କ୍ରିୟାର ଣିଜନ୍ତ ରୂପ—
Jakāibā 1. Causative form of Jākibā.
(ଜକେଇବା—ଅନ୍ୟରୂପ) ୨ । (ଭୂମି) ଜଳାର୍ଦ୍ର ହେବା; ସନ୍ତାଇବା—
2. To become wet or sloppy.

ଜକାଜକି—ଦେ. ବି—୧ । ଅଳ୍ପସ୍ଥାନରେ ବହୁଲୋକ ବା ଦ୍ରବ୍ୟ
Jakājaki ଉଡ଼ାଉଡ଼ି ହୋଇ ରହିବା—1. Getting too close owing to inadequate space; being huddled up.
୨ । ପରସ୍ପର ଗାଢ଼ାଲିଙ୍ଗନ—2. Mutual embrace; hugging; pressing each other to the bosom.

କମ୍ବୁକଣ୍ଠ ଧଣ୍ଡଧର ପଯୋଧରକୁ
ଜକାଜକି କରିଦୁଇ ଧୂଳିଗଲ । ଉପେନ୍ଦ୍ରଭଞ୍ଜ. ବଇଦେହୀଶବିଳାସ ।

ବିଣ—୧ । ଠେଲାଠେଲି; ପେଲାପେଲି—1. Pressing upon one another; pushing each other into a small place, contracted into a small place.
୨ । ଖୁବ୍ ଉଡ଼ ବା ଗହଳ ହୋଇଥିବା—2 Crowded.
୩ । ଘନ—3. Dense.

ଜକାତ୍—ବୈଦେ. ବି. (ଆ)—୧ । ମୁସଲମାନଙ୍କ ବାର୍ଷିକ ଆୟରୁ
Jakāt ହଜାରକେ ୨୫୧ ଟଙ୍କା. ହିସାବରେ ଈଶ୍ୱରୋପାସନା ଓ
জকাৎ ଦାନ ପାଇଁ ଉତ୍ସର୍ଗୀକୃତ ଧନ—1. An amount of
जकात Rs 25/- per Rs 1000/- set apart out of a Mahomedan's annual income for the worship of God and for charity.
୨ । ଖଇରାତ୍; ଦାନ—2. Charity.

ଜକି—ବୈଦେ. ବି. (ଇଂ. ଜକ୍କି)—ଘୋଡ଼ା ଦଉଡ଼ କରିବା ସବାର;
Jaki ଘୋଡ଼ସବାର—Jockey.
জকী
जकी

ଜକୁଟ—ସଂ. ବି—୧ । ମଳୟ ପର୍ବତ—
Jakuṭa 1. The Malaya mountains.
୨ । କୁକୁର—2. Dog.
୩ । ବାଇଗଣ ଫୁଲ—3. The flower of brinjal plant.

ଜକ୍କୀ—ଦେ. ବି—ଏକପ୍ରକାର ଛୋଟ ବୁଲ୍‌ବୁଲ୍ ପକ୍ଷୀ—
Jakkī A kind of small Bulbul bird.
जक्की [ଦ୍ର—ଏମାନେ ସାଧାରଣ ବୁଲ୍‌ବୁଲ୍ ଅପେକ୍ଷା ଆକାରରେ ଛୋଟ । ଶୀତଦିନେ ଏମାନେ ଭାରତବର୍ଷର ସମତଳ ପ୍ରଦେଶମାନଙ୍କରେ ଦେଖାଯାଆନ୍ତି ଓ ଗ୍ରୀଷ୍ମଦିନେ ହିମାଳୟ ଅଞ୍ଚଳକୁ ଚାଲିଯାଆନ୍ତି—ହି. ଶବ୍ଦସାଗର ।]

ଜକ୍ଷ (ଧାତୁ)—ସଂ—୧ । ଭକ୍ଷଣ କରିବା—
Jaksha (root) 1. To eat; to devour.
୨ । ହସିବା (ଯୋଗେଶଚନ୍ଦ୍ର)—2. To laugh.

ଜକ୍ଷଣ—ସଂ. ବି. (ଜକ୍ଷ୍ ଧାତୁ + ଭାବ ଅନ)—ଭୋଜନ—
Jakshaṇa Act of eating.

ଜକ୍ଷ୍ମ—ସଂ. ବି. (ଜକ୍ଷ୍ ଧାତୁ + କର୍ତ୍ତୃ. ମ)—ଯକ୍ଷ୍ମା; କ୍ଷୟକାଶ ରୋଗ—
Jakshma Consumption; phthisis.

ଜକ୍ଷ୍ମା—ସଂ. ବି. (ଜକ୍ଷ୍ ଧାତୁ + କର୍ତ୍ତୃ. ମନ୍; ୧ମା. ୧ବ.)—
Jakshmā ଜକ୍ଷ୍ମ (ଦେଖ)
Jakshma (See)

ଜଖ—ଦେ. ବି. (ସଂ. ଯକ୍ଷ)—ଜକା ୩, ୪ (ଦେଖ)
Jakha Jaka 3, 4 (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜଖମ—ବୈଦେ. ବି. (ଫା. ଜଖ୍‌ମ୍)—୧ । ଚୋଟ; ଅଘାତ—
Jakhama 1. Hurt.
জখম ୨ । କ୍ଷତ—2. Wound.
जखम ୩ । ଘାଅ—3. Ulcer; Trauma.
୪ । ଶରୀରର ବେଦନା—4. Aching in the body.
୫ । ଅଘାତଜନିତ ଶରୀରର ଅଙ୍ଗପ୍ରତ୍ୟଙ୍ଗର ଦୋଷ—
5. Defect of a limb due to hurt.
୬ । ଅଘାତଚିହ୍ନ; ଦାଗ—
6. Mark of wound or hurt; scar.
୭ । ଦ୍ରବ୍ୟରେ ଥିବା ଦୋଷ—7. A defect in a thing
ବିଣ—୧ । ଅଘାତପ୍ରାପ୍ତ—1. Hurt; injured.

ଆଉ ଘୋଡ଼ାଏ କାହାର ଉପରେ ପଡ଼ିଗଲେ ବୁଝ କାହାର ଜଖମ ହୋଇଯାଏ ।
ଫକୀରମୋହନ- ଗଳ୍ପସ୍ୱଳ୍ପ ।

୨ । ଆହତ; କ୍ଷତ—2. Wounded.
୩ । ଭଗ୍ନ—3. Broken.
୪ । ଦୋଷଯୁକ୍ତ—4. Defective.

ଜଖମା—ଦେ. ବି. (ସଂ. ଯକ୍ଷ୍ମା)—୧ । ଯକ୍ଷ୍ମା (ଦେଖ)
Jakhamā 1. Jakshmā (See)
୨ । ଜଖମ ୫ (ଦେଖ)
2. Jakhama 5 (See)

ବୈଦେ. ବିଣ—ଜଖମି (ଦେଖ)
Jakhami (See)

ଜଖମି—ବୈଦେ. ବିଣ. (ଫା. ଜଖ୍ମୀ) (କଚେରିଅଭାଷା)—
Jakhami ୧ । ଆହତ; ଘାଇଲା—1. Wounded; hurt.
୨ । ଭଗ୍ନ; ଭଙ୍ଗା (ପଦାର୍ଥ)—2. Broken (article).
ବି—ଆହତ ବ୍ୟକ୍ତି—Wounded person.

ଜଖା—ପ୍ରାଦେ. (ସମ୍ବଲପୁର) ବିଣ—୧ । ଅଡ଼ବାଯୁ—
Jakhā 1. Cracked; half-deranged
୨ । (ସଂ. ଯକ୍ଷ) କୃପଣ; କଞ୍ଜା—
2. Miserly; close-fisted.

ଜଗ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜଗତ୍; ଭୁଲ ହି. ଜଗ୍)—
Jag ୧ । ଜଗତ୍; ପୃଥିବୀ—1. The world.
জগ্ ବୈଦେ. ବି. (ଇଂ)—୨ । ଜଳପାତ୍ର; ଜଳପାତ୍ର—
जग 2. Water jug.

ଜଗ୍‌ଜଗା—ଦେ. ବି. (ସଂ. ଶୁକ୍ତିକ୍ୟ)—ପିତଳଆଦିର ଅତି ସରୁ ଓ
Jagjagā ସାନ ପାତିଆ; ପନ୍ନି—Spangle; bits of very thin
জগ্‌জগা metal.
जगजगा [ଦ୍ର—ଏଥିରେ ଲମ୍ବ ଓ ଗୋଲ ଟୁକୁରାମାନ କାଟି ଚାଦର ଓ ଦେହ ମେଢ଼ ଉପରେ ମଢ଼ାଯାଏ ।]

ଜଗ—ଗ୍ରା. (ପ୍ରାଚୀନ) ବି. (ସଂ. ଜଗତ୍; ପ୍ରା. ଜଗ୍ଗ; ଜଗ)—
Jaga ୧ । ବ୍ରହ୍ମାଣ୍ଡ; ସଂସାର; ବିଶ୍ୱ—
জগ 1. The world; the universe.
जग

କି ଜଗ ମୋହନ ଯେ ଅଛନ୍ତି ସବୁ ବାକୀ ।
ପ୍ରାଚୀ- ରହସ୍ୟମଞ୍ଜରୀ ।

୨ । ଜଗନ୍ନାଥ, ଜଗବନ୍ଧୁଆଦି ନାମର ବ୍ୟକ୍ତିଙ୍କ ଡାକନାମ—
2. The name by which people named Jagabandhu, Jagannātha etc are called.
[ଏହା ମଧ୍ୟ ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ଜଗବନ୍ଧୁ, ଜଗମୋହନ ଜଗପତି;]

ଜଗଚ୍ଚକ୍ଷୁଃ—ସଂ. ବି. (୬ଷ୍ଠୀ ତତ୍; ଜଗତ୍+ଚକ୍ଷୁଃ)—୧ । ସୂର୍ଯ୍ୟ—
Jagachchakshuḥ 1. The sun.
୨ । ଈଶ୍ୱର—2. God.

ଜଗଜନ—ଗ୍ରା. (ପ୍ରାଚୀନ) ବି. (ସଂ. ଜଗଜ୍ଜନ)—ପୃଥିବୀର ସମସ୍ତ ଲୋକ—
Jagajana The inhabitants of the world.
জগজন
जगजन

ଜଗଜିଣା—ଗ୍ରା. (ପ୍ରାଚୀନ) ବିଣ. (ସଂ. ଜଗଜ୍ଜେତା)—ଯେ ଜଗତକୁ ଜୟ
Jagajiṇā କରି ପାରେ—One who can vanquish the whole world; victorious over the world.
ବି.—ଜଗତକୁ ଜୟ କରିବା—Vanquishing the whole world; victory over the whole world.

ଜଗଜିତା—ଗ୍ରା. (ପ୍ରାଚୀନ) ବିଣ (ସଂ. ଜଗଜ୍ଜେତା)—
Jagajitā ଜଗଜିଣା (ଦେଖ)
Jagajiṇā (See)

ସାଥିଲୁଙ୍କ ହିଅ ଜଗଜିତା,
ହେଲେହିଁ ଅଛନ୍ତି ବୀପ ମଲକଛୁ, ଦେଖେହିଁ ଅଛନ୍ତି ବାହାଚତା—ଚଗ ।

ବି.—ଯେଉଁ ଲୋକ ଜଗତକୁ ଜିଣି ପାରେ—The man who can vanquish the whole creation.

ଜଗଜୀବନ—ଗ୍ରା. (ପ୍ରାଚୀନ) ବି. (ସଂ. ଜଗଜ୍ଜୀବନ)—(ପୃଥିବୀର ପ୍ରାଣ
Jagajībana ସ୍ୱରୂପ) ଈଶ୍ୱର—(The life or pervading spirit of the universe.)

ଜଗଜେଠି—ଗ୍ରା. (ପ୍ରାଚୀନ)—(ସଂ. ଜଗଜ୍ଜ୍ୟେଷ୍ଠ)—୧ । ଜଗତର ସର୍ବ-
Jagajeṭhi ପ୍ରଧାନ ବ୍ୟକ୍ତି—1. The chief being in the world.
୨ । ବୀର—2. Hero.

ଜଗଜ୍ଜନ—ସଂ. ବି. (୬ଷ୍ଠୀ ତତ୍; ଜଗତ୍+ଜନ)—ଜଗତର ଲୋକେ—
Jagajjana The inhabitants of the whole world.

ଜଗଜ୍ଜନନୀ—ସଂ. ବି. ସ୍ତ୍ରୀ. (ଜଗତ୍+ଜନନୀ—୬ଷ୍ଠୀ ତତ୍;)—ଜଗଦମ୍ବା;
Jagajjananī ପୃଥିବୀର ମାତାରୂପା ଦୁର୍ଗା; କାଳୀ—Goddess Kāḷi, the Mother of the Universe.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ଙ୍ଘ
୨	ଈ	ଊ	ରୁ	ଲୃ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ଁୟ	ଇଅ	ୱ	ନ୍ଦ

ଜଗଜ୍ଜୟୀ—ସଂ. ବିଣ. ପୁଂ (ଜଗତ୍+ଜୟୀ—ତ୍ରିଭୁବନ ଜୟକାରୀ; ତତ୍-
Jagajjayī ପୁରୁଷ)—Conquering the whole world.

ଜଗଜ୍ଜିତା—ଦେ. ବିଣ. ଓ ବି—ଜଗଜିତା (ଦେଖ)
Jagajjitā Jagajitā (See)

ଜଗଜ୍ଜୀବନ—ସଂ. ବି (ଜଗତ୍+ଜୀବନ) (ଷଷ୍ଠୀତତ୍; ଜଗତ୍+ଜୀବନ)
Jagajjībana ଜଗଜୀବନ (ଦେଖ)
Jagajībana (See)

ଜଗଜ୍ଜେଠି—ଦେ. ବିଣ—ଜଗଜେଠି (ଦେଖ)
Jagajjeṭhi Jagajeṭhi (See)

ଜଗଜ୍ଜେତା—ସଂ. ବି. ପୁଂ—(ଜଗତ୍+ଜେତା)—ଜଗଜିତା (ଦେଖ)
Jagajjetā Jagajitā (See)

ଜଗଜ୍ଜ୍ୟେଷ୍ଠ—ସଂ. ବିଣ (ଜଗତ୍+ଜ୍ୟେଷ୍ଠ)——ଜଗଜେଠି (ଦେଖ)
Jagajjyeshṭha Jagajeṭhi (See)

ଜଗଝମ୍ପ—ଦେ. ବି. (ସଂ. ଜଗଝମ୍ପ=ତାଳବିଶେଷ) ଯୋଗେଶଚନ୍ଦ୍ର;
Jagajhampa ସଂ. ଜଗଝମ୍ପ=ବାଦ୍ୟ ବିଶେଷ. ହି. ଶବ୍ଦସାଗର)—
জগঝম্প ମାଟିର ଏକମୁହାଁ ଆନଦ୍ଧ ବାଦ୍ୟ; ଏକ ପ୍ରକାର ବଡ଼ ଢୋଲ;
जगझम्प ପ୍ରାଚୀନ ରଣବାଦ୍ୟ—A large kettle-drum.

ଜଗଝମ୍ପା } ଜଗଝାମ୍ପ }—ଅନ୍ୟରୂପ ଜଗଝମ୍ପ, ଝରଝର, ଦାମାମା ଦୁନ୍ଦୁଭି । ରଘୁନାଥ. ମହାଯାତ୍ରା ।

ଜଗଡ଼ଝାମ୍ପ—ପ୍ରାଦେ. (ଯାଜପୁର) ବି.—ଜଗଝମ୍ପ (ଦେଖ)
Jagar̤ajhāmpa Jagajhampa (See)

ଜଗଡ଼ମ୍ବୁର—ପ୍ରାଦେ. (ମେଦିନୀପୁର) ବି (ସଂ. ଯଜ୍ଞୋଡୁମ୍ବର)—ଡିମ୍ବିରି
Jagar̤ambur A species of fig tree.
(ଜଗଡ଼ୁମ୍ବୁର—ଅନ୍ୟରୂପ)

ଜଗଡ଼ା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜଞ୍ଜାଳ)—ମଇଳା; ଆବର୍ଜନା—
Jagar̤ā Sweepings; rubbish; refuse.
ପ୍ରକୃତ ହୋଇଅଛନ୍ତି ଅସ୍ଥାନ ଜଗଡ଼ା—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ଜଗଡ଼ା କଚରା—ପ୍ରାଦେ. (ସମ୍ବଲପୁର) ବି.—ଜଗଡ଼ା (ଦେଖ)
Jagar̤ā kachara Jagar̤ā (See)

ଜଗଣ—ସଂ. ବି.—ପିଙ୍ଗଳ (ସଙ୍ଗୀତ) ଶାସ୍ତ୍ର ଅନୁସାରେ ୩ ଅକ୍ଷରବିଶିଷ୍ଟ
Ja-gaṇa ଗଣବିଶେଷ—Name of an aggregate of 3 letters in Hindu musical composition.
[ଦ୍ର—ଏଥିରେ ଆଦ୍ୟ ଓ ଅନ୍ତ୍ୟ ଅକ୍ଷର ଲଘୁ ଓ ମଧ୍ୟ ଅକ୍ଷର ଗୁରୁ ଯଥା, ମହେଶ, ଦିନେଶ, ରମେଶ, ଗଣେଶ ।]

ଜଗଣୀ—ଦେ. ବିଣ. (ସଂ. ଜି ଧାତୁରୁ)—ଜୟଶାଳୀ; ଜୟୀ—
Jagaṇā Victorious.

ଜଗତ୍—ସଂ. ବି. (ଗମ୍ ଧାତୁ+କର୍ତ୍ତୃ. କ୍ୱିପ୍; ନିପାତନ; ଯେ ନିୟତ ଗତି
Jagat କରୁଛି—୧ । ବିଶ୍ୱ; ସଂସାର; ପୃଥିବୀ—
1. The world.
୨ । ବିଶ୍ୱ; ବ୍ରହ୍ମାଣ୍ଡ—2. The universe.
୩ । ସୃଷ୍ଟି—3. The creation.
୪ । ବାୟୁ (ହି. ଶବ୍ଦସାଗର)—4. The air.
୫ । ମହାଦେବ (ହି. ଶବ୍ଦସାଗର)—5. God Śiba.
୬ । ଗୋପୀଚନ୍ଦନ (ହି. ଶବ୍ଦସାଗର)—
6. A species of sandal.
ପ୍ରାଦେ. (ଭୁଜଙ୍ଗ) ବି.—ଜାଲିଆ ବା କେଉଟଙ୍କର ବଂଶୋପାଧି-ବିଶେଷ—A title of family fishermen.
ସଂ. ବିଣ.—୧ । ଜଙ୍ଗମ; ଗତିଶୀଳ—1. Moving.
୨ । ଅସ୍ଥାୟୀ—2. Temporary.

ଜଗତ୍‌କର୍ତ୍ତା—ସଂ. ବି.—(ଉପପଦ ତତ୍ପୁରୁଷ ବା ୬ଷ୍ଠୀ ତତ୍; ଜଗତ୍+
Jagatkarttā କର୍ତ୍ତା)—ଜଗତର ପ୍ରଭୁ—
Creator or Lord of the Universe

ଜଗତ୍‌ପତି—ସଂ. ବି.—(୬ଷ୍ଠୀ ତତ୍ ବା ଉପପଦ ତତ୍ ପୁରୁଷ) ଜଗତ+
Jagatpati ପତି; ଭୁଲ. ସ୍ଥ. ଜଗପତି)—ପରମେଶ୍ୱର—God.

ଜଗତ୍‌ପାତା—ସଂ. ବି. (୬ଷ୍ଠୀ ତତ୍ ବା ଉପପଦ ତତ୍ପୁରୁଷ; ଜଗତ୍+
Jagatpātā ପାତା)—ପରମେଶ୍ୱର—God.

ଜଗତ୍‌ପିତା—ସଂ. ବି. (୬ଷ୍ଠୀ ତତ୍; ଜଗତ୍+ପିତା)—ପରମେଶ୍ୱର—
Jagatpitā God.

ଜଗତ୍‌ପ୍ରାଣ—ସଂ. ବି. (୬ଷ୍ଠୀ ତତ୍; ଉପପଦ ତତ୍ପୁରୁଷ; ଜଗତ୍+
Jagatprāṇa ପ୍ରାଣ)—୧ । ପବନ—1. The air.
୨ । ପରମେଶ୍ୱର—2. God

ଜଗତ୍‌ସାକ୍ଷୀ—ସଂ. ବିଣ (ଜଗତ୍+ସାକ୍ଷୀ; ୬ଷ୍ଠୀ ତତ୍; ଜଗତରେ ଯାହା
Jagatsākshī ହେଉଛି ତାହା ଯେ ଦେଖୁଛନ୍ତି)—ସର୍ବଦ୍ରଷ୍ଟା—
Omniscient.
ସଂ. ବି—୧ । ସୂର୍ଯ୍ୟ—1. The sun.
୨ । ପରମେଶ୍ୱର—2. God (Apte).

ଜଗତ୍‌ସଂସାର—ଦେ. ବି. (ସହଚର ଏକାର୍ଥବୋଧକ ସଂସ୍କୃତ ଶବ୍ଦଦ୍ୱୟ
Jagatsamsāra ଜଗତ୍ ଓ ସଂସାର)—
জগৎসংসার ୧ । ସମଗ୍ର ପୃଥିବୀ; ସୃଷ୍ଟଜଗତ—
दुनिया 1. The universe; the creation.
୨ । ପୃଥିବୀର ସମସ୍ତ ଲୋକ—
2. All the world; people of the whole world.

ଜଗତ୍‌ସେତୁ—ସଂ. ବି. (୬ଷ୍ଠୀ ତତ୍; ଉପପଦସମାସ, ଜଗତ୍+ସେତୁ)—
Jagatsetu ପରମେଶ୍ୱର—The Supreme Being (Apte).

ଜଗତ୍‌ସ୍ରଷ୍ଟା—ସଂ. ବି. (ଉପପଦ ତତ୍ପୁରୁଷ ବା ୬ଷ୍ଠୀ ତତ୍; ଜଗତ୍+
Jagatsrashṭā ସ୍ରଷ୍ଟା)—ପୃଥିବୀର ସୃଷ୍ଟିକର୍ତ୍ତା—
Creator of the universe.

ଜଗତ—ଦେ. ବି. (ସଂ. ଜଗତ୍)—୧ । ଜଗତ୍ (ଦେଖ)
Jagata 1. Jagat (See)
জগত ୨ । ଜଗଦ୍‌ବାସୀଲୋକ—2. People of the whole
जगत world; all the world.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚଳ ୧ ଚକ୍ଷୁତ ଅକ୍ଷର ଓ ମାନ୍ୟ ଏବଂ ୨ ଚକ୍ଷୁତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷୁତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷୁର ବଦଳରେ ୨ ବା ୧ ଚକ୍ଷୁତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କୀ' ନ ପାଇଲେ 'ଅଙ୍କି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବ୍ରହ୍ମହତ୍ୟା କରିବା ପାଇଁ ସେ ମୂଢ଼ର
ବୁଝଇ ଏହି କଥା ଜାଣନ୍ତି ଜଗତ—କୃଷ୍ଣସିଂହ. ମହାଭାରତ. ବନ ।

ଜଗତପାର—ଦେ. ବିଣ. (ସଂ. ଜଗତ୍+ପାର)—
Jagatapāra ୧ । ସଂସାର ବହିର୍ଭୂତ—
1. Outside the world.

ଜଗତପାର ସେ ଚରିତ
ଭୁବନେ ତା ବର୍ଣ୍ଣିବେ ସମର୍ଥ—ଜଗନ୍ନାଥ, ଭାଗବତ ।

୨ । ଅସାଧାରଣ—2. Uncommon; extra ordinary.

ଜଗତବେଢ଼—ପ୍ରାଦେ. (ଗଡ଼ଜାତ) ବି—ବଣହାତୀମାନଙ୍କୁ ଖେଦା-
Jagataberdha
ଜଗତ୍ରବେଢ଼ } ଅନ୍ୟରୂପ
ଜଗତ୍ରୀବେଢ଼ }
ସ୍ଥାନରେ ଧରିବା ପାଇଁ ଗୋଟିଏ ବଡ଼ ସୀମାବଦ୍ଧ ଜଙ୍ଗଲର ଚାରିଅଡ଼େ ଜଗୁଆଳଙ୍କୁ ବେଢ଼ାଇ ଜଗୁଆଳମାନେ କ୍ରମଶଃ ଖେଦାଅଡ଼କୁ ଅଗ୍ରସର ହେବାର ରୀତି—
The practice af surrounding a big area of jungle with beaters and gradually tightening the circuit so as to bring the elephants into the Khedda (enclosure).

ଜଗନ୍ମୋହନ—ଦେ. ବି. (ନାମ)—'ପ୍ରହଲାଦ ଚରିତ' ନାମକ ଗ୍ରନ୍ଥର
Jagamohana ପ୍ରଣେତା—Name of the author of an Oria book Prahalāda Charita.
ଦେ. ବିଣ. (ସଂ. ଜଗନ୍ମୋହନ)—ଜଗନ୍ମୋହନ (ଦେଖ)
Jaganmohana (See)

ଜଗତସେଠ—ଦେ. ବି. (ସଂ. ଜଗତ୍+ଶ୍ରେଷ୍ଠ)—
Jagataseṭha ୧ । ଖୁବ ବଡ଼ ଧନୀ ମହାଜନ; ଧନୀସେଠ—
1. A very big merchant.
୨ । ମୁର୍ଶିଦାବାଦବାସୀ ବିଖ୍ୟାତ ଧନୀ ମହାଜନବଂଶର ରାଜଦତ୍ତ ବଂଶୋପାଧି—2. Family-title of a family of big Indian merchants of Murshidābād.
[ଦ୍ର—ଏହି ବଂଶର ଜଗତସେଠ ମହତାପ୍ ରାୟ ଲର୍ଡ କ୍ଲାଇବ୍‌ଙ୍କୁ ବହୁଧନ ସାହାଯ୍ୟ ଦେଇ ଭାରତରେ ଇଂରାଜ ସାମ୍ରାଜ୍ୟ ସ୍ଥାପିତ ହେବା ବିଷୟରେ ଇଂରାଜଙ୍କୁ ବିଶେଷ ସାହାଯ୍ୟ କରିଥିଲେ ।]

ଜଗତି—ଦେ. ବି. (ସଂ. ଜଗତୀ)—୧ । ଜଗତୀ (ଦେଖ)
Jagati 1. Jagatī (See)
୨ । ପୋଖରୀ ମଝିରେ ଥିବା କ୍ରୀଡ଼ାମନ୍ଦିର (କୋଠାଘର, ଅଟ୍ଟାଳିକା)—2. A playhouse built in the middle of a pond.

ନାଚ ସେନା ନାଚନ୍ତି ଜଗତି ତଟ । ଗୋବିନ୍ଦ. ଜଗମୋହନ ।

୩ । ଉଚ୍ଚପୀଠ—3. A raised platform.
୪ । ପାଟରାଙ୍କ ବଂଶୋପାଧି ବିଶେଷ—4. A family-title of the Pāṭarā (cloth-dealer) caste.

ଜଗତି ମେଢ଼—ପ୍ରାଦେ. (ଗଡ଼ଜାତ) ବି—ଜଙ୍ଗଲ ମଧ୍ୟରେ ଗୋରୁଙ୍କୁ
Jagati merḍha ନିରାପଦରେ ରାତିରେ ରଖିବା ପାଇଁ ବଡ଼ ଖୁଣ୍ଟମାନ ବେଢ଼ା ହୋଇ ଥିବା ସ୍ଥାନ, ଯହିଁ ମଧ୍ୟରେ ଖଣ୍ଡିଏ ମେଲାଘର ମଧ୍ୟ ଥାଏ—A place enclosed by big posts and having a shed in the middle to keep cattle safe in the night inside a jungly area.

ଜଗତୀ—ସଂ. ବି. ସ୍ତ୍ରୀ. (ଜଗତ୍+ସ୍ତ୍ରୀ. ଈ)—
Jagatī ୧ । ସଂସାର; ପୃଥିବୀ; ଭୁବନ—
1. The earth; the world,

ହତକ୍ଷଣାରେ ! କିନା ତୋ ସ୍ଥିତି କେ ଗତ ଅଛି ଜଗତୀରେ !
କବିସୂର୍ଯ୍ୟ. କଳାବତୀ. ଗୀତ ।

୨ । ଜଗତର ଲୋକେ; ସଂସାରର ଲୋକେ; ମାନବଗଣ—
2. The whole world; mankind; the people (Apte)
୩ । ଦ୍ୱାଦଶାକ୍ଷର ବୈଦିକ ଛନ୍ଦୋବିଶେଷ—
3. A vedic metre of 12 letters.

ଅଷ୍ଟାବକ୍ର ବୋଇଲେ ବର୍ଣ୍ଣ ବାରମାସ
ଜଗତୀ ଛନ୍ଦେ ଅଛି ଅକ୍ଷର ଦ୍ୱାଦଶ । କୃଷ୍ଣସିଂହ. ମହାଭାରତ ବନ ।

ସଂ. ବି—୪ । ଗୋ; ଗାଈ—4. A cow (Apte).
୫ । ଘରଡିହ ଜମି—
5. The site of a house (Apte).
୬ । ଜମ୍ବୁବୃକ୍ଷରୋପିତ କ୍ଷେତ୍ର—
6. A field planted with Jambu (Apte).
ଦେ. ବି—୧ । ବେଦୀ—1. Elevated platform.

ଜଗତୀ ଉପରେ ଜଗତ ମୋହିନୀ
ବସି ହେଉଥିଲେ ବେଶ । ରାଧାନାଥ. ଯଯାତି ।

୨ । ଜଳ—2. Water.

ବର୍ଣ୍ଣି ଲୁଚିଛନ୍ତି । ବ୍ୟାପିଗଲା ଜଗତୀରେ ଝଟିତ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

୩ । ବଡ଼ ଅଟ୍ଟାଳିକା—3. Palatial building.

ହୀରକ-ରତ୍ନ-ଗବାକ୍ଷ-ଶୋଭିତ
ସ୍ତମ୍ଭକ-ଜଗତୀ ସୌଧ ମନୋହର ଅତି । ରାଧାନାଥ. ମହାଯାତ୍ରା ।

ଜଗତୀତଳ—ସଂ. ବି. (୬ଷ୍ଠୀ ତତ୍; ଜଗତୀ + ତଳ)—
Jagatī-tala ୧ । ଭୂତଳ; ଭୂପୃଷ୍ଠ—
1. The surface of the earth.
୨ । ଭୂମି—2. Earth (Apte).
୩ । ପୃଥିବୀ—3. The world (Apte).

ଜଗତ୍ରୀ ବେଢ଼—ପ୍ରାଦେ. (ଗଡ଼ଜାତ) ବି—୧ । ଜଗତ ବେଢ଼ (ଦେଖ)
Jagatrī berḍha 1. Jagata berḍha (See)
୨ । ଖେଦାରେ ହାତୀମାନେ ପଶି ଯିବାପରେ ଖେଦାର ଚାରିପାଖେ ଜଗୁଆଳମାନେ ଘେରିଯିବା—
2. The encompassing of the beaters round the Khedda (enclosure) after the elephants are driven into it.

୧	ଇ	ଊ	ଋ,ଋ	୫	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଷ୍ଟ	ଡ଼ଅ	ଲ
୨	ଈ	ଉ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	●	ଳ

ଜଗଦ—ସଂ. ବ—୧ । ପରିଚାରକ—1. An attendant (Apte).
Jagada ୨ । ଅଭିଭାବକ; ମୁରବି—
2 Guardian (Apte).
୩ । ପାଳକ; ରକ୍ଷକ (ହି. ଶବ୍ଦସାଗର)—3. Protector.

ଜଗଦନ୍ତକ—ସଂ. ବ. (ଉପପଦ ତତ୍ପୁରୁଷ; ଜଗତ୍ + ଅନ୍ତକ) —ମୃତ୍ୟୁ—
Jagadantaka Death.

ଜଗଦମ୍ବା—ସଂ. ବ. ସ୍ତ୍ରୀ. (ଜଗତ୍ + ଅମ୍ବା: ୬ଷ୍ଠୀ ତତ୍)—
Jagadambā ଜଗଜ୍ଜନନୀ; ଦୁର୍ଗା; କାଳୀ—
(ଜଗଦମ୍ବିକା—ଅନ୍ୟରୂପ) Goddess Durgā, the mother of the universe.

ଜଗଦଳ—ଦେ. ବ. (ସଂ. ଜଗଦଳନ)—୧ । ଅତିଶୟ ଭାରି ପଥର
Jagadaḷa (ଯାହା ନିଜର ଭାରରେ ଜଗତକୁ ଦଳନ କରିପାରେ)-
ଜଗଦଲ 1. A heavy stone.
(ଜଗଦଲ; ଜଗଦଳା - ଅନ୍ୟରୂପ) [ଦ୍ର—ପୂର୍ବେ ଏ ପଥରକୁ ଲୋକଙ୍କ ଛାତିରେ ମଡ଼ାଇ ଲୋକଙ୍କୁ ଦଣ୍ଡ ଦିଆଯାଉଥିଲା ।]
୨ । ବାହୁର ଅଳଙ୍କାରବିଶେଷ —
2 A massive ornament for the arm.

ଜଗଦାଧାର—ସଂ. ବ. (ଜଗତ୍ + ଆଧାର=ଆଶ୍ରୟ; ୬ଷ୍ଠୀ ତତ୍)—
Jagadādhāra ୧ । ପରମେଶ୍ୱର--1. God.
୨ । କାଳ—2. Time (personified).
୩ । ବାୟୁ—3 Air.

ଜଗଦାନନ୍ଦ—ସଂ. ବ. (ଜଗତ୍ + ଆନନ୍ଦ, ୬ଷ୍ଠୀ ତତ୍; ରୂପକ)—
Jagadānanda ଭଗବାନଙ୍କର ନାମ—A name of God.
ଦେ. ବ—ଲୋକଙ୍କ ନାମ—
A name given to males.

ଜଗଦାନନ୍ଦକ ସଂ. ବଣ. ପୁଂ. (ଜଗତ୍ + ଆନନ୍ଦ + କ; ବହୁବ୍ରୀହି)—
Jagadānandaka ଯେ ଜଗତର ସମସ୍ତ ଜୀବଙ୍କୁ ଆନନ୍ଦିତ କରେ—
(ଜଗଦାନନ୍ଦକର—ଅନ୍ୟରୂପ) Giving joy to the universe.

ଜଗଦାୟୁଃ—ସଂ. ବ. (ଜଗତ୍ + ଆୟୁଃ; ୬ଷ୍ଠୀ ତତ୍)—ବାୟୁ; ପବନ—
Jagadāyuḥ Air.

ଜଗଦାଶ୍ରୟ—ସଂ. ବ. (ଜଗତ୍ + ଆଶ୍ରୟ; ୬ଷ୍ଠୀ ତତ୍)—ପରମେଶ୍ୱର—
Jagadāśraya God.

ଜଗଦୀଶ—ସଂ. ବ. (ଜଗତ୍ + ଈଶ; ୬ଷ୍ଠୀ ତତ୍)—
Jagadiśa ୧ । ଭଗବାନ; ପରମେଶ୍ୱର—1. God,
जगदीश ୨ । ବିଷ୍ଣୁ—2. Bishṇu.
ଜଗଦୀଶ ଦେ. ବ—୧ । ପୁରୀର ଜଗନ୍ନାଥ ଦେବ—
1. The idol Jagannatha of Puri.
୨ । ଲୋକଙ୍କ ନାମ—2. A name given to males.

ଜଗଦୀଶ୍ୱର—ସଂ. ବ. ପୁଂ. (ଜଗତ୍ + ଈଶ୍ୱର; ୬ଷ୍ଠୀ ତତ୍)—ଭଗବାନ୍—
Jagadiśwara God.

ଜଗଦୀଶ୍ୱରୀ—ସଂ. ବ. ସ୍ତ୍ରୀ.—(୬ଷ୍ଠୀ ତତ୍; ଜଗତ୍ + ଈଶ୍ୱରୀ)—
Jagadiśwarī ୧ । ଭଗବତୀ; ଦୁର୍ଗା—1. Goddess Durgā.
୨ । ପୃଥିବୀର ଦେବତା—
2. The Goddess who is the mistress of the universe.

ଜଗଦେବ—ଦେ. ବ. (ସଂ. ଜଗଦେବ)—କ୍ଷତ୍ରିୟ ଓ ରାଜାମାନଙ୍କର
Jagadeba ବଂଶୋପାଧିବିଶେଷ—A family title of Rājās and Kshatriyas.

ଜଗଦ୍ଗୁରୁ—ସଂ. ବ.—(ଜଗତ୍ + ଗୁରୁ; ୬ଷ୍ଠୀ ତତ୍)—
Jagadguru ୧ । ପରମେଶ୍ୱର—1. God.
୨ । ମହାଦେବ; ଶିବ—2. Śiba.
୩ । ପରମାତ୍ମା—3. The universal soul.
୪ । ନାରଦ ଋଷି—4. Sage Nārada.
୫ । ସମସ୍ତଙ୍କଦ୍ୱାରା ପୂଜିତ ଓ ପ୍ରତିଷ୍ଠିତ ବ୍ୟକ୍ତି—
5. A person who is universally respected and adored.
୬ । ଶଙ୍କରାଚାର୍ଯ୍ୟଙ୍କର ପ୍ରତିଷ୍ଠିତ ଭାରତର ୪ ଗୋଟି କେନ୍ଦ୍ରରେ ଥିବା ଚାରିଗୋଟି ମଠର ମହନ୍ତମାନଙ୍କର ଉପାଧି—
6. The title of the mohantas of the four mathas in 4 places of India started by Śankarāchārjya.

ଜଗଦ୍ଗୌରୀ—ସଂ. ବ—(ଜଗତ୍ + ଗୌରୀ)—୧ । ଦୁର୍ଗା—
Jagadgaurī 1. Goddess Durgā.
୨ । ନାଗମାନଙ୍କ ଭଗିନୀ ଓ ଜରତ୍କାରୁ ଋଷିଙ୍କ ପତ୍ନୀ ମନସା ଦେବୀଙ୍କର ନାମାନ୍ତର (ହି. ଶବ୍ଦସାଗର)—
2. A name of the Deity Manasā.

ଜଗଦ୍ଦଳନ—ସଂ. ବି (ଜଗତ୍ + ଦଳନ; ଉପପଦ ତତ୍ପୁରୁଷ)—ଯେ
Jagaddaḷana ଜଗତକୁ ଦଳନ ବା ଶାସନ କରେ—
The ruler or oppressor of the universe.

ଜଗଦ୍ଦୀପ—ସଂ. ବ. (ଜଗତ୍ + ଦୀପ; ୬ଷ୍ଠୀ ତତ୍)—୧ । ପରମେଶ୍ୱର—
Jagaddīpa (ହି. ଶବ୍ଦସାଗର)—1 God.
୨ । ଶିବ—2. God Śiba.

ଜଗଦ୍ଦେବ—ଦେ. ବ. (ଜଗତ୍ + ଦେବ)—ଜଗଦେବ (ଦେଖ)
Jagaddeba Jagadeba (See)
ନରେଶ ମଣ୍ଡନ ଶ୍ରୀହରି ଚନ୍ଦନ ଜଗଦ୍ଦେବ ସୁତ ଘେନ ।
କବିସୂର୍ଯ୍ୟ, କଳୋଗ ୭ମ୍ ।

ଜଗଦ୍ଧାତା—ସଂ. ବ ପୁଂ. (ଜଗତ୍ + ଧାତୃ ୧ମା. ୧ବ. ଉପପଦ ସମାସ)—
Jagaddhātā ୧ । ଶିବ—1. God Śiba.
୨ । ବ୍ରହ୍ମା (ହି. ଶବ୍ଦସାଗର)—
2. God Brahmā.
୩ । ବିଷ୍ଣୁ (ହି. ଶବ୍ଦସାଗର)—
3. God Bishṇu.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଆ ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଜଗଦ୍ଧାତ୍ରୀ—ସଂ. ବି. (ଜଗତ୍ + ଧାତ୍ରୀ, ଉପପଦ ସମାସ)—
Jagaddhātri ୧ । ଦୁର୍ଗା; ଗୌରୀ; ଦୁର୍ଗାଙ୍କର ଅବତାରବିଶେଷ--
1. Goddess Durgā.
୨ । ସରସ୍ୱତୀ (ଦ୍ର. ଶବ୍ଦସାଗର)—
2. The Goddess of Learning.

ଜଗଦ୍ଧାତ୍ରୀ ପୂଜା—ସଂ. ବି.—କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ଦିନ କରାଯିବା
Jagaddhātri pūjā ଦୁର୍ଗାଙ୍କର ପୂଜା—Worship of the Goddess Durgā on the 9th day of the bright fortnight of the month Kārtika.

ଜଗଦ୍ବନ୍ଧୁ—ସଂ. ବି. (ଜଗତ୍ + ବନ୍ଧୁ; ୬ଷ୍ଠୀ ତତ୍)—ପୁରୀର ଜଗନ୍ନାଥ
Jagadbandhu ମହାପ୍ରଭୁ—1. The Deity Jagannātha at Puri.
୨ । ପରମେଶ୍ୱର; ନାରାୟଣ—2 God.
୩ । ଲୋକଙ୍କର ନାମ—
3. A name given to persons (males).

ଜଗଦ୍ବାସୀ—ସଂ. ବିଣ. ପୁଂ (ଜଗତ୍ + ବାସୀ; ଉପପଦ ତତ୍ପୁରୁଷ)—
Jagadbāsi ପୃଥିବୀରେ ବାସ କରୁଥିବା—
(ଜଗଦ୍ବାସିନୀ—ସ୍ତ୍ରୀ) Inhabiting the earth.
ଦେ. ବି.—ପୃଥିବୀରେ ବାସ କରୁଥିବା ଲୋକ—
The people of the world; mankind.

ଜଗଦ୍ବିଖ୍ୟାତ—ସଂ. ବିଣ. ପୁଂ (ଜଗତ୍ + ବିଖ୍ୟାତ; ୭ମୀ ତତ୍)—ବିଶ୍ୱ
Jagadbikhyāta ବିଶ୍ରୁତ; ଯାହାର ଯଶ ଜଗତ ଯାକ ବିସ୍ତୃତ
(ଜଗଦ୍ବିଖ୍ୟାତା—ସ୍ତ୍ରୀ) ହୋଇଅଛି—World-famed.

ଜଗଦ୍ବ୍ୟାପକ—ସଂ. ବିଣ. ପୁଂ (ଜଗତ୍ + ବ୍ୟାପକ; ଉପପଦ ତତ୍ପୁରୁଷ)
Jagadbyāpaka ଯାହା ପୃଥିବୀଯାକ ବ୍ୟାପି ଅଛି—
(ଜଗଦ୍ବ୍ୟାପିକା—ସ୍ତ୍ରୀ) World-pervading.

ଜଗଦ୍ବ୍ୟାପୀ—ସଂ. ବିଣ. ପୁଂ (ଜଗତ୍ + ବ୍ୟାପୀ; ଉପପଦତତ୍)—
Jagadbyāpi ଜଗଦ୍ବ୍ୟାପକ (ଦେଖ)
(ଜଗଦ୍ବ୍ୟାପିନୀ—ସ୍ତ୍ରୀ) Jagadbyāpaka (See)

ଜଗଦ୍ୟୋନି—ସଂ. ବି. ପୁଂ (ଜଗତ୍ + ଯୋନି; ଦ୍ୱନ୍ଦ୍ୱଉତ୍ପତ୍ତିସ୍ଥାନ, ୬ଷ୍ଠୀତତ୍)-
Jagadjoni ୧ । ଈଶ୍ୱର—1. God.
୨ । ବ୍ରହ୍ମା, ବିଷ୍ଣୁ, ଶିବ—2. The Hindu trinity.
ସ୍ତ୍ରୀ.—ପୃଥିବୀ—The earth.

ଜଗଧାତ୍ରୀ—ଗ୍ରା. ବି. (ସଂ. ଜଗଦ୍ଧାତ୍ରୀ)—ଜଗଦ୍ଧାତ୍ରୀ (ଦେଖ)
Jagadhātri Jagaddhātri (See)

ଜଗନାଥ—ଗ୍ରା. (ସଂ. ଜଗନ୍ନାଥ)—ଜଗନ୍ନାଥ (ଦେଖ)
Jaganātha Jagannātha (See)

ଜଗନାହା—ଦେ. ବି. (ସଂ. ଜଗନ୍ନାଥ)—ଜଗନ୍ନାହା (ଦେଖ)
Jaganāhā Jagannāhā (See)

ଜଗନ୍ନାଥ—ସଂ. ବି. (୬ଷ୍ଠୀ ତତ୍; ଜଗତ୍ + ନାଥ)—
Jagannātha ୧ । ନାରାୟଣ; ଭଗବାନ; ପରମେଶ୍ୱର; ବିଷ୍ଣୁ—
1. God Bishnu.
୨ । ଭାରତର ଏକତମ କ୍ଷେତ୍ର ଶ୍ରୀ ପୁରୁଷୋତ୍ତମରେ ବିରାଜିତ ବିଷ୍ଣୁ ପ୍ରତିମା—Name of world famed Hindu Deity of Puri; Jagannātha

[ଦ୍ର—ଏହା ଭାରତରେ ସୁପ୍ରସିଦ୍ଧ ପୁଣ୍ୟଧାମ ମଧ୍ୟରୁ ଏକତମ। (ଯଥା—ଦକ୍ଷିଣରେ ରାମନାଥ, ପୂର୍ବରେ ଜଗନ୍ନାଥ, ପଶ୍ଚିମରେ ଦ୍ୱାରକାନାଥ ଓ ଉତ୍ତରରେ ବଦ୍ରୀନାଥ ।) ଜଗନ୍ନାଥ ଓଡ଼ିଶାର ପୂର୍ବଦକ୍ଷିଣ ସମୁଦ୍ରକୂଳରେ ପୁରୀ ବା ପୁରୁଷୋତ୍ତମ ସହରରେ ଅବସ୍ଥିତ । ପୁରାଣ ମତରେ ଜଗନ୍ନାଥ ବିଷ୍ଣୁ ବା ଶ୍ରୀକୃଷ୍ଣଙ୍କର ଦାରୁବ୍ରହ୍ମ ରୂପ । ସ୍କନ୍ଦପୁରାଣରେ ବର୍ଣ୍ଣିତ ଅଛି ଯେ ବିଶ୍ୱାବସୁ ନାମକ ଜଣେ ଶବର ନୀଳାଚଳର ଅରଣ୍ୟ ମଧ୍ୟରେ ଦାରୁବ୍ରହ୍ମଙ୍କୁ ପୂଜା କରୁଥିଲା । ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ଦେବାରୁ ସେ ତାଙ୍କର ବ୍ରାହ୍ମଣମନ୍ତ୍ରୀ ବିଦ୍ୟାପତିଙ୍କୁ ପଠାଇ ଶବରର ସ୍ଥିତି ଠିକଣା କଲେ ଓ ଶବର ତାଙ୍କୁ ଦାରୁବ୍ରହ୍ମଙ୍କୁ ନ ଦେଖାଇବାରୁ ବିଦ୍ୟାପତି ଶବରର ଅବିବାହିତା ଯୁବତୀ କନ୍ୟା ସଙ୍ଗେ ପ୍ରଣୟ କରି ଦାରୁବ୍ରହ୍ମଙ୍କୁ ଦେଖି ସେଠାରୁ ଯାଇ ଇନ୍ଦ୍ରଦ୍ୟୁମ୍ନଙ୍କୁ ନେଇ ଆସିଲେ । କିନ୍ତୁ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦାରୁବ୍ରହ୍ମ ଦେଖା ଦେଲେ ନାହିଁ । ବିଦ୍ୟାପତି ଉକ୍ତ ଶବର କନ୍ୟାକୁ ବିଭା ହେଲେ । ପରେ ବହୁ ପ୍ରଯତ୍ନରେ ସ୍ୱପ୍ନାଦେଶରେ ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କୁ ସମୁଦ୍ରରେ ଭାସି ଆସୁଥିବାର ଦେଖି ତାଙ୍କୁ ଆଣି ସେଥିରୁ ମୂର୍ତ୍ତି ଗଢ଼ାଇ ତାଙ୍କ ପାଇଁ ମନ୍ଦିର ତୋଳାଇଲେ ଏବଂ ସେ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ଡାକିବାକୁ ସ୍ୱର୍ଗକୁ ଗଲେ । ସେ ଫେରୁ ଫେରୁ ବହୁଦିନ ଗତ ହେବାରୁ ଉକ୍ତ ବାଲିରେ ଦେଉଳଟି ପୋତି ହୋଇଗଲା ଓ ଗାଲମାଧବ ରାଜାଙ୍କ ଘୋଡ଼ାଖୁରାରେ ଦେଉଳର ନୀଳଚକ୍ରର ଅଗ୍ରଭାଗ ବାଜିବାରୁ ସେ ତାକୁ ଖୋଳାଇ ଦେଉଳ ବାହାର କଲେ ଓ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ନେଇ ଫେରିଲାବେଳକୁ ଗାଲମାଧବ ସେ ଦେଉଳକୁ ନିଜର ବୋଲି ଦାବି କଲେ । ପରେ ବ୍ରହ୍ମା ପ୍ରମାଣ ନେଇ ଇନ୍ଦ୍ରଦ୍ୟୁମ୍ନଙ୍କ ସାକ୍ଷୀ ସାବ୍ୟସ୍ତ କଲେ । ବିଶ୍ୱାବସୁ ଶବରର ବଂଶଧରମାନେ 'ଦଇତା' ଓ ବିଦ୍ୟାପତି ବଂଶଧରମାନେ 'ପତି' ନାମରେ ଅବଧି ଜଗନ୍ନାଥଙ୍କ ସେବକରୂପେ ଗଣ୍ୟ ।

ମତାନ୍ତରରେ ଜଗନ୍ନାଥଙ୍କୁ 'ବୌଦ୍ଧାବତାର' ବୋଲାଯାଏ ଓ ତାଙ୍କର ଗଠନ ପୁରାଣୋକ୍ତ କୌଣସି ଦେବଦେବୀଙ୍କ ବର୍ଣ୍ଣନା ଓ ଧ୍ୟାନର ଅନୁରୂପ ନ ହେବାରୁ ପ୍ରତ୍ନତତ୍ତ୍ୱବିତ୍ମାନେ ସ୍ଥିର କରିଅଛନ୍ତି ଯେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୂପ ବୌଦ୍ଧମାନଙ୍କର ବୈପିଟକ ବୌଦ୍ଧ, ଧର୍ମ ଓ ସଙ୍ଘର ଚିହ୍ନ । ଜଗନ୍ନାଥଙ୍କୁ ବୌଦ୍ଧ ଅବତାରରୂପେ ସ୍ୱୀକାର କରି ଉତ୍କଳୀୟ ପ୍ରଚଳିତ ବୌଦ୍ଧ ଓ ବୈଷ୍ଣବଧର୍ମ ମତରେ ସମନ୍ୱୟ କରି ହିନ୍ଦୁଧର୍ମକୁ ସାର୍ବଜନୀନ ଧର୍ମରେ ପରିଣତ କରିଅଛି ଓ ଜଗନ୍ନାଥଙ୍କ ଭୋଗମହାପ୍ରସାଦ ସେବନରେ ଜାତିଭେଦ ରଖି ନାହିଁ । ଫଳତଃ ଖ୍ରୀଷ୍ଟାବ୍ଦ ୧ମ ଶତାବ୍ଦୀଠାରୁ ୨୦୦ ବର୍ଷ ମଧ୍ୟରେ ବୌଦ୍ଧଧର୍ମର ମହାଯାନ ଶାଖା ବୈଷ୍ଣବଧର୍ମରୂପ ସଙ୍ଗେ ମିଶି ଯାଇଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି

୧	ଇ	ଭ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର ଁ	ଘ	ଜ	ଘ,ଷ	ଙ୍କ	ଇଯ୍	ଓଁ	ଢ
୨୦	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍ତ

ନିମ୍ବକାଠ କଟିତ ଓ ଏ ମୂର୍ତ୍ତିମାନ ସାଧାରଣତଃ ପ୍ରତି ୧୨ ବର୍ଷରେ ଥରେ ବଦଳାଯାଆନ୍ତି । ଉକ୍ତ ଦାରୁମୂର୍ତ୍ତି ମଧ୍ୟରେ ଯେଉଁ ବ୍ରହ୍ମପଦାର୍ଥ ସମ୍ପ୍ରସୃ ପାଟକନାରେ ଗୁଡ଼ଥାଏ ହୋଇ ରହୁଥିବାର ଜନଶ୍ରୁତି ଅଛି ତାହା ବୁଦ୍ଧଦେବଙ୍କ ଦନ୍ତ ବୋଲି କେତେ ପଣ୍ଡିତ ମନେ କରନ୍ତି । ପୂର୍ବେ ଏଥିଯୋଗୁଁ ପୁରୀର ନାମ ଦନ୍ତପୁର ଥିଲା । ଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧମାନଙ୍କ ଯାତ୍ରାର ଅନୁକରଣ ବୋଲି ପଣ୍ଡିତମାନେ କହନ୍ତି । ପୁରୀରୁ ବୁଦ୍ଧଙ୍କ ଦନ୍ତ ସିଂହଳକୁ ପଠାଯାଇଥିବା କଥା ମଧ୍ୟ କେହି କେହି କହନ୍ତି । ପରେ ଅନଙ୍ଗଭୀମଦେବ ଇନ୍ଦ୍ରଦ୍ୟୁମ୍ନଙ୍କ ଜୀର୍ଣ୍ଣ ଦେଉଳକୁ ଭାଙ୍ଗି ନୂଆ ଦେଉଳ କଲେ ଓ ପରବର୍ତ୍ତୀ ରାଜାମାନେ ତାହା ସଂସ୍କାର କଲେ । ଜଗନ୍ନାଥ ମନ୍ଦିରର ପ୍ରଥମ ରଚୟିତା—ରାଜା ଇନ୍ଦ୍ରଦ୍ୟୁମ୍ନ, ଦ୍ୱିତୀୟ ରଚୟିତା—ରାଜା ଯଯାତିକେଶରୀ ଓ ତୃତୀୟ ରଚୟିତା—ରାଜା ଅନଙ୍ଗଭୀମଦେବ ।]

ଦେ. ବି. ପୁଂ.—୧ । ଲୋକଙ୍କୁ ଡ଼ାକିବା ନାମ—
1. A name given to person (males).
୨ । (ନାମ) ରାଜା ଜୟସିଂହଙ୍କର ସଭାପଣ୍ଡିତ ଓ ଜ୍ୟୋତିଷୀ—
2. Name of a court Pandit of Rajā Jayasimha and an astronomer.

[ଦ୍ର—ଏ ୧୭ଶ ଶତାବ୍ଦୀର ଲୋକ । ଏ ଜଣେ ତୈଲଙ୍ଗୀ ବ୍ରାହ୍ମଣ । ରାଜା ଜୟସିଂହଙ୍କର ଆଦେଶକ୍ରମେ ଏ ଆରବୀ ଦିବ୍ୟାନ୍ତ ଜ୍ୟୋତିଷ ଗ୍ରନ୍ଥର ସଂସ୍କୃତ ଅନୁବାଦ କରିଥିଲେ । ଏ ଗ୍ରନ୍ଥର ନାମ ଦିବ୍ୟାନ୍ତ ସମ୍ରାଟ । ଏ ମଧ୍ୟ ଇଉକ୍ଲିଡଙ୍କ ରେଖା ଗଣିତ (ଜ୍ୟାମିତି)ର ଆରବୀ ଅନୁବାଦକୁ ସଂସ୍କୃତରେ ଅନୁବାଦ କରିଥିଲେ ।]

ଜଗନ୍ନାଥ ଦାସ—ଦେ. ବି. (ନାମ)—୧ । ଏ 'ଓଡ଼ିଆ ଭାଗବତ'ର
Jagannātha dāsa ରଚୟିତା ଓ ଜଣେ ପ୍ରଧାନ ବିଷ୍ଣୁଭକ୍ତ—
1. Name of the author of 'Ordiā Bhāgabata and a great devotee of Bishnu.

[ଦ୍ର—ପୁରୀଜିଲ୍ଲା କପିଳେଶ୍ୱରପୁର ଗ୍ରାମରେ ଏହାଙ୍କର ଜନ୍ମ ଏବଂ ଏ ଜାତିରେ ବ୍ରାହ୍ମଣ ଓ ଶ୍ରୀ ଚୈତନ୍ୟଙ୍କର ସମସାମୟିକ । ଚୈତନ୍ୟ ଯେତେବେଳେ ସନ୍ନ୍ୟାସୀ ହୋଇ (ପ୍ରାୟ ୧୫୦୦ ଖ୍ରୀଷ୍ଟାବ୍ଦ) ପ୍ରଥମେ ପୁରୀକୁ ଆସିଥିଲେ ସେତେବେଳେ ଜଗନ୍ନାଥ ୧୯ ବର୍ଷର ଯୁବକ ମାତ୍ର । ଚୈତନ୍ୟ ଜଗନ୍ନାଥଙ୍କ ମନ୍ଦିରକୁ ଦର୍ଶନ କରିବାକୁ ଆସିଲାବେଳେ, ଜଗନ୍ନାଥ ଦାସ ମନ୍ଦିରବେଢ଼ାମଧ୍ୟସ୍ଥ କଳ୍ପବଟମୂଳେ ୧୦ମସ୍କନ୍ଧ ଓଡ଼ିଆ ଭାଗବତର ବ୍ରହ୍ମସ୍ତୁତି ଅଂଶ ପାଠ କରୁଥାଆନ୍ତି । ଚୈତନ୍ୟ ଏଥିରେ ମୁଗ୍ଧ ହୋଇ ପ୍ରତିଦିନ କିଛିକ୍ଷଣ ସେଠାରେ ବସି ଭାଗବତ ଶୁଣିବାକୁ ଲାଗିଲେ । ପୁରୀ ଓଡ଼ିଆ ମଠ ଜଗନ୍ନାଥ ଦାସଙ୍କ କର୍ତ୍ତୃକ ପ୍ରତିଷ୍ଠିତ । 'ପାଷଣ୍ଡଦଳନ' 'ଭାଗବତ' 'ମନଶିକ୍ଷା' ଓ 'ଜଗନ୍ନାଥକାରିକା' ଓଡ଼ିଆଗ୍ରନ୍ଥମାନ ଏହାଙ୍କଦ୍ୱାରା ରଚିତ—ଜଗବନ୍ଧୁ ପ୍ରାଚୀନଗ୍ରନ୍ଥ ।]

୨ । (ନାମ) ପୁରୀ ପାପୁଡ଼ିଆ ମଠର ପୂର୍ବ ମହନ୍ତ—
2. Late Mahanta of the Pāpurdiāmatha of Puri.

[ଦ୍ର—ଏ ପୁରୀଜିଲ୍ଲା ଅନ୍ତର୍ଗତ କୋରଙ୍ଗା (ଅନ୍ୟନାମ—ବଳେରାମପୁର) ଗ୍ରାମର ଜଣେକ ବ୍ରାହ୍ମଣ ସନ୍ତାନ ଥିଲେ । ଏ ଜମାଦାର ମାନଙ୍କର ନେତା ହୋଇ ଭାରତରେ ସର୍ବତ୍ର ସୁପରିଚିତ ଥିଲେ । ଏହାଙ୍କର ଭାରତର ସବୁ ଅଞ୍ଚଳରେ ଅନେକ ଗଣ୍ୟମାନ୍ୟ ଶିଷ୍ୟ ଥିଲେ । ଏ ୧୦ ବର୍ଷ ପୂର୍ବେ ଦେହତ୍ୟାଗ କଲେ ।]

ଜଗନ୍ନାଥବଲ୍ଲଭ—ଦେ. ବି—୧ । ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ
Jagannāthaballabha ଭୋଗ ଲାଗୁଥିବା ଏକପ୍ରକାର ମିଷ୍ଟାନ୍ନ—
1. A kind of sweetmeat offered to Lord Jagannātha at Puri.
୨ । (ନାମ) ପୁରୀର ଗୋଟିଏ ପ୍ରସିଦ୍ଧ ମଠ—
2. A religious institution (Matha) at Puri.

[ଦ୍ର—ଏ ମଠ ସଲଗ୍ନ ବଗିଚାକୁ ଚନ୍ଦନଯାତ୍ରା ସମୟରେ ଜଗନ୍ନାଥଙ୍କ ବିଜେ ପ୍ରତିମା ମଦନମୋହନ ବିଜେ କରନ୍ତି । ଏହି ମଠର ସମ୍ମୁଖ ଓ ଏଥିରେ ପ୍ରତିଷ୍ଠିତ ଦେବତାମାନଙ୍କ ସେବା ଆଦି କଟକର ଜଜ ସାହେବଙ୍କ ନିଯୁକ୍ତ ଦେବତ୍ର କମିଟି ବନ୍ଦୋବସ୍ତ କରନ୍ତି ।]

ଜଗନ୍ନାଥୀ—ଦେ. ବି. (ବମ୍ବେ ସେନ୍ସସ ରିପୋର୍ଟ ୧୮୯୧ରେ ଲିଖିତ)—
Jagannāthi ବମ୍ବେ ପ୍ରେସିଡେନ୍ସିରେ ପ୍ରଚଳିତ ଓଡ଼ିଆ ଭାଷାର ନାମ—A name of the Oriya (Ordiā) language spoken in the Bombay Presidency.

ଜଗନ୍ନାହା—ଦେ. ବି.(ସଂ. ଜଗନ୍ନାଥ)—
Jagannāhā ଜଗନ୍ନାଥ; ନାରାୟଣ; ପରମେଶ୍ୱର; ବିଷ୍ଣୁ—
God; Bishnu.

ଜଗନ୍ନିବାସ—ସଂ. ବି. (ଜଗତ୍ + ନିବାସ)—ପରମେଶ୍ୱର—
Jagannibāsa God.
ଦେ. ବି—ପୁରୀର ଜଗନ୍ନାଥ ମହାପ୍ରଭୁ—
The Deity Jagannātha of Puri.

ଜଗନ୍ନିବାସୀ—ସଂ. ବି. (୭ମୀ ତତ୍; ଜଗତ୍ + ନିବାସ + ଇନ୍)—
Jagannibāsi ଜଗଜ୍ଜନ; ଜଗଜନ (ଦେଖ)
Jagajana (See)

ଜଗନ୍ନୁ—ସଂ. ବି—୧ । ଅଗ୍ନି (ହି. ଶବ୍ଦସାଗର)—
Jagannu 1. Fire.
୨ । ଜନ୍ତୁ (ହି. ଶବ୍ଦସାଗର)—2. Animal.

ଜଗନ୍ମୟ—ସଂ. ବି. ପୁଂ. (ଜଗତ୍ + ମୟ)—
Jaganmaya ବିଷ୍ଣୁ (ହି. ଶବ୍ଦସାଗର)—Bishnu.

ଜଗନ୍ମୟୀ—ସଂ. ବି. (ଜଗନ୍ମୟ + ସ୍ତ୍ରୀ. ଈ)—
Jaganmayi ୧ । ଲକ୍ଷ୍ମୀ (ହି. ଶବ୍ଦସାଗର)—
1. Goddess Lakshmi.
୨ । ବିଶ୍ୱବ୍ୟାପିନୀ ଶକ୍ତି—2. The Divine essence pervading the universe.

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବିତ୍' ଦେଖିବେ

ଜଗନ୍ମାତା—ସଂ. ବିଣ. ସ୍ତ୍ରୀ—ବିଶ୍ୱର ମାତୃ ସ୍ୱରୂପ—
Jaganmātā Occupying the portion of the mother of the universe.
ବି. ସ୍ତ୍ରୀ—୧ । ଦୁର୍ଗା—1. Goddess Durgā.
୨ । ଲକ୍ଷ୍ମୀ—2. Goddess Lakshmī.

ଜଗନ୍ମୋହନ—ସଂ. ବିଣ. ପୁଂ. (ଜଗତ୍+ମୋହନ)—
Jaganmohana ଯେ ଜଗତକୁ ମୋହିତ କରେ—
(ଜଗନ୍ମୋହିନୀ—ସ୍ତ୍ରୀ) Enchanting the universe.
ସଂ. ବି. ପୁଂ—ଜଗଦ୍‌ବନ୍ଧୁ (ଦେଖ)
Jagadbandhu (See)

ଜଗନ୍ମୋହନଲାଲ—ଦେ. ବି. (ନାମ)—'ଓଡ଼ିଶା ବିଜୟ' ଓ
Jaganmohanalāl 'ଭ୍ରମଭଞ୍ଜନ' ପ୍ରଭୃତି ଗ୍ରନ୍ଥର ରଚୟିତା—
(ଚାରଣୀ—ଉତ୍କଳ ସାହିତ୍ୟ ଇତିହାସ)—
The author of the books 'Orḍisā bijaya' and 'Bhramabhañjana' etc.
[ଦ୍ର—ଏ ବନାରସି ଲାଲ୍ କାୟସ୍ଥ ବଂଶଜ । ଏହାଙ୍କ ପୂର୍ବ ପୁରୁଷମାନେ ଓଡ଼ିଶାରେ କଟକ ଜିଲ୍ଲାରେ ଉପନିବେଶ କରି ରହିଥିଲେ ।]

ଜଗପତି—ଦେ. ବି. (ସଂ. ଜଗତ୍ପତି)—ଜଗତ୍‌ପତି (ଦେଖ)
Jagapati Jagatpati (See)

ଜଗବନ୍ଧୁ—ଦେ. ବି. (ସଂ. ଜଗଦ୍‌ବନ୍ଧୁ)—ଜଗଦ୍‌ବନ୍ଧୁ (ଦେଖ)
Jagabandhu Jagabandhu (See)

ଜଗବନ୍ଧୁ ବିଦ୍ୟାଧର—ଦେ. ବି. (ନାମ)—ଖୋରଧା ରାଜାଙ୍କ ଜନୈକ
Jagabandhu bidyādhara ପ୍ରସିଦ୍ଧ ବକ୍ସି ବା ମନ୍ତ୍ରୀ, ତଥା ରୋଡ଼ଙ୍ଗ ଜିଲ୍ଲାର ପୁରୁଣା ଜମିଦାର (ଜାଗିରଦାର)—
[ଦ୍ର—ସେହି ସମୟର ପୁରୀ କଲେକ୍ଟରଙ୍କ ସିରସ୍ତାଦାର କୃଷ୍ଣସିଂହ (ଅଧୁନିକ ଲୁଲା ବାବୁ ଷ୍ଟେଟର ମାଲିକଙ୍କ ପୂର୍ବପୁରୁଷ) ଏହାଙ୍କ ଜିଲ୍ଲାକୁ କପଟରେ ରାଜସ୍ୱ ନିଲାମରେ ଉଠାଇ ନିଜେ ଧରିବାରୁ ଜଗବନ୍ଧୁ ଏଥିରେ ଉତ୍ତ୍ୟକ୍ତ ହୋଇ କମିଶନରସାହେବଙ୍କ ନିକଟ ଅପିଲ କଲେ । ଅପିଲରେ କମିଶନର ସାହେବ ଏ ନିଲାମ ରଦ କରିବାକୁ ଅଦାଲତର ଆଶ୍ରୟ ନେବା ପାଇଁ ଜଗବନ୍ଧୁଙ୍କୁ ଆଦେଶ ଦେବାରୁ ନିଃସମ୍ବଳ ଜଗବନ୍ଧୁ ଦେବାନି ମକଦ୍ଦମା ଦାଏର ନ କରି ଘୁମୁସର ଅଞ୍ଚଳରୁ ଗୁଡ଼ିଏ କନ୍ଧ ସଂଗ୍ରହ କରି ଖୋରଧା ବିଦ୍ରୋହୀ ପାଇକମାନଙ୍କର ନେତା ହେଲେ ଓ ୧୮୧୭ ଖ୍ରୀଷ୍ଟାବ୍ଦରେ ପ୍ରକାଶ୍ୟରେ ବିଦ୍ରୋହ ଘୋଷଣା କରି ପ୍ରଥମେ ଖୋରଧା, ଲେମ୍ବେଇ, ରୋଡ଼ଙ୍ଗଆଦି ଦଖଲ କରି ଲୁଟପାଟ କଲେ; କିନ୍ତୁ ପରେ ପରାସ୍ତ ହୋଇ ଇଂରାଜଙ୍କଠାରେ ଆତ୍ମସମର୍ପଣ କଲେ (ପାଇକ ବିଦ୍ରୋହ ତଳେ ନୋଟ ଦେଖ) ।]

ଜଗମୋହନ—ଦେ. ବି. (ସଂ. ଜଗନ୍ମୋହନ)—୧ । ଶ୍ରୀକୃଷ୍ଣ—
Jagamohana 1. Śrikṛushṇa.
କାହ୍ନୁ ତୁ ଏମନ୍ତ ଶଖିଲୁ
ଜଗମୋହନକୁ ମୋହିଲୁ । ଭୂପତି—ପ୍ରେମପଞ୍ଚାମୃତ ।
୨ । ଭଗବାନ—2. God.
୩ । ଦେବ ପ୍ରତିମା ଯେଉଁ ମନ୍ଦିରରେ ବିଜେ କରନ୍ତି ତାହାର ସଂଲଗ୍ନ କ୍ଷୁଦ୍ରତର ମନ୍ଦିର—
3. The smaller temple adjoining the main temple where the devotees congregate and dancing (during the worship of the Deity) takes place.
[ଦ୍ର—ଭକ୍ତ ଓ ଦର୍ଶକମାନେ ସେଠାରେ ସମବେତ ହୁଅନ୍ତି ଏବଂ ଦେବତାଙ୍କ ପ୍ରୀତିଉତ୍ପାଦନ ଉଦ୍ଦେଶ୍ୟରେ ସେଠାରେ ବେଳେ ବେଳେ ନୃତ୍ୟଗୀତାଦି ହୁଏ ।]
୪ । ବ୍ୟକ୍ତିବିଶେଷଙ୍କ ନାମ—
4. A name given to male persons.

ଜଗମୋହନିଆ—ଦେ. ବି. (ସଂ. ଜଗନ୍ମୋହନ)—ଜଗମୋହନ (ଦେଖ)
Jagamohaniā Jagamohana (See)
ବଡ଼ ଦେଉଳରେ ଜଗମୋହନିଆ
ଟେକି ଦେଇଅଛି ତାହାରେ । ଜଗନ୍ନାଥଙ୍କ ଜଣାଣ ପଦ ।

ଜଗର—ସଂ. ବି. (ଜାଗୃ ଧାତୁ+କର୍ତ୍ତୃ ଅ. ନିପାତନ)—
Jagara ୧ । କବଚ; ସାଞ୍ଜୁ—1. Coat of mail.
୨ । ପୃଷ୍ଠୀ ନାମକ ସୁରା; ମଦ୍ୟବିଶେଷ—
2. A kind of wine; a sort of liquor.
୩ । ଗୋମୟ—3. Cowdung.
୪ । ମଦର କଲ୍କ—4. The dregs of wine.
୫ । ମଦନ ବୃକ୍ଷ—5. Madana (tree).
(ଜଗରା—ସ୍ତ୍ରୀ) ସଂ. ବିଣ. ପୁଂ—ଧୂର୍ତ୍ତ, ଚାଲାକ—
Cunning; clever.

ଜଗର୍ନାଥ—ଗ୍ରା. ବି. (ଜଗନ୍ନାଥ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)—
Jagarnātha ଜଗନ୍ନାଥ (ଦେଖ)
जगरनाथ Jagannātha (See)
[ଦ୍ର—ଜଗନ୍ନାଥ ଶବ୍ଦକୁ ଅଜ୍ଞ ଲୋକେ 'ଜଗର୍ନାଥ' ଉଚ୍ଚାରଣ କରନ୍ତି । ଏହି ଉଚ୍ଚାରଣ ପ୍ରଭାବରେ ଇଂରାଜୀରେ 'Juggernaut' (ଜଗର୍ନାଟ) ଶବ୍ଦର ବ୍ୟବହାର ଚଳିଅଛି ।]

ଜଗଲ—ସଂ. ବି ଓ ବିଣ. (ଗଲ୍ ଧାତୁ ଯଙ୍‌ଲୁଗନ୍ତ ଜଗଲ ଧାତୁ=ପୁନଃ
Jagala ପୁନଃ ଗଳିତ ହେବା+କର୍ତ୍ତୃ. ଅ)—ଜଗର (ଦେଖ)
(ଜଗଲା—ସ୍ତ୍ରୀ) Jagara (See)

ଜଗଲ—ପ୍ରାଦେ. (ସମ୍ବଲପୁର) ବି—ଚୁଙ୍ଗୁଡ଼ିଆ ଦଳ (ଦେଖ)
Jagala Chuṅgurḍiā daḷa (See)

ଜଗହୁତ—ଦେ. ବି. (ସଂ. ଜଗତ୍+ହୂତ=ଜଗତର ଲୋକଙ୍କ ଦ୍ୱାରା
Jagahuta ପୂଜିତ ?)—ଜଗନ୍ନାଥ—God.

ଜଗହୁଲା—ଦେ. ବି—ଏକପ୍ରକାର ବଡ଼ ମସାଲ—
Jagahuḷā A big torch

୧	ଇ	ଡ	ର୍,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଅ	ଞ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଂ୍ୟ	ଇଅ	ଊ	ନ୍ନ

ଜଗା—ଦେ. ବି.—୧ । ଜଗିବା (ଦେଖ)
Jagā 1. Jagibā (See)
୨ । ଜଗନ୍ନାଥ ମହାପ୍ରଭୁ—2. The Deity Jagannātha.
ଶିବା ପଥର ଜଗା କାଠ, ଶଉ ସବୁ ଦଅ କାହିଁ—ଉଗ ।
୩ । ଜଗନ୍ନାଥ, ଜଗବନ୍ଧୁ ନାମଧାରୀ ବ୍ୟକ୍ତିର ଅବଜ୍ଞାବୋଧକ ଡାକ ନାମ—3. A name for calling persons named Jagannātha etc.
ଦେ. ବିଣ.—(ଅନ୍ୟ ବିଶେଷ୍ୟ ଶବ୍ଦ ସଙ୍ଗେ ଯୋଗେ) ଯେ ଜଗେ; ଜଗିଆ (ଦେଖ)
Jagiā (See)
(ଯଥା—ଗୋରୁଜଗା, ରାତିଜଗା ଇତ୍ୟାଦି)

ଜଗାଇବା—ଦେ. କ୍ରି.—ଜଗିବାର ଣିଜନ୍ତ ରୂପ—
Jagāibā Causative form of Jagibā.
(ଜଗେଇବା—ଅନ୍ୟରୂପ)

ଜଗାଇମାଧାଇ—ଦେ. ବି.—ଚୈତନ୍ୟ ଦେବଙ୍କ ସମସାମୟିକ ନବଦ୍ୱୀପବାସୀ ମହାପାପୀ ଓ ଦୁଷ୍ଟ ଦୁଇଭାଇ, ଯେଉଁମାନେ ପରେ ଚୈତନ୍ୟଙ୍କ ଦୟାରୁ ମହାପ୍ରେମିକ ଭକ୍ତ ହୋଇଥିଲେ—Names of two brothers of Nabadwipa who were very cruel and sinful but were changed into very loving and pious devotees.
Jagāi mādhāi
जगाईमाधाई

ଜଗାଜଗ—ଦେ. ବି.—କୌଣସି କାର୍ଯ୍ୟ ପ୍ରତି ବିଶେଷ ସାବଧାନତା ବା ସତର୍କତା ବା ହୁସିଆର—Utmost carefulness or caution; being on the guard; watchfulness.
Jagājag
छकाछक
ଦେ. ବିଣ.—୧ । କୌଣସି ବିଷୟକୁ ବିଶେଷ ସତର୍କ ହୋଇ ଜଗିଥିବା ବା ଦୃଷ୍ଟି ରଖିଥିବା; ଛକାଛକ—1. Using great care or caution; very watchful; being on one's guard.
୨ । ପରସ୍ପର ପରସ୍ପର ପ୍ରତି ସତର୍କ ରହିଥିବା—2. Being on one's guard against each other

ଜଗାଜଗି—ଦେ. ବି. ଓ ବିଣ—ଜଗାଜଗ (ଦେଖ)
Jagājagi Jagājag (See)

ଜଗାବଳିଆ—ଦେ. ବି.—ଜଗନ୍ନାଥ ଓ ବଳଭଦ୍ର—
Jagābaḻiā Lord Jagannātha and Baḻabhadra.
ଯାହାକୁ ରଖିବେ ଜଗାବଳିଆ,
ତାକୁ କି କରିବେ ବଡ଼ବଳିଆ—ଉଗ ।

ଜଗାରଖା—ଦେ. ବି. (ସହରର)—୧ । ସତର୍କତା ସହିତ କୌଣସି ବସ୍ତୁର ରକ୍ଷଣ ବା ତତ୍ପ୍ରତି ଦୃଷ୍ଟି ଦେବା—
Jagārakhā 1. Keeping watch over a thing.
देखाशुना
बचाव रखवारी ୨ । ସମ୍ପତ୍ତିର ରକ୍ଷଣାବେକ୍ଷଣ—
2. Preservation or management or supervision of a property.

ଜଗାଳ—ପ୍ରାଦେ. ବି. (କଟକ)—ଜଗୁଆଳ (ଦେଖ)
Jagāḻa Jaguāḻa (See)

ଜଗାଳି—ଦେ. ବିଣ. ପୁଂ—୧ । ଜଗିଆ (ଦେଖ)
Jagāḻi 1. Jagiā (See)
ପ୍ରାଦେ. (ଗଞ୍ଜାମ) ବି.—୨ । ଦଣ୍ଡାସି; ଗ୍ରାମ ଚଉକିଦାର—
2. Village watchman caste.

ଜଗିଆ—ଦେ. ବିଣ. ପୁଂ—୧ । ଯେ ଧନ ଆଦିକୁ କେବଳ ଜଗି ରଖେ—
Jagiā 1. One who simply guards a property.
(ଜଗେଇ—ସ୍ତ୍ରୀ) ଦେ. ବି.—ଜଗିବା—
राखाल Watching.
रखवाली
ସୁଗ୍ରୀବ ମାନେ ଦଧିମୁଖ ସେ ବରଣ ଜଗିଆରେ ଅଛି ।
ନୀଳକଣ୍ଠ ଦାଶ· ପିଲଙ୍କ· ରାମାୟଣ
୨ । ଜଗୁଆଳ; ପହରାବାଲା—
2. Guards-man; watch-man.
ମନ୍ତ୍ରମାନ ସଙ୍ଗେ ନାମ ଜଗିଆ ସମ୍ଭବ । ଗୀତା· କୃଷ୍ଣଜନ୍ମୁଘର ଗୀତା ।

ଜଗିବସିବା—ଦେ. କ୍ରି.—୧ । ଅତି ସାବଧାନତାପୂର୍ବକ ଜଗିବା—
Jagibasibā 1. To keep a vigilant watch.
୨ । ଅହରହଃ ଅପେକ୍ଷା କରି ରହିବା—
2. To keep waiting day and night.

ଜଗିବା—ଦେ. କ୍ରି. (ସଂ. ଜାଗୃ ଧାତୁ=ଜାଗରଣ କରିବା)—
Jagibā ୧ । ପହରା ଦେବା—
राखा 1. To watch; to guard; to keep watch over.
जागना. रखवारीकरना
ଯହୁଁ ଜଗି ନଣି ଯୋଗେ ଶାଳଗ୍ରୋପେ ।
ରଘୁନାଥ· ମହାଯାତ୍ରା ।
୨ । ଗୋ ମେଷାଦି ଚରିବା ସମୟରେ ତାଙ୍କ ପ୍ରତି ଦୃଷ୍ଟି ରଖିବା; ଚରାଇବା—2. To tend (cattle).
୩ । ଅପେକ୍ଷା କରି ରହିବା—3. To be in waiting; to keep waiting.
ଛ ମାସ ଜଗିଲ ଯମଦ୍ୱାରେ,
ବନେ ନ ପାଇଲ ଭେଟ—ଉଗ ।
୪ । କୌଣସି ପଦାର୍ଥକୁ ସାବଧାନତା ସହିତ ରକ୍ଷା କରିବା; ସମ୍ଭାଳିବା—4. To look to the safety or preservation of a thing with carefullness.
ମାନ କର ନୈକର ବିଦ୍ୟା ନ ଶ ଯାଏ
ଏଣୁ ତା ସର୍ବଦା ଜଗିବ ହିଁ ନିଶ୍ଚେ । କୃଷ୍ଣସିଂହ· ମହାଭାରତ· ବନ ।
୫ । ସତର୍କ ହେବା; ସାବଧାନ ହେବା; ହୁସିଆର ହେବା—
5. To be on the alert; to be caution; to be careful.
୬ । ରାତି ଅନିଦା ହୋଇ ବସିବା ବା ଚେଇଁବା; ଜାଗିବା—
6. To watch through the night; to keep up the whole night.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜଗିରଖି—ଦେ. କି. ବଣ. (ଜଗିବା ଓ ରଖିବା କ୍ରିୟାର ଅସମାପିକା ରୂପଦ୍ୱୟ ସହଚରରୂପେ ବ୍ୟବହୃତ ହୁଏ)—
Jagirakhi
ଖୁବ ସାବଧାନତା ଓ ସଂଯମ ଅବଲମ୍ବନ ପୂର୍ବକ—
With utmost care or caution.
(ଯଥା—ଜଗି ରଖି ଖରଚ କଲେ ମନୁଷ୍ୟ କଙ୍ଗାଳ ହୁଏ ନାହିଁ ।)

ଜଗି ରହିବା—ଦେ. କି—ଜଗି ବସିବା (ଦେଖ)
Jagi rahibā — Jagi basibā (See)

ଜଗୁ—ଦେ. ବ—ଜଗା (ଦେଖ)
Jagu — Jaga (See)

ଜଗୁଆ—ଦେ. ବଣ—୧ । ଯେ ଜଗେ—
Jaguā — 1. (a person) Keeping on watch.
রাখাল (ଯଥା—ଅଳ୍ପ ଗାଈ ଜଗୁଆ ପିଲେ ଅଛି କାହାନ୍ତି ?
रखवाला
୨ । ଜଗନ୍ନାଥ, ଜଗବନ୍ଧୁ ପ୍ରଭୃତିଙ୍କୁ ଡାକିବା ନାମ—
2. A name by which Jagannath or Jagabandhu is called.

ଜଗୁଆଳ—ଦେ. ବ—ଜଗୁଆଳି (ଦେଖ)
Jaguāla — Jaguāli (See)

ଜଗୁଆଳି—ଦେ. ବ—୧ । ପହରୀବାଲା—
Jaguāli — 1. Guard; watchman.
রাখাল
रखवाला

> ଗୋଡ଼ ମୂଳ ଅଗୁଆଳ, କଥାଏ ତ କଥା କହୁଥିଲୁ,
> ସାଙ୍ଗେ ସାଙ୍ଗେ ଜଗୁଆଳି—ଚଗ ।

୨ । ଗୋରୁ ରଖୁଆଳ—
2. Herdsman; a keeper of cattle etc.
ପ୍ରାଦେ. (ଗଞ୍ଜାମ) ବ—ଗଞ୍ଜାମର ଶୂଦ୍ର ଜାତିବିଶେଷ—
A easte of Śūdras in the district of Ganjam.

ଜଗୁଜୀବନ—ଦେ. ବ. (ସଂ. ଜଗଜ୍ଜୀବନ; ଜଗତର ପ୍ରାଣସ୍ୱରୂପ)—
Jagujībana — ପରମେଶ୍ୱର—God.

> ଜଗୁଜୀବନ ଦାଶରଥି
> ଜାନକୀ ଦେବୀ ପ୍ରାଣପତି । କମଳଲୋଚନ· ଚଉତିଶା ।

ଜଗୁସାଇଁ—ଦେ. ବ. (ସଂ. ଜଗତ୍ + ସ୍ୱାମୀ)—ଜଗନ୍ନାଥ—
Jagusāiñ — The Deity Jagannātha.

> ଗରୁଡ଼ ପଛରେ ଥାଇ, ଦେଖି ନରେ ଜଗୁସାଇଁ
> କାଶ କର ମନଭାପ, କହେ ପ୍ରତାପ ଯେ । ପ୍ରତାପ· ଶଶିରେଖା ।

ଜଗେଇ ମାଧେଇ—ଦେ. ବ—ଜଗାଇ ମାଧାଇ (ଦେଖ)
Jagei mādhei — Jagāi mādhāi (See).

ଜଗ୍ଧ—ସଂ. ବଣ. (ଅଦ୍ ଧାତୁ ଖାଇବା + କର୍ମ. ତ; ନିପାତନସିଦ୍ଧ)—
Jagdha — ଭକ୍ଷିତ; ଭୁକ୍ତ—Eaten; devoured.
ସଂ. ବ. (+ ଭାବ. ତ)—ଭକ୍ଷଣ—Eating.

ଜଗ୍ଧି—ସଂ. ବ. (ଅଦ୍ ଧାତୁ ଖାଇବା + ଭାବ. ତି; ନିପାତନସିଦ୍ଧ)—
Jagdhi — ୧ । ଭୋଜନ; ଭକ୍ଷଣ—1. Eating; meal.
୨ । କେତେ ଲୋକଙ୍କ ସଙ୍ଗେ ଏକତ୍ର ଖାଇବା; ସହଭୋଜନ (ହି. ଶବ୍ଦସାଗର)—
2. Dining together; feast.

ଜଗ୍ମି—ସଂ. ବ—ବାୟୁ (ହି. ଶବ୍ଦସାଗର)—
Jagmi — Air.
ସଂ. ବଣ—ଗତିଶୀଳ (ହି. ଶବ୍ଦସାଗର)—Moving.

ଜଘନ—ସଂ. ବ. (ହନ୍ ଧାତୁ ଯଙ୍ ଲୁଗନ୍ତ + କର୍ତ୍ତୃ. ଅନ)—
Jaghana — ୧ । ନିତମ୍ବ; ପିଚ୍ଛୁଆ; ଅଣ୍ଟା ଉପରୁ କଟି ପର୍ଯ୍ୟନ୍ତ ଗୋଡ଼ର ପଛ ଭାଗ—1. The hinder part; buttocks; hip and loins.
୨ । ସ୍ତ୍ରୀକଟି; ସ୍ଫିଗ୍—
2. Pudenda; mous Veneris (M. W.).
୩ । ସେନାର ପଶ୍ଚାଦ୍‌ଭାଗ—
3. Rear guard; the reserve of an army.
୪ । କଟିର ତଳ ଦେହର ସାମନା ଅଂଶ; ତଳପେଟ (ହି. ଶବ୍ଦସାଗର)—4, Abdomen.

ଜଘନକୂପ—ସଂ. ବ. (ଜଘନ + କୂପ)—ସୁନ୍ଦରୀସ୍ତ୍ରୀମାନଙ୍କର କଟିଦେଶର
Jaghanakūpa — ପଶ୍ଚାତ୍ ଭାଗରେ ଥିବା ଆବର୍ତ୍ତ ବା ଗର୍ତ୍ତଦ୍ୱୟ—
(ଜଘନକୂପକ—ଅନ୍ୟରୂପ) The small cavities seen in the back of the loins of comely women.

ଜଘନଚପଳା—ସଂ. ବ. ସ୍ତ୍ରୀ. (ବହୁବ୍ରୀହି; ଜଘନ + ଚପଳ + ସ୍ତ୍ରୀ. ଆ)—
Jaghanachapalā — ୧ । ଅସତୀ; ନଷ୍ଟଚରିତ୍ରା; କୁଳଟା—
1. An unchaste woman; adulteress.
୨ । ନର୍ତ୍ତକୀ—2. A dancing girl.
୩ । କାମୁକୀ ସ୍ତ୍ରୀ. (ହି. ଶବ୍ଦସାଗର)—
3. Lustful woman.
୪ । ସଂସ୍କୃତ ଆର୍ଯ୍ୟାଛନ୍ଦର ୧୬ ଭେଦ ମଧ୍ୟରୁ ଏକତମ (ହି. ଶବ୍ଦସାଗର)—4 One of the 16 varieties of the Sanscrit metre Ārjyā.
[ଦ୍ର—ଏ ଛନ୍ଦର ପ୍ରଥମାର୍ଦ୍ଧ ଆର୍ଯ୍ୟାଛନ୍ଦର ପ୍ରଥମାର୍ଦ୍ଧ ପରି ଓ ଦ୍ୱିତୀୟାର୍ଦ୍ଧ ଚପଳା ଛନ୍ଦର ଦ୍ୱିତୀୟାର୍ଦ୍ଧ ପରି ରଚିତ ।]

ଜଘନଫଳା—ସଂ. ବ. (ଜଘନରେ ବା ଗଛର କାଣ୍ଡରେ ଫଳ ଧରିବାରୁ)—
Jaghanaphalā — ୧ । ଡିମିରି (ଦେଖ)
1. Dimiri (See)
୨ । କାକମାଚି (ଦେଖ)
2. Kākamāchi (See)

ଜଘନ୍ୟ—ସଂ. ବଣ. (ଜଘନ=କଟି + ସ୍ୱାର୍ଥେ· ଯ)—
Jaghanya — ୧ । ନୀଚ; ଅଧମ—1. Low; mean.
୨ । ଘୃଣ୍ୟ; ଦ୍ୱେଷ୍ୟ—2. Hateful; despicable

୧	ଇ	ଉ	ଋ,ୠ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍ବ	ଡଅ	ଣ
୨	ଈ	ଊ	ଋୁ	ଳ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	●	ନ୍ତ

୩ । ଅନୁଚିତ—3. Improper.
୪ । ଗର୍ହିତ; ନିନ୍ଦନୀୟ—4. Blameworthy.
୫ । ଚରମ; ଅନ୍ତିମ—5. Ultimate; last; final.
ବି—୧ । ଶୂଦ୍ର 1. The Śūdra caste.
୨ । ମେଢ୍ର; ପୁଂଲିଙ୍ଗ—2. Penis.
୩ । ମେଷ; ମେଣ୍ଢା—3. Ram; sheep.
୪ । ନୀଚ ଜାତି; ହୀନବର୍ଣ୍ଣ—4. Low caste.
୫ । ପିଠିର ଯେଉଁ ଅଂଶ ପିଚ୍ଛ ଉପରେ ଥାଏ—
5. The part of the back over the hips.
୬ । ରାଜାମାନଙ୍କ ଅନୁଚରବିଶେଷ—
6. A class of kings' attendants.
[ଦ୍ର—ବୃହତ୍ ସଂହିତା ଅନୁସାରେ ଏ ଅନୁଚର ଧନୀ, ମୋଟା-ବୁଦ୍ଧିଆ, ହସୁରା, କ୍ରୂର, କଳହଶକ୍ତିଯୁକ୍ତ ହୋଇଥାଏ । ଏହାର ବର୍ଣ୍ଣ ଅର୍ଦ୍ଧଚନ୍ଦ୍ରାକାର, ଶରୀରର ଗଣ୍ଠି ଦୃଢ଼, ଅଙ୍ଗୁଳି ମୋଟ । ଏହାର ଛାତି, ହାତ ଓ ଗୋଡ଼ରେ ଖଣ୍ଡା ଆଦିର ଚିହ୍ନ ଥାଏ—ହ. ଶବ୍ଦସାଗର]
୭ । ଜଘନ୍ୟଭ (ଦେଖ)
7. Jaghanyabha (See)

ଜଘନ୍ୟଜ—ସଂ. ବି. ପୁଂ. (ଜଘନ୍ୟ+ଜନ୍+କର୍ତ୍ତୃ. ଅ)—
Jaghanyaja ୧ । ଶୂଦ୍ର—2. Śūdra.
୨ । ଅନ୍ତ୍ୟଜ (ହ. ଶବ୍ଦସାଗର)—
2. A person of low caste.
ବିଣ. ପୁଂ—କନିଷ୍ଠ—Younger in age; junior.

ଜଘନ୍ୟଭ—ସଂ. ବି—ଦ୍ୱିଜା ଆର୍ଦ୍ରା, ଅଶ୍ଳେଷା, ସ୍ୱାତି, ଜ୍ୟେଷ୍ଠା ଓ
Jaghanyabha ଶତଭିଷା ଏହି ଛଅ ନକ୍ଷତ୍ର (ହ. ଶବ୍ଦସାଗର)—
The 2nd, 6th, 9th, 15th, 18th and 24th asterisms.

ଜଘ୍ନି—ସଂ. ବି. (ହନ ଧାତୁ+କର୍ତ୍ତୃ. ଇ)—
Jaghni ୧ । ବଧକାରୀ; ଘାତକ (ହ. ଶବ୍ଦସାଗର)—
1. An assassin.
୨ । (+କରଣ. ଇ)—ଯେଉଁ ଅସ୍ତ୍ରଦ୍ୱାରା ବଧ କରାଯାଏ (ହ. ଶବ୍ଦସାଗର)—2. The instrument with which killing is done.

ଜଙ୍କ୍—ବୈଦେ. ବି. (ଫା. ଜଙ୍ଗ୍)—
Jank ୧ । କଳଙ୍କି; ଜଙ୍ଗ—1. Rust.
୨ । (ଇଂ) ଏକ ପ୍ରକାର ଚଉଡ଼ା ଡଙ୍ଗା—
2. Junk; a kind of wide boat.
ପ୍ରାଦେ. (ସମ୍ବଲପୁର) ବି—ଜୋକ—Leech

ଜଙ୍କ୍‌ସନ୍—ବୈ. ବି. (ଇଂ)—ରେଳର ଏକାଧିକ ଲାଇନ୍ ଯେଉଁ
Janksan ଷ୍ଟେସନରେ ଯୋଗ ହୋଇଥାଏ—
जङ्कसन Junction (Railway).
জংসন

ଜଙ୍ଖ—ଗ୍ରା. ବିଣ. (ସଂ. ଯକ୍ଷ)—କୃପଣ—
Jankha Miserly; close fisted.
ଦେ. ବି—ଜଖ (ଦେଖ)
Jakha (See)

ଜଙ୍ଖଲି—ପ୍ରାଦେ. (ଗଞ୍ଜାମ) ବି—ଏକ ପ୍ରକାର ସାରୁ—
Jankhali A kind of taro.

ଜଙ୍ଗ୍—ବୈଦେ. ବି. (ନେପାଳୀ ଭାଷା; ଫା. ଜଙ୍ଗ୍+ଯୁଦ୍ଧ)—
Jang ୧ । ଯୁଦ୍ଧ—1. Fight; war; battle.
जङ्ग ୨ । (ଫା. ଜଙ୍ଗ୍) କଳଙ୍କି—2. Rust.
জঙ্গ
(ଜଂଗ—ଅନ୍ୟରୂପ)

ଜଙ୍ଗ୍ ବାହାଦୁର—ପ୍ରାଦେ. (ନେପାଳୀ) ବି—
Jang bāhādura ନେପାଳର ପ୍ରଧାନ ମନ୍ତ୍ରୀଙ୍କ ଉପାଧି—
जङ्ग बाहादुर Title of the chief-minister of
জঙ্গ বাহাদুর Nepāla.

ଜଙ୍ଗ୍ ଲାଗିବା—ଦେ. କ୍ରି—ଧାତୁଦ୍ରବ୍ୟରେ କଳଙ୍କି ଧରିବା—
Jang lāgibā To rust.
जङ्गलागा
(ଜଙ୍ଗ୍ ଧରିବା—ଅନ୍ୟରୂପ)

ଜଙ୍ଗମ—ସଂ. ବିଣ. (ଯ ଙ ଲୁଗନ୍ତ ଗମ୍ ଧାତୁ+କର୍ତ୍ତୃ. ଅ; ଯେ ପୁନଃପୁନଃ
Jangama ବା ଅନବରତ ଗମନ କରେ)—
(ବିପରୀତ—ସ୍ଥାବର) ୧ । ଚଳନ୍ତ; ଗତି କରୁଥିବା—
জঙ্গম 1. Moving.
(ଜଂଗମ—ଅନ୍ୟରୂପ) ଜଙ୍ଗମ ହେବାର ଜମ୍ବୁକହସାର ଚୈଷ ଛୁ ଉଷ ସେ ଜ ପ୍ରକାର—ହଦସ୍ୱର୍ଯ. ଜରୋଶତମ୍. ଜ-ଗୀତ ।
୨ । ଯାହାକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଇ ପାରେ; ଅସ୍ଥାବର—2. Movable.
୩ । ଅସ୍ଥାୟୀ; ଅଚିର—
3. Not permanent; non-abiding.
୪ । ପରିବର୍ତ୍ତନଶୀଳ—4. Changeable.
୫ । ବଦଳୁଥିବା—5. Changing
୬ । କିଛିକାଳସ୍ଥାୟୀ; ସାମୟିକ—6. Temporary.
ଦେ. ବି—ଦକ୍ଷିଣଭାରତର ଲିଙ୍ଗାଏତ୍ ନାମକ ଶୈବସମ୍ପ୍ରଦାୟର ଗୁରୁ—Spiritual preceptor of the Lingaet sect of Siba worshipper in south India.
[ଦ୍ର—ଏମାନେ ଦୁଇ ଶ୍ରେଣୀର—ବିରକ୍ତ ଓ ଗୃହସ୍ଥ । 'ବିରକ୍ତ'-ମାନେ ମୁଣ୍ଡରେ ଜଟା ରଖନ୍ତି ଓ କୌପୀନ ମାରନ୍ତି ଓ ଲିଙ୍ଗାଏତ୍-ମାନେ ବିରକ୍ତମାନଙ୍କୁ ବେଶି ମାନ୍ୟ କରନ୍ତି—ହ. ଶବ୍ଦସାଗର ।]
ପ୍ରାଦେ· (ଗଞ୍ଜାମ) ବି—ଶିବପୂଜକ ତେଲଙ୍ଗା ଜାତିବିଶେଷ—
A cast among the Telugus who worship Siba.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜଙ୍ଗମକୁଟୀ—ସଂ. ବି. (ଜଙ୍ଗମ=ଗମନଶୀଳ + କୁଟୀ=ଗୃହ)—ଛତା—
Jaṅgamakuṭī An umbrella.
(ଜଂଗମକୁଟୀ—ଅନ୍ୟରୂପ)

ଜଙ୍ଗମବିଷ—ସଂ. ବି—ପ୍ରାଣୀମାନଙ୍କ ଦନ୍ତାଦି ଆଘାତଦ୍ୱାରା ଉତ୍ପନ୍ନ ବିଷ—
Jaṅgamabisha Poison proceeding from animals.
(ସ୍ଥାବରବିଷ—ବିପରୀତ) [ଦ୍ର—ସୁଶ୍ରୁତରେ ୧୬ ପ୍ରକାର ଜଙ୍ଗମ ବିଷର ଉଲ୍ଲେଖ ଅଛି; ଦୃଷ୍ଟିଜନିତ, ନିଶ୍ୱାସଜନିତ, ଦନ୍ତଜନିତ, ନଖଜନିତ, ମୂତ୍ରଜନିତ, ପୁରୀଷଜନିତ; ଶୁକ୍ରଜନିତ, ଲାଳାଜନିତ, ଆର୍ତ୍ତବଜନିତ, ଲାଙ୍ଗୁଡ଼ଜନିତ, ମୃତସନ୍ଦେଶଜନିତ, ଅସ୍ଥି, ପିତ୍ତ, ବିଶର୍ଦ୍ଧିତ, ଶୂକ ଓ ଶବ । ଭିନ୍ନ ଭିନ୍ନ ବିଷଧର ପ୍ରାଣୀମାନଙ୍କର ଭିନ୍ନ ଭିନ୍ନ ଅଙ୍ଗର ସଂସ୍ରବରେ ଅର୍ଦ୍ଦିତ ଜୀବ ଦେହକୁ ବିଷ ସଂକ୍ରମିତ ହୁଏ—ହି. ଶବ୍ଦସାଗର ।]

ଜଙ୍ଗମଭୂତ—ସଂ. ବି—ଜୈବ ପଦାର୍ଥ—Animal matter or animal
Jaṅgamabhūta substance.
(ଜଂଗମଭୂତ—ଅନ୍ୟରୂପ)

ଜଙ୍ଗମୁ—ପ୍ରାଦେ. (ଗଞ୍ଜାମ) ବି—ଜଙ୍ଗମ (ଦେଖ)
Jaṅgamu Jaṅgama (See)
(ଜଂଗମୁ—ଅନ୍ୟରୂପ)

ଜଙ୍ଗଲ—ସଂ. ବି. (ଜଙ୍ଗମ + ଲା ଧାତୁ; ଗ୍ରହଣ କରିବା + କର୍ତ୍ତୃ. ଅ)—
Jaṅgala ୧ । ବଣ; ଅରଣ୍ୟ; ବନ (ପ୍ରକୃତିବାଦ)—
1. Forest; jungle.
୨ । ମରୁଦେଶ; ଜଳଶୂନ୍ୟ ଭୂମି—
2. Desert; waterless country (M. W).
୩ । (ଯଙ୍ଙ୍ ଲୁଗନ୍ତ ଗଲ ଧାତୁ + କର୍ତ୍ତୃ. ଅ) ମାଂସ—
3. Flesh.

[ଦ୍ର—ଏହି ସଂସ୍କୃତ ବିଶେଷ୍ୟ ଶବ୍ଦଟି ଇଂରେଜି ଭାଷାକୁ ନିଆ ଯାଇଅଛି ।]

ବିଣ—୧ । ନିର୍ଜନ (ପ୍ରକୃତିବାଦ)—1. Solitary; lonely.
୨ । ଶୁଷ୍କ—2. Arid; dry (M. W).
୩ । ଅନୁର୍ବର; ମରୁମୟ; ଯେଉଁଠାରେ ବୃକ୍ଷଲତାଦି ଜନ୍ମେ ନାହିଁ—3. Sterile (M. W)

ଜଙ୍ଗଲ ଦେ. ବି—୧ । ନିବିଡ଼ ଅରଣ୍ୟ—
Jaṅgala 1. Dense forest.
जंगल ୨ । ଅରମା; ଯେଉଁ ସ୍ଥାନରେ ଲତା ଗୁଳ୍ମାଦି ବଢ଼ିଥାଏ—
जङ्गल 2. A place overgrown with wild plants
(ଜଂଗଲ—ଅନ୍ୟରୂପ) and creepers.

[ଦ୍ର—ସଂସ୍କୃତ ଭାଷାରେ ଜଙ୍ଗଲ ଶବ୍ଦର ଅର୍ଥ 'ବନ' ବା 'ଅରଣ୍ୟ' ମାତ୍ର ଓଡ଼ିଆ ଭାଷାରେ 'ନିବିଡ଼ବନ' ଅର୍ଥରେ ଓ 'ଅରମା ସ୍ଥାନ' ଅର୍ଥରେ ଏହି ଶବ୍ଦ ପ୍ରଯୁକ୍ତ ହୁଏ ।]

ଜଙ୍ଗଲବାଡ଼ି—ଦେ. ବି—ଜଙ୍ଗଲ ସଫା କରି ଚାଷ କରାଯିବା ନୂଆବାଦି
Jaṅgalabāṛdi ଜମି—Land recently reclaimed from the jungala.
ଜଙ୍ଗଲବାଡ଼ି
ଜଙ୍ଗଲବୁଡ଼ି } ଅନ୍ୟରୂପ
ଜଙ୍ଗଲବୁରି

ଜଙ୍ଗଲାଟ୍—ଦେ. ବିଣ—୧ । ଅରଣ୍ୟମୟ—
Jaṅgalāṭ 1. Overgrown with jungle.
জঙ্গলাট ୨ । କୃଷିର ଅନୁପଯୁକ୍ତ (ଭୂମି)—
जङ्गलात 2. Not fit for cultivation; not
(ଜଙ୍ଗଲାତ୍—ଅନ୍ୟରୂପ) arable (land).

ଜଙ୍ଗଲି—ଦେ. ବିଣ—୧ । ଅସଭ୍ୟ—
Jaṅgali 1. Uncivilised; untamed.
জঙ্গলী ୨ । ବନ୍ୟ—2. Wild; sylvan.
जाङ्गलू, जङ्गली ୩ । ଓଲୁ; ନିର୍ବୋଧ—
(ଜଙ୍ଗଲି—ଅନ୍ୟରୂପ) 3. Stupid; foolish; dunce.
୪ । ଜଙ୍ଗଲରେ ଜାତ ବା ପ୍ରାପ୍ତ—4. Available or growing on the forest; jungly.

[ଦ୍ର—୧ । ଏ ଶବ୍ଦ ଇଂରାଜୀରେ ମଧ୍ୟ ବ୍ୟବହୃତ ହୁଏ । ଏ ବୃକ୍ଷ ଭାରତବର୍ଷର ପଶ୍ଚିମଘାଟର ପାହାଡ଼, ବ୍ରହ୍ମଦେଶ ମାର୍ଟାବନ୍, ଟେନାସେରିମ ଓ ସିଂହଳର ଅରଣ୍ୟରେ ଜନ୍ମେ । ଏ ଗଛରୁ ଏକ ପ୍ରକାର ଅଠା (ଗୋନ୍ଦ) ବାହାରେ । ଏ ଗଛ ଫଗୁଣ ମାସରେ ଫୁଲ ଧରେ । ଫୁଲରୁ କଡ଼ା ଦୁର୍ଗନ୍ଧ ବାହାରେ । ଏ ଗଛର ଫଳକୁ ସିଝାଇ ଏକ ପ୍ରକାର ତୈଳ ବାହାର କରାଯାଏ । ଗରିବ ଲୋକେ ଦୁର୍ଭିକ୍ଷ ସମୟରେ ଏ ଫଳକୁ ଭାଜି କରି ଖାଆନ୍ତି । ପତ୍ର ଓ ଫଳ ଔଷଧରେ ଲାଗେ । ଏହାକୁ ପୁନ୍ ବା ପିନାରି କହନ୍ତି ।

୨ । ଆଉ ଏକ ପ୍ରକାର ବଡ଼ ଜାତୀୟ ବନ୍ୟ ଗଛକୁ ଜଙ୍ଗଲି ବାଦାମ କହନ୍ତି । ଏହା ଆଣ୍ଡାମାନ୍ ଓ ବ୍ରହ୍ମଦେଶରେ ଜନ୍ମେ—ଏ ଗଛରୁ ଅଠା (ଗୋନ୍ଦ) ଓ ଫଳରୁ ତେଲ ବାହାରେ । ଏହାର ପତ୍ର କଷାଳିଆ ଓ ଚମଡ଼ା କଷିବାରେ ବ୍ୟବହୃତ ହୁଏ । ଏ ମଞ୍ଜିର ଶସ ବାଦାମ ମଞ୍ଜି ପରି ଲୋକେ ଖାଆନ୍ତି ଓ ପିଲାଙ୍କୁ ଦୁଧ ସହିତ ଦିଅନ୍ତି । ଏଥିର ଛାଲ, ପତ୍ର, ବୀଜ ଓ ତେଲ ଔଷଧରେ ଲାଗେ । ଏହାର ପତ୍ରକୁ ରେସମ ପୋକ ମଧ୍ୟ ଖାଆନ୍ତି । ହି. ଶବ୍ଦସାଗର]

ଜଙ୍ଗଲିଆ—ଦେ. ବିଣ—ଜଙ୍ଗଲି (ଦେଖ)
Jaṅgaliā Jaṅgali (See)
(ଜଂଗଲିଆ—ଅନ୍ୟରୂପ)

ଜଙ୍ଗଲି ବାଦାମ—ଦେ. ବି—ବନ୍ୟ ବୃକ୍ଷବିଶେଷ—
Jaṅgali bādāma L. (1) Sterculia faetida.
জঙ্গলী বাদাম (2) Canarium commune
जङ्गलीबादाम; नटबादाम Eng. Java almond tree
ତେ. ଗୁରାପୁବାଦାମ (Kirtikar).
ତା. ପିନାରି, କୁତ୍ରୁପ୍ପୁଲୁ [ଦ୍ର—ପଶ୍ଚିମ ଭାରତ, ଦାକ୍ଷିଣାତ୍ୟ, ବ୍ରହ୍ମଦେଶ ଓ ସିଂହଳରେ ଏ ବୃକ୍ଷ ଜନ୍ମେ । ଏ ଗଛ ମଧ୍ୟେ ମଧ୍ୟେ ପତ୍ର ଝଡ଼ା ଦିଏ । ଏହାର ପତ୍ର ଓ ମଞ୍ଜି ଔଷଧରେ ଲାଗେ ।]

୧	ଇ	ଉ	ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଢ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ବ୍ର

ଜଙ୍ଗାଲ—ଦେ. ବି. (ସଂ. ଜାଙ୍ଗୁଳ; ଫା. ଜଂଗାର)—
Jangāl ୧। ତଦାରେ ଅଦ ରଙ୍ଗ କରିବା ନିମନ୍ତେ ତୈଳ
जङ्गाल ମିଶ୍ରିତ ରଙ୍ଗ; ତାମ୍ରସଂଯୁକ୍ତ ଘାସବର୍ଣ୍ଣ ରଙ୍ଗ—
জঙ্গার 1. A paint mixed with oil; verdigris;
(ଜଂଗାଲ୍—ଅନ୍ୟରୂପ) a variety of blue vitriol used for painting.

[ଦ୍ର—ଏହା ଗୋଟିଏ ବିଷ, ଏଥିରେ ତମ୍ବା, ଗନ୍ଧକ, ଗନ୍ଧକ ମିଶିଥାଏ । ତମ୍ବାଚୂର୍ଣ୍ଣକୁ ସିର୍କାରେ ୨୪ ଘଣ୍ଟା ରଖିଲେ ଏ ରଙ୍ଗ ହୁଏ ।]

୨। ତୁତିଆ—2. Blue vitriol.

ଜଙ୍ଗି—ବୈଦେ. ବିଣ. (ଫା. ଜଙ୍ଗ୍=ଯୁଦ୍ଧ)—
Jangi ୧। ଯୁଦ୍ଧସମ୍ବନ୍ଧୀୟ—1. Pertaining to war.
জংগি ୨। ସମରବିଭାଗୀୟ—2. Military.
जङ्गी (ଯଥା—ଜଙ୍ଗିଲାଟ୍)
(ଜଂଗି—ଅନ୍ୟରୂପ) ୩। ପରାକ୍ରମୀ; ମହାବଳ—
3. Very strong; indomitable.
ପ୍ରାଦେ. (ସମ୍ବଲପୁର) ବିଣ—ସୁଦୀର୍ଘ; ବୃହତ୍—
Big; large.
(ଯଥା—ଜଙ୍ଗି ଉପୋର୍ଟ ।)

ଜଙ୍ଗିପଲ୍ଟଣ୍—ଦେ. ବି—ଭାରତୀୟ ଇଂରାଜସେନା—
Jangipaltaṇ A battallian of English soldiers;
জংগী পলটন Indian army consisting of Europeans.
जंगी पलटन
(ଜଙ୍ଗୀ ପଲ୍ଟନ୍—ଅନ୍ୟରୂପ)

ଜଙ୍ଗିଭାଲୁ—ପ୍ରାଦେ. (ଗଞ୍ଜାମ) ବି—ଗାଡ଼ଭାଲୁ (ଦେଖ)
Jangibhālu Gārdabhālu (See)
(ଜଙ୍ଗୀ ଭାଲୁ—ଅନ୍ୟରୂପ)

ଜଙ୍ଗିଲାଟ—ଦେ. ବି. (ଫା. ଜଙ୍ଗ୍=ଯୁଦ୍ଧ)—
Jangilāṭa ଭାରତୀୟ ସୈନ୍ୟଙ୍କର ପ୍ରଧାନ ସେନାପତି—
জংগীলাট Honourable, the commander-in-
जंगीलाट chief of the Indian army.
(ଜଙ୍ଗୀଲାଟ—ଅନ୍ୟରୂପ)

ଜଙ୍ଗି ହରିଡ଼ା—ଦେ. ବି. (ସଂ. ଜାଙ୍ଗଲ ହରୀତକୀ)—
Jangi harirḍā ଜଙ୍ଘି ହରିଡ଼ା (ଦେଖ)
জাংগী হরীতকী Janghi harirḍā (See
जंगी हड़
(ଜଙ୍ଗୀ ହରିଡ଼ା—ଅନ୍ୟରୂପ)

ଜଙ୍ଗୁଳ—ସ. ବି. (ଜଙ୍ଗ୍, ଗମନଶୀଳ+ଲୁ ଧାତୁ=ଛେଦନ କରିବା+
Jangula କର୍ତ୍ତୃ. ଅ)—ବିଷ—Poison.
(ଜଂଗୁଳ—ଅନ୍ୟରୂପ)

ଜଙ୍ଘ—ଦେ. ବି. (ସ. ଜଙ୍ଘା)—ଜଙ୍ଘା (ଦେଖ)
Jangha Janghā (See)
জাংঘ; জাংগ
जाँघ
(ଜଂଘ—ଅନ୍ୟରୂପ)

ଜଙ୍ଘ ଧରିବା—ଦେ. କ୍ରି—ଜଙ୍ଘରେ ବେଦନା ହେବା—
Jangha dharibā Aching in the thigh.

ଜଙ୍ଘା—ସ. ବି. (ଜନ୍ ଧାତୁ+ଅ+ଆ; ନିପାତନ)—୧। ଅଣ୍ଟ
Janghā ଉପରଠାରୁ ଅଣ୍ଟାପର୍ଯ୍ୟନ୍ତ ଗୋଡ଼ର ସମ୍ମୁଖ ଅଂଶ—
1. Thigh; the part about the loins (Apte).
ଗଲ୍ପସିନା ଉଙ୍ଗରେ ଜଙ୍ଘ ଲୁଚା ଫେରୁ
ମୁଣ୍ଡପୋଡ ଉହେ ଗଜରେ ବିଂଧେ ଚୁରୁ ! କୃଷ୍ଣସିଂହ. ମହାଭାରତ. ବନ।
୨। ଗୋଡ଼ଜଣ୍ଡା; କଲାଗଣ୍ଠି ଓ ଆଣ୍ଠୁର ମଧ୍ୟବର୍ତ୍ତୀ ଅଂଶ—
2. Shank; part of the leg from the ankle to the knee.
୩। କତୁରିର ଯେଉଁ ଅଂଶରେ ଆଙ୍ଗୁଠି ଗଳାଯାଇ କତୁରିକୁ ବ୍ୟବହାର କରାଯାଏ (ହି. ଶବ୍ଦସାଗର)—
3. The eyes of a pair of scissors.
ଜଂଘାର ଦେ. ବି—ଜଙ୍ଘରେ ଉଠିବା ଦୁଷ୍ଟବ୍ରଣ; ଜଙ୍ଘକୁ ଭଲ୍ଲ ଗଢ଼ିବା ରୋଗ—A painful boil on the thigh.

ଜଙ୍ଘାକରିକ—ସ. ବି. (ଜଙ୍ଘା+କର=ଶୁଳ୍କ+ଗ୍ରହଣାର୍ଥେ ଇକ)—
Janghākarika ୧। ଧାବକ; ଯେ ଦ୍ରୁତବେଗରେ ଗମନ କରେ; ଧାଉଡ଼ିଆ ପାଇକ—1. A courier; a swift runner.
୨। ମୃଗବିଶେଷ—2. A stag.

ଜଙ୍ଘାତ୍ରାଣ—ସ. ବି. (ଜଂଘା+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ.
Janghātrāṇa ଅନ)—ଜଙ୍ଘକୁ ରକ୍ଷା କରିବାର କବଚ—
1. Cuish; an armour for the thighs.
୨। ପେଣ୍ଟଲୁନ୍—2. Pantaloons; trousers.
୩। ଜଙ୍ଘିଆ—3. Half-pant; shorts.

ଜଙ୍ଘାବଳ—ସ. ବି—ବେଗଗାମୀ ଦୂତ—
Janghābala A fleet messanger.
ଲଙ୍ଘାଏ ଦୁର୍ଗ ନୋହେ ଜଙ୍ଘାବଳ । କବିସୂର୍ଯ୍ୟ. କବିତାକଲ୍ଲୋଳ

ଜଙ୍ଘାବୃତ୍ତି—ସ. ବି—୧। ଚାଲି କରି ଯିବା ଆସିବାର ବ୍ୟବସାୟ—
Janghābrutti 1. Pedestrianism.
୨। ଦୌଡ଼ି କରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାର ବ୍ୟବସାୟ—
2. The office of a courier or runner.

ଜଙ୍ଘାଳ—ସ. ବିଣ. (ଜଙ୍ଘା+ଅଲ)—୧। ଦ୍ରୁତଗାମୀ—
Janghāla 1. Fleet of foot; quick marching.
୨। ଧାବକ—2. Running.
ବି—୧। ହରିଣ—1. Antilope; deer; stag.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚହ୍ନିତ ଅରେ ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଧାଉଡ଼ିଆ ପାଇକ— 2. A runner; courier.

ଜଙ୍ଘାଳା— ଦେ. ବି— ପ୍ରାଚୀନ କାଳରେ ଭାରତବାସୀଙ୍କ ଦ୍ୱାରା ବ୍ୟବହୃତ ଅର୍ଣ୍ଣବପୋତବିଶେଷ—A kind of ship used in ancient India.
Janghāla
[ଦ୍ର— ଭୋଜରାଜାଙ୍କ ପ୍ରଣୀତ 'ଯୁକ୍ତିକଳ୍ପତରୁ' ଗ୍ରନ୍ଥରେ ଏଥିର ଉଲ୍ଲେଖ ଅଛି— ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ଜଙ୍ଘାଶୂଳ— ସଂ. ବି. (ଜଙ୍ଘା + ଶୂଳ; ୬ଷ୍ଠୀ ତତ୍)— ଜଙ୍ଘବଥା— Pain or aching in the thigh.
Janghāsūla

ଜଙ୍ଘି— ଦେ. ବି— ୧ । ପାଜାମା—1. Trousers; drawyers
Janghi ୨ । ଜଙ୍ଘ— 2. Thigh.
ଜାଂଘିଆ ଜଙ୍ଘିକି ଯେଉଁଠାରେ ଅଛି କେବଳ
जांघिया , ଜଙ୍ଘିକି ଢାଙ୍ଗିବାକୁ ବଇଗଲୁଛି । ଦ୍ରୁକନାଥ. ସମରତରଙ୍ଗ ।
ବିଣ— ଦ୍ରୁତଗାମୀ— Fleet of foot; quick marching.
ପ୍ରାଦେ. (ସମ୍ବଲପୁର) ବିଣ— ସୁଦୀର୍ଘ; ବୃହତ୍ —Big; large.

ଜଙ୍ଘି (ଇତ୍ୟାଦି)— ବୈଦେ. ବିଣ— ଜଙ୍ଗି ଇତ୍ୟାଦି (ଦେଖ)
Janghi (etc) Jangi etc (See)

ଜଙ୍ଘିଆ— ଦେ. ବି— ଜଙ୍ଘଯାଏ ପିନ୍ଧାଯିବା ପାଇଜାମା— Half pant; shorts.
Janghiā
जांघीया
जांघिया

ଜଙ୍ଘିଲ— ସଂ. ବି. (ଜଙ୍ଘା + ଇଲ)— ଜଙ୍ଘାଳ (ଦେଖ)
Janghila Janghāla (See)

ଜଚ୍— ଦେ. ବି. (ସଂ. ଯାଚ୍ ଧାତୁ)— ଯାଚିବା କର୍ମ—
Jachā The act of offering or promising to give some thing.
ବିଣ— ଯେଉଁ ପଦାର୍ଥକୁ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଦେବାକୁ ଯାଚିଥାଏ —(any thing) Offered or promised to be given by one person to another.

ଜଚାଇ— ଦେ. ବି— ଯାଚାଇ (ଦେଖ)
Jachāi Jāchāi (See)
(ଜଚେଇ— ଅନ୍ୟରୂପ)

ଜଚାଇବା – ଦେ. କ୍ରି— ୧ । ଯାଚିବା କ୍ରିୟାର ଣିଜନ୍ତରୂପ—
Jachāibā 1. Causative form of Jāchibā.
(ଜଚେଇବା— ଅନ୍ୟରୂପ) ୨ । ବଜାରରେ କୌଣସି ଦ୍ରବ୍ୟର ଭାଉ ଏକାଧିକ ସ୍ଥାନରେ ବୁଝିବା—2. To know the market rate of anything in different places.

ଜଚାଜଚି— ଦେ. ବି – ୧ । କୌଣସି ବସ୍ତୁକୁ ଅନେକବାର ଯାଚିବା କର୍ମ-
Jachājachi 1. Offering of an article several times.
୨ । ପରସ୍ପରକୁ ଯାଚିବା—2. Mutual offering.

ଜଛ— ଗ୍ରା. ବି. (ସଂ. ଯଶଃ)— ଯଶ (ଦେଖ)
Jachha Jasa (See)
(ଦଛ— ଅନ୍ୟରୂପ)

ଜଜ୍— ବୈଦେ. ବି (ଇଂ)— ୧ । ବିଚାରପତି—1. Judge.
Jaj ୨ । ଜିଲ୍ଲାର ପ୍ରଧାନ ବିଚାରପତି—
जज् 2. District judge; Sessions Judge.
जज ୩ । ହାଇକୋର୍ଟର ବିଚାରପତି— 3. High Court Judge.

[ଦ୍ର— ଜଜ ଶବ୍ଦ ପୂର୍ବେ ଅନେକ ବୈଦେଶିକ ଶବ୍ଦଯୁକ୍ତ ବୈଦେଶିକ ଶବ୍ଦମାନ ଭାଷାରେ ମଧ୍ୟ ଚଳେ । ଯଥା — ସବ୍ ଜଜ୍, ସବଅଡ଼ିନେଟ୍ ଜଜ୍, ଚିଫ୍‌ଜଜ୍ , ସେସନ୍ ଜଜ୍, ଡିଷ୍ଟ୍ରିକ୍ଟ ଜଜ୍ ।]

ଜଜ୍ କମିଶନ୍— ବୈଦେ.ବି (ଇଂ। (ସହଚର ଶବ୍ଦ)— ଜଜ୍ ଓ କମିଶନର-
Jaj kamisan Judge and Commissioner.
[ଦ୍ର— ଏ ଶବ୍ଦ 'ବଡ଼ ବଡ଼ ରାଜକର୍ମଚାରୀ' ଅର୍ଥରେ ବ୍ୟବହୃତ ।]

ଜଜ୍ କଲିଟର୍— ବୈଦେ.ବି.(ଇଂ)(ସହଚର ଶବ୍ଦ)— ଜଜ୍ ଓ କଲେକ୍ଟର-
Jaj kilatar Judge and collector.

[ଦ୍ର— ଏ ଶବ୍ଦ "ବଡ଼ ବଡ଼ ରାଜକର୍ମଚାରୀ" ଅର୍ଥରେ ବ୍ୟବହୃତ, ଯଥା— ତୁ କଅଣ 'ଜଜ୍ କଲିଟର୍' କି ?]

ଜଜ୍‌କୋର୍ଟ— ବୈଦେ.ବି. (ଇଂ. ଜଜ୍‌କୋର୍ଟ)— ଜିଲ୍ଲା ବା ବିଭାଗର ପ୍ରଧାନ ବିଚାରାଳୟ—Court of District and Sessions Judge; Judge Court.
Jajcot
जजकोट
जजकोर्ट

ଜଜ୍ କୋର୍ଟିଆ— ଦେ. ବିଣ— ଯେଉଁମାନେ ଜଜ୍‌କୋର୍ଟରେ ବ୍ୟବସାୟ କରନ୍ତି—Practising in the court of District Judge; (e. g. pleaders; as distinguished from High Court Vakils).
Jaj kotiā
जजकोटेर
जजकोर्टका

ଜଜ୍‌ଗିରି – ଦେ. ବି— ଜଜ୍ ବା ବିଚାରପତିଙ୍କ କାର୍ଯ୍ୟ, ପଦ ବା ଚାକିରି—
Jajgiri Judgeship; the office or duty of a judge.
जजगिरि
जजगिरि

ଜଜ୍‌ପଣ୍ଡିତ— ଦେ. ବି. (ଇଂ. ଜଜ୍ + ସଂ. ପଣ୍ଡିତ)— ଇଂରାଜମାନେ ପ୍ରଥମେ ଭାରତବର୍ଷକୁ ଅଧିକାର କରିବା ସମୟରେ ଇଂରାଜ ବିଚାରପତି ବା ଜଜମାନଙ୍କୁ ହିନ୍ଦୁଶାସ୍ତ୍ର ସମ୍ବନ୍ଧୀୟ ଜଟିଳ ପ୍ରଶ୍ନର ମୀମାଂସା ନିମନ୍ତେ ସାହାଯ୍ୟ ଓ ପରାମର୍ଶ ଦେବା ନିମନ୍ତେ ନିଯୁକ୍ତ ହିନ୍ଦୁ ସ୍ମୃତିଶାସ୍ତ୍ରଜ୍ଞ ପଣ୍ଡିତ — Pandits formerly attached to the courts of Civil Judges to help the Judges with opinions and advice on questions of Hindu Law; Judge Pandit.
Jaj pandita
जजपंडित
जजपण्डित

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ଼	ଉଃ	ଞ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଢ଼	ନ୍ନ

ଜଜ୍‌ମେଣ୍ଟ୍—ବୈଦେ. ବି.(ଇଂ)—ବିଚାରପତିଙ୍କ ଶେଷ ବିଚାରଫଳ; ରାଏ—
Jajment — Judgement; final decission of a Judge.
জজমেণ্ট
जजमेंट

ଜଜ୍‌ମୌଲବୀ—ଦେ. ବି. (ଇଂ. ଜଜ୍ + ଫା. ମୌଲବୀ)—
Jajmaulabi — ଇଂରାଜମାନେ ପ୍ରଥମେ ଭାରତରେ ରାଜ୍ୟସ୍ଥାପନ କରିବା ସମୟରେ ଜଜ୍‌ମାନଙ୍କୁ ମୁସଲମାନ ଶାସ୍ତ୍ର ସମ୍ବନ୍ଧୀୟ ଜଟିଳ ପ୍ରଶ୍ନର ମୀମାଂସା କରିବାକୁ ପରାମର୍ଶ ଦେବା କାରଣ ନିଯୁକ୍ତ ମୁସଲମାନଶାସ୍ତ୍ରଜ୍ଞ ମୌଲବୀ—
জজমোলবী
जजमउलवी
Judge-moulvy; a person versed in Mahomedan law attached formerly to the courts of civil judges to help them with advice on questions of Mahomedan Law.

ଜଜବଜ—ଦେ. ବି—ପ୍ରାଚୁର୍ଯ୍ୟ—
Jajabaja — Abundance (Howells).
জজবজ — ବିଣ—ପ୍ରଚୁର; ଯଥେଷ୍ଟ—
Enough; sufficient.

ଜଜମାନ—ଦେ. ବି—ଯଜମାନ (ଦେଖ)
Jajamāna — Jajamāna (See)
যজমান
जिजमान

ଜଜାଙ୍ଗ—ଦେ. ବି. (ସଂ. ଜିଙ୍ଗିନୀ)—ଏକଜାତୀୟ ବନ୍ୟ ଗଛ—
Jajānga — A kind of small wild tree with fragible boughs.
জিঅল
जिंगिन

[ଦ୍ର—ଏହା ଅମ୍ରାତବର୍ଗର ବୃକ୍ଷ; ଅମ୍ବଡ଼ା ଗଛ ପରି ଜାତି ଦୀର୍ଘତରୁ । ଏଥିର ଡାଳ ନରମ, ଏହାର ପତ୍ରକୁ ବାଟି ବଥ ଉପରେ ଲେପ ଦେଲେ ତାହା ଶୀଘ୍ର ପାଚି ଫାଟିଯାଏ । ପତ୍ର ପକ୍ଷାକାର, ପ୍ରତି ବର୍ଷ ପତ୍ରଝଡ଼ା ହୁଏ ଏହାକୁ 'ଦାନ୍ତକାଠି' କରିବ ନାହିଁ ବୋଲି ପୁରାତନ ପ୍ରବଚନ ଆମ ଦେଶରେ ଅଛି । ଯଥା—

'ଜାମୁ ଜଜାଙ୍ଗ କପାଙ୍ଗାରୁ ଯାକୁ ନ କର ଦାନ୍ତକାଠି,
ଯେବେ କରିବ ବଳେ ତେବେ ପକାଇବ ଜଳେ'—ପ୍ରବଚନ

ଏ ଗଛର ଗଣ୍ଡିରୁ ସର୍ବଦା ଅଠା ବହୁଥାଏ । ପାଚିଲା ଜଜାଙ୍ଗ ଫଳରୁ ଏକ ପ୍ରକାର ନୀଳ ରସ ବାହାରେ ।]

ଜଜାଙ୍ଗି—ପ୍ରାଦେ. (ଗଞ୍ଜାମ; ସମ୍ବଲପୁର) ବି—ଜଜାଙ୍ଗ (ଦେଖ)
Jajāngi — Jajānga (See)

ଜଜାଲ—ଦେ. ବିଣ. ପୁଂ. (ସଂ. ଯୁଧ ଧାତୁରୁ; ଯୁଦ୍ଧପ୍ରିୟ; ଯୁଦ୍ଧଶୀଳ)—
Jajāla — ୧ । କଳହପ୍ରିୟ—1. Quarrelsome.
(ଜଜାଲୀ—ସ୍ତ୍ରୀ) — ୨ । ବଳିଷ୍ଠ—2. Strong.
୩ । ମହାକାୟ—3. Gigantic.
୪ । ବୃହତ୍—4. Big.

[ଦ୍ର—ଲୋକେ ଦୁଷ୍ଟା ଓ ମହାକାୟା ସ୍ତ୍ରୀମାନଙ୍କୁ ଏହି ବିଶେଷଣ ଦେଇଥାଆନ୍ତି ।]

ଦେ. ବି—୧ । ବନ୍ଧୁକବିଶେଷ—
1. A kind of matchlock gun.

ତୋପ କମାଣ ନିଶକ୍ଷ ଗୁଣ
ଜଜାଲ ଜମ୍ବୁର ନଳ ପ୍ରଚଣ୍ଡ । ବ୍ରଜନାଥ. ସମରତରଙ୍ଗ ।

[ଦ୍ର—ଏହା ତୋଡ଼ାଦାର ଓ ଏଥିର ନଳୀ ଲମ୍ବା, ଏହା ଭାରି ଓ ଏଥିର ଗୁଳି ବହୁ ଦୂରକୁ ଯାଏ ।]

୨ । ଏକ ପ୍ରକାର ତୋପ—
2. A kind of cannon.

[ଦ୍ର—ଏଥିରେ ଗୋଡ଼ି ଓ ପଥର ଭରିତ କରାଯାଇ ମରା ଯାଉଥିଲା ।]

ଜଜି-ବାବା—ପ୍ରାଦେ. (ଯାଜପୁର) ବି—ଜଇଜି-ବାବା (ଦେଖ)
Jaji-bābā — Jaija-bābā (See)

ଜଝାଲ—ଦେ. ବିଣ. ପୁଂ—ଜଜାଲ (ଦେଖ)
Jajhāla — Jajāla (See)
(ଜଝାଲୀ—ସ୍ତ୍ରୀ)

ଜଞ୍ଜକା—ଦେ, ବି—ବନ୍ୟବୃକ୍ଷବିଶେଷ—
Jañjakā — Webera Corymbosa.

ଜଞ୍ଜପୂକ—ସଂ. ବିଣ. ପୁଂ. (ଜପ୍ ଧାତୁ—ଯଙ୍ ଲୁଗନ୍ତ + କର୍ତ୍ତୃ. ଊକ)—
Jañjapūka — ୧ । ଯେ ସର୍ବଦା ଜପ କରେ—
(ଜଞ୍ଜପୂକା—ସ୍ତ୍ରୀ) — 1, Always engaged in counting beads.
୨ । ଗର୍ହିତ ଜପକାରୀ—2. Always counting beads for evil purposes.

ଜଞ୍ଜାଲ୍—ପ୍ରାଦେ. (ସମ୍ବଲପୁର) ବି. (ଳ ସ୍ଥାନରେ ଲ ଉଚ୍ଚାରଣ ଓ ଶେଷ ବର୍ଣ୍ଣ ହଲନ୍ତ)—ଜଞ୍ଜାଳ (ଦେଖ)
Jañjāl — Jañjāla (See)

ଜଞ୍ଜାଳ—ସଂ. ବି. (ଜନ୍ ଧାତୁ ; ଯଙ୍ ଲୁଗନ୍ତ + କର୍ତ୍ତୃ. ଅ=ଜଞ୍ଜ + ପୂରଣାର୍ଥେ. ଅଳ; ଯେ ବାରମ୍ବାର ବା ଉପର୍ଯ୍ୟୁପରି ଜନ୍ମ ହୁଏ)—୧ । ଅଳିଆ; ଅବର୍ଜନା—1. Rubbish; sweepings; refuse matters.
Jañjāla
জংজাল
जंजाल
(ଜଂଜାଳ—ଅନ୍ୟରୂପ) — ୨ । ଗୋଳମାଳ; ଉତ୍ପାତ; ଗଣ୍ଡଗୋଳ—
2 Disorder; confusion; complication.
୩ । ଝଞ୍ଜଟ—3. Trouble; botheration.

ତୋତେ ନ ଲାଗେ ତା ଜଞ୍ଜାଳ । ଭୂପତି—ପ୍ରେମପଞ୍ଚାମୃତ ।

୪ । କଳିକଜିଆ—4. Quarrels.
୫ । ସଙ୍କଟ; ବିପଦ; ଦୁର୍ଭାଗ୍ୟ—5. Misfortune.
୬ । ସଂସାରର ମାୟା; ବିଷୟମାୟା—
6. Worldly tie or complications.

ଦେହ ଜଞ୍ଜାଳ ତ୍ରାସ ଭିଟଣେ
ପଦାର୍ଥ ମାଗିବ ମୁଁ କେତେ । ଭୂପତି—ପ୍ରେମପଞ୍ଚାମୃତ ।

ସାଧାରଣ ଲେଖେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୭ । ଅଳ; ଉପର୍ଯ୍ୟୁପରି କ୍ରମାଗତ କରି ପ୍ରାର୍ଥନା—
7. Importunity; repeated pressing request.
୮ । ଜଜାଳ (ଦେଖ)
8. Jajāla (See)

ଜଞ୍ଜାଳ କରବା—ଦେ. କି—୧ । ଉପର୍ଯ୍ୟୁପରି କ୍ରମାଗତ କରି ପ୍ରାର୍ଥନା Janjāla karibā କରିବା; ଅଳ କରିବା; ଧିକ୍‌ମିକ କରିବା—
1. To importune.
୨ । ଧରକୁ କରିବା—2. To bother; to worry.

ଜଞ୍ଜାଳ ଲଗାଇବା—ଦେ. କି—ଜଞ୍ଜାଳ କରିବା (ଦେଖ)
Janjāla lagāibā Janjāla karibā (See)
(ଜଞ୍ଜାଳ ଲଗେଇବା—ଅନ୍ୟରୂପ)

ଜଞ୍ଜାଳିଆ—ଦେ. ବିଣ. ପୁଂ—୧ । ଯେ ବିଶେଷ କ୍ରମାଗତ ଧରି ପ୍ରାର୍ଥନା Janjālia କରେ; ଧୀଟ—1. Importunate; troublesome; ଜଞ୍ଜାଳିଆ; ଜଞ୍ଜାଳେ unreasonably solicitous.
जंजालिया ପିଲାଗୁଡ଼ାକ ସବୁଦିନେ ଜଞ୍ଜାଳିଆ ସେମାନଙ୍କ କଥା କିଏ ଧରିବେ । ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଝଞ୍ଜଟିଆ; ଗୋଳମାଳରେ ଜଡ଼ିତ—
2. Complicated; confused.
୩ । ସାଂସାରିକ ବିଷୟରେ ଜଡ଼ିତ—
3. Beset with worldly complications.
୪ । ଯେ ଜଞ୍ଜାଳ ଲଗାଏ—
4. Creating botherations.
୫ । କଳହପ୍ରିୟ—5. Quarrelsome.
୬ । ଯେ ଗୋଳମାଳ ଲଗାଏ—
6. Creating complications.

ଜଞ୍ଜାଲିଆ—ପ୍ରାଦେ. (ସମ୍ବଲପୁର) ବିଣ—ଜଞ୍ଜାଳିଆ (ଦେଖ)
Janjalia Janjālia (See)

ଜଞ୍ଜାଳୀ—ଦେ. ବିଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ ବିଶେଷ ଅଳ କରେ—
Janjāli 1. Importunate (woman)
(ଜଞ୍ଜାଳେଇ—ଅନ୍ୟରୂପ) ୨ । କଳହପ୍ରିୟା—
2. Quarrelsome (woman).
୩ । ଯେ ବିଶେଷ ଗୋଳମାଳ କରେ—
3. Troublesome (woman).

ଜଞ୍ଜିର—ଦେ. ବି. (ଫା. ଜଞ୍ଜୀର; ଜଂଜୀର)—
Janjira ୧ । ଶିକୁଳି; ଜଞ୍ଜିର; ଝଞ୍ଜିର—1. Chain.
ଜଞ୍ଜିର ୨ । କବାଟରେ ଲାଗିବା ଶିକୁଳି—2. Door-chain.
जंजीर ୩ । ଅଧିକାଳ ଜମି ମାପିବାର ଚେନ୍—
3. Surveying chain.
୪ । ସ୍ତ୍ରୀମାନଙ୍କ ଜୁଡ଼ାର ଚଉଁରଭୁଣ୍ଡିରୁ ଓହଳଥିବା ଶିକୁଳି; ଅଳଙ୍କାରବିଶେଷ – 4. Chain hanging from the hairpin of a woman's coiffure
୫ । (କଚେରୀଆ; ଲକ୍ଷଣାର୍ଥ) ପରବର୍ତ୍ତୀ ଦଲିଲ ପ୍ରଭୃତିରେ ପୂର୍ବବର୍ତ୍ତୀ କୌଣସି କାରବାରର ଉଲ୍ଲେଖ—
5. Mention or reference to a previous transaction in a subsequent document.
[ଦ୍ର—ଜଣେ ଖାତକ ୧୯୦୦ ସାଲରେ ମହାଜନଠାରୁ ତମସୁକଦ୍ୱାରା ଟ ୧୦୦ଙ୍କା ନେଇଥିଲା । ତାହା ପରିଶୋଧ ନ କରି ପୁଣି ୧୯୦୩ ସାଲରେ ହାଣ୍ଡ୍‌ନୋଟ୍‌ଦ୍ୱାରା ଟ ୨୫ଙ୍କା ନେଲା । ଏପରି ସ୍ଥଳରେ ପରବର୍ତ୍ତୀ ହାଣ୍ଡ୍‌ନୋଟ୍ ଲେଖା ହେବାବେଳେ ପୂର୍ବବର୍ତ୍ତୀ ଅପରିଶୋଧିତ ଦେଣାର ଜଞ୍ଜିର ହାଣ୍ଡ୍‌ନୋଟରେ ଲେଖା ହେଲା ।]

ଜଞ୍ଜିରକାଠି—ଦେ. ବି—ଗୋଜକାଠି; ମୁଣ୍ଡ ଖୋସାରେ ଗୁଞ୍ଜା ହେବା Janjirakāthi ନିମନ୍ତେ ଶିକୁଳି ଲାଗିଥିବା କାଠି—
A hairpin attached with jingling chains for being thrust into the chignon.

ଜଞ୍ଜିର ଦେବା—ଦେ. କି.—କବାଟରେ ଶିକୁଳି ଦେବା; ଶିକୁଳିଲଗାଇ Janjira debā କବାଟ ବନ୍ଦ କରିବା—To enchain (a ଜଞ୍ଜିର ଦେଓଆ door); to chain up; to secure a door **जंजीर लगाना** to the door post by fastening the door chain.

ଜଞ୍ଜିରପୋଲ—ଦେ. ବି.—ଶିକୁଳିରେ ଝୁଲା ହୋଇ ଯେଉଁ ପୋଲ ବା Janjirapola ସେତୁ ନଦୀ ଆଦି ପାରି ହେବା ନିମନ୍ତେ ପ୍ରସ୍ତୁତ ଜଂଜୀରପୁଲ ହୋଇଥାଏ; ଝୁଲା ପୋଲ—Hanging bridge; **जंजीरपुल** suspended bridge; chain-bridge.

ଜଞ୍ଜିରମାପ—ଦେ. ବି.—ଚେନ୍‌ଦ୍ୱାରା ଭୂମିମାପ—
Janjira māpa Chain survey.
ଜଞ୍ଜୀରମାପ
जंजीरसे नाप
(ଜଞ୍ଜିରି ମାପ; ଜଞ୍ଜିର ମାପ – ଅନ୍ୟରୂପ)

ଜଞ୍ଜିର ଲଗାଇବା—ଦେ. କି. – ଜଞ୍ଜିର ଦେବା (ଦେଖ)
Janjira lagāibā Janjira debā (See)
(ଜଞ୍ଜିର ଲଗେଇବା—ଅନ୍ୟରୂପ)

ଜଞ୍ଜିରା—ଦେ. ବି.— ୧ । ଜଞ୍ଜିର (ଦେଖ)
Janjirā 1. Janjira (See)
ଜଞ୍ଜିରା (ବଣିଆ ଶବ୍ଦ) ୨ । ସୁନା ବା ରୂପା ତାରକୁ ଗୋଲକାର **जंजीरा** କାଢ଼ି ଉପରେ ଥରକୁଥର ଗୁଡ଼ାଇ କାଢ଼ିକୁ ବାହାର କରି ଶିଳ ଉପରେ ଶିଳପୁଆ ଗଡ଼ାଇ ଯେପରି ଚେପି ହୋଇଯାଏ ସେହିପରି ଚେପିଦେଲେ ଯେଉଁ ଜାଲି ତିଆରି ହୁଏ ତାହା—2. A kind of filagree work woven like a rope and then pressed flat.
୩ । ଶିକୁଳି ପରି ଦେଖା ହୋଇଥିବା ସିଲାଇ—
3. A kind of stitch resembling a chain.

୧	ଇ	ଙ	ଋ,ର୍‌	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ପ	ଈଅ	ଓ
୨	ଈ	ଊ	ଋୁ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଯ୍ୟ	ଯ	ସ	ଙ୍ଗ୍ୟ	ଇଅ	ଔ	ହ୍ନ

ଜଞ୍ଜିରି—(ଇତ୍ୟାଦି) ଦେ. ବି—ଜଞ୍ଜିର ଇତ୍ୟାଦି (ଦେଖ)
Jañjiri (etc) Jañjira etc (See)

ଜଟ୍ (ଧାତୁ)—ସଂ.—ଏକତ୍ର ହେବା—To come together; to be gathered together.
Jaṭ (root)

ଜଟ—ଦେ. ବି. (ସଂ. ଜଟା)—୧ । ସଂହତ କେଶଗୁଚ୍ଛ—
Jaṭa 1. A tuft of hair tied together.
জট, জঁট ୨ । ଜଟା; ବାବାଜୀମାନଙ୍କର ସଂହତ କେଶ—
जटा 2. Matted locks of ascetics.

ଋଷି ତ ହେଲେ ଛଣ୍ଡାଇବେ ଜଟ—କବିସୂର୍ଯ୍ୟ. କବିତା ।

୩ । କୁକୁଡ଼ାର ମୁଣ୍ଡରେ ଥିବା କୋମଳ ଲୋମାବୃତ ପତଳା ମାଂସ—3. Cock's comb.

୪ । ବିନ୍ୟସ୍ତ କେଶର ଗଣ୍ଠି; ଜୁଡ଼ା—4. Chignon or knot of hair made up on the head,

୫ । ସଂହତ ପୁଷ୍ପ ବା କଢ଼—5 Matted tuft of flowers or blossoms.
(ଯଥା—ଗଞ୍ଜେଇଜଟ; ତୁଳସୀଜଟ)

ପ୍ରାଦେ. (ବାଲେଶ୍ୱର) ବି.—୬ । ଧାନମେଣ୍ଟା—
6. Ears of paddy woren into a braid.

ଜଟଜଟିଆ—ଦେ. ବି.—୧ । ଏକପ୍ରକାର ତୃଣ; ଯାହାର ଜଟା ପରି ହୋଇଥିବା ମଞ୍ଜିଗୁଡ଼ିକୁ ଏକତ୍ର କଲେ ତାହା ଲାଗି ଯାଏ—1. A kind of grass with tufted twigs; Lyme grass.
Jaṭajaṭiā
ସଂ. ନାମ—
ଉଲୂଟା;
ଉଲୂଟ ୨ । ବନ୍ୟ ଛଣପଟ (ଯବାଦି ବର୍ଗର ବନ୍ୟକ୍ଷୁପ)—
বনওকড়া 2. Urena Lobata (wild plant); Triumfetta Rhomboidea.
बनओकरा

[ଦ୍ର—ଏହାର ପତ୍ରର ଧାର କଟା କଟା, ପତ୍ରରେ କୋଣ ଅଛି, ହେଙ୍ଗ୍ ଲୋମଶ; ଫୁଲ ଛୋଟ ଓ ନାଲି, ଫଳ ଶିଙ୍ଘଯୁକ୍ତ ଓ ଗୋଲ, ଏବଂ ଲୁଗାରେ ଲାଗି ଯାଏ ।]

ଜଟପକାଇବା—ଦେ. କ୍ରି—ମୁଣ୍ଡରେ କେଶଯାକ ଏକତ୍ର କରି ଜୁଡ଼ା ବାନ୍ଧିବା—To make up the hairs of the head into a chignon.
Jaṭapakāibā
(ଜଟପକେଇବା, ଜଟପାଡ଼ିବା, ଜଟପାରିବା, ଜଟବାନ୍ଧିବା—ଅନ୍ୟରୂପ)

ଜଟା—ସଂ. ବି. ସ୍ତ୍ରୀ. (ଜଟ୍ ଧାତୁ=ଏକତ୍ର ହେବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ବାବାଜୀଙ୍କର ସଂହତ କେଶ—
Jaṭā
1. The matted lock of hair of an ascetic or devotee.

୨ । ଅସଂସ୍କୃତ ଗୁଚ୍ଛାକାର କେଶଦାମ—2. Clotted hair (due to the hair being neglected.

୩ । ଅରଣା ମଇଁଷି, ଘୋଡ଼ା ଓ ସିଂହର ବେକ ଓ ମୁଣ୍ଡ ଉପରର ବାଳ—
3. The manes of a lion, horse or bison.

୪ । ଜଟ ପରି ହୋଇଥିବା ଫୁଲ ଓ କଢ଼—
4. Matted or tufted flower.
(ଯଥା—ଗଞ୍ଜେଇଜଟା, ତୁଳସୀଜଟା ।)

୫ । ବରଗଛର ଅବରୋହ ବା ଓହଳ—
5. Aerial root of a banyan tree.

ବହୁ ବୋଲି ଜଟା ଭୂମେ ମୁଁ ବଢ଼ୁଛ ସତ—ରାଜ. ବୈଦେହୀଶବିଳାସ ।

୬ । ଅଣ୍ଡିରି ତାଳଗଛରୁ ବାହାରିବା ଜଟାର ଫୁଲ—
6. Long stalks of flowers coming out from male palm trees.

୭ । ଈଶ୍ୱରଜଟା ଫୁଲ—
7. A kind of red tufted flower; cock's comb; the catkin of celosia crestata.

୮ । ଶଠୀ; ହଳଦୀଜାତୀୟ ଗୁଳ୍ମବିଶେଷ—
8. Zingiber zedoaria.

୯ । ବେଦପାଠବିଶେଷ—
9. A kind of chanting of the Vedic hymns.

୧୦ । କପିକଚ୍ଛୁ; ବାଇଡଙ୍କ—10. Cowhage.

୧୧ । ଶତମୂଳୀ; ଛତଉଷ୍ମ—
11. Asparagus Recemosus.

ଜଟାଇବା—ଦେ. କ୍ରି—୧ । ଭଣ୍ଡିବା; ଅସଲ ବା ପ୍ରାର୍ଥିତ ବସ୍ତୁ ନ ଦେଇ ଅନ୍ୟ ବସ୍ତୁ ଦେଇ ଭୁଲାଇବା—
Jaṭāibā
ଜଟେଇବା } ଅନ୍ୟରୂପ
ଜଟାଜଟ କରିବା }
1. To deceive by giving some thing in lieu of the genine or wished for thing.

୨ । ପ୍ରତାରଣା କରିବା; ଠକାଇବା—
2. To cheat; to impose upon.

ସୁହୃଦମାନେ ଧୃତରାଷ୍ଟ୍ରେ ମିଛ କହି
ନେଇ ନାହାନ୍ତି ତ ଧନକୁ ସେ ଜଟାଇ—କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

ଜଟାଜଟି—ଦେ. ବି—ଭଣ୍ଡାଇବା କର୍ମ; ପ୍ରତାରଣା—
Jaṭājaṭi Cheating; deception.

ଜଟାଜାଳ—ସଂ. ବି. (୬ଷ୍ଠୀ ତତ୍; ଜଟା+ଜାଳ=ସମୂହ)—
Jaṭājāḷa ଜଟାସମୂହ—The matted hair collectively.

ଜଟାଜୂଟ—ସଂ. ବି. (୬ଷ୍ଠୀ ତତ୍; ଜଟା+ଜୂଟ=ସମୂହ)—ଜଟାସମୂହ—
Jaṭājūṭa The matted hair collectively
(ଜଟାପଟଳ—ଅନ୍ୟରୂପ)

ଜଟାଜ୍ୱାଳ—ସଂ. ବି. (ବହୁବ୍ରୀହି; ଜଟା+ଜ୍ୱାଳା=ଅଗ୍ନିଶିଖା; ଯାହାର ଶିଖା ଜଟା ପରି)—
Jaṭājwāḷa
୧ । ପ୍ରଦୀପ—1. Lamp.
୨ । ମଶାଲ—2. Torch.

ଜଟାଧର—ସଂ. ବିଣ. ପୁଂ. (ଜଟା+ଧୃ ଧାତୁ+କର୍ତ୍ତୃ. ଅ)—ଯେ ମୁଣ୍ଡରେ ଜଟା ଧାରଣ କରିଥାଏ—
Jaṭādhara Having matted locks on the head.
ବି—୧ । ମହାଦେବ—1. Siba.
୨ । ବୁଦ୍ଧବିଶେଷ—2. One of the Budha.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୩ । କୋଷକାରବିଶେଷ—
3. Name of a sanskrit lexicographer.
୪ । ଦେଶବିଶେଷ—2. Name of a country.

ଜଟାଧାରୀ—ସଂ. ବିଣ. ପୁଂ. (ଜଟା + ଧୃ ଧାତୁ + କର୍ତ୍ତୃ. ଇନ୍)—
Jaṭādhārī ଯେ ମୁଣ୍ଡରେ ଜଟା ଧାରଣ କରିଥାଏ—
(ଜଟାଧାରିଣୀ—ସ୍ତ୍ରୀ) Having matted hairs on the head.

ଜଟାବାଇଁଶୀ—ଗ୍ରା. ବି. (ସଂ. ଜଟାମାଂସୀ)—ଜଟାମାଂସୀ (ଦେଖ)
Jaṭābāiṅsī Jaṭāmāṁsī (See)

ଜଟାଭାର—ସଂ. ବି. (ଜଟା + ଭାର = ସମୂହ)—ଜଟସମୂହ—
Jaṭābhāra The matted hair collectively.

ଜଟାମାଇଁସୀ—ଗ୍ରା. ବି. (ସଂ. ଜଟାମାଂସୀ)—ଜଟାମାଂସୀ (ଦେଖ)
Jaṭāmāiṅsī Jaṭāmāṁsī (See)

ଜଟାମାଂସୀ—ସଂ. ବି.—(ଏହି ବୃକ୍ଷ ସହିତ କେଶ ପରି ଦେଖାଯାଉଥିବାରୁ)
Jaṭāmāṁsī —ସୁଗନ୍ଧ ଦ୍ରବ୍ୟବିଶେଷ—The many-spiked Amaranth; spikenard; an aromatic root used in scenting oils; Nardstachys jatamansi; valeriana jatamansi.

ସଂ. ପର୍ଯ୍ୟାୟ—ଜଟାମାଂସୀ ନଳଦ; ବର୍ଦ୍ଧିନୀ; ପେଶୀ; ମାଂସୀ; କୃଷ୍ଣଜଟା, ଜଟୀ; କିରାତିନୀ; ଜଟିଳା; ଲୋମଶା; ତପସ୍ୱିନୀ; ମିଷିକା; ଭୂତଜଟା; ଜଟ୍ୟାପା; ପିଶିତା; ହିଂସ୍ରା; ମାଂସିନୀ, ଜଟାଲା; ନଳଦା, ମେଷୀ; ତାମସୀ; ଚକ୍ରବର୍ତ୍ତିନୀ; ମାତା; ଅମୃତଜଟା; ଜନନୀ; ଜଟାବତୀ; ମୃଗଭକ୍ଷା; ଜଡ଼ାମାଂସୀ; ମିସି ।
ଜଟାମାংসী
কনুচর, জটমলঙ্ক,
জটামাসী

[ଦ୍ର—ଏହା ହିମାଳୟର ଶାକଗୁଳ୍ମ ବିଶେଷର ଜଟାକାର ସୁଗନ୍ଧ ମୂଳ; ଏହା ଔଷଧରେ ଲାଗେ; ଆୟୁର୍ବେଦୋକ୍ତ ତୈଳକୁ ଏହାଦ୍ୱାରା ସୁଗନ୍ଧିତ କରାଯାଏ—(ଯୋଗେଶ୍ଚନ୍ଦ୍ର) । ଏହି ବନସ୍ପତି ହିମାଳୟର ୧୭୦୦୦ ଫୁଟ ପର୍ଯ୍ୟନ୍ତ ଉଚ୍ଚତାରେ ଜନ୍ମେ, ଏହାର ଡାଳ ଏକ ବା ଦେଢ଼ ହାତ ଲମ୍ବ ହୋଇଥାଏ ଓ ଏଥିରେ ସାମନାସାମନି ଦେଢ଼ଠାରୁ ଦୁଇଅଙ୍ଗୁଳି ଲମ୍ବ ଓ ଅଧଠାରୁ ଏକଅଙ୍ଗୁଳି ଚଉଡ଼ା ପତ୍ର ଧରେ । ଏ ଗଛ ଲାଗି ଜଳବହୁଳ ପଥୁରିଆ ଜମି ଉପଯୁକ୍ତ । ବୈଦ୍ୟକ ମତରେ ଜଟାମାଂସୀ ବଳକାରକ ଉତ୍ତେଜକ, ବିଷଘ୍ନ । ଏହା ଉନ୍ମାଦ, କାଶ, ଶ୍ୱାସ, ହାରକ । ଏହା କେଶବୃଦ୍ଧିକର । ଏହି ଚେରରୁ ଏକପ୍ରକାର ସୁଗନ୍ଧ ତୈଳ ହୁଏ—ହି. ଶବ୍ଦସାଗର ।]

ଜଟାୟୁ—ସଂ. ବି. (ଜଟା; କେଶରାଶି ତଦ୍ୱତ୍ ଅପରିମିତ ଆୟୁ ଯାହାର; ବହୁବ୍ରୀହି)—୧ । ଗରୁଡ଼ବଂଶୀୟ ପ୍ରସିଦ୍ଧ ପୌରାଣିକ
Jaṭāyu ଗୃଧ୍ର ପକ୍ଷୀ (ଏ ଅରୁଣଙ୍କ ପୁତ୍ର ଦଶରଥ ରାଜାଙ୍କ ମିତ୍ର ଥିଲେ । ସୀତାଙ୍କୁ ରାବଣ ଚୋରାଇ ନେବା ସମୟରେ ଏ ରାବଣ ସଙ୍ଗେ ଯୁଦ୍ଧ କରି ଓ ପରାସ୍ତ ହୋଇ ସେହିଠାରେ ପଡ଼ି ରହିଥିଲେ ଏବଂ ରାମଚନ୍ଦ୍ରଙ୍କୁ ସୀତା ହରଣ ସମ୍ବାଦ ଦେବା ପରେ ପ୍ରାଣତ୍ୟାଗ କଲେ)—Name of a mythological bird who fought with Rābaṇa while he was stealing away Sītā and was mortally wounded. He breathed his last after communicating the news of abduction to Rāmachandra.
୨ । ଗୁଗ୍ଗୁଳ (ହି. ଶବ୍ଦସାଗର)—2. Bdellium.

ଜଟାଳ—ସଂ. ବିଣ. (ଜଟା + ଅସ୍ତି ଅର୍ଥରେ ଳ)—ଜଟାଯୁକ୍ତ; ଜଟାଧାରୀ—
Jaṭāḷa Having matted hair.
ବି—୧ । ବ୍ରହ୍ମଚାରୀ—1. An ascetic.
୨ । ବରଗଛ—2 Banyan tree.
୩ । ସିଂହ—3. Lion.
୪ । କଚୂର (ହି. ଶବ୍ଦସାଗର) ଶଟୀ—4. Zeodaria.
୫ । ଗୁଗ୍ଗୁଳ—5. Indian bdellium (used as incense).

ଜଟାଳା—ସଂ. ବି—ଜଟାମାଂସୀ (ଦେଖ)
Jaṭāḷā Jaṭāmāṁsī (See)

ଜଟାସୁର—ସଂ. ବି. (ଜଟା + ଅସୁର)—ଭୀମଙ୍କଦ୍ୱାରା ହତ ଅସୁରବିଶେଷ-
Jaṭāsura A demon killed by Bhima.
ଏରୂପେ ଭୀମ ନେଲେ ଜଟାସୁର ପ୍ରାଣ । କୃଷ୍ଣସିଂହ. ମହାଭାରତ. ବନ ।
[ଦ୍ର—ଏ ଦ୍ରୌପଦୀଙ୍କ ରୂପରେ ମୋହିତ ହୋଇ ବ୍ରାହ୍ମଣ ବେଶ-ଧାରଣ କରି ପାଣ୍ଡବମାନଙ୍କ ସଙ୍ଗେ ରହିଥିଲା—ଦିନେ ଭୀମଙ୍କ ଅନୁପସ୍ଥିତିରେ ଏ ଦ୍ରୌପଦୀ, ଯୁଧିଷ୍ଠିର, ନକୁଳ ଓ ସହଦେବଙ୍କୁ ହରଣ କରି ପଳାଉଥିଲା । ବାଟରେ ଭୀମ ଦେଖି ତାକୁ ହତ କଲେ ।]

ଜଟି—ସଂ. ବି. (ଜଟ୍ ଧାତୁ + ଇ)—୧ । ଜଟା—
Jaṭi 1. Clotted hair; matted hair
(ଜଟୀ—ଅନ୍ୟରୂପ) ୨ । ଅଶ୍ୱତ୍ଥବୃକ୍ଷ—
2. The religious fig tree.
୩ । ସମୂହ—3. Mass; multitude.
୪ । ଜଟାମାଂସୀ (ଦେଖ)
4. Jaṭāmaṁsī (See)
ପ୍ରାଦେ. (ସିଂହଭୂମ) ବି—ଚୁଟି; ଶିଖା; ଚୁଳିକ—
Tuft of hair.

ଜଟିଆ—ଦେ. ବିଣ. ପୁଂ—(ସଂ. ଜଟିଳ)—୧ । ଜଟାଧାରୀ—
Jaṭiā 1. Having matted locks; wearing matted hair.
ଜଟୀ } — ସ୍ତ୍ରୀ
ଜଟେଇ }
୨ । ଗୋଳମାଳିଆ; ଜଟିଳ—2. Knotty.
जटिया, जटे ୩ । ପୁରୀ ଜିଲ୍ଲାର ଚିଲିକାକୂଳସ୍ଥ ପର୍ବତବିଶେଷ—
जटावाला 3. A hill near the chilkā lake in Puri district.
ସୁନ୍ଦରମଳ ଗୁନ୍ଦକଳ ଜଟିଆ
ଗିରି କରେ ଯାଇ ହୋଇଅଛି ଠିଆ—ରାଧାନାଥ. ଚିଲିକା ।
୪ । ମହାଦେବ—4. God Śiba.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଓଅ	ଞ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଂ	ଇଅ	ଢ଼	ନ୍

ଜଟିବା—ଦେ. କ୍ରି.—୧ । ଭଣ୍ଡିବା—
Jatiba 1. To deceive; to impose upon.
(ଜଟ ଦେବା—ଅନ୍ୟରୂପ) ୨ । ଠକିବା—2. To cheat.

ସାକ୍ଷାତ ଦେଖିଲେ ହେଲେ ଲୋକଙ୍କେ; ସମସ୍ତଙ୍କୁ ଜଟ ଦୁଏ ବଚନେ
କଟସ୍ୱର୍ଗ୍ୟ, ସଙ୍ଗୀତ ।

ଜଟିଳ—ସଂ. ବିଣ. ପୁଂ (ଜଟା+ଅସ୍ତି ଅର୍ଥରେ ଇଲ)—୧ । ଜଟାଧାରୀ—
Jatila 1 Having matted locks.
(ଜଟିଳା—ସ୍ତ୍ରୀ) ୨ । ଜଟାଯୁକ୍ତ—2. Matted; entangled.
୩ । ଦୁର୍ବୋଧ; ଗୋଳମାଳଥିବା—3. Complex; complicated; hard to understand; intricate.

କୋଇଲା ଶବଣ ଜାଣିଲି ଜଟିଳ ହୋଇଛି ପ୍ରକାଶେ ଉହୁଁ—ବୈଦେହୀଶବିଳାସ ।

୪ । ଗଣ୍ଠିଗଣ୍ଠିଆ—4. Knotty.
ସଂ. ବି. ପୁଂ—୧ । ସନ୍ନ୍ୟାସୀ; ବ୍ରହ୍ମଚାରୀ—1. An ascetic.
୨ । ମହାଦେବ—2 Siba.
୩ । ସିଂହ—3 Lion.
୪ । ବଟବୃକ୍ଷ—4. Baniyan tree.
୫ । ଏକଜାତୀୟ ଅଶ୍ୱତ୍ଥ ଗଛ; ପ୍ଲକ୍ଷ ବୃକ୍ଷ—
5. The woved-leafed; fig tree.
୬ । ଜଟାମାଂସୀ (ଦେଖ)
6. Jaṭāmaṁsi (See)

ଜଟିଳା—ସଂ. ବି. ସ୍ତ୍ରୀ—୧ । ରାଧିକାଙ୍କ ଶାଶୁ; ରାଧିକାଙ୍କ ନଣନ୍ଦ କୁଟିଳାଙ୍କ
Jaṭilā ମାତା—1. Mother-in-law of Rādhikā; the mother of Kuṭilā who was the sister-in-law of Rādhikā.
୨ । ଜଟାମାଂସୀ - 2. Nadostachys Jatamansi; valerian Jatamausi.
୩ । ବ୍ରହ୍ମଚାରିଣୀ—3. A famale recluse.
୪ । ପିପ୍ପଳୀ (ହି. ଶବ୍ଦସାଗର)—4. Black peper.
୫ । ବଚ (ହି. ଶବ୍ଦସାଗର)—5. Liquorice.
୬ । ଦମନକ; ଦଅଣା ଗୁଳ୍ମ—
6. A kind of sweet scented shrub.
୭ । ଗୌତମବଂଶୀୟା, ଋଷିକନ୍ୟାବିଶେଷ (ହି. ଶବ୍ଦସାଗର)
7. Name of a girl born in the family of sage Gautama.

ଜଟି—ସଂ. ସ୍ତ୍ରୀ.—ଜଟାମାଂସୀ (ଦେଖ)
Jaṭi 1. Jaṭāmaṁsi (See)
୨ । ଜଟିଳ (ଦେଖ)
2. Jaṭila (See)
୩ । ଜଟ (ଦେଖ)
3. Jaṭi (See)

ଜଟୁଲ—ସଂ. ବି. (ଜଟ୍ ଧାତୁ+କର୍ତ୍ତୃ. ଉଲ)—ଜନ୍ମରୁ ମନୁଷ୍ୟ ଦେହରେ
Jaṭula ସ୍ଥାନେ ସ୍ଥାନେ ଦେଖାଯିବା (ପ୍ରାୟ ଲୋମଯୁକ୍ତ) ଧଳା, ନାଲି ବା କଳା ଚିହ୍ନ; କଳାଜାଇ; ଜଡୁଲ—A freckle; mole in the body (generally hairy).

ଜଠ—ଦେ. ବି (ପ୍ରାଚୀନ ପଦ୍ୟ) (ସଂ. ଜଠର)—୧ । ଉଦର—
Jatha 1. Belly.
୨ । ଜଠର; ଗର୍ଭ—2. Womb.

ବୋଇଲେ ଅମ୍ଭେମାନେ ବନ୍ଧ୍ୟା ସ୍ତ୍ରୀଷ ଅଟୁଁ,
କଉରୂପେ କହ ପୁତ୍ର ଜନ୍ମିବେ ଅମ୍ଭ ଜଠୁଁ—ପୀତାମ୍ବର. କୃଷ୍ଣହରିବଂଶ ।

ଜଠର—ସଂ. ବି (ଜନ୍ ଧାତୁ, ଭକ୍ଷଣ କରିବା+କରଣ ଅର, ନ ସ୍ଥାନରେ
Jaṭhara ଠ ଆଦେଶ; ଅଥବା ଜନ୍ ଧାତୁ, ଜନ୍ମକରିବା+ଅଧିକରଣ ଅର)—୧ । ପେଟ; ଉଦର—1. Belly.
୨ । ଜରାୟୁ; ଗର୍ଭ—2. Womb.
୩ । ଅନ୍ତଃସ୍ଥଳ—3. Interior.
୪ । ଗର୍ତ୍ତ—4. Cavity; den.
୫ । ଶରୀର; ଦେହ (ହି. ଶବ୍ଦସାଗର)—5. Body.
୬ । ମରକତମଣିର ଦୋଷବିଶେଷ (ହି. ଶବ୍ଦସାଗର)—
6. A defect in emerald.
୭ । ସ୍ୱଣ୍ଡୋକ୍ତ ଉଦର ଫୁଲିବା ରୋଗବିଶେଷ—
7 A disease consisting of a swollen belly.
୮ । ଭାଗବତୋକ୍ତ ପର୍ବତବିଶେଷ—
8. Name of a mythological mountain.
[ଦ୍ର—ଏହା ମେରୁର ପୂର୍ବରେ; ଏହାର ଦୈର୍ଘ୍ୟ ୧୯ ହଜାର ଯୋଜନ; ଚୌଡ଼ା ୨ ହଜାର ଯୋଜନ ଓ ଉଚ୍ଚତା ୨ ହଜାର ଯୋଜନ; ଏହା ନୀଳ ପର୍ବତଠାରୁ ନିଷଧ ଗିରି ପର୍ଯ୍ୟନ୍ତ ବିସ୍ତୃତ—ହି. ଶବ୍ଦସାଗର ।]
୯ । ବୃହତ୍ସଂହିତା ଓ ମହାଭାରତୋକ୍ତ ଦେଶବିଶେଷ—
9. Name of a mythological country.
[ଦ୍ର—ଏହା କୁକୁର ଦେଶର ନିକଟରେ; ଏହା ଅଶ୍ଳେଷା, ମଘା ଓ ପୂର୍ବଫାଲ୍ଗୁନୀ ନକ୍ଷତ୍ରମାନଙ୍କ ଅଧିକାରଭୁକ୍ତ—ହି. ଶବ୍ଦସାଗର ।]
୧୦ । ଉତ୍ସଙ୍ଗ; କୋଡ଼—10. Bosom (Apte).
ସଂ. ବିଣ (+କର୍ତ୍ତୃ. ଅର)—୧ । କଠିନ—1. Hard.
୨ । କର୍କଶ—2. Rough.
୩ । ବୃଦ୍ଧ—3. Old; decrepit.

ଜଠରଜ୍ୱାଳା—ସଂ. ବି (ଜଠର+ଜ୍ୱାଳା, ୬ଷ୍ଠୀ ବା ୭ମୀ ତତ୍)—
Jaṭharajwālā ବିଶେଷ କ୍ଷୁଧାର ଉଦ୍ରେକ, କ୍ଷୁଧାଜନିତ ଯନ୍ତ୍ରଣା; ପେଟ ପୋଡ଼ିବା—A burning pain in the stomach due to hunger.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଖି'ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଜଠରତା—ସଂ. ବି (ଜଠର=କର୍କଶ+ଭାବ. ତା)—
Jaṭharatā ୧ । କର୍କଶତା; କାର୍କଶ୍ୟ—1. Roughness.
୨ । କାଠିନ୍ୟ; କଠିନତା—2. Hardness.

ଜଠରଯନ୍ତ୍ରଣା—ସଂ. ବି (ଜଠର+ଯନ୍ତ୍ରଣା, ୬ଷ୍ଠୀ ବା ୭ମୀ ତତ୍)—
Jaṭharajantraṇā (ଜଠରଯାତନା—ଅନ୍ୟରୂପ) ୧ । ଭ୍ରୂଣ ଜନନୀଗର୍ଭରେ ଥିବା ସମୟରେ ସ୍ୱୟଂ ଯେଉଁ କଷ୍ଟଭୋଗ କରୁଥିବାର କଳ୍ପନା କରାଯାଏ—1. The pain said to be endured by a child while confined in the womb.
୨ । ମାତାଙ୍କର ଗର୍ଭଧାରଣ କ୍ଳେଶ ଓ ପ୍ରସବ ବେଦନା—2. The mother's pangs during pregnancy and child-birth
୩ । କ୍ଷୁଧା—3. Hunger.
୪ । ଜଠରଜ୍ୱାଳା (ଦେଖ) 4. Jaṭharajwālā (See).

ଜଠରାଗ୍ନି—ସଂ. ବି (ଜଠର+ଅଗ୍ନି, ୬ଷ୍ଠୀ ତତ୍)—
Jaṭharāgni ୧ । ଖାଦ୍ୟଦ୍ରବ୍ୟକୁ ପରିପାକ କରିବାର ଶକ୍ତି; ଭୁକ୍ତ ଦ୍ରବ୍ୟକୁ ଜୀର୍ଣ୍ଣ କରିବା ନିମନ୍ତେ ଉଦରରେ ଜାତ ରସ—1. The digestive fire of the belly; the gastric juice; the gastric heat.
୨ । କ୍ଷୁଧା—2. Hunger.

ଜଠରାନଳ—ସଂ. ବି. (ଜଠର+ଅନଳ; ୬ଷ୍ଠୀ ତତ୍)—
Jaṭharānaḻa ଜଠରାଗ୍ନି (ଦେଖ) Jaṭharāgni (See)

ଜଠରାମୟ—ସଂ. ବି. (ଜଠର+ଆମୟ; ୬ଷ୍ଠୀ ତତ୍)—
Jaṭharāmaya ୧ । ଜଳୋଦର ରୋଗ—1. Dropsy.
୨ । ଅତିସାର ରୋଗ (ହି· ଶବ୍ଦସାଗର)—2. Dysentery.

ଜଠ୍ର—ଗ୍ରା ବି. (ସଂ. ଜଠର)—ଜଠର (ଦେଖ)
Jaṭhra Jaṭhara (See)

ଜଠଳ—ସଂ. ବି. (ଜନ ଧାତୁ+ଅଧିକରଣ ଅର; ର ସ୍ଥାନରେ ଳ)—
Jaṭhaḻa ମନୁଷ୍ୟର ଉଦରାକୃତି ବୈଦିକ ଯୁଗରେ ବ୍ୟବହୃତ ଜଳପାତ୍ରବିଶେଷ (ହି. ଶବ୍ଦସାଗର)—A kind of water vessel shaped like the humen belly used in the vedic age.

ଜଡ଼୍—ପ୍ରାଦେ. (ସମ୍ବଲପୁର) ବି. (ମୂଳ. ହି. ଜଡ଼୍)—
Jarḍ ୧ । ମୂଳ—1. Root.
୨ । ମୂଳକାରଣ—2. Root cause; origin.

ଜଡଜ—ପ୍ରାଦେ. (ଗଞ୍ଜାମ) ବି. (ଗଞ୍ଜାମବାସୀମାନେ ଇଂ gudge
Jaḍaji ଶବ୍ଦର ଲୁପ୍ତ ଡ (d) ଅକ୍ଷରକୁ ପ୍ରକାଶ କରି ଏହିପରି ଉଚ୍ଚାରଣ କରିଥାନ୍ତି; ମୂଳ=ବଜେଟ୍ budget ର ଗଞ୍ଜାମୀ ଉଚ୍ଚାରଣ ବଡ଼୍ଜେଟ୍)—ଜଜ୍; ଜିଲ୍ଲାର ପ୍ରଧାନ ବିଚାରପତି—Judge; District Judge.

ଜଡ଼—ସଂ. ବିଣ. (ଜଲ୍ ଧାତୁ=ଜମା କରିବା ଆଚ୍ଛାଦନ କରିବା
Jarḍa +କର୍ତ୍ତୃ. ଅ; ଲ ସ୍ଥାନରେ ଡ଼)—
୧ । ଶୀତଳ—1. Frigid; cold.
୨ । ଜମାଟ—2. Frozen.
୩ । ବୁଦ୍ଧିହୀନ; ମନ୍ଦବୁଦ୍ଧି; ମୂର୍ଖ—3. Stupid, idiotic.
୪ । ଅଚେତନ; ନିର୍ଜୀବ—4. Lifeless; inanimate.
୫ । ନିଷ୍ପନ୍ଦ—5. Motionless.
୬ । ଅଳସୁଆ; ନିଶ୍ଚେଷ୍ଟ; ନିରୁଦ୍ୟମ—6. Inert, idle.
୭ । ଅଜ୍ଞ—7. Ignorant.
୮ । ଏକୀଭୂତ; ଠୁଳ କରାଯାଇଥିବା—8 Heaped together; collected.
୯ । ମୂକ—9. Dumb.
୧୦ । ସ୍ଫୂର୍ତ୍ତିହୀନ—10 Inactive.
୧୧ । ଆଚ୍ଛନ୍ନ—11. Covered.
୧୨ । ମୋହିତ—12. Fascinated; infatuated.
୧୩ । ଅନ୍ଧ—13. Blind.
୧୪ । ବଧିର (ହି. ଶବ୍ଦସାଗର)—14. Deaf.
୧୫ । ବେଦପାଠରେ ଅସମର୍ଥ (ହି. ଶବ୍ଦସାଗର)—15. Unable or incompetent to study the Bedas.
୧୬ । ସ୍ତବ୍ଧ (ହି. ଶବ୍ଦସାଗର)—16. Still.

ଦେ. ବିଣ—ଅସଲ—Genuine; original.
ଅଲୋ ମଉସା, ଜଡ଼ ପଇସା—ପ୍ରବଚନ ।

ସଂ. ବି—୧ । ଜଳ—1. Water.
୨ । ସୀମା—2. Boundary.
୩ । ସୀସା—3. Lead (metal).
୪ । ନିର୍ବୁଦ୍ଧି ବା ପାଗଳା ଲୋକ—4. An idiot.
୫ । ନିର୍ଜୀବ ପଦାର୍ଥ—5. Inanimate substance.

ଦେ. ବି—୧ । ଜାଡ଼; ଶୀତ—1. Cold.
ଅଙ୍ଗେ ଅଙ୍ଗେ ଜଡ଼ ପୁଣି ଗଲା ସେ ପ୍ରବର୍ତ୍ତି !
ଉପେନ୍ଦ୍ର ଭଞ୍ଜ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଶୀତଋତୁ—2. The winter season.
ବସନ୍ତେ ସେ ଜଡ଼ ଶଙ୍କ ଘାତ ଭୂଷି ବକାଶନ୍ତି ଘମ
ନିଳନ ମଳନ ଅସ୍ୟ । ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ ।
୩ । ଅସଲ ବା ପ୍ରଧାନ ବସ୍ତୁ—3. Chief or most valuable thing.
(ଯଥା—ଅଲୋ ମଉସା; ଜଡ଼ ପଇସା—ପ୍ରବଚନ ।)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଓ
୨	ଈ	ଊ	ଋ	ଌ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଜ୍ଞ	କ୍ଷ

ଜଡ଼; ଜଡ଼; ସୁଣିଆଡ଼ ୪ । (ସଂ. ଜଟା)—ଚେର; ମୂଳ—
4. Root.

୫ । ଭିତ୍ତି—5. Foundation.

୬ । ପ୍ରଧାନ କାରଣ; ମୌଳିକ କାରଣ—6. Root cause.

ଜଡ଼ଉ—ଦେ. ବଣ. (ସଂ. ଜଟ ଧାତୁ)—ଜଡ଼ଉତ (ଦେଖ)
Jardau — Jardauta (See)

ଜଡ଼ଉତ—ଦେ. ବଣ. (ସଂ. ଜଟ ଧାତୁ)—ହୀରାଦଖଚିତ—
Jardauta, ଜଡ଼ାଏ; ଜଡ଼ୋୟା, ଜଡ଼ାଉ — Set or overlaid with precious stones (said of ornaments and apparel).

ଦେ. ବ.—ମଣିରତ୍ନାଦି ଖଚିତ ସ୍ୱର୍ଣ୍ଣାଲଙ୍କାର; କୁନ୍ଦନ କାମ—
Gold ornament set with gems.

ଜଡ଼କ—ପ୍ରାଦେ. (ଭଞ୍ଜଭାଷା) ବଣ.—ଯେତେ—
Jardak — As much; as large.

ଜଡ଼କଡାଇଁ—ପ୍ରାଦେ. (ଭଞ୍ଜି ଭାଷା)—ଅବ୍ୟୟ; ଯେଉଁକ୍ଷଣି—
Jardak dain — As soon as.

ଜଡ଼କର—ସଂ. ବ. (ବହୁବ୍ରୀହି; ଜଡ଼=ଶୀତଳ ଅଟେ କର=କିରଣ
Jardakara ଯାହାର)—ଚନ୍ଦ୍ର—The moon.

ବଦନରେ ଜଡ଼କର ପ୍ରଶଂସା । ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।

ଜଡ଼କ୍ରିୟ—ସଂ. ବଣ. ପୁଂ (ବହୁବ୍ରୀହି; ଜଡ଼+କ୍ରିୟା)—ଦୀର୍ଘସୂତ୍ରୀ; କାର୍ଯ୍ୟ
Jardakriya କରିବାରେ ଅଳସୁଆ—Dilatory; idle.
(ଜଡ଼କ୍ରିୟା—ସ୍ତ୍ରୀ)

ଜଡ଼ଜଗତ୍—ସଂ. ବ. (ଜଡ଼+ଜଗତ୍)—ପ୍ରାକୃତିକ ଜଗତ; ଚୈତନ୍ୟ
Jardajagat ହୀନ ସ୍ଥାବର ଜଗତ—The Nature; the inanimate world; the material world.

ଜଡ଼ତା—ସଂ. ବ. (ଜଡ଼+ଭାବାର୍ଥେ. ତ)—୧ । ଶୈଥିଲ୍ୟ—
Jardata — 1. Numbness; rigidness.
(ଜଡ଼ତ୍ୱ—ଅନ୍ୟରୂପ) ୨ । ଦେହ କାଲ ମାରିଯିବା—
2. Insensibility.

୩ । ଶୈତ୍ୟ—3. Frigidity; coldness.

୪ । ମୂର୍ଖତା—4. Stupidity; idiocy.

୫ । ଅସ୍ପଷ୍ଟତା—5. Indistinctness.

୭ । ଆଲସ୍ୟ—7. Idleness.

୮ । ଅକର୍ମଣ୍ୟତା; ଅପଟୁତା—8. Decrepitude.

୯ । ଜଡ଼ ପଦାର୍ଥର ଏକ ସ୍ଥାନରେ ରହିବାର ଗୁଣ; ଯେଉଁ ଗୁଣ ଯୋଗୁଁ ଜଡ଼ ପଦାର୍ଥ ଅପଣାମନକୁ ଚଳ ପାରେ ନାହିଁ କିମ୍ବା ରହି ପାରେ ନାହିଁ—9. Inertia.

୧୦ । ଅଚେତନତା—10. Lifelessness.

୧୧ । ସାହିତ୍ୟ ଦର୍ପଣ ମତରେ ସଂଚାରୀଭାବ ବିଶେଷ—
11. One of the conditions of a person affected with sentiments.

[ଦ୍ର—ଦୁଃଖ, ଭୟ, ମୋହ ଆଦି ଜନିତ ଘଟନାରୁ ମନୁଷ୍ୟର ଯେଉଁ କିଂକର୍ତ୍ତବ୍ୟବିମୂଢ଼ତା ହୁଏ ତାକୁ ଜଡ଼ତା ବୋଲଯାଏ ।]

୧୨ । ସ୍ତବ୍ଧତା; ଅଚଳତା—12. Stillness; inertness.

୧୩ । (ବୈଶେଷିକ ଦର୍ଶନ) ପରମାଣୁମାନଙ୍କର ଗୁଣବିଶେଷ; ସ୍ଥିତି ଓ ଗତିର ଇଚ୍ଛାର ଅଭାବ (ହି. ଶବ୍ଦସାଗର)—
13. (Baiseshika philosophy) An attribute of molecules; want of any will to move and stay.

ଜଡ଼ପଦାର୍ଥ—ସଂ. ବ. (କର୍ମଧା; ଜଡ଼+ପଦାର୍ଥ)—ଅଚେତନ ବା ନିର୍ଜୀବ
Jardapadartha ବସ୍ତୁ—Inanimate thing.

ଜଡ଼ପିଣ୍ଡ—ସଂ. ବ. (କର୍ମଧା; ଜଡ଼+ପିଣ୍ଡ)—ସ୍ଥୂଳ ଜଡ଼ବସ୍ତୁ—
Jardapinda — A solid and inactive object.

ଜଡ଼ପ୍ରକୃତି—ସଂ. ବ.—୧ । ଜଡ଼ ଜଗତ; ନିର୍ଜୀବ ଜଗତ୍—
Jardaprakruti — Nature; the material world.

୨ । ଅଳସ ପ୍ରକୃତି—2. Idle nature.

ଜଡ଼ବର—ଦେ. ବ.—ବୃକ୍ଷବିଶେଷ—
Jardabara — A kind of tree (Howells).

ଜଡ଼ବାଦ—ସଂ. ବ. (ଆଧୁନିକ ଦର୍ଶନପରିଭାଷା)—ପ୍ରାକୃତ ଦର୍ଶନ;
Jardabada ଯେଉଁ ମତବାଦରେ ଆତ୍ମାର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ୱୀକାର କରାଯାଏ ନାହିଁ; ଦେହାତ୍ମବାଦ—
(modern philosophy) Materialism.

ଜଡ଼ବାଦୀ—ସଂ. ବଣ.—(ଜଡ଼+ବଦ୍ ଧାତୁ+ଇନ୍; ୧ମା. ୧ବ.)—
Jardabadi ଯେ ଜଡ଼ବାଦମତ ପୋଷଣ କରେ—One who holds the theory of materialism.

ଦେ. ବ.—ଜଡ଼ବାଦମତ ପୋଷଣ କରୁଥିବା ଲୋକ—
A person holding the theory of materialism.

ଜଡ଼ଭରତ—ଦେ. ବ.—ଅକର୍ମଣ୍ୟ ବା ମୂର୍ଖ ଲୋକ—
Jardabharata — 1. An idiot.
ଜଡ଼ଭରତ ୨ । ଜଡ଼ଭାବାପନ୍ନ ନିର୍ବୋଧ ବ୍ୟକ୍ତି—
ଜଡ଼ଭରତ — 2. A stupid and idle person.
(ଜଡ଼ଭରଥ—ଅନ୍ୟ ନାମ) ୩ । ନିର୍ବାକ୍ ବ୍ୟକ୍ତି—
3. A dumb person.

୪ । ପୁରାଣବର୍ଣ୍ଣିତ ବ୍ରହ୍ମବାଦୀ କ୍ଷତ୍ରିୟ ଜନୈକ ମହାପୁରୁଷ—
4. Name of a Brahmana mentioned in the Puranas.

[ଦ୍ର—ଏ ଅଙ୍ଗିରସଗୋତ୍ରୀ ବ୍ରାହ୍ମଣ । ସର୍ବଦା ଜଡ଼ବତ୍ ରହୁଥିଲେ । ଭାଗବତରେ ଲେଖାଅଛି ଯେ, ରାଜା ଭରତ ବାନପ୍ରସ୍ଥ ଅବଲମ୍ବନ କରିବା ସମୟରେ ଗୋଟିଏ ହରିଣ ପୋଷିଥିଲେ । ସେ ହରିଣ ପ୍ରତି ତାଙ୍କର ଏପରି ମାୟା ଜନ୍ମିଥିଲା ଯେ, ରାଜାଙ୍କ ଦେହରୁ ପ୍ରାଣବାୟୁ ବାହାରିଲାବେଳେ ସେ ଭଗବଚ୍ଚିନ୍ତା ନ କରି ସେହି

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ହରିଣର ଚିନ୍ତାରେ ମଗ୍ନ ଥିଲେ । ଅତଏବ ମୃତ୍ୟୁ ପରେ ପରେ ସେ ହରିଣଯୋନିରେ ପୁନର୍ଜନ୍ମ ଲାଭ କଲେ । କିନ୍ତୁ ତାଙ୍କ ପୁଣ୍ୟ ପ୍ରଭାବରୁ ତାଙ୍କର ପୂର୍ବଜନ୍ମର ଜ୍ଞାନ ହେଲା ଓ ସେ ସେହି ପୁଣ୍ୟ ହରିଣ ଶରୀର ତ୍ୟାଗ କରି ବ୍ରାହ୍ମଣକୁଳରେ ଜନ୍ମ ଗ୍ରହଣ କଲେ । ପୂର୍ବଜନ୍ମର ଅନୁଭବରୁ ସେ ସଂସାରବାସନାରୁ ମୁକ୍ତ ରହିବା ପାଇଁ ସର୍ବଦା ଜଡ଼ବତ୍ ରହୁଥିଲେ । ଏଥିପାଇଁ ଲୋକେ ତାଙ୍କୁ ସର୍ବଦା ଜଡ଼ଭରତ ନାମରେ ଡାକିଲେ । ଦ୍ର. ଶବ୍ଦସାଗର ।]

ଜଡ଼ଭରତଙ୍କ ଗାଦି—ଦେ. ବି.—କେଦାରେଶ୍ୱର ନିକଟବର୍ତ୍ତୀ ଗୋଟିଏ
Ja**rd**a bharatānka gādi ତୀର୍ଥ—Name of a sacred place said to be the hermitage of Ja**rd**abharata.

[ଦ୍ର—ହିମାଳୟର ସାନୁଦେଶରେ ଅବସ୍ଥିତ କେଦାରନାଥ ତୀର୍ଥର ନିକଟବର୍ତ୍ତୀ ବ୍ରହ୍ମକୁଣ୍ଡ ନାମକ ପୁଷ୍କରିଣୀର କୂଳରେ ଗୋଟିଏ ପ୍ରାଚୀନ କୁଟୀର ଜଡ଼ଭରତଙ୍କ ଗାଦି ନାମରେ ପରିଚିତ—
ଦୁର୍ଗାନାଥ ଘୋଷ—ସ୍ୱାମୀ ରାମାନନ୍ଦ ।]

ଜଡ଼ ମାରିବା—ଦେ. କ୍ରି—କୌଣସି ବିଷୟର ମୂଳୋତ୍ପାଟନ କରିବା;
Ja**rd**a māribā ସମୂଳେ ବିନାଶ କରିବା—To uproot a
(ଜଡ଼ରୁ ମାରିବା—ଅନ୍ୟରୂପ) thing; to strike at the root
जड़ से मारना of a thing; to eradicate a thing.

ଜଡ଼ରୁ—ଦେ. କ୍ରି. ବିଣ—୧ । ଆରମ୍ଭରୁ—
Ja**rd**aru 1. From the beginning.
जड़ से (ଯଥା—ଏ କଥା ତ ଜଡ଼ରୁ ବିଗିଡ଼ିଛି, ବର୍ତ୍ତମାନ ସୁଧାରିଲେ କଅଣ ହେବ ?)
୨ । ଆଦୌ; ଜମାରୁ—2. At all.
(ଯଥା—ମୁଁ ଏକଥା ଜଡ଼ରୁ ଜାଣେ ନାହିଁ ।)
୩ । ମୂଳରୁ; ଚେରରୁ—3. From the root.
(ଯଥା—ଏ ଗଛକୁ ଜଡ଼ରୁ ନ ମାରିଲେ ପୁଣି ଜୁଆଁ ହେବ ।)

ଜଡ଼ସଡ଼—ଦେ. ବିଣ. (ସଂ. ଜଡ଼; ବଂ.ରୁ ଅନୁକୃତ)—
Ja**rd**asa**rd**a ୧ । ଲଜ୍ଜା ବା ଭୟରେ ମ୍ରିୟମାଣ; କିଂକର୍ତ୍ତବ୍ୟ
জড়সড় ବିମୂଢ଼—1. Dumbfoundered through fear or shame
हक्काबक्का
(ଯଥା—ସେ ଲଜ୍ଜାରେ ଜଡ଼ସଡ଼ ହୋଇଗଲା ।)
୨ । ଲଜ୍ଜା ବା ଭୟରେ ସଙ୍କୁଚିତ—2. Shrink into a small compass as through fear (Ganguly. Students' Dictionary).

ଜଡ଼ା—ଦେ. ବି—୧ । (ସଂ. ଏରଣ୍ଡ; ତାମ୍ରକ)—ଏରଣ୍ଡ; ଗବ—
Ja**rd**a 1. Castor seed plant; Ricinus Communis.
রেড়ী ଜଡ଼ା ବୃକ୍ଷ ହୋଇଯାଇ ଅଗର ତକ୍ଷକ ।
रेंड़ी ଜ୍ୟୋତି—ବ୍ରହ୍ମଦୁରୂପଣଗୀତା ।
জড়া ୨ । (ସଂ. ଜଟିତ) ସଂଲଗ୍ନ ହେବା; ଆସକ୍ତ ହେବା; ଜଡ଼ିବା;
जड़ना ସଂଯୋଗ—2. Attachment; clinging to.

ପ୍ରାଦେ. (ଗଞ୍ଜାମ) ବି—ଜଡ଼ାତେଲ—Castor oil.
ବାଇଗଙ୍କ ପତ୍ରରେ ଜଡ଼ା ଲଗାଇ ତଦ୍ୱାରା ଆଚ୍ଛାଦନ କଲେ ବ୍ରଣ ଶୁଷ୍କ ହୁଏ ।
ଦ୍ରବ୍ୟଗୁଣକଳ୍ପଦ୍ରୁମ ।
ପ୍ରାଦେ. (ସିଂହଭୂମ) ବି—ପପୟା (ଦେଖ)
Papayā (See)
ଦେ. ବିଣ—୧ । (ସଂ. ଜଡ଼ିତ) ରତ୍ନାଦିରେ ଜଡ଼ିତ—
1. Set or inlaid with gems.
୨ । (ସଂ. ଜଡ଼) ମୂକ—2. Dumb.

ଜଡ଼ାଇବା—ଦେ. କ୍ରି. (ସଂ. ଜଟ ଧାତୁର ଣିଜନ୍ତ ରୂପ)—
Ja**rd**āibā ୧ । ଜଡ଼ିବାର ଣିଜନ୍ତ ରୂପ; ସଂଲଗ୍ନ କରାଇବା—
জড়ান 1. Causative form of Ja**rd**ibā; to cause to cling to.
जड़ाना; जड़वाना
(ଜଡ଼େଇବା—ଅନ୍ୟରୂପ) କୃଷ୍ଣଙ୍କ ରତନ ପଲଙ୍କ ଛଡ଼ାଇ ଜଡ଼ାଇ ସର୍ପ ଶଯ୍ୟାରେ ।
ଉପେନ୍ଦ୍ର ଭଞ୍ଜ- ବୈଦେହୀଶବିଳାସ ।
୨ । ଖଚିତ କରିବା—
2. To set or inlay with gems.
୩ । ଚକ୍ରମରୂପେ ବେଷ୍ଟନ କରିବା; ଚାରିପାଖେ ଗୁଡ଼େଇବା-
3. To wrap or wind round.
ପୀଡ଼ା ଓଷ୍ଠକୁ ଉଡ଼ାଇ ଅଙ୍ଗକୁ ଜଡ଼ାଇ ନ ଥିବ ଘନରେ ।
କବିସୂର୍ଯ୍ୟ- ସଙ୍ଗୀତକଲ୍ଲୋଳମା ।
୪ । ଜାବୁଡ଼ି କରି ଧରିବା—4. To cling to.
୫ । କୌଣସି ଦୋଷରେ ଅନ୍ୟ ବ୍ୟକ୍ତିକୁ ଜଡ଼ିତ ବା ଲିପ୍ତ କରିବା—5. To implicate.

ଜଡ଼ାଉ—ଦେ. ବିଣ—ଜଡ଼ାଉତ (ଦେଖ)
Ja**rd**āu Ja**rd**auta (See)

ଜଡ଼ାଜଡ଼ି—ଦେ. ବି—୧ । ପରସ୍ପର ସହିତ ସଂଯୋଗ—
Ja**rd**āja**rd**i 1 Attachment.
জড়াজড়ি ୨ । ଅନ୍ୟୋନ୍ୟରେ ଆଲିଙ୍ଗନ—
घालमेल 2. Mutual embrace.
ବିଣ—୧ । ସଂଯୁକ୍ତ—1. Attached; clinging.
୨ । ପରସ୍ପର ଆଲିଙ୍ଗିତ—2. Inter locked.

ଜଡ଼ାତେଲ—ଦେ. ବି—ଏରଣ୍ଡତୈଳ; ଗବମଞ୍ଜିରୁ ବାହାର କରାଯିବା
Ja**rd**ātela ତେଲ—Caster oil.
রেড়ীতেল [ଦ୍ର—ଜଡ଼ା ଅର୍ଥାତ୍ ଗବମଞ୍ଜିକୁ ପେଡ଼ି ଜଳ ବା
रेंड़ीतेल ସିଝାଇ କରି ତେଲ ମରାଯାଏ, ସିଝାଇ କରି ବାହାର କରାଯିବା ତେଲକୁ ରନ୍ଧା ଜଡ଼ାତେଲ କହନ୍ତି ।]

ଜଡ଼ାତେଲ ମେଣ୍ଢାବାଳ—ଦେ. ପ୍ରବଚନ—ଅଭେଦ୍ୟ ବା ଘନିଷ୍ଠ
Ja**rd**ātela mendhābāla ପ୍ରଣୟରେ ଆବଦ୍ଧ—Very closely or intimately associated.

[ଦ୍ର—ଘନିଷ୍ଠ ଅଭେଦ୍ୟ ପ୍ରୀତି ସ୍ଥଳେ ଏହା କୁହାଯାଏ । ଯଥା—ସେ ଦୁହେଁ 'ଜଡ଼ାତେଲ ମେଣ୍ଢାବାଳ' ହୋଇଅଛନ୍ତି । ଯେହେତୁ ମେଣ୍ଢାବାଳରେ ଜଡ଼ାତେଲ ମିଶାଇଲେ ତାହା ସହଜରେ ପରସ୍ପର ବିଚ୍ଛିନ୍ନ ହୁଏ ନାହିଁ ।]

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଢ଼	ନ୍ତ

ଜଡ଼ାମୁରୁଖ—ଗ୍ରା. ବିଣ—ଜଡ଼ାମୂର୍ଖ (ଦେଖ)
Jar͟dāmurukha — Jar͟dāmūrkha (See)

ଭୁହ ଯାକୁ ସୁହସ୍ତା ଲେ କରୁଥାନ୍ତି ମାତ
ଜଡ଼ାମୁରୁଖ ହେଲେ ହୁଅନ୍ତି ପଣ୍ଡିତ ସେ—ଯାଦବାନନ୍ଦ ବନ୍ଦନା ଗୀତ ।

ଜଡ଼ାମୂର୍ଖ—ଦେ. ବିଣ—ଘୋରମୂର୍ଖ; ଗଣ୍ଡମୂର୍ଖ; ନିଦାମୂର୍ଖ; ନିରକ୍ଷର—
Jar͟dāmūrkha — Totally illiterate.
गजमूर्ख
अनपढ़

ଜଡ଼ି—ଦେ. ବି. (ସଂ. ଜଟା)—୧ । ଔଷଧରୂପେ ବ୍ୟବହୃତ ଚେରମୂଳ—
Jar͟di — 1. Medicinal roots.
जड़ी — ୨ । ବଟବୃକ୍ଷ—2. Banyan tree.
ପ୍ରାଦେ. (ସିଂହଭୂମ) ବି—ଅଶ୍ୱତ୍ଥ ଗଛ—
The pipal tree; the holy fig tree.

ଜଡ଼ିତ—ଦେ. ବିଣ. (ସଂ. ଜଟ୍ ଧାତୁଜ.)—୧ । ଖଚିତ—
Jar͟dita — 1. Set; studded; inlaid or overlaid with gems.
জড়িত
जड़ित — ୨ । ବେଷ୍ଟିତ—2. Covered; surrounded.
୩ । ଆସକ୍ତ; ସଂଲଗ୍ନ; ସଂଯୁକ୍ତ—
3. Attached; clinging; intimately connected.
୪ । ମିଶ୍ରିତ—4. Implicated; mixed.
ବନ୍ଧୁଲେ କ ସରସ୍ୱତୀ କାଳିନ୍ଦୀ ଜଡ଼ିତ—ଉପେ. ବୈଦେହୀଶବିଳାସ ।
୫ । ଲିପ୍ତ—5. Besmeared.

ଜଡ଼ିପଡ଼ିବା—ଦେ. କ୍ରି—ସଂଲଗ୍ନ ହେବା—
Jar͟dipar͟dibā — To cling.
ମଧୁଲୋଭେ ମାଛି ଯେସନେ ଜଡ଼ି ପଡ଼ନ୍ତି—ପ୍ରାଚୀ. ରହସ୍ୟମଞ୍ଜରୀ ।

ଜଡ଼ିବା—ଦେ. କ୍ରି. (ସଂ. ଜଟ୍ ଧାତୁ=ଏକତ୍ର ହେବା)—
Jar͟dibā — ୧ । ମିଶିବା; ସଂଲଗ୍ନ ହେବା; ଲାଗିରହିବା—
জড়া — 1. To be attached to; to mix with; to stick to.
जड़ना
ଶୃଙ୍ଖଳରେ ଅଶ୍ୱାସେ କରନ୍ତି ବନ୍ଦୀଦାସୀମାନଙ୍କ ଅଙ୍ଗସ୍ଥଳେ ଜଡ଼ିଲ ରେ—
କବିସୂର୍ଯ୍ୟ. ସଙ୍ଗୀତ ।
ଜଡ଼ାଇବା }
ଜଡ଼େଇବା } ଣିଜନ୍ତ — ୨ । ଜାବୁଡ଼ି କରି ଧରିବା—
2. To cling to.
ସମସ୍ତେ ବେଢ଼ି ଧରି ଜଡ଼ି
ଗୁଡ଼ିକୁ ଯେସନେ ପିମ୍ପୁଡ଼ି—ଭୂପତି. ପ୍ରେମପଞ୍ଚାମୃତ ।
୩ । ଲିପ୍ତ ହେବା; ଆସକ୍ତ ହେବା—
3. To be addicted to.
ଯେ ହରିଭାବେ ଥାନ୍ତି ଜଡ଼ି
ତାଙ୍କ ଜୀବନ ଦୂରେ ଏଡ଼ି—ଜଗନ୍ନାଥ. ଭାଗବତ ।
୪ । କାରୁକାର୍ଯ୍ୟରେ ମଣ୍ଡିତ କରିବା; ଖଚିତ କରିବା—
4. To inlay or set with gems etc.
୫ । ଆଲିଙ୍ଗନ କରିବା—5. To embrace.
ଭନ୍ତ ସଖୀ ଦେହେ ଦେହେ ଜଡ଼ି ଯାଇ । କବିସୂର୍ଯ୍ୟ—ସଙ୍ଗୀତ ।

୬ । ଏକତ୍ରିତ ହେବା; ଗୋଟା ହେବା, ସଂହତ ହେବା—
6. To cohere; to stick together.
ବସ୍ତ୍ର ଯୋଗନ ଲୁହ ପଡ଼ି
ଭୂମିରେ ଯେତେ ରେଣୁ ଜଡ଼ି । ଜଗନ୍ନାଥ. ଭାଗବତ ।
ପ୍ରାଦେ. (ସମ୍ବଲପୁର) କ୍ରି—ଟାଙ୍କଣାଦ୍ୱାରା ସୁନା ବା ଧାତୁର ଏକ ଖଣ୍ଡ ଅନ୍ୟ ଖଣ୍ଡ ସଙ୍ଗେ ସଂଶ୍ଲିଷ୍ଟ ହେବା; ଝାଳ ହେବା—
(one bit of metal) To be soldered to (another bit).

ଜଡ଼ିବୁଟି—ଦେ. ବି. (ସଂ. ଜଟା+ବଟିକା) (ସହଚର)—
Jar͟dibuṭi — ଭୁଟୁକା ଔଷଧ; ମୂଳମୂଳିକା; ଔଷଧାର୍ଥ ବ୍ୟବହୃତ ଚେର ମୂଳାଦି—Medicinal herbs; drugs.
জড়িবুটি
जड़ीबूटी

ଜଡ଼ିମା—ସଂ. ବି. (ଜଡ଼+ଭାବାର୍ଥେ ଇମନ୍; ୧ମା. ୧ବ)—
Jar͟dimā — ୧ । ଜଡ଼ତା (ଦେଖ)
1. Jar͟datā (See)
୨ । କାର୍ଯ୍ୟକାରଣ ବ୍ୟତୀତ ବାକ୍ୟର ଅନ୍ୟଥାଭାବ—
2. The change of a word without cause.

ଜଡ଼ିମଣି—ଦେ. ବି—କେଳାମାନେ ଯେଉଁ ମୁଣିରେ ସର୍ପବିଷର
Jar͟dimuṇi — ପ୍ରତିଷେଧକ ଗଦ ଓ ଚେରମୂଳ ରଖିଥାଆନ୍ତି—
Wallet of snake-charmers containing medicinal drugs against snake bite.

ଜଡ଼ିମୂଳି—ଦେ. ବି. (ସଂ. ଜଟା+ମୂଳ)—ଜଡ଼ିବୁଟି (ଦେଖ)
Jar͟dimūḷi — Jar͟dibuṭi (See)

ଜଡ଼ୀକୃତ—ସଂ. ବିଣ. (ଜଡ଼+ଅଭୂତ ତଦ୍ଭାବେ ଚ୍ୱି (ଈ)+କୃତ;
Jar͟dīkr̥uta — ଯେଉଁ ଅଜଡ଼ ବସ୍ତୁ ବା ବ୍ୟକ୍ତିକୁ ଜଡ଼ କରାଯାଇ (ଜଡ଼ୀକରଣ—ବି) ଅଛି)—୧ । ନିଷ୍ପନ୍ଦୀକୃତ; ନିଶ୍ଚେଷ୍ଟୀକୃତ—
1. Rendered unsensible; benumbed; stupefied.
୨ । ଯାହାକୁ ଘନ କରାଯାଇଅଛି—
2. Condensed; solidified.
୩ । ଏକତ୍ରୀକୃତ; ପୁଞ୍ଜୀକୃତ—3. Heaped up; gathered together into a compact mass.

ଜଡ଼ୀଭୂତ—ସଂ. ବିଣ. (ଜଡ଼+ଅଭୂତତଦ୍ଭାବେ ଚ୍ୱି (ଈ)+ଭୂତ;
Jar͟dībhūta — ଯେଉଁ ଅଜଡ଼ ବସ୍ତୁ ବା ବ୍ୟକ୍ତି ଜଡ଼ ହୋଇଅଛି)—
୧ । ନିଷ୍ପନ୍ଦୀଭୂତ; ଯାହା ନିଷ୍ପନ୍ଦ ହୋଇଅଛି—
1. Become rigid; parlysed; benumbed; stunned; stupefied.
୨ । ଯେ ହତବୁଦ୍ଧି ହୋଇଅଛି; କିଂକର୍ତ୍ତବ୍ୟବିମୂଢ଼—
2. Bewildered; dumbfounded.
୩ । ନିଶ୍ଚେଷ୍ଟ—3. Inert; become inactive.
୪ । ନିରୁତ୍ସାହ—4. Discouraged; disheartened.
୫ । ଅଭିଭୂତ; ଆକ୍ରାନ୍ତ—5. Overpowered.
୬ । ମଗ୍ନ; ଜଡ଼ିତ—6. Immersed; implicated.

ସାଧାରଣ ଲୋକେ ଅପର ବ୍ୟକ୍ତିରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୭ । ବେଷ୍ଟିତ; ସମାଚ୍ଛନ୍ନ—
7. Encompassed; covered.

୮ । ଘନୀଭୂତ; ଜମାଟ ହୋଇଥିବା—8. Frozen.

[ଦ୍ର—'ଜଡ଼ୀଭୂତ' ଶବ୍ଦ କର୍ମବାଚ୍ୟରେ ଲକ୍ଷ୍ୟ ଥିଏ, ଦେଖ ତାହାର ଅର୍ଥ ପୂର୍ବେ ଜଡ଼ ହୋଇ ନ ଥିବା ଓ ବର୍ତ୍ତମାନ ଜଡ଼ କରାଯାଇଥିବା କୌଣସି ବସ୍ତୁ ବା ବ୍ୟକ୍ତି ମାତ୍ର 'ଜଡ଼ୀଭୂତ' ଶବ୍ଦ କର୍ତ୍ତୃବାଚ୍ୟରେ ଲକ୍ଷ୍ୟ, ଏହାର ଅର୍ଥ ପୂର୍ବେ ଜଡ଼ ହୋଇ ନ ଥିବା ଓ ବର୍ତ୍ତମାନ ସ୍ୱୟଂ ଜଡ଼ ହୋଇଯିବା କୌଣସି ବ୍ୟକ୍ତି ବା ବସ୍ତୁ ଅଭୂତ ତଦ୍‌ଭାବ ଅର୍ଥରେ ଯେଉଁ ଶବ୍ଦମାନଙ୍କ ଶେଷରେ 'କୃତ' ଓ 'ଭୂତ' ପ୍ରୟୋଗ ହୋଇଥାଏ, ସର୍ବତ୍ର ଏହି ଭଳି ଅର୍ଥ ବୁଝିବାକୁ ହେବ ।]

ଜର୍ଦ୍ଦୁର—ସଂ. ବ—ଜଟୁଳ (ଦେଖ)
Jardura Jaṭula (See)
(ଜଡ଼ୁଲ—ଅନ୍ୟରୂପ)

ଜଡ଼ୋପାସକ—ସଂ.ବିଣ.ପୁଂ. (ଜଡ଼ + ଉପାସକ; ଉପପଦ ତତ୍‌ପୁରୁଷ)—
Jarḍopāsaka ଜଡ଼ ପ୍ରକୃତିକୁ ଯେ ପୂଜା କରେ—
(ଜଡ଼ୋପାସିକା—ସ୍ତ୍ରୀ) Worshipper of Nature.

ଜଡ଼ୋପାସନା—ସଂ. ବ. (ଜଡ଼+ଉପାସନା; ୬ଷ୍ଠୀ ତତ୍)—
Jarḍopāsanā ପ୍ରକୃତିପୂଜା—Nature worship.

ଜଡ଼ୌ—ଦେ. ବ ଓ ବିଣ—ଜଡ଼ଉତ (ଦେଖ)
Jarḍau Jarḍauta (See)
(ଜଡ଼ୌତ—ଅନ୍ୟରୂପ)

ଜଣ—ଦେ. ବି. (ସଂ. ଜନ)—ବ୍ୟକ୍ତି; ମନୁଷ୍ୟ—
Jaṇa Person; individual.
ଜନା (ଯଥା—ସେ ଜଣକୁ ଭଳାଥଣ୍ଡା ଦେଲେ ।)
आदमी

ଜଣକ—ଦେ. ବି. (ସଂ. ଜନୈକ)—ଏକଜଣ ମାତ୍ର—
Jaṇaka Only one person.
जनेक
आदमीठो

ଜଣକିଆ—ଦେ. ବିଣ—ଜଣିକିଆ (ଦେଖ)
Jaṇakiā Jaṇikiā (See)
(ଯଥା—ଜଣକିଆ ମଶାରି ।)

ଜଣକେ—ଦେ. ଅ—୧ । ଜଣେ ଜଣେ; ପ୍ରତ୍ୟେକେ—
Jaṇake 1. Each.
फि जनांके ୨ । ଜଣପିଛା ଜଣପ୍ରତି—
फि आदमीको 2. To each; for each.

ଜଣକେ ବର ଦେଲେ ଯୋଡ଼ଏ ଯୋଡ଼ଏ ।
କୃଷ୍ଣସିଂହ- ମହାଭାରତ ବନ ।

ଜଣକେତେ—ଦେ. (ସର୍ବନାମ)—୧ । କେତେକ (ବ୍ୟକ୍ତି)—
Jaṇakete 1. Some (persons).
जनकतेक ଜଣ କେତେ ସତ୍ତ୍ୱଦସ୍ତି, ସମର୍ଥ, ସହାୟି ସତ୍ୟ କାମ ସଖା ।
केतना आदमि
ମଧୁସୂଦନ—ବସନ୍ତଗାଥା ।

୨ । ଅଳ୍ପସଂଖ୍ୟକ ବ୍ୟକ୍ତି—2. A few persons.
(ଯଥା—ମୁଁ ବେଶୀ କିଛି ବନ୍ଦୋବସ୍ତ କରି ନାହିଁ; ଯାହା କରିଛି ତହିଁରେ ଜଣକେତେଙ୍କ ବ୍ୟବସ୍ଥା ଚଳି ପାରେ ।)

ଜଣଜଣ—ଦେ. (ସର୍ବନାମ)—୧ । ପ୍ରତ୍ୟେକ ବ୍ୟକ୍ତି—
Jaṇajaṇa 1. Every person; every individual. each.
एकएकजना (ଯଥା—୫ ଜଣକୁ ୧୦ ଟଙ୍କା ଦଆଗଲେ ଜଣଜଣଙ୍କୁ
फिआदमी କେତେ ଦଆଯିବ ?)

୨ । ଜଣକ ପରେ ଜଣେ—2. One after another.
(ଯଥା—ପରୀକ୍ଷାର ଫଳ ଅନୁସାରେ ଜଣ ଜଣ ହୋଇ କ୍ଲାସ ଉଠିଲେ ।)

୩ । ପ୍ରତ୍ୟେକ ବ୍ୟକ୍ତି ପୃଥକ୍‌ଭାବରେ—3. Individually.
(ଯଥା—ଜଣ ଜଣ ହୋଇ ଗ୍ରାମର ବନ୍ଧୁ ଲୋକେ ଆସି ଜମା ହୋଇଗଲେ ।)

୪ । ଥରକେ ଜଣେ—4. One at a time.
(ଯଥା—ଦେଖ, ଜଣ ଜଣ ହୋଇ ତା ସଙ୍ଗେ ଲଢ଼ାଇ କର ଏକାବେଳକେ ଜଣକୁ ୫ ଜଣ ଆକ୍ରମଣ କଲେ କପରି ଚଳିବ ?),

ଜଣଜଣକେ—ଦେ. ସର୍ବନାମ—୧ । ପ୍ରତ୍ୟେକେ—
Jaṇajaṇake 1. Each (himself or herself).
एकएक (ଯଥା—ସେ ଜଣଜଣକେ ଗୋଟିଏ ଗୋଟିଏ ରାଜା, ତାଙ୍କୁ
फिआदमी କଣ ଉଚିତ ସିଦ୍ଧିତ ପଚାରୁଛ ତ ?)

୨ । ଜଣ ଜଣ (ଦେଖ)
2. Jaṇajaṇa (See).

ଦେ. ଅ—୧ । ଜଣ ଜଣ କରି; ଥରକେ ଜଣେ ହୋଇ—
1. One person at a time.
(ଜଣଜଣ କରି—ଅନ୍ୟରୂପ) (ଯଥା—ସେ ଜଣଜଣକେ ମହା ଧୂମ ଲଗାଇଲେ—ବୁଝେଇ ବୁଝେଇ ଥକିଗଲି—କେତେ କାହାକୁ ବୁଝାଇବ ?)

୨ । ଜଣପିଛା; ପ୍ରତ୍ୟେକ ବ୍ୟକ୍ତିକୁ—
2 For each; to each.
(ଯଥା—ଜଣଜଣକେ ଅଧ ସେର ଲେଖାଁଏ ଚାଉଳ ଦେଇଛି; ଅଣ୍ଟିବ ନାହିଁ ?)

୩ । ଅନ୍ୟୋନ୍ୟରେ—3 Mutually.
(ଯଥା—ଜଣଜଣକେ ପେଲାପେଲି ହୋଇ ଏବେ ସମସ୍ତେ କାଦୁଅରେ ପଡ଼ି ବୁଡ଼ିଲେଣି—ମୁଁ ବା କାହାକୁ ସମ୍ଭାଳିବ ?)

ଜଣପଣ—ଦେ. ବ (ସଂ. ଜନ)—୧ । ଯୋଗ୍ୟତା—
Jaṇapaṇa 1. Ability.
୨ । ମନୁଷ୍ୟର ସ୍ୱାତନ୍ତ୍ର୍ୟ—2. Individuality.

ଜଣପିଛା—ଦେ. ଅ—ପ୍ରତ୍ୟେକ ବ୍ୟକ୍ତିଙ୍କ ଅଂଶରେ—
Jaṇapichhā In the share of each person.
(ଯଥା—୭ ଜଣଙ୍କୁ ଟ ୭୦୧ ଦେଲେ ଜଣପିଛା କେତେ ପଡ଼ିଲା ?)

୧	ଇ	ଡ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍ଯ	ଉ୍ୱ	ଭ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍

ଜଣା—ଦେ. ବଣ (ସଂସ୍କୃ. ଜ୍ଞା ଧାତୁ=ପ୍ରାକୃତ ଜାଣ ଧାତୁ)—
Janā ୧ । ବିଦିତ; ଜ୍ଞାତ—1. Known.
ଜାନା ତାକୁ ବ.ଜଣା ଜଣ ସୁଗ୍ରୀବେ ରଣାଙ୍ଗଣାସ୍ତ ହୋଇ ଅଗଣା ।
ମାଲୁମ ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
୨ । ସୁବିଦିତ—2. Well known.
୩ । ପରିଚିତ—3. Acquainted with.

ଜାନାନ ଦେ. ବି—୧ । ଜ୍ଞାନ—1. Knowledge.
ଆନ୍ ୨ । ଇନ୍ଦ୍ରିୟଦ୍ୱାରା ବୋଧ—2. Perception.
୩ । ପରିଚୟ—3. Acquaintance.
୪ । ବିଜ୍ଞାପନ; ଏତଲା—4. Information.

ଜଣାଇବା—ଦେ. କ୍ରି (ସଂ. ଜ୍ଞା ଧାତୁ ଣିଚ୍, ଜ୍ଞାପି ଧାତୁ; ଜାଣିବାର ଣିଜନ୍ତରୂପ)—୧ । ଜ୍ଞାପନକରିବା—
Janāibā
ଜାନାନ 1. To notify; to inform.
ଆଗା କରନା; ଜନାନା ୨ । ଦେବତା ବା ରାଜା ଆଦିଙ୍କ ନିକଟରେ
(ଜଣେଇବା—ଅନ୍ୟରୂପ) ନିବେଦନ କରିବା—
2. To represent to a superior or Deity.
୩ । ପ୍ରାର୍ଥନା କରିବା—3. To pray; to solicit.
[ଦ୍ର ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଜଣା କରିବା—ପ୍ରାଦେ (ଗଡ଼ଜାତ; ଗଞ୍ଜାମ) କ୍ରି—ଜଣାଇବା (ଦେଖ)
Janā karibā Janāibā (See)
ପ୍ରଣମି ବିନୟେ ଜଣାକଲେ ଏ ଚିରକୁ—ତୁଳସୀ. ବଳମ ସ୍ୱମାସୁଣ. ଅବ ।

ଜଣାଜଣି—ଦେ. ବଣ—୧ । ସାଧାରଣରେ ଜ୍ଞାତ—
Janājani 1. Known commonly.
ଜାନାଜାନି ୨ । ପରସ୍ପର ଚିହ୍ନାଚିହ୍ନି—
2. Mutually recognising.
ଏହୁ କାଳରେ ବାବୁ ପୁଅ ସଖା ମିତ
ଜଣାଜଣି ନୋହୁ କଞ୍ଚାଇ ଚୋପେ ଗାନ—କୃଷ୍ଣସିଂ. ମହାଭାରତ ସ୍ତ୍ରୀ ।
ଦେ. ବି—୧ । ପରସ୍ପର ଚିହ୍ନାଚିହ୍ନି ହେବା—
1. Mutual recognition.
୨ । ରାଜାଆଦିଙ୍କୁ କୌଣସି ବିଷୟର ଜ୍ଞାପନ—
2. Information given to an authority.

ଜଣାଣ—ଦେ. ବି. (ସଂ. ଜ୍ଞାପନ)—୧ । ଦେବତା ବା ରାଜାଆଦିଙ୍କ
Janāna ନିକଟରେ ସ୍ତୁତି—1. Prayer.
ଅର୍ଜି ବାର୍ତ୍ତା ଯା ଲେଖିଛ ଅଙ୍କାପଣ ନୋହେ
ଅରଜ, ଜନାବ ଜଣାଣ ସେ ଦେଇଥିବ । ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
୨ । ପ୍ରାର୍ଥନା, ନିବେଦନ—2. Supplication.

ଜଣାଣ କରିବା—ଦେ. କ୍ରି—ଦେବତା ବା ରାଜା ଆଦିଙ୍କୁ କୌଣସି ବିଷୟ
Janāna karibā ଜଣାଇବା—To represent a matter
ଆର୍ଜି କରା to a king or Deity.
ଅରଜ କରନା ଜଣାଣ କରି ମା ନିକଟରେ । ମଧୁସୂଦନ

ଜଣାନନ୍ଦ—ଦେ. ବି. (ପ୍ରାଚୀନ) (ସଂ. ଜ୍ଞାନାନନ୍ଦ)—୧ । ପରମାତ୍ମା—
Janānanda 1. The Divine Essence.
୨ । ଜୀବାତ୍ମା—2. The animal soul.
୩ । ଜ୍ଞାନଲାଭଦ୍ୱାରା ଆନନ୍ଦ ଲାଭ କରିବା ପୁରୁଷ—
3. A person who attains pleasure in securing knowledge.
ଠୁଳରୂପୀ ବସ୍ତୁ ନ ପାଇବ ଜଣାନନ୍ଦ । ପ୍ରାଚୀ. ବ୍ରହ୍ମକଳ୍ପଦର୍ପଣଗୀତା ।

ଜଣାବଇ—ଦେ. କ୍ରି. (ପ୍ରାଚୀନ) [ଜଣାଇବା କ୍ରିୟାର
Janābai ବର୍ତ୍ତମାନକାଳ ନାମପୁରୁଷ ଅମାନ୍ୟାର୍ଥକ ଏକବଚନ
(ସେ) କର୍ତ୍ତା ସଙ୍ଗେ ଯୁକ୍ତ]—ବିକଳ୍ପରୂପ (ସେ) ଜଣାଏ;
(ସେ) ଜ୍ଞାପନ କରେ—
(he or she) Intimates
ସ୍ୱଧର୍ମ ସଖୀ ଜଣାବଇ ତା ନିଦେଶରେ । ପ୍ରାଚୀ. ଉଷାବାଣିଥ ।

ଜଣାବନ୍ତି—ଦେ. କ୍ରି. (ପ୍ରାଚୀନ)—[ଜଣାଇବା କ୍ରିୟାର ବର୍ତ୍ତମାନକାଳ
Janābanti ନାମପୁରୁଷ ବହୁବଚନ (ସେମାନେ) କର୍ତ୍ତା ସଙ୍ଗେ
ଅନ୍ୱିତ)]-(ବିକଳ୍ପରୂପ)-(ସେମାନେ) ଜଣାନ୍ତି; ଜ୍ଞାପନ
କରନ୍ତି—(they) Intimate.
କର ଯୋଡ଼ି ଜଣାବନ୍ତି ସମସ୍ତ ଦାସ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଜଣାମଣା—ଦେ. ବି. (ସଂ. ଜ୍ଞାପନ+ମନନ)—ଜଣାଣ (ଦେଖ)
Janā-manā Janāna (See)

ଜଣାଶୁଣା—ଦେ. ବି. (ସଂ. ଜ୍ଞା ଧାତୁ ଓ ଶ୍ରୁ ଧାତୁ)—୧ । ଘନିଷ୍ଠତା—
Janāsunā 1. Intimacy.
ଜାନାଶୁନା ୨ । ଘନିଷ୍ଠ ପରିଚୟ—
ଜାନପହଁଚାନ 2. Intimate acquaintance.
ଦେ. ବଣ—୧ । ସୁପରିଚିତ—1. Well acquainted.
୨ । ସୁପରିଜ୍ଞାତ; ପ୍ରସିଦ୍ଧ—2. Well known; famous.
ଭୁନିଆ ହାଟରେ ପଡ଼ି ହେଲୁ ମୁଁ ବଣା
ଜଣାଶୁଣା ବାଟଘାଟ ସବୁ ଅଜଣା । ରାଧାନା. ଗୀତଲହରୀ ।

ଜଣିଅଁ—ଦେ. ବଣ. (ସଂ. ଜନ) (ଅନ୍ୟ ସଂଖ୍ୟାବାଚକ ଶବ୍ଦ ପରେ ଯୁକ୍ତ
Janiān ଯଥା—ଚାରିଜଣିଅଁ ମଶାରି; ଦୁଇ ଜଣିଅଁ ଖଟ)—
ଜନେର ପୂର୍ବବର୍ତ୍ତୀ ସଂଖ୍ୟକ ବ୍ୟକ୍ତିଙ୍କ ବ୍ୟବହାରୋପଯୋଗୀ ବା
ଆଦ୍‌ମୋକା ତାଙ୍କ ପାଇଁ ଅଭିପ୍ରେତ—(in compound) Intended
or sufficient for so many persons.

ଜଣିକିଆ—ଦେ. ବଣ. (ସଂ. ଜନୈକ)—ଏକଜଣର ଯୋଗ୍ୟ; ଏକଜଣର
Janikiā ବ୍ୟବହାର୍ଯ୍ୟ—Fit for one person; sufficient
for the needs of one person; single.
(ଯଥା—ଜଣିକିଆ ଖଟ; ଜଣିକିଆ ମଶାରି)

ଜଣେ—ଦେ. ସର୍ବନାମ (ସଂ.ଜନୈକ)—୧ । ଜନୈକ; ଏକଜଣ ମାତ୍ର—
Jane 1. Only one person
ଜନେକ ୨ । ଗଣ୍ୟମାନ୍ୟବ୍ୟକ୍ତି; ପ୍ରଧାନ ବ୍ୟକ୍ତି—
ଏକ 2. Chief person; a person of importance.
(ଯଥା—ସେ ଆପଣାକୁ ଜଣେ ବୋଲି ଭାବନ୍ତି)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁା' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜଣେଜଣ—ଦେ. ଅ.—ପ୍ରତ୍ୟେକଙ୍କୁ; ଜଣଜଣ କରି—
Jane-jana To each.

ଦିଲେ ଦେଲେ ବହୁଦାନ ବସ୍ତ୍ର ଅଳଙ୍କାର ଧନ
ସନ୍ତୋଷ କରଇ ଜଣେ ଜଣ । ଜଗନ୍ନାଥ. ବଚନସମୃଦ୍ଧ ।

ଜଣେଜଣେ—ଦେ. ଅ—୧ । ପ୍ରତ୍ୟେକ ବ୍ୟକ୍ତି; ବ୍ୟକ୍ତିଗତ
Jane-jane ଭାବରେ; ଜଣ ଜଣ କରି—1. Individually.
(ଯଥା—ଜଣେ ଜଣେ ହୋଇ ପାଖ କଥା କହିଲେ ମୁଁ ଶୁଣିବ ନାହିଁ ।)
୨ । ଜଣକ ପରେ ଜଣେ—
2. One after the other.
(ଯଥା—ଜଣେ ଜଣେ ହୋଇ ହାତ ପଡାଅ, ନୋହିଲେ ତାହାଙ୍କୁ କୋଷ୍ ଦେବ ନାହିଁ ।)

ଜତ୍‌କତ୍—ପ୍ରାଦେ. (ସମ୍ବଲପୁର) କି. ଵଣ. (ସ. ଯତ୍ର ଓ କୁତ୍ର)—
Jat-kat ଏଣେ ତେଣେ; ଯହିଁ ତହିଁ; ଯାହିଁ ତାହିଁ—
Here and there; anywhere.
(ଯଥା—ସେ ଜତ୍‌କତ୍ ବୁଲୁଛି ଜାଣି ଯେ ।)

ଜତନି - ପ୍ରାଦେ. (ସମ୍ବଲପୁର) ବ—ଖଳି (ଦେଖ)
Jat-ni Khali (See)

ଜତୁ—ସ. ବ. (ଜନ୍ ଧାତୁ + କର୍ତ୍ତୃ. ତୁ; ନ ସ୍ଥାନରେ ତ ଆଦେଶ)—
Jatu ୧ । ଲାକ୍ଷା; ଜଉ—1. Lac; shell-lac.
୨ । ଅଲକ୍ତ; ଅଳତା; ଯାବକ—2. Red dye or pigment for painting the feet of females.

ଜତୁକ—ସ. ବ. (ଜତୁ + ସଞ୍ଜ୍ଞାର୍ଥେ. କ)—
Jatuka ୧ । ହେଙ୍ଗୁ—1. Asafoetida.
୨ । ଲାକ୍ଷା—2. Lac.
୩ । କୌଣସି କୌଣସି ବ୍ୟକ୍ତିଙ୍କ ଶରୀରରେ ଜନ୍ମକାଳରୁ ଦେଖାଯିବା ଜାଇମଣ୍ଡା; ଜଟୁଳ—
3. A mole on the body; nævus.

ଜତୁକା—ସ. ବ—ଚର୍ମଚଟା; ଚମ୍ପିଣି ଚଢ଼େଇ—
Jatukā House-bat; the smaller bat.

ଜତୁନୀ—ସ. ବ—ଜତୁକା (ଦେଖ)
Jatuni Jatukā (See)

ଜତୁମଣି—ସ. ବ—ଦେହରେ ଦେଖାଯିବା କଳା ବା ନାଲି ଜାଇମଣ୍ଡା—
Jatumani A mole on the body; nævus.

ଜତୁରସ—ସ. ବ—ଅଳତା— Red dye for painting the feet
Jaturasa of females.

ଜତ୍ରୁ—ସ. ବ. (ଜନ୍ ଧାତୁ + କର୍ତ୍ତୃ. ସଞ୍ଜ୍ଞାର୍ଥେ. ତ୍ରୁ)—
Jatru ବକ୍ଷସ୍ଥଳ ହାଡ଼; କଣ୍ଠାସ୍ଥି—
The clavicle; collar-bone,

ଜଥା—ବୈଦେ. ବ. (ତେଲୁଗୁ. ଜଥା)—୧ । ପିନ୍ଧିବା ଲୁଗା—
Jathā 1. A single cloth for wearing.
୨ । ପିନ୍ଧା ଓ ପାଟୁଡ଼ା ଏକତ୍ର ଲାଗି ବୁଣା ହୋଇଥିବା ଲୁଗା; ଜୋଡ଼; ଏକତ୍ର ବୁଣା ହୋଇଥିବା ଲୁଗାଯୋଡ଼ାଜୋଡ଼-
2. A pair of wearing cloths (lower and upper) woven in one length.

ଜଡ଼ା—ଦେ. ବ—ଜଡ଼ିବା କାର୍ଯ୍ୟ; ତୁଳନା କରିବା—
Jadā The act of comparing two things with each other.

ଜଡ଼ାଇବା—ଦେ. କି—ଜଡ଼ିବା କ୍ରିୟାର ପ୍ରଯୋଜକ ରୂପ—
Jadāibā Causative of Jadibā.
(ଜଡ଼େଇବା—ଅନ୍ୟରୂପ)

ଜଡ଼ାଜଡ଼ି—ଦେ. ବ—ପରସ୍ପର ତୁଳନା କରିବା କର୍ମ—
Jadājadi Mutual comparison.
ଵଣ.—ପରସ୍ପର ତୁଳନା କରୁଥିବା—
Comparing with each other.

ଜଡ଼ିବା—ଦେ. କି—୧ । ତୁଳନା କରିବା—
Jadibā 1. To compare; to countercheck.
ତୁଳା ୨ । ଦୁଇଟି ବସ୍ତୁକୁ କଷିବା—2 To compare
तुलना the dimeusions of two things.

ଜନ୍ (ଧାତୁ) - ସ—ଜନ୍ମିବା; ଜାତ ହେବା—
Jan (root) To be born or produced.
(ଜନ ଧାତୁ—ଣିଜନ୍ତ ରୂପ)

ଜନ୍—ପ୍ରାଦେ. (ସମ୍ବଲପୁର) ବ—ଚନ୍ଦ୍ର; ଜହ୍ନ
Jan The moon.

ଜନ୍‌ନା—ବୈଦେ. ବ. ସ୍ତ୍ରୀ—ଜନାନା (ଦେଖ)
Jan-nā Janānā (See)

ଜନ୍ ବିମ୍ସ୍—ବୈଦେ. ବ (ନାମ) (ଇଂ)—ଏକାଧିକ ଭାରତୀୟ ଭାଷାରେ
Jan bims ସୁପଣ୍ଡିତ ଓ ହିନ୍ଦୀ, ପଞ୍ଜାବୀ, ମରହଟ୍ଟୀ, ଗୁଜରାଟୀ, ସିନ୍ଧୀ ଓ ବଙ୍ଗଳା ଭାଷାମାନଙ୍କ ତୁଳନାମୂଳକ ବ୍ୟାକରଣ ଓ ଭାରତୀୟ ଭାଷାତତ୍ତ୍ୱବିଷୟର ବଣସୂଚି ଗ୍ରନ୍ଥର ଲେଖକ ସ୍ୱର୍ଗୀୟ ଇଂରାଜ ମନୀଷୀ—Name of the late author of modern outlines of Indian philology and Comparative grammar of modern Indian languages (viz. Hindi, Panjabi, Sindhi, Gujarati, Marhattee, Bengalee and Oria).
[ଦ୍ର—ଏ ତେବେ ବାଲ ଵଟକର କଲେକ୍ଟର ଓ ଓଡ଼ିଶାର କମିଶନର କର୍ମ କରିଥିଲେ ।]

ଜନ୍ହ—ଦେ. ବ. (ସ. ଜ୍ୟୋତ୍ସ୍ନା. ପ୍ରାକୃତ. ଜୋନାଇ)—
Jan-ha ଚନ୍ଦ୍ର—The moon.

ଦେଖ କୃଷ୍ଣଙ୍କ କାନନ, ଶରତ ପୂର୍ଣ୍ଣିମାର ଜହ୍ନ । ଭୂପତ. ପ୍ରେମପଞ୍ଚାମୃତ ।

ଜନ—ସ. ବ. (ଜନ୍ ଧାତୁ + କର୍ତ୍ତୃ. ଅ)—
Jana ୧ । ମନୁଷ୍ୟ; ଲୋକ; ବ୍ୟକ୍ତି—1. Person; man.

୧	ଇ	ଢ଼	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଦ୍ୟୁ	ଡଅ	ଘ
୨.	ଈ	ଊ	ଋୂ	ଳ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଗଂ୍ୟ	ଇଅ	●	ନ୍ମ

୨ । ଯେ ଦୈନିକ ମଜୁରି ନେଇ ଅନ୍ୟର କର୍ମ କରେ—
2. Day-labourer.

୩ । ଭୁବନ—
3. The world; the terrestrial globe.

୪ । ଜନଲୋକ—4. One of the terrestrial worlds according to Hindu mythologies.

[ଦ୍ର—ହିନ୍ଦୁଶାସ୍ତ୍ରୋକ୍ତ ସପ୍ତଭୁବନ ମଧ୍ୟରୁ ଏହା ମହଃଲୋକର ପରବର୍ତ୍ତୀ ଓ ତପଃଲୋକର ପୂର୍ବବର୍ତ୍ତୀ ଭୁବନ ଅଟେ । ଏଥିରେ ବ୍ରହ୍ମାଙ୍କ ମାନସ ପୁତ୍ର ଓ ଊର୍ଦ୍ଧ୍ୱରେତା ଋଷିମାନେ ବାସ କରନ୍ତି— ଜ୍ଞାନେନ୍ଦ୍ର]

୫ । ଅସୁର (ଜ୍ଞାନେନ୍ଦ୍ର)—4. Demon.

୬ । ଇତର ଲୋକ—6. One of the people.

ସ୍ତ୍ରୀ. ବି. (ସଂ. ଜ୍ୟୋତ୍ସ୍ନା) ଜହ୍ନ; ଜନମାମୁ (ଦେଖ)
The moon; Janamāmu (See)

ଜନକ୍—ପ୍ରାଦେ. (ସମ୍ବଲପୁର) ଗୁଣ (ସଂ ଜ୍ୟୋତ୍ସ୍ନାମୟ) — ଜ୍ୟୋତ୍ସ୍ନାମୟ— Janak Moon-lit.

ଜନକ୍‌ରାଏତ୍—ପ୍ରାଦେ. (ସମ୍ବଲପୁର) ବି.— ଜହ୍ନରାତି; ଚନ୍ଦ୍ରିକା ରାତ୍ରି— Janak-raet n-lit night.

ଜନକ—ସଂ. ବି. ପୁଂ. (ଜନ୍ ଧାତୁ ଣିଚ ଜନି ଧାତୁ=ଜନ୍ମ କରିବା+ କର୍ତ୍ତୃ. ଅକ)—୧ । ପିତା—1. Father.
Janaka

(ଜନକା—ସ୍ତ୍ରୀ) ୨ । (ନାମ) ବିଦେହ ବା ମିଥିଳାର ରାଜା; ସୀତାଙ୍କ ପାଳକ ପିତା—2. King Janaka, the foster-father of Sitā.

[ଦ୍ର—ନିମିରାଜାଙ୍କର ମୃତ ଶରୀରକୁ ଦେବଙ୍କ ବ୍ରାହ୍ମଣମାନେ ଅରଣିରେ ମନ୍ଥନ କଲେ; ତହିଁରୁ ଜନକ ଜାତ ହେଲେ । ଭାଗବତ—୧୦ମ ସ୍କନ୍ଧ ।]

୩ । (ପ୍ରଜାମାନଙ୍କର ପିତାଭୁଲ୍ୟ ଥିବାରୁ)—ରାଜା—
3. King (the father of his subjects).

ସଂ ଗୁଣ. ତ୍ରି. (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ ଯଥା—ଭୂଃଖ-ଜନକ, ଆନନ୍ଦଜନକ)—୧ । ଜନ୍ମଦାତା—
1. Begetting; producing.

୨ । ଉତ୍ପାଦକ; ଯାହା ଘଟାଏ—2. Causing.

ଜନକଜନନୀ—ସଂ. ବି. (ଜନକ+ଜନନୀ; ଦ୍ୱନ୍ଦ୍ୱ ସମାସ ଶବ୍ଦ)—ପିତାମାତା— Janaka-janani Parents; father and mother.

ଜନକ ତନୟା—ସଂ. ବି. ସ୍ତ୍ରୀ. (ଜନକ+ତନୟା; ୬ଷ୍ଠୀ ତତ୍)—
Janaka-tanayā ବୈଦେହୀ; ସୀତା— Sitā, the foster-daughter of Janaka.

(ଜନକକନ୍ୟା; ଜନକନନ୍ଦିନୀ; ଜନକସୁତା—ଅନ୍ୟରୂପ)

ଜନକତ୍ୱ—ସଂ ବି. (ଜନକ+ସ୍ୱାର୍ଥେ ତ୍ୱ)—
Janakatwa ୧ । ଉତ୍ପାଦକତା; କାରଣତା—
1. The state of being the producer or cause.

୨ । ପିତୃତ୍ୱ; ସନ୍ତାନର ମାତାଙ୍କ ସ୍ୱାମିତ୍ୱ—
2. Father-hood of a child.

୩ । ଉତ୍ପାଦକ ଶକ୍ତି—3. Productiveness.

ଜନକ ଦେଈ—ସ୍ତ୍ରୀ. ବି. ସ୍ତ୍ରୀ. (ସଂ. ଜନକ ଓ ଦେବୀ)—
Janaka dei ଜାନକୀ; ସୀତା Sitā.

ଜନକପୁର—ସଂ. ବି—ମିଥିଳାର ପ୍ରାଚୀନ ରାଜଧାନୀ; ଜନକରାଜାଙ୍କ Janaka-pura ରାଜଧାନୀ—The capital of king Janaka.

[ଦ୍ର—ଏହା ନେପାଳର ତରାଇ ପ୍ରଦେଶରେ ଅବସ୍ଥିତ ବୋଲି ପଣ୍ଡିତମାନେ ଅନୁମାନ କରନ୍ତି ।]

ଦେ. ବି—ପୁରୀ ଗୁଣ୍ଡିଚା ମନ୍ଦିରର ଅନ୍ୟନାମ—
A name of the Gundichā-temple of Puri.

[ଦ୍ର—ଏଠାରେ ପ୍ରଥମେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତିନି ମୂର୍ତ୍ତି ନିର୍ମିତ ହୋଇଥିଲେ । ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ଜନକାରୀ—ସଂ. ବି. (ଜନ+କୃ ଧାତୁ=ନିକ୍ଷେପ କରିବା+କର୍ମ Janakāri . ଇନ୍; ୧ମା. ୧ବ)—ଅଲତା ବା ଅଲତାରଞ୍ଜିତ ତୁଳା— Thin pads of cotton impregnated with lac or red dye.

ଜନକାତ୍ମଜା—ସଂ. ବି. ସ୍ତ୍ରୀ. (ଜନକ+ଆତ୍ମଜା; ୬ଷ୍ଠୀ ତତ୍)—
Janakātmajā ଜନକତନୟା (ଦେଖ)
Janaka-tanayā (See)

ଜନଗଣନା—ସଂ. ବି. (ଅଧୁନିକ ବ୍ୟବହାର)—ରାଜ୍ୟର ଲୋକଗଣତି; Jana-gananā ସେନ୍‌ସସ୍—Census.

ଜନଙ୍ଗମ—ସଂ. ବି. (ଜନ=ଇତର, ଲୋକ+ଗମ୍ ଧାତୁ+କର୍ତ୍ତୃ. ଅ)— Janangama ଚଣ୍ଡାଳ—A man of the lowest caste amongst the Hindus.

ଜନଚକ୍ଷୁଃ—ସଂ. ବି. (ଜନ+ଚକ୍ଷୁଃ; ୬ଷ୍ଠୀ ତତ୍; ଏ ସଂସାରର ଲୋକ Jana-chakshuh ମାନଙ୍କ ଚକ୍ଷୁଃସ୍ୱରୂପ ପ୍ରକାଶକ ଥିବାରୁ)—
ସୂର୍ଯ୍ୟ—The sun.

ଜନଚର୍ଚ୍ଚା—ସଂ. ବି. (ମ. ପ. ଲୋ; ଜନମାନଙ୍କର ମଧ୍ୟରେ ପ୍ରଚଳିତ Jana-charchhā ଚର୍ଚ୍ଚା)—୧ । ଜନପ୍ରବାଦ (ଦେଖ)
1. Jana-prabāda (See)

ଜନତା—ସଂ.ବି. (ଜନ+ସମୂହାର୍ଥେ ତା)—୧ । ବହୁଲୋକଙ୍କ ସମାଗମ; Janatā ଭିଡ଼—Crowd; a multitude or gathering of people.

୨ । ମନୁଷ୍ୟତା—2. Manliness.

୩ । ଉତ୍ପାଦନ—3. Production.

୪ । ପୃଥିବୀର ମାନବସକଳ—4. Mankind.

ଜନତ୍ରା—ସଂ. ବି. (ଜନ+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ. କ୍ୱିପ୍; Janatrā ଯାହା ଲୋକଙ୍କୁ ରୌଦ୍ରାଦିରୁ ରକ୍ଷା କରେ)—
ଛତା (ହ୍ରି. ଶବ୍ଦସାଗର)—Umbrella.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଜନଦେବ—ସଂ. ବି. (୬ଷ୍ଠୀ ତତ୍; ଜନ+ଦେବ)—
Jana-deba ୧ । ରାଜା; ନରପତି (ହି. ଶବ୍ଦସାଗର)—1. King.
୨ । (ନାମ) ମହାଭାରତୋକ୍ତ ମିଥିଳାର ଜଣେ ଜନକବଂଶୀୟ ରାଜା—
2. Name of a king of Mithilā.
[ଦ୍ର—ଏ ରାଜା ମହର୍ଷି ପଞ୍ଚଶିଖଙ୍କ ଉପଦେଶ ଗ୍ରହଣ କରି ମୋକ୍ଷ ପ୍ରାପ୍ତ ହୋଇଥିଲେ—ହି. ଶବ୍ଦସାଗର ।]

ଜନଧା—ସଂ. ବି. (ଜନ+ଧା ଧାତୁ+କର୍ତ୍ତୃ. କ୍ୱିପ୍)—
Janadhā ଅଗ୍ନି; ନିଆଁ (ହି. ଶବ୍ଦସାଗର)—Fire.

ଜନନ—ସଂ. ବି. (ଜନ୍ ଧାତୁ ଣିଜନ୍ତ ଜନ ଧାତୁ=ଜନ୍ମାଇବା+ଭାବ. ଅନ)—୧ । ଉତ୍ପତ୍ତି; ଜନ୍ମ—
Janana
(ବିପରୀତ—ମରଣ) 1. Birth; production.
ଭାଗ୍ୟ ଏ ଜନ ଅଟି, ଜନନରହ ସଖି, ଜାଣରେ ।
କବିସୂର୍ଯ୍ୟ. ବଳୋରାମଚମ୍ପୂ ଭ ଗୀତ ।
୨ । (+କର୍ତ୍ତୃ. ଅନ) ପିତା; ଜନକ—2. Father.
୩ । ଦ୍ୱିଜାତିଙ୍କର ଜାତକର୍ମରୂପ ସଂସ୍କାର—
3. A rite observed by the twice-born castes amongst the Hindus at a child's birth.
୪ । ଉତ୍ପାଦକ—4. Producer.
୫ । (+ଅଧିକରଣ ଅନ) ଗୋତ୍ର; ବଂଶ—
5. Family; race; lineage.
୬ । ସର୍ବପିତା ପରମେଶ୍ୱର—6. God.
୭ । ଜନ୍ମ କରିବା—7. Giving birth.

ଜନନବିପର୍ଯ୍ୟୟ—ସଂ. ବି. (ଆଧୁନିକ; ଜୀବବିଜ୍ଞାନ ପରିଭାଷା)—
Janana-biparjyaya ୧ । ପୁରୁଷପରମ୍ପରା—
1. Successive generations.
୨ । ଉତ୍ପତ୍ତିକ୍ରମର ବୈପରୀତ୍ୟ—2. Inversion of the order of generation or production.

ଜନନା—ବୈଦେ. ବି—ଜନାନା (ଦେଖ)
Jananā Janānā (See)

ଜନନାଶୌଚ—ସଂ. ବି. (ମ. ପ. ଲୋ. ଜନନ+ଅଶୌଚ ଜନନ-
Jananāsaucha ଜନିତ ଅଶୌଚ)—ଛୁତିକଅ; ସୂତିକାଶୌଚ—
(ବିପରୀତ—ମରଣାଶୌଚ) The uncleanness (for the first 10 days) observed by the kinsmen of a new-born infant.

ଜନନି—ସଂ. ବି. (ଜନ ଧାତୁ+ଭାବ ଅନ) ୧ । ଉତ୍ପତ୍ତି; ଜନ୍ମ—
Janani 1. Birth.
୨ । (+ଅଧିକରଣ. ଅନ) ବଂଶ—2. Race; family.
୩ । ଗନ୍ଧଦ୍ରବ୍ୟବିଶେଷ—3. A kind of scent.

ଜନନୀ—ସଂ. ବି. ସ୍ତ୍ରୀ (ଜନ୍ ଧାତୁ+କର୍ତ୍ତୃ ଅନ+ସ୍ତ୍ରୀ. ଈ)—
Jananī ୧ । ଗର୍ଭଧାରିଣୀ; ମାତା—1. Mother.
୨ । ଦୟା—2. Mercy; kindness.
୩ । ଯୂଥିକା; ଯୂଇଫୁଲ—3. Jasmine.
୪ । ମଞ୍ଜିଷ୍ଠା—4. Indian madder.
୫ । ଚେମେଣ୍ଟୀ—5. House-bat.
ସଂ ବିଣ. ସ୍ତ୍ରୀ—ଉତ୍ପାଦିକା—Producing.

ଜନନୀୟ—ସଂ. ବିଣ—୧ । (ଜନ ଧାତୁ+କର୍ମ ଅନୀୟ)—ଜନ୍ମ ହେବାର
Jananīya ଯୋଗ୍ୟ—1. Fit to be born or produced.
୨ । (ଜନ ଧାତୁ+କର୍ମ ଅନୀୟ) ଜନ୍ମ କରିବାର ଯୋଗ୍ୟ—
2 Fit to be given birth to.

ଜନପଦ—ସଂ. ବି. (୬ଷ୍ଠୀ ତତ୍; ଜନ+ପଦ=ସ୍ଥାନ)—୧ । ଦେଶ;
Jana-pada ଲୋକାଳୟ—1. An inhabited country; a district; a country; region.
୨ । ଲୋକ; ଜାତି; କୌଣସି ଦେଶର ଅଧିବାସୀଗଣ—
2. Nation; people.
୩ । ଲୋକସମାଜ—3. A community.

ଜନପାଦ—ସଂ. ବି. (ଜନପଦ+ସ୍ୱାର୍ଥେ. ଅ)—ଜନପଦ (ଦେଖ)
Jana pāda Janapada (See)

ଜନପ୍ରଜା—ଦେ. ବି. (ସଙ୍କର ଶବ୍ଦ; ଜନ+ପ୍ରଜା)—ରାଜାଙ୍କ ପ୍ରଜାବର୍ଗ—
Jana-prajā The subjects of a king.
ଅନନ୍ତ ମନ ଜନପ୍ରଜା
ଧ୍ରୁବ ସପତ ଦ୍ୱୀପେ ରାଜା । ଜଗନ୍ନାଥ. ଭାଗବତ ।

ଜନପ୍ରବାଦ—ସଂ. ବି. (ମ. ପ. ଲୋ; ଜନମାନଙ୍କ ମଧ୍ୟରେ ପ୍ରଚଳିତ
Jana prabāda ପ୍ରବାଦ)—୧ । ଲୋକପ୍ରବାଦ; ଗୁଜବ;
(ଜନବାଦ—ଅନ୍ୟରୂପ) ଜନଶ୍ରୁତି—1. Rumour; a popular report.
୨ । କିମ୍ବଦନ୍ତୀ—2. Tradition.
୩ । ଲୋକନିନ୍ଦା; ଲୋକାପବାଦ—
3. Public scandal.

ଜନପ୍ରବାହ—ସଂ. ବି. (୬ଷ୍ଠୀ ତତ୍; ଜନ+ପ୍ରବାହ)—୧ । ବହୁଲୋକ
Jana-prabāha ଯିବା ଆସିବା କରୁଥିବା ଯୋଗୁଁ ଭିଡ଼—
1. A crowded rush of people.

ଜନପ୍ରାଣୀ—ଦେ. ବି. (ସଙ୍କର ଶବ୍ଦ; ଜନ+ପ୍ରାଣୀ)—ମନୁଷ୍ୟ କିମ୍ବା
Jana-prāṇī ଅନ୍ୟ ଜୀବ—Any living being; man or animal.
ଜନପ୍ରାଣୀ ପାଖରେ ନାହିଁ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଜନପ୍ରିୟ—ସଂ. ବିଣ. (ବହୁବ୍ରୀହି; ଜନ+ପ୍ରିୟ)—୧ । ଲୋକବତ୍ସଳ—
Jana-priya 1. Philanthropic; loving the people.
୨ । ଲୋକପ୍ରିୟ; ସାଧାରଣଙ୍କର ପ୍ରୀତିଭାଜନ—
(ଜନବଲ୍ଲଭ—ଅନ୍ୟରୂପ) 2. Popular; beloved by the people.
ସଂ. ବି.—୧ । ଧନ୍ୟାକ; ଧନିଆଁ—
1, Coriander seed (Apte).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର.	ଞ	ଜ	ଶ,ଷ	ଜ୍ଞ	ଇଅ	ଉଅ	ଋ
୨	ଈ	ଊ	ରୁ	ଲ୍ଲ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନୃ

୨ । ଶିବ; ମହାଦେବ—
2. An epithet of God Śiba (Apte).

ଜନବରୀ—ଗ୍ରା. ବୈଦେ. ବ. (ଇଂ ଜାନୁଆରୀ)—ଜନୋଆରୀ; ଜାନୁଏରୀ
Janabari — ମାସ—The month of January.
जानुआरी
जनवरी

ଜନବଲ୍ଲଭ—ସଂ. ବଣ (୬ଷ୍ଠୀ ତତ୍; ବହୁବ୍ରୀହି; ଜନ+ବଲ୍ଲଭ)—
Jana-ballabha — ଜନପ୍ରିୟ (ଦେଖ)
Janapriya (See)

ବି.—ଶ୍ୱେତ ରୋହିତକ (ହି. ଶବ୍ଦସାଗର)—
The white variety of Rohitaka tree.

ଜନବହୁଳ—ସଂ. ବଣ. (ବହୁବ୍ରୀହି; ଜନ+ବହୁଳ)—ଜନାକୀର୍ଣ୍ଣ; ବହୁ-
Jana-bahula — ଲୋକପୂର୍ଣ୍ଣ—Populous.

ଜନବାଦ—ସଂ. ବ. (୬ଷ୍ଠୀ ତତ୍; ଜନ+ବାଦ)—ଜନପ୍ରବାଦ (ଦେଖ)
Jana-bāda — Jana-prabāda (See)
(ଜନେବାଦ—ଅନ୍ୟରୂପ)

ଜନବାସ—ସଂ. ବ. (୬ଷ୍ଠୀ ତତ୍; ଜନ+ବାସ)—୧ । ଲୋକବସତି—
Janabāsa — 1. A place of human residence.
୨ । ସର୍ବସାଧାରଣଙ୍କ ଆଶ୍ରୟସ୍ଥାନ—2. A place of public resort; a public rest-house.
୩ । ସଭା; ସମାଜ—3. An assembly; a meeting.

ଜନଭା—ପ୍ରାଦେ. (ଗଞ୍ଜାମ) ବ.—ଦେଶର ଲୋକଗଣନା; ସେନ୍ସସ୍—
Janabhā. — Census.

ଜନଭୂୟିଷ୍ଠ - ସଂ. ବଣ.—(ବହୁବ୍ରୀହି; ଜନ+ଭୂୟିଷ୍ଠ=ପ୍ରଚୁର; ଯେଉଁ-
Jana-bhūyishṭha — ଠାରେ)—ଜନବହୁଳ (ଦେଖ)
Jana-bahuḷa (See)

ଜନମ (ଇତ୍ୟାଦି)—ଗ୍ରା. ଓ ପଦ୍ୟ. ବ. (ସଂ. ଜନ୍ମ)—
Janama (etc) — ଜନ୍ମ ଇତ୍ୟାଦି (ଦେଖ)
जनम — Janma etc (See)
जनम

ଜନମଅନ୍ଧ—ଗ୍ରା. ବଣ.—ଜନ୍ମାନ୍ଧ (ଦେଖ)
Janama-andha — Janmāndha (See)
(ଜନମରୁ ଅନ୍ଧ—ଅନ୍ୟରୂପ)

ଜନମକାଳ—ଦେ. ବ (ସଂ. ଜନ୍ମକାଳ)—ମନୁଷ୍ୟ ଭୂମିଷ୍ଠ ହେବା ସମୟ—
Janama-kāḷa — Time of one's birth.
"ମୋ କାର୍ଯ୍ୟ ହିଁ ନାଥ ଦେଇଥିଲେ ଜନମକାଳେ, ଅନୁକୂଳକାଳେ, କାହିଁ ଜନନ, ଯୋଗିଜନ, ମହଦାଦାନ—ଗ୍ରାମ୍ୟଗୀତ ।

ଜନମଥାନ—ଗ୍ରା. ବ (ସଂ. ଜନ୍ମସ୍ଥାନ)—ଜନ୍ମଭୂମି (ଦେଖ)
Janama-thāna — Janma-bhūmi (See).

ଜନମଦୁଧ—ଗ୍ରା. ବ (ସଂ. ଜନ୍ମ+ଦୁଗ୍ଧ)—ନବଜାତ ଶିଶୁର ସ୍ତନରୁ
Janama-dudha — ବାହାରୁଥିବା ଲସା—A milky secretion pinched out of the teats of a new-born baby.

[ଦ୍ର—ଜାଣିଲାଶୁଣିଲା ସ୍ତ୍ରୀଲୋକମାନେ ନବଜାତ ଶିଶୁର ଦୁଧକୁ ଚିପିଦିଅନ୍ତି ଓ ସେଥିରୁ ହଳଦିଆ ଲସା ବାହାରିପଡ଼େ । ଯେଉଁ ଶିଶୁର ଏପରି କରା ଯାଇ ନ ଥାଏ ତା ଦୁଧ ବାଲ୍ୟକାଳରୁ ଫୁଲିବା ଦେଖାଯାଏ ।]

ଜନମନୁଷ୍ୟ—ଦେ. ବ (ଏକାର୍ଥକ ସହଚର ଶବ୍ଦ; ସଂ. ଜନ+ମନୁଷ୍ୟ)—
Jana-manushya — ୧ । କୌଣସି ଲୋକ; ଜଣେ ସୁଦ୍ଧା ଲୋକ—
जनमानुष — 1. Even one person; a single individual.
(ଯଥା—ଏ ନିବିଡ଼ ଅରଣ୍ୟରେ ଜନ ମନୁଷ୍ୟ ନାହାନ୍ତି ।)
୨ । ସମସ୍ତ ମନୁଷ୍ୟଜାତି; ସମସ୍ତ ଲୋକ—
2 Mankind; all people.

ଜନମନୋହର—ସଂ. ବଣ (ଉପପଦ ତତ୍ପୁରୁଷ; ଜନ+ମନୋହର)—
Jana-manohara — ମନୁଷ୍ୟମାନଙ୍କ ଚିତ୍ତାକର୍ଷକ)—
Attractive to men.

ଜନମପାଣି—ଦେ. ବ (ସଂ. ଜନ୍ମ+ପାନୀୟ)—ନବଜାତ ଶିଶୁର ପ୍ରଥମ
Janama-pāṇi — ସ୍ନାନ—The first bath of an infant.

ଜନମବାଉଳା—ଦେ. ବଣ (ସଂ. ଜନ୍ମ+ବାତୁଳ)—ଜନ୍ମରୁ ନିର୍ବୋଧ;
Janamabāuḷā — ଯେଉଁ ଲୋକର ବୁଦ୍ଧିଶକ୍ତି ନ ଥାଏ—
जनमबाउला — A born idiot.

ଜନମଭରି—ଦେ. ଅ—୧ । ଆଜନ୍ମ—
Janama-bhari — 1. Since birth.
जनमभर — ୨ । ଜୀବନକାଳ ମଧ୍ୟରେ—
जनमभर — 2. Throughout life.
୩ । ମନୁଷ୍ୟ ଯେତେ ଦିନ ବଞ୍ଚିଥିବ ସେପର୍ଯ୍ୟନ୍ତ—
3. For one's life.

ଜନମର୍ଯ୍ୟାଦା—ସଂ. ବ (ମ. ପ. ଲୋ; ଜନ+ମର୍ଯ୍ୟାଦା; ଜନାଚରିତ
Jana-marjyadā — ମର୍ଯ୍ୟାଦା)—ଲୌକିକ ଆଚାର—
Popular custom; established usage.

ଜନମଭୂଇଁ—ଦେ. ବ (ସଂ. ଜନ୍ମଭୂମି)—ଜନ୍ମଭୂମି (ଦେଖ)
Janama-bhuiñ — Janma-bhūmi (See).
जनमधरती

ଜନମରକ—ସଂ. ବ (ଜନ+ମରକ)—ମହାମାରୀ (ହି. ଶବ୍ଦସାଗର)—
Jana-maraka — The plague.

ଜନମାଇବା—ଦେ. କ୍ରି (ଗ୍ରାମ୍ୟ ପଦ୍ୟ) (ସଂ. ଜନ୍ମ; ଜନମିବାର ଣିଜନ୍ତ-
Janamāibā — ରୂପ)—ଜନ୍ମାଇବା (ଦେଖ)
जनमान — Janmāibā (See).
जनमाना — ଦେଉ କରିବାକୁ ଜନମାଇ ମୋର ମନେ ଘୋର ବ୍ୟଥା —
(ଜନମେଇବା—ଅନ୍ୟରୂପ) — କବିସୂର୍ଯ୍ୟ, ସଙ୍ଗୀତ

ଜନମାନବ—ଦେ. ବ (ସଂ. ଜନ+ମାନବ)—ଜନମନୁଷ୍ୟ (ଦେଖ)
Jana-mānaba — Jana-manushya (See).

ଜନମାମୁ—ଦେ. ବ—ଜହ୍ନମାମୁ (ଦେଖ)
Jana-māmu — Jahna-māmu (See).

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳଲେ 'ଗାଢ' ଖୋଜିବେ, କୁଅ ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗ୍ନି ନ ପାଇଲେ 'ଅଗ୍ନ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ୍' ଦେଖିବେ ।

ଜନମିବା—ଗ୍ରା. ଓ ପଦ୍ୟ (ସଂ. ଜନ୍ମ)—୧ । ଜାତହେବା; ଜନ୍ମଗ୍ରହଣ କରିବା—1. To be born
Janamibā

ଜନମା ଦେବକୀ ତାଙ୍କ ଗର୍ଭରୁ ଜନମିଲେ—କୃଷ୍ଣସିଂ. ମହାଭାରତ ଆଦି ।

ଜନମନା ୨ । (ପ୍ରାଚୀନ ପଦ୍ୟ)—ଜନ୍ମ କରିବା—
2. To give birth to.

ଗାନ୍ଧାରୀ ତ ମାଂସପିଣ୍ଡ ଜନମିଲେ—କୃଷ୍ଣସିଂହ ମହାଭାରତ. ଆଦି ।

୩ । ଦେଖାଯିବା—3. To appear; to be seen.

୪ । ଘଟିବା—4. To happen.

୫ । ଆରମ୍ଭ ହେବା—5. To begin.

ଜନମେଜୟ—ସଂ. ବି. (ନାମ) (ଜନମ୍+ଏଜ ଧାତୁ=କମ୍ପିତ କରିବା +କର୍ତ୍ତୃ. ଅ; ଯେ ଅସୁରଙ୍କୁ ବିନାଶ କରିଥିଲେ)—
Janamejaya

୧ । ବିଷ୍ଣୁ—1. Bishnu.

୨ । ପରୀକ୍ଷିତ ରାଜାଙ୍କ ପୁତ୍ର—2. The son of Parikhita, king of Hastinā.

[ଦ୍ର—ଏ ଅର୍ଜ୍ଜୁନପୁତ୍ର ଅଭିମନ୍ୟୁଙ୍କ ନାତି ଥିଲେ । ଏ ବୈଶମ୍ପାୟନଙ୍କ ଠାରୁ ମହାଭାରତ ଶ୍ରବଣ କରିଥିଲେ । ପରୀକ୍ଷିତ ତକ୍ଷକ ନାଗର ଦଂଶନରେ ମରି ଥିବାରୁ ସର୍ପମାନଙ୍କର ବିନାଶ ପାଇଁ ଏ ସର୍ପଯଜ୍ଞ ଅନୁଷ୍ଠାନ କରିଥିଲେ । ସେହି ସର୍ପଯଜ୍ଞରେ ସବୁଆଡ଼ୁ ସର୍ପମାନେ ଆସି ହୋମାଗ୍ନିରେ ପୋଡ଼ି ମଲେ, କିନ୍ତୁ ତକ୍ଷକ ଆସ୍ତିକ ଋଷିଙ୍କର ଶରଣାପନ୍ନ ହେବାରୁ ଆସ୍ତିକ ଜନମେଜୟଙ୍କୁ ପ୍ରବର୍ତ୍ତାଇ ସର୍ପଯଜ୍ଞ ବନ୍ଦ କରାଇ ଥିଲେ ଓ ତକ୍ଷକ ରକ୍ଷା ପାଇଲେ ।]

ଦେ. ବି.—ଓଡ଼ିଶାର କେଶରୀ ବଂଶର ପ୍ରଥମ ରାଜା—Janmejaya, a king of the Kesari dynasty of Orissa.

[ଦ୍ର—ଏ ଖ୍ରୀଷ୍ଟାବ୍ଦ ୫୨୦ରୁ ୫୫୨ ପର୍ଯ୍ୟନ୍ତ ଉତ୍କଳରେ ରାଜତ୍ୱ କରିଥିଲେ । କୌଣସି କୌଣସି ଐତିହାସିକଙ୍କ ମତରେ ଏହାଙ୍କ ରାଜତ୍ୱକାଳ ଖ୍ରୀଷ୍ଟାବ୍ଦ ୪୭୨ରୁ ୫୨୪ ପର୍ଯ୍ୟନ୍ତ । କଟକ ନିକଟରେ ମହାନଦୀ ଓ ବିରୂପା ନଦୀ ମଧ୍ୟରେ ଏ ଚଉଦୁଆର ନଗର ସ୍ଥାପନ କରି ସେହିଠାରେ ରାଜଧାନୀ କରିଥିଲେ । ଭୂପାସିନ୍ଧୁ. ଇତିହାସ ।]

ଜନୟିତା—ସଂ. ବି. ପୁଂ— (ଜନ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—
Janayitā ଜନକ; ପିତା—Father.

(ଜନୟିତ୍ରୀ—ସ୍ତ୍ରୀ) ସଂ. ବିଣ—ଉତ୍ପାଦକ; ଉତ୍ପାଦନକାରୀ—
Producing.

ଜନରଞ୍ଜନ—ସଂ. ବିଣ. (ଉପପଦ ତତ୍ପୁରୁଷ; ଜନ+ରଞ୍ଜନ)—
Jana-rañjana ସର୍ବସାଧାରଣଙ୍କ ମନୋରଞ୍ଜନକାରୀ—
Courting popularity; applauded by the people.

ଚରିତ୍ରକ ସେ ଜନରଞ୍ଜନ ରଥ ପୁନ ରାଜନ ସୁତ ଭଲ ମନ୍ତ୍ର ସେ ।
ଉପ. ବୈଦେହୀଶବିଳାସ ।

ବି. (୬ଷ୍ଠୀ ତତ୍)—ଲୋକସାଧାରଣଙ୍କ ଚିତ୍ତହରଣ—
Pleasing the populace.

ଜନରବ—ସଂ. ବି.—୧ । ଜନପ୍ରବାଦ (ଦେଖ)
Jana-raba Jana-prabāda (See)

୨ । ବହୁ ଲୋକଙ୍କ କୋଳାହଳ; ଘୋରୁଗୋଳ; ଘୋଟିଘାଳ—2. Noise arising out of a crowd; hubbub.

ଜନରଲ୍ (ଇତ୍ୟାଦି)—ବୈଦେ. ବି.—ଜେନରଲ୍ ଇତ୍ୟାଦି (ଦେଖ)
Janaral (etc) Jenaral etc (See)

ଜେନେରଲ
ଜନରଲ

ଜନଲୋକ—ସଂ. ବି.—ହିନ୍ଦୁପୁରାଣ ମତରେ ସପ୍ତଭୁବନ ମଧ୍ୟରୁ ପଞ୍ଚମ ଭୁବନ—One of the 7 worlds according to the Hindu mythologies.
Jana-loka

(ଦ୍ର—ସପ୍ତଲୋକ ଯଥା; ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ଓ ସତ୍ୟଂ)

ଜନଶୂନ୍ୟ—ସଂ. ବିଣ. (୩ୟା ତତ୍; ଜନ+ଶୂନ୍ୟ)—ନିର୍ଜନ—
Jana-śūnya Lonely; solitary

ଜନଶ୍ରୁତ—ସଂ. ବିଣ (୩ୟା ବା ୭ମୀ ତତ୍; ଜନ+ଶ୍ରୁତ)—ପ୍ରସିଦ୍ଧ;
Janaśruta ବିଖ୍ୟାତ—Famous; famed; well-known.

ଜନଶ୍ରୁତି—ସଂ. ବି. (୬ଷ୍ଠୀ ତତ୍; ଜନ+ଶ୍ରୁତି)—
Jana-śruti ଜନପ୍ରବାଦ (ଦେଖ)
Jana-prabāda (See)

ଜନସ୍ଥାନ—ସଂ. ବି.—ଦଣ୍ଡକାରଣ୍ୟର ଅଂଶବିଶେଷ—
Jana-sthāna Name of a part of the forest Daṇḍaka.

[ଦ୍ର—ଏହି ସ୍ଥାନରେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କର ପ୍ରଥମେ ରାକ୍ଷସମାନଙ୍କ ସଙ୍ଗେ ଭେଟ ଓ କଳହ ହୋଇଥିଲା ।]

ଜନସଂଘ—ସଂ. ବି. (୬ଷ୍ଠୀ ତତ୍; ଜନ+ସଂଘ)—ଲୋକଗହଳ; ଭିଡ଼—
Jana-saṁgha Crowd of people.

ଜନସଂବାଧ—ସଂ. ବିଣ (୬ଷ୍ଠୀ ତତ୍; ଜନ+ସଂବାଧ)—
Jana-saṁbādha ଲୋକଙ୍କ ଭିଡ଼ ହୋଇଥିବା (ସ୍ଥାନ)—
Densely crowded with people (Apte).

ଜନସମାଜ—ସଂ. ବି. (୬ଷ୍ଠୀ ତତ୍; ଜନ+ସମାଜ)—୧ । ଲୋକସମାଜ—
Jana-samāja 1. The human society.

୨ । ସମସ୍ତ ଲୋକ; ସମଗ୍ର ମନୁଷ୍ୟଜାତି—
2. All men; mankind.

୩ । ସର୍ବସାଧାରଣ—3. The public.

ଜନସାଧାରଣ—ସଂ. ବି. (୬ଷ୍ଠୀ ତତ୍; ଜନ+ସାଧାରଣ)—
Jana-sādhāraṇa ୧ । ସାଧାରଣ ବ୍ୟକ୍ତି—
1. Ordinary man.

୨ । ସର୍ବସାଧାରଣ; ଆବାଲବୃଦ୍ଧବନିତା ସମସ୍ତେ—
2. The public.

ଂ	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍	ଉଅ	ଓ
(	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଔ	ନ୍

ଜନସୁମାର—ଦେ. ବି. (ସଂ. ଜନ ଓ ଫା. ସୁମାର୍=ଗଣନା)—
Jana-sumāra ଲୋକସୁମାର; ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ରାଜ୍ୟର ଲୋକ-
जनसुमार ସଂଖ୍ୟା ନିର୍ଦ୍ଧାରଣାର୍ଥ ଲୋକଗଣନା—Census.
(ଜନସୁମାରି—ଅନ୍ୟରୂପ)

ଜନସ୍ଥାନ—ସଂ. ବି. (ନାମ)—୧ । ଦଣ୍ଡକାରଣ୍ୟର ମଧ୍ୟବର୍ତ୍ତୀ ସ୍ଥାନ
Jana-sthāna ବିଶେଷ—1. A region in the middle of the Dandaka forest.

ଦୂଷଣ ତ୍ରିଶିର ଖର ଅଧୀଷ୍ଠିତ
ଜନସ୍ଥାନ ଯାଇ ଥିଲ ସନ୍ନିହିତ । ରଘୁନାଥ. ଦାସ ।

୨ । ଲୋକାଳୟ; ଜନପଦ—2. Inhabited country.
୩ । ଉପନିବେଶ—3. A settlement; colony.

ଜନସ୍ରୋତ—ଦେ. ବି. (ଷଷ୍ଠୀ ତତ୍; ଜନ+ସ୍ରୋତଃ)—
Jana-srota ଜନପ୍ରବାହ (ଦେଖ)
जनस्रोत् Jana-prabāha (See)
जनस्रोत

ଜନସ୍ରୋତଃ—ସଂ. ବି. (ଷଷ୍ଠୀ ତତ୍; ଜନ+ସ୍ରୋତଃ)—
Jana-srotah ଜନପ୍ରବାହ (ଦେଖ)
Jana-prabāha (See)

ଜନା—ବୈଦେ. ବି. (ଫା. ଜନା)—୧ । ସ୍ତ୍ରୀର ଇଚ୍ଛାବିରୋଧରେ ବଳ-
Janā ପୂର୍ବକ ପୁରୁଷର ରମଣ—1. Rape.
जना ୨ । ପରସ୍ତ୍ରୀରମଣ—2. Adultery.
ସଂ. ବି—୧ । ଉତ୍ପତ୍ତି; ଜନ୍ମ (ହି. ଶବ୍ଦସାଗର)—
1. Birth; production.
୨ । (ନାମ) ମାହିଷ୍ମତୀର ରାଜା ନୀଳଧ୍ୱଜଙ୍କ ସ୍ତ୍ରୀ—
2. Name of the queen of king Niladhwaja.
[ଦ୍ର—ଅଶ୍ୱମେଧ ଯାଗ ପୂର୍ବରୁ ପାଣ୍ଡବମାନଙ୍କ ଦ୍ୱାରା ଛାଡ଼ିଥିବା ଯଜ୍ଞାଶ୍ୱକୁ ଏହାଙ୍କ ଗର୍ଭଜାତ କୁମାର ପ୍ରବୀର ଧରରଖିଲେ । ଏଥିପାଇଁ ପାଣ୍ଡବମାନଙ୍କ ସଙ୍ଗେ ପ୍ରବୀର ଯୁଦ୍ଧ କଲେ । ଏ ପ୍ରବୀରଙ୍କୁ ବିଶେଷ ସହାୟତା ଓ ଉତ୍ସାହ ଦେଇଥିଲେ । ଶେଷରେ ପ୍ରବୀର ଯୁଦ୍ଧରେ ହତ ହେବାରୁ ଏ ସ୍ୱୟଂ ପାଣ୍ଡବମାନଙ୍କ ସଙ୍ଗେ ଯୁଦ୍ଧ କଲେ । ପାଣ୍ଡବମାନଙ୍କୁ ଏହାଙ୍କ ହସ୍ତରୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ବ୍ୟସ୍ତ ହୋଇଥିଲେ ।]

ଜନାକାର୍—ବୈଦେ. ବି. (ଫା. ଜନାକାର୍)—ପରସ୍ତ୍ରୀଗମନକାରୀ—
Janākār An adulterer.
जिनाकार

ଜନାକାରି—ବୈଦେ. ବି. (ଫା. ଜନାକାରୀ)—ବ୍ୟଭିଚାର; ପରସ୍ତ୍ରୀଗମନ;
Janākāri ପରସ୍ତ୍ରୀହରଣ; ଅବୈଧ ସ୍ତ୍ରୀସମ୍ଭୋଗ—
जिनाकारी Adultery; illegitimate sexual conjunction; conjunction with another's wife.

ଜନାକୀର୍ଣ୍ଣ—ସଂ. ବିଣ. (ତୃତୀୟା ତତ୍; ଜନ+ଆକୀର୍ଣ୍ଣ)—ଜନବହୁଳ—
Janākirnna Crowded; populous.

ଜନାଚାର—ସଂ. ବି. (ଷଷ୍ଠୀ ତତ୍; ଜନ+ଆଚାର)—
Janāchāra ଲୋକାଚାର; ସମାଜପ୍ରଚଳିତ ବ୍ୟବହାର—
Popular usage.

ଜନାଜା—ବୈଦେ. ବି. (ଆ)—ଡୋକେଇ; ଯେଉଁ ଖଟ ବା ସିନ୍ଦୁକରେ
Janājā ମୃତ୍ତଦେହକୁ ପୋତିବା ବା ପୋଡ଼ିବା ପାଇଁ ବୋହି ନିଅନ୍ତି;
जनाज़ा କଫନ—A bedstead or coffin to carry the dead body for its ultimate disposal.

ଜନାଜାତ—ଦେ. ବିଣ. (ସଂ. ଜନ+ଜାତ=ସମୂହ)—
Janājāta ୧ । ପ୍ରତ୍ୟେକ ବ୍ୟକ୍ତି ବା ବିଷୟକୁ ଭିନ୍ନଭିନ୍ନ କରି
जनाजात ଚର୍ଚ୍ଚା କରୁଥିବା—1. Specifying each person;
जनाजात dealing with different persons, subjects or items, seriatim or individually.
କ୍ରି. ବିଣ—ପ୍ରତି ଜଣକୁ ଏକ ହିସାବରେ—
Individually; to each man a piece.
(ଜନାଜାତି—ଅନ୍ୟରୂପ) ବି—ଭିଅଣ୍ଡିଆ; ପ୍ରତିଜଣ ବା ବିଷୟର ପୃଥକ ଚର୍ଚ୍ଚା ହୋଇଥିବା ହିସାବ—
Detailed or classified account dealing with each person.

ଜନାଜାତି—ଦେ. ବିଣ. କ୍ରି. ବିଣ ଓ ବି—ଜନାଜାତ (ଦେଖ)
Janājāti Janājāta (See)

ଜନାଜାତି ଭଉଁରିଆ—ଦେ. ବି—ଯେଉଁ ଭଉଁରିଆରେ ପ୍ରତ୍ୟେକ ବାଡ଼ି
Janājāti bhaunriā ଜମିର ମାପ ଲେଖାଥାଏ—
A field-book containing the measurement of each plot of land.

ଜନାଜାତି ହିସାବ—ଦେ. ବି—ଯେଉଁ ହିସାବରେ ପ୍ରତ୍ୟେକ ବ୍ୟକ୍ତିର
Janājāti hisāba ବିବରଣ ଲେଖାଥାଏ—An account
जनाजात हेसाब showing the detail of
जनाजात हिसाब each person.

ଜନାନା—ବୈଦେ. ବି. (ଫା)—୧ । ସ୍ତ୍ରୀ ଲୋକ—1. A female.
Janānā ୨ । ଅନ୍ତଃପୁର—2. Seraglio; the zenana; harem.
ज़ेनाना
जनाना ୩ । ସ୍ତ୍ରୀମାନଙ୍କ ଅବରୋଧ ପ୍ରଥା—
3. The zenana-system.
୪ । ନାମର୍ଦ୍ଦ; ନପୁଂସକ; ହେଣ୍ଡେଡ଼ା—4. An eunuch.
୫ । ମାଇଚିଆ; ଯେଉଁ ବ୍ୟକ୍ତିର ଚଳଣୀ ଓ ଗୁଣଚଳଣ ସ୍ତ୍ରୀମାନଙ୍କ ପରି—5. A male having the characteristics of or behaving like a woman.
ବିଣ.—୧ । ସ୍ତ୍ରୀ ସମ୍ବନ୍ଧୀୟ—1. Pertaining to women.

ଗୋଟିଏ ବାଳକ ବିଦ୍ୟାଳୟ ଓ ଜନାନା ସ୍କୁଲ ବସିବାର ବନ୍ଦୋବସ୍ତ ହେଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

[ଦ୍ର—ଏହି ଶବ୍ଦ ଫାରସୀରୁ ଇଂରାଜୀ ଭାଷାକୁ ମଧ୍ୟ ଯାଇଅଛି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ କିମ୍ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଚିହ୍ନିତ ଅପରପ୍ରାନ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ଭୀରୁଅ — 2. Cowardly.

୩ । ସ୍ତ୍ରୀସୁଲଭ — 3. Feminine.

୪ । ସ୍ତ୍ରୀମାନଙ୍କ ବ୍ୟବହାର୍ଯ୍ୟ; ସ୍ତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ — 4. Intended for women.

ଜନାନାମହଲ — ବୈଦେ. ବି. (ଫା. ଜନାନା + ମହଲ୍) — ୧ । ଅନ୍ତଃପୁର — Janānā-mahala 1. Harem.
জেনানা মহল ୨ । ଗୃହର ଯେଉଁ ଅଂଶରେ ସ୍ତ୍ରୀଲୋକମାନେ
जनानामहल; जनानखाना ଏକପ୍ରକାର ବାସକରନ୍ତି — 2. The part of the house used exclusively by the women of the family.

ଜନାନ୍ତ — ସଂ. ବି. (୬ଷ୍ଠୀ ତତ୍; ଜନ = ଜନପଦ + ଅନ୍ତ) — Janānta ୧ । ଜନପଦ ବା ଲୋକବସତିରୁ ବହୁଦୂରସ୍ଥ ସ୍ଥାନ — 1 An out-of-the-way place; a country remote from the haunts of men.

୨ । ଦେଶ; ପ୍ରଦେଶ; ବିଭାଗ; ଜିଲ୍ଲା — 2. Country; province; division; district.

୩ । ଯମ (ହି. ଶବ୍ଦସାଗର) — 3. The Hindu God of death.

୪ । ସୀମାନିର୍ଦ୍ଦିଷ୍ଟ ପ୍ରଦେଶ ବା ଅଞ୍ଚଳ — 4. A tract of country with fixed boundaries.

୫ । ନିର୍ଜନ ପ୍ରଦେଶ; ଯେଉଁ ଅଞ୍ଚଳରେ ଲୋକେ ବାସ କରନ୍ତି ନାହିଁ — 5. An uninhabited tract.

୬ । ବ୍ୟକ୍ତିଗତ ନୈକଟ୍ୟ — 6. Personal proximity (Apte).

ସଂ. ବିଣ. — ମନୁଷ୍ୟମାନଙ୍କର ନାଶକର (ହି. ଶବ୍ଦସାଗର) — Destructive of human beings; destroying men.

ଜନାନ୍ତିକ — ସଂ. ବି. (ଜନ + ଅନ୍ତିକ = ସମୀପ) — ୧ । ଅନ୍ୟ ଉପସ୍ଥିତ Janāntika ଲୋକଙ୍କ ସାକ୍ଷାତରେ ଅଥଚ ଅନୁଚ୍ଚ ସ୍ୱରରେ ପରସ୍ପର କାନରେ କଥା କହିବା ବା ଅଭିପ୍ରାୟ ପ୍ରକାଶ କରିବା — 1. A whispering aside; a speaking aside to another in the presence of others.

୨ । ଉପସ୍ଥିତ ଅନ୍ୟ ବ୍ୟକ୍ତିମାନଙ୍କ ଅବୋଧ ଦୁଇ ଜଣଙ୍କ ମଧ୍ୟରେ ସଙ୍କେତ ଦ୍ୱାରା ଭାବବିନିମୟ — 2. A secret communication in the presence of others by means of signs.

ଜନାନ୍ତିକେ — ସଂ. କ୍ରି. ବିଣ — (ନାଟକୀୟ ଭାଷା) — (ନାଟକ ଅଭିନୟ Janāntike ସମୟରେ ରଙ୍ଗମଞ୍ଚରେ) ଅନ୍ୟ ଅଭିନେତାଙ୍କ ଉପସ୍ଥିତିରେ ଅଥଚ ସେମାନେ ଯେପରି ଶୁଣି ନ ପାରିବେ ସେହିପରି (ବାକ୍ୟ ପ୍ରକାଶ କରିବା) — (a term used in dramas for the direction of the actors Aside (on the stage).

[ଦ୍ର — ଅଭିନେତାଗଣଙ୍କୁ ରଙ୍ଗମଞ୍ଚରେ 'ଜନାନ୍ତିକ' କରିବାପାଇଁ ନାଟକରେ ଜନାନ୍ତିକ ବାକ୍ୟମାନଙ୍କ ପୂର୍ବେ ବନ୍ଧନୀମଧ୍ୟରେ ଏହି ଶବ୍ଦ ଗ୍ରନ୍ଥକାର ଲେଖନ୍ତି ।]

ଜନାପବାଦ — ସଂ. ବି. (ମ. ପ. ଲୋ; ଜନ + ଅପବାଦ; ଜନମାନଙ୍କ Janāpabāda ମଧ୍ୟରେ ପ୍ରଚାରିତ ଅପବାଦ) — ଲୋକନିନ୍ଦା; କଳଙ୍କ; ଲୋକକଳଙ୍କ — Ill repute; evil name; public scandal.

ଜନାବ — ସଂ. ବି. (ଜନ + ଅବ୍ ଧାତୁ ରକ୍ଷା କରିବା + କର୍ତ୍ତୃ. କ୍ୱିପ୍) — Janāb ଲୋକପାଳକ — Protecting men.
জনাব ବୈଦେ. ଅ. (ଆ) ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପ୍ରତି ମାନ୍ୟାର୍ଥକ
जनाब ସମ୍ବୋଧନ; ଭୁଲ. ସଂ. ଜନାବ୍ = ଲୋକପାଳକ) — ହଜୁର ! ଶ୍ରୀହଜୁର !; ମାନନୀୟ ମହାଶୟ ! — (a term of address to a high personage) Your honour ! your worship !

ବିଣ. — ମହାଶୟ; ମାନନୀୟ — Respectable; honourable. (ଯଥା — ଜନାବ୍ ମୌଲବୀ ସାହେବ୍)

ଜନାବଅଲ୍ଲୀ — ବୈଦେ. ଅ, (ଆ) — ଜନାବ୍ (ଦେଖ)
Janāb-alli Janāb (See)
জনাবআলী
जनाबआली

ଜନାର — ଦେ. ବି. (ସଂ. ଯବନାଳ; ଯାବନାଳ) — ଜୁଆର; ଭୁଟ୍ଟା; ବାଜରା; Janār ମକ୍କା — A species of Indian corn; Zea Meys; maize; Indian corn.
জনার
जुन्हरी, ज्वार

[ଦ୍ର — ଏହି ଗଛ ଅଖୁଗଛ ପରି । ଏହାର ଆଦିବାସ ଦକ୍ଷିଣ ଅମେରିକା । ଏହି ଶସ୍ୟର ଛତୁଅ ବହୁତ ଲୋକମାନେ ଖାଆନ୍ତି ।]

ପ୍ରାଦେ. (ସମ୍ବଲପୁର) — ଆହାର; ଭୋଜନ — Eating; meal.

ଜନାର କରିବା — ପ୍ରାଦେ. (ସମ୍ବଲପୁର) କ୍ରି. — ଆହାର କରିବା; ଖାଇବା — Janār karibā To eat; to take one's meals.

ଜନାର୍ଦ୍ଦନ — ସଂ. ବି. (ଜନ = ଅସୁର + ଅର୍ଦ୍ଦ ଧାତୁ ପୀଡ଼; ଅର୍ଦ୍ଦି ଧାତୁ Janārddana ପୀଡ଼ନ କରିବା + କର୍ତ୍ତୃ. ଅନ) — ୧ । ଅସୁରନିସୂଦନ; ବିଷ୍ଣୁ; ଶ୍ରୀକୃଷ୍ଣ — 1. Bishnu.

[ଦ୍ର — ଶାସ୍ତ୍ରରେ 'ଭୋଜନେଚୁ ଜନାର୍ଦ୍ଦନଂ' ଅର୍ଥାତ୍ ଭୋଜନ କାଳରେ ଜନାର୍ଦ୍ଦନଙ୍କୁ ସ୍ମରଣ କରିବାର ଉପଦେଶ ଅଛି ।]

୨ । ଶାଳଗ୍ରାମ ଶିଳାବିଶେଷ — 2. Name of a class of Sālagrāma-pebble.

ବିଣ. — ଲୋକପୀଡ଼କ — Oppressive.

୧	ଇ	ଙ	ର୍,ର୍ଵ	ଡ଼	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	ଙ୍କ	ଇଯ୍	ଉ଼ଅ	ଭ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ	ନ୍

ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.
[ଦ୍ର—ଜନାର୍ଦ୍ଦନର ଡାକନାମ ଦନେଇ ବା ଦନାଇ ।]

ଜନାର୍ଦ୍ଦନ ଦାସ—ଦେ. ବି. (ନାମ)—ଜଣେକ ଉତ୍କଳୀୟ ପ୍ରାଚୀନ କବି
Janārddana dāsa Name of an Oria poet.
[ଦ୍ର—ଏ ସାଧାରଣତଃ ଦନେଇ ଦାସ ବୋଲି ପରିଚିତ । ଗ୍ରନ୍ଥଶାଳୀ-ପାଠର 'ଗୋପୀଭାଷା' ଏହାଙ୍କ ଦ୍ୱାରା ରଚିତ; ଭାରତୀ. ଉତ୍କଳ ସାହିତ୍ୟ ଇତିହାସ । ଏହାଙ୍କ ରଚିତ ଚଉପଦୀମାନ ଦନେଇ ଦାସଙ୍କ ଚଉତିଶା ନାମରେ ଉତ୍କଳରେ ସର୍ବତ୍ର ପ୍ରସିଦ୍ଧ ।]

ଜନାଶନ—ସଂ. ବି. (ଜନ+ଅଶନ)—
Janāśana ୧ । (ବହୁବ୍ରୀହି) ମେଣ୍ଢା (ହି. ଶବ୍ଦସାଗର)—
1. The ram.
୨ । (୬ଷ୍ଠୀ ତତ୍) ମନୁଷ୍ୟମାନଙ୍କ ଭୋଜନ କର୍ମ (ହି. ଶବ୍ଦସାଗର)—2. The act of eating by men; dining.
୩ । ନରମାଂସଭକ୍ଷକ—3. A cannibal.
ସଂ. ବିଣ—ମନୁଷ୍ୟଭୋଜୀ—
Eating human beings; cannibal.

ଜନାଶ୍ରୟ—ସଂ. ବି. (୬ଷ୍ଠୀ ତତ୍; ଜନ+ଆଶ୍ରୟ)—
Janāśraya ୧ । ନାରାୟଣ; ବିଷ୍ଣୁ—1. Bishnu.
୨ । ଲୋକାଳୟ—2. Human habitation.
୩ । ପଥିକମାନଙ୍କ ବିଶ୍ରାମଗୃହ; ପାନ୍ଥଶାଳା; ଧର୍ମଶାଳା;—3. Caravanserai; a public rest-house.
୪ । ଅସ୍ଥାୟୀ ଆଶ୍ରୟସ୍ଥାନ ବା ମଣ୍ଡପ; ଶାମୁଣ୍ଡିଆ—
4. A temporary shed or awning; a pavillion erected for a special occasion.
୫ । ବାସ ସ୍ଥାନ—5. Residence; dwelling place.

ଜନି (ଧାତୁ)—ସଂ—ଜନ ଧାତୁର ଣିଜନ୍ତ—
Jani (root)
୧ । ଜନ୍ମାଇବା; ଜାତ କରିବା—
1. To give birth to.
୨ । ଉତ୍ପନ୍ନ କରିବା—2. To produce.
୩ । ସୃଷ୍ଟି କରିବା—3. To create.

ଜନି—ସଂ. ବି. ସ୍ତ୍ରୀ. (ଜନ୍ ଧାତୁ+ଭାବ. ଇ)—
Jani ୧ । ଉତ୍ପତ୍ତି; ଜନ୍ମ—1. Birth; creation.
(ଜନୀ, ଜନିକା—ଅନ୍ୟରୂପ) ଶମ୍ଭୁ ଏ କୃପା ସେନ, ସାର୍ଥ ତୁଅନ୍ତା ଜନି ।
କବିସମ୍ରାଟ୍. କଳୋପାଖ୍ୟାନ, ଉ ଗୀତ ।
୨ । (+ଅଧିକରଣ. ଇ) ନାରୀ; ସ୍ତ୍ରୀ—
2. Woman; a female.
୩ । ମାତା—3. Mother.
୪ । ପୁତ୍ରବଧୂ; ସ୍ନୁଷା—5. Daughter-in-law.
[ଦ୍ର—ସାଧାରଣପ୍ରଚଳିତ 'ସଜନୀ' ଶବ୍ଦ ସ୍ୱଜନର ଅପଭ୍ରଂଶ । 'ସ୍ୱଜନୀ' 'ସ୍ୱଜନର' ସ୍ତ୍ରୀଲିଙ୍ଗ । ଏହାର ଅର୍ଥ ଆତ୍ମୀୟା ।]

ଗ୍ରା. ବି. (ସଂ. ଜ୍ୟୋତ୍ସ୍ନୀ)—ଜହ୍ନି ନାମକ ଲତାଫଳ—
A kind of kitchen-vegetable; Luffa Acutangula.
ଦେ. ବିଣ—ଜାତ—Born; produced.
ବଧି ପୃଷ୍ଠ ଅଧିକ ଉଦକ ହେଲେ ଜନି । ଉଞ୍ଜ. ବୈଦେହୀଶବିଳାସ ।

ଜନିକା—ସଂ. ବି. ସ୍ତ୍ରୀ. (ଜନକ+ସ୍ତ୍ରୀ. ଆ)—
Janikā ୧ । ମାତା—1. Mother.
(ଜନକ—ପୁଂ) ୨ । ସ୍ନୁଷା; ପୁତ୍ରବଧୂ—2. Daughter-in-law.
ବିଣ. ସ୍ତ୍ରୀ—ଉତ୍ପାଦିକା—Producing.

ଜନିତ—ସଂ. ବିଣ. (ଜନ ଧାତୁ ଣିଚ ଜନି ଧାତୁ=ଜନ୍ମାଇବା+କର୍ମ.ତ;
Janita ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ସମସ୍ତପଦରେ
(ଜନିତା—ସ୍ତ୍ରୀ) ବ୍ୟବହୃତ ହୁଏ, ଯଥା—ଦୁଃଖଜନିତ)—
୧ । (ଅମୁକଠାରୁ) ଜାତ—1. Born of.
(ଯଥା—ବିମାତୃଜନିତ ସନ୍ତାନ ।)
୨ । (ଅମୁକରୁ) ଉତ୍ପନ୍ନ—2. Produced from.
(ଯଥା—ରୌଦ୍ରଜନିତ ଉତ୍ତାପ ।)
୩ । (ଅମୁକ) ଦ୍ୱାରା ସୃଷ୍ଟ—3 Created by.
(ଯଥା—ଈଶ୍ୱରଜନିତ ଜୀବ ।)
୪ । (ଅମୁକ କାରଣରୁ) ଘଟିଥିବା—
4. Due to; happened on account of.
(ଯଥା—ପ୍ରହାରଜନିତ ଅପମାନ ।)
୫ । (+କର୍ତ୍ତୃ. ତ) ଉତ୍ପାଦନକାରୀ—
5 Giving birth to (Apte)

ଜନିତା—ସଂ. ବି. ପୁଂ. (ଜନ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—
Janitā ଜନକ; ପିତା—Father.
(ଜନିତ୍ରୀ—ସ୍ତ୍ରୀ) ସଂ. ବିଣ. ସ୍ତ୍ରୀ. (ଜନିତ+ସ୍ତ୍ରୀ. ଆ)—ଜନିତର ସ୍ତ୍ରୀଲିଙ୍ଗ-
Feminine of Janita.
ଦେ. ବିଣ. (ସଂ. ଜନିତ)—ଜାତ—Born; produced.
ଦେବ ଉପବନେ ହୋଇ ଜନିତା । କବିସୂର୍ଯ୍ୟ. ସଙ୍ଗୀତ ।

ଜନିତା କରିବା—ଦେ. କ୍ରି—ପ୍ରକାଶ କରିବା; କହିବା—
Janitā karibā To give out; to speak out.
ବନଚାରଣ ଜନିତା କରେ ପୁଣ ପୁଣ ସେ । ଉଞ୍ଜ. ବୈଦେହୀଶବିଳାସ ।

ଜନିତ୍ୱ—ସଂ. ବି. ପୁଂ. (ଜନ ଧାତୁ+କର୍ତ୍ତୃ ତ୍ୱ)—ପିତା—
Janitwa Father (Apte).
(ଜନିତ୍ୱା—ସ୍ତ୍ରୀ)

ଜନିତ୍ରୀ—ସଂ.ବି.ସ୍ତ୍ରୀ. (ଜନ ଧାତୁ ଣିଚ ଜନି ଧାତୁ+କର୍ତ୍ତୃ. ତୃ+ସ୍ତ୍ରୀ.ଈ)
Janitrī ୧ । ମାତା—1. Mother.
୨ । ଜନି (ଦେଖ)—2. Jani (See)

ଜନିମା—ସଂ. ବି. (ଜନ୍ ଧାତୁ+ଭାବ. ଇମନ୍; ୧ମା. ୧ବ.)—
Janimā ୧ । ଜନ୍ମ; ଉତ୍ପାଦନ—
1. Birth; production (Apte).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' କି ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (କର୍ତ୍ତୃ. ଇମନ୍) ସନ୍ତାନ—2. Offspring (Apte).

୩ । ବଂଶଧର—3. Descendant (Apte).

୪ । ସୃଷ୍ଟ ଜୀବ—4. Creature; being (Apte).

୫ । ଲିଙ୍ଗ; ସ୍ତ୍ରୀପୁରୁଷର ପ୍ରଭେଦଜ୍ଞାପକ ଚିହ୍ନ— 5. Gender; sex (Apte).

୬ । ଶ୍ରେଣୀ—6. Genus; kind (Apte).

ଜନୀ—ସଂ. ବି. ସ୍ତ୍ରୀ. (ଜନ୍ ଧାତୁ+ଈ)—ଜନି (ଦେଖ)
Jani — Jani (See)

ଜନୀନ—ସଂ. ବିଣ. (ଜନ+ହିତାର୍ଥେ. ଈନ; ଯଥା—ବିଶ୍ୱଜନୀନ=ଜଗତର
Janina — ମଙ୍ଗଳକର)—୧ । ଲୋକହିତକର; ସର୍ବସାଧାରଣଙ୍କ ହିତକର—1. Tending to public benefit; beneficial to the people.

୨ । ପ୍ରୟୋଜନାନୁଯାୟୀ— 2. Sufficient for one's needs or necessity.

ଜନୁ—ସଂ. ବି. ସ୍ତ୍ରୀ. (ଜନ ଧାତୁ+ଭାବ. ଉ)—
Janu — ୧ । ଉତ୍ପତ୍ତି; ଜନ୍ମ—1. Birth; nativity.
(ଜନୂ—ଅନ୍ୟରୂପ) ୨ । ସୃଷ୍ଟି; ସର୍ଜନ— 2. Creation; production (Apte).

୩ । ଜୀବନ; ସ୍ଥିତି—3. Life; existence (Apte).

୪ । ଜନ୍ମସ୍ଥାନ—4. Birth-place (Apte).

୫ । ସୃଷ୍ଟ ଜୀବ—5. Creature; being (Apte).

୬ । ଶ୍ରେଣୀ; ଜାତି—6. Genus; kind (Apte .

ଜନୁଆରି—ବୈଦେ. ବି. (ଇଂ. ଜାନୁଆରି)—ଇଂରାଜୀ ପ୍ରଥମ ମାସ—
Januāri — The month of January.
जानुयारी
जनवरी

ଜନେ—ଦେ. ସର୍ବନାମ—(ସଂ. ଜନୈକ)—ଏକଜଣ; ଜଣେ—
Jane — An individual; a certain.
जन — ବେଦ ଅଧ୍ୟୟନ କରିବା ବିଜ ଜନେ
जन — ତପସ୍ୟା କଲେ ଯାଇଁ ହିମାଳୟ ବନେ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

ବି. (ବହୁବଚନ)—ଲୋକମାନେ; ଜନମାନେ— Men; people; persons.

ଜନୋରି—ବୈଦେ. ବି. (ଇ. ଜାନୁଆରି)—ଇଂରାଜୀ ପ୍ରଥମ ମାସ—
Janorī — The month of January.
जाँहुयारी
जनवरि

ଜନ୍ତ—ଦେ. ବି. (ସଂ. ଯମ ଧାତୁ; ଯନ୍ତ୍ର)—୧ । କ୍ଷେତ୍ରକୁ ଜଳ ଯୋଗାଇବା
Janta — ପାଇଁ ତାଳ ବା ନଡ଼ିଆ ଗଛର ଭିତର ପାଗ କୋରି
(ଯନ୍ତ—ଅନ୍ୟରୂପ) ଏକପାଳଦ୍ୱାରା ଖାଲରୁ ଉପରକୁ ପାଣି ଉଠାଇବାର ଯନ୍ତ୍ରବିଶେଷ—1. A contrivance made of a hollowed trunk of palm or cocoanut and turning it up and down on a pivot for lifting water for irrigating fields.

[ଦ୍ର—ଗୋଟିଏ ନଡ଼ିଆ ବା ତାଳଗଛର ମୂଳଗଡ଼ିକୁ ଫାଳ କରି ତହିଁ ଭିତରୁ ଅନ୍ତଃସାର କାଢ଼ି ତହିଁର ମୂଳପାଖର ମେଲା ମୁଣ୍ଡକୁ ଖଣ୍ଡିଏ ପଟାଦ୍ୱାରା ମୁଦି ଦିଆଯାଏ; ଏହି ଭାବରେ ଏ ଯନ୍ତ୍ର ତିଆର ହୁଏ ।]

୨ । କାକରା ପିଠାଆଦି ତିଆରି କରିବା ନିମନ୍ତେ ସିଝି ହୋଇଥିବା ଖଳ—2. Dough (boiled flour) for cakes.

୩ । କାକରା, ଆରିଶା ଆଦି ପିଠା ତିଆରି ହେବା ପାଇଁ ଦଳା ହୋଇଥିବା ଖଳ—3. Kneaded dough for cakes.

୪ । ଜନ୍ତା (ଦେଖ) 4. **Jantā** (See)

ଜନ୍ତର—ପ୍ରାଦେ. (ସମ୍ବଲପୁର) ବି. (ସଂ. ଯନ୍ତ୍ର)—ଦେବପୂଜାର୍ଥ ଭୂମିରେ
Jantar — କଟାଯିବା ମଣ୍ଡଳ (ଏହା ଉପରେ ନୈବେଦ୍ୟାଦି
(ଯନ୍ତର—ଅନ୍ୟରୂପ) ରଖାଯାଏ)—Figures drawn on the ground for placing offerings before a Deity during worship.

ଜନ୍ତର କାଟିବା—ପ୍ରାଦେ. (ସମ୍ବଲପୁର) କ୍ରି—ଦେବପୂଜା ଉପଲକ୍ଷରେ
Jantar kāṭibā — ମୁରୁଜଆଦିଦ୍ୱାରା ଭୂମିରେ ମଣ୍ଡଳାକାର ରେଖମାନ ଅଙ୍କିବା—To draw figures on the ground for placing offerings on them.

ଜନ୍ତ୍ର (ଇତ୍ୟାଦି)—ଗ୍ରା. ବି. (ସଂ. ଯନ୍ତ୍ର)—ଯନ୍ତ୍ର ଇତ୍ୟାଦି (ଦେଖ)
Jantara (etc) — J̄antra etc (See)

ଜନ୍ତା—ଦେ. ବି. (ସଂ. ଯନ୍ତ୍ର; ଯମ ଧାତୁ=ନିୟନ୍ତ୍ରିତ କରିବା, ଦମନ
Jantā — କରିବା; ଯନ୍ତ୍ର=ନିୟାମକ, ଚାଳକ)—୧ । କମାରର ଭାତି;
জাঁতা — ନିଆଁକୁ ପବନ ଯୋଗାଇବାର ମୁଣା—
जंतो, जंता — 1. Smith's bellows.
(ଯନ୍ତା—ଅନ୍ୟରୂପ) ୨ । ସୁନାରୂପାର ସରୁ ତାର ଟାଣିବା ନିମନ୍ତେ ବଣିଆଙ୍କ ବ୍ୟବହୃତ ଛିଦ୍ରଯୁକ୍ତ ଚଉଡ଼ା ଇସ୍ପାତଖଣ୍ଡ— 2. A plate of steel with holes to draw out fine wires of gold and silver.

୩ । ବାଘ ଓ ମୂଷାଆଦିଙ୍କୁ ଧରିବା ପାଇଁ କାଠର ପେଡ଼ା ବା ଯନ୍ତ୍ର—3. Trapan; a trap-house (furnished with a trap door) for catching tigers, mice etc.

ବାସନାର ଜନ୍ତାରେ, ସିଝି ସିଝି ଶବଦ କଲା ସନ୍ତୁଷ୍ଟ ସନ୍ତାରେ ।
ଡୁଲୁସେନ, ଶିଶୁଗୀତ ।

୧	ଇ	ଊ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଡଅ	ଣ
୨	ଈ	ଉ	ରୁ	ଲ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ନ୍

୪ । କାଷ୍ଠଖଣ୍ଡକୁ ଡେଇଁର ରଖି ତାହା କରତିବା ନିମନ୍ତେ ବଢ଼େଇ ବା କରତିମାନେ ଯେଉଁ ତ୍ରିକୋଣାକାର କାଠର ଘର ବ୍ୟବହାର କରନ୍ତି—
4. A triangular frame to support a log of of wood for sawing it.

୫ । ଜନ୍ତିବା; ପିଠାର ଖଳ ନିମନ୍ତେ ନିଆଁ ଉପରେ ଜଳମିଶ୍ରିତ ଶସ୍ୟଚୂର୍ଣ୍ଣ ବସାଇ ତାହାକୁ ଚଟୁ ଦ୍ୱାରା ଦଳିବା—
5. Kneading of dough over the fire by stirring it with a ladle.

ପ୍ରାଦେ. (ସମ୍ବଲପୁର ଓ ମେଦିନୀପୁର) ବି—
ପେଷଣ ଯନ୍ତ୍ର; ଚକି—Mill-stone.

ଜନ୍ତାଇବା—ଦେ. କ୍ରି—ଜନ୍ତିବାର ଣିଜନ୍ତ ରୂପ—
Jantāibā The causative of Jantibā.
(ଜନ୍ତେଇବା—ଅନ୍ୟରୂପ)

ଜନ୍ତାଜନ୍ତ—ଦେ. ବି—ବହୁଲୋକଙ୍କ ଘନ ସମାବେଶ; ଗହଳି—
Jantājanta Dense crowd; huddling together.
ଜଁତାଜଁତି ଦେ. ବିଣ—ଘନ ଭାବରେ ଏକ ସ୍ଥାନରେ ସନ୍ନିବିଷ୍ଟ
भीड़ ହୋଇଥିବା ବହୁ ବସ୍ତୁ ବା ମନୁଷ୍ୟ—
Huddled together; compressed together thronging; crowded.
(ଯଥା—ରଥଯାତ୍ରାରେ ସହସ୍ର ସହସ୍ର ଯାତ୍ରୀ ବଡ଼ଦାଣ୍ଡରେ ଜନ୍ତାଜନ୍ତ ହୁଅନ୍ତି ।)

ଜନ୍ତାଜନ୍ତି—ଦେ. ବି—୧ । ବହୁ ଲୋକଙ୍କ ଦେହ ପରସ୍ପର ଲଗାଲଗି;
Jantājanti ଠେଲାଠେଲି—1. Huddling together, mutual pressing; pushing each other in a narrow space.
ଜନଜନ୍ତୁ ସାଧୁ ଚଳନ୍ତି ଜନ୍ତାଜନ୍ତି
ବେଢ଼ିଣ ଧାଇଁଛନ୍ତି ସଙ୍ଗେ ପନ୍ତ ପନ୍ତ । କୃଷ୍ଣସିଂ. ମହାଭାରତ. ବନ ।

୨ । ବହୁ ଲୋକଙ୍କ ଦଳାଦଳ ବା ଗହଳି—
2. A huddling crowd; a pressing crowd.

୩ । ବହୁବାର ଦଳିବା କର୍ମ; ଚକଟାଚକଟି—
3. Thorough kneading.

ବିଣ—ଲୋକ ଗହଳି ଦ୍ୱାରା ପେଷି ହୋଇଥିବା; ପରସ୍ପର ଲଗାଲଗି—Huddled together; pressing each other.
ଏହି କାଳେ ତାହା ପଛେ ମେଘ ପନ୍ତ
ଅକାଶରେ ରହିବେ ହୋଇ ଜନ୍ତାଜନ୍ତ । କୃଷ୍ଣସିଂ. ମହାଭାରତ. ବନ ।

ଜନ୍ତାଳ—ଦେ. ବି—ଗ୍ରାମର ଲୋକଙ୍କଠାରୁ ଧନ ଓ ଖାଦ୍ୟଦ୍ରବ୍ୟ
Jantāla ନେଇ ରନ୍ଧା ହୋଇ ଗ୍ରାମଦେବତାଙ୍କ ନିକଟରେ ଅନ୍ନ-ଭୋଜନାଦି ସହିତ ଯେଉଁ ଭୋଜି କରାଯାଏ—
A feast or picnic of villagers, consisting of food cooked and offered to the village-Deity, done by raising subscription from the villagers in money and kind.

ଜନ୍ତିବା—ଦେ. କ୍ର—୧ । ଚାକସି ଅଦ ପିଠାର ଖଳ ତିଆର କରିବା
Jantibā ପାଇଁ ଗୁଣ୍ଡଚୂର୍ଣ୍ଣ ଆଦିକୁ ପାଣିରେ ସିଝା କରି
दला ନିଆଁ ଉପରେ ସିଝା ହେଉଥିବା ଅବସ୍ଥାରେ
गुँधना, सौंदना, ଚଟୁ ଦ୍ୱାରା ଉକ୍ତ ପିଣ୍ଡକୁ ଗୋଳିବା; ସାନ୍ଧିବା—
जंताना 1. To knead flour and water over fire to make dough for cakes.

୨ । ଅଳ୍ପ ସ୍ଥାନରେ ଘନ ଭାବରେ ଲଗାଲଗି କରି ଗୋଟିକ ଉପରେ ଗୋଟିଏ କରି ବହୁ ବସ୍ତୁକୁ ରଖିବା—
2. To huddle many things together within a small space.

୩ । ପେଷିବା—3. To pound.

୪ । ଦଳିବା—4. To compress.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା ଓ ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଜନ୍ତି ହେବା—ଦେ. କ୍ରି—୧ । ଚୂର୍ଣ୍ଣ ହେବା; ଧ୍ୱଂସ ହେବା—
Janti hebā 1. To be destroyed or powdered.

୨ । ଅଳ୍ପ ସ୍ଥାନରେ ସଙ୍କୁଚିତ ହେବା; ଖନ୍ଦାଖାନ୍ଦି ହେବା; ଗାଢ଼ ସନ୍ନିବିଷ୍ଟ ହେବା—2. To be huddled up in a small space; to be crowded together; to contract into a small compass.
ବହୁତ ଜଳଜନ୍ତୁ ଜନ୍ତି ହୋଇଛନ୍ତି । କୃଷ୍ଣସିଂ. ମହାଭାରତ. ଅଦ ।

୩ । ଦଳିତ ହେବା—3 To be compressed.

୪ । ଦଦରାଙ୍କ ହେବା—
4. To be extremely troubled.

୫ । ଅତ୍ୟାଚାରିତ ହେବା—5. To be oppressed.

୬ । ଚକଟା ହେବା—6. To be kneaded.

ଜନ୍ତୁ—ସଂ. ବି. (ଜନ ଧାତୁ + କର୍ତ୍ତୃ. ତୁ)—
Jantu ୧ । ଜନ୍ମଶୀଳ ଜୀବ; ପ୍ରାଣୀ—1. Living being;
जन्तु animal; creature; (literally that
जानवर which is born).

୨ । କୃମି—2. Worm; maggot.

ଦେ. ବି—୧ । ଜାନୋଆର; ପଶୁ—1. Beast; brute.
(ଯଥା—'ସେ ମନୁଷ୍ୟ ନୁହେଁ ଜନ୍ତୁଟିଏ' ଅର୍ଥାତ୍ ପଶୁ ପରି ଅବୋଧ ।)

୨ । (ଶୁଭବାଚକ) ଖରଜନ୍ତୁ; ଲମ୍ବ ଜନ୍ତୁ; ସର୍ପ—
2. (euphemism) Serpent.

୩ । ବନ୍ୟ ଜନ୍ତୁ; ଶ୍ୱାପଦ ଜନ୍ତୁ—
3. Beast of prey; wild beast.

୪ । ମନୁଷ୍ୟ; ବ୍ୟକ୍ତି—
4. Person; individual; fellow.
(ଯଥା—'ଅମୁକ ଲୋକ କଅଣ ସାମାନ୍ୟ ଜନ୍ତୁଟିଏ ?')

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଁା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । (ଲକ୍ଷଣାର୍ଥ) ଅତି ବୃହଦାକାର ପଦାର୍ଥ—
5. (figurative) A big thing.
[ଦ୍ର—ବୃହଦାକାର ପଦାର୍ଥକୁ 'ଜନ୍ତୁ' ବୋଲି କଥା ପ୍ରସଙ୍ଗରେ ବୋଲାଯାଏ, ଯେପରି କି ଛୋଟ ଘର ମଧ୍ୟରେ ଅତି ବଡ଼ ସିନ୍ଦୁକଟାଏ ରଖିବାକୁ ଗଲେ ଲୋକେ କହନ୍ତି ଏ ଘର ଏଡ଼େ ଜନ୍ତୁକୁ କାହିଁ ସମ୍ଭାଳିବ ?]
୬ । ମହାଭାରତୋକ୍ତ ସୋମକ ରାଜାଙ୍କ ପୁତ୍ର—
6 The son of king Somaka.
[ଦ୍ର—ଏ ପୁତ୍ର ପରବର୍ତ୍ତିରେ ତରସା ଅଗ୍ନିରେ ଦେଇ ହୋମ କରିବାରୁ ଶତ ପୁତ୍ର ଲାଭ କରିଥିଲେ—ହି. ଶବ୍ଦସାଗର ।]
ସେ ପୁତ୍ରର ନାମ ଜନ୍ତୁ ବୋଲି ଦେଲେ—କୃଷ୍ଣସିଂହ. ମହାଭାରତ. ବନ ।

ଜନ୍ତୁକମ୍ବୁ—ସଂ. ବି—ଜୀବନ୍ତ ଶଙ୍ଖ—
Jantukambu A living conch

ଜନ୍ତୁକା—ସଂ. ବି (ଜନ୍ତୁ+ଜାତାର୍ଥ. କ+ଆ)—ଲାଖ; ଲାକ୍ଷା (ହି. ଶବ୍ଦସାଗର)—Shell lac
Jantukā

ଜନ୍ତୁ କିଲାଇବା—ଦେ. କ୍ରି—ଶିକାର ସମୟରେ ହାତୀ ଆଦି ବନ୍ୟଜନ୍ତୁଙ୍କୁ ଖେଦା ମଧ୍ୟକୁ ଘଉଡ଼ାଇବା—
Jantu kiḻāibā
(ଜନ୍ତୁ କିଲେଇବା—ଅନ୍ୟରୂପ) To drive wild beasts (e. g. elephants) to an enclosure.

ଜନ୍ତୁଘ୍ନ—ସଂ. ବିଣ (ଜନ୍ତୁ+ହନ୍ ଧାତୁ କର୍ତ୍ତୃ. ଅ)—୧ । ଜୀବନାଶକ—
Jantughna 1. Destructive of life; fatal.
(ଜନ୍ତୁଘ୍ନୀ—ସ୍ତ୍ରୀ) ୨ । ଯାହା କୀଟାଦି ଜୀବ ନାଶ କରେ—
2. Insecticide; germicide; vermifuge.
ବି—୧ । ବିଡ଼ଙ୍ଗ; ବାଇବିଡ଼ଙ୍ଗ—1. Embellia.
[ଦ୍ର—ଏହାର ଫଳ ଗୋଲମରିଚ ପରି ।]
୨ । ହେଙ୍ଗୁ—2. Asafœtida.
୩ । ଏକପ୍ରକାର ଲେମ୍ବୁ (ପ୍ରକୃତିବାଦ)—
3. A kind of lemon.

ଜନ୍ତୁଜନ୍ତା—ଦେ. ବି (ଜନ୍ତୁ+ନିରର୍ଥକ ଦ୍ୱିତ୍ୱରୂପ ସହଚର)—
Jantujuntā ୧ । ନାନାବିଧ ବନ୍ୟ ଜନ୍ତୁ—
ଜନ୍ତୁଟନ୍ତୁ 1. Many wild beasts (generally).
(ଜନ୍ତୁଜନ୍ତା—ଅନ୍ୟରୂପ) ୨ । ସରୀସୃପ; ସାପ, ବିଛା ଆଦି—
2. Reptiles.

ଜନ୍ତୁଣି—ପ୍ରାଦେ. (ଗଞ୍ଜାମ) ବି—ଖଲି (ଦେଖ)
Jantuṇi Khaḻi (See)

ଜନ୍ତୁନାଥ—ସଂ. ବି. (ଷଷ୍ଠୀ ତତ୍; ଜନ୍ତୁ+ନାଥ)—ଯମ—
Jantunātha Jama; the Hindu God of death.
କାମକୁ ଅନୁସରି ଯେଉ ଲୋକ ଅର୍ଥ
ଇଚ୍ଛଇ ତାକୁ ନେଇଯାନ୍ତି ଜନ୍ତୁନାଥ—କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

ଜନ୍ତୁନାଶକ—ସଂ. ବିଣ (ଉପପଦ ତତ୍; ଜନ୍ତୁ+ନାଶକ)—
Jantunāśaka ଜନ୍ତୁଘ୍ନ (ଦେଖ)
Jantughna (See).

ସଂ. ବି—ହେଙ୍ଗୁ (ହି. ଶବ୍ଦସାଗର)—Asafœtida.

ଜନ୍ତୁପତି—ସଂ. ବି—୧ । ଯମ—
Jantupati 1. The God of death.
୨ । ଚିତ୍ରଗୁପ୍ତ; ଯମଙ୍କ ପାଞ୍ଜିଆ—
2. The record-keeper of the God of death.
ଏ କଥା ଆଜ ଜନ୍ତୁପତି
ପାଞ୍ଜିରେ ଲେଖିବେ ଚତୁର—ଭୂପତି. ପ୍ରେମପଞ୍ଚାମୃତ ।

ଜନ୍ତୁଫଳ—ସଂ. ବି (ବହୁବ୍ରୀହି; ଜନ୍ତୁ+ଫଳ; ଯେଉଁ ଫଳ ମଧ୍ୟରେ କୀଟ ଜନ୍ମନ୍ତି)—ଉଦୁମ୍ବର; ଯଜ୍ଞଡିମ୍ବିରି; ଡିମ୍ବିରି ଗଛ ଓ ଫଳ—The fig; Ficus Carica; the glomerous fig tree and its fruit.
Jantuphaḻa

ଜନ୍ତୁମାରୀ—ସଂ. ବି (ଜନ୍ତୁ+ମୃ ଧାତୁ ଣିଚ୍ ମାରି ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ—କାଗଜିଲେମ୍ବୁ—Lime fruit.
Jantumārī

ଜନ୍ତୁରାଜ—ସଂ. ବି (ଜନ୍ତୁ+ରାଜା; ଷଷ୍ଠୀ ତତ୍)—ଜନ୍ତୁରାଣ (ଦେଖ)
Janturāja Janturāṇa (See).

ଜନ୍ତୁରାଣ—ଦେ. ବି (ସଂ. ଜନ୍ତୁରାଜ)—ଯମ—
Janturāṇa The God of death.
ଦଣ୍ଡେ କମିଷେ ଥିଲେ ପ୍ରାଣ
କି ନେଇ ପାରେ ଜନ୍ତୁରାଣ—ଜଗନ୍ନାଥ. ଭାଗବତ ।

ଜନ୍ତୁରାୟ—ଦେ ବି (ସଂ. ଜନ୍ତୁରାଜ)—ଯମ—
Janturāya The God of death
ସୋମକ ବୋଇଲେ ମୁଁ ସଙ୍ଗେ ମୋ ଗୁରୁଙ୍କୁ,
ନ ଯିବି ଜନ୍ତୁରାୟେ ନାଶ ହେ ସ୍ୱର୍ଗକୁ । କୃଷ୍ଣସିଂହ. ମହାଭାରତ ବନ ।

ଜନ୍ତୁସାଇଁ—ଦେ. ବି (ସଂ. ଜନ୍ତୁ+ସ୍ୱାମୀ)—ଯମ—
Jantusāiṅ The God of death.
ଯେ ଧର୍ମରାଜ ଜନ୍ତୁସାଇଁ, ସେ ସଞ୍ଜିମନ ପୁରେ ଥାଇ—ଜଗନ୍ନାଥ. ଭାଗବତ ।

ଜଣ୍ଡା—ଦେ. ବି—ପିମ୍ପୁଡ଼ି ଜାତୀୟ ବଡ଼ କଳା ପୋକ—
Janḍā A kind of big black ant; the
କାନଜିଁଆ, জিয়াঁ পিপড়া black pismire or emmet.
চেঁয়া, চুঁয়া, চুয়ঁঠী [ଦ୍ର—ଏମାନେ ପିମ୍ପୁଡ଼ି ଠାରୁ ବଡ଼ ଓ ଅର୍ଦ୍ଧଇଞ୍ଚ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ଏମାନେ ଗୁଡ଼ ଓ ମିଷ୍ଟାନ୍ନ ପ୍ରଭୃତିରେ ଲାଗନ୍ତି । ସନ୍ଦୁଅସି ପରି ଦୁଇଟି ବଡ଼ ଦାନ୍ତ ଏମାନଙ୍କ ମୁହଁରୁ ବାହାରି ଥାଏ । ଏମାନଙ୍କ କାମୁଡ଼ା ପିମ୍ପୁଡ଼ି କାମୁଡ଼ା ଠାରୁ ବେଶି ଯନ୍ତ୍ରଣାଦାୟକ । ଏମାନେ ଗଛର ବକଳ ତଳେ ଓ ଭୂମିରେ ଗର୍ତ୍ତ କରି ରହନ୍ତି । ନାନା ଶ୍ରେଣୀର ଜଣ୍ଡା ଅଛନ୍ତି ଯଥା—ଧୂଳିଆ ଜଣ୍ଡା, କାଠ ଜଣ୍ଡା, ଗୁଡ଼ିଆ ଜଣ୍ଡା, ଡେଙ୍ଗା ଜଣ୍ଡା, ବୁଢ଼ା ଜଣ୍ଡା ଓ ଭଗରି ଜଣ୍ଡା ଇତ୍ୟାଦି । ଉଇ ପିମ୍ପୁଡ଼ିଙ୍କ ପରି ବର୍ଷାଦିନରେ ଏମାନଙ୍କର ପକ୍ଷୀ ଜନ୍ମେ ଓ ସେତେବେଳେ ସେମାନେ ଉଡ଼ି ପାରନ୍ତି । ଏମାନେ ଗୋଟିକ ପଛେ ଗୋଟିଏ ଏକ ବାଟରେ ଧାରି ଲାଗିବାର ଦେଖାଯାଏ । ଧୂଳିଆ ଜଣ୍ଡାଙ୍କ କାମୁଡ଼ାରେ ସବୁ ଜଣ୍ଡାଙ୍କ ଅପେକ୍ଷା ବେଶି ଯନ୍ତ୍ରଣା ହୁଏ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇପ୍ର	ଉଅ	ଣ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଉନ୍ନବନ୍ନଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଞ	ନ

ଜଣ୍ଡାଖାଇ—ଦେ. ବି (ସ. ପିଣ୍ଡାର, ପିଣ୍ଡାଲ)—ଏରଣ୍ଡାଦ ବର୍ଗର ଏକ-
Jandā-khāi ପ୍ରକାର ବନ୍ୟ ତରୁ—A kind of wild tree; Trewia Nudiflora; Premnum Tomentosa (Haines).
পিটলী, পাণ্ডোলী
गुरि, नरफल्

[ଦ୍ର—ଏହା ଜଳ ନିକଟରେ ଜନ୍ମେ । ଏହାର ବଲ୍କଲ ତଳେ ଜଣ୍ଡାମାନେ ବଶେଷ ପରିମାଣରେ ରହନ୍ତି; ଏହାର ଫଳ ଶ୍ଳେଷ୍ମ ଶ୍ଳେଷ୍ମ ମାର୍ବଲ୍ ଭଳ ଓ ଅଖାଦ୍ୟ । ବସନ୍ତ କାଳରେ ଏ ଗଛ ପତ୍ର-ଶୂନ୍ୟ ହୁଏ । ପତ୍ର ନ କଅଁଳୁଣୁ ଗଛ ଫୁଲ ଧରେ । ପତ୍ର ପାନପରି ଅଗ୍ରଭାଗବିଶିଷ୍ଟ; ଏ ଗଛର କାଠ ନରମ । ଅଣ୍ଡିଗଛ ମାଳଗଛ ଠାରୁ ପୃଥକ । ଏହା ଫଳର ରସକୁ ବାଲ୍ୟଜଣ୍ଡାଶିଆ ଘାଆରେ ଲଗାଇଲେ ଶୀଘ୍ର ଶୁଖିଯାଏ ।]

ଜଣ୍ଡାପିମ୍ପୁଡ଼ି—ଦେ. ବି. (ସହଚର ଶବ୍ଦ)—ଜଣ୍ଡା ଓ ପିମ୍ପୁଡ଼ି—
Jandā-pimpurdi Ants and big black ants.

ଜଣ୍ଡାମାରି—ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବି—ଜଣ୍ଡାଖାଇ (ଦେଖ)
Jandāmāri Jandākhāi (See)

ଜନ୍ନା (ଇତ୍ୟାଦି)—ଗ୍ରା. ବି—ଜହ୍ନ ଇତ୍ୟାଦ (ଦେଖ)
Janna (etc) Jahna etc (See)

ଜନ୍ମ—ସ. ବି. (ଜନ୍ ଧାତୁ+ଭାବ. ମନ୍= ଜନ୍ମନ୍. ୧ମା. ୧ବ)—
Janma ୧ । ଉତ୍ପତ୍ତି; ଆବିର୍ଭାବ—
1. Production; first appearance; origin.
୨ । ମାତୃଗର୍ଭରୁ ଉତ୍ପତ୍ତି—2. Birth.
୩ । ଜୀବନ—3. Life.
୪ । (+ଅଧିକରଣ ମନ୍) ସଂସାର; ଜୀବଲୋକ—
4. The created beings; the animal world.

ଜନ୍ମଅଷ୍ଟମୀ—ଗ୍ରା. ବି—ଜନ୍ମାଷ୍ଟମୀ (ଦେଖ)
Janma-ashtami Janmāshtami (See)
ଭାଦ୍ରବ ମାସରେ ଜନ୍ମଅଷ୍ଟମୀ ସେ ଦନ । ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

ଜନ୍ମ କରିବା—ଦେ. କ୍ରି—ଗର୍ଭରୁ ଉତ୍ପାଦନ କରିବା; ପ୍ରସବ କରିବା—
Janma kariba The produce; to bring forth; to beget; to bear (a child).
जन्म देओआ
पैदा करना

ଜନ୍ମକୋଷ୍ଠା—ଗ୍ରା. ବି. (ସ. ଜନ୍ମକୋଷ୍ଠୀ)—ଜନ୍ମକୋଷ୍ଠୀ (ଦେଖ)
Janma-koshthā Janma-koshthi (See)

ଜନ୍ମକୋଷ୍ଠୀ—ସ. ବି. (୬ଷ୍ଠୀ ତତ୍; ଜନ୍ମନ୍+କୋଷ୍ଠୀ)—
Janma-koshthi ଜନ୍ମପତ୍ରିକା; ଜାତକ—
Horoscope.

ଜନ୍ମଗତ—ସ. ବିଣ. (୨ୟା ତତ୍; ଜନ୍ମ+ଗତ)—୧ । ଯାହା ଜନ୍ମ
Janma-gata ସମୟରୁ କୌଣସି ଜୀବ ବା ବ୍ୟକ୍ତିଠାରେ ଥାଏ—
1. Inherited from birth.
୨ । ବଂଶାନୁଗତ—2. Hereditary.

ଜନ୍ମଗତ ଅଧିକାର—ସ. ବି—ଯେଉଁ ଅଧିକାର ମନୁଷ୍ୟ ଜନ୍ମିବା ମାତ୍ରେ
Janma-gata adhikāra ଲାଭକରେ—Birth-right.

ଜନ୍ମଗ୍ରହ—ସ. ବି. (୬ଷ୍ଠୀ ତତ୍; ଜନ୍ମ+ଗ୍ରହ)—ଜନ୍ମଗ୍ରହଣ (ଦେଖ)
Janma-graha Janmagrahana (See)

ଜନ୍ମଗ୍ରହଣ—ସ. ବି. (୬ଷ୍ଠୀ ତତ୍; ଜନ୍ମ+ଗ୍ରହଣ)—
Janma-grahana ଅଭ୍ୟୁଦୟ; ଆବିର୍ଭାବ; ଉତ୍ପତ୍ତି—
Being born.

ଜନ୍ମଗ୍ରହଣ କରିବା—ଦେ. କ୍ରି—ଭୂମିଷ୍ଠ ହେବା; ମାତୃଗର୍ଭରୁ ପୃଥିବୀକୁ
Janma-grahana kariba ଆସିବା—To be born.
জন্মগ্রহণ করা
जनम लेना

ଜନ୍ମଜନ୍ମ—ସ. ବି—ଜନ୍ମଜନ୍ମାନ୍ତର (ଦେଖ)
Janma-janma Janmajanmāntara (See)

ଜନ୍ମଜନ୍ମାନ୍ତର—ସ. ବି. (ଦ୍ୱନ୍ଦ୍ୱ; ଜନ୍ମ+ଜନ୍ମାନ୍ତର)—୧ । କୌଣସି ଜୀବର
Janmajanmāntara ଏକ ଜନ୍ମ ଓ ତାହାର ପରବର୍ତ୍ତୀ ଅନ୍ୟ ଜନ୍ମମାନ; ପ୍ରତିଜନ୍ମ—1. Successive births of the same individual.
୨ । ଅନନ୍ତକାଳ—2. Eternity.

ଜନ୍ମଜନ୍ମାନ୍ତରୀଣ—ସ. ବିଣ—(ଜନ୍ମଜନ୍ମାନ୍ତର+ଈନ୍)—ପ୍ରତି ଜନ୍ମରେ
Janma-janmāntarina ଘଟୁଥିବା—Happening in successive births.

ଜନ୍ମତିଥି—ସ. ବି. (୬ଷ୍ଠୀ ତତ୍; ଜନ୍ମନ୍+ତିଥି)—ଯେଉଁ ତିଥିରେ
Janma-tithi କୌଣସି ବ୍ୟକ୍ତି ଜନ୍ମଗ୍ରହଣ କରିଥାଏ—
The lunar day of one's birth; birth-day.

ଜନ୍ମତଃ—ଦେ. ଅ. (ଜନ୍ମ+୫ମୀ ବିଭକ୍ତିର ପ୍ରତ୍ୟୟ ତସ୍)—
Janmatah ୧ । ଜନ୍ମସମୟରୁ; ଆଜନ୍ମ—
1. From one's birth; since one's birth.
(ଯଥା—ସେ ଜନ୍ମତଃ ଅନ୍ଧ ।)
୨ । ଜନ୍ମଦ୍ୱାରା; ଜାତିରେ—2. By birth; by caste.
(ଯଥା—ସେ ଜନ୍ମତଃ ଶୂଦ୍ର ।)

ଜନ୍ମଦ—ସ. ବି. ପୁଂ. (ଜନ୍ମନ୍+ଦା ଧାତୁ+କର୍ତ୍ତୃ. ଅ)—ପିତା—
Janmada Father.
(ଜନ୍ମଦା—ସ୍ତ୍ରୀ) ବିଣ. ପୁଂ—ଉତ୍ପାଦନକାରୀ—Producing.

ଜନ୍ମଦାତା—ସ. ବି. ପୁଂ—ଜନ୍ମଦ (ଦେଖ)
Janma-dātā Janmada (See)
(ଜନ୍ମଦାତ୍ରୀ—ସ୍ତ୍ରୀ)

ଜନ୍ମଦିନ—ସ. ବି. (୬ଷ୍ଠୀ ତତ୍; ଜନ୍ମନ୍+ଦିନ)—୧ । ଯେଉଁ ଦିବସରେ
Janma-dina ଜୀବ ଜନ୍ମଗ୍ରହଣ କରିଥାଏ—1. The solar day on which a man was born.
ଜନ୍ମ ହେଲେ ଜନ୍ମଦିନେ ମାତା ମୋତେ ଛାଡ଼ିଗଲେ ଲୋକାନ୍ତର ।
ରାଧାନାଥ. ପାର୍ବତୀ ।
୨ । ବ୍ୟକ୍ତିର ଜୀବତକାଳ ମଧ୍ୟରେ ପ୍ରତିବର୍ଷ ପଡ଼ିବା ଜନ୍ମ ଦିନ; ସ୍ମରଣୀୟ; ବାର୍ଷିକ ଜନ୍ମଦିନ—
2. One's annual birth-day.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଡ଼' ଖୋଜିବେ, 'କ୍ଷୁଅ' ନ ମିଳିଲେ 'ଖୁଅ' ଦେଖିବେ; 'ବଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜନ୍ମଦୁଃଖୀ—ଦେ. ବି. ପୁଂ—ଜନ୍ମକାଳରୁ ଯନ୍ତ୍ରଣା ଅନୁଭବ କରୁଥିବା
Janma-duḥkhī (ବ୍ୟକ୍ତି); ଆଜନ୍ମ ଦୁଃଖଭୋଗକାରୀ—
(ଜନ୍ମଦୁଃଖିନୀ—ସ୍ତ୍ରୀ) (a person) Doomed to life-long suffering; miserable since birth.

ଜନ୍ମ ଦେବା—ଦେ. କ୍ରି—ଜନ୍ମ କରିବା (ଦେଖ)
Janma debā Janma karibā (See)
जन्म देओया
पैदा करना

ଜନ୍ମନକ୍ଷତ୍ର—ସଂ. ବି. (ଜନ୍ମନ୍+ନକ୍ଷତ୍ର)—ଯେଉଁ ନକ୍ଷତ୍ରରେ କୌଣସି
Janma-nakshatra ବ୍ୟକ୍ତି ଜନ୍ମଗ୍ରହଣ କରିଥାଏ—
The asterism or astrological constellation which was in the ascendant when an individual was born; one's natal star.

ଜନ୍ମନିୟନ୍ତ୍ରଣ—ସଂ. ବି. (ଆଧୁନିକ ପ୍ରୟୋଗ)—କୃତ୍ରିମ ଉପାୟରେ ସ୍ତ୍ରୀ
Janma-niyantraṇa ଗର୍ଭବତୀ ନ ହେବାର ଉପାୟ ଅବଲମ୍ବନ - Birth-control.

ଜନ୍ମପତ୍ର—ସଂ. ବି. (ଜନ୍ମନ୍+ପତ୍ର)—୧ । ଜନ୍ମପତ୍ରିକା (ଦେଖ)
Janma-patra 1. Janma-patrikā (See)
୨ । ଜୀବନଚରିତ (ହି. ଶବ୍ଦସାଗର)—2. Biography.
୩ । କୌଣସି ବସ୍ତୁର ଆଦିରୁ ଅନ୍ତ ପର୍ଯ୍ୟନ୍ତ ବିସ୍ତୃତ ବିବରଣ (ହି. ଶବ୍ଦସାଗର)—3. A detailed description of a thing from the beginning to the end.

ଜନ୍ମପତ୍ରିକା—ସଂ. ବି. (୬ଷ୍ଠୀ ତତ୍; ଜନ୍ମନ୍+ପତ୍ରିକା)—
Janma-patrikā ଜାତକ; କୋଷ୍ଠୀ – Horoscope.
(ଜନ୍ମପତ୍ର; ଜନ୍ମପତ୍ରୀ – ଅନ୍ୟରୂପ)

ଜନ୍ମପରିଗ୍ରହ—ସଂ. ବି.— (୬ଷ୍ଠୀ ତତ୍; ଜନ୍ମନ୍+ପରିଗ୍ରହ)—
Janma-parigraha ଜନ୍ମଗ୍ରହଣ (ଦେଖ)
Janma-grahaṇa (See)

ଜନ୍ମପ୍ରତିଷ୍ଠା—ସଂ. ବି.—(ଜନ୍ମନ୍+ପ୍ରତି+ସ୍ଥା ଧାତୁ+ଅ+ଆ)—ମାତା;
Janma-pratishṭhā ମାଆ (ହି. ଶବ୍ଦସାଗର)—1. Mother.
୨ । ଜନ୍ମସ୍ଥାନ (ହି. ଶବ୍ଦସାଗର)—2. Birth-place.

ଜନ୍ମଫଳ—ସଂ. ବି. (ବହୁବ୍ରୀହି; ଜନ୍ମ+ଫଳ; ଏହାର ଫୁଲ ଦେଖାଯାଏ
Janma-phaḷa ନାହିଁ ବୋଲି)—ଡିମ୍ବିରି ଗଛ ଓ ତାହାର ଫଳ;
ଉଡ଼ୁମ୍ବର ଗଛ ଓ ତାହାର ଫଳ—
The fig tree and its fruit.

ଜନ୍ମବିଧବା—ସଂ. ବି.—ବାଲବିଧବା; ଅକ୍ଷତଯୋନି ବିଧବା (ହି. ଶବ୍ଦ
Janma-bidhabā ସାଗର)—A child-widow.

ଜନ୍ମବୃତ୍ତାନ୍ତ—ସଂ. ବି. (୬ଷ୍ଠୀ ତତ୍; ଜନ୍ମନ୍+ବୃତ୍ତାନ୍ତ)—ଉତ୍ପତ୍ତିର ବିବରଣ-
Janma-bruttānta Particulars of one's origin or birth.

ଜନ୍ମଭ—ସଂ. ବି.—(ଜନ୍ମ+ଭା ଧାତୁ+କର୍ତ୍ତୃ. ଅ)—୧ । ଜନ୍ମ ସମୟର
Janmabha ଲଗ୍ନ—1. The lagna or ascendant zodiacal sign at the time of one's birth.
୨ । ଜନ୍ମ ରାଶି (ଦେଖ)
2. Janma-rāsi (See)
୩ । ଜନ୍ମନକ୍ଷତ୍ରର ସଜାତୀୟ ନକ୍ଷତ୍ର—3. An asterism of the same class as one's natal asterism.

ଜନ୍ମଭରି—ଦେ. କ୍ରି. ବିଶ—ଜନ୍ମକାଳ ମଧ୍ୟରେ—
Janma-bhari For life; through one's lifetime.
জন্মভর
जनमभर

ଜନ୍ମଭୂମି—ସଂ. ବି.—(୬ଷ୍ଠୀ ତତ୍; ଜନ୍ମନ୍+ଭୂମି) ୧ । କୌଣସି ବ୍ୟକ୍ତି
Janma-bhūmi ଯେଉଁଠାରେ ଜନ୍ମଗ୍ରହଣ କରି ଥାଏ—
One's birth-place.
୨ । ସ୍ୱଦେଶ; ମାତୃଭୂମି; ଯେଉଁ ଦେଶରେ କୌଣସି ବ୍ୟକ୍ତି ଜନ୍ମଗ୍ରହଣ କରି ଥାଏ—One's native country; mother-land.

ଜନ୍ମମରଣ—ସଂ. ବି. (ବିପରୀତାର୍ଥ ସହଚର ଶବ୍ଦ; ଜନ୍ମ+ମରଣ)—
Janma-maraṇa ଜନ୍ମମୃତ୍ୟୁ (ଦେଖ)
Janma-mrutyu (See)
ଜନ୍ମ ମରଣବରଷା, ସ୍ୱା ନ ଜାଣେ ସ୍ୱରୂପା । ତଗ ।

ଜନ୍ମମାଟି—ଦେ. ବି.—ଜନ୍ମଭୂମି (ଦେଖ)
Janma-māṭi Janmabhūmi (See)
जनमधरती

ଜନ୍ମମୃତ୍ୟୁ—ସଂ. ବି.—(ବିପରୀତାର୍ଥ ସହଚର ଶବ୍ଦ)—ଜନ୍ମ ଓ ମୃତ୍ୟୁ—
Janma-mrutyu Birth and death.

ଜନ୍ମମୃତ୍ୟୁ ବହି—ଦେ. ବି.—ଯେଉଁ ସରକାରୀ ପୁସ୍ତକ ବା ରେଜିଷ୍ଟ୍ରୀରେ
Janma-mrutyubahi ନିର୍ଦ୍ଦିଷ୍ଟ ଗ୍ରାମ୍ୟାଞ୍ଚଳ ଇଲାକା ମାନଙ୍କରେ
জন্মমৃত্যু বই ଜନ୍ମ ହେବା ଓ ମରିବା ବ୍ୟକ୍ତିଙ୍କ ବିବରଣ ଲିପିବଦ୍ଧ
जनममृत्युका रेजिष्टरी ହୋଇ ରହେ—Birth and death
(ଜନ୍ମମୃତ୍ୟୁ ରେଜିଷ୍ଟର – ଅନ୍ୟରୂପ) register.
[ଦ୍ର—ଏ ବହିକୁ ଗ୍ରାମର ଚୌକିଦାର ପୂରଣ କରି ପ୍ରତି ସାପ୍ତାହିକ ପାଳିରେ ଥାନାର ଭାରପ୍ରାପ୍ତ କର୍ମଚାରୀଙ୍କୁ ଉକ୍ତ ବିବରଣମାନ ଜଣାଏ ।]

ଜନ୍ମରାଶି—(ଜ୍ୟୋତିଷ) ବ୍ୟକ୍ତିର ଜନ୍ମକାଳରେ ଯେଉଁ ରାଶିରେ ଚନ୍ଦ୍ର
Janma-rāśi ଉଦୟ ହୋଇ ଥାଏ (ହି. ଶବ୍ଦସାଗର)—
(Astrology) The sign of the zodiac in which the moon rises at the time of a person's birth.

ଜନ୍ମଲଗ୍ନ—ସଂ. ବି.—(ଜ୍ୟୋତିଷ)—ମନୁଷ୍ୟ ଜନ୍ମଗ୍ରହଣ କରିବା
Janma-lagna ସମୟରେ ଯେଉଁ ରାଶିର ଉଦୟ ହୋଇଥାଏ—
(Astrology) The zodiacal sign which is in the ascendant at the moment when a person is born.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇମ୍ବ	ଉଅ	ଲ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	କ୍ଷ	ଳ

ଜନ୍ମ ଲଭିବା—ଦେ. କି—ଜନମିବା (ଦେଖ)
Janma labhibā Janamibā (See)

ଜନ୍ମଲାଭ—ସଂ. ବି. (୬ଷ୍ଠୀ ତତ୍; ଜନ୍ମ+ଲାଭ)—
Janma-lābha ଜନ୍ମଗ୍ରହଣ (ଦେଖ)
Janma-grahaṇa (See)

ଜନ୍ମସ୍ଥାନ—ସଂ. ବି—୧ । ଜନ୍ମଭୂମି (ଦେଖ)
Janma-sthāna 1. Janmabhūmi (See)
୨ । ମାତୃଗର୍ଭ (ହ. ଶବ୍ଦସାଗର)—
2. The mother's womb.
୩ । କୁଣ୍ଡଳୀର ଯେଉଁ ସ୍ଥାନରେ ମନୁଷ୍ୟର ଜନ୍ମସମୟର ଗ୍ରହ-ଅବସ୍ଥାନ କରେ—3. The position occupied by a person's natal planet in the horoscope.

ଜନ୍ମ ହେବା—ଦେ. କି—ଜନମିବା (ଦେଖ)
Janma hebā Janamibā (See)

ଜନ୍ମାଇବା—ଦେ. କି—୧ । ଜନ୍ମିବାର ଣିଜନ୍ତ ରୂପ—
Janmāibā 1. The causative form of Janmibā.
जन्माना ୨ । ଜାତ କରିବା—2. To produce.
जन्माना ୩ । ଘଟାଇବା—3. To cause to happen.
(ଜନ୍ମେଇବା—ଅନ୍ୟରୂପ) ୪ । ଉଦିତ କରାଇବା—
4. To cause to rise.

ଜନ୍ମାଧିପ—ସଂ. ବି. (୬ଷ୍ଠୀ ତତ୍: ଜନ୍ମନ୍+ଅଧିପ)—
Janmādhipa ୧ । ଶିବ; ମହାଦେବ (ହ. ଶବ୍ଦସାଗର)—
1. God Śiba.
୨ । ଜନ୍ମ ରାଶିର ଅଧିଷ୍ଠାତୃଦେବ—
2. The presiding Deity of one's natal sign.
୩ । ଜନ୍ମଲଗ୍ନର ସ୍ୱାମୀ—3 The presiding Deity of one's natal Lagna.

ଜନ୍ମାନ୍ତର—ସଂ. ବି. (କର୍ମଧାରୟ; ଅନ୍ୟ+ଜନ୍ମ)—
Janmāntara ୧ । ଅନ୍ୟ ଜନ୍ମ; ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଜନ୍ମ—
1. One's next birth or previous birth.
୨ । ପରଲୋକ—2. The next world; existence after one's death.

ଜନ୍ମାନ୍ତରବାଦ—ସଂ. ବି—ମୃତ୍ୟୁ ପରେ ଜୀବର ଏ ସଂସାରରେ ପୁନର୍ବାର
Janmāntara-bāda ଜନ୍ମ ହେବା ବିଷୟକ ବିଶ୍ୱାସ ବା ମତ—
The doctrine or theory of transmigration.

ଜନ୍ମାନ୍ତରୀଣ—ସଂ. ବିଣ. (ଜନ୍ମାନ୍ତର+ଭବାର୍ଥେ. ଈନ)—
Janmāntarīṇa ୧ । ଅନ୍ୟ ଜନ୍ମରେ ଘଟିବା—
(ଜନ୍ମାନ୍ତରୀୟ—ଅନ୍ୟରୂପ) 1. Happening in another birth.
୨ । ଜନ୍ମାନ୍ତର ସମ୍ବନ୍ଧୀୟ; ପରଲୋକ ବା ପୂର୍ବଜନ୍ମ ସମ୍ବନ୍ଧୀୟ—
2. Pertaining to one's past or future birth.

ଜନ୍ମାନ୍ଧ—ସଂ. ବିଣ. (୫ମୀ ତତ୍; ଜନ୍ମ+ଅନ୍ଧ)—
Janmāndha ଅଜନ୍ମ ଅନ୍ଧ; ଯେ ଅନ୍ଧ ହୋଇ ଜନ୍ମି ଥାଏ—
(ଜନ୍ମାନ୍ଧା—ସ୍ତ୍ରୀ) One born-blind.

ଜନ୍ମାବଚ୍ଛିନ୍ନ—ସଂ. ବିଣ. (୫ମୀ ତତ୍; ଜନ୍ମ+ଅବଚ୍ଛିନ୍ନ)—
Janmābachchhinna ଜନ୍ମ ହେବାଠାରୁ ବରାବର ରହିଥିବା; ଯାବଜ୍ଜୀବନବ୍ୟାପୀ—Lifelong.
ସଂ. ବି—ଯାବଜ୍ଜୀବନ ସମୟ; ଯେଉଁ ଲୋକ ଯେତେ ଦିନ ବଞ୍ଚିଥାଏ ସେହି କାଳ—One's life-time; the period of one's existence.

ଜନ୍ମାବଧି—ଦେ. କ୍ରି. ବିଣ. (ଜନ୍ମ+ଅବଧି)—
Janmābadhi ଲୋକର ଜନ୍ମ ହେବା ଦିନରୁ; ଅଜନ୍ମ—
Since birth; from a person's birth.

ଜନ୍ମାଷ୍ଟମୀ—ସଂ. ବି. (୬ଷ୍ଠୀ ତତ୍; ଜନ୍ମ+ଅଷ୍ଟମୀ)—
Janmāshṭamī ଭାଦ୍ର କୃଷ୍ଣାଷ୍ଟମୀ; ଶ୍ରୀକୃଷ୍ଣଙ୍କ ଜନ୍ମତିଥି—
The birth-day of Śrikrushṇa; the 8th day of the dark fort night of the lunar month of Bhādra.
[ଦ୍ର—ଭାଦ୍ର କୃଷ୍ଣାଷ୍ଟମୀ ଅର୍ଦ୍ଧରାତ୍ରି ସମୟରେ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ହିନ୍ଦୁମାନଙ୍କଦ୍ୱାରା ପାଳିତ ହୁଏ । ବିଷ୍ଣୁପୁରାଣରେ ଶ୍ରୀକୃଷ୍ଣଙ୍କ ଜନ୍ମ ଶ୍ରାବଣ ମାସ କୃଷ୍ଣ ଅଷ୍ଟମୀରେ ହୋଇଥିବା ଉଲ୍ଲେଖ ଅଛି । ମୁଖ୍ୟ ଚାନ୍ଦ୍ର ମାସ ଓ ଗୌଣ ଚାନ୍ଦ୍ର ମାସ ଗଣନା ଏ ପ୍ରଭେଦର କାରଣ ଥିବାର ଜଣାଯାଏ । ହ. ଶବ୍ଦସାଗର ।]

ଜନ୍ମିତ—ଦେ. ବିଣ (ସଂ. ଜାତ)—
Janmita ଔରସ; ଯାହାକୁ ଜନ୍ମ କରାଯାଇ ଅଛି—Begotten;
जन्मित which has been given birth to.
जन्मित (ଯଥା—ଜନ୍ମିତ ପୁତ୍ରଠାରୁ ପୋଷ୍ୟ ପୁତ୍ର ସ୍ନେହ ଅଟେ ।)

ଜନ୍ମିବା—ଦେ. କି—୧ । ଭୂମିଷ୍ଠ ହେବା—
Janmibā 1. To be born.
जन्मना ଶ୍ରାବନ୍ତି ହି ଶିଷ୍ୟାଗ୍ରଣୀ ନୃପ ଭିଲେମଣି
जन्मना ଜନ୍ମିବେ ଅଶୋକ ନାମେ ନୃପ ମହାତେଜା ।
(ଜନ୍ମାଇବା—ଣିଜନ୍ତ) ରଘୁନାଥ. ମହାଯାତ୍ରା ।
୨ । ଜାତ ହେବା; ଉତ୍ପନ୍ନ ହେବା—
2. To be produced; to come to being.
୩ । (ବୃକ୍ଷ ଆଦି) ଉଠିବା—3. (a planet) To grow.
୪ । ଉଦୟ ହେବା—4. To rise.
୫ । ଦେଖାଯିବା; ଆବିର୍ଭୂତ ହେବା—4. To appear.

ଜନ୍ମୀ—ସଂ. ବି. ପୁଂ(ଜନ୍ମ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Janmī ଜୀବ; ଜନ୍ତୁ; ପ୍ରାଣୀ—Animal.

ଜନ୍ମେଜୟ—ସଂ ବି—୧ । ଜନମେଜୟ (ଦେଖ)
Janmejaya 1. Janamejaya (See)
୨ । ବିଷ୍ଣୁ (ହ. ଶବ୍ଦସାଗର)—2. Bishṇu.

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୂଳର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୩ । ପ୍ରସିଦ୍ଧ ନାଗବିଶେଷ (ଦ୍ର. ଶବ୍ଦସାଗର)—
3. Name of a mythological serpent.

ଜନ୍ମୋତ୍ସବ—ସଂ. ବି. (ମ. ପ. ଲୋ; ଜନ୍ମ+ଉତ୍ସବ)—
Janmotsaba ୧ । କୌଣସି ସନ୍ତାନର ଜନ୍ମହେବା ଉପଲକ୍ଷେ ଅନୁଷ୍ଠିତ ଉତ୍ସବ—1. Festivities observed on the occasion of the birth of a child.
୨ । କୌଣସି ବ୍ୟକ୍ତିର ଜନ୍ମଦିନର ସ୍ମରଣାର୍ଥ ଅନୁଷ୍ଠିତ ଉତ୍ସବ—
2. Festival observed to commemorate the birth-day of a person.
୩ । ଜନ୍ମାଷ୍ଟମୀ ଉତ୍ସବ—3. The festival observed on Śrikrushna's birth-day.

ଜନ୍ୟ—ସଂ. ବିଣ. ୧ । (ଜନ ଧାତୁ+କର୍ତ୍ତୃ. ଯ)—
Janya ଜାୟମାନ; ଯେ ଜନ୍ମ ଗ୍ରହଣ କରେ—1. Born.
(ଜନ୍ୟା—ସ୍ତ୍ରୀ) ୨ । (ଜନ ଧାତୁ+କର୍ମ. ଯ) ଯାହାକୁ ଜନ୍ମ କରାଯାଏ; ଉତ୍ପାଦିତ—2. Created; begotten.
୩ । (ଜନ ଧାତୁ+କର୍ତ୍ତୃ. ଯ) ଯେ ଜନ୍ମ କରେ; ଉତ୍ପାଦକ—
3. Begetter.
୪ । (ଜନ+ଯ) ଜନହିତକର—
4. Tending to the public good.
୫ । (ଜନ+ଯ) ଜନ ସମ୍ବନ୍ଧୀୟ; ବ୍ୟକ୍ତିଗତ—
5. Human; personal; individual.
୬ । ଦେଶ ସମ୍ବନ୍ଧୀୟ—6. Relating to a country.
୭ । ରାଷ୍ଟ୍ରୀୟ—7. Relating to the state.
୮ । ଜାତୀୟ—8. National.
ବି—୧ । ହାଟ; ହାଟ—1. Market.
୨ । ନିନ୍ଦା; ପରିବାଦ—2. Censure; blame.
୩ । ବିବାଦ—3. Quarrel.
୪ । ଜନ୍ମକାଳୀନ କୁଲକ୍ଷଣ—
4. Bad omen observed at the time of one's birth.
୫ । ଯୁଦ୍ଧ—5. Fight.
୬ । ପ୍ରୀତି—6. Love.
୭ । ବରର ବୟସ୍ୟ ବା ସଖା; ମାର୍କୁଣ୍ଡୀ—
7. The friend or companion of a bride-groom.
୮ । ପିତା—8. Father.
୯ । (ଜନୀ+ଯ) ନବୋଢ଼ାର ଜ୍ଞାତି ବା ଭୃତ୍ୟ (ପ୍ରକୃତିବାଦ)—
9. Kinsman or servant of a newly married bride.
୧୦ । ଜନସାଧାରଣ (ଦ୍ର. ଶବ୍ଦସାଗର)—
10. The general public.
୧୧ । କିମ୍ବଦନ୍ତୀ—11. Rumour; report.
୧୨ । ବର (ଦ୍ର. ଶବ୍ଦସାଗର)—12. Bridegroom.
୧୩ । ବରଯାତ୍ରୀ (ଦ୍ର. ଶବ୍ଦସାଗର)—13. The marriage-party accompanying a bridegroom.
୧୪ । ଜାମାତା; ଜ୍ୱାଇଁ (ଦ୍ର. ଶବ୍ଦସାଗର)—
14. Son-in-law.
୧୫ । ପୁତ୍ର (ଦ୍ର. ଶବ୍ଦସାଗର)—15. Son.
୧୬ । ମହାଦେବ (ଦ୍ର. ଶବ୍ଦସାଗର)—16. God Śiba.
୧୭ । ଦେହ; ଶରୀର (ଦ୍ର. ଶବ୍ଦସାଗର)—
17. Body.

ଜନ୍ୟା—ସଂ. ବିଣ. ସ୍ତ୍ରୀ (ଜନ୍ୟ+ଆ)—ଜନ୍ୟର ସ୍ତ୍ରୀଲିଙ୍ଗ—
Janyā Feminine of Janya.
ବି. ସ୍ତ୍ରୀ. (ଜନ୍ ଧାତୁ+ଯ+ସ୍ତ୍ରୀ. ଆ)—
୧ । ଆନନ୍ଦ—1. Gladness; joy.
୨ । ମାତା; ଜନନୀ—2. Mother.
୩ । ବଧୂର ସହଚରୀ (ଦ୍ର. ଶବ୍ଦସାଗର)—
3. A friend or companion of a daughter-in-law or bride.
୪ । ମାତୃସଖୀ—4. The female attendant or friend of one's mother.
୫ । ପ୍ରୀତି; ସ୍ନେହ—5. Love; affection.
୬ । ବଧୂ (ଦ୍ର. ଶବ୍ଦସାଗର)—6. Daughter-in-law.

ଜନ୍ୟୁ—ସଂ. ବି. (ଜନ ଧାତୁ+କର୍ତ୍ତୃ. ଯୁ)—
Janyu ୧ । ଅଗ୍ନି—1. Fire.
୨ । ପ୍ରାଣୀ; ଜୀବ—2. Animal.
୩ । (+ଭାବ. ଯୁ) ଜନ୍ମ; ଉତ୍ପତ୍ତି—
3. Birth; production.
୪ । (ଜନ ଧାତୁ ଣିଚ ଜନି ଧାତୁ+କର୍ତ୍ତୃ. ଯୁ)—
ବିଧାତା; ବ୍ରହ୍ମା—4. Brahmā, the Creator.

ଜନ୍ହ—ଦେ. ବି. (ସଂ. ଜ୍ୟୋତ୍ସ୍ନା)—୧ । ଚନ୍ଦ୍ର—
Janha 1. The moon.
जोन्ह ୨ । ଚନ୍ଦ୍ରକିରଣ; ଜ୍ୟୋତ୍ସ୍ନା—2. Moonlight.

ଜନ୍ହା—ଦେ. ବି. (ସଂ. ଜାବନାଲ)—୧ । ମକା—
Janhā 1. Indian corn.
जनार ୨ । ବାଜରା; ଭୁଟ୍ଟା—2. Maize.
जोहार

ଜପ୍ (ଧାତୁ)—ସଂ—ମାନସ ପାଠ କରିବା; ମନେ ମନେ ପଢ଼ିବା—
Jap (root) To read something in one's mind.

ଜପ—ସଂ. ବି. (ଜପ୍ ଧାତୁ+ଭାବ. ଅ)—୧ । ମନେ ମନେ ପୁନଃପୁନଃ
Japa ପାଠ—1. Muttering.
ଜପକୁ କଲେ ପଢ଼ାରେ ହାତ ଦେଇ । କୃଷ୍ଣସିଂ—ମହାଭାରତ ବନ ।

ଇ	ଡ	ର,ରି	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ	ଉଥ	ଘ
ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଢ଼	ନ

୨ । ମନ୍ତ୍ରାଦିର ବଧିପୂର୍ବକ ପୁନଃପୁନଃ ଉଚ୍ଚାରଣ ବା ଆବୃତ୍ତି— 2. Repetition of prayers or incantations.

୩ । ପୁନଃ ପୁନଃ ଆବୃତ୍ତିପୂର୍ବକ ବେଦାଧ୍ୟୟନ; ସ୍ୱାଧ୍ୟାୟ— 3. Recitation of the Bedas.

୪ । ଚୁପ୍ ଚୁପ୍ କରି କହିବା—4. Whispering.

୫ । ଜପମାଳା ସାହାଯ୍ୟରେ ଇଷ୍ଟମନ୍ତ୍ରକୁ ପୁନଃ ପୁନଃ ଆବୃତ୍ତି କରିବା—5 Telling of beads by reciting particular formulas silently.

[ଦ୍ର—ପୁରାଣରେ ଜପ ୩ ପ୍ରକାର ଉଲ୍ଲେଖ ଅଛି—ମାନସ, ଉପାଂଶୁ ଓ ବାଚକ; କେହି କେହି ଜହ୍ୱାଜପ ନାମରେ ୪ର୍ଥ ପ୍ରକାର ଜପ ଉଲ୍ଲେଖ କରିଅଛନ୍ତି । ମନେମନେ ମନ୍ତ୍ରର ଅର୍ଥ ମନନ କରି ଧୀରେଧୀରେ ଉକ୍ତ ମନ୍ତ୍ରକୁ ସ୍ମରଣ କରିବା ମାନସଜପ; ଓଠ ଓ ଜଭ ହଲାଇ କ୍ଷୀଣସ୍ୱରରେ ଉଚ୍ଚାରଣ କରିବା ଉପାଂଶୁଜପ, ଓଠ ନ ହଲି କେବଳ ଜଭ ହଲିଲେ ଜହ୍ୱାଜପ ଓ ମନ୍ତ୍ରର ବର୍ଣ୍ଣମାନଙ୍କର ସ୍ପଷ୍ଟ ଉଚ୍ଚାରଣକୁ ବାଚକ ଜପ ବୋଲଯାଏ । ଜପ କରିବା ସମୟରେ ମନ୍ତ୍ରର ସଂଖ୍ୟା ପ୍ରତି ଧ୍ୟାନ ରଖିବାକୁ ପଡ଼େ, ଏଥିପାଇଁ ମାଳାର ଆବଶ୍ୟକତା ହୁଏ—ଦ୍ର. ଶବ୍ଦସାଗର ।]

ଜପ କରିବା—ଦେ. କ୍ରି. (ସଂ. ଜପ୍ ଧାତୁ)—୧ । ମନେ ମନେ ମନ୍ତ୍ରାଦି ପୁନଃ ପୁନଃ ଆବୃତ୍ତି କରିବା; ଜପିବା—
Japa kariba
जपना; जपकरा
जपना, जप करना
1. To repeatedly mutter esoteric formulas silently.

୨ । ଜପମାଳା ସାହାଯ୍ୟରେ ସଂଖ୍ୟା ଗଣନା କରି ମନ୍ତ୍ରାଦି ପୁନଃ ପୁନଃ ଜପିବା; ମାଳ ଗଡ଼ାଇବା—2. To tell the beads by muttering certain formulas

କେହି ଅବା ଜପମାଳା ଜପେ ଅବରତେ । ଜଗନ୍ନାଥ, ମହାଯାତ୍ରା ।

୩ । କୌଣସି କଥାକୁ ମନେ ମନେ ସର୍ବଦା ସ୍ମରଣ କରିବା— 3. To constantly remember a thing.

୪ । ଘୋଷିହେବା—4. To go on recapitulating or repeatedly uttering a thing.

ଜପଜୀ—ଦେ. ବି—ଶିଖମାନଙ୍କର ଧର୍ମ ଗ୍ରନ୍ଥବିଶେଷ—
Japaji
जपजी
A religious book of the Sikhs.
[ଦ୍ର—ଏହାକୁ ନିତ୍ୟପାଠ କରିବା ଶିଖମାନଙ୍କର ମୁଖ୍ୟ ଧର୍ମକର୍ତ୍ତବ୍ୟ ବୋଲି ବିବେଚିତ ।]

ଜପଟି ଧରିବା—ଦେ. କ୍ରି. (ସଂ. ଜୁପ୍)—ଚାପି ଧରିବା; ଜାବୁଡ଼ି କରି ଧରିବା; ଖୁବ୍‌ଯୋରରେ ଚାପି ଧରିବା; ଚୁପି ଚେପି ଧରିବା—
Japati dhariba
चेपना
चिपटना
To hold tightly or with pressure; to press.

ଜପଟିବା—ଦେ. କ୍ରି. (ସଂ. ଜୁପ)—ଜପଟି ଧରିବା (ଦେଖ)
Japatiba
Japati dhariba (See)

ଜପତ୍—ବୈଦେ. ପ୍ରା. (ଆରବୀ) ବି—ଜପ୍ତ (ଦେଖ)
Japat
Japt (See)

ଜପତପ—ଦେ. ବି. (ସଂ. ଜପ ଓ ତପଃ; ସନ୍ଧିରେ)—ମନ୍ତ୍ରଜପ ଓ ତପସ୍ୟା—Telling of beads and practising of religious austerities.
Japa tapa
जपतप
जपतप

ଜପନ—ସଂ. ବି. (ଜପ୍ ଧାତୁ+ଭାବ. ଅନ)—୧ । ଜପିବା—
Japana
Muttering of mantras with beads.

୨ । (+କର୍ତ୍ତୃ. ଅନ)—ଜପକାରୀ ବ୍ୟକ୍ତି— 2. Mutterer of mantras.

ଜପମାଳ—ଦେ. ବି. (ସଂ. ଜପମାଲା)—୧ । ଜପମାଳା—
Japa-mala
जपामाला
जपमाला
1. A string of beads for muttering esoteric formulas.

୨ । (ଲକ୍ଷଣାର୍ଥେ) ଜପମାଳା ପରି ସବୁବେଳେ ସ୍ମରଣୀୟ ବିଷୟ ବା ପ୍ରିୟତମ ବସ୍ତୁ ବା ବ୍ୟକ୍ତି— 2. (figurative) A dearly cherished matter, thing or person.

ଜପମାଳ, ଜପାମାଳା, ଜପାମାଳ } ଅନ୍ୟରୂପ

ଜପମାଳା—ସଂ. ବି. (୬ଷ୍ଠୀ ତତ୍; ଜପ+ମାଳା)—ଯେଉଁ ମାଳର ଗୁଟିକା ଗଣନା କରି ଇଷ୍ଟମନ୍ତ୍ରାଦି ଜପ କରାଯାଏ—
Japa mala
A rosary for counting the number of repetitions while repeatedly muttering a sacred formula.

କେହି ଅବା ଜପମାଳା ଜପେ ଅବରତେ । ଜଗନ୍ନାଥ, ମହାଯାତ୍ରା ।

ଜପଯଜ୍ଞ—ସଂ. ବି. (ରୂପକ କର୍ମଧା ଜପ+ଯଜ୍ଞ)—୧ । ଜପରୂପ ଯଜ୍ଞ; ଜପ—1. Telling of beads considered equivalent to Vedic sacrifice.
Japa jajña

୨ । (ଦ୍ୱନ୍ଦ୍ୱ) ଜପ ଓ ଯଜ୍ଞ —2. Counting of beads and performance of Vedic sacrifices.

ଜପହୋମ—ସଂ. ବି. (ଜପ+ହୋମ, ରୂପକ କର୍ମଧା ଓ ଦ୍ୱନ୍ଦ୍ୱ)—
Japa-homa
ଜପଯଜ୍ଞ (ଦେଖ) Japa-jajña (See)

ଜପା—ସଂ. ବି. ସ୍ତ୍ରୀ. (ଜପ୍ ଧାତୁ+କରଣ ଅ+ସ୍ତ୍ରୀ. ଆ)—
Japa
ମନ୍ଦାର ଗଛ ଓ ଫୁଲ; ଜବା— The red Chinarose and its tree.

जपा
जपना
ଦେ. ବି—୧ । ଜପ କରିବା—1. To muttering of mantras by counting the beads.

୨ । ସବୁବେଳେ ଭାବିବା— 2. Constantly thinking over a mattter.

ଦେ. ବଣ.—୧ । ଜପ କରା ଯାଇଥିବା (ମନ୍ତ୍ର)— 1. (holy formula) Counted on the beads.

୨ । ଯାହା ସାହାଯ୍ୟରେ ଜପ କରା ଯାଏ (ଯଥା; ଜପା ମାଳା) 2. (rosary) With the help of which a holy formula is recited.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

ଜପାଇବା—ଦେ. କ୍ରି.—(ଜପିବାର ଣିଜନ୍ତରୂପ)—
Japāibā (The causative form of Japibā).
ଜପାନ — ଅନ୍ୟ ଦ୍ୱାରା ଜପ କରାଇବା—
जपाना To cause another person to tell the beads.
(ଜପେଇବା—ଅନ୍ୟରୂପ) ବେଗେ ପ୍ରସ୍ଥକାଳ ହେବାରୁ ମୋ ଶିବ ଶିବମନ୍ତ୍ରର ଜପାଇବ । ଭକ୍ତ. ପ୍ରେମସୁଧାନିଧି.

ଜପାଜପି—ଦେ. ବି.—ନାନା ପ୍ରକାରର ମନ୍ତ୍ର ଜପ—
Japā japi — Muttering of various incantations.
ଜପାଜପି
जपाजपी

ଜପାମାଳ—ଦେ. ବି.— ଜପମାଳା (ଦେଖ)
Japā-māla — Japamālā (See)

ଜପାମାଳା—ଦେ. ବି— ଜପମାଳା (ଦେଖ)
Japā-mālā — Japamālā (See)
ଜପାମାଳା ରୁ ମୋ ସ୍ୱନବାସ୍ତ୍ର,
ଯେତେବେଳେ ନକ୍ଷତ୍ର ଅସ୍ତ । କବିସୂର୍ଯ୍ୟ. ସଙ୍ଗୀତ ।

ଜପାମାଳି—ଦେ ବି—ଜପମାଳା (ଦେଖ)
Japāmāli — Japamālā (See)

ଜପିତ—ସଂ. ବିଣ. (ଜପ୍ ଧାତୁ+କର୍ମ୍ମ ତ)—ଯାହା ଜପ କରାଯାଇ ଅଛି—
Japita — That which has been muttered.

ଜପ୍ତ—ବୈଦେ. ବିଣ. (ଆ. ଜବ୍‌ତ, ଜପ୍‌ତ)—୧ । ଅଟକ ରଖାଯିବା; କ୍ରୋକ କରାଯାଇଥିବା (କୌଣସି ପଦାର୍ଥ)—
Japt
ଜବ୍ତ
जपत — 1. Kept under attachment or seizure; restrained; attached
୨ । ରାଜା ବା ସରକାରଙ୍କ ଦ୍ୱାରା ଅଧିକୃତ—
2. Taken possession of; seized by the king or Government.
୩ । ବାଜ୍ୟାପ୍ତ—3. Resumed.
୪ । ନିୟମକୁ ଆଣିତ—4. Regulated.
୫ । ଶାସିତ—5. Ruled; controlled; checked.
୬ । ଅପମାନିତ—6. Humbled; dishonoured; crestfallen.
୭ । ପରାଜିତ—7. Vanquished.
୮ । ଦଣ୍ଡିତ—8. Punished; taught a lesson.
୯ । ତାଗିଦ୍ କରାଯାଇଥିବା—9. Warned.
୧୦ । କ୍ରୋକସମ୍ବନ୍ଧୀୟ—
10. Relating to attachment.
ବି. (ଆ. ଜପ୍ତ)—୧ । କ୍ରୋକ୍—1. Attachment.
୨ । ସମ୍ପତ୍ତିକୁ ଅଟକାଇ ରଖିବା—
2. Taking a property under custody.
୩ । ରାଜା ବା ସରକାରଙ୍କ ଦ୍ୱାରା ଅପରାଧୀର ସମ୍ପତ୍ତି ଅଟକ—
3. Attachment of the property of an offending person by the king or by Government.

ଜପ୍ତମାଫି—ବୈଦେ. ପ୍ରାଦେ. (ସମ୍ବଲପୁର) ବି. (ଫା)—ଲାଖରାଜ ବାଜ୍ୟାପ୍ତ ଜମି—
Japta-māphi — Resumed revenue-free land.

ଜପ୍ତି—ବୈଦେ. ବି. (ଆ. ଜବ୍‌ତୀ)—ଜପ୍ତ (ଦେଖ)
Japti — Japt (See)
ଜବଦ
जप्ती

ଜପ୍ତି ଅଫିସର୍—ବୈଦେ. ବି. (ଆ. ଜପ୍‌ତୀ+ଇଂ. ଅଫିସର୍)—
Japti aphisar — ବାଜ୍ୟାପ୍ତି ସମ୍ପତ୍ତିର ହିସାବ ରଖିବା ପାଇଁ ନିଯୁକ୍ତ କର୍ମ୍ମଚାରୀ—An officer deputed to keep the account of attached properties.
ଜବତୀ ଅଫିସର
जप्ती अफिसर

ଜପ୍ୟ—ସଂ. ବିଣ. (ଜପ୍ ଧାତୁ+କର୍ମ୍ମ ଯ)—ଜପଯୋଗ୍ୟ; ଧ୍ୟେୟ—
Japya — Fit to be recited or muttered with the help of a rosary.
ସଂ. ବି—ଜପ କରାଯାଇଥିବା ମନ୍ତ୍ର—
Muttered formula (Apte).

ଜବ୍ (ଧାତୁ)—ସଂ— ବେଗରେ ଚଳିବା—
Jab (root) — To move swiftly.

ଜବ୍—ପ୍ରାଦେ (ସମ୍ବଲପୁର) ଅ. (ସଂ. ଯାବତ୍; ପ୍ରା. ଯାବଁ, ଜାବ; ହିନ୍ଦି. ସଂ. ଯଦା; ଯଦି; ଯଦ୍ୟପି)—୧ । ଯେବେ; ଯେଉଁ ସମୟରେ—1. When.
Jab
୨ । ଯଦି—2. If

[ଦ୍ର—ଗୋପୀନାଥ ନନ୍ଦ ଲାବଣ୍ୟବତୀରୁ 'ଜାନ ଜବାପେଷୀ ପରଦର୍ପହାନେ' ଉଦାହରଣ ଦେଇ ଜବ୍ ଶବ୍ଦର ଓଡ଼ିଆରେ "ଯେବେ" ଅର୍ଥର ବ୍ୟବହାରକୁ ସମର୍ଥନ କରି ଅଛନ୍ତି ଓ ଲାବଣ୍ୟବତୀର ଲୋକନାଥ ଦାସଙ୍କ କୃତ ଟୀକାରେ ଏହି ଅର୍ଥ ସମର୍ଥିତ ହୋଇଅଛି । କିନ୍ତୁ ଓଡ଼ିଆ ଭାଷାରେ ଏହି ଶବ୍ଦର ହିନ୍ଦୀ ଅର୍ଥରେ ବ୍ୟବହାର 'ଜବ୍‌ତକ୍' ଶବ୍ଦ ଛଡ଼ା ପ୍ରଚଳିତ ଥିବାର ଦେଖା ଯାଉନାହିଁ । କେବଳ ସମ୍ବଲପୁରରେ ହିନ୍ଦୀ ପ୍ରଭାବରୁ କୌଣସି କୌଣସି ସ୍ଥାନରେ ଏହି ଶବ୍ଦ ଓଡ଼ିଆଙ୍କ ମୁହଁରେ ଶୁଣାଯାଏ] ।
ଦେ. ବି—ଲୁଣରନ୍ଧା ଘାସ କାଟିବା ଅସ୍ତ୍ର (ଗୋପୀନାଥ ନନ୍ଦ)—
An instrument for cutting the grass used as fuel in the manufacture of salt.

ଜବ୍‌ତକ୍—ଦେ. (ସଂ. ଯାବତ୍+ଫା. ତକ୍)—
Jab-tak — ଯେତେବେଳ ପର୍ଯ୍ୟନ୍ତ—
यतक्षण — Till which time; till when.
जबतक
(ଜବ୍‌ତଲକ୍—ଅନ୍ୟରୂପ)

ଜବ୍‌ଦ ମାରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜାଣିଶୁଣି ଚୁପ୍ ରହିବା—
Jab-da māribā — To keep silent about a matter which one knows.
(ଜବ ମାରିବା—ଅନ୍ୟରୂପ)

୯	ର	ଡ଼	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍	ଡଥ	ଛ
ଌ	ଋ	ଊ	ରୁ	ଳ	ସ୍ନେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ୍ୟ	ଇଥ	ୱ	କ୍ନ

ଜବ—ସଂ. ପୁ. (ଜୁ ଧାତୁ=ବେଗରେ ଚାଲିବା+ଭାବ. ଅ; ଅଥବା ଜବ୍ ଧାତୁ+ଭାବ. ଅ)—
Jaba
ବେଗ—Velocity; speed.
ସଂ. ବଣ. (+କର୍ତ୍ତୃ. ଅ)—ବେଗବାନ୍—
Speedy; swift.

ଜବଖାର—ଦେ. ବି. (ସଂ. ଯବକ୍ଷାର)—ଯବକ୍ଷାର (ଦେଖ)
Jaba-khāra Jabakshāra (See)

ଜବତ୍—ବୈଦେ. ବଣ. (ଫା. ଜଫ୍ତ୍, ଜବ୍ତ୍=ଅଧିକାର କରଣ; ଜୋରରେ କରିବା)—
Jabat
ଜବଦ, ଜବ୍ଧ — ୧ । ସ୍ୱାଧିକୃତ; ସ୍ୱାଧିକାରରେ ଆଣିତ; କବଳିତ—
ଜପ୍ତ, ଜବ୍ତ — 1. Brought under one's control or power.
୨ । ଅଧିକୃତ—2. Occupied
୩ । ପଦଦଳିତ; ପରାଜିତ—
3. Defeated; crushed; subdued.
୪ । ଜପ୍ତ (ଦେଖ)
4. Japt (See)
ବି—୧ । ଆସ୍ୱତ୍ତ୍ୱକୁ ବା ଅଧିକାରକୁ ଆଣିବା—
1. Taking possession of a thing.
୨ । ଜପ୍ତ (ଦେଖ)
2. Japt (See)

ଜବତ୍ କରିବା—ଦେ. କ୍ରି—୧ । କୌଣସି ସମ୍ପତ୍ତିକୁ ଜୋରରେ ନେବା—
Jabat karibā 1. To confiscate or attach a property.
ଜବ୍ଧ କରନା
ଜବ୍ତ କରନା ୨ । କୌଣସି ବ୍ୟକ୍ତିକୁ ଦଣ୍ଡ ଦେଇ ସାଧ କରିବା—
2. To teach a person a lesson; to crush a person.

ବଳୁ ସେ ତାହା ଖାତିର ନ କରି ସବଣକୁ ଅନେ ଜବତ୍ କଲେ ।
ଗାଳବଣ୍ଣ ଦାସ. ପିଙ୍ଗଳ ପ୍ରମାଣ ।

ଜବତି—ଦେ. ବଣ. (ଫା. ଜଫ୍ତି; ଜବ୍ତୀ)—
Jabati ୧ । ଜବତ୍ ସମ୍ବନ୍ଧୀୟ—1. Relating to attachment.
ଜବ୍ଦୀ
ଜପ୍ତୀ, ଜବ୍ତୀ (ଯଥା—ଜବତି ପରୱାନା ।)—
୨ । ଜବତ କରାଯାଇଥିବା; ଅଧିକୃତ—
2. Taken possession of.
(ଯଥା—ଜବତି ମାଲ ।)

ଜବନ—ସଂ.ବି. (ଜୁ ଧାତୁ+ଭାବ.ଅନ; ବା. ଜବ୍ ଧାତୁ+ଭାବ.ଅନ)—
Jabana ୧ । ବେଗ—1. Velocity; speed; swiftness.
ସୁମନ୍ତ କହନ୍ତି ବହୁଲେ ମନ୍ଦ ବଳନ୍ତୁ
ଜବନରେ ତେଜିଁ ଘୋଡ଼ା ବେଗ ବନକୁ । ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଗତି—2. Motion.
୩ । (+କର୍ତ୍ତୃ. ଅନ) ବେଗବାନ୍ ଅଶ୍ୱ—
3. Fleet horse.
୪ । ମୃଗବିଶେଷ—4. A species of deer.
୫ । ଯବନ (ପ୍ରକୃତିବାଦ) (ଦେଖ)
5 Jabana (See)
ସଂ. ବଣ—ବେଗଗାମୀ—Swift; fleet.

ଜବନିକା—ସଂ. ବି. (ଜୁ ଧାତୁ=ଯାଇବା+କରଣ. ଅନ+ସ୍ତ୍ରୀ. ଈ+
Jabanikā ସ୍ୱାର୍ଥେ.କ+ଆ)—୧ । ରଙ୍ଗାଳୟର ପରଦା;ତିରସ୍କରଣୀ;
(ଯବନିକା—ଅନ୍ୟରୂପ) କନାତ ବାଡ଼—1. Screen; curtain; drop-scene.
୨ । ଯବନ-ସ୍ତ୍ରୀ; ପଠାଣୁଣୀ—2. A Pathan female; a Mahomedan woman.

ଜବନିକାପତନ—ସଂ. ବି—୧ । ରଙ୍ଗମଞ୍ଚରେ ଅଭିନୟ ଶେଷରେ
Jabanikā-patana ପରଦା ପଡ଼ିବା—1. The fall of the curtain or dropscene on the stage.
୨ । (ଅଭିନୟାଦିର) ସମାପ୍ତି—2. Conclusion or finish (as of a play).

ଜବନେ—ଦେ. କ୍ରି. ବଣ—ବେଗରେ—
Jabane Swiftly.
ପବନେ ଚଳେକ ଜବନେ ଜବନେ ଉଡ଼ଇ ଭୃଙ୍ଗମେଳା ।
ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜବର୍—ବୈଦେ. ବଣ. (ଫା. ଜବ୍ର)—୧ । ବଳିଷ୍ଠ; ଦୃଢ଼—
Jabar 1. Strong.
ଜବର ୨ । କ୍ଷମତାଶାଳୀ—2. Powerful.
ଜବ୍ବର ୩ । ପ୍ରକାଣ୍ଡ—3. Large; stupenduous.
୪ । ଅଧିକ—4. Excessive.
୫ । ଖୁବ୍; ଅତ୍ୟନ୍ତ—5. Much, very.
୬ । ଭାରି; ଗୁରୁ—6. Heavy.
୭ । ଉତ୍କୃଷ୍ଟ—7. Superior.
୮ । ଚକଚକିଆ; ଆଡ଼ମ୍ବରପୂର୍ଣ୍ଣ—
8. Splendid; grand.

ଜବର୍ ଗୁଜବ୍—ବୈଦେ. ବି. (ଫା)—ଭାରି ଝାଞ୍ଜିଆ ଜନରବ—
Jabar gujab Strong rumour.
(ଯଥା—ବଜାରରେ ଜବର୍ ଗୁଜବ୍ ଉଠିଛି ଯେ ବଙ୍ଗୀୟ ବଣିକମାନଙ୍କ ଷଡ଼ଯନ୍ତ୍ରର ଫଳ ଅମୁକଙ୍କ ଅପ୍ରୀତିକର ହୋଇଅଛି ।)

ଜବରଜଂଘ—ବୈଦେ. ବଣ. ପୁଂ. (ଫା)—୧ । ଅସୁନ୍ଦର ଢଙ୍ଗରେ
Jabar-jamgha ଗୁଡ଼ାଏ ଲୁଗାପଟା ଦେହରେ ଗୁଡ଼ାଇ ହୋଇଥିବା (ବ୍ୟକ୍ତି)—1. Slovenly dressed.
ଜବଡ଼ଜଙ୍ଗ
ଜବଡ଼ଜଂଗ୍ ୨ । ବଳିଷ୍ଠ ପଦ ଓ ଜଙ୍ଘବିଶିଷ୍ଟ—
(ଜବରଜଙ୍ଘୀ—ସ୍ତ୍ରୀ) 2. Strong-legged; having sinewy
(ଜବରଜଙ୍ଗ୍—ଅନ୍ୟରୂପ) legs and thighs.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖାଯିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଜୁଅ' ନ ମିଳିଲେ 'ଜୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍‌ଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ଜବରଦସ୍ତ—ବୈଦେ. ବଣ. (ଫା. ଜବ୍‌ରଦସ୍ତ)—
Jabar-dast ୧ । ବଳବାନ୍; ବଳୁଆ; କ୍ଷମତାଶାଳୀ—
जबरदस्त 1. Powerful; strong.
जबरदस्त ୨ । ଅଟଳ; ଦୃଢ଼—2. Firm.
୩ । ଜୁଲୁମ୍‌ବାଜ୍—3. Oppressive.
୪ । ବଳପ୍ରୟୋଗକାରୀ—4. Using force
୫ । ଦୁର୍ଦ୍ଦମନୀୟ—5. Invincible.

ଜବରଦସ୍ତି—ବୈଦେ. ବି. (ଫା)—୧ । ଜୁଲୁମ; ପୀଡ଼ନ; ଅତ୍ୟାଚାର—
Jabar-dasti 1. Oppression.
जबरदस्ती ୨ । ଜୋର ବା ବଳପ୍ରୟୋଗ—2. Use of force.
जबरदस्ती ୩ । ବାଧ୍ୟ କରିବା—3. Compulsion.
୪ । ଅନ୍ୟାୟ—4. Injustice.

ଜବରଦାର—ବୈଦେ. ବଣ. (ଫା)—ଜବରଦସ୍ତ (ଦେଖ)
Jabar-dār Jabar-dast (See)

ଜବରଦାରି—ବୈଦେ. ବି. (ଫା)—ଜବରଦସ୍ତି (ଦେଖ)
Jabar-dāri Jabardasti (See)

ଜବର ଦୁର୍ଦ୍ଦାନ୍ତ—ଦେ. ବଣ. (ଫା ଓ ସଂ)—ଜବରଦସ୍ତ (ଦେଖ)
Jabar durddānta Jabardast (See)

ଜବରଥଠା ସିହା—ଦେ. ବି—(ଜମିଦାରୀ ଓ ମହାଜନୀ ସିରସ୍ତାରେ)
Jabara-thā siha ଯେଉଁ ହିସାବ ବହି ବା ସିହାରେ ଦୈନିକ ସମସ୍ତ ଆୟ ଚଢ଼ି ଥାଏ ଓ ପ୍ରତ୍ୟେକ ହିସାବର ବିବରଣ ଲେଖାଯାଇ ଥାଏ—A consolidated account-book of daily receipts in zamindari and mohājani business.

ଜବରଜାଇ—ଦେ. ଅ—ଜବରଦାରି (ଦେଖ)
Jabara-jāi Jabaradāri (See)

ଜବରଦାରି—ଦେ. ଅ—ସବାରି ବୋହେବାଙ୍କର ଏକପ୍ରକାର ଡାକ—
Jabaradāri A halloo of Palki-bearers.

ଜବରବୁକୁ—ଦେ. ବଣ—୧ । ଖୁବ୍ ହେମତ୍ କଲାବାଲା—
Jabara-buku 1. Daring.
୨ । ସାହସୀ—2. Courageous.

ଜବରାନ୍—ବୈଦେ. କ୍ରି. ବଣ (ଫା. ଜବ୍‌ରନ୍)—ବଳପୂର୍ବକ—
Jabarān Forcibly; by using force.
जब्रान् ବଣ—୧ । ଅତ୍ୟାଚାରୀ—1. Oppressive.
जुल्म ୨ । ଅବୈଧ ବଳପ୍ରୟୋଗକାରୀ—
2. Using unlawful force.

ଜବରାନ୍ କରିବା—ଦେ. କ୍ରି—୧ । ବଳପ୍ରୟୋଗ କରିବା —
Jabarān kariba 1. To use force.
୨ । କୌଣସି କାର୍ଯ୍ୟ କରିବାକୁ ବାଧ୍ୟ କରିବା —
2. To force one to do a thing,
୩ । ଅତ୍ୟାଚାର କରିବା—3. To oppress.

ଜବରାନି (ଇତ୍ୟାଦି)—ବୈଦେ. କ୍ରି. ବଣ. (ଫା. ଜବ୍‌ରନ୍)—
Jabarāni (etc) ଜବରାନ୍ ଇତ୍ୟାଦି (ଦେଖ)
Jabarān etc. (See)
ବି—ଜବରଦସ୍ତି (ଦେଖ)
Jabar-dasti (See)

ଜବରାନି ଚୋରି—ବୈଦେ. ବି. (ଫା ଓ ସଂ) (କଥିତ ଭାଷା)—
Jabarāni chori ୧ । ବଳପ୍ରୟୋଗପୂର୍ବକ କରାଯିବା ଚୋରି—
1. Robbery.
୨ । (ବହୁ ଲୋକଙ୍କ ଦ୍ୱାରା) ଡକାଏତି—
2. Dacoity.

ଜବସ—ସଂ. ବି. (ଜୁ ଧାତୁ=ଶୀଘ୍ର ଜନ୍ମିବା+କର୍ତ୍ତୃ. ଅସ)
Jabasa ଘାସ; ତୃଣ—Grass.

ଜବା—ସଂ. ବି. (ଜପ୍ ଧାତୁ+କରଣ. ଅ+ସ୍ତ୍ରୀ. ଆ)—
Jabā ନାଲି ଓ ଧଳା ମନ୍ଦାର ଫୁଲ—
The (red and white) China rose;
Hibicus Rosa Sinensis.
ବୈଦେ. ବି. (ଫା. ଜୁବ୍‌ହା; ଅ. ଜବହ୍=ଗଳା କାଟିବା)—
जुबा ୧ । ଜନ୍ତୁର କଣ୍ଠ କାଟିବା ସମୟରେ ମୁସଲମାନ୍‌ମାନଙ୍କର
जबह ପଢ଼ିବା ମନ୍ତ୍ର—1. The Quaoranic text
(ଜବା—ଅନ୍ୟରୂପ) muttered while cutting the throat of animals by the Mahomedans.
୨ । କୌଣସି ଜନ୍ତୁର ଗଳା କାଟି ପ୍ରାଣ ନେବା—
2. Killing an animal by cutting the throat.

ଜବାଇ—ବୈଦେ. ବି. (ଅ. ଜବହ୍; ଜବାହ୍)—
Jabāi ମୁସଲମାନ୍‌ମାନଙ୍କ ଦ୍ୱାରା କୋରାନର ନିର୍ଦ୍ଦିଷ୍ଟ ମନ୍ତ୍ର ପାଠ-
जबाई ପୂର୍ବକ ଈଶ୍ୱରଙ୍କ ନାମ ଉଚ୍ଚାରଣ କରୁ କରୁ ପଶୁପକ୍ଷୀ
जबह ଆଦିଙ୍କର କଣ୍ଠଛେଦନ; କୋରାନ୍ ମତେ ପଶୁଛେଦନ; ହଲାଲ୍; ହଲାଲ୍—Cutting the throat of animals by Mahomedans while uttering a certain Quoranic text.

ଜବାଇ କରିବା—ଦେ. କ୍ରି. (ଅ. ଜବହ୍)—
Jabāi kariba ୧ । ହଲାଲ୍ କରିବା—1. To cut the
जबाईकरा throat of an animal as an offer-
जबह करना ing to God (by Mahomedans).
୨ । ହତ୍ୟା କରିବା—2. To kill.

ଜବାଧିକ—ସଂ. ବି. (ଅଶ୍ୱ ଅର୍ଥ; ଜବ+ଅଧିକ)—
Jabādhika ବେଗବାନ୍ ଘୋଡ଼ା—A steed; a swift horse.
ସଂ. ବଣ. (ବହୁବ୍ରୀହି)—ଅତିଶୟ; ବେଗବାନ୍—
Swift; fleet.

୧	ଇ	ଉ	ର୍,ର୍ଁ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇୟ	ଉଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଢ଼	୍

ଜବାନ୍—ବୈଦେ. ବି. (ଫା)—୧ । ଜିହ୍ୱା; ଜିଭ—
Jabān 1. The tongue.
জবান্ ୨ । ଭାଷା; ବୋଲି—2. Language.
जबान ୩ । ବାକ୍ୟ; ଉକ୍ତି—3. Word; speech.
୪ । ପ୍ରତିଜ୍ଞା; ପ୍ରତିଶ୍ରୁତି—4. Promise.
୫ । ବୀର ପୁରୁଷ—5. Hero.
୬ । ମନୁଷ୍ୟ; ପୁରୁଷ—6. Man, male.
ବୈଦେ. ବିଣ. (ଫା; ତୁଲ. ସଂ. ଯୌବନ; ପ୍ରା. ଜୋବ୍ୱାନ)—
୧ । ଯୁବକ—1. Young.
୨ । ବଳିଷ୍ଠ—2. Strong.
୩ । ବୀର—3. Heroic; valiant.

ଜବାନ୍ ଦରାଜ୍—ବୈଦେ. ବିଣ. (ଫା)—୧ । ଯେ ଧୃଷ୍ଟତାପୂର୍ବକ
Jabān darāj ଅନୁଚିତ କଥା କହେ; ମୁହଁବାଲଗି କରିବା
জবান্দরাজ ଲୋକ—1. Bragging; boastful.
जबानदराज ୨ । ଧୃଷ୍ଟ; ଅବିନୀତ—2. Impudent.
(ଜବାନଦରାଜା—ବି)

ଜବାନ୍ ଦେବା—ଦେ. କ୍ରି. (ଫା. ଜବାନ୍)—
Jabān debā ନିଶ୍ଚିତ କଥା କହିବା; ସ୍ଥିର ଜବାବ ଦେବା;
জবান দেওয়া ମୌଖିକ ଅଙ୍ଗୀକାର କରିବା—To give one's
जबान देना word; to make an oral promise.

ଜବାନ୍‌ବନ୍ଦି—ବୈଦେ. ବି. (ଫା. ଜବାନ୍‌ବନ୍ଦୀ)—୧ । କୌଣସି
Jabān-bandi ଅଦାଲତ ବା ହାକିମଙ୍କ ଦ୍ୱାରା ଲିପିବଦ୍ଧ ପକ୍ଷର ବା ସାକ୍ଷୀର ଇଜହାର; ଲିପିବଦ୍ଧ ସାକ୍ଷ୍ୟ; ଲିପିବଦ୍ଧ ସାକ୍ଷୀର ଉକ୍ତି—1. Deposition or oral evidence given before a court or officer and recorded by him; written deposition.
୨ । ସାକ୍ଷୀ ବା ପକ୍ଷର କଥିତ ପ୍ରମାଣ—
2. Oral evidence.

ଜବାନ୍‌ବନ୍ଦି କରିବା—ଦେ. କ୍ରି—ସାକ୍ଷ୍ୟ ଦେବା—
Jabān-bandi karibā To give one's evidence; to depose.
জবানবন্দী করা
इजहार देना
(ଜବାନ୍‌ବନ୍ଦି ଦେବା—ଅନ୍ୟରୂପ)

ଜବାନ୍‌ବନ୍ଦି ଗ୍ରହଣ କରିବା—ଦେ. କ୍ରି—ସାକ୍ଷୀ ବା ପକ୍ଷର ଇଜହାର
Jabān-bandi grahaṇa karibā ଲିପିବଦ୍ଧ କରିବା—
জবানবন্দী গ্রহণকরা To take down the deposition of
जबानबन्दी लेना a witness.
(ଜବାନ୍ ବନ୍ଦି ନେବା—ଅନ୍ୟରୂପ)

ଜବାନି—ବୈଦେ. ବି. (ଫା. ଜବାନ୍)—୧ । ଉକ୍ତି; କଥା—
Jabāni 1. Word of mouth; speech.
জবান ୨ । କଥିତ ଭାଷା—2. Language.
जबान ୩ । ମୌଖିକ ସାକ୍ଷ୍ୟ—3. Oral evidence.
୪ । ମୌଖିକ ବର୍ଣ୍ଣନା—4. Oral description.
୫ । ଯୁବାକାଳ—5. Youth; time of youth.
জবানি ବିଣ. (ଫା. ଜବାନୀ)—୧ । ମୌଖିକ—1. Oral.
जबानी ୨ । କଥିତ—2. Spoken; uttered.
କ୍ରି. ବିଣ—୧ । ମୌଖିକରୂପେ—
1. Orally; in words of mouth.
୨ । ଅନ୍ୟ ବ୍ୟକ୍ତିର ମୁଖରୁ ଶୁଣି—
2. From word of mouth.

ଜବାବ୍—ବୈଦେ. ବି. (ଆ)—୧ । ବାକ୍ୟ—1. Word; speech.
Jabāb ୨ । ଉତ୍ତର—2. Reply; response; answer.
জবাব ୩ । ପ୍ରତ୍ୟୁତ୍ତର—3. Rejoinder.
जबाब ୪ । ଭୃତ୍ୟାଦିଙ୍କର ପ୍ରଭୁଙ୍କୁ ଅବିନୟ-ସୂଚକ ଉତ୍ତର—
4. Insubordinate reply given to a master or superior.
୫ । ପତ୍ରର ଉତ୍ତର—5. Reply to a letter.
୬ । ମକଦ୍ଦମାରେ ପ୍ରତିବାଦୀ ବା ମୁଦାଲା ଦାଖଲ କରିବା ଉତ୍ତର ବା ବର୍ଣ୍ଣନାପତ୍ର—6. Written statement filed by a defendant or accused in a court.
[ଦ୍ର—ପୂର୍ବେ ଆମ ଦେଶରେ ମୁସଲମାନ୍ ରାଜତ୍ୱ ସମୟରେ ଯେଉଁ ମକଦ୍ଦମାମାନ କଚେରୀରେ ହେଉଥିଲା ସେଥିରେ ବାଦୀ ଓ ପ୍ରତିବାଦୀଙ୍କ ପକ୍ଷରୁ ଏକାଧିକ ଜବାବ୍ ଦାଖଲ ହେଉଥିଲା। ପ୍ରତିବାଦୀର ପ୍ରଥମ ବର୍ଣ୍ଣନାପତ୍ର=ଜବାବ୍—Reply to the plaint; ଦ୍ୱିତୀୟ ଜବାବ୍=ରଦ୍‌ଜବାବ୍—Counter-reply, ତୃତୀୟ ଜବାବ୍=ଜଦ୍‌ଜବାବ୍—Rejoinder. ଶେଷ ଜବାବ୍=ହଦ୍‌ଜବାବ୍—Final rejoinder, last word of the defendent]
୭ । ଶେଷ ଉତ୍ତର—7. Final reply.
୮ । କୈଫିୟତ—
8. Explanation called for officially.
୯ । ଅଙ୍ଗୀକାର—9. Promise.
୧୦ । ଚାକରକୁ ଚାକରିରୁ ଶେଷ ବିଦାୟ ଦେବା—
10. Discharge or dismissal of a servant from service.
ସନ୍ଧ୍ୟାବେଳେ ଭେଟ ପାଇବାରୁ ତାକୁ ଚାକରିରୁ ଜବାବ୍ ଦେଲେ।
ଫକୀରମୋହନ..ଗଳ୍ପସ୍ୱଳ୍ପ।
୧୧ । ଚାକରିରୁ ଇସ୍ତଫା ଦେବା—
11. Resignation from service.
୧୨ । ମେଳ; ଏକବସ୍ତୁ ସଙ୍ଗେ ଯୋଡ଼ି ଖାଇବାପାଇଁ ପ୍ରସ୍ତୁତ ଅନ୍ୟ ବସ୍ତୁ—12. Counterfoil; counterpart; a thing made in order to tally with or fit into another thing.

ସାଧାରଣ ଲୋକେ ଅନେକ ସ୍ଥଳରେ ହ୍ରସ୍ୱ ଇ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ଦୀର୍ଘ ଈ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ଇ ବା ଈ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ଈ ବା ଇ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜବାବ୍ କରିବା—ଦେ. କ୍ରି—୧ । ପ୍ରତିବଚନ କହିବା—
Jabāb karibā — 1. To respond.
জবাব করা — ୨ । ଅଙ୍ଗୀକାର କରିବା —2. To promise.
जवाब करना — ୩ । ସମୟର ସୀମା ନିର୍ଦ୍ଧାରଣ କରିବା— 3. To fix a time-limit.
୪ । ଚୁକ୍ତି କରିବା—4. To contract; to undertake to do a thing.

ଜବାବ୍‌ଦାର୍—ପ୍ରାଦେ. ବୈଦେ. (ସମ୍ବଲପୁର) ବିଣ—ଦାୟୀ—Responsible.
Jabāb-dār — ବି—ଦାୟିତ୍ୱ—Responsibility.

ଜବାବ୍‌ଦେଇ—ବୈଦେ. ବି. (ଫା. ଜବାବ୍ ଦେହ୍)—
Jabāb-dei — ଜବାବ୍‌ଦେହି (ଦେଖ) Jabāb-dehi (See)

ଜବାବ୍ ଦେବା—ଦେ. କ୍ରି—୧ । ଶବ୍ଦ କରିବା—
Jabāb debā — 1, To make or produce a sound.
জবাব দেওয়া — ୨ । ଉତ୍ତର ଦେବା—
जवाब देना — 2. To respond; to give a reply.
୩ । ଭୃତ୍ୟକୁ ବରଖାସ୍ତ କରିବା— 3. To dismiss a servant.
୪ । ପ୍ରଭୁ ବା ଗୁରୁଜନମାନଙ୍କୁ ଅବଜ୍ଞାସୂଚକ ଉତ୍ତର ଦେବା; ଟେଁସିବା—4. To give insubordinate answers to a superior.
୫ । ଚାକିରିରୁ ଇସ୍ତଫା ଦେବା— 5. To resign a post or service.
୬ । ମକଦମାରେ (ପ୍ରତିବାଦୀ ବା ମୁଦାଲା) ନିଜର ବକ୍ତବ୍ୟ ବା ଉତ୍ତର ଦାଖଲ କରିବା—6. To file a written statement in a case.

ଜବାବ୍‌ଦେହି—ବୈଦେ. ବି. (ଫା. ଜବାବଦେହ୍ = ଉତ୍ତରଦାୟକ; ଜବାବ୍‌ଦେହୀ = ଉତ୍ତରଦାୟିତ୍ୱ)—୧ । ଦାୟିତ୍ୱ—
Jabāb-dehi
জবাবদিহি — 1. Responsibility; liability.
जवाबदेही — ୨ । କୈଫିୟତ୍—2 Explanation.
জবাবদিহ — ବିଣ.—୧ । ଗୁରୁତର; ଦାୟିତ୍ୱପୂର୍ଣ୍ଣ—
जवाबदेह — 1. Full of responsibility; grave.
୨ । ଯାହା ଉପରେ ଦାୟିତ୍ୱ ଥାଏ—2. Responsible.
୩ । କୈଫିୟତ୍ ଦେବାର ଉପଯୁକ୍ତ—3. Requiring explanation; fit to be explained.

ଜବାବ୍‌ଭ୍ରଷ୍ଟ—ଦେ. ବିଣ. (ଫା. ଜବାବ୍ ଓ ସଂ. ଭ୍ରଷ୍ଟ)—ଯେ ଆପଣାର ଜବାବ ବା ପ୍ରତିଶ୍ରୁତି ରକ୍ଷା ନ କରେ—
Jabāb-bhrashta
(ଜବାବଭ୍ରଷ୍ଟା—ଅନ୍ୟରୂପ) — False to one's promise or words.

ଜବାବ୍ ସୁଆଲ୍—ବୈଦେ. ବି. (ଫା. ଜବାବ୍ ଓ ସୱାଲ୍)—୧ । ସୱାଲ୍ ଜବାବ; ଉତ୍ତର ପ୍ରତ୍ୟୁତ୍ତର; ପ୍ରଶ୍ନୋତ୍ତର—
Jabāb suāl
জবাবসবাল — 1. Question and answer.
जवाब सवाल — ୨ । ମକଦମାର ପ୍ରମାଣ ଗୃହୀତ ହେବା ପରେ ଉଭୟ ପକ୍ଷର ଓକିଲଙ୍କର କୋର୍ଟ ଆଗରେ ବାଦାନୁବାଦ; ବାଦଜ୍ଞା—2. Argument by pleaders after close of the evidence of both parties in a case.
୩ । ବାଦପ୍ରତିବାଦ—3. Argument and counter-argument.

ଜବାବି କାରଡ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଏହି ଶବ୍ଦ ଏହି ଅର୍ଥରେ)—ଯେଉଁ ପୋଷ୍ଟକାର୍ଡ ସଙ୍ଗେ ପତ୍ର ପାଇବା ବ୍ୟକ୍ତିର ଉତ୍ତର ଦେବା ପାଇଁ ଆଉ ଗୋଟିଏ କାର୍ଡ ଲାଗି ଥାଏ—Reply-card.
Jabābi kārard

ଜବାବି ତାର—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଏହି ଶବ୍ଦ ଏହି ଅର୍ଥରେ)—ଯେଉଁ ଟେଲିଗ୍ରାମ୍‌ରେ ଉତ୍ତର ପାଇଁ ପ୍ରେରକ ଖରଚ ଦାଖଲ କରିଥାଏ—Reply-paid telegram.
Jabābi tār

ଜବାରି—ବୈଦେ. ବି. (ଫା. ଅ. ଜବାରି = ନିକଟବର୍ତ୍ତୀ ପ୍ରଦେଶ)—
Jabār — ସିତାର ଯନ୍ତ୍ରର ଲାଉର ପେଟପାଖ ଉପରେ ଥିବା ପୀଢ଼ା ବା
জবারী — ତବଲା ଉପରେ ତାରକୁ କୌଶଳରେ ବସାଇବା—
जवारी — Mode of regulating the contact of the string of a guitar with the central support.
[ଦ୍ର—ଏପରି ବସାଇବା ଦ୍ୱାରା ଉକ୍ତ ତାର ସେ ତବଲାର ଦେହରେ ନାମ ମାତ୍ର ଲାଗିଥାଏ । ସିତାରରେ ଜବାରି ନ ହେଲେ ସେ ତାରରୁ ମଧୁର ସ୍ୱର ଶୁଣା ଯାଏ ନାହିଁ ।]

ଜବାହାରି—ବୈଦେ. ବି. (ଅ. ଜହର୍; ଜଓହର୍; ଫା. ଗଓହର୍; ଭୁଲ. ସଂ. ଗହ୍ୱର)—ଜହରାତ୍ (ଦେଖ)
Jabāhāri — Jaharāt (See)

ଜବାହିର୍—ବୈଦେ. ବି. (ଅ. ଜହର୍; ଜଓହର୍; ଫା. ଗଓହର୍; ଭୁଲ. ସଂ. ଗହ୍ୱର)—ଜହରାତ୍ (ଦେଖ)
Jabāhir — Jaharāt (See)

ଜବୀ—ସଂ. ବିଣ. ପୁଂ (ଜବ ଧାତୁ + ଇନ୍; ୧ମା. ୧ବ.)—ବେଗବାନ୍; ଦ୍ରୁତଗାମୀ—Swift.
Jabī
(ଜବନୀ—ସ୍ତ୍ରୀ) ବି.—୧ । ଘୋଡ଼ା—1. Horse.
୨ । ଓଟ—2. Camel.

ଜବେ—ଦେ. କ୍ରି. ବିଣ—(ସଂ. ଜବ = ବେଗ)—ବେଗରେ; ଶୀଘ୍ର—
Jabe — Quickly.
ଏଥୁ ଅନ୍ତେ ଜେବେ ପବନ ପରି ଜବେ । କୃଷ୍ଣସିଂହ. ମହାଭାରତ. ବନ ।
ବୈଦେ. ବି. (ଅ)—ଜବାଇ (ଦେଖ)
(ଜବ୍ବେ—ଅନ୍ୟରୂପ) — Jabāi (See)

ଜବେଇ—ବୈଦେ. ବି. (ଅ. ଜବହ୍; ଜବୀହା)—ଜବାଇ (ଦେଖ)
Jabei — Jabāi (See)

ଜବେ କରିବା—ଦେ. କ୍ରି.—ଜବାଇ କରିବା (ଦେଖ)
Jabe karibā — Jabāi karibā (See)
(ଜବ୍ବେ କରିବା—ଅନ୍ୟରୂପ)

୧	ଇ	ଉ	ଋ,ଙ୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍ଠ	ଉଅ	ଈ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟଁ୍ୟ	ଇଅ	ଷ୍ଠ	ନ୍

ଜବ୍ତ—ବୈଦେ. ବଣ. ଓ ବ. (ଫା)—ଜବତ (ଦେଖ)
Jabt — Jabat (See)

ଜବ୍ତି—ବୈଦେ. ବଣ. (ଫା)—ଜବତି (ଦେଖ)
Jabti — Jabati (See)

ଜବ୍ଦ (ଇତ୍ୟାଦି)—ବୈଦେ. ବଣ. ଓ ବ (ଫା)—ଜବଦ୍ ଇତ୍ୟାଦି (ଦେଖ)
Jabda (etc) — Jabat etc (See)

ଜବ୍ଦ ହେବା—ଦେ. କ୍ରି.—୧ । ପରାଜିତ ହେବା—
Jabda hebā — 1. To be vanquished.
জব্দ হওয়া — ୨ । ଦଣ୍ଡ ପାଇ ଶିକ୍ଷା ଲାଭ କରିବା—
जब्त होना — 2. To be taught a lesson.
୩ । (ସମ୍ପତ୍ତି) କ୍ରୋକ ହେବା—
3. (property) To be attached.
୪ । ଶାସିତ ହେବା; ଅଯତ୍ତ ହେବା—4. To be restrained or checked; to be brought under control.
୫ । ଗିରଫଦାର କରାଯିବା—5. To be arrested.
୬ । ପୁଲିସଙ୍କ ଦ୍ୱାରା ଅଟକ ରଖାଯିବା—
6. To be detained by the police.

ଜମ୍ (ଧାତୁ)—ସଂ.—୧ । ଭକ୍ଷଣ କରିବା—
Jam (root) — 1. To eat; to devour.
୨ । ମୈଥୁନ କରିବା—2. To cohabit.

ଜମ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ବଞ୍ଚିବା—
Jamkibā — 1. To live.
୨ । ଜମିବା—2. To be gathered up; to conglomerate.
୩ । ପୂର୍ବାପେକ୍ଷା ଧନୀ ବା ବିଭବଶାଳୀ ହେବା—
3. To become richer or more affluent than before.

ଜମ୍ ଧରିବା—ଦେ. କ୍ରି. (ଇଂ. ଜାମ୍=ଦୁଇ ପଦାର୍ଥ ଚାପି ହୋଇ ଲାଗିଯିବା)-
Jam dharibā . ଜଙ୍ଗ ବା କଳଙ୍କ ଲାଗି ଦୁଇଟି ପଦାର୍ଥ ଦୃଢ଼ଭାବରେ
জাম খাওয়া — ପରସ୍ପର ସହିତ ସଲଗ୍ନ ହୋଇଯିବା—
जाम खाना — (two things) To be jammed together on account of rust.
(ଜମ୍ ଖାଇବା—ଅନ୍ୟରୂପ)

ଜମ୍‌ରୁଖ୍—ପ୍ରାଦେ. (ସମ୍ବଲପୁର) ବ. (ମୂଳ. ହି. ଜମରୁଦ୍)—
Jamrukh — ପିଜୁଳି—Guava.

ଜମଉତ (ଇତ୍ୟାଦି)—ଦେ. ବ—ଜମାଉତ ଇତ୍ୟାଦି (ଦେଖ)
Jamauta (etc) — Jamāuta etc. (See)

ଜମକ—ଦେ. ବ (ସଂ. ଯମକ)—
Jamaka — ୧ । ପଦ୍ୟରେ ଆଦ୍ୟ ବା ପ୍ରାନ୍ତ ବା ମଧ୍ୟସ୍ଥ ଅକ୍ଷରମାନଙ୍କ
জমক — ମେଳ—1. Alliteration in poetry
जमक
୨ । (ସଂ. ଚମତ୍କାର) ଜାକଜମକ; ଘନଘଟା; ଆଡ଼ମ୍ବର—
2. Pomp; show; parade;
୩ । ଔଜ୍ଜ୍ୱଲ୍ୟ; ପ୍ରକାଶ—
3. Splendour; brightness; sheen.
୪ । ଶ୍ରୀବୃଦ୍ଧି—4. Prosperity; affluence.
୫ । ଯାତ୍ରାଦିରେ ବହୁ ଦର୍ଶକ ଉତ୍ସାହିତ ହୋଇ ସମବେତ ହେବା ବା ରୁଣ୍ଡ ହେବା; ଭିଡ଼—
5. Many people collecting to see a dance or show; crowd.
୬ । ଯାତ୍ରାଦିର ଯେଉଁ ଅବସ୍ଥାରେ ବହୁ ଲୋକ ଯାତ୍ରା ଦେଖିବା ପାଇଁ ଆକୃଷ୍ଟ ହୋଇ ରୁଣ୍ଡ ହୁଅନ୍ତି—
6. That stage of a show or dance when it is at its height and when people crowd in large numbers being attracted by it; height of a show or display.
୭ । ଦଳ; ଗୋଷ୍ଠୀ—7. Crowd; party.
୮ । ଏକତା—8. Unity.
୯ । ସମବେତ ହେବା ଅବସ୍ଥା—
9. State of being gathered together.
ବଣ—୧ । ଗହଳିଆ—1. Crowded.
୨ । ଆଡ଼ମ୍ବରପୂର୍ଣ୍ଣ—
2. Full of splendour or show.
୩ । ବହୁଲୋକଙ୍କୁ ଏକ ସ୍ଥାନକୁ ଆକର୍ଷଣ କରିବାର ଉପଯୁକ୍ତ-
3. Fit for attracting a big crowd to see it.

ଜମକ ଉଠାଇବା—ଦେ. କ୍ରି—ଜମକ ଜମାଇବା (ଦେଖ)
Jamaka uthāibā — Jamaka jamāibā (See)
(ଜମକ ଉଠେଇବା-ଅନ୍ୟରୂପ)

ଜମକ ଉଠିବା—ଦେ. ବ—ଯାତ୍ରାଦିରେ ବହୁ ଲୋକଙ୍କ ଆକର୍ଷଣ ହୋଇ
Jamaka uthibā — ରୁଣ୍ଡ ହେବାର ଅବସ୍ଥା—
জমক উঠা — Being at its height (said of a
जमक उठना — show, performance or parade when the biggest possible crowd is gathered to see it).
(ଯଥା—ଆଜ ସହରରେ ସ୍ୱାମୀନବମୀ ଯାତ୍ରାରେ କାଳୀପୂଜା ବାହାରିଲେ ଖୁବ ଜମକ ଉଠିବ ।)

ଜମକ ଜମାଇବା—ଦେ. କ୍ରି—କୌଣସି ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟ ବା ବସ୍ତୁ
Jamaka jamāibā — ଦେଖାଇ ବହୁଲୋକଙ୍କୁ ଆକର୍ଷଣ କରିବା—
জমক জমান — To attract a big crowd to a place by
जमक जमाना — a pompous show display or
(ଜମକ ଜମେଇବା—ଅନ୍ୟରୂପ) — parade; to parade a showy thing

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—
'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଧନଅଁ ଜମକ ଜମେଇଣ
କାଇଁକି ନାକରେ ସାଉଁଳି ଗୁଣା, ମାଇତ ପଡେଇଣ—ଗୀତ ।

ଜମକ ଜମିବା—ଦେ. କ୍ରି—ଜମକ ଉଠିବା (ଦେଖ)
Jamaka jamibā — Jamaka uṭhibā (See)

ଜମକା(କେ)ଇବା—ଦେ. କ୍ରି—ଆଡ଼ମ୍ବର ଦେଖାଇବା—
Jamakā(e)ibā — To make a show; to parade.

ଜମକ ଉଠିବା—ଦେ. କ୍ରି—ଆଡ଼ମ୍ବର ବା କୋଳାହଳପୂର୍ଣ୍ଣ ହେବା—
Jamaki uṭhibā — To become full of grandeur and crowded.

ବପଦ ପଡ଼ିଲେ ଭାଇର ଅଭି ଓକିଲଙ୍କ ଦୁଆର ପର ଠାକୁରାଣୀଙ୍କ ଅସ୍ଥାନ
ଜମକ ଉଠେ । — ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ଜମଜ—ସ. ବି—ଯମଜ (ଦେଖ)
Jamaja — Jamaja (See)

ଜମଜମାଣି—ପ୍ରାଦେ. (ଗଞ୍ଜାମ) ବି. (କଉଡ଼ି ହାତରେ ଧରି ପକାଇବା ସମୟରେ ଜମ୍ ଜମ୍ ଶବ୍ଦ ହେବାରୁ)—
Jama-jamāṇi
୧ । ଏକ ପ୍ରକାର କଉଡ଼ିଖେଳ—
1. A kind of indoor game with small sea-shells.
୨ । ଏକ ପ୍ରକାର ଦେଶୀ ଖେଳ—
2. A kind of outdoor country-game.

ଜମଝାଳ—ଦେ. ବି—ବିଶେଷ ପରିଶ୍ରମ ବା ହଠାତ୍ ଉପସ୍ଥିତ ଭୟ ଯୋଗୁଁ ସମସ୍ତ ଶରୀରରୁ ବହିବା ଝାଳ; ଆପାଦମସ୍ତକ ବୋହି ଯିବା ଝାଳ—
Jama-jhāḷa — Profuse sweating over the whole body due to excessive exertion or fear.

ଜମଦଗ୍ନି—ସ. ବି. (ନାମ)—(ଜମ ଧାତୁ + ଶତୃ = ଜମତ୍ = ଭକ୍ଷଣକାରୀ + ଅଗ୍ନି; ଯେ ଅଗ୍ନି ପରି ତେଜସ୍ୱୀ ଅର୍ଥାତ୍ ଅଗ୍ନିକର୍ମୀ ଥିଲେ)—ପରଶୁରାମଙ୍କ ପିତା; ଋଷିବିଶେଷ—
Jamadagni — Name of a sage, father of Paraśurāma.

ଜମଦଗ୍ନି ବୋଲିଲେ ଅଗ୍ନି ପରି ମୁହିଁ
ହେବାରୁ ଜମଦଗ୍ନି ନାମ ଅଛି ବହି । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

[ଦ୍ର—ଏ ଭୃଗୁଋଷିଙ୍କ ବଂଶଧର । ଏହାଙ୍କର ପିତାଙ୍କ ନାମ ଋଚୀକ ଓ ମାତାଙ୍କ ନାମ ସତ୍ୟବତୀ । ଏହାଙ୍କ ଭାର୍ଯ୍ୟାଙ୍କ ନାମ ରେଣୁକା । ରେଣୁକାଙ୍କ ଗର୍ଭରେ ଏହାଙ୍କର ପାଞ୍ଚ ଗୋଟି ପୁତ୍ର ଜନ୍ମିଥିଲେ; ସେମାନଙ୍କ ମଧ୍ୟରେ ପରଶୁରାମ କନିଷ୍ଠ । ଜମଦଗ୍ନି ସମସ୍ତ ବେଦରେ ପାରଙ୍ଗମ ଥିଲେ । ଥରେ ରେଣୁକା ସ୍ନାନକୁ ଯାଇ ସେଠାରେ ଗୋଟିଏ ଗନ୍ଧର୍ବଦମ୍ପତିଙ୍କୁ ଦେଖିବାରୁ ତାଙ୍କ ମନ କାମାସକ୍ତ ହେଲା ଓ ସେଥିଯୋଗୁଁ ରେଣୁକାଙ୍କର ପ୍ରଭା ମଳିନ ଦିଶିବାରୁ ଜମଦଗ୍ନି ତପୋବଳରେ ସ୍ତ୍ରୀଙ୍କର ଏହି ପାପଚିନ୍ତା ଜାଣିପାରି ତାଙ୍କୁ ହାଣି ପକାଇବାକୁ ପୁତ୍ରମାନଙ୍କୁ ଆଦେଶ ଦେଲେ । ଅନ୍ୟ ଚାରିପୁତ୍ର ଏହା କରିବାକୁ କୁଣ୍ଠିତ ହେବାରୁ ପରଶୁରାମ ପିତାଜ୍ଞା ପାଳନ କଲେ । ଏଥିରେ ଜମଦଗ୍ନି ପରଶୁରାମଙ୍କ ପ୍ରତି ସନ୍ତୁଷ୍ଟ ହୋଇ ବର ମାଗିବାକୁ କହିବାରୁ ପରଶୁରାମ ସ୍ୱୀୟ ଜନନୀଙ୍କ ପୁନର୍ଜୀବନ ପ୍ରାର୍ଥନା କଲେ ଓ ତଦନୁସାରେ ରେଣୁକା ପୁନର୍ଜୀବିତା ହେଲେ । ହୈହୟ ରାଜା କାର୍ତ୍ତବୀର୍ଯ୍ୟ ଏହାଙ୍କ ଆଶ୍ରମକୁ ଯାଇ ଏହାଙ୍କ କାମଧେନୁକୁ ହରଣ କରିବାରୁ ଜମଦଗ୍ନି କାର୍ତ୍ତବୀର୍ଯ୍ୟଙ୍କର ସହସ୍ର ହସ୍ତ ଛେଦନ କଲେ । କାର୍ତ୍ତବୀର୍ଯ୍ୟଙ୍କ ପୁତ୍ର ଏ ସମ୍ବାଦ ପାଇଁ ଜମଦଗ୍ନିଙ୍କ ଆଶ୍ରମକୁ ଯାଇ ଜମଦଗ୍ନିଙ୍କୁ ହତ୍ୟା କଲେ ।]

ଜମଦାଢ଼—ଦେ. ବି—ଯମଦାଢ଼ (ଦେଖ)
Jamadāṛdha — Jamadāṛdha (See)

ଜମନ—ସ. ବି. (ଜମ ଧାତୁ + ଭାବ. ଅନ)—୧ । ଭକ୍ଷଣ—
Jamana — 1. Eating
୨ । ମୈଥୁନ (ହି. ଶବ୍ଦସାଗର)—
2 Coition; sexual intercourse.

ଜମରିଳ—ପ୍ରାଦେ. (ଗଞ୍ଜାମ) ବି—ଜମଝାଳ (ଦେଖ)
Jamariḷa — Jamajhāḷa (See)

ଜମା—ବୈଦେ ବି. (ଆ. ଜମା = ସଂହତ; ଏକତ୍ରୀକୃତ)—
Jamā — ୧ । ସଂହତି; ସମଷ୍ଟି—1. Collection.
जमा — ୨ । ଏକତ୍ରୀକୃତ ବସ୍ତୁ; ସ୍ତୂପ—
جمع — 2. Heap; accumulation.
(ଜମ୍ମା—ଅନ୍ୟରୂପ) ୩ । ପୁଞ୍ଜି; ସ୍ତୂପୀକୃତ ବା ସଞ୍ଚିତ ଧନ—
3. Hoard of riches.
୪ । ପାଣ୍ଠି; ମୂଳଧନ—4. Capital of a business.
୫ । ମୋଟ ପ୍ରାପ୍ତି; ଆୟ—5. Total income; gross raceipt.

ଜମା ଅନୁସାରେ ବ୍ୟୟ ଲାଗି ଦାୟୀ
ହେବ, ଏହା ଥରେ ମନେ କଲ ନାହିଁ—ରାଧାନାଥ. ଦରବାର ।

୬ । ଅନ୍ୟ ଲୋକ ନିକଟରେ ଧନାଦିର ନ୍ୟାସ ବା ଉପାଜ୍ଜିତ—
6. Deposit of money.
୭ । ଜମିର ବାର୍ଷିକ ଖଜଣା ବା ରାଜସ୍ୱ—
7. Annual rent or revenue of a property.
୮ । ଆୟ; ପ୍ରାପ୍ତ ପଦାର୍ଥ ବା ଧନ—
8. Income; receipt.
୯ । ଜମିବା; ଏକଠି ହେବା—
9. Being collecting together; being heaped up accumulating; gathering together.
୧୦ । ତରଳ ପଦାର୍ଥ ବସିଯିବା; ଘନୀଭବ—
10. Coagulating; freezing.

ବିଣ—୧ । ସ୍ତୂପୀକୃତ; ପୁଞ୍ଜୀକୃତ—1. Heaped; collected; gathered together; accumulated.
୨ । ନ୍ୟସ୍ତ; ସଞ୍ଚିତ—2. Deposited.
୩ । ସଞ୍ଚିତ—3. Hoarded.
୪ । ହିସାବର ଜମାଘରେ ଲେଖାଥିବା—
4. Entered on the credit side of an account.

୧	ଉ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଂ	ଊଅ	ଊ
୨	ଉ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍କ୍ୟ	ଇଅ	ଞ	ନ୍ତ

-ଅ—ଅର୍ଦୌ; କ୍ଷେତ୍ରେ ହେଲେ; ଅତି ଅଳ୍ପ ମଧ୍ୟ— At all; at the least.

ନନ୍ଦନନ୍ଦନ ପ୍ରେମା, ପ୍ରେମାରେ ନୁହେ ଜମା, ନନ୍ଦର୍ଷିଙ୍କ ଯେବେ ଗଣ ସ୍ୱୀ । କବିସୂର୍ଯ୍ୟ. ଚମ୍ପୂ, ଜ-ଗୀତ ।

ପ୍ରାଦେ. (ସମ୍ବଲପୁର) ଅ—ମାନେ; (ଏଥିବା ଶବ୍ଦର ପୂର୍ବରେ ଓ ପରେ ସମୂହ ଅର୍ଥରେ ବ୍ୟବହୃତ ପ୍ରତ୍ୟୟ)—A suffix indicating the plural number.

(ଯଥା—ବାବୁଜମା, ଲୋକଜମା, ଜମାଗାଈ ଇତ୍ୟାଦି ।)

ଜମାଇବା—ଦେ. କ୍ରି. (ଅ. ଜମା=ସହିତ; ଆ. ଜମାନା; ଜମିବାର ପ୍ରଯୋଜକରୂପ)—
Jamāibā
ଜମାନା
ଜମାନା
(ଜମେଇବା—ଅନ୍ୟରୂପ)

୧ । ଜମା କରିବା; ଏକତ୍ର କରିବା—1. To collect or heap together; to accumulate.

୨ । ବହୁ ଲୋକଙ୍କୁ ଠୁଳ କରିବା—2. To cause to gather in a crowd; to bring together many people.

୩ । ସଞ୍ଚୟ କରିବା—3. To hoard; to store up.

(ଯଥା—ଧନ ଜମାଇବା ।)

୪ । ତରଳ ପଦାର୍ଥକୁ ଘନ ବା ଗାଢ଼ କରିବା; ଜମାଟ କରାଇବା—4. To congeal; to cause a liquid to coagulate or freeze.

୫ । ଦୃଢ଼ସଂଲଗ୍ନ କରିବା; ଦୃଢ଼ରୂପେ ସ୍ଥାପନ କରିବା—5. To settle firmly; to cause to be steadily or firmly rooted or established; to establish a thing firmly; to secure tightly; to attach firmly.

(ଯଥା—ଆସନ ଜମାଇ କରି ଘୋଡ଼ା ପିଠିରେ ବସିବା ।)

୬ । ଗାଢ଼ାଲିଙ୍ଗନ କରିବା—6. To embrace.

ବାହକାଷ୍ଠି ଗ୍ରୀବରେ ଅଳକ ଜମାରେ—କବିସୂର୍ଯ୍ୟ. ସଙ୍ଗୀତ ।

୭ । କାଠ ପଟା ଆଦିର ସର୍ବାବୟବରେ ଭାର ଗୃପି ତାକୁ ସମଭୁଲ କରିବା; ନୂଆ ଭୁଲା ପୁଣ୍ଡ ଯାଇଥିବା ଶେଯ ବା ଗଦି ଉପରେ ପଥର ଆଦି ରଖି ତାକୁ ବସାଇବା— 7. To cause wooden plank etc to set firmly or uniformly by applying pressure at every point.

୮ । ଯାତ୍ରାନାଟ ଆଦିକୁ ବହୁଲୋକ ଆକୃଷ୍ଟ ହେବା ପ୍ରକାରେ ଲୋକଚତ୍ତାକର୍ଷକ ସ୍ୱଅଙ୍ଗ ଆଦି କାଢ଼ିବା; ଜମାଇବା— 8. To take proper means to attract a big crowd to a show or performance, (by exhibiting popular performances).

ପ୍ରାଦେ. (ସମ୍ବଲପୁର) କ୍ରି. (ଭୁଲ. ଏଣ୍ଣୁ ଅର୍ଥରେ ହ. ଜମାନା)— ଦହି ବସାଇବା; ଦୁଧରେ ମହି ପକାଇ ବସାଦହି କରିବା— To make curd by mixing sour whey with milk; to curdle milk.

ଜମା ଉଅସିଲ୍ ବାକି—ବୈଦେ. ବି. (ଫା)—ଜମିଦାରର କେଉଁ ପ୍ରଜାଠାରୁ କେତେ ଖଜଣା ପ୍ରାପ୍ୟ ଓ ତାହାଠାରୁ ବର୍ଷକ ମଧ୍ୟରେ କେତେ ଖଜଣା ଅଦାୟ ହୋଇଅଛି ଓ ତାହାଠାରେ କେତେ ଖଜଣା ବାକି ଅଛି ଏହା ଯେଉଁ ତାଲିକା ବା କାଗଜରୁ ଦେଖାଯାଏ—A statement or paper showing the annual rent, realisation and outstanding balance due from each royat to the Zamindar.
Jamā uāsil bāki
জমা ওয়াসিল বাকি
जमा वासिल बाकी

ଜମାଉତ୍—ବୈଦେ. ବି. (ଅ. ଜମାଅତ୍=ମିଳନ ସଙ୍ଘ)—
Jamāut
জমায়েত
जमात

୧ । ବହୁ ଲୋକଙ୍କ ମିଳନ— 1. Assembly; a gathering.

୨ । ତୀର୍ଥପର୍ଯ୍ୟଟକ ହିନ୍ଦୁ ବୈରାଗୀ ଦଳବିଶେଷ— 2. A company of Hindu ascetics travelling through India to different centres of pilgrimage.

ଜମାତ୍, ଜମାଏତ୍, ଜମାଓତ୍, ଜମାଯୃତ୍ } ଅନ୍ୟରୂପ

[ଦ୍ର—ଗୋଟିଏ ଗୋଟିଏ ଜମାଉତ୍ ଦଳରେ ୧୦ ଠାରୁ ୧୦୦୦ ପର୍ଯ୍ୟନ୍ତ ବାବାଜୀ ଥାଆନ୍ତି । ଜମାଉତ୍‌ମାନେ କୌଣସି ସ୍ଥାନକୁ ଗଲେ ସେମାନଙ୍କ ଆଗମନକୁ ଜମାଉତ୍‌ଙ୍କ ଚଢ଼ାଉ ବା ଆକ୍ରମଣ ବୋଲାଯାଏ । ପ୍ରତି ଦଳରେ ଜଣେ ଜଣେ ମହନ୍ତ ବା ଦଳପତି ଥାଆନ୍ତି । ଏମାନଙ୍କ ସଙ୍ଗରେ ଗାଈ, ଘୋଡ଼ା, ଓଟ, ହାତୀ, ଠାକୁର, ଛତ, ତାହାଲୀ ଆଦି ସବୁ ସାଜସଜ୍ଜା ଥାଏ । ଏମାନେ ଏକ ତୀର୍ଥସ୍ଥାନରୁ ଅନ୍ୟ ତୀର୍ଥସ୍ଥାନକୁ ଯିବା ବେଳେ ବାଟରେ ଯେଉଁଠାରେ ଡେରା କରନ୍ତି ସେଠାର ସ୍ଥାନୀୟ ଲୋକେ ଭକ୍ତିରେ ବା ଭୟରେ ଏମାନଙ୍କୁ ଖାଦ୍ୟ (ଅନ୍ନ, ରୁଟି, ଡାଲି, ଘିଅ, ଦୁଧ, ଗଞ୍ଜେଇ ଆଦି) ଯୋଗାନ୍ତି ।]

ଜମାଉତ୍‌ବସ୍ତ୍—ବୈଦେ. ବି. (ଆ. ଜମାଅତ୍‌ବସ୍ତ୍)—
Jamāut-bast
অবৈধ জমায়েত
जमात, जमातबस्त

୧ । ଅବୈଧ ଜନତା; ବେ-ଆଇନ ଜନତା— 1. Unlawful assembly.

ଜମାତ୍‌ବସ୍ତ୍, ଜମାଏତ୍‌ବସ୍ତ୍, ଜମାଯୃତ୍‌ବସ୍ତ୍, ଜମାଓତ୍‌ବସ୍ତ୍ } ଅନ୍ୟରୂପ

[ଦ୍ର—ଆଇନ ଅନୁସାରେ ୫ ଜଣରୁ ବେଶି ଲୋକ କୌଣସି ବେଆଇନ କାର୍ଯ୍ୟ ବା ଅପରାଧ କରିବା ଉଦ୍ଦେଶ୍ୟରେ ଏକତ୍ର ସମବେତ ହେଲେ ତାହାକୁ ଜମାଉତ୍‌ବସ୍ତ୍ ବୋଲାଯାଏ । ଭାରତୀୟ ଦଣ୍ଡବିଧି ଆଇନର ୧୪୧ ଦଫାରେ ଏଥିର ସଂଜ୍ଞା ଓ ଉହିଁର ଦଣ୍ଡ ବିଧାନ ୧୪୩ ଦଫାରେ ଅଛି ।]

ବଣ—ଅବୈଧ ଉଦ୍ଦେଶ୍ୟରେ ଏକତ୍ର ସମବେତ (ପାଞ୍ଚ ବା ତଦୂର୍ଦ୍ଧ୍ୱ ସଂଖ୍ୟକ ବ୍ୟକ୍ତି)—(five or more persons) Assembled together for some unlawful purpose.

ସାଧାରଣ ଲୋକେ ଅପର ପୃଷ୍ଠାରେ ସରଚ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବ. ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଜ୍ଞା ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜମାଏ—ପ୍ରାଦେ. (ବସ୍ତର) ସର୍ବନାମ—ସକଳ; ସମସ୍ତେ—
Jamāe All.

ଜମା କରିବା—ଦେ. କ୍ରି. (ଅ. ଜମା=ଏକତ୍ରୀକୃତ)—
Jamā kariba ୧ । ଏକତ୍ର କରିବା; ଠୁଳ କରିବା—
জমা করা 1. To collect together; to heap up.
ज़मा करना ସାଙ୍ଗଚନା ନବ ଚମାଲ ରମା, ଝିଙ୍କି ଅଣି ଅଙ୍ଗେ କରଣ ଜମା ।
କବିସୂର୍ଯ୍ୟ କଶୋରଚମ୍ପୂ, ୯ ଗୀତ ।
୨ । ସଞ୍ଚୟ କରିବା—1. To hoard up.
୩ । ଗଚ୍ଛିତ ରଖିବା—
3. To deposit or put in trust.
୪ । ବହୁ ଲୋକଙ୍କୁ ଏକତ୍ର ଠୁଳ କରାଇବା—
4. To cause a multitude to assemble.
ପ୍ରାଦେ. (ସମ୍ବଲପୁର) କ୍ରି—ଦହି ମୋହିଁବା—
To churn curd.

ଜମା ଖର୍ଚ୍ଚ—ବୈଦେ. ବି. (ଅ. ଜମା+ଖର୍ଚ୍ଚ ଉପସ୍ଥିତ ସହଚର ଶବ୍ଦ)—
Jamā kharcha ୧ । ଆୟ ଓ ବ୍ୟୟ—
জমাখরচ 1. Income and expense.
जमाखर्च ୨ । ଆୟବ୍ୟୟର ହିସାବ—2 Statement or account of receipts and disbursements.
୩ । ହିସାବଖାତାର ଯେଉଁ ଦୁଇ (ବାମ ଓ ଡାହାଣ) ପାଖରେ ଯଥାକ୍ରମେ ଆୟ ଓ ବ୍ୟୟର ବିବରଣମାନ ଲେଖାଯାଏ—
3. The debit and credit sides of an account-book.
୪ । ଦୈନିକ ଜମାର ଓ ଖରଚର ହିସାବ ଲିପିବଦ୍ଧ ହୋଇଥିବା ପୁସ୍ତକ; ରୋକଡ଼—4. Daily cash-book or ledger.
୫ । (ଗଣିତ) ବ୍ୟବକଳନ; ବିୟୋଗ—
5. (Arithmetic) Subtraction; arithmetical rules of subtraction.
(ଜମା ଖର୍ଚ୍ଚ, ଜମା ଖରଚ—ଅନ୍ୟରୂପ)

ଜମାଘର—ଦେ. ବି. (ଅ. ଜମା+ସଂ. ଗୃହ)—
Jamāghara ହିସାବଖାତାର ବାମ ପାଖ; ଖାତାର ଯେଉଁ
জমাঘর ପାଖରେ ଜମା ବା ଆୟର ବିବରଣ ଲେଖାଯାଏ—
जमाकाघर The credit side of an account.

ଜମାଜମି—ଦେ. ବି—୧ । ଠୁଳ କରିବା କର୍ମ—
Jamājami 1. Act of accumulating or hoarding.
জমাজমি ୨ । (ସହଚର ଶବ୍ଦ) ଜମିର ଖଜଣା ଓ ଜମି—
जमाजमी 4. Rent and land.

ଜମାଟ୍—ବୈଦେ. ବିଣ. (ଅ. ଜମାଅତ୍)—
Jamāṭ ୧ । ସଂହତ; ଏକତ୍ର ସନ୍ନିଳିତ—1. Collected;
জমাট gathered together.
जमाव, जमावट ୨ । ସ୍ତୂପୀକୃତ—2. Heaped up.
୩ । ଶୀତ ଯୋଗୁଁ ବସି ଯାଇଥିବା (ତରଳ ବସ୍ତୁ); ପିଣ୍ଡୀକୃତ—
3. Frozen; congealed; condensed.
୪ । ଚାରି ଆଡ଼େ ବ୍ୟାପ୍ତ—
4. Spread on all sides; diffused.
୫ । ଆଡ଼ମ୍ବରପୂର୍ଣ୍ଣ—5. Showy.
୬ । ଅବଚ୍ଛିନ୍ନ; ଅନାହତ—6. Continuous.
ବି—୧ । ଭିଡ଼—1. Dense crowd.
୨ । ବ୍ରଣାଦି ଉପରେ ଔଷଧର ପ୍ରଲେପ; ପୁଲ୍‌ଟିସ୍—
2. Ointment or poultice applied over boils or affected parts.
୩ । ଘନୀଭାବ—3. Coagulation.

ଜମାଟ୍ ବାନ୍ଧିବା—ଦେ. କ୍ରି—(ଜଳାଦି ଦ୍ରବ ଦ୍ରବ୍ୟ) ବରଫ ରୂପେ
Jamāṭ bāndhibā ଘନ ହୋଇ ବସିଯିବା—To coagulate.
জমাট বান্ধা
जमावट बाँधना

ଜମାଉ (ଇତ୍ୟାଦି)—ଜମାଉତ୍ ଇତ୍ୟାଦି (ଦେଖ)
Jamāt (etc) Jamāut etc. (See)

ଜମାଦାର—ବୈଦେ. ବି. (ଫା ଭୁଲ. ଅ ଜମା=ଲୋକସମୂହ+ଫା.
Jamādāra ଦାର୍=ଅଧିକାରୀ)—୧ । ୩୦ ଜଣ ଭାରତୀୟ ସିପାହିଙ୍କ
জমাদার ଉପରସ୍ଥ ସୀପାହୀ; ସୁବେଦାରଙ୍କ ନିମ୍ନସ୍ଥ କର୍ମଚାରୀ—
जमादार 1. Captain of 30 Indian sepoys; a jemadar.
୨ । ହେଡ୍ କନଷ୍ଟେବଲ୍—2. Head constable.
୩ । ପିଅଦାମାନଙ୍କ ମଧ୍ୟରେ ସରଦାର—
3 The chief peon; head-peon.
କେତେ ଜମାଦାର ସେବାରେ ତାଙ୍କର ଠାବେ ଠାବେ ବସା କଲେ ।
ବ୍ରଜନାଥ, ସମରତରଙ୍ଗ ।
୪ । କୁଲିମାନଙ୍କ ସରଦାର—
4. Headman amongst a batch of coolies.
୫ । ଏକ ଶ୍ରେଣୀର ମଧ୍ୟସ୍ଵତ୍ଵାଧିକାରୀ ବା ମକଦ୍ଦମ—
5. The holder of a tenure of rented land.
[ଦ୍ର—ଏ ଫାରସୀ ଶବ୍ଦ ଇଂରାଜରେ ମଧ୍ୟ ବ୍ୟବହୃତ]

ଜମାଦାରି—ବୈଦେ. ବି. (ଫା) (ଏ ଫାରସୀ ଶବ୍ଦ ଇଂରାଜୀରେ ମଧ୍ୟ
Jamādāri ବ୍ୟବହୃତ)—୧ । ଜମାଦାରର କାର୍ଯ୍ୟ—
জমাদারী 1. The duties of a Jamādāra.
जमादारी ୨ । ଜମାଦାରର ପଦ—
2. The post of a Jamādāra.

ଜମାଧାର୍ଯ୍ୟ ଯୋଗ୍ୟ—ଦେ. ବିଣ. (ଅ.ଜମା+ସଂ. ଧାର୍ଯ୍ୟ+ଯୋଗ୍ୟ;
Jamādhārjya jogya ସେଟ୍‌ଲମେଣ୍ଟ ପ୍ରଚଳିତ ଶବ୍ଦ)—ଯେଉଁ ଜମି
জমাধার্য্য যোগ্য ପାଇଁ ପ୍ରଜା ଜମିଦାରଙ୍କୁ କିଛି ଖଜଣା ଦେଉ ନ
जमाधारज योगय ଥାଏ ଅଥଚ ଯାହା ଖଜଣାର ଯୋଗ୍ୟ—(rayati land) Liable or fit to be assessed to rent, but not paying any rent.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଏ	ଉଏ	ଛ
୨	ଈ	ଊ	ଋ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ	ନ୍ତ

ଜମାନ୍‌ଗୁର—ପ୍ରାଦେ. (ସମ୍ବଲପୁର) ବି.—(ଅ. ଜମା—ସଦୃଶ+ସ.ଗୁଡ଼)
Jamān-gur ପାଣିଆ ଗୁଡ଼—Watery molasses.

ଜମାନତ୍—ବୈଦେ. ପ୍ରାଦେ. (ସମ୍ବଲପୁର, କଟକର ଭାଷା) ବି. (ଫା. Jamanāt ଜମାନତ୍)—ଜାମିନ୍ (ଦେଖ)
জমানত্ Jāmin (See)
जमानत

ଜମାନତ୍‌ନାମା—ବୈଦେ. ପ୍ରାଦେ. (ସମ୍ବଲପୁର)—ବି. (ଫା
Jamānat-nāmā ଜମାନତ୍‌ନାମେହ୍)—ଜାମିନ୍‌ନାମା (ଦେଖ)
Jāmin-nāmā (See)

ଜମାନବିସ୍—ବୈଦେ. ବି. (ଫା)—ଜମିଦାର ସିରସ୍ତାରେ ପ୍ରଜାମାନଙ୍କ
Jamā-nabis ଜମିଜମାର ହିସାବ ଲେଖିବା ପାଇଁ ନିଯୁକ୍ତ କର୍ମଚାରୀ—
জমানবিস্ A Zamindari clerk who keeps accounts
जमानबिस of the royats' holdings and rents.

ଜମାନାହିଁ—ଦେ. ଅ.—ଜମାରୁ ନାହିଁ (ଦେଖ)
Jamā-nāhiñ Jamāru nāhiñ (See)

ଜମାନା—ବୈଦେ. ବି. (ଫା)—୧ । ସମୟ; କାଳ—
Jamāna 1. Time; period.
জমানা ୨ । ଅମଲ; ରାଜତ୍ୱ ବା ପ୍ରଭୁତ୍ୱ କାଳ—
जमाना 2. Regime; time of predominance.

ଜମାନାସ୍ତି—ଦେ. ଅ (ଫା. ଜମା ଓ ସ. ନାସ୍ତି ; ଜମାଖରଚ ଲେଖାରେ
Jamā-nāsti ବ୍ୟବହୃତ ଗୋଟିଏ ବାକ୍ୟ)-ଯେଉଁଠାରେ 'ଜମା' ବା
জমানাস্তি ଆୟ ଘରେ କିଛି ନାହିଁ—There is nothing on
जमा नदारद the credit or income side of the accounts

ଜମାପୁଞ୍ଜି—ଦେ. ବି. (ଅ. ଜମା+ସ. ପୁଞ୍ଜ; ସହଚର)—
Jamāpuñji ୧ । ଧନ ସମ୍ପତ୍ତି—1. Riches.
জমাপুঞ্জি ୨ । ମନୁଷ୍ୟର ସମସ୍ତ ସଞ୍ଚିତ ଧନ—
जमाजथा 2. All the savings or hoard of a person.

ଜମାବନ୍ଦି—ବୈଦେ. ବି. (ଫା.)—୧ । ପ୍ରଜାର ଜମିଜମାର ହିସାବ—
Jamābandi 1. Rent-roll.
জমাবন্দি ୨ । ଜମି ଉପରେ ଖଜଣା ନିର୍ଣ୍ଣୟ କରିବା—
जमाबंदी 2. The fixing or assessment of rent on a holding.

ଜମାବୃଦ୍ଧି—ଦେ. ବି. (ଅ. ଜମା+ସ. ବୃଦ୍ଧି)—କୌଣସି ଜମି ଜମରେ
Jamā bṛuddhi ପ୍ରଜା ଦେଉଥିବା ଖଜଣାର ବୃଦ୍ଧି—
জমাবৃদ্ধি Enhancement of rent.
जमावृद्धि

ଜମାୟତ୍—(ଇତ୍ୟାଦି)—ଜମାଉତ୍ (ଇତ୍ୟାଦି) (ଦେଖ)
Jamāyat etc. Jamāut etc. (See)

ଜମାରୁ—ଦେ. ଅ.—ଆଦୌ; ମୂଳରୁ; ମୁଣ୍ଡରୁ; ଅତି ଅଳ୍ପ ହେଲେ ମଧ୍ୟ—
Jamāru At all; at the least; from the beginning.
আদতে, আদৌ
बिलकुल

[ଦ୍ର—ଏହା 'ନାହିଁ' ଅର୍ଥକ କ୍ରିୟା ସଙ୍ଗେ ପ୍ରାୟ ବାକ୍ୟରେ ବ୍ୟବହୃତ ହୁଏ, ଯଥା—'ମୁଁ ଜମାରୁ ଏ କଥା ଜାଣେ ନାହିଁ ।' 'ମୁଁ ଆଜ ଜମାରୁ ଖାଇ ନାହିଁ ।' 'ମୁଁ ଜମାରୁ କଟକ ଯାଇ ନାହିଁ' 'ମୋଠାରେ ଜମାରୁ ଅଧଲଟିଏ ନାହିଁ ।']

ଜମାରୁ ନାହିଁ—ଦେ. ଅ.—ଆଦୌ ନାହିଁ; କେବେ ନୁହେଁ; କଦାପି
Jamāru nāhiñ ନୁହେଁ—Not at all; never.
আদতে নাই
बिलकुल नेहि
(ଜମାରୁ ନୁହେଁ, ଜମାରୁ ନା—ଅନ୍ୟରୂପ)

ଜମାଶୂନ୍ୟ—ଦେ. ଅ. (ଫା. ଜମା ଓ ସ. ଶୂନ୍ୟ)—ଜମାନାସ୍ତି (ଦେଖ)
Jamāśūnya Jamā-nāsti (See)
জমাশূন্য (ଜମାଶୂନ୍—ଅପ୍ୟରୂପ)
जमानदारद

ଜମା ହେବା—ଦେ., କ୍ରି.—(ଅ. ଜମା)—ଏକତ୍ର ହେବା—
Jamā hebā To be gathered; to be assembled.
জমা হওয়া କେତେ ମୁନି, ଋଷି, ବ୍ରାହ୍ମଣ, ରାଜା ଆସି ଜମା ହେଲେ ।
जमा होना ନୀଳକଣ୍ଠ ଦାସ. 'ପିଲାଙ୍କ ରାମାୟଣ

ଜମି—ବୈଦେ. ବି. (ଫା. ଜମୀନ୍)—୧ । ଭୂମି; ଭୂଭାଗ—
Jami 1. Land; earth.
୨ । ଭୂସମ୍ପତ୍ତି—2. Landed property.

[ଦ୍ର—ଜମିଦାରଙ୍କ ଅଧୀନ ଜମି ସ୍ୱତ୍ୱ ଓ ଉତ୍ପତ୍ତିଭେଦରେ ନାନା ଶ୍ରେଣୀରେ ବିଭକ୍ତ । ମୋଗଲ ରାଜତ୍ୱରେ ଏହି ସବୁ ଶ୍ରେଣୀ ବିଭାଗର ସୃଷ୍ଟି; ତେଣୁ ଭୂମିସଂକ୍ରାନ୍ତ ଯାବତୀୟ ଶବ୍ଦ ଆରବୀଭାଷାମୂଳକ । ଜମିଦାରଙ୍କ ଅଧୀନ ଜମିର ଏହି କେତେଗୋଟି ସାଧାରଣ ବିଭାଗ ପ୍ରାୟଶଃ ଦେଖାଯାଏ—ଜରିଏତି ବା ଆବାଦ ଜମି; ପଡ଼ିତ ବା ଅନାବାଦ ଜମି । ଅଉଲ୍, ଦୋୟମ୍, ସୋୟମ୍, ଚହାରମ୍ । ଖମାର, ନିଜଚାଷ, ନିଜଯୋତ୍ । ଖଞ୍ଜାବାଡ଼ି, ଖଞ୍ଜାକାଟ, ଚାକରାନ୍, ଜାଗିର, ସେବାଏତି ଯାଗିର, ଦେବୋତ୍ତର, ବ୍ରହ୍ମୋତ୍ତର, ପିରୋତ୍ତର, ଫକୀରାନ୍, ମହତ୍ରାଣ । ଖରିଦା ଜମାବନ୍ଦି, ଲାଖରାଜବାହେଲ, ଲାଖରାଜ ବାଯ୍ୟାପ୍ତି, କାମିଲ ବାଯ୍ୟାପ୍ତି, ଠିକି, ଅଧାଜମା । ରଇତି, ଚନ୍ଦନା ବା ଘରବାଡ଼ି । ତଉଫିର୍, ନୟାବାଦ, ଛଟିବାଟୀ । ମାହାଲ ବା ମାଲ୍ । ଗୋଚର, ସର୍ବସାଧାରଣ । ପାହି, ଥାନି । ମଧ୍ୟସ୍ୱତ୍ୱ, ବରଦସ୍ତ । କଳାଜମି, ଦୋରସା, ମଟାଳ, ବାଲିଆ, ଖାରୁ, ଛିପ, ଠେଙ୍ଗ, ଖାଲ, ପାଟ, ଜଳପାଟ, ଝିଲ । ଖାରଦ, ମାଣ୍ଡିକୋଲିଥ, ହରମହଣ୍ଡଲ, ଦୋଫସଲ, ବଗାଏତ୍, ବଲୁଚର, ପଟୁ ।]

୩ । ଖେତ; କ୍ଷେତ୍ର—3. Cultivated land; field; plot of land.
୪ । ପ୍ରଜା ବା ରଇତର ଅଧିକୃତ ଯୋତ—
4. Tenant's holding.
୫ । ଧରା; ପୃଥିବୀ—5. The earth.
୬ । ସ୍ଥାନ—6. Place; a space of land.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମାନଙ୍କରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲତେ' ନ ପାଇଲେ 'ଅଲ୍ତେ' ଦେଖିବେ

୭ । ମାଟି; ମୃତ୍ତିକା—7. Soil.

ଜମିଆସିବା—ଦେ. କ୍ରି—(ଜମିବା କ୍ରିୟାର ଅସମାପିକା ରୂପସଙ୍ଗେ ଆସିବା କ୍ରିୟାର ସମାପିକା ରୂପ ଯୁକ୍ତ)—ଜମିବାକୁ ଆରମ୍ଭ କରିବା; ଘନୀଭୂତ ହେବାକୁ ଆରମ୍ଭ କରିବା—
Jami-āsibā
ଜମେଆସା
जमआना To begin to congeal or freeze.

ଜମାଏତ୍ ଉଲେମା—ବୈଦେ. ବି. (ଆ)—ସଙ୍ଘ; ସମ୍ମିଳନୀ—
Jamiet-ulemā Association.

ଜମିଜମା—ବୈଦେ. ବି. (ସହଚରଶବ୍ଦ; ଆ. ଜମି + ଜମା)—
Jami-jamā ୧ । ରଇତ ଅଧିକୃତ ଜମି ଓ ତହିଁପାଇଁ ଜମିଦାରଙ୍କୁ ଦେୟ ଖଜଣା—1. Royat's holding and its rent
ଜମିଜମା
जमीन् जमा
୨ । ରଇତି ବୃତ୍ତି—2. Rent-paying or rayati land.

ଜମିଦାର—ଦେ. ବି. (ଫା. ଜମିନ୍‌ଦାର୍)—ଭୂସ୍ୱାମୀ; କ୍ଷେତ୍ରସ୍ୱାମୀ; ଭୂମିର ମାଲିକ; ପ୍ରଜାଙ୍କଠାରୁ ଖଜଣା ଆଦାୟ କରି ଆପଣା ନିର୍ଦ୍ଦିଷ୍ଟ ପାରିଶ୍ରମିକ ବା ମାଲିକାନା କାଟି ନେଇ ବାକି ରାଜସ୍ୱ ବା ସଦରଜମା ସରକାରରେ ଦାଖଲ କରିବା ବ୍ୟକ୍ତି—
Jamidāra
ଜମିଦାର
जमींदार
ତେ. ଦାମିଦାରୁ Zamindar; land-lord; proprietor of land recognised by the Government.
ଜମିଦାରୁଣୀ } ସ୍ତ୍ରୀ
ଜମିଦାରଅଣୀ }
[ଦ୍ର—ବଙ୍ଗ, ବିହାର, ଓଡ଼ିଶାର ଜମିଦାର ମାନେ ପୂର୍ବେ ମୋଗଲ ରାଜତ୍ୱ ସମୟରେ ପ୍ରଜାମାନଙ୍କଠାରୁ ସମ୍ରାଟଙ୍କୁ ଦେୟ ରାଜସ୍ୱ ଆଦାୟ କରି ରାଜକୋଷରେ ଦାଖଲ କରୁଥିଲେ ଓ ସେମାନେ ରାଜାଙ୍କର ଭୃତ୍ୟ ମାତ୍ର ଥିଲେ । କ୍ରମଶଃ ଏ ଚାକିରି ପୁରୁଷାନୁକ୍ରମେ ବଂଶାନୁଗତ ହେଲା । ଇଂରେଜମାନେ ଏ ଅଞ୍ଚଳ ଅଧିକାର କରିବା ପରେ ରାଜସ୍ୱ ବନ୍ଦୋବସ୍ତ କରିବା ସମୟରେ ଜମିଦାରମାନଙ୍କୁ ଜମିର ମାଲିକ ବା ସ୍ୱତ୍ୱାଧିକାରୀ ବୋଲି ପ୍ରଥମେ ଘୋଷଣା କଲେ ଓ ସେମାନଙ୍କ ପ୍ରାପ୍ୟ 'ମାଲିକାନା' ହିସାବ କରି ରାଜସ୍ୱ-ଜମାରୁ ତାହା କାଟି ଦେଇ ବାକି ଯାହା ସରକାରଙ୍କୁ ଦେୟ ହେଲା ତାହା ସଦରଜମା ବା ମାଲଗୁଜାରି ନାମରେ ଉକ୍ତ ଜମିଦାର ଉପରେ ବନ୍ଦୋବସ୍ତ କଲେ । ଇଂରେଜ ସରକାର ପରେ ବଙ୍ଗ ଓ ବିହାରରେ ଏହି ଜମାକୁ ଚିରସ୍ଥାୟୀ କଲେ, କିନ୍ତୁ ଓଡ଼ିଶାର ଜମିଦାର-ମାନଙ୍କ ସଦରଜମା ପରବର୍ତ୍ତୀ 'ବନ୍ଦୋବସ୍ତ' ମାନଙ୍କରେ କ୍ରମେ ବଢ଼ି ଅଛି ।] (ଜମିଦାରାନ୍—ବହୁବଚନ)

ଜମିଦାର ଦିଆକ—ଦେ. ବିଣ—ଜମିଦାରଙ୍କ ଦ୍ୱାରା ନିଷ୍କର ବା ଯାଗିରି ରୂପେ ଦିଆଯାଇ ଥିବା—
Jamidāra diāka
(ଜମିଦାର ଦିଅକେ—ଅନ୍ୟରୂପ) (land) given by the Zamindar to rent-free holders or servants.

ଜମିଦାରପୁଅ—ଦେ. ବି—ଜମିଦାର ବଂଶ ଜାତ ବ୍ୟକ୍ତି—
Jamidāra-pua A person born of a Zamindar family.

ତଳିରେ କୁଟଇ ଗୋଲ ମରିବ, ପୁଅରେ ମାପଇ ଦିଅ
ମତେ କହୁଥାଇ ମୂଲିଆ ଝିଅ, ତୁ କୋଉ ଜମିଦାରପୁଅ ? ଢଗ ।

ଜମିଦାରବଚ୍ଚା—ବୈଦେ. ବି—ଜମିଦାରପୁଅ (ଦେଖ)
Jamidāra-bachchā Jamidāra-pua (See)
[ଦ୍ର—ସାଧାରଣତଃ ଓଡ଼ିଆଭାଷୀ ଲୋକେ କ୍ରୋଧ, ଦମ୍ଭ, ଅଭିମାନ, ଅହଙ୍କାରତ୍ୱ ପ୍ରକାଶ ଓ ତିରସ୍କାର ଆଦି କଲାବେଳେ ହିନ୍ଦୁସ୍ଥାନୀ ଶବ୍ଦ ଓ ବାକ୍ୟମାନ ପ୍ରାୟଶଃ ସେମାନଙ୍କ ମୁହଁରୁ ବାହାରି ପଡ଼େ, ଏତଦ୍ୱାରା କଥିତ ବିଷୟ ଉପରେ emphasis (ଜୋର୍) ଦିଆଯାଏ ।]

ଜମିଦାରୀ—ବୈଦେ. ବି. (ଫା. ଜମିନ୍‌ଦାରୀ)—
Jamidārī ୧ । ଜମିଦାରଙ୍କ ଅଧିକୃତ ସମ୍ପତ୍ତି—
ଜମିଦାରୀ 1. Zamindary; estate; landed property paying revenue o Government.
जमिनदारी
୨ । ଜମିଦାରଙ୍କ ସ୍ୱତ୍ୱ ବା ଅବସ୍ଥା—
2. The state of being a Zamindar.
ବି. ବି—ଜମିଦାରୀ ସମ୍ବନ୍ଧୀୟ—
Pertaining to a Zamindary.

ଜମିନ୍—ବୈଦେ. ବି. (ଫା. ଜମିନ୍)—ପୃଥିବୀ—
Jamin The earth.
ଜମିନ ପ୍ରାଦେ. (ସମ୍ବଲପୁର) ବି—ଜମି—
जमिन Land; landed property.

ଜମିନ୍ ଅସ୍ମାନ୍—ବୈଦେ. ବି. (ଫା. ଜମିନ୍ + ଆସ୍‌ମାନ୍)—
Jamin asmān ମର୍ତ୍ତ୍ୟ ଓ ସ୍ୱର୍ଗ; ପୃଥିବୀ ଓ ଆକାଶ—
ଜମିନ ଆସ୍ମାନ୍ The earth and the sky; earth and heaven.
जमिन आस्मान (ଜମିନ୍ ଅସ୍ମାନ୍—ଅନ୍ୟରୂପ)

ଜମିନ୍ ଅସ୍ମାନ୍ ଫରକ୍—ବୈଦେ. ବି. (ଫା)—ଦୁଇଟି ପଦାର୍ଥ ମଧ୍ୟରେ ସ୍ୱର୍ଗ ମର୍ତ୍ତ୍ୟର ପ୍ରଭେଦ—
Jamin asmān pharak
ଜମିନ୍ ଆସ୍ମାନ୍ ପ୍ରଭେଦ A very great difference between two things.
जमीन आस्मान फर्क
(ଜମିନ୍ ଅସ୍ମାନ୍ ତଫାତ୍; ଜମିନ ଅସ୍ମାନ ପ୍ରଭେଦ—ଅନ୍ୟରୂପ)

ଜମିନ୍ ଆସ୍ମାନ୍ (ଇତ୍ୟାଦି)—ଜମିନ୍ ଅସ୍ମାନ୍ ଇତ୍ୟାଦି (ଦେଖ)
Jamin āsmān (etc) Jamin asmān etc. (See)

ଜମିନି—ଗ୍ରା. ବୈଦେ. ବି. (ଫା.—ଜମିନ୍ (ଦେଖ)
Jamini Jamin (See)

ଜମିନ୍ଦାର୍—ପ୍ରାଦେ. (ସମ୍ବଲପୁର) ବି. ପୁଂ. (ଭୁଲ. ହି. ଜମୀନ୍‌ଦାର୍)—
Jamindār ଜମିଦାର (ଦେଖ)
(ଜମିନ୍ଦାରେନ୍—ସ୍ତ୍ରୀ) Jamidāra (See)

ଜମିବା—ଦେ. କ୍ରି. (ଆ. ଜମନା)—
Jamibā ୧ । ଠୁଳ ହେବା; ଏକତ୍ର ହେବା—
ଜମା 1. To be collected together.
जमना

ଜଡ଼ାବେଶ ଲୁଚିଲା ନବୀନ ମଞ୍ଜରୀ ପରି ଜମି ମୋର ଭରିରେ ।
କବିସୂର୍ଯ୍ୟ. ସଙ୍ଗୀତ

୧	ଇ	ଙ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଂ	ଡ଼ ଅ	ଞ
୨	ଈ	ଉ	ରୁ	ଲୁ	ସ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଢ଼	ଙ୍

୨ । (ଧନ) ସଞ୍ଚିତ ହେବା; ଜମା ହେବା—
2. (riches) To be hoarded up.
୩ । ବୃଦ୍ଧି ପାଇବା—3. To be increased.
୪ । (ତରଳ ବସ୍ତୁ) ଘନ ବସ୍ତୁରେ ପରିଣତ ହେବା; ଘନୀଭୂତ ହେବା—4. To solidify; to become thick; to congeal (said of liquids).
(ଯଥା—ପାଣି ଜମି ବରଫ ହୁଏ ।)
୫ । ସ୍ତର ବାନ୍ଧିବା ବା ସ୍ତର ଭାବରେ ବସିଯିବା—
5. To be deposited in layers.
(ଯଥା—ନଈର ପଙ୍କ ଜମିଲା ।)
୬ । ସ୍ଥିର ବା ନିଶ୍ଚଳ ହେବା—6. To be still.
ରହନ୍ତୁ କ ସକ କୋଷେ ଜମି ଅଛ, ଦୃଢେ ରତ୍ନ ଦେବା ମାନେ ।
କବିସୂର୍ଯ୍ୟ. ସଙ୍ଗୀତ ।

୭ । ମଜ୍ଜିଯିବା; ଲଗ୍ନ ହୋଇ ଯିବା—
7. To be engrosed.
ମନ ଜମି ଯା, ସିନ୍ଧୁ ଜେମା ପ୍ରାଣ ଥିଲେ । କବିସୂର୍ଯ୍ୟ. ସଙ୍ଗୀତ ।
୮ । (ଲକ୍ଷଣାର୍ଥ) ଜମାଟ ଧରିବା; ଘମାଘୋଟ ହେବା—
8. (figurative) To thicken.
'ଅଡ ଅତ୍ତ ଜ ଭାବେ ଜମେ ସମର । ମଧୁସୂଦନ. ଭରତରାମଚରିତ ।
୯ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ବୈଷୟିକ ଅବସ୍ଥା ଉନ୍ନତଶାଳୀ ହେବା—9. (figurative) To become affluent in circumstances.
(ଯଥା—ପୁଅ ବଡ଼ ଚାକିରି କରିବାରୁ ତାଙ୍କ ଘରଟ ବର୍ତ୍ତମାନ ଖୁବ୍ ଜମିଗଲାଣି ।)
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ । ଅସମାପିକା ରୂପ ସଙ୍ଗେ ଆସିବା କ୍ରିୟାର ସମାପିକା ରୂପ ଯୋଗ ହେଲେ ଏଥିର ଅର୍ଥ—ଜମିବାକୁ ଆରମ୍ଭ କରିବା ।]

ଜମିବାଡ଼ି—ଦେ. ବି. (ସହଚର ଶବ୍ଦ; ଆ. ଜମନ୍+ସଂ. ବାଟିକା)—
Jamibardi ୧ । ଭୂସମ୍ପତ୍ତି
जमिबाड़ि 1. Landed property (generally).
जमीनबाड़ि ୨ । ସବୁ ଶ୍ରେଣୀର ଭୂସମ୍ପତ୍ତି—
ଜମିଭୂମି, ଜମିଜୋତ } ଅନ୍ୟରୂପ 3. Immoveable property of all descriptions.

ଜମି ରହିବା—ଦେ. କ୍ରି. (ଆ. ଜମନା=ଠୁଳ ହେବା)—
Jami rahiba ୧ । ଲାଗି ରହିବା; ଦୃଢ଼ ରୂପେ ଆସକ୍ତ ହେବା—
जमेयाओया 1. To be engrossed with; to be bent on; to dote upon.
जमरहना
(ଜମିଯିବା—ଅନ୍ୟରୂପ)
'ଜମି ରହେ ମନ ତା ଉଙ୍ଗରେ କାହିଁ ନ ମିଳଇ ପରୀକ୍ଷଣ ଗୋ ।
କବିସୂର୍ଯ୍ୟ, ସଙ୍ଗୀତ ।

ଜମିଲ—ଦେ. ବି.—ବଡ଼ ଓ ଝାଳୁଆଁ ଗୁଳ୍ମବିଶେଷ—
Jamila Homonia Riparia.
[ଦ୍ର—ଏହା ନଦୀଗର୍ଭର କଙ୍କରମୟ ପ୍ରଦେଶମାନଙ୍କରେ ଜାତ ହୁଏ ।]
ଜମିଲା ଦହି—ପ୍ରାଦେ. (ସମ୍ବଲପୁର) ବି—ଘୋଳ ଦହି—
Jamila dahi Butter-milk; whey; churned curd.
ଜମୁରା—ବୈଦେ. ବି—ଜମ୍ବୁରା (ଦେଖ).
Jamura Jambura (See)
ଜମେଟ୍ରୀ—ଗ୍ରା. ବୈଦେ. ବି. (ଇଂ. ଜିଓମେଟ୍ରୀ)—
Jametri କ୍ଷେତ୍ରତତ୍ତ୍ୱ; ଜ୍ୟାମିତି—Geometry.
जमेट्री
जमेट्री
ଜମ୍ପତି—ସଂ. ବି. (ଦ୍ୱନ୍ଦ୍ୱ ସମାସ; ଜାୟା+ପତି; ନପାତନସିଦ୍ଧ)—
Jampati ଦମ୍ପତି; ସ୍ୱାମୀ ଓ ସ୍ତ୍ରୀ; ପତିପତ୍ନୀ—
(ଜାୟାପତି, ଦମ୍ପତି—ଅନ୍ୟରୂପ) A married couple; husband and wife.
ଜମ୍ବ—ସଂ. ବି. (ଜମ୍ ଧାତୁ+କର୍ତ୍ତୃ. ସଂଜ୍ଞାର୍ଥେ. ବ)—
Jamba ପଙ୍କ; କାଦୁଅ—Mud; mire.
ଜମ୍ବାଳ—ସଂ. ବି. (ଜମ୍ ଧାତୁ=ଭକ୍ଷଣ କରିବା+ସଂଜ୍ଞାର୍ଥେ କର୍ତ୍ତୃ ବାଲ;
Jambala ଯେ ଲୋକଙ୍କ ଗୋଡ଼କୁ, ବା ବସ୍ତୁମାନଙ୍କୁ ଗେଳ ପକାଏ)—
୧ । କାଦୁଅ; ପଙ୍କ—1. Clay; mud; mire.
ଜମ୍ବାଳ ଲାଗିଲା ବୋଲି ବରଜଲ ଦସ୍ୟାଧର ମରକତ । କବିସୂର୍ଯ୍ୟ, ସଙ୍ଗୀତ ।

୨ । ଶୈବାଳ—2. Moss.
୩ । କେତକୀ ବୃକ୍ଷ—
3. Screw-pine; Pandanus Odoratissimus.
୪ । (ଲକ୍ଷଣାର୍ଥ) ଜଞ୍ଜାଳ—
4. (figurative) Complications.

ଜମ୍ବାଳିନୀ—ସଂ. ବି. (ଜମ୍ବାଳ=ପଙ୍କ ବା ଶୈବାଳ+ଅସ୍ତି ଅର୍ଥରେ ଇନ୍+ଈ)—ନଦୀ—River.
Jambalini
ଜମ୍ବିର—ସଂ. ବି. (ଜମ୍ ଧାତୁ+କର୍ମ ଇର)—
Jambira ଏକ ପ୍ରକାର ଲେମ୍ବୁ; ଟାଭା—
ସଂ. ଦନ୍ତହର୍ଷଣ, ମୁଖଶୋଧୀ Citron; a kind of lemon;
গোঁড়া লেবু Citrus Medica.
जामिर
ତେ. ଜମ୍ବୁ
ଜମ୍ବିଲ—ଦେ. ବି. (ସଂ. ଜମ୍ବିର)—ଜମ୍ବିର (ଦେଖ)
Jambila Jambira (See)
(ଜମ୍ବିଲ—ଅନ୍ୟରୂପ)
ଜମ୍ବୀର—ସଂ. ବି. (ଜମ୍ ଧାତୁ+କର୍ତ୍ତୃ. ଈର)—ଜମ୍ବିର (ଦେଖ)
Jambira Jambira (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜମ୍ବୁ—ସଂ. ବି. (ଜମ୍ ଧାତୁ + କର୍ତ୍ତୃ. ଉ)—
Jambu ୧ । ଜାମୁ ଗଛ ଓ କୋଳି—
(ଜମ୍ବୂ—ଅନ୍ୟରୂପ) 1. Blackberry and its tree.
[ଦ୍ର—ଏହା ତିନି ପ୍ରକାର, ଯଥା—୧. ରାଜଜମ୍ବୁ, ୨. କାକଜମ୍ବୁ ଓ ୩. ଭୂମିଜମ୍ବୁ—ଦ୍ରବ୍ୟଗୁଣ ।]
୨ । ଗୋଲାପଜାମୁ—1. Rose-apple.
୩ । (ପୁରାଣ ମତରେ) ମେରୁପର୍ବତକୁ ବେଷ୍ଟନ କରିଥିବା ପୃଥିବୀ; ସପ୍ତଦ୍ୱୀପରୁ ଏକତମ; ଭାରତବର୍ଷ—
3, India (considered and described as one of the 7 mythological islands composing the earth.
୪ । ବରୁଣ—4. The sea-God.
୫ । ସ୍ୱର୍ଗସ୍ଥ ସ୍ୱର୍ଣ୍ଣପ୍ରସୂ ପୌରାଣିକ ନଦୀବିଶେଷ—
5. Name of a mythological river producing gold.
୬ । ସୁମେରୁ ପର୍ବତରୁ ଉତ୍ପନ୍ନ ନଦୀବିଶେଷ—
6. The name of a river of ancient India.
ଦେ. ବି—୧ । କାଶ୍ମୀର ରାଜ୍ୟର ଦେଶବିଶେଷ—
1. A part of the state of Kāśmira in N. W. India.
୨ । (ସଂ. ଜାମ୍ବବ) ଭାଲୁ—2. The bear.
୩ । କଟକ ଜିଲ୍ଲାରେ ମହାନଦୀ ଯେଉଁଠାରେ ସମୁଦ୍ରରେ ପଡ଼ିଅଛି—3. The delta of the Mahānadi river near the False-point harbour.
୪ । (ସ୍ତ୍ରୀ) ଜାମ୍ବବତୀର ଡାକ ନାମ—
4. Name for calling Jāmbabati.

ଜମ୍ବୁକ—ସଂ. ବି. (ଜମ୍ ଧାତୁ + କର୍ତ୍ତୃ. ଉକ)—
Jambuka ୧ । ଶୃଗାଳ; ବିଲୁଆ—1. Jackal.
(ଜମ୍ବୂକ—ଅନ୍ୟରୂପ) ୨ । ଧୂର୍ତ୍ତ ବ୍ୟକ୍ତି—
2. A cunning and deceitful person.
୩ । ନୀଚ ବ୍ୟକ୍ତି—3. A mean or low person.
୪ । ବରୁଣ—4. The Deity of water.
୫ । (ଜମ୍ବୁ + ସ୍ୱାର୍ଥେ. କ) ଗୋଲାପଜାମୁ ଗଛ ଓ ଫଳ—
5, The rose-berry and its tree.
୬ । କାର୍ତ୍ତିକେୟଙ୍କ ଅନୁଚରବିଶେଷ—
6. Name of an attendant of Kārttikeya.

ଜମ୍ବୁଖଣ୍ଡ—ସଂ. ବି—ଜମ୍ବୁଦ୍ୱୀପ (ଦେଖ)
Jambu-khaṇḍa Jambu-dwipa (See)

ଜମ୍ବୁଜମ୍ବାଳ—ସଂ. ବି. (୬ଷ୍ଠୀତତ୍; ଜମ୍ବୁ=ନଦୀବିଶେଷ + ଜମ୍ବାଳ= ପଙ୍କ)—ସୁନା—Gold.
Jambu-jambāla

ଜମ୍ବୁ-ଜମ୍ବାଳ-ପିଉଳା ପରେ ତାର ଉଜ୍ଜ୍ୱଳମଣି କାନ୍ତି—
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ

[ଦ୍ର—ସୁବର୍ଣ୍ଣ ଜମ୍ବୁନଦରୁ ଉତ୍ପନ୍ନ ହୁଏ ବୋଲି ତାହାକୁ ଜାମ୍ବୁନଦ ବୋଲାଯାଏ ।]

ଜମ୍ବୁଜଳ—ଦେ. ବି—ଜାମୁ ଗଛରୁ ଖସି ପଡ଼ୁଥିବା ବର୍ଷାଜଳ—
Jambu-jaḷa Rain-water dropping down from a black-berry tree

ସରୋବର ତଟେ ତମାଳ ବନ
ପାବନେ ଜମ୍ବୁଜଳ ପଡ଼େ ଘନ—ପ୍ରାଚୀ. ଚିଶୁଶଙ୍କର. ଭଷାଭୂଷଣ ।

ଜମ୍ବୁଦୀପା—ଦେ. ବି—ଏକପ୍ରକାର ସରୁ ଧାନ—
Jambu-dipā A species of fine paddy.

ଜମ୍ବୁଦ୍ୱୀପ—ସଂ. ବି—ହିନ୍ଦୁପୁରାଣମତରେ ପୃଥିବୀର ୭ ଦ୍ୱୀପରୁ ଏକତମ ଦ୍ୱୀପ—India of the ancient Hindus considered and described as one of the seven islands of the earth.
Jambu-dwipa

[ଦ୍ର—କାହାର କାହାର ମତରେ ସମଗ୍ର ଅସିଆ ମହାଦେଶ ଜମ୍ବୁଦ୍ୱୀପର ଅନ୍ତର୍ଗତ । ଆଜ ପର୍ଯ୍ୟନ୍ତ ହିନ୍ଦୁମାନଙ୍କର ନିତ୍ୟନୈମିତ୍ତିକ ଧର୍ମାନୁଷ୍ଠାନର ସଙ୍କଳ୍ପରେ 'ଜମ୍ବୁଦ୍ୱୀପ' ଶବ୍ଦ ଚଳୁଅଛି ଓ ପ୍ରଚଳିତ କଥାରେ 'ମଧ୍ୟ ଜମ୍ବୁଦ୍ୱୀପରେ ଏପରି ମିଳୁ ନାହିଁ' ବାକ୍ୟ ବ୍ୟବହୃତ ହେଉଅଛି । ପ୍ରାଚୀନ ହିନ୍ଦୁ ପୁରାଣ ଲେଖକମାନଙ୍କ ମତରେ ପୃଥିବୀ ଛନକୋଣିଆ, ତହିଁରେ ୭ ଗୋଟି ଦ୍ୱୀପ, ତହିଁ ମଧ୍ୟରୁ ଗୋଟିଏ ଜମ୍ବୁଦ୍ୱୀପ । ନୀଳପର୍ବତର ଦକ୍ଷିଣ ଓ ନିଷଧ ପର୍ବତର ଉତ୍ତରରେ ଅବସ୍ଥିତ ସୁଦର୍ଶନ ନାମକ ଜମ୍ବୁ ବୃକ୍ଷରୁ ଏ ଦ୍ୱୀପର ନାମକରଣ ହୋଇଥିଲା । ଭାରତବର୍ଷ ଏହି ଜମ୍ବୁଦ୍ୱୀପର ଗୋଟିଏ ବର୍ଷ ବା ଖଣ୍ଡ ଥିବାର କଥିତ ଅଛି । ଜମ୍ବୁଦ୍ୱୀପ ପରି ୭ ଗୋଟି ଦ୍ୱୀପ ମେରୁ ପର୍ବତର ଚାରି ପାଖରେ ଅବସ୍ଥିତ ।]

ଜମ୍ବୁନଦ—ସଂ. ବି—ପୁରାଣମତେ ସ୍ୱର୍ଗର ୭ଗୋଟି ନଦୀ ମଧ୍ୟରୁ ଏକତମ—
Jambu-nada One of the 7 heavenly rivers.
[ଦ୍ର—ଏଥିରୁ ସୁନା ଜାତ ହୋଇଥିବାରୁ ସୁନାକୁ ଜାମ୍ବୁନଦ ବୋଲାଯାଏ ।]
ଦେ. ବି. (ସଂ. ଜାମ୍ବୁନଦ)—ସୁବର୍ଣ୍ଣ; ସୁନା—Gold.

ଜମ୍ବୁନଦ ଗୋରୀ—ଦେ. ଗୁଣ. ସ୍ତ୍ରୀ. (ସଂ. ଜାମ୍ବୁନଦ ଗୌରୀ)—ସୁବର୍ଣ୍ଣ ପରି କାନ୍ତିବିଶିଷ୍ଟା (ସ୍ତ୍ରୀ)—(a woman) Having a golden complexion.
Jambunada gori

ଜମ୍ବୁକଣ୍ଠୀ ଜମ୍ବୁନଦଗୋରୀ—ପ୍ରାଚୀନ ସଙ୍ଗୀତ ।

ଜମ୍ବୁନଦସାର—ସଂ. ବି. (୬ଷ୍ଠୀ ତତ୍; ଜମ୍ବୁନଦ + ସାର)—ସ୍ୱର୍ଣ୍ଣ; ସୁନା—Gold.
Jambunada-sāra

ଜଙ୍ଗମ ହେବାର, ଜମ୍ବୁନଦସାର ଶିଖ ସ୍ଫୁରିଲା ସେ କ ପ୍ରକାର—
କବିସୂର୍ଯ୍ୟ. ବଞ୍ଚୋସିରମ୍ଭ. କ ଗୀତ ।

ଜମ୍ବୁ ନଦୀ—ସଂ. ବି—ଜମ୍ବୁନଦ (ଦେଖ)
Jambu nadī Jambu-nada (See)

ଜମ୍ବୁବତୀ—ଦେ. ବି. ସ୍ତ୍ରୀ. (ସଂ. ଜାମ୍ବବତୀ)—
Jambu-batī ସ୍ତ୍ରୀଙ୍କ ଦିଆଯିବା ନାମ—
A name given to females.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅଁନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯୁ	ଓଅ	ଔ
୨	ଈ	ଉ	ରୁ	ଲ୍ଲ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଔ	ନୃ

ଜମ୍ବୁମାର୍ଗ—ସଂ. ବି—ପୁଷ୍କରସ୍ଥ ତୀର୍ଥବିଶେଷ—
Jambu-mārga Name of a sacred place in Pushkara.

ପୁଷ୍କରରେ ଅଛି ଯେ ଜମ୍ବୁମାର୍ଗ ତୀର୍ଥ
ସେବା କରେ ତାର ସୁକୃତ ହୋଏ ସାର୍ଥ । କୃଷ୍ଣସିଂହ. ମହାଭାରତ. ବନ ।

ଜମ୍ବୁମୁହାଁ—ଦେ. ବିଶ. ପୁଂ. (ସଂ. ଜମ୍ବୁ+ମୁଖ)—
Jambu-muhāṅ ଭାଲୁ ପରି ଯାହାର ମୁହଁ ବା ଓଠ ଟୋଙ୍କିଆ—
(ଜମ୍ବୁମୁହାଁ—ସ୍ତ୍ରୀ) Having a pointed mouth (like a bear).

ଜମ୍ବୁରା—ବିଦେ. ବି. (ଫା. ଜମ୍ବୁରକ୍)—
Jamburā ୧ । ଘୋଡ଼ା ଓ ଓଟ ଉପରେ ବାହିତ କ୍ଷୁଦ୍ର ତୋପ—
जमुरा 1. A kind of small cannon carried on a horse or camel.

ଦର୍ପଣରୁ ଥାଏଁ କଲା ଫଣି, ଏମନ୍ତ ପରି ଘଟିଲେ ଦେଖେ ମଣି
ଅବେଳ ଘୋଡ଼ାରୁ ଜମ୍ବୁରା ନଳି, ଯୁବା ଧୈର୍ଯ୍ୟ ମୃଗ ନେବାକୁ ଛାଡ଼ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨ । ଜମ୍ଭୁରା (ଦେଖ)
2 Jambhurā (See)

ଜମ୍ବୁଳ—ସଂ. ବି. (ଜମ୍ବୁ+ଲା ଧାତୁ+କର୍ତ୍ତୃ. ଅ)—
Jambuḷa ୧ । ଜମ୍ଭିର ଲେମ୍ବୁ—1. Citron.
(ଜମ୍ବୁଲ—ଅନ୍ୟରୂପ) ୨ । ବିବାହ କାଳରେ ସ୍ତ୍ରୀମାନେ ବରକନ୍ୟାଙ୍କ ପ୍ରତି ଯେଉଁ ପରିହାସବାକ୍ୟ ପ୍ରୟୋଗ କରନ୍ତି—
2. Jest or jesting compliments addressed to the bride and bride-groom by their friends and female relatives (Apte).

ଜମ୍ବୂ—ସଂ. ବି—ଜମ୍ବୁ (ଦେଖ)
Jambū Jambu (See)

ଜମ୍ବୂକ—ସଂ. ବି. (ଜମ୍ ଧାତୁ+ଊକ)—ଜମ୍ବୁକ (ଦେଖ)
Jambūka Jambuka (See)

ଜମ୍ଭ୍ (ଧାତୁ)—ସଂ—୧ । ନଷ୍ଟ କରିବା—
Jambh (root) 1. To destroy.
୨ । ଖାଇବା—2. To eat.
୩ । ରମଣ କରିବା—3. To cohabit.
୪ । ମେଲା ହେବା—4. To expand.
୫ । ହାଇ ମାରିବା—5. To yawn.

ଜମ୍ଭ—ସଂ. ବି. (ଜମ୍ଭ ଧାତୁ=ନଷ୍ଟ କରିବା+କର୍ତ୍ତୃ. ଅ)—
Jambha ୧ । ମହାପରାକ୍ରମୀ ଦୈତ୍ୟବିଶେଷ—
1. Name of a demon.
[ବୃ—ଏ ମହିଷାସୁରର ପିତା । ଏହାକୁ ଇନ୍ଦ୍ର ବଧ କରିଥିଲେ, ତେଣୁ ଇନ୍ଦ୍ରଙ୍କୁ ଜମ୍ଭାରି କୁହାଯାଏ ।]
୨ । ଜମ୍ଭିର ଫଳ; ଲେମ୍ବୁ—2. Lemon; citron.
୩ । ତୂଣ - 3. Quiver for arrows.
୪ । ଦାନ୍ତପାଟି—4. The jaws.
୫ । (+କର୍ମ. ଅ) ଭକ୍ଷ୍ୟ ବସ୍ତୁ—5. Food; eatables.
୬ । ଅଂଶ; ଭାଗ—6. Part; portion.
୭ । ଦମ୍ଭ—7. Pride.
୮ । ଟୀକା; ବ୍ୟାଖ୍ୟା—
8. Interpretation; explanation.
୯ । (+ଭାବ. ଅ) ଭକ୍ଷଣ—9. Eating.
୧୦ । (+କରଣ. ଅ) ଦନ୍ତ—10. Tooth.
୧୧ । (+କରଣ. ଅ) ହନୁ; ଗଣ୍ଡ ଦେଶର ଉପର ଭାଗ—
11. The upper part of the cheeks.

ଜମ୍ଭକ—ସଂ. ବିଶ. ପୁଂ. (ଜମ୍ଭ ଧାତୁ+କର୍ତ୍ତୃ. ଅକ)—
Jambhaka ୧ । ଭୋକ୍ତା; ଖାଦକ—1. Eater; eating.
(ଜାମ୍ଭିକା—ସ୍ତ୍ରୀ) ୨ । ବ୍ୟାଖ୍ୟାକାରୀ -
2. Explaining; interpreting.
୩ । ପ୍ରସ୍ଫୁଟିତ ହୋଇଥିବା; ମେଲା ଯାଇଥିବା—
3. Expanded; opened up.
୪ । ରମଣକାରୀ—4. One who copulates or cohabits; cohabiting.
୫ । ଯେ ହାଇ ମାରେ—
5. One who yawns; yawning.
ବି. (ଜମ୍ଭ+ସ୍ୱାର୍ଥେ. କ) ଜମ୍ଭିର ଲେମ୍ବୁ—Citron.

ଜମ୍ଭକା—ସଂ. ବି. ସ୍ତ୍ରୀ. (ଜମ୍ଭ ଧାତୁ+ଭାବ. ଅକ+ସ୍ତ୍ରୀ. ଆ)—
Jambhakā ହାଇ; ଜୃମ୍ଭା—A yawn; gaping.

ଜମ୍ଭନ—ସଂ. ବି. (ଜମ୍ଭ ଧାତୁ=ସ୍ତ୍ରୀସଙ୍ଗ କରିବା+ଭାବ. ଅନ)—
Jambhana ରମଣ—Coition; sexual intercourse; copulation.

ଜମ୍ଭଭେଦନ—ସଂ. ବି. (ଜମ୍ଭ+ଭିଦ୍ ଧାତୁ=ଭେଦ କରିବା+କର୍ତ୍ତୃ. ଅନ)—ଜମ୍ଭଭେଦୀ (ଦେଖ)
Jambha-bhedana Jambha-bhedī (See)

ଜମ୍ଭଭେଦୀ—ସଂ. ବି. (ଜମ୍ଭ+ଭିଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ;
Jambha-bhedī ଜମ୍ଭାସୁରକୁ ବଜ୍ରଦ୍ୱାରା ନାଶ କରିଥିବାରୁ)—
୧ । ଇନ୍ଦ୍ର—1. God Indra.
୨ । ବଜ୍ର—2. Thunderbolt.

ଜମ୍ଭରିପୁ—ସଂ. ବି. (୬ଷ୍ଠୀ ତତ୍; ଜମ୍ଭ+ରିପୁ)—
Jambha-ripu ଜମ୍ଭଭେଦୀ(ଦେଖ)—Jambha-bhedī (See)

ଜମ୍ଭଳ—ସଂ. ବି. ପୁଂ. (ଜମ୍ଭ+ସ୍ୱାର୍ଥେ. ଳ)—୧ । ଜମ୍ଭୀର ଲେମ୍ବୁ—
Jambhaḷa 1. Citron.

ଜମ୍ଭଳା—ସଂ. ବି. ସ୍ତ୍ରୀ. (ଜମ୍ଭଳ+ସ୍ତ୍ରୀ. ଆ)—
Jambhaḷā ଗୋଦାବରୀତୀରବାସିନୀ ପ୍ରସିଦ୍ଧ ରାକ୍ଷସୀବିଶେଷ—
Name of a demoness supposed to reside on the banks of the Godaveri river (in South India).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ୟ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

[ଦ୍ର—ଜ୍ୟୋତିଷତତ୍ତ୍ୱ ଗ୍ରନ୍ଥରେ ଲେଖା ଅଛି ଯେ ସମୁଦ୍ରର ଉତ୍ତର ଭାଗରେ ବାସ କରୁଥିବା ଜମ୍ଭଲା ନାମକ ରାକ୍ଷସୀଙ୍କୁ ଉଦ୍ଦେଶ୍ୟ କରି ମନ୍ତ୍ର ବୋଲି ସ୍ମରଣ କଲେ ଗର୍ଭିଣୀ ପ୍ରସବବେଦନାରୁ ମୁକ୍ତ ହୋଇ ସୁପ୍ରସବ କରେ । ଯଥା—

ଅସ୍ତି ଗୋଦାବରୀତୀରେ ଜମ୍ଭଲା ନାମ ରାକ୍ଷସୀ
ତସ୍ୟାଃ ସ୍ମରଣମାତ୍ରେଣ ବିଶଲ୍ୟା ଗର୍ଭିଣୀ ଭବେତ୍ ।]

ଜମ୍ଭୀ—ସଂ. ବି. ସ୍ତ୍ରୀ (ଜମ୍ଭ ଧାତୁ+ଅ+ସ୍ତ୍ରୀ. ଈ)—ଜମ୍ଭକା (ଦେଖ)
Jambhī — Jambhakā (See)

ଜମ୍ଭାଏଲ ଦାଁତ—ପ୍ରାଦେ. (ସମ୍ବଲପୁର) ବି.—କଳଦାନ୍ତ—
Jambhāel dānt — The grinders (teeth).

ଜମ୍ଭାରାତି—ସଂ. ବି. (୬ଷ୍ଠୀ ତତ୍; ଜମ୍ଭ+ଅରାତି)—୧ । ଇନ୍ଦ୍ର—
Jambhārāti — 1. God Indra.
୨ । ବଜ୍ର—2. Thunderbolt.
୩ । ଅଗ୍ନି—3. Fire.

ଜମ୍ଭାରାତି ମଣି—ସଂ. ବି.—ଇନ୍ଦ୍ରନୀଳମଣି—
Jambhārāti maṇi — An excellent sort of sapphire.
ଜମ୍ଭାରାତିମଣି ଚିତ୍ତରୁ କ୍ଷଣବାରୁ ପୂରେ ହେଲା ମୋ ନଜର ।
ଉପେନ୍ଦ୍ରଭଞ୍ଜ, ଲାବଣ୍ୟବତୀ, ଛ. ଗୀତ ।

ଜମ୍ଭାରି—ସଂ. ବି.—(୬ଷ୍ଠୀ ତତ୍; ଜମ୍ଭ+ଅରି)—ଜମ୍ଭାରାତି (ଦେଖ)
Jambhāri — Jambhārāti (See)

ଜମ୍ଭାସୁର—ସଂ. ବି. (ନାମ)—ଜମ୍ଭ ୧ (ଦେଖ)
Jambhāsura — Jambha (See)

ଜମ୍ଭିଲ—ପ୍ରାଦେ. (ଗଞ୍ଜାମ) ବି.—ଜମ୍ବିର (ଦେଖ)
Jambhila — Jambira (See)

ଜମ୍ଭୀ—ସଂ. ବି.—ଜମ୍ବିର (ଦେଖ)
Jambhī — Jambira (See)

ଜମ୍ଭୀର—ସଂ. ବି.—ଜମ୍ବିର (ଦେଖ)
Jambhīra — Jambira (See)

ଜମ୍ଭୁରା—ବିଦେ. (ଫା. ଜଂବୂର୍)—୧ । ଦୃଢ଼ ସଣ୍ଡାଶୀ ବା ଚିମୁଟା—
Jambhurā — 1. Strong pincers; pliers (instrument
ଜଂବୁରା — for catching a thing tightly).
ज़ंबुरा — ୨ । ପ୍ରତିମା ଉପରେ ମଡ଼ାଯିବା ଏକପିଠି ତମ୍ବାଳିଆ ଓ ଅନ୍ୟ ପିଠି ଧଳା ପିତଳର ପତଳା ପାତିଆ—
2. Very thin foils of brass (with one side copper-coloured and the other tinned, used to adorn painted images).
୩ । ଏକପ୍ରକାର ବନ୍ଧୁକ—3. A kind of gun.

ଜୟ—ସଂ. ବି.—(ଜି ଧାତୁ=ଜୟ କରିବା+ଭାବ. ଅ)—
Jaya — ୧ । ଶତ୍ରୁ ଦମନ—1. Victory; conquest; triumph.
(ପରାଜୟ—ବିପରୀତ) ୨ । ଦେଶ ବା ମନୁଷ୍ୟର ବଶୀକରଣ—
2. Bringing a person or country to subjection; subjugation.
୩ । କୃତକାର୍ଯ୍ୟତା; ସଫଳତା—3. Success.
୪ । ବିଷ୍ଣୁଙ୍କ ପାର୍ଶ୍ୱଚର ବା ଦ୍ୱାରୀ—4. Name of an attendant or door-keeper of Bishṇu.
[ଦ୍ର—ଜୟ ବିଜୟ ବିଷ୍ଣୁଙ୍କ ସମ୍ମୁଖଦ୍ୱାରର ଦୁଇ ପାଖର ଦ୍ୱାରରକ୍ଷକ, ସେଥିପାଇଁ ଜଗନ୍ନାଥଙ୍କ ସମ୍ମୁଖଅରରୁ ଜୟବିଜୟ ଦ୍ୱାର ବୋଲି ଯାଏ ।]
୫ । ଇନ୍ଦ୍ରପୁତ୍ର; ଜୟନ୍ତ—5. Jayanta, son of Indra.
୬ । ବିରାଟ ରାଜସଭାରେ ଯୁଧିଷ୍ଠିରଙ୍କର ଛଦ୍ମନାମ—
6 The name assumed by Judhisṭhira while living incognito in the court of Birāṭa.
୭ । ପୁରାଣ ଇତିହାସାଦି ଶାସ୍ତ୍ର -
7. Mythology and history.
୮ । ବିଷ୍ଣୁ—8. Bishṇu.
ଦେ. ଅ.—ଜୟ ଜୟ (ଦେଖ)
Jaya jaya (See)

ଜୟକାଣ୍ଡ—ଦେ. ବି.—(ସଂ. ନାମ ନଖବ୍ରଣ)—ହାତର ଅଙ୍ଗୁଠିରେ
Jayakāṇḍa — ବାହାରିବା ଦୁଷ୍ଟବ୍ରଣବିଶେଷ; ନାରଗୁଣ—
ଆଁଗୁଲହାଡ଼ା — A very painful boil on the joint of one
छिलका, छिलौरी, छिल — of the fingers of the hand; whitlow; Paronychia Felon

ଜୟଜୟ—ଦେ. ବି.—ଅମୁକଙ୍କର ଜୟ ହେଉ; ଇତ୍ୟାକାର ଘୋଷଣା—
Jayajaya — Rejoicing in the name of a person;
জয় জয় — huzza; glorification in the name of a
जय जय — certain person or Deity; exclamation of gratitude and adoration.
ଦେ. ଅ.—(ଆନନ୍ଦ ଓ ସ୍ୱାଗତସୂଚକ ଧ୍ୱନି)—ଅମୁକଙ୍କର ଜୟ ହେଉ—Hail! Victory to thee!

ଜୟଜୟକାର—ଦେ. ବି.—ଜୟ ଜୟ (ଦେଖ)
Jaya-jaya-kāra — Jaya jaya (See)

ଜୟଜୟନ୍ତୀ—ସଂ. ବି. ସ୍ତ୍ରୀ—ସଙ୍ଗୀତର ରାଗିଣୀବିଶେଷ—
Jaya-jayanti — Name of a musical air.

ଜୟଡିଣ୍ଡିମ—ସଂ. ବି. (ମ. ପ. ଲୋ. ଜୟ ଘୋଷଣାକାରୀ ଡିଣ୍ଡିମ; ଜୟ+
Jaya-diṇḍimā — ଡିଣ୍ଡିମ)—ଯେଉଁ ବାଦ୍ୟ ବା ଢୋଲ ବଜାଇ ଜୟଘୋଷଣା କରାଯାଏ; ବଡ଼ବାଜା; ବିଜୟଘୋଷ—
A large drum beaten to announce victory.

ଜୟଢକ୍କା—ସଂ. ବି.—(ମ. ପ. ଲୋ. ଜୟ+ଢକ୍କା)—ଜୟଡିଣ୍ଡିମ (ଦେଖ)
Jaya-ḍhakkā — Jayadiṇḍima (See)
(ଜୟଢକା—ଅନ୍ୟରୂପ)

୧	ଇ	ଉ	ଋ,ଋ	୫	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଉଥ	ଘ
୨	ଈ	ଊ	ରୁ	ଲୁ	ସ୍ପେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଥ	ଞ	କ୍ତ

ଜୟତ୍ସେନ—ସଂ. ବ.—ବିରାଟଭବନରେ ନକୁଳଙ୍କର ଛଦ୍ମ ନାମ—
Jayatsena : The name assumed by Nakula in Birāṭa's court.

ଜୟତାଳ—ସଂ. ବ.—ସଙ୍ଗୀତର ତାଳର ୬୦ ମୁଖ୍ୟ ଭେଦରୁ ଏକ—
Jayatāla One of 60 modes or beats in Hindu music.

ଜୟତଶ୍ରୀ—ସଂ. ବ.—ଦୀପକ ରାଗର ଭାର୍ଯ୍ୟା ରାଗିଣୀବିଶେଷ—
Jayati-śri One of the secondary tunes in Hindu music.

ଜୟତୀ—ସଂ. ବ.—ଶ୍ରୀରାଗର ଏକ ରାଗିଣୀ—
Jayati One of the secondary tunes in Hindu music.
[ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ରାଗିଣୀ ଓ ଏଥିରେ ସବୁ ଶୁଦ୍ଧ ସ୍ୱର ଲାଗେ—ହି. ଶବ୍ଦସାଗର ।]

ଜୟଦୁନ୍ଦୁଭି—ସଂ. ବ. (ଜୟ+ଦୁନ୍ଦୁଭି)—ଜୟଡିଣ୍ଡିମ (ଦେଖ)
Jaya-dundubhi Jaya-dindima (See)

ଜୟଦୁର୍ଗା—ସଂ. ବ. ସ୍ତ୍ରୀ—ମଙ୍ଗଳଚଣ୍ଡୀ; ଦୁର୍ଗାଙ୍କର ମୂର୍ତ୍ତିଭେଦ—
Jaya-durgā Goddess Durgā.

ଜୟଦେବ—ଦେ. ବ. (ନାମ)—'ଗୀତଗୋବିନ୍ଦ' ନାମକ ସଂସ୍କୃତ ଗୀତକାବ୍ୟ ରଚୟିତା—
Jaya-deba The famous poet of the Sanskrit lyrical ballad Gitagobinda.
[ଦ୍ର—ଏ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର କେନ୍ଦୁବିଲ୍ୱ ଗ୍ରାମବାସୀ କବି । ଏହାଙ୍କ ପିତାଙ୍କର ନାମ ଭୋଜଦେବ, ମାତାଙ୍କ ନାମ ବାମାଦେବୀ । ଏ ବଙ୍ଗର ରାଜା ଲକ୍ଷ୍ମଣ ସେନଙ୍କ ସଭାପଣ୍ଡିତ ଥିଲେ । ମାତ୍ର କେହି କେହି କହନ୍ତି—"ଏ ଏକାଦଶ ଶତାବ୍ଦୀର କବି ଓ ଉତ୍କଳରାଜାଙ୍କ ସଭାକବି ଥିଲେ । ଏହାଙ୍କ ରଚିତ 'ଗୀତଗୋବିନ୍ଦ'ର ନିତ୍ୟପାଠ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ମଧ୍ୟରେ ଗୋଟିଏ ପ୍ରଧାନ ନୀତି । ଜୟଦେବ ପୁରୀବାସୀ ଥିଲେ" (ଜଗବନ୍ଧୁ. ପ୍ରାଚୀନ ଉତ୍କଳ)
ଆଜିପର୍ଯ୍ୟନ୍ତ ବଙ୍ଗୀୟମାନେ ଜୟଦେବଙ୍କୁ ବୀରଭୂମ ଜିଲ୍ଲାର କେନ୍ଦୁବିଲ୍ୱ ଗ୍ରାମବାସୀ ବୋଲି ପ୍ରମାଣ କରୁଥିଲେ । କିନ୍ତୁ ଜୟଦେବ ଯେ ଉତ୍କଳର କେନ୍ଦୁଲୀ ଶାସନରେ ଜନ୍ମଗ୍ରହଣ କରିଥିଲେ ଭକ୍ତମାଳା ଗ୍ରନ୍ଥର ନିମ୍ନୋଦ୍ଧୃତ ଶ୍ଳୋକରୁ ତାହା ସ୍ପଷ୍ଟରୂପେ ପ୍ରମାଣିତ ହୁଏ ।

ଜଗନ୍ନାଥପୁରୀପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ
କେନ୍ଦୁବିଲ୍ୱ ଇତିଖ୍ୟାତଃ ଗ୍ରାମୋ ବ୍ରାହ୍ମଣସଙ୍କୁଳଃ ।
ତତ୍ରୋତ୍କଳୋ ଦ୍ୱିଜୋ ଜାତୋ ଜୟଦେବ ଇତଶ୍ରୁତଃ
ବଦ୍ୟାଭ୍ୟାସରତିଃ ଶାନ୍ତଃ ପୁରୁଷୋତ୍ତମପୂଜକଃ । ଭକ୍ତମାଳା ଗ୍ରନ୍ଥ ।]

ଜୟଦ୍ବଳ—ସଂ. ବ.—ବିରାଟଭବନରେ ସହଦେବଙ୍କ ଛଦ୍ମ ନାମ—
Jayadbala The assumed name of Sahadeba in the court of Birāṭa.

ଜୟଦ୍ରଥ—ସଂ. ଣ. (ବହୁବ୍ରୀହି; ଜି ଧାତୁ+ଶତୃ ଜୟତ୍;=ଜୟଶୀଳ+ରଥ)—ମହାଭାରତବର୍ଣ୍ଣିତ ସିନ୍ଧୁ ବା ସୌବୀରଦେଶର ରାଜା ଓ ଦୁର୍ଯ୍ୟୋଧନଙ୍କ ଭଉଣୀ; ଦୁଃଶଳାଙ୍କ ସ୍ୱାମୀ—
Jayadratha A warrior of the Mahābhārata, brother-in-law of Durjyodhana who was killed in the Great War.
[ଦ୍ର—ପାଣ୍ଡବମାନେ ଅଜ୍ଞାତବନବାସ କରୁଥିବା ବେଳେ ଏ ଦ୍ରୌପଦୀଙ୍କ ଅତିଥି ହୋଇ ଆତିଥ୍ୟ ଗ୍ରହଣ କରି ସାରି ପାଣ୍ଡବମାନଙ୍କ ଅନୁପସ୍ଥିତିରେ ଦ୍ରୌପଦୀଙ୍କୁ ହରଣ କରି ନେଇ ପଳାଇଲେ । ପାଣ୍ଡବମାନେ ଫେରି ଆସି ଏହାଙ୍କ ଅନୁଧାବନ କରି ଦ୍ରୌପଦୀଙ୍କୁ ଉଦ୍ଧାର କଲେ ଓ ଏହାଙ୍କୁ ଅପମାନ ଦେଇ ଛାଡ଼ି ଦେଲେ । ମହାଭାରତ ଯୁଦ୍ଧରେ ଅର୍ଜ୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କୁ ବଧ କରିବା ବିଷୟରେ ଏ ବିଶେଷ ଉଦ୍ଯୋଗ କରିଥିବାରୁ ଅର୍ଜ୍ଜୁନଙ୍କ ହାତରେ ଯୁଦ୍ଧକ୍ଷେତ୍ରରେ ଏ ପ୍ରାଣ ହରାଇଥିଲେ ।]

ଜୟଧ୍ୱଜ—ସଂ.ବ. (ମ. ପ. ଲୋ; ଜୟ+ଧ୍ୱଜ)—ଜୟପତାକା (ଦେଖ)
Jaya-dhwaja Jaya-patākā (See)

ଜୟ-ଧ୍ୱନି—ସଂ. ବ. (୬ଷ୍ଠୀ ତତ୍; ଜୟ+ଧ୍ୱନି)—
Jaya-dhwani ୧ । ଜୟ ଜୟ ଶବ୍ଦ; ଜେଜେକାର—
1. Exclamations of rejoicing.
୨ । ବିଜୟୋଲ୍ଲାସସୂଚକ ରବ—
2. Shout or cry of victory.
୩ । ଯୁଦ୍ଧକୁ ଯିବା ସମୟରେ ସୈନ୍ୟମାନଙ୍କର ଉତ୍ସାହସୂଚକ ଜୟଶବ୍ଦ—3. War-cry.

ଜୟନ୍ତ—ସଂ. ବ. (ନାମ) (ଜି ଧାତୁ+କର୍ତ୍ତୃ. ଅନ୍ତ)—୧ । ଇନ୍ଦ୍ରପୁତ୍ର—
Jayanta 1. Son of Indra.
୨ । ବିରାଟଭବନରେ ଭୀମଙ୍କ ଛଦ୍ମ ନାମ—
2. The name assumed by Bhima in the court of Birāṭa.
୩ । ଦଶରଥଙ୍କ ମନ୍ତ୍ରୀ—
3. A minister of Daśaratha.
୪ । ଚନ୍ଦ୍ର—4. The moon.
୫ । ସଙ୍ଗୀତର ରାଗିଣୀବିଶେଷ—
5. Name of a musical air.
୬ । ଶିବ (ପ୍ରକୃତିବାଦ)—6. Siba.

ଜୟନ୍ତିକା—ସଂ. ବ. ସ୍ତ୍ରୀ. (ଜୟନ୍ତୀ+କ+ସ୍ତ୍ରୀ. ଆ)—ହଳଦୀ—
Jayantikā Turmeric.

ଜୟନ୍ତୀ—ସଂ. ବ. ସ୍ତ୍ରୀ—୧ । ଇନ୍ଦ୍ରଙ୍କ କନ୍ୟା—
Jayanti 1. Daughter of Indra.
୨ । ଦୁର୍ଗା—2. Goddess Durgā.
୩ । ଅଷ୍ଟନାୟିକାଙ୍କ ମଧ୍ୟରୁ ଚତୁର୍ଥ ନାୟିକା—
3. One of 8 classes of heroines mentioned in the Hindu Śāstras.
ସଂ. ଜୟା; କେଶରୁଦ୍ରା ବିଷମୋହପ୍ରଶମନୀ

ସାଧାରଣ ଲୋକେ ଅପର ପୃଷ୍ଠାରେ ସଡଡ ୧ ଚକ୍ରଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ରଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଜୈନ୍ତୀ ୪ । ବୃକ୍ଷବିଶେଷ—4. Name of a tree; Abutilon
जहि Avicennal; Seda Abutilon; Indian Mallow;
ତେ ସୋମନ୍ତୀ American Jute (Kirtikar).

[ଦ୍ର—ଏ ଗଛ ଉତ୍ତରପଶ୍ଚିମ ପ୍ରଦେଶ, ସିନ୍ଧୁ, କାଶ୍ମୀର, ବଙ୍ଗ ପ୍ରଭୃତିରେ ଜନ୍ମେ । ଏଥିର ଫୁଲର ପାଖୁଡ଼ା ହଳଦିଆ; ମଞ୍ଜି, ପତ୍ର ଓ ମୂଳ ଔଷଧରେ ଲାଗେ । ଜୟନ୍ତୀଗଛର ପତ୍ରରୁ ରସ ବାହାର କରି ମୁଣ୍ଡରେ ଲଗାଇଲେ ସ୍ତ୍ରୀମାନଙ୍କର ପିତ୍ତ ଶାନ୍ତ ହୁଏ ଓ ମୁଣ୍ଡବ୍ୟଥା ଭଲ ହୁଏ ।]

୫ । (ଫଳିତ ଜ୍ୟୋତିଷ) ଶ୍ରାବଣ କୃଷ୍ଣ ଅଷ୍ଟମୀ ଅର୍ଦ୍ଧରାତ୍ରର କଳାମାତ୍ର ଅଧଃ ବା ଊର୍ଦ୍ଧ୍ୱରେ ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ଯେଉଁ ଶୁଭଯୋଗ ହୁଏ—5. (astrology) An auspicious combination of stars happening in the dark fortnight of Śrābaṇa.

୬ । ପତାକା—6. A flag.

୭ । ହିନ୍ଦୁମାନଙ୍କର ବର୍ଷକ ମଧ୍ୟରେ ୬ଦିନ କରାଯିବା ବ୍ରତ (ଉପବାସ)—7. The vow observed by the Hindus on 6 days in the year.

[ଦ୍ର—ଶିବରାତ୍ରି, ଜନ୍ମାଷ୍ଟମୀ, ନୃସିଂହଜନ୍ମ, ବାମନଜନ୍ମ, ରାମନବମୀ ଓ ମହାଷ୍ଟମୀ ଏମାନଙ୍କୁ ଷଡ଼ଜୟନ୍ତୀ ବୋଲାଯାଏ ।]

ଜୟନ୍ତୀ କ୍ଷେତ୍ର—ଦେ. ବି. (ନାମ)—**ଅଧୁନାତନ** ମୁଖଲିଙ୍ଗର ପୁରାତନ ନାମ—The ancient name of (mordern) Mukhalinga.
Jayanti-kshetra

ଜୟନ୍ତୀତୀର୍ଥ—ସଂ. ବି.—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Jayanti-tirtha Name of a sacred place of the Hindus.

ଜୟନ୍ତୀପୁର—ସଂ. ବି. (ନାମ)—ପ୍ରାଚୀନ କଳିଙ୍ଗର ଏକ ଖ୍ୟାତ ନଗର-
Jayanti-pura A famous town of ancient Kalinga.

ଜୟପତକା—ଗ୍ରା. ବି. (ସଂ. ଜୟପତାକା)—
Jaya-patakā ଜୟପତାକା (ଦେଖ)
Jaya-patākā (See)

ଜୟପତାକା—ସଂ. ବି, (ମ. ପ. ଲୋ; ଜୟ ସୂଚକ ପତାକା)—
Jaya-patākā ବିଜୟ ସୂଚକ ନିଶାଣ—Flag notifying or announcing victory.

ଜୟପତ୍ର—ସଂ. ବି— ୧ । ନିଜର ପରାଜୟ ସ୍ୱୀକାର କରି ପରାଜିତ ବ୍ୟକ୍ତି ବିଜେତାଙ୍କୁ ଯେଉଁ ନିଦର୍ଶନପତ୍ର ଲେଖି ଦିଏ (ହି. ଶବ୍ଦସାଗର)—
Jaya-patra
(ଜୟଲେଖ—ଅନ୍ୟରୂପ)
1. A document executed by the defeated party in favour of the victor admitting his defeat.

୨ । (ହିନ୍ଦୁ ସ୍ମୃତି) ମକଦ୍ଦମାର ରାୟ; ଫଇସଲା—
2. (Hindu law) A decree.

ଜୟପତ୍ରୀ—ସଂ. ବି—ଜାଇତ୍ରୀ (ହି. ଶବ୍ଦସାଗର)—
Jaya-patrī Mace (spice).

ଜୟପାଳ—ସଂ. ବି—୧ । ଜନକା; ସିଝୁ ଗଛ ଶ୍ରେଣୀର କ୍ଷୁଦ୍ର ବୃକ୍ଷ (ଏହା ମଞ୍ଜିରୁ ପ୍ରସିଦ୍ଧ ରେଚକ ତେଲ ବାହାରେ)—
Jayapāla
ସଂସ୍କୃତ ପର୍ଯ୍ୟାୟ—
ଜୟପାଳ, ଜୈପାଳ, ଜାରକ, ରେଚକ, ତିନ୍ତିଡ଼ୀଫଳ, ଦନ୍ତୀବୀଜ, ମଳଦ୍ରାବୀ, ବୀଜରେଚନ, କୁମ୍ଭୀବୀଜ, କୁମ୍ଭିନୀବୀଜ, ଘଣ୍ଟାବୀଜ, ଘଣ୍ଟିନୀବୀଜ, ନିକୁମ୍ଭାଖ୍ୟବୀଜ, ଶୋଧନୀବୀଜ, ଚକ୍ରଦନ୍ତୀବୀଜ, ଦନ୍ତୀଫଳ
जयपाल
जमालगोटा

1. Name of a tree: Croton; Figlium (from which croton oil, a strong purgative is extracted).

[ଦ୍ର—ଏ ଗଛ ସମୁଦ୍ରର ସମତଳଠାରୁ ୩୦୦୦ ଫୁଟ ପର୍ଯ୍ୟନ୍ତ ଉଚ୍ଚ ସ୍ଥାନରେ ପର୍ବତ ଭୂମିରେ ଜନ୍ମେ । ଏଗଛ ଜନ୍ମିବାର ୨ୟ ବର୍ଷରେ ଫଳ ଧରେ । ଏଥିର ଫଳ ଛୋଟ ଅଳାଇଚ ଆକାରର, ତହିଁ ମଧ୍ୟରେ ଧଳା ଶସ ଥାଏ । ଏହି ଫଳରେ ତୈଳାଂଶ ବେଶି; ଏ ଫଳ (Croton seed) ଖାଇଲେ ଖୁବ ଝାଡ଼ା ହୁଏ । ଏହି ଫଳରୁ ନିଷ୍କାସିତ ତେଲ (Croton oil) ଦେହରେ ଲଗାଇଲେ ଫୋଟକା ହୁଏ । ଏ ତେଲ ଔଷଧରେ ବ୍ୟବହୃତ ହୁଏ ଓ ଏଥିର ପିଡ଼ିଆକୁ ଗୃହାବଗିଚାର ମାଟିରେ ସାର ଦେଲେ ଗଛରେ ଉଇ ଓ ଅନ୍ୟ ପୋକ ଧରନ୍ତି ନାହିଁ । ଛାୟା ପାଇଁ କାଫୀ (Coffee) ଗୁଳ୍ମ ନିକଟରେ ଲୋକେ ଏ ଗଛକୁ ଲଗାନ୍ତି । ବୈଦ୍ୟକ ଅନୁସାରେ ଏ ବୀଜ କଟୁରସ, ଉଷ୍ଣବୀର୍ଯ୍ୟ, ତୀକ୍ଷ୍ଣ, ଉଗ୍ର ବିରେଚନ, ଅଗ୍ନିବର୍ଦ୍ଧକ, ବମନବେଗକାରକ ଏବଂ କୃମି, କଫ, ବାୟୁ ଓ ଉଦରରୋଗର ଉପଶମକାରକ ।]

୨ । ବ୍ରହ୍ମା—2. Brahmā.

୩ । ବିଷ୍ଣୁ—3. Bishṇu.

୪ । ରାଜା (ହି. ଶବ୍ଦସାଗର)—4. King.

ଜୟପୁର—ଦେ. ବି. (ନାମ)—୧ । ରାଜପୁତାନା ଅନ୍ତର୍ଗତ ରାଜ୍ୟବିଶେଷ-
Jaya-pura 1. A state in Rājputānā (N. W. India).

[ଦ୍ର—ଏହି ରାଜ୍ୟ ଅମ୍ବରରାଜ ଜୟସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଓ ଏହା ଶଙ୍ଖମର୍ମର ପ୍ରସ୍ତର ନିମିତ୍ତ ପ୍ରସିଦ୍ଧ ।]

୨ । ବିଶାଖାପଟଣା ଜିଲ୍ଲା ଅନ୍ତର୍ଗତ ଜମିଦାରୀ-ରାଜ୍ୟବିଶେଷ (ସାଧାରଣତଃ ଏହାକୁ ଝାଡ଼ ଜୟପୁର ବୋଲାଯାଏ)—
2. An estate in the Vizagapatam district of the Madras Presidency.

[ଦ୍ର—ଏହାର ରାଜଧାନୀ ଜୟପୁର । ପ୍ରାଚୀନ କାଳରେ ଜୟପୁର ଗଡ଼ଠାରୁ ୬୦।୭୨ ମାଇଲ ଦୂରରେ ଅବସ୍ଥିତ ନନ୍ଦପୁର

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍ଗ	ଇୟ	ଉଅ	ଘ
୧	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍

ଏହାର ରାଜଧାନୀ ଥିଲା । ଜୟପୁର ମହାରାଜଙ୍କର ଗୋଟିଏ ଉପାଧି 'ନନ୍ଦପୁର ଭୂପତି' ଓ ଅପରଟି 'ଝାଡ଼ଖଣ୍ଡ ବାଦସା' । ଜୟପୁରରେ ପୂର୍ବେ ଖ୍ରୀଷ୍ଟୀୟ ୬ଷ୍ଠ ଓ ୭ମ ଶତାବ୍ଦୀରେ ଶବର ରାଜା ଥିଲେ । ବର୍ତ୍ତମାନ ଜୟପୁରର କୋଠପାଡ ନାମକ ସ୍ଥାନର ଭୂଗର୍ଭରୁ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀର ରୋମ ସମ୍ରାଟ Augustus Cæser (ଅଗଷ୍ଟସ କାଇଜର୍) ଓ ପୋପ୍ Maximus Pims ଙ୍କ ଅମଳର ରୌପ୍ୟ ମୁଦ୍ରା ମିଳିଅଛି । ବର୍ତ୍ତମାନ ଜୟପୁର ରାଜବଂଶର ପ୍ରତିଷ୍ଠାତା ବିନାୟକ ଦେବ ନନ୍ଦପୁରର ଶେଷ ରାଜାଙ୍କର ଏକମାତ୍ର କନ୍ୟାକୁ ବିବାହ କରି ୧୪୪୩ ଖ୍ରୀଷ୍ଟାବ୍ଦରେ ନନ୍ଦପୁର ସିଂହାସନ ଆରୋହଣ କରିଥିଲେ; ତାହାଁ ପୂର୍ବେ ଶିଳାବଂଶର ବିଶ୍ୱରାଜ ନନ୍ଦପୁରର ରାଜା ଥିଲେ । ଶିଳାବଂଶୋଦ୍ଭବ ମତ୍ସ୍ୟବଂଶ ସଙ୍ଗେ କଳିଙ୍ଗର ଗଙ୍ଗବଂଶର ବୈବାହିକ ସମ୍ବନ୍ଧ ଥିଲା । ଜୟପୁର ରାଜ୍ୟରେ ଅନେକ ଜୈନ କୀର୍ତ୍ତି ଅଛି । ଜୟପୁରର ଅଧିବାସୀ ପ୍ରଧାନ ଜାତି 'ପୋରଜା' (ସଂ. ପ୍ରଜା) ଓ 'ଗାଦବା' ଓଡ଼ିଆଭାଷୀ । ଜୟପୁର ପ୍ରାଚୀନ କଳିଙ୍ଗର ଗୋଟିଏ ଅଂଶ ଥିଲା ।]

ଜୟବନ୍ତ—ଦେ. ବିଣ (ସଂ. ଜୟବତ୍)—ଜୟଶୀଳ (ଦେଖ)
Jaya-banta Jayasīḻa (See)

ଜୟବିଜୟ—ସଂ. ବି—ବିଷ୍ଣୁଙ୍କ ଦ୍ୱାରରକ୍ଷକଦ୍ୱୟ—
Jaya-bijaya Name of the two attendants or doorkeepers of Bishṇu.

ପ୍ରତିହାରୀ ଜୟ ବିଜୟ ଛାଡ଼ି ଦେଲେ ସରଣୀ ।—ରାଧାନାଥ. ଚନ୍ଦ୍ରଭାଗା ।

[ଦ୍ର—ଜୟ ଓ ବିଜୟ ସନକାଦି ଋଷିମାନଙ୍କୁ ହରିଦର୍ଶନରେ ବାଧା ଦେଇଥିଲେ, ଋଷିଙ୍କ ଶାପରେ ଏମାନେ ସତ୍ୟଯୁଗରେ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ (ମତାନ୍ତରରେ ମୁର ଓ ଦାରୁଣ), ତ୍ରେତାଯୁଗରେ ରାବଣ ଓ କୁମ୍ଭକର୍ଣ୍ଣ ଏବଂ ଦ୍ୱାପରଯୁଗରେ ଶିଶୁପାଳ ଓ ଦନ୍ତବକ୍ର (ମତାନ୍ତରରେ ଶିଶୁପାଳ ଓ ଶଲ୍ୟ) ରୂପେ ଜାତ ହୋଇ ନାରାୟଣଙ୍କ ଦ୍ୱାରା ନିଧନପ୍ରାପ୍ତ ହୋଇଥିଲେ]

ଜୟବିଜୟଦ୍ୱାର—ଦେ. ବି—ବିଷ୍ଣୁମନ୍ଦିର ଓ ବିଶେଷତଃ ଜଗନ୍ନାଥଙ୍କ
Jaya-bijayā-dwāra ମନ୍ଦିରର ଗର୍ଭମୁହାଁର (ଏଠାରେ ଜୟ ଓ ବିଜୟ ଦ୍ୱାରୀ ଦୁହିଙ୍କ ମୂର୍ତ୍ତି ଥିବାରୁ)—The name of the door to the inner temple of Bishṇu.

ଜୟମଙ୍ଗଳ—ସଂ. ବି—୧ । ରାଜାଙ୍କ ହାତୀ; ପାଟହାତୀ—
Jaya-mangaḻa 1. The elephant ridden by a king.
୨ । ଆୟୁର୍ବେଦୋକ୍ତ ପ୍ରସିଦ୍ଧ ଜ୍ୱରନାଶକ ରସ ବା ବଟିକା—
2. A well-known febrifuge-pill prescribed in the Hindu medical science.
୩ । ହିନ୍ଦୁ ସଙ୍ଗୀତର ୬୦ ଟି ତାଳ ମଧ୍ୟରୁ ଏକ—
3. One of the 60 musical measures in Hindu music.

ଜୟମଳ—ଦେ. ବି. (ସଂ. ଜୟମାଳା)—ଜୟମାଳା (ଦେଖ)
Jaya-māḻa Jayamāḻā (See)

ଜୟମାଳା—ସଂ. ବି (ମ. ପ. ଲୋ. ଜୟ + ମାଳା)—
Jaya-māḻā ୧ । ବିଜୟ ଚିହ୍ନ ସ୍ୱରୂପ ବିଜୟୀଙ୍କର ପିନ୍ଧିବାମାଳା—
1. A garland worn by the victor after victory.
୨ । କନ୍ୟା ସ୍ୱୟଂବର ବେଳେ ବରର ବେକରେ ଯେଉଁ ମାଳା ପକାଇଦିଏ; ବରଣମାଳା—2. A garland which is put on the neck of the husband selected by the bridegroom at a gathering of suiters.

ଜୟଯଜ୍ଞ—ସଂ. ବି—ଅଶ୍ୱମେଧ ଯଜ୍ଞ (ହି. ଶବ୍ଦସାଗର)—
Jaya-jajña The vedic horse-sacrifice.

ଜୟଲକ୍ଷ୍ମୀ—ସଂ.ବି.ସ୍ତ୍ରୀ (ରୂପକ କର୍ମଧାରୟ ବା ଷଷ୍ଠୀ ତତ୍; ଜୟ + ଲକ୍ଷ୍ମୀ)—
Jaya-lakshmī ବିଜୟଲକ୍ଷ୍ମୀ; ଜୟର ଅଧିଷ୍ଠାତ୍ରୀ ଦେବୀ—
The Goddess of victory and glory.

ଜୟଶଙ୍ଖ—ସଂ. ବି—(ମ. ପ. ଲୋ; ଜୟ ସୂଚକ ଶଙ୍ଖ)—ଯେଉଁ ଶଙ୍ଖ
Jaya-śankha ବଜାଇ ଜେତାଙ୍କ ବିଜୟ ଘୋଷଣା କରାଯାଏ—
The conch blown to announce victory.

ଜୟଶିଙ୍ଗା—ଦେ. ବି (ସଂ. ଜୟଶୃଙ୍ଗ)—ଜୟଶୃଙ୍ଗ (ଦେଖ)
Jaya-śingā Jaya-śṛunga (See)
(ଜୟଶିଂଘା—ଅନ୍ୟରୂପ)

ଜୟଶିରୀ—ଗ୍ରା. (ପଦ୍ୟ) ବି—(ସଂ. ଜୟଶ୍ରୀ)—ଜୟଲକ୍ଷ୍ମୀ (ଦେଖ)
Jaya-śirī Jaya-lakshmī (See)

ସେମାନଙ୍କ ପ୍ରାଣ ବଞ୍ଚିତ କାଣ୍ଡେ ହିର,
ଅର୍ଜୁନ ଯୁଦ୍ଧରେ ପାଇଲେ ଜୟଶିରୀ ।—କୃଷ୍ଣସିଂହ ମହାଭାରତ. ଆଦି ।

ଜୟଶୀଳ—ସଂ. ବିଣ—(ଜୟ + ଶୀଳ)—ଜୟଯୁକ୍ତ; ଜୟୀ; ଯେ ସର୍ବଦା ଜୟ
Jayaśīḻa ଲାଭକରେ—Victorious.

ଜୟଶୃଙ୍ଗ—ସଂ. ବି. (ମ. ପ. ଲୋ; ଜୟ + ଶୃଙ୍ଗ)—ଯେଉଁ ଶିଂଘା
Jaya-śṛunga ବଜାଇ ଜେତାଙ୍କର ଜୟଲାଭ ବିଷୟ ଘୋଷଣା କରାଯାଏ—A trumpet or horn blown to announce the victory of a victor.

ଜୟଶ୍ରୀ—ସଂ. ବି. ସ୍ତ୍ରୀ. (ରୂପକ କର୍ମଧା. ବା ୬ଷ୍ଠୀ ତତ୍; ଜୟ + ଶ୍ରୀ)—
Jaya-śrī ୧ । ଜୟଲକ୍ଷ୍ମୀ (ଦେଖ)
1. Jaya-lakshmī (See)
୨ । ସଙ୍ଗୀତର ତାଳବିଶେଷ—
2. Name of musical measure.
୩ । ସନ୍ଧ୍ୟାକାଳରେ ଗେୟ ସମ୍ପୂର୍ଣ୍ଣ ଜାତିର ରାଗବିଶେଷ—
3. Name of a musical air.

ଜୟସିଂହ—ଦେ. ବି. (ନାମ)—ଗଞ୍ଜାମ ଜିଲ୍ଲା ଧରାକୋଟ ରାଜ୍ୟର
Jaya-simha ଜନୈକ ସ୍ୱର୍ଗୀୟ ପଣ୍ଡିତ ରାଜା—Name of a learned king of Dharākoṭa in Ganjam district.

[ଦ୍ର—ଏ ଜଣେ ସୁସଂସ୍କୃତଜ୍ଞ ପଣ୍ଡିତ ଓ କବି ଥିଲେ । 'ମହାଭାରତ', 'କ୍ଷେତ୍ରମହାତ୍ମ୍ୟ' ଓ 'ଭଗବଦ୍ଗୀତା' ଏହାଙ୍କ ରଚିତ ଗ୍ରନ୍ଥ । ଏ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କୁ' ଦେଖିବେ; 'ଅଲକତ' ନ ପାଇଲେ 'ଅଳକ୍ତ' ଦେଖିବେ

ବିଖ୍ୟାତ କବି କୃଷ୍ଣସିଂହଙ୍କ ଜ୍ୟେଷ୍ଠଭ୍ରାତା ଥିଲେ—ତାରିଣୀ. ଉତ୍କଳ ସାହିତ୍ୟର ଇତିହାସ ।]

ଜୟସ୍ତମ୍ଭ—ସଂ. ବି. (ମ. ପ. ଲୋ; ଜୟସୂଚକ ସ୍ତମ୍ଭ: ଜୟ+ସ୍ତମ୍ଭ)—
Jaya-stambha କୌଣସି ବିଜୟଲାଭର ସ୍ମାରକରୂପେ ନିର୍ମିତ କରାଯିବା ସ୍ତମ୍ଭ— Monumental pillar; a pillar set up to commemorate a victory.

ଜୟା—ସଂ. ବି. ସ୍ତ୍ରୀ. (ଜି ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Jayā ୧ । ପାର୍ବତୀ; ଦୁର୍ଗା—1. Goddess Durgā.
୨ । ପାର୍ବତୀଙ୍କ ସଖୀ—
2. A companion of Pārbatī.
୩ । ହରିଡ଼ା—3. Myrobalan.
୪ । ଜୟନ୍ତୀ ୪ (ଦେଖ)
4. Jayantī 4 (See)
୫ । ସିଦ୍ଧି; ଭାଙ୍ଗ; ବିଜୟା; ଗଞ୍ଜେଇ—
5. Indian hemp; ganja.
୬ । ତୃତୀୟା, ଅଷ୍ଟମୀ ଓ ତ୍ରୟୋଦଶୀ ତିଥି—
6. The 3rd, 8th and 13th day of the lunar fortnignt.
୭ । ପତାକା ବିଶେଷ—7. A kind of flag.
୮ । ନୀଳ ଦୁବ—
8. A species of grass (blue in colour).
୯ । ଦୁର୍ଗାଙ୍କର ଏକ ସହଚରୀ (ହି. ଶବ୍ଦସାଗର)—
9. Name of a companion of Durgā.
୧୦ । ମାଘ ଶୁକ୍ଳ ଏକାଦଶୀ (ହି. ଶବ୍ଦସାଗର)—
10 The 11th day of the light fortnight of the month of Māgha.
୧୧ । ତନ୍ତ୍ରୀଯୁକ୍ତ ପ୍ରାଚୀନ ବାଦ୍ୟବିଶେଷ (ହି. ଶବ୍ଦସାଗର)—
11. A kind of stringed musical instrument used in ancient India.
୧୨ । ମନ୍ଦାର ଫୁଲ (ହି. ଶବ୍ଦସାଗର)—
12. The China-rose.
୧୩ । ଶମୀବୃକ୍ଷ (ହି. ଶବ୍ଦସାଗର)—
13. The Śamī tree.
ଦେ. ବି. ପୁଂ—ଜୟକୃଷ୍ଣର ଅନାଦରାର୍ଥକ ଡାକନାମ—
A name for calling Jayakṛushṇa.

ଜୟାପୀଡ଼—ସଂ. ବି. (ନାମ)—ଖ୍ରୀଷ୍ଟୀୟ ୮ମ ଶତାବ୍ଦୀର କାଶ୍ମୀରର ଏକ
Jayāpīṛḍa ରାଜା—Name of a king of Kashmere of the 8th century A. D.
[ଦ୍ର—ଏ ଦିଗ୍ବିଜୟ କରିବାକୁ ରାଜଧାନୀରୁ ବାହାରି ଥିଲେ; ବାଟରେ ସୈନ୍ୟମାନେ ଏହାଙ୍କୁ ଛାଡ଼ି ପଳାଇ ଗଲେ । ଏ ଆଉ ରାଜ୍ୟକୁ ନ ଫେରି ପ୍ରୟାଗକୁ ଆସିଲେ ଓ ସେଠାରେ ଏଗାର ହଜାର ଏକ ଶହ ଏଗାର ଘୋଡ଼ା ଦାନ କଲେ । ହି. ଶବ୍ଦସାଗର]

ଜୟିଷ୍ଣୁ—ସଂ. ବିଣ. (ଜି ଧାତୁ+କର୍ତ୍ତୃ. ଇଷ୍ଣୁ)—ଜୟଶୀଳ—
Jayishṇu Always victorious.

ଜୟୀ—ସଂ. ବିଣ. ପୁଂ. (ଜି ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Jayī ଜୟଶୀଳ; ଯେ ଜୟଲାଭ କରିଅଛି; ବିଜୟୀ—
(ଜୟିନୀ—ସ୍ତ୍ରୀ) Victorious; triumphant.
ବି. ପୁଂ—ଜେତା—Conqueror; victor.

ଜଯ୍ୟ—ସଂ. ବିଣ. ପୁଂ. (ଜି ଧାତୁ+କର୍ମ. ଯ)—
Jajya ଯାହାକୁ ଜୟ କରାଯାଇ ପାରେ— Conquerable;
(ଜଯ୍ୟା—ସ୍ତ୍ରୀ) which can be subjugated.

ଜର୍‌କସି—ବୈଦେ. ବି. (ଫା)—ଜରକାମ; ଜରି ବୁଣା ହୋଇଥିବା
Jar kasi କାରୁକାର୍ଯ୍ୟ—Lace-work.
ଜରକସୀ ବିଣ.—ଯେଉଁ ଲୁଗା ଆଦି ଉପରେ ଜରିର କାରୁକାର୍ଯ୍ୟ କରା
जरकस, जरकसी ଯାଇ ଥାଏ—(cloth) Wrought with lace.

ଜର୍‌କା—ପ୍ରାଦେ. (ସମ୍ବଲପୁର) ବିଣ—ଜଲକା; ଯାହାରଆଖି ଥାଏ ମାତ୍ର
Jar-kā ସେ ସ୍ପଷ୍ଟରୂପେ ଦେଖି ନ ପାରେ—
(ଜର୍‌କୀ—ସ୍ତ୍ରୀ) Blear-eyed; dim-sighted.

ଜର୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି.—ଜଲକା ହେବା—
Jar-kibā To become dim-sighted.

ଜର୍‌ଡା—ପ୍ରାଦେ. (ସମ୍ବଲପୁର) ବି.—ଜରଡ଼ା (ଦେଖ)
Jar-ḍā Jararḍā (See)

ଜର୍‌ଡିଗ୍ରୀ—ବୈଦେ. ବି. (ଆ. ଜର+ଇଂ. ଡିକ୍ରୀ)—(କଚେରୀ ଶବ୍ଦ)—
Jar-ḍigrī ଦାବି ଓ ଖର୍ଚ୍ଚ ସହିତ ଡିଗ୍ରୀ ହୋଇଥିବା ଟଙ୍କା—
ଜରଡ଼ିଗ୍ରୀ Decretal amount
जरडिगरी
(ଜର୍‌ଡିକ୍ରୀ; ଜରଡିଗିରି—ଅନ୍ୟରୂପ)

ଜର୍‌ଦା—ବୈଦେ. ବି. (ଫା)—୧ । (ମୁସଲମାନଙ୍କର ଖାଦ୍ୟ) ସୁବାସିତ
Jar-dā ହଳଦିଆ ଭାତ—1. A kind of rice boiled with turmeric.
[ଦ୍ର—ପ୍ରଥମେ ଚାଉଳରେ ହଳଦି ମିଶାଇ ତାକୁ ସିଝାଇ ପେଜ ଗାଳି ସେଥିରେ ଘିଅ, ମିଠା ଓ ମସଲା ଗୋଳାଇ ଏହା ତିଆରି କରା ଯାଏ ।)
୨ । ପାନ ସଙ୍ଗେ ଖାଇବା ପାଇଁ ସୁଗନ୍ଧିତ ତମାଖୁ ଗୁଣ୍ଡା;
ଜରଦା ସୁରତି—2. A kind of sweet-scented tobacco-
जरदा preparation chewed with betel.
୩ । ହଳଦିଆ ଘୋଡ଼ା—3. Yellow-skinned horse.
୪ । ଏକ ପ୍ରକାର ହଳଦିଆ ଛିଟ—
4. A kind of yellow chintz.

ଜର୍‌ଦାବୀ—ବୈଦେ. ବି (ଫା)—ମକଦମାରେ ପ୍ରତିବାଦୀ ଉପରେ ବାଦୀ
Jar-dābī ଦାବି କରିଥିବା ଧନର ପରିମାଣ—
ଜରଦାବୀ The amount of claim in a suit.
जरदावी

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଁ	ଉଁଅ	ଣ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଞ	ନ

ଜର୍‌ଦାଲୁ—ବୈଦେ. ବ (ଫା)—ଜରଦାଲୁ (ଦେଖ)
Jar-dālu Jaradālu (See)

ଜର୍‌ଦି—ବୈଦେ. ବ (ଫା)—୧ । ହଳଦିଆ ବର୍ଣ୍ଣ—
Jar-di 1. Yellow colour.
जरदी ୨ । ଅଣ୍ଡା ମଧ୍ୟସ୍ଥ ହଳଦିଆ ଅଂଶ—
जरदी 2. The yellow portion inside an egg.
ବିଣ.—ହଳଦିଆ—Yellow.

ଜର୍‌ବାର୍—ଗ୍ରା. ବୈଦେ. ବିଣ. (ଅ. ଜେର୍‌ବାର୍)—କ୍ଷତିଗ୍ରସ୍ତ—
Jar-bār Sustaining loss; put to loss.

ଜର୍‌ସମନ୍—ବୈଦେ. ବ. (ଫା.) (ଜଡ଼ାଇଆଗୁଆ—ବିକ୍ରୀତ ସମ୍ପତ୍ତିର
Jar-saman ମୂଲ୍ୟ—Sale-price; the consideration or
जरसमन value of a property sold.
जरसमन

ଜର—ସଂ. ବିଣ. (ଜୃ ଧାତୁ + କର୍ତ୍ତୃ. ଅ)—୧ । ବୃଦ୍ଧ—1. Old.
Jara ୨ । ଜରାଜୀର୍ଣ୍ଣ—2. Decrepit; infirm.
ବ—୧ । (+ଭାବ. ଅ)—ଜୀର୍ଣ୍ଣ ହେବା—
1. Wearing out; wasting.
୨ । ବିନାଶ—2. Destruction.

ଜର ଦେ. ବ. (ସଂ. ଜ୍ୱର)—ଜ୍ୱରରୋଗ—Fever.
बुखार [ଦ୍ର—ପ୍ରକାରଭେଦରେ ଜରମାନଙ୍କର ଭିନ୍ନଭିନ୍ନ ନାମ ହୋଇଥାଏ । ଯଥା—ବାତଜର, କମ୍ପଜର, ଠେଙ୍ଗାଜର, କଳାଜର, ପାଳିଜର, ମେ(ମା)ଲେରିଆଜର ବା ପିଲେହିଜର, ଅନ୍ତିକଜର, ଏକୁଆ ବା ଏକୋଇ ଜର, ସାନ୍ନିପାତିକ ଜର ବା ବିକାର; ଟାଇଫଏଡ୍ ବା ବାଇସିଦିନିଆଁ ଜର, ଶରଦଜର ବା କଫଜର, ଗରମଜର ବା ପିତ୍ତଜର, ଭୂମି ଜର, ବିଷମ ବା ସବଗ୍ରାମ ଜର, ଦ୍ୱ୍ୟାହିକ, ତ୍ର୍ୟାହିକ, ଚାତୁର୍ଥିକଜର, ଜୀର୍ଣ୍ଣଜର ବା ପୁରାତନଜର, ସନ୍ତତ ବା ଏକଜର, ଅଭିଘାତଜର, ଅଭିନ୍ୟାସଜର, ବଲେପାଜର, ଉଷ୍ଣ ବା ଏକାନ୍ତିକଜର, ଭୂତଜର, ଭୂତଜର ଓ କାମଜର । ଜରର ପ୍ରଧାନ ଲକ୍ଷଣ ଦେହରେ ତାପ ଚାଞ୍ଚଲ୍ୟତା ଓ ଶୈତ୍ୟାନୁଭୂତି ।]

ଜରଅଣଆ—ଗ୍ରା. ବିଣ. (ସଂ. ଜ୍ୱର ଓ ଅଂଶ)—ସାମାନ୍ୟରେ ଜ୍ୱରାକ୍ରାନ୍ତ—
Jara-āsiā Slightly feverish.
जर जर
(ଜରଆଁଶିଆ; ଜରଅଶୁଆ; ଜରଆଁଶୁଆ—ଅନ୍ୟରୂପ)

ଜର ଆସିବା—ଦେ ବ.—(କୌଣସି ବ୍ୟକ୍ତିଙ୍କୁ) ଜ୍ୱର ଆକ୍ରମଣ କରିବା—
Jara āsibā Having an attack of fever.
जर आना
बुखार आना

ଜରଉ—ଦେ. ବ. (ନାମ)—ଗଞ୍ଜାମର ବଡ଼ଗଡ଼ ଅଞ୍ଚଳର ନଦୀ (ଏଥିରେ
Jarau ଗାଧୋଇଲେ ବିଦେଶୀ ଲୋକଙ୍କୁ ଜର ହୁଏ)—
Name of river in Ganjam the water of which is reputed to be full of malarial germs.

ଜରଉହା—ଦେ. ବି—କମ୍ପଜର ଓ ପାଳିଜରରେ ସର୍ଦ୍ଦିସମୟରେ ନାକପୁଡ଼ା
Jara-uhā ଭିତରେ ବାହାରୁଥିବା ଫୋଟକା—A blister-like eruption found inside the nostrils in the case of certain kinds of tertian fever and ague.

ଜର ଓହ୍ଲାଇବା—ଦେ. ବ—ଜର ଛାଡ଼ିବା (ଦେଖ)
Jara ohlāibā Jara chhārdibā (See)
जर नाबा
बुखार उतरना

ଜର କରିବା—ଦେ.ବ.—୧ । (କୌଣସି ବ୍ୟକ୍ତି) ଜ୍ୱରରେ ପୀଡ଼ିତ ହେବା—
Jara karibā Suffering from fever; being down
जर करा with fever.
बुखार होना ୨ । ଜର ଆସିବା (ଦେଖ)- 2. Jara āsibā (See)

ଜର ଖାଇ ଫୁଟିବା—ଦେ. ବ. (ଅଭୂକ୍ତ)—ରୋଗୀର ଶରୀରରେ ଜ୍ୱରର
Jara khāi phutibā ତାପ ଅତ୍ୟଧିକ ହେବା—Having a high temperature during fever.
(ଜରରେ ଖାଇଫୁଟିବା; ଦେହରେ ଖାଇଫୁଟିବା—ଅନ୍ୟରୂପ)

ଜର ଛାଡ଼ିବା—ଦେ. ବି—୧ । ଜରର ପ୍ରକୋପ ବା ତାପ କମିଯିବା—
Jara chhārdibā 1. The abatement of high
जर छाड़ा temperature in a person
बुखार उतरना suffering from fever
(ଜର ଛାଡ଼ିଯିବା—ଅନ୍ୟରୂପ) ଜର ଅଇଲା ଧାନକୁଟା ବେଳକୁ
ଜର ଛାଡ଼ିଲା ଭାତ ପଖା ବେଳକୁ । ଢଗ ।

ଜରଜର—ଦେ. (ପଦ୍ୟ) ବିଣ. (ସଂ. ଜର୍ଜର)—୧ । ଅଭିଭୂତ; ଆକ୍ରାନ୍ତ;
Jara-jara ଜର୍ଜରିତ; ସନ୍ତପ୍ତ—1.Attacked; overwhelmed
जरजर (with grief, anger, cold etc)
जरजर ଜରଜର ନଦାଗ୍ରଣ ଶୀତେ । ସଧାକାଥ. ମହାଯାତ୍ରା ।
୨ । ଲିପ୍ତ; ସରସର (ତେଲଆଦି ଦେହକୁ ବୋହି ପଡ଼ୁଥିବା ପ୍ରକାରେ ବୋଳ ହୋଇ ଥିବା)—1. Suffused; anointed with too much oil etc; with too much oil or water over the body; smeared with.
ଅତି କୋମଳ ଦେହୁ ମୋର
ଦେଖ ଏ ଶ୍ରମେ ଜରଜର । ଭୂପତି. ପ୍ରେମପଞ୍ଚାମୃତ ।
୩ । ଜରାଗ୍ରସ୍ତ—3. Very old; decrepit.
ଏ ଅତି ବୃଦ୍ଧ ଜରଜର
ବାଟେ କମ୍ପଇ ତା ଶରୀର । ଜଗନ୍ନାଥ. ଗୁଣ୍ଡିଚା ।
ବି—ଜ୍ୱର ହେଲାପରି ବୋଧ ହେବା—Feverishness.

ଜରଜାତକ—ଦେ. ବିଣ. (ସଂ. ଜାତୋଜାତକ)—ଜରଜାତକା (ଦେଖ)
Jarajātaka Jarajātakā (See)

ଜରଜାତକା—ଦେ. ବିଣ. (ସଂ. ଜାରଜାତକ)—୧ । ଜାରଜ; ବେଧପିଲା;
Jara-jātakā ବେଜନ୍ମା; ବିବାହବନ୍ଧନରେ ଆବଦ୍ଧ ନ ଥିବା

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ'କି ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପୁରୁଷ ଓ ସ୍ତ୍ରୀଙ୍କଠାରୁ ଯେଉଁ ସନ୍ତାନ ଜନ୍ମେ; ରକ୍ଷିତା ସ୍ତ୍ରୀର ଗର୍ଭଜାତ ସନ୍ତାନ—1. Illegitimate; bastard; born of illegal connection.

ଜରଠ—ସଂ. ବିଣ. (ଜୃ ଧାତୁ=ଜୀର୍ଣ୍ଣହେବା+କର୍ତ୍ତୃ. ଅଠ)—
Jaratha ୧ । କଠିନ—1. Hard.
(ଜରଠା—ସ୍ତ୍ରୀ) ୨ । କର୍କଶ—2. Rough.
୩ । କଠୋର; ନିଷ୍ଠୁର—3. Hard-hearted; cruel; harsh.
୪ । ବୃଦ୍ଧ—4. Old; decrepit
୫ । ସୁପରିପକ୍ୱ—5. Full grown; well-ripened.
୬ । ଜୀର୍ଣ୍ଣ—6. Wasted; debilitated.
୭ । ପାଚିଲା—7. Ripe
୮ । ପାଣ୍ଡୁବର୍ଣ୍ଣ; ପାଣ୍ଡୁ—8. Grey-coloured.
ବି—୧ । ଜରା; ବୃଦ୍ଧାବସ୍ଥା—1. Old age.
୨ । ପାଣ୍ଡୁରାଜା—2. The king Pāṇḍu.

ଜରଡ଼ା—ପ୍ରାଦେ. ବି. (ସମ୍ବଲପୁର)—ଜରଡ଼ ବା ଜଳାମାଛ—
Jararḍā A kind of fresh-water-fish.

ଜରଣ—ସଂ. ବିଣ (ଜୃ ଧାତୁ+କର୍ତ୍ତୃ. ଅନ)—୧ । ବୃଦ୍ଧ—
Jaraṇa 1. Old.
୨ । କ୍ଷୟପ୍ରାପ୍ତ; ଜୀର୍ଣ୍ଣ—2. Decayed.
୩ । ଜୀର୍ଣ୍ଣଶକ୍ତିବର୍ଦ୍ଧକ—3. Promoting digestion.
ବି.—୧ । ପ୍ରଶଂସା—1. Praise.
୨ । ଜୀରା—2. Cumin seed.
୩ । ବାର୍ଦ୍ଧକ୍ୟ—3. Old age.
୪ । ହେଙ୍ଗୁ—4. Asafætida.
୫ । ସୌବର୍ଚ୍ଚଳ; ସଚଳ ଲବଣ—5. A kind of salt.
୬ । କାସମର୍ଦ୍ଦ; କାସିନ୍ଦ ଗୁଳ୍ମ—6. Cassia Tora (tree).
୭ । ୧୦ ପ୍ରକାର ଗ୍ରହଣ ମଧ୍ୟରୁ ଏକ (ଯହିଁରେ ପଶ୍ଚିମଦିଗରୁ ମୋକ୍ଷ ହେବା ଆରମ୍ଭ ହୁଏ (ହି. ଶବ୍ଦସାଗର)—
7. An eclipse which begins to clear up from the western side of the orb.

ଜରଣଦ୍ରୁମ—ସଂ. ବି.—୧ । ସାହାଡ଼ାଗଛ (ଦେଖ)
Jaraṇa-druma 1. Sāhārḍā tree (See)
୨ । ସାଗୁଆନ ଗଛ (ହି. ଶବ୍ଦସାଗର)—2. Teak (tree).

ଜରଣା—ସଂ. ବି. (ଜୃ ଧାତୁ+କର୍ତ୍ତୃ. ଅନ+ଆ)—୧ । କଳାଜୀରା—
Jaraṇā 1. Black cumin seed.
୨ । ବୃଦ୍ଧାବସ୍ଥା—2. Old age.
୩ । ସ୍ତୁତି; ପ୍ରଶଂସା—3. Praise; encomium.
୪ । ମୋକ୍ଷ; ମୁକ୍ତି—4. Final deliverance; redemption.

ଜରତ୍—ସଂ. ବିଣ. ପୁଂ [(ଜୃ ଧାତୁ+ଶତୃ (ଅତ୍)]—୧ । ଜରାଗ୍ରସ୍ତ; ଅତି
Jarat ବୃଦ୍ଧ; ଜରାଜୀର୍ଣ୍ଣ (ପୁରୁଷ ଓ ସ୍ତ୍ରୀ)—(ଏ ଶବ୍ଦ କେବଳ ସଂସ୍କୃତ
(ଜରତୀ—ସ୍ତ୍ରୀ) ଭାଷାରେ ଚଳେ ମାତ୍ର ଏହାର ସ୍ତ୍ରୀଲିଙ୍ଗ ଜରତୀ ଶବ୍ଦ ଓଡ଼ିଆରେ ମଧ୍ୟ ଚଳେ)—1. Very old; decrepit; worne out; decayed; disabled; infirm (said of male or female)
୨ । ପୁରୁଣା; ପୁରାତନ—2. Ancient; old.
୩ । ପକ୍ୱ—3. Ripe.

ଜରତ୍କାରୁ—ସଂ. ବି. (ନାମ)—(ଜରତ୍=ଜରାଗ୍ରସ୍ତ; ଜୀର୍ଣ୍ଣ+କାରୁ=
Jarat-kāru ଦାରୁଣ; ଯେ ଦାରୁଣ ତପସ୍ୟାଦ୍ୱାରା ଆପଣାର ଶରୀରକୁ ଜୀର୍ଣ୍ଣ କରିଥିଲେ)—୧ । ସ୍ୱନାମଖ୍ୟାତ ଋଷିବିଶେଷ—
1. Name of a famous saint.

[ଦ୍ର—ଏହାଙ୍କର ସ୍ତ୍ରୀ ବାସୁକିଙ୍କ ଭଗିନୀ ମନସା ଦେବୀ । ଏହାଙ୍କ ସ୍ତ୍ରୀଙ୍କ ଉପରେ ଏ କ୍ରୁଦ୍ଧ ହୋଇ ତାଙ୍କୁ ଅନ୍ତଃସତ୍ତ୍ୱା ଅବସ୍ଥାରେ ପରିତ୍ୟାଗ କରି ଚାଲି ଗଲେ । ଆସ୍ତିକ ମୁନି ଏହାଙ୍କ ପୁତ୍ର । ଏହି ଆସ୍ତିକ ତକ୍ଷକ ନାଗକୁ ଜନମେଜୟଙ୍କ ସର୍ପଯଜ୍ଞରୁ ରକ୍ଷା କରିଥିଲେ ।]

୨ । ଜରତ୍କାରୁ ଋଷିଙ୍କ ପତ୍ନୀ; ମନସା ଦେବୀ (ହି. ଶବ୍ଦସାଗର)
2. The wife of Sage Jaratkāru.

ଜରତ୍କାରୁପତ୍ନୀ—ସଂ. ବି. ସ୍ତ୍ରୀ—ମନସାଦେବୀ; ବାସୁକିଙ୍କ ଭଗିନୀ (ସିଜୁ
Jarat-kāru-patnī ବା ନାଗଫେଣିଅକୁ ଏହାଙ୍କ ପ୍ରତିନିଧିରୂପେ ଲୋକେ ପୂଜା କରନ୍ତି)—The snake-Goddess Manasā (represented by a cactus plant planted in the precincts of a Hindu's house.)

ଜରତ—ଦେ. ବିଣ.—(ସଂ. ଜରତ୍)—ପକ୍ୱ; ପାଚିଲା—
Jarata Ripe.

ବରକୁଷ୍ମାଣ୍ଡ ରକ୍ତ ଜରଜର ଜରତ ବମ୍ଭ ଅଙ୍କୁର ବହେ ଦେହେ ସେ ।
ଭଞ୍ଜ. ବୈଦେହୀଶବିଳାସ ।

ଜରତା—ଦେ. ବି. ସ୍ତ୍ରୀ. (ସଂ. ଜରତୀ)—ଓଡ଼ିଆ ଭକ୍ତିଗ୍ରନ୍ଥ ବର୍ଣ୍ଣିତ
Jaratā ଗୋଟିଏ ବୃଦ୍ଧା ବେଶ୍ୟାର ନାମ—Name of an old prostitute found in Oria mythologies.

[ଦ୍ର—ବେଶ୍ୟାବୃତ୍ତି କରୁଥିଲେହେଁ ଏ ବୃଦ୍ଧକାଳରେ ଏକାନ୍ତ ଭକ୍ତି ଓ ଭଜନାଦିଦ୍ୱାରା ମୋକ୍ଷଲାଭ କରିଥିଲା ।]

ଜରତୀ—ସଂ. ବିଣ. ସ୍ତ୍ରୀ (ଜରତ୍+ସ୍ତ୍ରୀ. ଈ)—ବୁଢ଼ୀ; ଅତି ବୃଦ୍ଧା;
Jaratī ଜରାଗ୍ରସ୍ତା—Very old (woman).
ବି. ସ୍ତ୍ରୀ—ବୁଢ଼ୀ ସ୍ତ୍ରୀ; ବୁଢ଼ୀ ମାଙ୍କୁଡ଼ୀ (ବ୍ୟଙ୍ଗ ବା ଭୁତ୍ସାର୍ଥକ)—
An old woman; a hag.

କୃଷ୍ଣା କରେଁ ମୁଁ ଧାତାକୁ, କାହିଁକି ସରଜ ତାକୁ,
ତପସ୍ୱୀ ରଖିଲ ଜରତୀରେ—କବିସୂର୍ଯ୍ୟ. କଣୋଲବତୀ. କ. ଗୀତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇସ୍ତ	ଢ଼ଅ	ଢ଼
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଡ଼	ନ୍

ଜରଦ୍‌ଗବ—ସଂ. ବ. ପୁଂ (କର୍ମଧାରୟ; ଜରତ୍ = ବୃଦ୍ଧ + ଗୋ)—
Jarad-gaba ୧ । ବୁଢ଼ା ବା ବଡ଼ା ଷଣ୍ଢ—1. An old bull.
(ଜରଦ୍‌ଗବୀ—ସ୍ତ୍ରୀ) ୨ । (ଲକ୍ଷଣାର୍ଥ) ଅତି ବୁଢ଼ା ଓ ଅକର୍ମା ମନୁଷ୍ୟ—
(ଜରଦ୍ଗବ—ଅନ୍ୟରୂପ) 2. (figurative) An old and decrepit man.
୩ । (ନାମ) (ବହୁବ୍ରୀହି; ଜରତ୍ = ଜୀର୍ଣ୍ଣ + ଗୋ = ଇନ୍ଦ୍ରିୟ ଯାହାର) —ହିତୋପଦେଶବର୍ଣ୍ଣିତ ବୃଦ୍ଧ ଗୃଧ୍ର—3. Name of an old vulture whose story is told in the Hitopadeṡa.
୪ । (ବୃହତ୍ ସଂହିତା) ବିଶାଖା, ଅନୁରାଧା ଓ ଜ୍ୟେଷ୍ଠା ନକ୍ଷତ୍ରଯୁକ୍ତ ଚନ୍ଦ୍ରମାଙ୍କ ବୀଥୀ—4. The moons path through the 16th, 17th and 18th asterisms.

ଜରଦା—ବୈଦେ. ବଣ (ଫା. ଜର୍‌ଦା)—ପୀତ; ହଳଦିଆ—
Jaradā Yellow-coloured.
(ଜରୁଦା, ଜର୍ଦ୍ଦା—ଅନ୍ୟରୂପ) ବ—୧ । ଜାଫ୍ରାନ୍ କେଶର ମିଶିଥିବା ହେତୁ ପୀତବର୍ଣ୍ଣ ମିଠା ପଲାଉ ବା ଖେଚୁଡ଼ି—1. Rice and meat cooked together and seasoned with saffron.
୨ । (ଫା. ଜର୍‌ଦା) ପାନ ସଙ୍ଗେ ଖିଆଯିବା ସୁଗନ୍ଧ ମସଲାଯୁକ୍ତ ତମାଖୁ ପତ୍ରର ଚୂର୍ଣ୍ଣ—2. Scented tobacco-powder chewed with betel.
୩ । ହଳଦିଆ ମଠା—3. Yellow silk-cloth.

ଜରଦ୍ୱିଷ—ସଂ. ବ—ଜଳ (ହି. ଶବ୍ଦସାଗର)—
Jaradwisha Water.

ଜରଦାଲୁ—ବୈଦେ. ବ (ଅ. ଜର୍‌ଦାଲୁ)—ଏକପ୍ରକାର କାବୁଲି ଖାଦ୍ୟ
Jaradālu ଫଳ; ଖୁବାନୀ; ଖୋବାନୀ—A sort of Kabuli
ଖোবানী fruit; the apricot; Prunus Armeniaca.
খোবানী, जरदालु

ଜରନାଶନ—ଦେ. ବ (ସଂ. ଜ୍ୱର + ନାଶନ)—ବୃକ୍ଷ ବିଶେଷ—
Jara-nāṡana Eucalyptus; Acacia Auriculae
জরনাশন Formis (Haines).
ইউকেলিপটস্ [ଦ୍ର—ଏହାର ପତ୍ର ଲେମ୍ବୁପତ୍ର ପରି ବାସେ । ଏହା ଅଷ୍ଟ୍ରେଲିଆ ଓ ଟାସମାନିଆରୁ ଆସି ଭାରତର କେତେ,କଟକ ଓ ବଗିଚାରେ ଲଗା ହୋଇଅଛି । ଫୁଲଗୁଡ଼ିକ ଶ୍ୱେତ ଏବଂ ଫୁଲର ପାଖୁଡ଼ା ଧଳା ଓ ଝାଉଁଆ । ଏ ପତ୍ରରୁ ଯେଉଁ ତେଲ ବାହାରେ ତାହା ଜ୍ୱର ଓ ସଂକ୍ରାମକ ରୋଗର ବିନାଶକାରକ । ଏ ଗଛରୁ ଝୁଣା ପରି ଏକ ପ୍ରକାର ନିର୍ଯ୍ୟାସ ବହେ ।]

ଜରପାଁପୋଡ଼ା—ଦେ. ବ—ଘରପୋଡ଼ିଆ (ଦେଖ)
Jara-pānpardā Gharapordiā (See)

ଜରବାଉଳା—ଦେ. ବ (ସଂ. ଜ୍ୱର + ବାତୁଳ)—୧ । ପ୍ରବଳ ଜ୍ୱରଜନିତ
Jra-bāulā ପ୍ରଳାପ ବା ବାତୁଳଗ୍ରସ୍ତ ଅବସ୍ଥା—1. Delirium
(ଜରବାଉଳୀ—ସ୍ତ୍ରୀ) appearing during high fever.
୨ । ଜ୍ୱରଜନିତ ବାଉଳତା ବା ସ୍ମରଣ ଶକ୍ତିର ହ୍ରାସ—
2. Forgetfulness or loss of memory during a fit of high fever.
(ଯଥା—ଜରବାଉଳାରେ ଭାତୁଆ କାମୁଡ଼ିବା ନ୍ୟାୟ ।)
ବଣ. ପୁଂ—ଜ୍ୱର ହେତୁ ଯେ ବାଉଳଗ୍ରସ୍ତ ହୁଏ—Delirious owing to an attack of high fever.

ଜରଶଣ୍ଢା—ଦେ. ବ—ଜ୍ୱର ରୋଗଗ୍ରସ୍ତ ବ୍ୟକ୍ତିର ଓଠ ଉପରେ ଫଳିଯିବା
Jaraṡandā କ୍ଷୁଦ୍ର କ୍ଷୁଦ୍ର ବ୍ରଣ—Small eruptions coming
জরটোটো, জরঠটা out around the mouth and lips
(ଜରଶଣ୍ଢ—ଅନ୍ୟରୂପ) after an attack of fever; cold sore; miliarca; miliary eruptions.

ଜରଶଶା—ପ୍ରାଦେ (ମେଦିନୀପୁର) ବ—ଜରଶଣ୍ଢା (ଦେଖ)
Jaraṡaṡā Jaraṡandā (See)

ଜରା—ସଂ. ବ. ସ୍ତ୍ରୀ. (ଜୄ ଧାତୁ + ଭାବ. ଅ + ସ୍ତ୍ରୀ. ଆ)—
Jarā ୧ । ବାର୍ଦ୍ଧକ୍ୟ; ବୃଦ୍ଧାବସ୍ଥା—1. Old age.
୨ । ଅତି ବୃଦ୍ଧାବସ୍ଥା—
2. Extreme old age; decrepitude.
୩ । ରାକ୍ଷସୀବିଶେଷ—
3. The name of a demoness.

[ଦ୍ର—ଜନ୍ମରୁ ଦୁଇଫାଳ ହୋଇଥିବା ଶିଶୁ ଜରାସନ୍ଧକୁ ଏ ଯୋଡ଼ିଥିଲା । ଜରା ରାକ୍ଷସୀଦ୍ୱାରା ଯୋଡ଼ା ହୋଇଥିବାରୁ ଜରାସନ୍ଧର ନାମକରଣ ହେଲା । ଏ ମଗଧ ଦେଶର ଗୃହଦେବୀ ଥିଲା—
ହି. ଶବ୍ଦସାଗର ।]
୪ । ଷଷ୍ଠୀ ଦେବୀ; ଷଠୀ ବୁଢ଼େଇ—4. The Goddess presiding over the well-being of infants.
୫ । ପୁରାଣ ଅନୁସାରେ କାଳର ଏକ କନ୍ୟାର ନାମ; ବିଶସା (ହି. ଶବ୍ଦସାଗର)—5. Name of a mythological daughter of Kāḷa.
୬ । କ୍ଷୀରକୋଳି ଗଛ (ହି. ଶବ୍ଦସାଗର) (ଦେଖ)
6. Kshirakoḷi tree (See)
ସଂ. ବ. ପୁଂ (ନାମ)—ଭଗବତୋକ୍ତ ବ୍ୟାଧ; ଜରାଶବର (ଦେଖ)
Jarā ṡabara (See)
ଦେ. ବ. (ସଂ. ଜୄ ଧାତୁ)—୧ । ଜରିବା; ଜୀର୍ଣ୍ଣ ହେବା; ପରିପାକ ହେବା—1. Digestion of food.
୨ । ତୈଳାଦିରୁ ମିଶିତ ଜଳୀୟାଂଶ ଅଗ୍ନି ଉତ୍ତାପରେ ଦୂର ହେବା—2. Disappearance of the water from oil or ghee by heat.
୩ । ମିଶା ଯିବା ଲୁଣ ଅବା କୌଣସି ବସ୍ତୁରେ ଉତ୍ତମରୂପେ ମିଶିଯିବା—3. Absorption of salt by a substance

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚକ୍ତିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ତିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ତିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜରିଆ ଦେ. ବି—୧ । ନିଆଁ ଉପରେ ଫୁଟାଯାଇ ପାଣି ମରି ଥିବା (ତୈଳାଦି)—1. (oil) From which water has been dried out by heating.
୨ । ଜାରିତ—2. Purified.
(ଯଥା—ଜରା ଖୋବା, ଜରା ଲୁଣ ।)

ଜରଇବା—ଦେ. କ୍ରି. (ସଂ. ଜୃ ଧାତୁ)—
Jaraibā ୧ । ଲୁଣକୁ ପରିବା କିମ୍ବା ଫଳ ମଧ୍ୟରେ ଭେଦାଇବା—
जराना 1. To cause salt to be absorbed into
जराना any fruit or substance.
(ଜରେଇବା—ଅନ୍ୟରୂପ) ୨ । ଉତ୍ତାପପ୍ରୟୋଗଦ୍ୱାରା ତେଲ ଓ ଘିଅ ଆଦିରୁ ମିଶ୍ରିତ ଜଳକୁ ଲୋପ କରାଇବା—
2. To cause oil or ghee to give up the water adulterated in it by applying heat.

ଜରାଗ୍ରସ୍ତ—ସଂ. ବିଣ. (ତୃତୀୟା ତତ୍; ଜରା+ଗ୍ରସ୍ତ)—ବାର୍ଦ୍ଧକ୍ୟ-
Jarā-grasta ପ୍ରପୀଡ଼ିତ—Stricken by years; seized with old age or infirmity.

ଜରାଜୀର୍ଣ୍ଣ—ସଂ. ବିଣ. ପୁଂ. (ତୃତୀୟା ତତ୍; ଜରା+ଜୀର୍ଣ୍ଣ)—ଅତି
Jarā-jirṇṇa ବାର୍ଦ୍ଧକ୍ୟ ହେତୁ ଜୀର୍ଣ୍ଣଶୀର୍ଣ୍ଣ—
Debilitated through old age; decrepit.

ଜରାଡ଼ି—ଦେ. ବି—ଜହ୍ଲା (ଦେଖ)
Jarārdi Jahla (See)

ଜରାତୁର—ସଂ. ବିଣ. ପୁଂ. (ତୃତୀୟା ତତ୍; ଜରା+ଆତୁର)—ବୃଦ୍ଧାବସ୍ଥା
Jarātura ଯୋଗୁଁ ଅତି ଦୁର୍ବଳ—Decrepit; infirm
(ଜରାତୁରା—ସ୍ତ୍ରୀ) on account of old age.

ଜରାଦ—ସଂ. ବି—ଝିଣ୍ଟିକା (ହି. ଶବ୍ଦସାଗର)—
Jarāda Grasshopper.

ଜରାବସ୍ଥା—ସଂ. ବି (ଜରା+ଅବସ୍ଥା)—ଅତି ବୃଦ୍ଧ ଅବସ୍ଥା—
Jarābasthā Extreme old age.

ଜରାଭୀରୁ—ସଂ. ବି(୫ମୀ ତତ୍; ଜରା+ଭୀରୁ)—କାମ—
Jarā-bhiru Cupid.

ଦଶନ ଜରାଭୀରୁ ଭୀରୁ ସମା ରମ୍ଭାଭରୁ ଭରୁ
ଧରି ବକେ ଦୃଷ୍ଟି କରୁ କରୁ—ଭଞ୍ଜ ପ୍ରେମସୁଧାନିଧି ।

ସଂ. ବିଣ—ବାର୍ଦ୍ଧକ୍ୟ ହେତୁ ଭୀତ; ଯେ ବୁଢ଼ା ହେବାକୁ ଡରେ—
Afraid of old age,

ଜରାୟୁ—ସଂ. ବି. (ଜରା+ଇ ଧାତୁ=ପ୍ରାପ୍ତ ହେବା+କର୍ତ୍ତୃ.ଉ)—
Jarāyu ୧ । ଗର୍ଭାଶୟ – 1. Womb; uterus.
୨ । ଜଟାୟୁ ପକ୍ଷୀ—2. Name of a mythological vulture of great prowess.
୩ । ଭ୍ରୂଣ; ଗର୍ଭସ୍ଥ ଶିଶୁ—3. Embreyo.
୪ । ଅଗ୍ନିଜାର ବୃକ୍ଷ (ଦେଖ)
4. Agnijāra tree (See)
୫ । କାର୍ତ୍ତିକେୟଙ୍କ ଅନୁଚରବିଶେଷ—5. Name of an attendant of Kārttikeya.
୬ । ଯୋନି (ହି. ଶବ୍ଦସାଗର)—6. Female organ.

ଜରାୟୁଜ—ସଂ. ବିଣ. (ଜରାୟୁ+ଜନ୍ ଧାତୁ+କର୍ତ୍ତୃ. ଅ)—
Jarāyuja ଯେଉଁ ଜୀବମାନେ ମାତୃଗର୍ଭସ୍ଥ ଜରାୟୁ ମଧ୍ୟ ଦେଇ ଜନ୍ମ ଗ୍ରହଣ କରନ୍ତି—Born from the womb; viviparous.
[ଦ୍ର—ଜନ୍ମ ପ୍ରଣାଳୀଭେଦରେ ପ୍ରାଣୀମାନେ ଜରାୟୁଜ, ସ୍ୱେଦଜ ଓ ଅଣ୍ଡଜ ବୋଲି ଯାଆନ୍ତି । ମନୁଷ୍ୟ ପଶୁ ଆଦି ଜରାୟୁଜ, କୀଟ ଆଦି ସ୍ୱେଦଜ ଓ ପକ୍ଷୀ ଆଦି ଅଣ୍ଡଜ, ମାତ୍ର ବାଦୁଡ଼ି ଜରାୟୁଜ ଶ୍ରେଣୀର ଅନ୍ତର୍ଗତ ।]

ଜରାଳି—ଦେ. ବି—ଜହ୍ଲା (ଦେଖ)
Jarāli Jahlā (See)

ଜରାସନ୍ଧ—ସଂ.ବି.(ନାମ)(ଜରା ନାମକ ରାକ୍ଷସୀ ଦ୍ୱାରା ସନ୍ଧି=ଯୋଜିତ; ଏ
Jarāsandha ଜନ୍ମ ହେଲା ବେଳେ ଦୁଇ ମାତାଙ୍କ ଗର୍ଭରୁ ଦୁଇଫାଳ ହୋଇ ଜନ୍ମ ହୋଇଥିଲେ, ଜରା ନାମକ ରାକ୍ଷସୀ ଏହାଙ୍କୁ ଯୋଡ଼ି ଦେବାରୁ ଏ ବଞ୍ଚି ପୂର୍ଣ୍ଣଶରୀରତା ପ୍ରାପ୍ତ ହୋଇଥିଲେ)—ମଗଧ ଦେଶର ରାଜା; ଚନ୍ଦ୍ର ବଂଶୀୟ ରାଜା ବୃହଦ୍ରଥଙ୍କ ପୁତ୍ର -
(ଜରାକୁମାର, ଜରାପୁଷ୍ଟ, ଜରାପୂର୍ଣ୍ଣ, ଜରାସୁତ — ଅନ୍ୟରୂପ)
A king of Magadha; the son of Bruhadratha, killed by Bhima.

ଦନ୍ତ ବକ୍ରଟ ମହାମଦ
କାଳଦମନ ଜରାସନ୍ଧ । ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—କଂସ ଏହାଙ୍କ ଜାମାତା ଥିଲେ । କୃଷ୍ଣ କଂସକୁ ବଧ କରି ଅଛନ୍ତି, ଏହା ଶୁଣି ଏ ସୈନ୍ୟ ସାମନ୍ତ ସହ ୧୮ ଥର ମଥୁରା ଆକ୍ରମଣ କରି ପରାସ୍ତ ହୋଇ ପଳାଇ ଯାଇଥିଲେ । ଏ ବହୁ ସହସ୍ର ରାଜାଙ୍କୁ ଧରି ଆଣି ବନ୍ଦୀ କରି ରଖିଥିଲେ । ଯୁଧିଷ୍ଠିର ରାଜସୂୟ ଯଜ୍ଞ କଲାବେଳେ ରାଜାମାନଙ୍କୁ ମୁକୁଳାଇ ଦେବାକୁ ଏହାଙ୍କୁ ଅନୁରୋଧ କରିବାରୁ ଏ ଅସ୍ୱୀକାର କଲେ । ଏଥିରେ ଭୀମ ତାହାଙ୍କୁ ଦ୍ୱନ୍ଦ୍ୱ ଯୁଦ୍ଧ କରିବାକୁ ଆହ୍ୱାନ କରିବାରୁ ଏ ଭୟରେ ଯାଇ ଆପଣା ରାଜଧାନୀ ଗିରିବ୍ରଜସ୍ଥ ଆପଣାର ଅନ୍ତଃପୁର ମଧ୍ୟରେ ଲୁଚି ରହିଲେ । ଏହାଙ୍କ ସିଂହଦ୍ୱାରରେ ଗୋଟିଏ ଗଧ ବନ୍ଧା ଥାଏ । କୌଣସି ଶତ୍ରୁ ଆସିଲେ ସେ ଗଧ ବୋବାଳି ଛାଡ଼ି ଜରାସନ୍ଧଙ୍କୁ ଶତ୍ରୁର ଆଗମନ ଜଣାଇ ଦିଏ ଓ ଶତ୍ରୁମାନେ ତାଙ୍କୁ ମାରି ନ ପାରି ଫେରି ଯାଆନ୍ତି । ଶ୍ରୀକୃଷ୍ଣ ଏହା ଜାଣି ଅର୍ଜ୍ଜୁନ ଓ ଭୀମଙ୍କ ସଙ୍ଗରେ ଛଦ୍ମବେଶରେ ଯାଇ ସେ ଗଧକୁ ପ୍ରାର୍ଥନା କରି ତା ମୁହଁରେ ଗୋଟିଏ ଶଙ୍ଖ ପୂରାଇ ଦେଲେ (ଏଣୁ କଥିତ ଅଛି ଯେ କାମ ପଡ଼ିଲା ବେଳେ ପ୍ରଭୁ ଗଧ ପାଦ ଧରିଥିଲେ) । ଭୀମଙ୍କ ଆଗମନ ସମୟରେ ଗଧ ରଡ଼ି କରିବାରୁ ତାହା ଗଧ ରଡ଼ି ପରି ନ ଶୁଭି ଶଙ୍ଖଧ୍ୱନି ପରି ଶୁଭିଲା ଓ ଜରାସନ୍ଧ ସତର୍କ ହୋଇ ନ ପାରି ଅନ୍ତଃପୁରରୁ ବାହାରି ଆସିଲେ ଓ ଭୀମ ଦ୍ୱନ୍ଦ୍ୱ ଯୁଦ୍ଧରେ ତାହାଙ୍କୁ ବଧ କଲେ ।]

୧	ଇ	ଉ	ଋ,ଌ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଢ଼
୨.	ଈ	ଊ	ୠ	ଌ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଂ	ଇଅ	ଢ଼	ନ୍

ଜରା ଶବର—ସ. ବ—ଭାଗବତୋକ୍ତ ବ୍ୟାଧର ନାମ—
Jarā śabara Name of a hunter mentioned in the Bhāgabata.

[ଦ୍ର—ଏହାର ବାଣ ଶ୍ରୀକୃଷ୍ଣଙ୍କ ପାଦରେ ବାଜିବାରୁ ଶ୍ରୀକୃଷ୍ଣ ମର ଦେହ ତ୍ୟାଗ କଲେ । ଶ୍ରୀକୃଷ୍ଣ ଅରଣ୍ୟରେ ଏକ ଅଶ୍ୱ ଉପରେ ଅନ୍ୟ ଗୋଡ଼ର ପାଦକୁ ରଖି ନିଦ୍ରା ଯାଇ ଥିଲେ । ଶ୍ରୀକୃଷ୍ଣଙ୍କର ଚିହ୍ନିକା ହୋଇଥିବା ପାଦାଗ୍ରକୁ ଜରା ମୃଗର କର୍ଣ୍ଣ ଭ୍ରମକରି ଶର ମାରିଥିଲା ।]

ଜରି—ବୈଦେ. ବ. (ଅ. ଜରୁ=ସୁନା)—ସୁନାଲି ଓ ରୁପାଲି ସୂତା;
Jari ବସ୍ତ୍ରାଦିରେ କାରୁକାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ସୁନା
ଜରି ଓ ରୂପାର ବା ପିତ୍ତଳର ଅତି ସୂକ୍ଷ୍ମ ତନ୍ତୁ—
ड़ोरी; ज़री; गोटा Gold and silver lace.

ଦେ. ବ—୧ । ଜରି ଗଛ (ଦେଖ)
1. Jari gachha (See)

୨ । (ସ. ଦରୀ)—ଗିରିଗହ୍ୱର; ଗୁମ୍ଫା—
2. Mountain-cave.

୩ । (ସଂ. ଜଲୀ)—ନଦୀବଢ଼ି ଛାଡ଼ିଗଲେ ନଦୀ କୂଳବର୍ତ୍ତୀ ଯେଉଁ ଯେଉଁ ଗଭୀର ସ୍ଥାନରେ ନଈପାଣି ରହିଯାଇ ଥାଏ—3. Deep channels or pools full of standing water left on the banks of a river after the subsidence of flood.

ଜରିଆ—ବୈଦେ. ଅ. (ଫା. ଜରିଏ)—ଦ୍ୱାରା; ବାଟେ—
Jariā Through; by; by way of.
ଜରିଆ (ଯଥା—ଲାଟସାହେବଙ୍କ ନିକଟକୁ କୌଣସି ଆବେଦନ
जरिया ପତ୍ର ପଠାଇବାକୁ ହେଲେ ତାହା ସ୍ଥାନୀୟ ହାକିମମାନଙ୍କ ଜରିଆରେ ପଠାଇବାକୁ ହୁଏ ।)
ଜରିଦାର ଦେ. ବଣ—ଜରିଦାର; ଜରିଯୁକ୍ତ—Furnished with
ज़रदार golden lace; interwoven with lace.

ଜରିଆରେ—ବୈଦେ. ଅ - ଜରିଆ (ଦେଖ)
Jariāre Jariā (See)

ଜରିକସି—ବୈଦେ. ବ. (ଫା. ଜରିକସି; ଭୁଲ ଫା. ଜାରିକସି)—
Jarikasi ଲୁଗାଆଦିରେ ବୁଣାଯାଇ ଥିବା ଜରିକାମ—
ଜରିକସି Gold and silver embroidery; gold and
ज़रकशि silver lace-work; stuff or cloth interwoven with golden and silver lace.

ଜରି ଗଛ—ଦେ. ବ—ବରଜାତୀୟ ଏକପ୍ରକାର ବନ୍ୟ ଗଛ; ଏହା ପୁରୁଣା
Jari gachha ଭଙ୍ଗାକୋଠା ଓ ଦେଉଳମାନଙ୍କ ପଥର ଓ ଇଟା
ସ. ପ୍ଲକ୍ଷ; ପର୍କଟୀ ସନ୍ଧିସ୍ଥାନଙ୍କରେ ଉଠି ଚେରଦ୍ୱାରା କୋଠା ପ୍ରଭୃତିକୁ
ଗୃଦ୍ଧୁଦର୍ଶନ; ଫଟାଇ ଦିଏ । ଏହାର ଚେର ବନ୍ଧୁରୁକୁ ଭେଦବାରୁ
ଗର୍ଦ୍ଦଭାଣ୍ଡ ଏହା ସହଜରେ କୋଠା ପ୍ରଭୃତିକୁ ଉନ୍ମୂଳ କରିଯାଇ
ପାକୁଡ଼ ପାରେ କାହିଁ—A banyan-like wild tree
पाखर found growing on the crevices of
ତେ. ଜୁବ୍ବି stones and bricks of old dilapidated buildings and sending its roots deep down into the crevices and widening them and causing the structure to totter; Fecus Retusa.

[ଦ୍ର—ପକ୍ଷୀ ଓ କୃଷ୍ଣମାନେ ଏହାର ଫଳକୁ ଖାଇ କୋଠା ପ୍ରଭୃତି ଉପରେ ବସି ମଳତ୍ୟାଗ କରନ୍ତି । ଉକ୍ତ ମଳରୁ ସାଙ୍ଗ ବଢ଼ିଯାଇ ଗଛ ଉଠେ ।]

ଜରି ଗୁଳ୍ମ—ଦେ. ବ.—ସାନ ଜରି ଗଛ (ଦେଖ)
Jari gulma Small jari gachha (See)

ଜରିଗୁଳ୍ମାଙ୍କ ଗାର୍ତ୍ତ ସୌଧ ଶୀର୍ଷ । ସ୍ୱଧାନାଥ. ଜଯାତ ।

ଜରିତ—ଗ୍ରା. ବଣ. (ପ୍ରାଚୀନ ପଦ୍ୟ)—ଜର୍ଜରିତ—
Jarita Overwhelmed.

ଏମନ୍ତ ମଦନେ ଖେଦଭର ତନୁ ଜରିତ ଶ୍ରୀ ଗୋପୀନାଥ । ପ୍ରାଚୀ. ରସବ ଭଦ୍ର ।

ଜରିଦାର—ଦେ. ବଣ.—ଜରିଯୁକ୍ତ (ବସ୍ତ୍ରାଦି)—
Jari-dār (cloth etc) Having lace;
ଜରିଦାର embroidered with lace.
ज़रिदार

ଜରିଧଡ଼ି—ଦେ. ବ.—ଜରିରେ ନିର୍ମିତ ବା ବୁଣା ଲୁଗାର ଧଡ଼ି—
Jari-dhaṛi Lace-border of cloth.
ଜରିପାଡ଼ ବଣ.—ଯାହାର ଧଡ଼ିରେ ଜରି ଲାଗିଥାଏ—
ज़रीकोनारी Having lace-work in its border.

ଜରିପ୍ (ଇତ୍ୟାଦି)—ଜରିବ୍ ଇତ୍ୟାଦି (ଦେଖ)
Jarip (etc) Jarib etc (See)

ଜରିପଞ୍ଜର—ଦେ. ବ. ଫା. (ଜରି+ସ. ପଞ୍ଜର)—ସୁନାଲି ବା ରୁପାଲି କାମ
Jari-pañjara ହୋଇଥିବା ସ୍ୱଚ୍ଛ କାଚର ପ୍ରଦୀପ ବା ଦୀପାଧାର—
ଜରିପଞ୍ଜରୀ } —ଅନ୍ୟରୂପ Lantern; crystal-glass-
ଜରିପଞ୍ଜୁରୀ } lamp; glazed lampstand with gilt work.

ଜରିପାଗ—ଦେ. ବ.—ଯେଉଁ ପାଗ ବା ପଗଡ଼ିରେ ଜରି କାମ ହୋଇ
Jari-pāga ଥାଏ—A turban wrought with
ज़रीपागड़ी lace.
लैसका पगीया

ଜରିବ୍—ବୈଦେ. ବ. (ଅ. ଜରିବ୍=ଜମି ମାପିବା)—୧ । ନିର୍ଦ୍ଦିଷ୍ଟ
Jarib ପରିମାଣବିଶିଷ୍ଟ ଦଣ୍ଡ ବା ଶିକୁଳିଦ୍ୱାରା ଜମିର ମାପ—
ଜରୀବ 1. Cadastral survey.
जरीब ୨ । ଶିକୁଳିଦ୍ୱାରା ଜମି ମାପ—2 Chain-survey.

୩ । ଚେନ୍; ଜମି ମାପିବାର ଶିକୁଳି—
3. Measuring or surveying chain.

୪ । ୧୦୦ ଲିଙ୍କ୍ ବା ୨୨ ଗଜ ପରିମିତ ଭୂମି ମାପିବାର ଚେନ୍—Gunter's chain.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ;

୫ । ଏକ ଚେନ୍ ପରିମିତ ଦୈର୍ଘ୍ୟ—5. A length of one chain (66 feet or 100 links).

[ଦ୍ର—ଜରିବ ବା ଚେନରେ ୧୦୦ ଖଣ୍ଡି ଲୁହାକାଡ଼ି ଥାଏ ଓ ଉକ୍ତ କାଡ଼ିମାନ ଗୋଟିଏ ଲେଖାଏଁ ମୁଦିଆ ଦ୍ୱାରା ପରସ୍ପର ସଙ୍ଗେ ଯୋଡ଼ା ହୋଇଥାଏ । ଏ ଲୁହା କାଡ଼ିମାନଙ୍କୁ ଲିଙ୍କ୍ ବା କଡ଼ି ବୋଲାଯାଏ ।]

ଜରିବ୍ ଅମୀନ—ବୈଦେ. ବି. (ଆ)—ଯେଉଁ ଅମୀନ ଭୂମି ମାପ କରେ—
Jarib amina — Surveyor.
জরিব আমীন
जरिब अमीन

ଜରିବ୍ ଜମାବନ୍ଦି—ବୈଦେ. ବି. (ଆ)—ଜରିବ୍ ବନ୍ଦୋବସ୍ତ (ଦେଖ)
Jarib jamābandi — Jarib bandobasta (See)
জরীব জমাবন্দি
जरीब जमाबन्दि

ଜରିବ୍ କସ୍—ବୈଦେ. ବି—(ଆ)—ଜମି ମାପ ବେଳେ ଯେଉଁ ଲୋକ ଶିକୁଳିକୁ ଟାଣେ; ଚେନ୍‌ମାନ୍—
Jarib-kas — A chainman.
জরীবকস
जरीबकस

ଜରିବ୍ ବନ୍ଦୋବସ୍ତ—ବୈଦେ. ବି. (ଆ)—ଭୂମିକୁ ମାପ କରି ଭୂମି ଉପରେ ରାଜସ୍ୱ ବନ୍ଦୋବସ୍ତ ବା ସ୍ଥିର କରିବାର ପ୍ରକ୍ରିୟା—Cadastral survey and settlement of rent.
Jarib bandobasta

ଜରିବ୍ ଭଉଁରିଆ—ଦେ. ବି—ଚେନ୍ ଦ୍ୱାରା ମାପ କରାଯାଇଥିବା ପ୍ରତ୍ୟେକ କ୍ଷେତ୍ରର ବିବରଣ (ଯଥା—ଦୀର୍ଘ, ପ୍ରସ୍ଥ, ଦଗ, ଅବସ୍ଥିତି ଓ କ୍ଷେତ୍ରଫଳ) ଯେଉଁ କାଗଜରେ ଲେଖାଥାଏ; ମଡ଼ାଣ ଭଉଁରିଆ—Field-book of cadastral survey.
Jarib bhaun̄riā

ଜରିବ୍ କଡ଼ିମାପ—ଦେ. ବି—ଚେନ୍‌ର କଡ଼ି ଅନୁସାରେ ଜମିର ମାପ—
Jarib kar̤imāpa — Measurement of land according to the system of chain and links.
জরিবমাপ
जरीबनाप

[ଦ୍ର—ବାବୁ ରାଧାକୃଷ୍ଣ ବସୁ କଡ଼ିମାପରେ ଜମିର କ୍ଷେତ୍ରଫଳ ମାଣ ଓ ଗୁଣ୍ଠରେ ସ୍ଥିର କରିବାର ଏକ ନୂତନ ସୂକ୍ଷ୍ମ ପଦ୍ୟରେ ରଚନା କରିଅଛନ୍ତି; ଯଥା —
ଜରିବକୁ କଡ଼ି ମାଗ ଅଠ ଗଣ୍ଡା, କଡ଼ି କଡ଼ି ଚିହ୍ନ ଅଠ
ଜରିବେ ଜରିବେ ଅଢ଼ାଇ ଗୁଣ୍ଠକୁ, ମନେ ହେବୁ କର ଗୁଣ୍ଠ,
ଷଟେକ କଡ଼ିରେ ଜରିବ କୁହଇ, ପଢଣ ତତ୍ତ୍ୱରେ କଡ଼ା
ବସୁ ରାଧାକୃଷ୍ଣ, ସୂତ୍ରରେ ଭଣିଲେ, ଗୁଣୀଙ୍କୁ ଏକାଳେ ଲୋଡ଼ା ।]

ଜରିବସ୍ତ୍ର—ଦେ. ବି—ମୁହଁରେ ଓ ଧଡ଼ିରେ ଜରି ଲଗିଥିବା ଲୁଗା—
Jari-bastra — A cloth wrought with lace.
जरीकापड़ ବାତାସୁ ଲୋଟିଳ ଜରିଶେଷୁ ଜରିବସ୍ତ୍ର । ରାଧାନାଥ ।
जरीकपड़ा

ଜରିବା—ଦେ. କ୍ରି. (ସଂ. ଜୃ ଧାତୁ)—୧ । (କୌଣସି ପଦାର୍ଥର ମଧ୍ୟରେ ଜଳ ଲବଣ ଆଦି) ଉତ୍ତମରୂପେ ଭେଦି ଯିବା; ଜଡ଼ିତ ହେବା; ମିଳି ମିଶି ଯିବା—1. To be absorbed (said of water, oil salt etc).
Jaribā
জরা
जरना

୨ । ଅଗ୍ନି ଉତ୍ତାପରେ (ଘୃତ ତୈଳାଦି) ନିର୍ଜଳ ହେବା—
2. (oil or ghee) To become freed from water by application of heat.

୩ । (ଲକ୍ଷଣାର୍ଥ) ଜୀର୍ଣ୍ଣ ଶୀର୍ଣ୍ଣ ହେବା—
3. (figurative) To be worne out.

ଜିଁ ଜିଁ ଅସ୍ତ୍ର ଜରି ଘୋର ବ୍ୟାଘ୍ରୀ ପରି
ତା କ୍ରୂର ନଖଘାତେ ଯାଉ ଦେହ ଜରି—ମଧୁସୂଦନ, ବସନ୍ତଗାଥା ।

୪ । (ଖାଦ୍ୟ) ଜୀର୍ଣ୍ଣ ହେବା—
4. (food) To be digested.

ପ୍ରାଦେ. (ସମ୍ବଲପୁର) କ୍ରି—(ଗୋମେଷାଦି) ଚରିବା—
(cattle) To graze.

ଜରିବାନା (ଇତ୍ୟାଦି)—ବୈଦେ.ବି.—ଜରିମାନା ଇତ୍ୟାଦି (ଦେଖ)
Jaribānā (etc) — Jarimānā etc (See)

ଜରିବୁଟା—ବୈଦେ. ବି (ଫା)—ଲୁଗାଆଦିରେ ଜରିଦ୍ୱାରା ବୁଣା ଯାଇଥିବା ନକ୍ଷତ୍ରାକାର ବିନ୍ଦୁ ଓ ବର୍ତ୍ତୁଳ ଚିହ୍ନମାନ—Starlike points of lace woven on cloth; spangles.
Jari-buṭā
জরিবুটা
जरीबुटा ଜରିବୁଟା କଞ୍ଚ କସିବା ପଡ଼
କୁସୁମ୍ଭ ଦ୍ରବେ ଯାଇଅଛି ଜଡ଼ି—କବିସୂର୍ଯ୍ୟ, ଚନ୍ଦ୍ରକଳା ।

ଜରିବୁଟି—ପ୍ରାଦେ. (ସମ୍ବଲପୁର) ବି—ଜଡ଼ିବୁଟି (ଦେଖ)
Jari-buṭi — Jar̤i-buṭi (See)

ଜରିମା—ସଂ. ବି. (ଜରା+ଇମନ୍; ୧ମା. ୧ବ.)—ବୃଦ୍ଧାବସ୍ଥା—
Jarimā — Old age.

ଜରିମାନ୍—ବୈଦେ. ବି. (ଅ. ଦରମାନ୍; ଦରମିଆନ୍)—ହଲପ—
Jarimān — Taking oath by touching some sacred thing.

ଜରିମାନ୍ ଦେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ସତ୍ୟ କହିବା ନିମନ୍ତେ ହଲପ ଛୁଆଁଇବା—To administer special oath to a person.
Jarimān debā

ଜରିମାନା—ବୈଦେ. (ଆ. ଜୁର୍ମାନା)—ଗୁଣାଗାରି; ଅର୍ଥଦଣ୍ଡ; ଦଣ୍ଡ—
Jarimānā — Fine.
জরিমানা ମାଡ଼ଏ ମରନ୍ତି ଜରିମାନା ଦେଇ—ରାଧାନାଥ, ଦରବାର ।
जरिमाना; जुरमाना

ଜରିମାନା କରିବା—ଦେ. କ୍ରି—ଅର୍ଥ ଦଣ୍ଡରେ ଦଣ୍ଡିତ କରିବା; ଡଣ୍ଡିବା—
Jarimānā karibā — To mulct; to impose a fine; to pass a sentence of fine.
জরিমানা করা
जुरमाना करना ରହିଥାଅ ଟିକେ, କରି ଜରିମାନା
ଧନେ ପୁରଇବା ଲାଗି ମାଲଖାନା—ରାଧାନାଥ, ଦରବାର

୧	ଇ	ଉ	ରୀ,ରି	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଝ
୨	ଈ	ଊ	ରୁ	ଲୃ	ଯ଼େ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୱ	ନ୍ନ

ଜରିମୁହଁ—ଦେ. ବି—ଜରି ବୁଣା ହୋଇଥିବା ଲୁଗାର ମୁହଁ ବା ପ୍ରାନ୍ତ—
Jari-muhañ The end of a cloth having lace in it.
जरीमुहुँडा

ଜରିମୁହାଁ—ଦେ. ବଣ—ଯେଉଁ ଲୁଗାର ମୁହଁ ବା ପ୍ରାନ୍ତରେ ଜରି ବୁଣା
Jari-muhāñ ହୋଇ ଥାଏ—(cloth) Having the ends embroidered with gold or silver thread.

ଜରିମୁହୁଣ୍ଡା—ଦେ. ବଣ—ଜରିମୁହାଁ (ଦେଖ)
Jari-muhundā Jarimuhāñ (See)
ଦେ. ବ—ଜରିମୁହଁ (ଦେଖ)
Jarimuhañ (See)

ଜରୀ—ସଂ. ବଣ. ପୁଂ. (ଜର୍ + ଅସ୍ତ ଅର୍ଥରେ. ଇନ୍; ୧ମା. ୧ବ)—
Jari ୧ । ଜରାଯୁକ୍ତ—1. Old.
(ଜରିଣୀ—ସ୍ତ୍ରୀ) ୨ । ଜୀର୍ଣ୍ଣ—2. Decrepit.
ବୈଦେ. ବ. (ଆ. ଜର୍=ସୁନା)—ସୁନା ରୁପାର ସରୁ ସୂତା—
Golden or silver lace; very fine threads of gold and silver.

ଜରୁଆ—ଦେ. ବଣ. ପୁଂ. (ସଂ. ଜ୍ୱର)—୧ । ଜ୍ୱର ରୋଗାକ୍ରାନ୍ତ—
Jaruā 1. Suffering from fever; fevered.
जरुआ ୨ । ଯେ ବହୁକାଳ ଜ୍ୱର ଭୋଗୁ ଥାଏ—
ଜରେଇ / ଜରେଈ } ସ୍ତ୍ରୀ. 2. Suffering from chronic fever.

ଜରୁଥ—ସଂ. ବ—ମାଂସ (ହ. ଶବ୍ଦସାଗର)—
Jarutha Flesh.
ସଂ. ବଣ.ପୁଂ.—କଟୁଭାଷୀ (ହ. ଶବ୍ଦସାଗର)—
(ଜରୁଥା—ସ୍ତ୍ରୀ) Harsh-speaking.

ଜରୁର—ବୈଦେ. ଅ. (ଫା)—୧ । ଅତି ଶୀଘ୍ର; ଶୀଘ୍ର; ଅନତି ବିଳମ୍ବେ—
Jarur 1. Very soon; shortly; at once.
जरुर ୨ । ନିଶ୍ଚୟ—2. Certainly; without fail.
जरुर ବଣ—ଜରୁରି (ଦେଖ)
Jaruri (See)

ଜରୁରତ—ବୈଦେ. ବ. (ଫା)—ଅତ୍ୟନ୍ତ ଆବଶ୍ୟକ ହେବା; ଅଶୁ
Jarurat ପ୍ରୟୋଜନ—Urgency; dire necessity.
जरुरत
ज़रुरत
(ଜରୁରାତ୍—ଅନ୍ୟରୂପ)

ଜରୁରି—ବୈଦେ. ବଣ. (ଫା)—୧ । ଅନତିବିଳମ୍ବେ କର୍ତ୍ତବ୍ୟ—
Jarury 1. Very urgent.
जरुरी ୨ । ଯାହା ନ ହେଲେ ନ ଚଳେ; ଅତ୍ୟନ୍ତ ଆବଶ୍ୟକ;
ज़रुरी ଏକାନ୍ତ ପ୍ରୟୋଜନୀୟ—2. Absolutely necessary; indispensable; very important.
୩ । ଅନିବାର୍ଯ୍ୟ—3. Unavoidable.

ବ—ଜରୁରତ (ଦେଖ)
Jarurat (See)

ଜରୋର୍—ବୈଦେ. ବଣ. (ଅ ଜରୁର୍)—ଜରୁର୍ (ଦେଖ)
Jaror Jarur (See)
ବଡ଼ ଗୁମାସ୍ତା ମତେ ଜରୋର୍ ପଠାଇ ଦେଲେ ।
ଭକାରି-ସାଂସାରିକ ଚିଠି ।
ବଣ—ଜରୁରି (ଦେଖ)
Jaruri (See)

ଜରୋରତ୍—ବୈଦେ. ବ. (ଅ—ଜରୁରତ୍ (ଦେଖ)
Jarorat Jaruri (See)

ଜରୋରି—ବୈଦେ. ବଣ. (ଅ)—ଜରୁରି (ଦେଖ)
Jarori Jarurat (See)

ଜରୋଲ୍—ଦେ. ବ—ଏକ ପ୍ରକାର ଜଙ୍ଗଲି ଗଛ—
Jarol Jarrole tree (a wild tree).
जरोल [ଦ୍ର—ଏହାର କାଠ ଖୁବ ମଜଭୁତ୍ । ଏ କାଠରେ
जरोल ନଉ, ଖୁଣ୍ଟ, ଗାଡ଼ିର ଚକ ଆଦି ହୁଏ । ଏ ଗଛ ସିଲ୍‌ହଟ୍, କଛାଡ଼, ଚଟଗ୍ରାମ ଓ ଉତ୍ତର ମାଲଗିରିରେ ହୁଏ ।]

ଜର୍ଜ—ବୈଦେ. ବ. (ନାମ) ପୁଂ. (ଇଂ)—ଇଂରାଜ ପୁରୁଷ ବ୍ୟକ୍ତିଙ୍କ
Jarj ନାମବିଶେଷ—An English personal name.
(ଜର୍ଜ୍ଜ—ଅନ୍ୟରୂପ)

ଜର୍ଜ୍ ଦି ଫିଫ୍‌ଥ୍—ବୈଦେ. ବ. (ନାମ) ଇଂ.—ବର୍ତ୍ତମାନ ଇଂଲଣ୍ଡର ରାଜା
Jarj di phiphth ଓ ଭାରତ ସମ୍ରାଟ; ପଞ୍ଚମଜର୍ଜ; ଜର୍ଜ ନାମଧାରୀ ଇଂଲଣ୍ଡର ୫ମ ରାଜା—George V; King of England and the Emperor of India.
[ଦ୍ର—ଇଂଲଣ୍ଡର ସିଂହାସନକୁ ଅଧିକାର କରିଥିବା ଜର୍ଜ୍ ନାମଧାରୀ ରାଜାଙ୍କ ମଧ୍ୟରେ ଏ ପଞ୍ଚମ ଅଟନ୍ତି ।]

ଜର୍ଜର—ସଂ. ବଣ. (ଜୃ ଧାତୁ + କର୍ତ୍ତୃ. ଅ; ନିପାତନ, ଦ୍ୱିତ୍ୱ)—
Jarjara ୧ । ଅଭିଭୂତ; ଆକ୍ରାନ୍ତ—
(ଜର୍ଜ୍ଜର—ଅନ୍ୟରୂପ) 1. Attacked; overwhelmed.
୨ । ଜରଜର; ସର୍ବାଂଶରେ ବ୍ୟାପ୍ତ—
2. Suffused; spread over the whole.
୩ । ଦୁର୍ଶୀର୍ଣ୍ଣ—3. Debilitated.
୪ । ଭଗ୍ନ; କ୍ଷୟପ୍ରାପ୍ତ; ଜୀର୍ଣ୍ଣ; ଫଟା; ଗଳିତ—
4. Decayed; cracked; worne out; tattered; torne.
୫ । ଚୂର୍ଣ୍ଣିତ—5. Shattered; powdered.
୬ । ଶିଥିଳ; ଶ୍ଳଥ—6. Relaxed; slackened.
୭ । ବୁଢ଼ା; ଜରାଗ୍ରସ୍ତ—7. Decrepit; very old.
୮ । ପୂର୍ଣ୍ଣରୂପେ ପକ୍ୱ (ପତ୍ର)—8. Very ripe (leaf).
ଜର୍ଜର ତମାଳ ତଳ ପତ୍ର ଝଡ ପଡ଼ ଟେ ।
କବିସୂର୍ଯ୍ୟ- ବଳଦେବ ଚମ୍ପୂ. କ. ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅନ୍ଧୋ' ନ ପାଇଲେ 'ଅନ୍ଧା' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ବି.—୧ । ଶୈଳଜ; ଶିଳାଜତୁ —
1. Bitumen; benzoin.
୨ । ଇନ୍ଦ୍ରଧ୍ୱଜ—2. A flag consecrated to Indra.
୩ । ଗୈରିକ; ଗେରୁ—3. Red ochre.

ଜର୍ଜରିକ—ସଂ. ବିଣ. (ଜର୍ଜର+ଇକ)=୧ । ଜୀର୍ଣ୍ଣ; ଶୀର୍ଣ୍ଣ—
Jarjarika — 1. Worne out; decayed.
(ଜର୍ଜ୍ଜରିକ—ଅନ୍ୟରୂପ) ୨ । ଜରାଗ୍ରସ୍ତ—2. Struck or debilitated with old age.
୩ । ପୁରାତନ ଓ ବହୁ ଛିଦ୍ରଯୁକ୍ତ—3. Perforated with holes and worne out (through age).

ଜର୍ଜରିତ—ସଂ. ବିଣ ଓ ବିଂ. (ଜୃ ଧାତୁ+କର୍ମ ତ; ନିପାତନ, ଦ୍ୱିତ୍ୱ)—
Jarjarita — ଜର୍ଜର (ଦେଖ)—Jarjara (See)
(ଜର୍ଜ୍ଜରିତ—ଅନ୍ୟରୂପ)

ଜର୍ଡ଼ା—ପ୍ରାଦେ. (ସମ୍ବଲପୁର) ବି—ଜହ୍ଲା (ଦେଖ)
Jarṛdā — Jahlā (See)

ଜର୍ଣ୍ଣ—ସଂ. ବି—୧ । ଚନ୍ଦ୍ରମା (ହି. ଶବ୍ଦସାଗର)—1. Moon.
Jarṇṇa ୨ । ବୃକ୍ଷ (ହି. ଶବ୍ଦସାଗର)—2. Tree.

ଜର୍ଣ୍ଣିଲ୍—ବୈଦେ. ବି—୧ । (ଇଂ. ଜେନେରଲ୍)—ସୈନ୍ୟାଧ୍ୟକ୍ଷ—
Jarṇṇal — 1. A general or commander of an army.
जर्नल
जनरल; जरनल ୨ । (ଇଂ. ଜର୍ଣ୍ଣଲ୍) ସାମୟିକ ସମ୍ବାଦପତ୍ର—
(ଜର୍ନଲ୍—ଅନ୍ୟରୂପ) 2. Journal.

ଜର୍ଣ୍ଣିଲ୍ କର୍ଣ୍ଣିଲ୍—ବୈଦେ. (ସହଚର)—ବି. (ଇଂ. ଜେନେରଲ୍ ଓ କର୍ଣ୍ଣେଲ୍)—ପଲ୍ଟଣର ଉପରସ୍ଥ ଅଧ୍ୟକ୍ଷ—
Jarṇṇal karṇṇal
जर्नल कर्नल — The general and colonel of an army.
जनरल करनल
(ଜର୍ନଲ୍ କର୍ନଲ୍—ଅନ୍ୟରୂପ)

ଜର୍ଣ୍ଣିଲି ଅର୍ଡ଼ର୍—ବୈଦେ. ବି. (ଇଂ. ଜେନେରଲ୍+ଅର୍ଡର୍)—
Jarṇṇali ardar — ଜର୍ଣ୍ଣିଲି ହୁକୁମ (ଦେଖ)
जर्नल आड़र — Jarṇṇali hukuma (See)
जरनली आर्डर

ଜର୍ଣ୍ଣିଲି ହୁକୁମ—ବୈଦେ. ବି. (ଇଂ. ଜେନରଲ୍ ଓ ଫା. ହୁକ୍‌ମ୍)—
Jarṇṇali hukuma — ଯେଉଁ ହୁକୁମର ଅପିଲ ଶୁଣିବାକୁ ଉପରେ
जर्नलि हुकुम — କେହି ନ ଥାଏ, ନାତକ୍ ହୁକୁମ; ଯେଉଁ
जनरली हुक्म — ଆଦେଶକୁ ଅବଶ୍ୟ ପାଳନ କରିବାକୁ ହେବ; ଅଲଙ୍ଘ୍ୟ ଆଦେଶ—An order under the martial law; an order which must be obeyed at any cost (like an order issued to the soldiers by the commander.

[ଦ୍ର—ଇଂରେଜମାନେ ପ୍ରଥମେ ଓଡ଼ିଶାକୁ ଅଧିକାର କରିବା ସମୟରେ ରେଳ ଆଦିର ସୁବିଧା ନ ଥିଲା, ତେଣୁ ପଲ୍ଟଣମାନେ ଚାଲି କରି ସ୍ଥଳପଥ ବାଟେ ଦେଶର ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିଲେ । ପଲ୍ଟଣମାନେ ଜର୍ଣ୍ଣିଲ କର୍ଣ୍ଣିଲଙ୍କ ହୁକୁମରେ ଚାଳିତ ହେଉଥିବାର ଦେଖି ସେହି କାଳରୁ ଏହି ଶବ୍ଦ ପ୍ରଚଳିତ ହୋଇଅଛି । ଜର୍ଣ୍ଣିଲ ଓ କର୍ଣ୍ଣିଲ ସାହେବଙ୍କ ହୁକୁମ ଅଲଙ୍ଘ୍ୟ ଓ ଅବଶ୍ୟ ପାଳନୀୟ ଓ ପ୍ରତିକାରର ଅସାଧ ଥିବାର ସାଧାରଣ ଲୋକେ ଅନୁଭବ ଦ୍ୱାରା ଦେଖୁଥିଲେ ।]

ଜର୍ତ୍ତ—ସଂ. ବି—୧ । ହାତୀ (ହି. ଶବ୍ଦସାଗର)—
Jartta — 1 Elephant.
୨ । ଯୋନି (ହି ଶବ୍ଦସାଗର)—
2. The female organ of generation.

ଜର୍ଦା—ବୈଦେ. ବି—ଜରଦା (ଦେଖ)
Jardā — Jaradā (See)

ଜର୍ଦାଲୁ—ବୈଦେ. ବି. (ଫା)—ଏକପ୍ରକାର କାବୁଲି ମିଷ୍ଟ ଓ ଶୁଷ୍କଫଳ—
Jardālu — A kind of sweet dry fruit brought from Kabul.
[ଦ୍ର—ଏହାର ଉପର ଚୋପା ସୁସ୍ୱାଦୁ ଓ ମିଷ୍ଟ । ଏହା ଭିତରର ଶାଗୁଆ ମଞ୍ଜିକୁ ଭାଙ୍ଗିଦେଲେ ତହିଁ ମଧ୍ୟରୁ ବାଦାମ ପରି ସୁଖାଦ୍ୟ ଶସ ବାହାରେ ।]

ଜର୍କଶି କାମ—ଦେ. ବି. (ବଣିଆ ଶବ୍ଦ) (ଫା. ଜର୍‌କଶି+ସଂ. କର୍ମ)—
Jar-kaśi kāma — ଜରି ପରି ପତଳା ସୁନା ବା ରୂପାର ତାରକଶି-କାମ—Very thin filagree work of gold and silver.

ଜର୍ମ୍—ବୈଦେ. ବି (ଇଂ)—ରୋଗ ବୀଜ; କୀଟାଣୁ—
Jar-m — Germ.

ଜର୍ମନ୍ (ଇତ୍ୟାଦି)—ବୈଦେ. ବିଣ—ଜର୍ମାନ୍ (ଦେଖ)
Jarman (etc) — Jarmān (See)

ଜର୍ମାନ୍—ବୈଦେ. ବିଣ. (ଇଂ. ଜର୍‌ମାନ୍)—
Jarmān — ଜର୍ମାନ୍ ଦେଶୀୟ ବା ଜାତୀୟ—German.

ଜର୍ମାନୀ—ବୈଦେ. ବି. ନାମ (ଇଂ)—ଇଉରୋପର ରାଜ୍ୟବିଶେଷ—
Jarmāni — Germany.
[ଦ୍ର—ପୂର୍ବେ ଏ ରାଜ୍ୟ ଆସିଆ, ଆଫ୍ରିକା ଓ ଆମେରିକାରେ ଅନେକ ସ୍ଥାନ ଅଧିକାର କରି ସାମ୍ରାଜ୍ୟ ବିସ୍ତାର କରିଥିଲା ଓ ଏ ରାଜ୍ୟର ସମ୍ରାଟଙ୍କୁ କାଇଜର୍ ବୋଲି ଯାଉଥିଲା । ବିଗତ ମହାସମର (୧୯୧୪—୧୯୧୮) ଜର୍ମାନୀ ଦ୍ୱାରା ସୂତ୍ରପାତ ହେଲା ଓ ଶେଷରେ ଜର୍ମାନୀ ପରାସ୍ତ ହୋଇ ସନ୍ଧି କଲା । ବର୍ତ୍ତମାନ ଏହା ସାଧାରଣ ତନ୍ତ୍ର ପ୍ରଣାଳୀରେ ଶାସିତ ।]

ଜଳ୍ (ଧାତୁ)—ସଂ—ଆଚ୍ଛାଦନ କରିବା—
Jaḻ (root) — To cover.

ଜଳ୍କା—ପ୍ରାଦେ (ସମ୍ବଲପୁର) ବିଣ—ଜଳକା; ଯାହାର ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇଅଛି—Blear-eyed; dim-sighted.
Jaḻ-kā
(ଜଳ୍କୀ—ସ୍ତ୍ରୀ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍ସ	ଉଅ	ଢ
୨୦	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଂ୍ୟ	ଇଅ	ଢ଼	ନ୍

ଜଲ୍‌କା କରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଗୁଣି ବା ମନ୍ତ୍ରଯନ୍ତ୍ର ଦ୍ୱାରା
Jal-kā kariba̲ କୌଣସି ବ୍ୟକ୍ତିକୁ ବଶ କରିବା—To bring a person under control by employing magical charms.

ଜଲ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜର୍‌କିବା (ଦେଖ)
Jal-kibā Jar-kibā (See)

ଜଲ୍‌ଜଲୁଆ—ପ୍ରାଦେ. (ସମ୍ବଲପୁର) ବଣ—ଅସ୍ପଷ୍ଟ ଭାବରେ ଦେଖାଯିବା;
Jal-jaluā ଝାପ୍‌ସାଳୁଆ—Dimly or indistinctly seen.

ଜଲ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି (ସଂ. ଜ୍ୱଲ ଧାତୁ)—୧। ଜଳିବା—
Jal-bā 1. To burn.
୨। ପୋଡ଼ାଜଳା କରିବା; (ହସ୍ତ ପଦାଦି) ଦାହଯନ୍ତ୍ରଣା ଅନୁଭବ କରିବା—2. To have a burning sensation.

ଜଲ୍‌ବି—ଦେ. ବ—ଜିଲବି (ଦେଖ)—
Jal-bi Jilibi (See)

ଜଳ—ସଂ. ବ (ଜଳ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ)—
Jaḷa ୧। ପାଣି; ବାରି; ଉଦକ—1. Water.
୨। ତରଳ ପଦାର୍ଥ—2. Liquid.

[ଦ୍ର—ସାଧୁଭାଷା ବ୍ୟବହାରପ୍ରିୟ ଲୋକେ ପାଣି ନ କହି ଜଳ, ଭାଲ ନ କହି ଜଳପାନ କହନ୍ତି । ତୀର୍ଥଜଳକୁ ସାଧାରଣତଃ ପାଣି ବୋଲି ନ କହି ଲୋକେ "ଗଙ୍ଗାଜଳ" "ଗୋଦାବରୀ ଜଳ" ବୋଲି କହନ୍ତି । ତୀର୍ଥଜଳ ପରସ୍ପର ମୁହଁକୁ ଦଅଦେଇ ହୋଇ ଦୁଇ ଜଣ 'ଜଳ' ବସନ୍ତି, ଅର୍ଥାତ୍ ବନ୍ଧୁତା ବାନ୍ଧନ୍ତି, ଓ ପରସ୍ପର 'ଜଳ' ବୋଲି ଡକାଡକି ହୁଅନ୍ତି ।]

୩। ଉଶୀର; ବେଣାଚେର (ହି. ଶବ୍ଦସାଗର)—
3. The fragrant root of Beṉā grass.
୪। ପୂର୍ବାଷାଢ଼ା ନକ୍ଷତ୍ର (ହି. ଶବ୍ଦସାଗର)—
4. The 20th asterism.
୫। (ଫଳତଜ୍ୟୋତିଷ) ଜନ୍ମକୁଣ୍ଡଳୀର ଚତୁର୍ଥ ସ୍ଥାନ (ହି. ଶବ୍ଦସାଗର)—5. (astrology) The 4th compartment in a person's horoscope.
୬। ସୁଗନ୍ଧ ବାଲା (ହି. ଶବ୍ଦସାଗର)—
6. Name of a herb.
ସଂ. ବଣ—୧। ଜଡ଼—1 Inext.
୨। ଶୀତଳ—2. Cold.

ଜଳଉଦରୀ—ଗ୍ରା. ବ—ଜଳୋଦରୀ ରୋଗ—
Jaḷa-udari Dropsy.
जलउदरी
जलंदर
(ଜଳଉଦ୍ର, ଜଳନ୍ଦ୍ରି—ଅନ୍ୟରୂପ)

ଜଳକଣା—ସଂ. ବ (୬ଷ୍ଠୀ ତତ୍; ଜଳ+କଣା)—ପାଣିର ଅତି ଛୋଟ
Jaḷa-kaṉā ଛୋଟ ବୁନ୍ଦ—Small or minute particles of water.

ଜଳକଣ୍ଟକ—ସଂ. ବ (୬ଷ୍ଠୀ ତତ୍; ଜଳ+କଣ୍ଟକ)—
Jaḷa-kaṉṭaka ୧। ସିଙ୍ଘାଡ଼ା—1. The water-chestnut.
୨। କୁମ୍ଭୀର—2 Crocodile; alligator.
୩। କୁମ୍ଭୀ (ହି. ଶବ୍ଦସାଗର)—
3. An aquatic plant.

ଜଳକପି—ସଂ. ବ (୬ଷ୍ଠୀ ତତ୍; ଜଳ+କପି)—
Jaḷa-kapi ଶିଶୁମାର (ହି. ଶବ୍ଦସାଗର)—Porpoise.

ଜଳକର—ସଂ. ବ (ମ. ପ. ଲୋ; ଜଳ+କର=ଶୁଳ୍କ; ସଂ. ଶବ୍ଦ କିନ୍ତୁ
Jaḷa-kara ଆଧୁନିକ ପ୍ରୟୋଗ)—୧। କ୍ଷେତ୍ରରେ ଜଳ ମଡ଼ାଇବା
ଜଲକର ପାଇଁ ଜଳସ୍ୱାମୀକୁ କ୍ଷେତ୍ରସ୍ୱାମୀ ଯେଉଁ ଖଜଣା ଦିଏ—
जलकर 1. Rent paid by the owner of a field to the owner of water with which the field is irrigated; water-rate.
୨। ଜମିଦାରଙ୍କ ନଈ, ପୋଖରୀ, ଜୋଡ଼ ଇତ୍ୟାଦିର ଜଳକୁ ପ୍ରଜାମାନେ କ୍ଷେତରେ ମଡ଼ାଇବାପାଇଁ ଜମିଦାରଙ୍କୁ ଦେବା କର; ଜଳସେଚନ ଦ୍ୱାରା ଜମିଦାରଙ୍କର ହେବା ଆୟ—
2. Income derived from rivers, tanks etc. by the Zamindar.
୩। ସରକାରୀ ନାଳରୁ ପାଣି ମାଡ଼ିବା ଜମିର ମାଲିକଙ୍କଠାରୁ ସରକାର ଆଦାୟକରିବା କର—3. Canal-revenue.
ସଂ. ବଣ (ଜଳ+କୃ ଧାତୁ+କର୍ତ୍ତୃ. ଅ)—ଯହିଁରୁ ଜଳ ବାହାରେ—Producing water.

ଜଳକରଙ୍କ—ସଂ. ବ (୬ଷ୍ଠୀ ତତ୍; ଜଳ+କରଙ୍କ)—୧। ପଦ୍ମ—
Jaḷa-karaṅka 1. Lotus.
୨। ଶଙ୍ଖ—2. Conch.
୩। ମେଘ—3. Cloud.
୪। ନଡ଼ିଆ—4. Cocoanut.

ଜଳକଷ୍ଟ—ସଂ. ବ (ମ. ପ. ଲୋ; ଜଳ+କଷ୍ଟ)—ପ୍ରୟୋଜନମାତ୍ର ଜଳ ନ
Jaḷa-kashṭa ମିଳିବାରୁ ଲୋକମାନେ ଯେଉଁ ଦୁଃଖ ଭୋଗ କରନ୍ତି—
Water-famine; scarcity of water.

ଜଳକା—ଦେ. ବ.—(ସଂ. ଜ୍ୱଲ. ଧାତୁ)—୧। ଦୃଷ୍ଟିଶକ୍ତି କମିଯିବା
Jaḷakā ରୋଗ—1. Short-sightedness; dim-sightedness.
(ଜଳକୀ—ସ୍ତ୍ରୀ)
ଯେ ଝାପସା ଦେଖେ ବଣ. ପୁଂ—୧। ଯେ ସ୍ପଷ୍ଟ ଦେଖି ପାରେ ନାହିଁ
चुंधा 1. Blear-eyed; blear-sighted; dim-sighted.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖୋ' ନ ପାଇଲେ 'ଅଙ୍ଖା' ଦେଖିବେ; 'ଅଲଟେ' ନ ପାଇଲେ 'ଅଲ୍‌ଟିବ' ଦେଖିବେ

ଚମକେ ଜଳକା ପ୍ରାପ୍ତ ସକାଙ୍କ ସମ୍ମୁଖେ, ଭଲ୍‌କା ବେଗେ ଅସି ।
ରାଧାନାଥ. ମହାଯାତ୍ରା ।

୨ । ଯେଉଁ ଦର୍ପଣରୁ ପ୍ରତିଫଳନ୍-ଶକ୍ତି କମି ଯାଇଅଛି—
2 A looking glass which has lost its reflecting power.

ଜଳକା କରିବା—ଦେ. କ୍ରି.—(ଲକ୍ଷଣାର୍ଥ) ଆଖି ଆଗରେ କୌଣସି
Ja**l**akā karibā ବ୍ୟକ୍ତିକୁ ଠକାଇବା—(figurative) To
[ଜଳକା ବାନା(ନେ)ଇବା—ଅନ୍ୟରୂପ]. cheat a person
चुंधा बनाना before his very eyes.

ଜଳକାକ—ସଂ. ବି. (୬ଷ୍ଠୀ ତତ୍; ଜଳ + କାକ)— ୧ । ପାଣିକୁଅ—
Ja**l**a-kāka 1. A web-footed black aquatic bird; Pelecanus Fusicolis.
୨ । ଦାତ୍ୟୂହ; ଡାହୁକ (ହି. ଶବ୍ଦସାଗର)—
2. Moorhen (bird).

ଜଳକିରାଟ—ସଂ. ବି.—ଗ୍ରାହ; କୁମ୍ଭୀର (ହି. ଶବ୍ଦସାଗର)—
Ja**l**a-kirāṭa Alligator.

ଜଳକୁନ୍ତଳ - ସଂ. ବି. (୬ଷ୍ଠୀ ତତ୍; ଜଳ+କୁନ୍ତଳ)— ଶୈବାଳ; ଶିଉଳି—
Ja**l**a-kunta**l**a Moss.

ଜଳକେଳି—ସଂ. ବି. (୭ମୀ ତତ୍; ଜଳ + କେଳି)—
Jal**a-ke**l**i** ଜଳକ୍ରୀଡ଼ା (ଦେଖ)
Jal**a-kri**ṛ**ḍā** (See)

ଜଳକେତୁ—ସଂ. ବି.—ପଶ୍ଚିମାକାଶରେ ଦେଖା ଯିବା ଏକପ୍ରକାର ପୁଚ୍ଛ-
Ja**l**a-ketu ଯୁକ୍ତ ତାରକା—A comet rising in the western sky.
[ଦ୍ର—ଏହାର ଶିଖା ପଶ୍ଚିମ ଆଡ଼କୁ ଥାଏ ଓ ମୂଳ ମୋଟ; ଏହା ଦେଖିବାକୁ ସ୍ୱଚ୍ଛ; ଫଳିତ ଜ୍ୟୋତିଷ ମତରେ ଏହା ଉଦୟ ହେଲେ ଦେଶରେ ୯ ମାସ ପର୍ଯ୍ୟନ୍ତ ସୁଭିକ୍ଷ ହୁଏ । ହି. ଶବ୍ଦସାଗର ।]

ଜଳକେଶ—ସଂ. ବି. (୬ଷ୍ଠୀ ତତ୍; ଜଳ + କେଶ)—
Ja**l**a-keśa ଜଳକୁନ୍ତଳ (ଦେଖ)
Ja**l**a-kunta**l**a (See)

ଜଳକୋଷ—ସଂ. ବି.—(ମ. ପ. ଲୋ; ଜଳପୂର୍ଣ୍ଣ କୋଷ)—ଅଣ୍ଡକୋଷର
Ja**l**a-kosha ଜଳବୃଦ୍ଧି ରୋଗ; ଭୁରୁଣ୍ଡ—Hydrocele.

ଜଳକ୍ରିୟା—ସଂ.ବି.(ମ.ପ.ଲୋ; ଜଳସାଧ୍ୟ କ୍ରିୟା)—ପିତୃଗଣଙ୍କ ଉଦ୍ଦେଶ୍ୟରେ
Ja**l**a-kriyā ଜଳସାଧ୍ୟ ତର୍ପଣ ରୂପ କାର୍ଯ୍ୟ; ଜଳତର୍ପଣ—
Oblation of water to the manes.

ତାହାଙ୍କ ଜଳକ୍ରିୟା କରିବାକୁ ନୃପ,
ମନ୍ତ୍ରୀଙ୍କି ରାଜ୍ୟ ଦେଇ କରିଗଲେ ତପ ।
କୃଷ୍ଣସିଂହ. ମହାଭାରତ, ବନ ।

ଜଳକ୍ରୀଡ଼ା—ସଂ. ବି. (୭ମୀ ତତ୍; ଜଳ+କ୍ରୀଡ଼ା)—ଜଳବିହାର; ପାଣିରେ
Ja**l**akri**ṛ**ḍā ସନ୍ତରଣ, ନୌକାଚାଳନ ଆଦି ନାନାପ୍ରକାର କୌତୁକ—Water-sports; sporting in water.

ଜଳ ଖାଇବା—ଦେ.କ୍ରି.—୧ । ପାଣି ପିଇବା—
Ja**l**a khāibā 1. To drink water.
জল খাওয়া [ଦ୍ର—ଜଳକୁ ଖାଆନ୍ତି ନାହିଁ, ପିଅନ୍ତି । କିନ୍ତୁ ଏହିପରି
जल खाना ପ୍ରୟୋଗ କଟକ ଓ ବାଲେଶ୍ୱରରେ ଦେଖାଯାଏ ।]
୨ । ସାମାନ୍ୟ ଲଘୁଖାଦ୍ୟ ଖାଇ ପାଣି ପିଇବା—
2. To lunch.

ଜଳଖିଆ—ଦେ. ବି.—(ଲୋକ କଲେ ସାମାନ୍ୟ କିଛିଏ ଲଘୁ ଖାଦ୍ୟ ଖାଇ
Ja**l**a-khiā ତା ଉପରେ ଜଳପାନ କରିବାର ବିଧି ଥିବାରୁ)—
জলখাবার ଶୁଷ୍କ ଲଘୁ ଖାଦ୍ୟ ବା ମିଷ୍ଟାନ୍ନ—Tiffen; lunch;
जलखावा light refreshment.

ରାମଚନ୍ଦ୍ର ଦେଖିଲେ ରାକ୍ଷସ କେତେ ଗୁଡ଼ାଏ ବାଘ, ହରିଣ, ହାତୀ, ଆଗରେ ରଖି ଗୋଟା ଗୋଟା କରି ଜଳଖିଆ କରୁଛି । ନୀଳକଣ୍ଠ. ପିଲାଙ୍କ ରାମାୟଣ ।

ଜଳଗଣ୍ଡୂଷ—ସଂ. ବି (୬ଷ୍ଠୀ ତତ୍; ଜଳ+ଗଣ୍ଡୂଷ)—
Ja**l**a-gaṇḍusha ଗଣ୍ଡୂଷ ବା ଚୋପପୂର୍ଣ୍ଣ ଜଳ—
A handful of water.

ଜଳଗର୍ଭ—ସଂ. ବିଣ. ପୁଂ. (ବହୁବ୍ରୀହି; ଜଳ+ଗର୍ଭ)—ଜଳପୂର୍ଣ୍ଣ—
Ja**l**a-garbha Full of water; having water in it.
(ଜଳଗର୍ଭା—ସ୍ତ୍ରୀ) ଦେ. ବି. (ନାମ)—ବୁଦ୍ଧଦେବଙ୍କ ପ୍ରଧାନ ଶିଷ୍ୟ ଆନନ୍ଦଙ୍କର ପୂର୍ବଜନ୍ମର ନାମ—The name of the Buddha's chief disciple Ānanda in his previous existence.

ଜଳଘଟ—ସଂ. ବି. (ମ. ପ. ଲୋ; ଜଳ + ଘଟ)—
Ja**l**a-ghaṭa ୧ । ଜଳପୂର୍ଣ୍ଣ ମାଠିଆ—
(ଜଳକୁମ୍ଭ—ଅନ୍ୟରୂପ) 1. A pitcher filled with water.
୨ । ଯେଉଁ ମାଠିଆରେ ପାଣି ଅଣାଯାଏ—
2. A water-pitcher.

ଜଳଘଟିକା—ସଂ. ବି. (ମ. ପ. ଲୋ; ଜଳ + ଘଟିକା)—
Ja**l**a-ghaṭikā ଜଳଦ୍ୱାରା କଳ୍ପିତ ସମୟଜ୍ଞାପକ ଯନ୍ତ୍ର—
(ଜଳଘଟୀ—ଅନ୍ୟରୂପ) Water-clock.
[ଦ୍ର—ଏ ଦେଶରେ ପୂର୍ବେ ଗୋଟିଏ ଛିଦ୍ର ଥିବା ପାତ୍ରକୁ ଜଳରେ ଭସାଇ ଦେଉଥିଲେ, ଛିଦ୍ରବାଟେ ପାଣି ପଶିପଶି କେତେକ କାଳ ପରେ ଉକ୍ତ ପାତ୍ର ବୁଡ଼ି ଯାଉଥିଲା । ଉକ୍ତ ସମୟକୁ ଲକ୍ଷ୍ୟ କରି ପାତ୍ରରେ ଚିହ୍ନ ଦେଇ ଉକ୍ତ ଚିହ୍ନରୁ ଲୋକେ ସମୟ ଜାଣୁଥିଲେ । ନିଉଟନ୍ ଯେଉଁ ଜଳଘଟିକା ପ୍ରଥମେ ନିର୍ମାଣ କରିଥିଲେ ତହିଁର ଶଙ୍କୁଦଣ୍ଡ ଉର୍ଦ୍ଧ୍ୱସ୍ଥ ଜଳପାତ୍ରରୁ ପଡ଼ୁଥିବା ଜଳବିନ୍ଦୁର ଆଘାତରେ ଚାଳିତ ହେଉଥିଲା ।]

ଜଳଘଡ଼ି—ଦେ ବି (ସଂ. ଜଳଘଟୀ)—ଜଳଘଟିକା (ଦେଖ)
Ja**l**a-gha**ṛ**ḍi Ja**l**a-ghaṭikā (See)
জলঘড়ী
जलघड़ी
(ଜଳଘଣ୍ଟା—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଅ	ଉଅ	ଘ
୨.	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ଦ୍ଦ

ଜଳଘାଟ—ଦେ. ବି. (ଜଳ+ଘାଟ)—୧। ଜଳାଶୟାଦିର ଯେଉଁଠାକୁ
Ja<u>l</u>a-ghāṭa ଲୋକେ ଗାଧୋଇବାକୁ ବା ପାଣି ଆଣିବାକୁ ଯାଆନ୍ତି—
जलघाट 1. The place frequented by people
पानीकाघाट who go to bathe in or fetch water from a river or tank.

ଜଳଙ୍ଗ—ଦେ. ବି—ଏକପ୍ରକାର କାତି ନ ଥିବା ସୁସ୍ୱାଦୁ ବଡ଼ ମାଛ—
Ja<u>l</u>aṅga A kind of big fish without scale.
[ଦ୍ର—ଏ ମାଛର ଆକାର ବାଳିଆମାଛ ପରି ଓ ଏହା ମଧୁର ପାଣିରେ ରହେ; ଲମ୍ବରେ ଏହା ୧୨ ହାତ ପର୍ଯ୍ୟନ୍ତ ବଢ଼େ ।]
ସଂ. ବି—ମହାକାଳ ଲତା (ହି. ଶବ୍ଦସାଗର)—
Name of a creeper.

ଜଳଚର—ଗ୍ରାଦେ. (ସମ୍ବଲପୁର) ବି—ଗାଡ଼ିଆ, ପୋଖରୀ, କୂପାଦି ଥିବା ଜମି—
Ja<u>l</u>achar Lands consisting of wells, tanks and reserviors of water.

ଜଳଚର—ସଂ. ବିଣ. ପୁଂ. (ଉପପଦ ତତ୍ପୁରୁଷ; ଜଳ+ଚର ଧାତୁ+
Ja<u>l</u>a-chara କର୍ତ୍ତୃ. ଅ)—ଯେଉଁ ପ୍ରାଣୀ ଜଳରେ ବିଚରଣ କରେ-
Aquatic (animal); living in water.
[ଦ୍ର—ଯେଉଁମାନେ ସ୍ଥଳରେ ବିଚରଣ କରନ୍ତି, ସେମାନେ ସ୍ଥଳଚର; ଯେଉଁମାନେ ଜଳ ଓ ସ୍ଥଳ ଉଭୟରେ ବିଚରଣ କରନ୍ତି, ସେମାନେ ଉଭୟଚର ।]
ବି—ଜଳଜନ୍ତୁ—Aquatic animals(birds and fishes).

ଜଳଚାରୀ—ସଂ. ବିଣ. ପୁଂ. (ଉପପଦ ତତ୍ପୁରୁଷ; ଜଳ+ଚର ଧାତୁ+
Ja<u>l</u>a-chāri କର୍ତ୍ତୃ. ଇନ୍, ୧ମା. ୧ବ.)—ଜଳଚର (ଦେଖ)
Ja<u>l</u>a-chara (See)

ଜଳଚିକିତ୍ସା—ସଂ. ବି. (ଆଧୁନିକ ପ୍ରୟୋଗ) (୬ଷ୍ଠୀ ତତ୍; ଜଳ+
Ja<u>l</u>a-chikitsā ଚିକିତ୍ସା)—ଭିନ୍ନ ଭିନ୍ନ ରୋଗଗ୍ରସ୍ତ ରୋଗୀଙ୍କୁ ଜଳର ବିଭିନ୍ନ ବ୍ୟବହାରଦ୍ୱାରା ନୀରୋଗ କରିବାର ପ୍ରଣାଳୀ—
Hydropathic treatment of diseases.
[ଦ୍ର—ପ୍ରକୃତ ପକ୍ଷେ ପଞ୍ଚମହାଭୂତ (ଅର୍ଥାତ୍, କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ) ସାହାଯ୍ୟରେ ଏହି ଚିକିତ୍ସା କରାଯାଏ ଅର୍ଥାତ୍ ରୋଗୀ ପ୍ରତି ମାଟି, ପାଣି, ଖରା, ବାୟୁ ଓ ମେଲାରେ ବିଚରଣ କରିବା ଆଦି ପ୍ରୟୋଗ କରାଯାଏ; କିନ୍ତୁ ଏ ପ୍ରଣାଳୀରେ ଜଳର ବହୁଳ ବ୍ୟବହାର କରାଯାଉ ଥିବାରୁ ଏହାକୁ ଜଳଚିକିତ୍ସା ନାମ ଦିଆଯାଇ ଅଛି ।]

ଜଳଛତ୍ର—ଦେ. ବି. (ସଂ. ଜଳ ସତ୍ର)—
Ja<u>l</u>a-chhatra ତୃଷାର୍ତ୍ତ ପଥିକମାନଙ୍କୁ ଜଳ ବା ଅନ୍ୟ ପାନୀୟ
जलसत्र ଯୋଗାଇବା ନିମନ୍ତେ ସ୍ଥାପିତ ଛତ୍ର; ଜଳସତ୍ର—
जलछत्र A temporary shed where water (with or without refreshments) is gratuitously given to thirsty passers by.

ଜଳଛବି—ଦେ. ବି—ଜଳ ସାହାଯ୍ୟରେ ଯେଉଁ ଚିତ୍ରକୁ ଗୋଟିଏ କାଗଜରୁ
Ja<u>l</u>a-chhabi ଅନ୍ୟ କାଗଜ ଉପରକୁ ଉଠାଇ କିଆଯାଏ—
जलछवि Transfer-pictures; pictures which can be
जलछवि transferred by applying water.
(ଜଳଛାପା—ଅନ୍ୟରୂପ)

ଜଳଜ—ସଂ. ବି. (ଜଳ+ଜନ୍ ଧାତୁ+କର୍ତ୍ତୃ. ଅ)—
Ja<u>l</u>aja ୧। ପଦ୍ମ—1. Lotus.
୨। ଶଙ୍ଖ—2. Conch-shell.
୩। ଶୈବାଳ (ହି. ଶବ୍ଦସାଗର)—3. Moss,
୪। ଅମ୍ଳବେତସ (ହି. ଶବ୍ଦସାଗର)—
4. A kind of pot-herb.
୫। ମୋତି (ହି. ଶବ୍ଦସାଗର)—5. Pearl.
୬। କୋଚିଲା ଗଛ (ହି. ଶବ୍ଦସାଗର)—
6 Nux Vomica tree.
ସଂ. ବିଣ—ଜଳରୁ ଜାତ—
Sprung from water; aqatic.

ଜଳଜନ୍ତୁ—ସଂ. ବି. (୭ମୀ ତତ୍; ଜଳ+ଜନ୍ତୁ)—
Ja<u>l</u>a-jantu ୧। ଜଳଚର ଜୀବ; ଜଳ ମଧ୍ୟରେ ବାସ କରୁଥିବା
(ଜଳଜୀବ—ଅନ୍ୟରୂପ) ଜନ୍ତୁ—1. Aquatic animal.
୨। ମାଛ—2. Fish.

ଜଳଜପା—ଦେ. ବି. ୧। (ସଂ. ଜଳ+ଜପ)—
Ja<u>l</u>ajapā ପାଣି ଉପରେ ରହି ମନ୍ତ୍ର ଜପିବା—
1. Recitation of a mystic formula while sitting in water.
୨। (ସଂ. ଜଳଜ=ପଦ୍ମ+ପାଦ) ପଦ୍ମପାଦ—
2. Lotus-foot; gracefull foot compared to lotus.

କେତେ କେତେ ଜନ୍ମେ ଧନ ମୁଁ ଜଳଜପାରେ
ଲେଖିଛି ଅଳତା ଯେ ତୋ ଜଳଜପାରେ । ବଳଦେବ ସଙ୍ଗୀତ ।

ଜଳଜମି—ଦେ. ବି—ଯେଉଁ ଜମିରେ ବର୍ଷା ଦିନରେ ଜଳ ଜମି ରହୁଥିବାରୁ
Ja<u>l</u>a-jami ଭଲ ଧାନ ଫସଲ ହୁଏ—
Good paddy-growing land.
ଗ୍ରାଦେ. (ବାଲେଶ୍ୱର) ବି—ଅତି ନିକୃଷ୍ଟ ଧାନ-ଜମି (ଏଥିରେ ଖଡ଼୍‌ଙ୍ଗମୋଟ ଧାନ ହୁଏ)—An inferior quality of paddy-growing land.
ଗ୍ରାଦେ. (ସମ୍ବଲପୁର) ବି—ଜଳଚର (ଦେଖ)
Ja<u>l</u>achar (See)

ଜଳଜଳ—ସଂ. ବିଣ. (ସଂ. ଜଳ)—୧। ଜଳପୂର୍ଣ୍ଣ; ପାଣିସରସର—
Ja<u>l</u>a-ja<u>l</u>a 1. Watery; overflowing with water; from which water is dropping.

ସାଧାରଣ ଯେବେ ଅପର ପୃଷ୍ଠାରେ ଯଥାକ୍ରମେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଈ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (ସଂ. ଜାଜ୍ୱଲ୍ୟ) ଉପରେ ଜଳ ବୋଲା ହେଲା ଭଳି ଉଜ୍ଜ୍ୱଳ ଦେଖାଯିବା; ଚକଚକିଆ—
2. Glittering; sparkling; shinning; lustrous; glaring; glowing.

୩ । ଅନିମେଷ (ଦୃଷ୍ଟି)—3. Without closing the eyelids; staring (look).

୪ । ଜଳବହୁଳ (ଯଥା— ଆଖୁ)—4 Filled or brimming with water (e.g. sugarcane).

୫ । (ସଂ. ଜର୍ଜର) ତେଲିଆ; ମସୃଣ—
5. Oily; smooth.

୬ । ବହୁ ଛିଦ୍ରଯୁକ୍ତ (ଯଥା— ହାଣ୍ଡି)—
6. Having many pores; porous.

କ୍ରି. ବିଣ—ଏକ ଦୃଷ୍ଟିରେ; ଅନିମେଷ ନୟନରେ (ଚାହିଁ ରହିବା); ଭକ ଭକ ହୋଇ—Staringly.

ଦୁଇ ଆଖିଦେଶରେ ଲଗାଇ କଜ୍ଜଳ,
ଚାହିଁଛି ସବୁରି ମୁଖକୁ ଜଳଜଳ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

ଦେ. ବି (ସଂ. ଜଳବହୁଳ)—ମାଛ ଆଦି ରନ୍ଧା ହୋଇଥିବା (ଫଳଫଳ—ଅପଭ୍ରଂଶ) ତରକାରୀର ଜଳୀୟ ଅଂଶ—The watery portion or soup of a curry.

ଦୁ ଖାଉଥା ଫଳ ଫଳ, ମନେ ହଉଥା ଜଳ ଜଳ—ଉକ୍ତି ।

ଜଳଜଳ ଚାହିଁବା—ଦେ. କ୍ରି—ଏକ ଦୃଷ୍ଟିରେ ଚାହିଁ ରହିବା; ଭକ ଭକ ହୋଇ ଚାହିଁ ରହିବା—To stare; to look on with a vacant stare.
Ja**l**aja**l**a chāhiṅbā
ତାକାନ
তাকনা

ଅତଏବ ତା ଖାଇ ମୁଁ କଲୁ ଜଳଜଳ,
ଚାହିଁଲେ ବ୍ରାହ୍ମଣ ଝରିଲେ ଦୁଇ ଜଳ । କୃଷ୍ଣସିଂହ. ମହାଭାରତ. ଅଶ୍ୱମେଧ ।

ଜଳଜଳ କରି ଚାହିଁବା—ଦେ. କ୍ରି—ଜଳଜଳ ଚାହିଁବା (ଦେଖ)
Ja**l**aja**l**a-kari chāhiṅbā Ja**l**aja**l**a chāhiṅbā (See)

ଜଳଜଳୀ ମାଣିକୀ ! ଜଳଜଳ କରି ଅନେଇଥାଏ
ନଇବଢ଼ି ପାଣିକି—ଉକ୍ତି ।

ଜଳଜଳା—ଦେ. ବିଣ—୧ । ବହୁ ଜଳା ବା ଛିଦ୍ରଯୁକ୍ତ (ଯଥା ହାଣ୍ଡି)—
Ja**l**aja**l**ā 1. Perforated; having many holes or pores.

ଜଳଜଳୀ } ସ୍ତ୍ରୀ ୨ । (ପୁଂ) ଅଲାଜୁକ; ବେହିଆ; ନିର୍ଲ୍ଲଜ୍ଜ—
ଜଳଜଳେଇ } 2. Shameless; bare-faced.

୩ । ଯେ ଭକଭକ ହୋଇ ଚାହିଁ ରହେ—
3. Staring vacantly.

ଜଳଜଳା ମାଣିକୀ—ଗ୍ରା. ବି. ସ୍ତ୍ରୀ (ଗାଳି)—୧ । ନିର୍ଲ୍ଲଜ୍ଜା ସ୍ତ୍ରୀ—
Ja**l**aja**l**ā māṇiki 1. Shameless woman.
(ଜଳଜଳୀ ମାଣିକୀ—ଅନ୍ୟରୂପ) ୨ । ଓଲମ୍ବୀ ସ୍ତ୍ରୀ—
2. An idiotic woman.

ଜଳଜଳା ମାଣିକୀ ! ଜଳଜଳ କରି ଅନେଇଥାଏ ନଇବଢ଼ି ପାଣିକି—ଉକ୍ତି ।

ଜଳଜଳାମୁହାଁ—ଦେ. ବିଣ. ପୁଂ (ଗାଳି) ଅତି ନିର୍ଲ୍ଲଜ୍ଜ—
Ja**l**aja**l**ā-muhāṅ (a term of abuse) Very shameless.
ଜଳଜଳାମୁହୀଁ } ସ୍ତ୍ରୀ
ଜଳଜଳୀମୁହୀଁ }

ଜଳଜଳା ହାଣ୍ଡି—ଦେ. ବି. (ସଂ. ବର୍ଜ୍ଜିତ ଓ ହାଣ୍ଡିକା)—
Ja**l**aja**l**ā hāṇḍi ୧ । ଅଶୌଚ ପରେ ଯେଉଁ ହାଣ୍ଡିକୁ ପାକଶାଳାରୁ ଫୋପାଡ଼ି ଦିଆ ଯାଇଥାଏ; କାଳିଆ ହାଣ୍ଡି; ପରିତ୍ୟକ୍ତ ହାଣ୍ଡି—1. Earthen cooking pots thrown away from the cook-room (on the occasion of purificatory ceremonies); discarded cooking pots.
ବାইজীহাঁড়ি

୨ । (ଲକ୍ଷଣାର୍ଥ) ନିର୍ଲ୍ଲଜ୍ଜ ଓ ଅତି ଘୃଣ୍ୟ ବ୍ୟକ୍ତି—
2. (figurative) A shameless and mean person.

୩ । ବହୁ ଛିଦ୍ର ଯୁକ୍ତ ହାଣ୍ଡି—
3 A porous earthen pot.

ଜଳଜଳିଆ—ଦେ. ବିଣ. ପୁଂ—୧ । ଜଳକା (ଦେଖ)
Ja**l**aja**l**iā 1. Ja**l**akā (See)
(ଜଳଜଳେଇ—ସ୍ତ୍ରୀ) ୨ । ଯେଉଁ ହାଣ୍ଡିରେ ଛିଦ୍ର ଥାଏ—
(ଜଳଜଳୁଆ—ଅନ୍ୟରୂପ) 2. Having holes (said of an earthen pot).

୩ । ପାଣ୍ଡୁ, ଶୋଥ, ଜ୍ୱର ଆଦି ରୋଗ ଫୁଲୁକା ଦିଶୁଥିବା (ଆଖି, ମୁହଁ, ଗାଲ)—3. (eyes, face, cheeks) Swollen through fever or dropsy.

ଜଳଜାନ—ଦେ. ବି. (ଆଧୁନିକ ଜଡ଼ବିଜ୍ଞାନ ପରିଭାଷା)—
Ja**l**a-jāna ହାଇଡ୍ରୋଜେନ୍—Hydrogen
जलदान
जलजनक
(ଜଳଜନ—ଅନ୍ୟରୂପ)

ଜଳଟୁଙ୍ଗି—ଦେ. ବି—ତଡ଼ାଗମଧ୍ୟସ୍ଥ କ୍ରୀଡ଼ାଗୃହ—
Ja**l**a-ṭuṅgi A pleasure-house built in the middle of a tank.

ଜଳଡିମ୍ବ—ସଂ. ବି. (୬ଷ୍ଠୀ ତତ୍, ଜଳ + ଡିମ୍ବ=କ୍ଷୁଦ୍ର ପ୍ରାଣୀ)—
Ja**l**a ḍimba ୧ । ଶାମୁକା; ଶମ୍ବୁକ—1. Oyster.
୨ । ଗେଣ୍ଡା—2. Snail.

ଜଳଡୁଗି—ପ୍ରାଦେ. ବି. (କଟକ)—ଜଳଡୁବି (ଦେଖ)
Ja**l**a-ḍugi Ja**l**a-ḍubi (See)

ଜଳଡୁବି—ଦେ. ବି—ମନୁଷ୍ୟର ଅବସ୍ଥିକ ଭାବରେ ଜଳରେ ମଗ୍ନ ହୋଇ ମରିବା—Death by a drowing; a watery death.
Ja**l**a-ḍubi
जलडुबि
জলডুবী

× × ଅଇଗେର, ସାପକାମୁଡ଼ା, ଜଳଡୁବି ମାମଲା ପଞ୍ଚାଲି ଗୋଇଠରେ ଏତଲାର ଖର୍ଚ୍ଚ କୋଟିଏ । ଫକୀରମୋହନ, ଛମାଣଆଠଗୁଣ୍ଠ ।

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସୃ	ଉଅ	ଞ
୨	ଈ	ଊ	ରୁ	ଲୃ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଂ୍ୟ	ଇଅ	ଔ	ନ୍ନ

ଜଳତରଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଜଳ + ତରଙ୍ଗ)—
Ja*l*a-taraṅga ପାଣିର ଢେଉ—Wave of water.
ଦେ. ବି—ଏକ ପ୍ରକାର ବାଦ୍ୟ [୭ ଗୋଟି ଧାତୁ ବା କାଚ ବା ଚିନାବାସନ ଗିନାରେ ଊଣା ଊଣା ପରିମାଣରେ ଜଳ ରଖି ଦୁଇ ଖଣ୍ଡି କାଠି ଦ୍ୱାରା ଉକ୍ତ ଗିନାମାନଙ୍କ ଧାରକୁ କୌଶଳ କ୍ରମେ ବଜାଇବା ଦ୍ୱାରା ସଙ୍ଗୀତର ସାରେଗାମା ପାଧାନି (ସପ୍ତକ) ସ୍ୱର ଉତ୍ପାଦନ କରାଯାଏ]—
A musical instrument consisting of a set of chinaware, glass or metal cups filled with water and tuned to produce the different notes of the musical scale by sriking the rims with two thin sticks; Zylophone.
জলতরঙ্গ
जलतरङ्ग

ଜଳତରଙ୍ଗ ମୋଚଙ୍ଗ ୟନ୍ତ୍ର । ଅଭିନବ ଚନ୍ଦ୍ରବିନ୍ଦୁମଣି ।

[ଦ୍ର—କାଠର ଊଣା ଊଣା ଖଣ୍ଡମାନ କାଟି ତାକୁ ସାରେଗାମାପାଧାନି ସ୍ୱରଗ୍ରାମ ଅନୁସାରେ ଖଞ୍ଜି ତାହାକୁ ୨ ଖଣ୍ଡ କାଠି ଦ୍ୱାରା ଆଘାତ କରିବା ଯନ୍ତ୍ରକୁ କାଷ୍ଠତରଙ୍ଗ (Zylophone) ବୋଲାଯାଏ, ଏହିପରି ଲୌହତରଙ୍ଗ ବାଜା ମଧ୍ୟ ପ୍ରସ୍ତୁତ କରାଯାଏ ।]
୨ । ପାଣିର ଢେଉ ଆକାରରେ ପ୍ରସ୍ତୁତ ହାତର ଚୂଡ଼ି ବା ଗୋଡ଼ର ମଲ—2. Bangles or anklets apshed like undulating waves.

ଜଳତର୍ପଣ—ସଂ. ବି. (୩ୟା ତତ୍; ଜଳ + ତର୍ପଣ)—
Ja*l*a-tarpaṇa ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅଞ୍ଜଳି ଦ୍ୱାରା ମନ୍ତ୍ରୋଚ୍ଚାରଣ ପୂର୍ବକ ଜଳଦାନ—Libation of water offered to the manes of one's ancestors.

ଜଳତ୍ରାସ—ସଂ. ବି. (୫ମୀ ତତ୍; ଜଳ + ତ୍ରାସ)—
Ja*l*a-trāsa ୧ । ପାଣି ଦେଖିଲେ ଡରିବା—
1. Terror at the sight of water.
୨ । ଜଳାତଙ୍କ ରୋଗ—2. Hydrophobia.
[ଦ୍ର—ଏ ରୋଗଗ୍ରସ୍ତ ପ୍ରାଣୀ ପାଣି ଦେଖିଲେ ଡରେ ।]

ଜଳଦ—ସଂ. ବି. (ଜଳ+ଦା ଧାତୁ + କର୍ତ୍ତୃ. ଅ; ଯାହା ସଂସାରକୁ ଜଳ
Ja*l*ada ଦିଏ)—୧ । ମେଘ—1. Cloud.
୨ । ମୁସ୍ତକ; ମୁଥା (ଏହାର ରସ ବୈଦ୍ୟଶାସ୍ତ୍ରରେ ଅନୁପାନ ରୂପେ ବ୍ୟବହୃତ ହୁଏ ବୋଲି)—2. A fragrant bulbuous root of grass (often used as a vehicle in Indian medicines).
୩ । କର୍ପୂର (ହି. ଶବ୍ଦସାଗର)—3. Camphor.
ବିଣ.—ଜଳଦାନକାରୀ—Giving water.

ଜଳଦକାଳ—ସଂ. ବି. (୬ଷ୍ଠୀ ତତ୍; ଜଳଦ + କାଳ)—ବର୍ଷାଋତୁ
Ja*l*ada-kā*l*a (ହି. ଶବ୍ଦସାଗର)—The rainy season.

ଜଳଦଗମ୍ଭୀର—ସଂ. ବି. (ଉପମିତ କର୍ମଧା; ଜଳଦ + ଗମ୍ଭୀର)—ମେଘ
Ja*l*ada-gambhīra ଗର୍ଜନ ପରି ଗମ୍ଭୀର (ଯଥା; ସ୍ୱର, ଶବ୍ଦ)—
Deep and grave (rumbling); like the rumbling of clouds (voice, sound.)

ଜଳଦାଗମ—ସଂ. ବି. (୬ଷ୍ଠୀ ତତ୍; ଜଳଦ + ଆଗମ)—୧ । ଆକାଶରେ
Ja*l*adāgama ମେଘୋଦୟ—1. The appearance of rain-clouds in the sky.
୨ । ବର୍ଷା ଋତୁ—1. The rains; the rainy season.
୩ । ବର୍ଷାଋତୁର ଆରମ୍ଭ—
3. The advent of the rainy season.

ଜଳଦାନ—ସଂ. ବି. (୬ଷ୍ଠୀ ତତ୍; ଜଳ + ଦାନ)—୧ । ଅନ୍ୟ ବ୍ୟକ୍ତିକୁ
Ja*l*a-dāna ପିଇବାକୁ ଜଳ ଦେବା—1. Giving of water to another to drink.
୨ । ଜଳତର୍ପଣ—
2. Libation of water to one's deceased ancestors.
ପିତୃଦେବତାଙ୍କ ସେ ଜଳଦାନ ଦେଲେ । କୃଷ୍ଣସିଂ. ମହାଭାରତ ବନ ।
୩ । ବ୍ରାହ୍ମଣଙ୍କୁ କୌଣସି ଦ୍ରବ୍ୟ ଦାନ କରିବା ପୂର୍ବରୁ ବ୍ରାହ୍ମଣ ହାତକୁ ଟିକିଏ ଜଳ ଦେବା—3. The ceremony of giving a little water to the hands of a Brāhmaṇa before handing over a gift.

ଜଲଦି—କ୍ରିବିଣ. (ଫା. ଜଲ୍‌ଦି)—ଅତି ଶୀଘ୍ର—
Jaladi Very quickly or swiftly; very soon.
शीघ्र ତହୁଁ ଦୂର ପଥ ଜଲଦି ଜଲଦି ଅଗ୍ରମକୁ ଫେରି ଆସିଲେ ।
जल्द ମାଳକଣ୍ଡ, ଓଡ଼ିଆ ରାମାୟଣ ।

ଜଳଦୀକ୍ଷା—ସଂ. ବି. (ଆଧୁନିକ ବ୍ୟବହାର; ବାଇବଲ୍)—ଖ୍ରୀଷ୍ଟାନ୍ ଧର୍ମରେ
Ja*l*a-dīkshā ଦୀକ୍ଷିତ ହେବା ବ୍ୟକ୍ତିର ପାଣିରେ ବୁଡ଼ିବା ରୂପ କର୍ମ; ଡୁବନ—Baptism.

ଜଳଦୀକ୍ଷା ଗୁରୁ—ସଂ. ବି. (ଆଧୁନିକ ପ୍ରୟୋଗ; ବାଇବ୍‌ଲ)—ଜଳରେ
Ja*l*adīkshā guru 'ଡୁବନ' ଦ୍ୱାରା ଖ୍ରୀଷ୍ଟାନ୍ ଧର୍ମରେ ଦୀକ୍ଷିତ କରାଇବା ପୁରୋହିତ—Baptist; baptiser.

ଜଳଦୀକ୍ଷିତ—ସଂ. ବିଣ. (ଆଧୁନିକ ପ୍ରୟୋଗ; ବାଇବ୍‌ଲ)—ଡୁବନ କର୍ମଦ୍ୱାରା
Ja*l*a-dīkshita ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ—Baptised.

ଜଳଦେବ—ସଂ. ବି. (ମ. ପ. ଲୋ; ଜଳ+ଦେବ)—୧ । ବରୁଣ—
Ja*l*a-deba 1. Baruṇa; the Deity presiding over water.
(ଜଳଦେବତା—ଅନ୍ୟରୂପ)
୨ । ଜଳର ଅଧିଷ୍ଠାତ୍ରୀ ଦେବତା—
2. A water-nymph; a naiad.

ଜଳଦୋଷ—ସଂ. ବି.(୬ଷ୍ଠୀ ତତ୍; ଜଳ + ଦୋଷ)—୧ । ଶରୀରାଭ୍ୟନ୍ତରସ୍ଥ
Ja*l*a-dosha ଦୂଷିତ ଜଳର ବୃଦ୍ଧି; ଜଳୋଦର ରୋଗ—
1. Dropsy.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବିଶୁଦ୍ଧ ପାନୀୟ ଜଳର ଅଭାବ ପରିଲକ୍ଷିତ ହେବା ସ୍ଥାନର ଦୋଷ—1. Defect of a locality consisting of want of pure drinking water.

୩ । ଅଣ୍ଡକୋଷରେ ଦୂଷିତ ଜଳରବୃଦ୍ଧି; ଝୁରୁଣ୍ଡ— 3. Accummulation of water or serum in the testicles; hydrocele.

[ଦ୍ର,—ଗୋଟିଏ ଅଣ୍ଡକୋଷରେ ଜଳବୃଦ୍ଧି ହେଲେ ଏକଶିର ଓ ଦୁଇଟି ଯାକ କୋଷରେ ହେଲେ ଝୁରୁଣ୍ଡ କୁହାଯାଏ ।]

ଜଳଦ୍ରୋଣୀ— ସଂ. ସ୍ତ୍ରୀ.—(୬ଷ୍ଠୀ ତତ୍; ଜଳ+ଦ୍ରୋଣୀ)—କ୍ଷେତ୍ରାଦି
Ja<u>l</u>a-droṇi ସେଚନାର୍ଥ ପାଣି ଉଠାଇ ଫୋପାଡ଼ିବାର ଯନ୍ତ୍ର; ଜଳସେଚନୀ; ସେଣୀ; ସୋଡ଼ୁଅ—A contrivance or bucket for lifting and throwing water for irrigation purposes.

ଜଳଧର— ସଂ. ବିଣ. (ଜଳ+ଧୃ ଧାତୁ+କର୍ତ୍ତୃ. ଅ)—ଜଳଧାରଣକାରୀ
Ja<u>l</u>adhara Holding or containing water.

ସଂ. ବି.—୧ । ମେଘ—1. Cloud.

୨ । ସମୁଦ୍ର—2. The ocean.

୩ । ମୁଥା—3. Bulbuous grass-root.

୪ । ତିନିଶ ବୃକ୍ଷ (ଦେଖ)— 4. Tinisa (tree) (See)

ଦେ. ବି. ପୁଂ.—୧ । ଲୋକଙ୍କ ନାମ— 1. A name given to males.

୨ । ପାଣି ବୁହାଳ—2, A water-carrier.

ଜଳଧର କହେ ହଳଧରକୁ ଚକ୍ରଧର କପାଁ ମଲେ ?
ସ୍ୱର୍ଗରୁ ପଡ଼ିଲେ ପଞ୍ଚପାଣ୍ଡବ ମାର ବନବାସ ଗଲେ । ପ୍ରହେଳିକା ।

ଜଳଧାରୀ—ସଂ. ସ୍ତ୍ରୀ.—ପଥର ବା ଧାତୁର ପାତ୍ରୀ ଯହିଁ ମଧ୍ୟରେ ଶିବଲିଙ୍ଗ
Ja<u>l</u>a-dhāri ସ୍ଥାପିତ କରାଯାଏ (ହି. ଶବ୍ଦସାଗର)—A plate or slab of stone or metal on which an image of Siba is placed for worship.

ଜଳଧାମା—ଦେ. ବିଣ.—(ପ୍ରାଚୀନ ପଦ୍ୟ)—ଜଳଜାତ—
Ja<u>l</u>a-dhāmā Growing in the water.

ବୃକ୍ଷର ନାମରେ ରମା, ବେଳ ଫୁଲ ଜଳଧାମା
ବାମା କେଶସ୍ଥିତ ଲତା ମୃଗ ଜାତ, ଠିକ ମସ୍ତପଦ ନାମା ।
ଉଞ୍ଜ: ବୈଦେହୀଶବିଳାସ ।

ଜଳଧାରା— ସଂ. ସ୍ତ୍ରୀ — (୬ଷ୍ଠୀ ତତ୍; ଜଳ+ଧାରା)—୧ । ଜଳର
Ja<u>l</u>a-dhārā ପ୍ରବାହ—1. Current or stream of water.

୨ । ଅବିରାମ ଭାବରେ ତଳକୁ ପଡ଼ୁଥିବା ପାଣିର ଧାର— 2. Continuous dropping of water.

୩ । ବୃଷ୍ଟିଧାରା; ଅସରା—3. A shower of rain.

୪ । ଏକପ୍ରକାର ତପସ୍ୟା, ଯହିଁରେ ତପସ୍ୟା କରିବା ଲୋକ ଉପରେ ଅନ୍ୟ ଲୋକମାନେ ଅବିରତ ପାଣିର ଧାରା ଛାଡ଼ୁ ଥାଆନ୍ତି (ହି. ଶବ୍ଦସାଗର) —4. A kind of penance in which water is constantly poured over the practiser.

ଜଳଧି —ସଂ. ବି.—(ଜଳ+ଧା ଧାତୁ+ଅଧିକରଣ. ଇ)—୧ । ବାରିଧି;
Ja<u>l</u>adhi ସାଗର; ସମୁଦ୍ର—1. The sea; the ocean.

୨ । ଶତଲକ୍ଷ କୋଟି ସଂଖ୍ୟା— 2. One hundred of trillion (number).

ଜଳଧିଗା—ସଂ. ସ୍ତ୍ରୀ. (ଜଳଧି+ଗମ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Ja<u>l</u>adhigā ୧ । ଲକ୍ଷ୍ମୀ—1. The Goddess of wealth.

୨ । ନଦୀ—2. River.

ଜଳଧିଜ—ସଂ. ବିଣ. (ଜଳଧି+ଜନ୍ ଧାତୁ+କର୍ତ୍ତୃ. ଅ)—
Ja<u>l</u>adhija ସମୁଦ୍ରୋଦ୍ଭବ—Born of the ocean

ବି—ଚନ୍ଦ୍ର—The moon.

[ଦ୍ର—କ୍ଷୀରସମୁଦ୍ରମନ୍ଥନରୁ ଏ ବାହାରିଥିଲେ ।]

ଜଳଧିଜା—ସଂ. ବି. ସ୍ତ୍ରୀ. (ଜଳଧି+ଜନ୍ ଧାତୁ+ଅ+ସ୍ତ୍ରୀ. ଆ)—
Ja<u>l</u>adhijā ମହାଲକ୍ଷ୍ମୀ (କ୍ଷୀରସମୁଦ୍ରମନ୍ଥନରୁ ଏ ବାହାରିଥିବାରୁ ଓ ଜଳଦେବ ବରୁଣଙ୍କ ପାଳିତା କନ୍ୟା ଥିବାରୁ)—The Goddess of wealth.

(ଜଳଧିତନୟା, ଜଳଧିସୁତା — ଅନ୍ୟରୂପ)

ଜଳନକୁଳ—ସଂ. ବି. (୬ଷ୍ଠୀ ତତ୍; ଜଳ+ନକୁଳ)—ଓଧ—
Ja<u>l</u>a-naku<u>l</u>a Otter.

ଜଳନାଳ—ଦେ. ବି. (ସଂ. ଜଳନାଳୀ)—ଜଳନାଳୀ (ଦେଖ)
Ja<u>l</u>a nā<u>l</u>a Ja<u>l</u>anā<u>l</u>i (See)
नाला
नहर

ଜଳନାଳୀ—ସଂ. ସ୍ତ୍ରୀ.(୬ଷ୍ଠୀ ତତ୍; ଜଳ+ନାଳୀ)—୧ । ପାଣିନାଳ; କୁଲ୍ୟା-
Ja<u>l</u>a-nā<u>l</u>i 1. Water-course; canal.

୨ । ନର୍ଦ୍ଦମା; ପାଣିମାହାରି— 2. Water-channel; drain.

ଜଳନିଧି—ସଂ. ବି. (ଜଳ+ନି+ଧା ଧାତୁ+ଅଧିକରଣ ଇ)—
Ja<u>l</u>a-nidhi ୧ । ଜଳଧି (ଦେଖ) 1. Ja<u>l</u>adhi (See)

୨ । ଚାରିସଂଖ୍ୟା—2. The number four.

ଜଳନିର୍ଗମ—ସଂ. ବି. (୬ଷ୍ଠୀ ତତ୍; ଜଳ+ନିର୍ଗମ)—
Ja<u>l</u>a-nirgama ୧ । କୌଣସି ସ୍ଥାନରୁ ଜଳ ବୋହିଯିବା— 1. The flowing out of water from a place.

(ଜଳନିର୍ଗମନ—ଅନ୍ୟରୂପ)

୨ । (ବହୁବ୍ରୀହି) ପାଣିମାହାରି—2. Drain for water.

ଜଳନୀଳିକା—ସଂ. ସ୍ତ୍ରୀ. (ମ. ପ. ଲୋ; ଜଳ+ନୀଳିକା)—
Ja<u>l</u>a-ni<u>l</u>ikā ପାଣି ଉପରେ ପଡ଼ିବା ଶିଉଳ; ନେଳୀ— Green moss formed on the surface of water.

(ଜଳନୀଳୀ—ଅନ୍ୟରୂପ)

୧	ଇ	ଓ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଣ	ଜ	ଶ,ଷ	କ୍ଷ	ଇଏ	ଉଅ	ଡ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଢ଼	୍ୟ

ଜଳନ୍ତ—ଗ୍ରା. ବଣ. (ସଂ. ଜ୍ୱଳତ୍)—ଜ୍ୱଳନ୍ତ (ଦେଖ)
Jalanta Jwalanta (See)

ଜଳନ୍ତର—ଦେ. ବି. (ନାମ)—ଗଞ୍ଜାମର ଗୋଟିଏ ପ୍ରାଚୀନ ରାଜ୍ୟ—
Jalantara Name of an ancient estate in Ganjam.
[ଦ୍ର—ଏ ରାଜ୍ୟର ରାଜା କବିସୂର୍ଯ୍ୟଙ୍କର ପୃଷ୍ଠପୋଷକ ଥିଲେ । କବିସୂର୍ଯ୍ୟ ତାଙ୍କ କଳୋଗିଚନ୍ଦ୍ରୁ ର ଗୀତମାନ ରାଜା ବାଲୁକେଶରଦେବଙ୍କ ନାମରେ ଭଣିତା କରିଥିଲେ ।]

ଜଳନ୍ତା—ଦେ. ବି. (ସଂ. ଜ୍ୱଳତ୍)—୧ । ଜଳୁଥିବା—
Jalantā 1. Burning.
जलन्त ଜଳନ୍ତା ଅର୍ଥ ପଦ୍ ହେଳରେ ପ୍ରଚଳିତ ।
जलाउ,जलतो କୃଷ୍ଣସିଂହ. ମହାଭାରତ ଅବ ।
୨ । ଯହିଁରେ ଜଳନ୍ତା ନିଆଁ ଥାଏ—2. Having fire burning in it; containing blazing fire.
(ଯଥା—ଜଳନ୍ତା ଚୁଲି ।)

ଜଳନ୍ତା ନିଆଁରେ କୁଟା ପକା(କେ)ଇବା—ଦେ. କ୍ରିୟା (ଲକ୍ଷଣାର୍ଥ)—
Jalantā niānre kutā pakā(ke)ibā କ୍ରୋଧ, ବିପଦ୍ ବା ବିରକ୍ତିବେଳେ ଉତ୍ତେଜିତ କରିବା ବା ସେସବୁ ବଢ଼ାଇବା ଭଳି କୌଣସି କାର୍ଯ୍ୟ କରିବା (ତୁଳନା କର—"କଟା ଘାଆରେ ଚୂନ ମାରିବା")—
To add fuel to the fire.

ଜଳନ୍ଧର—ସଂ. ବି. (ଜଳଂ=ଜଳକୁ+ଧୃ ଧାତୁ+କର୍ତ୍ତୃ. ଅ)
Jalandhara ୧ । ଅସୁରବିଶେଷ—1. Name of a Demon.
[ଦ୍ର—ଏ ଶିବଙ୍କ କୋପାଗ୍ନିରୁ ସମୁଦ୍ରରେ ଜନ୍ମିଥିଲା । ଏ ଜନ୍ମ ହେଲାକ୍ଷଣି ଏପରି କାନ୍ଦିଲା ଯେ ତହିଁରେ ଦେବତାମାନେ ବ୍ୟଥିତ ହୋଇ ସମୁଦ୍ରକୁ ପଚାରିବାରୁ ଏ ମୋ ପୁତ୍ର ବୋଲି ସମୁଦ୍ର କହି ଏହାକୁ ପାଳିବାକୁ ବ୍ରହ୍ମାଙ୍କୁ ଅନୁରୋଧ କରିବାରୁ ବ୍ରହ୍ମା ଏହାକୁ କୋଳରେ ନେଲେ; ଏ ବ୍ରହ୍ମାଙ୍କ ଦାଢ଼ୀକୁ ଜୋରରେ ଟାଣିବାରୁ ବ୍ରହ୍ମାଙ୍କ ଆଖିରୁ ପାଣି ଗଡ଼ିଲା । ଏଥି ପାଇଁ ଏହାର ନାମ ଜଳନ୍ଧର ହେଲା । ଏ ବଡ଼ ହୋଇ ଅମରାବତୀ ଅଧିକାର କରିବାରୁ ଇନ୍ଦ୍ରଙ୍କପକ୍ଷରୁ ଶିବ ଏହା ସଙ୍ଗେ ଯୁଦ୍ଧ କଲେ । ସ୍ୱାମୀକୁ ରକ୍ଷା କରିବା ପାଇଁ ଏହାର ସ୍ତ୍ରୀ ବୃନ୍ଦା (କାଳନେମିର କନ୍ୟା) ବ୍ରହ୍ମାଙ୍କ ପୂଜା କଲା ଓ ଏଥିଯୋଗୁଁ ଶିବ ତାକୁ ପରାସ୍ତ କରିପାରିଲେ ନାହିଁ । ବିଷ୍ଣୁ କୂଟ କରି ବୃନ୍ଦା ନିକଟକୁ ଯିବାରୁ ବୃନ୍ଦା ତାଙ୍କୁ ଦେଖି ପୂଜା ବନ୍ଦ କଲା ଓ ଇତ୍ୟବସରରେ ଜଳନ୍ଧର ଯୁଦ୍ଧରେ ପ୍ରାଣ ହରାଇଲା । ବୃନ୍ଦା ଏହା ସଙ୍ଗେ ସହମରଣ ଲଭିଲା ଓ ପରଜନ୍ମରେ ତୁଳସୀ ରୂପ ଧାରଣ କରି ସ୍ୱର୍ଗରୁ ପୂଜା ପାଉଅଛି । ଦ୍ର. ଶବ୍ଦସାଗର ।]
୨ । ପର୍ବତ—2. Mountain.
୩ । ଉତ୍ତରପଶ୍ଚିମ ଭାରତର ତୀର୍ଥବିଶେଷ—
3. Name of a holy place of pilgrimage in N. W. India.
୪ । ପଞ୍ଜାବ ପ୍ରଦେଶସ୍ଥ ନଗରବିଶେଷ—
4. Jalandar; a town in the Panjab.

ଜଳପ—ଗ୍ରା. (ପଦ୍ୟ) ଗ. (ସଂ. ଜଳ୍ପ ଧାତୁ)—ଜଳପନ (ଦେଖ)
Jalapa Jalapana (See)
ମୋହର ବୃଦ୍ଧି ଅଇଲ ହେ ଅଳପ
କ ରୂପରେ ଭାରତ କହିବ ଜଳପ । କୃଷ୍ଣସିଂହ. ମହାଭାରତ. ସଭା ।

ଜଳପଞ୍ଜରୀ—ଦେ. ବି. (ସଂ. ଜାଳ+ପଞ୍ଜର)—ଝରକା; ଜାଳିକବାଟ—
Jala-panjari Window; latticed window.

ଜଳପତି—ସଂ. ବି. (୬ଷ୍ଠୀ ତତ୍, ଜଳ+ପତି)—୧ । ବରୁଣ—
Jala-pati 1. Sea-god
୨ । ସମୁଦ୍ର—2. The ocean.

ଜଳପଥ—ସଂ. ବି. (୬ଷ୍ଠୀ ତତ୍; ଜଳ+ପଥ)—
Jala-patha ୧ । ପାଣି ବୋହିଯିବା ବାଟ—
1. An outlet for water
୨ । (୭ମୀ ତତ୍;) ନଦୀ ଓ ସମୁଦ୍ର ଆଦି; ଯେଉଁ ବାଟେ ନୌକା ଦ୍ୱାରା ଲୋକେ ଯିବା ଆସିବା କରନ୍ତି—
2. Water used as passage.

ଜଳପନ—ଗ୍ରା. (ପଦ୍ୟ) ବି. (ସଂ. ଜଳ୍ପନ)—କଥନ; ଜଳ୍ପନ—
Jalapana Speaking; talking.

ଜଳପା—ଗ୍ରା. (ପଦ୍ୟ) ବି. (ସଂ. ଜଳ୍ପନ)—କଥା; ବଚନ—
Jalapā Words
ଜନନୀର ପୁରନ୍ଦର ଗୁରୁ ଜଳପାରେ
ରସି କଲ ରସି କା ରସ ବୁଝୁଥିଲ ପାରେ । କବିସୂର୍ଯ୍ୟ. ସଙ୍ଗୀତ ।

ଜଳପାଇ—ଦେ. ବି—୧ । ବରିପୋଲ ନାମକ ଗଛ ଓ ତହିଁର ଅମ୍ଳରସ ସାନ ଛୋଟ ଅମ୍ଳ ଫଳ—1. The wild olive tree and its fruit; Elæocarpus Serratus.
Jala-pāi
जलपाई
जलपाइ
[ଦ୍ର—ଏହା ରୁଦ୍ରାକ୍ଷ ଜାତୀୟ ଗଛ । ହିମାଳୟରେ ଓ ଦାକ୍ଷିଣାତ୍ୟର ଅରଣ୍ୟରେ ଜନ୍ମେ । ଏଥିର କଞ୍ଚା ଫଳ ଆଚାର ଓ ଚଟଣୀ ରୂପେ ବ୍ୟବହୃତ ହୁଏ ଓ ପାଚିଲା ଫଳ ଖିଆଯାଏ ।]
୨ । ଜୁଆର ପାଣି ପଶୁଥିବା ସମୁଦ୍ରୋପକୂଳସ୍ଥ ନିମ୍ନଭୂମି—
2. Low water-logged land along the sea-coast.
[ଦ୍ର—ମେଦିନୀପୁର ଓ ବାଲେଶ୍ୱର ଅଞ୍ଚଳରେ ଏପରି ଭୂମି ଦେଖାଯାଏ । ଅଧିକାଂଶ ସମୟରେ ଏହା ଜଳରେ ପୂର୍ଣ୍ଣ ଥାଏ ।]
୩ । ଜଳାଭୂମି; ଡୋଲ୍ଲି ଭୂମି—3. Marshy land.

ଜଳପାତିଆ—ଦେ. ବି—ଏକ ପ୍ରକାର ସ୍ୱରକାରୀ ପକ୍ଷୀ—
Jala-pātiā A kind of singing bird.

ଜଳପାତ୍ର—ସଂ. ବି. (୬ଷ୍ଠୀ ତତ୍; ଜଳ+ପାତ୍ର)—
Jala-pātra ୧ । ପାଣି ରଖିବା ପାତ୍ର—
1. Water-vessel.

ସାଧାରଣ ଲୋକେ ଅପର ପୃଷ୍ଠାରେ ୯ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୯ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ତାହା ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଦୁଇ ପ୍ରକାର ୨ ବା ୯ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା'ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯେଉଁ ପାତ୍ରରୁ ପାଣି ପିଆଯାଏ—
2. Drinking vessel.

ଜଳପାନ—ସଂ. ବି (୬ଷ୍ଠୀ ତତ୍; ଜଳ+ପାନ)—ପାଣି ପିଇବା—
Ja̲la-pāna Drinking of water.
ଦେ. ବି—୧ । ପାଣି ପିଇବା ପୂର୍ବରୁ ଖିଆଯିବା ଲଘୁ ଖାଦ୍ୟ;
জলখাবার ଜଳଖିଆ—1. Light refreshment;
जलपान luncheon; breakfast; tiffen.
୨ । ମିଷ୍ଟାନ୍ନ—2. Sweetmeat.

ଜୌଣସି ପେଟବିକଳିଆ ବ୍ରାହ୍ମଣ ଜଳପାନ ମାଗି ବସିଲେ
ସାଥିରେ ତହିଁଅଙ୍କ୍ ଜିଅ ପାଖ ସାଇ ପୁଷ୍ଟ ଚୁଡ଼ା ଧର
ପତ୍ରକୁ ଫୋପାଡ଼ୁ ଥିଲ । ଫକୀରମୋହନ- ଛମାଣଆଠଗୁଣ୍ଠ ।

ଜଳପାଣି—ପ୍ରାଦେ. ବି (ବାଲେଶ୍ୱର) (ଭୁଲ. ବ. ଏହି ଅର୍ଥରେ ଜଳପାଣୀ)
Ja̲la-pāni ଛାତ୍ରଙ୍କୁ ମିଳୁଥିବା ମାସିକ ଅର୍ଥ ସାହାଯ୍ୟ; ଛାତ୍ରବୃତ୍ତି—
Stipend; scholarship.

ଜଳପାହି—ଦେ. ବି—ଜଳପାଇ (ଦେଖ)
Ja̲la-pāhi Ja̲lapāi (See)

ଜଳପିଚକା—ଦେ. ବି—ସୁଗନ୍ଧ ଜଳ ପୂର୍ଣ୍ଣ କରି ଅଭ୍ୟାଗତଙ୍କ ଉପରକୁ ମାରିବା ପିଚକାରୀ—
Ja̲la-pichikā ଲୋକଙ୍କ ଉପରକୁ ମାରିବା ପିଚକାରୀ—
पानीकि पिचकारी Syringe used for spraying scented water over guests.

ଜଳପିପ୍ପଳୀ—ସଂ. ବି—କଚରଙ୍ଗା (ଦେଖ)
Ja̲la-pippali̲ Kacharangā (See)
(ଜଳପିପ୍ପଳିକା—ଅନ୍ୟରୂପ)

ଜଳପିବା—ଗ୍ରା (ପଦ୍ୟ) କ୍ରି (ସଂ. ଜଳ୍ପ)—୧ । ଗପିବା—
Ja̲lapibā 1. To talk.
জলপা ୨ । ପ୍ରଳାପ କରିବା; ବୃଥାରେ ଗପିବା—
जलपना 2. To talk in vain; to rave.

ଜଳପୁଛୁ ଦଳପୁଛୁ ଏକେ ଭରେ କର ଚାତୁରେ—କବିସୂର୍ଯ୍ୟ ସଙ୍ଗୀତ ।

ଜଳପିମ୍ପି—ଦେ. ବି—ଜଳଫିମ୍ପି (ଦେଖ)
Ja̲la-pimpi Ja̲la-phimpi (See)

ଜଳପ୍ରଣାଳୀ—ସଂ. ବି—ଜଳନାଳୀ (ଦେଖ)
Ja̲la-pran̲āli Ja̲la-nāli̲ (See)

ଜଳପ୍ରଦାନ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରଦାନ)—
Ja̲la-pradāna ଜଳଦାନ (ଦେଖ)
Ja̲ladāna (See)

ଜଳପ୍ରପା—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରପା=ଶାଳା)—
Ja̲la-prapā ଜଳଦାନଗୃହ; ଜଳଛତ୍ର—A place where water is freely distributed to the thirsty.

ଜଳପ୍ରପାତ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରପାତ)—
Ja̲la-prapāta ୧ । ଉଚ୍ଚସ୍ଥାନରୁ ଜଳର ପତନ—
1. Falling down of water from a high place.
୨ । ପର୍ବତ ଉପରୁ ଗଡ଼ୁଥିବା ଝରଣା—
2. Waterfall; a cascade.

ଜଳପ୍ରବାହ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରବାହ)—ଜଳର ସ୍ରୋତ—
Ja̲la-prabāha Current of water.

ଜଳପ୍ରାୟ—ସଂ. ବି. (ବହୁବ୍ରୀହି; ଜଳ+ପ୍ରାୟ=ପ୍ରଚୁର)—
Ja̲la-prāya ଜଳମୟସ୍ଥାନ; ଜଳାଭୂମି—
Marshy place; swamp.
ବିଣ—ଜଳବହୁଳ; ଜଳପୂର୍ଣ୍ଣ—Water logged; overflowing with water.

ଜଳପ୍ରିୟ—ସଂ. ବିଣ. (ବହୁବ୍ରୀହି; ଜଳ+ପ୍ରିୟ)—ଯେ ଜଳକୁ ସୁଖପାଏ—
Ja̲la-priya Fond of water.
ବି—୧ । ଚାତକ ପକ୍ଷୀ—1. A species of swallow.
୨ । ମତ୍ସ୍ୟ—2. Fish.

ଜଳପ୍ଳାବନ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ଳାବନ)—୧ । ବନ୍ୟା; ବଢ଼ି—
Ja̲la-plābana 1. Inundation; flood.
୨ । ଜଳ ମାଡ଼ି ଦେଶ ବୁଡ଼ିଯିବା—2. Deluge.

ଜଳପ୍ଳାବିତ—ସଂ. ବିଣ. (ତୃତୀୟା ତତ୍, ଜଳ+ପ୍ଳାବିତ)—
Ja̲la-plābita ଜଳରେ ମଗ୍ନ; ଜଳରେ ଆଚ୍ଛନ୍ନ (ଦେଶ)—
(a place) Inundated or overspread with flood; deluged.

ଜଳଫିମ୍ପି—ଦେ. ବି—ଦଳଫିମ୍ପି; ଡାହୁକଜାତୀୟ କୁଳେଚର ବର୍ଗର
Ja̲la-phimpi ୧୨।୧୬ ଅଙ୍ଗୁଳ ଦୀର୍ଘ ଓ ଡେଙ୍ଗା ଗୋଡ଼ ଥିବା
জলপিপি; ପକ୍ଷିବିଶେଷ; ଜଳକୁକ୍କୁଟ—
मुरगाबी A small bird living near water; The Jacana or Sora; Mitopidus Indicus (with long spreading toes); the Pheasant Jacana; Hydrophasianus Chirurgus; the Surgeon bird.

[ଦ୍ର—ଏମାନେ ପୋଖରୀର ପାଣିକୂଳରେ ଥାଆନ୍ତି ଓ ଦଳ ଉପରେ ଡେଙ୍ଗା ଗୋଡ଼ରେ ଖୁବ୍ ଦଉଡ଼ି ପାରନ୍ତି । ଗୋଡ଼ର ଚଉଗ୍ର ପାଦରେ ଲମ୍ବ ଲମ୍ବ ୪ ଗୋଟି ନଖ । ଏମାନେ ପିଁ ପିଁ ଶବ୍ଦ କରନ୍ତି; ମୁଣ୍ଡ ଓ ପିଠି କଳା ଓ ଧଳା ଓ ପେଟ ଧଳା; ଥଣ୍ଟ ଲମ୍ବ ଓ ଥଣ୍ଟର ଅଗ ବଙ୍କା; ଡେଣା ଛୋଟ, ଲାଞ୍ଜ ଛୋଟ ଓ ଖଇରା]

ଜଳବଜା—ଦେ. ବିଣ—୧ । ଜଳସ୍ପୃଷ୍ଟ—
Ja̲la-bajā 1. Touched with water.

ଜଳବଜା ପବନେ ଦେଲେ ଦେହ ଡୋଳି । କୃଷ୍ଣସିଂହ- ମହାଭାରତ ବନ ।

୨ । ଜଳସିକ୍ତ—2. Sprinkled with water.

ଜଳବରଣ୍ଡ—ସଂ. ବି—ଦାଢ଼ୁଫୁଟ; ପାଣିବସନ୍ତ—
Ja̲la-baran̲ta Chicken-pox.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଢ଼	ନ୍ତ

ଜଳବଲ୍କଳ—ସଂ. ବି. (୬ଷ୍ଠୀ ତତ୍, ଜଳ+ବଲ୍କଳ)—
Ja<u>l</u>a-ba<u>l</u>ka<u>l</u>a ଦଳ; ବୋରଝାଞ୍ଜି—Aquatic weeds floating over the surface of water; Salvinia Cucullata.

ଜଳବଲ୍ଲୀ—ସଂ. ବି. (୬ଷ୍ଠୀ ତତ୍; ଜଳ+ବଲ୍ଲୀ)—
Ja<u>l</u>a-balli ଶୃଙ୍ଗାଟକ ବା ସିଙ୍ଘଡ଼ା ଲତା—
The Water-chestnut creeper.

ଜଳବସ୍ତି—ସଂ. ବି.—ନାଭି ବୁଡ଼ିବା ଭଳି ପାଣିରେ ବସି ଗୋଡ଼ର ଦୁଇ
Ja<u>l</u>a-basti ବୁଢ଼ା ଆଙ୍ଗୁଠି ଭୂମିରେ ଲଗାଇ ଶୂନ୍ୟରେ ଅବସ୍ଥିତ; ଦୁଇ ଗୁଲ୍ଫ ଉପରେ ଗୁହ୍ୟକୁ ଆକୁଞ୍ଚନ ପ୍ରସାରଣ କରିବା (ଏହାକୁ ଉତ୍କଟାସନ ମଧ୍ୟ ବୋଲାଯାଏ)—
An exercise consisting of sitting in water while expanding and contracting the anus.

ଜଳବାୟସ—ସଂ. ବି. (୬ଷ୍ଠୀ ତତ୍; ଜଳ+ବାୟସ)—
Ja<u>l</u>a-bāyasa ପାଣିକୁଆ ପକ୍ଷୀ—A black webfooted
कौड़िल्ला aquatic bird; the Cormorant.

ଜଳବାୟୁ—ସଂ. ବି. (ଆଧୁନିକ ବ୍ୟବହାର; ଜଳ+ବାୟୁ)—
Ja<u>l</u>a-bāyu କୌଣସି ସ୍ଥାନର ଜଳ ଓ ବାୟୁର ବିଶେଷତ୍ୱ; (ଏହା
जलवायु, जलहाओया ଉପରେ ଅଧିବାସୀଙ୍କର ସ୍ୱାସ୍ଥ୍ୟ ନିର୍ଭର କରେ)-
आबहावया Climate; the special incidents of the water and air of a locality.

ଜଳବାୟୁ ପରିବର୍ତ୍ତନ—ସଂ. ବି. (ଆଧୁନିକ ବ୍ୟବହାର)—
Ja<u>l</u>abāyu paribarttana ଏକ ସ୍ଥାନର ଜଳବାୟୁ ଦ୍ୱାରା ଶରୀରର ସ୍ୱାସ୍ଥ୍ୟ ନଷ୍ଟ ହେଲେ ସ୍ୱାସ୍ଥ୍ୟପରିବର୍ତ୍ତନ ପାଇଁ ଉକ୍ତ ସ୍ଥାନରୁ ଅନ୍ୟ ସ୍ଥାନକୁ ବାସପରିବର୍ତ୍ତନ—
Change of climate; change of residence for the improvement of one's health.

ଜଳବାହ—ସଂ. ବିଣ. (ଉପପଦ ତତ୍ପୁରୁଷ; ଜଳ+ବହ ଧାତୁ+କର୍ତ୍ତୃ-
Ja<u>l</u>a-bāha ଅ)—ପାଣିବୁହାଳ; ଯେ ଏକ ସ୍ଥାନରୁ ଅନ୍ୟ
(ଜଳବାହକ—ଅନ୍ୟରୂପ) ସ୍ଥାନକୁ ପାଣି ବହେ—
Water-carrier.
ବି—ମେଘ—Cloud.

ଜଳବି—ଦେ. ବି—ଜିଲବି (ଦେଖ)
Jalabi Jilibi (See)

ଜଳବିନ୍ଦୁ—ସଂ. ବି. (୬ଷ୍ଠୀ ତତ୍; ଜଳ+ବିନ୍ଦୁ)—
Ja<u>l</u>a-bindu ୧ । ପାଣିର ଟୋପା—1. Drop of water.
୨ । ପାଣିର ଶୀକର—2. Fine drops of water; sprays of water.

ଜଳବିପ୍ରୁଷ—ଦେ. ବି. (ସଂ. ଜଳ+ବିପ୍ରୁଷ୍=ଜଳବିନ୍ଦୁ)—
Ja<u>l</u>a-biprusha ଜଳବିନ୍ଦୁ—Drop of water.

ବମନ୍ତନ ମାଲୋପୃଲେ ଜଳ
ବପୃଷ କ ପଡ଼ିବାରେ ତଉତଳ । ଲକ୍ଷ. ବୈଦେସ୍ୱାଶବଳାସ ।

ଜଳବିମ୍ବ—ସଂ. ବି. (୬ଷ୍ଠୀ ତତ୍; ଜଳ+ବିମ୍ବ)—ପାଣିଫୋଟକା—
Ja<u>l</u>a-bimba A bubble of water.

ଜଳବିଷୁବ—ସଂ. ବି—ଭୁଲା ସଂକ୍ରାନ୍ତି—
Ja<u>l</u>a-bishuba The crossing of the sun over the boundary line between the Virgo and the Libra.

ଜଳବୁଦ୍‌ବୁଦ—ସଂ. ବି. (୬ଷ୍ଠୀ ତତ୍; ଜଳ+ବୁଦ୍‌ବୁଦ)—
Ja<u>l</u>a-budbuda ଜଳବିମ୍ବ (ଦେଖ)
Ja<u>l</u>a-bimba (See)

ଜଳବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍; ଜଳ+ବୃଦ୍ଧି)—
Ja<u>l</u>a-bruddhi ଜଳଦୋଷ ୧,୩ (ଦେଖ)
Ja<u>l</u>a-dosha 1, 3 (See)

ଜଳବୃଶ୍ଚିକ—ସଂ. ବି. (୬ଷ୍ଠୀ ତତ୍; ଜଳ+ବୃଶ୍ଚିକ)—
Ja<u>l</u>a-bruschika ଚିଙ୍ଗୁଡ଼ି ମାଛ; ବଡ଼ମାଳିଆ ଚିଙ୍ଗୁଡ଼ି—
Prawn.

ଜଳବେଣୀ—ସଂ. ବି. (୬ଷ୍ଠୀ ତତ୍; ଜଳ+ବେଣୀ)
Ja<u>l</u>a-beni ଜଳର ଧାର; ଜଳସ୍ରୋତ—A current or continuous flow of water.

ଜଳବେତସ—ସଂ. ବି—ନଦୀପାଳଙ୍ଗ ଗୁଳ୍ମ; ପାଣିପାଳଙ୍ଗ; ପାଣି-
Ja<u>l</u>a-betasa ବେଗୁନିଆ—A wild variety of Rumex
ସଂ. ନଦୀକୂଳପ୍ରିୟ, Vesircarius (growing on river-
ପରିବ୍ୟାଧ, ନିକୁଞ୍ଜକ banks).
(ଜଳବାନୀର—ଅନ୍ୟନାମ)
[ଦ୍ର—ଏହା ପାଳଙ୍ଗ ଜାତୀୟ ଶାକଗୁଳ୍ମ; ନଦୀ କୂଳରେ ଜନ୍ମେ । ଏହା ଔଷଧ ରୂପେ ପାଚନରେ ବ୍ୟବହୃତ ହୁଏ ।]

ଜଳବ୍ୟଥ—ସଂ. ବି—କଉ ମାଛ (ହି. ଶବ୍ଦସାଗର)—
Ja<u>l</u>a-byatha The Anabis fish.
(ଜଳବ୍ୟଧ—ଅନ୍ୟରୂପ)

ଜଳବ୍ୟାଳ—ସଂ. ବି—ପାଣିଧଣ୍ଡ ସାପ (ହି. ଶବ୍ଦସାଗର)—
Ja<u>l</u>a-byā<u>l</u>a Water-serpent.

ଜଳବ୍ରାହ୍ମୀ—ସଂ. ବି. ସ୍ତ୍ରୀ.—ହିଡ଼ମିଚ୍ଛ ଶାଗ (ଏହା ପାଣି କୂଳରେ ଜନ୍ମେ)-
Ja<u>l</u>a-brahmi An aquatic plant used as kichen-vegetable and medicine.

ଜଳଭୃତ୍—ସଂ. ବି. (ଜଳ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ. କ୍ୱିପ୍)--
Ja<u>l</u>abhrut ୧ । ମେଘ—1. Cloud.
୨ । କର୍ପୂରବିଶେଷ—2. A kind of camphor.
୩ । ଜଳପାତ୍ର—4. A water-vessel.
ସଂ. ବିଣ.—ଯେ ଜଳକୁ ଧାରଣ କରେ—
Holding or containing water.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୀକ' ନ ପାଇଲେ 'ବନ୍ଧୁକ' ଦେଖିବେ; 'ଅର୍ଦ୍ଧୋ' ନ ପାଇଲେ 'ଅଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜଳମଗ୍ନ—ସଂ. ବିଣ. (୭ମୀ ତତ୍; ଜଳ+ମଗ୍ନ)—୧ । ପାଣିରେ ବୁଡ଼ିଯାଇଥିବା—1. Immersed or sunk in water
Jaḻa-magna

୨ । ପାଣି ତଳରେ ବୁଡ଼ି ରହିଥିବା—
2. Lying below the surface of water.

ଜଳମଧୂକ—ସଂ. ବି.—ଜଳାଶୟ ନିକଟରେ ଜନ୍ମିବା ଏକପ୍ରକାର ମହୁଆ ଗଛ—A kind of Mahuā tree growing near water.
Jaḻa-madhūka

ସଂ. ନାମ—ଦୀର୍ଘପତ୍ରକ, କ୍ଷୁଦ୍ରପୁଷ୍ପକ, ସ୍ୱାଦୁ, ଗୈରିକା, ମଧୂଳିକା, କ୍ଷୌଦ୍ରପ୍ରିୟ, ପତଙ୍ଗ, କୀରେଷ୍ଟ, ଗୌରିକାକ୍ଷ, ମାଂଗଲ୍ୟ, ମଧୁପୁଷ୍ପ
ଜଲମହୁଆ
जलमहुआ

[ଦ୍ର—ଏ ବୃକ୍ଷ ଦକ୍ଷିଣଭାରତର କୋଙ୍କଣ ଅଞ୍ଚଳରେ ଜନ୍ମେ । ଏହାର ପତ୍ର ମହୁଆ ପତ୍ର ଠାରୁ ବଡ଼ ଓ ଫୁଲ ସାନ । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତଳ, ବ୍ରଣନାଶକ, ବଲବୀର୍ଯ୍ୟବର୍ଦ୍ଧକ, ରସାୟନ ଓ ବମନ ନିବାରକ,—ହି. ଶବ୍ଦସାଗର ।]

ଜଳମନ୍ଦିର—ସଂ. ବି. (୭ମୀ ତତ୍; ଜଳ+ମନ୍ଦିର)—ଗ୍ରୀଷ୍ମ କାଳରେ ଶାନ୍ତି ଓ ଶୀତଳତା ଲାଭ ନିମନ୍ତେ ନିର୍ମିତ ହୋଇ ଥିବା ଚତୁର୍ଦ୍ଦିଗରେ ଜଳବେଷ୍ଟିତ ଗୃହ ବା ମଣ୍ଡପ—
Jaḻa-mandira

A summer-house surrounded by water.

ଜଳମୟ—ସଂ. ବିଣ.—(ଜଳ+ପ୍ରାଚୁର୍ଯ୍ୟାର୍ଥେ. ମୟ)—ଜଳପୂର୍ଣ୍ଣ; ଜଳପ୍ଲାବିତ—Overflowing with or full of water; watery.
Jaḻamaya

ଜଳମଳ—ସଂ. ବି. (୬ଷ୍ଠୀ ତତ୍; ଜଳ+ମଳ)—ଫେଣ—
Jaḻa-maḻa Foam.

ଜଳମସି—ସଂ. ବି. (୬ଷ୍ଠୀ ତତ୍; ଜଳ+ମସି)—୧ । ମେଘ—
Jaḻa-masi 1. Cloud.

୨ । ଏକ ପ୍ରକାର କର୍ପୂର—2. A kind of camphor.

ଜଳମାତୃକା—ସଂ. ବି. (ମ. ପ. ଲୋ; ଜଳ+ମାତୃକା)—ଜଳରେ ବାସ କରୁଥିବା ୭ଟି ଦେବୀ—A class of female Deities supposed to live in water.
Jaḻa-mātṛukā

[ଦ୍ର—ଏମାନଙ୍କ ନାମ ମତ୍ସୀ, କୂର୍ମୀ, ବାରାହୀ, ଦର୍ଦୁରୀ, ମକରୀ, ଜଳୁକା ଓ ଜନ୍ତୁକା—ହି. ଶବ୍ଦସାଗର ।]

ଜଳମାନୁଷ—ସଂ. ବି. (ମ. ପ. ଲୋ; ଜଳ+ମାନୁଷ)—ଏକ କଳ୍ପିତ ଜଳଜନ୍ତୁ, ଯାହା ଦେହର ନାଭି ଠାରୁ ଉପରଭାଗ ମନୁଷ୍ୟ ପରି ଓ ତଳ ଅଂଶ ମାଛ ପରି (ହି. ଶବ୍ଦସାଗର)—A nymph said to have the upper half of the body resembling human limbs and the lower half resembling a fish; water-nymph.
Jaḻa-manusha
(ଜଳମାନୁଷୀ—ସ୍ତ୍ରୀ)

ଜଳମାର୍ଗ—ସଂ. ବି—୧ । (୬ଷ୍ଠୀ ତତ୍; ଜଳମାର୍ଗ)—ଜଳ ବୋହିଯିବା ବାଟ; ପାଣିବାହାରିଯିବାର ନଳା—1. Water-course; water-channel or drain.
Jaḻa-mārga

୨ । (୭ମୀ ତତ୍) ଜଳପଥ; ସମୁଦ୍ର ଓ ନଦୀଆଦିଦ୍ୱାରା ଯିବା ଆସିବା ପଥ—2. Passage by water; voyage.

ଜଳମାର୍ଜାର—ସଂ. ବି. (୬ଷ୍ଠୀ ତତ୍; ଜଳ+ମାର୍ଜାର)—ଓଧ—
Jaḻa-mārjāra Otter.

ଜଳମୁକ୍—ସଂ. ବି. (ଜଳ + ମୁଚ ଧାତୁ = ତ୍ୟାଗ କରିବା + କର୍ତ୍ତୃ. କ୍ୱିପ୍, ଜଳମୁଚ୍ ଶବ୍ଦ ୧ମା. ୧ବ.)—ମେଘ—Cloud.
Jaḻamuk

ସଂ. ବିଣ—ଜଳମୋଚନକାରୀ—Emitting water.

ଜଳମୂର୍ତ୍ତି—ସଂ. ବି. (ବହୁବ୍ରୀହି; ଜଳ+ମୂର୍ତ୍ତି; ମହାଦେବଙ୍କର ଅଠ ମୂର୍ତ୍ତି ମଧ୍ୟରୁ ଗୋଟିଏ ଜଳମୟୀ ମୂର୍ତ୍ତି ଥିବାରୁ)—ମହାଦେବ; ଶିବ—Śiba.
Jaḻa-mūrtti

ଜଳମୂର୍ତ୍ତିକା—ସଂ. ବି—କରକା; କୁଆପଥର—
Jaḻa-mūrttikā Hail-stone.

ଜଳଯନ୍ତ୍ର—ସଂ. ବି (୬ଷ୍ଠୀ ତତ୍; ଜଳ+ଯନ୍ତ୍ର)—
Jaḻajuntra ୧ । ପାଣି ଉଠାଇବା ଯନ୍ତ୍ର—
1. A machine for lifting water.

୨ । ପାଣିଦ୍ୱାରା ଚାଳିତ ଯନ୍ତ୍ର—
2. Water-engine; water-mill.

୩ । ଜଳଘଡ଼ି; ଜଳଦ୍ୱାରା ନିୟନ୍ତ୍ରିତ ଘଡ଼ି—
3. Water-clock; a clepsydra.

୪ । ଜଳ ଛାଣିବାର ଯନ୍ତ୍ର—4. A filter.

୫ । ପିଚକାରୀ—5. Syringe.

ବହିଲ ଦକ୍ଷିଣ ପବନ
ଛାଡ଼ିଲେ ଜଳଯନ୍ତ୍ରମାନ—ଭୂପତି. ପ୍ରେମପଞ୍ଚାମୃତ ।

୬ । ଜଳଦ୍ୱାରା ଚାଳିତ ପାଣିର ଫୁଆରା—6. Mechanically contrived jets or springs of water.

ଦେ. ବି—ଖଟ ବା ସିନ୍ଦୁକ ଇତ୍ୟାଦି ଉପରକୁ ପିମ୍ପୁଡ଼ି ଓ ଜଦା ଉଠି ନ ପାରିବେ ଏଥିପାଇଁ ସେହି ଗୋଡ଼ ତଳେ ଦିଆ ଯାଇଥିବା ଜଳପୂର୍ଣ୍ଣ ପଥରକୁଣ୍ଡୀ—Stone saucers full of water on which the posts of bedsteads and safes etc are put to prevent ants from infesting them.
ଜଲଯନ୍ତ୍ର
जलयन्त्र

ଜଳଯନ୍ତ୍ର ଗୃହ—ସଂ. ବି—୧ । ଜଳଟୁଙ୍ଗୀ—1. A pleasure-house in the midst of water.
Jaḻa-jantra gṛuha

୨ । ଜଳର ଫୁଆରାଯୁକ୍ତ ଗୃହ—
2. A house with dancing jets of water in it for summer use.

୩ । ଚାରିପାଖେ ଜଳ ବେଢ଼ିଥିବା ଅଗମ ଗୃହ—
3. A house surrounded with water.

[ଦ୍ର—ଗ୍ରୀଷ୍ମଦିନେ ଏ ଘରେ ରହିଲେ ଥଣ୍ଡା ଲାଗେ ।]

ଜଳଯନ୍ତ୍ରପୁର—ସଂ. ବି—ଜଳଯନ୍ତ୍ର ଗୃହ (ଦେଖ)
Jaḻa-jantra-pura Jaḻa-jantra gṛuha (See)
(ଜଳଯନ୍ତ୍ରମନ୍ଦିର—ଅନ୍ୟରୂପ)

ଜଳଯନ୍ତ୍ରପୁରେ ରମା ସଙ୍ଗତରେ ବସି
ହରୁଥାଇ ବନ—ଭଞ୍ଜ. ପ୍ରେମସୁଧାନିଧି ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇୟୁ	ଉଅ	ଖ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	କ୍ଷ	ନ୍

ଜଳଯାତ୍ରା—ସଂ. ବି. (ଜଳ + ଯାତ୍ରା)—
Jala-jātrā ୧ । (୭ମୀ ତତ୍;) ଜଳପଥରେ ଗମନ—1. A voyage.
୨ । (୪ର୍ଥୀ ତତ୍) ଜଳ ଆଣିବା ପାଇଁ ଯିବା—
2. Going to fetch water.
୩ । ଅଭିଷେକ ଆଦି ପାଇଁ ତୀର୍ଥରୁ ପବିତ୍ର ଜଳ ଆଣିବା ପାଇଁ ଗମନ—3. Starting for bringing water from certain sacred centres for the purpose of installation-bath.
୪ । ବୈଷ୍ଣବମାନଙ୍କର ଜ୍ୟୈଷ୍ଠ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ଉତ୍ସବ—4. A festival observed amongst the Baishnabas on the full-moon of Jyaistha.
[ଦ୍ର—ଏହିଦିନ ବିଷ୍ଣୁ ମୂର୍ତ୍ତିଙ୍କୁ ଶୀତଳ ଜଳରେ ସ୍ନାନ କରାଯାଏ ।]
୫ । ଦେବଉତ୍ଥାପନ (କାର୍ତ୍ତିକ ଶୁକ୍ଳ) ଏକାଦଶୀର ପରବର୍ତ୍ତୀ ଚତୁର୍ଦ୍ଦଶୀ ଦିନ ରାଜପୁତାନାରେ ଅନୁଷ୍ଠିତ ଉତ୍ସବବିଶେଷ—
5 A festival observed in Rājaputānā on the 14th day of Kārtika (light half).
[ଦ୍ର—ଏହିଦିନ ଉଦୟପୁରର ରାଣା ସରଦାରମାନଙ୍କ ସହିତ ଖୁବ୍ ସମାରୋହରେ କୌଣସି ହ୍ରଦ ନିକଟକୁ ଯାଇ ସେଠାରେ ଜଳଦେବତାଙ୍କ ପୂଜା କରନ୍ତି । ହି. ଶବ୍ଦସାଗର]

ଜଳଯାତ୍ରୀ—ସଂ. ତ. (ଜଳଯାତ୍ରା + ଇନ୍; ୧ମା. ୧ବ.)—ଜଳପଥରେ
Jala-jātri ଗମନକାରୀ ବ୍ୟକ୍ତି—A voyager.

ଜଳଯାନ—ସଂ. ବି (୬ଷ୍ଠୀ ତତ୍; ଜଳ + ଯାନ)—ଜଳପଥରେ ଯିବା
Jala-jāna ଆସିବା ପାଇଁ ବ୍ୟବହୃତ ନୌକା ଆଦି—
Boat; vessel; a ship

ଜଳଯୋଗ—ସଂ. ବି. (ଆଧୁନିକ ପ୍ରୟୋଗ)—ଜଳଖିଆ—
Jala-joga Light refreshment; luncheon; tiffen.

ଜଳରଙ୍କ—ସଂ. ବି. (ବହୁବ୍ରୀହି; ଜଳ+ରଙ୍କ)—ବଗ—
Jala-raṅka The Ardea Nivea, an aquatic bird

ଜଳରଙ୍କୁ—ସଂ. ବି. (ଜଳ + ରଙ୍କୁ)—ଦାତ୍ୟୂହ ବା ଡାହୁକ ପକ୍ଷୀ—
Jala-raṅku An aquatic bird; Tringa Geonsis; the water-hen.

ଜଳରଣ୍ଡ—ସଂ. ବି—୧ । ପାଣିଭଉଁରୀ (ହି. ଶବ୍ଦସାଗର)
Jala-raṇḍa 1. Eddy; whirlpool.
୨ । ଜଳକଣା—2. Particles of water.
୩ । ସାପ (ହି. ଶବ୍ଦସାଗର)—3. Serpent.

ଜଳରଥ—ସଂ. ବି. (୬ଷ୍ଠୀ ତତ୍; ଜଳ + ରଥ) —ନୌକା—
Jala-ratha Boat.
ମରକତ ଜଳରଥ ଯେହେ
ମଧ୍ୟ ସନ୍ତତ ଜୀବନ ତୁଳନେ—ଉପେନ୍ଦ୍ର, ପ୍ରେମସୁଧାନିଧି ।

ଜଳରସ—ସଂ. ବି. (ବହୁବ୍ରୀହି; ଜଳ ଅଟେ ରସ=ସାର ଭାଗ ଯହିଁରେ)—ଲବଣ—Salt.
Jala-rasa

ଜଳରୁଦ୍ର—ଗ୍ରା. ବି. (ସଂ. ଜଳୋଦର)—ଉଦରୀ ରୋଗ—
Jala-rudri Dropsy.
ଜଳରୁଦର }
ଜଳରୁଦୁର } ଅନ୍ୟରୂପ

ଜଳରୁହ—ସଂ. ବି. (ଉପପଦ ତତ୍ପୁରୁଷ; ଜଳ+ରୁହ ଧାତୁ+ କର୍ତ୍ତୃ. ଅ)—ଜଳଜ; ପଦ୍ମ—Lotus.
Jala-ruha
ବିଣ—ଜଳଜାତ—Produced from water; growing on water.

ଜଳରୋଦରୀ—ଗ୍ରା. ବି—ଜଳରୁଦ୍ର (ଦେଖ)
Jala-rodari Jalarudri (See)
ଜଳରୋଦର }
ଜଳରୋଦୁର } ଅନ୍ୟରୂପ

ଜଳଲତା—ସଂ. ବି. (ଉପମିତ କର୍ମଧାରୟ; ଜଳ + ଲତା)—
Jala-latā ଢେଉ—Wave; billow.

ଜଳଲାଗି—ଦେ. ବି. (ସଂ. ଜଳ+ଲସ୍ଜ୍ ଧାତୁ)—
Jala-lāgi ଦେବବିଗ୍ରହଙ୍କ ଉପରେ ପାଣି ଢାଳିବା—
Pouring out of water on the image of a Deity.
ଦେ. ବିଣ—ଯେଉଁ ବିଗ୍ରହ ଉପରେ ପାଣି ଢଳା ଯାଉଥାଏ—
(image) On which water in being poured out.

ଜଳଶାୟୀ—ସଂ. ବିଣ. (ଜଳ+ଶୀ ଧାତୁ + ଇନ୍; ୧ମା. ୧ବ. ଯେ ଜଳ
Jala-śāyi ଉପରେ ଶୁଏ)—ଜଳ ଉପରେ ଶୟନ କରିଥିବା—
(ଜଳଶାୟିନୀ—ସ୍ତ୍ରୀ) Lying on water.
ବି—ପ୍ରଳୟଜଳ ଉପରେ ଶାୟିତ ବିଷ୍ଣୁ—
Bishṇu floating on the surface of the Universal Deluge.
ଦେ. ବି—ଶିବଲିଙ୍ଗ ବା ଅନ୍ୟ ଦେବବିଗ୍ରହଙ୍କୁ ପାଣିରେ ବୁଡ଼ାଇ ରଖିବା—Keeping the image of a Deity immersed in water; dipping of an image in water.
ଦେ. ବିଣ—ପାଣିରେ ବୁଡ଼ାଇ ରଖାଯାଇ ଥିବା (ଦେବବିଗ୍ରହ)—
(an image) Kept immersed or dipped in water.

ଜଳଶୀକର—ସଂ. ବି. (୬ଷ୍ଠୀ ତତ୍; ଜଳ+ଶୀକର)—
jala-śikara ପାଣିର କ୍ଷୁଦ୍ର କଣା—
Particles or sprays of water.

ଜଳଶୁକ୍ତି—ସଂ. ବି. (୬ଷ୍ଠୀ ତତ୍; ଜଳ+ଶୁକ୍ତି)—ଶାମୁକା—
Jala-śukti Oyster.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଟାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଜଳଶୂକ—ସଂ. ବି—ଶୈବାଳ—
Ja<u>l</u>a-śūka Moss.

ଜଳଶୂକର—ସଂ. ବି. (୭ମୀ ତତ୍; ଜଳ+ଶୂକର)—କୁମ୍ଭୀର—
Ja<u>l</u>a-śūkara Alligator.

ଜଳସତ୍ର—ସଂ. ବି. (୭ମୀ ତତ୍; ଜଳ+ସତ୍ର)—ପାଣିଛତ୍ର;
Ja<u>l</u>a-satra ଯେଉଁଠାରେ ତୃଷାର୍ତ୍ତ ବ୍ୟକ୍ତିମାନଙ୍କୁ ଜଳ ବିତରଣ କରାଯାଏ—A place for distributing water free to the thirsty.

ଜଳସର୍ପିଣୀ—ସଂ. ବି. (ଜଳ+ସୃପ୍ ଧାତୁ+କର୍ତ୍ତୃ. ଇନ୍; ସ୍ତ୍ରୀ. ଈ)—
Ja<u>l</u>a-sarpiṇi ଜୋକ—Leech.

ଜଲସା—ବୈଦେ. ବି. (ଆ. ଜଲ୍ସା)—
Jalasā ୧ । ମହୋତ୍ସବ—1. A big festival; festivity.
জলসা
जलसा ୨ । ମଜଲିସ; ମଜଲିସ୍‌—2. A big feast.
୩ । ସମ୍ମିଳନୀ—3. A big gathering.
୪ । ମଜଲିସ୍—4. A show.

ଜଳସାଇ—ଦେ. ବି ଓ ବିଣ. (ସଂ. ଜଳଶାୟୀ)—
Ja<u>l</u>a-sāi ଜଳଶାୟୀ (ଦେଖ)
Ja<u>l</u>aśāyī (See)

ଜଳସାତ୍—ଦେ. ବିଣ. (ଜଳ+ପରିଣତ ଅର୍ଥରେ ସାତ୍)—
Ja<u>l</u>a-sāt ୧ । ଜଳରେ ନିକ୍ଷିପ୍ତ—
1. Thrown into water.
୨ । ଜଳରେ ପରିଣତ—
2. Turned into water; liquified.

ଜଳସାତ—ଦେ. ବିଣ. (ସଂ. ଜଳସାତ୍)—ଜଳସାତ୍ (ଦେଖ)
Ja<u>l</u>a-sāta Ja<u>l</u>asāt (See)

ଶୋଭନା-ହସ୍ତିନା-ରୌପ୍ୟ ରସନା-ନାରୀଙ୍କ—
କଲେ ଯଜ୍ଞାନଳ ତହିଁ କଲେ ଜଳସାତ । ଜଗନ୍ନାଥ. ମହାଭାରତ ।

ଜଳସିଂହ—ସଂ. ବି. ପୁଂ. (ଅଧୁନିକ ବ୍ୟବହାର)—
Ja<u>l</u>a-siṁha ଭମି ଜାତୀୟ ଜଳଜୀବବିଶେଷ—
(ଜଳସିଂହୀ—ସ୍ତ୍ରୀ) Sea-lion.
[ଦ୍ର—ଏମାନେ ଆକାରରେ ୧୫ ହାତ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ ଦେହସାରା ହଳଦିଆ ମିଶା କଳା ଲୋମରେ ପୂର୍ଣ୍ଣ ଓ ବେକ ଉପରେ ସିଂହର କେଶର ପରି ଲମ୍ବ ବାଳ ଥାଏ; ଏମାନେ ଶାନ୍ତ-ପ୍ରକୃତିକ, କିନ୍ତୁ ଆକ୍ରମଣକାରୀ ପ୍ରତି ବିଶେଷ ବଳ ପ୍ରକାଶ କରନ୍ତି । ଏମାନେ ଦଳବଦ୍ଧ ହୋଇ ଅମେରିକା ଓ ଏସିଆ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଦେଖା ଯାଆନ୍ତି । ଦ୍ର. ଶବ୍ଦସାଗର ।]

ଜଳସିକ୍ତ—ସଂ. ବିଣ. (ତୃତୀୟା ତତ୍; ଜଳ+ସିକ୍ତ)—
Ja<u>l</u>a-sikta ୧ । ପାଣି ଛିଞ୍ଚା ହୋଇଥିବା; ଯାହା ଉପରେ ପାଣି ଛିଞ୍ଚା ହୋଇଅଛି—1. Sprinkled with water.
୨ । ଆର୍ଦ୍ର—2. Moistened; wet.

ଜଳସେଇ—ଗ୍ରା. ବି ଓ ବିଣ. (ସଂ. ଜଳଶାୟୀ)—
Ja<u>l</u>a-sei ଜଳଶାୟୀ (ଦେଖ)
Ja<u>l</u>a-śāyī (See)

ଜଳସେକ—ସଂ. ବି. (୩ୟା ତତ୍; ଜଳ+ସେକ)—
Ja<u>l</u>a-seka ୧ । ପାଣି ଛିଞ୍ଚିବା—1. Sprinkling of water.
୨ । କନାକୁ ଗରମ ପାଣିରେ ବୁଡ଼ାଇ ଚିପୁଡ଼ି ତହିଁରୁ ବାମ୍ଫ ବାହାରୁଥିବା ଅବସ୍ଥାରେ ତଦ୍ୱାରା ଶରୀରକୁ ସେକିବା—
2. Fomentation with hot water; wet fomentation.

ଜଳସ୍ତମ୍ଭ—ସଂ. ବି. (୭ମୀ ତତ୍; ଜଳ+ସ୍ତମ୍ଭ)—
Ja<u>l</u>a-stambha ନଦୀ ଓ ସମୁଦ୍ରର ଗର୍ଭରୁ ଉତ୍ଥିତ କମ୍ପା ତହିଁରେ ମେଘରୁ ପତିତ ପ୍ରକାଣ୍ଡ ସ୍ତମ୍ଭାକାର ଜଳରାଶି (ଏହା ଗୋଟିଏ ବିଚିତ୍ର ନୈସର୍ଗିକ ଘଟଣା)—
A water-spout; a moving column of water (a natural phenomenon).

ଜଳସ୍ପର୍ଶ—ସଂ. ବି. (୭ମୀ ତତ୍; ଜଳ+ସ୍ପର୍ଶ)—୧ । ପାଣିକୁ ସ୍ପର୍ଶକରିବା
Ja<u>l</u>asparśa ବା ଛୁଇଁବା—1. Touching of water.
୨ । ପାଣି ପିଇବା—2. Drinking of water.
(ଯଥା—ମୁଁ ତାଙ୍କ ଘରେ ଖାଇବା କଥା ଦୂରରେ ଥାଉ, ସେ ଗ୍ରାମରେ ଜଳସ୍ପର୍ଶ କରେ ନାହିଁ ।)

জলস্পর্শ ଦେ. ବିଣ. (ସଂ. ଜଳ+ସ୍ପୃଶ୍ୟ) ଯେଉଁ ଉଚ୍ଚଶ୍ରେଣୀର
जलस्पर्श ଶୂଦ୍ରଜାତିର ସ୍ପୃଷ୍ଟ ଜଳ ବ୍ରାହ୍ମଣାଦି ଉଚ୍ଚଜାତି ବ୍ୟବହାର କରନ୍ତି; ପାଣିଛୁଆଁ (ଉଚ୍ଚ ଶୂଦ୍ରଜାତି)—
(a Śūdra of high caste) The water touched by whom can be used by Brahmans and other high caste people.

ଜଳସ୍ରୋତଃ—ସଂ. ବି. (୭ମୀ ତତ୍; ଜଳ+ସ୍ରୋତସ୍)—
Ja<u>l</u>a-srotaḥ ଜଳପ୍ରବାହ (ଦେଖ)
Ja<u>l</u>a-prabāha (See)

ଜଳହସ୍ତୀ—ସଂ. ବି—ହସ୍ତିସଦୃଶ ଶୁଣ୍ଢ଼ାଯୁକ୍ତଦନ୍ତବିଶିଷ୍ଟ ଜଳଜନ୍ତୁବିଶେଷ—
Ja<u>l</u>a hasti A sea elephant; the hippopotamus.
(ଜଳହସ୍ତିନୀ—ସ୍ତ୍ରୀ) [ଦ୍ର—ଏମାନେ ସୀଲ୍‌ଜାତୀୟ ଓ ସ୍ତନ୍ୟପାୟୀ । ଏମାନେ ଲମ୍ବରେ ୧୫ ହାତ ପର୍ଯ୍ୟନ୍ତ ଓ ଉଚ୍ଚରେ ୩ ହାତ ପର୍ଯ୍ୟନ୍ତ ବଢ଼ନ୍ତି; ଏମାନଙ୍କ ଚମଡ଼ା କଳା, ମୋଟ, ମସୃଣ ଓ ଲୋମହୀନ; ମୁହଁ ଉପର ପାଖେ ୧୨ ଓ ତଳପାଖେ ୧୪ ଦାନ୍ତ ଥାଏ । ଏମାନେ ଦକ୍ଷିଣ ମହାସାଗର, ଭୂମଧ୍ୟସାଗର ଓ ନୀଳନଦରେ ଦେଖା ଯାଆନ୍ତି । ୧୫।୨୦ ମାଈଙ୍କ ଦଳରେ ଗୋଟିଏ ଅଣ୍ଡିରା ଜଳହସ୍ତୀ ଥାଏ । ଅଣ୍ଡିରା ଜଳହସ୍ତୀର ଉପର ଓଠ ହାତିଶୁଣ୍ଢ଼ ପରି ଅଧଫୁଟେ ଆଗକୁ ବାହାରି ଥାଏ । ଏମାନେ ସମୁଦ୍ରର ଘାସ ଇତ୍ୟାଦି ଖାଆନ୍ତି । ଏହାର ମାଂସ କଳା ଓ ବହୁତ ଚର୍ବିମିଶା ଥିବାରୁ ଅଖାଦ୍ୟ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଥ୍	ଉଥ	ଓ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଔ	ନ୍

ଏହାର ଚର୍ବିରେ ମହମବତୀ ତିଆରି ହୁଏ । ପାଳଲେ ଏ ପୋଷ-ମାନିବାର ଦେଖା ଅଛି—ହି. ଶବ୍ଦସାଗର ।]

ଜଳହାସ—ସଂ. ବି. (୬ଷ୍ଠୀ ତତ୍; ଜଳ+ହାସ)—ଫେଣ—
Ja**l**a-hāsa Foam.

ଜଳା—ଦେ. ବିଣ. (ସଂ. ଜଳାଶୟ)—ଜଳମୟ—Watery; water-
Ja**l**ā logged; swampy; marshy (land).
জলা (ଯଥା—ଜଳା ଭୂଇଁ).
दलदल ,ଦେ. ବି. (ସଂ. ଜାଲ)—୧ । ଛିଦ୍ର; ରନ୍ଧ୍ର—
1. Hole; loop-hole.

ଜଳାକବାଟର ସେ ଜଳାରେ ପଶିଣ
ବୋଇଲେ ବହୁବାକୁ ଶୀତଳ ସମୀର । କୃଷ୍ଣସିଂହ. ମହାଭାରତ. ବନ ।

জ্বালা ୨ । (ସଂ. ଜ୍ୱାଳା) ଦେହ ଜଳାପୋଡ଼ା କରିବା—
जलन 2. Burning sensation; inflammation.

ଜଳ୍ଲ—ଦେ. ବି—**ଜହ୍ଲା** (ଦେଖ)
Ja**l**ā Jahlā (See)

ଜଳା(ଳେ)ଇବା—ଦେ. କ୍ରି. (ସଂ. ଜ୍ୱଲ୍ ଧାତୁ)—
Ja**l**ā(e)ibā ୧ । ପ୍ରଜ୍ୱଳିତ କରିବା; ନିଆଁ ଲଗାଇବା—
জ্বালান; জালান 1. To light up; to set fire to; to
जालना; जहाना kindle up.
(ଯଥା—ଦୀପ ଜଳାଇବା, ଚୁଲି ଜଳାଇବା ।)
୨ । ଅଗ୍ନିକୁ ତେଜିବା—2. To blaze a fire.
୩ । (ଲକ୍ଷଣାର୍ଥ) ଜ୍ୱାଳା ଦେବା; ବିରକ୍ତ କରିବା—
3. (figurative) To torment; to vex; to cause pain.
୪ । ପୋଡ଼ି ଦେବା—4. To burn up; to cremate.
(ଯଥା—ଶବ ଜଳାଇବା ।)

ଜଳାକବାଟ—ଦେ. ବି. (ସଂ. ଜାଲକବାଟକ)—ଝରକା; ଗବାକ୍ଷ—
Ja**l**ā-kabāṭa Window; latticed window.
ঝরকা; ঝরোকা
जाली; झरोखा

ଜଳାକବାଟି—ଦେ. ବି. (ସଂ. ଜାଲକବାଟକ)—ଜଳାକବାଟ (ଦେଖ)
Ja**l**ā-kabāṭi Ja**l**ā-kabāṭa (See)

ତା ଦେଖି ବାହୁଡ଼ିଲ ମୁହିଁ
ଜଳାକବାଟ ବାଟେ ଗୁହିଁ । ଜଗନ୍ନାଥ. ଭାଗବତ ।

ଜଳାକା—ସଂ. ବି. ସ୍ତ୍ରୀ. (ଜଳ+ଅକ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ+
Ja**l**ākā ସ୍ତ୍ରୀ. ଆ)—ଜଳୌକା; ଜୋକ—Leech.

ଜଳାଖୁ—ସଂ. ବି. (୬ଷ୍ଠୀ ତତ୍; ଜଳ+ଆଖୁ=ମୂଷା)—
Ja**l**ākhu ଜଳମାର୍ଜାର; ଓଧ—Otter.

ଜଳାଗବାକ୍ଷ—ଦେ. ବି. (ସଂ. ଜାଲ+ଗବାକ୍ଷ)—ଜଳାକବାଟ (ଦେଖ)
Ja**l**ā-gabāksha Ja**l**ā-kabāṭa (See)

କୁଳବଧୂମାନେ ଜଳାଗବାକ୍ଷରେ ଗୁହିଁ । ଶିଶୁଶଙ୍କର. ଉଷାଅଭିଳାଷ ।

ଜଳାଙ୍କ—ସଂ. ବି. (ଆଧୁନିକ ବ୍ୟବହାର; ଭୂଗୋଳପରିଭାଷା)—
Ja**l**āṅka ଯେଉଁ ଅଞ୍ଚଳରୁ ବର୍ଷାପାଣି ଗଡ଼ି ଆସି କୌଣସି ନଦୀରେ ପଡ଼େ—Water-shed.

ଜଳାଞ୍ଜଳି—ସଂ. ବି. (୬ଷ୍ଠୀ ତତ୍; ଜଳ+ଅଞ୍ଜଳି)—
Ja**l**āñjali ୧ । ପାଣିର ଅଞ୍ଜୁଳା; ଅଞ୍ଜଳିପରିମିତ ଜଳ—
1. A foldful of water; as much water as can be contained in the cupped palms of both the hands.
୨ । ଜଳତର୍ପଣ ସମୟରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅର୍ପିତ ଜଳ—2. Libations of handfuls of water offered to the manes.
୩ । ଶବଦାହ ପରେ ମୃତ ବ୍ୟକ୍ତିର ପ୍ରେତ ଉଦ୍ଦେଶ୍ୟରେ ଦିଆଯିବା ପାଣିର ଅଞ୍ଜୁଳା—3. Handful of water offered to the departed soul of a person during his obsequal rites.
୪ । (ଲକ୍ଷଣାର୍ଥ) (ଯେଉଁ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଜଳାଞ୍ଜଳି ଦିଆଯାଏ ତା ସଙ୍ଗେ ଜଳାଞ୍ଜଳିଦାତା ସଂପର୍କ ତ୍ୟାଗ କରି ଥିବା ଦୃଷ୍ଟିରେ) କୌଣସି ବିଷୟ ସଙ୍ଗେ ସମ୍ପର୍କ ତ୍ୟାଗ—
4. Cutting off all connection with any thing.
(ଯଥା—ସେ ଟୋକାଟା ପଢ଼ାପଢ଼ିକୁ ଜଳାଞ୍ଜଳି ଦେଲାଣି ।)

ଜଳାଞ୍ଜଳି ଦେବା—ଦେ. କ୍ରି.—୧ । ପାଣିର ଅଞ୍ଜୁଳା ଦେଇ ତର୍ପଣ
Ja**l**āñja**l**i debā କରିବା—1. To cut off libations of
জলাংজলি দেওয়া water to the manes by handfuls.
୨ । (ଲକ୍ଷଣାର୍ଥ)—ସମ୍ପର୍କ ପରିତ୍ୟାଗ କରିବା—
2. (figurative) To give up all connection with; to wash one's hands free of a
जलांजलि देना matter; to abandon any work.
(ଯଥା:—କନ୍‌ଟ୍ରେ-ଅପରେଶନରେ ମାତିବା ଦିନରୁ ମୁଁ ପଢ଼ାରେ ଜଳାଞ୍ଜଳି ଦେଲିଣି ।)
୩ । (ଲକ୍ଷଣାର୍ଥ) ବିଦାୟ ଗ୍ରହଣ କରିବା—3. (figurative) To bid goodbye or farewell to.

ଜଳାତଙ୍କ—ସଂ. ବି. (ବହୁବ୍ରୀହି; ଜଳରେ ଆତଙ୍କ, ଯହିଁରେ ଅର୍ଥାତ୍ ଯେଉଁ
Ja**l**ātaṅka ରୋଗରେ ଜଳ ଦେଖିଲେ ଆତଙ୍କ ହୁଏ)—ରୋଗ-ବିଶେଷ—Hydrophobia.
[ଦ୍ର—ପାଗଳା ବିଲୁଆ ବା କୁକୁର କାମୁଡ଼ିଲେ ମନୁଷ୍ୟର ଏ ରୋଗ ହୁଏ । ରୋଗୀ ପାଣି ଦେଖିଲାକ୍ଷଣି ଡରେ ।]

ଜଳାତନ—ଦେ. ବିଣ. (ସଂ. ଜ୍ୱାଳା; ବଙ୍ଗଳାରୁ ଅନୁକୃତ)—୧ । ଅତିଶୟ
Ja**l**ātana ବିରକ୍ତ—1. Much worried; bothered.
জ্বালাতন ୨ । ଅତିଶୟ କଷ୍ଟପ୍ରାପ୍ତ—2. Distressed.
तङ्ग

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅର୍ଗ୍ୟ ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜଳାତି—ଦେ. ବି. (ସଂ. ଜଳାତ୍ୟୟ)—ଶରତ୍‌କାଳ—
Jaḻāti — Autumn; end of the rains.

ବାଳା ଜଳାହଳଗିଲା ବିଳାଭରଣ କୋମଳା ଜଳାତନମିଳାଡବସ୍ଥଳା ।
ବନଦୁର୍ଗ ସଙ୍ଗୀତ ।

ଜଳାତ୍ୟୟ—ସଂ. ବି.—(ବହୁବ୍ରୀହି; ଜଳ+ଅତ୍ୟୟ)—୧ । ଶରତ୍‌କାଳ—
Jaḻātyaya — 1. Autumn.
୨ । ଜଳନିଃସରଣ—
2. The flowing or coming out of water.

ଜଳାଧାର—ସଂ. ବି. (୬ଷ୍ଠୀ ତତ୍; ଜଳ+ଆଧାର)—୧ । ଜଳପାତ୍ର—
Jaḻādhāra — 1. A vessel or receptacle of water.
୨ । ଜଳାଶୟ; ପୋଖରୀ—
2. Tank; reservoir of water; pond.
୩ । ସମୁଦ୍ର—3. The sea.
ସଂ. ବିଣ.—(ବହୁବ୍ରୀହି)—ଜଳସ୍ଥିତ—
Situated in water.

ଜଳାଧିପ—ସଂ. ବି. (୬ଷ୍ଠୀ ତତ୍; ଜଳ+ଅଧିପ)—୧ । ବରୁଣ—
Jaḻādhipa — 1. The water-god; Baruṇa.
(ଜଳାଧିପତି; ଜଳାଧୀଶ—ଅନ୍ୟରୂପ) ୨ । ସମୁଦ୍ର—
2. The ocean.

ଜଳାନ୍ନବ—ଗ୍ରା. ବି. ଓ ବିଣ.—(ସଂ. ଜଳ ଓ ଅର୍ଣ୍ଣବ)—
Jaḻānnaba — ଜଳାର୍ଣ୍ଣବ (ଦେଖ) Jaḻārṇṇaba (See)

ଜଳାପୋଡ଼ା—ଦେ. ବି.— (ସଂ ଜ୍ୱାଳା ଓ ପ୍ରଦାହ)—ଶରୀରର ପ୍ରଦାହ—
Jaḻā-poṛā — Burning sensation in the body; inflammation; smarting pain.
ଜ୍ୱଲାପୁଡ଼ା
ଜଲନ, ଦାହ

ଜଳାବର୍ତ୍ତ—ସଂ. ବି. (୬ଷ୍ଠୀ ତତ୍; ଜଳ+ଆବର୍ତ୍ତ)—ଜଳର ଘୂର୍ଣ୍ଣି—
Jaḻābartta — Whirlpool; eddy.

ଜଳାର୍ଣ୍ଣବ—ସଂ. ବି. (୬ଷ୍ଠୀ ତତ୍; ଜଳ+ଅର୍ଣ୍ଣବ)—୧ । ସମୁଦ୍ର—
Jaḻārṇṇaba — 1. The sea.
୨ । ବର୍ଷାକାଳ—2. The rainy season.
ଦେ. ବି.—(ବର୍ଷା ବା ବଢ଼ି ଯୋଗୁଁ ସମୁଦ୍ର ପରି) ସବୁ ଆଡ଼େ ପାଣି ଘୋଟିଯିବା ଅବସ୍ଥା—2. Water pervading the whole country; the state of a country being flooded with water.
ବିଣ.—ପାଣିରେ ଛନ୍ନଛନ; ଜଳମୟ—(a country) With water spreading through the length and breadth (of it).

ଜଳାର୍ଥୀ—ସଂ. ବିଣ. ପୁଂ. (ଉପପଦ ତତ୍; ଜଳ+ଅର୍ଥିନ; ୧ମା. ୧ବ.)
Jaḻārthī — ଜଳ ପାଇଁ ଅପେକ୍ଷିତ—
(ଜଳାର୍ଥିନୀ—ସ୍ତ୍ରୀ) Waiting for water.

ଜଳାର୍ଦ୍ର—ସଂ. ବିଣ. (୭ମୀ ତତ୍; ଜଳ+ଆର୍ଦ୍ର)—ଜଳସିକ୍ତ; ଓଦା—
Jaḻārdra — Wet; moistened.

ଜଳାଶୟ—ସଂ. ବି. (୬ଷ୍ଠୀ ତତ୍; ଜଳ+ଆଶୟ)—୧ । ହ୍ରଦ; ତଡ଼ାଗ; ପୋଖରୀ—
Jaḻāśaya — 1. A reservoir of water; lake; pond.
୨ । ବରୁଣ ଦେବ—2. An epithet of Baruṇa.
୩ । ବିଷ୍ଣୁ—3 An epithet of Bishṇu.

ଜଳିଆ—ଦେ ବିଣ.—(ସଂ. ଜଳୀୟ)—୧ । ଜଳପୂର୍ଣ୍ଣ—
Jaḻiā — 1. Full of water; watery.
୨ । ପାଣିଆଁ; ଜଳ ପରି ପତଳା—2. Fluid; liquid.
ବି. ପୁଂ—ଜଳଧରର ଅନାଦରାର୍ଥ ଡାକ ନାମ—A name by which a person named Jaḻadhara is vulgarly called.

ଜଳିଉଠିବା—ଦେ. କ୍ରି.—୧ । (ପ୍ରଜ୍ୱଳିତ ଅଗ୍ନିର) ଶିଖା ଉପରକୁ ଉଠିବା—
Jaḻi-uṭhibā — 1. The blazing of a fire.
ଜଲଉଠନା ଦେ. କ୍ରି.—ଅଗ୍ନିମୟ ହେବା—
ଜଲାଉଠନା — To break out into fire.
(ଯଥା—ସାମାନ୍ୟ ଉତ୍ତାପ ପାଇଲେ ଫସ୍‌ଫରସ୍ ଜଳି ଉଠେ ।)

ଜଳିବା—ଦେ. କ୍ରି. (ସଂ. ଜ୍ୱଲ ଧାତୁ)—୧ । ପ୍ରଦୀପ୍ତ ହେବା; ଅଗ୍ନିଯୁକ୍ତ ହେବା; ପ୍ରଜ୍ୱଳିତ ହେବା—
Jaḻibā
ଜଲା — To be kindled; to burn.
ଜଲନା — ଜଳନ୍ତ ପଡ଼ୁଥିଲା ଯାହେ
(ଲିଭିବା—ବିପରୀତ) ଚଉଦ ଜଗ ତନ୍ତ୍ରାଭେ । ଜଗନ୍ନାଥ. ଭାଗବତ ।
୨ । ଝଲ୍‌ମଲ୍ ହେବା; ଦାଉଦାଉ ହେବା—
2. To glitter; to shine; to be dazzling.
କୋଥାକଳେ ଜଳେ ତକ୍ଷ୍ଣ ଶ୍ରୀମନ ଅଦାର । ମଧୁସୂଦନ- ବାଲ୍ମୀକିରାମାୟଣ ।
ସୂର୍ଯ୍ୟ ଚନ୍ଦ୍ର, ନକ୍ଷତ୍ର ରଜନୀ ଦିବାରେ
ଜଳୁଥିବ ସକଳ ଲୋକଙ୍କ ନାଶରେ । କୃଷ୍ଣସିଂହ. ମହାଭାରତ- ଶାନ୍ତି ।
ଜଲା ୩ । ଜଳାପୋଡ଼ା କରିବା; (ଶରୀର) ପ୍ରଦାହ ହେବା—
ଜଲନା, ଦୀପନା 3. To feel burning sensation in the body; to feel inflammation or burning pain.
ଜଳାଇବା } ଣିଜନ୍ତରୂପ
ଜଳେଇବା }
କର୍କୋଟକ ନାଗ ସୁନିତ ଖେଦାଇଛ
ଏଣୁ ଅତ୍ୟନ୍ତ ଯାକ ମୋର ଜଳୁଛି । କୃଷ୍ଣସିଂହ. ମହାଭାରତ ବନ ।
(ଲିଭିଯିବା—ବିପରୀତ) ୪ । ଶିଖାଯୁକ୍ତ ହେବା—
4. To blaze; to burn with a flame.
୫ । ପ୍ରଚଣ୍ଡ ହେବା—5. To become furious.
ଏଣୁ ଅତି କୋପରେ ଜଳିଲେ ସେ ଯେତେ । କୃଷ୍ଣସିଂହ. ମହାଭାରତ ବନ ।
୬ । ପୋଡ଼ିଯିବା; ଦଗ୍ଧ ହେବା—6. To be burnt.
୭ । (ଲକ୍ଷଣାର୍ଥ) ଈର୍ଷାରେ ଦଗ୍ଧ ହେବା ବା କ୍ଷୁଣ୍ଣ ହେବା—
7. (figurative) To be afflicted with envy.
[ଦ୍ର—ଜଳିବା କ୍ରିୟାର ଅସମାପିକାରୂପ ସଙ୍ଗେ ଉଠିବା, ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

୧	ଇ	ଉ	ଋ,ଌ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଘ୍ର	ଉଥ	ଊ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	●	ଳୃ

ଜଳିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜଳିବା (ଦେଖ)
Jalibā Jalibā (See)

ଜଳିଯିବା—ଦେ. କ୍ରି—୧। ପୋଡ଼ିଯିବା; ଜଳିକରି ଭସ୍ମ ହୋଇଯିବା—
Jali-jibā 1. To be burnt to ashes.
ଜଳେଯାଓଯା ଜଳ ସବୁ ସେବକର ଗଲା ଜଳ
ଜଳଜାନା ଦେଖି ସହଦେବ କହିଲେ ମନେ ଛଳ।
କୃଷ୍ଣସିଂହ. ମହାଭାରତ. ବନ।
୨। (ଲକ୍ଷଣାର୍ଥ) କ୍ଳିଷ୍ଟ ହେବା—
2. (figurative) To be afflicted.

ଜଳିଲା—ଦେ. ବଣ—ଜ୍ୱଳନ୍ତ; ଜଳୁଥିବା; ପୋଡ଼ ଯାଇଥିବା—
Jalilā Burning; burnt.
ଜଳନ୍ତ ଯେଉଁ ଜୀବଦାହା ଜଳିଲା ପୁରୁଷେ ଏକଥା ନୋହେବ।
ଜଳତା ହୁଆ ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ।

ଜଳି—ଦେ. ବି. (ସଂ. ଜଳ)—୧। ଗଡ଼ଖାଇ; ଗଡ଼ଖାଇ—
Jali 1. Moat.
ଖାଇ ଚୂରଣବଣ ଜଳ ବେଳା ଜୁଳ ଯୋଜ
ଖାଇ ସେନାର ଗଡ଼ପଣ ଯାଇ ଜଳେ ଜଳି।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ।
୨। ଜଳପାଟ; ଜଳାଭୂମି; ଜୋଡ଼—2. Fen; bog.
ଏ ଅବ ଗହନ ପାଦପେ ଗହନ ଥିଲା ସେ ସ୍ଥଳୀ
ସରୋଜାଳଂକୃତ ଠାବେ ଠାବେ ଥିଲା ସଜଳ ଜଳି। ରାଧାନାଥ।

ଜଳୁଆ—ଦେ ବଣ. (ସଂ. ଜଳୀୟ)—୧। ପାଣିଚିଆ; ପାଣିପର—
Jaluā 1. Watery.
୨। ଜଳାର୍ଦ୍ର—2. Wet; moistened with water.
୩। (ସଂ. ଜ୍ୱାଳା) ଯାହାଦ୍ୱାରା ପୋଡ଼ାଜଳା ହୁଏ—
3. Producing inflammation or burning pain.

ଜଳୁକ—ସଂ. ବି. (ଜଳ୍ ଧାତୁ=ଜଳମୋଚନ କରିବା+ସଂଜ୍ଞାର୍ଥେ. ଉକ; ର ସ୍ଥାନରେ ଲ)—ଜୋକ—Leech.
Jaluka

ଜଳୁଖୋଗା—ଦେ. ବି. (ନାମ)—ହିମାଳୟର ଗୋଟିଏ ଗିରି ସଙ୍କଟ—
Jalukhogā Name of a pass of the Himalayas.
[ଦ୍ର—ସ୍ୱାମୀ ପ୍ରଣବାନନ୍ଦ ନାମକ ବଙ୍ଗଳା ଗ୍ରନ୍ଥ ୨୨୨ପୃଷ୍ଠା।]

ଜଳୂକା—ସଂ. ବି. (ଜଳ୍ ଧାତୁ+ସଂଜ୍ଞାର୍ଥେ ଊକ)—
Jalūkā ଜୋକ—Leech.

ଜଳେଇ ପୋଡ଼େଇ ମାରିବା—ଦେ. କ୍ରି—ଜାଳି ପୋଡ଼ି ମାରିବା (ଦେଖ)
Jalei pordei māribā Jāli pordi māribā (See)

ଜଳେଚର—ସଂ. ବି. (ଅଲୁକ୍ ସମାସ; ଜଳେ+ଚର ଧାତୁ+କର୍ତ୍ତୃ. ଅ)—
Jale-chara ଜଳଚର (ଦେଖ)
Jala-chara (See)

ଜଳେନ୍ଧନ—ସଂ. ବି. (ଜଳ+ଇନ୍ଧନ; ବହୁବ୍ରୀହି)—ବଡ଼ବାନଳ—
Jalendhana Submarine fire.

ଜଳେଶ—ସଂ. ବି. (୬ଷ୍ଠୀ ତତ୍; ଜଳ+ଈଶ)—୧। ବରୁଣ—
Jalesa 2. The sea-god.
୨। ସମୁଦ୍ର—2. Ocean.

ଜଳେଶୟ—ସଂ. ବି. (ଅଲୁକ୍ ସମାସ; ଜଳେ+ଶୀ ଧାତୁ+କର୍ତ୍ତୃ. ଅ)—
Jale-śaya ୧। ବିଷ୍ଣୁ—1. Bishnu.
୨। ମତ୍ସ୍ୟ—2. Fish.
୩। ସମୁଦ୍ର—3. The ocean.
ସଂ. ବଣ—ଜଳସ୍ଥିତ—Situated in water.

ଜଳେଶ୍ୱର—ସଂ. ବି—ଜଳେଶ (ଦେଖ)
Jaleswara Jalesa (See)
ଦେ. ବି—ବାଲେଶ୍ୱର ଜିଲ୍ଲାର ଗୋଟିଏ ଥାନା ଓ ଗ୍ରାମ—
Name of a police station and village in Balasore district.

ଜଳୋଚ୍ଛ୍ୱାସ—ସଂ. ବି. (୬ଷ୍ଠୀ ତତ୍; ଜଳ+ଉଚ୍ଛ୍ୱାସ)—୧। ଜୁଆର—
Jalochchhwāsa 1. Flow-tide.
୨। ଢେଉ—2. Wave.

ଜଳୋଦର—ସଂ. ବି. (ବହୁବ୍ରୀହି; ଜଳ+ଉଦର)—ଜଳୋଦରୀ (ଦେଖ)
Jalodara Jalodarī (See)

ଜଳୋଦରୀ—ଦେ. ବି. (ସଂ. ଜଳୋଦର)—ଉଦରୀ ରୋଗ; ଉଦରର ଜଳବୃଦ୍ଧି ରୋଗ—Dropsy.
Jalodarī
ଜଲୋଦରୀ
ଜଲନ୍ଦର, ଜିଲନ୍ଦର

ଜଳୌକା—ସଂ. ବି. (ବହୁବ୍ରୀହି; ଜଳ+ଓକସ୍=ବାସସ୍ଥାନ)—ଜୋକ—
Jalaukā Leech.

ଜଳ୍ପ (ଧାତୁ)—ସଂ.—ଗପିବା—
Jalp (root) To talk.

ଜଳ୍ପ—ସଂ. ବି. (ଜଳ୍ପ ଧାତୁ+ଭାବ. ଅ)—୧। ଗପିବା; କଥନ—
Jalpa 1. Talking.
୨। ପରମତ ଖଣ୍ଡନପୂର୍ବକ ସ୍ୱମତ ସ୍ଥାପନ—2. Assertion of one's view-point by meeting that of another person.
୨। ଗପ; ଉକ୍ତି—2. Talk; speech.
କେବେହେଁ ଅଯଥିକ ନ କହିବ ଜଳ୍ପ। କୃଷ୍ଣସିଂହ. ମହାଭାରତ. ବନ।
୩। ବହୁଭାଷଣ; ବାଗାଡ଼ମ୍ବର; ଅନେକ କହିବା ବା ଗଢ଼ିବା—
3. Chattering; partling.
୪। ବୃଥା ଭାଷଣ—4. Gossiping; idle talk.
୫। ପ୍ରଗଲ୍ଭତା—5. Talkativeness; wrangling.
[ଦ୍ର—ଏହାର ପର୍ଯ୍ୟାୟରେ ବ୍ୟବହୃତ ଅବାର ଜଳପ, ଜଳପନ ଓ ଜଳପିବା।]

ଜଳ୍ପକ—ସଂ. ବଣ.ପୁଂ.(ଜଳ୍ପ ଧାତୁ+କର୍ତ୍ତୃ. ଅକ)—ବାଚାଳ;ବହୁଭାଷୀ—
Jalpaka Chattering; prattling; garrulous.
(ଜଳ୍ପିକା—ସ୍ତ୍ରୀ)

ଜଳ୍ପନ—ସଂ. ବି. (ଜଳ୍ପ ଧାତୁ+ଭାବ. ଅନ)—ଜଳ୍ପ (ଦେଖ)
Jalpana Jalpa (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ଉପରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଏ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଥଇଁବଇଁ' ନ ପାଇଲେ 'ଅଳ୍କବହ' ଦେଖିବେ

ଜଳ୍ପନା—ସଂ. ବି. (ଜଳ୍ପ ଧାତୁ + ଭାବ. ଅନ. + ଆ)—ଜଳ୍ପ (ଦେଖ)
Ja‌lpanā Jalpa (See)

ଜଳ୍ପନା କଳ୍ପନା—ସଂ. ବି. (ସହଚର ଶବ୍ଦ)—କୌଣସି କାର୍ଯ୍ୟ କରିବା
Ja‌lpanā ka‌lpanā କ୍ରମରେ ମୁହଁରେ ପ୍ରକାଶ କରିବା ଓ ମନରେ କଳ୍ପନା ବା ଚିନ୍ତା କରିବା—Talking and contemplation of a matter.

[ଦ୍ର—ଅଭିହିତ ଓ ବାକ୍ୟରେ ପ୍ରକାଶିତ କୌଣସି ବିଷୟ କାର୍ଯ୍ୟତଃ ନ କଲେ 'ଉକ୍ତ ବିଷୟଟି କେବଳ ଜଳ୍ପନା କଳ୍ପନାରେ ଶେଷ ହେଲା' ବୋଲି ଯାଇ ଥାଏ ।

ଏ ଶବ୍ଦର ସାଧାରଣ ବ୍ୟବହାର କଳ୍ପନା-ଜଳ୍ପନା । କାରଣ, ସବୁ କାର୍ଯ୍ୟକୁ ପ୍ରଥମେ ମନ ମଧ୍ୟରେ କଳ୍ପନା କରାଯାଏ ଓ ପରେ ତାହା ମୁଖରେ ପ୍ରକାଶ କରି ଯାଇ ଥାଏ ଓ ସବୁ ଶେଷରେ ତାହା କାର୍ଯ୍ୟରେ ପରିଣତ କରି ଯାଇ ଥାଏ ।]

ଜଳ୍ପାକ—ସଂ. ବି. (ଜଳ୍ପ ଧାତୁ + କର୍ତ୍ତୃ. ଆକ)—ଜଳ୍ପକ (ଦେଖ)
Ja‌lpāka Ja‌lpaka (See)
(ଜଳ୍ପାକୀ—ସ୍ତ୍ରୀ)

ଜଳ୍ପିତ—ସଂ. ବିଣ. (ଜଳ୍ପ ଧାତୁ + କର୍ମ. ତ)—୧ । ଗପ କରି ଯାଇ
Ja‌lpita ଥିବା (ବିଷୟ)—1. Talked of (matter).
୨ । କଥିତ; ପ୍ରସ୍ତାବିତ—3. Spoken of; proposed.
ସଂ. ବି. (+ଭାବ. ତ)—ଜଳ୍ପ (ଦେଖ)
Ja‌lpa (See)

ଜଳ୍ପିବା—ଦେ. (ପଦ୍ୟ) କ୍ରି.—(ସଂ. ଜଳ୍ପ ଧାତୁ)—ବୃଥା ଗଳ୍ପ କରିବା—
Ja‌lpibā To be engaged in idle talk.
ଜଳ୍ପିବା ଅସନ୍ତ ପୂଜକ ଦଳ ଜଳ୍ପି ନାନା ମତେ । ଜଗନ୍ନାଥ, ମହାଯାତ୍ରା ।
जल्पना

ଜଲ୍ଲା—ଦେ. ବିଣ.—(ସଂ. ଉଜ୍ଜ୍ୱଳ)—ଉଜ୍ଜ୍ୱଳ—
Jallā Bright.
जिल्ला ଜଲ୍ଲା ଦରପଣ କରି ବଶୁଛ ପ୍ରକଃ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।
जिल्ला ଜହ୍ଲା (ଦେଖ)
Jahlā (See)

ଜଲ୍ଲାଦ୍—ବୈଦେ. ବି. (ଫା)—ଯେଉଁ ରାଜଭୃତ୍ୟ ରାଜାଦେଶରେ ମୃତ୍ୟୁ-
Jallād ଦଣ୍ଡରେ ଦଣ୍ଡିତ ଅପରାଧୀର ମୁଣ୍ଡ କାଟେ—
जल्लाद A public executioner.
जल्लाद्
(ଜହ୍ଲାଦ—ଅନ୍ୟରୂପ)

ଜହ୍ଲା—ଦେ. ବି—ଏକ ପ୍ରକାର ସାନ ରୂପାପାତିଆ ପରି ପତଳା ମାଛ;
Jahlā ଖଙ୍କାରଖାଇ ମାଛ—A kind of small fresh-water-fish.

[ଦ୍ର—ଏମାନଙ୍କ ଦେହରେ ଛୋଟ କାତି ଅଛି, ଦେହ ଚେପ୍ଟା, ପିଠି ନେଳିଆ । ଏମାନେ ପାଣି ଉପରେ ବିଚରଣ କରି ବଡ଼ ଲେଉଟାଇବା ବେଳେ ରୂପା ପାତିଆ ପରି ଦେଖା ଯାଆନ୍ତି । ଏମାନେ ଲମ୍ବରେ ୮।୧୦ ଇଞ୍ଚ ପର୍ଯ୍ୟନ୍ତ ବଢ଼ନ୍ତି ।]

ଜଶମ୍—ବୈଦେ. ବି. (ଫା. ଜୌସନ୍=ପୋଖରାଜ ପଥର; ବୋଧ ହୁଏ
Jaśam ପୂର୍ବେ ଅଳଙ୍କାରରେ ପୋଖରାଜ ପଥର ବସୁଥିଲା)—
जशम स୍ତ୍ରୀମାନଙ୍କର ବାହୁରେ ପିନ୍ଧିବା ଅଳଙ୍କାରବିଶେଷ;
जशेम ଅନନ୍ତବଡ଼ା—An ornament for the arm; armlet.

ଜସ୍ (ଧାତୁ)—ସଂ—୧ । ବଧ କରିବା—
Jas (root) 1. To kill.
୨ । ଅଘାତ କରିବା—2. To strike.
୩ । ଅପମାନ କରିବା—3. To insult.

ଜସୁରି—ସଂ. ବି. (ଜସ୍ ଧାତୁ + କର୍ତ୍ତୃ. ଉରି)—ବଜ୍ର; ଚଡ଼ଚଡ଼ି—
Jasuri Thunderbolt.

ଜସ୍ତା—ଦେ. ବି. (ସଂ. ଯଶଦ୍)—
Jastā ଦସ୍ତା; ରୂପା ପରି ଧଳା ଧାତୁବିଶେଷ—
दस्ता Zinc; pewter.
जस्ता [ଦ୍ର—୫ ଭାଗ ରଙ୍ଗା ଓ ଏକ ଭାଗ ସୀସା ମିଶ୍ରିତ କରି ଏହା ପ୍ରସ୍ତୁତ ହୁଏ । ତମ୍ବା ସଙ୍ଗେ ଦସ୍ତା ମିଶାଇଲେ କଂସା ଓ ପିତଳ ହୁଏ ।]

ଜହ—ପ୍ରାଦେ. ବିଣ. (ସମ୍ବଲପୁର) (ସଂ. ଯଥେଷ୍ଟ)—
Jaha ପ୍ରଚୁର; ଯଥେଷ୍ଟ—Sufficient.

ଜହକ—ସଂ. ବିଣ. ପୁଂ. (ହା ଧାତୁ=ତ୍ୟାଗ କରିବା+କର୍ତ୍ତୃ. ଅକ)—
Jahaka ପରିତ୍ୟାଗକାରୀ—Forsaking; deserting.
ବିଣ—୧ । ସମୟ; କାଳ—1. Time.
୨ । ବାଳକ—2. A boy.
୩ । (+ କର୍ମ. ଅକ) ସାପକାତି—
3. The slough of a snake.

ଜହନ—ପ୍ରା. ବି. (ପ୍ରାଚୀନ ପଦ୍ୟ) (ସଂ. ଜଘନ)—ଅଣ୍ଟା; କଟି—
Jahana Waist.
ଜହନେ ଘଟନ କଲେ କାଞ୍ଚିଦାମ ମାନେ । ପ୍ରାଚୀ. ଉପବାସବ୍ରଧ ।

ଜହର—ବୈଦେ. ବି. (ଫା. ଜହର୍; ତୁଳ. ସଂ. ଗରଳ)—
Jahara ୧ । ବିଷ; ଗରଳ—1. Poison.
जहर ୨ । ପ୍ରାଣନାଶକ ବିଷ—1. Fatal poison.
जहर ଘଟିତା ବରହରେ ଅବଶ୍ୟତ ଜହରେ ଲୋ ବେନି ଅନୁରାଗୀ ହୋଇଲୁରେ । କବିସୂର୍ଯ୍ୟ. କଶୋରଚନ୍ଦ୍ର. ସଙ୍ଗୀତ ।
୩ । (ଫା. ଜହର୍) ବହୁ ମୂଲ୍ୟ ଚକଚକିଆ କ୍ଷୁଦ୍ର ପ୍ରସ୍ତରଖଣ୍ଡ; ରତ୍ନ; ମଣି—3. Gem; precious stone.
ଦେ. ବି—ରାଜପୁତାନାର ସ୍ତ୍ରୀମାନେ ନିଜନିଜର ସ୍ୱାମୀଙ୍କ ମୃତ୍ୟୁ ପରେ ଯେଉଁ ଅଗ୍ନିକୁଣ୍ଡରେ ପଶି ନିଜର ସତୀତ୍ୱ ରକ୍ଷା କରୁଥିଲେ—Self-immolation by Rajput women by throwing themselves into

୧	ଇ	ଓ	ଋ,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଥ	ଛ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଢ଼	ଡ଼

blazing fire to save themselves from outrage by Mahomedan conquerers.

ପ୍ରାଦେ. (ଗଞ୍ଜାମ; ସମ୍ବଲପୁର) ବଣ—ଯଥେଷ୍ଟ; ପର୍ଯ୍ୟାପ୍ତ—Sufficient; enough.

ଜହର ଅନଳ—ଦେ. ବ—(ପ୍ରାଣନାଶାର୍ଥ ବ୍ୟବହୃତ ଦୁଇ ବସ୍ତୁ) ବିଷ ଓ ଅଗ୍ନି—Poison and fire (used for committing suicide).
Jahara anala

ଜହର ଖାଇଲା ପରି ହେବା—ଦେ. କ୍ରି—ଅତ୍ୟନ୍ତ ବ୍ୟାକୁଳିତ ହେବା—To writhe in agony.
Jahara khāilā pari hebā

ଜହର ଚଢ଼ା(ଢ଼େ)ଇବା—ଦେ. କ୍ରି—ଜହର ଦେବା (ଦେଖ)
Jhara chaṛhā(e)ibā — Jahara debā (See)
জহর চঢ়ান
जहर चढ़ाना

ଜହରଜାଳା—ଦେ. ବ. (ଫା. ଜହର + ସଂ. ଜ୍ୱାଳା)—ବିଷପାନ କରିଥିବା ବ୍ୟକ୍ତିର ଅନୁଭୂତ କଷ୍ଟ—The pangs felt by a poisoned person.
Jahara-jālā

ଜହରତି—ବୈଦେ. ବ. (ଅ. ଜଉହର)—ମଣିମୁକ୍ତାଦି ନାନାଜାତୀୟ ବହୁମୂଲ୍ୟ ପ୍ରସ୍ତର—Jewellery.
Jaharati
জহরাৎ
ବଣ—ମଣିମୁକ୍ତାଦିସମ୍ବନ୍ଧୀୟ—Pertaining to jewellery.
जवाहरात; जवाहिर

ଜହର ଦେବା—ଦେ. କ୍ରି—କୌଣସି ବ୍ୟକ୍ତିପ୍ରତି ଔଷଧ ବା ଖାଦ୍ୟାଦି ସହିତ ବିଷ ପ୍ରୟୋଗ କରିବା—To administer poison to another person (with food or medicine)
Jahara debā
জহর দেওয়া
जहर देना

ଜହରପଟି—ବୈଦେ. ବ. (ଫା)—ବିଷ ମଡ଼ା ହୋଇଥିବା କାଗଜ ବ କନାଖଣ୍ଡ—A poultice besmeared with poison.
Jahara-pati
জহরপটী
जहरपट्टी

ଜହରବ୍ରତ—ଦେ. ବ—ରାଜପୁତ ରମଣୀମାନଙ୍କର ସତୀତ୍ୱ ରକ୍ଷା କରିବା ନିମନ୍ତେ ଅଗ୍ନିକୁଣ୍ଡରେ ପଶି ବା ବିଷପାନଦ୍ୱାରା ଜୀବନ ହରାଇବାରୂପ ବ୍ରତ—The vow of Rājaput females for keeping their chastity unsullied from forcible attacks by throwing themselves into fire or taking poison.
Jahara-brata
জহরব্রত
जहरव्रत

ଜହରମହୁରା—ଦେ. ବ—ଜାରମହୁରା (ଦେଖ)
Jahara-mahurā — Jāra-mahurā (See)

ଜହରାତ୍—ବୈଦେ. ବ. (ଅ. ଜହର; ଜଉହର; ଜଉ ହର (ଫା) ଗଉହର; ଭୁଲ. ସ. ଗହ୍ୱର)—
Jaharāt
জহরাৎ
जवाहीर; जवाहीरात
୧ । ଖଣିଜ ବହୁମୂଲ୍ୟ ପ୍ରସ୍ତର; ବହୁମୂଲ୍ୟ ମଣିମୁକ୍ତାଦି—1. Jewels; gems.
୨ । ମଣିମୁକ୍ତାଖଚିତ ଅଳଙ୍କାର—2. Jewellery; ornaments set with gems.

ଜହରି—ବୈଦେ. ବଣ. (ଫା. ଜଉହରୀ)—
Jahari
জহরী
जउहरी
୧ । ଜହର ପରି କଡ଼ା ବା ଅଗ୍ରୁ—1. Very irritating like poison.
(ଯଥା—ଜହରି ଲଙ୍କାମରିଚ ।)
(ଜହରିଆ—ଅନ୍ୟରୂପ) ୨ । ବିଷବ୍ୟବସାୟୀ—2. A dealer in poison.
୩ । ଯେ ଅନ୍ୟ ବ୍ୟକ୍ତିକୁ ବିଷ ପ୍ରୟୋଗ କରେ—3. Administering poison to another person.
୪ । ବହୁମୂଲ୍ୟ ମଣିରତ୍ନାଦିର ବ୍ୟବସାୟୀ—4. Dealing in jewellery.
୫ । ଜବରଦସ୍ତିଆ; ଜବର୍ଦ୍ଦସ୍ତି—5. Using force.
ବୈଦେ. ବ—ମଣିରତ୍ନ ବ୍ୟବସାୟୀ ବ୍ୟକ୍ତି—A jeweller.

ଜହରି ଚମ୍ପା—ଦେ. ବ. (ଅଧୁନିକ ପ୍ରୟୋଗ)—ଚମ୍ପକାଦି ବର୍ଗର ଶ୍ରେଷ୍ଠ ପୁଷ୍ପବିଶେଷ—Magnolia.
Jahari champā
জহরীচাঁপা
जहरीचंपा
[ଦ୍ର—ସନ୍ଧ୍ୟାବେଳେ ପଡ଼ ଗଛଲରେ ଲୁଚ ଫୁଟିଥିବା ଏ ଫୁଲର ଗନ୍ଧ ବହୁଦୂର ଛଡ଼େ । ଫୁଲ ଧଳା ଓ ପାଖୁଡ଼ା ମୋଟା ।]

ଜହରି ଲଙ୍କାମରିଚ—ଦେ. ବ—ଛୋଟ ଗୁଡ଼ିଆ ଧାନ୍ତୁଆଁ ଲଙ୍କାମରିଚ—A kind of very pungent and fiery tiny long pepper.
Jahari lankāmaricha

ଜହଲ୍—ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ଇଂ. ଜେଲ୍)—ପୁଲିସ୍ ଦ୍ୱାରା ମାଜିଷ୍ଟ୍ରେଟଙ୍କ ନିକଟକୁ ଅଭିଯୁକ୍ତ ଅସାମୀର ଚାଲାଣ—Being sent up by the police (said of an accused) to the magistrate.
Jahal

ଜହାଁପନା—ବୈଦେ. ଅ. (ଅ. ଜହାଁପନା = ପୃଥିବୀପତି)—(ରାଜା ଓ ବଡ଼ଲୋକମାନଙ୍କ ସମ୍ବୋଧନ) ଶ୍ରୀମାନ୍ ! ମହିମା ! ହଜୁର !—Oh Lord ! your honor !
Jahānpanā
জাহাঁপনা
जहाँपना

ଜହୁରତି—ବୈଦେ. ବ. (ଅ. ଜହରତି)—ଜହରତି (ଦେଖ)
Jahurati — Jaharati (See)

ଜହୁରା—ବୈଦେ. ବ. (ଅ)—ଜହରାତ୍ (ଦେଖ)
Jahurā — Jaharāt (See)

ଜହୁରାତ୍—ବୈଦେ. ବ. (ଅ)—ଜହରାତ୍ (ଦେଖ)
Jahurāt — Jaharāt (See)

ଜହୁରାତି—ବୈଦେ. ବ. (ଅ)—ଜହରତି (ଦେଖ)
Jahurāti — Jaharati (See)

ଜହୁରି—ବୈଦେ. ବି. (ଫା. ଜଉହରୀ)—
Jahuri
জহুরী
जौहरी
୧ । ଯେ ବହୁମୂଲ୍ୟ ମଣିରତ୍ନାଦିର ବ୍ୟବସାୟ କରେ—1. Jeweller; a dealer in precious stones.
୨ । ଯେ ମଣିମୁକ୍ତାଦିପରୀକ୍ଷା କରି ମୂଲ୍ୟ ନିରୂପଣ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେଇ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍କ୍ଷା' ନ ପାଇଲେ 'ଅର୍ଖା' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

କରି ପାରେ—2. One who can test jewellery and gems and assign their proper value.

ଜହ୍ନ—ଦେ. ବି. (ସଂ. ଜ୍ୟୋତ୍ସ୍ନା)—୧ । ଚନ୍ଦ୍ରମା; ଚନ୍ଦ୍ର—
Jahna — 1. The moon.
চান্দ — ହେ ଜହ୍ନ ! ଦଣ୍ଡେ ଭିଡ଼ି ମୋ ମିନତି ଘେନ—ପ୍ରାଚୀ. ରସବାରିଧି ।
जुनैया [ଦ୍ର— ଜହ୍ନ ମଧ୍ୟରେ ଲକ୍ଷିତ 'କଳଙ୍କ'କୁ ହିନ୍ଦୁମାନେ ମୃଗ ବା ଶଶକ ବୋଲି କଳ୍ପନା କରିଥିଲେ । ଏ ଦେଶର ସ୍ତ୍ରୀଲୋକମାନେ ଏହି କଳଙ୍କ ଦେଖାଇ ଶିଶୁମାନଙ୍କୁ କହନ୍ତି ଯେ ରାଣ୍ଡୀ ବ୍ରାହ୍ମଣୀ-ବୁଢ଼ୀଟିଏ ବସି ଅରଟରେ ସୂତା କାଟୁଛି ।]
୨ । ଜ୍ୟୋତ୍ସ୍ନା; ଚନ୍ଦ୍ରକିରଣ—2. Moonlight.
୩ । ସ୍ତ୍ରୀଲୋକମାନଙ୍କୁ ଦିଆ ଯିବା ନାମ—
3. A name given to females.

ଜହ୍ନଆଲୁଅ—ଦେ. ବି. (ସଂ. ଜ୍ୟୋତ୍ସ୍ନା + ଆଲୋକ)—ଚନ୍ଦ୍ରକିରଣ;
Jahna-ālua — ଜ୍ୟୋତ୍ସ୍ନା—Moonlight.
[ଦ୍ର— ଶୁଭ୍ର ଜ୍ୟୋତ୍ସ୍ନାକୁ ଲୋକେ ଅନ୍ୟାନ୍ୟ ଶୁଭ୍ର ବା ଚୋପା ବା ଧଳଦିଆ ବସ୍ତୁ ସଙ୍ଗେ ତୁଳନା କରନ୍ତି; ଯଥା— ଚୂଣ ବା ରଣୀ ଫୁଲ ପରି, କଇଁଫୁଲ ଭଳି, ପିଠଉ ଭଳି ଜହ୍ନ ପଡ଼ିଛି । କବିମାନେ ଚନ୍ଦ୍ର-କିରଣକୁ ଅସ୍ଥିବତ୍, ଦଧିବତ୍ କଳ୍ପନା କରିଅଛନ୍ତି । ଶରତ୍କାଳରେ ଆକାଶ ନିର୍ମେଘ ଓ ନିର୍ମଳ ଥିବାରୁ ସେ ସମୟରେ ଚନ୍ଦ୍ରକିରଣ ବିଶେଷ ଶୁଭ୍ର ଦେଖାଯାଏ ।]

ଜହ୍ନ ଉଇଁବା—ଦେ. ବି—ଚନ୍ଦ୍ରୋଦୟ—
Jahna uiṅbā — The rising of the moon.
চান্দ উঠা
चाँद उठना, चांद निकलना
(ଜହ୍ନ ଉଠିବା—ଅନ୍ୟରୂପ)

ଜହ୍ନ କାନ୍ଥି ଲାଗିବା—ଦେ. କି—ଚନ୍ଦ୍ର ଅସ୍ତାଚଳୋନ୍ମୁଖ ହୋଇ ମଳିନ ପଡ଼ିବା (କିନ୍ତୁ ପ୍ରକୃତରେ ଅସ୍ତ ହୋଇ ନ ଥିବ)—The moon about to set.
Jahna kānṭhi lāgibā

ଜହ୍ନପକ୍ଷ—ଦେ. ବି. (ସଂ. ଜ୍ୟୋତ୍ସ୍ନା ଓ ପକ୍ଷ)— ଶୁକ୍ଳପକ୍ଷ; ଅମାବାସ୍ୟା ପରଦିନଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୫ ଦିନ—
Jahna-paksha
চান্দপক্ষ — The bright fortnight of the lunar month.
चाँदनीपक्ष

ଜହ୍ନପଖ—ଗ୍ରା. ବି. (ସଂ. ଜ୍ୟୋତ୍ସ୍ନା ଓ ପକ୍ଷ)—
Jahna-pakha — ଜହ୍ନପକ୍ଷ (ଦେଖ)
Jahna-paksha (See)

ଜହ୍ନ ପଡ଼ିବା— ଦେ. କି—୧ । ଚନ୍ଦ୍ର ଆକାଶରେ ଦେଖାଯିବା—
Jahna paṛibā — 1. The appearance of the moon in the sky.
চাংদ পড়া
चाँदनी खिलना ୨ । ଚନ୍ଦ୍ର କିରଣ ପୃଥିବୀରେ ପଡ଼ିବା—
2. The shinning of the moon on the face of the earth.

ଜହ୍ନ ବୁଡ଼ିବା—ଦେ. କି—ଚନ୍ଦ୍ରାସ୍ତ ହେବା—
Jahna burḍibā — The setting of the moon.
চাঁদ ডুবা
चाँद डुबना

ଜହ୍ନ ବୁଢ଼ା ହୋଇ ଯିବା—ଦେ. କି—ଚାନ୍ଦ ବୁଢ଼ା ହୋଇ ଯିବା (ଦେଖ)
Jahna burḍhā hoi jibā Chānda burḍhā hoi jibā (See)

ଜହ୍ନମାମୁ—ଦେ. କି (ଶିଶୁରଞ୍ଜନ ଭାଷା) ଚନ୍ଦ୍ର—
Jahna-māmu — The moon (personified as the maternal uncle of infants).
চাঁদমামা
चंदामामा [ଦ୍ର— ଶିଶୁମାନଙ୍କୁ ମାତାମାନେ ଚନ୍ଦ୍ର ଦେଖାଇବା ସମୟରେ ଚନ୍ଦ୍ରଙ୍କୁ 'ଜହ୍ନମାମୁ' ବୋଲି କହି ଥାଆନ୍ତି; ଅତଏବ ଜହ୍ନ ସବୁ ଶିଶୁଙ୍କର ମାମୁ ଅଟନ୍ତି । ଏହାର କାରଣ 'ଲକ୍ଷ୍ମୀ' ସମସ୍ତଙ୍କର 'ମାଆ' । ଲକ୍ଷ୍ମୀ ଓ ଚନ୍ଦ୍ର ସମୁଦ୍ରରୁ ଜାତ । ଚନ୍ଦ୍ର ଲକ୍ଷ୍ମୀଙ୍କ ଭାଇ ଓ ସମସ୍ତଙ୍କର ମାମୁ । ଶିଶୁଗୀତମାନଙ୍କରେ 'ଜହ୍ନମାମୁ'କୁ ଅବଲମ୍ବନ କରି ଅନେକ ପଦ୍ୟ ରଚିତ ହୋଇଅଛି । କୌଣସି ବ୍ୟକ୍ତି ପିତା, ପୁତ୍ରାଦି ସମସ୍ତଙ୍କ ସଙ୍ଗେ ବନ୍ଧୁତା ଦେଖାଇବାକୁ ଗଲେ ଲୋକେ କହନ୍ତି 'ଅମୁକ ଲୋକ ସେ ଘରେ ଜହ୍ନମାମୁ ହୋଇଛି' ।]

ଜହ୍ନରାତି—ଦେ. ବି. (ସଂ. ଜ୍ୟୋତ୍ସ୍ନା + ରାତ୍ରି) ଚାନ୍ଦନୀ ରାତି; ଯେଉଁ ରାତିରେ ଚନ୍ଦ୍ର କିରଣ ପଡ଼ି ଥାଏ—
Jahna-rāti
চান্দনীরাত — Moon litnight.
चान्दनीरात

ଜହ୍ନା—ଦେ. ବି. (ସଂ. ଯବନାଲ; ଯାବନାଲ)—
Jahnā — ୧ । ଶସ୍ୟବିଶେଷ —1. A kind of corn.
জনার — ୨ । ଭୁଟ୍ଟା; ଜନାର; ବାଜରା—2 Maize.
जोहार — ୩ । ଫୁଟଫୁଟିକା ବା ଅମରପୋଇ ଗୁଳ୍ମ—
(ଜହ୍ନାର—ଅନ୍ୟରୂପ) 3. A kind of wild plant.
ପ୍ରାଦେ. (ସମ୍ବଲପୁର) ବି—ମକା— Indian corn.

ଜହ୍ନି—ଦେ. ବି. (ସଂ. ଜ୍ୟୋତ୍ସ୍ନୀ)—
Jahni — ତରକାରି ରୂପେ ବ୍ୟବହୃତ ଏକ ପ୍ରକାର ଲତା ଫଳ— ସଂ. ଝିଙ୍ଗି, ଝିଙ୍ଗାକ, କୃତବେଧନ—A cucurbitacious creeper and its fruit used as a kitchen-vegetable; Luffa Acutangula.
ঝিঙ্গা, তরুই, ধুন্দূল
झिङ्गा, झिङ्गलि, तुरई
ତେ. ବୀରକାୟା
[ଦ୍ର—ଏହା ବର୍ଷାଦିନରେ ଫଳେ । ଏ ଫଳର ପିଠିରେ ୧୦ ଗୋଟି ଶିରା । ସନ୍ଧ୍ୟାବେଳେ ଏହାର ଫୁଲ ଫୁଟେ, ଫୁଲ ଶୁଭ୍ର ହଳଦିଆ । ଫଳଗୁଡ଼ିକ ପ୍ରାୟ ଏକ ବିତସ୍ତି ଲମ୍ବ ହୁଏ । ଏହାର ମଞ୍ଜି ଅତ୍ୟନ୍ତ କୃଷ୍ଣ ବର୍ଣ୍ଣ । ଏକ ପ୍ରକାର ଜହ୍ନି ଗୋଟିଗୋଟିକିଆ ହୋଇ ଫଳ ଧରେ । ଏହାକୁ ବଡ଼ ଜହ୍ନି କହନ୍ତି । ଅନ୍ୟ ଜାତୀୟ ଜହ୍ନି ପେଣ୍ଡି ପେଣ୍ଡି ହୋଇ ଫଳ ଧରେ । ଏହାକୁ ପେଣ୍ଡି ଜହ୍ନି କହନ୍ତି । ଜହ୍ନିକୁ ଗଞ୍ଜାମରେ ସ୍ଥାନେ ସ୍ଥାନେ 'ତୋରଡ଼ା' ବୋଲି କହନ୍ତି ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇସ୍ତ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଂ୍ୟ	ଇଅ	ୱ	ନ୍ତୁ

ଜହ୍ନିଓଷା—ଦେ. ବି—ଅବିବାହିତା ବାଳିକାମାନେ କରୁଥିବା ଏକ ପ୍ରକାର
Jahni-oshā ଉପବାସ—A vow observed by unmarried girls.

[ଦ୍ର—ଏହି ଓଷା ଭାଦ୍ର ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା (କୁମାର ପୂର୍ଣ୍ଣିମା) ଯାଏ ପାଳିବାକୁ ହୁଏ । ଏଥିରେ ବାଳିକାମାନେ ସନ୍ଧ୍ୟା ବେଳେ ଗୁଡ଼ିଏ ଜହ୍ନି ଫୁଲ ତୋଳି ଆଣି ତିନି ଗୋଟି ମଣ୍ଡଳ କାଟି ଏ ଗୋଟି ଜହ୍ନି ପତ୍ରରେ ଫୁଲଗୁଡ଼ିକ ରଖି ଚନ୍ଦ୍ରଙ୍କର ଆଉ ବାପଙ୍କ ମଙ୍ଗଳକାମନାରେ ତାଙ୍କୁ ଚାଳ ଉପରକୁ ଫୋପାଡ଼ନ୍ତି ।]

ଜହ୍ନିଖାଇ—ଦେ. ବି. ସ୍ତ୍ରୀ—ଗାଳିବିଶେଷ—
Jahni-khāi A term of abuse.

ପ୍ରାଦେ. (ପୁରୀ) ବି—ଦେଶୀପର୍ବରେ ସାଇଯାତ୍ରାରେ ବାହାରିବା ଏକ ଦେବୀପ୍ରତିମା (ଏ ଦଶହରା ଦିନ ପାଣିରେ ପଡ଼ନ୍ତି)—Name of the image of a Goddess which is constructed and brought out in a procession in the town of Puri during the Durgā-Pujā.

ଜହ୍ନିପୋକ—ପ୍ରାଦେ. (କଟକ) ବି. (ଏମାନଙ୍କ ଦେହରୁ ବାହାରିବା
Jahni-poka ଜ୍ୟୋତିଃ ଜହ୍ନି ଫୁଲ ପରି ସ୍ନିଗ୍ଧ ଓ ଶୁଭ୍ର ଥିବାରୁ ତୁଳ. ବଂ. ଜୋନାକି ପୋକା)—
୧ । ଜୁଳୁଜୁଳିଆ ପୋକ—1. Glow-worm.
୨ । ଜହ୍ନି ଗଛରେ ଲାଗି ନଷ୍ଟ କରିବା ଏକପ୍ରକାର ପୋକ—2. A kind of insect attacking the 'Jahni' creeper.

ଜହ୍ନିଫୁଲ—ଦେ. ବି—ଜହ୍ନି ଲତାର ଶୁଭ୍ର ହରିଦ୍ରବର୍ଣ୍ଣ ଫୁଲ—
Jahni-phula The bright yellow flower of the 'Jahni' creeper.
तुरइका फुल

[ଦ୍ର—ପିଲାମାନେ ସନ୍ଧ୍ୟା ବେଳେ ଗୁଡ଼ିଏ ଜହ୍ନିଫୁଲ ତୋଳି ସେ ଫୁଲତକ ଧରି ପ୍ରତିବେଶୀମାନଙ୍କ ଦ୍ୱାର ଦ୍ୱାର ବୁଲି 'ଜହ୍ନିଫୁଲ ଠୋଓଠା । ଚୁଟିଆ ମୂଷା କହି ଯାଉଛି ଚାଉଳ ମୁଠିଏ ରଖିଥା' ଏହି ଗୀତ ବୋଲି ମୁଠିଏ ମୁଠିଏ ଚାଉଳ ସଂଗ୍ରହ କରି ସେଗୁଡ଼ିକର ବନମଧ୍ୟରେ ଭଜା କରନ୍ତି ଓ 'ଜହ୍ନି ଜହ୍ନି ଅଞ୍ଜୁଳି, କାଲି ପହିଲେ ଭିନ ଅଞ୍ଜୁଳି' ଇତ୍ୟାଦି ଗୀତ ବୋଲି ଅଞ୍ଜୁଳାରେ ସଂଗୃହୀତ ଜହ୍ନି ଫୁଲକୁ ଚାଳକୁ ପକାନ୍ତି ।

ଶୁଭ୍ର ଚନ୍ଦ୍ରକିରଣକୁ ମଧ୍ୟ ଜହ୍ନି ଫୁଲ ସଙ୍ଗେ ତୁଳନା କରାଯାଏ । ଯଥା—ଜହ୍ନିଫୁଲ ପରି ଜହ୍ନ ପଡ଼ିଛି ।]

ଜହ୍ନିଫୁଲ ଗୀତ—ଦେ. ବି—ଜହ୍ନିଫୁଲ ଓଷା କରୁଥିବା ବାଳିକାମାନଙ୍କର
Jahni-phula gita ଗୀତ—The songs sung by girls observing the jahni-oshā vow.

ଭୋଦୁଅମାସର ଜହ୍ନିଫୁଲ ଗୀତ ଖୁଦୁ-କୁଣି-ଓଷା-ମେଳ ।
ନନ୍ଦକିଶୋର. ନିର୍ଝରିଣୀ ।

[ଦ୍ର—ବାଳିମାନେ ନିମ୍ନଲିଖିତ ଗୀତ ଗାଇ ଜହ୍ନିଫୁଲ ଚାଳକୁ ପକାନ୍ତି, ଯଥା—ଜହ୍ନି ଜହ୍ନି ଅଞ୍ଜୁଳି, କାଲିପହିଲେ ଭିନ ଅଞ୍ଜୁଳି,

ଦୋଳରେ ଯାଏ, ଦୋଳରେ ଆସେ,
ଠେକା ପିଢ଼ା ଖଣ୍ଡେ ମାଡ଼ି ବସେ,
ମୋ ବୋହୂ ମୋ କୋଡ଼ରେ ବସେ,
କାଉଣୀବୋହୂ ଭାତ ପରଶେ—ଇତ୍ୟାଦି ।]

ଜହ୍ନିଫୁଲ ପରି ଆୟୁଷ ପାଇବା—ଦେ. କ୍ରି. (ବ୍ୟଙ୍ଗୋକ୍ତି) (ଅଶୀ-
Jahniphula-pari āyusha pāibā ର୍ବଚନ)—ଅଳ୍ପାୟୁ ହେବା—To be short-lived.

ଜହ୍ନିଫୁଲ ପରି ଆୟୁଷ ପା
ସନ୍ଧ୍ୟେ ଫୁଟି ସକାଳେ ଯା—ଲୋକୋକ୍ତି ।

[ଦ୍ର—ଜହ୍ନିଫୁଲ ସନ୍ଧ୍ୟାବେଳେ ବଡ଼ ଢୋପା ହୋଇ ଫୁଟେ ଓ ସକାଳୁ ମଉଳି ପଡ଼େ । ଏଥିପାଇଁ ଅଣ୍ଟୀରେ ଏହି ଢଗ ବୋଲା ଯାଏ ।]

ଜହ୍ନିମଞ୍ଜି ପରି ଗୋରା—ଦେ. ବିଣ. (ବ୍ୟଙ୍ଗୋକ୍ତି)—ଜହ୍ନିଫଳର ମଞ୍ଜିପରି
Jahni-mañji pari gorā ଘୋର କୃଷ୍ଣବର୍ଣ୍ଣ ଚର୍ମବିଶିଷ୍ଟ—(ironical) Having a very dark complexion of the body.

ଜହ୍ନୁ—ସଂ. ବି. (ହା ଧାତୁ = ତ୍ୟାଗ କରିବା + କର୍ତ୍ତୃ. ନୁ ; ଯେ ଧର୍ମପାଇଁ
Jahnu ସଂସାର ତ୍ୟାଗ କରଥିଲେ)—୧ । ସୁହୋତ୍ରଙ୍କ ପୁତ୍ର ରାଜର୍ଷି-ବିଶେଷ—1. The name of a sage-king.

[ଦ୍ର—ତପସ୍ୟାବଳରେ ଭଗୀରଥ ଗଙ୍ଗାଙ୍କୁ ସ୍ୱର୍ଗରୁ ପୃଥିବୀକୁ ଆଣିବା ବେଳେ ଗଙ୍ଗାନଦୀ ଜହ୍ନୁ ରାଜାଙ୍କ ଯଜ୍ଞଭୂମିକୁ ପ୍ଲାବିତ କରିବାରୁ ଜହ୍ନୁ କ୍ରୁଦ୍ଧ ହୋଇ ଗଙ୍ଗାଙ୍କୁ ପିଇଦେଲେ । ପରେ ଭଗୀରଥ ତପସ୍ୟାଦ୍ୱାରା ଏହାଙ୍କୁ ସନ୍ତୁଷ୍ଟ କରିବାରୁ ଏ ଏହାଙ୍କ ଜାନୁ (ମତାନ୍ତରରେ କାନ) ବାଟେ ଗଙ୍ଗାଙ୍କୁ ବାହାର କଲେ; ଗଙ୍ଗା ବହିଯାଇ ସମୁଦ୍ରରେ ପଡ଼ିଲେ ଓ ସଗର ରାଜାଙ୍କ ପୁତ୍ରମାନଙ୍କୁ ଉଦ୍ଧାର କଲେ । ଜହ୍ନୁଙ୍କଠାରୁ ଗଙ୍ଗାନଦୀ ବାହାରିଥିବାରୁ ଗଙ୍ଗାଙ୍କର ଗୋଟିଏ ନାମ ଜାହ୍ନବୀ ।]

ଜହ୍ନୁ ଆଶ୍ରମ—ଦେ. ବି—ପ୍ରୟାଗ ତୀର୍ଥ; ଗଙ୍ଗାଯମୁନାର ସଙ୍ଗମସ୍ଥଳ—
Jahnu-āśrama Prayāga or Allahabad.

ଜହ୍ନୁକନ୍ୟା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଜହ୍ନୁ + କନ୍ୟା)—ଗଙ୍ଗାନଦୀ—
Jahnu-kanyā The Ganges.
(ଜହ୍ନୁତନୟା, ଜହ୍ନୁସୁତା—ଅନ୍ୟରୂପ) [ଦ୍ର—ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ ଭଗୀରଥ ଗଙ୍ଗାଙ୍କୁ ଆଣୁଥିବା ସମୟରେ ଗଙ୍ଗା-ପ୍ରବାହରେ ତପୋବନ ପ୍ଲାବିତ ହେବାର ଦେଖି ରାଜର୍ଷି ଜହ୍ନୁ ଗଙ୍ଗାଙ୍କୁ ପିଇ ଦେଲେ । ପରେ ଭଗୀରଥ ଜହ୍ନୁ ଋଷିଙ୍କୁ ସ୍ତବରେ ତୁଷ୍ଟ କରିବାରୁ ମୁନି ଆପଣାର ଜାନୁଦେଶ ବିଦାରଣ କରି ଗଙ୍ଗାଙ୍କୁ ବାହାର କରି ଛାଡ଼ି ଦେଲେ । ସେହି କାରଣରୁ ଗଙ୍ଗାଙ୍କୁ ଜହ୍ନୁ ମୁନିଙ୍କ କନ୍ୟା (ଜାହ୍ନବୀ) ବୋଲି ବୋଲାଯାଏ ।]

ଜହ୍ନୁ ସପ୍ତମୀ—ସଂ. ବି—ବୈଶାଖ ଶୁକ୍ଳ ସପ୍ତମୀ—The 7th day of
Jahnu saptamī the bright fortnight of the month of Baiśākha.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପଗତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

[ଦ୍ର—ଏ ଦିନ ଜହ୍ନୁମୁନି ଗଙ୍ଗାଙ୍କୁ ପାନ କରିଥିଲେ ।]

ଜହ୍ଲା—ଦେ. ବି—ଜହ୍ଲଲ ବା ଜରାଡ଼ି ମାଛ; ଗଙ୍ଗାରଶାଇ ମାଛ; ରୂପା-ପାଉଁଆ ମାଛ—A kind of small fresh-water-fish.
Jahlā

[ଦ୍ର—ଏମାନଙ୍କ ଦେହରେ ଛୋଟ କାତି ଥାଏ । ଦେହ ଚେପ୍ଟା, ପିଠି ନେଳିଆ । ଏମାନେ ପାଣି ଉପରେ ଖେଳ କରି ଲେଉଟାଇବା ବେଳେ ରୂପା ପାଉଁଆ ପରି ଦେଖା ଯାଆନ୍ତି । ଏମାନଙ୍କ ମଧ୍ୟରୁ ଛୋଟ ଗୁଡ଼ିକୁ ଜରାଡ଼ି ଓ ବଡ଼ ଗୁଡ଼ିକୁ ଜହ୍ଲା କୁହାଯାଏ ।]

ଜହ୍ଲାଦ—ବୈଦେ. ବି. (ଫା. ଜଲ୍ଲାଦ୍)—ଜଲ୍ଲାଦ (ଦେଖ)
Jahlāda Jallāda (See)

ଜା—ସଂ. ବି. ସ୍ତ୍ରୀ—୧ । ମାତା; ମାଆ (ହି. ଶବ୍ଦସାଗର)—
Jā 1. Mother.

୨ । ସାନଜାଆ; ସ୍ୱାମୀଙ୍କ ସାନଭାଇର ସ୍ତ୍ରୀ (ହି. ଶବ୍ଦସାଗର)
2. The wife of one's husband's younger brother.

ଜା (ଇତ୍ୟାଦି)—ଯା ଇତ୍ୟାଦି (ଦେଖ)
Jā (etc) Jā etc (See)

ଜାଆ—ଦେ. ବି—ଯାଆ (ଦେଖ)
Jā-ā Jā-ā (See)

ଜାଆଲ—ଦେ. ବି—ଜାଲ (ଦେଖ)
Jā-āla Jāla (See)
(ଜାହାଲ—ଅନ୍ୟରୂପ)

ଜାଆଁଲ(ଲା) (ଇତ୍ୟାଦି)—ଯାଆଁଳ ଇତ୍ୟାଦି (ଦେଖ)
Jā-ānla(ā) etc Jā-ānla etc (See)

ଜାଆଁବାଳ—ଦେ. ବି. (ସଂ. ଯାମଳ)—ଯାଆଁବାଳ (ଦେଖ)
Jā-ānbāla Jā-ānbāla (See)

ଜାଇ—ଦେ. ବି. (ସଂ. ଜାତି)—୧ । ଧଳା ବାସନାଯୁକ୍ତ ଏକପାଖୁଡ଼ିଆ ଫୁଲବିଶେଷ; ଜାଇଫୁଲ—1. One-pettalled jasmine; Jasminum Grandiflorum.
Jāi
ଜାତି; ଚାମେଲି
चमेलि; चमेलि ଜାଇ ଫିଙ୍ଗିଦେଇ ଚୋଳ ଉଦ୍ଭଟ । କବିସୂର୍ଯ୍ୟ- ସଙ୍ଗୀତ ।

୨ । କଣ୍ଟାମୁଗ ରଗଡ଼ା ହୋଇ ଚୋପା କଢ଼ା ହୋଇଥିବା ଡାଲି—2. Split moong-pulse cleared of its chaff

[ଦ୍ର—ବିବାହ ଆଦି ମଙ୍ଗଳକାର୍ଯ୍ୟରେ ଆମନ୍ତ୍ରିତ ଶତଶତ ଲୋକଙ୍କ ପାଇଁ ମୁଗ ଭାଜି ତାକୁ ଡାଲି କରିଥାନ୍ତି ନ କରି କଣ୍ଟାମୁଗ ଯାକ ରଗଡ଼ି ପକାଇ ସେଥିରେ ହଳଦି ପାଣି ଓ ସାମାନ୍ୟରେ ଘିଅ ଗୋଳାଇ କାଢ଼ି ଦେଲେ ଅତି ସୁନ୍ଦର ମୁଗଡାଲି ହୁଏ । ଏହାକୁ ଜାଇ କହନ୍ତି । ଗୋଟିଏ ଶୁଭଦିନ ଦେଖି ଜାଇ ରଗଡ଼ାଆରମ୍ଭ କରାଯାଏ । ଏ କାର୍ଯ୍ୟକୁ ଜାଇବାଇରଗଡ଼ା ବା ଜାଇରଗଡ଼ା କହନ୍ତି ।]

ଆଚିଁଜ ୩ । ଦେହରେ ଦେଖାଯିବା କଳା ଦାଗ; କଳାଜାଇ ମଦା—
तिल 3. A mole in the body.

୪ । ଜାଇକାଠି (ଦେଖ)
4. Jāi-kāthi (See)

ଜାଇଁଲ—ଗ୍ରା. (ଇତର) କ୍ରି.—ଜାଣିଲ କ୍ରିୟାର ଇତରବ୍ୟବହୃତ ରୂପ—
Jāinla Slang form of the verb (you) have known.

ଜାଇକାଠି—ଦେ. ବି.—ଗଞ୍ଜାମରେ ମିଳୁଥିବା ଏକ ପ୍ରକାର ତୃଣ । [ଏହାର ପଟ୍ଟ ଦ୍ୱାରା ପାରଲାଖେମଣ୍ଡି ଅଞ୍ଚଳରେ ପଟ୍ଟ, ବୁଟଣା, ବାଗ୍ ଆଦି ବୁଣା ଯାଏ]—A kind of reed with the strips of which various wicker-works are woven in Parlakhemidi in Madras.
Jāi-kāthi

ଜାଇଗି(ରି)ରି—ବୈଦେ. ବି. (ଫା)—ଜାଗିର (ଦେଖ)
Jāigi(r)ri Jāgiri (See)

ଜାଇଣ୍ଟ—ବୈଦେ. ପ୍ରାଦେ. (ଗଞ୍ଜାମ) ବଣ—(କଟକରେ; ଇଂ. ଜଏଣ୍ଟ)—ଇକ୍‌ମାଲି—Joint.
Jāint

ଜାଇଣ୍ଟ ମାଜିଷ୍ଟ୍ରେଟ—ବୈଦେ. ପ୍ରାଦେ (ଗଞ୍ଜାମ) ବି. (ଇଂ)—(କଟକରେ ଭାଷା; ଇଂ. ଜଏଣ୍ଟ ମାଜିଷ୍ଟ୍ରେଟ୍)—
Jāint mājishtret
ଜଏଣ୍ଟ ମାଜିଷ୍ଟ୍ରେଟ୍ (ଦେଖ)
Jaent mājishtret (See)

ଜାଇତ୍ରୀ—ଦେ. ବି.—(ସଂ. ଜାତିପତ୍ରୀ)—ଜାତିଫଳ ବା ଜାଇଫଳର ଚୋପା ଉପରେ ଜାଲପରି ମାଡ଼ିଥିବା ଏକ ପ୍ରକାର ପତଳା ସୁଗନ୍ଧଯୁକ୍ତ ମସଲା—Myristica Fragrans; mace (a kind of spice); Kino; Muristica Malabarica (Kirtikar).
Jaitri
ଅନ୍ୟ ସଂ. ନାମ; ମଲନାଶିମା
ତେ. ଜାଜଏତେ; ଯାପତ୍ରୀ
जैत्री
जवित्री, जाविती

[ଦ୍ର—ମଲକ୍କା ଦ୍ୱୀପପୁଞ୍ଜ ଓ ଦକ୍ଷିଣଭାରତର ଶୀତଳ ସ୍ଥାନମାନଙ୍କରେ ଏ ବୃକ୍ଷ ଜନ୍ମେ ।]

ଜାଇଦା(ଦ)ଦ—ବୈଦେ. ବି. (ଫା. ଜାସୂଦାଦ୍=ସମ୍ପତ୍ତି)—
Jāidā(t)d ଜାଏଦାଦ୍ (ଦେଖ)
Jāedād (See)

ଜାଇପତ୍ରୀ—ଦେ. ବି. (ସଂ. ଜାତିପତ୍ରୀ)—ଜାଇତ୍ରୀ (ଦେଖ)
Jāi-patri Jāitri (See)

ଜାଇଫଳ—ଦେ. ବି. (ସଂ.ଜାତିଫଳ)—ମଲକ୍କା ଦ୍ୱୀପ ଓ ଦକ୍ଷିଣ ଭାରତର ବୃକ୍ଷବିଶେଷର ମସଲା ଫଳବିଶେଷ—Nutmeg; Muristica Fragrans; Muristica Moschata.
Jāi-phala
ସଂ. ସୁରଭିପ୍ରିୟ, ମାଲତୀଫଳ
ତେ. ଜାଜ
जायफल
जायफल

[ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହାର ମାଦକ ଓ ଧାରକ ଗୁଣ ଅଛି । ଏହାକୁ ଘୋରି ଚକା ଯାଗାରେ ଲଗାଇଲେ ସେଠାରେ କେଶ ଜନ୍ମେ । ଏହାକୁ ଘୋରି ପାଣିରେ ମିଶାଇ ଲୋକେ ବାସପାଣି ତିଆରି କରନ୍ତି । ପାନ ଓ ରୋଷେଇରେ ଏହା ମସଲାରୂପେ ବ୍ୟବହୃତ ହୁଏ । ଜାଇଫଳର ଏକ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଋ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ	ଯ	ସ	ଗ୍ୟ	ଇଅ	ଓ	ନ୍ତ

ଚତୁର୍ଥାଂଶ (ଲହୁଣୀ ସଙ୍ଗେ ବାଟି) ଏହାକୁ ଏକ ପାନ କର ଦିନ ମଧ୍ୟରେ ଏହିମାତ୍ରାରେ ୩ ପାନ ଖାଇଲେ ୩ ଦିନ ମଧ୍ୟରେ ଉପ୍ସାନକ ରକ୍ତାମାଶୟ (କାଳରକ୍ତ ଝାଡ଼ା) ଭଲ ହୁଏ । ଶିଶୁମାନଙ୍କ ପକ୍ଷେ ଏ ମାତ୍ରାର ଅର୍ଦ୍ଧେକ ଦିଆଯାଏ ।]

ଜାଇଫୁଲ—ଦେ. ବି.—ଜାଇ (୧) (ଦେଖ)
Jāi-phula Jāi (1) (See)

ଜାଇବଡ଼ି—ଦେ. ବି. (ସମାସ ଶବ୍ଦ)—ଭୋଜାଦିରେ ବ୍ୟୟ ହେବା
Jāi-bardi ପାଇଁ ପ୍ରସ୍ତୁତ ଜାଇ ଓ ବଡ଼ି—Split moong and balls of moong or brihi paste prepared for feeding guests in social festivals.
ଯାହା ସେ ଯାହାର କଲେ ଅଯୋଜନ,
ଶୁଖାଇଲେ ଜାଇବଡ଼ି ଇତ୍ୟାଦି. ସାଅରୁଥ ବାହା ।

ଜାଇ ବାଇରଗଡ଼ା--ଦେ. ବି.—ଭୋଜବାଦ୍ୟାଦି ପୂର୍ବରୁ ଗୋଟିଏ
Jāi-bāi-ragardā ଶୁଭଦିନ ଦେଖି ଉକ୍ତ ଉତ୍ସବ ନିମନ୍ତେ ଉପଯୋଗାର୍ଥ 'ଜାଇ' ପାଇଁ ପ୍ରଥମେ ମୁଗକୁ ଚକିରେ ରଗଡ଼ିବା କର୍ମ—The first ceremonial grinding of moong (pulse) on an auspicious day to prepare dal for some familyfeast e. g. (marriage, investiture).

ଜାଇମନ୍ଦା—ଦେ. ବି.—କୌଣସି କୌଣସି ମନୁଷ୍ୟଙ୍କ ଦେହର ଜନ୍ମ-
Jāi-mandā କାଳରୁ ଦେଖା ଯିବା ଜାଇ ଚିହ୍ନ; କଳାଜାଇ ମନ୍ଦା—
अँचीत A mole on the body (of some persons).
तिल

ଜାଇରଗଡ଼ା—ଦେ. ବି.—ଜାଇବାଇରଗଡ଼ା (ଦେଖ)
Jāi-ragardā Jāi-bāi-ragardā (See)

ଜାଉ—ଦେ. ବି.—(ସ. ଯବାଗୁ)—୧ । ମାଣ୍ଡିଆ, ଯବ, ଖୁଦ ଓ ଗୁଣ୍ଡଚ
Jāu ଅଧିକ ଚୂନାରେ ପାଣି ଦେଇ ସିଝ କରି ପ୍ରସ୍ତୁତ କରିବା ପାଣି-
माँड़ ପାଣିଆ ଓ ବହଳିଆ ଖାଦ୍ୟ; ଖିରସା—1. Gruel; pap;
लपसी, माँड़ . gruel prepared from powderd rice and other grains boiled in water.
୨ । ଅନ୍ନ ମଣ୍ଡ—2. Paste prepared from boiled rice.
୩ । ଛଅଗୁଣ ଜଳରେ ଉତ୍ତମରୂପେ ସିଝ କରାଯିବା ଚାଉଳ—
3. Rice well boiled with 6 times its quantity of water.
ଜାଉ ଖାଇବ କ ମାଛ ଚୁଟୁଡ଼େଇବ—ଚଗ ।
[ଦ୍ର—ଏକ ସମୟରେ ଦୁଇଟି ଅନବାର୍ଯ୍ୟ କାର୍ଯ୍ୟ କରିବାକୁ ହେଲେ ଏ ଚଗ ବୋଲାଯାଏ ।]

ଜାଉଆ—ଦେ. ବିଣ.—ଜାଉ ପରି ତରଳ ଓ କଅଁଳ; ଲଟେଇ—
Jāuā Gruel-like.
ଜାଉ ଜାଉ } --ଅନ୍ୟରୂପ
ଜାଉ ଜାଉଆ }
[ଦ୍ର—ଭାତ ଅଧିକ କଅଁଳ ହୋଇ ଗଲେ ଜାଉଆ ହୋଇ ଯାଏ]

ଜାଉଁଳି (ଇତ୍ୟାଦି)—ଯାଉଁଳି ଇତ୍ୟାଦି (ଦେଖ)
Jāunli (etc) Jāunli etc (See)

ଜାଉପାଣି—ଦେ. ବି.—ଅତି ପାଣିଆ ଜାଉ—
Jāu-pāni Watery gruel.

ଜାଉଳି (ଇତ୍ୟାଦି)—ଜାଉଁଳି ଇତ୍ୟାଦି (ଦେଖ)
Jāuli (etc) Jāunli etc (See)

ଜାଏତ୍—ପ୍ରାଦେ.—(ସମ୍ବଲପୁର) ବି. (ଭୁଲ. ନଏତ୍=ନଗ୍ନ; ଖ୍ୱଏତ୍
Jāet =ସ୍ୱଚ୍ଛ, ପାଏନ୍=ପାଣି) —ଜାତି—Caste.

ଜାଏଦାଦ୍—ବୈଦେ. ବି. (ଫା. ଜାୟିଦଦ୍=ସମ୍ପତ୍ତି)—୧ । ଜମିବାଡ଼ି;
Jaedād ଭୂସମ୍ପତ୍ତି—1. Immovable property.
जाएदाद ୨ । ବିଷୟସମ୍ପତ୍ତି; ସ୍ଥାବର ଓ ଅସ୍ଥାବର ସମ୍ପତ୍ତି—
जायदद 2. Property (movable and immovable).

ଜାଂଘିକ—ସ. ବିଣ. (ଜଂଘା + ଜୀବିକା ଅର୍ଥରେ. ଇକ)—ଜଂଘାଜୀବୀ;
Jāmghika ଦ୍ରୁତଗାମୀ—Swift-going; fleet.
ବି.—୧ । ପଦ ବା ଲୋକଚାଳକ—
1. A courier; messenger.
୨ । ଓଟ—2. A camel.

ଜାଁକ୍—ଦେ. ବି.—୧ । ଗର୍ବ; ମୁହଁଚାଳଙ୍କି—
Jānk 1. Vaunting; vain boast.
जाँक ୨ । ଗର୍ବ—2. Pride.
जाँग ପିନ୍ଧି ଲୁଗା ଚକଚକିଆ ପୋଷାକ,
ଖୋଜାଏ ବହୁତ ମନେ ବଡ଼ ଜାଁକ । ଗ୍ରାମାଥ. ଉରବାର ।

ଜାଁକ୍ଜମକ—ଦେ. ବି. (ସ. ଚକଚକ୍ୟ)—୧ । ଚାକଚକ୍ୟ—
Jānk-jamaka 1. Glitter.
जाँकजमक, जाँकाल, जमकाल ୨ । ଆଡ଼ମ୍ବର; ସମାରୋହ—
चमकदमक, आबताब 2. Pomp; pride; splendour.
ବିଣ.—୧ । ଆଡ଼ମ୍ବରପୂର୍ଣ୍ଣ—1. Showy; grand.
୨ । ଚକଚକିଆ; ଉଜ୍ଜ୍ୱଳ—Bright; glittering.

ଜାଁକଡ଼ (ଇତ୍ୟାଦି)—ଜାକଡ଼ ଇତ୍ୟାଦି (ଦେଖ)
Jānkard (etc) Jākard etc (See)

ଜାକ—ଦେ. ବିଣ. (ସ. ସଙ୍କଟ)—୧ । ସଂକୀର୍ଣ୍ଣ—
Jāka 1. Narrow.
तंग ସ୍ୱଳ୍ପ—2. Tight.
୩ । ଭିଡ଼; ସଂକଳସମାବିଷ୍ଟ—3. Crowded.
୪ । ସଙ୍କୁଚିତ—4. Contracted; straitened.
ବି.—ଭିଡ଼; ଗହଳ—Crowd.

ଜାକଜମକ—ଦେ. ବି. ଓ ବିଣ.-ଜାଁକ୍ଜମକ (ଦେଖ)
Jāka-jamaka Jānk-jamaka (See)

ଜାକଟ୍—ବୈଦେ. ବି. (ଇଂ. ଜାକେଟ୍)—ଜାକେଟ (ଦେଖ)
Jākat Jāket (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ପୃଷ୍ଠାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ।

ବୈଦେ. ବ. (ହି)—ଜାକଡ଼୍ (ଦେଖ)
Jākard (See)

ଜାକଟ୍ ବହି—ଦେ. ବ.—ଜାକଡ଼୍ ବହି (ଦେଖ)
Jākaṭ bahi — Jākard bahi (See)

ଜାକଡ଼୍—ବୈଦେ. ବ. (ହି.)—୧ । କେତା ବିକେତା ଠାରୁ ପରୀକ୍ଷାର୍ଥ ଗ୍ରହଣ କରିବା ପଣ୍ୟ ଦ୍ରବ୍ୟର ମୂଲ୍ୟ ବିକେତା ନିକଟରେ ଜମା ରଖିବା ଓ ପସନ୍ଦ ନ ହେଲେ ଦ୍ରବ୍ୟ ଫେରାଇ ଦେଇ ମୂଲ୍ୟ ଫେରି ପାଇବାର ଅଙ୍ଗୀକାର ବା ଚୁକ୍ତି—1. An agreement to take a commodity on inspection from a shopkeeper on depositing its price, the price to be returned if the thing is not approved; a conditional sale; a purchase on trust.
Jākard
ଜାଁକଡ଼
जाँकड़
୨ । ପରୀକ୍ଷାର୍ଥ ବା ଦେଖିବା ପାଇଁ ପଣ୍ୟ ଦ୍ରବ୍ୟ (ଲୁଗା, ଅଳଙ୍କାର) ନିର୍ଦ୍ଦିଷ୍ଟ ଦିନ ସକାଶେ ନେବାର ରୀତି—
2. The system of taking things on inspection.

ଜାକଡ଼୍ ଖାତା—ଦେ. ବ.—ଜାକଡ଼୍ ବହି (ଦେଖ)
Jākard khātā — Jākard bahi (See)

ଜାକଡ଼୍ ବହି—ଦେ. ବ.—ଯେଉଁ ପୁସ୍ତକରେ ପରୀକ୍ଷାର୍ଥ ଦିଆଯିବା ପଦାର୍ଥର ତାଲିକା ଓ ବିବରଣ ଲିପିବଦ୍ଧ ହୁଏ—An account-book containing particulars of things sent to purchasers on inspection.
Jākard bahi
ଜାଁକଡ଼ବଈ
जाँकड़ बहि

ଜାକସାର—ଦେ. ବଣ.—୧ । ଅତ୍ୟନ୍ତ ସଙ୍କୀର୍ଣ୍ଣ—
Jākasāra — 1. Very narrow.
(ସମ୍ବଳପୁର—ପ୍ରଚଳିତ) (ଯଥା—ଜାକସାର ଘର)
तंग ୨ । (ପୋଷାକ ଅର୍ଥ) ଯାହା ଦେହକୁ ଖିଚ୍ କରି ହୁଏ; କସା-
(କୁଟୁଲା; ଗଳଗଳିଆ—ପ୍ରଚଳିତ) କସ୍—2. Tight.
(ଜାକସାରିଆ—ଅପଭ୍ରଂଶ)

ଜାକସିରି—ଦେ. ବ.—ଶିଶୁମାନଙ୍କର ଅତିସାର ରୋଗ—
Jākasiri — Infantile dysentery.

ଜାକଜାକ ହେବା—ଦେ. କ୍ରି.—କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍ପଦ ହେବା ବା କୁଣ୍ଠିତ ହେବା—To srink from doing a thing.
Jāki-jāki hebā
छिटकना

ଜାକିଜୁକି ହେବା—ଦେ. କ୍ରି—୧ । ଦେହକୁ ସଙ୍କୁଚିତ କରିବା—
Jāki-juki hebā — 1. To contract one's limbs.
सकोड़ना ୨ । ବ୍ୟୟ କରିବାକୁ କୁଣ୍ଠିତ ହେବା—
2. To be close-fisted; to shrink from spending money.

ଜାକିଟ୍—ବୈଦେ. ବ. (ଇଂ. ଜାକେଟ୍)—ଜାକେଟ୍ (ଦେଖ)
Jākiṭ — Jākeṭ (See)

ଜାକିଧରିବା—ଦେ. କ୍ରି.—ଦୃଢ଼ଭାବରେ କୁଣ୍ଢାଇ ଧରିବା—
Jāki-dharibā — To embrace closely; to hold tightly.

ତହିଁର ଶିଶୁକୁ ହସ୍ତେ ଧରିଲାକ ଜାକି, ଅକଟେ ତା ମାତା କୋଡ଼େ ସ୍ତନଦାନେ ରଖି ।
ରାଧାନାଥ, ମହାଯାତ୍ରା ।

ଜାକିବା—ଦେ. କ୍ରି. (ସଂ. ଯନ୍ତ୍ର; ଯନ୍ତ୍ରୀକୃତ)—
Jākibā ୧ । କୌଣସି ବସ୍ତୁକୁ ଲୁଚାଇ କରି ରଖିବା—
(ଜକାଇବା—ଶିଶୁଭାଷା) 1. To keep a thing concealed
ଜାଁକା (e. g. in the mouth, in the armpit or waist-cloth).
जकड़ना
୨ । ଗାଲରେ ଗୁଆଆଦି ପୂରାଇବା—2. To keep a thing inside the mouth below the cheeks.
୩ । ଟେସ୍ କରିବା—3. To tighten.
୪ । ଧରି ରଖିବା; ଛାଡ଼ି ନ ଦେବା; ରଡ଼ି ଧରିବା—
4. To tenaciously hold a thing; not to give up a thing.
୫ । ଦୁଇଆଡ଼ୁ ଚାପିବା—
5. To press from both sides.
୬ । ଯୁକ୍ତ କରିବା; ସଙ୍କୁଚିତ କରିବା—6. To contract.
୭ । ଧନକୁ ସଞ୍ଚୟ କରି ରଖିବା—7. To store riches.
୮ । ବ୍ୟୟ କରିବାକୁ କୁଣ୍ଠିତ ହେବା—8. To be close-fisted or miserly; to be niggardly.
୯ । କୌଣସି ପଦାର୍ଥକୁ କାଖରେ ରଖି ବହିବା—
9. To carry a thing in the armpit.

ଜାଁ ମାହାନ୍ତି, ଜାଁ ମାହାନ୍ତି, ମାହାନ୍ତିଙ୍କ ସଙ୍ଗେ ଆଉ ମାହାନ୍ତି,
ପାଞ୍ଚ ପତର ଜାକି ମାହାନ୍ତି—ଢଗ ।

୧୦ । ଦୃଢ଼ରୂପେ ଆଲିଙ୍ଗନ କରିବା—
10. To embrac closely.
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ନେବା, ଆଣିବା, ଧରିବା, ରଖିବା କ୍ରିୟାର ସମାପିକା ରୂପଯୁକ୍ତ ହୁଏ ।]
୧୧ । ସଙ୍କୁଚିତ କରିବା—11. To contract.

ଜାକି ରଖିବା—ଦେ. କ୍ରି—୧ । ଦୃଢ଼ରୂପେ ଧରି ରଖିବା; ଛାଡ଼ି ନ ଦେବା—1. To hold on a thing very tightly.
Jāki rakhibā

ହଜାର ହଜାର ଯାଉ ପ୍ରଶଂସିବା ବଜାର ଉଠୁ କେହି
ରଖିଥିବ ଜାକି—ବନସୂର୍ଯ୍ୟ, ସଙ୍ଗୀତ ।

୨ । ଲୋଭପରବଶ ହୋଇ ଧନ ପ୍ରଭୃତି ସଞ୍ଚୟ କରିବା—
2. To avariciously save money and other things.

ଲୁବ୍ଧଲୋକ ଧନକୁ ଜାକି ରଖିଥାନ୍ତି
ଅକାଳରେ ଅପାତ୍ର ଲୋକରେ ଦିଅନ୍ତି—କୃଷ୍ଣସିଂହ, ମହାଭାରତ, ଶାନ୍ତି ।

ଜାକି ହେବା—ଦେ. କ୍ରି—୧ । (ଲୁଗା ଅର୍ଥ) ଦେହକୁ କସାକସି ହେବା; କସି ହେବା—1. To sit tight on the body (said of a dress,)
Jāki hebā
कस हओना

୧	ଇ	ଉ	ର,ଋ	୫	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଚ୍ଛ	ଉଅ	ଢ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ	ଇଅ	ଙ୍ଗ	ନୃ

चुस्त हाना ୨ । ବହୁ ଲୋକ ଏକ ସ୍ଥାନରେ ଠେଁସାଠେଁସି ହୋଇ ରହିବା—2. To press against one another painfully; to huddle; to be huddled together.

ଜାକୁଆ—ଦେ. ବିଣ—୧ । ଜାକସାର (ଦେଖ)
Jākuā 1. Jākasāra (See)
ଜାକିକେଇ } ସ୍ତ୍ରୀ
ଜାକୋଇ } ୨ । (ପୁଂ) ଯେ ଜାକେ—One who contracts; one who conceals a thing.
୩ । କୃପଣ—3. Miserly.

ଜାକେଟ୍—ବୈଦେ. ବି. (ଇଂ)—୧ । ସ୍ତ୍ରୀମାନଙ୍କ ଅଧା କୁର୍ତ୍ତା—
Jāket 1. Jacket; lady's waist-coat.
जाकेट ୨ । ପୁରୁଷମାନଙ୍କ ଅଧା କୁର୍ତ୍ତା—
जाकेट 2. Waist-coat of males.

ଜାଗତିଆର—ଦେ. ବିଣ. (ସଂ. ଜାଗରିତ)—
Jāgatiār ୧ । ସାବଧାନ ବା ସତର୍କ; ଚେତାଳ—
जागन्त 1. Cautious; careful; watchful.
चौकस ୨ । ଉନ୍ନିଦ୍ର; ଅନିଦ୍ରିତ—3. Wakeful.
(ଜାଗିତିଆର—ବି)

ଜାଗର—ସଂ. ବି. (ଜାଗୃ ଧାତୁ=ନିଦ ଭାଙ୍ଗିବା; ଚେଇଁବା; ନିଦରୁ ଉଠିବା+ଭାବ. ଅ)—
Jāgara
୧ । ଚେଇଁବା; ଅନିଦ୍ରା; ଜାଗରଣ—1. Wakefulness.
ସବୁ ସିନ୍ଧୁରୁ ଉଜଗ ଜାଗରେ—କବିସୂର୍ଯ୍ୟ. ସଙ୍ଗୀତ ।
୨ । ନିଦରୁ ଉଠିବା; ନିଦ୍ରାଭଙ୍ଗ—
2. Waking from sleep.
୩ । ସତର୍କତା—3. Watchfulness; vigilance.
୪ । ମନର ଯେଉଁ ଅବସ୍ଥାରେ ମନୋବୃତ୍ତିମାନ ଜାଗ୍ରତ ଥାଏ—4. The state of mind in which one is vigilant.
୫ । ପାଗୁଳ—5. The cud.
୬ । କବଚ (ହି. ଶବ୍ଦସାଗର)—6. Coat of mail.
जागन्त ଦେଶ୍ୟ ବିଣ—ଉନ୍ନିଦ୍ର—
चौकस Vigilant; watchful.
जागरणी ଦେ. ବି. (ସଂ. ଜାଗରଣ)—୧ । ଶିବରାତ୍ରୀ ଉତ୍ସବ ବା ଯାତ୍ରା; ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀ—
1. The festival of Śibarātri.
୨ । ଯେଉଁ ପ୍ରଦୀପ ଦେବତାଙ୍କ ମନ୍ଦିରରେ ଦିବାନିଶି ଜଳୁ ଥାଏ—2. Lamp kept burning day and night before a Deity.
ଦେଉଳ ଭିତରେ ଯଉଁ ଜାଗର ଦେଇ ଯେ—ଉକ୍ତ. ରସକଲ୍ଲୋଳ ।
୩ । ଯେଉଁ ଦୀପ ଶିବରାତ୍ରି ଦିନ ଅର୍ଦ୍ଧରାତ୍ରରେ ଶିବମନ୍ଦିରର ଚୂଡ଼ାକୁ ଉଠାଯାଏ—3. The lamp or light which is lifted to the top of the temple of God Śiba on the Śibarātri night.

ଜାଗରକ—ସଂ. ବିଣ. (ଜାଗୃ ଧାତୁ+କର୍ତ୍ତୃ. ଅକ)—ନିଦ୍ରାରହିତ—
Jāgaraka Wakeful.

ଜାଗରଜାତ—ଗ୍ରା. ବି—ଜାଗରଯାତ୍ରା (ଦେଖ)
Jāgara-jāta Jāgarajātrā (See)
(ଜାଗର ଜାତର—ଅନ୍ୟରୂପ)

ଜାଗରଯାତ୍ରା—ଦେ. ବି—ଶିବରାତ୍ରି ବ୍ରତ; ଜାଗର ଅମାବାସ୍ୟା ରାତ୍ରିରେ ଦୀପଜଳା ଉତ୍ସବ
Jāgara-jātrā —The festival of lighting lamps on the night of Jāgara amābāsyā.
[ଦ୍ର—ଏ ରାତିଯାକ ଜାଗରଣ କର୍ତ୍ତବ୍ୟ; ଅର୍ଦ୍ଧରାତ୍ରରେ ଜଣେ ଲୋକ ମହାଦେବଙ୍କ ମନ୍ଦିରର ଚୂଡ଼ାକୁ 'ମହାଦୀପ' ନେଇ ଉଠି ସେଠାରେ ଉକ୍ତ ଦୀପକୁ ସ୍ଥାପନ କରେ ।]

ଜାଗର ଜାଳିବା—ଦେ. କ୍ରି—ରାତିଯାକ ଦେବତାଙ୍କ ନିକଟରେ କମ୍ବା ଶିବରାତ୍ରିର ରାତ୍ରରେ ମହାଦେବଙ୍କ ନିକଟରେ ଦୀପ ଜାଳି ନିଜେ ଉଜାଗର ହୋଇ ଜଗି ବସିବା—
Jāgara jāḷibā To keep a vigil throughout the night by setting up a lighted lamp before a Deity.
[ଦ୍ର—କେହି କେହି ଅପୁତ୍ରକ ପିତାମାତା ପୂର୍ବରୁ ମନାସି ଥାଆନ୍ତି ଯେ ତାଙ୍କର ପୁଅ ହେଲେ ସେମାନେ ପୁଅର ମୁଣ୍ଡ ଉପରେ ଶିବରାତ୍ରି ଦିନ ଜାଗର ଜାଳିବେ । ତଦନୁସାରେ ପୁତ୍ରଟିଏ ହୋଇ ବଡ଼ି ଗଲେ ଉକ୍ତ ପୁଅକୁ ଶିବମନ୍ଦିରକୁ ନେଇ ସେଠାରେ ଶିବରାତ୍ରିର ରାତିରେ ତା ମୁଣ୍ଡ ଉପରେ ଠେକା ବାନ୍ଧି ମାଟିପିଣ୍ଡୁଲା ରଖି ତା ଉପରେ ଘୃତପୂର୍ଣ୍ଣ ଦୀପ ରାତିଯାକ ଜାଳନ୍ତି ।]

ଜାଗରଣ—ସଂ. ବି. (ଜାଗୃ ଧାତୁ+ଭାବ. ଅନ)—୧ । ଅନିଦ୍ରା; ଚେଇଁବା—1. Watchfulness; sleeplessness; vigil.
Jāgaraṇa
୨ । ନିଦ୍ରାଭଙ୍ଗ—2. Awaking from sleep.
୩ । ସତର୍କତା—3. Vigilance.
୪ । (ଲକ୍ଷଣାର୍ଥ) ଅଭ୍ୟୁଦୟାକାଙ୍କ୍ଷା; ନିଜର ଉନ୍ନତିର ଚେଷ୍ଟା—
4. (figurative) Awakening; a desire or exertion for one's improvement.

ଜାଗରଣ କରିବା—ଦେ. କ୍ରି—ରାତିଯାକ ଚେଇଁବା—To keep up
Jāgaraṇa karibā at night; to sit up late at night.

ଜାଗରତ—ଗ୍ରା. (ପଦ୍ୟ) ବିଣ. (ସଂ. ଜାଗ୍ରତ)—ସତର୍କ—
Jāgarata Cautious.
ଅହେ ପୃଥିବୀର କ୍ଷୁଧାରେ ହେଲେ ଅଛି
ଶାରଦାରେଣ ହୋଇଥିବ ଜାଗରତ—କୃଷ୍ଣସିଂହ, ମହାଭାରତ, ଅନୁଶାସନ ।

ଜାଗର ଦୀପ—ଦେ. ବି—ଦେବତାଙ୍କ ନିକଟରେ ରାତିଯାକ ଜଳାଯିବା ଦୀପ—
Jāgara dīpa A lamp kept lighted throughout the night before a Deity.

ସାଧାରଣ ଲୋକେ ଅପଭ୍ରଷ୍ଟାରେ ହ୍ରସ୍ୱ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜାଗରିଣ—ସଂ. ବିଣ. ପୁଂ (ଜାଗୃ ଧାତୁ+ଇନ)—
Jāgariṇa ଜାଗରିତ (ଦେଖ)
Jāgarita (See)

ଜାଗରିତ—ସଂ. ବିଣ. (ଜାଗୃ ଧାତୁ+କର୍ତ୍ତୃ. ତ)—
Jāgarita ୧ । ଅନିଦ୍ର; ଯେ ଶୋଇ ନାହିଁ—
1. Sleepless; wakeful.
୨ । ଉନ୍ନିଦ୍ର; ଯାହାର ନିଦ୍ରା ଭଙ୍ଗ ହୋଇଅଛି—
2. Awakened from sleep.
୩ । ସାବଧାନ—3. Vigilant; watchful.
ସଂ. ବି. (+ଭାବ. ତ)—
୧ । ଜାଗରଣ—1. Sleeplessness.
୨ । ସାଂଖ୍ୟ ଓ ବେଦାନ୍ତ ମତରେ ମନର ଯେଉଁ ଅବସ୍ଥାରେ ଇନ୍ଦ୍ରିୟ ଦ୍ୱାରା ସବୁ ପ୍ରକାର ବ୍ୟବହାର ଓ କାର୍ଯ୍ୟର ଅନୁଭବ ହୁଏ (ହି. ଶବ୍ଦସାଗର)—
3. (Sāmkhya and Bedānta philosophy) The state of mind in which one is conscious of all matters through the senses.

ଜାଗରିତ ହେବା—ଦେ. କ୍ରି—ନିଦ୍ରାରୁ ଉଠିବା—
Jāgarita heba To awake; to rise from sleep.
জাগরিত হওয়া
जागरित होना

ଜାଗରିତା—ସଂ. ବିଣ. (ଜାଗୃ ଧାତୁ+କର୍ତ୍ତୃ. ତୃ, ୧ମା. ୧ବ)—
Jāgaritā ଯେ କୌଣସି ବ୍ୟକ୍ତିକୁ ନିଦରୁ ଉଠାଏ—
One who awakens another from sleep.

ଜାଗରୁକ—ସଂ. ବିଣ. ପୁଂ (ଜାଗୃ ଧାତୁ+କର୍ତ୍ତୃ. ଉକ)—
Jāgaruka ୧ । ଜାଗରଣଶୀଳ—1. Wakeful.
(ଜାଗରୁକା—ସ୍ତ୍ରୀ) ୨ । ସତର୍କ; ସାବଧାନ—
2. Watchful; vigilant.
୩ । ହୁସିଆର—3. Careful.
୪ । ଅନିଦ୍ର—4. Awake.
ସଂ. ବି—ଚୈତନ୍ୟ (ହି. ଶବ୍ଦସାଗର)—Consciousness.

ଜାଗରୂକ—ସଂ. ବିଣ. (ଜାଗୃ ଧାତୁ+ଊକ)—
Jāgarūka ୧ । ଜାଗରଣଶୀଳ—1. Wakeful.
୨ । ସତର୍କ; ସାବଧାନ—8. Watchful.

ଥିଲେ ଯେବେ ଲୋକ ନ ହେଲ ଜାଗରୂକ (?)
କହିବା କେତେ ବୃଥା ବୃଥାକୁ ଗୋ । କବିସୂର୍ଯ୍ୟ. ସଙ୍ଗୀତ ।

ଜାଗର୍ତ୍ତ—ଗ୍ରା. ବିଣ. (ସଂ. ଜାଗ୍ରତ୍)—ଜାଗ୍ରତ (ଦେଖ)
Jāgarta Jāgrata (See)
ପ୍ରାଦେ. (ଗଞ୍ଜାମ) ବିଣ—୧ । ହୁସିଆର; ସାବଧାନ—
1. Vigilant; watchful.
୨ । କୌଣସି ଘଟଣାର ଅପେକ୍ଷାରେ ପ୍ରସ୍ତୁତ ହୋଇ ରହିଥିବା—
2. Prepared; in order.
୩ । ସୁବିନ୍ୟସ୍ତ—3. Shipshape; well arranged.

ଜାଗର୍ତ୍ତି—ସଂ. ବି. (ଜାଗୃ ଧାତୁ+ଭାବ. ତି)—
Jāgartti ୧ । ଜାଗରଣ—1. Awaking; wakefulness.
୨ । ଅପ୍ରମାଦ—2. Freedom from defect or blunder.

ଜାଗର୍ଯ୍ୟା—ସଂ. ବି. (ଜାଗୃ ଧାତୁ+ଭାବ. ଯ+ଆ)—
Jāgarjyā ୧ । ନିଦ୍ରାରୁ ଉଠିବା; ନିଦ୍ରାଭଙ୍ଗ—
1. Waking up from sleep.
୨ । ଅନିଦ୍ରତା—2. Wakefulness.
୩ । ସାବଧାନତା—3. Watchfulness; vigilance.

ଜାଗା—ବୈଦେ. ବି. (ଫା. ଜାୟଗାହ୍)—
Jāgā ୧ । ସ୍ଥାନ—1. Space; place.
জায়গা ୨ । ବସ୍ତୁ ରଖିବାର ପାତ୍ର—
जगह, जागा 2. Receptacle; vessel.
୩ । ଜାଗାଘର (ଦେଖ)
3. Jāgā-ghara (See)

ଜାଗାଘର—ଦେ. ବି—୧ । ଆଖଡ଼ା ଘର; ସଙ୍ଗୀତ ବା ମଲ୍ଲବିଦ୍ୟା ଅଭ୍ୟାସ କରିବାର ସ୍ଥାନ—1. Gymnasium; a place where rehearsales in music and athletic exercises take place.
Jāgā-ghara
୨ । ଯେଉଁ ସ୍ଥାନରେ ଗ୍ରାମବାସୀମାନେ ସନ୍ଧ୍ୟା ବେଳେ ବଇଠକ ଓ ଆମୋଦପ୍ରମୋଦ କରନ୍ତି—
2. Village club-house; an evening club.
[ଦ୍ର—ଜାଗାଘରମାନଙ୍କରେ ସନ୍ଧ୍ୟାବେଳେ ଜାଗାସାଙ୍ଗମାନେ ସଙ୍ଗୀତ ଓ ବାଦ୍ୟାଦିର ଚର୍ଚ୍ଚା କରନ୍ତି, ଭାଙ୍ଗ ଓ ଚୁଡ଼ାଘସା ଆଦି କରନ୍ତି ଓ ସମୟେ ସମୟେ ଭୋଜି ମଧ୍ୟ କରନ୍ତି ।]

ଜାଗାଜାଗା—ବୈଦେ. କ୍ରି. ବିଣ—ଜାଗେଜାଗେ (ଦେଖ)
Jāgā-jāgā Jāge-jāge (See)

ଜାଗାପିଲା—ଦେ. ବି—ଆଖଡ଼ା ଘରେ ନାଟ, ଗୀତ, କୁସ୍ତି ଆଦି ଶିଖୁଥିବା ଦଳର ଯୁବକଗଣ—Young men belonging to a party practising music and athletic feats at the gymnasium.
Jāgā-pilā

ଜାଗା ବର୍ ଜାଗା—ବୈଦେ. କ୍ରି. ବିଣ. (ଫା. ଜାୟଗାହ୍ ବର୍ ଜାୟଗାହ୍)—
Jāgā bar jāgā
জায়গা বর জায়গা ୧ । ପ୍ରତ୍ୟେକ ସ୍ଥାନରେ—
जगह बर जगह 1. In every place.
୨ । ସବୁ ଠାରେ—2 At all places
୨ । ଭିନ୍ନ ଭିନ୍ନ ସ୍ଥାନମାନଙ୍କରେ—
2. At different places.

୧	ଇ	ଉ	ର,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଊ	ଘ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଔ	ନ୍

ଜାଗାସାଙ୍ଗ—ଦେ. ବି—ଏକ ଜାଗାଘରେ ଯେଉଁମାନେ ଏକତ୍ର
Jāgā-sāṅga ଆମୋଦାଦ କରନ୍ତି—Members of a
(ଜାଗାସାଙ୍ଗୀ—ଅନ୍ୟରୂପ) village-club.

ଜାଗିବା—ଦେ. କ୍ରି. (ସଂ. ଜାଗୃ ଧାତୁ)—
Jāgibā ୧ । ଚେଇଁବା; ନିଦ୍ରାରହିତ ହେବା—
(ଜିଗେଇବା—ଣିଜନ୍ତ) 1. To keep awake; to watch up.
जागा ୨ । ନିଦରୁ ଉଠିବା—
जागना 2. To rise from up sleep; to wake up.

ଜାଗି କାନ୍ଦିଲୁ ବନେ କାତର ସ୍ୱରେ । ରାଧାନାଥ. ମେଘଦୂତ ।

୩ । ସତର୍କ ରହିବା—3. To be on the alert.
୪ । ନିଜର ଉନ୍ନତି କରିବାକୁ ଚେଷ୍ଟା କରିବା—
4. To exert for self-improvement.

ସେ ଜାତି ଜାଗିଲେ ଜଗତେ ତାହାଙ୍କୁ କାହିଁ କିସ କେତେ ମାନ ।
ମଧୁସୂଦନ. ଗୀତିଲହରୀ ।

୫ । (ଲକ୍ଷଣାର୍ଥ) ଆଳସ୍ୟ ବା ଜଡ଼ତା ବା ନିରୁତ୍ସାହ ପରିତ୍ୟାଗ ପୂର୍ବକ ଉଦ୍ୟମ କରିବା ବା ଚଞ୍ଚଳ ହେବା—
5. To throw off idleness and be active.
୬ । (ଅଗ୍ନି) ଜଳି ଉଠିବା—
6. (fire) To burn; to blaze up.
୭ । (ସକର୍ମକ) ନିଆଁ ଯେପରି ଲିଭି ନ ଯାଏ ସେପରି କରି ନିଆଁକୁ ଜଳାଇ ରଖିବା—7. To keep a fire burning.
୮ । ସତେଜ ହେବା—8. To brighten up.
୯ । ସମୃଦ୍ଧ ହେବା—9. To prosper.

ଜାଗିର୍ (ଇତ୍ୟାଦି)—ବୈଦେ. ବି—ଜାଗିର ଇତ୍ୟାଦି (ଦେଖ)
Jāgir etc Jāgiri etc (See)

ଜାଗିର—ବୈଦେ. ବି. (ଫା. ଜାଗୀର୍; ଜା=ଜମି; ଗୀର=ଗ୍ରହଣ)—
Jāgiri ୧ । ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଭୂମ୍ୟଧିକାରୀ ବା
जायगीर ଭୂପତିଙ୍କଠାରୁ କାର୍ଯ୍ୟକାରୀ ବ୍ୟକ୍ତି ପାଇଥିବା ନିଷ୍କର
जागीर ଭୂମି ବା ଗ୍ରାମ; ପେନ୍ସନ୍ ବା ପୁରସ୍କାର ସ୍ୱରୂପ ରାଜାଙ୍କଠାରୁ ପ୍ରାପ୍ତ ଭୂସମ୍ପତ୍ତି—Land or village granted rent-free by the land-lord or king for services rendered; grant of land as pension or reward.
୨ । ବେତନ ପରିବର୍ତ୍ତେ ଭୃତ୍ୟକୁ ପ୍ରଦତ୍ତ ଭୂମି—
2. Service-tenure; land granted rent-free to a servant in lieu of service; Jaighir.
(ଯଥା—ବଢ଼େଇ ଜାଗିର, କମାର ଜାଗିର, ମାଳି ଜାଗିର, ମସାଲଚୀ ଜାଗିର, ସରବରାକାରୀ ଜାଗିର, ସେବକ ଜାଗିର ଚଉକିଦାରୀ ଜାଗିର ।)
[ଦ୍ର—ଏ ଶବ୍ଦ ଇଂରାଜୀଭାଷାରେ ମଧ୍ୟ ଚଳୁଛି ।]

ଜାଗିରଖିଆ—ଦେ. ବିଣ. (ଫା. ଜାଗୀର୍+ସଂ. ଖାଦ ଧାତୁ)—
Jāgiri-khiā ଯେଉଁ ଭୃତ୍ୟ ଜାଗିର ଭୋଗ କରେ—
Holding or enjoying service-tenure.

ଜାଗିରଦାର୍—ବୈଦେ. ବି. (ଫା. ଜାଗୀର୍ଦାର୍)—ଜାଗିର ଭୋଗ
Jāgiri-dār କରିବା ବ୍ୟକ୍ତି—Holder of Jaighir or
जायगीरदार service-tenure.
जागीरदार

[ଦ୍ର—ଇଂରାଜମାନେ ମାନ୍ଦ୍ରାଜଅଞ୍ଚଳ ପ୍ରଥମେ ଆସି ଓଡ଼ିଶା ଅଧିକାର କରିବା ସମୟରେ ଓଡ଼ିଶାର ଦ୍ୱାର ସ୍ୱରୂପ ଚିଲିକା ହ୍ରଦର ମୁହାଣ ବାଟେ ସେମାନଙ୍କ ଫଉଜ ଆସିଥିଲେ । ସେହି ସମୟରେ ସେମାନଙ୍କୁ ସହାୟତା କରିଥିବାରୁ ଫତେ ମହମ୍ମଦ୍ ନାମକ ବ୍ୟକ୍ତିଙ୍କୁ ଇଂରାଜ ସରକାର ପାରିକୁଦ, ମାଲୁଦ, ଅନ୍ଧାରୀ, ବଜ୍ରକୋଟ ପ୍ରଗନ୍ନାମାନ ଜାଗିରସ୍ୱରୂପ ଚିରକାଳ ପାଇଁ ନିଷ୍କରରୂପେ ଦେଲେ । ଫତେ ମହମ୍ମଦ ଓ ତାଙ୍କ ବଂଶଧରମାନ ଅଦ୍ୟାପି ଜାଗିରଦାର୍ ବୋଲି ପରିଚିତ ।]

ଜାଗୁଡ଼—ସଂ. ବି. (ଯଡ଼ ଲୁଗନ୍ତ୍ରସ୍ତନୁଡ଼ି ଧାତୁ=ବେଷ୍ଟନ କରିବା, ପେଷଣ
Jāgurḍa କରିବା+କର୍ତ୍ତୃ. ଅ)—୧ । କୁଙ୍କୁମ (ଦେଖ)
1. Kuṅkuma (See)
୨ । ପ୍ରାଚୀନ ଦେଶବିଶେଷ (ହି. ଶବ୍ଦସାଗର)—
2. Name of an ancient country.

ଜାଗୁଳାଈ—ଦେ. ବି. ସ୍ତ୍ରୀ. (ସଂ. ଜାଗ୍ରଦ୍ ଗୌରୀ)—
Jāguḻāi ୧ । ଗ୍ରାମଦେବୀ ବା ଯୋଗିନୀବିଶେଷ—
(ଜାଗୁଳେଈ—ଅନ୍ୟରୂପ) 1. Name of a village-Goddess.
୨ । ଶ୍ରାବଣମାସ କୃଷ୍ଣପଞ୍ଚମୀ ରାତ୍ରିରେ ଗ୍ରାମର ଦ୍ୱାରେ ଦ୍ୱାରେ ପିଠାଭୋଗ ପାଇବା ଦେବୀବିଶେଷ—2. A village-Goddess worshipped by the offering of cakes at every door of the village on the night of the 5th day of the bright fortnight of Srābaṇa.

ଜାଗୁଳାଇ ! ମା ! ପାଗୁଳାଇ ! ସବୁଦିନଙ୍କର ମାଆ
ବରତ କରି ଖାଇବୁ ଯେବେ ମୋ ଦୁଆରକୁ ଆ ।
ଜାଗୁଳାଇ ପଞ୍ଚମୀ. ଶିଶୁଗୀତ ।

ଜାଗୁଳାଈ ପଞ୍ଚମୀ—ଦେ. ବି. (ସଂ. ଜାଗ୍ରଦ୍‌ଗୌରୀ ପଞ୍ଚମୀ)—
Jāguḻāi pañchami ଜାଗ୍ରଦ୍‌ଗୌରୀ ପଞ୍ଚମୀ; ଶ୍ରାବଣ ଶୁକ୍ଳ-
(ଜାଗୁଳେଈପଞ୍ଚମୀ—ଅନ୍ୟରୂପ) ପଞ୍ଚମୀ—The 5th day of the bright fortnight of Srābaṇa.
[ଦ୍ର—ଏ ଦିନ ରାତିରେ ଗ୍ରାମର ଲୋକମାନେ ଗୋଟିଏ ମାଟିର ଜାଗୁଳାଈ ମୂର୍ତ୍ତି ନିର୍ମାଣ କରି ଗ୍ରାମର ଦ୍ୱାରେ ଦ୍ୱାରେ ନେଇ ବୁଲନ୍ତି ଓ ଗୃହସ୍ଥମାନଙ୍କ ଦ୍ୱାରରେ ଉକ୍ତ ଠାକୁରାଣୀଙ୍କୁ ପିଠା ପୂଜା ଦିଆଯିବା ପରେ ଉକ୍ତ ପ୍ରତିମାକୁ ନେଇ ପାଣିରେ ପକାଇ ଦିଅନ୍ତି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚରାଚର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଉ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁଆ ନ ପାଇଲେ 'ଆଙ୍କ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଜାଗୁଳି—ଦେ. ବି—ଦହି ବସାଇବା ନିମିତ୍ତ ନିର୍ମିତ ଚଉଡ଼ାମୁହାଁ
Jāguli କ୍ଷୁଦ୍ର ମାଟିପାତ୍ର; ପଞ୍ଚୁଳି—A small pan for coagulating milk into curd.

ଜାଗୁଲେଇ (ଇତ୍ୟାଦି)—ଜାଗୁଲାଇ ଇତ୍ୟାଦି (ଦେଖ)
Jāgulei (etc) Jāgulāi etc (See)

ଜାଗୃ (ଧାତୁ)—ସଂ—ନିଦ୍ରାରୁ ଉଠିବା—
Jāgṛu (root) To wake up from sleep.

ଜାଗେ ଜାଗେ—ବୈଦେ. କ୍ରି. ବିଣ—ସ୍ଥାନେ ସ୍ଥାନେ; ଭିନ୍ନ ଭିନ୍ନ
Jāge jāge ସ୍ଥାନରେ—At different places.
জায়গায় জায়গায়
जगह गह

ଜାଗ୍ରତ୍—ସଂ. ବିଣ. [ଜାଗୃ ଧାତୁ + କର୍ତ୍ତୃ. ଅତ୍ (ଶତୃ)]—
Jāgrat ୧ । ଜାଗରଣଶୀଳ—1. Wakeful.
୨ । ନିଦ୍ରାହୀନ—2. Sleepless.
ବି—ଜାଗରଣ ଅବସ୍ଥା—Wakefulness.

ଜାଗ୍ରତ—ଦେ. ବିଣ. ପୁଂ (ସଂ. ଜାଗୃ ଧାତୁ + କର୍ତ୍ତୃ. ତ) —
Jāgrata ୧ । ଜାଗରଣଶୀଳ—1. Wakeful; watchful.
(ନିଦ୍ରିତ—ବିପରୀତ) ୨ । ସାବଧାନ; ସତର୍କ—
(ଜାଗ୍ରତା—ସ୍ତ୍ରୀ) 2. Vigilant; careful.
୩ । ଜାଗରୁକ; ଯେ ଚେଇଁଛି—
3. Awake; not asleep.
୪ । ଯେଉଁ ଅବସ୍ଥାରେ ଜୀବ ସବୁ ବିଷୟ ଜାଣି ପାରେ—
4. Conscious; sentient.
ବି—ଚେଇଁବା; ନିଦ୍ରାହୀନତା—Sleeplessness.

ଜାଗ୍ରତ ସତ୍ତ୍ୱ ସ୍ୱପନ,-ବେଳ ଯେ କଲେ ଶୟନ
କଳି ହୃଦବେଗେ ସ୍ତ୍ରୀକା ନିଦ ଭଙ୍ଗ—ପ୍ରାଚୀ. ନଳଚରିତ ।

ଜାଗ୍ରତି—ସଂ. ବି. (ଜାଗୃ ଧାତୁ + ଭାବ. ତି)—ଜାଗରଣ—
Jāgrati Wakefulness.

ଜାଗ୍ରଦବସ୍ଥା—ସଂ ବି. (ଜାଗ୍ରତ୍ + ଅବସ୍ଥା)—ଚେଇଁବା ଅବସ୍ଥା—
Jāgradabasthā The state of being watchful or wakeful.

ଜାଘନୀ—ସଂ. ବି. ସ୍ତ୍ରୀ. (ଜଘନ + ଅ + ସ୍ତ୍ରୀ. ଈ)—
Jāghanī ୧ । ଊରୁଦେଶ; ଜଙ୍ଘ—1. The front thigh; lap.
୨ । ଲାଙ୍ଗୁଡ଼; ପୁଚ୍ଛ—2. Tail.

ଜାଙ୍ଗଳ—ସଂ. ବି. (ଜଙ୍ଗଳ + ଅ)—୧ । ହରିଣାଦି ବନ୍ୟପଶୁ—
Jāngala 1. Wild beasts.
୨ । ଜଳହୀନ ଦେଶ—2. Waterless country.
[ଦ୍ର—ଯେଉଁ ଦେଶରେ ବର୍ଷାର ପରିମାଣ ଅତି କମ୍, ଖରା ଓ ଗରମ ଅତି ବେଶି, ବଡ଼ବଡ଼ ଗଛ ଓ ଘାସ ଆଦି ନ ଥାଏ ଏବଂ କଣ୍ଟା ଗୁଳ୍ମ ଆଦି ଥାଏ ଓ ହରିଣ ଆଦି ପଶୁ ଚରନ୍ତି ତାକୁ ଜାଙ୍ଗଳ ବୋଲାଯାଏ—ହି. ଶବ୍ଦସାଗର ।]
୩ । ଲଙ୍ଗଳୀଆ ନାମକ ବିଷବୃକ୍ଷ—
3. Gloriosa Superba; Methonica Superba (M. W.); Hyodrolea Zeylancia (Kirtikar).

ଘୋର ଘୋର ଜାଙ୍ଗଳ, ତରଳ ଭୂଲେ ତାହା ପଇଲୁ ରେ—
କଳ୍ପଲତା, ଜଗନ୍ନାଥଚରିତ, ସଂଗୀତ ।

୪ । ତିତିର ପକ୍ଷୀ (ହି. ଶବ୍ଦସାଗର)—
4. Partridge (bird).
୫ । ମାଂସ—5. Flesh; meat.
୬ । ଜାଙ୍ଗଳ ଦେଶରେ ମିଳୁଥିବା ହରିଣ ଆଦି ଜନ୍ତୁ (ହି. ଶବ୍ଦସାଗର)—6. Animals found in waterless tracts.
[ଦ୍ର—ଏମାନଙ୍କ ମାଂସ ମଧୁର, ରୁକ୍ଷ, ଲଘୁ, ପାଚକ, ରୁଚିକାରକ ଓ ଶୀତଳ । ଏହା ଶ୍ଲୀପଦ, ପ୍ରମେହ, ଗଣ୍ଡମାଳା ଆଦି ରୋଗୀର ଖାଦ୍ୟ—ହି. ଶବ୍ଦସାଗର ।]
ବିଣ—୧ । ବନ୍ୟ; ବନଚର—1. Wild.
୨ । ବନଜାତ—2. Growing wild.
୩ । ଅସଭ୍ୟ—3. Uncivilised.
୪ । ଅରଣ୍ୟମୟ—4. Full of forests.
୫ । ଜଙ୍ଗଲସମ୍ବନ୍ଧୀୟ—5 Relating to forests.

ଜାଙ୍ଗଲ—ପ୍ରାଦେ. (ସମ୍ବଲପୁର) ବି—ଦେହ—
Jāngala Body.
ଦେ. ବିଣ.— ଜଙ୍ଗଲି; ବନ୍ୟ—Wild; jungly.

ଉଁଚ ଦଲେର, ହୋଇ ପୁବାବାର, ଗମିଲେ ଜାଙ୍ଗଲ ବାଟେ—
ନନ୍ଦକିଶୋର, ଶମଷ୍ଠା ।

ଜାଙ୍ଗଳି—ସଂ. ବିଣ. ଓ ବି—ଜାଙ୍ଗଳିକ (ଦେଖ)
Jāngali Jāngalika (See)

ଜାଙ୍ଗଳିକ—ସଂ. ବିଣ. (ଜାଙ୍ଗଳ + ସ୍ୱାର୍ଥେ. ଇକ)—ଜଙ୍ଗଲବାସୀ—
Jāngalika Inhabiting the forest; wild.
ବି—୧ । ସାପୁଆ; ଯେ ସାପ ଧରେ—
1. Snake-catcher; snake-charmer.
୨ । ବିଷବୈଦ୍ୟ—2. A doctor of snake-poisoning; a person who cures snake-bites.

ଜାଙ୍ଗଳୀ—ସଂ. ବି. (ଜାଙ୍ଗଳ + ଈ)—ବାଇଡଙ୍କ; କପିକଚ୍ଛୁ; (ହି. ଶବ୍ଦସାଗର)—Cowhage.
Jāngalī

ଜାଙ୍ଗି—ଦେ. ବି—ଜଙ୍ଘି ହରିଡ଼ା (ଦେଖ)
Jāngi Janghi harirdā (See)

ଜାଙ୍ଗି ହରିଡ଼ା—ଦେ. ବି—ଜଙ୍ଘି ହରିଡ଼ା (ଦେଖ)
Jāngi harirdā Janghi harirdā (See)

ଜାଙ୍ଗୁଳ—ସଂ. ବି. (ଜଙ୍ଗୁଳ + ଅ)—୧ । ବିଷ—
Jāngula 1. Poison.
(ଜାଙ୍ଗୁଲି—ଅନ୍ୟରୂପ) ୨ । ତରଡ଼ା (ଦେଖ)
2. Tarardā (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇସ୍ପୃ	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ଦୃ

ଜାଙ୍ଗୁଲା—ଦେ. ବି. ସ୍ତ୍ରୀ. (ସଂ. ଜାଗ୍ରଦ୍‌ଗୌରୀ)—
Jāngulā ଜାଗୁଳାଈ (ଦେଖ)
Jāgulāi (See)

ଜାଙ୍ଗୁଳିକ—ସଂ. ବି. (ଜାଙ୍ଗୁଳ+ସ୍ୱାର୍ଥେ ଇକ)—
Jāngulika ୧ । ବିଷବୈଦ୍ୟ—
ଜାଙ୍ଗୁଳକ, ଜାଙ୍ଗୁଳ } ଅନ୍ୟରୂପ
1. One who cures poisoning.
୨ । ସାପୁଆ —2. Snake-charmer; snake-catcher.
୩ । ବିଷ ବ୍ୟବସାୟୀ—
3. A dealer in poison.

ଜାଙ୍ଗୁଳିକା—ଦେ. ବି—ଜାଗୁଳାଈ (ଦେଖ)
Jāngulikā Jāgulei (See)

ଜାଙ୍ଗୁଳୀ—ସଂ. ବି—ସାପ ବିଷ ଛାଡ଼ିବା ବିଦ୍ୟା—
Jānguli The art of curing snake-bite.

ଜାଙ୍ଘି ହରିଡ଼ା—ଦେ. ବି—ଜଙ୍ଘି ହରିଡ଼ା (ଦେଖ)
Jānghi harirdā Janghi harirdā (See)

ଜାଚ୍ଚଇ—ବୈଦେ. କି. (ସଂ. ଯାଚନ)—
Jāchāi ୧ । କୌଣସି ପଣ୍ୟ ଦ୍ରବ୍ୟକୁ ପରୀକ୍ଷା କରି ତହିଁର
ଜାଚାଈ ପ୍ରକୃତ ମୂଲ୍ୟ ଓ ଯୋଗ୍ୟତା ସ୍ଥିର କରିବା—
जाँच 1. Appraisment; examination; testing the purity and value of a thing.
୨ । ପରଖ; ପରୀକ୍ଷା—2. Test.

ଜାଜୁଲମାନ୍—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଜାଜ୍ଜ୍ୱଲ୍ୟମାନ)—
Jājul-mān ୧ । ଜାଜ୍ଜ୍ୱଲ୍ୟମାନ (ଦେଖ)
1. Jājjwalyamāna (See)
୨ । ଅଗ୍ନିଶର୍ମା; କ୍ରୋଧରେ ପ୍ରଜ୍ୱଳିତ—
2. Burning with rage.

ଜାଜୁଲ୍ୟ—ଗ୍ରା. ବିଣ. (ପ୍ରାଚୀନ ପଦ୍ୟ) (ସଂ. ଜାଜ୍ଜ୍ୱଲ୍ୟମାନ)—
Jājulya ୧ । ଜାଜ୍ଜ୍ୱଲ୍ୟମାନ (ଦେଖ)
1. Jājjwalyamāna (See)
ଜାଜୁଲ୍ୟ ତେଜ ତାହାଙ୍କର
ତେଣୁ ବୋଲଇ କୋଟିସୂର । ପ୍ରାଚୀ. କପିଳ ମାହାତ୍ମ୍ୟ ।

ଜାଜୁଲ୍ୟତା—ଗ୍ରା. ବି. (ଅପପ୍ରୟୋଗ)—ଉଜ୍ଜ୍ୱଳତା—
Jājulyatā Brightness.
ଯେ ତହିଁ ପାରିବ ଦେଖ ଜାଜୁଲ୍ୟତାନେ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ଜାଜୁଲ୍ୟମାନ—ଗ୍ରା. ବିଣ. (ସଂ. ଜାଜ୍ଜ୍ୱଲ୍ୟମାନ)—
Jājulyamāna ଜାଜ୍ଜ୍ୱଲ୍ୟମାନ (ଦେଖ)
Jājjwalyamāna (See)

ଜାଜ୍ୱଲ୍ୟମାନ—ସଂ. ବିଣ. (ଯଙନ୍ତ ଜ୍ୱଲ=ଜାଜ୍ୱଲ ଧାତୁ=ଅତ୍ୟନ୍ତ ଦୀପ୍ତି ପାଇବା+କର୍ତ୍ତୃ. ଆନ)—
Jājwatyamāna
୧ । ଦେଦୀପ୍ୟମାନ; ବିଶେଷ ଭାବରେ ଦୀପ୍ତି ପାଉଥିବା; ଅତି ଉଜ୍ଜ୍ୱଳ—1 Dazzling; shining.
୨ । ଅତି ଜ୍ୱଳନ୍ତ—
2. Blazing; refulgent; splendid.

ଜାଞ୍ଚ୍—ବୈଦେ. ବି. (ସଂ. ଯାଚନ; ସେଟ୍‌ଲ୍‌ମେଣ୍ଟ୍‌ରେ ବ୍ୟବହୃତ)—
Jānch ୧ । ଭୂମିମାପ କାର୍ଯ୍ୟ ଠିକ୍ ରୂପେ ହୋଇ ଅଛି କି ନାଁ
জাঁচ ଏହା ପରୀକ୍ଷା କରିବା; ପ୍ରତାଲ—
जाँच 1. Check whether a land or plot has been properly measured.
୨ । ତନ୍ନ ତନ୍ନ କରି ଦୋଷଗୁଣ ନିରୂପଣ କରିବା—
2. Minute examination of the defects and bright points of a matter.

ଜାଞ୍ଜିବାର୍—ଦେ. ବି. (ନାମ)—ଇଂରାଜ ସାମ୍ରାଜ୍ୟର ଅଧୀନ ଜଣେ ଆରବୀ
Janjibār ରାଜାଙ୍କ ଶାସିତ ପୂର୍ବଆଫ୍ରିକାର ରାଜ୍ୟବିଶେଷ—
জাংজিবার An Arab State in East Africa under
जंजीबर the protection and suzerainity of
(ଜାଞ୍ଜିବର—ଅନ୍ୟରୂପ) Great Britain

[ଦ୍ର—ଏ ରାଜ୍ୟର ରାଜାଙ୍କୁ ସୁଲ୍‌ତାନ୍ ବୋଲାଯାଏ । ଏହାର ଉପକୂଳକୁ କେନିଆ ବୋଲାଯାଏ । କେନିଆରେ ଇଂରେଜମାନେ ଉପନିବେଶ କରି ଅଛନ୍ତି । ଏହି ରାଜ୍ୟରେ ଓ କେନିଆରେ ବହୁ ବର୍ଷରୁ ଓ ବହୁ ପୁରୁଷରୁ ବହୁ ସହସ୍ର ଭାରତବାସୀ ବାସ କରି ଅଛନ୍ତି ।]

ଜାଠ—ଦେ. ବିଣ—କୃପଣ—
Jātha Miserly; close-fisted.
जाठ ବି—୧ । କାନ୍ଧ—1. Shoulder.
जाट ୨ । ପଞ୍ଜାବ, ରାଜପୁତାନା ଓ ସିନ୍ଧୁ ପ୍ରଭୃତି ସ୍ଥାନର କ୍ଷତ୍ରିୟଜାତିବିଶେଷ—The Jaths, a caste of Kshatriyas of the Punjāb, Rājaputānā and Sindh.

[ଦ୍ର—ଏମାନେ ଯଦୁବଂଶୀୟ କ୍ଷତ୍ରିୟ ବୋଲି ଆପଣାକୁ ପରିଚୟ ଦିଅନ୍ତି । ଏମାନେ ବହୁ ସଂଖ୍ୟାରେ ଭାରତୀୟ ସୈନ୍ୟବିଭାଗରେ ପ୍ରବେଶ କରି ଅଛନ୍ତି । ସଂଯୁକ୍ତ ପ୍ରଦେଶରେ ଓ ଉତ୍ତରଭାରତରେ ଏହି ଜାତି କୃଷକ ବା କିଷାନ୍ ନାମରେ ଅଭିହିତ ।]

୩ । ଦଳ—3. Batch.
୪ । ବିଲାତର ରକ୍ଷଣଶୀଳ ନାମକ ରାଜନୈତିକ ଦଳ—
4. The Conservative party in English politics.

ଜାଠର—ସଂ. ବିଣ. (ଜଠର+ଅ)—ଜଠର ବା ଗର୍ଭ ସମ୍ବନ୍ଧୀୟ—
Jāthara Pertaining to the belly.
(ଜାଠରୀ—ସ୍ତ୍ରୀ) ବି—ଜଠରାଗ୍ନି; କ୍ଷୁଧା—Digestive fire or energy; hunger.

ସାଧାରଣ ଲେଖେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍ଖା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

ଜାଡ଼—ଦେ. ବି. (ସଂ. ଜାଡ୍ୟ)—
Jārdā ୧ । ହିମ; ଶୈତ୍ୟ; ଥଣ୍ଡା—1. Cold.
शीत
जाड़ा
ଘୋର ଜାଡ଼ ମାଡ଼ ପଡ଼ିଲା କହୁଁ କହୁଁ ମଞ୍ଚରେ ।
ମଧୁସୂଦନ. ଛନ୍ଦମାଳା ।
୨ । ଶୀତକାଳ—2. Winter.
୩ । ଦେହରୁ ଶୀତ ଲାଗିବା—3. Feeling of cold.
ବିଣ—୧ । ଜଡ଼ା (ଦେଖ)
1. Jarda (See)
୨ । ମୂକ—2. Dumb.
ଜାଡ଼ କାଳ ପ୍ରାୟେ ହୋଇ ବସିଅଛ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଜାଡ଼ କରିବା—ଦେ. କ୍ରି—ଶୀତ କରିବା—
Jārda karibā Feeling of cold.
शीत लागा
जाड़ा लगना

ଜାଡ଼ଦିନ—ଦେ. ବି—ଶୀତ ଋତୁ—
Jārda-dina Winter.
शीतकाल
जाड़ाका दिन

ଜାଡ଼ଲୁଗା—ଦେ. ବି—ଶୀତ ଲୁଗା, ଶୀତବସ୍ତ୍ର—
Jārda-lugā Winter-cloth.
गरमकापड़
जाड़ाका कपड़ा

ଜାଡ଼ା—ଦେ. ବିଣ. ପୁଂ. (ସଂ. ଜଡ଼)—ଜଡ଼; ମୂକ—
Jārda Dumb.
(ଜାଡ଼ୀ—ସ୍ତ୍ରୀ) ପ୍ରାଦେ. (ବସ୍ତର) ବି—ଜଡ଼ା; ଗବ—
Castor-oil-seed.

ଜାଡ଼ି—ଦେ. ବି. (ସଂ. ଜାଡ୍ୟ)—ଶୀତ; ଥଣ୍ଡା—
Jārdi Cold.

ଜାଡ଼ିବା—ଦେ. କ୍ରି. – (ସଂ. ଜଡ଼; ଜାଡ୍ୟ)—୧ । ଅତ୍ୟନ୍ତ ଥଣ୍ଡା ହେତୁ
Jārdibā (ପାଟି) ଶବ୍ଦ ମାରିଯିବା—1. (the mouth) To lose
ठँडाहओया the power of articulate speech owing to extreme cold.
୨ । ଅତ୍ୟନ୍ତ ଶୀତ ହେତୁ ଶରୀର ଅବଶ ହୋଇ ଯିବା; କୋଲ ମାରିବା—2. (the body) To become benumbed with extreme cold.
୩ । ଜମି ଯିବା; ଜମାଟ ବାନ୍ଧିବା—
3. To become frozen.
୪ । ଜଡ଼ପ୍ରାପ୍ତ ହେବା—
5 To become inert or dull.
୫ । ଅତିଶୟ ଶୀତଳ ହେବା—
5. To become very cold.
କହିବ ପଡ଼ିଲ ଗୋ ଜାଡ଼ିଲ ବସୁଜବ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଜାଡ଼ୀ—ଦେ. ବିଣ. ସ୍ତ୍ରୀ—(ସଂ. ଜଡ଼)—୧ । ମୂକା (ସ୍ତ୍ରୀ)—
Jārdi 1. Dumb (female).
କହିଲ ବୋଲୁଛି ଜନମରୁ ଜାଡ଼ୀ, ପୁଣି ସେ ଚେପଟାନାକୀ ।
ଉକାଳି. ସାଅନ୍ତଅ ବାହା ।
ବି.—(ସଂ. ଜାଡ୍ୟ) ଜଡ଼ତା—Numbness
ବାହୁଲ ଜାଡ଼ୀ ଶୁକ କଣ୍ଠେ ରହିଲ ନାହିଁ କହିବାର ଅରସିଲ ସେ ।
ଭଞ୍ଜ. ବୈଦେହୀଶବିଳାସ ।

ଜାଡ଼ୁଆ—ଦେ. ବିଣ. ପୁଂ. (ସଂ. ଜଡ଼)—ସ୍ପଷ୍ଟ ଉଚ୍ଚାରଣଶକ୍ତି ରହିତ;
Jārduā ଜଡ଼; ମୂକ—Dumb; incapable of making articulate speech.
ଜାଡ଼େଇ
ଜାଡ଼ୋଇ } —ସ୍ତ୍ରୀ

ଜାଡ଼ୁଆ ଗୋସାଇଁ—ଦେ. ବି.—(ବ୍ୟକ୍ତିରୂପେ କଳ୍ପିତ) ଶୀତ—
Jārduā gosāiṅ Cold (personified).
(ଜାଡ଼ୁଆ ଗୋସେଇଁ—ଅନ୍ୟରୂପ) ଏବେଇ ଖନ୍ । ଚହୁଁ ଜାଡ଼ୁଆ ଗୋସାଇଁ ପରସନ୍ । ଢଗ ।

ଜାଡ଼ୁଆଳି—ଦେ. ବି.—ଶୀତବସ୍ତ୍ର—
Jārduāḷi Winter-clothes.
ବିଣ.—ଶୀତକାଳୀନ—Pertaining to winter; wintry

ଜାଡ଼େଇବା—ଦେ. କ୍ରି.—ଜାଡ଼ିବା (ଦେଖ)
Jārdeibā Jārdibā (See)

ଜାଡ୍ୟ—ସଂ. ବି. (ଜଡ଼+ଭାବ. ଯ)—୧ । ଜଡ଼ତା; ନିର୍ଜୀବଭାବ—
Jādya 1. Inertness; dullness.
୨ । ଜଡ଼ବୁଦ୍ଧି; ମୂର୍ଖତା—2. Stupidity.
୩ । ଥଣ୍ଡା; ଶୀତ—3. Cold.
୪ । ଶୀତବୋଧ—4. Feeling of cold.
୫ । ଶୈଥିଲ୍ୟ; ଆଳସ୍ୟ—5. Idleness; laxity.
୬ । ସ୍ତମ୍ଭୀଭାବ—6. Stupefaction.

ଜାଡ୍ୟାପହ—ସଂ. ବିଣ. ପୁଂ (ଜାଡ୍ୟ+ଅପ+ହନ ଧାତୁ+କର୍ତ୍ତୃ. ଅ)
Jādyāpaha ଯେ ବା ଯାହା ଜଡ଼ତା ନାଶ କରେ—That
(ଜାଡ୍ୟାପହା—ସ୍ତ୍ରୀ) which or he who cures a man's dullness.

ଜାଣ—ଦେ. ବି (ସଂ. ଜାଲ)—ଚିଲ୍କା ବା ସମୁଦ୍ର ଉପକୂଳସ୍ଥ ଜଳରେ
Jāṇa ମାଛ ଧରିବା ପାଇଁ ନିରୂପିତ ସ୍ଥାନ—Fishery-grounds in the Chilka lake or the sea-shore.

ଜାଣକାର—ଦେ.ବି.—(ସଂ. ଜ୍ଞାନୀ)—୧ । ବିଜ୍ଞ—
Jāṇakāra 1 Wise.
जानकार ୨ । ଚତୁର—2. Clever.
୩ । ବହୁଦର୍ଶୀ—3. Experienced.

ଜାଣତ—ଗ୍ରାମ୍ୟ. ବିଣ. (ସଂ. ଜାନତ୍)—୧ । ଜ୍ଞାନର ବିଷୟୀଭୂତ—
Jāṇata 1. Within one's knowledge or cognizance.
जानत ୨ । ଯେ ଜାଣି ଥାଏ ବା ଅନୁଭବ କରି ଥାଏ; ଯେ ଜାଣଇ;
जान ବିଜ୍ଞ—2. Experienced; knowing; cognizant.
(ଜାଣନ୍ତ—ଅନ୍ୟରୂପ)

୧	ଇ	ଓ	ଋ,ଋଂ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଷ	ଙ୍କ	ଇସ୍	ଢ଼ଅ	ଢ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ	ଇଅ	ଢ଼	ନ୍

ବି.—ଜ୍ଞାନ—Knowledge.

ଜାଣତ ପକ୍ଷେ—ଗ୍ରା. କ୍ରି. ବିଣ—ଜାଣତରେ (ଦେଖ)
Jāṇata pakshe Jāṇatare (See)
(ଯଥା—ମୁଁ ଜାଣତ ପକ୍ଷେ ଦୋଷୀ ନୁହେଁ ।)

ଜାଣତରେ—ଗ୍ରା. କ୍ରି. ବିଣ. (ସଂ. ଜ୍ଞାନତଃ)—ଜ୍ଞାତସାରରେ; ଜାଣୁଜାଣୁ;
Jāṇatare ଜ୍ଞାନତଃ—Knowingly; consciously; to
জানতপক্ষে, জানতে জানতে one's knowledge.
जानते जानते, जानमे (ଯଥା—ମୁଁ ଦେଖୁ ପାଇଲି ସେ ଠାରୁ ମୋ ଜାଣତରେ କିଛି ଅପରାଧ କରି ନାହିଁ ।)

ଜାଣନ୍ତ (ଇତ୍ୟାଦି)—ଜାଣତ ଇତ୍ୟାଦି (ଦେଖ)
Jāṇanta (etc) Jāṇata etc (See)

ଜାଣନ୍ତା—ଦେ. ବିଣ.—୧ । (ସଂ. ଜ୍ଞାତ) ଜ୍ଞାତ—
Jāṇantā 1. Known.
୨ । (ସଂ. ଜ୍ଞାତା) ଯେ ଜାଣେ—
1. One who knows; knowing.

ଜାଣନ୍ତା ପ୍ରମାଣେ—ଦେ. କ୍ରି. ବିଣ—ଜାଣତରେ (ଦେଖ)
Jāṇantā pramāṇe Jāṇatare (See)
ଜାଣନ୍ତା ପ୍ରମାଣେ, ଜଗତେ କାହାର,
ଦୋଷ କେବେ ମୁହିଁ କରି ନାହିଁତ । ନନ୍ଦକିଶୋର. କୃଷ୍ଣକୁମାରୀ ।

ଜାଣବାହାଣ—ଦେ. ବି.—ଜାଣମାନଙ୍କରେ ମାଛ ଧରିବା ପାଇଁ ଜାଲ
Jāṇa-bāhāṇa ପକାଇବା—Casting nets in the fishery-grounds.

ଜାଣି—ଦେ. (ପଦ୍ୟ) ଅ.—୧ । ତୁଲ୍ୟ; ପରି—
Jāṇi 1. Like.
জেনে କନକ କୋମଳ ବାହୁଲତାର ତା ଠାଣି,
जानो ଶିରୀଷ ମାଳାରେ କୋକନଦ ଫୁଲ୍ଲ ଜାଣି । ଶିଶୁଶଙ୍କର. ଉଷାଅଭିଳାଷ ।
୨ । ଫଳତଃ; ଫଳରେ—2. As a matter of fact.
ଏହି ଲୋକଙ୍କ ଜାଣିତା ଦୁଃଖ ହେଉଛି । କୁନ୍ତଳାକୁମାରୀ. ନଅଭଣ୍ଡୀ ।

ଜାଣିଘେନିବା—ପ୍ରାଦେ. (ଗଞ୍ଜାମ) କ୍ରି.—ଜାଣିବା—
Jāṇi-ghenibā To know.

ଜାଣିଚତୁର—ଦେ. ବିଣ. ପୁଂ—ଜାଣିସିଆଣା (ଦେଖ)
Jāṇi-chatura Jāṇi-siāṇā (See)
(ଜାଣିଚତୁରି—ଅନ୍ୟରୂପ)
(ଜାଣିଚତୁରୀ; ଜାଣିଚତୁରେଣୀ—ସ୍ତ୍ରୀ)

ଜାଣିବା—ଦେ. କ୍ରି. (ସଂ. ଜ୍ଞା ଧାତୁ)—୧ । ଚିହ୍ନିବା—
Jāṇibā 1. To recognise; to be acquainted with.
জানা ଏକା ହୋଇ ବାଟକୁ ନ ଜାଣି ସେ ବନେ ।
जानना କୃଷ୍ଣସିଂହ. ମହାଭାରତ ବନ ।
ଜଣାଇବା } ଣିଜନ୍ତ
ଜଣେଇବା }
୨ । ଜ୍ଞାତ ହେବା; ଅବଗତ ହେବା—
1. To know.
୩ । ସଂସାର ସମ୍ବନ୍ଧେ ଅଭିଜ୍ଞ ହେବା—3. To have worldly wisdom or experience.
୪ । ଅନୁଭବ କରିବା—
4. To experience; to perceive.
୫ । ବୁଝିବା; ହୃଦୟଙ୍ଗମ କରିବା—5. To understand.
ଶୋଣିତ ନଗରୀ ଜାଣ ଦର୍ପକ ପ୍ରଶ୍ନରେ । ଉପେନ୍ଦ୍ର. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୬ । ବାରିବା; ଏକାଧିକ ବସ୍ତୁର ପ୍ରଭେଦ ହୃଦୟଙ୍ଗମ କରିବା—
6 To distinguish.
ରାତ୍ର ଦିବସ ନ ଜାଣିଲା ।
ତା ରୂପ ଧ୍ୟାନେ ବଞ୍ଚିଗଲା । ଜଗନ୍ନାଥ. ଭାଗବତ ।
[ଦ୍ର—ଶୁଣିବା ଶବ୍ଦ ଏହାର ସହିତ ଯୁକ୍ତରୂପେ ବ୍ୟବହୃତ ହୁଏ; ଜାଣିବା କ୍ରିୟାର ଅସମାପିକା ରୂପ-ସଙ୍ଗେ ନେବା, ପକାଇବା, ଯିବା, ଆସିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]
ଦେ. ବିଣ—୧ । ଯେସବୁ ବିଷୟ ଜାଣିଥାଏ; ଅଭିଜ୍ଞ—
1. Knowing; experienced.
(ଯଥା—ସେ ଜଣେ ଜାଣିବା ଶୁଣିବା ଲୋକ ହୋଇ ଅଧର୍ମ କଲେ ।)
জান্‌বার ୨ । ଚତୁର—2. Clever.
जानकार ୩ । ବୁଦ୍ଧିମାନ୍—3. Intelligent.
୪ । ବିଜ୍ଞ; ଜ୍ଞାନୀ—4. Wise.
ଜାଣିମା ମନ୍ତ୍ରୀ ଯେବେ ନୃପ ପାଶେ ଥାଏ
ମହତ ସମ୍ପତ୍ତି ସେ ପ୍ରାପତ କରଇ ।

ଜାଣିବାପଣ—ଦେ. ବି—ବୁଝିବା ଶକ୍ତି; ଅଭିଜ୍ଞତା; ଜ୍ଞାନୀପଣ; ବିଜ୍ଞତା—
Jāṇibā-paṇa Wisdom; prudence.
ପାଣ୍ଡବମାନଙ୍କ ଜାଣିବାପଣ ଯେତେ
ଜଣାପଡ଼ିଗଲା ପର ମଣ୍ଡୁ ମୁହିଁ ତତେ । କୃଷ୍ଣସିଂହ. ମହାଭାରତ. ସଭା ।

ଜାଣିବାବନ୍ତ—ଦେ. ବିଣ. (ପଦ୍ୟ)—ବିଜ୍ଞ; ଅଭିଜ୍ଞ—
Jāṇibā-banta Wise; experienced.
ବ୍ରାହ୍ମଣଙ୍କର ଧନ ଆଣିବାକୁ ମନ
ନ କରିବ ଜାଣିବାବନ୍ତ ହେଲେ ଜନ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଜାଣିବାର—ଦେ. ବିଣ—ଜାଣିବା (ଦେଖ)
Jāṇibāra Jāṇibā (See)
জান্‌বার (ଯଥା—ତୁ ଜାଣିବାର ପିଲା ହୋଇ ଏପରି ଅବୁଝା
जानता ହେଉଛୁ ।)

ଜାଣିବାର ଶୁଣିବାର—ଦେ. ବିଣ—ଜାଣିବା (ଦେଖ)
Jāṇibāra śuṇibāra Jāṇibā (See)

ଜାଣିବା ଶୁଣିବା—ଦେ. କ୍ରି—୧ । ଉତ୍ତମରୂପେ ବୁଝି ଜାଣିବା—
Jāṇibā śuṇibā 1. To know very well.
জানাশুনা ୨ । ଉତ୍ତମରୂପେ ପରିଚିତ ହେବା—2. To be
जानना शुनना intimately or well acquainted with.

ଜାଣିବା ଶୁଣିବା ଲୋକ—ଦେ. ବି—୧ । ବିଜ୍ଞ ବ୍ୟକ୍ତି—
Jāṇibā śuṇibā loka 1. A wise man.
জানবার শুনবার লোক ୨ । ବିଦ୍ୱାନ୍—2. Learned man.
୩ । ଅନୁଭବୀ ବ୍ୟକ୍ତି—3. A man of experience.
ଜାଣିବା ଶୁଣିବା ଲୋକମାନେ କହିଲେ,
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ କିମ୍ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଜାଣିମା—ଗ୍ରା. (ପ୍ରାଚୀନ) କ୍ରି ଓ ବିଣ—ଜାଣିବା (ଦେଖ)
Jāṇimā Jāṇibā (See)

ଯାଗ ବଦଧ୍ୟା ଜାଣିମା ଦ୍ୱିଜମାନଙ୍କରେ। କୃଷ୍ଣସିଂହ. ମହାଭାରତ. ଆଦି।

ଜାଣିମାର—ଗ୍ରା. ବିଣ—ଜାଣିବା (ଦେଖ)
Jāṇimāra Jāṇibā (See)

ପୃଥିବୀର ରଜା ଅଟନ୍ତି ଜାଣିମାର। କୃଷ୍ଣସିଂହ. ମହାଭାରତ. ସଭା।

ଜାଣିସିଆଣା—ଦେ. ବିଣ. ପୁଂ—ଅତି ଚତୁର; ଧୂର୍ତ୍ତ—
Jāṇi-siāṇā Very cunning; shrewd.
সেয়ানপাগল
(ଜାଣିସିଆଣୀ — ସ୍ତ୍ରୀ)

ଜାଣିଶୁଣି—ଦେ. କ୍ରି. ବିଣ—ଉତ୍ତମରୂପେ ଅବଗତ ହୋଇ; ବୁଝିସୁଝି—
Jāṇi-śuṇi Knowing full well; with eyes wide open; intimately.
জেনেশুনে
जानशुनकर

ଧିକ ଧିକ ! ଅହୋ ! ଜାଣିଶୁଣି ନରେ;
ଶାଶ୍ୱତକୁ ଛାଡ଼ି ଅସତ୍ୟ କଣ୍ଠରେ। ରାଧାନାଥ. ଦରବାର।

ଜାଣୁଜାଣୁ—ଦେ. କ୍ରି. ବିଣ—ଜାଣିଶୁଣି (ଦେଖ)
Jāṇu-jāṇu Jāṇi-śuṇi (See)
(ଯଥା—ଜାଣୁ ଜାଣୁ କଥାରେ ହାତ ଦେଲ।)

ଜାଣୁମଣି—ଦେ. ବି—ବିବେକିତା—Conscientiousness.
Jāṇu-maṇi ବିଣ. ସ୍ତ୍ରୀ ଓ ପୁଂ—୧। ଚତୁର—1. Clever.
जानमणि

ତଣ୍ଡ ଜାଣୁମଣି ସୁବର୍ଣ୍ଣ ରଚନ ପଦ୍ମବୃନ୍ଦ ଦେଇ ମୋକର।
ଉପେନ୍ଦ୍ର. ପ୍ରେମସୁଧାନିଧି।

୨। ବିବେକୀ; ବିଜ୍ଞଶ୍ରେଷ୍ଠ—2. Very wise.

ଜାତ—ସଂ. ବିଣ. (ଜନ୍. ଧାତୁ=ଜନ୍ମ ହେବା + କର୍ତ୍ତୃ. ତ)—
Jāta ୧। ଭୂମିଷ୍ଠ, ଉତ୍ପନ୍ନ; ଯାହା ଜନ୍ମିଅଛି—
1. Born; produced; grown.
୨। ପ୍ରସୂତ—2. Begotten.
୩। ସ୍ଫୁଟ; ବ୍ୟକ୍ତ; ପ୍ରକଟିତ—
3. Published; manifest.
୪। ପ୍ରଶସ୍ତ—4. Broad.
୫। କାରଣଦ୍ୱାରା କାର୍ଯ୍ୟରୂପେ ଘଟିଥିବା—
5. Caused as a result; resulting from.
୭। ଘଟିଥିବା—7. Occasioned; happened.
୮। ନ୍ୟସ୍ତ; ଯୁକ୍ତ—8. Included; diposited.
୯। ନବଜାତ; ଶିଶୁ—9. Newly born.
ବି. (+ଭାବ. ତ)—୧। ଶ୍ରେଣୀ; ଜାତି—
1. Kind; variety; class; species; caste.
୨। ସମୂହ—2. Collection; multitide.

କାମ ମୃଗ୍ଧ ଜାତ ଚାଲବା ରହିତ ଅର୍ଥେ ରଖିଲେ ପ୍ରଭୃତ୍ତି।
ସନାତନ. ରସକଲ୍ଲୋଳ।

୩। ବ୍ୟକ୍ତି; ପ୍ରକଟନ—
3. Publication; manifestation.
୪। ଜନ୍ମ; ଉତ୍ପତ୍ତି—4. Production; growth; birth.

ଦେ. ବି (ସଂ. ଯାତ୍ରା)—ଯାତ (ଦେଖ)—
Jāta (See)

ଜାତକ—ସଂ. ବି (ଜାତ=ଜନ୍ମ+ସମ୍ବନ୍ଧାର୍ଥେ. କ)—୧। ଜନ୍ମକୋଷ୍ଠୀ;
Jātaka ଜନ୍ମପତ୍ରିକା—1. Horoscope.
୨। ଜାତ ଶିଶୁର ଶୁଭାଶୁଭନିର୍ଣ୍ଣାୟକ ଗ୍ରନ୍ଥ—2. A book dealing with astrological calculations of a child's nativity.
୩। ବୁଦ୍ଧାବତାର ପୂର୍ବେ ବୁଦ୍ଧଦେବଙ୍କ ୫୫୦ ଥର ପୃଥିବୀରେ ଜନ୍ମଗ୍ରହଣ କରିଥିବାର ବୃତ୍ତାନ୍ତ ସନ୍ନିବେଶିତ ଗ୍ରନ୍ଥବିଶେଷ; ବୌଦ୍ଧମାନଙ୍କ ଧର୍ମଗ୍ରନ୍ଥବିଶେଷ—
3. The title of a book of the Buddhists describing the 550 previous births of the Buddha.
୪। ଜାତକର୍ମ; (ହିନ୍ଦୁମାନଙ୍କର) ସନ୍ତାନ ଜନ୍ମ ହେବା ସମୟରେ ପିତାଙ୍କର ଅନୁଷ୍ଠେୟ ସଂସ୍କାର କର୍ମ—4. Purificatory rites and ceremonials performed by the Hindu father on the birth of a child.
୫। ନବଜାତ ସନ୍ତାନ—5. A new-born child.
୬। ଭିକ୍ଷୁ—6. A man of the twice-born caste in the last stage of his existence.
ବିଣ—ଉତ୍ପନ୍ନ—Produced; born.
ଦେ. ବି (ପ୍ରାଚୀନ ପଦ୍ୟ)—ଜାତକାରୀ—One who gives birth.

ଆପେ ଜନମି ଜାତକ ଆପଣେ ମରଣ—ପ୍ରାଚୀ. ବ୍ରହ୍ମନିରୂପଣଗୀତା।

ଜାତକ କର୍ମ—ଦେ. ବି (ସଂ. ଜାତ କର୍ମ)—ଜାତ କର୍ମ (ଦେଖ)
Jātaka karma Jāta karma (See)

ଶୁଭର ଶଙ୍ଖନାଦ ଭେରୀ,
ଶୁଭେ ଜାତକ କର୍ମ କରି। ଜଗନ୍ନାଥ. ଭାଗବତ।

ଜାତକ ଦେଖିବା—ଦେ. କ୍ରି—ଫଳିତ ଜ୍ୟୋତିଷ ଶାସ୍ତ୍ରାନୁସାରେ ଗଣନା
Jātaka dekhibā କରି ମନୁଷ୍ୟଜୀବନର ଶୁଭାଶୁଭ ନିର୍ଦ୍ଦେଶ କରିବାର୍ଥେ ଉକ୍ତ ବ୍ୟକ୍ତିର ଜନ୍ମକୋଷ୍ଠୀ ପରୀକ୍ଷା କରିବା—
To examine a person's horoscope.

ଜାତକପତ୍ର—ଦେ. ବି. (ସଂସ୍କୃତ ଶବ୍ଦ)—ଜାତକ ଅଛି—
Jātaka-patra Horoscope etc.
ঠিকুজিপত্র

ତୁ ମୁଁ ଯହିଁ କର କରିଅଛି, ଜାତକ ପତ୍ରରେ ଅଛି—ତକ।

(ଜାତକପତର—ଅନ୍ୟରୂପ)

ଜାତକ ବୁଝିବା—ଦେ. କ୍ରି—ଜାତକ ଦେଖିବା (ଦେଖ)
Jātaka bujhibā Jātaka dekhibā (See)
ঠিকুজি বুঝা
जन्मकुण्डली बुझना

ଜାତକ ମିଳିବା—ଦେ. ବି—ଜାତକ ମେଳ ହେବା (ଦେଖ)
Jataka milibā Jātaka mela hebā (See)

୧	ଇ	ଉ	ଋ,ଌ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଡଅ	ଉ
୨	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍ତ

ଜାତକ ମେଳ ହେବା—ଦେ. ଚ—ପ୍ରସ୍ତାବିତ ବରକନ୍ୟାଙ୍କର ଜାତକରେ ଥିବା ଗ୍ରହଲଗ୍ନାଦି ପରସ୍ପରଙ୍କ ମିଳନ ପ୍ରତି ଅନୁକୂଳ ଥିବା ଦେଖାଯିବା—
Jātaka mela hebā
ଠିକୁଜିମିଳା
जन्मपत्री मिलना
(ଜାତକ ଅମେଳ ହେବା—ବିପରୀତ)
The tallying of the horoscopes of the bride and bridegroom elect which is favourable to their union.

ଜାତକରେ ନାହିଁ—ଦେ. (ବାକ୍ୟ)—(ଅମୁକ ବିଷୟ) (ଅମୁକର) ପ୍ରକୃତିବିରୁଦ୍ଧ ଅଟେ—(such and such a thing) Is against the nature (of a person).
Jātakare nāhiṅ
কোষ্ঠীতেনাই
(ଯଥା—ଖୋସାମତ କରିବା ମୋ ଜାତକରେ ନାହିଁ ।)

ଜାତକର୍ମ—ସଂ. ବି (୬ଷ୍ଠୀ ତତ୍; ଜାତ=ଜନ୍ମ+କର୍ମ)—ହିନ୍ଦୁମାନଙ୍କର ଦଶକର୍ମ ମଧ୍ୟରୁ ଗୋଟିଏ ସଂସ୍କାର; ସନ୍ତାନ ଜନ୍ମ ହେବା ସମୟରେ ହିନ୍ଦୁ ପିତାଙ୍କ ଅନୁଷ୍ଠେୟ ସଂସ୍କାରବିଶେଷ—Purificatory rite performed by the Hindu father at the birth of a child.
Jāta-karma

ଜାତକ ସୁଝିବା—ଦେ. ଚ—ଜାତକ ମେଳ ହେବା (ଦେଖ)
Jātaka sujhibā — Jātaka mela hebā (See)
(ଜାତକ ନ ସୁଝିବା—ବିପରୀତ)
(ଜାତକ ସୁଝେଇବା—ଅନ୍ୟରୂପ)

ଜାତକସ୍ଥାଣି—ଦେ. ବିଣ—ନିଜର ଜନ୍ମସ୍ଥାନନିବାସୀ—One who does not leave his birth-place.
Jātaka-sthāṇi
ଜାତକସ୍ଥାଣି ସେନ ଅଛି ଭରସା—ଉଷ୍ଟ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜାତକୋପ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+କୋପ)—ଜାତକ୍ରୋଧ (ଦେଖ)
Jāta-kopa — Jāta-krodha (See)
(ଜାତକୋପା—ସ୍ତ୍ରୀ)

ଜାତକ୍ରିୟା—ସଂ. ବି॰ (ଜାତ+କ୍ରିୟା)—ଜାତକର୍ମ (ଦେଖ)
Jāta-kriyā — Jāta-karma (See)

ଜାତକ୍ରୋଧ—ସଂ. ବିଣ. ପୁଂ. (ବହୁବ୍ରୀହି, ଜାତ+କ୍ରୋଧ)—ମହାକୁପିତ; ଅତ୍ୟନ୍ତ ରୁଷ୍ଟ; କ୍ରୋଧାନ୍ଧ—Blinded whith anger; angry.
Jāta-krodha
(ଜାତକ୍ରୋଧା—ସ୍ତ୍ରୀ)

ଜାତକ୍ଲମ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+କ୍ଲମ)—ଯାହାର କ୍ଲାନ୍ତି ଜନ୍ମିଅଛି; ପରିଶ୍ରାନ୍ତ; ଅତ୍ୟନ୍ତ କ୍ଳାନ୍ତ—Fatigued; tired.
Jāta-klama
(ଜାତକ୍ଲମା—ସ୍ତ୍ରୀ)

ଜାତଚକ୍ଷୁ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ଚକ୍ଷୁ)—ଯାହାର ଆଖି ଫିଟିଅଛି; (ଯଥା—ବିରାଡ଼ିଛୁଆ; କୁକୁରଛୁଆ)—(a puppy or kitten) Having its eye-lids opened.
Jāta-chakshu

ଜାତଦନ୍ତ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ଦନ୍ତ)—(ଶିଶୁ) ଯାହାର ଦାନ୍ତ ଉଠିଅଛି—(an infant) Whose teeth have come out; teething.
Jāta-danta

ଜାତପକ୍ଷ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ପକ୍ଷ)—(ପକ୍ଷିଶାବକ) ଯାହାର ପକ୍ଷ ଗଜୁରିଅଛି—(a young bird) Whose wings have grown up; fledged.
Jāta-paksha
(ଅଜାତପକ୍ଷ—ବିପରୀତ)

ଜାତପୁତ୍ର—ସଂ. ବିଣ. (ବହୁବ୍ରୀହି; ଜାତ+ପୁତ୍ର)—ଯାହାର ପୁତ୍ର ଜାତ ହୋଇଅଛି; ପୁତ୍ରବାନ୍—One who has a son born unto him.
Jāta-putra
(ଜାତପୁତ୍ରା—ସ୍ତ୍ରୀ)

ଜାତବେଦ—ଦେ. ବି. (ସଂ. ଜାତବେଦାଃ)—
Jāta-beda
୧ । ଅଗ୍ନି—1. Fire; the fire-god.
ବନ୍ଧୋଳେ ଯା କଣ ଛତ ଜାତବେଦ ଜଣଜାତ
ଜ୍ୱଳା ମଣି ଥାଡ଼େ ଅଞ୍ଚଳରେ । ଉଷ୍ଟ. ବୈଦେହୀଶବିଳାସ ।
୨ । ଜଠରାଗ୍ନି—
2. The digestive fire inside the body.
ଦେ. ବି—ଶ୍ରୀକୃଷ୍ଣ—Śrikrushṇa.
ଜାତବେଦ ଜାତବେତ ଗର୍ଭେ ସହର । ଅଭିମନ୍ୟୁ. ବଦଗ୍ରନ୍ଥଚିନ୍ତାମଣି ।

ଜାତବେଦାଃ—ସଂ. ବି. (ବହୁବ୍ରୀହି; ଜାତ=ଉତ୍ପନ୍ନ+ବେଦ; ଜାତବେଦସ୍ ଶବ୍ଦ; ୧ମା. ୧ବ)—ଜାତବେଦ (ଦେଖ) Jāta-beda (See)
Jāta-bedāḥ

ଜାତବ୍ୟବହାର—ସଂ.ବିଣ.ପୁଂ.(ବହୁବ୍ରୀହି; ଜାତ=ପ୍ରାପ୍ତ+ବ୍ୟବହାର)-(ହିନ୍ଦୁ ସ୍ମୃତି) ବୟଃପ୍ରାପ୍ତ; ସାବାଳକ; ପ୍ରାପ୍ତବୟସ୍କ—(Hindu law) One who has attained his majority.
Jāta-byabahāra
(ଜାତବ୍ୟବହାରା—ସ୍ତ୍ରୀ)

ଜାତମାତ୍ର—ସଂ. ବିଣ. (ଜାତ+କ୍ରିୟାକାଳାର୍ଥେ. ମାତ୍ର)—ଯେ ଏହିକ୍ଷଣି ଜନ୍ମ ହୋଇଅଛି—Born just now.
Jāta-mātra
କ୍ରି. ବିଣ—ଜନ୍ମିବା ମାତ୍ରକେ; ଜନ୍ମ ଲଭିବାକ୍ଷଣି—Immediately on being born; just after birth.

ଜାତରୂପ—ସଂ. ବି. (ବହୁବ୍ରୀହି; ଜାତ=ଉତ୍ପନ୍ନ+ରୂପ=ଅଳଙ୍କାର ଯାହାର)—ସ୍ୱର୍ଣ୍ଣ; ସୁନା—Gold.
Jāta-rūpa
ବହୁପାଷ ଅର ଜାତରୂପ ଘର କଳନ୍ତି ଅସଂଖ୍ୟ ପଦ ।
ଉଷ୍ଟ. ବୈଦେହୀଶବିଳାସ ।
ବିଣ—୧ । ସ୍ୱର୍ଣ୍ଣନିର୍ମିତ—1. Golden.
୨ । ସୁନ୍ଦର—2. Beautiful.
୩ । ମୂର୍ତ୍ତିମନ୍ତରୂପ; ଯେ ମୂର୍ତ୍ତି ଧାରଣ କରିଅଛି—3. Embodied; corporeal.

ଜାତଶ୍ରମ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ଶ୍ରମ)—ପରିଶ୍ରାନ୍ତ; ଜାତକ୍ଲମ—Fatigued.
Jāta-śrama
(ଜାତଶ୍ରମା—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଜାତସ୍ପୃହ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ସ୍ପୃହା)—
Jāta-spṛuha ଯାହାର ସ୍ପୃହା ଜନ୍ମିଅଛି—Interested.
(ଜାତସ୍ପୃହା—ସ୍ତ୍ରୀ)

ଜାତାଙ୍କୁର—ସଂ. ବିଣ. (ବହୁବ୍ରୀହି; ଜାତ+ଅଙ୍କୁର)—
Jātāṅkura ଯାହାର ଗଜା ହୋଇଅଛି—Sprouted.

ଜାତାନ୍ଧ—ସଂ. ବିଣ. ପୁଂ (ବହୁବ୍ରୀହି; ଜାତ+ଅନ୍ଧ)—
Jātāndha ଜନ୍ମାନ୍ଧ—Born blind.
(ଜାତାନ୍ଧା—ସ୍ତ୍ରୀ)

ଜାତାପତ୍ୟା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି)—ଯେଉଁ ସ୍ତ୍ରୀର ସନ୍ତାନ
Jātāpatyā ଜନ୍ମିଅଛି—(a woman) Who has given birth to a child.

ଜାତାଶୌଚ—ସଂ. ବି. (ମ. ପ. ଲୋ; ଜାତ=ଜନ୍ମ+ଅଶୌଚ)—
Jātāśaucha ଶିଶୁ ଜନ୍ମ ହେଲେ ଜ୍ଞାତିମାନଙ୍କୁ ଲାଗିବା ଅଶୌଚ;
(ମୃତାଶୌଚ—ବିପରୀତ) ଜାତକଅ; ସୂତକାଶୌଚ—
Uncleanness affecting the kinsmen on the birth of a child (extending over a period of 10 days).

ଜାତି—ସଂ. ବି. (ଜନ୍ ଧାତୁ=ଉତ୍ପନ୍ନ ହେବା+ଭାବ. ତି)—
Jāti ୧ । ଗୁଣ; ଧର୍ମ; ଆକୃତି ଆଦିର ସମାନତା ଯୋଗୁଁ କରାଯିବା ବିଭାଗ; କୋଟି; ପ୍ରକାରଭେଦ—
1, Species; genus.

[ଦ୍ର—ଏକ ଗୁଣବିଶିଷ୍ଟ ଏକାଧିକ ବ୍ୟକ୍ତି ବା ଜୀବ ବା ବସ୍ତୁର ସମଷ୍ଟି ବା ସମାଜକୁ ଜାତି ବୋଲାଯାଏ ।]

୨ । ଶାଖା; ସୃଷ୍ଟି ବିଭାଗ; ଶ୍ରେଣୀ—2. Class.
୩ । (ଅଧିକରଣ. ତି) ଗୋତ୍ର; ବଂଶ—3. Family; clan).
୪ । (+କର୍ତ୍ତୃ. ତି) (ଗୁଣକର୍ମ ବିଭାଗଜ) ବ୍ରାହ୍ମଣାଦି ଚତୁର୍ବର୍ଣ୍ଣ—
4. One of the four original castes of the Hindus.

[ଦ୍ର—ହିନ୍ଦୁମାନଙ୍କ ମଧ୍ୟରେ ପ୍ରଥମେ ଗୁଣକର୍ମବିଭାଗ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରିଜାତି ବା ବର୍ଣ୍ଣର ସୃଷ୍ଟି ହୋଇଥିଲା ବୋଲି ଶାସ୍ତ୍ରରେ ଲେଖାଅଛି । କିନ୍ତୁ କାଳକ୍ରମେ ଏ ଜାତିବିଭାଗ ଜନ୍ମଗତ ହୋଇ ପଡ଼ିଅଛି । ଏହି ୪ବର୍ଣ୍ଣ ମଧ୍ୟରେ ସାମାଜିକ ରୀତିନୀତିର ପାର୍ଥକ୍ୟ ଅନୁସାରେ ଭିନ୍ନଭିନ୍ନ ସମାଜର ସୂତ୍ରପାତ ହେଲା । କଥାବାର୍ତ୍ତାରେ ଆମ୍ଭେମାନେ ଏକ ଧର୍ମାବଲମ୍ବୀ, (ହିନ୍ଦୁ, ଖ୍ରୀଷ୍ଟାନ, ମୁସଲମାନ୍), ଏକ ଦେଶବାସୀ (ଓଡ଼ିଆ, ବଙ୍ଗାଳୀ), ଏକ ସମାଜଭୁକ୍ତ (ହିନ୍ଦୁଙ୍କ ମଧ୍ୟରେ ଗଉଡ଼, କମାର, ତେଲି; ମୁସଲମାନଙ୍କ ମଧ୍ୟରେ ସିଆ, ସୁନ୍ନୀ; ଖ୍ରୀଷ୍ଟାନଙ୍କ ମଧ୍ୟରେ ପ୍ରୋଟେଷ୍ଟାଣ୍ଟ, ରୋମାନ୍‌କାଥଲିକ୍)ମାନଙ୍କୁ ସେହି ସେହି ଜାତିର ଲୋକ ବୋଲି କହିଥାଉଁ । ଫଳତଃ ଏକ ଧର୍ମରେ, ଏକ ଗୁଣରେ, ଏକ ଦେଶରେ, ଏକ ବ୍ୟବସାୟରେ, ଏକ ବ୍ୟବହାରରେ, ଏକ ଧର୍ମବିଶ୍ୱାସରେ ଏକାଧିକ ବ୍ୟକ୍ତି ବା ଜୀବ ବା ବସ୍ତୁଙ୍କ ମଧ୍ୟରେ ସାମଞ୍ଜସ୍ୟ ଦେଖା ହେଲେ ତାଙ୍କୁ ଆମ୍ଭେମାନେ ଏକ ଜାତିର ବୋଲି ଗ୍ରହଣ କରୁଁ ।]

୫ । କୁଳ; ମନୁଷ୍ୟ ଯେଉଁ କୁଳରେ ଜନ୍ମ ଲଭିଥାଏ—
5. Class to which a person belongs by birth.
(ଯଥା—ସେ ଜାତିରେ ହିନ୍ଦୁଥିଲେ, ପରେ ଖ୍ରୀଷ୍ଟିଆନ୍ ହେଲେ ।)
୬ । ଜୀବାଦିଙ୍କ ଶ୍ରେଣୀ; ବର୍ଗ—
6. Class or species of animals.
(ଯଥା—ଗୋଜାତି; ଅଶ୍ୱଜାତି ।)
୭ । ଜାତିଗତ ବା ସାମାଜିକ ଶାଖା; ପାଟକ—
7. Society; social sub-caste; caste-guild.
ବାର ଜାତି ତେର ଗୋଲ୍, ବିଭୋଷମ ହେଲେ ସବୁ ଗୋଲ୍ । ଢଗ ।
୮ । ଏକ ଦେଶବାସୀ ବ୍ୟକ୍ତିଗଣ—8. Nation; nationality; persons who belong to one country.
(ଯଥା—ଓଡ଼ିଆ ଜାତି; ବଙ୍ଗାଳି ଜାତି ।)
୯ । ବିଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିଙ୍କ ସମଷ୍ଟି—9. Group of persons professing a particular religion.
(ଯଥା—ହିନ୍ଦୁ ଜାତି; ମୁସଲମାନ ଜାତି ।)
୧୦ । ନାରୀଧର୍ମ; ସତୀତ୍ୱ—10. Chastity.
୧୧ । ମାଳତୀଫୁଲ—11. Mālati flower.
୧୨ । ଜାଇ ଫୁଲ—12. Jāi flower.
୧୩ । ଲୌକିକ ଛନ୍ଦର ଦୁଇ ବିଭାଗରୁ ଏକତର (ଯଥା—ଆର୍ଯ୍ୟା)—13. One of the 2 classes of popular Sanskrit metres.
୧୪ । ଏକଜାତୀୟ ଯାବତୀୟ ପଦାର୍ଥର ଅସାଧାରଣ ଧର୍ମ (ଯେଉଁ ଧର୍ମ ସେହି ଜାତୀୟ ପଦାର୍ଥରେ ଥାଏ, ତଭିନ୍ନ ଜାତିରେ ଲକ୍ଷିତ ହୁଏ ନାହିଁ । ଯଥା—ବ୍ରାହ୍ମଣତ୍ୱ)—
(ଯଥା—ପଠାଣ ଘରେ ଖାଇବାରୁ ମଧୁମିଶ୍ରଙ୍କ ଜାତି ଗଲା ।)
୧୫ । (+ଅଧିକରଣ ତି)—ଚୁଲ୍ଲୀ—15. Oven.
୧୬ । ଆମଲକୀ (ହି. ଶବ୍ଦସାଗର)—
16. Embellic myrobalan.
୧୭ । ଜାଇଫଳ (ହି. ଶବ୍ଦସାଗର)—17. Nutmeg.
୧୮ । ଜାଇତ୍ରୀ (ହି. ଶବ୍ଦସାଗର)—18. Mace (spice).

जात ଦେ. ବି—ପ୍ରକାର—Kind; sort.
जात ଦେ. ବିଣ—ଜାତିଆ; ଉତ୍କୃଷ୍ଟ—Excellent.
ଜାତି କୁରୁବକ ବାତାସୂନ ବୃନ୍ଦ ଅନାଇ ମୁଁ ଗୁଲୁଥିଲି ମନ୍ଦମନ୍ଦ ।
କବିସୂର୍ଯ୍ୟ. କଶୋରଚନ୍ଦ୍ରାନନ୍ଦ ଗୀତ ।

ଜାତି ଅଟକ ହେବା—ଦେ. କ୍ରି—ଅକ୍ରିୟା ଆଦି କରିବାହେତୁ ସମାଜଚ୍ୟୁତ
Jāti aṭaka hebā ହେବା—To be excommunicated.
जातसे जाना
जातसे बाहार होना
(ଜାତିରୁ ଅଟକହେବା; ଜାତିରୁ ବାସନ୍ଦ ହେବା—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଶ	ଜ୍ଞ	ଇଯ୍ୟ	ଉଅ	ଢ
୨	ଙ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ର୍ଯ୍ୟ	ଇଅ	ଢ଼	ନ୍

ଜାତିଅ—ଦେ. ବଣ. (ସଂ. ଜାତୀୟ)—୧ । ଜାତୀୟ—
Jātiā 1 Belonging to a class or nation.
জাতের ୨ । କୁଳୀନ; ଉଚ୍ଚବଂଶୀୟ—
জাতকা 2. Of noble birth; noble; of high family; well-born.
(ଅଜାତିଅ—ବିପରୀତ)
୩ । ରାଜାମାନଙ୍କ ବଂଶରେ କ୍ଷତ୍ରିୟକୁଳର ବିବାହିତା ସ୍ତ୍ରୀଙ୍କ ଗର୍ଭରୁ ଜାତ (ସନ୍ତାନ)—3. Born of a married wife of Kshatriya caste.
୪ । ଉତ୍କୃଷ୍ଟ; ଉତ୍ତମଜାତୀୟ—4. Excellent.
ପ୍ରାଦେ. (ଗଡ଼ଜାତ) ବଣ.—ଯେ ଅସ୍ପୃଶ୍ୟ ଜାତିର ଲୋକଙ୍କୁ ଛୁଇଁ ନ ଥିବାରୁ ପବିତ୍ର ଅଛି—One who has remained pure for not having touched an untouchable person.

ଜାତିଅ ଅନ୍ତର—ଦେ. ବି.—ରାଜା ଆଦିଙ୍କର ରକ୍ଷିତା କ୍ଷତ୍ରିୟକନ୍ୟା-
Jātiā antara ଗର୍ଭରୁ ଜାତ ସନ୍ତାନ—A son born of a Kshatriya girl (with whom marriage has not been performed.)

ଜାତିଆଣ—ଦେ. ବଣ.—ଜାତି ବା ସମାଜ ସମ୍ବନ୍ଧୀୟ; ଜାତୀୟ—
Jātiāṇa Pertaining to a particular society.
ଉତ୍ତମାନଙ୍କ ଜାତିଆଣ ଝଗଡ଼ାରେ ମହରଟ ତିଆର ହୋଇଅଛି ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଜାତିଆଣ କାମ—ଦେ. ବି.—ଜାତିକାମ; ଜାତିର କାର୍ଯ୍ୟ; ହାଟୁଆମାନଙ୍କର
Jātiāṇa kāma ସାମାଜିକ ବୈଠକ ବା ଭୋଜି—Social function; caste-feast or meeting.

ଜାତିଆଣ ଭାତ—ଦେ. ବି.—ଜାତିଭାତ (ଦେଖ)
Jātiāṇa bhāta Jāti-bhāta (See)

ଜାତିଆଣ ସଭା—ଦେ. ବି.—ଏକ ଜାତି ବା ପାଟକର ଅନ୍ତର୍ଭୁକ୍ତ
Jātiāṇa sabhā ବ୍ୟକ୍ତିମାନଙ୍କର ସମାଜଗତ ବିଷୟର ବିଚାର ନିମନ୍ତେ ଜାତିର ନେତାମାନଙ୍କ ବଇଠକ—
A gathering of representative castemen for considering questions arising inside a particular caste-guild or society.

ଜାତିକର—ଦେ. ବଣ.—ଜାତିଅ; ଉତ୍କୃଷ୍ଟଜାତୀୟ—
Jātikara Of excellent class.
ଜାତିକରଜା ସୁକେଶୀ, ଜାତିକର ଦ୍ରବ୍ୟ ସାରକ ସୁନ୍ଦରୀ ।
କବିସୂର୍ଯ୍ୟ, ଚମ୍ପୂଗୀତ ।

ଜାତିକର୍ମ—ଦେ. ବି.—ଜାତିଗତ ବ୍ୟବସାୟ; ଜାତି ବା ପାଟକବିଶେଷର
Jāti-karma ନିର୍ଦ୍ଦିଷ୍ଟ କର୍ମ—Acts proper for the people of a particular caste.
[ଦ୍ର—ହିନ୍ଦୁ ସମାଜରେ ଭିନ୍ନଭିନ୍ନ ଜାତି ନିମନ୍ତେ ଭିନ୍ନଭିନ୍ନ କାର୍ଯ୍ୟ ନିରୂପିତ ହୋଇଅଛି ଯଥା—ଭଣ୍ଡାରିଙ୍କର କ୍ଷୌର କର୍ମ, ଚଷାଙ୍କର କୃଷିକର୍ମ ଇତ୍ୟାଦି ।]

ଜାତିକା—ଗ୍ରା. ବଣ. (ସଂ. ଜାତୀୟ)—୧ । ଜାତୀୟ; ଶ୍ରେଣୀୟ—
Jātikā 1. Belonging to a class or sort.
রকমের ୨ । ପ୍ରକାରର—
জাতকা, রকমকা 2. Of a kind.
(ଯଥା—ଏକଜାତିକା ଲୋକ ।)

ଜାତିକାମ—ଦେ. ବି.—ହାଟୁଆମାନଙ୍କର ଆପଣାଆପଣା ପାଟକର
Jāti-kāma ସାମାଜିକ ବଇଠକ ବା ଭୋଜି—Caste-feast or meeting.

ଜାତିକିଆ—ଗ୍ରା. ବିଣ.—ଜାତିକା (ଦେଖ)
Jātikiā Jātikā (See)

ଜାତିକିଜାତି—ଦେ. ବଣ.—୧ । ଭିନ୍ନଭିନ୍ନ ଜାତିର ବା ପ୍ରକାରର—
Jāti-ki-jāti Of different so
୨ । ନାନାଜାତୀୟ - 2 Of various castes.
ଦେ. ବି.—୧ । ଭିନ୍ନଭିନ୍ନ ଜାତିମାନେ—2. Various castes.
୨ । ଅନେକ ପ୍ରକାର—2. Various sorts.

ଜାତିକୁଳ—ଦେ. ବି. (ସହଚର; ସଂ. ଜାତି + କୁଳ)—
Jāti-kuḻa ୧ । ବଂଶ—1. Family.
জাতিকুল ୨ । ବଂଶମର୍ଯ୍ୟାଦା—
জাতিকুল 2. Glory of a family.

ଜାତିକୋଷ—ସଂ. ବି—ଜାଇଫଳ—
Jāti-kosha Nutmeg.
(ଜାତିକୋଶ—ଅନ୍ୟରୂପ)

ଜାତିକୋଷୀ—ସଂ. ବି—ଜାଇତ୍ରୀ—
Jāti-koshī Mace (spice).
(ଜାତିକୋଶୀ—ଅନ୍ୟରୂପ)

ଜାତି ଖୋଇବା—ଦେ. କି. (ସଂ. ଜାତି + ଖାଦ୍ ଧାତୁ)—
Jāti khoibā ୧ । ଜାତିଭାଇମାନଙ୍କୁ ପଂକ୍ତିଭୋଜନ ଦେବା—
(ଜାତି ଖୁଆଇବା—ଅନ୍ୟରୂପ) 1. To give a caste-dinner.
୨ । (ସଂ. ଜାତି + କ୍ଷେପଣ; ପ୍ରା. ଖେବଣ; ତୁଳ. ହି. ଖୋନା=ହରାଇବା)—ଜାତି ହରାଇବା (ଦେଖ)
2. Jāti harāibā (See)

ଜାତିଚ୍ୟୁତ—ସଂ. ବଣ. (୫ମୀ ତତ୍; ଜାତି + ଚ୍ୟୁତ)—
Jāti-chyuta ଜାତି ହରାଇଥିବା; ଅକାର୍ଯ୍ୟ ଆଦି ଦ୍ୱାରା ସମାଜରୁ
(ଜାତିଚ୍ୟୁତି—ବିଶେଷ୍ୟ) ପତିତ; ସମାଜରୁ ବହିଷ୍କୃତ; ଜାତିଭ୍ରଷ୍ଟ—
Deprived of the privileges of one's caste or society; having fallen from or lost one's caste; excommunicated.

ଜାତିଚ୍ୟୁତି—ସଂ. ବି. (୫ମୀ ତତ୍; ଜାତି + ଚ୍ୟୁତି)—
Jāti-chyuti ଜାତିନାଶ; ଅକାର୍ଯ୍ୟ ଆଦି ଦ୍ୱାରା ନିଜର ଜାତି ହରାଇବା; ଜାତିଧ୍ୱଂସ—Loss of one's caste; excommunication.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବ ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଜାତିଜାତି—ଦେ. ବିଣ—୧ । ଭିନ୍ନ ଭିନ୍ନ ଜାତିର ବା ପ୍ରକାରର—
Jāti-jāti 1. Of different sorts
নানাজাতের ୨ । ନାନାଜାତୀୟ 2. Of various sorts.
(ଜାତିକିଜାତି, ଜାତିଜାତିଆ;. ଜାତିଜାତିକିଆ—ଅନ୍ୟରୂପ)

ଜାତିଜ୍ଞାପକ—ସଂ. ବିଣ. (ଉପପଦ ତତ୍; ଜାତି + ଜ୍ଞାପକ)—
Jāti-jnāpaka ଜାତିବାଚକ (ଦେଖ)
Jāti-bāchaka (See)

ଜାତିତତ୍ତ୍ୱ—ସଂ. ବି. (ଆଧୁନିକ ପ୍ରୟୋଗ) (୬ଷ୍ଠୀ ତତ୍; ଜାତି + ତତ୍ତ୍ୱ)—
Jāti-tattwa . ମାନବ ଜାତିର ମୂଳ ବିଭାଗ ଓ ପରସ୍ପର ସମ୍ବନ୍ଧ
(ଜାତିବିଜ୍ଞାନ—ଅନ୍ୟରୂପ) ବିଷୟକ ବିଜ୍ଞାନ; ମାନବବିଜ୍ଞାନ—
Ethnology.

ଜାତି ଦେବା—ଦେ. କ୍ରି—ଜାତି ହରାଇବା (ଦେଖ)
Jāti debā Jāti harāibā (See)

ଜାତିଧର୍ମ—ସଂ. ବି. (ମ. ପ ଲୋ: ଜାତି+ଧର୍ମ)—
Jāti-dharma ୧ । ଜାତିଗତ ଧର୍ମ; ଭିନ୍ନ ଭିନ୍ନ ଜାତିର ଆଚରଣୀୟ ବ୍ୟବସାୟ; ଜାତିଗତ ପେଶା—1. The duties of a member of a particularl caste or society.
୨ । (୬ଷ୍ଠୀ ତତ୍) ବିଭିନ୍ନ ଶ୍ରେଣୀର ଜୀବର କ୍ରିୟା ବା ଗୁଣ—
2. The generic property or attribute of a particular class of beings.
୩ । (ଦ୍ୱନ୍ଦ୍ୱ) ଜାତି ଓ ଧର୍ମ—
3. One's caste and religion

ଜାତିଧର୍ମ ନିର୍ବିଶେଷରେ—ଦେ. କ୍ରି. ବିଣ—ଜାତି ବା ଧର୍ମ ବିଷୟରେ
Jāti-dharma nirbiseshare ପ୍ରଭେଦ ବିଚାର ନ କରି—
জাতি ধর্ম্ম নির্বিশেষে Without distinction of caste or creed.
(ଯଥା—ମହାପୁରୁଷମାନେ ଜାତିଧର୍ମ ନିର୍ବିଶେଷରେ ପରର ଉପକାର କରି ଥାଆନ୍ତି ।)

ଜାତିଧ୍ୱଂସ—ସଂ. ବି. (୬ଷ୍ଠୀ ତତ୍; ଜାତି+ଧ୍ୱଂସ)—
Jāti-dhwamsa ଜାତିଚ୍ୟୁତି (ଦେଖ)
Jāti-chyuti (See)

ଜାତିନାଶ—ସଂ. ବି. (୬ଷ୍ଠୀ ତତ୍; ଜାତି+ନାଶ)—
Jāti-nāśa ଜାତିଚ୍ୟୁତି (ଦେଖ)
Jāti-chyuti (See)

ଜାତି ନେବା—ଦେ. କ୍ରି—୧ । କୌଣସି ଲୋକର ସାମାଜିକ ବିଶିଷ୍ଟତା
Jāti-nebā ନଷ୍ଟ କରାଇବା; କୌଣସି ବ୍ୟକ୍ତିକୁ ଅପବିତ୍ର କରାଇ
जात लेओयाँ ବା ଅଖାଦ୍ୟ ଖୁଆଇ ତାହାକୁ ଜାତିଭ୍ରଷ୍ଟ କରାଇବା—
जात लेना 1. To make a person unclean by making him do or eat prohibited things.

୨ । କୁଳସ୍ତ୍ରୀର ସତୀତ୍ୱ ନାଶ କରିବା—
2. To commit adultery with a woman of family.
ପେଙ୍ଗଥିଲ ପାଟ ଶାଢ଼ୀ, ଜାତି ନବ ବୋଲି ପଠାଣଟୋକା ଦୁଆର ବସିଲା ମାଡ଼ି—ଢଗ ।

ଜାତିପତି—ଗ୍ରା. ବି. (ଅନର୍ଥକ ଦ୍ୱିତୀୟ ସହଚର)—
Jāti-pati ୧ । ଜାତିକୁଳ (ଦେଖ)
जातिपंति 1 Jāti-kula (See)
୨ । ଜାତି ଓ ସମାଜ—2 Caste and society.

ଜାତିପତି ହରା(ରେ)ଇବା—ଦେ. କ୍ରି—ଜାତି ହରାଇବା (ଦେଖ)
Jāti-pati harā(e)ibā Jāti harāibā (See)

ଜାତିପତ୍ର—ସଂ. ବି—ଜାଇତ୍ରୀ—Mace; the thin peel surround-
Jāti-patra ing the nutmeg (a spice).
ଜାତିପତ୍ରୀ } ଅନ୍ୟରୂପ
ଜାତିପର୍ଣ୍ଣୀ }

ଜାତିପଦ୍ମିନୀ—ଦେ. ବିଣ. ସ୍ତ୍ରୀ—ପଦ୍ମିନୀଜାତୀୟା (ସ୍ତ୍ରୀ)—
Jāti-padmini (woman) Belonging to the Padmini class.
ହେଲେ ତୋହରି ଜାତି ଜାତିପଦ୍ମିନୀ ସୁଦର୍ଶନୀ ଗତି ମୁଁ ବୁଝୁକେ ମାତ ମାତ ।
ଭକ୍ତ. ପ୍ରେମସୁଧାନିଧି ।

ଜାତିପନ୍ତି—ଗ୍ରା. ବି. (ଅନର୍ଥକ ଦ୍ୱିତୀୟ ସହଚର)—ଜାତିପତି (ଦେଖ)
Jāti-panti Jāti-pati (See)

ଜାତିପାଟକ—ଦେ. ବି.—୧ । ହିନ୍ଦୁଆ ଜାତିର ସମସ୍ତ ଲୋକ —
Jāti-pāṭaka 1. All the members of a Hindu caste-guild.
୨ । ଶୂଦ୍ର ଜାତିର ଭିନ୍ନ ଭିନ୍ନ ଶାଖା (ସଂଖ୍ୟାରେ ୩୬ ଗୋଟି)
2. The 36 sub-sects or sub-castes or caste-guilds amongst the Śūdras.

ଜାତିପାତ—ସଂ. ବି. (୬ଷ୍ଠୀ ତତ୍, ଜାତି + ପାତ)—ଅକାର୍ଯ୍ୟ ଆଦିଦ୍ୱାରା
Jāti-pāta ନିଜର ଜାତି ହରାଇବା—Loss of one's caste.

ଜାତିପୁଅ—ଦେ. ବି.—ଜାତିଭାଇ (ଦେଖ)
Jati-pua Jāti-bhāi (See)

ଜାତିଫଳ—ସଂ. ବି.—ଜାଇଫଳ—
Jāti-phala Nutmeg.
(ଅନ୍ୟ ସଂ. ନାମ—କୋଷକ, ସୁମନଫଳ, କୋଶ, ଜାତିଶସ୍ୟ, ଶାଲୂକ, ମାଲତୀଫଳ, ପଦ୍ମସାର, ମଜ୍ଜସାର, ଜାତିସାର, ପୁଷ୍ଟ ।)

ଜାତିବାଚକ—ସଂ. ବିଣ. (ଜାତି+ବାଚକ)—ଯାହାଦ୍ୱାରା କୌଣସି
Jāti-bāchaka ବ୍ୟକ୍ତି ବା ପଦାର୍ଥର ଶ୍ରେଣୀ ବା ଜାତି ବୁଝାଯାଏ; ଗଣସମ୍ବନ୍ଧୀୟ—Indicating the species or class to which a certain person or thing belongs; generic; expressing a class.

ଜାତିବାସନ୍ଦ ହେବା—ଦେ. କ୍ରି.—ଜାତିରୁ ଅଟକ ହେବା (ଦେଖ)
Jāti-bāsanda hebā To be excommunicated
(ଜାତିବାଛନ୍ଦ ହେବା—ଅନ୍ୟରୂପ) from one's society.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଈଯ୍ନ	ଉଅ	ଊ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଜ୍ଞ	ନ

ଜାତିବିଟାଳ—ଦେ. ବି.—ଜାତିଚ୍ୟୁତି; ଜାତିଭ୍ରଷ୍ଟ ହେବା—
Jāti-bitāḻa Excommunication from a society or caste.
ଦେ. ବିଣ.—ଜାତିବିଟାଳିଆ (ଦେଖ)
Jāti-biṭāḻia (See)

ଜାତିବିଟାଳିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଜାତିଚ୍ୟୁତ; ଜାତିଭ୍ରଷ୍ଟ—
Jāti-bitāḻiā Excommunicated from a society.
(ଜାତିବିଟାଳୀ—ସ୍ତ୍ରୀ)

ଜାତିବୈର—ସଂ. ବି. (୬ଷ୍ଠୀ ତତ୍; ଜାତି + ବୈର)—ସ୍ୱାଭାବିକ ଶତ୍ରୁତା
Jāti-baira (ଯଥା—ଅହିନକୁଳ ମଧ୍ୟରେ)—Natural hostility; racial animosity or antagonism.

ଜାତିବୋଧକ—ସଂ. ବି. (ଉପପଦ ତତ୍; ଜାତି + ବୋଧକ)—
Jāti-bodhaka ଜାତିବାଚକ (ଦେଖ)
Jāti-bāchaka (See)

ଜାତିବ୍ରାହ୍ମଣ—ସଂ. ବି. (କର୍ମଧାରୟ) (ତୃତୀୟା ତତ୍; ଜାତି—ଜନ୍ମ+ ବ୍ରାହ୍ମଣ)—ଯେଉଁ ବ୍ରାହ୍ମଣ ବ୍ରାହ୍ମଣୋଚିତ
Jāti-brāhmaṇa
ଆଚାର ପାଳେ ନାହିଁ, କିନ୍ତୁ ବ୍ରାହ୍ମଣକୁଳରେ ଜାତ ବୋଲି ବ୍ରାହ୍ମଣରୂପେ ପରିଚିତ ହୁଏ—A Brāhmaṇa by birth only but not observing the rules and duties of his caste; a Brahman in name only.

ଜାତିଭାଇ—ଦେ. ବି.—୧ । ଏକଜାତୀୟ ଲୋକ; ସ୍ୱଜାତିଭୁକ୍ତ ବ୍ୟକ୍ତି—
Jāti-bhāi 1. People belonging to the same caste or society.
জাতভাই
जाति बिरादर ୨ । ଶ୍ରାଦ୍ଧଆଦିମାନଙ୍କର ଏକକୁଳ ବା ପାଟକର ବ୍ୟକ୍ତି—
2. A member of the same social caste guild.

ଜାତିଭାତ—ଦେ. ବି.—ଏକଜାତି, ସମାଜ ବା ଗୋଷ୍ଠୀର ବ୍ୟକ୍ତିମାନଙ୍କର
Jāti-bhāta ଏକତ୍ର ଭୋଜନ ବା ଭୋଜି—Caste-feast.
କେହି ଶରଧା ଜାତିଭାତ ନେଇ ନ ପାରିଲେ ପଞ୍ଚଗୋସାଇଁ ବହୁ ମାନ୍ୟ ନେଇ ତାହାକୁ ଉଠାଇ ନଥାନ୍ତି । ଫକୀରମୋହନ- ଛମାଣ ଅଠଗୁଣ୍ଠ ।

ଜାତିଭୁକ୍ତ ହେବା—ଦେ. କ୍ରି.—(ନବାଗତ ବା ପତିତ ବ୍ୟକ୍ତି) ନିର୍ଦ୍ଦିଷ୍ଟ
Jātibhukta hebā ସମାଜରେ ଗୃହୀତ ହେବା—To be
জাতিভুক্তহওয়া admitted into the folds of a particular society or caste-guild.

ଜାତିଭୋଜି—ଦେ. ବି.—ଜାତିଭାତ (ଦେଖ)
Jāti-bhoji Jāti-bhāta (See)

ଜାତିଭ୍ରଂଶ—ସଂ. ବି. (୬ଷ୍ଠୀ ତତ୍, ଜାତି + ଭ୍ରଂଶ)—ଜାତିଚ୍ୟୁତି;
Jāti-bhraṃśa ଜାତିନାଶ—Loss of one's social status

ଜାତିଭ୍ରଂଶକର—ସଂ. ବିଣ.—ଯାହା ଲୋକକୁ ଜାତିଭ୍ରଷ୍ଟ କରେ—
Jāti-bhraṃśa-kara Causing a person to lose his caste.
[ବି—ମନୁସଂହିତା ଅନୁସାରେ ବ୍ରାହ୍ମଣପୀଡ଼ନ, ମଦ୍ୟପାନ, ଅଖାଦ୍ୟଭୋଜନ, କପଟ ବ୍ୟବହାର, ପୁରୁଷମୈଥୁନ ଆଦି ପାପ ଜାତିଭ୍ରଂଶକର ପାପ ଅଟେ । ଅଜ୍ଞାନକୃତ ପାପ ପାଇଁ ପ୍ରାଜାପତ୍ୟ ଓ ଜ୍ଞାନକୃତ ପାପପାଇଁ ସାନ୍ତପନ ପ୍ରାୟଶ୍ଚିତ୍ତ କରିବା ବ୍ୟବସ୍ଥା ଅଛି ।]

ଜାତିଭ୍ରଷ୍ଟ—ସଂ. ବିଣ. (୬ଷ୍ଠୀ ତତ୍, ଜାତି + ଭ୍ରଷ୍ଟ)—
Jāti-bhrashṭa ଜାତିଚ୍ୟୁତ (ଦେଖ)
Jātichyuta (See)

ଜାତି ମର(ରେ)ଇବା—ଦେ. କ୍ରି.—(ଜାତି ମାରିବାର ଣିଜନ୍ତ)—
Jāti marā(e)ibā ଜାତି ହରାଇବା (ଦେଖ)
জাতখোয়ান Jāti harāibā (See)
जातखोना

ଜାତିମହତ୍ତ୍ୱ—ସଂ. ବି. (ଜାତିର ମହତ୍ତ୍ୱ)—ଜାତୀୟ ଗୌରବ—
Jāti-mahatwa National honour.
ଦେ. ବି. (ସହଚର)—ଜାତି ଓ ମର୍ଯ୍ୟାଦା—
Caste and respect.

ଜାତିମହନ୍ତ—ଦେ. ବି—ସାମାଜିକ ଗୁପକାଜ ବା ପାଟକର ନେତା—
Jāti-mahanta Headman of a caste-guild.

ଜାତି ମାରିବା—ଦେ. କ୍ରି—ଜାତି ନେବା (ଦେଖ)
Jāti māribā Jāti nebā (See)
জাত মারা
जात मारना

ଜାତି ଯିବା—ଦେ. କ୍ରି—ଅକର୍ମ ବା ଅଖାଦ୍ୟଦ୍ୱାରା କୌଣସି ବ୍ୟକ୍ତିର
Jāti jibā ଜାତି ଧ୍ୱଂସ ହେବା—Loss of one's caste.
জাত যাওয়া
जात जाना

ଜାତିରୁ ଯିବା—ଦେ. କ୍ରି—ଜାତିଚ୍ୟୁତ ହେବା—
Jātiru jibā To be excommunicated.
জাতথেকে যাওয়া
जातसे जाना

ଜାତିରେ—ଦେ. କ୍ରି. ବି°—ଜାତି ହିସାବରେ; ଜାତି ଗଣନାରେ; ଜାତି
Jātire ବିଷୟରେ; ଜନ୍ମତଃ—By caste; by birth.
(ଯଥା—ସେ ଜାତିରେ ଚଷା ।)

ଜାତିରେ ଚଳିବା—ଦେ. କ୍ରି—ଜାତିରେ ମିଶିବା; (ନବାଗତ ବା ପତିତ
Jātire chaḻibā ବ୍ୟକ୍ତି) ନିର୍ଦ୍ଦିଷ୍ଟ ସମାଜରେ ଗୃହୀତ ହେବା—
জাতে চলা To be admitted into the folds of a
जातमें चलना particular society or caste.
(ଜାତିରେ ମିଶିବା—ଅନ୍ୟରୂପ)

ଜାତିରେ ଯିବା—ଦେ. କ୍ରି—୧ । ଜାତିରେ ଚଳିବା (ଦେଖ)
Jātire jibā 1. Jātire chaḻibā (See)
୨ । ଜାତି ହେବା (ଦେଖ)
2. Jāti hebā (See)

ଜାତିଷ୍ଟ—ଦେ. ବିଣ. (ସଂ. ଜାତି ଓ ଇଷ୍ଟ)—୧ । ଉଚ୍ଚଜାତୀୟ—
Jātishṭa 1. Of a high caste; respectable.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୨। ଏକଜାତି ବା ସମାଜଭୁକ୍ତ (ବ୍ୟକ୍ତି)—
2. Of the same caste or society.

ଦେ. ବ—ଜାତି ବା ସମାଜର ନେତା—Head of a caste; headman of a caste-guild.

ଜାତିଶସ୍ୟ—ସଂ. ବ—ଜାଇଫଳ—
Jāti-śasya Nutmeg.

ଜାତିସଙ୍କର—ସଂ. ବ. (୬ଷ୍ଠୀ ତତ୍; ଜାତି+ସଙ୍କର)—ବର୍ଣ୍ଣସଙ୍କର;
Jāti-saṅkara ଭିନ୍ନଭିନ୍ନଜାତିର ପିତା ଓ ମାତାଙ୍କ ଔରସ ଜାତ—A hybrid; admixture of bloods of different castes.

ଜାତିସର୍ଦ୍ଦାର—ଦେ. ବ (ସଂ. ଜାତି+ଫା. ସର୍‌ଦାର୍)—ସାମାଜିକ
Jāti-sarddāra କୁଳଜାତିର ନେତା; ଜାତିମହନ୍ତ—
(ଜାତିସରଦାର—ଅନ୍ୟରୂପ) Headman of a caste-guild.

ଜାତିସାର—ସଂ. ବ—ଜାଇଫଳ (ଦେଖ)
Jāti-sāra Jāi-phala (See)
(ଜାତିସ୍ୱତ—ଅନ୍ୟରୂପ)

ଜାତି ସାରିବା—ଦେ. କ୍ରି—୧। ଜାତିନେବା (ଦେଖ)
Jāti sāribā 1. Jātinebā (See)
୨। ଜାତିହରାଇବା (ଦେଖ)
2. Jāti harāibā (See)

ଜାତିସ୍ୱଭାବ—ସଂ. ବ. (୬ଷ୍ଠୀ ତତ୍; ଜାତି+ସ୍ୱଭାବ)—
Jātiswabhāba ୧। ଜାତିଧର୍ମ; ଏକଜାତୀୟ ଜୀବମାନଙ୍କ ପ୍ରକୃତିର ବିଶିଷ୍ଟତା—1. Racial character; the characteristic of a species.
୨। ଆକୃତି ଓ ଗୁଣବର୍ଣ୍ଣନାତ୍ମକ ଅଲଙ୍କାରବିଶେଷ (ହି. ଶବ୍ଦସାଗର)—2. A figure of speech in Rhetoric.

ଜାତିସ୍ମର—ସଂ. ବଣ. ପୁଂ. (ଜାତି=ପୂର୍ବଜନ୍ମ+ସ୍ମୃ ଧାତୁ+କର୍ତ୍ତୃ. ଅ)—
Jāti-smara ଯାହାର ପୂର୍ବଜନ୍ମ ସ୍ମରଣ ଥାଏ; ପୂର୍ବଜନ୍ମରେ କେଉଁଠାରେ କେଉଁ ଜାତିରେ ଜନ୍ମଗ୍ରହଣ କରିଥିଲା ଏହା ଯେ ସ୍ମରଣ କରିଥାଏ—Remembering the particulars of one's previous birth.

ପୂର୍ବ କଳ୍ପର ଏ ବଗୁର, ବରୂପେ ହେଲ ଜାତିସ୍ମର।
ଜଗନ୍ନାଥ. ଭାଗବତ।

ସଂ. ବ—ତୀର୍ଥବିଶେଷ—
Name of a place of pilgrimage.

ଜାତି ହରା(ରେ)ଇବା—ଦେ. କ୍ରି—୧। ଅକର୍ତ୍ତବ୍ୟାଚରଣଦ୍ୱାରା ଅପଣାର
Jāti harā(re)ibā ଜାତି ନଷ୍ଟ କରିବା—1. To break the
ଜାତ ଖାଓୟାନ rules of one's caste; to lose
जात खोआना one's caste by doing prohibited
(ଜାତି ହାରିବା—ଅନ୍ୟରୂପ) acts.

୨। ଜାତ୍ୟନ୍ତର ଗ୍ରହଣ କରିବା; ଅପଣା ଜାତିରୁ ଯାଇ ଅନ୍ୟ ଜାତିରେ ବା ଧର୍ମରେ ପଶିବା—2. To give up one's original caste, society or religion and take to another.

ଜାତି ହାରିବା—ଦେ. କ୍ରି—ଜାତି ହରାଇବା (ଦେଖ)
Jāti hāribā Jāti harāibā (See)

ଜାତିହୀନ—ସଂ. ବଣ. (୭ମୀ ତତ୍; ଜାତି+ହୀନ)—
Jāti-hina ୧। ଜାତିଚ୍ୟୁତ; ସମାଜଭ୍ରଷ୍ଟ—
1. Excommunicated.
୨। ଛୋଟ ଜାତିର—2. Of low caste.

ଜାତି ହେବା—ଦେ. କ୍ରି—ପ୍ରାୟଶ୍ଚିତ୍ତ ବା ଦଣ୍ଡଭୋଗ ପରେ (ପତିତବ୍ୟକ୍ତି)
Jāti hebā ପୁନର୍ବାର ଅପଣା ସମାଜରେ ପ୍ରବେଶ କରିବା—
জাতে উঠা To be admitted to one's caste or society
जात होना after performing prescribed expiation or undergoing the prescribed punishment.

ଜାତୀ—ସଂ. ବ. (ଜାତି+ଈ)—୧। ଜାଇଫୁଲ—
Jāti 1 Jasminum Grandiflorum.
୨। ଜାଇଫଳ ଗଛ—2. Nutmeg tree.
୩। ମାଳତୀ ଫୁଲ—3. Mālati flower.
୪। ଅଁଳା—4. Embellic myrobalan.

ଜାତୀପତ୍ର—ସଂ. ବ—ଜାତିପତ୍ର (ଦେଖ)
Jāti-patra Jāti-patra (See)
(ଜାତୀପତ୍ରୀ—ଅନ୍ୟରୂପ)

ଜାତୀଫଳ—ସଂ. ବ—ଜାଇଫଳ—
Jāti-phala Nutmeg.
(ଜାତୀପୂଗ, ଜାତୀକୋଶ, ଜାତୀକୋଷ—ଅନ୍ୟରୂପ)

ଜାତୀୟ—ସଂ. ବଣ. (ଜାତି+ଭବାର୍ଥେ ଇୟ)—୧। ଜାତିସମ୍ବନ୍ଧୀୟ—
Jātiya 1. National.
୨। ଶ୍ରେଣୀର; ପ୍ରକାରର—2. Of a certain kind; belonging to a particular class.
୩। ବର୍ଣ୍ଣ ସମ୍ବନ୍ଧୀୟ—3. Tribal.
୪। କୌଣସି ବଶିଷ୍ଟ ଜାତିର ସାଧାରଣ—
4. Common to or pertaining to a particular nation.

ଜାତୀୟ ଅନୁଷ୍ଠାନ—ସଂ. ବ. (ଆଧୁନିକ ପ୍ରୟୋଗ)—ଏକଜାତୀୟ ସମସ୍ତ
Jātiya anusthāna ବ୍ୟକ୍ତିଙ୍କର ମଙ୍ଗଳକର ସାଧାରଣ କାର୍ଯ୍ୟ—A natioanl institution; institution beneficial to all the members of a society.

୧	ଇ	ଉ	ର୍,ର୍‌	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଙ୍କ	ଇପ୍ସ	ଂ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	

ଜାତୀୟ କାର୍ଯ୍ୟ—ଦେ. ବ—ଜାତୀୟ ଅନୁଷ୍ଠାନ (ଦେଖ)
Jātiya kārjya Jātiya anusthāna (See)

ଜାତୀୟ ପାଣ୍ଠି—ଦେ. ବ—ଜାତିବିଶେଷର ସାଧାରଣ ହିତକର କାର୍ଯ୍ୟରେ
Jātiya pānthi ବ୍ୟୟିତ ହେବା ନିମନ୍ତେ ସେହି ଜାତିର ବ୍ୟକ୍ତିମାନଙ୍କ ସମବେତ ଉଦ୍ୟମରେ ସଂଗୃହୀତ ଧନରାଶି—A national fund; the coffers of a nation.

ଜାତୀୟ ଫଣ୍ଡ୍—ଦେ. ବ—ଜାତୀୟ ପାଣ୍ଠି (ଦେଖ)
Jātiya phand Jātiya pānthi (See)

ଜାତୀୟ ବିଦ୍ୟାଳୟ—ଦେ. ବ—ଆଧୁନିକ ଭାରତରେ ପ୍ରତିଷ୍ଠିତ ପ୍ରାଚ୍ୟ
Jātiya bidyālaya ସ୍ୱଜାତୀୟ ଶିକ୍ଷା ଦିଆଯିବା ବିଦ୍ୟାଳୟ; ଜାତିବିଶେଷର ଆକାଙ୍କ୍ଷାପୂରଣ ନିମନ୍ତେ ପ୍ରତିଷ୍ଠିତ ବିଦ୍ୟାଳୟ—National school.

ଜାତୀୟ ବିଧାନ—ସଂ. ବ—ଜାତୀୟ ବିଧି (ଦେଖ)
Jātiya bidhāna Jātiya bidhi (See)

ଜାତୀୟ ବିଧି—ସଂ. ବ—୧ । ଅନ୍ତର୍ଜାତୀୟ ନିୟମ—
Jātiya bidhi 1. International Law.
୨ । ଜାତିବିଶେଷର ନିର୍ଦ୍ଦିଷ୍ଟ ବିଧି—2. The rules for the guidance of all the members of a particular community or nation.

ଜାତୀୟ ସ୍ୱଭାବ—ସଂ. ବ—ଏକଜାତୀୟ ବ୍ୟକ୍ତି ବା ଜୀବଙ୍କର ବିଶିଷ୍ଟ
Jātiya swabhāba ପ୍ରକୃତି—National traits or characteristics; caste-ways.

ଜାତୀଲତା—ସଂ. ବ. (ଜାତୀ+ଲତା)—ଜାଇଫଳ ଗଛ—
Jāti-latā The nutmeg tree.

ଜାତୀଶ୍ୱର—ସଂ. ବ. (୬ଷ୍ଠୀତତ୍; ଜାତି+ଈଶ୍ୱର)—
Jātiśwara ୧ । ଜାତି-ଶ୍ରେଷ୍ଠ ବ୍ୟକ୍ତି—
1. A man of high caste.
୨ । ଜାତିର ପ୍ରଭୁ ବା ମୁଖ୍ୟବ୍ୟକ୍ତି—2. The headman of a particular caste.
୩ । ବ୍ରାହ୍ମଣ—3. A Brāhmana.

ଜାତୁ—ସଂ. ଅ. (ଜୈ ଧାତୁ=କ୍ଷୀଣ ହେବା+କର୍ତ୍ତୃ. ତୁ)—
Jātu ୧ । (ସମ୍ଭାବନାସୂଚକ) କଦାଚିତ୍—
1. Ever; at any time.
୨ । (ନିଷେଧାର୍ଥକ) ନାଁ—2. No.
୩ । (ନିନ୍ଦାସୂଚକ) ଛି—3. (interjection indicating blame) Fie !

ଜାତୁକର୍ଣ୍ଣ—ସଂ. ବ. ପୁଂ—ମୁନିବିଶେଷ—
Jatu-karnna Name of a sage.
(ଜାତୂକର୍ଣ୍ଣ—ଅନ୍ୟରୂପ) [ଦ୍ର—ଏ ଗୋଟିଏ ଉପସ୍ମୃତି ରଚନା କରିଥିଲେ । ହରିବଂଶ ଅନୁସାରେ ଅଷ୍ଟାବିଂଶ ଦ୍ୱାପରଯୁଗରେ ଏହାଙ୍କର ଜନ୍ମ ହୋଇଥିଲା (ହି. ଶବ୍ଦସାଗର) ।]

ଜାତୁକର୍ଣ୍ଣୀ—ସଂ. ବି. ସ୍ତ୍ରୀ—୧ । କବି ଭବଭୂତିଙ୍କ ମାତା—
Jātu-karnni Name of the mother of the Sanskrit poet Bhababhūti.
୨ । କବି ଭବଭୂତିଙ୍କ ପିତା (ହି. ଶବ୍ଦସାଗର)—
2. Name of the father of Bhababhūti.

ଜାତୁଜ—ସଂ. ବି. (ଜାତୁ=କଦାଚିତ୍+ଜନ୍ ଧାତୁ+ଅ)—
Jātuja ଗର୍ଭବତୀ ସ୍ତ୍ରୀର ଇଚ୍ଛା; ଦୋହଦ (ହି ଶବ୍ଦସାଗର)—
The longing of a pregnant woman.

ଜାତୁଧାନ—ସଂ. ବି. (ବହୁବ୍ରୀହି; ଜାତୁ=କଦାଚିତ୍+ଧାନ=ସଦ୍-
Jātu-dhāna ବିଧାନ, ଯେ କଦାଚିତ୍ ସଦ୍‌ବିଧାନ ଅନୁସରଣ କରେ ଅର୍ଥାତ୍ ଯେ ସଦ୍‌ବିଧାନ ଅନୁସରଣ କରେ ନାହିଁ)—ରାକ୍ଷସ; ଅସୁର—Demon; evil spirit; a goblin; Rākshasa.

ଜାତୁମାତୁ—ଗ୍ରା. (ପ୍ରାଚୀନପଦ୍ୟ) ବି—ଜାତିକୁଳ (ଦେଖ)
Jātu mātu Jāti-kula (See)
କସ ଜାତୁମାତୁ ତାର କସ ଅଛଅନ୍ତି । ପ୍ରାଚୀ. ବୃନ୍ଦାବନଭୁଷଣଗୀତା ।

ଜାତୁଷ—ସଂ. ବଣ. (ଜତୁ+ବିକାର ଅର୍ଥରେ. ଅ; 'ଷ' ଆଗମ)—
Jātusha ଜତୁନିର୍ମିତ—Made of lac.

ଜାତୂ—ସଂ. ବ—ବଜ୍ର (ହି. ଶବ୍ଦସାଗର)—
Jātū Thunder.

ଜାତେଷ୍ଟି—ସଂ. ବ. (୬ଷ୍ଠୀ ତତ୍; ଜାତ+ଇଷ୍ଟି=ଯାଗ)—ଜାତ-
Jāteshti କର୍ମ ସଂସ୍କାର; ସନ୍ତାନ ଜନ୍ମ ହେଲେ ପିତାଙ୍କ ଅନୁଷ୍ଠେୟ ଯାଗାଦି କର୍ମ—Rites and ceremonies performed by the father on the birth of a son.

ଜାତୋକ୍ଷ—ସଂ. ବ—ବାଛୁରି ଅବସ୍ଥାରୁ ଧରି ଯାଇଥିବା ବଳଦ (ହି. ଶବ୍ଦସାଗର)—Bullock which was cas-
Jātoksha trated while it was a calf.

ଜାତ୍ୟ—ସଂ. ବଣ. (ଜାତି+ସାଧୁ ଅର୍ଥରେ. ଯ)—
Jātya ୧ । ସୁଜାତ; କୁଳୀନ—
1. Of noble birth; well-born.
୨ । ଆନନ୍ଦଜନକ—2. Pleasing.
୩ । ପ୍ରଧାନ; ଶ୍ରେଷ୍ଠ—3. Chief; principal.
୪ । ସୁନ୍ଦର—4. Beautiful.
୫ । ସମକୋଣୀ (କ୍ଷେତ୍ର)—
5. Rectangular; right-angled (figure).
(ଯଥା—ଜାତ୍ୟବାହୁ, ଜାତ୍ୟଚତୁର୍ଭୁଜ ।)

ଜାତ୍ୟଂଶ—ଦେ. ବ. (ସଂ. ଜାତି+ଅଂଶ)—୧ । ବ୍ୟକ୍ତିବିଶେଷରେ
Jātyamśa କୁଳ ବା ଜାତିସମ୍ବନ୍ଧୀୟ ଅବସ୍ଥିତି—
1. Position according to a person's caste.
(ଯଥା—ସେ ଆପଣଙ୍କଠାରୁ ଜାତ୍ୟଂଶରେ ହୀନ ନୁହେଁ ମାତ୍ର ନିର୍ଦ୍ଧନ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଉକ୍ତ ଚିହ୍ନର ବ୍ୟାଘାତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ'କୁ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଖି ନ ପାଇଲେ 'ଆଖି' ଦେଖିବେ; 'ଅଲବତ'ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବଂଶ; କୁଳ; ଗୋତ୍ର—2. Family.

୩ । ଉପଜାତି; ଜାତିମଧ୍ୟସ୍ଥ ବିଭାଗ—3. Sub-caste.

ଜାତ୍ୟ ଚତୁର୍ଭୁଜ—ସଂ. ବି—ଯେଉଁ ଚତୁର୍ଭୁଜର କୋଣମାନ **ସମକୋଣ**—
Jātya chaturbhuja   Rectangle; square.

ଜାତ୍ୟ ତ୍ରିଭୁଜ—ସଂ. ବି.—ସମକୋଣୀ ତ୍ରିଭୁଜ—
Jātya tribhuja   Right-angled triangle.

ଜାତ୍ୟନ୍ତର—ସଂ. ବି. (କର୍ମଧାରୟ; ଅନ୍ୟ+ଜାତି; 'ଅନ୍ୟ' ଶବ୍ଦ ସ୍ଥାନରେ
Jātyantara   'ଅନ୍ତର' ଆଦେଶ ହୁଏ ।)—ଅନ୍ୟ ଜାତି—
A different caste.

ଜାତ୍ୟନ୍ତରଗ୍ରହଣ—ସଂ. ବି. (ଆଧୁନିକ)—ନିଜର ଜାତି, ସମାଜ ବା ଧର୍ମ
Jātyantara-grahaṇa   ଛାଡ଼ି ଅନ୍ୟ ଜାତି ବା ଧର୍ମ ଗ୍ରହଣ
କରିବା—Assuming a religion or caste other than one's own.

ଜାତ୍ୟନ୍ଧ—ସଂ. ବିଣ. ପୁଂ. (୭ମୀ ତତ୍; ଜାତି=ଜନ୍ମ+ଅନ୍ଧ)—
Jātyandha   ଜନ୍ମାନ୍ଧ; ଜନ୍ମ ସମୟରୁ ଅନ୍ଧ—
(ଜାତ୍ୟନ୍ଧା—ସ୍ତ୍ରୀ)   Born blind.

ଜାତ୍ୟଭିମାନ—ସଂ. ବି. (୬ଷ୍ଠୀ ତତ୍; ଜାତି+ଅଭିମାନ)—
Jātyabhimāna   ୧ । ଉଚ୍ଚ ଜାତିରେ ଜନ୍ମ ହେବା ହେତୁ
ଅହଙ୍କାର; କୌଳୀନ୍ୟଗର୍ବ—1. Pride of high birth; pride of caste.

୨ । ନିଜର ଜାତି ପ୍ରତି ସ୍ନେହ—2. Attachment to one's own nation.

ଜାତ୍ୟାସନ—ସଂ. ବି.—ତାନ୍ତ୍ରିକମାନଙ୍କର ଆସନବିଶେଷ—
Jātyāsana   A posture practised in tantric exercise.

[ଦ୍ର—ଏଥିରେ ସାଧକ ହାତ ଓ ଗୋଡ଼କୁ ଭୂମିରେ ଲଗାଇ ଗତି କରେ । ଏ ଆସନରେ ସିଦ୍ଧିଲାଭ କରିବା ବ୍ୟକ୍ତି ପୂର୍ବଜନ୍ମର ବିଷୟମାନ ଜାଣି ପାରେ । ହି. ଶବ୍ଦସାଗର ।]

ଜାଦା—ବୈଦେ. ବି. ପୁଂ (ଫା —ପୁତ୍ର—
Jādā   Son.
(ଜାଦୀ—ସ୍ତ୍ରୀ)   [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ;
জাদা   ଯଥା—ହାରାମଜାଦା, ହାରାମଜାଦୀ, ସାହାଜାଦା, ସାହାଜାଦୀ,
जादा   ନବାବ୍‌ଜାଦା, ସାହେବଜାଦା ଇତ୍ୟାଦି ।]

ଜାଦୁ—ଦେ. ବି. (ସଂ. ଦଦ୍ରୁ)—ଦାଦୁ (ଦେଖ)
Jādu.   Dādu (See)

ଜାଦୁ—
دادو   ବୈଦେ. ବି. (ଫା; ତୁଳ. ପ୍ରାଚୀନ ସଂ. ଜାତୁ, ଜାତୁ ବିଦ୍ୟା—
دادو   ଯୋଗେଶଚନ୍ଦ୍ର)—୧ । କୁହୁକ; ଭେଲ୍କି; ମାୟା, ଇନ୍ଦ୍ରଜାଲ;
জাদু   ଭୌତିକ ବିଦ୍ୟା—1. Magic; sorcery.
जादु   ୨ । ବଶୀକରଣ ଆଦି ତାନ୍ତ୍ରିକ ବିଦ୍ୟା—2. Mystic charm or enchantment.

ଜାଦୁଆ—ଦେ. ବିଣ. ପୁଂ.—ଦାଦୁଆ (ଦେଖ)
Jāduā   Dāduā (See)
(ଜାଦେଇ, ଜାଦୋଇ—ସ୍ତ୍ରୀ)

ଜାଦୁକର—ବୈଦେ. ବି. (ଫା. ଜାଦୁଗର)—ଐନ୍ଦ୍ରଜାଲିକ; କୁହୁକୀ—
Jādukara   Magician; sorcerer; a diviner.
জাদুকর   କିବା ଏହା ଜାଦୁକର ଜାଦୁକ୍ରିୟା । ଉକାସ. ରତ୍ନମାଳୀ ।
जादुगर

ଜାଦୁକରି—ବୈଦେ. ବି. (ଫା. ଜାଦୁଗରୀ)—ଭୋଜବାଜି; କୁହୁକ—
Jādukari   Magic; sorcery.
জাদুকরি
जादुगरि

ଜାଦୁ କରିବା—ଦେ. କ୍ରି.—୧ । କୁହୁକ କରିବା—
Jādu karibā   1. To employ charm.
জাদু করা   ୨ । ମନ୍ତ୍ରାଦି ପ୍ରୟୋଗ କରି ବଶ କରିବା—
जादु करना   2. To enchant.

ଜାଦୁଖାଇ—ଦେ. ବି.—ଦାଦୁଖାଇ (ଦେଖ)
Jādu-khāī   Dādu-khāī (See)

ଜାଦୁଗର—ବୈଦେ. ବି. (ଫା)—ଜାଦୁକର (ଦେଖ)
Jādugara   Jādukara (See)

ଜାଦୁଗରି—ବୈଦେ. ବି. (ଫା)—ଜାଦୁକରି (ଦେଖ)
Jādugari   Jādukari (See)
(ଜାଦୁଗିରି—ଅନ୍ୟରୂପ)

ଜାଦୁଘର—ଦେ. ବି. (ଫା. ଜାଦୁ+ସଂ. ଗୃହ; ଯେଉଁ ଘରର ଅଦ୍ଭୁତ
Jādu-ghara   ପଦାର୍ଥସମୂହ ଦର୍ଶକର ମନକୁ ମୁଗ୍ଧ କରେ)—
জাদুঘর   ପ୍ରାକୃତିକ ଓ ଶିଳ୍ପବିଜ୍ଞାନ ଜାତ ପଦାର୍ଥସମୂହ ସଂଗୃହୀତ
अजायबघर; जादुघर   ହୋଇ ରଖା ଯାଇଥିବା ସ୍ଥାନ; କୌତୁକାଗାର—Museum.

[ଦ୍ର—ଆଧୁନିକ ବଡ଼ବଡ଼ ନଗରମାନଙ୍କରେ ବିଚିତ୍ର ବସ୍ତୁବହୁଳ ଜାଦୁଘରମାନ ଅଛି । ଭାରତବର୍ଷରେ କଲିକତାର ଜାଦୁଘର ପ୍ରଧାନ ।]

ଜାଦୁବିଦ୍ୟା—ଦେ. ବି. (ଫା. ଜାଦୁ+ସଂ. ବିଦ୍ୟା)—୧ । ଭୋଜବାଜି—
Jādu-bidyā   1. Magic; sorcery.
জাদুবিদ্যা   ୨ । ବଶୀକରଣ ବିଦ୍ୟା—
जादुविद्या   2. Charm; enchantment.

ଜାଦୁମଲମ—ଦେ. ବି—ଦାଦୁମଲମ (ଦେଖ)
Jādu-malama   Dādu-malama (See)

ଜାଦୁରା—ଦେ. ବିଣ. ପୁଂ—ଦାଦୁରା (ଦେଖ)
Jādurā   Dādurā (See)
(ଜାଦୁରୀ—ସ୍ତ୍ରୀ)

ଜାନ୍—ବୈଦେ. ବି. (ଫା; ତୁଳ. ସଂ. ଜୀବନ) ୧ । ଜୀବନ—
Jān   1. Life.
জান   ୨ । ପ୍ରାଣବାୟୁ; ଦମ୍—2. Breath of life.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଏ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଙ୍ଗ	ହ୍ମ

जान ୩ । ଆତ୍ମା—3. Soul.
୪ । କୌଣସି ରାଗର ପ୍ରଧାନ ସ୍ୱର—
4. The chief tune of a musical air.
ପ୍ରାଦେ. (ସମ୍ବଲପୁର) ବି—ଦହି କରିବା ପାଇଁ ଦୁଧରେ ପକାଇବା ମହି—The small quantity of curd put into milk in order to turn it into curd.

ଜାନ୍ ଖାଇବା—ଦେ. କ୍ରି—୧ । ଅତି ବିରକ୍ତ ବା ବ୍ୟତିବ୍ୟସ୍ତ କରିବା—
Jān khāibā 1. To tease or bother much.
জান খাওয়া ୨ । ବାରଂବାର ଜିଦ୍ କରିବା—
जान खाना 2. To importune.

ଜାନ୍ ଦେବା—ଦେ. କ୍ରି—୧ । କୌଣସି କାର୍ଯ୍ୟରେ ଜୀବନ ସମର୍ପଣ
Jān debā କରିବା—1. To dedicate or offer one's life to a work.
জান দেওয়া
जान देना ୨ । ପ୍ରାଣତ୍ୟାଗ କରିବା—
2. To die; to give up one's life.

ଜାନ୍ ନେବା—ଦେ. କ୍ରି—୧ । ପ୍ରାଣରେ ମାରିବା—
Jān nebā 1. To kill.
জান লওয়া ୨ । ଜାନ୍ ଖାଇବା (ଦେଖ)
जान लेना 2. Jān khāibā (See)

ଜାନ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଜ୍ଞା ଧାତୁ)—ଜାଣିବା—
Jān-bā To know.
ବିଣ—୧ । ଜାଣିବାର; ବିଜ୍ଞ; ଜ୍ଞାନୀ—
Wise; intelligent.

ଜାନ୍‌ବାର—ପ୍ରାଦେ. (ସମ୍ବଲପୁର) ବିଣ—ଜାନ୍‌ବା (ଦେଖ)
Jān-bār Jānbā (See)

ଜାନ୍ ବିତା(ତେ)ଇବା—ଦେ. କ୍ରି. (ଫା. ଜାନ୍+ସଂ. ବ୍ୟତୀତ)—ଜୀବନ
Jān bitā(te)ibā କଟାଇବା—To pass or spend one's life.
জান বিতান
जान बिताना

ଜାନ୍‌ଲା—ବୈଦେ. ବି. (ପର୍ତ୍ତୁଗୀଜ୍. ଜାନେଲା; ମୂଳ. ସଂ. ଜାଲାନ୍ତର)—
Jānlā ଝରକା; ଗବାକ୍ଷ—Window.
জানলা
झरोका

ଜାନକୀ—ସଂ ବି. ସ୍ତ୍ରୀ. (ଜନକ+ଅପତ୍ୟାର୍ଥରେ ଅ+ସ୍ତ୍ରୀ. ଈ)—
Jānaki ସୀତା; ଜନକନନ୍ଦିନୀ—Sitā, the foster daughter of Janaka.

ଜାନକୀନାଥ—ସଂ. ବି. (୬ଷ୍ଠୀ ତତ୍; ଜାନକୀ+ନାଥ)—ରାମଚନ୍ଦ୍ର—
Jānaki-nāthā A name of Rāmachandra.
(ଜାନକୀଜୀବନ; ଜାନକୀରମଣ—ଅନ୍ୟରୂପ)

ଜାନତ୍—ଦେ. ବିଣ (ସଂ. ଜ୍ଞାତ)—ଜ୍ଞାତ; ସୁପରିଚିତ—
Jānat Well-known.
জানৎ

ଜାନପଦ—ସଂ. ବିଣ. (ଜନପଦ+ସମ୍ବନ୍ଧାର୍ଥରେ ବା ଭବାର୍ଥରେ ଅ)—
Jānapada ୧ । ଜନପଦ ସମ୍ବନ୍ଧୀୟ—1. Rural.
୨ । ଜନପଦଜାତ; ଗ୍ରାମ୍ୟ—2. Rustic.
୩ । ନଗର ସମ୍ବନ୍ଧୀୟ—3. Pertaining to a city.
ସଂ. ବି. (+ସ୍ୱାର୍ଥେ ଅ)—୧ । ଜନପଦ; ଗ୍ରାମ; ଦେଶ—
1. Country; inhabited tract of country.
୨ । ନାଗରିକ—2. Citizen.
୩ । ଦେଶୁଆଲୋକ; ମଫସ୍ୱଲବାସିନ୍ଦା—
3. Country-people; a rustic.
୪ । କର; ମାଲଗୁଜାରୀ (ହି. ଶବ୍ଦସାଗର)—
4. Revenue; rent.
୫ । (ହିନ୍ଦୁ ସ୍ମୃତି) ପ୍ରଜାବର୍ଗଙ୍କ ମଧ୍ୟରେ ପରସ୍ପର ବ୍ୟବହାର ସମ୍ବନ୍ଧରେ ଲେଖାଯିବା ଦଲିଲର ଏକ ଶ୍ରେଣୀ (ହି. ଶବ୍ଦସାଗର)—5. (Hindu Law) A class of documents written in respect of the mutual dealings between the subjects.
[ଦ୍ର—ଏହା ଦୁଇ ପ୍ରକାର, ଯାହା ପକ୍ଷମାନେ ନିଜ ହାତରେ ଲେଖନ୍ତି ସେଥିରେ ସାକ୍ଷୀ ପଡ଼ିବା ଦରକାର ହୁଏ ନାହିଁ, ଯାହା କିରାଣିମାନେ ଲେଖିଥାଏ ସେଥିରେ ସାକ୍ଷୀ ପଡ଼ନ୍ତି ।]
ଦେ. ବି—ଉତ୍କଳର ସ୍ୱାଧୀନ ରାଜାଙ୍କ ଅମଳରେ ଗ୍ରାମଶାସନ ପାଇଁ ଗଠିତ ଗ୍ରାମପଞ୍ଚ ବା ସଭା—
Village-panchayet fomed during the rule of the independent kings of Orissa.

ଜାନପଦୀ—ସଂ. ବି. ସ୍ତ୍ରୀ. (ଜନପଦ+ଅ+ସ୍ତ୍ରୀ. ଈ)—
Jānapadi ୧ । ବୃତ୍ତି (ହି. ଶବ୍ଦସାଗର)—1. Occupation.
୨ । ଅପ୍ସରାବିଶେଷ—
2. Name of a heavenly nymph.
[ଦ୍ର—ଏହାକୁ ଇନ୍ଦ୍ର ଶରଦ୍ୱାନ୍ ଋଷିଙ୍କ ତପସ୍ୟା ଭଙ୍ଗ କରିବାକୁ ପଠାଇଥିଲେ; ମହର୍ଷି ମୋହିତ ହୋଇ ତାଙ୍କର ଶୁକ୍ରପାତ ହେଲା । ସେହି ଶୁକ୍ରରୁ କୃପ ଓ କୃପୀ ଜନ୍ମିଲେ (ହି. ଶବ୍ଦସାଗର) ।]

ଜାନବେ—ବୈଦେ. ଅ. (ଫା. ଜାନିବ୍) (କଚେରୀଆ ଭାଷା) (କୌଣସି
Jānabe ବ୍ୟକ୍ତି) ତରଫରୁ (ପ୍ରତିନିଧିରୂପେ ସ୍ୱାକ୍ଷର କରିବା);
তরফ ପକ୍ଷରୁ; ଅନ୍ୟର ପ୍ରତିନିଧି ସ୍ୱରୂପ—On behalf of (a
जानीब, तरफ person); as a representative of.
[ଦ୍ର—ଏଥିର ସାଙ୍କେତିକ ଚିହ୍ନ 'ଜା' କିମ୍ବା 'ଜ୍ନା' । କେହି ବ୍ୟକ୍ତି ଅନ୍ୟଲୋକ ପକ୍ଷରୁ ଦଲିଲଆଦିରେ ଦସ୍ତଖତ କଲେ ସ୍ୱାକ୍ଷରକାରୀ ପ୍ରତିନିଧି ଅସଲବ୍ୟକ୍ତିର ନାମ ପୂର୍ବରେ ଏହି ସାଙ୍କେତିକ ଚିହ୍ନ ବ୍ୟବହାର କରିଥାଏ; ଯଥା—ଲୋକନାଥ ମିଶ୍ର (ସ୍ୱାକ୍ଷରକାରୀ) 'ଜା' ହରିହରମିଶ୍ର (ଅସଲବ୍ୟକ୍ତି) ।]

ସାଧାରଣ ଲେକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଭ' ନ ମିଳିଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କ' ନ ପାଇଲେ 'ଅଳଙ୍କ' ଦେଖିବେ।

ଜାନା—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ଓଡ଼ିଆ. ଜେନା)—
Jānā ଶୂଦ୍ର ମାନଙ୍କର ବଂଶୋପାଧିବିଶେଷ —
Family-title of a class of Sudras.

ଜାନାନା—ବୈଦେ. ବି ଓ ବିଣ. (ଫା.)—ଜନାନା (ଦେଖ)
Jānānā Janānā (See)

ଜାନାଲ—ବୈଦେ. (ଶକ୍ତି)—ଜାନ୍‌ଲା (ଦେଖ)
Jānāla Jān-lā (See)

ଜାନି—ସଂ. ବିଣ. (ବହୁବ୍ରୀହି ସମାସରେ 'ଜାୟା' ଶବ୍ଦ ସ୍ଥାନରେ 'ଜାନି'
Jāni ଆଦେଶ ହୁଏ)—ସ୍ତ୍ରୀ; ଭାର୍ଯ୍ୟା (ହି ଶବ୍ଦସାଗର)—
Wife.
(ଯଥା—ଯୁବଜାନି, ସୀତାଜାନି, ସ୍ୱକାବଶ୍ୱବଶଜାନି ।)
[ଦ୍ର—ଏହା ସ୍ତ୍ରୀବାଚକ ଶବ୍ଦ ସଙ୍ଗେ ସମାସ ହୁଏ ।]

ଜାନୁ—ସଂ. ବି. (ଜନ ଧାତୁ=(ଗତି) ଜନ୍ମାଇବା+କର୍ତ୍ତୃ ଉ)—
Jānu ଉରୁସନ୍ଧି; ଆଣ୍ଠୁ—The knee.
ଦେ. ବି. (ପ୍ରାଚୀନ ପଦ୍ୟ) (ଫା. ଜାନୁ=ଜଙ୍ଘ; ହି. ଶବ୍ଦସାଗର)—
ଜଙ୍ଘ—Thigh.
ଅଣ୍ଟୁରୁ ଲଙ୍ଗପଦ୍ମ ଯାଏ
ଜାନୁ ଏ ବେନ ଭାଳ ହୁଏ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ଜାନୁଅର—ବୈଦେ. ବି. (ଫା)—ଜାନୁଆର (ଦେଖ)
Jānuar Jānuār (See)

ଜାନୁଆର—ବୈଦେ. ବି. (ଫା. ଜାନ୍‌ବର=ଜୀବନ)—
Jānuār ୧ । ଜୀବ; ଜନ୍ତୁ; ପ୍ରାଣୀ—1. Animal.
जानोयार ୨ । ପଶୁ—2. Beast; brute.
जानवर ୩ । ପଶୁବତ୍ ମୂର୍ଖ ଓ ବିବେକହୀନ ବ୍ୟକ୍ତି—
3. A poor thing; a stupid person.
ଜଣା ଗଲେସେ ଅଦମି ଜାନୁଆର ହୋ ଯାଦା ହେ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଜାନୁଆରି—ବୈଦେ. ବି. (ଇଂ)—ଇଂରାଜି ବର୍ଷର ପ୍ରଥମ ମାସ—
Jānuāri January.
জানুয়ারী
जनवरी
(ଜାନୁଏରି, ଜାନୁୟାରି, ଜନୋରି—ଅନ୍ୟରୂପ)

ଜାନୁଗତି—ସଂ. ବି. (ଜାନୁ ଦ୍ୱାରା ଗତି; ଜାନୁ+ଗତି)—
Jānu-gati ଆଣ୍ଠେଇବା; ଆଣ୍ଠୁରେ ଭର ଦେଇ ଚାଲିବା; ହାମୁଡ଼େଇବା; ଘେଡ଼ୁମେଇବା--Crawling; moving by the knees.

ଜାନୁଘଣ୍ଟ—ଦେ. ବି. (ନାମ)—ସତ୍ୟଯୁଗର ରାଜଚକ୍ରବର୍ତ୍ତିବିଶେଷ—
Jānu-ghanta Name of an ancient king of the golden age of Hindu mythology.
[ଦ୍ର—ସତ୍ୟଯୁଗରେ ୬ ଜଣ ଚକ୍ରବର୍ତ୍ତୀ ରାଜା ହୋଇଥିଲେ, ଯଥା—ବଳି, ବେଣ, ମାନ୍ଧାତା, ପୁରୁରବାଃ, ଜାନୁଘଣ୍ଟ ଓ ପରଶୁରାମ । ଉକ୍ତ ଜାନୁଘଣ୍ଟ ଜାନୁରେ ଘଣ୍ଟା ବାନ୍ଧିଥିଲେ । ମାଦଳାପାଞ୍ଜିରେ ଏହାଙ୍କର ନାମୋଲ୍ଲେଖ ଅଛି । କିନ୍ତୁ ସଂସ୍କୃତ ଗ୍ରନ୍ଥମାନଙ୍କରେ ଜାନୁଘଣ୍ଟ ପରିବର୍ତ୍ତରେ ଧୁନ୍ଧୁମାର ନାମ ଉଲ୍ଲେଖ ଅଛି ଓ ପରଶୁରାମଙ୍କ ପରିବର୍ତ୍ତରେ କାର୍ତ୍ତବୀର୍ଯ୍ୟଙ୍କ ନାମ ଲେଖାଅଛି ।]

ଜାନୁଜଂଘ—ଦେ. ବି. (ସତ୍ପୁରୁଷ)—ଗୋଡ଼ର ଆଣ୍ଠୁଠାରୁ ପିଚ୍ଛ ପର୍ଯ୍ୟନ୍ତ
Jānu-jamgha ଅଂଶ—The part of the leg between the knee and the buttock.

ଜାନୁପାଣି—ସଂ. ବି.—ଘୋଡ଼ୁମେଇ ଚାଲିବା; ଆଣ୍ଠୋଇ ଚାଲିବା
Jānu-pāni (ହି. ଶବ୍ଦସାଗର)—Crawling.

ଜାନୁ-ଯଉବନ—ଦେ. ବି. (ସଂ. ଜାନୁ ଯୌବନ)—(ଯୁବତୀର) ଜାନୁ ଓ
Jānu-jaubana ଅନ୍ୟ ଅବୟବମାନଙ୍କରେ ଯୌବନ ଯୋଗୁଁ ପ୍ରକଟିତ ଲକ୍ଷଣାଦି—Robust thigh and other indications of youth of a woman.
ଲୁଣ୍ଠୁଣୁ ହୋଇ ଗାଧୋଇ ପାଧୋଇ କହୁରୁ ଅସୁଛ ଗୋସ
ଜାନୁ ଯଉବନ ସବୁ ଦିଶୁଅଛ ସରୁ ଲୁଗା ପୁନ୍ତି କରି—ଭଜ ।

ଜାନେଲା—ବୈଦେ. ବି (ପର୍ତ୍ତୁ)—ଜାନ୍‌ଲା (ଦେଖ)
Jānelā Jān-lā (See)

ଜାପ—ସଂ. ବି. (ଜପ୍ ଧାତୁ+ଭାବ. ଅ)—
Jāpa ୧ । ଜପ; ମନ୍ତ୍ର ଜପିବା—1. Muttering of prayer or esoteric formulas with the help of a bead.
୨ । (+କର୍ତ୍ତୃ. ଅ) ମନ୍ତ୍ରଜପକାରୀ ବ୍ୟକ୍ତି—
2. A mutterer of mantras.
ଦେ. ବି. (ସଂ. ଗ୍ରସ)—୧ । ବାହୁ, ହାତ ବା ଦାନ୍ତ ଦ୍ୱାରା
जापटा କୌଣସି ବସ୍ତୁକୁ ଧରିଥିବା ଅବସ୍ଥାରେ ଉକ୍ତ ବ୍ୟକ୍ତି ଅଜ୍ଞାନ
दाब, जकड़ ହୋଇଗଲେ ହାତର ମୁଠା ବା ଦାନ୍ତ ପ୍ରଭୃତି ନ ଫିଟିବା; ଖାଙ୍କୁଳ; ଜାବ—1. The jamming of the hand or arms or fist round a thing held or clenched tightly, due to the holder becoming unconscious; tightened grip of the arms or fingers.
୨ । ରୋଗ ଯୋଗୁଁ ଦାନ୍ତର ଖାଙ୍କୁଳ ପଡ଼ିଯିବା—
2. Lock-jaw.

ଜାପକ—ସଂ. ବିଣ. ପୁଂ. (ଜପ୍ ଧାତୁ+କର୍ତ୍ତୃ. ଅକ)—
Jāpaka ଯେ ଜପ କରେ—Counting on the beads;
(ଜାପିକା—ସ୍ତ୍ରୀ) given to incessant muttering of prayers.

ଜାପଟ—ପ୍ରାଦେ. ବି. (କଟକ)—ଗଦା ହୋଇଥିବା ଧାନ ଉପରେ ଦିଆଯିବା ମୁଦ୍ରା ବା ମୁଦ—Seal or mark affixed to a heap of paddy-grains.

‘	ଇ	ଉ	ର୍,ରୂ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ତ୍ର	ଉଅ	ଯ୍ଯ
୨	ଈ	ଊ	ରୁ	ଲୁ	ଯ୍ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଡ଼	ନ୍

ଜାପଟି ଧରିବା—ଦେ. କ୍ରି—ଦୃଢ଼ଭାବରେ ଧରିବା—
Jāpaṭi dharibā To grasp or embrace tightly; to hold fast.
ଚେପେ ଧରା
जकड़ना

ଜାପଟିବା—ଦେ. କ୍ରି—ଜାକୁଡ଼ିବା; ଦୃଢ଼ଭାବରେ ଧରିବା—
Jāpaṭibā To hold tightly.
চাপা
जकड़ना

ଜାପନ—ସଂ. ବି. (ଜପ୍ ଧାତୁ ଣିଚ=ଜାପି ଧାତୁ+ଭାବ. ଅନ)—
Jāpana ୧ । ମନା କରିବା; ନାମଞ୍ଜୁର କରିବା—
1. Rejection; declining.
୨ । ପ୍ରତ୍ୟାଖ୍ୟାନ—2. Disavowal.
୩ । ନିବର୍ତ୍ତନ—3. Turning back; cessation.
୪ । ନିଷ୍ପାଦନ—4. Finishing; accomplishment; completion.

ଜାପାନ୍—ବୈଦେ. ବି. (ନାମ) (ଇଂ)—ଚୀନ ଓ ରୁଷିଆର ପୂର୍ବରେ
Jāpān ପ୍ରଶାନ୍ତ ମହାସାଗରରେ ଥିବା ଦ୍ୱୀପପୁଞ୍ଜ ସମ୍ବଳିତ ରାଜ୍ୟ—
জাপান Japan.
जापान [ଦ୍ର—ଏ ଦ୍ୱୀପର ଅଧିବାସୀମାନେ ଗତ ୨୦୦ ବର୍ଷ ମଧ୍ୟରେ ଅଧୁନିକ ଜଗତରେ ଗୋଟିଏ ପରାକ୍ରମଶାଳୀ ସଭ୍ୟ ଜାତି ବୋଲି ଗଣ୍ୟ ହୋଇଅଛନ୍ତି । କ୍ୟୁସ୍ୟୁ, ସିକୋକୁ, ହୋଣ୍ଡୋ ଓ ୟେଜୋ ଏହି ଚାରି ଗୋଟି ଦ୍ୱୀପ ଯଥାକ୍ରମେ ଦକ୍ଷିଣରୁ ଉତ୍ତରକୁ ବିସ୍ତୃତ ହୋଇ ଜାପାନ ଦ୍ୱୀପପୁଞ୍ଜ ସୃଷ୍ଟି କରିଅଛି । ଏହାର ରାଜଧାନୀ ଟୋକିଓ । ଜାପାନୀ ଭାଷାରେ ଏ ଦ୍ୱୀପପୁଞ୍ଜର ନାମ ନିପନ୍ । ଏହାର ଅଧିବାସୀମାନେ ବୌଦ୍ଧ ।]

ଜାପାନ୍ ପାଲିଶ୍—ବୈଦେ. ବି. (ଇଂ. ଜାପାନ୍+ପଲିସ୍)—
Jāpān pālis ଏକ ପ୍ରକାର କଳା ରଙ୍ଗର ବାର୍ଣ୍ଣିସ୍—
জাপান পালিস Japan varnish.
जापान पालिश
(ଜାପାନ୍ ବାର୍ଣ୍ଣିସ୍—ଅନ୍ୟରୂପ)

ଜାପାନୀ—ଦେ. ବିଣ—୧ । ଜାପାନ ଦେଶୀୟ—
Jāpāni 1. Produced in or belonging to Japan; Japanese.
জাপানী
जापानी ୨ । ଜାପାନରେ ବାସ କରୁଥିବା (ବ୍ୟକ୍ତି)—
2. Inhabiting Japan.
ଦେ. ବି—ଜାପାନର ଅଧିବାସୀ ବ୍ୟକ୍ତି—A Jap or Japanese.

ଜାପିବା—ଦେ. କ୍ରି. (ସଂ. ଚୃପ)—ଚୁପିବା; ଚପିବା—
Jāpibā To press; to squeeze.
চাপা
चिपटना

ଜାଫ୍ରାନ୍—ବୈଦେ. ବି. (ଅ)—ଜାଫରାନ୍ (ଦେଖ)
Jāf-rān Jāfarān (See)
(ଜାଫ୍ରାନ୍ କେଶର—ଅନ୍ୟରୂପ)

ଜାଫ୍ରାଣୀ—ବୈଦେ. ବିଣ. (ଅ)—ଜାଫ୍ରାନ୍‌ର ରଙ୍ଗଯୁକ୍ତ; ନାଲିମିଶା ହଳଦିଆ—Saffron-coloured.
Jāf-rāni

ଜାଫ୍ରି—ବୈଦେ. ବି. (ଉର୍ଦ୍ଦୁ. ଜାଫ୍ରୀ)—
Jāph-ri କାଠ, ବେତ ବା ବାଉଁଶ ପାତିଆରେ ବୁଣା ହୋଇଥିବା
জাফরী ଚତୁଷ୍କୋଣିଆ ସଚ୍ଛିଦ୍ର ଜାଲି—Lattice-work of
झंझरी, जाली wood cane or bamboo.

ଜାଫ୍ରି ବାଡ଼—ଦେ. ବି—ଜାଫ୍ରି ନିର୍ମିତ ବାଡ଼—
Jāf-ri bārda Latticed fencing.
জাফরীবেড়া
जाफरी

ଜାଫରଲି (ଇତ୍ୟାଦି)—ବୈଦେ. ବି. (ଉର୍ଦ୍ଦୁ)—
Jāfar li (etc) ଜାଫ୍ରି ଇତ୍ୟାଦି (ଦେଖ)
Jāfri etc. (See)

ଜାଫରାନ୍—ବୈଦେ. ବି. (ଅ. ଜାଫ୍ରାନ୍; ଭୂଲ. ଇଟାଲୀୟ
Jāfarān ଜାଫ୍ରେରାନୋ)—କୁଙ୍କୁମ; ପାରସ୍ୟ ଓ କାଶ୍ମୀର
জাফ্রান দେଶୀୟ ଶାକବିଶେଷରେ ପୁଷ୍ପ ମଧ୍ୟସ୍ଥ ଗର୍ଭକେଶର—
केशर, जाफ्रान Saffron; Crocus Sativus.
[ଦ୍ର—ଏହା କାଣ୍ଡୀରଜାତ ବାର୍ଷିକ ଶାକ ଗୁଳ୍ମ । ଏହା ପ୍ରଥମେ ଦକ୍ଷିଣ ଇଉରୋପରୁ ଆନୀତ ହୋଇଥିଲା । ଏଥିର ପୁଷ୍ପକେଶର ଖାଦ୍ୟରେ ମସଲା ରୂପେ ଓ ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ଏଥିର ବର୍ଣ୍ଣ ନାଲିମିଶା ହଳଦିଆ ।]

ଜାଫରାନ୍ କେଶର—ଦେ. ବି—ଜାଫରାନ୍ (ଦେଖ)
Jāfarān kesara Jāfrān (See)

ଜାଫ୍ରେଲି (ଇତ୍ୟାଦି)—ବୈଦେ. ବି. (ଉର୍ଦ୍ଦୁ)—
Jāphreli (etc.) ଜାଫ୍ରି ଇତ୍ୟାଦି (ଦେଖ)
Jāph-ri etc. (See)

ଜାବ—ଦେ. ବି.—ଜାପ (ଦେଖ)
Jāba Jāpā (See)

ଜାବଟ—ଦେ. ବି. (ନାମ)—ବୃନ୍ଦାବନ ନିକଟସ୍ଥ ଗ୍ରାମବିଶେଷ—
Jābaṭa Name of a village near Brundābana in the district of Muttra.
ଅବନ୍ତୀ, ଗୋକୁଳ ଜାବଟରେ,
ରହି କନ୍ୟାଗଣେ ଗୋକୁଳ ସମ୍ପଦେ ବୃଦ୍ଧ କଳ୍ପତରୁ ତଳରେ ।
ଅଭିମନ୍ୟୁ ବଧଗ୍ରନ୍ଥ ଚିନ୍ତାମଣି ।
[ଦ୍ର—ଏଠାରେ ରାଧିକାଙ୍କର ପିତା ରାଜା ବୃଷଭାନୁଙ୍କ ବାସସ୍ଥାନ ଥିଲା ।]

ଜାବର୍ଡ଼—ଦେ. ବିଣ. (ଫା. ଜବ୍‌ର)—୧ । ଦୃଢ଼—
Jābarḍa 1. Tight.
୨ । ଘନ—2. Dense.
ଦେ. ବି.—(ସଂ. ଜବ) ଦ୍ରୁତବେଗ—
Swift motion or velocity.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଵୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜାବଡ଼ା—ଦେ. ବ. (ସଂ. ଚପେଟ)—୧ । ଘୁସ୍‌ଡ଼ା—
Jābardā 1. Slap.
जाबड़ा ୨ । ଦୃଢ଼ଭାବରେ ଧରିବା—
चपत 2. Holding tightly.

ଜାବଡ଼ି ଧରିବା—ଦେ. କ୍ରି.—ଖୁବ୍ ଚାପି କରି ଧରିବା—
Jābardi dharibā To hold with a firm grip.
चपेटधरना
जकड़ना

ଜାବତା—ବୈଦେ. ବ. (ଫା. ଜାବ୍‌ତା, ଜାପ୍ତା=ଆଇନ୍, ନିୟମ)—
Jābatā ୧ । ରାଜବିଧି; ଆଇନ୍; ନିୟମ—
जाबेता 1. Law; rule.
ज़ाबता ୨ । କାଇଦା; ଦୃଢ଼ ନିୟମ—
2. Strict rule.
୩ । ନିୟମାଧୀନତା—3. Discipline.
୪ । ଆୟତ୍ତ; ଅଧିକାର—
4. Control; mastery; restraint.
ଦେ. ବିଣ.—୧ । ଆଇନସଙ୍ଗତ; ଆଇନର ରୀତି ଅନୁଯାୟୀ—
1. Legal; according to legal formalities.
୨ । ରୀତିମତ—2. Regular.
ପ୍ରାଦେ. (ଗଞ୍ଜାମ) ବ. (କଚେରୀ)—ତାଲିକା—
List; schedule.

ଜାବତା କରିବା—ଦେ. କ୍ରି.—୧ । କାଇଦା କରିବା—
Jābatā karibā 1. To lay down hard and fast rules.
୨ । ଶାସନ କରିବା; ଗାଳି ଦେବା—
2. To censure; to pass strictures.

ଜାବତା ନକଲ—ବୈଦେ. ବ.—(ଅ.) (ଅଦାଲତଙ୍କ ନିୟମାନୁସାରେ
Jābatā nakala ପ୍ରସ୍ତୁତ ନକଲ)—ଅଦାଲତଙ୍କ ସ୍ୱାକ୍ଷରିତ ବା
जाबेता नकल ମୋହରଯୁକ୍ତ ପ୍ରତିଲିପି; ସହିମୋହର ନକଲ—
ज़ाबता नक़ल Certified copy of a document.

ଜାବଡ଼ା—ପ୍ରାଦେ. (ସିଂହଭୂମ) ବିଣ—(ପାଣି) ଯାହା ପିଇଲେ ଖାଦ୍ୟ
Jābadā ଜୀର୍ଣ୍ଣ ହୁଏ ନାହିଁ; ଯାହା ଖାଦ୍ୟ ଜୀର୍ଣ୍ଣ କରିବାରେ ସାହାଯ୍ୟ କରେ ନାହିଁ—(water) Which is not favourable to digestion.

ଜାବ ପଡ଼ିବା—ଦେ. ବ.—କ୍ରୋଧ ବା ବାତାଦି ବେଗ ଯୋଗୁଁ ମୁଠାଇ
Jāba pardibā ଧରିଥିବା ବସ୍ତୁରୁ ଧରିବା ବ୍ୟକ୍ତିର ମୁଠା ନ ଫିଟିବା ଅବସ୍ଥା—Lock-jaw.

ଜାବା—ଦେ. ବ. (ନାମ)—ଜାଭା (ଦେଖ)
Jābā Jāvā (See)

ଜାବାଲ—ସଂ. ବ. (ଅଜ+ପାଲ; ନିପାତନ)—୧ । ଛେଳି ରଖୁଆଳ—
Jābāla 1. A goat-herd.
୨ । ଜାବାଲି (ଦେଖ)
2. Jābāli (See)
୩ । (ଜବାଲା+ଅପତ୍ୟାର୍ଥ. ଅ)—ଋଷିବିଶେଷ—
3. Name of a sage.
[ଦ୍ର—ଏ ଜବାଲାନାମ୍ନୀ ଋଷିପତ୍ନୀଙ୍କ ପୁତ୍ର ଥିଲେ । ଛାନ୍ଦୋଗ୍ୟ ଉପନିଷଦରେ ଲେଖାଅଛି ଯେ ଏ ଋଷିମାନଙ୍କଠାରୁ ବେଦଶିକ୍ଷା କରିବାକୁ ଯିବା ସମୟରେ ଋଷିମାନେ ତାଙ୍କୁ ତାଙ୍କ ପିତାଙ୍କ ନାମ ପଚାରିଲେ; ଏ ତାହା ଜାଣି ନ ଥିବାରୁ ଯାଇ ମାତାଙ୍କୁ ପଚାରିଲେ । ମାତା କହିଲେ ମୁଁ ଯୌବନରେ ବହୁପୁରୁଷ ସଙ୍ଗମ କରିଥିଲି; ତୁମ୍ଭେ କାହା ଔରସ ମୁଁ କହିପାରିବି ନାହିଁ । ଏ ଫେରିଯାଇ ଋଷିଙ୍କୁ ସେହି କଥା କହିଲେ । ଋଷି ଏହାଙ୍କ ସତ୍ୟବାଦିତାରେ ସନ୍ତୁଷ୍ଟ ହୋଇ ଏହାଙ୍କ ଉପନୟନ କର୍ମ କଲେ । ଏହାଙ୍କର ଅନ୍ୟନାମ ସତ୍ୟକାମ—(ହି. ଶବ୍ଦସାଗର) ।]

ଜାବାଲି—ସଂ. ବି. ପୁଂ. (ନାମ)—୧ । ଋଷିବିଶେଷ—
Jābāli 1. Name of a sage.
[ଦ୍ର—ଜାବାଲି କଶ୍ୟପବଂଶୀୟ ଥିଲେ । ଏ ଦଶରଥଙ୍କ ଗୁରୁ ଓ ଜଣେ ମନ୍ତ୍ରୀ ଥିଲେ । ରାମଚନ୍ଦ୍ରଙ୍କ ବନବାସ ସମୟରେ ଏ ଚିତ୍ରକୂଟକୁ ଯାଇ ବନରୁ ପ୍ରତ୍ୟାଗମନ କରିବାକୁ ରାମଚନ୍ଦ୍ରଙ୍କୁ ବୁଝାଇଲେ, କିନ୍ତୁ ଅକୃତକାର୍ଯ୍ୟ ହେଲେ । ଏହାଙ୍କ ଉପଦେଶରେ ଚାର୍ବାକ ମତର ଆଭାସ ଦେଖାଯାଏ—ହି. ଶବ୍ଦସାଗର ।]
୨ । ସଂହିତାକାର ଋଷିବିଶେଷ—2. Name of the author of a treatise on Hindu law.
୩ । ଛାଗପୋଷକାରୀ; ଛାଗବ୍ୟବସାୟୀ; ଜାବାଲ—
3 A person who rears goats for a living.

ଜାବିତା (ଇତ୍ୟାଦି)—ବୈଦେ. ବ. (ଫା. ଜାବ୍‌ତା)—
Jābitā (etc) ଜାବତା ଇତ୍ୟାଦି (ଦେଖ)
Jābatā etc. (See)

ଜାବିତା ମାଫିକେ—ଦେ. କ୍ରି. ବିଣ—ଠିକଣା ମୁତାବକ; ଉଚିତମତେ—
Jābitā māphike Duly; properly.

ଜାବୁଡ଼ା—ଦେ. ବ—ଜାବଡ଼ା (ଦେଖ)
Jāburdā Jābardā (See)

ଜାବୁଡ଼ା ଜାବୁଡ଼ି—ଦେ. ବ—ଦୃଢ଼ଭାବରେ ପରସ୍ପର ଧରାଧରି ହେବା—
Jāburdā jāburdi Mutual tight embracing.
जापटा जापटि

ଜାବୁଡ଼ି ଧରିବା—ଦେ. କ୍ରି—ଜାବୁଡ଼ିବା (ଦେଖ)
Jāburdi dharibā Jāburdibā (See)

ଜାବୁଡ଼ିବା—ଦେ. କ୍ରି—ଦୃଢ଼ଭାବରେ ଧରିବା—To grasp or
Jāburdibā embrace tightly; to hold fast.
जापटाना
जकड़ना

୧	ଇ	ଉ	ରୃ,ର୍ୃ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍	ଉଅ	ଘ
୨	ଈ	ଊ	ରୂ	ଲ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ୍ୟ	ଇଅ	ଝ	ନ୍

ଜାବେତା (ଇତ୍ୟାଦି)—ବୈଦେ. ବ. (ଫା)—ଜାବତା ଇତ୍ୟାଦି (ଦେଖ)
Jābetā (etc) Jābatā etc. (See)
(ଜାବେଦା—ଅନ୍ୟରୂପ)

ଜାବୋଡ଼ା—ଦେ. ବ—ଜାବଡ଼ା (ଦେଖ)
Jāborḍā Jābarḍā (See)

ଜାବୋଡ଼ିବା—ଦେ. କ୍ରି—ଜାବୁଡ଼ିବା (ଦେଖ)
Jāborḍibā Jāburḍibā (See)

ଜାମ୍—ବୈଦେ. ବ. (କାଠିଆବାଡ଼)—ପଶ୍ଚିମଭାରତ ଓ କାଠିଆବାଡ଼ ଅଞ୍ଚଳର ରାଜାମାନଙ୍କ ଉପାଧିବିଶେଷ; ନବନଗରର ରାଜାଙ୍କ ଉପାଧି; ଜାମ୍ ସାହେବ୍—1. The title of some Ruling chiefs in W. India.
Jām
ଜାମ
२ । (ଇଂ) (କଳକି ଖାଇ) ଦୁଇଟି ବସ୍ତୁ ପରସ୍ପର ସହିତ ଦୃଢ଼ଭାବରେ ଲାଗିଯିବା—2. Jamming or tightly fitting to each other.
जाम
୩ । ଗୁଡ଼ମିଶ୍ରିତ ଚଟଣୀ; ମୁରବା—3. Jam.
(ଯଥା—ଅମୃତଭଣ୍ଡା ଫଳକୁ ଚଉଡ଼ା ଚଉଡ଼ା କରି ଚିନି ପାଗ କରି ଚିନିପାଗରେ ଏହାକୁ ସିଝାଇ ଜାମ୍ ପ୍ରସ୍ତୁତ ହୁଏ ।]
୪ । (ରେଳବେ କାର୍ଯ୍ୟ କରୁଥିବା ଲୋକଙ୍କ ବ୍ୟବହୃତ)—ସ୍ଲିପର ଉପରେ ଯେଉଁ ଲମ୍ବ ଲୁହା କାଠ ଆବଦ୍ଧ ଥାଏ ଓ ଯାହା ଉପରେ ରେଳଗାଡ଼ିର ଚକ ଚଳେ—
4. Iron railway-plates.

ଜାମ୍ ଖାଇବା—ଦେ. କ୍ରି—ଦୁଇଟି ପଦାର୍ଥ ପରସ୍ପର ସହିତ ଦୃଢ଼ଭାବରେ ଲାଗିଯିବା—To become jammed together.
Jām-khāibā
জাম খাওয়া
जाम खाना

ଜାମ୍ଚି—ଦେ. ବ—ଜାମୋଚ୍ (ଦେଖ)
Jām-chi Jamoch [Haines] (See)

ଜାମ୍ଦାନ୍—ବୈଦେ. ବ. (ଫା)—ଜାମ୍ଦାନୀ (ଦେଖ)
Jām-dān Jām-dānī (See)

ଜାମ୍ଦାନୀ—ବୈଦେ. ବ. (ଫା. ଜାମହ୍‌ଦାନୀ)—୧ । ବୁଣାହେବା ବେଳେ ସୂକ୍ଷ୍ମ ସୂକ୍ଷ୍ମ ରଙ୍ଗ ଓ କାରୁକାର୍ଯ୍ୟ ଥିବା ସୂତା ଲୁଗା—
Jām-dānī 1. Figured net-cloth.
জামদানী
जामदानी
୨ । ତନ୍ତରେ ବୁଣା ହେବା ବେଳେ ଫୁଲ ପକାଥିବା ଲୁଗା—2. A stuff of exquisite flower-work on netting; figured cloth.

ଜାମ୍ରୁଲ୍—ବୈଦେ. ବି. (ଇଂ. ଜାମ୍ବୋଲାନା; ମୂଳ. ସଂ. ଜମ୍ବୁ)—ଜମ୍ବୁଜାତି ବର୍ଗର ଉଦ୍ୟାନଜାତ ଫଳତରୁବିଶେଷ—Eugenia Alba.
Jām-rul
জামরুল
जमरूद
[ଦ୍ର—ଏ ଗଛ ପ୍ରଥମେ ମାଳଦ୍ୱୀପରୁ ଭାରତକୁ ଆଣାଯାଇଥିଲା । ଏହା ବର୍ଷା ଋତୁରେ ଫଳ ଧରେ; ଫଳ ଧଳା ଓ ମସୃଣ । ଏହାକୁ ଖାଇଲେ ଏଥିରୁ ସୁସ୍ୱାଦୁ ରସ ବାହାରେ ।]
(ଜାମ୍ରୋଲ୍—ଅନ୍ୟରୂପ)

ଜାମ୍ସେଦ୍‌ଜୀ ଟାଟା—ଦେ. ବ. (ନାମ)—ବମ୍ବେ ଅଞ୍ଚଳର ଜଗଦ୍‌ବିଖ୍ୟାତ ସ୍ୱର୍ଗୀୟ ପାର୍ସୀ ବଣିକ—Sir Jāmsedjee Tata; the late Parsi capitalist of Bombay.
Jāmsed-ji ṭāṭā
জামসেদজী তাতা
मसेठजी टाटा
[ଦ୍ର—ଏ ସିଂହଭୂମ ଅନ୍ତର୍ଗତ କାଳମାଟି ନାମକ ନଗରରେ ପ୍ରତିଷ୍ଠିତ ଲୌହକାରଖାନାର ସ୍ୱତ୍ୱାଧିକାରୀ ଓ ପ୍ରତିଷ୍ଠାତା । ତାଙ୍କ ନାମାନୁସାରେ ଏହି ନଗରର ନାମ ଜାମସେଦ୍‌ପୁର ବା ଟାଟା-ନଗର ହୋଇଅଛି ।]

ଜାମ—ପ୍ରାଦେ.—୧ । (ଘୁମୁସର ଅଞ୍ଚଳ) ବ.—ପିଜୁଳି ଗଛ ଓ ଫଳ—
Jāma 1. Guava.
୨ । (ଗଞ୍ଜାମ ଓ ସିଂହଭୂମ ମୂଳ. ବ. ଜାମ; ହି. ଜାମୁନ୍)—ବ.—ଜାମୁ (ଦେଖ)
2. Jāmu (See)

ଜାମଦଗ୍ନେୟ—ସଂ. ବ. ପୁଂ (ଜମଦଗ୍ନି + ଅପତ୍ୟାର୍ଥରେ ଏୟ)—
Jāmadagneya (ଜମଦଗ୍ନିଙ୍କ ପୁତ୍ର) ପରଶୁରାମ-Paraśurāma, the son of Jamadagni.

ଜାମଦଗ୍ନ୍ୟ—ସଂ. ବି. ପୁଂ. (ଜମଦଗ୍ନି + ଅପତ୍ୟାର୍ଥରେ ଯ)—
Jāmadagnya ଜାମଦଗ୍ନେୟ (ଦେଖ)
Jāmadagneya (See)

ଜାମଲ—ସଂ. ବି—ତନ୍ତ୍ରବିଶେଷ—A class of Tantra or esoteric treatise.
Jāmala
(ଯଥା – ରୁଦ୍ରଜାମଳ ।)

ଜାମା—ସଂ. ବ. (ଜମ୍ ଧାତୁ = ଖାଇବା + କର୍ତ୍ତୃ. ଅ + ସ୍ତ୍ରୀ. ଆ)—
Jāmā ୧ । କନ୍ୟା; ଝିଅ—1. Daughter.
୨ । ପୁତ୍ରବଧୂ; ବୋହୂ—
2. A daughter in-law.

जामा ବୈଦେ. ବ. (ଫା. ଜାମା = ବସ୍ତ୍ର; ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବା କୁର୍ତ୍ତା ବା
जामा ଚପକନ)—କୁର୍ତ୍ତା ବା ଅଙ୍ଗା—Coat; frock.
ସାତ ଦିନ ଜାମା ଦେହରେ ନ ଥିଲେ ପାଙ୍ଗରେ ନ ଛୁଏ କହି ।
ଉପେନ୍ଦ୍ର—ସାଅନ୍ତରିଆ ବାହା ।

ଜାମାତା—ସଂ. ବ. ପୁଂ (ଜାୟା = ସ୍ତ୍ରୀ + ମା ଧାତୁ = ପ୍ରତ୍ୟର୍ପଣ କରିବା + କର୍ତ୍ତୃ ତୃ; ୧ମା. ୧ବ)—୧ । ଜୁଆଇଁ; କନ୍ୟାର ସ୍ୱାମୀ—
Jāmātā 1. Son-in-law.
୨ । ସ୍ୱାମୀ—2. Husband.
୩ । ସୂର୍ଯ୍ୟମୁଖୀ ଫୁଲ—3. Sunflower. (Apte).
୪ । ପ୍ରଭୁ; ଖାମିନ୍ଦ—4. Lord; master (Apte).
୫ । (ଜ—ସୂର୍ଯ୍ୟ + ଆ + ମା ଧାତୁ = ମାପିବା + କରଣେ. ତୃ) ସୂର୍ଯ୍ୟର ପରିଧି—5. The orb or circumference of the sun.

ଜାମାତୃକ—ସଂ. ବ. ପୁଂ (ଜାମାତୃ + କ)—ଜାମାତା (ଦେଖ)
Jāmātṛuka Jāmātā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଖା' ନ ପାଇଲେ 'ଅଙ୍ଖା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜାମାଜମା—ଦେ. ବି. (ସହଚର, ଫା. ଜାମା+ଅନର୍ଥକ ୨ୟ ସହଚର
Jāmā-nimā ଜମା)—କୁରୁତା ଓ ପାଇଜାମା; କୋଟ୍ ପାଣ୍ଟ—
Coat and pant.

ପଞ୍ଚଥିବା ଜାମାଜମାଗୁଡ଼ିକ, ଗୁପତ ଅଙ୍ଗ ଢାଙ୍କିଲେ ଫଳକ ।
... କବିସୂର୍ଯ୍ୟ, କବିତା ।

ଜାମାଜୋଡ଼—ଦେ. ବି.—(ଫା. ଜାମା ଓ ସଂ. ଯୁଗ୍ମ)—୧ । କୁର୍ତ୍ତା ଓ
Jāmā-jorda ଜୋତା—1. Coat and shoes.
ଜାମାଜୋଡ଼ା ୨ । ମନୁଷ୍ୟ ପିନ୍ଧିଲା କୁରୁତା (ଜାମା) ଓ ଲୁଗା ଚାଦର
जामाजोड़ा (ଜୋଡ଼)—2. Coat and pair of cloths
(ଜାମାଜୋଡ଼ା—ଅନ୍ୟରୂପ) put on by a person.
୩ । ପୋଷାକ—3. Dress.
୪ । ପୋଷାକଦ୍ୱାରା ସଜ୍ଜା—4. Equipment.
ହୋମରାଚୋମରା ଦେ. ବିଣ.—କୁର୍ତ୍ତା ଓ ଜୋତାଦ୍ୱାରା ସୁସଜ୍ଜିତ;
ଲମ୍ବଶାଟପଟାବୃତ—Dressed from top to toe; dressed from head to foot.

ଜାମାରୁ—ବୈଦେ. ବି.(ତେ.?)—ସାଧା କିମ୍ବା ସରୁଧଡ଼ିଆ ପିନ୍ଧା ଲୁଗା—
Jāmāru Wearing cloth with small or no border.
ଜାମାରୁ ଜୋଡ଼—ଦେ. ବି.—ସାଧା କିମ୍ବା ସରୁଧଡ଼ିଆ ଲୁଗା ଓ ଚାଦର—
Jāmāru jorda A pair of cloths with small or no border.

ଜାମି—ସଂ. ବି. ସ୍ତ୍ରୀ. (ଜନ୍ ଧାତୁ=ଉତ୍ପନ୍ନ ହେବା+କର୍ତ୍ତୃ. ମି)—
Jāmi ୧ । ଭଗିନୀ; ଭଉଣୀ—1. Sister.
(ଜାମୀ—ଅନ୍ୟରୂପ) ୨ । ଦୁହିତା; ଝିଅ; କନ୍ୟା—
2. Daughter.
୩ । ପୁତ୍ରବଧୂ; ବୋହୂ—3. Daughter-in-law.
୪ । କୁଳବଧୂ; କୁଳକାମିନୀ—4. A respectable and virtuous lady; house-wife,
୫ । ପତିବ୍ରତା ସ୍ତ୍ରୀ—5. A chaste woman.
୬ । ଆପଣାର ଗୋତ୍ରୀୟା ବା ସମ୍ବନ୍ଧଯୁକ୍ତା ସ୍ତ୍ରୀ—
6. A woman related to one's self.
[ଦ୍ର—ସମ୍ଭବତଃ ଓଡ଼ିଶାର ରାଜପରିବାରମାନଙ୍କରେ କନ୍ୟାବାଚକ 'ଜେମା' ଶବ୍ଦ ଏହି ଶବ୍ଦର ଅପଭ୍ରଂଶ ।]
ପ୍ରାଦେ. (ଗଞ୍ଜାମ)—ବି.—ପିଜୁଳି; ଗୁହିଡ଼ିଆ—Guava.

ଜାମିତ୍ର—ସଂ. ବି. (ଜାମି=ସ୍ତ୍ରୀ+ତ୍ରୈ ଧାତୁ=ତ୍ରାଣ କରିବା+କର୍ତ୍ତୃ. ଅ;
Jāmitra ଏହି ଅର୍ଥରେ ମୂଳ. ଗ୍ରୀକ୍. ଡାଇଅମେଟ୍ରନ)—(ଫଳିତ
(ଯାମିତ୍ର—ଅନ୍ୟରୂପ) ଜ୍ୟୋତିଷ) ଲଗ୍ନର ସପ୍ତମ ସ୍ଥାନ—
(astrology) The 7th. house from one's natal sign.
[ଦ୍ର—ମତାନ୍ତରେ ଏହି ଶବ୍ଦ 'ଜାୟାମିତ୍ର' ଶବ୍ଦରୁ ଜାତ; କାରଣ ଲଗ୍ନର ୭ମ ସ୍ଥାନ ସ୍ତ୍ରୀର ଭାଗ୍ୟସୂଚନା କରେ ।]

ଜାମିତ୍ରବେଧ—ସଂ. ବି.—(ଫଳିତ ଜ୍ୟୋତିଷ) ପାପଗ୍ରହର ୭ମ ସ୍ଥାନରେ
Jāmitra-bedha ଚନ୍ଦ୍ରଙ୍କ ଅବସ୍ଥିତି ରୂପ ଅଶୁଭ ଯୋଗ—
(ଯାମିତ୍ରବେଧ—ଅନ୍ୟରୂପ) (astrology) The conjuction of the planet moon with the 7th. house of an inauspicious planet.
[ଦ୍ର—ଏ ଯୋଗରେ ବିବାହାଦି ଶୁଭକର୍ମ ନିଷିଦ୍ଧ; ଯେଉଁ ସମୟରେ ନକ୍ଷତ୍ରର ରାଶିଠାରୁ ୭ମ ରାଶିରେ ସୂର୍ଯ୍ୟ, ଶନି ବା ମଙ୍ଗଳ ଥାଆନ୍ତି ସେହି ସମୟରେ ଜାମିତ୍ରବେଧ ହୁଏ । କେତେକ ପଣ୍ଡିତଙ୍କ ମତରେ ଚନ୍ଦ୍ରର ୭ମ ସ୍ଥାନରେ ପାପ ଗ୍ରହ ଥିଲେ ଜାମିତ୍ରବେଧ ହୁଏ । କିନ୍ତୁ ଯେବେ ଚନ୍ଦ୍ର ଆପଣା ମୂଳତ୍ରିକୋଣରେ ବା କ୍ଷେତ୍ରରେ ବା ଶୁଭଗ୍ରହର କ୍ଷେତ୍ରରେ ଥାଆନ୍ତି କିମ୍ବା ପୂର୍ଣ୍ଣଚନ୍ଦ୍ର ଆପଣା କ୍ଷେତ୍ରରେ ବା ଶୁଭଗ୍ରହର କ୍ଷେତ୍ରରେ ଥାଆନ୍ତି ତେବେ ଜାମିତ୍ରବେଧରେ ଦୋଷ ରହେ ନାହିଁ । ହି. ଶବ୍ଦସାଗର]

ଜାମିନ୍—ବୈଦେ. ବି. (ଆ)—୧ । ପର ପାଇଁ ଦାୟିତ୍ୱ ଗ୍ରହଣ କରିବା
Jāmin ବ୍ୟକ୍ତି; ପ୍ରତିଭୂ—1. A surety; bail.
जामिन ୨ । ପ୍ରତିଭୂତ୍ୱ; ପରର ଋଣ ଆଦି ନିମନ୍ତେ ଦାୟିତ୍ୱ—
जामिन 2. Surety-ship.
୩ । ମୁଚଲିକା; ଅନ୍ୟର କାର୍ଯ୍ୟ ସକାଶେ ଦାୟୀ ହେବାର ଅଙ୍ଗୀକାର ପତ୍ର ବା ନିଦର୍ଶନ ପତ୍ର—
3. Surety–bond.
୪ । ପରର କର୍ମ ପାଇଁ ଦାୟୀ ରହିବା ନିମନ୍ତେ କୌଣସି ବ୍ୟକ୍ତି ନିଜର ଯେଉଁ ସମ୍ପତ୍ତିକୁ ଆବଦ୍ଧ ରଖେ ବା ଯେଉଁ ଅର୍ଥଦଣ୍ଡ ଦେବାକୁ ଅଙ୍ଗୀକାର କରେ—
4. Security in cash or property.
[ଦ୍ର—ଅଭିଯୁକ୍ତ ବ୍ୟକ୍ତି ନିର୍ଦ୍ଧାରିତ ତାରିଖରେ ଅଦାଲତରେ ହାଜର ହେବ (ହାଜର ଜାମିନ୍); କୌଣସି ବ୍ୟକ୍ତି ଭବିଷ୍ୟତରେ ଶାନ୍ତିଭଙ୍ଗ ନ କରିବ (ଫାଇଲ୍ ଜାମିନ୍) ଏଥିପାଇଁ ଅନ୍ୟ ଜଣେ ଲୋକ (ଜାମିନ୍‌ଦାର) କର୍ତ୍ତୃପକ୍ଷଙ୍କୁ ଗୋଟିଏ ଅଙ୍ଗୀକାରପତ୍ର (ଜାମିନ୍‌ନାମା) ଲେଖି ଦିଏ ଓ ଯେବେ ନିର୍ଦ୍ଧାରିତ କାର୍ଯ୍ୟମାନ ନିର୍ଦ୍ଧାରିତ ସମୟରେ କରା ନ ଯିବ ତେବେ ତହିଁର କ୍ଷତିପୂରଣ କରିବା ପାଇଁ ଜାମିନ୍‌ଦାର ବ୍ୟକ୍ତିଗତଭାବରେ ଦାୟୀ ହୁଏ (ଖାତିର ଜାମିନ୍) କିମ୍ବା ନିଜର ସମ୍ପତ୍ତିକୁ ଆବଦ୍ଧ ରଖେ (ସମ୍ପତ୍ତି ଜାମିନ୍), କିମ୍ବା ନଗଦ ଟଙ୍କା ଉପାର୍ଜିତ୍ କରେ (ନଗଦ ଜାମିନ୍) ।]
୫ । ଦୁଇ ଖଣ୍ଡ ଅଲଗା ବା ପୃଥକ୍ ବସ୍ତୁକୁ ଟାଣ କରିବା ପାଇଁ ତହିଁ ତଳେ ଜୋଡ଼ାଯିବା କାଠ ବା ଧାତୁର ଖଣ୍ଡ—
5. A bit of wood or metal put under two separate or weak bits.
୬ । ଆଶ୍ରୟ; ଠେକ—6. Prop; support.

୧	ଇ	ଉ	ର,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଗ୍ସ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ନ୍

ଜାମିନ୍ ଜବତ୍—ବୈଦେ. ବ. (ଅ. ଜାମିନ୍ ଓ ଫା. ଜପ୍ତ)—(ଯେଉଁ Jāmin jabat କାର୍ଯ୍ୟ ପାଇଁ ଜାମିନ୍‌ଦାର ଜାମିନ୍ ସମ୍ପତ୍ତିକୁ ଜାମିନଜବଽ ଆବଦ୍ଧ ରଖିଥାଏ ଉକ୍ତ) କାର୍ଯ୍ୟ ସାଧିତ ନ ହେଲେ जामिनजफत ଜାମିନ୍ ଦଣ୍ଡ ଯାଇଥିବା ଧନ ବା ସମ୍ପତ୍ତିର କ୍ରୋକଣ— Forfeiture of surety bond.

ଜାମିନ୍‌ଦାର—ବୈଦେ. ବ. (ଅ. ଜାମିନ୍ ଓ ଫା. ଦାର୍)—ପ୍ରତିଭୂ; Jāmin-dār ଯେ ଅନ୍ୟର ଋଣ ଆଦି ଦାୟିତ୍ୱ ସକାଶେ କଲେ ଜାମିନଦାର ଦାୟୀ ରହେ—Surety. जामिनदार

ଜାମିନ୍‌ଦାରି—ବୈଦେ. ବ. (ଫା)—ପ୍ରତିଭୂତ୍ୱ— Jāmin-dāri Suretyship. ଜାମିନଦାରୀ जामिनदारी

ଜାମିନ୍ ଦେବା—ଦେ. କ୍ରି—୧ । ଆପଣାର କାର୍ଯ୍ୟ ପାଇଁ ଦାୟୀ ହୋଇ Jāmin debā ଜାମିନ୍‌ନାମା (ଅଙ୍ଗୀକାରପତ୍ର) ଲେଖି ଦେବା ଜାମିନ ଦେଓୟା ନିମନ୍ତେ ଅନ୍ୟ ବ୍ୟକ୍ତିଙ୍କୁ ଉପସ୍ଥିତ କରାଇବା— जामिन देना 1. To furnish a security or surety.
୨ । ଜାମିନ୍ ହେବା (ଦେଖ)
2 Jāmin hebā (See)

ଜାମିନ୍ ନାମା—ବୈଦେ. ବ. (ଅ)—ମୁଚୁଲିକା; ପ୍ରତିଭୂର ସମ୍ପାଦିତ Jāmin-nāmā ଅଙ୍ଗୀକାରପତ୍ର—Surety bond. ଜାମିନନାମା जामिननामा

ଜାମିନ୍ ନେବା—ଦେ. କ୍ରି—ଉପସ୍ଥିତ ଅସାମୀର ଭବିଷ୍ୟତ କାର୍ଯ୍ୟ ବା Jāmin nebā ଦାୟିତ୍ୱ ନିମନ୍ତେ ଉପଯୁକ୍ତ ଓ ଯଥେଷ୍ଟ ଜାମିନ୍ ଜାମୀନ ଲଓୟା ଗ୍ରହଣ କରିବା—To accept surety or bail जामिन लेना for a person or accused.

ଜାମିନ୍ ଭତା—ଦେ. ବ—ଜାମିନ୍‌ଦାର ପର ପାଇଁ ଆପଣା ଉପରେ Jāmin bhatā ଯେଉଁ ଦାୟିତ୍ୱ ଗ୍ରହଣ କରିଥାଏ ସେଥିପାଇଁ ଜାମିନଭତ୍ତା ପରଠାରୁ ପାଇବା ପୁରସ୍କାର— जामिनभत्ता Allowance to a surety.
(ଜାମିନ୍‌ଭତ୍ତା—ଅନ୍ୟରୂପ)

ଜାମିନ୍ ହେବା—ଦେ. କ୍ରି—ଅନ୍ୟର କାର୍ଯ୍ୟ ପାଇଁ ଦାୟୀ ରହିବାର Jāmin hebā ଅଙ୍ଗୀକାର କରିବା—To stand surety for ଜାମିନ ହଓୟା another person. जामिन होना

ଗଛରେ ଚଢ଼ିଛ ମରିବା ପାଇଁ
ଜାମିନ ହୋଇଛ ଦେବା ପାଇଁ—ଭଗ ।

ଜାମିନି (ଇତ୍ୟାଦି)—ସ୍ତ୍ରୀ. ବୈଦେ. ବ. (ଅ)—ଜାମିନ୍ ଇତ୍ୟାଦି (ଦେଖ) Jāmini (etc) Jāmin etc. (See) ଜାମିନି ବୈଦେ. ଗୁଣ—ଜାମିନ୍ ସମ୍ବନ୍ଧୀୟ— जामिनि Relating to security.

ଜାମୁ—ଦେ. ବ. (ସଂ. ଜମ୍ବୁ)—୧ । ଫଳତରୁବିଶେଷ— Jāmu 1. Eugenia Jambolina; Blackberry.
ସଂ. ଜମ୍ବୁ, ମେଘମୋଦିନୀ, ଜମ୍ବୁଲ, ଜମ୍ବୁ, ରାଜଫଳା, ମହାସ୍କନ୍ଧା, ରାଜାର୍ହା, ରାଜଫଳା, ରାଜଜମ୍ବୁ, ସୁରଭିପତ୍ରା, ନୀଳଫଳା, ଶୁକପ୍ରିୟା, ଶ୍ୟାମଳା ଜାମ;କାଲାଜାମ जामन;जाम;जामुन ଲେ. ନେରୁଉ
[ଦ୍ର—ଏହା ଉଦ୍ୟାନଜାତ ନାତିଦୀର୍ଘ ତରୁ । ଏହା ଗ୍ରୀଷ୍ମପ୍ରଧାନ ଦେଶରେ ଜନ୍ମେ, ଓ ପତ୍ରଝଡ଼ା ହଏ ନାହିଁ—ଏଥିର ଫଳ ପାଚିଲେ ଘୋର ବାଇଁଗଣୀ କୃଷ୍ଣବର୍ଣ୍ଣ ହୁଏ । ପାଚିଲା କୋଳର ଶସ ନାଲି । ପାଚିଲା ଫଳ ଖାଇବାକୁ ଖଟା, ମିଠା ଓ କଷାଳିଆ ଲାଗେ ଓ ଜୀର୍ଣ୍ଣକର । ଏ ଗଛର କାଠ ଖୁବ୍ ଶକ୍ତ ଓ ପାଣିରେ ରହିଲେ ଶୀଘ୍ର ସଢ଼ିଯାଏ ନାହିଁ । ଜାମୁକାଠର ମଞ୍ଜ ପାଣ୍ଡୁରା । ପାଚିଲା ଜାମୁକୋଳର ରସରୁ ଜୀର୍ଣ୍ଣକାରକ ସିର୍କା ତିଆରି ହୁଏ । ଗୋଆରେ ଏ ରସରୁ ମଦ ତିଆରି ହୁଏ । କୋଳର ମଞ୍ଜି ବହୁମୂତ୍ର ରୋଗରେ ଉପକାରୀ । ବୌଦ୍ଧମାନେ ଯାମୁ ଗଛକୁ ପବିତ୍ର ଜ୍ଞାନ କରନ୍ତି । ବୈଦ୍ୟକ ମତରେ ଏ ଫଳ ସଂଗ୍ରାହୀ, ରୁକ୍ଷ ଓ ପିତ୍ତ ଏବଂ ଦାହ ଦୂର କରେ । ବଣ ଜାମୁ ଅପେକ୍ଷା ଉଦ୍ୟାନଜାତ ଜାମୁ କୋଳ ବେଶି ରୁଚିକର ଓ ବଡ଼ ।]
୨ । (ସଂ. କାକେନ୍ଦ୍ରୀ, କାକବଲ୍ଲଭା, ଭୃଙ୍ଗେଷ୍ଟା) ବଣଜାମୁ; କାକଜମ୍ବୁ—2. Ardisa Humilis.
[ଦ୍ର—ଏହାର ଗଛ ଜାମୁଗଛ ପରି ଡେଙ୍ଗା କିନ୍ତୁ ଫଳ ଅପେକ୍ଷାକୃତ ଛୋଟ ।]
ସଂ. ହ୍ରସ୍ୱଫଳା, ଭୃଙ୍ଗବଲ୍ଲଭା, ପିକଭକ୍ଷା ୩ । ଭୂଇଁଜାମୁ—1. A small-fruited variety of Blackberry.
[ଦ୍ର—ଏହା ଜାମୁଜାତୀୟ ଗୁଳ୍ମ; କିନ୍ତୁ ଫଳ ଅତି ଛୋଟ, କଣ୍ଟେଇକୋଳ ପରି ।]
୪ । ଗୋଲାପଜାମୁ—4. Rose-apple; roseberry.
[ଦ୍ର—ଏହାର ଫଳ ବଡ଼ ବଡ଼, ଗୋଲ ଓ ପୀତବର୍ଣ୍ଣ । ପାଚିଲା ଫଳ ଈଷତ୍ ମିଠା ଲାଗେ ।]

ଜାମୁକ—ଦେ. ବ—୧ । ବାଣୁଆମାନେ ବନ୍ଧୁକର ପାର୍ଶ୍ୱସ୍ଥ ଛିଦ୍ରରେ Jāmuki ନିଆଁ ଲଗାଇବା ପାଇଁ ଯେଉଁ ଦଉଡ଼ିରେ ନିଆଁ जामगी ରଖିଥାଆନ୍ତି; ଶଳିତା; ପଳିତା—1. A cord lighted with fire to ignite a match-lock; match of a gun.

ବାରତ ଗୁଳି ଗୁଳା ଘର ଘର
ଉକ୍ତକ ଜାମୁକ ନିଆଁ ପଥର—ବ୍ରଜନାଥ. ସମରତରଙ୍ଗ ।

୨ । ଝାଆଁସ୍ରା (ଦେଖ)
2. Jhā-ānrā (See)

ଜାମୁକ ନଳି—ଦେ. ବ—ଯେଉଁ ବନ୍ଧୁକର ପାର୍ଶ୍ୱସ୍ଥ ଛିଦ୍ରରେ ଶଳିତା Jāmuki nali (ଅଗ୍ନିଶଳାକା) ଦ୍ୱାରା ଅଗ୍ନି ପ୍ରୟୋଗ କରାଯାଏ— जामगीबंदुक Match-lock (gun).
(ଜାମୁକବନ୍ଧୁକ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କ୍ଷୁଧ' ନ ମିଳିଲେ 'କ୍ଷୁଧା' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ଜାମୁଡାଳ—ଦେ. ବି—ଜାମୁଗଛର ନାଲି କଅଁଳ ପତ୍ର ଓ ଶିଖାଯୁକ୍ତ ସାନ
Jāmu-ḍāḻi ଡାଳ—A small branch of Jāmu tree with red tender shoots and leaves attached to it.
[ଦ୍ର—ଏହାକୁ ପିଲାମାନେ ଓ ଅନାର୍ଯ୍ୟ ବନ୍ୟ ପୁରୁଷମାନେ ମୁଣ୍ଡର ପାଗ ଉପରେ ଓ ସ୍ତ୍ରୀମାନେ ଜୁଡ଼ାରେ ଖୋସନ୍ତି ।]

ଜାମୁଡାଳ ନାଚ—ଦେ. ବି—ଆଦିମ ଅଧିବାସୀଙ୍କ ମଧ୍ୟରେ ପ୍ରଚଳିତ
Jāmu-ḍāḻi nācha ନୃତ୍ୟବିଶେଷ—A kind of dancing performed by aborigines.

ଶବରୁଣୀଙ୍କର ଜାମୁଡାଳ ନାଚ, କେଳାର ହାବୁଡ଼ା ଖେଳ—
ନନ୍ଦକିଶୋର. ନର୍ତ୍ତକୀ ।

[ଦ୍ର—ଏଥିରେ ନାଚୁଣୀମାନେ ଜାମୁଡାଳ ହାତରେ ଧରି ବା ଜୁଡ଼ାରେ ଖୋସି ନାଚ କରନ୍ତି ।]

ଜାମୁରଧି—ପ୍ରାଦେ. (ସମ୍ବଲପୁର) ବି—କ୍ଷୁଦ୍ର ବୃକ୍ଷବିଶେଷ—
Jāmur-dhi Caseoria Graveolens.
चिल्ला

ଜାମୁଲ—ପ୍ରାଦେ. (ଅନୁଗୁଳ) ବି—କାଠମର୍ଦ୍ଦମର୍ଦ୍ଦି (ଦେଖ)
Jāmula Kāṭha-marḏmarḏi (See) (Haines)

ଜାମେୟ—ସଂ. ବି. ପୁଂ. (ଜାମି = ଭଗ୍ନୀ + ଅପତ୍ୟାର୍ଥରେ ଏୟ)—
Jāmeya ଭଣଜା—Sister's son.
(ଜାମେୟୀ—ସ୍ତ୍ରୀ)

ଜାମେୱାର୍—ବୈଦେ. ବି. (ଫା)—ସର୍ବାଙ୍ଗରେ ଫୁଲକାମ ବୁଣା
Jāmewār ହୋଇଥିବା ଏକପ୍ରକାର ଶାଲ୍—A shawl with flowers woven over it.
জামেয়ার
जमेवार

ଜାମୋଚ୍—ଦେ. ବି—ଗୁଳ୍ମବିଶେଷ—
Jāmoch Rhabeda Lycioides.
[ଦ୍ର—ଏହା ୨ ଫୁଟଠାରୁ ୭ ଫୁଟ ଉଚ୍ଚ ହୁଏ । ଏହାର ଡାଳ ଭାରି ଟେମଡ଼ା; ଫୁଲ ନାଲିଆ ଓ କୋଳ ନାରଙ୍ଗିବର୍ଣ୍ଣ । ଏହାର ବକଳାର ତନ୍ତୁରେ ଦଉଡ଼ି ହୁଏ । ଏହା ନଦୀର କଙ୍କରମୟ ଗର୍ଭରେ ଜନ୍ମେ ।]

ଜାମ୍ବ—ଗ୍ରା. ବି—ଜାମୁ (ଦେଖ)
Jāmba Jāmu (See)
জাম
जाम्ब

ଜାମ୍ବବ—ସଂ. ବି. (ଜମ୍ବୁ + ଫଳାର୍ଥେ. ଅ)—୧ । ଜାମୁକୋଳ—
Jāmbaba 1. Black-berry.
୨ । ଜାମ୍ବୁନଦ; ସୁନା—2. Gold.
୩ । ରାମାୟଣବର୍ଣ୍ଣିତ ଭାଲୁମାନଙ୍କ ରାଜା; ଜାମ୍ବବାନ୍—
3. Jāmbabān, the king of bears (mentioned in the Rāmāyaṇa).
୪ । ଜାମୁକୋଳରୁ ପ୍ରସ୍ତୁତ ମଦ—
4. Spirit distilled from backberries.

ଜାମ୍ବବତୀ—ସଂ. ବି—୧ । (ନାମ) (ଜାମ୍ବବତ୍ + ଅପତ୍ୟାର୍ଥରେ.
Jāmba-batī ଅ + ସ୍ତ୍ରୀ. ଈ)—ଶ୍ରୀକୃଷ୍ଣଙ୍କର ରାଣୀବିଶେଷ—
1. Name of a queen of Śrikṛushṇa.
[ଦ୍ର—ଶ୍ରୀକୃଷ୍ଣ ସ୍ୟମନ୍ତକ ମଣି ପାଇଁ ଏହାଙ୍କ ପିତା ଜାମ୍ବବାନ୍‌ଙ୍କ ସଙ୍ଗେ ଯୁଦ୍ଧ କରି ତାହାଙ୍କୁ ପରାସ୍ତ କରିବାରୁ ଜାମ୍ବବାନ୍ ସ୍ୟମନ୍ତକ ମଣି ସହିତ ଆପଣା କନ୍ୟା ଜାମ୍ବବତୀଙ୍କୁ ଶ୍ରୀକୃଷ୍ଣଙ୍କ ହସ୍ତରେ ଅର୍ପଣ କଲେ । ଜାମ୍ବବତୀଙ୍କ ଗର୍ଭରୁ 'ଶାମ୍ବ' ଜନ୍ମିଥିଲେ ।]
୨ । ନାଗଦମନୀ (ଦେଖ) (ହି. ଶବ୍ଦସାଗର)
2. Nāga-damanī (See)

ଜାମ୍ବବନ୍ତ—ଦେ. ବି—ଜାମ୍ବବାନ୍ (ଦେଖ)
Jāmba-banta Jāmbabān (See)

ଯୁବରାଜ ଅଙ୍ଗଦ ଭୁଲେ ହନୁମନ୍ତ
ନଳ ନୀଳ ସୁଷେଣ ତାର ଜାମ୍ବବନ୍ତ—କୃଷ୍ଣସିଂହ. ମହାଭାରତ. ବନ ।

ଜାମ୍ବବାନ୍—ସଂ. ବି. ପୁଂ. (ଜମ୍ବା + ବତ୍; ଜାମ୍ବବତ୍, ୧ମା. ୧ବ;
Jāmba-bān ଯାହାର ଶରୀରର ବର୍ଣ୍ଣ ଜାମୁ ପରି କଳା; ଜମ୍ବା ଜମ୍ବ = ଜାତୁଅ + ବତ୍; M. W.)—
୧ । ଋକ୍ଷରାଜ; ରାମାୟଣ ବର୍ଣ୍ଣିତ ଭଲ୍ଲୁକରାଜ—1. The king of bears (mentioned in the Rāmāyaṇa).
[ଦ୍ର—ଏ ବ୍ରହ୍ମାଙ୍କ ପୁତ୍ର ଓ ସୁଗ୍ରୀବଙ୍କ ମନ୍ତ୍ରୀ ଥିଲେ । ଏ ବୈଦ୍ୟଶାସ୍ତ୍ରରେ ବିଚକ୍ଷଣ ଥିଲେ । ହନୁମାନ୍ ଗନ୍ଧମାଦନ ପର୍ବତକୁ ଲଙ୍କାକୁ ବୋହି ଅଣିବାରୁ ଏ ସେଥିରୁ ଅମରମଞ୍ଜୁଷଧି ବାଛି ଲକ୍ଷ୍ମଣଙ୍କୁ ଦେଇ ତାହାଙ୍କୁ ଶକ୍ତିଭେଦରୁ ବଞ୍ଚାଇଥିଲେ ।].
୨ । ଶ୍ରୀକୃଷ୍ଣଙ୍କ ଶ୍ୱଶୁର; ଜାମ୍ବବତୀଙ୍କ ପିତା—
2. Father-in-law of Śrikṛushṇa.
[ଦ୍ର—ତ୍ରେତା ଯୁଗର ରାମାୟଣବର୍ଣ୍ଣିତ ଜାମ୍ବବାନ୍ ଓ ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ଶ୍ୱଶୁର ଜାମ୍ବବାନ୍ ଏକ ଥିବାର ପୁରାଣାଦିରେ ଅଛି । ଏ ସତ୍ୟ ଯୁଗରେ ବାମନାବତାର ବିଷ୍ଣୁଙ୍କ ପରିକ୍ରମା କରିଥିବାର ମଧ୍ୟ ଲେଖାଅଛି । ହି. ଶବ୍ଦସାଗର].

ଜାମ୍ବବି—ସଂ. ବି—ବଜ୍ର (ହି. ଶବ୍ଦସାଗର)—
Jāmbabi Thunder.

ଜାମ୍ବବୌଷ୍ଠ—ସଂ. ବି—ବ୍ରଣାଦିର ଚିକିତ୍ସାର୍ଥ ବ୍ୟବହୃତ ପ୍ରାଚୀନ ଭାରତର
Jāmbabauṣhṭha କ୍ଷୁଦ୍ର ଅସ୍ତ୍ର ବିଶେଷ (ହି. ଶବ୍ଦସାଗର)—
(ଜାମ୍ବୋଷ୍ଠ—ଅନ୍ୟରୂପ) A kind of small surgical instrument used to operate boils in ancient India.

ଜାମ୍ବୁ—ପ୍ରାଦେ. (ରାଏପୁର) ବି—ଗୋଲଳଅ; ପିଜୁଳି—
Jāmbu Guava.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଷ,ଷ	ଙ୍କ	ଇୟ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଊ	ନ୍

ଜାମ୍ବିଲ—ସଂ. ବି—ଅଣ୍ଠିଗଣ୍ଠିର ଚକି ହାଡ଼ (ହି. ଶବ୍ଦସାଗର)—
Jāmbila The round bone capping the knee-joint.

ଜାମ୍ବୁନଦ—ସଂ. ବିଣ. (ଜମ୍ବୁନଦୀ=ସୁମେରୁ ପର୍ବତୋଦ୍ଭୂତ ନଦୀବିଶେଷ +ଭବାର୍ଥେ. ଅ)—ଜମ୍ବୁ ନଦୀରୁ ଉତ୍ପନ୍ନ—
Jāmbu-nada Got from the river Jambu.
ସଂ. ବି—୧ । ସ୍ୱର୍ଣ୍ଣ; ସୁନା—1. Gold.
୨ । ଦୁଦୁରା ଗଛ ଓ ଫୁଲ—2. The thorn-apple plant and its flower.

ଜାମ୍ବୁବାନ୍—ସଂ. ବି. (ଜମ୍ବୁ+ବତ୍; ୧ମା. ୧ବ)—
Jāmbu-bān ଜାମ୍ବବାନ୍ (ଦେଖ)
(ଜାମ୍ବୁବାନ୍—ଅନ୍ୟରୂପ) Jāmbabān (See)

ଜାମ୍ବୁମାଳୀ—ସଂ. ବି. (ନାମ)—ହନୁମାନ୍ ରାବଣର ଅଶୋକ ବଣକୁ
Jāmbu-māli ଉଜାଡ଼ିବା ସମୟରେ ହନୁମାନ୍ ଦ୍ୱାରା ହତ ପ୍ରହସ୍ତ ନାମକ ଅସୁରର ପୁତ୍ର—Name of the son of demon Prahasta killed by Hanumān.

ଜାମ୍ବେବ—ଗ୍ରା ବି—ଜାମ୍ବବାନ୍; ଋକ୍ଷରାଜ—
Jāmbeba Jambubān, the mythological king of bears.

ଜାୟ୍—ବୈଜ. ବି. (ଫା. ଜାୟ୍=ସ୍ଥାନ; ଅ. ଜାୟଜ୍=ଉଚିତ; ଆଜବ୍)—୧ । ବିବରଣ; ହିସାବ—1. Account.
Jāy
ଜାୟ ୨ । ହିସାବର ବିବରଣ ବା ତାଲିକା; ଉପସିଲ—
जाय 2. List
୩ ହିସାବ କରିଯିବା କୌଣସି ବିଷୟରେ ସ୍ମାରକ ଚିହ୍ନ; ✓-
3. Tick mark.
୪. ଲିଖିତ ବିସ୍ତୃତ ବିବରଣ—4. Detailed account.
(ବିପରୀତ—ବେଜାୟ) ବିଣ· (ଅ. ଜାୟଜ୍=ଉଚିତ)—
ଜାୟ ୧ ଉତ୍ତମ—1. Good.
जायज ୨ ନ୍ୟାୟାନୁଗତ—2. Legal; lawful.
୩ ଉଚିତ—3. Proper.

ଜାୟକ—ସଂ. —ପୀତ ଚନ୍ଦନ (ହି. ଶବ୍ଦସାଗର)—
Jāyaka Yellow Sandal-wood.

ଜାୟଗା—ବୈଜ. ବି. (ଫା. ଜାୟ୍ଗାହ୍; ଜାୟ୍=ସ୍ଥାନ; ଗାହ୍ = ସ୍ଥାନ; ସହଚର ଶବ୍ଦଦ୍ୱୟ)—
Jāyagā
ଜାୟଗା ୧ । ସ୍ଥାନ—1. Place.
जगह ୨ । ଜମି; ଭୂମି—2. Land.
୩ ପରିସର; ଫାଙ୍କ—3. Space; room.
୪ ସୁଯୋଗ; ସୁବିଧା—4. Opportunity.
୫ ପାତ୍ର; ଆଧାର—5. Reservoir; container.
୬ ଆଶ୍ରୟସ୍ଥଳ—6. Place of refuge.
୭ ଖାଇ ବସିବା ନିମନ୍ତେ ପରିଷ୍କୃତ ସ୍ଥାନ—
7. A place made clean and ready for taking meal on it.
୮ । ଆବାସ ସ୍ଥଳ; ବସା—
8. Residence; lodgings.

ଜାୟଗିର (ଇତ୍ୟାଦି)—ବୈଦେ. ବି. (ଫା)—ଜାଗିର ଇତ୍ୟାଦି (ଦେଖ)
Jāyagir (etc) Jāgiri etc. (See)

ଜାୟଜାତ୍—ବୈଦେ. ବି. (ଫା. ଜାୟ୍‌ଦାଦ୍)—
Jāyajāt ୧ । ସମ୍ପତ୍ତି—1. Property.
ଜାୟଦାଦ ୨ । ଭୂସମ୍ପତ୍ତି—2. Landed property.
जायदाद्
ଜାୟଦାର୍ }
ଜାୟଦାଦ୍ } ଅନ୍ୟରୂପ

ଜାୟତ୍ରୀ—ଦେ ବି—ଜାଇତ୍ରୀ (ଦେଖ)
Jāyatri Jāyitri (See)

ଜାୟଦା—ବୈଦେ. ବିଣ. (ଅ)—ଜିଆଦା (ଦେଖ)
Jāyadā Jiādā (See)

ଜାୟଦାଦ୍—ବୈଦେ. ବି. (ଫା)—ଜାୟଜାତ୍ (ଦେଖ)
Jāyadād Jāyajāt (See)

ଜାୟନମାଜ୍—ବୈଦେ. ବି. (ଫା. ଜାୟ୍=ସ୍ଥାନ+ନମାଜ୍=
Jāya-namāj ମୁସଲମାନଙ୍କ ସ୍ତବ)—ଯେଉଁ କ୍ଷେତ୍ର ଆସନରେ ବସି
ଜାୟନମାଜ ମୁସଲମାନ୍‌ମାନେ ନମାଜ ପଢ଼ନ୍ତି—
जायनमाज Prayer-mat of Mahomedans.

ଜାୟବେଜାୟ—ବୈଦେ. ବିଣ. (ଅ. ଜାୟଜ୍ ଓ ବେଜାୟଜ୍; ବିପରୀତାର୍ଥ ସହଚର)—୧ । ନ୍ୟାୟ ଓ ଅନ୍ୟାୟ—
Jāya-bejāya
ଜାୟବେଜାୟ 1. Right and wrong.
जाबेजा ୨ । ଉତ୍ତମ ଓ ମଧ୍ୟମ—2. Good and bad.
୩ । ବକ୍ତବ୍ୟ ଏବଂ ଅବକ୍ତବ୍ୟ—
3. Speakable and unspeakable.
୪ । ଉଚିତ ଓ ଅନୁଚିତ—
4. Proper and improper.
ବି—ଉଚିତ ଓ ଅନୁଚିତ କର୍ମ—
Proper and improper acts.

ଜାୟମାନ—ସଂ. ବି. ପୁଂ. (ଜନ ଧାତୁ+କର୍ତ୍ତୃ. ଆନ)—ଉତ୍ପଦ୍ୟମାନ;
Jāyamāna ଯାହା ଜାତ ହେଉଅଛି—In the act of being produced.
(ଜାୟମାନା—ସ୍ତ୍ରୀ)

ଜାୟା—ସଂ. ବି. ସ୍ତ୍ରୀ. (ଜନ୍ ଧାତୁ+ଅଧିକରଣ. ଯ+ସ୍ତ୍ରୀ. ଆ; ଯାହା-
Jāyā ଠାରେ ମନୁଷ୍ୟ ଅପତ୍ୟରୂପେ ଜନ୍ମେ)—
୧ । ବିବାହିତା ସ୍ତ୍ରୀ; ଭାର୍ଯ୍ୟା; ପତ୍ନୀ—1. Wife.
[ଦ୍ର—ବହୁବ୍ରୀହି ସମାସରେ 'ଜାୟା' ଶବ୍ଦ 'ଜାନି' ଆକାର ଧାରଣ କରେ; ଯଥା—ଯୁବଜାନି, ବାମାର୍ଦ୍ଧଜାନି ।]
[ଦ୍ର—ଆର୍ଯ୍ୟ ଧର୍ମଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଅଛି ଯେ ପତି ସ୍ୱୟଂ ଭାର୍ଯ୍ୟାଗର୍ଭରେ ପ୍ରବେଶ କରି ପୁତ୍ରରୂପେ ଜନ୍ମଗ୍ରହଣ କରେ । ତେଣୁ ଭାର୍ଯ୍ୟାକୁ ଜାୟା କୁହାଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚର୍ଚ୍ଚିତ ଅକ୍ଷର ଓ ମାତ୍ରା ଏବଂ ୨ ଚର୍ଚ୍ଚିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚର୍ଚ୍ଚିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚର୍ଚ୍ଚିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅଁ' ନ ମିଳିଲେ 'ଭୂଅଁ' ଦେଖିବେ; 'ବଯ୍ଯ' ନ ମିଳିଲେ 'ବଜ୍ର' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତି' ଦେଖିବେ

୨ । ଜନ୍ମଲଗ୍ନର ୭ମ ସ୍ଥାନ—2. The 7th place from the Lagna of one's birth.

ଜାୟାଘ୍ନ—ସଂ. ବି—ଫଳିତ ଜ୍ୟୋତିଷୋକ୍ତ ଜନ୍ମକୁଣ୍ଡଳୀର ଯୋଗବିଶେଷ—
Jāyāghna Name of an astrological conjuction in the horoscope of a person.

[ଦ୍ର—ଜାତକରେ ଲଗ୍ନର ୭ମ ସ୍ଥାନରେ ମଙ୍ଗଳ ବା ଗ୍ରହ ଥିଲେ ଏ ଯୋଗ ହୁଏ । ଯେଉଁ ପୁରୁଷର ଏପରି ଘଟେ ତାହାର ସ୍ତ୍ରୀ ବହୁଦିନ ବଞ୍ଚେ ନାହିଁ ।]

ବିଣ—ଯେଉଁ ବ୍ୟକ୍ତିର ଜାତକରେ ଉପରୋକ୍ତ ଯୋଗ ଥାଏ—(a person) Who has got the above conjunction in his horoscope.

ଜାୟାଜୀବ—ସଂ. ବି. ପୁଂ. (ବହୁବ୍ରୀହି; ଜାୟା+ଆଜୀବ; ଯେଉଁ ଲୋକ Jāyājiba ସ୍ତ୍ରୀଦ୍ୱାରା ଜୀବିକାନିର୍ବାହ କରେ)—୧ । ବେଶ୍ୟାପତି;

ଜାୟାନୁଜୀବୀ } ଅନ୍ୟରୂପ
ଜାୟାଜୀବୀ

ଭଡ଼ୁଆ—1. A man who hires out his wife; a cuckold.

୨ । ନଟ—2. An actor; a dancer.

କେତେ ସାହସ ଜାୟାଜୀବ ପ୍ରାଣେ
କିବା ଏହାଠାରେ ଏଣ୍ଡେ ନନ୍ଦସୁଏ । ଗୋପୀକୃଷ୍ଣ. ରସକଲ୍ଲୋଳ ।

୩ । ବକପକ୍ଷୀ—3. The heron.

[ଦ୍ର—ପ୍ରବାଦ ଅଛି ଯେ ବଗୁଲି ଡିମ୍ବ ପ୍ରସବ କଲାପରେ ବଗ ଉକ୍ତ ଡିମ୍ବକୁ ଉଷୁମାଏ; ବଗୁଲି ପଦାକୁ ଚରିବାକୁ ଯାଏ ଓ ବଗକୁ ଆଣି ଆଧାର ଯୋଗାଏ ।]

ଜାୟାତ୍ୱ—ସଂ. ବି. (ଜାୟା+ଭାବ. ତ୍ୱ)—ଭାର୍ଯ୍ୟାତ୍ୱ—
Jayātwa Wifehood.

ଜାୟାପତି—ସଂ. ବି. (ଦ୍ୱନ୍ଦ୍ୱ; ଜାୟା+ପତି)—
Jāyā-pati ପତି ଓ ପତ୍ନୀ; ସ୍ୱାମୀସ୍ତ୍ରୀ; ଦମ୍ପତି—
Married couple; man and wife; husband and wife.

ବନ୍ଦିବା ପାଦପ ଜଗତ ସ୍ୱରୂପ ଉଡ଼ାଉଡ଼ି ଜାୟାପତି ସେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

[ଦ୍ର—ସମାସରେ ଜାୟା ଓ ପତି ଏହି ଦୁଇ ଶବ୍ଦ ନିପାତନରେ 'ଦମ୍ପତି' ଓ 'ଜମ୍ପତି' ଏହି ଦୁଇ ଆକାର ମଧ୍ୟ ଧାରଣ କରେ ।]

ଜାୟିଗିର (ଇତ୍ୟାଦି)—ବୈଦେ. ବି. (ଫା)—ଜାଗିର ଇତ୍ୟାଦି (ଦେଖ)
Jāyigiri (etc) Jāgiri etc (See)
(ଜାୟିଗିରି—ଅନ୍ୟରୂପ)

ଜାୟିତିରି—ଗ୍ରା. ବି—ଜାୟିତ୍ରୀ (ଦେଖ)
Jāyitiri Jāyitri (See)

ଜାୟିତ୍ରୀ—ଦେ. ବି. (ସଂ. ଜାତିପତ୍ରୀ)—ସୁଗନ୍ଧ ମସଲାବିଶେଷ—
Jāyitri Mace (a spice).
जायत्री
जावित्री

[ଦ୍ର—ଜାୟିତ୍ରୀ ଜାଇଫଳର ଶସଉପରେ ଥିବା ଛାଲ । ଜାଇଫଳ ଗଛ ଉଚ୍ଚରେ ୩୦।୩୫ ହାତ ବଢ଼େ; ଏହା ମଲକା, ଜାବା, ବୋର୍ଣ୍ଣିଓ ଆଦିଦ୍ୱୀପରେ ଜନ୍ମେ । ଦକ୍ଷିଣଭାରତର ନୀଳଗିରି ପାହାଡ଼ର କେତେକ ଅଂଶରେ ଏ ଗଛର କୃଷି କରାଯାଉଅଛି । ଚଟକା ମଞ୍ଜିରୁ ଏ ଗଛ ଉତ୍ପାଦନ କରାଯାଏ । ଛୋଟ ଗଛମାନଙ୍କୁ ଖରାତେଜରୁ ରକ୍ଷା କରିବାକୁ ପଡ଼େ ଓ ଗ୍ରୀଷ୍ମଦିନେ ଏହାର ମୂଳରେ ପାଣି ଦେଇ ଗଛଗଛକୁ ବଞ୍ଚାଇବାକୁ ହୁଏ । ମଞ୍ଜିରୁ ପ୍ରଥମେ ଚାରା ଉଠାଇ ଗଛ ୧½ ବା ୨ ହାତ ଉଚ୍ଚ ହେଲେ ଗଛକୁ ୧୫।୨୦ ହାତ ଛଡ଼ାଛଡ଼ା କରି ପୋତିବାକୁ ହୁଏ । ସାନ ଗଛ ମୂଳରେ ପାଣି ରହିଲେ ବା ଘାସଆଦି ଉଠିଲେ ଗଛ ମରିଯାଏ । ଅଣ୍ଡିରା ଓ ମାଈ ଗଛ ପୃଥକ୍ । ୮।୧୦ଟି ମାଈଗଛ ପରେ ଗୋଟିଏ ଅଣ୍ଡିରା ଗଛ ଲଗାଇବାକୁ ହୁଏ, ଯେପରିକି ଅଣ୍ଡିରାଗଛରେ ପବନ ଲାଗି ମାଈଗଛରେ ବାଜିବ । ଅଣ୍ଡିରାଗଛର ଫୁଲରୁ ପରାଗ ଉଡ଼ି ମାଈଗଛର ଫୁଲରେ ପଡ଼ିଲେ ଫଳ ଧରେ । ଗଛ ଲଗାଇବାର ୭ ବର୍ଷରେ ଫଳ ଫଳେ । ଲଗେଇଲାଠାରୁ ୧୫ ବର୍ଷ ଏ ଗଛ ଫଳେ ଓ ପ୍ରତି ବର୍ଷ ଫଳର ସଂଖ୍ୟା ବଢ଼େ । ଗୋଟିଏ ଉତ୍କୃଷ୍ଟ ଗଛରେ ବର୍ଷକେ ୨ ହଜାର ଫଳ ଫଳେ । ପାଚିଲା ଫଳ ବାହାରେ ଗଛରୁ ମନକୁ ଝଡ଼ିପଡ଼େ । ଫଳ ଉପରେ ନାରଙ୍ଗୀ ରଙ୍ଗର ପତଳା ଛାଲିକା ଥାଏ । ତାକୁ ଫଳରୁ ଛଡ଼ାଇ ନେଇ ଶୁଖାଇଲେ ତାହା ଜାୟିତ୍ରୀ ହୁଏ । ଏହି ପତଳା ଛାଲିକା କାଢ଼ି ନେଲା ପରେ ଫଳ ଉପରେ ଗୋଟିଏ ଟାଣୁଆ ଖୋପା ବା ଖୋଳ ରହେ, ସେ ଖୋଳକୁ ଭାଙ୍ଗିଦେଲେ ତହିଁ ମଧ୍ୟର ଶସ ଜାଇଫଳ । ତାହାକୁ ଛାଇରେ ଶୁଖା ଯାଏ ଓ ଏହା ବଜାରରେ ଜାଇଫଳରୂପେ ବିକା ଯାଏ । ଜାଇଫଳରୁ ଏକପ୍ରକାର ସୁଗନ୍ଧ ତେଲ ଓ ଅର୍କ ବାହାରେ । ଜାୟିତ୍ରୀ ଓ ଜାୟିଫଳ ମସଲାରୂପେ ଓ ଔଷଧରେ ବ୍ୟବହୃତ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ସଙ୍ଗ୍ରାହକ, କେଶବର୍ଦ୍ଧକ, ଶୀତଳ ଓ ରୁଚକ ।]

ଜାୟିଫଳ—ଦେ. ବି.—(ସଂ. ଜାତିଫଳ)—ଜାଇଫଳ (ଦେଖ)
Jayi-phala Jaiphala (See)
जाएफल
जायफर, जायफल

ଜାୟୀ—ସଂ. ବିଣ. ପୁଂ (ଜି ଧାତୁ+ଇନ୍; ୧ମା. ୧ବ)—ଜୟୀ; ଜୟଯୁକ୍ତ—
Jāyi Victorious.
(ଜାୟିନୀ—ସ୍ତ୍ରୀ)

ସଂ. ବି.—ସଙ୍ଗୀତର ଘୋଷା—
The burden of a sog.

ଜାୟୁ—ସଂ ବି. (ଜି ଧାତୁ+କର୍ତ୍ତୃ. ଉ)—୧ । ବୈଦ୍ୟ—
Jāyu 1. Phsician.

୨ । ଔଷଧ—2. Medicine.

ସଂ. ବିଣ.—ଜେତା—Victorious.

ଜାର୍—ବୈଦେ. ବି. ପୁଂ. (ଇଂ. ଜାର୍, ଲାଟିନ୍ କାଇଜାର୍)—ରୁଷିଆ
Jār ସାମ୍ରାଜ୍ୟ ରାଜତନ୍ତ୍ରାଧୀନ ଥିବା ସମୟରେ ତହିଁର ମୁକୁଟଙ୍କ ଉପାଧି;
जार The late Czar of the Russn empire.
जार
(ଜାରିନା—ସ୍ତ୍ରୀ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଭୃଅ	ଘ
୨	ଈ	ଊ	ୠ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଝ	ନ୍ତ

ଜାର୍‌କରେଇ ପାର୍‌କରେଇ—ଗ୍ରା. ବିଣ. ସ୍ତ୍ରୀ (ସ୍ତ୍ରୀମାନଙ୍କ ଭାଷା)—
Jār-karei pār-karei ଯେ ଅନ୍ୟକୁ ବିପଦରେ ପକାଇ ପୁଣି ତାକୁ ବିପଦରୁ ପାର କରାଇ ନିଜର ବାହାଦୁର ଦେଖାଇ ହୁଏ; ଯେ ଜାହାଣୀ ହୋଇ ଲାଗେ ଓ ଗୁଣିଆଁ ହୋଇ ଛାଡ଼େ—(a woman) Who can cause some one to be accused and at the same time can save her out of the difficulty.

ଜାର—ସଂ. ବି. ପୁଂ (ଜୃ ଧାତୁ=ଜୀର୍ଣ୍ଣ କରିବା+କର୍ତ୍ତୃ. ଅ; ଯେ ଦାମ୍ପତ୍ୟ
Jāra ପ୍ରଣୟକୁ ଜୀର୍ଣ୍ଣ କରେ)—ପରପୁରୁଷ; ଉପପତି; ଗୁପ୍ତ ପତି; ବ୍ୟଭିଚାରୀ ବ୍ୟକ୍ତି—An illicit lover; a gallant; a secret lover of a married
(ଜାରିଣୀ—ସ୍ତ୍ରୀ) woman; a paramour; adulterer.

ଜାରକ—ସଂ. ବିଣ. (ଜୃ ଧାତୁ+କର୍ତ୍ତୃ. ଅକ)—ଯାହା ଜୀର୍ଣ୍ଣ କରେ;
Jāraka ଜୀର୍ଣ୍ଣକାରକ; ପରିପାଚକ; ହଜମୀ—Promoting digestion; digestive.

ସଂ. ବି.—ଜୀର୍ଣ୍ଣକାରକ ଔଷଧ; ହଜମୀ ଗୁଳି—
Digestive preparation.

ଜାରକ କାଗଜି—ଦେ. ବି.—ଜୁଆଣୀ ମିଶାଇ ଲେମ୍ବୁର ରସଦ୍ୱାରା ଜାରଣ
Jāraka kāgaji କରି ପ୍ରସ୍ତୁତ କରାଯାଇ ଥିବା ଲେମ୍ବୁ ବା କାଗଜିର
(ଜାରକ ଲେମ୍ବୁ—ଅନ୍ୟରୂପ) ଆଚାର—Pickled lime and aniseed used as a digestive preparation.

ଜାରକର୍ମ—ସଂ. ବି. (ଷଷ୍ଠୀ ତତ୍; ଜାର+କର୍ମନ୍)—ବ୍ୟଭିଚାର; ପରସ୍ତ୍ରୀ-
Jāra-karma ଗମନ—Adultery.

ଜାରଜ—ସଂ. ବି. ପୁଂ (ଜାର=ଉପପତି+ଜନ ଧାତୁ+କର୍ତ୍ତୃ. ଅ;
Jāraja ଯେ ପରପୁରୁଷ ଔରସରେ ଜନ୍ମେ)—ବେଜନ୍ମା; ବେଧଫଳ—
(ଜାରଜା—ସ୍ତ୍ରୀ) Illegitimate son.

ସଂ. ବିଣ. ପୁଂ.—କ୍ଷେତ୍ରଜ (ସନ୍ତାନ)—
Illegitimate; adulterine; bastard.

[ଦ୍ର—ବୃହନ୍ନାରଦୀୟ ଅନୁସାରେ ଜାରଜଙ୍କୁ ୨ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି । ବିବାହିତ ପତିଙ୍କ ଜୀବନକାଳରେ ପରପୁରୁଷ ଔରସ ସନ୍ତାନକୁ କୁଣ୍ଡ ଓ ବିଧବା ଗର୍ଭରେ ପରପୁରୁଷ ଔରସ ସନ୍ତାନକୁ ଗୋଳକ କୋହାଯାଏ । ଜାରଜପୁତ୍ର କୌଣସି ଧର୍ମକାର୍ଯ୍ୟ ସାଧନ ବା ପିଣ୍ଡଦାନରେ ଅଧିକାରୀ ନୁହେ ।]

ଜାରଜଯୋଗ—ସଂ. ବି.—ଫଳିତ ଜ୍ୟୋତିଷ ମତରେ ଜାତକରେ ଘଟିବା
Jāraja-joga ଗ୍ରହସ୍ଥିତିଯୁକ୍ତ ଯୋଗବିଶେଷ—Name of a kind of astrological conjunction of planets in a person's horoscope.

[ଦ୍ର—ଜାତକରେ ଯଦି ଲଗ୍ନ ବା ଚନ୍ଦ୍ର ଉପରେ ବୃହସ୍ପତିଙ୍କ ଦୃଷ୍ଟି ପଡ଼ି ନ ଥାଏ ବା ସୂର୍ଯ୍ୟଙ୍କ ସହିତ ଚନ୍ଦ୍ର ଯୁକ୍ତ ହୋଇ ନ ଥାଏ କିମ୍ବା ସୂର୍ଯ୍ୟଙ୍କ ସହିତ ପାପଯୁକ୍ତ ଚନ୍ଦ୍ରମା ଯୁକ୍ତ ହୋଇ ଥାଏ, ତେବେ ଉକ୍ତ ବ୍ୟକ୍ତିର ଜାରଜ ଯୋଗ ହେବାର ଅନୁମିତ ହୁଏ । ଦ୍ୱିତୀୟା, ସପ୍ତମୀ ଓ ଦ୍ୱାଦଶୀ ତିଥିରେ ଓ ରବିବାର, ଶନିବାର ବା ମଙ୍ଗଳବାର ଦିନ ଯଦି କୃତ୍ତିକା, ମୃଗଶିରା, ପୁନର୍ବସୁ, ଉତ୍ତରାଷାଢ଼ା, ଧନିଷ୍ଠା ବା ପୂର୍ବଭାଦ୍ରପଦ ନକ୍ଷତ୍ର ପଡ଼େ ତେବେ ଏହାକୁ ଜାରଜ ଯୋଗ ବୋଲି ଯାଏ ଏ ଯୋଗରେ ଜନ୍ମିବା ବାଳକ ମାତାଙ୍କ ବିବାହିତ ସ୍ୱାମୀଙ୍କ ଔରସ ନ ଥିବାର ଜ୍ୟୋତିଷୀମାନେ ଅନୁମାନ କରନ୍ତି—ହ. ଶବ୍ଦସାଗର ।]

ଜାରଜାତ—ସଂ. ବିଣ. ପୁଂ. (ପଞ୍ଚମୀ ତତ୍; ଜାର+ଜାତ)—ଜାରଜ—
Jāra-jāta Bastard
(ଜାରଜାତା—ସ୍ତ୍ରୀ) ସଂ. ବି. ପୁଂ—ଜାରଜ ସନ୍ତାନ; ବେଧଫଳ—
A bastard.

ଜାରଜାତକ—ସଂ. ବି. ଓ ବିଣ—ଜାରଜାତ (ଦେଖ)
Jāra-jātaka Jārajāta (See)
(ଜାରଜାତକା—ସ୍ତ୍ରୀ)

ଜାରଜାତକା—ଦେ. ବି. ଓ ବିଣ—(ସଂ. ଜାରଜାତକ)—
Jāra-jātakā ଜାରଜ (ଦେଖ)
(ଜାରଜାତକା—ସ୍ତ୍ରୀ) Jāraja (See)

ଜାରଣ—ସଂ. ବି. (ଜୃ ଧାତୁ ଣିଚ୍; ଜାର ଧାତୁ+ଭାବ. ଅନ)—
Jāraṇa ୧ । କ୍ଷୟକରଣ—1. Causing decay.
୨ । ଘନ ପଦାର୍ଥ ତରଳ ପଦାର୍ଥରେ ମିଳାଇ ଯିବା—
2. Being dissolved.
୩ । ପରିପାକ କରଣ; ପାଣିରେ ମିଳାଇଦେବା—
3. Act of dissolving a thing in a liquid.
୪ । ଜୀର୍ଣ୍ଣକରଣ—4. Digesting.
୫ । ଧାତୁଦ୍ରବ୍ୟାଦିର ମାରଣ ବା ଶୋଧନ—
5. The process of oxidising metals for medicinal purposes.
୬ । ଔଷଧାର୍ଥ ପାରା ଧାତୁର ଏକାଦଶ ସଂସ୍କାର—
6. The eleventh process of refining quicksilver.
୭ । ଭସ୍ମକରଣ—7. Oxidation; reduction to ashes.

ସଂ. ବିଣ. (+କର୍ତ୍ତୃ. ଅନ)—ଜୀର୍ଣ୍ଣକାରକ—Digestive.

ଜାରଣ ମାରଣ—ଦେ. ବି. (ସଂ. ଜାରଣ+ସଂ. ମାରଣ; ଏକାର୍ଥକ
Jāraṇa māraṇa ଶବ୍ଦଦ୍ୱୟ)—୧ । ଧାତୁଦ୍ରବ୍ୟାଦିର ଶୋଧନ—
ଜାରଣ ମାରଣ 1. Process of oxidising or refining
जारण मारण metals for medicinal purposes.

[ଦ୍ର—ସ୍ୱର୍ଣ୍ଣ, ରୌପ୍ୟ, ପାରା ଆଦି ଧାତୁକୁ ଆୟୁର୍ବେଦୋକ୍ତ ବୈଜ୍ଞାନିକ ପ୍ରକ୍ରିୟାଦ୍ୱାରା ଜାରଣ ବା ଶୋଧନ କଲେ ତାହା ଔଷଧ-ରୂପେ ମନୁଷ୍ୟର ନାନାଭାବରେ ଉପକାର କରେ; କିନ୍ତୁ ଶୋଧିତ ନ ହୋଇ ବ୍ୟବହୃତ ହେଲେ ମନୁଷ୍ୟଶରୀରରେ ନାନା ଅପକାର

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କେ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍ବଡ଼' ଦେଖିବେ

ଘଟାଏ । ବୈଜ୍ଞାନିକ ପ୍ରକ୍ରିୟାରେ ଜାରିତ ଧାତୁକୁ ଭସ୍ମ ବୋଲି ଯାଏ ।]

୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅଯତ୍ତ କରିବା ସକାଶେ ନରମ ଗରମ, ସତ୍ ଅସତ୍ ସବୁ ପ୍ରକାର ଉପାୟ—
2. All conceivable means (fair or foul) of bringing a person under control.

ଜାରମହୁରା—ଦେ. ବି. (ଫା. ଜହର୍ ଓ ସ. ମଧୁର)—ଜାଲମହୁରା;
Jāra-mahurā
जहर मोहरा
ଗ୍ରା. ସାପମହୁରା
ଫା. ପାଦଜହର

ସର୍ପଖାଦକ ଚଢ଼େଇ ଜାତୀୟ ପକ୍ଷୀଙ୍କ ପେଟରୁ ବାହାରୁଥିବା କୌତୁକମଞ୍ଜି ପରି ଦେଖା ଯାଉଥିବା ଏକପ୍ରକାର କଳା ଓ ହଳଦିଆ ବର୍ଣ୍ଣର ପଥୁରିଆ ଜିନିଷ—A calcinous formation and pebble-like substance got from the intestines of flamingo and some ruminant birds and supposed to be an antidote against snake-poison.

[ଦ୍ର—ଏହା କଳା ଓ ଚକଚକ ଦେଖାଯାଏ । ସାପକାମୁଡ଼ା କ୍ଷତ ଜାଗାରେ ଏହାକୁ ଲଗାଇ ଦେଲେ ଏ ଦଷ୍ଟ ବ୍ୟକ୍ତିର ଦେହରୁ ସାପ ବିଷ ଶୋଷି ନିଏ ଓ ବିଷ ଦେହରୁ ନ ଯିବା ପର୍ଯ୍ୟନ୍ତ ଏହା କ୍ଷତ ସ୍ଥାନରେ ଲାଗିରହେ । କେଳାମାନେ ଏହା ସଂଗ୍ରହ କରି ଲୋକଙ୍କୁ ଦିଅନ୍ତି । ପାଗୁଳି କରିବା କେତେକ ଜୀବ (ଯଥା— ଛେଳି, ମୃଗ ଓ ଆମେରିକାର ଲାମା)ଙ୍କର ଅନ୍ତବୁଜୁଲାରୁ ମଧ୍ୟ ଜାରମହୁରା ବାହାରେ ।]

ଜାରା—ଗ୍ରା. ବି. ପୁଂ. (ସ. ଜାର)—ଜାର; ଉପପତି—
Jārā — A gallant; paramour.

> ଜାରାପୁରୁଷ ପ୍ରେମରେ, ନଣ ଦବସ ଅବରତେ—
> ଭୂପତି. ପ୍ରେମପଞ୍ଚାମୃତ ।

ଗ୍ରା. ବି. ସ୍ତ୍ରୀ. (ସ. 'ଜାର'ର ସ୍ତ୍ରୀଲିଙ୍ଗ)—ଉପପତ୍ନୀ; ରକ୍ଷିତା ସ୍ତ୍ରୀ—
Concubine.

> କୁଅଇଁ ଜାରାଟିଏ ଭଳି ଭଣ୍ଡେଇ ଅପଣା କରି କେ ଜାଣେ—
> ଭୂପତି. ଚଉତିଶା ।

ଜେରା ଗ୍ରା. ବୈଦେ. ବି—୧ । (ଫା. ଜିରହ୍) ଜେରା; ସାକ୍ଷୀକୁ
जिरह
ବିପକ୍ଷ ପକ୍ଷ ଓକିଲଙ୍କର ପଚାରିବା କୂଟ ପ୍ରଶ୍ନ—
1. Cross examination.

ଜାରା ୨ । (ଇଂ. ଜାର୍‌ଉଡ୍) ଅଷ୍ଟ୍ରେଲିଆ ଦ୍ୱୀପର ବୃକ୍ଷବିଶେଷର
जारा
ଖୁବ୍ ଟାଣ କାଠ—
2. Jārā wood; the hard wood of an Australian tree; Eucalyptus Rostrata.

[ଦ୍ର—ଏ କାଠ କଲିକତାରେ ବିକ୍ରି ହୁଏ, ଏଥିରେ ଗାଡ଼ି ଓ ଘରର ଉପକରଣମାନ ତିଆରି ହୁଏ ।]

ଜାରା କରିବା—ଗ୍ରା. କ୍ରି—ଜେରା କରିବା; ଅପର ପକ୍ଷର ସାକ୍ଷୀଙ୍କୁ କୂଟ
Jārā kariba
ଜେରା କରା
जिरह करना
ପ୍ରଶ୍ନ ପଚାରିବା—To cross-examine or cross-question a witness in court.

ଜାରାଶବର—ଦେ. ବି. (ନାମ) (ସ. ଜରା)—ଯେଉଁ ଶବରର ବାଣ
Jārā-śabara
ଶ୍ରୀକୃଷ୍ଣଙ୍କ ପାଦରେ ବାଜିବାରୁ ତାହାଙ୍କର ମୃତ୍ୟୁ ଘଟିଥିଲା—Name of a fowler who unwittingly caused the death of Śrikrushṇa by aiming an arrow and hitting his toe, mistaking it for a deer.

ଜାରାସନ୍ଧ—ଗ୍ରା. ବି—ଜରାସନ୍ଧ (ଦେଖ)
Jārāsandha — Jarāsandha (See)

ଜାରି—ବୈଦେ. ବି. (ଅ. ଜାରୀ=ପ୍ରଚଳିତ)
Jāri
ଜାରି
जारि

୧ । ଆରମ୍ଭ; ସୂତ୍ରପାତ; ପ୍ରବର୍ତ୍ତନ—
1. Setting a thing on foot.
୨ । ପ୍ରଚାର—2. Circulation; promulgation.
୩ । ଅଧିକାର—3. Authority; control.
୪ । ପ୍ରୟୋଗ—4. Issuing; application.
୫ । କାର୍ଯ୍ୟରେ ପରିଣତି—5. Carrying into action.
୬ । ଶାସନ—6. Rule; regime.
୭ । ବ୍ୟବହାର; ପ୍ରଚଳନ—7. Use; currency.
(ଯଥା—ଏ ହୁକୁମର ଜାରି ୩ ବର୍ଷ ହେଲି ହୋଇଅଛି ।)
୮ । ପ୍ରଭାବ—8. Influence.
(ଯଥା—ଆଜି କାଲି ଇଂରେଜଙ୍କର ଆଠଗଡ଼ରେ ଭାରି ଜାରି ।)
୯ । କାର୍ଯ୍ୟ—9. Action.
୧୦ । ବଳାତ୍କାର—10. Employing force.
୧୧ । ଜାହିର; ଆତ୍ମପ୍ରଶଂସା—
11. Self-aggrandisement.
୧୨ । ତେଜ—12. Power; vigour; activity.

> ଆଜି ପ୍ରବୋଲୁ ଉକାଏଇ ଶହରେ ଭାରି ଜାରି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୧୩ । କଡ଼ାକଡ଼ି ନିୟମର ପ୍ରଚାର—
13. Promulgation of strict rules.
୧୪ । ପ୍ରବାହ—14. Current; flow.
୧୫ । ମହରମ ପର୍ବରେ ମୁସଲମାନ ସ୍ତ୍ରୀଲୋକେ ତାଜିଆ ଆଗରେ ଗାଇବା ଏକ ପ୍ରକାର ଗୀତ—
15. A kind of song sung by Mahomedan females during the Mohorrum.
୧୬ । ଆଡ଼ମ୍ବର—16. Pomp; display.
୧୭ । କଠୋର ନିୟମାଧୀନତା—17. Discipline.

ବିଣ—୧ । ପ୍ରଚଳିତ—1. Current; in vogue.
୨ । ପ୍ରତିଷ୍ଠିତ—2. Established.
୩ । ପ୍ରବର୍ତ୍ତିତ—
3. Put in force; inaugurated.
୪ । ଜାହିର; ପ୍ରଚାରିତ—4. Promulgated; published.

> ତାଙ୍କ ମହିମା କଥା ପୃଥିବୀ ସାରା ଜାରି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଉଅ	ଈ
୨	ଈ	ଊ	ରୁ	ଲୁ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଜ	କୃ

୫ । (ଅ. ଜାହର) ଶାସିତ—5. Controlled; ruled.
୬ । ପ୍ରବାହିତ—
6. Flowing; running (in current).
(ଯଥା—ଜଗମୀ ଲୋକର ବହୁତ ଶୁନ ଜାରି ଅଛି ।)

ଜାରି କରିବା—ଦେ. କି—୧ । କାର୍ଯ୍ୟରେ ପରିଣତ କରିବା—
Jāri kariba 1. To put into a force; to carry a thing into action.
জারি করা
जारि करना (ଯଥା—ପିଅଦା ଆସି ଡଗ୍ରିକୁ ଜାରି କରଦେଇଗଲା ।)
୨ । ପ୍ରଚ୍ଚର କରିବା—2. To serve.
(ଯଥା—ପିଅଦା ନୋଟିସ ଜାରି କରିବାକୁ ଯାଇଅଛି ।)
୩ । ପ୍ରବର୍ତ୍ତନ କରିବା—3. To inaguraute.
୪ । କଡ଼ାକଡ଼ି ନିୟମ ପ୍ରଚ୍ଚର କରିବା—
4. To promulgate hard and fast rules.
୫ । ପ୍ରତିଷ୍ଠିତ କରିବା—5. To establish.
ବୁଦ୍ଧ ପରେ କରେ ପ୍ରବୁଦ୍ଧ ଜାରି । ସ୍ଥାପନ କରିବାର ।
୬ । ଜବତ୍ କରିବା; ଦଣ୍ଡ ଆଦି ଦେଇ ଅଯୁକ୍ତ କରିବା—
6. To teach a lesson by punishing.

ଜାରି କାଢ଼ିବା—ଦେ. କି—ଆପଣାର ପରାକ୍ରମ ସାଧାରଣଙ୍କ ଆଗେ ପ୍ରକାଶ କରିବା—To show one's might or power in public.
Jāri kārdhiba

ଜାରିଣୀ—ସଂ. ବି. ସ୍ତ୍ରୀ. (ଜାର+ଇନ୍+ସ୍ତ୍ରୀ. ଈ)—କୁଳଟା ସ୍ତ୍ରୀ—
Jārini An adulteress.

ଜାରିତ—ସଂ. ବିଣ. (ଜୃ ଧାତୁ ଣିଚ୍+କର୍ମ. ତ)—
Jārita ଶୋଧିତ; ମାରିତ; ଆୟୁର୍ବେଦୋକ୍ତ ବିଧିରେ ଭସ୍ମୀକୃତ (ଧାତ୍ବାଦି)—Refined; oxidised.

ଜାରି ଦେଖା (ଖୋ)ଇବା—ଦେ. କି—ଜାରିକାଢ଼ିବା (ଦେଖ)
Jāri dekhā(khe)iba Jāri kārdhiba (See)

ଜାରିବା—ଦେ. କି. (ସଂ. ଜୃ ଧାତୁ)—
Jāriba ୧ । ଜାରଣ କରିବା; ଧାତୁଦ୍ରବ୍ୟାଦି ଶୋଧନ କରିବା—
জারা 1. To reduce or purify metals for medicinal purposes.
जारना
୨ । ଧାତୁ ଆଦି ଭସ୍ମ କରିବା—2. To reduce to ashes; to oxidise; to calcine.
୩ । ତେଲ ଆଦିକୁ ଉତ୍ତାପରେ ଜଳଶୂନ୍ୟ କରିବା—
3. To heat oil etc. over fire so as to cause the water dissolved in it to evaporate.
୪ । ଜୀର୍ଣ୍ଣ କରିବା—4. To digest.
୫ । ଘନ ପଦାର୍ଥକୁ ପାଣିରେ ମିଳାଇବା—
5. To dissolve.
୬ । ନିସ୍ତେଜ କରିବା—6. To make powerless.
ମାର ସୁକୁମାର ... ବିହାର ଜାରି ଭେଦର ଏହା ସୁମର ମର ।
ଉପେ. ପ୍ରେମସୁଧାନିଧି ।

୭ । (ଲକ୍ଷଣାର୍ଥ) ଉପଯୁକ୍ତ ଶାସ୍ତି ଦେବା; ଜବତ୍ କରିବା—
7. To teach a lesson by punishing.
ହରିଲେ ସକଳ ମନ; ଜାରିଲେ ଗାରିମା ଜନ ।
ବ୍ରାଚୀ. ରହସ୍ୟମଞ୍ଜରୀ ।

ଜାରି ବାହାର କରିବା—ଦେ. କି—ଜାରି କାଢ଼ିବା (ଦେଖ)
Jāri bāhāra kariba Jāri kārdhiba (See)

ଜାରୁଲ୍—ଦେ. ବି—ଆସାମ, ଚଟ୍ଟଗ୍ରାମ ଓ ବ୍ରହ୍ମଦେଶରେ ଜାତ ପ୍ରସିଦ୍ଧ କାଠଗଛ—A kind of timber tree; Toon wood; Larger Stroemina Flosreginae.
Jārul
জারুল
जेर [ଦ୍ର—ଏହା ଧାତକ୍ୟାଦି ବର୍ଗର ପୁଷ୍ପବୃକ୍ଷବିଶେଷ; ଏହାର ଫୁଲ ବଡ଼ବଡ଼ ଓ ପ୍ରାୟ ୩ ଅଙ୍ଗୁଳ ଚଉଡ଼ା । ଏ କାଠ କଲିକତାରେ ମିଳେ । ଏହା ବଡ଼ ଟାଣ । ଏଥିରେ ଚଉକି, ଅଲମାରି, ମେଜ ଇତ୍ୟାଦି ଗୃହୋପକରଣ, କଡ଼ିକାଠ ଓ ବରଗା ହୁଏ ।]

ଜାଲ୍—ବୈଦେ. ବି. (ଅ. ଜଅଲ୍; ଜାଲ୍)—୧ । କପଟଲେଖନ କୃତ୍ରିମଲେଖା—1. Forged writing; forgery.
Jāl
জাল ୨ । କପଟତା—2. Deception.
जाल ବିଣ—୧ । କୃତ୍ରିମ—1. Forged; counterfeit.
୨ । କପଟୀ—2. Deceptive.

ଜାଲ୍ ଅପରାଧ—ଦେ. ବି—ଜାଲ୍ କରିବା ଯୋଗୁଁ ହେବା ଅପରାଧ—
Jāl aparādha The offence of forgery.

ଜାଲ୍ କରିବା—ଦେ. କି—୧ । କୃତ୍ରିମ ଲେଖା ଲେଖିବା—
Jāl kariba 1. To forge; to forge a writing or document.
জাল করা
जाल करना (ଯଥା—ତୁମ୍ଭେ ତାଙ୍କ ଦସ୍ତଖତ ଜାଲ୍ କରିବ କି ?)
୨ । ଅସଦୁଦ୍ଦେଶ୍ୟରେ ଅସଲ ପଦାର୍ଥର ଅବିକଳ ନକଲ ପ୍ରସ୍ତୁତ କରିବା—2. To counterfeit a genuine thing; to imitate culpably.
[ଦ୍ର—ଜାଲ୍ କରିବା ଆଇନ ଅନୁସାରେ ଗୁରୁତର ଅପରାଧ ଅଟେ ।]

ଜାଲ୍‌କାରିଆ—ଗ୍ରା. ବିଣ—ଯେ କପଟଲେଖା ଲେଖେ; ଜାଲିଆ—
Jālkāriā Forging.
जालिया

ଜାଲଜାଲିଆ—ଦେ. ବିଣ. (ସଂ. ଜାଲ—ଜାଲ)—
Jāl jāliā ୧ । ଜାଲପରି ଦିଶୁଥିବା; ଝଲିସି—
जालीदार 1. Looking like a net; netlike; netted.
जालीदार ୨ । ଜାଲୁଜାଲୁଆ; ଅସ୍ପଷ୍ଟ ଦେଖାଯିବା—
(ଜାଲଜାଲିଆ—ଅନ୍ୟରୂପ) 2 Seen indistinctly.
୩ । ସ୍ପଷ୍ଟରୂପେ ଦେଖିପାରୁ ନ ଥିବା (ଚକ୍ଷୁ)—
3. Dim-sighted (eye).
୪ । ଉପରେ ଜାଲପରି ସରୁ ଆବରଣ ଥିବା—
4. Filmy; reticulated.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନେ କୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର କଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗଣ' ନ ମିଳିଲେ 'ଗାଣ' ଖୋଜିବେ, କୁଥ ନ ମିଳିଲେ 'କୁଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୫। ଜାଲମୟ; ଛନ୍ଦଣିମନ୍ଦଣି—
5. Knotty, complicated; twisted with one another; overtangled

ଜାଲ୍ ଜାଲିଆତି—ଦେ. ବି—୧। ଜାଲ; ଜାଲ୍‌କର୍ମ—
Jāl jāliāti 1. Forgery.
୨। ଠକାମି; ପ୍ରତାରଣା—1. Cheating; fraud.

ଜାଲ୍‌ଜାଲୁଆ—ଦେ. ବିଣ—ଜାଲ୍‌ଜାଲିଆ (ଦେଖ)
Jāl-jāluā Jāl-jālia (See)

ଜାଲ୍ ଟଙ୍କା—ଦେ. ବି—ମେଙ୍ଗାଟଙ୍କା; କଳୃତ୍ରିମ ଧାତୁରେ ପ୍ରସ୍ତୁତ ମୁଦ୍ରା—
Jāl ṭankā Counterfeit coin.
जाल टाका
जाल रुपया

ଜାଲ୍ ଦଲିଲ୍—ବୈଦେ. ବି. (ଆ. ଜଅଲ୍ ଓ ଫା. ଦଲିଲ୍)—
Jāl dalil ଅସଲ କାଗଜର ନକଲ ପ୍ରତିଲିପି—
जाल दलील Forged document.
जाल दलील
(ଜାଲ୍‌ଦସ୍ତାବେଜ୍—ଅନ୍ୟରୂପ)

ଜାଲ୍ ଦସ୍ତଖତ—ବୈଦେ. ବି (ଆ. ଜଅଲ୍ ଓ ଫା. ଦସ୍ତଖତ୍)—
Jāl dastakhata କୃତ୍ରିମ ସ୍ୱାକ୍ଷର; କୌଣସି ବ୍ୟକ୍ତିଦ୍ୱାରା କପଟ-
जाल दस्तखत ଭାବରେ ଲିଖିତ ବା ସ୍ୱାକ୍ଷରିତ ଅନ୍ୟର ନାମ
जाल दस्तखत Forged signature.

ଜାଲ୍ ଦସ୍ତାବିଜ—ବୈଦେ. ବି. (ଆ. ଜାଲ୍ ଓ ଫା. ଦସ୍ତାବେଜ୍)—
Jāl dastābija ଜାଲ୍‌ଦଲିଲ—Forged document.

ଜାଲ୍ ଧରିବା—ଦେ. କ୍ରି—ଦଲିଲ୍‌ଆଦିର କୃତ୍ରିମତା ଅବଧାରଣ କରିବା—
Jāl dharibā To detect a forgery.
जाल धरा
जाल पकड़ना

ଜାଲ୍ ନୋଟ୍—ବୈଦେ. ବି. (ଆ. ଜଅଲ୍ ଓ ଇଂ. ନୋଟ୍)—
Jāl-noṭ କୃତ୍ରିମ କାଗଜ-ମୁଦ୍ରା—Forged note.
जाल नोट
जाल नोट

ଜାଲ୍‌ଫିସାଦ୍—ବୈଦେ. ବି. (ଆ. ଜଅଲ୍+ଫସାଦ) (ସହଚର)—
Jāl-phisād କପଟ ଲେଖା ଓ ପ୍ରତାରଣା—
जाल फसाद Forgery and deception.
जालफसाद

ଜାଲ୍‌ଫିସାଦି—ଦେ. ବି—ଜାଲ୍‌ଫିସାଦ୍ (ଦେଖ)
Jāl-phisādi Jālphisād (See)
जालफेसादी ବୈଦେ. ବିଣ—ଯେ କୃତ୍ରିମ ଲେଖା ଲେଖେ ଓ
जालफसादी ପ୍ରତାରଣା କରେ—Forging and deceptive.

ଜାଲ୍‌ଫିସାଦିଆ—ବୈଦେ. ବିଣ—ଜାଲ୍ ଫିସାଦି (ଦେଖ)
Jal-phisādiā Jāl-phisādi (See)

ଜାଲ୍ ମନୁଷ୍ୟ—ଦେ. ବି—ଯେଉଁଲୋକ ଆପଣାକୁ ଅନ୍ୟବ୍ୟକ୍ତି ବୋଲି
Jāl manushya ଛଦ୍ମ ଧରେ—An imposter.
जाल मानुष
जाल आदमी

ଜାଲ୍ ମୁଦ୍ରା—ଦେ. ବି—ମେଙ୍ଗାଟଙ୍କା; କଳୃତ୍ରିମ ଧାତୁରେ ପ୍ରସ୍ତୁତ ମୁଦ୍ରା—
Jāl mudrā Countrefeit coin; base coin.

ଜାଲ୍‌ସାଜ୍—ବୈଦେ. ବିଣ. (ଆ. ଜଅଲ୍+ଫା. ସାଜ୍)—ଜାଲିଆ;
Jāl-sāj ପ୍ରତାରକ—Forging; imposting; cheating.
जालसाज
जालसाज

ଜାଲ୍‌ସାଜି—ବୈଦେ. ବି. (ଆ. ଜାଲ୍+ଫା. ସାଜୀ)—
Jāl-sāji ୧। ଜାଲ୍‌କର୍ମ—1. Forgery.
जालसाजि ୨। ଠକାମି; ପ୍ରତାରଣା—2. Deception.
जालसाजी

ଜାଲ୍ ସାଜିଆ—ବୈଦେ. ବିଣ.—(ଫା. ଜାଲ ସାଜ୍)—ଜାଲିଆ—
Jāl sājiā Forging.

ଜାଲ୍‌ସାଦ୍—ବୈଦେ. ବିଣ. (ଫା. ଜାଲ୍‌ସାଜ୍)—ଜାଲ୍ ସାଜ୍ (ଦେଖ)
Jāl-sād Jālsāj (See)

ଜାଲ୍ ସାଦି—ଗ୍ରା. ବୈଦେ. ବି. (ଫା. ଜାଲ୍ ସାଜୀ)—ଜାଲ୍ ସାଜି (ଦେଖ)
Jāl-sādi Jāl-sāji (See)

ଜାଲ—ସ. ବି. (ଜଲ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ)—
Jāla ୧। ଜୀବଜନ୍ତୁ (ଯଥା—ମାଛ, ପକ୍ଷୀ ଆଦି) ଧରିବା ନିମନ୍ତେ ପ୍ରସ୍ତୁତ ଯନ୍ତ୍ର, ସୂତା ବା ଲୌହର ତାର ନିର୍ମିତ ଯନ୍ତ୍ରବିଶେଷ; ଫାନ୍ଦ; ଜାଲି—1. Net; snare.
୨। ଆଖିର ତାରା ଉପରେ ପଡ଼ିଲ ମାଡ଼ିବା ରୋଗ—
2. A disease of the eye in which the pupils are overspread with a net-like overgrowth.
୩। ଲୂତାତନ୍ତୁ; ବୁଢ଼ିଆଣୀ ସୂତାର ଗୋଲ୍ଲାଜାଲ ଫାନ୍ଦ—
3. Spider's web.
୪। ରଥାଦିର ଆବରଣ ବା ଜାଲି ପଡ଼ିଥିବା ଘୋଡ଼ଣୀ—
4. Netted covering or hood for cars etc.
୫। ଗବାକ୍ଷ ବା କ୍ଷୁଦ୍ର ଜାଲିଥିବା ଝରକା—
5. Latticed window.
୬। କଳିକା; କୋରକ; କଢ଼ି—6, Bud; blossom.
୭। ସରୁ ଜାଲିକାମ—7. Lattice work.
୮। ସମୂହ—8. Multitude; collection; assemblage.
୯। ଭେଳକିବାଜି; ଇନ୍ଦ୍ରଜାଲ; ଭେଲ୍କି—
9. Magic; jugglery.
୧୦। ମିଥ୍ୟା; ପ୍ରବଞ୍ଚନା; ପ୍ରତାରଣା; ଛଳ; କପଟ—
10. Deception; falsehood.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ପ	ଉଥ	ଝ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ନ

୧୧ । ଦମ୍ଭ; ଗର୍ବ—11. Pride; arrogance.

୧୨ । ଅନ୍ୟକୁ ବିପଦରେ ପକାଇବା ପାଇଁ କରାଯିବା କପଟ ଉପାୟ ବା କୌଶଳ—12. Stratagem or artifice to involve a person in trouble.

୧୩ । ଅଭିମାନ; (ହି. ଶବ୍ଦସାଗର)—13. Sullen displeasure.

୧୪ । କ୍ଷାର; ଗଛ ଆଦିକୁ ଜଳାଇ ସେଥିରୁ ବାହାର କରିବା ପାଉଁଶ (ହି. ଶବ୍ଦସାଗର)—14. Ashes of vegetables.

୧୫ । କଦମ୍ବ ଗଛ (ହି. ଶବ୍ଦସାଗର)—15. Nuclea Kadamba (tree)

୧୬ । ଏକପ୍ରକାର ତୋପ (ହି. ଶବ୍ଦସାଗର)—**16. A kind of cannon.**

ଦେ. ବି. (ସଂ. ଜ୍ୱଲ ଧାତୁ)—୧ । ଜାଳେଣି କାଠ; ଇନ୍ଧନ—1. Fuel; fire-wood.

୨ । ଅଗ୍ନିର ତାପ ବା ତେଜ—2. Heat of fire.

୩ । କୌଣସି ପଦାର୍ଥକୁ ତତାଇବା ପାଇଁ ଜାଲ ଜାଳିବା—3. Lighting of fuel to heat something.

ଅଗ୍ନି ଜାଳନ୍ତେ ଅର୍ଦ୍ଧିଷ ଘରେଣୀ,
ଅନେକ ଜାଳେ ନ ତାତଇ ପାଣି । ପ୍ରଦୀପ. ଶଶିସେଣା ।

୪ । ପୋଡ଼ା; ପୋଡ଼ିବା କ୍ରିୟା—4. Act of burning.

ବଣୁକ ସ୍ୱର୍ଣ୍ଣ ପିଉଳ ମିଶ୍ରି ତେବେ ତା ଜାଳ ପ୍ରତଇଉର କଲେ ଶକ୍ତ ସ୍ତ ।
ଭଞ୍ଜ. ବୈଦେହୀଶବିଳାସ ।

୫ । ତାପ—5. Heat.

ବେଳ ସନ୍ଧକାଳ ଖାଳ ମଣି ବନ୍ଧୁ ଜ୍ୱାଳ ଜାଳ ।
ଭଞ୍ଜ. ପ୍ରେମସୁଧାନିଧି ।

ଜାଲ—ଦେ. ବି. (ସଂ. ଜାଲ)—୧ । ଜୀବଜନ୍ତୁ ଆଦି ଧରିବା ନିମନ୍ତେ ପ୍ରସ୍ତୁତ ସୂତ୍ରାଦି ନିର୍ମିତ ଯନ୍ତ୍ର; ଫାନ—1. Snare.
Jāla
ଜାଲ
जाल

୨ । ଫାସ—2. Noose.

୩ । ବୁଢ଼ିଆଣୀ ସୂତା—3. Cobweb; spider's web.

୪ । ମାଛ ଧରିବାର କ୍ଷୁଦ୍ର କ୍ଷୁଦ୍ର ଛିଦ୍ରଯୁକ୍ତ ଯନ୍ତ୍ର—4. Net.

[ଦ୍ର—ଏହା ଅନେକ ପ୍ରକାରର; ଯଥା—ଖୁଅଜାଲ, ଖେପା ଜାଲ, ପେଲଣା ଜାଲ, କାଠି ବା ଖାଉ ଜାଲ, ଗଣ୍ଠି ଜାଲ ବା ରୁନା ଜାଲ, ଉଡ଼ା ବା ବଡ଼ ଜାଲ ଓ ଜାଲ ପୋଲୁଦ ଇତ୍ୟାଦି ।]

ବୈଦେ. ବି ଓ ବିଂ. (ଅ. ଜଅଲ)—ଜାଲ୍ (ଦେଖ) Jāl (See)

ଜାଲକ—ସଂ. ବି. (ଜାଲ+ସଙ୍କ୍ଷାର୍ଥରେ କ)—୧ । କ୍ଷୁଦ୍ର ଜାଲ—1. Small net.
Jālaka

୨ । ଫୁଲର କଢ଼ି; କୋରକ; କଳକା—2. Bud; blossom.

୩ । ଭୁଲାୟ; ପକ୍ଷୀର ବସା—3. Bird's nest.

୪ । ଫୁଲ ବା କଢ଼ିର ପେନ୍ଥା—4. A bunch of flowers or blossoms.

୫ । ତାରକସି କାମ—5. Filigree.

୬ । ଗବାକ୍ଷ—6. Latticed window.

୭ । କାରୁକାର୍ଯ୍ୟଯୁକ୍ତ ଭୂଷଣ—7. An ornament with filigree work.

୮ । କାକୁଡ଼ି, ବୋଇତିକଖାରୁ, ପାଣିକଖାରୁ, ଭେଣ୍ଡି, ଜହ୍ନି ଇତ୍ୟାଦି ଫଳମାନଙ୍କର ପ୍ରଥମ ଅବସ୍ଥା ବା କଷି—8. Young edible fruit (e. g. cucumber, pumpkin etc).

୯ । ଗର୍ବ; ଦମ୍ଭ—9. Pride, arrogance.

୧୦ । କ୍ଷୁଦ୍ର ପଦାର୍ଥର ସମୂହ ବା ସମଷ୍ଟି—10. A collection or multitude of small things.

୧୧ । କଦଳୀ (ହି. ଶବ୍ଦସାଗର)—11. Plantain.

ଜାଲ କରିବା—ଦେ. କ୍ରି—୧ । ଜାଳେଣି କାଠ ସଂଗ୍ରହ କରିବା—1. To gather twigs etc. for fuel.
Jāla kariba

୨ । ଅନ୍ୟ ବ୍ୟବହାର ପାଇଁ ଅଭିପ୍ରେତ କାଠକୁ ଜାଳିବା କାଠରେ ପରିଣତ କରିବା—2. To turn wood intended for other use to fuel.

ଜାଲକାରକ—ସଂ. ବି (ଜାଲ+କୃ ଧାତୁ+କର୍ତ୍ତୃ. ଅକ)—ବୁଢ଼ିଆଣୀ; ମାକଡ଼ସା—Spider.
Jāla-kāraka

ଜାଲକିନୀ—ସଂ. ବି (ଜାଲକ+ଇନ୍+ସ୍ତ୍ରୀ. ଈ)—ମାଈ ମେଣ୍ଢା; ମେଣ୍ଢୀ (ହି. ଶବ୍ଦସାଗର)—A she-ram; ewe.
Jālakini

ଜାଲକୀ—ସଂ. ବି (ଜାଲକ+ଜୀବକାର୍ଥେ ଇନ୍; ୧ମା. ୧ବ)—ଶସ୍ତ୍ର ବ୍ୟବସାୟଦ୍ୱାରା ଜୀବିକାନିର୍ବାହକାରୀ ବ୍ୟକ୍ତି (ହି. ଶବ୍ଦସାଗର)—A person who earns his livelihood by dealing with weapons.
Jālaki

ଜାଲକୀଟ—ସଂ. ବି (ମ. ପ. ଲୋ.; ଜାଲ+କୀଟ)—୧ । ବୁଢ଼ିଆଣୀ, ମାକଡ଼ସା; ଊର୍ଣ୍ଣନାଭ—1. Spider.
Jāla-kita

୨ । ବୁଢ଼ିଆଣୀର ଜାଲରେ ପଡ଼ିବା କୀଟ (ହି. ଶବ୍ଦସାଗର)—2. An insect which becomes entangled in a spider's web.

ଜାଲଗଣ୍ଠି—ଦେ. ବି—୧ । ବର୍ଷାୟୁ ତୃଣବିଶେଷ—1. A long creeping grass, Panicum Javanicum.
Jāla ganthi
ଜାଲଗାଁଠି
जालकगाँट

[ଦ୍ର—ଏହା ଗୁଆଁପରି ଏକପ୍ରକାର ଘାସ; ଲଟେଇ ଲଟେଇ ମାଡ଼େ ଓ ଦେଢ଼ ବା ଦୁଇ ହାତ ଲମ୍ବ ହୁଏ ।]

୨ । ଜାଲର ଘରମାନଙ୍କ ଶେଷରେ ପଡ଼ିଥିବା ଗଣ୍ଠି—2. Knots at the corners of the squares of a net.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ, 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

ଦେ. ବଣ—ଜାଲ୍‌ଜାଲିଆ (ଦେଖ)
Jāl-jāliā (See)

ଜାଲଗର୍ଦ୍ଦଭ—ସଂ. ବି—ଚର୍ମରୋଗବିଶେଷ; ବିସର୍ପ ରୋଗ—
Jāla-gardabha Cutaneous erysipelas.
[ଦ୍ର—ଏଥିରେ ଦେହର ସ୍ଥାନବିଶେଷ ଫୁଲିଯାଏ ଓ ପୀଡ଼ା କରେ ଓ ଜର ହୁଏ ।]

ଜାଲଘର—ଦେ. ବି—ଜାଲର ଫାଙ୍କମାନ—
Jāla-gharā The spaces made in a net.

ଜାଲଜୀବୀ—ସଂ. ବି (ଜାଲ+ଜୀବ୍ ଧାତୁ+ଇନ୍; ୧ମା. ୧ବ.; ଯେ
Jāla-jībi ଜାଲ ସାହାଯ୍ୟରେ ଜୀବିକା ନିର୍ବାହ କରେ)—କେଉଟ; ଜାଲୁଆ—Fisherman.

ଜାଲଟିବାଡ଼ି—ଦେ. ବି—ଯେଉଁ ଦଣ୍ଡରେ ସୂତା ଛନ୍ଦା ହୋଇ ଛନ୍ଦା
Jālati-bārdi ହୋଇଥିବା ସୂତାର ଫାସରୁ ଜାଲ ବୁଣିବାକୁ ଆରମ୍ଭ କରାଯାଏ—The staff which forms the base for knitting nets.

ଜାଲଣୀକାଠ—ଦେ. ବି (ସଂ. ଜ୍ୱଳନ) ଇନ୍ଧନ; ଜାଳିବାରେ ବ୍ୟବହୃତ
Jālanikātha କାଷ୍ଠ—Fuel.
জালনী কাঠ
जलावनी

ଜାଲତି—ଦେ. ବି (ସଂ. ଜାଲ)—୧ । ଛୋଟ ଜାଲ—
Jālati 1. Small net.
জালী
ज़ाली
୨ । ବାଦୁଡ଼ିଆଦିଙ୍କ ଆକ୍ରମଣରୁ ଗଛର ଫଳକୁ ରକ୍ଷା କରିବା ନିମନ୍ତେ ଗଛ ବା ଫଳ ଉପରେ ଘେରା ହେବା ଜାଲ—
2. Net-work put over trees or fruits to protect them from depredations of bats.
୩ । ଆମ୍ବ ଆଦି ଫଳ ତୋଳିବା ନିମନ୍ତେ ଅଙ୍କୁଡ଼ି ଅଗରେ ବନ୍ଧା ହୋଇଥିବା ଜାଲର ପାତିଆ; ଖୁଣ୍ଟଣୀ ଜାଲ—
3. A net-work basket or pouch attached to the top of a pole to pluck fruits (which fall into it instead of falling on the ground from high).
୪ । କୁକୁର, ଗୋରୁ ଆଦିଙ୍କ ମୁହଁରେ ବନ୍ଧା ହେବା ଜାଲ-କାମର ପାତିଆ; ଚାଁଅଁରା; ଗୋମେଷାଦି ପଶୁଙ୍କ ତୁଣ୍ଡୀ; ପଶୁମାନଙ୍କ ମୁହଁ ଓ ନାକ ଢାଙ୍କିବା ଜାଲ—
4. Netted muzzle tied to the mouth of dogs or cattle to prevent them from using their mouth.

ଜାଳ ଦେବା—ଦେ. କ୍ରି—ଚୁଲିରେ ନିଆଁ ଜାଳିବା ନିମନ୍ତେ ଜାଳଣୀକାଠ
Jāla debā ପୂରାଇବା—To supply fuel to a fire in the oven.

ଜାଲ ପକା(କେ)ଇବା—ଦେ. କ୍ରି—୧ । ମାଛ ଧରିବାପାଇଁ ପୋଖରୀ
Jāla pakā(ke)ibā ଆଦି ଜଳାଶୟରେ ଜାଲ ବିସ୍ତାର କରିବା—
জাল ফেলা 1. To cast nets for fishing.
जाल डालना ୨ । (ଲକ୍ଷଣାର୍ଥ) ଅନିଶ୍ଚିତ ବସ୍ତୁ ମିଳିବା ଉଦ୍ଦେଶ୍ୟରେ ଉଦ୍ୟମ କରିବା—2. (figurative) To try to secure an uncertain thing.

ଜାଲପାଦ—ସଂ. ବି (ବହୁବ୍ରୀହି; ଜାଲ+ପାଦ)—୧ । ହଂସ—
Jāla-pāda 1. Swan;
୨ । ହଂସପାଦର ଅଙ୍ଗୁଳି ପରି ଯୁକ୍ତାଙ୍ଗୁଳ ଜୀବ; ଲିପ୍ତପଦ ଜୀବ—2. Web-footed birds and animals.
୩ । ଶଗଳ ପକ୍ଷୀ (ପ୍ରକୃତିବାଦ)—
3. A kind of gander.
୪ । (ନାମ) ଜାବାଳ ଋଷିଙ୍କର ଏକ ଶିଷ୍ୟ—
4. The name of a disciple of sage Jābāli.
ସଂ. ବଣ—ଯାହାର ପାଦର ଅଙ୍ଗୁଠିଯାକ ପରସ୍ପର ସହିତ ଲାଗି ରହିଥାଏ (ସିଲ୍‌ଘୋଟକ, ସିଲ୍ ପ୍ରଭୃତି ଜୀବ); ହଂସପାଦିଆ—Web-footed.

ଜାଲପାହି—ପ୍ରାଦେ (ବାଲେଶ୍ୱର) ବି. (ସଂ. ଜଳ; ଭୁଲ
Jāla-pāhi ବ. ଜଲପାଇ)—ସମୁଦ୍ରକୂଳସ୍ଥ ଜଳମଗ୍ନ ନୀଚ ଭୂମି—Low marshy land on the sea-coast

ଜାଲପୋର୍ଢ଼ୁଅ—ଦେ. ବି. (ସଂ. ଜାଲ+ପ୍ଳବ)—
Jāla-pordhuā ମାଛ ଧରିବାପାଇଁ ବ୍ୟବହୃତ ପୋଲୁହ ଆକୃତିରେ
জালপোলো ଖଞ୍ଜା ହୋଇଥିବା ୫ଖଣ୍ଡ ଡାଙ୍ଗରେ ଆବୃତ ଜାଲ—
A contrivance consisting of a circular net controlled by five sticks converging at the top.
ଜାଲପୋଡ୍ଢୁହ, ଜାଲପୋରୁହ, ଜାଲପୋଲୁହ, ଜାଲପୋଲୁହୁ } ଅନ୍ୟରୂପ

ଜାଲପ୍ରାୟୀ—ସଂ. ବି. (ଜାଲ+ପ୍ରାୟ+ଈ)—କବଚ; ସାଞ୍ଜୁ—
Jāla-prāyā Coat of mail.

ଜାଲଫାନ୍ଦ—ଦେ. ବି—ଜାଲର ଘର—
Jāla-phānda The circular or square spaces in a net.
(ଜାଲଫାଶ—ଅନ୍ୟରୂପ)

ଜାଲଫାଶ - ଦେ. ବି—୧ । ଜାଲଫାନ୍ଦ (ଦେଖ)
Jāla-phāsa 1. Jāla-phānda (See)
জালফাঁশ ୨ । ଯେଉଁ ଜାଲରେ ଫାଶ ଲାଗିଥାଏ, ଅର୍ଥାତ
जालफाँश ଯାହାର ଦଉଡ଼ାକୁ ଭିଡ଼ ଦେଲେ ସଙ୍କୁଚିତ ହୋଇଥାଏ—2. Noosed net.

ଜାଲବ—ସଂ. ବି. (ନାମ)—ବଲ୍ଵଲ ଦୈତ୍ୟର ପୁତ୍ର ଦୈତ୍ୟବିଶେଷ
Jālaba (ଏହାକୁ ବଳଦେବ ବଧ କରିଥିଲେ; ହି. ଶବ୍ଦସାଗର)—
Name of ad emon killed by Baladeba.

୧	ଭ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	କ୍କ	ଇଯ୍	ଊଅ	ଭ
୨	ଈ	ଊ	ଋ	ଲୃ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍ବ

ଜାଲବର୍ବ୍ବୁରକ—ସଂ. ବ—ଛୋଟ ଶାଖାଯୁକ୍ତ ଏକପ୍ରକାର ବବୁର ଗଛ—
Jāla-barbburaka A kind of Acacia tree with small branches.

ଜାଲ ବସା(ସେ)ଇବା—ଦେ. କି—ଜୀବଜନ୍ତୁଙ୍କୁ ଧରିବା ପାଇଁ ଫାନ୍ଦ ପକାଇବା—To lay a snare for catching animals.
Jāla basā(se)ibā
জাল পাতা
जाल फैलाना
[ଜାଲ ପାତିବା, ଜାଲ ମେଲ୍ଲ(ଲେ)ଇବା—ଅନ୍ୟରୂପ]

ଜାଲବାଡ଼—ଦେ. ବ—୧ । ଜାଲିବାଡ଼ (ଦେଖ)
Jāla-bārda 1. Jāli-bārda (See)
୨ । ମାଛ ଯେଉଁ ପଳାଇ ଯିବେ ନାହିଁ ବୋଲି ଦୁଇ ଜଳାଶୟର ସୀମାରେ ଦିଆଯିବା ଜାଲର ବାଡ଼—1. A wall of nets set up at a boundary to prevent fishes from escaping.

ଜାଲ ବାହାଣ—ଦେ. ବ. (ସଂ. ଜାଲ ଓ ବାହନ)—
Jāla bāhāṇa ମାଛ ଧରିବାପାଇଁ ଜାଲକୁ ମେଲି ମେଲି ଅଗ୍ରସର ହେବା—Spreading, laying, or letting off nets for fishing.

ଜାଲ ବାହାଣ କରିବା—ଦେ. କି—ଜାଲ ବୋହିବା; ଜାଲକୁ ପାଣିରେ
Jāla bāhāṇa karibā ମେଲି ମେଲି ଅଗ୍ରସର ହେବା—
To go on spreading out nets for fishing.

ଜାଲ ବୁଣିବା—ଦେ. କି. (ସଂ ଜାଲ+ବପନ)—
Jāla buṇibā ସୂତ୍ରାଦି ଦ୍ୱାରା ଜାଲ ପ୍ରସ୍ତୁତ କରିବା—
জাল বোনা To weave or knit a net.
जाल बुनना

ଜାଲ ବୁହାଇବା—ଦେ. କି—ଜାଲ ବାହାଣ କରିବା—
Jāla buhāibā To go on spreading out or laying nets for fishing.
(ଜାଲ ବୋହିବା—ଅନ୍ୟରୂପ)

ଜାଲମ (ଇତ୍ୟାଦି)—ବୈଦେ. ବ. (ଅ. ଜାଲିମ୍)—
Jālama (etc) ଜାଲିମ୍ ଇତ୍ୟାଦି (ଦେଖ)
Jālim etc. (See)

ଜାଲମହୁରା—ଦେ. ବ—ଜାରମହୁରା (ଦେଖ)
Jāla-mahurā Jāra-mahurā (See)

ଜାଲମୁଣା—ଦେ. ବ—ଜାଲ ନିର୍ମିତ ଥଳି; ଗାଞ୍ଜିଆ—
Jāla-muṇā Net-purse; net pouch; a wallet made of net-work.
জালথলে
जालका थैला

ଜାଲ ମେଲ୍ଲ(ଲେ)ଇବା—ଦେ. କି—୧ । ଏକତ୍ର ସଂଗୃହୀତ ଜାଲକୁ ମାଛ
Jāla melā(le)ibā ଧରିବା ପାଇଁ ପାଣିରେ ଖେଳେଇବା—
1. To spread out nets for fishing.
୨ । ଜାଲ ପକାଇବା—2. Jāla pakāibā (See)

ଜାଳା—ଦେ. ବ. (ସଂ. ଜ୍ୱାଳା)—୧ । ଜୁଲମ୍; ନିର୍ଯାତନ—
Jāḷā 1. Oppression.
জালা
ज्वाला

ନର ଶରୀର ଜର୍ଜର ବ୍ୟାଧିରେ ଯାର
ଯାହା ଜାଳାରେ ସଦା ଜଳେ ଅନ୍ତର । ନନ୍ଦକିଶୋର. ନିର୍ଝରଣୀ ।

୨ । ତାପ—2. Heat.
୩ । ଜଳା ପୋଡ଼ା—
3. Burning sensation; inflammation.

ବିଷ ଜାଳାରେ ହେଲେ ହର
ଚନ୍ଦ୍ରଶେଖର ଗଙ୍ଗାଧର । ଭୂପତି. ପ୍ରେମପଞ୍ଚାମୃତ ।

୪ । ଦାହ; ବାଧା—
4. Painful sensation; pang.

ବନ ଦେଖି ପୀଡ଼ଇ ମଦନ ଶର ଜାଳା । ଶିଶୁଶଙ୍କର. ଉଷାଅଭିଳାଷ ।

ଜାଲା—ଦେ. ବ. (ସଂ. ଅଳଞ୍ଜର; ଭୁଲ. ଫା. ଜାର୍ରା, ଇଂ. ଜାର୍)—
Jālā ୧ । ବଡ଼ ଗରା ବା ମାଠିଆ; ପାଣି ରଖିବାର ବଡ଼ କଳସୀ—
জালা 1. Large jar.
जाला ୨ । ଦୀର୍ଘାକାର ସ୍ଥୂଳୋଦର ମୃତ୍ପାତ୍ର—
2. A big earthen vessel.
୩ । ମାଟିର କୁଣ୍ଡ; ବଡ଼ ନନ୍ଦିଆ—3. Large crator.
୪ । (ସଂ. ଜ୍ୱଲ ଧାତୁ) ଅଗ୍ନି—4. Fire.

ଜାଲା ପ୍ରାପ୍ତେ ଦଗ୍ଧଅଛ କୋହେ ଜାଲ ଭେକେ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

ଜାଲାକ୍ଷ—ସଂ. ବ. (ବହୁବ୍ରୀହି; ଜାଲ+ଅକ୍ଷି)—
Jāḷāksha ଗବାକ୍ଷ; ଝରକା (ହି. ଶବ୍ଦସାଗର)—
Latticed window.

ଜାଳାତନ୍—ଦେ. ବଣ. (ବଙ୍ଗଳାରୁ ଅନୁକୃତ; ସଂ. ଜ୍ୱାଳା. ଭୁଲ. ଆ. ଜାଲ୍ମତନ=ଦେଶରୁ ନିର୍ବାସିତ)—
Jāḷātan
জালাতন্ ଜ୍ୱାଳାରେ ଅସ୍ଥିର; ପୀଡ଼ିତ; ସନ୍ତାପପ୍ରପୀଡ଼ିତ—
(ଜାଲ୍ମତନ୍—ଅନ୍ୟରୂପ) Oppressed.

ଜାଲି—ଦେ. ବ. (ସଂ. ଜାଲ)—୧ । ଜାଲ ପରି ପତଳା ଆବରଣ—
Jāli 1. Film.
জালী ୨ । ଜାଲ ପରି ଛିଦ୍ରବିଶିଷ୍ଟ ପଦାର୍ଥ ବା ଭୂଷଣ—
जाली 2. A thing or ornament of network; lattice-work.
୩ । ବହୁ ଦୂର, ଛିଦ୍ରବିଶିଷ୍ଟ ଜାଲ—
3. A net with small holes.
୪ । ସୁନା ରୂପା ଆଦି ଧାତୁର ତାରକସି କାମ୍—
4. Filigree work.
୫ । ଦୋଷ—5. Fault; blemish.
୬ । ଦୁଃଖ; ବାଧା—6. Pang; bothoraton.
୭ । ଝରକା; ଜାଳାକବାଟ—7. Latticed window.

ଜାଲିଟି ନିକଟେ ଅବାଇ ଦେଇଛି ଜାଲି ଟିକିଏ ସେ ଗୁଣ୍ଡିକି—
କନ୍ଦର୍ପ. ସଙ୍ଗୀତ ।

ସାଧାରଣ ଲେକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚଦ୍ଧିତ ଅକ୍ଷର ଓ ମାତ୍ରା ଏବଂ ୨ ଚଦ୍ଧିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଦ୍ଧିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର 'ଅପଭ୍ରଂଶ' ୨ ବା ୧ ଚଦ୍ଧିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଉ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବ—ଘରର ଛଣକୁ ରକ୍ଷା କରିବା ପାଇଁ ଉପରେ ଦିଆ ଯାଇଥିବା ଚାଟି—A latticed mat spread over the straw-thatch of a house.

ଜାଲଥର୍—ବୈଦେ. ବିଣ. (ଫା. ଜାଲିୟ୍ହ୍) —ଜାଲିଆ ୨ । (ଦେଖ)
Jāliat — Jālia 2. (See)

ଜାଲଥତି—ଦେ. ବି. (ଫା. ଜାଲସ୍ୱତ୍)—ଜାଲିଆତି (ଦେଖ)
Jāliati — Jāliāti (See)

ଜାଲଆ—ଦେ. ବି—୧ । (ସଂ. ଜାଳକ) ଜାଲୁଆ; କେଉଟ; ଯେ
Jālia — ଜାଲଦ୍ୱାରା ମାଛ ଧରି ଜୀବିକା ନିର୍ବାହ କରେ—
ଜଲେ; ଜାଲିୟା — 1. Fisherman (using nets).
जालिया — ୨ । (ଅ. ଜାଲ୍) ଜାଲ କରିବା ବ୍ୟକ୍ତି—
2. Forger.
ଜାଲିଆତ — ଦେ' ବିଣ—୧ । ଯେ ଜାଲ୍ କରେ; ଜାଲ୍‌କାରୀ—
जालिया — 1. Forging.
୨ । ଶଠ; ଠକ—2. Cheating; deceptive.
୩ । କପଟୀ—3. Hypocritical.

ଜାଲଥର୍—ବୈଦେ. ବିଣ. (ଫା. ଜାଲସ୍ୱତ୍)—ଜାଲିଆ ୨ । (ଦେଖ)
Jāliat — Jālia 2. (See)

ଜାଲଥତି—ଦେ. ବି. (ଫା. ଜାଲିସ୍ୱଜ)—୧ । ଜାଲ୍‌କର୍ମ—
Jāliati — 1. Forgery.
୨ । ଠକାମି; ଶଠତା; ପ୍ରବଞ୍ଚନା—2 Cheating; deception.
୩ । କପଟତା; ପ୍ରବଞ୍ଚନା—3. Hypocrisy.

ଜାଲକ—ସଂ. ବି. (ଜାଲ + ଜୀବିକା ଅର୍ଥରେ ଇକ)—
Jālika — ୧ । ଜାଲଜୀବୀ—1. One who ekes out his livelihood with a net or a snare.
୨ । କେଉଟ; ଧୀବର—2. Fisherman.
୩ । ବ୍ୟାଧ; ଜାଲ ବା ଫାଶଦ୍ୱାରା ପଶୁପକ୍ଷୀଙ୍କୁ ଯେ ଧରେ—
3. A fowler; a person who catches animals with snares; a huntsman.
୪ । ଯେ ଜାଲ ବୁଣେ—4. Weaver of nets.
୫ । ମାକଡ଼ସା—5. Spider.
୬ । ଜୋକ—6. Leech.
୭ । ମାକଡ଼—7. Monkey.
୮ । ପ୍ରବଞ୍ଚକ—8. A cheat; a rogue.
୯ । ଯେ କୁହୁକ ଦେଖାଏ; ବାଜିକର; ଇନ୍ଦ୍ରଜାଲିକ—
9. A juggler; conjurer.
୧୦ । ଝରକା; ଜାଲକବାଟ—10. Latticed window.
୧୧ । ପ୍ରଦେଶର ଶାସନକର୍ତ୍ତା—
11. A provincial governor.
୧୨ । କଦଳୀ—12. Plantain.
(ଜାଲିକ—ଅନ୍ୟରୂପ) ୧୩ । ଶିକୁଳିରେ ନିର୍ମିତ ସାଞ୍ଜୁ—
13. A chain-armour.
୧୪ । ପଶମରେ ତିଆରି ଜାଲବାଲା ଓଢ଼ଣା—
14. A woollen net used as veil.
ଦେ. ବି—ଉଦ୍ଦୀପନ— Inciting.

ଯେଉଁ ଭୁଲକେ ଚାପ ଜାଲକେ (କାମଚାପ ଉଦ୍ଦୀପନାର୍ଥ) ଉଭେ ଅଙ୍ଗେ ଲକ୍ଷ
—ଉପେ. ପ୍ରେମସୁଧାନିଧି ।

ଜାଲି କବାଟ—ଦେ. ବି. (ସଂ. ଜାଲ ଓ କପାଟ)—
Jāli kabāta — ଜାଲିକାମ ହୋଇଥିବା କବାଟ—A door of
जाली कपाट — network; a latticed door.
जाली दरवाजा

ଜାଲିକା—ସଂ. ବି. ସ୍ତ୍ରୀ. (ଜାଲକ=ସ୍ତ୍ରୀ. ଆ)—୧ । ମୁହଁ ଘୋଡ଼ାଇବାର
Jālikā — ଜାଲ ଜାଲୁଆ ଢାଙ୍କୁଣୀ; କ୍ଷୁଦ୍ର କ୍ଷୁଦ୍ର ଛିଦ୍ରଯୁକ୍ତ ମୁଖାବରଣ ବା
(ଜାଲିକା—ଅନ୍ୟରୂପ) ଓଢ଼ଣୀ—1. A veil or mask of net-work for the face.
୨ । ବିଧବା - 2. Widow.
୩ । ଜୋକ—3. A leech.
୪ । ତାରର ବର୍ମ; ତାରରେ ପ୍ରସ୍ତୁତ ସାଞ୍ଜୁ—
4. An armour of network.
୫ । ପାଶ; ଫାନ୍ଦ (ହି. ଶବ୍ଦସାଗର)—5. Snare.
୬ । ମାକଡ଼ସା; ବୁଢ଼ିଆଣୀ (ହି. ଶବ୍ଦସାଗର)—
6. Spider.
୭ । ଲୁହା—(ହି. ଶବ୍ଦସାଗର) 7. Iron.

ଜାଲିକାମ—ଦେ. ବି.—(ଧାତୁ ଆଦିର) ତାରକସି କାମ—
Jāli-kāma — Filigree work.
जालीकाज
जालीकाम

ଜାଲିଚଟୁ—ଦେ. ବି. (ସଂ. ଜାଲ ବା ଜର୍ଜ୍ଜରିକ ଓ ଚଟୁ)—
Jāli-chatu — ଛିଦ୍ରଯୁକ୍ତ କରଚୁଲ; କଣା ଉପରେ ବସିଥିବା ଘିଅଆଦି ଝାଂଝରୀ; ଝାଁଚା ତରଳ ବସ୍ତୁ ପ୍ରଭୃତିରୁ ପିଠା ଇତ୍ୟାଦି ଛାଣିଆଣିବା
पौना, झरना — ସକାଶେ ବ୍ୟବହୃତ ଛିଦ୍ରଯୁକ୍ତ ଚଲୁଡ଼ାମୁଣ୍ଡା ଚଟୁ ବା ଅଣକ—A ladle with numerous small holes to lift cakes etc from the frying pan; a perforated iron ladle for straining cakes from boiling ghee.

ବସନ୍ତମୁଣ୍ଡଙ୍କ ଉପମା ଶତୁ
କାମ କାକର ଛକା ଜାଲିଚଟୁ । ଯଦୁମଣି. ରହସ୍ୟମଞ୍ଜରୀ ।

[ଦ୍ର—ଏହାର ଛିଦ୍ର ବାଟେ ପିଠା ଆଦିରୁ ଘିଅ ବୋହି ପଡ଼େ; ଏହା ଉପରେ ପିଠଉ ବା ବେସନ ରଖି ଏହାକୁ ଘିଅ କରେଇ ଉପରେ ଝାଡ଼ିଲେ ଲଡ଼ୁଦାନା, ବୁନ୍ଦିଆ ଆଦି ମିଷ୍ଟାନ୍ନ ପ୍ରସ୍ତୁତ ହୁଏ ।]

୧	ଇ	ଉ	ର୍ୟ,ର୍ଯ୍ୟ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍ବ	ଉଅ	ଘ
୨	ଈ	ଊ	ରୁ	ଳୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍

ଜାଲିଜାଲିଆ—ଦେ. ବଣ.—ଜାଲ୍‌ଜାଲିଆ (ଦେଖ)
Jāli-jālia Jāl-jālia (See)
(ଜାଲୁଜାଲୁଆ—ଅନ୍ୟରୂପ)

ଜାଲଣି—ଦେ: ବି. (ସ. ଜ୍ୱଳ ଧାତୁ; ଜ୍ୱଳନ)—୧ । ନିଆଁ ଜାଳିବାପାଇଁ
Jālini ବ୍ୟବହୃତ କାଠ; ଚୁଲିରେ ଜଳା ହେବା କାଠ; ଇନ୍ଧନ—
जालनीकाठ 1. Fuel.
जलावन
ମିଛମିଛି ଅଣି କାଆବୋକୁହଏ ସଜାଡ଼ ଥିଲା ଜାଳଣି ।
ନନ୍ଦକିଶୋର, ନଷ୍ଟ ରଣୀ ।
୨ । ଯେଉଁ ପଦାର୍ଥରେ ସହଜରେ ନିଆଁ ଲାଗେ ଓ ଯାହା ଚୁଲିରେ ପ୍ରଥମେ ନିଆଁ ଧରାଇବା ପାଇଁ ବ୍ୟବହୃତ ହୁଏ—2. An inflammable substance with which a fire is first lighted.
(ଜାଳନ,ଜାଳେଣି—ଅନ୍ୟରୂପ)

ଜାଲଣି କାଠ—ଦେ. ବି.—ଜାଲଣି ୧ (ଦେଖ)
Jālini kātha Jālini 1. (See)

ଜାଲିନଥ—ଦେ. ବି.—ସ୍ତ୍ରୀମାନଙ୍କର ନାସିକାର ବାମ ପୁଡ଼ାରେ ପିନ୍ଧା
Jāli-natha ଯିବା ଜାଲିକାମବିଶିଷ୍ଟ ଚକାକାର ମୁଦ୍ରାକାର୍ଯ୍ୟ
जालीनथ ଅଲଙ୍କାରବିଶେଷ; ଦକ୍ଷିଣୀ ନୋଥ—A nose-ring
जालीनथ of filigree work
(ଜାଲିନୋଥ, ଜାଲିନ୍ଥେଥ—ଅନ୍ୟରୂପ)

ଜାଳନ କାଠ—ଦେ. ବି.—(ସ. ଜ୍ୱଳନ + କାଷ୍ଠ)—ନିଆଁ ଜାଳିବା ପାଇଁ
Jālini kātha ବ୍ୟବହୃତ କାଠ—Fuel.
जालनीकाठ
जलावनी

ଜାଲିନୀ—ସ. ବି. (ଜାଲ୍ ଧାତୁ + ଇନ୍ + ସ୍ତ୍ରୀ. ଈ)—୧ । ଛବିଦ୍ୱାରା
Jālini ସଜ୍ଜିତ କୋଠରୀ—1. A room furnished with pictures.
୨ । କୋଷାତକୀ ଫଳ; ତରଡ଼ା—
2. A kind of wild melon.
[ଦ୍ର—ଏହାକୁ ପାଣିରେ ସଡ଼ାଇ ଦେଲେ ଏହାର ଶ୍ୱେପା ସଢ଼ି ଯାଇ ଶ୍ୱେପାର ତଳେ ଥିବା ଜାଲୁଜାଲୁଆ ଆବରଣ ରହିଯାଏ ଓ ତାକୁ ଗାଧୋଇଲା ବେଳେ ଦେହରେ ଘଷିଲେ ଦେହରୁ ମଇଳା ଛାଡ଼ି ଯାଏ ।]
୩ । ପ୍ରମେହପୀଡ଼ିକା; ପ୍ରମେହ ରୋଗରେ ଦେହରେ ବାହାରିବା ବ୍ରଣ—3. Postules or boils or eruptions on the body of gonorrhoeal patients.
୪ । ଚିତ୍ରଶାଳା; ଚିତ୍ରକରଙ୍କ ଚିତ୍ରଶାଳା—
4. A painter's studio.

ଜାଲିପଟିଆମ—ଦେ. ବି.—ସ୍ତ୍ରୀମାନଙ୍କର କାନର ଭାରକସି କାମର
Jālipatiāma ଅଲଙ୍କାରବିଶେଷ; ସନ୍ଥଦ୍ କାପ—A kind of filigree-work earring worn by females.
ସୁନା ନନ୍ଥ ବଳୀ ଫୁଲ କାନି ପଟିଆମ,
ବାଳାର କଉଣ କ୍ଷଣକୁ ମନୋରମ ସେ । ଭକ୍ତ. ସର୍ବଣ୍ଣବଗୀ ।

ଜାଲିପୋଡ଼ି ମାରିବା—ଦେ. କି.—ବହୁ ନିର୍ଯାତନ ଦେଇ ବ୍ୟତିବ୍ୟସ୍ତ
Jāli-pordi māribā କରି ପକାଇବା; ବହୁ ଦୁଃଖ ଦେବା—
জেলেপুড়ে মারা To torture (a person) by causing
जला जला कर मारना pains and troubles to him.
[ଜଳା(ଲେ)ଇ ପୋଡ଼ା(ଡ଼େ)ଇ ମାରିବା—ଅନ୍ୟରୂପ]

ଜାଳିବା—ଦେ. କି. (ସ. ଜ୍ୱଳ ଧାତୁ)—(ଜଳିବାର ଣିଜନ୍ତରୂପ)—
Jāliba ୧ । ଜଳାଇବା; ଅଗ୍ନି ଲଗାଇବା—
জালান 1. To light fire; to ignite.
जराना, जलाना
ଜଳାଇବା } ଣିଜନ୍ତରୂପ
ଜଳେଇବା }
ସେ କହିନା ହକେ ଅଗ୍ନିକି ଜାଳିବାକୁ
ଗଲେ ଏକା ଛୋଇ ହୋମର ଘରକୁ—
କୃଷ୍ଣସିଂହ. ମହାଭାରତ. ସଭା ।
୨ । ଦହନ କରିବା; ପୋଡ଼ିବା—2. To burn.
୩ । ଉତ୍ତପ୍ତ କରିବା—3. To heat.

ଜାଲିବାଡ଼—ଦେ. ବି—ଜାଲ ପରି ଛନ୍ଦା ହୋଇ ଯେଉଁ ହୋଇଥିବା
Jāli-bārda ବାଡ଼; ଜାଲିବାଡ଼—Network fencing; a
জালীবাড়া fence of wire-netting; fretted fencing
जालीका आड़ or partition.

ଜାଲିବୋଟ—ବୈଦେ. ବି. (ଇଂ. ଜଲି ବୋଟ)—କ୍ଷୁଦ୍ର ସଉଖୀନ୍
Jāli-bota ଡଙ୍ଗା—Jolly boat;
জলিবোট a small pleasure-boat.
जालिबोट

ଜାଲିମ୍—ବୈଦେ. ବି. (ଅ. ଜାଲିମ୍ = ଅତ୍ୟାଚାରୀ; ତୁଳ. ସ. ଜାଲ
Jālim = ଖଳଲୋକ)—
জালিমী ୧ । ରାଗ; କୋପ—1. Anger.
जालिमी ୨ । ଜୁଲମ୍; ଅତ୍ୟାଚାର—2. Oppression.
୩ । ହାକମି; ହୁକୁମତ—
3. Show of authority.
୪ । ଗର୍ବ; ଦମ୍ଭ—4. Arrogance.
୫ । (ମନ୍ଦାର୍ଥ) ସ୍ୱଭାବ; ଚାଲିଚଳନ; ଢଙ୍ଗ—
5. Manners; conduct.
(ଯଥା—ସହସ୍ର ଜାଲିମ୍ ।)
୬ । ପରାକ୍ରମ—6. Might.
জালিম ବୈଦେ. ବି. (ଅ.)—୧ । ଅତ୍ୟାଚାରୀ; ଜୁଲମ୍‌ବାଜ୍—
जालिम 1. Oppressive.
୨ । ଅନ୍ୟାୟ କର୍ମକାରୀ—2. Unjust.
୩ । ପ୍ରବଳ ପ୍ରତାପୀ; ପରାକ୍ରମଶାଳୀ—
3. Mighty; powerful.

ଜାଲିମ୍ କାଢ଼ିବା—ଦେ. କି—୧ । ହାକମି ଦେଖାଇବା—
Jālim kārdhibā 1. To show off one's authority.
জালিমি দেখান ୨ । ଗର୍ବ ଦେଖାଇବା—
जालिमी दिखाना 2. To show arrogance.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଜାଲିମ୍ ଦେଖା(ଖେ)ଇବା—ଦେ. କ୍ରି—ଜାଲିମ୍ କାଢ଼ିବା (ଦେଖ)
Jālim dekhā(khe)ibā — Jālim kārdhibā (See)

ଜାଲିମ୍‌ବାଜ୍—ବୈଦେ. ବଣ. (ଫା. ଜାଲିମ୍)—
Jālim-bāj ୧ । ଅତ୍ୟାଚାରୀ; ଜୁଲମ୍‌ବାଜ୍—1. Oppressive.
जालिम ୨ । ଭାରି କଡ଼ାମିଜାଜିଆ (ବ୍ୟକ୍ତି)—
जालिम 2. Of high temper.
୩ । ଗର୍ବୀ—3. Arrogant.
୪ । ପ୍ରଭୁତ୍ୱ ପ୍ରିୟ; ହୁକୁମଚଲା—
4. Fond of showing off one's authority.

ଜାଲିମି (ଇତ୍ୟାଦି)—ସ୍ତ୍ରୀ. ବୈଦେ. ବ. ଓ ବଣ (ଫା)—
Jālimi (etc) ଜାଲିମ୍ ଇତ୍ୟାଦି (ଦେଖ)—Jālim etc (See)

ଜାଳୁଆ—ଦେ. ବ—ଯେଉଁ ବ୍ୟକ୍ତି ଜାଳେଣିକାଠ ଆଣି ଯୋଗାଏ—
Jālua One who supplies or brings fuel (to a family).

ଜାଲୁଜାଲୁଆ—ଦେ. ବଣ —ଜାଲ୍‌ଜାଲିଆ (ଦେଖ)
Jālu-jālua — Jāl-jāilā (See)

ଜାଳେଣି—ଦେ. ବ—ଜାଳଣି (ଦେଖ)
Jāleṇi — Jālani (See)

ଜାଲ୍ମ—ସଂ. ବ. (ଜଲ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ମ)—
Jālma ୧ । ଖଳ ବ୍ୟକ୍ତି—
1. A wicked person; miscreant.
୨ । ନୀଚ ବ୍ୟକ୍ତି—2. A mean-minded person.
୩ । ପତିତ ବ୍ୟକ୍ତି—3. A degraded person.
୪ । ଇତର ଲୋକ—4. A low-born person.
(ଜାଲ୍ମୀ—ସ୍ତ୍ରୀ) ସଂ. ବଣ. ପୁଂ—୧ । ଅବିବେଚକ—
1. Inconsiderate.
୨ । ହିଂସ୍ର—2. Revengeful.
୩ । ମୂର୍ଖ—3. Illiterate; boorish.
୪ । କଡ଼ା; କଠୋର—4. Severe; harsh.
୫ । ଜଡ଼; ଆଳସ୍ୟପରାୟଣ—5. Idle; lazy.
୬ । ନିଷ୍ଠୁର; କ୍ରୂର; ନିର୍ଦ୍ଦୟ—6. Cruel.
୭ । ପାମର; ନୀଚ; ଦୁରାତ୍ମା—
7. Lowly; wicked; mean-minded.
(ଯଥା— ଯେଉଁ ବ୍ୟକ୍ତି ପିତୃ, ଗୁରୁ ବା ବ୍ରାହ୍ମଣଙ୍କ ସଙ୍ଗେ ଦ୍ୱେଷ କରେ ତାକୁ ଜାଲ୍ମ ବୋଲାଯାଏ ।]
୮ । ଘୃଣିତ—8. Despised.
୯ । ଯେଉଁ ବ୍ୟକ୍ତି ଉତ୍ତମରୂପେ ପଢ଼ି ବା ବୋଲି ନ ପାରେ—
9. Reading or reciting badly (Apte).
୧୦ । ନୀଚଜାତ—10. Low-born.
୧୧ । ସମାଜରୁ ପତିତ—
11. Degraded from society.

ଜାଲ୍ମକ—ସଂ. ବ. ଓ ବଣ. (ଜାଲ୍ମ+ସ୍ୱାର୍ଥେ. କ)—ଜାଲ୍ମ (ଦେଖ)
Jālmaka — Jālma (See)

ଜାଲ୍ୟ—ସଂ. ବ. (ଜଲ+ଯ, ଏହାଙ୍କର ଜଳମୟୀ ମୂର୍ତ୍ତି ଥିବାରୁ)—
Jālya ଶିବ; ମହାଦେବ (ହି. ଶବ୍ଦସାଗର)—Lord Śiba.

ଜାସାମ—ପ୍ରାଦେ. (ବସ୍ତର) ବ—ମନ୍ଦାର—
Jāsāma — China rose.

ଜାସୁସ୍—ବୈଦେ. ବ. (ଅ)—ଗୁପ୍ତଭାବରେ ଅପରାଧୀର ପତା
Jāsus ଲଗାଇବା ବ୍ୟକ୍ତି; ଗୁପ୍ତଚର; ଭେଦୁଆ—
जासूस A spy; an informer.
जासुस, मँासु

ଜାସ୍ତ୍—ବୈଦେ. ବ. (ଅ. ଯାସ୍ତ୍)—ତେପାଙ୍ଗତ; ଯତ୍ନ—
Jāst — Care.
जास्त
जास्ति

ଜାସ୍ତି—ବୈଦେ. ବ. (ଅ. ଯାସ୍‌ଦ୍‌ଙ୍ଗ=ଆଧିକ୍ୟ)—ଆଧିକ୍ୟ—
Jāsti — Excess; increase; addition
यास्ति ବଣ—୧ । ଅତ୍ୟଧିକ—1. Too much; excessive.
यास्ति ୨ । ଅଧିକତର—2. More than.

ଜାସ୍ପତି—ସଂ. ବ. ପୁଂ. (୬ଷ୍ଠୀ ତତ୍; ଜାୟା+ପତି; ନିପାତନ)—
Jāspati ଜାମାତା; ଜ୍ୱାଇଁ (ହି. ଶବ୍ଦସାଗର)—
Son-in-law.

ଜାହକ—ସଂ. ବ. (ହା ଧାତୁ=ତ୍ୟାଗ କରିବା+କର୍ତ୍ତୃ. ଅକ; ନିପାତନ)
Jāhaka ୧ । ଓଧ—1. Polecat; otter.
୨ । ଜୋକ—2. Leech.
୩ । ଖଟ—3. A bed-stead.
୪ । ଶଯ୍ୟା; ବିଛଣା—4. Bed; bedding.
୫ । ବିରାଡ଼ି (ପ୍ରକୃତିବାଦ)—5. Cat.
୬ । ବିଲେଶୟ ଜୀବ (ପ୍ରକୃତିବାଦ)—
6. An animal which lives by burrowing den.
୭ । ଏଣ୍ଡୁଅ (ହି. ଶବ୍ଦସାଗର)—
7. Chameleon; lizard.
୮ । ଗେଣ୍ଡା (ହି. ଶବ୍ଦସାଗର)—8. Snail.

ଜାହାଁଜାହାଁ—ଦେ. ଅ. (ସଂ. ଯତ୍ର; ପ୍ରା. ଜତ୍ଥ; ଦ୍ୱିରୁକ୍ତ)—
Jāhāñ-jāhāñ ୧ । ଯେଉଁ ଯେଉଁ ସ୍ଥାନମାନଙ୍କୁ—
जाहँजाहँा 1. To which places.
जहाँजहाँ ୨ । ଯେଉଁ ଯେଉଁ ସ୍ଥାନମାନଙ୍କରେ—
2. At which places.
୩ । ସବୁ ସ୍ଥାନରେ—
3. At all places whatever.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଢ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ନ୍

ଜାହାଁତାହାଁ—ଦେ. ଅ. (ସଂ. ଯତ୍ର+ ତତ୍ର; ପ୍ରା· ଜହ+ତହ)—
Jahāṅ-tahāṅ ୧ । ଯେଉଁଠାରେ ଇଚ୍ଛା ସେଠାରେ; ସବୁଠାରେ-
जाहाँताहाँ 1. At all places.
जहाँतहाँ ୨ । ପ୍ରତ୍ୟେକ ସ୍ଥାନରେ—
2. At every place.

ଜାହାଁପନା—ବୈଦେ. ବି. (ଫା. ଜହାଁପନାହ୍ =ଜଗଦାଶ୍ରୟ; ଜହାଁ= Jahāṅ-panā ପୃଥିବୀ+ପନାହ୍ =ରକ୍ଷକ)—
जाहाँपना ପୃଥିବୀପତି, ଜଗଦାଶ୍ରୟ; ପ୍ରଭୁ—Lord of the world.
जहाँपना ଅ. (ବାଦସାହା ପ୍ରଭୃତିଙ୍କୁ ନିମ୍ନତର ବ୍ୟକ୍ତିମାନଙ୍କର (ଜାହାଁପାନା—ଅନ୍ୟରୂପ) ସମ୍ବୋଧନ)—ସ୍ୱାମୀ ! ହଜୁର !—
My Lord ! Your Highness.

ଜାହାଁବାଜ—ବୈଦେ. ବିଣ. (ଫା. ଜହାନ୍=ପୃଥିବୀ+ଦର୍ଶକ ଅର୍ଥରେ Jahāṅbāj ଫାରସୀ ବାଜ୍ ପ୍ରତ୍ୟୟ, କମ୍ବା ଅ. ଜେହନ୍= जाहाँबाज ବୁଦ୍ଧି+ଅଧିକାରୀ ଅର୍ଥରେ ବାଜ୍ ପ୍ରତ୍ୟୟ; जहाँबाद ଭୁଲ. ଫା. ଜହାଁଦୀଦ୍=ଅନୁଭବୀ)—
୧ । ବହୁଦର୍ଶୀ; ଅନୁଭବୀ—1. Experienced.
୨ । ତୀକ୍ଷ୍ଣବୁଦ୍ଧି—2. Sharp-witted.
୩ । କୂଟବୁଦ୍ଧି—
3. Crafty; of crooked policy.
୪ । ଖେଚେଡ଼ା; ଦୁଷ୍ଟ—4. Wicked; wanton.
୫ । ଦୁର୍ଦ୍ଦମନୀୟ—
5. Difficult to control; unmanageable.

ଜାହାଁଳ—ଦେ. ବି—ଜାଳ (ଦେଖ)
Jahāṅla Jāla (See)

ଜାହାଙ୍ଗୀର—ବୈଦେ. ବି. (ନାମ)—ମୋଗଲ ସମ୍ରାଟ; ଅକବର
Jahāngir ବାଦସାହାଙ୍କ ପୁତ୍ର—
जाहाङ्गीर Jehangir; the Moghal Emperor; son
जहाँगीर of Akbar.

[ଦ୍ର—ଏ ଅକବରଙ୍କ ମୃତ୍ୟୁ ପରେ ୧୬୦୫ ଖ୍ରୀଷ୍ଟାବ୍ଦରେ ସମ୍ରାଟ ହେଲେ ଓ ୧୬୨୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ଅକବରଙ୍କ ଅମଳରେ ଜୟପୁରର ହିନ୍ଦୁ ରାଜାଙ୍କ କନ୍ୟା ଯୋଧବାଈଙ୍କୁ ବିବାହ କରିଥିଲେ ଓ ପରେ ସେର ଅଫଗାନ୍ ନାମକ ସେନାପତିଙ୍କୁ ମରାଇ ତାଙ୍କ ସ୍ତ୍ରୀ ନୂରଜାହାନ୍‌ଙ୍କୁ ବିବାହ କଲେ । ଏହାଙ୍କ ଅମଳରେ ଇଂଲଣ୍ଡର ରାଜା ୧ମ ଜେମ୍ସ୍‌ଙ୍କଠାରୁ ରାଜଦୂତ ଆସିଥିଲେ । ଏହାଙ୍କ ନିକଟରୁ ବୃନ୍ଦାବନର ଗୋବିନ୍ଦଜୀଙ୍କ ମନ୍ଦିର ନିର୍ମିତ ହୋଇଥିଲା । ହି. ଶବ୍ଦସାଗର]

ଜାହାଜ—ବୈଦେ. ବି. (ଅ. ଜହାଜ)—
Jahāja ବୋଇତ; ପୋତ; ସମୁଦ୍ରଗାମୀ ବଡ଼ ନୌକା—
जाहाज Ship; a sea-going vessel.
जहाज [ଦ୍ର—ପ୍ରାଚୀନ ଉତ୍କଳରେ ଚିଲିକା ମୁହାଣ, ଚନ୍ଦ୍ରଭାଗା ଓ ତମଲୁକ୍ ଏବଂ ଅଳ୍ପକାଳ ପୂର୍ବେ ବାଲେଶ୍ୱର ନଗର ବହୁବାଣିଜ୍ୟର ପ୍ରଧାନ କେନ୍ଦ୍ରମାନ ଥିଲା ଓ ଓଡ଼ିଆମାନେ ଜାହାଜ ଚଳାଇ ଯାଭା, ବାଲିଆଦି ଦ୍ୱୀପ ଓ ଆଫ୍ରିକାର ଉପକୂଳକୁ ବାଣିଜ୍ୟ ସକାଶେ ଯାଉଥିଲେ । ଇଂରେଜମାନେ ପ୍ରଥମେ ଭାରତକୁ ଆସିବା ସମୟରେ ବାଲେଶ୍ୱର ଗୋଟିଏ ବନ୍ଦର ଥିଲା ଏବଂ ସେମାନେ ବାଲେଶ୍ୱର ନିକଟସ୍ଥ ପିପିଲିରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ । ଫରାସୀମାନେ ମଧ୍ୟ ଫରାସିଡାଙ୍ଗାରେ ବାଣିଜ୍ୟକୋଠି କରିଥିଲେ । ମାତ୍ର କାଳକ୍ରମେ ବଲଙ୍ଗ ନଦୀର ମୁହାଣ ପୋତି ହୋଇ ଯିବାରୁ ବାଲେଶ୍ୱର ବନ୍ଦର ବନ୍ଦ ହୋଇଗଲା ।

ଉତ୍କଳର କାହାଣୀମାନଙ୍କରେ ସାଧବ ଓ ମହାଜନମାନେ ଜାହାଜ ବା ବୋଇତରେ ଚଢ଼ି ସମୁଦ୍ରପାରସ୍ଥ ଦୂର ଦେଶକୁ ବାଣିଜ୍ୟ କରିବା ସକାଶେ ଯାଉଥିବା କଥା ବର୍ଣ୍ଣିତ ଅଛି । ଭୁବନେଶ୍ୱର ଗ୍ରାମର ପ୍ରାନ୍ତରେ ଥିବା କପାଳିନୀ ଠାକୁରାଣୀଙ୍କର ଦେଉଳକୁ ଲୋକେ ବୋଇତାଳ ଦେଉଳ ବୋଲି କହନ୍ତି, କାରଣ ଏହା ତିନି ଗୋଟି ମାସ୍ତୁଲ ଥିବା ଜାହାଜର ଆକୃତିରେ ନିର୍ମିତ । ବୋଇତକଥାରୁ ଓଡ଼ିଶାରେ ପୂର୍ବେ ନ ଥିଲା । ଏହା ବିଦେଶରୁ ବୋଇତରେ ଏଦେଶକୁ ଆମଦାନି ହୋଇ ଆସିଥିବାରୁ ଏହାକୁ ବୋଇତକଥାରୁ ବା କୋଇତାକୁ ବୋଲାଯାଏ । କାର୍ତ୍ତିକମାସର ଦୀପାବଳୀ (ଦେବାଳୀ) ଅମାବାସ୍ୟାର ସ୍ୱାତି ନ ପାହୁଣୁ ଓଡ଼ିଶାର ହିନ୍ଦୁ ଗୃହିଣୀମାନେ ଅଗଣାରେ ବୋଇତର ଚିତ୍ର ଅଙ୍କନ କରି ତହିଁ ଉପରେ ଘରର ବାକ୍ସ, ସିନ୍ଦୁକ, ପେଡ଼ି, ପେଟରା ଆଦି ରଖି ଲକ୍ଷ୍ମୀପୂଜା କରନ୍ତି । ବୋଧହୁଏ ପୂର୍ବେ ଏହି ସମୟରେ ଉତ୍କଳର ସାଧବ (ମହାଜନ) ମାନେ ବାଣିଜ୍ୟାର୍ଥ ବୋଇତରେ ବିଦେଶଯାତ୍ରା କରୁଥିଲେ । ରଜସଂକ୍ରାନ୍ତିର ପୂର୍ବ ଦିନ ମଧ୍ୟ ସ୍ତ୍ରୀଲୋକମାନେ ଅଗଣାରେ ବୋଇତର ଚିତ୍ର ଅଙ୍କନ କରି ପୂଜା କରନ୍ତି । ସମ୍ଭବତଃ ସେ ସମୟରେ ବୋଇତ ବିଦେଶରୁ ବାହୁଡ଼ି ଆସୁଥିଲା । କାହାଣୀରେ ଅଛି ଯେ ବୋଇତ ଅନୁକୂଳ କରି ଗଲା ବେଳେ ଏବଂ ବାହୁଡ଼ି ଆସିବା ସମୟରେ ମଧ୍ୟ ସାଧବଘରର ସଧବା ସ୍ତ୍ରୀମାନେ ଯାଇ ତାହାକୁ ବନ୍ଦାଉଥିଲେ ।

ପୂର୍ବେ ଓଡ଼ିଆମାନେ ଯେଉଁ ବୋଇତ ବ୍ୟବହାର କରୁଥିଲେ ତାହା ବାଷ୍ପୀୟ ପୋତ ନୁହେ । ତାହା ପାଲ ଓ କାତକେରୁଆଳ ଦ୍ୱାରା ଚାଳିତ ହେଉଥିଲା । ପ୍ରବାଦ ଅଛି ଯେ ଦରିଆ ମଝିରେ ଜାହାଜ ନ ଚଳିଲେ ସେ ଜାହାଜରେ କୌଣସି ନୀତିବିଗର୍ହିତ କାର୍ଯ୍ୟ ହେବା ଯୋଗୁଁ ଦେବତା କୁପିତ ହୋଇଥିବା ଆଶଙ୍କା କରି ଜାହାଜର ଅଧ୍ୟକ୍ଷ ଦେବତାଙ୍କୁ ଭୋଗ ଯାଚୁଥିଲେ ଏବଂ ଅପରାଧୀକୁ ସମୁଦ୍ରକୁ ନିକ୍ଷେପ କରୁଥିଲେ ବା ବଳି ଦେଉଥିଲେ ।

ଜାହାଜିଆମାନେ ଦିଗନିରୂପଣ କରିବାକୁ କମ୍ପାସ୍ ବ୍ୟବହାର କରୁଥିଲେ । ଜାହାଜିଆ ଭାଷାରେ ଦିଗ ବିଦିଗମାନଙ୍କର ନାମ ଯଥା— ଗାହି=ଉତ୍ତର, ସୋଇଲ=ଦକ୍ଷିଣ, ଉଦରି=ପୂର୍ବ, ପିଛୁଡ଼ି=ପଶ୍ଚିମ, ଗାହିମଉଲେଇ=ଉ. ପୂ., ବେଗର୍ଣ୍ଣିଆ ପିଛୁଡ଼ି=ଉ. ପ., ଦକ୍ଷିଣ ପିଛୁଡ଼ି=ଦ. ପ., ଦକ୍ଷିଣଉଦରି=ଦ. ପୂ., ଯୋଷ=ଉର୍ଦ୍ଧ୍ୱ, ଦମନ୍=ତଳ, ଉଜା=ଡାହାଣ ଓ ଡାବୁ=ବାମ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ୍ୟା' ନ ପାଇଲେ 'ଅଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ।

ଜାହାଜକୁ ପବନରେ ଚଳାଇବା ପାଇଁ ବ୍ୟବହୃତ ପାଲମାନଙ୍କର ଭିନ୍ନ ଭିନ୍ନ ନାମ ଥିଲା, ଯଥା—ଗାଉ = ମାସ୍ତୁଲରେ ବନ୍ଧାଯିବା ପ୍ରଧାନ ପାଲ, ଟବର = ମାସ୍ତୁଲ ଆଗପାଖରେ ବନ୍ଧାଯିବା ପାଲ, ଓ ଜାଉ = ମାସ୍ତୁଲରେ ସଂଲଗ୍ନ ଲଗିରେ ଲଟକା ହେବା ପାଲ।

ଜାହାଜର ଭିନ୍ନ ଭିନ୍ନ ଅଙ୍ଗର ନାମ ଯଥା—ଶୁକାନ, ମାସ୍ତୁଲ ବା ଦିଗବାରଣ ଖୁଣ୍ଟି, ପାଲ ବା ସେଡ଼୍, ପାଗଡ଼, ବାଜୁଟିଅ, କାଠ, କେରୁଅଳ, ମଙ୍ଗ ଓ ଲଙ୍ଗର।

ଜାହାଜର କର୍ମଚାରୀମାନଙ୍କର ଉପାଧି ଯଥା—ତଣ୍ଡେଲ, ଶୁକାନୀ, ଖଲାସୀ ଓ ବୋଇତଅଳ।

ପ୍ରକାରଭେଦରେ ଜାହାଜର ନାମ—ପାଲଟଣା ଜାହାଜ, କଳ ଜାହାଜ ବା ଧୂଆଁକଳ ଜାହାଜ, ଯୁଦ୍ଧଜାହାଜ ବା ମନୁଆର୍ ଜାହାଜ, ସଉଦାଗରୀ ଜାହାଜ ଓ ଟପିଡୋ ବା ବୁଡ଼ା ଜାହାଜ।]

ଜାହାଜପଡ଼ିଆ—ଦେ. ବି. (ନାମ)—ଚିଲିକାର ମାଲୁଦ ନିକଟରେ ଥିବା
Jāhāja-pardiā ଗୋଟିଏ ଅଭୁଚ ସ୍ଥାନ ଓ ତନ୍ନିକଟବର୍ତ୍ତୀ ପ୍ରକାଣ୍ଡ ପଡ଼ିଆ—Name of a high land including a vast field near by near Malud on the Chilka lake in Puri district.

[ଦ୍ର—ଓଡ଼ିଶାର ସ୍ୱାଧୀନ ରାଜାଙ୍କ ଅମଳରେ ଜାହାଜ ସମୁଦ୍ରରୁ ଆସି ଏହିଠାରେ ଲାଗୁଥିଲା।]

ଜାହାଜାତି—ଦେ. ବିଣ.—ଜାହାଜ ସମ୍ବନ୍ଧୀୟ—
Jāhājāti Relating to a ship; nautical.
জাহাজাতি
जहाजी

ଶୁଣାଶୁଣିରେ ଜାହାଜାତି କାରବାର ବାଲେଶ୍ୱରରୁ ଉଠି ଯିବ।
ଫକୀରମୋହନ. ଗଳ୍ପସ୍ୱଳ୍ପ।

ଜାହାଜି—ଦେ. ବି. ଓ ବିଣ.—ଜାହାଜିଆ (ଦେଖ)
Jāhāji Jāhājiā (See)

ଜାହାଜିଆ—ବୈଦେ. ବି. (ଅ)—୧। ପୋତାଧ୍ୟକ୍ଷ; କାପ୍ତାନ—
Jāhājiā 1. Captain of a ship.
জাহাজী ୨। ନାବିକ; ନୌକର୍ମଚାରୀ—
जहाजी 2. A sailor; a mariner.
୩। ବୋଇତଅଳ; ଜାହାଜଦ୍ୱାରା ବାଣିଜ୍ୟ କରିବା ବ୍ୟକ୍ତି—
3. A person who trades with the help of a ship; an export merchant.

ବାଲେଶ୍ୱରରେ ଅନେକଗୁଡ଼ିଏ ଜାହାଜିଆ ମହାଜନ ଥିଲେ।
ଫକୀରମୋହନ. ଗଳ୍ପସ୍ୱଳ୍ପ।

ଦେ. ବିଣ.—୧। ଜାହାଜ ସମ୍ବନ୍ଧୀୟ—
1. Pertaining to a ship.
୨। ନୌସମ୍ବନ୍ଧୀୟ—2. Nautical.
୩। ଜାହାଜରେ ସମୁଦ୍ରପାରସ୍ଥ ବିଦେଶରୁ ଅଣାତ; ବିଦେଶୀ (ଯଥା ଜାହାଜୀ ଗୁଆ)—3. Imported from a foreign transmarine country.

ଜାହାଜି ଗୁଆ—ଦେ. ବି. (ଅ. ଜହାଜୀ+ଫ. ଶୁବାଡ)—ଏକପ୍ରକାର
Jāhāji guā ବଡ଼ ଗୁଆ—A species of big areca nut.
জাহাজীসুপারী
जाहाजीसुपारी

ଜାହାନମ୍—ବୈଦେ. ବି. (ଅ. ଜହନ୍ନମ = କୋରାନବର୍ଣ୍ଣିତ ନରକ)—
Jāhānam ନରକ—The hell of the Mahomedan Scripture.
জাহান্নম
जहन्नम
(ଜାହାନ୍ନମ—ଅନ୍ୟରୂପ)

ଜାହାନମ୍‌କୁ ଯିବା—ଦେ. କ୍ରି.—ଚରିତ୍ରଭ୍ରଷ୍ଟ ହୋଇ ବିନାଶର ପଥରେ
Jāhānamku jibā ଅଗ୍ରସର ହେବା—To go to the dogs; to go hell.
তাহান্নমে যাওয়া
जहन्नममें जाना

ଜାହାନିଆଁ—ବୈଦେ. ବି. (ଅ) (ନାମ)—ଜନୈକ ମୁସଲମାନ ପରି-
Jāhāniāñ ବ୍ରାଜକ ମହାପୁରୁଷ—Name of a Mahomedan traveller-saint.

[ଦ୍ର—ପୁରୀ ଜିଲ୍ଲା କାକଟପୁର ନିକଟସ୍ଥ ସମୁଦ୍ରକୂଳରେ ଏହାଙ୍କର ଗାଦି ଅଛି। ସହକାର—୧୨ଶ ସଂଖ୍ୟା—ରାଧାଚରଣପଣ୍ଡା।]

ଜାହାର—ଗ୍ରା. ବି.—ଯାଆଁଳ (ଦେଖ)
Jāhāra Jāāñla (See)

ଜାହାଲ—ଦେ. ବି.—ଜାଲ (ଦେଖ)
Jāhāla Jālā (See)

ଜାହିର୍—ବୈଦେ. ବି. (ଅ. ଜାହିର = ବ୍ୟକ୍ତ; ପ୍ରକାଶିତ)—
Jāhir ୧। ପ୍ରକାଶ—1. Display; manifestation.
জাহের, যাহির ୨। ପ୍ରଚାର—2. Publication.
जाहिर ବିଣ.—୧। ବାହ୍ୟ—1. External.
୨। ବ୍ୟକ୍ତ—2. Apparent.
୩। ଲୋକେ ଲୋକେ ପ୍ରକଟିତ ବା ପ୍ରକାଶିତ—
3. Manifest; evident.
୪। ପ୍ରକାଶ୍ୟ—4. Public.
୫। ସର୍ବତ୍ର ପ୍ରକାଶିତ; ପ୍ରକଟିତ—
5. Made public; published.
୬। ଉନ୍ମୁକ୍ତ; ସ୍ଫୁଟ—6. Open.
୭। ବିଦିତ—7. Known.
୮। ଦଣ୍ଡପାଇବା ଦ୍ୱାରା ଉପଶାନ୍ତ; ଶାସିତ; ବଶୀଭୂତ—
8. Brought under control by means of punishment.

ଜାହିର୍ କରିବା—ଦେ. କ୍ରି—୧। ସାଧାରଣରେ ପ୍ରକାଶ କରିବା; ରଟନା
Jāhir karibā କରିବା—1. To publish or proclaim openly; to disclose.
জাহেরকরা
जाहिर करना (ଯଥା—ବିଦ୍ୟା ଜାହିର କରିବା।)

୯	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଅ୍	ଉଃ	ଭ
୨	ଈ	ଊ	ଋ	ଳୁ	ସ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ବ	ନ୍

୨ । ଦେଖାଇବା—2. To show; to display.
(ଯଥା—କସମତ୍ ଜାହିର କରିବା) ।
୩ । ଦଣ୍ଡଅାଦ୍ ଦେଇ କୌଣସି ବ୍ୟକ୍ତି ବା ଜନ୍ତୁକୁ କବ୍ଜାଯୁକ୍ତ କରିବା ବା ଶାସନ କରିବା—3. To bring a person or animal under control by punishment; to teach a person a lesson.

ଜାହିରା—ବୈଦେ. ବ ଓ ବଣ. (ଅ. ଜାହିର୍‌=ପ୍ରକାଶ୍ୟରୂପେ)—
Jāhirā ଜାହିର୍ (ଦେଖ)
Jāhir (See)
ପ୍ରାଦେ. (ସିଂହଭୂମ) ବ—ଦେବସ୍ଥଳୀର ବୃକ୍ଷାବଳୀ—
Trees growing in the precincts of a temple

ଜାହିରତ୍—ବୈଦେ. ବ. (ଅ)—ସର୍ବସାଧାରଣଙ୍କ ଜ୍ଞମନ୍ତେ ବିଜ୍ଞାପିବା
Jāhirāt ଉଜ୍ଞାପନ; ଜାହିରତ୍ ନାମା—Public notice.
ବଣ. (ଅ. ଜାହିର)—ପ୍ରକାଶିତ—Published.

ଜାହିରତ୍ନାମା—ବୈଦେ. ବ (ଅ)—ଜାହିରତ୍ (ଦେଖ)
Jāhirat-nāmā Jāhirat (See).

ଜାହିରି—ଗ୍ରା. ବୈଦେ. ବ ଓ ବଣ. (ଅ)—ଜାହିର୍ (ଦେଖ)
Jāhiri Jāhir (See)

ଜାହେର୍—ବୈଦେ. ବ ଓ ବଣ. (ଅ. ଜାହିର୍)—ଜାହିର୍ (ଦେଖ)
Jāher Jāhir (See)

ହଜୁରଙ୍କ କସମତ ନେକନାମି ବୁନିଆରେ ଜାହେର ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ଜାହ୍ନବୀ—ସଂ. ବ. ସ୍ତ୍ରୀ. (ଜହ୍ନୁ=ମୁନିବିଶେଷ+ଅପତ୍ୟାର୍ଥରେ ଅ+ସ୍ତ୍ରୀ. ଈ)—ଗଙ୍ଗା; ଭାଗୀରଥୀ—The river Ganges.
Jāhnabi
[ଦ୍ର—ଜହ୍ନୁମୁନିଙ୍କ ଜଂଘରୁ ଗଙ୍ଗା ବାହାରି ଥିବା କଥା ପୁରାଣରେ ବର୍ଣ୍ଣିତ ଅଛି । 'ଜହ୍ନୁ' ଶବ୍ଦ ଦେଖ ।]

ଜି (ଧାତୁ)—ସଂ—୧ । ଜିଣିବା; ଜୟ କରିବା—
Ji (root) 1. To overcome; to win; to conquer.
(ଜାପି—ଜିଜନ୍ତରୂପ) ୨ । ଅନ୍ୟକୁ ଯୁଦ୍ଧାଦିରେ ପରାଜିତ କରିବା—
2. To defeat; to vanquish; to subdue.
୩ । ବଶ କରିବା; ନିୟନ୍ତ୍ରିତ କରିବା—3. To curb; to restrain; to bring under control.
୪ । ଅପରାଧୀକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେବା—
4. To convict an accused.
୫ । ଅନ୍ୟକୁ ବଳିଯିବା—
5. To surpass; to excel.

ଜି—ସଂ. ବ. (ଜି ଧାତୁ+କର୍ତ୍ତୃ. କ୍ୱିପ୍)—ପିଶାଚ—
Ji Demon (Apte).
ଦେ. ବ—୧ । (ଚଳିତ) 'ଜିଲ୍ଲା'ର ସାଙ୍କେତିକ ଚିହ୍ନ 'ଜି'—
1. The conventional sign of 'Jillā'.

୨ । ଜୀ (ଦେଖ)
2. Ji (See)

ଜିଅଗ୍ରାଫି—ବୈଦେ. ବି. (ଇଂ. ଜିଓଗ୍ରାଫୀ)—ଭୂଗୋଳବିଦ୍ୟା—
Jiagrāphi Geography.

ଜିଅମେଟ୍ରି—ବୈଦେ. ବି. (ଇଂ. ଜିଓମେଟ୍ରୀ)—ଜ୍ୟାମିତି—
Jiametri Geometry.

ଜିଅର୍‌ବାର୍—ଗ୍ରା. ବୈଦେ. ବି. (ଫା. ଜେର୍‌ବାର୍=କ୍ଷତିଗ୍ରସ୍ତ)—
Jiar-bār ୧ । (ଧନର) ଅପବ୍ୟୟ; ବୃଥାବ୍ୟୟ—
জেরবার 1. Waste of money.
जेरबार ୨ । କ୍ଷତି—2. Loss.
ବିଣ—୧ । ଅପବ୍ୟୟିତ—1. Waste.
୨ । ଧନର ଅପବ୍ୟୟ କରିବା ଅବସ୍ଥାରେ ପଡ଼ିଥିବା (ବ୍ୟକ୍ତି), ବ୍ୟୟଗ୍ରସ୍ତ—2. (a person) Put to wasteful expense.
୩ । କ୍ଷତିଗ୍ରସ୍ତ—
3. Sustaining loss; put to loss.

ଜିଅର୍‌ବାରି—ଗ୍ରା. ବୈଦେ. ବି. (ଫା. ଜେର୍‌ବାରୀ)—୧ । କ୍ଷତି—
Jiar-bāri 1. Loss.
୨ । ଅପବ୍ୟୟ—2. Waste.
୩ । ଅପବ୍ୟୟ ବା କ୍ଷତିଗ୍ରସ୍ତ ହେବା ଅବସ୍ଥା—
3. State of being put to loss or waste.

ଜିଅଳ—ଦେ. ବି. (ସଂ. ଜିଙ୍ଗିଣୀ; ଜିଙ୍ଗଣୀ)—୧ । କାଣିମୁଲା ଗଛ—
Jiaḷa 1. A kind of tree exuding gum; Odina Wodier.
ସଂ. ନାମ—ଜିଂଗଣୀ; ଜିଂଗିଣୀ; ଝିଂଗିଣୀ; ଝିଂଗୀ; ସୁନିର୍ଯ୍ୟାସା; ପ୍ରମୋଦିନୀ; ପାର୍ବତୀ; କୃଷ୍ଣଶାଲ୍ମଳୀ
জিওল্ জিगन
(କନ୍ନଡ—ଅନ୍ୟନାମ)
[ଦ୍ର—ଏ ଗଛ ପାହାଡ଼ ଓ ହିମାଳୟ ତଳଭାଗର ଜଙ୍ଗଲରେ ହୁଏ । ଏ ଗଛ ଆମ୍ବାଦି ବର୍ଗର । ଏହାର ପତ୍ର ମହୁଲଗଛର ପତ୍ରପରି ଓ ଡାଳର ୨ ପାଖରେ ଯୋଡ଼ା ଯୋଡ଼ା ପତ୍ର ଧରେ । ପ୍ରତିବର୍ଷ ଏ ଗଛ ପତ୍ରହୀନ ହୁଏ, ଏହାର ଫୁଲ ଧଳା ଓ ଫଳ ବରକୋଳି ପରି । ବୈଦ୍ୟକମତରେ ଏହା କଷା, ସ୍ୱାଦିଷ୍ଟ ଓ ଗରମ ଅଟେ, ଏହା ବ୍ରଣ, ଅତିସାର, ବାତ ଓ ହୃଦ୍‌ରୋଗରେ ଉପକାରୀ ଓ ମୁଖର ଦୁର୍ଗନ୍ଧ ଦୂର କରେ । ଏ ଗଛରୁ ଅଜସ୍ର ଅଠା ବୁହେ ।]
୨ । ମାଗୁରଆଦି ମାଛ—
2. Fish of the Māgura species.
୩ । ଲଙ୍ଗଳମୁଣ୍ଡାର ମଝି ଉପରେ ମରାଯାଇଥିବା ଲୋହାର ଖିଲ ବା ଗୁଞ୍ଜା (ଯାହା ଭଲେ ଲଙ୍ଗଳଲୁହା ପଶେ)-
3. Iron staple through which the plough-share is thrust into the plough
୪ । ପ୍ରାଦେ. (ସାକ୍ଷୀଗୋପାଳ) ବି—ବଳିଦିଆରେ ଗୁଳା ଦେବା

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ଵିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ କ୍ରମାନ୍ୱୟରେ ଚକ୍ରର ବିପରୀତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ' ନ ମିଳିଲେ 'ଗାଢ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜୀଅନ୍ତା ମାଛଅଦି—4. Living ait stuck to the angler's hook.

ଜିଅଲ (ଇତ୍ୟାଦ)—ବୈଦେ. ବି. (ଇଂ. ଜେଲ୍)—
Jiala (etc) ଜେଲ୍ ଇତ୍ୟାଦ (ଦେଖ)
Jel etc (See)

ଜିଅଲଜି—ଦେ. ବି. (ଇଂ. ଜିଓଲଜି)—ଭୂତତ୍ତ୍ୱ ବିଦ୍ୟା—
Jialaji Geology.

ଜିଆ—ଦେ. ବି.—(ସଂ. ନାମ କଞ୍ଚୁକ, ମହୀଲତା, ଗଣ୍ଡପଦ; ଭୂଲ. ସଂ. ଜ୍ୟା=ଧନୁର ଦଉଡ଼ି)—
Jiā
କେଁଚୁଆ, କେଁଚୋ ୧ । କେଂଚୁଆ; ମହୀଲତା ନାମକ କୀଟ—
କେଞ୍ଚୁଆ, केचुआ Earth-worm.
[ଦ୍ର—ଏମାନେ ଅସ୍ଥିହୀନ କ୍ଷୁଦ୍ର ସର୍ପାକୃତି; ବର୍ଷାଦିନେ ଭୂମିରେ ବହୁତ ଦେଖାଯାନ୍ତି । ଏମାନେ ଭୂମିତଳେ ମାଟି ଖାଇନ୍ତି । ଏମାନଙ୍କୁ ପୋଡ଼ି ବା ଭଜି ଚୂର୍ଣ୍ଣ କରି ଖାଇଲେ ସାନ୍ନିପାତିକ ତୃଷା ବନ୍ଦ ହୁଏ ।]
୨ । ମନୁଷ୍ୟ ପେଟରୁ ମଳ ସଙ୍ଗେ ବାହାରିବା ବଡ଼ କୃମି—
2. Tape-worm.
ପ୍ରାଦେ—୧ । (ବାଲେଶ୍ୱର) ବି—ଗଡ଼ିଶା (ମାଛ) (ଦେଖ)
1. Gardisā (fish) (See)
୨ । (ମେଦିନୀପୁର) ବି — ରଟା (ମାଛ) (ଦେଖ)
2. Ratā (fish) (See)
୩ । ଶିଶୁ—3. Infant.

ଜିଆଁ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜୀବ)—
Jiān ୧ । ସନ୍ତାନ; ପିଲା—1. Child.
୨ । ବାଳକ—2. Boy.

ଜିଆଁଣିଆଁ—ଦେ. ବିଣ—ଜଳର କ୍ରମବୃଦ୍ଧି ଦେଖି ଯେଉଁ ନଦୀରେ
Jiānniān ବନ୍ୟା ଆସିବାର ସମ୍ଭାବନା କରାଯାଏ—(river) Showing prievious indications of a forthcoming flood.
(ଯଥା—ନଈ ଜିଆଁଣିଆଁ ହେଉଛି ।)

ଜିଆଗଲା—ଦେ. ବିଣ — ଜିଆ ଭୂମିତଳ ଭେଦ କରି ଗାଡ଼ିଥିବା
Jiā-galā (ମାଟି)—(earth) Ploughed up by
କେଁଚୁଆଖୋଁଡ଼ା earth worms.
(ଜିଆତଡ଼ା—ଅନ୍ୟତମ)

ଜିଆତଡ଼ା—ଦେ. ବିଣ—ଜିଆଗଲା (ଦେଖ)
Jiā-tardā Jiā-galā (See)

ଜିଆଦ—ଦେ. ବି —କ୍ଷୁଦ୍ର ମୃଗବିଶେଷ—
Jiāda A species of small deer.

ଜିଆଦା—ବୈଦେ. ବି. (ଫା. ଜ୍ୟାଦତୀ=ଆଧିକ୍ୟ; ଅଧିକ; ବହୁତ)—
Jiādā ୧ । ଆଧିକ୍ୟ; ଅଧିକତା—1. Excess.
जियादा ୨ । ବଳି ପଡ଼ିବା ଅଂଶ ବା ପଦାର୍ଥ—2. Surplus.
ज़ायादती
ज़ायादा; जियादा ବିଣ. (ଫ. ଜ୍ୟାଦା=ଅଧିକ; ବହୁତ)—
୧ । ପ୍ରଚୁର—1. More than enough.
୨ । ଅତ୍ୟଧିକ; ଅଧିକ—2. Excessive.
୩ । ଅଧିକ; ବହୁତ—3. Much; many; great.

ଜିଆନାଡ଼ା—ଦେ. ବି—ଜିଆ (ଦେଖ)
Jiā-nārdā Jiā (See)

ଜିଆପୁତା—ପ୍ରାଦେ. (ମେଦିନୀପୁର) ବି—ପୁତ୍ରଂଜୀବ (ଦେଖ)
Jiā-putā Putramjiba (See)

ଜିଆ ମାରିବା—ଦେ. ବି—ଗୋରୁଙ୍କ ଆଖିରୁ ପାଣି ବୋହିବା ରୋଗ—
Jiā māribā A cattle-disease causing watery discharge from the eyes.
[ଦ୍ର—ମନୁଷ୍ୟ ଲୁଣି ପାଣି କୁଳୁକୁଳିଆ କରି ଗୋରୁ ଆଖିକୁ ଛାଡ଼ିଲେ ଏ ରୋଗ ଭଲ ହୁଏ ।]

ଜିଆଲ୍—ପ୍ରାଦେ. (ସମ୍ବଲପୁର) ବିଣ—ଉପରୁ ସହଜରେ ପାଣି ଶୁଷି
Jiāl ନ ଯିବା (କ୍ଷେତ ବା ବିଲ)—(a field) From which water is not soaked up easily.

ଜିଉ—ପ୍ରାଦେ. (ମେଦିନୀପୁର) ବି. (ସଂ. ଦ୍ୟୂତ)—ବିବାହ ସମୟରେ
Jiu ବରକନ୍ୟାଙ୍କର କଉଡ଼ି ଖେଳ; ଜୁଆ ଖେଳ—
The game of cowries (sea-shells) played by the bride and the bridegroom during marriage.
ବୈଦେ. ବି. (ହିନ୍ଦୁ)—ଯୀହୁଦି (ଦେଖ)
Jihudi (See)
ଦେ. ବି. (ସଂ. ଜୀବ)—ଜୀ (ଦେଖ)—Jī (See)

ଜିଉଁତିଆ—ପ୍ରାଦେ. (ସମ୍ବଲପୁର) ବି—ଜିଉଣ୍ଡିଆ (ଦେଖ)
Jiuntiā Jiuntiā (See)

ଜିଉଦି—ବୈଦେ. ବି. (ହିବ୍ରୁ)—ଯୀହୁଦି (ଦେଖ)
Jiudi Jihudi (See)

ଜିଉଣା—ପ୍ରାଦେ. (ଜାଜପୁର) ବି. (ସଂ. ଜୀବନ)—ଧନ; ଅର୍ଥ—
Jiunā Money.

ଜିଉଣ୍ଡିଆ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜୀତାଷ୍ଟମୀ ବା ଜୀମୂତାଷ୍ଟମୀ;
Jiuntiā ଭୂଲ. ଏହି ଅର୍ଥରେ ହିନ୍ଦି ଏହି ଶବ୍ଦ)—
ଜୀତାଷ୍ଟମୀ; ଆଶ୍ୱିନ କୃଷ୍ଣାଷ୍ଟମୀ ବ୍ରତ—
A religious vow observed on the 8th of the dark fortnight of Āswina.
୨ । ଆଶ୍ୱିନ ଶୁକ୍ଳ ସପ୍ତମୀ ଦିନ (ଭାଇଜିଉଣ୍ଡିଆ) ଓ ଭାଦ୍ର ଶୁକ୍ଳ ଷଷ୍ଠୀ ଦିନ (ପୁଅଜିଉଣ୍ଡିଆ) ସ୍ତ୍ରୀ ଲୋକମାନେ କରିବା ବ୍ରତ—2. A religious vow observed by women having brothers on the 7th day of the light fortnight of Āswina and by those having sons on the 6th day of the light fortnight of Bhādra.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ସ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଖ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ଦ୍

[ଦ୍ର—ପୁଅଜିଉନ୍ତିଆ ପାଳବା ସ୍ତ୍ରୀମାନେ ଏହି ବ୍ରତରେ ବେକରେ ଗୋଟିଏ ଗଣ୍ଠିଦିଆ ସୂତା (ରକ୍ଷା କବଚ) ପିନ୍ଧନ୍ତି, ଭାଦ୍ର ଶୁକ୍ଳ ଷଷ୍ଠୀରେ ଓଡ଼ିଶାରେ ସ୍ତ୍ରୀ ଲୋକମାନେ ଏହା କରନ୍ତି ।]

୩ । ଉକ୍ତ ବ୍ରତ ପାଳନ କର ବା ସ୍ତ୍ରୀମାନେ ବେକରେ ଯେଉଁ ରକ୍ଷାକବଚ ପିନ୍ଧନ୍ତି—2. The sacred string worn round the neck by matrous observing the above vow.

ଜିଉଳ—ଦେ. ବ—୧ । ମାଗୁର ଆଦି ମାଛ—
Jiula 1. Species of fish comprising the
ଜିଓଲୀ, জিওল Māgura kind; fishes of the miscellaneous species.

୨ । ଜିଅଲ ଗଛ; ଜାଣି ମୁଳାଗଛ—
2. Odina Wodier (tree).

ଜିଉଳୀ—ଦେ. ବ—ଜିଉଳ (ଦେଖ)
Jiuli Jiula (See)

ଜିଓଗ୍ରାଫୀ—ବୈଦେ. ବ. (ଇଂ)—ଭୂଗୋଳ ବିଦ୍ୟା—
Jiography Geography.
জিওগ্রাফী
जिओग्राफी

ଜିଓମେଟ୍ରୀ—ବୈଦେ. ବ (ଇଂ)—ଜ୍ୟାମିତି—
Jiometri Geometry.
জিওমেটী
जिओमेट्री

ଜିଓଲ—ଦେ. ବ—ଜିଉଳ (ଦେଖ)
Jiola Jiula (See)

ଜିଓଲଜି—ବୈଦେ. ବ. (ଇଂ)—ଭୂତତ୍ତ୍ୱ ବିଦ୍ୟା—
Jiolaji Geology.
জিওলজী
जिओलजी

ଜିକଜିକ୍—ଦେ. ବ. (ସଂ. ଶୁକ୍ଳଚକ୍ୟ)—
Jik-jik ଶୁକ୍ଳଚକ୍ୟ—Brilliance.
চিকচিক ଦେ. ବଣ—ଚକଚକ; ଚକ୍‌ଚକ୍—
जगमग Shining; brilliance.
ଦେ. କ୍ରି. ବଣ—ଚକଚକ ହୋଇ—Brilliantly.

ଜିକ—ଦେ. ବ—ଜବ; ଶୁକ୍ଳଚକ୍ୟ—
Jika Brilliance.
চিকচিকানি
जगमगाहट

ଜିକର୍—ବୈଦେ. ବ. (ଫା. ଜିକ୍ର=ଚର୍ଚ୍ଚା)—
Jikar ୧ । ସୂଚନା—1. Indication.
জিকর ୨ । ପ୍ରସଙ୍ଗ—2. Reference.

ଜିକ୍ର (ଯଥା—ଅଭ ପୃଷ୍ଠାର ଅନ୍ତ୍ୟରେ ଏ ପୃଷ୍ଠାର ଜିକର ଲେଖାଯିବ ।)
ପ୍ରାଦେ. (ସମ୍ବଲପୁର) ବ—ଜିଗର (ଦେଖ)
Jigara (See)

ଜିକଜିକ—ଦେ. ବଣ ଓ କ୍ରି. ବଣ—ଜିକ୍‌ଜିକ୍ (ଦେଖ)
Jiki-jiki Jikjik (See)

ଜିଗମିଷା—ସଂ. ବ. (ଗମ୍ ଧାତୁ=ଯିବା+ଇଚ୍ଛା ଅର୍ଥରେ ସନ୍—ଜିଗମିଷ
Jigamishā ଧାତୁ+ଭାବ. ଅ+ଆ)—ଗମନେଚ୍ଛା; ଗମନ କରିବାର ଇଚ୍ଛା—Intention of going.

ଜିଗମିଷିତ—ସଂ. ବଣ. (ଜିଗମିଷ ଧାତୁ=ଗମନ କରିବାକୁ ଇଚ୍ଛା+କର୍ତ୍ତୃ
Jigamishita ବା କର୍ମ୍ମ। ଜିଗମିଷା+ସଂଜ୍ଞାର୍ଥେ. ଇତ)—
ଜିଗମିଷୁ (ଦେଖ)
Jigamishu (See)

ଜିଗମିଷୁ—ସଂ. ବଣ. (ଗମ ଧାତୁ+ଇଚ୍ଛା ଅର୍ଥରେ ସନ୍+କର୍ତ୍ତୃ. ଉ)
Jigamishu ଗମନେଚ୍ଛୁ; ଯିବାପାଇଁ ଇଚ୍ଛୁକ—Intent or bent upon going.

ଜିଗର—ବୈଦେ. ବ.—୧ । ଫା. ଜିଗର=କଲିଜା; ମନ)—
Jigara ନିର୍ବନ୍ଧାତିଶଯ୍ୟ—1. Importunity.
জিগর, জিগির ୨ । ବାରମ୍ବାର ଅନୁରୋଧ—2. Repeated
जिगर request or insistence.
୩ । ଜିଦ୍; ଜେଦ—3. Zid.

ଜକାଣି ଧମଶୁକଟା ଯକାଣେ ଏବେ ଜିଗର କାହିଁକି ?
ଜକାଶ୍ୱରଣ. ସଂସାରଚକ୍ର ।

୪ । ବିଶେଷଭାବରେ ଉଲ୍ଲେଖ—4. Specific mention; mentioning a thing by giving stress on it.
୫ । ଜିକର୍ (ଦେଖ)
5. Jikar (See)

ଜିଗର କରିବା—ଦେ. କ୍ରି.—୧ । ବାରମ୍ବାର ପ୍ରାର୍ଥନା, ଅନୁରୋଧ ବା
Jigara karibā ଅଳି କରିବା; କୌଣସି କଥା ପାଇଁ ଜିଦ୍
জিগর করা, জিগরলগান କରିବା—1. To insist on a thing,
जिगर करना to importune.
୨ । ବାରମ୍ବାର କଥା କହି ବିରକ୍ତ କରିବା—
2. To tease by incessant taking.

ଜିଗରଦସ୍ତ—ବୈଦେ. ବଣ. (ଫା)—ଜିଗରଦାରୁ (ଦେଖ)—
Jigara-dast Jigara-dār (See)

ଜିଗରଦସ୍ତି—ଦେ. ବ.—ଜିଗରଦାରି (ଦେଖ)
Jigara-dasti Jigara-dāri (See)

ଜିଗରଦାରୁ—ବୈଦେ. ବଣ. (ଫା.: ଜିଗରଦାର)—୧ । ଜିଦ୍‌ଖୋର;
Jigara-dār ଏକ ଗୁଆଁ, ଏକଜିଦିଆ—
জিগরদাব; জিগরবাজ 1. Headstrong; perverse;
जगरदार importunate; pertinacious.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ କିମ୍ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କ' ନ ପାଇଲେ 'ଅଲଙ୍କ' ଦେଖିବେ

୨ । ବିରକ୍ତକାରୀ—2. Teasing.

ଜଗରଦାରି—ଦେ. ବି. (ଫା ଜିଗର୍‌ଦାରୀ)—ଏକଜିଦିଆ ଖୋଇ—
Jigara-dāri — Headstrong nature.
ଜିଗରଦାରୀ
जिगरदारी

ଜଗରବାଜ—ବିଦେ. ବିଣ. (ଫା. ଜିଗର୍‌ବାଜ୍)—ଜଗରଦାର (ଦେଖ)
Jigara-bāj — Jigar-dār (See)
জিগরবাজ
जिगरबाज

ଜଗରବାଜି—ଦେ. ବି.—ଜଗରଦାରି (ଦେଖ)
Jigarabāji — Jigaradāri (See)
জিগরবাজি
जिगरबाजी

ଜଗର ଲଗା(ଗେ)ଇବା—ଦେ. କ୍ରି—ଜଗର କରିବା (ଦେଖ)
Jigara lagā(e)ibā — Jigara karibā (See)

ଜଗରିଆ—ଦେ. ବିଣ—ଜଗରଦାର (ଦେଖ)
Jigariā — Jigara-dār (See)

ଜଗିର୍ (ଇତ୍ୟାଦି)—ବିଦେ. ବି. (ଫା.)—ଜଗର ଇତ୍ୟାଦି (ଦେଖ)
Jigir (etc) — Jigara etc (See)

ଜିଗୀଷା—ସଂ. ବି. ସ୍ତ୍ରୀ (ଜି ଧାତୁ=ଜିଣିବା+ଇଚ୍ଛା ଅର୍ଥରେ ସନ୍ ଜିଗୀଷ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Jigishā
୧ । ଜୟ କରିବାର ଇଚ୍ଛା; ଜୟାଭିଳାଷ—
1. Wish to conqner; desire for conquering or excelling.
୨ । ଯୁଦ୍ଧପ୍ରିୟତା—2. Martial spirit; military ardour
୩ । ଉଦ୍ୟମ—3. Special effort; emulation.
୪ । ଉତ୍କର୍ଷ; ପ୍ରକର୍ଷ—4. Excellence.
୫ । ଉଚ୍ଚାଭିଳାଷ—5. Ambition.
୬ । ପ୍ରତିଦ୍ୱନ୍ଦ୍ୱିତା—6. Rivalry.

ଜିଗୀଷିତ—ସଂ. ବିଣ. (ଜିଗୀଷା+ସଞ୍ଜାତ ଅର୍ଥରେ ଇତ)—
Jigishita — ଜିଗୀଷୁ (ଦେଖ)
Jigishu (See)

ଜିଗୀଷୁ—ସଂ. ବିଣ. (ଜି ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jigishu
୧ । ଜୟୋତ୍ସୁକ; ଜୟ କରିବାର ଇଚ୍ଛାଯୁକ୍ତ—
1. Striving [to] conquer; desirous of conquering.
୨ । ଉଦ୍ୟମୀ; ଉଦ୍ୟମଶୀଳ—
2. Energetic; resourceful.
୩ । ଉନ୍ନତ ବା ଉତ୍କର୍ଷଲାଭପାଇଁ ଇଚ୍ଛୁକ—
3. Having desire to excel; emulating.
୪ । ଉଚ୍ଚାଭିଳାଷୀ—4. Ambitious.
୫ । ଯୁଦ୍ଧପ୍ରିୟ—5. Martial.

ଜିଘତ୍ସା—ସଂ. ବି. ସ୍ତ୍ରୀ. (ଅଦ୍ ଧାତୁ+ଖାଇବା+ଇଚ୍ଛାର୍ଥରେ ସନ୍=ଜିଘତ୍ସ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Jighatsā
୧ । ଭୋଜନେଚ୍ଛା—1. Wish or desire for eating.
୨ । କ୍ଷୁଧା 2. Hunger; appetite.
୩ । ଚେଷ୍ଟା—3. Striving for.

ଜିଘତ୍ସିତ—ସଂ. ବିଣ. (ଜିଘତ୍ସା+ସଞ୍ଜାତାର୍ଥେ ଇତ)—
Jighatsita
୧ । ବୁଭୁକ୍ଷୁ; ଭୋଜନେଚ୍ଛୁ—
1. Desirous of eating.
୨ । କ୍ଷୁଧିତ—2. Hungry.

ଜିଘତ୍ସୁ—ସଂ. ବିଣ. (ଅଦ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jighatsu — ଜିଘତ୍ସିତ (ଦେଖ)
Jighatsita (See)

ଜିଘାଂସ—ଦେ. ବି. (ପଦ୍ୟ) (ସଂ. ଜିଘାଂସା)—ଜିଘାଂସା (ଦେଖ)
Jighāmsa — Jighāmsā (See)
ନିର୍ଲୋଭୀ ସେ ପରମହଂସ
ତାହାଙ୍କୁ ନ କର ଜିଘାଂସ । ଜଗନ୍ନାଥ. ଭାଗବତ ।

ଜିଘାଂସା—ସଂ. ବି. ସ୍ତ୍ରୀ. (ହନ୍ ଧାତୁ=ବଧ କରିବା+ଇଚ୍ଛାଅର୍ଥରେ ସନ୍=ଜିଘାଂସ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Jighāmsā
୧ । ହନନେଚ୍ଛା; ବଧ କରିବାର ଇଚ୍ଛା—
1. A desire to kill or injure.
୨ । ବଧ କରିବାର ଚେଷ୍ଟା—2. Endeavour to kill.
୩ । ଶତ୍ରୁତା—3. Enmity.
୪ । ପ୍ରତିହିଂସା—4. Malice; revenge; rancour.

ଜିଘାଂସାବୃତ୍ତି—ସଂ. ବି (ଜିଘାଂସା+ବୃତ୍ତି)—ଜୀବହତ୍ୟା କାର୍ଯ୍ୟ; ଜୀବହିଂସା—
Jighāmsā-brutti — Killing animals; habitual desire to take life or kill animals.

ଜିଘାଂସିତ—ସଂ. ବିଣ. (ଜିଘାଂସା+ସଞ୍ଜାତ ଅର୍ଥରେ ଇତ)—
Jighāmsita — ଜିଘାଂସୁ (ଦେଖ)
(ଜିଘାଂସିତା—ସ୍ତ୍ରୀ) — Jighāmsu (See)
୨ । (ଜିଘାଂସ୍ ଧାତୁ+କର୍ମ. ତ)—ଯାହାକୁ ମାରି ପକାଇବାକୁ ଅନ୍ୟ ଲୋକ ଚେଷ୍ଟା ବା ଇଚ୍ଛା କରୁଥାଏ—
2. Sought to be killed or injured.

ଜିଘାଂସିବା—ଦେ. କ୍ରି. (ସଂ. ଜିଘାଂସା=ଶତ୍ରୁତା; ପ୍ରତିହିଂସା)—
Jighāmsibā
୧ । ଝିଙ୍ଗାସିବା; ତାଚ୍ଛଲ୍ୟପୂର୍ବକ ଗାଳିଦେବା—
তুচ্ছতাচ্ছিল্য করা — 1. To rebuke; to taunt.
नक्क चढ़ाना
୨ । ଘୃଣାପ୍ରକାଶପୂର୍ବକ ଗାଳିଦେବା—
2. To rebuke with contempt.
୩ । ବାରମ୍ବାର ଗାଳିଦେବା—
3. To rebuke repeatedly.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ୟ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଢ଼
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ୟ	ଯ	ସ	ଙ୍ଗ	ଇଅ	ଔ	ନ୍

୪ । ଉପହାସ କରିବା—
4. To sneer at; to deride.

ଜିଘାଂସୁ—ସଂ. ବିଣ (ହନ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jighāmsu ୧ । ହନନେଚ୍ଛୁ—1. Desirous of killing.
୨ । ଅପକାରସ୍ପୃହ—2. Malicious; revengeful.

ଜିଘୃକ୍ଷା—ସଂ. ବିଣ (ଗ୍ରହ ଧାତୁ=ଗ୍ରହଣ କରିବା+ଇଚ୍ଛାର୍ଥରେ ସନ୍=
Jighṛukshā ଜିଘୃକ୍ଷ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
୧ । ଗ୍ରହଣ କରିବାର ଇଚ୍ଛା—
1. A desire for taking.
୨ । ଲୋଭ—2 Greediness, avarice.

ଜିଘୃକ୍ଷିତ—ସଂ. ବିଣ (ଗ୍ରହ ଧାତୁ+ଇଚ୍ଛାର୍ଥରେ ସନ୍=ଜିଘୃକ୍ଷ ଧାତୁ+
Jighṛukshita କର୍ତ୍ତୃ. ତ; ଅଥବା ଜିଘୃକ୍ଷା+ସଞ୍ଜାତାର୍ଥେ. ଇତ)—
ଗ୍ରହଣେଚ୍ଛୁ—Desirous of taking (something); avaricious.

ଜିଘୃକ୍ଷୁ—ସଂ. ବିଣ (ଗ୍ରହ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jighṛukshu ଜିଘୃକ୍ଷିତ (ଦେଖ)
Jighṛukshita (See).

ଜିଘ୍ନସେନୀ—ଗ୍ରା. ବି. ସ୍ତ୍ରୀ (ସଂ. ଯାଜ୍ଞସେନୀ)—ଦ୍ରୌପଦୀ—
Jighna-senī Draupadī; the wife of the 5 Pāndaba-brothers.

ଜିଘ୍ର—ସଂ. ବିଣ. ପୁଂ (ଘ୍ରା ଧାତୁ=ଗନ୍ଧ ଗ୍ରହଣକରିବା+କର୍ତ୍ତୃ. ଅ)—
Jighra ୧ । ଘ୍ରାଣକାରୀ—1. Smelling.
(ଜିଘ୍ରା—ସ୍ତ୍ରୀ) ୨ । ସନ୍ଦେହକାରୀ—2. Suspecting.
୩ । ଅନୁମାନକାରୀ—3. Guessing; conjecturing.

ଜିଘ୍ରିବା—ଦେ. କ୍ରି. (ସଂ. ଜିଘ୍ର)—ବାସିବା—To smell.
Jighribā
ଦେଖା ମୁଖ ଜିଘ୍ରଇ ଅବର—ଅଭିମନ୍ୟୁ. ବଦଗ୍ଧଚିନ୍ତାମଣି।

ଜିଙ୍କ୍—ବୈଦେ. ବି (ଇଂ. ଜିଙ୍କ୍, Zinc.)—
Jink ଦସ୍ତା ଧାତୁ—Zinc.
.ଯିଙ୍କ [ଦ୍ର ଇଂରାଜିର 'Z' ଜେଡ୍ ଅକ୍ଷରର ଉଚ୍ଚାରଣର ସମାନ
ଜିଙ୍କ୍ ଉଚ୍ଚାରଣ ଯୁକ୍ତ ଅକ୍ଷର ଓଡ଼ିଆ ବା ସଂସ୍କୃତରେ ନ ଥିବାରୁ Z
ଅକ୍ଷରକୁ ଓଡ଼ିଆରେ 'ଜ' ଅକ୍ଷର ଲେଖି ଚଳାଇବାକୁ ହେବ ।]

ଜିଙ୍ଗନୀ—ସଂ. ବି.—ଜିଅଳ ୧ (ଦେଖ)
Jingani Jiala (See)
(ଜିଙ୍ଗିନୀ—ଅନ୍ୟରୂପ)

ଜିଙ୍ଗୀ—ସଂ. ବି. ସ୍ତ୍ରୀ (ଜିଙ୍ଗ=ଗମନ; ଜି ଧାତୁ=ଜୟକରିବା+କର୍ତ୍ତୃ. ଇ;
Jingi ଯେ ସମସ୍ତ ତରୁଲତାଙ୍କ ଜୟ କରେ)—
ମଞ୍ଜିଷ୍ଠା (ଦେଖ)
Mañjishthā (See)

ଜିଜିଆ—ବୈଦେ. ବି (ଫା. ଜିଜ୍ୟା)—ମୁସଲମାନ୍ ସମ୍ରାଟଙ୍କ ଅମଳରେ
Jijiā ଭାରତବର୍ଷରେ ଅମୁସଲମାନ ପ୍ରଜାଙ୍କଠାରୁ ଆଦାୟ କରାଯିବା
जिजिया କର ବା ଟିକସ—A poll-tax or capitation-tax
जिजिया levied from non-Mahomedans or infidels by the Mahomedan emperors of India.
[ଦ୍ର—ମୋଗଲ ସମ୍ରାଟ ଆକବର ଏହି ପ୍ରଥା ଉଠାଇ ଦେଇଥିଲେ, ମାତ୍ର ଔରଙ୍ଗଜେବ ପୁଣି ଏହା ଚଳାଇ ହିନ୍ଦୁମାନଙ୍କର ଅପ୍ରିୟ ହୋଇଥିଲେ ।]

ଜିଜୀବିଷା—ସଂ. ବି. ସ୍ତ୍ରୀ. (ଜୀବ୍ ଧାତୁ=ବଞ୍ଚିବା+ଇଚ୍ଛାର୍ଥରେ ସନ୍
Jijibishā =ଜିଜୀବିଷ୍ଧାତୁ+ଭାବ. ଅ+ଆ)—
୧ । ଜୀଇଁ ରହିବାର ଇଚ୍ଛା—
1. A desire for living.
୨ । ଜୀବନ ପ୍ରତି ମାୟା—2. Love of life.

ଜିଜୀବିଷୁ—ସଂ. ବିଣ. (ଜୀବ୍ ଧାତୁ+ଇଚ୍ଛାର୍ଥରେ. ସନ୍+କର୍ତ୍ତୃ. ଉ)—
Jijibishu ୧ । ବଞ୍ଚି ରହିବାକୁ ଇଚ୍ଛୁକ—1. Desirous of living.
୨ । ଦୀର୍ଘଜୀବନକାମୀ—2. Desiring a long life.

ଜିଜ୍ଞାସ୍ (ଧାତୁ)—ସଂ. (ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍)—
Jijñās (root) ୧ । ଜାଣିବାକୁ ଇଚ୍ଛା କରିବା—
1. To wish to know.
୨ । ଅନୁସନ୍ଧାନ କରିବାକୁ ଇଚ୍ଛା କରିବା—
2. To wish to enquire.

ଜିଜ୍ଞାସକ—ସଂ. ବିଣ. ପୁଂ. (ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍+କର୍ତ୍ତୃ.
Jijñāsaka ଅକ)—୧ । ଯେ କୌଣସି ବିଷୟ ଜାଣିବାକୁ
(ଜିଜ୍ଞାସିକା—ସ୍ତ୍ରୀ) ଇଚ୍ଛୁକ ହୋଇ ପ୍ରଶ୍ନ କରେ—
1. Desirous of knowing anything; inquisitive.
୨ । ପ୍ରଶ୍ନକାରୀ—
2. One who questions; interrogating.

ଜିଜ୍ଞାସନ—ସଂ. ବି. (ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍+ଭାବ. ଅନ)—
Jijñāsana ୧ । ପ୍ରଶ୍ନକରଣ—1. Questioning.
୨ । ଅନୁସନ୍ଧାନ—2. Enquiry; investigation.

ଜିଜ୍ଞାସନୀୟ—ସଂ. ବିଣ. (ଜିଜ୍ଞାସ୍ ଧାତୁ+କର୍ମ. ଅନୀୟ)—
Jijñāsaniya ଜିଜ୍ଞାସ୍ୟ (ଦେଖ)—Jijñāsya (See)

ଜିଜ୍ଞାସମାନ—ସଂ. ବିଣ. ପୁଂ. [ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍+କର୍ତ୍ତୃ.
Jijñāsamāna ଅନ (ଶାନଚ)]—
(ଜିଜ୍ଞାସମାନା—ସ୍ତ୍ରୀ) ୧ । ଜିଜ୍ଞାସୁ; ଯେ ପ୍ରଶ୍ନ କରୁଅଛି—
1. Questioning or enquiring about.
୨ । ଅନୁସନ୍ଧିତ୍ସୁ—2. Inquisitive.

ଜିଜ୍ଞାସା—ସଂ. ବି. ସ୍ତ୍ରୀ. (ଜ୍ଞା ଧାତୁ=ଜାଣିବା+ଇଚ୍ଛାର୍ଥରେ. ସନ୍
Jijñāsā +ଭାବ. ଅ+ଆ)—

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜିଜ୍ଞାସିତ } ବିଣ । ଜିଜ୍ଞାସ୍ୟ } ବିଣ । ଜିଜ୍ଞାସମାସ୍ୟ } ବିଣ
୧ । ଜାଣିବାର ଇଚ୍ଛା—
1. A desire for knowledge.
୨ । ଅନୁସନ୍ଧାନ—
2. Search; investigation.
୩ । ପ୍ରଶ୍ନ—3. Question; query.
୪ । ପରୀକ୍ଷା; ପରୀକ୍ଷା—
4. Test; examination.
୫ । ଅନୁସନ୍ଧାନ କରିବାର ଇଚ୍ଛା—
5. Inquisitiveness.
୬ । କୌତୂହଳ—6. Curiosity.

ଜିଜ୍ଞାସା କରିବା—ଦେ. କ୍ରି—୧ । ପ୍ରଶ୍ନ କରିବା; ପଚାରିବା—
Jijnāsā karibā — 1. To ask; to question.
জিজ্ঞাসা করা — ୨ । ଅନୁସନ୍ଧାନ କରିବା—
जिज्ञासा करना — 2. To investigate; to enquire.

ଜିଜ୍ଞାସାବାଦ—ସଂ. ବି. (ଜିଜ୍ଞାସା + ବଦ୍ ଧାତୁ + ଭାବ. ଅ)—ଜିଜ୍ଞାସା
Jijnāsā-bāda — ଓ ବାର୍ତ୍ତା; ସମ୍ବାଦ ଦାନ ଓ ଗ୍ରହଣ; ଆଳାପ—
Exchange of news; question and answer; series of interrogatories and replies.

ଜିଜ୍ଞାସାର୍ହ—ସଂ. ବିଣ. (ଉପପଦ ତତ୍, ଜିଜ୍ଞାସା + ଅର୍ହ)—
Jijnāsārha — ୧ । ଜିଜ୍ଞାସାର ଯୋଗ୍ୟ (ବିଷୟ)—1. (matter) Worth asking about or enquiring after.
୨ । ପ୍ରଶ୍ନ କରିବାର ଉପଯୁକ୍ତ (ବ୍ୟକ୍ତି)—
2. (person) Fit to be questioned or asked.

ଜିଜ୍ଞାସିତ—ସଂ. ବିଣ. (ଜ୍ଞା ଧାତୁ + ଇଚ୍ଛାର୍ଥରେ ସନ୍ = ଜିଜ୍ଞାସ୍ ଧାତୁ + କର୍ମ. ତ)—
Jijnāsita
୧ । ଯାହାକୁ ପ୍ରଶ୍ନ କରାଯାଏ—
1. (a person) Questioned; asked.
୨ । ଯେଉଁ ବିଷୟରେ ପ୍ରଶ୍ନ କରାଯାଏ—2. (a matter) Enquired after; sought after.

ଜିଜ୍ଞାସିବା—ଦେ. (ପଦ୍ୟ) କ୍ରି. (ସଂ. ଜିଜ୍ଞାସ୍ ଧାତୁ)—ଜିଜ୍ଞାସା କରିବା;
Jijnāsibā — ଅନୁସନ୍ଧାନ କରିବା—To enquire.
জিজ্ঞাসা — ଫଳ ଜିଜ୍ଞାସିଲେ ନୃପ ସ୍ୱପ୍ନବନ୍ତ ବୁଧେ ତକାଇ—
जिज्ञासना — ରଘୁନାଥ, ନନ୍ଦକେଶ୍ୱର ।

ଜିଜ୍ଞାସୁ—ସଂ. ବିଣ. (ଜ୍ଞା ଧାତୁ + ଇଚ୍ଛାର୍ଥରେ ସନ୍ + କର୍ତ୍ତୃ. ଉ)
Jijnāsu — ୧ । ଜିଜ୍ଞାସାକାରୀ; ପ୍ରଶ୍ନକାରୀ—
1. Inquisitive; enquiring.
୨ । ଜାଣିବାକୁ ଇଚ୍ଛୁକ ବା ଅଭିଳାଷୀ—
2. Desirous of knowing; wishing to know.
୩ । ମୁମୁକ୍ଷୁ; ଆତ୍ମମୁକ୍ତି କାମନାରେ ତତ୍ତ୍ୱଜ୍ଞାନଲାଭେଚ୍ଛୁ—
3. Desirous of getting absolution; inquisitive after the truth of salvation.

ଜିଜ୍ଞାସ୍ୟ—ସଂ. ବିଣ. (ଜ୍ଞା ଧାତୁ + ଇଚ୍ଛାର୍ଥରେ ସନ୍ = ଜିଜ୍ଞାସ୍ ଧାତୁ + କର୍ମ. ଯ)—
Jijnāsya
୧ । ଜିଜ୍ଞାସାର ବିଷୟୀଭୂତ—
1. Subject of question.
୨ । ପ୍ରଶ୍ନର ଯୋଗ୍ୟ; ଅନୁସନ୍ଧେୟ—
2. Fit to be questioned or enquired into; worthy of investigation.
୩ । ଯେଉଁ ବ୍ୟକ୍ତିକୁ ପଚାରିବା ଉଚିତ—
3. (person) Fit who asked questions.

ଜିଜ୍ଞାସ୍ୟମାନ—ସଂ. ବିଣ. ପୁଂ. (ଜ୍ଞା ଧାତୁ + ଇଚ୍ଛାର୍ଥରେ ସନ୍ + କର୍ମ. ଅନ)-
Jijnāsyamāna — ୧ । ଯାହା ସମ୍ବନ୍ଧରେ ପ୍ରଶ୍ନ ବା ଅନୁସନ୍ଧାନ କରା
(ଜିଜ୍ଞାସ୍ୟମାନା—ସ୍ତ୍ରୀ) — ଯାଉଅଛି—1. Subject of enquiry.
୨ । ଯେଉଁ ବିଷୟରେ ଅନୁସନ୍ଧାନ ଚାଲୁଅଛି—
2. The subject-matter under enquiry; which is being enquired about.

ଜିଞ୍ଜର୍ ବିଅର୍—ବୈଦେ. ବି. (ଇଂ)—ଅଦାରସ ମିଶିଥିବା ପାନୀୟବିଶେଷ-
Jiñjar biar — Ginger beer.
জিংজর বিয়ার
जिंजर बियार

ଜିଞ୍ଜରେଡ୍—ବୈଦେ. ବି. (ଇଂ)—ଅଦାରସ ମିଶା ପାନୀୟବିଶେଷ—
Jiñjared — Gingerade.
জিংজরেড়
जिंजरेड्
(ଜିଞ୍ଜରେଟ୍—ଅନ୍ୟରୂପ)

ଜିଞ୍ଜିର (ଇତ୍ୟାଦି)—ବୈଦେ. ବି. (ଫା)—ଜଞ୍ଜିର ଇତ୍ୟାଦି (ଦେଖ)
Jiñjira (etc) — Jañjira etc. (See)

ଜିଞ୍ଜିରା (ଇତ୍ୟାଦି)—ବୈଦେ. ବି. (ଫା)—ଜଞ୍ଜିର ଇତ୍ୟାଦି (ଦେଖ)
Jiñjirā (etc) — Jañjira etc. (See)

ଜିଞ୍ଜିରି (ଇତ୍ୟାଦି)—ବୈଦେ. ବି. (ଫା)—ଜଞ୍ଜିର ଇତ୍ୟାଦି (ଦେଖ)
Jiñjiri (etc) — Jañjira etc. (See)

ଜିଡ଼—ଦେ. ବି. (ସଂ. ଜଟୀ)—ପ୍ଲକ୍ଷ ବୃକ୍ଷ; ବଟ ଜାତୀୟ ବୃକ୍ଷବିଶେଷ—
Jirḍa — The waved leafed fig tree.
পাকুড়
पाकर

ଜିଡ଼ା—ପ୍ରାଦେ. (କଟକ) ବିଣ—ଛିଡ଼ା; ଦଣ୍ଡାୟମାନ—
Jirḍā — Standing.

ଜିଣ—ଦେ. ବି. (ସଂ. ଜି ଧାତୁ; ପ୍ରା. ଜିଣ ଧାତୁ = ଜୟ କରିବା; ସଂ. ଜିତ)—ଜୟଲାଭ—Victory.
Jiṇa
জিত — (ଯଥା—ବୀର ପୁରୁଷର ଜୀବନରେ ହାର ଜିଣ ସଦା-
जीत — ସର୍ବଦା ଲାଗି ରହିଛି ।)
(ହାର—ବିପରୀତ)

୧	ଇ	ଉ	ର୍‌, ର୍ଭ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ଘ
୨୦	ଈ	ଊ	ରୁ	ଲୃ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ଟ୍ଟ

ଜିଣନ୍ତା—ଗ୍ରା. ବିଣ. (ସଂ. ଜେତା)—
Jiṇantā ଜେତା; ଯେ ଜୟଲାଭ କରେ—
জেতা Winning; victorious.
जीतनेवाला ତୃଷ୍ଣା କହୁଥିଲେ ମୋତେ ଜିଣନ୍ତା କୋହୁବେ ତୋତେ
ଯୁବତୀ ସକାଶୁଁ ମୃତ୍ୟୁ ହେବ ତୋହର ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଜିଣା—ଦେ. ବି. (ଜି ଧାତୁ; ପ୍ରା. ଜିଣ ଧାତୁ)—
Jiṇā ୧ । ଯୁଦ୍ଧରେ ଜୟ—1. Victory.
জিতা, জেতা ୨ । ଖେଳରେ ଜୟଲାଭ—
जीतना, जीत 2. Winning in a game.
(ଉପସ୍ଥିତ—ହାର) ୩ । ଜୟଲାଭର ଫଳରେ କୌଣସି ବସ୍ତୁର ପ୍ରାପ୍ତି-
3. Aquisition of a thing by conquest.

ଦେ. ବିଣ—୧ । ଜୟକାରୀ; ଜୟୀ—
1. Victorious; winning.
ଅହାସବ ଗୁଣରେ ତାକୁ ସେ ଜିଣା । କୃଷ୍ଣସିଂହ. ମହାଭାରତ. ବନ ।
୨ । ଜୟଲବ୍ଧ; ଯେଉଁ ପଦାର୍ଥକୁ ଅନ୍ୟଠାରୁ ଜୟ କରି ଅଣାଯାଇ ଥାଏ—2. Got as a result of conquest.
୩ । ଜିତ; ଯାହାକୁ ଜୟ କରାଯାଇ ଥାଏ—
3 Won; conquered.
୪ । ପରାଜିତ—4. Vanquished.
୫ । ଶ୍ରେଷ୍ଠ—5. Chief; prominent.
ବ୍ରହ୍ମା ସୁତ ନାରଦ ଋଷିଙ୍କରେ ଜିଣା । କୃଷ୍ଣସିଂହ. ମହାଭାରତ. ବନ ।

ଜିଣା(ଣେ)ଇବା—ଦେ. କ୍ରି (ସଂ. ଜି ଧାତୁ; ଜିଣିବା କ୍ରିୟାର ଣିଜନ୍ତ ରୂପ)—
Jiṇā(ṇe)ibā ୧ । କୌଣସି ବ୍ୟକ୍ତିକୁ ଜୟୀ କରାଇବା—
জিতান, জেতান 1. To cause a person to gain victory.
जीतवाना
୨ । କୌଣସି ବ୍ୟକ୍ତିକୁ ଜୟୀ ହେବାର ଉପାୟ ବା ସୁବିଧା କରିଦେବା—2. To put a person in the way of conquering.

ଜିଣା କରିବା—ଦେ. କ୍ରି. (ପଦ୍ୟ)—ଜିଣିବା (ଦେଖ)
Jiṇā karibā Jiṇibā (See)
ଯେଉଁମାନେ କରେ ଅଛନ୍ତି ଧରି ବାଣ।
ଗାଉଛନ୍ତି କୋକିଳର ସ୍ୱର କରି ଜିଣା । କୃଷ୍ଣସିଂହ. ମହାଭାରତ. ବନ ।

ଜିଣାଜିଣି—ଦେ. ବି. (ସଂ. ଜି ଧାତୁ)—
Jiṇājiṇi ୧ । ବହୁବାର ଜିତିବା ବା ଜୟଲାଭ—
জিতাজিতি 1. Repeated victories.
୨ । ଦୁଇ ପକ୍ଷ ଯୁଦ୍ଧ କଲା ବେଳେ କେତେ ଥର ଏକ ପକ୍ଷ ଜିତିବା ଓ କେତେ ଥର ଅପର ପକ୍ଷ ଜିତିବା—
2. Alternate victories and defeats.
୩ । ଜୟଲାଭ; ଜିତିବା—3 Victory.

ଜିଣାଣ—ଗ୍ରା. ବି. (ପଦ୍ୟ) (ସଂ. ଜି ଧାତୁ)—ଜୟ; ଜୟଲାଭ—
Jiṇāṇa Victory.

ଜିଣା ପଟ୍ଟ—ଦେ. ବି. (ସଂ. ଜୟ ଓ ପକ୍ଷ)—
Jiṇā paṭa ୧ । ଯୁଦ୍ଧ କରୁଥିବା ବା ଖେଳୁଥିବା ଦୁଇ ବିପକ୍ଷ ଦଳ
জেতা পক্ষ ମଧ୍ୟରୁ ଜେତା ପକ୍ଷର ଜୟ କରିବାର ସୁଯୋଗ;
जितना पत्त ଜିତାପଟ୍ଟ—1. Good luck of the party which wins in a game or a fight.
୨ । ଯୁଦ୍ଧ ବା ଖେଳରେ ଜୟ ଲାଭ କରିବା ପକ୍ଷ —
2. Winning party in a game or a fight.

ଜିଣିବା—ଦେ. କ୍ରି. (ସଂ. ଜି ଧାତୁ; ପ୍ରା. ଜିଣ ଧାତୁ)—
Jiṇibā ୧ । (ଶତ୍ରୁକୁ) ଜୟ କରିବା—1. To conquer;
জিতা to vanquish an enemy.
जीतना ୨ । (ବିପକ୍ଷ ବ୍ୟକ୍ତି ବା ଦଳକୁ) ପରାସ୍ତ କରିବା—
2. To beat one's adversary.
୩ । ଜିତିବା; ଜୟ ଲାଭ ଦ୍ୱାରା ପାଇବା—3. To win something as a result of victory or conquest.
୪ । ଅତିକ୍ରମ କରିବା; ଲଙ୍ଘନ କରିବା; ପାର ହେବା—
4. To overcome; to cross; to pass over (e.g. a sea, a danger.)
୫ । ବଳିବା; ଅପେକ୍ଷାକୃତ ଅଧିକ ହେବା; ଉତ୍କୃଷ୍ଟତର ହେବା—
5. To exceed; to excel.
ପ୍ରଫୁଲ୍ଲ କମଳ ଜିଣି ସୁନ୍ଦର ବଦନ । ମଧୁସୂଦନ. ବାଲରାମାୟଣ ।

ଜିତ୍—ସଂ. ବିଣ. (ଜି ଧାତୁ + କର୍ତ୍ତୃ. କ୍ୱିପ୍)—ଯେ ଜୟ କରି ଥାଏ—
Jit Victorious; one who has vanquished another.
[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ; ଯଥା—
ଶତ୍ରୁଜିତ୍, ଇନ୍ଦ୍ରଜିତ୍, ବିଶ୍ୱଜିତ୍;
জিত ଦେ. ବି.—ଜୟ; ଜୟଲାଭ—Victory; winning.
जीत [ଯଥା—ହାରଜିତ୍ କାହାରିକୁ ଛାଡ଼ି ନାହିଁ ।]
(ହାରି—ବିପରୀତ)

ଜିତ—ସଂ. ବିଣ. (ଜି ଧାତୁ + କର୍ମ. ତ)—୧ । ପରାଜିତ; ଯାହାକୁ ଅନ୍ୟ
Jita ବ୍ୟକ୍ତି ଜିତିଛି—1. Vanquished; conquered; subdued.
୨ । ଜୟଲବ୍ଧ—2. Won; acquired by conquest.
ଦ୍ରୁପଦ ଝିଅ ଜିତ ହୋଇବେ କେସନେ । କୃଷ୍ଣସିଂହ. ମହାଭାରତ. ସଭା ।
୩ । ସ୍ୱାୟତ୍ତୀକୃତ—3. Brought under full control.

ଜିତକାଶି—ସଂ. ବି.—ମୁଠା କରି ଯାଇଥିବା କରତଳ—
Jitakāsi The doubled fist (M. W.)

ଜିତକାଶୀ—ସଂ. ବିଣ.—(ଜିତ + କାଶ୍ ଧାତୁ = ଦୀପ୍ତି ପାଇବା + ଇନ୍;
Jita-kāsī ୧ମା. ୧ବ.)—୧ । ଜୟଶୀଳ; ବିଜୟୀ—
1. Victorious.
ଜିତକାଶୀ ହେବାରୁ ଭୀମ ମହାବଳ,
ଗରଜନ କରୁଅଛନ୍ତି ଶୁଣ ଭଳ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
୨ । ଗର୍ବିତ—2. Proud.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' କୁ ମିଳିଲେ 'ଗାଇ' ଖୋଜିବେ; 'କୂଅ' କୁ ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜିତକ୍ରୋଧ—ସଂ. ବିଣ. ପୁଂ (ବହୁବ୍ରୀହି; ଜିତ+କ୍ରୋଧ)—ଯେ କ୍ରୋଧ ବା
Jitakrodha ରାଗକୁ ସଂଯତ କରିଅଛି; ଶାନ୍ତପ୍ରକୃତିକ; ସହିଷ୍ଣୁ; କ୍ଷମାଶୀଳ—One who has subdued one's anger; one who succeeds in checking an
(ଜିତକ୍ରୋଧା—ସ୍ତ୍ରୀ) outburst of passionate anger; patient; forbearing; of a forgiving disposition.

ଜିତମନ୍ୟୁ—ସଂ. ବିଣ.—ଜିତକ୍ରୋଧ (ଦେଖ)
Jita-manyu Jita-krodha (See)

ଜିତଶତ୍ରୁ—ସଂ. ବିଣ. (ବହୁବ୍ରୀହି; ଜିତ+ଶତ୍ରୁ)—ଶତ୍ରୁଜୟକାରୀ—
Jita-śatru One who has vanquished one's foes.

ଜିତା—ସଂ. ବିଣ. ସ୍ତ୍ରୀ (ଜି ଧାତୁ+କର୍ମ. ତ+ସ୍ତ୍ରୀ. ଆ)—ଯେଉଁ ସ୍ତ୍ରୀକୁ
Jitā ପରାଜୟ କରି ଯାଇ ଅଛି; ପରାଜିତା—
জেতা Vanquished (female).

जीता दे. ବିଣ. (ସଂ. ଜେତା)—ଜୟୀ; ଜୟଯୁକ୍ତ—
Victorious; winning.

ଗୋବିନ୍ଦ ରଥର ସେ ଜିତା, ଶତ୍ରୁକେ ଗୋପପୁର ଚିନ୍ତା ।
ଜଗନ୍ନାଥ. ଭାଗବତ ।

জিত ଦେ. ବି—ଜୟ; ଜିଣା—
जीत Victory.

ଜିତାଇ—ଗ୍ରା. (ପ୍ରାଚୀନ ପଦ୍ୟ) ବି.—ଜୟ; ଜିଣା—
Jitāi Victory.
জিত ଓଲଟ ପାଦ ଅସନ ଯାହାର,
जीत ନନ୍ଦା ମେଥିନ ଜିତାଇ ତାହାର । ପ୍ରାଚୀ. ପରବେ ଗୀତା ।

ଜିତା(ତେ)ଇବା—ଦେ. କ୍ରି.—'ଜିତିବା'ର ଣିଜନ୍ତ ରୂପ—
Jitā(te)ibā ଜିଣାଇବା (ଦେଖ)
Jiṇāibā (See)

ଜିତାକ୍ଷର—ସଂ. ବିଣ. ପୁଂ (ବହୁବ୍ରୀହି; ଜିତ+ଅକ୍ଷର)—ପଠନରେ ସୁପଟୁ—
Jitākshara Skilled or expert in reading.
(ଜିତାକ୍ଷରା—ସ୍ତ୍ରୀ)

ଜିତାତ୍ମତ୍ୱ—ସଂ. ବି. (ଜିତାତ୍ମନ୍+ଭାବ. ତ୍ୱ)—ଜିତେନ୍ଦ୍ରିୟତା—
Jitātmatwa Self-control.

ଜିତାତ୍ମା—ସଂ. ବିଣ. ପୁଂ. (ବହୁବ୍ରୀହି, ଜିତ+ଆତ୍ମନ୍)—ଯେ ମନକୁ ଜୟ
Jitātmā କରି ଅଛି; ଜିତେନ୍ଦ୍ରିୟ; ସଂଯତେନ୍ଦ୍ରିୟ—
Of subdued passions; self-controlling; stoical.

ଜିତା ପଟ—ଦେ. ବି.—ଜିଣା ପଟ (ଦେଖ) ।
Jitā pata Jiṇā pata (See)

ଜିତାପଣ—ଦେ. ବି.—ଜୟଶୀଳତା—
Jitā-pana Victoriousness.
କନ୍ଦର୍ପ ଦର୍ପହର ଦର୍ପଣ ଝଳ ସାର ସୁନ୍ଦର ଜିତାପଣ ଚନ୍ଦ୍ର ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଜିତାମିତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ଜିତ+ଅମିତ୍ର)—
Jitāmitra ୧ । ଜିତଶତ୍ରୁ; ଯେ ଶତ୍ରୁକୁ ପରାଜୟ କରିଅଛି—
(ଜିତାମିତ୍ରା—ସ୍ତ୍ରୀ) One who has subdued his enemies.
୨ । ବିଷ୍ଣୁ—2. The God Bishṇu.

ଜିତାରି—ସଂ. ବିଣ. ପୁଂ—ଜିତାମିତ୍ର (ଦେଖ)
Jitāri Jitāmitra (See)
ସଂ. ବି.—ବୁଦ୍ଧଦେବଙ୍କର ଏକ ନାମ (ହି. ଶବ୍ଦସାଗର)
A name of the Buddha

ଜିତାଷ୍ଟମୀ—ସଂ. ବି. ସ୍ତ୍ରୀ—ଆଶ୍ୱିନମାସର କୃଷ୍ଣପକ୍ଷର ଅଷ୍ଟମୀ; ଜୀମୂତାଷ୍ଟମୀ;
Jitāshṭami ଦୁର୍ଗାବାହନ ପୂଜା—The 8th day of the dark fortnight of the month of Āświna.
[ଦ୍ର—ଏ ଦିନ ଶରତ୍‌କାଳୀନ ଦୁର୍ଗୋତ୍ସବ ଆରମ୍ଭ ହୁଏ; ଦୁର୍ଗାବାହନ ବା ଜୀମୂତବାହନ ପୂଜା ମଧ୍ୟ ହୁଏ । ଏହାର ଅନ୍ୟ ନାମ ମୂଳାଷ୍ଟମୀ । ଏହିଦିନ ପୁତ୍ରବତୀ କାମିନୀମାନେ ସନ୍ତାନଙ୍କ ମଙ୍ଗଳ କାମନାରେ ଗଳାରେ ରାକ୍ଷୀ ବାନ୍ଧନ୍ତି ।]

ଜିତାହବ—ସଂ. ବିଣ. (ବହୁବ୍ରୀହି; ଜିତ+ଆହବ)—ଯୁଦ୍ଧରେ ଜୟୀ—
Jitāhaba Victorious in war.

ଜିତାହାର—ସଂ. ବିଣ. ପୁଂ. (ବହୁବ୍ରୀହି; ଜିତ+ଆହାର)—
Jitāhāra ୧ । ଖାଦ୍ୟବିଷୟରେ ମିତାଚାରୀ; ସଂଯତାହାରୀ—
(ଜିତାହାରା—ସ୍ତ୍ରୀ) 1. Abstinent; abstemious.
୨ । ଯେ କ୍ଷୁଧାକୁ ଜୟ କରିଅଛି—
2. Of subdued appetite.

ଜିତି—ସଂ. ବି. (ଜି ଧାତୁ+ଭାବ. ତି)—ବିଜୟ; ଜୟଲାଭ—
Jiti Victory.

ଜିତିବା—ଦେ. କ୍ରି. (ସଂ. ଜି ଧାତୁ)—
Jitibā ୧ । ଜିଣିବା; ଜୟଲାଭ କରିବା—
জিতা 1. To win; to gain victory.
जितना ଭୁଜ ଯେ ଅଜିତ ସ୍ୱଭାବେ
ଭକତ ଚୋରେ ଜିତେ ଭାବେ । ଜଗନ୍ନାଥ. ଭାଗବତ ।
୨ । ପରାସ୍ତ କରିବା—
2. To conquer; to overcome.
୩ । ଟପିବା; ବଳିଯିବା; ଅତିକ୍ରମ କରିବା—
3 To surpass; to exceed.
(ଯଥା—ଭାରତରେ ବର୍ତ୍ତମାନ ଆଇନ୍ ଅନୁଯାୟୀ ବାଳିକା ୧୨ ବର୍ଷରୁ ଜିତିଲେ ସହବାସ ପାଇଁ ସମ୍ମତି ଦେଇ ପାରେ—ଉତ୍କଳସେବକ ।)
୪ । ଅନ୍ୟଠାରୁ ଉତ୍କୃଷ୍ଟ ହେବା—4. To excel.

ଜିତୁମ—ସଂ. ବି. (ଗ୍ରୀକ୍ ଭାଷା; ତୁଲ. ସଂ. ଯୁଗ୍ମ) (ଜ୍ୟୋତିଷ)—
Jituma ମିଥୁନରାଶି—The Gemini (a sign of the zodiac) (Apte).
[ଦ୍ର—ଜ୍ୟୋତିଷର ଅନେକ ଗୁଡ଼ିଏ ଶବ୍ଦ ଗ୍ରୀକ୍‌ଭାଷାରୁ ସଂସ୍କୃତକୁ ଆସିଅଛି ।]

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ଼	ଉଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍

ଜିତେନ୍ଦ୍ରିୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଜିତ+ଇନ୍ଦ୍ରିୟ)—.
Jitendriya ଯେ କାମକ୍ରୋଧାଦିରିପୁମାନଙ୍କୁ ବଶୀଭୂତ କରିଅଛି—
(ଜିତେନ୍ଦ୍ରିୟା—ସ୍ତ୍ରୀ) Continent; self-controlling; of
ଜିତେନ୍ଦ୍ରିୟତା } ବି subdued passions; one who has his
ଜିତେନ୍ଦ୍ରିୟତ୍ୱ } passions under control; stoical.
[ଦ୍ର—ଯେଉଁ ବ୍ୟକ୍ତିର କୌଣସି ବିଷୟ ଦେଖିଲେ, ଶୁଣିଲେ, ଖାଇଲେ, ଛୁଇଁଲେ ବା ଶୁଙ୍ଘିଲେ ହର୍ଷ ବା ବିଷାଦ ହୁଏ ନାହିଁ, ମନୁସଂହିତା ଅନୁସାରେ ତାଙ୍କୁ ଜିତେନ୍ଦ୍ରିୟ ବୋଲାଯାଏ ।]
ସଂ. ବି—ବ୍ରହ୍ମଜ୍ଞ; ତପସ୍ୱୀ—An ascetic.

ଜିତ୍ତମ—ସଂ. ବି—୧ । ଜିତୁମ (ଦେଖ)
Jittama 1. Jituma (See)
୨ । ଜୟଶୀଳ (ପ୍ରକୃତିବାଦ)—Victorious.

ଜିତ୍ୱର—ସଂ. ବି. (ଜି ଧାତୁ+ଶୀଳାର୍ଥରେ ବର; ତ ଆଗମ)—
Jitwara ଜୟଶୀଳ; ବିଜୟୀ—Victorious.
(ଜିତ୍ୱରୀ; ଜିତ୍ୱରୀ—ସ୍ତ୍ରୀ)

ଜିତ୍ୱରୀ—ସଂ. ବି. ସ୍ତ୍ରୀ. (ଜିତ୍ୱର+ସ୍ତ୍ରୀ. ଈ)—ବାରାଣସୀ; କାଶୀ—
Jitwari Benares.
ସଂ. ବିଣ. ସ୍ତ୍ରୀ—ଜିତ୍ୱରର ସ୍ତ୍ରୀଲିଙ୍ଗ—
Feminine of Jitwara.

ଜିତ୍ମ—ସଂ. ବି—ଜିତୁମ (ଦେଖ)
Jitma Jituma (See)

ଜିତ୍ୟ—ସଂ. ବିଣ. (ଜି ଧାତୁ+କର୍ମ. ଯ)—ଜେୟ; ଜୟଯୋଗ୍ୟ—
Jitya Conquerable; fit to be subdued.
ସଂ. ବି—ବଡ଼ ଲଙ୍ଗଳ (ହି. ଶବ୍ଦସାଗର)—
A big plough.

ଜିତ୍ୟା—ସଂ. ବି. ସ୍ତ୍ରୀ. (ଜିତ୍ୟ+ସ୍ତ୍ରୀ. ଆ)—
Jityā ୧ । ଲଙ୍ଗଳର ଫାଳ; ଲଙ୍ଗଳଲୁହା—
1. Plough-share.
୨ । ହେଙ୍ଗୁ (ହି. ଶବ୍ଦସାଗର)—2. Asafœtida.

ଜିଦ୍—ବୈଦେ. ବି. (ଆ)—୧ । ଜୋକ୍; ଜିଗର—
Jid 1. Zid; obstinacy.
ଜେଦ୍ ୨ । ଜବଦ; ହଠ—2 Importunity; pertinacity.
जिद्; हठ ୩ । ଆଗ୍ରହାତିଶଯ୍ୟ—3. Insistence.
୪ । ଖେଳରେ ରଖାଯିବା ବାଜି; ଜିଦ—
4. Wager in a game of hazards.
[ଦ୍ର—ଏ ଶବ୍ଦ ଇଂରାଜିଭାଷାରେ ମଧ୍ୟ ଚଳୁଅଛି ।]

ଜିଦ କରିବା—ଦେ. କ୍ରି—କୌଣସି ବିଷୟ ପାଇଁ ଜିଗର କରିବା; ହଠ
Jid karibā କରିବା—To importune; to insist on a
ଜେଦକରା thing,
जिद् पकड़ना; जिद्दियाना
(ଜିଦ୍ ଧରିବା—ଅନ୍ୟରୂପ)

ଜିଦ୍‌ଖୋର୍—ବୈଦେ. ବିଣ. (ଫା)—ଏକଗୁଣ୍ଡିଆ; ଜିଗରିଆ; ଯେ ଅପଣ
Jid-khor କଥା ବଜାୟ ରଖିବା ପାଇଁ ଅନ୍ୟର ଉପଦେଶ ବା
ଜେଦଖୋର; ଜେଦ୍‌ବାଜ ଯୁକ୍ତିକୁ ମାନେ ନାହିଁ—Headstrong;
ज़िद्दखोर; ज़िद्दबाज perverse; importunate; pertinacious.
(ଜିଦେଇ, ଜିଦ୍‌ଖୋରଣୀ—ସ୍ତ୍ରୀ)
(ଜିଦ୍‌ଖୋରୀ—ବି)

ଜିଦ୍‌ଖୋରିଆ—ଦେ. ବିଣ. (ଫା. ଜିଦ୍‌ଖୋର)—
Jid-khoriā ଜିଦ୍‌ଖୋର୍ (ଦେଖ)
Jid-khor (See).

ଜିଦ୍‌ଦାର୍—ବୈଦେ. ବିଣ. (ଫା)—ଜିଦ୍‌ଖୋର୍ (ଦେଖ)
Jid-dār Jid-khor (See)
(ଜିଦ୍‌ଦାରୀ—ବି)

ଜିଦ୍‌ବାଜ୍—ବୈଦେ. ବିଣ. (ଫା)—ଜିଦ୍‌ଖୋର (ଦେଖ)
Jid-bāj Jid-khor (See)

ଜିଦ୍ ମାରିବା—ଦେ. କ୍ରି—ଜିଦ ମାରିବା (ଦେଖ)
Jid māribā Jidi māribā (See)

ଜିଦାଜିଦ୍—ଦେ. କ୍ରି ଓ ବିଣ—ଜିଦାଜିଦ (ଦେଖ)
Jidājid Jidājidi (See)

ଜିଦାଜିଦି—ଦେ. ବି—୧ । ଦୁଇଜଣ ବ୍ୟକ୍ତିଙ୍କର ପରସ୍ପର କଥା ରକ୍ଷା
Jidājidi କରିବା ପାଇଁ ଜିଦ ମରାମରି ହେବା—
ଜେଦାଜେଦି 1. Betting; hazarding for each other's
हाड़ाहाड़ी proposition (e. g. in gambling); mutual staking.
୨ । ପ୍ରତିଯୋଗିତା—
2. Rivalry; emulation.
ଦେ. ବିଣ—୧ । ପ୍ରତିଯୋଗୀ—1. Emulating.
୨ । ଜିଦ ମରାମରି ହେବା ବ୍ୟକ୍ତି—
2. Betting; staking mutually.

ଜିଦି (ଇତ୍ୟାଦି)—ବୈଦେ. ବି—ଜିଦ୍ ଇତ୍ୟାଦି (ଦେଖ)
Jidi (etc) Jid etc. (See)

ଜିଦିଆ—ଦେ. ବିଣ. (ଫା. ଜିଦୀ)—ଜିଦ୍‌ଖୋର (ଦେଖ)
Jidiā Jid-khor (See)
ଜେଦୀ
जिद्दि

ଜିଦି ମରାମରି—ଦେ. ବି ଓ ବିଣ—ଜିଦାଜିଦି (ଦେଖ)
Jidi marāmari Jidājidi (See)
୨ । ପରସ୍ପର ପ୍ରତି ଆସ୍ପର୍ଦ୍ଧା ପ୍ରଦର୍ଶନପୂର୍ବକ ପ୍ରତିଯୋଗିତା କରିବା—2. Emulating.

ଜିଦସ—ଦେ. ବି. (ଫା. ଖାଲ୍‌ପୋଶ୍)—
Jidisa ଘୋଡ଼ାର ସାଜବିଶେଷ; ଜିନ୍ ଉପରେ ପକାଯିବା
जीनपोष ଆସ୍ତରଣ—A kind of saddle; a covering for the saddle.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖୀ' କୁ ପାଇଲେ 'ଅକ୍ଷି' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ସାଜିଲେ ସବଂ ସଦ୍ଧାର ଜିନ ଜଦସ ସଲ ମେଶ ଚଢ଼ନ୍ତି ଗୁରଦମା କତ୍ରଥିଲ ।
ବ୍ରଜନାଥ- ସମରତରଙ୍ଗ ।

ଜିନ୍—ବୈଦେ. ବି. (ଫା. ଜୀନ୍)—
Jin ୧ । ଘୋଡ଼ା ପିଠିରେ ବସିବା ପାଇଁ ପକାଇବା ଚମଆସନ;
ଜିନ ଅଶ୍ୱ ପୃଷ୍ଠର ଚର୍ମ୍ମାସନ—1. Saddle.
जीन
୨ । (ଅ. ଜାନ୍) ଭୂତ—2. Spirit; ghost.
୩ । ପ୍ରେତ; ଦୈତ୍ୟ—3. Demon; goblin
୪ । (ଇଂ. Jean, ଜିନ) ମୋଟା ଓ ଘନବୁଣା ସୂତା ଲୁଗା-
4. A thick woven cotton cloth; twilled cotton cloth.
[ଦ୍ର—ଏହି ଲୁଗା ବୁଣିବା ପାଇଁ ୪।୫ ଟା ବଅସୂତା ଓ ଝାଁପ ଆବଶ୍ୟକ ।]

ଜିନ୍ ଉଦ୍ଧାରଣ—ଦେ. ବି—ମୁସଲମାନ ରାଜାଙ୍କ ଅମଳରେ ପ୍ରଦତ୍ତ
Jin uddhārana ଲାଖରାଜ ବୃତ୍ତିବିଶେଷ—
A class of revenue-free tenure created during the Mahomedan rule.
[ଦ୍ର—ସମ୍ଭବତଃ ରାଜପରିବାରରେ କାହାକୁ ଲାଗିଥିବା ଜିନ ବା ଭୂତକୁ ଛଡ଼ାଇଥିବା ଯୋଗୁଁ ଗୁଣିଆକୁ ପୁରସ୍କାର ସ୍ୱରୂପ ଏ ଜମି ଦିଆ ଯାଉଥିଲା ।]

ଜିନ୍‌କର୍—ବୈଦେ. ବି.—(ଫା. ଜୀନ୍‌ଗର୍)—ଜିନ୍‌ଗର୍ (ଦେଖ)
Jin-kar Jin-gar (See)

ଜିନ୍‌ଗର୍—ବୈଦେ. ବି. (ଫା. ଜୀନ୍‌ଗର୍)—
Jin-gar ଘୋଡ଼ାର ଜିନ୍ ତିଆର କରିବା ଜାତିବିଶେଷ—
A caste which manufactures saddlery from leather.

ଜିନ୍‌ଦଗି (ଇତ୍ୟାଦି)—ବୈଦେ. ବି (ଫା. ଜିନ୍ଦଗୀ)—
Jin-dig (etc) ଜିନ୍ଦଗୀ ଇତ୍ୟାଦି (ଦେଖ)
Jind-gi etc. (See)
ହଜୁରଙ୍କ ଖାନା ପର୍ଯ୍ୟନ୍ତ ଯେ ହବେ ଖାଉଛ
ଜିନ୍ଦଗୀ ଭରି ସେ ଇଆଦ କରୁଥିବ । ଫକୀରମୋହନ. ଛ ମାଣ ଅଠଗୁଣ୍ଠ ।

ଜିନ୍‌ପୋଷ୍—ବୈଦେ. ବି. (ଫା)—ଘୋଡ଼ାର ଜିନ ଉପରେ ପକାଯିବା
Jin-posh ଆସ୍ତରଣ—Saddle-cloth; a covering for
ଜିନପୋଷ the saddle.
जीनपोश

ଜିନ୍‌ବାଡ଼ି—ଦେ. ବି—କାଠରେ ଛିଦ୍ର କରିବା ପାଇଁ ବ୍ୟବହୃତ ଭଅଁରକୁ
Jin-bārdi ବୁଲାଇବା ସକାଶେ ଦଉଡ଼ି ଲାଗିଥିବା ଯଷ୍ଟି; କମାଣି—
ଜିନବାଡ଼ି A bow attached with a string to bore holes into wood with the gimlet.

ଜିନ୍‌ସବାର୍—ବୈଦେ. ବିଣ. (ଫା. ଜୀନ୍ + ସଓ୍ୱାର୍ = ଅଶ୍ୱାରୋହୀ)—
Jin-sabār ଘୋଡ଼ା ପିଠିରେ ଜିନ୍ ପକାଇ ଘୋଡ଼ା ଚଢ଼ିବା
ଜିନସବାର (ବ୍ୟକ୍ତି)—(a person) Riding on a
जिनसवार saddled horse.
ଜିନସୱାର } ଅନ୍ୟରୂପ
ଜିନ୍‌ସଓ୍ୱାର }

ଜିନ୍‌ସବାରୀ—ବୈଦେ. ବିଣ. (ଫା. ଜୀନ୍ + ସଓ୍ୱାର = ଯାନାରୋହଣ)—
Jin-sabāri ଚଢ଼ିବାର ଯୋଗ୍ୟ (ଘୋଡ଼ା); (ଅର୍ଥାତ୍
ଜିନସବାରୀ ଯେଉଁ ଘୋଡ଼ା ଉପରେ ମନୁଷ୍ୟ ଚଢ଼ନ୍ତି
जीनसवारी ଏବଂ ଯେ ବଗିରେ ଲାଗେ ନାହିଁ)—
ଜିନ୍‌ସୱାରୀ } ଅନ୍ୟରୂପ (a horse) Used for riding only; going in the saddle only.
ଜିନ୍‌ସଓ୍ୱାରୀ }
ବି—ଘୋଡ଼ା ଉପରେ ଜିନ୍ ପକାଇ ଚଢ଼ିବା—.
Riding on a saddled horse.

ଜିନ—ସଂ. ବି. (ଜି ଧାତୁ = ଜୟ କରିବା; ଉଣାଦି ପ୍ରତ୍ୟୟରେ ଜଗତ ଜୟ
Jina କରିବା + କର୍ତ୍ତୃ. ନ)—
୧ । ବୁଦ୍ଧଦେବ—1. Buddha.
୨ । ବିଷ୍ଣୁ—2. Bishnu.
୩ । ବୌଦ୍ଧମତ ପ୍ରବର୍ତ୍ତକ ମୁନି –
3. A Buddhist missionary.
୪ । ଅର୍ହତ; ବୌଦ୍ଧ ବା ଜୈନ ଋଷି—
4. A Buddhist or Jaina saint.
ସଂ. ବିଣ—୧ । ଜୟଶୀଳ—
1. Victorious; triumphant.
୨ । ଅତି ବୃଦ୍ଧ—2. Very old.

ଜିନତ୍—ବୈଦେ. ବି. (ଫା)—ଶୋଭା; ସୌନ୍ଦର୍ଯ୍ୟ—
Jinat Beauty; grace.
ଶୋଭା
जनत

ଜିନା—ପ୍ରାଦେ. (ସିଂହଭୂମ) ଅ. (ଫା. ଜିନ୍ଦା = ଜୀବତ; ତୁଳ. ହି.
Jinā ଜିନ୍ଦା)—
୧ । ଜୀଇଁ ଥାଉଁ ଥାଉଁ—1. While living.
୨ । ଜୀବତକାଳ ମଧ୍ୟରେ—
2. During one's lifetime.

ଜିନାକାରୀ—ବୈଦେ. ବି. ପୁଂ. (ଫା. ଜୀନା = ବ୍ୟଭିଚାର)—ପରସ୍ତ୍ରୀ-
Jinākāri ଗମନ; ବ୍ୟଭିଚାର—Adultery.
ଜିନାକାରୀ
जीनाकारी
(ଜିନାଗାରୀ; ଜିନାକାରୀ—ଅନ୍ୟରୂପ)

ଜିନିଆ—ବୈଦେ. ବି. (ଇଂ. ଜିନିଆ; Jinnia)—ବିଦେଶୀ ପୁଷ୍ପ-
Jinia ଗାଛବିଶେଷ – Zinnia Elegans.
ଜିନିୟା [ଦ୍ର—ଏଗଛ ବର୍ଷେ ମାତ୍ର ବଞ୍ଚି ରହେ । ଏହାର ଫୁଲ
जिनिया ଭୁସୁମ ବା ଗେଣ୍ଡୁ ଫୁଲ ପରି । ଆଧୁନିକ ସଉଖୀନ୍‌ମାନଙ୍କ ଉଦ୍ୟାନରେ ଏହା ଦେଖାଯାଏ ।]

ଜିନିକି (ଇତ୍ୟାଦି)—ବୈଦେ. ବି. (ଫା. ଜିନ୍ଦଗୀ)—
Jiniki (etc) ଜିନ୍ଦକି ଇତ୍ୟାଦି (ଦେଖ)
(ଜିନକି—ଅନ୍ୟରୂପ) Jind-ki etc (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଙ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ତଦ୍ବତନ୍ଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍

ଜିନିପୋକି—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ବି. ଜୋନାକୀ)—
Jini-poka ଖଦ୍ୟୋତ; ଜୁଳୁଜୁଳିଆ ପୋକ—Fire-fly.

ଜିନିସ—ବୈଦେ. ବି. (ଫା. ଜିନ୍‌ସ୍; ଜିଂସ୍)—ବସ୍ତୁ; ଦ୍ରବ୍ୟ; ପଦାର୍ଥ;
Jinisa ଚିଜ—Thing; article.
জিনিস
जिनिस, जिंस

ଜିନିସପତ୍ର—ଦେ. ବି. (ବହୁବଚନ; ଫା. ଜିନ୍‌ସ୍+ଅନର୍ଥକ ସହଚର
Jinisa-patra ପତ୍ର; ତୁଳନୀୟ; କାଗଜପତ୍ର)—
জিনিসপত্র ୧ । ଦ୍ରବ୍ୟଜାତ—1. Goods; things.
माल; चीजवस्त ୨ । ପଣ୍ୟଦ୍ରବ୍ୟସମୂହ—
(ଜିନିସ ପତର—ଅନ୍ୟରୂପ) 2. Merchandise.
୩ । ପର୍ଯ୍ୟଟକ ବା ଯାତ୍ରୀଙ୍କ ସଙ୍ଗେ ଥିବା ପଦାର୍ଥସମୂହ—
3. Articles and luggages; traveller's baggage.
୪ । ଘରର ଉପକରଣସମୂହ; ଘରକରଣା ବସ୍ତୁଜାତ—
4. Furniture of a house; house-hold articles.

ଜିନିସପାତି—ଦେ. ବି—ଜିନିସପତ୍ର (ଦେଖ)
Jinisa-pāti Jinisapatra (See)

ଜିନିସାତ୍—ବୈଦେ. ବି. (ବହୁବଚନ) (ଫା. ଜିନ୍‌ସାତ୍)—
Jinisāt ଜିନିସପତ୍ର (ଦେଖ)—
Jinisapatra (See)

ବିଲାତ ଜିନିସାତ୍ ସହିତ ଭୁତ ନାମଧେୟ ପଦାର୍ଥବିଶେଷ
ଏ ଦେଶକୁ ନୂଆ ଆମଦାନି ହୋଇଅଛି—ଫକୀରମୋହନ, ଛମାଣ ଅଠଗୁଣ୍ଠ

ଜିନ୍ଦକି (ଇତ୍ୟାଦି)—ବୈଦେ. ବି (ଫା)—ଜିନ୍ଦଗି ଇତ୍ୟାଦି (ଦେଖ)
Jind-ki (etc) Jind-gi etc (See).

ଜିନ୍ଦଗି—ବୈଦେ. ବି. (ଫା. ଜିନ୍ଦଗୀ)—୧ । ଜୀବନ—
Jind-gi 1. Life.
জীবন; জীন্দগি ୨ । ଜୀବତକାଳ—
ज़िंदगी 1. Lifetime.
(ଜିନ୍ଦକି, ଜିନ୍ଦିକି, ଜିନ୍ଦଗି—ଅନ୍ୟରୂପ)

ଜିନ୍ଦଗିଭର—ବୈଦେ. ଅ. (ଫା. ଜିନ୍ଦଗୀଭର୍)—୧ । ଜୀବତକାଳ ମଧ୍ୟରେ—
Jindgi-bhar 1. During the lifetime.
জিন্দগিভর ୨ । ଜୀବଥିବା ପର୍ଯ୍ୟନ୍ତ—2. As long as one lives;
जिन्दगिभर throughout one's life; for life.

ଜିନ୍ଦଗିଭରି—ବୈଦେ. ଅ. (ଫା)—ଜିନ୍ଦକିଭର (ଦେଖ)
Jindgi-bhari Jindki-bhar (See)

ଜିନ୍ଦିକ (ଇତ୍ୟାଦି)—ବୈଦେ. ବି. (ଫା. ଜିନ୍ଦଗୀ)—
Jindik (etc) ଜିନ୍ଦଗି ଇତ୍ୟାଦି (ଦେଖ)
(ଜିନ୍ଦିକ, ଜିନ୍ଦିଗ୍, ଜିନ୍ଦିଗି—ଅନ୍ୟରୂପ) Jind-gi etc (See)

ଜିବ (ଇତ୍ୟାଦି)—ଗ୍ରା. ବି. (ସଂ. ଜିହ୍ୱା)—ଜିଭ ଇତ୍ୟାଦି (ଦେଖ)
Jiba (etc) Jibha etc (See)

ଜିବାଜିବ—ସଂ. ବି—ଚକୋର ପକ୍ଷୀ (ହି. ଶବ୍ଦସାଗର) (ଦେଖ)
Jibājiba Chakora bird (See)

ଜିବି—ଦେ. ବି—ଜିଭି (ଦେଖ)
Jibi Jibhi (See)

ଜିବିଆ—ଦେ. ବି. (ସଂ. ଜିହ୍ୱା)—ଜିହ୍ୱା ଆକୃତିର ଗଜା ବା ମିଷ୍ଟାନ୍ନ
Jibiā ବିଶେଷ—A kind of sweetmeat (consisting of
জিবাগজা thin strips) fried in ghee.
जीभा

ଜିବେଇ—ଦେ. ବି—ଜିବିଆ (ଦେଖ)
Jibei Jibiā (See)

ଜିବ୍ରା—ବୈଦେ. ବି. (ଅଫ୍ରିକା ଦେଶଭାଷାରୁ ଆନୀତ ଶବ୍ଦ; ଇଂ. ଜେବ୍ରା)—
Jibrā ଘୋଟକ ଓ ଗର୍ଦ୍ଦଭଆକୃତିବିଶିଷ୍ଟ ବନ୍ୟଜନ୍ତୁବିଶେଷ—
জেব্রা The Zebra.
जीब्रा [ଦ୍ର—ଏହା ଅଫ୍ରିକାରେ ଦେଖାଯାଏ । ଏହାର ହଳଦିଆ ଦେହରେ କଳା ଡୋର ବା ପଟା ପଡ଼ିଥାଏ । ଏହା ଗୋଟିଏ ଦ୍ରୁତଗାମୀ ପଶୁ ।]

ଜିଭ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜିହ୍ୱା)—ଜିଭ—
Jibh The tongue.

ଜିଭ୍‌କୁରା—ପ୍ରାଦେ. (ସମ୍ବଲପୁର) ବି—ଜିଭଛେଲା (ଦେଖ)
Jibh-kurā Jibha-chhelā (See)

ଜିଭ—ଦେ. ବି. (ସଂ. ଜିହ୍ୱା)—୧ । ଜିହ୍ୱା—1. The tongue.
Jibha ୨ । କଲମ ଓ ନିବ୍ ଆଦିର ଜିହ୍ୱାଆକାରର ଅଗ୍ରଭାଗ—
ସଂ. ପର୍ଯ୍ୟାୟ— 2. Tongue-like tip of a nib or pen.
ଜିହ୍ୱା; ରସଜ୍ଞା; ରସନା; ରସାଳ; ରସିକା;
ସାଦୁସ୍ୱଦା; ରସଲା; ରସଜ୍ଞା; ଲଳନା
জিব; জিভ
जीभ

ଜିଭଅଗରେ ଥିବା—ଦେ. କ୍ରି. ୧ । (କୌଣସି ବିଷୟ ବା ଗ୍ରନ୍ଥ)—
Jibha-agare thibā କୌଣସି ବ୍ୟକ୍ତିର ଉତ୍ତମରୂପେ କଣ୍ଠସ୍ଥ
जिह्वाग्रहीना ହୋଇଥିବା—1. (a matter) To have been fully mastered or committed to memory (so as to be recited whenever required); to be at the tip of one's tongue.
(ଯଥା—ସେ ବହିଟାଯାକ ମୋ ଜିଭ ଅଗରେ ଅଛି ।)
୨ । (କୌଣସି ବିଷୟ ବା ନାମ)—ଖୁବ୍ ଜଣା ଥାଇ ଯୁଦ୍ଧ କଥା ପଡ଼ିଲା ବେଳେ ସ୍ମୃତିପଥରେ ନ ପଡ଼ିବା ବା ନ ପଶିବା—2. (a matter or a name) To be very familiar to a person but which he is unable to recall when it is required to be mentioned.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

(ଯଥା— ଅମୁକ ଲୋକର ନାମ ମୋ ଜିଭ ଅଗରେ ଅଛି, କିନ୍ତୁ ବର୍ତ୍ତମାନ ପଡ଼ୁନାହିଁ ।)

ଜିଭ କାଢ଼ିବା—ଦେ. କ୍ରି—୧ । ମୁଖଗହ୍ବରରୁ ଜିହ୍ବାକୁ ବାହାରକୁ ବାହାର
Jibhaskārdhibā କରିବା—1. To draw out one's tongue.
জিভ কাঢ়া ୨ । (ଲକ୍ଷଣାର୍ଥ) ଅଚେତ ହେବା—
जीभ निकालना 2. (figurative) To become senseless.

ଜିଭ କାମୁଡ଼ିବା—ଦେ. କ୍ରି—୧ । ଅଜାଣତରେ ଜିଭର ଅଗକୁ ଦାନ୍ତରେ
Jibha kāmurdibā ଖଣ୍ଡ କରିବା—1. To bite the tip
দাঁতে; জিবকাটা of the tongue unintentionally with
दाँतसे जीभकाटना the teeth.
୨ । ଲଜ୍ଜା ବା ବିସ୍ମୟରେ କିଂକର୍ତ୍ତବ୍ୟବିମୂଢ଼ ବା ମ୍ରିୟମାଣ ହେବା—2. To bite one's tongue as a sign of shame or astonishment.

ଜିଭ ଚିରିବା—ଦେ. କ୍ରି—ଦାନ୍ତକାଠିର ଫାଳ ବା ବାଉଁଶର ବା ଧାତୁର
Jibha chiribā ପତଳା ପାତଦ୍ୱାରା ଜିଭରୁ ଛଡ଼ାଅ ଚାଞ୍ଛି ସଫା
জিব ছোলা କରିବା—To scrape off dirt from the
जीभछीलना tongue while brushing the teeth.

ଜିଭଛେଲା—ଦେ. ବି—୧ । ଯେଉଁ ସରୁ ଧାତୁର ପାତଦ୍ୱାରା ଦାନ୍ତ
Jibha-chhelā ଘଷିବା ସମୟରେ ଜିଭରୁ ଛଡ଼ାଅ ଚାଞ୍ଛି ବାହାର
জিবছোলা କରାଯାଏ—1. Tongue-scraper.
जीभ छीला; जीभी ୨ । ଦାନ୍ତକାଠିର ଫାଳ ବା ସରୁପାତିଆ ବା ଜିଭ
(ଜିଭଚିରା—ଅନ୍ୟରୂପ) ଛେଲାଦ୍ୱାରା ଜିଭରୁ ଛଡ଼ାଅ ସଫା କରିବା
କର୍ମ—2. Scraping off of the dirt from the tongue.

ଜିଭ ଛେଲିବା—ଦେ. କ୍ରି—ଜିଭ ଚିରିବା (ଦେଖ)
Jibha chhelibā Jibha chiribā (See)

ଜିଭନାଲଚ—ଗ୍ରା. ବି. (ସଂ. ଜିହ୍ବାଲାଳସା)—ଖାଦ୍ୟପ୍ରତି ଲାଳସା;
Jibha-nālachā ସ୍ୱାଦଲୋଲୁପତା—Hankering after
জিভলালচ dainties.
जीबलालच; चटोरपन ଗ୍ରା. ବିଣ. ପୁଂ. (ସଂ. ଜିହ୍ବଲ)—
জিভলালচে ଖାଦ୍ୟ ପ୍ରତି ଅତିରିକ୍ତ ଲାଳସାଯୁକ୍ତ; ସ୍ୱାଦଲୋଲୁପ—
चटोरा; जमला Hankering after dainties or parti-
(ଜିଭନାଳଚ—ଅନ୍ୟରୂପ) cular articles of food.

ଜିଭନାଲଚିଆ—ଦେ. ବିଣ. ପୁଂ—ଜିଭନାଲଚ (ଦେଖ)
Jibha-nālachiā Jibha-nālachā (See)
(ଜିଭନାଳଚିଆ—ଅନ୍ୟରୂପ)
(ଜିଭନାଲଚେଇ; ଜିଭନାଳଚେଇ—ସ୍ତ୍ରୀ)

ଜିଭରେ ଘା—ଦେ. ବି.—(ଲକ୍ଷଣାର୍ଥ) ୧ । କଥା କହି ନ ପାରିବା—
Jibhare ghā 1. Inability to speak or use the
জিভে ঘা tongue.
୨ । ଜିହ୍ବାରେ ହୋଇଥିବା ଘାଆ; ଭୁଣ୍ଡସା—
2. Sores on the tongue.

ବୁଲନ୍ତିଳ ବେଳକୁ ଜିଭରେ ଘା, ଖିର ପୁଳ ବେଳକୁ ପୁଅର ମା—ଡଗ ।

ଜିଭରେ ହାଡ଼ ହେବା—ଦେ. ବି.—ମିଥ୍ୟା କଥା କହିବା ପାଇଁ ସାହସ
Jibhare hārda hebā ହେବା—Having the courage to tell a lie.
(ଯଥା—ମତେ ମିଥ୍ୟାବାଦୀ ବୋଲି କହିବାକୁ କାହା ଜିଭରେ ହାଡ଼ ହେଲାଣି ?)

ଜିଭ ଲଡ଼ବଡ଼—ଦେ. ବି.—ପେଟୁପଣ—
Jibha lardabarda Gluttony.
লালচা
चटोरपन

ଜିଭ ଲଡ଼ବଡ଼ ହେବା—ଦେ. ବି—୧ । କୌଣସି ଗୋପନୀୟ ବିଷୟ
Jibha lardabarda hebā ପ୍ରକାଶ କରିବା ନିମନ୍ତେ ଅଥୟ
জিব চোকান ହେବା—1. Being impatient to divulge
जिभ हीलना or speak out a secret or a forbidden thing.
୨ । କୌଣସି ପଦାର୍ଥ ଖାଇବା ନିମନ୍ତେ ଅତ୍ୟନ୍ତ ଲୋଲୁପ ବା ଲାଳାୟିତ ହେବା—2. Hankering after a dainty food.

ଜିଭ ଲଡ଼ବଡ଼ିଆ—ଦେ. ବି. ପୁଂ. ଓ ସ୍ତ୍ରୀ—ପେଟୁପଣ—
Jibha lardabardiā Gluttony.
चटोरपन
(ଜିଭ ଲୁଡ଼ୁବୁଡ଼ିଆ—ଅନ୍ୟରୂପ) ଦେ. ବିଣ.—ଖାଦ୍ୟ ପ୍ରତି ଲୋଲୁପ
লালচে ବା ଲାଳାୟିତ—Hankering after dainty food;
चटोरा gluttonous.
(ଜିଭ ଲଡ଼ବଡ଼ୀ, ଜିଭ ଲଡ଼ବଡ଼େଇ—ସ୍ତ୍ରୀଲିଙ୍ଗ)

ଜିଭ ଲଡ଼ବଡ଼ିଆ ଖୋଇ—ଦେ. ବି.—ଅତିରିକ୍ତ ଭୋଜନଲାଳସା;
Jibha lardabardiā khoi ଆହାରଲୋଲୁପତା—
লালচা Gluttony.
चटोरपन

ଜିଭ ଲହକା—ଦେ. ବିଣ. (ସଂ. ଲୋଲଜିହ୍ବ)—ଯାହାର ଜିଭ ସର୍ବଦା
Jibha lahakā ପଦାରେ ଝୁଲୁ ଥାଏ—Having the tongue thrust forward beyond the mouth.

ଜିଭ ଲହଲହ କରିବା—ଦେ. କ୍ରି.—୧ । ପଦାକୁ କାଢ଼ି ଜିଭକୁ ଇତ-
Jibha lahalaha karibā ସ୍ତତଃ ଚାଳନ କରିବା—
জিভ দোলান 1. To wag the tongue.
जीभ बढ़ाना

ଜିଭଲାଳଚ—ଦେ. ବି. ଓ ବିଣ—ଜିଭନାଲଚ (ଦେଖ)
Jibha-lālachā Jibha-nālachā (See)
(ଜିଭଲାଳସା; ଜିଭଲାଳଚ—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଅ	ଉଅ	ଋ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନୃ

ଜିଭଲାଳଚିଆ—ଦେ. ବିଣ. ପୁଂ—ଜିଭନାଳଚିଆ (ଦେଖ)
Jibha-lā̱lachiā Jibha-nā̱lachiā (See)
(ଜିଭ ଲାଳଚିଆ—ଅନ୍ୟରୂପ)
ଜିଭ ଲାଳଚେଇ }
ଜିଭ ଲାଳଚେଈ } ସ୍ତ୍ରୀ

ଜିଭ ଲୁଡ଼ୁବୁଡ଼ିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—
Jibha lurduburdiā ଜିଭ ଲଡ଼ବଡ଼ିଆ (ଦେଖ)
Jibha lardabardiā (See)
ଜିଭ ଲୁଡ଼ବୁଡ଼ୀ }
ଜିଭ ଲଡ଼ବଡ଼େଈ } ସ୍ତ୍ରୀ

ଜିଭ ଲୁଡ଼ୁବୁଡ଼ୁ—ଦେ. ବି—ଖାଦ୍ୟ ପ୍ରତି ଆସକ୍ତି; ପେଟୁପଣ—
Jibha lurduburdu Gluttony.

ଜିଭ ଲେଉଟିବା—ଦେ. କ୍ରି—୧। ଶବ୍ଦ ଉଚ୍ଚାରଣ କରି ପାରିବା—
Jibha leuṭibā 1. To be able to pronounce a word.
জীভ খুলা (ଯଥା—ଇଂରେଜି ଶବ୍ଦମାନ ଉଚ୍ଚାରଣ କରିବାକୁ
जीभ खोलना ସେ ପିଲାର ଜିଭ ଲେଉଟୁ ନାହିଁ ।)
୨। କହି ପାରିବା—
2. To be able to speak out.
ନାହିଁ କହିବାକୁ କି ଜିଭ ଲେଉଟିବ ?—କୃଷ୍ଣସିଂହ. ମହାଭାରତ. ବନ ।

ଜିଭ ସିଲା(ଲେ)ଇ କରିବା—ଦେ. କ୍ରି—୧। କୌଣସି ବିଷୟ ପ୍ରକାଶ ନ
Jibha silā (le) i karibā କରି ଚୁପ୍ ରହିବା—1. To keep
জিভ সেলাই করা silent over a thing.
जीभ बंद करना ୨। କୌଣସି ବ୍ୟକ୍ତିକୁ କୌଣସି କଥା ପ୍ରକାଶ କରିବାକୁ ଅନୁମତି ନ ଦେବା—2. Not to allow a person to speak out a thing.

ଜିଭ ହୁଡ଼ିବା—ଦେ. କ୍ରି—ଅକଥ୍ୟ କଥା କହିବା—To speak or
Jibha hurdibā utter a thing which should not
জিভ করনা be uttered.

ଜିଭା—ପ୍ରାଦେ. (ସିଂହଭୂମ) ବି—ଶଗଡ଼ଦଣ୍ଡାରେ ଲାଗିଥିବା ଅଡ଼
Jibhā ଖାଡ଼ା (ଫଳ)—The cross-bar at the front or pointed end of a bullock-cart

ଜିଭି—ଦେ. ବି—ଜିଭଛେଲା—
Jibhi 1. Tongue-scraper.
জীভী ୨। ଜିଭ ଆକାରର ପିଠା—2. A kind of sweetmeat shaped like the tongue.
जीभी

ଜିମ୍ (ଧାତୁ)—ସଂ—ଖାଇବା; ଭୋଜନ କରିବା—
Jim (root) To eat.

ଜିମ୍‌ଖାଡ଼ି—ଦେ. ବି—ଜିମିଖାଡ଼ି (ଦେଖ)
Jim-khārdi Jimikhārdi (See)

ଜିମ୍‌ଖାନା—ବୈଦେ. ବି. (ଇଂ. ଜିମ୍ ଓ ଫା. ଖାନା)—ସାଧାରଣଙ୍କର
Jim-khānā କୁସ୍ତି କସରତ ଓ ଖେଳ କରିବାର ସୁବିଧାଜନକ
জীমখানা ସ୍ଥାନ; ଯାଗାଘର—Gymkhana.
जामखाना

ଜିମ୍‌ନାଷ୍ଟିକ୍—ବୈଦେ. ବି. (ଇଂ. ଜାମନାଷ୍ଟିକ୍ସ)—
Jim-nāshṭik ୧। ବିଶିଷ୍ଟ ଆକୃତିବିଶିଷ୍ଟ କାଷ୍ଠାଦି ନିର୍ମିତ ଯନ୍ତ୍ରାଦି
জিমনাষ্টিক ସାହାଯ୍ୟରେ କରାଯିବା ବ୍ୟାୟାମ—
जिमनाष्टिक 1. Physical exercise.
୨। କୌଶଳପୂର୍ଣ୍ଣ ମଲ୍ଲବିଦ୍ୟା—2. Gymnastics.

ଜିମା—ବୈଦେ. ବି. (ଆ. ଜିମ୍ମା=ଦାୟିତ୍ୱପୂର୍ଣ୍ଣ ପ୍ରତିଜ୍ଞା)—
Jimā ୧। ନ୍ୟାସ; ସଂରକ୍ଷା—
জিম্মা 1. Custody; charge; care; trust.
जिम्मा ୨। ଆୟତ୍ତ; ଅଧିକାର—2. Control.
(ଜିମ୍ମା—ଅନ୍ୟରୂପ) ୩। ଦାୟିତ୍ୱ; ଜବାବ୍‌ଦେହୀ—
3. Responsibility.
୪। କାର୍ଯ୍ୟର ଭାର—4. Charge of some matter.
ଅ—ମାରଫତେ—Through; per (as in 'per bearer').

ଜିମା କରିବା—ଦେ. କ୍ରି—କୌଣସି ବସ୍ତୁକୁ କୌଣସି ବ୍ୟକ୍ତି ନିକଟରେ
Jimā karibā ନ୍ୟସ୍ତ କରିବା—To commit a thing to
জিম্মা করা; জিম্মা দেওয়া the custody of a person.
जिम्मा करना

ଜିମାଣି—ଦେ. ବି—ଜିମିଖାଡ଼ି (ଦେଖ)
Jimāṇi Jimikhārdi (See)

ଜିମାଦାର—ବୈଦେ. ବିଣ. ଓ ବି (ଫା. ଜିମ୍ମାଦାର୍; ଜିମ୍ମାଦାର୍)—
Jimā-dāra ୧। ସଂରକ୍ଷଣକର୍ତ୍ତା; ଯାହା ନିକଟରେ କୌଣସି
জিম্মাদার ବସ୍ତୁ ଗଚ୍ଛିତ ଥାଏ—1. Trustee; custodian.
जिम्मेदार, जिम्मादार ୨। କୌଣସି ବିଷୟ ପାଇଁ ଦାୟୀ—
2. Responsible for any matter.

ଜିମା ଦେବା—ଦେ. କ୍ରି—ଜିମା କରିବା (ଦେଖ)
Jimā debā Jimā karibā (See)

ଜିମାନାମା—ବୈଦେ. ବି. (ଫା. ଜିମ୍ମାନାମେହ୍)—କୌଣସି ବସ୍ତୁକୁ
Jimā-nāmā କୌଣସି ବ୍ୟକ୍ତି ନିକଟରେ ଗଚ୍ଛିତ ରଖିବାର
জিম্মানামা ନିଦର୍ଶନଲିପି—Trust deed; a deed indi-
जिम्मानामा cating receipt of a thing entrusted to a person.

ଜିମା ନେବା—ଦେ. କ୍ରି—୧। କୌଣସି ପଦାର୍ଥକୁ ଆପଣା ଅଧିକାର ବା
Jimā nebā ଦାୟିତ୍ୱରେ ରଖିବାକୁ ନେବା—
জিম্মা লওয়া 1. To take a thing into one's custody
जिम्मा लेना or charge.
୨। କୌଣସି ବିଷୟର ଦାୟିତ୍ୱ ଗ୍ରହଣ କରିବା—
2 To take upon one's self the responsibility for a matter.

ଜିମା ରଖିବା—ଦେ. କ୍ରି—କୌଣସି ପଦାର୍ଥକୁ କୌଣସି ବ୍ୟକ୍ତି ନିକଟରେ
Jimā rakhibā କିଛିକାଳ ପାଇଁ ନ୍ୟସ୍ତ ରଖିବା—
জিম্মা রাখা; জিম্মায় রাখা To keep a thing in the custody
जिमा देना or charge of a person.

> ସାଧାରଣ ଭେବେ ଅପର ପୃଷ୍ଠାରେ ମତେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

ଜମିଆଁ—ବୈଦେ. ବି. (ଅ)—ମୁସଲମାନ ରାଜାମାନଙ୍କ ଅମଳରେ
Jimiāṅ ଅମୁସଲମାନଙ୍କଠାରୁ ଆଦାୟ ହେବା ଜିଜିଆ ପରି ଏକ-
ପ୍ରକାର ଶୁଳ୍କ —A poll-tax levied from non-mahomedans.

ଜିମିଖାଡ଼ି—ଦେ. ବି—ଚୋଡ଼ୀ ଜାତୀୟ କ୍ଷୁଦ୍ର ମତ୍ସ୍ୟବିଶେଷ; ଜିମେଇ—
Jimikhārḍi A kind of small fresh-water-fish.
[ଦ୍ର—ଏମାନେ ମଧୁର ପାଣିରେ ରହନ୍ତି । ଏମାନଙ୍କ ଦେହ ୪।୫ ଅଙ୍ଗୁଳ ଲମ୍ବ, ଦେହରେ ଛୋଟ ଛୋଟ କାତି ଥାଏ ଓ ଦୁଇ କଡ଼ ପାଖେ ଦୁଇଟି ଲମ୍ବ ନୀଳ ବା କଳା ଡୋର (ରେଖା) ଥାଏ ।]

ଜିମେଇ—ଦେ. ବି—ଜିମିଖାଡ଼ି (ଦେଖ)
Jimei Jimikhārḍi (See)
(ଜମେଇଖାଡ଼ି—ଅନ୍ୟରୂପ)

ଜିରଗା—ବୈଦେ. ବି. (ଅ. ଜୀରଗାହ୍)—ମୁସଲମାନଙ୍କ ଜାତୀୟ ବା
Jir-gā ରାଜନୈତିକ ସମ୍ମିଳନୀ—A social or political
জিরগা conference of the Mahomedans inhabi-
जिरगा ting the N. W. Frontier provinces of India.
[ଦ୍ର—କାବୁଲ ଓ ଭାରତର ଉତ୍ତର ପଶ୍ଚିମ ସୀମାନ୍ତବାସୀ ଅଫ୍ରିଦି ଆଦି ଜାତିମାନେ ଜିରଗା ବସାଇ ରାଜନୈତିକ ସମସ୍ୟାମାନ ଆଲୋଚନା କରନ୍ତି ।]

ଜିରନ୍ଦାଜ୍—ବୈଦେ. ବି. (ଫା. ଜିରନ୍ଦାଜ୍)—ହୁକା ବସାଯିବା
Jirandāj ବୈଠକର ମୁହଁରେ ଯେଉଁ ଚିତ୍ରିତ ବସ୍ତ୍ରଖଣ୍ଡ ଘୋଡ଼ାଇ
জিরন্দাজ ଦିଆଯାଏ—An ornamental cover for the
जिरनदाज hooka-stand.

ଜିରା (ଇତ୍ୟାଦି)—ଦେ. ବି. (ସଂ. ଜୀରକ)—ଜୀରା ଇତ୍ୟାଦି (ଦେଖ)
Jirā (etc) Jīrā etc (See)

ଜିରାଇତ୍—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବୈଦେ. ବି (ଅ. ଜରାଅତ୍
Jirā-it =କୃଷିକର୍ମ; ତୁଳ· ହି. ଏହି ଅର୍ଥରେ ଜରାୟତ୍)—
୧ । କିଛି ସମୟ ପାଇଁ ଚାଷ କରିବା ନିମନ୍ତେ ରଇତକୁ ଦିଆଯାଇଥିବା ଜମିଦାରଙ୍କ ନିଜଚାଷ ଜମି—
1. Zirayet land; zamindar's private land leased out temporarily to a royat.
୨ । ଚାଷଜମି; ଆବାଦ ହୋଇଥିବା ଜମି—
2. Arable land.

ଜିରାଇତି—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବି—ଜିରାଇତ୍ (ଦେଖ)
Jirā-iti Jirā-it (See)

ଜିରାଫ୍—ବୈଦେ. ବି. (ଅ. ଜରାଫ୍‌ରୁ ସ୍ପେନଦେଶୀୟ ଭାଷାରେ ବ୍ୟବ-
Jirāph ହୃତ ଶବ୍ଦ ଜାରାଫାରୁ ଇଂ. ଜିରାଫ୍; Giraffe)—ଦୀର୍ଘାକାର
জিরাফ ଚତୁଷ୍ପଦବିଶେଷ—The Giraffe.
जिराफा [ଦ୍ର—ଏହା ଆଫ୍ରିକାଦେଶୀୟ ଚତୁଷ୍ପଦ । ଓଟର ବେକ ଓ ଗୋଡ଼ ଅପେକ୍ଷା ଏହାର ବେକ ଓ ଗୋଡ଼ ଲମ୍ବ । ଏହାର ପଛ ଗୋଡ଼ ଆଗ ଗୋଡ଼ର ପ୍ରାୟ ଦେଢ଼ଗୁଣ ଲମ୍ବ । ଏହାର ଦୁଇଟି ଶିଙ୍ଘ ଅଛି; ଏହାର ପଦ, ପୁଚ୍ଛ, ଗଳା, କର୍ଣ୍ଣ ଓ ଜିହ୍ୱା ଦୀର୍ଘ । ଏହାର ଆଖି ମୁହଁ ଉପରକୁ ପଦାକୁ ବାହାରି ଥାଏ । ଏ ମୁହଁକୁ ନ ବୁଲାଇ କେବଳ ଆଖିକୁ ପଛଆଡ଼କୁ ଫେରାଇ ଚାହିଁ ପାରେ । ଏ ପାଟିରୁ ଜିଭକୁ ୧୭ଇଞ୍ଚ ପର୍ଯ୍ୟନ୍ତ ବାହାରକୁ କାଢ଼ି ପାରେ । ଏ ମରୁପ୍ରଦେଶରେ ବିଚରଣ କରେ ଓ ଏହାର ଲମ୍ବ ବେକ ଯୋଗୁଁ ଏ ସେହି ପ୍ରଦେଶରେ ଜନ୍ମିବା ଡେଙ୍ଗା ତାଳ, ଖଜୁରୀ ଓ କଣ୍ଟା ଗଛରୁ ପତ୍ର ଆଦି ମୁହଁ ଦ୍ୱାରା ଛିଣ୍ଡାଇ ଆଣି ଖାଏ । ଏହାର ଦେହ ଚିତ୍ର-ମୃଗ ପରି ଈଷତ ହଳଦିଆ ଲୋମରେ ଆବୃତ ଓ ତହିଁରେ ଚିତିଚିତି ଧଳା ଦାଗମାନ ଥାଏ । ଏମାନେ ଦଳ ବାନ୍ଧି ରହନ୍ତି । ଏହା ଗୋଡ଼ରେ ଖୁରା ଅଛି ।]

ଜିରାୟତ୍—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବି—
Jirā-yat ଜିରାଇତ୍ (ଦେଖ)
Jirā-it (See)

ଜିରାୟତି—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବି—
Jirā-yati ଜିରାଇତ୍ (ଦେଖ)
Jirā-it (See)

ଜିରାଳି—ପ୍ରାଦେ. (ଗଡ଼ଜାତ) ବି—ମହୁରାଳି (ମାଛ) (ଦେଖ)
Jirāḻi Mahurāḻi (fish) (See)

ଜିରେଇତି—ସ୍ତ୍ରୀ. ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବି—
Jire-iti ଜିରାଇତ୍ (ଦେଖ)
Jirā-it (See)

ଜିରେଇବା—ପ୍ରାଦେ. (ଯାଜପୁର) କ୍ରି. (ତୁଳ. ବଂ. ଜିରାନ)—
Jireibā ଖାଇ ସାରି ଟିକିଏ ବିଶ୍ରାମ ନେବା—
To rest a while after meals.

ଜିରେଇ ଶିଆଳି—ଦେ. ବି. (ସଂ. ଜୀରକ+ଶାଳି; ଏହା ଜୀରା ପରି
Jirei śiāḻi ଛୋଟ ଥିବାରୁ)—ଏକପ୍ରକାର ସରୁ ଶାରଦ ଧାନ—
जिरिया A kind of fine winter-paddy.

ଜିରେଫ୍—ବୈଦେ. ବି. (ଇଂ)—ଜିରାଫ୍ (ଦେଖ)
Jiref Jirāf (See)

ଜିଲ୍—ଦେ. ବି. (ସଂ. ଝିଲ୍ଲୀ; ତୁଳ. ଫା. ଜୀର୍)—
Jil ୧ । ବେହେଲାରୁ ନିଃସୃତ ୪ ଗୋଟି ସ୍ୱର ମଧ୍ୟରୁ ଏକତମ;
জিল କେଁକେଁୟା ସ୍ୱର—1. Shrill note of the
जील violin.
୨ । ବେହେଲାର ତୀବ୍ର ସ୍ୱରବିଶିଷ୍ଟ ତାର ବା ତନ୍ତ୍ରୀ—
2. The treble string of a violin.
[ଦ୍ର—ବେହେଲାର ୪ଗୋଟି ତାରରୁ ୪ଗୋଟି ସ୍ୱର ବାହାରେ, ଯଥା— ଜିଲ୍ ବା ପଞ୍ଚମ, ସୁର, ମଧ୍ୟମ ଓ ଖାଦ; ଖାଦ ସବୁଠାରୁ ଉଚ୍ଚ ଓ ଜିଲ୍ ସବୁଠାରୁ ତୀକ୍ଷ୍ଣ ।]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଓ	ଢ଼

୩ । ତବଲା ବା ପଖୋଜର ବାମ ପାଖରୁ ଉଠିବା ସ୍ୱର—
3. The sound produced by the left hand side of a drum.
ବୈଦେ. ବ. (ଅ. ଜିଲ୍ଲା)—ଔଜ୍ଜ୍ୱଲ୍ୟ—Brightness.

ଜିଲ୍‌କଜ୍—ବୈଦେ. ବ (ଫା)—ମୁସଲମାନ ମାସବିଶେଷ—
Jil-kaj Name of a Mahomedan month.
जिलकज [ଦ୍ର—ଏହା ସଫାରର ପରବର୍ତ୍ତୀ ଓ ଜିଲ୍‌ହେଜ୍‌ର
जिलकज ପୂର୍ବବର୍ତ୍ତୀ ମାସ ।]

ଜିଲ୍‌ପି – ଦେ. ବ—ଜିଲିବି (ଦେଖ)
Jil-pi Jilibi (See)

ଜିଲ୍‌ଫା—ବୈଦେ. ବ. (ଅ) —ରାଗିଣୀବିଶେଷ—
Jil-phā Name of a musical air.

ଜିଲ୍‌ବି—ଦେ. ବ—ଜିଲିବି (ଦେଖ)
Jil-bi Jilibi (See)

ଜିଲ୍‌ହେଜ୍—ବୈଦେ. ବ. (ଫା)—ମୁସଲମାନ ମାସବିଶେଷ; ମହରମର
Jil-hej ପୂର୍ବ ମାସ—Name of a Mahomedan month.
जिलहेज
ज़ीलहेज

ଜିଲତ୍—ବୈଦେ. ବ. (ଅ. ଜିଲ୍ଲତ୍)—
Jilat ୧ । ଲଜ୍ଜା—1. Shame.
जिलत ୨ । ଅପମାନ; ବେଇଜ୍ଜତି—2. Insult.
ज़िल्लत ୩ । ଅନାଦର—3. Disrespect; disregard.
୪ । ଦୁର୍ଦ୍ଦଶା; ଦୁର୍ଗତି—4. Misery.
(ଯଥା—ଜିଲତ୍ ଦେବା, ଜିଲତ୍ ପାଇବା, ଜିଲତ୍‌ରେ ପଡ଼ିବା ।)

ଜିଲତ୍ ଉଠା(ଠେ)ଇବା— ଦେ. କ୍ରି. (ଅ. ଜିଲ୍ଲତ୍)—
Jilat uthā(the)ibā ୧ । ଅପମାନିତ ହେବା—
जिलत उठान 1. To be insulted.
ज़िल्लत उठाना ୨ । ଲଜ୍ଜିତ ହେବା—
2. To be put to shame.

ଜିଲଦ୍—ବୈଦେ. ବ. (ଅ. ଜିଲ୍ଦ=ଚମଡ଼ା)—
Jilad ୧ । ବହିର ମଲାଟ ଉପରେ ବନ୍ଧା ହେବା ଚମଡ଼ା—
जिलद 1. Parchment or leather put on the
जिल्द stiff cover of a book.
୨ । ପୁସ୍ତକର ଖଣ୍ଡ—
2. Volume of a book; copy of a book.
୩ । ଚମଡ଼ା—3. Leather.

ଜିଲଦ୍‌ବନ୍ଦ୍—ବୈଦେ. ବ. (ଅ. ଜିଲ୍ଦବନ୍ଦ୍)—
Jilad-band ଯେଉଁ ବ୍ୟକ୍ତି ବହି ବାନ୍ଧେ—Book-binder.
जिलदबन्द
जिल्दबन्द

ଜିଲଦ୍‌ବନ୍ଦୀ—ବୈଦେ. ବ. (ଅ. ଜିଲ୍ଦବନ୍ଦୀ)—ବନ୍ଧେଇ ଶିଳ୍ପର କର୍ମ
Jiladbandī ଚମଡ଼ା ଆଦି ଦ୍ୱାରା ବାନ୍ଧିବା କର୍ମ—
जिलदबन्दी Book-binding.
जिल्दबन्दी

ଜିଲଦ୍ ବାନ୍ଧିବା—ପୁସ୍ତକ ସିଲେଇ କରି ଉପରେ ମୋଟା କାଗଜ ଓ
Jilad bāndhibā ଚମଡ଼ା ଦେଇ ବାନ୍ଧିବା—
जिलद बान्धा To bind a book.
जिल्द बांधना

ଜିଲା—ବୈଦେ. ବ. (ଅ. ଜିଲ୍ଲା, ଜୁଲ. ଫ. ଔଜ୍ଜ୍ୱଲ୍ୟ)—
Jilā ୧ । ଆଭା; ଜ୍ୟୋତିଷ; ଔଜ୍ଜ୍ୱଲ୍ୟ—
जिला 1. Brightness; blaze.
ज़िला ୨ । ସ୍ନିଗ୍ଧତା; ଚିକ୍କଣତା—2. Smoothness.
जेला ୩ । (ଅ. ଜିଲ୍ଲା) ପ୍ରଦେଶର ଶାସନବିଭାଗ—
ज़िला 3. An administrative district.
(ଜିଲ୍ଲା—ଅନ୍ୟରୂପ) [ଦ୍ର— ଇଂରେଜ ଶାସିତ ଭାରତ ବର୍ଷ ଭିନ୍ନଭିନ୍ନ ପ୍ରଦେଶ (Province) ରେ ବିଭକ୍ତ । ପ୍ରତ୍ୟେକ ପ୍ରଦେଶ ଭିନ୍ନ ଭିନ୍ନ ବିଭାଗ (Division) ଓ ପ୍ରତ୍ୟେକ ବିଭାଗ କେତେକ ଜିଲ୍ଲା (District) ର ସମଷ୍ଟି । ପ୍ରତି ଜିଲ୍ଲା ଜଣେ ଜଣେ ଶାସକଙ୍କର ଅଧୀନ । ପ୍ରତ୍ୟେକ ଜିଲ୍ଲା ଦୁଇ ବା ତତୋଽଧିକ ଉପଜିଲ୍ଲା ବା ମହକୁମା (Sub-division) ଓ ପ୍ରତ୍ୟେକ ମହକୁମା କେତେଗୁଡ଼ିଏ ଥାନାର ସମଷ୍ଟି ।

ଜିଲ୍ଲାର ସାଙ୍କେତିକ ଚିହ୍ନ 'ଜି' ।]
ପ୍ରାଦେ. (ପୁରୀ ଜିଲ୍ଲାର ଖୋରଧା ଓ ଗଡ଼ଜାତ) ବି.—କିଲ୍ଲାର ରାଜସ୍ୱ ବିଭାଗବିଶେଷ—Subdivision of a Killā.
[ଯଥା—ଖୋରଧା କିଲ୍ଲାର ବାଣପୁର, ଭୁବନେଶ୍ୱର, ରାମେଶ୍ୱର, ବଳଭଦ୍ରପୁର, ଚାପଙ୍ଗ, ମାଣିକଗୋଡ଼ା, ଭୁଷଣ୍ଡପୁର, ପାଞ୍ଚଗଡ଼ ଓ ଦାଣ୍ଡିମାଳ, ଏବଂ ନୟାଗଡ଼ କିଲ୍ଲାର କାନ୍ଧମାଳ ଗୋଟିଏ ଗୋଟିଏ ଜିଲ୍ଲା ।]
ବୈଦେ. ବଣ. (ଅ. ଜଲ୍ଲା=ଯାହା)—୧ । ଚିକ୍କଣ—
1. Smooth.
୨ । ପାଲିସ୍ କରି ଯାଇଥିବା—2. Polished.
୩ । ଚକଚକିଆ—3. Shining; brilliant.

ଜିଲାଓଆରି—ବୈଦେ. ବଣ. (ଫା. ଜିଲ୍ଲାଓାରି)—୧ । ଗୋଟିଏ ଗୋଟିଏ
Jilā-uāri ଜିଲ୍ଲାର ଧାରାବାହିକରୂପେ ଚର୍ଚ୍ଚା କରି ଯାଇଥିବାରୂପେ--
जेलाओयारि 1. Dealing with each the district in detail.
୨ । ପ୍ରତି ଜିଲ୍ଲା; ଏକ ଜିଲ୍ଲା ପରେ ଅନ୍ୟ ଜିଲ୍ଲା—
(ଜିଲ୍ଲାୱାରି—ଅନ୍ୟରୂପ) 2. District by district.

ଜିଲା କଲେକ୍ଟର—ବୈଦେ. ବ. (ଅ. ଜିଲ୍ଲା ଓ ଇଂ. କଲେକ୍ଟର)—ଜିଲ୍ଲାର
Jilā kalektar ରାଜସ୍ୱ ଆଦାୟ ବିଷୟର ଭାରପ୍ରାପ୍ତ ସର୍ବୋଚ୍ଚ

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

ଜେଲା କଲେକ୍ଟର — ରାଜକର୍ମଚାରୀ—
जिला किलटर District Collector.
ଜିଲ୍ଲା କଲଟର / ଜିଲ୍ଲା କଲେକ୍ଟର୍ } ଅନ୍ୟରୂପ

ଜିଲ୍ଲା ଜଜ୍—ବୈଦେ. ବ. (ଆ. ଜିଲା ଓ ଇଂ. ଜଜ୍)—ଜିଲ୍ଲାର ଦେୱାନି
Jilā jaj ବିଚାର ବିଭାଗର ଉଚ୍ଚତମ ରାଜକର୍ମଚାରୀ—
ଜେଲାଜଜ District Judge.
जिलाजज

ଜିଲ୍ଲାଦାର୍—ବୈଦେ. ବ. (ଫା)—୧ । କେନାଲ୍ ରେଭେନ୍ୟୁ ବା ସରକାରୀ
Jilā-dār ଖଜଣାର ଅସୁଲ କର୍ମଚାରୀ; ତହସିଲଦାରଙ୍କ ଉପରସ୍ଥ
ଜିଲାଦାର କର୍ମଚାରୀ—1. Ziladar; the superior officer
जिलादार; जिलेदार above the Tahasildar or collecting officer of canal
(ଜିଲ୍ଲାଦାର—ଅନ୍ୟରୂପ) revenue.
(ଜିଲାଦାରୀ—ଜିଲ୍ଲାଦାରର କର୍ମ ବା ଚାକିରି)
୨ । ସରବରାହକାର; ଜମିଦାରଙ୍କ ପକ୍ଷରୁ ମଫସଲର ଖଜଣା ଅସୁଲ କରିବାର ଭାରପ୍ରାପ୍ତ ତହସିଲଦାରମାନଙ୍କ ଉପରସ୍ଥ କର୍ମଚାରୀ— 2. The superior officer above a Zamindar's rent-collector.
ବଣ. (ଫା)—୧ । ଦୀପ୍ତିମାନ୍ ; ଚକଚକିଆ—1. Shining.
୨ । ମସୃଣ ଓ ଚିକ୍କଣ—2. Smooth; oily.

ଜିଲପି (ବି)—ଦେ. ବ—ଜିଲିବି (ଦେଖ)
Jilapi (bi) Jilibi (See)

ଜିଲ୍ଲାବୋର୍ଡ୍—ବୈଦେ. ବ. (ଆ. ଜିଲ୍ଲା ଓ ଇଂ. ବୋର୍ଡ)—ଜିଲ୍ଲାର
Jilā-bord ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଆଦି କେତେକ ବିଷୟ ବୁଝିବା
ଜେଲାବୋଡ଼ ସକାଶେ ସରକାରଙ୍କ ମନୋନୀତ ଓ ବେ ସରକାରୀ ଲୋକ
जिलाबोर्ड ପ୍ରତିନିଧି ମେମ୍ବରମାନଙ୍କଦ୍ୱାରା ଗଠିତ କମିଟି—
(ଜିଲାବୋର୍ଡ—ଅନ୍ୟରୂପ) District Board

ଜିଲ୍ଲା ମାଜିଷ୍ଟ୍ରେଟ୍—ବୈଦେ. ବ. (ଆ. ଜିଲା ଓ ଇ. ମାଜିଷ୍ଟ୍ରେଟ୍)—
Jilā mājishtret ଜିଲାର ଫଉଜଦାରୀ ମକଦମା ଓ ଶାନ୍ତିରକ୍ଷା
ଜେଲା ମାଜିଷ୍ଟ୍ରେଟ୍ ଆଦିର ଭାରପ୍ରାପ୍ତ ଉଚ୍ଚତମ ରାଜକର୍ମଚାରୀ—
जिला मेजेष्टर District Magistrate.
ଜିଲ୍ଲା ମାଜିଷ୍ଟର / ଜିଲ୍ଲା ମେଜେଷ୍ଟର } — ଅନ୍ୟରୂପ

ଜିଲ୍ଲା ସୁପରିଣ୍ଟେଣ୍ଡେଣ୍ଟ୍—ବୈଦେ. (ଆ. ଜିଲ୍ଲା ଓ ଇଂ ସୁପରିଣ୍ଟେଣ୍ଡେଣ୍ଟ)
Jilā suparintendent ପୁଲିସବିଭାଗର ସର୍ବୋଚ୍ଚ ରାଜକର୍ମଚାରୀ -
ଜେଲା ସୁପରିଣ୍ଟେଣ୍ଡେଣ୍ଟ District Superintendent
जिला सुपरिंटंट of Police.

ଜିଲ୍ଲା ହାକିମ—ବୈଦେ. ବ. (ଆ. ଜିଲ୍ଲା ହାକିମ୍)—ଜିଲ୍ଲାର ସ୍ୱତନ୍ତ୍ର
Jilā hākima ବିଭାଗର ସର୍ବୋଚ୍ଚ ରାଜକର୍ମଚାରୀ—The
ଜେଲା ହାକିମ highest officer in a district in
जिला हाकीम a particular department.

ଜିଲି—ଦେ. ବ.—ଜିଲିବି (ଦେଖ)
Jili Jilibi (See)

ଜିଲକି—ଦେ. ବ.—ଜଲୁକି (ଦେଖ)
Jiliki Juluki (See)

ଜିଲିପି—ଦେ. ବ.—ଜିଲିବି (ଦେଖ)
Jilipi Jilibi (See)

ଜିଲିବି—ଦେ. ବ. (ସଂ. କୁଣ୍ଡଳି= =ଚକ୍ର; କମ୍ପା ଝିଲ୍ଲୀ=ପତଳା ପାତିଆ;
Jilibi ତୁଳ. ହି. ଜିଲ୍ଲାବ୍=ପିଠଉକୁ ଫେଣାଇବା)—କୁଣ୍ଡଳାକୃତି
ଜିଲେବୀ ଦ୍ରବପକ୍ୱ ମିଷ୍ଟାନ୍ନବିଶେଷ—
जिलेबि; जिलाबी A kind of spiral sweetmeat.
(ସଂ. ନାମ—କୁଣ୍ଡଳୀ) [ଦ୍ର—ବିରି ବଟା ହୋଇ ଫେଣିଆ ହେବା ପରେ ପିଠଉକୁ ଗୋଟିଏ ଛିଦ୍ରଯୁକ୍ତ ଥଳିରେ ବା କନାଦ୍ୱାରା କୁଣ୍ଡଳାକାର କରି ଫୁଟିଲା ତେଲ ବା ଘିଅରେ ଛାଡ଼ି ଦିଆଯାଏ । ତାହା ଘିଅ ବା ତେଲରେ ସିଦ୍ଧ ହୋଇ କୁଣ୍ଡଳାକାର ଫମ୍ପା ଖଣ୍ଡରେ ପରିଣତ ହୁଏ । ଗରମ ଥାଉଁ ଥାଉଁ ଉକ୍ତ ଫମ୍ପା ଜିନିଷକୁ ଚିନି ବା ଗୁଡ଼ର ଶିରା ମଧ୍ୟରେ ପକାଇ ଦେଲେ ତହିଁ ମଧ୍ୟରେ ଶିରା ପୂର୍ଣ୍ଣ ହୋଇ ଯାଏ; ତାକୁ ଜିଲିବି କହନ୍ତି । ଯେଉଁ ପିଷ୍ଟକ ଶିରାରେ ବଗୁରା ହୁଏ ନାହିଁ ତାକୁ ଝିଲି କହନ୍ତି ।]

ଜିଲ୍ଲା (ଇତ୍ୟାଦି)—ବୈଦେ. ବ. (ଆ)—ଜିଲା ଇତ୍ୟାଦି (ଦେଖ)
Jillā (etc) Jilā etc (See)

ଜିଲ୍ଲେ—ଦେ. ବଣ—ଅମୁକ ଜିଲ୍ଲା ମଧ୍ୟସ୍ଥ—
Jille Situated in such and such a district.
(ଯଥା—ମୌଜେ ସିଦ୍ଧେଶ୍ୱରପୁର, ଜିଲ୍ଲେ କଟକ ।)

ଜିଶୁ (ଇତ୍ୟାଦି)—ବୈଦେ.ବ. (ହେବ୍ରୁ ଓ ଇଂ)—ଯୀଶୁ ଇତ୍ୟାଦି (ଦେଖ)
Jisu (etc) Jisu etc (See)

ଜିଷ (ଧାତୁ)—ସଂ—ଛିଞ୍ଚିବା—
Jish (root) To sprinkle.

ଜିଷ୍ଣୁ—ସଂ. ବଣ. (ଜି ଧାତୁ + ଶୀଳାର୍ଥରେ କର୍ତ୍ତୃ. ଗ୍ସ୍ନୁ)—
Jishnu ଜୟଶୀଳ; ଜୟୀ—Victorious; triumphant.
ସଂ. ବ. (ଯେ ସମସ୍ତଙ୍କୁ ଜୟ କରିଅଛନ୍ତି)—୧ । ବିଷ୍ଣୁ—
1. Visnu.
୨ । ଶ୍ରୀକୃଷ୍ଣ—2. Srikrushna.
୩ । ଇନ୍ଦ୍ର—3. God Indra.
୪ । ସୂର୍ଯ୍ୟ—4. The sun.
୫ । ଅର୍ଜ୍ଜୁନ—5. Arjuna; one of the Pāndab-brothers.
୬ । ବସୁ (ଦେବତା)—6. The Basu class of Deities.
୭ । ବସ୍ତୁ (ହି. ଶବ୍ଦସାଗର)—7. Thing; article.

୧	ଇ	ଈ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ୍	ଉଅ	ଭ
୨	ଈ	ଉ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଊ	ନ୍ତ

ଜି ହଜୁର୍ !—ଦେ. ଅ. (ଫ. ଜିଇ+ଅ. ହୁଜୁର) (ସମ୍ମାନସୂଚକ
Ji hajur ! ବ୍ୟକ୍ତିଙ୍କ ଜବାବ ଦେବାରେ ବ୍ୟବହୃତ)—
जीहजूर ! ହଁ,ମହାଶୟ !—Yes,Your Honor ! yes,Your
जीहुजुर ! Highness (a term used in responding to one's superior).

[ଦ୍ର—ରାଜା ଓ ହାକିମମାନଙ୍କୁ ନିମ୍ନବ୍ୟକ୍ତିମାନେ ତାଙ୍କର ଉତ୍ତର ଦେବାବେଳେ, କୌଣସି ବିଷୟରେ ସମ୍ମତି ଜ୍ଞାପନ କରିବାବେଳେ ଏ ଶବ୍ଦଦ୍ୱୟ ବ୍ୟବହାର କରନ୍ତି । ଉର୍ଦ୍ଦୁ ଜୀ ଶବ୍ଦ ସଂ. ଜିତ୍=ଜୟୀ କିମ୍ବା ସଂ. ଜୀବର ଅପଭ୍ରଂଶ ଓ ଅ. ହୁଜୁର ଶବ୍ଦ ଓଡ଼ିଆ 'ହୁମୁ' ଶବ୍ଦ ପରି ବଡ଼ଲୋକଙ୍କ ସାମୀପ୍ୟ ବା ସାନ୍ନିଧ୍ୟବାଚକ; ଜି ହଜୁର ଏହି ପଦର ଅର୍ଥ ହଁ, ମହାଶୟ !]

ଜିହଲ୍ (ଇତ୍ୟାଦି)—ଗ୍ରା. ବୈଦେ. ବି. (ଇଂ)—
Jihal (etc) ଜେଲ୍ ଇତ୍ୟାଦି (ଦେଖ)
Jel etc (See)

ଜିହଳ—ଦେ. ବି—ଜିଅଳ (ଦେଖ)
Jihaḻa Jiaḻa (See)

ଜିହାଦ୍—ବୈଦେ. ବି. (ଅ. ଜିହାଦ୍)—୧ । ଧର୍ମହିଂସା ବା ଧର୍ମପ୍ରଚାରର
Jihād ନିମନ୍ତେ ଅନ୍ୟ ଧର୍ମାବଲମ୍ବୀଙ୍କ ସହିତ ମୁସଲମାନଙ୍କର ଯୁଦ୍ଧ—
जिहाद 1. A religious crusade against the infidel
जिहाद् by the Mahomedans.
୨ । ନିଜର ଧର୍ମରକ୍ଷାର୍ଥ ଯୁଦ୍ଧ—2. A war for the preservation of one's religion.

ଜିହାନ—ସଂ. ବିଣ. ପୁଂ (ହା ଧାତୁ=ଯିବା+କର୍ତ୍ତୃ. ଅନ)—
Jihāna ୧ । ଯାଉଥିବା—1. Going.
(ଜିହାନା—ସ୍ତ୍ରୀ) ୨ । ପ୍ରାପ୍ତ ହେଉଥିବା—2. Obtaining.

ଜିହାନକ—ସଂ. ବି. (ଜିହାନ+କ)—ସୃଷ୍ଟିର ବିନାଶ; ପ୍ରଳୟ—
Jihānaka Destruction or dissolution of the world.

ଜିହାସା—ସଂ. ସ୍ତ୍ରୀ. (ହା ଧାତୁ=ତ୍ୟାଗ କରିବା+ଇଚ୍ଛାର୍ଥେ ସନ୍=ଜିହାସ
Jihāsā ଧାତୁ+ଭାବ ଅ+ଆ)—୧ । ତ୍ୟାଗ କରିବାର ଇଚ୍ଛା—
1. Desire to give up or avoid something.
୨ । ଘୃଣା—2. Aversion; repugnance.

ଜିହାସୁ—ସଂ. ବି. (ହା ଧାତୁ=ତ୍ୟାଗ କରିବା+ଇଚ୍ଛାର୍ଥେ ସନ୍=
Jihāsu ଜିହାସ ଧାତୁ+କର୍ତ୍ତୃ. ଉ)—୧ । ତ୍ୟାଗ କରିବାକୁ
ଇଚ୍ଛୁକ—2. Desirous of giving up or avoiding something.

ଜିହୀର୍ଷା—ସଂ. ବି. ସ୍ତ୍ରୀ. (ହୃ ଧାତୁ=ହରଣ କରିବା+ଇଚ୍ଛାର୍ଥରେ ସନ୍
Jihīrshā =ଜିହୀର୍ଷ ଧାତୁ+ଭାବ. ଅ+ଆ)—୧ । ହରଣ
କରିବାର ବା ଚୋରି କରିବାର ଇଚ୍ଛା ବା ଅଭିଳାଷ—
1. A desire to steal or commit theft; stealing propensity.
୨ । ମନୁଷ୍ୟ ଚୋରାଇ ନେବାର ଇଚ୍ଛା—
2. An intention to kidnap or abduct.
୩ । କୌଣସି ପଦାର୍ଥ କାଢ଼ିନେବାର ଇଚ୍ଛା—
3. Desire for seizing or snatching a thing.

ଜିହୀର୍ଷୁ—ସଂ. ବିଣ. (ହୃ ଧାତୁ+ଇଚ୍ଛାର୍ଥରେ ସନ୍=ଜିହୀର୍ଷ ଧାତୁ+କର୍ତ୍ତୃ.
Jihīrshu ଉ)—ହରଣେଚ୍ଛୁ, ହରଣ କରିବାକୁ ଅଭିଳାଷୀ—
Desirous of stealing; wishing to seize or take.

ଜିହ୍ୱ—ସଂ. ବି. ପୁଂ. (ଲିହ୍ ଧାତୁ=ଆସ୍ୱାଦନ କରିବା+କରଣେ ବ;
Jihwa ନିପାତନ)—୧ । ଜିଭ; ରସନା; ରସନେନ୍ଦ୍ରିୟ;
(ଜିହ୍ୱା—ସ୍ତ୍ରୀ) ଆସ୍ୱାଦନେନ୍ଦ୍ରିୟ—1. The tongue; the organ of taste.

[ଦ୍ର—'ହ୍ୱ'ର ଉଚ୍ଚାରଣ କ୍ରମେ କ୍ରମେ 'ଭ'ରେ ପରିଣତ ହୋଇ ପ୍ରାକୃତରେ 'ଜିଭ' ହୋଇଅଛି ।]

୨ । ଅଗ୍ନିର ଶିଖା—
2. The tongue or flame of fire.
୩ । ବାକ୍ୟ—3. Sentence.
୪ । ତଗରମୂଳ—4. The root of Tagara plant.

ଜିହ୍ୱକ—ସଂ. ବି. (ଜିହ୍ୱ+ସଂଜ୍ଞାର୍ଥେ କ)—ଏକପ୍ରକାର ସନ୍ନିପାତରୋଗ—
Jihwaka A kind of collapse or typhus.

[ଦ୍ର—ଏଥିରେ ରୋଗୀର ଜିଭ କଣ୍ଟକମୟ ହୁଏ, ରୋଗୀ ସ୍ପଷ୍ଟ କଥା କହି ପାରେ ନାହିଁ ଏବଂ ରୋଗୀର ଜିଭ ଥରେ । ଏଥିରେ ରୋଗୀକୁ ଶ୍ୱାସକାସ ଆଦି ମଧ୍ୟ ଧରେ । ଏ ରୋଗର ଅବଧି ୧୬ଦିନ; ଏ ରୋଗାକ୍ରାନ୍ତ ରୋଗୀ କାଲ କିମ୍ବା ଘୁଙ୍ଗା ହୋଇଯାଏ—ହି. ଶବ୍ଦସାଗର ।]

ଜିହ୍ୱଳ—ସଂ. ବିଣ. ପୁଂ. (ଜିହ୍ୱ+ଲା ଧାତୁ+କର୍ତ୍ତୃ. ଅ)—
Jihwaḻa ୧ । ପେଟୁ; ଉଦରମ୍ଭରି—
(ଜିହ୍ୱଳା—ସ୍ତ୍ରୀ) 1. Voracious (M. W.).
୨ । ଜିଭ ଲାଳଚିଆ; ଜିଭ ଲହଲହିଆ—
2. Having excessive hankering after dainty dishes.

ଜିହ୍ୱା—ସଂ. ବି. ସ୍ତ୍ରୀ (ଜିହ୍ୱ+ଆ)—ଜିହ୍ୱ (ଦେଖ)
Jihwā Jihwa (See)
[ଦ୍ର—ଏହା ଜିହ୍ୱ ଶବ୍ଦର ସ୍ତ୍ରୀଲିଙ୍ଗରେ ଆକାର ।]

ଜିହ୍ୱାଉଲ୍କା—ଦେ. ବି (ସଂ. ଜିହ୍ୱା+ଉଲ୍କା)—ଅଗ୍ନି ତୁଲ୍ୟ ଜିହ୍ୱା; ଉଲ୍କା
Jihwā-ulkā ସଦୃଶ ଜିହ୍ୱା—Tongue resembling a shooting star.

ଦୃଶଇ ଜିହ୍ୱାଉଲ୍କା ଦେଖାଇ ରଙ୍ଗ ଶଙ୍କା କମ୍ପାଇ ଗଲେ ବ୍ୟାପି ସେ ।
। ଭଞ୍ଜ. ବୈଦେହୀଶବିଳାସ ।

ଜିହ୍ୱାଗ୍ର—ସଂ. ବି (୬ଷ୍ଠୀ ତତ୍; ଜିହ୍ୱା+ଅଗ୍ର)—ଜିଭର ଅଗ—
Jihwāgra The tip of the tongue.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ'ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜିହ୍ୱାଗ୍ରବର୍ତ୍ତୀ—ସଂ. ବିଣ (୭ମୀ ତତ୍ ଓ ଉପପଦ; ଜିହ୍ୱା+ଅଗ୍ରବର୍ତ୍ତୀ)—
Jihwāgra-bartti ୧ । ଯାହା (କଥା ପ୍ରଭୃତି) ମନୁଷ୍ୟର ଜିଭ ଅଗରେ ଥାଏ—1. Well mastered (subject); committed to memory.
୨ । ଯେଉଁ କଥାକୁ ମନୁଷ୍ୟ ବଖାଣିବାମାତ୍ରେ କହିପାରେ— 2. Ready to be uttered or expressed in words.

ଜିହ୍ୱାନିର୍ଲେଖନ—ସଂ. ବି (୭ମୀ ତତ୍; ଜିହ୍ୱା+ନିର୍ଲେଖନ)—
Jihwā-nirlekhana ୧ । ଜିଭ ଛେଲିବା; ଜିଭରୁ ଛଉଅ କାଢ଼ିବା ନିମନ୍ତେ ପାତିଆ ଆଦି ଦ୍ୱାରା ଜିଭକୁ ଘଷିବା— 1. Scraping of the tongue for cleansing it.
୨ । ଜିଭଛେଲା ପାତିଆ—2. Tongue-scraper.

ଜିହ୍ୱାପ—ସଂ. ବିଣ (ଜିହ୍ୱା+ପା ଧାତୁ=ପିଇବା+କର୍ତ୍ତୃ. ଅ)—
Jihwāpa ଯେ ଜିଭ ଦ୍ୱାରା ପାଣି ପିଏ— Drinking water by the tongue only.
ସଂ. ବି—୧ । କୁକୁର—1. Dog.
୨ । ବାଘ—2. Tiger.
୩ । ବିରାଡ଼ି—3. Cat
୪ । ଭାଲୁ—4. Bear.
[ଦ୍ର—କିମ୍ବା କୁକୁର ଆଦି ଜନ୍ତୁମାନେ ପାଣିରେ ମୁହଁ ଲଗାଇ କରି ପାଣି ପିଅନ୍ତି ନାହିଁ; ଏମାନଙ୍କ ଜିଭ ଭଳି କରି ଜିଭଦ୍ୱାରା ପାଣି ପିଅନ୍ତି । ଏମାନଙ୍କ ଜିଭ ଓଷ୍ଠର କାର୍ଯ୍ୟ କରେ ।]

ଜିହ୍ୱାମଳ—ସଂ. ବି. (୬ଷ୍ଠୀ ତତ୍; ଜିହ୍ୱା+ମଳ)—ଜିଭର ଛଉଅ—
Jihwā-mala The fur of the tongue.

ଜିହ୍ୱାମୂଳ—ସଂ. ବି. (୬ଷ୍ଠୀ ତତ୍; ଜିହ୍ୱା+ମୂଳ)—କଣ୍ଠର ଯେଉଁ
Jihwā-mūla ଅଂଶରୁ ଜିହ୍ୱା ବାହାରି ଥାଏ— The root of the tongue.

ଜିହ୍ୱାମୂଳୀୟ—ସଂ. ବିଣ (ଜିହ୍ୱାମୂଳ+ଭବାର୍ଥେ. ଈୟ)—ଜିହ୍ୱାମୂଳରୁ
Jihwā-mūliya ଉଚ୍ଚାରିତ—Guttural.
ସଂ. ବି (ବ୍ୟାକରଣ)—ଜିହ୍ୱାମୂଳରୁ ଉଚ୍ଚାରିତ ବା ଉଚ୍ଚାର୍ଯ୍ୟ ବର୍ଣ୍ଣ— (grammar) Letters or alphabets uttered from the root of the tongue; the gutturals.
[ଦ୍ର—କ, ଖ, ଗ, ଘ, ଙ, ହ ଏବଂ ଃ ଏମାନେ ଜିହ୍ୱାମୂଳୀୟ ବର୍ଣ୍ଣ ।]

ଜିହ୍ୱାରଦ—ସଂ. ବି (ବହୁବ୍ରୀହି; ଜିହ୍ୱା+ରଦ; ଯାହାର ଜିହ୍ୱା ରଦ ବା ଦନ୍ତର
Jihwā-rada କାର୍ଯ୍ୟ କରେ)—ପକ୍ଷୀ—Bird.

°**ଜିହ୍ୱାଳ**—ଦେ. ବିଣ (ସଂ. ଜିହ୍ୱାଳ=ପେଟୁ) ଜିହ୍ୱା ବା ଜିଭ ଥିବା; ଜିହ୍ୱା-
Jihwāla ଯୁକ୍ତ—Having tongues; tongued.

ଅନଳ-ଜିହ୍ୱାଳ-ଜ୍ୱାଳା ବାହାରଇ ଲଉପ୍ର ମେଲଣି ଅଙ୍ଗେ—
ରଥାନାଥ. ଯଯାତି ।

ଜିହ୍ୱାଲାଳସା—ସଂ. ବି (୬ଷ୍ଠୀ ତତ୍; ଜିହ୍ୱା+ଲାଳସା)—ଜିଭଲାଳତା;
Jihwā-lālasā ରୁଚିକର ଖାଦ୍ୟ ପ୍ରତି ଅତିଶୟ ବାସନା— Hankering after dainties.

ଜିହ୍ୱାଲିହ୍—ସଂ. ବି (ଜିହ୍ୱା+ଲିହ୍ ଧାତୁ=ଚାଟିବା+କର୍ତ୍ତୃ. କ୍ୱିପ୍)—
Jihwālih ୧ । କୁକୁର—1. Dog.
୨ । ବିରାଡ଼ି—2. Cat

ଜିହ୍ୱାସୁଖ—ସଂ. ବି (୬ଷ୍ଠୀ ତତ୍; ଜିହ୍ୱା+ସୁଖ) ରୁଚିକର ଖାଦ୍ୟ ଖାଇବା
Jihwā-sukha ଯୋଗୁଁ ଜାତ ସୁଖ—Pleasure of the palate; pleasure derived from taking dainty food.

ଜିହ୍ୱାଶଲ୍ୟ—ସଂ. ବି—ଖଦିର (ହି. ଶବ୍ଦସାଗର)—
Jihwā-śalya Catechu.

ଜିହ୍ୱାସ୍ତମ୍ଭ—ସଂ. ବି (୬ଷ୍ଠୀ ତତ୍; ଜିହ୍ୱା+ସ୍ତମ୍ଭ)—ଜିଭର ପକ୍ଷାଘାତ
Jihwā-stambha ରୋଗ—Paralysis of the tongue.
[ଦ୍ର—ଏ ରୋଗରେ ମନୁଷ୍ୟର ଜିଭ ଅବଶ ଓ ଅକର୍ମଣ୍ୟ ହେବାରୁ ମନୁଷ୍ୟ କଥା କହିପାରେ ନାହିଁ ।]

ଜିହ୍ୱାସ୍ୱାଦ—ସଂ. ବି (୬ଷ୍ଠୀ ତତ୍; ଜିହ୍ୱା+ଆସ୍ୱାଦ)—ଚାଟିବା; ଲେହନ—
Jihwāswāda Licking (with the tongue).
(ଜିହ୍ୱାସ୍ୱାଦନ—ଅନ୍ୟରୂପ)

ଜିହ୍ୱିକା—ସଂ. ବି (ଜିହ୍ୱ+ଇକ+ଆ)—୧ । ଜିଭରୁ ଛଉଅ ଚାଞ୍ଛିବା-
Jihwikā କର୍ମ (ହି. ଶବ୍ଦସାଗର)— 1. The act of scraping off the furs from the tongue.
୨ । ଜିଭ ଛେଲା; ଜିଭ ଛେଲିବାପାଇଁ ବ୍ୟବହୃତ ଧାତୁର ପତଳା ପାତିଆ—2 Tongue-scraper.

ଜିହ୍ୱୋଲ୍ଲେଖନ—ସଂ. ବି (୬ଷ୍ଠୀ ତତ୍; ଜିହ୍ୱା+ଉଲ୍ଲେଖନ)—
Jihwollekhana ଜିହ୍ୱାନିର୍ଲେଖନ (ଦେଖ) Jihwā-nirlekhana (See).

ଜିହ୍ମ—ସଂ. ବିଣ (ହା ଧାତୁ=ଗମନକରିବା; ତ୍ୟାଗକରିବା+କର୍ତ୍ତୃ. ମ;
Jihma ନିପାତନ; ଯାହା ଋଜୁତା ବା ସରଳତା ତ୍ୟାଗ କରିଅଛି)
୧ । ଗାଲୁ—1. Sloping.
୨ । ବଙ୍କା; ବକ୍ର—2. Tortuous; curved; awry.
୩ । କୁଟିଳ—3. Crooked; oblique.
୪ । ଖଳ—4. Wicked; morally crooked.
୫ । କପଟୀ; ଛଳପୂର୍ଣ୍ଣ—5. Deceitful.
୬ । ଜଡ଼—6. Lazy; slothful; inert.
୭ । ମିଥ୍ୟାବାଦୀ—7. False; lying.
୮ । କୁଣ୍ଠିତ—8. Miserly.
୯ । ଅପ୍ରସନ୍ନ—9. Dissatisfied; discontented.
୧୦ । ଅଧାର୍ମିକ—10. Irreligious
୧୧ । ଦୀନ—11. Poorly.

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଣ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ଢ଼

୧୨ । ମନ୍ଦଗତିବିଶିଷ୍ଟ—12. Slowly moving.

ସଂ. ବି—୧ । ମିଥ୍ୟା; ମିଛ—1. Falsehood.

୨ । ଖଳତା—2. Wickedness.

୩ । ଅସତ୍‌ପଣ—3. Dishonesty.

୪ । (ବକ୍ର ହୋଇ ବଢ଼ିବାରୁ) ତଗର (ଗଛ) (ଦେଖ)
4. Tagara (tree) (See).

ଜିହ୍ମଗ—ସଂ. ବିଣ. ପୁଂ (ଜିହ୍ମ+ଗମ୍ ଧାତୁ+କର୍ତ୍ତୃ. ଅ)—୧ । ଯେ ବକ୍ର ଗତି କରେ; ବକ୍ରଗାମୀ—1. Moving tortuously or obliquely; having a tortuous movement.
Jihmaga
(ଜିହ୍ମଗା—ସ୍ତ୍ରୀ)

୨ । ମନ୍ଦ ଗତିକାରୀ—2. Moving slowly.

ସଂ. ବି.—୧ । ସର୍ପ—1. Snake.

୨ । ଶର—2. Arrow.

ଜିହ୍ମଗତି—ସଂ. ବି. ଓ ବିଣ—(କର୍ମଧା ଓ ବହୁବ୍ରୀହି; ଜିହ୍ମ+ଗତି)—ଜିହ୍ମଗ (ଦେଖ)
Jihma-gati
Jihmaga (See)

ଜିହ୍ମଗାମୀ—ସଂ. ବି. ଓ ବିଣ. ପୁଂ (ଜିହ୍ମ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—ଜିହ୍ମଗ (ଦେଖ)
Jihma-gāmi
(ଜିହ୍ମଗାମିନୀ—ସ୍ତ୍ରୀ) Jihmaga (See)

ଜୀ—ଦେ. ବି. (ସଂ. ଜୀବ)—୧ । ଜୀବନ; ପ୍ରାଣ—1. Life.
Ji
जी, जीऊ ୨ । ମନ; ହୃଦୟ—2. Mind; heart.
जी. जीव

୩ । ଆକାଂକ୍ଷା—3. Desire; wish.

୪ । (ସ୍ନେହ; ଭକ୍ତି ଓ ବାତ୍ସଲ୍ୟସୂଚକ ପ୍ରୟୋଗ) ଭକ୍ତି, ସ୍ନେହ ବା ବାତ୍ସଲ୍ୟର ପାତ୍ର; ଶ୍ରୀମାନ୍; ମହାଶୟ—4. A person worthy of love, affection or respect.

[ଦ୍ର—ଭକ୍ତି ବା ସମାଦରାର୍ଥରେ—ବାବାଜୀ, ଠାକୁରଜୀ ଶ୍ରୀକୃଷ୍ଣଜୀ; ପୁତ୍ର ବା ଶିଷ୍ୟ ଆଦିଙ୍କ ପ୍ରତି ବାତ୍ସଲ୍ୟ ଅର୍ଥରେ—ବାବୁଜୀ, ବାଳକଦାସ ଜୀ; ସ୍ନେହାର୍ଥରେ—ବାଈଜୀ, ସାନୁଜୀ ।]

[ଦ୍ର—ନାମ ପରେ ସମ୍ମାନର ନିଦର୍ଶନରୂପେ 'ଜୀ' ଯୁକ୍ତ ହେବା ସଂସ୍କୃତ ଅଭିଧାନକାର ୱିଲ୍‌ସନ ସାହେବ ଲେଖିଅଛନ୍ତି ।]

ଦେ. ଅ.—(ସମ୍ବୋଧନାର୍ଥ)—ଭୃତ୍ୟ ପ୍ରଭୁଙ୍କୁ ଉତ୍ତର ପ୍ରଦାନ କରିବାରେ ବ୍ୟବହୃତ ଭକ୍ତିସୂଚକ ସମ୍ବୋଧନ—ହଁ, ମହାଶୟ !—(Interjection) Yes sir ! here sir !

[ଦ୍ର—ହିନ୍ଦୀ ଭାଷାରେ ଏହି ଶବ୍ଦର ଅବ୍ୟୟସୂଚକ ବ୍ୟବହାରର ବିଶେଷ ପ୍ରଚଳନ ଦେଖାଯାଏ ।]

ଜୀଅନ୍ତ—ଦେ. ବିଣ.—ଜୀଅନ୍ତା (ଦେଖ)
Jianta Jiantā (See)

ଜୀଅନ୍ତା—ଦେ. ବିଣ. (ସଂ. ଜୀବତ୍)—ଜୀଇଁଥିବା—Living.
Jiantā
জ্যান্ত (ଯଥା—ଜୀଅନ୍ତା ଗଛଟି କାଟିବାକୁ କାହା ହାତ ଯିବ ?)
जीन्दा; जीताजागता
(ମନ୍ତ୍ର—ବିପରୀତ)

ଜୀଆଇବା—ଦେ. କି. (ସଂ. ଜୀବ୍ ଧାତୁ; ଜୀଇଁବାର ଣିଜନ୍ତରୂପ)—
Jiaibā ୧ । ବଞ୍ଚାଇବା; ଜୀବିତ କରିବା—
जीलाना 1. To give life; to cause to live.
जिलाना ୨ । ମୃତ ପ୍ରାଣୀକୁ ପୁନରୁଜ୍ଜୀବିତ କରିବା—
2. To revive; to bring to life a dead animal.

୩ । ନିର୍ଜୀବ ବସ୍ତୁକୁ ଜୀବଦାନ କରିବା—
3. To animate a dead thing.

୪ । ଶୁଖି ଯାଉଥିବା ବୃକ୍ଷାଦିକୁ ଜଳଦାନ ଓ ଯତ୍ନଦ୍ୱାରା ସଜୀବ ବା ସତେଜ କରିବା—4. To bring a withered plant to life.

୫ । ଜୀବନରେ ରଖିବା; ଜୀବିତ ପ୍ରାଣୀର ପ୍ରାଣ ନାଶ ନ କରି ତାକୁ ବଞ୍ଚାଇ ରଖିବା ବା ରକ୍ଷା କରିବା—
5. To preserve the life of a living being; to prevent the death of a living being.

୬ । କୌଣସି ଜୀବକୁ ପୋଷିବା; ରଖିବା; ପାଳିବା—
6. To maintain or domesticate an animal.

୭ । ଔଷଧାଦି ପ୍ରୟୋଗଦ୍ୱାରା ରୋଗୀକୁ ଜୀବିତ ରଖିବା—
7. To keep a patient alive by medical appliances.

ଜୀଅଁ—ଦେ. ବିଣ. (ସଂ. ଜୀବିତ)—ସଜୀବ; ଜୀବିତ—
Jiañ Living; animate.
জ্যান্ত
जीताजागता
জীঅঁ। ଦେ. ବି—ଜୀଇଁବା; ବଞ୍ଚିବା—
जीना Living.

ଜୀଅଁଇବା—ଦେ. କି—ଜୀଆଇବା (ଦେଖ)
Jiañiba Jiā-ibā (See)
(ଜିଅଁଇଁବା; ଜିଇଁଇବା—ଅନ୍ୟରୂପ)

ଜୀଅଁଇ ରଖିବା—ଦେ. କି—ମାଛ ଆଦି ଧରି ଜୀଅନ୍ତା ରଖିବା—
Jiañi rakhibā To keep an animal alive.
(ଯଥା—ଦରକାରବେଳେ ମାଛ ଧରି ଯିବା ପାଇଁ ଲୋକେ ବଡ଼ ଗଡ଼ିଆରେ ଗୁଡ଼ିଏ ମାଛ ଜିଅଁଇ ରଖନ୍ତି ।)

ଜୀଇ ଉଠିବା—ଦେ. କି—(ମୃତ ବ୍ୟକ୍ତି ବା ବସ୍ତୁ) ସଜୀବ ହେବା—
Ji-i uṭhibā To revive; to be restored to life.
জীএঁ উঠা ମୃତ୍ୟୁଞ୍ଜୟ ବୋଲି କର୍ଣ୍ଣରେ କହିଲେ
जी उठना ଜୀଇ ଉଠିଲା କୁମରମଣି, ସେ କୁମର—ପ୍ରାଚୀ. ପ୍ରତାପ ଶଶିରେଖା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରାମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଜୀଇଁ ଉଠିବା—ଦେ. କ୍ରି—ଜୀଇ ଉଠିବା (ଦେଖ)
Ji-iñ uthibā — Jii uthibā (See)

ଜୀଇଁବା—ଦେ. କ୍ରି—ଜୀଇବା (ଦେଖ)
Ji-iñbā — Ji-ibā (See)

ଜୀଇଁ ରହିବା—ଦେ. କ୍ରି—ବଞ୍ଚି ରହିବା; ଜୀବିତ ଥିବା—
Ji-iñ rahibā — To live; to go on living; to be alive.
বেঁচে থাকা
जीते रहना

ଜୀଇବା—ଦେ. କ୍ରି. (ସଂ. ଜୀବ୍ ଧାତୁ)—
Ji-ibā — ୧ । ବଞ୍ଚି ରହିବା; ନ ମରିବା; ସଜୀବ ରହିବା—
জীআ — 1. To keep one's self alive; not to die; to live.
जीना
୨ । (ଲକ୍ଷଣାର୍ଥ) ଖାଦ୍ୟ ପରିପକ୍ୱ ନ ହୋଇ ରହିବା—
2. (figurative) To remain undigested.
[ଦ୍ର—ଏହି ଶବ୍ଦର ଅସମାପିକା ରୂପ ସଙ୍ଗେ ଉଠିବା, ଯିବା ଓ ରହିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଜୀଉ—ଦେ. ବି—ଜୀ (ଦେଖ)
Jiu — Ji (See)

ଜୀଉ ଆଣିବା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜୀବନ)—
Jiu ānibā — ମୃତ ବ୍ୟକ୍ତିର ଆତ୍ମା ପରଲୋକରେ କିପରି ଅଛି ତାହା ଜାଣିବା ପାଇଁ ଅବଲମ୍ବିତ ପ୍ରଥାବିଶେଷ—
A custom to ascertain, by the use of charms, the condition of the spirit of a dead person after death.

[ଦ୍ର—ଏହି ପ୍ରଥା ଅନାର୍ଯ୍ୟ 'ଗଣ୍ଡ' ଜାତି ମଧ୍ୟରେ ପ୍ରଚଳିତ । ମୃତ ବ୍ୟକ୍ତିର ପୁତ୍ର, କନ୍ୟା ବା ସ୍ୱଜନମାନେ ଦଶାହ ରାତ୍ରିରେ ଗୋଟିଏ ପବିତ୍ରୀକୃତ ନିର୍ଜନ ପ୍ରକୋଷ୍ଠରେ ସ୍ୱର୍ଗୀୟ ବ୍ୟକ୍ତିର ଆତ୍ମାକୁ ପୂଜା କରିବା ପରେ ଗୋଟିଏ କଦଳୀ ପତ୍ରରେ ମଇଦା ବା ଅଟା ବିଛାଇ ତହିଁ ଉପରେ ଗୋଟିଏ ହାଣ୍ଡି ଓଲଟାଇ ଦିଅନ୍ତି ଏବଂ ପ୍ରାର୍ଥନା କରନ୍ତି, "ହେ ସ୍ୱର୍ଗତ ପିତଃ ! ତୁମେ କିପରି ଅଛ ଦୟା କରି ଜଣାଅ ।" ଏପରି କହି ସମସ୍ତେ ସେ ଘର ବନ୍ଦ କରି ଦେଇ ଚାଲି ଆସନ୍ତି । ଏହି ସମୟରେ ସ୍ତ୍ରୀଲୋକମାନେ କଂସାଟିଏ ଧରି ଘରୁ ବାହାରି କଂସା ବଜାଇ ବଜାଇ ଗୀତ ବୋଲନ୍ତି, "ହେ ଜୀବନ ପୁରୁଷ ! କାହିଁ ଅଛ କହେ କରି ;" ଏହା ବୋଲି ବୋଲି ସେମାନେ ଶ୍ମଶାନ ଆଡ଼କୁ ଯାଆନ୍ତି ଏବଂ ଖଣ୍ଡିଦୂର ଯାଇ ଫେରି ଆସି ବନ୍ଦ ହୋଇଥିବା ଘରକୁ ଫିଟାଇ ସେ ହାଣ୍ଡିଟିକୁ ଉଠାଇ ମଇଦାରେ କି ଚିହ୍ନ ପଡ଼ିଛି ତାହା ଦେଖନ୍ତି । ସେ ଚିହ୍ନରୁ ସ୍ୱର୍ଗତ ଆତ୍ମାର ଅବସ୍ଥାର ସଙ୍କେତ ବୁଝାଯାଏ । ତହିଁରେ ଗୋରୁ, ହାତୀ ଆଦି ଜନ୍ତୁଙ୍କ ପାଦଚିହ୍ନର ସାଦୃଶ୍ୟ ଥିଲେ ଆତ୍ମା କୁଶଳରେ ଅଛି ଏବଂ ବାଘ ଭାଲୁ ଆଦିଙ୍କ ପାଦଚିହ୍ନର ସାମଞ୍ଜସ୍ୟ ଲକ୍ଷିତ ହେଲେ ଆତ୍ମା କଷ୍ଟ ପାଉଛି ବୋଲି ବୁଝାଯାଏ । ଏହା ଦେଖାଯାଇ ଅଛି ଯେ ଅପମୃତ୍ୟୁରେ ମରିଥିବା ବ୍ୟକ୍ତି ପାଇଁ ସଜ୍ଜିତ ମଇଦାରେ ବଣୁଡ଼ିର ପାଦଚିହ୍ନ (ଖୋଜ) ପଡ଼ିଥାଏ । ଓଡ଼ିଶାରେ ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ହାଣ୍ଡି ତଳେ ବାଲିରେ ଏହିପରି ସାଙ୍କେତିକ ଚିହ୍ନ ଖୋଜିବା ପ୍ରଥା ଚଳେ ।]

ଜୀଉଛି—ଦେ. ବି. (ସଂ. ଜୀବିତବତ୍ସା)—
Jiuchhi — ଗ୍ରାମ ଦେବତା ବା ଯୋଗିନୀ ବିଶେଷ—
Name of a village-Goddess.

ଜୀଉଣି ପନ୍ଥା—ପ୍ରାଦେ. (ଗଡ଼ଜାତ) ବି. (ସଂ. ଜୀବନ + ପନ୍ଥା)—
Jiuṇi panthā — ଜୀବିକା; ଜୀବନୋପାୟ—
Livelihood.

ଜୀତ—ସଂ. ବିଣ—ଜୀନ (ଦେଖ)
Jita — Jina (See)

ଜୀତକାମୀ—ଦେ. ବିଣ. (ସଂ. ଜିତକାମୀ)—ଜୟାଭିଳାଷୀ—
Jitakāmi — Desirous of gaining victory.

ପାଣ୍ଡବେ ଅର୍ଗ୍ଘ ଜୀତକାମୀ ହୋଇଥିଲେ
ଶଲ୍ୟଙ୍କର ଦେହକୁ ବାସବ ବନ୍ଦିଲେ । କୃଷ୍ଣସିଂ ହ. ମହାଭାରତ. ଶଲ୍ୟ ।

ଜୀତ ଗଛ—ଦେ. ବି—ବାଦାମ ଗଛ—
Jita gachha — Olive tree.
जैतुनका झाड़
[ଦ୍ର—ଏହି ଶବ୍ଦ ବାଇବ୍‌ଲ୍ ଓଲ୍ଡଟେଷ୍ଟାମେଣ୍ଟର ଓଡ଼ିଆ ଅନୁବାଦରେ ବ୍ୟବହୃତ; ଭୁଲ. ହି. ଜେ ଭୁନ୍ ।]

ଜୀନ—ସଂ. ବିଣ. (ଜ୍ୟା ଧାତୁ = ବୃଦ୍ଧି ପାଇବା + କର୍ତ୍ତୃ. ତ)—
Jina — ୧ । ଜୀର୍ଣ୍ଣ—1. Worne out; delapidated.
୨ । ବୃଦ୍ଧ; ସ୍ଥବିର; ପ୍ରାଚୀନ—2. Old; ancient.

ଜୀବ୍ (ଧାତୁ)—ସ.—ବଞ୍ଚିବା—
Jib (root) — To live.

ଜୀବ୍‌ବା—ପ୍ରାଦେ. (ଉତ୍ତର ଭାଷା) କ୍ରି—ଜୀଇବା; ବଞ୍ଚିବା—
Jib-bā — To live; to be alive.

ଜୀବ—ସ. ବି. (ଜୀବ୍ ଧାତୁ + କର୍ତ୍ତୃ. ଅ)—୧ । ଜନ୍ତୁ; ପ୍ରାଣୀ; ଚେତନ ପଦାର୍ଥ; ଦେହୀ—
Jiba — 1. Living being; animal; a being; creature; sentient being.
୨ । ପ୍ରାଣବାୟୁ—2. The breath of life.
୩ । (+ ଭାବ. ଅ) ଜୀବନ; ପ୍ରାଣ—
3. Life; existence.
୪ । ବୈଦିକ ମରୁତ୍ ଦେବତାମାନଙ୍କ ମଧ୍ୟରୁ ଏକତମ—
4. One of the vedic wind-Deities.
୫ । ଜୀବାତ୍ମା—5. Animal soul; the soul.

ଜୀବ ପରମ ବେନି ଅଂଶ,
ଏ ଭବ ମୁକ୍ତିରେ ପ୍ରବେଶ । ଜଗନ୍ନାଥ. ଭାଗବତ ।

୬ । ଜୀବନୀଶକ୍ତି—6. Vitality.
୭ । ଚୈତନ୍ୟ—7. Sense; sensation.
୮ । ପ୍ରବୃତ୍ତି; ଇଚ୍ଛା—8. Desire; inclination.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଷ	ଙ୍କ	ଇଏ	ଉଅ	ଘ
୬	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍

୯ । ପେଶା; ଜୀବନୋପାୟ; ଜୀବିକା; ବୃତ୍ତି—
9. Livelihood; profession.
୧୦ । (ଜ୍ୟୋତିଷ) ପୁଷ୍ୟାନକ୍ଷତ୍ର—
10. The 8th lunar mansion (constellation).
୧୧ । ଜୀବଦଶା; ଜୀବନକାଳ; ଆୟୁ—
11. Lifetime; term of life.
୧୨ । ବିଷ୍ଣୁ—12. A name of Bishnu.
୧୩ । ବୃହସ୍ପତି (ଗ୍ରହ)—13. Jupiter (planet).
୧୪ । (ଜ୍ୟୋତିଷ) ବୃହସ୍ପତିଙ୍କ ଦଶାରେ ତୃତୀୟ ଅନ୍ତର୍ଦଶା—
14. (astrology) The 3rd lustrum in the cycle of Jupiter (Apte).
୧୫ । (ନ୍ୟାୟ) କାର୍ଯ୍ୟକାରଣ ସମ୍ବନ୍ଧ—
15. (logic) The association of cause and effect (Apte).

ସଂ. ବିଣ—ଜୀବିତ—Alive.
(ଯଥା—ଜୀବପୁତ୍ର = ଜୀବିତପୁତ୍ର ।)
ସଂ. କ୍ରି (ଜୀବ୍ ଧାତୁର ଲୋଟ୍ ୨ୟ ପୁରୁଷ ଏକବଚନ)—
ବଞ୍ଚିରହ; ଜୀଅଁ; ଜୀଇଁଥାଅ—
Live; may you live long.
(ଯଥା—ଚିରଂଜୀବ; ସତ୍ୟଂଜୀବ ।)
[ଦ୍ର—କୌଣସି ବ୍ୟକ୍ତି ବିଶେଷତଃ ବାଳକ ବା ବାଳିକା ଛିଙ୍କିଲେ-ପାଖରେ ଥିବା ଅନ୍ୟ ବ୍ୟକ୍ତି ଛିଙ୍କିବା ଲୋକର ଅମଙ୍ଗଳ ହେବ ବୋଲି ଆଶଙ୍କା କରି ସେହି ଭାବୀ ଅମଙ୍ଗଳ ନିବାରଣାର୍ଥ ଆଶୀର୍ବାଦସୂଚକ 'ଜୀବ', 'ସତ୍ୟଂଜୀବ' ଓ 'ଚିରଂଜୀବ' ଆଦି ବାକ୍ୟ ଉଚ୍ଚାରଣ କରନ୍ତି ।]

ଜୀବଂଜୀବ—ସଂ. ବି (ଜୀବ = ଜୀବନକାଳ + ଜୀବ୍ ଧାତୁ = ବଞ୍ଚିବା + କର୍ତ୍ତୃ.
Jibamjiba ଅ)—ଯେ ଦୀର୍ଘକାଳ ବଞ୍ଚେ, ଚକୋରପକ୍ଷୀ—
The Himalayan patridge; Francoline patridge.

ଜୀବକ—ସଂ. ବି. ପୁଂ. (ଜୀବ ଧାତୁ = ବଞ୍ଚାଇବା + କର୍ତ୍ତୃ. ଅକ)—
Jibaka
୧ । ଦୁଷ୍ପ୍ରାପ୍ୟ ଔଷଧିବିଶେଷ—
1. Name of a very rare medicinal root.
ସଂ. ପର୍ଯ୍ୟାୟ—ଜୀବକ, ବଲଦ, ଚିରଜୀବ, କୂର୍ଚ୍ଚଶୀର୍ଷ, ମଧୁରକ, ଶୃଙ୍ଗ, ହ୍ରସ୍ୱାଙ୍ଗ, ଜୀବନ, ଦୀର୍ଘାୟୁ, ପ୍ରାଣଦ, ଭୃଙ୍ଗାହ୍ୱ, ଚିରଂଜୀବୀ, ମଙ୍ଗଳା, ଆୟୁଷ୍ମାନ୍ ।
[ଦ୍ର—ଏହା ଆୟୁର୍ବେଦୋକ୍ତ ଅଷ୍ଟବର୍ଗ ମଧ୍ୟରୁ ଗୋଟିଏ ଔଷଧ; ଏହି ଗୁଳ୍ମ ହିମାଦ୍ରି ଶିଖରରେ ଜନ୍ମେ ବୋଲି ବୈଦ୍ୟଶାସ୍ତ୍ରରେ ଲେଖା ଅଛି । ଏହାର କନ୍ଦ ରସୁଣ ପରି ଓ ସାରହୀନ; ପତ୍ର ସୂକ୍ଷ୍ମ ଓ ଏହାର ଅଗ୍ରଭାଗ କୂର୍ଚ୍ଚକ ବା ତୂଳିକା ପରି । ଏହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଏହାର ଅଭାବରେ ବୈଦ୍ୟମାନେ ଗୁଳୁଚି ବ୍ୟବହାର କରନ୍ତି । ବୈଦ୍ୟଙ୍କ ମତରେ ଏହା ମଧୁର, ବଳକାରକ, ଶୀତବୀର୍ଯ୍ୟ, କଫ ଓ ଶୁକ୍ରବର୍ଦ୍ଧକ । ଏହା ପିତ୍ତ, ଦାହ, ରକ୍ତଦୁଷ୍ଟି, କୃଶତା ଓ କ୍ଷୟ ରୋଗରେ ପ୍ରଧାନ ଔଷଧ; ଋଷଭକ ନାମକ ଦୁଷ୍ପ୍ରାପ୍ୟ ଔଷଧ ମଧ୍ୟ ଏହି ଜାତୀୟ ଗୁଳ୍ମ । କିନ୍ତୁ ଦୁହିଙ୍କ ମଧ୍ୟରେ ପ୍ରଭେଦ ଏହି କି ଋଷଭକର କନ୍ଦ ଗୋରୁ ଶିଙ୍ଗ ଆକୃତିର ଓ ଜୀବକ କନ୍ଦର ଆକୃତି ଝାଡ଼ୁ ପରି—ହି. ଶବ୍ଦସାଗର ।]
୨ । ('ଜୀବ' ଅର୍ଥାତ୍ 'ବଞ୍ଚି ରହ' ବୋଲି ଯେଉଁ ବ୍ୟକ୍ତି ଅନ୍ୟକୁ ଆଶୀର୍ବାଦ କରନ୍ତି) ଆଶୀର୍ବାଦକାରୀ ବ୍ୟକ୍ତି—
2. One who utters benediction on another.
୩ । ବୁଦ୍ଧଦେବଙ୍କ ଚିକିତ୍ସକ ଓ ଆତ୍ରେୟ ମୁନିଙ୍କ ଶିଷ୍ୟ—
3. Name of the physician of the Buddha and disciple of sage Ātreya.
୪ । ଭିକ୍ଷୁକ—4. A beggar; mendicant.
୫ । ଦୀର୍ଘଜୀବୀ ବ୍ୟକ୍ତି—
5. A long-lived person.
୬ । ବୃଦ୍ଧିଜୀବୀ; ସୁଧଖୋର—6. A usurer.
୭ । ସାପୁଆ—7. A snake charmer; snake-catcher.
୮ । (· + କର୍ମ. ଅକ) ସେବକ; ଚାକର; ଭୃତ୍ୟ; ଦାସ—
8. Slave; servant; attendant.
୯ । ପ୍ରାଣୀ—9. Animal
୧୦ । ପୀତ ଶାଳବୃକ୍ଷ (ହି. ଶବ୍ଦସାଗର)—
10. A kind of timber-tree.
ସଂ. ବିଣ—ଦୀର୍ଘଜୀବୀ—Long-lived

ଜୀବକଣା—ସଂ. ବି. (ଆଧୁନିକ ପ୍ରୟୋଗ; ବିଜ୍ଞାନପରିଭାଷା)—ରକ୍ତରେ
Jiba-kaṇā ଥିବା କୀଟାଣୁ—Blood corpuscles.

ଜୀବକୁଳ—ସଂ. ବି—ଜୀବଲୋକ (ଦେଖ)
Jiba-kuḷa Jiba-loka (See)

ଜୀବଗୃହ—ସଂ. (୬ଷ୍ଠୀ ତତ୍; ଜୀବ + ଗୃହ; ଜୀବର ବାସସ୍ଥାନ)—
Jiba-gṛuha ଦେହ; ଶରୀର—(the abode of the soul) The body.

ଜୀବଘନ—ସଂ. ବି—ବ୍ରହ୍ମା—
Jiba-ghana Brahmā (Apte).

ଜୀବ ଛାଡ଼ିବା—ଦେ. କ୍ରି—ମରିବା; ଜୀବନୀଶକ୍ତି ଲୋପ ହେବା—
Jiba chhāṛdiba To die.
जीवछाड़ा ଦେ. ବି.—ମରଣ ଘଟିବା—
जी छोड़ना Dying.

ଜୀବଜ—ସଂ. ବିଣ. ପୁଂ. (ଜୀବ + ଜନ ଧାତୁ + କର୍ତ୍ତୃ. ଅ)—
Jibaja ଜୀଅନ୍ତା ଜନ୍ମିଥିବା (ଶିଶୁ)—
(ଜୀବଜା—ସ୍ତ୍ରୀ) (a child) Born alive.

ଜୀବଜଗତ୍—ସଂ. ବି. (୬ଷ୍ଠୀ ତତ୍; ଜୀବ + ଜଗତ୍)—
Jiba-jagat ଜୀବଲୋକ (ଦେଖ)—Jibaloka (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଜୀବଜନ୍ତୁ—ଦେ. ବି. (ସଂ. ଜୀବ+ଜନ୍ତୁ; ଏକାର୍ଥକ ସହଚର)—
Jiba-jantu ୧ । ବିବିଧ ଜୀବ; ପ୍ରାଣିସମୂହ; ନାନାଜନ୍ତୁ—
जीवजन्तु 1. Animals; various creatures.
जीवजन्तु ୨ । ସାଧାରଣ ପ୍ରାଣୀ—
2. A general term for animals.

ଜୀବଜୀବ—ସଂ. ବି—ଜୀବଂଜୀବ (ଦେଖ)
Jiba-jiba Jibamjiba (See

ଜୀବଜୀବକ—ସଂ. ବି. (ଜୀବଜୀବ=ଚକୋର+ସ୍ୱାର୍ଥରେ କ)—
Jiba-jibaka ଜୀବଂଜୀବ (ଦେଖ)—Jibamjiba (See)

ଜୀବଞ୍ଜୀବ—ସଂ. ବି—ଜୀବଂଜୀବ (ଦେଖ)
Jibañjiba Jibamjiba (See)

ଜୀବତ୍—ସଂ. ବିଣ. (ଜୀବ୍ ଧାତୁ+କର୍ତ୍ତୃ. ଅତ୍)—ବଞ୍ଚିଥିବା; ଜୀଅନ୍ତା—
Jibat Living; alive.
[ଦ୍ର—ଏହାର ସ୍ୱତନ୍ତ୍ର ବ୍ୟବହାର ନାହିଁ ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ଜୀବତ୍‌ପିତୃକ, ଜୀବନ୍ମାତୃକ, ଜୀବତ୍‌ସ୍ୱାମିକା ।]

ଜୀବତ୍ପତି—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଜୀବତ୍+ପତି)—ସଧବା;
Jibat-pati ଅହ୍ୟ—Having one's husband living.

ଜୀବତ୍ପତିକା—ସଂ. ବିଣ. ସ୍ତ୍ରୀ. (ଜୀବତ୍+ପତି+ସ୍ତ୍ରୀ. ଅ) —
Jibat-patikā ଜୀବତ୍‌ପତି (ଦେଖ)
Jibat-pati (See)

ଜୀବତ୍ପତ୍ନୀ—ସଂ. ବିଣ. ସ୍ତ୍ରୀ. (ଜୀବତ୍+ପତି+ସ୍ତ୍ରୀ. ଈ)
Jibat-patni ଜୀବତ୍‌ପତି (ଦେଖ)
Jibat-pati (See)

ଜୀବତ୍ପତ୍ନୀକ—ସଂ. ବିଣ. ପୁଂ. (ବହୁବ୍ରୀହି; ଜୀବତ୍+ପତ୍ନୀ; କ ଆଗମ)—ଯାହାର ସ୍ତ୍ରୀ ଜୀବିତା—
Jibat-patnika Having the wife still living.

ଜୀବତ୍ପିତୃକ—ସଂ. ବିଣ. ପୁଂ. (ବହୁବ୍ରୀହି; ଜୀବତ୍+ପିତୃ; କ ଆଗମ)—
Jibat-pitṛuka ଯାହାଙ୍କର ପିତା ବିଦ୍ୟମାନ ଅଛନ୍ତି—Having
(ଜୀବତ୍‌ପିତୃକା—ସ୍ତ୍ରୀ) one's father still living.
[ଦ୍ର—ଜୀବତ୍ପିତୃକ ବ୍ୟକ୍ତିଙ୍କ ପକ୍ଷରେ ଅମାସ୍ନାନ, ଗୟାଶ୍ରାଦ୍ଧ, ଦକ୍ଷିଣମୁଖ ଭୋଜନ, ଶ୍ମଶ୍ରୁ ମୁଣ୍ଡନ ନିଷିଦ୍ଧ । ନିରଗ୍ନି ଜୀବତ୍ପିତୃକ ବ୍ରାହ୍ମଣ ବୃଦ୍ଧିଶ୍ରାଦ୍ଧ ଛଡ଼ା ଅନ୍ୟ ଶ୍ରାଦ୍ଧ କରିବାର ଅଧିକାରୀ ନୁହନ୍ତି । ସାଗ୍ନିକ ଜୀବତ୍ପିତୃକ ବ୍ରାହ୍ମଣ ସବୁ ଶ୍ରାଦ୍ଧ କରି ପାରିବେ— ହି. ଶବ୍ଦସାଗର ।]

ଜୀବତ୍‌ମାନ—ଗ୍ରା. ବିଣ. (ଜଟିଆ ଭାଷା)—ଜୀବିତ; ବିଦ୍ୟମାନ—
Jibat-māna Living
(ଜୀବତମାନ—ଅନ୍ୟରୂପ)

ଜୀବତତ୍ତ୍ୱ—ସଂ. ବି. (୬ଷ୍ଠୀ ତତ୍; ଜୀବ+ତତ୍ତ୍ୱ)—
Jiba-tattwa ପ୍ରାଣିବିଜ୍ଞାନ; ପ୍ରାଣିତତ୍ତ୍ୱ ବିଦ୍ୟା—
Zoology; biology.

ଜୀବତି—ଗ୍ରା. (ପଦ୍ୟ) ବି (ସଂ. ଜୀବିତ)—ଜୀବନ—
Jibati Life.
ଝୁରି ଝୁରି ତନୁ ଝଡ଼ି ଯାଉଅଛି କେବଳ ରହିଛି ଜୀବତି—
ପ୍ରାଚୀ ରହସ୍ୟମଞ୍ଜରୀ ।
ସଂ. କ୍ରି. (ସଂ. ଜୀବ୍ ଧାତୁ ବର୍ତ୍ତମାନକାଳ ପରଂ. ପ୍ରଥମ ପୁରୁଷ ଏକବଚନ)—(ସେ) ବଞ୍ଚେ; ଜୀବିତ ରହେ—
(he) Lives.
ତୋ ମୁଖ ଉଡୁ ସୁନ୍ଦରୀ ଜୀବତି ସର୍ଜୀଫେ—ପ୍ରାଚୀ. ରସବାରିଧି ।

ଜୀବତୋକା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି, ଜୀବ=ଜୀବିତ+ତୋକ=
Jiba-tokā ଅପତ୍ୟ+ସ୍ତ୍ରୀ. ଆ)—
ଯେଉଁ ସ୍ତ୍ରୀର ସନ୍ତାନମାନେ ଜୀବିତ ଅଛନ୍ତି—
A woman whose children are living.

ଜୀବତ୍ତୋକା—ସଂ, ବିଣ. ସ୍ତ୍ରୀ. (ବହୁବ୍ରୀହି; ଜୀବତ୍+ତୋକ+ଆ)—
Jibattokā ଜୀବତୋକା (ଦେଖ)
Jiba-tokā (See)

ଜୀବତ୍ୟାଗ—ସଂ. ବି. (୬ଷ୍ଠୀ ତତ୍; ଜୀବ+ତ୍ୟାଗ)—ମୃତ୍ୟୁ—
Jiba-tyāga Death.

ଜୀବଥ—ସଂ. ବିଣ. ପୁଂ. (ଜୀବ ଧାତୁ+କର୍ତ୍ତୃ. ଅଥ)—
Jibatha ୧ । ବହୁକାଳଜୀବୀ; ଦୀର୍ଘଜୀବୀ—
(ଜୀବଥା—ସ୍ତ୍ରୀ) 1. Long-lived.
୨ । ଧାର୍ମିକ—2. Pious; virtuous.
ସଂ. ବି—୧ । ଜୀବନ—1. Life.
୨ । କଚ୍ଛପ—2. Tortoise.
୩ । ମୟୂର—3. Peacock.
୪ । ମେଘ—4. Cloud.
୫ । ଧର୍ମ; ପୁଣ୍ୟ—Piety.

ଜୀବଦ—ସଂ. ବିଣ. ପୁଂ. (ଜୀବ+ଦା ଧାତୁ+କର୍ତ୍ତୃ. ଅ)—
Jibada ଯେ ପ୍ରାଣ ଦାନ କରେ ବା ଜୀବ ବଞ୍ଚାଏ; ଜୀବ-
(ଜୀବଦା—ସ୍ତ୍ରୀ) ଦାତା; ପ୍ରାଣଦାତା—One who breathes life into another; one who saves another; life-giver; preserver of life; vivifier.
ସଂ. ବି—୧ । ବୈଦ୍ୟ; ଚିକିତ୍ସକ—1. A physician.
୨ । ଜୀବକ ନାମକ ଗୁଳ୍ମ (ହି. ଶବ୍ଦସାଗର)—
2. A rare medicinal plant.
୩ । ଜୀବନ୍ତୀ (ହି. ଶବ୍ଦସାଗର) (ଦେଖ)
3. Jibanti (See)
୪ । (ଜୀବ+ଦୋ ଧାତୁ ଛେଦନ କରିବା+କର୍ତ୍ତୃ. ଅ)—
ଶତ୍ରୁ—4. Enemy.

ଜୀବଦାତା—ସଂ. ବି. ପୁଂ. (ଜୀବ+ଦା ଧାତୁ+କର୍ତ୍ତୃ. ତୃ; ୧ମା.୧ବ)—
Jibadātā ଜୀବଦ (ଦେଖ)
(ଜୀବଦାତ୍ରୀ—ସ୍ତ୍ରୀ) Jibada (See)

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	କ୍ଷ	ଇଯ୍ଯ	ଉଅ	ଢ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଊ	ନ୍

ଜୀବଦାନ—ସଂ. ବି. (୬ଷ୍ଠୀ ତତ୍; ଜୀବ+ଦାନ)—
Jība-dāna ୧ । ଜୀବନ୍ୟାସ (ଦେଖ)
1. Jība-nyāsa (See)
୨ । ପ୍ରାଣୀକୁ ମୃତ୍ୟୁ ମୁଖରୁ ରକ୍ଷା କରିବା—
2. Saving a being from death.

ଜୀବଦ୍‌ଦଶା—ସଂ. ବି. (ଜୀବତ୍+ଦଶା)—
Jībaddaśā ୧ । ପୃଥିବୀରେ ଜୀଇଁ ରହିବା ଅବସ୍ଥା; ଜୀବନ—
1. Life; mortal existence.
୨ । ଅମଳ; ଜୀବତକାଳ—2. Life-time.
୩ । ଜୀବତାବସ୍ଥା—3. State of existence.

ଜୀବଧନ—ସଂ. ବି. (ରୂପକ କର୍ମଧା; ଜୀବ=ଜୀବିତ ପ୍ରାଣୀ+ଧନ)—
Jība-dhana ୧ । ଧନ ବା ସମ୍ପତ୍ତିରୂପେ କୌଣସି ବ୍ୟକ୍ତିର ଥିବା ଗୋମେଷାଦି ପ୍ରାଣୀ—1. Livestock; wealth consisting of living animals.
୨ । (୬ଷ୍ଠୀ ତତ୍) ପ୍ରାଣଧନ; ଅପଣା ପ୍ରାଣର ସଙ୍ଖାଳି; ପ୍ରିୟତମ ବ୍ୟକ୍ତି—2. One's dearest person.
ଜୀବନେ ଅଛ କାଳା ତୋ ଜୀବଧନ । ରାଧାନାଥ. ମେଘଦୂତ ।

ଜୀବଧବ—ସଂ. ବି. (୬ଷ୍ଠୀ ତତ୍; ଜୀବ+ଧବ)—
Jībadhaba ୧ । ସ୍ୱାମୀ—1. Husband.
୨ । ଜଳୁଗଣ; ଯମ—
2. The God of death.
କେ ପୁଣି ବେଗେ ଯିବ ଜୀବଧବେ (୧) କହିବ
ଜୀବଧବ (୨) ନେଉଛି ଜୀବ । ଉତ୍କ. ସବର୍ଣ୍ଣବଗ ।

ଜୀବଧବପୁର—ସଂ. ବି. (୬ଷ୍ଠୀ ତତ୍, ଜୀବଧବ+ପୁର)—
Jība-dhaba-pura ୧ । ଯମପୁର—1. The abode of death.
୨ । ମୃତ୍ୟୁ—2. Death.

ଜୀବଧାନୀ—ସଂ. ବି. (ଜୀବ+ଧା ଧାତୁ+ଅଧିକରଣ. ଅନ+ସ୍ତ୍ରୀ. ଈ; ଯାହା ଜୀବଗଣକୁ ଧାରଣ କରେ)—
Jība-dhānī ପୃଥିବୀ—The earth.

ଜୀବଧାରୀ—ସଂ. ବି. (ଜୀବ+ଧୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Jība-dhārī ପ୍ରାଣୀ—Animal; living being.

ଜୀବନ—ସଂ. ବି. (ଜୀବ୍ ଧାତୁ+ଭାବ. ଅନ)—
Jībana ୧ । ପ୍ରାଣ—1. Life.
୨ । ଜୀବିତ ହେବା ଅବସ୍ଥା; ପ୍ରାଣଧାରଣ—
2. Existence.
୩ । ପେଶା; ବୃତ୍ତି; ଜୀବିକା; ଜୀବନୋପାୟ—
3. Livelihood; means of subsistence.
୪ । ପ୍ରାଣୀ—4. Animal.
୫ । (+କରଣ. ଅନ) ଜଳ—5. Water.
୬ । ପ୍ରାଣବାୟୁ—
6. The vital airs; life's breath.
୭ । ପ୍ରାଣର ସଙ୍ଖାଳି; ଜୀବଧନ; ପ୍ରିୟତମ ବ୍ୟକ୍ତି—
7. One's dearest person; beloved person; one 'dearest dear'.
ମୋ ଜୀବନ କାହିଁ ହଜାଇଲି
କାହିଁ ଆଣି ଦିଅ ଅଳ ବୋଲି । କବିସୂର୍ଯ୍ୟ. ସଙ୍ଗୀତ
୮ । ସଦ୍ୟଜାତ ଲହୁଣୀ ବା ଘିଅ—
8. Fresh butter or ghee.
୯ । ଜୀବାତ୍ମା—
9. The vital energy; the living soul.
୧୦ । ବାୟୁ; ସମୀରଣ—10. The air; wind.
୧୧ । (ଜୀବ ଧାତୁ+କର୍ତ୍ତୃ. ଅନ) ପୁତ୍ର—11. Son.
୧୨ । ପରମେଶ୍ୱର—
12. God; the Supreme Being.
୧୩ । ଜୀବକ (ଦେଖ)
13. Jībaka (See)
୧୪ । ମଜ୍ଜା—14. Marrow of the bones; pith; sap.
୧୫ । ହୈୟଙ୍ଗବୀନ; ଗତ କାଲିର ଦୁଧରୁ ପ୍ରସ୍ତୁତ ଲହୁଣୀ—
15. Butter made from yesterday's milk.
୧୬ । (+ଅଧିକରଣ ଅନ)—ଜୀବତକାଳ; ଜନ୍ମ ଓ ମୃତ୍ୟୁର ମଧ୍ୟସ୍ଥ ସମୟ (ହି. ଶବ୍ଦସାଗର)—16. Life-time.
ଶିବଙ୍କୁ ଜୀବନ ଅଧେ ଦେଇ ଶିବା କାନ୍ତ କଳେବର କରୁଅଛ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
୧୭ । (+କରଣ ଅନ)—ଜୀବିତ ରଖିବା ବସ୍ତୁ; ଯେଉଁ ପଦାର୍ଥ ଯୋଗୁଁ ଜଣକର ପ୍ରାଣ ରହୁଛି (ହି. ଶବ୍ଦସାଗର)—17. A thing essential for one's existence.
(ଯଥା—ମାଆ ଦୁଧହିଁ ବର୍ତ୍ତମାନ ଏ ଶିଶୁଟିର ଏକମାତ୍ର ଜୀବନ ହୋଇଛି ।)
୧୮ । ପୁତ୍ର (ହି. ଶବ୍ଦସାଗର)—18. Son.
୧୯ । ଗଙ୍ଗା ନଦୀ (ହି. ଶବ୍ଦସାଗର)—
19. The river Ganges.
ସଂ. ବିଣ—୧ । ପୋଷଣାକାରୀ; ପୋଷଣକର୍ତ୍ତା—
1. One who maintains another.
୨ । ଜୀବଦାତା; ଉଜ୍ଜୀବକ—2. Preserver of one's life; life-giving; enlivening.
୩ । ଜୀବାଧିଷ୍ଠାତା—3. Pervading the life.
[ଦ୍ର—ବାତ୍ସଲ୍ୟରେ ପୁତ୍ର ବା ଶିଷ୍ୟାଦିଙ୍କୁ 'ବାବାଜୀ, ବାବାଜୀଉ ବାବାଜୀବନ' ଇତ୍ୟାଦି ସମ୍ବୋଧନ କରାଯାଏ ।]

ଜୀବନ ଉତ୍ସର୍ଗ କରିବା—ଦେ. କ୍ରି—କୌଣସି କାର୍ଯ୍ୟ ବା ବ୍ୟକ୍ତି ନିମନ୍ତେ ଅପଣାର ପ୍ରାଣକୁ ପାଣି ଛଡ଼ାଇବା—
Jībana utsarga karibā
জীবন উৎসর্গ করা
जीवन उत्सर्ग करना
To sacrifice one's life for some object or person, to dedicate one's life.

ସାଧାରଣ ଲେଖେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଉପଗତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଳଙ୍କୃତ' ଦେଖିବେ'

ଜୀବନ ଉପରେ ପଡ଼ିବା—ଦେ. କ୍ରି—ପ୍ରାଣାନ୍ତକ ସଙ୍କଟାପନ୍ନ ହେବା
Jibana upare pardiba ଅବସ୍ଥା—1. The state of a person being in danger of his life.
প্রাণেরদায় হওয়া
जीको पड़ना
୨ । ଅତି ଗୁରୁତର ମନୋଦୁଃଖ ବା କଷ୍ଟ ଅବସ୍ଥା—2. The state of extreme anguish or pain.

ଜୀବନକ—ସଂ. ବି. (ଜୀବନ + ସ୍ୱାର୍ଥରେ କ; ଯାହା ପ୍ରାଣରକ୍ଷା କରେ)—
Jibanaka ଖାଦ୍ୟ; ଅନ୍ନ—Food.

ଜୀବନ ଘେନିବା—ଦେ. କ୍ରି—ହତ୍ୟା କରିବା; ପ୍ରାଣ ନେବା—
Jibana gheniba To kill; to take one's life.
জীবন লওয়া
जीव लेना
ବୋଇଲେ ତୋ ଜୀବନ ଘେନିବି ମୁଁ ଆଜ । କୃଷ୍ଣସିଂହ, ମହାଭାରତ ବନ ।

ଜୀବନଚରିତ—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଚରିତ)—
Jibana-charita ୧ । କୌଣସି ବ୍ୟକ୍ତିର ଜୀବିତକାଳରେ ଘଟିବା ବିଷୟମାନଙ୍କ ବିବରଣ ବା ବର୍ଣ୍ଣନା—2. Description of the events of the life of a person.
୨ । କୌଣସି ବ୍ୟକ୍ତିଙ୍କର ଜୀବିତ କାଳର ଘଟନାର ବିବରଣ-ସମ୍ବଳିତ ଗ୍ରନ୍ଥ—2. Biography; a book describing the life and acts of a person.

ଜୀବନ ଛାଡ଼ିବା—ଦେ. କ୍ରି ଓ ବି—ଜୀବ ଛାଡ଼ିବା (ଦେଖ)—
Jibana chhardiba Jiba chhardiba (See)
জীব ছাড়া
जीव छोड़ना

ଜୀବନଜ—ସଂ. ବି. (୫ମୀ ତତ୍; ଜୀବନ + ଜନ୍ ଧାତୁ + କର୍ତ୍ତୃ. ଅ)—
Jibanaja ପଦ୍ମ; ଜଳଜ—Lotus.
ଜୀବନଜବଦନାକୁ ଜୀବନ ସହିତେ ବଳି ଦେଇଅଛି । କବିସୂର୍ଯ୍ୟ—ଚମ୍ପୂଗୀତ ।

ଜୀବନତରଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଜୀବନ + ତରଙ୍ଗ)—
Jibana-taranga ୧ । ଜଳତରଙ୍ଗ—1. Wave of water.
୨ । (ରୂପକ କର୍ମଧା) ତରଙ୍ଗପରି ଦୋଳାୟମାନ ପ୍ରାଣ—2. The wave of life.

ଜୀବନଦ—ସଂ. ବିଣ. ପୁଂ. (ଜୀବନ + ଦା ଧାତୁ + କର୍ତ୍ତୃ. ଅ)—
Jibanada ୧ । ଜୀବନ ଦାତା; ଯେ ପ୍ରାଣ ଦିଏ—
(ଜୀବନଦା—ସ୍ତ୍ରୀ) 1. Life-giving.
୨ । ଜଳଦାତା—2. Giving water.
୩ । ବର୍ଷା କରୁଥିବା; ବର୍ଷୁଥିବା—3. Raining.
ଜୀବନଦ ଘନ ଜଳଜ ଯୁଗଳ । କବିସୂର୍ଯ୍ୟ. କଳୋଗବଂଶ୍ତ ଓ. ଗୀତ ।

ଜୀବନ ଦେବା—ଦେ. କ୍ରି—ମରିବା; ଅନ୍ୟବ୍ୟକ୍ତି ପାଇଁ ପ୍ରାଣ ହାରିବା—
Jibana deba To die (for another).
প্রাণ দেওয়া
जीव देना

ଜୀବନଧନ—ସଂ. ବି. (ରୂପକ. କର୍ମଧା, ଜୀବନ + ଧନ)—
Jibana-dhana ଜୀବଧନ (ଦେଖ)
Jiba-dhana (See)

ଜୀବନ ଧରିବା—ଦେ. କ୍ରି—ବଞ୍ଚିବା—To live.
Jibana dhariba ଚକ୍ଷୁବନ୍ଧୁଙ୍କେ ଯୋଗବନେ
জীবন ধরা ଜୀବନ ଧରିବେ କେସନେ । ଜଗନ୍ନାଥ. ଭାଗବତ ।
जीवधारण करना

ଜୀବନଧର୍ମ—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଧର୍ମ)—
Jibana-dharma ଜୀବନ୍ତ ପ୍ରାଣୀର ସ୍ୱାଭାବିକ କର୍ମ—The natural acts of a living being.

ଜୀବନଧାରଣ—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଧାରଣ)—
Jibana-dharana ପ୍ରାଣଧାରଣ; ବଞ୍ଚିରହିବା—Living; existence; being alive.

ଜୀବନ ନେବା—ଦେ. କ୍ରି—୧ । ମାରି ପକାଇବା; ବଧ କରିବା—
Jibana neba 1. To kill.
প্রাণ লওয়া ୨ । ପ୍ରାଣାନ୍ତକ କଷ୍ଟ ଦେବା—
जीव लेना 2. To give extreme pain.

ଜୀବନ ପଶିବା—ଦେ. ବି—ଦେହରେ ପ୍ରାଣବାୟୁ ସଞ୍ଚରିବା—
Jibana pasiba The dawning of the vital spark in the body.
প্রাণ ঢুকা
जी पड़ना

ଜୀବନ ବାହାରିଯିବା—ଦେ. ବି—ଜୀବନ ଯିବା (ଦେଖ)
Jibana bahari-jiba Jibana jiba (See)

ଜୀବନ ବିକିବା—ଦେ. କ୍ରି.—ନିଜର ପ୍ରାଣକୁ (ଅନ୍ୟ ବ୍ୟକ୍ତି ଠାରେ) ସମର୍ପଣ କରିବା; ଦାସତ୍ୱ ସ୍ୱୀକାର କରିବା—
Jibana bikiba To dedicate one's life to another.
জীব বেঁচা
जी बेंचना
ଜୀବନଜବଦନାକୁ ଜୀବନ ସହିତେ ବଳି ଦେଇଅଛି । କବିସୂର୍ଯ୍ୟ. ଚମ୍ପୂ ଗୀତ ।

ଜୀବନବୃତ—ଦେ. ବି. (ସଂ. ଜୀବନ + ବୃତ୍ତ)—୧ । ଜୀବିକା—
Jibana-bruta 1. Livelihood.
୨ । ପେଶା—2. Profession.

ଜୀବନବୃତ୍ତ—ସଂ. ବି. (୬ଷ୍ଠୀ ତତ୍; ଜୀବନ + ବୃତ୍ତ)—ଜୀବନଚରିତ; ଜୀବନୀ—Biography.
Jibana-brutta
(ଜୀବନବୃତ୍ତାନ୍ତ—ଅନ୍ୟରୂପ)

ଜୀବନବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ଜୀବନ + ବୃତ୍ତି)—୧ । ଜୀବିକା—
Jibana-brutti 1. Livelihood.
୨ । ପେଶା—2. Profession.

ଜୀବନମରଣ—ସଂ. ବି. (ଉପସର୍ଗାର୍ଥ ସହିତର)—ଜୀଇଁବା ଓ ମରିବା—
Jibana-marana Life and death; living and dying.

୧	ଇ	ଉ	ୠ,ୡ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଫ୍ର	ଉଥ	ଝ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଊ	କ୍ସ

ଜୀବନମରଣ ସମସ୍ୟା—ସଂ. ବି. (ଆଧୁନିକ ପ୍ରୟୋଗ; ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ୍; Jibana-marana samasyā ଜୀବନ + ମରଣ + ସମସ୍ୟା)—ଜୀବନ ରହିବ କି ଯିବ ଏହିପରି ସଙ୍କଟ—The question of life and death.

ଜୀବନମୁକ୍ତ—ଦେ. (ପଦ୍ୟ) ବିଣ.—ଜୀବନ୍ମୁକ୍ତ (ଦେଖ) Jibana-mukta Jibanmukta (See)

ବ୍ରହ୍ମାଣ୍ଡେ ଜୀବନମୁକ୍ତ ଅଛି କେ ସତେ?
ଉପେ. ବୈଦେହୀଶବିଳାସ ।

ଜୀବନମୂର୍ଚ୍ଛା—ଦେ. ବି. (ସଂ. ଜୀବନ ଓ ମୂର୍ଚ୍ଛା)—ଜୀବନତ୍ୟାଗ; ପ୍ରାଣ Jibana-murchchhā ଛାଡ଼ିବା—Giving up one's life. ଜୀବନମୂର୍ଚ୍ଛା ଦେ. ବିଣ.—ଯେଉଁ କାର୍ଯ୍ୟରେ ଜୀବନସଙ୍କଟ ଥାଏ; ଯହିଁରେ ପ୍ରାଣ ସଙ୍କଟାପନ୍ନ ହୁଏ—(work) Endangering life; causing danger to one's life.

ଜୀବନମୃତ—ଦେ. ବିଣ.—ଜୀବନ୍ମୃତ (ଦେଖ) Jibana-mruta Jibanmruta (See)

ଶତ୍ରୁ ଏହାର ତେଜ ହର,
ଜୀବନମୃତ ପ୍ରାୟ କର । ଜଗନ୍ନାଥ. ଗୁଣ୍ଡିଚା ।

ଜୀବନ ଯିବା—ଦେ. କ୍ରି.—୧ । ମରିବା—Jibana jibā 1. Dying.
ଜୀବ ଯାଓୟା ୨ । ପ୍ରାଣାନ୍ତକ କଳବଳ ହେବା—
जी छूटना 2. Being extremely tormented.
୩ । ମୁମୂର୍ଷୁ ଅବସ୍ଥା—3. Dying condition; ebbing of life.

ଜୀବନଯୋନି—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଯୋନି = ଉତ୍ପତ୍ତି)—Jibana-joni ଦେହରେ ପ୍ରାଣସଞ୍ଚାରର କାରଣ; ସଜୀବନ ଯତ୍ନ—The cause of existence.

ଜୀବନଶଙ୍ଖାଳି—ଦେ. ବି.—ଜୀବଧନ; ପ୍ରିୟତମ ବ୍ୟକ୍ତି—Jibana-śankhāli One's dearest person.

ଜୀବନଷ୍ଟି—ଦେ. ବି.—୧ । ମୃତ୍ୟୁ—Jiba-nashti 1. Death; extinction.
୨ । ପ୍ରାଣିକ୍ଷୟ—2. Death of animals.

ଜୀବନସଙ୍ଗୀ—ସଂ. ବିଣ. ପୁଂ (୬ଷ୍ଠୀ ତତ୍; ଜୀବନ + ସଙ୍ଗୀ)—Jibana-sangi ୧ । ସ୍ୱାମୀ—1. Husband.
(ଜୀବନ ସଙ୍ଗିନୀ—ସ୍ତ୍ରୀ) ୨ । ପ୍ରିୟତମ ବ୍ୟକ୍ତି—2. One's dearest person.

ଜୀବନ ହାରିବା—ଦେ. କ୍ରି.—ମରିବା; ପ୍ରାଣ ବିସର୍ଜନ କରିବା—Jibana hāribā To die.
প্রাণ হারা
जी छोड़ना

ଜୀବନା—ସଂ. ବି.—(ଜୀବ୍ ଧାତୁ + କରଣ ଅନ + ଆ)—Jibanā ୧ । ମହୌଷଧ (ହି. ଶବ୍ଦସାଗର)—1. Medicine.
୨ । ଜୀବନ୍ତୀ ଲତା (ହି. ଶବ୍ଦସାଗର)—Jibanti creeper (See)

ଜୀବନାନ୍ତ—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଅନ୍ତ)—୧ । ମୃତ୍ୟୁ—Jibanānta 1. Death; the end of life.
୨ । ଜୀବିତକାଳର ଶେଷ—2. End of one's lifetime.

ଜୀବନାବଧି—ଦେ. କ୍ରି. ବିଣ.—(ଜୀବନ + ଅବଧି)—୧ । ଜନ୍ମ Jibanābadhi ସମୟରୁ; ଜନ୍ମାବଧି—
জন্মাবধি 1 From birth.
୩ । ମରଣ ପର୍ଯ୍ୟନ୍ତ—3. Till death.

ଜୀବନାବାସ—ସଂ. ବି.—୧ । (ବହୁବ୍ରୀହି; ଜୀବନ = ଜଳ + ଆବାସ)—Jibanābāsa ବରୁଣ ଦେବତା—1. Baruna; the God of water
୨ । (୬ଷ୍ଠୀ ତତ୍; ଜୀବନ = ପ୍ରାଣ + ଆବାସ)—ଦେହ; ଶରୀର—2. The body.
ସଂ. ବିଣ. (ବହୁବ୍ରୀହି)—ଜଳରେ ବାସକାରୀ—Living in water.

ଜୀବନାଶ—ସଂ. ବିଣ. (ଜୀବନ + ଅଶ୍ ଧାତୁ = ଭକ୍ଷଣ କରିବା + କର୍ତ୍ତୃ. Jibanāśa ଅ)—ସାଂଘାତିକ; ପ୍ରାଣନାଶକ; ପ୍ରାଣଘାତୀ—Destructive of life; fatal; mortal.
ସଂ. ବି. (ଜୀବ + ନାଶ) ମୃତ୍ୟୁ; ପ୍ରାଣନାଶ—Death.

ଜୀବନାଶା—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଆଶା)—ବଞ୍ଚିବାର ଆଶା—Jibanāśā Hope of life.

ଜୀବନାଶା ଚଳି ଯାଉଅଛି କହି ପାରୁ ନାହିଁ ମୁଁ ମୋ ଭିତରର ।
କବିସୂର୍ଯ୍ୟ. କଶୋରଚନ୍ଦ୍ର. କ ଗୀତ ।

ଜୀବନିକା—ସଂ. ବି.—(ଜୀବନ + କ + ଆ)—ହରିଡ଼ା; ହରିତକୀ Jibanikā (ପ୍ରକୃତିବାଦ)—Myrobalan.

ଜୀବନିକାୟ—ସଂ. ବି.—(ଜୀବ = ଜୀବନ + ନିକାୟ = ବାସସ୍ଥାନ—Jiba-nikāya ଜୀବିତ ପ୍ରାଣୀ—Living being.

ଜୀବନୀ—ସଂ. ବିଣ. (ଜୀବ ଧାତୁ + କରଣ ଅନ + ସ୍ତ୍ରୀ. ଈ)—ଯାହାଦ୍ୱାରା Jibani ଆୟୁ ବୃଦ୍ଧି ହୁଏ)—୧ । ଆୟୁର୍ବୃଦ୍ଧିକାରକ—1. Producing longevity.
୨ । ପ୍ରାଣଦା—2. Life-giving; vital.
୩ । ଯାହା ଜୀବନ ଦାନ କରେ—3. Reviving life.
(ଯଥା—ଜୀବନୀ ଶକ୍ତି ।)
ସଂ. ବି—୧ । ଜୀବନ୍ତୀ ବୃକ୍ଷ (ଦେଖ)—1. Jibanti (See)
୨ । ମହାମେଦା (ଦେଖ)—2. Mahāmedā (See)
୩ । ମେଦା (ଦେଖ)—3. Medā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ, କୁଥ ନ ମିଳିଲେ 'କୁଁଥ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ।

୪। କାଙ୍କୋଲ୍ଲ (ଦେଖ)— 4. Kāṅkolā (See)

ଜୀବନୀ ଦେ. ବି—୧। କୌଣସି ବ୍ୟକ୍ତିଙ୍କ ଜୀବନଚରିତ— 1. Biography.
जीवनी
୨। ଜୀବିକା—2. Livelihood; that by which one lives.

ଜୀବନୀୟ—ସଂ. ବିଣ—(ଜୀବନ+ପ୍ରୟୋଜନାର୍ଥେ. ଈୟ)—୧। ଯାହା ପ୍ରାଣଧାରଣ ନିମନ୍ତେ ପ୍ରୟୋଜନୀୟ—1. Necessary for life.
Jibaniya
୨। ଆୟୁର୍ବୃଦ୍ଧିକର—2. Conducive to longevity.
ସଂ. ବି—୧। ଆୟୁଷର ଉପାୟ—1. A thing conducing longevity.
୨। ପ୍ରାଣଧାରଣାର୍ଥ ଆବଶ୍ୟକୀୟ ପଦାର୍ଥସମୂହ— 2. Necessaries of life.
(ଯଥା—ଖାଦ୍ୟ ସାମଗ୍ରୀ।)

ଜୀବନୀୟଗଣ—ସଂ. ବି—ବୈଦ୍ୟଶାସ୍ତ୍ର ଅନୁସାରେ କେତେଗୋଟି ବଳ-କାରକ ମହୌଷଧ—A group of strength-giving herbs.
Jibaniya-gaṇa
(ଜୀବନୀୟବର୍ଗ—ଅନ୍ୟରୂପ)
(ଯଥା—ଜୀବନ୍ତୀ, କାକୋଳୀ, ମେଦା, ମୁଦ୍ଗପର୍ଣ୍ଣୀ, ମାଷପର୍ଣ୍ଣୀ, ଜୀବକ, ଋଷଭକ ଓ ମଧୁକ; ମତାନ୍ତରରେ ଜୀବକ, ଋଷଭକ, ମେଦା, ମହାମେଦା, କାକୋଳୀ, କ୍ଷୀରକାକୋଳୀ, ଋଦ୍ଧି ଓ ବୃଦ୍ଧି। ଜୀବନୀୟଗଣକୁ ଅଷ୍ଟବର୍ଗ ମଧ୍ୟ କୋହନ୍ତି।)

ଜୀବନୀୟା—ସଂ. ବି. ସ୍ତ୍ରୀ (ଜୀବନ+ଈୟ+ସ୍ତ୍ରୀ. ଆ)—ଜୀବନ୍ତୀ (ଦେଖ) Jibanti (See)
Jibaniyā

ଜୀବନୀଶକ୍ତି—ସଂ. ବି—୧। ଯେଉଁ ଶକ୍ତିଦ୍ୱାରା ଜୀବମାନେ ବଞ୍ଚି ରହନ୍ତି— 1. Vitality.
Jibaniśakti
୨। ପ୍ରାଣ—2. Spark of life.

ଜୀବନୋପାୟ—ସଂ. ବି (୬ଷ୍ଠୀ ତତ୍; ଜୀବନ+ଉପାୟ)—ଜୀବିକା— Livelihood; subsistence; means of support.
Jibanopāya

ଜୀବନୌଷଧ—ସଂ. ବି (୬ଷ୍ଠୀ ତତ୍; ଜୀବନ+ଔଷଧ)—ଯେଉଁ ଔଷଧଦ୍ୱାରା ମୃତ ପ୍ରାଣୀ ଜୀଏଁ—A medicine which revives the dead.
Jibanaushadha

ଜୀବନ୍ତ—ଦେ. ବିଣ (ସଂ. ଜୀବତ୍)—୧। ଜୀଇଁଥିବା; ଜୀଅନ୍ତା— 1. Living; existing.
Jibanta
ଜିବନ୍ତ, ଜିଆନ୍ତ, ଜ୍ୟାନ୍ତ ୨। ବଞ୍ଚିଥିବା; ସଜୀବ—2. Alive.
जीताजागता କ୍ରି. ବିଂ—ସଜୀବ ଅବସ୍ଥାରେ—While still alive.

ଶିଶୁ ସଙ୍ଗେ, ମା ଗୋ ! ଏହି ରୂପେ ମୋର ଜୀବନ୍ତେ ହେଉ ସମାଧ—
ରାଧାନାଥ. ପାର୍ବତୀ।

ଜୀବନ୍ତା—ଦେ. ବିଣ—ଜୀବନ୍ତ (ଦେଖ) Jibanta (See)
Jibantā

ଜୀବନ୍ତି—ସଂ. କ୍ରି (ପ୍ରାଚୀନ ପଦ୍ୟ; ସଂ. ଜୀବ୍ ଧାତୁ ବର୍ତ୍ତମାନ କାଳ ୧ମ ପୁରୁଷର ବହୁବଚନ କ୍ରିୟା)—(ସେମାନେ) ଜୀବନ ଧାରଣ କରନ୍ତି, ବା ଜୀଅନ୍ତି—(they) Do live or exist.
Jibanti

ଦେବଙ୍କ ଅମୃତ ପ୍ରମାଣେ ଜୀବନ୍ତି ଯହିଁ ପ୍ରାଣୀମାନେ—ଜଗନ୍ନାଥ. ଭାଗବତ।

ଜୀବନ୍ତିକା—ସଂ. ବି. ସ୍ତ୍ରୀ—(ଜୀବନ୍ତୀ+କ+ସ୍ତ୍ରୀ. ଆ)—୧। ଜର୍ମୁଳୀ; ମଲ୍ଲଙ୍ଗ—1. Orchid; a parasitic plant; mistletoe.
Jibantikā
୨। ହରିତକୀ; ହରିଡ଼ା—2. Myrobalan.
୩। ଗୁଳୁଚ—3. Menispermum Glabrum; a climbing plant (much esteemed for its medicinal properties).

ଜୀବନ୍ତୀ—ସଂ. ବି—୧। ଶାକଲତାବିଶେଷ— 1. A kind of creeping herb; Celtis Orientalis.
Jibanti
ସଂ. ପର୍ଯ୍ୟାୟ—ଜୀବନ୍ତୀ, ଜୀବବର୍ଦ୍ଧିନୀ, ସ୍ୱାଦୁ, ଜୀବନୀ, ଜୀବା, ଜୀବନୀୟା, ଶଶଶିମ୍ବିକା, ଶାକଶ୍ରେଷ୍ଠା, ମଧୁସ୍ରବା, ପାକଶ୍ରେଷ୍ଠା, ପୟସ୍ୱିନୀ
[ଦ୍ର—ଏହାର ପତ୍ର ଔଷଧରେ ଲାଗେ; ଏଥିର ଡାଙ୍ଗରୁ ଦୁଧପରି ରସ ବାହାରେ। ଫଳ ଫେନ୍ଥା ଫେନ୍ଥା ହୁଏ। ଏହା ୩ ପ୍ରକାର, ବୃହଜ୍ଜୀବନ୍ତୀ, ପୀତଜୀବନ୍ତୀ ଓ ଲଘୁଜୀବନ୍ତୀ। ଏହା ରକ୍ତପିତ୍ତ, ବାତ, କ୍ଷୟ, ଦାହ, ଜ୍ୱର ଓ ତ୍ରିଦୋଷ ନାଶ କରେ, ବୀର୍ଯ୍ୟ ବୃଦ୍ଧି କରେ, ଚକ୍ଷୁର ହିତ କରେ, ଭୂତ ବିଦ୍ରାବଣ କରେ, ରସ ବର୍ଦ୍ଧନ କରେ, ସ୍ୱରଶୁଦ୍ଧି ଓ ବଳବୃଦ୍ଧି କରେ, ପ୍ରମେହ, ଚକ୍ଷୁ ଓ ପାଦର ଜ୍ୱାଳା, କ୍ରିମି ଓ କୁଷ୍ଠ ନିବାରଣ କରେ; ଏଥିର ମୂଳ ଓ ପତ୍ରର ବିଭିନ୍ନ ପ୍ରୟୋଗଦ୍ୱାରା ବହୁମୂତ୍ର, ମେହ, କାସ, ଶ୍ୱାସ, ଶୁକ୍ର-ଦୌର୍ବଲ୍ୟ, ରକ୍ତାଳୁତା, ରକ୍ତ-ଦୋଷ ଓ ମୁଖରୋଗ ଆରୋଗ୍ୟ ହୁଏ।]
୨। ଏକପ୍ରକାର ଲତା (ଏଥିର ଫୁଲରେ ମକରନ୍ଦ ଥାଏ) (ହି. ଶବ୍ଦସାଗର)—2. A kind of creeper with flowers containing honey.
୩। ଗୁଜରାଟ ଅଞ୍ଚଳରେ ଜାତ ଏକପ୍ରକାର ହଳଦିଆ ହରିଡ଼ା— 3. A kind of yellow myrobalan found in Gujerat.
୪। ଜୀବନ୍ତିକା (ଦେଖ)— 4. Jibantikā (See)

ଜୀବନ୍ମୁକ୍ତ—ସଂ. ବିଣ. ପୁଂ. (ଜୀବତ୍+ମୁକ୍ତ; କର୍ମଧା)—ଜୀବଦ୍ଦଶାରେ ମୋକ୍ଷପ୍ରାପ୍ତ; ଅଭୁକ୍ତଭୁକ୍ତ; ସଂସାରରେ ଥାଇ ମଧ୍ୟ ନିର୍ବିକାର ଓ ନିର୍ଲିପ୍ତ—Liberated while still living; (a person) who has been assured of salvation while yet alive.
Jibanmukta
(ଜୀବନ୍ମୁକ୍ତା—ସ୍ତ୍ରୀ)
(ଜୀବନ୍ମୁକ୍ତି—ବି)
[ଦ୍ର—ବେଦାନ୍ତସାର ମତରେ ଯେଉଁ ବ୍ୟକ୍ତି ଅଖଣ୍ଡ ଚୈତନ୍ୟ-ସ୍ୱରୂପ ବ୍ରହ୍ମଙ୍କ ଜ୍ଞାନଦ୍ୱାରା ଅଜ୍ଞାନ ନାଶ କରି ଆତ୍ମାରୂପ ଅଖଣ୍ଡ ବ୍ରହ୍ମଙ୍କ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍ତ	ଉଥ	ଢ
୬	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଥ	ଡ଼	ନ୍ମ

ସାକ୍ଷାତ୍କାର କରିଅଛି ଓ ଯେ ଅଜ୍ଞାନ ଏବଂ ଅଜ୍ଞାନର କାର୍ଯ୍ୟ ପାପ, ପୁଣ୍ୟ ଏବଂ ସଂଶୟ, ଭ୍ରମଆଦିର ବନ୍ଧନରୁ ମୁକ୍ତ ହୋଇଅଛି ସେ ଜୀବନ୍ମୁକ୍ତ । ହି. ଶବ୍ଦସାଗର ।]

ଜୀବନ୍ମୁକ୍ତି—ସଂ. ବି. (ଜୀବତ୍+ମୁକ୍ତି; ୭ମୀ ତତ୍)—ତତ୍ତ୍ୱଜ୍ଞାନ ହେତୁରୁ
Jibanmukti ଜୀବଦଶାରେ ସଂସାରର ମାୟାବନ୍ଧନରୁ ପରିତ୍ରାଣ-ଲାଭ; ସଂସାରରେ ଥାଇ ନିର୍ବିକାର ଓ ନିର୍ଲିପ୍ତ ଭାବ; ସଂସାରର ମାୟାପାଶ ଛେଦନ—1. Freedom from the bonds of the world or wordly ties.

୨ । ତପସ୍ୟାଦିଦ୍ୱାରା ମୃତ୍ୟୁ ପରେ ସଂସାରରେ ପୁନର୍ଜନ୍ମ ଲାଭବା ବିଷୟରେ ନିଷ୍କୃତି—2. Freedom from future birth earned by austerities while yet living.

ଜୀବନ୍ମୃତ—ସଂ. ବିଣ. ପୁଂ (ଜୀବତ୍+ମୃତ; ଜୀବିତାବସ୍ଥାରେ ମୃତ)—
Jibanmruta ଜୀବଦଶାରେ ମୃତତୁଲ୍ୟ; ଯେ ପ୍ରାଣ ଥାଉ ଥାଉଁ (ଜୀବନ୍ମୃତା—ସ୍ତ୍ରୀ) ମରିବା ପରି ଥାଏ; କଷ୍ଟ କରି ମରିବା ପ୍ରାୟ; ଜୀଇଁ ଥାଉଁ ଥାଉଁ ମରିବା ପରି; ମଲା ପରି; ମୃତ-ପ୍ରାୟ—Dead in spite of life; dead while living; dead as its were; half-dead.

ଜନ୍ମି ହୋଇ ଅଛେ ତହିଁ ହେଲୁଁ ଜୀବନ୍ମୃତ ।
ରାଧାନାଥ- ମହାଯାତ୍ରା ।

[ହି—ଯେଉଁ ବ୍ୟକ୍ତି ଆପଣାର କର୍ତ୍ତବ୍ୟବିମୁଖ ଓ ଅକର୍ମଣ୍ୟ, ଯେ ଅତି ଦୁଃଖରେ ନିଜର ଭରଣପୋଷଣ ଓ ଜୀବନଯାପନ କରେ ଓ ଯେଉଁ ବ୍ୟକ୍ତି ଅତିଥିସତ୍କାର ନ କରେ ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ସେ ଜୀବନ୍ମୃତ । ହି. ଶବ୍ଦସାଗର ।]

ଜୀବନ୍ମୃତ୍ୟୁ—ସଂ. ବି.—୧ । ଜୀବଦଶାରେ ମୃତ୍ୟୁତୁଲ୍ୟ ଅବସ୍ଥା—
Jibanmrutyu 1. Living death

୨ । ଅତି ଯନ୍ତ୍ରଣାମୟ ଜୀବନ—
2. A life full of misery.

ଜୀବନ୍ୟାସ—ସଂ. ବି. (୬ଷ୍ଠୀ ତତ୍, ଜୀବ+ନ୍ୟାସ)—୧ । ଦେହରେ
Jiba-nyāsa ପ୍ରାଣ ପ୍ରତିଷ୍ଠା—1. Revival of life.

୨ । ମୃତ ବା ନିର୍ଜୀବ ଦେହରେ ପ୍ରାଣ ଦେବା—
2. Breathing of life into the dead or inanimate.

ନିର୍ଜୀବ କାଷ୍ଠ ପିତୁଳୀ ଜୀବନ୍ୟାସ ହେବ,
ନାଶକ ଶବ୍ଦ ଭେଦିଲେ ବଚନ କହିବ । ପ୍ରାଚୀ; ବ୍ରହ୍ମନିରୂପଣ ଗୀତା ।

୩ । ମଲାଜୀବକୁ ବଞ୍ଚାଇବା—
3. Restoration to life.

୪ । ଦେବତା ଆଦିଙ୍କ ପ୍ରତିମାରେ ମନ୍ତ୍ରାଦିଦ୍ୱାରା କାଳ୍ପନିକ ପ୍ରାଣ ପ୍ରତିଷ୍ଠିତ କରାଇବା—4. Giving of life to an idol; animating an image by means of mantras.

୫ । ପ୍ରାଣପ୍ରତିଷ୍ଠାର ମନ୍ତ୍ର—5. The esoteric formulas used in consecrating an image.

ଜୀବ ପଡ଼ିବା—ପ୍ରାଦେ. (ଉତ୍ତରଖଣ୍ଡୀ) କି.—ଜୀଇଁବା—
Jiba pardba To live.

ଜୀବପତି—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ଜୀବ=ଜୀବିତ ଅଛି ପତି
Jiba-pati ଯାହାର)—ଅଧ୍ୟ; ଜୀବିତଭର୍ତ୍ତୃକା; ଯେଉଁ ସ୍ତ୍ରୀର ସ୍ୱାମୀ ବଞ୍ଚି ଅଛି—(a woman) Whose husband is still living.

ସଂ. ବି. ପୁଂ. (୬ଷ୍ଠୀ ତତ୍; ଜୀବ+ପତି)—ଧର୍ମରାଜ; ଯମ—The God of death.

ଜୀବପତ୍ନୀ—ସଂ. ବିଣ. ସ୍ତ୍ରୀ. (ଜୀବ+ପତ୍ନୀ)—ଜୀବପତି (ଦେଖ)
Jiba-patni Jibapati (See)

ଜୀବପ୍ରିୟା—ସଂ. ବି. (୬ଷ୍ଠୀ ତତ୍; ଜୀବ+ପ୍ରିୟ+ଆ)—ହରିଡ଼ା
Jiba-priyā (ହି. ଶବ୍ଦସାଗର)—Myrobalan.

ଜୀବବଧ—ସଂ. ବି. (୬ଷ୍ଠୀ ତତ୍; ଜୀବ+ବଧ)—୧ । ପ୍ରାଣିହତ୍ୟା;
Jiba-badha ପ୍ରାଣୀକୁ ମାରି ପକାଇବା—1. Taking of life; killing of animals.

୨ । ପ୍ରାଣିହତ୍ୟାଜନିତ ପାପ ବା ଅପରାଧ—
2. The sin or offence of killing an animal.

ଜୀବବନ୍ଧୁ—ସଂ. ବି. (୬ଷ୍ଠୀ ତତ୍; ଜୀବ+ବନ୍ଧୁ)—୧ । ପ୍ରାଣବନ୍ଧୁ;
Jiba-bandhu ଜୀବନସଙ୍ଗୀ—1. Life-mate; one's dearest person.

ଜୀବବନ୍ଧୁ ବୋଲୁ ବୋଲୁ ଜୀବ
ଜୀବଧନ ପୁରକୁ କି ଯିବ—ଭକ୍ତ. ପ୍ରେମସୁଧାନିଧି ।

୨ । ବନ୍ଧୁକ; ବନ୍ଧୁଲି ଫୁଲ (ଦେଖ)
2. Badhuli (See)

ଜୀବବଳି—ସଂ. ବି. (୬ଷ୍ଠୀ ତତ୍; ଜୀବ+ବଳି)—ଯଜ୍ଞାର୍ଥ ବା ଦେବତା
Jiba-bali ଆଦିଙ୍କ ଉଦ୍ଦେଶ୍ୟରେ ଗୋମେଷାଦି ଜୀବଙ୍କର ହତ୍ୟା—Animal-sacrifice.

ଜୀବବଲ୍ଲୀ—ସଂ. ବି.—କ୍ଷୀରକାକୋଲୀ (ହି. ଶବ୍ଦସାଗର) (ଦେଖ)
Jiba-balli Kshira-kakkola (See)

ଜୀବବସ୍ତୁ—ସଂ. ବି. (୬ଷ୍ଠୀ ତତ୍; ଜୀବ+ବସ୍ତୁ; ଆଧୁନିକ ବ୍ୟବହାର)—
Jiba-bastu ଜୀବର ସୂକ୍ଷ୍ମ ଅବସ୍ଥାର ରୂପ—Protoplasm.

ଜୀବବାଣୀବିଦ—ଦେ. ବିଣ. (ସଂ. ଜୀବବାଣୀବିଦ୍)—ଯେ ସକଳ
Jiba-bāni-bida ପ୍ରକାର ପ୍ରାଣୀମାନଙ୍କ ଭାଷା ଜାଣନ୍ତି—(a person) Able to understand the meaning of the language of all animals.

ସପ୍ତମେ ସର୍ବଜୀବ ପ୍ରାଣୀ—ବନ ଅଟନ୍ତି ବେଣୁପାଣି—
ପ୍ରାଚୀ, ପୂର୍ଣ୍ଣତମଚନ୍ଦ୍ରୋଦୟ ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଟଣୀ' ନ ପାଇଲେ 'ଅଟଣି' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଜୀବବାନ୍— ସଂ. ବଣ. ପୁଂ. (ଜୀବ+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Jiba-bān ସଜୀବ—Living; alive.
(ଜୀବବତୀ—ସ୍ତ୍ରୀ)

ଜୀବବୃତ୍ତି—ସଂ. ବ. ୧ । (ଜୀବର ବୃତ୍ତି; ୬ଷ୍ଠୀ ତତ୍)—
Jiba-brutti ଜୀବ ଦେହରେ ଥିବା ସ୍ୱାଭାବିକ ଗୁଣମାନ—
1. The natural attributes of living being
୨ । (ଜୀବ ପାଳନରୂପ ବୃତ୍ତି; କର୍ମଧା) ଗୋମେଷାଦ ପଶୁ ଓ ପକ୍ଷିପାଳନ ବ୍ୟବସାୟ—2. Profession of rearing and selling animals (e. g. beasts, birds); animal breeding.

ଜୀବମନ୍ଦିର—ସଂ. ବ. (୬ଷ୍ଠୀ ତତ୍; ଜୀବ+ମନ୍ଦିର; ଯେଉଁ ମନ୍ଦିରରେ
Jiba-mandira ପ୍ରାଣ ଅବସ୍ଥାନ କରେ);ଦେହ—The body; (the receptacle of the soul).

ଜୀବମାତୃକା—ସଂ. ବ. ସ୍ତ୍ରୀ. (୬ଷ୍ଠୀ ତତ୍; ଜୀବ+ମାତୃକା)—
Jiba-mātrukā ଜୀବର ମଙ୍ଗଳସାଧିକା ସପ୍ତମାତୃକାବିଶେଷ—
A class of seven female Deities protecting the lives of living beings.
[ଦ୍ର—ଏମାନଙ୍କ ନାମ କୁମାରୀ, ଧନଦା, ନନ୍ଦା, ବିମଳା, ମଙ୍ଗଳା, ବଳା ଓ ପଦ୍ମା; ଏମାନେ ସପ୍ତମାତୃକା ।]

ଜୀବ ଯିବା—ଦେ. ବ—୧ । ପ୍ରାଣବିୟୋଗ—
Jiba jibā 1. Death.
ପ୍ରାଣ ଯାଓଆ ୨ । ମୁମୂର୍ଷୁ ଅବସ୍ଥା; ପ୍ରାଣବାୟୁ ବହିର୍ଗତ ହେବା
ଜୀ ଛୁଟନା ଅବସ୍ଥା—2. Dying condition.

ଜୀବର କାରଣ—ଦେ. ବ—୧ । ଜୀବ ବା ପ୍ରାଣୀର ମୋକ୍ଷ ବା ମୁକ୍ତି—
Jibara kārana 1. Salvation of a living being;
(ଜୀବର କାରେଣୀ—ଅନ୍ୟରୂପ) liberation of soul.
୨ । ଜୀବର ମୋକ୍ଷଦାତା—
2. Saviour of life; redeemer.

ଜୀବରକ୍ତ—ସଂ. ବ—ଗର୍ଭଧାରଣର ଉପଯୁକ୍ତ ସ୍ତ୍ରୀ-ରଜଃ (ହି. ଶବ୍ଦସାଗର)—
Jiba-rakta Menstrual blood which is capable of fecundation.

ଜୀବର ଧନ—ଗ୍ରା. ବ—ଜୀବଧନ (ଦେଖ)
Jibara dhana Jibadhana (See)

ଜୀବଲୋକ—ସଂ. ବ. (୬ଷ୍ଠୀ ତତ୍; ଜୀବ+ଲୋକ)—
Jiba-loka ୧ । ପୃଥିବୀର ସୃଷ୍ଟ ପ୍ରାଣିସମୂହ—1. All the created beings; the animal world.
୨ । ସଂସାର; ମର୍ତ୍ତ୍ୟଲୋକ—2. The created world (consisting of living beings); the animated nature.
୩ । ଜୀବଯୋନି; ସଂସାରରେ ଜୀବ ରୂପେ ଜନ୍ମ—
3. Animal existence in the world.
୪ । ସମୁଦାୟ ମନୁଷ୍ୟ ଜାତି—4. Mankind.

ଜୀବଶାକ—ସଂ. ବ—ସୁନସୁନିଆ ଶାଗ (ହି. ଶବ୍ଦସାଗର)—
Jiba-śāka A kind of aqatic pot-herb.

ଜୀବଶୂନ୍ୟ—ସଂ. ବଣ. (୩ୟା ତତ୍; ଜୀବ+ଶୂନ୍ୟ)—
Jiba-śūnya ୧ । ପ୍ରାଣହୀନ; ମୃତ—1. Dead; lifeless.
୨ । ଜଡ଼; ନିର୍ଜୀବ—2. Inanimate.
୩ । ଜୀବଜନ୍ତୁଶୂନ୍ୟ; ପ୍ରାଣିହୀନ—
3. Devoid of living beings; having no living creature on or in it.

ଜୀବସଂକ୍ରମଣ—ସଂ. ବ. (୬ଷ୍ଠୀ ତତ୍; ଜୀବ+ସଂକ୍ରମଣ)—ଜୀବର ଏକ
Jiba-samkramana ଶରୀରରୁ ଶରୀରାନ୍ତରକୁ ଗମନ; ଜନ୍ମାନ୍ତରପରିଗ୍ରହ—Metempsychosis; transmigration.

ଜୀବସଙ୍ଗୀ—ଦେ. ବ. (ସଂ. ଜୀବ+ସଙ୍ଗୀ)—
Jiba-sangi ୧ । ଆଜୀବନ ସଙ୍ଗୀ; ଜୀବନସଙ୍ଗୀ—
1. Lifelong companion.
୨ । ପ୍ରାଣପ୍ରତିମ ସଙ୍ଗୀ; ପ୍ରାଣବନ୍ଧୁ—
2. Dearest companion.
ଭଙ୍ଗୀ ରଙ୍ଗୀ, ଭୃଙ୍ଗୀଲାଳ ଭୃଙ୍ଗୀ ଭ୍ରମର, ଜୀବସଙ୍ଗୀ—
କବିସୂର୍ଯ୍ୟ. ଚଉଦିଗଭିଷଣ୍ଡ ର ଗୀତ ।

ଜୀବସାଧନ—ସଂ. ବ. (୬ଷ୍ଠୀ ତତ୍; ଜୀବ+ସାଧନ)—
Jiba-sādhana ଧାନ୍ୟ; ଧାନ (ହି. ଶବ୍ଦସାଗର)—
Paddy.

ଜୀବସୁତା—ସଂ. ବଣ. ସ୍ତ୍ରୀ. (ବହୁବ୍ରୀହି; ଜୀବ+ସୁତ+ସ୍ତ୍ରୀ. ଆ)—
Jiba-sutā ଯେଉଁ ସ୍ତ୍ରୀର ପୁତ୍ର ବଞ୍ଚିଅଛି; ଜୀବତ୍ତୋକା—
(ଜୀବସୂ—ଅନ୍ୟରୂପ) (a woman) Having her son or sons still living.

ଜୀବସୋଦର—ଦେ. ବ—ପ୍ରାଣସଖା—
Jiba-sodara Lifelong companion.
ନିଷ୍ଠୁର ପୁରୁଷ ଦରହାସିନୀ କୃଶର ଦରଶୋଷୀ ସେ ଜୀବସୋଦର ପ୍ରେମସ୍ତବର ।
ଭକ୍ତ. ପ୍ରେମସୁଧାନିଧି ।

ଜୀବସ୍ଥାନ—ସଂ. ବ. (୬ଷ୍ଠୀ ତତ୍; ଜୀବ+ସ୍ଥାନ)—
Jiba-sthāna ୧ । ଶରୀରର ମର୍ମସ୍ଥାନ—
1. A vital part of the body.
୨ । ହୃଦୟ—2. The heart.

ଜୀବହତ୍ୟା—ସଂ. ବ. (୬ଷ୍ଠୀ ତତ୍, ଜୀବ+ହତ୍ୟା)—
Jiba-hatyā ଜୀବବଧ (ଦେଖ)
Jiba-badha (See)

ଜୀବହିଂସା—ସଂ. ବ. (୬ଷ୍ଠୀ ତତ୍, ଜୀବ+ହିଂସା)—
Jibahimsā ୧ । ଜୀବ ବଧ (ଦେଖ)
1. Jiba badha (See)
୨ । ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁର ବ୍ୟବହାର—
2. Cruelty to animals.

୧	ଇ	ଉ	ର,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍ବ	ଉଅ	ଘ
୨	ଈ	ଊ	ରୁ	ଲ୍ଲ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଦ

ଜୀବହୀନ—ସଂ. ବିଣ. (୩ୟା ତତ୍; ଜୀବ+ହୀନ)—
Jiba-hina ୧ । ପ୍ରାଣହୀନ—1. Lifeless; inanimate.
୨ । ମୃତ—2. Dead.
୩ । ପ୍ରାଣିହୀନ—
3. Destitute of animated beings.
ସଂ. ବି—ଷଡ଼କ୍ଷର ମନ୍ତ୍ରବିଶେଷ (ପ୍ରକୃତିବାଦ)—
Name of on esoteric formula of six syllables.

ଜୀବା—ସଂ. ବି—୧ । ଧନୁର ଜ୍ୟା (ହି. ଶବ୍ଦସାଗର)—
Jiba 1. Bow-string.
୨ । (ଜ୍ୟାମିତି) ବୃତ୍ତପର ଦୁଇ ମୁଣ୍ଡକୁ ଯୋଗ କରିବା ରେଖା (ହି. ଶବ୍ଦସାଗର)—2. (geometry) Chord.
୩ । ଜୀବନ୍ତୀ (ହି. ଶବ୍ଦସାଗର) (ଦେଖ)
3. Jibanti (See)
୪ । ବଚ୍ଛ (ହି. ଶବ୍ଦସାଗର)—
4. Liquorice root.
୫ । ଜୀବନ (ହି. ଶବ୍ଦସାଗର)—5. Life.
୬ । ଜୀବନୋପାୟ (ହି. ଶବ୍ଦସାଗର)—
6. Livelihood.

ଜୀବାଣୁ—ସଂ. ବି. (ବିଜ୍ଞାନପରିଭାଷା; ଆଧୁନିକ ବ୍ୟବହାର; ୬ଷ୍ଠୀ ତତ୍; ଜୀବ+ଅଣୁ)—ରୋଗ-ବୀଜ; କ୍ଷୁଦ୍ରତମ ଜୀବର ସାରାଂଶ—Germ.
Jibanu

ଜୀବାତୁ—ସଂ. ବି. (ଜୀବ୍ ଧାତୁ+ଭାବ. ଆତୁ)—୧ । ଜୀବନ—
Jibatu 1. Life.

ଜଙ୍ଗମ ହେବାର ଜନ୍ମଚଦସାର ଜଗତେ ଜୀବାତୁ ପର ବଶୁ—
କବିସୂର୍ଯ୍ୟ, ବଡ଼ଗା ।

୨ । ଜୀବିକା—3. Livelihood.
୩ । (+କରଣ. ଆତୁ) ଜୀବନୌଷଧ—
3. Medicine which restores or revives life.
୪ । ଅନ୍ନ—4. Food.

ଜୀବାତ୍ମା—ସଂ. ବି. (ଜୀବ+ଆତ୍ମନ୍)—
Jibatma ୧ । ପ୍ରାଣୀର ଅଭ୍ୟନ୍ତରସ୍ଥ ଆତ୍ମା—
(ପରମାତ୍ମା—ବିପରୀତ) 1. Individual soul; animal soul (as distingwished from Supreme Soul).
୨ । ମନୁଷ୍ୟର ଆତ୍ମା—2. Human soul.
୩ । ପ୍ରାଣପୁରୁଷ—
3. The inner soul; the sentient soul.
୪ । ଦେହୀ—4. Animal; living being.
୫ । ଶରୀରସ୍ଥ ଚୈତନ୍ୟ; ଦେହର ଅଭ୍ୟନ୍ତରିକ ସ୍ବଚ୍ଛ ପଦାର୍ଥ ଯହିଁରେ ପରମାତ୍ମା ବା ଈଶ୍ବର ପ୍ରତିବିମ୍ବିତ ହୁଅନ୍ତି—
5. The inner conciousness; the vital principle in the body.
୬ । ପ୍ରାଣ—6. Life.

[ଦ୍ର—ଜୀବାତ୍ମା ଦେହସ୍ଥ ଚୈତନ୍ୟ ଅଟେ; ଏହା ପ୍ରତ୍ୟେକ ପ୍ରାଣୀର ଦେହରେ ଆବଦ୍ଧ । ପରମାତ୍ମା ବା ଈଶ୍ବରଙ୍କ ସର୍ବ ତତ୍ତ୍ବବ୍ୟାପୀ ଚୈତନ୍ୟ ଅଟେ । ଈଶ୍ବର ପରମାତ୍ମା ଅଟନ୍ତି ।
ପ୍ରାଣୀର ଶରୀରରେ ପରମାତ୍ମାଙ୍କ ପ୍ରତିବିମ୍ବିତ ପଦାର୍ଥ ଜୀବାତ୍ମା ଅଟେ । ଜୀବାତ୍ମା ପରମାତ୍ମାରୁ ବାହାରି ପ୍ରତିଦେହରେ ଥାଏ । ପ୍ରାଣୀ ମୃତ ହେଲେ ସେହି ପ୍ରାଣମଧ୍ୟସ୍ଥ ଜୀବାତ୍ମା ପରମାତ୍ମାରେ ଲୀନ ହୁଏ ।]

ଜୀବାଧାନ—ସଂ. ବି. (୬ଷ୍ଠୀ ତତ୍; ଜୀବ+ଆଧାନ)—
Jibadhana ୧ । ପ୍ରାଣରକ୍ଷା—
1. Preservation or saving of life.
୨ । ପ୍ରାଣଧାରଣ—
2. Living; animated existence.

ଜୀବାଧାର—ସଂ. ବି. (୬ଷ୍ଠୀ ତତ୍; ଜୀବ+ଆଧାର)—
Jibadhara ୧ । ଜଗତ୍; ବିଶ୍ବବ୍ରହ୍ମାଣ୍ଡ (ଯେଉଁଠାରେ ଜୀବମାନେ ରହନ୍ତି; ଯାହା ପ୍ରାଣୀମାନଙ୍କ ଆଶ୍ରୟ); ଜୀବଜଗତ୍—
1. The universe; the animal world; the world.
୨ । ଶରୀର; ଦେହ—2. The body.
୩ । ହୃତ୍ପିଣ୍ଡ—3. The heart.

ଜୀବାନ୍ତକ—ସଂ. ବି. ପୁଂ. (୬ଷ୍ଠୀ ତତ୍; ଜୀବ+ଅନ୍ତକ)—
Jibantaka ୧ । ବ୍ୟାଧ—1. Fowler; hunter.
୨ । ପ୍ରାଣଘାତୀ ବ୍ୟକ୍ତି—
2. Murderer; killer; slayer.
୩ । ପ୍ରାଣଘାତୀ ଅସ୍ତ୍ର—3. Fatal weapon.
ସଂ. ବିଣ—ପ୍ରାଣଘାତୀ; ପ୍ରାଣାନ୍ତକର—Mortal; fatal; causing death; slaying.

ଜୀବାବଶେଷ—ସଂ. ବି. (୬ଷ୍ଠୀ ତତ୍; ଜୀବ+ଅବଶେଷ: ପ୍ରାଣିବିଜ୍ଞାନ-ପରିଭାଷା; ଆଧୁନିକ ପ୍ରୟୋଗ)—
Jibabasesha
୧ । ଭୂଗର୍ଭରୁ ପ୍ରାପ୍ତ ବହୁକାଳ ପୂର୍ବେ ମୃତ ପ୍ରାଣୀର ଦେହାବଶେଷ; ପ୍ରସ୍ତରୀଭୂତ ବହୁକାଳ ପୂର୍ବର ଜୀବଦେହ—
1. Fossil; fossilized remains of animals.
୨ । ଜୀବନ ମାତ୍ର ଅବଶିଷ୍ଟ ରହିବା ଅବସ୍ଥା—
2. Remnant of life only in a body.
୩ । ପ୍ରାଣୀର ଆସନ୍ନମୃତ୍ୟୁ ଓ ଶେଷ ଅବସ୍ଥା (ଯେଉଁ ଅବସ୍ଥାରେ ପ୍ରାଣୀର କେବଳ ମାତ୍ର ନିଶ୍ବାସ ବାୟୁ ବହୁଥାଏ)—3. Last stage of life (when life only remains in the body.

ଜୀବିକା—ସଂ. ବି. ସ୍ତ୍ରୀ. (ଜୀବ ଧାତୁ+କରଣ. ଅକ+ସ୍ତ୍ରୀ. ଆ. ଯେଉଁ ଉପାୟଦ୍ବାରା ମନୁଷ୍ୟ ପ୍ରାଣ ଧାରଣ କରେ ବା ବଞ୍ଚେ)—
Jibika

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମାନଙ୍କ ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥାନବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' କୁ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧ । ବୃତ୍ତି; ଜୀବନୋପାୟ; ପେଶା (ଯଥା—କୃଷିବାଣିଜ୍ୟାଦି)—
1. Livelihood; profession; living.
୨ । ଜୀବନ—2. Life.
୩ । ଜୀବନ୍ତୀ (ଦେଖ)—
3. Jībantī (See)

ଜୀବିକା କରିବା—ଦେ. କ୍ରି—କୌଣସି କର୍ମକୁ ଜୀବନର ଏକମାତ୍ର ବ୍ରତ
Jībikā karibā ବା କର୍ମ ପରି ଆଚରଣ କରିବା; ପେଶା
জীবিকা করা କରିବା—To be habituated to a
जीविका करना thing as if it was one's profession.

ବୟସ୍ଥୀଏ କୃଷିଙ୍କୁ ରଖିଲ, ପରିହାସ କି ଜୀବିକା କଲ—
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜୀବିକାନିର୍ବାହ—ସଂ. ବି. (୬ଷ୍ଠୀ ତତ୍; ଜୀବିକା + ନିର୍ବାହ)—
Jībikā-nirbāha କୌଣସି ଉପାୟଦ୍ୱାରା ପେଟ ପୋଷିବା—
Earning one's livelihood; maintenance.

ଜୀବିତ—ସଂ. ବି. (ଜୀବ ଧାତୁ + ଭାବେ. ତ)—୧ । ଜୀବନ—
Jībita 1. Life.

ଶ୍ରୀକୃଷ୍ଣ ବୋଇଲେ ଏ ଅଟଇ ବାଳୁ ସତ
ଏଣୁ କ ପାରନ୍ତି କେଉ ମୋହୋର ଜୀବିତ—କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

୨ । ଆୟୁ; ଜୀବଦ୍ଦଶା; ଜୀବନକାଳ—
2. Lifetime; age.
(ଜୀବିତା—ସ୍ତ୍ରୀ) ସଂ. ବିଣ. ପୁଂ—୧ । ଯେ ବଞ୍ଚିଅଛି; ଯେ ପ୍ରାଣଧାରଣ କରିଅଛି—1. Living; existent; having life.
୨ । ଜୀବନ୍ତ; ସଜୀବ; ଜୀଅନ୍ତା—
2. Animate; alive.

ଜୀବିତକାଳ—ସଂ. ବି. (୬ଷ୍ଠୀ ତତ୍; ଜୀବିତ = କାଳ)—
Jībita-kāla ଜୀବଦ୍ଦଶା; ବଞ୍ଚିଥିବା ସମୟ; ଅମଳ—
Life-time; period or duration of one's life.

ଜୀବିତପ୍ରୟୋଜନ—ସଂ. ବି. (୬ଷ୍ଠୀ ତତ୍; ଜୀବିତ + ପ୍ରୟୋଜନ)—
Jībita-prayojana ୧ । ଜୀବିକା—
1. Living; livelihood.
୨ । ଜୀବ ବଞ୍ଚିବାର ଅତି ଆବଶ୍ୟକ ବସ୍ତୁନିଚୟ—
2. The necessaries of life.

ଜୀବିତବାନ୍—ସଂ. ବିଣ. ପୁଂ. (ଜୀବିତ + ବତ୍; ୧ମା. ୧ବ)—
Jībita-bān ବଞ୍ଚିଥିବା—Living; alive.
(ଜୀବିତବତୀ—ସ୍ତ୍ରୀ)

ଜୀବିତେଶ—ସଂ. ବି. (୬ଷ୍ଠୀ ତତ୍; ଜୀବିତ + ଈଶ)—
Jībiteśa ୧ । ଜୀବର ପ୍ରଭୁ; ପ୍ରାଣର ଈଶ୍ୱର ବା ମାଲିକ—
(ଜୀବିତେଶ୍ୱର—ଅନ୍ୟରୂପ) 1. The lord of one's life.
୨ । ଜଗଦୀଶ୍ୱର; ଈଶ୍ୱର; ପରମେଶ୍ୱର—
2. God; the Lord of the universe.
୩ । ପ୍ରାଣେଶ୍ୱର; ସ୍ୱାମୀ—3. Husband.

୪ । ପ୍ରିୟତମ ବ୍ୟକ୍ତି—
4. One's dearest person.

ଜୀବିବା—ଦେ. କ୍ରି. (ପଦ୍ୟ)—ଜୀଇଁବା; ବଞ୍ଚିବା—
Jībibā To live.

ଯୋଗ ଅଭ୍ୟାସେ ଯୋଗିଜନେ
ଜୀବେ ଜୀବନ୍ତ ଯୋଗ ଧ୍ୟାନେ । ଜଗନ୍ନାଥ, ଭାଗବତ ।

ଜୀବୀ—ସଂ. ବିଣ. ପୁଂ. (ଜୀବ ଧାତୁ + ଇନ୍, ୧ମା. ୧ବ; ଅନ୍ୟ ଶବ୍ଦ
Jībī ସଙ୍ଗେ ବ୍ୟବହୃତ ହୁଏ, ଯଥା—ଦୀର୍ଘଜୀବୀ, ଚିରଂଜୀବୀ)—
(ଜୀବିନୀ—ସ୍ତ୍ରୀ) ୧ । ଯେ ଜୀଏଁ; ଜୀବନଧାରୀ—
1. One who lives; living.
୨ । ଯେ କୌଣସି ଜୀବିକା ଦ୍ୱାରା ପ୍ରାଣ ଧାରଣ କରେ—
2. Living on; depending upon something for one's livelihood.
(ଯଥା—ମୃଗୟାଜୀବୀ, ପଣ୍ୟଜୀବୀ ।)

ଜୀବେଶ—ସଂ. ବି. (୬ଷ୍ଠୀ ତତ୍; ଜୀବ + ଈଶ)—
Jībeśa ୧ । ସ୍ୱାମୀ—1. Husband.
୨ । ଯମ—2. The God of death.

ଯାର ନାହିଁ ଜୀବେଶ ତାର ଜୀବ ଜୀବେଶ ଦେଶରେ ପ୍ରବେଶ କରିବ ।
ଭଞ୍ଜ. ଲାବଣ୍ୟବତୀ ।

ଜୀବେଶ୍ୱର—ସଂ. ବି—ଜୀବେଶ (ଦେଖ)
Jībeśwara Jībeśa (See)
(ଜୀବେଶ୍ୱରୀ—ସ୍ତ୍ରୀ) ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଜୀବ + ଈଶ୍ୱରୀ)—
ପ୍ରାଣପ୍ରିୟା ସ୍ତ୍ରୀ—One's beloved or dearest woman.

ଋଣୀ ହୋଇଥିଲି ମୁଁ ଜୀବେଶ୍ୱରୀଠାରେ କରିଥିଲି ନିୟମ ।
ଭିକ୍ଷୁ. ପ୍ରେମସୁଧାନିଧି ।

ଜୀବୋପାଧି—ସଂ. ବି. (୬ଷ୍ଠୀ ତତ୍; ଜୀବ + ଉପାଧି)—
Jībopādhi ପ୍ରାଣୀର ଅବଶ୍ୟଂଭାବୀ ଅବସ୍ଥାତ୍ରୟ; ସ୍ୱପ୍ନ, ସୁଷୁପ୍ତି ଓ ଜାଗ୍ରତ ଅବସ୍ଥା—The necessary conditions of animal life; e.g. dream, sleep and waking.

ଜୀବ୍ରିଅଲ୍—ଦେ. ବି. (ନାମ) (ବାଇବଲ୍)—
Jībrial ବାଇବଲ୍‌ରେ ଲିଖିତ ଦେବଦୂତ—
Gibrial; the name of an angel mentioned in the Bible.

ଜୀଭମଲ୍—ପ୍ରାଦେ. (ବସ୍ତର) ବି. (ସଂ. ଜିହ୍ୱା + ମଳ)—
Jībha-mal ଜିହ୍ୱା ଉପରେ ଜମିଥିବା ଛଉଅ—
The dirts over (one's) tongue; furs on the tongue.

ଜୀମୂତ—ସଂ. ବି. (ଜୀ = ଜୀବନ, ଜଳ + ମୂ ଧାତୁ ବନ୍ଧନ କରିବା,
Jīmūta ଧାରଣ କରିବା + କର୍ତ୍ତୃ. ତ, ଯେ ଜଳ ଧାରଣ କରେ)—
୧ । ମେଘ—1. Cloud.

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ର	ତ୍ଥ	ଣ୍ଡ
୨	ଈ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଥ	ଡ୍ଢ	ନ୍ଦ

୨ । ପର୍ବତ—2. Mountain.

୩ । ଇନ୍ଦ୍ର—3. God Indra.

ଜୀମୂତକୂଟ—ସଂ. ବି. (୬ଷ୍ଠୀ ତତ୍; ଜୀମୂତ+କୂଟ)—
Jimūta-kūṭa କ୍ଷୁଦ୍ର ପର୍ବତ; ପାହାଡ଼—A hill.

ଜୀମୂତକେତୁ—ସଂ. ବି. (ବହୁବ୍ରୀହି; ଜୀମୂତ, ମେଘ ହୋଇଅଛି କେତୁ= ଧ୍ୱଜ ଯାହାର)—
Jimūta-ketu
(ନାମ) ହିମାଳୟସ୍ଥ ବିଦ୍ୟାଧରଗଣଙ୍କ ରାଜା—
The king of the Bidyādharas (aerial beings said to inhabit the Himalayas).

ଜୀମୂତବାହନ—ସଂ. ବି. (ବହୁବ୍ରୀହି, ଜୀମୂତ ଅଟେ ବାହନ ଯାହାର)—
Jimūta-bāhana ୧ । ଇନ୍ଦ୍ର—1. Indra; the God of clouds.

୨ । (ନାମ) ବଙ୍ଗଦେଶପ୍ରଚଳିତ ବ୍ୟବସ୍ଥାଶାସ୍ତ୍ର ବା ସ୍ମୃତି ଦାୟଭାଗର ଗ୍ରନ୍ଥକର୍ତ୍ତାଙ୍କ ନାମ—
2. Name of the author of the Dāyabhāga, a digest of Hindu Law governing the Bengal school.

୩ । ଜୀମୂତକେତୁ (ଦେଖ)
3. Jimūta-ketu (See)

ଜୀର—ସଂ. ବି. (ଜୃ ଧାତୁ=ଜୀର୍ଣ୍ଣ କରିବା+କର୍ତ୍ତୃ. ଅ, କିମ୍ବା ଜୁ ଧାତୁ= ବେଗେ ଯିବା+ର; ଉ ସ୍ଥାନରେ ଈ)—ଜୀରକ (ଦେଖ)
Jira Jiraka (See)

ଜୀରକ—ସଂ. ବି. (ଜୃ, ଧାତୁ=ଜୀର୍ଣ୍ଣ କରିବା+କର୍ତ୍ତୃ ଅକ; କିମ୍ବା ଜୀର +ସ୍ୱାର୍ଥେ. କ; ଯାହା ଖାଦ୍ୟ ଦ୍ରବ୍ୟକୁ ଜୀର୍ଣ୍ଣ ବା ପରିପାକ
Jiraka
ସଂ. ନାମ—ଜୀରକ, ଅଜାଜୀ, କଣା, ଜୀର୍ଣ୍ଣ, ଜୀର, ଦୀପ୍ୟ, ଜୀରଣ, ଅଜାଜିକା, ବହ୍ନିଶିଖ, ମାଗଧ, ଦୀପକ
ଫା. ଜୀରହ୍
ଆ. ଜୀରନ୍
ତେ. ଜିଲ୍ଲକର୍ର
ଜୀରା, ଜୀରେ
जीरा
କରାଏ)—୧ । ଜୀରା—Cuminseed; Cuminum Cyminum.
[ବି—ଜୀରା ଧନ୍ୟାଦି ବର୍ଗର ଶାକ ଗୁଳ୍ମ । ଏହା ଆକାରରେ ପାନମହୁରି ପରି କିନ୍ତୁ ଛୋଟ । ଏ ଗୁଳ୍ମର ପତ୍ର ଦୁବ ପରି ସରୁ । ବଙ୍ଗଦେଶ ଓ ଆସାମ ଛଡ଼ା ଭାରତର ସର୍ବତ୍ର ଏହାର କୃଷି ହୁଏ । ମିଶରଦେଶ ଓ ଭୂମଧ୍ୟସାଗର ଉପକୂଳସ୍ଥ ମାଲ୍ଟା ଆଦି ଦ୍ୱୀପରେ ଏ ଗୁଳ୍ମ ମନକୁ ଉଠେ । ମାଲ୍ଟାର ଜୀରା (European caraway) ଖୁବ୍ ସୁଗନ୍ଧଯୁକ୍ତ । ଜୀରା ୨ ପ୍ରକାରର; ଧଳା ବା ସାଧାରଣ ଜୀରା ଓ କୃଷ୍ଣଜୀରକ; ସାଧାରଣ ଜୀରା ମରିଚ ସଙ୍ଗେ ବଟା ହୋଇ ତିଅଣରେ ମିଶାଯାଏ, ଏବଂ ଘିଅରେ ଫୁଟା ଯାଇ ଏଥିରେ ତିଅଣ ବଘାରା ଯାଏ । ଜୀରା ମଧ୍ୟ ଔଷଧରେ ବ୍ୟବହୃତ ହୁଏ । ଭାବପ୍ରକାଶରେ ଏହାର ନାମ ଜୀରକ, ଦୀର୍ଘଜୀରକ । ବୈଦ୍ୟକ ମତରେ ଏହା କଟୁ, ଉଷ୍ଣ ଓ ଦୀପକ ଏବଂ ଅତିସାର, ଗ୍ରହଣୀ, କୃମି, କଫ ଓ ବାତପ୍ରଶମକ । ଯାହାକୁ ସାଧାରଣତଃ କଳାଜୀରା ବୋଲଯାଏ ତାହା ତ୍ରିକୋଣ ଉଗ୍ର ସୁଗନ୍ଧ ବୀଜବିଶେଷ (Nigella Sativa; black cumin) । କୃଷ୍ଣବର୍ଣ୍ଣ (Carum Bulbacastanum) ପାନମହୁରି ପରି କଳାଜୀରା, ସାଧାରଣ ଜୀରା ଜାତୀୟ (Black Caraway) ଏହା ଅଫଗାନସ୍ଥାନ, କାଶ୍ମୀର ଆଦିରେ ଜନ୍ମେ ଓ ସେଠାରୁ ଏ ଦେଶକୁ ଆସେ ।]

୨ । ଖଡ୍ଗ—2. Sword.

୩ । ଅଣୁ ଧାନ୍ୟ—3. Tiny grains.

୪ । ଫୁଲର କେଶର (ହି. ଶବ୍ଦସାଗର)—
4. The filaments of flower

ଜୀରକାଦି ମୋଦକ—ସଂ. ବି.—ବୈଦ୍ୟଶାସ୍ତ୍ରକଥିତ ଜୀରା ଆଦି
Jirakādi modaka ଉପାଦାନରେ ପ୍ରସ୍ତୁତ ମୋଦକବିଶେଷ—
A medicinal preparation of which the chief ingredient is cumin seed.

ଜୀରା—ଦେ. ବି. (ସଂ. ଜୀରକ)—ଜୀରକ (ଦେଖ)
Jirā Jiraka (See)
ଜୀରେ, ଜୀରା
जीरा

ଜୀରାମରିଚ—ଦେ. ବି. (ସହଚର). (ସଂ. ଜୀର+ମରିଚ)—ଏକତ୍ର ବଟା
Jirā-maricha ହୋଇ କିମ୍ବା ଗୁଣ୍ଡ ହୋଇ ତିଅଣକୁ ସୁଗନ୍ଧ ଓ ସୁସ୍ୱାଦୁବିଶିଷ୍ଟ କରିବା ପାଇଁ ବ୍ୟବହୃତ ଜୀରା ଓ ମରିଚ—Cumin seed and black pepper (used together as sauce for curry).
[ବି—ଜୀରାମରିଚ ୩ ପ୍ରକାରରେ ପ୍ରୟୋଗ କରାଯାଏ । ଯଥା—(୧) ବଟା, (୨) ଗୁଣ୍ଡ, (୩) ପାଣି ବା ବଟା ହୋଇ ପାଣି ସଙ୍ଗେ ଗୋଳାଅ ।]

ଜୀରାରୁ ଶିର କାଢ଼ିବା—ଦେ. କ୍ରି.—କୌଣସି କଥାରୁ ଅତି ସାମାନ୍ୟ
Jiraru sirā kāṛhibā କଥା ବାହାର କରି ତାକୁ ବଡ଼ କଥା
जीरह काढ़ना ବୋଲି ଗଣନା କରିବା—
To make a mountain of a molehill.

ଜୀର୍ଣ୍ଣ—ସଂ. ବିଣ. ପୁଂ.—(ଜୃ ଧାତୁ=ପରିପାକ ବା ଜୀର୍ଣ୍ଣ ହେବା+କର୍ତ୍ତୃ. ତ)
Jirṇṇa ୧ । କ୍ଷୟପ୍ରାପ୍ତ—1. Worn out; decayed;
(ଜୀର୍ଣ୍ଣା—ସ୍ତ୍ରୀ) wasted; dilapidated.

୨ । ଶୀର୍ଣ୍ଣ—2. Reduced; emaciated.

୩ । କ୍ଷୀଣ—3. Weakened; debilitated.

୪ । ଜାରିତ—4. Refined; oxidised.

୫ । ଜର୍ଜ୍ଜରିତ—5. Overcome; overpowered.

୬ । ଗଳିତ—6. Shrivelled; torn.

୭ । ଅତି ପୁରାତନ—7. Very old.

୮ । ଯାହା ହଜମ ବା ପରିପାକ ହୋଇଅଛି—
8. Digested.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗଷ୍ଠ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୯ । ଅକର୍ମଣ୍ୟ; ଅକାମିକା—
9. Worthless; useless; decrepit.

୧୦ । (+କର୍ମ. ତ)—ପରିପକ୍ୱ —10. Ripened.

୧୧ । ପୁରୁଣା ହେବାରୁ ଚିରା; ଫୋପଡ଼ା—
11. Tattered; old and torn.

ଜୀର୍ଣ୍ଣ କରିବା—ଦେ. କ୍ରି. (ସଂ. କୃ ଧାତୁ)—୧ । ହଜମ କରିବା—
Jirnna kariba 1. To digest (food).
ଜୀର୍ণ কার ୨ । (ଲକ୍ଷଣାର୍ଥ) ଖରଚ କରିବା—
जीरण करना 2. (figurative) To spend.
(ଲକ୍ଷଣାର୍ଥ) ଆତ୍ମସାତ କରିବା—
3. (figurative) To appropriate to one's use.

ଜୀର୍ଣ୍ଣଘର—ଦେ. ବି—ରୋମନ୍ଥକାରୀ ଜନ୍ତୁମାନଙ୍କର ପ୍ରଥମପେଟ (ଯହିଁରେ
Jirnna-ghara ଭୁକ୍ତ ଦ୍ରବ୍ୟମାନ ପ୍ରଥମେ ରହେ ଓ ରୋମନ୍ଥ ପରେ ଯହିଁରୁ ବାହାରି ଉଦରକୁ ଯାଏ)—The first stomach or pouch of ruminating animals.

ଜୀର୍ଣ୍ଣଜୀରକାଦିମୋଦକ—ସଂ. ବି—ଜୀରାଆଦି ଉପାଦାନରେ ପ୍ରସ୍ତୁତ
Jirnna-jirakadi-modaka ଅଜୀର୍ଣ୍ଣ ରୋଗର ଔଷଧବିଶେଷ—
A medicine prepared with cumin seed and other ingredients and used for curing indigestion.

ଜୀର୍ଣ୍ଣଜ୍ୱର—ସଂ. ବି. (କର୍ମଧା; ଜୀର୍ଣ୍ଣ+ଜ୍ୱର)—ପୁରାତନ ଜ୍ୱର; ଯେଉଁ ଜ୍ୱର
Jirnna-jwara ବହୁଦିନ ଶରୀରରେ ରହେ—
Chronic fever

ଜୀର୍ଣ୍ଣତା—ସଂ. ବି. (ଜୀର୍ଣ୍ଣ+ଭାବାର୍ଥେ. ତା)—୧ । ପରିପାକ—
Jirnnata 1. Digestion.
(ଜୀର୍ଣ୍ଣତ୍ୱ—ଅନ୍ୟରୂପ) ୨ । ପୁରାତନ ହେବା ଯୋଗୁ ବସ୍ତୁର କ୍ଷୟପ୍ରାପ୍ତ ଅବସ୍ଥା—2. The state of being torn up or worn out.
୩ । ଜରା; ବାର୍ଦ୍ଧକ୍ୟ (ହି. ଶବ୍ଦସାଗର)— 3. Old age.

ଜୀର୍ଣ୍ଣଦାରୁ—ସଂ. ବି—ବୃଦ୍ଧଦାରକ (ଦେଖ)
Jirnna-daru Bruddha-daraka (See)

ଜୀର୍ଣ୍ଣଦେହ—ସଂ. ବଣ. ପୁଂ. (ବହୁବ୍ରୀହି; ଜୀର୍ଣ୍ଣ+ଦେହ)—
Jirnna-deha ୧ । ଯାହାର ଶରୀର ଜରା ବା ରୋଗାଦିଦ୍ୱାରା (ଜୀର୍ଣ୍ଣଦେହା—ସ୍ତ୍ରୀ) କ୍ଷୟପ୍ରାପ୍ତ ହୋଇଅଛି; ଜରାଗ୍ରସ୍ତଦେହ; ଶୀର୍ଣ୍ଣଶରୀର—1. Worn out; dibilitated.
୨ । କ୍ଷୀଣକଳେବର—2. Of weakened constitution or impaired health; emaciated.
ସ. ବି. (କର୍ମଧା)—୧ । ଶୀର୍ଣ୍ଣ ଶରୀର—
1. Emaciated body and limbs.
୨ । ଭଗ୍ନ ସ୍ୱାସ୍ଥ୍ୟ—2. Impaired health.

ଜୀର୍ଣ୍ଣପତ୍ର—ସଂ. ବି. (ବହୁବ୍ରୀହି; ଜୀର୍ଣ୍ଣ+ପତ୍ର)—ପଟ୍ଟିକା ଲୋଧ୍ର (ଦେଖ)
Jirnna-patra Pattika-lodhra (See)

ଜୀର୍ଣ୍ଣପର୍ଣ୍ଣ—ସଂ. ବଣ. (ବହୁବ୍ରୀହି)—ଯେଉଁ ଗଛର ପତ୍ର ପୁରୁଣା ହୋଇ-
Jirnna-parnna ଅଛି ବା ଯହିଁରୁ ପତ୍ର ସବୁ ଝଡ଼ି ପଡ଼ିଅଛି—
(a tree) With leaves ripened and dropped down.
ସ. ବି—୧ । (କର୍ମଧା)—ପାଚିଲା ବା ଶୁଖିଲା ପତ୍ର—
1. Dry leaves.
୨ । (ବହୁବ୍ରୀହି)—କଦମ୍ବ ଗଛ—
2. The Kadamba tree; Nauclea Cadamba.

ଜୀର୍ଣ୍ଣବଜ୍ର—ସଂ. ବି—ବୈକ୍ରାନ୍ତମଣି (ହି. ଶବ୍ଦସାଗର)—
Jirnna-bajra A kind of gem.

ଜୀର୍ଣ୍ଣବଟିକା—ସଂ. ବି. (ଜୀର୍ଣ୍ଣକାରୀ ବଟିକା; ମ. ପ. ଲୋ)—
Jirnna-batika ଖାଦ୍ୟର ଜୀର୍ଣ୍ଣକାରକ ବଟି—
Digestive pill.

ଜୀର୍ଣ୍ଣବସ୍ତ୍ର—ସଂ. ବି. (କର୍ମଧା;ଜୀର୍ଣ୍ଣ+ବସ୍ତ୍ର)—ପୁରୁଣା ଚିରାଲୁଗା; ଦରବା;
Jirnna-bastra କନ୍ଥଡ଼ା— Tattered raiment; threadbare clothes.
(ଜୀର୍ଣ୍ଣବସ୍ତ୍ରା—ସ୍ତ୍ରୀ) ସ. ବଣ. ପୁଂ (ବହୁବ୍ରୀହି)—ଯାହାର ଲୁଗା ଚିରା ଓ ପୁରୁଣା—Having threadbare or tattered clothes.

ଜୀର୍ଣ୍ଣବାଟିକା—ସଂ. ବି. (କର୍ମଧା; ଜୀର୍ଣ୍ଣ+ବାଟିକା)—
Jirnna-batika ପୁରୁଣା ଓ ଭଙ୍ଗାଘର; ପୁରୁଣା ଓ ଖଣ୍ଡିଆଘର—
Ruined mansion.

ଜୀର୍ଣ୍ଣଶୀର୍ଣ୍ଣ—ସଂ. ବଣ. (ସମାର୍ଥ ବାଚକ ଅନ୍ତରଶବ୍ଦଦ୍ୱୟ, ଜୀର୍ଣ୍ଣ ଓ ଶୀର୍ଣ୍ଣ)—
Jirnna-sirnna ପୁରୁଣା; ପୁରୁଣା ଓ କ୍ଷୟପ୍ରାପ୍ତ—
Worn out and emaciated.

ଜୀର୍ଣ୍ଣଶୂଳ—ସଂ. ବି—ଖାଦ୍ୟ ଦ୍ରବ୍ୟ ପରିପାକ ହେବା ସମୟରେ ପେଟକୁ
Jirnna-sula ମାରିବା ରୋଗ; ପରିଣାମ ଶୂଳ—A kind of colic which appears when the food is being digested in the stomach.

ଜୀର୍ଣ୍ଣସଂସ୍କାର—ସଂ. ବି. (୬ଷ୍ଠୀ ତତ୍, ଜୀର୍ଣ୍ଣ+ସଂସ୍କାର)—ପୁରୁଣା ଓ ଭଙ୍ଗା
Jirnna-samskara ବସ୍ତୁର ମରାମତି; ପୁନର୍ନବୀକରଣ—
Repair of old things; renovation.

ଜୀର୍ଣ୍ଣସଂସ୍କୃତ—ସଂ. ବଣ—ପୁନର୍ନବୀକୃତ—
Jirnna-samskruta Repaired; renovated.

ଜୀର୍ଣ୍ଣା—ସଂ. ବଣ. ସ୍ତ୍ରୀ. (ଜୀର୍ଣ୍ଣ+ସ୍ତ୍ରୀ. ଆ)—୧ । ପୁରାତନୀ—
Jirnna 1. Old (female)
୨ । ଶୀର୍ଣ୍ଣା—2. Worn out.
୩ । ବୃଦ୍ଧା (ସ୍ତ୍ରୀ)—3. Old (woman).
ସଂ. ବି—୧ । ସ୍ଥୂଳଜୀରକ; ମୋଟା ଜୀରା—
1. A kind of thick cumin seed.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ନ୍ନ

୨ । କଳାଜୀରା (ହି. ଶବ୍ଦସାଗର)—
2. Black cumin seed.

ଜୀର୍ଣ୍ଣାସ୍ଥି ମୃତ୍ତିକା—ସଂ. ବି—ଯେଉଁ ମାଟିରେ ହାଡ଼ଗୁଣ୍ଡା ମିଶି ସଢ଼ିଅଛି—
Jirṇṇāsthi-mṛuttikā Soil in which bone has been made to putrefy.

[ଦ୍ର—ଶବ୍ଦାର୍ଥଚନ୍ଦ୍ରାମଣି ନାମକ ଗ୍ରନ୍ଥରେ ଏ ମୃତ୍ତିକା ତିଆରି କରିବାର ବିଧି ଲେଖାଅଛି । ଯେଉଁ ମାଟିରୁ ଶିଳାଜତୁ ବାହାରେ ସେଠାରେ ଗୋଟିଏ ଗହ୍ୱର ଗାତ ଖୋଳି ସେ ଗାତରେ ଗୁଣ୍ଡିଏ ହାଡ଼ ପୂରାଇ ତହିଁ ଉପରେ ସାଜିକ୍ଷାର, ଲୁଣ ଓ ଗନ୍ଧକ ୬ମାସ ଯାଏ ଢାଳିବ । ୩ବର୍ଷରେ ସେ ହାଡ଼ଆଦି ମିଳାଇଯାଇ ମାଟି ସଙ୍ଗେ ମିଶିଯିବ । ସେହି ମାଟିରେ ବାସନ ତିଆରି କରି ସେ ବାସନରେ ଖାଇଲେ ଉପକାର ହୁଏ—ହି. ଶବ୍ଦସାଗର ।]

ଜୀର୍ଣ୍ଣି—ସଂ. ବି. (ଜୃ ଧାତୁ+ଅନି. ଭା)—୧ । ବାର୍ଦ୍ଧକ୍ୟ—
Jirṇṇi 1. Old age.
୨ । ଜୀର୍ଣ୍ଣାବସ୍ଥା—
2. Infirmity; worn out condition.
୩ । କ୍ଷୟ—3. Decay.
୪ । ପରିପାକ—4. Digestion.

ଜୀର୍ଣ୍ଣୋଦ୍ଧାର—ସଂ. ବି. (ଜୀର୍ଣ୍ଣ+ଉଦ୍ଧାର, ୬ଷ୍ଠୀ ତତ୍)—ଜୀର୍ଣ୍ଣସଂସ୍କାର;
Jirṇṇoddhāra ପୁରୁଣା ଜିନିଷର ମରାମତି—
Repair of old things.

ଜୀର୍ଣ୍ଣୋଦ୍ଧୃତ—ସଂ. ବି.—ମରାମତି କରା ଯାଇଥିବା—
Jirṇnoddhṛuta Repaired.

ଜୁ—ବୈଦେ. ବି.—(ଫା.ଜୁ; ତୁଳ ସଂ. ଯୋଗ)—ଶକ୍ତି; କ୍ଷମତା—
Ju 1. Power.
जु ୨ । ସାମର୍ଥ୍ୟ—
जु 2. Ability

ଦେ. ଅ. (ସଂ. ଯୁଜ ଧାତୁ)—ସଗଡ଼ଆବଳଦଙ୍କୁ ଯୁଆଳିରେ କାନ୍ଧ ଦେବାପାଇଁ ଗାଡ଼ିଆଳର ଉଚ୍ଚାରିତ ଶବ୍ଦ—
An interjection used to bullocks to put their shoulders to the yoke.

ଜୁଆ—ଦେ. ବି. (ସଂ. ଦ୍ୟୁତ, ପ୍ରା. ଜୂଅ)—୧ । ଦ୍ୟୁତକ୍ରୀଡ଼ା; ପଣରଖି
Jua ଖେଳିବା; ବାଜୀ ରଖି ଖେଳିବା ଖେଳ; ଜୁଆ ଖେଳ—
जुआ 1. Gambling.
जुआँ କେଉଁ ରୂପେ ପାଣ୍ଡବେ ଜୁଆରେ ହାରିଲେ ।
କୃଷ୍ଣସିଂହ. ମହାଭାରତ. ଆଦି ।

[ଦ୍ର—ଧନ ବାଜୀ ରଖି କଉଡ଼ି, ପଶା, ତାସ୍, ଆଦି ଦ୍ୱାରା ଯେଉଁ ଖେଳ ହୁଏ ତାହାକୁ ଜୁଆ ବା ଜୁଆ ଖେଳ ବୋଲାଯାଏ । ହାରିବା ଲୋକ ଜିଣିବା ଲୋକକୁ ନିର୍ଦ୍ଦିଷ୍ଟ ପରିମାଣ ଅର୍ଥ ଦେବ ଏହି ପଣ ରଖି ଜୁଆ ଖେଳାଯାଏ । ଫଳତଃ ଯେଉଁ ଅନିଶ୍ଚିତ ଫଳ କାର୍ଯ୍ୟରେ ପଣ ରଖାଯାଏ ତାହାହିଁ ଜୁଆ । ଆଜିକାଲି ପଣ ରଖି କରା ଯାଉଥିବା ଘୋଡ଼ଦୌଡ଼ ମଧ୍ୟ ଏକ ପ୍ରକାର ଜୁଆ ଖେଳ ।]

୨ । ନବବିବାହିତ ବରକନ୍ୟାଙ୍କର ସାତମଙ୍ଗଳା ମଧ୍ୟରେ ଖେଳିବା କଉଡ଼ିଖେଳ—
2. A ceremonial game of cowries played by the bride and bridegroom during the first seven days of marriage.

ଜୁଆ କଉଡ଼ି—ଦେ. ବି. (*ସଂ. ଦ୍ୟୁତ+କପର୍ଦ୍ଦକ)—ବିବାହରେ ୭ଦିନ
Jua kauṛi ଯାଏ ବର କନ୍ୟା ଯେଉଁ କଉଡ଼ିରେ ଖେଳନ୍ତି—
The sea-shells with which the bride and bridegroom play during marriage.

ଜୁଆ ଶକଟା—ଦେ. ବି – ଜୁଆଁ ଶକଟା (ଦେଖ)
Jua śakaṭā Juā̃ śakaṭā (See)

ଜୁଆଁ—ଦେ. ବି—୧ । ଆମ୍ବ ଆଦି କଞ୍ଚା ଫଳକୁ ଲୁଣ, ମସଲା ଓ ତେଲ
Juā̃ ଆଦି ଦେଇ ଅଚାର କରିବା—
1. Seasoning of mango and other raw fruits with salt, spices and oil; pickling.
୨ । (ସଂ. ଦ୍ୟୁତ; ପ୍ରା. ଜୁଅ) ଜୁଆ (ଦେଖ)
2. Jua (See)
ଦେ. ବିଣ—ଲୁଣ, ମସଲା ଓ ତେଲ ଆଦିଦ୍ୱାରା ପାଗ କରାଯାଇଥିବା (ଆମ୍ବ ଆଦି)—Seasoned or prepared (pickle). pickled (fruit).
ପ୍ରାଦେ—୧ । (ସମ୍ବଲପୁର; ସିଂହଭୂମ) ବି. (ସଂ. ଯୁଗ) (ତୁଳ. ଏହି ଅର୍ଥରେ ହି. ଜୁଆ) ଶଗଡ଼ ବା ହଳର ଯୁଆଳି—
Yoke.
୨ । (ଯାଜପୁର) ବି—ଦୁଧକୁ ଦହି କରିବା ପାଇଁ ଦେଲେ ତହିଁରେ ମିଶା ଯିବା ଖଟା ବସ୍ତୁ; ମହି—2. Sour thing added to milk to turn it into curd.

ଜୁଆଇଁ—ଦେ. ବି. (ସଂ. ଜାମାତୃ)—୧ । (କୌଣସି ବ୍ୟକ୍ତିର)
Juāĩ କନ୍ୟାର ସ୍ୱାମୀ—1. Husband of (one's)
जामाई daughter; son-in-law.
दामाद; जमाइ ଦୁର୍ଯ୍ୟୋଧନ ବୋଇଲେ ଭୁମ ଜୁଆଇଁ ବ—
କୃଷ୍ଣସିଂହ. ମହାଭାରତ. ସଭା ।

୨ । ନବବିବାହିତ ବର—2. Bridegroom.
୩ । (ଲକ୍ଷଣାର୍ଥ) ଜାମାତା ଶ୍ୱଶୁର ଘରେ ପାଇବା ଆଦର ପରି ଆଦର ପାଉଥିବା ବ୍ୟକ୍ତି—3. (figurative) A person who gets a son-in-law's treatment and hospitality at some place.

ଜୁଆଇଁ ଡା(ଡ଼)କରା – ଦେ. ବି—ଜୁଆଇଁ ନିମନ୍ତ୍ରଣ (ଦେଖ)
Juāĩ ḍā(ḍa)karā Juāĩ nimantraṇa (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ବୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଖୋଜିବେ

ଜୁଆଇଁ ନିମନ୍ତ୍ରଣ—ଦେ. ବି—୧ । ଶ୍ୱଶୁରଙ୍କ ଗୃହକୁ ଉତ୍ସବାଦି ଉପଲକ୍ଷରେ ଜାମାତାଙ୍କୁ ନିମନ୍ତ୍ରଣ କରାଯିବା—
Juāiṅ nimantraṇa
জামাই নিমন্ত্রণ 1. Formal invitation of a son-in-law
जमाइका दावत to the house of the bride's father.
[ଦ୍ର—ବିବାହର ଏକବର୍ଷ ମଧ୍ୟରେ ପଡ଼ିବା ଗୁରୁଗୋଷ୍ଠ ପୂର୍ଣ୍ଣିମା, ଯଥା—ପୁଷ୍ୟପୂର୍ଣ୍ଣିମା, ଗହ୍ମାପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା ଓ ସ୍ନାନପୂର୍ଣ୍ଣିମା (ମତାନ୍ତରେ କୁମାରପୂର୍ଣ୍ଣିମା) କୁ ଶ୍ୱଶୁରଘରକୁ ଜୋଇଁ ଡାକରା ହୋଇଯିବାର ପ୍ରଥା ଓଡ଼ିଶାରେ ଚଳେ ।]
୨ । ବିବାହ କରିବା ପାଇଁ ଶ୍ୱଶୁରଙ୍କ ଘରଠାକୁ ସବାହନ ଯିବା ସକାଶେ ବିବାହ ପୂର୍ବେ ଶ୍ୱଶୁରଙ୍କ ନିକଟରୁ ଭାବୀ ଜାମାତାଙ୍କ ନିକଟକୁ ବସ୍ତ୍ର, ମହାପ୍ରସାଦ, ନାରିକେଳ ଓ ସବିଧି ଲେଖ ସହ ପଠାଯିବା ନିମନ୍ତ୍ରଣ—
2. Formal invitation sent to the bridegroom (accompanied with new cloth and formal letter) to attend his marriage ceremony at the father-in-law's house.

ଜୁଆଇଁ ବିଦାକି—ଦେ. ବି. (ସଂ. ଜାମାତା + ବିଦାୟ)—୧ । ଉତ୍ସବାଦିରେ ନିମନ୍ତ୍ରିତ ହୋଇ ଆସିଥିବା ଜାମାତାଙ୍କୁ
Juāiṅ bidāki
ବିଦାୟକାଳୀନ ଦିଆ ଯିବା ଉପହାର, ବସ୍ତ୍ର ଓ ଅର୍ଥାଦି—
1. Money and cloths presented to a son-in-law when he takes leave after attending the father-in-law's house on invitation.
୨ । ବିବାହ ପରେ ଜାମାତାଙ୍କ ସଙ୍ଗେ କନ୍ୟା ଜାମାତାଙ୍କ ଘରକୁ 'ବାହୁଡ଼ା ବରକନ୍ୟା' ହୋଇ ଯିବାବେଳେ ତାଙ୍କ ସଙ୍ଗେ ଦିଆଯିବା ଯୌତୁକ ବା ଉପହାର-ସମ୍ଭାର—
2. Presents accompanying a newly married couple while starting for the bridegroom's home.

ଜୁଆଇଁ ବେଭାର—ଦେ. ବି. (ସଂ. ଜାମାତା + ବ୍ୟବହାର)—ଜାମାତାଙ୍କ
Juāiṅ bebhāra
ଗୃହକୁ ଶ୍ୱଶୁରଗୃହରୁ ଉତ୍ସବାଦି ଉପଲକ୍ଷରେ ପ୍ରେରିତ ଉପଢୌକନ—Presents sent to a son-in-law on special occasions.

ଜୁଆଇଁ ଭୋଜନ—ଦେ. ବି. (ଜାମାତା + ଭୋଜନ)—
Juāiṅ bhojana
୧ । ଜାମାତାଙ୍କୁ ଶ୍ୱଶୁରାଳୟରେ ଦିଆଯିବା
জামাই ভোজন পରିପୂର୍ଣ୍ଣ ଭୋଜନ—1. Entertainment like
जमाइ भोजन that given to a son-in-law in the house of his father-in-law.
୨ । କିଛି କାର୍ଯ୍ୟ ନ କରି (ଶ୍ୱଶୁର ଘରେ ଜୋଇଁ ଭୋଜନ ମାରିବା ପରି) ଅନ୍ୟ ବ୍ୟକ୍ତିର ଗୃହରେ ମିଳିବା ଭୋଜନ—2. Getting food at another's house without doing any work (like a son-in-law at the house of his father-in-law).

ଜୁଆଇଁ ମର୍ଯ୍ୟାଦା—ଦେ. ବି. (ସଂ. ଜାମାତା + ମର୍ଯ୍ୟାଦା)—
Juāiṅ marjyādā
୧ । ଜୁଆଇଁଙ୍କୁ ଶ୍ୱଶୁରଘରେ ପ୍ରଦର୍ଶିତ ସମ୍ମାନ—
1. Honour shown to a son-in-law at the father-in-law's house.
୨ । ଶ୍ୱଶୁରଗୃହର ଉତ୍ସବାଦି ଉପଲକ୍ଷରେ କିମ୍ବା ପର୍ବୋପଲକ୍ଷରେ କିମ୍ବା ଶ୍ୱଶୁର ଘରକୁ ନିମନ୍ତ୍ରିତ ହୋଇ ଆସିଥିବା ଜାମାତାଙ୍କୁ ଉପହାର ଦିଆଯିବା ଲୁଗା—
2. Cloth presented to a son-in-law on occasions of special festivals when he attends the father-in-law's house on special invitation.

ଜୁଆଇବା—ଦେ. କ୍ରି—୧ । ତେଲ ବା ଘିଅ ଆଦି ରଖିବା ଦ୍ୱାରା ହାଣ୍ଡି
Juāibā
ଘଡ଼ି ଆଦି ମୃତ୍ପାତ୍ରକୁ ସଜ୍ଜ କରିବା—
1. To season earthen pots by keeping oil, ghee etc. in them.
୨ । ଆମ୍ବୁଲ, ଅଗୁର ଓ ତେନ୍ତୁଳ ଆଦିରେ ମସଲା ଓ ତେଲ ଆଦି ଦେଇ ମୁଖରୋଚକ କରିବା—2. To season pickles with spice, oil etc.
ପ୍ରାଦେ. (ଗଡ଼ଜାତ) କ୍ରି—କାଠର ବେଣ୍ଟ ଆଦିର ମୂଳରେ କଣା କରି ସେ କଣାରେ ଜଉ ଦେଇ ଶସ୍ତ୍ରର ମୂଳକୁ ବସାଇ ଦେବା—To set the butt-end of the blade of a knife or bill-hook into the wooden handle.

ଜୁଆଁଇଁ(ଇତ୍ୟାଦି)—ଦେ. ବି—ଜୁଆଇଁ ଇତ୍ୟାଦି (ଦେଖ)
Juāṅiṅ (etc) Juāiṅ etc (See)

ଜୁଆଁଣିଆ ଘାସ—ଦେ. ବି. (ନାମ)—
Juāṅṇiā ghāsa
ଏକ ପ୍ରକାର ମୋଟ ଓ କରଡ଼ା ଘାସ—
A kind of coarse and tough grass
ବୁଢ଼ା ବଳଦକୁ ଜୁଆଁଣିଆ ଘାସ
ଖାଉ କି ନ ଖାଉ ମେଲ ଦେଇ ଆସ । ଢଗ ।
[ଦ୍ର—ଏହା ପାଣି ପାଖରେ ଓ ସନ୍ତସନ୍ତିଆ ଜାଗାରେ ଉଠେ । ଏଥିରେ ଜୁଆଁଣି ପରି ଫଳ ହୁଏ ।]

ଜୁଆଁଳା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଯାମଳ; ଯମଜ)—
Juāṅlā
ଜାଆଁଳା; ଯମଜ—
Twin; born together.

ଜୁଆଁଳ ଜିଆଁ—ପ୍ରାଦେ. (ସମ୍ବଲପୁର) ବି—
Juāṅlā jiāṅ
ଯମଜ ସନ୍ତାନ; ଯାଆଁଳା ପିଲା—Twins.

ଜୁଆଖିଲ—ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି. (ସଂ. ଯୁଗକୀଲକ)—
Juā-khila
ଶଗଡ଼ର ବାଙ୍କୁଲି—The pins attached to the ends of a yoke.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍ଯ	ଉଅ	ଣ୍ଣ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଢ଼	ନ୍

ଜୁଆଖେଳା—ଦେ. ବି. (ସଂ. ଦ୍ୟୂତ ଓ ଖେଳ)—ଦ୍ୟୂତକ୍ରୀଡ଼ା—
Juā-khelā Play at gambling; gambling.
(ଜୁଆଖେଳ—ଅନ୍ୟରୂପ) ଭୂମିର ଶୁଣି କରୁ ଜୁଆ ଖେଳା ପାଠ ।
জুআখেলা କୃଷ୍ଣସିଂହ, ମହାଭାରତ, ବନ ।
जुआखेल

ଜୁଆଙ୍ଗ—ଦେ. ବି—୧ । ପତ୍ରଶବର; ପାତୁଆ; ଓଡ଼ିଶାର ଆଦିମ
Juāṅga ଅଧିବାସୀବିଶେଷ; ଓଡ଼ିଶା ଗଡ଼ଜାତର
জুয়াঙ্গ ପାର୍ବତ୍ୟ ଜାତିବିଶେଷ—1. A wild
जुयाङ्ग tribe inhabiting the forests of the Orissa States.

[ଦ୍ର—ପିଅରମୋହନଙ୍କ ଓଡ଼ିଶାର ଇତିହାସରେ ଓଡ଼ିଶାର ଆଦିମ ଅଧିବାସୀମାନଙ୍କୁ ୩ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି ।

୧—ଯେଉଁମାନେ ଭାରତର ଉତ୍ତରପୂର୍ବ କୋଣ ବାଟେ ଭାରତକୁ ଆସିଥିଲେ, ଯଥା—କୋଲ ବା କୋହ୍ଲ, ମୁଣ୍ଡା କୋଲ, ଖାରଆ, ପୂରାଣ, ଭୂମିଜ ବା ଭୂୟାଁ ଓ ସାନ୍ତାଳ ପ୍ରଭୃତି ।

୨ । ଯେଉଁମାନେ ଭାରତର ଉତ୍ତରପଶ୍ଚିମ କୋଣ ବାଟେ ଆସିଥିଲେ, ଯଥା—କନ୍ଧ, ଗଣ୍ଡ, ଝୋରାଗଣ୍ଡ, ଧାରୁଆଗଣ୍ଡ, ସାଓରା, ଜୁଆଙ୍ଗ, ତାଣ୍ଡ ବା ତଉଁଳା, ପାତୁଆ, ପତରଶବର, ମାଳଶବର, ସଉରା ଓ ଧାଙ୍ଗ ପ୍ରଭୃତି ।

୩—ଯେଉଁମାନେ ହିନ୍ଦୁ ସମାଜର ଅସ୍ପୃଶ୍ୟ ଓ ସେବକ ରୂପେ ହିନ୍ଦୁମାନଙ୍କ ଆଶ୍ରୟ ଧରି ରହିଲେ । କଣ୍ଡରା, କନ୍ଦଲ, ଖଇରା, ଦୁଦ୍‌ରଆ, ଚମାର, ଡମ, ପାଣ, ବାଉରି, ବାଘୁଡ଼ି, ଶିଆଳ, ଭୂୟାଁ ଓ ହାଡ଼ି ବା ମେହେନ୍ତର ।

ଜୁଆଙ୍ଗମାନଙ୍କ ମଧ୍ୟରେ ଅବଧି ସ୍ତ୍ରୀମାନେ କେବଳ ପତ୍ର ପିନ୍ଧି ଲଜ୍ଜା ନିବାରଣ କରିବା ପ୍ରଥା ଢେଙ୍କାନାଳ, କେନ୍ଦୁଝର ଓ ହିନ୍ଦୋଳରେ ଦେଖାଯାଏ ।]

୨ । ମୁଣ୍ଡା ଜାତି ବା ଜୁଆଙ୍ଗ ଜାତିର ଭାଷା—
2. Languages of the Juāṅgas or Muṇḍās.

ଜୁଆଚୋର—ଦେ. ବି. (ଗାଳି) (ସଂ. ଦ୍ୟୂତ+ଚୌର)—
Juā-chora ୧ । ଜୁଆ ଖେଳାଳି—1. Gambler.
জুয়াচোর, জুচ্চোর ୨ । ଜୁଆ ଖେଳରେ ଯେ ଠକାଏ—
जुआचोर 2. A person who swindles by gambling.
ଦେ. ବିଣ—ପ୍ରତାରକ; ଧପାବାଜ; ଠକ—
Cheating; fraudulent; deceitful.

ଜୁଆଚୋରି—ଦେ. ବି—ପ୍ରବଞ୍ଚନା; ଶଠତା; ପ୍ରତାରଣା—
Juā-chori Swindling; cheating.
জুয়াচুরি,জুচ্চুরি
जुआचोरि

ଜୁଆଣ—ଗ୍ରା. ବିଣ ଓ ବି—ଜୁଆନ୍ (ଦେଖ)
Juāṇa Juān (See)

ଜୁଆଣ ପାଣି—ପ୍ରାଦେ. (କଟକ) ବି—ମନ୍ତ୍ରପୂତ ଜଳ; ଫଳପାଣି—
Juāṇa pāṇi Consecrated water sprinkled over fruit-trees with a view to make them very fruitful.

ଜୁଆଣିଆ—ଦେ. ବି—୧ । ବଲ ଜୁଆଣୀ;ଶସ୍ୟକ୍ଷେତ୍ରରେ ହେବା ତୃଣବିଶେଷ·
Juāṇiā 1. A kind of weed growing in cornfields.
୨ । ଜୁଆଁଣିଆ ଘାସ (ଦେଖ)
2. Juāṅṇiā ghāsa (See)

ଜୁଆଣୀ—ଦେ· ବି. (ସଂ. ଯବାନୀ; ଯିମାନୀ)—
Juāṇī ସୁଗନ୍ଧ ମସଲାବିଶେଷ; ଧାନ୍ୟାଦି ବର୍ଗର କ୍ଷୁଦ୍ର-
ସଂ. ଦୀପନୀ, ବାତାରି, ଜାତ ଶାକବିଶେଷର ଫଳ—A kind
ଶୂଳହନ୍ତ୍ରୀ, ଯବାନୀ, ଯମାନୀ of seed used as condiment;
জোয়ান্ caraway seed; Carum Copticum
अजवान, अजवाइन, Ajowan.
अजोआन [ଦ୍ର—ଏଥିରୁ ତୈଲ ଓ ଅର୍କ ତିଆରି ହୁଏ, ଏହା
ତେ. ଓମମୁ ଔଷଧରେ ବ୍ୟବହୃତ ହୁଏ । ଏହା ଖୁବ୍ ଗାର୍ମିକର ।]

ଜୁଆଣୀ ଅରକ—ଦେ. ବି—ଜୁଆଣୀରୁ ବୈଜ୍ଞାନିକ ପ୍ରକ୍ରିୟାରେ ପ୍ରସ୍ତୁତ
Juāṇī araka ନିର୍ଯ୍ୟାସ—Essence destilled from
জোয়ান আরক caraway seeds.
अजवाइन का आरक

ଜୁଆଦ—ଦେ. ବି—ମୃଗବିଶେଷ—
Juāda A kind of deer.

ଜୁଆନ୍—ଦେ. ବିଣ.—(ସଂ. ଯୁବା; ଯୌବନ; ଫା. ଜବାନ୍)—
Juān ୧ । ଯୁବା; ଯୁବକ—1. Young.
জোয়ান্ ୨ । ପରିଣତବୟସ୍କ—
जवान 2. Adult.
ବି—୧ । ଯୁବକ—1. Young person.
୨ । ଯୁବକ ଓ ବଳିଷ୍ଠ ବ୍ୟକ୍ତି—2. Young and strong person.

ଜୁଆନ୍ ବୟସ—ଦେ. ବି. (ସଂ. ଯୁବା ଓ ବୟସ)—ଯୌବନ—
Juān bayasa Youth.
জোয়ান্ বয়স
जवानि

ଜୁଆନ୍ ମର୍ଦ୍ଦ—ଦେ. ବି.—ବଳିଷ୍ଠ ଯୁବା ପୁରୁଷ; ସୁନ୍ଦର ହୃଷ୍ଟପୁଷ୍ଟ
Juān mardda ଯୁବକ—A strong and stout youth.
জোয়ান্ মর্দ
जवान मर्द
(ଜୁଆନ୍ ମରଦ—ଅନ୍ୟରୂପ)

ଜୁଆନ୍‌ଜବର୍—ଦେ. ବିଣ. (ଜାହାଜିଆ ଭାଷା)—ଯୁବା ଓ ବଳିଷ୍ଠ—
Juān-jabar Young and strong.
জোয়ান জবর ଚଣ୍ଡେଲ—ଜୁଆନଜବର; ଶଲ୍ପସି—ଏଁ, ଯୁଁ । ।
जवानजबर ଫକୀରମୋହନ· ଗଳ୍ପସ୍ୱଳ୍ପ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଥ' ନ ମିଳିଲେ 'କୃଷ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ ।

ଜୁଆଣି—ପ୍ରା. ବିଣ ଓ ବି.—ଜୁଆନ୍ (ଦେଖ)
Juāni — Juān (See)

ଜୁଆଣିଆ—ଦେ. ବି.—ଜୁଆଣିଆ (ଦେଖ)
Juāniā — Juāṇiā (See)
(ଜୁଆଣିଆଁ—ଅନ୍ୟରୂପ)

ଜୁଆର—ଦେ. ବି. (ସଂ. ଜଳବାର)—୧ । ସମୁଦ୍ରର ଜଳବୃଦ୍ଧି ବା ଜଳ-
Juāra ସ୍ଫୀତି; ସମୁଦ୍ରର ଜଳୋଚ୍ଛ୍ୱାସ—
জোয়ার, জুয়ার 1. Flowtide; floodtide.
ज्वार ୨ । ସମୁଦ୍ରର ଜଳସ୍ଫୀତି ଯୋଗୁଁ ନଦୀର ଉଜାଣି ପ୍ରବାହ-
(ଭଟ୍ଟା—ବିପରୀତ) ବୃଦ୍ଧି—2. Flowtide entering a river.
୩ । ପାଣି ବଢ଼ି—3. Flood or flow of water.

[ଦ୍ର—ସମୁଦ୍ରର ଜଳ ତିଥି ଅନୁସାରେ ନିର୍ଦ୍ଦିଷ୍ଟ ସମୟରେ ଫୁଲି ଉଠେ ଓ ଖସି ପଡ଼େ । ପୂର୍ଣ୍ଣିମା ଓ ଅମାବାସ୍ୟାର ପୂର୍ଣ୍ଣ ଜୁଆରକୁ ଭରିଆ ଜୁଆର (Flowtide) ଓ ପକ୍ଷର ମଝିର (ସପ୍ତମୀ ଓ ଅଷ୍ଟମୀର) ସାମାନ୍ୟ ଜୁଆରକୁ ପଡ଼ିଆ ଜୁଆର (Ebbtide) କୁହାଯାଏ । ପଣ୍ଡିତ-ମାନେ ସ୍ଥିର କରି ଅଛନ୍ତି ଯେ ଚନ୍ଦ୍ରଙ୍କ ହ୍ରାସବୃଦ୍ଧି ସଙ୍ଗେ ସମୁଦ୍ରର ଜୁଆରର ସମ୍ପର୍କ ଅଛି, ଏମନ୍ତ କି, ଜଳରାଶିର ମଧ୍ୟ ସମ୍ପର୍କ ଅଛି । ମନୁଷ୍ୟ ଦେହରେ ଥିବା ଜଳ ବା ରସ ମଧ୍ୟ ଚନ୍ଦ୍ରଙ୍କ ହ୍ରାସବୃଦ୍ଧିଦ୍ୱାରା ନିୟନ୍ତ୍ରିତ ହୁଏ ଓ ଅମାବାସ୍ୟା, ପୂର୍ଣ୍ଣିମା ଆଦିରେ ମନୁଷ୍ୟ ଦେହରେ ରସାଧିକ୍ୟ ହୋଇ ବାତଜ୍ୱର ଓ କଫଖଡ଼ା ଆଦି ହୁଏ; ଏଥିପାଇଁ ହିନ୍ଦୁମାନେ ଉପବାସ ପାଳନର ବ୍ୟବସ୍ଥା କରିଥିବାର ଅନୁମିତ ହୁଏ ।]

୪ । (ସଂ. ଯାବାନଳ) ବାଜରା ଶସ୍ୟ; ଭୂଟ୍ଟା; ଧାନ୍ୟାଦି ବର୍ଗର
জোয়ার, জুয়ার କୃଷିଜାତ ଶସ୍ୟବିଶେଷ—4. Indian or great
ज्वार millet; Sorghum Vulgare.

[ଦ୍ର—ଏ ଗଛ ଆଖୁ ଗଛ ପରି ବଢ଼େ, ଏଥିର ନଡ଼ା ଲମ୍ବା ଓ ସିଧା; ପେଣ୍ଡା ପେଣ୍ଡା ହୋଇ ଅଗରେ କେଣ୍ଡାମାନ ଧରେ । ଭାରତର ଉତ୍ତର-ପଶ୍ଚିମ ପ୍ରଦେଶମାନଙ୍କରେ, ପଞ୍ଜାବ, ବୋମ୍ବାଇ ଓ ମାନ୍ଦ୍ରାଜ ଅଞ୍ଚଳରେ ଏହାର ଚାଷ ହୁଏ । ଏହା ସେ ଅଞ୍ଚଳରେ ମନୁଷ୍ୟମାନଙ୍କର ଗୋଟିଏ ପ୍ରଧାନ ଖାଦ୍ୟ । ଏହା ବର୍ଷା ଓ ଶୀତ ଋତୁରେ ଫଳେ ।]

୫ । (ସଂ. ଦ୍ୟୂତ) ଜୁଆର; ଜୁଆ ଖେଳାଳି—
5. Gamester; gambler.

ଜୁଆରଭଟ୍ଟା(ଟ୍ଟା)—ଦେ. ବି. (ବିପରୀତ ସହଚର)—ସମୁଦ୍ରର ସ୍ଫୀତି ଓ
Juāra-bhaṭā (ṭṭā) ସ୍ଫୀତିର ହ୍ରାସ—
জোয়ারভাটা Flow and ebb of the sea.
ज्वारभटा
ଖେଳାଉ ଜୀବନ ଜଳଧିରେ ସୁଖ ଦୁଃଖର ଜୁଆରଭଟ୍ଟା ।
ରାଧାନାଥ: ଯଯାତି ।

ଜୁଆରା—ଦେ. ବି.—ଜୁଆର ୪ (ଦେଖ)
Juārā — Juāra 4. (See)
ପ୍ରାଦେ. (ସିଂହଭୂମ) ବି.—ମକ୍କା; ମକା—Maize; Indian corn; Tea Mays. (Haines)

ଜୁଆରିଆ—ଦେ. ବିଣ.—ଜୁଆରୀ (ଦେଖ)
Juāriā — Juārī (See)

ଜୁଆରିବା—ଦେ. କି.—(ମାଛସାହାଣ) ମହା ଧରି ନଈ ମୁହାଣକୁ ଆସିବା—
Juāribā (shoals of fish) To proceed to the mouth of a river.

ଜୁଆରୀ—ଦେ. ବି. (ସଂ. ଦ୍ୟୂତରତ)—ଜୁଆଖେଳାଳି; ଦ୍ୟୂତକାର—
Juārī Gambler; gamester.
জুয়ারী ପୁଂଶ୍ଚଳୀ ନାରୀ ନଗର ରକ୍ଷକ ଜନ,
जुआरी ପରବେତ୍ତ ଭାଟ ସେ ଜୁଆରୀର ଅନ୍ନ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଦେ. ବିଣ.—୧ । ଦ୍ୟୂତକ୍ରୀଡ଼ାରତ—
1. Addicted to gambling.
୨ । ଯେଉଁ ନଦୀ ଭିତରକୁ ଜୁଆର ପାଣି ମାଡ଼େ—
2. Tidal; (river) visited by flowtide.

ଜୁଆଳକଣ୍ଟିଆ—ଦେ. ବିଣ.—ଯେଉଁ ବଳଦ ଜୁଆଳରୁ ଫିଟିଲେ ଆଉ
Juāḷakaṇṭiā ଧରା ଦିଏ ନାହିଁ—(a bullock) Which runs away after it is unyoked.

ଜୁଆଳି—ଦେ. ବି. (ସଂ. ଯୁଗ)—୧ । ରଥ, ଲଙ୍ଗଳ ଓ ଶଗଡ଼ର
Juāḷi ଯେଉଁ ଦଣ୍ଡ ବଳଦ ବା ଘୋଡ଼ାଙ୍କ କାନ୍ଧରେ ରହେ—
জুআল, জুয়াল, জোয়াল 1. Yoke of a cart or plough.
जुआ; जूहड़
ଉତ୍ତର-ମଧ୍ୟ ସେହି ଶଙ୍କରଙ୍କ ଠାଣେ,
ଧରି ଘୋଡ଼ା ଜୁଆଳୀ ଝୁମି ଗଲେ କ୍ଷଣେ ।
କୃଷ୍ଣସିଂହ. ମହାଭାରତ ବନ ।

[ଦ୍ର—ଶଗଡ଼ର ଜୁଆଳର ଦୁଇ ମୁଣ୍ଡରେ କଣା ହୋଇ ଯେଉଁ ଦୁଇଟା କାଠ ଖିଲ ଦୁଇଖଣ୍ଡି ସେ କଣାରେ ଗଳା ଯାଇ ବଳଦଙ୍କ କାନ୍ଧକୁ ଅଟକା ଯାଏ ତାକୁ ବାଉଁଲ କହନ୍ତି ।

ଲଙ୍ଗଳର ଜୁଆଳର ଦୁଇ ମୁଣ୍ଡରେ ତଳଆଡ଼ୁ ଯେଉଁ ଖିଲ ଦୁଇ ଖଣ୍ଡ ସ୍ଥାୟୀରୂପେ ସଂଯୁକ୍ତ ହୋଇଥାଏ ଓ ଯହିଁରେ ଖାଡ଼ଯୋତ ଗଳାଯାଇ ବଳଦଙ୍କ ବେକ ବନ୍ଧା ହୁଏ ତାକୁ 'ଖୋଉଲ' 'ଖଅଲ' ଓ ଯାଜପୁର ଅଞ୍ଚଳରେ 'ଖଇଲ' (ସଂ. ଶଲ୍ୟ) ଏବଂ ଗଞ୍ଜାମରେ 'ଜୁଆଳଡାଳା' ବୋଲାଯାଏ ।

ଜୁଆଳ ମଝିରେ ଲଙ୍ଗଳର ଈଶକୁ ଅଟକାଇବା ପାଇଁ ଥିବା ଫାଶଦିଆ ଛୋଟ ଦଉଡ଼ିକୁ 'ଅଳ' ବା 'ଅଳ ଜୋତି' ବୋଲା ଯାଏ ଓ ଯେଉଁ ବଡ଼ ଦଉଡ଼ାରେ ଈଶ ଜୁଆଳ ସଙ୍ଗେ ଭିଡ଼ା ହୋଇ ବନ୍ଧା ଯାଏ ତାକୁ ଲଙ୍ଗଳ ଦଉଡ଼ା କହନ୍ତି ।]

୨ । (ଲକ୍ଷଣାର୍ଥ) ମନୁଷ୍ୟର କୌଣସି ବନ୍ଧନ—
2. (figurative) Any tie with which a person is bound down.

ଜୁଆଳି ଖିଲା—ପ୍ରାଦେ. (ଗଞ୍ଜାମ) ବି. (ସଂ. ଯୁଗ ଓ କୀଳକରୁ)—
Juāḷi-kiḷā ଜୁଆଳର ଦୁଇ ମୁଣ୍ଡରେ ବଳଦଙ୍କୁ ଅଟକାଇବା ପାଇଁ ମରା ଯାଇଥିବା ଖିଲ—The pins put to the ends of a yoke.

୧	ଇ	ଈ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଗ୍ନ	ଢ଼ଅ	ଢ
୨	ଢ଼	ଊ	ଋ	ଌ	ସ୍ନେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଥ	ଙ	ଢ଼

ଜୁଆଳି ପଡ଼ିବା (ବେକରେ)—ଦେ. ବ. (ଲକ୍ଷଣାର୍ଥ)—୧ । ମନୁଷ୍ୟ
Juāli pardibā କୌଣସି ବନ୍ଧନରେ ବା ଗୁରୁତର କାର୍ଯ୍ୟରେ
(ଜୁଆଳ ବନ୍ଧା ହେବା—ଅନ୍ୟରୂପ) ନିଯୋଜିତ ହେବା—
1. (figuraive) Being yoked to some difficult task or duty.
(ଯଥା—ବେଶ୍, ବର୍ତ୍ତମାନ ତା ବେକରେ ଜୁଆଳ ପଡ଼ିଲା; ଏଣିକି ଏହାକୁ ନ କର ସେ ଯାଉଛି କେଣେ ?)
୨ । ବିବାହ ବନ୍ଧନରେ ଆବଦ୍ଧ ହେବା—
2. Being bound with marriage bond.
୩ । କୌଣସି ସାଂସାରିକ ବା ପାରିବାରିକ ବନ୍ଧନରେ ଅବଦ୍ଧ ହେବା—3. Being yoked to worldly ties or family-responsibilities.
(ଯଥା—ବାପା ମରିବାରୁ ଏଥର ତା ବେକରେ ଜୁଆଳ ପଡ଼ିଲାଣି, ସେ ଘରଦ୍ୱାର କଥା ନ ବୁଝି ଆଉ ଯାଉଛି କେତେବେଳେ ?)

ଜୁଆ ଶକଟା—ଦେ. ବ. (ସହଚର)—ଜୁଆ ଖେଳ ଓ ଶକଟା ବା
Juā śakatā ଗଞ୍ଜପା—Gambling and another hazard-play at cards.

ଜୁଆ ଶକଟା ପାସା ରଙ୍ଗ
ପଣା ନ୍ୟାସ୍ୟବଳ ବେଶ୍ୟା ସଙ୍ଗ
ଏ ଛଅରସରେ ମାତେ ଯିଏ
ହେଳେ ମର ଥାକର ଖାଏ—ତଗ ।

ଜୁଇ—ଦେ. ବ. (ସଂ. ଯୂଥି; ଯୂଥିକ)—୧ । ଯଇ (ଦେଖ)
Ju-i 1. Jūi (See)
ଜୁଈ; ଜୁଇଁ ୨ । (ସଂ. ଜ୍ୱୋଳ) ନିଆଁ—2. Fire.
ଜୁଇ ୩ । ଶବଦାହ ନିମନ୍ତେ ପ୍ରସ୍ତୁତ ଅଗ୍ନି; ଚିତାଗ୍ନି—
3. Fire for burning a dead body; cremation-fire.
୪ । ଯେଉଁ ଗର୍ତ୍ତରେ ଶବଦାହ ନିମିତ୍ତ ଚିତା ପ୍ରସ୍ତୁତ ହୁଏ—
4. The pit over which funeral pile is set up.
୫ । ଏକପ୍ରକାର କ୍ଷୁଦ୍ର ପକ୍ଷୀ—5. A kind of small bird.
୬ । (ସଂ. ଜୀବକ) କ୍ଷୁଦ୍ର ଔଷଧବୃକ୍ଷବିଶେଷ—
6. A medicinal plant.

ଜୁଇଁ—ପ୍ରାଦେ. (ବାଲେଶ୍ୱର) ବ. (ସଂ. ଜାମାତା) (କେଁ ସ୍ଥାନରେ
Juiñ ଜ ଉଚ୍ଚାରଣ)—ଜୋଇଁ; ଜାମାତା—Son-in-law.

ଜୁଇଗାଡ଼—ଗ୍ରା. ବ—ଯେଉଁ ଗାତରେ ଚିତାଗ୍ନି ଜଳେ—The hole
Jui-gārda dug in the ground over which fire is lighted to burn dead bodies.

ଜୁଇଗାତ—ଦେ. ବ—ଜୁଇଗାଡ଼ (ଦେଖ)
Jui-gāta Jui-gārda (See)

ଜୁଇନ୍—ପ୍ରାଦେ. (ସମ୍ବଲପୁର) ବ. (ସଂ. ଜ୍ୱୋଳ)—ନିଆଁ; ଅଗ୍ନି—
Juin Fire.

ଜୁଇବା—ଦେ. କ୍ରି—ଜୁଆଇବା (ଦେଖ)
Juibā Juā-ibā (See)

ଜୁଉଲି—ଦେ. ବ—ଜୋଅଳ; ଜଅଳ; ଜୋହଲ; ଲଙ୍ଗଳମୁଣ୍ଡାରେ
Ju-uli ଲଙ୍ଗଳ-ଲୁହା ରହିବା ପାଇଁ ଖୋଳା ହୋଇଥିବା ଘଗ ଉପରେ ମରା ଯାଇଥିବା '⌐¬' ଏହି ଆକାରର ଲୁହାର ଖିଲ—Nail hooked at both ends and thrust into the blade of the plough over the groove into which the plough-iron in thrust.

ଜୁଏଇବା—ଦେ. କ୍ରି—ଜୁଆଇବା (ଦେଖ)
Jue-ibā Juā-ibā (See)

ଜୁଏଲ୍—ବୈଦେ. ବ. (ଇଂ. ଜ୍ୟୁଏଲ୍)—୧ । ମଣିମୁକ୍ତାଦି ପଥର—
Juel 1. Jewel.
ଜୁୟେଲ ୨ । ଘଡ଼ିର ଘଣ୍ଟା ବା ଷ୍ଟାର୍ ଚକମାନଙ୍କ ଅକ୍ଷ ଘରିବା
ज्युवेल पାଇଁ ଅକ୍ଷର ଦୁଇ ମୁଣ୍ଡରେ ଥିବା କ୍ଷୁଦ୍ର ପ୍ରସ୍ତରଖଣ୍ଡ—
2. Jewel of a watch.

ଜୁଏଲର୍—ବୈଦେ. ବ. (ଇଂ. ଜ୍ୟୁଏଲର୍)—ଜହୁରୀ; ମଣିମୁକ୍ତା ଓ
Juelar ଅଲଙ୍କାର ବ୍ୟବସାୟୀ—A jeweller.
ଜୁୟେଲାର
ज्युवेलार

ଜୁକ୍‌ଜୁକ୍—ଦେ. ଅ—୧ । ସାମାନ୍ୟ ଆଲୋକ ସହିତ ଜକ୍‌ଜକ୍ ଦେଖା
Juk juk ଯିବା—1. Twinkling of small bright things.
ঝিকঝিক
झिलमिल; जुगजुग ୨ । ଅଳ୍ପ ଅଳ୍ପ ହୋଇ ଅଗ୍ନି ଜଳିବା—
(ଜୁକୁଜୁକୁ—ଅନ୍ୟରୂପ) 2. Flickering of fire.

ଜୁକ—ପ୍ରାଦେ. (ବାଲେଶ୍ୱର) ବ—(ଜୋ ସ୍ଥାନରେ ଜୁ ଉଚ୍ଚାରଣ)
Juka ଜୋକ—Leech.

ଜୁକୁଜୁକିଆ—ଦେ. ଣ—ଅଳ୍ପ ସାମାନ୍ୟ ପାଣି ଥିବା (ମାଟି ବା ଭୂଅଣ)—
Juku-jukiā Slightly watery; moist.
ভিজা
गीला
(ଜୁକ୍‌ଜୁକିଆ—ଅନ୍ୟରୂପ)

ଜୁଖ୍—ପ୍ରାଦେ. (ସମ୍ବଲପୁର) ବ. (ସଂ. ଯୁଜ୍ ଧାତୁ = ଯୁକ୍ତ ହେବା; କିମ୍ବା
Jukh ସଂ. ଜୁଷ୍ ଧାତୁ = ପରିତର୍କଣ, ଅଣସ୍ତି; ଭୁଲ. ଏହି ଅର୍ଥରେ ବଂ. ଜୁଖ୍; ଜୁଁଖ୍; ହି. ଜୋଖ୍)—
୧ । ଓଜନ—1. Weighment.
୨ । ଓଜନ—2. Weight.

ଜୁଖିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଯୁଜ ଧାତୁ; କିମ୍ବା ଜୁଷ ଧାତୁ
Jukh-bā ଭୁଲ. ଏହି ଅର୍ଥରେ ବ. ଜୁଖା; ଜୁଁଖା ଓ ହି.
(ଜୁଖିବା—ଅନ୍ୟରୂପ) ଜୋଖ୍‌ନା)—ଓଜନିବା; ତୁଳିବା; ଓଜନ କରିବା—To weigh.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳେ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଜାଇ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜୁଖା—ପ୍ରାଦେ. (ଅଠମଲ୍ଲିକ) ବି—ଜାଉ—
Jukhā — Gruel.

ଜୁଗ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି—ଜଗିବା (ଦେଖ)
Jug-bā — Jugibā (See)

ଜୁଗାଜୋଗ—ପ୍ରାଦେ. (ବାଲେଶ୍ୱର) ବି. (ସଂ. ଯୋଗ+ଅଯୋଗ)—
Jugājoga — ଯୋଗାଯୋଗ (ଦେଖ) Jogājoga (See)

ଜୁଗାଲି—ପ୍ରାଦେ. (ସମ୍ବଲପୁର) ବି—ଜଗୁଆଳ; ଜଗିଥା—
Jugāli — Watchman; guard.

ଜୁଗିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜଗିବା (ଦେଖ)
Jugibā — Jāgibā (See)

ଜୁଗୁଆ—ପ୍ରାଦେ. (ସମ୍ବଲପୁର) ବି—ଜୁଗାଲି (ଦେଖ)
Juguā — Jugāli (See)

ଜୁଗୁପ୍ସକ—ସଂ. ବିଣ. ପୁଂ (ଗୁପ୍ ଧାତୁ ନିନ୍ଦାକରିବା + ସ୍ୱାର୍ଥେ ସନ୍ + ଅକ)—
Jugupsaka — ୧ । ନିନ୍ଦାକାରୀ; କୁତ୍ସାକାରୀ—
(ଜୁଗୁପ୍ସିକା—ସ୍ତ୍ରୀ) 1. Speaking evil of another; blaspheming.
୨ । ଘୃଣାକାରୀ—2. Detesting.

ଜୁଗୁପ୍ସନ—ସଂ. ବି. (ଗୁପ୍ ଧାତୁ ନିନ୍ଦା କରିବା + ସ୍ୱାର୍ଥେ ସନ୍ + ଭାବ. ଅନ)—
Jugupsana — ୧ । କୁତ୍ସା; ନିନ୍ଦା—1. Blaming; speaking evil of another; blaspheming.
୨ । ଘୃଣାକରିବା—2. Hating.
୩ । ଅପବାଦ—3. Defamation.

ଜୁଗୁପ୍ସା—ସଂ. ବି. (ଗୁପ୍ ଧାତୁ ନିନ୍ଦା କରିବା + ସ୍ୱାର୍ଥେ ସନ୍ + ଭାବେ ଅ + ଆ)—ଜୁଗୁପ୍ସନ (ଦେଖ)
Jugupsā — Jugupsana (See)

ଜୁଗୁପ୍ସିତ—ସଂ. ବିଣ. (ଗୁପ୍ ଧାତୁ ନିନ୍ଦା କରିବା + ସ୍ୱାର୍ଥେ ସନ୍ + କର୍ମ. ତ)-
Jugupsita — ୧ । ନିନ୍ଦିତ—1. Slandered.
୨ । ଯାହାକୁ ଅପବାଦ ଦିଆଯାଇ ଥାଏ— 2. Defamed.
୩ । ଘୃଣିତ—3. Hated.

ଜୁଗୁଲି—ପ୍ରାଦେ. (ଅଙ୍ଗ) ବି—ଜୁଉଲି (ଦେଖ)
Juguli — Ju-uli (See)

ଜୁଗୋପିଷା—ସଂ. ବି. (ଗୁପ୍ ଧାତୁ = ଗୋପନ କରିବା + ଇଚ୍ଛାର୍ଥେ ସନ୍ + ଭାବ. ଅ + ଆ)—
Jugophishā
(ଜୁଗୋପିଷୁ—ବିଣ) ଗୋପନ କରିବାର ଇଚ୍ଛା— A desire to conceal.

ଜୁଜ୍—ବୈଦେ. ବି. (ଫା. ଜୁଜ୍) (ଛାପାଖାନାରେ ବ୍ୟବହୃତ ଶବ୍ଦ)—
Juj — ଫରମା; ୪, ୮, ୧୨ ବା ୧୬ ପୃଷ୍ଠାରେ ଭଙ୍ଗା ହୋଇଥିବା କାଗଜର ଫର୍ଦ୍ଦ—(a term used by printers) Form; one sheet of paper folded into 4, 8, 12 or 16 pages.
ଜୁଜ
জুজ

ଜୁଜ୍‌ବନ୍ଦି—ବୈଦେ. ବି. (ଫା) (ଛାପାଖାନାରେ ବ୍ୟବହୃତ ଶବ୍ଦ)—
Juj-bandi — ଏକ ଫରଦ କାଗଜ ୪, ୮, ୧୨ ବା ୧୬ ପୃଷ୍ଠାରେ ଭଙ୍ଗା ହୋଇ ଏହିପରି ଅନେକଖଣ୍ଡ ଏ ଫରମାର ଏକତ୍ର ସିଲାଇ—(a term used by printers) Bound in forms of 4, 8, 12 or 16 pages
जुजबन्दि
জুজবন্দী

ଜୁଜେଷ୍ଟି—ଗ୍ରା. ବି. (ନାମ) (ସଂ. ଯୁଧିଷ୍ଠିର)—ଯୁଧିଷ୍ଠିର (ଦେଖ)
Jujeshti — Judhishthira (See)
जुजेष्टी
জুজেষ্ঠি
(ଯୁଜେଷ୍ଟି, ଯୁଧେଷ୍ଟି—ଅନ୍ୟରୂପ)

ଜୁଜୁ—ଦେ. ବି. (ସଂ. ଜୂଃ=ପିଶାଚୀ)—
Juju — ୧ । (ଶିଶୁଭାଷା) କଳ୍ପିତ ଭୟସଞ୍ଚାରକ ମୂର୍ତ୍ତି; ବୋକମିନା— 1. Imaginary scarecrow; bugbear.
जूजू
୨ । ଭୂତପ୍ରେତାଦି—2. Ghosts.
୩ । ଭୀତି ସଞ୍ଚାରକ ରୂପ— 3. A frightful figure.

ଜୁଝ—ଗ୍ରା. ବି. (ସଂ. ଯୁଦ୍ଧ; ପ୍ରା. ଯୁଜ୍ଝ)—ଯୁଦ୍ଧ—
Jujjha — War; fight.
जुझ
জুজ্ঝ
(ଜୁଝ, ଜୁଝ୍ୟ—ଅନ୍ୟରୂପ)

ଜୁଝା(ଝେ)ଇବା—ଗ୍ରା. କ୍ରି. (ସଂ. ଯୁଦ୍ଧ)—
Jujjhā(jhe)ibā — ୧ । ଅନ୍ୟକୁ ଯୁଦ୍ଧରେ ପ୍ରବର୍ତ୍ତାଇବା— 1. To instigate a person to fight.
जुझान
জুঝানা, জুঝবানা — ୨ । ଜଣଙ୍କ ମଧ୍ୟରେ ଯୁଦ୍ଧ ଲଗାଇ ଦେବା— 2. To cause a fight between two persons.

ଜୁଝିବା—ଗ୍ରା. କ୍ରି. (ସଂ. ଯୁଦ୍ଧ)—ଯୁଦ୍ଧ କରିବା—
Jujjhibā — To fight.
जुझा
জুঝনা
(ଜୁଝିବା—ଅନ୍ୟରୂପ)

ଜୁଟ୍ (ଧାତୁ)—ସଂ—ଏକତ୍ର ହେବା; ମିଳିତ ହେବା; ଯୁକ୍ତ ହେବା—
Juṭ (root) — To be united or gathered up; to be combined.

ଜୁଟ—ସଂ. ବି. (ସଂ. ଯୁକ୍ତ ପ୍ରା. ଜୁତ୍ତ; ସଂ. ଜୁଟ ଧାତୁ)—
Juṭ — ୧ । ଏକତ୍ର ହେବା ଅବସ୍ଥା—The state of being united.
जुट, जोट
জুট — ୨ । ସଙ୍ଘଟ—2. Union; collection.
୩ । ସମ୍ମିଳନ—3. Meeting together.

୪ । ସଙ୍ଗମ—4. Copulation.

୫ । ଯୋଡ଼ା; ଯୁଗ—5. Couple; pair.

୬ । ଦଳ; ମଣ୍ଡଳୀ—6. Company; batch; herd.

ଜୁଟ୍—ବୈଦେ. ବି. (ଇଂ)—ଝୋଟ—Jute; flax.

জুট
जुट

ଦେ. ବିଣ.—୧ । ସମ୍ମିଳିତ—1. Gathered together; united; combined.

জুট, জোট

जुट ୨ । ଦଳବଦ୍ଧ—2. Herded; formed into a party.

ଜୁଟ୍ ଖାଇବା—ଦେ. କ୍ରି. (ସଂ. ଜୁଟ୍ ଧାତୁ)—୧ । ପରସ୍ପର ମିଳିତ ହେବା—1. To meet together; to be united together.

Juṭ khāibā

জুট খাওয়া; জুট লাগা

जुट खाना

(ଜୁଟ୍ ଲଗିବା, ଜୁଟ୍ ହେବା } ଅନ୍ୟରୂପ)

୨ । ପରସ୍ପର ସଙ୍ଗମ କରିବା; ଯୋଡ଼ି ପଡ଼ିବା—2. To copulate; to couple.

୩ । ପରସ୍ପର ସର୍ବତୋଭାବରେ ମେଳ ହେବା; ଅନ୍ୟୋନ୍ୟରେ ସର୍ବତୋଭାବେ ମେଳ ଖାଇବା—3. To coincide with each other; to tally exactly with each other.

ଜୁଟ୍ ଖୁଆଇବା—ଦେ. କ୍ରି—'ଜୁଟ୍ ଖାଇବା'ର ଣିଜନ୍ତ ରୂପ—Causative form of 'Juṭ khāibā'.

Juṭ khuāibā

জুট খাওআন

जुट खिलाना

(ଜୁଟ୍ ଖୋଇବା—ଅନ୍ୟରୂପ)

ଜୁଟ୍ ଫ୍ଲାନେଲ୍—ବୈଦେ. ବି. (ଇଂ. ଜୁଟ୍ ଫ୍ଲାନେଲ୍)—ଝୋଟରେ ବୁଣା ଅଥଚ ପଶମ ପରି ଦେଖାଯାଉଥିବା ଏକପ୍ରକାର ବସ୍ତ୍ର—Jute flannel.

Juṭ phlānel

জুট ফ্লানেল

जुट फुलानयन

(ଜୁଟଫୁଲ୍ଲନଯୂନ୍; ଜୁଟ୍‌ଫୁଲ୍ଲଲେନ୍—ଅନ୍ୟରୂପ)

ଜୁଟ୍ ବାନ୍ଧିବା—ଦେ. କ୍ରି. (ସଂ. ଜୁଟ୍ ଧାତୁ; ସଂ. ଯୁକ୍ତ; ପ୍ରା. ଜୁତ୍ତ; ସଂ. ବନ୍ଧ ଧାତୁ=ବାନ୍ଧିବା)—୧ । ମେଳ ହେବା—1. To form an union.

Juṭ bāndhibā

জুট বাঁধা

जुट बाँधना

୨ । (ବହୁବ୍ୟକ୍ତି) କୌଣସି ଉଦ୍ଦେଶ୍ୟରେ ଦଳ ବାନ୍ଧିବା—2. (many persons) To combine together for any particular purpose.

୩ । ଗୋଟିଏ ଘନସନ୍ନିବେଶରେ ମିଳିତ ହେବା (ଯେପରି କଙ୍କଡ଼ ଓ ସିମେଣ୍ଟକୁ ପାଣିରେ ଗୋଳେଇ ଏକାଠେଇ ଜମେଇ ଦେଲେ କଠିନ ପ୍ରସ୍ତର ପରି ଗୋଟିଏ ଅଖଣ୍ଡ ଜିନିଷ ହୋଇଯାଏ)—3. To form into a compact mass.

ଜୁଟ୍ ଲଗା(ଗେ)ଇବା—ଦେ. କ୍ରି—'ଜୁଟ୍ ଲଗିବା'ର ଣିଜନ୍ତରୂପ—Causative form of 'Juṭ lāgibā'.

Juṭ lagā(ge)ibā

ଜୁଟ୍ ଲଗିବା—ଦେ. କ୍ରି—ଜୁଟ୍ ଖାଇବା (ଦେଖ) Juṭ khāibā (See).

Juṭ lāgibā

ଜୁଟ୍ ହେବା—ଦେ. କ୍ରି. (ସଂ. ଯୁକ୍ତ; ପ୍ରା. ଜୁତ୍ତ; ସଂ. ଜୁଟ୍ ଧାତୁ)—୧ । ଏକତ୍ର ହେବା—1. To come together.

Juṭ hebā

জুট হওআ

जुट होना

୨ । ଦଳବଦ୍ଧ ହେବା—2. To flock together; to form into a union.

୩ । ପରସ୍ପର ମିଳିତ ହେବା; ସମ୍ମିଳିତ ହେବା—3. To meet each other.

୪ । ସଂଯୁକ୍ତ ହେବା—4 To be joined together.

ଜୁଟକ—ସଂ. ବି. ପୁଂ. (ଜୁଟ୍ ଧାତୁ=ଏକତ୍ର ହେବା + କର୍ତ୍ତୃ. ଅକ)—୧ । ମସ୍ତକର କେଶର ଶିଖା; ଚୁଟି—1. A tuft of hair on the head.

Juṭaka

(ଜୁଟିକା—ସ୍ତ୍ରୀ)

୨ । ଗୋଛ—2 Cluster.

୩ । ଏକପ୍ରକାର କର୍ପୂର—3. A kind of camphor.

ଦେ. ବିଣ—ଯେ ଜାର ପୁରୁଷ ନିକଟରେ ଉପପତ୍ନୀ ଆଣି ପହଞ୍ଚାଏ; ଭାଡ଼ୁଆ—A pander; procurer; a bawd; a go-between.

ଜୁଟା—ଦେ. ବି. (ସଂ. ଜୁଟ୍ ଧାତୁ)—୧ । ଜୁଟାଇବା କାର୍ଯ୍ୟ—1. The act of bringing about a meeting or gathering.

Juṭā

জুটা

जुटाना

(ଜୁଟେଇ—ସ୍ତ୍ରୀ)

জোটা

जुटानेवाला

୨ । ଭାଡ଼ୁଆକାମ; ଜାର ପୁରୁଷ ପାଖେ ପରସ୍ତ୍ରୀ ଭେଟାଇବା କାମ—2. The act of pandering.

ଦେ. ବିଣ. ପୁଂ—୧ । ଯେ ଜାର ପୁରୁଷ ନିକଟରେ କୁଟପୀ ସ୍ତ୍ରୀକୁ ଭେଟାଏ—1. Pandering.

୨ । ଯେ ବରକନ୍ୟା ଜୁଟାଏ—2. Acting as a negotiator in a marriage.

ପ୍ରାଦେ. (ସମ୍ବଲପୁର) ବି. (ସଂ. ଉଚ୍ଛିଷ୍ଟ; ସଂ. ଜୁଷ୍ଟ ପ୍ରା. ଜୁଠ; ଭୁଲ ଏହି ଅର୍ଥରେ ହି. ଜୁଠା)—ଉଚ୍ଛିଷ୍ଟ; ଅଇଁଠା—Orts; remains of one's partaken food; what is left after meals in the plate; leavings of the table.

ବିଣ—ଅଇଁଠା ହୋଇଥିବା; ଅନ୍ୟ ବ୍ୟକ୍ତିର ଭୁକ୍ତାବଶିଷ୍ଟ; ଅଂଶତଃ ଭୁକ୍ତ—Left after meals; partly eaten.

ଜୁଟା(ଟେ)ଇବା—ଦେ. କ୍ରି. (ସଂ. ଜୁଟ ଧାତୁ ଣିଜନ୍ତ)—୧ । ଏକତ୍ର କରିବା; ସଂଗ୍ରହ କରିବା—1. To collect; to gather.

Juṭā(ṭe)ibā

জুটানা; জোটান

जुटाना, जुटवाना

(ଯଥା—ପୁସ୍ତକାଗାରରେ ସେ ଗୁଡ଼ିଏ ବାଛି ପୁସ୍ତକ ଆଣି ଜୁଟାଇଛି ।)

୨ । ଏକାଧିକ ବ୍ୟକ୍ତିଙ୍କୁ ଏକସ୍ଥାନରେ ଏକତ୍ର କରାଇବା—2. To cause many persons to gather.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗ୍ୟାଁନି' ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

(ଯଥା— ଅଳ୍ପ ସଭାରେ ସେ ୨୦୦ ଲୋକ ଆଣି ଜୁଟାଇଛି ।)

୩ । ପ୍ରଣୟାର୍ଥୀ ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ ମିଳନ ଘଟାଇବା— 2. To bring about love-interview between lovers.

(ଯଥା— ଦୂତୀ ରାଧିକାଙ୍କୁ ଶ୍ରୀକୃଷ୍ଣଙ୍କ ପାଖରେ ଜୁଟାଇଲେ ।)

୪ । ଦୁଇଜଣଙ୍କର ମିଳନ ଘଟାଇବା—1. To bring about a meeting between two persons.

(ଯଥା—ଶତ୍ରୁ ଦୁହିଁଙ୍କୁ ସେ ଆଣି ଜୁଟାଇ ଦେଲେ ।)

୫ । କୌଶଳ ବା ଯୋଗାଡ଼ଯନ୍ତ୍ରଦ୍ୱାରା କୌଣସି ବସ୍ତୁକୁ ଅଭିପ୍ରେତ ସ୍ଥାନରେ ପହଞ୍ଚାଇବା—5. To succeed in bringing any thing to a place by skill or stratagem; to procure.

(ଯଥା—ଏ ଭୋଜିପାଇଁ ମୁଁ ଗୁଡ଼ା କରି ୫୦ ଟଙ୍କା ଜୁଟାଇଛି ।)

୬ । ବିବାହସମ୍ପର୍କରେ ବରକନ୍ୟା ଯୋଗାଡ଼ି ଦେବା— 6. To negotiate for and bring about a marriage; to act as a match-maker,

(ଯଥା—ଏ କନ୍ୟାଟି ପାଇଁ ଗୋଟିଏ ବରପାତ୍ର ଜୁଟେଇ ପାରିବ କି ?)

୭ । ସ୍ତ୍ରୀ ପୁରୁଷଙ୍କ ସଙ୍ଗମ କରାଇବା— 7, To cause a male and a female to couple or copulate.

(ଯଥା—ଏ କାଠିଆବାଡ଼ ଘୋଡ଼ୀସହିତ ଗୋଟିଏ ଆରବୀ ଘୋଡ଼ା ଜୁଟାଇବାକୁ ହେବ ।)

ଜୁଟାଜୁଟି—ଦେ. ବି. (ସହଚର)— 'ଜୁଟାଇବା' ସମ୍ବନ୍ଧୀୟ କର୍ମମାନ (ଦେଖ)
Jutājuti — Many acts of juṭaibā (See)
জুটাজুটি, জোটপাট
जुटाजुटि

ଜୁଟିକା—ସଂ. ବି. (ଜୁଟ୍ ଧାତୁ + କର୍ମ. ଅକ + ସ୍ତ୍ରୀ. ଆ)—
Juṭikā ୧ । ଚୁଟି; ଶିଖା (ହି. ଶବ୍ଦସାଗର)— 1. Tuft of hair.
୨ । ଗୋଛା (ହି. ଶବ୍ଦସାଗର)—2. Bunch.
୩ । ଏକପ୍ରକାର କର୍ପୂର (ହି. ଶବ୍ଦସାଗର)— 3. A kind of camphor.

ଜୁଟିବା—ଦେ. କ୍ରି. (ସଂ. ଜୁଟ୍ ଧାତୁ)— ୧ । ମିଳିତ ହେବା—
Juṭibā — 1. To meet.
জুটা, জোটা ୨ । ଏକତ୍ର ହେବା—2. To be gathered or collected together.
जुटना जुटना
୩ । ପ୍ରାପ୍ତହେବା; ମିଳିବା; ହାତକୁ ଆସିବା—3. To be got or had or attained; to come to hand.

(ଯଥା— ମୋତେ ଅଳ୍ପ ମୁଠିଏ ଅନ୍ନ ଜୁଟିଲା ନାହିଁ ।)

୪ । କୌଣସି ସ୍ଥାନରେ ବା ବ୍ୟକ୍ତି ନିକଟରେ ଆସି ଉପସ୍ଥିତ ହେବା; ଭେଟିବା—4. To arrive at a place or reach near a person.

(ଯଥା—ତୁମ୍ଭେମାନେ ଯାଉଥାଅ, ମୁଁ ପଛରୁ ଯାଇ କଟକ ଠାରେ, ଜୁଟି ଯିବି ଯେ ।)

ଜୁଠା— ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—(ସଂ. ଜୁଷ୍ଟ, ପ୍ରା. ଜୁଟ୍ଠ)—
Juṭhā ଜୁଟା (ଦେଖ)
Juṭā (See)

ଜୁଡ଼୍ (ଧାତୁ)—ସଂ.— ବନ୍ଧନ କରିବା—
Juṛd (root) To bind up.

ଜୁଡ଼୍—ପ୍ରାଦେ. ବି. (ସମ୍ବଲପୁର)—(ତୁଳ. ହି. ଜୁଡ଼୍ = ଥଣ୍ଡା, ଶୀତଳ;
Juṛd ସଂ. ଜଡ଼; ତୁଳ. ଓ ଜାଡ଼)— ସର୍ଦ୍ଦି—Cold.
ପ୍ରାଦେ. ବିଣ.— ୧ । ନରମ—1. Soft.
୨ । ଶରଦିଆ—2. Suffering from cold.
୩ । ଥଣ୍ଡା; ଶୀତଳ—3. Cold.

ଜୁଡ଼୍ଖର—ପ୍ରାଦେ. (ସମ୍ବଲପୁର)—ବି. (ବିପରୀତାର୍ଥ ସହଚର; ସଂ. ଜଡ଼
Juṛd-khar + ଖର)—ଶରଦ ଗରମି ରୋଗ—Apoplexy.
ବିଣ.— ୧ । ଶୀତଳ ଓ ଗରମ—1. Cool and warm.
୨ । ନରମ ଓ ଶକ୍ତ—2. Soft and hard.

ଜୁଡ଼୍ବୁଡ଼୍—ଦେ. ଅ.— ତୈଳ ବା ଜଳାଦିଦ୍ୱାରା ଅତ୍ୟନ୍ତ ଆର୍ଦ୍ର;
Juṛd-buṛd (ଯେପରି କି ଦେହରୁ ତେଲ ବା ପାଣି ବୋହି ପଡ଼ୁଥାଏ); (ତେଲ ବା ପାଣି) ସରସର—With water or oil dripping from the body.

(ଯଥା—ତା ଦେହଯାକ ପାଣିରେ ଜୁଡ଼୍ବୁଡ଼୍ ହୋଇଛି; ସେ 'ଜୁଡ଼୍ବୁଡ଼୍' କରି ତେଲ ଲଗେଇଛି ।)

ଜୁଡ଼—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଜଡ଼, ତୁଳ. ଏହି ଅର୍ଥରେ
Juṛda ହି. ଜୁଡ଼)—ଶରଦ—Cold.

(ଯଥା—ମୋତେ ଜଡ଼ ଧରିଛି ।)

ଜୁଡ଼ ଧରିବା—ପ୍ରାଦେ. (ସମ୍ବଲପୁର) ବି.—ଶରଦ ଧରିବା—
Juṛda dharibā — Catching of cold.

ଜୁଡ଼ା—ଦେ. ବି. (ସଂ. ଜୁଡ଼୍ ଧାତୁ=ବନ୍ଧନ କରିବା; ସଂ. ଜୁଟ= ଜଟାର ଗୁନ୍ଥି)—ସ୍ତ୍ରୀଲୋକମାନଙ୍କର ଏକତ୍ର ବନ୍ଧା ହୋଇ ଥିବା ମୁଣ୍ଡର କେଶ; ଖୋପା; ଖୋସା—Chignon; artistically tied knot of hair on the head; braided and made up hair.
Juṛdā
খোঁপা
जूड़ा

[ଦ୍ର—ନାନା ଦେଶରେ ଓ ନାନା ସମାଜରେ ସ୍ତ୍ରୀଲୋକମାନେ ନାନା ପ୍ରକାରରେ ଓ ନାନା କୌଶଳରେ ମଣ୍ଡର ବାଳକୁ ଜୁଡ଼ା ବାନ୍ଧନ୍ତି । କେହି କପାଳ ଉପରେ, କେହି ମୁଣ୍ଡ ପଛରେ, କେହି ବେଣୀ ପକାଇ, କେହି ଲମ୍ବ କରି, କେହି ଗୋଲ କରି, କେହି ଟଭା ପାଳ ପରି, କେହି ବେଲ ଆଦି ବିଶିଷ୍ଟ ଫଳ ପରି, କେହି ସିଧା କରି ବା ବଙ୍କା କରି, କେହି ବେକରେ ବା ମୁଣ୍ଡର ଏକ ପାଖରେ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଉଥ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ	ଯ	ସ	ଙ୍ଘ	ଇଅ	ଢ଼	ନ୍ତ

ଜୁଡ଼ା ବାନ୍ଧନ୍ତି । ଜୁଡ଼ାର ଭିନ୍ନ ଭିନ୍ନ ନାମ ମଧ୍ୟ ଅଛି । ଯଥା— ଘୋଡ଼ଣୀ ଜୁଡ଼ା, ଦହିଣୀ ବା ଖୋସା ଜୁଡ଼ା, ଢେଙ୍ଗା ଜୁଡ଼ା, ବଙ୍ଗାଳୀ ଜୁଡ଼ା, ମକା ଜୁଡ଼ା, ଗଣ୍ଠି ଜୁଡ଼ା, ଫାଶ ଗଣ୍ଠି, ଟେଙ୍ଗା, ଟୋପରଗଣ୍ଠି ଇତ୍ୟାଦି ।]

ଜୁଡ଼ା ପକା(କେ)ଇବା—ଦେ. କ୍ରି.—ମୁଣ୍ଡ କେଶକୁ ସଜିତ କରି ଗଣ୍ଠି
Jurdā pakā(ke)ibā ବାନ୍ଧିବା—To dress up the hair
খোঁপা বাঁধা of the head into a chignon.
जूड़ा बाँधना

ଜୁଡ଼ାପାଡ଼ିବା—ଦେ. କ୍ରି.—ଜୁଡ଼ା ପକାଇବା (ଦେଖ)
Jurdā pārdibā Jurdā pakāibā (See)
(ଜୁଡ଼ା ପାରିବ—ଅନ୍ୟରୂପ)

ଜୁଡ଼ା ବାନ୍ଧିବା—ଦେ. କ୍ରି—ଜୁଡ଼ା ପକାଇବା (ଦେଖ)
Jurdā bāndhibā Jurdā pakāibā (See)

ଜୁଡ଼ା ଭାଙ୍ଗିବା—ଦେ. କ୍ରି—ବନ୍ଧା ହୋଇଥିବା ଜୁଡ଼ାର ବନ୍ଧନ ମୁକ୍ତ
Jurdā bhāngibā କରିବା—To loosen a chignon.
খোঁপা ভাঁগা ଅଇଲେ ଶଗଡ଼ିଆ ପଇଲେ ତେଣ୍ଡାକୁଲେ, ବାନ୍ଧନ୍ତ ଜୁଡ଼ାକୁ
जूड़ा तोड़ना ଭାଙ୍ଗିହୁ ନାହିଁ—ଶଗଡ଼ିଆ ଗୀତ ।

ଜୁଡ଼ି—ପ୍ରାଦେ. (ବାଲେଶ୍ୱର, ମେଦିନୀପୁର) (ସଂ. ଯୁଗ୍ମ; ତୁଳ. ଏହି
Jurdi ଅର୍ଥରେ ବଙ୍ଗଳା ଏହି ଶବ୍ଦ)—
୧ । ସମଧର୍ମୀ ସହଚର—1. Companion.
୨ । ଏକ ସଙ୍ଗେ ଗାଡ଼ିରେ ଲାଗିବା ଦୁଇଟି ଘୋଡ଼ା—
2. A pair of horses yoked to a coach.
୩ । ଯୁଗ—3. A pair; a couple.
୪ । ଦୁଇଟି ଘୋଡ଼ା ଟାଣିବା ଗାଡ଼ି—
4. A coach drawn by two horses.
୫ । ଯୁଗ୍ମବସ୍ତୁ ବା ଜୀବ ମଧ୍ୟରୁ ଜଣେ—5. One of a pair or couple of things or animals.
জুরী বୈଦେ. ବି. (ଇଂ. ଜୁରି)—ଜୁରି (ଦେଖ)
जुरी Juri (See)
ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—୧ । ଜୁଡ଼୍ (ଦେଖ)
1. Jurd (See)
୨ । (ତୁଳ. ଏହି ଅର୍ଥରେ ହି. ଏହି ଶବ୍ଦ) କମ୍ପଜ୍ୱର—
2. Ague.

ଜୁଡ଼ିଖର—ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—ଜୁଡ଼୍ଖର (ଦେଖ)
Jurdi khar Jurd-khar (See)

ଜୁଡ଼ିଗାଡ଼ି—ପ୍ରାଦେ. ବି. (ବାଲେଶ୍ୱର; ତୁଳ. ଏହି ଅର୍ଥରେ ବଙ୍ଗଳା
Jurdi gārdi ଏହି ଶବ୍ଦ)—ଯୋଡ଼ାଏ ଘୋଡ଼ା ଲାଗିଥିବା ଗାଡ଼ି—
A carriage dawn by a pair of horses.

ଜୁଡ଼ି ଡାକରା—ଦେ. ବି—ଜଜଙ୍କ ସଙ୍ଗେ ବସି ଦଉରା ମକଦ୍ଦମା ବିଚାର
Jurdi dākarā କରିବା ପାଇଁ ଜୁରିଙ୍କୁ ନିମନ୍ତ୍ରଣ—Summons
জুরী সমন to a person to attend the court of
जुरीसमन sessions as a juror.

ଜୁଡ଼ିଦାର—ପ୍ରାଦେ. (ବାଲେଶ୍ୱର) ବି—ଗାଡ଼ିରେ ଏକ ସଙ୍ଗେ ଲାଗିବା
Jurdidār ଯୋଡ଼ାଏ ଘୋଡ଼ାରୁ ଗୋଟିଏ—One of a pair
জুড়ীদার (of horses for a carriage).
जुड़ीदार ଦେ. ବିଣ—ଯେଉଁ ଗାଡ଼ିରେ ଯୋଡ଼ାଏ ଘୋଡ଼ା ଲାଗି
ଥାଆନ୍ତି—(a carriage) Drawn by a pair of horses.

ଜୁଡ଼ିବା—ପ୍ରାଦେ. (ବାଲେଶ୍ୱର; ମେଦିନୀପୁର) କ୍ରି. (ସଂ. ଜୁଡ଼ ଧାତୁ;
Jurdibā ତୁ. ବ°. ଏହି ଅର୍ଥରେ ଏହି ଶବ୍ଦ)—
ଯୋଡ଼ିବା (ଦେଖ)—Jordibā (See)

ଜୁଡ଼ିରେ ବସିବା—ଦେ. କ୍ରି—ଦଉରା ମକଦ୍ଦମା ବିଚାର ସମୟରେ ଜଜଙ୍କ
Jurdire basibā ନିକଟ ଜୁରିରୂପେ ନିମନ୍ତ୍ରିତ ହୋଇ ଯାଇ ବସିବା—
জুড়িতে বসা To sit on a jury.
जुरीमें बैठना [ଦ୍ର—ମଫସଲରେ ଏହା ସମ୍ମାନସୂଚକ ।]

ଜୁଡ଼ି ସମନ—ବୈଦେ. ବି. (ଇଂ. ଜୁରି+ସମନ୍ସ)—
Jurdi samana ଜୁଡ଼ି ଡାକରା (ଦେଖ)
Jurdi dākarā (See)

ଜୁଡ଼ିସିଅଲ୍—ବୈଦେ. ବିଣ. (ଇଂ)—ବିଚାରବିଭାଗୀୟ; ନ୍ୟାୟ-
Judisial ବିଚାର ସମ୍ବନ୍ଧୀୟ—Judicial.
জুডিসিআল (ଯଥା—ମଧ୍ୟପ୍ରଦେଶ ବା ଅଯୋଧ୍ୟା ବା ସିନ୍ଧ ପ୍ରଦେଶର
जुडिशल ଜୁଡ଼ିସିଅଲ୍ କମିସନର—Judicial Commisioner.)

ଜୁଡ଼ି ହାଙ୍କା(ଙ୍କେ)ଇବା—ପ୍ରାଦେ. (ମେଦିନୀପୁର, ବାଲେଶ୍ୱର) କ୍ରି—
Jurdi hankā(nke)ibā ୧ । ଗାଡ଼ିରେ ଯୋଗ ହୋଇଥିବା ୨ଟି
জুড়ি হাঁকন ଘୋଡ଼ାଙ୍କୁ ନିୟନ୍ତ୍ରିତ କରି ଗାଡ଼ି ଚଳାଇବା—
जुड़ी हाँकना 1. To drive a pair of horses attached
(ଜୁଡ଼ି ହାଙ୍କିବା—ଅନ୍ୟରୂପ) to a carriage; to drive a coach and a pair.
୨ । ଯୋଡ଼ିଏ ଘୋଡ଼ା ଲାଗିଥିବା ଗାଡ଼ିରେ ଚଢ଼ି ବୁଲିବା—
2. To use a coach driven by a pair of horses.
[ଦ୍ର—ସେ ଜୋଡ଼ି ହଙ୍କାଇଲେଣି=ସେ ଖୁବ୍ ବଡ଼ଲୋକ ହେଲେଣି ।]

ଜୁଡ଼ୁବୁଡ଼ିଆ—ଦେ. ଅ—ଜୁଡ଼୍ବୁଡ଼୍ (ଦେଖ)
Jurduburdiā Jurd-burd (See)

ଜୁଡ଼ୁବୁଡ଼ୁ—ଦେ. ଅ—ଜୁଡ଼୍ବୁଡ଼୍ (ଦେଖ)
Jurduburdu Jurd-burd (See)

ଜୁଡ଼େନ୍—ପ୍ରାଦେ. (ସମ୍ବଲପୁର) ବିଣ—ପରସ୍ପର ସହିତ ଯୁକ୍ତ ହୋଇଥିବା
Jurden ବା ଗଣ୍ଠା ହୋଇଥିବା (ଦୁଇ ବସ୍ତୁ)—(two things)
Joinede togther, joined to each other.

ଜୁଣ—ଦେ. ବି. (ସଂ. ଯୋଜନ)—୧ । ଚତୁଷ୍କୋଶ; ଯୋଜନ—
Juna 1. Distance of 4 kros or 8 miles.
योजन

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ କିମ୍ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋଂ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ

ଅନ୍ୟ ସଂ. ନାମ—ଉଲୂକ; ଉଲପ ୨ । (ସଂ. ଜୂର୍ଣ୍ଣି)—ଘର ଛୁଆଁଣି କରିବା ଓ ମନ୍ଦୁର ବୁଣିବା ନିମନ୍ତେ ବ୍ୟବହୃତ ତୃଣବିଶେଷ; ଖର—
খড়ি
ऊलन
A kind of rush; a reed used for thatching and matting; Saccharum Fuscum.

ଜୁଣ ମସିଣା—ଦେ. ବି—ଜୁଣ ତୃଣରେ ବୁଣା ହୋଇଥିବା ଚଟେଇ—
Juṇa masiṇā A small mat made of Juṇa reeds.
খড়ির মাঁদুর
उलूकी चटाइ

ଜୁଣ ମୁନ୍ଦୁରା—ଦେ. ବି—ଜୁଣ ତୃଣରେ ବୁଣା ହୋଇଥିବା ଏକପ୍ରକାର
Juṇa mundurā ମୋଟା ଓ ବଡ଼ ମସିଣା—A thick and big mat made of Juṇa reeds.

ଜୁତ୍—ଦେ. ବି. (ସଂ. ଯୁକ୍ତ=ମିଶ୍ରଣ; ସଂ. ଯୁକ୍ତି)—
Jut ୧ । ଉତ୍କୃଷ୍ଟ ଧାତୁ ସହିତ ନିକୃଷ୍ଟ ଧାତୁର ମିଶ୍ରଣ—1. Alloy.
জুৎ ୨ । (ସଂ. ଦ୍ୟୁତି) ସ୍ୱାସ୍ଥ୍ୟ—
खोट 2. Health.
জুৎ; জুতি ୩ । ଶରୀରର ସୌନ୍ଦର୍ଯ୍ୟ—3. Beauty; elegance.
जोति ୪ । ଶୋଭା; ଗଠଣ—4. Symmetry; grace.
୫ । (ସଂ. ଜ୍ୟୋତିଃ) ତେଜ—5. Brightness.
୬ । ସୁବିଧା—6. Convenience.
(ଜୁତ୍‌ଜାତ୍—ଅନ୍ୟରୂପ) ବିଣ. (ସଂ. ଦ୍ୟୁତ)—ସୁନ୍ଦର; ବନ୍ଦ୍ୟ—
Beautiful; worthy of appreciation.

ଜୁତ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ଏହି ଅର୍ଥରେ ହି. ଜୁତ୍‌ନା)—ଚଷିବା—
Jutbā To plough up (a land).

ଜୁତ—ଦେ. ବି. (ସଂ. ଦ୍ୟୂତ; ପ୍ରା. ଜୂଅ)—୧ । ଜୁଆ ଖେଳ—
Juta 1. Gambling.
জুয়া ୨ । (ସଂ. ଯୁଜ ବା ଯୋକ୍ତ୍ର ପ୍ରା. ଜୋତ୍ତ)—
जुआ ଶଗଡ଼ ବା ଲଙ୍ଗଳକୁ ଯୁଆଳି ମଝିରେ ବାନ୍ଧିବାପାଇଁ ବ୍ୟବହୃତ ରଜ୍ଜୁ; ଜୋତ; ଯୁଗବନ୍ଧନ ରଜ୍ଜୁ—
জোত 2. Rope for tying the shaft of the cart or
जोत plough to the middle of the yoke.

ଜୁତା—ଦେ. ବି. (ସଂ. ଯୁକ୍ତ; ପ୍ରା. ଜୁତ୍ତ; ତୁଳ. ସଂ. ପାଦୁକ; ସଂ. ଯୋକ୍ତ୍ର=ଚର୍ମ ଦଉଡ଼ି)—
Jutā
ସଂ. ନାମ—ଉପାନହ୍, ପାଦୁକା ୧ । ଚର୍ମ ପାଦୁକା; ଜୋତା—
ପାଦତ୍ରାଣ 1. Shoes; slippers.
জুতা, জুতো ୨ । ଜୁତା ଦ୍ୱାରା ମାଡ଼—
जूता, जूती, जोड़ा 2. Shoe-beating.
ପ୍ରାଚୀନ ଓଡ଼ିଆ—ପାଣ୍ଡୋଇ [ଦ୍ର—ସଂ. ଯୋକ୍ତ୍ର ଅର୍ଥ ବାନ୍ଧିବା
ପ୍ରାଚୀନ ବ—ପାନଇ. ଚମଦଉଡ଼ା, ଏଥିରୁ ଜୁତା ବା
ମ. ଜୋଡା ଜୋତା ଶବ୍ଦର ଉତ୍ପତ୍ତି ହୋଇଥିବ ।
ଆଗେ ଜୁତାକୁ ଚମ ଦଉଡ଼ିରେ ଗୋଡ଼ରେ ବାନ୍ଧୁଥିଲେ । ଜୁତା ଅନେକ ପ୍ରକାରର ଅଛି । ଯଥା—ଚଢ଼ଉ, ବୁଟ୍, ଚଟି, ମରହଟ୍ଟୀ, ପମ୍ପସୁ, ଡର୍ବୀ ଇତ୍ୟାଦି; ଜୁତାର ଉପକରଣ ଅନୁସାରେ ନାମ, ଯଥା—ରବର ଜୁତା, କନା ଜୁତା, କାନ୍‌ଭସ୍ ଜୁତା, ଶମ୍ବର, ଭେଲ୍‌ଭେଟ୍, କାର୍ପେଟ୍ ଇତ୍ୟାଦି । ରଙ୍ଗ ଓ ଚମଡ଼ା ଅନୁସାରେ ନାମ ଯଥା—ବାର୍ଣ୍ଣିସ୍, ବାଦାମି, କଳା ଇତ୍ୟାଦି । ଜୁତାର ତଳ ଅଂଶକୁ 'ତଳା', ଗୋଇଠି ଉପରେ ପଛ ଆଡ଼କୁ ଥିବା ଅଂଶକୁ 'ଏଡ଼ୀ ବା ଏଣ୍ଡୀ' ଓ ଜୁତାର ଅଗକୁ 'ଠୋକର' ଏବଂ ଗୋଡ଼ ଉପରେ ଜୁତାର ଯେଉଁ ଚମଡ଼ା ଥାଏ ତାକୁ ଉପର-ଚମଡ଼ା ବା ଉପରପଟ୍ଟୀ କହନ୍ତି; ଭାରତରେ ପ୍ରାଚୀନ କାଳରୁ ଜୁତାର ବ୍ୟବହାର ଅଛି ; ମହାଭାରତ ଅନୁଶାସନ ପର୍ବରେ ଗୋଟିଏ ଉପାଖ୍ୟାନ ଅଛି ଯେ ସୂର୍ଯ୍ୟଦେବ ଜମଦଗ୍ନି ଋଷିଙ୍କୁ ଖରାରୁ ଶରୀରକୁ ରକ୍ଷା କରିବା ପାଇଁ ଜୋଡ଼ାଏ ଜୁତା ଓ ଖଣ୍ଡିଏ ଛତା ଦେଇଥିଲେ (ହି. ଶବ୍ଦସାଗର) । ଓଡ଼ିଶାର ମନ୍ଦିରର ଖୋଦିତ ପ୍ରସ୍ତର ମାନଙ୍କରେ ଜୁତା ପିନ୍ଧିଥିବା ଲୋକଙ୍କ ଚିତ୍ର ଦେଖାଯାଏ; ଉତ୍କଳର ବ୍ରାହ୍ମଣବାଳକ ଉପନୟନ ପରେ ବ୍ରହ୍ମଚାରୀ ବେଶରେ ଭିକ୍ଷାଅଣି କରିଯିବା ବେଳେ ମରହଟ୍ଟୀ ଜୁତା ମାଡ଼ନ୍ତି ଓ ତାଳପତ୍ର ଛତା ଧରନ୍ତି ।]
୩ । ଶଗଡ଼ ବା ଲଙ୍ଗଳ ଦଉଡ଼ା—
3. Rope for tying the shaft of the cart or plough to the yoke.
ପ୍ରାଦେ. (ସମ୍ବଲପୁର) ବି—ଜୋତ ଦଉଡ଼; ଜୁଆଳି ସଙ୍ଗେ ବଳଦ ବେକକୁ ଯେଉଁ ଦଉଡ଼ିରେ ବନ୍ଧାଯାଏ—
Rope for tying the bullock's neck to the yoke.

ଜୁତା ଉଠା(ଠେ)ଇବା—ଦେ. କ୍ରି—ଜୋତା ଉଠାଇବା (ଦେଖ)
Jutā uṭhā(ṭhe)ibā Jotā uṭhāibā (See)

ଜୁତାଏଡ଼(ଣ୍ଡୀ)—ଦେ. ବି—ଜୁତାର ତଳଭାଗର ଯେଉଁ ଅଂଶ ଗୋଇଠି
Jutā-erḍi(ṇḍi) ତଳେ ଥାଏ—The heel of a shoe.
জুতোর এড়ী
जुताका एड़ी

ଜୁତା କସିବା—ଦେ. କ୍ରି—ଜୁତାରେ ପ୍ରହାର କରିବା—
Jutā kasibā To strike or beat with the shoes;
জুতান to drub with the shoes.
जुतिआना

ଜୁତା ଖାଇବା—ଦେ. କ୍ରି—ଜୁତାରେ ପ୍ରହାର ଖାଇବା—
Jutā khāibā To be beaten with the shoes; to get
জুতা খাওয়া a sound shoe-beating.
जुता खाना

ଜୁତାଖିଆ—ଦେ. ବିଣ—୧ । (ଗାଳି ବିଶେଷ) ନିର୍ଲଜ୍ଜ—
Jutā-khiā 1. (a term of abuse) Shameless.
জুতাখোর ୨ । ଜୋତା ମାଡ଼ ଖାଇବାର ଉପଯୁକ୍ତ—
जुताखोर 2. Fit to be punished by drubbing with shoes.

୧	ଇ	ଉ	ଋ,ୠ	ୡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍ଯ	ଉଅ	ଋ
୨	ଈ	ଊ	ରୁ	ଲୃ	ଯ୍ୟୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଯ	ଇଅ	ଞ	ନୃ

ଜୁତା ଚଢ଼ା(ଢ଼େ)ଇବା—ଦେ. କ୍ରି—୧ । ଜୁତା ଦେବା (ଦେଖ)
Jutā chardhā(rdhe)ibā 1. Jutā debā (See)
ଜୁତା চড়ান ୨ । ଜୋତା ପିନ୍ଧିବା—2. To put on shoes.
जूति चढ़ाना

ଜୁତା ଚଢ଼ିବା—ଦେ. ବି—ଜୋତା ଦ୍ୱାରା ପ୍ରହାର ହେବା—
Jutā chardhibā Being beaten with shoes.
জুতা চড়া
जूता बैठना

ଜୁତା ଚାଟିବା—ଦେ. କ୍ରି—(ଲକ୍ଷଣାର୍ଥ) ପାଦଲେହନ କରିବା;
Jutā chātibā ଖୋସାମଦ୍ କରିବା—
জুতো চাটা (figurative) To flatter.
जूता चाटना

ଜୁତା ଦେବା—ଦେ. କ୍ରି—୧ । ଜୋତାରେ ପ୍ରହାର କରିବା—
Jutā debā 1. To strike or beat with the shoes.
জুতা দেওয়া
जूता देना ୨ । (ଲକ୍ଷଣାର୍ଥ) ମୁହଁଁଁଭାଙ୍ଗ ଜବାବ ଦେଇ ଅପମାନିତ କରିବା—3. (figurative) To insult a person by speaking to his face.

ଜୁତାପାହାର—ଦେ. ବି—ଜୋତାଦ୍ୱାରା ଆଘାତ—
Jutā-pāhāra Shoe-beating.
জুতোর মার
जूतोंकी मार, जूतोकारी

ଜୁତାଫିତା—ଦେ. ବି—ଜୋତାରେ ବନ୍ଧା ହେବା ଫିତା—
Jutā-phitā Shoe-tape.

ଜୁତାବରଦାର—ଦେ. ବିଣ—ଜୋତାବୁହା (ଦେଖ)
Jutā-bar-dār Jutā-buhā (See)

ଜୁତା ବସିବା—ଦେ. ବି—ଜୋତା ଚଢ଼ିବା (ଦେଖ)
Jutā basibā Jutā chardhibā (See)

ଜୁତାବୁହା—ଦେ. ବିଣ—ପାଦୁକା-ବାହକ; ପ୍ରଭୁଙ୍କ ଜୋତାକୁ ବହନ
Jutā-buhā କରିବା (ଭୃତ୍ୟ)—Shoe-bearer; (a servant)
জুতাবরদার carrying the shoes of the master.
जुतिबरदार

ଜୁତାମାଡ଼—ଦେ. ବି—ଜୋତାପାହାର (ଦେଖ)
Jutā-mārda Jutā-pāhāra (See)

ଜୁତାମାଡ଼ଖିଆ—ଦେ. ବିଣ—ଜୋତାଖିଆ (ଦେଖ)
Jutā mārda-khia Jutā-khiā (See)

ଜୁତା ମାରିବା—ଦେ. କ୍ରି—ଜୋତା ଦେବା (ଦେଖ)
Jutā māribā Jutā debā (See)

ଜୁତା ଲଗା(ଗେ)ଇବା—ଦେ. କ୍ରି—ଜୋତା ଦେବା (ଦେଖ)
Jutā lagā(ge)ibā Jutā debā (See)

ଜୁତାମିଶା ଗୋଇଠା—ଦେ. ବି—ଜୋତାପିନ୍ଧା ଗୋଡ଼ଦ୍ୱାରା ଗୋଇଠା—
Jutā-misā goithā A kick with shoes on.

ଜୁତି—ସଂ. ବି—ବେଗ (ହି. ଶବ୍ଦସାଗର)—Speed; velocity.
Juti ଦେ. ବି. (ସଂ. ଜ୍ୟୋତିଃ; ଦ୍ୟୁତି)—
ଜ୍ୟୋତିଃ; ଦୀପ୍ତି; ତେଜଃ—Brightness, splendour; brilliance.

ଜୁତିଆ—ଗ୍ରା. ବି. (ସଂ. ଦ୍ୱିଗମ୍ୟ)—ଦୁତିଅ; ଶୂଦ୍ରମାନଙ୍କ ମଧ୍ୟରେ ବିଧବା-
Jutia ବିବାହ ପ୍ରଥା—The custom of widow-marriage amongst the Śūdras.

ଜୁତ୍ର—ଦେ. ବିଣ. (ସଂ. ଦ୍ୟୁତି)—୧ । ସୁନ୍ଦର—
Jutra Fine.
ଦେଖ ଦେଖ ସଖି ପଦ୍ମରୂପ ପନ୍ତ
ଧରଣୀର ପରେ କେଉଁ ଜୁତ୍ର । ଉପେନ୍ଦ୍ରଭଞ୍ଜ. ଲାବଣ୍ୟବତୀ ।
୨ । ରୁଚିକର—2. Tasteful.
୩ । ସୁବିଧାଜନକ—3. Convenient.
ଦେ. ବି—ଜୋତ୍ର (ଦେଖ)
Jotra (See)

ଜୁତ୍ରହୀନ—ଦେ. ବିଣ—ଜୋତ୍ରହୀନ (ଦେଖ)
Jutra-hīna. Jotra-hīna (See)

ଜୁଦା—ବୈଦେ. ବିଣ. (ଫା. ଜୁଦାହ୍)—୧ । ପୃଥକ୍; ଭିନ୍ନ; ସ୍ୱତନ୍ତ୍ର—
Judā 1. Separate; different.
জুদা ୨ । ପୃଥକାନ୍ନବାସ—
जुदा 2. Separated in mess and lodging.

ଜୁନ—ବୈଦେ. ବି. (ଇଂ)—ଇଂରାଜି ଗଣନାରେ ଷଷ୍ଠ ମାସ—
Jun Month of June.
জুন [ଦ୍ର—ଏହି ମାସ ପ୍ରାୟଶଃ ଜ୍ୟୈଷ୍ଠ ମାସର ଶେଷ ୧୫ ଦିନ ଓ
जून ଆଷାଢ଼ମାସର ପ୍ରଥମ ୧୫ ଦିନରେ ପଡ଼େ ।]

ଜୁନା—ପ୍ରାଦେ. (ସମ୍ବଲପୁର ଓ କଳାହାଣ୍ଡି) ବିଣ. (ସଂ. ଜୀର୍ଣ୍ଣ)—
Junā ୧ । ଜୀର୍ଣ୍ଣ ଓ ପୁରୁଣା—1. Old and worn out.
ରଥ ଯାଉଛିକେ ରଥ ଦେଖି ଯିମି
ଜୁନା ଦୁଃଖ ଦୂର ହେଲିଆ । ସମ୍ବଲପୁର ଗୀତ ।
୨ । ଅତି ପୁରୁଣା—2. Very old.
ବି—ରାଜପୁତ ରାଜାମାନଙ୍କର ଭୁକ୍ତାବଶେଷ—
The remains of the partaken food of Rajput kings; the leavings of the table of kings.
[ଦ୍ର—ରାଜାମାନେ ସାମନ୍ତ ରାଜାମାନଙ୍କୁ ଏହି ଜୁନା ଦେଇ ସମ୍ମାନିତ କରନ୍ତି ।]

ଜୁନାଗଡ଼—ଦେ. ବି. (ନାମ)—ଗୁଜରାଟର ରାଜ୍ୟ ଓ ନଗରବିଶେଷ—
Junā-garda Name of a State and city in Gujerat.
জুনাগড় [ଦ୍ର—ଏହା କାଟିଆବାଡ଼ ମଧ୍ୟସ୍ଥିତ ଜୁନାଗଡ଼
जुनागढ़ ନାମକ କରଦ ରାଜ୍ୟର ରାଜଧାନୀ । ଗିର୍ଣ୍ଣାର ଓ ଦାତାର ନାମକ ଦୁଇ ପର୍ବତର ଅଧିତ୍ୟକାରେ ଉକ୍ତ ନଗର ସ୍ଥାପିତ ହୋଇଅଛି । ଏହା ପ୍ରାଚୀନ ଓ ନୂତନ ଦୁଇ ଭାଗରେ ବିଭକ୍ତ । ପ୍ରାଚୀନ

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁଆ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଥ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦୁର୍ଗ ନଗରର ଅଳ୍ପଦୂରରେ ଅବସ୍ଥିତ । ଏଠାରେ ବୌଦ୍ଧ ଓ ଜୈନ ଯୁଗରେ ଖୋଦିତ ଅନେକ ଗୁମ୍ଫା ଅଛି ଓ ଗୋଟିଏ ମସଜିଦ୍ ମଧ୍ୟ ଅଛି । ନୂତନ ନଗର ବର୍ତ୍ତମାନ ମୁସ୍ତଫାବାଦ୍ ନାମରେ ଅଭିହିତ— ମଦନମୋହନ—ତୀର୍ଥଦର୍ଶନ ।]

ଜୁନାମାନ୍—ପ୍ରାଦେ. (ସିଂହଭୂମ) ବି—ଚୂନାମାଛ—
Junā-mān Very small fish.

ଜୁନିଅର୍—ବୈଦେ. ବିଣ. (ଇଂ. ଜୁନିଅର୍)—
Juniar ୧ । ବୟସ ବା କାର୍ଯ୍ୟକାଳ ଦୃଷ୍ଟିରେ ଶ୍ରେଷ୍ଠ—
ଜୁନିଅର 1. Junior in age or service.
जूनियर
(ଜିନିଅର୍—ଅପଶବ୍ଦ)

ଜୁବନ୍ଧ—ପ୍ରାଦେ. (ଗଞ୍ଜାମ) ବି—ଜଳର ପରିମାଣ ବା କ୍ଷେତ୍ରଫଳ—
Jubandha The area of a field.

ଜୁବା—ଦେ. ବି—ଜୁବ୍ବା (ଦେଖ)
Jubā Jubbā (See)

ଜୁବାନ୍—ଦେ. ବି ଓ ବିଣ—ଜୁଆନ୍ (ଦେଖ)
Jubān Juān (See)

ଜୁବିଲି—ବୈଦେ. ବି. (ହେବ୍ରୁ ଭାଷାରୁ ଆଗତ; ଇଂ. ଜୁବିଲି)—
Jubili ସ୍ମରଣୀୟ ଘଟଣାର ୫୦ ବର୍ଷ ପୂର୍ଣ୍ଣ ହେଲେ
ଜୁବିଲି ଯେଉଁ ଉତ୍ସବ କରାଯାଏ—Jubilee.
जुबलि

ଜୁବ୍ବା—ବୈଦେ. ବି. (ଆ. ଜୁବା)—ଜାନୁରୁ ଅଣ୍ଟ ପର୍ଯ୍ୟନ୍ତ ଲମ୍ବିବା ଲମ୍ବା ଖିଲ୍ଲା
Jubbā ମେଲ୍ଲା କୁର୍ତ୍ତା—A long vest or jacket.
ଜୁବ୍ବା
जुब्बा

ଜୁଭେନାଇଲ୍ ଅଫେଣ୍ଡର୍—ବୈଦେ. ବି. (ଇଂ)—ଅଦାଲତରେ ଦଣ୍ଡ-
Jubhenāil aphendar ପ୍ରାପ୍ତ ଅପରାଧୀ ଯୁବକ ବା ବାଳକ—
Juvenile offender.

ଜୁମ୍—ଦେ. ବି. (ସଂ. ଯମକ; ଭୁଲ=ଆ. ଜମା)—
Jum ୧ । ଯାତ୍ରାଆଦିରେ ବହୁ ଜନସମାଗମ—
ଜୁମ 1. The gathering of a large crowd attracted
जुमना by a show or performance.
୨ । ନିଶାର ଗାଢ଼ତା; ନିଶାର ମାଦକ ଜମିବା ଅବସ୍ଥା—
2. The state of intoxication reaching its pitch or climax.
୩ । ଆହ୍ଲାଦ; ଆନନ୍ଦ; ମଉଜ—
3. Amusement; glee.

ଜୁମକ୍—ଦେ. ବି (ସଂ. ଯମକ)—ଜୁମ୍ (ଦେଖ)—
Jumak Jum (See)

ଜୁମକ୍ ନିଶା—ଦେ. ବି—୧ । ଗାଢ଼ତା ନିଶା—1. The climax
Jumak nisā or pitch of intoxication.
୨ । ମଉଜଥିବା ନିଶା—2. A state of delightful stupor while intoxicated.

ଜୁମର—ଦେ. ବି (ନାମ)—ସଂସ୍କୃତ ବ୍ୟାକରଣ ଗ୍ରନ୍ଥବିଶେଷ—
Jumara Name of a grammatical work in Sanskrit read as a primer.
ଅମର ଜୁମର ନଠେଇ ଘୋଷ, ଅଇ ସବୁ ପାଠ ଗଲାରେ ଶୋଷ—ପ୍ରବଚନ ।
[ଦ୍ର—ଏହାର ଅନ୍ୟ ନାମ 'ସଂକ୍ଷିପ୍ତସାର'; ଜୁମରନନ୍ଦୀ ଏହି ଗ୍ରନ୍ଥର ବୃତ୍ତି ରଚନା କରିଥିଲେ ବୋଲି, ଏହାକୁ ଜୁମର ବ୍ୟାକରଣ ମଧ୍ୟ କହନ୍ତି ।]

ଜୁମଲା—ବୈଦେ. ବି (ଆ. ଜୁମ୍‌ଲା)—ମୋଟ; ସମଷ୍ଟି—
Jumalā Total.
ଜୁମଲା
जुमला

ଜୁମା—ବୈଦେ. ବି (ଆ. ଜୁମାହ୍)—(ମୁସଲମାନଙ୍କ) ଶୁକ୍ରବାର—
Jumā Friday (according to the Mahomedans).
ଜୁମା
जुमा
(ଜୁମ୍ମା—ଅନ୍ୟରୂପ)

ଜୁମା(ମେ)ଇବା—ଦେ. କ୍ରି (ଆ. ଜମା)—ଜମା କରିବା (ଦେଖ)
Jumā(me)ibā Jamā kaibā (See)
ଜୁମାନ
जुमान

ଜୁମାନିମାଜ୍—ବୈଦେ. ବି (ଆ. ଜୁମାହ୍+ନମାଜ୍)—ଶୁକ୍ରବାର ଦିନ
Jumā-nimāj ମୁସଲମାନଙ୍କର ପାଠ କରିବା ସ୍ତବ—Friday-
ଜୁମାନମାଜ prayer of the Mahomedans.
जुमानमाज
(ଜୁମାନମାଜ—ଅନ୍ୟରୂପ)

ଜୁମାମସଜିଦ୍—ବୈଦେ. ବି (ଆ)—ଯେଉଁ ଭଜନାଳୟରେ ମୁସଲମାନ-
Jumā-masajid ମାନେ ଶୁକ୍ରବାର ଦିନ ସମବେତ ହୋଇ ନମାଜ୍ ପଢ଼ନ୍ତି ବା ଭଜନ କରନ୍ତି—The mosque where Mahomedans assemble for Friday-prayer.
(ଜୁମ୍ମାମସଜିଦ୍—ଅନ୍ୟରୂପ) [ଦ୍ର—ଏହା ଅତ୍ୟନ୍ତ ସୁନାମପ୍ରସିଦ୍ଧ ମସଜିଦ । କଟକ ନଗରର ବାଲୁବଜାରରେ ମୁସଲମାନ ବାଦଶାହା ଆରଙ୍ଗଜେବଙ୍କ ଅମଳରେ ନିର୍ମିତ ମସଜିଦ୍‌କୁ ମଧ୍ୟ ଜୁମାମସଜିଦ୍ ବୋଲାଯାଏ । ଶୁକ୍ରବାର ମୁସଲମାନଙ୍କ ଭଜନର ପ୍ରଶସ୍ତ ଦିନ ।]

ଜୁମିବା—ଦେ. କ୍ରି (ଆ. ଜମା)—୧ । କୌଣସି ଘଟଣାକ୍ରମେ ବହୁଲୋକ
Jumibā ଏକତ୍ର ହେବା—1. Gathering of a crowd
ଜୁମା on a certain occasion.
जुमना; जुमकना (ଯଥା—ଯାତ୍ରା ଜୁମିଛି=ଭଲ ଯାତ୍ରା ହେବାରୁ ବହୁଲୋକେ ଆକୃଷ୍ଟ ହୋଇ ତାହା ଦେଖିବାକୁ ଏକତ୍ର ହୋଇଛନ୍ତି । ସେହିପରି ନାଟ ଜୁମିଛି ଏବଂ ଗାଅଣା ବାଜଣା ଜୁମିଛି ଇତ୍ୟାଦି ବ୍ୟବହୃତ ହୁଏ ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଯ୍ୟ	ତ୍ୟ	ଢ଼
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍

୨ । (ନିଶା) ଜମକ୍ ହେବା; ଗାଢ଼ ହେବା—
2. (intoxication) To reach its pitch.

ଜୁମି ରହିବା—ଦେ. କ୍ରି (ଅ. ଜମା)—ଏକ ସ୍ଥାନରେ ଦୃଢ଼ରୂପେ ସଂଲଗ୍ନ ହୋଇ ଜମି ରହିବା—To accumulate firmly at a place; to be heaped up at a place.
Jumi rahibā
জমে যাওয়া
जम जाना

ଜୁମିଲା—ବୈଦେ. ଅ (ଅ. ଜୁମ୍‌ଲା=ମୋଟ)—ବାବଦକୁ—
Jumilā Towards the account of; in part payment of.
জুমিলা
जुमला [ଦ୍ର—ମୋର ଟ ୧୦ଙ୍କା ପାଉଣା ବାବଦକୁ ଯେବେ ଟ ୧ଙ୍କା ପାଏଁ ତେବେ ଉକ୍ତ ୧୦ଙ୍କା ଜୁମିଲାକୁ ମୁଁ ଟ ୧ଙ୍କା ପାଇଲି ବୋଲାଯିବ; ଏହାର ସାଙ୍କେତିକ ଚିହ୍ନ । ଜୁ । ବା । ଯୁ ।]

ଜୁମେରାତ୍—ବୈଦେ. ବି. (ଆ)—(ମୁସଲମାନଙ୍କର) ଗୁରୁବାର—
Jumerāt Thursday (according to Mahomedans.)
জুমেরাৎ
जुमेरात

ଜୁର୍—ପ୍ରାଦେ. (ସମ୍ବଲପୁର) ବି.—ଜୋଡ଼ି; ଜଳମଗ୍ନ ସ୍ଥାନ—
Jur Marsh; marshy land.

ଜୁର—ଦେ. ବି. (ଫା. ଜୁଲ୍ମ୍=ଅତ୍ୟାଚାର; ଜୁର୍ମ=ଅପରାଧ କିମ୍ବା ସଂ. ଜୁ ଧାତୁ=ଜୀର୍ଣ୍ଣ ହେବା)—୧। ବଳାତ୍କାର ହରଣ—
Jura
1. Snatching; forcible taking away.
୨ । ଲୁଟ—2. Looting; plundering.

ଅସୁର ସୁରଙ୍କ ରମ୍ୟ ଦ୍ରବ୍ୟରଙ୍କ ପଣ ଶୁଣି ସିନ୍ଧୁର ଜୁରରେ ।
କବିସୂର୍ଯ୍ୟ, ସଙ୍ଗୀତ ।

୩ । ଅପବ୍ୟୟ—3. Waste; squandering.
୪ । ଉତ୍ପାତ; ଅସ୍ତବ୍ୟସ୍ତତା—
4. Depredation; destruction; devastation.
୫ । ଉଦ୍ଭ୍ରାନ୍ତ କରିବା; ଓଲଟପାଲଟ କରିବା—
5. Topsyturvification.
ଦେ. ବିଣ.—୧ । ବଳାତ୍କାର ଅପହୃତ—
1. Snatched away; forcibly taken.
୨ । ଲୁଣ୍ଠିତ—2. Looted; plundered.

ବହୁତ ଫଟାଇ ଧନ କରି କେଉଁ ଜୁର.
ଭଞ୍ଜ. ବୈଦେହୀଶବିଳାସ ।

୩ । ଅପବ୍ୟୟିତ—3. Wasted; squandered.
୪ । ବିନଷ୍ଟ; ଅସ୍ତବ୍ୟସ୍ତ; ଛିନଛତ୍ର—
4. Destroyed; devastated.

ଅଥୟ କରନ୍ତି କ୍ଷେତ୍ରେ ଶସ୍ୟ କରିଣ ଜୁର ।
ମଧୁସୂଦନ. ଛନ୍ଦମାଳା ।

୫ । ଓଲଟ ପାଲଟ—
5. Topsyturvy; turned upside down.

ଜୁର କରା(ରେ)ଇବା—ଦେ. କ୍ରି.—ଜୁର କରିବାର ଣିଜନ୍ତ ରୂପ—
Jura karā(re)ibā Causative form of Jura karibā.

ତୁ ରଥଙ୍କୁ ମଡାଇଣ ଜୁର କରେଇବା । ପ୍ରାଚୀ. ନଳଚରିତ ।

ଜୁର କରିବା—ଦେ. କ୍ରି.—୧ । ବଳାତ୍କାର ହରଣ କରିବା—
Jura karibā 1. To snatch away forcibly.
୨ । ଲୁଟିବା; ଲୁଟ କରିବା—
2. To loot; to plunder.

ରତ୍ନ ରତ୍ନଭଣ୍ଡାରକୁ ଜୁର୍ କାହିଁ ଗଲା ।
ଉପେନ୍ଦ୍ର ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । ଉତ୍ପାତ କରିବା; ଛିନଛତ୍ର କରିବା—
3. To commit depredation; to devastate.
୧ । (ଲକ୍ଷଣାର୍ଥ) ଜିଣିବା—1. (figurative) To win.
୨ । ବଳି ପଡ଼ିବା—2. To exceed.

ଜୁରମାର—ଦେ. ବି.—୧ । ଲୁଟମାର; ଉଦ୍ଭ୍ରାନ୍ତ ବିକ୍ଷେପ—
Jura-māra 1. Depredation; devastation.
୨ । ଲୁଟପାଟ—2. Plundering.
୩ । ବିନାଶ; ଚୂରମାର—3. Destruction
ବିଣ.—୧ । ବିନଷ୍ଟ—1. Devastated; destroyed.
୨ । ଲୁଣ୍ଠିତ—2. Looted.

ଜୁରି—ବୈଦେ. ବି. (ଇଂ)—ଅଦାଲତରେ ଜଜଙ୍କ ସହିତ ଦଉରା ମକଦ୍ଦମା ବିଚାର କରିବା କାର୍ଯ୍ୟରେ ସହାୟତା କରିବା ନିମନ୍ତେ ବସିବା ବ୍ୟକ୍ତିଗଣ—
Juri Jury.
জুরি
जूरी
[ଦ୍ର— ସେସନ୍ ଜଜଙ୍କ ସଙ୍ଗେ ସାଧାରଣଙ୍କ ପ୍ରତିନିଧି ସ୍ୱରୂପ ତୁଇ ଜଣରୁ ଚାରି ଜଣ ପର୍ଯ୍ୟନ୍ତ ଜୁରି ବସନ୍ତି ।]

ଜୁରିଆ—ଦେ. ବି.—ଯେ ଜୁର କରେ; ଲୁଟିଆର—
Juriā Dacoit; looter.
লুটিয়ারা
लुटेरा

ଜୁରିବା—ଦେ. କ୍ରି.—ଜୁର କରିବା (ଦେଖ)
Juribā Jura karibā (See)

ଜରୁ—ପ୍ରାଦେ. (ବସ୍ତର) ବି.—ଜୋକ—
Juru Leech.

ଜୁର୍ମ—ବୈଦେ. ବି.— (ଫା)—ଅପରାଧ—
Jurm Offence.
জর্ম
जुर्म

ଜୁର୍ମାନା—ବୈଦେ. ବି. (ଫା)—ଜୋରିମାନା; ଅର୍ଥଦଣ୍ଡ—
Jurmānā Fine
জরিমানা
जुरमाना

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ଜୁର୍ଲା—ପ୍ରାଦେ. (ବସ୍ତର) ବି.—ଅସରପା—
Jurlā Cockroach.

ଜୁଳ୍‌ଜୁଳ୍—ଦେ. ଅ.—(ସଂ. ଜ୍ୱଲ ଜ୍ୱଲ କିମ୍ବା ଜ୍ୱଲଜ୍ୱଲ)—
Jul-jul ୧ । ମିଟ୍ ମିଟ୍ କରି—
জল্‌জল্, জ্বলজ্বল 2. In a peeping manner.
୨ । ମୃଦୁ ଦୃଷ୍ଟି କରି—2. With a sweet glance.
୩ । ସ୍ନିଗ୍ଧଭାବରେ ଅଖି ପିଛାଡ଼ି (ଦୃଷ୍ଟି କରିବା)—
3. With repeated sweet glances.
୪ । ସ୍ନିଗ୍ଧଭାବରେ (ଆଲୋକ ଦେବା); ଜୁକ୍ ଜୁକ୍—
4. In a twinkling manner.
[ଦ୍ର—ଏ ଶବ୍ଦ କ୍ଷୁଦ୍ର ବସ୍ତୁର ଦୀପ୍ତିପ୍ରକାଶ ସୂଚନା କରେ । ଯଥା— କଅଁଳା ପିଲାଟି ବାପ ଆଡ଼କୁ ଜୁଳ୍‌ଜୁଳ୍ କରି ଚାହିଁଛି । ପୁସି ବିରାଡ଼ିଟି ରାତିରେ ଜୁଳ୍‌ଜୁଳ୍ କରି ଚାହିଁଛି । ଜଳଜଳ କରି ଚାହିଁବାରେ ସ୍ନିଗ୍ଧତା ଭାବ ନାହିଁ ।
ଜଳଜଳ କରି ଚାହିଁବା = ମଟମଟ କରି ଚାହିଁବା
ଜୁଳୁଜୁଳୁ କରି ଚାହିଁବା = ମିଟିମିଟି କରି ଚାହିଁବା ।]

ଜୁଳ୍‌ଜୁଳା ପୋକ—ଦେ. ବି.—ଜୁଳୁଜୁଳା ପୋକ (ଦେଖ)
Jul-julā poka Julujulā poka (See)

ଜୁଲ୍‌ଫି—ଦେ. ବି.- (ଫା. ଜୁଲ୍‌ଫି; ସଂ. ନାମ କାକପକ୍ଷ)—
Jul-pi ୧ । କପାଳ ପାଖରୁ ଉଭୟ ତଟ କର୍ଣ୍ଣମୂଳ ପର୍ଯ୍ୟନ୍ତ ଲମ୍ବିଥିବା
জুল্‌ফি କ୍ଷୁଦ୍ର କୁଞ୍ଚିତ ବା ବକ୍ରାଗ୍ର କେଶଗୁଚ୍ଛ—1. Curling lock
जुल्फ of hair hanging down the sides of the temples of the head.
୨ । ଆଖିକୋଣ ଓ କାନ ମଧ୍ୟରେ ଲମ୍ବିଥିବା ସଯତ୍ନରକ୍ଷିତ କେଶଗୁଚ୍ଛ ବା କଲି—2. Curled rings of hair hanging between the ends of the eyes and the ears.
୩ । ଗାଲମୁଛ—3. Whiskers.
୪ । ବବୁର ବାଳ—4. Bobbed hair.

ଜୁଲ୍‌ଫିକଟା—ଦେ. ବି.—୧ । କେଶ ବିନ୍ୟାସ କରିବା ସମୟରେ କାନ
Jul-pi-kaṭā ଓ ଚକ୍ଷୁ କୋଣ ମଧ୍ୟରେ କେତେକ ଲେଖାଏଁ ବାଳ
জুলফি কাটা ବା କଲି ଛାଡ଼ିବା—1. To have a curl or
जुल्फ काटना ringlet of hair hanging down the sides between the eye and the ear.
୨ । ଗାଲମୁଛ—2. Whiskers.
জুলফিকাটা ବିଣ.—କଲି ଲମ୍ବାଇ ବିନ୍ୟସ୍ତ ହୋଇଥିବା
जुल्फवाला କେଶଯୁକ୍ତ—With a curl or ringlet of hair descending in front of the ear.

ଜୁଳ—ଦେ. ବି.—ଜୁଳୁକି (ଦେଖ)
Jula Juluki (See)

ଜୁଳକି—ଦେ. ବି—ଜୁଳୁକି (ଦେଖ)
Julaki Juluki (See).

ଜୁଲମ୍—ବୈଦେ. ବି (ଆ. ଜୁଲ୍‌ମ୍)—
Julam ୧ । ଉତ୍ପୀଡ଼ନ; ଅତ୍ୟାଚାର—
জুলম 1. Oppression; high-handedness.
जुलम ମଙ୍ଗରାଜ କାହାରି ଉପରେ ଜୁଲମ କଲେ ସେ ଯଦି ସାଆନ୍ତାଣୀଙ୍କ କାନରେ ଦୁଃଖ କଥାଟା ଶୁଣାଇ ପାରିଲା—ତେବେ ତ ବିସ୍ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୨ । ବଳାତ୍କାର; ବଳପ୍ରୟୋଗ—
2. Use of criminal force.
୩ । ଉତ୍ପୀଡ଼ନଜନିତ କଷ୍ଟ—
3. Hardship due to oppression.
୪ । ନିଷ୍ଠୁରତା—4. Cruelty.
୫ । ଅନ୍ୟାୟ—5. Injustice.
ଦେ. ବିଣ—ଅତିରିକ୍ତ; ବେଜାୟ—Excessive.
(ଯଥା—ଆମ ଉପରେ ଏ ବନ୍ଦୋବସ୍ତରେ ବହୁତ ଜୁଲମ୍ ଖଜଣା ଧାର୍ଯ୍ୟହେଲା ।)

ଜୁଲମ୍ କରିବା—ଦେ. କ୍ରି.—ଅତ୍ୟାଚାର କରିବା—
Julam kāribā To oppress; to take violent measures.

ଜୁଲମ୍‌ଦାର୍—ବୈଦେ. ବିଣ (ଫା)—ଉତ୍ପୀଡ଼କ; ଅତ୍ୟାଚାରୀ—
Julam-dār Oppressive; tyrannous; high-handed.

ଜୁଲମ୍‌ବାଜ୍—ବୈଦେ. ବି (ଫା)—ଜୁଲମ୍‌ଦାର୍ (ଦେଖ)
Julam-bāj Julam-dār (See).

ଜୁଲମାନା—ଗ୍ରା. ବୈଦେ. ବି (ଆ. ଜୁର୍‌ମାନା)—ଜୋରିମାନା; ଅର୍ଥଦଣ୍ଡ—
Julamānā Fine.

ଜୁଳା—ଦେ. ବି (ପ୍ରାଚୀନ)—(ସଂ. ଜ୍ୱାଳା)—୧ । ଜ୍ୱାଳା—
Julā 1. Distress; pangs.
୨ । ଚକ୍ଷୁର ତାରା—2. The pupil of the eye.
୩ । ତେଜ; ଦୀପ୍ତି—3. Brightness.
ବେନି ନେତ୍ରରେ କଜ୍ଜଳ ଜୁଳା ଝଟକେ—ପ୍ରାଚୀ. ବ୍ରହ୍ମାନନ୍ଦ ଗୀତା ।

ଜୁଲା—ବୈଦେ. ବି (ଫା. ଜୌଲହ୍)—ମୁସଲମାନ ତନ୍ତୀ—
Julā Mahomedan weaver.
ଜୋଲଥାଣି } ସ୍ତ୍ରୀ
ଜୁଲଥାଣି }
[ଦ୍ର—କଟକ ସହରରେ ଜୁଲାସାହି ବୋଲି ବର୍ତ୍ତମାନ ଗୋଟିଏ ଗଳି ଅଛି ।]
জোলা
जुलाहा
(ଜୁଲ୍ଲା, ଜୋଲା, ଜୋଲ୍ହା—ଅନ୍ୟରୂପ)

ଜୁଲାଇ—ବୈଦେ. ବି (ଇଂ)—ଇଂରାଜୀ ଗଣନାରେ ୭ମ ମାସ—
Julāi Month of July.
জুলাই (ଦ୍ର—ଏହା ଓଡ଼ିଆ ଆଷାଢ଼-ଶ୍ରାବଣ)
जुलाई

୧	ଇ	ଉ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇସ୍ତ୍ର	ଉଅ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଚ	ନ୍ୱ

ଜୁଲାପ୍—ବୈଦେ. ବି (ଆ. ଜୁଲ୍ଲାବ୍; ଫା. ଜୁଲାବ୍; ପର୍ତ୍ତୁ. ଜଲାପ୍ପା)—
Julāp ୧ । ଜେଲାପ; ମଳଭେଦକ ଔଷଧ; ବିରେଚକ ଔଷଧ; ଯେଉଁ ଔଷଧ ଖାଇଲେ ଝାଡ଼ା ହୁଏ—1. Purgative; a purge; a cathartic.
জুলাপ; জোলাপ
जुलाब
(ଜୁଲ୍ଲାପ୍, ଜୁଲାବ୍, ଜୁଲ୍ଲାବ୍—ଅନ୍ୟରୂପ)
[ଦ୍ର—ଫା. ଜୁଲାବ୍=ଗୋଲାପପାଣି; ଏହା ସାରକ ବା ମଳଭେଦକ ବୋଲି ଏହି ଅର୍ଥରେ ବ୍ୟବହୃତ । ଏଥିର ଅପଭ୍ରଂଶରେ ଆରବୀ ଓ ଉର୍ଦ୍ଦୁରେ ଜୁଲାବ୍ ଓ ଜୁଲ୍ଲାବ୍ ବ୍ୟବହୃତ ହୁଏ । ତୁଲ. ପର୍ତ୍ତୁଗିଜ୍. ଜଲାପା (Jalapa =ଅମେରିକାର ଜଲାପା ନାମକ ଗଛର ମୂଳଜାତ ମଳଭେଦକ ଔଷଧ ।]
୨ । କଲମୀ ଆଦି ବର୍ଗର ଲତାବିଶେଷ—
2. Ipomoea Purga; Jalap.
[ଦ୍ର—ଏହାର ଆଦ୍ୟ ବାସ ଦକ୍ଷିଣ ଅମେରିକାର ମେକ୍ସିକୋ ଦେଶ; ଏହା ଏ ଦେଶକୁ ଅଣା ହୋଇ ଭାରତର ଓ ମସୂରୀ ପାହାଡ଼ରେ ଚାଷ ହେଉଅଛି । ଏହାର ମୂଳ ଜଲାପ (Jalap) ନାମରେ ଔଷଧ ଓ ବିରେଚକ । ଅମେରିକାରେ ଜୁଲାପ ଗଛକୁ ଝକ୍କୁଡ଼ୀ କହନ୍ତି ।]

ଜୁଲାପ୍ ଦେବା—ଦେ. କ୍ରି—ଝାଡ଼ା କରାଇବା ପାଇଁ କୌଣସି ବ୍ୟକ୍ତିକୁ ବିରେଚକଔଷଧ ପ୍ରୟୋଗ କରିବା—To administer purgative to a person.
Julāp debā
জোলাপ দেওয়া
जुलाब देना

ଜୁଲାପ୍ ଧରିବା—ଦେ. କ୍ରି—ଝାଡ଼ାଔଷଧର ଗୁଣ ପ୍ରକାଶ ହୋଇ ଝାଡ଼ା ହେବା—Purging due to a dose of purgative; the taking effect of a purgative dose.
Julāp dharibā
জোলাপ ধরা

ଜୁଲାପ୍ ନେବା—ଦେ. କ୍ରି—ଝାଡ଼ା କରାଇବା ପାଇଁ ଔଷଧ ଖାଇବା—To take a purgative.
Julāp nebā
জোলাপ লওয়া
जुलाब लेना

ଜୁଲି—ଦେ. ବି. (ସଂ. ଚୁଲ୍ଲୀ; ନୟନଜୁଲି ବା ନୟନଜୋଡ଼ ଶବ୍ଦରେ ବ୍ୟବହୃତ)—
Juli
জুলী
୧ । ପାଣି ଯିବାର ସରୁ ନାଳ ବା ମାହାଳ—
1. A narrow trench or shallow channel for flow of water.

ଜୁଲିକି—ଦେ. ବି—ଜୁଳୁକି (ଦେଖ)
Juliki Juḻuki (See)

ଜୁଲିପି—ବୈଦେ. ବି. (ଫା)—ଜୁଲପି (ଦେଖ)
Julipi Jul-pi (See)
(ଜୁଲିଫି—ଅନ୍ୟରୂପ)

ଜୁଲୁ—ବୈଦେ. ବି. (ନାମ)—ଆଫ୍ରିକାର ଦକ୍ଷିଣାଂଶବାସୀ ବଳିଷ୍ଠ କୃଷ୍ଣାଙ୍ଗ ଜାତିବିଶେଷ—The Zulus.
Julu
জুলু
जुलु
[ଦ୍ର—ଏମାନଙ୍କ ଦେଶକୁ ଜୁଲୁଲାଣ୍ଡ (Zululand) ବୋଲାଯାଏ ।]

ଜୁଳୁକି—ଦେ. ବି—୧ । କବାଟରେ କିଳଣୀକୁ ଅଟକାଇବାର ଲୁହା ବା କାଠର ଅଙ୍କୁଡ଼ି; ଛିଟକିଣୀ; ଶିକ୍କିଅ; ଝୁଡ଼ୁକା—1. A wooden or iron hook to hold the shutter-bar of a door; bolt of a door.
Juḻuki
হাঁসকল
कुलाबा; जमुरका
୨ । ଗାଈକୁ ଦୁହିଁବାବେଳେ ତାହାର ଆଗ ବା ପଛ ଗୋଡ଼କୁ ଛନ୍ଦିବା ଦଉଡ଼ି; ଛନ୍ଦଣୀ—2. A string used to tie up the two fore or hind legs of a cow while she is milked.

ଜୁଳୁକି କବାଟ—ଦେ. ବି—ଜଳାକବାଟ (ଦେଖ)—
Juḻuki-kabāṭa Jaḻā-kabāṭa (See)
ନବଗ୍ରହ ହୋଇଛନ୍ତି ଜୁଳୁକି କବାଟ—ପ୍ରାଚୀ, ବ୍ରହ୍ମନବ୍ରପଣଗୀତା ।

ଜୁଳୁଜୁଳା ପୋକ—ଦେ. ବି (ସଂ. ଜ୍ୱଲ ଧାତୁ; ସଂ. ଜ୍ୟୋତିରିଙ୍ଗଣ)
Juḻujuḻā poka ଯେଉଁ ପୋକ ରାତିରେ ଜୁଳୁଜୁଳୁ କରେ; ଖଦ୍ୟୋତ; ଜ୍ୟୋତିରିଙ୍ଗଣ—Firefly
জুলীপোকা; জুনীপোক
जुगनू
(ଜୁଳୁଜୁଳିଆପୋକ—ଅନ୍ୟରୂପ)
[ଦ୍ର—ବର୍ଣ୍ଣଭେଦରେ ଜୁଳୁଜୁଳାପୋକ ତିନିପ୍ରକାର; ଯଥା—ଧଳା ହଳଦିଆ ଓ ପାଣ୍ଡୁ ବର୍ଣ୍ଣ ।]

ଜୁଳୁଜୁଳୁ—ଦେ. ଅ—ଜୁଳୁଜୁଳ୍ (ଦେଖ)—
Juḻujuḻu Juḻjuḻ (See)

ଜୁଲୁପି—ବୈଦେ. ବି (ଫା)—ଜୁଲୁପି (ଦେଖ)
Julupi Jul-pi (See)
(ଜୁଲୁଫି—ଅନ୍ୟରୂପ)

ଜୁଲୁମ୍ (ଇତ୍ୟାଦି)—ବୈଦେ. ବି (ଆ)—ଜୁଲମ୍ ଇତ୍ୟାଦି (ଦେଖ)—
Julum (etc) Julam etc (See)

ଜୁଲୁସ୍—ବୈଦେ. ବି (ଆ.)—୧ । ସିଂହାସନାରୋହଣ—
Julus 1. Installation.
জুলুস
जलूस
୨ । ଉତ୍ସବାଦି ଉପଲକ୍ଷେ ସମାରୋହ—
2. Grand display on the occasion of a rejoicing.
୩ । ଜାକଜମକ—3. Grandeur, show.
୪ । ଶୋଭାଯାତ୍ରା—4. Procession.

ଜୁଲ୍ଲା—ଦେ. ବି—ଜୁଲା (ଦେଖ)—
Jullā Juḻa (See)

ଜୁଷ୍ (ଧାତୁ)—ସଂ—ସେବା କରିବା—
Jush (root) To serve; to attend.

ଜୁଷ୍—ସଂ. ବି. (ଜୁଷ ଧାତୁ=ସେବା କରିବା+କର୍ତ୍ତୃ. କ୍ୱିପ୍)—
Jush ୧ । ସେବକ—1. Attendant, servant.
୨ । ସହାୟ—2. Helper.
୩ । ପ୍ରଣୟୀ—3. Lover.
୪ । ପୂଜକ—4. Worshipper

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଁଟା' ନ ପାଇଲେ 'ଅଣ୍ଟା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବି. (ସଂ. ଜୂଷ)—ସୁରୁଆ; ଡାଲି, ମାଂସ ଆଦି ସିଝା ହୋଇ ଥିବା ପାଣି; ଝୋଳ—Broth; soup.
জুস্
জুস

ଜୁଷ୍ଟ—ସଂ. ବିଣ. (ଜୁଷ୍ ଧାତୁ + କର୍ମ କ୍ତ)—୧ । ପୂଜିତ—
Jushṭa 1. Worshipped.
୨ । ସେବିତ—2. Followed; served; attended to.
୩ । ଉତ୍ସୃଷ୍ଟ—3. Dedicated.
୪ । ସନ୍ତୁଷ୍ଟ—4. Gratified; pleased.
୫ । ଉପକୃତ—5. Benefitted.
୬ । ଉଚ୍ଛିଷ୍ଟ—6. Left in the plate after meals.

ଜୁଷ୍ୟ—ସଂ. ବିଣ (ଜୁଷ୍ ଧାତୁ + କର୍ମ. ଯ)—୧ ସେବ୍ୟ—
Jushya 1. Fit to be served.
୨ । ପୂଜ୍ୟ; ଉପାସ୍ୟ—2. Fit to be worshipped,

ଜୁହା—ପ୍ରାଦେ. (ସିଂହଭୂମ) ବି—ଜୁଆ (ଦେଖ)
Juhā Juā (See)

ଜୁହାଁ—ପ୍ରାଦେ. (ଲଇଆ) ବି. (ସଂ. ଯୁକା; ତୁଲ. ଏହି ଅର୍ଥରେ ହି. ଜୂଁ)
Juhāṅ ଉକୁଣି—Louse.

ଜୁହାଡ଼ି—ପ୍ରାଦେ. (ସିଂହଭୂମ) ବି—ଜୁଆଡ଼ି; ଦ୍ୟୂତାସକ୍ତ ବ୍ୟକ୍ତି—
Juhārḍi Gambler.

ଜୁହାର—ଦେ. ବି.—(ସଂ. ଅବହାର = ଯୁଦ୍ଧାଦିର ସାମୟିକ ବିରାମ; ହି. ଶବ୍ଦସାଗର)—୧ । ଦଣ୍ଡବତ; ନମସ୍କାର; ଅଭିବାଦନ—
Juhāra
জুহার; জোহার 1. Salutation; a bow.
जुहार ୨ । ରାଜା ଆଦିଙ୍କୁ ଯୋଡ଼ହାତରେ ସାଷ୍ଟାଙ୍ଗ ନମସ୍କାର—2. Obeisance to a high personage with folded palms.
୩ । ଭୟରେ କୌଣସି ଦୁଷ୍ଟ ବ୍ୟକ୍ତିକୁ ନମସ୍କାରପୂର୍ବକ ତାହାଠାରୁ ଦୂରରେ ଅବସ୍ଥାନ—3. Keeping away from a wicked person, with folded hands, at a safe distance, through fear.
ଏଣୁ ସ୍ୱର୍ଗ ସୁଦେହାର ଆଦି ଅମରେ ନହାରକର କରନ୍ତି ଅହାର; ତାଙ୍କୁ ଜୁହାର । ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।
ଅ—(ନମସ୍କାର କଲାବେଳେ ଉଚ୍ଚାରିତ ଶବ୍ଦ)—ମହାଶୟ, ନମସ୍କାର ! (Interj) Good morning ! Good day !

ଜୁହାର କରିବା—ଦେ. କ୍ରି—୧ । ନମସ୍କାର କରିବା—
Juhāra karibā 1. To bow down; to salute.
জুহার করা ୨ । ମାନ୍ୟ କରିବା—
हार करना 2. To show respect.
(ଜୁହାର ହେବା—ଅନ୍ୟରୂପ) ୩ । ହାତ ଯୋଡ଼ି ବିନତି କରିବା—3. To pray or beseech with folded hands.
୪ । କୌଣସି ବ୍ୟକ୍ତି ବା ବସ୍ତୁଙ୍କୁ ଭୟ ନମସ୍କାରପୂର୍ବକ ଦୂରଛଡ଼ା ହୋଇ ରହିବା—4. To keep oneself at a safe distance from a person or thing with folded hands, through fear.
୫ । ହାର ମାନିବା; ଶଙ୍କି ରହିବା—
5. To submit; to yield; to admit defeat.
(ଯଥା—ଜୁହାର କରୁଛି ଭାଇ ! ମୁଁ କ ଏଥିକି ଭାଜନା? ମତେ ଆଉ ଏଥିରେ ଝନ୍‌ଝଟରେ ପକାନା ।)

ଜୁହାରିବା—ଦେ. କ୍ରି—୧ । ଜୁହାର କରିବା (ଦେଖ)—
Juhāribā 1. Juhāra karibā (See).
ଧରଣୀ ନିକର କର ଜଳ ଲବ ଲଭ ପୁଣି ତାଙ୍କୁ ନ ଜୁହାରିବାର ଜଳସୂର୍ଯ୍ୟ, ଉତ୍କଳର ବନ୍ଧୁ ।
୨ । ଭୟରେ କୌଣସି ବସ୍ତୁ ବା ବ୍ୟକ୍ତି(ଙ୍କୁ ନମସ୍କାର କରି ତା)ଠାରୁ ଦୂରରେ ରହିବା—2. To keep away from a person or thing through fear.
ମୁଁ ହାରିଲି ହେଉ ଏତିକ ଗୋ
ଜୁହାରିଲି ଶ୍ୟାମ ପ୍ରୀତିକି ଗୋ—ପ୍ରାଚୀନ ସଙ୍ଗୀତ

ଜୁହାଳ—ପ୍ରାଦେ. (କଳାହାଣ୍ଡି) ବି.—ଶଗଡ଼ର ଜୁଆଳି—
Juhāḷa The yoke of a cart.

ଜୁହୁ—ସଂ. ବି (ହୁ ଧାତୁ = ହୋମ କରିବା + କରଣ କ୍ୱିପ୍)—
Juhu ଯଜ୍ଞୀୟ କାଷ୍ଠପାତ୍ରବିଶେଷ—A kind of wooden
(ଜୁହୂ—ଅନ୍ୟରୂପ) vessel used in vedic sacrifice.

ଜୁହ୍ନା—ପ୍ରାଦେ. (ସମ୍ବଲପୁର). ବିଣ - ଜୁନା (ଦେଖ)—
Juhnā Junā (See).

ଜୂ—ବୈ. ବି (ଫା. ଜୂ)—ଜୁ (ଦେଖ)—Ju (See).
Jū ସଂ. ବି (ଜୁ ଧାତୁ = ବେଗରେ ଗମନ କରିବା)—
୧ । (+ ଅଧିକରଣ. କ୍ୱିପ୍)—ଆକାଶ—1. The sky.
୨ । (+ କର୍ତ୍ତୃ. କ୍ୱିପ୍)—ସରସ୍ୱତୀ—2. The Goddess of learning.
୩ । ପିଶାଚୀ—3. Demoness.
୪ । (+ ଭାବ. କ୍ୱିପ୍) ଶୀଘ୍ର ଗମନ—4. Swift movement.

ଜୂଟ୍ (ଧାତୁ)—ସଂ.—ଏକତ୍ର ହେବା; ଜମା ହେବା—To be massed
Juṭ (root) together; to be heaped

ଜୂଟ—ସଂ. ବି (ଜୂଟ୍ ଧାତୁ ଏକତ୍ର ହେବା + କର୍ତ୍ତୃ ଅ)—୧ । ଜଟା—
Jūṭa 1. Matted locks o hair gro n by ascetics.
୨ । ସମୂହ—2. Cluster; collection.
(ଯଥା—ଜଟାଜୂଟ ।)
୩ । ସ୍ତୂପ; ଗଦା—3. Mass; heap.
୪ । ବନ୍ଧନ—4. Tying up.

ଜୂଟକ—ସଂ. ବି (ଜୂଟ୍ ଧାତୁ ଏକତ୍ର ହେବା + କର୍ତ୍ତୃ. ଅକ)—
Jūṭaka ଜୂଟ (ଦେଖ)
Jūṭa (See)

୧	ଋ	ଊ	ଋ,ୠ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଋଯ୍ୟ	ଋଅ	ଘ
୨	ଈ	ଊ	ଋୁ	ଲୃ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଙ୍ଗ	ଦ୍ଭ

ଜୂତ—ଦେ.ବି (ସଂ. ଦ୍ୟୂତ)—୧ ଜୁଆଖେଳ—
Jūta . 1. Gambling.
ଜୂତ ଯୂତ କଲେ ମନ କନ୍ୟା ପ୍ରବୃତ୍ତ—ଉକ୍ତ. ପ୍ରେମସୁଧାନିଧି ।
୨ । ପଶାଖେଳ—2. Play at dice.
ଜୂତରେ ଅଜ୍ଞାନ ଘଜା ହୋଇଲେ ଜାଣ—ପ୍ରାଚୀ, ନଳଚରିତ ।

ଜୂତି—ସଂ. ବି. (ଜୁ ଧାତୁ+ଭାବ. ତି)—୧ । ଗତି—
Jūti 1. Motion.
୨ । ବେଗ—2. Velocity; swiftness.

ଜୂର—ଦେ. ବି. ଓ ବିଣ—ଜୁର (ଦେଖ)
Jūra Jura (See)
ଜୀବନ ହରବ ତାହାର, ସବ ସମ୍ପଦ କର ଜୂର—
ଜଗନ୍ନାଥ: ଭାଗବତ ।

ଜୂରିବା—ଦେ. କି—ଜୁର କରିବା (ଦେଖ)
Jūribā Jura karibā (See)
କର୍ତ୍ତିକା । ଲଘୁ ଜୂର ମୁନିଙ୍କର—ଉଣ୍ଡ, କୋଟୀବ୍ରହ୍ମାଣ୍ଡସୁନ୍ଦରୀ ।

ଜୂର୍ଣ୍ଣ—ସଂ. ବି—ଜୁଣ (ଦେଖ)
Jūrṇṇa Juṇa (See)

ଜୂଷ୍ (ଧାତୁ)—ସ—ବଧ କରିବା—
Jūsh (root) To kill.

ଜୂଷ—ସଂ. ବି. (ଜୂଷ୍ ଧାତୁ=ବଧ କରିବା+ସଂଜ୍ଞାର୍ଥ. ଅ)—କ୍କାଥ; ଅଣ; ଝୋଳ; ଡାଲି ଆଦିର ଅଣ—Broth; soup.
Jūsha

ଜୃନ୍ଭ୍ (ଧାତୁ)—ସଂ.—ହାଇ ମାରିବା—
Jṛun-bh (root) To yawn.

ଜୃମ୍ଭ୍ (ଧାତୁ)—ସ—ଜୃନ୍ଭ୍ (ଦେଖ)
Jṛumbh (root) Jṛun-bh (See)

ଜୃମ୍ଭ—ସଂ. ବି. (ଜୃନ୍ଭ୍ ଧାତୁ+ଭାବ. ଅ)—୧ । ହାଇ—
Jṛumbha 1. A yawn.
(ଜୃଂଭ—ଅନ୍ୟରୂପ) ୨ । ହାଇ ମାରିବା—
2. Yawning; gaping.
୩ । ଆଁ କରିବା; ମୁଖ ବ୍ୟାଦନ—
3. Gaping of the mouth.
୪ । ବ୍ୟାଦାନ; ବିକାଶ—
4. Opening; being widened; expansion.
୫ । ସ୍ଫୁରଣ; ପ୍ରକାଶ—5. Manifestation.
୬ । ଆଳସ୍ୟ—6. Idleness.
୭ । ଆଳସ୍ୟରୁ ଉତ୍ପନ୍ନ ଜଡ଼ତା—
7. Inertness due to idleness.

ଜୃମ୍ଭକ—ସଂ. ବିଣ. (ଜୃନ୍ଭ୍ ଧାତୁ+କର୍ତ୍ତୃ. ଅକ)—
Jṛumbhaka ୧ । ଯେ ସର୍ବଦା ହାଇ ମାରେ—
(ଜୃଂଭକ—ଅନ୍ୟରୂପ) 1. Gaping; yawning.
(ଜୃମ୍ଭିକା—ସ୍ତ୍ରୀ) ୨ । ନିଦ୍ରାକାରକ—
2. Soporific; producing or causing sleep.
୩ । ଆଳସ୍ୟକର—
3. Conducing to idleness.
ବି—ଦକ୍ଷପ୍ରଜାପତିଙ୍କ କନ୍ୟାଦ୍ୱୟଙ୍କ ଗର୍ଭରେ କୃଶାଶ୍ୱ ମହର୍ଷିଙ୍କ ଔରସଜାତ ଶତପୁତ୍ର (ଏମାନେ ଅସ୍ତ୍ରରୂପରେ ରାମାୟଣରେ ବର୍ଣ୍ଣ୍ୟାତ)—The hundred sons of sage Kṛuśāśwa born of the two daughters of Daksha, personifying weapons (mentioned in the Rāmāyaṇa).
[ଦ୍ର—ଏ ଅସ୍ତ୍ରମାନଙ୍କୁ ନିକ୍ଷେପ କଲେ ଶତ୍ରୁମାନେ ନିଦ୍ରାରେ ଅଚେତନ ହୁଅନ୍ତି ।]

ଜୃମ୍ଭକାସ୍ତ୍ର—ସଂ. ବି. (ଜୃମ୍ଭକ+ଅସ୍ତ୍ର)—୧ । କୃଶାଶ୍ୱ ମୁନିଙ୍କ ଶତ ପୁତ୍ର ଅଧିଷ୍ଠିତ ଅସ୍ତ୍ର—
Jṛumbhakāstra
1. The weapons presided over by the hundred sons of Kṛuśāśwa.
[ଦ୍ର—ରାମଚନ୍ଦ୍ର ତାଡ଼କା ଆଦି ରାକ୍ଷସଙ୍କୁ ବଧ କରିବା ସମୟରେ ବିଶ୍ୱାମିତ୍ର ପ୍ରସନ୍ନ ହୋଇ ପ୍ରୟୋଗମନ୍ତ୍ର ସହିତ ଏ ଅସ୍ତ୍ରମାନଙ୍କୁ ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । ଘୋର ତପସ୍ୟା ବଳରେ ବିଶ୍ୱାମିତ୍ର ଏ ଅସ୍ତ୍ରମାନଙ୍କ ଅଗ୍ନିଙ୍କଠାରୁ ପାଇଥିଲେ—ହି· ଶବ୍ଦସାଗର ।]
୨ । ଯେଉଁ ଅସ୍ତ୍ର ଜୃମ୍ଭଣ କରାଏ; ଯେଉଁ ଅସ୍ତ୍ରରେ ଆହତ ଯୋଦ୍ଧୃଗଣ ନିଦ୍ରାରେ ଅବସନ୍ନ ହୋଇ ହାଇ ମାରନ୍ତି—2. The weapon which induces sleep on persons whom it strikes.

ଜୃମ୍ଭଣ—ସଂ. ବି. (ଜୃନ୍ଭ୍ ଧାତୁ+ଭାବ. ଅନ)—୧ । ହାଇ ମାରିବା—
Jṛumbhaṇa 1. Act of gaping or yawning.
(ଜୃଂଭଣ—ଅନ୍ୟରୂପ) ୨ । ହାଇ—2. A yawn.
୩ । ପ୍ରକାଶ—3. Expansion; manifestation.
୪ । ପ୍ରସ୍ଫୁଟନ—4. Opening.
୫ । ଜଡ଼ତା; ଆଳସ୍ୟ—5. Idleness.
୬ । ଅବସାଦ; ନିଦ୍ରା—6. Sleep.
୭ । ମୁଖବ୍ୟାଦାନ—
7. Opening the mouth wide; gaping.

ଜୃମ୍ଭତ୍—ସଂ. ବିଣ. ପୁଂ. (ଜୃନ୍ଭ୍ ଧାତୁ+କର୍ତ୍ତୃ. ଅତ୍)—
Jṛumbat ୧ । ବିକାଶପ୍ରାପ୍ତ; ପ୍ରସ୍ଫୁଟିତ; ପ୍ରକାଶମାନ—
(ଜୃଂଭତ୍—ଅନ୍ୟରୂପ) 1. Opened; manifest.
(ଜୃମ୍ଭତୀ—ସ୍ତ୍ରୀ) ୨ । ହାଇ ମାରୁଥିବା—2. Yawning.

ଜୃମ୍ଭମାଣ—ସଂ. ବିଣ. ପୁଂ. (ଜୃନ୍ଭ୍ ଧାତୁ+କର୍ତ୍ତୃ. ଅନ)—
Jṛumbha-māṇa ୧ । ଯେ ହାଇ ମାରୁଅଛି—1. Yawning.
(ଜୃଂଭମାଣ—ଅନ୍ୟରୂପ) ୨ । ପ୍ରକାଶମାନ—2. Manifest.
(ଜୃମ୍ଭମାଣା—ସ୍ତ୍ରୀ) ୩ । ଯେ ପାଟି ମେଲା କରିଅଛି; ଆଁ କରିଥିବା—
3. Gaping.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ;

ଜୃମ୍ଭା— ସଂ ବି. (ଜୃମ୍ଭ୍ ଧାତୁ + ଭାବ. ଅ + ଆ)—ଜୃମ୍ଭ (ଦେଖ)
Jṛumbhā Jṛumbha (See)

ଜୃମ୍ଭିକା—ସଂ. ବି. ସ୍ତ୍ରୀ. (ଜୃମ୍ଭ + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—୧ । ହାଇ—
Jṛumbhikā 1. A yawn.
୨ । ଆଳସ୍ୟ—2. Idleness.
୩ । ରୋଗବିଶେଷ—3. Name of a disease.
[ଦ୍ର—ଏ ରୋଗରେ ରୋଗୀ ଅଳସ ହୁଏ ଓ ଘନଘନ ହାଇ ମାରେ; ଜିହ୍ୱାକୁ ଅବରୋଧ କରିବାରୁ ଏ ରୋଗ ଜନ୍ମେ— ହି. ଶବ୍ଦସାଗର ।]

ଜୃମ୍ଭିତ—ସଂ. ବିଣ. (ଜୃମ୍ଭ୍ ଧାତୁ + କର୍ତ୍ତୃ. ତ)—
Jṛumbhita ୧ । ବିସ୍ତାରିତ; ବିକାଶପ୍ରାପ୍ତ—
(ଜୃମ୍ଭିତ—ଅନ୍ୟରୂପ) 1. Expanded; opened.
(ଜୃମ୍ଭିତା—ସ୍ତ୍ରୀ) ୨ । ହାଇ ମାରୁଥିବା—
2. Gaping; yawning.
୩ । ମୁହଁ ଆଁ କରିବା—
3. With mouth wide agape.
୪ । ଚେଷ୍ଟିତ (ହି. ଶବ୍ଦସାଗର)—4. Exerting.
ସଂ. ବି. (+ ଭାବ. ତ)—୧ । ରମ୍ଭା (ହି. ଶବ୍ଦସାଗର) —
1. Plantain.
୨ । ସ୍ଫୋଟନ (ହି. ଶବ୍ଦସାଗର)—2. Cracking.
୩ । ସ୍ତ୍ରୀମାନଙ୍କର ଇଚ୍ଛା ବା ଇଚ୍ଛା (ହି. ଶବ୍ଦସାଗର) —
3. The desire or longing of females.

ଜେ—ଦେ. ଅ. (ସଂ. ଜୟ)—(ଧନ୍ୟବାଦ, ଅଭିବାଦନ, ସମ୍ମାନ ପ୍ରଦର୍ଶନ, କୃତଜ୍ଞତା ଜ୍ଞାପନାର୍ଥ ବ୍ୟବହୃତ—(Interjection used in thanksgiving, making obeisance, showing respect and gratitude)
Je
जय
जय; जै
୧ । ଆପଣଙ୍କର (ବା ଅମୁକଙ୍କର) ଜୟ ହେଉ—
1. Glory to Thee in the highest !.
୨ । ନମସ୍କାର ମହାଶୟ !—
2. Obeisance to Thee !.
୩ । ଆପଣଙ୍କୁ ଧନ୍ୟବାଦ—3. Thanks to Thee !.

ଜେଇଁ ଜାଇଁ ରଖିବା—ଦେ· କି. (ସଂ. ଜୀବନ)—ନାନା ଉପାୟ ଅବଲମ୍ବନପୂର୍ବକ କୌଣସି ପ୍ରାଣୀ ବା ବୃକ୍ଷ ଆଦିକୁ ସଜୀବ ରଖିବା—
Jeiñ jaiñ rakhibā
বাঁচিয়ে রাখা
जीलाकर रखना To keep a plant or animal alive anyhow.

ଜେଇଁବା—ଗ୍ରା. କି. (ସଂ. ଜୀବ ଧାତୁ)—୧ । ଜୀଇଁବା—
Jeiñbā 1. To live.
জিঁয়া ୨ । ଜୀଅଁାଇବା—
जिलाना 1. To cause to live.

ଜେଉଟ—ଦେ. ବି (ସଂ. ଡହୁ)—ଅଳ୍ପ ଅମ୍ଳ ସ୍ୱାଦୁଯୁକ୍ତ ଫଳ ଓ ତାହାର ବୃକ୍ଷ ବିଶେଷ—A tree bearing sourish edible fruits like mangosteen; the monkey jack; Artocarpus Lacooch Anthochynus' Pictorius; Stalagmites Pictoria (Fallon).
Jeuṭa
ସଂ. ଲକୁଚ; କ୍ଷୁଦ୍ରପନସ; ଲିକୁଚ; ଲକୁଚ; ଡହୁ; ଡହୂ; ଶୌରବକ; ଅମ୍ଳକ; କଳୁଚ; କଷାୟୀ; ଦୃଢବଲ୍କଳ; କଷାୟୀ; ଶାଲ; ଶୂର; ସ୍ଥୂଳସ୍କନ୍ଧ
ମ. ବଟାରଫଳ, କ୍ଷୁଦ୍ରଫଣସ
ଗୁ. ଲକୁଚ
(ଜେଉଠ—ଅନ୍ୟରୂପ)
মাঁদার; ডেঁফল, ডেলো- মান্দার, মাদার; ডহুয়া
डाहो, बाढ़ाल ,धाबा, बड़हर

ଆମ୍ବ ପନସ ପୁନ୍ନାଗ ଜେଉଟ,
ବେଲ ବରୁଣ କପିଥ ପ୍ରକଟ ।
ବିଶ୍ୱନାଥ. ବିଚିତ୍ରରାମାୟଣ

[ଦ୍ର—ଏହା ଉଦ୍ୟାନତରୁବିଶେଷ, ଏହାର ପତ୍ରମାନ ଡିମ୍ବିରପତ୍ର ଭଳି. କିନ୍ତୁ ଅପେକ୍ଷାକୃତ କ୍ଷୁଦ୍ର ଓ ଗୋଲାକାର; ଫଳମାନ ଅତି ଆକାରର ଓ ବନ୍ଧୁ ସ୍ଥାନରେ ଲୁଞ୍ଚ ଓ ଲୁଞ୍ଚିତ; ପାଚିଲେ ହଳଦିଆ ହୁଏ; ବର୍ଷା ସମୟରେ ଫଳେ । ଫଳ ଈଷତ୍ ଅମ୍ଳସହିତ ମିଷ୍ଟ । ବୈଦ୍ୟଶାସ୍ତ୍ର ମତରେ ଅପକ୍ୱ ଫଳ ଉଷ୍ଣବୀର୍ଯ୍ୟ, ଗୁରୁ, ବିଷ୍ଟମ୍ଭକାରକ, ତ୍ରିଦୋଷଜନକ, ରକ୍ତକାରକ, ଶୁକ୍ରଘ୍ନ, ଅଗ୍ନି ନାଶକ ଓ ଚକ୍ଷୁର ହିତକର । ପାଚିଲା ଫଳ ବାୟୁ, ପିତ୍ତ, କଫ, ଅଗ୍ନି ଓ ବିଷ୍ଟମ୍ଭକର, ରୁଚିକର ଓ ଶୁକ୍ରଜନକ ।]

ଜେଏର୍‌ବାଅର୍—ବିଦେ. ବିଣ (ଫା. ଜେର୍‌ବାର୍)—ଜେର୍‌ବାର୍ (ଦେଖ)
Je-er-bāar Jer-bār (See).
(ଜେଏର୍‌ବାର୍—ଅନ୍ୟରୂପ)

ଜେଗା (ଇତ୍ୟାଦି)—ଗ୍ରା. ବି—ଜାଗା ଇତ୍ୟାଦି (ଦେଖ)
Jegā (etc) Jāgā etc (See).
ଯେତେ ସେ ଜେଗାରୁ ଫିଟିଲି ଗାଈ—ଗ୍ରାମ୍ୟ. ପଲ୍ଲୀଗୀତ ।

ଜେଜି—ଦେ. ବି. ପୁଂ ଓ ସ୍ତ୍ରୀ (ସଂ. ଜ୍ୟେଷ୍ଠ)—୧ । ପିତାମହ—
Jeji 1. Grandfather.
୨ । ପିତାମହୀ—2- Grandmother.

ଜେଜି ବାପା—ଦେ. ବି. ପୁଂ (ସଂ.ଜ୍ୟେଷ୍ଠ)—ପିତାମହ; ଗୋସାଇଁ ବାପା—
Jeji bāpā Grandfather.
বড় দাদা; ঠাকুর দাদা
दादा

ଜେଜି ମା—ଦେ. ବି. ସ୍ତ୍ରୀ—ପିତାମହୀ; ବୁଢ଼ୀମାଆ—
Jeji mā Grandmother.
দীদীমা
दादी
(ଜେଜିମାଆ—ଅନ୍ୟରୂପ)

ଜେଜୀ—ଦେ. ବି. ସ୍ତ୍ରୀ—ପିତାମହୀ; ବୁଢ଼ୀମାଆ—
Jej Grandmother.
দীদীমা
दादी

× × × ଘର ଛାଡ଼ିବାକୁ ଯାଇ ମାତ୍ର ଅଭ ଜେଜୀକୁ × × × ଖବର ଦେଲି ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ର	ଉଅ	ଛ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଂ୍ୟ	ଇଅ	ଞ୍ଚ	ନ୍

ଜେଜେ—ଦେ. ଅ—ଜେ (ଦେଖ)
Jeje Je (See)
ଦେ. ବି—୧ । ପିତାମହ—1. Grandfather.
୨ । ଦେବତା—2. Deity.
ଲା.ମାନ୍ୟ ବ୍ୟକ୍ତି—3. Honoured, respected or revered person.
ଦେ. ବିଣ—ମାନାର୍ହ; ପୂଜାର୍ହ—
Honourable; respectable.

ଜେଜେ କରିବା—ଦେ. କ୍ରି—ନମସ୍କାର ବା ପ୍ରଣାମ କରିବା—
Jeje kariba To bow down; to salute.

ଜେଜେକାର—ଦେ. ବି. (ସଂ. ଜୟଜୟକାର)—
Jeje-kāra ଧନ୍ୟବାଦାର୍ଥକ ସ୍ତୁତିଗାନ; ଜୟ ଜୟ ଧ୍ୱନି—
जयजयकार Songs of praise; hallelujahs.
जैजैकार

ଜେଜେ ନାନୀ—ଦେ. ବି. ସ୍ତ୍ରୀ—୧ । ଜ୍ୟେଷ୍ଠା ଭଗିନୀ—
Jeje nānī 1. Elder sister.
दीदी ୨ । ପିଉସୀ; ପିତାଙ୍କର ଭଉଣୀ—
जीजी 2. Aunt; sister of one's father.

ଜେଜେ ବା—ପ୍ରାଦେ. (ବାଲେଶ୍ୱର) ବି—ଜେଜେ ବାପା—
Jeje bā Grandfather.

ଜେଜେ ବାପା—ଦେ. ବି—ଜେଜି ବାପା (ଦେଖ)—
Jeje bāpā Jeji bāpā (See)

ଜେଜେ ଭାଇ—ଦେ. ବି. (ସଂ. ଜ୍ୟେଷ୍ଠ ଭ୍ରାତା)—
Jeje bhāi ଜ୍ୟେଷ୍ଠ ଭାଇ—
बड़दादा The eldest brother.
बड़दादा

ଜେଜେ ଭାଇନା—ଦେ. ବି. (ବ୍ରାହ୍ମଣଙ୍କ ବ୍ୟବହୃତ ଶବ୍ଦ)—
Jeje bhāinā ଜେଜେ ଭାଇ (ଦେଖ)
ଜେଜେ ଭାଇନା, ଜେଜେ ଭାଇନାଁ } ଅନ୍ୟରୂପ Jejebhāi (See)

ଜେଜେ ମା—ଦେ ବି—ଜେଜି ମା (ଦେଖ)
Jeje mā Jeji mā (See)
(ଜେଜେ ମାଆ—ଅନ୍ୟରୂପ)

ଜେଟି—ବୈଦେ. ବି. (ଇଂ. ଜେଟ୍ଟୀ)—ଜାହାଜ ବା ବୋଡ଼ରୁ କୂଳକୁ ମାଲ ବା ମନୁଷ୍ୟ ଉତାରିବା ପାଇଁ କରାଯିବା ମଞ୍ଚ—Jetty.
Jeti
जेटि
जेटी
(ଜେଟ୍ଟି—ଅନ୍ୟରୂପ)

ଜେଠପା—ଗ୍ରା. (ଉତ୍ତର) ବି. (ସଂ.ଜ୍ୟେଷ୍ଠତାତ, ଶୂଦ୍ରମାନଙ୍କ ବ୍ୟବହୃତ)-
Jeṭhapā ଜ୍ୟେଷ୍ଠତାତ—Father's elder brother.
जेठा

ଜେଠ ଶଶୁର—ଗ୍ରା. ବି. ପୁଂ. (ସଂ. ଜ୍ୟେଷ୍ଠ+ଶ୍ୱଶୁର)—
Jeṭha śaśura ସ୍ୱାମୀ ବା ସ୍ତ୍ରୀଙ୍କ ଜ୍ୟେଷ୍ଠତାତ—
जेठशशुर Father-in-law's elder brother.

ଜେଠ ଶାଶୁ—ଗ୍ରା. ବି. ସ୍ତ୍ରୀ. (ସଂ. ଜ୍ୟେଷ୍ଠ+ଶ୍ୱଶ୍ରୂ)—
Jeṭha śāśu ଜେଠେଇ ଶାଶୁ; ଶାଶୁଙ୍କର ବଡ଼ଜାଆ—
जेठशाशु Elder sister-in-law of mother-in-law; the wife of the elder brother of one's father-in-law.

ଜେଠା—ଗ୍ରା ବି. (ସଂ. ଜ୍ୟେଷ୍ଠତାତ)—ପିତାଙ୍କ ଜ୍ୟେଷ୍ଠ ଭାଇ; ଜ୍ୟେଷ୍ଠ
Jeṭhā ତାତ; ବଡ଼ବାପା; ଜ୍ୟେଷ୍ଠ ପିତୃବ୍ୟ—Father's
जेठतुता, जेठा elder brother; elder paternal uncle.
ଦେ. ବିଣ. (ବି)—୧ । ଫାଙ୍କଲ୍—1. Braggart.
୨ । ପ୍ରଗଲ୍ଭ—2. Talkative.

ଜେଠାଇ—ଦେ. ବି. (ସଂ. ଜ୍ୟେଷ୍ଠ+ଅମ୍ବିକା)—
Jeṭhāi ଜ୍ୟେଷ୍ଠ ପିତୃବ୍ୟ ପତ୍ନୀ—Elder aunt; wife
जेठाइ of one's elder paternal uncle.
(ଜେଠେଇ—ଅନ୍ୟରୂପ)

ଜେଠାଇ ମା—ଦେ. ବି. (ସଂ. ଜ୍ୟେଷ୍ଠା+ମାତା)—
Jeṭhāi mā ୧ । ଜେଠାଇ (ଦେଖ)
ଜେଠାଇ ମାଆ, ଜେଠେଇ ମା } ଅନ୍ୟରୂପ 1. Jeṭhāi (See)
୨ । ପିତାଙ୍କର ଜେଠାଇ—
2. Wife of the elder paternal uncle of one's father.

ଜେଠା ପୁଅ—ଗ୍ରା. ବି—ପିତାଙ୍କ ଜ୍ୟେଷ୍ଠ ଭ୍ରାତାଙ୍କ ପୁତ୍ର; ବଡ଼ବାପାଙ୍କ ପୁଅ—
Jeṭhā pua One's elder cousin-brother; elder
जेठतुतो भाई paternal uncle's son.

ଜେଠୀ—ଗ୍ରା. ବି. (ସଂ. ଜ୍ୟେଷ୍ଠ)—
Jeṭhī ୧ । ବଣିଆମାନଙ୍କ ବଂଶଗତ ଉପାଧି ବିଶେଷ—
1. A family-title of goldsmiths.
୨ । ସ୍ତ୍ରୀଙ୍କ ବଡ଼ ଭଉଣୀ; ଦେଢ଼ଶାଶୁ—
2. Wife's elder sister.

ଜେଠେଇ—ଦେ. ବି. ସ୍ତ୍ରୀ—ଜେଠାଇ (ଦେଖ)
Jeṭhei Jeṭhāi (See)

ଜେଠେଇ ମା—ଦେ. ବି. ସ୍ତ୍ରୀ—ଜେଠାଇ ମା (ଦେଖ)—
Jeṭhei mā Jeṭhāi mā (See)
(ଜେଠେଇ ମାଆ—ଅନ୍ୟରୂପ)

ଜେଡ଼ ଶାଶୁ—ଗ୍ରା. ବି. ସ୍ତ୍ରୀ—ଜେଠୀ ୨ (ଦେଖ)
Jerda śāśu Jeṭhī 2 (See)

ଜେଡ଼ଶୁର—ଗ୍ରା. ବି. ପୁଂ. (ସଂ. ଜ୍ୟେଷ୍ଠ+ଶ୍ୱଶୁର)—
Jerdaśura ସ୍ୱାମୀଙ୍କ ବଡ଼ ଭାଇ—The elder brother of
भासुर, जेठ one's husband.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଝୁଅ' ନ ମିଳିଲେ 'ଝିଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜେଡ଼ୁତା—ଗ୍ରା. ବି. (ସଂ. ଜ୍ୟେଷ୍ଠତାତ)—ଜେଠା (ଦେଖ)
Jerdutā — Jeṭhā (See)

ଜେଡ଼ୁତା ପୁଅ—ଗ୍ରା. ବି—ଜେଠା ପୁଅ (ଦେଖ)
Jerdutā pua — Jeṭhā pua (See)

ଜେଡ଼ୁତାଶୁର—ଗ୍ରା. ବି. (ଜ୍ୟେଷ୍ଠ ଓ ଶ୍ୱଶୁର)—
Jerdutāśura — ଶ୍ୱଶୁରଙ୍କ ବଡ଼ ଭାଇ—
Elder brother of one's father-in-law.

ଜେଡ଼ୁଶୁର—ଗ୍ରା. ବି—ଜେଡ଼ଶୁର (ଦେଖ)
Jerduśura — Jerdaśura (See)

ଜେଣ୍ଡ୍ ଆଭେସ୍ତା—ବୈଦେ. ବି. (ପ୍ରାଚୀନ ଇରାନ୍ ଦେଶୀୟ ଭାଷା)—
Jend ābhestā — ପାରସୀମାନଙ୍କ ଧର୍ମଗ୍ରନ୍ଥ—The Scripture
জেন্দাভেস্তা — of the Parsees written in the
जेन्दाबेस्ता — ancient Eranian language.
(ଜେଣ୍ଡାଭେଷ୍ଟା. ଜେଣ୍ଡାଭେସ୍ତା, ଜେନ୍ଦାଭେସ୍ତା—ଅନ୍ୟରୂପ)

ଜେତବ୍ୟ—ସଂ. ବିଣ. (ଜି ଧାତୁ=ଜୟ କରିବା+କର୍ମ. ତବ୍ୟ)—
Jetabya — ଜେୟ; ଜୟଯୋଗ୍ୟ—To be conquered; conquerable; vincible.

ଜେତା—ସଂ.ବିଣ.ପୁଂ. (ଜି ଧାତୁ=ଜୟ କରିବା+କର୍ତ୍ତୃ. ତୃ. ୧ମା.୧ବ)-
Jetā — ୧ । ଯେ ଜୟ କରଥାଏ—1. Conquering.
୨ । ଜୟ ଯୁକ୍ତ; ଜୟଶୀଳ—2. Victorious.
ସଂ. ବି—୧ । ବିଷ୍ଣୁ (ତ୍ରି. ଶବ୍ଦସାଗର)—
1. A name of Bishnu.
୨ । ଜୟଲାଭ କରିଥିବା ବ୍ୟକ୍ତି—
2. Conqueror; victor.

ଜେନରଲ୍—ବୈଦେ. ବି. (ଇଂ. ଜେନେରାଲ)—ପଲଟଣଙ୍କ ସେନାପତି—
Jenaral — Commander; general of an army.
জেনেরাল — ବିଣ—ସାଧାରଣ—General.
जनरल

ଜେନରଲ୍ ନମ୍ବର୍—ବୈଦେ. ବି. (ଇଂ. ଜେନେରାଲ୍=ସାଧାରଣ+ ନମ୍ବର୍=ସଂଖ୍ୟା)—
Jeneral nambar
ଲାଖରାଜ ବାହେଲ ସମ୍ପତ୍ତିର ତଲୋଠ ନମ୍ବର—
The general number given to every revenue-free estate in Orissa.
[ଦ୍ର—ଇଂରାଜମାନେ ଓଡ଼ିଶା ଅଧିକାର କରି ପ୍ରଥମ ରାଜସ୍ୱ ବନ୍ଦୋବସ୍ତ କରିବା ସମ୍ପର୍କରେ ଯେଉଁ ବ୍ୟକ୍ତିମାନେ ତାଙ୍କ ଦଖଲି ଜମିକୁ ରାଜସ୍ୱ ନ ଦେଇ ଦଖଲ କରିବାର ଦାବି କଲେ ଉକ୍ତ ଜମିମାନଙ୍କର ୧୮୪୨-୪୭ ସାଲରେ ଗୋଟିଏ ତାଲିକା କରି ଉକ୍ତ ଦାବିଦାର ବ୍ୟକ୍ତିମାନଙ୍କୁ ସେମାନଙ୍କର ସନନ୍ଦ ତଲବ କଲେ ଓ ଏପରି ଜମିର ତାଲିକା କରି ପ୍ରତ୍ୟେକ ଜମିର ଗୋଟିଏ ଲେଖାଏଁ କ୍ରମସଂଖ୍ୟା ଦେଇ ତହିଁ ପାଇଁ ଗୋଟିଏ ଗୋଟିଏ ମକଦମା ଦାଏର କଲେ । ସେହି ମକଦମାର କ୍ରମସଂଖ୍ୟା (ଜେନେରାଲ୍ ନମ୍ବର୍) ଅନୁସାରେ ସନନ୍ଦମାନ ପରୀକ୍ଷା କରି ଓ ଦାବିଦାରମାନଙ୍କଠାରୁ ପ୍ରମାଣ ନେଇ ଯେଉଁ ସମ୍ପତ୍ତିମାନଙ୍କ ସମ୍ବନ୍ଧେ ସନ୍ତୋଷଜନକ ପ୍ରମାଣ ପାଇଲେ ସେମାନଙ୍କୁ ଲାଖରାଜ ବାହେଲ (Confirmed Lakheraj) କଲେ ଓ ଉକ୍ତ ମକଦମାର ନମ୍ବର ଅନୁସାରେ ତଦବଧି ତତ୍ତତ୍ ସମ୍ପତ୍ତିମାନ ଚିହ୍ନିତ ହୋଇ ଆସୁଅଛି । ଯେଉଁ ଜମିମାନଙ୍କ ସମ୍ବନ୍ଧେ ସନ୍ତୋଷଜନକ ପ୍ରମାଣ ନ ପାଇଲେ ସେମାନ ବାଜ୍ୟାପ୍ତ (Resumed lakheraj) କଲେ ଓ ତହିଁରେ ଖଜଣା ଧାର୍ଯ୍ୟ କରି ସେଥିରେ ଗୋଟିଏ ଲେଖାଏଁ ବିଶିଷ୍ଟ ନମ୍ବର (Special number) ସ୍ପେସିଆଲ ନମ୍ବର ଦେଲେ ।]

ଜେନା—ଦେ. ବି. (ସଂ. ଜି ଧାତୁରୁ)—୧ । ରାଜପୁତ୍ର—
Jenā — 1. Prince.
ଏହିରୂପେ ଭୂମିର ଦୁଃଶାସନ ଜେନା—କୃଷ୍ଣସିଂହ. ମହାଭାରତ. ବନ ।
୨ । କ୍ଷତ୍ରିୟମାନଙ୍କ ରକ୍ଷିତା ସ୍ତ୍ରୀର ଗର୍ଭଜାତ ସନ୍ତାନମାନଙ୍କ ଉପାଧି—2. The title of illegitimate sons of Kshatriyas.
୩ । ଶୂଦ୍ର ଓ ଖଣ୍ଡାଏତମାନଙ୍କର ଉପାଧି—
3. A family-title of Khanḍāetas and Śūdras.
[ଦ୍ର—ମେଦିନୀପୁରରେ ଏହି ଉପାଧିଧାରୀ ଓଡ଼ିଆମାନେ ଏ ଉପାଧିକୁ 'ଜାନା' ଆକାରରେ ପରିଣତ କରିଅଛନ୍ତି ।]
୪ । ପାଣମାନଙ୍କର ବଂଶୋପାଧି—
4. Family-title of Pāṇas (an untouchable caste).

ଜେନାବଳୀ—ଦେ. ବି. ସ୍ତ୍ରୀ—ଗ୍ରାମଦେବୀବିଶେଷ—
Jenābaḻi — Name of a village-Goddess.

ଜେନାମଣି—ଦେ. ବି—୧ । ରାଜପୁତ୍ର—
Jenāmaṇi — 1. A prince.
୨ । ଯୁବରାଜ—2. The heir-apparent to the throne
ଅର୍ଜୁନଙ୍କୁ ଦୁଃଶାସନ ଜେନାମଣି
ଭୂମିର ଅର୍ଜୁନ ବନ୍ଧିଲେ ଶରଶ୍ରେଣୀ—କୃଷ୍ଣସିଂହ, ମହାଭାରତ, ଭୀଷ୍ମ ।

ଜେପ୍‌ଲିନ୍—ବୈଦେ. ବି. (ଜର୍ମାନ୍ ନାମ ଜେପେଲିନ୍)—ବାୟୁ ଅପେକ୍ଷା
Jep-lin — ହାଲୁକା ଗ୍ୟାସ୍‌ଦ୍ୱାରା ପୂର୍ଣ୍ଣ ଗୋଟିଏ ବଡ଼ବମ୍ବାରେ
জেপেলীন — ଝୁଲି ଯାଇ ପରିଚାଳିତ ଏକପ୍ରକାର ଉଡ଼ାଜାହାଜ—
ज़ेप्लीन — Zeppelin; air-ship
(ଜେପେଲିନ୍—ଅନ୍ୟରୂପ) [ଦ୍ର—ଜର୍ମାନଦେଶବାସୀ କାଉଣ୍ଟ୍ ଜେପେଲିନ୍ ନାମକ ଜଣେ ବ୍ୟକ୍ତି ଏହାର ଆବିଷ୍କାରକ ଥିଲେ । ପିକା ଆକାରର ଗୋଟିଏ ବଡ଼ ବମ୍ବା ମଧ୍ୟରେ ବାୟୁ ଅପେକ୍ଷା ହାଲୁକା ବାଷ୍ପ (ଯଥା, ହାଇଡ୍ରୋଜେନ୍) ପୂରାଇ ତହିଁ ତଳେ ଆରୋହୀଙ୍କୁ ବହନ କରିବା ଯାନ ବନ୍ଧା ଯାଏ ଓ ବାୟୁ ଅପେକ୍ଷା ଏହା ହାଲୁକା ଥିବାରୁ ଶୂନ୍ୟକୁ ଉଠେ ଏବଂ ମଟର ଯନ୍ତ୍ରଦ୍ୱାରା ଚାଳିତ ହୁଏ । ସବୁ ପ୍ରକାର ଆକାଶଯାନ ଅପେକ୍ଷା ଏହା ବଡ଼ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇଏ	ଉଅ	ଉ
୧	ଈ	ଊ	ରୁ	ଲୁ	.ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଡ଼	ନ୍ବ

ଜେବ୍—ବୈଦେ. ବି. (ଆ. ଜେବ୍) ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ)—
Jeb
ଜେବ
जेब
କୁର୍ତ୍ତାର ପକେଟ୍—Pocket of a coat.

ଜେବ୍‌ଘଡ଼ି—ବୈଦେ. ବି—ପକେଟରେ ରଖିବା ଛୋଟ ଘଡ଼ି—
Jeb-ghardi
জেবঘড়ি
जेबघड़ी
Watch; pocket-watch.

ଜେ'ବା—ପ୍ରାଦେ. (ବାଲେଶ୍ୱର) ବି. ପୁଂ.—ଜେଜେବାପା—
Je'bā
Grandfather.

ଜେବ୍ରା—ବୈଦେ. ବି. (ଇଂ.)—ଜିବ୍ରା (ଦେଖ)
Jebrā
Jibrā (See)

ଜେମନ—ସଂ. ବି. (ଜମ୍ ଧାତୁ=ଭକ୍ଷଣ କରିବା+ଭାବ. ଅନ)—
Jemana
ଭୋଜନ; ଖାଇବା—Eating.

ଜେମନାଳୟ—ସଂ. ବି. (ଜେମନ+ଆଳୟ;୬ଷ୍ଠୀ ତତ୍)—ଖାଦ୍ୟାଗାର;
Jemanālaya
ହୋଟେଲ୍—Hotel; restaurant; dining room.

ଜେମା—ଦେ. ବି. ସ୍ତ୍ରୀ. (ସଂ. ଜାମା=କନ୍ୟା)—୧ । ରାଜପୁତ୍ରୀ—
Jemā 1. Princess; a king's daughter.
ଜୟ କାଞ୍ଚିଜେମା ଵଶ୍ୟମନୋରମା—ରାଧାନାଥ. ଚଇକା ।
୨ । ସ୍ତ୍ରୀମାନଙ୍କ ନାମ—
2. A name given to females.

ଜେ'ମା—ପ୍ରାଦେ. (ବାଲେଶ୍ୱର) ବି. ସ୍ତ୍ରୀ—ଜେଜେ ମାଆ—
Je'mā
Grandmother.

ଜେମା ଦେଈ——ଦେ. ବି. ସ୍ତ୍ରୀ—ଜେମା (ଦେଖ)
Jemā dei
Jemā (See
ବୋଲଇ ଶୁଣିମା ଶଶିସେଣା ଜେମାଦେଈ—ପ୍ରାଚୀ. ପ୍ରଚାର, ଶଶିସେଣା ।

ଜେମାମଣି—ଦେ. ବି—ରାଜାଙ୍କ କନ୍ୟାଙ୍କ ପ୍ରତି ସ୍ନେହ ସମ୍ବୋଧନ—
Jemā-mani Name by which a princess is fondly addressed.

ଜେମି—ଦେ. ବି—'ଜେମା'ର ଗେହ୍ଲା ଡାକ ନାମ—A name by
Jemi which 'Jemā' is fondly called.

ଜେମିଖାଡ଼ି—ଦେ. ବି—ଜିମିଖାଡ଼ି (ଦେଖ)
Jemi-khārdi
Jimi-khārdi (See)

ଜେୟ—ସଂ. ବିଣ. (ଜି ଧାତୁ=ଜୟ କରିବା+କର୍ମ. ଯ)—ଜୟ
Jeya
କରିବାର ଯୋଗ୍ୟ—Conquerable; fit to be conquered.

ଜେର—ବୈଦେ.ବି. (ଫା. ଜେର=ଜମା; ଏହି ଅର୍ଥରୁ, ଜମାରେ ଲେଖା
Jer
জের
जेर
ଥିବା ହିସାବ)—ଏହି ପୃଷ୍ଠା ବା ସ୍ତମ୍ଭର ଶେଷରେ ସମଷ୍ଟି କରାଯାଇ ଲେଖା ଥିବା ହିସାବ—Account totalled and written at the foot of a page or column.

ଜେରକଡ଼ି—ବୈଦେ. ବି. (ଫା)—ଘୋଡ଼ାର ଲଗାମର ଓଠ ତଳ
Jer-kardi
জেরকড়ি
जेरकडी
ଅଂଶରୁ ପେଟ ତଳକୁ ଯାଇଥିବା ଚର୍ମରଜ୍ଜୁ (ଜେରବନ୍ଦ)ରେ ସଲଗ୍ନ ମୁଦଥ—A ring in a strip of leather joining the horse's face with the breast-plate.

ଜେର ଗଡ଼ା(ଡ଼େ)ଇବା—ଦେ. କ୍ରି—ହିସାବ ଖାତାର ପୂର୍ବପୃଷ୍ଠାର
Jer gardā(rde)ibā
জের গড়ান
जेर गड़ाना
ସର୍ବନିମ୍ନରେ ମୋଟ ହୋଇଥିବା ସଂଖ୍ୟାକୁ ଅପର ପୃଷ୍ଠାର ଅଗ୍ରକୁ ଆଣି ଲେଖିବା—To carry over an account or figure from the foot of the last page to the top of the next page.

ଜେର ଟାଣିବା—ଦେ. କ୍ରି—ଜେର ଗଡ଼ାଇବା (ଦେଖ)
Jer tānibā
জের টানা
Jer gardāibā (See)

ଜେରବନ୍ଦ—ବୈଦେ. ବି. (ଫା)—ଘୋଡ଼ା ମୁହଁରୁ ପେଟ ତଳକୁ ଯାଇ
Jer-band
জেরবন্দ
जेरबन्द
ଥିବା ଚର୍ମରଜ୍ଜୁ—A strip of leather joining the horses face to the breast-plate.

ଜେରବାର୍—ବୈଦେ. ବିଣ. (ଫା. ଜେର୍‌ବାର୍)—୧ । ଭାରାକ୍ରାନ୍ତ—
Jer-bār
জেরবার
जेरबार
(ଜେରବାରୀ—ବି)
1. Loaded; burdened.
୨ । ନିଃଶେଷିତ—2. Exhausted.
୩ । ଋଣଗ୍ରସ୍ତ—3. Indebted.
୪ । ବୃଥା ବ୍ୟୟ ବା ଅପବ୍ୟୟଗ୍ରସ୍ତ—
4. Obliged to waste money; put to waste or squandering.
୫ । ଜର୍ଜରିତ; ଅଭିଭୂତ; ବିପନ୍ନ—5. Overwhelmed.
୬ । ହଇରାଣ—6. Troubled; afflicted.
୭ । କ୍ଷତିଗ୍ରସ୍ତ—7. Put to loss or damage.
୮ । ବିପନ୍ନ; ବିପଦ୍‌ଗ୍ରସ୍ତ—8. Endangered.
[ଦ୍ର—ବାଧ୍ୟ ହୋଇ ଅପବ୍ୟୟଗ୍ରସ୍ତ ହେବା ଅର୍ଥରେ ଏ ଶବ୍ଦ ବ୍ୟବହୃତ ହୁଏ ।]
ବି (ଫା. ଜେରବାରୀ)—୧ । ଅପବ୍ୟୟ—1. Waste.
୨ । ବୃଥା ବ୍ୟୟ—2. Useless expense.
୩ । କ୍ଷତି—3. Loss.

ଜେରବାର୍ କରା(ରେ)ଇବା—ଦେ. କ୍ରି—ଅନ୍ୟବ୍ୟକ୍ତିକୁ ଅପବ୍ୟୟରେ
Jer-bār karā(re)ibā
জেরবার করান
जेरबार करना
ପକାଇବା—To cause waste of a person's money.

ଜେରବାର୍ କରିବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ଅପବ୍ୟୟରେ ପକାଇବା—
Jer-bār karibā To cause waste of a person's money; to put a person to improper expense.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଜେର୍‌ବାର୍‌ରେ ପକା(କେ)ଇବା — ଦେ. କ୍ରି — ଅନ୍ୟ ବ୍ୟକ୍ତିକୁ ଅପବ୍ୟୟରେ
Jer-bār-re pakā(ke)ibā ପକାଇବା — To cause waste of a person's money.
জেরবারে ফেলা
जेरबारमें फेंकना

ଜେର୍‌ବାର୍ ହେବା — ଦେ. କ୍ରି — ବାଧ୍ୟ ହୋଇ ଅପବ୍ୟୟଗ୍ରସ୍ତ ହେବା —
Jer-bār hebā To be obliged to waste money.
জেরবার হওয়া
जेरबार होना

ଜେର୍‌ବାରି — ବୈଦେ. ବଣ — ଯେ ଅନ୍ୟ ବ୍ୟକ୍ତିକୁ ଅପବ୍ୟୟଗ୍ରସ୍ତ କରାଏ —
Jer-bāri Causing another person to waste money.
জেরবারী
जेरबारी ବୈଦେ. ବ — ବାଧ୍ୟ ହୋଇ ଅପବ୍ୟୟ କରିବା ଅବସ୍ଥା- The state of being obliged to incur loss and expense.

ଜେର୍‌ବାରିଆ — ବୈଦେ. ବଣ — ଜେର୍‌ବାରି (ଦେଖ)
Jer-bāriā Jer-bāri (See)

ଜେରା — ବୈଦେ. ବ. (ଅ. ଜରହ୍)—
Jerā ବିଚାରାଳୟରେ ଉପସ୍ଥିତ ସାକ୍ଷୀକୁ ଅପର ପକ୍ଷର କୂଟପ୍ରଶ୍ନ
জেরা ଦ୍ୱାରା କରାଯିବା ପରୀକ୍ଷା—
जिरह, जिरा Cross-examination.

ଗୋଟାଏ ଗୋଟାଏ କଥା ଲୁଚାଇଦେଲେ,
ହେଲେ, ବୁଢ଼ୀ ଜେରାରେ ପଡ଼ିଗଲା । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଜେରା କରିବା — ଦେ. କ୍ରି — ଅପର ପକ୍ଷରେ ସାକ୍ଷୀକୁ କୂଟପ୍ରଶ୍ନ କରିବା—
Jerā karibā To cross-examine or cross-question a witness in court.
জেরা করা
जिरह करना

ଜେରାରେ ପଡ଼ିଯିବା — ଦେ. କ୍ରି — ବିପକ୍ଷ ପକ୍ଷର କୂଟପ୍ରଶ୍ନର ଉତ୍ତର
Jerāre pardi-jibā ଦେବାକୁ ଯାଇ ଘାବରେଇ ଯିବା—
জেরায় পড়েযাওয়া To be cornered in cross-examination.
जिरहमें घबराना

ଜେରୁଜାଲମ୍ — ବୈଦେ. ବ. (ହେବ୍ରୁ. ନାମ. ଜେରୁସାଲେମ୍)—
Jerujālam ଯିଶୁଖ୍ରୀଷ୍ଟ ଯେଉଁ ନଗରରେ ଜନ୍ମିଥିଲେ; ଆସିଆ
জেরুসালম মହାଦେଶସ୍ଥ ଜୁଡିଆର ଗୋଟିଏ ନଗର; ଯୀଶୁ-
जेरुसालम ଖ୍ରୀଷ୍ଟଙ୍କ ଜନ୍ମସ୍ଥାନ—Jerusalem; the birth-place of Jesus Christ.
ଜେରୁଜାଲେମ୍, ଜେରୁସାଲେମ୍ } ଅନ୍ୟରୂପ

ଜେଲ — ବୈଦେ. ବ. (ଇଂ)— ୧ । କାରାଗାର—
Jel 1. Prison.
জেল ୨ । କଏଦ ଦଣ୍ଡ—2. Imprisonment.
जेल ୩ । କଏଦ ଦଣ୍ଡର ଆଜ୍ଞା—
3. Order of imprisonment.

ଜେଲ୍ ଉଆର୍ଡର୍ — ବୈଦେ. ବ. (ଇଂ. ଜେଲ୍ + ୱାର୍ଡର୍)—
Jel uārdar ଜେଲ୍‌ଖାନାରେ କଏଦୀଙ୍କୁ ଜଗିବା ସିପାହୀ—
জেল ওয়ার্ডর Jail-warder.
जेल उवार्डर
ଜେଲ୍‌ଉଆର୍ଡର, ଜେଲ୍‌ୱାଡ଼ର } ଅନ୍ୟରୂପ

ଜେଲ୍ ଖଟିବା — ଦେ. କ୍ରି — କାରାଦଣ୍ଡ ଭୋଗ କରିବା—
Jel khatibā To undergo a sentence of imprisonment.
জেল খাটা
जेल काटना
ଜେଲ୍ ଖାଟିବା, ଜେଲ୍ ଭୋଗିବା } ଅନ୍ୟରୂପ

ଜେଲ୍ ଖଲାସ୍ — ବୈଦେ. ବ. (ଇଂ. ଜେଲ୍; ହି. ଖଲାସ୍ = ମୁକ୍ତ)—
Jel khalās କାରାମୁକ୍ତି — Release from imprisonment.
জেল খলাস ବୈଦେ. ବଣ — କାରାମୁକ୍ତ—Released from imprisonment.
जेल खलासि

ଜେଲ ଖଲସି — ବୈଦେ. ବ ଓ ବଣ — ଜେଲ୍ ଖଲାସ୍ (ଦେଖ)
Jel khalāsi Jel khalās (See)

ଜେଲଖାନା — ବୈଦେ. ବ. (ଇଂ. ଜେଲ୍ + ଫା. ଖାନା)
Jel-khānā ଜେଲ୍ (ଦେଖ)
জেলখানা Jel (See)
जेलखाना

ଜେଲ୍ ଦଣ୍ଡ — ଦେ. ବ — କାରାଦଣ୍ଡ; କଏଦଦଣ୍ଡ; କାରାବାସ ଦଣ୍ଡ—
Jel danda The punishment of imprisonment.
জেলদণ্ড
जेल

ଜେଲ୍ ଦାରୋଗା — ବୈଦେ. ବ. (ଇଂ. ଜେଲ୍ + ଫା. ଦରୋଗା)—
Jel dārogā ଜେଲ୍‌ଖାନାରେ କଏଦୀମାନଙ୍କ ତତ୍ତ୍ୱାବଧାରକ
জেল দারোগা କର୍ମଚାରୀ—Jail-superintendent.
जेल दरोगा
(ଜେଲ୍‌ଦାରୁଗା—ଅନ୍ୟରୂପ)

ଜେଲ୍ ଦେବା — ଦେ. କ୍ରି — ୧ । ଅସାମୀକୁ କାରାଦଣ୍ଡ ଭୋଗ କରିବାକୁ
Jel debā ପଠାଇବା—1 To send a person to jail.
জেল দেওয়া ୨ । କାରାଦଣ୍ଡ ଆଦେଶ ଦେବା—2. To pass a sentence of imprisonment.
जेल देना

ଜେଲ୍ ପାଇବା — ଦେ. କ୍ରି — ୧ । କାରାଦଣ୍ଡରେ ଦଣ୍ଡିତ ହେବା—
Jel pāibā 1. To be sentenced to imprisonment.
জেল পাওয়া ୨ । କାରାଦଣ୍ଡ ଭୋଗ କରିବା—
जेल पाना 2. To undergo a sentence of imprisonment.
(ଜେଲ୍‌ଯିବା—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇପ୍ସ	ଉଥ	ଘ
୪	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଝ	ନ୍ତ

ଜେଲ ବାବୁ—ବୈଦେ. ବ. (ଇଂ. ଜେଲ୍ + ବ. ବାବୁ)—
Jel bābu ଜେଲ୍‌ଖାନାର ପ୍ରଧାନ କର୍ମଚାରୀ ବା ଅଧ୍ୟକ୍ଷ—
ଜେଲ বাবু Jailer.
जेलका अफसर

ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ—ବୈଦେ. ବ. (ଇଂ)—ଜେଲଖାନାର ପ୍ରଧାନ
Jel suparintendent ତତ୍ତ୍ୱାବଧାରକ—Jail superintendent.
জেল সুপারিন্টেণ্ডেণ্ট
जेल सुपरिंटेंडेंट

ଜେଲ୍ ହୁକୁମ୍—ବୈଦେ. ବ. (ଇଂ. ଜେଲ୍ + ଫା. ହୁକୁମ୍)—
Jel hukum କଇଦ ଦଣ୍ଡ ପାଇବାର ଆଦେଶ ବା ସଜା—
জেল হুকুম A sentence or conviction of
जेल हुक्म imprisonment.

ଜେଲର—ବୈଦେ. ବ. (ଇଂ)—ଜେଲଖାନାର ପ୍ରଧାନ କର୍ମଚାରୀ ବା
Jelar ଅଧ୍ୟକ୍ଷ—Jailer
জেলার
जेलर

ଜେଲାଟିନ୍—ବୈଦେ. ବ. (ଇଂ ଜେଲାଟିନ୍)—ଜାନ୍ତବ ଓ ବିଶେଷତଃ
Jelātin ମାଛଙ୍କ ହାଡ଼, କାତ ଓ ଚମଡ଼ାରୁ ସିଝାଇ ପ୍ରସ୍ତୁତ କରବା
জেলাটিন একପ୍ରକାର ସ୍ୱଚ୍ଛ ଓ ଚଟଚଟିଆ ଅଠା—
जेलाटिन Gelatin.
(ଜେଲେଟିନ୍—ଅନ୍ୟରୂପ)
[ଦ୍ର—ଏହାକୁ ପାଣିରେ ବହୁସମୟ ଉଷୁମ କଲେ ଏହା କାଚୁଆ ଓ ଅଠାଳିଆ ହୁଏ, ଏବଂ ଶୁଖି ଗଲେ ଟାଣୁଆ ହୁଏ । ଏଥିରେ ନାନା ଖେଳନା ଓ ଛତା ଆଦିର ବେଣ୍ଟ ତିଆରି ହୁଏ ଓ ଏହା ଫଟୋଗ୍ରାଫ୍ କାର୍ଯ୍ୟରେ ବ୍ୟବହୃତ ହୁଏ ।]

ଜେଷ୍ଠ (ଇତ୍ୟାଦି)—ଦେ. ବଣ.—(ସଂ. ଜ୍ୟେଷ୍ଠ)—ଜ୍ୟେଷ୍ଠ ଇତ୍ୟାଦି
Jeshta (etc) (ଦେଖ) Jyeshtha etc (See)
জেষ্ঠ ଦେ. ବ.—(ସଂ. ଜୈ୍ୟଷ୍ଠ)—ଜୈ୍ୟଷ୍ଠ (ଦେଖ)
जेष्ठ Jyaishtha (See)
(ଜେଷ୍ଠ—ଅନ୍ୟରୂପ)

ଜେ ହୁକୁମ୍—ଦେ. ଅବ୍ୟୟ ଓ ବଣ.—ଜୋ ହୁକୁମ୍ (ଦେଖ)
Je hukum Jo hukum (See)

ଜୈଗିଷବ୍ୟ—ସଂ. ବ.—(ନାମ) ମହାଭାରତୋକ୍ତ ଯୋଗଶାସ୍ତ୍ରବେତ୍ତା
Jaigishabya ଅଭୂତକର୍ମା ଋଷିବିଶେଷ—
Name of a sage
[ଦ୍ର—ଅସିତ ଦେବଳ ନାମକ ଜଣେ ଋଷି ଆଦିତ୍ୟ ତୀର୍ଥରେ ବାସ କରୁଥିଲେ । ସେଠାରେ ଏ ଋଷି ଆସି ପରସ୍ପର କେତେକ ଦିନ ଯୋଗସାଧନ କରିବାପରେ ସିଦ୍ଧି ଲାଭ କଲେ । ଏହାଙ୍କ ଯୋଗସିଦ୍ଧିର ମାହାତ୍ମ୍ୟ ପ୍ରତ୍ୟକ୍ଷୀଭୂତ ଦେଖି ଅସିତ ଦେବଳ ଏହାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଯୋଗସିଦ୍ଧି ଲାଭ କଲେ । (ଦ୍ର: ଶବ୍ଦସାଗର ।]

ଜୈତ୍ର—ସଂ. ବଣ. ପୁ. (ଜି ଧାତୁ=ଜୟ କରିବା + ଶୀଳାର୍ଥେ ତ୍ର)—
Jaitra ୧ । ଜୟଶୀଳ—1. Victorious; triumphant.
(ଜୈତ୍ରୀ—ସ୍ତ୍ରୀ) ୨ । ଜୟକାରକ—Securing or bringing about victory.
ସଂ. ବ.—୧ । ପାରଦ—1. Mercury.
୨ । ଔଷଧ—2. Medicine; drug.
୩ । ରଥବିଶେଷ—3. A kind of car.

ଜୈତ୍ରମଣି—ସଂ. ବ. (କର୍ମଧା; ଜୈତ୍ର + ମଣି)—ଜୟସୂଚକ ମଣି;
Jaitra-mani ଜୟକାରକ ମଣି; ଯେଉଁ ମଣିକୁ ପିନ୍ଧିବା ଲୋକ ଯତ୍ନେ ଶତ୍ରୁକୁ ଜୟ କରେ—A gem said to possess the quality of securing victory to the wearer.
ଶତ୍ରୁ ଦର୍ପହାରୀ ଏହି ଜୈତ୍ରମଣି,
ଶିରୋମଣିରୂପେ ପିନ୍ଧିବୁ ଦ୍ୟୁମଣି । ରଘୁନାଥ· ନନ୍ଦୀକେଶ୍ୱର ।

ଜୈତ୍ରୀ—ସଂ. ବ. ସ୍ତ୍ରୀ. (ଜୈତ୍ର + ସ୍ତ୍ରୀ)—ଜୟନ୍ତୀ (ବୃକ୍ଷ) (ଦେଖ)
Jaitri Jayanti (tree) (See)

ଜୈନ—ସଂ. ବି. (ଜିନ + ଭକ୍ତାର୍ଥେ ଅ)—୧ । ଜିନ ମତାବଲମ୍ବୀ ବ୍ୟକ୍ତି
Jaina 1. A Jaina; a person professing the
জৈন Jaina faith (a faith akin to
जैन Buddhism.)
୨ । ଜିନଙ୍କ ପ୍ରବର୍ତ୍ତିତ ଧର୍ମ—2. A religion or faith promulgated by saint Jina.
ସଂ. ବଣ—ଜିନ ଦେବଙ୍କ ସମ୍ବନ୍ଧୀୟ—
Relating to sage Jina.

ଜୈନ ଧର୍ମ—ସଂ. ବ.—ଜିନ ବା ଋଷଭଙ୍କ କର୍ତ୍ତୃକ ପ୍ରବର୍ତ୍ତିତ ଧର୍ମ—
Jaina dharma The Jaina religion (akin to Buddhism.)
[ଦ୍ର—ଏହା ବୌଦ୍ଧଧର୍ମର ରୂପାନ୍ତର ବା ସମ୍ପ୍ରଦାୟବିଶେଷ ବୋଲି କେହି କେହି ଅନୁମାନ କରନ୍ତି । ଜୈନମାନେ ୩ ଶାଖାରେ ବିଭକ୍ତ; ଯଥା—ଦିଗମ୍ବର, ଶ୍ୱେତାମ୍ବର ଓ ସ୍ଥାନକବାସୀ । ଜୈନ ଧର୍ମଗ୍ରନ୍ଥ କଳ୍ପସୂତ୍ର ଓ ଆଗମ ଏହି ଦୁଇ ପ୍ରଧାନ ଭାଗରେ ବିଭକ୍ତ । ଏମାନଙ୍କର ପୂଜିତ ଦେବତା ଠିଆ ଉଲଗ୍ନ ମୂର୍ତ୍ତି । ଅହିଂସା ଓ ଜୀବରେ ଦୟା ଏ ଧର୍ମର ପ୍ରଧାନ ଶିକ୍ଷା; ଜୈନଧର୍ମ ବହୁ ପ୍ରାଚୀନ ଧର୍ମ ଥିବାର ଅନୁମିତ ହୁଏ । ବୁଦ୍ଧଦେବଙ୍କ ଜନ୍ମ ପୂର୍ବରୁ ଯେଉଁ ସର ୨୪ ତୀର୍ଥଙ୍କର ହୋଇଥିଲେ ସେହି ଜୈନମାନଙ୍କ ଅନ୍ତିମ ତୀର୍ଥଙ୍କର ମହାବୀରଙ୍କ (ଯେ ଖ୍ରୀ. ପୂ. ୫୨୭ରେ ନିର୍ବାଣପ୍ରାପ୍ତ ହୋଇଥିଲେ, ତାଙ୍କ) ପୂର୍ବରୁ ୨୩ଜଣ ତୀର୍ଥଙ୍କର ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ । ଜୈନମାନେ ସେମାନଙ୍କ ଧର୍ମଶାସ୍ତ୍ରକୁ ଆଗମ ଓ ପୁରାଣ ଆଦିରେ ବିଭକ୍ତ କରିଅଛନ୍ତି । ଉଦୟଗିରି ଓ ଜୁନାଗଡ଼ର ଶିଳାଲିପିମାନଙ୍କରୁ ପାଶ୍ଚାତ୍ୟ ପଣ୍ଡିତମାନେ ଅନୁମାନ କରନ୍ତି ଯେ ବୌଦ୍ଧଧର୍ମ ପୂର୍ବରୁ ଜୈନଧର୍ମ ଭାରତବର୍ଷରେ ଚଳୁଥିଲା । ଜୈନମାନେ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି ମାନନ୍ତି ନାହିଁ । ଏମାନେ ଜିନ ବା ଅର୍ହତଙ୍କୁ ଈଶ୍ୱର ବୋଲି ମାନନ୍ତି,

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଦ୍ଧ ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ତାଙ୍କ ଉପାସନା କରନ୍ତି ଓ ତାଙ୍କପାଇଁ ମନ୍ଦିର ତିଆରି କରନ୍ତି । ଋଷଭ ଜୈନମାନଙ୍କର ପ୍ରଥମ ତୀର୍ଥଙ୍କର । ଏହାଙ୍କୁ ହିନ୍ଦୁମାନେ ଭଗବାନଙ୍କ ୨୪ ଅବତାରରୁ ଏକ ବୋଲି ସ୍ୱୀକାର କରନ୍ତି । ମହାବୀର ତୀର୍ଥଙ୍କରମାନଙ୍କ ଉପଦେଶମାନ ସଙ୍କଳନ କରି ଜୈନ ଧର୍ମଗ୍ରନ୍ଥ ରଚନା କରିଥିଲେ । ଦିଗମ୍ବରମାନେ ଉଲଗ୍ନ ତୀର୍ଥଙ୍କରଙ୍କ ମୂର୍ତ୍ତି ପୂଜା କରନ୍ତି, ଶ୍ୱେତାମ୍ବରମାନେ କୌପୀନ ପରିହିତ ମୂର୍ତ୍ତି ପୂଜା କରନ୍ତି । ଜୀବ ଆପଣା କର୍ମ ଅନୁସାରେ ସୁଖ ଦୁଃଖ ଭୋଗ କରେ ବୋଲି ଜୈନମାନଙ୍କ ମତ । ହି. ଶବ୍ଦସାଗର] ।

ଜୈନୀ—ଦେ. ବି. (ସଂ. ଜୈନ)—ଜିନ ମତାବଲମ୍ବୀ—
Jaini A follower of the Jaina faith.
जैन
जैनी

ଜୈପାଳ—ସଂ. ବି.—କନକା (ଦେଖ)
Jaipāla Kanakā (See)

ଜୈବାତୃକ—ସଂ. ବି. (ଜୀବ୍ ଧାତୁ=ବଞ୍ଚିବା + କରଣ ଅତୃକ)—
Jaibātṛuka ୧ । ଚନ୍ଦ୍ର—1. Moon.
୨ । ପୁତ୍ର—2. Son.
୩ । କର୍ପୂର—3. Camphor.
୪ । ଔଷଧ—4. Medicine.
ସଂ. ବି.—୧ । (କର୍ତ୍ତୃ ଅତୃକ) ଦୀର୍ଘାୟୁ—1. Long-lived.
୨ । କୃଶ—2 Thin; lean.

ଜୈମିନି—ସଂ. ବି. (ନାମ)—ପୂର୍ବମୀମାଂସା ନାମକ ଦର୍ଶନଶାସ୍ତ୍ରର ପ୍ରଣେତା
Jaimini ଋଷି—The name of a sage, the founder of the Pūrba-mimāmsā school of Hindu philosophy.
[ଦ୍ର—ଏ ବ୍ୟାସଦେବଙ୍କର ୪ ମୁଖ୍ୟ ଶିଷ୍ୟମାନଙ୍କ ମଧ୍ୟରୁ ଏକ । ଏ ଭାରତସଂହିତା ନାମକ ଗ୍ରନ୍ଥ ରଚନା କରିଥିବାର କଥିତ ଅଛି । ତହିଁର କେବଳ ଅଶ୍ୱମେଧ ପର୍ବ ମିଳିଅଛି । ବଜ୍ରପାତ କାଳରେ ଏହାଙ୍କ ନାମ ସ୍ମରଣ କରିବା ବ୍ୟକ୍ତି ଉପରେ ବଜ୍ର ପଡ଼େ ନାହିଁ । ବଜ୍ରବାରକ ଋଷି ୫ ଜଣ—ଜୈମିନି, ସୁମନ୍ତ, ବୈଶମ୍ପାୟନ, ପୁଲସ୍ତ୍ୟ, ପୁଲହ ।]

ଜୈମିନି ଦର୍ଶନ—ସଂ. ବି—ଜୈମିନି ଋଷିକୃତ ବେଦର ପୂର୍ବମୀମାଂସା
Jaimini darśana ନାମକ ଦର୍ଶନ; ଶ୍ରୁତିସ୍ମୃତିର ବିରୋଧଭଞ୍ଜକ ଦର୍ଶନ ଶାସ୍ତ୍ର—The Pūrba-mimāmsā philosophy of sage Jaimini.

ଜୈମିନି ଭାରତ—ସଂ. ବି. (ଜୈମିନି + ଭାରତ; ୬ଷ୍ଠୀ ତତ୍)—
Jaimini bhārata ଜୈମିନି ମୁନିଙ୍କ ପ୍ରଣୀତ ମହାଭାରତ ଗ୍ରନ୍ଥ—
ଜୈମିନିଭାରତସଂହିତା } ଅନ୍ୟରୂପ The Mahābhārata
ଜୈମିନିମହାଭାରତ } written by sage Jaimini.
[ଦ୍ର—ଏହି ଗ୍ରନ୍ଥର ଅଶ୍ୱମେଧ ପର୍ବମାତ୍ର ମିଳିଅଛି ।]

ଜୈଲ (ଇତ୍ୟାଦି)—ଗ୍ରା. ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ଜେଲ୍)—
Jaila (etc) ଜେଲ୍ ଇତ୍ୟାଦି (ଦେଖ)
Jel etc (See)

ଜୋ—ବୈଦେ. ଉ. (ଫା. ଜୁ)—୧ । ଜୁ (ଦେଖ)
Jo 1. Ju (See)
ଦେ. ବି. (ସଂ. ଯୋଗ) ଶାଳବପନାଦିର ପ୍ରକୃତ ସୁଯୋଗ—
1 Fit time for sowing seed and doing other agricultural operations.
୨ । ଜୋଓକାଠି; ତନ୍ତୁବାୟକର୍ତ୍ତୃକ ବ୍ୟବହୃତ ଯଷ୍ଟିଦଣ୍ଡବିଶେଷ, ଯଦ୍ୱାରା ଟାଣୀ ଓ ଭରଣୀ ସୂତାକୁ ଟାଣି ରଖାଯାଏ—3. The rods which a weaver uses for holding the warp and the woof during weaving.
୩ । ଅବସର; ସୁବିଧା—4. Opportunity.

ଜୋଅଲି—ଦେ. ବି—ଜୁଉଲି (ଦେଖ)
Joali Juuli (See)
(ଜୋଆଲି—ଅନ୍ୟରୂପ)

ଜୋଆଳି—ଦେ. ବି—ଜୁଆଳି (ଦେଖ)
Joāli Juāli (See)

ଜୋଇ—ପ୍ରାଦେ—୧ । (ଯାଜପୁର) ବି—ଜୁଇଗାଡ଼; ଚତାଗଡ଼ି—
Joi The pit on which the cremation-pile is put.
୨ । (ସମ୍ବଲପୁର) ବି. (ସଂ. ଜ୍ୟୋତି)—ଜୋଏ (ଦେଖ)
2 Joe (See)

ଜୋଇଁ (ଇତ୍ୟାଦି)—ଦେ. ବି. (ସଂ. ଜାମାତା)—
Joiñ (etc) ଜୁଆଇଁ ଇତ୍ୟାଦି (ଦେଖ)
जामाई Juāiñ etc (See)
जमाई

ଜୋଇଡେବି—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜ୍ୟୋତି + ଫା. ଡବା)—
Joi-debi ଦିଆସିଲି—Match-box.

ଜୋଇବା—ଦେ. ବି—ଜୁଆଇବା (ଦେଖ)
Joibā Juāibā (See)

ଜୋଏ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜ୍ୟୋତି)—
Joe ୧ । ଅଗ୍ନି; ନିଆଁ—1. Fire.
୨ । ଆଲୋକ—2. Light.

ଜୋଏଡେବି—ଦେ. ବି—ଦିଆସିଲି—
Joe debi Match-box.

ଜୋଏବା—ପ୍ରାଦେ. (ସମ୍ବଲପୁର)—ନିଆଁ ଲଗାଇବା; ଚୁଲି ଲଗାଇବା—
Joebā To kindle the fire.

ଜୋଏଲ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଯୋଗ)—ଇତର ଜନ୍ତୁ-
Joel ମିଥୁନଙ୍କ ସଙ୍ଗମ; ଜୋଡ଼—Crossing of 2 animals.

ଂ	ଙ	ଞ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଗ୍	ଉଅ	ଋ
୨	ଙ	ଞ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଊ	ନ

ଜୋଏଲ୍ ଯିବା—ପ୍ରାଦେ. (ସମ୍ବଲପୁର) କ୍ରି.—(ଇତର ଜନ୍ତୁମାନଙ୍କ) ସଙ୍ଗମ କରିବା; ଜୋଡ଼ ପଡ଼ିବା—
Joel jibā
To breed or cross (said of animals).

ଜୋଏଲୁଠା—ପ୍ରାଦେ. (ସମ୍ବଲପୁର) ବି—ଅଗ୍ନିଚକ୍ର; କୁମ୍ଭାରଚକ—
Joe-luthā
Potter's wheel.

ଜୋଓକାଠି—ଦେ. ବି—ଜୋକାଠି (ଦେଖ)
Jo-okāthi
Jo-kāthi (See)

ଜୋକ—ଦେ. ବି. (ସଂ. ଜଲୌକା)—ରକ୍ତଶୋଷକ ଜଳଚର ପଦହୀନ କୀଟବିଶେଷ—Leech.
Joka
ଜୋକ
जोंक
[ଦ୍ର—ସାଧାରଣତଃ ଜୋକ ଲମ୍ବରେ ୨ ଇଞ୍ଚ ପର୍ଯ୍ୟନ୍ତ ବଢ଼ନ୍ତି; ଏମାନଙ୍କ ମୁହଁରେ ଗୋଟିଏ ଶୋଷଣଯନ୍ତ୍ର ଅଛି। ଏମାନେ ପ୍ରାଣିଦେହରେ ଲାଗିଗଲେ ସେହି ଯନ୍ତ୍ରଦ୍ୱାରା ଶରୀରସ୍ଥ ରକ୍ତକୁ ଶୋଷି ଗଡ଼ ପରି ଫୁଲି ଯାଆନ୍ତି। ଏମାନେ ଦେହରେ ଥରେ ଲାଗିଲେ ରକ୍ତ ଶୋଷି ସନ୍ତୁଷ୍ଟ ନ ହେବା ପର୍ଯ୍ୟନ୍ତ ଦେହରୁ ଛାଡ଼ନ୍ତି ନାହିଁ; କିନ୍ତୁ ଏମାନେ ଶୋଷୁଥିବା ସ୍ଥାନରେ ଚୂଆ ଲୁଣ ଲଗାଇଦେଲେ ଏମାନେ ସେ ସ୍ଥାନରୁ ଖସିପଡ଼ନ୍ତି। ଏମାନେ ଜୋଡ଼, ବଡ଼ଗୁଆ ପୋଖରୀ, ଧାନ ବିଲ ପ୍ରଭୃତିରେ ଥାଆନ୍ତି। ସେଠାରେ କୌଣସି ଲୋକ ପାଣିରେ ପଶିଲେ ତା ଦେହରେ ଲାଗିଯାଇ ରକ୍ତ ଶୋଷନ୍ତି। ଜାତିଭେଦ ଓ ସବଣ ଭେଦରେ ଜୋକ ୧୨ ପ୍ରକାର। ସାଧାରଣତଃ ସାନ ଜୋକକୁ ଗାଇଆ ଓ ବଡ଼ ଜୋକକୁ ମଇଁଷିଆ ଜୋକ ବୋଲାଯାଏ। ଯେବେ କୌଣସି ଲୋକ କୌଣସି ବ୍ୟକ୍ତିର ଅର୍ଥ ଶୋଷଣ କରେ ଓ ତାହାର ସର୍ବନାଶ ନ ହେବା ପର୍ଯ୍ୟନ୍ତ ତାକୁ ଛାଡ଼ି କରି ଯାଏ ନାହିଁ ସେସ୍ଥଳରେ ଲୋକେ କହନ୍ତି 'ପ୍ରଥମ ବ୍ୟକ୍ତି ୨ୟ ବ୍ୟକ୍ତିଙ୍କ ଠାରେ ଜୋକପରି ଲାଗିଛି'। ସମୁଦ୍ରରେ ଏକପ୍ରକାର ଜୋକ ଅଛନ୍ତି। ସେମାନେ ୨୧ ଫୁଟ ପର୍ଯ୍ୟନ୍ତ ଲମ୍ବରେ ବଢ଼ନ୍ତି; ହି. ଶବ୍ଦସାଗର।]

ଜୋକା—ଦେ. ବି.—୧। ଶର୍ଦ୍ଦିହେତୁ ଦାନ୍ତମୂଳରେ ହେବା ଫୁଲା; ଜୋକଆ—1. Swelling of the gums.
Jokā
जोंको
୨। ଦୁଇଅଡ଼େ ବଙ୍କାଗ୍ର ଏକପ୍ରକାର କଣ୍ଟା—
2. A nail hooked at both ends (to hold two planks or slabs tightly when both ends are driven into them.)

ଜୋ କାଠି—ଦେ. ବି.—(ସଂ. ଯୁଜ ଧାତୁ+କାଷ୍ଠ)—ଯେଉଁ କାଠିଦ୍ୱାରା ଲୁଗା ବୁଣା ହେଉଥିବା ସମୟରେ ଭରଣୀ ସୂତାର ଶେଷ ମୁଣ୍ଡକୁ ଟାଣି ସହିତ ଟାଣିକରି ରଖା ଯାଏ—
Jo kāthi
Rod used in holding the warp-threads with the ends of the woof during weaving.

ଜୋକିଆ—ଦେ. ବି.—୧। ଜୋକା (ଦେଖ)
Jokiā
1. Jokā (See)

୨। ଓଲୁଆ (ଦେଖ)
2. Oluā (See)

ଜୋଖ—ଦେ. ବି.—୧। (ସଂ. ଜୁଷ ଧାତୁ=ତର୍କଣା କରିବା)—ତୁଳନା; ଉପମା—1. Comparison.
Jokha
জুখ, জুঁখ; জোখ
जोख
୨। ଓଜନ; ତଉଲ—
2. Weighment.
[ଦ୍ର—ଏହା ମାପ ଓ ଲେଖ ଶବ୍ଦ ସଙ୍ଗେ ସହଚର ରୂପେ ବ୍ୟବହୃତ ହୁଏ; ଲେଖଜୋଖ, ମାପଜୋଖ।]

জোড়
जोड़
(ସଂ. ଯୁଜ ଧାତୁ) ସନ୍ଧି ସ୍ଥଳ; ଦୁଇଟି ପଦାର୍ଥ ଯୋଗ ହୋଇ ଥିବା ସ୍ଥାନ—Joint; a place where two things are joined together.
୪। (ସଂ. ଯକ୍ଷ) ଜକ ୩।୪ (ଦେଖ)
4. Jaka 3 and 4 (See)
ଦେ. ବଣ.—୧। (ସଂ. ଯୋଗ୍ୟ) ତୁଲ୍ୟ; ସଦୃଶ—
1. Similar.
୨। (ସଂ. ଯୁକ୍ତ; ପ୍ରା. ଜୁକ୍ତ)—ଅନ୍ୟବସ୍ତୁ ସଙ୍ଗେ ଜୋଖା ହୋଇଥିବା—2. Joined to another thing.

ଜୋଖମ—ଦେ. ବି. (ସଂ. ଯୋଗ; ସଂ. ଧୁକ୍ଷ ଧାତୁ=କ୍ଲେଶନ, ଯୋଗେଷ୍ଟନ୍)—୧। ଦାୟିତ୍ୱ—
Jokham
জোখম
जोखम, जोखिम
1. Responsibility.
୨। ଅନିଷ୍ଟ—2. Injury.
୩। କ୍ଲେଶ; କଷ୍ଟ; ଦୁଃଖ—3. Hardship.

ଜୋଖମଦାର—ଦେ. ବଣ.—୧। ଯାହା ଉପରେ କୌଣସି ଦାୟିତ୍ୱ ଥାଏ; ଦାୟୀ (ବ୍ୟକ୍ତି)—
Jokham-dār
জোখমদার
जोखमदार
1. Responsible (person).
୨। ଦାୟିତ୍ୱପୂର୍ଣ୍ଣ (କାର୍ଯ୍ୟ)—
2. (work) Entailing a grave responsibility.
୩। ଯେ ବହୁ କଷ୍ଟ ସହେ—3. Undergoing much trouble or hardship.

ଜୋଖମୁହଁ—ଦେ. ବି.—ଜୋଡ଼ ମୁହଁ—The place or joint where a thing is joined with another.
Jokha-muhañ
জোড়
जोड़

ଜୋଖା—ଦେ. ବି. (ସଂ. ଜୁଷ ଧାତୁ=ଅନୁଷ୍ଠ; ଉପଯୋଗ; ପରିତର୍କଣ)
Jokhā
জোকা, জোখা, জোঁখা, জুখা
जोखाई
୧। ମୋଟାମୋଟି ପରିମାଣ; ମୋଟାମୋଟି ମାପ—
1. Rough measurement; estimate.
୨। ହିସାବ ମିଳାଇବା—
2. Squaring up of an account.
୩। (ସଂ. ଯୁଜ ଧାତୁ) ଗୋଟିଏ ପଦାର୍ଥରେ ଅନ୍ୟ ପଦାର୍ଥ ଯୋଗ କରିବା—3. Adding or joining a thing to or with another.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଁଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ତୁଳନ; ତୁଳନାକରଣ—4. Comparison.

୫ । ଜୋଡ଼; ମେଳ—5. Coincidence; tallying.

୬ । ଜୋକା (ଦେଖ) 6 Jokā (See)

୭ । (ସଂ. ଯକ୍ଷ)—ଜକ ୩,୪ (ଦେଖ) 7. Jaka 3,4 (See).

ଦେ. ବିଣ—୧ । ତୁଲ୍ୟ; ସଦୃଶ—1. Similar; equal.

୨ । (ସଂ. ଯୁଜ ଧାତୁ)—ଅନ୍ୟ ବସ୍ତୁରେ ଯୋଗ କରାଯାଇଥିବା— 2. Added to another thing.

୩ । ସଂଯୁକ୍ତ—3. United; joined together.

୪ । ଦୂରସମ୍ପର୍କୀୟ—4. Distantly related.

(ଯଥା—ସେ ମୋର ଲେଖା ଜୋଖା ବନ୍ଧୁ ଅଟନ୍ତି ।)

ଜୋଖା(ଖେ)ଇବା—ଦେ. କ୍ରି—ଜୋଖିବା କ୍ରିୟାର ଣିଜନ୍ତ ରୂପ—
Jokhā(khe)ibā — Causative form of the verb Jokhibā.
জুখান; জোকান
जोखाना
ଜୋଡ଼ାଇବା—To cause to join.

ଜୋଖାଜୋଖି—ଦେ. ବି (ସହଚର)—ଜୋଡ଼ିବା କାର୍ଯ୍ୟାଦି—
Jokhā-jokhi — Acts of joining.
জোকাজোকি
जौखाजौखी

ଜୋଖାମୁହଁ—ଦେ. ବି—ଜୋଗମୁହଁ (ଦେଖ)
Jokhā-muhañ — Jokhā-muhañ (See).

ଜୋଖିଆ—ଦେ. ବି—ଜୋକା (ଦେଖ)
Jokhiā — Jokā (See).

ଜୋଖିବା—ଦେ. କ୍ରି (ସଂ. ଜୁଷ ଧାତୁ=ତର୍କଣା କରିବା; ଅନୁମାନ କରିବା)—୧ । ଗଣନାକରିବା; ହିସାବ ମିଳାଇବା—
Jokhibā — 1. To square up an account.
জুখা; জোকা
जौंखना

୨ । ମୋଟାମୋଟି ପରିମାଣ କରିବା— 2. To make a rough or tentative estimate or account.

୩ । ଉପମାଦେବା; ସ୍ଥୂଳତଃ ତୁଳନା କରିବା— 3. To compare roughly.

୪ । (ସଂ. ଯୁଜ ଧାତୁ; ଯୋଜନ) ଜୋଡ଼ିବା— 4. To unite.

୫ । କୌଣସି ବସ୍ତୁକୁ ଅନ୍ୟ ବସ୍ତୁରେ ଯୋଗ କରିବା— 5. To join a thing to another.

ଜୋଗଣ—ଦେ. ବି, (ସଂ. ଯୋଜନ; ତୁଳ; ସଂ. ଜେମନ=ଭୋଜନ)—
Jogaṇa — ରାଜାଙ୍କର ଭୋଜନ; ମଣୋହି— Name given to the meal of a Rājā.

ବିଣ—ରାଜାଙ୍କ ଭୋଜନର ସାମଗ୍ରୀ ରୂପେ ବ୍ୟବହୃତ— Used as a material for a king's food.

(ଯଥା—ଜୋଗଣ ଓଷର=ରାଜାଙ୍କ ପିଇବା ଦୁଧ ।)

[ଦ୍ର—ରାଜାମାନଙ୍କ ବ୍ୟବହୃତ ପଦାର୍ଥ, ଅଙ୍ଗପ୍ରତ୍ୟଙ୍ଗ ଓ ଦୈନିକ ନିତ୍ୟ ଆଦିକୁ ସାଧାରଣ ନାମରେ ନ ଡାକି ଲୋକେ ସମ୍ମାନସୂଚକ ଭିନ୍ନ ନାମରେ ଡାକନ୍ତି । ଯଥା—ଗଭା (=ମୁଣ୍ଡ); ଶ୍ରୀଅଙ୍ଗ (=ଦେହ); ଶ୍ରୀମୁ (=ଆପଣ); କାଠିଲାଗି (=ଦାନ୍ତଘଷା) ମୁଣୋହି; ଜୋଗଣ (=ଭୋଜନ); ପହଡ଼ (=ନିଦ୍ରା); ଶୁଙ୍ଖିଲ (=ଝାଡ଼ା ଫେରିବା); ବଢ଼ୁଆ (=ପାନ); ଓଷର (=ଦୁଧ); ପନ୍ଥର (=କ୍ଷୌର); ଶ୍ରୀହସ୍ତ (=ହାତ); ଶ୍ରୀମୁଖ (=ମୁହଁ); ଶୀତଳ ମଣୋହି (ଜଳଖିଆ)]

ଜୋଗଣ ବଢ଼ିବା—ଦେ. ବି—୧ । ରାଜାଙ୍କର ଭୋଜନକ୍ରିୟାର ସମାପ୍ତି—
Jogaṇa bar̲dh̲ibā — 1. The finish of a Rājā's meal.

୨ । ରାଜାଙ୍କର ଭୋଜନକ୍ରିୟା— 2. A Rājā's dinner.

ଜୋଗଣଲାଗି—ଦେ. ବିଣ (ରାଜାଙ୍କ ପ୍ରତି ବ୍ୟବହୃତ ଶବ୍ଦ)—
Jogaṇa-lāgi — ଭୋଜନରେ ବ୍ୟାପୃତ— Engaged in taking food.

(ଯଥା—ଶ୍ରୀମୁ ବର୍ତ୍ତମାନ ଜୋଗଣଲାଗି ହୋଇଛନ୍ତି ।)

ଜୋଗଣାହାରି—ଦେ. ବି—୧ । ରାଜାଙ୍କ ପାଚକ—
Jogaṇāhāri — 1. Rājā's cook.

୨ । ଜଗନ୍ନାଥ ମହାପ୍ରଭୁଙ୍କ ସେବକବିଶେଷ; ଯେଉଁ ବ୍ୟକ୍ତି ସୁଆର ବା ପାଚକମାନଙ୍କୁ କାଠ ପରିବା, ବଟା ମସଲା ଆଦି ଯୋଗାଏ—2. A class of sebakas of the Deity Jagannath of Puri who supply cooking materials to the cooks.

ଜୋଗଣିଆ—ଦେ. ବି—ଜୋଗଣାହାରି (ଦେଖ)
Jogaṇiā — Jogaṇāhāri (See)

ଜୋଗଣିବା—ଦେ. କ୍ରି—(ସଂ. ଯୋଜନ) ୧ । ରାଜାଙ୍କର ଜୋଗଣ ସାମଗ୍ରୀ ସଂଗ୍ରହ ବା ପ୍ରସ୍ତୁତ କରିବା—
Jogaṇibā — 1. To gather together or keep ready the victuals of a Rājā.

୨ । ପାଚକ ନିକଟରେ କାଠ ପରିବା ଓ ବଟା ମସଲା, ଚାଉଳ ଓ ଡାଲି ଯୋଗାଇବା—To supply articles to the cook in the kitchen.

ଜୋଗସାଜସ—ଦେ. ବି. (ସଂ. ଯୋଗ+ଫା. ସାଜସ୍=ମେଳ; କପଟଆ ଶବ୍ଦ)—ଏକମେଳ; ଗନ୍ଥା (ମନ୍ଦ ଅର୍ଥରେ)—
Joga-sājasa — Collusion.
যোগসাজস
सट्टीपट्टा, जोगसाजिस

ବିଣ—ମେଳ ବାନ୍ଧି କରାଯିବା (କର୍ମ)— Collusive (etc).

ଜୋଗସାଜସୀ } ଅନ୍ୟରୂପ ।
ଜୋଗସାଜସ୍ }

ଜୋଗା—ଦେ. ବିଣ. (ସଂ. ଯୋଗ୍ୟ)—
Jogā — ୧ । ପାରଙ୍ଗମ; ଯୋଗ୍ୟ; ଉପଯୁକ୍ତ (ବ୍ୟକ୍ତି)—

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	କ୍ଷ	ଇସ୍ୱ	ଉଅ	ଞ
୨	ଈ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ୱ	ନ୍

জোগ 1. Able; fit (person)
जोग्य ୨ । ଗୁଣବାନ୍; ଗୁଣୀ—2. Qualified; talented.
୩ । ବିଦ୍ୱାନ୍—3. Learned.

ଜୋଗା(ଗେ)ଇବା—ଦେ. କ୍ରି—ଯୋଗାଇବା (ଦେଖ)
Joga(ge)iba Jogaiba (See)

ଜୋଗାଡ଼—ଦେ. ବି. (ସଂ. ଯୋଗ; ଯୋଜନ)—
Jogarda ୧ । କୌଣସି ବିଷୟର ଆୟୋଜନ; ଉପାଦାନସଂଗ୍ରହ;
জোগাড় ଇତ୍ୟାଦି—1. Preparation; arrangement.
प्रबंध ୨ । କର୍ମ ନିର୍ବାହର ଉପାୟ ଓ ଉପକରଣ ସଂଗ୍ରହ— 2. Collection of means and materials for a work.
୩ । କନ୍ୟା ଶାଶୁଘରକୁ ଯିବା ସମୟରେ ବାପଘରୁ ତା ସଙ୍ଗେ ପଠାଯିବା ସାମଗ୍ରୀଚୟ—3. Various articles despatched with a daughter when she is sent to her husband's family for the first time after attaining puberty.
୪ । ଉଚିତ ବନ୍ଦୋବସ୍ତ—4. Fit or proper management or arrangement.
୫ । ଚେଷ୍ଟା—5. Effort; endeavour.
୬ । ଦେବତା ଓ ରାଜା ଆଦିଙ୍କ ଖାଦ୍ୟ ନିମନ୍ତେ ପ୍ରସ୍ତୁତ ବିବିଧ ଉପକରଣ ବା ସଜ୍ଜା—6. A collection of eatables for Rajas or Deities.
୭ । ଉପାୟ—7. Device; means.
୮ । ରାଜାଙ୍କୁ ଉପହାର ଦିଆଯିବା ପ୍ରସ୍ତୁତ ମିଷ୍ଟାନ୍ନ ବା ମହାପ୍ରସାଦର ସଜ୍ଜା—8. A collection of dainty foods presented to a Raja.

ଜୋଗାଡ଼ କରିବା—ଦେ. କ୍ରି—୧ । ଉପକରଣ ସଂଗ୍ରହ କରିବା—
Jogarda kariba 1. To collect materials.
জোগাড়করা ୨ । କୌଣସି କାର୍ଯ୍ୟସାଧନର ଉପାୟମାନ କରିବା—
प्रबन्धकरना 2. To pursue the means to attain an object.
୩ । ବନ୍ଦୋବସ୍ତ କରିବା—3. To arrange.
୪ । ଉଦ୍ୟମ ବା ଚେଷ୍ଟା କରିବା— 4. To endeavour.

ଜୋଗାଡ଼ି ଜନ୍ତର—ଗ୍ରା. ବି. (ସଙ୍କର ଶବ୍ଦ; ସଂ. ଯୋଜନ+ଯନ୍ତ୍ର)—
Jogarda jantara ୧ । କୌଣସି କାର୍ଯ୍ୟ ନିମନ୍ତେ ପ୍ରୟୋଜନୀୟ
জোগাড়যন্ত্র ସମସ୍ତ ଉପାୟ ଓ ଉପକରଣ—1. All conceivable
प्रबंध means and materials necessary for the attainment of some aim.
୨ । ବନ୍ଦୋବସ୍ତ; ବ୍ୟବସ୍ଥା—2. Arrangement.
୩ । ଉଦ୍ୟମ; ଚେଷ୍ଟା—3. Effort; endeavour.

ଜୋଗାଡ଼ ଯନ୍ତ୍ର—ଦେ. ବି. (ସଙ୍କର)—ଯୋଗାଡ଼ ଜନ୍ତର (ଦେଖ)
Jogarda jantra Jogarda jantara (See)

ଜୋଗାଡ଼ିଆ—ଦେ. ଭଣ—୧ । ଉଦ୍ୟମୀ; ଅଧ୍ୟବସାୟୀ—
Jogardia 1. Persevering.
যোগাড়ে ୨ । ଯେ କୌଣସି କାର୍ଯ୍ୟ ନିମନ୍ତେ ଉପଯୁକ୍ତ ଉପାୟ
यागाड़िया ଅବଲମ୍ବନ କରେ; ଉଦ୍‌ଯୋଗୀ—2. One who takes proper steps for some object to be attained.
୩ । କୌଶଳୀ—3. Skilful.
ବି—ଯେଉଁ ମୂଲିଆ କାରୁଗରର ହାତପାଖକୁ ମାଲମସଲା ଯୋଗାଇ ଦିଏ; ଯୁଆଁଳିଆ—A labourer who supplies materials to the mason.

ଜୋଗାଡ଼ିବା—ଦେ. କ୍ରି—୧ । କୌଣସି କାର୍ଯ୍ୟ ପାଇଁ ସମସ୍ତ ଉପକରଣ
Jogardiba ପ୍ରସ୍ତୁତ କରି ରଖିବା—
যোগাড়করা 1. To keep every material ready.
୨ । ଯୋଗାଡ଼ କରିବା; ବ୍ୟବସ୍ଥା କରିବା—
2. To make arrangements.
୩ । ରନ୍ଧନ ଆରମ୍ଭ କରିବା ପୂର୍ବରୁ ପ୍ରୟୋଜନୀୟ ଯାବତୀୟ ରନ୍ଧନସାମଗ୍ରୀ କଟା ବଟା ଇତ୍ୟାଦି କରି ପ୍ରସ୍ତୁତ କରି ରଖିବା—3. To dress for cooking; to keep all the materials ready for cooking.
୪ । ତରକାରି ଆଦି ନିମନ୍ତେ ଯଥାଯଥ ଉପକରଣ ପାକହାଣ୍ଡିରେ ଏକତ୍ର ଅନାଇବା—4. To pour the different necessary ingredients into the cooking pot.

ଜୋଗାଜୋଗ—ଦେ. ବି. (କଟକିଆ ଭାଷା; ସଂ. ଯୋଗ+ବିପରୀତାର୍ଥକ
Jogajoga ବିନ୍ତୁ ଏକାର୍ଥକ ସହଚରରୂପେ ବ୍ୟବହୃତ ଅଯୋଗ)—
জোগাজোগ ୧ । ଏକଯୋଗ—1. Conjunction.
मेलमाल ୨ । ଏକମେଳ; ଜୋଗସାଜସ—2. Collusion
୩ । ସୁଯୋଗ; ସୁବିଧା—3 Opportunity.

ଜୋଛନା—ଦେ. ବି. (ସଂ. ଜ୍ୟୋତ୍ସ୍ନା; ପ୍ରା. ଜୋଣ୍ହା) (ପଦ୍ୟ)—
Jochhana ଚନ୍ଦ୍ରକିରଣ—Moon-light.
জোছনা [ଦ୍ର—ସଂସ୍କୃତ ଶବ୍ଦସ୍ଥ ସ୍ନ ର ଦେଶଜ ଭାଷାରେ ଛ ଉଚ୍ଚାରଣ
जुन्हैया ଅନ୍ୟାନ୍ୟ ସ୍ଥଳରେ ମଧ୍ୟ ଦେଖାଯାଏ; ଯଥା—ବତ୍ସା=ବଚ୍ଛା, ମତ୍ସ୍ୟ=ମାଛ; ଚିକିତ୍ସା=ଚିକିଚ୍ଛା ।]

ଜୋଟ୍—ଦେ. ବି (ସଂ. ଜୁଟ ଧାତୁ; ସଂ. ଯୋଟକ)—ଜୁଟ୍ (ଦେଖ)
Jot Jut (See).
জোট
जोट

ଜୋଟ୍ ଖାଇବା—ଦେ. କ୍ରି (ସଂ. ଯୋଟକ; ସଂ. ଜୁଟ ଧାତୁ)—
Jot khaiba ୧ । ବହୁ ପଦାର୍ଥ ଏକତ୍ର ଘନଭାବରେ ମିଳିଯିବା;

ସାଧାରଣ ଲୋକେ ଅପଠ ପୃଷ୍ଠାରେ ପ୍ରଥମ ୧ ଓ ୨ ଅକ୍ଷର ଓ ମାତ୍ରା ଏବଂ ୨ ୟ ସ୍ଥିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ରହିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ରହିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧୋ' କି ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

জোট খাওয়া অଭିନ୍ନଭାବରେ ମିଳିତ ହେବା—
जोट खाना 1. To be intimately mixed together; to exactly tally with each other.

ଯୋଟ ପଡ଼ିବା, ଯୋଟ ଲାଗିବା } ଅନ୍ୟରୂପ ୨ । ସ୍ତ୍ରୀ ପୁରୁଷ ସଙ୍ଗମ ଦ୍ୱାରା ସମ୍ମିଳିତ ହେବା—2. To be joined together in the act of copulation; to cohabit.

(ଯୋଟ ଖୁଆଇବା; ଯୋଟ ଖୋଇବା—ଣିଜନ୍ତ ରୂପ)

୩ । ବିପରୀତ ଦିଗରୁ ଆସି ପରସ୍ପର ସାମ୍ନା ହେବା—3. To meet each other by coming from opposite directions.

୪ । (ଦୁଇ ଜଣଙ୍କ ମତ) ଏକ ହେବା—4. (the opinions of two persons) To agree with each other.

ଯୋଟ୍ ହେବା—ଦେ. କ୍ରି—ଜୁଟ୍ ହେବା (ଦେଖ)—
Joṭ hebā Juṭ hebā (See)

ଯୋଟ—ସ. ବି (ସ. ଜୁଟ୍ ଧାତୁ=ଏକତ୍ର ହେବା+ଅ)—୧ । ଏକତ୍ର
Joṭa ସଂଯୋଗ; ସମ୍ମିଳନ—1. Union; combination; conjunction.
জোট
जोट ୨ । ସଂହତି—2. Cohesion.
୩ । ସଙ୍ଗମ—3. General union.
୪ । ଦଳ—4. Flock.

ଯୋଟ କର(ରେ)ଇବା—ଦେ.କ୍ରି (ସ. ଜୁଟ ଧାତୁ=ମିଳିତ ହେବା)—
Joṭa karā(re)ibā ୧ । ଉଭୟ ପଶୁଯୁଗଳଙ୍କୁ ଏକତ୍ର କରାଇ
যোটান, জুটান ସଙ୍ଗମ କରାଇବା—1. To bring about the
जुटाना, जुटवाना pairing or matching between a male and a female animal.

ଯୋଟ ଖୁଆଇବା, ଯୋଟ ଖୋଇବା, ଯୋଟ ପକାଇବା, ଯୋଟ ଲଗାଇବା } ଅନ୍ୟରୂପ

୨ । ଦୁଇ ବସ୍ତୁକୁ ମିଳେଇବା—2. To match two things.

ଯୋଟ ଖୋଇବା—ଦେ. କ୍ରି—ଯୋଟ କରାଇବା (ଦେଖ)—
Joṭa khoibā Joṭa karāibā (See)
জোট খাওয়ান
जोट खिलाना
(ଯୋଟ ଖୁଆଇବା—ଅନ୍ୟରୂପ)

ଯୋଟଜାଟ—ଦେ. ବି—୧ । ଯୋଗାଡ଼ଯନ୍ତ୍ର—
Joṭa-jāṭa 1. Bringing together of different materials.
জোটজাট
जोटजाट
୨ । ମିଳାମିଶା; ପରସ୍ପର ସମ୍ମିଳନ—
2. Conglomeration.
୩ । ବହୁ ପଦାର୍ଥକୁ ଏକତ୍ର ସଂଗ୍ରହ କରଣ—
3. Bringing together of many things; collection.

୪ । ଜୁଟାଜୁଟି; ପ୍ରେମିକ ପ୍ରେମିକାଙ୍କ ମିଳନ ଘଟାଇବା—
4. The causing of lovers to meet; bringing about a meeting between lovers.
୫ । ଜାର ନିକଟରେ ପରସ୍ତ୍ରୀ ଜୁଟାଇବା—
5. Pandering.
(ଯୋଟାଯୋଟ—ଅନ୍ୟରୂପ)

ଯୋଟଣ—ଦେ. ବି (ସ. ଜୁଟଧାତୁ; କମ୍ପା, ସ. ଯୋଜନ)—୧ । ମିଳନ;
Joṭana ଜୁଟିବା—1. Union; coming together.
জোটন ୨ । ଯୋଚିବା; ସଂଯୋଜନା—2 Yoking.
जुटना ୩ । ଜୁଟାଇବା କର୍ମ—3. Bringing about a union.

ଯୋଟଣା—ଦେ. ବି—ଯୋଟଣ (ଦେଖ)—Joṭana (See)
Joṭanā

ଯୋଟ-ପାଟ—ଦେ. ବି—ଯୋଟଜାଟ (ଦେଖ)—Joṭajāṭa (See).
Joṭa-pāṭa

ଯୋଟ ବାନ୍ଧିବା—ଦେ.କ୍ରି—୧ । (ବହୁ ପଦାର୍ଥ ବା ଜୀବ) ଏକତ୍ର ହେବା—
Joṭa bāndhibā 1. To collect into a crowd or mass.
জোটবাঁধা ୨ । (ଦୁଇ ଜୀବ) ସଙ୍ଗମାର୍ଥ ଏକତ୍ର ହେବା—
जोड़बाँधना 2. To form into a couple; to pair.
୩ । ଘନୀଭୂତ ହେବା—3. To conglomerate.

ଯୋଟା—ଦେ. ବି (ସ. ଜୁଟଧାତୁ)—ମିଳନ; ସଂଯୋଗ; ଜୁଟିବା—
Joṭā Union; meeting.
জুটা, জোট ବିଣ—ସଂଯୁକ୍ତ; ମିଳିତ; ସଂଘଟିତ—United.
ଦେ. ବିଣ. ପୁଂ—ଜୁଟା (ଦେଖ)
Juṭā (See)
(ଯୋଟେଇ—ସ୍ତ୍ରୀ)

ଯୋଟା(ଟେ)ଇବା—ଦେ. କ୍ରି—ଜୁଟାଇବା (ଦେଖ)—
Joṭā(ṭe)ibā Juṭāibā (See)

ଯୋଟାଯୋଟି—ଦେ. ବି. (ସ. ଯୋଜନ)—ଜୁଟାଜୁଟି (ଦେଖ)
Joṭā-joṭi Juṭā-juṭi (See)
জোটাজোটি
जोटाजोटि

ଯୋଟି—ଦେ ବି—ଝୋଟି (ଦେଖ)—Jhoṭi (See)
Joṭi

ଯୋଟିଙ୍ଗ—ସ. ବି—ଶିବ; ମହାଦେବ (ହି. ଶବ୍ଦସାଗର) (ଭୁଲ. ସ.
Joṭinga ଜ୍ୟୋତିର୍ଲିଙ୍ଗ)—Lord Siba.

ଯୋଟିବା—ଦେ. କ୍ରି—ଜୁଟିବା (ଦେଖ)
Joṭibā Juṭibā (See)

ଯୋଠାଣୀ—ପ୍ରାଦେ. (ବଙ୍ଗୁର) ବି (ଭୁଲ.ହି. ଏହି ଅର୍ଥରେ ଜେଠାଣୀ)—
Joṭhāni ବଡ଼ ଯାଆ—Elder sister-in-law; the wife of the elder brother of one's husband.

ଯୋଡ଼ଣି—ପ୍ରାଦେ. (ସମ୍ବଲପୁର) ବିଣ—ପରସ୍ପର ଯୋଡ଼ା ହୋଇଥିବା—
Jorḍ-ni Joined together.
(ଯୋଡ଼ନି ଅନ୍ୟରୂପ) ବି—ଦୁଇ ବସ୍ତୁର ପରସ୍ପର ଯୋଡ଼ା ହୋଇଥିବା

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଥ୍ର	ଉଅ	ଘ
୨	ଈ	ଊ	ରୁ	ଲୁ	ପ୍ରୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ୍ୟ	ଇଅ	ଞ୍ଝ	ନ୍ତ

ଅବସ୍ଥା—The state of two things being joined together.

ଜୋଡ଼—ଦେ. ବି (ସଂ. ଜୁଡ଼୍ ଧାତୁ=ବନ୍ଧନ କରିବା)—୧ । ମିଳନ; ସମ୍ମିଳନ—1. Mixing together; union.
Jorḍa
জোড়
जोड़
୨ । ଯୋଡ଼ା; ଯୁଗ୍ମ; ଯୁଗଳ—2. A pair.
୩ । ଏକତ୍ରାବସ୍ଥିତ ପୁରୁଷ ଓ ସ୍ତ୍ରୀ; ଦମ୍ପତି—3. Couple.
[ଦ୍ର—ବିଶେଷତଃ ମନୁଷ୍ୟେତରପ୍ରାଣିଦମ୍ପତି ପ୍ରତି ଏହା ପ୍ରଯୁଜ୍ୟ]
୪ । ଇତର ଜନ୍ତୁମିଥୁନଙ୍କ ସଙ୍ଗମ—4. Cohabitation or crossing of animals.
୫ । ଏକତ୍ର ବ୍ୟବହୃତ ଧୋତି ଚଦର; ଅଧୋବାସ ଓ ଉତ୍ତରୀୟ—5. A pair of cloths (upper and lower).

ଜୋଡ଼ାଏ ବୁଣାଇସ ବାଦ୍ ଥାଉଥ ତାକୁ ଓଳିଏ ଯାଏ ଚଉଦଇ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୬ । (ଗଣିତ) ଯୋଗ; ବହୁ ସଂଖ୍ୟାର ମିଶ୍ରଣ—6. (mathematics) Addition
୭ । ଦୁଇଟି ପୃଥକ୍ ପଦାର୍ଥ ବା ଅଂଶକୁ ଏକତ୍ର ଯୋଗକରିବା—7. Uniting or joining together of two separate things or parts.
୮ । ଦୁଇଟି ପଦାର୍ଥ ବା ଅଂଶଯୁକ୍ତ ହେବା ସ୍ଥାନ—8. A joint; the place where two things are joined together; juncture.
୯ । (ଶାବର ଭାଷା—ଜୋର); ବହୁଦୂରବିସ୍ତୃତ ଜଳାଶୟ—Ditch; a long narrow stretch of water.
জোল
जलदल

ପ୍ରାଦେ. (ପୁରୀ)—୧ । ପାଣିଚ ନଡ଼ିଆ ଓ ଟୁରୁଡ଼ି ନଡ଼ିଆର ପରିମାଣ ବିଶେଷ—1. An aggregate or unit of 720 or 864 cocoanuts.
[ଦ୍ର—ପାଣିଚ ନଡ଼ିଆ ୧ ଜୋଡ଼=କା ॰ ୯/ (ନଅପଣ ୭୨୦ କଡ଼ା); ଖୁରୁଡ଼ିନଡ଼ିଆ ୧ ଜୋଡ଼=କା ॰୯୷ ୧୬ ଗଣ୍ଡା (ଏଗାର ପଣ ୧୬ ଗଣ୍ଡା=୮୬୪ କଡ଼ା) ।]
୨ । (ସମ୍ବଲପୁର) ବି—କ୍ଷୁଦ୍ର ନଦୀ—2. Streamlet.

(ବିଜୋଡ଼—ବିପରୀତ) ଦେ. ବିଣ—ସମସଂଖ୍ୟକ (ସଂଖ୍ୟା)—Even (number).

ଜୋଡ଼ ଖାଇବା—ଦେ.କ୍ରି—୧ । (ଦୁଇ ବସ୍ତୁ) ଏକତ୍ର ସଂଯୁକ୍ତ ବା ସମ୍ମିଳିତ ହେବା—1. To unite closely; to mix together.
Jorḍa khāibā
জোড় খাওআ
जोड़ा खाना
୨ । (ସ୍ତ୍ରୀ ପୁରୁଷ) ସଙ୍ଗମ କରିବା—2. To copulate; to couple.
(ଜୋଡ଼ା ଖୁଆଇବା—ଣିଜନ୍ତ)
୩ । (ଇତର ପ୍ରାଣିମିଥୁନ) ହଳୁଆ ପଡ଼ିବା—3. To pair.

ଜୋଡ଼ ଛଡ଼ା(ଡ଼େ)ଇବା—ଦେ. କ୍ରି—ଦୁଇଟି ସଂଯୁକ୍ତ ବସ୍ତୁ ବା ଜୀବଙ୍କୁ ପୃଥକ୍ କରିଇବା—To separate two closely united things or a couple.
Jorḍa chharḍā(rḍe)ibā
জোড় ভাঁগা
जोड़ा छुड़ाना

ଜୋଡ଼ତୋଡ଼—ଦେ. ବି. (ସହଚର)—
Jorḍa-torḍa
জোড়তাড়
जोड़तोड़
୧ । ଜୋଡ଼ିବା ଓ ଭାଙ୍ଗିବା କ୍ରିୟା—1. Act of joining together and breaking up.
୨ । ଭାଙ୍ଗିବା ଓ ଜୋଡ଼ିବା ଆଦି. କ୍ରିୟାଦ୍ୱାରା କୌଣସି କାର୍ଯ୍ୟର ସମାଧାନ—2. Accomplishing a thing by all sorts of means (e. g. breaking and joining).
୩ । ଆୟୋଜନ—3. Arrangement.
(ଯଥା—ମୁଁ ଜୋଡ଼ତୋଡ଼ କରି ୧୦ ଟଙ୍କା ସଞ୍ଚଳ କଲିଣି)
୪ । ଛଳ; କପଟ—4. Deceit.

ଜୋଡ଼ନାଶି—ଦେ. ବି—ଜୋଡ଼ଲଞ୍ଜି (ଦେଖ)
Jorḍa-nāśi. Jorḍa-lañji (See)

ଜୋଡ଼ ପଡ଼ିବା—ଦେ. କ୍ରି—ଜୋଡ଼ ଖାଇବା (ଦେଖ)
Jorḍa parḍibā Jorḍa khāibā (See)

ଜୋଡ଼ ଫିଟା(ଟେ)ଇବା—ଦେ. କ୍ରି—ଜୋଡ଼ ଛଡ଼ାଇବା (ଦେଖ)
Jorḍa phiṭā(ṭe)ibā Jorḍa chharḍāibā (See)

ଜୋଡ଼ ଫିଟିବା—ଦେ. କ୍ରି—ଦୁଇଟି ବସ୍ତୁ ବା ଜୀବ ଛଡ଼ାଛଡ଼ି ହୋଇ ଯିବା—The dissolution or separation of a couple or a pair of things or animals.
Jorḍa phiṭibā

ଜୋଡ଼ ବାନ୍ଧିବା—ଦେ. କ୍ରି—୧ । ଜୀବ ବା ବସ୍ତୁଙ୍କୁ ଜୋଡ଼ାଜୋଡ଼ା କରିବା—1. To arrange things or animals in pairs.
Jorḍa bāndhibā
জোড় বাঁধা
जोड़ा बाँधना
୨ । (ଦୁଇଜଣ) ଏକତ୍ର ସମ୍ମିଳିତ ହେବା—2. (two persons) To unite; to join together; to combine.
(ଯଥା—ସେମାନେ ବର୍ତ୍ତମାନ ବେଶ ଜୋଡ଼ ବାନ୍ଧିଲେଣି, ଆଉ ତାଙ୍କ ମଧ୍ୟରେ ଖଟିମଟି କିଛି ଲାଗୁ ନାହିଁ ।)

ଜୋଡ଼ ବିଜୋଡ଼—ଦେ. ବିଣ. (ବିପରୀତାର୍ଥକ ଶବ୍ଦ ଦ୍ୱୟ)—
Jorḍa bijorḍa
জোড় বিজোড়
जोड़बेजोड़
୧ । ଜୋଡ଼ାଜୋଡ଼ା ହୋଇ ନ ଥିବା; ଏକ ଜୋଡ଼ାର ଗୋଟିଏ ବସ୍ତୁ ଅନ୍ୟ ଜୋଡ଼ାର ବସ୍ତୁ ସଙ୍ଗେ ରଖା ଯାଇଥିବା—1. Not arranged in pairs; not symmetrically arranged.
୨ । ସମ ଓ ଅସମ (ବସ୍ତୁ)—2. Odd and even (things).
୩ । ଅସମ—3. Incongruous; dissimilar; unsymmetrical.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ-ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜୋଡ଼ ବେଳ—ଦେ. ବି—୧ । (ପଶୁ ଆଦିଙ୍କର) ସଙ୍ଗମ ଋତୁ—
Jorda bela 1. Pairing time; season for pairing (of animalas).
(ଜୋଡ଼ ବେଳା—ଅନ୍ୟରୂପ)
୨ । ସ୍ତ୍ରୀ ପୁରୁଷଙ୍କର ମୈଥୁନସମୟ—
2. The time of copulation.

ଜୋଡ଼ ଭଙ୍ଗା(ଙ୍ଗେ)ଇବା—ଦେ. କ୍ରି—ଜୋଡ଼ ଛଡ଼ାଇବା (ଦେଖ)
Jorda bhangā(nge)ibā Jorda chhardaibā (See)

ଜୋଡ଼ ଭାଙ୍ଗିବା—ଦେ. ବ—ଜୋଡ଼ ଫିଟିବା (ଦେଖ)
Jorda bhāngibā Jorda phitibā (See)
ଦେ. କ୍ରି—ଜୋଡ଼ ଛଡ଼ାଇବା (ଦେଖ)
Jorda chhardaibā (See)

ଜୋଡ଼ ମୁହଁ—ଦେ. ବି—ଜୋଡ଼ା ହୋଇଥିବା ଦୁଇଟି ବସ୍ତୁର ସମ୍ମିଳନ
Jorda muhañ ସ୍ଥାନ—The joining point of two things; juncture.
জোড়মুখ
जोड़ा

ଜୋଡ଼ ଲାଗିବା—ଦେ. କ୍ରି—ଜୋଡ଼ ଖାଇବା (ଦେଖ)
Jorda lāgibā Jorda khāibā (See)
[ଜୋଡ଼ ଲାଗା(ଗେ)ଇବା—ଣିଜନ୍ତରୂପ]

ଜୋଡ଼ ଲଞ୍ଜି—ଦେ. ବି—ବନ୍ଧଦ୍ୱାରା ବନ୍ଦ ଜଳାଶୟର ଏକପ୍ରାନ୍ତ—
Jorda lānji One end of a ditch or fen.
(ଜୋଡ଼ ଲସି—ଅନ୍ୟରୂପ)

ଜୋଡ଼ହସ୍ତ—ଦେ. ବି. (ସଂ. ଯୁକ୍ତହସ୍ତ)—ପ୍ରାର୍ଥନା କରିବା ଉପଲକ୍ଷରେ ଦୁଇ ହାତର ଅଞ୍ଜଳିବନ୍ଧନ; ହାତ ଜୋଡ଼ିବା; ଅଞ୍ଜଳିବନ୍ଧନ—Folding together of the palms of both hands (in supplication).
Jordahasta
জোড়হস্ত
जोड़हाथ
(ଜୋଡ଼ହାତ—ଅନ୍ୟରୂପ)
ବିଣ—ଦୁଇ ହାତ ଜୋଡ଼ିଥିବା; କୃତାଞ୍ଜଳି—With palms folded.

ଜୋଡ଼ା—ଦେ. ବି. (ସଂ. ଜୁଡ଼ ଧାତୁ = ବନ୍ଧନ କରିବା)—
Jordā ୧ । ଯୁଗ୍ମ; ଯୁଗଳ; ଦୁଇଟି ସମଭାବାପନ୍ନ ବସ୍ତୁ ବା ଜୀବ—
1. A couple; a pair.
जोड़ा
୨ । ସ୍ତ୍ରୀପୁରୁଷ; ଦମ୍ପତି—
2. A couple of animals; husband and wife; man and woman.
୩ । ଦୁଇଟି ପୃଥକ୍ ବସ୍ତୁ ବା ଅଂଶକୁ ସଂଯୁକ୍ତ କରିବା; ଜୋଡ଼ିବା—3. Joining together of two things or parts.
୪ । ଏକ ହଳ; ଯାନାଦିରେ ବାମ ଓ ଦକ୍ଷିଣରେ ଲାଗିବା ପଶୁ—4. A pair of animals for vehichles.
୫ । ଡାହାଣ ଓ ବାମ ଅଙ୍ଗରେ ବ୍ୟବହାର୍ଯ୍ୟ ବସ୍ତୁଦ୍ୱୟ (ଜୋତା ଓ ଅଳଙ୍କାର ପ୍ରଭୃତି)—
5. A pair (of shoes, ornaments etc) to suit the right and left limbs.
୬ । ଏକ ବସ୍ତୁ ସଦୃଶ ଅନ୍ୟ ବସ୍ତୁ—
6. One of a pair; a complement; a thing which will suit another.
୭ । ଅଧୋବାସ ଓ ଉତ୍ତରୀୟ ବସ୍ତ୍ର—
7. A pair of cloths (upper and lower garments) put or arranged together.
୮ । ଯମଜ—8. Twins.
ବିଣ—୧ । ଏକତ୍ର ଯୁକ୍ତ ହୋଇଥିବା—
1. United; joined.
୨ । ଜୋଡ଼ିଳ—2. Arranged in a pair.
୩ । ଯମଜ—3. Born twins.
୪ । ଝଳା ହୋଇ ସଂଯୁକ୍ତ ହୋଇଥିବା—
4. Soldered together.
୫ । ଦୁଇ ସଂଖ୍ୟକ—
5. A couple; numbering two.
କେତେବେଳେ ଜୋଡ଼ା ଭାରକାରେ ଘର
କେତେବେଳେ ଚାଲ ଫୁଙ୍କି ଫୁଙ୍କି ମର—ତଗ ।

ଜୋଡ଼ାଇ—ଦେ. ବି. (ସଂ. ଯୋଜନ)—
Jordāi ଗାନ୍ଥନି; ମାଟି ବା ଚୂନ ଦ୍ୱାରା ଇଟା ବା ପଥର ବସାଇବା—Masonry-work.
জোড়াই
जोड़ाई
ବିଣ—ଗାନ୍ଥନି କରି ଯାଇଥିବା—
Consisting of masonry work.

ଜୋଡ଼ା(ଡ଼େ)ଇବା—ଦେ. କ୍ରି. (ସଂ. ଯୁଜ ଧାତୁ; ସଂ. ଜୁଡ଼ ଧାତୁ)—
Jordā(rde)ibā ୧ । ଅନ୍ୟ ଦ୍ୱାରା ଜୋଡ଼ିବା କିମ୍ବା କରାଇବା—
জোড়ান 1. To cause to join.
जोड़वाना ୨ । ଦୁଇ ଜନ୍ତୁଙ୍କୁ ଏକତ୍ର ସଙ୍ଗମ କରାଇବା—
2. To cause two animals to pair.
୩ । ଜୋଡ଼ାଜୋଡ଼ା କରି ସଜ୍ଜିତ କରିବା—
3. To arrange in pairs.
୪ । ଜୋଡ଼ିବା—4. To join together.

ଜୋଡ଼ାଏ—(ଅନାଦରାର୍ଥକ)—ଦେ. ବି ଓ ବିଣ—୧ । ଦୁଇଟା—
Jordāe 1. Two; a pair.
এক জোড়া ୨ । ଦୁଇଟା ମାତ୍ର—2. Two only.
एक जोड़

ଜୋଡ଼ାକ—(ଅନାଦରାର୍ଥକ)—ଦେ. ବିଣ ଓ ବି—ଜୋଡ଼ାଏ (ଦେଖ)
Jordāka Jordāe (See)
জুটো
दोनो

ଜୋଡ଼ାକମ—ଦେ. ବି—ଜୋଡ଼ି ନାଗରା (ଦେଖ)
Jordā-kama Jordi nāgarā (See)

୧	ଇ	ଉ	ଋ,ୠ	ୡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଉଥ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଥ	ଢ	ନ୍

ଜୋଡ଼ାକୁ ଜୋଡ଼ା—ଦେ. କ୍ରି. ବଣ—ଜୋଡ଼ା ଜୋଡ଼ା (ଦେଖ)
Jorḍāku jorḍā — Jorḍā jorḍā (See)

ଜୋଡ଼ା ଛଡ଼ା(ଡ଼େ)ଇବା—ଦେ. କ୍ରି—
Jorḍā chhardā(rḍe)ibā (etc) ଜୋଡ଼ ଛଡ଼ାଇବା (ଦେଖ)
Jorḍa chhardāibā (See)

ଜୋଡ଼ା-ଜୋଡ଼ା—ଦେ. କ୍ରି. ବଣ—ଦୁଇଟି ଲେଖାଏଁ ହୋଇ ସଙ୍ଗ
Jorḍā-jorḍā ହୋଇଥିବା—In couples; arranged into
জোড়াজোড়া or formed into pairs.
जोड़ाजोड़ा

ଜୋଡ଼ା ଜୋଡ଼ି—ଦେ. ବ—୧ । ଦୁଇଟି ଭଗ୍ନ ଅଂଶ ବା ପଦାର୍ଥକୁ ଏକତ୍ର
Jorḍā jorḍi କରିବା—1. Joining together of two
জোড়াজুড়ি things or parts.
जोड़जाड़ ୨ । ପୃଥକ୍ ପୃଥକ୍ ବସ୍ତୁ ବସ୍ତୁ ବା ଉପକରଣର ଏକତ୍ରୀକରଣ—2. Bringing together or collecting of different materials or ingredients.

୩ । ଭଗ୍ନ ବା ଛିନ୍ନ ବା ଚିରା ପଦାର୍ଥକୁ ମରାମତ କରିବା—
3. Repairing or patching up of broken or torn things.

ଦେ. ବଣ—ମରାମତ କରାଯାଇ ଥିବା; ନାନାଖଣ୍ଡ ଏକତ୍ର କରାଯାଇ ଥିବା—Joined together (many bits); repaired.

ଜୋଡ଼ା ଦିହୁଡ଼ି—ଦେ. ବ—ଜୋଡ଼ା ମଶାଲ (ଦେଖ)
Jorḍā dihurḍi — Jorḍā masāla (See)

ଜୋଡ଼ା ଫିଟିବା—ଦେ. କ୍ରି—ଜୋଡ଼ ଫିଟିବା (ଦେଖ)
Jorḍā phiṭibā — Jorḍa phiṭibā (See)

ଜୋଡ଼ା ବେତ—ଦେ. ବ—ଜୋଡ଼ି ବେତ (ଦେଖ)
Jorḍā beta — Jorḍi beta (See)

ଜୋଡ଼ା ଭାରିଯା—ଦେ. ବ—ଏକ ପୁରୁଷର ଥିବା ଦୁଇଟି ସ୍ତ୍ରୀ—
Jorḍā bhārijā Two wives possessed by a man at a time.

ତାକେ ନାହିଁ କ, ତାକେ ନାହିଁ, ବଡ ର ନାହିଁ କାହାକୁ
ଜୋଡ଼ାଭାରିଯାରେ କ କଛ ଅଛ, ପଗୁର ଯା ତୋ ମାଅକୁ—ଉଗ ।

ଜୋଡ଼ା ମଶାଲ—ଦେ. ବ—୧ । ରାଜା ଅବା ଦେବଙ୍କ ଗମନରେ ବାମ ଓ
Jorḍā masāla ଦକ୍ଷିଣ ପାଖରେ ଜଳା ଯାଉଥିବା ମଶାଲ ବା
জোড়া মসাল ଦିହୁଡ଼ି—1. Two torches lighted on both (right and left) sides of a Raja or a Deity in procession.

୨ । ଦୁଇ ଶାଖା ଥିବା ମଶାଲ—
2. Two torches attached to one handle.

ଜୋଡ଼ା ମହୁରି—ଦେ. ବ—ଜୋଡ଼ି ମହୁରି (ଦେଖ)
Jorḍā mahuri — Jorḍi mahuri (See)

ଜୋଡ଼ା ମୁହାଁ—ଦେ. ବ—ଜୋଡ଼ ମୁହଁ (ଦେଖ)
Jorḍā muhān — Jorḍa muhān (See)

ଜୋଡ଼ା ଶଙ୍ଖ—ଦେ. ବ—ଜଣକ ଦ୍ୱାରା ଏକତ୍ର ନିନାଦିତ ଶଙ୍ଖଯୁଗ୍ମ—
Jorḍā śankha A pair of conches simultaneously sounded by one person.

ଜୋଡ଼ି—ଦେ. ବ. (ସଂ. ଯୁଗ୍ମ; ଯୁଗଳ, ସଂ. ଜୁଡ଼ ଧାତୁ)—
Jorḍi ୧ । ଯୁଗ୍ମ—1. A couple.
জুড়ি, জোড়ি ୨ । ଦ୍ୱୟ—2. A pair; two.
जोड़ि ୩ । (ଅବଗୁର୍ଥକ) ଦୁଇଟି ପଦାର୍ଥ—4. Two things.
୪ । ଗାଡ଼ିଟାଣିବାରେ ଲାଗିବା ଦୁଇଟି ଘୋଡ଼ା—
4. A pair of horses for a carriage.
୫ । ଘୋଡ଼ା ଆଦି ଏକ ସମୟରେ ଦୁଇ ପଛଗୋଡ଼ରେ ମାରିବା ଲାତ—5. Kick with two hind legs of a beast; double kick of a beast.
জোলি; জুলি ୬ । (ଗାଉଗାଁଆ ଜୋର)—ଲମ୍ବ ଅଥଚ କମ ଚଉଡ଼ା
दुलदल ଜଳାଶୟ—6. A long and narrow expanse of water.

[ଦ୍ର—ଜୋଡ଼ି ଅପେକ୍ଷା ଜୋଡ଼ି ଅକାରରେ କ୍ଷୁଦ୍ରତର ।]

ଜୁଡ଼ୀ ବିଦେ. ବ. (ଇଂ. ଜୁରି)—ଜୁରି; ଜଡ଼ି—7. Jury.
जोड़ी ଗ୍ରାଦେ. (ଗଡ଼ଜାତ) ବ—୧ । ଚଷମା—
1. Spectacles.
୨ । ଜୋତା—2. A pair of shoes.

ଦେ. ବଣ—ଯୁଗ୍ମଭାବରେ ସ୍ଥିତ ବା ସଜ୍ଜିତ; ଦ୍ୱୈତ; ଯୁଗ୍ମ—
Double; arranged in pairs.

ଜୋଡ଼ିଏ—ଦେ. ବଣ ଓ ବ. (ଆଦର ବା ସ୍ନେହାର୍ଥକ)—
Jorḍie ଜୋଡ଼ାଏ (ଦେଖ)
একজোড়া Jorḍāe (See)
एकजोड़ा

ଜୋଡ଼ିକ—ଦେ. ବଣ ଓ ବ. (ଆଦର ବା ସ୍ନେହାର୍ଥକ)—
Jorḍika ଜୋଡ଼ାଏ (ଦେଖ)
জুটি Jorḍāe (See)
दोठो ଧୋବା ମଳକ ! ଶଗାଳ କଉଚ ଥିଅ ଜୋଡ଼ିକ—ଉଗ ।

ଜୋଡ଼ିକବାଟ—ଦେ. ବ. (ସଂ. ଯୁଗଳ+କପାଟ)—
Jorḍi-kabāṭa ଦୁଇଟି ପାଲଥିବା କବାଟ—
জোড়াকপাট A door with two folds or flaps.

ଜୋଡ଼ିକି(କୁ)ଜୋଡ଼ି—ଦେ. କ୍ରି. ବଣ—୧ । ଯୁଗ୍ମ ଯୁଗ୍ମ ହୋଇ—
Jorḍiki(ku)-jorḍi 1. In pairs; arranged in couples.
জোড়াজোড়া ୨ । ଏକ ଜୋଡ଼ା ପରେ ଅନ୍ୟ ଜୋଡ଼ାଏ—
जोड़ाजोड़ा 2. One pair after another.

ଜୋଡ଼ିଗାଡ଼ି—ଦେ. ବ—ଯେଉଁ ଗାଡ଼ିରେ ଦୁଇଟି ଘୋଡ଼ା ଲାଗନ୍ତି—
Jorḍi-gārḍi A carriage drawn by a pair of horses.
জুড়ি গাড়ি
जोड़ि गाड़ि

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗାଡ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅର୍ଦ୍ଧାଙ୍କ ପାଇଲେ 'ଆଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ ।

ଜୋଡ଼ଘୋଡ଼ା—ଦେ. ବି—(ସଂ. ଯୁଗଳ+ଘୋଟକ)—
Jordi-ghordā ଜୋଡ଼ଗାଡ଼ିରେ ଲାଗିବା ଅଶ୍ୱଯୁଗଳ—
জুড়িঘোড়া A pair of horses for a carriage.
जोड़िघोड़ा

ଜୋଡ଼ ଚଲା(ଲେ)ଇବା—ଦେ. କ୍ରି—୧ । ଜୋଡ଼ଗାଡ଼ିରେ ଭ୍ରମଣ
Jordi chalā(le)ibā କରିବା—1. To take a drive in
জুড়ি চালান a carriage and pair.
जोड़ि हाँकना ୨ । ଜୋଡ଼ ଗାଡ଼ିରେ ଲାଗିଥିବା ଅଶ୍ୱଯୁଗଳଙ୍କ ବାଗ
[ଜୋଡ଼ଚଲା(ଲେ)ଇବା—ଅନ୍ୟରୂପ] ବା ଲଗାମକୁ ଧରି ଗାଡ଼ି
ଚଳାଇବା—2. To drive a coach and pair (one's self).

ଜୋଡ଼ଜାଡ଼ ଦେବା—ଦେ. କ୍ରି—ଭାଙ୍ଗିଯାଇଥିବା ଅନେକ ସ୍ଥାନ ବା
Jordi-jārdi debā ପଦାର୍ଥକୁ ଜୋଡ଼ିବା—
জোড়েজুড়ে দেওয়া To unite many broken parts or things.
जोड़जाड़ देना

ଜୋଡ଼ ଜୋଡ଼—ଦେ. କି. ଋଣ—ଜୋଡ଼ିକ ଜୋଡ଼ (ଦେଖ)
Jordi jordi Jordiki jorrdi (See)

ଜୋଡ଼(ଡ଼େ)ଡ଼ଉଁରିଆ—ଦେ. ବି. (ବର୍ଣ୍ଣିଅଶବ୍ଦ)—ପାଖକୁ ପାଖ ଝଲା
Jordi-(de)da-uñriā ଯାଇଥିବା ରୁପାର ପୋଲା ଡଉଁରିଆ—
A pair of amulets soldered together.

ଜୋଡ଼ ଥୋଇଲି—ଦେ. ବି—ଜୋଡ଼ ପୋଇଲି (ଦେଖ)
Jordi thoili Jordi poili (See)

ଜୋଡ଼ ନାଗରା—ଦେ. ବି—ଏକ ସମୟରେ ଜଣେ ବାଦକର ଦୁଇହାତ
Jordi nāgarā ଦ୍ୱାରା ବାଦିତ ହାଣ୍ଡି ଆକୃତିର ଆନଦ୍ଧ ବାଦ୍ୟଦ୍ୱୟ—
A musical instrument consisting of two cup-shaped drums sounded simultaneously by both the hands of the drummer.

ଜୋଡ଼ ପୋଇଲି—ଦେ. ବି—ପ୍ରଭୁ ବା ସାଆନ୍ତାଣୀଙ୍କ ସେବାରେ ଖଟୁଥିବା
Jordi poili ଦାସୀଦ୍ୱୟ—A couple of maid servants serving a master or mistress.

ଜୋଡ଼ିବା—ଦେ. କ୍ରି. (ସଂ. ଜୁଡ଼୍ ଧାତୁ=ବନ୍ଧନ କରିବା)—୧ । ଦୁଇଟି
Jordibā ପଦାର୍ଥ ବା ଅଂଶକୁ ଏକତ୍ର ସଂଯୁକ୍ତ କରିବା—
জোড়া 1. To unite; to join together two things
जोड़ना or parts.
୨ । ଏକାଧିକ ସଂଖ୍ୟାକୁ ମିଶାଇବା—
1. To add up numbers.
୩ । ହିସାବ ମିଳାଇବା—
3. To square up an account.
୪ । ଗୀତ ବା ପଦ୍ୟାଦି ରଚନା କରିବା—
4. To compose a song or poem.
୫ । ପୃଥଗବସ୍ଥିତ ଉପାଦାନମାନଙ୍କୁ ଏକତ୍ର ସଂଗ୍ରହ କରିବା—
5. To bring together various materials.
୬ । ଭାଙ୍ଗି ଯାଇଥିବା ପଦାର୍ଥର ଅଂଶକୁ ଅଠା ଆଦି ଦ୍ୱାରା
ସଂଯୋଜିତ କରିବା ବା ଝାଳିବା—6. To join or solder together two broken parts.

ଜୋଡ଼ ବିଚାର—ଦେ. ବି.—ଜୁରୀଙ୍କଦ୍ୱାରା ଦଉଡ଼ି ମକଦ୍ଦମାର ବିଚାର—
Jordi bichāra A trial by jury.
জুরি বিচার
जुड़ि बिचार

ଜୋଡ଼ ବେତ—ଦେ. ବି.—ଜାଳିଲ ବେତ; ଦଣ୍ଡିତ ବ୍ୟକ୍ତିଙ୍କୁ ପ୍ରହାର
Jordi beta କରିବା ନିମନ୍ତେ ଏକତ୍ର ବନ୍ଧା ହୋଇଥିବା ଦୁଇଟି
জোড়া বেত ବେତ—Two canes tied together for the
जोड़िबेत purpose of caning convicted persons.

ଜୋଡ଼ ମହୁରି—ଦେ. ବି.—ଜୋଡ଼ା ମହୁରି; ଜଣେ ଲୋକ ଏକ
Jordi mahuri ସମୟରେ ଏକତ୍ର ବଜାଇବା ଦୁଇଟି ମହୁରି ବା
କାହାଳୀ—A double-trumpet blown by one person simultaneously.

ଜୋଡ଼ ମଶାଲି—ଦେ. ବି.—ଜୋଡ଼ା ମଶାଲ (ଦେଖ)
Jordi masāla Jordā masāla (See)

ଜୋଡ଼ ମାରିବା—ଦେ. କ୍ରି.—(ଘୋଡ଼ା ଆଦି ପଶୁ) ଦୁଇ ପଛଗୋଡ଼ରେ
Jordi māribā ଏକ ସମୟରେ ନାଡ଼ ମାରିବା—To kick
दुलात्ति मारना with the two hind legs simultaneously.

ଜୋଡ଼ରେ ବସିବା—ଦେ. ବି.—୧ । ମକଦ୍ଦମା ବିଚାର କରିବା ପାଇଁ
Jordire basibā ଜଜଙ୍କ ସଙ୍ଗେ ଜୁରୀରୂପେ ବିଚାରାସନରେ ବସିବା—
জুরিতে বসা To sit on the jury; to sit as a juror.
जुड़िमे बैठना ୨ । ଦୁଇଟି ଘୋଡ଼ା ଯୋଗୁ ଟାଣିବା ଗାଡ଼ିରେ ବସିବା—
To take a drive in a coach and pair.

ଜୋଡ଼ ଶଙ୍ଖ—ଦେ. ବି.—ଜୋଡ଼ା ଶଙ୍ଖ (ଦେଖ)
Jordi śaṅkha Jordā saṅkha (See)

ଜୋଡ଼ ଶାଲ—ଦେ. ବି.—ଏକତ୍ର ବ୍ୟବହୃତ ଦୁଇଟି ଶାଲ, ଦୋଶାଲ—
Jordi śāla A pair of shawls used together.
দোশালা
दुसाला

ଜୋଡ଼ ହଙ୍କା(ଙ୍କେ)ଇବା—ଦେ. କ୍ରି.—ଜୋଡ଼ ଚଲାଇବା (ଦେଖ)
Jordi haṅkā(ṅke)ibā Jordi chalāibā (See)

ଜୋଡ଼ ହାଙ୍କିବା—ଦେ. କ୍ରି.—ଜୋଡ଼ ଚଲାଇବା (ଦେଖ)
Jordi hāṅkibā Jordi chalāibā (See)

ଜୋତ—ଦେ. ବି. (ସଂ. ଯୋକ୍ତ୍ର; ଯୋତ୍ର)—୧ । ଯୁଗବନ୍ଧନରଜ୍ଜୁ; ହଳ
Jota ବା ଶଗଡ଼ର ଜୁଆଳିକୁ ଯଥାକ୍ରମେ ଈଶ ବା ଦଣ୍ଡା ସଙ୍ଗେ
जोत ବାନ୍ଧିବା ଦଉଡ଼ି—1. Rope for tying the yoke to the shaft of a plough or cart.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଷ	ନୃ

୨ । ଧାନ କଟେଇ ଅଦ ବାନ୍ଧି ବିଲରୁ ବୋହି ଅଣିବା ପାଇଁ ବ୍ୟବହୃତ ଦଉଡ଼ି—2. Rope used to tie up and carry the sheaves of corn harvested from the field.

জোত ବୈଦେ. ବି. (ଫା. ଜୋତ୍)—୧ । କର୍ଷଣଯୋଗ୍ୟ ଭୂମି—
जोत 1. Arable land; a land fit for tillage.
୨ । ଜମିଦାରଙ୍କ ଅଧୀନରେ ପ୍ରଜା ଦଖଲ କରୁଥିବା ଜମି; ପ୍ରଜାସ୍ୱତ୍ୱ ବର୍ଣ୍ଣିଷ୍ଟ ଜମି; ରଇତି ଜମି—2. A tenure or holding of a tenant.

ଜୋତ ଅବାଦ କରିବା—ଦେ. କ୍ରି.—୧ । ଭୂମି ଚାଷ କରିବା—
Jota ābāda kariba 1. To cultivate arable land.
জোত আবাদ করা ୨ । ରଇତି ଭାବରେ (ପ୍ରଜା) କର୍ଷଣ କରିବା;
जोतना ରଇତରୂପେ ଜମି ଚାଷ କରିବା—2. To cultivate a holding as a tenant.

ଜୋତ ଦଉଡ଼ି—ଦେ. ବି.—ଜୋତ (ଦେଖ)
Jota daurdi Jota (See)
(ଜୋତଦଉଡ଼ା—ଅନ୍ୟରୂପ)

ଜୋତଦାର୍—ବୈଦେ. (ଫା. ଜୋତ୍‌ଦାର୍)—
Jotadār ପ୍ରଜାସ୍ୱତ୍ୱଯୁକ୍ତ ଜମିର ଅଧିକାରୀ—
জোতদার A tenure-holder; tenant; raiyat.
जोतदार

ଜୋତର—ଗ୍ରା. ବି—ଜୋତ୍ର (ଦେଖ)
Jotara Jotra (See)

ଜୋତା (ଇତ୍ୟାଦି)—ଦେ.ବି—୧ । ଜୁତା (ଇତ୍ୟାଦି) (ଦେଖ)
Jotā (etc) 1. Jutā (etc) (See)
জুতা ୨ । ଯୋଚ୍ଚା (ଦେଖ)
जूता 2. Jocha (See)

ଜୋତା(ତେ)ଇବା—ଦେ. କ୍ରି. (ସ. ଯୋଜନ)—
Jotā(te)ibā ୧ । ଜୋତିବା କ୍ରିୟାର ପ୍ରୟୋଜକ ରୂପ—
জুতান্ 1. Causative form of Jotibā.
जोतवाना ୨ । ଜୋତାରେ ପ୍ରହାର କରିବା—
2. To beat with shoes.

ଜୋତା ଉଠା(ଠେ)ଇବା—ଦେ. କ୍ରି—୧ । ଜୋତାରେ ମାଡ଼ ଦେବାକୁ
Jotā utha(the)ibā ତିଆର ହେବା; ଜୋତା ଦ୍ୱାରା ଅପରକୁ
জুতা উঠানো ଆଘାତ କରିବାକୁ ଉଦ୍ୟତ ହେବା—1. To be
जूती उठाना ready to give a shoe-beating.
୨ । ଅପରର ପିନ୍ଧିବା ଜୋତାକୁ ଉଠାଇବା ରୂପ ନୀଚ ଭୃତ୍ୟକର୍ମ କରିବା—2. To do another's menial works, such as removing his shoes.

ଜୋତା ପଡ଼ିଯିବା—ଦେ. କ୍ରି.—(ଛୁରୀ ବା କଟୁରୀ ଅଦର ଧାର)
Jotā pardi-jibā କାଠ, ପଥର ବା ଲୁହାରେ ବାଜି ଦନ୍ତୁରି ବା ଛେଚଡ଼ା ହୋଇଯିବା-(the blade of a weapon) To become blunted by coming in contact with wood, stone, iron or such other hard things.

ଜୋତା ମାରିବା—ଦେ. କ୍ରି—ଜୋତାରେ ପିଟିବା—
Jotā māribā To give a shoe-beating.
জুতা মারা, জুতান
जुता मारना, जुतियाना

ଜୋତି—ଗ୍ରାମ୍ୟ. ବି. (ସ. ଜ୍ୟୋତିଃ)—ଜ୍ୟୋତି (ଦେଖ)
Joti Jyoti (See)
জোতি
जोति

ଜୋତିବା—ଦେ. କ୍ରି. (ସ. ଯୋଜନ)—ଯୋଚିବା (ଦେଖ)
Jotibā Jochibā (See)
জোতা ପ୍ରାଦେ. (ସମ୍ବଲପୁର, ଅଠମଲ୍ଲିକ) କ୍ରି. (ଭୁଲ. ଏହି
जोतना ଅର୍ଥରେ ହି. ଜୋତ୍‌ନା)—ଚାଷ କରିବା—
To cultivate the land; to till the land.

ଜୋତିଷ—ଦେ. ବି. (ସ. ଜ୍ୟୋତିଷ)—୧ । ଜ୍ୟୋତିଷ (ଦେଖ)
Jotisha 1. Jyotisha (See)
জোতিষ ୨ । (ସ. ଜ୍ୟୋତିଷୀ) ଜ୍ୟୋତିଷୀ (ଦେଖ)
जोतिष 2. Jyotishī (See)

ଜୋତିଷ ନାୟ(ହା)କ—ଦେ. ବି—ଜଉତିଷ ନାୟକ (ଦେଖ)
Jotisha nāya(hā)ka Jautisha nāyaka (See)

ଜୋତ୍ର—ବୈଦେ. ବି. (ଫା. ଜୋତ୍)—
Jotra ୧ । ରଇତି ସ୍ୱତ୍ୱ—
জোত 1. Tenure; tenant's holding.
जोत ୨ । ଭୂସମ୍ପତ୍ତି—2. Landed property.
୩ । ସମ୍ପତ୍ତି—3. Property.
୪ । ସଙ୍ଗତି; ସ୍ୱଚ୍ଛଳ—4. Well-to-do condition.
୫ । ବ୍ୟବସାୟର ପୁଞ୍ଜି; ପାଣ୍ଠି—5. Capital; stock.
୬ । ଉପାୟ—6. Means.
୭ । ସୁବିଧା; ସୁଯୋଗ—
7. Favourable opportunity.

ଜୋତ୍ରସମ୍ପନ୍ନ—ଦେ. ବିଣ—ସଙ୍ଗତିସମ୍ପନ୍ନ; ସମ୍ପତ୍ତିଶାଳୀ—
Jotra-sampanna Well-to-do; affluent.

ଜୋତ୍ରବିହୀନ—ଦେ.ବିଣ—୧ । ସମ୍ପତ୍ତିହୀନ; ଅତ୍ୟନ୍ତ ଗରିବ; ସଙ୍ଗତିହୀନ-
Jotra-bihīna 1. Very poor; indigent; having no property or assets.
୨ । ଯେଉଁ ବ୍ୟକ୍ତିର ଦେଣା ପରିଶୋଧ କରିବା ସକାଶେ ସମ୍ପତ୍ତି ଅଣ୍ଟେ ନାହିଁ; ଦେବାଳିଆ—2. Insolvent.

ଜୋବର୍—ଦେ. ବିଣ—୧ । ମଇଳା; ମଳଯୁକ୍ତ; ଅପରିଚ୍ଛନ୍ନ—
Jobarā 1. Dirty.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଦେଖିବେ; 'ବଠୁ' ନ ପାଇଲେ 'ବଣ୍ଟୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ ।

(ଜୋବରା—ସ୍ତ୍ରୀ) ୨ । ଅଳଅ ଯୁକ୍ତ—
2. Full of filth or rubbish.
୩ । ଅପରିଷ୍କୃତ—3. Uncleansed.
୪ । ବିବର୍ଣ୍ଣ—4. Pale.
ଦେ. ବି—ମହାନଦୀର କୂଳରେ ଅବସ୍ଥିତ କଟକର ଉପକଣ୍ଠସ୍ଥ ଗ୍ରାମ ବା ନଗରାଂଶ—A part on the outskirts of the town of Cuttack on the bank of Mahānadī.
[ଦ୍ର—ଏହିଠାରେ ଇଂରେଜ ଗଭର୍ଣ୍ଣମେଣ୍ଟ ଗୋଟିଏ ପଥର ବନ୍ଧ (Anicut) ଦ୍ୱାରା ମହାନଦୀର ପାଣିକୁ ଅଟକାଇ ରଖି ତହିଁରୁ ଗୋଟିଏ କେନାଲ୍ ବାହାର କରାଇ କଟକ ଜିଲ୍ଲାର କୃଷିକ୍ଷେତ୍ରରେ ଜଳସେଚନ ଓ ନୌଯାତ୍ରାଦିର ସୁବିଧା କରାଇ ଅଛନ୍ତି ।]

ଜୋଯଖ୍—ବୈଦେ. ବି. (ଅ)—ନରକ (ମୁସଲମାନମାନଙ୍କର)—
Jojakh Hell (of Mahomedans).
জাহানম
जहन्नम

ଜୋର୍—ବୈଦେ. ବି. (ଫା. ଜୋର୍)—
Jor ୧ । ବଳ; ବେଗ—1. Force; velocity.
জোর ୨ । ଜବରଦସ୍ତି; ବଳପ୍ରୟୋଗ—2. Use of force.
जोर ୩ । ପରାକ୍ରମ; ଶକ୍ତି; କ୍ଷମତା—
3. Strength; power; might.
୪ । ଅଧିକାର—4. Authority.
୫ । ଜିଦ୍‌ର—5. Obstinacy; insistence.
୬ । କଥା ଉପରେ ଦେବା ଗୁରୁତ୍ୱ—6. Emphasis.
୭ । ଉଚ୍ଚାରଣର ଗୁରୁତ୍ୱ—7. Stress.
ବୈଦେ. ବିଣ—୧ । ଉଚ୍ଚ ସ୍ୱର ଯୁକ୍ତ—1. Loud.
୨ । (ମୂଲ୍ୟରେ) ଅତ୍ୟଧିକ—
2. Excessive; dear (in price).
୩ । କଡ଼ା (ହୁକୁମ)—3. Strict (order).

ଜୋର୍ ଜବର୍‌ଦସ୍ତି—ବୈଦେ. ବି. ((ସଙ୍ଗତର ଶବ୍ଦ)—
Jor jabar-dasti ଜୋର୍‌ଜୁଲମ୍ (ଦେଖ)
জোর জবরদস্তি Jor-julam (See)

ଜୋର୍‌ଜାରି—ବୈଦେ. ବି. (ଫା)—ଜୋର୍‌ଜୁଲମ୍ (ଦେଖ)
Jor-jāri Jorjulam (See)
জোরজারী
जोराजारी

ଜୋର୍‌ଜୁଲମ୍—ବୈଦେ. ବି. (ଫା) (ସଙ୍ଗତରଶବ୍ଦ)—
Jor-julam ୧ । ବଳଜୋର; ବଳଜୋର୍; ବଳପ୍ରକାଶ—
জোরজুলুম 1. Show of force; compulsion;coercion.
जारजुल्म ୨ । ଜିଦ୍‌ର—2. Insistence.
(ଜୋର୍‌ଜୁଲୁମ୍—ଅନ୍ୟରୂପ) ୩ । ବଳପ୍ରୟୋଗ—
3. Use of force.

୪ । ଉତ୍ପୀଡ଼ନ—4. Oppression; tyranny.

ଜୋର୍‌ଦାର୍—ବୈଦେ. ବିଣ. (ଫା)—୧ । ଶକ୍ତିଶାଳୀ; ପରାକ୍ରମଶାଳୀ—
Jor-dār 1. Powerful; mighty.
জোরদার; জোরাল ୨ । ବଳବାନ୍—2. Strong.
जोरदार; जोरावर

ଜୋରଦାରି—ବୈଦେ. ବି—ବଳୁଆ ପଣିଆ—
Jordāri The condition of being strong.
জোরদারী
जोरदारी

ଜୋରଦାରିଆ—ଦେ. ବିଣ. (ଫା.ଜୋର୍‌ଦାର୍+ଓଡ଼ିଆ ପ୍ରତ୍ୟୟ ଇଆ)—
Jordāriā ଜୋର୍‌ଦାର୍ (ଦେଖ)
Jor-dār (See)

ଜୋର୍‌ସୋର୍—ବୈଦେ. କ୍ରି. ବିଣ. (ଫା. ଜୋର୍‌ଶୋର୍=ଅତ୍ୟଧିକ
Jor-sor ଜୋର୍)—ଅତି କ୍ଷିପ୍ରଭାବରେ—Rapidly.
জোরসোর
जोरसोरसे

ଜୋର—ଗ୍ରାମ୍ୟ (ଇତର) ବି—ଜୋଡ଼; ଦୀର୍ଘ ଜଳାଶୟ; ନୟନଜୋଡ଼—
Jora A long expanse of water; ditch.
জোল ବି—୧ । ଛୋଟ ପାଣିନାଳ—
दलदल 1. A small water-channel.
୨ । ଛୋଟ ନଦୀ—2. Streamlet.
ବୈଦେ. ବି ଓ ବିଣ. (ଫା. ଜୋର୍)—ଜୋର୍ (ଦେଖ)
Jor (See)

ଜୋର କରିବା—ଦେ. କ୍ରି—୧ । ବଳପ୍ରୟୋଗ କରିବା—
Jora karibā 1. To use force.
জোর করা ୨ । ବଳପୂର୍ବକ ବାଧ୍ୟ କରିବା—
जोर करना 2. To compel by use of force.
୩ । ବଳପ୍ରୟୋଗ ଲୋଡ଼ିବା—
3. To require use of force.
୪ । ବିଶେଷ ପ୍ରଯତ୍ନ କରିବା—4. To strive hard.

ଜୋର ଦେବା—ଦେ. କ୍ରି—୧ । କୌଣସି ଅଙ୍ଗ ବା ଦ୍ରବ୍ୟ ଉପରେ)—
Jora debā ଆପଣାର ଭାରକୁ ନ୍ୟସ୍ତ କରିବା—1. To rest
জোরদেওয়া one's weight on (a thing or a limb).
जोरदेना (ଯଥା—ଦେଖ, କାବୁଆ ଭୂଇଁରେ ଗଛ କାଟିବେଳେ ବାଡ଼ି ଉପରେ ଖୁବ୍ ଜୋର ଦେଇ ଚାଲୁଥିଲୁ ।)
୨ । (କହିଲାବେଳେ କୌଣସି କଥା ବା ବିଷୟ ଉପରେ)—
ଗୁରୁତ୍ୱ ଦେବା—2. To put emphasis (on a particular word or subject .
(ଯଥା—କହିଲାବେଳେ ଅମୁକ ବିଷୟ ଉପରେ ଟିକିଏ ଜୋର ଦେଇ ନ କହିଲେ ତାର ଗୁରୁତ୍ୱ କ ବୁଝା ପଡ଼ିବ ନାହିଁ ।)

ଜୋର ପାଇବା—ଦେ. ବି—୧ । ସମଧିକ ବଳଲାଭ କରିବା—
Jora paibā 1. Gaining of sufficient strength.

୧	ଇ	ଊ	ର୍,ରୁ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଭଅ	ଷ
୨	ଈ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଙ୍ଗ	ନ୍ଥ

ଜୋର୍ ପାଓଆ (ଯଥା— ୬ ମାସ ଜରରେ ପଡ଼ି ବର୍ତ୍ତମାନ ଚ଼ଲିବାକୁ
জোর পাওআ
जोर पाना ମୋର ଜୋର ପାଉ ନାହିଁ ।)

୨ । ନିଜର କୌଣସି କାର୍ଯ୍ୟ-ସାଧନୋପଯୋଗୀ ବଳ ବା ଦାବି ଥିବାର ଅନୁମାନ ହେବା—2. Having a claim of right in respect of a certain person or matter; considering oneself able to do a thing.

(ଯଥା—ତାକୁ ଏଠାକୁ ଡାକି ଆଣିବାକୁ ମୋର ଜୋର ପାଉଛି; ତାଙ୍କୁ ଏ ଗୃହର ଖଣ୍ଡକପାଇଁ ଅନୁରୋଧ କରିବାକୁ ମୋର ଜୋର ପାଉଛି ।)

ଜୋରାବର୍—ବୈଦେ. ବିଣ. (ଫା)—ଜୋର୍‌ଦାର୍ (ଦେଖ)
Jorābar Jor-dār (See)

ଜୋରାବରି—ବୈଦେ. ବି. (ଫା)—ଜୋର୍‌ଦାରି (ଦେଖ)
Jorābari Jor-dāri (See)

ଜୋରିଆ—ପ୍ରାଦେ. (ସମ୍ବଲପୁର) ବି—ଅନାର୍ଯ୍ୟ ଶବର ଜାତିର ଗୋଟିଏ
Joriā ଶାଖା—A branch of the Śabara caste.
[ଦ୍ର—ଶବର ଜାତିର ଅପର ଶାଖା 'ଖୁଣ୍ଟିଆ' ।]

ଜୋରିଜାରି—ବୈଦେ. ବି. (ଫା)—ଜୋର୍‌ଜୁଲମ୍ (ଦେଖ)
Jorijāri Jor-julam (See)

ଜୋରିବାନା—ପ୍ରାଦେ. (ସମ୍ବଲପୁର) ବି—ଜୋରିମାନା (ଦେଖ)
Joribānā Jorimānā (See)

ଜୋରିମାନା—ବୈଦେ. ବି. (ଅ. ଜୁର୍‌ମାନା)—ଅର୍ଥଦଣ୍ଡ—
Jorimānā Fine; penalty.
জুরিমানা
जुरमाना

ଜୋରୁ—ଦେ. ବି. (ହି. ଜୋଡ଼ା=ଯୁଗ୍ମରୁ ଉର୍ଦ୍ଦୁ; ମୁସଲମାନୀଭାଷା)—
Joru ଭାର୍ଯ୍ୟା—Wife.
জোরু
जोरु

ଜୋରୁବେଟୀ—ଦେ. ବି. (ଉର୍ଦ୍ଦୁ; ସହଚର ଶବ୍ଦ)—ସ୍ତ୍ରୀ ଓ କନ୍ୟା—
Joru-beṭī Wife and daughter.

ଜୋରେଇବା—ଦେ. କ୍ରି— ୧ । ବଳୁଆ ହେବା—
Joreibā 1. To become strong.
୨ । କ୍ଷମତାବାନ୍ ହେବା—2. To become powerful.

ଜୋଲା—ବୈଦେ. ବି. (ଫା. ଜୋଲ୍‌ହା, ଜୁଲ୍‌ହ୍)—ମୁସଲମାନ୍ ତନ୍ତୁବାୟ
Jolā ଜାତି—A Mahomedan weaver.
জোলা [ଦ୍ର—କଟକ ସହରରେ 'ଜୋଲାସାହି' ନାମରେ ଗୋଟିଏ
जोलहा ବସ୍ତି ଅଛି ।]
(ଜୋଲ୍ହା, ଜୋହଲା—ଅନ୍ୟରୂପ)

ଜୋଲା(ଲେ)ଇବା—ଦେ. କ୍ରି. (ସଂ. ଜଳ)—(କୌଣସି ସ୍ଥାନ) ଜଳାର୍ଦ୍ର
Jolā(le)ibā ହୋଇ ସନ୍ତସନ୍ତିଆ ହେବା; ଜଳଯୁକ୍ତ ହେବା—
জোলান (a place) To be saturated with water; to
(ଜୋଲ୍ହେଇବା—ଅନ୍ୟରୂପ) be impregnated with water.

ଜୋଲାପ୍ (ଇତ୍ୟାଦି)—ବୈଦେ. ବି. (ଅ. ଜୁଲାବ୍; ପର୍ତ୍ତୁ. ଜଲାପା)—
Jolāp (etc)
(ଜୋଲାବ୍—ଅନ୍ୟରୂପ) ଜୁଲାପ୍ ଇତ୍ୟାଦି (ଦେଖ)
Julāp etc. (See)

ଜୋଳି—ଦେ. ବି.—୧ । ଲଙ୍ଗଳର ଫାଳକିଲା ବା ଠିଲକିଲା—
Joḻi 1. The wooden pin which sets the ploughblade tight to the beam of the plough.
୨ । ଜୁଉଳି (ଦେଖ)
2. Ju-uḻi (See)

ଜୋଳିକି—ଦେ. ବି.—ଜୁଳୁକି (ଦେଖ)
Joḻiki Juḻuki (See)

ଜୋଷ—ସଂ. ବି.—(ଜୁଷ୍ ଧାତୁ=ତୃପ୍ତ କରିବା; ତୃପ୍ତ ହେବା + ଭାବ. ଅ)
Josha ୧ । ସ୍ୱଚ୍ଛନ୍ଦତା; ସୁଖ—1. Happiness; ease; enjoyment.
୨ । ସନ୍ତୋଷ—2. Contentment.
୩ । ସ୍ତୁତି; ପ୍ରଶଂସା—3. Praise.
୪ । ମୌନ—4. Silence.
୫ । ଲଂଘନ; ଉପବାସ—5. Fasting.

ଜୋଷଣ—ସଂ. ବି. (ଜୁଷ୍ ଧାତୁ=ତୃପ୍ତ ହେବା; ତୃପ୍ତ କରିବା+ଭାବ.
Joshaṇa ଅନ)—ଜୋଷ (ଦେଖ)
Josha (See)

ଜୋଷମ୍—ସଂ.ଅ. (ଜୁଷ୍ ଧାତୁ+କରଣ ଅମ୍)—ତୁଷ୍ଣୀଭାବରେ;ନୀରବରେ,
Josham ଚୁପ୍ ହୋଇ—1. Silently.
୨ । ସୁଖ ସ୍ୱଚ୍ଛନ୍ଦରେ—2. With ease.
୩ । ସମ୍ପୂର୍ଣ୍ଣରୂପେ—3. Completely.

ଜୋଷା—ସଂ. ବି. ସ୍ତ୍ରୀ.—(ଜୁଷ୍ ଧାତୁ=ତୃପ୍ତ କରିବା+କର୍ତ୍ତୃ. ଅ+ସ୍ତ୍ରୀ.
Joshā ଆ.)—ନାରୀ;ସ୍ତ୍ରୀ—Woman; a female.

ଜୋଷିତ୍—ସଂ. ବି. ସ୍ତ୍ରୀ (ଜୁଷ୍ ଧାତୁ=ତୃପ୍ତି କରିବା+କର୍ତ୍ତୃ. ଇତ୍)—
Joshita ଜୋଷା (ଦେଖ)
Joshā (See)

ଜୋଷିତା—ସଂ. ବି. ସ୍ତ୍ରୀ. (ଜୁଷ୍ ଧାତୁ=ତୃପ୍ତି କରିବା+କର୍ତ୍ତୃ. ଇତ୍+ସ୍ତ୍ରୀ;
Joshitā ଆ)—ଜୋଷା (ଦେଖ)
Joshā (See)

ଜୋହଳ—ଦେ. ବି.—ଜୋଳି (ଦେଖ)
Johaḻa Joḻi (See)

ଜୋହାର (ଇତ୍ୟାଦି)—ଦେ. ବି.—ଜୁହାର ଇତ୍ୟାଦି (ଦେଖ)
Johāra (etc) Juhāra etc (See)

ଜୋହାରିବା—ଦେ. ବି.—ଜୁହାର କରିବା (ଦେଖ)
Johāribā Juhāra karibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଜୋହୁକୁମ୍—ବୈଦେ. ଅ.—ଆପଣ ଯାହା କହିଲେ ତାହା ମୋର ଶିରୋଧାର୍ଯ୍ୟ; ଆଜ୍ଞା ହଁ !
Jo hukum
জো হুকুম
जो हुकम
A phrase meaning 'As you please'.

ବୈଦେ. ବଣ.—ଯେ ଉପରସ୍ଥ ବ୍ୟକ୍ତିଙ୍କ ମନ ରକ୍ଷା କରିବା ପାଇଁ ସବୁ କାର୍ଯ୍ୟରେ ଓ କଥାରେ ହାଁ ଜୀ ହାଁ ଜୀ କରେ, ଅର୍ଥାତ୍ ତାଙ୍କର ଅନ୍ୟାୟ୍ୟ କଥାକୁ ମଧ୍ୟ ସମର୍ଥନ କରେ— A toad-eater; a fawning sycophant.

ଜୋହ୍ଲା—ବୈଦେ. ବି. (ଫା. ଜୋଲ୍‌ହା, ଜୁଲ୍‌ହା)—ଜୋଲା (ଦେଖ)
Johlā — Jolā (See)

ଜୋହ୍ଲା(ହ୍ଲେ)ଇବା—ଦେ. କ୍ରି.—ଜୋଲାଇବା (ଦେଖ)
Johlā (hle)ibā — Jolāibā (See)

ଜୌ (ଇତ୍ୟାଦି)—ଦେ. ବି. (ସଂ. ଜତୁ)—ଜଉ (ଇତ୍ୟାଦି) (ଦେଖ)
Jau (etc) — Jau (etc) (See)

ଜୌଜୁତ୍ସୁ—ବୈଦେ. ବି. (ଯାପାନୀ)—ଜ୍ୟୁଜୁତ୍ସୁ (ଦେଖ)
Jaujutsu — Jyujutsu (See)

ଜୌତିଷ—ଗ୍ରା. ବି.—(ସଂ. ଜ୍ୟୋତିଷ)—ଜଉତିଷ (ଦେଖ)
Jautisha — Jautisha (See)

ଜ୍ଞ—ସଂ. ବଣ. ପୁଂ. (ଜ୍ଞା ଧାତୁ=ଜାଣିବା+କର୍ତ୍ତୃ. ଅ)—୧ । ଜ୍ଞାନୀ—
Jña — 1. Having extensive knowledge; wise.
(ଜ୍ଞା—ସ୍ତ୍ରୀ) ୨ । ମନୀଷୀ; ପଣ୍ଡିତ—2. Learned.

[ଏହି ଶବ୍ଦର ପ୍ରାୟ ସ୍ୱତନ୍ତ୍ର ପ୍ରୟୋଗ ନାହିଁ; ଉପସର୍ଗ ବା ଉପପଦ ପରେ ଏହାର ପ୍ରୟୋଗ ହୁଏ; ଯଥା—ବିଜ୍ଞ, ସୁଜ୍ଞ, ନୀତିଜ୍ଞ, ଶାସ୍ତ୍ରଜ୍ଞ ଇତ୍ୟାଦି ।]

୩ । ଦେଶକାଳଜ୍ଞ—
3. Conversant with the country and time.
୪ । ଅଭିଜ୍ଞ; ଅନୁଭବୀ—4. Experienced.

ସଂ. ବି.—୧ । ଜ୍ଞାନୀ ବ୍ୟକ୍ତି; ପଣ୍ଡିତ—
1. Philosopher; wise man.
୨ । ବ୍ରହ୍ମା—2. Brahmā.
୩ । ଚନ୍ଦ୍ର—3. The moon.
୪ । ମଙ୍ଗଳ ଗ୍ରହ—4. The planet Mars.
୫ । ବୁଧ ଗ୍ରହ—5. The planet Mercury.

ଜ୍ଞପିତ—ସଂ. ବଣ. (ଜ୍ଞା ଧାତୁ=ଜାଣିବା; ଣିଚ (ଇ)=ଜ୍ଞପ୍ ଧାତୁ+ କର୍ମ. ତ)—୧ । ବିଜ୍ଞାପିତ; ଜଣାଇ ଦିଆ ଯାଇଥିବା (ବିଷୟ)—1. Notified; intimated.
Jñapita
୨ । ପ୍ରକାଶିତ—2. Revealed; published.
୩ । ଶାଣିତ—3. Sharpened; whetted.
୪ । ପ୍ରକଟିତ; ଦୃଷ୍ଟ; ଦୃଷ୍ଟିକୁ ଆଣୀତ—4. Discovered; brought into view; seen.
୫ । ଶିକ୍ଷା ଦିଆ ଯାଇଥିବା—
5. Taught; expounded.
୬ । ଯାହାଙ୍କୁ ଜଣାଇ ଦିଆ ଯାଇ ଥାଏ—
6. (a person) who has been informed.

ଜ୍ଞପ୍ତ—ସଂ. ବଣ. (ଜ୍ଞା ଧାତୁ ଣିଚ=ଜଣାଇବା+କର୍ମ. ତ)—
Jñapta — ଜ୍ଞପିତ (ଦେଖ)—Jñapita (See)

ଜ୍ଞପ୍ତି—ସଂ. ବି (ଜ୍ଞା ଧାତୁ, ଣିଚ୍+ଭାବ. ତି)—୧ । ଜ୍ଞାନ—
Jñapti — 1. Knowledge.
୨ । ବୋଧ; ବୁଦ୍ଧି—
2. Perception; sense; understanding.
୩ । ଜାଣିବା—3. Knowing.
୪ । ବିଜ୍ଞାପନ—4. Notification; notice.

ଜ୍ଞା (ଧାତୁ)—ସଂ—୧ । ଜାଣିବା—
Jñā — 1. To know.
୨ । ବୋଧକରିବା; ଇନ୍ଦ୍ରିୟ ଦ୍ୱାରା ଅନୁଭବ କରିବା—
2. To perceive by the senses.
୩ । ବୁଝିବା—3. To understand; to realise.

ଜ୍ଞାତ—ସଂ. ବଣ (ଜ୍ଞା ଧାତୁ+କର୍ମ. ତ)—୧ । ବିଦିତ—
Jñāta — 1. Known; learnt.
୨ । ପରିଚିତ—2. Acquainted with; aware of.
୩ । ଅବଗତ; ଜଣାଇ ଦିଆ ଯାଇଥିବା—
3. Informed.
୪ । କୌଣସି ବିଷୟ ଉତ୍ତମରୂପେ ଜାଣିଥିବା (ବ୍ୟକ୍ତି)—
4. Skilled; one who knows a matter well; well versed in any matter.

ଜ୍ଞାତବ—ଦେ. ବି (କତେଉଅ)—ଖବର; ସନ୍ଦେଶ—
Jñātaba — Information.
ବଣ. (ସଂ.ଜ୍ଞାତ) ୧ । ଜ୍ଞାତ (ବିଷୟ)—1. Known (thing).
୨ । ଅବଗତ (ବ୍ୟକ୍ତି)—2. Informed (person); knowing.

ଜ୍ଞାତବ୍ୟ—ସଂ. ବଣ (ଜ୍ଞା ଧାତୁ+କର୍ମ. ତବ୍ୟ)—
Jñātabya — ୧ । ଜ୍ଞେୟ; ଜାଣିବାର ଯୋଗ୍ୟ—
1. Knowable; capable of being known; fit to be known.
ଦେ. ବି—ଯାହା ଜାଣିବାର ବିଷୟ ବା ଯୋଗ୍ୟ—
A thing worth knowing.

ଜ୍ଞାତଯୌବନା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ଜ୍ଞାତ+ଯୌବନ+ଆ)—
Jñāta jaubana — ହିନ୍ଦୁଶାସ୍ତ୍ରରେ ବର୍ଣ୍ଣିତ ନାୟିକାଭେଦ; ଯେଉଁ ନାୟିକା ଆପଣାର ଯୌବନ ବିଷୟ ଜାଣିଅଛି—
A class of heroines in the Hindu love-plots; a lady who is conscious of having attained youth.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଘ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ	ନ

[ଦ୍ର—ଏ ନାୟିକା ୨ ଶ୍ରେଣୀର; ନବୋଢ଼ା ଓ ବିଶ୍ରବ୍ଧନବୋଢ଼ା—ହି. ଶବ୍ଦସାଗର ।]

ଜ୍ଞାତସାର—ସଂ. ବି (୬ଷ୍ଠୀ ତତ୍; ଜ୍ଞାତ+ସାର)—ଜ୍ଞାନର ସୀମା—
Jnata-sara Range of knowledge; ken.
ସଂ. ବିଣ (ବହୁବ୍ରୀହି)—ବିବେକୀ; ଜ୍ଞାନୀ—
Learned; considerate.
ଜନ୍ମହିଅ ମୃଷା ତୁମ୍ଭେ ତ ଜ୍ଞାତସାର
ମୃଷା ବୋଇଲା ହେ ତୁମ୍ଭେ ତ ବଳଆର—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଜ୍ଞାତସାରକୁ ଆସିବା—ଦେ. କ୍ରି—ଜଣାଯିବା—
Jnata-saraku asiba To come to one's knowledge or notice.
জ্ঞাতসারে আসা
जानमें आना
(ଜ୍ଞାତସାରରେ ଆସିବା—ଅନ୍ୟରୂପ)

ଜ୍ଞାତସାରରେ—ଦେ. କ୍ରି. ବିଣ—ଜାଣିକରି; ଜାଣିଶୁଣି; ଜ୍ଞାନଗୋଚରରେ
Jnata-sara-re Knowingly; wittingly.
জ্ঞাতসারে
जानमें

ଜ୍ଞାତସିଦ୍ଧାନ୍ତ—ସଂ. ବିଣ. ପୁଂ (ଜ୍ଞାତ ହୋଇଅଛି ସିଦ୍ଧାନ୍ତ ଯାହାଦ୍ୱାରା—ବହୁବ୍ରୀହି)—୧ । ଶାସ୍ତ୍ରତତ୍ତ୍ୱଜ୍ଞ—
Jnata-siddhanta
1. Versed in the scriptures.
୨ । ବୈଜ୍ଞାନିକ; ବିଜ୍ଞାନବେତ୍ତା; ତାତ୍ତ୍ୱିକ—
2. Acquainted with any science.

ଜ୍ଞାତା—ସଂ. ବିଣ. ପୁଂ (ଜ୍ଞା ଧାତୁ+କର୍ତ୍ତୃ. ତୃ, ୧ମା. ୧ବ)—
Jnata ୧ । ଜ୍ଞାନବାନ୍; ଯେ କୌଣସି ବିଷୟ ଜାଣିଥାଏ ବା ବୁଝିଥାଏ—1. Knowing or understanding a thing.
(ଜ୍ଞାତ୍ରୀ—ସ୍ତ୍ରୀ)
୨ । ଜ୍ଞାନୀ—2. Learned; wise; sagacious.

ଜ୍ଞାତାର୍ଥ—ସଂ. ବିଣ. ପୁଂ (ଜ୍ଞାତ ହୋଇଅଛି ଅର୍ଥ ଯାହାଦ୍ୱାରା ବା ଯାହାର; ବହୁବ୍ରୀହି)—୧ । ଯେ କୌଣସି ବିଷୟର ଅର୍ଥ ବା ମର୍ମ ବୁଝିଅଛି—1. Knowing or understanding the meaning or purport of a thing.
Jnatartha
(ଜ୍ଞାତାର୍ଥୀ—ସ୍ତ୍ରୀ)
୨ । ଯାହାର ଅର୍ଥ ଜଣାଯାଇଅଛି—2. Of which the meaning or purport is known.

ଜ୍ଞାତି—ସଂ. ବି. (ଜ୍ଞା ଧାତୁ+କର୍ତ୍ତୃ ବା କର୍ମ ତି)—୧ । ଦାୟାଦ; ଉତ୍ତରାଧିକାରୀ—1. Heir.
Jnati
୨ । ସ୍ୱଜନ; ସପିଣ୍ଡ; ସଗୋତ୍ର—2. Relative; kinsman; a collateral relation; agnate.
ବାହାରୁଅଛନ୍ତି ଏବେ ଜ୍ଞାତିଙ୍କି ସହାର ।
କୃଷ୍ଣସିଂହ, ମହାଭାରତ. ଉଦ୍ଯୋଗ ।

ଜ୍ଞାତି କୁଟୁମ୍ବ—ଦେ. ବି.—(ଏକାର୍ଥବୋଧକ ସହଚର ଶବ୍ଦ ଦ୍ୱୟ; ସଂ. ଜ୍ଞାତି +କୁଟୁମ୍ବ)—୧ । ଭାଇଅ; ସଗୋତ୍ର—
Jnati kutumba
জ্ঞাতি কুটুম্ব 1. Collateral relations.
୨ । ଅପଣା ପରିବାରଭୁକ୍ତ ଓ ବହିର୍ଭୂତ ସ୍ୱଜନବର୍ଗ—
2. Relations and kinsmen; kins of all descriptions; kith and kin.

ଜ୍ଞାତି ଗୋଷ୍ଠୀ—ଦେ. ବି. (ସଂ. ଜ୍ଞାତି+ଗୋଷ୍ଠୀ)—
Jnati goshthi ଜ୍ଞାତି କୁଟୁମ୍ବ (ଦେଖ)
Jnati kutumba (See)

ଜ୍ଞାତିତା—ସଂ. ବି. (ଜ୍ଞାତି+ଭାବେ. ତା)—୧ । ଜ୍ଞାତିର ଧର୍ମ ବା ବ୍ୟବହାର; ସ୍ୱଜନତା; ସଗୋତ୍ରତା—
Jnatita
(ଜ୍ଞାତିତ୍ୱ—ଅନ୍ୟରୂପ) Kinship; relationship.
୨ । ଜ୍ଞାତିର ଅନିଷ୍ଟ ଚେଷ୍ଟା; ଜ୍ଞାତି ପ୍ରତି ଅନିଷ୍ଟ ପ୍ରଦର୍ଶନ—
2. Thinking or doing injury to a kinsman.

ଜ୍ଞାତିତ୍ୱ ସାଧିବା—ଦେ. କ୍ରି.—ଭଗାରିଙ୍କ ପରି ଅନିଷ୍ଟ ସାଧନ କରିବା—
Jnatitwa sadhiba To do or hatch mischief as a jealous kinsman.

ଜ୍ଞାତିବନ୍ଧୁ—ସଂ. ବି. (ବିପରୀତାର୍ଥକ ସହଚର ଶବ୍ଦଦ୍ୱୟ)—ରକ୍ତସମ୍ପର୍କୀୟ
Jnati-bandhu ଭାଇଅ ଓ ବିବାହ ସମ୍ପର୍କୀୟ ବାନ୍ଧବ; ସଗୋତ୍ର ଓ ଅସଗୋତ୍ର ଆତ୍ମୀୟ; ସଗୋତ୍ର ଓ ଅସଗୋତ୍ର ସପିଣ୍ଡ ବ୍ୟକ୍ତିଗଣ—Kinsmen (by birth) and relations (by marriage.)
[ଦ୍ର—ହିନ୍ଦୁ ବ୍ୟବସ୍ଥାଶାସ୍ତ୍ର (ସ୍ମୃତି) ଅନୁସାରେ ମୃତବ୍ୟକ୍ତିକୁ ଯେଉଁମାନେ ପିଣ୍ଡ ଦେଇ ତାହାର ତ୍ୟକ୍ତ ସମ୍ପତ୍ତିରେ ଉତ୍ତରାଧିକାରୀ ହୋଇପାରିବେ ସେମାନେ ସପିଣ୍ଡ ଓ ୨ ଶ୍ରେଣୀରେ ବିଭକ୍ତ ଯଥା—
୧ । ସଗୋତ୍ର—ଅର୍ଥାତ୍ ଯେଉଁମାନେ ଆପଣା ଗୋତ୍ରରେ ଜନ୍ମ ହୋଇ ଅଛନ୍ତି; ଯଥା—ପୁଅ, ନାତି, ପୁରୁଷ, କଣ୍ଟେଇ ଇତ୍ୟାଦି ଏମାନେ ଜ୍ଞାତି ।
୨ । ଅସଗୋତ୍ର—ଅର୍ଥାତ୍ ଯେଉଁମାନେ ବିବାହ ସମ୍ପର୍କରେ ଆପଣାର ଆତ୍ମୀୟ, ଯଥା—ଝିଅର ପୁଅ, ଝିଅର ନାତି ଇତ୍ୟାଦି, ଏମାନେ ବନ୍ଧୁ ।]

ଜ୍ଞାତିବିରୋଧ—ସଂ. ବି. (ଜ୍ଞାତି+ବିରୋଧ, ୭ମୀ ତତ୍)—ଭାଇଅଳି କଳି,
Jnati-birodha ଜ୍ଞାତିମାନଙ୍କ ମଧ୍ୟରେ ଘଟିବା ବିବାଦ—
Quarrel amongst kinsmen.

ଜ୍ଞାତିଭାଇ—ଦେ. ବି. (ସଂ. ଜ୍ଞାତି+ଭ୍ରାତୃ)—୧ । ଜ୍ଞାତି କୁଟୁମ୍ବ—
Jnati-bhai 1. Kinsmen.
জ্ঞাতি ভাই
୨ । ବହୁ ପୁରୁଷ ଛଡ଼ା ଭାଇଲେଖା ବ୍ୟକ୍ତି—
2. An agnatic cousin; a cousin many degrees removed; a distant cousin.

ଜ୍ଞାତିଭେଦ—ସଂ. ବି. (ଜ୍ଞାତି+ଭେଦ; ୭ମୀ ତତ୍)—
Jnati-bheda ଜ୍ଞାତିବିରୋଧ (ଦେଖ)—
Jnati birodha (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖୋ' ନ ପାଇଲେ 'ଅଙ୍ଖା' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଜ୍ଞାତିଶତ୍ରୁ—ସଂ. ବି. (ଦ୍ୱନ୍ଦ୍ୱ; ଜ୍ଞାତି+ଶତ୍ରୁ)—ଯେଉଁ ଲୋକ ଆପଣାର ଜ୍ଞାତି
Jnāti-śatru ଅଥଚ ଶତ୍ରୁ; ଭଗାରି—
Jealous kinsman.

ଜ୍ଞାତେୟ—ସଂ. ବି. (ଜ୍ଞାତି + ଭାବେ ଏୟ)—ଜ୍ଞାତିତ୍ୱ—
Jnāteya Kinship; relationship.

ଜ୍ଞାନ—ସଂ. ବି (ଜ୍ଞା. ଧାତୁ+ଭାବ. ଅନ)—୧ । ଜାଣିବା—
Jnāna 1. Knowing.

୨ । ବୋଧ; ବୁଦ୍ଧି—
2. Knowledge; an idea; understanding.

୩ । ପ୍ରତୀତି; ଇନ୍ଦ୍ରିୟ ଦ୍ୱାରା ଅନୁଭୂତି—3. Perception.

୪ । ତତ୍ତ୍ୱଜ୍ଞାନ; ପରମାର୍ଥଜ୍ଞାନ—
4. Wisdom; true knowledge; religious or philosophical or scientific knowledge.

୫ । ଚୈତନ୍ୟ; ସଂଜ୍ଞା; ଚେତା—5. Consciousness.

୬ । ଉଚିତାନୁଚିତ ବିଚାର ବୁଦ୍ଧି—6. Perception of what is right and what is wrong.

୭ । ଭଲ ମନ୍ଦ ବାଛିବାର ବୋଧ ଶକ୍ତି; ହୋସ୍; ବୋଧଶକ୍ତି—
7. Discretion.

ଦେ. ବି—୧ । ବାଳିକାର ଯୌବନପ୍ରାପ୍ତି—
1. Physical maturity of a girl.
(ଯଥା—ସେ ବାଳିକାଟି ଜ୍ଞାନ ପାଇଲାଣି ।)

୨ । ବୟଃପ୍ରାପ୍ତ ହେବା ଅବସ୍ଥା; ସାବାଳଗୀ—2. Majority.

୩ । ଖିଆଲ; ସ୍ମରଣ—3. Remembrance.
(ଯଥା—ମୋର ଏ କଥାରେ ଜ୍ଞାନ ନ ଥିଲା ।)

[ଦ୍ର—'ଜ୍ଞାନ'କୁ କବି ଓ ପଣ୍ଡିତମାନେ ସୂର୍ଯ୍ୟ, ଚନ୍ଦ୍ର, ଚକ୍ଷୁର ଅଞ୍ଜନ, ଜ୍ୟୋତି, ଅଗ୍ନି, ସମୁଦ୍ର ଆଦି ସଙ୍ଗେ ତୁଳନା କରି ଅଛନ୍ତି । ଏଥିଯୋଗୁଁ ଜ୍ଞାନାଗ୍ନି, ଜ୍ଞାନାର୍ଣ୍ଣବ, ଜ୍ଞାନୋଦୟ, ଜ୍ଞାନାଲୋକ, ଜ୍ଞାନାଞ୍ଜନ, ଜ୍ଞାନେନ୍ଦୁ ଇତ୍ୟାଦି ପଦ ସ୍ଥଳବିଶେଷରେ ବ୍ୟବହୃତ ହୋଇ ଥାଏ ।

'ଜ୍ଞାନ' ଶବ୍ଦ ଉଚ୍ଚାରଣ କରିବା ସମୟେ 'ଜ୍ଞ'ର ଅନୁନାସିକ ଉଚ୍ଚାରଣ ପ୍ରକଟିତ ନ ହୋଇ ସାଧାରଣତଃ 'ଗ୍ୟାନ' ବୋଲି ଉଚ୍ଚାରିତ ହୁଏ ।]

ଜ୍ଞାନ କରିବା—ଦେ· କ୍ରି—୧ । ବିଚାର କରିବା—
Jnāna karibā 1. To consider.
জ্ঞান করা ୨ । ଖାତିର କରିବା; ସମ୍ମାନ କରିବା; ଗଉରବ କରିବା—
2. To regard; to look up with respect.

୩ । ଭ୍ରୂକ୍ଷେପ କରିବା—3. To care; to have regard for.

୪ । ଚେତିବା; ସାବଧାନ ହେବା—
4. To take care; to beware.

୫ । ସ୍ମରଣ କରିବା—5. To remember.

ଜ୍ଞାନକାଣ୍ଡ—ସଂ. ବି. (୬ଷ୍ଠୀ ତତ୍; ଜ୍ଞାନ+କାଣ୍ଡ=ଅଧ୍ୟାୟ, ପ୍ରକରଣ)—
Jnāna-kāṇḍa ପ୍ରତ୍ୟେକ ବେଦର ତତ୍ତ୍ୱଜ୍ଞାନ ବର୍ଣ୍ଣନାତ୍ମକ ଅଂଶ—
(କର୍ମକାଣ୍ଡ—ବିପରୀତ) The philosophical portion of each of the Bedas.

ଜ୍ଞାନକୃତ—ସଂ. ବିଣ. (୩ୟା ତତ୍; ଜ୍ଞାନ+କୃତ)—
Jnāna-kṛuta ଜାଣି ଶୁଣି କରା ଯାଇଥିବା—
(ଜ୍ଞାନକୃତ—ବିପରୀତ) Done or committed wilfully.

ଜ୍ଞାନକୃତ ନରହତ୍ୟା—ସଂ. ବି—ଜାଣି ଶୁଣି ମନୁଷ୍ୟ ମାରିବାର (ହତ୍ୟା
Jnāna-kṛuta narahatyā କରିବାର) ଉଦ୍ଦେଶ୍ୟରେ ମାରିବା—
Culpable homicide.

[ଦ୍ର—ଏହି ଅପରାଧର ବର୍ଣ୍ଣନା ଓ ସଂଜ୍ଞା ଭାରତୀୟ ଦଣ୍ଡବିଧି ଆଇନର ୨୯୯ ଓ ୩୦୦ ଦଫାରେ ଦିଆଯାଇ ଅଛି ।]

ଜ୍ଞାନକୃତ ପାପ—ସଂ. ବି. (କର୍ମଧା; ଜ୍ଞାନକୃତ+ପାପ)—
Jnāna-kṛuta pāpa ଯେଉଁ ପାପକୁ ପୂର୍ବରୁ ପାପ ବୋଲି ଜାଣି ଶୁଣି ମନୁଷ୍ୟ ଆଚରଣ କରିଥାଏ—
Sinful acts of commission.

ଜ୍ଞାନଗମ୍ୟ—ସଂ. ବିଣ. (୩ୟା ତତ୍; ଜ୍ଞାନ+ଗମ୍ୟ)—
Jnāna-gamya ୧ । ବୋଧଗମ୍ୟ; ଜ୍ଞେୟ—
1. Knowable; capable of being known or understood.

୨ । ଯାହା ବୁଝାଯାଇ ପାରେ—2. Comprehensible.

ଜ୍ଞାନଗୋଚର—ସଂ. ବିଣ. (୩ୟା ତତ୍; ଜ୍ଞାନ+ଗୋଚର)—
Jnāna-gochara ଜ୍ଞାନଗମ୍ୟ (ଦେଖ)
Jnāna-gamya (see)

ଜ୍ଞାନଚକ୍ଷୁଃ—ସଂ. ବି. (ଜ୍ଞାନ+ଚକ୍ଷୁଃ; ଜ୍ଞାନ ରୂପକ ଚକ୍ଷୁ=ରୂପକ
Jnāna-chakshuḥ କର୍ମଧା)—ବୋଧଶକ୍ତି (ଯାହାକୁ ମନୁଷ୍ୟର ଚକ୍ଷୁ ସଙ୍ଗେ ତୁଳନା କରାଯାଇ ଥାଏ)—
Mind's eye; inner perception; the eye of intelligence.

ସଂ. ବିଣ. (ବହୁବ୍ରୀହି)—ବେଦଜ୍ଞାନରୂପ ନେତ୍ରବିଶିଷ୍ଟ (ବ୍ୟକ୍ତି)—
A person who is versed in the Bedas.

ଜ୍ଞାନତଃ—ସଂ. କ୍ରି. ବିଣ (ଜ୍ଞାନ+ତସ୍)—ଜାଣି ଶୁଣି—
Jnānataḥ Knowingly; wittingly; wilfully; with eyes wide open.

ଜ୍ଞାନତତ୍ତ୍ୱ—ସଂ. ବି (ଜ୍ଞାନ+ତତ୍ତ୍ୱ, ୬ଷ୍ଠୀ ତତ୍)—ଆଧ୍ୟାତ୍ମିକ ଜ୍ଞାନ—
Jnāna-tattwa True knowledge; philosophical or higher knowledge

ଜ୍ଞାନଦ—ସଂ. ବିଣ. ପୁଂ. (ଜ୍ଞାନ+ଦା ଧାତୁ+କର୍ତ୍ତୃ. ଅ)—
Jnānada ଯାହା ମନୁଷ୍ୟକୁ ଜ୍ଞାନ ବା ବୋଧଶକ୍ତି ଦିଏ—
(ଜ୍ଞାନଦା—ସ୍ତ୍ରୀ) Imparting knowledge; communicating ideas.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ୱ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍

ଜ୍ଞାନଦର୍ପଣ—ସଂ. ବି (ଜ୍ଞାନ+ଦର୍ପଣ; ରୂପକ କର୍ମଧା)—
Jnāna-darpaṇa ଜ୍ଞାନରୂପ ଆରସୀ—Wisdom (compared to a mirror).

ଜ୍ଞାନଦାସ—ଦେ. ବି (ବ୍ୟଙ୍ଗୋକ୍ତି)—ବେତ୍ରାଦି; (ଯାହାର ପ୍ରହାର ଦ୍ୱାରା
Jnāna-dāsa ବାଳକ ବା ଶିଷ୍ୟ ବା ଅପରାଧୀର ଚୈତନ୍ୟ ଉଦୟ
ଜ୍ଞାନଦାସ ହୁଏ); ଚଇତନ ଦାସ—Thrashing cane (ironically).

(ଯଥା—ପିଲମାନେ ପାଠରେ ମନ ଦେଉ ନାହାନ୍ତି, ଜ୍ଞାନଦାସେ ବାହାରିଲେ ସମସ୍ତେ ପାଠରେ ଲାଗିଯିବେ—ଅର୍ଥାତ୍ ବେତ ବାହାରିଲେ ସମସ୍ତେ ଡରରେ ପଢ଼ିବସିବେ ।)

ଜ୍ଞାନଦୂଷଣ—ଦେ. ବିଣ—ଦୁଷ୍ଟବୁଦ୍ଧି—
Jnāna-dūshaṇa Wicked.

ଜ୍ଞାନ-ଦୂଷଣ କାମ ଘୋଷଣ ହେବା କଷଣ ସବୁ—ଉପେନ୍ଦ୍ର ଭଞ୍ଜ, ପ୍ରେମସୁଧାନିଧି ।

ଜ୍ଞାନ ପାଇବା—ଦେ. କ୍ରି—୧ । (ବାଳିକା) ପ୍ରଥମେ ଋତୁମତୀ ହେବା—
Jnāna pāibā 1. (a girl) To have the menses for
ଜ୍ଞାନ ପାଓଆ the first time; to attain maturity.

୨ । ଅନୁଭବଦ୍ୱାରା ଅଭିଜ୍ଞତା ଲାଭ କରିବା—
2. To learn a thing by experience.

୩ । (ବାଳକ ବାଳିକା) ବୟଃପ୍ରାପ୍ତ ବା ସାବାଳକ ହେବା—
3. To attain majority.

୪ । (ବାଳକ ବାଳିକା) ହିତାହିତ ବୁଝିବାଭଳି ହେବା; ହୋସ୍ ପାଇବା—4. To attain the age discretion.

୫ । ଶିକ୍ଷାକରିବା; ଜ୍ଞାନଲାଭ କରିବା—
5. To acquire knowledge.

ଜ୍ଞାନପୂର୍ବକ—ସଂ. କ୍ରି. ବିଣ (ବହୁବ୍ରୀହି; ଜ୍ଞାନ+ପୂର୍ବ+କ)—
Jnāna-pūrbaka ଜ୍ଞାନତଃ (ଦେଖ)
Jnānataḥ (See).

ଜ୍ଞାନବନ୍ତ—ଦେ. ବିଣ (ସଂ. ଜ୍ଞାନବତ୍)—ଜ୍ଞାନବାନ୍ (ଦେଖ)
Jnāna-banta Jnānabān (See).

ଜ୍ଞାନବନ୍ତା—ଦେ. (ପଦ୍ୟ) ବିଣ (ସଂ. ଜ୍ଞାନବତ୍)—ଜ୍ଞାନବାନ୍ (ଦେଖ)
Jnānabantā Jnānabān (See).

ଏହି ସକାଶରୁ ତ କୁମାରଙ୍କ ପିତା
ବୋଲୁଛନ୍ତି ସ୍ନେହେ ଯେ ଅତି ଜ୍ଞାନବନ୍ତା—କୃଷ୍ଣସିଂହ, ମହାଭାରତ. ବନ ।

ଜ୍ଞାନବାନ୍—ସଂ. ବିଣ. ପୁଂ (ଜ୍ଞାନ+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Jnānabān ୧ । ଜ୍ଞାନୀ—1. Wise.

୨ ଶାସ୍ତ୍ରଜ୍ଞ; ପଣ୍ଡିତ—2. Learned.

୩ । ବସ୍ତୁବିଷୟବୁଦ୍ଧିସମ୍ପନ୍ନ—
(ଜ୍ଞାନବତୀ—ସ୍ତ୍ରୀ) 3. Intelligent; knowing.

ଜ୍ଞାନବିଛୁ—ପ୍ରାଦେ (ସମ୍ବଲପୁର) ବି—ଅଜ୍ଞାବିଛୁ (ଦେଖ)
Jnāna-bichhu Ājnā-bichhu (See).

ଜ୍ଞାନବିପର୍ଯ୍ୟୟ—ସଂ. ବି (ଜ୍ଞାନ+ବିପର୍ଯ୍ୟୟ=୬ଷ୍ଠୀ ତତ୍)—ବୁଦ୍ଧିଭ୍ରଂଶ—
Jnāna-biparjyaya Subversion of knowledge; overthrow of understanding.

ଜ୍ଞାନବିରୁଦ୍ଧ—ସଂ. ବିଣ (ଜ୍ଞାନ=ବୁଦ୍ଧି+ବିରୁଦ୍ଧ; ୬ଷ୍ଠୀ ତତ୍)—
Jnāna-biruddha ନିଜର ବିଶ୍ୱାସ ବା ଜାଣିବା କଥାର ବିପରୀତ—
Opposed to one's knowledge or belief.

ଜ୍ଞାନବୀଜ—ସଂ. ବି (ଜ୍ଞାନ ରୂପକ ବୀଜ, ରୂପକ କର୍ମଧା)—
Jnāna-bija ଜ୍ଞାନରୂପ ମଞ୍ଜି; ଶିଷ୍ୟ ଜ୍ଞାନଲାଭ କରିବା ନିମନ୍ତେ ଗୁରୁଙ୍କଦ୍ୱାରା ଦିଆଯିବା ପ୍ରଥମ ଶିକ୍ଷା—
The seeds of knowledge; rudiments of knowledge.

ଜ୍ଞାନବୁଡ଼ା—ଦେ. ବିଣ—୧ । ଯେ ଜ୍ଞାନ ବା ବିବେକ ଲୁପ୍ତ କରେ—
Jnāna-burḍā 1. Causing one to lose balance of mind.

୨ । ଯେ ବିମୁଗ୍ଧ କରେ—2. Captivating.

ସେ ଗୋରୀ ଯୁବାଜନ ଜ୍ଞାନବୁଡ଼ା—ଉପେନ୍ଦ୍ର ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜ୍ଞାନ ବୁଡ଼ା(ଡ଼େ)ଇବା—ଦେ. କ୍ରି—୧ । ବିବେକ ବା ଧୈର୍ଯ୍ୟକୁ ଲୋପ
Jnāna-burḍā(rḍe)ibā କରିବା—1. To cause one to lose patience or balance of mind.

୨ । ବିମୁଗ୍ଧ କରିବା—2. To captivate.

ତୋଳା ଜ୍ଞାନ ବୁଡ଼ାଇବ, ଚିଳୀମୁଖ ଚଳବା ଶୋଭାକୁ ଛଡ଼ାଇବ ।
ଉପେନ୍ଦ୍ର ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜ୍ଞାନ ବୁଡ଼ିବା—ଦେ. କ୍ରି—୧ । ଅଜ୍ଞାନ ହେବା; ଚେତା ବୁଡ଼ିବା—
Jnāna-burḍibā 1. Becoming sensless.
(ଜ୍ଞାନ ବୁଡ଼ିଯିବା—ଅନ୍ୟରୂପ) ୨ । ବୁଦ୍ଧି ହଜି ଯିବା—
2. Losing balance of mind or mental equilibrium.

ଜ୍ଞାନଭ୍ରଂଶ—ସଂ. ବି (ଜ୍ଞାନ+ଭ୍ରଂଶ, ୬ଷ୍ଠୀ ତତ୍)—ଜ୍ଞାନଲୋପ—
Jnāna-bhraṁśa Cessation of balance of mind.

ଦେ. ବିଣ—ଜ୍ଞାନଭ୍ରଷ୍ଟ (ଦେଖ)
Jnāna-bhrashṭa (See)

ବୋଲେ ମୁଁ ନୋହେ ଜ୍ଞାନଭ୍ରଂଶ,
କେମନ୍ତେ ଦେଲ ନର ମାଂସ । ଜଗନ୍ନାଥ, ଭାଗବତ ।

ଜ୍ଞାନ ଭ୍ରଷ୍ଟ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଯାହାର ଜ୍ଞାନଭ୍ରଂଶ ଘଟିଅଛି—
Jnāna-bhrashṭa 1. One who has lost balance of mind.
(ଜ୍ଞାନଭ୍ରଷ୍ଟା—ସ୍ତ୍ରୀ)

୨ । ପାଗଳ; ବାଉଳା—2. Mad.

୩ । ହିତାହିତ ବିବେଚନାଶୂନ୍ୟ—
3. Devoid of discrimination.

ଜ୍ଞାନମଞ୍ଜି—ଦେ. ବି (ବ୍ୟଙ୍ଗ; ଯାହା ପେଟରେ ପଡ଼ିଲେ ମନୁଷ୍ୟର ଚେତନା
Jnāna-manji ଲାଭ ହୁଏ)—ଗହମ, ଚାଉଳ, ଧାନ
ଜ୍ଞାନବୀଚ ଇତ୍ୟାଦି ଖାଦ୍ୟ ଶସ୍ୟ—
Food-grains, such as rice, paddy etc.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଢ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୁଳି' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଜ୍ଞାନମିଶ୍ରା ଭକ୍ତି— ସଂ. ଦେ. ବି—(ଭକ୍ତି ତଳେ ନୋଟ (ଦେଖ)
Jn̄āna-miśrā bhakti See notes under Bhakti.)
ଯେଉଁ ଭକ୍ତି ଲାଭ କରିବା ପାଇଁ ତତ୍ତ୍ୱଜ୍ଞାନର ସାଧନା କରା ଯାଏ—
Devotion to be attained by the pursuit of pure knowledge.

ଜ୍ଞାନଯୋଗ— ସଂ. ବି (ଜ୍ଞାନ+ଯୋଗ; ରୂପକ କର୍ମଧା)— ୧ । ଅଧ୍ୟାତ୍ମ-
Jn̄āna-joga ଜ୍ଞାନ ଲାଭ କରିବାର ଶାସ୍ତ୍ରନିର୍ଦ୍ଦିଷ୍ଟ ପ୍ରଣାଳୀ ବା ମାର୍ଗ—1. Contemplative devotion; the way to salvation through the attainment of higher knowledge.
୨ । (୭ମୀ ତତ୍) ଜ୍ଞାନ ସଙ୍ଗେ ସମ୍ବନ୍ଧ—
2. Connection with wisdom.

ଜ୍ଞାନରାଜ— ସଂ. ବି (ନାମ)—'ସିଦ୍ଧାନ୍ତସୁନ୍ଦର' ନାମକ ଜ୍ୟୋତିଷ ଗ୍ରନ୍ଥର
Jn̄āna-rāja ପ୍ରଣେତା—The name of the author of the Sanscrit astrological book 'Siddhānta Sundara.'
[ଦ୍ର—ଏହାଙ୍କ ବଂଶ ଦୈବଜ୍ଞ; ଗୋଦାବରୀ ଓ ବିଦର୍ଭନଦୀ ଦ୍ୱୟର ସଙ୍ଗମ ସ୍ଥଳରେ ଏହାଙ୍କର ବାସସ୍ଥାନ ଥିଲା ।]

ଜ୍ଞାନସାଧନ—ସଂ. ବି (ଜ୍ଞାନ+ସାଧନ, ୬ଷ୍ଠୀ ତତ୍)—୧ । ଜ୍ଞାନଲାଭ—
Jn̄āna-sādhana 1. Attainment of knowledge.
୨ । ଜ୍ଞାନ-ଲାଭରେ ସହାୟ—
2. A help for the attainment of knowledge.
୩ । ଇନ୍ଦ୍ରିୟ—3. The senses.
ସଂ. ବିଣ—ଯେ ଜ୍ଞାନଲାଭ କରିବାରେ ସହାୟକ—Helpful towards the acquisition of knowledge.

ଜ୍ଞାନ ହେବା—ଦେ. କ୍ରି—୧ । ଜଣାଯିବା—
Jn̄āna hebā 1. Seeming; appearing.
জ্ঞান হওআ ୨ । ଚୈତନ୍ୟ ଉଦୟ ହେବା—
ग्यान होना 2. Becoming conscious.
୩ । (ବାଳକ ବାଳିକାଙ୍କ) ବୟଃପ୍ରାପ୍ତ ହେବା; ପ୍ରଥମ ଯୌବନରେ ପଦାର୍ପଣ କରିବା—
3. Attainment of the age of discretion or maturity; stepping into adolescence.

ଜ୍ଞାନାଞ୍ଜନ—ସଂ. ବି (ଜ୍ଞାନ+ଅଞ୍ଜନ, ରୂପକ କର୍ମଧା)—ଅଞ୍ଜନ ପରି
Jn̄ānāñjana ଦିବ୍ୟ ଦୃଷ୍ଟିକୁ ଉଜ୍ଜ୍ୱଳକାରୀ ଜ୍ଞାନ—
The salve of knowledge.
[ଦ୍ର—ଚକ୍ଷୁର ଦୃଷ୍ଟି ଉଜ୍ଜ୍ୱଳତର କରିବା ନିମନ୍ତେ ଲୋକେ ଚକ୍ଷୁରେ ଅଞ୍ଜନ ଦେଇଥାନ୍ତି । ସେହିପରି ଜ୍ଞାନ ମନୁଷ୍ୟର ମନରୂପ ଚକ୍ଷୁ ବା ଦିବ୍ୟ ଦୃଷ୍ଟିକୁ ଉଜ୍ଜ୍ୱଳ କରେ ବୋଲି ଜ୍ଞାନକୁ ଅଞ୍ଜନ ସଙ୍ଗେ ତୁଳନା କରାଯାଏ ।]

ଜ୍ଞାନାଞ୍ଜନଶଳାକା—ସଂ. ବି. ସ୍ତ୍ରୀ (ଜ୍ଞାନ+ଅଞ୍ଜନ+ଶଳାକା, ରୂପକ ଓ
Jn̄ānāñjana-śalākā ୬ଷ୍ଠୀ ତତ୍)—ଶିଷ୍ୟକୁ ଗୁରୁ ଦେଇଥିବା ଶିକ୍ଷା—A preceptor's spiritual teaching imparted to the pupil; a pencil used by the preceptor for applying the salve of knowledge to the mind's eye of the pupil (allegorical sense).
[ଦ୍ର—ଜ୍ଞାନରୂପ ଅଞ୍ଜନକୁ ଶିଷ୍ୟର ଦିବ୍ୟଚକ୍ଷୁରେ ଦେଇ ଶିଷ୍ୟର ଜ୍ଞାନଚକ୍ଷୁର ଦୃଷ୍ଟିକୁ ଉଜ୍ଜ୍ୱଳ କରିବା ନିମନ୍ତେ ଗୁରୁ ଶିଷ୍ୟକୁ ଯେଉଁ ଶିକ୍ଷା ପ୍ରଦାନ କରନ୍ତି ତାହାକୁ ଶାସ୍ତ୍ରକାରମାନେ ଆଖିରେ କଜ୍ଜ୍ୱଳ ଲଗାଇବା କାଠି ସଙ୍ଗେ ତୁଳନା କରି ଲେଖି ଅଛନ୍ତି ଯେ ଅଜ୍ଞାନତମିରାନ୍ଧ ଶିଷ୍ୟର ଦିବ୍ୟ ଚକ୍ଷୁକୁ ଗୁରୁ ଜ୍ଞାନାଞ୍ଜନ-ଶଳାକାଦ୍ୱାରା ଉନ୍ମୀଳିତ କରନ୍ତି ।]

ଜ୍ଞାନାପନ୍ନ—ସଂ. ବିଣ (ଜ୍ଞାନ+ଆପନ୍ନ, ୩ୟା ତତ୍)—୧ । ଜ୍ଞାନପ୍ରାପ୍ତ;
Jn̄ānāpanna ଜ୍ଞାନୀ—1. Learned; wise.
(ଜ୍ଞାନାପନ୍ନା—ସ୍ତ୍ରୀ) ୨ । ଯେ ଜାଣେ—2 Knowing

ଜ୍ଞାନୀ—ସଂ. ବିଣ. ପୁଂ. (ଜ୍ଞାନିନ୍ ଶବ୍ଦ; ଜ୍ଞାନ+ଅସ୍ତି ଅର୍ଥେ. ଇନ୍; ୧ମା.
Jn̄āni ୧ବ.)—୧ । ବିଜ୍ଞ—1. Wise.
(ଜ୍ଞାନିନୀ—ସ୍ତ୍ରୀ) ୨ । ପଣ୍ଡିତ; ଶାସ୍ତ୍ରଜ୍ଞ—2. Learned.
୩ । ନିପୁଣ—3. Skilful.
୪ । ବୋଧ ସମ୍ପନ୍ନ; ବୁଦ୍ଧିମାନ୍—4. Intelligent.
ସଂ. ବି. ପୁଂ—୧ । ଆତ୍ମତତ୍ତ୍ୱଜ୍ଞ ବ୍ୟକ୍ତି—1. A sage.
୨ । ଦୈବଜ୍ଞ—
2. A fore-teller; a fortune-teller.

ଜ୍ଞାନେନ୍ଦ୍ରିୟ—ସଂ. ବି. (୬ଷ୍ଠୀ ତତ୍; ଜ୍ଞାନ+ଇନ୍ଦ୍ରିୟ)—
Jn̄ānendriya (ହିନ୍ଦୁ ଶାସ୍ତ୍ରାନୁସାରେ) ବାହ୍ୟବସ୍ତୁକୁ ଜାଣି ପାରିବା
(କର୍ମେନ୍ଦ୍ରିୟ—ବିପରୀତ) ନିମନ୍ତେ ଶରୀରର ଇନ୍ଦ୍ରିୟ ସକଳ; ଶରୀରସ୍ଥ ପଞ୍ଚେନ୍ଦ୍ରିୟ (ଯଥା—ଚକ୍ଷୁ, କର୍ଣ୍ଣ, ନାସିକା ଜିହ୍ୱା ଓ ତ୍ୱକ୍)—The organs or perception or sensation, (numbering 5 according to Hindu philosophy, viz. 1, The Eye or the organ of sight; 2. The Ear or the organ of hearing; 3. The Nose or the organ of smelling; 4. The Tongue or the organ or taste; 5. The Skin or the organ of touch.)

ଜ୍ଞାନୋଦୟ—ସଂ. ବି. (୬ଷ୍ଠୀ ତତ୍; ଜ୍ଞାନ+ଉଦୟ)—
Jn̄ānodaya ୧ । ମନୁଷ୍ୟ ମନରେ ଜ୍ଞାନ ବା ବୋଧରୂପ ସୂର୍ଯ୍ୟଙ୍କର ଆବିର୍ଭାବ—1. The rise or dawn of knowledge in the human mind.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ଜ୍ୱ
୨	ଈ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଊ	ନ୍ବ

୨ । ମନୁଷ୍ୟ ଜନ୍ମ ହେବା ପରେ ସର୍ବପ୍ରଥମେ ନିଜର ଜଗତରେ ଅସ୍ତିତ୍ୱ ବିଷୟର ଉପଲବ୍ଧି—2. One's first consciousness of one's existence in the world as a responsible being.

ଜ୍ଞାନ୍ତି—ଗ୍ରା. ବି. (ସଂ. ଜ୍ଞପ୍ତି)—ଜ୍ଞପ୍ତି (ଦେଖ)
Jnanti — Jnāti See)

ଜ୍ଞାପକ—ସଂ. ବିଣ. ପୁଂ. (ଜ୍ଞା ଧାତୁ; ଣିଚ୍+କର୍ତ୍ତୃ. ଅକ)—
Jnāpaka ୧ । ସୂଚକ; ଯେ (ପଦାର୍ଥ ବା ମନୁଷ୍ୟ) କୌଣସି ବିଷୟ ଜଣାଇ ଦିଏ—1. Indicating; notifying; informing; making known.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ସମୟଜ୍ଞାପକ, ଅନିଷ୍ଟଜ୍ଞାପକ ।]
୨ । ଯେ ଅଜ୍ଞାନକୁ ଜ୍ଞାନ ଦିଏ—
2. Imparting knowledge.
ସଂ. ବି—୧ । ଏତଲା ଦେଲାବାଲା ବ୍ୟକ୍ତି—
1. Informant; reporter.
୨ । ଶିକ୍ଷକ—2. Teacher; instructor.

ଜ୍ଞାପନ—ସଂ. ବି. (ଜ୍ଞା ଧାତୁ; ଣିଚ+ଭାବ. ଅନ)—
Jnāpana ୧ । ଜଣାଇବା; ବିଦିତ କରାଇବା—
1. Act of announcing; notifying; making a thing known.
୨ । ଆବେଦନ—2. Application.
୩ । ଏତଲା ଦେବା—
3. Giving information; reporting.
୪ । ଶିକ୍ଷା ଦେବା—
4. Instructing; teaching.

ଜ୍ଞାପନୀୟ—ସଂ. ବିଣ. (ଜ୍ଞା ଧାତୁ; ଣିଚ+କର୍ମ ଅନୀୟ)—
Jnāpaniya • ଜଣାଇବାର ଯୋଗ୍ୟ—Worth notifying or announcing; fit to be announced.

ଜ୍ଞାପୟିତା—ସଂ. ବିଣ. ପୁଂ. (ଜ୍ଞା ଧାତୁ; ଣିଚ+କର୍ତ୍ତୃ. ତୃ. ୧ମା.୧ବ.)—
Jnāpayitā ଯେ ଜଣାଇ ଦିଏ—Informant; one who (ଜ୍ଞାପୟିତ୍ରୀ—ସ୍ତ୍ରୀ) brings a thing to the notice of another.

ଜ୍ଞାପି (ଧାତୁ)—ସଂ. (ଜ୍ଞା ଧାତୁ+ଣିଚ)—୧ । ଜଣାଇବା—
Jnāpi (root) 1. To cause to know.
୨ । ଏତଲା ଦେବା—
2. To inform; to bring to the notice of.

ଜ୍ଞାପିତ—ସଂ. ବିଣ. (ଜ୍ଞା ଧାତୁ; ଣିଚ+କର୍ମ ତ)—
Jnāpita ଜଣାଇ ଦିଆଯାଇଥିବା—
Made known; published; announced.

ଜ୍ଞେୟ—ସଂ. ବିଣ. (ଜ୍ଞା ଧାତୁ+କର୍ମ. ଯ)—ଜ୍ଞାତବ୍ୟ (ଦେଖ)
Jneya — Jnātabya (See)

ଜ୍ୱର୍ (ଧାତୁ)—ସଂ—ସନ୍ତପ୍ତ ହେବା—
Jwar (root) To be heated.

ଜ୍ୱର—ସଂ. ବି. (ଜ୍ୱର୍ ଧାତୁ+କରଣ. ଅ)—୧ । ଗାତ୍ରଦାହ; ଗାତ୍ରତାପଯୁକ୍ତରୋଗ—1. Fever; burning sensation in
Jwara the body.
୨ । ମନୋଦୁଃଖ—2. Grief.
୩ । ପୀଡ଼ା—3. Pain; trouble.
ଦେ. ବିଣ—ଅତ୍ୟାଚାରୀ—Oppressive; tyrannous.
ହରଣ୍ୟ କଶିପୁ ଅସୁର, ଯେ ଲୋକଙ୍କୁ ମୁଣ୍ଡେ ଥିଲା ଜ୍ୱର ।
ଜଗନ୍ନାଥ. ଭାଗବତ ।

ଜ୍ୱରଘ୍ନ—ସଂ. ବିଣ. (ଜ୍ୱର+ହନ ଧାତୁ+କର୍ତ୍ତୃ. ଅ)—ଯାହା ଜ୍ୱରକୁ ଆରୋଗ୍ୟ କରେ; ଜ୍ୱରନାଶକ (ଔଷଧ)—
Jwara-ghna Febrifuge; dispelling or curing fever; antifebrile.

ଜ୍ୱରନାଶନ—ସଂ. ବିଣ. (ଜ୍ୱର+ନାଶନ)—ଜ୍ୱରଘ୍ନ (ଦେଖ)
Jwara-nāsana — Jwaraghna (See)
ଦେ. ବି—ଅଷ୍ଟ୍ରେଲିଆରୁ ଆଣୀତ ବୃକ୍ଷବିଶେଷ—
The Eucalyptus tree.
[ଦ୍ର—ଏଥିର ପତ୍ର ତେଜପତ୍ର ପରି ଓ ଏହା ଲେମ୍ବୁଗଛରୁ ବାହାରିବା ରସ ପରି ଗନ୍ଧଯୁକ୍ତ । ଏହି ପତ୍ରରୁ ତେଲ ଓ ଅର୍କ ପ୍ରସ୍ତୁତ ହୁଏ । ଏ ବୃକ୍ଷ ଯେଉଁ ଅଞ୍ଚଳରେ ଲଗାଯାଏ, ସେଠାରେ ମ୍ୟାଲେରିଆ ଜ୍ୱର କମିଯାଏ । ଏହା ଅଷ୍ଟ୍ରେଲିଆରେ ପରୀକ୍ଷା କରାଯାଇ ଅଛି । ଏ ଗଛର ଗଣ୍ଠିରୁ ଏକପ୍ରକାର ଝୁଣା ପରି ଅଠା ବାହାରେ, ସେ ଅଠାକୁ ଶୁଖାଇ ଧୂପ ଓ ବାର୍ଣ୍ଣିସ୍ କରାଯାଏ । ଏ ଗଛରୁ ପ୍ରଚୁର ମନକୁ ଭଲ ଲାଗେ ।]

ଜ୍ୱରପ୍ରକୋପ—ସଂ. ବି. (ଜ୍ୱର+ପ୍ରକୋପ; ୬ଷ୍ଠୀ ତତ୍)—
Jwara-prakopa ଜ୍ୱରର ତେଜ ବା ଦାହ—
The rage or paroxysm of fever.

ଜ୍ୱରବୋଧ—ସଂ. ବି. (ଜ୍ୱର+ବୋଧ)—୧ । ଜ୍ୱର ଅନୁଭବ—
Jwara-bodha 1. Feeling of fever.
୨ । ଜ୍ୱର ଦେଖାଇବା ଅବସ୍ଥା—2. Feverishness.

ଜ୍ୱରଭାବ—ସଂ. ବି. (ଜ୍ୱର+ଭାବ; ୬ଷ୍ଠୀ ତତ୍)—ଜ୍ୱର ଦେଖାଇବା
Jwara-bhāba ଅବସ୍ଥା—Feverishness.

ଜ୍ୱରହନ୍ତା—ସଂ. ବିଣ. (ଜ୍ୱର+ହନ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Jwara-hantā ଜ୍ୱରଘ୍ନ (ଦେଖ)
(ଜ୍ୱରହନ୍ତ୍ରୀ—ସ୍ତ୍ରୀ) Jwaraghna (See)

ଜ୍ୱରହନ୍ତ୍ରୀ—ସଂ. ବି. (ଜ୍ୱର+ହନ୍ ଧାତୁ+କର୍ତ୍ତୃ ତୃ+ସ୍ତ୍ରୀ ଈ; ୬ଷ୍ଠୀ
Jwara-hantri ତତ୍)—ମଞ୍ଜିଷ୍ଠା—
The Indian madder; Rubia Manjistha.

ସାଧାରଣ ଲେଖେ ଅପର ପୃଷ୍ଠାରେ ସହିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

ଜ୍ୱରାକ୍ରାନ୍ତ—ସଂ. ବିଣ. ପୁଂ. (ଜ୍ୱର+ଆକ୍ରାନ୍ତ; ୭ମୀ ତତ୍)—
Jwarākrānta ଜ୍ୱରପ୍ରପୀଡ଼ିତ—Attacked with fever; suffering from fever.
(ଜ୍ୱରାକ୍ରାନ୍ତା—ସ୍ତ୍ରୀ)

ଜ୍ୱରାଗ୍ନି—ସଂ. ବି. (ଜ୍ୱର+ଅଗ୍ନି; ରୂପକ)—ଜ୍ୱରଜନିତ ତାପ—
Jwarāgni Feverish heat.

ଜ୍ୱରାଙ୍କୁଶ—ସଂ. ବିଣ. (୬ଷ୍ଠୀତତ୍; ଜ୍ୱର+ଅଙ୍କୁଶ)—ଜ୍ୱରଘ୍ନ (ଦେଖ)
Jwarāṅkuśa Jwaraghna (See)

ଜ୍ୱରାତିସାର—ସଂ. ବି. (ଜ୍ୱର+ଅତିସାର ମ. ପ. ଲୋ)—
Jwarātisāra ଜ୍ୱରସଙ୍ଗେ ହେବା ପତଳା ଝାଡ଼ା ବା ଗ୍ରହଣୀ—
Dysentery with fever.
[ଦ୍ର—ଜୀର୍ଣ୍ଣଜ୍ୱରରେ ଏହା ଗୋଟିଏ ଉପଦ୍ରବ ।]

ଜ୍ୱରାନ୍ତକ—ସଂ. ବିଣ. (ଜ୍ୱର+ଅନ୍ତକ, ୬ଷ୍ଠୀ ତତ୍)—ଜ୍ୱରଘ୍ନ (ଦେଖ)
Jwarāntaka Jwaraghna (See)

ଜ୍ୱରାପହା—ସଂ. ବିଣ. (ଜ୍ୱର+ଅପହା=ନାଶକ)—
Jwarāpahā ଜ୍ୱରଘ୍ନ (ଦେଖ)
Jwaraghna (See)

ଜ୍ୱରାରି—ସଂ. ବିଣ. (ଜ୍ୱର+ଅରି; ୬ଷ୍ଠୀ ତତ୍)—ଜ୍ୱରଘ୍ନ (ଦେଖ)
Jwarāri Jwaraghna (See)

ଜ୍ୱରାଶନି—ସଂ. ବିଣ. (ଜ୍ୱର+ଅଶନି; ୬ଷ୍ଠୀ ତତ୍)—ଜ୍ୱରଘ୍ନ (ଦେଖ)
Jwarāśani Jwaraghna (See)

ଜ୍ୱରିତ—ସଂ. ବିଣ. ପୁଂ. (ଜ୍ୱର+ସଞ୍ଜାତାର୍ଥେ ଇତ)—ଜ୍ୱରାକ୍ରାନ୍ତ; ଜ୍ୱର-
Jwarita ଯୁକ୍ତ—Feverish; attacked with or suffering from fever.
(ଜ୍ୱରିତା—ସ୍ତ୍ରୀ)

ଜ୍ୱରୀ—ସଂ. ବିଣ.ପୁଂ.(ଜ୍ୱର+ଅସ୍ତି ଅର୍ଥେ ଇନ୍; ୧ମା.୧ବ)—ଜ୍ୱରାକ୍ରାନ୍ତ—
Jwarī Attacked with or suffering from fever.
(ଜ୍ୱରିଣୀ—ସ୍ତ୍ରୀ)

ଜ୍ୱଲ୍ (ଧାତୁ)—ସଂ—ଦୀପ୍ତ ହେବା—
Jwal̲ (root) To illumine; to blaze up.

ଜ୍ୱଲଜ୍ଜ୍ୱଳ—ସଂ. ବିଣ. (ଜ୍ୱଳତ୍+ଜ୍ୱଳ)—ପ୍ରଦୀପ୍ତ—
Jwal̲ajjwal̲a Blazing.
ସଂ. କ୍ରି. ବିଣ—ପ୍ରଚଣ୍ଡ ତେଜରେ—Blazingly.

ଜ୍ୱଳତ୍—ସଂ. ବିଣ. [ଜ୍ୱଲ୍ ଧାତୁ+କର୍ତ୍ତୃ. ଅତ୍ (ଶତୃ)]—ଜଳୁଥିବା—
Jwal̲at Blazing; burning.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ; ଯଥା—
ଜ୍ୱଳଦଗ୍ନି, ଜ୍ୱଳଦଙ୍ଗାର ।]

ଜ୍ୱଳନ—ସଂ. ବି. (ଜ୍ୱଲ୍ ଧାତୁ+ଭାବ. ଅନ)—
Jwal̲ana ୧ । ଦାହନ; ନିଆଁ ଲଗାଇବା—1. Burning.
୨ । ଜ୍ୱାଳା—2. Blaze.
୩ । ଜଳିବା—3. Flaming.
୪ । ଦାଉଦାଉ ହେବା—4. Shining; glittering.
୫ । ଦୀପ୍ତି—5. Lustre; glitter.
୬ । ଅଗ୍ନିଶିଖା—6. A flame of fire.
୭ । (+କର୍ତ୍ତୃ. ଅନ)=ଅଗ୍ନି—Fire.
୮ । (+ଭାବ.ଅନ) ପୋଡ଼ାଜଳା; ଦାହ—8. Burning sensation; inflammation.
୯ । (+କର୍ତ୍ତୃ. ଅନ) ଧଳାଚିତା ଗଛ—
9. Leadwort (plant).
ସଂ. ବିଣ. (+କର୍ତ୍ତୃ. ଅନ) ଜଳୁଥିବା—
Blazing; burning.

ଜ୍ୱଳନ୍ତ—ଦେ. ବିଣ. (ସଂ. ଜ୍ୱଳତ୍)—୧ । ଜଳୁଥିବା; ପ୍ରଦୀପ୍ତ—
Jwal̲anta 1. Burning; blazing.
জ্বলন্ত ୨ । ଜାଜ୍ୱଲ୍ୟମାନ—
जलता हुआ 2. Shining; dazzling; bright; brilliant.

ଜ୍ୱଳନ୍ତ ଅଙ୍ଗାର—ଦେ.ବି.(ସଂ. ଜ୍ୱଳତ୍+ଅଙ୍ଗାର)—ଜଳୁଥିବା ଅଙ୍ଗାର-
Jwal̲anta aṅgāra Live coal; burning coal or charcoal.
জ্বলন্ত অঙ্গার

ଜ୍ୱଳନ୍ତ ନିଦର୍ଶନ—ଦେ. ବି.—୧ । ନିଃସନ୍ଦେହ ପ୍ରମାଣ—
Jwal̲anta nidarśana 1. Clear evidence.
জ্বলন্ত নিদর্শন ୨ । ଜାଜ୍ୱଲ୍ୟମାନ ଉଦାହରଣ—2. A bright or brilliant or dazzling example.
[ଦ୍ର—ଏହିପରି ଜ୍ୱଳନ୍ତ ପ୍ରତିଭା, ଜ୍ୱଳନ୍ତ ତେଜ ଆଦି ବ୍ୟବହୃତ ହୁଏ ।]

ଜ୍ୱଳନ୍ତ ପ୍ରମାଣ—ଦେ. ବି.—ଜ୍ୱଳନ୍ତ ନିଦର୍ଶନ (ଦେଖ)
Jwal̲anta pramāṇa Jwal̲anta nidarśana (See)
জ্বলন্ত প্রমাণ

ଜ୍ୱଳନ୍ତା—ଦେ. ବିଣ.(ସଂ. ଜ୍ୱଳତ୍)—ପ୍ରଦୀପ୍ତ; ଜଳୁଥିବା—
Jwal̲antā Burning; blazing.
জ্বলন্ত ଜ୍ୱଳନ୍ତା ଅଗ୍ନି ଯା ବଦନ, ନୟନ ଗୋଲକ ଗଗନ ।
जलता हुआ ଜଗନ୍ନାଥ. ଭାଗବତ ।

ଜ୍ୱଳିତ—ସଂ. ବିଣ.—(ଜ୍ୱଲ ଧାତୁ+କର୍ତ୍ତୃ. ତ)—୧ । ଯାହା ଜଳୁଅଛି
Jwal̲ita ବା ଜଳି ଉଠି ଅଛି—1. Burning.
୨ । ଦଗ୍ଧ—2. Burnt.
୩ । ଦୀପ୍ତ; ଉଜ୍ଜ୍ୱଳ—
3. Bright; dazzling; kindled.
୪ । ଆଲୋକିତ—4. Illuminated.
ସଂ. ବି. (+ଭାବ. ତ) ଜ୍ୱଳନ; ଜଳିବା—Burning.

ଜ୍ୱଳିବା—ଦେ. କ୍ରି. (ସଂ. ଜ୍ୱଲ ଧାତୁ)—ଜଳିବା; ଦୀପ୍ତ ହେବା—
Jwal̲ibā To burn; to blaze.
জ্বলা ଜ୍ୱଳି ଜଳିବ ତାକୁ କାହେ କାଢିବ ।
जरना, जलना ସାଧାନାଥ ମେଘଦୂତ ।

ଜ୍ୱାଳ—ସଂ. ବି. (ଜ୍ୱଲ୍ ଧାତୁ+କର୍ତ୍ତୃ. ଅ)—ଜ୍ୱାଳା (ଦେଖ)
Jwāl̲a Jwāl̲ā (See)

୧	ଇଁ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଓ	ନ୍ତ

ଜ୍ୱାଳା—ସଂ. ବି.—(ଜ୍ୱଲ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Jwālā ୧ । ଅଗ୍ନିଶିଖା—1. A flame.

ଶୁଣ ଜ୍ୱାଳାଙ୍କରେ ଭୂଷର ସୈନ୍ୟ ତୃଣ—
ବନକୁ ପୋଡ଼ି ଦେଲେ ଅରନ୍ନ ଜାଣ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ

୨ । ପ୍ରଚଣ୍ଡ ବା ଉଜ୍ଜ୍ୱଳ ଆଲୋକ—
2. Illumination; bright light.

୩ । ଶରୀରର ପ୍ରଦାହ ବା ଜଳାପୋଡ଼ା—
3. Inflammation; burning sensation.

୪ । ଦହରେ ଜଳିଆଁ ଲୁଣ୍ଣା ମାଡ଼ିବା ଦ୍ୱାରା ଯେଉଁ କଷ୍ଟ ଅନୁଭୂତ ହୁଏ; ନିଆଁରେ ପୋଡ଼ି ହେବା ଦ୍ୱାରା ଅନୁଭୂତ କଷ୍ଟ—4. Burning pain.

୫ । ଦୁଃଖ—5. Misery.

୬ । କଷ୍ଟ; କ୍ଲେଶ—6. Trouble; pain; pangs.

୭ । ପ୍ରାବଲ୍ୟ—7. Virulence.

୮ । ଦାଉ; ନିର୍ଯାତନ; ଅତ୍ୟାଚାର—
8. Oppression; torment; torture.

[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବିଭିନ୍ନ ପ୍ରକାର କଷ୍ଟାନୁଭୂତି ପ୍ରକାଶ କରେ; ଯଥା—ପେଟର ଜ୍ୱାଳା; ସଂସାରର ଜ୍ୱାଳା; ପିଲାଙ୍କ ଜ୍ୱାଳା, ମୁରବିଙ୍କ ଜ୍ୱାଳା ।]

୯ । ପୋଡ଼ା ଭାତ; ଦଗ୍ଧାନ୍ନ—9. Burnt rice.

ଦେ. ବି.—(ଯୋଗୀ ବା ବାୟୁସାଧକମାନଙ୍କର ବ୍ୟବହୃତ ଶବ୍ଦ)—
ମୁଖ—Mouth.

ଜ୍ୱାଳଣ କାଠ—ପ୍ରାଦେ. (ସିଂହଭୂମ) ବି—ଜାଳେଣି କାଠ—
Jwālaṇa kātha Fuel.
(ଜ୍ୱାଳନ୍ କାଠ—ଅନ୍ୟରୂପ)

ଜ୍ୱାଳାତନ—ଦେ. ବିଣ. (ବଙ୍ଗ ଅନୁକୃତ)—ଜାଳାତନ (ଦେଖ)
Jwālātana Jālātana (See)

ଜ୍ୱାଳାବକ୍ତ୍ର—ସଂ. ବି. (ଜ୍ୱାଳା+ବକ୍ତ୍ର; ବହୁବ୍ରୀହି; ହଳାହଳ ବିଷପାନ ହେତୁରୁ ଏହାଙ୍କ କଣ୍ଠ ସର୍ବଦା ଜଳୁ ଥିବାରୁ)—
Jwālābaktra
୧ । ଶିବ; ମହାଦେବ—1. An epithet of Śiba.
୨ । ବ୍ରହ୍ମା—2. Brahmā.

ଜ୍ୱାଳାମୁଖୀ—ସଂ. ବି (ଜ୍ୱାଳା+ମୁଖ+ଇନ୍)—୧ । ଚୀନଦେଶ ଭୂଭାଗର ହିନ୍ଦୁ ତୀର୍ଥ ବିଶେଷ (ଯେଉଁଠାରେ ଭଗବତୀଙ୍କ ଜିହ୍ୱା ପତିତ ହୋଇଥିବାର ବିଷୟ ପୁରାଣରେ ଲେଖା ଅଛି)—
Jwālā-mukhi
1. The name of a famous holy place in Chinese Tartary whither the Hindus go on pilgrimage.

୨ । ଆଗ୍ନେୟଗିରି—2. A volcano; a place where subterranean fire breaks out.

୩ । ପଞ୍ଜାବର ଉତ୍ତରରେ ହିମାଳୟ ପର୍ବତର ନିମ୍ନ ଦେଶରେ ଅବସ୍ଥିତ ଅଗ୍ନି ଉଦ୍ଗୀରଣ କରୁଥିବା ହିନ୍ଦୁ ତୀର୍ଥ ବିଶେଷ—
3. Name of a holy place of Hindu pilgrimage at the foot of the Himalayas.

ଜ୍ୱାଳାଯନ୍ତ୍ରଣା—ସଂ. ବି. (ଜ୍ୱାଳା ଓ ଯନ୍ତ୍ରଣା; ଏକାର୍ଥବୋଧକ ସହଚର)—
Jwālā-jantraṇā ବିଶେଷ ଯନ୍ତ୍ରଣା—Pangs; torture.

ଜ୍ୱାଳିତ—ସଂ. ବିଣ. (ଜ୍ୱଲ ଧାତୁ ଣିଚ୍=ଜ୍ୱାଳଧାତୁ+କର୍ମ ତ)—
Jwālita ୧ । ଜଳାଯାଇଥିବା; ଦାହିତ—1. Burnt.
୨ । ଦୀପିତ—2. Kindled; lighted.
୩ । ସନ୍ତାପିତ; କ୍ଲେଶିତ—3. Afflicted; troubled.

ଜ୍ୱାଳିନୀ—ସଂ. ବି. ସ୍ତ୍ରୀ (ଜ୍ୱାଳିନ୍+ସ୍ତ୍ରୀ ଈ)—ଦୁର୍ଗା; ପାର୍ବତୀ—
Jwālini The Goddess Durgā

ଜ୍ୱାଳୀ—ସଂ. ବି. ପୁଂ (ଜ୍ୱାଳା+ଇନ୍, ୧ମା ୧ବ)—ଜ୍ୱାଳାବକ୍ତ୍ର; ଶିବ—
Jwāli Siba.

ଜ୍ୟା (ଧାତୁ)—ସଂ.—ଜୀର୍ଣ୍ଣ ହେବା—To be worn out;
Jyā (root) to wear away.

ଜ୍ୟା—ସଂ. ବି. ସ୍ତ୍ରୀ (ଜ୍ୟା ଧାତୁ+କର୍ତ୍ତୃ କ୍ୱିପ୍; ଯାହା କ୍ରମଶଃ ଜୀର୍ଣ୍ଣ ବା କ୍ଷୟ ହୁଏ)—୧ । ଧନୁର ଗୁଣ—1. Bow-string.
Jyā
୨ । ପୃଥିବୀ—2. The earth.

ବହତ ଜ୍ୟା ଜାମାତା ମୁଁ ଚୈତ୍ୟାର ବୋଲାଇ
କଥ କବଳ କରୁଛ ସିନ୍ଧୁ ଅଳ କାହିଁ ? ଉପେ. ବୈଦେହୀଶ ବିଳାସ ।

୩ । ମାତା—3. Mother.

୪ । (ଜ୍ୟାମିତି) ଚାପର ପ୍ରାନ୍ତଦ୍ୱୟକୁ ଯୋଗ କରୁଥିବା ସରଳରେଖା—
4. (geometry) The chord of an arc.

ଦେ. ବି—ଜିଆ; ଜିଆନାଡ଼ି; ମସ୍ତିଲତା—Earth-worm.

ଜ୍ୟାବାଲୀ—ଦେ. ବି. (ଜ୍ୟାରୂପ ବାଳୀ ବା ସ୍ତ୍ରୀ; ରୂପକ)—
Jyābali ୧ । ଭୂଦେବୀ—1. The earth personified.
୨ । (ସଂ. ଜାବାଲ) ଜାବାଲି (ଦେଖ)
2. Jābāli (See)

(୧,୨) ବନବାସୀବର ସଭ ଲୋକତ
ବହଇ ମୂର୍ତ୍ତିକ ଜ୍ୟାବଲୀ ଯୁକ୍ତ । ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଜ୍ୟାମିତି—ସଂ. ବି. (ଜ୍ୟା=ପୃଥିବୀ, ବୃତ୍ତଖଣ୍ଡର ଗୁଣରେଖା+ମା ଧାତୁ+ଭାବ. ତି)—କ୍ଷେତ୍ରତତ୍ତ୍ୱ ବା ରେଖାଗଣିତ—
Jyāmiti Geometry.

[ଦ୍ର—ସଂସ୍କୃତ ଧାତୁପ୍ରତ୍ୟୟ ଅନୁସାରେ ଜ୍ୟାମିତି ଶବ୍ଦର ଅର୍ଥ କ୍ଷେତ୍ରତତ୍ତ୍ୱ (Geometry) ନ ହୋଇ କ୍ଷେତ୍ରପରିମାଣ (Mensuration) ବା ତ୍ରିକୋଣମିତି (Trigonometry) ହେବ । ଅତଏବ ଏ ଶବ୍ଦ ଇଂରାଜୀ ଜିଓମେଟ୍ରୀରୁ (Geometry) ଉତ୍ପନ୍ନ ବୋଲି ଅନୁମିତ ହୁଏ ।]

ଜ୍ୟାୟାନ୍—ସଂ. ବିଣ. ପୁଂ. (ପ୍ରଶଂସ୍ୟ ବା ବୃଦ୍ଧ+ଅତି ଅର୍ଥରେ. ଈୟସ୍; ଜ୍ୟାଦେଶ; ୧ମା. ୧ବ)—
Jyāyān
(ଜ୍ୟାୟସୀ—ସ୍ତ୍ରୀ) ୧ । ଦୁଇ ଜଣଙ୍କ ମଧ୍ୟରେ ବଡ଼; ବୟସରେ ବଡ଼—
(କନୀୟାନ—ବିପରୀତ) 1. Elder; older.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୨। ବର୍ଷୀୟାନ୍; ଅତି ବୃଦ୍ଧ; ପୁରାତନ—
2. Very old or aged; ancient

୩। ପ୍ରଶଂସାର୍ହ; ପ୍ରଶଂସନୀୟ—
3. Commendable; praiseworthy.

୪। ସର୍ବପ୍ରଥମ—4. First.

୫। ଅଗ୍ରଜ—5. Eldest.

୬। ପୋଢୁଆଁ; ପ୍ରଥମ ଜାତ—6. First-born.

୭। ଯେ ବୟସରେ ବଡ଼—7. Elderly.

୮। ସର୍ବୋତ୍ତମ—8. Best.

୯। ଉତ୍କୃଷ୍ଟତର—9. Higher; superior.

୧୦। ଗୁରୁତର—10. Greater.

ଜ୍ୟାରୋପ—ସଂ. ବି. (ଜ୍ୟା + ଆରୋପ; ୬ଷ୍ଠୀ ତତ୍) —ଧନୁରେ ଗୁଣ ଚଢ଼ାଇବା—Stringing of a bow.
Jyāropa

ଜ୍ୟାରୋପଣ—ସଂ. ବି. (ଜ୍ୟା+ଆରୋପଣ; ୬ଷ୍ଠୀ ତତ୍) —ଧନୁରେ ଗୁଣ ଚଢ଼ାଇବା—Stringing of a bow.
Jyāropaṇa

ଜ୍ୟୁଜୁତ୍ସୁ—ବୈଦେ. (ଯାପାନୀ) ବି. (ମୂଳ. ସଂ. ଯୁଯୁତ୍ସୁ=ଯୁଦ୍ଧ କରିବାକୁ ଇଚ୍ଛୁକ) —ଯାପାନ ଦେଶ ପ୍ରଚଳିତ ଆକ୍ରମଣାର୍ଥ ଓ ଆତ୍ମରକ୍ଷାର୍ଥ ପ୍ରଯୁଜ୍ୟ ଅଙ୍ଗଚାଳନ—
Jyujutsu
Japaneese gymnastics used for attack and defence.

ଜ୍ୟେଷ୍ଠ—ସଂ. ବିଣ. ପୁଂ. (ପ୍ରଶସ୍ୟ ବା ବୃଦ୍ଧ + ଅତି ଅର୍ଥରେ ଇଷ୍ଠ; ନିପାତନ) —ବୃଦ୍ଧତମ; ଅତି ବୃଦ୍ଧ—Oldest.
Jyeshṭha
(ଜ୍ୟେଷ୍ଠା—ସ୍ତ୍ରୀ)
(କନିଷ୍ଠ—ବିପରୀତ)

ଜ୍ୟେଷ୍ଠତାତ—ସଂ. ବି. ପୁଂ. (ଜ୍ୟେଷ୍ଠ+ତାତ; କର୍ମଧା) —ବଡ଼ବାପ; ଦେଠା; ଦେଢ଼ୁତା—Father's elder brother; elder paternal uncle.
Jyeshṭha-tāta

ଜ୍ୟେଷ୍ଠବର୍ଣ୍ଣ—ସଂ ବି. (ଜ୍ୟେଷ୍ଠ + ବର୍ଣ୍ଣ; କର୍ମଧା) —ହିନ୍ଦୁମାନଙ୍କର ଚତୁର୍ବର୍ଣ୍ଣ ମଧ୍ୟରେ ଉତ୍କୃଷ୍ଟ ବର୍ଣ୍ଣ ବା ଜାତି; ବ୍ରାହ୍ମଣଜାତି—The Brāhmaṇa caste amongst the Hindus.
Jyeshṭha-barṇṇa

ଜ୍ୟେଷ୍ଠଶ୍ୱଶ୍ରୂ—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠା + ଶ୍ୱଶ୍ରୂ; କର୍ମଧା) —ବଡ଼ଶାଶୁ; ପତ୍ନୀର ବଡ଼ ଭଉଣୀ—Wife's elder sister.
Jyeshṭā-śwaśrū

ଜ୍ୟେଷ୍ଠା—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠ+ଆ) —
Jyeshṭhā · ୧। ହିନ୍ଦୁ ଜ୍ୟୋତିଷୋକ୍ତ ୨୭ ଗୋଟି ନକ୍ଷତ୍ର ମଧ୍ୟରୁ ଅଷ୍ଟାଦଶ ନକ୍ଷତ୍ର (ନକ୍ଷତ୍ର ଶବ୍ଦେ ନୋଟ ଦେଖ) —
1. Scorpion's body or back; the name of the 18th star of Hindu astronomy; the 18th lunar mansion (Hindu astronomy).

୨। ଗୃହଗୋଧିକା; ଝିଟିପିଟି—
2. The common house-lizard.

୩। ହାତର ମଝି ଅଙ୍ଗୁଠି—
3. The middle fingurr of the hand.

୪। ଗଙ୍ଗାନଦୀ—4. The river Gaṅgā.

୫। ଅଲକ୍ଷ୍ମୀ; ଲକ୍ଷ୍ମୀଙ୍କ ବଡ଼ ଭଉଣୀ—5 The Goddess of misfortune; the elder sister of Laksmi.

୬। ପ୍ରଥମବିବାହିତା ସ୍ତ୍ରୀ (ମନୁ. ୯।୧୨୨) —
6. The eldest wife (M. W).

୭। ସ୍ତ୍ରୀମାନଙ୍କ ମଧ୍ୟରୁ ଯେଉଁ ସ୍ତ୍ରୀକୁ ସ୍ୱାମୀ ବେଶି ଦେଖି ପାରନ୍ତି; ସୁଭଗା ସ୍ତ୍ରୀ—7. A preferred wife (M. W); the most favourite wife.

୮। ବାର୍ହସ୍ପତ୍ୟ ଦ୍ୱାଦଶ ବର୍ଷମାନଙ୍କର ଅଷ୍ଟମ ବର୍ଷ—
8. The 18th year in the Jupiter's cycle of years (M. W).

୯। ତନ୍ତ୍ରୀବିଶେଷ; ତାରଯୁକ୍ତ ବାଦ୍ୟ ଯନ୍ତ୍ରବିଶେଷ—
9. A kind of stringed musical instrument (M, W).

ସଂ. ବିଣ. ସ୍ତ୍ରୀ—ଜ୍ୟେଷ୍ଠର ସ୍ତ୍ରୀଲିଙ୍ଗ—
Feminine of Jyeshṭha.

জ্যেষ্ঠাংশ ଦେ. ବି. (ସଂ. ଜ୍ୟେଷ୍ଠାଂଶ) —୧ ଜ୍ୟେଷ୍ଠାଂଶ; ହିନ୍ଦୁ
जेठांश ସ୍ମୃତି ଅନୁସାରେ ଜ୍ୟେଷ୍ଠ ପୁତ୍ର ଅନ୍ୟ ପୁତ୍ରମାନଙ୍କ ଅପେକ୍ଷା ପୈତୃକ ସମ୍ପତ୍ତିରୁ ପାଇବା ଅଧିକା ଭାଗ—
1. A largest share in the paternal property which devolves on the eldest brother during partition; the property in excess claimed by the eldest brother according to the Hindu law out of the paternal property during partition.

୨। ଜ୍ୟେଷ୍ଠ ପୁତ୍ର ସମସ୍ତ ପୈତୃକ ସମ୍ପତ୍ତିରେ ଅଧିକାରୀ ହେବା ପ୍ରଥା, ଯଦ୍ଦ୍ୱାରା ଅନ୍ୟ ପୁଅମାନେ କେବଳ ଖୋରାକ-ପୋଷାକ ପାଆନ୍ତି—2. Primogeniture.

ଜ୍ୟେଷ୍ଠାଂଶ—ସଂ. ବି. (ଜ୍ୟେଷ୍ଠ+ଅଂଶ; କର୍ମଧା; କିମ୍ବା ୬ଷ୍ଠୀ ତତ୍) —ହିନ୍ଦୁଶାସ୍ତ୍ର ଅନୁସାରେ ପୈତୃକ ସମ୍ପତ୍ତିରୁ ବଡ଼ ଭାଇ ସାନଭାଇମାନଙ୍କଠାରୁ ପାଇବା ଅଧିକା ଅଂଶ—
Jyeshṭhāṁśa
The extra share of the paternal property which devolves on the eldest brother in excess of the regular shares of other brothers in partition (Hindu law).

ଜ୍ୟେଷ୍ଠାମ୍ବୁ—ସଂ. ବି. (ଜ୍ୟେଷ୍ଠ+ଅମ୍ବୁ) —ଚାଉଳଧୁଆ ପାଣି—Water obtained after washing rice. (before cooking).
Jyeshṭhāmbu

ଜ୍ୟେଷ୍ଠାଶ୍ରମ—ସଂ. ବି. (ଜ୍ୟେଷ୍ଠ + ଆଶ୍ରମ; କର୍ମଧା) —ଗୃହସ୍ଥାଶ୍ରମ—The status of a householder.
Jyeshṭhāśrama

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯୁ	ଙ୍ଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଞ	ଢ଼

ଜ୍ୟେଷ୍ଠାଶ୍ରମୀ—ସଂ. ବି. (ଜ୍ୟେଷ୍ଠ+ଆଶ୍ରମ+ଇନ୍; ୧ମା. ୧ବ.)—ଗୃହସ୍ଥ; ଗୃହୀ—A house-holder.
Jyeshthāśramī

[ଦ୍ର—ହିନ୍ଦୁମାନଙ୍କର ଅନ୍ୟାନ୍ୟ ଆଶ୍ରମସ୍ଥ ବ୍ୟକ୍ତିମାନଙ୍କୁ ଗୃହସ୍ଥାଶ୍ରମୀ ବ୍ୟକ୍ତିମାନେ ପୋଷିବାରୁ ଗୃହସ୍ଥାଶ୍ରମ ଅନ୍ୟ ସବୁ ଆଶ୍ରମ ଅପେକ୍ଷା ଉତ୍କୃଷ୍ଟ ବା ଜ୍ୟେଷ୍ଠ ବୋଲି ଶାସ୍ତ୍ର ନିର୍ଦ୍ଦେଶ କରିଅଛି ।]

ଜ୍ୟେଷ୍ଠିମଧୁ—ଦେ. ବି—(ସଂ. ଯଷ୍ଟିମଧୁ) ଯାଠିମଧୁ (ଦେଖ)
Jyeshṭhi-madhu — Jāṭhimadhu (See)

ଜ୍ୟେଷ୍ଠୀ—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠ+ସ୍ତ୍ରୀ. ଈ)—ଝିଟିପିଟି; ଗୃହଗୋଧିକା—The common house-lizard.
Jyeshṭhī

ଜୈଷ୍ଠ—ସଂ.ବି. (ଜ୍ୟେଷ୍ଠା + ତଦ୍ୟୁକ୍ତ ମାସାର୍ଥେ.ଅ)—ଜ୍ୟେଷ୍ଠାନକ୍ଷତ୍ର-ଯୁକ୍ତ ପୂର୍ଣ୍ଣିମାବିଶିଷ୍ଟ ଚାନ୍ଦ୍ରମାନ ମାସ; ବୈଶାଖର ପରବର୍ତ୍ତୀ ମାସ—The lunar month folowing the month of Baiśākha (May-June).
Jyaishṭha

ଜୈଷ୍ଠୀ—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠା+ଯୁକ୍ତାର୍ଥେ. ଅ+ସ୍ତ୍ରୀ. ଈ.)—ଜ୍ୟେଷ୍ଠାନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା; ଜୈଷ୍ଠପୂର୍ଣ୍ଣିମା; ଦେବସ୍ନାନ ପୂର୍ଣ୍ଣିମା—The full-moon day of the month Jyaishṭha.
Jyaishṭhī

ଜୈଷ୍ଠ୍ୟ—ସଂ. ବି. (ଜ୍ୟେଷ୍ଠ+ଭାବେ. ଯ)—ଜ୍ୟେଷ୍ଠତ୍ୱ; ଶ୍ରେଷ୍ଠତ୍ୱ—State of being eldest or best.
Jyaishṭhya

ଜ୍ୟୋତି—ଦେ. ବି. (ସଂ. ଜ୍ୟୋତିଷ୍)—୧ । ଜ୍ୟୋତିଃ (ଦେଖ)
Jyoti — 1. Jyotiḥ (See)

୨ । (ଯୋଗସାଧକଙ୍କ ବ୍ୟବହୃତ ପରିଭାଷା)—ଚକ୍ଷୁ—2. Eye.

[ଦ୍ର—ଊର୍ମି, ଧୂର୍ମି, ଜ୍ୱାଳା (ଦେଖ) ।]

ଜ୍ୟୋତିଃ—ସଂ.ବି. ସ୍ତ୍ରୀ. (ଜ୍ୟୋତିଷ୍ ଶବ୍ଦ) (ଦ୍ୟୁତ ଧାତୁ=ଦୀପ୍ତି ପାଇବା + କର୍ତ୍ତୃ. ଇସ୍; ନିପାତନ)—
Jyotiḥ

୧ । ଆଲୋକ—1. Light.
୨ । ତେଜଃ—2. Lustre; glare.
୩ । ଗ୍ରହନକ୍ଷତ୍ରାଦି—3. Luminous bodies; luminaries
୪ । ନକ୍ଷତ୍ର—4. Star.
୫ । ଆଖିର ପିତୁଳା—5. The pupil of the eye.
୬ । ଚୈତନ୍ୟ—6. Consciousness.
୭ । ଆତ୍ମା—7. Soul.
୮ । ଜ୍ୟୋତିଃଶାସ୍ତ୍ର—8. Astronomy; astrology.
୯ । ଅଗ୍ନି—9. Fire.
୧୦ । ସୂର୍ଯ୍ୟ—10. The sun.
୧୧ । ପୁତ୍ର—11. Son.
୧୨ । ଶିଖା—12. Flame.
୧୩ । ଦୀପ୍ତି; ଜ୍ୱାଳା—13 Splendour; brilliance.
୧୪ । ମେଥି—14. Fenugreek; Trigonella Foenum Graekum.

ଜ୍ୟୋତିଃଶାସ୍ତ୍ର—ସଂ. ବି. (ଜ୍ୟୋତିଃ + ଶାସ୍ତ୍ର)—୧ । ଜ୍ୟୋତିଷ ଶାସ୍ତ୍ର; ଗ୍ରହ ନକ୍ଷତ୍ରାଦିବିଷୟକ ବିଜ୍ଞାନ—1. The science of stars and planets.
Jyotiḥ-śāstra

୨ । ଗଣିତ ଜ୍ୟୋତିଷ; ଯେଉଁ ଶାସ୍ତ୍ରଦ୍ୱାରା ଗ୍ରହନକ୍ଷତ୍ରମାନଙ୍କର ସ୍ଥିତି, ଗତି, ସଞ୍ଚାର, ଗ୍ରହଣ, କକ୍ଷ ଇତ୍ୟାଦି ନିର୍ଣ୍ଣୀତ ହୁଏ—2. Astronomy.

୩ । ଫଳିତ ଜ୍ୟୋତିଷ; ଯଦ୍ଦ୍ୱାରା ଗ୍ରହନକ୍ଷତ୍ରଙ୍କ ଗତିବିଧି ଆଦି ମନୁଷ୍ୟମାନଙ୍କ ଜୀବନ ଉପରେ ଫଳାଇବା ପ୍ରଭାବ ଜଣା ଯାଏ—3. Astrology.

[ଦ୍ର—ଜ୍ୟୋତିଃଶାସ୍ତ୍ରର ୩ ଗୋଟି ଶାଖା ଅଛି, ଯଥା—
୧ । ଗଣିତ ବା ତନ୍ତ୍ର—(ଏଥିରେ ଗ୍ରହନକ୍ଷତ୍ରଙ୍କ ଗତି, ସ୍ଥିତି ଆଲୋଚିତ ହୋଇଥାଏ ।
୨ । ହୋରା ବା ଅଙ୍ଗବିନିଶ୍ଚୟ—(ଏଥିରେ ଜନ୍ମ, ଯାତ୍ରା ଓ ବିବାହାଦି ବିବେଚିତ ହୁଏ ।)
୩ । ସଂହିତା ।]

ଜ୍ୟୋତିପୁର—ଦେ. ବି (ସଂ. ଜ୍ୟୋତିର୍ମୟପୁର)—ପରଂବ୍ରହ୍ମର ବାସସ୍ଥାନ—The imaginary abode of the Brahma.
Jyoti-pura

ଏତେ ପୃଥିବୀ ତଳେ ଥିଲ, ଜ୍ୟୋତିପୁରକୁ ଗଲା ମାତ୍ର—
ପ୍ରାଚୀ, ନିର୍ଗୁଣମାହାତ୍ମ୍ୟ ।

ଜ୍ୟୋତିମଣ୍ଡଳ—ଦେ. ବି (ସଂ. ଜ୍ୟୋତିର୍ମଣ୍ଡଳ)—ଜ୍ୟୋତିର୍ମଣ୍ଡଳ; ବ୍ରହ୍ମର କଳ୍ପିତ ଜ୍ୟୋତିର୍ମୟ ପୁର—The maginary abode of the Brahma.
Jyoti-maṇḍaḻa

ସେ ଜ୍ୟୋତିମଣ୍ଡଳ ବାରତା, କହିଲେ କ ସରେ ବେବସ୍ଥା—
ପ୍ରାଚୀ, ନିର୍ଗୁଣମାହାତ୍ମ୍ୟ ।

ଜ୍ୟୋତିମୟ—ଦେ. ବିଣ (ସଂ. ଜ୍ୟୋତିର୍ମୟ)—ଜ୍ୟୋତିର୍ମୟ (ଦେଖ)
Jyoti-maya — Jyotirmaya (See)

ବ୍ରହ୍ମା ନିକଟେ ହୋଇ ଭକ୍ତ, ଦିଶି ଜ୍ୟୋତିମୟ ପ୍ରଭୁ—
ପ୍ରାଚୀ, ନିର୍ଗୁଣମାହାତ୍ମ୍ୟ ।

ଜ୍ୟୋତିର୍ବିଜ୍ଞାନ—ସଂ. ବି.—ଜ୍ୟୋତିଃଶାସ୍ତ୍ର (ଦେଖ)
Jyotirbijñana — Jyotiḥ-śāstra (See)

ଜ୍ୟୋତିର୍ବିଦ୍—ସଂ. ବିଣ. ପୁଂ. (ଜ୍ୟୋତିଃ+ବିଦ୍ ଧାତୁ + କର୍ତ୍ତୃ. କ୍ୱିପ୍ ୧ମା. ୧ବ.)—ଜ୍ୟୋତିଷ ଶାସ୍ତ୍ରଜ୍ଞ; ଦୈବଜ୍ଞ—Astronomer; astrologer.
Jyotirbid

ଜ୍ୟୋତିର୍ବିଦ୍ୟା—ସଂ. ବି. (ଜ୍ୟୋତିଃ + ବିଦ୍ୟା)—ଜ୍ୟୋତିଃଶାସ୍ତ୍ର (ଦେଖ)
Jyotirbidyā — Jyotiḥ-śāstra (See)

ଜ୍ୟୋତିର୍ବେତ୍ତା—ସଂ. ବିଣ. ପୁଂ. (ଜ୍ୟୋତିଃ + ବିଦ୍ ଧାତୁ + କର୍ତ୍ତୃ. ତୃ; ୧ମା. ୧ବ.)—ଜ୍ୟୋତିର୍ବିଦ୍ (ଦେଖ)
Jyotirbettā — Jyotirbid (See)

ଜ୍ୟୋତିରିଙ୍ଗ—ସଂ. ବି. (ଜ୍ୟୋତିଃ + ଇନଗ୍ ଧାତୁ = ଗମନ କରିବା + କର୍ତ୍ତୃ. ଅ)—ଖଦ୍ୟୋତ; ଜୁଳୁଜୁଳିଆ ପୋକ—
Jyotiriṅga — Glow-worm; fire-fly.

ଜ୍ୟୋତିରିଙ୍ଗଣ—ସଂ. ବି. (ଜ୍ୟୋତିଃ+ଇନଗ୍ ଧାତୁ=ଗମନ କରିବା + କର୍ତ୍ତୃ. ଅନ)—ଖଦ୍ୟୋତ; ଜୁଳୁଜୁଳିଆ ପୋକ—
Jyotiriṅgaṇa — Fire-fly; glow-worm.

ଜ୍ୟୋତିର୍ମ୍ମଣ୍ଡଳ—ସଂ. ବି. (ଜ୍ୟୋତିଃ+ମଣ୍ଡଳ; ୬ଷ୍ଠୀ ତତ୍)—
Jyotirmmaṇḍaḷa ୧ । ଗ୍ରହ ନକ୍ଷତ୍ରାଦିଙ୍କ ସଞ୍ଚାରସ୍ଥଳ; ଆକାଶମଣ୍ଡଳ—1. The stellar regions; the celestial sphere.
(ଜ୍ୟୋତିର୍ମଣ୍ଡଳ—ଅନ୍ୟରୂପ)
୨ । ଯାବତୀୟ ଜ୍ୟୋତିର୍ମୟ ପଦାର୍ଥର ସମଷ୍ଟି—
2. The aggregate of all luminous things.

ଜ୍ୟୋତିର୍ମ୍ମୟ—ସଂ. ବିଣ. ପୁଂ. (ଜ୍ୟୋତିଃ + ପ୍ରାଚୁର୍ଯ୍ୟାର୍ଥ ମୟ)—
Jyotirmmaya ୧ । ଦୀପ୍ତିଶାଳୀ—
(ଜ୍ୟୋତିର୍ମ୍ମୟୀ—ସ୍ତ୍ରୀ) 1. Lustrous; very bright.
(ଜ୍ୟୋତିର୍ମୟ—ଅନ୍ୟରୂପ) ୨ । ଜ୍ୟୋତିଃପୂର୍ଣ୍ଣ—2. Full of light.

ଜ୍ୟୋତିର୍ଲିଙ୍ଗ—ସଂ. ବି. (ନାମ)—ଶିବଲିଙ୍ଗ ବିଶେଷ—
Jyotirliṅga Name of a Siba-linga.
[ଦ୍ର—ଶିବପୁରାଣମତେ ସୋମେଶ୍ୱର, କେଦାରନାଥ ପ୍ରଭୃତି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ । ଏ ସ୍ଥାନମାନ ଗୋଟିଏ ଗୋଟିଏ ତୀର୍ଥସ୍ଥାନ । ମଦନମୋହନ ତୀର୍ଥଦର୍ପଣ ୧ମ ଭାଗ ।]

ଜ୍ୟୋତିଶ୍ଚକ୍ର—ସଂ. ବି. (ଜ୍ୟୋତିଃ+ଚକ୍ର; ୬ଷ୍ଠୀ ତତ୍)—
Jyotischakra ୧ । ଚନ୍ଦ୍ରସୂର୍ଯ୍ୟାଦି ସବୁ ନକ୍ଷତ୍ରସମୂହ—
1. The heavenly bodies.
୨ । ଜ୍ୟୋତିଷ ଶାସ୍ତ୍ରୋକ୍ତ ରାଶି ଚକ୍ର—2. (Astrology) The zodiac; the circle bearing the 12 zodiacal signs; the sidereal heavens.

ଜ୍ୟୋତିଷ—ସଂ. ବି. (ଜ୍ୟୋତିଃ+ସମ୍ବନ୍ଧାର୍ଥେ. ଅ)—
Jyotisha ଜ୍ୟୋତିଃଶାସ୍ତ୍ର (ଦେଖ)
Jyotiḥśāstra (See)
ଦେ. ବି.—ଜ୍ୟୋତିଷ ନାୟକ (ଦେଖ)
Jyotisha-nāyaka (See)

ଜ୍ୟୋତିଷଚକ୍ର—ସଂ. ବି. (ଜ୍ୟୋତିଷ+ଚକ୍ର,୬ଷ୍ଠୀ ତତ୍)—
Jyotisha-chakra ରବିମାର୍ଗ ଯେଉଁ ତାରାରାଶି ମଧ୍ୟ ଦେଇ ଯାଇ ଅଛି; ରାଶିଚକ୍ର—The zodiac.

ଜ୍ୟୋତିଷ ନାୟକ—ଦେ. ବି. — ଜ୍ୟୋତିଃଶାସ୍ତ୍ରବ୍ୟବସାୟୀ ଓଡ଼ିଆ
Jyotisha nāyaka ନାୟକ ଜାତି—A caste of astrologers in Orissa.

ଜ୍ୟୋତିଷ ବେଧଶାଳା—ସଂ. ବି.—(ଜ୍ୟୋତିଷ+ବେଧ+ଶାଳା)—
Jyotisha bedhaśāḷā ଜ୍ୟୋତିଷସମ୍ବନ୍ଧୀୟ ପର୍ଯ୍ୟାଲୋଚନ ମନ୍ଦିର; ମାନମନ୍ଦିର—Observatory.

ଜ୍ୟୋତିଷିକ—ସଂ. ବିଣ. ପୁଂ. (ଜ୍ୟୋତିଷ୍+ଜ୍ଞାତାର୍ଥେ, ଇକ)—
Jyotishika ୧ । ଜ୍ୟୋତିର୍ବେତ୍ତା—Versed in the science of stars and planets.
୨ । ଜ୍ୟୋତିଷ ସମ୍ବନ୍ଧୀୟ—
2. Relating to astronomy or astrology.

ଜ୍ୟୋତିଷୀ—ସଂ. ବିଣ. ପୁଂ. (ଜ୍ୟୋତିଷ+ଜ୍ଞାତାର୍ଥେ ଇନ୍; ୧ମା.୧ବ.)-
Jyotishi ଜ୍ୟୋତିର୍ବେତ୍ତା—Versed in the science of stars and planets; astronomer; astrologer.
[ଦ୍ର—ଆମ୍ଭମାନଙ୍କ ଦେଶରେ ଗୋଟିଏ ବିଶିଷ୍ଟ ଜାତି (ଜ୍ୟୋତିଷ ନାୟକ) ଫଳିତ ଜ୍ୟୋତିଷ ବିଦ୍ୟାକୁ ବଂଶପରମ୍ପରାକ୍ରମେ ଆଲୋଚନା କରନ୍ତି ।]

ଜ୍ୟୋତିଷ୍କର—ସଂ. ବି. (ଜ୍ୟୋତିଃ+କୃ ଧାତୁ+କର୍ତ୍ତୃ. ଅ)—
Jyotishkara ୧ । ଗ୍ରହନକ୍ଷତ୍ରାଦି ଜ୍ୟୋତିର୍ମ୍ମୟ ପଦାର୍ଥ—
A planet; a star; a luminary.
୨ । ଚିତ୍ରକ ବୃକ୍ଷ (ଦେଖ)
3. Chitraka (See)
୩ । ଗଣିକାରିକା ବୃକ୍ଷ (ଦେଖ)
3. Gaṇikārikā (See)
୪ । ମେଥିକା ଶାକ—
4. The seed of fenugreek.
୫ । ମେରୁ ଶୃଙ୍ଗ ବିଶେଷ—
5. Name of a peak of the Meru mountain.

ଜ୍ୟୋତିଷ୍ଟୋମ—ସଂ. ବି. (ବହୁବ୍ରୀହି; ଜ୍ୟୋତିଃ+ସ୍ତୋମ=ସ୍ତୁତି; ଯେଉଁ
Jyotishṭoma ଯାଗରେ ଗ୍ରହନକ୍ଷତ୍ରାଦିଙ୍କ ସ୍ତବ କରାଯାଏ)—ଯଜ୍ଞ ବିଶେଷ—Name of a vedic sacrifice.
[ଦ୍ର—ଏଥିର ୧୬ ଜଣ ଋତ୍ୱିକ ଆବଶ୍ୟକ ଓ ୧୧୨ଟି ଗାଈ ଦକ୍ଷିଣା ଦିଆଯାଏ ।]

ଜ୍ୟୋତିଷ୍ପଥ—ସଂ. ବି. (୬ଷ୍ଠୀ ତତ୍; ଜ୍ୟୋତିଃ + ପଥ)—ଆକାଶ—
Jyotishpatha The sky; the stellar heavens.

ଜ୍ୟୋତିଷ୍ମନ୍ତ—ଦେ. ବି. (ସଂ. ଜ୍ୟୋତିଷ୍ମତ୍)—
Jyotishmanta ଜ୍ୟୋତିଷ୍ମାନ୍ (ଦେଖ)
Jyotishmān (See)

ଜ୍ୟୋତିଷ୍ମତୀ—ସଂ. ବି. ସ୍ତ୍ରୀ. (ଜ୍ୟୋତିଷ୍ମତ୍ + ସ୍ତ୍ରୀ. ଈ)—
Jyotishmatī ୧ । ରାତିରେ ଆଲୋକ ବିସ୍ତାରକାରୀ ବନ୍ୟ ଲତା ବିଶେଷ; ଫୁଟଫୁଟିକା ଗୁଳ୍ମ—A luminous wild plant; Cardiospermum Helicacabum. Ballon vine; winter cherry (Kirtikar) Staff tree.
ଲତାଫଟକୀ
ମାଲକାଙ୍ଗୁନୀ, କାଙ୍ଗୁନୀ
ମ. କାଙ୍ଗୋଣୀ, ଚୋଗେ,
ତେ. କାଙ୍ଗୋଣୀ, ଉଡ଼ୁଲୁ
ବ. ମାଲକାଙ୍ଗଣ

୧	ଇ	ଉ	ଋ,ଋୁ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଓଅ	ଘ
୨	ଈ	ଊ	ଋୂ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନୃ

ଯା କାଲ [ଦ୍ର—ବୈଦ୍ୟକ ମତରେ ଏହା

ସ୍ତ୍ରୀ ନାମ—କଟଭୀ, ଜ୍ୟୋତିଷ୍କା, କଙ୍ଗୁନୀ, ପାରାବତ ପଦୀ, ପଣ୍ୟା, ଲତା, କଙ୍କନୀ କଟୁ, ତିକ୍ତ ରସ, ବାୟୁ ଓ କଫନାଶକ, ରୁକ୍ଷ, ବମନକାରକ, ଦାହପ୍ରଦ, ଅଗ୍ନିବର୍ଦ୍ଧକ ଓ ମେଧାପ୍ରଦ ।]

୨ । ରାତ୍ରି—2. Night.

୩ । ଚିତ୍ରବୃତ୍ତ ବିଶେଷ—
3. Name of a pictorial composition.

ସଂ. ବିଣ. ସ୍ତ୍ରୀ—ଜ୍ୟୋତିଷ୍ମାନ୍‌ର ସ୍ତ୍ରୀଲିଙ୍ଗ—
Feminine of jyotishmān.

ଜ୍ୟୋତିଷ୍ମାନ୍—ସଂ. ବିଣ. ପୁଂ. (ଜ୍ୟୋତିଷ୍ମତ୍ ଶବ୍ଦ; ଜ୍ୟୋତିଷ୍+ଅସ୍ତି ଅର୍ଥରେ ମତ୍; ୧ମା. ୧ବ)—
Jyotishmān
(ଜ୍ୟୋତିଷ୍ମତୀ—ସ୍ତ୍ରୀ) ୧ । ଉଜ୍ଜ୍ୱଳ; ଜ୍ୟୋତିର୍ବିଶିଷ୍ଟ—
1. Bright; luminous; shining.

୨ । ରାତ୍ରିରେ ଆଲୋକ ବିକୀରଣକାରୀ—
2. Phosphorescent; glowing.

ସଂ. ବି—୧ । ସୂର୍ଯ୍ୟ—1. The sun.

୨ । କୁଶଦ୍ୱୀପର ଜଣେକ ରାଜା—2. Name of a king of the mythological Kuśa island.

ଜ୍ୟୋତ୍ସ୍ନା—ସଂ. ବି. ସ୍ତ୍ରୀ. (ଜ୍ୟୋତିଷ୍+ଅସ୍ତି ଅର୍ଥରେ ନ+ସ୍ତ୍ରୀ. ଆ)—
Jyotsnā ୧ । ଚନ୍ଦ୍ର କିରଣ; ଚନ୍ଦ୍ରିକା; ଚନ୍ଦ୍ରାଲୋକ—
1. Moonbeam.

୨ । କାନ୍ତି; ଝଟକ—2. Lustre.

୩ । ଶୋଭା—3. Grace.

ଜ୍ୟୋତ୍ସ୍ନାପକ୍ଷ—ସଂ. ବି. (ବହୁବ୍ରୀହି; ଜ୍ୟୋତ୍ସ୍ନା+ପକ୍ଷ)—
Jyotsnā-paksha ଶୁକ୍ଳ ପକ୍ଷ; ଆଲୁଅ ପକ୍ଷ—
The bright fortnight of the month ending with the full moon.

ଜ୍ୟୋତ୍ସ୍ନାପ୍ରିୟ—ସଂ. ବି. (ବହୁବ୍ରୀହି, ଜ୍ୟୋତ୍ସ୍ନା+ପ୍ରିୟ)—
Jyotsnā-priya ଚକୋର ପକ୍ଷୀ—The Himalayan Partridge; Pedrix Rufa.

ଜ୍ୟୋତ୍ସ୍ନାବୃକ୍ଷ—ସଂ. ବି. (୬ଷ୍ଠୀ ତତ୍; ଜ୍ୟୋତ୍ସ୍ନା+ବୃକ୍ଷ)—
Jyotsnā-bṛuksha ଦୀପରୁଖା; ପିଲସଜ—
A standing lamp; lamp-stand.

ଜ୍ୟୋତ୍ସ୍ନାମୟ—ସଂ. ବିଣ. (ଜ୍ୟୋତ୍ସ୍ନା+ପ୍ରାଚୁର୍ଯ୍ୟାର୍ଥେ, ମୟ)—
Jyotsnā-maya ଚନ୍ଦ୍ର କିରଣ ଦ୍ୱାରା ଆଲୋକିତ—
(ଜ୍ୟୋତ୍ସ୍ନାମୟୀ—ସ୍ତ୍ରୀ) Moonlit.

ଜ୍ୟୋତ୍ସ୍ନା ରଜନୀ—ଦେ. ବି. (ମ. ପ. ଲୋ; ଜ୍ୟୋତ୍ସ୍ନାଯୁକ୍ତ ରଜନୀ)—
Jyotsnā rajani ଶୁକ୍ଳପକ୍ଷ ରାତ୍ର—Moonlit night.

ଜ୍ୟୋତ୍ସ୍ନା ରାତ୍ରି—ଦେ. ବି. (ଜ୍ୟୋତ୍ସ୍ନାଯୁକ୍ତ ରାତ୍ରି; ମ. ପ. ଲୋ)—
Jyot-snā rātri ଶୁକ୍ଳପକ୍ଷର ରାତ୍ର—Moonlit night.

ଜ୍ୟୋତ୍ସ୍ନୀ—ସଂ. ବି. ସ୍ତ୍ରୀ. (ଜ୍ୟୋତ୍ସ୍ନା+ସ୍ତ୍ରୀ. ଈ)—
Jyot-snī ୧ । ଜ୍ୟୋତ୍ସ୍ନାମୟୀ ରାତ୍ରୀ—1. Moonlit night.

୨ । ଜହ୍ନି—2. A cocurbitacious plant and its fruit; Luffa Acutangula.

୩ । ରେଣୁକା ନାମକ ଗନ୍ଧ ଦ୍ରବ୍ୟ—
3. A sort of perfumed drug.

ଜ୍ୟୌତ୍ସ୍ନ—ସଂ. ବିଣ. (ଜ୍ୟୋତ୍ସ୍ନା+ଅ)—୧ । ଦୀପ୍ତ—
Jyaut-sna 1. Illuminated.

୨ । ଜ୍ୟୋତ୍ସ୍ନାଯୁକ୍ତ—
2. Moonlit; bright with moon-light.

ଜ୍ୟୌତ୍ସ୍ନିକା—ସଂ. ବି. ସ୍ତ୍ରୀ—(ଜ୍ୟୋତ୍ସ୍ନା+ଇକ+ଆ)—ଜହ୍ନରାତି—
Jyaut-snikā Moonlit night.

ଜ୍ୟୌତିଷ—ସଂ. ବି. (ଜ୍ୟୋତିଷ+ସ୍ୱାର୍ଥେ. ଅ)—
Jyautisha ଜ୍ୟୋତିଃଶାସ୍ତ୍ର (ଦେଖ)
Jyotiḥ-śāstra (See)

ଜ୍ୟୌତିଷିକ—ସଂ. ବିଣ. (ଜ୍ୟୋତିଷ+ତଦ୍‌ଜ୍ଞାନାର୍ଥେ, ଇକ)—
Jyautishika ୧ । ଜ୍ୟୋତିଷ ଶାସ୍ତ୍ରସମ୍ବନ୍ଧୀୟ—
1. Pertaining to astronomy or astrology

୨ । ଜ୍ୟୋତିର୍ବେତ୍ତା—
2. Versed in astronomy or astrology.

ସଂ. ବି—ଜ୍ୟୋତିର୍ବେତ୍ତା ବ୍ୟକ୍ତି—
Astronomer or Astrologer.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟାଁ' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝ

ଝ— ନବମ ବ୍ୟଞ୍ଜନବର୍ଣ୍ଣ; ଚ ବର୍ଗର ଚତୁର୍ଥ ବର୍ଣ୍ଣ; ଏହାର ଉଚ୍ଚାରଣ ସ୍ଥାନ ତାଳୁ—The 9th consonant represented by the sound Jh (palatal).
Jha

ଝ—ସଂ. ବି. (ଝଟ୍ ଧାତୁ = ଏକତ୍ର କରିବା + କର୍ତ୍ତୃ. ଅ)—
Jha
୧ । ଝଞ୍ଜାବାତ—1. Hurricane; tornado.
୨ । ଜଳବର୍ଷଣ—2. Heavy rain; outpour.
୩ । ଧ୍ୱନି—3. A sound.
୪ । ବୃହସ୍ପତି; ସୁରଗୁରୁ—
4. Bruhaspati, the preceptor of the Gods.
୫ । ଇନ୍ଦ୍ର—5. Indra.
୬ । ଦୈତ୍ୟରାଜ—6. A king of demons.
ସଂ. ବିଣ—୧ । ନିଦ୍ରିତ—1. Asleep; sleeping.
୨ । ନଷ୍ଟ—2. Spoiled.

ଝଅଁଝଅଁ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଇଁଝାଇଁ (ଦେଖ)
Jha-añ-jha-añ — Jhāiñ-jhāñ (See)

ଝଅକମାରି—ଦେ. ବି—ଝକମାରି (ଦେଖ)
Jha-aka-māri — Jhaka-māri (See)

ଝଅକ ମାରିବା—ଦେ. କ୍ରି—ଝକ ମାରିବା (ଦେଖ)
Jha-aka māribā — Jhaka māribā (See)

ଝଁଝଁ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଇଁଝାଇଁ (ଦେଖ)
Jhañ-jhañ — Jhāiñ-jhāiñ (See)

ଝକ୍‌ଝକ୍—ଦେ. ବି (ସଂ. ଚକଧାତୁ = ଦୀପ୍ତି)—୧ । ଦୀପ୍ତି; କାନ୍ତି; ଝଟକ—
Jhak-jhak — 1. Glitter; glare.
झकझक
୨ । (ଧ୍ୱନ୍ୟନୁକରଣ) ଧକମାଡ; ସର୍ବଦା କଳହ—
झकझक — 2. Constant loud quarrelling; bickering.
୩ । ଦରଦାମ ବିଷୟରେ ଉପର୍ଯ୍ୟୁପରି ଓଜର ଆପତ୍ତି—
3. Higgling and haggling.
ଦେ. ବିଣ—୧ । ଦୀପ୍ତିଶାଳୀ; ଝଟକୁଥିବା; ଜକଜକ—
1. Sparkling; glittering; shining; glaring.
୨ । କଳିହୁଡ଼ା; ସର୍ବଦା କଳହ କରୁଥିବା—
2. Quarrelsome; wrangling.
୩ । ବାରମ୍ବାର କଥା କହୁଥିବା; ବାଚାଳକ—
3. Garrulous; talkative.
୪ । ଯେ ପଣ୍ୟାଦି ଦ୍ରବ୍ୟର ମୂଲ୍ୟ ଅଧିରେ ବହୁତ ଓଜର ଆପତ୍ତି କରେ—4. Higgling and haggling.
ଦେ. କ୍ରି. ବିଣ—ଜକଜକ ହୋଇ—
In a glittering manner; brightly.
ତୋଳେ ଝକଝକ ପୃଷ୍ଠେ ଫଳକ ବର୍ତ୍ତୁଳ—ରାଧାନାଥ, ବେଣୀସଂହାର ।

ଝକଝକିଆ—ଦେ. ବିଣ. ପୁଂ—୧ । କଳିହୁଡ଼ା—
Jhaka-jhakiā — 4. Wrangling; quarrelsome.
ঝগড়াটে
୨ । ଯେ ଦରଦାମରେ ବହୁତ ଓଜର ଆପତ୍ତି କରେ;
झकझकिया — 2. Higgling and haggling.

ଝକଝକୀ } ସ୍ତ୍ରୀ.
ଝକଝକେଇ }
ଦେ. ବିଣ (ସଂ. ଚକଧାତୁ)—ଝଟକୁଥିବା—
Glittering.

ଝକଝକିବା—ଦେ. (ପଦ୍ୟ) କ୍ରି. (ସଂ. ଚକଧାତୁ)—
Jhaka-jhakibā — ଝଟକିବା; ଜକଜକ ଦିଶିବା—
To glitter; to shine.
ଝକଝକେ ଅସ୍ତ୍ର ପ୍ରଦୋଷ କିରଣେ । ରାଧାନାଥ. ଚନ୍ଦ୍ରଭାଗା ।

ଝକ—ଦେ. ବି—କାନ୍ତି; ଦୀପ୍ତି; ଚମକ; ଝଟକ—
Jhaka — Glitter; glare.
ঝক — ହେବାରୁ ବ୍ୟାପିଲା ଝକ ପ୍ରଭାବରେ ଲୁଟିବା ଭଳିଆ ମନ ।
झकझकाहट — ଭଞ୍ଜ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

ଝକଦେହା—ଦେ. (ପଦ୍ୟ) ବିଣ. ସ୍ତ୍ରୀ—ଉଜ୍ଜ୍ୱଳ ଦେହକାନ୍ତିବିଶିଷ୍ଟ—
Jhaka-dehā — Having a bright body.
ହାଟକ ରୂପ ଜିଣିବାକୁ ଯାହା
ହଠ କରୁଅଛ ସେ ଝକଦେହା । କବିସୂର୍ଯ୍ୟ, ଚନ୍ଦ୍ରକଳା ।

ଝକମକ—ଦେ. ବି—ଦୀପ୍ତିଶାଳୀ; ଜାଜ୍ୱଲ୍ୟମାନ—
Jhaka-maka — Glittering; glaring; shining.
ঝকমক — କଉସ୍ତୁଭ ସମ କରେ ଝକମକ
झकामक — ପ୍ରତି ବିଡବକ୍ଷେ ଚନ୍ଦ୍ରମା ପଦକ । ରାଧାନାଥ, ଚନ୍ଦ୍ରଭାଗା ।

ଝକମକି—ଦେ. ବି. (ସଂ. ଚକ ଧାତୁ = ଦୀପ୍ତି + ମକ୍ ର ଧାତୁ = ଦୀପ୍ତି)—
Jhakamaki — ୧ । ଅଗ୍ନିସ୍ଫୁଲିଙ୍ଗ ଉତ୍ପାଦକ ପ୍ରସ୍ତର ଖଣ୍ଡ; ଚକମକି-
চকমকী — (ଯହିଁରେ ଲୁହା ବା ଦାଉଆ ପଥର ଆଘାତ କଲେ
चकमक — ନିଆଁ ଝଡ଼େ)—
1. Flint-stone; fire-stone.
[ଦ୍ର—ଦିଆସିଲିର ଏ ଦେଶରେ ପ୍ରଚଳନ ନ ଥିବା ସମୟରେ ଲୋକେ ଝକମକି ସାହାଯ୍ୟରେ ଅଗ୍ନିସ୍ଫୁଲିଙ୍ଗ ଝାଡ଼ି, ତାକୁ ସୋଲ ଉପରେ ପକାଇ ନିଆଁକୁ ଧରୁଥିଲେ ।]
୨ । ଝକମକି ପଥର ଓ ତହିଁରୁ ନିଆଁ ବାହାର କରିବା ପାଇଁ ବ୍ୟବହୃତ ଅନ୍ୟ ପଥର ବା ଲୁହା—
2. Flint and steel.
চকমকী বংধুক — ୩ । ଚକମକି ବନ୍ଧୁକ; ଯେଉଁ ବନ୍ଧୁକ ମଧ୍ୟସ୍ଥ
चकमाकी बंदुक — ବାରୁଦରେ ନିଆଁ ଲଗାଇବା ପାଇଁ ସଳିତା ଦରକାର ହୁଏ ନାହିଁ, ଘୋଡ଼ାକୁ ଚିପିଲେ ନିଆଁ ବାହାରି ବାରୁଦରେ ଲାଗେ—
3. Flint-lock; a gun or pistol having a flint fixed on the hammer which, on striking the steel, ignites the priming.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଙ୍ଗ	ଞ୍ଚ	ଣ୍ଟ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଙ୍ଖ	ଞ୍ଜ	ନ୍ତ

୪ । ଦୀପ୍ତି—4. Glare; glitter; lustre.

ଝକମକିଆ—ଦେ. ବିଣ—ଜାଜ୍ୱଲ୍ୟମାନ; କାନ୍ତିବିଶିଷ୍ଟ—
Jhakamakiā Shining; glittering; burnished.
झकमके
झकाझक

ଝକମକି ଝାଡ଼ିବା—ଦେ. କ୍ରି—ଝକମକି ମାରିବା (ଦେଖ)
Jhakamaki jhār̲diba Jhakamaki māribā (See)

ଝକମକି ନଳୀ—ଦେ. ବି—ଝକମକି (୩) (ଦେଖ)
Jhakamaki na̲li Jhakamaki (3) (See)
(ଝକମକି ବନ୍ଧୁକ—ଅନ୍ୟରୂପ)

ଝକମକି ପଥର—ଦେ. ବି— ଝକମକି (୧) (ଦେଖ)
Jhakamaki pathara Jhakamaki (1) (See)

ଝକମକି ମାରିବା—ଦେ. କ୍ରି—ଝକମକି ପଥରରେ ଲୁହା ଅଘାତ କରି
Jhakamaki māribā ତହିଁରୁ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ କରାଇବା—
चकमकी झाड़ा To strike out fire from flint.
चकमक मारना

ଝକମକି ମୁଣି—ଦେ. ବି—ଯେଉଁ ମୁଣିରେ ଝକମକି ପଥର ଓ ତହିଁରୁ
Jhakamaki muṇi ନିଆଁ ଝାଡ଼ିବାପାଇଁ ଖଣ୍ଡିଏ ଲୁହା ବା ଦାନ୍ତୁଆ ପଥର ଓ ଝଡ଼ିବା ନିଆଁକୁ ଧରିବା ପାଇଁ ସୋଲ ଥାଏ—A small bag containing flints, steel and tinder; tinder-bag.
[ଦ୍ର—ପୂର୍ବେ ପିକାଖିଆ ଲୋକେ ସବୁବେଳେ ଝକମକି ମୁଣି ସାଙ୍ଗରେ ରଖୁଥିଲେ ।]

ଝକମାରି—ଦେ. ବି—୧ । ଭୁଲ; ଦୋଷ; ନିଜକୃତ ଅପରାଧ—
Jhaka-māri 1. Mistake; fault; shortcoming.
झकमारी ୨ । ଅବିବେଚନାର କାର୍ଯ୍ୟ—
नादानी, लाचारी 2. A thoughtless act; levity of conduct.
୩ । ନିର୍ବୋଧତା; ବେକୁବି—3. Foolishness; folly.
୪ । ଅନୁତାପ—4. Regret; repentance.
୫ । ନାଚାରି; ଉପାୟାନ୍ତର ନ ଥିବା ଅବସ୍ଥା—
5. Utter helplessness.
୬ । ନିଜକୃତ ଦୋଷ ବା ତ୍ରୁଟିର ସ୍ୱୀକାର—
6. Admission of one's fault or mistake.
ଦେ. ବିଣ—ତ୍ରୁଟିଯୁକ୍ତ; ଅବିବେଚକ; ବିଶୃଙ୍ଖଳ (କର୍ମ)—
Faulty; foolish (act); thoughtless; nonsensical.

ଝକ ମାରିବା—ଦେ. କ୍ରି—୧ । ବେକୁବି କାର୍ଯ୍ୟ କରିବା—
Jhaka māribā 1. To do a foolish thing; to commit a folly.
झक मारा
खेह मारना; झख मारना ୨ । ସମୟ ବୃଥା ନଷ୍ଟ କରିବା—
2. To waste time.
୩ । ନିଜର ବେକୁବି ବା ତ୍ରୁଟି ସ୍ୱୀକାର କରିବା—
3. To admit one's folly or fault.
ଝକମାରି ଏ ସକଳ କରିବେ କିର । ଭ୍ରକାଶ. ଗୀତଲହରୀ ।
୪ । ନିଜକୃତ ଦୋଷ ବା ଅପରାଧ ନିମନ୍ତେ ଅନୁତାପ କରିବା—
4. To repent for one's folly or fault.
୫ । ନିଜର କାର୍ଯ୍ୟ ବା କଥାକୁ ପ୍ରତ୍ୟାଖ୍ୟାନ କରିବା—
5. To retract one's acts or words.
୬ । ନିଜର କର୍ମ ଯୋଗୁଁ କଷ୍ଟ ବା ଦୁଃଖ ଭୋଗ କରିବା—
6. To suffer for one's own action; to get into trouble; to get into an awkward predicament.
ଝକମାରିଲି, ନଡ଼ିଆ ଗଛରେ ମୁଣ୍ଡମାରିଲି,
ଗୁହ୍ନକାଦ ପାଣି ପେଟେ ପିଇଲି । ଶିଶୁବଚନ ।

ଝକାଝକ୍—ଦେ. ବି. (ସଂ. ଧୃଷ ଧାତୁ=ନାଶନ; ଯୋଗେଷ୍ଟନ୍)—
Jhakājhak ୧ । ଟଣାଟଣି; ଟଣାଓଟରା—
झकाझकि 1. Mutual pulling; tugging.
झकझोर ୨ । ଟଣାଟଣି ପୂର୍ବକ ବିବାଦ; ଫଉଜଦାରୀ—
2. Affray; brawl.
୩ । ଅନ୍ୟୋନ୍ୟରେ କଳିକଜିଆ ବା ଉଚ୍ଚୈଃସ୍ୱରରେ ବିବାଦ—
3. Wrangling; mutual quarrelling; loud recrimination between two persons.
୪ । ପଣ୍ୟଦ୍ରବ୍ୟର ଭାଉ ସମ୍ବନ୍ଧେ ବାଦ ପ୍ରତିବାଦ—
4. Higgling and haggling.
୫ । ବିବାଦ—5. Dispute; altercation.
ଦେ. ବିଣ.—ଝଙ୍କାଝଙ୍କ୍ (ଦେଖ)
Jhaṅkājhank (See)
ପ୍ରାଦେ. (ସମ୍ବଲପୁର) ବିଣ (ଭୁଲ.ଏହି ଅର୍ଥରେ ହି.ଏହି ଶବ୍ଦ)—
ଚକ୍‌ଚକ୍—Glittering.

ଝକାଝକ୍ କଳି—ଦେ. ବି—ଝଙ୍କାଝଙ୍କ୍ ଟକରାଳ (ଦେଖ)
Jhakājhak ka̲li Jhaṅkājhaṅk takarā̲la (See)

ଝକାଝକି—ଦେ. ବି—ଝକାଝକ୍ (ଦେଖ)
Jhakājhaki Jhakājhak (See)
ପ୍ରାଦେ. (ସମ୍ବଲପୁର) ବିଣ—ଜାକଜମକ ପୂର୍ଣ୍ଣ; ଆଡ଼ମ୍ବରମୟ—
Very grand.
(ଯଥା—ଏବର୍ଷ ପରୀକ୍ଷାରେ ସ୍କୁଲର ଫଳ ଖୁବ୍ ଝକାଝକି ।)

ଝକି—ଦେ. ବିଣ ଓ ବି—ଝକ୍କି (ଦେଖ)
Jhaki Jhakki (See)

ଝକ୍କି—ଦେ. ବି. (ସଂ. ଧୃଷ ଧାତୁ=ତ୍ରାସନ, ସନ୍ଦୀପନ)—
Jhakki ୧ । ଝୁଙ୍କି; ଗୁରୁ ଦାୟିତ୍ୱ—
झुकि 1. Grave responsibility.
झौंकि ୨ । କଷ୍ଟ; ଦୁଃଖ; କ୍ଳେଶ—
2. Botheration; trouble.

ସାଧାରଣ ଲୋକେ ଅପଠ ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ, 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

୩ । ଝୁଙ୍କ; ଜିଗର; ଜିଦ—
3. Pertinacity; waywardness.
୪ । ଖିଆଲ—4. Whim; caprice.
ବିଣ—୧ । ଜିଗରବାଜ; ଏକଜିଦଆ—
1. Wayward; pertinacious.
୫ । ଅବ୍ୟବସ୍ଥିତଚିତ୍ତ—
5. Whimsical; capricious.

ଝଗଡ଼—ପ୍ରାଦେ. (ଗଡ଼ଜାତ) ବି—ରାଜାଙ୍କର ସ୍ନାନଗାର—
Jhagarda — Bath of kings.
ଦେ. ବି—୧ । କୃଷ୍ଣଚୂଡ଼ା ଗଛ—
1. The Gold-mohur tree.
[ଦ୍ର—ଏହାର ଫୁଲ ତୋଫା ନାଲି ଓ ପେନ୍ଥିପେନ୍ଥି ।]
୨ । ଝଗଡ଼ା (ଦେଖ)
2. Jhagardā (See)
୩ । ଜଞ୍ଜାଳ—3. Complications.
ଦେ. ବିଣ—୧ । ଜଞ୍ଜାଳଗ୍ରସ୍ତ—1. Complicated.
ଏଣୁ କରି ଭବେ ସନ୍ଧ୍ୟା ବୈଷ୍ଣବର ଦୃଢ଼
ନ ପାରନ୍ତି ବୁଝିକଳେ ବଷୟ ଝଗଡ଼ । ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା ।
୨ । ଭ୍ରାନ୍ତିପୂର୍ଣ୍ଣ—2. Full of mistakes or errors.
ଝଗଡ଼େ ବାଟେ ପଡିଲେ ମୂର୍ଖେ ହେବେ ଭ୍ରମି । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝଗଡ଼ଝାଟି—ଦେ. ବି ଓ ବିଣ—ଝଗଡ଼ାଝାଟିଆ (ଦେଖ)
Jhagarda-jhāti — Jhagardā-jhātiā (See)
(ଝଗଡ଼ଝାଟିଆ—ଅନ୍ୟରୂପ)

ଝଗଡ଼ଦାର—ଦେ. ବି—ଝଗଡ଼ିଆ (ଦେଖ)
Jhagardadār — Jhagardiā (See)

ଝଗଡ଼ା—ଦେ. ବି. (ଡା. ଜଗଡ଼ମ୍; ତୁଲ. ସଂ. ଝଟିକା)—୧ । କଳହ—
Jhagardā — 1. Quarrel.
ঝগড়া
झगड़ा
ଝଗଡ଼ା ସାରଣ କୃଷ୍ଣ ମଥୁରା ରହିଲ ।
ବଳରାମ ଦାସ. କୋଇଲି ।
୨ । ଝକାଝକ୍ (ଦେଖ)
2. Jhakājhak (See)
୩ । ଜଞ୍ଜାଳ—3. Complications; entanglements.
ଦେ. ବି—ଝଗଡ଼ (ଦେଖ)
Jhagarda (See)

ଝଗଡ଼ାଝାଁଡ଼ି—ପ୍ରାଦେ. (ସମ୍ବଲପୁର) ବି—ଝଗଡ଼ାଝାଟି (ଦେଖ)
Jhagardā-jhānrdi — Jhagardā-jhāti (See)

ଝଗଡ଼ାଝାଟି—ଦେ. ବି. (ଡା. ଜଗଡ଼ମ୍, ତୁଲ. ସଂ. ଝଟିକା)—
Jhagardā-jhāti — ବାଗ୍‌ଯୁଦ୍ଧ; କଳିକଜିଆ—
ঝগড়াঝাটি — Altercation; wrangling.

ଝଗଡ଼ାଝାଟିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ—କଳହପ୍ରିୟ—
Jhagardā-jhātiā — Quarrelsome.
(ଝଗଡ଼ାଝାଟେଇ—ସ୍ତ୍ରୀ) ଦେ. ବି—ଝଗଡ଼ା; କଳିକଜିଆ—
Altercation; wrangling.

ଝଗଡ଼ିଆ—ଦେ. ବିଣ—କଳହପ୍ରିୟ; କଳହପ୍ରିୟ—
Jhagardiā — Quarrelsome; wrangling.
ঝগড়াটিয়া; ঝগড়াটে
झगड़ालू

ଝଗଡ଼ିବା—ଦେ. କ୍ରି—୧ । କଳି କରିବା—1. To quarrel.
Jhagardibā — ୨ । ବକିବା—2 To talk too much.
ঝগড়া করা — ୩ । ଅଳି କରିବା—3. To importune.
झगड़ना — ୪ । ଲଢ଼ିବା—4. To fight.

ଝଗଡ଼ି ହେବା—ଦେ. କ୍ରି.—୧ । କଳିକଜିଆ ବା ବହୁ ବାଦବିବାଦ
Jhagardi hebā — କରିବା; ବାଗ୍‌ଯୁଦ୍ଧ କରିବା—
1. To wrangle.
୨ । ଅକାରଣ ବକି ହେବା; ବକବାଦ କରିବା—2. To go on talking uselessly; to be garrulous.
୩ । ବୃଥା ଧନ୍ଦାଳି ହେବା; ବୃଥାରେ କୌଣସି କାର୍ଯ୍ୟ ବା ସଂସାରବନ୍ଧନରେ ଆସକ୍ତ ହୋଇ ଘାଣ୍ଟି ହେବା—
3. To bother one's self unnecessarily; to impose botheration on one's self by being immersed in wordly affairs or in any matter for nothing.
ଝଗଡି ମାଷ ହେଲ ହେ ଶ୍ୟାମ । କବିସୂର୍ଯ୍ୟ. କଣୋଲ୍ଲତା, ୯. ଗୀତ ।

ଝଗର୍—ପ୍ରାଦେ. (ସମ୍ବଲପୁର) ବି.—୧ । ଝଗଡ଼ା; କଳି—
Jhagar — 1. Quarrel.
୨ । ଗାଳି—2. Abuse.

ଝଗର୍‌ଦାର୍—ପ୍ରାଦେ. (ସମ୍ବଲପୁର) ବିଣ.—ଝଗଡ଼ିଆ (ଦେଖ)
Jhagar-dār — Jhagardiā (See)

ଝଙ୍କ୍ ଝଙ୍କ୍—ଦେ. ଅ.—(ଧ୍ୱନ୍ୟନୁକରଣ)—ବତାସ ବା ପବନ ବହିବାର
Jhank-jhank — ଶବ୍ଦ—The sound of blowing wind.

ଝଙ୍କ—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝଙ୍କାର; ଝଣତ୍କାର)—କଙ୍କଣ
Jhanka — ଆଦି ବାଜିବାର ଶବ୍ଦ; ଝମ ଝମ; ଝଣ ଝଣ—
ঝনঝন — The jingling sound of ornaments to which
झनकार — small bells are attached.
କଟି କିଙ୍କିଣୀ, ଘଣ୍ଟି ଠଣ ରଣ, କଙ୍କଣ ଝଙ୍କ ବାଜେ—ପ୍ରାଚୀ. ନଳଚରିତ ।

ଝଙ୍କା—ଦେ. ବି.—୧ । ବଡ଼ ଅଗଭୀର ଟୋକେଇ—
Jhanka — 1. A big and shallow basket.
ঝাঁকা — ୨ ପ୍ରାଚୁର୍ଯ୍ୟ—
झांका — 2. Excess; exuberance.
୩ । ବଡ଼ ବଡ଼ ପେନ୍ଥା (ଫଳ ଆଦିର)—
3. Large bunches.
ଦେ. ବିଣ.—ଝଙ୍କାଳିଆ (ଦେଖ)
Jhankāliā (See)

ଝଙ୍କା(ଙ୍କେ)ଇବା—ଦେ. କ୍ରି.—(ସଂ. ଧକ୍ ଧାତୁ=ନାଶନ)—
Jhankā(nke)ibā — ୧ । ଝାଙ୍କିବା; ଦୋହଲାଇବା—

୧	ଇ	ଊ	ର,ଋ	୪	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଋଅ	ୟ
୨	ଈ	ଊ	ରୁ	ଲୃ	ଯ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍

ঝাঙ্করান্; ঝাঁকা 1. To shake down or jerk.
झटकाना ୨ । ଶସ୍ୟାଦି କ୍ଷୁଦ୍ର ପଦାର୍ଥ ଥିବା ପାତ୍ର ବା ଥଳିକୁ ଦୋହଲାଇବା—2. To shake a bag or basket (as of grains), so as to cause the contents to lie closer or occupy less space inside it.

୩ । (ଗଛ ଲତା) ପତ୍ର ଓ ଶାଖାବହୁଳତା ଦ୍ୱାରା ବିସ୍ତୃତି ଲାଭ କରିବା—3. (a tree or creeper) To spread out its leaves and branches.

ଝଙ୍କାଝଙ୍କ—ଦେ. ବି.—ଝକାଝକ (ଦେଖ)
Jhankājhank Jhakājhak (See)
হরাভরা; ঝংখাড় ଦେ. ବିଣ.—୧ । ବହୁଳ; ପ୍ରଚୁର—
1. Extensive; exuberant.

୨ । ପେନ୍ଥା ପେନ୍ଥା ଫଳ ଅବା ଫୁଲରେ ପୂର୍ଣ୍ଣ (ବୃକ୍ଷାଦି)—
2. (trees) Laden with bunches of fruits and flowers.

ଦେ. କ୍ରି. ବିଣ.—୧ । ବଡ଼ ବଡ଼ ଟୋକାଇ ପୂର୍ଣ୍ଣ କରି—
1. In large basketfuls.

୨ । ପ୍ରଚୁର ପରିମାଣରେ—2. In sufficient quantities; exuberently.

୩ । ଟଣା ଓଟରା ହୋଇ—
3. Accompanied with pulling and pushing.

୪ । ଉଭୟ ପକ୍ଷରୁ ଖୁବ ବଳ ପ୍ରୟୋଗ ପୂର୍ବକ—
4. Very vigorously on both sides.

(ଯଥା—ଦୁହେଁ ଦୁହେଁ ଝଙ୍କାଝଙ୍କ ଲଢ଼ିଲେ ।)

ଝଙ୍କାଝଙ୍କ ତକରାଳ—ଦେ. ବି.—ଦୁଇଜଣଙ୍କ ମଧ୍ୟରେ ଖୁବ୍ ବାଦ ବିବାଦ
Jhankājhank takarāla ସହିତ କଳି କଜିଆ—Quarrel
ঝাকাঝাক তকরার accompanied with much wrangling or recrimination.
झको, झकझक

ଝଙ୍କାଝଙ୍କ କଜିଆ }
ଝଙ୍କାଝଙ୍କ କଳି } —ଅନ୍ୟରୂପ

ଝଙ୍କାଝଙ୍କା—ଦେ. ବିଣ.—୧ । ଝଙ୍କାଝଙ୍କ (ଦେଖ)
Jhankā-jhankā 1. Jhankājhank (See)
ঝাঙ্কাঝাঙ্কা ୨ । ଝଙ୍କାଳିଆ (ଦେଖ)
झाँका झाँका 2. Jhankāliā (See)

ଦେ. ବି.—୧ । ଅନେକ ପେନ୍ଥା—1. Many bunches.

୨ । ଅନେକ ବଡ଼ ଟୋକେଇ—
2. Many big baskets.

ଝଙ୍କାଝଙ୍କି—ଦେ. ବି—ଝକାଝକ (ଦେଖ)
Jhankā-jhanki Jhakājhak (See)

ଝଙ୍କାଝୋର—ଦେ. ବିଣ.—୧ । ନିଶାରେ ବେହୋସ—
Jhankājhor 1. Dead drunk; senseless through
চুর intoxication.
चूर ୨ । ଝଙ୍କାଝଙ୍କ (ଦେଖ)
2. Jhankājhank (See)

ଦେ. କ୍ରି. ବିଣ—ଝଙ୍କାଝଙ୍କ (ଦେଖ)
Jhankājhank (See)

ଝଙ୍କା ମାରିବା—ଦେ. କ୍ରି—(ଗଛ ଆଦି) ଝାମ୍ପୁଲ ହୋଇ ବଢ଼ିବା—
Jhankā māribā (trees) To grow bushy or with
ঝাঁপুড়ান spreading top.
झँखाड़ना

ଝଙ୍କାର—ସଂ. ବି. (ଝମ୍=ଅନୁକରଣ ଶବ୍ଦ+କୃ ଧାତୁ+ଭାବ ଅ)—
Jhankāra ୧ । ଝମ୍ଝମ୍ ଶବ୍ଦ; ଝଣଝଣ ଶବ୍ଦ—
1. Jingling sound; clanging.

ବିମ୍ବାଧରଙ୍କର ଚରଣେ ଅଙ୍ଗୁଳି କରନ୍ତେ ମଞ୍ଜୁ ଝଙ୍କାର—
—ରାଧାନାଥ, ପାର୍ବତୀ ।

୨ । ଗୁଞ୍ଜନ; ଭ୍ରମରମାନଙ୍କ ଗୁଣୁଗୁଣୁ ଶବ୍ଦ—
2. Humming sound; buzzing of bees.

ମଧୁପ ଝଙ୍କାର କରେ ଯେ କାଳେ,
ମରକାଳିକା ମୋହ ସେହି କାଳେ—ଗୋଲୋକ, ଇନ୍ଦୁରେଖା ।

୩ । ପବନର ବେଗଦ୍ୱାରା ବୃକ୍ଷାଦିର ପତ୍ର ଓ ଶାଖା ସଞ୍ଚାଳିତ ହେବାର ଶବ୍ଦ; ସାଇଁ ସାଇଁ—3. Rustling sound produced by wind blowing on the leaves and branches of trees.

୪ । ବୀଣାଦି ଯନ୍ତ୍ରର କଙ୍କଣ—4. The twanging sound of a harp or other stringed instrument.

୫ । ଶିଞ୍ଜନ; ଧନୁର ଟଙ୍କାର—
5. Twanging of a bow.

୬ । କ୍ରୋଧ, ବିରକ୍ତି, ଅସନ୍ତୋଷ ପ୍ରଭୃତି ବ୍ୟଞ୍ଜକ ତର୍ଜନଗର୍ଜନ—
6. Chafing and roaring through anger or displeasure.

୭ । କୋଳାହଳ; ଘୋଟଘାଟ—
7. Bustle; hubbub.

ঝাঙ্করানি ଦେ. ବି—ପବନର ବେଗ ବା ଝାପଟା—
झकोर Gust or blast of wind.

ଝଙ୍କାରିଣୀ—ସଂ. ବି. (ଝଙ୍କାର+ଇନ୍+ସ୍ତ୍ରୀ ଈ)—ଗଙ୍ଗାନଦୀ—
Jhankārini The river Ganges.

ଝଙ୍କାରିବା—ଦେ. କ୍ରି—୧ । ପ୍ରତିଧ୍ୱନିତ କରିବା—
Jhankāribā 1. To cause to echo; to cause
ঝঙ্কারা to resound.
झङ्कारना

ଅକାଶ ଝଙ୍କାରଇ ଏଣୁ ତା ଗୀତ ।
ରାଧାନାଥ, ମେଘଦୂତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ବୁଝ' ନ ମିଳିଲେ 'ବୁଝ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ।

୨ । ଝଣ ଝଣ ଶବ୍ଦ କରିବା—2. To hum; to buzz; to produce a buzzing sound.

ଝଙ୍କାଳିଆ—ଦେ. ବିଣ—୧ । ଝାମ୍ପୁଲ; ଛତା ପରି ବିସ୍ତୃତ—
Jhankālia 1. Spreading umbrella.
झाँकड़ा

ଝଙ୍କାଳିଆ-ଛାୟା ତରୁ-ମଣ୍ଡଳ-କୁଞ୍ଜେ । ରାଧାନାଥ. ଯଯାତି ।

झंखाड़ ୨ । ବିସ୍ତୃତାଗ୍ର—2. Spreading at the top.
୩ । ବୁଦାଳିଆ—3. Bushy.

ଝଙ୍କି—ଦେ ବି. (ସଂ. ଧୃଷ ଧାତୁ = ଲୋଭନ)—ଏକଜିଦ୍; ଜିଗର;
Jhanki ଝୁଙ୍କି—Pertinacity; obstinacy.
झोँक
हठ

ଏକଗୁଏଁ ଦେ. ବିଣ—ଏକଗୁଆଁ; ଏକଜିଦିଆ; ଯେ ବ୍ୟକ୍ତି
हठी ଆପଣାର କଥାକୁ ବଜାୟ ରଖିବାକୁ କୌଣସି ଯୁକ୍ତିତର୍କ ମାନେ ନାହିଁ—Headstrong; pertinacious; obstinate.

ଝଙ୍କିବା—ଦେ, କ୍ରି. (ଧ୍ୱନ୍ୟନୁକରଣ; ସଂ. ଝଙ୍କାର)—ଝାଇଁ ଝାଇଁ
Jhankibā ଶବ୍ଦ କରିବା—To make a jingling sound.

ଝେଁ ଝଙ୍କ ଝଙ୍କ ଝଙ୍କ ଝଙ୍କାର ଝାଙ୍କେ—ଗ୍ରାଡ଼ୀ. ରହସ୍ୟମଞ୍ଜରୀ ।

ଝଙ୍କୃତ—ସଂ. ବିଣ. (ଝମ୍ + କୃ ଧାତୁ + କର୍ମ. ତ)—
Jhankṛuta ୧ । ଝଣଝଣ ଶବ୍ଦଦ୍ୱାରା ନିନାଦିତ—
1. Resounding with jingling sound; reverberating.
୨ । ଗୁଞ୍ଜିତ—2. Buzzing.
୩ । ଶିଞ୍ଜିତ—3. Jingling.
୪ । କ୍ୱଣିତ—4. Twanging.

ଝଙ୍କୃତି—ସଂ. ବି—ଝଙ୍କାର (ଦେଖ)
Jhankṛuti Jhankāra (See)

ଝଜକା—ଦେ. ବି. (ସଂ. ଭୟତ୍ରସ୍ତ; ତୁଳ. ସଂ. ଦ୍ୱିଧା; ଜଂଜାଳ)—
Jhajakā ୧ । ଭୟଜନିତ କିଂକର୍ତ୍ତବ୍ୟବିମୂଢ଼ତା; ଛନକା; ଛନିଆ;
घबरा ହଠାତ୍ ଭୟ ଯୋଗୁଁ ଅବାକାବା ହେବା—
घबरा, झंझट 1. The state of being dumbfounded; alarm; sudden fright.
୨ । ଧନ୍ଦାଳ ହେବା ଅବସ୍ଥା, ଧନ୍ଦକା—
2. Perplexity due to being in a dilemma.
୩ । ଆନଦ୍ଧ ବାଦ୍ୟାଦିର ଅନୁଚ୍ଚ ଶବ୍ଦ—
3. Low muffling sound of drums.
ଦେ. ବିଣ—୧ । ଛନିଆ; ଭୟତ୍ରସ୍ତ—1. Alarmed.
୨ ; କିଂକର୍ତ୍ତବ୍ୟବିମୂଢ଼—
2. Bewilder ; perplexed
୩ । କାର୍ଯ୍ୟ ବ୍ୟସ୍ତ—3. Verybusy.

ଝଜକିବା—ଦେ. କ୍ରି—ଝଜକି ହେବା (ଦେଖ)
Jhajakibā Jhajaki hebā (See)

ଝଜକି ହେବା—ଦେ. କ୍ରି. (ସଂ. ଦ୍ୱିଧା)—
Jhajaki hebā ୧ । ଭୟରେ କିଂକର୍ତ୍ତବ୍ୟବିମୂଢ଼ ହେବା; ଛନିଆ
घाबराना ହେବା—1. To be dumbfounded with fear; to be frightened or alarmed.
घबराना
୨ । ଧନ୍ଦ ହେବା; ଧନ୍ଦକି ହେବା—2. To be perplexed; to be between the horns of a dilemma.
୩ । (ଆନଦ୍ଧ ବାଦ୍ୟାଦି) ଅନୁଚ୍ଚ ଶବ୍ଦ କରିବା—
3. To produce a low muffling sound.

ଝଜା—ଗ୍ରା. ବି. (ସଂ. ଧ୍ୱଜା)—
Jhajā ରଥ ବା ମନ୍ଦିର ଉପରେ ଉଡୁଥିବା ପତାକା—
ध्वजा Pennon; flag (flying over a temple or car).
झंडी

ଝଜି—ପ୍ରାଦେ. (ଗଞ୍ଜାମ) ବି—ସାନ ଗାମୁଛା; ତଉଲିଆ; ଝାଡ଼ଣ—
Jhaji A small towel; a duster.

ଝଞ୍ଜ(ଝ)କା—ଦେ. ବି—ଝଜକା (ଦେଖ)
Jhañja(jha)kā Jhajkā (See)

ଝଞ୍ଜକା ଧରିବା—ଦେ. ବି—ଧନ୍ଦକାରେ ପଡ଼ିବା ଅବସ୍ଥା; କିଂକର୍ତ୍ତବ୍ୟ-
Jhañjakā dharibā ବିମୂଢ଼ତା—Being in perplexity; being between the horns of a dilemma.

ଝଞ୍ଜ(ଝ)କିବା—ଦେ. କ୍ରି—ଝଜକି ହେବା (ଦେଖ)
Jhañja(jha)kibā Jhajaki hebā (See)

ଝଞ୍ଜ(ଝ)ଟ—ଦେ. ବି. (ସଂ. ଝଞ୍ଝା; ଜଞ୍ଜାଳ)—
Jhañja(jha)aṭa ୧ । ଗୋଳମାଳ; ଅଡୁଆ—1. Disturbance;
झंझट (ଝଞ୍ଝଟ—ଅନ୍ୟରୂପ) odo; complication.
झंझट ୨ । ଆନ୍ଦୋଳନ—2. Commotion; agitation.
୩ । କଷ୍ଟ—4. Difficulty; trouble,
୪ । ବିରକ୍ତି, ମାନସିକ ବ୍ୟସ୍ତତା—4. Perplexity; mental trouble; vexation.
୫ । ଲେଟେଙ୍ଗ; ଜଞ୍ଜାଳ—
5 Complicated state of affairs.
୬ । କାର୍ଯ୍ୟବ୍ୟସ୍ତତା; କାର୍ଯ୍ୟାତିଶଯ୍ୟ—
6. Pressure of work.
୭ । କ୍ଲେଶ—7. Trouble.
— । ଧନ୍ଦକା; ଦ୍ୱିଧାଭାବଜଡ଼ିତ ଅବସ୍ଥା; ଉଭୟ ସଙ୍କଟ—
8. Dilemma.
୯ । କିଂକର୍ତ୍ତବ୍ୟବିମୂଢ଼ତା—9. Perplexity.

ଝଞ୍ଜ(ଝ)ଟିଆ—ଦେ. ବିଣ. (ସଂ. ଝଞ୍ଝା; ଜଞ୍ଜାଳ)—
Jhañja(ñjha)ṭia ୧ । ଧନ୍ଦାମୟ—1. Perplexing.
झंझट ୨ । ଅତି ବ୍ୟସ୍ତ—
झंझटिया 2. Disturbed; troubled.
୩ । ଅଡୁଆ; ଗୋଳମାଳିଆ—3. Complicated

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଂ	ଉଂ	ୱ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ନ୍ତ

୪ । ତରଳ୍ଲିତଜନକ—4. Troublesome.

୫ । ଦୁସ୍ତର—5 Beset with difficulties.

୬ । କଷ୍ଟସାଧ୍ୟ (କର୍ମ)—
6. Hard (task or work).

ଝଞ୍ଜ(ଝ)ନା—ସଂ. ବି. (ଝମ + ଝନ୍. ଧ୍ୱନ୍ୟନୁକରଣ ଧ୍ୱନି + ଅ + ସ୍ତ୍ରୀ. ଆ)—
Jhañj(jha ană ୧ । ବିଜୁଳି, ବିଦ୍ୟୁତ୍—1. Lightning.
୨ । ବଜ୍ର—Thunder.
୩ । ବଜ୍ରପାତ ଧ୍ୱନି—3. Sound of thunder.

ଝଞ୍ଜ(ଝ)ନି—ଦେ. ଅ. (ଧ୍ୱନ୍ୟନୁକରଣ) (ସଂ. ଝଣତ୍କାର)—
Jhañja(jha)ni ୧ । ଧାତବ ଅସ୍ତ୍ରାଦିର ପରସ୍ପର ସଂଘର୍ଷଜନିତ ଶବ୍ଦ,
ঝঞ্জন ଝଣତ୍କାର—1. Clanging metallic sound
झनझन (e. g. of metallic weapons striking each other; of a sword being suddenly and swiftly taken out from the scabbard.
(ଝଞ୍ଝନ—ଅନ୍ୟରୂପ)

ଅସ୍ତ୍ର ଝଞ୍ଜନ । ମନ୍ଦନୂଜନ ।

୨ । ବଜ୍ରଧ୍ୱନି—2. Thundering sound.

ଝଞ୍ଜା(ଝା)—ସଂ.ବି. (ଝମ୍, ଅନୁକରଣ ଶବ୍ଦ + ଜନ୍ ଧାତୁ + ଅ + ସ୍ତ୍ରୀ.ଆ)—
Jhañj(jha)ă ୧ । ବତାସ; ଝଡ଼; ଝଡ଼; ତୋଫାନ—
1. Storm; tempest; tornado.
ଝଂଜା } ଅନ୍ୟରୂପ
ଝଂଝା }

ପରସ୍ପରେ ଦୁଇ ସେନାଏ ପୀଡ଼ା ପାଇ
ଝଞ୍ଜାବନା ଲଡ଼କା ପ୍ରୟୋଗ ଗଲେ ହୋଇ ।
କୃଷ୍ଣସିଂହ, ମହାଭାରତ, ଶଲ୍ୟ ।

୨ । ଝଡ଼ ବରଷା; ଝଡ଼ ସହିତ ବର୍ଷା—
2. Rain accompanied by tempest; stormy rain.
୩ । ଘୋର ବୃଷ୍ଟି—3. Heavy rain.
୪ । ବାତ୍ୟାର ଗର୍ଜନ—
4. Roaring sound of wind.
୫ । ଟଙ୍କାର ଧ୍ୱନି—5. Clanging sound; sharp clanking sound.
୬ । ତୃପ୍ତି—6. Contentment.
୭ । ଝାଞ୍ଜ (ହି. ଶବ୍ଦସାଗର)—7. Cymbals.
୮ । ଛୋଟ ଛୋଟ ବିନ୍ଦୁପାତ ସହ ବର୍ଷା (ହି. ଶବ୍ଦସାଗର)—
8 Dripping shower.

ଝଞ୍ଜା(ଝା)ନିଳ—ସଂ. ବି. (ମ. ପ. ଲୋ; ଝଞ୍ଜା + ଅନିଳ)—
Jhañjā(jhā nila ଝଞ୍ଜାପବନ (ଦେଖ)
Jhañjā-pabana (See)

ଝଞ୍ଜା(ଝା)ପବନ—ସଂ. ବି. (ମ. ପ. ଲୋ; ଝଞ୍ଜାଯୁକ୍ତ ପବନ)—
Jhañjā(jhā)-pabana ୧ । ଝଡ଼; ତୋଫାନ—
ଝଞ୍ଜାବାତ } ଅନ୍ୟରୂପ 1. Tempest; storm; hurricane.
ଝଞ୍ଜାବାୟୁ } ୨ । ବର୍ଷା ସହିତ ବତାସ—
2. Tempest accompanied with rain.

୩ । ଘୂର୍ଣ୍ଣିବାତ; ଘୂର୍ଣ୍ଣିବାୟୁ—
3. A tornado; typhoon.
୪ । ଗର୍ଜନଯୁକ୍ତ ପବନ—4. Roaring wind.

ବହୁଲ ଝଞ୍ଜାପବନ କୃଷ୍ଣାନୁବନ୍ଧାଣ । ପ୍ରାଚୀ. ଉଦୟମଞ୍ଜରୀ ।

ଝଞ୍ଜା(ଝା)ବର୍ତ୍ତ—ସଂ. ବି. (ମ. ପ. ଲୋ; ଝଞ୍ଜା + ଅବର୍ତ୍ତ)—
Jhañja(jhā bartta ଘୂର୍ଣ୍ଣିବାତ; ଘୂର୍ଣ୍ଣିବାୟୁ—
Whirlwind; tornado.

ଝଞ୍ଜା(ଝା)ରିବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—୧ । ଦେଖାଇବା ନିମିତ୍ତ
Jhañjā(jhā)riba ଅସ୍ତ୍ରାଳନ ପୂର୍ବକ ଅସ୍ତ୍ରାଦି ସଂଗ୍ଳଳନ କରିବା—
1. To clang a weapon (e.g. a sword) for display; to brandish a weapon.

ଅଣ୍ଡରେ ମାର କରେ ଝଞ୍ଜାରଣ ଚଢ । କୃଷ୍ଣସିଂହ. ମହାଭାରତ. ଅଦି ।

୨ । ନିଜର ଉତ୍କର୍ଷ ପ୍ରକାଶ କରିବା—2. To display one's valour or excellence or might.
୩ । (ସଂ. ଜର୍ଜର ଝିଞ୍ଜାରିବା; (ପୋକମାନେ) ଲୁଗା ଆଦିକୁ ଟିକିଟିକି କରି ଖାଇବା; କୁଟିକୁଟା କରିବା—
3. To reduce into shreds (as worms eating into fabrics).

ଝଞ୍ଜା(ଝା)ଳ—ଦେ. ବି. (ସଂ. ଝଞ୍ଜା)—ଧାତବ ବାଦ୍ୟ ବିଶେଷ, ଝାଞ୍ଜ—
Jhañja(jhā)la Metallic cymbals.

ସକାଉ ବାଦ୍ୟ ଘଣ୍ଟାଟିକ
ତାଳ ଝଞ୍ଜାଳ ସେ ତାମ୍ବୋକ । ଯଶୋବନ୍ତ. ପ୍ରେମଭକ୍ତି ଗୀତା ।

ଝଞ୍ଜିର (ଇତ୍ୟାଦି)—ବୈଦେ. ବି. (ଫା. ଜଞ୍ଜୀର)—
Jhanjira (etc) ଜଞ୍ଜିର ଇତ୍ୟାଦି (ଦେଖ)
(ଝଞ୍ଜିର; ଝଞ୍ଜିର—ଅନ୍ୟରୂପ) Jañjira etc (See)

ଝଞ୍ଝା (ଇତ୍ୟାଦି)—ସ—ଝଞ୍ଜା ଇତ୍ୟାଦି (ଦେଖ)
Jhañjhā (etc) Jhañjā etc (See)

ଝଟ୍ (ଧାତୁ)—ସ—୧ । ଓଳାଇବା—1. To sweep, to cleanse.
Jhaṭ (root) ୨ । ଗଦା କରିବା, ଜମା କରିବା—
2. To heap up.
୩ । ଅତୁଆତଡ଼ୁଆ ହେବା—
3. To become complicated (Apte).
୪ । ଜଟାଯୁକ୍ତ ହେବା—4. To become matted or clotted together (as hair) (Apte).

ଝଟ୍—ଦେ. କ୍ରି. ବିଣ. (ସଂ. ଝଟିତି)—୧ । ଅତିଶୀଘ୍ର; ତତ୍‌କ୍ଷଣାତ୍—
Jhaṭ 1. Very soon; quickly; immediately; at once.
ঝট্
झट ୨ । ସତ୍ୱର—2. Hastily; speedily
୩ । ଅତି ଦ୍ରୁତଗତିରେ—
3. With speed; with lightning speed.
ଦେ. ବି—୧ । ବେଗଗତି—1. Quick-motion.
୨ । ତ୍ୱରା—2. Haste.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ-ରକ୍ଷା କରନ୍ତି ନାହିଁ । ଏଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ସେ ଜାଗାରେ ଯଥାକ୍ରମେ ତହିଁର ସଙ୍କେତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍କ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍' ନ ପାଇଲେ 'ଅଲଙ୍କ' ଦେଖିବେ

ଝଟ୍‌କରି—ଦେ. କ୍ରି. ବିଣ—ଝଟ୍ (ଦେଖ)
Jhat-kari   Jhat (See)

ଝଟ୍‌କିନା, ଝଟ୍‌କିନ, ଝଟ୍‌ଦ ସ୍, ଝଟ୍‌ଧସ୍ } ଅନ୍ୟରୂପ

ଝଟକରି ଅବା ଉଭଇ ଉଅନ୍ତୁ ଅଟକ ରହୁଛ ପାଣିରେ ।
କବିସୂର୍ଯ୍ୟ, ସଙ୍ଗୀତ ।

ଝଟ୍ ଝଟ୍—ଦେ. ବି—୧ । ଦୀପ୍ତି; ଝଟକ—
Jhat-jhat   1. Splendour; glitter.
ঝকঝক   ୨ । ଉଷା; ଭୋର; ଅନ୍ଧାରୁଆ ସକାଳ; ପସର ଫାଟିବା
झकझक   ବେଳ—2. Early morning; dawn.
ভোরবেলা   ଦେ. ବିଣ—ଉଜ୍ଜ୍ୱଳ; ଦୀପ୍ତିମାନ୍; ଜାଜ୍ୱଲ୍ୟମାନ—
झुटपुटा, झुलमुख   Shining; bright; burnished; glittering.

ହେଉଥାଏ ରତ୍ନକୋଠରେ ଝଟ ଝଟ । କୃଷ୍ଣସିଂ ହ. ମହାଭାରତ. ସଭା ।

ঝাটপট   ଦେ. କ୍ରି. ବିଣ—ଅତିଶୀଘ୍ର; ତୁରନ୍ତ; ଝଟ୍‌ପଟ୍—
झटपट   Quickly; immediately; at once; in no time; in a trice.

ଝଟ୍‌ଝଟି—ଦେ. ବି—ଉଷା; ଭୋର; ଅନ୍ଧାରୁଆ ସକାଳ—
Jhat-jhati   Early morning.
ভোরবেলা
झुलमुख
(ଝଟ୍‌ପଟ—ଅନ୍ୟରୂପ)

ଝଟ୍‌ଝଟିଆ—ଦେ. ବିଣ—୧ । ତ୍ୱରାଯୁକ୍ତ; ତରବରିଆ—
Jhat-jhatia   1. Hasty; speedy.
(ଝଟ୍ ପଟିଆ—ଅନ୍ୟରୂପ) ୨ । ତ୍ୱରିତ—2. Quick.
୩ । ଦୀପ୍ତିମାନ୍—3. Shining; bright.
ଦେ. ବି—ବଡ଼ଭୋର—Early morning.

ଝଟ୍‌ପଟ୍—ଦେ. ବି—ଝଟ୍‌ଝଟ୍ (ଦେଖ)
Jhat-pat   Jhat-jhat (See)
ঝাটপট   ଦେ. କ୍ରି. ବିଣ—ଝଟ୍‌ଝଟ୍ (ଦେଖ)
झटपट   Jhat-jhat (See)

ଯାତ୍ରା ବୋଲିବାର ପରସ୍ପର କର
ଝଟ୍‌ପଟ୍ କରୁ ପଦାକୁ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଝଟ୍‌ପଟିଆ—ଦେ. ବିଣ—୧ । ଝଟ୍‌ଝଟିଆ (ଦେଖ)
Jhat-patia   1. Jhat-jhatia (See)
୨ । ତ୍ୱରିତ—2. Quick.
(ଯଥା—ଝଟ୍ ପଟିଆ କାମ ।)

ଝଟ୍‌ପରା—ଦେ. କ୍ରି. ବିଣ—ଅତିଶୀଘ୍ର; ସତ୍ୱର—
Jhat-para   At once; immediately.

ଝଟ୍‌ପୋଶି—ପ୍ରାଦେ. (କେନ୍ଦ୍ରାପଡ଼ା) ବିଣ—ଝଟ୍ ଝଟିଆ (ଦେଖ)
Jhat-posi   Jhat-jhatia (See)

ଝଟକ—ଦେ. ବି (ସଂ. ଶୁକ୍ଳଚକ୍ୟ)—ଦୀପ୍ତି; କାନ୍ତି; ତେଜ—
Jhataka   Glitter.
চটক

ବର୍ଣ୍ଣେ ଝଟକ ଚନ୍ଦ୍ରରେ ନାହିଁ—ଉପେନ୍ଦ୍ର, ବୈଦେହୀଶବିଳାସ ।

झकझक   ଦେ. ବିଣ—କ୍ଷଣିକ ଆଭାଯୁକ୍ତ—Glittering.

ବଦନ ମୋ ଚନ୍ଦ୍ର ପର ଭାଳନ୍ତି;
ବୃହସ୍ପତି ଶୁକ୍ର ପର ଝଟକେ—ଉପେନ୍ଦ୍ର, ବୈଦେହୀଶବିଳାସ ।

ଦେ. କ୍ରି. ବିଣ—ଅତିଶୀଘ୍ର—Quickly.

ଯା କହୁଛୁ ଝଟକେ ନେଇଗୋଡ଼ଇ
ହେବ ଭବନେ ମୋର ହେ କାମତର—ରାଧାନାଥ. ମେଘଦୂତ ।

ଝଟକା—ଦେ. ବି (ଧ୍ୱନ୍ୟନୁକରଣ)—୧ । ପବନ ବା ବାୟୁର ଗୋଟିଏ
Jhataka   ଦମ୍ପା ବା ତୋଡ଼—1. A puff of wind;
ঝটকা   a squall.
झकोरा; झोंका   ୨ । ଲାଙ୍ଗୁଡ଼ ଅଥବା ଦ୍ୱାରା କ୍ଷିପ୍ର ଆଘାତ—
2. A sudden blow as of a tail or a whip
୩ । ବେତ୍ରାଯୁକ୍ତ ଆଘାତ—
3. A smart sweep; a whisk; a quib.
୪ । ଝିଙ୍କା—4. Jerk.
ପ୍ରାଦେ (ଗଞ୍ଜାମ) ବି—ଏକ ଘୋଡ଼ାଯୁକ୍ତ ଦୁଇଚକିଆ ଶଗଡ଼;
ଏକ୍କା ଗାଡ଼ି—A gig; one-horse-rickshaw.
[କ୍ର—ଏହିପ୍ରକାର ଗାଡ଼ିକୁ ହିନ୍ଦୀରେ ଇକ୍କା ବା ଏକ୍କା ବୋଲାଯାଏ ।]

ଝଟକା(କେ)ଇବା—ଦେ. କ୍ରି (ସଂ. ଝଟିତ)—୧ । ଝଟକାମାରିବା;
Jhataka(ke)iba   ଲାଙ୍ଗୁଡ଼ ଅଥବା ଦ୍ୱାରା ଜୋରରେ ବାଡ଼ାଇ ଆଘାତ
ঝাটকান   କରିବା—1. To flap or whisk (as the tail
झटकाना   or wing.
୨ । (ଝଟକିବାର ଣିଜନ୍ତରୂପ)—ଆଭାଯୁକ୍ତ ବା ଚକ୍‌ଚକ୍
କରାଇବା—2. To burnish; to impart glow to a thing.

ଝଟକିନା—ଦେ. କ୍ରି. ବିଣ—ଝଟ୍ (ଦେଖ)
Jhata-kina   Jhat (See).
(ଝଟକିନ, ଝଟକରି—ଅନ୍ୟରୂପ)

ଝଟକିବା—ଦେ. କ୍ରି—୧ । ଶୋଭା ପାଇବା; ଚକ୍‌ଚକ୍ ହେବା;
Jhatakiba   ଜାଜ୍ୱଲ୍ୟମାନ ହେବା—
চমকা   1. To shine; to glitter.
झटकना

ଜଳ ପାଖୀ ନ ଝଟକେ ନାହିଁ କ—କବିସୂର୍ଯ୍ୟ, ଜଣୋସବଂଶ, ଏ ଗୀତ ।

୨ । ସାଧାରଣରେ ଭଲରୂପେ ପ୍ରକାଶିତ ହେବା; ଖ୍ୟାତ ହେବା;
ପ୍ରସିଦ୍ଧ ହେବା—2. To be well-known in public.
(ଯଥା—ଦେଶକମାମ୍ ତାଙ୍କ ଖ୍ୟାତି ଖୁବ ଝଟକୁଛି ।)

ଝଟଝଟ—ଦେ. ବିଣ—ଚକଚକିଆ—
Jhata-jhata   Glittering; shining;
ঝকমক

ଝଟଝଟ ହେଉଥାଏ ଭୂଷା ଶିର—କବିସୂର୍ଯ୍ୟ, କଳତା ।

झकमक

୧	ଇ	ଡ	ର,ର୍	ଝ	ବ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍	ଉଥ	ଓ
୨	ଈ	ଊ	ରୁ	ଲୁ	ସ୍ତ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ୱ	ନ୍

ଝଟତି—ଦେ. କ୍ରି. ବଣ (ସଂ. ଝଟିତି)—୧ । ହଠାତ୍—
Jhatati 1. Suddenly.
ঝটপট ୨ । ଅତିଶୀଘ୍ର—
झटपट 2. Immediately; quickly,
ପୁଣି ଧୃତରାଷ୍ଟ୍ର ପୋଏ ପାଶରେ ଅଛନ୍ତି
କର୍ଣ୍ଣ ହାତେ କ ହୋଇ ନ ପାରେ ଝଟତି—କୃଷ୍ଣସିଂହ, ମହାଭାରତ. କର୍ଣ୍ଣ ।

ଝଟତିରେ—ଦେ. କ୍ରି. ବଣ—ଝଟତି (ଦେଖ)
Jhatatire Jhatati (See)
ପ୍ରେମ ଲକ୍ଷଣା କପଟୀ ପଦ୍ମପାଞ୍ଚ ରଖି ଝଟତିରେ ପୁଣି ଗଢ କଲେ ପୁରକୁ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝଟତ୍ରୀ—ଦେ. ବି—ଝଟନେତ୍ରୀ (ଦେଖ)
Jhatatri Jhata-netri (See)

ଝଟନେତ୍ରୀ—ଦେ. ବି. ସ୍ତ୍ରୀ—ଗ୍ରାମଦେବୀଙ୍କ ନାମବିଶେଷ—
Jhatanetri Name of one of the village Goddesses.
(ଝଟତ୍ରୀ, ଝଟବରୀ—ଅନ୍ୟରୂପ)

ଝଟବରୀ—ଦେ. ବି. ସ୍ତ୍ରୀ—ଗ୍ରାମଦେବୀଙ୍କ ନାମବିଶେଷ—
Jhatabari Name of one of the popular village goddesses.

ଝଟମଟ—ଦେ. ବଣ.—ଝାପ୍ରିମନ୍ତ; ଝକମକ; ଜକଜକ—
Jhata-mata Glittering.
ঝকমক ଅର୍କକୁଣ୍ଡଳ କବଚ ମଣି ଝଟମଟ ହୋଇ ବହନ୍ତି ଅଛ ସୁଷ୍ଣ ଭୂମି ବାଟ ।
झकमक କୃଷ୍ଣସିଂହ, ମହାଭାରତ. କର୍ଣ୍ଣ ।

ଝଟା—ଦେ. ବି.—୧ । ବୃକ୍ଷ ଗୁଳ୍ମାଦିର ସଂଗୃହୀତ ସରୁସରୁ ଶାଖାଗୁଚ୍ଛ;
Jhata ଝାଟ—1. Twigs and small branches of
झाडी creepers and trees; brushwood; wattle.
୨ । ଝୋଟି; ମୁରୁଜ ଆଦିରେ ଲେଖିବା ଚିତ୍ର—
2. Drawing on floor or wall with white powder or lime-water.
ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବି.—ଶିମ୍ବ—Bean.
ଅରେ ଝିହଟା ! ଝଟାଲଟା ତଳେ ନ କର ହଟା ।
ସଦୁମଣି. ଉଦ୍ଧୃତବଚନ ।
ପ୍ରାଦେ. (ମେଦିନୀପୁର) ବି.—(ଭୁଲ. ବ. ଝାଁଟା)—ଝାଡ଼ୁ; ପଦୁଁଗ୍ନ—Broom-stick.
ପ୍ରାଦେ. (ସିଂହଭୂମ)—ବି.—ଝାଟମାଟ କାନ୍ଥରେ ଦିଆ ଯିବା ଝାଟ ବା ତାଳଅ—Twigs put as the inner frame in a mud-and-wattle wall

ଝଟାଝଟ—ଦେ. କ୍ରି. ବଣ—ଝଟ୍‌ଝଟ୍ (ଦେଖ)
Jhata-jhat Jhat-jhat (See)

ଝଟାଝଟି—ଦେ. ବି.—(ବହୁବଚନ) ଅନେକଗୁଡ଼ାଏ ଝଟା—
Jhata-jhati A collection of twigs.

ଝଟାପଟ—ଦେ. କ୍ରି. ବଣ—ଝଟ୍‌ଝଟ୍ (ଦେଖ)
Jhata-pat Jhat-jhat (See)

ଝଟାଟ୍—ଦେ. କ୍ରି. ବଣ.—(ସଂ. ଝଟିତି ବା ହଠାତ୍)—ଝଟ୍; ହଠାତ୍—
Jhatat Suddenly.

ଝଟାଟ୍‌କିନା—ଦେ. କ୍ରି. ବଣ—ଝଟାଟ୍ (ଦେଖ)
Jhatat-kina Jhatat (See)
ଝଟାଟ୍‌କିନ
ଝଟାଟ୍ କରି
ଝଟାଟ୍ ଦିସ୍

ଝଟାପଟା—ଦେ. ବି.—୧ । ମାଡ଼ ମରାମରି ବା ଧରାପରା; ଦୁଇ
Jhata-pata ଜଣଙ୍କର ଧରାଧରି ହୋଇ କଳି; ଧଡ଼ାପଡ଼ା—
ঝগড়াঝাটী 1. Quarrel accompanied with mutual
झगड़ा tangling together; falling upon each other; affray.
୨ । କଳିକଜିଆ—2. Quarrelling; strife.
ଦେ. ବଣ.—୧ । ପରସ୍ପରରେ ଧରାଧରି ବା ମରାମରି—
1. Grappling or struggling with each other.
୨ । ପରସ୍ପର ଲାଗିଥିବା (କଳି)—2. Wrangling.
୩ । ଯାହା କୌଣସି ବସ୍ତୁରେ ଲାଗିଲେ ଛାଡ଼େ ନାହିଁ—
3. Clinging; adhesive.
୪ । ଗୁଡ଼େଇ ଭୁଡ଼େଇ ହୋଇ ଲାଗି ରହିଥିବା—
4. Entangled in a confused manner; complicatedly entwined.
ଦେ. କ୍ରି. ବଣ.—ଗୁଡ଼େଇ ଭୁଡ଼େଇ ହୋଇ ସଂଲଗ୍ନ ହେବା ପ୍ରକାରେ—Intricately; entwining each other; in an entangled manner.
କାନକୋଠ କଣ୍ଟା, ସହିଁରେ ଲାଗିବ ଝଟାପଟା । କାହାଣୀର ଲଥା ।

ଝଟାପଟି—ଦେ. ବି.—ଝଟାପଟା (ଦେଖ)
Jhatapati Jhatapata (See)

ଝଟାଳ—ଦେ. ବଣ.—(ସଂ. ଜଟିଳ; ସଂ. ଝଟ ଧାତୁ)—୧ । ଅଡ଼ୁଆ-
Jhatala ଗଡ଼ୁଆ—1. Complicated; entangled.
୨ । ଝାଟପୂର୍ଣ୍ଣ—2. Entwined with twigs.
୩ । ଶାଖାଯୁକ୍ତ ଶୃଙ୍ଗବିଶିଷ୍ଟ—
3. Having branching horns.
(ଯଥା—ଝଟାଳ ମିରଗ ।)
୪ । ବହୁଶାଖାଯୁକ୍ତ—4. Having many branches.

ଝଟାଳିଆ—ଦେ. ବଣ.—ଝଟାଳ (ଦେଖ)
Jhatalia Jhatala (See)
ବିଚରନ୍ତି ମୃଗଯୂଥ, ଶୋଭେ କାହା ଶିରେ ଲଗ୍ନ ଝଟାଳିଆ ଶୃଙ୍ଗ ।
ଚିନ୍ତାମଣି. ଚନ୍ଦ୍ରମାଧବ ।

ଝଟିକା—ଦେ. ବି. (ଝଟ ଧାତୁ=ସଂଘ କରିବା)—ଝଡ଼; ତୋଫାନ;
Jhatika ବତ୍ୟାର—Tempest; high wind; storm;
ঝড় hurricane; cyclone.
झक्कड़

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଶାଢ଼ି' ନ ମିଳିଲେ 'ଶାଢ଼ୀ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଝଟିତ—ଦେ. (ପଦ୍ୟ) କ୍ରି. ବଣ.—(ସଂ. 'ଝଟିତି')—ଅତିଶୀଘ୍ର—
Jhaṭita At once; in no time; immediately.
ବଭୁ ଜଗତର ଗୃହ ପୂରିଲେ ଝଟିତ ।
ଭଞ୍ଜ: ବୈଦେହୀଶ ବିଳାସ ।

ଝଟିତର—ଗ୍ରା. କ୍ରି. ବଣ.—ଝଟିତ (ଦେଖ)
Jhaṭitara Jhatiat (See)
ଘାହା ଶୁଣିବ ମନକୁ ଝଟିତର—ଭଞ୍ଜ, ବୈଦେହୀଶବିଳାସ ।

ଝଟିତି—ସଂ. କ୍ରି. ବଣ. (ଝଟ ଧାତୁ=ଗଦା ହେବା + କର୍ତ୍ତୃ ଇତି)—
Jhaṭiti ୧ । ଅତି ଶୀଘ୍ର—
1. Immediately; in no time; sharp.
୨ । ଦ୍ରୁତବେଗରେ—2. Quickly.
ଝଟିତି ଆକାଶରେ ତହିଁ ଘୋଟି ଗଲେ—କୃଷ୍ଣସିଂହ, ମହାଭାରତ, ଆଦି ।

ଝଟୁଆ—ପ୍ରାଦେ. (ସିଂହଭୂମ) ବି. (ଭୂଲ. ଗଞ୍ଜାମ. ଝଟା)—ଶିମ୍ବ—
Jhaṭuā Bean.

ଝଡ଼ ଝଡ଼—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝର)—କାନ୍ଥରୁ
Jhaṛḍ-jhaṛḍ ଶୁଖିଲା ମାଟି ଝଡ଼ି ପଡ଼ିବା ଶବ୍ଦ; ଖଲଖଲ ଧ୍ୱନି,
ঝরঝর ଗଛରୁ ଶୁଖିଲା ପତ୍ର ଝଡ଼ି ପଡ଼ିବାର ଶବ୍ଦ—
झड़झड़ Rustling sound of falling leaves or crumbling earth falling down from a wall.

ଝଡ଼—ଦେ. ବି. (ସଂ. ଝଟ ଧାତୁ=ଗଦା ହେବା)—
Jhaṛḍa ୧ । ବାତ୍ୟା; ତୋଫାନ; ଝଞ୍ଜାବାତ—
ঝড় 1. Highwind; storm; tempest.
झड़ी ୨ । ଅବିଶ୍ରାନ୍ତ ବୃଷ୍ଟି ସହ ପ୍ରବଳ ବାତ୍ୟା—
2. Continuous wind and rain.

ଝଡ଼ଙ୍ଗ—ଦେ. ବି—ଚିଲିକାର ଏକପ୍ରକାର ଲୁଣି ମାଛ—A kind of
Jhaṛḍaṅga salt-water-fish found in the lake Chilkā.

ଝଡ଼ଝାଟି—ଦେ. ବି—ଝଡ଼ ତୋଫାନ (ଦେଖ)
Jhaṛḍa-jhāṭi Jhaṛḍa tophāna (See)

ଝଡ଼ ତୋଫାନ—ଦେ. ବି—ବାତ୍ୟା ଓ ବୃଷ୍ଟି—
Jhaṛḍa tophāna Wind and rain; rain and storm.
ঝড়ঝাটা
झड़बतास, झक्कड़

ଝଡ଼ତି ପଡ଼ତି—ଦେ. ବି—ପଣ୍ୟ ଦ୍ରବ୍ୟ ଓ ଶସ୍ୟାଦି ସ୍ଥାନାନ୍ତର କରାଯିବା
Jhaṛḍati paṛḍati ଯୋଗୁଁ ସେଥିରୁ ଯାହା ତଳେ ଝଡ଼ି ପଡ଼ି
ঝড়তি পড়তি ଲୋକସାନ୍ ହୋଇଯାଏ—Wastage of loose articles (e. g. grain) in transit.

ଝଡ଼ ବତାସ—ଦେ. ବି—ଝଡ଼ ତୋଫାନ (ଦେଖ)
Jhaṛḍa batāsa Jhaṛḍa tophāna (See)

ଝଡ଼ ବୃଷ୍ଟି—ଦେ. ବି—ଝଡ଼ ତୋଫାନ (ଦେଖ)
Jhaṛḍa bṛushṭi Jhaṛḍa tophāna (See)

ଝଡ଼ା—ଦେ. ବି. (ସଂ. ଝଟ ଧାତୁ=ଗଦା କରିବା, ଓଲାଇବା; ଝାଟ =ସମ୍ମାର୍ଜନ)—
Jhaṛḍā
ঝাড়া ୧ । ଦେହ ଝାଡ଼ିଝୁଡ଼ି ହେବା—1. Shaking off lethargy
झटका from the limbs by whisking.
୨ । ଝଡ଼ିବା—
2. Shedding; falling (e. g. off leaves).
୩ । ଲୁଗା ଆଦିରୁ ଧୂଳି ଝାଡ଼ିବା—
3. To beat or shake off the dust from clothes etc.
୪ । ଝାଡ଼ିବା, ଝାଡ଼ୁଣୀ ଦ୍ୱାରା ପରିଷ୍କାର କରିବା; ସମ୍ମାର୍ଜନ କରିବା—
4. Sweeping; cleansing with broomstick.
୫ । ମନୁଷ୍ୟର ଦେହର ସଞ୍ଚାଳନ—
5. Shaking of one's limbs.
୬ । ମନ୍ତ୍ରାଦି ଦ୍ୱାରା ମନୁଷ୍ୟଠାରୁ ଭୂତପ୍ରେତାଦି ବା ରୋଗ ଛଡ଼ାଇବା; ମନ୍ତ୍ରାଦି ଦ୍ୱାରା ମାର୍ଜନ—
6. Exorcism; dispelling of evil spirits or sickness from a person by conjuration.
୭ । ଏକ ପ୍ରକାର ପିଠା ବା ମିଷ୍ଟାନ୍ନ—
7. A kind of cake or sweetmeat.
୮ । ଝରି; ଫୁଲତୋଡ଼ା—8. Nosegay; bouquet.
ନିର୍ମଳ କପୋଳେ ଉଡ଼ିଲେ ଅଳକା
କନ୍ଦଳେ କର୍ଣ୍ଣରେ ଝଡ଼ା ଗୋ । ପ୍ରାଚୀ, ରହସ୍ୟମଞ୍ଜରୀ ।
୯ । ଖର ଗାଳି; ଗାଳିମନ୍ଦ; ଯୋଧା; ଯୋଧନ—
9. A shower of rebuke.
୧୦ । ସମାର୍ଜିତ ଅଳିଅ—10. Refuse; sweepings.
୧୧ । ପରିଷ୍କାରକରଣ; ଆବର୍ଜନାର ଦୂରୀକରଣ—
11. Clearance.
୧୨ । ଗଛରୁ ଝଡ଼ିବା ଫଳ ପୁଷ୍ପ ଆଦି—
12. Fruits etc. fallen down from trees.
୧୩ । ଝଣ୍ଡା; ପତାକା—
13. Flagstaff (Howells).
୧୪ । ନଡ଼ିଆ ଗଛରୁ ବର୍ଷକେ ଥରେ ବାହୁଙ୍ଗା ଝାଡ଼ିବା କର୍ମ—
14. Act of clearing dry branches etc. from cocoanut trees.
୧୫ । (କଚେରୀ ଭାଷା) କୌଣସି ଘର ତଲ୍ଲାସି କରିବାକୁ ଯିବା ସରକାରୀ କର୍ମଚାରୀ ଓ ସାକ୍ଷୀମାନେ ଘର ଭିତରକୁ ପଶିବା ପୂର୍ବରୁ ସେମାନଙ୍କ ଲୁଗାପଟା ଭିତରେ କୌଣସି ଜିନିଷ ଲୁଚାଇ ରଖି ନାହାନ୍ତି, ଏହା ପ୍ରମାଣିତ କରିବା ପାଇଁ ନିଜନିଜର ଲୁଗାପଟାକୁ ଓଲଟପାଲଟ କରି ଦେଖାଇବା କର୍ମ—
15. Submitting one's self to a careful search before beginning a house-search.
୧୬ । ବାଜୁଙ୍ଗା ଧାନ, ଯାହାର ଗଛ ଧାନକ୍ଷେତରେ ଧାନ ଗଛ ସଙ୍ଗେ ଉଠିଥାଏ—16. Paddy of self-grown plants which come out in a paddy field.

୧	ଈ	ଊ	ଋ,ୠ	ଙ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଞ
୨	ଇ	ଉ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଙ୍ଗ	ନ୍ନ

ତ୍ରିଦେ. ବଣ—ଯାହା ଝଡ଼ି ପଡ଼ିଥାଏ—That which has dropped to the ground.

୧୬ । (କଚେରିଆ ଭାଷା)—ସନ୍ଦେହି ବ୍ୟକ୍ତି ବା ଜେଲଖାନାକୁ ନିଆଯାଉଥିବା ବନ୍ଦୀ ଅପଣା ଲୁଗାପଟା ମଧ୍ୟରେ କିଛି ଜିନିଷ ଲୁଚାଇ ରଖି ନାହିଁ, ଏହା ଦେଖିବା ପାଇଁ ସେ ବ୍ୟକ୍ତିର ଲୁଗାପଟା ଝଡ଼ାଝଡ଼ି କରି ଦେଖିବା; ଦେହ ତଲାସୀ—16. Search a convict's clothes and person before he is admitted into jail to see if he has not secreted any thing.

୧୭ । ତଳକୁ ଝଡ଼ି ପଡ଼ିଥିବା ପଦାର୍ଥ ବା ଅଂଶ—
17. Droppings; things which have dropped down.

ଦ. ବଣ.—୧ । ସମାର୍ଜ୍ଜିତ—
1. Well swept.

୨ । ଗଛରୁ ଝଡ଼ିଥିବା—2. Shed or dropped from trees.
(ଯଥା—ଅକାଲ ଝଡ଼ା ଫଳ ।)

୩ । ଯହିଁରୁ ମାଛ କଣ୍ଟା ଅବ କଡ଼ା ହୋଇଥାଏ—
3. (curry) From which coarse matters and bones have been taken out.
(ଯଥା, ଝଡ଼ା ମହୁର ।)

ପ୍ରାଦେ. (ଗଡ଼ଜାତ) ବି.—ଝର୍; ଆଦିମ ଜାତିବିଶେଷ—
A race of aborigines.

ଝଡ଼ା(ଡ଼େ)ଇବା—ଦେ. କ୍ରି.—୧ । ଝାଡ଼ିବାର ଣିଜନ୍ତରୂପ—
Jharda (rde)ibā — 1. Causative of Jhardibā.
ঝরান, ঝড়ান — ଝଡ଼ାଇଲ ଭଳିଣ ପଡ଼ିଥିବା ଧୂଳ ।
झटकारना, झड़वानाँ — କୃଷ୍ଣସିଂହ. ମହାଭାରତ. ବନ ।

୨ । ଝଡ଼ିବାର ଣିଜନ୍ତ ରୂପ—
2. Causative of Jhardibā.

ପୂର୍ଣ୍ଣା ପୁରୋଡ଼ାଶ ଭକ୍ଷଣ କରୁଥିଲେ ,
ମୁଠି ମାଡ଼େ ତାଙ୍କ ଦାନ୍ତକୁ ଝଡ଼ାଇଲେ ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଝଡ଼ା(ଡ଼େ)ଇ ହେବା—ଦେ. କ୍ରି.—(ମନ୍ଦ ଅର୍ଥରେ ବ୍ୟବହୃତ)—
Jhardā(rde)i hebā — ୧ । ଭୁକ୍ତ ଖାଦ୍ୟାଦିର ଜୀର୍ଣ୍ଣ ହେବା ଉଦ୍ଦେଶ୍ୟରେ ବ୍ୟାୟାମାଦି କରିବା—1. To engage in brisk exercise with a view to digest one's food.

[ଦ୍ର—କୌଣସି ନିଷ୍କର୍ମା ପରାନ୍ନଭୋଗୀ ଲୋକକୁ କୌଣସି ବୃଥା ପରିଶ୍ରମ କରିବାର ଦେଖିଲେ ଲୋକେ ଥଟ୍ଟାରେ କହି ଥାଆନ୍ତି 'ତାର ତ କିଛି କାମ ନାହିଁ, ସେ ଭାତ ଝଡ଼େଇ ହଉଛି' ।]

୨ । ମତ୍ତ ହେବା; ମସ୍ତ ହେବା—
2. To be excited; to be maddened.

ଝଡ଼ାଝଡ଼୍—ଦେ. ଅ. (ସଂ. ଝଟିତି)—୧ । ଝଟିତି; ତତ୍କ୍ଷଣାତ୍—
Jhardā-jhard — 1. At once; immediately.
ঝাড়াঝড় — ୨ । ଲଗେଲଗେ—
झड़ाझड़ — 2. Continuously.
୩ । ଏକର ପରେ ଅନ୍ୟ—3. One after the other.

ଝଡ଼ାଝଡ଼ି—ଦେ. ବି.—୧ । ଅନେକ ଥର ଝାଡ଼ିବା କର୍ମ—
Jhardā-jhardi — 1. Repeated jerkings.
ঝাড়াঝাড়ি — ୨ । ପରସ୍ପର ଦେହରୁ ଧୂଳ ଝାଡ଼ିବା କର୍ମ—
झाड़बुहार — 2. Cleaning each other's body of dust.

୩ । ବନ୍ଧୁବାର ଘରର ତଳ, କାନ୍ଥ ଓ ଚାଳ ଓ ଘରେ ଥିବା ଜିନିଷପତ୍ରକୁ ଝାଡ଼ିବା ବା ଝାଡ଼ୁ ଦ୍ୱାରା ସାଫ କରିବା—
3. Repeated cleansing of the floor, walls and articles of a house.

୪ । ଜିନିଷପତ୍ର ପାତ୍ର ବା ଅଖାରୁ ନେଇ ଯିବା ପରେ ତହିଁରେ ବାକି ରହିଯିବା ଛୋଟ ଖଣ୍ଡ ଓ ଟୁକି—4. Refuse matter left in a bag or pot after it is emptied.

୫ । ଝାଡ଼ଫୁଙ୍କ (ଦେଖ)
5. Jhārda-phunka (See)

ଝଡ଼ାଝପଟ—ଦେ. ବି—ଝପଟ (ଦେଖ)—
Jhardā-jhapata — Jhapata (See)

ଝଡ଼ା ତଦାରଖି—ଦେ. ବି (କଚେରିଆ)(ସଂ. ଝଟ ଧାତୁ+ଫା. ତଦାରକ୍)
Jhardā tadārakhi — କୌଣସି ବ୍ୟକ୍ତିର ସର୍ବାଙ୍ଗ ତଲାସୀ କରିବା;
ঝাড়া — କୌଣସି ଲୋକର ଅଙ୍ଗପ୍ରତ୍ୟଙ୍ଗ ଓ
झाड़ा — ଲୁଗାପଟାକୁ ଝାଡ଼ି ସେ କିଛି କଥା ଲୁଚାଇ ରଖିଥିବା ସମ୍ବନ୍ଧେ ସନ୍ଦେହ ଦୂର କରିବା ପାଇଁ

ଝଡ଼ା ତଲାସୀ }
ଝଡ଼ା ତଦାରଖ } ଅନ୍ୟରୂପ — ପ୍ରଦର୍ଶନ—Thorough search of the body and clothes of a person.

ଝଡ଼ା ଦେବା—ଦେ. କ୍ରି—୧ । (କଚେରିଆ) (ଖାନତଲାସୀ ପାଇଁ ଘରେ
Jhardā debā — ପଶିବା ବ୍ୟକ୍ତି) ଘରେ ପଶିବା ପୂର୍ବରୁ ସର୍ବସମକ୍ଷରେ
ঝাড়া দেওয়া — ଆପଣା ଦେହ ଓ ପୋଷାକକୁ ଉତ୍ତମରୂପେ ଝାଡ଼ିବା—
झाड़ा देना — 1. To clearly show to the people present that the officer about to enter a house for house-search has secreted nothing in his body or clothes.

୨ । (କୁକୁର ବା ବାଘଆଦି ହିଂସ୍ର ଜନ୍ତୁ) କୌଣସି ଶିକାର (ଯଥା ଛେଳି, ପକ୍ଷୀ)କୁ ବେକ ପାଖରୁ ପାଟିରେ ଧରି ଖୁବ୍ ଜୋରରେ ଏକାଧିକ ଥର ଶୂନ୍ୟରେ ସଞ୍ଚାଳିତ କରିବା—2. (a beast of prey) To give repeated jerkings to its victim by holding it between the jaws.

[ଦ୍ର—ଏପରି ଝଡ଼ା ଦେବା ଦ୍ୱାରା ଆକ୍ରାନ୍ତ ଜୀବ ମୃତ କିମ୍ବା ଅଧାପ୍ରାଣ ହୋଇଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗ'ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ

ଝଡ଼ା ପୋଛା—ଦେ. ବି—କୌଣସି ସ୍ଥାନ ଓଳାଇ ଓ ପୋଛି ସଫା କରିବା
Jhar̤dā pochhā କର୍ମ—Cleansing a place by sweeping.
ঝাড়াপুছা
झाड़फोंछ

ଝଡ଼ା ଫୁଙ୍କା—ଦେ. ବି—ଝାଡ଼ଫୁଙ୍କ (ଦେଖ)
Jhar̤dā phuṅkā Jhār̤da phunṅka (See)

ଝଡ଼ା ବେସର—ଦେ. ବି—ଚିଙ୍ଗୁଡ଼ି ମାଛରୁ କଣ୍ଟାସବୁ ବାହାର କରାଯାଇ ତହିଁରେ ବଟା ସୋରିଷ ଦିଆଯାଇ ହୋଇଥିବା
Jhar̤dā besara (ଝଡ଼ା ବେସର—ଅନ୍ୟରୂପ) ଏକପ୍ରକାର ବ୍ୟଞ୍ଜନ—A curry prepared from fish after the bones are taken out and it is mixed with rye-paste.

ଝଡ଼ା ମହୁର—ଦେ. ବି—ଯେଉଁ ମହୁର ତିଅଣରୁ ମାଛକଣ୍ଟା କାଢ଼ା
Jhar̤dā mahura (ଝଡ଼ା ମୋହର—ଅନ୍ୟରୂପ) ହୋଇଥାଏ—A stew or hotchpotch (curry) from which the bones of the fish have been carefully removed before it is served to guests.

ଝଡ଼ା ମହୁରେ କଲି ଖଡ଼ା ରନ୍ଧନ
କାମୁଡ଼ା ଘୋଡ଼ା ମୁଖେ ଦେଲି ଚୁମ୍ବନ—ଯଦୁମଣି. ରହସ୍ୟବଚନ ।

[ଦ୍ର—ମାଛ ଓ ପରିବା ଏକତ୍ର ପକା ହୋଇ ମହୁର ତିଅରି ହୁଏ ଓ କେବଳ ମାଛରେ ବଟା ସୋରିଷ ମିଶାଯାଇ ବେସର ତିଆରି ହୁଏ । ଖାଇବା ସମୟରେ ଖାଇବା ବ୍ୟକ୍ତି ଉକ୍ତ ମହୁର ବା ବେସରରୁ ମାଛ କଣ୍ଟାକୁ କାଢ଼ି ଖାଇବା କଷ୍ଟ ଓ ଅସୁବିଧାଜନକ ହୁଏ, ଏଥିପାଇଁ ଆଗରୁ ରନ୍ଧା ହେବା ମାଛରୁ କଣ୍ଟାଗୁଡ଼ିକ ଝାଡ଼ି ଦେଇଥିଲେ ଖାଇବା ଲୋକ ଉକ୍ତ ଝଡ଼ା ମହୁର ବା ବେସରକୁ ଆନନ୍ଦସହକାରେ ଖାଏ ।]

ଝଡ଼ି—ଦେ. ବି—ଝଡ଼ି (ଦେଖ)
Jhar̤di Jhar̤da (See)

ନମାନେ ନଭ ମାସ ନଶା ଝଡ଼ି—କବିସୂର୍ଯ୍ୟ, ସଙ୍ଗୀତ ।

ପ୍ରାଦେ. (ଗଡ଼ଜାତ) ବି—ଢୋଲ—A drum.

ଧସା ଜାଗର ନଭବଭ ଝଡ଼ି
ଭେଲଙ୍ଗି ବାଜା ଗୁଙ୍ଗୁଡ଼ ଗୁଡ଼ି—ବ୍ରଜନାଥ, ସମରତରଙ୍ଗ ।

ଝଡ଼ିଆ—ଦେ. ବିଣ—୧ । ଝଡ଼ିଯୁକ୍ତ (ପାଗ)—
Jhar̤diā 1. Tempestuous; windy (weather).
ঝড়ো ୨ । ଝଡ଼ି ଯୋଗୁଁ ଗଛରୁ ଝଡ଼ି ପଡ଼ିଥିବା (ଫଳ)—
2. Wind-fallen (fruits).

ଝଡ଼ିଆ ପାଗ—ଦେ. ବି—ଝଡ଼ିଯୁକ୍ତ ଋତୁ—
Jhar̤diā pāga Cloudy weather.

ଝଡ଼ିଆ ପୋକ—ଦେ. ବି—ପକ୍ଷ ଲାଗିଥିବା ଉଇ ବା ପିମ୍ପୁଡ଼ି—
Jhar̤diā poka Winged ants.
বাদলা পোকা [ଦ୍ର—ପିମ୍ପୁଡ଼ି, ଜନା ଓ ଉଇ ଇତ୍ୟାଦି ବୁଢ଼ା ହେଲେ ସେମାନଙ୍କଠାରେ ପକ୍ଷ ଲାଗେ ଓ ସେମାନେ ହୁଙ୍କା ବା ଗାତରୁ ବାହାରି ଉଡ଼ନ୍ତି । ବହୁକ୍ଷଣ ଉଡ଼ିବା ପରେ ପକ୍ଷ ଛିଡ଼ି ଯିବାରୁ ସେମାନେ ତଳେ ଖସି ପଡ଼ନ୍ତି ଓ ବେଙ୍ଗ, କୁଆଁ ଓ ବଣି ଆଦି ତାଙ୍କୁ ଖୁଣ୍ଟି କରି ଖାଇ ଯାଆନ୍ତି । ଏଥିପାଇଁ ପ୍ରବାଦ ଅଛି 'ପିମ୍ପୁଡ଼ି ଉଠେଇଁ ପକ୍ଷି ଲାଗେ ମରିବା ପାଇଁ ।' ଶୁଣା ଅଛି ଯେ, ପ୍ରଶାନ୍ତ ମହାସାଗରରେ ଦ୍ୱୀପପୁଞ୍ଜ ଓ ଚୀନ ଦେଶବାସୀ କେତେକ ଲୋକ ମୁଢ଼ି ଆଦି ସଙ୍ଗେ ଝଡ଼ିଆ ପୋକ ଖାଇବାକୁ ସୁଖ ପାଆନ୍ତି । ଝଡ଼ିଆ ପୋକ ଉଡ଼ିବାର ଦେଖା ଗଲେ ଶୀଘ୍ର ଉପେକ୍ଷ ଝଡ଼ି ବା ବୃଷ୍ଟି ହେବ ବୋଲି ଲୋକେ ଅନୁମାନ କରନ୍ତି ।]

ଝଡ଼ି ପଡ଼ିବା—ଦେ, କ୍ରି—ସ୍ୱସ୍ଥାନରୁ ଚ୍ୟୁତ ହୋଇ ତଳକୁ ଖସି
Jhar̤di par̤dibā ପଡ଼ିବା—To fall down;to drop down.
ঝরে পড়া
गिर पड़ना

ସେ ବୃକ୍ଷଙ୍କ ଦେହ ଘର୍ଷଣ ଅନଳ
ଜାତ ହୋଇ ଝଡ଼ି ପଡ଼ଇ ମଣ୍ଡିତଳ—କୃଷ୍ଣସିଂହ. ମହାଭାରତ. ବନ ।

ଝଡ଼ିପୋକ—ଦେ. ବି—ଝଡ଼ିଆ ପୋକ (ଦେଖ)
Jhar̤di-poka Jhar̤diā poka (See)

ଝଡ଼ିବରଷା—ଦେ. ବି. (ସହରର)—ତୋଫାନ ଓ ମେଘବର୍ଷା—
Jhar̤di-barashā Tempest accompanied with rain.
ঝড়বৃষ্টি
झड़ी

ଝଡ଼ିବା—ଦେ. କ୍ରି. (ସଂ. ଝଟଧାତୁ)—୧ । ବୃକ୍ଷାଦିରୁ (ପତ୍ରାଦି ବା ଫଳ)
Jhar̤dibā ସ୍ୱସ୍ଥାନଚ୍ୟୁତ ହୋଇ ଭୂତଳରେ ପଡ଼ିବା; ଖସି ପଡ଼ିବା—
ঝরা 1. To drop down from its proper place
झड़ना (e.g. leaves and fruits from the tree.)

ଝଡ଼ା(ଡ଼େ)ଇବା—ଣିଜନ୍ତରୂପ

ବଲ୍ମୀକଣ ଝଡ଼ିଲ ପତ୍ରମାନ ଖାଇ
ତପରେ ଶୀର୍ଣ୍ଣ କରି ଦେଲ ନିଜ ଦେହ—କୃଷ୍ଣସିଂହ. ମହାଭାରତ. ବନ ।

୨ । ସ୍ଖଳିତ ହେବା—2. To be dislocated; to be discharged.

୩ । କୃଶ ହେବା; କ୍ଷୀଣ ହେବା—
3. To become weak, emaciated or lean.
(ଯଥା—ଶୁଣଦିନଅଁ ଜ୍ୱରରେ ସେ ଖୁବ୍ ଝଡ଼ି ଗଲାଣି ।)

୪ । (ଅନ୍ନ ଆଦି) ପେଟରେ ଜୀର୍ଣ୍ଣ ହେବା—
4. To be digested.

୫ । (ଲକ୍ଷଣାର୍ଥ) ବହୁଧା ପ୍ରକାଶିତ ହେବା; ଝରିବା—
5. To appear profusely; to be emitted profusely.

ନୃତ୍ୟ ସୁଧାବନ୍ଦୁ ଝଡ଼ୁ ଥାଇ—କବିସୂର୍ଯ୍ୟ. ସଙ୍ଗୀତ ।

୬ । ଭାଙ୍ଗିଯାଇ ତଳେ ପଡ଼ିବା—
6. To break and fall down.

ବୃକ୍ଷମାନେ କରିଣ ମଡ଼ମଡ଼ି ରଡ଼ି
ସେ ଗିରି ଶୃଙ୍ଗରୁ ପଡ଼ିଲେ ତଳେ ଝଡ଼ି । କୃଷ୍ଣସିଂହ. ମହାଭାରତ. ବନ ।

୭ । ଲୁପ୍ତ ହେବା—7. To disappear.

ଦେଖିଲେ ସବ୍ୟ ବାସ, ଝଡ଼ିଲା ସେ ପ୍ରାସ, ମନ୍ଦ ହୋଇ ଭୁଦଶଳୀ ।
ବିଶ୍ୱନାଥ. ବିଚିତ୍ର ରାମାୟଣ ।

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଓଅ	ଛ
୨	ଇ	ଉ	ରୁ	ଲୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଔ	ନ୍ତ

୮ । (ଅକ୍ରାନ୍ତ ବ୍ୟକ୍ତିର ଦେହରୁ ମନ୍ତ୍ରାଦି ଦ୍ୱାରା ଭୂତ, ପ୍ରେତ, ବିଷ ଓ ରୋଗାଦି) ଛାଡ଼ିବା—8. (Evil spirit disease or poison) To be expelled from the body by the application of charms.

ଉକ୍ତେ ମିଶି ପ୍ରୀତ ବିଷ ନ ଝଡ଼ିଲା
ଖ୍ୟାତ ବୈରାଗ୍ୟ ମନ୍ତ୍ରରେ । ନନ୍ଦକିଶୋର. ଶର୍ମିଷ୍ଠା ।

୯ । (ଲକ୍ଷଣାର୍ଥ) କ୍ଷୟ ହେବା; କମିବା—
9. (figurative) To lessen; to diminish.

ଝଡ଼ିବ ବଳ କୋମଳ ଅଙ୍ଗରୁ । ବହସ୍ପର୍ଶ. ସଙ୍ଗୀତ ।

୧୦ । (ପୁରୁଷ ପକ୍ଷରେ) ମୈଥୁନ ପରେ ବୀର୍ଯ୍ୟପାତ କରିବା—
10. To have one's semen discharged after copulation (said of males).

୧୧ । (ସ୍ତ୍ରୀ ପକ୍ଷରେ) ମୈଥୁନ କାଳରେ ଅତ୍ୟଧିକ ରୂପେ ଉତ୍ତେଜିତ ହେବା—11. To have orgasm during copulation (said of females).

[ଦ୍ର—ଏଥିର ଅସମାପିକା ରୂପ ସଙ୍ଗେ ପଡ଼ିବା ଓ ଯିବା କ୍ରିୟା ଯୁକ୍ତ ହୁଏ ।]

ଝଡ଼ି ଲଗାଣ—ଦେ. ବି—ତୋଫାନ ସହିତ ବହୁଦିନବ୍ୟାପୀ ଅନବରତ ବର୍ଷା—Continuous rain and storm lasting for days.
Jhardi lagana
ଝାଡ଼ ବୃଷ୍ଟି
ଝଡ଼ୀ ଲଗାନା

ଝଣ୍—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝନତ୍, ଝଣତ୍)—
Jhan ଝଣ ଝଣ (ଦେଖ) Jhana jhana (See)

ଝଣଝଣ—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝନତ୍ , ଝଣତ୍)—
Jhana-jhana ୧ । ଶିମ୍ବ ଜାତୀୟ ଛୁଇଁ ଶୁଖି ଗଲେ ତା ଭିତରେ ଥିବା ମଞ୍ଜିର ବାଜିବା ଶବ୍ଦ—
ଝନ, ଝାଁ
ଝନଝନ, ଝନକ 1. Rattling sound (heard in dry pods of flax or bean).

୨ । ଧାତୁଖଣ୍ଡାଦିର ପରସ୍ପର ଅଘାତପ୍ରତିଘାତଜ ଶବ୍ଦ; ଟାଣ ଭୂମିରେ ବା ପଥରରେ ଟଙ୍କା ବା ଧାତୁଖଣ୍ଡ ବାଜିବାର ଶବ୍ଦ; ଝଣତ୍କାର—
2. Metallic clang; bang; ringing sound.

ଝଣଝଣ
ଝଣଝଣା
ଝଣଝଣି } ଅନ୍ୟରୂପ [ଦ୍ର—ଝୁଣ ଝୁଣ=ଅଳଙ୍କାରାଦିର ମୃଦୁ-ମଧୁର ଶବ୍ଦ, ଝଣ ଝଣ ଅପେକ୍ଷା ଅନୁଚ୍ଚ ।]

୩ । ଝଣଝଣ ଶବ୍ଦ ଦ୍ୱାରା (ନଗଦ ବନ୍ଧୁ ଟଙ୍କା ଗଣିବା)—
3. (to count cash) With clanging sound.

(ଯଥା—ସେ ବର୍ତ୍ତମାନ ଖୁବ ବଡ଼ଲୋକ ହେଲାଣି, ପାଞ୍ଚ ହଜାର ଟଙ୍କା ଝଣଝଣ ଗଣି ଦେବ ।)

ଝଣଝଣାୟମାନ—ସଂ. ବଣ—ଝଣଝଣ ଶବ୍ଦକାରୀ (କ୍ଲାନେକ୍ତ)
Jhana-jhanayamana Tinkling.

ଝଣଝଣି—ଦେ. ଅ. (ଧ୍ୱନ୍ୟନୁକରଣ)—ଝଣଝଣ (ଦେଖ)
Jhana-jhani Jhana-jhana (See)

ଝଣଝଣିଆଁ—ଦେ. ବଣ. (ସଂ. ଧନ୍ ବା ଧଣ୍ ଧାତୁ, ଶବ୍ଦ କରିବା)—
Jhana-jhanian ୧ । ଝଣଝଣ ଶବ୍ଦକାରୀ—1. Making or producing a clanking sound.

୨ । ଶୁଷ୍କ; ଶୁଖିଲା—2. Dried.

[ଦ୍ର—ଛୋଟ ଛୁଇଁ ଭିତରେ ମଞ୍ଜି ଶୁଖି ଝଣଝଣ ହୋଇ ବାଜିବାରୁ ଛୁଇଁ ଝଣଝଣିଆ ହୋଇଯିବାର ବୁଝାଯାଏ ।]

ଝଣ ଝାଣ—ଦେ. ଅ (ଧ୍ୱନ୍ୟନୁକରଣ)—ଝଣ ଝଣ (ଦେଖ)—
Jhana-jhana Jhana-jhana (See)

ଝଣତ୍କାର—ସଂ. ବି (ଝନତ୍=ଧ୍ୱନ୍ୟର୍ଥକ+କାର)—ଝଙ୍କାରବି
Jhanatkara ଝଣଝଣ ଶବ୍ଦ—Clanking sound; tinkling or rattling sound.

ଝଣତା—ଦେ. ବଣ—ଅଲୁଣା; ଅସ୍ୱାଦ—
Jhanata Unsavoury; unseasoned.

[ଦ୍ର—ତରକାରୀ ଗରମ ଥାଉଁ ଥାଉଁ ତହିଁରେ ପାଣି ମିଶାଇ ଦେଲେ ଯେଉଁ ପଖାଳ ହୁଏ, ତାହାକୁ ଝଣତା ପଖାଳ କହନ୍ତି; ତାହା ବସ୍ୱାଦ ଲାଗେ ।]

ଝଣାଝଣ୍—ଦେ. ଅ (ଧ୍ୱନ୍ୟନୁକରଣ)—ଝଣଝଣ (ଦେଖ)—
Jhana-jhan Jhana-jhana (See)

ଝଣାତ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଝଣଝଣ (ଦେଖ)
Jhanat 1. Jhana-jhana (See)

୨ । ଝଣାତ୍କିନା (ଦେଖ)—
2. Jhanat-kina (See)

ଝଣାତ୍ କିନା—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଧାତୁନିର୍ମିତ ଶବ୍ଦ; କଂସା ବା କାସନ ଆଦି ଭୂମିରେ ପଡ଼ିବା ଶବ୍ଦ— 1. The clank of metallic things falling or striking a hard substance.
Jhanat kina
ଝନାତ୍
ଝନକରକେ

ଝଣାତ୍କର
ଝଣାତ୍କନ
ଝଣାତ୍କର } ଅନ୍ୟରୂପ

[ଦ୍ର—ଦୁଇଟି ଧାତୁ ଖଣ୍ଡ ଥରେ ପଡ଼ିଗଲେ ଯେଉଁ ଶବ୍ଦ ଥରେ ମାତ୍ର ଶୁଣାଯାଏ, ତାକୁ ଝଣାତ୍ କହନ୍ତି ।]

୨ । ହଠାତ୍; ହଠାତ୍—2. Suddenly.

ଝଣେ—ପ୍ରାଦେ. (ଗଡ଼ଜାତ) ବଣ ଓ ବି.—ଜଣେ—
Jhane One (person).

ଝଣ୍ଟା—ପ୍ରାଦେ (ଗଡ଼ଜାତ) ବି—ଶିମ୍ବ—
Jhanta Bean.

ଝଣ୍ଟା(ଣ୍ଟେ)ଇବା—ଦେ. କି—ଝାଣ୍ଟେଇବା (ଦେଖ)—
Jhant(te)iba Jhanteiba (See)

ଝଣ୍ଟି—ଦେ· ବି (ସଂ. ଜଟା)—ମୁଣ୍ଡରେ ଥିବା ଛୋଟ କେଶଗୁଚ୍ଛ ବା ଚୁଟି—
Jhanti Little tuft of hair on the head.

ଝଣ୍ଟିଆ—ଦେ. ବି (ବଣିଆ ଶବ୍ଦ)—ଗୋଡ଼ ଅଙ୍ଗୁଠିରେ ପିନ୍ଧିବା ରୁପା ମୁଦି ଭୂଷଣ—A tinkling silver ring for the toes.
Jhantia

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଝଣ୍ଟିକା—ଦେ. ବି—ବୃହତ୍ ଗୁଳ୍ମ ବିଶେଷ—
Jhanṭikā Causjera Pheedii (Haines).

ଝଣ୍ଡା—ଦେ. ବି—(ସଂ. ଜୟନ୍ତ; ସଂ. ଦଣ୍ଡ)—୧ । ମାଳା; ଧଣ୍ଡା—
Jhaṇḍā 1. Garland.
୨ । ପତାକାଯୁକ୍ତ ଦଣ୍ଡ—2. Flagstaff.
ঝাণ্ডা ଯୋରବାଙ୍ଗିଙ୍କର ଦୁଇତ ବାରକ ମଙ୍ଗଳ ଝଣ୍ଡାରୂପେ
झंडा ଚମକଇ ଯହିଁ ଉତ୍ତରଣ୍ଡା ଖେଳାଇ ଖଣ୍ଡା । ରାଧାନାଥ. ଉଷା ।
୩ । ପତାକା—3. Flag.

ଝଣ୍ଡି—ଦେ. ବି (ସଂ. ଦଣ୍ଡ; ଜୟନ୍ତ)—୧ । ପତାକା—
Jhaṇḍi 1. Flag.
ঝাণ্ডি ୨ । ପତାକାଯୁକ୍ତ ଦଣ୍ଡ—
झंडी 2. Flagstaff.
୩ । ଚେନ୍ ସର୍ଭେ ବା ଲେଭେଲିଙ୍ଗ୍ ଯନ୍ତ୍ର ବା କମ୍ପାସ୍ ସାହାଯ୍ୟରେ ଭୂମି ମାପିବା ସମୟରେ ସମ୍ମୁଖସ୍ଥ ଖଣ୍ଡୁ ବା ଷ୍ଟେସନ ଉପରେ ଠିଆ ଭାବରେ ଧରାଯିବା ପତାକାଦଣ୍ଡ—3. A flagstaff held on the next station during surveying with the chain or compass or level.

ଝନ୍କାର—ପ୍ରାଦେ. (ଯାଜପୁର) ବି—୧ । ଘୋଘୋ; ଘୋଟ ଘାଣ୍ଟ—
Jhan-kārā 1. Ado; bustle; hubbub; uproar.
୨ । ଆଡ଼ମ୍ବର—2. Grand display.

ଝନ୍ଝଟ—ଦେ. ବି. (ସଂ. ଜଂଜାଲ)—ଅସୁବିଧା; ହଇରାଣ—
Jhanjhaṭa Trouble.
ঝংঝট (ଯଥା. ମୁଁ ବଡ଼ ଝନ୍ଝଟରେ ପଡ଼ିଛି ।
झंझट

ଝନ୍ଝନ୍—ଦେ. ଅ ଓ ବି (ଧ୍ୱନ୍ୟନୁକରଣ)—୧ । ଝଣ୍ ଝଣ୍ ଶବ୍ଦ—
Jhan-jhan (ଯଥା ଲୁହା ଶିକୁଳିର ଗୁଳିକ ଜନିତ ଶବ୍ଦ)—
ঝনঝন 1. A bang; a clap; metallic clank.
नक
ପଡ଼ିଲେ କବଚ ଗାତ୍ରେ ବଜାଇ ଝନ୍ ଝନ । ରାଧାନାଥ. ବେଣୀସଂହାର ।
୨ । ଶୁଷ୍କ ଦ୍ରବ୍ୟାଦିର ପରସ୍ପର ଘାତପ୍ରତିଘାତ ଶବ୍ଦ—(ଯଥା—ବାଉଁଶ ନଳ ମଧ୍ୟରେ ଗୁଡ଼ାଏ ଶୁଖିଲା ମଞ୍ଜି ପୂରାଇ ହଲାଇବାର ଶବ୍ଦ)—2. The sound of many hard and dry things striking each other (as seeds in a dry pod).

ଝନ୍ଝନା—ଦେ. ଅ.—ଝନ୍ ଝନ (ଦେଖ)
Jhan-jhanā Jhan-jhan (See)

ଝନ୍ଝନି—ଦେ. ଅ ଓ ବି.—ଝନ୍ଝନ୍ (ଦେଖ)
Jhan-jhani Jhan-jhan (See)
ଷ୍ଟେରି ସମର ବାଦ୍ୟ, ଅସ୍ତ୍ରର ଝନ୍ ଝନ । ରାଧାନାଥ. ବେଣୀସଂହାର ।

ଝନକା—ଦେ. ବି—ଘୋଡ଼ା ଓ ଗୋରୁମାନଙ୍କର ଏକପ୍ରକାର ରୋଗ—
Jhanakā A disease attacking cattle and horses;
ঝনকা rheumatism of the legs.

झनक बात [ବ୍ରି—ଏ ରୋଗରେ ଗୋରୁ ଓ ଘୋଡ଼ାଙ୍କର ଗୋଡ଼ ଲଟିଲଟି ହୋଇଯାଏ] ।

ଝନତ୍କାର—ସଂ. ବି.—ଝଣତ୍କାର (ଦେଖ)
Jhanat-kāra Jhaṇat-kāra (See)

ଝନନ—ଦେ. ଅ.—(ଧ୍ୱନ୍ୟନୁକରଣ) ଝନ୍ ଝନ୍ (ଦେଖ)
Jhanana Jhan-jhan (See)

ଝପ୍—ଦେ. କ୍ରି. ବିଣ (ସଂ. ଝଟିତି; ଜବ; କ୍ଷିପ୍ର; ଭୁଲ ସଂ. ଝଂପ)—
Jhap ୧ । ଅତିଶୀଘ୍ର; ତୁରନ୍ତ; ଝଟ୍; ହଠାତ୍; କ୍ଷଣମାତ୍ର ବିଲମ୍ବ
ঝাপ্, ঝাপ্করে, ঝাপাঝাপ ନ କରି; ଝଟିତି—1. Speedily; hastily;
झप immediately; quickly; briskly; at once; in a whit.
୨ । ଝପ୍ ଝପ୍ (ଦେଖ)
2. Jhap-jhap (See)
୩ । ପାଣିରେ କାଠ ଆଦି ପଡ଼ିବା ଶବ୍ଦ—
3. Splashing sound; swish.

ଝପ୍ କରି—ଦେ. କ୍ରି. ବିଣ—ଝପ୍ (ଦେଖ)
Jhap-kari Jhap (See)
[ଝପ୍‌କିନା, ଝପ୍‌କିନ, ଝପ୍‌କରି, ଝପ୍‌ଦେଇ, ଝପ୍‌ଧିନ୍—ଅନ୍ୟରୂପ]

ଝପ୍ ଝପ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ମେଘ ବର୍ଷିବାର ଶବ୍ଦ—
Jhap-jhap 1. Pattering sound; splashing sound; (as of rain).
ঝাপঝাপ
झपझप ୨ । ପାଣିରେ କୁଦି ପଡ଼ିବାର ପଦଶବ୍ଦ—
(ଝପର ଝପର-ଅନ୍ୟରୂପ) 2. splashing sound of person springing into water.
୩ । ଝପର ଝପର (ଦେଖ)
3. Jhapara jhapara (See)

ଝପଝାପ୍—ଦେ. ଅ.—ଝପ୍ ଝପ୍ (ଦେଖ)
Jhap-jhāp Jhap-jhap (See)
ଦେ. କ୍ରି. ବିଣ. ଝପ୍ (ଦେଖ)
Jhap (See)

ଝପକ୍—ଦେ. ବି.(ସଂ. ପଲକ)—ପଲକମାତ୍ର ସମୟ; ମୁହୂର୍ତ୍ତମାତ୍ର ସମୟ—
Jhapak Twinkling; a moment.
পলক
झपक

ଝପଟସିଂହ—ଦେ. ବି.—(କ୍ଷତ୍ରିୟଙ୍କର) ରାଜଦତ୍ତ ଉପାଧି ବିଶେଷ—
Jhapaṭ-simha A title conferred (on Kshatriyas) by kings.

ଝପଟ୍—ଦେ. ବି (ସଂ. ଝମ୍ପ; ଭୁଲ ଇଂ. ଜମ୍ପ)—୧ । ଦଉଡ଼; ଧାଇଁବା—
Jhapaṭ 1. Race; running.
दौड़, झाप् ୨ । କୁଦା ମାରି ଦୌଡ଼ିବା—
झपट 2. Scampering; running on all fours.
ବାଘ ଝପଟକୁ ଗଜ ତଡ଼ଟକୁ ସ୍ଥାନ ନୋହି ଯତ୍ନିଂଘର । ଉପେନ୍ଦ୍ର. ବୈଦେହୀଶବିଳାସ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଏ	ଉଅ	ଈ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଔ	ନ୍

ଝପଟା—ଦେ. ବି—ଝପଟ (ଦେଖ)—
Jhapaṭā Jhapaṭa (See).

ଝପଟା(ଟେ)ଇବା—ଦେ. କ୍ରି—(ଝପଟିବାର ଣିଜନ୍ତ ରୂପ; Causative of Jhapaṭiba)—ଦଉଡ଼େଇବା—
Jhapaṭā(te)ibā — To cause to run.
দৌড়ান
झपटाना ପରନ୍ତପ ପୁଥ ଦେଲେ ଝପଟାଇ ଅଶ୍ୱବର—ଜଗନ୍ନାଥ, ମହାଯାତ୍ରା

ଝପଟାଝପଟି—ଦେ. ବି—୧ । ବହୁଲୋକ ବା ଜନ୍ତୁ ଦଉଡ଼ିବା—
Jhapaṭā-jhapaṭi 1. General running of many persons or animals.
দৌড়াদৌড়ি ୨ । ଗୋଡ଼ାଗୋଡ଼ି; ପରସ୍ପରକୁ ଗୋଡ଼ାଇବା—
झपटाझपटि 2. Running after one another.

ଝପଟିବା—ଦେ. କ୍ରି. (ସଂ. ଝମ୍ପ)—୧ । ଦ୍ରୁତଗତିରେ ଦଉଡ଼ିବା; ଧାବିତ ହେବା—1. To run swiftly.
Jhapaṭibā
ঝপটা, দৌড়া, ঝাঁপা ଜାଣି ସେ ଯିବାର ସମ୍ମୁଖ ଘାଟ ।
झपटना, डपटना ଦେଖିବାକୁ ଯାକୁ ଅଗେ ଝପଟ—କବିସୂର୍ଯ୍ୟ ବଳଦା ।
୨ । ଲମ୍ଫସହ ଦଉଡ଼ିବା—
2. To run with big leaps; to scamper.

ଝପରଝପର—ଦେ. ଅ(ଧ୍ୱନ୍ୟନୁକରଣ)--ସାନ ଟୋପାରେ ଅବିଶ୍ରାନ୍ତ ବର୍ଷିବା--
Jhapara-jhapara Raining in small continuous drops.
ঝপরঝপর
टपरटपर [ଦ୍ର—ବଡ଼ ଟୋପାରେ ବର୍ଷାକୁ ଟପରଟପର ବା ଟପ ଟପ କହନ୍ତି ।]

ଝପାଝପ୍—ଦେ. କ୍ରି. ବଣ—ଝପ୍ (ଦେଖ)—
Jhapājhap Jhap (See)
ঝপাঝপ ଦେ. ଅ—ଝପ୍‌ଝପ୍ (ଦେଖ)—
झपाझप Jhap-jhap (See)

ଝବା—ଦେ. ବି—୧ । ଛୋଟ ମାଠିଆ ବା କଳସୀ—
Jhabā 1. Small pitcher or jar.
ঘড়া ୨ । କ୍ଷେତ୍ରରେ ଧାନ ବା ଅନ୍ୟ ଶସ୍ୟ ଗଛମାନ ଏକ
झाबरो; झकंड़ो ଏକ ସ୍ଥାନରେ ବହଳ ହୋଇ ଓ ଏକ ଏକ ସ୍ଥାନରେ ପତଳା ହୋଇ ଉଠିଥିବା ଅବସ୍ଥା—2. The state of paddy or other corn plants growing thickly at one place and thinly at other places in a field.
ଦେ. ବଣ—ଏକ ଅଂଶରେ ବହଳିଆ ଓ ଏକ ଅଂଶରେ ପତଳା ହୋଇ ଧାନ ବା ଅନ୍ୟ ଶସ୍ୟ ଗଛ ଉଠିଥିବା ଅବସ୍ଥାଯୁକ୍ତ (କ୍ଷେତ୍ର)—(corn field) With plants growing up very irregularly.
(ଯଥା—ଏ ବର୍ଷ ମୋ ମୁଗକ୍ଷେତରେ ପୋକ ଲାଗି ଝବା ହୋଇଗଲା ।)
ସ୍ଥାଦେ. (ସମ୍ବଲପୁର) ବି—ସ୍ତ୍ରୀଲୋକମାନଙ୍କର ଅଳକା ପରି କପାଳରେ କେଶ ଉପରେ ପିନ୍ଧିବା ରୂପାର ଅଳଙ୍କାରବିଶେଷ—A silver ornament worn by females on the head over the hair.

ଝମ୍ (ଧାତୁ)—ସଂ—ଭକ୍ଷଣ କରିବା—
Jham (root) To eat.

ଝମ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ବର୍ଷାର ଝଙ୍କାର ଶବ୍ଦ—
Jham 1. Pattering sound of rain.
ঝম রম ୨ । ଧାତୁମୟ ପଦାର୍ଥଦ୍ୱୟ ପରସ୍ପର ବାଜିବାର ଶବ୍ଦ—
झमझम 2. Metallic clank.
ଝମଝମ ଝମଝମ ଝୁଣ୍ଟିଆ ବାଜେ
ସା ଯଦା ଗଜ୍ଜିତ ଗୋହିରୀ ବାଣ୍ଡେ—ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୩ । କୂଅର ପାଣିରେ କୌଣସି ଜିନିଷ ଖସି ପଡ଼ିବାର ଶବ୍ଦ—
3. Rustling sound of water striking a thing falling into a well.
(ଯଥା—ସନ୍ଧ୍ୟାଧରେ କୂଅରେ ଶୁଭିଲା ଝମ୍)
୪ । ଅଳଙ୍କାରାଦିର ଶବ୍ଦ—
4. Tinkling sound of ornaments.
ଦେ. ବଣ—ବିଶେଷ ପରିମାଣରେ (ବୃଷ୍ଟି)—
(raining) Cats and dogs; copious (shower).

ଝମକ—ଦେ. ବି. (ସଂ. ଧ୍ମା ଧାତୁ)—୧ । ଧମକ—
Jhamaka 1. Threatening.
ধমক ୨ । କ୍ଷମତା—2. Might.
धमक; झमक ୩ । ଚାକଚକ୍ୟ; ଝଟକ—3. Splendour; glitter.
୪ । ଆଭା; ତେଜ—4. Brightness.
୫ । କ୍ରୋଧଜନିତ ଆବେଗ—
5. Agitation through anger.
୬ । ଝମଝମ ଶବ୍ଦ—
6. Clanking sound; tinkling sound.
ତାଙ୍କର ପାଦ୍ମତ ନୂପୁର ଝମକରେ
ପିଟେ କି କାମଦେବ ଟମକ ବୁକୁରେ—କୃଷ୍ଣସିଂହ, ମହାଭାରତ, ଶାନ୍ତି ।

ଝମକ ଝମକ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଞ୍ଜ ମୃଦଙ୍ଗାଦି ବାଦ୍ୟ ବାଜିବାର ଶବ୍ଦ—
Jhamaka jhamaka Clank of cymbals and drums.
ଝମକ ଝମକ ତାଳ ଝମକେ—ପ୍ରାଚୀ, ରହସ୍ୟମଞ୍ଜରୀ ।

ଝମକ ଝୁଣ୍ଟିଆ—ଦେ. ବି—ଗୋଡ଼ ଆଙ୍ଗୁଠିରେ ପିନ୍ଧା ଯିବା ରୂପାର ଅଳଙ୍କାରବିଶେଷ—Tinkling rings for the toes.
Jhamaka jhuṇṭiā

ଝମକା—ଦେ. ବି—ଝମକ (ଦେଖ)
Jhamakā Jhamaka (See)

ଝମକା(କେ)ଇବା—ଦେ. କ୍ରି. (ଝମକିବାର ଣିଜନ୍ତରୂପ)—
Jhamakā(ke)ibā ୧ । ଧମକାଇବା—1. To threaten.
ঝমকান ୨ । ଝମଝମ ଶବ୍ଦ କରିବା—
झमकाना 2. To make a jingling or clanking sound.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷରର ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରହୀନ ଅପର ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧାଙ୍ଗ' ପାଇଲେ 'ଅଙ୍କ' ଦେଖିବେ, 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତି' ଦେଖିବେ ।

ଗାଦ ଯୁକ୍ତ ଝାଡ଼ିବା ଛଳେ
ନୂପୁର ଝମକାଇ ଭଲେ—ଭୂପତି, ପ୍ରେମପଞ୍ଚାମୃତ ।

୩ । କୌଣସି ତେଜୋମୟ ପଦାର୍ଥ (ଅସ୍ତ୍ରାଦି)କୁ ଦେଖାଇବା—
3. To display a glittering thing.
ଖାଣ୍ଡା କାଢ଼ି ଝମକାଉଥିଲେ କରେ ଖଣ୍ଡା—କୃଷ୍ଣସିଂହ, ମହାଭାରତ, ବନ ।

୪ । ଇତସ୍ତତଃ ଚାଳନ କରିବା—
To wave; to move to and fro.
ଇନ୍ଦ୍ର ତାହା ଦେଖି ବଜ୍ରକୁ ଝମକାଇ
ଫିଙ୍ଗିଲେ ଭୀମାରଙ୍କ ଦେହକୁ ଦେଖାଇ—କୃଷ୍ଣସିଂହ, ମହାଭାରତ, ବନ ।

ଝମକିବା—ଦେ. କ୍ରି. (ସଂ. ଧ୍ମା ଧାତୁ)—୧ । ଦାଉଦାଉ ହେବା; ଦୀପ୍ତି
Jhamakiba ପାଇବା—1. To shine; to glitter.
ঝমকা ବଳୟ ଝମକେ ଗୋ ଚମକ ଉଠେ ଭୁଜ୍ୟା ।
झमकना ପ୍ରାଚୀ, ରହସ୍ୟମଞ୍ଜରୀ ।

୨ । (ଧ୍ୱନ୍ୟନୁକରଣ) ଝମ ଝମ ଶବ୍ଦ କରିବା—
2 To make a clanking sound.
କଷାଦ ଅସହଣ ନଭେ ହସ୍ତ ଭରଣ ଶଙ୍କାରୁ ଝମକ କୃପାଣ ସେ ।
ଉପେନ୍ଦ୍ର, ବୈଦେହୀଶବିଳାସ ।

୩ । (ଅନ୍ଧ ବା କଣା) ସାବଧାନ ହୋଇ ଯାଚାଯୁକ୍ତ କରିବା—
3. To feel one's way (in the dark as a blind man).
ଅନ୍ଧାର ଘରେ କଣା (କାଣୀ) ଝମକେ
ଯାହା ପାଇଁ ଅଛି ଅନ୍ଧାରେ ଥାକେ—ଚଗ ।

ଝମଝମ—ଦେ. ଅ—୧ । ଝମ୍ (ଦେଖ)
Jhama-jhama 1. Jham (See)
୨ । ଝିମି ଝିମି (ଦେଖ)
2. Jhimi jhimi (See)
ଶରୀର ଝମ ଝମ ଉଦୟ ଦମ ଦମ । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଝମର ଝମର—ଦେ. ଅ. (ଧ୍ୱନ୍ୟନୁକରଣ)—
Jhamara jhamara ଘୁଙ୍ଗୁର ଆଦି ଅଳଙ୍କାର ଚାଳନଜନିତ ଉଚ୍ଚ
ঝমরঝমর ଶବ୍ଦ—High tinkling sound of
झमझम ornaments.
[ଦ୍ର—ଝୁମୁରୁ ଝୁମୁର ବା ଝୁମ୍ ଝୁମ୍ ଅଳଙ୍କାରର ଅନୁଚ୍ଚ ମଧୁର ଧ୍ୱନି ଓ ଝମର ଝମର ଅପେକ୍ଷା କ୍ଷୀଣତର ।]

ଝମା—ଦେ. ଦ—ଝାମା (ଦେଖ)
Jhamā Jhāmā (See)

ଝମାଝମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଧମାଧମ (ଦେଖ)
Jhamā-jham Dhamā-dham (See)

ଝମ୍ପ—ସଂ. ବି. (ଝମ୍=ଅନୁକରଣ ଶବ୍ଦ+ପା ଧାତୁ+ଭାବ. ଅ; ଭୂଲ,
Jhampa 'ଇଂ. ଜମ୍ପ୍)—ଲମ୍ଫ; ଡିଆଁ; ଉଠ—
A jump; a spring; a plunge; a leap.

ଝମ୍ପ (ଧାତୁ)—(ଝମ୍ପ ଶବ୍ଦରୁ ଉତ୍ପନ୍ନ ସୌତ୍ରିକ ଧାତୁ)—
Jhampa (root) ୧ । ଡିଆଁବା—
1. To jump; to leap.

୨ । ଶିକାରକୁ ଝାମ୍ପିବା; ଶିକାର ଉପରେ ଲମ୍ଫ ଦେଇ ପଡ଼ିବା—
2. To pounce up on a prey.

ଝମ୍ପାନ୍—ଦେ. ବ—ଝାମ୍ପାନ୍ (ଦେଖ)
Jhampan Jhāmpān (See)

ଝମ୍ପନ—ସଂ. ବି. (ଝମ୍ପ ଧାତୁ+ଭାବ. ଅନ)—
Jhampana ୧ । ଡିଆଁ—1. Jumping; leaping.
୨ । ଶିକାରକୁ ଆକ୍ରମଣ କରି ମାଡ଼ିବସିବା—
2. Pouncing on a prey.

ଝମ୍ପଲମ୍ପ କରିବା—ଦେ. କ୍ରି. (ସଂ. ଝମ୍ପ, ଲମ୍ଫ)—
Jhampa-lampha kariba ୧ । ଲମ୍ଫଝମ୍ପ କରିବା; ତେଇଁବା
লম্ফঝম্পকরা ଡିଆଁବା—1 To leap and jump.
झँपना ୨ । ମୁଣ୍ଡ ହାତ ହଲାଇ ଆସ୍ଫାଳନ କରିବା—
2. To brag and bluster with motions.

ଝମ୍ପା—ସଂ. ବ—୧ । ଝମ୍ପ (ଦେଖ)
Jhampā 1. Jhampa (See)
୨ । ଝାମ୍ପିବା; ଜବରଦସ୍ତି ଛଡ଼ାଇ ନେବା; ବଳପୂର୍ବକ ଅପହରଣ—2. Kidnapping; snatching away; forcible taking away.
ଗୋଲ୍‌ଗା ସାଏ ସିଂହ ମଠାଲିଙ୍ଗନ ଛାନ ଝମ୍ପା ରୂପବହୁଁ ।
ଉପେ. ବୈଦେହୀଶ ସ୍ତବଗ୍ରୀ ।

ଦେ. ବ. ଝୁମ୍ପା (ଦେଖ)
Jhumpā (See)

ଝମ୍ପାକ—ସଂ. ବି. (ଝମ୍ପ+ଅକ ଧାତୁ=ଗମନ କରିବା+କର୍ତ୍ତୃ. ଅ;
Jhampāka ଯେ ଡିଏଁ)—ବାନର; କପି; ମାଙ୍କଡ଼—
Monkey; baboon.

ଝମ୍ପା ଝାଲର—ଦେ. ବ. (ସଦ୍ଭବ; ସଂ. ଝମ୍ପ+ଝଲ୍ଲରୀ)—ପାଟଫୁଲ ପରି
Jhampā jhālara ପେନ୍ଥା ପେନ୍ଥା ଓ କେଣ୍ଡିକେଣ୍ଡି ହୋଇ ଝୁଲୁଥିବା
ঝাঁপাঝালর ଓହୋଳ ଥିବା ବସ୍ତ୍ରାଦିର ଅଳଙ୍କାର—Tassels and
झब्बाझालर strings (used as ornament).

ଝମ୍ପା ଝାଲରିଆ—ଦେ. ବଣ.—୧ । ଯହିଁରେ ଫୁଲ ଓ ଝାଲର ଲାଗି
Jhampā jhālariā ଥାଏ—1. Furnished with tassels
ঝাম্পা ঝালরিআ and strings.
झब्बा झालरवाला ୨ । ଯାହା ପେନ୍ଥାପେନ୍ଥା ଓ କେଣ୍ଡିକେଣ୍ଡି ହୋଇ ଝୁଲୁଥାଏ—2. Hanging down in tassels and strings.
ଝମ୍ପାଝାଲରିଆ ଝଲକ ଝଲକ ଗୋଲ୍‌ଗାର କେଶଗୁଚ୍ଛରେ ।
କବିସୂର୍ଯ୍ୟ, ସଙ୍ଗୀତ ।

ଝମ୍ପାଣ—ପ୍ରାଦେ. (ପୁରୀ) ବ.—ଗାରୁଡ଼ି ଏବଂ ବିଷ ଗୁଣିଆଁ ବା ସର୍ପ-
Jhampāṇa ବୈଦ୍ୟମାନେ ବିଷଧର ସାପମାନଙ୍କୁ ଧରି ମନ୍ତ୍ରବଳରେ ସେମାନଙ୍କୁ ବେକରେ ଗୁଡ଼ାଇ ଓ ଖେଳାଇ ଉତ୍ତର ମନ୍ତ୍ରଶକ୍ତି ଦେଖାଇବା କ୍ରିୟା—The act of snake-charmers exhibiting their power by

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଅ	ଙ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ	ଯ	ସ	ଗ୍ୟ	ଇଅ	ୱ	ନ୍

catching snakes and making them play on the Garbhaṇā saṅkrānti day.

ଝମ୍ପାନ୍—ଦେ. ବି. (ସଂ. ଝମ୍ପ)—ପାହାଡ଼ିଆ ଉଚ୍ଚାବଚ ସ୍ଥାନରେ ବ୍ୟବହୃତ ଏକ ପ୍ରକାର ଖଟୁଲି—Jhampan; sedan chair borne on bamboo poles by 4 bearers.
Jhampan
ঝাঁম্পান
झम्पान

[ବି.—ଗୋଟିଏ ଖଟୁଲି ବା ଖଟିଆର ୨ ମୁଣ୍ଡରେ ୨ଟି ବଡ଼ ବାଉଁଶ ବନ୍ଧା ହୋଇ ଥାଏ । ଉକ୍ତ ୨ଟି ବଡ଼ ବାଉଁଶର ୨ ମୁଣ୍ଡରେ ଦଉଡ଼ି ଲାଗି ଥାଇ ୨ ଖଣ୍ଡ ସାନ ବାଉଁଶରେ ତାହା ଝୁଲେ, ଏବଂ ଉକ୍ତ ଦୁଇ ସାନ ବାଉଁଶକୁ ଦୁଇ ଆଡ଼ୁ ୨ ଜଣ ଲେଖାଏଁ ୪ ଜଣ ବାହକ କାନ୍ଧରେ ବୁହନ୍ତି । ଏହା ପାର୍ବତ୍ୟ ଅଞ୍ଚଳରେ ଉଚ୍ଚ ନୀଚ ସ୍ଥାନରେ ଯିବା ଆସିବା କରିବା ପାଇଁ ବଡ଼ଲୋକେ ବ୍ୟବହାର କରନ୍ତି ।]

ଝମ୍ପାରୁ—ସଂ. ବି.—(ଝମ୍ପ + ଋ ଧାତୁ=ଗମନ କରିବା+କର୍ତ୍ତୃ ଉ; ଯେ ଝମ୍ପ ସହିତ ଗମନ କରେ)—ଝମ୍ପାକ (ଦେଖ)
Jhampāru
Jhampāka (See)

ଝମ୍ପାଶୀ—ସଂ. ବି. (ଝମ୍ପ + ଅଶ ଧାତୁ ଭକ୍ଷଣ କରିବା + ଇନ୍; ୧ମା. ୧ବ. ଯେ ମାଛକୁ ଝାମ୍ପ କରି ଖାଏ)—ମାଛରଙ୍କା ପକ୍ଷୀ—The king-fisher (bird)
Jhampāśi

ଝମ୍ପୀ—ସଂ. ବି. (ଝମ୍ପ+ଇନ୍; ୧ମା. ୧ବ.)—ବାନର; ମାଙ୍କଡ଼—Monkey; ape.
Jhampi

ଝର୍‌ଝମ୍ପା—ଦେ ବି.—ଜଙ୍ଗଲ ମାଝାରି ବୃକ୍ଷବିଶେଷ—A moderate-sized wild tree; Actinodaphne Augustifolia (Haines).
Jhar-jhampā

ଝର—ସଂ. ବି. (ଝୃ ଧାତୁ=ତଳକୁ ପଡ଼ିବା + କରଣ. ଅ)—
Jhara ୧ । ନିର୍ଝର; ଝରଣା—
1. Natural spring; water-fall.
୨ । ପର୍ବତ ଉପରୁ ତଳକୁ ବହୁଥିବା ଜଳପ୍ରବାହ—
2. Hill-spring; cascade.
୩ । ଭୂଗର୍ଭସ୍ଥ ଜଳପ୍ରବାହ ଯାହା ମାଟି ଭେଦ କରି ଉଠେ; ଫୁଆର—3. Fountain; spring of under-ground water.
୪ । ଭୂଗର୍ଭୋତ୍ଥିତ ଅବିରଳ ଜଳପ୍ରବାହ—
4. Inexhaustible spring of under-ground water.
୫ । ସମୂହ (ହି. ଶବ୍ଦସାଗର)—
5. Multitude; collection.
୬ । ବେଗ (ହି. ଶବ୍ଦସାଗର)—6. Velocity.
୭ । ଲଗାଣ; ଅବିରତ ଧାରରେ ବୃଷ୍ଟି (ହି ଶବ୍ଦସାଗର)—
7. Continuous shower of rain.
୮ । କୌଣସି ବସ୍ତୁର ଅବିରତ ପତନ (ହି. ଶବ୍ଦସାଗର)
8. Continuous shower of any thing.
୯ । ଆଞ୍ଚ; ତାପ; ଜ୍ୱାଳା (ହି. ଶବ୍ଦସାଗର)—9. Heat.
୧୦ । ତାଲାର ଭିତରର କଳ—(ହି. ଶବ୍ଦସାଗର)
10. The inner mechanism of a padlock.

ଝରକଲମ—ଦେ. ବି. (ଇଂ.ରୁ ଅନୁବାଦ; ଅଧୁନା ବ୍ୟବହାର)—ଯେଉଁ କଲମରେ ଆଗରୁ ସ୍ୟାହି ପଶି ଥାଏ ଓ ସେହି ସ୍ୟାହି ଲେଖିଲାବେଳେ କଲମର ମୁହଁକୁ ଝରି ଆସେ—Fountain pen.
Jhara-kalama
ঝরকলম

ଝରକା—ଦେ. ବି. (ସଂ. ଜାଲକ)—୧ । ଖିଡ଼କି; ଜାଳାକବାକ୍ଷ; ଗବାକ୍ଷ—
Jharakā 1. Latticed window.
ঝরকা ୨ । ଜାଳାଲ; ପଞ୍ଜର—2. Window; shutter.
झरोखा ପ୍ରାଦେ. (ସମ୍ବଲପୁର) ବି—ବାଉଳି ୨ (ଦେଖ)
Bāuḷi 2 (See)

ଝରଝର—ଦେ. ଅ. (ଧ୍ୱନ୍ୟନୁକରଣ)—ପାଣିଧାର ତଳକୁ ବହିବାର ଶବ୍ଦ; ଝରଣାର ଜଳପତନ ଶବ୍ଦ—Sound of water flowing down (e.g. a spring).
Jhara-jhara
ঝরঝর
झरझर

ସର୍ବଦା ଶବଦ ଶୁଭଇ ଝରଝର
ତାହା ଶୁଣି ବିରହୀ ହୋଇଲେ କାତର । କୃଷ୍ଣସିଂହ. ମହାଭାରତ, ବନ ।

ଦେ. ବିଣ—ବିଶେଷ ପରିମାଣରେ ପଡ଼ୁଥିବା (ଜଳୀୟପଦାର୍ଥ)—Falling in copious torrents (liquid).

ଘନେ ବୁନ୍ଦୁକିର କରକାଉଥାଏ ବରଷଇ ମୋ ଚକ୍ଷୁ ବୃଷ୍ଟି ଝରଝର ।
ଉଞ୍ଜ. ପ୍ରେମସୁଧାନିଧି ।

ଦେ. କ୍ରି. ବିଣ—ଝରିବା ପ୍ରକାରେ; ଅବିରତ ପ୍ରବାହରେ—In copious torrents (said of liquid flowing down); copiously.

ଝରଝର ଲୋତକଧାର ନୟନୁ
ଝରୁ ଚନ୍ଦ୍ରମା ଦଶ ଚନ୍ଦ୍ରମା ଧନୁ । ମଧୁସୂଦନ. ସୀତାବନବାସ ।

ଝରଝରା—ଦେ. ବି—ଝର୍ଝରା (ଦେଖ)
Jharajharā Jharjharā (See)

ଜଗଝମ୍ପ, ଝରଝରା, ଦାମାମା, ଦୁନ୍ଦୁଭି । ରଘୁନାଥ. ମହାଯାତ୍ରା ।

ଝରଣ—ଦେ. ବି—ଝରଣା (ଦେଖ)
Jharaṇa Jharaṇā (See)

ସେ ଶୃଙ୍ଗମାନଙ୍କରୁ ବାହାରି ଝରଣ
ଶବଦରେ ପୂରଉଛନ୍ତି ସେ ଶ୍ରବଣ । କୃଷ୍ଣସିଂହ. ମହାଭାରତ, ବନ ।

ଝରଣା—ଦେ. ବି. (ସଂ. ଝର)—୧ । ନିର୍ଝର—
Jharaṇā 1. Spring; cascade.
ঝরণ ୨ । (କେଣ୍ଡାରୁ ଧାନ; ଗଛରୁ ପତ୍ର) ଝଡ଼ିବା; ଭୂମିରେ
झरन ଖସି ପଡ଼ିବା—2. Dropping down; falling down.
୩ । ପାଣିଆଦି ଝରିବା କର୍ମ—
3. Oozing; trickling down (of liquid).

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଦୁଖ' ନ ମିଳିଲେ 'ଦୁଃଖ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝରନ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଝରନ୍)—
Jharan ଝରଣା ୧ (ଦେଖ)
Jharanā 1 (See)

ଝରନା—ପ୍ରାଦେ. (ସମ୍ବଲପୁର) ବି—ଝରଣା ୧ (ଦେଖ)
Jharanā Jharanā 1 (See)

ଝରପୂଜା—ଦେ. ବିଣ. (ସଂ. ଝର+ପୂଜ)—ଯେଉଁ ବ୍ରଣ ବା ଘାଆରୁ
Jhara-pūjā ପୂଜ ବହିବା ବନ୍ଦ ହୁଏ ନାହିଁ; ନାଡ଼ୀବ୍ରଣଯୁକ୍ତ
ନାଲୀଦାର (ଘାଆ)—(a sore) Having sinus.
ନାସୁର ଦେ. ବି.—ନାଡ଼ୀବ୍ରଣ—Sinus.

ଝରା—ଦେ. ବି. (ଅ. ଝଲ୍; ଭୁଲ ସଂ. ଧାରା)—
Jharā ୧ । ପୁଷ୍ପର ଲମ୍ବମାନ ଗୁଚ୍ଛ ବା ଫେନ୍ଦା—
ଝାଲର 1. A hanging bunch of flowers.
ଝଞ୍ଝା ୨ । ମୁଣ୍ଡରେ ପିନ୍ଧାଯିବା ଫୁଲ ଗଭା; ଫୁଲଗୁନ୍ଥା ଚୋଡ଼ା—
2. A hanging nosegay worn on the hair.

ଝଞ୍ଜାଝାଲରିଆ ଅଳକ ଝଲକ ଗୋଲକାର ବେଶବେଶେ
ଝରା ଖଞ୍ଜି ବସ୍ତ୍ର ଓଷ୍ଠେ ଶର ତ୍ରିସ୍ତ ଉଦର ନେବେ ହୁରଖେ ।
କବିସୂର୍ଯ୍ୟ. ସଙ୍ଗୀତ ।

୩ । ଟୋପିଅଗରୁ ଏକପାଖରେ ଓହୋଳିଥିବା ଜରି ବା ରେଶମ ଡୋରର ଝୁମ୍ପା ବା ଗୁଚ୍ଛ—3. Tassels hanging down from a cap.

୪ । ଚୂଡ଼ାର ଅଳଙ୍କାର ବିଶେଷ; ଝରା କାଠିକୁ ଓହୋଳ ଥିବା ଘୁଙ୍ଗୁରୁ ଲଗା ଝଞ୍ଜିରମାଳ—4. Chain-tassels hanging from a lady's hairpin.

ମସ୍ତକ ମଣ୍ଡନ ଝରାରେ । କବିସୂର୍ଯ୍ୟ, ସଙ୍ଗୀତ ।

୫ । ଝରାଗୁଡ଼ (ଦେଖ)
5. Jharā-gurḍa (See)

୬ । (ଲକ୍ଷଣାର୍ଥ; ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ)—ଭୂଷଣ ସ୍ୱରୂପ; ଉତ୍କୃଷ୍ଟ ବ୍ୟକ୍ତି—6. (figurative) Ornament.

ଧରାଧରାଧରସୁନା ଭଣି ଡଗରେ ଚୋ ବନା
ପରାଭବ କାହିଁ ହେବ ନନ୍ଦାରେ ଧର ଝରା । କବିସୂର୍ଯ୍ୟ. ସଙ୍ଗୀତ

୭ । (ଗ୍ରାମ୍ୟ ଓ ଇତର; ଭ୍ର ସ୍ଥାନରେ ର ଉଚ୍ଚାରଣ)—ଝଡ଼ା; ଗଛରୁ ଝଡ଼ି ପଡ଼ିଥିବା ଧାନ ବା ଫଳ ଆଦି—
7. Grains or fruits which have dropped from plants and trees.

ଦେ. ବିଣ.—୧ । ଝରି ଥିବା—
1. Which has dripped or oozed.
୨ । (ଇତର ଓ ଗ୍ରାମ୍ୟ)—ଝଡ଼ି ପଡ଼ିଥିବା—
2. Which has fallen down or dropped.

ପ୍ରାଦେ. (ଗଡ଼ଜାତ)—ବି.—ରାଜାଙ୍କ ଅବିବାହିତା ବା ରକ୍ଷିତା ଦାସୀ; ରାଜାଙ୍କ ବିଶେଷ ସ୍ନେହ ଓ ଅନୁଗ୍ରହ ପାତ୍ରୀ ଦାସୀ—
A favourite concubine of a Rājā.

[ଦ୍ର—ଗଡ଼ଜାତରେ ରାଜାଙ୍କର ପ୍ରଥମ ବିବାହିତା ସ୍ତ୍ରୀଙ୍କୁ ପାଟମହାଦେଈ ବା ପାଟରାଣୀ, ଅନ୍ୟ ବିବାହିତା ସ୍ତ୍ରୀମାନଙ୍କୁ ମହାଦେଈ ବା ରାଣୀ, ନାମମାତ୍ର ଅର୍ଥାତ୍ ଗାନ୍ଧର୍ବ ମତରେ ବିବାହିତା ସ୍ତ୍ରୀଙ୍କୁ ଫୁଲଦେଈ ବା ଫୁଲବିବାହୀ ବା ଫୁଲବେଈ ଆଦି କହନ୍ତି । ରାଜା ଯେଉଁ ଦାସୀକୁ ଫୁଲଝରା ଉପହାର ଦେଇ ଅନୁଗୃହୀତା ରକ୍ଷିତା ରୂପେ ବରଣ କରିଥାଆନ୍ତି, ତାକୁ ଝରା କହନ୍ତି ।]

ପ୍ରାଦେ. (ସମ୍ବଲପୁର) ବି.—୧ । ବାଲୁଙ୍ଗା ଧାନ—
1 Paddy growing without culture.
୨ । ଶୂଦ୍ର ଜାତିବିଶେଷ (ଏମାନେ ନଈବାଲିରୁ ଚାଲିଇ ସେଥିରୁ ସୁନାର ଅତି କ୍ଷୁଦ୍ର କଣାମାନ ଝାଡ଼ନ୍ତି—
2. A caste of Sudras (whose occupation is to get gold-dust from the river-bed by sifting and washing the sands.)

ପ୍ରାଦେ. (ସିଂହଭୂମ) ବି—ଜଙ୍ଗଲ ମାଛ—
A kind of fish.

ଝରା(ରେ)ଇବା—ଦେ. କ୍ରି (ସଂ କ୍ଷରଧାତୁ ଣିଜନ୍ତ)—ଝରିବାର ଣିଜନ୍ତ
Jharā(re)ibā • ରୂପ—Causative of Jharibā.
ଝରାନ ୧ । କ୍ଷରିତ କରାଇବା—
ଝରାନୋ 1. To distill; to cause to ooze.
୨ । ବୁହାଇବା; (ଅଶ୍ରୁ) ଗଡ଼ାଇବା—
2. To let fall; to drop down (tears).

ଝରଝର ନୟନୁ ଅଶ୍ରୁ ଝରାନ୍ତି । ନନ୍ଦକିଶୋର. ଗର୍ଣ୍ଣିଷ୍ଠା ।

୩ । (ଦୃଷ୍ଟି) ନିକ୍ଷେପ କରିବା—2. To cast (glance).

ଅପାଙ୍ଗ ଭ୍ରୂରୁଚିତ ଝରା ସୁଚାରେ । କବିସୂର୍ଯ୍ୟ, ସଙ୍ଗୀତ ।

ଝରାକାଠି—ଦେ. ବି—ଝୁମ୍ପା ଓହୋଳ ଥିବା ଖୋଷାକାଠି; ସ୍ତ୍ରୀମାନଙ୍କ
Jharā-kāthi ଚୂଡ଼ାର ଅଳଙ୍କାର କାଠି ବିଶେଷ—
A hairpin with a bunch of pendant chains (worn on the chignon).

[ଦ୍ର—ଏହା ସୁନା, ରୁପା ବା ହାଡ଼ବାଲୁର ସରୁ କାଠି; ଏଥିର ଅଗରେ ଗୁଡ଼ାଏ ଝୁମ୍ପାଲଗା ଶିକୁଳି ଓହୋଳ ଥାଏ ଓ ଏହା ଚୂଡ଼ାରେ ଗୁଞ୍ଜାଯାଏ । ମୁଣ୍ଡ ହଲାଇଲେ ବେଳେ ଏ ଝରାଗୁଡ଼ିକ ଝୁଣୁଝୁଣୁ ଶବ୍ଦ କରେ ।]

ଝରାଗୁଡ଼—ଦେ. ବି. (ସଂ. କ୍ଷରିତ+ଗୁଡ଼)—
Jharā-gurḍa ପାଣିଆ ଗୁଡ଼; ବନ୍ଦ ଭିଆର କଲା ବେଳେ ଗୁଡ଼ରୁ
ଝରାଗୁଡ଼ ଝରିଥିବା ପାଣିଆ ଗୁଡ଼—Treacle; molasses,
ରାବ

ଝରାଝର—ଦେ. କ୍ରି. ବିଣ—ଝରଝର (ଦେଖ)
Jharājhar Jharajhara (See)

ଝରାଝୋର—ପ୍ରାଦେ. (ସମ୍ବଲପୁର) ଅ. (ସଂ.ଝର୍ଝର; ଭୁଲ.ହି. ଝରାଝର)—
Jharājhor ଅନର୍ଗଳ; ସର୍ବଦା—
Always; unintermittently.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	କ୍ତ

ଝରି—ଦେ. ବି. (ସଂ. ଝଲ୍ଲ; ଝ. ଧାର)—
Jhari ୧ । ସରୁ ମୁହଁ ଓ ଲମ୍ବ ବେକ ଥିବା ଜଳପାତ୍ର;
ଝାରୀ ଗୋଡ଼େଇ—1. A narrow-necked
झारी water-jug.

ଭୃଙ୍ଗିକ ଧୃତା ଝରି ମଧ୍ୟେ ଜଳ ଭରି
ଭାର୍ଯ୍ୟା ସଙ୍ଗେ ଗୋଡ଼ ଧୋଇଲେ ପ୍ରୀତ ଭରି ।
କୃଷ୍ଣସିଂହ, ମହାଭାରତ, ଅନୁଶାସନ ।

୨ । ନଳ ଲାଗିଥିବା ଗାଲ; ଗଡ଼ୁ—
2. A spouted jug.
ରଙ୍କ ପାଇଛି ଝରି, ପାଣି ପିଇପିଇ ମରି—ଢଗ ।

୩ । ପନ୍ନୀର ବା ଗୋଲାପଜଳ ଛିଞ୍ଚିବାର ଛିଦ୍ରଯୁକ୍ତ ପାତ୍ର;
ଗୋଲାପପାସ୍ —3. A pot with perforated
mouth for sprinkling scents on guests.

୪ । କୌଣସି ପଦାର୍ଥରୁ ଝରିବା ଜଳୀୟ ପଦାର୍ଥ—
4. Any watery substance which drops
from anything.
ଚନ୍ଦ୍ରରୁ ଚମତ୍କୃତ ସୁଧା ଝରି, ତାର ଦୃଷ୍ଟିରେ ମୁଖେ ଭରି ।
କବିସୂର୍ଯ୍ୟ. କଳୋଗଭଳମ୍ ଚ ଗୀତ ।

୫ । ଯନ୍ତ୍ର ବା ରନ୍ଦା ସାହାଯ୍ୟରେ କାଠ ଆଦିରେ କରାଯିବା
झरी ଲମ୍ବ ସରୁ ନାଳୀ—5. Narrow grooves made
in wood-work.

୬ । ଏକ ପ୍ରକାର ଟାଣୁଆ ଘାସ—6. Eihinoitoa
झरुआ Colona (A kind of stiff grass).
[ଦ୍ର—ଏହା ସରୁ ଓ ସିଧା, ଜଳସିକ୍ତ ସ୍ଥାନରେ ବଢ଼େ ।]

୭ । କୋଳପ ମଧ୍ୟରେ ଥିବା କଳ ବା ଯୋଡ଼ା (ଯାହାକୁ ଚାବି
ଦ୍ୱାରା ଆଗକୁ ବା ପଛକୁ ଘସାଇ ଦେଲେ କୋଳପ
ବନ୍ଦ ହୁଏ ବା ଖୋଲି ଯାଏ)—7. The lever of
झड़ी a padlock.

୮ । (ଗ୍ରା. ଉତ୍ତର ବ୍ୟବହୃତ; ଡ଼ ସ୍ଥାନରେ ର ଉଚ୍ଚାରଣ)—
ଝଡ଼ି (ଦେଖ)
8. Jharda (See)

ଝରିଆ—ଦେ. ବି—ମଧ୍ୟପ୍ରଦେଶରେ କଥିତ ଏକପ୍ରକାର ଓଡ଼ିଆ ଭାଷା—
Jharia A form of the Oriya language
spoken in the Central Provinces.

ଗ୍ରା. (ଉତ୍ତର) ବଣ—ଝଡ଼ିଆ (ଦେଖ)
Jhardia (See)

ପ୍ରାଦେ. (ସମ୍ବଲପୁର) ବି—୧ । ଝଡ଼; ତୋଫାନ—
1. Tempest.
୨ । ତୋଫାନମିଶା ବର୍ଷା—2. Rain with wind.

ଝରିଆ ପାଗ—ଗ୍ରା. (ଉତ୍ତର) ବି—ଝଡ଼ିଆ ପାଗ (ଦେଖ)
Jharia paga Jhardia paga (See)

ଝରିଆ ପୋକ—ଗ୍ରା. (ଉତ୍ତର) ବି—ଝଡ଼ିଆ ପୋକ (ଦେଖ)
Jharia poka Jhardia poka (See)

ଝରିଆର—ପ୍ରାଦେ. (ସମ୍ବଲପୁର) ବି—ଲଗାଣ; ଅନବରତ ୩।୪ ଦିନ
Jhariara ପର୍ଯ୍ୟନ୍ତ ହେବା ଝଡ଼ି ଓ ବରଷା—Continuous
rain and wind for 3 or 4 days.

ଝରିଝମ୍ପା—ଦେ. ବି—ଘର ଛାତତଳେ କେଉଁ କେଉଁ ହୋଇ ଝୁଲୁଥିବା
Jhari-jhampa ଚକଚକିଆ ଝୁମ୍ପା—Bunches of dazzling
tassels hanging under the roof of a
house as decoration.
ଶୋଭକ ସୁମୁଚ୍ଚ ହୋଇଛନ୍ତି ଝରିଝମ୍ପା । ପ୍ରାଚୀ. ବୃନ୍ଦାବନରୂପଣଗୀତା ।

ଝରି ପୋକ—ଗ୍ରା. (ଉତ୍ତର) ବି—ଝଡ଼ିଆ ପୋକ (ଦେଖ)
Jhari-poka Jhardia-poka (See)

ଝରିବା—ଦେ. କ୍ରି (ସଂ. ଝର; ଝ. ଝର ଧାତୁ)—
Jhariba ୧ । (ଜଳୀୟ ପଦାର୍ଥ) ଖସିବା; ଧାରରେ ବହିବା;
ଝରା ଗଳିବା—1. To flow down continuously; to
झरना fall down by drops; to drip.
କ ଅବା ପଶିଲେ ଉଦରେ
ନୟନୁ ଅଶ୍ରୁ ଘା ନ ଝରେ । ଜଗନ୍ନାଥ—ଭାଗବତ ।

୨ । ସରିବା; ସୂକ୍ଷ୍ମଧାରରେ ବହିବା—2. To ooze.
ଚନ୍ଦ୍ର ଚନ୍ଦ୍ର ଝାଳ ଝରିବ ଇନ୍ଦୁମୁଖରୁ ଶ୍ରମେ ।
ଉପେନ୍ଦ୍ର. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । (ପାତ୍ର) ଛିଦ୍ରଯୁକ୍ତ ହେଲେ ତହିଁରୁ ପାଣି ବହିବା—
3. To leak.
(ଯଥା—ଏ ଗରାଟା ଝରିଲାଣି ।)

୪ । (ଗ୍ରାମ୍ୟ; ଉତ୍ତର; ପଦ୍ୟ) ଝଡ଼ିବା ୧ (ଦେଖ)
4. Jhardiba 1 (See)
ଶରବେ ପଡ଼ଇ ଝରି । ନନ୍ଦକିଶୋର. ଶର୍ମିଷ୍ଠା ।

ଝରି ରନ୍ଦା—ଦେ. ବି—ଯେଉଁ ରନ୍ଦା ସାହାଯ୍ୟରେ କାଠରେ ଲମ୍ବ ଓ
Jhari randa ସରୁ ନାଳୀ ଖୋଳାଯାଏ—
Ploughplane of carpenters.

ଝରୋଖା(ଗା)—ପ୍ରାଦେ. (କଟକ) ବି. (ଭୁଲ. ହି. ଝରୋଖା)—
Jharokha(ga) ଝରକା—Window.

ଝର୍କା—ଦେ. ବି—ଝରକା (ଦେଖ)
Jharka Jharaka (See)

ଝର୍ଝ (ଧାତୁ)—ସଂ—ଶବ୍ଦ କରିବା—
Jharjha (root) To make a sound.

ଝର୍ଝର—ସଂ. ବି. (ଝର୍ଝ ଧାତୁ=ଶବ୍ଦ କରିବା + କର୍ତ୍ତୃ. ଅର)—
Jharjhara ୧ । କଳିଯୁଗ—1. The Kali or Iron age.
୨ । ନଦୀବିଶେଷ—2. Name of a river.
୩ । ଝରଣାରୁ ପାଣି ତଳେ ପଡ଼ିବାର ଶବ୍ଦ; ଉଚ୍ଚରୁ ତଳକୁ
ଜଳ ବେଗରେ ପଡ଼ିବାର ଶବ୍ଦ—3. Sound of
falling water; pattering sound.
ଗିରି ଗହ୍ୱରରେ ଝରଇ ନିର୍ଝର
ଝର୍ଝର ଶୁଭଇ ଧନ । ନନ୍ଦକିଶୋର. ନର୍ଝରଣୀ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଖିଆ ନ ପାଇଲେ 'ଅକ୍ଷିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ବାଦ୍ୟଯନ୍ତ୍ରବିଶେଷ; ତାସା—4. A kind of kettle-drum (which is struck with small twigs and makes a pattering sound.

୫ । ଝାଞ୍ଜ—5. Thin and wide cymbals.

ହସ୍ତ ବଳୟ ପଦ କିଙ୍କିଣୀ
ସ୍ୱନ ପ୍ରସର ମଞ୍ଜୁଳ ଝର୍ଝର । ଭଞ୍ଜ. ପ୍ରେମସୁଧାନିଧି ।

୬ । ବେତ୍ରନିର୍ମିତ ଦଣ୍ଡବିଶେଷ (ଜ୍ଞାନେନ୍ଦ୍ର)— 6. A kind of stick or staff of cane.

୭ । ଛାଲଚଟୁ—7. A sieve-like ladle.

୮ । ହିରଣ୍ୟାକ୍ଷ ଅସୁରର ଏକ ପୁତ୍ରର ନାମ— 8. Name of a son of demon Hiraṇyāksha.

୯ । ଗୋଡ଼ରେ ପିନ୍ଧାଯିବା ଗହଣାବିଶେଷ (ହି. ଶବ୍ଦସାଗର) 9. A kind of ornament for the leg.

ଝର୍ଝରକ—ସଂ. ବି. (ଝର୍ଝର + ସ୍ୱାର୍ଥେ. କ) —କଳିଯୁଗ—
Jharjharaka The Kali age; the Iron age.

ଝର୍ଝରା—ସଂ. ବି. ସ୍ତ୍ରୀ. (ଝର୍ଝର + ସ୍ତ୍ରୀ. ଆ)—ବେଶ୍ୟା—
Jharjharā A prostitute.

ଝର୍ଝରାବତୀ—ସଂ. ବି. (ଝର୍ଝର+ବତ୍+ସ୍ତ୍ରୀ. ଈ)—୧ . ଗଙ୍ଗାନଦୀ
Jharjharā-batī (ହି. ଶବ୍ଦସାଗର)— 1. The river, Ganges.

୨ । କୁରୁବକ (ହି. ଶବ୍ଦସାଗର) (ଦେଖ) Kurubaka (See)

ସଂ. ବିଣ.—ଝଙ୍କାରକାରୀ (ଜ୍ଞାନେନ୍ଦ୍ର)— Making a pattering sound.

ଝର୍ଝରିକା—ସଂ. ବି. (ଝର୍ଝରୀ+କ+ଆ)—ତାରାଦେବୀ (ହି. ଶବ୍ଦସାଗର)—
Jharjharikā The Goddess Tārā.

ଝର୍ଝରୀ—ସଂ. ବି. ପୁଂ. (ଝର୍ଝର + ଇନ୍; ୧ମା. ୧ବ.)—ଶିବ
Jharjharī (ହି. ଶବ୍ଦସାଗର)—God Śiba.

ସଂ. ବି. ସ୍ତ୍ରୀ—(ଝର୍ଝର+ସ୍ତ୍ରୀ. ଈ)—୧ । ଚଟକା ନାଗରା; ତାସା—1. A kind of flat shallow kettle-drum.

[ଦ୍ର—ଏହା ଚଲମ ପରି ଓ ବଜାଇଲା ବେଳେ ଏହାକୁ ଦୁଇଟି କାଠିରେ ଆଘାତ କରି ଯାଏ ।]

୨ । ଏକ ପ୍ରକାର ମନ୍ଦିରା; ଛୋଟ ଝାଞ୍ଜ— 2 A kind of small cymbals.

୩ । ବେଶ୍ୟା (ଜ୍ଞାନେନ୍ଦ୍ର)—3. Prostitute.

ଝର୍ଝରୀକ—ସଂ. ବି. (ଝର୍ଝରୀ + କ)—୧ । ଦେଶ (ହି. ଶବ୍ଦସାଗର)—
Jharjharīka 1. Country.

୨ । ଶରୀର—2. Body.

୩ । ଚିତ୍ର—3. A painting; picture.

ଝଲ୍ (ଧାତୁ)—ସଂ.—ଉଜ୍ଜ୍ୱଳ ହେବା; ଦୀପ୍ତି ପାଇବା; (ଜ୍ଞାନେନ୍ଦ୍ର)
Jhal (root). To dazzle; to glitter.

ଝଲକ—ଦେ. ବି. (ସଂ. ଜ୍ୱଳକ; ସଂ. ଝଲ୍ଲିକା=ଦୀପ୍ତି; ହି. ଶବ୍ଦସାଗର).
Jhalaka ୧ । ଆଲୋକର ଚମକ ବା କ୍ଷଣସ୍ଥାୟୀ ସତ୍ତା—
ঝলক 1. Flash of light.
झलक, चिलक ୨ । ତେଜଃ; ଦୀପ୍ତି— 2. Lustre; glamour; radiance.

୩ । ସୌନ୍ଦର୍ଯ୍ୟ; କାନ୍ତି—3. Grace; beauty.

ତହିଁ ପାଖରେ ସୁନା ଦୁବର ଝଲକ ।
କୃଷ୍ଣସିଂହ. ମହାଭାରତ. ବନ ।

୪ । ଅଗ୍ନିଶିଖା—4 Flame of fire.

୫ । (ସଂ. ଝଲ୍ଲକ) କଂସାଳ ବାଦ୍ୟ—5. A musical instrument of bellmetal.

୬ । ନୋଲକ; ଫାସିଆରେ ଝୁଲୁଥିବା ଗୋଲ ରତ୍ନ ବା ଧାତୁ ଗୋଲକ—6. A pendant gem.

୭ । କର୍ଣ୍ଣାଲଙ୍କାରବିଶେଷ—7. A earring.

ଶ୍ରବଣେ ଭଲ ମୋ ଝଲକ ତକ ଫେରନ୍ତା ମୁକୁତା ବନ୍ଧ ।
ପ୍ରାଚୀ, ରହସ୍ୟମଞ୍ଜରୀ ।

୮ । ଆନ୍ଦୋଳନ—8- Agitation.

୯ । ଅଲୋକତରଙ୍ଗ—9. A wave of light.

୧୦ । ପ୍ରତିବିମ୍ବ—10. Reflected image.

୧୧ । ତରଙ୍ଗ; ଢେଉ—11. Wave.

ଦେ. ବିଣ.—୧ । ପ୍ରତିବିମ୍ବିତ—1. Reflected.

୨ । ଦୀପ୍ତ—2. Lighted; illuminated.

୩ । ଝଟକୁଥିବା; ଉଜ୍ଜ୍ୱଳ— 3. Bright; dazzling.

ପାଟପଟଳୀ ମଣି ଫେଷ, କଣ୍ଠେ ଝଲକ ଚନ୍ଦ୍ରହାସ ।
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ଝଲକ ଦଣ୍ଡି—ଦେ. ବି.—ନାକଦଣ୍ଡି ଫୋଡ଼ା ହୋଇ ତହିଁରେ ପିନ୍ଧା ଯିବା
Jhalaka daṇḍi ଏକ ପ୍ରକାର ଦଣ୍ଡି; ଯେଉଁ ଦଣ୍ଡିରେ ନୋଲକ ଝୁଲୁ ଥାଏ—A kind of nose-ring with a pendant.

ଝଲକ ମାଳୀ—ଦେ. ବି. (ଛୋଟ ଛୋଟ ସୁନାର ପତ୍ରମାନ ଏଥିରେ ଝୁଲୁ
Jhalaka-mālī ଥିବାରୁ)—ଅଳକା—An ornament with pendants worn over the fore-head.

କପୋଳେ ଝଲକମାଳୀ ଝଲକେ ।
ଦୀନକୃଷ୍ଣ. ରସକଲ୍ଲୋଳ ।

ଝଲକ ଲଡ଼ୁ—ଦେ. ବି—(ଶିଶୁଗୀତ) ମିଷ୍ଟାନ୍ନବିଶେଷ—
Jhalaka laṛu (Nursery song) A kind of sweetmeat.

ଝଲକଲଡ଼ୁ ପାଆନ୍ତେ ପାଣ୍, ପୁଅ ବୋଇଲା କଇଁଛ ଅଣ୍
ମାଅ ବୋଇଲା କଇଁଛ ନାହିଁ, ଝଲକଲଡ଼ୁ ପାଇବ କାହିଁ । ଶିଶୁଗୀତ ।

ଝଲକହୀନ—ଦେ. ବିଣ—ତେଜୋହୀନ; ଦୀପ୍ତିଶୂନ୍ୟ—
Jhalaka-hīna Lustreless.

କହିଲେ ଲକ୍ଷ୍ମଣ ସେତେ ଘନ ଭବରେ ତଦୋ ଝଲକହୀନ ସେ ସେହିମତ—
ଭଞ୍ଜ. ବୈଦେହୀଶବିଳାସ ।

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ୍ର	ଉଥ	ଓ
୨	ଈ	ଊ	ଋୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଥ	ଡ଼	ନ୍

ଝଲକା—ଓଦ. ବ (ସଂ. ଝଲ୍ଲିକା=ଦୀପ୍ତି)—୧ । ତରଙ୍ଗ; ଆଘାତ ଦ୍ୱାରା ଉପରକୁ ଉଠି ଆସିବା ଊର୍ମିପ୍ରବାହ; ତରଙ୍ଗାକାର ପ୍ରବାହ—1. A gush; a violent flowing up or rising of water or liquid; flapping or rushing of a wave of liquid.
Jhalakā
ঝলকা
झलका

(ଯଥା—ଝଲକାଏ ପାଣି, ରକ୍ତ, ବାନ୍ତି ଇତ୍ୟାଦି ।)

୨ । କର୍ଣ୍ଣଭୂଷଣବିଶେଷ—2. A kind of earring.

କର୍ଣ୍ଣ ଅଗ୍ର ପତ୍ର ଝଲକା ଝଲକ ଡାଳକାବଳ ଝଳ ଦଳ—
ଉତ୍କ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।

୩ । (ଗ୍ରାମ୍ୟ, ଉତ୍ତର) ଝରକା; ବାତାୟନ—
3. Window.

୪ । ଝଲକ ଦଣ୍ଡି (ଦେଖ)—
4. Jhalaka dandi (See)

ଝଲକା(କେ)ଇବା—ଦେ. କ୍ରି—(ସଂ. ଝଲ୍ଲିକା=ଦୀପ୍ତି; ଝଲକିବାର ଣିଜନ୍ତ ରୂପ—Causative of Jhalakibā).
Jhalakā (ke)ibā
ঝলকান
झलकाना

୧ । ଦୀପ୍ତିମୟ କରାଇବା—1. To cause to shine.

୨ । ଜଳପାତ୍ରକୁ ଦୋହୋଲାଇ ତହିଁରେ ଥିବା ଜଳୀୟ ବସ୍ତୁକୁ ଆନ୍ଦୋଳିତ କରିବା—3. To shake a pot containing liquid so as to produce waves in it.

ଝଲକାଏ—ଦେ. ବିଣ—ଜଳୀୟ ପଦାର୍ଥର ଏକ ଊର୍ମି ବା ବେଗ ପରିମିତ; ମନାଏ—A splash; gushing wave or shower; one gush of (flowing liquid).
Jhalakāe
একঝলকা

(ଯଥା—ଝଲକାଏ ବାନ୍ତି; ଭଙ୍ଗାରେ ଝଲକାଏ ପାଣି ପଶିଗଲା ।)

ଝଲକିବା—ଦେ. କ୍ରି (ସଂ. ଚଲ ଧାତୁ)—୧ । ଦୋହୋଲିବା; ହଲିବା; ଝୁଲିବା—1. To dangle; to hang to and fro.
Jhalakibā
ঝলকা
झलकना, छिलकना

୨ । ଜଳଆଦି ପାତ୍ରରେ ଚହଲିବା; ଆନ୍ଦୋଳିତ ହେବା—2. To shake; to be agitated (said of liquid in a pot).

୩ । (ସଂ. ଝଲ୍ଲକ) ଝଟକିବା; ଦୀପ୍ତି ପାଇବା—
3. To glow; to dazzle.

ଯହିଁ ଅଛି ଯାହା ଝଲକୁଥିଲା ଗଣା,
କଲୁଥିଲା ଯୁବାଜନଙ୍କ ବୁଦ୍ଧି ବଣା । କୃଷ୍ଣସିଂ. ମହାଭାରତ. ଆଦିପର୍ବ ।

୪ । ପାତ୍ରରେ ଜଳଆଦି ଚହଲିକରି ଉଛୁଳିବା; ଉଛୁଳି ପଡ଼ିବା; ଚହଲିବା—4. To be spilt (said of a liquid running out of a pot by shaking or horizontal agitation).

ଝଲକଇ ଥାଳ ବ୍ୟାଜେ ସୁଧାଦ୍ରବ—କବିସୂର୍ଯ୍ୟ. କଳଚା ।

୫ । ଉଦ୍‌ବିଗ୍ନ ହେବା; (ମନରେ) ଅସ୍ଥିର ବା ଚଞ୍ଚଳ ହେବା—
5. To be mentally agitated or perturbed.

ଝଲକିଗଲେ କୃଷ୍ଣ ଅକାରଣେ—କବିସୂର୍ଯ୍ୟ, କଶୋପତକାମୁ. ୯ ଗୀତ ।

୬ । ଇତସ୍ତତଃ ହେବା—6. To waver.

୭ । ବିକସିତ ହେବା; ସ୍ପଷ୍ଟରୂପେ ପ୍ରକାଶିତ ହେବା—
7. To be clearly manifest.

ପିଉଥିବା ଜାମା ନମାସ୍ତୁତିକ,
ଗୁପତ ଅଙ୍ଗ ଝଟିଲେ ଝଲକ । କବିସୂର୍ଯ୍ୟ, ସଙ୍ଗୀତ ।

ଝଲକ୍କା—ସଂ. ବ (ଝଲ୍ ଧାତୁ + ଅକ୍କ + ଆ)—୧ । ଶିଖା (ହେମଚନ୍ଦ୍ର)—
Jhalakkā 1. Flame.

୨ । ଜ୍ୱାଳା; ଅର୍ଚ୍ଚିଃ (ହେମଚନ୍ଦ୍ର)—2. Blaze.

ଝଲଜ୍ଝଲ—ସଂ. ବ—୧ । ପାଣି ଟୋପା ଟୋପା ହୋଇ ପଡ଼ିବାର ଶବ୍ଦ—
Jhalajjhala 1. The sound of falling drops (Apte).

୨ । ହାତୀ କାନ ବାଡ଼େଇବାର ଶବ୍ଦ—2. The sound of flapping of an elephant's ears (Apte).

ଝଲଝଲ—ଦେ. ଅ—୧ । (ସଂ. ଜ୍ୱଲ; ସଂ. ଝଲ୍ଲକା) ଦୀପ୍ତିଯୁକ୍ତ—
Jhalajhala 1. Radiant; dazzling.
ঝলঝল
झलझल
(ଝଲଜ୍ଝଲ—ଅନ୍ୟରୂପ)

ସବୁ ବଣମାନଙ୍କେ ଉଡ଼ କୁଳୁକୁଳୁ,
ଝଲଝଲ ହୋଇ ଝଟିଲେ ଭେଳା ଭେଳା । କୃଷ୍ଣସିଂ. ମହାଭାରତ. ଆଦ ।

୨ । (ସଂ. ଜାଲ) ଅତ୍ୟନ୍ତ ପତଳା ହେତୁ ଯାହାର ଏପାଖ ସେପାଖ ଫୁଟି ଦେଖାଯାଉଥାଏ; ଜାଲଜାଲୁଆ (ଲୁଗା)—
2. Thin and transparent (cloth); net-like.

୩ । (ସଂ. ଚଞ୍ଚଳ) ଦୋହୋଲୁଥିବା—3. Dangling.

ଝଲଝଲିଆ—ଦେ. ବି—୧ । ହସ୍ତୀର କର୍ଣ୍ଣ (ନଜେ)—
Jhalajhaliā 1. The ear of the elephant.

୨ । ଆସ୍ଫାଳନ (ନଜେ)—2. Blustering.

ଦେ. ବିଣ—୧ । ପତଳା; ସରୁ—1. Of delicate texture.

୨ । ଜାଲଜାଲୁଆ—2. Net-like.

ଝଲଝଲିଆ—ଦେ. ବିଣ—୧ । ଦୀପ୍ତିଯୁକ୍ତ—
Jhalajhaliā 1. Radiant; glowing.
ঝলঝলা, ঝলঝলিআ
झलझला

୨ । ଝୁଲୁଥିବା—2. Dangling; loosely hanging.

୩ । ଖୁବ୍ ପତଳା ଜାଲଜାଲୁଆ ଲୁଗା—
3 Very thin cloth, net-like in texture.

ଝଲମ—ଦେ. ବ—ଦେଉଳର ପୀଢ଼ ବା ଗୁଳର ଯେଉଁ ଅଂଶ କାନ୍ଥ ଉପରୁ ବାହାରକୁ ବଳ ପଡ଼ିଥାଏ—A cornice or projection of the outer roof beyond the walls of a temple.
Jhalama
কানস
कनस

ଝଲମଲ—ଦେ. ବଣ (ସଂ. ଝଲ୍ଲକା=ଅଗ୍ନି + ମଳନ)—୧ । ଚକ୍କଣ—
Jhalamala 1. Smooth.
ঝলমল
झलमला

୨ । ଦୀପ୍ତି ଦ୍ୱାରା ତରଙ୍ଗାୟିତ—2. Glistening; shining with waves of light.

ସାଧାରଣ ଲୋକେ ଅନେକ ସ୍ଥଳରେ ନଂ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଲଙ୍କ' ଦେଖିବେ

୩ । ଦୀପ୍ତିଶାଳୀ; ଚକଚକ—3. Shining; radiant.

୪ । ଅସ୍ଥିର ଦ୍ୟୁତିଯୁକ୍ତ ଝଟକୁଥିବା—
4. Glittering; twinkling.

୫ । ସୁନ୍ଦର—
5. Graceful.

ଅତୁଲ୍ୟ ଅମୂଲ୍ୟ ଝଲ ଝଲମଲ ଗଣ୍ଡକୁ ମୋ ଗଣ୍ଡେ ଘଷି ରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୬ । ଟିକ୍ ପତଳା—6. Very thin in texture.

୭ । ଜାଲଜାଲୁଆ—
7. Net-like in texture.

ଦେ. ବି—ସୂତାର ଏକପ୍ରକାର ପତଳା କନା—
A very thin fabric of cotton.

ଝଲମଲିଆ—ଦେ. ବିଣ—ଝଲମଲ (ଦେଖ)
Jhalamalia Jhalamala (See).

ଝଲରା—ଦେ. ବିଣ (ସଂ. ଜାଲ)—ଜାଲଜାଲୁଆ; ଯେଉଁ ଲୁଗା ଜାଲ ପରି ବହୁ ଛିଦ୍ରବିଶିଷ୍ଟ ଓ ପତଳା—
Jhalarā
ঝলমল
ঝিলমিলা; ঝিল্লড়
Thin and netlike in texture (fabric).

ଝଲସା(ସେ)ଇବା—ଦେ. କ୍ରି. (ଝଲସିବାର ଣିଜନ୍ତରୂପ)—
Jhalasā(se)ibā
ঝলসান
ঝুলসানা
୧ । ଈଷତ୍ ଦଗ୍ଧ କରିବା—
1. To scorch; to singe.
୨ । (ଆଖିକୁ) ଆଲୋକାଧିକ୍ୟ ଦ୍ୱାରା ପୀଡ଼ାଯୁକ୍ତ କରିବା—
2. To dazzle (the eyes) with excessive light.

ଝଲସିବା—ଦେ. କ୍ରି (ସଂ. ଝଲ ଧାତୁ; ଜ୍ୱଲ ଧାତୁ; ସଂ. ଝଲା = ଆଲୋକ-ତରଙ୍ଗ)—୧ । (ଆଖି) ଉତ୍ତାପ ବା ଆଲୋକର ଆଧିକ୍ୟ ଯୋଗୁଁ ପୀଡ଼ାଯୁକ୍ତ ହେବା ଓ ବୁଜି ହୋଇଯିବା—
Jhalasibā
ঝলসা
ঝুলসনা
1. (the eyes) To be dazed.

୨ । ଚକଚକ ହେବା; ଝଟକିବା—
2. To shine; to glitter.

ଶର ଉଦ୍ୟନ୍ତ, ଝଲସି ଉଠଇ, ତନ ଶରୀରର ବର୍ଣ୍ଣ ।
ଚନ୍ଦ୍ରଶେଖର. ନର୍ମଦୀ ।

୩ । ଥରେ ଉଜ୍ଜ୍ୱଳ ଓ ଥରେ ଅନୁଜ୍ଜ୍ୱଳ ହୋଇ ଝଟକିବା—
3. To twinkle; to sparkle.

୪ । ତାପର ଆଧିକ୍ୟରେ ଅର୍ଦ୍ଧଦଗ୍ଧ ହେବା—
4. To be scorched; to be singed.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଉଠିବା, ପଡ଼ିବା, ଯିବା କ୍ରିୟାର ସମାପିକା ରୂପ ମଧ୍ୟ ଯୁକ୍ତ ହୁଏ ।]

ଝଲା—ସଂ. ବି (ଝଲ ଧାତୁ + ଅ)—୧ । ଆତପର ଉର୍ମି; ସୂର୍ଯ୍ୟର ତରଙ୍ଗ (ମେଦିନୀ)—1. A wave of sun's rays.
Jhalā

୨ । କନ୍ୟା; ଝିଅ—2. Daughter (Apte).

୩ । ବାଳିକା—3. A girl (Apte).

୪ । ଝିଙ୍କାରୀ—4. A cricket (Apte).

୫ । ଖରା—5. Sunshine (Apte).

୬ । ଝଟକୁଥିବା ଆଲୋକ—
6. Glittering light (Apte).

୭ । ଆଭା; ଦୀପ୍ତି—
7. Splendour (Apte).

ঝালা ଦେ. ବି (ସଂ. ଜ୍ୱାଳ, ତୁଳନାକର ଓ. ଝାଳିବା, ଝାଳା)—
ঝালনা ଝାଳିବାକର୍ମ; ଦୁଇଖଣ୍ଡ ଧାତୁକୁ ଅନ୍ୟ ଧାତୁ ଦ୍ରବ ଦ୍ୱାରା ସଂଯୁକ୍ତ କରି ମିଶାଇବା—Soldering of two pieces of metal.

ଦେ. ବିଣ—ପରସ୍ପର ସଂଯୁକ୍ତ ହୋଇ ମିଶା ଯାଇଥିବା (ଧାତୁଖଣ୍ଡ ଦ୍ୱୟ)—Soldered.

ଝଲାଇ—ଦେ. ବି—ଝଲେଇ (ଦେଖ)
Jhalāi Jhalei (See).

ଝଲା(ଳେ)ଇବା—ଦେ. କ୍ରି—୧ । ଝଳିବାର ଣିଜନ୍ତରୂପ—
Jhalā(le)ibā
ঝালান
ঝলানা; ঝলবানা
1. Causative of Jhalibā.
୨ । ଝାଳିବାର ଣିଜନ୍ତରୂପ—
2. Causative of Jhālibā.

୩ । ପୂର୍ବ ସ୍ମୃତିକୁ ଜ୍ୱଳନ୍ତଭାବରେ ପ୍ରତିଭାତ କରାଇବା—
3. To bring something vividly to one's recollection.

ସେ ସବୁ ଛବି ପ୍ରାନ୍ତରର ଅତୀତ ଗୌରବକୁ ଝଳାଉଛି ।
ଉତ୍କଳ ସାହିତ୍ୟ ୬୨୪ ।

୪ । ସଲଗ୍ନ କରାଇବା; ମିଶାଇବା—
4. To cause to stick or adhere.

ଝଳାଅ କୁନ୍ତଳବକ୍ଷସ୍ଥଳକୁ ଛଡ଼ରେ—କବିସୂର୍ଯ୍ୟ. ସଙ୍ଗୀତ ।

ଝଲାଳି—ଦେ. ବିଣ—ଝାଳିବାର ବ୍ୟବସାୟ କରିବା ଲୋକ; ଯେ ଅଳଙ୍କାରାଦି ଝାଳେ—One who solders.
Jhalāli
ঝলহাবা ସଂ. ବି—ଗୁଆ—The areca nut (Apte).

ଝଳି—ଦେ. ବି (ସଂ. ଜ୍ୱଳ ଧାତୁ; ସଂ. ଝଲା)—୧ । ଦୀପ୍ତି—
Jhali
ঝলক
ঝলকনি
1. Glamour.

କର୍ଣ୍ଣମୂଳ ପର୍ଯ୍ୟନ୍ତ ଝଲିକା ଝଲକ ଧାରବାବଳୀର ଝଳି ।
ଉତ୍କ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ଚିକ୍କଣତା—2. Gloss; smoothness.

୩ । ଶୋଭା; କାନ୍ତି—3. Beauty; grace.

ଲପନର ଝଳି; ବଦ କକ୍ଷବ ପ୍ରସାର ଅର୍ପିଛି ।
ଗଙ୍ଗାମଣି, ତରଙ୍ଗିଣୀ ।

୪ । ଆଲୋକତରଙ୍ଗ—4. Wave of light.

ଦେ. ବିଣ—୧ । ଦୀପ୍ତ; ଦୀପ୍ତିମାନ୍; ତୋଫା; ଚକଚକ କରୁଥିବା—
1. Radiant; glittering; bright; shining dazzling.

ଝଳି ପାଖାଳି ଝଟକେ ନାହିଁକି—କବିସୂର୍ଯ୍ୟ. କଳୋଗୋବିନ୍ଦ ଝ. ଗୀତ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଋ
୨	ଈ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୠ	ନ୍ନ

୨ । ଚକ୍କଣ—2. Glossy; smooth.

ଚମ୍ପାର ଚୁମ୍ବି ମୋ ଅଧର ବଦନେ ପାଇ ନେତ୍ରକଞ୍ଜ ଶୋଭି
ଅତୁଲ୍ୟ ଅମୂଲ୍ୟ ଝଳ ଝଲମଲ ଗଣ୍ଡକୁ ମୋ ସଙ୍ଗେ ଲଭି ।
କବିସୂର୍ଯ୍ୟ. ସଙ୍ଗୀତ ।

ଦେ. ଝଲର ଝଲ —ଚୋପା—Dazzlingly.

ଅରେ ଝଳ ଗୋପ, ଝୁଲ କାଣୁ ଭଲ ହେଲେ ମୋହ ପଡ଼ ।
କବିସୂର୍ଯ୍ୟ, ବଳଦା ।

ଝଲବା—ଦେ. କ୍ରି (ସ. ଚଲ୍ ଧାତୁ, ଜ୍ୱଲ ଧାତୁ)—
Jhaḷibā ୧ । ଚକ୍କଣ ହେବା—1. To be glossy.
ঝলকা. ঝলা ୨ । ଶୋଭା ପାଇବା—2. To be beautiful.
झलकना ଗୁରୁ ପ୍ରେମାକ ଝଳ କର ସତ । ଭକ୍ତ. ପ୍ରେମସୁଧାନିଧି ।

୩ । ଜକଜକ ହେବା; ଚକ୍‌ଚକ୍ କରିବା; କାନ୍ତି ପ୍ରକାଶ କରିବା; ଝଟକିବା—3 To glitter; to glisten.

କାହିଁ ଚଲବାର ଖେଳବାଡ଼ କରେ
ଚକୁଳ ପଗସ୍ୱେ ଝଲେ ଶୌରିକରେ । ରାଧାନାଥ. ଚନ୍ଦ୍ରଭାଗା ।

୪ । ପ୍ରବେଶ କରିବା—4. To enter into.

ଗଣ୍ଡାଇକ ଛଣି ଲଗି ଭାର ପୁଣି ରଙ୍ଗାଇଲା ମନ୍ଦ୍ର ଝଳ ।
କବିସୂର୍ଯ୍ୟ. ଯଶୋଦାଚମ୍ପୂ ଗ. ଗୀତ ।

୫ । (ଦୁଇ ପଦାର୍ଥ) ଏକତ୍ର ଅବିଭକ୍ତ ଭାବରେ ମିଶିବା; ସଂଲଗ୍ନ ହେବା; ଜଡ଼ିଯିବା—5. To be inextricably mixed together; to stick to.

କାହା କୁରୁଙ୍ଗ କୁରୁଳି, କପୋଳେ ଯାଇଛି ଝଳ ।
ଗୋପକୃଷ୍ଣ. ରସକଲ୍ଲୋଳ ।

୬ । ଧାତୁଖଣ୍ଡଦ୍ୱୟ ଏକତ୍ର ସଂଯୁକ୍ତ ହେବା; ଝାଳହେବା—6. To be soldered to each other.

୭ । ଗଡ଼ିବା; ବୋହିବା; ଝରିବା—7. To drop down; to fall down by drops; to drip.

ଚନ୍ଦ୍ରମୁଖ-ପଙ୍କ୍ତି ଜ୍ୟୋତ୍ସ୍ନା ଚଢ଼େ ଝଳ । ରାଧାନାଥ, ଚନ୍ଦ୍ରଭାଗା ।

୮ । ଉଦ୍ଭାସିତ ହେବା—9. To become manifest.

ଝଳି ଉଠୁ ଭଦେ ଭଦେ ବସ୍ତ୍ରାଚ୍ଛାଦ ଅଧାର । ଉତ୍କଳ. ଗୀତଲହରୀ ।

ଝଲୁ—ପ୍ରାଦେ. (ସମ୍ବଲପୁର) ବି—ଏକ ସଙ୍ଗେ ତିନୁ ଅଧିକ ହାଣ୍ଡି ବସିବା
Jhalu ପାଇଁ ଥିବା ଚୁଲି—An oven on which more than 3 pots can be set at a time.

ଝଲେଇ—ଦେ. ବି—ଭଙ୍ଗା ଅଳଙ୍କାର ବା ବାସନକୁ ଝାଳିବା ମଜୁରି—
Jhaḷei Wages or cost for soldering an ornament or utensil.
ঝালাই
झलाई

ଝଲ୍ଲ—ଦେ. ବି—୧ । ବ୍ରାତ୍ୟ (ସଂସ୍କାରହୀନ) କ୍ଷତ୍ରିୟ ଓ ସବର୍ଣ୍ଣା ସ୍ତ୍ରୀ ଔରସ
Jhalla ବର୍ଣ୍ଣସଙ୍କର ଜାତି (ହି. ଶବ୍ଦସାଗର)—
1. A degraded caste amongst the Hindus.

୨ । ଭଣ୍ଡ; ବିଦୂଷକ (ହି. ଶବ୍ଦସାଗର)—
2. A jester, buffoon.

୩ । ପଟହ ବାଦ୍ୟ (ହି. ଶବ୍ଦସାଗର)—
3. A kind of drum.

୪ । ଜ୍ୱାଳା; ତେଜ (ହି. ଶବ୍ଦସାଗର)—
4. Blaze; inflammation; glare.

୫ । ଯେଉଁ ବ୍ୟକ୍ତି ବାଜି ରଖି ଲଢ଼େଇ କରେ—
5. A prize-fighter (Apte).

ଝଲ୍ଲକ—ସ. ବି. (ଝଲ୍ଲ—ଅନୁକରଣ ଧ୍ୱନି+କୈ ଧାତୁ=ଶବ୍ଦ କରିବା+
Jhallaka କର୍ତ୍ତୃ. ଅ)—କଂସାର କରତାଳ, ଗିନି—
(ଝଲ୍ଲକ, ଝଲ୍ଲକୀ—ଅନ୍ୟରୂପ) Bell-metal cymbals.

ଝଲ୍ଲକଣ୍ଠ—ସ. ବି. (ବହୁବ୍ରୀହି; ଝଲ୍ଲ=ଦୀପ୍ତି ଅଛି କଣ୍ଠରେ ଯାହାର)—
Jhalla-kanṭha ପାରା (ହି. ଶବ୍ଦସାଗର)—Pigeon.

ଝଲ୍ଲରୀ—ସ. ବି. ସ୍ତ୍ରୀ. (ଝଲ୍ଲ—ଅନୁକରଣ ଧ୍ୱନି+ର ଧାତୁ ଗ୍ରହଣ କରିବା
Jhallarī +କର୍ତ୍ତୃ. ଅ; ସ୍ତ୍ରୀ. ଈ)—
ଝଲରୀ, ଝଲ୍ଲରୀ } ଅନ୍ୟରୂପ ୧ । ବାଦ୍ୟବିଶେଷ; ନାଗରା—1. A kind of drum.

୨ । କୁଣ୍ଡୁକା—2. Bolt of a door.

୩ । କ୍ଲେଦ—3. Liquid filth; moisture (Apte).

୪ । ଶୁଦ୍ଧତା—4. Purity.

୫ । ଝାଞ୍ଜ (ହି. ଶବ୍ଦସାଗର)—
5. Bellmetal cymbals.

୬ । ସ୍ୱେଦ (ହି. ଶବ୍ଦସାଗର)—
6. Sweat; perspiration.

୭ । ମୁଦ୍‌ଗାକାର କେଶଗୁଚ୍ଛ—
7. A lock of hair; a curl.

ଝଲ୍ଲିକା—ସ. ବି. (ଝଲ୍ଲ+ସ୍ୱାର୍ଥେ. କ+ଆ)—
Jhallikā ୧ । ଜ୍ୱାଳା; ଦୀପ୍ତି (ହି. ଶବ୍ଦସାଗର)—
1. Blaze; glare.

୨ । ଗାତ୍ରମାର୍ଜ୍ଜନୀ; ଗାମୁଛା—2. Towel; napkin.

୩ । ଗାମୁଛାରେ ଦେହ ପୋଛିଲେ ଦେହରୁ ବାହାରିବା ମଳ (ହି. ଶବ୍ଦସାଗର)—3. Dirt coming out of the body when rubbed with a towel.

୪ । ସୂର୍ଯ୍ୟ କିରଣର ତେଜ—
4. The blaze of sun's rays.

ଝଷ୍ (ଧାତୁ)—ସ—୧ । ବଧ କରିବା—
Jhash (root) 1. To kill

୨ । ନେବା—2. To take (Apte).

୩ । ପିନ୍ଧିବା—3. To put on; to wear (Apte).

ଝଷ—ସ. ବି. (ଝଷ୍ ଧାତୁ+କର୍ମ. ଅ)—
Jhasha ୧ । ମାଛ; ମତ୍ସ୍ୟ—1. Fish.

ଝଷମାନେ ତହିଁରେ ହୋଇଣ ଅକୁଳ ।ବିଷ୍ଣୁ ଦ୍ୱିଜ. ମହାଭାରତ, ଆଦି ।

୨ । ଗ୍ରୀଷ୍ମ; ତାପ—2. Heat; warmth.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ବନ—3. Forest.
୪ । ଜ୍ୟୋତିଷୋକ୍ତ ମୀନ ରାଶି—4. The zodiacal sign of Piscus.
୫ । ଜ୍ୟୋତିଷୋକ୍ତ ମକର ରାଶି—5. The zodiacal sign of Capricornus (Apte).
୬ । ମରୁଭୂମି—6. A desert (Apte).
୭ । ଭୟଙ୍କର ଅରଣ୍ୟ—7. A dreary forest (Apte).
୮ । ମକର, ମଗର, (ହି. ଶବ୍ଦସାଗର)—
8. The seal; a marine animal.

ଝଷକେତନ—ସଂ. ବି—(ବହୁବ୍ରୀହି; ଝଷ+କେତନ; ଏହାଙ୍କର ପତାକାରେ ମାଛର ରୂପ ଅଙ୍କିତ ଥିବାରୁ)—
Jhasha-ketana
ଝଷକେତୁ, ଝଷଧ୍ୱଜ, ଝଷାଙ୍କ } ଅନ୍ୟରୂପ
କନ୍ଦର୍ପ; ମଦନ; କାମଦେବ—The God Cupid (of the Hindus).
ଝଷକେତନର ଏ କସ ଦାଉ—ଗୋପୀଙ୍କ, ଉଦ୍‌ରେଖା ।

ଝଷଧ୍ୱଜ—ସଂ. ବି—ଝଷକେତନ (ଦେଖ)
Jhasha-dhwaja   Jhasha-ketana (See)
ଝଷଧ୍ୱଜ ପୀଡ଼ା ଝାଞ୍ଜି ଭାବରୁ । କବିସୂର୍ଯ୍ୟ, ଚଉଷଠି ଛନ୍ଦ ଝ. ଗୀତ ।

ଝଷନିକେତ—ସଂ. ବି. (୬ଷ୍ଠୀ ତତ୍; ଝଷ+ନିକେତ)—୧ । ଜଳାଶୟ—
Jhashaniketa   1. Tank; pond.

ଝଷଶ୍ରେଷ୍ଠ—ସଂ. ବି (୭ମୀ ତତ୍; ଝଷ+ଶ୍ରେଷ୍ଠ)—ରୋହି ମାଛ—
Jhasha-śreshṭha   The Labio Rohita fish.
(ଅନ୍ୟ ସଂ. ନାମ—ରକ୍ତୋଦର, ରକ୍ତମୁଖ, ରକ୍ତବକ୍ଷ, ରକ୍ତପକ୍ଷତି, କୃଷ୍ଣପକ୍ଷ, ରୋହିତ—ଦ୍ରବ୍ୟଗୁଣ)

ଝଷା—ସଂ. ବି. (ଝଷ ଧାତୁ+କର୍ମ. ଅ+ଆ)—
Jhashā   ନାଗବଳା (ହି. ଶବ୍ଦସାଗର) (ଦେଖ)
Nāgabaḻā (See)

ଝଷୋଦରୀ—ସଂ. ବି. ସ୍ତ୍ରୀ. (ନାମ)—ମତ୍ସ୍ୟଗନ୍ଧା; ବ୍ୟାସଦେବଙ୍କ ମାତା—
Jhashodarī   An epithet or name of sage Byāsa's mother.

ଝସା(ସେ)ଇ ପଶିବା—ଦେ. କ୍ରି (ସଂ. ଧର୍ଷଣ+ପ୍ରବେଶ)—
Jhasā(se)i pasibā   ୧ । କୌଣସି ସ୍ଥାନରେ ବଳପୂର୍ବକ ପ୍ରବେଶ କରିବା—1. To enter a place forcibly.
ଘୁସେ ଢୁକା
घँसना, भिड़ना
(ଝସି ପଶିବା—ଅନ୍ୟରୂପ)   ସମୁଦ୍ର ବଳେ ଯାଇ ପଶିଲେ ଝସାଇ ।
କୃଷ୍ଣସିଂହ. ମହାଭାରତ ବନ ।
୨ । ବହୁଲୋକଙ୍କୁ ଠେଲି ପେଲି କୌଣସି ସ୍ଥାନକୁ ଯିବା—
2. To force one's way to a place.
ଶାଲ୍ୱ ସୈନ୍ୟ ଭିତରେ ଝସାଇ ପଡ଼ିଲେ । କୃଷ୍ଣସିଂହ. ମହାଭାରତ ବନ ।
୩ । ଦ୍ରୁତଗତିରେ କୌଣସି ସ୍ଥାନକୁ ଯିବା—
3. To go to a place swiftly.
ସେ ଜଳ ଭିତରେ ପଶିଲ ଝସାଇ । କୃଷ୍ଣସିଂହ, ମହାଭାରତ ଆଦି ।
୪ । ଝାସିବା (ଦେଖ)
4. Jhāsibā (See)

ଝସା(ସେ)ଇବା—ଦେ. କ୍ରି. (ସଂ. ଧର୍ଷଣ; ଧ୍ୱଂସ)—ବଳପ୍ରୟୋଗ କରିବା—
Jhasā(se)ibā   To use force.
[ଦ୍ର—କେବଳ ଝସାଇ ପଶିବା ଓ ଝସାଇ ଆସିବା ଶବ୍ଦରେ ଏ କ୍ରିୟାର ଅସମାପିକାରୂପର ବ୍ୟବହାର ଦେଖାଯାଏ ।]

ଝାଆଁ ଝାଆଁ—ଦେ. ଅ—ଝାଇଁ ଝାଇଁ (ଦେଖ)
Jhā-āñ jhā-āñ   Jhāiñ jhāiñ (See)

ଝାଆଁରୁ—ଦେ. ବି. (ସଂ. ଝାବୁକ)—ନଦୀଗର୍ଭସ୍ଥ ବାଲି ଓ ପଥରସନ୍ଧିରେ
Jhā-āñrā   ଉଠିବା ଏକପ୍ରକାର କ୍ଷୁପ ବା ବୁଦାଳିଆ ଗୁଳ୍ମ—
A kind of bushy plant growing in riverbeds and the crevices of stones.
[ଦ୍ର—ଏହା ଲମ୍ବରେ ୧।୨ ହାତ ବଢ଼େ ଓ ଏହାର ଡାଙ୍ଗକୁ ଚିର ଲୋକେ ଲଇ କରନ୍ତି । କଟକ ନିକଟ ନଦୀର ପଥରବନ୍ଧ ତଳେ ଓ ମହାନଦୀର ପ୍ରସ୍ତରଶଯ୍ୟା ଓ ବିଷମମାନଙ୍କ ପଥର ସନ୍ଧିରେ ଏ ଗଛ ଅନେକ ଉଠେ ।]

ଝାଇ—ଦେ. ବି— ଗୁଡ଼ରେ ପାଗ କରିବା—
Jhāi   To prepare syrup by over-heating molasses.

ଝାଇଁ—ଦେ. ବି. (ସଂ. ଧ୍ମା ଧାତୁ=ଅଗ୍ନି ସଂଯୋଗ କରିବା)—
Jhāiñ   ୧ । ଅତି ଗ୍ରୀଷ୍ମ; ଗରମି—1. Excessive heat.
୨ । ଗ୍ରୀଷ୍ମକାଳ—2. Summer.
ଦେ. ଅ—୧ । ଝାଇଁଝାଇଁ; ଝୋଲ୍ଲମାରିବା—
झाँ।   1. Fainting; faint; swoon.
झाँयँ   ୨ । ଉପର୍ଯ୍ୟୁପରି ଧାତୁ ଆଦିର ଆଘାତ ଜନିତ ଶବ୍ଦ (ଯଥା; ଦୁଇ ଧାତୁପାତ୍ର ବାଜିବା, ଘଣ୍ଟା ବାଜିବା, ହାଣ୍ଡିରେ ଚାଉଳ ଭାଜିବା)—
2. Tinkling; clanking sound.
ଶୃଙ୍ଖଳ ବାଜିଲ ଝାଇଁ—କେଳା ଗୀତ ।
୩ । ଉତ୍ତପ୍ତ—3. Heated; warm.
୪ । ଅତିରିକ୍ତରୂପେ ଭଜା ହୋଇଥିବା—
4. Roasted over much.
୫ । ତତାତତିରେ ପୋଡ଼ି ଯାଇଥିବା—
5. Burnt; calcined.
୬ । ଗ୍ରୀଷ୍ମକାଳରେ ଉତ୍ପନ୍ନ (ଯଥା—ଝାଇଁମୁଗ)—
6. Produced or harvested in summer.
ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—ଝାଏଁ (ଦେଖ)
Jhāeñ (See)
ପ୍ରାଦେ. (ଗଡ଼ଜାତ) ବି—ଝାଇଁମୀନ (ଦେଖ)
Jhāiñ-mina (See)

ଝାଇଁକରି—ଦେ. କ୍ରି. ବିଣ. (ସଂ. ଝଟିତି; ଜମ୍ପା ଧ୍ୱନ୍ୟନୁକରଣ)—
Jhāiñ kari   ଝଟ୍—Very soon; immediately; at once.
झाँकरे
झटपट

୧	ଇ	ଊ	ର୍‌,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ଣ୍ଣ
୵	ଈ	ଊ	ରୁ	ଲ୍‌	ଙ୍ଗେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଜ୍ଞ	ସ	ଗଁ୍ୟ	ଇଅ	ଙ୍କ	ନ୍ତ

ଝାଇଁକିନା, ଝାଇକିନି, ଝାଇକିରି, ଝାଇଁଦିଅ, ଝାଇଁଧିମ୍‌ } ଅନ୍ୟରୂପ

ଝାଇଁକି ଝାଇଁ—ଦେ. ଅ—ଘଣ୍ଟାକୁ ପିଟିବାର ତାଳ ବା ଉକ୍ତି—
Jhāiṅki jhāiṅ Part of the rhythmic formula pronounced while beating a gong.
[ଦ୍ର—ଝାଇଁକି ଝାଇଁ, ଝାଇଁକି ଜଝାଇଁ ଝାଇଁକି ଝାଇଁ; ଝାଇଁ-ଝାଇଁକିର ଝାଇଁକି ଝାଇଁ—ଏହା ଘଣ୍ଟା ପିଟିବାର ପୂର୍ଣ୍ଣ ଉକ୍ତି ଅଟେ ।]

ଝାଇଁଝାଇଁ—ଦେ. ଅ. (ଧ୍ୱନ୍ୟନୁକରଣ ବା ସଂ. ଝଙ୍କାର)—
Jhāiṅ-jhāiṅ ୧ । ଉପର୍ଯ୍ୟୁପରି ଧାତୁ ପଦାର୍ଥଦ୍ୱୟର ଆଘାତଜନିତ ଶବ୍ଦ—1 Sound of repeated tinkling or clanking; repeated clanging sound.
ঝাইঝাই
झायँझायँ
(ଯଥା—ଘଣ୍ଟା ବାଜିବାର, ଶୃଙ୍ଖଳ ଭାଙ୍ଗିବାର, ଝାଞ୍ଜ ବାଜିବାର ଶବ୍ଦ ।)
୨ । ଝିଙ୍କାରିମାନଙ୍କର ରାବିବା ଶବ୍ଦ—
2. The chirping of crickets.
ଝାଇଁ ଝାଇଁ ସ୍ୱନେ ଡାକେ ଝିଙ୍କାରି ।
ସୀମାନ୍ତରେ ଦାବାନଳ ସଞ୍ଚରି । ଗୋପାଳକ. ଇନ୍ଦୁରେଖା ।
୩ । ନିଶା ଗର୍ଜିବାର ଶବ୍ଦ—3. The deep distant sound observed at dead of night.
ସୁଗଭୀର ନିଶିଥିନୀ ଝାଇଁ ଝାଇଁ ରବେ ।
ରାଧାନାଥ. ଶ୍ମଶାନ ଦୃଶ୍ୟ ।
୪ । ଝିମି ଝିମି; ଝୋଲା ମାରିବାର ଅନୁଭୂତି—
4. Tingling sensation; a sensation of fainting.
(ଯଥା—ମୋ ଦେହ ଝାଇଁ ଝାଇଁ ହେଉଛି ।)
୫ । ଭାଁ ଭାଁ; କାନରେ ଉପର୍ଯ୍ୟୁପରି ଗର୍ଜନାଦ ବାଜିବା ଅନୁଭୂତି—5. A feeling of tinkling inside the ear.
(ଯଥା—କାନ ଝାଇଁ ଝାଇଁ ହେଉଛି ।)

ଝାଇଁ ଝାଇଁ ହେବା—ଦେ. କ୍ରି.—(ଧ୍ୱନ୍ୟନୁକରଣ; ବା ଝଙ୍କାର)—
Jhāiṅ jhāiṅ hebā ୧ । ଶରୀରର କୌଣସି ଅଙ୍ଗ ବହୁକାଳ ଏକ ଅବସ୍ଥାରେ ରହି ଅବଶ ହୋଇ ଥିବା ଅବସ୍ଥାରେ ତାହାକୁ ସ୍ଥାନଭ୍ରଷ୍ଟ କରିବା ସମୟରେ ଝିମି-ଝିମି ଅନୁରୂପ ଅନୁଭୂତି; ଝିମିଝିମି ହେବା—
ঝাই ঝাই করা
झनझन होना
1. Tingling sensation due to moving a limb already benumbed by being kept in one fixed position for a long time.
୨ । କାନମୂଳରେ ଜୋରରେ ଚାପୁଡ଼ା ବାଜିଲେ କିମ୍ବା ଦେହର କୌଣସି ଗଣ୍ଠିରେ ହଠାତ୍ ଠୋକର ଲାଗିଲେ ମସ୍ତିଷ୍କରେ ଯେଉଁ ଝିମି ଝିମି ଅନୁଭୂତ ହୁଏ—
2. A tingling or twanging sensation felt in the brain when the root of the ear or any other limb-joint is suddenly struck with force.
୩ । କାନର ଛିଦ୍ରରେ ବହୁକାଳ ତେଲ ନ ପକାଇଲେ କାନ ମଧ୍ୟରେ ଯେଉଁ ଝିମି ଝିମି ଅନୁଭୂତ ହୁଏ—3. A sensation of reverberating felt inside the ear when oil is not put into the ear-hole for a long time.
୪ । ଘଣ୍ଟା ବା ଝାଞ୍ଜର ଘୋରତର ଶବ୍ଦ ବହୁକାଳ ପର୍ଯ୍ୟନ୍ତ ଶୁଣିଲେ କାନ ଭିତରେ ଜଣାଯିବା ଏକ ପ୍ରକାର ଅପ୍ରୀତିକର ଭାଁ ଭାଁ ଅନୁଭୂତି—4. Unpleasant sensation felt in the ear produced by hearing a continuous shrill sound for long time.
୫ । ହାଣ୍ଡିରେ ଚାଉଳ ବା ମୁଗ ଆଦି ଭାଜିବା ସମୟର ଭଜାଭଜି ଖଡ଼ିକାଦ୍ୱାରା ଉକ୍ତ ଚାଉଳ ଆଦିକୁ ଲେଉଟି ପାଉଟି କରିବା ବା ଖରଡ଼ିବା ସମୟରେ ହେବା ଶବ୍ଦ—
5. Metallic sound produced while stirring rice etc with the frying stick in a pot over the fire.
୬ । ଫଟା ଘଣ୍ଟା ବା ଝାଞ୍ଜ ବାଜିବାର ବହୁକାଳସ୍ଥାୟୀ ଶବ୍ଦ ବା ଧ୍ୱନି—6. A long lingering tingling sound produced with the cymbals or by striking a broken gong; long din of metallic instruments.
୭ । ଖରା ଦ୍ୱାରା ଶସ୍ୟ ଆଦି (ଯଥା—ମୁଗ) ଉତ୍ତମରୂପେ ଶୁଖି ଯିବା—7. Grains completely drying through heat.
(ଯଥା—ଗମର ମୁଗ ଡାଲି ବୈଶାଖ ମାସ ଖରାରେ ଝାଇଁଝାଇଁ ହୋଇ ଶୁଖି ଗଲାଣି ।)
[ଦ୍ର—ଝମଝମ ଶବ୍ଦ—ଅଳ୍ପକାଳସ୍ଥାୟୀ, ଝାଇଁଝାଇଁ ଶବ୍ଦ—ଅଧିକକାଳ ସ୍ଥାୟୀ ଓ ଉଚ୍ଚତର ।]

ଝାଇଁପଖାଳ—ଦେ. ବି.—(ସଂ. ଧ୍ମା ଧାତୁ; + ପ୍ରକ୍ଷାଳତାନ୍ନ)—ଗରମ ପଖାଳ; ତତଲ ଭାତ ଡାଡ଼ ଥିବା ଅବସ୍ଥାରେ ତହିଁରେ ପାଣି ଦେଲେ ଯେଉଁ ପଖାଳ ହୁଏ; ଗୁଇଁ ପଖାଳ; ତତଲା ସଜ ପଖାଳ—Boiled rice soaked with water while still warm.
Jhāiṅ pakhāla

ଝାଇଁପାଣି—ଦେ. ବି.—(ସଂ. ଧ୍ମା ଧାତୁ + ପାନୀୟ)—ଯେଉଁ ପାଣିକୁ ଅଗ୍ନି ଉତ୍ତାପରେ ଗରମ ନ କରି ତହିଁ ମଧ୍ୟରେ ତାତିଲା ଲୁହା ଖଣ୍ଡିକା ଆଦି ମାଡ଼ି ଗରମ କରା ଯାଏ—
Jhāiṅ-pāṇi
Water made warm by immersing a red-hot iron in it.
[ଦ୍ର—ଏହା ରୋଗୀର ପାନୀୟ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଅଗଲା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝାଇଁ ମାରିବା—ଦେ. ବି.—୧ । ବହୁକାଳ ଏକ ଅବସ୍ଥାରେ ଅବସ୍ଥାନ
Jhāiñ māribā କରିବା ଯୋଗୁଁ ଅବଶ ହୋଇ ଥିବା ଶରୀରର କୌଣସି ଅଙ୍ଗକୁ ସ୍ଥାନାନ୍ତର କଲେ ବା ଘୁଞ୍ଚାଇଲେ ଯେଉଁ ଝିମି ଝିମି ଅନୁଭୂତ ହୁଏ—1. Tingling sensation felt while moving a benumbed limb.
୨ । ଝୋଲା ମାରିବା—2. Swooning; feeling of physical drooping; fainting.

ଝାଇଁ ମୀନ—ପ୍ରାଦେ. (ଗଞ୍ଜାମ) —ବି.—ଅତି ଛୋଟ ମାଛ—
Jhāiñ mīna Very small fish; fry

ଝାଇଁ ମୁଗ—ଦେ. ବି.—ଗ୍ରୀଷ୍ମକାଳରେ ଅମଳ ହେବା ଏକ ପ୍ରକାର ମୁଗ;
Jhāiñ muga ଧଳା ମୁଗ—A greenish white variety
হালিমুগ of moong (cereal) harvested in
हरी मुग summer; Phaseolus Typica.
(ଯଥା—ଏହାର ବର୍ଣ୍ଣ ଈଷତ୍ ହରିତ୍ ବା ସାବଜା ।)

ଝାଉ—ଦେ. ବି.—ଝାଉଁ (ଦେଖ)
Jhāu Jhāuñ (See)

ଝାଉଁ—ଦେ. ବି [ସଂ. ଝାବକ (Kirtikar); ଭୁଲ. ଝାବୁକ=ଅନ୍ୟ
Jhāuñ ପ୍ରକାର ଗଛ]—୧ । ସରୁ ତାର ଭଳି ପତ୍ରବିଶିଷ୍ଟ ଗଛ;
ସଂ. ନାମ—ଝାବକ, ପିଚୁକ, ବିଲାତି ଝାଉଁ—1. Casuarina
ଅଫଳ, ବହୁଗ୍ରନ୍ଥି Muricata; Casuarina
বিলাতি ঝাম; ঝাম; ঝাউ Equisetifolia; tamarisk
झाउ; जङ्गलि झाउँ (Kirtikar).
ତେ. ଇରୁସାରୁମାନୁ [ଦ୍ର—ଏହା ଅଷ୍ଟ୍ରେଲିଆରୁ ଆନୀତ ଗଛ, ଉଚ୍ଚରେ ୪୦।୫୦ ହାତ ବଢ଼େ । ଏହାର ଡାଳଗୁଡ଼ିକ ଲମ୍ବ ଓ ସରୁ ତାରପରି; ଫଳ ଛୋଟ ଓ କଣ୍ଟାଳିଆ; ଏହା ସମୁଦ୍ରତୀରରେ ଓ ବାଲିରେ ବେଶି ଜନ୍ମେ; ପବନରେ ଏହାର ପତ୍ରଗୁଡ଼ିକ ଝାଇଁ-ଝାଇଁ ବା ସାଇଁସାଇଁ ଶବ୍ଦ କରେ । ୧୦ ବର୍ଷରେ ଏଥିର ଗଣ୍ଡିରୁ ଭଲ ଚାଣୁଆ କଡ଼ୀ ଓ ଖୁଣ୍ଟର ଉପଯୋଗୀ ଶକ୍ତ କାଠ ମିଳେ; ଏହାର ଫଳ ଗୋଖୁରା ଫଳପରି ଓ ଫୁଲ ଗୋଲାପୀ ରଙ୍ଗର; ଏହାର କାଠ ଗଣ୍ଠିଗଣ୍ଠିଆ; ଏହାର ଡାଳ ଖୁବ୍ ଟେମଡ଼ା ।
୨ । (ସଂ. ଝାବୁକ) ଧଳା ଘୋଡ଼ାଲୁଚିଆ; ଏକଜାତୀୟ ବନ୍ୟ
বনঝাউ କ୍ଷୁପ ବା ଗୁଳ୍ମ—Tamarix Gallica.
[ଦ୍ର—ଏହା ଉଚ୍ଚରେ ୪।୫ ହାତ ବଢ଼େ, ନଦୀକୂଳରେ ଓ ବାଲିଚରରେ ଏକତ୍ର ବହୁତ ଗଛ ଜନ୍ମେ; ଡାଳ ବା ଦଣ୍ଡଗୁଡ଼ିକ ବଡ଼ ଝାଉଁଗଛର ଡାଳପରି ଡାଳମାନ ପବନରେ ଝାଇଁଝାଇଁ ବା ସାଇଁସାଇଁ ଶବ୍ଦ କରେ । ଫଳ ତିନକୋଣିଆ ଓ ଛୋଟ । ଏହାର ଗଣ୍ଡି ବା ଦଣ୍ଡ ଗଭୀର ରକ୍ତବର୍ଣ୍ଣ । ଏହା ଘୋଡ଼ାଲୁଚିପରି ସରୁ ଟେମଡ଼ା ହୋଇଥିବାରୁ ଏହାକୁ 'ଘୋଡ଼ାଲୁଚିଆ' ମଧ୍ୟ କହନ୍ତି ।]
୩ । ନାଲି ଘୋଡ଼ାଲୁଚିଆ; ନାଲିଝାଉଁ—
লালঝাউ 3. Tamaria Dioica.

[ଦ୍ର—ଏହାର ପତ୍ରର ଖୋଳ ଅଛି । ମାଈ ଓ ଅଣ୍ଡିରା ଗଛ ସ୍ୱତନ୍ତ୍ର ।]

ଝାଉଁ କରି—ଦେ. ଅ—ଝାଉଁକିନି (ଦେଖ)—
Jhāuñ kari Jhāuñkini (See)
ଝାଉଁକରି, ଝାଉଁକନା, ଝାଉଁ କିନି, ଝାଉଁଦିନ୍—ଅନ୍ୟରୂପ)

ଝାଉଁ-ଝାଉଁ—ଦେ. ଅ (ଧ୍ୱନ୍ୟନୁକରଣ)—ଝାଞ୍ଜ ଓ ଘଣ୍ଟାଆଦିର ଝଣଝଣ
Jhāuñ-jhāuñ ଶବ୍ଦ—High sound of repeated tink-
ঝাইঁঝাইঁ ling of cymbals and gongs.

ଝାଉଁ ନଡ଼ିଆ—ପ୍ରାଦେ. (ମେଦିନୀପୁର) ବି—ଶୁଖୁଆ—
Jhāuñ naṛiā Dry cocoanut.

ଝାଉଁଳା—ଦେ. ବି—(ସଂ. ଶ୍ୟାମଲ)—୧ । ନେତ୍ରରୋଗବିଶେଷ—
Jhāuñḷā 1. A disease of the eye.
ঝান [ଦ୍ର—ଏଥିରେ ଆଖି ଉପରେ ଆଖିପତା ଘୋଡ଼ାଇ
झाँवर ହୋଇ ପଡ଼େ ।]
୨ । ଝାଉଁଳିଯିବା; ମଉଳିଯିବା—2. Withering.
ଦେ. ବିଣ.—ମଉଳି ଯାଇଥିବା—Withered.

ଝାଉଁଳା(ଳେ)ଇବା—ଦେ. କ୍ରି—ଝାଉଁଳିବାର ଣିଜନ୍ତ ରୂପ—
Jhāuñḷā(ḷe)ibā Causative of Jhāuñḷibā.
ঝান খাওআন ମଉଳାଇବା; ଶୁଖାଇବା—To cause to wither.
झवराना ଝାଉଁଳାଇ ଦା ମୁଖସାରସ କ୍ଷଣେ—ଗୋଲୋକ. ଉଦ୍ଧରେଖା ।

ଝାଉଁଳିବା—ଦେ. କ୍ରି (ସଂ. ଶ୍ୟାମଲ, କମ୍ଭା ସଂ. ଧ୍ମା ଧାତୁ=ଅଗ୍ନି-
Jhāuñḷibā ସଂଯୋଜନ)—୧ । ବୃକ୍ଷଆଦି ଖରାରେ ବା ଶୁଖିକରି
ঝান খাওআ ନିସ୍ତେଜ ହେବା ବା ମଉଳିବା—1. To droop;
झवरना to wither (said of plants).
ଝାଉଁଳିବା ନବ ତମାଳରମା—କବିସୂର୍ଯ୍ୟ. କଳୋଲ୍ଲୋ ଚମ୍ପୁ ୫ ଗୀତ ।
୨ । ନିସ୍ତେଜ ହେବା—
2. To wane; to fade; to languish.
ବାସି ଫୁଲ ଯାଇଛି ମଉଳି,
ବଷାଦେ କ ପଡ଼ିଛି ଝାଉଁଳି । ଜନକଶୋର. ନାଟରିକା ।
୩ । (ମୁହଁ) ଲଜ୍ଜା ବା ଭୟରେ ଶୁଖି ଯିବା—
3. (the face) To become pale or wan through fear or shame.
ମୃଦୁ ଶ୍ୟାମଳ ଗୋରୁ, ଝାଉଁଳ ଗଲେ ପଗ, ହରପରଶରଜ୍ୱର ଭୂଷାରେ ।
କବିସୂର୍ଯ୍ୟ ସଙ୍ଗୀତ ।
୪ । ଲଜ୍ଜାରେ (ମୁଣ୍ଡ) ତଳକୁ ପୋତି ହେବା—
4. To droop; to be crestfallen.
ଦେ. ବିଣ.—ମଉଳି ଥିବା; ନିସ୍ତେଜ ହୋଇଥିବା—
Turned pale; withered.
ଖର ଖୁର ଝାଉଁଳିବା ଶ୍ରୀଅଙ୍ଗ ପାଇଲୁ ରେ।
କବିସୂର୍ଯ୍ୟ କଳୋଲଚମ୍ପୁ ୫. ଗୀତ ।

ଝାଏଁ—ପ୍ରାଦେ. (ସମ୍ବଲପୁର) ବି.—ଝୋଲା ମାରିବା—
Jhāeñ Feeling of drooping; swooning.
ପ୍ରାଦେ (ସମ୍ବଲପୁର) କ୍ରି. ବିଣ (ସଂ. ଝଟିତି)—ଝଟିତି; ଝଟ୍—
Soon; very soon.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଏ	ଉଅ	ଞ
୨.	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନୃ

ଝାଏଁ କରି—ପ୍ରାଦେ. (ସମ୍ବଲପୁର) କ୍ରି. ବଣ.—ଝଟ୍‌ପଟ; ତତ୍‌କ୍ଷଣେ—
Jhāeñ kari Very soon; immediately; at once.
(ଝାଏଁ କରି—ଅନ୍ୟରୂପ)

ଝାଏଁଜ୍—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଝର୍ଝରୀ)—୧ । ଝାଞ୍ଜ—
Jhāeñj 1. Cymbals.
୨ । (ସଂ. ଧ୍ମା ଧାତୁ=ଅଗ୍ନିସଂଯୋଜନ) ଝାଞ୍ଜି; ଖରା—
2. The blaze of sun's rays.
୩ । ତାତି—3. Warmth; heat.
୪ । ଅଂଶୁ; କିରଣ—4. Ray.
୫ । ଅଗ୍ନି ବା ସୂର୍ଯ୍ୟର ତେଜ—
5. Warmth or glare of sun's rays or fire.
[ଦ୍ର—ତୁଳନା କର ସମ୍ବଲପୁରୀ—ନଏଦ୍=ନଦୀ; ସୁଏତ୍=ସୁତି, ଖଏନ୍=ଖଣି, ପାଏନ୍=ପାଣି ।]

ଝାଏଁନେ—ପ୍ରାଦେ. (ସମ୍ବଲପୁର) କ୍ରି. ବଣ. (ସଂ. ଝଟିତି)—ଝଟ୍; ଶୀଘ୍ର;
Jhāeñ ne ଅତି ଚଞ୍ଚଳ—Very soon; swiftly; at once.
(ଝାଏ ନେ—ଅନ୍ୟରୂପ)

ଝାଏଁମାରିବା—ପ୍ରାଦେ. (ସମ୍ବଲପୁର) ବି.—ଝୋଲ୍ଲମାରିବା—
Jhāeñ māribā Swooning; physical drooping down.

ଝାଁଝାଁ—ଦେ. ଅ.—ଝାଇଁ ଝାଇଁ (ଦେଖ)
Jhāñ-jhāiñ Jhāiñ jhāiñ (See)

ତାତ ପବନଟା ଦେହରେ ଝାଁ ଝାଁ ବାଜୁଅଛି ।
ଫକୀରମୋହନ· ଛମାଣଆଠଗୁଣ୍ଠ ।

ଝାଁଟି—ପ୍ରାଦେ. (ସମ୍ବଲପୁର) ବି.—ଛୋଟ ଛୋଟ ଡାଳ; ଗଛର ଶୁଖିଲା
Jhāñṭi ଛୋଟ ଡାଳ ଆଦି; ଝାଟ—A collection of twigs and small branches.

ଝାଙ୍କ—ଦେ. ବି.—(ସଂ. ଝଙ୍କାର)—୧ । ମଉଜ; କଳି ବା
Jhāṅka କ୍ରୋଧର ବେଗ—1. A fit of madness or rage or quarrelling; paroxysm.
ঝোঁক
झोंक (ଯଥା—ମୁଁ ତାଙ୍କ ସଙ୍ଗେ ଝାଙ୍କେ କଳି କଲି ।)
ঝাঁকা ୨ । (ସଂ. ଜାଳକ) ଝଙ୍କା ବା ବଡ଼ ଟୋକେଇ—
झांका 2. A large basket.
ঝাঁক ୩ । (ସଂ. ଯୂଥ) କ୍ଷୁଦ୍ର ଜୀବମାନଙ୍କର ପଞ୍ଝା ବା ଦଳ ବା
झुंड ସମୂହ—3. A multitude or swarm of
ঝাকী small animals; a crowd.
झाँका ୪ । ଢାଲ—4. Shield.
୫ । ଘୂର୍ଣ୍ଣନ—5. Whirling.
୬ । ଝିଙ୍କା—6. Jerk; vigorous pull; tug.

ଝାଙ୍କ ଛଡ଼ା(ଡ଼େ)ଇବା—ଦେ କ୍ରି.—୧ । କୌଣସି ବ୍ୟକ୍ତିଙ୍କୁ ଅତିରିକ୍ତ
Jhāṅka chhardā(rde)ibā ପରିଶ୍ରମ କରାଇ ଆକ୍ରାନ୍ତ
[ଝାଙ୍କ ଛଡ଼ା (ଡ଼େଇବା)—ଅନ୍ୟରୂପ] କରାଇବା—1. To pester; to bother; to overpower a person with labour.
୨ । କଳି ଆଦିର ବେଗ ଉଠାଇବା—
2. To have a paroxysm (of quarrel etc.)

ଝାଙ୍କ ଛିଡ଼ିଯିବା—ଦେ. ବି.—ଦୁଇଜଣଙ୍କ ମଧ୍ୟରେ କଳି ବା ବାଗ୍-
Jhāṅka chhirdi jibā ଭଣ୍ଡାର ବେଗ ଉଠି ନିବର୍ତ୍ତିବା ବା
ଝାଙ୍କ ଛାଡ଼ିବା
ଝାଙ୍କ ଛାଡ଼ି ଯିବା —ଅନ୍ୟରୂପ
ଝାଙ୍କ ଛିଡ଼ିବା
ଉଭୟେ କ୍ଳାନ୍ତ ହେବା—
Being tired after a fit of quarreling.
(ଯଥା—ତାର ମୋର କଳିରେ ଝାଙ୍କ ଛିଡ଼ିଗଲା ।)

ଝାଙ୍କଡ଼ା—ଦେ. ବଣ (ସଂ. ଝାଟ)—ଛତର; ଅଗ୍ରଭାଗ ବିସ୍ତୃତ; ଝାମ୍ପୁଡ଼ା—
Jhāṅkardā Bushy; shaggy; spreading.
ঝাঁকড়া
झंखाड़; झाँकर

ଝାଙ୍କ ବାନ୍ଧିବା—ଦେ. କ୍ରି—ଦଳଭୁକ୍ତ ହୋଇ ରହିବା, ପଞ୍ଝା ବାନ୍ଧିବା—
Jhāṅka bāndhibā To swarm into a crowd; to flock together.
ঝাঁক বাধা
झुडमे रहना

ଝାଙ୍କର—ପ୍ରାଦେ (ସମ୍ବଲପୁର) ବି—୧ । ଅନାର୍ଯ୍ୟ ଜାତିବିଶେଷ—
Jhāṅkar 1. A non-Ariyan caste in Sambalpur.
[ଦ୍ର—ଏମାନେ ବଣଦେବତାଙ୍କ ପୂଜାଦାରୀ କାମ କରନ୍ତି ଓ ଗ୍ରାମ ଚଉକିଦାର କାର୍ଯ୍ୟ କରନ୍ତି ।]
୨ । ଗ୍ରାମର ଚଉକିଦାର—2. Village-watchman.
[ଦ୍ର—ଏମାନଙ୍କୁ ଦିଆଯାଇଥିବା ଜାଗିରକୁ ଝାଙ୍କର ଜାଗିର ବୋଲାଯାଏ ।]

ଝାଙ୍କରା—ଦେ. ବଣ—ଝାଙ୍କଡ଼ା (ଦେଖ)
Jhāṅkarā Jhāṅkardā (See).

ଝାଙ୍କିବା—ଦେ. କ୍ରି (ସଂ. ଅଧ୍ୟକ୍ଷ; ପ୍ରା. ଅଜ୍ଝକ=ଆଖିର ସମ୍ମୁଖରେ)—
Jhāṅkibā ୧ । ଲୁଚିକରି ଚାହିଁବା ଓ
ঝাঁকা ଚାହିଁକରି ଲୁଚିବା—1. To look from a covert.
झाँकना

ଝାଙ୍କି ନୟନକୁ ଦେଇ ଅୟନକୁ ଗଡନ୍ତି ପୁଣପୁଣି ।
ଅଭିମନ୍ୟୁ· ବିଦଗ୍ଧଚିନ୍ତାମଣି ।

୨ । ଝାଙ୍କି ମାରିବା; ଉହୁଙ୍କି କରି କୌଣସି ଉଚ୍ଚ ସ୍ଥାନର ଅନ୍ତରାଳରୁ ମୁଣ୍ଡ ଟେକି ଚାହିଁବା—
2. To peep across a high barrier.

ଠାବେ ଠାବେ ଅଭ୍ରଖଣ୍ଡ ସ୍ଫୁର୍ତ୍ତିକାନ୍ତି
-ଶିର ତୋଳି ଶୈଳଶିଙ୍ଗୁ ଝାଙ୍କୁଥାନ୍ତି—ରାଧାନାଥ. ଚିଲିକା ।

୩ । (ସଂ. ଝମ୍ପ) ଶୀଘ୍ରତଃ ବା ବଳକୁ ଟାଣିବା; ଆକର୍ଷଣ କରିବା; ଜୋରରେ ଝିଙ୍କିବା; ବେଗରେ କର୍ଷିତ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କ୍ଷ' ନ ମିଳିଲେ 'କ୍ଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଳବଟ' ନ ପାଇଲେ 'ଅଲ୍‌ବଟ୍' ଖୋଜିବେ ।

ଭିଡ଼ିବା—3. To pull down; to tug; to draw with force; to jerk.

ଝାଙ୍କିନେଇ ମନ-ମଣିକି ଯା ସୁନ-ସମ୍ପୁଟରେ ରଖାଇଲୁ । —କବିସୂର୍ଯ୍ୟ. ସଙ୍ଗୀତ ।

୪ । (ନିଦ୍ରା ଓ ନିଶା ଆଦି) ଆକ୍ରମଣ କରି ଅବନତ କରିବା; ଢୁଳାଇବା; ଅଚେତନ କରିବା— 4. To cause one to totter; to overpower one (said of sleep or intoxication).

୬ । ଘୁରାଇବା—6. To whirl.

୭ । ଝାମ୍ପିବା—7. To swoop (Howells).

୮ । ଦୋହଲାଇବା; ଜୋରରେ ହଲାଇବା— 8. To give a violent shaking.

ଝାଙ୍କି ମାରିବା—ଦେ. କ୍ରି—୧ । ଲୁଚିକରି ବାରଂବାର ଚାହିଁବା—
Jhãnki mariba 1. To peep stealthily.
ଉଁକି ମାରା
ଝାଁକ ମାରନା
୨ । ଉଚ୍ଚ ପଦାର୍ଥର ଅନ୍ତରାଳରୁ ଚାହିଁବା— To peep over a high barrier.

ଝାଙ୍କି ହେବା—ଦେ. କ୍ରି—୧ । ଟାଣିହେବା; ତଳକୁ ଖସି ଆସିବା—
Jhãnki heba 1. To be pulled or drawn downwards.

ବେଣୀ ଝାଙ୍କି ହୋଇ ସେ ବରଷେ ଘନ—ଭକ୍ତଚରଣ ସିଂହ ସହାଭାରତ. ବନ ।

୨ । ଘୂର୍ଣ୍ଣିତ ହେବା; (ମୁଣ୍ଡ) ବୁଲାଇ ହେବା— 2. To reel.

(ଯଥା—ମୋ ମୁଣ୍ଡଟା ଝାଙ୍କି ହେଉଛି ।)

ଝାଙ୍କୁଲା—ପ୍ରାଦେ (ଯାଜପୁର) ବିଣ—ଝାମ୍ପୁଲ—
Jhãnkula Bushy; spreading.

ଝାଙ୍କେ—ଦେ. ଅ—ଏକ ଝାଙ୍କ; ଏକ ବର୍ଷା; ବୃନ୍ଦେ; ଝୁଙ୍କେ—
Jhãnke One shower or paroxysm (e.g. of rebuke, or thrashing); a fit.

(ଯଥା—ମୁଁ ତାଙ୍କ ସଙ୍ଗେ ଝାଙ୍କେ କଳି କଲି ।)

ଝାଙ୍କେ ଝାଙ୍କେ—ଦେ. ଅ—ଦଳଦଳ ହୋଇ—
Jhãnke jhãnke In numbers; in crowds.
ଝାଙ୍କଝାଙ୍କ

ଗଜ ତୁରଗ ଶାଳା ପାଶେ,
ବସନ୍ତ ମୃଗ ଝାଙ୍କେ ଝାଙ୍କେ । ଜଗନ୍ନାଥ. ଭାଗବତ ।

ଝାଙ୍ଗଡ଼ୁ—ପ୍ରାଦେ. (ସମ୍ବଲପୁର) ବି. ପୁଂ (ସଂ ଜାଙ୍ଗଳକ)—ଧାଙ୍ଗଡ଼ା;
Jhãngarda ଟୋକା—Young chap.
(ଝାଙ୍ଗଡ଼ା—ଅନ୍ୟରୂପ)
(ଝାଙ୍ଗଡ଼ୀ—ସ୍ତ୍ରୀ)

ଝାଞ୍ଜ—ଦେ. ବି (ସଂ ଝର୍ଝର)—କଂସାମିଶା ପିତଳର ବୃହଦାକାର ଓ
Jhãnja ପତଳା କରତାଳ—Thin and wide cymbals of
ଝାଂଝ brass mixed with bell-metal.
ଝାଁଝ

[ଦ୍ର—ଏହା ଦେବାଳୟାଦିରେ ମୃଦଙ୍ଗ ବାଦ୍ୟ ସଙ୍ଗେ ଓ ସଙ୍କୀର୍ତ୍ତନରେ ବଜାଯାଏ ।]

ଝାଞ୍ଜ ପେଲିବା—ଦେ. କ୍ରି—ଝାଞ୍ଜ ବଜାଇବା—
Jhãnja peliba To strike or sound cymbals.
(ଝାଞ୍ଜ ପିଟିବା—ଅନ୍ୟରୂପ) ଅରୁଣ ପଲ୍ଲବ ଚନ୍ଦ୍ର ପେଲୁଅଛି ଝାଞ୍ଜ— ପ୍ରାଚୀ. ବୃନ୍ଦାବନଚନ୍ଦ୍ରପ୍ରଣଗୀତା ।

ଝାଞ୍ଜରି—ଦେ. ବି (ସଂ ଝର୍ଝର)—ଲୁହାର ବା ପିତଳର ବହୁ ଛିଦ୍ର ବା
Jhãnjari ଜାଲିବିଶିଷ୍ଟ ଚାଲୁଣୀ—A metal strainer.
ଝାଁଝରି
झांझरी

ଝାଞ୍ଜରି ପକା(କେ)ଇବା—ଦେ. କ୍ରି—ଝାଞ୍ଜରିବା (ଦେଖ)
Jhãnjari paka(ke)iba Jhãnjariba (See)

ଝାଞ୍ଜରିବା—ଦେ. କ୍ରି (ସଂ ଜର୍ଜର)—କୌଣସି ପଦାର୍ଥକୁ (ପୋକଆଦି
Jhãnjariba ଖାଇ) ବହୁ ଛିଦ୍ରଯୁକ୍ତ କରିବା—To bore innumberable holes into a thing (e. g. insects eating into a book or wood),

ଝାଞ୍ଜି—ଦେ. ବି [ସଂ. ଦ୍ରୁ ଧାତୁ (ଅଗ୍ନି ସଂଯୋଗ) କିମ୍ବା ଜର୍ଜର]—
Jhãnji ୧ । ଗରମ; ଉତ୍ତାପ; ତାତି; ସନ୍ତାପ—1. Heat; excessive heat.
ଝାଁଝ
झांझ

ଝଞ୍ଜାଯୁକ୍ତ ପୀଡ଼ା ଝାଞ୍ଜି ତାତିରୁ—କବିସୂର୍ଯ୍ୟ, ଉଷୋଷାଭିଷେକ, ୯. ଗୀତ ।

୨ । (ସଂ. ଜର୍ଜର=ଶୈବାଳ) ବୋରଝାଞ୍ଜି ନାମକ ଭାସମାନ
ଝାଁଝୀ
ଦଳଉଦ୍ଭେଦ—2. A kind of aquatic broad-and-thick-leaved plant floating on water.

[ଦ୍ର—ଏଥିର ପତ୍ର ଗୋଲ, ଗୋଲାପଫୁଲର ପାଖୁଡ଼ାପରି; ଡେର ସବୁସବୁ, ଫୁଲ ନାହିଁ; ଏହା ପବନଦ୍ୱାରା ଜଳାଶୟର ଏପାଖ ସେପାଖକୁ ଉଡ଼ି ହୋଇ ଯାଇ ଭାସୁଥାଏ ।]

୩ । ଅଗ୍ନିପରିମିତ ବାୟୁ; ତପ୍ତ ବାୟୁ; ଲୁ; ଉଷ୍ମ— 3. Hot waves of air; heat-waves.

(ଯଥା—ବୈଶାଖମାସ ଦୁଇପହରବେଳେ ଖୁବ୍ ଝାଞ୍ଜି ପିଟୁଛି ।)

ଦେ. ବିଣ—୧ । ଅସହ୍ୟ ତାପଯୁକ୍ତ—1. Unbearably hot.

୨ । ଉତ୍ତପ୍ତ—2. Heated.

ଝାଞ୍ଜି ତାତି—ଦେ. ବି—ଅସହ୍ୟ ଉତ୍ତାପ—
Jhãnji tati Intolerable heat.

ଝାଞ୍ଜି ପିଟିବା—ଦେ. ବି—ଉତ୍ତପ୍ତ ବାୟୁ ବେଗରେ ବହିବା—
Jhãnji pitiba Blowing of hot blasts of air.
ଝାଞ୍ଜି ବୋହିବା } ଅନ୍ୟରୂପ
ଝାଞ୍ଜି ମାରିବା }
[ଦ୍ର—ଗ୍ରୀଷ୍ମକାଳ ଦ୍ୱିପ୍ରହର ସମୟରେ ଝାଞ୍ଜି ପିଟେ ।]

ଝାଞ୍ଜି ମୁଗ—ଦେ. ବି—ଝାଇଁ ମୁଗ (ଦେଖ)
Jhãnji muga Jhaiñ-muga (See)

ଝାଞ୍ଜିରି—ଦେ. ବି (ସଂ. ଝର୍ଝର)—ପାଣିନଳା ମୁହଁରେ ଦିଆଯିବା ଲୁହାର
Jhãnjiri ଜାଲି—A latticed frame given at the mouth of water-pipes.
ଝାଁଝରୀ
री

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଣ,ଷ	କ୍ଷ	ଇସ୍	ଡ଼ଅ	ଢ
୨	ଈ	ଊ	ରୂ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ତ୍ୟ	ଇଅ	ଢ଼	ନ

ଝାଞ୍ଜିର ମଙ୍ଗଳା—ଦେ. ବ. ସ୍ତ୍ରୀ—ଗ୍ରାମଦେବତା ବା ଯୋଗିନୀବିଶେଷ—
Jhañjiri maṅgaḻā Name of a village-Goddess.

ଝାଟ—ସ. ବ—(ସ. ଝଟଧାତୁ=ସଙ୍ଘତ ହେବା+କର୍ତ୍ତୃ. ଅ) ୧ । ନିକୁଞ୍ଜ—
Jhāṭa 1. Grove.
୨ । ଗୁଳ୍ମ; କ୍ଷୁଦ୍ର ବୃକ୍ଷ—2. Small tree; plant.
୩ । ବୁଦା—3. Bush.
୪ । ମାର୍ଜନା; ଓଳାଇବା—4. Sweeping with a broom.
ଦେ. ବ—ପ୍ରହାରାର୍ଥ ବ୍ୟବହୃତ ପତ୍ର ଓ ଶାଖାହୀନ ଛୋଟ ଡାଳ; ଛାଟ; ଛାଟୁଅ—1. A small leafless and branchless twig used for thrashing.

ଝାଟପାଟ—ଦେ. ବ. (ସ. ଝାଟ+ନିରର୍ଥକ ସହଚର)—ଝାଟୁଣିରେ
Jhāṭa-pāṭa ଓଳାଇବା; ଝାଡ଼ିବା—Sweeping with a
ঝাঁট, ঝাঁটি mop or brush.
झाड़पोंछ

ଝାଟା—ସ.ବ. (ଝଟଧାତୁ=ଗଦା ହେବା, ଣିଜନ୍ତ ଝାଟିଧାତୁ=ଗଦା କରିବା
Jhāṭā +କରଣ ଅ)—୧ । ସମ୍ମାର୍ଜନୀ (କ୍ଷୀରସ୍ୱାମୀ)—
1. Broom; sweeping mop.
୨ । ଯୂଇ (ଦେଖ)
2. Jūi (See)
୩ । ଭୂଇଁ ଅଁଳା (ଦେଖ)
3. Bhuiñ-a-añḻā (See)

ଝାଟି—ଦେ. ବ. (ସ.ଝାଟ)—୧ । ବୃକ୍ଷର ସରୁ ସରୁ ଶାଖାମାନଙ୍କ ଗୁଚ୍ଛ—
Jhāṭi 1. A custer of twigs of a tree or plant;
ফাকড়া, কঞ্চি wattle.
टहनी ୨ । ଅଡ଼ୁଆଡ଼ଡ଼ୁଆ ଲତା ଓ ଗୁଳ୍ମ—
2. Tangled twigs and creepers.
୩ । ଝଟା—3. Twigs; brush-wood.
୪ । ବାଉଁଶ କଣି—4. The twigs of bamboo.
୫ । ହରଡ଼ ଆଦି ଗଛର ସରୁଦଣ୍ଡ—
5. Thin stems of plants.

ଝାଟିଆ—ଦେ. ବ.—ଝାଟି (ଦେଖ)
Jhāṭiā Jhāṭi (See)
ଦେ. ବଣ—୧ । ଝାଟିପୂର୍ଣ୍ଣ—1. Full of twigs.
୨ । ଅଡ଼ୁଆ ଡଡ଼ୁଆ—2. Complicated; tangled.

ଝାଟିକା—ସ. ବି.—ଯୂଇ (ଦେଖ) (Apte)
Jhāṭikā Jūi (See)
ଝାଟୀ
ଝଟୀକା } ଅନ୍ୟରୂପ

ଝାଟି ଚମ୍ପା—ପ୍ରାଦେ (ଗଡ଼ଜାତ) ବ—ଏକ ପ୍ରକାର ବଡ଼ ଗଛ—
Jhāṭi champā A kind of big wild tree.

[ଦ୍ର—ଏହା ଉଚ୍ଚରେ ୩୧୦ ହାତ ପର୍ଯ୍ୟନ୍ତ ବଢ଼େ; ପତ୍ର ଆମ୍ବ ପତ୍ର ପରି । ପତ୍ରକୁ ୨୪ ଘଣ୍ଟା ସଙ୍ଗେ ବାନ୍ଧିଲେ ନାଲନାଲୁଆ ହୁଏ । ତାକୁ ଘାଆରେ ଲଗାଇଲେ ଘାଆ ଶୁଖିଯାଏ ।]

ଝାଟିମାଟି—ଦେ. ବ.—ଝାଟିଦ୍ୱାରା ବାଡ଼ ଦେଇ ତା ଉପରେ ମାଟି ଛାଟି
Jhāṭi-māṭi କାନ୍ଥ ଉଠାଇ ତିଆରି ପ୍ରଣାଳୀ—
ঝিটাবেড়া; ছিটাবেড়া Mud-and-wattie; clay besmeared over twigs twined together for raising a wall.

ଝାଟିମାଟି କାନ୍ଥ—ଦେ. ବ—ଝାଟିମାଟି ପ୍ରକ୍ରିୟାରେ କରାଯାଇଥିବା
Jhāṭi-māṭi kāntha ଘରର କାନ୍ଥ—Wall raised by
ঝিটাবেড়ারদেবাল putting clay over twigs, mud-and-wattle wall.

ଝାଟିମାଟି ସଡ଼କ—ଦେ. ବ—ବାଲି ବା କାଦୁଅ ଉପରେ ଗୁଡ଼ାଏ ଝାଟି
Jhāṭimāṭi saṛdaka ଦେଇ ତା ଉପରେ ମାଟି ବିଛାଇ କରାଯିବା
ঝিটাবেড়াররাস্তা ସଡ଼କ—A fair-weather road made by spreading earth on twigs laid over sand or mud.

[ଦ୍ର—ଏ ସଡ଼କରେ ଘୋଡ଼ା ବଳଦଆଦିଙ୍କ ଗୋଡ଼ ବା ଗାଡ଼ିର ଚକ ବାଲିରେ ବା କାଦୁଅରେ ଭିତରକୁ ପଶିଯାଏ ନାହିଁ, ଏଥି ପାଇଁ ଗମନାଗମନର ସୁବିଧା ହୁଏ ।]

ଝାଟୁଆ—ଦେ. ବ. (ସ. ଝାଟ=ମାର୍ଜନା)—
Jhāṭuā ୧ । ଝାଟୁଣୀ—1. Sweeping mop.
ঝাটা ୨ । ଝାଟୁଣୀ ଦ୍ୱାରା ଓଳାଅ ହୋଇଥିବା ଅଳିଆ ବା
झाड़न ଆବର୍ଜ୍ଜନା—2. Sweepings.
(ଝାଟେଇ—ସ୍ତ୍ରୀ) ଦେ. ବଣ. ପୁଂ. (ସ. ଦୁଷ୍ଟ—
୧ । ଧଟ (ବ୍ୟକ୍ତି)—1. Pertinacious.
୨ । ଯେ ଅଡ଼ୁଆ ଲଗାଏ—
2. Creating complications.

ଝାଟୁଆ(ଏ)ଇବା—ଦେ. କି. (ସ. ଝାଟ)—ଆବର୍ଜ୍ଜନା ସବୁ ଓଳାଇବା—
Jhāṭuā(e)ibā To sweep; to brush.
ঝাড়া ଘରଯାକ ସବୁ ସେ ଝାଟୁଅଇ ରହି ।
झाड़ना କୃଷ୍ଣସିଂ, ମହାଭାରତ, ବନ ।

ଝାଟୁଆ ଗଦା—ଦେ. ବ—ଅଳିଆ ଗଦା; ଯେଉଁ ଗଦାରେ ଅଳିଆମାନ
Jhāṭuā gadā ଜମାକରା ଯାଏ—Refuse-heap; a heap of sweepings and refuse matter.

ଝାଟେଇବା—ଦେ. କି. (ସ. ଝାଟ)—ଝାଟୁଆଇବା (ଦେଖ)
Jhāṭeibā Jhāṭuāibā (See)
(ଝାଟୋଇବା—ଅନ୍ୟରୂପ)

ଝାଡ଼ କୁନ୍ଦୁରି—ଦେ. ବ—ମଟକା (୧) (ଦେଖ)
Jhāṛda kunduri Maṭakā (1) (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକତ' ନ ପାଇଲେ 'ଅଲକ୍ତକ' ଦେଖିବେ

ଝାଡ଼—ଦେ. ବି. (ସଂ. ଝାଟ=କ୍ଷୁଦ୍ର ବୃକ୍ଷ; ଝଟ ଧାତୁ=ସଂଘାତୀକରଣ)—
Jhārda ବାଡ଼ ঝাড় झाड़
୧ । ଅରଣ୍ୟ; ବଣ; ଜଙ୍ଗଲ—1. Forest.

ଝାଡ଼ ସଂସାରେ ମନ ଝସାଇ ପଶୁ ।
ମନବୋଧ. ଚଉତିଶା ।

୨ । ବୁଦା—2. Shrub; bush.
୩ । କାନ୍ଧି; ଗୁଚ୍ଛ—3. Tuft; cluster; bunch.
୪ । (ଏହା ବୁଦାର ଆକୃତିବିଶିଷ୍ଟ ଦେଖାଯିବାରୁ) ବହୁ-ସଂଖ୍ୟକ ପ୍ରଦୀପମଣ୍ଡିତ କାଚର ଆଲୋକାଧାର; ବହୁ-ଶାଖାଯୁକ୍ତ କାଚର ଦୀପବୃକ୍ଷ—
4. A cluster of glass lamps; chandeliers candelebra.

ଝୁଲୁଛି ମାଣିକ୍ୟ ହାଣ୍ଡି, ମାଣିକ୍ୟର ଝାଡ଼
ଥୋପା ଥୋପା ଗଜମୁକ୍ତା ଗୁମ୍ଫିତ ରୂଚିରେ । ଚିନ୍ତାମଣି, ବକ୍ଷମାଧବୀ ।

ପ୍ରାଦେ. (ସମ୍ବଲପୁର) ବି— ସୁନା ତାର ବା ରୁପା ତାରରେ ନିର୍ମିତ ଶାଖାପତ୍ରଯୁକ୍ତ ବୃକ୍ଷାକୃତିବିଶିଷ୍ଟ ଅତରଦାନ୍—
Attardan of gold or silver filagree work in the shape of a tree.

ଝାଡ଼ଖଣ୍ଡ— ଦେ. ବି. (ସଂ. ଝାଟ + ଖଣ୍ଡ)—
Jhārda-khanda ঝাড়খণ্ড झाड़खण्ड
୧ । ଜଙ୍ଗଲି ମୁଲକ; ବଣୁଆ ରାଜ୍ୟ ବା ଦେଶ; ଯେଉଁ ରାଜ୍ୟ ଜଙ୍ଗଲରେ ପୂର୍ଣ୍ଣ; ଆରଣ୍ୟ ଅଞ୍ଚଳ; ଗଡ଼ଜାତ—1. Wild tract of country; hill-state; a country full of forests.

ଝାଡ଼ଖଣ୍ଡ ରଘା ବାଦସା ଭଣେ । କ୍ଷିବସୂର୍ଯ୍ୟ କଣୋସ ଚମ୍ପୂ ଝ. ଗୀତ ।

୨ । ମଧ୍ୟପ୍ରଦେଶର ଛତିଶଗଡ଼ ଆଦି ଅରଣ୍ୟମୟ ଅଞ୍ଚଳ—
2. The wild tract of the Central Province.
୩ । ବୈଦ୍ୟନାଥ ଧାମ (କ୍ଷେତ୍ର) (ଦେଖ)
3. Baidyanātha dhāma (See)

[ଦ୍ର—ବୈଦ୍ୟନାଥ ଧାମଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଯେଉଁ ପାହାଡ଼ ଓ ଜଙ୍ଗଲ ଶ୍ରେଣୀ ଲାଗିଛି ତହିଁର ଭିନ୍ନ ଭିନ୍ନ ଅଂଶ ଝାଡ଼ଖଣ୍ଡ ନାମରେ ଅଭିହିତ ହେବାର ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନଙ୍କରେ ଦେଖାଯାଏ । ମୁସଲମାନ୍‌ମାନଙ୍କ ରଚିତ ଭାରତ ଇତିହାସମାନଙ୍କରେ ଛତିଶଗଡ଼ ଓ ଗଣ୍ଡୱାନା ଅଞ୍ଚଳର ଉତ୍ତରାଂଶ ଝାଡ଼ଖଣ୍ଡ ନାମରେ ଅଭିହିତ (ହି. ଶବ୍ଦସାଗର) । ବଙ୍ଗୀୟ ବୈଷ୍ଣବ ସାହିତ୍ୟରେ ବୈଦ୍ୟନାଥଧାମ ଓ ସ୍ଥଳବିଶେଷରେ ଓଡ଼ିଶାର ଗଡ଼ଜାତ ଓ ଛତିଶଗଡ଼ ଓ ମଧ୍ୟ-ପ୍ରଦେଶର ଅରଣ୍ୟମୟ ଅଞ୍ଚଳକୁ ଝାଡ଼ଖଣ୍ଡ ନାମରେ ଅଭିହିତ କରାଯାଇଅଛି]

ଝାଡ଼ଖଣ୍ଡ ବାଦସା—ଦେ. ବି.—(ସଂ. ଝାଟ + ଖଣ୍ଡ + ପା. ପାଦ୍‌ଶାହ୍)
Jhārda-khanda bādasā ঝাড়খণ্ড বাদসাহা झाड़खंड बादसाहा
ଝାଡ଼ଖଣ୍ଡ ବା ଅରଣ୍ୟ ପ୍ରଦେଶର ରାଜା—The king of the wild tracts of Central India.
(ଝାଡ଼ଖଣ୍ଡ ପାଇସା; ଝାଡ଼ଖଣ୍ଡ ପାତିସା—ଅନ୍ୟରୂପ)

ଝାଡ଼ଖଣ୍ଡି—ଦେ. ବି—ଝାଡ଼ଖଣ୍ଡ (ଦେଖ)
Jhārda-khandi Jhārda-khanda (See)

ଝାଡ଼ ଗିଲାସ—ଦେ. ବି (ସଂ. ଝାଟ + ଇଂ. ଗ୍ଲାସ୍)—ଝାଡ଼ ୪ (ଦେଖ)
Jhārda gilāsa ঝাড়গেলাস झाड़गिलास
Jhārda 4 (See)

ଝାଡ଼ ଗୁରୁଡ଼ି—ଦେ. ବି—ଜଙ୍ଗଲରେ ମନକୁ ଉଠିଥିବା ଆମ୍ବଗଛମାନଙ୍କରେ ଯେଉଁ ଗୁରୁଡ଼ି ବା ଛୋଟଛୋଟ ଆମ୍ବ ଫଳେ; ବନ୍ୟ ଆମ୍ରବୃକ୍ଷଜାତ କ୍ଷୁଦ୍ର ଫଳ—Small mangoes from trees growing wild in forest.
Jhārda-gururdi
ଝାଡ଼ଗୁରୁଡ଼ି, ଝାଡ଼ଗିରଡ଼ି, ଝାଡ଼ଗେରଡ଼ି } ଅନ୍ୟରୂପ

ଝାଡ଼ ଜୟପୁର—ଦେ. ବି. (ନାମ)—ଦାକ୍ଷିଣାତ୍ୟର ବିଶାଖାପଟ୍ଟଣା ଜିଲ୍ଲା ଅନ୍ତର୍ଗତ ଉତ୍କଳୀୟ ଜମିଦାରୀ ରାଜ୍ୟ—The Jeypur estate in the disrict of Vizagapatam.
Jhārda jayapura
(ଝାଡ଼ ଜୟପୁର—ଅନ୍ୟରୂପ)

[ଦ୍ର—ରାଜପୁତନା ଅଞ୍ଚଳର ଗଡ଼ଜାତ 'ଜୟପୁର' ଠାରୁ ବିଶାଖା-ପଟ୍ଟଣା ଜିଲ୍ଲାର ଜୟପୁର ରାଜ୍ୟକୁ ଚିହ୍ନାଇବା ପାଇଁ ଲୋକେ ରାଜ୍ୟକୁ ଝାଡ଼ଜୟପୁର ନାମରେ ଡକାଯାଏ । ଏହା ମାନ୍ଦ୍ରାଜ ପ୍ରଦେଶର ଅଧୀନ ଥିଲେ ମଧ୍ୟ ଏଥିର ଅଧିକାଂଶ ଲୋକ ଓଡ଼ିଆ ଓ ଏଥିର ରାଜା ଓଡ଼ିଆ । ନୂତନ ଓଡ଼ିଶା ପ୍ରଦେଶର ସୀମା-ନିରୂପକ କମିସନ୍ ଏହାକୁ ଓଡ଼ିଆ ଅଞ୍ଚଳରୂପେ ଗଣ୍ୟ କରିଅଛନ୍ତି ।]

ଝାଡ଼ଝୁଡ଼ି—ଦେ. ବି—୧ । କୌଣସି ପାତ୍ରରୁ କୌଣସି ପଦାର୍ଥ ସମ୍ପୂର୍ଣ୍ଣ ରୂପେ ନିଃଶେଷିତ ହୋଇଥିବା ଅବସ୍ଥା—
Jhārda jhurda ঝাড়াঝুড়ি झाड़बुहार
1. The condition of a pot being emptied of all the contents.
୨ । ଝାଡ଼ ଫୁଙ୍କ (ଦେଖ)
2. Jhārda phunka (See)
୩ । କୌଣସି ସ୍ଥାନ ଉତ୍ତମରୂପେ ସମ୍ମାର୍ଜନ ବା ପରିଷ୍କୃତ କରିବା; ଝାଡ଼ାଝଡ଼ି—
3. Sweeping a place clean.

ଦେ. ବିଣ—ସମ୍ପୂର୍ଣ୍ଣରୂପେ ନିଃଶେଷିତ (ଦ୍ରବ୍ୟ ବା ଆଧାର)—
(a pot) Emptied completely.

ଦେ. କ୍ରି. ବିଣ—୧ । ସମ୍ପୂର୍ଣ୍ଣରୂପେ ନିଃଶେଷିତ କରି—
1. Emptying completely.
୨ । ସମ୍ପୂର୍ଣ୍ଣରୂପେ ଧୂଳି ଓ ଅଳିଆ ଆଦି ପରିଷ୍କାର କରି—
2. By cleansing and dusting thoroughly.

ଝାଡ଼ଣ—ଦେ. ବି. (ସଂ. ଝଟ ଧାତୁ=ଗଦା ହେବା)—
Jhārdana ঝাড়ন झाड़न
୧ । ଯାହାଦ୍ୱାରା ଘର ବା ଘରର ଉପକରଣମାନଙ୍କରୁ ଧୂଳି ଝାଡ଼ନ୍ତି; ପୋଛା; ସମ୍ମାର୍ଜନୀ—1. A duster.
୨ । ଝାଡ଼ିବା କର୍ମ; ଝଡ଼ା—
2. Act of shaking off; dusting or cleansing.

୧	ଇ	ଉ	ଋଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଏ	ଉଅ	ଃ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଔ	ଁ

ଝାଲଝାଡ଼ା ୩ । ଗାଳ ବୃଷ୍ଟି; ଯୋଧନ—
3. A shower of rebukes or abuses.

ଝାଡ଼ଣି—ଦେ. ବ—ଝାଡ଼ଣ ୧ ଓ ୩ (ଦେଖ)
Jhārdaṇi Jhārdaṇa 1 & 3 (See)
(ଝାଡ଼ଣି; ଝାଡ଼େଣି—ଅନ୍ୟରୂପ)

ଝାଡ଼ନ—ଦେ. ବ—ଝାଡ଼ଣ (ଦେଖ)
Jhārdana Jhārdaṇa (See)

ଝାଡ଼ ପା(ଫା)ନ(ନୁ)ସ—ଦେ. ବ. (ସ. ଝାଟ+ଫା. ଫାନୁସ୍)—
Jhārda pā(phā)na(nu)sa ୧ । ରେଶମୀ ଓ ମକଲସରେ
ঝাড়ফানস ସଜା ଯିବା ଡାଡର ଅନେକ ସ୍ତମ୍ଭମାନ—
झाड़फानूस 1. Chandeliars and chinese lanterns.
୨ । ଏକପ୍ରକାର ବାଣ ବା ଅତସବାଜି ଯାହା ଜଳା ଗଲେ ଝାଡ଼ ପରି ଦେଖାଯାଏ—
2 A kind of firework which exhibits chandeliar-figures when set on fire.

ଝାଡ଼ପୁଡ଼—ଗ୍ରା. ବ—ଝାଡ଼ଝୁଡ଼ (ଦେଖ)
Jhārda-purda Jhārda-jhurda (See)

ଝାଡ଼ ଫୁଙ୍କ—ଦେ. ବ. (ସଦୃଶ; ଝାଟ=ସମ୍ମାର୍ଜନି+ଫୁତ୍କାର)—
Jhārda phuṅka ରୋଗ ବା ଭୂତାଦ ଅପସାରଣାର୍ଥ ମନ୍ତ୍ର ଉଚ୍ଚାରଣ
ঝাড়ফুঁক କରି ରୋଗାକ୍ରାନ୍ତ ବା ଭୂତାକ୍ରାନ୍ତ ବ୍ୟକ୍ତିର ଅଙ୍ଗରେ
झाड़फुङ्क ଆଙ୍ଗୁଠି ଚଳାଇବା (ଝାଡ଼ିବା) ଓ ଅଙ୍ଗମାନଙ୍କରେ ଫୁଙ୍କାର ଦେବା (ଫୁଙ୍କିବା)—Moving the fingers and blowing whiffs on the body of a person attacked with fever or evil spirits; exorcising, making passes over the body of a person possessed of evil spirit or suffering from some disease.

ଝାଡ଼ବାଇ—ଦେ. ବ. ସ୍ତ୍ରୀ—ଗ୍ରାମଦେବତାବିଶେଷ—
Jhārda-bāi Name of a village-Goddess.

ଝାଡ଼ବାସିନୀ—ଦେ. ବ. ସ୍ତ୍ରୀ—ଗ୍ରାମଦେବତାବିଶେଷ—
Jhārda-bāsini Name of a village-Goddess.

ଝାଡ଼ ମାଲି—ପ୍ରାଦେ. (ଗଞ୍ଜାମ) ବ—ଡାଆଣୀ ଓ ଭୂତ ଆଦ ଛଡ଼ାଇବା
Jhārda-māli ପାଇଁ ବ୍ୟବହୃତ ମନ୍ତ୍ରଯନ୍ତ୍ରସମ୍ବଳିତ ଗୁଣିବିଦ୍ୟା—
Charms and esoteric formulae used by exorcists.

ଝାଡ଼ା—ଦେ. ବ. (ସ. ଝଟ ଧାତୁ=ସ୍ପର୍ଶ କରଣ; ଏ ଶବ୍ଦ ହିନ୍ଦୀରେ
Jhārdā ବ୍ୟବହୃତ)—
বাহ্যে; বাহ্যি ୧ । ମଳ; ଗୁହ; ବିଷ୍ଠା—1. Ordure.
झाड़ा ୨ । ଅଧିକ ମଳ ନିଃସରଣ; ଅତିସାର ବା ଓଲାଉଠା ରୋଗ—2. Diarrhoea; dysentery; cholera.
୩ । ମଳତ୍ୟାଗ; ହଗଣା; ହଗିବା—3. Act of easing oneself; discharge from the bowels.
୪ । ସିତାରର ସବୁ ତାରମାନ ଏକସଙ୍ଗେ ବାଜିବା—
4. The simultaneous vibration of all the strings of a guitar.
୫ । ଝଡ଼ା (ଦେଖ)
5. Jhardā (See)

ଝାଡ଼ାକଇ—ଦେ. ବି. (ସ. ଝଟ ଧାତୁ+ଅ. କୈ)—ଓଲାଉଠା ରୋଗ;
Jhārdā-kai ବିସୂଚିକା—Cholera.
ওলাওঠা; ভেদবমি [ଦ୍ର—ଏହି ରୋଗରେ ବିଶେଷ ଝାଡ଼ା ଓ କଇ
हैजा (ବାନ୍ତି) ହୁଏ; ଶେଷରେ ଶିଘ୍ରମଇ ଉଠେ ଓ ମନୁଷ୍ୟ ମରି ଯାଏ । ଏହା ଗୋଟିଏ ସଂକ୍ରାମକ ଓ ମାରାତ୍ମକ ରୋଗ । ଜୀବାଣୁମାନଙ୍କଦ୍ୱାରା (Bacilli) ଏହି ରୋଗ ଜାତ ହୁଏ ବୋଲି ଆଧୁନିକ ଯୁଗର ପାରଦର୍ଶୀ ଚିକିତ୍ସକମାନେ ନିର୍ଣ୍ଣୟ କରିଅଛନ୍ତି । ଭାରତରେ ପ୍ରାଚୀନକାଳରେ ଏ ରୋଗ ନ ଥିଲା । ଷୋଡ଼ଶ ଶତାବ୍ଦିରେ ଏହା ପ୍ରଥମେ ପଞ୍ଜାବରେ ଇଂରାଜଙ୍କ ସୈନ୍ୟଙ୍କ ମଧ୍ୟରେ ଦେଖାଗଲା ।]

ଝାଡ଼ାକଇଆ—ଦେ. ବିଣ. ପୁଂ—୧ । ଓଲାଉଠା ରୋଗାକ୍ରାନ୍ତ—
Jhārdā-kaiā 1. Attacked with cholera.
(ଯଥା—ଝାଡ଼ାକଇଆ ମଲୁ ।)
୨ । (ଗାଳ ବା ଅଭିଶାପରେ ବ୍ୟବହୃତ) ଯେ ଓଲାଉଠାରେ ମରିବ—2. (a curse) Beest thou attacked with cholera.

ଝାଡ଼ା କବଜ—ଦେ. ବ. (ହ. ଝାଡ଼ା+ଅ. କବ୍‌ଜିୟତ୍)—
Jhārdā kabaja କୋଷ୍ଠବଦ୍ଧ ହେବା —
বাহ্যিকবজ Constipation; costiveness.
कबजियत
(ଝାଡ଼ା କବଜା; ଝାଡ଼ା କବଜିବା—ଅନ୍ୟରୂପ)

ଝାଡ଼ା କରା(ରେ)ଇବା—ଦେ. କ୍ରି—ଔଷଧାଦ ପ୍ରୟୋଗ ଦ୍ୱାରା କୋଷ୍ଠଶୁଦ୍ଧି
Jhārdā karā(re)ibā କରାଇବା—To cause looseness
বাহ্যিকরান of bowels by a dose of purgative
झाड़ा करवाना medicine or appliance.

ଝାଡ଼ା ତଲବ—ଦେ. ବ. (ହ. ଝାଡ଼ା+ଅ. ତଲବ)—
Jhārdā talaba ପୋଶସ୍ତ ମାଡ଼ିବା; ମଳତ୍ୟାଗ କରିବା ନିମନ୍ତେ
বাহ্যেপাওয়া ବେଗ ଦେଖାଇବା; ମଳୋତ୍ସର୍ଗର ବେଗ; ଗୁରୁ-
झाड़ा तलब ଶଙ୍କା—A tendency of easing one's self.
[ଝାଡ଼ା ଦେଖା(ଖେ)ଇବା, ଝାଡ଼ା ମାଡ଼ିବା—ଅନ୍ୟରୂପ]

ଝାଡ଼ା ଦେବା—ଦେ. କ୍ରି (କଟରିଆ)—ଝଡ଼ା ଦେବା (ଦେଖ)
Jhārdā debā Jhardā debā (See)
ঝাড়া দেওয়া
झाड़ा देना

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଝାଡ଼ା ପରିଷ୍କାର—ଦେ. ବି—କୋଷ୍ଠ ପରିଷ୍କାର; କୋଷ୍ଠଶୁଦ୍ଧି—
Jhā**r**dā parishkāra — Easy evacuation of the bowels.
বাহ্যিসাফ
झाड़ासाफ

ଝାଡ଼ା ଫେରିବା—ଦେ. କ୍ରି—ମଳତ୍ୟାଗ କରିବା; ମଳୋତ୍ସର୍ଗ କରିବା; ପୋଖରୀପାଣି ବସିବା—
Jhā**r**dā pheribā — To ease oneself; to defecate.
বাহ্যি ফেরা
झाड़ा फिरना
[ଝାଡ଼ା ଫେରା(ରେ)ଇବା—ଣିଜନ୍ତ]

ଝାଡ଼ା ବନ୍ଦ—ଦେ. ବି. (ହି. ଝାଡ଼ା + ସଂ. ବନ୍ଧନ)—
Jhā**r**dā banda — ୧ । ଝାଡ଼ା କବଜ (ଦେଖ)
1. Jhā**r**dā kabaja (See)
বাহ্যিবন্দ
झाड़ाबन्द — ୨ । ଅର୍ଦୌ ମଳୋତ୍ସର୍ଗ ନ ହେବା—
2. Stoppage of the action of bowels.

ଝାଡ଼ାବାଛ—ପ୍ରାଦେ. (ସିଂହଭୂମ) ବି—ଏକପ୍ରକାର ଧାନ—
Jhā**r**dābāchha — A species of paddy.

ଝାଡ଼ାବାନ୍ତି—ଦେ. ବି—ଝାଡ଼ାକଇ (ଦେଖ)
Jhā**r**dā-bānti — Jhā**r**dā-kai (See)

ଝାଡ଼ାବାନ୍ତିଆ—ଦେ. ବିଣ. ପୁଂ—ଝାଡ଼ାକଇଆ (ଦେଖ)
Jhā**r**dā-bāntiā — Jhā**r**dā-kaiā (See)

ଝାଡ଼ା ମାଡ଼ିବା—ଦେ. କ୍ରି—ଝାଡ଼ା ତଳିବ (ଦେଖ)
Jhā**r**dā mā**r**dibā — Jhā**r**dā talaba (See)

ଝାଡ଼ା ସଫା—ଦେ. ବି. (ହି. ଝାଡ଼ା + ଫା. ସାଫ୍)—
Jhā**r**dā saphā — ଝାଡ଼ା ପରିଷ୍କାର (ଦେଖ)
Jhā**r**dā parishkāra (See)
(ଝାଡ଼ାସାଫ୍—ଅନ୍ୟରୂପ)

ଝାଡ଼ା ହେବା—ଦେ. ବି—୧ । ମଳୋତ୍ସର୍ଗ—
Jhā**r**dā hebā — 1. Motion of bowels.
বাহ্যে হওয়া — ୨ । ଅତିରିକ୍ତ ମଳନିଃସରଣ ଦ୍ୱାରା ଅକ୍ରାନ୍ତ ହେବା—
झाड़ा होना — 2. Excessive passing of stools; dysentery or diarrhoea; looseness of bowels.

ଝାଡ଼ି—ଦେ. ବି—କ୍ଷୁଦ୍ର ବନ; ଛୋଟ ଜଙ୍ଗଲ; ଯେଉଁ ବନରେ ଛୋଟ ଛୋଟ ବୃକ୍ଷମାନ ଥାଏ—Bushy or small forest; the woods; a forest full of bushes and small trees.
Jhā**r**di
झाड़ी

ଝାଡ଼ିଗୁରୁଡ଼ି—ଦେ. ବି—ଝାଡ଼ଗୁରୁଡ଼ି (ଦେଖ)
Jhā**r**di-guru**r**di — Jhā**r**da-guru**r**di (See)

ଝାଡ଼ିଚମ୍ପା—ଦେ. ବି—ଝାଟିଚମ୍ପା (ଦେଖ)
Jhā**r**di-champā — Jhā**t**i-champā (See)

ଝାଡ଼ିଝୁଡ଼ି—ଦେ. କ୍ରି. ବିଣ. (ଝାଡ଼ିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଧ୍ୱନ୍ୟନୁକାରୀ ଝୁଡ଼ିବା କ୍ରିୟାର ଅସମାପିକା ରୂପ ଯୁକ୍ତ ହୋଇ କ୍ରି, ବିଣ ରୂପେ ବ୍ୟବହୃତ)—
Jhā**r**dijhu**r**di
ঝোড়েঝুড়ে
झाड़झूड़कर — ୧ । ଉତ୍ତମରୂପେ ପରିଷ୍କାରପୂର୍ବକ; ଉତ୍ତମରୂପେ ଓଳଅପୋଳଅ କରି—
(ଝାଡ଼ିଝୁଡ଼ିକରି—ଅନ୍ୟରୂପ)
1. After cleansing thoroughly; after a thorough sweeping.
(ଯଥା—ଘରଟିକୁ ଝାଡ଼ିଝୁଡ଼ି ସଫା କରିଦିଅ ।)
୨ । ନିଃଶେଷ କରି; କିଛି ମାତ୍ର ବାକି ନ ରଖି—
2. Exhaustively; without leaving out any thing in it.
(ଯଥା—ବାକ୍ସକୁ ଝାଡ଼ିଝୁଡ଼ି ଦେଖିଲି ଯେ ସେଥିରେ ଗୋଟିଏ ଅଣା ପଇସା ପଡ଼ିନାହିଁ ।)
୩ । ଦେହରେ ବା ଗୃହାଦିରେ ଟିକିଏ ମାତ୍ର ମଳ ବା ଧୂଳି ନ ରଖି—
3. Without leaving a speck of dust or dirt (in the body or house or place).
୪ । କୌଣସି ବ୍ୟକ୍ତି ନିକଟରେ କପର୍ଦ୍ଦକ ମାତ୍ର ବା ସମ୍ବଳ ମାତ୍ର ନ ରଖି—4. Without leaving a single penny or article with a person.
(ଯଥା— ଡକାୟତମାନେ ତା ଘରୁ ସବୁ ଝାଡ଼ିଝୁଡ଼ି ଲୁଟି କରି ନେଲେ ।)
୫ । ଦେହରେ ରୋଗର ସାମାନ୍ୟ ଚିହ୍ନ ମାତ୍ର ନ ରଖି—
5. Without leaving an atom of disease in the body of a person.
(ଯଥା—ବୈଦ୍ୟ ରୋଗୀ ଦେହରୁ ଜ୍ୱରକୁ ଝାଡ଼ିଝୁଡ଼ି ନେଇ ଗଲେ ।)

ଝାଡ଼ିଝୁଡ଼ି ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଦେହର ସବୁ ଅଙ୍ଗରୁ ଧୂଳି ଝାଡ଼ି ବା ମଇଳା ଆଦି ଗାମୁଛା ବା ଝାଡ଼ଣ ଦ୍ୱାରା ସଫା କରିବା—
Jhā**r**dijhu**r**di debā
ঝোড়েঝুড়ে দেওয়া
झाड़झूड़ कर देना — 1. To cleanse the body of a person of all dust and dirt with a cloth or duster.
୨ । କୌଣସି ଗୃହ ବା ସ୍ଥାନର ସବୁ ଅଂଶକୁ ଓଳାଇ କରି ସୁପରିଷ୍କୃତ କରିବା—2. To thoroughly sweep a place or house clean.
୩ । କୌଣସି ବ୍ୟକ୍ତିକୁ ନିଃସମ୍ବଳ କରିଦେବା; କୌଣସି ବ୍ୟକ୍ତିଠାରୁ ସମସ୍ତ ଧନ ନିଃଶେଷିତ କରିବା—
3. To make a person pennyless.
୪ । ଶୂନ୍ୟ କରିଦେବା; ଖାଲି କରିଦେବା—
4 To empty; to exhaust.
୫ । ରୋଗୀ ବା ଭୂତାବିଷ୍ଟ ବ୍ୟକ୍ତିର ସର୍ବାଙ୍ଗକୁ ମନ୍ତ୍ରପାଠ ପୂର୍ବକ ଏକାଧିକଥର ଝାଡ଼ିବା—10. To repeatedly make passes and blow air through the mouth on the body of a patient during exorcism.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଙ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ନ୍

ଝାଡ଼ିଝୁଡ଼ି ହେବା—ଦେ. କ୍ରି—୧ । ଆପଣା ଦେହ ଓ ଅଙ୍ଗପ୍ରତ୍ୟଙ୍ଗକୁ
Jhārdijhurdi hebā ହଲାଇ ଦେହରୁ ଧୂଳିଆଦି ଖସାଇଦେବା—
झाड़ा 1. To shake off the dust from one's body.
झाड़ना ୨ । ଆପଣା ପିନ୍ଧିବା ଲୁଗାପଟାକୁ ଜୋରରେ ହଲାଇ ତହିଁରେ ଲାଗିଥିବା ଅଳିଆ ଓ ଧୂଳିଆଦି ଦୂର କରିବା—
2. To shake off the dust or dirt off one's cloth.

୩ । ଦେହରେ ଲାଗିଥିବା ଧୂଳି ଓ ମଇଳାକୁ ହାତ କିମ୍ବା ଗାମୁଛାଦ୍ୱାରା ଶରୀରରେ ଆଘାତ କରି ପୋଛିବା—
3. To shake off dust from one's body with the hand or a duster.

ଏ ଅନ୍ତରେ ସାତ୍ୟକି ହୋଇ ଝାଡ଼ିଝୁଡ଼ି
ଉଠି ଆଣ୍ଠୁ କରି ଧଇଲେ ଖଣ୍ଡା ଭିଡ଼ି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଝାଡ଼ିଣୀ—ଦେ. ବି—ଝାଡ଼ଣ (ଦେଖ)
Jhārdini Jhārdana (See)

ଝାଡ଼ିବା—ଦେ. କ୍ରି. (ସଂ. ଝଟ୍ ଧାତୁ=ସ୍ୱଚ୍ଛୀକରଣ; ଝଡ଼ିବାର ଣିଜନ୍ତ-
Jhārdibā ରୂପ)—୧ । କୌଣସି ସ୍ଥାନ ବା ବସ୍ତୁକୁ ସମ୍ମାର୍ଜନୀଦ୍ୱାରା ପରିଷ୍କାର କରିବା; ଓଳାଇବା—
झाड़ा
झाड़ना 1. To cleanse a place or thing of dirt; to sweep a place clean.

୨ । କୌଣସି ପଦାର୍ଥରୁ (ଯଥା—ଗଛଡ଼ାଳରୁ) ତହିଁର କୌଣସି ଅଂଶ (ଯଥା—ଫଳ)କୁ ପୃଥକ୍ କରିବା ଉଦ୍ଦେଶ୍ୟରେ ଉକ୍ତ ପଦାର୍ଥକୁ କମ୍ପାଇବା—
2. To lustily shake a thing (e. g. a branch) to separate a part (e. g. the fruits) from it.

୩ । କୁଲାରେ ଶସ୍ୟାଦି ପାଛୁଡ଼ିବା—
3. To winnow corn etc.

ତଣ୍ଡୁଳ ଅଶେଷ ତୁଷ କୃଷ୍ଟ
ଝାଡ଼ି ଯେସନେ ପ୍ରାଣୀ ପୁଷ୍ଟ । ଜଗନ୍ନାଥ. ଭାଗବତ ।

୪ । କରତଳଦ୍ୱାରା, ଲୁଗାଦ୍ୱାରା ବା ଝାଡ଼ଣଦ୍ୱାରା କୌଣସି ବ୍ୟକ୍ତିର ଦେହରେ ବା କୌଣସି ପଦାର୍ଥରେ ଲାଗିଥିବା ଧୂଳିକୁ ଦୂର କରିବା—4. To free the body of a person or thing of dust by using a duster or cloth or the palm.

୫ । କୌଣସି ପଦାର୍ଥରେ ଲାଗିଥିବା ଧୂଳି ବା ମଇଳା ବା ଅନ୍ୟବସ୍ତୁ ଯେଉଁପରି ଝଡ଼ିପଡ଼ିବ ବା ଉଡ଼ିଯିବ ସେହିପରି ଉକ୍ତ ପଦାର୍ଥକୁ ଜୋରରେ ହଲାଇବା—5. To shake a thing lustily and with jerks so as the dirt or dust clinging to it will fall down or fly away.

ଏହା ଦେଖି କୃଷ୍ଣ ବାହୁକୁ ଦେଲେ ଝାଡ଼ି
ପଡ଼ିଲେ ସଣପ୍ତକମାନେ ତଳେ ଝଡ଼ି । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୬ । ଭୂତପ୍ରେତାଦି ବା ରୋଗ ବା ସର୍ପବିଷ ନିରାକରଣାର୍ଥ ମନ୍ତ୍ର ପଢ଼ି କୌଣସି ବ୍ୟକ୍ତିର ଅଙ୍ଗରେ ହାତ ବୁଲାଇବା—
6 To exorcise; to expel spirits or disease or venom from the body by moving the fingers or making passes on it while chanting charms.

ବଦେହ ପ୍ରେତ ଝାଡ଼ିବାକୁ ଅନ୍ତର-ଗତୁଁ ତୋ ବାଣୀ ମନ୍ତ୍ରର ।
ଉପେ. ବୈଦେହୀଶବିଳାସ ।

୭ । ନଡ଼ିଆଗଛରୁ ବର୍ଷକେ ଥରେ ଶୁଖିଲା ବାହୁଙ୍ଗା, ଚଅଁର, ଖୋସାଆଦିକୁ ହାଣି ସଫା କରିବା—6. To cleanse cocoanut trees of dry branches and sheaths etc (once in a year).
[ଝାଡ଼ା(ଡ଼େ)ଇବା—ଣିଜନ୍ତରୂପ]

୮ । (ବାଘ, ବିରାଡ଼ି ଓ କୁକୁରଆଦି ହିଂସ୍ରଜନ୍ତୁ) ଶିକାରକୁ ମୁହଁରେ ଧରି ଜୋର୍ ପୂର୍ବକ ଇତସ୍ତତଃ ଛିଞ୍ଚାଡ଼ିବା—
8. To give a rude shaking to a prey (said of tigers, cats and dogs).

ହରିଣ ଶିଶୁକୁ ପଥେ ହିଂସ୍ର ଯେପରି
ଛାବୋଡ଼ି, କାମୋଡ଼ି ଦନ୍ତେ କ୍ଷୀଣ ପ୍ରାଣ ତାର କରେ ଝାଡ଼ି ।
ରାଧାନାଥ. ମହାଯାତ୍ରା ।

୯ । କୁବାକ୍ୟଦ୍ୱାରା ଗାଳି ଦେବା—
9. To abuse or give vent to one's rage.
(ଯଥା—ତାକୁ ଖୁବ୍ ଝାଡ଼ି ଦେଲ ।)

୧୦ । ବଳ ଝଡ଼ାଇବା; ଶରୀରର ବଳ ବା ମାଂସ ହରଣ କରିବା; ବଳହୀନ ବା ଶକ୍ତିହୀନ କରିବା—
10. To take away strength or flesh from the body; to emaciate.
(ଯଥା—୮ଦିନ ଜର ତାକୁ ଏକଦମ୍ ଝାଡ଼ିଦେଲା ।)

୧୧ । (ଗଛରୁ ଫଳପୁଷ୍ପାଦି) ଛିଣ୍ଡାଇ ପକାଇବା—
11. To pluck (flowers or fruits from a tree).
ବୃକ୍ଷ ଉପାଡ଼ି ସେ ଫଳ ଝାଡ଼ିଲା ମୂଷଳି । ଉପେ. ବୈଦେହୀଶବିଳାସ ।

୧୨ । ଜୋର୍ କରି ଇତସ୍ତତଃ ସଞ୍ଚାଳିତ କରିବା—
12. To wave with force; to shake lustily to and fro.

ଅର୍ଜୁନକୁ ହାଣିବା ବୋଲନ୍ତେ ପାଇକ
ଯାକ ଖଣ୍ଡା ଝାଡ଼ିଲେ ଭିଡ଼ିଁ ଖଡ଼ ଦକ । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

୧୩ । ଘରଛପରି ବେଳେ ଚାଳରୁ ନଡ଼ା ଉଠାଇ ଚାଳକୁ ପରିଷ୍କାର କରିବା—13. To clear away the old thatch of a thatched house when it is annually dismantled for rethaching.

୧୪ । (ଲୋତକ) ଗଡ଼ାଇବା; ବୁହାଇବା; ଝଡ଼ାଇବା—
14. To let fall; to let flow (e.g. tear).

ଏହା କହି ନୟନ ଯୁଗୁଁ ଅଶ୍ରୁ ଝାଡ଼ି
ପଡ଼ିଲେ ଭୂମି ତଳେ ହୋଇଣ ଅଜାଡ଼ି । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୧୫ । ଖସାଇବା; ସ୍ଥାନ ଚ୍ୟୁତ କରିବା—
15. To dislodge; to dislocate.

ମୁଷ୍ଟି ପ୍ରହାର ବାମ କରେ,
ଦନ୍ତ ଝାଡ଼ିଲେ ବେଗଭରେ । ଜଗନ୍ନାଥ. ଭାଗବତ ।

୧୬ । ନିଜର ସର୍ବାଙ୍ଗକୁ ଜୋରରେ କମ୍ପାଇବା; ନିଜର ଦେହକୁ ଇତସ୍ତତଃ ହଲାଇବା—16. To shake one's body lustily.

(ଯଥା—ଘୋଡ଼ା ଦୁଷ୍ଟାମି କରି ଦେହକୁ ଝାଡ଼ିଦେଲାରୁ ଅଶ୍ୱାରୋହୀ ତା ପିଠିରୁ ଖସି ପଡ଼ିଲେ ।) .

୧୭ । କମ୍ପାଇବା—17. To shake.

ଶ୍ରବଣ ଏହା ଶୁଣି ଝାଡ଼ି କର୍ଣ୍ଣମାଳୀ,
ବୋଇଲା ଭୋର ସମ ଅଛେ ବଳୀ । କୃଷ୍ଣସିଂହ. ମହାଭାରତ. ବନ ।

୧୮ । ନିଜର ଅଙ୍ଗବିଶେଷ (ଯଥା—ହାତ, ଗୋଡ଼, କାନ୍ଧ, ଡେଣା)କୁ ଜୋରରେ କମ୍ପାଇବା—18. To shake a particular limb of one's body.

କେବେ ଅବା ସ୍ୱପ୍ନେ ଝାଡ଼ୁଅଛି ଡେଣା କହିଙ୍ଗ ସ୍ୱମାତ୍ରଶାୟୀ—ରାଧାନାଥ. ପାର୍ବତୀ ।

୧୯ । ନଡ଼ାକେଣ୍ଡାରେ ଲାଗିଥିବା ଶସ୍ୟ ଖସି ପଡ଼ିବା ପାଇଁ ଶସ୍ୟର କେଣ୍ଡାକୁ ବା ହଲାକୁ ତଳେ ବା ପଟାଉପରେ ବାଡ଼େଇବା ବା ଛାଟିବା—19. To thresh out corn from the blade or sheaf.

୨୦ । ନିର୍ଧନ ବା ଅର୍ଥଶୂନ୍ୟ କରିବା; ସମସ୍ତ ଧନ ନିଃଶେଷିତ କରିବା—20. To make a man pennyless; to exhaust a person of all his money.

(ଯଥା—ଏ ବର୍ଷ ପୁଅ ବାହାଘର ମୋତେ ଝାଡ଼ିଦେଲା ।)

୨୧ । ଖାଲି କରିବା; ଖାଙ୍କା କରିବା—
21. To make empty; to exhaust.

(ଯଥା—ଲୋକଙ୍କୁ ଦାନ କରି କରି ସେ ତା ଭଣ୍ଡାର ଝାଡ଼ିଦେଲା ।)

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଝାଡ଼ୁ—ଦେ. ବି [ସଂ. ଝୃଟ ଧାତୁ=ଓଲାଇବା; ଭୁଲ. ଫା. ଜାରୁ=
Jhārdu ଝାଡ଼ୁଣୀ (ଜ୍ଞାନେନ୍ଦ୍ର)]—ସମ୍ମାର୍ଜନୀ; ଝାଡ଼ୁଣୀ; ବଢ଼ଣୀ;
ঝাড়ু, ঝাঁটা ପର୍ଦ୍ଦାମୁଠା—Broom; sweeping mop;
झाड़ू broomstick.

ଝାଡ଼ୁଆ—ଦେ. ବଣ—୧ । ବଣୁଆ, ଜଙ୍ଗଲବାସୀ—
Jhārduā 1. Living in the jungle; wild.
ঝাড়ুয়া କେ ବୋଲେ ସେ ଅବୁଝି, କଲେ ଝାଡ଼ୁଆଙ୍କ ବଧ—
झाड़दार ଭକ୍ତନାଥ. ସମରତରଙ୍ଗ ।

୨ । ଅରଣ୍ୟକ—2. Belonging or relating to forests; jungly.

ଦେ. ବି—ଝାଡ଼ୁଆ ବ୍ରାହ୍ମଣ (ଦେଖ)—
Jhārduā brāhmaṇa (See)

ଝାଡ଼ୁଆ ନାଆ(ହା)—ଦେ. ବି—ସରୁଆ ନୌକାବିଶେଷ—
Jhārduā nā-ā(hā) A kind of narrow country-boat.

ଝାଡ଼ୁଆ ନାଆ ଆଗ ମଙ୍ଗ ଶଠା ହୋଇଅଛି—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଝାଡ଼ୁଆ ବ୍ରାହ୍ମଣ—ଦେ. ବି.—୧ । ସମ୍ବଲପୁରବାସୀ ଆରଣ୍ୟକ ବ୍ରାହ୍ମଣ—
Jhārduā brāhmaṇa 1. A class of Brāhmans of Sambalpur (orginal inhabitants of the place).

[ଦ୍ର—ଝାଡ଼ୁଆ ବ୍ରାହ୍ମଣମାନେ ସମ୍ବଲପୁରର ଆଦିମ ନିବାସୀ; ଓଡ଼ିଆ ବ୍ରାହ୍ମଣମାନେ ସମ୍ବଲପୁରକୁ ଆସିବା ପୂର୍ବରୁ ଏମାନେ ଆସି ସମ୍ବଲପୁରରେ ସ୍ଥାୟୀ ଅଧିବାସୀ ହୋଇଥିଲେ ; କେହି କେହି କହନ୍ତି ଯଯାତିକେଶରୀ କାନ୍ୟକୁବ୍ଜରୁ ଯେଉଁ ବ୍ରାହ୍ମଣଙ୍କୁ ଅଣାଇ ଥିଲେ ଏମାନେ ସେମାନଙ୍କ ବଂଶଧର । କଥିତ ଅଛି ଯେ ଏମାନେ ପ୍ରଥମେ ଓଡ଼ିଶାରୁ ଆସି ସମ୍ବଲପୁର ଅଞ୍ଚଳରେ ବସତି କରିଥିଲେ, ପରେ ଯେଉଁ ବ୍ରାହ୍ମଣମାନେ ଓଡ଼ିଶାରୁ ଆସିଲେ ସେମାନେ ଆପଣାକୁ ଓଡ଼ିଆ ଓ ପୂର୍ବାଗତ ବ୍ରାହ୍ମଣମାନଙ୍କୁ ଝାଡ଼ୁଆ ନାମ ଦେଲେ ।

ମତାନ୍ତରରେ ଝାଡ଼ୁଆ ବ୍ରାହ୍ମଣମାନେ ରାଜପୁତ ରାଜାମାନଙ୍କ ସଙ୍ଗେ ଉତ୍ତର-ଭାରତରୁ ସମ୍ବଲପୁରକୁ ଆସିଥିଲେ । ସମ୍ବଲପୁର ଅଞ୍ଚଳ ପୂର୍ବେ ଜଙ୍ଗଲ ଥିବାରୁ ଏହି ଜଙ୍ଗଲ ବା ଝାଡ଼ ଶବ୍ଦ ଅନୁସାରେ ଏ ବ୍ରାହ୍ମଣମାନଙ୍କୁ 'ଝାଡ଼ୁଆ' ବୋଲାଯାଏ । ଏମାନଙ୍କ ସଙ୍ଗେ ଦାକୁଆ ବା ଓଡ଼ିଆ ବ୍ରାହ୍ମଣମାନେ ସାମାଜିକ ଭାବରେ ମିଶନ୍ତି ନାହିଁ ।]

୨ । ସମ୍ବଲପୁର ଅଧିବାସୀ ଗଉଡ଼ ଓ କରଣମାନଙ୍କ ଶ୍ରେଣୀବିଶେଷ—2. Sub-castes of cowherds and Karaṇas of Sambalpur.

ଝାଡ଼ୁ କରିବା—ଦେ. କ୍ରି.—ସମ୍ମାର୍ଜନୀଦ୍ୱାରା ଗୃହାଦି ଓଳାଇବା—
Jhārdu karibā To sweep a place clean with a
ঝাড়ু দেওয়া broomstick.
झाड़ू देना

ଝାଡ଼ୁକସ୍—ଦେ. ବି. (ହି. ଝାଡ଼ୁ + ଫା. ପ୍ରତ୍ୟୟ କଶ୍)—
Jhārdu-kas ଝାଡ଼ୁବରଦାର (ଦେଖ)
Jhārdu bar-dār (See)

ଝାଡ଼ୁ ଖାଇବା—ଦେ. କ୍ରି.—ଝାଡ଼ୁଦ୍ୱାରା ପ୍ରହାରିତ ହେବା—
Jhārdu khāibā To get a thrashing with broom-
ঝাড়ু খাওয়া stick.
झाड़ू खाना

ଝାଡ଼ୁଖିଆ—ଦେ. ବଣ. ପୁଂ.—୧ । ଯେ ଝାଡ଼ୁରେ ମାଡ଼ ଖାଏ—
Jhārdu-khiā 1. Getting a thrashing with
ঝাটা খেগো broom-stick.
झाड़ू खोर ୨ । (ଗାଳି) ଯାହାକୁ ସ୍ତ୍ରୀଲୋକ ଝାଡ଼ୁ ମାରେ—
(ଝାଡ଼ୁଖାଈ—ସ୍ତ୍ରୀ) 2. (a term of abuse). One who is
(ଝାଡ଼ୁଖୋର—ଅନ୍ୟରୂପ) beaten with a broomstick by a woman.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ	ଊଅ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ଙ୍

ଝାଡ଼ୁଝୁଡ଼ୁ—ଦେ. ବି. ବଣ ଓ କ୍ରି. ବଣ—ଝାଡ଼ଝୁଡ଼ (ଦେଖ)
Jhārdu-jhurdu Jharda-jhurda (See)

ଝାଡ଼ୁ ଟୋକେଇ—ଦେ. ବି. (ସହରର ଶବ୍ଦ)—
Jhārdu tōkei ମେହେନ୍ତରଙ୍କ ଓ ମେହେନ୍ତରାଣୀମାନଙ୍କର ରାସ୍ତାଘାଟ ଓ ପାଇଖାନା ସଫା କରିବାର ଦୁଇଟି ଅବଶ୍ୟକ ଉପକରଣ, ବଢ଼ଣି ଓ ଟୋକେଇ—Broom and basket used by sweepers (in cleansing roads and latrines).

ଝାଡ଼ୁଣୀ—ପ୍ରାଦେ. (ସମ୍ବଲପୁର) ବି.—ଝାଡ଼ୁ; ବଢ଼ଣି; ପଦ୍ମିଗ୍ର—
Jhārduni Broom-stick.
(ଝାଡ଼ୁନି—ଅନ୍ୟରୂପ)

ଝାଡ଼ୁଦୁମା—ଦେ. ବଣ. (ହି. ଝାଡ଼ୁ+ଫା. ଦୁମ୍=ଲାଙ୍ଗୁଡ଼)—ଯେଉଁ
Jhārdu-dumā ହାତୀର ଲାଙ୍ଗୁଡ଼ ଝାଡ଼ୁ ପରି ଅଗ୍ରବିସ୍ତୃତ (ଏପରି ଝାଡ଼ୁଦୁମା ହାତୀ ଅଶୁଭ ବୋଲି ବିବେଚିତ)—(elephant) ଝାଡୁ ଦୁମା Having the end of the tail spreading out like a broom-stick.

ଝାଡ଼ୁଦେବା—ଦେ. କ୍ରି—୧ । କୌଣସି ସ୍ଥାନକୁ ଝାଡ଼ୁଦ୍ୱାରା ଓଳାଇବା—
Jhārdu debā 1. To sweep a place clean with a broom.
ঝাঁটা দেওআ झाड़ु देना
(ଝାଡ଼ୁ ମାରିବା—ଅନ୍ୟରୂପ)— ୨ । କୌଣସି ବ୍ୟକ୍ତିକୁ ଝାଡ଼ୁଦ୍ୱାରା ପ୍ରହାର କରିବା—2. To beat with a broom-stick.

ଝାଡ଼ୁପୁଡ଼ୁ—ଦେ. ବଣ.—ଝାଡ଼ଝୁଡ଼ (ଦେଖ)
Jhārdu-purdu Jharda-jhurda (See)

ଝାଡ଼ୁବରଦାର—ଦେ. ବି.—(ହି. ଝାଡ଼ୁ+ଫା. ପ୍ରତ୍ୟୟ ବରଦାର୍=
Jhārdu-bardār ବାହକ)—ରାସ୍ତା ଘାଟ ଆଦି ପରିଷ୍କାର କରିବା ଝାড়ু বরদার ଯେଉଁ ଲୋକର ବୃତ୍ତି ଅଟେ; ମେହେନ୍ତର—
झाड़ु बरदार A sweeper by profession.
(ଝାଡ଼ୁଦାର—ଅନ୍ୟରୂପ)

ଝାଡ଼ୁ ମାରିବା—ଦେ. କ୍ରି.—୧ । ଝାଡ଼ୁ ଦେବା (ଦେଖ)
Jhārdu māribā Jhārdu debā (See)
ঝাড়ুমারা ୨ । ଅତି ଅପମାନ କରିବା—
झाड़ु मारना 2. To grossly insult a person.

ଝାଡ଼ୁମାଲି—ପ୍ରାଦେ. (ଗଡ଼ଜାତ) ବି.—ଝାଡ଼ୁ ବରଦାର (ଦେଖ)
Jhārdu-māli Jhārdu-bardār (See)

ଝାଡ଼ୁ ମୁଠା—ଦେ. ବି.—(ହି. ଝାଡ଼ୁ+ସ. ମୁଷ୍ଟି)—ସମ୍ମାର୍ଜ୍ଜନା ପାଇଁ
Jhārdu mutha ଏକତ୍ର ବନ୍ଧା ହୋଇଥିବା ଖଡ଼ିକା ବା ଖଜୁରି-
(ଝାଡ଼ୁମୁଟି—ଅନ୍ୟରୂପ) ପତ୍ରାଦିର ଗୁଚ୍ଛ; ଝାଡ଼ୁଣୀ ମୁଠା—
Broom-stick.

ଝାଡ଼େଶ୍ୱରୀ—ଦେ. ବି.—ଦେବୀବିଶେଷ—
Jhārdeswari Name of a village-Goddess.

ଝାଣ୍ଟା—ପ୍ରାଦେ. (ମେଦନୀପୁର) ବି.—(ଭୂଲ. ବ. ଝାଁଟା)—ଝାଡ଼ୁ—
Jhāntā Broom-stick.

ଝାଣ୍ଟିବା—ଦେ. କ୍ରି.—ଘର ବା କୌଣସି ସ୍ଥାନକୁ ଝାଡ଼ୁଦ୍ୱାରା ପରିଷ୍କାର
Jhāntiba କରିବା—To sweep a place or house clean.
ঝাঁটা
झड़ाना

ଝାଣ୍ଟେଇବା—ପ୍ରାଦେ. (ମେଦନୀପୁର) କ୍ରି.—୧ । ଝାଣ୍ଟିବା (ଦେଖ)
Jhānteibā 1. Jhāntibā (See)
ঝাঁটান ୨ । ଝାଣ୍ଟିବାର ଣିଜନ୍ତରୂପ—
झड़वाना 2. Causative of Jhāntibā.

ଝାଟି—ଦେ. କ୍ରି. ବଣ.—(ସ. ଝଟିତି)—ଝଟ୍‌କିନି; ଝଟିତି; ଅତିଶୀଘ୍ର—
Jhāti At once; sharp; very soon; quickly, speedily.
ঝাট
झट

ଭାଗ୍ୟ ଏତେକ କଲୁ ଲୋଚନ ଭାବ ଯେତେକ ଚନ୍ତ୍ର,
ବାସେ ଯୋଗିବ ସେକ ମୂର୍ଚ୍ଛିବ ଏକ ପୁଚ୍ଛିବ ଝାଟି ।
ଭକ୍ତ. ପ୍ରେମସୁଧାନିଧି ।

ଝାଟିକା—ଦେ. କ୍ରି. ବଣ. (ସ. ଝଟିତି)—ଝାଟି (ଦେଖ)
Jhātikā Jhāti (See)
(ଝାଟିକାର—ଅନ୍ୟରୂପ)

ଝାଟିକାରେ—ଦେ. କ୍ରି. ବଣ—ଝାଟିକା (ଦେଖ)
Jhātikāre Jhātikā (See)

ଝୁଣ୍ଟି କାମେ ଭ୍ରମ ହେଲେ ଯେ, ଝାଟିକାରେ ଗୃହ କଲେ ଯେ—
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝାନ୍‌ସି—ଦେ. ବି. (ନାମ)—ରାଜପୁତାନା ଅନ୍ତର୍ଗତ ଗୋଟିଏ ବଡ଼
Jhan-si ସହର—Jhānsi; a town in Rājputanā.
ঝাংসী [ଦ୍ର—ଅରଛା ରାଜ୍ୟର ରାଜା ବୀରସିଂହଙ୍କଦ୍ୱାରା ଏଠାରେ
झांसी ଏକ ପ୍ରସିଦ୍ଧ ଦୁର୍ଗ ନିର୍ମିତ ହୋଇଥିଲା । ଝାନ୍‌ସି ରାଣୀ ଲକ୍ଷ୍ମୀବାଈ ଉକ୍ତ ଦୁର୍ଗ ରକ୍ଷା ପାଇଁ ଇଂରେଜଙ୍କ ସହିତ ଘୋର ଯୁଦ୍ଧ କରିଥିବା ବିଷୟ ଇତିହାସ ପ୍ରସିଦ୍ଧ—ମଦନମୋହନ. ତୀର୍ଥଦର୍ଶକ. ୪ର୍ଥ ।]

ଝାପଟା—ଦେ. ବି.—୧ । (ସ. ଝମ୍ପ) ବେଗରେ କୌଣସି ତରଳ
Jhāptā ପଦାର୍ଥ (ଯଥା; ଜଳ) ଅନ୍ୟ କଠିନ ପଦାର୍ଥ ଉପରେ
ঝাপটা ଜୋରରେ କରିବା ଆଘାତ ବା ଛିଟକା—
झपाटा 1. Forceful throwing of a liquid (e. g. a handful of water) over a solid thing (e. g. on the face of a fainting person).
(ଯଥା—ବର୍ଷାର ଝାପଟା ।)
୨ । (ସ. ଚପେଟ୍) ଝଡ଼ ବା ପବନର ଏକ ପ୍ରବଳ ଧକ୍କା—
2. A gush of blowing wind or tempest.
ঝাপটা ୩ । (ସ. ଝୁଟ; ପ୍ରା. ଝୁମ୍ପ) ମୁଣ୍ଡରେ ଲଗାଇବା ସୁନାର
झुमर ଝୁଣ୍ଟିର ଓ ଝୁମ୍ପାଲଗା ଅଳଙ୍କାରବିଶେଷ—
3. A kind of pendant for the hair.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଏହା ସୁନା ବା ରୂପାର ଗୁଡ଼ାଏ ଝୁମ୍ପା ଲଗା ଜଞ୍ଜିର ଲଟକି ଥିବା ଚଟକା ଅଳଙ୍କାର । କପାଳର ଏକପାଖରେ ବାଳ ଉପରେ ଏହାକୁ ଆଙ୍କୁଶିଦ୍ୱାରା ଲଗା ଯାଏ ଓ ଝୁମ୍ପା ଲଗା ଜଞ୍ଜିରମାନ କପାଳଆଡ଼ୁ କାନ ଉପରକୁ ଝୁଲୁଥାଏ । ସଂଯୁକ୍ତ ପ୍ରଦେଶର ସ୍ତ୍ରୀମାନେ ମୁଣ୍ଡର ଡାହାଣ ପାଖରେ ଏହାକୁ ପିନ୍ଧନ୍ତି, ପଞ୍ଜାବର ସ୍ତ୍ରୀମାନେ ମୁଣ୍ଡର ଦୁଇ ପାଖରେ ଦୁଇଟି ଝାପ୍‌ଟା ପିନ୍ଧନ୍ତି ।]

ଝାପ୍‌ଟା ମାରିବା—ଦେ. କ୍ରି—୧ । (ବର୍ଷା ଜଳ ଆଦି) ଜୋରରେ ଛାଟିଡ଼ା ମାରିବା; ଛାଟିବା—1. (rain water) To strike slantingly against something; to dash.
Jhāp-ṭā māribā
ঝাপটা মারা
झपाटा मारना

୨ । (ଝଡ଼ ବା ପବନର ଦମ୍ଭା) ଥରେ ଆଘାତ କରିବା—
2. (wind) To strike violently with a gush.

୩ । (ପାଣି) ଛାଟି ଦେବା—
3. To dash (water) against a thing to splash.

ଝାପ୍‌ସା—ଦେ. ବିଣ. (ସଂ. ଅସ୍ପଷ୍ଟ; ଧୂମସାର)—
Jhāp-sā ୧ । ଅସ୍ପଷ୍ଟଭାବରେ ଦେଖାଯିବା (ବସ୍ତୁ)—
ঝাপসা 1. Seen indistinctly; dimly seen.
धुँधला ୨ । ଅସ୍ପଷ୍ଟଭାବରେ ଦେଖି ପାରିବା; ଜାଲଜାଲୁଆ (ଦୃଷ୍ଟି)—
2. Filmy; blurred (eye–sight).

ଦେ. ବି—୧ । ଚାଳିଶା; ୪୦ ବର୍ଷ ବୟସ ହୋଇଥିବା ବ୍ୟକ୍ତିଙ୍କର ଅକ୍ଷର ଆଦି ସଫା ପଢ଼ି ନ ପାରିବା ଅବସ୍ଥା—1. Dimness of eyesight after the age of 40 years.

୨ । ଚକ୍ଷୁର ରୋଗବିଶେଷ; ଯେଉଁ ରୋଗରେ ଆଖି ଉପରେ ପତଳା ଆବରଣ ମାଡ଼ି ଯିବାରୁ ରୋଗୀକୁ ପଦାର୍ଥ ସବୁ କୁହୁଡ଼ି ମାଡ଼ିଥିବା ଭଳି ଅସ୍ପଷ୍ଟ ଦେଖା ଯାଏ; ଛାଲିକା ଧରିବା ରୋଗ—2. Glaucoma; an eyedisease causing dimness of vision.

ଝାପ୍‌ସା ଝାପ୍‌ସା—ଦେ. କ୍ରି. ବିଣ—ଅସ୍ପଷ୍ଟଭାବରେ ଦେଖିବା ପ୍ରକାରେ-
Jhāp–sā jhāp-sā (to see) Dimly; indistinctly.
ঝাপসা ঝাপসা
धुँधला धुँधला

ଝାପଡ଼ା—ପ୍ରାଦେ. (ସମ୍ବଲପୁର) ବି—କୁଙ୍କୁମ ଗଛ—
Jhāparḍā Garcina Purpurea (tree).

[ଦ୍ର—ଏହା ୧୦।୧୨ ହାତ ଉଚ୍ଚର ଗଛ, ପତ୍ର ପାନ ପରି । ଏହି ଗଛର ଫଳକୁ ଛେଚି ପାଣିରେ ଗୋଳି ଲୁଗାକୁ ଗୋଲାପୀ (ହଳଦିଆ ମିଶା ନାଲି) ରଙ୍ଗ କରନ୍ତି; କୁଙ୍କୁମ '୨' ଦେଖ) ।]

ଝାପି—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ଏହି ଅର୍ଥରେ ହି. ଝାଂପୀ)—
Jhāpi ପେଟରା (ଦେଖ)
Peṭarā (See)

ଝାବକ—ସଂ. ବି—ଝାଉଁ (ଦେଖ)
Jhābaka Jhāuṅ (See)

ଝାବରା—ପ୍ରାଦେ. (ଗଡ଼ଜାତ) ବି—ଅଗାଡ଼ି—
Jhābarā Chaff or empty paddy.

ଝାବୁ—ସଂ. ବି. (ଝା=ଅନୁକାର ଧ୍ୱନି + ବା ଧାତୁ=ଗମନ କରିବା + କର୍ତ୍ତୃ. ଉ; ଯାହାର ଶାଖା ପବନରେ ଦୋହୋଲି ଝାଁଝାଁ (ଝାବୂ—ଅନ୍ୟରୂପ) ଶବ୍ଦ କରେ)—ଝାଉଁ (ଦେଖ)
Jhābu Jhāuṅ (See)

ଝାବୁକ—ସଂ. ବି. (ଝାବୁ + ସ୍ୱାର୍ଥେ କ)—ଝାଉଁ (ଦେଖ)
Jhābuka Jhāuṅ (See)

ଝାମ—ଦେ. ବି.(ସଂ. ଧ୍ମା ଧାତୁ=ଅଗ୍ନି ସଂଯୋଗ କରିବା)—୧ । ମଥାଭ୍ରମ—1. Feeling of giddiness.
Jhāma

୨ । ମୂର୍ଚ୍ଛା; ଝୋଲମାରିବା—2. Fainting; swoon.

ବଇକୁଣ୍ଠୀ କେଅମେ ବଇତହିନଭ୍ରମେ ଦେଖି ପଡ଼ିବେ ପର ଝାମେ ସେ ।
ଉପେ. ବୈଦେହୀଶବିଳାସ ।

୩ । ଅଗ୍ନିର ତାତି—3. Heat or blaze of fire.

୪ । ଅଗ୍ନିମାଣ୍ଡୁ; ଅପରାଧୀର ଜଳନ୍ତା ନିଆଁଉପରେ ଚାଲିବା ରୂପ ପରୀକ୍ଷା—4. The test through which accused persons were made to pass, in ancient times viz. of walking over burning charcoal to free themselves from false accusations.

ବନକୁ ଥିଲେ ଦେବ ଅନଳେ ଅଂଶ
ବହନ୍ତି ଜନେ ଝାମ ଲଗନ୍ତେ ଦୋଷ ସେ । ଉପେ. ବୈଦେହୀଶବିଳାସ ।

୫ । ଗାଡ଼ିର ଚକର ପରିଧିରେ ବେଢ଼ି ଥିବା ଲୌହବଳୟ—5. The outer ring of iron round the rim of a wheel.

୬ । ପଣାସଂକ୍ରାନ୍ତିରେ ଯେଉଁ ଦହକ ନିଆଁରେ ପାଟୁଆମାନେ ଚାଲନ୍ତି; ପଣାସଂକ୍ରାନ୍ତିରେ ବ୍ରତଧାରୀମାନେ ଯେଉଁ ନିଆଁଗଦାରେ ଚାଲନ୍ତି—6. The blazing fire over which devotees walk bare-footed on the Chaitra saṁkrānti; heap of fire lit up on Panāsaṁkrānti for walking upon it.

୭ । (ସଂ. ଯାମ)—କ୍ଷୀଣ; ଦୁର୍ବଳ—7. Lean; weak.

ଭେଟନ୍ତି ସୁନ୍ଦରୀ ହୁଅ କର୍ମି ହୁଏ ଝାମ । ଦିନେଶଙ୍କର. ଉଷାଭିଳାଷ ।

ଦେ. ବିଣ—ମୂର୍ଚ୍ଛିତ—Fainted; swooned.

ଝାମକ—ସଂ. ବି. (ଝମ୍ ଧାତୁ=ଭକ୍ଷଣ କରିବା + କର୍ତ୍ତୃ. ଅକ)—
Jhāmaka ଝାମା; ଅତିଦଗ୍ଧ ଇଷ୍ଟକ—
Overburnt brick; vitrified brick.

ଝାମ ଖେଳ—ଦେ. ବି—ଚୈତ୍ର ସଂକ୍ରାନ୍ତିରେ ପାଟୁଆମାନଙ୍କର ନିଆଁଉପରେ ଚାଲିବା ଉତ୍ସବ—The festival or feat of devotees walking over live coal on Chaitra saṁkrānti day.
Jhāma khela

କେ ବୋଇଲେ ଭଲ ଏହାର ନାଶା ଗୁଣ
କାମ ଝାମଖେଳ ନିଆଁକୁ କରେ ଊଣା । କୃଷ୍ଣସିଂ. ମହାଭାରତ ବନ ।

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଘ
୨	ଈ	ଉ	ଋ	ଌ	ଯ୍ୱ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଷ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ	ନ୍ତ

ଝାମ ମାରିବା—ଦେ. ଡ—୧ । ମଥାଭ୍ରମ—
Jhāma māribā 1. Giddiness of the brain.
୨ । ଝୋଲ୍ଲ ମାରବା—2. Fainting; swooning; a fit of fainting.

ଝାମ ଯିବା—ଦେ. କ୍ରି—ମୂର୍ଚ୍ଛିତ ହେବା—
Jhāma jibā To have a fit; to swoon.

ମନୋରମ ଚରମ ଦେଶ ଢେଉରୁ ଝାମ ଯିବେ ଦାମ୍ଭିକେ ଦେଖିକରି ।
ଭଞ୍ଜ. କୋଟି ବ୍ରହ୍ମାଣ୍ଡସୁନ୍ଦରୀ ।

ଝାମ ହେବା—ଦେ. କ୍ରି—ଝାମ ଯିବା (ଦେଖ)
Jhāma hebā Jhāma jibā (See)

ହନୁ ମୁଣ୍ଡୁ ଶୁଣି ବମ ଜ୍ଞାନ ହାର ହେଲେ ଝାମ
ଧନୁଶର ପକାଇ ଭୂମିର । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଝାମା—ଦେ ବ. (ସଂ. ଝାମକ)—୧ । ଅଗ୍ନିରକ୍ତ ଦାହରେ ପିଣ୍ଡୀକୃତ ଇଷ୍ଟକ
Jhāmā ଖଣ୍ଡ; ପୋଡ଼ିଯାଇ କୁଭୁର ପଡ଼ିଥିବା ଇଟା—
ঝামা 1. Vitrified brick; over-burnt brick.
झाँवा ୨ । ଝାମ (ଦେଖ)
2. Jhāma (See)

ଝାମି—ପ୍ରାଦେ. (ବାଲେଶ୍ୱର) ବ—ଗୁଆଳିଆ; ପିଜୁଳି—
Jhāmi Guava.

ଝାମୁ—ଦେ. ବ—୧ । ଝାମ (ଦେଖ)
Jhāmu 1. Jhāma (See)
୨ । ଝାଉଁ (ଦେଖ)—2. Jhāuñ (See)
୩ । ଝାମୁଯାତ (ଦେଖ)—3. Jhāmujata (See)

ଝାମୁଆ(ଆଁ)—ଦେ. ବ—ଯେଉଁ ବ୍ରତଧାରୀ ବ୍ୟକ୍ତିମାନେ ଜଳନ୍ତାଅଙ୍ଗାର
Jhāmuā(āñ) ଗାତରେ ପଣାସଂକ୍ରାନ୍ତି ଦିନ ଚାଲନ୍ତି—The devotees who walk over blazing charcoal on the Chaitra saṁkrānti day.

ଝାମୁ ଓଷା—ଦେ. ବ—ଝାମୁଯାତ ସମୟରେ କୌଣସି କୌଣସି ବ୍ୟକ୍ତି
Jhāmu oshā ମହାଦେବଙ୍କ ଉଦ୍ଦେଶ୍ୟରେ ପାଳନ କରିବା ବ୍ରତ—
The religious vow observed on the Chaitria Saṁkrānt.

ଝାମୁ ଗୀତ—ଦେ. ବ—ଝାମୁ ଯାତ ସମୟରେ ପାଟୁଆମାନେ ନାଚନାଚ
Jhāmu gita ଯେଉଁ ଗୀତ ବୋଲନ୍ତି—Songs sung by the persons who observe the Jhāmu-oshā vow.

ଝାମୁ ନାଟ—ଦେ. ବ—ଝାମୁ ଯାତ ସମୟରେ ପାଟୁଆମାନେ ଗୀତ ବୋଲି
Jhāmu nāṭa ଯେଉଁ ନୃତ୍ୟ କରନ୍ତି—Dancing done by the persons who observe the Jhāmu-oshā vow.

ଝାମୁ ପରବ—ଗ୍ରା. ବ—ଝାମୁ ଯାତ (ଦେଖ)
Jhāmu paraba Jhāmu jata (See)
(ଝାମୁପର୍ବ—ଅନ୍ୟରୂପ)

ଝାମୁ ଯାତ—ଦେ. ବ—ପାଟୁଆଯାତ; ପଣାସଂକ୍ରାନ୍ତିରେ ବ୍ରତଧାରୀ ପାଟୁଆ-
Jhāmu jāta ମାନଙ୍କର ନିଆଁରେ ଚାଲିବା ଓ ବାଦ୍ୟ ସହିତ ଗୀତ ବୋଲି ନାଚିବା ପର୍ବ—The festival of fire-walking, dancing accompanied with music performed by some devotees on Chaitra saṁkrānti.

[ବି—ପଣା ସଂକ୍ରାନ୍ତି ଦିନ ସାତଟି ଗାତ ଭୂଇଁରେ ଖୋଳା ହୋଇ ସେଥିରେ ନିଆଁ ଦହକୁ ଥାଏ । ଅନ୍ୟ ଗୋଟିଏ ଗାତରେ ଦୁଧ ଓ ପାଣି ପୂର୍ଣ୍ଣ ଥାଏ । ବ୍ରତଧାରୀ ବ୍ୟକ୍ତି ଦୁଧପାଣି ଥିବା ଗାତରେ ଗୋଡ଼ ବୁଡ଼ାଇ ସାରି ତାପରେ ନିଆଁ ଜଳୁଥିବା ୭ଟି ଗାତରେ ଏକାଦିକ୍ରମେ ଗୋଡ଼ ଦେଇ ଦେଇ ଚାଲି ଯାଏ ଓ ତାହା ଗୋଡ଼ରେ ଫୋଟକା ହୁଏ ନାହିଁ । କଟକଜିଲ୍ଲାର ବାଙ୍କି ଓ କେତେକ ଗଡ଼ଜାତରେ ଏ ଯାତ ହୁଏ । ସେ ଦିନ ଓ ତା ପରେ କେତେ ଦିନ ପର୍ଯ୍ୟନ୍ତ ବ୍ରତଧାରୀମାନେ ବେଶ ପିନ୍ଧି ଗ୍ରାମ ଗ୍ରାମ ବୁଲି ବାଦ୍ୟ ସଙ୍ଗେ ନାଚନ୍ତି ଓ ଗୀତ ଗାଆନ୍ତି ।]

ଝାମ୍ପ—ଦେ. ବ. (ସଂ. ଝମ୍ପ)—୧ । ଡିଆଁ; ଲମ୍ଫ—
Jhāmpa 1. Spring; jump; leap.
ঝাঁম্প ୨ । ପୋଲୁହ (ଦେଖ)
फलांग 2. Poḻuha (See)
ঝাপটা ୩ । ପକ୍ଷୀମାନେ ଗୋଡ଼ର ନଖଦ୍ୱାରା ଶିକାର ଉପରେ
झपट କରିବା ଆକ୍ରମଣ; ଡାଳ—3. Pounce; swoop.
ঝাঁখাড় ୪ । ଡାଳର ଗଛ; ଝଙ୍କା ଗଛ; ଝାମ୍ପୁଡ଼ା ଗଛ—
झांकड़ा 4. A tree with spreading or bushy top.
টোকা ୫ । (ସଂ. ସମ୍ପୁଟ) ମୁଣ୍ଡରେ ପିନ୍ଧିବା ତାଳପତ୍ରର ବେଣ୍ଟ ନ ଥିବା
टोप ଛତାବିଶେଷ; ଟୋପର—5. A wide-brimmed
ঝাঁপী hat of palm-leaf for the head.
झाँपी ୬ । ଘୋଡ଼ଣୀଯୁକ୍ତ ବଡ଼ ଟୋକେଇ—
6. A big baskets with a lid.
ପ୍ରାଦେ. (ଯାଜପୁର)—ବ—ଯେଉଁ ତାଟର ପିଠିପାଖରେ ବଡ଼ି ପାଇଁ ବଟା ହୋଇଥିବା ବିରି ପିଣ୍ଡୀକୃତ ହୋଇ ସ୍ଥାପିତ ହୁଏ—
A wicker-work tray on the back of which balls of Phaseolus paste are put for being dred up into Barḏi.

ଝାମ୍ପଡ଼ା—ଦେ. ବଣ. (ସଂ. ପିଧାନ=ଆଚ୍ଛାଦନ)—୧ । ଛତର; ଛତ୍ରାକାର
Jhāmparḏā ଅଗ୍ରଭାଗଯୁକ୍ତ—1. Overspreading; with
ঝাঁপুড়া; ঝাঁপুড়া a spreading top; bushy.
ঝাঁপাল, ঝোকড়া, ঝাকড়া ୨ । ଝାମ୍ପୁଡ଼ାମୁଣ୍ଡା (ଦେଖ)
झबरा, झबरीला 2. Jhāmpurḏā-muṇḍā (See)
୩ । ଉଦ୍ଧୃତଃ ମୁକୁଳା ହୋଇଥିବା (ଅଳ୍ପ ଲମ୍ବ ବାଳ)
3. Tangled; shaggy (short hair).
୪ । ଯେ (ହିଂସ୍ର ପଶୁ ପକ୍ଷୀ) ଶିକାରକୁ ଡାଳ ମାରେ; ଶିକାରୀ—
4. Preying, pouncing (bird or beast).
(ଝାମ୍ପୁଡ଼ା—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟା'କୁ ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝାମ୍ପଡ଼ାମୁଣ୍ଡା—ଦେ. ବଣ. ପୁଂ.—ଝାମ୍ପୁଡ଼ାମୁଣ୍ଡା (ଦେଖ)
Jhāmparḍā-munḍā Jhāmpurḍā-munḍā (See)
(ଝାମ୍ପଡ଼ୀମୁଣ୍ଡୀ—ସ୍ତ୍ରୀ)

ଝାମ୍ପଡ଼ୀ—ଦେ. ବଣ. ସ୍ତ୍ରୀ.—ଝାମ୍ପୁଡ଼ୀ ମୁଣ୍ଡୀ (ଦେଖ)
Jhāmparḍi Jhāmpurḍi munḍi (See)
(ଝାମ୍ପୁଡ଼ୀ—ଅନ୍ୟରୂପ)

ଝାମ୍ପ ମାରିବା—ଦେ.କ୍ରି.—୧ । (ହିଂସ୍ର ପଶୁପକ୍ଷୀମାନେ) ଲମ୍ଫଦ୍ୱାରା ଆକର୍ଷଣ
Jhāmpa māribā କରି କୌଣସି ପଦାର୍ଥକୁ ନେଇଯିବା—
ঝাপটা মারা 1. To snatch away a thing by pouncing
झपटना (said of birds and beasts of prey.)
୨ । ଶିକାର ଉପରେ ବଳପୂର୍ବକ ଆକ୍ରମଣ କରି ପତିତ ହେବା-
2. To swoop upon a prey.

ଝାମ୍ପରା(ଇତ୍ୟାଦି)—ଗ୍ରା. (ଇତର) ବଣ.—ଝାମ୍ପଡ଼ା ଇତ୍ୟାଦି (ଦେଖ)
Jhāmparā (etc) Jhāmparḍā etc (See)
(ଝାମ୍ପୁରା—ଅନ୍ୟରୂପ)
ପ୍ରାଦେ. (ଗଞ୍ଜାମ) ବି.— ଛୋଟ ଜଳାଶୟ—
A small tank.

ଝାମ୍ପରୀ—ଗ୍ରା. ବଣ. ସ୍ତ୍ରୀ—ଝାମ୍ପୁଡ଼ୀମୁଣ୍ଡୀ (ଦେଖ)
Jhāmpari Jhāmpurḍi-munḍi (See)
(ଝାମ୍ପୁରୀ—ଅନ୍ୟରୂପ)

ଝାମ୍ପଲା—ଦେ. ବିଣ. ପୁଂ—୧ । ଝାମ୍ପୁଲା (ଦେଖ)
Jhāmpalā 1. Jhāmpulā (See)
୨ । ଝାମ୍ପୁଲାଶିଂଘା (ଦେଖ)
2. Jhāmpulā-śimghā (See)

ଝାମ୍ପଲାଶିଂଘା—ଦେ. ବଣ—ଝାମ୍ପୁଲାଶିଂଘା (ଦେଖ)
Jhāmpalā-śimghā Jhāmpulā-śimghā (See).

ଝାମ୍ପାନ୍—ଦେ. ବି (ସଂ. ଝମ୍ପ+ଯାନ)—ଝମ୍ପାନ୍ (ଦେଖ)
Jhāmpān . Jhampan (See).
[ଦ୍ର—ଏହା ଖଟ ଚଳାଇବା ଢଙ୍ଗ ଆକାରରେ ବାଉଁଶ ଓ ବେତ୍ରରେ ବୁଣା ହୋଇ ପ୍ରସ୍ତୁତ ହୋଇଥାଏ । ଏହାର ଲମ୍ବା ଓ ଚୌଡ଼ା ଅଢ଼େଇ ଫୁଟ ଏବଂ ଉଚ୍ଚତା ଅର୍ଦ୍ଧ ଫୁଟ; ହରଦ୍ୱାର ହୃଷୀକେଶ ପ୍ରଭୃତି ଅଞ୍ଚଳରେ ଏହା ମନୁଷ୍ୟବାହ୍ୟ ଯାନରୂପେ ବ୍ୟବହୃତ ହୁଏ— ମଦନମୋହନ ତୀର୍ଥଦର୍ଶନ ୪ର୍ଥ ।]

ଝାମ୍ପି—ଦେ. ବି (ସଂ. ସମ୍ପୁଟ)—୧ । ମୁଣ୍ଡରେ ପିନ୍ଧାଯିବା ତାଳପତ୍ରର
Jhāmpi ଟୋପି; ଝାମ୍ପ—1. A wide-brimmed-hat
টোকা made of palm-leaf.
टोप କେହି ଝାମ୍ପି ଥାଇ ମୁଣ୍ଡେଇ ହାତରେ ଦଣ୍ଡ ଖଣ୍ଡେ ଧରି × × ×
ବାବୁଙ୍କ ଠାଏ ଝାଡରେ ପକାଇ ଘାସ କାଟିବାକୁ ବାହାରନ୍ତି—
ଫକୀରମୋହନ. ଛମାଣଆଠଗୁଣ୍ଠ ।
[ଦ୍ର— ଏହା ସାହେବଙ୍କ ଟୋପି ବା ପଲମ ପରି ଓ ଖୁବ୍ ଚଉଡ଼ା ବଡ଼ ଫଳଯୁକ୍ତ ଓ ଏହାକୁ ମୁଣ୍ଡରେ ପିନ୍ଧିଲେ ମୁଣ୍ଡ ଖରା ଓ ବର୍ଷାରୁ ରକ୍ଷା ପାଏ; ଅଥଚ ଦୁଇ ହାତ ସ୍ୱାଧୀନ ରହିବାରୁ ହାତରେ ଆବଶ୍ୟକ କର୍ମ କରାଯାଇ ପାରେ ।]
ঝাঁপী ୨ । ଆବରଣଯୁକ୍ତ ବଡ଼ ଟୋକେଇ--
झाँपी 2. A big basket with a lid.
ପ୍ରାଦେ (ସମ୍ବଲପୁର) ବି—(ଭୁଲ ଏହି ଅର୍ଥରେ ହି.ଏହି ଶବ୍ଦ)—
୧ । ପେଡ଼ି—1. A covered basket; work-basket.
୨ । ପେଟରା—2. A cane-box with a lid.

ଝାମ୍ପି ପଡ଼ିବା—ଦେ. କ୍ରି—ଝାମ୍ପମାରିବା ୨ (ଦେଖ)
Jhāmpi parḍibā Jhāmp māribā 2. (See).

ଝାମ୍ପିବା—ଦେ. କ୍ରି (ସଂ. ଝମ୍ପ)—୧ । ଝାମ୍ପ ମାରିବା (ଦେଖ)
Jhāmpibā Jhāmpa māribā (See)
ছো মারা; ঝাপটা মারা ଜଳ ବଢ଼ଙ୍କୁ ଝାମ୍ପଇ ତା ଯୋଗ୍ୟ ଦମ୍ଭ ଚପଳ ସଞ୍ଚାଣ ।
झपटना, पंजामारना କବିସୂର୍ଯ୍ୟ. ସଙ୍ଗୀତ ।

ଝାମ୍ପୁଡ଼ା—ଦେ. ବଣ—ଝାମ୍ପଡ଼ା (ଦେଖ)
Jhāmpurḍā Jhāmparḍā (See).

ଝାମ୍ପୁଡ଼ାଚିଲ—ଦେ. ବି (ସଂ. ଝମ୍ପ+ଚିଲ୍ଲ)—ଯେଉଁ ଚିଲ ଝାମ୍ପମାରି
Jhāmpurḍā chila କୌଣସି ପଦାର୍ଥ (ଯଥା ମାଛ)କୁ ନେଇଯାଏ—
A pouncing kite.

ଝାମ୍ପୁଡ଼ାମୁଣ୍ଡା—ଦେ.ବଣ. ପୁଂ—୧ । ଯାହାର ମୁଣ୍ଡରେ ଛୋଟ ଛୋଟ କେଶ
Jhāmpurḍā-munḍā ଅଲୁଲାୟିତ ଓ ଅଡ଼ୁଆ ହୋଇଥାଏ—
(ଝାମ୍ପୁଡ଼ୀମୁଣ୍ଡୀ—ସ୍ତ୍ରୀ) 1. Having dishevelled
ঝাকড়াচুলো or tangled short hair.
୨ । ଯାହାର ମୁଣ୍ଡର ବାଳ ଝାମ୍ପୁଡ଼ା ହୋଇଥାଏ—
2. Having a bushy head of hair.

ଝାମ୍ପୁଡ଼ୀ—ଦେ. ବଣ, ସ୍ତ୍ରୀ—ଝାମ୍ପୁଡ଼ୀମୁଣ୍ଡୀ (ଦେଖ)
Jhāmpurḍi Jhāmpurḍi-munḍi (See).

ଝାମ୍ପୁଡ଼ୀମୁଣ୍ଡୀ—ଦେ. ବଣ. ସ୍ତ୍ରୀ—ଝାମ୍ପୁଡ଼ାମୁଣ୍ଡାର ସ୍ତ୍ରୀଲିଙ୍ଗ—
Jhāmpurḍi-munḍi Feminne of Jhāmpurḍā-munḍā.

ଝାମ୍ପୁରା—ଗ୍ରା (ଇତର) ବଣ ପୁଂ—ଝାମ୍ପଡ଼ା (ଦେଖ)
Jhāmpurā Jhāmparḍa (See).
(ଝାମ୍ପୁରୀ—ସ୍ତ୍ରୀ)

ଝାମ୍ପୁରା ଚିଲ—ଗ୍ରା. (ଇତର) ବି—ଝାମ୍ପୁଡ଼ା ଚିଲ (ଦେଖ) .
Jhāmpurā chila Jhāmpurḍā chila (See).

ଝାମ୍ପୁରା ମୁଣ୍ଡା—ଗ୍ରା (ଇତର) ବଣ. ପୁଂ—ଝାମ୍ପୁଡ଼ାମୁଣ୍ଡା (ଦେଖ)
Jhāmpurā-munḍā Jhāmpurḍā-munḍā (See).
(ଝାମ୍ପୁରୀମୁଣ୍ଡୀ—ସ୍ତ୍ରୀ)

ଝାମ୍ପୁରୀ—ଦେ. ବଣ. ସ୍ତ୍ରୀ—ଝାମ୍ପୁଡ଼ୀମୁଣ୍ଡୀ (ଦେଖ)
Jhāmpuri Jhāmpurḍimunḍi (See)

ଝାମ୍ପୁଲ (ଇତ୍ୟାଦି)—ଦେ. ବଣ—ଝାମ୍ପଡ଼ା ଇତ୍ୟାଦି (ଦେଖ)
Jhāmpulā (etc) Jhamparḍā etc (See)
ঝাঁকড়া କାଣ ନ କାଣ୍ ଝାମ୍ପୁଲ ଅଣ୍, ଖାଡ଼ାଅଶିଂଗା ସବୁଠୁ ଟାଣ୍—କୃଷିକଥା ।

୧	ଲ	ଡ	ଋ,ର୍ଚ୍ଚ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁୟ	ଇଅ	ଢ଼	ନ୍

ଝାମ୍ପୁଲିଶିଂଘା—ଦେ. ବଣ. ପୁଂ. ଓ ସ୍ତ୍ରୀ—ଯେଉଁ ଗାଈ ବା ବଳଦର
Jhāmpulā-śimghā ଶୃଙ୍ଗଦ୍ୱୟ ଦୁଇଆଡ଼େ ବିପରୀତ ଦିଗରେ ବାହାରକୁ ବାହାରିଥାଏ—(cow or bullock) Having horns growing away from each other; with horns diverging away from each other.

ଝାର—ପ୍ରାଦେ. (ସମ୍ବଲପୁର) ବି (ସଂ. ଝାଟ=କ୍ଷୁଦ୍ର ବୃକ୍ଷ; ଭୁଲ. ଏହି
Jhar ଅର୍ଥରେ ହି. ଏହି ଶବ୍ଦ)—ଝାଡ଼; ଜଙ୍ଗଲ—Forest.
[ଦ୍ର—ଏହି ଶବ୍ଦରୁ ଝାରସୁଗୁଡ଼ା, ଝାରବନ୍ଧା ଆଦି ସ୍ଥାନର ନାମ ହୋଇଅଛି ।]

ଝାରଖଣ୍ଡ—ପ୍ରାଦେ. (ସମ୍ବଲପୁର) ବି—ଝାଡ଼ଖଣ୍ଡ (ଦେଖ)
Jhar-khaṇḍ Jhārḍa-khaṇḍa (See)

ଝାରବିଲେଇ—ପ୍ରାଦେ (ସମ୍ବଲପୁର) ବି—ବଣବିଲୁଆ; ବନ୍ଧାସ—
Jhār-bilei Wild cat.

ଝାର—ପ୍ରାଦେ (କଳାହାଣ୍ଡି) ବି—ଘାସ—
Jhāra Grass.

ଝାରା—ପ୍ରାଦେ (ବସ୍ତର) ବି—ଜାଲଚାଟୁ—
Jhārā A perforated ladle.

ଝାରି—ପ୍ରାଦେ (ମେଦିନୀପୁର) ବି (ଭୁଲ. ଏହି ଅର୍ଥରେ ବ. ଓ ହି. ଏହି
Jhāri ଶବ୍ଦ)—ଝରି; ଗଡ଼ୁ; ଛାଲ— Water-pot.

ଝାରିବା—ଦେ. କ୍ରି—(ଭୁଲ. ଏହି ଅର୍ଥରେ ହି. ଝାରନା)—
Jhāribā ୧ । ଝାଡ଼ିବା (ଦେଖ)—
1. Jhārḍibā (See)
୨ । ଝରାଇବା; ଗଡ଼ାଇବା—2. To let fall; to drop.
ମୁକ୍ତାନଦୀ ଅଶ୍ରୁବିନ୍ଦୁ ଝାରି ନେତ୍ର ଅନ୍ତେ—ନନ୍ଦକିଶୋର. ସୀତାବନବାସ ।
ପ୍ରାଦେ. (ସମ୍ବଲପୁର) କ୍ରି—ବାଲିରେ ମିଶିଥିବା ସୁନାରେଣୁକୁ ପାଛୁଡ଼ି ବାହାର କରିବା—To cause the gold dusts to separate from sand by winnowing or seiving.
[ଦ୍ର—ସମ୍ବଲପୁର ଅଞ୍ଚଳରେ ଯେଉଁ ଜାତି ବାଲିରୁ ସୁନା ଝାରନ୍ତି ତାଙ୍କୁ ଝରା ବୋଲାଯାଏ ।]

ଝାଲ୍—ପ୍ରାଦେ (ମେଦିନୀପୁର) ବି—(ସଂ. ଜ୍ୱାଳା, ଭୁଲ. ଏହି ଅର୍ଥରେ
Jhal ବ. ଏହି ଶବ୍ଦ) ରାଗ—Pungent taste.
ପ୍ରାଦେ. (ମେଦିନୀପୁର) ବିଣ—ରାଗୁଆ—Pungent.
ପ୍ରାଦେ (ସମ୍ବଲପୁର) ବି—ଝାଳ (ଦେଖ)—
Jhāḷa (See)

ଝାଳ—ଦେ. ବି (ସଂ. ଜଳ; ଝରି;ଧାରା)—୧ । ସ୍ୱେଦ; ଘର୍ମ—
Jhāḷa 1. Sweat; perspiration.
घाम ଛାଟକାଝାଳେ ପୂର୍ଣ୍ଣ କଲେ ସେ ଦେହକୁ—
पसीना କୃଷ୍ଣସିଂହ. ମହାଭାରତ. ସଭା ।

[ଦ୍ର—ଝାଳ କେବଳ ସ୍ତନ୍ୟପାୟୀ ଜୀବଙ୍କଠାରୁ ବହେ । ରାସାୟନିକ ବିଶ୍ଳେଷଣ ଦ୍ୱାରା ଦେଖା ଯାଇଅଛି ଯେ ଝାଳର ଉପାଦାନ ପ୍ରାୟ ପ୍ରସ୍ରାବର ଉପାଦାନ ପରି । ଝାଳରେ କ୍ଷାର, ଚର୍ବି ଓ ପ୍ରୋଟୀନ (ଶରୀର ଧାତୁ) ଥାଏ । ଏହା ଲୋମକୂପରୁ ନିର୍ଗତ ହୁଏ । ଗ୍ରୀଷ୍ମାଧିକ୍ୟରେ, ଅଧିକ ପରିଶ୍ରମରେ ବା ବ୍ୟାୟାମରେ, ଲଜ୍ଜା, କ୍ରୋଧ ଓ ଭୟଆଦି ଗଭୀର ଆବେଗରେ କିମ୍ବା ଅତ୍ୟଧିକ ଜଳପାନ କଲେ ଅଧିକ ଝାଳ ବୁହେ । ଏହା ଛଡ଼ା ରୋଗ ଯୋଗୁଁ ପ୍ରସ୍ରାବର ପରିମାଣ କମ ହୋଇଗଲେ ଝାଳର ପରିମାଣ କମ ହୁଏ । ସୁସ୍ଥ ବ୍ୟକ୍ତିର ଶରୀରରୁ ବହିବା ଝାଳରେ ଗନ୍ଧ ନ ଥାଏ, କିନ୍ତୁ ରୋଗୀର ଦେହର ଝାଳ ଦୁର୍ଗନ୍ଧ ହୁଏ । ହି. ଶବ୍ଦସାଗର ।]

झाल, झाइल, झालि ୨ । (ସଂ. ଉଜ୍ଜ୍ୱଳ; ପ୍ରା. ଉଜ୍ଝାଲ) ଦୁଇଟି
झालना ଭିନ୍ନ ଧାତୁଖଣ୍ଡକୁ ତରଳ ଧାତୁ ଦ୍ୱାରା ଯୋଡ଼ିବା; ଝାଳିବା—2. Soldering.
ପ୍ରାଦେ. (ମେଦିନୀପୁର) ବି (ଭୁଲ. ବ. ଝାଲ୍=ରାଗ; କଟୁ ସ୍ୱାଦ)—ଲଙ୍କାମରିଚ—Chillies.

ଝାଳ ଗମ୍‌ଗମ୍—ଦେ. ବଣ—ଝାଳରେ ବୁଡ଼ି ଯାଇଥିବା; ଘର୍ମାକ୍ତ—
Jhāḷa gam-gam Profusely perspiring.
घामदरदर; पसीनेसे तर
(ଝାଳ ସରସର; ଝାଳ ଜରଜର —ଅନ୍ୟରୂପ)

ଝାଳ ପାତିଆ—ଦେ. ବି—ଧାତୁଖଣ୍ଡମାନଙ୍କୁ ଅଗ୍ନି ଉପରେ ତରଳ
Jhāḷa pātiā ଧାତୁଦ୍ୱାରା ସଂଯୋଗ କରିବା କ୍ରମରେ ବ୍ୟବହୃତ
झाल ଧାତୁର ପତ୍ର—Thin bits of metal used
टाँक for soldering.

ଝାଳପୋଛା ଧନ—ଦେ. ବି—ଝାଳବୁହା କଉଡ଼ି (ଦେଖ)
Jhāḷa-pochhā dhana Jhāḷa-buhā kaurḍi (See)

ଝାଳ ବ(ବୋ)ହିବା—ଦେ. କ୍ରି—ସ୍ୱେଦ ନିର୍ଗମନ— Perspiration.
Jhāḷa ba(bo)hibā
घाम देओया पसीना आना
(ଝାଳଦେବା—ଅନ୍ୟରୂପ)

ଝାଳବୁହା—ଦେ. ବଣ—୧ । କଠୋର ପରିଶ୍ରମଦ୍ୱାରା ଉପାର୍ଜ୍ଜିତ—
Jhāḷa-buhā 1. Hard-earned; earned by the sweat
पसीनासे कमाइहुइ of the brow.
(ଯଥା—ଝାଳବୁହା କଉଡ଼ି ।)
୨ । ଯେଉଁ କାର୍ଯ୍ୟ ବା ପରିଶ୍ରମ କଲେ ଶରୀରରୁ ଶ୍ରମଝାଳ ବହେ—2. (work or labour) Which causes one to perspire.
(ଯଥା—ଝାଳବୁହା ମିହନ୍ତ)

ଝାଳବୁହା କଉଡ଼ି—ଦେ. ବି—କଠୋର ପରିଶ୍ରମଦ୍ୱାରା ଉପାର୍ଜ୍ଜିତ ଧନ—
Jhāḷa-buhā kaurḍi. Money earned by hard labour.
রক্তউঠা পয়সা
गाढे पसीनेकि कमाइ
(ଝାଳବୁହା ଧନ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖୋ' ନ ପାଇଲେ 'ଅଙ୍ଖୋ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଝାଲର—ଦେ. ବି. (ସଂ. ଜାଲ; ଭୁଲ. ସଂ. ଝଲ୍ଲା=ଝୋଲେଇ; ସଂ. ଜ୍ୱଲ ବା ଟୁଲ ଧାତୁ Beams; ସଂ. ଝଲ୍ଲରୀ : ହି. ଶବ୍ଦସାଗର)—୧ । ତରଙ୍ଗ ବା ଜାଲ ଆକାରର ଯେଉଁ କାରୁକାର୍ଯ୍ୟବଶିଷ୍ଟ ବସ୍ତ୍ରଖଣ୍ଡ ବା ସୂତୁଲିମାନ ମଶାରି ଓ ଚନ୍ଦ୍ରାତପ ଆଦିର ଧଡ଼ିରୁ ଲମ୍ବି ଥାଏ—
Jhālara
ঝালর
झालर

1. Ornamental or network fringe of cloth; hanging fringe; frilled edging.

ଚନ୍ଦ୍ରାତପ ତଳେ ଝୁଲିଲ ମଣ୍ଡଳ
ଝାଲର ପଲ୍ଲବ ତହି ସଙ୍ଗେ ଫୁଲ—ରାଧାନାଥ, ଚିଲିକା ।

୨ । ମୟୂର ଚନ୍ଦ୍ରିକା—
2. Tail-feather of a peacock.

ପ୍ରାଦେ. (ସିଂହଭୂମ) ବି—ଏକପ୍ରକାର ଧାନ—
A species of paddy.

ଝାଲରଦାର୍—ଦେ. ବି. (ସଂ. ଝଲ୍ଲରୀ+ଫା. ପ୍ରତ୍ୟୟ.ଦାର୍)—ଯେଉଁଥିରେ ଝାଲର ଓହୋଳ ଥାଏ—
Jhālara-dār
ঝালরদার
झालरदार

Having hanging fringes or frills.

ଝାଲରି—ଦେ. ବି—୧ । ଝାଲର (ଦେଖ)
Jhālari
1. Jhālara (See)

୨ । କବାଟ, ଝରକା ପ୍ରଭୃତିରେ ଏକତ୍ର ସଂଯୋଜିତ ଝରକା ପରି ପରସ୍ପର ଅସଂଲଗ୍ନ କାଷ୍ଠଖଣ୍ଡମାନ; ଝିଲ୍‌ମିଲ—
2. Venetian blind.

ଝାଲରିଆ—ଦେ. ବିଣ. (ସଂ. ଜାଲ)—୧ । ଜାଲଜାଲିଆ—
Jhālariā
1. Reticulated; netty.

୨ । ଝାଲରଯୁକ୍ତ; ଝାଲରଦାର—
2. Having hanging fringes; frilled.

୩ । ମୟୂରଚନ୍ଦ୍ରିକାଯୁକ୍ତ—3. Decorated with the tail-feathers of the peacock.

କମନୀୟ କେକୀ ଝାଲରିଆ ବେ କ ଜଗତାନନ୍ଦକାନ୍ଦ ରେ—
କବିସୂର୍ଯ୍ୟ, ସଙ୍ଗୀତ ।

ଝାଲା—ଦେ. ବି—ଗୁଜରାଟ ଓ ମାରବାଡ଼ ଅଞ୍ଚଳ ଅଧିବାସୀ ରାଜପୁତ ଜାତିବିଶେଷ—A sect of Rājaputas inhabiting Gujerat and Mālwa
Jhālā

ଝାଲି—ଦେ. ବି. (ସଂ. ଜାଲ)—
Jhāli ୧ । ପୁଚ୍ଛ; ଲାଞ୍ଜ; ଲାଙ୍ଗୁଡ଼—
1. The tail of an animal.

୨ । ଅଚାର—2. Pickle; fruit-preserve.

୩ । ଝାଲର—3. Ornamental network or fringe of cloth or strings.

୪ । କାନ ଭିତରର ସୂକ୍ଷ୍ମ ଚର୍ମ—
4. Membrane inside the ear.

ଝାଳି—ସ. ବି—କଞ୍ଚା ଆମ୍ବ ଚକୁଡ଼ା ଚକୁଡ଼ା କଟା ହୋଇ ସେଥିରେ ସୋରିଷ, ଲୁଣ ଓ ହେଙ୍ଗୁ ମିଶା ଯାଇ ଜଅରେ ସନ୍ତୁଳା ହୋଇ ପ୍ରସ୍ତୁତ କରାଯିବା ଅଚାର (ଭାବପ୍ରକାଶ)—A kind of raw-mango-pickle fried with mustard, salt and asafoetida.
Jhāḷi

ଝାଳିବା—ଦେ. କ୍ରି. (ସଂ. ଝଲ ବା ଜ୍ୱଲ ଧାତୁ; ସଂ. ଉର୍ବାର)—
Jhāḷibā
ঝালা
झालना

୧ । ଧାତୁନିର୍ମିତ ପାତ୍ର ଓ ଅଳଙ୍କାରାଦିର ଅଂଶମାନଙ୍କୁ ଗଳିତ ଧାତୁଦ୍ୱାରା ସଂଯୋଜନ କରିବା ବା ଯୋଡ଼ିବା—
1. To solder the different parts of a metal-pot or ornament.

୨ । ସଂଲଗ୍ନ କରିବା—2. To attach.

ଝାଳ ଦେଲୁ କାହିଁ ଝଳ ଚନ୍ଦନ ମୁହିଁ ଗଣ୍ଡକୁ ମୋ ଗଣ୍ଡେ ଅରେ—
କବିସୂର୍ଯ୍ୟ, ସଙ୍ଗୀତ ।

୩ । ଅଳଙ୍କାରାଦି ଧାତୁ ପଦାର୍ଥକୁ ଘଷି ମାଜି ଉଜ୍ଜ୍ୱଳ କରିବା—
3. To brighten or burnish ornaments or other metalic things.

୪ । ଉଝାଳିବା; କୂଅ ପୋଖରୀ ଆଦିର ପଙ୍କୋଦ୍ଧାର କରିବା—
4. To clear out silt from the bottom of an old well or tank.

୫ । ଭଙ୍ଗା ବାସନ ବା ଅଳଙ୍କାର ଉପରେ ଧାତୁର ପାତିଆ ଦେଇ ମରାମତି କରିବା—To mend a broken or damaged utensil or ornament.

ଝାଳୁଆ—ଦେ. ବିଣ—୧ । ସ୍ୱେଦଯୁକ୍ତ; ଘର୍ମାକ୍ତ—
Jhāḷuā
ঘামুয়া; ঘেমো
पसीनेदार

1. Perspiring.

୨ । ଯହିଁରୁ ସର୍ବଦା କ୍ଷୁଦ୍ର ଜଳକଣାମାନ ବହେ—
2. Giving out moisture.

ଝାଳେଇ } ସ୍ତ୍ରୀ—
ଝାଳୋଇ }

୩ । ପୁଂ—ଯେଉଁ ବ୍ୟକ୍ତି ଦେହରୁ ସର୍ବଦା ଝାଳ ବହୁଥାଏ—
3. (a person) Who perspires profusely.

ପ୍ରାଦେ (ମେଦିନୀପୁର) ବିଣ (ଭୁଲ. ଏହି ଅର୍ଥରେ ବ. ଝାଲୁୟା)—ରାଗୁଆ; ରାଗ—Pungent.

ଝାଳେଇବା—ଦେ.କ୍ରି—୧ । (ଅଙ୍ଗରୁ) ସ୍ୱେଦସ୍ରାବହେବା; ସ୍ୱେଦ ମୋଚନ କରିବା; (ଅଙ୍ଗ) ଘର୍ମାକ୍ତ ହେବା—
Jhāḷeibā
ঘামা
पसीजना

1. To perspire; to sweat.

(ଝାଳେଇବା—ଅନ୍ୟରୂପ)

୨ । (କୌଣସି ବସ୍ତୁର ଦେହଯାକ) କ୍ଷୁଦ୍ର, କ୍ଷୁଦ୍ର, ଜଳକଣାରେ ଆଚ୍ଛନ୍ନ ହେବା—2. To be covered over with minute particles of water; to give out moisture.

୩ । ବାଷ୍ପଅଣିଦ୍ୱାରା ବା କୃତ୍ରିମ ଉପାୟରେ ମନୁଷ୍ୟର ଦେହରୁ ସ୍ୱେଦୋଦ୍ଗମ କରାଇବା—3. To bring about perspiration by means of vapour-bath or medicine.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ପ	ଉଅ	ଢ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଡ଼	ନ୍

ଝାଲେ(ଲି)ରି—ଦେ. ବ—ଝାଲର (ଦେଖ)
Jhāle(li)rī Jhālara (See)
(ଝାଲେରଅ-ଭଣ)

ଝାସ—ଦେ. ବ. (ସଂ. ଝଷ ଧାତୁ=ବଧ କରିବା, ସଂ. ଝମ୍ପ; ସଂ. ଝମ୍ପ)-
Jhāsa ୧ । କୌଣସି ସତ୍ୟର ପରୀକ୍ଷା ବା ପ୍ରାଣତ୍ୟାଗ ନିମନ୍ତେ
ଝାଁପ ଜଳ ବା ଅଗ୍ନିକୁ ଡେଇଁବା—
झंप 1. Jumping into fire or water for ordeal or suicide.

ବିକଳ୍ପ ଥିଲେ ଦେବ ଅନଳେ ଝାସ । ଉଢ. ବୈଦେହୀଶବିଳାସ ।

୨ । (ସଂ. ଧର୍ଷଣ) ଅଗ୍ନି ବା ସୂର୍ଯ୍ୟଙ୍କର ତେଜ; ତାତ; ତାପ; ଧାସ—2. Glare; blaze of the sun or fire.

ଲପବନ ପବନ ନିର୍ଦ୍ଦ୍ଦନିଶ ଧନଞ୍ଜୟ ଝାସରୁ କରେ କରୁ କେଳ ।
କବିସୂର୍ଯ୍ୟ. ବଶୋଷ ଚମ୍ପୂ.ନ ଗୀତ ।

ଝାସ ଦେବା—ଦେ. ବ. (ସଂ. ଝଷ ଧାତୁ)—ଝାସିବା (ଦେଖ)
Jhāsa debā Jhāsibā (See)
ଝାଁପ ଦେଓୟା ଜାଣୁ ଜାଣୁ ଜଳନ୍ତା ଅନଳରେ ଝାସ
झँप देना ଦେବାକୁ କରଅଛ ବିଷମ ସାହସ । କୃଷ୍ଣସିଂହ. ମହାଭାରତ, ଉଦ୍ଯୋଗ ।

ଝାସି ପଶିବା—ଦେ. କ୍ରି—ଝସାଇ ପଶିବା; ବଳାତ୍କାରରେ ପ୍ରବେଶ କରିବା-
Jhāsi paśibā To forcibly enter a place.
ঘুষে ঢুকা ବସ୍ତ୍ର ପାଳିଛ ହ୍ରଦ କୂଳେ
धँसना, झिलना ଝାସି ପଶିଲେ ଶୀଘ୍ର ଜଳେ । ଜଗନ୍ନାଥ, ଭାଗବତ ।

ଝାସିବା—ଦେ. କ୍ରି. (ସଂ. ଝଷ ଧାତୁ=ବଧ କରିବା; ସଂ. ଝମ୍ପ; ସଂ. ଧୃଷ ଧାତୁ=ପ୍ରତିଜ୍ଞା କରିବା)—
Jhāsibā
ঘুষা. ঢুক ୧ । ପ୍ରାଣତ୍ୟାଗ ବା ଆତ୍ମହତ୍ୟା ନିମନ୍ତେ ଅଗ୍ନିକୁ ବା
झिलना, धंसना ଜଳକୁ ଡେଇଁ ପଡ଼ିବା—1. To plunge into fire or water to commit suicide.

୨ । ପରଜନ୍ମରେ ଅଭୀପ୍ସିତ ଫଳଲାଭର ସଙ୍କଳ୍ପ କରି ଜୀବନ ଉତ୍ସର୍ଗ କରିବା ନିମିତ୍ତ କୌଣସି ମହାତୀର୍ଥରେ ଜଳକୁ ଡେଇଁ ପଡ଼ିବା—
2. To jump into the water of a sacred tank with the belief or resolve to attain one's aim in the next bitrh.

ବରତ କ କରି କାହିଁ ଝାସିଥିଲ ଅନଣାରେ ପୂର୍ବରୁ ।
ଉଢ, ବୈଦେହୀଶବିଳାସ ।

୩ । କୌଣସି ଉଦ୍ଦିଷ୍ଟ ମହତ୍ ଫଳ ପ୍ରାପ୍ତ୍ୟର୍ଥ ନିଜର ପ୍ରାଣକୁ ଉତ୍ସର୍ଗ କରି ପ୍ରାଣତ୍ୟାଗ କରିବା—
3. To sacrifice one's life for same noble aim.

ରଣେ ଝାସନ୍ତି ଯେତେ ବୀର
ସମରେ ତ୍ୟଜନ୍ତି ଶରୀର । ଜଗନ୍ନାଥ, ଭାଗବତ ।

୪ । ହଠାତ୍ ଆକ୍ରମଣ କରିବା—
4. To attack suddenly.

୫ । ଡେଇଁ ପଡ଼ିବା; ଲମ୍ଫ ଦେବା—
5. To jump into.

ଜଳରେ ପଡ଼ିଲେ ଝାସି, ଧଇଲେ ଦାସୀ ଯେ । ପ୍ରତାପ, ଶଶିସେଣା ।

୬ । ଦ୍ରୁତଗତିରେ ପ୍ରବେଶ କରିବା—
6. To enter swiftly.

ସଙ୍କେତେଣ ପିକ ଝାଡ଼େ ଝାସ । ପ୍ରାଚୀ., ରହସ୍ୟମଞ୍ଜରୀ ।

୭ । କୌଣସି ଜୀବ ବା ଶିକାର ଉପରକୁ କୁଦିବା—
7. To swoop upon a prey.

ଝି—ଦେ. ବ. ସ୍ତ୍ରୀ. (ସଂ. ଦୁହିତା; ପ୍ରା.ଧୀଅ; ପା. ଧୀତା; ସଂ. ଜାମି= କନ୍ୟା; ଇଣ୍ଡୋୟୁରୋପୀୟ ଆର୍ଯ୍ୟଭାଷା ଦ୍ଜ୍ମି, Zi)—
Jhi କନ୍ୟା; ଝିଅ—Daughter.
ঝি ବେଲସୁଁ) କୁଟୁମ୍ବୁଣୀ ଘର ଝି ! ଠିକିଛାମାନ
झी ଦେଖିଲଣି (ବୋଲନ୍ତି) ଏଇ ଛାମାନଙ୍କ ?—ଚଗ ।

ପ୍ରାଦେ. ୧ । (ମେଦିନୀପୁର) ବି. (ଭୁଲ. ଏହି ଅର୍ଥରେ ବ. ଏହି ଶବ୍ଦ)—ଦାସୀ—1. Maid servant.

୨ । (ସିଂହଭୂମ) ବି—ପିଉସୀ—
2. Father's sister.

୩ । (ଗଡ଼ଜାତ) ଅ. (ପୋଷଣୀ ଓ ନଈକୁ ମଇଁଷିମାନଙ୍କୁ ଗାଧୋଇବାକୁ ନେଉଥିବା ଜଗୁଆଳର ଡାକ) ପାଣିରେ ସମୁଦାୟ ଶରୀର ବୁଡ଼ାଇ ଭଲ ଶୋଇ ପଡ଼—
3. A word used by the driver buffaloes requiring them to lie down in the water while having a bath.

ଝିଅ—ଦେ.ବି.ସ୍ତ୍ରୀ.(ସଂ.ଦୁହିତା; ପ୍ରା.ଧୀଅ; ଧୀଦା; ସଂ.ଜାମି; ପ୍ରାଚୀନ ବଙ୍ଗଳା ଝିୟୁ; ପାଲି ଧୀ, ଧୁ, ଧୀତା)—
Jhia
ঝী ୧ । କନ୍ୟା—1. Daughter.
धीया ଝିଅକୁ ମାରି ବୋହୂକୁ ଶିଖାଇବା ନ୍ୟାୟ. ଚଗ ।
(ପୁଅ—ବିପରୀତ) ୨ । ବାଳିକା—2. Girl.

ଶରଣ ବତ୍ସଳ ଦୁଃଖୀ ଝିଅକୁ ମା
ରଖ ଶ୍ରୀଚରଣ ତଳେ ରାଧାନାଥ, ପାର୍ବତୀ ।

୩ । କନ୍ୟାସ୍ଥାନୀୟା ବାଳିକା—3. A girl whom a person treats as his daughter.

[ଦ୍ର—ସାଧାରଣତଃ ଆପଣାଠାରୁ ବୟସରେ ଖୁବ୍ ସାନ ଅପରିଚିତା ସ୍ତ୍ରୀଲୋକ ବା ବାଳିକାକୁ ବାଟରେ ଭେଟିଲେ ତାକୁ କିଛି କଥା କହିବାର ଆବଶ୍ୟକ ହେଲେ ତାକୁ ଅଲୋ ଝିଅ ! ବୋଲି ସମ୍ବୋଧନ କରାଯାଏ; ଆପଣାର ସମାନବୟସ୍କା ସ୍ତ୍ରୀଲୋକକୁ ଭଉଣୀ ! ଓ ଆପଣାଠାରୁ ବୟସରେ ବଡ଼ ସ୍ତ୍ରୀଲୋକକୁ ମାଉସୀ ! ବୋଲି ସମ୍ବୋଧନ କରାଯାଏ । ଉକ୍ତ ସ୍ତ୍ରୀଲୋକ ସଙ୍ଗେ ଖୁବ୍ ଆଲାପ-ପରିଚୟ ଥିଲେ ଆପଣାଠାରୁ ବୟସରେ ସାନ ସ୍ତ୍ରୀଲୋକକୁ ମାଆ ବାଇ ! ସମ୍ବୋଧନ କରାଯାଏ ଓ ବୟସରେ ବଡ଼ ସ୍ତ୍ରୀଲୋକକୁ ମାଆ ବା ମାଉସୀ ! ବୋଲି ସମ୍ବୋଧନ କରାଯାଏ । ଏହିପରି ଆପଣାଠାରୁ ଅଳ୍ପବୟସ୍କ ଅପରିଚିତ ପୁରୁଷ ଲୋକକୁ ଆରେ ପୁଅ !, ସମବୟସ୍କକୁ ଭାଇ ! ଓ ଊର୍ଦ୍ଧ୍ୱବୟସ୍କକୁ ମଉସା ! ବୋଲି ସମ୍ବୋଧନ କରାଯାଏ ଏବଂ ପରିଚିତ ଅଳ୍ପବୟସ୍କ ପୁରୁଷକୁ ବାପ ! ବାପା ! ବାବା

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଓ କେଣି ବୟସର ପୁରୁଷଙ୍କୁ ବାବା ! ମଉଷା ! ବୋଲି ସମ୍ବୋଧନ କରାଯାଏ ।]

୩ । ଅମୁକ ବଂଶ ଜାତା ବା ଅମୁକ ଜାତୀୟା ସ୍ତ୍ରୀ—
3. A woman born of a particular caste or family.
(ଯଥା— ସେ ଗଉଡ଼ ଘର ଝିଅ ।)

ଝିଅ ଝିଅଣି —ଦେ. ବି (ବହୁବଚନ)—୧ । କୌଣସି ପରିବାରର କନ୍ୟା ଓ କନ୍ୟାସ୍ଥାନୀୟା ବାଳିକାଗଣ; ଝିଅ ଓ ଝିଅରୀ ଆଦି—
Jhia jhiāṇi
ଝିଉଡ଼ୀ, ଝିଅଡ଼ୀ
धियानी
1. Daughters and girls of the status of a daughter in a family.
୨ । ପିତୃଗୃହରେ ସ୍ଥିତା ବା ପିତୃଗୃହକୁ ଆଗତା ବିବାହିତା କନ୍ୟାଗଣ—
2. Daughters while staying in their fathers' houses.
ଝିଅ ଝିଅଣିଆ, ଝିଅ ଝିଅଣିଆ, ଝିଅ ଝିଉଣିଆ, ଝିଅ ଝିଆଣି, ଝିଅ ଝିଆଣିଆ — ଅନ୍ୟରୂପ

ଝିଅ ପୁଅ—ଦେ. ବି (ବିପରୀତ ଲିଙ୍ଗ ଦ୍ୱନ୍ଦ୍ୱ; ସଂ. ଦୁହିତା+ପୁତ୍ର)—
Jhia pua
ଝୀପୁତ
बेटाबेटी
କନ୍ୟା ଓ ପୁତ୍ର; ସନ୍ତାନ ସନ୍ତତି—
Children (both female and male).

ଝିଅ ବିଆଣ —ଦେ. ବି—କନ୍ୟା ପ୍ରସବ କରିବା—
Jhia biāṇa
Giving birth to daughters.

ଝିଅ ବିଆଣୀ—ଦେ.ବିଣ. ସ୍ତ୍ରୀ (ସ୍ତ୍ରୀଲୋକମାନଙ୍କର ସ୍ତ୍ରୀଲୋକମାନଙ୍କ ପ୍ରତି ଗାଳି)—ଯେଉଁ ସ୍ତ୍ରୀଲୋକ କେବଳ କନ୍ୟା ପ୍ରସବ କରେ—
Jhia biāṇi
(ଝିଅବେଇ—ଅନ୍ୟରୂପ)
ଝୀରମା
(a term of abuse) (A woman)— Bearing female children only.

ଝିଅ ବୋହୂ—ଦେ. ବି (ଦ୍ୱନ୍ଦ୍ୱ; ସଂ. ଦୁହିତା + ବଧୂ)—
Jhia bohu
ଝୀବଉ
बेटीबौ
୧ । କନ୍ୟା ଓ ପୁତ୍ରବଧୂ—
1. Daughter and daughter-in-law.
୨ । ପରିବାରରେ ଜାତା ଓ ବିବାହ ଦ୍ୱାରା ପରିବାରକୁ ଆଗତା ଯୁବତୀ ସ୍ତ୍ରୀଗଣ—
Young female members in a family.
(ଯଥା— ଦୁର୍ବୃତ୍ତମାନଙ୍କ ଜୁଲମରେ ଏ ଗ୍ରାମରେ ଝିଅବୋହୂ ଘେନି ଚଳିବା କଷ୍ଟକର ହେଲାଣି ।)

ଝିଅ ମା—ପ୍ରାଦେ (ଗଞ୍ଜାମ) ବି (ସଂ. ଦୁହିତା + ମାତା)—ରାଣୀଙ୍କ ଝିଅକୁ ପାଳିଥିବା ଅନ୍ତଃପୁରସ୍ଥ ଧାଇ—
Jhia mā
The nurse of a female child of a Rāṇi.

ଝିଅର ମା —ଦେ. ବି.-ସ୍ତ୍ରୀ—କେବଳ ଦୁହିତା ପ୍ରସବିନୀ ସ୍ତ୍ରୀ—
Jhiara mā A woman giving birth to daughters only.
(ଝିଅର ମାଅ—ଅନ୍ୟରୂପ)

ଝିଅଣିଆ(ଆଁ)—ଦେ. ବି— ପରିବାରସ୍ଥ କନ୍ୟାସ୍ଥାନୀୟା ସ୍ତ୍ରୀଗଣ
Jhiāṇiā (āṅ) (ଯଥା— ଝିଅରୀ, ଭଣିଜୀ)—Women of the status or position of the daughter in the family.
ଝିଉଡ଼ୀ
धिआनी

ଦେ. ବିଣ — ୧ । କନ୍ୟାସମ୍ବନ୍ଧୀୟ—
1. Relating to a daughter.
(ଝିଅଣୀ, ଝିଅଣୀଆ —ଅନ୍ୟରୂପ)
୨ । କନ୍ୟାର ବ୍ୟବହାରଯୋଗ୍ୟ—2. Fit to be used by the daughters; fit to be given to a daughter.
୩ । କନ୍ୟା ଘରକୁ ପଠାଯିବାର ଉପଯୁକ୍ତ ବା ଅଳ୍ପ ମୂଲ୍ୟର (ବେଭାର) ଆଦି—3. (present) Economical or appropriate to be sent to the married daughter's house.
(ଯଥା—ଝିଅଣିଆ ବେଭାର ପାଇଁ ଅଳ୍ପଦାମର ଲୁଗା କିଣାଯିବ ।)

ଝିଅରୀ—ଦେ. ବି. ସ୍ତ୍ରୀ (ସଂ. ଦୁହିତୃ)— ଭାତୃଷ୍ପୁତ୍ରୀ; ବଡ଼ ବା ସାନ ଭାଇର କନ୍ୟା—Niece; brother's daughter.
Jhiāri
ভাইঝী
भतीजी
[ଦ୍ର—ପ୍ରାଚୀନ ବଙ୍ଗଳାରେ ଝିଅରୀ ଶବ୍ଦ ଝିଅ ଅର୍ଥରେ ବ୍ୟବହୃତ ହୋଇଥିବାର ଦେଖାଯାଏ ।]

ଝିଅରୀ ଜୋଇଁ—ଦେ. ବି. ପୁଂ (ସଂ. ଭ୍ରାତୃ ଜାମାତା)—
Jhiāri join̐ ଝିଅରୀର ସ୍ୱାମୀ—Niece's husband; nephew-in-law
ভাইজামাই

ଝିଇ—ପ୍ରାଦେ (ମେଦିନୀପୁର ଓ ବାଲେଶ୍ୱର; ସିଂହଭୂମ ଓ ଗଡ଼ଜାତ)—
Jhi i ଝି (ଦେଖ) Jhi (See).

ଝିଇ ପକା(କେ)ଇବା—ପ୍ରାଦେ (ଗଞ୍ଜାମ ଓ ଗଡ଼ଜାତ) କ୍ରି—ପୋଡ଼ୁହ ବା ଅଣ୍ଡିରା ମଇଁଷିଙ୍କ ଜଗୁଆଳ ପିଲାମାନେ ପୋଡ଼ୁହର ଲାଙ୍ଗୁଡ଼ରେ ହାତ ମାରି "ଝି! ଝି! ତଳିର ଝି!" ଡାକ ଡାକିବା ଦ୍ୱାରା ପୋଡ଼ୁହମାନଙ୍କୁ ଗାଧୋଇବା ପାଇଁ ପାଣିରେ ଶୁଆଇବା—(the buffalo-herds) To get the buffaloes to lie down in water during a bath by uttering a call.
Jhi-i pakā(ke)ibā

ଝିଁ ଝିଁ —ଦେ. ଅ (ଧ୍ୱନ୍ୟନୁକରଣ)—ଝିଙ୍କାରୀ ରବ—
Jhin̐ Jhin̐ The chirping of crickets.
ঝিঁ ঝিঁ
चिंचिं झीं झीं
କାହିଁ ଝରେ ଝର, ଝର୍ଝରେ ଝିଙ୍କାରୀ, କାହିଁ ରବେ ଝିଁ ଝିଁ ସ୍ୱରେ ।
ରାଧାନାଥ- ଚିଲିକା ।

ଝିକର—ପ୍ରାଦେ (ଗଞ୍ଜାମ) ବି—ଝିଙ୍କର (ଦେଖ)
Jhikara Jhinkara (See).

ଝିକା—ପ୍ରାଦେ. (ଗଞ୍ଜାମ) ବି—ସବଳରେ ଆକର୍ଷଣ; ଝିଙ୍କା—
Jhikā A tight pull; a jerk; tug.

ଝିକା ଝିକି —ପ୍ରାଦେ. (ଗଞ୍ଜାମ) ବି - ଝିଙ୍କା ଝିଙ୍କି (ଦେଖ)
Jhikā jhiki Jhinkā jhinki (See)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	କ	ଶ,ଷ	କ୍ଷ	ଇଯ଼	ଉ଼ଥ	ଢ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଜ୍ଞ	ନ୍ନ

ଝିକିବା—କ୍ରିୟା. (ଗଞ୍ଜାମ) ଝିକ (ସଂ କୃଷ ଧାତୁ—ଆକର୍ଷଣ, ଟାଣିବା)—
Jhikibā ଝିଙ୍କିବା; ସବଳରେ ଆକର୍ଷଣ କରିବା; ଝାଙ୍କିବା—
[ଝିଙ୍କା(ଙ୍କେ)ଇବା—ଣିଜନ୍ତରୂପ] To draw tightly; to pull with a jerk; to tug.

ଝିଙ୍କ—ଦେ. ବି (ସାନ୍ତାଳୀ ଭାଷା)—୧। ମୂଷାଜାତୀୟ କ୍ଷୁଦ୍ର ବନ୍ୟ ଚତୁଷ୍ପଦ ଜନ୍ତୁବିଶେଷ—
Jhiṅka
ସଂ. ଛେଦାର, ଶଲ୍ୟ, ଶଲ୍ଲକୀ, ଶଲ୍ୟମୃଗ
ବଂ. ଶଜାରୁ; ସେଜାରୁ
ହି. साही, खार पुश्त
ମ. ସାଲ, ସାଲିଦର
1. Hedgehog; the Porcupine; Hystrix Cristata; Hystrix Bengalensis.
[ଦ୍ର—ଏମାନେ ବନରେ ଭୂଇଁରେ ଗାତ କରି ରହନ୍ତି ଓ ରାତିରେ ବାହାରନ୍ତି। ଏମାନଙ୍କ ଦେହରେ ୧ ଫୁଟ ଲମ୍ବ ଗୁଡ଼ିଏ ମୁନିଆଁ କାଠି ଥାଏ ଓ ଶତ୍ରୁ ଆକ୍ରମଣ କଲେ ଏମାନେ ଆତ୍ମରକ୍ଷା ନିମନ୍ତେ ଦେହ ଝାଡ଼ି ଦେଲେ ଏ ମୁନିଆଁ କାଠିଗୁଡ଼ିକ ଶତ୍ରୁଆଡ଼କୁ ବୃଷ୍ଟି ହୋଇ ଯାଏ ଓ ଶତ୍ରୁଦେହରେ ବିଦ୍ଧ ହୁଏ। ଏମାନେ ଉଦ୍ଭିଦ ଓ ଫଳ ଖାଇ ବଞ୍ଚନ୍ତି। ବୈଦ୍ୟଶାସ୍ତ୍ର ମତରେ ଏହାର ମାଂସ ଗୁରୁ, ସ୍ନିଗ୍ଧ, ଉଷ୍ଣ ଓ ଅଗ୍ନିଦୀପକ। ଏହା ଆମରୋଗ, ଅଜୀର୍ଣ୍ଣ, ଶ୍ୱାସ, କାସ, ସନ୍ନିପାତ ହରଣ କରେ। ଏହାର ଅନ୍ତପୁଟୀ ଶୁଖାଇ ଚୂର୍ଣ୍ଣ କରି ପୁଡ଼ିକା ବାତରେ ଓ ଶୂଳରୋଗରେ ପ୍ରୟୋଗ କରାଯାଏ। ଏହାର ପିତ୍ତ ସେବନ, ଲେପନ ଓ ଅଞ୍ଜନରୂପରେ ବ୍ୟବହାର କଲେ ବୃଶ୍ଚିକ ବିଷ, ମୂଷିକ ବିଷ ଓ ସର୍ପ ବିଷ ଖଣ୍ଡିତ ହୁଏ—ବ୍ରଜବନ୍ଧୁ. ଦ୍ରବ୍ୟଗୁଣ କଳ୍ପଦ୍ରୁମ।

ପ୍ରକୃତରେ ଝିଙ୍କ ଗୋଟିଏ ଚତୁଷ୍ପଦ ଜୀବ। କେହି କେହି ଭ୍ରମରେ ଝିଙ୍କ ପକ୍ଷୀ ବୋଲି କହନ୍ତି। କିନ୍ତୁ ଏହା ପକ୍ଷୀ ନୁହେଁ, କିମ୍ବା କୌଣସି ପକ୍ଷୀର ଝିଙ୍କ କାଠି ପରି କାଠି ଥିବାର ଦେଖାଯାଏ ନାହିଁ। ଯଥା—

ସେନା ଉପରେ କାଣ୍ଡମାନ ବସେ
ଝିଙ୍କ ପକ୍ଷୀ ପ୍ରାୟେ ଶରୀର ଦିଶେ—ବିଶ୍ୱନାଥ. ବିଚିତ୍ରରାମାୟଣ।

ଦେହରେ ଝିଙ୍କ କାଠି ଭଳି ଗୁଡ଼ିଏ କାଠି ଥିବା ଓ ପକ୍ଷହୀନ ପକ୍ଷୀ (Apterrx) ନ୍ୟୁଜିଲାଣ୍ଡରେ ଦେଖାଯାଏ। ଏ ପକ୍ଷୀ କୁକୁଡ଼ାଜାତୀୟ; କିନ୍ତୁ ଏମାନେ ଝିଙ୍କ ପରି କାଠିକୁ ବାହାରକୁ ଫିଙ୍ଗି ପାରନ୍ତି ନାହିଁ।]

ଝିଙ୍କକାଠି—ଦେ. ବି—ଝିଙ୍କ ଜୀବଙ୍କ ଦେହର କାଠି—The erectile
Jhiṅka-kāṭhi spine or quill of a porcupine.

ଝିଙ୍କ କାଠି ଖଞ୍ଜି ବାନ୍ଧି କେଶପାଶ
କର୍ଣ୍ଣେ ଶୋଭଇ ଶୋରେ ଶରପାଶ—ଭାରତୀ, ଋଷିକୁଲ୍ୟା।

[ଦ୍ର—ଏ କାଠିମାନ ଲମ୍ବରେ ଏକ ମୁଠୁଣି ପର୍ଯ୍ୟନ୍ତ ହୁଏ। ଏଥିରେ କଳା ଓ ଧଳା ପଟି ଥାଏ। ଏ କାଠିମାନ ପୌଷ୍ଟିକ ଦ୍ରୋରକୁ ଅଟକାଇବା ନିମନ୍ତେ ଓ ସ୍ତ୍ରୀମାନଙ୍କ ଜୁଡ଼ାରେ ଖୋଷା-କାଠିରୂପେ ବ୍ୟବହୃତ ହୁଏ।]

ଝିଙ୍କର—ଦେ. ବି. (ସଂ. କର୍କର)—୧। ଭଙ୍ଗା ହାଣ୍ଡିର ଖପର—
Jhiṅkara 1. Bits of broken earthen pots; potsherd.
ଝିଙ୍କୁର
ठिकरा
୨। ହାଣ୍ଡିରି ଭଙ୍ଗା ଫଳ—
2. Broken bits of the edge of earthen pots.
୩। ଖପରଲି ବା ଘର ଛୁଆଣି କରିବାର ଖପରା—
3. Earthen tiles for thatching houses with.
୪। ଝିଙ୍କ ଜନ୍ତୁ—4. Porcupine.

ଝିଙ୍କର ଖେଳ—ଦେ. ବି—ଖପରାଡିଆଁ (ଦେଖ)
Jhiṅkara khe̱la Khaparā-ḍiāṅ (See)

ଝିଙ୍କର ଘର—ଦେ. ବି—ଖପରଲି ଘର—
Jhiṅkara ghara A house thatched with earthen tiles.
ଖପରଲି खपरैल

ଝିଙ୍କର ଛି(ଛୁ)ଆଣି ଘର—ଦେ. ବି—ଝିଙ୍କର ଘର (ଦେଖ)
Jhiṅkara-chhi(chhu)āṇi ghara Jhiṅkara ghara (See)

ଝିଙ୍କର ଜାଲ—ଦେ. ବି—ମଝିରେ ମଝିରେ ଝିଙ୍କର ବନ୍ଧା ହୋଇଥିବା ଜାଲ ବା ଦଉଡ଼ି—A rope in
Jhiṅkara jāla
(ଝିଙ୍କ ଦଉଡ଼ା(ଡ଼ି)—ଅନ୍ୟରୂପ) which potsherds are tied at intervals and which is dragged along the bottom of shallow muddy pools to dislodge the fishes from the bottom.
[ଦ୍ର—ଏ ଜାଲକୁ ପଙ୍କପାଣିରେ ଦୁଇଜଣ ଲୋକ ଦୁଇ ମୁଣ୍ଡରୁ ଧରି ଟାଣନ୍ତି ଓ ସେ ଜାଲ ପଛେ ପଛେ ପୋଲୁହ ଧରିଥିବା ବ୍ୟକ୍ତିମାନେ ମାଛଙ୍କୁ ଅନୁସରଣ କରି କରି ଚାଲନ୍ତି ଓ ଝିଙ୍କରଦ୍ୱାରା ଚାଳିତ ହୋଇ ମାଛ ଜଳାଶୟର ତଳକୁ ଛାଡ଼ି ଉପରକୁ ଉଠିବାର ଦେଖା ଗଲେ ପୋଲୁହାମାନେ ମାଛଙ୍କୁ ପୋଲୁହରେ ମାଡ଼ି ବସନ୍ତି।]

ଝିଙ୍କରଡିଆଁ—ଦେ. ବି—ଖପରାଡିଆଁ (ଦେଖ)
Jhiṅkara-ḍiāṅ Khaparāḍiāṅ (See)
ଦେ. ବିଣ—୧। (କାଳେ ଅଇଁଠା ହାଣ୍ଡିର ଖପରାକୁ ଗୋଡ଼ରେ ମାଡ଼ିଲେ ଅଶୁଚି ହେବ ଏହି ଭୟରେ ବାଟ ଚାଲିଲା ବେଳେ ବାଟରେ ପଡ଼ିଥିବା ଖପରାମାନଙ୍କୁ ଡେଇଁ ଡେଇଁ ଯିବା ଲୋକ) ଅତିରିକ୍ତ ନିଷ୍ଠାପର—
1. Over-rigid in observing rules of outward purity.
୨। ଅତି ଚିଡ଼ିଲା—2. Very peevish.

ଝିଙ୍କର ଦଉଡ଼ା(ଡ଼ି)—ଦେ. ବି—ଝିଙ୍କର ଜାଲ (ଦେଖ)
Jhiṅkara daur̤ā (r̤i) Jhiṅkara jāla (See)

ଝିଙ୍କରିଆ—ଦେ. ବିଣ. (ସଂ. କର୍କରମୟ)—ଖପରାପୂର୍ଣ୍ଣ—
Jhiṅkariā Full of small potsherds.

ଝିଙ୍କା—ଦେ. ବି. (ସଂ. ଧୃଷ ଧାତୁ—ସଙ୍ଘାତନ କରିବା କିମ୍ବା ଧା ଧାତୁ)—
Jhiṅkā ୧। ଚୁଲିର ଉପର ପରିଧିରେ ଥିବା ଗୋବ ବା ଶଙ୍ଗ ବା ମୃତ୍‌ପିଣ୍ଡ; ଚୁଲିର ଶିଂଘ—
ଝିଂକ
1. Knobs or clods of earth placed on the upper circumference of an oven.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

[ଦ୍ର—ଚୁଲିରେ ସାଧାରଣତଃ ତିନି ଗୋଟି ଝିଙ୍କା ଥାଏ । ଏମାନଙ୍କ ମୁଣ୍ଡ ଉପରେ ଚୁଲିରେ ହାଣ୍ଡି ବସେ; ଚୁଲିରେ ଝିଙ୍କା ଉପରେ ହାଣ୍ଡି ବସିଥିବାବେଳେ ଚୁଲିର ଉପର ମୁହଁର ପରିଧି ଓ ହାଣ୍ଡିର ତଳ ମଧ୍ୟରେ ଯେଉଁ ବ୍ୟବଧାନ ରହେ ସେହି ବାଟେ ଚୁଲିରୁ ଧୂଆଁ ବାହାରି ଯାଏ ।]

୨ । ସ୍ତ୍ରୀମାନଙ୍କ ମୁଣ୍ଡର ଅଳଙ୍କାରବିଶେଷ; ଗୋଞ୍ଜକାଠି— 2. A kind of hairpin.

ঝিঁকা; ঝিকা ୩ । (ସଂ. ଧୃଷ ଧାତୁ=ଆକର୍ଷଣ କରିବା; ଝେଁଷ
झटका; झोंका ଦେବା) ଓଟରା ବା ସବଳେ ଆକର୍ଷଣ; ହଠାତ୍ ସବେଗରେ ଆକର୍ଷଣ— 3. Tug; pulling with jerks.

ଏମନ୍ତେ ହେଲେ ସଭ ମଧ୍ୟେ ବାଳ ଝିଙ୍କା—କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

ଦେ. ବିଣ—୧ । ଓଟରା ହେବା— 1. Pulled with a jerk.

୨ । ଊଣା—2. Lighter; less.

ଝିଙ୍କା(ଙ୍କେ)ଇବା—ଦେ. କ୍ରି—ଝିଙ୍କିବାର ଣିଜନ୍ତରୂପ—
Jhiṅkā(ṅke)iba Causative of Jhiṅkibā.
ঝিংকান; झोंकवाना

ଝିଙ୍କା ଓଟରା—ଦେ. ବି. (ଏକାର୍ଥକ ସହଚର)—
Jaiṅkā otarā ୧ । ଝିଙ୍କାଝିଙ୍କି (ଦେଖ)
টানাঝিকা 1. Jhiṅkā-jhiṅki (See)
झोंकाझटका; झकझोर ୨ । ବହୁବାର ଝିଙ୍କିବା କର୍ମ— 2. Act of pulling and drawing with jerks; tugging.

ଝିଙ୍କାଝିଙ୍କି—ଦେ. ବି—୧ । ଅନ୍ୟୋନ୍ୟରେ ଓଟାରିବା କର୍ମ—
Jhiṅkājhiṅki 1. Mutual pulling.
ঝিকাঝিকি; खींचाखींचि ୨ । ଠେଲା ଓଟରା— 2. Pushing and tugging.

ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର
ଲଭ ଲଗି ଅଶ୍ରୁ ନୃପ ନୃସିଂହର । ପ୍ରଧାନାଥ. ଦରବାର ।

ଦେ. ବିଣ—ଅନ୍ୟୋନ୍ୟରେ ଓଟରା ଓଟରି ହେଉଥିବା; ପରସ୍ପର ଦ୍ୱାରା ଆକର୍ଷିତ—Mutually pulled; pulled by each other.

ଝିଙ୍କା ମାରିବା—ଦେ. କ୍ରି—କୌଣସି ପଦାର୍ଥ (ଯଥା—ରଜ୍ଜୁ ବା ଭଙ୍ଗାର
Jhiṅkā māribā ଅଙ୍ଗୁଳି) କୁ ବଳପୂର୍ବକ ଆକର୍ଷଣ କରିବା—
ঝিকা মারা To pull with a jerk; to tug.
झटका मारना

ଝିଙ୍କାରି—(ସଂ. ଝିଙ୍ଗୀ; ଝିଲ୍ଲୀ; ଝିଁ ଝିଁ ଧ୍ୱନ୍ୟନୁକରଣରୁ)—ଝିଲ୍ଲୀ—
Jhiṅkārī Grasshopper; the cricket.
ঝিঝি [ଦ୍ର—ଏହା ଏକ ପ୍ରକାର ଝିଣ୍ଟିକା ବା ପତଙ୍ଗ ।
झिंगुर ଏମାନେ ବନରେ ଓ ନିର୍ଜନ ସ୍ଥାନରେ ରହିଲେ ଓ ଗ୍ରୀଷ୍ମକାଳ ଦ୍ୱିପ୍ରହରର ସମୟରେ ତୀବ୍ର ଝିଁ ଝିଁ ଶବ୍ଦ କରନ୍ତି; ଓ ଶତ ଶତ ଝିଙ୍କାରିଙ୍କ ଶବ୍ଦ ମିଶି ଏକ ଗମ୍ଭୀର ଓ ତୀବ୍ର ଧ୍ୱନି ଜାତ କରେ ।]

ଝାଉଁ ଝାଉଁ ସ୍ୱନେ ଡାକେ ଝିଙ୍କାରି । ଗୋଲୋକ, ଇନ୍ଦୁରେଖା ।

ଝିଙ୍କିବା—ଦେ. କ୍ରି. (ସଂ. ଧୃଷ ଧାତୁ=କ୍ଲେଶନ, ସଂଘାପର୍ଣ)—
Jhiṅkibā ୧ । ବଳପୂର୍ବକ ଆକର୍ଷଣ କରିବା; ଓଟାରିବା;
ঝিকা ଝାଙ୍କିବା—1. To drag; to pull with a
झकझोरना, झोंकना jerk; to haul.

ସଭ ମଧ୍ୟେ ଝିଙ୍କିଲା ମୋ ବସନ । କୃଷ୍ଣସିଂହ. ମହାଭାରତ. ସଭା ।

୨ । ରଜ୍ଜୁ ଆଦିକୁ ଟାଣିବା— 2. To pull a rope; to tug.

୩ । ବଳପୂର୍ବକ ଆକର୍ଷଣ କରିବା— 3. To attract with force.

କେଉଁ ଯୁବତୀର କେଉ ନାହିଁ ଝିଙ୍କିଲା ନୟନ ପାଦ । କବିସୂର୍ଯ୍ୟ. ସଙ୍ଗୀତ ।

୪ । ଊଣା କରିବା— 4. To lessen; to diminish.

୫ । ପ୍ରହାର କରିବାପାଇଁ ଅସ୍ତ୍ରାଦିକୁ ବଳପୂର୍ବକ ଟାଣି ଆଣିବା- 5. To draw out a weapon.

ହାତ ଝିଙ୍କି ପଡ଼େ ଛଡରେ ପ୍ରହାର । କବିସୂର୍ଯ୍ୟ, ସଙ୍ଗୀତ ।

୬ । (ଲକ୍ଷଣାର୍ଥ) ଏକତ୍ର ସଂଗ୍ରହ କରିବାପାଇଁ ବଳପୂର୍ବକ ଓଟାରିବା—6. (figurative) To pull down with force in order to gather.

ଝିଙ୍କି ଆଣି ଅଙ୍ଗେ କଲଣି ଜମା । କବିସୂର୍ଯ୍ୟ. ଯଶୋମତୀଙ୍କ ସ୍ତ. ଗୀତ ।

ଝିଙ୍ଗା—ପ୍ରାଦେ. (ସିଂହଭୂମ) ବି· (ସଂ. ଝିଙ୍ଗାକ; ତୁଳ. ବଂ. ଏହି
Jhiṅgā ଅର୍ଥରେ ଏହି ଶବ୍ଦ ଓ ହି. ଝିଂଗ୍)—ଜହ୍ନି (ଦେଖ)
Jahni (See)

ଝିଙ୍ଗାସ—ଦେ ବି. (ସଂ. ଧୃଷ ଧାତୁ ; ବା ଧିକ୍କାର)—
Jhiṅgāsa କୌଣସି ବ୍ୟକ୍ତିର ମନକୁ ବାଧେଇ କରି କହିବା କଥା;
झिड़की ଭର୍ତ୍ସନା; କଟୁବଚନ; କୁବଚନ; ଧିକ୍କାର ବଚନ— Admonition; reproof.

ଝିଙ୍ଗାସିବା—ଦେ. କ୍ରି—କଟୁବାକ୍ୟ କହିବା; ଭର୍ତ୍ସନା କରିବା—
Jhiṅgāsibā To admonish; to call names.
झिड़कना, झिड़झिड़ाना

ଝିଙ୍ଗିଡ଼ି—ଦେ. ଅ. (ଧ୍ୱନ୍ୟନୁକରଣ)—
Jhiṅgiṛdi ଦୁନ୍ଦୁଭି ଆଦି ବାଦ୍ୟର ଧ୍ୱନ୍ୟନୁକରଣବିଶେଷ— The sound of small drums.

ଧେଁକ୍ ଧେଁକ୍ ଥେଇ ଥେଇ ଦୁନ୍ଦୁଭି ବାଜେ
ଝିଙ୍ଗିଡ଼ି ଡିଡ଼ି ତିଡ଼ି ଥେଇ ଥେଇ ସାଜେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଝିଙ୍ଗିଣୀ—ସଂ. ବି—୧ । ଏକ ପ୍ରକାର କାକୁଡ଼ି—
Jhiṅginī 1. A sort of cucumber (Apte).

୨ । ମଶାଲ— 2. A torch; a firebrand (Apte).

୩ । ଏକପ୍ରକାର ବନ୍ୟ ଗଛ—3. A wild tree.

୧	ଳ	ଡ଼	ର୍,ସ୍ର	ଡ଼	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍	ଓଅ	ଉ
୵	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଅ	ଔ	ନ୍

[ଦ୍ର—ଅନ୍ୟ ସଂ. ନାମ ଝିଙ୍ଗୀ, ପ୍ରମୋଦନୀ, ସ୍ୱଚ୍ଛର୍ଯ୍ୟାସା; ଏ ଗଛ ଖୁବ୍ ବଡ଼ ହୁଏ; ଫୁଲ ଧଳା, ଫଳ ବରକୋଳ ପରି । ଏହାର ପତ୍ର ମଞ୍ଜୁଳ ଗଛର ପତ୍ର ପରି ଶାଖାର ଦୁଇପାଖରେ ଲାଗିଥାଏ— ହି. ଶବ୍ଦସାଗର ।]

ଝିଜରି—ପ୍ରାଦେ. (ମେଦନୀପୁର) ବି—
Jhijari — ସୁନା ବା ରୁପାରେ ତିଆରି ହୋଇଥିବା ଅଣ୍ଟା ଶିକୁଳି— (ଝିଜରୀ—ଅନ୍ୟରୂପ) A gold or silver chain worn on the waist.

ଝିଞ୍ଜ(ଞ୍ଝ)ଟ—ଦେ. ବି—୧ । ସଙ୍ଗୀତର ରାଗିଣୀବିଶେଷ—
Jhiñja(ñjha)ṭa — 1. Name of a musical air.
ঝিঁঝিট
झिंझोटी
[ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ରାଗିଣୀ । ଏଥିରେ ସବୁ ଶୁଦ୍ଧ ସ୍ୱର ଲାଗେ, ଏହା ଦିନର ଚତୁର୍ଥ ପ୍ରହରରେ (ଝିଞ୍ଝଟ—ଅନ୍ୟରୂପ) ଗେୟ—ହି. ଶବ୍ଦସାଗର ।]
୨ । (ସଂ. ଝଞ୍ଝା ବାତ; ଜଞ୍ଜାଳ)—ଝଞ୍ଜଟ (ଦେଖ)
3. Jhañjaṭa (See)

ଝିଞ୍ଜଟ ଲଗା(ଗେ)ଇବା—ଦେ. କ୍ରି—୧ । ଅଡୁଆ ଲଗାଇବା; ନାନା
Jhiñjaṭa lagā(ge)ibā — ଗୋଳମାଳିଆ କାର୍ଯ୍ୟ କରିବା—
ঝংঝট লাগান — 1. To complicate matters.
झंझट लगाना — ୨ । ଅତ୍ୟନ୍ତ ବିରକ୍ତ କରି ବାରଂବାର ପ୍ରାର୍ଥନା କରିବା—2. To importune; to solicit or press repeatedly and unreasonably.
୩ । ବିରକ୍ତ କରିବା—3. To tease; to vex.

ଝିଞ୍ଜ(ଞ୍ଜି)ଟିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ. (ସଂ. ଜଞ୍ଜାଳ)—
Jhiñja(ñji)ṭiā — ୧ । ଜଞ୍ଜାଳିଆ; ଗୋଳମାଳିଆ; ଅଡୁଆ ଚଡୁଆ—
ঝংঝটে — 1. Complicated; entangled.
झंझटिया — ୨ । ଯେଉଁ ଲୋକ ଅନ୍ୟ ଲୋକ ସଙ୍ଗେ ଗୋଳମାଳ
ଝିଞ୍ଜଟେଇ, ଝିଞ୍ଜଟୀ } ସ୍ତ୍ରୀ — ବା ଅଡୁଆ ଲଗାଏ; ଯେଉଁ ଲୋକ ଉପର୍ଯ୍ୟୁପରି ପ୍ରାର୍ଥନା ଦ୍ୱାରା ପ୍ରାର୍ଥିତ ବ୍ୟକ୍ତି ମନରେ ବିରକ୍ତି ଜାତ କରାଏ—2. Teasing; importunate; vexatious; troublesome.
(ଝିଞ୍ଝଟିଆ—ଅନ୍ୟରୂପ)

ଝିଞ୍ଜ(ଞ୍ଜି)ର (ଇତ୍ୟାଦି)—ଦେ. ବି—ଜଞ୍ଜିର ଇତ୍ୟାଦି (ଦେଖ)
Jhiñja(ñji)ra (etc) — Jañjira etc. (See)

ଝିଞ୍ଜ(ଞ୍ଜି)ର ପୋଲ—ଦେ. ବି—ଜଞ୍ଜିର ପୋଲ (ଦେଖ)
Jhiñja(ñji)rā pola — Jañjira pola (See)

ଝିଞ୍ଜା(ଞ୍ଜି)ଟ—ଦେ. ବି—ଝଞ୍ଜଟ (ଦେଖ)
Jhiñjā(ñji)ṭa — Jhañjaṭa (See)
(ଝିଞ୍ଝାଟ—ଅନ୍ୟରୂପ)

ଝିଞ୍ଜା(ଞ୍ଜି)ଟିଆ—ଦେ. ବିଣ—ଝିଞ୍ଜଟିଆ (ଦେଖ)
Jhiñjā(ñji)ṭiā — Jhiñjaṭiā (See)
(ଝିଞ୍ଝାଟିଆ—ଅନ୍ୟରୂପ)

ଝିଞ୍ଜାରି—ଦେ. ବି—ବସ୍ତ୍ର ଓ ପୁସ୍ତକାଦିକୁ ଟିକଟିକ କରି କାଟିବା ପୋକ—
Jhiñjāri — Canker; the silver-moth.
ঘুণ
घुन

ଝିଞ୍ଜାରିବା—ଦେ. କ୍ରି. (ସଂ. ଜର୍ଜର; ଜୃ ଧାତୁ=ଜୀର୍ଣ୍ଣ କରିବା)—
Jhiñjāribā — ଚଦାଇବା; ବହୁ ଛିଦ୍ର କରିବା; ଜୀର୍ଣ୍ଣ ବା ସାରହୀନ
ঝাঁঝরান — କରିବା; ଘଷି ନଷ୍ଟ କରିବା—To canker;
झंझोड़ना, घुनना — to bore holes into a thing; to perforate.
[ଦ୍ର—ଜୀର୍ଣ୍ଣ କାଠ ବା ଲୁଗା ବା ପୁସ୍ତକକୁ ପୋକ ଝିଞ୍ଜାରି ପକାନ୍ତି ।]

ଝିଞ୍ଜିର(ରା) (ଇତ୍ୟାଦି)—ଦେ. ବି—ଜଞ୍ଜିର ଇତ୍ୟାଦି (ଦେଖ)
Jhiñjira(rā) (etc) — Jañjira etc (See)

ଝିଞ୍ଜିରି (ଇତ୍ୟାଦି)—ଦେ. ବି—ଜଞ୍ଜିର ଇତ୍ୟାଦି (ଦେଖ)
Jhiñjiri (etc) — Jañjira etc (See)

ଝିଞ୍ଜି(ଞ୍ଝି)ମ—ସଂ. ବି—ଦାବାନଳଦଗ୍ଧ ବନ—
Jhiñji(ñjhi)ma — A forest on fire (Apte).

ଝିଞ୍ଜୀ(ଞ୍ଝୀ)—ସଂ. ବି—ଝିଙ୍କାରୀ—
Jhiñjī(ñjhī) — A cricket (Apte).

ଝିଟ୍କା—ଦେ. ବି—ହଠାତ୍ କ୍ଷଣକାଳ ଝିଙ୍କିବା—
Jhiṭ-kā — Sudden jerk.
ঝাংকা — ପ୍ରାଦେ. (ଗଞ୍ଜାମ) ବି—ଆହାର ଦେଇ ପକ୍ଷୀମାନଙ୍କୁ
झटका — ମାରିବାରେ ବ୍ୟବହୃତ ସ୍ପ୍ରିଂ ବା କମାଣୀ ଯୁକ୍ତ କାଠର ଯନ୍ତ୍ରବିଶେଷ—A contrivance with a spring used as a trap to kill birds by decoying them with baits.

ଝିଟ୍କା ମାରିବା—ଦେ. କ୍ରି—କୌଣସି ବସ୍ତୁକୁ (ଯଥା—ଘୋଡ଼ାର
Jhiṭ-kā māribā — ବାଗ, ନାହାଟାଣିବା ଦଉଡ଼ି) ହଠାତ୍ କ୍ଷଣକାଳ
ঝাঁকিমারা — ପାଇଁ ବଳପୂର୍ବକ ଝିଙ୍କି ଦେଇ ପୁନର୍ବାର
झटकारना — ଶିଥିଳ କରିଦେବା—To jerk; to give a quickly and suddenly arrested push or pull.

ଝିଟ୍‌ପିଟ୍—ଦେ. ବି—ଝିଟିପିଟି (ଦେଖ)
Jhiṭ-piṭ — Jhitipiti (See)

ଝିଟ—ଦେ. ବିଣ. ପୁଂ ଓ ସ୍ତ୍ରୀ. (ସଂ. ଧୃଷ୍ଟ)—୧ । ଚେମଡ଼ଚଟୁ; ଧିଟ;
Jhita — ଧୃଷ୍ଟ; ଜଗରିଆ—1. Importunate; pertinacious.
ধীট — ୨ । ବେହୟା; ନିର୍ଲଜ୍ଜ—
ढीठ — 2. Shameless; immodest.
ଝିଟେଇ, ଝିଟୋଇ } ସ୍ତ୍ରୀ — ମାଉସୀଙ୍କ ସାଙ୍ଗରେ ସବୁବେଳେ ରହସ ହେବାରୁ ସେ ଭାରି ଝିଟ ହୋଇ ଯାଉଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୩ । ଅଶ୍ଳୀଳ—3. Indecent.

ଝିଟପଣ—ଦେ. ବି. (ସଂ. ଧୃଷ୍ଟତା)—୧ । ନିର୍ଲଜ୍ଜତା—
Jhita-paṇa — 1. Shameless-ness.
ধীটামী — ୨ । ଅଶ୍ଳୀଳତା—2. Indecency.
ढीठाई — ୩ । ଧୃଷ୍ଟତା—3. Impertinence.
୪ । ଚେମଡ଼ଚଟୁପଣ—4. Pertinacity; importunity.
(ଝିଟପଣିଆ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ବୃତ୍ତର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ଉପରସ୍ଥ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଝିଟ ହୋଇ ଲାଗିବା—ଦେ. କ୍ରି—କୌଣସି ବ୍ୟକ୍ତି ନିକଟରେ କର୍କଶ ଭାବରେ ଉପର୍ଯ୍ୟୁପରି ପ୍ରାର୍ଥନା କରିବା—
Jhiṭa hoi lāgibā — To solicit unreasonably; to importune; to tease; to worry with requests.

ଝିଟିକା—ଦେ.ବି. (ସଂ. ଉତ୍‌ତିଙ୍ଗଟ; ଉତ୍ତିଙ୍ଗ; ସଂ. ଝିରିକା)—ଲମ୍ଫପଦ ବିଶିଷ୍ଟ ପତଙ୍ଗବିଶେଷ; ଫଳିଙ୍ଗ; ଝିଣ୍ଟିକା—
Jhiṭikā
ସଂ. ନାମ—ଝିଲ୍ଲି, ଝିରିକା, ଝିଲ୍ଲୀ, ଉତ୍ତିଙ୍ଗଟ, ଉତ୍ତିଙ୍ଗ, ଝିରିକା; ଝିଣ୍ଟି; ଉଇଚିଙ୍ଗଡ଼େ; ଟିଡ୍ଡା; ଟିଡ୍ଡୀ; ଝିଁଗୁର
[ଦ୍ର—ଏହି ଉଡ଼ୁପଡ଼ୀ ଷଟ୍‌ପଦ ପତଙ୍ଗ ବୃକ୍ଷର ପକ୍ୱାଦି ଖାଇ ବୃକ୍ଷକୁ ପତ୍ରହୀନ କରନ୍ତି। ଏମାନେ ସମୟେ ସମୟେ ବହୁସଂଖ୍ୟାରେ ଦଳବଦ୍ଧ ହୋଇ କୌଣସି କୌଣସି ଅଞ୍ଚଳର ସମସ୍ତ ଫସଲ ଓ ଗଛର ପତ୍ରକୁ ନଷ୍ଟ କରି ଦିଅନ୍ତି; ଏମାନଙ୍କୁ ଝିଙ୍କାସ୍ତ।]
ପ୍ରାଦେ. (ଗଞ୍ଜାମ) ବି—୧। ଝିଟ୍‌କା (ଦେଖ)
1. Jhiṭ-kā (See)
୨। ବର୍ଷା ପାଣିର ଛାଟ—
2. The splash of diogonal shower of rain.

ଝିଟିଙ୍ଗା—ପ୍ରାଦେ. (ସମ୍ବଲପୁର) ବି—ଝାଟି (ଦେଖ)
Jhiṭingā — Jhāṭi (See)

ଝିଟିପିଟି—ଦେ. ବି. (ସଂ. ଜ୍ୟେଷ୍ଠୀ; ଚଟକା)—୧। ପଲ୍ଲୀ ବା ଗୃହଗୋଧିକା; ଗୃହରେ ଥିବା ସରୀସୃପବିଶେଷ—1. The common house-lizard; the house gecko; Hemidactylus.
Jhiṭi-piṭi
ସଂ. ନାମ—ଜ୍ୟେଷ୍ଠୀ, ମାଣିକ୍ୟା, ଚଟକା, ପଲ୍ଲୀ, ଭିତ୍ତିକା, ଗୃହଗୋଧା, ଗୃହଗୋଧିକା, ପଲ୍ଲିକା, ମୁଷଲୀ, ଗୃହୋଲିକା, ଗୃହକୋଳିକା, କୁଡ୍ୟମତ୍ସ୍ୟ, ବର୍ଣ୍ଣିଂବସା; ଟିକଟିକୀ; ଛିପକଲୀ; ଟିକଟିକୀ
[ଦ୍ର—ଏମାନଙ୍କର ମସ୍ତକ ମଣ୍ଡଳାକାର, ଅଙ୍ଗୁଳି ନଖବିଶିଷ୍ଟ; ଏମାନେ ଠକ୍ ଠକ୍ ଶବ୍ଦ କରନ୍ତି। ଶରୀରର ଭିନ୍ନଭିନ୍ନ ଅଙ୍ଗରେ ଏମାନେ ପଡ଼ିଲେ ତଦ୍‌ବାସ୍ତ ମଙ୍ଗଳକର ବା ଅମଙ୍ଗଳକର ଫଳ ଘଟେ ବୋଲି ଲୋକେ ବିଶ୍ୱାସ କରନ୍ତି। ଏମାନେ କାନ୍ଥ ଉପରେ ସହଜରେ ଗତି କରନ୍ତି ଓ କାନ୍ଥରେ ବସିବା ପୋକ ଆଦି ଖାଆନ୍ତି; ଏମାନେ କାନ୍ଥଦେହରେ ପେଟ ଲଗାଇ ୪ ଗୋଡ଼ଦ୍ୱାରା ଚାଲନ୍ତି; ବୈଦ୍ୟଶାସ୍ତ୍ରମତରେ ଏହାର ମାଂସ ଭକ୍ଷଣ କଲେ କୁଷ୍ଠ, ଉପଦଂଶ ଓ ଗଣ୍ଡମାଳା ବିନଷ୍ଟ ହୁଏ। ବୃହନ୍ନିଘ. ଦ୍ରବ୍ୟଗୁଣକଳ୍ପଦ୍ରୁମ।]
୨। ଘର ଚାଳର ଉପରେ ଥିବା ଛୁଆଁଣି ପଟାକୁ ଓ ଛଣୋଇକୁ ସଂଯୋଗ କରିବା କ୍ଷୁଦ୍ର କ୍ଷୁଦ୍ର କାଷ୍ଠଖଣ୍ଡ—
2. A small piece of wood joining the eaves-plate with the end-piece of a thatched roof; a bracket-like piece of wood attached to the eaves-plate to support the end-plate of a thatch to prevent it from falling down.

ଝିଟଆ (ଇତ୍ୟାଦି)—ଦେ. ବିଣ. ପୁଂ—ଝିଟ ଇତ୍ୟାଦି (ଦେଖ)
Jhiṭaā (etc) — Jhiṭa etc (See)

ଝିଣ୍‌ଝିଣ୍—ଦେ. ବି—ଝିଣିଝିଣି (ଦେଖ)
Jhiṇ-jhiṇ — Jhiṇi-jhiṇi (See)

ଝିଣ୍‌ଝିଣିଆ—ପ୍ରଦେ. (ମେଦନୀପୁର) ବି—କଙ୍କି (ଦେଖ)
Jhiṇ-jhiṇiā — Kaṅki (See)

ଝିଣିଝିଣି—ଦେ. ବି.—(ଅନୁଭୂତିର କାଳ୍ପନିକ ଅନୁକରଣ ଶବ୍ଦ)—ଅଙ୍ଗ ସୁପ୍ତି; ବହୁକାଳ ଏକ ଅବସ୍ଥାରେ ରହି ଗଲେ ରକ୍ତସଞ୍ଚାଳନର ରୋଧ ହେବାରୁ ଅଙ୍ଗବିଶେଷର ଯେଉଁ ଅବଶ ଅବସ୍ଥା ବୋଧ ହୁଏ; ଅଙ୍ଗାଦିର ଅବଶତା; ଝମି ଝେମି—
Jhiṇi-jhiṇi
ଝିନଝିନି; ଝୁନଝୁନୀ
Numbness of limbs; sensation of the limb being asleep; 'limbs going to sleep'; 'pins and needles' (due to limbs temporarily losing sensation after being kept unmoved for a long period); tingling sensation.
ଦେ. ଅ.—(ଧ୍ୱନ୍ୟନୁକରଣ)—ଝୁଣୁ ଝୁଣୁ (ଦେଖ)
Jhuṇu jhuṇu (See)

ଝିଣିଝିଣିଆ(ଆଁ)—ପ୍ରାଦେ. (ଯାଜପୁର) ବି.—ଏକପ୍ରକାର ଅମ୍ବ, ଯାହାକୁ ଖାଇଲେ ତଣ୍ଡି ଓ ପାଟି ଝିମି ଝିମି ହୋଇଯାଏ; ଲୁଣିଆ ଅମ୍ବ—A kind of mango which causes irritation in the throat and mouth.
Jhiṇi-jhiṇiā (ā̃)

ଝିଣିବା—ପ୍ରାଦେ. (ଯାଜପୁର)—କ୍ରି.—ଝୁଣିବା (ଦେଖ)
Jhiṇibā — Jhuṇibā (See)

ଝିଣ୍ଟିକା—ଦେ. ବି.—ଝିଟିକା (ଦେଖ)—Jhiṭikā (See)
Jhiṇṭikā — 'ଝିଣ୍ଟିକା ମାର ବନି ପୋଷିବା କ୍ୟାଦ୍ୱ'? ପ୍ରବଚନ।
ସଂ. ବି.—ଝିଣ୍ଟୀ (ଦେଖ)
Jhiṇṭī (See)

ଝିଣ୍ଟିବା—ଦେ. କ୍ରି—୧। ଝୁଣିବା (ଦେଖ)
Jhiṇṭibā — 1. Jhuṇibā (See).
୨। (ବ୍ୟଙ୍ଗାର୍ଥ)—ଖାଇଦେବା; ନିଃଶେଷ କରିଦେବା—
2. (ironical) To devour; to eat up.

ଝିଣ୍ଟୀ—ସଂ. (ଝିଟ୍=ଅନୁକରଣ ଶବ୍ଦ+ଇଣ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ ଅ+ସ୍ତ୍ରୀ. ଈ; ନିପାତନ)—ବାସକାଦି ବର୍ଗୀୟ ବନ୍ୟ ପୁଷ୍ପକ୍ଷୁପବିଶେଷ—A kind of shrub growing wild; Barlaria.
Jhiṇṭī
ସଂ. ନାମ—ଝିଣ୍ଟି, ଝିଣ୍ଟିକା, କଟୁସାରିକା, ଝିଣ୍ଟୀ, କୁରବକ, ବର୍ଣ୍ଣପୁଷ୍ପ, ମହାସହ, ଅମ୍ଳାନ, ଅମ୍ଳାନକ; ଝିଣ୍ଟୀ, ଝିଣ୍ଟୀ ଝାଁଟୀ; କଟସରୈୟା, पियाबासा
[ଦ୍ର—ଏହା ଅନେକ ପ୍ରକାରର।]
୧। ଧଳା ଝିଣ୍ଟି ବା ବାସଙ୍କେରଣ୍ଡା; ଏ ଗଛର କାଣ୍ଡରେ କଣ୍ଟା ଥାଏ; ଫୁଲ ଧଳା—
ସଂ. କୁରୁଣ୍ଟକ, କଣ୍ଟକିତ—
1. Barlaria Prionites.

୧.	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଥ୍ଥ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ	ଙ୍କ

୨ । ସାଦାଝିଣ୍ଟି; ଗଛରେ କଣ୍ଟା ନାହିଁ, ଫଳ ସାର୍ଘ ଓ ଫୁଲ ଧଳା; ସଂ. ସୈରେୟା, ସୈରେୟକ, କଟସାରକା ସହଚର, ସହାଚର, ଝିଣ୍ଟି—

୩ । ନେଳ ଝିଣ୍ଟି; ଫୁଲ ନେଳଥ ସଂ. ବାଣା ଦାସୀ; ଆର୍ତ୍ତଗଳ—

୪ । ନାଲ ଝିଣ୍ଟି ଅର୍ଥାତ୍ ଲେଲ ଫୁଲ; ଫୁଲ ଆରକ୍ତ ସଂ. କୁରୁବକ—

2. 3 & 4. Barlaria Cristata of different varieties; Dichotoma.

[ବୈଦ୍ୟଶାସ୍ତ୍ର ଅନୁସାରେ ଝିଣ୍ଟି କୁଷ୍ଠ, ବାୟୁ, ରକ୍ତଦୋଷ, କଫ, କଣ୍ଡୁ ଓ ବିଷ ହରଣ କରେ; ଏହା ତିକ୍ତ ମଧୁର ରସ, ଉଷ୍ଣବୀର୍ଯ୍ୟ, ଈଷତ୍ ଅମ୍ଳ ଓ କେଶରଞ୍ଜକ; ଏହା ସେବନ କଲେ କୁଷ୍ଠ, ବାତ, ବ୍ରଣ, ଚର୍ମବିକାର, ଶ୍ୱାସ, କାସ, ଜ୍ୱର, ଶୋଥ, ଅଗ୍ନିମାନ୍ଦ୍ୟ, ବାତରକ୍ତ, ରକ୍ତଦୋଷ, କଫ, କଣ୍ଡୂ, ଶୂଳ ଓ ଦାରୁଣ ବିଷବିକାର ନଷ୍ଟ ହୁଏ, କାନ୍ତି ବୃଦ୍ଧି ହୁଏ, ବଳପଳିତ ନିବାରିତ ହୁଏ, ଦନ୍ତ ଓ କେଶର ଉପକାର ହୁଏ—ବୃଜବଲ୍ଲ, ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ଝିନ୍‌ଝଟ୍—ଦେ. ବି.—ଝିଞ୍ଜଟ (ଦେଖ)
Jhin-jhaṭ — Jhiñjaṭa (See)
(ଝିନ୍‌ଝିଟ୍; ଝିନ୍‌ଝୁଟ୍, ଝିନ୍‌ଝୋଟ—ଅନ୍ୟରୂପ)

ଝିନ୍‌ଝଟିଆ—ଦେ. ବିଣ. ପୁଂ—ଝିଞ୍ଜଟିଆ (ଦେଖ)
Jhin-jhaṭiā — Jhiñjaṭiā (See)
(ଝିନ୍‌ଝିଟିଆ, ଝିନ୍‌ଝିଟୁଆ;
(ଝିନ୍‌ଝଟୁଆ, ଝିନ୍‌ଝୁଟିଆ, ଝିନ୍‌ଝୋଟିଆ } ଅନ୍ୟରୂପ

ଝିନ୍‌ଝିଟ୍—ଦେ. ବି—ଝିଞ୍ଜିଟ୍ (ଦେଖ)
Jhin-jhiṭ — Jhiñjaṭ (See)

ଝିନ୍‌ଝିନ୍—ଦେ. ବି—ଝିଣିଝିଣି (ଦେଖ)
Jhin-jhin — Jhiṇi-jhiṇi (See)

ଝିନ—ଦେ. ବିଣ. (ସଂ. ଚୀନ=ଚୀନଦେଶ; ଏ ଦେଶରେ ପୂର୍ବେ ଖୁବ୍ ପତଳା ଲୁଗା ତିଆରି ହେଉଥିବାରୁ; ସଂ ଚୀନାଂଶୁକ ବିମ୍ବା ସଂ. କ୍ଷୀଣ; ପ୍ରାକୃତ. ଝୀଣ)—ସୂକ୍ଷ୍ମ; ବାରିକ୍; ଅତ୍ୟନ୍ତ ପାତଳ—Very thin and delicate (cloth).
Jhina
ঝিন
ঝীন, ঝীনা

ବକଳ ପିନ୍ଧିଛ ଯାହାର କଟିଦେଶ
ଆର ଜନ୍ମେ ପିନ୍ଧେ ସେ ସରୁ ଝିନବାସ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଦେ. ବି—ଅତି ସରୁ ଲୁଗା—Very thin cloth.

ଝିନପଟଣୀ—ଦେ. ବି. (ସଂ. ଚୀନ+ପଟ୍ଟ)—୧ । ଅତ୍ୟନ୍ତ ସୂକ୍ଷ୍ମ ବସ୍ତ୍ର—
Jhina-paṭanī — 1. Very delicate fabric.
ঝিলিমিলি — ୨ । ଅତ୍ୟନ୍ତ ପତଳା ପାଟ ଲୁଗା; ହାଉଆ ଶାଢ଼ୀ—
ଝିନବସନ } ଅନ୍ୟରୂପ — 2. Thin silk cloth; a thin kind of silk gauze.
ଝିନବାସ }

ଝିନପଟଣୀ ଅଙ୍ଗେ ଶୋଭା, ଝଟକ ବଦ୍ଧ୍ୟ ପ୍ରାୟ ଅଙ୍ଗ—
କଳସିମ ଦାସ. କମଳଲୋଚନ ଚଉତିଶା ।

ଝିନିଝଟ (ଇତ୍ୟାଦି)—ଦେ. ବି—ଝଞ୍ଜଟ ଇତ୍ୟାଦି (ଦେଖ)
Jhinijhaṭ (etc) — Jhañjaṭa etc (See)

ଝିପ୍‌ଝିପ୍—ଦେ. ଅ: (ଧ୍ୱନ୍ୟନୁକରଣ)—ଝିପିଝିପି (ଦେଖ)
Jhip-jhip — Jhipi-jhipi (See)

ଝି-ପକା(କେ)ଇବା—ପ୍ରାଦେ. (ଗଞ୍ଜାମ) କ୍ରି—ଝିଇ ପକାଇବା (ଦେଖ)
Jhi-pakā(ke)ibā — Jhi-i pakāibā (See)

ଝିପା—ପ୍ରାଦେ. (ସମ୍ବଲପୁର) ବି—ଏକପ୍ରକାର ଦୁବାଘାସ—
Jhipā — A kind of creeping grass.

ଝିପିଝିପି—ଦେ. ଅ. (ଧ୍ୱନ୍ୟନୁକରଣ)—ଛୋଟ ଛୋଟ ଟୋପାରେ ବର୍ଷା ହେବା—Raining in small drops; drizzling; light shower of rain; gentle shower.
Jhipi jhipi
টিপিটিপি
ঝিরঝির
(ଝିପିର ଝିପିର—ଅନ୍ୟରୂପ) ଝିପିଝିପି ମେଘ ବରଷି ଅସିବ
ଦେଖୁ ଦେଖୁ ଦୁମୁଦୁମୁ—ଜଦକଗୋର. ନଈ ଘଣା ।

ଦେ. ବି—ସାମାନ୍ୟ ଓ କ୍ଷୁଦ୍ର ଟୋପାରେ ବର୍ଷା—
A drizzle; dribble; gentle shower.

[ଦ୍ର—ଦୁମ୍‌ଦୁମ୍, ଦୁମ୍‌କାଣି=ଖୁବ୍ ବଡ଼ବଡ଼ ଟୋପାରେ ପ୍ରଚୁର ବର୍ଷା । ଟପଟପ, ଟପର ଟପର=ବଡ଼ ବଡ଼ ଟୋପାରେ ବରଷା । ଝପ୍‌ଝପ୍, ଝପଝପ, ଝପର ଝପର=ଏହାଠାରୁ ସାନ ଟୋପାରେ ବରଷା । ଝିପ୍‌ଝିପ୍, ଝିପିଝିପି, ଝିପିର ଝିପିର=ଏହା ଅପେକ୍ଷା ଛୋଟ ଟୋପାରେ ବର୍ଷା । ଝୁପ୍‌ଝୁପ୍, ଝୁପୁଝୁପୁ, ଝୁପୁରୁ ଝୁପୁରୁ=ଏହା ଅପେକ୍ଷା ଛୋଟ ଟୋପାରେ ବର୍ଷା । ଲଫ୍‌ଲଫ୍, ଲଫିଲଫି=ଏହା ଅପେକ୍ଷା କ୍ଷୁଦ୍ର ବିନ୍ଦୁରେ ବର୍ଷା । କୁଣ୍ଡାଝଡ଼ା (ଗ୍ରା)—ଅତି କ୍ଷୁଦ୍ର ବିନ୍ଦୁରେ ବର୍ଷା ।]

ଝିମ୍‌ଝିମ୍—ଦେ. ବି—ଝିମିଝିମି (ଦେଖ)
Jhim-jhim — Jhimi-jhimi (See)

ଝିମ୍ ଝିମ୍ ମାରିବା—ଦେ. ବି—ଝିମ୍ ଝିମ୍ ହେବା (ଦେଖ)
Jhim jhim māribā — Jhim jhim hebā (See)

ଝିମ୍‌ଝିମ୍ ହେବା—ଦେ. କ୍ରି. (ଅନୁଭୂତିର କାଳ୍ପନିକ ଅନୁକରଣ ଶବ୍ଦ)—
Jhim-jhim hebā — ୧ । ଝାଇଁ ଝାଇଁ (ଦେଖ)
ঝিম্‌ঝিম্ করা — 1. Jhāiñ jhāiñ (See)
झुनझुनाना — ୨ । ଅନଶନାଦିଜନିତ ଦୁର୍ବଳତା ବୋଧ—
2. A tingling or creeping sensation due to sheer weakness and fasting.

ଝିମା—ଦେ. ବି—୧ । ଏକପ୍ରକାର ବାତରୋଗ—
Jhimā — 1. A fit or disease accompanied with a tingling sensation and stupor.
ঝিনা রোগ
सुन्न, सनसनी

[ଦ୍ର—ଏଥିରେ ଦେହ ହାତ ଝିମ୍‌ଝିମ୍ ମାରେ ଅର୍ଥାତ୍ ଅଙ୍ଗ ଅବଶ ଓ ସ୍ପନ୍ଦହୀନ ହୋଇଯାଏ ।]

୨ । ମୂର୍ଚ୍ଛାବାତ—2. Swoon.

ସାଧାରଣ ପାଠକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧ୍ୟ' ନ ପାଇଲେ 'ବନ୍ଧ୍ୟ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବିଣ. (ସଂ. କ୍ଷୀଣ)—୧ । ଅବଶ; କାଲୁଆ—
1. Paralysed; benumbed.
୨ । ଯେଉଁ ଅମ୍ବ ଖାଇଲେ ପାଟି ଓ ତୋଣ୍ଟିରେ ଝିମ୍ ଝିମ୍ ଅନୁଭୂତ ହୁଏ; ରସୁଣିଆଁ (ଅମ୍ବ)—
2. (mango) Producing irritation in the throat and mouth.
ଝୀମା ୩ । ଯେ ଝିମେଇ ଝିମେଇ କୌଣସି କାର୍ଯ୍ୟ କରେ; ଅଲସୁଆ—
ଝୀମା 3. Slothful; slow coach; laggard.
୪ । ସେମ୍ପ୍ତା । (ଫଳ)—
4. Withered and shrunk (fruit).

ଝିମା(ମେ)ଇବା—ଦେ. କ୍ରି—୧ । (ଦେହ) ଝିମିଝିମି ବୋଧ କରିବା—
Jhimā(me)ibā 1. To feel a tingling sensation in the body.
ଝିମା
ସନସନାନା ୨ । ଅଙ୍ଗାଦି ଅବଶ ହୋଇ ଚଳତ୍ ଶକ୍ତିହୀନ ହେବା—
2. (limbs) To be benumbed or overpowered.
୩ । (ଅଙ୍ଗାଦି ଅବଶ ହେବା ପରି) ଧୀରେ ଧୀରେ କୌଣସି କାର୍ଯ୍ୟ କରିବା; ଝିମେଇବା—
3. To do some work very slowly (as if the doer is suffering from numbness).
ପ୍ରାଦେ: (ଯାଜପୁର) କ୍ରି—ନିଦ୍ରାତୁର ହୋଇ ଢୁଲାଇବା ବା ... To nod with drowsiness.

ଝିମାଣି—ଦେ. ବି—୧ । ଦୁଇ ଦଳ ବାଳକମାନଙ୍କ ମଧ୍ୟରେ ଏକ ପ୍ରକାର
Jhimāṇi ଖେଳ; ଡୁଡୁ ଖେଳ—1. A kind of out-door game amongst boys.
୨ । ଜୁଆ ଖେଳ—2. A game at hazards.
ଝିମାଣି ଖେଳରୁ ମହାଭାରତ ଉପୁଜିବା ନ୍ୟାୟ—ପ୍ରବଚନ ।
୩ । (ସଂ. ଧ୍ମା ଧାତୁ) ଅସ୍ତ୍ର ଶସ୍ତ୍ର ପ୍ରସ୍ତୁତ କରିବା କାରଖାନାର ଅଗ୍ନି—2. The fire of an arms-factory.

ଝିମା ବାତ—ଦେ. ବି—ଝିମା (ଦେଖ)
Jhimā bāta Jhimā (See)
(ଝିମା ରୋଗ—ଅନ୍ୟରୂପ)

ଝିମିଝିମା—ଦେ. ବିଣ—ରସୁଣିଆ (ଅମ୍ବ); ଯାହାକୁ ଖାଇଲେ ପାଟି ଝିମିଝିମି
Jhimi-jhimā ହୋଇଯାଏ (ଯଥା— ଝିମିଝିମା ଅମ୍ବ, ଝିମିଝିମା ବାଜ ଅମ୍ବ)—(mango) Which produces iritation in the throat and mouth.
ପ୍ରାଦେ: (ସିଂହଭୂମ) ବି—ମାଇପେ ପିନ୍ଧିବା କାନର ଉପରଭାଗରେ ପିନ୍ଧିବା ଫିରଫିରି—A kind of earring worn on the upper part of the ear.

ଝିମିଝିମି—ଦେ. ଅ. (ସଂ. ଝିଷ୍ମମ)—୧ । ବହୁକାଳ ଏକ ଅବସ୍ଥାରେ
Jhimi-jhimi ଅବସ୍ଥିତ ଯୋଗୁଁ ରକ୍ତସଞ୍ଚାଳନରେ ବ୍ୟାଘାତ ହେବାରୁ ଅଙ୍ଗବିଶେଷରେ ଅବଶତା ଅନୁଭୂତ ବା ଯନ୍ତ୍ରଣାବୋଧ—1. Tingling sensation due to numbness of a limb if kept in one position for a long period.
୨ । ଘୁଙ୍ଗୁରଆଦି ପିନ୍ଧି ପାଦକ୍ଷେପ ବା ନୃତ୍ୟାଦି କରିବା ଯୋଗୁଁ ଝମ୍‌ଝମ୍ ବା ଝୁମୁ ଝୁମୁ ଶବ୍ଦ; ଝୁମୁରୁ ଝୁମୁରୁ—
2. Tinkling sound caused by dancing while wearing small bells.

ଝିମିଟ(ଣ୍ଟ)—ଦେ. ବି—ମୁହୂର୍ତ୍ତ; ନିମିଷ ମାତ୍ର—
Jhimiṭa(ṇṭa) One moment only; instant; a very short time; 'no time'.
ଝିମିଟେ ମିଳାଇ ଗଲା ସେ ଦ୍ୱାର କୋଥ । ଚିନ୍ତାମଣି, ଚନ୍ଦ୍ରମାଦବ ।

ଝିମିଟକ—ଦେ. ବି—ଝିମିଟ (ଦେଖ)
Jhimiṭaka Jhimiṭa (See)
ଝିମିଟକ କଳ୍ପ ଶତରୁ ଅଳଳ୍ପ ହୋଇଲାଣି ଝୁରିଝୁରି । କବିସୂର୍ଯ୍ୟ ସଙ୍ଗୀତ ।

ଝିମିଟକେ—ଦେ. କ୍ରି. ବିଣ—ମୁହୂର୍ତ୍ତକେ—
Jhimiṭa-ke In no time; in a moment; in a trice.

ଝିମିଟି—ଦେ. ବି—ଝିମାଣି (୧) (ଦେଖ)
Jhimiṭi Jhimāṇi (1) (See)

ଝିମିଣି—ଦେ. ବି—ଝିମାଣି (୧) (ଦେଖ)
Jhimiṇi Jhimāṇi (1) (See)

ଝିମିଣ୍ଟେ—ବି—ନିମେଷ ମାତ୍ର—
Jhiminṭe A very short time; a moment.
ଝିମିଣ୍ଟେ ଗଲେ କାଳ ପୁଣ ଅପଣା ବାଳକଙ୍କୁ ଚାହିଁଲେ ।
ଅଭିମନ୍ୟୁ, ଚତୁର୍ଭିନ୍ତାମଣି ।

ଝିମିରି—ଦେ. ବି—ଯେଉଁମାନେ ଅସ୍ତ୍ରଶସ୍ତ୍ର ତିଆରି କରନ୍ତି; ହତିଆର-
Jhimiri କାରିଗର—Manufacturer of arms.

ଝିମିରି ଖେଳ—ଦେ. ବି—ଝିମାଣି (୧) (ଦେଖ)
Jhimiri khela Jhimāṇi (1) (See)

ଝିମିଶାଳ—ଦେ. ବି—ଅସ୍ତ୍ରଶସ୍ତ୍ରାଦି ପ୍ରସ୍ତୁତ କରିବାର କାରଖାନା—
Jhimi-śāla Arms-factory.

ଝିମୁଟ—ଦେ. ବି—ମୁହୂର୍ତ୍ତ—
Jhimuṭa A moment.
ଝିମୁଟ ହେବାକୁ ସହସ୍ର ଯାମ । କବିସୂର୍ଯ୍ୟ. ଚମ୍ପୂ ଜ. ଗୀତ ।

ଝିମେଇ ଝିମେଇ—ଦେ. କ୍ରି. (ଅସମାପିକା କ୍ରିୟା; କ୍ରିୟାବିଶେଷଣ
Jhimei jhimei ରୂପେ ବ୍ୟବହୃତ)—
୧ । ଅତି କ୍ଷୀଣ ଭାବରେ—
1. Very slightly.
୨ । ଧୀରେ ଧୀରେ—2. Slowly.
(ଯଥା—ପାଣି ସୋଇଷାକୁ ଝିମେଇ ଝିମେଇ ବହି ଯାଉଛି ।)
୩ । ଅଳସୀ ପ୍ରକାରେ—Idly; slothfully.
୪ । ନିଦ୍ରାତୁର ହୋଇ ଇତସ୍ତତଃ ଢୁଲାଇବା ପ୍ରକାରେ—
4. Drowsily; nodding.
(ଯଥା—ସେ ଝିମେଇ ଝିମେଇ ଚାଲୁଛି ।)

୧	ଅ	ଡ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଥ୍	ଉଃ	ଭ
୬	ଅ	ଉ	ରୁ	ଲୁ	ସ୍ତେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	୬	ନ

ଝିମ୍ପୁଡ଼ି—ଦେ. ବ—ଝୁମ୍ପୁଡ଼ି (ଦେଖ)—
Jhimpurdi Jhumpurdi (See)
ଝିମ୍ପୁଡ଼ି ବାଶ ସଂଖ ଅଂଗୁଳ କଦର—କୃଷ୍ଣସିଂହ ମହାଭାରତ. ବନ ।

ଝିରିକା—ସଂ. ବି—ଝିଙ୍କାରୀ—
Jhirikā A cricket (Apte).
(ଝିରୀ, ଝିରୀକା—ଅନ୍ୟରୂପ)

ଝିରିଝିରି—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଧୀର)—
Jhiri-jhiri ପାଣି ଅଳ୍ପ ଅଳ୍ପ ଝରିବା ପ୍ରକାରେ—Water oozing or flowing very thinly or slightly.
ଝିରି ଝିରି ହୋଇ ବହଇ ସଲିଳ । ରାଧାନାଥ, ମହେନ୍ଦ୍ରଗିରି ।

ଝିଲ୍‌ଝିଲ୍—ଦେ. ଅ—ଚକ୍‌ଚକ୍; ଜକ ଜକ—
Jhil-jhil In a twinkling manner; flashing.
झिलमिल ବର୍ଜୁନ ଝିଲ୍ ଝିଲ୍ ମାରୁଛ । କୁନ୍ତଳାକୁମାରୀ. ଅଞ୍ଜଳୀ ।

ଝିଲ୍‌ମିଲ୍—ଦେ. ବ—୧ । ଖଡ଼ଖଡ଼ି; କବାଟ ବନ୍ଦ ହୋଇଥିବା
Jhilmil ଅବସ୍ଥାରେ ମଧ୍ୟ ଘର ଭିତରକୁ ବାୟୁ ଓ ଆଲୋକ
ঝিলিমিলি ପଶିବା ଭଳି ଅନେକ ଖଣ୍ଡ ପଟାରେ ତିଆରି ଏକ ପ୍ରକାର
झिलमिली କବାଟ—1. Venetian blind (for doors and windows); a shutter.
ଝିଲ୍‌ମିଲ୍ } ଅନ୍ୟରୂପ
ଝିଲିମିଲି }
[ଦ୍ର—ଝିଲ୍‌ମିଲ୍ କବାଟ ଏପରି ଭାବରେ ପ୍ରସ୍ତୁତ ଯେ, ତାହାର ପଛ ଆଡ଼େ ଥିବା ଛଡ଼କୁ ଝିଙ୍କି ଟାଣି ଦେଲେ କବାଟ ବନ୍ଦଥିବା ଅବସ୍ଥାରେ କବାଟ ଭିତରେ ଥିବା ସରୁ ପଟାମାନଙ୍କ ମଧ୍ୟରେ ଫାଙ୍କମାନ ମେଲା ହୋଇଯାଏ । ଓ ଉକ୍ତ ଛଡ଼କୁ ଛାଡ଼ି ଦେଲେ ଉକ୍ତ ଫାଙ୍କମାନ ବନ୍ଦ ହୋଇଯାଏ । ସେ ଫାଙ୍କମାନ ମେଲା ହେଲେ ଉକ୍ତ ଫାଙ୍କ ବାଟେ ବାୟୁ ଓ ଆଲୋକ ଗୃହ ମଧ୍ୟକୁ ଯାଏ । ଗାଡ଼ି ଓ ପାଲଙ୍କିର କବାଟମାନଙ୍କରେ ମଧ୍ୟ ଏ ପ୍ରକାର ସୃଷ୍ଟି ଥାଏ ।]
୨ । ଖୁବ୍ ପତଳା; ଜାଲଜାଲୁଆ—2. Gauze-like.
(ଝିଲ୍‌ମିଲ୍‌କାଣୀ—ସ୍ତ୍ରୀ) ଦେ. ବଣ. ପୁଂ—୩ । ଯେଉଁ ବ୍ୟକ୍ତି ଆଖିର ପଲକକୁ ସବୁବେଳେ ଉଠାଉ ଥାଏ ଓ ପକାଉଥାଏ ଓ ଯାହାର ଦୃଷ୍ଟିଶକ୍ତି ଉତ୍ତମ ନୁହେଁ—3. A dim-sighted person; one who always quickly moves his eyelids up and down.
ଦେ. ବଣ.—ଅତି ଉଜ୍ଜ୍ୱଳ—
Very bright; dazzling.

ଝିଲ—ଦେ. ବ.—(ସଂ. ଜଲ; ସଂ. ବଲ୍ଲ; ଉଲ =ଗର୍ତ୍ତ)—୧ । ଜଳପାଟ;
Jhila ଦହ; ବର୍ଷାପାଣିରେ ଯେଉଁ ବହୁବିସ୍ତୃତ ନିମ୍ନଭୂମି ଜଳପୂର୍ଣ୍ଣ
বিল ହୋଇଯାଏ—1. Marsh; swamp; morass;
झिल bog.
୨ । ଅଗଭୀର ଜଳାଶୟ—2. Shallow lake.

ଝିଲ(ଲି)କିବା—ଦେ. କି.—(ସଂ. ଧୀର)—(ପବନ) ଧୀରେ ବହିବା
Jhila(li)kibā (wind) To blow slowly.
ପଛପଟରୁ ପବନ ହୁଏଏ ଝିଲକି ଡେଇ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଝିଲ(ଲ)କେଇବା—ଦେ. କି.—(ପବନ) ଧୀରେ ଧୀରେ ବହିବା—
Jhila(ke)ibā (wind) To blow slowly.
ଝିଲିମିଲି ପବନ ଝିଲକେଇଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଝିଲ(ଲି)ପି—ଦେ. ବ.—୧ । (ଫା. ଜୁଲ୍‌ଫ୍; ସଂ. ନାମ କାକପକ୍ଷ)—
Jhila(li)pi କର୍ଣ୍ଣମୂଳ ପାଖେ ଯେଉଁ କୁଞ୍ଚିତ ବଙ୍କ କେଶ ଥାଏ—
জুলফি 1. Curling lock hanging down and
ज़ुल्फ़ो dressed so as to descend and curve round the lobe of the ear.
କି ମଧୁର ଦଶେ ଗୌର ଗଣ୍ଡେ କଳା-କାନ ଝିଲପି ।
ରାଧାନାଥ. ଊଷା ।
ঝিলাপী ୨ । ଜିଲବି (ଦେଖ)
जिलेबी 2. Jilibi (See)

ଝିଲ(ଲି)ପି କାଟିବା—ଦେ.କି.—ମସ୍ତକର କେଶଗୁଚ୍ଛ କାନ ପର୍ଯ୍ୟନ୍ତ ଲମ୍ବି
Jhila(li)pi kāṭibā ପ୍ରକାରେ କେଶକୁ କାଟି ବିନ୍ୟାସ କରିବା—
জুলফি কাটা. To wear hair cut and curled round
ज़ुल्फ़ काटना the lobe of the ear.
(ଝିଲପି ଛାଡ଼ିବା, ଝିଲପି ରଖିବା—ଅନ୍ୟରୂପ)

ଝିଲି—ଦେ. ବ.—ଝିଲ୍ଲି (ଦେଖ)
Jhili Jhilli (See)

ଝିଲିକନା—ଦେ. ବ.—ମଝିରେ ଛିଦ୍ରଯୁକ୍ତ କନା,ଯାହା ମଧ୍ୟରେ ବଟା ବରିକୁ
Jhili-kanā ପୂରାଇ ଚାଆଁ କରେଇରେ ଅଜାଡ଼ିଲେ ଝିଲି ଓ ଜିଲପି ତିଆରି ହୁଏ—A piece of rag with a hole in the centre through which liquid-paste is poured into the frying pan to prepare spiral jhili.

ଝିଲିପି (ଇତ୍ୟାଦି)—ଦେ.ବ—ଝିଲପି (ଇତ୍ୟାଦି) (ଦେଖ)
Jhilipi (etc) Jhilapi (etc) (See)

ଝିଲିପିର ପେଞ୍ଚ—ଦେ. ବ.—କୁଟବୁଦ୍ଧି (ଯାହା ଝିଲିପିର କୁଣ୍ଡଳ ପରି
Jhilipira peñcha ବକ୍ର)—Crooked policy
ঝিলপির পেচ (like the tortuous folds of jilapi).

ଝିଲିମିଲି—ଦେ. ବ. ଓ ବଣ—୧ । ଝିଲ୍‌ମିଲ୍ (ଦେଖ)
Jhili-mili 1. Jhil-mil (See)
(ଝିଲିମିଲିକାଣୀ—ସ୍ତ୍ରୀ)
୨ । ଝିଲିମିଲିକା (୧ ଓ ୩) (ଦେଖ)
2. Jhili-milikā (1 and 3) (See)

ଝିଲିମିଲିକରି ଚାହିଁବା—ଦେ. କି.—ଆଖି ମିଟିମିଟି କରିବା; ଅନବରତ
Jhili-mili kari chāhiṅbā ଆଖିର ପଲକକୁ ଉଠାଇବା—
To blink; to quickly move one's eye-lids; to repeatedly open and shut one's eye-lids while looking

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦଟାରୁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲକ୍ତ' ନ ପାଇଲେ 'ଅଲକ୍ତ' ଦେଖିବେ

ଝିଲିମିଲି କରିବା—ଦେ. କ୍ରି.—ଝିଲିମିଲି କରି ଚାହିଁବା (ଦେଖ)
Jhili-mili karibā Jhili-mili kari chāhiṅbā (See)

ଝିଲିମିଲିକା—ଦେ. ବି. (ସଂ. ଝୁଲ ବା ଝୂଲ ଧାତୁ)—୧ । ଜୁଳୁଜୁଳିଆ ପୋକ—1. Fire-fly.
Jhili-milikā

ଝିଲମିଲ ୨ । ଯେଉଁ କବାଟ ବନ୍ଦ ଥାଇ ସୁଦ୍ଧା ଚହଁର ଫାଙ୍କ ଖୋଲି ଯିବା ଓ ବନ୍ଦ କରିବା ପାଇଁ କଳ ଲାଗି ଥାଏ—
2. Venetian door.

୩ । ସ୍ତ୍ରୀମାନଙ୍କ ସୀମନ୍ତରେ ପିନ୍ଧାଯିବା ଝାଲରଦାର ଭୂଷଣବିଶେଷ-
3. An ornament for the head.

ବହୁଁ ଚନ୍ଦ୍ର ଝୁମ୍ପ ଝିଲିମିଲିକା ।
ଉପେନ୍ଦ୍ର, ବୈଦେହୀଶବିଳାସ ।

ଝିଲୁପି—ଗ୍ରା. ବି.—ଝିଲପି (ଦେଖ)
Jhilupi Jhilapi (See)

ଝିଲ୍ଲି—ସଂ. ବି.—୧ । ଝିଙ୍କାରୀ—
Jhilli 1. A cricket (Apte)

କେବେ ଉଲ୍ଲୁକ ଅବା ଝିଲ୍ଲି,
କର୍କଶ ରବ ଠାରୁ ବଳି । ଜଗନ୍ନାଥ, ଭଗବତ ।

୨ । ବାଦ୍ୟଯନ୍ତ୍ରବିଶେଷ—
2. A kind of musical instrument (Apte)

୩ । ଚମଡ଼ାର ତନ୍ତୁରେ ନିର୍ମିତ କାଗଜ—
3. Parchment (Apte).

ଦେ. ବି. (ସଂ. ଝିଲ୍ଲି—୧ । (କାନ ଭିତରର) ସୂକ୍ଷ୍ମ ଚର୍ମ; (ଜାତର) ଜାଲ—1. Membrane; diaphram; thin skin inside the ear.

୨ । (ସଂ. ଜାଲ)—କୁଣ୍ଡଳାକାର ରଚିତ ଓ ଘୃତପକ୍ୱ ସରୁ ସରୁ ନାଡ଼ ଥିବା ମିଷ୍ଟାନ୍ନବିଶେଷ; ଜାଡ଼ୀ—
2. A kind of spiral cake.

ଚନ୍ଦ୍ରକାନ୍ତ ଝିଲ୍ଲି ନାଡ଼ିକା ସୁଶୋଭନ । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

[ଦ୍ର—ବିରି ଓ ଚାଉଳ ବଟାକୁ ଗୋଟିଏ ଛିଦ୍ରଯୁକ୍ତ ଖପରର ବା କନାରେ ପୂରାଇ ଚହଁରୁ ବାହାରିବା ଖସିବର ନାଡ଼ୀ ଭଳି ତରଳ ପଦାର୍ଥକୁ ଫୁଟନ୍ତା ଘିଅରେ ପୁଆଇଲେ ଏହି ପିଠା ପ୍ରସ୍ତୁତ ହୁଏ ଓ ଏହା ଉପରେ କନ୍ଦଚୂନା ଛିଞ୍ଚି ଏହାକୁ ପିଠା କରାଯାଏ । ଏହାକୁ ଶିରାରେ ବୁଡ଼ାଇଲେ ଏହା ଝିଲପି ହୁଏ; ଶିରାରେ ନ ବୁଡ଼ାଇଲେ ଝିଲ୍ଲି ହୁଏ ।]

୩ । (ସଂ. ଝିଲ୍ଲି)—ଝିଙ୍କାରୀରବ—
Chirping of crickets.

ଝିଲ୍ଲି ସଙ୍ଗେ ରବ ଗତିପେଲିବ
ପ୍ରଦୋଷର ମହାତ୍ମ୍ୟ । ରାଧାନାଥ, ଯଯାତି ।

ଝିଲ୍ଲିକା—ସଂ. ବି. (ଝିଲ୍ଲି=ଅନୁକରଣ ଶବ୍ଦ+ଇକ+ଆ)—
Jhillikā ଝିଲ୍ଲି (ଦେଖ)—Jhilli (See)

ଝିଲ୍ଲି ଶଙ୍ଖା—ଦେ. ବି.—ଯେଉଁ ଶଙ୍ଖା ଉପରେ ଝକଝକ ଦର୍ପଣଖଣ୍ଡମାନ ବସାଯାଇ ଥାଏ—Lac-bracelets set with bits of mirror-glass.
Jhilli śaṅkhā

ଝିଲ୍ଲୀ—ସଂ. ବି.—ଝିଲ୍ଲି (ଦେଖ)
Jhilli Jhilli (See)

ଝୀଝୀ—ପ୍ରାଦେ. (ଗଡ଼ଜାତ) ଅ—ଝି (ଦେଖ)
Jhi-jhi Jhi (See)

ଝୁଅ—ଗ୍ରା. (ଦୁହିତୃଭାଷା) ବି. (ସଂ. ଦୁହିତା)—ଝିଅ (ଦେଖ)
Jhua Jhia (See)

ମାଅ ଝୁଅଙ୍କର ଗୋଡ଼ରେ ଉଠନ୍ତିର ଝୁଣ୍ଟିଆ । ନନ୍ଦକିଶୋର, ନର୍ମଦାଣୀ ।

ଝୁଅ ଝୁଆଣି—ଗ୍ରା. ବି—ଝିଅ ଝିଆଣି (ଦେଖ)
Jhua jhuāṇi Jhia jhiāṇi (See)

ଝୁଅ ଝୁଆଣିଆ(ଆଁ)—ଦେ. ବି ଓ ବିଣ—ଝିଅ ଝିଆଣିଆ (ଦେଖ)
Jhua jhuāṇiā(āṅ) Jhia jhiāṇiā (See)

ଝୁଆଣିଆ(ଆଁ)—ଦେ. ବି ଓ ବିଣ—ଝିଆଣିଆ (ଦେଖ)
Jhuāṇiā(āṅ) Jhiāṇiā (See)

ଝୁକା—ପ୍ରାଦେ. (ସମ୍ବଲପୁର) ବି—୧ । ଫଳଆଦିର ପେନ୍ଥା ବା ଥୋପା—
Jhukā 1. Bunch of fruits.

ଅମ୍ବ ଫଳେ ଝୁକାଝୁକା
ତେନ୍ତୁଲି ଫଳେ ବଙ୍କା । ପ୍ରବଚନ ।

୨ । ଜନ୍ତୁ ଶିକାର କରିବା ପାଇଁ ଲୁଚି କରି ଜଗିବା—
2. Lying in ambush to shoot the prey.

ଝୁକା ବସିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜନ୍ତୁ ଶିକାର କରିବାକୁ ଲୁଚି କରି ଜଗିବା—To lie in ambush to shoot the prey.
Jhukā basibā

(ଯଥା— ଅଜି ସାଲାସାହେବ୍ ନଇଖଣ୍ଡିରେ ଝୁକା ବସିଛନ୍ତି ।)

ଝୁକିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଲକ୍ଷ୍ୟଭ୍ରଷ୍ଟ ହେବା—
Jhukibā 1. To miss the aim.

(ଯଥା—ମୋର କାଁଡ଼ ଝୁକିଗଲା ।)

୨ । (କ୍ଷେତରେ ଚାଷଆଦି କରିବା ପାଇଁ ପାଗ) ବଳମ୍ବହେବା; ଅପାଗ ହେବା—2. (the proper season for ploughing) To pass away without the accomplishment of the requisite operations.

ଝୁଙ୍କ୍ତି—ଦେ. ବି—୧ । ନଇଁପଡ଼ିବା; ଅବନତ—
Jhunk-ti 1. Stooping; bending down; a pitching forward.
ঝুকতি

ଝୁଙ୍କ—ଦେ. ବି. (ସଂ. ଧୁକ୍ଷ; ଧୁକ୍ଷ ଧାତୁ—ସନ୍ଦୀପନ; କ୍ଲେଶନ)—
Jhuṅka ୧ । ନଇଁ; ନତହେବା—1. Stooping.
ঝুঁক, ঝোঁক ୨ । ନିଶାର ଆକ୍ରମଣ ଯୋଗୁ ଟଳିବା—
झोंक 2. Tottering due to intoxication.

୩ । ମାଦକ ଦ୍ରବ୍ୟର ପ୍ରଭାବ; ନିଶା—
3. Intoxication.

୪ । କ୍ରୋଧାବେଗ; ରାଗର ଦପ୍ପା—4. Fit of anger.

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଃ	ଉଅ	ଋ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର.ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଔ	ନ୍

ଝୁକାବ ୨ । କୌଣସି ପଦାର୍ଥର ଅପେକ୍ଷାକୃତ ଅଧିକ ଓଜନ ହେତୁ ତରାଜୁର ଏକପାଖ ତଳକୁ ଝୁଙ୍କିବା—
2. The coming down of one of the scale-pans of a balance due to the relative heaviness of an article put on it.
୩ । ବେଶି ଓଜନ—3. Comparative heaviness of a thing put on the scalepan

ଝୁଙ୍କା—ଦେ. ବି—୧ । ଝୁଙ୍କିବା; ନଇଁବା—
Jhunkā 1. Stooping.
ঝুঁকা **झुका** ୨ । ଝିଙ୍କା (ଦେଖ)—2. Jhinkā (See).

ଝୁଙ୍କା(ଙ୍କେ)ଇବା—ଦେ. କ୍ରି—ଝୁଙ୍କିବାର ଣିଜନ୍ତରୂପ—
Jhunkā(ṅke)ibā Causative of Jhunkibā.
ঝোঁকান **झुकाना**

ଝୁଙ୍କାଝୁଙ୍କି—ଦେ. ବ—ନୁଆଁଇବା କର୍ମ—
Jhunkā-jhunki Act of bending; causing to stoop
ঝোঁকাঝুঁকি, **झुकाझुकि**

ଝୁଙ୍କି—ଦେ. ବ—୧ । ଦାୟିତ୍ୱ—1. Responsibility.
Jhunki ପିଲା ପ୍ରସବ ଝୁଙ୍କି ଯାକ ସବୁ ଅମ୍ଭର । ରାଧାନାଥ. ଗୌରବ ।
ঝক্কী ୨ । ଉତ୍ସାହ—2. Zeal.
झोंकी ୩ । ଖିଆଲ—3. Whim.
(ଯଥା—ତାର ଗୋଟାଏ ଝୁଙ୍କି ଉଠିଛି ।)
୪ । କେଷ୍ଟକନକ ଭାର—4. Hard task.
୫ । ଝୁଙ୍କ (ଦେଖ)—5. Jhunka (See)

ଝୁଙ୍କି ପଡ଼ିବା—ଦେ. କ୍ରି—ଆଗକୁ ନଇଁ ପଡ଼ିବା—
Jhunki paṛibā To bend forward.
ঝুঁকেপড়া **झुकजाना**

ଝୁଙ୍କିବା—ଦେ. କ୍ରି. (ସଂ. ଧୂକ୍ଷ; ଧୁକ୍ଷ ଧାତୁ=ସନ୍ଦୀପନ; କ୍ଲେଶନ)—
Jhunkibā ୧ । ନିଶାରେ ଟଳିବା—1. To reel with intoxication; to totter; to stagger.
ঝুঁকা
झुकना ୨ । ଟଳିବା—2 To reel.
୩ । ଆଗକୁ ନଇଁ ପଡ଼ିବା—3. To stoop forward.
୪ । ଦୋହୋଲିବା—4. To shake.
୫ । କଷ୍ଟ ସହକାରେ ଲାଗିବା ବା ଶ୍ରମ କରିବା—
5. To labour at a thing with effort.

ବଙ୍ଗଳା ଏଟିଡ଼େମିକ୍ ଫିଭର୍ ଓ ବୋମ୍ବେ ପ୍ଲେଗ୍‌ରେ
କେତେ କେତେ ଡାକ୍ତର ଝୁଙ୍କିଥିଲେ, କଣ କଲେ ?
ଫକୀରମୋହନ. ଛମାଣଆଠଗୁଣ୍ଠ

୬ । କୌଣସି ବ୍ୟକ୍ତି ଉପରେ ଗୁରୁ ଦାୟିତ୍ୱ ବା ଅଭିଯୋଗ ଲଦା ହେବା—6. (any grave responsibility or charge) To lie on the head of a person.

ଅରେ ଗୋଟାଏ ଫେର୍ ମାମଲା ତାହା ଉପରେ ଝୁଙ୍କିଥିଲା—
ଫକୀରମୋହନ. ଛମାଣଆଠଗୁଣ୍ଠ ।

୭ । ନଇଁବା; ନତହେବା—7. To bend.
୮ । ଗୋଟାଏ ପାଖକୁ ଢଳିବା—
8. To lean to one side; to incline.

ଝୁଙ୍କୁଡ଼ି—ଗ୍ରା. ବ—ଝୁଙ୍କ୍‌ଡ଼ି (ଦେଖ)
Jhunkuṭi Jhunk-ṭi (See)

ଝୁଞ୍ଜାଲ—ଦେ. ବ—ବାଦ୍ୟବିଶେଷ; ଝାଞ୍ଜ—
Jhunjāla A musical instrument;
ঝাঁজ cymbals.

ଝୁଟ୍—ଦେ. ବଣ (ସଂ. ଅଯୁକ୍ତ, ପ୍ରା. ଅଜୁତ୍ତ)—୧ । ସତ୍ୟଲଂଘନକାରୀ—
Jhuṭ 1. Transgressing one's promise.
ঝুট ୨ । ମିଥ୍ୟାବାଦୀ—2. Lying.
झूट, झूठ ୩ । ମିଥ୍ୟା—3. False; untrue.
୪ । କୃତ୍ରିମ—4. Forged; not genuine.
ବ—ମିଥ୍ୟା କଥା—False-hood.

ଝୁଟ୍‌ମୁଟ୍—ଦେ. ବଣ. (ନିରର୍ଥକଦ୍ୱିତ୍ୱ ସହଚର)—ମିଥ୍ୟା—
Jhuṭ-muṭ False.
ঝুটমুট, **झुठमुठ**

ଝୁଠା—ଦେ. ବ (ସଂ. ଜୁଷ୍ଟ)—୧ । ଅଇଁଠା; ଉଚ୍ଛିଷ୍ଟ—
Jhuṭā 1. Leavings of one's meal; refuse; offal; orts.
এঁঠো
झुठा ୨ । ଝୁଟ୍ (ଦେଖ)—2. Jhuṭ (See)
ବଣ.—ଝୁଟ୍ (ଦେଖ)—
Jhuṭ (See)

ଝୁଠା ଉଠା(ଠେ)ଇବା—ଦେ. କ୍ରି—୧ । ପରର ଅଇଁଠାକୁ ପରିଷ୍କାର କରିବା—1. To cleanse the leavings or refuse of another's meal.
Jhuṭā uṭhā(ṭhe)ibā
এঁঠো তোলা
झुठा उठाना
୨ । ଅତି ହୀନ କର୍ମ କରିବା—
2. To do the most humiliating work.

ଝୁଠାଖିଆ—ଦେ. ବ—ପରର ଅଇଁଠା ଖାଇବା—
Jhuṭā-khiā Partaking of the leavings of another.
এঁঠোখেকো ଦେ. ବଣ. ପୁଂ—(ଗାଳି) ଅଇଁଠାଖିଆ—
झुठिहारा (a term of abuse) Partaking of the leavings of another.
(ଝୁଠାଖାଇ—ସ୍ତ୍ରୀ)

ଝୁଟି—ଦେ. ବ—କାନ୍ଥରେ ନାନାବର୍ଣ୍ଣରେ ଲେଖିବା ଚିତ୍ର; ଛବି; ଚିତ୍ରକଳା; ଝୋଟି—Drawings or paintings on the wall.
Jhuṭi
আলপনা

ଝୁଟୁଆ—ପ୍ରାଦେ. (ସିଂହଭୂମ) ବି—ଶିମ୍ବ—
Jhuṭuā Bean.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଝୁର୍ଡ଼ଙ୍ଗା—ପ୍ରାଦେ (ସମ୍ବଲପୁର) ବି—ଝୁର୍ଡୁଙ୍ଗ (ଦେଖ)
Jhurdṅgā Jhurduṅgā (See)
(ଝୁଡ଼ୁଙ୍ଗା, ଝୁନ୍‌ଗା—ଅନ୍ୟରୂପ)

ଝୁର୍ଡ଼ଙ୍ଗ—ଦେ. ବି—ଝୁର୍ଡୁଙ୍ଗ (ଦେଖ)—
Jhurdaṅga Jhurduṅga (See)

ଝୁର୍ଡ଼ି—ଦେ. ବି—ଟୋକେଇ —
Jhurdi Basket; scuttle.
ঝুড়ী, **ঝোৰা**

ଝୁର୍ଡ଼ୁଙ୍ଗ—ଦେ. ବି (ସଂ. ବର୍ବଟ)—୧ । ଏକପ୍ରକାର ଲଟି—
Jhurduṅga 1. A kind of pod-bearing creeper;
বরবটী Vigna Typisa.
बोड़ा
(ସଂ. ରାଜମାଷ, ମକୁଷ୍ଠକ, ବର୍ବଟ)
(ଝୁଡ଼ୁଙ୍ଗା—ଅନ୍ୟରୂପ)

ପୂର୍ବଦ୍ୱାରପଦେ ଝୁର୍ଡ଼ୁଙ୍ଗ ଡାଳ ଦେଲେ
ସବୁ ଭକ୍ଷ୍ୟ ତାଙ୍କୁ ମିଳଇ ଜାଣ ଭଲେ ।
କୃଷ୍ଣସିଂହ, ମହାଭାରତ ଅନୁଶାସନ ।

[ଦ୍ର—ଏହାର ଲଟା ଶିମ୍ବ ପରି । ଛୁଇଁ ଧଳା, କଳା ଓ ନାଲି ଭେଦରେ ୩ ପ୍ରକାର । ଏହା ବରଗଡ଼ା ଛୁଇଁ ପରି ଛୁଅଣରେ ବ୍ୟବହୃତ ହୁଏ । ଭଲ ବରଗଡ଼ା ଛୁଇଁ ଅପେକ୍ଷା ଏହା ଆକାରରେ ସରୁ । ଝୁର୍ଡ଼ୁଙ୍ଗ ଆକାରଭେଦରେ ୩ ପ୍ରକାର;—୧ । ବଡ଼—ଲମ୍ବରେ ୧॥୨ ଫୁଟ ବଢ଼େ । ୨ । ମାଙ୍କଡ଼ଦାନ୍ତିଆ—ଯେଉଁ ଖୁବ୍ ଚେମଡ଼ା; ଯେଉଁ ଖାଇ ହୁଏ ନାହିଁ । ୩ । କାଠିଝୁର୍ଡ଼ୁଙ୍ଗ—ସରୁଆ ଓ ଛୁଇଁ ସାନ ।]

୨ । ଏକପ୍ରକାର ସମୁଦ୍ର ମାଛ—
2. A kind of sea-fish.

ଝୁର୍ଡ଼ୁଙ୍ଗା—ପ୍ରାଦେ (ସମ୍ବଲପୁର) ବି—ଝୁର୍ଡ଼ୁଙ୍ଗ (ଦେଖ)
Jhurduṅgā Jhurduṅga (See).

ଝୁଣ୍ ଝୁଣ୍—ଦେ. ଅ (ଧ୍ୱନ୍ୟନୁକରଣ)—ଝୁଣୁ ଝୁଣୁ (ଦେଖ)
Jhuṇ-jhuṇ Jhuṇu jhuṇu (See)

ଝୁଣ୍‌ଝୁଣିଆଁ—ଦେ. ବି—ଏକପ୍ରକାର ଔଷଧ ଗୁଳ୍ମ; ଝୁଣ୍‌ଝୁଣିକା—
Jhuṇ-jhuṇiañ A kind of herb.

ଝୁଣ୍‌ଝୁଣିଆ ଦେ. ବିଣ (ଧ୍ୱନ୍ୟନୁକରଣ)—୧ । ଜଳଶୂନ୍ୟ ହୋଇ ଭିନ୍ନ ଭିନ୍ନ ଖଣ୍ଡରେ ବିଭକ୍ତ ହୋଇଥିବା; (ବିପରୀତ ସୁରୁସୁରିଆ)
1. Reduced to separate bits after water is dried up from it.
(ଯଥା—ଶଜନା ଶାଗକୁ ଝୁଣ୍‌ଝୁଣିଆଁ କରି ଭାଜିଦିଅ ।)

୨ । ଯାହା ଝୁଣୁ ଝୁଣୁ ଶବ୍ଦ କରେ—.
2. Producing a metallic clank.

ଝୁଣା—ଦେ. ବି. (ସଂ. ଧୂନକ)—୧ । ଶାଳବୃକ୍ଷର ସୁଗନ୍ଧ ନିର୍ଯ୍ୟାସ—
Jhuṇā 1. Resin.
ধুনা
धूना, राल

ଝୁଣା ଲାଗି ହୁତ ହୋଇ ପୁଲକ କୁଠାରେ ।
ରାଧାନାଥ, ମହାଯାତ୍ରା ।

ସଂ. ସାଲ, ସାଲନିର୍ଯ୍ୟାସ, ଦେବେଷ୍ଟ

[ଦ୍ର—ଏହାର ଚୂର୍ଣ୍ଣକୁ ବଡ଼ ନିଆଁରେ ପକାଇଲେ ସୁଗନ୍ଧ ଧୂଆଁ ଉଠେ ।]

ଦେ. ସର୍ଜ୍ଜରସମ୍ଭ ୨ । ଚନ୍ଦରସ (ଦେଖ)
2. Chandarasa (See)

୩ । ଦନ୍ତ ଦ୍ୱାରା ଜୋରରେ ଆଘାତ କରି ଓଟାରିବା;
ଝୁଣିବା—3. Pulling a thing by pressing with the teeth.

୪ । ଜୋରପୂର୍ବକ ଦୋହିବା—
4. To milk with much pressure.

ঝুনা ୪ । (ସଂ. ଝୁଣି)—ଶୁଷ୍କିଲା ନଡ଼ିଆ; ଖୁରୁଡ଼ା ନଡ଼ିଆ—
4. Dried cocoanut.

ଝୁଣା(ଣେ)ଇବା—ଦେ. କି—ଝୁଣିବାର ଣିଜନ୍ତରୂପ—
Jhuṇā(ṇe)ibā Causative of Jhuṇibā.

ଝୁଣା ଗୁଗୁଳ—ଦେ. ବି (ସହଚର) (ସଂ. ଧୂନକ ଓ ଗୁଗ୍ଗୁଲ)—.
Jhuṇā guguḷa ଧୂପ ପାଇଁ ବ୍ୟବହୃତ ଝୁଣା ଓ ଗୁଗ୍ଗୁଳ—
ध नागुगल Resin and gum myrrh used as incense.
धूपधूना
(ଝୁଣାଗୁଗ୍ଗୁଳ—ଅନ୍ୟରୂପ)

ଝୁଣା ଗୋକଳ—ଗ୍ରା. ବି.—(ସଂ. ଧୂନା + ଗୁଗ୍ଗୁଲ)—
Jhuṇā gokaḷa ଝୁଣା ଗୁଗୁଳ (ଦେଖ)

ଝୁଣାଗୋଗୁଳ,
ଝୁଣାଗୋଗଲ, } —ଅନ୍ୟରୂପ Jhuṇā guguḷa (See)
ଝୁଣା ଗୋଗୁଲ

ଝୁଣି ପକା(କେ)ଇବା—ଦେ. କି—୧ । ଝୁଣିବା (ଦେଖ)
Jhuṇi pakā(ke)ibā 1 Jhuṇibā (See)

୨ । ଅଳି କରି କରି ବ୍ୟତିବ୍ୟସ୍ତ କରିବା—
2. To bother by repeated requests.

ଝୁଣିବା—ଦେ. କି.—(ସଂ. ଧୂର୍ବ ଧାତୁ ହନନେ; ଏହି ଧାତୁରୁ ସଂ. ଧୂର୍ଣ୍ଣି; ଧୂର୍ଣ୍ଣିରୁ ସଂ. ଝୁଣୀ=ଖୁରୁଡ଼ା ହୋଇଅଛି; ଭୁଲ ସଂ.
Jhuṇibā
ঝুনা ଟ୍ଟୋଲ୍ଡ)—୧ । ଟିକି ଟିକି କରି ଛିଣ୍ଡାଇବା—
मलाना 1. To tear to pieces or shreds.

ଙ୍କେ ନଳୀ ତାହାର ଧରି ଝୁଣି ଦେବ ।
କୃଷ୍ଣସିଂହ ମହାଭାରତ. ଅବ ।

୨ । ଭେକଟିବା; ଉପର୍ଯ୍ୟୁପରି ଦାନ୍ତରେ କାମୁଡ଼ିବା—
2. To bite repeatedly; to gnaw.

୩ । କ୍ଷତବିକ୍ଷତ କରିବା—3. To wound.
ଝୁମି କାମ ସଙ୍ଗେ ଝୁଣି ଦେବ ବିଳା ।
କବିସୂର୍ଯ୍ୟ, ଭ୍ରମରଗୀତ ।

୪ । ଦାନ୍ତରେ କାମୁଡ଼ି ଚୁଚୁମିବା ବା ଶୋଷିବା; ଦାନ୍ତରେ ଚାଣି ରସ ଶୁଷ୍କ କରିବା—4. To suck hard with pressed teeth.
(ଯଥା—ସବୁରି ବରଷର ବୁଢ଼ୀ ଆଈଙ୍କ କ୍ଷୀର ନ ଥିବା ଥନକୁ ମାଆଛେଉଣ୍ଡ ଅବୁଝା ଛୁଆଟି ସବୁବେଳେ ଝୁଣୁଛି ।)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଈଯ୍	ଊଅ	ଢ
୨	ଈ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍

୫ । ଝିଙ୍କିବା—
5. To pull with sudden jerks.

୬ । କମ୍ପାଇବା—6. To shake.
(ଯଥା ଶିର ଝୁଣିବା)

୭ । ଅତି ବିରକ୍ତ କରିବା—7. To tease; to pester.

ଝୁଣୀ(ଣି)—ସଂ. ବି—୧ । ଶୁଖୁଡ଼ା ନଡ଼ିଆ—
Jhuṇi(ṇi) 1]Dried cocoanuts from which water has a dried up.

୨ । ଶୁଖିଲା ଗୁଆ—2. Dry areca nut.

ଝୁଣୁଝୁଣିଆଁ—ଦେ. ବି ଓ ବିଣ—ଝୁଣଝୁଣିଆଁ (ଦେଖ)
Jhuṇujhuṇiañ Jhuṇ-jhuṇiañ (See)

ଝୁଣୁଝୁଣୁ—ଦେ. ଅ (ଧ୍ୱନ୍ୟନୁକରଣ)—ରୁଣୁଝୁଣୁ; ଘଙ୍ଗୁର ଆଦିର
Jhuṇujhuṇu ମଧୁର ଧ୍ୱନି—The sweet tinkling sound of ornaments.
রুনঝুন
झुनझुना [ଦ୍ର—ଝଣଝଣ ଅପେକ୍ଷା ଝୁଣୁଝୁଣୁ ମଧୁରତର ଓ କ୍ଷୀଣତର ଧ୍ୱନି ।]

ଝୁଣୁଝୁଣୁକା—ଦେ. ବି—ବନ୍ୟ ଗୁଳ୍ମବିଶେଷ—A wild plant
Jhuṇujhuṇukā Crotolaria Striata (Haines)

ଝୁଣ୍ଟ—ସଂ. ବି—(ଝୁଟ୍ ଧାତୁ = ସଙ୍ଘତହେବା ସ୍ଥାନରେ + କର୍ତ୍ତ୍ରି. ଅ; ନ
Jhuṇṭa ଆଗମ ଅ = ଉ)—୧ । କ୍ଷୁଦ୍ର ଗୁଳ୍ମ ବା ବୁଦା—1. Bush; shrub.

୨ । ଅକାଣ୍ଡ ବୃକ୍ଷ—2. Plant.

୩ । ବୃକ୍ଷ; ଗଛ—3. A tree. (Apte).

ଝୁଣ୍ଟା—ଦେ. ବି—(ସଂ. ଝୁଣ୍ଟ)—୧ । ଅକାଣ୍ଡ ବୃକ୍ଷ; ବୁଦା—
Jhuṇṭā 1. Shrub; bush.
ঝোপ
झाड़ी
झंड़ी ୨ । ରାଜା ବା ଦେବତାଙ୍କ ନାମ ଧରି ବା ଆଣ ପକାଇ କୌଣସି ବସ୍ତୁ (ଯଥା ଫସଲ)କୁ ଅଟକ କରିବା ନିମନ୍ତେ ଭୂମିରେ ପୋତାଯିବା ପତାକା ବା ବାଡ଼ି—2. A flag or pole put on the ground in the name of the king or a Deity to restrain a thing being removed therefrom.

হুচট্, হেঁচোট, উছোট
ठोकर ୩ । ଚାଲୁ ଚାଲୁ ଗୋଡ଼ର ଅଗ୍ରଭାଗ କୌଣସି କଠିନ ବସ୍ତୁଦ୍ୱାରା ଆଘାତ ପ୍ରାପ୍ତ ହେବା—3. Stumbling.

ଝୁଣ୍ଟାଇ ହେବା—ପ୍ରାଦେ (ସମ୍ବଲପୁର) କ୍ରି—ଝୁଣ୍ଟିବା (ଦେଖ)
Jhuṇṭāi hebā Jhuṇṭibā (See)

ଝୁଣ୍ଟା ଦେବା—ଦେ. କ୍ରି—ଝୁଣ୍ଟା ମାରିବା (ଦେଖ)
Jhuṇṭā ḍebā Jhuṇṭā māribā (See)

ଝୁଣ୍ଟା ମାରିବା—ଦେ. କ୍ରି—ରାଜା ବା ଦେବତାଙ୍କ ଆଣ ପକାଇ କୌଣସି
Jhuṇṭā māribā ପଦାର୍ଥ ବା ଫସଲକୁ ଅଟକ କରିବା ନିମନ୍ତେ ଭୂମିରେ ଗୋଟିଏ ପତାକା ପୋତିବା—To set up a flag on the ground in the name of the king or a Deity, restraining a thing thereon being removed by any person; formal injunction by way of fixing a pole on the ground.

ଝୁଣ୍ଟି—ଦେ. ବି—ଉତ୍ସବ ଓ ବିବାହାଦି ଉପଲକ୍ଷେ ପିଠଉରେ ଘରେ
Jhuṇṭi ଓ ଘର ବାହାରେ କାନ୍ଥରେ କରାଯିବା ଚିତ୍ରମାନ; ଝୋଟି—
আলপনা Figures drawn on the walls and floors of the house on festive occasions.

ଧର୍ଜନା କଳ୍ପଣା ଝୁଣ୍ଟି ଅଳ୍ପଣା ହୋଇଛି—ପ୍ରାଚୀ କୃଷ୍ଣନିରୂପଣଗୀତା ।

ପ୍ରାଦେ (ମେଦିନୀପୁର) ବି. (ସଂ. ଜୁଟ; ତୁଳ. ଏହି ଅର୍ଥରେ ବ. ଏହି ଶବ୍ଦ)—୧ । ମସ୍ତକର ଚୂଡ଼ା; ଚୁଟି; ମୁଣ୍ଡର ଗଣ୍ଠି—
1. A knot of hair on the head; chignon.

୨ । ଷଣ୍ଢ, ଓଟ ଆଦିଙ୍କ ଚୂଳ ବା ଚୂଡ଼ା—
2. Tuft or protuberance on the shoulder of the bull or camel.

ପ୍ରାଦେ (ସମ୍ବଲପୁର) ବି—ସକାଳୁ ଦୁଆରେ ଗୋବର ପାଣି ଛିଞ୍ଚିବା—
Sprinkling of water mixed with cowdung in the courtyard every morning.

ଝୁଣ୍ଟିଆ—ଦେ. ବି—ସ୍ତ୍ରୀମାନେ ଗୋଡ଼ର ମଝି ଅଙ୍ଗୁଠିରେ ପିନ୍ଧିବା
Jhuṇṭiā ମୁଦି କାଯୁକ୍ତ ଝଣ ଝଣ ଶବ୍ଦକାରୀ ଅଳଙ୍କାରବିଶେଷ—
আঙ্গঠা Tinkling ring for the 2nd fingers of the
अंगुठी leg; a ring (making a sound) worn by females on the small fingers of the leg.

ଝୁମୁ ଝୁମୁ ବଜାଇ ଝୁଣ୍ଟିଆ ଧୀର—ଗୋଲୋକ. ଇନ୍ଦୁରେଖା ।

ପ୍ରାଦେ (ସମ୍ବଲପୁର) ବି—ଗୋଡ଼ର ବୁଢ଼ା ଅଙ୍ଗୁଠିରେ ପିନ୍ଧା-ଯିବା ମୁଦି; ଚୁଟୁକି—A ring worn by females on the thumb.

ଝୁଣ୍ଟିବା—ଦେ. କ୍ରି—୧ । ଚାଲୁ ଚାଲୁ ଗୋଡ଼ର ଅଙ୍ଗୁଠି କୌଣସି
Jhuṇṭibā କଠିନ ପଦାର୍ଥରେ ଆଘାତ ପାଇବା—
পায়ে ঠোকর লাগা, হোচাট খাওয়া 1. To trip in walking.
ठोकर खाना to stumble; to tumble; to strike one's fingers of the leg against something rising out of the ground while walking.

ଝୁଣ୍ଟୁଛି କୁରଙ୍ଗୀ ଗମନ କାଳେ
ଝୁରୁଛି କୁରଙ୍ଗ ପରି ବସେଲେ—ଗୋଲୋକ ଇନ୍ଦୁରେଖା ।

୨ । ପ୍ରତିବନ୍ଧକରେ ପାଦାଗ୍ର ବାଜିବା ଯୋଗୁଁ ଗତିରୁଦ୍ଧ ହେବା; ପ୍ରତିହତଗତି ହେବା—
2. To have one's motion retarded by tripping or striking one's foot against something rising from the ground.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୩ । କୌଣସି କଥା କହୁ କହୁ ବା ପଢ଼ୁ ପଢ଼ୁ ଅଟକିଯିବା— 3. To stutter or stumble while speaking or reading.

୪ । (ଲକ୍ଷଣାର୍ଥ) ନ ଜାଣି ଭ୍ରମରେ କାର୍ଯ୍ୟ କରିବା; ଭ୍ରମଯୁକ୍ତ କାର୍ଯ୍ୟ କରିବା; ଭ୍ରାନ୍ତିରେ ପଡ଼ିବା; ଭୁଲକରିବା— 4. (figurative) To commit mistake or wrong; to transgress any rule unintentionally.

୫ । (ଲକ୍ଷଣାର୍ଥ) ଅନାଦର କରିବା; ଖାତିର ନ କରିବା— 5. (figurative) To disregard; not to care.

ଝୁଲି ଝୁଲି ଚାଲୁ ମୋତେ ମନେ, ଝୁମୁଝୁମୁ ତୋ ଝୁଣ୍ଟିଅ ନାଦେ
ଝଟତି ନଜର-ପ୍ରଭୃ-ଶୀର-ଶିର-ଝରକୁ ମୁଁ ଝୁଣ୍ଟିଯାଏ ପାଦେ ।
କବିସୂର୍ଯ୍ୟ, କବିତା ।

ପ୍ରାଦେ (ସମ୍ବଲପୁର) କ୍ରି—ସକାଳୁ ଅଗଣାରେ ଗୋବର ପାଣି ଛିଞ୍ଚିବା; ଛଡ଼ା ଦେବା—To sprinkle water mixed with cowdung in the courtyard on the morning.

ଝୁଣ୍ଟେଇବା— ପ୍ରାଦେ (ସମ୍ବଲପୁର ଓ ଆଠମଲ୍ଲିକ) କ୍ରି—ଝାଡ଼େଇବା; ଖରିକିବା—To sweep a place or house clean.
Jhunṭeibā

ଝୁନ୍‌ଗା—ପ୍ରାଦେ (ସମ୍ବଲପୁର) ବି—ଝୁର୍ଡୁଙ୍ଗ (ଦେଖ)
Jhun-gā Jhurdunga (See).

ଝୁନା—ପ୍ରାଦେ (ବସ୍ତର) ବି—ଝୁଣା (ଦେଖ)
Jhunā Jhuṇā (See)

ଝୁପ୍—ଦେ. ଅ—(ଧ୍ୱନ୍ୟନୁକରଣ) (ବଙ୍ଗଳାରୁ ଅନୁକୃତ)—ଝପ୍ (ଦେଖ)
Jhup Jhap (See)

ଝୁପ୍‌ଝାପ୍—ଦେ. ଅ—ଝପ୍‌ଝପ୍ (ଦେଖ)
Jhup-jhāp Jhap-jhap (See)

ନାଆ ଉପରୁ ମଙ୍ଗଧର, ନାହାଣିଆ, ବାଇଡ଼ା,
ସବୁଗୁଡ଼ାକ ଝୁପ୍‌ଝାପ୍ କରି ନଦୀରେ ପଡ଼ିଗଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଝୁପ୍‌ଝୁପ୍—ଦେ. ଅ—ଝିପ୍‌ଝିପ୍ (ଦେଖ)
Jhup-jhup Jhip-jhip (See)
(ଝୁପୁରଝୁପୁର, ଝୁପୁରୁଝୁପୁରୁ—ଅନ୍ୟରୂପ)

ଝୁବା—ଦେ. ବି—ଝବା ୧ (ଦେଖ)
Jhubā Jhabā 1 (See)

ଝୁମ୍‌କା—ଦେ. ବି—ଝୁମୁକା (ଦେଖ)
Jhum-kā Jhumukā (See)

ଝୁମ୍‌ଝୁମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଅଳଙ୍କାରାଦିର ମଧୁର କ୍ୱଣନ ବା ଝଣିଝଣି ଧ୍ୱନି—Sweet rattling noise of ornaments while moving.
Jhum-jhum
(ଝୁମୁଝୁମୁ—ଅନ୍ୟରୂପ)

ଝୁମ୍‌ଝୁମ୍‌କା—ଦେ. ବି—ଝୁମୁଝୁମୁକା (ଦେଖ)
Jhum-jhumkā Jhumu-jhumukā (See)
(ଝୁମୁଝୁମୁକା—ଅନ୍ୟରୂପ)

ଝୁମ୍‌ରା—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହ)—୧ । ତନ୍ଦ୍ରା—1. Nap.
Jhum-rā
(ଝୁମୁରା—ଅନ୍ୟରୂପ) ୨ । ଢୁଲାଇବା; ଘୁମାଇବା— 2. Dozing.

ଝୁମ୍‌ରା(ରେ)ଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଘୁମାଇବା; ଢୋଲାଇବା—To doze.
Jhumrā(re)ibā
(ଝୁମୁରିବା—ଅନ୍ୟରୂପ)

ଝୁମରି—ପ୍ରାଦେ. (ସିଂହଭୂମ) ବି—ରାଗିଣୀବିଶେଷ—
Jhumari A metre.

ଝୁମା—ଦେ. ବି. (ସଂ. ଘୂର୍ଣ୍ଣି; ସଂ. ଝମ୍ପ)—୧ । ମୂର୍ଚ୍ଛା; ଭ୍ରମ—
Jhumā 1. Fainting; swoon; stupor.

୨ । ନିଶା ଘୋଳରେ ଟଳିବା— 2. Reeling with intoxication.

୩ । ନିଦ ଘୋଳରେ ଟଳିବା— 3. Reeling with drowsiness.

ପ୍ରାଦେ. (ସମ୍ବଲପୁର) ବି—ଝୁମ୍‌ରା (ଦେଖ) Jhumrā (See).

ଝୁମିବା—ଦେ. କ୍ରି. (ସଂ. ଘୂର୍ଣ୍ଣି)—
Jhumibā ୧ । ମୂର୍ଚ୍ଛା ବା ଭ୍ରମରେ ମୁଣ୍ଡ ବୁଲାଇବା— 1. To reel; to feel giddy.
ଝିମା

ଝୁମନା
ଝୁମାଇବା } ଅନ୍ୟରୂପ
ଝୁମେଇବ

ଅଶ୍ୱପୃଷ୍ଠୁ ଖସିଲେ ଦେହରୁ ଜ୍ଞାନ ଗଲା
ପଡ଼ନ୍ତେ ରଥେ ଝୁମି ରହିଲେ ବନମାଳୀ—
କୃଷ୍ଣସିଂହ, ମହାଭାରତ. ଦ୍ରୋଣ ।

୨ । ଘୁମାଇବା; ଢୁଲାଇବା—2. To doze.

ଝୁମି ଝୁମି ଲୁଚି ଚଳେ ରଥାର—କବିସୂର୍ଯ୍ୟ. କଳୋସାଦନ୍ତ୍ୟ ଚ. ଗୀତ ।

୩ । ଯୁଦ୍ଧ କରିବା—3. To fight.

ଝୁମି କାମବାଣେ ଝୁଣି ଦେବ ସିନା—କବିସୂର୍ଯ୍ୟ, ଚମ୍ପୁ ଗୀତ ।

ଝୁମୁକା—ଦେ. ବି. (ସଂ. ଘୂର୍ଣ୍ଣି)—
Jhumukā ୧ । ଶିଶୁମାନଙ୍କର ଖେଳନାବିଶେଷ— 1. Children's rattle.
ଝୁମଝୁମି
ଝୁନଝୁନା
(ଝୁମୁକା—ଅନ୍ୟରୂପ)

[ଦ୍ର—ଏହା କାଠ ବା ଟିଣରେ ପ୍ରସ୍ତୁତ । ଏହା ଫମ୍ପା ଓ ଏଥି ଭିତରେ ଗୋଡ଼ି ପୂରା ଯାଇଥାଏ । ଏହାର ବେଣ୍ଟ ଧରି ହଲାଇଲେ ଏହା ଝୁମୁଝୁମୁ ବାଜେ ।]

୨ । ଅନେକଗୁଡ଼ିଏ ଛୁଗୁଲା ଲୁହା ମୁଦି ଆ ଲାଗିଥିବା ଗୁଡ଼ିଆମାନଙ୍କର ବୃତ୍ତାକାର ବଳା— 2. A circular ring with smaller loose ones attached to it used by confectioners while going out to hawk sweetmeats.

[ଦ୍ର—ଗୁଡ଼ିଆମାନେ ମିଷ୍ଟାନ୍ନ ବୋଝ ଧରି ବିକି କରିବା ଉଦ୍ଦେଶ୍ୟରେ ବୁଲିବା ସମୟରେ ସେମାନଙ୍କର ଆଗମନ ବିଷୟ ଜନସାଧାରଣଙ୍କୁ ଜଣାଇ ଦେବା ନିମନ୍ତେ ଏହି ଝୁମୁକାକୁ ହାତରେ ଧରି ହଲାଉ ଥାଆନ୍ତି ।]

୧	ଢ଼	ଡ଼	ଇ,ୟ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇସ୍ତ	ଞ୍ଚ	ଞ
୨	ଢ	ଡ଼	ଈ	ଲୁ	ଚ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଜ	ନ୍

୩ । କାନର ଅଲଙ୍କାରବିଶେଷ; ସୁନାର୍ କାପ—
3. An earring with a round bob which revolves in the hole of the lobe of the ear.

ଝୁମକା ୪ । ଏକଜାତୀୟ ଲତା ଓ ତାହାର ଫୁଲ—
[illegible] 4. Passiflora; passion flower; Crotoleria Siricea (Haines).

[ଦ୍ର—ଏହି ଲତା ପ୍ରଥମେ ଅମେରିକାରୁ ଅଣାଯାଇ ଆଜି-କାଲି ଏ ଦେଶରେ ବଗିଚାମାନଙ୍କରେ ଏହା କୃଷିଜାତ ହୋଇଅଛି । ଏଥିର ଫୁଲ ବାଇଗଣି ରଙ୍ଗର, ଚକ୍ରାକାର, ସୁଗନ୍ଧ ଓ ପଞ୍ଚଦଳ । ଫୁଲର ଦାଢ଼ରେ ସୁନ୍ଦର କେଶରମାନ ଥାଏ । ଫୁଲ ବର୍ଷା ଦିନେ ଫୁଟେ । ଫୁଲର ଗନ୍ଧ ମୃଦୁମଧୁର । ଏ ଲତାର ପତ୍ର ତିନିକୋଣିଆ । ଏହାକୁ ବାଡ଼, ଜାଲି ବା ଡଙ୍ଗାରେ ମଡ଼ାଇଲେ ଏହା ଭଲ ମାଡ଼େ । ଏହାର ମୂଳରୁ ୧୫।୨୦ ହାତ ସୀମା ମଧ୍ୟରେ ଯେଉଁ ଯେଉଁଠାରେ ଭୂଇଁଚଲେ ଚେର ମାଡ଼ିଥାଏ ସେଠାରେ ଚେରରୁ ନୂଆ ଲତା ଗଜୁରେ ଏବଂ ଉକ୍ତ ଗଜୁରିଥିବା ଲତାକୁ ଚେର ଅଂଶ ସହିତ କାଟି ଅନ୍ୟତ୍ର ରୋପଣ କଲେ ଏହା ପୁଣି ନୂଆ ଲତା ପରି ମାଡ଼େ । ଏ ଦେଶରେ ଏହାର ମଞ୍ଜି ହୁଏ ନାହିଁ । ଲତାରୁ କଲମ କରିବାଦ୍ୱାରା ବା ଗଜୁରିଥିବା ଲତାରୁ ନୂଆ ଗଛ ହୋଇପାରେ । ଏହା ତ୍ରିବିଧ । ଯଥା— ୧. ଝୁମୁକା (ଲତା) -(ଉପରେ ଦେଖ) । ୨. ଶୁଦ୍ଧଝୁମୁକା— ଏହାର ଫୁଲ ଧଳା ଓ ମୃଦୁ ସୁଗନ୍ଧଯୁକ୍ତ— White passiflora. ୩. ବଣଝୁମୁକା—ଫୁଲ ଧଳା ଈଷତ୍ ଦୁର୍ଗନ୍ଧ— Passiflora Foetida.]

ଝୁମୁକି— ଦେ. ବି—ନାଚିବା ସମୟରେ ଗୋଡ଼ରେ ବନ୍ଧା ଯିବା ଘୁଙ୍ଗୁର
Jhumuki ବା ଘାଗୁଡ଼ି—Tinkling bells strung together and worn round the ankle of dancers.

ଝୁମୁକି କଠ(ଠା)ଉ—ଦେ. ବି—ଘୁଙ୍ଗୁର ଲାଗିଥିବା କାଷ୍ଠ ପାଦୁକା—
Jhumuki katha(thā)u Wooden sandals with tinkling bells attached to them.
ମୁହିଁ ମାଡ଼ୁଥିବି ଝୁମୁକି କଠଉ ଶବଦ ଶୁଣାଉଥିବି—ଚଉ ।

ଝୁମୁକି ବାଡ଼ି—ଦେ. ବି—ଘୁଙ୍ଗୁର ଲାଗିଥିବା ଯଷ୍ଟି—
Jhumuki bārdi A stick with tinkling bells.

ଝୁମୁଝୁମ୍‌କା—ଦେ. ବି—ବନ୍ୟ ଛଣପଟ ଗୁଳ୍ମ (ଛଣପଟ ଦେଖ)—
Jhumu-jhum-kā Wild flax hemp (See Chhana-pata).
(ଝୁମୁଝୁମୁକା—ଅନ୍ୟରୂପ)

ଝୁମୁଝୁମୁ—ଦେ. ଅ.—ଝୁମ୍‌ଝୁମ୍ (ଦେଖ)
Jhumu-jhumu Jhum-jhum (See)
[illegible]ଝୁମ୍ ତୋ ଝୁଣ୍ଟିଆ ନାଦେ—କବିସୂର୍ଯ୍ୟ, କବିତା ।

ଝୁମୁର ଝୁମୁର—ଦେ. ଅ—ଝୁମ୍‌ଝୁମ୍ (ଦେଖ)
Jhumur jhumur Jhum-jhum (See)
(ଝୁମୁରୁଝୁମୁରୁ —ଅନ୍ୟରୂପ) [ଦ୍ର—ଏହା 'ଝୁମ୍‌ଝୁମ୍' ଅପେକ୍ଷା ମଧୁରତର ଧ୍ୱନିର ଧ୍ୱନ୍ୟାତ୍ମକ ।]

ଝୁମୁରିବା—ଦେ. କ୍ରି—ଝୁମୁରୁ ଝୁମୁରୁ ଶବ୍ଦ ଉତ୍ପାଦନ କରିବା—
Jhumuribā To produce a tinkling sound.
ঝুমু ঝুমু করা झमझमाना

ଝୁମ୍ପଇ—ଦେ. (ପଦ୍ୟ) ବି—ଝୁମ୍ପି (ଦେଖ)
Jhumpai Jhumpi (See)
ଝୁମ୍ପଇ ଚଢ଼ାଇ ମଦନେ ଲଢ଼ାଇ ବଢ଼ାଇ କି ବନାଇଲେ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଝୁମ୍ପା—ଦେ. ବି—୧ । ଫିତା ବା ପାଟଫୁଲ ଅଗରେ ଲାଗିଥିବା ଫୁଲ—
Jhumpā 1. Tassel; flower-like design attached to the ends of dressing tapes.
ঝাপা, থোপা
झब्बा

୨ । ଗୁଚ୍ଛ ବା ଥୋପା; ଫେନ୍ଦା—2. Cluster.
ଗଜ ମୁକୁତା ଝୁମ୍ପା ଫଳ । ଭୂପତି. ପ୍ରେମପଞ୍ଚାମୃତ ।

୩ । ମୁଣ୍ଡର ଜୁଡ଼ାରେ ପିନ୍ଧାଯିବା ପାଟଫୁଲ ଅଗରେ ଲାଗିଥିବା ଫେନ୍ଦା ବା ଗ୍ରନ୍ଥିଚୟ—3. Tassels or cluster of knots tied to the end of a tape for the chignon.

୪ । (ବଣିଆ ଶବ୍ଦ) ଝୁଲୁଥିବା ଅଲଙ୍କାରର ଗୁଚ୍ଛଯୁକ୍ତ ଅଂଶ ବିଶେଷ—4. Tassellated pendants.

ପ୍ରାଦେ. (ଗଡ଼ଜାତ) ବି—ଢୁମ୍ପା (ଦେଖ)
Dhumpā (See)

ଝୁମ୍ପା ଗୀତ—ଦେ. ବି—ଢୁମ୍ପା ବାଦ୍ୟ ବଜାଇ ବୋଲିବା ଗୀତ—
Jhumpā-gita Songs sung in accompaniment of Dhumpā drum.

ଝୁମ୍ପାଲଗା—ଦେ. ବି—(ଅଲଙ୍କାରାଦି) ଯହିଁରେ ଝୁମ୍ପା ବା ଫେନ୍ଦା
Jhumpā-lagā ଲାଗିଥାଏ—(ornament etc) Having pendants; tassellated.
झब्बेदार

ଝୁମ୍ପି—ଦେ. ବି—୧ । ସ୍ତ୍ରୀ ଲୋକଙ୍କ କର୍ଣ୍ଣାଲଙ୍କାରବିଶେଷ; ଫିରିଫିରି—
Jhumpi 1 Earring with pendants hanging from the bores in the upper helix of the ear.
ঝুপী
झब्बा

୨ । କପାଳ ଉପରକୁ ଲମ୍ବିଥିବା ବାଳ; ଚୂର୍ଣ୍ଣକୁନ୍ତଳ—
2. Ringlets of hair hanging down the forehead.

୩ । ଝୁମ୍ପା (ଦେଖ)— 3. Jhumpā (See)

ଝୁମ୍ପି ବରଡ଼ାଲୁ—ପ୍ରାଦେ. (ଗଞ୍ଜାମ) ବି—ଝୁଲୁଥିବା ମଲକଡ଼ି—
Jhumpi barārdālu A kind of hanging ornament worn on the upper part of the ear.

ଝୁମ୍ପୁଡ଼ି—ଦେ. ବି—୧ । ବନ୍ୟ ଗୁଳ୍ମବିଶେଷ—
Jhumpurdi 1. A kind of wild plant.
(ଝୁମ୍ପୁଡ଼—ଅନ୍ୟରୂପ) [ଦ୍ର—ଏହାର ଫୁଲ ଚଉଡ଼ିଲ ଏବଂ ପତ୍ର ପରି ସବୁଜ ବର୍ଣ୍ଣ । ଏହା ବର୍ଷା ଦିନେ ଫୁଟେ । ଫୁଲ ଭିତରେ କାଇଁଚ ଆକାରର ଗୋଟିଏ ମଞ୍ଜି ଥାଏ । ଏ ଗଛ ୩୪ ହାତ ଉଚ୍ଚ

ସାଧାରଣ ଲୋକେ ଅପଭ୍ରଂଶ ଶବ୍ଦରେ ସ୍ୱତନ୍ତ୍ର ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚନ୍ଦ୍ରବିନ୍ଦୁ ବ୍ୟତୀତ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଇଁ' ଖୋଜିବେ; 'କୁଅ' ନ ମିଳିଲେ 'କୁଅଁ' ଦେଖିବେ; 'ବହି' ନ ପାଇଲେ 'ବହିଁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଁକା' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ହୁଏ । ଏହା କଣ୍ଟକମୟ; ଏହାର ଦନ୍ତସୂକ୍ଷ୍ମ ଫୁଲକୁ ଲୋକେ ଶାଗ କରି ଖାଆନ୍ତି ।]

୨ । ଝାମ୍ପୁଡ଼ା ବା ବିସ୍ତୃତ ଗୁଳ୍ମ— 2. Small bushy plant.

ଝୋପ ୩ । କ୍ଷୁଦ୍ର ବୃକ୍ଷ—3. Bush; shrub.

ଝୁପରୀଘର ୪ । ଋଷିମାନଙ୍କ ଆଶ୍ରୟ କମଳ୍ପେ କରିଥିବା ଛାୟା; ଝୋଁପାଡ଼, ଝୁପଡ଼ୀ ପର୍ଣ୍ଣଶାଳା—4. Shed made of leaves and branches.

୫ । କୁଡ଼ିଆ—5. Cottage; cabin; hut.

ଝୁମ୍ପୁଡ଼ି ଘର—ଦେ. ବି.—ଛୋଟ ଓ ନୀଚ ଘର; ମେଣ୍ଢାକୁଡ଼ିଆ ପରି ଘର; Jhumpurdi ghara କୁଡ଼ିଆ—A low hut; a cottage as ଝୁପରୀଘର high as a bush. ଝୋପଡ଼ୀ

ଝୁମ୍ପୁଡ଼ି ବଣ—ଦେ. ବି.—ଯେଉଁ ବଣ ବୁଦ-ବୁଦିକିଆ ଗୁଳ୍ମରେ ପୂର୍ଣ୍ଣ— Jhumpurdi bana A wood full of shrubs. ଝୁପୀବନ

ଝୁମ୍ପୁଡ଼ିମୁଣ୍ଡି—ଦେ. ବିଣ. ସ୍ତ୍ରୀ.—ଝାମ୍ପୁଡ଼ାମୁଣ୍ଡାର ସ୍ତ୍ରୀଲିଙ୍ଗ— Jhumpurdi-mundi Feminine of jhāmpurdāmundā

ଝୁମ୍ପୁରି (ଇତ୍ୟାଦି)—ଗ୍ରା. ବି.—ଝୁମ୍ପୁଡ଼ି ଇତ୍ୟାଦି (ଦେଖ) Jhumpuri (etc) Jhumpurdi etc. (See)

ଝୁରଝୁର—ଦେ. ଅ. (ଧ୍ୱନ୍ୟନୁକରଣ)—କୌଣସି ଚୂନା ଖୁଆଳିଆ ପଦାର୍ଥ Jhurjhur ଝଡ଼ ପଡ଼ିବାର ଅନୁଚ୍ଚ ଶବ୍ଦ; ଝୁର୍ ଝୁର୍— Low rumbling sound of crumbling particless of small bits or grains.

ପ୍ରାଦେ. (ସମ୍ବଲପୁର) ବିଣ (ସ୍ତ୍ରୀ. ଝୁରୀ)—୧ । ଅତି ବୃଦ୍ଧ (ବ୍ୟକ୍ତି)— 1. Very old (person).

(ଝୁରୁଝୁରୁ—ଅନ୍ୟରୂପ) ୨ । ମୁମୂର୍ଷୁ—2. Dying; about to die.

ଝୁରବା—ପ୍ରାଦେ. (ସମ୍ବଲପୁର) କ୍ରି—(ଅଗ୍ନିର ଉତ୍ତାପ)ଦେହକୁ ବାଧିବା— Jhur-bā To affect with heat (said of fire).

(ଯଥା—ନିଆଁ ବହୁତ ଝୁରଲା ।)

ଝୁରମାଇବା—ପ୍ରାଦେ. (ସମ୍ବଲପୁର ଭୁଲ. ହି. ଝୁମନା) କ୍ରି—ଢୁଲାଇବା— Jhur-māibā To doze.

ଝୁରଲା—ପ୍ରାଦେ. (ସମ୍ବଲପୁର) ବି—ପତଙ୍ଗବିଶେଷ; ଅସର୍ପା— Jhur-lā Cockroach.

ଝୁରା—ଦେ. ବି. (ସଂ. ଧୁର, ଯୁଗନ୍ଧର)— Jhurā ୧ । ଶଗଡ଼-ଯୁଆଳିର ମଧ୍ୟଭାଗ (ଯେଉଁଠାରେ ଶଗଡ଼-ଦଣ୍ଡାର ଅଗ୍ରଭାଗ ଯୁଆଳି ସଙ୍ଗେ ସଂଯୋଜିତ ହୁଏ)— 1. The middle of the yoke to which the shaft of a cart is attached; the front end of the beam of a cart which is attached to the middle of the yoke.

ଚୂର, ଝୁରୀ ୩ । (ସଂ. ଚୂର୍ ଧାତୁ = ଚୂର୍ଣ୍ଣ କରିବା)—ଚୂର୍ଣ୍ଣ; ଚୂନା— ଝୁରଝୁରୀ 3. Powder.

୨ । କୌଣସି ବସ୍ତୁର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—2. Small particles of any thing; crumbs.

ଝୁରା ୪ । ବିରହର ସନ୍ତାପ; ପ୍ରିୟ ବ୍ୟକ୍ତିର ବିଚ୍ଛେଦଜନିତ ଝୁରନା ଶୋକ; ଝୁରିବା—4. Pining after one's absent beloved.

ପ୍ରାଦେ. (ଗଞ୍ଜାମ ଓ କୋରାପୁଟ) ବି—ଶଗଡ଼ ଯୁଆଳିକୁ ଦଣ୍ଡାର ଅଗ ସଙ୍ଗେ ବାନ୍ଧିବାରେ ବ୍ୟବହୃତ ଚମ ଦଉଡ଼ି— The thong joining the shaft of a cart to the middle of the yoke.

[ଦ୍ର—କଟାଦଉଡ଼ିକୁ ଗଡା କହନ୍ତି ।]

ଦେ. ବିଣ.—୧ । ଅଗ ପାଖରେ ବୋଝେଇ ବେଶୀ ହେବା ଯୋଗୁଁ ଅଗ ପାଖ ଭାରି ହୋଇଥିବା (ଶଗଡ଼)— 1. Front-heavy; (cart) which has become heavier in the front.

(ଭୁଇଁର, ଝପାଳିଆ—ବିପରୀତ)

୨ । ଚୂର୍ଣ୍ଣିତ—2. Powdered.

୩ । କ୍ଷୁଦ୍ର କ୍ଷୁଦ୍ର, ସ୍ୱଳ୍ପ ଖଣ୍ଡବିଶିଷ୍ଟ— 3. Consisting of tiny bits.

(ଯଥା—ମାଛର ଝୁରା ଭଜା ।)

ପ୍ରାଦେ.—୧ । (ପୁରୀ) ବିଣ.—ଅତି ମାତ୍ରାରେ; ଅତ୍ୟଧିକ, ଅଜସ୍ର (ଭୋଜନ)—1. (Eating) To one's fill.

୨ । (ବିହାରମୂ) ବିଣ.—ଛୋଟ ଛୋଟ; ଚୂନା ଚୂନା— 2. Small bits of; tiny grains of.

(ଯଥା—ଝୁରା ଧାନ ।)

ପ୍ରାଦେ. (ପୁରୀ)—ବି.—ଅତି ଭୋଜନ ଯୋଗୁଁ ଅନୁଭୂତ ଅସ୍ୱାଚ୍ଛନ୍ଦ୍ୟ—Uneasiness felt after over-eating.

ଝୁରା କାଠି—ପ୍ରାଦେ. (ଗଡ଼ଜାତ) ବି.—ଶଗଡ଼ର ଯୁଆଳି— Jhurā kāthi The yoke of a cart.

ଝୁରା ଡିହ—ଦେ. ବି.—ଶଗଡ଼ ଦଣ୍ଡାର ଅଗ ଓ ଯୁଆଳି ମଧ୍ୟସ୍ଥଳ ସଂଯୁକ୍ତ Jhurā diha ହେବା ସ୍ଥାନ—The centre of the yoke tied to the front end of the beam of a cart.

ଝୁରା ଭଜା—ଦେ. ବି.—ଜଳାଯାକ ଭାଜିବାର ଫଳରେ ଚୂନା ଚୂନା Jhurā bhajā ହୋଇ ଭଜା ହୋଇଥିବା ମାଛ— ଝୁରିଭାଜା Fish fried to powder.

ଝୁରା ଭାର—ଦେ. ବି.—୧ । ଶଗଡ଼ର ଅଗ ପାଖରେ ବେଶୀ ବୋଝେଇ Jhurā bhāri ହେବା ଅବସ୍ଥା—1. The state of being over-loaded at the front (said of a cart).

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଙ୍ଗ୍ୟ	ଞ୍ଚ	ଢ
୨	ଈଂ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଙ୍ଗ	ଙ୍କ	ନ୍ତ

୨ । ଅତିଭୋଜନ ଯୋଗୁଁ ଅନୁଭୂତ ଅସ୍ୱାଚ୍ଛନ୍ଦ୍ୟ— 2. Uneasiness felt after overeating.

ଝୁରା ମାଟି—ଦେ. ବ.—କ୍ଷୁଦ୍ର କ୍ଷୁଦ୍ର ମୃତ୍ତିକାଖଣ୍ଡମାନ—
Jhura mati — Loose bits of earth.

ଝୁରି—ଦେ. ବ.—ଛୋଟ ଛୋଟ ଡାଳ କାଠ—
Jhuri — Twigs for fuel.
ପ୍ରାଦେ. (ଗଡ଼ଜାତ) ବ.—୧ । କ୍ଷୁଦ୍ର ଗଛ—1. Plant.
୨ । ଚୂନା—2. Powder.
ପ୍ରାଦେ. (ସମ୍ବଲପୁର) ବ.—ଛୋଟ ମାଛ; ଚୂନାମାଛ— Small fish (e. g. fry).
ଡଗର ଝୁରିର ଝୋଲ୍ । ଚଗ ।
ପ୍ରାଦେ.—(ଗଞ୍ଜାମ) ବୈଦେ. (ଛେ.) ବି.—ଠାକୁରାଣୀଙ୍କ ଆଗରେ ଭୁଲୁଡ଼ା ଅଦ ବଳ ଦେବା ଉପଲକ୍ଷରେ ଠାକୁରାଣୀଙ୍କ ନାମରେ ତାଙ୍କ ଆଗେ ଟିକିଏ ମଦ ଢାଳି ଢାଳ ଦେବା—An oblation of wine made to a village–Goddess on the occasion of killing a victim.

ଝୁରିବା—ଦେ. କି.—(ସଂ. ଝୁ ଧାତୁ=ଜଳକୁ ପଡ଼ିବା)—୧ । ପ୍ରିୟ
Jhuriba ବ୍ୟକ୍ତିର ବିଚ୍ଛେଦରେ ଅଶ୍ରୁମୋଚନ କରିବା—
ঝুরা 1. To shed tears after an absent dear
झुरना person.
ଝୁରୁଥିବ ପ୍ରେୟସୀ ନାହିଁ କହିଲେ । ରାଧାନାଥ. ମେଘଦୂତ ।
୨ । ଅନୁପସ୍ଥିତ ପ୍ରିୟ ବ୍ୟକ୍ତି ବା ବସ୍ତୁର ଗୁଣ ସ୍ମରଣ କରି ଅହରହଃ ଶୋଚନା କରିବା—2. To pine after or bemoan an absent dear person or thing.
ଝୁରିବାର ଏକା ହୋଇବ ସାର ।
କବିସୂର୍ଯ୍ୟ ବଳଦେବରଥ. ଝ. ଗୀତ ।
୩ । ପ୍ରତିବେଶୀ ବା ପ୍ରତିଦ୍ୱନ୍ଦ୍ୱୀର ସୁଖରେ ଈର୍ଷାନ୍ୱିତ ହୋଇ ଆପଣାର ଦୁର୍ଭାଗ୍ୟକୁ ନିନ୍ଦା କରିବା ବା ଶୋଚନା କରିବା; ପରଶ୍ରୀକାତର ହେବା—3. To bemoan one's lot by envying the good fate of one's neighbour or rival.
[ଯଥା—ତାର ସୁଖ ଦେଖି ସାଇପଡ଼ିଶା ଝୁରି ମରୁଛନ୍ତି ।]

ଝୁରି ଭଜା—ଦେ. ବ.—ଝୁରା ଭଜା (ଦେଖ)
Jhuri bhaja — Jhura bhaja (See)

ଝୁରୁଲା—ପ୍ରାଦେ. (ଗଡ଼ଜାତ) ବ.—ଅସରପା
Jhurula — Cockroach.

ଝୁର୍ମାଇବା—ପ୍ରାଦେ. (ସମ୍ବଲପୁର) କି—ଘୁମାଇବା—
Jhurmaiba — To doze.

ଝୁଲ୍‌ପି—ପ୍ରାଦେ. (ସମ୍ବଲପୁର) ବି.—ଜୁଲ୍‌ପି (ଦେଖ)
Jhul-pi — Jul-pi (See)
(ଝୁଲପ୍, ଝୁଲୁପ୍, ଝୁଲୁପି—ଅନ୍ୟରୂପ)

ଝୁଲ୍‌ପିଆ—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଯେଉଁ ବ୍ୟକ୍ତି ଜୁଲ୍‌ପି ବାଳି
Jhul-pia ରଖେ—Having the hair cropped up to
(ଝୁଲ୍‌ପିଆ—ଅନ୍ୟରୂପ) hang down to the neck.

ଝୁଲ୍‌ପୁଲ୍—ପ୍ରାଦେ. (ବାମଣ୍ଡା ଓ ସମ୍ବଲପୁର) ବି—ବଡ଼ସକାଳ; ଉଷା;
Jhul-pul ବଡ଼ଭୋର—Early morning.

ଝୁଲ—ଦେ. ବ. (ସଂ. ଝୁଲ ବା ଧୂଳ ଧାତୁ (Beams); ତମ୍ଭା ସଂ. ଝୂଲ;
Jhula ସଂ. ଦୁଲ ଧାତୁ)—୧ । ଘରର ଅଳନ୍ଧୁ; ଧୂମମାର; ଅଳନ୍ଧମ;
ঝুল 1. Soot hanging from the roof.
झूल ୨ । (ଝୁଲ. ସଂ. ଅଳନ୍ଧଲ=ଜ୍ୱଳନ୍ତା ଅଙ୍ଗାର) ଅଗ୍ନିଷ୍ଫୁଲିଙ୍ଗ; ଅଗ୍ନିକଣା—2. Sparks of fire.
ନଥିଁ ଝୁଲ ସବୁ ଲୁଗାପଟାସାକ ଭୂଇଁ ପଡ଼ିଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୩ । ମୟୂରର ପୁଚ୍ଛ—3. Peacock-tail.
୪ । (ସଂ. ଦୁଲ ଧାତୁ) ହାତୀପିଠିରେ ପକାଯାଉଥିବା ଅସ୍ତରଣ—4. The ornamental cover or cloth laid on the back of an elephant.
୫ । ଯାହା ଝୁଲୁଥାଏ ବା ଝୁଲି ପଡ଼ିଥାଏ; ଲମ୍ବମାନ—5. A hanging or dangling thing.
୬ । ଚଳରେ ଗୋଡ଼ ପଶିଥିବାରୁ ବାଜୁଥିବା ଏକପ୍ରକାର ଝୁଣ୍ଟିଆ—6. A kind of tinkling ring for the 2nd finger of the leg.
ପ୍ରାଦେ. (ବାଲେଶ୍ୱର) ବ. (କେତେ ସ୍ଥାନରେ ଝୁଲ ହୋଇଥାଏ)—ତିଅଣର ଅଣ; ଝୋଳ—Soup of curry; broth.

ଝୁଲଙ୍ଗୋ—ପ୍ରାଦେ. (ସମ୍ବଲପୁର) ବଣ(ସଂ. ଦୁଲ ଧାତୁ)—ଶ୍ଳଥ; ଢିଲା—
Jhulango — Loose; slack.
(ଯଥା—ଖଟର ଅଟନ୍ ଭଲ ଭିଡ଼ା ହୋଇ ନ ଥିବାରୁ ଖଟଟି ଝୁଲଙ୍ଗୋ ହୋଇଗଲା ।)

ଝୁଲଣ—ଦେ. ବ. (ସଂ. ଦୋଳନ)—୧ । ଦୋଳନ; ଦୋଳଖେଳିବା—
Jhulana — 1. Swinging.
ঝুলন; দোলন ୨ । ଶ୍ରାବଣ ଶୁକ୍ଳଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ
झूलन ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କର ଦୋଳରେ ଝୁଲିବା ଉତ୍ସବ—2. The ceremony or festival of swinging of the Deities Radha and Krushna in a swing from the 10th of the bright fort–night of Srabana upto the fullmoon day.
[ବ୍ରଜପୁରୀ ଓ ବୃନ୍ଦାବନରେ ଏହି ଯାତ୍ରା ଉପଲକ୍ଷରେ ବିଶେଷ ଉତ୍ସବ ହୁଏ ।]

ଝୁଲଣ ହାତୀ—ପ୍ରାଦେ. (ସମ୍ବଲପୁର) ବ—ଯେଉଁ ହାତୀ ଠିଆ ହୋଇଥିଲା
Jhulana hati ବେଳେ ଝୁଲୁଥାଏ—An elephant that rocks to and fro while standing.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସିବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝୁଲଣା—ଦେ. ବି. (ସଂ. ଦୋଳନ)—୧ । ଝୁମ୍ପା; ଫୁଲ—
Jhulaṇā 1. Tassel.
୨ । ଦୋଳି—2. Cradle; a swing.

'ଝୁଲ ବଉଳା ରତ୍ନ ରଙ୍ଗେ
ଝୁଲଣା ସଖୀକୃଷ୍ଣର ଯେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝୁଲପି—ବୈଦେ. ବି. (ଫା)—ଝିଲପି (ଦେଖ)
Jhulapi Jhilapi (See)

ଝୁଲ—ଦେ. ବି. (ସଂ. ଦୁଲ ଧାତୁ)—୧ । ଝୁଲିବା—
Jhula 1. Swinging; rocking.
ঝুলা; ঝোলা
झूला; झोला
ପଦ ପଦକରେ ଯାଚ ଦେଉଥାଏ ଶକପଦ ମଣି ନଅଟ୍ଟ । କବିସୂର୍ଯ୍ୟ. ସଙ୍ଗୀତ ।

୨ । ଦେହର ଇତସ୍ତତଃ ଚାଳନ—
2. Bodily movement to and fro.

ଝୁଲ ମଞ୍ଜୁଳ ତୋ ଲଗମ ଛବିକି ସଙ୍ଗମ ସହସ୍ର ଅଉଛେ ।
କବିସୂର୍ଯ୍ୟ. ସଙ୍ଗୀତ ।

୩ । ଦଣ୍ଡି; ନାସିକାର ଅଳଙ୍କାରବିଶେଷ—
3. A nose-ring with a pendant.

ନାସା ତଳ ଫୁଲ ତଳେ ଝଲମଲ ବୁଲାକ ଝୁଲ କି ମାନୁଅଛି ।
କବିସୂର୍ଯ୍ୟ. ସଙ୍ଗୀତ ।

୪ । ଦୋଳା; ଦୋଳି—
4. Cradle; swinging basket.
୫ । ସଙ୍ଗୀତର ଏକପ୍ରକାର ସହଜ ତାଳ—
5. Name of a light air in music.
୬ । ଝୋଲ (ଦେଖ)—6. Jholā (See)
୭ । ହାଣ୍ଡୋଲା; ଯାନବିଶେଷ—
7. A swinging sedan chair.
[ଦ୍ର—ଏହା ମୁଣି ପରି ବାଉଁଶ ମଝିରେ ଝୁଲୁଥାଏ । ଏଥିରେ ମନୁଷ୍ୟ ବସିଲେ ବାହକମାନେ ବାଉଁଶର ଦୁଇ ମୁଣ୍ଡକୁ କାନ୍ଧେଇ ଏକ-ସ୍ଥାନରୁ ଅନ୍ୟସ୍ଥାନକୁ ଯାଆନ୍ତି ।]
୮ । ଝୁଲାପୋଲ; ଯେଉଁ ପୋଲ ଉପରେ ଥିବା ଦଉଡ଼ିକୁ ହାତରେ ଧରି ତହିଁରେ ଝୁଲିଲା ପରି ହୋଇ ମନୁଷ୍ୟମାନେ ପାର ହୁଅନ୍ତି—8. A swinging bridge which men pass by swinging on a rope.
(ଯଥା—ହରଦ୍ୱାରର ଉତ୍ତରରେ ଲକ୍ଷ୍ମଣଝୁଲା ।)

ଝୁଲା(ଲେ)ଇବା—ଦେ. କ୍ରି—'ଝୁଲିବା'ର ଣିଜନ୍ତରୂପ—
Jhulā(le)ibā Causative form of Jhulibā.
ঝুলান
झुलाना
ଝୁଲାଇ ନ ଦେଇ ରସକଲ୍ପବଲ୍ଲୀ ସଙ୍ଗୁମଙ୍ଗଳ ।
କବିସୂର୍ଯ୍ୟ. ରତ୍ନାକରତମ୍ଭ ।

ଝୁଲାଝୁଲି—ଦେ. ବି—ପରସ୍ପରକୁ ଝୁଲାଇବା—
Jhulā-jhuli Rocking each other by turns.

ଝୁଲି—ଦେ. ବି. (ସଂ. ଦୁଲ ଧାତୁ; ବେକରେ ଏହା ଝୁଲୁଥିବା ହେତୁ)—
Jhuli ୧ । ବୈଷ୍ଣବମାନଙ୍କର ମାଳ ଜପିବାର ମୁଣି; କୋଥଳି—
ঝুলী 1. Satchel; a wallet containing rosary.
झोरा
[ଦ୍ର—ଏଥିରେ ଜପମାଳି ଓ ତିଳକଅାଦି ଥାଏ ।]
୨ । ମୁଣା; ମୁଣି— 2. A pouch; a wallet.
୩ । ଭିକ୍ଷୁକର ମୁଣି—3. Beggar's wallet.
ପ୍ରାଦେ. (ସମ୍ବଲପୁର) ବି—୧ । ଡବଲ ଅଧ୍ୟା; ଦୁଇଧାଡ଼ି ହାଣ୍ଡି ବସିବା ଅଧ୍ୟା ବା ଲମ୍ବଚୁଲି—1. A long oven on which 2 rows of pots can be set at a time.
[ଦ୍ର—ଏହାରେ ଧାଡ଼ିଏ ମାତ୍ର ହାଣ୍ଡି ବସେ ।]
୨ । ଝିପା (ଦେଖ)—2. Jhipā (See)

ଝୁଲିପି—ବୈଦେ. ବି. (ଫା)—ଝିଲପି (ଦେଖ)
Jhulipi Jhilapi (See)

ଝୁଲିବା—ଦେ. କ୍ରି. (ସଂ. ଦୁଲ ଧାତୁ)—୧ । ତଳକୁ ଲମ୍ବି ହୋଇଲିବା-
Jhulibā 1. To swing down.
ঝুলা ୨ । ଲଟକିବା—
झूलना 2. To be suspended.

ତାଙ୍କର ଦାସ୍ୟାଦ ହୋଇ କହେ ବାରେ
ଝୁଲୁଥିବ କାନ୍ଧ ପଣତ କାନରେ । ଜଗନ୍ନାଥ. ଚରିତାର ।

୩ । ଓହୋଳପଡ଼ିବା—3. To dangle loosely.
୪ । ଫାସି ଲଟକାଇ ହେବା; ଫାସି ଯୋଡ଼ିବା—
4. To hang oneself.
୫ । ଚଳିବା; ଇତସ୍ତତଃ ଦୋଳାୟମାନ ହେବା—
5. To oscillate; to rock to and fro; to swing.

ଝୁଲି ଝୁଲି ଗଲୁ ମୋତେ ମତେ—କବିସୂର୍ଯ୍ୟ, କବିତା ।

[ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଝୁଲୁ—ପ୍ରାଦେ. (ସମ୍ବଲପୁର) ବି (ସଂ, ଚୁଲ୍ଲୀ)—ଅଧ୍ୟା; ଦୁଇରୁ
Jhulu ବେଶୀ ହାଣ୍ଡି ବସିବା ଚୁଲି—An oven on which more then 2 pots can be set at a time.

ଝୂଣି(ଳି)—ସଂ. ବି—୧ । ଏକଜାତୀୟ ଗୁବାକ—
Jhūṇi(ḷi) 1. A kind of betel-nut (Apte).
୨ । ଅମଙ୍ଗଳସୂଚକ ଶୂନ୍ୟ ଶବ୍ଦ—2. A voice from heaven boding ill luck (Apte).
୩ । ଅଶୁଭ ଶକୁନ—
3. An evil omen (Apte).
୪ । ଝାଡ଼ ଜଙ୍ଗଲ; ବୁଦାଳିଆ ବଣ—
4. Thicket (Apte).

ଝୃ (ଧାତୁ)—ଜୀର୍ଣ୍ଣ ହେବା; ପୁରୁଣା ହୋଇଯିବା—
Jhṛṛu (root) To grow old.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଣ,ଷ	ଜ୍ଞ	ଇୟ	ଉଅ	ଛ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଝ	ଦ୍ଧ

ଝେଗୁଣା ତ୍ରିଣା ରୁଣା—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଞ୍ଜରି ଉଚ୍ଚାରିତ
Jheguṇā triṇā riṇā ଶବ୍ଦବିଶେଷ—A catch-word of striking cymbals.

ଝେ ଝଙ୍କ ଝଙ୍କ ଝଙ୍କ ଝଞ୍ଜାଳ ଝଙ୍କେ
ଝେଗୁଣା ତ୍ରିଣାରୁଣା ଗୁଣିତ ଗୁଣାଙ୍କେ—ପ୍ରାଚୀ, ରହସ୍ୟମଞ୍ଜରୀ ।

ଝେ ଝଙ୍କ ଝଙ୍କ ଝଙ୍କ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଞ୍ଜର ଉଚ୍ଚାରିତ
Jhe jhaṅka jhaṅka jhaṅka ଶବ୍ଦବିଶେଷ—A catch-word of striking cymbals.

ଝେ ଝଙ୍କ ଝଙ୍କ ଝଙ୍କ ଝଞ୍ଜାଳ ଝଙ୍କେ—ପ୍ରାଚୀ. ରହସ୍ୟମଞ୍ଜରୀ ।

ଝେଞ୍ଜ(ଞ୍ଜେ)କା—ଦେ. ବି—ଝଞ୍ଜକା (ଦେଖ)
Jheñja(ñje)kā Jhañjakā (See)

ଝେବ—ଦେ. ବି—ଝବା ୧ (ଦେଖ)
Jheba Jhabā 1. (See)
(ଝେବା—ଅନ୍ୟରୂପ)

ଝୋଆ—ଦେ. ବି—ଝବା (୧) (ଦେଖ)
Jhoā Jhabā (1) (See).

ଝୋଟ—ଦେ. ବି (ସଂ. ଜୁଟ=କେଶ ଜଟା)—ନଳିତା ବା କାଉଁରିଆ
Jhoṭa ନାମକ ଗୁଳ୍ମର ଛାଲ ବା ବକଲାରୁ ଉତ୍ପନ୍ନ ଶୁକ୍ଳ
ପାଟ ଓ ଦାର୍ଢ୍ୟ ତନ୍ତୁବିଶେଷ—
ଜୁଟ, ପଟୁଆ Jute; the coarse strong fibre of the East Indian Corchorus Olitorius; Corchorus Capsularis.

ଝୋଟି—ଦେ. ବି—ଝୁଟି (ଦେଖ)
Jhoṭi Jhuṭi (See).

କଣ୍ଟକରେ ମାଳ ଶୋଭେ ବସ୍ତ୍ରଖଣ୍ଡି
ଶ୍ୟାମପାନେ ଝୋଟି ଦେଇଛନ୍ତି ମଣ୍ଡି—ଡାକ୍ତରବୀଚରଣ, ରୁକ୍ମିଣୀଲେଖା ।

ଝୋଟି ଉଠା(ଠେ)ଇବା—ଦେ. କ୍ରି—ଅତ୍ୟନ୍ତ କରିବା—
Jhoṭi uṭhā(ṭhe)ibā To reduce to exhaustion.

ଝୋଟି ଉଠି(ଯିବା)ବା—ଦେ. ବି—ପରିଶ୍ରମରେ ଅତ୍ୟନ୍ତ ବିରକ୍ତ ବା
Jhoṭi uṭhi (jibā)bā ଅଥୟ ହୋଇଯିବା—
Being utterly exhausted with labour or pestsred to death.

ଝୋଟି କୁଟା—ଦେ. ବି (ବୈଦ୍ୟକ)—ବନ୍ୟ ବୃକ୍ଷବିଶେଷ—
Jhoṭi kuṭā A kind of wild tree.

[ଗୁଣ—ଏହାର ସମୂଳ ପତ୍ରର କଳ୍କ ଛେଳୀ ଦୁଗ୍ଧ ସହିତ ସେବନ କଲେ ଜ୍ୱର ବିନଷ୍ଟ ହୁଏ । ଏ ଗଛର ରସ ଗର୍ଭୋତ୍ପାଦକ, ମେହନବାରକ, ସଦ୍ୟୋବ୍ରଣନାଶକ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ଝୋଟି ଦେବା—ଦେ. କ୍ରି—ଘର କାନ୍ଥରେ ପିଠଉ ଦ୍ୱାରା ଚିତ୍ରକରିବା—
Jhoṭi debā To paint the walls of a house with
(ଝୋଟି ପକାଇବା—ଅନ୍ୟରୂପ) rice-paste or lime water.
ଆଲପନା ଦେଓଯା

ଝୋଟି ମୁରୁଜ—ଦେ. ବି (ସଦର)—ଉତ୍ସବାଦି ଉପଲକ୍ଷେ ଘରର କାନ୍ଥ
Jhoṭi muruja ଓ ପିଣ୍ଡାରେ ପିଠଉ ଓ ମୁରୁଜ ଦ୍ୱାରା ଅଙ୍କିତ ଚିତ୍ର
ଆଲପନା ମାଳ—Figures drawn on the walls and varanda with paste and powder.

ଝୋଣ୍ଡ—ସଂ. ବି—ଗୁଆ ଗଛ—
Jhoṇḍa The betel-nut tree (Apte).

ଝୋପ—ଦେ. ବି (ସଂ. କ୍ଷୁପ)—୧ । ବୁଦା—
Jhopa 1. Bush; shrub.
(ଝୋଁପ—ଅନ୍ୟରୂପ)। ୨ । କ୍ଷୁଦ୍ର ଗଛ—2. Plant.
ঝোপ ୩ । ବହୁଶାଖ କ୍ଷୁଦ୍ର ବୃକ୍ଷ; ଝାମ୍ପୁଡ଼ା ଗଛ—
झाड़ी 3. Bushy plant.

ଝୋପଡ଼ି—ଦେ. ବିଣ (ସଂ. କ୍ଷୁପ)—୧ । ବୁଦିବୁଦିକିଆ; କ୍ଷୁପ ବହୁଳ
Jhopaṛi (ବିଣ)—1. Bushy; shrubby;
(ଝୋଁପଡ଼ି—ଅନ୍ୟରୂପ) full of bushes.
ঝোঁপড়ী ୨ । ବୁଦା ପରି ଛୋଟ ଓ ଗୃହଅଭ୍ୟନ୍ତର ଘୃଣିତ ଓଲ ଓହୋଳ
झोंपड़ी, झोंपड़ा ପଡ଼ିଥିବା (ଘର)—2. Low and bushy; mean (hut).

ଝୋବା—ଦେ. ବି—ଝବା ୧ (ଦେଖ)
Jhobā Jhabā 1 (See).
(ଝୋବ—ଅନ୍ୟରୂପ) ବରଷ ତେଲ ଝୋବା ମୁଣ୍ଡ ତନ କି ଗୃହ ।
ঝাঁড় ଫକୀରମୋହନ. ଛମାଣଆଠଗୁଣ୍ଠ ।

ଝୋର୍‌କା—ପ୍ରାଦେ (ମେଦିନୀପୁର) ବି—ଝରକା
Jhor-kā Window.

ଝୋରିଆ—ପ୍ରାଦେ (ମାନ୍ଦ୍ରାଜ) ବି—୧ । ମାନ୍ଦ୍ରାଜ ପ୍ରଦେଶବାସୀ ମିଶ୍ର
Jhoriā ଶୂଦ୍ର ଜାତିବିଶେଷ—
1. A class of the Śūdras of Madras.
୨ । ମାନ୍ଦ୍ରାଜ ପ୍ରଦେଶର ଅଧିବାସୀ ଝୋରିଆ ଜାତିର କଥିତ ଭାଷା—2. The language spoken by the Jhoriās of Madras

ଝୋଲ—ଦେ. ବି (ସଂ. ଜଳ)—ଅଣ; ଭଜା ମାଛ, ଡାଲି, ଡାଲଣ
Jhola ଆଦିରେ ଥିବା ଜଳୀୟ ଅଂଶ; ତିଅଣର ପାଣି—
ঝোল্ Soup; broth; gravy.
झोल, रस

ଝୋଲି—ପ୍ରାଦେ. (ଯାଜପୁର) ବି.—ନିଆଁ ଝୁଲ—
Jhola Sparks of fire.
ଦେ. ବି—ଝୁଲ (ଦେଖ)— Jhula (See)

ଝୋଲ ଝୋଲି—ଦେ. ବିଣ—ପାଣିପାଣିଆ (ବ୍ୟଞ୍ଜନାଦି); ଯେଉଁ
Jhola jhola ତିଅଣରେ ଜଳର ଭାଗ ଅଧିକ ଥାଏ—Soupy.
(ଝୋଲ ଝୋଲିଆ—ଅନ୍ୟରୂପ)
ঝোল ঝোল

ଝୋଲା—ଦେ. ବି (ସଂ. ଦୁଲ ଧାତୁ)—୧ । ଏକପ୍ରକାର ଯାନ; ଝୁଲା—
Jholā 1. A swinging sedan chair

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗିଁଆ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ঝোলা ୨ । ବଡ଼ ଥଳିଆ—2. A big bag.
ঝোলা ୩ । ପତଳା ଗୁଦର—3. A thin sheet.
କୁସୁମ ପାଖୁଡ଼ା ବସ୍ତ୍ର ଝୋଲ ପକାଇ—ଗୀତକୃଷ୍ଣ. ରସକଲ୍ଲୋଳ ।
୪ । ଲୁଗାର ମୁଣି ବା ଥଳି; ଝୁଲି—
4. Wallet; pouch; bag of cloth.
[ଦ୍ର ଏହା ଦେହରେ ଦଉଡ଼ି ଲଗାଇ ଏହାକୁ କାନ୍ଧରୁ କଡ଼ପଟେ ଝୁଲାଇବାକୁ ହୁଏ । ଭିକ୍ଷୁକ ଓ ପଲ୍ଲୀଗଣମାନେ ଏହାକୁ ବ୍ୟବହାର କରନ୍ତି ।]
୫ । ଜପମାଳ ରଖିବାର ମୁଣି—
5. A pouch containing rosaries.
୬ । ଭିକ୍ଷୁକର ମୁଣି; ଭିକ୍ଷାଝୁଲି—
6. Beggar's wallet.

ଝୋଲାମର—ଦେ. ବି—ଅଚେତନ ଅବସ୍ଥା; ମୂର୍ଚ୍ଛା; ମଥା ଭ୍ରମ—
Jholā-mara Swooning; giddiness.

ঝোলামারা ଦେ. ବିଣ—ମୂର୍ଚ୍ଛାପ୍ରାପ୍ତ; ଅଚେତନ—
Swooning; fainted.
ଝୋଲାମର ପ୍ରାପ୍ତ ହୋଇ କେତେକ୍ଷଣ ପରେ । ଚନ୍ଦ୍ରାବଳୀ, କେମାଦଭଞ୍ଜ ।

ଝୋଲା ମାରିବା—ଦେ. କ୍ରି—ଅଚେତନ ହେବା; ମଥା ଭ୍ରମଜାତ ହେବା;
Jholā māribā ଦୁର୍ବଳତା, କ୍ଷୁଧା ବା ରୋଗଯୋଗୁଁ ମୂର୍ଚ୍ଛିତ ହେବା—
ঝোলা মারা Fainting; swooning.
झोला मारना [illegible] ନାହିଁ କ
ଝୋଲ ମାରଇ [illegible] କ । କବିସୂର୍ଯ୍ୟ, ଚନ୍ଦ୍ରଶୋଭାଚମ୍ପୂ, ୫ ଗୀତ ।

ଝୋଲି—ଦେ. ବି. (ସଂ. ଝୁଲ ଧାତୁ)—
Jholi ୧ । ଛୋଟ ମୁଣା; ମୁଣି; [illegible]—
ঝোলী, ঝুলী 1. Small bag or sack; pouch; satchel.
झोली ୨ । ଝୁଲି ମୁଣି; ଭକ୍ତମାନେ ଯେଉଁ ମୁଣିରେ ଜପମାଳାଦି ରଖି ତାକୁ ହାତରେ ଝୁଲାଇ ତହିଁ ମଧ୍ୟରେ ହାତ ପୂରାଇ ମାଳ ଜପନ୍ତି—2. A bead-teller's wallet.
କଙ୍ଗାଳୀ ବରଜ ଥାଟୀ ସେ ମୋର ଚ ନାମ ଜପାଇବ ଝୁଲ-ଝୋଲ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝୋଲିଆ—ଦେ. ବିଣ—ଯେଉଁ ତିଅଣରେ ବେଶି ପରିମାଣରେ ଝୋଲ
Jholiā ଥାଏ—Soupy (curry).
ଦେ. ବି—ରସ ଯୁକ୍ତ ଖାଦ୍ୟ—
Juicy or savoury food (Grundy).

ଝ୍ୟୁ (ଧାତୁ)—ସଂ—ଯିବା; ଗତି କରିବା—
Jhyu (root) To move; to go (Apte).

ଞ

ଞ—ବ୍ୟଞ୍ଜନ ବର୍ଣ୍ଣମାଳାର ୧୦ମ ବର୍ଣ୍ଣ ଓ ଚ ବର୍ଗର ୫ମ ବର୍ଣ୍ଣ । ଏହା
Ña ଗୋଟିଏ ଅନୁନାସିକ ବର୍ଣ୍ଣ । ତାଳୁ ଓ ନାସିକା ଏହାର ଉଚ୍ଚାରଣସ୍ଥାନ । ଏ ଅକ୍ଷର ଭାଷାରେ 'ଇଁଅଁ' ବା 'ୟଁ' ରୂପେ ଉଚ୍ଚାରିତ ହୁଏ । କିନ୍ତୁ ଏହାର ପ୍ରକୃତ ଉଚ୍ଚାରଣ 'ଚ ଛ ଜ ଝ' ଉଚ୍ଚାରଣ ଜନିତ 'ନ୍ୟ'—
The 10th consonant with a nasal sound; the nasal of the palatine consonants pronounced as 'an'.
(ଦ୍ର—ସ୍ୱଷ୍ଟ ଚ ଓ ଓଡ଼ିଆରେ ଞ ଅକ୍ଷରାଦ୍ୟ ଶବ୍ଦ ନାହିଁ ।)

ଞ—ସଂ. ବି—୧ । ଷଣ୍ଢ—1. Bull.
Ña ୨ । ବଳୀବର୍ଦ୍ଦ; ବଳଦ—2. Bullock.
୩ । ଗାନ—3. Singing.
୪ । ଗାୟକ—4. Singer; songster.
୫ । ଘର୍ଘର ଧ୍ୱନି—5. Rattling sound.
୬ । ଯୋଗୀ—6. A sage.
୭ । ଶବ୍ଦ—7. A sound.
ବିଣ—୧ । କ୍ରୂର—1. Cruel; hard-hearted.
୨ । ସ୍ୱଧର୍ମଭ୍ରଷ୍ଟ—2. Renegade.

ଟ

ଟ—ବ୍ୟଞ୍ଜନ ବର୍ଣ୍ଣମାଳାର ୧୧ଶ ବର୍ଣ୍ଣ । ଏହା ଟ ବର୍ଗର ପ୍ରଥମ ବର୍ଣ୍ଣ ।
Ta ଏହାର ଉଚ୍ଚାରଣସ୍ଥାନ ମୂର୍ଦ୍ଧା—The 11th consonant sound produced from the head; pronounced as ṭ in the tea.

ଟ—ସଂ. ବି. (ଟଲ୍ ଧାତୁ = ଶବ୍ଦ କରିବା + କର୍ତ୍ତୃ. ଅ)—
Ta ୧ । ଶବ୍ଦ—1. Sound.
୨ । ପାଦ; ଚତୁର୍ଥ ଭାଗ—4. Fourth part.
୩ । ଶିବ—3. God Siba.
୪ । ବାମନ—4. A dwarf.
୫ । ଟଙ୍କାର—5. The twang of a bow.

୧	ଛ	ଜ	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଖ,ଷ	ଜ୍ଞ	ଇସ୍ଥ	ଉଅ	ଘ
୨	ଈ	ଉ	ରୁ	ଲୃ	ପ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଥ	ଙ୍କ	ନ୍

୬। କରଙ୍କ; ଗୋଲ ଡବା—
6. A head-like pot; a round box.
୭। ମୁଣ୍ଡର ଖପୁର—7. Skull.
୮। ନଡ଼ିଆର ଖପ୍ପର (ସ୍ଥ. ଖଦସାର)—
8. Skull-shaped cocoanut-shell.
ବିଣ—ଜଗତ୍ ବିଖ୍ୟାତ; ତ୍ରିଭୁବନ ବିଖ୍ୟାତ—
World-famed.
[ଦ୍ର—ଟର କଇଣୀ ଆକାର ଟ ବା ଟ। ଟଙ୍କାର ସାଙ୍କେତିକ ଚିହ୍ନ ସ୍ୱରୂପ ଏହି ଚିହ୍ନ ସଂଖ୍ୟାର ପୂର୍ବରେ ଲେଖାଯାଏ। ଯଥା ଟ ୧।୶ = ଏକ ଟଙ୍କା ଛଅ ଅଣା। ସମ୍ବଲପୁର ଅଞ୍ଚଳରେ 'ତ' ସ୍ଥାନରେ 'ଟ' ଉଚ୍ଚାରଣ କରନ୍ତି।
ଯଥା—ଓଡ଼ିଆ ତାଟ = ସମ୍ବଲପୁର ଟାଟ, ତାଡ଼ = ଟାଡ଼, ତଟ୍ଟୁ = ଟଟ୍ଟୁ, ତଣ୍ଟି = ଟଣ୍ଟି, ତେଣ୍ଡିବା = ଟେଣ୍ଡିବା ଇତ୍ୟାଦି।]

ଟଉ—ଦେ. ବି—୧। ଦସ୍ତା ଧାତୁ—
Tau 1. Zinc.
दस्ता ୨। ରାଙ୍ଗା ମିଶ୍ରିତ ଧାତୁ—2. Pewter.
जसद [ଦ୍ର—ଏଥିରେ ଗରିବ ଲୋକଙ୍କ ବ୍ୟବହାରୋପଯୋଗୀ ପାନପାତ୍ରାଦି ଓ ଅଲଙ୍କାର ନିର୍ମିତ ହୁଏ; ଏଥିରେ ୪ ଭାଗ ଟଉ ବା ରାଙ୍ଗା ଓ ଏକ ଭାଗ ସୀସା ମିଶିଥାଏ; ସମୟସମୟରେ ଟଉ ସଙ୍ଗେ ତମ୍ବା ଓ ଆଣ୍ଟିମନି ନାମକ ଧାତୁ ମିଶାଯାଏ।]

ଟଂ—ଦେ. ଅ—(ଧ୍ୱନ୍ୟନୁକରଣ; ସଂ. ଟଙ୍କାର)—ଟଙ୍କାର ଶବ୍ଦ; ଘଣ୍ଟା ଆଦି ବାଜିବାର ବିଶିଷ୍ଟ ଶବ୍ଦ; ଧନୁର୍ଗୁଣ ଟାଣି ଛାଡ଼ିବାର ଶବ୍ଦ—Twang; the sound of a gong or bell; chiming sound.
Tam
ঠন্, টং
ठन्

ଟଂ ଟଂ—ଦେ. ଅ—ଏକାଧିକ ଥର ଟଂଶବ୍ଦ—ଟଂ (ଦେଖ)—
Tam-tam Repeatedsound of a gong;
ঠন্ঠন্, ठनठन् Tam (See)

ଟଁ—ଦେ. କ୍ରି. ବିଣ ଓ ବିଣ—ଟଁ ଟଁ (ଦେଖ)
Tañ Tañ-tañ (See)

ଟଁଟି—ପ୍ରାଦେ (ସମ୍ବଲପୁର) ବି—୧। ତଣ୍ଟି; ତୋଟ; କଣ୍ଠ—
Tañti 1. Throat.
୨। ବେକ—2. Neck.

ଟଁଟିଆ—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟିଆ—
Tañtia A push on the throat.

ଟଁ ଟଁ—ଦେ. କ୍ରି. ବିଣ—୧। (ବ୍ୟଙ୍ଗ) ପୂର୍ଣ୍ଣମାତ୍ରାରେ; ସମ୍ପୂର୍ଣ୍ଣରୂପେ—
Tañ-tañ 1. Fully; completly.
टईं टम्बुर (ଯଥା—ସେ ଟଁ ଟଁ କରି ପାଠ ପଢ଼ି ପକାଇବ।)
টুঁটু ୨। ଟଁ ଟଁ ଶବ୍ଦକରି (ଯଥା—ଅଧୋବାୟୁ ନିଃସରଣ ଶବ୍ଦ)—
2. Making a long 'tañ' sound.
(ଯଥା—ଟଁ ଟଁ ଶବ୍ଦଠାରୁ ଟୁଁ ଟାଁ ଅନୁଚ୍ଚସ୍ୱର।)

ବିଣ—(ବ୍ୟଙ୍ଗ)—୧। ପୂର୍ଣ୍ଣ—1. Full.
୨। ପର୍ଯ୍ୟାପ୍ତ—2. Abundant.
(ଯଥା—ମୋ ଠେଇଁ ଟଙ୍କା ଟଁ ଟଁ ହେଉଛି।)
୩। ଚରିତାର୍ଥ; କୃତାର୍ଥ; ସମ୍ପୂର୍ଣ୍ଣରୂପେ ସନ୍ତୁଷ୍ଟ—
3. Fully satisfied or satiated.
(ଯଥା—ମୁଁ ଖାଇକରି ଟଁ ଟଁ ହୋଇଗଲି।)

ଟକ୍ କରି—ଦେ. କ୍ରି—(ସଂ. ତ୍ୱରା; ହଠାତ୍; ଏକାବେଳକେ; ଅତିଶୀଘ୍ର—
Tak kari At once; at one gulp.
টক্ করে (ଯଥା—ବଗ ମାଛଟାକୁ ଟକ୍ କରି ଗିଳିଦେଲା।)
तड़ाक्, खटसे
(ଟକ୍‌କନା, ଟକ୍‌କନି, ଟକ୍‌କରି, ଟକ୍‌ଦିସ୍—ଅନ୍ୟରୂପ),

ଟକ୍‌ଟକ୍—ଦେ. ଅ (ଧ୍ୱନ୍ୟନୁକରଣ)—୧। ଭାତ ଫୁଟିବାର ଶବ୍ଦ—
Tak-tak 1. Bubbling sound; sound of boiling rice.
টক্ টক্, টগ্ বগ্ ୨। ଠକ ଠକ ଶବ୍ଦ—2. Rapping sound; tapping sound.
खदबद
ঠক্ঠক্ ୩। ହାତ ଗୋଡ଼ର ଅଙ୍ଗୁଠି ଫୁଟିବାର ଶବ୍ଦ—
खटखट 3. Cracking sound of the finger-joints when twisted.
मटमट
चटचट [ଦ୍ର—ହାତଗୋଡ଼ ମୋଡ଼ିବା ସମୟରେ ହାତ ଓ ଗୋଡ଼ର ଅଙ୍ଗୁଠିମାନଙ୍କୁ ମୋଡ଼ିଦେଲେ ଅଙ୍ଗୁଠିର ଗଣ୍ଠିମାନ ଟକ୍ ଟକ୍ ଫୁଟିବାର ଶବ୍ଦ ଶୁଣାଯାଏ। ଚାଲିବା ସମୟରେ କାହାର କାହାର ଗୋଡ଼ ଅଙ୍ଗୁଠିର ଗଣ୍ଠିମାନ ଟକ୍ ଟକ୍ ଶବ୍ଦ କରେ।
টক্টক্ ୪। କଳ ଘଡ଼ି ବା କାନ୍ଥ ଘଣ୍ଟାର ପେଣ୍ଡୁଲମ୍ ହାଲିବା
चटचट ସମୟରେ ଶୁଣାଯିବା ଶବ୍ଦ—Ticking sound of a clock or time-piece.
টনটন ୫। ଧକ ଧକ; ପୂଜପୂର୍ଣ୍ଣ ବଥ ଓ ଘାଆ ଆଦିର ବ୍ୟଥା—
टहक 5. Throbbing or smarting pain of a boil or wound when filled with pus.
ଦେ. କ୍ରି. ବିଣ.—ଚଞ୍ଚଳ ଚଞ୍ଚଳ ଉପର୍ଯ୍ୟୁପରି—
In quick succession.

ଟକ୍‌ଟକ୍ ନାଲ୍(ଲି)—ଦେ. ବିଣ. (ତୁଳ. ସଂ. ଟଣ୍ଟୁକ = ରକ୍ତବର୍ଣ୍ଣ)—
Tak-tak nāl (li) ରଙ୍ଗ ଟହଟହ; ନାଲି ଟୁକୁ ଟୁକୁ—
টক্টক্ লাল, টক্টকে লাল Bright red; carmine or
लालगुलाल; बाफा लाल crimson-coloured.
(ଯଥା—କଇଁଚକାଲୁଡ଼ିଟ ପାଚି କରି ଟକ୍‌ଟକ୍ ନାଲ୍ ହୋଇଅଛି।).
[ଦ୍ର—ଅପେକ୍ଷାକୃତ ବଡ଼ ବସ୍ତୁ (ମହାକାଳ ଫଳ ଇତ୍ୟାଦି) ନାଲ୍ ଟକ୍‌ଟକ୍ ଓ କ୍ଷୁଦ୍ର ବସ୍ତୁ (କାଇଁଚଫଳ) ନାଲି ଟୁକୁଟୁକୁ ବୋଲ୍ଯାଏ; ସାଧାରଣତଃ ଏ ଶବ୍ଦ ନାଲ୍(ଲି)ଟକଟକ ଆକାରରେ ବ୍ୟବହୃତ ହୁଏ।]

ସାଧାରଣ ଲୋକେ ଅପର୍ ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟକ୍‌ଟକ୍ ସଡ଼୍‌ସଡ଼୍—ଦେ.ଅ.—ପୂଜପୂର୍ଣ୍ଣ ବ୍ରଣ ବା ଘାଅ ଯୋଗୁଁ ଅନୁଭୂତ
Ṭak-ṭak sard-sard ତୀବ୍ର ବେଦନା—Smarting pain
ଟନ୍‌ଟନ୍ due to a boil or wound when filled up
टहक with undischarged pus; twitching pain.

ଟକ୍‌ଟକ୍ ହେବା—ଦେ. କ୍ରି.—୧ । (ବ୍ରଣ ଓ ଫୋଟକ ଆଦି) ଫାଟି ଯାଇ
Ṭak-ṭak hebā ଫାଟିବା ପୂର୍ବରୁ ବେଦନାଯୁକ୍ତ ହେବା; (ଘାଅ)
ଟନଟନ করা ବ୍ୟଥାଯୁକ୍ତ ହେବା—(a tumour or boil) To
टहकना become very painful owing to accumulation of pus before bursting.

୨ । କୌଣସି ଗୁପ୍ତ କଥା ପ୍ରକାଶ କରିବା ନିମନ୍ତେ ଅଧୀର ବା ବ୍ୟଗ୍ର ହେବା—To be impatient to speak or babble out a secret.

୩ । କୌଣସି ଲୋଭନୀୟ ବସ୍ତୁ ଖାଇବା ନିମନ୍ତେ ଅତ୍ୟନ୍ତ ଲାଳାୟିତ ହେବା; ଲାଳେଇବା— 3. To be eager or impatient to eat some particular articles; to hanker after or have a vehement hankering for some dainty food.

୪ । ଖାଇବା ପାଇଁ ଅତ୍ୟନ୍ତ ବ୍ୟଗ୍ର ବା ଚଞ୍ଚଳ ହେବା— 4. To be impatient for eating.

ଟକଟক হওয়া ୫ । ଘଡ଼ି ଆଦି ଠକ ଠକ ହୋଇ ବାଜିବା—
खटखट होना 5. To tick like a watch or clock.

ଟକ—ଦେ. ବି. (ସଂ. ଟଙ୍କ)—୧ । ଖଟା ପଦାର୍ଥ—
Ṭaka 1. Sour or acid article.
ଟক ୨ । କୌଣସି ବିଶେଷ ଖାଦ୍ୟ ଖାଇବା ନିମନ୍ତେ ଅଗ୍ରହାତିଶଯ୍ୟ
खट्टा ବା ଲାଳସା; ଟକର୍—2. Vehement or inordinate
টকর desire for a particular food.
टकर (ଯଥା—ତାର ମାଛରେ ଭାରି ଟକ ।)
টক ଦେ. ବିଣ.—ଖଟା—
खट्टा Acidish; sour.

ଟକଟକା—ଦେ. ବିଣ. ପୁଂ—୧ । ଖାଇବା ପାଇଁ ବ୍ୟଗ୍ର; ଲାଳାୟିତ;
Ṭaka-ṭakā ଜାଲଚଥା—1. Gourmandising; having
উতালা an inordinate hankering after food.
उतावला ୨ । ଲୋଭନୀୟ ବିଶିଷ୍ଟ ଖାଦ୍ୟ ପ୍ରତି ଲାଳସାଯୁକ୍ତ—
(ଟକଟକୀ; ଟକଟକେଇ—ସ୍ତ୍ରୀ) 2. Epicurean in diet; hankering after dainties.

୩ । ତୁରୁତୁରିଆ; ତରତରିଆ—3. Hasty; impatient

୪ । ଯେ କୌଣସି ଗୁପ୍ତ କଥା ଅପଣା ପେଟ ଭିତରେ ବହୁକାଳ ଲୁଚାଇ ନ ପାରି ପ୍ରକାଶ କରିବା ପାଇଁ ବ୍ୟଗ୍ର ହୁଏ—4. Impatient or eager to babble out or divulge a secret.

୫ । ବାବଦୁକ; ପ୍ରଗଲ୍‌ଭ; ବାଚାଳ— 5. Babbling; talkative.

ଟକଟକିଆ—ଦେ. ବିଣ. ପୁଂ—୧ । ଟକ ଟକା (ଦେଖ) .
Ṭaka-ṭakiā Ṭaka-ṭakā (See)

୨ । ଲୋଭନୀୟ; ପ୍ରଲୋଭନଜନକ (ଖାଦ୍ୟ ଦ୍ରବ୍ୟ)— 2. Dainty; appetising (food). (ଯଥା—ଟକଟକିଆ ମାଲ ।)

ଟକଟାକ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Ṭaka-ṭāk Ṭak-ṭak (See)

ଟକ ମକ—ଦେ. ଅ. (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Ṭaka-maka Ṭak-ṭak (See)

ଟକର ଟକର—ଦେ. ଅ (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Ṭakara-ṭakara Ṭak-ṭak (See)

ଟକର ମକର—ଦେ. ଅ (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Ṭakara-makara Ṭak-ṭak (See)

ଟକରା—ଦେ. ବିଣ. ପୁଂ—ଟକଲା (ଦେଖ)
Ṭakarā Ṭakaḷā (See)
(ଟକରୀ—ସ୍ତ୍ରୀ)

ଟକଳା—ଦେ. ବିଣ. ପୁଂ—୧ । ଯେଉଁ ଲୋକ ଖାଇବା ପାଇଁ ଅତ୍ୟନ୍ତ
Ṭakaḷā ଲାଳାୟିତ ବା କୌଣସି ବିଶେଷ ଖାଦ୍ୟଦ୍ରବ୍ୟ ପ୍ରତି
(ଟକଳୀ—ସ୍ତ୍ରୀ) ଅତ୍ୟନ୍ତ ଲୋଭୀ—1. Having inordinate hankering after food; impatient for food.

୨ । ଯେଉଁ ଲୋକ ପେଟ ଭିତରେ କୌଣସି କଥା ବହୁକାଳ ଗୋପନ କରି ରଖିପାରେ ନାହିଁ— 2. One who can not keep secrets; babbler;
लुतरा tattler.

ଟକ ଲାଗିବା—ଦେ. କ୍ରି—ଥରେ ଚାଖିବା ପରେ କୌଣସି ବ୍ୟକ୍ତିର
Ṭaka lāgibā କୌଣସି ଖାଦ୍ୟ ପଦାର୍ଥ ପ୍ରତି ବଳବତୀ ଲାଳସା ଜାତ ହେବା—Inordinate desire or hankering after a particular article of food after once tasting it.

(ଯଥା—ମୋର ଅମ୍ବରେ ଭାରି ଟକ ଲାଗିଛି ।)

ଟକଳିଆ—ଦେ. ବିଣ. ପୁଂ—ଟକଳା (ଦେଖ)
Ṭakaḷiā Ṭakaḷā
(ଟକଳେଇ-ସ୍ତ୍ରୀ)

ଟକସର—ଗ୍ରା. ବି. (ସଂ. ତସ୍କର)—ତସ୍କର; ଚୋର—
Ṭakasara Thief; robber.

ଟକାଟକ୍—ଦେ. ବି—୧ । କୌଣସି ବିଷୟରେ ଦୁଇଜଣଙ୍କର ପରସ୍ପର
Ṭakāṭak ପ୍ରତିଯୋଗିତା; ପ୍ରତିଦ୍ୱନ୍ଦ୍ୱିତା; ସ୍ପର୍ଦ୍ଧା—
টকর 1. Emulation; rivalry.
होड़ाहोड़ी ୨ । ଜିଦାଜିଦି; ଜିଦମସମରି—
1. Envious contention; staking for competition; betting.
(ଯଥା—ସେ ଦୁହିଙ୍କର ଖେଳରେ ଭାରି ଟକାଟକ୍ ଲାଗିଛି ।)
ଦେ. କ୍ରି. ବିଣ—ଟକ୍ ଟକ୍ (ଦେଖ)—Ṭak-ṭak (See).

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଜ୍ଞ	ଇସ୍ତ	ଉଅ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ୍ଚ	ନ୍ତ

ଟକାଟକି—ଦେ. ବି—ଟକାଟକ୍ (ଦେଖ)
Takāṭaki Takāṭak (See)
ଟক্করাটক্করী ବିଣ—୧ । କୌଣସି କାର୍ଯ୍ୟ ନିମନ୍ତେ ପ୍ରତିଦ୍ୱନ୍ଦ୍ୱୀ
होड़ाहोड़ी (ଦୁଇ ଜଣ ବ୍ୟକ୍ତି); ସ୍ପର୍ଦ୍ଧାନ୍ୱିତ—
1. Emulating; rival.

ଦୁଇ ମଲ୍ଲଙ୍କୁ ଦୁହେଁ ଟକାଟକି
ଭଲନ୍ତି ପ୍ରୀତି ଭୁଷ୍ଟ ଥାଇ ନିକି । ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ଜିଦାଜିଦି (ହେବା ବ୍ୟକ୍ତିଦ୍ୱୟ); ଜିଦ ବା ବାଜି ମଧ୍ୟରେ (ହେବା ବ୍ୟକ୍ତି)—2. Staking for competition; betting:

ଅନ୍ୟୋନ୍ୟରେ ଯେ ଧ୍ୱଜଦ୍ୱୟ ଯୁଗଳକ
ବନ୍ଧାବନ୍ଧି ହେଲେ ହୋଇଣ ଟକାଟକି । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

ଟକ୍କର—ଦେ. ବି. (ଧ୍ୱନ୍ୟନୁକରଣ)—
Ṭakkar ୧ । ଦୁଇ ବସ୍ତୁର ପରସ୍ପରର ଧକ୍କା ଲାଗିବା ଦ୍ୱାରା
টক্কর ଆଘାତ; ଠୋକର—1. Sudden impact;
ठोकर, टक्कर clash; knock; rap; push.
(ଟକର—ଅନ୍ୟରୂପ) ୨ । ଟକାଟକ୍ ବା ଜିଦାଜିଦି—
2. Competition.
୩ । ପ୍ରତିଯୋଗିତା—3. Rivalry; emulation.

ଟକ୍କର ଖାଇବା—ଦେ. କ୍ରି—ଠୋକର ଖାଇବା; ଝୁଣ୍ଟିବା—
Ṭakkar khāibā To stumble; to trip.
(ଟକ୍କର ନେବା, ଟକର ଖାଇବା—ଅନ୍ୟରୂପ)
টক্কর খাওয়া **टक्कर खाना**

ଟକ୍କର ଦେବା—ଦେ. କ୍ରି—ସମକକ୍ଷ ହେବା; କାର୍ଯ୍ୟକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ
Ṭakkar debā ରୂପେ ଠିଆ ହେବା—To compete;
টক্কর দেওয়া to rival; to stand in competition with another.
टक्कर देना
(ଟକର ଦେବା—ଅନ୍ୟରୂପ)

ଟକ୍କର ପକା(କେ)ଇବା—ଦେ. କ୍ରି—ଟକ୍କର ଦେବା (ଦେଖ)
Ṭakkar pakā(ke)ibā Ṭakkar debā (See)
(ଟକର ପକାଇବା—ଅନ୍ୟରୂପ)

ଟକ୍କର ମାରିବା—ଦେ. କ୍ରି—୧ । ପ୍ରତିଯୋଗୀ ରୂପେ ପରୀକ୍ଷାକ୍ଷେତ୍ରରେ
Ṭakkar māribā ଅବତୀର୍ଣ୍ଣ ହେବା —
টক্কর মারা 1. To compete.
टक्कर मारना ୨ । ବାଜି ମାରିବା—2. To stake.
(ଟକର ମାରିବା—ଅନ୍ୟରୂପ) ୩ । ଠୋକର ବା ଧକ୍କା ମାରିବା—
3. To give a rap or violent push.

ଟକ୍ରୁ—ସଂ. ବି—ତାକୁଡ଼ି—
Ṭakru Spindle.

ଟଗର—ସଂ. ବି—୧ । ଟାଙ୍କଣା (ହି. ଶବ୍ଦସାଗର)—
Ṭagara 1. Borax.
୨ । ବିଳାସ; କ୍ରୀଡ଼ା (ହି.ଶବ୍ଦସାଗର)—
2. Sport.
ଦେ. ବି. (ସଂ. ତଗର)—ତଗରଟ ଫୁଲ; ତଗର—
Tabornamontana Coronoria; Tiçoma;
ଅନ୍ୟ ସଂସ୍କୃତ ପ୍ରତିଶବ୍ଦ— a plant with white flowers
ନନ୍ଦୀବୃକ୍ଷ [ଦ୍ର—ଏହା ଦ୍ୱିବିଧ—୧—Valeriana Hardwicki;
তগর ୨—Taborna Montana (ଖାଣ୍ଡିକାର) ।
टगर, टगर ଏ ଫୁଲର ଗଛ ୩ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ପତ୍ର ମାଛର ଆକାର ପରି । ଗଛର ଡାଳ ଭାଙ୍ଗି ଦେଲେ କ୍ଷୀର ବହେ । ଫୁଲର ପାଖୁଡ଼ା ଧଳା । ଫୁଲର ଡେମ୍ଫ ଈଷତ୍ ହଳଦିଆ । ଫୁଲ ଦୁଇ ପ୍ରକାର । ଗୋଟିଏ ଏକ ପ୍ରସ୍ଥ ପାଖୁଡ଼ାବିଶିଷ୍ଟ ଓ ଫୁଲ ଈଷତ୍ ସୁଗନ୍ଧବିଶିଷ୍ଟ, ଅନ୍ୟଟି ବହୁ ପାଖୁଡ଼ାଯୁକ୍ତ ଓ ଫୁଲ ଅତ୍ୟନ୍ତ ସୁଗନ୍ଧଯୁକ୍ତ ।]

ଟଗର ପାଦ—ଦେ. ବି. (ସଂ. ତଗର ପାଦ)—
Ṭagara pāda ତଗର ଫୁଲ ପରି ଫୁଲବିଶିଷ୍ଟ ଜଳଜ ଲତା-
(ଟଗରପାଦ—ଅନ୍ୟରୂପ) ବିଶେଷ—An aquatic plant whith white flowers.

ଟଙ୍କ୍ (ଧାତୁ)—ସଂ—୧ । ଟଂ ଟଂ ଶବ୍ଦ କରିବା—
Ṭaṅk (root) 1. To make a twanging sound.
(ଟନକ—ଅନ୍ୟରୂପ) ୨ । ବାନ୍ଧିବା; ଅବଦ୍ଧ କରିବା—
2. To confine; to bind.

ଟଙ୍କ—ସଂ. ବି (ଟଙ୍କ୍ ଧାତୁ=ବାନ୍ଧିବା+କରଣ. ଅ)—
Ṭaṅka ୧ । ପାହାଡ଼; କ୍ଷୁଦ୍ର ଶୈଳ—1. Hill.
୨ । ଗଣ୍ଡ ଶୈଳ; ପର୍ବତ ଦେହରୁ ବିଚ୍ୟୁତ ବଡ଼ ପଥରଖଣ୍ଡ-
2. A block of stone separated from the main hill.
୩ । ଖଡ୍ଗ—3. Sword; scimitar.
୪ । ଟାଙ୍ଗର ଭୂମି—4. Hilly. ground; rocky ground.
୫ । (+ଅସ୍ତି.ଅ) ଖଡ୍ଗକୋଷ; ଖଣ୍ଡାର ଖାପ—
Scabbard; sheath.
୬ । ଏକ ପ୍ରକାର ସରୁ କୋଡ଼; ଖଣତା— A spud or digging iron; a narrow-bladed spade; hoe.
୭ । କ୍ରୋଧ; ରାଗ—7. Anger; wrath.
୮ । (+ଦର୍ପି. ଅ) ଗର୍ବ—8. Arrogance.
୯ । ପରିମାଣବିଶେଷ; ଚାରି ମାସା ପରିମାଣ; ଏକତୋଳାର ଦ୍ୱିପଞ୍ଚମାଂଶ—9 A weight of 4 'masas' or 68 grains; ⅖ of a tola.

[ଦ୍ର—ସ୍ଥଳବିଶେଷରେ ଏହା ୩ ମସା ବା ୨୪ ରତି ପରିମାଣ ବୋଲି ଧରା ଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧୦ । ଗୋଡ଼—10. The leg.
୧୧ । ମୁଦ୍ରା—11. Coin.
୧୨ । ପଥର କାଟିବାର ଅସ୍ତ୍ର; ଟାଙ୍ଗିଆ—12. Mattock; an axe used in chipping stone.
୧୩ । ରୌପ୍ୟ ମୁଦ୍ରା—13. A silver coin.
୧୪ । ଟଙ୍କା—14. A rupee.
୧୫ । ଜଙ୍ଘ—15. Thigh.
୧୬ । ଟାଙ୍ଗଣା; ସୁହାଗା—16. Borax.
୧୭ । କୁରାଢ଼ି; ପରଶୁ (ହି. ଶବ୍ଦସାଗର)—17. Axe; hatchet
୧୮ । କୋଷ; ଧନାଗାର (ହି. ଶବ୍ଦସାଗର)—18. Treasury.
୧୯ । ଶ୍ରୀ, ଭୈରବ ଓ କାନଡ଼ ରାଗ ଯୋଗ ହୋଇ ରଚିତ ସମ୍ପୂର୍ଣ୍ଣ ଜାତିର ରାଗିଣୀ—19. A kind of mixed musical strain.

[ଦ୍ର—ଏହା ଗାଇବାର ସମୟ ଦିନ ୧୬ ଦଣ୍ଡ ଠାରୁ ୨୦ ଦଣ୍ଡ ପର୍ଯ୍ୟନ୍ତ । ଏଥିରେ କୋମଳ ଓ ଋଷଭ ସ୍ୱର ଲାଗେ । ହନୁମାନ୍‌ଙ୍କ ମତରେ ଏହାର ସ୍ୱରଗ୍ରାମ ସଗ ମପ ଧନ ସାସା (ହି. ଶବ୍ଦସାଗର)]

୨୦ । ନୀଳ କପିତ୍ଥ (ହି. ଶବ୍ଦସାଗର)—20. The blue wood-apple.
୨୧ । ଏକ କଣ୍ଟକୀ ଗଛ ଯହିଁରେ ବେଲ ବା କଇଥ ପରି ଫଳ ଧରେ (ହି. ଶବ୍ଦସାଗର)—21. A kind of wild tree producing fruits like marmalus.

ଟକ ଦେ. ବି. (ସଂ. ତକ୍ର=ଅମ୍ଳ)—ଅମ୍ଳସ୍ୱାଦ; ଅମ୍ଳରସ; ଅମ୍ଳତା—
खटाई, तुर्ष 1. Sour or acid taste; sourness.
ଟଙ୍କ ନ ଥାଇ ଟଙ୍କ, ଖାଇବ ମୁଣ୍ଡରେ ଗଛ । ଚଉ.।

ଟକ, ଟକୋ ଦେ. ବିଣ.—ଅତ୍ୟନ୍ତ ଖଟା ଲାଗୁଥିବା; ଅତି ଅମ୍ଳ—
तुर्श, खट्टा Very sour.

ଟଙ୍କ ଅମ୍ବିଳା—ଦେ. ବିଣ.—ଅତ୍ୟନ୍ତ ଖଟା—
Tanka ambilā Very sour.

ଟଙ୍କକ—ସଂ. ବି.—(ଟଙ୍କ+ସ୍ୱାର୍ଥେ. କ)—୧ । ଟଙ୍କା—
Tankaka 1. Rupee; silver coin,
୨ । ମୁଦ୍ରା—2. Coin.

ଟଙ୍କକଶାଳା—ସଂ. ବି. ସ୍ତ୍ରୀ.—ଟଙ୍କଶାଳା (ଦେଖ)
Tankaka-śālā Tanka-śālā (See)

ଟଙ୍କଟୀକ—ସଂ. ବି.—ଶିବ (ହି. ଶବ୍ଦସାଗର)—
Tankatika Śiba.

ଟଙ୍କଣ—ସଂ. ବି.—(ଟଙ୍କ ଧାତୁ+କର୍ତ୍ତୃ. ଅନ)—୧ । ପାର୍ବତ୍ୟ ଅଶ୍ୱ—
Tankaṇa 1. A horse of a hilly country.
୨ । ଟାଙ୍ଗଣା; ସୋହାଗା—2. Borax.
୩ । ଧାତୁ ଦ୍ରବ୍ୟରେ ଜୋଡ଼ ବା ଛାଳ ପକାଇ ଝାଳିବା କର୍ମ (ହି. ଶବ୍ଦସାଗର)—3. Soldering.

୫ । (+ଭାବ. ଅନ) ବନ୍ଧନ—5. Binding.

ଟଙ୍କଧର—ସଂ. ବି. (ଟଙ୍କ+ଧୃ ଧାତୁ=ଧରିବା+ଅ; ଟଙ୍କ ବା ପରଶୁ
Tanka-dhara ଏହାଙ୍କ ଧୃତ ଅସ୍ତ୍ର ଥିବାରୁ; ଏହା ସଂସ୍କୃତ ଶବ୍ଦ ମାତ୍ର ଏହାର ପ୍ରୟୋଗ କେବଳ ଭାଷାରେ ଦେଖାଯାଏ)—
ମହାଦେବ—Lord Śiba.
ଟଙ୍କଧର ପାଦେ ନଙ୍କର ସାର—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଟଙ୍କନ—ସଂ. ବି (ଟଙ୍କ୍ ଧାତୁ+ଭାବ. ଅନ)—୧ । ଟାଙ୍ଗଣା—
Tankana 1. Borax.
୨ । ଉଲ୍ଲେଖ—2. Mention.
୩ । ଟଙ୍କା—3. Rupee.
୪ । ବନ୍ଧନ—4. Binding.

ଟଙ୍କପତି—ସଂ. ବି—ଟଙ୍କଶାଳାର ଅଧ୍ୟକ୍ଷ (ହି. ଶବ୍ଦସାଗର)—
Tanka-pati Master of a mint.

ଟଙ୍କ ପାଣି—ଦେ. ବି—ଖଟା ପାଣି; ଅମ୍ବିଳ ତୋରାଣୀ—
Tanka-pāni Rice-water turned sour; sour liquid; fermented liquid.

ଟଙ୍କ ବଥୁଆ—ଦେ: ବି (ସଂ. ଟଙ୍କ+ବାସ୍ତୁକ)—ଏକପ୍ରକାର ଖଟା ବଥୁଆ
Tanka bathuā ଶାଗ—A sour variety of Cheno-
টক বেথো podium Album (a kind of pot-herb).

ଟଙ୍କ ମରିବା—ଦେ. କ୍ରି—୧ । କୌଣସି ଅମ୍ବିଳା ଖାଦ୍ୟରୁ ଉପଯୁକ୍ତ
Tanka maribā ଉପାୟ ପ୍ରୟୋଗଦ୍ୱାରା ଅମ୍ଳସ୍ୱାଦ କମିବା—
1. Disappearance or decrease of sour taste from a sour food.
(ଯଥା—ଉପଯୁକ୍ତ ପରିମାଣରେ ଲୁଣ ଦିଆ ନ ଯିବାରୁ କାଞ୍ଜି-ପାଣିରୁ ଟଙ୍କ ମରି ନାହିଁ ।)

टकोर यान्ता ୨ । ଅତି ଅମ୍ବିଳା ପଦାର୍ଥ ଖାଇବା ଯୋଗୁଁ ମୁଖରେ (ଟଙ୍କ ମରିବା—ଅନ୍ୟରୂପ) ଜନ୍ମିଥିବା ବିକାର ଲୋପ ପାଇବା—
2. Disappearance of the disagreeable sensation from the mouth due to taking very sour food.
(ଯଥା—ବହୁତ ଦିନର ବସାଦହି ଖାଇଲେ ୪ ଘଣ୍ଟା ପରେ ସୁଦ୍ଧା ମୁହଁରୁ ଟଙ୍କ ମରେ ନାହିଁ ।)

ଟଙ୍କ ମାରିବା—ଦେ. କ୍ରି—୧ । କୌଣସି ଜଳୀୟ ପଦାର୍ଥ ବାସି ରହି
Tanka māribā ଅମ୍ବିଳା ହୋଇଯିବା (ଯଥା—ତୋରାଣୀ; କାଞ୍ଜି)—1. To turn sour (said of some liquids e, g. stale rice-water).

ଟକା ଦେ. କ୍ରି—୨ । ଅମ୍ଳରସ ଯୋଗୁଁ ଦାନ୍ତରେ ଦୁର୍ଗଣ ବା ବିକାର
टकोरना, दाँत उठना ବୋଧ ହେବା (ଯଥା—ଦାନ୍ତ)—
2. A feeling of sourness (in the mouth) by tasting stale and sour food.
(ଯଥା—ବାସି ପଖାଳ ଖାଇ ମୋ ଦାନ୍ତ ଟଙ୍କ ମାରି ଗଲାଣି ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ସ୍ୱରାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ	ନ୍ନ

ଟଙ୍କଶାଳା—ସ. ବି. ସ୍ତ୍ରୀ—ଟାଙ୍କଶାଳା; ଯେଉଁ କାର୍ଯ୍ୟାଳୟ ବା କାରଖାନାରେ ମୁଦ୍ରା ପ୍ରସ୍ତୁତ ହୁଏ—Mint.
Tanka-śālā

ଟଙ୍କା—ସ. ବି. ସ୍ତ୍ରୀ. (ଟଙ୍କ୍ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ)—୧ । ଜଙ୍ଘ—1. Thigh.
Tanka

୨ । ଏକ ତୋଳା ଓଜନର ପ୍ରାଚୀନଭାରତର ରୌପ୍ୟମୁଦ୍ରା—2. A silver coin current in ancient India

୩ । ପ୍ରାଚୀନକାଳର ତାମ୍ରମୁଦ୍ରାବିଶେଷ (ହି. ଶବ୍ଦସାଗର)—3, A copper coin current in ancient India.

ଦେ. ବି—୧ । ଷୋଳ ଅଣା ବା ପୂର୍ଣ୍ଣମାତ୍ରା ପରିମାଣ—1. Sixteen annas; full measure.

୨ । ଭାରତରେ ପ୍ରଚଳିତ ଏକ ତୋଳା ପରିମିତ ରୌପ୍ୟ ମୁଦ୍ରା—2. Rupee.

ଅବୁଝ ରାଇଜରେ ବେବୁଝ ରଜା
ଟଙ୍କା ସେର ଭାଜି, ଟଙ୍କା ସେର ଖଜା—ଢଗ ।

[ଦ୍ର—ପ୍ରାଚୀନକାଳରେ ଭାରତରେ ଟଙ୍କା ନାମରେ ଯେଉଁ ରୌପ୍ୟ ମୁଦ୍ରା ଚଳୁଥିଲା ତାହାର ଏକ ତୋଳା ଓଜନ ଥିଲା । ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଅମଳରେ ପ୍ରଚଳିତ ଟଙ୍କା ମଧ୍ୟ ଏକ ତୋଳା ବା ୧୮୦ ଗ୍ରେନ୍ ଓଜନ ଅଟେ । ଏଥିରେ ୧୧ ଭାଗ ରୁପା ଓ ୧ ଭାଗ ତମ୍ବା ଥାଏ; ବର୍ତ୍ତମାନ ପ୍ରଚଳିତ ୧ ଟଙ୍କା=୧୬ ଅଣା ବା ୧୬ଟି ଅଣି=୮ ଦୋଅଣି=୪ ସୁକି=୨ ଅଧୁଲି=୩୨ ଦୋପଇସା=୬୪ ପଇସା=୧୨୮ ଅଧଲା=୧୯୨ ପାହୁ ବା ପାହୁଲା; ଏଥିମଧ୍ୟରୁ ପାହୁଲା, ଅଧଲା, ପଇସା ଓ ଦୋପଇସା ତାମ୍ରନିର୍ମିତ । ଅଣି, ଦୋଅଣି, ସୁକି ଓ ଅଧୁଲି ନିକେଲ୍ ଧାତୁ ନିର୍ମିତ । ଦୋଅଣି, ସୁକି ଓ ଅଧୁଲି ମଧ୍ୟ ରୌପ୍ୟନିର୍ମିତ । କାଲେକ୍ଟରୀସେର=୮୦ ଟଙ୍କା; କଟକୀ ସେର=୧୦୫ ଟଙ୍କା ।]

ଟାକା — ୩ । ଧନ; ଅର୍ଥ—1. Riches; money.
टका; रुपैया — ୪ । ନଗଦ ମୁଦ୍ରା—4. Hard cash; cash.
টাঁকা — ୫ । ଲୁଗାକୁ ସିଲାଇ କରିବା; ଟାଙ୍କା ମାରିବା—
टाँका — 5. Stiching; stich.

ଟଙ୍କା(ଙ୍କେ)ଇବା—ଦେ. କ୍ରି—ଟାଙ୍କିବା କ୍ରିୟାର ଣିଜନ୍ତ ରୂପ—The causative form of 'ṭankibā'.
Tankā nke)ibā
টাঁকান; **टाँकवाना**

ଟଙ୍କାଏ କାନ୍ତର—ଦେ. ବି—ପ୍ରାୟ ଏକ ଟଙ୍କା; ଏକ ଟଙ୍କା ବା ତହିଁରୁ କିଛି କମି ବା ବେଶି ଧନ—About a rupee; a rupee or so.
Tankāe kāntara
টাকাখানিক
(ଯଥା—ବର୍ତ୍ତମାନ ଟଙ୍କାଏ କାନ୍ତର ହେଲେ ମୋ କାମ ଚଳିଯିବ ।)
(ଟଙ୍କାଏ ଖଣ୍ଡେ; ଟଙ୍କାଏ ମଣାଏ—ଅନ୍ୟରୂପ)

ଟଙ୍କା କଉଡ଼ି—ଦେ. ବି (ସହଚର ଶବ୍ଦ; ସ. ଟଙ୍କା + କପର୍ଦ୍ଦକ)—ଟଙ୍କା ଟୋକର (ଦେଖ)
Tankā kaurḍi — Tankā ṭokara (See).

ଟଙ୍କାକିଆ—ଦେ. ବିଣ—୧ । ଯହିଁର ମୂଲ୍ୟ ଏକ ଟଙ୍କା ମାତ୍ର—1. Of the value of one rupee.
Tankākiā
টাকাকিয়া — ୨ । ଯହିଁର ପ୍ରତ୍ୟେକର ମୂଲ୍ୟ ଏକ ଟଙ୍କା—2. Worth one rupee each.
(ଟଙ୍କିକିଆ—ଅନ୍ୟରୂପ)

ଟଙ୍କା ଗଛ—ଦେ. ବି (ଯେଉଁ ଗଛରେ ଟଙ୍କା ଫଳେ)—
Tankā gachha — (ଲକ୍ଷଣାର୍ଥ) ୧ । ଧନୋପାର୍ଜକ ବ୍ୟକ୍ତି—
টাকার গাছ — (figurative) 1. Earner; one who earns
रुपैयाका झाड़ — money (of. Pagoda-tree).
(ଯଥା—ଅର୍ଜନକାରୀ ପୁଅ ମୋର ଟଙ୍କା ଗଛ ।)
୨ । ଯେଉଁ ବ୍ୟକ୍ତିଠାରୁ କୌଣସି ବ୍ୟକ୍ତି ପ୍ରଚୁର ପରିମାଣରେ ଧନ ପାଏ—2. A person from whom another gets much money.

ଟଙ୍କା ଗଣିବା—ଦେ. କ୍ରି—୧ । ମୁଦ୍ରାକୁ ସୁମାର କରିବା—1. To count money.
Tankā gaṇibā
টাকা গুনা — ୨ । (ଲକ୍ଷଣାର୍ଥ) ନଗଦ ଅର୍ଥ ବା ମୁଦ୍ରା ଦେବା—
रुपैया गीनना — 2. (figurative) To pay cash.
(ଯଥା—ଆମ ଗ୍ରାମର ରାମ ସାହୁ ଦଶ ହଜାର ଟଙ୍କା ଗଣିଦେବ ।)
୩ । ଧନ ବ୍ୟୟ କରିବା—3. To spend money.
(ଯଥା—ବୃଥା ପୁଳାଏ ଟଙ୍କା ଗଣି ମୁଁ ପୁଅକୁ ପଢ଼େଇଲି ।)

ଟଙ୍କା ଟଙ୍କି—ଦେ. ବି (ଧ୍ୱନ୍ୟନୁକାରୀ ଦ୍ୱିତୀୟ ଶବ୍ଦ)—
Tankā ṭanki — ଟଙ୍କା ଫଙ୍କା (ଦେଖ)
টাকাটুকি — 1. Tankā phankā (See).
(ଯଥା—ମୁଁ ଅନେକ ଦିନ ହେଲା ଶ୍ୱଶୁର ଘରେ ଅଛି, ମୋ ହାତକୁ ଟଙ୍କାଟଙ୍କି କାହୁଁ ଆସିବ ।)
(ଟଙ୍କାଟଙ୍କି—ଅନ୍ୟରୂପ)
টাঁকাটুঁকী — ୨ । ବହୁବାର ଟାଙ୍କିବା କର୍ମ—
टंकाइ — 2. Several acts of stitching.

ଟଙ୍କା ଟୋକର—ଦେ. ବି (ସହଚର ଶବ୍ଦ)—ଧନ; ଅର୍ଥ—Riches; money (generally.)
Tankā ṭokara
টাকাকড়ি — × ଟଙ୍କାଟୋକର ଗଣିକେଇ × ଲଙ୍ଗର ଉଠେଇଦେଲୁ ।
रुपैआपैसा — ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଟଙ୍କା ପଇସା—ଦେ. ବି (ସହଚର ଶବ୍ଦ)—ଟଙ୍କା ଟୋକର (ଦେଖ)
Tankā paisā — Tankā ṭokara (See).

ଟଙ୍କା ଫଙ୍କା—ଦେ. ବି (ଟଙ୍କା ଶବ୍ଦ ଓ ତାହା ସଙ୍ଗେ ଧ୍ୱନ୍ୟନୁକାରୀ ନିରର୍ଥକ ଫଙ୍କା ଶବ୍ଦ)—
Tankā phankā
টাকা ফাকা, টাকা মাকা — ୧ । ଅର୍ଥ ଇତ୍ୟାଦି; ଧନ—
रुपौया उपौया — 1. Riches; money etc.
୨ । ମୁଦ୍ରା—2. Coins (generally).

ସାଧାରଣ ଲେଖକେ ଅପର ପୃଷ୍ଠାରେ ଯୁକ୍ତ ୧ ଚକ୍ଷି ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷି କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷୁର ବଦଳରେ ୨ ବା ୧ ଚକ୍ଷି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

ଟଙ୍କା ବନ୍ଧା(ନ୍ଧେ)ଇବା—ଦେ. କ୍ରି—୧ । ଅପଣା ପାଖରେ ଥିବା ପଇସା ଓ ରେଜକିମାନଙ୍କୁ ବଦଳାଇ ସେହି ମୂଲ୍ୟର ଟଙ୍କା ଅଣିବା—
Tańkā bandhā(ndhe)ibā
টাকা বাঁধান
रुपैया बंधाना
1. To get pice and other small coins changed into rupees.

୨ । ଅପଣା ପାଖରେ ଥିବା ଟଙ୍କାମାନଙ୍କୁ ବଦଳାଇ ତଦ୍‌ବଦଳସ୍ୱରେ ମୋହର ବା କରେନ୍ସି ନୋଟ୍ ଅଣିବା—2. To get rupees changed into gold coins or currency notes.

ଟଙ୍କା ବାନ୍ଧିବା—ଦେ. କ୍ରି—ଅପଣାର ଦେୟ ଧନ (ଯଥା—ଜମିଦାରଙ୍କ ଦେୟ ଖଜଣା) ଦାଖଲ କରିବା ପାଇଁ ସଂଗ୍ରହ କରିବା—1. To collect sufficient money to pay one's dues.
Tańkā bāndhibā
টাকা বাঁধা
रुपैया बांधना

୨ । ଅପଣାର ଦେୟ ଧନ ଅଭିପ୍ରେତ ବ୍ୟକ୍ତିଙ୍କ ନିକଟରେ ଦାଖଲ କରିବା—2. To pay or deposit one's dues at its destination.

୩ । ଆବଶ୍ୟକୀୟ ଧନ ସଙ୍ଗରେ ନେବା—3. To have with one's self money sufficient for the intended purpose.

ଟଙ୍କାବାଲା—ଦେ. ବିଣ. ପୁଂ—ଧନୀ; ଧନବାନ୍—Rich.
Tańka-bālā
টাকাবালা, टकेवाला
(ଟଙ୍କାବାଲୀ—ସ୍ତ୍ରୀ)

ଟଙ୍କା ଭଙ୍ଗା (ଙ୍ଗେ)ଇବା—ଦେ. କ୍ରି—ଅପଣା ପାଖରେ ଥିବା ଟଙ୍କାକୁ ବଦଳାଇ ତଦ୍‌ବଦଳସ୍ୱରେ କ୍ଷୁଦ୍ରତର ମୁଦ୍ରା ଅଣିବା—To get the rupee changed into small coins.
Tańkā bhańgā(ńge)ibā
টাকা ভাঁগান
रुपैया तुड़वाना

ଟଙ୍କା ଭଙ୍ଗେଇ—ଦେ. ବି—୧ । ଟଙ୍କାକୁ କ୍ଷୁଦ୍ରତର ମୁଦ୍ରାରେ ବଦଳ କରାଇବା କର୍ମ—1. Change of a rupee into small coins.
Tańkā bhańgei
টাকা ভাঙ্গাই

୨ । ଟଙ୍କା ପରିବର୍ତ୍ତେ କ୍ଷୁଦ୍ରତର ମୁଦ୍ରା ବଦଳାଇ ଦେବାବାଲା ବ୍ୟକ୍ତିକୁ ଯେଉଁ କମିସନ୍ ବା ବଟ୍ଟ ଦିଆଯାଏ—2. Commission paid for getting a rupee exchanged into small coins.

ଟଙ୍କାର—ସଂ. ବି (ଟନ୍=ଅନୁକରଣ ଶବ୍ଦ+କୃ ଧାତୁ+ଭାବ. ଅ)—
Tańkāra
୧ । ଧନୁ ଓଟାର ଛାଡ଼ିବାର ଟଂ ଟଂ ଶବ୍ଦ; ଧନୁକର ଜ୍ୟା ଶବ୍ଦ—1. The twang of a bow-string.

୨ । ତାରରେ ଅଙ୍ଗୁଠି ମାରିବା ଶବ୍ଦ—2. The sound produced by striking a string.

୩ । ଟଂ ଟଂ ଶବ୍ଦ; ଠଣ ଠଣ ଶବ୍ଦ; ଧାତୁଖଣ୍ଡରେ ଆଘାତ କରିବାଦ୍ୱାରା ଉତ୍ପନ୍ନ ଶବ୍ଦ—3. Metallic clang.

୪ । ଯଶଃ; ଖ୍ୟାତି—4. Fame; reputation.

୫ । ବିସ୍ମୟ; ଆଶ୍ଚର୍ଯ୍ୟ—5. Surprise; wonder.

ବିଣ—ଟଙ୍କାରଯୁକ୍ତ; ଟଙ୍କାର ଶବ୍ଦଯୁକ୍ତ—Twanging.

ଟଙ୍କା ରକ୍ମି ଜମା—ଦେ. ବି—ଜମିଉପରେ ଧାର୍ଯ୍ୟହେବା କାଳ୍ପନିକ ଖଜଣା—An imagmary assessment of rent on holdings.
Tańkā rakmi jamā

[ଦ୍ର—ମୋଗଲ୍‌ମାନଙ୍କ କାଗଜପତ୍ରରେ ତୋଡ଼ରମଲ୍ଲଙ୍କ ଓଡ଼ିଶାର ଭୂରାଜସ୍ୱ ବନ୍ଦୋବସ୍ତ ସମ୍ପର୍କରେ ଦୁଇପ୍ରକାର ଜମାର ଉଲ୍ଲେଖ ଥିଲା । 'ଟଙ୍କାରକ୍ମୀ' ଟଙ୍କାରେ ଏବଂ ଦ୍ୱିତୀୟଟି 'ଦଫ୍‌ତିରି' କଉଡ଼ିରେ ପ୍ରକାଶିତ ହେଉଥିଲା । ପ୍ରଥମଟି କାଳ୍ପନିକ ଏବଂ ଦ୍ୱିତୀୟଟି ସଂଶୋଧିତ ଜମା । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ଟଙ୍କାରିତ—ସଂ. ବିଣ (ଟଙ୍କାର+ଯୁକ୍ତାର୍ଥେ. ଇତ)—
Tańkārita
ଟଙ୍କାର ଶବ୍ଦଯୁକ୍ତ (ଧନୁ)—Twanged (bow); emitting a twanging sound.

ଟଙ୍କାରିବା—ଦେ. (ପଦ୍ୟ) କ୍ରି (ସଂ. ଟଙ୍କାର)—ଟଂ ଟଂ ଶବ୍ଦ କରି ଧନୁକୁ ଓଟାରିବା—To draw the bow with a twang.
Tańkāribā
টঙ্কারা, टंकारना

ଟଙ୍କାରୀ—ସଂ. ବି. ସ୍ତ୍ରୀ—୧ । ତାନ୍ତ୍ରିକଦେବୀ; ତନ୍ତ୍ରୋକ୍ତ ଦଶମହାବିଦ୍ୟାଙ୍କ ମଧ୍ୟରୁ ଏକ—1. One of the 10 'Mahābidyās' or Goddesses mentioned in the 'Tantras'.
Tańkārī

୨ । ଡଙ୍କାରୀ (ଦେଖ)—2. Ḍańkārī (See).

ଟଙ୍କାଶାଲ—ଦେ. ବି. (ସଂ. ଟଙ୍କଶାଲା)—ଟଙ୍କଶାଲା (ଦେଖ)
Tańkā-śāla — Tańka-śālā (See)

ଟଙ୍କାଶାଲା—ଦେ. ବି. (ସଂ. ଟଙ୍କଶାଲା)—ଟଙ୍କଶାଲା (ଦେଖ)
Tańkā-śālā — Tańka-śālā (See)
টাকশালা टकशाल

ଟଙ୍କା ସୁନା—ଦେ. ବି. (ସହଚର ଶବ୍ଦ)—ଟଙ୍କା ଟୋକର (ଦେଖ)
Tańkā sunā — Tańkā ṭokara (See)

ଟଙ୍କି—ଦେ. ବି. (ସଂ. ଟଙ୍କ)—୧ । ଲାଖେରାଜ ଭୂମି ନିମନ୍ତେ ଲାଖେରାଜଦାରମାନେ ସରକାରଙ୍କୁ ଦେବା ନିରୂପିତ ସାମାନ୍ୟ ରାଜକର—1. Nominal or quit-rent paid by holders of revenue-free grants.
Tańki

[ଦ୍ର—ଓଡ଼ିଶାର ରାଜାମାନେ ବ୍ରାହ୍ମଣଶାସନମାନ ବସାଇ ବ୍ରାହ୍ମଣମାନଙ୍କୁ ଯେଉଁ ଭୂ-ବୃତ୍ତି ଦାନ କରୁଥିଲେ ତାହା ଉପରେ ନାମମାତ୍ର କର ଧାର୍ଯ୍ୟ କରୁଥିଲେ (ଯଥା—ଏକ ବାଟିକୁ ଟଙ୍କାଏ ଲେଖାଏଁ) ଓ ଉକ୍ତ ଜମିମାନଙ୍କର ଟଙ୍କି ଖଜଣା ଚିରକାଳ ସକାଶେ ଅପରିବର୍ତ୍ତନୀୟ ହୋଇ ରହିବ ବୋଲି ଗ୍ରହୀତାମାନଙ୍କୁ ସନନ୍ଦ ମିଳିଥିଲା । ଇଂରାଜ ସରକାର ଓଡ଼ିଶା ରାଜସ୍ୱ ବନ୍ଦୋବସ୍ତବେଳେ ସନନ୍ଦମାନ ପରୀକ୍ଷା କରି ଉକ୍ତ ସନନ୍ଦମାନ ଅନୁମୋଦନ କରିଅଛନ୍ତି ।]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଅ	ଉଅ	ଖ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ

୨ । ଯେଉଁ ଲାଖରାଜ ବୃତ୍ତି ଉପରେ ଟଙ୍କି କର ନିର୍ଦ୍ଧାରିତ ଅଛି—2. Revenue-free holding held on quit-rent.

ବିଣ—୧ । ଯେଉଁ ଜମି ନିମନ୍ତେ ଟଙ୍କି ଖଜଣା ଦେୟ ଅଟେ 1. (land) Held on payment of a nominal rent.

୨ । ଯେଉଁ ରାଜସ୍ୱ ନାମମାତ୍ର ବା ଟଙ୍କିରୂପେ ନିର୍ଦ୍ଧାରିତ (ଯଥା—ଟଙ୍କି ଖଜଣା)—2. (sum) Paid in the shape of quit-rent; nominal (rent).

[ଦ୍ର—ଟଙ୍କି ଅନେକ ପ୍ରକାର ଅଛି; ଯଥା—ବାଟୀଟଙ୍କି, ବାହେଲ ଟଙ୍କି, ଟଙ୍କି ବାଯ୍ୟାପ୍ତି, ଦେବୋତ୍ତର ଟଙ୍କି, ବ୍ରହ୍ମୋତ୍ତର ଟଙ୍କି ଇତ୍ୟାଦି ।]

ଟଙ୍କିଆ—ଦେ. ବିଣ. (ସଂଖ୍ୟାବାଚକ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—
Ṭaṅkiā ଯାହାର ମୂଲ୍ୟ ବା ପରିମାଣ ଏତେ ଟଙ୍କା ଅଟେ—
টাকার Worth so many rupees.
रुपैयाका (ଯଥା—ଦଶଟଙ୍କିଆ କୋଟ, ପାଞ୍ଚଟଙ୍କିଆ ଜୋତା, ଆଠ ଟଙ୍କିଆ ଚାକର ।)

ପ୍ରାଦେ. ବିଣ. (ଗଡ଼ଜାତ)—ଖରାପ ଗନ୍ଧ ବା ବାସନାଯୁକ୍ତ (ବାସି ଚୋଡ଼ାଣି ବା ଭାତ)—
Stale and bad-smelling (food).
(ଯଥା—ଏ ଭାତ ଭାରି ଟଙ୍କିଆ ବାସୁଛି ।)

ଟଙ୍କିଆଣ—ଦେ. ବିଣ—ଯେଉଁ ଜମି ପାଇଁ ଟଙ୍କି ଖଜଣା ଦିଆଯାଏ—
Ṭaṅkiāṇa (land) Paying Ṭaṅki or quitrent.

ଟଙ୍କିକା—ସଂ. ବି. (ଟଙ୍କ + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—ପଥର କାଟିବାର
Ṭaṅkikā ଟାଙ୍ଗିଆ—Hatchet for chipping stones.

ଟଙ୍କିକିଆ—ଦେ. ବିଣ—ଟଙ୍କାକିଆ (ଦେଖ)
Ṭaṅkikiā Ṭaṅkākiā (See)

ଟଙ୍କିଛାଡ଼ ପରୁଆନା—ଦେ. ବି—ଟଙ୍କି ବା ଖଜଣା ଛାଡ଼ ହେବାର
Ṭaṅki-chhāṛda paruānā ଆଦେଶପତ୍ର—An order
ଟଙ୍କି ଛାଡ଼ ପରୱାନା } ଅନ୍ୟରୂପ
ଟଙ୍କି ଛାଡ଼ ପରବାନା }
issued by a proper authority sanctioning the exemption of a land from payment of quit-rent.

ଟଙ୍କିଜମା—ଦେ. ବି—ଟଙ୍କି ବୃତ୍ତି ଉପରେ ନିର୍ଦ୍ଧାରିତ ଚିରସ୍ଥାୟୀ ନାମମାତ୍ର
Ṭaṅki-jamā ଖଜଣା—Quit-rent fixed in perpetuity on Ṭaṅki lands.

ଟଙ୍କିତ—ସଂ. ବିଣ. (ଟଙ୍କ୍ ଧାତୁ + କର୍ମ. ତ)—୧ । ଧ୍ୱନିତ—
Ṭaṅkita 1. Twanging; sounding; resounding.
୨ । ଉଲ୍ଲିଖିତ—2. Written; enunciated; defined; mentioned.
୩ । ବନ୍ଧା ହୋଇଥିବା; ବଦ୍ଧ—2. Bound.
୪ । ସିଲେଇ କରା ଯାଇଥିବା—4. Stitched.

ଟଙ୍କିଦାର(ର)—ଦେ. ବି—ଟଙ୍କି ଖଜଣା ଦିଅଯିବା ବୃତ୍ତିର ଅଧିକାରୀ—
Ṭaṅkidār(ra) Holder of a tenure paying quit-rent.
[ଦ୍ର—ଯେଉଁ ଲାଖରାଜଦାରମାନେ ପ୍ରଥମରୁ ନିର୍ଦ୍ଧାରିତ ନାମମାତ୍ର ରାଜସ୍ୱ (ଟଙ୍କି) ଆଜି ପର୍ଯ୍ୟନ୍ତ ଦେଇ ଆସୁଅଛନ୍ତି ସେମାନଙ୍କୁ ବାହେଲ ଟଙ୍କିଦାର Confirmed Ṭaṅkidārs ଓ ଯେଉଁମାନଙ୍କର ସନନ୍ଦ ଆଦି ସନ୍ଦେହଜନକ ଥିବାରୁ ସେମାନଙ୍କର ଟଙ୍କି ଜମା ପରେ ସରକାର ବୃଦ୍ଧି କରିଅଛନ୍ତି ସେମାନଙ୍କୁ ବାଯ୍ୟାପ୍ତି ଟଙ୍କିଦାର Resumed Ṭaṅkidārs ବୋଲାଯାଏ ।]

ଟଙ୍କି ବାଯ୍ୟାପ୍ତି—ଦେ. ବି—ଯେଉଁ ଟଙ୍କି ଜମିର ସନନ୍ଦ ଦେଖି ଇଂରାଜ
Ṭaṅki bājyāpti ସରକାର ସନ୍ତୁଷ୍ଟ ନ ହୋଇ ସେ ଜମି ଉପରେ
(ଟଙ୍କି ବାଜଆପ୍ତି—ଅନ୍ୟରୂପ) ଅଧିକା ଖଜଣା ବସାଇ ଅଛନ୍ତି—
Resumed Ṭaṅki lands.

ଟଙ୍କି ବାହେଲ୍—ଦେ. ବି—ଯେଉଁ ଟଙ୍କି ଜମିମାନଙ୍କ ସନନ୍ଦ ପରୀକ୍ଷା
Ṭaṅki bāhel କରି ସରକାର ବାହାଦୁର ତାହା ଅନୁମୋଦନ
ଟଙ୍କି ବାହଲ୍(ଲ) } ଅନ୍ୟରୂପ
ଟଙ୍କି ବାହେଲ }
କରିଅଛନ୍ତି—Confirmed Ṭaṅki tenures.
(ଯଥା—ଏହା ଦୁଇ ଶ୍ରେଣୀର—ଦେବୋତ୍ତର ଟଙ୍କି ବାହେଲ ଓ ବ୍ରହ୍ମୋତ୍ତର ଟଙ୍କି ବାହେଲ ।)

ଟଙ୍କିବାହେଲ ଫଏସଲା—ଦେ. ବି—ଯେଉଁ ଆଦେଶଦ୍ୱାରା ଟଙ୍କି ବୃତ୍ତି ସବୁ
Ṭaṅki-bāhel phaesalā ଇଂରାଜ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ଅନୁମୋଦିତ ହୋଇଅଛି—Judgment confirming Ṭaṅki tenures.

ଟଙ୍କିଲ—ସଂ. ବିଣ.(ଟଙ୍କ୍ ଧାତୁ + ଇଲ)—ପାହାଡ଼ିଆ; ଟାଙ୍ଗର (ପ୍ରଦେଶ)—
Ṭaṅkila Hilly; stony; rocky; mountainous (tract).
ଦେ. ବିଣ—ଖଟାଳିଆ—Sour.

ଟଙ୍କୀ—ସଂ. ବି—ଶ୍ରୀରାଗର ରାଗିଣୀବିଶେଷ (ହ୍ର. ଶବ୍ଦସାଗର)—
Ṭaṅkī Name of a secondary musical air.

ଟଙ୍କୁରିତ—ଦେ. ବି—୧ । ରୋମାଞ୍ଚିତ—
Ṭaṅkurita With hairs standing on end.
୨ । ଟାଙ୍କୁରି ଥିବା (ଲୋମ)—2. Bristling (hairs).

ଟଙ୍କୁରିବା—ଦେ. କ୍ରି—ଟାଙ୍କୁରିବା (ଦେଖ)
Ṭaṅkuribā Ṭāṅkuribā (See)

ଟଙ୍କେ—ଗ୍ରା. ବି—ଟଙ୍କାଏ; ଏକଟଙ୍କା ମାତ୍ର—
Ṭaṅke One rupee only.

ଟଙ୍କେଇତ—ଦେ. ବିଣ. ପୁଂ—ଧନଶାଳୀ—
Ṭaṅkeita Rich; owning a large cash-
টাকাওয়ালা टकैत
(ଟଙ୍କେଇତି – ସ୍ତ୍ରୀ)

ଟଙ୍ଗ—ସଂ. ବି. (ଟଙ୍ଗ୍ ଧାତୁ + କରଣ. ଅ)—
Ṭaṅga ୧ । ଟାଙ୍ଗିଆ—1. Hatchet.
୨ । ସୋହାଗା—2. Borax.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଦ୍ଧ ନ ମିଳିଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଖଣତା—3. Hoe; spud.

୪ । ଜଙ୍ଘ; ଫଳିଅ—4. Thigh; part of the leg between the knee and buttock.

୫ । ୪ ମସା ପରିମାଣ—
5. A standard of weight; 68 grains troy.

୬ । ଗୋଡ଼ର ପେଣ୍ଡା (ହି. ଶବ୍ଦସାଗର)—
6. The calf of the leg.

ଦେ. ବିଣ. (ସଂ. ତୁଙ୍ଗ ଓ ଫା. ତଙ୍ଗ୍ = ଟାଣୁଆ, ସିଧା)—
ଟଙ୍ଗ ୧ । ସର୍ବୋଚ୍ଚ—1. Heighest.
ତଙ୍ଗ (ଯଥା—ଟଙ୍ଗ ଡାଳରେ ଅମ୍ବ ଅଛି ।)

୨ । ଦୁଇ ପାଖ ଭୂମିରେ ଠିକ୍ ମତେ ନ ଲାଗି ମଝିଟା ଲାଗି ଥିବାରୁ ହଲଚଲ ହେଉଥିବା (ପଥର ଆଦି)—
2. Not securely set; bobbing (as an uneven stone when set on the ground); touching the ground in the middle but not at both ends.

୩ । ତଙ୍ଗ; କ୍ରୋଧ ଦ୍ୱାରା ଯାହାର ଦେହ ଉନ୍ନତ ବା ସିଧା ହୋଇଅଛି—3. With the body stiffened with anger.

୪ । ଉଦ୍ଧୃତ (ଲିଙ୍ଗ)—
4. Stiffened and erect (male organ).

୫ । ଦୃଢ଼—5. Stiff.

ଟଙ୍ଗଟଙ୍ଗ—ଦେ. ଅ. (ସଂ. ତଙ୍ଗ ଧାତୁ = କମ୍ପନ ବା ପଦସ୍ଖଳନ;
Ṭaṅga-ṭaṅga ଯୋଗେଷ୍ଟନ୍)—୧ । ସାଧାରଣ ଭାବରେ ଗୋଡ଼
टंगस् टंगस् ଉଠାଇ ଦେହକୁ ସିଧା କରି ପଦ କ୍ଷେପ କରି
डग ଚାଲିବା ପ୍ରକାରେ (ଅନାସ୍ଥା ବା ଗର୍ବ ପ୍ରକାଶ କରି
(ଟଙ୍ଗର ଟଙ୍ଗର—ଅନ୍ୟରୂପ) ବା ଖାତିର ନକରି ଚାଲିଯିବା ପ୍ରକାରେ ।
1. In a striding or stalking manner; (indicating pride or unconcern).
(ଯଥା—ସେ ମୋ କଥା ନ ଶୁଣି ସେଠାରୁ ଟଙ୍ଗଟଙ୍ଗ ଚାଲିଗଲା ।)

୨ । ଜମିକୁ ଗହିରିଆ ଚାଷ ନ କରି ଉପରଠାଉରିଆ କରି ହଳ ବୁଲାଇବା ପ୍ରକାରେ—2. Superficially; not deeply (as in ploughing).

ବାହ୍ମଣ ଚାଷା ହଳ ଟଙ୍ଗଟଙ୍ଗ ଉପରେ ଘାସ । ଡାକ ।

୩ । ପଥର ଓ କାଠ ଗଡ଼ ଇତ୍ୟାଦିର ଦୁଇ ପାଖ ଓ ମଧ୍ୟଭାଗ ଭୂମିରେ ସମାନ ହୋଇ ନ ବସିବାରୁ ମଝିଟା ଭୂମିରେ ଲାଗିଥାଇ ଏ ପାଖ ସେ ପାଖ ନ ଲାଗିବା ପ୍ରକାରେ—
3. Unevenly (set) (said of a stone or log).

୪ । ଟଂ ଟଂ (ଦେଖ)—4 Ṭaṁ ṭaṁ (See)

ଟଙ୍ଟାଙ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଟଂ ଟଂ ଶବ୍ଦ କରିବା
Ṭaṅg-ṭāṅg ପ୍ରକାରେ (ଯଥା—ଘଣ୍ଟ ବାଜିବା; ବେହେଲା ତାର ବାଜିବା)—1. Making a twang or chiming sound.

୨ । ଟଙ୍ଗଟଙ୍ଗ (ଦେଖ)—2. Ṭaṅga-ṭaṅga (See)

ଟଙ୍ଗଣ—ସଂ. ବି. (ଟଙ୍କ ଧାତୁ + କର୍ତ୍ତୃ. ଅନ)—
Ṭaṅgaṇa ୧ । ଟାଙ୍ଗଣା; ସୋହାଗା—1. Borax.

୨ । ଜଡ଼ା ହେବା; ସଂଲଗ୍ନ କରିଯିବା (ହି. ଶବ୍ଦସାଗର)—
2. To be stuck to.

ଟଙ୍ଗଣ ମଙ୍ଗଣ ହେବା—ଦେ. କ୍ରି—୧ । ଏପାଖ ସେପାଖ ଯିବା ଆସିବା
Ṭaṅgaṇa maṅgaṇa hebā କରିବା—1. To come and
টোটো করে বেড়ান go; to walk about.
टकराते फिरना, ୨ । କିଛି କାର୍ଯ୍ୟ ନ ଥାଇ ଏ ପାଖରୁ ସେପାଖ
टक्कर खाना, डग मारना ଚାଲିବା ବୁଲିବା; ଚାଲିଯିବା ଓ ଚାଲି ଆସିବା-2. To take a walk up and down without having any particular object or aim; to loaf about; to wander aimlessly.

ଟଙ୍ଗ ମଙ୍ଗ ହେବା—ଦେ. କ୍ରି—ଟଙ୍ଗଣ ମଙ୍ଗଣ ହେବା (ଦେଖ)
Ṭaṅga maṅga hebā Ṭaṅgaṇa maṅgaṇa hebā(See)

ଟଙ୍ଗା—ଦେ. ବି. (ସଂ. ଟଙ୍କ୍ ଧାତୁ = ବାନ୍ଧିବା; ତୁଳ. ସଂ. ତୁଙ୍ଗ = ଉଚ୍ଚ;
Ṭaṅgā ସଂ. ଟଙ୍କଣ; ଟଙ୍ଗଣ = ଜଡ଼ା ହେବା; (ହି. ଶବ୍ଦସାଗର)—
টাঙ্গা ୧ । ବାନ୍ଧି କରି ଝୁଲାଇବା; ଲଟକାଇବା—
टाँगना 1. Hanging; suspending a thing.

୨ । ଲିଆରୁ ଧାନ ବାହାର କରିବା ସକାଶେ ବାଉଁଶ କାଠିରେ ତିଆରି ହୋଇଥିବା ଏକପ୍ରକାର ଟୋକେଇ; ଖଇଝଡ଼ା-
খইচালা 2. A kind of wicker-work seive for
झरना sifting chaff from fried paddy.

ବିଣ—ଝୁଲା ହୋଇଥିବା; ଝୁଲୁଥିବା—
Hung; suspended; hanging.

ଟଙ୍ଗା ଅଛି କେତେ ତହିଁ ପ୍ରାକୃତର ଦ୍ରବ୍ୟ ସାମଗ୍ରି କ ରୂପି
ଚନ୍ଦ୍ରାମଣି • ବନମାଳୀ ।

ପ୍ରାଦେ. (ସମ୍ବଲପୁର) ବି. (ତୁଳ. ଉର୍ଦ୍ଦୁ ଟାଙ୍ଗା)—ଦୁଇ ଚକିଆ ଆବରଣଯୁକ୍ତ ଘୋଡ଼ା ଗାଡ଼ି (ଏଥିରେ ଗୋଟିଏ ଘୋଡ଼ା ଲାଗେ)—Dog-cart; two-wheeled horse-cart with a hood.

ପ୍ରାଦେ. (କୁଜଙ୍ଗ) ବି—ଧରା ଯାଉଥିବା ମାଛ ରଖିବାର ଖାଲୋଇ-
A basket used by fisherman for keeping fish while fishing.

ଟଙ୍ଗା(ଙ୍ଗେ)ଇବା—ଦେ. କ୍ରି—ଟାଙ୍ଗିବା କ୍ରିୟାର ଣିଜନ୍ତ ରୂପ—
Ṭaṅgā(ṅge)ibā The causative form of ṭāṅgibā.
টাঙ্গান ୧ । ଲଟକାଇବା; ଟାଙ୍ଗିବା; ଝୁଲାଇବା—
टंगवाना 1. To hang or suspend a thing.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଓ

୨ । ଦଉଡ଼ି ଦ୍ୱାରା ବାନ୍ଧି ଓହୋଳାଇବା—
2. To have a thing suspended by means of a string.

୩ । ଝୁଙ୍ଗାଇବା; (ଲିଙ୍ଗ) ଉଦ୍ଧୃତ ହେବା—
3. (the penis) To become stiff and erect.

ଟଙ୍ଗାଟଙ୍ଗି—ଦେ. ବି.—ନାନା ପଦାର୍ଥ ଟାଙ୍ଗିବା କର୍ମ—
Taṅgātaṅgi Act of hanging many articles.
টাংগা টাংগী टाँगा टाँगी

ଟଙ୍ଗା ମାରିବା—ପ୍ରାଦେ. (ଗଞ୍ଜାମ) କ୍ରି.—ଘଣ୍ଟା ମାରିବା; ଘଣ୍ଟା ବଜାଇବା—
Taṅgā māribā To ring the bell.

ଟଙ୍ଗା ଯିବା—ଦେ. କ୍ରି.—ଟାଙ୍ଗିବା କ୍ରିୟାର କର୍ମବାଚ୍ୟରୂପ—
Taṅgā jibā Passive voice of Tāṅgibā.
টাঁগাহওয়া टँगना
(ଟଙ୍ଗା ହେବା—ଅନ୍ୟରୂପ)

ଟଙ୍ଗାରି—ସଂ. ବି. (ଟଙ୍କ+ଅରି)—ସାନ କୁରାଢ଼ି; ଟାଙ୍ଗିଆ—
Taṅgāri Small axe.
ଦେ. ବି.—ଅନୁଗୁଳର ପର୍ବତବିଶେଷ—
Name of a mountain of Angul in Orissa.
[ଦ୍ର—ଏହାର ଉଚ୍ଚତା ୧୯୫୨ ପୃଷ୍ଠା ।]

ଟଙ୍ଗିବା—ଦେ. କ୍ରି. (ସଂ. ଭୁଗ୍ନ ବା ପା. ଭଗ୍ନ; ସଂ. ଟଙ୍ଗଣ)—
Taṅgibā ୧ । ପଥରର ଦୁଇ ପ୍ରାନ୍ତ ଓ ମଧ୍ୟଭାଗ ଭୂମିରେ ସମତଳ
হিলনা ଭାବରେ ନ ଲାଗିବାରୁ ଚାପାର ମଝିଟା ଭୂଇଁରେ ଲାଗିଥିବା
ବେଳେ ଦୁଇପାଖ ଭୂମିରେ ଠିକ୍ ହୋଇ ନ ଜମିବା; ଡିଗି-
ଡିଗେଇବା; ଟଙ୍ଗଟଙ୍ଗ ହେବା—1. To bob; not to sit stiff or firm on the ground (said of a stone not properly set on the ground and becoming unsteady like a sea-saw when pressure is put on one end of it).
উঠা ୨ । (ଲିଙ୍ଗ) ଉଦ୍ଧୃତ ହେବା; ଝୁଙ୍ଗେଇବା—
खड़ाहोना 2. To become rigid and erect (said of a male organ when excited).

ଟଟ୍‌ଟଟ୍‌—ଦେ. ଅ. (ଧ୍ୱନ୍ୟନୁକରଣ)—ଅବ୍ୟକ୍ତ 'ଟଟ୍' (ଜିଭ ଓ ତାଳୁଦ୍ୱାରା
Ṭat-ṭat ଉତ୍ପନ୍ନ) ଶବ୍ଦ;ପଶୁଅଦିଙ୍କୁ ଗୁଳନା କରିବା ନିମନ୍ତେ ପାଟିରେ
টটটট্ ଉଚ୍ଚାରିତ ହେବା ଠାକରା—The sound 'Ṭat' made
तत तत् by the tongue taken back to the palate while driving cattle.

ଟଟଣୀ—ଦେ. ବି. (ଟଟ୍ ଟଟ୍ ଶବ୍ଦ କରୁଥିବାରୁ, ଭୁଲ. ବି. ଟିକ୍-
Ṭattani ଟିକ୍)—ଝିଟିପିଟି—House-lizard.

ଟଟରୀ—ସଂ. ବି.—୧ । ଢାଇଁ ଢାଇଁ; ଢୋଲର ଶବ୍ଦ (ହି. ଶବ୍ଦସାଗର)—
Ṭattari 1. The sound of drum-beating.
୨ । ବାଲଙ୍ଗି; ବାଗାଡ଼ମ୍ବର (ହି. ଶବ୍ଦସାଗର)—
2. Boast; bombast.
୩ । ଥଟ୍ଟା (ହି. ଶବ୍ଦସାଗର)—3. Joke.

ଟଟି—ଦେ. ବି. (ସଂ. ତଟୀ=ନଦୀ ଆଦିର କୂଳ; ହି.ରୁ ଅନୁକୃତ)—
Ṭaṭṭi ମଳ ମୂତ୍ର ତ୍ୟାଗ କରିବା ନିମନ୍ତେ ଚାଟି ବନ୍ଧା ବା ଘେରା
পায়খানা, টাট্টি ସ୍ଥାନ; ପାଇଖାନା—
टट्टी (ଟଟ—ଅନ୍ୟରୂପ) Latrine.

ଟଟି ଫେରିବା—ଦେ. କ୍ରି.—ଟଟି ଯିବା ୨ (ଦେଖ)
Ṭaṭṭi pheribā Ṭaṭṭi jibā 2 (See)
(ଟଟ ଫେରିବା—ଅନ୍ୟରୂପ)

ଟଟି ଯିବା—ଦେ. କ୍ରି.—୧ । ମଳ ତ୍ୟାଗ କରିବା ପାଇଁ ପାଇଖାନାକୁ
Ṭaṭṭi jibā ଯିବା—1. To go to the privy to ease
ঘাটে যাওয়া oneself.
टट्टी जाना ୨ । ଝାଡ଼ା ଫେରିବା—
(ଟଟ ଯିବା—ଅନ୍ୟରୂପ) 2. To ease one's self.

ଟଟୁ—ଦେ. ବି. (ହି.ରୁ ଅନୁକୃତ) ଦୃଢ଼କାୟ, ସହିଷ୍ଣୁ, ଏବଂ କ୍ଷୁଦ୍ର ଘୋଡ଼ା;
Ṭaṭṭu ଟାଙ୍ଗୁ; ଅନାଦରପାଳିତ କ୍ଷୁଦ୍ର ଘୋଡ଼ା; ଦଳଶିଆ ଘୋଡ଼ା
টাট্টু A tat; a pony; a nag.
टट्टू (ଟଟୁ—ଅନ୍ୟରୂପ)

ଟଟର—ସଂ. ବି.—ଭେରୀର ଶବ୍ଦ—(ହି· ଶବ୍ଦସାଗର)—
Ṭattara The sound of a bugle.

ଟଣ୍‌କନି—ଦେ. କ୍ରି. ବିଣ.—(ଧ୍ୱନ୍ୟନୁକରଣ)—୧ । ଟଣ୍ ଟଣ୍ ଶବ୍ଦ
Ṭaṇ-kini କରି—1. Making a tinkling sound.
টন্ করে (ଯଥା—ଘଣ୍ଟା ଟଣ୍‌କନି ବାଜିଲା ।)
टनटन ୨ । ତୀବ୍ର ବେଦନା ବା ବଥା କରି—
2. Giving acute pain.
ଟଣ୍ କରି, ଟଣ୍‌କନା, ଟଣ୍ କରି, ଟଣକିଏ —ଅନ୍ୟରୂପ
୩ । ହଠାତ୍—3. Suddenly.
(ଯଥା—ସୂତା ଖଣ୍ଡ ଟଣ୍‌କନି ଛିଣ୍ଡି ଗଲା ।)

ଟଣ୍‌ଟଣ୍‌—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଘଣ୍ଟି ବାଜିବାର ଶବ୍ଦ—
Ṭaṇ-ṭaṇ 1. Chiming sound of a bell or gong or
টন্‌টন্ clock.
टनटन [ଦ୍ର—ଟଣୁ ଟଣୁ ଠାରୁ ଟଣ୍ ଟଣ୍ ଉଚ୍ଚତର ଶବ୍ଦ ।]
୨ । ଶରୀରରେ ଧମ୍ ଧମ୍ ବା ଧକ୍ ଧକ୍ ବେଦନା ଅନୁଭୂତ—
2. Throbbing bodily pain.
୩ । ବଥ ପାଚ ଫାଟି ଯିବା ପୂର୍ବରୁ ପୂଜ ଜମାହେବା ହେତୁ
ଅନୁଭୂତ ତୀବ୍ର ବେଦନା; ଠକ ଠକ—3. Acute pain felt before a boil bursts; twitching or aching sensation; acute throbbing sensation.
୪ । କାନବିନ୍ଧିବାର ତୀବ୍ର ବେଦନା—
4. Acute pang of the ear-ache.
୫ । ଠିକ୍ ଠିକ୍; ପୂର୍ଣ୍ଣ ମାତ୍ରାରେ—5. Fully; to the fill.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପଗତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କ୍ରିଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଟଣକ—ଦେ. ବି. (ସଂ. ତନ ଧାତୁ; ସଂ. ଟଙ୍କ ଧାତୁ)—୧ । ବ୍ୟଥାପ୍ରଦ ବଥ; ବ୍ରଣ—1. Painful boil.
Ṭaṇaka
ଟନ୍‌କ ଚଡ଼ ଉପରେ ଟଣକର ଘା । ପ୍ରବଚନ ।
ट्नक ୨ । ହାତ ଅଙ୍ଗୁଳିର ଗଣ୍ଠିଦ୍ୱାରା ଶରୀରର ହାଡୁଆ ସ୍ଥାନରେ କରାଯିବା; ଆଘାତ; ଠଣା—2. A rap with the knuckles on a bony part of the body.

ଦେ. ଵିଣ—ଟାଣ—Hard.

ଟଣକପଣ—ଦେ. ବି—ଟାଣପଣ; ମନର ଦମ୍ଭ; ସହିଷ୍ଣୁତା—
Ṭaṇaka-paṇa Strength of mind; fortitude.

ଟଣକା—ଦେ. ବି. (ତନ୍ ଧାତୁର ଣିଜନ୍ତ ତାନ ଧାତୁ=ଆକର୍ଷଣ କରିବା; ବିସ୍ତାରିତ କରିବା)—୧ । ଯେଉଁ ଦଉଡ଼ି ଦୁଇ ଗୋଟି ପଦାର୍ଥକୁ ବା ଏକ ପଦାର୍ଥର (ଯଥା—ଶଗଡ଼ର ଚାଳିର) ଦୁଇ ବିପରୀତ ଅଂଶକୁ ପରସ୍ପର ଆଡ଼କୁ ଟାଣି ଧରି ରଖେ—1. A string which is tied to the two ends of a thing or to two things to bring them towards each other.
Ṭaṇakā
टनका
डोरी
टनटानानि ୨ । ଶରୀରରେ ଅନୁଭୂତ ଟଣା—
टहक 2. Aching pain.
(ଯଥା—କାନ ଟଣକା ।)

ଟଣକିବା—ଦେ. କ୍ରି. (ସଂ. ତନ ଧାତୁ)—(କାନ) ଟଣିବା—
Ṭaṇakibā To ache (said of the ear.)
टनटन करा टनटन करना

ଟଣା—ଦେ. ବି. (ସଂ. ତନ ଧାତୁ)—୧ । ଟାଣିବା—
Ṭaṇā 1. Drawing out; extending; pulling.
টানা ୨ । ତନ୍ତରେ ଲୁଗା ବୁଣିବା ପାଇଁ ଲମ୍ବ ବାଗର ସୂତା
टाब ଦେବା; ଟାଣି—2. Laying the warp in the loom.
[ଦ୍ର—ତନ୍ତରେ ଚଉଡ଼ାବାଗର ସୂତା ଦେବାକୁ ବୁଣା ବା ଭରଣି ବୋଲାଯାଏ ।]
୩ । (ଶରୀରର) ବେଦନା—3. Aching pain; throbbing pain; pang.
(ଯଥା—କାନଟଣା, ପେଟଟଣା ।)
ବିଣ—ବିସ୍ତାରିତ ହୋଇଥିବା—Drawn; extended; pulled.

ଟଣା(ଣେ)ଇବା—ଦେ. କ୍ରି. (ସଂ. ତନ ଧାତୁ ଣିଚ୍ ତାନ ଧାତୁ)—
Ṭaṇā(ṇe)ibā ଟାଣିବାର ଣିଜନ୍ତ ରୂପ—
টানান The causative form of 'ṭāṇibā'; to cause to draw.
तनाना; टनाना

ଟଣାଓଟରା—ଦେ. ବି—୧ । ପରସ୍ପର ଓଟରା ଓଟରି ବା ଟିଙ୍କାଟିଙ୍କି—
Ṭaṇā-oṭarā 1. Mutual pulling or straining.
টানাটানি ୨ । ବିଶେଷ ଭାବରେ ଟାଣିବା ବା ଟିଙ୍କିବା—
खींचतान 2. Pushing or shoving; straining.

ଟଣାଟିଙ୍କା } ଅନ୍ୟରୂପ ୩ । ଏକ ବସ୍ତୁକୁ ଏକ ସମୟରେ ବିପରୀତ ଦିଗରୁ ଟିଙ୍କିବା—
ଟଣାଟଣି
3. Pulling a thing simultaneously from opposite directions.
୪ । (ସମୟ ବା ଧନର) ଅଭାବ; ନଅଣ୍ଟ—
4. Want; deficiency; falling short.

ଟଣା ପଙ୍ଖା—ଦେ. ବି—ଯେଉଁ ପଙ୍ଖା ଛାତରୁ ଝୁଲି ହୋଇ ରହିଁରେ ଦଉଡ଼ି ଲାଗି ହାତଦ୍ୱାରା ଟଣା ଯାଇ ପବନ କରାଯାଏ—Ceiling-fan.
Ṭaṇā pankhā
টানাপাখা

ଟଣା ଯିବା—ଦେ. କ୍ରି—ଟାଣିବା କ୍ରିୟାର କର୍ମବାଚ୍ୟ ରୂପ—
Ṭaṇā jibā The passive voice of Ṭāṇibā.
টানা যাওয়া ସୁରର ସୂକ୍ଷ୍ମ ଦର୍ଘ ଲୁହ୍ମମସ୍ୱ ଚନ୍ଦ୍ରାତପ ଟଣାଯିବ ।
तानाजाना ବଳଦ୍ରୁମ୍ୟ. ସଙ୍ଗୀତ ।
(ଟଣା ହେବା—ଅନ୍ୟରୂପ)

ଟଣ୍ଟା—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟା (ଦେଖ)
Ṭanṭā Tanṭā (See)

ଟଣ୍ଟି—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟି (ଦେଖ)
Ṭanṭi Tanṭi (See)

ଟଣ୍ଟିଆ—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟିଆ (ଦେଖ)
Ṭanṭiā Tanṭiā (See)

ଟଣ୍ଡେଇ—ପ୍ରାଦେ. (ସମ୍ବଲପୁର) ବି—ଡାହାଣୀ—
Ṭandai Witch.

ଟନ୍—ବୈଦେ. ବି. (ଇଂ. ଟନ୍)—ବାଲେଣ୍ଟାଇ ଓଜନରେ ୨୭½ ମହଣ; ୨୦ ହନ୍ଦର—Ton (weight); 20 hundred-weight; about 27½ standard maunds.
Ṭan
টন
टन

ଟନିକ୍—ବୈଦେ. ବି. (ଇଂ)—ଅରୋଗ୍ୟୋନ୍ମୁଖ ରୋଗୀ ବା ଦୁର୍ବଳ ବ୍ୟକ୍ତିର ବ୍ୟବହାର୍ଯ୍ୟ ବଳକାରକ ଔଷଧବିଶେଷ—
Ṭanik Tonic (medicine).
টনিক
टनिक

ଟନେଲ୍—ବୈଦେ. ବି. (ଇଂ. ଟନେଲ୍)—ପର୍ବତାଦିର ଗର୍ଭରେ ବା ଭୂଗର୍ଭରେ ସୁଡ଼ଙ୍ଗ ଖୋଳାଯାଇ କରାଯିବା ବାଟ—
Ṭanel Tunnel.

ଟପ୍—ବୈଦେ. ବି. (ଇଂ)—୧ । ଗାଡ଼ି ଓ ଡାମ୍‌ଯାନ୍ ଆଦି ଉପରେ ଥିବା ଛତାକାର ଆବରଣ—1. Hood of a carriage or sedan-chair.
Ṭap
টপ
टप ୨ । (ଇଂ. ଟାପ୍) ଜଳ ନିଷ୍କାସନ ପାଇଁ ଦେହର ଅଂଶ
টাপ टेप ବିଶେଷ (ଯଥା, କୋଷ, ପେଟ)କୁ ଫୋଡ଼ିବା—
टेप 2. Tapping.

ଟପ୍ କରିବା—ଦେ. କ୍ରି—ଏକଶିରା ବା ଜଳକୋଷ ବା ଜଳୋଦରୀ ରୋଗୀର ପେଟରୁ ଜଳୀୟ ଅଂଶ ନିଷ୍କାସଣ କରିବା ନିମନ୍ତେ ଉକ୍ତ ଅଂଶ ଫୋଡ଼ିବା—
Ṭap karibā
টাপ করা
टेप करना To tap a hydrocele or a dropsy.

୧	ଇ	ଉ	ର,ହ୍ର	ଷ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଉପ୍	ଡ଼ଅ	ଋ
୨	ଈ	ଊ	ରୁ	ଲୃ	ଯ୍ୱ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍

ଟପ୍‌ଟପ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଟପଟପ (ଦେଖ)
Ṭap-ṭap Ṭapaṭapa (See)

ଟପ୍‌ଟାପ୍—ଦେ. ଅ ଓ କ୍ରି. ବିଣ—ଟପଟପ (ଦେଖ)
Ṭap-ṭāp Ṭapaṭapa (See)

ଟପକ ନବିସ୍—ଦେ. ବି—୧ । ଚୁଗୁଲିଆ; ଯେଉଁ ଲୋକ ଜଣକର ଗୁପ୍ତ
Ṭapaka nabis କଥାକୁ ଅନ୍ୟବ୍ୟକ୍ତିର କାନରେ ଗୋପନରେ
ଟପକନବିସି } ବିଣ କହିଦିଏ ବା ପ୍ରକାଶ କରେ—
ଟପକନବିସିଆ } 1. One who reports secretly; a
(ଟପକନବସି—ଅନ୍ୟରୂପ) secret reporter; a backbiter;
टपक नविस informer.

୨ । ଯେଉଁ ଲୋକ ସାମାନ୍ୟରେ କୌଣସି କାର୍ଯ୍ୟକୁ ସାରିଦିଏ ଓ ମଝିରେ ଅନେକ ବିଷୟ ବା ଅଙ୍ଗ ଛାଡ଼ିଯାଏ—
2. A person who does any work in a slip-shod manner.

ଟପକ ନବିସି—ଦେ. ବି—ଟପକ ନବିସ୍ (ଦେଖ)
Ṭapaka nabisi Ṭapaka nabis (See)
टपकनवीसी ଦେ. ବି—ଟପକନବିସ୍‌ର କର୍ମ—
The act of a backbiter.
ଦେ. ବିଣ—ଟପକନବିସିର କୃତ (କର୍ମ)—Slipshod (act).

ଟପକ ବିସିନି—ଦେ. ବି—ବଦରସିକ ବ୍ୟକ୍ତି—
Ṭapaka bisini An ill-mannered gallant.

ଟପକା(କେ)ଇବା—ଦେ. କ୍ରି—୧ । ଟପକିବା କ୍ରିୟାର ଣିଜନ୍ତରୂପ—
Ṭapakā(ke)ibā 1. The causative of Ṭapakibā.
टपकाना ୨ । ଟପାଇବା (ଦେଖ)
टपकाना 2. Ṭapaibā (See)

ଟପକିବା—ଦେ. କ୍ରି. (ସଂ. ଟପ ଧାତୁ=କ୍ଷରଣ; ଅଥବା ଟପଟପ ଧ୍ୱନ୍ୟନୁ-
Ṭapakibā କରଣ)—୧ । କୌଣସି ଜଳପୂର୍ଣ୍ଣ ପାତ୍ରରୁ ବା
टपका କୋଠାର ଛାତରୁ ଛିଦ୍ର ବାଟେ ଠୋପା ଠୋପା ହୋଇ
टपकना ଜଳ ପଡ଼ିବା—To drip; to ooze or fall drop by drop (said of water from a leaking vessel or roof).

୨ । କୌଣସି ଉଚ୍ଚ ସ୍ଥାନକୁ ଡେଇଁ କରି ଯିବା—
2. To leap or jump over a high place.

ଟପଟପ—ଦେ. ଅ. (ଧ୍ୱନ୍ୟନୁକରଣ) (ସଂ. ଟପ ଧାତୁ=କ୍ଷରଣ; ସଂ.
Ṭapaṭapa ଅଟୋପ)—
टपटप ୧ । ବଡ଼ ବଡ଼ ଠୋପାରେ ବର୍ଷା ହେବା—
टपाटप; टिपटिप 1. Pattering of rain.

୨ । ଆଖିରୁ ବଡ଼ ବଡ଼ ଠୋପାରେ ବହୁତ ଲୁହ ବୋହିବା—
2. Weeping profusely; shedding profuse tears.

ଟପଟପି ଧାର ବରଷୁ ଅଛ ଯେ ତୋ କଳ୍ପକ ଗଣ୍ଡସ୍ଥଳ—
ବଦସରସ୍ୟ. ସଙ୍ଗୀତ ।

୩ । କୌଣସି ପଦାର୍ଥକୁ ମୁନିଆଁ ପଦାର୍ଥରେ ଫୁଟାଇବା—
3. Thursting a pointed thing into a soft thing.

ହୃଦା ବେଦନା କୁଅ କ ଜାଣେ
ଟପଟପ କରି ଠେଙ୍ଗାରେ ହାଣେ—ତନ ।

୪ । ପରର ମନକୁ ବାଧିଲା ପରି କଷ୍ଟ ବଚନ କହିବା—
4. Speaking out harshly or sharply; in a pain spoken manner.

ଟପଟପ କଥା କେତେ ସହିବ—ଅଭିମନ୍ୟୁ, ବଦଗଧଚନ୍ଦ୍ରାମଣି ।

(ଟପର ଟପର—ଅନ୍ୟରୂପ) କ୍ରି. ବିଣ—ତୀକ୍ଷ୍ଣଭାବରେ (ମୁନିଆଁ ଜିନିଷର ମୁନ ନରମ ପଦାର୍ଥରେ ଭୁଷିବା)—Sharply.
(ଯଥା—କୁଣ୍ଡୁଟାକୁ ଦେହରେ ଟପଟପ ଫୋଡ଼ି ଦେଉଛି ।)

ଟପନବିସ୍—ଦେ. ବିଣ—ଟପକ ନବିସ୍ (ଦେଖ)
Ṭapanabis Ṭapaka nabis (See)
(ଟପନବସି—ଅନ୍ୟରୂପ)

ଟପ ଯନ୍ତ୍ର—ଦେ. ବି· (ଇଂ. ଟାପ୍ ଓ ସଂ. ଯନ୍ତ୍ର)—ଅଣ୍ଡକୋଷ ଅନ୍ତରୁ ଜଳ
Ṭapa jantra ବାହାର କରିବା ପାଇଁ ବ୍ୟବହୃତ ଡାକ୍ତରଙ୍କ ମୁନିଆଁ
टपयन्त्र ଶଲାକାବିଶେଷ—Tapping instrument.
टपजन्तर

ଟପର ଟପର—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭapara ṭapara ୧ । ବଡ଼ ବଡ଼ ଠୋପାରେ ମେଘ ବରଷିବା
टपटप ଶବ୍ଦ—1. Pattering sound of rain.
टपाटप ମେଘ ବରଷିଲା ଟପର ଟପର ମୋ ଦୁଆରେ କିଏ ରେ ?—ଲୋକଗୀତ ।

[ଦ୍ର—ଏହାଠାରୁ ଶ୍ରେଷ୍ଠ ବର୍ଷାକୁ ଝୁପୁରୁ ଝୁପୁରୁ, ତାଠାରୁ କ୍ଷୀଣତର ବର୍ଷାକୁ ଟିପିଟିପି, ତହୁଁ କ୍ଷୀଣରେ ବର୍ଷାକୁ ଝିପିଝିପି ଓ ତହୁଁ କ୍ଷୀଣରେ ବର୍ଷାକୁ ଗୁଣ୍ଡାଗୁଣ୍ଡା କହନ୍ତି ।]

ଟପା—ଦେ. ବି. (ସଂ. ଲମ୍ଫ)—୧ । ସରଳ ତାଳଯୁକ୍ତ ଗୀତବିଶେଷ—
Ṭapā 1. A solo; a short light air in music; a
टप्पा short merry song.
टप्पा (ଟପ୍ପା—ଅନ୍ୟରୂପ)
ডাক ୨ । (ତୁଳ. ଦାବଡ଼—ଟପାଲ) ଚିଠି ନେବାର ଡାକ;
डाक ପୋଷ୍ଟ—2. Post.

ଟପା ଥିବା ଘର କବଳ ଗୋବର ଯେବେ ସମାଗର ଗୋପେ—
କବିସୂର୍ଯ୍ୟ, କଳୋଘରଗମ୍ଭ . ଟ-ଗୀତ ।

୩ । ଟପିବା; ଡେଇଁବା—3. Leaping; jumping.
୪ । ଯେଉଁ ଲୋକ ଡାକଥଳି ବହେ—
4. Post-man; postal runner.

ବାଟୋଇର ଭବ ଦେଖି ନାହଁସ ମଧ ଚୋଠ ଅଡ଼କୁ ଗହୁଁ କହୁଲ
ଓହୋ ଟପାଠା ହାତୁଡିର ସେ—ଫକୀରମୋହନ, ଛମାଣ ଆଠଗୁଣ୍ଠ ।

টাগা ୫ । ଡାଗ ସିଲାଇ ବସ୍ତୁଦୁଇ ବ୍ୟବଧାନରେ ଗୋଟାଏ
टपा ଲେଖାଏ ଟାଙ୍କା ଦେଇ କରାଯିବା ସିଲେଇ; ଡାଗ—
5. Long stitch.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଢ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ଅପରାର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ, 'କ୍ଷଅ' ନ ମିଳିଲେ 'କ୍ଷଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପ୍ରାଦେ. ୧ । (ଗଞ୍ଜାମ) ବି—ଯାନାଦିର ଡାକ—1. Relay of horses for travelling a long distance.

୨ । (ଗଡ଼ଜାତ) ବି—ରାଜାଦେଶରେ ପ୍ରଜା ମଧ୍ୟ ଦେଇ ଏକ ଗ୍ରାମରୁ ଗ୍ରାମାନ୍ତର- କ୍ରମେ ଦୂର ଦେଶରୁ ପତ୍ରାଦି ନିଆ ଯିବାର ବନ୍ଦୋବସ୍ତ—2. An arrangement of taking letters from village to villege.

୩ । (ସମ୍ବଲପୁର) ବି—ବ୍ୟଙ୍ଗୋକ୍ତିଦ୍ୱାରା କୌଣସି ବ୍ୟକ୍ତିକୁ ଚିଡ଼ାଇବା—3. Teasing a person by innuendoes.

ଟପା(ପେ)ଇବା—ଦେ. କ୍ରି—୧ । ଟପିବା କ୍ରିୟାର ଣିଜନ୍ତରୂପ—
Ṭapā(pe)ibā 1. The causative form of Ṭapibā.
टपाना ୨ । ଟପି ଯିବାର ଉପାୟ କରିବା; ଡିଆଁଇବା—
टपवाना; टपकाना 2. To cause to leap or jump over.

୩ । ଅତିକ୍ରମ କରାଇବା—
3. To cause to exceed or to outrun.
(ଯଥା—ପଛର ଅଶ୍ୱାରୋହୀ ଆଗରେ ଯାଉଥିବା ଘୋଡ଼ାକୁ ଟପାଇ ଆପଣା ଘୋଡ଼ାକୁ ଝପଟେଇ ନେଇ ଗଲା ।)

ଟପାଟପ୍—ଦେ. କ୍ରି. ବିଣ—୧ । ଅବିରାମ; ଗୋଟା ଗୋଟା କରି ଏକା-
Ṭapā-ṭap ଥରକେ—1. In quick succession; without
टपाठप stopping.
टपाटप ମୂନ ଋଷି ପାଇଲେ ଟପାଟପ ପାଣିରେ ବୁଡ଼ାଇ ଦେଲେ— ଉପେନ୍ଦ୍ର ଭଞ୍ଜ, ପିପୀଲି ଗମାସୁଣ ।

୨ । ଟପଟପ ଭାବରେ—2. With a continuous pattering sound (as of rain).
(ଯଥା—ବର୍ଷା ଟପାଟପ୍ ଗୁଲିଛି ।)

ଟପାନବିସ୍—ଦେ. ବିଣ—ଟପକ ନବିସ୍ (ଦେଖ)
Ṭapānabis Ṭapaka nabis (See)
(ଟପାନବିସି—ଅନ୍ୟରୂପ)

ଟପାନବିସିଆ—ଦେ. ବିଣ—ଟପକ ନବିସି (ଦେଖ)
Ṭapānabisiā Ṭapaka nabisi (See)

ଟପାବାଲ—ପ୍ରାଦେ. (ଗଞ୍ଜାମ) ବି—ଡାକବାଲା; ଡାକପିଅନ—
Ṭapā-bālā Postman.

ଟପାଲ—ଦେ. ବି—ଟପାଳିଆ (ଦେଖ)
Ṭapāḻa Ṭapāḻiā (See)

ଟପାଳିଆ—ଦେ. ବିଣ—ପଛଭାରୁଆ (ଶଗଡ଼); ଉଲାର—
Ṭapāḻiā (a cart) Which is lightly loaded on
(ଝୁରୁ, ନଦିଭ—ବ୍ୟବହାର) the front side and heavier on the back side.

ଟପିବା—ଦେ. କ୍ରି. (ସଂ. ପତ୍ ଧାତୁ=ଗତି କରିବା; ପତ୍ ଧାତୁ ବ୍ୟବ-
Ṭapibā ହାରରେ ଟପ୍ ହୋଇଅଛି; କିମ୍ବା ସଂ. ଲଙ୍ଘ ଧାତୁ)—
टपना ୧ । ଲମ୍ଫ ପ୍ରଦାନ କରି ଡେଇଁ ଯିବା—
टपना 1. To jump or leap over.

୨ । ଅତିକ୍ରମ କରିବା—2. To exceed; to pass over.
ଅସରନ୍ତି ଶୃଙ୍ଗ ଟପି ଭେଟିଥିବ ଯାଇଁ ଯାହା ହିମଗିରି ଶିଖର । — ନନ୍ଦକିଶୋର, କୃଷ୍ଣକୁମାରୀ ।

୨ । ବଳି ପଡ଼ିବା—2. To excel.
(ଯଥା—ପାଠରେ ସେ ସମସ୍ତଙ୍କୁ ଟପି ଯାଏ ।)

ଟପୁଡିଆଁ—ଦେ. ବିଣ—୧ । କୌଣସି କାର୍ଯ୍ୟକୁ ଏଠୁଁ ସେଠୁଁ କରିବା;
Ṭapu-diāñ ଉଅଠଅ କରି କରାଯିବା (କର୍ମ)—
1. Done in a slovenly manner.
(ଯଥା—ତାର ଯେତେକ କାମ ସବୁ ଟପୁଡିଆଁ ।)

୨ । ଆବଡ଼ା ଖାବଡ଼ା—2. Rough; uneven.

୩ । ଟପୁଡିଆଁ (ଦେଖ)—Ṭapu-ḍiāñ (See)

ଟବ୍—ବୈଦେ. ବି. (ଇଂ)—ନାନ୍ଦ; କୁଣ୍ଡ—
Ṭab Tub.
टब् ଦେ. ଅ. (ଧ୍ୱନ୍ୟନୁକରଣ)—
टब् କୌଣସି ଭାରି ବସ୍ତୁର ପାଣିରେ ପଡ଼ି ବୁଡ଼ିଯିବାର ଶବ୍ଦ-
टुब **छप** The thumping sound of a heavy thing falling and sinking in water.
ଟବ୍ ପରି ଗରସେ ବୁଡ଼ିବ ଯେବେ । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଟବ୍ କରି—ଦେ. ଅ—(ପାଣିରେ କୌଣସି ପଦାର୍ଥ ଭାରି ପଡ଼ି) ହଠାତ୍
Ṭab kari (ବୁଡ଼ିଯିବା ଶବ୍ଦ)—At once; with a splash
टुबबारे (said of a heavy thing falling and
छपकरे sinking in water.)
(ଟବ୍‌କିନା, ଟବ୍‌କିନି, ଟବ୍‌କରି, ଟବ୍‌ଦିନ୍—ଅନ୍ୟରୂପ)

ଟବ୍‌ଟବ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଜଳ ଦ୍ୱାରା ଅର୍ଦ୍ଧାଧିକ ପୂର୍ଣ୍ଣ ପାତ୍ର
Ṭab-ṭab ଡହଳିଲେ ଯେଉଁ ଶବ୍ଦ ହୁଏ—
टुब् टुब् Sound caused by shaking a vessel
छपछप more than half full of water.
(ଟବର୍ ଟବର—ଅନ୍ୟରୂପ) (ଯଥା—ପଇଡ଼ଟାରେ ପାଣି ଟବ୍‌ଟବ୍ ହଉଛି ।)

[ତୁ—ଟବ୍‌ଟବ୍ ଠାରୁ ଟୁବ୍ ଟୁବ୍ ଶୁଦ୍ରତର ଶବ୍ଦ ।]

ଟବ୍‌ଟାବ୍—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭabṭāb ଜଳରେ କଉ ଆଦି ମାଛ ଉପରକୁ ଉଠି କ୍ଷଣେ
टुब टाब् ପୁଣି ବୁଡ଼ିଯିବାର ଶବ୍ଦ—Sound of small fishes
छपछप (as anabas) while coming up to the surface of water and immediately dipping into it.

ଟଭର—ଦେ. ବି. (ଜାହାଜିଆ ଶବ୍ଦ; ଇଂ ଟପ୍‌ସେଲ୍)—
Ṭabhara ଜାହାଜର ମାସ୍ତୁଲର ଅଗ ପାଖରେ ବନ୍ଧାହେବା ପାଲ—
Top sail.
ତୋଲ ଉପରେ ସବର, ଗଭର, ଟଭର—ପନ୍ଦରକୁ କଳମ ତୋଳି ଅର ବରଗାମାନ ଟେକ ଦେଇ ଶେଷ ଗୁଡ଼ାଇ ଠିକ କରି ରଖି ଦେଉଛନ୍ତି । — ଫକୀରମୋହନ, ଗଳ୍ପସ୍ୱଳ୍ପ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ଛ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ	ନ୍

ଟଭ—ଦେ. ବ. (ସଂ. ମାତୁଲଙ୍ଗ; ବୀଜପୂର)—
Tabhā ଈଷତ୍ ଅମ୍ଳ ଅତି ସୁଗନ୍ଧ ଏକ ଜାତୀୟ ବଡ଼ ଲେମ୍ବୁ—
टाबानेबु Citron.
बिजौरा

ଟଭରି—ଦେ. ବ—ବନ୍ୟ ବୃକ୍ଷବିଶେଷ—
Tabhāri Mallotus Pettata; a wild tree.
[ଦ୍ର—ଏହି ବୃକ୍ଷ ବିହାର, ମୟୂରଭଞ୍ଜ, ପୁରୀ ଓ ଅନୁଗୁଳରେ ଜନ୍ମେ । Haines.]

ଟମଟମ୍—ବୈଦେ. ବ. (ଇଂ. ଟାନ୍‌ଡେମ୍=ଆଗ ପଛ ହୋଇ ଯୋଚା ହୋଇଥିବା
Tam-tam ଘୋଡ଼ା ଲାଗିଥିବା ଗାଡ଼ି)—
टमटम ଏକ ଘୋଡ଼ା ଯୋଚା ଚଳାଇବା ବଗି ଗାଡ଼ି; ଦୁଇ-
टमटम ଚକିଆ ବଗି ଗାଡ଼ି—A dog cart.

ଟମକ—ଦେ. ବ. (ସଂ. ଦୁନ୍ଦୁଭି ଅନୁକରଣ)—୧ । ନାଗରା; ଢେଣ୍ଡୁରା—
Tamaka 1. Drum; tom tom.
टमटम ଟମକ ଯେ ବାଜେ କୁଳ ବଜାରେ ।
टमकी ବନମାଳୀ. ସଙ୍ଗୀତ ।
୨ । ନାଗରା ଦ୍ୱାରା ଘୋଷଣା—2. Proclamation; publication by beat of drum.

ଟମକ ନିଶାଣ—ଦେ ବ. (ସହଚର ଶବ୍ଦ)—ଟମକ ଓ ନିଶାଣ; ସାନ ଓ
Tamaka nisāna ବଡ଼ ନାଗରା—Drums big and small.
ବନା ମାଡ଼େ ବାଜି ଯିବ ଟମକ ନିଶାଣ । ପ୍ରାଚୀ. ବ୍ରହ୍ମବୈବର୍ତ୍ତ ଗୀତା ।

ଟମକ ବାଜିବା—ଦେ. ବ—କୌଣସି ବିଷୟ ସବୁଆଡ଼େ ଉଦ୍‌ଘୋଷିତ ହେବା—
Tamaka bājiba Wide publication of a matter
ଟମକଇ ବାଜଇ ଜଗତ ଯାକେ ଦୁ ଖ ନ ଜାଣ କପଟ ।
ବନମାଳୀ, ସଙ୍ଗୀତ ।

ଟମକିଆ—ଦେ. ବ—ଢେଣ୍ଡୁରା ଦେବା ଲୋକ; ନାଗରଚୀ—
Tamakiā Drummer.
ସେ ଭଗସ୍ ନାୟକ ଶୁଣି ବାହାରଇ
ଟମକିଆମାନଙ୍କ ଅଗରେ କହୁଇ । କୃଷ୍ଣସିଂ. ମହାଭାରତ. ବନ ।

ଟମଟମା—ଦେ. ବ. (ସ. ଦୁନ୍ଦୁ. ଇଂ. ଟମ୍‌ଟମ୍; ଟମଟମ୍ ଶବ୍ଦ
Tamatamā କରୁଥିବାରୁ)—ଢେଣ୍ଡୁରା; ନାଗରା—
टमटम Tomtom; drum.
टमकी

ଟମରସ—ପ୍ରାଦେ. (ବାମଣ୍ଡା) ବ—ପିଜୁଳି; ଜାମୁକୋଳିଆ—
Tamarasa Guava.

ଟମାଟମ୍—ଦେ. ବଣ—ଟୁମାଟୁମ୍ (ଦେଖ)
Tamātam Tumātum (See)

ଟର ଆମ୍ବିଲ୍—ପ୍ରାଦେ. (ସମ୍ବଲପୁର) ବ—ଖୁବ୍ ଆମ୍ବିଲା; ଭାରି ଖଟା—
Tar āmbil Very sour.

ଟରଟର—ପ୍ରାଦେ. (ସମ୍ବଲପୁର) କ୍ରି. ବଣ—
Tar tar ୧ । ବଲ୍ଲା ହୋଇ ଚାହିଁ ରହିବା ପ୍ରକାରେ; ବକବକ—
1. Staringly; looking on foolishly.
୨ । ସମ୍ପୂର୍ଣ୍ଣରୂପେ—2. Fully; deeply (black).
(ଯଥା—କଳିଆ ଟରଟର=ଚିପଣ୍ଡକଳା; ଘୋରକୃଷ୍ଣ ।)
ବଣ୍ଡ ଆଉସି କଳିଆ ଟର୍ ଟର୍
ପିଣ୍ଡି ଆଉସି ହଳ୍‌ଦିଆ ଗେର୍ ଗେର୍ । ସମ୍ବଲପୁର. ଗୀତ ।

ଟରର—ଦେ. ବଣ. (ସଂ. ଟଲ୍ ଧାତୁ)—୧ । ନିଶାରେ ଅଜ୍ଞାନ ବା
Tar-r ଅସ୍ଥିର; ଟଳଟଳଯୁମାନ; ଚୂର—
टर 1. Reeling with intoxication.
टर्रा ୨ । ଅତ୍ୟନ୍ତ କ୍ରୋଧାନ୍ଧ; କ୍ରୋଧାନ୍ଧ—
2. Maddened or blinded with rage.

ଟରକା(କେ)ଇବା—ଦେ. କ୍ରି—ଟରକିବା କ୍ରିୟାର ଣିଜନ୍ତରୂପ—
Taraka(ke)iba Causative of Tarakiba.
भागाना ଆସନ୍ନ ବିପଦ ବିଷୟରେ କୌଣସି ବ୍ୟକ୍ତି ବା ଜୀବକୁ ପୂର୍ବରୁ
टरकाना ସାବଧାନ କରି ଦେଇ ତାକୁ ସେ ସ୍ଥାନ ତ୍ୟାଗ କରିବାର ସୁବିଧା କରିଦେବା—To scare away a person or animal from a place by giving a hint of impending danger.

ଟରକିବା—ଦେ. କ୍ରି. (ସ. ଟଲ ଧାତୁ; ସ. ସତର୍କ)—
Tarakibā ଡରିବା; ଆସନ୍ନ ବିପଦ ବିଷୟରେ ପୂର୍ବରୁ ସତର୍କ-
भागा ହୋଇ କୌଣସି ସ୍ଥାନରୁ ଖସି ପଳାଇଯିବା—
टरकना To steal or flee away from a place after scenting danger betimes.

ଟରଣୀ—ବୈଦେ. ବ. (ଇଂ. ଅଟର୍ଣ୍ଣୀ)—ଟର୍ଣ୍ଣୀ (ଦେଖ)
Tarani Tarnni (See)
(ଟରନୀ—ଅନ୍ୟରୂପ)

ଟର୍କ—ବୈଦେ. ବ. (ଇଂ)—ତୁରସ୍କ ଦେଶୀୟ ଲୋକ—
Tark Turk.
तूर्क तुर्क

ଟର୍କି—ବୈଦେ. ବ. (ଇଂ)—୧ । ତୁରସ୍କ—
Tarki 1. Turkey (country).
तूर्की तुरकी ୨ । ମୟୂର ଜାତୀୟ ବିଦେଶୀ କୁକ୍କୁଟ—
2. Turkey (bird).

ଟର୍ଚ୍ଚ—ବୈଦେ. ବ. (ଇଂ. ଟର୍ଚ୍ଚ=ମଶାଲ)—ଟର୍ଚ୍ଚଲାଇଟ୍ (ଦେଖ)
Tarch Tarch lāit (See)

ଟର୍ଚ୍ଚଲାଇଟ୍—ବୈଦେ: ବ. (ଇଂ)—ମଶାଲ ଆକାରର ବୈଦ୍ୟୁତିକ ଲାଗିଥିବା
Tarch-lāit ବତୀଳବତ—Electric torch-light.
टॉर्चलाइट टर्चलाइट

ଟର୍ଣ୍ଣୀ—ବୈଦେ. ବ. (ଇଂ. ଅଟର୍ଣ୍ଣୀ=ମୁକ୍ତାର)—
Tarnni ଅର୍ଥଲୋଭରେ ମୁକ୍ତାର ଓକିଲଙ୍କ ନିକଟରେ ମକଦ୍ଦମା
टाउटर ଜୁଟାଇବା ଲୋକ—A tout; a procurer of
मकदमाका दालाल legal business for legal practitioners.
(ଟର୍ନୀ; ଟରଣୀ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟର୍ମ୍—ବୈଦେ. ବି. (ଇଂ)—୧ । କଲେଜ, ସ୍କୁଲ ଓ କଚେରିମାନଙ୍କ
Tarm ବଡ଼ବଡ଼ ଛୁଟିମାନଙ୍କ ମଧ୍ୟରେ ବ୍ୟବଧାନ ଥିବା ସମୟ
टर्म (ଯହିଁରେ କି ପିଲାମାନେ କଲେଜରେ ରହି ପାଠ ପଢ଼ନ୍ତି)—
टर्म 1. Term in a college, school or court.
[ଦ୍ର—ଭାରତବର୍ଷରେ ଗ୍ରୀଷ୍ମଛୁଟିଠାରୁ ପୂଜା ଛୁଟି ପର୍ଯ୍ୟନ୍ତ ଗୋଟିଏ ଟର୍ମ୍; ପୂଜାଛୁଟିଠାରୁ ଖ୍ରୀଷ୍ଟମସ୍ ଛୁଟି ପର୍ଯ୍ୟନ୍ତ ଗୋଟିଏ ଟର୍ମ୍ ।]
୨ । ଚୁକ୍ତିର ସର୍ତ୍ତ—2. Term of an agreement.

ଟର୍ମିନାଲ୍ ଟାକ୍ସ—ବୈଦେ. ବି. (ଇଂ)—କଲିକତା ପୁରୀ ପ୍ରଭୃତି ବଡ଼
Tarminal tāks ବଡ଼ ସହର ଓ ତୀର୍ଥକୁ ଯାଉଥିବା ଯାତ୍ରୀଙ୍କ
টর্মীনাল্ টেকস ଠାରୁ ରେଲ ଟିକଟ୍ ଉପରେ ରେଲ ମାସୁଲ
टर्मिनेल टीकस ଛଡ଼ା ଆଦାୟ କରାଯିବା ଅଧିକା ଟାକ୍ସ—
Terminal tax.
[ଦ୍ର—ଏହି ଟାକ୍ସ ପ୍ରତ୍ୟେକ ଟିକଟ୍ କିଣିବା ଲୋକଠାରୁ ଦୁଇପଇସା ବା ଚାରିପଇସା ଲେଖାଏଁ ଆଦାୟ ହୁଏ ଓ ତାହା ଟିକଟର ମାସୁଲ ସଙ୍ଗେ ସାମିଲ ହୋଇ ଆଦାୟ କରାଯାଏ । ରେଲ କୋମ୍ପାନୀ ତାହା ଏକାଠେଇଁ କରି ଗଭର୍ଣ୍ଣମେଣ୍ଟଙ୍କୁ ଦିଅନ୍ତି । ଏତଦ୍ଦ୍ୱାରା ଗଭର୍ଣ୍ଣମେଣ୍ଟ ଉକ୍ତ ସ୍ଥାନର ସ୍ୱାସ୍ଥ୍ୟୋନ୍ନତିଜନକ କାର୍ଯ୍ୟର ବ୍ୟୟ ନିର୍ବାହ କରନ୍ତି ।]

ଟଳ୍ (ଧାତୁ)—ସଂ—ବିଚଳିତ ବା ବିକଳ ହେବା—
Tal (root) To totter; to reel.

ଟଳଟଳ—ଦେ. ବିଣ.—(ସଂ. ଟଳ୍ ଧାତୁ—ବୀପ୍‌ସା)—୧ । ଉତ୍କଣ୍ଠିତ;
Talatala ଅସ୍ଥିର—1. Anxious; restless.
টলটল ବୋଇଲେ ସେ ନାଥ ତୁମ୍ଭେ କି ପ୍ରତିଜ୍ଞା କଲ,
डगमग କୃପା କରି କହ ମୋତେ ମନ ଟଳଟଳ । ତୁଳସୀବିକ୍ରମ ରାମାୟଣ ।
୨ । ଦୋହଲୁ ଥିବା—2. Waving.
୩ । ଟଳୁଥିବା; ବିଚଳିତ ହେଉଥିବା—
3. Tottering; staggering.
ସେ ଜଳେ ନ ପାରଇ ରହି ଉମରେ ଟଳ ଟଳ ହୋଇ ।
ଯଶୋବନ୍ତ. ପ୍ରେମଭକ୍ତି ଗୀତା ।
୪ । ଯାହାର ମୂଳ ଭୂମିରେ ସ୍ଥିର ହୋଇ ବସି ନ ଥାଏ—
4. Unstable.
ଟଳଟଳ ହେବ ମେରୁ ଭୂଧର ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।
କ୍ରି. ବିଣ.—୧ । ଦୋହଲୁ ଥିବା ପ୍ରକାରେ; ବିଚଳିତ ହେଉଥିବା ପ୍ରକାରେ—1. Staggeringty; totteringty; reeling.
୨ । ଅସ୍ଥିର ଭାବରେ—
2. Unsteadily; unstably.
୩ । ଆସନ୍ନ ପତନର ଭୟ ଜନ୍ମାଉ ଥିବା ପ୍ରକାରେ—
3. Threatening to fall down.
ଟଳିଲା ହସ୍ତିନା-ହର୍ମ୍ୟସବୁ ଟଳଟଳେ ।
ରାଧାନାଥ. ବେଣୀସଂହାର ।

ଟଳଟଳାୟମାନ—ସଂ. ବିଣ. ପୁଂ.—୧ । ଟଳୁଥିବା—
Talatalāyamāna 1. Tottering; reeling.
(ଟଳଟଳାୟମାନା—ସ୍ତ୍ରୀ) ୨ । କମ୍ପମାନ—
2 Shaking; wavering.
୩ । ଅସ୍ଥିର—3. Restless.

ଟଳଟଳିଆ—ଦେ. ବିଣ. ଓ କ୍ରି. ବିଣ.—ଟଳଟଳ (ଦେଖ)
Talatalia Talatala (See)
টলটলিআ ଟଳଟଳିଆ ଏ ବନ୍ଧ ଅଟଇ । ଗ୍ରାମୀ, ପରବେ ଗୀତା ।

ଟଳମଟଳ—ଦେ. ବିଣ. ଓ କ୍ରି. ବିଣ.—ଟଳଟଳ (ଦେଖ)
Talamatala Talatala (See)
ଟଳମ୍‌ଟଳ, ଟଳମଟଳା, ଟଳମ୍‌ଟଳା }—ଅନ୍ୟରୂପ
କାହାର ହେଲେ ବାନର ବଳ,
କୁମ୍ଭ ହେଲା ଟଳମଟଳ
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଟଳମଳ—ଦେ. ବିଣ. ଓ କ୍ରି. ବିଣ.—ଟଳ ଟଳ (ଦେଖ)
Talamala Talatala (See)
ଅ.—୧ । ଟହ ଟହ (ଦେଖ)—1. Taha taha (See)
୨ । ଆଗ ପାଖ ଉପରକୁ ଉଠିଲା ବେଳେ ପଛ ପାଖ ତଳକୁ ଯାଉଥିବା ଓ ତଳ ପାଖ ଉପରକୁ ଉଠିଲା ବେଳେ ଆଗ ପାଖ ତଳକୁ ଯାଉଥିବା; ଚିପିଚିପା—2. Bobbing.

ଟଳା(ଳେ)ଇବା—ଦେ. କ୍ରି. (ସଂ. ଟଳ ଧାତୁ)—୧ । (ଟଳିବା କ୍ରିୟାର
Talā(le)ibā ଣିଜନ୍ତ ରୂପ)—ଟାଳିବା (ଦେଖ)
টালান 1. The causative form of taliba;
टलाना Tāliba (See)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଟଳାଟଳି କରିବା—ଦେ. କ୍ରି.—ଟାଳଟୁଳ ବା ଭଣ୍ଡାଭଣ୍ଡି କରିବା;
Talātali karibā ବାହାନାବାଜି ଦେଇ ସମୟକୁ ଅତିକ୍ରାନ୍ତ କରିବା
টালটুল করা, টালটোল করা To cause a fixed time-
टलाटलि करना limit to expire by various excuses.

ଟଳି ପଡ଼ିବା—ଦେ. କ୍ରି.—(ସଂ. ଟଳ ଧାତୁ)—୧ । ଟଳି କରି ତଳେ
Tali pardibā ପଡ଼ିଯିବା—1. To fall to the ground
টলেপড়া reeling; to topple down.
टलयाना ୨ । (ଲକ୍ଷଣାର୍ଥ) ମରିବା—
(ଟଳିଯିବା—ଅନ୍ୟରୂପ) 2. (figurative) To die.
୩ । (ଲକ୍ଷଣାର୍ଥ)—ଲୁପ୍ତ ହେବା—
3. (figurative) To disappear.
ଟଳି ପଡ଼ୁଥାଏ ମୋର କବେଚନା—କବିସୂର୍ଯ୍ୟ. ସଙ୍ଗୀତ ।

ଟଳିବା—ଦେ. କ୍ରି. (ସଂ ଟଳ ଧାତୁ)—୧ । (ମନ) ବିଚଳିତ ହେବା—
Talibā 1. (the mind) To be moved; to be
টলা **टलना** agitated.
ମେନକାର ନମେଷ ମାତ୍ର ଅପାଙ୍ଗ ଦୃଷ୍ଟିରେ ତା ମନ ଟଳି ଗଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଖସିପଡ଼ିବା; ଗଡ଼ି ପଡ଼ିବା—
2. To fall down; to come down.
ମଥାରୁ କୁମ୍ଭ ବିନ୍ଦୁ ଟଳିଲାରେ । କବିସୂର୍ଯ୍ୟ. ସଙ୍ଗୀତ ।

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଅ	ଞ୍ଚ	ଋ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଚ	ନ୍ଦ

୩ । (ପବନରେ) ଦୋହଲିବା—
3. To rock; to wave to and fro.

୪ । ଠିଆ ହୋଇ ନ ପାରି ଇତସ୍ତତଃ ଚଳିବା—
4. To stagger; to totter.

ପାତଲେ ଅମ୍ବ ପଣସ ଛାଡଲେ ସଙ୍ଗନ,
ଜଳନ୍ତ ଶରୀର ମୋ ଟଳନ୍ତ କଳେବର । ପ୍ରାଚୀ, ରହସ୍ୟମଞ୍ଜରୀ ।

୫ । (ପ୍ରତିଜ୍ଞା; କଥା) ଅନ୍ୟଥା ହେବା—
5. To be nullified; to be rendered

୬ । (ଉପାୟ) ନିଷ୍ଫଳ ହେବା—
6. To be frustrated.

୭ । (ନିର୍ଦ୍ଦିଷ୍ଟ ବେଳା) ଅତିକ୍ରାନ୍ତ ହେବା—
7. To expire; to pass by.

୮ । (ବଳ) କମିବା—8. To become less; to diminish.

୯ । (ଧୈର୍ଯ୍ୟ) ନାଶ ହେବା—9. To decline or vanish.

୧୦ । (ମନୁଷ୍ୟ ନିଦ୍ରାରେ) ଘାରି ହେବା; ଢଳିବା—
10. To reel; to dose.

୧୧ । (ମନ) ସନ୍ଦେହରେ ଦୋଳାୟମାନ ହେବା—
11. (mind) To waver, to hesitate.

୧୨ । (ମନରୁ ବିବେକ; ଅନୁରାଗ) ଲୁପ୍ତ ହେବା—
12. To disappear.

ପ୍ରତାପ ଯେ ଟଳୁଥିବ, ବିବେକ ତ ଟଳୁଥିବ—କବିସୂର୍ଯ୍ୟ. ସଙ୍ଗୀତ ।

୧୩ । (ମନ) ତରଳି ଯିବା; (କୌଣସି ବିଷୟ ପ୍ରତି) ଆକୃଷ୍ଟ ହେବା—13. (mind) To be enamoured of.

୧୪ । (ଆଦେଶ) ଉଲ୍ଲଙ୍ଘନ କରିବା; ଅତିକ୍ରମ କରିବା—
14. To violate; to transgress; to go beyond.

ସ୍ୱାମୀ ଶ୍ୱଶୁରଙ୍କ କଥାରୁ ସେ ପଦେ ଟଳେ ନାହିଁ—
କୁନ୍ତଳାକୁମାରୀ. ନଅଭୁଣୀ ।

୧୫ । ମୁଗ୍ଧ ହେବା—
15. To be captivated or charmed.

୧୬ । ବିଚଳିତ ହେବା; ମନର ସ୍ଥିରତା ହରାଇବା—
15. To lose one's balance of mind or mental equilibrium.

୧୭ । ସ୍ଥାନଚ୍ୟୁତ ହେବା; ସ୍ଖଳିତ ହେବା—
17. To be displaced; to budge.

୧୮ । (ଆଦେଶ) ଲଙ୍ଘିତ ହେବା; ଖଣ୍ଡିତ ହେବା; ଉଲ୍ଲଙ୍ଘିତ ହେବା—18. (order) To be violated or disobeyed.

ତୋ ଆଜ୍ଞା ଟଳିବ କଦାପି । ଭୂପତି. ପ୍ରେମପଞ୍ଚାମୃତ ।

୧୯ । (ଲକ୍ଷଣାର୍ଥ) ହାରିବା; ପରାଜିତ ହେବା—
19. (figurative) To be defeated.

୨୦ । (ଲକ୍ଷଣାର୍ଥ) ଅକୃତକାର୍ଯ୍ୟ ହେବା—
20. (figurative) To fail; not to succeed.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଟଲେମି—ଦେ. ବି. (ନାମ)—ଆଲେକଜାଣ୍ଡ୍ରିୟାର ପ୍ରସିଦ୍ଧ ଗ୍ରୀକ୍ ଜ୍ୟୋତିଷୀ—Ptolemy.
Ṭalemi
टलेमी [ଦ୍ର—ଏହାଙ୍କ ଗ୍ରନ୍ଥକୁ ମୂଳ କରି ସଂସ୍କୃତ ଜ୍ୟୋତିଷ
टलेमी ରୋମକସିଦ୍ଧାନ୍ତ ରଚିତ । ଅଶୋକଙ୍କ ଲିପିରେ ଏହାଙ୍କ ନାମ ତୁରମୟ ବୋଲି ଲେଖାଅଛି ।]

ଟସକର—ଗ୍ରା. (ପଦ୍ୟ) ବି. (ସଂ. ତସ୍କର)—ତସ୍କର ୧ (ଦେଖ)
Ṭasakara — Taskara 1 (See)

କଟୁଅଳ ତେ **ବଳିଷ୍ଠ, ଚୋର** ଟସକର ବାଟେ ବୁଡ଼ା ପଡ଼ିଲା—
ପ୍ରାଚୀ ପ୍ରତାପ. ଶଶିସେଣା ।

ଟସର (ଇତ୍ୟାଦି)—ତସର **ଇତ୍ୟାଦି (ଦେଖ)**
Ṭasara (etc) — **Tasara** etc (See)

ଟସର ମିଶାଇ ଦେଲେ **ନବ ଅଧ ପସର ଚଉଠ ପାଃ**—
କବିସୂର୍ଯ୍ୟ. ସଙ୍ଗୀତ ।

ଟସ୍କର—ଦେ. **ବି. (ସଂ. ତସ୍କର)—ତସ୍କର ୧ (ଦେଖ)**
Ṭaskara — **Taskara 1 (See)**

ଟହକ—ଦେ. **ବିଣ. (ସଂ. ଟଙ୍କ=ରକ୍ତବର୍ଣ୍ଣ)**—
Ṭahaka ୧ । ସୁନ୍ଦର; ରମଣୀୟ; ମନୋହର—
1. Beautiful; graceful.

ଟହକହାସୀ **କଶୋରୀ** ମନ, ଟକ ଧରି ରସେ ବୁଡ଼ିବ ଘେନ—
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨ । ରକ୍ତବର୍ଣ୍ଣ—2. Red.

ଟହକ ଗଛର ମହକ ଫଳ, **ଉପରେ କାହିଁକି** ପଡ଼ିଲୁ ?—ଡଗ ।
(ଆମ୍ବଗଛର ଫଳକୁ ଲକ୍ଷ୍ୟ କରି ।)

ଟହଟ—ଦେ. ଅ—ଟହଟହ (ଦେଖ)
Ṭahaṭa — Ṭahaṭaha (See)

ଟହଟହ—ଦେ. ଅ. (ସଂ. **ଅଟ୍ଟହାସ୍ୟ**)—**ଉଚ୍ଚହାସ୍ୟ ଧ୍ୱନି**—
Ṭahaṭaha — Loud laugh.

ହାସ ପ୍ରକାଶ କଲେ ଟହଟହ ହୋଇ—କୃଷ୍ଣସିଂହ. ମହାଭାରତ. ଅଦି ।

टुकटुक ଦେ. ବିଣର ବିଣ—୧ । (ଏହି ଅର୍ଥରେ 'ରଙ୍ଗ ଟହଟହ'
टहटह ପ୍ରୟୋଗ ହୁଏ) ଅତ୍ୟନ୍ତ ଗାଢ଼ (ରକ୍ତ ବର୍ଣ୍ଣ)—
Deep (red).

୨ । ସମ୍ପୂର୍ଣ୍ଣରୂପେ (ପକ୍ୱ)—2. Fully (ripe).

ଟହବର—ଦେ. ବି—ଶିବିକା; ପାଲିଙ୍କି; ଡାମଯାନ—
Ṭahabara — Palki; sedan chair.

ବିଜେ ହେଲେ ଟହବରେ ମହାଗର୍ବ ଦେଖେ—ଚିନ୍ତାମଣି. ବକ୍ରମାଦିତ୍ୟ ।

ଟହଲ—ଦେ. **ବି. (ହିନ୍ଦିରୁ ଅନୁକୃତ; ସଂ. ଚଳ ଧାତୁ)**—
Ṭahala ୧ । **ପରିକ୍ରମା; ବୁଲାବୁଲି**—
टहल 1. Wandering; walking up and down;
टहल roving; rambling, perambulation.

୨ । **ସ୍ୱାସ୍ଥ୍ୟରକ୍ଷାର୍ଥେ** ଭ୍ରମଣ—
2. Constitutional walk.

ସାଧାରଣ ଲୋକେ ଅପରିଷ୍କାରରେ ମୂର୍ଦ୍ଧନ୍ୟ ବର୍ଣ୍ଣ ଓ ମାତ୍ରା ଏବଂ ଦନ୍ତ୍ୟ ବର୍ଣ୍ଣ ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଣ୍ଠ' ନ ମିଳିଲେ 'କୁଣ୍ଠ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଘୋଡ଼ାକୁ ସକାଳେ ସଇସର ଟହଲାଇବା—
3. The taking out of a horse for a morning walk or stroll.

୪ । ଚାକରି—4. Service.

୫ । ଗୃହର ବା ଦେବ ମନ୍ଦିରର ବା ମଠର ନୀଚ କାର୍ଯ୍ୟ—
5. Menial household duties.

୬ । ସେବା; ଶୁଶ୍ରୂଷା—
6. Service of or attendance on a master.

ଟହଲ ଟାକର୍—ଦେ. ବି—୧ । ଗୃହର ଛୋଟ ବା ନୀଚ କର୍ମମାନ—
Tahala ṭākara 1. Petty or menial works of the household.
ଟହଲ ଟାକର, **टहलटकोर**

ଟହଲ ଟାକରି, ଟହଲ ଟୁକ୍‌ରି, ଟହଲ ଟୁକ୍‌ସ } ଅନ୍ୟରୂପ
୨ । ପ୍ରଭୁଙ୍କର ଡାକହାକ ଶୁଣିବା କର୍ମ—
2. Personal service and carrying out orders of the master; acts of an orderly.

୩ । ସେବା ଶୁଶ୍ରୂଷା—4. Acts of service of or attendance on a person.

ଟହଲଦାର୍—ଦେ. ବି—ଟହଲିଆ (ଦେଖ)
Tahaladār Tahaliā (See)

ଟହଲ ବଜା(ଜେ)ଇବା—ଦେ. କ୍ରି—ଆପଣା ଉପରେ ନ୍ୟସ୍ତ ଚାକରିର କର୍ତ୍ତବ୍ୟ କର୍ମ ନିର୍ବାହ କରିବା—
Tahala baja(je)ibā To render one's fixed service.
ଟହଲ ବାଜାନ
टहल बजाना

ଟହଲ ମାରିବା—ଦେ. କ୍ରି (ବ୍ୟଙ୍ଗ)—ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ବିନା କାର୍ଯ୍ୟରେ ବୁଲିବା—
Tahala māribā To walk up and down aimlessly.

ଟହଲା(ଲେ)ଇବା—ଦେ. କ୍ରି—୧ । ଟହଲିବା କ୍ରିୟାର ଣିଜନ୍ତରୂପ—
Tahalā(le)ibā 1. The causative form of 'ṭahalibā'
ଟହଲାନ
टहलवाना
୨ । ଘୋଡ଼ା ଆଦିଙ୍କୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ପ୍ରତିଦିନ ସକାଳୁ ବୁଲାଇନେବା; ଶ୍ରମ ଅପନୋଦନାର୍ଥ ଚଲାଇବା—
2. To take out for a walk; to walk up and down (a horse).

ଘୋଡ଼ା ଗୃହେଶ୍ୱର ଯେଉଁଠାରେଣ ଦେଲେ
ଟହଲର ସାରଣ ଧର ଛଡ଼ା ହେଲେ – କୃଷ୍ଣସିଂହ. ମହାଭାରତ. ବନ ।

୩ । ବୁଲାଇବା; ଚଲାଇବା—
3. To cause to move.

ଟହଲିଆ—ଦେ. ବି. ପୁଂ (ହିନ୍ଦୀ. ଟହଲୁଆ)—
Tahaliā ୧ । ସେବାକାରୀ; ଯେଉଁ ଚାକର ପ୍ରଭୁଙ୍କର ସେବା କରେ ବା ଆଦେଶ ବହନ କରେ—
ଟହଲିୟା
टहलुआ 1. Orderly servant; personal attendant.
(ଟହଲିଆଣୀ—ସ୍ତ୍ରୀ)

୨ । ପାଇକଆଳ—2. Menial servant.

୩ । ଦେବାଳୟ ବା ମଠର ନୀଚଭୃତ୍ୟସେବାକାରୀ ବୈଷ୍ଣବ—
3. A mendicant who does the menial duties of a temple or math.

ଟହଲିବା—ଦେ. କ୍ରି (ସ. ଚଲ ଧାତୁ)—୧ । ପଇଁତରା କରିବା; ଆଗକୁ
Tahalibā ପଛକୁ ବୁଲାବୁଲି କରିବା; ଭ୍ରମଣ କରିବା—
ଟହଲା 1. To walk up and down; to go backward and forward.
टहलना

୨ । ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ବୁଲିବା—
2. To take a constitutional walk.

୩ । ଧୀରେ ଧୀରେ ବୁଲିବା—
3. To move or walk slowly.

ଟହୁ—ଦେ. ବି—ଟଉ (ଦେଖ)
Tahu Tau (See).

ଟା—ଦେ (ଅବ୍ୟୟ)—୧ । (ଅନାଦରାର୍ଥ ପ୍ରତ୍ୟୟ; ଅନ୍ୟ ସଂଖ୍ୟାବାଚକ
Ṭā ଶବ୍ଦ ସଙ୍ଗେ ଯୋଗ ହେଲେ ସଂଖ୍ୟା ନିର୍ଦ୍ଦେଶ କରେ)—
ଟା (ଏଠେ) ଗୋଟା—
टा 1. (Particle affixed to a word to denote number) So many.
(ଟି—ଆଦରାର୍ଥକ)

(ଯଥା—ଦଶଟା ଲୋକ ଆସିଥିଲେ ।)

୨ । (ବସ୍ତୁ ନିର୍ଦ୍ଦେଶକ; ବକ୍ତାର ଦୃଢ଼ତାଦ୍ୟୋତକ ବ୍ୟବହାର)—ସେ; ତାହା; ଏହା—
2. (used in emphasis) That; this; it.
(ଯଥା—ଗୋରୁଟା ଫସଲ ଖାଇଗଲା ।)
[ଦ୍ର—ଏହିପରି ସ୍ଥଳରେ ଆଦରାର୍ଥରେ ଟି ପ୍ରତ୍ୟୟ ହୁଏ ।]

୩ । (ଏଠେ) ଘଣ୍ଟା ବାଜିବା ସମୟ—
3. O'clock.
(ଯଥା—୫ଟା ବେଳ ହେଲାଣି ।)

ଟାଅଁଶ—ଦେ. ବଣ (ଭୁଲ. ସଂ. କର୍କଶ)—
Ṭā-ā̃nsa ଟାଅଁଶା (ଦେଖ)—
Ṭā-ā̃nsā (See).

ଟାଅଁଶା—ଦେ. ବଣ (ଭୁଲ. ସଂ. କର୍କଶ)—
Ṭā-ā̃nsā ୧ । କର୍କଶ; କରଡ଼ା (ଲୋମ ବା କେଶ)—
କଡ଼ା 1. Rough; tough; bristling; wiry (said of hair).
कड़ा

୨ । ଟାଣୁଆ; ନିଷ୍ଠୁର (କଥା)—
2. Rough; harsh or cruel (words).

୩ । ଦୃଢ଼—3. Firm

୪ । କଠିନ—4. Hard.

୫ । ଅବାଧତାପୂର୍ଣ୍ଣ (କଥା)—
5. Impudent (words); impertinent.

୬ । କରଡ଼ା; ଚେମଡ଼ା—6. Tenacious.

୧	ଈ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଦୃ	ଡଅ	ଣ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଦଅ	ଙ	ନ୍

ଟାଇ—ବୈଦେ. ବି. (ଇଂ. ଟାଇ=ବନ୍ଧନୀ)—
Ṭāi ୧ । ଦୁଇ ଜଣ ପରୀକ୍ଷାର୍ଥୀଙ୍କର ପରୀକ୍ଷାରେ ସମାନ ନମ୍ବର
টাই ରହିବା ଅବସ୍ଥା—
टाइ 1. A tie between two examinees.
୨ । ଦୁଇ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କର ଖେଳରେ ସମାନ ଫଳ ପାଇବା ଅବସ୍ଥା—
2. A tie between two players in a game.
[ଦ୍ର—ଏ ଦୁଇଜଣଙ୍କୁ ଉଚ୍ଚତର ଓ ନିମ୍ନତର ନ କରି ଦୁଇଜଣଙ୍କ ନାମ ଲେଖି ଗୋଟିଏ ବ୍ରାକେଟ୍ ବା ବନ୍ଧନୀ ଦିଆଯାଏ ।]

ଟାଇଆ—ଦେ. ବି—ଟାହୁଆ (ଦେଖ)
Ṭāiā Ṭāhiā (See)

ଟାଇଁ କରି—ଦେ. କ୍ରି. ବିଣ. (ସଂ. ଟଙ୍କାର)—
Ṭāiṅ kari ୧ । ଟାଇଁ ଟାଇଁ ଶବ୍ଦ କରି—
ঠন্ করে 1. With a hard sound like that of a
ठनाक metal striking a metal.
ଟାଇଁ କିନା; ଟାଇଁକରି } ଅନ୍ୟରୂପ
ଟାଇଁ ଦସ୍; ଟାଇଁ ଧସ୍ }
୨ । ଖୁଣ୍ଟିକିନା; ହଠାତ—
2. All on a sudden.

ଟାଇଁଟାଇଁ—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭāiṅ-ṭāiṅ ୧ । କଠିନ ବା ଧାତୁମୟ ପଦାର୍ଥରେ କୌଣସି
ঠনঠন କଠିନ ବସ୍ତୁ ବାଡ଼େଇବାର ଧ୍ୱନି—
ठनठन 1. Metallic hard sound; sound of striking a metal with another hard substance.
[ଦ୍ର—ଘଣ୍ଟା ବାଡ଼େଇବାର; କମାର ହାତୁଡ଼ିରେ ଲୁହା ବାଡ଼େଇବାର; ଖୁଣ୍ଟରେ ଟେଳାଟାଏ ଫମ୍ପା ବାଣ୍ଡିରେ ଜୋରରେ ବାଜିବାର ଶବ୍ଦକୁ ଟାଇଁ ଟାଇଁ ଶବ୍ଦ ବୁଝାଯାଏ ।]
୨ । ତୀବ୍ର; ପ୍ରଚଣ୍ଡ; କଠୋରଭାବରେ—
2. Afflicting; giving pain; sharply.
(ଯଥା—ଖରାଟା ଟାଇଁ ଟାଇଁ ମାରୁଛି ।)
୩ । ଟାଉଁ ଟାଉଁ; ବକବକିଆ; ଚଢ଼ଚଢ଼—3. Fretting.
ଅଜ ସବୁବେଳେ ଟାଇଁ ଟାଇଁ, ଗଣ୍ଡା ପୁରଅଁ ଜନ ମାଇଁ—ଡଗ ।

ଟାଇଁଟାଇଁଆ—ଦେ. ବିଣ—୧ । ପ୍ରଚଣ୍ଡ ବା ତୀବ୍ର (ରୌଦ୍ର)—
Ṭāiṅ-ṭāiṅā 1. Blasting; very hot (rays of the sun).
(ଯଥା—ଆଜି ଭାରି ଟାଇଁଟାଇଁଆ ଖରା ହୋଇଛି ।)
୨ । ନିର୍ଜ୍ଜନ (ପଡ଼ିଆ)—
2. Lonely (field).
୩ । ବୃକ୍ଷଲତାଶୂନ୍ୟ ବା ଛାୟାଶୂନ୍ୟ (ସ୍ଥାନ)—
3. Open (tract of country); devoid of a shade to protect a wayfarer from the heat of the sun.
(ଯଥା—ଟାଇଁଟାଇଁଆ ଗହୀର ବିଲ ।)

୪ । ଯାହା ଦୃଢ଼ ପଦାର୍ଥଦ୍ୱାରା ଆହତ ହେଲେ ଟାଇଁ ଟାଇଁ ଶବ୍ଦ କରେ—
4 Producing a metallic clang when struck with a hard substance.

ଟାଇଟ—ବୈଦେ. ବିଣ. (ଇଂ)—ଟାଇଟ୍; କସି ହୋଇଥିବା—
Ṭāiṭ Tight.

ଟାଇଟଲ୍—ବୈଦେ. ବି. (ଇଂ. ଟାଇଟଲ୍)—ଲୋକଙ୍କୁ ଦିଆ ଯିବା
Ṭāiṭal ଉପାଧି—Title given to a person.
টাইটল टाइटल
(ଟାଇଟ୍ଲ—ଅନ୍ୟରୂପ)

ଟାଇଟଲ୍ ପରୀକ୍ଷା—ଦେ. ବି—୧ । ଯେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା
Ṭāiṭal parikshā ଛାତ୍ର କର୍ତ୍ତୃପକ୍ଷଙ୍କଠାରୁ ଉପାଧି ପାଏ—
টাইটেল পরীক্ষা Title-examination.
टाइटल परीक्षा ୨ । ସଂସ୍କୃତ ଟୋଲରୁ ଉତ୍ତୀର୍ଣ୍ଣ ହୋଇ କାବ୍ୟତୀର୍ଥ, ସାଂଖ୍ୟତୀର୍ଥ, ବେଦାନ୍ତତୀର୍ଥ ଆଦି ଉପାଧି ଯେଉଁ ପରୀକ୍ଷାରେ ମିଳେ—
2. Title-examination of Sanscit schools.

ଟାଇଟଲ୍ ପେଜ୍—ବୈଦେ. ବି. (ଇଂ)—ପୁସ୍ତକର ନାମ ଲେଖା ଥିବା
Ṭāiṭal pej ପୃଷ୍ଠା; ଉପର ପୃଷ୍ଠା—
টাইটেল পেজ Title-page of a book.
टाइटल पेज

ଟାଇମ୍—ଗ୍ରା. ବୈଦେ. ବି. (ଇଂ. ଟାଇମ୍)—୧ । ଟାଇମ୍ (ଦେଖ)
Ṭāim 1. Ṭāim (See)
টাইম टाइम ୨ । ସମୟର ନିୟମ ରକ୍ଷା—
(ଟାଇମ—ଅନ୍ୟରୂପ) 2. Punctuality.
୩ । ସୁବ୍ୟବସ୍ଥା—3. Good arrangement; method.

ଟାଇଟେଲ୍ (ଇତ୍ୟାଦି)—ଗ୍ରା. ବୈଦେ. ବି. (ଇଂ)—
Ṭāiṭel (etc) ଟାଇଟଲ ଇତ୍ୟାଦି (ଦେଖ)—Ṭāiṭal etc (See)

ଟାଇପ୍—ବୈଦେ. ବି. (ଇଂ)—୧ । ଛାଞ୍ଚରେ ଢଳା ହୋଇ ଥିବା
Ṭāip ସୀସାରେ ତିଆରି ଛାପିବାର ଅକ୍ଷର—
টাইপ 1. Type cast in mould for printing.
टाइप
୨ । ଛାପା ଅକ୍ଷରର ପ୍ରକାର—
2. Type; kind or class of printed letter.
[ଦ୍ର—ଛାପା ଅକ୍ଷରର ଆକାରପ୍ରକାରଭେଦରେ ଟାଇପର ଭିନ୍ନ ଭିନ୍ନ ନାମ ଅଛି—
ଯଥା—ଗ୍ରେଟ୍ ପ୍ରାଇମର୍, ଇଙ୍ଗ୍ଲିଶ୍ ବଡ଼ୀ, ପାଇକା, ସ୍ମଲ୍ ପାଇକା, ଲଙ୍ଗ୍ ପ୍ରାଇମର୍ ।]

ଟାଇପ୍ କପି—ବୈଦେ. ବି. (ଇଂ. ଟାଇପ୍ଡ୍ କପୀ)—ହାତଲେଖାର
Ṭāip kapi ଟାଇପ୍ କରାଯାଇଥିବା ନକଲ—
টাইপকাপী Typed copy.
टाईपकपि

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗ୍ୟାନ' ନ ପାଇଲେ 'ଅଜ୍ଞ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟାଇପ୍ କରିବା—ଦେ. କ୍ରି.—(ଇଂ ଟାଇପ୍)— ଟାଇପ୍ ରାଇଟର୍ ଯନ୍ତ୍ରରେ
Ṭāip karibā ଅକ୍ଷର ଛାପିବା—To type by the
টাইপ করা **टाईप करना** type-writer.

ଟାଇପ୍ କଲ— ଦେ. ବି.—ଟାଇପ୍-ରାଇଟର୍ (ଦେଖ)
Ṭāip kaḻa Ṭāip rāiṭar (See)
টাইপ কল

ଟାଇପ ଫାଉଣ୍ଡ୍ରୀ—ବୈଦେ. ବି. (ଇଂ)—ଛାପାଖାନାପାଇଁ ଶୀଶାର ଅକ୍ଷର
Ṭāip phāunḍrī ଢଳା ହେବା କାରଖାନା—
টাইপফাউণ্ড্রী; **टाइप फाउण्ड्री** Type-foundry.

ଟାଇପ୍‌ରାଇଟର—ବୈଦେ. ବି. (ଇଂ)—ଟାଇପ୍ କରିବାର କଳ—
Ṭāip-rāiṭar Type-writer.
টাইপরাইটর **टाईपराईटर**

ଟାଇ ପିନ୍—ବୈଦେ. ବି. (ଇଂ)—ପୁରୁଷମାନଙ୍କର କାମିଜରେ ଲାଗିଥିବା
Ṭāi pin ଏକପ୍ରକାର କଣ୍ଟା—Tie-pin.
টাইপীন **टाईपीन**

ଟାଇପିଷ୍ଟ—ବୈଦେ. ବି. (ଇଂ)—ଟାଇପ୍ କରି ଜାଣିଥିବା ଲୋକ—
Ṭāipishṭ Typist.
টাইপিষ্ট **टाईपीष्ट**

ଟାଇଫଏଡ ଜର—ଦେ. ବି. (ଇଂ ଟାଇଫଏଡ୍ + ଜ୍ୱର)—ବାତକଫ-
Ṭāiphaeḍ jara ପ୍ରକୋପଜନିତ ଏକପ୍ରକାର ସାଙ୍ଘାତିକ ଜ୍ୱର—
টাইফএড় Typhoid or enteric fever.
टाईफएड्

ଟାଇମ୍—ବୈଦେ. ବି. (ଇଂ)—୧ । ସମୟ—
Ṭāim 1. Time.
টাইম ୨ । ଉପଯୁକ୍ତ ସମୟ—
टाईम 2. Proper time.
୩ । ନିର୍ଦ୍ଦିଷ୍ଟ ସମୟ—3. Fixed time.

ଟାଇମ୍‌ଟେବଲ୍—ବୈଦେ. ବି. (ଇଂ ଟାଇମ୍‌ଟେବ୍‌ଲ୍)—ରେଲ ଗାଡ଼ିର
Ṭāim ṭebal ଯିବା ଆସିବାର ନିର୍ଦ୍ଦିଷ୍ଟ ସମୟଜ୍ଞାପକ ପୁସ୍ତକ—
টাইমটেবল Railway time-table.
टाईमटेबल
(ଟାଇମ୍‌ଟେବ୍ଲ, ଟାଇମଟେବୁଲ୍—ଅନ୍ୟରୂପ)

ଟାଇମ୍‌ପୀସ—ବୈଦେ. ବି. (ଇଂ)— ଟେବଲ ଉପରେ ବା କାନ୍ଥକୁଥରେ
Ṭāim-pis ରଖାଯିବା ଏକପ୍ରକାର ଘଣ୍ଟା—Time-piece.
টাইমপীস **टाइम पीस**
[ଦ୍ର—ଏହା ପକେଟ୍‌ଘଡ଼ି ବା ୱାଚ୍ ଠାରୁ ବଡ଼; ଏଥିରେ ସମୟଜ୍ଞାପକ ଘଣ୍ଟି ବାଜେ ନାହିଁ ।]

ଟାଇମସ୍—ବୈଦେ.ବି(ଇଂ)—ବିଲାତର ପ୍ରଧାନ ରାଜନୀତିକ ସମ୍ବାଦପତ୍ର—
Ṭāimas The Times newspaper of London.
টাইমস **टाइमस**
(ଟାଇମ୍ସ—ଅନ୍ୟରୂପ)

ଟାଇଲ୍—ବୈଦେ.ବି.(ଇଂ)— କୋଠାର ଛାତ ବା ମେଜିଆରେ ଖଞ୍ଜାହେବା
Ṭāil ଚତୁଷ୍କୋଣ ବା ବର୍ଗକ୍ଷେତ୍ରାକାର ପତଳା ଇଷ୍ଟକ—
টালি; টাইল্ **खपड़ा** Tile.
(ଟାଇଲ-ଅନ୍ୟରୂପ)

ଟାଉଁ ଟାଉଁ—ଦେ. କ୍ରି.ବିଣ—କର୍କଶ ଭାବରେ (କଥା କହିବା)—
Ṭāuñ ṭāñu Rudely (speaking).
ଦେ.ବିଣ—ଟାଉଁଟାଉଁଆ (ଦେଖ)
Ṭāuñ-ṭāuñā (See)

ଟାଉଁ ଟାଉଁଆ—୧ । ବିରକ୍ତିସୂଚକ ବା ବିରକ୍ତି ପ୍ରକାଶକ ବା କର୍କଶ
Ṭāuñ-ṭāuñā (କଥା)—1. Harsh (words)
୨ । ରୁକ୍ଷପ୍ରକୃତିକ (ବ୍ୟକ୍ତି)—2. Harsh-natured (person); surly; rude.

ଟାଉଁ ଟାଉଁ କରିବା—ଦେ. କ୍ରି—କ୍ରୋଧ ବା ଘୃଣାରେ
Ṭāuñ-ṭāuñ karibā (ନାସିକା) କୁଞ୍ଚନ କରିବା; (ନାକ) ଛିଞ୍ଚାଡ଼ିବା; ଚିଡ଼ ଚିଡ଼ ହେବା—To fret with anger or contempt.

ଟାଉଁ ଟାଉଁ ହେବା—ଦେ. କ୍ରି—କୌଣସି ବ୍ୟକ୍ତି ଉପରେ ବିରକ୍ତି-
Ṭāuñṭāuñ hebā ଭାବ ପ୍ରକାଶ କରିବା—
खीजना To fret at a person.

ଟାଉଁଶା—ଦେ. ବିଣ—ଟାଆଁଶା (ଦେଖ)
Ṭāuñsā Ṭā-añsā (Seee)

ଟାଉକା—ଦେ. ବି—ଯେଉଁ ଚୋର ସାମାନ୍ୟ ପଦାର୍ଥ ଚୋରିକରେ—
Ṭāukā Pilferer; petty thief.
ছিচকাচোর **अंटीबाज**

ଟାଉକା ଚୋର—ଦେ. ବି—ଟାଉକା (ଦେଖ)
Ṭāukā chora Ṭāukā (See)

ଟାଉଟ୍—ବୈଦେ. ବି (ଇଂ)—ଟର୍ଣ୍ଣୀ (ଦେଖ)
Ṭāuṭ Ṭarṇṇī (See)

ଟାଉଟର୍—ବୈଦେ. ବି (ଇଂ ଟାଉଟ୍)—ଟର୍ଣ୍ଣୀ (ଦେଖ)
Ṭāuṭar Ṭarṇṇī (See)

ଟାଉଟାଉ—ଦେ. କ୍ରି. ବିଣ—(ସଂ. ତ୍ୱରିତ)-ଅତିଶୀଘ୍ର; ତ୍ୱରିତଭାବରେ—
Ṭāu-ṭāu sharp; very quickly, hastily.
চটপট **जल्द** (ଯଥା—ପିଲାମାନେ ୧୦ଟା ବେଳେ ଗାଧୋଇ ଟାଉଟାଉ କରି ଭାତ ଗଣ୍ଡାଏ ଖାଇ ଦେଇ ସ୍କୁଲକୁ ଦଉଡ଼ନ୍ତି)
ବିଣ—୧ । ଚଞ୍ଚଳ; ଅସ୍ଥିର—1. Restless.
୨ । ଉଦ୍‌ବିଗ୍ନ—2. Anxious.
ରସିଣ ଠାଉ ଫିଟାଉ ଫିଟାଉ
ଟାଉ ଟାଉ ହେଲ ମନ ।—ଅଭିମନ୍ୟୁ ସାମନ୍ତ ସିଂହାର, ବିଦଗ୍ଧ ଚିନ୍ତାମଣି ।
୩ । ଅସ୍ଥିରପ୍ରକୃତିକ; ଅବ୍ୟବସ୍ଥିତ ଚିତ୍ତ } 3. Of restless desposition; fickle-minded.

ଟାଉଟାଉଆ—ଦେ. ବିଣ (ସଂ. ତ୍ୱରିତ)—୧ । ତୁରୁତୁରିଆ—
Ṭāu-ṭāuā 1. Hasty by nature.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇଯ୍	ଉଅ	ଣ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଢ଼	ନ୍

ବାস্তবাগীশ उतावला ୨। ଅବ୍ୟବସ୍ଥିତଚିତ୍ତ—
2. Fickle-minded.

ଟାଉନ୍—ବୈଦେ. ବ (ଇଂ)—ସହର; ନଗର—Town.
Ṭāun
টাউন্, **टाउन्**.
[ଦ୍ର—ଏହି ଇଂରାଜୀ ଶବ୍ଦ ସଙ୍ଗେ ଆହୁରି ଅନେକ ଇଂରାଜୀ ଓ ବୈଦେଶିକ ଶବ୍ଦମାନ ଲାଗିଥିବା ଇଂରାଜୀ ଓ ବୈଦେଶିକ ଶବ୍ଦମାନ ଓଡ଼ିଆ ଭାଷାରେ ଚଳିଲଣି। ଯଥା—ଟାଉନ୍ ଇନ୍‌ସପେକ୍ଟର୍, ଟାଉନ୍ ଜମାଦାର, ଟାଉନ୍ ସବ୍‌ଇନ୍‌ସପେକ୍ଟର, ଟାଉନ୍ ସୁପରିଣ୍ଟେଣ୍ଡେଣ୍ଟ।]

ଟାଉନ୍ କ୍ଲବ୍—ବୈଦେ. ବ. (ଇଂ)—ନଗରବାସୀମାନଙ୍କର ପ୍ରତିଦିନ ସନ୍ଧ୍ୟାବେଳେ ବସାଉଠା, ଖେଳ କୌତୁକ ଓ ଗପ କରିବାର ଘର—Town club.
Ṭāun klab
টাউনক্লব **टाउन क्लब**

ଟାଉନ୍ ଡିଉଟି—ବୈଦେ. ବ (ଇଂ) (ସମ୍ବଲପୁର ଅଞ୍ଚଳରେ ବ୍ୟବହୃତ)—ସହରକୁ ପଣ୍ୟ ନେବାଆଣିବା ବ୍ୟକ୍ତିଦ୍ୱାରା ମିଉନିସିପାଲିଟୀକୁ ଦିଆଯିବା ମାସୁଲ—Town-duty levied on merchandise by a municipality; octroi.
Ṭāun diuṭi
টাউন ড্যুটী **टाउन ड्यूटी**

ଟାଉନ୍ ଥାନା—ବୈଦେ. ବ (ଇଂ)—ସହରମଧ୍ୟସ୍ଥ ପୁଲିସ୍ କର୍ମଚାରୀଙ୍କ କାର୍ଯ୍ୟାଳୟ ବା ଅଡ୍ଡା—Town police-station.
Ṭāun thānā
টাউনথানা
कुतवाली

ଟାଉନ୍ ପୁଲିସ୍—ବୈଦେ. ବ. (ଇଂ)—ନଗରର ଶାନ୍ତିରକ୍ଷକ ପୋଲିସ—Town-police.
Ṭāun pulis
টাউন পুলিস; **टाउन पुलिस**

ଟାଉନ୍ ପ୍ଲାନିଂ—ବୈଦେ. ବ. (ଇଂ. ଟାଉନ୍ ପ୍ଲାନିଂ)—ନଗରବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ରଖାଯାଇ ଘରମାନ ତିଆରି କରିବାର ପ୍ରଣାଳୀ—Town-planning.
Ṭāun plæning

ଟାଉନ୍ ଲାଇବ୍ରେରି—ବୈଦେ. ବ (ଇଂ)—କୌଣସି ସହରର ଲୋକମାନଙ୍କର ବ୍ୟବହାରାର୍ଥ ସାଧାରଣ ପୁସ୍ତକାଗାର—Town-library.
Ṭāun lāibreri
টাউন লাইব্রেরী; **टाउन लाइब्रेरी**
[ଦ୍ର—ଟାଉନ୍ ଲାଇବ୍ରେରି ସଲଗ୍ନ ଯେଉଁ ବଡ଼ ଲମ୍ବ କାମରାରେ ସାଧାରଣ ସଭାମାନ ବସେ, ତାକୁ ଟାଉନ୍ ଲାଇବ୍ରେରି ହଲ ବୋଲାଯାଏ।]

ଟାଉନ୍ ସ୍କୁଲ୍—ବୈଦେ. ବ. (ଇଂ. ଟାଉନ୍+ସ୍କୁଲ୍)—୧। ସହରରେ ଥିବା ବିଦ୍ୟାଳୟ—A school in a town.
Ṭāun skul
୨। (ନାମ) କଟକ ସହରରେ ସ୍ୱର୍ଗୀୟ ରାୟବାହାଦୁର ମଧୁସୂଦନ ରାଓଙ୍କ ସ୍ଥାପିତ 'ଟାଉନ ଭିକ୍ଟୋରିଆ ହାଇ ଇଙ୍ଗ୍ଲିସ୍ ସ୍କୁଲ'ର ଡାକନାମ—
2. The name by which the Town Victoria Rai High English school started by the late Bahadoor Madhusudan Rao at Cuttack is popularly known.
(ଟାଉନ୍ ଇସ୍କୁଲ୍—ଅନ୍ୟନାମ)

ଟାଉନ୍ ହଲ୍—ବୈଦେ. ବ. (ଇଂ)—ନଗର ବା ସହରର ଅଧିବାସୀମାନଙ୍କର ସାଧାରଣ ସଭା ସମିତି ବସିବାର ବଡ଼ ଓ ଲମ୍ବ କାମରା—Town hall.
Ṭāun hal
টাউন হল; **टाउनहाल**

ଟାଉଲି (ଇତ୍ୟାଦି)—ଦେ. ବ.—ଟାହୁଲି ଇତ୍ୟାଦି (ଦେଖ)
Ṭāuli (etc) Tahuli etc (See)

ଟାଉଲି ମାଉଲି—ଦେ. ବ— ଟାହୁଲି (ଦେଖ)
Ṭāuli māuli Tāhuli (See)

ତମ୍ଭା ଟାଉଲି ମାଉଲି କେତେ କଥା କହେ।
ଫକୀରମୋହନ. ଛମାଣ. ଆଠଗୁଣ୍ଠ।

ଟାଏଟ୍—ପ୍ରାଦେ (ସମ୍ବଲପୁର) ବ, (ଭୁଲ. ହି. ଟଟ୍ଟର୍)—ବାଉଁଶ ପାତିଅରେ ବୁଣା ହୋଇଥିବା ତଲେଇ; ତାଟି—Mat made of bamboo-laths.
Ṭāeṭ

ଟାଁସମାଲପା—ପ୍ରାଦେ (ଗଞ୍ଜାମ) ବ—ଏକପ୍ରକାର ବାଦ୍ୟ—A kind of musical instrument.
Ṭāṅsamālapā

ଟାକ୍—ଦେ: ବ—(ସ. ଟଙ୍କନ) ତଳରେ ସିଲାଇ କରାଯିବା ପୂର୍ବରୁ ହାତ ଦ୍ୱାରା ଛୁଞ୍ଚରେ କରାଯାଇଥିବା ଠାଙ୍କା ସିଲାଇ—Hand-stiching.
Ṭāk
টাঁক, **टाँका**
ପ୍ରାଦେ (ସମ୍ବଲପୁର) ବଣ ଓ କି ବଣ—ଟିକିଏ—A little; a bit.

ଟାକର—ଦେ. ବ—(ଧ୍ୱନ୍ୟନୁକରଣ) ଠଣା; ଆଙ୍ଗୁଠିର ଗଣ୍ଠି ଦ୍ୱାରା ମୁଣ୍ଡର ଖପୁରିରେ କରାଯିବା ଆଘାତ—A rap on the skull with the knuckles.
Ṭākara
ঠোকর, **ठोंग, खुदका**

ପୁରନ୍ଦରମଣି ଶ୍ୟାମେ ଅଛୁ ମୋ ଭରସ
ପର ପରିବାଦ ମୁଣ୍ଡେ ଟାକର ବରଷ। କବିସୂର୍ଯ୍ୟ. ସଙ୍ଗୀତ।

ଟାକରଖାଇ—ଦେ. ବ.—ଚିଲିକାର ଏକପ୍ରକାର ମାଛ—A kind of fish of the Chilka lake.
Ṭākara-khāi

ଟାକର ଖାଇବା—ଦେ. କ୍ରି-୧। (ଲକ୍ଷଣାର୍ଥ) ପରଦ୍ୱାରା ଅପମାନିତ ହେବା—1. (figurative) To be insulted by another.
Ṭākara khāibā
୨। ଉପହସିତ ହେବା—To be jeered at.

ଏ ଖଣ୍ଡରସେ ଯେ ପୁଅ ଖାଏ,
ଲୋକେ ମାର ଟାକର ଖାଏ। ଗୀତ।

ଟାକର ମାରିବା—ଦେ. କ୍ରି—୧। ଠଣା ମାରିବା; ଆଘାତ କରିବା—1. To rap with the knuckle.
Ṭākara māribā
ঠোকর মারা
धौल मारना, ठोंगना

ଟାକର ମାରି ମୋ ଅଣା, ମୁଣ୍ଡେ ବଙ୍କସନ୍ଦେଶ—
କବିସୂର୍ଯ୍ୟ. ସଙ୍ଗୀତ।

টিটকারি মারা ୨। (ଲକ୍ଷଣାର୍ଥ) ଉପହାସ କରିବା—2. (figurative) To jeer at.
चटकारना
୩। (ଲକ୍ଷଣାର୍ଥ) ବଳିଯିବା; ଉତ୍କୃଷ୍ଟ ହେବା—3. (figurative) To excel.

ନାଗରମଣିକୁ ଟାକର ମାରୁଛି ତୋ କରାଗ୍ରଠାରୁ ଦାସୀ—
କବିସୂର୍ଯ୍ୟ. ସଙ୍ଗୀତ।

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରରେ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରରେ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର' ଖୋଜିବେ, କୃଥ ନ ମିଳିଲେ 'କୃଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; ଅର୍ଣ୍ଣ ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଠାକର—ଦେ. ବି. (ଠକ୍ ଠକ୍ ଶବ୍ଦାନୁକରଣ)—୧ । ତାଳୁ ଓ ଜିଭଦ୍ୱାରା କୃତ ଅବ୍ୟକ୍ତ ଠକ୍‌ଠକ୍ ଶବ୍ଦ—1. Clicking sound produced by the tongue taken back quickly to the palate.
Ṭākarā
टाकरा
चटकारा. टिटकारा
[ଦ୍ର—ଗୋରୁଙ୍କୁ ଅଡ଼ାଇବା ସମୟରେ ଏ ଶବ୍ଦ ଉଚ୍ଚାରିତ ହୁଏ ।]
୨ । ତାଳୁ—2. Palate.
ପ୍ରାଦେ (ବାଲେଶ୍ୱର) ବି (ଭୁଲ. ବ. ଠାକ୍)—ମୁଣ୍ଡର ଚନ୍ଦା ବା କେଶଶୂନ୍ୟ ସ୍ଥଳ—Baldness of the head.
ବଣ—ଠାକର୍‌ଗ୍ରୀ; ଚନ୍ଦା—Bald.

ଠାକର ଆମ୍ବୁଲ—ଦେ. ବି—ଠାକୁଆ ଆମ୍ବୁଲ—Scraped mango pickled without its stone being removed.
Ṭākarā āmbula

ଠାକର ଫୁଟା(ଟେ)ଇବା—ଦେ. କ୍ରି—ତାଳୁରେ ଜିଭ ଲଗାଇ ଶବ୍ଦ କରିବା—To utter a clicking sound with the tongue and the palate.
Ṭākarā phuṭā(ṭe)ibā
टाकरा मारा
टिटकारना
(ଠାକର୍ ମାରିବା—ଅନ୍ୟରୂପ) ପାଟରେ ଠାକର ଫୁଟାଉଅଛ—
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

ଠାକି ବସିବା—ଦେ. କ୍ରି—ଠାକି ରହିବା (ଦେଖ)
Ṭāki basibā — Ṭāki rahibā (See)

ଠାକିବା—ଦେ. କ୍ରି—ଠାକି ରହିବା (ଦେଖ)
Ṭākibā — Ṭāki rahibā (See)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ବସିବା ଓ ରହିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଠାକି ରହିବା—ଦେ. କ୍ରି—(ସ୍ଂ. ତର୍କ ଧାତୁ)—୧ । କୌଣସି ପଦାର୍ଥ (ଯଥା—ଭର୍ଦ୍ଦିଷ୍ଟ ସମୟରେ ଭୋଜ୍ୟ ଦ୍ରବ୍ୟ) ମିଳିବ ବୋଲି ଗୃହି ବସିବା; ଉତ୍କଣ୍ଠାସହକାରେ ଅପେକ୍ଷା କରିବା—1. To eagerly look out for; to hankeringly wait for.
Ṭāki rahibā
टाँका
टकटकाना
ଅଯାଚିତ-ବୃତ୍ତି ଅଜଗର ଭୁମ-ଭୂମିରେ ଶୋଇ,
ଓଠାରିବା ଅଶେ ଶ୍ୱାସେ ମୃତ ଯହିଁ ରହନ୍ତି ଠାକି ।
ରାଧାନାଥ. ଉଷା ।
୨ । ଆଶା କରିବା—2. To expect.
ଠାକିଛ ସ୍ୱାଣୁଂ କଳାକୁ ଅକାଶୁଁ କରିବାକୁ ଚାଣିଗତ—
କବିସୂର୍ଯ୍ୟ. ହରିଗୋଗୀନାୟ୍ୟ, ୪. ଗୀତ ।
୩ । ଅଧୈର୍ଯ୍ୟ ସହକାରେ ଜଗି ରହିବା—3. To watch impatiently for.
ପ୍ରଣୟୀ-ଅଳକେ କୋଟ କୋଟ ଯୁଗ ବସି ରହିଥାନ୍ତା ଠାକ—
ଉନକଗୋଜ. ଶର୍ମିଷ୍ଠା ।
୪ । ନିର୍ନିମେଷ ଦୃଷ୍ଟିରେ ଗୃହି ରହିବା—4. To wait with winkless eyes; to be on the look out for.
ଯେମନ୍ତେ ବ୍ୟାଧ ଯେ ମୃଗର,
ଚିତ୍ତେ ଠାକଇ ନିରନ୍ତର । ଜଗନ୍ନାଥ. ଭାଗବତ ।
୫ । ନାକେଇବା (ଦେଖ)— 5. Nākeibā (See)

ଠାକୁ—ଦେ. ବି—(ସ୍ଂ. ତର୍କୁ)—ଅଟ୍ଟ ଲୌହ-ଶଲାକା, ତାକୁଡ଼ି—Spindle.
Ṭāku
टाकुया, **टाकुआ**

ଠାକୁଆ—ଦେ. ବି (ସ୍ଂ. ଠକ୍କ ?)—୧ । ପକ୍ୱ ଅମ୍ବଫଳର ମଞ୍ଜି—1. Stone of the ripe mango fruit.
Ṭākuā
गुठली ଅମ୍ବ ଖାଇସାରି ଠାକୁଆ ଫିଙ୍ଗିଦେଲେ—ଠଗ ।]
୨ । (ସ୍ଂ. ତର୍କୁ) ବାଣୀ ବା ଝୋଟର ସୂତୁଲି କାଟିବାର ତାକୁଡ଼ି—2. A spindle for spinning strings of jute or hemp.
टाकुया
दमखड़ा, टकुआ
୩ । ତାକୁଡ଼ି ମୂଳରେ ଥିବା ମାଟିର, ଖପରର ବା ପଥରର ପାତଳା ଚକତି—3. A thin round piece attached to the base of a spindle.
ବଣ—ଠାକୁଆ ପରି ଚେପଟା—Flat like a mango-stone.
ପ୍ରାଦେ. (ପୁରୀ) ବି—ଏକପ୍ରକାର ମିଷ୍ଟାନ୍ନ ଖଜା—A kind of sweetmeat like the stone of mango.
[ଦ୍ର—ପୁରୀ ଜଗନ୍ନାଥଙ୍କଠାରେ ଏହି ପିଠା ଭୋଗ ହୁଏ । ଏହାର ଆକୃତି ଅମ୍ବ ଠାକୁଆ ପରି ହୋଇଥିବାରୁ ଏହାକୁ ଠାକୁଆ ବୋଲି କହନ୍ତି ।]
(ଗଡ଼ଜାତ) ବି—ଏକପ୍ରକାର ମୋଟା ବନ୍ୟ ଲତା—A kind of thick wild creeper.
[ଦ୍ର—ଏହା ଅମ୍ବ ପ୍ରଭୃତି ବଡ଼ ଗଛରେ ମାଡ଼େ । ଏହାକୁ ଲଇ କରନ୍ତି । ଏ ଲତାକୁ ଛେଚି ଚିପୁଡ଼ିଲେ ଏଥିରୁ ମଦୁପରି ବହଳ ରସ ବାହାରେ । ତେଣୁ ଲୋକେ ଏହାକୁ ମଦ ସଙ୍ଗେ ମିଶାଇ ବିକନ୍ତି ।]

ଠାକୁଆ ଆମ୍ବୁଲ—ଦେ. ବି—କଞ୍ଚା ଅମ୍ବ ଉପରୁ ଚୋପା ଚାଞ୍ଛି ତହିଁ ମଧ୍ୟରୁ ଠାକୁଆ ଓ କୋଇଲି ନ କାଢ଼ି ଶୁଖାଇ ପ୍ରସ୍ତୁତ କରିବା ଅମ୍ବୁଲ; ଠାକର ଅମ୍ବୁଲ—Unripe mango scraped of its rind and seasoned for being used as pickle.
Ṭākuā ambula
आमशी
अमहर

ଠାକୁଆ ଗାଲ—ଦେ. ବି—ଯେଉଁ ଗାଲ ଠାକୁଆ ପରି ସେମ୍ପା ବା ଚେପଟା ହୋଇଥାଏ (ଏହା ଦନ୍ତହୀନତା, ବାର୍ଦ୍ଧକ୍ୟ ଓ ଦୁର୍ବଳତାର ଚିହ୍ନ)—Hollow cheek (due to old age and ill health).
Ṭākuā gāla

ଠାକୁଆ ଗାଲି—ଦେ. ବଣ. ସ୍ତ୍ରୀ (ଗାଲ)—ଯେଉଁ ସ୍ତ୍ରୀର ଗାଲ ଅମ୍ବ ଠାକୁଆ ପରି ଚେପଟା ହୋଇ ପାଟିର କହର ମଧ୍ୟକୁ ପଶି ଯାଇଥାଏ ଓ ଥୋଡ଼ ବାହାରିଥାଏ—(a term of abuse) Bony-cheeked; (a woman) with sunken cheeks and long snout.
Ṭākuā gāli
(ଠାକୁଆଗାଲେଇ—ଅନ୍ୟରୂପ)

୧	ଇ	ଉ	ର୍‌,ରୂ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଏଁ	ଉଅ	ଘ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଝ	ଙ୍ଗ

[ଦ୍ର—ଏପରି ସ୍ତ୍ରୀଙ୍କ ମୁଖ ବଡ଼ ଅପ୍ରୀତି ଦେଖାଯାଏ । ଏ ବିଶେଷଣ ସ୍ତ୍ରୀମାନଙ୍କୁ ଗାଳି ଦେବାରେ ବା ଚିଡ଼ାଇବାରେ ବ୍ୟବହୃତ ହୁଏ ।]

ଟାକୁଆ ମୁହାଁ—ଦେ. ବିଣ ପୁଂ. (ଗାଳି)—ଯାହାର ମୁହଁ ଅମ୍ବ ଟାକୁଆ
Ṭākuā muhāṅ ଭଳିଆ ଲମ୍ବା ଓ ଚେପ୍ଟା—(a term of
(ଟାକୁଆମୁହାଁ—ସ୍ତ୍ରୀ) abuse) Having a long and narrow face; bony-faced.

ଟାକୁଆଲି—ଦେ. ବି—ବଡ଼ ବନ୍ୟବୃକ୍ଷବିଶେଷ—
Ṭākuāli A wild tree; Vitis Repanda (Haines).

ଟାକୁଟାକୁ କରିବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Ṭāku ṭāku kariba ଟାକୁଟାକୁ ହେବା (ଦେଖ)
Ṭāku-ṭāku heba (See)

ଟାକୁଟାକୁ ହେବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Ṭāku-ṭāku heba ୧ । ଭୋକରେ ପାଟୁ ପାଟୁ ହେବା ବା ବିକଳ ହେବା—
1 To feel the extreme pangs of hunger.
୨ । ଖାଇବା ପାଇଁ ଠାକ ବହିବା—
2. To wait impatiently for food.

ଟାକ୍ସ—ବୈଦେ. ବି. (ଇଂ)—କର; ଶୁଳ୍କ; ଟିକସ୍—
Ṭāks Tax; rate.
টেক্স **टिकस**

ଟାକ୍ସ୍ ଦାତା—ଦେ. ବି. (ଇଂ. ଟାକ୍ସ୍ ଓ ସଂ. ଦାତା)—କରଦାତା—
Ṭāks dātā Rent-payer; tax-payer.
টেক্সদাতা **टिकसदाता**

ଟାକ୍ସ୍ ଦାରୋଗା—ବୈଦେ. ବି. (ଇଂ. ଟାକ୍ସ୍ ଓ ଫା. ଦାରୋଗା)—
Ṭāks darogā କର ସଂଗ୍ରହକାରୀ କର୍ମଚାରୀ—
টেক্স দারোগা Tax-collector; tax-darogah.
टिकस दारोगा

ଟାକ୍ସ୍ ବସା(ସେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିଉପରେ ବା ଘର-
Ṭāks basā(se)iba ଉପରେ ଶୁଳ୍କ ଧାର୍ଯ୍ୟ କରିବା—
To assess tax on a person or holding.

ଟାକ୍ସ ବସିବା—ଦେ. ବି - କୌଣସି ବ୍ୟକ୍ତି ବା ସ୍ଥାନ ଉପରେ ଶୁଳ୍କ
Ṭāks basibā ଧାର୍ଯ୍ୟ କରାଯିବା—Assessment of tax on a person or holding.

ଟାକ୍ସି—ବୈଦେ. ବି. (ଇଂ)—ଭଡ଼ାରେ ଚାଲିବା ମଟର ଗାଡ଼ି—
Ṭāksi Taxi.
টেক্সী **टैक्सी**

ଟାକ୍ସି ଡ୍ରାଇଭର—ବୈଦେ.ବି.(ଇଂ)—ଭଡ଼ାବୁହା ମଟର ଗାଡ଼ିର ଚାଳକ—
Ṭāksi draibhar A taxi-driver.
টেক্সি ড্রাইভর **टैक्सी ड्राइवर**

ଟାକ୍ସି ମିଟର—ବୈଦେ. ବି. (ଇଂ) —ଭଡ଼ାବୁହା ମଟର ଗାଡ଼ିରେ ଥିବା
Ṭāksi miṭar ଦୂରତ୍ୱ ଯନ୍ତ୍ର (ଯହିଁରୁ ଗାଡ଼ି କେତେ ବାଟ ଚାଲିଛି
টেক্সি মিটর **टैक्सी मिटर** ଏହା ଜଣାଯାଏ)—Taxi-moter.

ଟାଙ୍କ୍—ବୈଦେ. ବି. (ଇଂ.)—୧ । ଜଳାଧାର; ଟାଙ୍କି—
Ṭāṅk 1. Cistern; water-reservoir.
୨ । ମୋଟା ଲୁହାପଟରେ ଆଚ୍ଛାଦିତ ଗାଡ଼ି; ଯହିଁରେ ସୈନିକ-
টাঙ্ক ମାନେ ବସି ଶତ୍ରୁବେଷ୍ଟିତ ସ୍ଥାନକୁ ନିରାପଦରେ ଯାଇ
टांकी ଶତ୍ରୁଙ୍କୁ ଆକ୍ରମଣ କରନ୍ତି—
2. Tank; armoured car.
ପ୍ରାଦେ. (ସମ୍ବଲପୁର) ବି—ଅମ୍ବ ଟାକୁଆ—
The stone inside the mango fruit.

ଟାଙ୍କ—ଦେ. ବି—୧ । (ସଂ. ଟଙ୍ଗ) ଜଙ୍ଘ —
Ṭaṅka 1. Thigh.
ঠেঙ্গ ୨ । (ସଂ. ଟଙ୍କ) ଗୋଡ଼—
टाँग 2. Leg.
টাঁকা ୩ । (ସଂ. ଟଙ୍କ ଧାତୁ) ଛୁଞ୍ଚଦ୍ୱାରା ସିଲାଇ ବା ଛାଗା—
टाँका 3. A stitch.
ঠুঁক ୪ । ପ୍ରହାରବୃଷ୍ଟିର ଏକ ଦଫା —
ठोंक 4. One shower of cudgelling or abuse.
(ଯଥା—ମୁଁ ତାକୁ ଅଚ୍ଛା କରି ଟାଙ୍କେ ଛେଚିଲି ।)

ଟାଙ୍କା—ବୈଦେ. ବି. (ସଂ. ଟଙ୍କନ=ବନ୍ଧନ)—
Ṭaṅkā ୧ । ଲୁଗା ସିଲାଇ କରିବାର ଥର; ଛାଗା—
টাঁকা 1. A stitch.
टंका ୨ । ମୋଟା ସିଲାଇ କରିବା—2. Rough sewing

ଟାଙ୍କି—ବୈଦେ. ବି. (ଇଂ. ଟାଙ୍କ୍)—ବହୁ ପରିମିତ ଜଳ ବା ତୈଳ
Ṭāṅki ସଞ୍ଚୟ କରିବାର ବୃହତ୍ ଲୌହମୟ ଆଧାର—
টাঁকী Iron-tank for storing oil or water.
टंकी
टाँकी ଦେ. ବି. (ସଂ. ଟଙ୍କ)—ପଥର କାଟିବାର ଲୁହା ନିହଣ —
Iron chisel for cutting stone.

ଟାଙ୍କିଟୁଙ୍କି ଦେବା—ଦେ. କ୍ରି. (ବ୍ୟଙ୍ଗ) (ତୁଳ. ପେଟେ ଠୁଙ୍କି ଦେବା,
Ṭāṅki-ṭuṅki deba ପେଟେ ମାରି ଦେବା; ପେଟେ ଗେଡ଼
ঠুঁকে দেওয়া ଦେବା)—ପେଟେ ଭୋଜନ କରିବା; ପେଟ ଭର୍ତ୍ତି
ठुंक देना କରି ଖାଇବା—To eat one's belly-ful.
ଭୋଗ ଅନନ୍ତରେ କଂସାକ ପଖାଳ ଟାଙ୍କିଟୁଙ୍କି ଦେଇ ସଙ୍ଗାତ
ପାଖକୁ ଚାଲୁଯାଏ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଟାଙ୍କି ତେଲ—ଦେ. ବି. (ଇଂ. ଟାଙ୍କ୍ + ସଂ. ତୈଳ)—ଯେଉଁ କେରୀ-
Ṭāṅki tela ସିନ ତେଲ ପ୍ରଥମେ ଆମଦାନି ହୋଇ ଟାଙ୍କି ବା ବଡ଼ ବଡ଼ ଲୌହଧାରରେ ସଞ୍ଚିତ ହୋଇ ରଖାଯାଏ ଓ ପରେ ବେପାରୀମାନଙ୍କୁ ଖୁଚୁରା ବିକ୍ରୟ କରାଯାଏ—
Keroisine oil at first stored in tanks at depots in bulk and afterwards sold in retail to dealers; bulk oil.

ଟାଙ୍କି ଧରିବା—ଦେ. କ୍ରି —୧ । ଖୁବ୍ ଜୋର କରି ଟାଣି ଧରିବା—
Ṭāṅki dhariba 1. To hold down by pulling tightly.

ସାଧାରଣ ଲେଖେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଟଂଶ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

୨ । ଓହଳାଇ ଧରିବା—
2. To hold a thing suspended.

ଟାଙ୍କିବା—ଦେ. କ୍ରି (ସଂ. ଟଙ୍କ ଧାତୁ=ବନ୍ଧନ; ତୁଳ. ଇଂ ଟାକ୍)—
Ṭāṅkibā ୧ । ଛୁଞ୍ଚିଦ୍ୱାରା ସିଲାଇ କରିବା; ତାଗା ଗଳାଇବା—
ਟਾਂਕਨਾ 1. To stitch; to sew roughly.
टाँका ୨ । ଦୁଇଖଣ୍ଡ ଲୁଗାକୁ ତାଗା ଗଳାଇ ସିଇଁବା—
2. To tack together two pieces of cloth.
୩ । (ସଂ. ତର୍କଣ) ହାତଦ୍ୱାରା କୌଣସି ପଦାର୍ଥକୁ ଟେକି ବା ଧରି ତହିଁର ଓଜନକୁ ଅଟକଳ କରିବା—
3. To estimate the approximate weight of an article by lifting or holding it on the palm.
୪ । (ସଂ. ଟଙ୍କ ଧାତୁ=ବନ୍ଧନ) (ଲୋମ) ଟାଙ୍କୁରିବା=
4. (the down of the body) To stand on end; to horripilate.
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଟାଙ୍କି ହେବା—ଦେ. କ୍ରି—୧ । କସି ହେବା—
Ṭāṅki hebā 1. To sit tight (said of tight clothes).
(ଯଥା—ଏ କୁର୍ତ୍ତାଟା ମୋ ଦେହକୁ ଟାଙ୍କି ହଉଛି ।)
୨ । ଟାଙ୍ଗି ହେବା; ଝୁଲିତ ହେବା—
2. To be suspended.

ଟାଙ୍କ—ଦେ. ବି (ସଂ. ଟଙ୍ଗ=ଜଙ୍ଘ; ଟଙ୍କ=ଗୋଡ଼)—୧ । କଟିତଳ ଓ
Ṭāṅku ପିଚ୍ଛ ଉପରର ଅସ୍ଥିମୟ ଅଂଶ; ଠେଙ୍ଗ—
ঠেঙ্গ 1. Buttock; rumpilium.
टाँक ୨ । ଜଙ୍ଘ—2. Thigh,
୩ । ଜଙ୍ଘ ତଳକୁ ଥିବା ଗୋଡ଼ର ଅଂଶ—
3. Part of the legs below the thigh.
୪ । ଟାଙ୍କୁଆ (ଦେଖ)—4. Ṭāṅkuā (See).
ପ୍ରାଦେ (ସିଂହଭୂମ ଓ ମେଦିନୀପୁର)—ଟାଙ୍କୁଆ (ଦେଖ)
Ṭāṅkuā (See).

ଟାଙ୍କୁଆ—ଦେ. ବି (ସଂ. ଟଙ୍କ=ପାହାଡ଼)—ଉଇ ହୁଙ୍କା ମଧ୍ୟରେ ଥିବା
Ṭāṅkuā ଉଇ ବସା (ଏଥିରୁ ଛତୁ ଜନ୍ମେ)—
बमेटा Matrix or mould or soft substance found inside the deep cavities of ant-hills from which mushrooms grow out.
ପ୍ରାଦେ (ସିଂହଭୂମ ଓ ମେଦିନୀପୁର) ବି—ଅମ୍ବ ଟାଙ୍କୁଆ—
The seed of a mango fruit.

ଟାଙ୍କୁ ମହୁ—ଦେ. ବି—ଅମ୍ବ ଟାଙ୍କୁଆ ଆକୃତିବିଶିଷ୍ଟ ଛୋଟ ଛୋଟ
Ṭāṅku mahu ମହୁଫେଣାରୁ ଜାତ ମହୁ—
Honey from small hives shaped like mango-stones

ଟାଙ୍କୁରା—ଦେ. ବି—ରୋମାଞ୍ଚ; ପୁଲକୋଦ୍ଗମ—
Ṭāṅkurā Horripilation; loose-flesh.
শিহরা पुलकाई

ଟାଙ୍କୁରି ଉଠିବା—ଦେ. କ୍ରି (ସଂ. ଟଙ୍କ ଧାତୁ)—
Ṭāṅkuri uṭhibā ରୋମାଞ୍ଚିତ ହେବା; ପୁଲକିତ ହେବା—
শিহরেউঠা To be suddenly horripilated.
पुलकना

ଟାଙ୍କୁରିବା—ଦେ. କ୍ରି (ସଂ. ଟଙ୍କ ଧାତୁ=ବନ୍ଧନ)—
Ṭāṅkuribā ୧ । (ଦେହର ଲୋମମାନ) ଭୟ, ଶୀତ, ଚିନ୍ତା, ବା ପ୍ରେମାତିଶଯ୍ୟରେ ଠିଆ ହେବା; ପୁଲକିତ ହେବା—
শিহরা
रोंगटे खड़ा होना To stand on end; to bristle (the down of the body in an ecstasy of fear, love or intense cold).
ଟାଙ୍କୁରିଲା ଲୋମସବୁ ତାହାର—ଗୋପୀଙ୍କ ଭକ୍ତ ଚେଷ୍ଟା ।
୨ । (ଶରୀର) ରୋମାଞ୍ଚିତ ହେବା—
2. (the body) To be horripilated.

ଟାଙ୍କୁ ହାଣିବା—ଦେ. କ୍ରି—୧ । ଦୁଇ ଜଙ୍ଘ ନିକଟରୁ ଗୋଡ଼କୁ ହାଣି-
Ṭāṅku hāṇibā ଦେବା—1. To cut a person's the legs at the thighs.
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅକର୍ମଣ୍ୟ କରିଦେବା—
2. (figurative). 2. To disable a person.
(ଯଥା—ମୁଁ ତୋ ଟାଙ୍କୁ ହାଣିଦେବି ।)

ଟାଙ୍କେ—ଦେ. ବି—ଏକ ଟାଙ୍କା ବା ତାଗା ମାତ୍ର—
Ṭāṅke One stitch only.
ঠোকন ଦେ. ବି—ନିର୍ଘୁମ ମାଡ଼; ବିଶେଷ ପ୍ରହାର—
ठोक A severe beating; a shower of thrashings.

ଟାଙ୍କେଇବା—ଦେ. କ୍ରି—ଟାଙ୍କିବାର ଣିଜନ୍ତରୂପ—
Ṭāṅkeibā Causative form of Ṭāṅkibā.
টাঁকান टँकाना

ଟାଙ୍କେ ଛେଚିବା—ଦେ. କ୍ରି—ବିଶେଷ ଆଘାତ କରିବା; ଖୁବ୍ ପ୍ରହାର
Ṭāṅke chhechibā ଦେବା; ନିର୍ଘୁମ ମାଡ଼ ଦେବା—
ঠোকন কসা To beat severely; to give a sound thrashing.
टाँकना
• (ଟାଙ୍କେ କସିବା, ଟାଙ୍କେ ମାଡ଼ଦେବା—ଅନ୍ୟରୂପ)

ଟାଙ୍କେ ଦେବା—ଦେ. କ୍ରି—୧ । ଟାଙ୍କେ ଛେଚିବା—
Ṭāṅke debā 1. To give a sound beating.
୨ । ନିର୍ଘୁମ ସୋଧନ ଦେବା—
2. To administer a shower of rebuke.
(ଟାଙ୍କେ ଚଢ଼ା(ଢେ଼,ଇବା—ଅନ୍ୟରୂପ)

ଟାଙ୍କୋ—ପ୍ରାଦେ (ସମ୍ବଲପୁର) ବି—ଟାକୁଆ (ଦେଖ)
Ṭāṅko Ṭākuā (See).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଅ	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍

ଟାଙ୍କୋରିବା—ଗ୍ରା. କ୍ରି—ଟାଙ୍କୁରିବା (ଦେଖ)
Ṭāṅkoribā — Ṭāṅkuribā (See).

ଟାଙ୍ଗନା—ପ୍ରାଦେ (ସମ୍ବଲପୁର) ବି—ଟାଙ୍ଗଣା (ଦେଖ)
Ṭāṅgnā — Ṭāṅgaṇā (See).

ଟାଙ୍ଗଣ—ବୈଦେ. ବି (ଫା. ଟଙ୍ଗନ୍; ଭୁଲ. ସଂ. ତୁରଙ୍ଗମ)—
Ṭāṅgaṇa
ଟାঙ্গন
୧ । ଟଟ୍ଟୁ ଘୋଡ଼ା; କ୍ଷୁଦ୍ରାକୃତି ଘୋଟକବିଶେଷ—1. A pony; a hill-pony; a tat.

ଚଲ ଚଲଇ ଚଲୁଛ କେହୁ
କାହା ଟାଙ୍ଗଣ ଯାଉଛି ବହୁ—ବ୍ରଜନାଥ: ସମରତରଙ୍ଗ ।

[ଦ୍ର—ଏମାନଙ୍କୁ ପାହାଡ଼ିଆ ଘୋଡ଼ା ମଧ୍ୟ କୁହାଯାଏ । ଏମାନେ ଦ୍ରୁତଗାମୀ ଓ କଷ୍ଟସହିଷ୍ଣୁ । ଏମାନଙ୍କର ଅଙ୍ଗପ୍ରତ୍ୟଙ୍ଗ ଖୁବ୍ ମଜବୁତ୍ ।]

୨ । (ଲକ୍ଷଣାର୍ଥ) ଖୁବ୍ ଚଞ୍ଚଳ ଓ କର୍ମଠ ବ୍ୟକ୍ତି—2. (figurative) A brisk and active person.

(ଯଥା—ସେ ପରା ଟାଙ୍ଗଣ ଖଣ୍ଡେ ।)

ଦେ. ବି—୧ । (ସଂ. ଟଙ୍ଗଣ)—ଟାଙ୍ଗଣା (ଦେଖ)
ଟାংগনা
1. Ṭāṅgaṇā (See).

ଟାঁগনা
୨ । (ସଂ. କଙ୍ଗୁ) କୃଷିଜାତ ବାର୍ଷିକ ଶସ୍ୟବିଶେଷ; କଙ୍ଗୁ—2. Italian millet; Setaria Italica.
কংগু
କଂକୁନୀ, କଙ୍ଗୁନୀ
[ଦ୍ର—ଏହାର କାଣ୍ଡ ସିଧା, ସରୁ ଓ ଠାଣୁଆ ।] (Haines).

ଟାଙ୍ଗଣା—ଦେ. ବି (ସଂ. ଟଙ୍ଗଣ; ଟଙ୍କଣ)—ସୋହାଗା; ଉପଧାତୁ ବିଶେଷ—
Ṭāṅgaṇā — Borax, Sodas Biboras.
ସଂ. ପର୍ଯ୍ୟାୟ—ଲୋହଦ୍ରାବୀ, କନକ, ଧାତୁବଲ୍ଲଭ, ଟଙ୍କଣ, ରଙ୍ଗଦ, ସୌଭାଗ୍ୟ; କ୍ଷାର;
ଧାତୁଦ୍ରାବକ, ଟଙ୍କଣ, ଟଙ୍ଗଣ, ଟଙ୍କ, ଟଙ୍ଗ
ସୋହାଗା, টঙ্গণ
टङ्कण, सुहागा
ଫା. ତଙ୍ଗାର୍
ଆ. ବୁରଗ୍
ତେଲ. ବେଲଗାରମୁ, ଏଲଗାରମୁ
ମ. ଟଙ୍କଣଖାର, ସ୍ୱାଗୀଖାର, ସୁହାଗୀ
ଗ୍ରୀ. ଟଙ୍ଗଣ୍ୟାଷ୍ଟପ୍ୟୋ, ଟଙ୍କଣପୁଲପ୍ୟୋ

ତହିଁ ହରିଦ୍ରା ଟାଙ୍ଗଣା ମିଶାଇ
ପୋଛ ଦେବାର ଶାଣ ଦେଲା ତହିଁ—
ଭକ୍ତ. ପ୍ରେମସୁଧାନିଧି ।

[ଦ୍ର—ସୁନା ରୁପାରେ ଟାଙ୍ଗଣା ମିଶାଇଲେ ତାହା ଶୀଘ୍ର ଅଭୂଟ ହୁଏ; ଏହାକୁ ନିଆଁରେ ପକାଇଲେ ଏହା ଫୁରୁସି ଯାଇ ଖଇ ପରି ଫୁଲି ଉଠେ । ଏବଂ ଉକ୍ତ ଖଇ ଚୂନାକୁ ପାଣିରେ ବତୁରାଇ ସୁନା ରୁପାରେ ବୋଳି ତାହା ନିଆଁରେ ପୋଡ଼ିଲେ ତାହାର ବର୍ଣ୍ଣ ଖୁବ୍ ଉଜ୍ଜ୍ୱଳ ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଅଗ୍ନିବର୍ଦ୍ଧକ, ରୁକ୍ଷ, କଫଘ୍ନ, ରଜଃପ୍ରବର୍ତ୍ତକ, ବଳକାରକ, ମୂଢ଼ଗର୍ଭାକର୍ଷକ, ବାୟୁ ଓ ପିତ୍ତବର୍ଦ୍ଧକ । ଟାଙ୍ଗଣାଖଇର ଚୂନା ଘାଆ ଉପରେ ପକାଇଲେ ପୂଯ ହୁଏ ନାହିଁ ଓ ରୋଗବୀଜ ଶରୀରାନ୍ତରକୁ ସଂକ୍ରମଣ କରେ ନାହିଁ ଓ ଏହା ଘାଆ ଉପରୁ ନୀରୋଗ କରେ, ଏଥିପାଇଁ ଡାକ୍ତରମାନେ ଘାଆ ଧୁଆ ପାଣି, ମଲମ, ପଟ୍ଟି, ଅଞ୍ଜନ ଆଦିରେ ଏହାର ବହୁଧା ବ୍ୟବହାର କରନ୍ତି । ଲୁଗା ଆଦି ରଙ୍ଗାଇବାକୁ ହେଲେ ରଙ୍ଗରେ ଟାଙ୍ଗଣା ମିଶାଇଲେ ରଙ୍ଗ ବେଶି ସ୍ଥାୟୀ ହୁଏ । ଲୁହା, ପିତଳ, ସୁନା ରୁପା, ଓ କାଚବାସନ ଝାଳିବାରେ ମଧ୍ୟ ଟାଙ୍ଗଣା ଲାଗେ । ସାଧାରଣତଃ ଅସଲ ଧାତୁକୁ ଟାଙ୍ଗଣା ଓ ପୋଡ଼ାହେବା ଟାଙ୍ଗଣାକୁ ଟାଙ୍ଗଣାଖଇ ବା ସୋହାଗା କୁହାଯାଏ ।]

ଟାଙ୍ଗଣା ଖଇ—ଦେ. ବି. (ସଂ. ଟଙ୍ଗଣକ୍ଷାର)—ନିଆଁରେ ପକାଯିବାରୁ ଫୁଲିଯିବା ଟାଙ୍ଗଣା—Fried borax.
Ṭāṅgaṇā khai
টঙ্গনখার
टङ्कणखार
[ଦ୍ର—ଟାଙ୍ଗଣାକୁ ନିଆଁରେ ପକାଇଲେ ତାହା ଖୁବ୍ ବଡ଼ ହୋଇ ଫୁଲି ଯାଏ । ଉକ୍ତ ଖଇ ଫୁଲୁକା, ହାଲୁକା ଏବଂ ଏହା ସହଜରେ ଚୂନା ହୋଇଯାଏ ।]

ଟାଙ୍ଗର—ଦେ. ବି—୧ । (ସଂ. ଟଙ୍କ) ବୃକ୍ଷଲତାହୀନ ପାହାଡ଼ିଆ ଭୂମି; ଟାଙ୍ଗି—1. Rocky land; a barren hilly tract.
Ṭāṅgara
ডাঙ্গা
डुङ्गर
टाक
୨ । ମସ୍ତକର କେଶହୀନତା—2. Baldness of the head.
गंज, चंदलाइ

ପ୍ରାଦେ. (ଗଡ଼ଜାତ) ବି—ଟେକା—
A brickbat or clod of earth for throwing.

ଦେ. ବିଣ—ଟାଙ୍ଗରା (ଦେଖ)—Ṭāṅgarā (See).

ଟାଙ୍ଗରା—ଦେ. ବି—୧ । (ସଂ. ଟଙ୍କ) ରୋଗବିଶେଷ; ଯେଉଁ ରୋଗ ହେଲେ ମୁଣ୍ଡର ବାଳ ଉପୁଡ଼ି ଯାଏ; ଖଲ୍ୱାଟ; ମସ୍ତକର କେଶହୀନତା—1. Alopacia; baldness.
Ṭāṅgarā
টাক
गंज; चंदलाइ
କୋଲংগা
୨ । (ସଂ. ତ୍ୟଙ୍ଗଟ=ଶିକା) ତେଙ୍ଗଡ଼ା; ରନ୍ଧନଶାଳାରେ ହାଣ୍ଡି ଆଦି ରଖିବାର ମାଟିର ପିଣ୍ଡୀ ବା ଉଚ୍ଚ ସ୍ଥାନ—2. A grooved niche in the kitchen for keeping cooking pots.
तगार, ताखा

ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବିଣ—ପାହାଡ଼ିଆ ଓ ଉଦ୍ଭିଦ-ଶୂନ୍ୟ (ଭୂମି)—Barren and hilly (tract of land).

(ଟାଙ୍ଗରୀ—ସ୍ତ୍ରୀ) ଦେ. ବିଣ—୧ । ଚନ୍ଦାମୁଣ୍ଡିଆ; ଯାହା ମୁଣ୍ଡର ମଝିରୁ ବାଳସବୁ ଉପୁଡ଼ି ଯାଇଥାଏ—1. Bald-headed.
টাকুয়া; টেকো
चँदला, गंजा
টাকপড়া
୨ । କେଶହୀନ (ମସ୍ତକ)—2. Bald (head).
चंदला

ଟାଙ୍ଗରପୁଟ—ଦେ. ବି. (ବୈଦ୍ୟକ)—ବୃକ୍ଷବିଶେଷ—A kind of tree.
Ṭāṅgarā-puṭa
[ଦ୍ର—ଏହା ଇଟା ବାଡ଼ ଓ ପଥର ସନ୍ଧିରେ ଜନ୍ମେ । ଏହାର ପତ୍ର ଛୋଟ, ସରୁ କୃଷ୍ଣବର୍ଣ୍ଣ ଓ ଚିକ୍କଣ । ଏହାର ରସ ପିଚ୍ଛିଳ, ତିକ୍ତ ଏବଂ କଟୁ । ଏହାର ସମୂଳ ପତ୍ରର ପ୍ରଲେପ ଅଗ୍ନିଦଗ୍ଧ ବ୍ରଣ ଓ ଉଷ୍ଣତାଜନିତ ବ୍ରଣ ଓ ଶୋଥ ପ୍ରଶମନ କରେ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ୍ୟ'ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟାଙ୍ଗରମୁଣ୍ଡା—ଦେ. ବଣ. ପୁଂ— ଯାହା ମୁଣ୍ଡରୁ ବାଳ ଉପୁଡ଼ି ଯାଇଅଛି —
Ṭāṅgarā muṇḍā — Bald-headed.
টেকো **गंजा**
(ଟାଙ୍ଗରମୁଣ୍ଡୀ; ଟାଙ୍ଗରମୁଣ୍ଡୀ—ସ୍ତ୍ରୀ)
(ଟାଙ୍ଗର ମୁଣ୍ଡିଆ—ଅନ୍ୟରୂପ)

ଟାଙ୍ଗା—ପ୍ରାଦେ.—୧ । (ଗଞ୍ଜାମ) ବି—ଏକବଳଦିଆ ବା ଏକ-
Ṭāṅgā — ଘୋଡ଼ାକିଆ ଦୁଇଚକିଆ ସ୍ପ୍ରିଙ୍ଗ୍‌ଲଗା ଗାଡ଼ି; ଝଟକା—
1. A springed cart drawn by a single bullock or horse.
[ଦ୍ର—ଏକ୍କା ମାନ୍ଦ୍ରାଜ ଅଞ୍ଚଳରେ ବ୍ୟବହୃତ ହୁଏ । ଏହାକୁ ଉତ୍ତର ପଶ୍ଚିମ ଅଞ୍ଚଳରେ ଏକ୍କା ବୋଲାଯାଏ ।]
୨ । (ସମ୍ବଲପୁର) ବି—ଏକପ୍ରକାର ଦୁଇଚକିଆ ଟପ୍‌ବାଲା ଘୋଡ଼ା ଗାଡ଼ି—2. A kind of hooded two-wheeled carriage drawn by a horse.
[ଦ୍ର—ଏ ଗାଡ଼ିର ପଛଆଡ଼େ ଆରୋହୀଙ୍କ ଆସନ ଥାଏ ଓ ଆରୋହୀମାନେ ପଛଆଡ଼କୁ ମୁହଁ କରିଲାଇ ବସନ୍ତି ଓ ଆଗପାଖେ ଗାଡ଼ିଆନ୍ ବସେ। ଏ ଗାଡ଼ିର ଚକ ଛୋଟ ଓ ଆରୋହୀଙ୍କ ଆସନ ମଧ୍ୟ ଭୂମିଠାରୁ ଅଳ୍ପ ଉଚ୍ଚତାରେ ଥାଏ । ଗାଡ଼ି ଓଲଟି ପଡ଼ିଲେ ମଧ୍ୟ ଆରୋହୀଙ୍କର ଗୁରୁତର ଆଘାତ ହେବାର ଆଶଙ୍କା ନ ଥାଏ ।]

ଟାଙ୍ଗି—ଦେ. ବି—୧ । (ସଂ. ଟଙ୍କ; ତୁଙ୍ଗ) କ୍ଷୁଦ୍ର ପାହାଡ଼—
Ṭāṅgi — 1. Hill; hillock.
ডাঙ্গা ୨ । ଟାଙ୍ଗର; ପାହାଡ଼ିଆ ସ୍ଥାନ—2. Hilly country.
डुङ्गर ୩ । ପ୍ରସ୍ତରମୟ ପ୍ରଦେଶ—3. Stony country.
টাংগী ୪ । (ସଂ. ଟଙ୍କ) ଛୋଟ କୁରାଢ଼ୀ—
टाङ्गी 4. Small axe; hatchet; tomahawk.
ପ୍ରାଦେ—୧ । (ସିଂହଭୂମ, ସମ୍ବଲପୁର) ବି—ଫାରସା—
Poleaxe.

ଟାଙ୍ଗିଆ—ଦେ. ବି—ଟାଙ୍ଗି (୪) (ଦେଖ)
Ṭāṅgiā — Ṭāṅgi (4) (See)

ଟାଙ୍ଗିଆ ପଶା—ଦେ. ବି—୧ । ଟାଙ୍ଗିଆ ଦେହରେ ଲାଗିଥିବା ଲୌହଖଣ୍ଡ; ଟାଙ୍ଗିଆର ଫଳକ—
Ṭāṅgiā paśā — 1. The blade of a hatchet.
୨ । ଟାଙ୍ଗିଆର ପଛଆଡ଼ ବା ବେଣ୍ଟ ଧର ତାହାର ପଶା ବା ଲୌହାଂଶଦ୍ୱାରା ବଜାଯିବା ପ୍ରହାର—2. A blow with the blunt side of a hatchet.
ହାରମନ୍ଦାହାକୁ ଟାଙ୍ଗିଆ ପଶା—ଦେଲ ।

ଟାଙ୍ଗିବଥୁଆ—ଦେ. ବି—(ସଂ. ଟଙ୍କବାସ୍ତୁକ) ଟଙ୍କବଥୁଆ (ଦେଖ)
Ṭāṅgi-bathuā — Ṭaṅka-bathuā (See)

ଟାଙ୍ଗିବା—ଦେ. କ୍ରି (ସଂ. ତୁଙ୍ଗ =ଉଚ୍ଚ ବା ଟଙ୍କ ଧାତୁ =ବାନ୍ଧିବା)—
Ṭāṅgibā — ୧ । ଝୁଲାଇବା; ଲଟକାଇବା; କୌଣସି ବସ୍ତୁକୁ ଦଉଡ଼ିରେ ବାନ୍ଧି ଓହଳାଇବା—1. To hang or suspend a thing with a rope or string.
টাঙ্গান
टाँगना
୨ । କୌଣସି ବସ୍ତୁକୁ (ଲୁଗା, ମଶାରି ଆଦିକୁ) ଦଉଡ଼ି ଉପରେ ଟାଙ୍ଗି ଦେବା—2. To suspend or put a thing (cloth etc.) on a string.

ଟାଙ୍ଗି ହେବା—ଦେ. କ୍ରି—କୌଣସି ବସ୍ତୁ ଦଉଡ଼ିଦ୍ୱାରା ଝୁଲି ହୋଇ ରହିବା ବା ବନ୍ଧି ହୋଇଯିବା—To remain suspended.
Ṭāṅgi hebā
টাঙ্গান হওয়া
टाङ्गा होना
(ଯଥା—ଶଗଡ଼ର ଦଣ୍ଡାପାଖ ଉଲର ହୋଇଗଲେ ଯୁଆଳିରେ ବନ୍ଧା ହୋଇଥିବା ବଳଦଙ୍କ ବେକ ଟାଙ୍ଗି ହୋଇଯାଏ ।]

ଟାଙ୍ଗେରା—ଗ୍ରା. ବି ଓ ବିଣ—ଟାଙ୍ଗରା (ଦେଖ)
Ṭāṅgerā — Ṭāṅgarā (See)

ଟାଟ୍‌ଲୁ—ପ୍ରାଦେ. (ସମ୍ବଲପୁର) ବିଣ—ଚନ୍ଦାମୁଣ୍ଡିଆ—
Ṭāṭ-lu — Bald headed.

ଟାଟାରିକ୍ ଏସିଡ୍—ବୈଦେ, ବି (ଇଂ. ଟାର୍ଟାରିକ୍ ଏସିଡ୍)—
Ṭāṭārik esid — ତିନ୍ତୁଳିରୁ ପ୍ରସ୍ତୁତ ରସାୟନିକ ଦ୍ରବ—
টাটারিক এসিড্ — Tartaric acid.
टार्टारिक एसिड्

ଟାଟି—ପ୍ରାଦେ (ସମ୍ବଲପୁର) ବି (ତୁଳ. ହି. ଟଟ୍ଟୀ)—ତାଟି; ବାଉଁଶ-
Ṭāṭi — କତା ବା ପାତିଆରେ ବୁଣାହୋଇଥିବା ପରଦା; ତଲେଇ—
A partition made of split bamboo woven together.

ଟାଡ଼୍—ପ୍ରାଦେ. (ସମ୍ବଲପୁର; ତୁଳ. ହି. ଏହି ଅର୍ଥରେ ଏହି ଶବ୍ଦ) ବି—
Ṭāṛd — ସ୍ତ୍ରୀମାନଙ୍କର ବାହୁରେ ପିନ୍ଧାଯିବା ଅଳଙ୍କାରବିଶେଷ; ତାଡ଼—
An ornament for the arm; armlet.

ଟାଣ—ଦେ. ବି (ସଂ. ତନ ଧାତୁ=ବୃଦ୍ଧି କରିବା; ତୁଳ. ସଂ. କଠିନ; ପ୍ରା. କଠିଣ)—୧ । କର୍କଶତା—1. Harshness; rudeness; roughness.
Ṭāṇa
টান
कठिन, कड़ा ୨ । କାଠିନ୍ୟ—Hardness; rigidity.
୩ । ହିମତ୍; ଧୈର୍ଯ୍ୟ; ଦମ୍—
3. Patience; courage.
୪ । ଗର୍ବ; ଗୁମାନ—
4. Pride; arrogance; haughtiness.
୫ । ଅଣ୍ଟ; ଦାମ୍ଭିକତା; ଲୁଚୁଡ଼—
5. Brazenness; impudence.
୬ । ଜୋର—6; Force.
୭ । କୌଣସି ବିଷୟ ପ୍ରତି ସ୍ପୃହା; ମମତା; ଆସକ୍ତି—
7. Tendency; eagerness; inclination.
(ଯଥା—ସଂସାର ପ୍ରତି ମନୁଷ୍ୟର ଗୋଟାଏ ଟାଣ ଥାଏ ।)
୮ । ସ୍ରୋତର ବେଗ—
8. Velocity of a current of water.

୧	ଇ	ଉ	ର,ରି	ଋ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	କ୍ଷ	ଣ,ଷ	ଜ୍ଞ	ଇଯ଼	ଉଅ	ଘ
୬	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍ୱ	ଗ୍ୟ	ଇଅ	ଡ଼	ନ୍ତ

୯ । ଟିଙ୍କା; ଆକର୍ଷଣ—9. Attraction; pull.
୧୦ । ନିଷ୍ଠୁରତା—10. Cruelty.
ଯେବେ ପଣେ ଆସି ମୋର ପାଶେ ବସି ଘୋର ଅତରର ଠାଣ ଗୋ—
କବିସୂର୍ଯ୍ୟ. ସଙ୍ଗୀତ ।
୧୧ । ଶକ୍ତି—11. Power.
ଦୁଃଖେ ପାପେ ସବୁ ସାଂସାରିକ ଗ୍ରୀତ ଠାଣ ପଣ୍ଡସାଏ ଜଣା—
ନନ୍ଦକିଶୋର. ନିର୍ଝରିଣୀ ।
୧୨ । ଦୈହିକ ବଳ—12. Bodily strength.
୧୩ । ମାନସିକ ବଳ—13. Strength of mind.
୧୪ । (ବି. ରୁ ଅନୁକୂଳ) ମାନସିକ ଆକର୍ଷଣ—
14. Attachment; partiality.
ଦେ. ଢଣ—୧ । କଠିନ; କରଡ଼ା—1. Hard; rigid; strong; callous; tough.
ମନେ କଲ ରାମ ବାଣର ବଡ଼ ଠାଣ—କୃଷ୍ଣସିଂହ. ମହାଭାରତ. ବନ ।
୨ । କର୍କଶ; ନିଷ୍ଠୁର—2. Harsh; cruel.
୩ । ଦୁଃସହ; ଅସହ୍ୟ—3. Unbearable.
୪ । ଦାମ୍ଭିକ—4. Brazen-faced.
୫ । ଉଚ୍ଚୈଃସ୍ୱରବିଶିଷ୍ଟ—5. Loud.
୬ । ସଚ୍ଛଳ ଅବସ୍ଥାପନ୍ନ; ସଙ୍ଗତିସମ୍ପନ୍ନ—
6. Well to do; better off.
୭ । ଶ୍ରମସହିଷ୍ଣୁ; କଷ୍ଟସହିଷ୍ଣୁ—
7. Able to bear strain; hardy.
୮ । ମହର୍ଘ; ଉଚ୍ଚ (ମୂଲ୍ୟ)—8. Dear; high (price).
୯ । ସବଳ—9. Strong.

ଠାଣ କରିବା—ଦେ. କ୍ରି—ଭୃକୁଟାଇବା; ଆଖି ଦେଖାଇବା; ଦାମ୍ଭିକତା ପ୍ରକାଶ କରିବା—To speak impudently; to brazen.
Ṭāṇa kariba

ଠାଣ କାଢ଼ିବା—ଦେ. କ୍ରି—ଠାଣ କରିବା (ଦେଖ)
Ṭāṇa kardhiba Ṭāṇa kariba (See)

ଠାଣ ଖରା—ଦେ. ବି—ପ୍ରଚଣ୍ଡ ବା ଅସହ୍ୟ ସୂର୍ଯ୍ୟକିରଣ—
Ṭāṇa khara Excessive or unbearable rays of the sun.
ପ୍ରଚଣ୍ଡରୋଦ **कड़ाधूप**

ଠାଣ ଖୁଣ୍ଟା—ଦେ. ପଦ୍ୟ. ଢଣ—୧ । ଅତ୍ୟନ୍ତ ପୀଡ଼ାଦାୟକ—
Ṭāṇa khunṭa 1 Very painful.
୨ । ମର୍ମଭେଦୀ—2. Cutting to the quick.
ଠାଣ ଖୁଣ୍ଟା ଗୁରୁଜନ ଗଞ୍ଜଣାକୁ ମୋ ପ୍ରାଣ ସଖୀ ସହିବ—
କବିସୂର୍ଯ୍ୟ, କଳୋଗରତ୍ନ, ୪ ଗୀତ ।

ଠାଣଠାଣ କଥା—ଦେ. ବି—କର୍କଶ ବା ଅସହ୍ୟ ବାକ୍ୟ—
Ṭāṇa-ṭāṇa katha Harsh language.
ଶକ୍ତକଥା, **कड़ा कड़ा बात**

ଠାଣଟୁଣ—ଦେ. ବି (ଅନର୍ଥକ ୨ୟ ସହଚର)—୧ । ଗର୍ବ; ଦାମ୍ଭିକତା—
Ṭāṇa-ṭuṇa 1. Pride; arrogance.
୨ । ଠେଲା; ଓଟରା—2. Pulling and pushing.
୩ । ଅତ୍ୟନ୍ତ ଅଭାବଗ୍ରସ୍ତ ଅବସ୍ଥା—
3. State of dire need or want.

ଠାଣପଣ—ଦେ. ବି—୧ । ଦମ୍ଭ; ଗର୍ବ—1. Arrogance.
Ṭāṇa-paṇa କରିଅଛ ଠାଣପଣ ଗୁଙ୍ଗାର କୁମର—ରାଧାନାଥ. ଦାଣ୍ଡହରଣ ।
कड़ाई ୨ । ଦାମ୍ଭିକତା—2. Brazenness; impudence.
(ଠାଣପଣିଆ-ଅନ୍ୟରୂପ) ୩ । ସମ୍ପତ୍ତିଶାଳିତା—
3. Affluence; well-to-do condition.

ଠାଣମୁହାଁ—ଦେ. ଢଣ. ପୁଂ—୧ । ଯେଉଁ ଲୋକର ମୁହଁ ଠାଣ, ଅର୍ଥାତ୍ ଯେଉଁ ଲୋକ ଆପଣାର ଦୋଷ ବା ଅପରାଧକୁ ମୁହଁରେ ସ୍ୱୀକାର କରେ ନାହିଁ; ଭୁରୁଡ଼ା—
Ṭāṇa-muhāṅ
(ଠାଣମୁହୀ—ସ୍ତ୍ରୀ)
1. One (e. g. a thief) who does not easily confess his guilt.
[ଯଥା—ଚୋରମାନେ ଠାଣମୁହାଁ ।]
୨ । ଦାମ୍ଭିକ—2. Brazen-faced; impudent.
୩ । ନିର୍ଲଜ୍ଜ—Shameless.

ଠାଣହଟା—ଦେ. ଢଣ—୧ । ଯେଉଁ ଅଳସୁଆ ବଳଦ ବା ଛାତ୍ର ଗୁଡ଼ାଏ ମାଡ଼ ନ ଖାଇଲେ କାମ କରେ ନାହିଁ ବା ଭଲ ତର ପଢ଼ାପଢ଼ି କରେ ନାହିଁ—
Ṭāṇa-hata.
1. One (bullock or pupil) who does not work properly unless soundly cudgelled.
୨ । ଯେଉଁ ଲୋକ ଅଳସୁଆ ବଳଦ ବା ଅମନଯୋଗୀ ଛାତ୍ରଙ୍କୁ ଗୁଡ଼ାଏ ପ୍ରହାର କରି କାମରେ ଲଗିବାକୁ ବାଧ୍ୟ କରାଏ; ସ୍ୱେଚ୍ଛାଚାରିକ, ନିଷ୍ଠୁର—2. High-handed; one who gives a sound cudgelling to unwilling bullocks or pupils and makes them work.
୩ । ଯେଉଁ ଲୋକ ଅନ୍ୟ ଲୋକମାନଙ୍କୁ ଅପେକ୍ଷା ନ କରି ଆପଣା ଉପରେ ପଡ଼ିଥିବା କାମକୁ ତୁଲାଇ ନିଏ—
3. A person who accomplishes a work without waiting for help from others.

ଠାଣହାତ—ଦେ. ବି—କଠୋର ଶାସନ—Iron rule.
Ṭāṇa hāta ଦେ. ଢଣ—ଠାଣହଟା (ଦେଖ)
(ଠାଣହାତିଆ—ଅନ୍ୟରୂପ) Ṭāṇahāta (See)

ଠାଣି—ଦେ. ବି (ସଂ. ତନ ଧାତୁ)—ଲୁଗା ବୁଣିବାବେଳେ ତନ୍ତରେ ଯେଉଁ ସୂତାକୁ ଠାଣି କରି ରଖାଯାଇ ଥାଏ; ବସ୍ତ୍ରର ଲମ୍ବ-ଟାଣ ବାଗର ସୂତା—Warp.
Ṭāṇi
ଟାନା
ताना; तानी
[ଦ୍ର— ତନ୍ତରେ ପ୍ରଥମେ ଲମ୍ବବାଗର ସୂତାମାନଙ୍କୁ ଠାଣି କରି ରଖାଯାଏ ଓ ପରେ ତହିଁ ମଧ୍ୟରେ ଓସାରିଆବାଗର ସୂତାକୁ କାଣ୍ଡିଆ ଦ୍ୱାରା ଭରଣା କରାଯାଇ ଲୁଗା ବୁଣାଯାଏ ; ବୋଲି ଏ ସୂତାମାନଙ୍କର ନାମ ଯଥାକ୍ରମେ ଠାଣି ଓ ଭରଣି ହୋଇଅଛି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଦେ. କ୍ରି. ବଣ (ଟାଣିବା କ୍ରିୟାର ଅସମାପିକା ରୂପ)— ଟେନେ — କର୍କଶରୂପେ; କଷ୍ଟଭାବରେ—Harshly; cruelly. ତାନକର

ଟାଣି ପଢ଼େ ପଦେ ବୋଲନ୍ତି— କବିସୂର୍ଯ୍ୟ. ସଙ୍ଗୀତ ।

ଟାଣି ଓଟାରି—ଦେ. କ୍ରି. ବଣ ('ଟାଣିବା' ଓ 'ଓଟାରିବା' କ୍ରିୟାର ଅସମାପିକାରୂପ କ୍ରି. ବଣ ରୂପେ ବ୍ୟବହୃତ)— Ṭāṇi oṭāri

ଟାଣି ଟୁଣି (ଦେଖ)
Ṭāṇi-ṭuṇi (See)

ଟାଣିଟୁଣି—ଦେ. କ୍ରି. ବଣ (ଅସମାପିକା ରୂପ)—୧ । ନିଃଶେଷ କରି; ସମସ୍ତ ଟାଣି ନେଇ—1. Drawing out everything completely. Ṭāṇi-ṭuṇi — ଟେନେଟুନে; তানকী বকর

କେ ବଳଦ ଟାଣିଟୁଣି; ଅଛ ନାହିଁ ଟୋରଡ଼ାପାଣି । ଶିଶୁଗୀତ ।

୨ । ବହୁ ପରିଶ୍ରମ ସହ; ଖୁବ୍ ଜୋରରେ— 2. Laying much stress or strain; with much straining.

୩ । ବଡ଼ ପାଟି କରି—3. Loudly.

ଦ୍ରୋଣ ସ୍ତୁତି କର୍ଣ୍ଣ ସେ ଶଲ୍ୟଙ୍କୁ ନ କଣି
ନ କହି ସଭା ମଧ୍ୟେ ହୋଇ ଟାଣିଟୁଣି—କୃଷ୍ଣସିଂହ.ମହାଭାରତ ଉଦ୍‌ଯୋଗ ।

୪ । ଉଡ଼ିଓଟାରି; କ୍ଲିଷ୍ଟାର୍ଥ ବା କଳ୍ପିତାର୍ଥ ପ୍ରୟୋଗପୂର୍ବକ— 4. By much straining of language; by applying far-fetched meaning.

ଅପଣ କ ରୁଚି ଟାଣିଟୁଣି ଏକ ପ୍ରକାର ପାଠ ଲଗାଇଯିବେ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

[ଦ୍ର—କୌଣସି ବାକ୍ୟାର୍ଥ ବକ୍ତାଙ୍କ ଅଭିପ୍ରାୟର ଅନୁକୂଳ ନ ହେଲେ କ୍ଲିଷ୍ଟାର୍ଥ ବା କଳ୍ପିତାର୍ଥ ପ୍ରୟୋଗ କରି ତାଙ୍କ ଅଭିପ୍ରାୟର ଅନୁକୂଳ ଅର୍ଥ କରି ଗଲେ ଏହି ଶବ୍ଦ ପ୍ରୟୋଗ କରାଯାଏ ।]

୫ । ଗର୍ବ ପ୍ରକାଶ ବା ଆସ୍ଫାଳନପୂର୍ବକ— Boastfully; arrogantly.

ଟାଣିଟୁଣି ହେବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ କୁଣ୍ଠିତ ହେବା ବା ଦ୍ୱିଧା କରିବା; କୁନ୍ଥ୍ କୁନ୍ଥ୍ ହେବା— 1. To hesitate to do a thing. Ṭāṇi-ṭuṇi hebā

୨ । ଅଭାବ ବା ନଅଣ୍ଟ ଯୋଗୁଁ ବ୍ୟୟ କରିବାକୁ ସଙ୍କୁଚିତ ବା କୁଣ୍ଠିତ ହେବା; ବ୍ୟୟକୁଣ୍ଠ ହେବା— 2. To stint at spending money (due to want).

୩ । ଗର୍ବିତ ହେବା; ଆସ୍ଫାଳନ କରିବା— 3. To be arrogant; to brag.

ନ ପାରି କରି ତରି ଭୁଲରେ ଅରଣି
କହୁଥାଅ ସଭରେ ହୋଇ ଟାଣିଟୁଣି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଟାଣିବା—ଦେ. କ୍ରି. (ସଂ. ତନ୍ ଧାତୁ—ଅକର୍ଷଣ କରିବା; ସଂ. ଆକର୍ଷଣ)— Ṭāṇibā — ଟানা; খীচনা,টাননা

୧ । ଝିଙ୍କିବା; ଓଟାରିବା; ଆକର୍ଷଣ କରିବା— 1. To draw; to attract; to pull.

[ଟଣା(ଣେ)ଇବା—ନିଜନ୍ତରୂପ]

୨ । (ଛତା) ଉପରେ ବିସ୍ତୃତ କରିବା— 2. To spread above (umbrella etc).

୩ । (ଗାର; ଚିତ୍ର) କାଟିବା; ଅଙ୍କିବା; ଲେଖିବା— 3. To draw (a figure or line).

୪ । (ସୂତା) ଲମ୍ବ ଭାବରେ ଟାଙ୍ଗିବା— 4. To lay (a line or rope).

୫ । (ରେଖା ଆଦି) ଲମ୍ବରେ ବଢ଼ାଇବା; ଲମ୍ବ କରିବା— 5. To lengthen (a straight line).

୬ । (ପାଣିକୁ) ନିଃଶେଷ କରିବା ବା ଶୁଖାଇବା — 6. To drain out (water)

୭ । (ଗଞ୍ଜେଇ ଧୂଆଁ ଆଦି) ଶୋଷିବା— 7. To suck or inhale.

୮ । (ପେଟ, କାନ) ବ୍ୟଥା କରିବା— 8. To ache (said of belly and ear.)

୯ । ଜୋର କରିବା ବା ଚେଷ୍ଟା କରିବା— 9. To strain.

ଟাঙান, টাঙ্গান — টাংগনা — ୧୦ । (ମଶାରି, ଚାନ୍ଦୁଆ ଆଦିର) ମୁଣ୍ଡରେ ଦଉଡ଼ି ବାନ୍ଧି ବିସ୍ତାର ପୂର୍ବକ ବାନ୍ଧିବା; ଟଙ୍ଗାଇବା— 10. To hang up a canopy or mosquito-net.

୧୧ । ଏକ ବସ୍ତୁର ଗୋଟିଏ ମୁଣ୍ଡ ବା ମଝିକୁ ସ୍ଥିର ରଖିଅନ୍ୟ ମୁଣ୍ଡକୁ ବା ଦୁଇ ମୁଣ୍ଡକୁ ବିପରୀତ ଦିଗକୁ ଓଟାରିବା— 11. To pull a thing on one sideor in opposite directions.

(ଯଥା—ରବର ଖଣ୍ଡ ବା ସୂତାକୁ ଦୁଇ ମୁଣ୍ଡରୁ ଟାଣିଲେ ତାହା ବଢ଼ିଯାଏ ।)

[ଦ୍ର—ଟାଣିବା, ଝିଙ୍କିବା, ଓଟାରିବା ସମାର୍ଥବୋଧକ; ଝିଙ୍କିବାରେ ଏକକାଳୀନ ଜୋର ପ୍ରୟୋଗ କରାଯାଇ ତତ୍‌କ୍ଷଣାତ୍ ତାହା ଶିଥିଳ ହେବାର ସୂଚନା ହୁଏ । ଅପେ ଠିଆ ହୋଇ ଅନ୍ୟବସ୍ତୁ ବା ବ୍ୟକ୍ତିଙ୍କ ଆପଣା ଆଡ଼କୁ ଆଣିବା ପାଇଁ ବଳ ପ୍ରୟୋଗ କରିବାକୁ ଓଟାରିବା ଏବଂ ଆପେ ଗତି କରୁଥିବା ଅବସ୍ଥାରେ ଆକୃଷ୍ଟ ବସ୍ତୁକୁ ମଧ୍ୟ ଗତି କରାଇବାକୁ ଟାଣିବା ବୋଲାଯାଏ ।]

ଟାଣି ଭରଣି—ଦେ. ବି (ସଦଚର)—ଲୁଗା ବୁଣିବାରେ ତନ୍ତ୍ରରେ ବ୍ୟବହୃତ ଲମ୍ବାଲମ୍ବ ଓ ତଳ ଭାବାଗର ସୂତା— The warp and woof of a cloth. Ṭāṇi bharaṇi — টানাবোনা, টানাপড়েন — तानाबाना

ଟାଣି ହେବା—ଦେ. କ୍ରି—୧ । କଷ୍ଟରେ କଥା କହିବା ବା ନିଃଶ୍ୱାସ ମାରିବା; ନିଃଶ୍ୱାସ ନେବା ବା କଥା କହିବା ନିମନ୍ତେ ସମଧିକ ଉଦ୍ୟମ କରିବା; ଓଟାରିହେବା — 1. To strain while talking or breathing. Ṭāṇi hebā

(ଯଥା—ଅତି ଦୁର୍ବଳ ବା ରୋଗୀ ବ୍ୟକ୍ତି କଥା କହିଲାବେଳେ ଏବଂ ଶ୍ୱାସରୋଗୀ ନିଃଶ୍ୱାସ ମାରିବାବେଳେ ଟାଣିହୁଏ ।)

୨ । ଉଚ୍ଚୈଃସ୍ୱରରେ କଥା କହିବା— 2. To speak loudly.

କହିଲେ ଭୀମସେନ କୋଧେ ହୋଇ ଟାଣି—କୃଷ୍ଣସିଂହ ମହାଭାରତ ସଭା ।

୧	ଇ	ଊ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ହ

୩ । ଅସ୍ଫାଳନ କରିବା—3. To boast; to brag.

୪ । ଟାଣିବା କ୍ରିୟାର କର୍ମବାଚ୍ୟ—
4. Passive voice of Ṭāṇibā.

(ଅଟାଣୁଆଁ)—ଦେ. ବଣ. ପୁଂ (ସ. କଠିନ)—୧ । କଠିନ—
Ṭāṇuāṅ(ā) 1. Hard; tough.
शक्त ୨ । ଅତି ଅଧିକ—2. Excessive.
कड़ा ୩ । ଦୃଢ଼; ସବଳ; ମଜବୁତ; ବଳୁଆ—
ଟାଣେଇ } —ସ୍ତ୍ରୀ 3. Strong.
ଟାଣୋଇ ୪ । ଧନବାନ୍—
4. Rich; wealthy.

୫ । କ୍ଷମତାଶାଳୀ—5. Influential; powerful.

୬ । କଡ଼ା; ତୀକ୍ଷ୍ଣ, ଅସହ୍ୟ—
6. Intolerable; unbearable.

୭ । ଗର୍ବିତ—7. Proud; arrogant.

୮ । ମହର୍ଗ—8. Dear (in price).

୯ । ଦାମ୍ଭିକ—9. Brazen-faced.

ଟାଣେ—ଦେ (ପଦ୍ୟ) କ୍ରି, ବଣ—୧ । ଜୋର୍ କରି; ଟାଣ କରି—
Ṭāṇe 1. With force; forcibly.
टाने ଟାଣେ ବଜେ ଶମ୍ଭ ସଦୃଶ କଳମ୍ବ ଭୂମିକୁ ଏକା ଅଟନ୍ତୁ—
जोरसे କବିସୂର୍ଯ୍ୟ, ଚଣ୍ଡୋପାଖ୍ୟାନ, ୬. ଗୀତ ।

୨ । ଉତ୍ତମରୂପେ—2. Excellently; well.

କହେ ଜଗଦେବ ଶିକ୍ଷା ହେଲେ ହେଲେ ଟାଣେ
ଜେ କାହା ସ୍ୱଭାବ ଛଡ଼େ ପରାଣ ପ୍ରୟାଣେ—କବିସୂର୍ଯ୍ୟ, ସଙ୍ଗୀତ ।

ଟାଣେଇବା—ଦେ. କ୍ରି—୧ । ଅପେକ୍ଷାକୃତ ସବଳ ହେବା—
Ṭāṇeibā 1. To become stronger.
(ଯଥା—ରୋଗୀ ଦୁଇ ମାସ ବିଶ୍ରାମ ପରେ ଟାଣେଇଲାଣି ।)
୨ । ଅପେକ୍ଷାକୃତ ଟାଣ ବା କଠିନ ହେବା—
2. To harden; to stiffen.
(ଟାଣୋଇବା—ଅନ୍ୟରୂପ) (ଯଥା—ଏ ମାଛ ଖରାରେ ଟାଣେଇଲାଣି ।)

ଟାନ୍—ପ୍ରାଦେ. (ସମ୍ବଲପୁର) ବି—ଟାଣ (ଦେଖ)
Ṭān Ṭāṇa (See)

ଟାପ—ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବି—ସ୍ଥାୟୀ ଜଳସ୍ରୋତ ସଙ୍ଗେ
Ṭāpa ଯେଉଁ ପ୍ରାକୃତିକ କ୍ଷୁଦ୍ର ଜଳାଶୟର ସମ୍ବନ୍ଧ ନ ଥାଏ;
ଯେଉଁ କ୍ଷୁଦ୍ର ତଡ଼ାଗ କୌଣସି ନଦୀ ସଙ୍ଗେ ସମ୍ପୃକ୍ତ
ନୁହେ—A small tank or expanse of water which has no connection with any permanent current.

ଟାପ (ଇତ୍ୟାଦି)—ଦେ. ବି—ଟାପୁ ଇତ୍ୟାଦି (ଦେଖ)
Ṭāpa (etc) Ṭāpu etc (See)

ଟାପରା—ଦେ. ବି. (ସ. ଟକ୍କର)—୧ । ଥଟ୍ଟା; ତାମସା; ରଙ୍ଗ; ପରି-
Ṭāparā ହାସ; ରହସ୍ୟ —
ठट्टा 1. Jest; joke; mockery.
ठट्ठा ଭୁଟାଏ ବ ଜାତ ଭୂଣର ପୀରତ ତାମସା ଟପରା ଟାକୁ—
କବିସୂର୍ଯ୍ୟ, ସଙ୍ଗୀତ ।

୨ । ସାମାଜିକ ପ୍ରଥା ଅନୁସାରେ ପରିହାସ ଯୋଗ୍ୟ ବ୍ୟକ୍ତି—
2. Relations with whom a person can cut jokes under the rules of one's society.
ঠাট্টার ଦେ. ବିଣ—ପରିହାସଯୋଗ୍ୟ (ବ୍ୟକ୍ତି)—
(a person) Fit to be cut jokes with.

ଟାପରା କରିବା—ଦେ. କ୍ରି—ଥଟ୍ଟା ଖେଳିବା; ପରିହାସ କରିବା—
Ṭāparā karibā To play or cut jokes; to jest.
ঠাট্টাকরা [ଦ୍ର—ଆମ୍ଭମାନଙ୍କ ସମାଜରେ ଅଜା ନାତି, ଅଜା ନାତୁଣୀ,
ठट्ठा करना ଦିଅର ଭାଉଜ, ଶଳା ଭଣୋଇ, ଭଣୋଇ ଶାଳୀ, ଆଈ
ନାତି ଓ ଭଣୋଇ ଶଳାଭାଉଜ ପରସ୍ପର ସଙ୍ଗେ
ଟାପରା କରି ପାରନ୍ତି ।]

ଟାପରା ଖେଳିବା—ଦେ. କ୍ରି—ଟାପରା କରିବା (ଦେଖ)
Ṭāparā kheḷibā Ṭāparā karibā (See)

ଟାପରା ଟାପରି—ଦେ. ବି ଓ ବିଣ—ଟାପରା ଟାପୁରି (ଦେଖ)
Ṭāparā ṭāpari Ṭāparā ṭāpuri (See)

ଟାପରା ଟାପୁରି—ଦେ. ବି—୧ । ଦୁଇ ଜଣଙ୍କର ପରସ୍ପର ମଧ୍ୟରେ ଥଟ୍ଟା
Ṭāparā ṭāpuri ତାମସା—
ঠাট্টাঠুট্টি 1. Mutual joking.
ହସ କୌତୁକ କଥା ଟାପରା ଟାପୁରି କଥା ଢେର ହେଲା—
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

খোঁচাখুঁচি ୨ । ପରସ୍ପର ଖୁସୁରି ଖୁସୁର ହେବା—
2. Poking at each other.

୩ । ଶାଗ କିଆରି ବା ବଗିଚାର ମାଟିକୁ କାଠରେ ଏକାଧିକବାର
ଖୁସୁରାଇବା—3. Slackening the soil of a garden by means of a poker.

ଦେ. ବିଣ—ପରସ୍ପର ଥଟ୍ଟା ଖେଳୁଥିବା—Joking or jesting with each other.

ଟାପରା ଲଗା(ଗେ)ଇବା—ଦେ. କ୍ରି—ଟାପରା କରିବା (ଦେଖ)
Ṭāparā lagā(ge)ibā Ṭāparā karibā (See)

ଟାପରେଇବା—ଦେ. କ୍ରି—୧ । ଟାପରା କରିବା; ଥଟ୍ଟା ଖେଳିବା—
Ṭāpareibā 1. To play jokes.
টাপরান ୨ । ଖୁରସାଇବା (ଦେଖ)
ठट्ठा करना 2. Khurasāibā (See)
୩ । ଖୁସୁରାଇବା; ଅନ୍ୟର ଦେହରେ ଅଙ୍ଗୁଠି ଆଦି
খোঁচা ଗେଞ୍ଜିବା—3. To poke at another with the fingers.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ * ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଇଁ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ବଳଦଙ୍କ ଦେହରେ ହାତମାରି ଓ ମୁହଁରେ ଟାକଣ୍ଟ ଫଟାଇ ଗାଡ଼ିକୁ ଚଞ୍ଚଳ ଗତିରେ ଚଳାଇବା—4. To drive (a cart) quickly by patting the bullocks.
তাপড়ান
থপকনা

(ଯଥା—ମୁଁ ଟାପରେଇ ନେଇ ନେଲେ ଏ ଗାଡ଼ିକୁ ୨ ଘଣ୍ଟାରେ ଆଠଗଡ଼ରୁ କଟକରେ ପହଞ୍ଚାଇ ଦେବି ।)

ଟାପୁ—ଦେ. ବି (ସଂ. ସ୍ଥା ଧାତୁ ଣିଜନ୍ତ ସ୍ଥାପି ଧାତୁ; ଯାହା ଭୂମିରେ ସ୍ଥାପନ କରାଯାଏ)—୧ । ଘୋଡ଼ାଙ୍କ ଖୁରା—1. The hoofs of a horse.
Ṭāpu
টাপ
टाप
୨ । ଜୀବର ପାଦଚିହ୍ନ—2. Foot-steps of animals.
୩ । ଘୋଡ଼ାଙ୍କ ଗୋଡ଼—3. The legs of a horse.
୪ । ଜୀବର ପାଦ—4. The foot of an animal.
টাপু ୫ । ଦ୍ୱୀପ—5. Island.
टापु ୬ । (ବ୍ୟଙ୍ଗ) ମନୁଷ୍ୟର ଦୁଇ ହାତ ଓ ଦୁଇ ଗୋଡ଼; ଚାରି ହାତ—6. The 2 legs and 2 hands of a man
(ଯଥା—ଲୋକେ ମିଳି ଚାରି ଖୁର ଟାପୁ ବାନ୍ଧି ଦେଲେ ।)

ଟାପୁ ମାରିବା—ଦେ. କ୍ରି—(ଘୋଡ଼ା) ଖୁରା ଦ୍ୱାରା ଭୂମିକୁ ଅଘାତ କରିବା; ଖୁର ଖାଇବା—To paw; to strike a place with the hoofs (said of a horse).
Ṭāpu māribā
টাপ মারা
टापना

ଟାମ୍‌ଜାନ୍—ବୈଦେ. ବି (ଫା)—ତାମଜାନ (ଦେଖ) Tāmajāna (See)
Ṭām-jān
তামজান

ଟାମ୍‌ଟୁରୁକୁ—ପ୍ରାଦେ. (ସମ୍ବଲପୁର) ବି—ଭୂଷର; ଧୂସର ବର୍ଣ୍ଣ କ୍ଷୁଦ୍ର କପୋତ—Small grey dove.
Ṭām-ṭur-ku
[ଦ୍ର—ଏହାର ଧ୍ୱନି କରୁଣରସୋଦ୍ଦୀପକ ।]

ଟାୟା—ପ୍ରାଦେ. (ଗଞ୍ଜାମ) ବି—ଟାହିଆ (ଦେଖ) Ṭāhiā (See)
Ṭayā

ଟାୟାର୍—ବୈଦେ. ବି (ଇଂ)—ମଟର ବା ସାଇକଲ ଆଦିର ଚକ ଚାରିପାଖେ ଘେରାଯିବା ରବର ନଳ—Tyre.
Ṭayār
টায়ার, टायर

ଟାର—ସଂ. ବି—୧ । ଘୋଡ଼ା—1. A horse (Apte).
Ṭāra
୨ । ଗାଣ୍ଡିଆ ଲୋକ; ଅସ୍ୱାଭାବିକ ପ୍ରକ୍ରିୟାରେ ପୁରୁଷର କାମପ୍ରବୃତ୍ତି ଚରିତାର୍ଥ କରାଇବା ବ୍ୟକ୍ତି—2. A catamite (Apte).
୩ । ଭୁଣ୍ଡୁଣୀ—3. A pander.

ଟାରିଫ୍‌ବୋର୍ଡ଼—ବୈଦେ. ବି (ଇଂ)—ଶୁଳ୍କ ବିଷୟକ ନିୟମମାନ ପ୍ରଣୟନ କରିବା ପାଇଁ ସରକାରଙ୍କ ଦ୍ୱାରା ଗଠିତ ସମିତି—Tariff board.
Ṭārif-borḍ
টারিফ বোর্ড
टैरिफबोर्ड

ଟାଳ—ଦେ. ବି (ସଂ. ଟଲ୍ ଧାତୁ)—୧ । ଛଳ—1. Pretext.
Ṭāḷa
টাল
टाल
୨ । ବିଳମ୍ବ; କାଳକ୍ଷେପଣ—2. Delay; whiling away of time.
୩ । ନିଜର ଦାୟିତ୍ୱକୁ ଅନ୍ୟ ଉପରେ ପକାଇବା—3. Laying one's own responsibility on the shoulder of another.
୪ । ବାହାନା; ଛଳନା—4. Excuse.

ଟାଲି—ଦେ. ବି (ସଂ. ତଳ) କୌଣସି ନଦୀ ବା ଜଳାଶୟର ଗଭୀର ଅଂଶ; ଖାଲ; ଗଣ୍ଡ—Deep part of a river or tank.
Ṭāla
টাল
ପ୍ରାଦେ (ସମ୍ବଲପୁର) ବି—ପୋଖରୀ ବନ୍ଧ ବା ବଡ଼ ହିଡ଼ର ଘାଇ—A breach made in a big ridge of a paddy field or the embankment of a tank.

ଟାଳଟୁଳ—ଦେ. ବି (ସଂ. ଟଲ୍ ଧାତୁ)—୧ । ଭଣ୍ଡାଭଣ୍ଡି; ଠକାଠକି; ଛଳନା—1 Deception.
Ṭāḷa-ṭuḷa
টাল টোল টালটুল
୨ । ଛଳନା ଦ୍ୱାରା ବାରମ୍ବାର କାଳକ୍ଷେପଣ—3. Repeatedly putting off or letting the time-limit expire under some pretence or another; wasting time under some excuse; procrastination; temporizing.
୩ । ମୂଳୋତ୍ପାଟନ—3. Uprooting; eradication.
୪ । ଟାଳିବା; ସ୍ଥାନଭ୍ରଷ୍ଟ କରିବା—4. Dislocating.

ଟାଳ ଦେବା—ଦେ. କ୍ରି—୧ । କୌଣସି କଥା ଅନ୍ୟ ବ୍ୟକ୍ତି ଉପରେ ନିର୍ଭର କରୁଛି ବୋଲି କହିବା—1. To evade; to refer to some matter as depending upon a 3rd person.
Ṭāḷa debā
টালদেওয়া
टालमारना
୨ । ନିଜର ଦାୟିତ୍ୱକୁ ଅନ୍ୟ ଉପରେ ପକାଇବା; ଆପଣାଠାରୁ ହୁଡ଼ାଇଦେବା—2. To dodge; to shuffle; to shirk one's responsibility.
୩ । ନାନା ଛଳନାରେ କାଳକ୍ଷେପଣ କରିବା; ଦମଦିଲାସା ଦେବା—3. To put off from time to time on various pretexts; to temporize.

ଟାଳମଟାଳ—ଦେ. ବି—୧ । ଟାଳଟୁଳ—1. Procrastination; wasting time or putting off on various excuses.
Ṭāḷamaṭāḷa
টালমাটাল
टाल-मटाल
୨ । ଟଳିବା; ଦୋହଲିବା—2. Staggering; reeling.
୩ । ପତନୋନ୍ମୁଖ ଅବସ୍ଥା—3. Tottering condition; tumbling condition.
ଟାଳମଟୁଳ, ଟାଳମଟୁଳି }—ଅନ୍ୟରୂପ

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଘ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଜ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

୪ । ବଞ୍ଚନା—4. Deception.

୫ । ଓଲଟାଇ ଦେବା; ବିପର୍ଯ୍ୟସ୍ତ କରିବା—
5. Turning a thing upside down.

୬ । ଛଳନାଦ୍ୱାରା ବିଳମ୍ବ କରିବା; ଦମ୍ଦିଲାସା—
6. Delaying by excuses.

ଟାଲିମଟୁଲ—ଦେ. ବି—ଟାଲମଟାଲ (ଦେଖ)
Ṭāḻamatuḻa Ṭāḻamaṭāḻa (See).
টালমাটাল **टालम-टुल**

ଟାଲ ମାରିବା—ଦେ. କ୍ରି—ଟାଲ ଦେବା (ଦେଖ)
Ṭāḻa māribā Ṭāḻa debā (See).

ଟାଲି—ଦେ. ବି—ଟାଇଲ୍ (ଦେଖ)
Ṭāli Ṭāil (See).

ଟାଳିବା—ଦେ. କ୍ରି (ସଂ. ଟଲ୍ ଧାତୁ; ଣିଚ୍ ଟାଳି ଧାତୁ; ଟଳିବାର ଣିଜନ୍ତରୂପ)—୧ । ଟଳାଇବା; ବିଚଳିତ କରିବା; ଶିଥିଳ କରିବା; ଢିଲାଇବା—
Ṭāḻibā
টালা
টালনা
1. To dislocate; to loosen.

୨ । ମୂଳୋତ୍ପାଟନ କରିବା; ଓପାଡ଼ିବା—
2. To uproot (as a tree).

୩ । ବଞ୍ଚନା କରିବା; ଭଣ୍ଡିବା; ଭଣ୍ଡାଇବା—
3. To dodge; to deceive; to brick.

୪ । ଛଳନା କରିବା—
4. To pretend; to prevaricate.

୫ । ଛଳନା ଦ୍ୱାରା କାଳକ୍ଷେପଣ କରିବା—
5. To while time or put off under various pretexts; to evade; to dilly-dally.

ମିଥ୍ୟା ଟାଳିଲା ପିଆଦା ପଛେ ମାରି ଝିଙ୍କେ ଅସୁ ଯାଉ ।
କବିସୂର୍ଯ୍ୟ ସଙ୍ଗୀତ ।

୬ । (ଗୁରୁଜନଙ୍କୁ) ଥଟ୍ଟା ବା ପରିହାସ କରିବା—
6. To jest ones elders.

୭ । (ଅଙ୍ଗୀକାର) ଅନ୍ୟଥା କରିବା—
7. To break (one's promise).

୮ । (ଆଜ୍ଞା) ଅବଜ୍ଞା କରିବା; ଲଂଘନ କରିବା—
8. To disobey (an order).

ଟଙ୍କଥର ପାଦେ କଙ୍କର ଯାଉ
ଟାଳିବ କେ ଆଜ୍ଞା ସପାରେ ଭାର—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୯ । ନିଜର ଦାୟିତ୍ୱ ଅନ୍ୟ ଉପରେ ଲଦିଦେବା ବା ପକାଇଦେବା—9 To shirk one's responsibility to another.

୧୦ । (ଆଦେଶ) ରଦ୍ଦ୍ କରିବା—
10. To set aside (an order)

୧୧ । ଆଘାତ ଆଦିକୁ ଅଟକିବା; ସମ୍ଭାଳିନେବା—
11. To ward off (a blow).

ସୁଯୋଧନ ରଜା ଅଟନ୍ତି ବୁଦ୍ଧିଶାଳୀ
ସେ ଗଦା ପ୍ରହାରକୁ ଦେଲେ କରେ ଟାଳି—କୃଷ୍ଣସିଂହ. ମହାଭାରତ.ଶଲ୍ୟ.

୧୨ । (ଶୁଣ୍ଠୀ ପିପ୍ପଳୀ ଆଦି) ଔଷଧରୂପେ ବ୍ୟବହାର କରିବା ପାଇଁ ଈଷତ୍ ଭୃଷ୍ଟ କରିବା—12. To scorch bits of dry ginger and long pepper etc for using them as medicine.

ଟାହାଙ୍ଗିବା—ପ୍ରାଦେ. (ସମ୍ବଲପୁର) କ୍ରି—ମୁଣ୍ଡ ଟେକି ଚାହିଁବା—
Ṭāhāṇgibā To look with one's head raised or lifted up.

ଭଲ୍ ଧାନକେ ମସୁର ବାଏ (ଭ)
ଖାଏ କି ନ ଖାଏ ଟାହାଙ୍ଗି ଥାଏ—ଢଗ ।

ଟାହି—ଦେ. ବି (ସଂ. ଅଟ୍ଟହାସ; ଟଟ୍ଟରୀ)—୧ । କୌତୁକ—1. Fun.
Ṭāhi ୨ । ଥଟ୍ଟା; ପରିହାସ; ଟାପରା—
ঠাট্টা; **ठट्ठा** 2. Jest; joke; mockery.

ଟାହିରେ ପଗ୍ଭର କି ପ୍ରଜାପତି
ଟଙ୍କେ କହାଲୁଛି ମଦନ ଗତି—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

মেকানি ୩ । କାମୁକ ପରିହାସ—3. Flirtation.

[ଦ୍ର—ଏହା ଟାପରା ପୂର୍ବେ ସହଚର ରୂପେ ବ୍ୟବହୃତ ହୁଏ]

ଟାହିଆ—ଦେ. ବି (ଭୁଲ. ଇଂ. Tiara; ଟାୟାରା)—ଠାକୁରଙ୍କ ପ୍ରଭି ପଛ ଅଡ଼େ ବନ୍ଧାଯିବା ବା ମୁଣ୍ଡ ଜୁଡ଼ାରେ ଖୋସାଯିବା (ଟାହ୍ୟା-ଅନ୍ୟରୂପ) ଫୁଲଦ୍ୱାରା ସଜ୍ଜିତ ମୟୂରପୁଚ୍ଛାକାର ଆଭରଣ-ବିଶେଷ—A fan-shaped nosegay or bouquet arranged for show in the back-ground of an image or a chignon
Ṭāhiā
ঠাট্টাবাজ, **ठठोल**
ଦେ. ବିଣ.— ଥଟ୍ଟିଲ; ପରିହାସପ୍ରିୟ—Jestive; jocular.

ଟାହି କରିବା—ଦେ. କ୍ରି—ଥଟ୍ଟା କରିବା—To jest.
Ṭāhi karibā ଟାହି କରି ହସି ଉଠନ୍ତି ପୁଣି—ଗ୍ରାମ୍ୟ. ପରଦେଶୀଚ ।
মেকা; **ठट्ठा उड़ाना**

ଟାହି ଖେଳିବା—ଦେ. କ୍ରି—୧ । ମୁହଁରେ ଥଟ୍ଟା କରିବା—
Ṭāhi kheḻibā 1. To crack jokes; to banter.

୨ । କାର୍ଯ୍ୟତଃ ପରିହାସ କରିବା—
2. To cut practical jokes.

ଟାହି ଟାପରା—ଦେ. ବି (ଏକାର୍ଥ ସହଚର)—୧ । କୌତୁକ—
Ṭāhi tāparā 1. Fun.
ঠাট্টাবাটখাৱা; **हांसीठट्टा** ୨ । ଥଟ୍ଟା ପରିହାସ—
2. Jest; joking.

ଟାହିବା—ଦେ. କ୍ରି—ଟାହି କରିବା—To jest
Ṭāhibā

ଟାହୁଲି (ଇତ୍ୟାଦି)—ଦେ. ବି—ଟାହି ଇତ୍ୟାଦି (ଦେଖ)
Ṭāhili (etc.) Ṭāhi etc (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଟାହିଲିଆ—ଦେ. ବଣ. ପୁଂ—୧ । ଥଟ୍ଟାଳି; ପରିହାସପ୍ରିୟ (ବ୍ୟକ୍ତି)—
Ṭāhilia 1. Fond of fun; jocular; given to joking.
ଠଠ୍ଠାବାଜ ଠଠାରା (ଟାହୁଲେଇ—ସ୍ତ୍ରୀ)

୨ । ପରିହାସଯୁକ୍ତ (କଥା)—
2. Humorous; funny (words).

ଟାହୁଳି (ଇତ୍ୟାଦି)—ଦେ. ବି—ଟାହି ଇତ୍ୟାଦି (ଦେଖ)
Ṭāhuḷi etc. Ṭāhi (etc) (See)
ନଇଶୁଅ ସବୁବେଳେ ମୋ କଥାକୁ ଟାହୁଳି କରନ୍ତ—
ଉପେନ୍ଦ୍ରଭଞ୍ଜ, ଇନ୍ଦ୍ରମାଳୀ ।

ଟାହୁଲି (ଇତ୍ୟାଦି)—ଦେ. ବି—ଟାହି ଇତ୍ୟାଦି (ଦେଖ)
Ṭāhuli etc. Ṭāhi etc (See)
ଶ୍ୟାମଦାସ ଗୁମାସ୍ତା ଜ୍ୟୋତଷଙ୍କୁ ଟିକିଏ ଟାହୁଲି କରି କହିଲେ—
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଟାହୁଲିଆ—ଦେ. ବଣ. ପୁଂ—ଟାହିଲିଆ (ଦେଖ)
Ṭāhulia Ṭāhilia (See)
(ଟାହୁଲେଇ—ସ୍ତ୍ରୀ)

ଟାହ୍ୟା—ଦେ. ବି—ଟାହିଆ (ଦେଖ)
Ṭāhya Ṭāhia (See)

ଟି—ଦେ. ଅ. (ସଂ. ହି; ଏହା ଶବ୍ଦପରେ ବ୍ୟବହୃତ ହୁଏ)—୧ । ବାକ୍ୟ ପୂରଣ ଓ ଶବ୍ଦ ଉପରେ ଜୋର ଦେବାପାଇଁ ବ୍ୟବହୃତ ପ୍ରତ୍ୟୟ ବିଶେଷ—1. A particle used to complete a sentence and give emphasis on a word, corresponding to the English "too".
Ṭi
ଅଖିଳ ଜନଙ୍କ ନାସା ମୃଗମଦ କଲାଟି । କବିସୂର୍ଯ୍ୟ ବଳଦେବ ଚମ୍ପୂ, ଗୀତ ।

୨ । ପ୍ରଶ୍ନାର୍ଥକ—2. Interrogative.
[ଯଥା—ତୁମ୍ଭେ କାଲି ଫେରି ଆସିବଟି ?]

୩ । ନିଶ୍ଚୟ (ନିଶ୍ଚୟାର୍ଥକ)—3. (a particle used to denote certainty) Certainly.
ଅବଶ୍ୟ ତା ଛାମୁରେ ନିବେଦନ କଲିଟି—କବିସୂର୍ଯ୍ୟ ବଳଦେବ ଚମ୍ପୂ, ଗୀତ ।

୪ । ଅଭିପ୍ରାୟ ପ୍ରକାଶକ—4. A particle used to indicate the speaker's intention.
ଆଶ୍ରୟ ନୋହିବ ଗୋବର୍ଦ୍ଧନ ଗିରିଟି—କବିସୂର୍ଯ୍ୟ, ବଳଦେବ ଚମ୍ପୂ, ଗୀତ ।

୫ । (ଅବଧାରଣାର୍ଥକ) ଏକମାତ୍ର; ଗୋଟିଏ—
5. Sole; one only.
ଉଦ୍ଧବ ଏହିଟି ବୋଲି କୃପାକଲୁ ବଛିଟି—କବିସୂର୍ଯ୍ୟ ବଳଦେବ ଚମ୍ପୂ, ଗୀତ ।
[ଦ୍ର—କବିସୂର୍ଯ୍ୟ ବଳଦେବ ଚମ୍ପୂର 'ଣ' ଗୀତରେ 'ଟି' ର ଅନ୍ୟ ଅନ୍ୟ ପ୍ରୟୋଗର ଉଦାହରଣ ସୁଲଭ ଅଟେ ।]

୬ । (ଅବଧାରଣାର୍ଥକ, ବହୁସଂଖ୍ୟାବାଚକ)—ସଂଖ୍ୟକ—
6. Numbering (so many).
[ଯଥା—ପାଞ୍ଚଟି ଟଙ୍କା ତାଙ୍କୁ ମିଳିଲା ।]

୭ । କ୍ଷୁଦ୍ରାର୍ଥକ—7. Tiny.
କ ବଚନ କଲେ କଳକଳ ଟିକ ପିଲାଟି—ପ୍ରାଚୀନ ଭଜନ

୮ । କାରୁଣ୍ୟବ୍ୟଞ୍ଜକ—8. A particle denoting compassion.
[ଯଥା—ବୁଢ଼ୀଟି କେତେ ଦୁଃଖ ପାଉଛନ୍ତି ।]

ଟିଆ—ଦେ. ବି. (ସଂ. ଟିଟ୍ଟିଭ) ୧ । ଟିଟ୍ଟିଭ (ଦେଖ)
Ṭia 1. Ṭiṭṭiva (See)
ଟିୟା, ଟେୟା ୨ । ତୋତା ପକ୍ଷୀ; ଏକ ଜାତୀୟ ଶୁକ ପକ୍ଷୀ—
ତୁଇଆ 2. A kind of parrot; rose-ringed paraquat; Palaeornis Torquatus.
[ଦ୍ର—ଏହା ସାଧାରଣ ଶୁଆନାମକ ପ୍ରସିଦ୍ଧ ନୀଳପକ୍ଷ ଓ ରକ୍ତଚଞ୍ଚୁ ବିଶିଷ୍ଟ ପକ୍ଷୀ ଏବଂ ଲମ୍ବରେ ମୁଠାଏ ପର୍ଯ୍ୟନ୍ତ ବଢ଼େ । ଅଣ୍ଡିରା ପକ୍ଷୀର କଣ୍ଠ ଗୁରୁପାଖେ କଳା ଓ ନାଲି କଣ୍ଠି ପରି ଗାର ଦିଶୁଥାଏ । ମାଈ ପକ୍ଷୀର କଣ୍ଠ ଚିହ୍ନ ନ ଥାଏ ।

୩ । ଟେହିବା; ଉତ୍ତେଜନା—3. Instigation.

ପ୍ରାଦେ. (ସମ୍ବଲପୁର) ବି—୧ । ଭରଦ୍ୱାଜ ପକ୍ଷୀ—
1. The lark.
୨ । କୌଣସି କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ସମୟ ବା କଡ଼ାର—
2. Fixed time.

ଟିଆଇବା—ଦେ. କ୍ରି. (ସଂ ଉପ ଧାତୁ; ଣିଜନ୍ତ ଚାପି ଧାତୁ, କମ୍ପା ସଂ ତପ ଧାତୁ = ଉତ୍ପନ୍ନ କରିବା, ତପ୍ତ କରିବା)—
Ṭiāibā
ଟୁଆନ, ଟୁଯ୍ଯାନ ଉତ୍ତେଜିତ କରାଇବା, ମଚାଇବା, ଚେଡ଼ିବା—
ଉସକାନା To instigate; to goad.
(ଟିହାଇବା, ଟେହିବା, ଟିଏଇବା; ଟେହିବା, ଟ୍ୟାହିବା—ଅନ୍ୟରୂପ)

ଟିଆ କରିବା—ପ୍ରାଦେ. (ସମ୍ବଲପୁର) କ୍ରି—କଡ଼ାର କରିବା—
Ṭiā karibā To make a bargain; to appoint a time.

ଟିଆମତା—ଦେ. ବି. (ସହରର)—ଉତ୍ତେଜନା—
Ṭiā-matā Instigation.

ଟିଇକ—ଗ୍ରା. ବଣ—ଟିକକ (ଦେଖ)
Ṭi-ika Tikaka (See)

ଟିଇକେ—ଗ୍ରା. କ୍ରି. ବିଣ—କ୍ଷଣକେ—
Ṭi-ike In an instant.
କ୍ଷଣକେ ଅଛି ଏ ଟିଇକେ ନାଶ—ପ୍ରାଚୀ ପରିଚେ ଗୀତ ।

ଟିଉଟର—ବୈଦେ. ବି (ଇଂ)—ଶିକ୍ଷକ; ଗୁରୁ—
Tiutar Teacher.
टिউটর ट्यूटर

ଟିଉବ୍—ବୈଦେ. ବି (ଇଂ)—
Tiub ନଳ—Tube.
টিউব टिउब

ଟିଉବ୍ ଉଏଲ୍—ବୈଦେ. ବି (ଇଂ. ଟିଉବ୍‌ୱେଲ୍)—ନଳକୂଅ—
Tiub uel Tube well.
টিউবওএল ट्यूबवएल
[ଦ୍ର—କୂଅ ପାଇଁ ମାଟିରେ ଗହିରା ଗାତ ନ ଖୋଳି ଗୋଟିଏ ଲୁହା ନଳକୁ ମାଟିରେ ତଳ ଅଡ଼ିକୁ ଠେଲି ମାଡ଼ିବାକୁ ହୁଏ ଓ

୧	ଲ	ଓ	ର,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ତ	ତ୍ରଅ	ଘ
୬	ଈ	ଊ	ରୁ	ଲୃ	ଙ୍ଗ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ	ନ୍

ନଳଟି ମାଟି ଭିତରକୁ କ୍ରମଶଃ ପଶୁଥାଏ । ଏହାପରେ ପଶୁ ପଶୁ ନଳ ଯେତେବେଳେ ଭୂଗର୍ଭସ୍ଥ ଜଳସ୍ରୋତକୁ ବାଜୁଡ଼େ ସେତେବେଳେ ସେହି ନଳବାଟେ ଉକ୍ତ ଜଳ ପିଚକ ହୋଇ ଉପରକୁ ଉଠି ଆସେ ଓ ନଳ ମୁହଁରେ ପାଣି ବାହାରେ ।]

ଟିଉସନ୍—ବୈଦେ. ବି. (ଇଂ. ଟ୍ୟୁସନ୍)—୧ । ଶିକ୍ଷକତା—
Tiusan 1. Teachership.
ଟିଉସନ ୨ । ଘରେ ସ୍କୁଲ୍ ଛାତ୍ରମାନଙ୍କୁ ପଢ଼ାଇବା—
ଟ୍ୟୁସନ 2. Private tuition.
(ଟିଉସନ—ଅନ୍ୟରୂପ)

ଟିଏ—ଦେ. ପ୍ରତ୍ୟୟ. (ଆଦରାର୍ଥକ)—ଏକଗୋଟି ମାତ୍ର—
Tie One only.
একটি ଚମ୍ପା ଫୁଲଟିଏ ପାଇଲି ବନ ତଳରେ ପ୍ରାଏ—ନନ୍ଦକିଶୋର. ପଲ୍ଲି ଚିତ୍ର ।
ଏକଟା [ଦ୍ର—ଏହା ବିଶେଷ୍ୟ ପଦରେ ଯୁକ୍ତ ହୋଇ ବ୍ୟବହୃତ (ଟାଏ—ଅନାଦରାର୍ଥକ) ହୁଏ; ଯଥା—ମନୁଷ୍ୟଟିଏ, ପିଲାଟିଏ ।]

ଟି. ଏ—ବୈଦେ. (ସାଙ୍କେତିକ) ବି. (ଇଂ. ଟ୍ରାଭ୍‌ଲିଙ୍ଗ୍ ଆଲାଉଆନ୍ସ୍‌ରେ
T. A. ଥିବା ଦୁଇଟି ଶବ୍ଦର ପ୍ରଥମ ଦୁଇ ଇଂରାଜୀ ଅକ୍ଷର)—
ଟି ଏ ଟ୍ରାଭ୍‌ଲିଙ୍ଗ୍ ଆଲାଉଆନ୍ସ; ପଥଖର୍ଚ୍ଚ—T. A; abbrevia-
ଟି ए tion of the word travelling allowance.

ଟି. ଏ. ବିଲ୍—ବୈଦେ. ବି. ଇଂ. (ଟ୍ରାଭ୍‌ଲିଙ୍ଗ୍ ଆଲାଉଆନ୍ସର ପ୍ରଥମ ଦୁଇ
T. A. bil ଇଂରାଜୀ ଅକ୍ଷର ଓ ଇଂ. ବିଲ୍)—କର୍ତ୍ତୃପକ୍ଷଙ୍କଠାକୁ
ଟି এ বিল ପଠାଯିବା ପଥଖରଚର ବିବରଣ ଲେଖା ଥିବା ବିଲ୍—
T. A. bill; a bill for travelling allowance.

ଟିଏଇବା—ଦେ. କ୍ରି—ଟିଆଇବା (ଦେଖ)
Ti-eibā Tiā-ibā (See)

ଟିଁଟିଁଆଁ—ଦେ. ବି. (ସଂ. ଟିଟ୍ଟିଭ)—ଟିଟ୍ଟିଭ (ଦେଖ)
Tiñ-tiñ-āñ Tittibha (See)
ଦେ. ବିଣ—ଟିଁଟିଁ ଶବ୍ଦ କରୁଥିବା—
Making a trilling sound.

ଟିଁଟିଁଆଁ ବଣି—ଦେ. ବି—ଏକପ୍ରକାର ବଣିଚଢ଼େଇ—
Tiñ-tiñ-āñ baṇi A kind of myna bird.

ଟିକ୍‌ଟିକ୍—ଦେ. ବି—୧ । (ଟିକ୍‌ଟିକ୍ ଶବ୍ଦ କରିବା ଯୋଗୁଁ ; ସଂ. ଠିକ୍କା)—
Tik-tik ଝିଟିପିଟି; ପଲ୍ଲି ; ଗୃହଗୋଧିକା—
টিকটিকি 1. The house-lizard; the house gecko;
ଛିପକଲି Hemidactylus.
টুকরা টুকরা ୨ । (ସଂ. ସ୍ତୋକ) ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—
ଟୁକଡ଼ା ଟୁକଡ଼ା 1. Particles; tiny bits.
টিকরা ୩ । ଗାଆଣ୍ଟୀ ପକ୍ଷିବିଶେଷ—
3. Reed warbler (a sweet singing bird); Acrocephalus Calamoherpe.
ମୃଦୁ ନାଦେ କାହିଁ ରଟେ ଟିକ୍‌ଟିକ ବିହଙ୍ଗ ଜାଙ୍ଗଳବାସୀ—
ରାଧାନାଥ. ଚିଲିକା ।

[ଦ୍ର—ଏହା ପ୍ରାୟ ୮ ଅଙ୍ଗୁଳ ଲମ୍ବ ହୁଏ । ଏହାର ଦେହ ଈଷତ୍ ହଳଦିଆ । ଏହା କୀଟ ପତଙ୍ଗ ଆଦି ଖାଏ । ଏହାର ଗାନ ମଧୁର ।]
টিকটিকী ୪ । (ଇଂ. ଟ୍ରାଙ୍ଗ୍‌ଲ୍;. ସଂ. ବିକାଷ୍ଠ) ତିନିଖଣ୍ଡ ବେତରେ
टिकटिकी; टिकठी ଦଣ୍ଡୀକୁ ଭୂମିରେ ଠେସ ଲଗାଇ ଠିଆ କରାଯିବା ଯନ୍ତ୍ର, ଯହିଁରେ ଦଣ୍ଡିତ ବ୍ୟକ୍ତିର ହାତଗୋଡ଼କୁ ବାନ୍ଧି ତା ପିଠିରେ ବା ପିଚାରେ ବେତ ମାଡ଼ ଦିଆ ଯାଏ—
4. Triangle; a triangular form to which offenders are tied and caned.
টিকটিকী ବୈଦେ. ବି. (ଇଂ. ଡିଟେକ୍‌ଟିଭ୍)—ଗୁପ୍ତ ପୁଲିସ; ଗୁପ୍ତ
खुफिया पुलिस ଚର—Detective; detective police.
ଦେ. ବିଣ—କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ—
টুকরাটুকরা, टुकड़ाटुकड़ा Divided into tiny bits.
(ଯଥା—ଟିକ୍‌ଟିକ୍ କାଗଜଚିକ ପବନରେ ଉଡ଼ିଗଲା ।]
টিকটিক ଦେ. ଅ. (ଧ୍ୱନ୍ୟନୁକରଣ)—ଵାଚ୍ ଓ ଘଡ଼ିର ଠକଠକ
टिकटिक ବାଜିବା ଶବ୍ଦ—The ticking sound of a clock or watch.

ଟିକ୍‌ଟିକି—ଦେ. ବି ଓ ବିଣ—ଟିକ୍‌ଟିକ୍ (ଦେଖ)
Tik-tiki Tik-tik (See)

ଟିକ୍‌ଲି—ଦେ. ବି—ଟିକିଲି (ଦେଖ)
Tik-li Tikili (See)

ଟିକ—ଦେ. ଅ. (ସଂ. ସ୍ତୋକ)—ଅଳ୍ପ ପରିମାଣ; ସାମାନ୍ୟ, ବିକଟେ,
Tika ଟି—Little in quantity; small; tiny.
টুকু [ଦ୍ର—ଏହା ବିଶେଷ୍ୟ ପରେ ଯୁକ୍ତ ହୋଇ ସଂଖ୍ୟା, ଆକାର
ठा ବା ପରିମାଣର କ୍ଷୁଦ୍ରତା ବା ଅଳ୍ପତା ବୁଝାଏ, ଯଥା—ପିଲାଟିକ= ଏକମାତ୍ର କ୍ଷୁଦ୍ର ପିଲା, ଦୁଧଟିକ=ଟିକିଏ ଦୁଧ ବା ଅତି ଅଳ୍ପ ମାତ୍ର ଥିବା ଦୁଧ ।]
ଦେ. ବି ଓ ବିଣ—ଟିକକ (ଦେଖ)—Tikaka (See)

ଟିକକ—ଦେ. ବିଣ. (ସଂ. ସ୍ତୋକ)—୧ । ଅତି ସାମାନ୍ୟ—
Tikaka 1. Insignificant.
এতটুকু ୨ । ଅତି ଅଳ୍ପ—2. Very little.
थोड़ासा ୩ । ଅତି କ୍ଷୁଦ୍ର—3. Very small; tiny.
ଦେ. ବି—୧ । ଅତି ସାମାନ୍ୟ ବସ୍ତୁ—1. A little.
୨ । ଅତି କ୍ଷୁଦ୍ର ଖଣ୍ଡ—2. A bit.
ଦେ. ଅ—ଟିକ (ଦେଖ)—Tika (See)

ଟିକକ ଠାଉଁ—ଦେ. କ୍ରି. ବିଣ—କିଛିମାତ୍ର ଅବଶିଷ୍ଟ ନ ରଖି—
Tikaka ṭhauñ Leaving no remnant.
अवलसे आखिरतक (.ଯଥା—ମୁଁ ତାକୁ ସବୁ କଥା ଟିକକ ଠାଉଁ କହିଗଲି ।)

ଟିକକ ଠାଉଁ ନିଖାଜ ଯାଏ—ଦେ. କ୍ରି. ବିଣ—ଟିକକ ଠାଉଁ (ଦେଖ).
Tikaka ṭhauñ nikhaka jāe Tikaka ṭhauñ (See)

ସାଧାରଣ ଲୋକେ ଅପର ସ୍ଥାନରେ ଦୃଢ଼ଭ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉହିଁର ଉପରିସ୍ଥ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ।

ଟିକଟ—ବୈଦେ. ବି. (ଇଂ. ଟିକେଟ୍)—
Ṭikaṭa ୧ । ରେଲ ଆଦିରେ ଚଢ଼ି ଯିବା ନିମନ୍ତେ ଯାତ୍ରୀ ଭଡ଼ା
টিকিট ଦେଇ ଥିବାର ଚିହ୍ନ ସ୍ୱରୂପ କର୍ମଚାରୀଙ୍କଠାରୁ ପ୍ରାପ୍ତ କ୍ଷୁଦ୍ର
टिकट କାଗଜ ଖଣ୍ଡମାନ—1. Railway tickets.
୨ । ଡାକ ଟିକଟ—
2. Postage tickets; postal stamps.
୩ । କୌଣସି ବସ୍ତୁ ଉପରେ ମରା ଯାଇଥିବା ଚିହ୍ନିତ କାଗଜ—
3. Label.
୪ । ଥିଏଟର, ମେଳା, ପ୍ରଦର୍ଶନୀ ଆଦିକୁ ଯିବା ପାଇଁ ଦର୍ଶକଙ୍କୁ ଦିଆ ଯିବା ଅନୁମତିସୂଚକ କାଗଜ—
4. Ticket or pass for admission to a show, theatre etc.
୫ । ରେଜିଷ୍ଟ୍ରିଖାନାରୁ ଦଲିଲର ସମ୍ପାଦନକାରୀଙ୍କୁ ମିଳିବା ନିଦର୍ଶନ କାଗଜଖଣ୍ଡ—5. A slip of paper granted to the presenter of a deed for registration which he has to deliver before the registerd document is returned to him after copying.
[ଦ୍ର—ଦଲିଲସମ୍ପାଦନକାରୀ ଯେଉଁ ବ୍ୟକ୍ତିଙ୍କ ନାମରେ ଉକ୍ତ ଟିକଟ ପଛରେ କବୁଲ ଲେଖିଦିଅନ୍ତି ସେହି ବ୍ୟକ୍ତି ନିର୍ଦ୍ଦିଷ୍ଟ ତାରିଖରେ ଉକ୍ତ ଟିକଟ ରେଜିଷ୍ଟ୍ରିଖାନାରେ ଦାଖଲ କରି ଦଲିଲ ଓାପସ ପାଏ ।]
ପ୍ରାଦେ (ଗଞ୍ଜାମ) ବି—ଟିକସ; ଟାକ୍ସ—Tax.

ଟିକଟ କଟା(ଟେ)ଇବା—ଦେ. କ୍ରି—ମୂଲ୍ୟ ଦେଇ ରେଲକର୍ମଚାରୀଆଦିଙ୍କ-
Ṭikaṭa kaṭā(ṭe)ibā ଠାରୁ ରେଲ ଗାଡ଼ିର ଟିକଟ ଆଣିବା; ଟିକଟ
টিকিট কাটান କରିବା; ଟିକଟ କିଣିବା—
टिकट कटाना To purchase a ticket on payment of the fare or fee.

ଟିକଟ କରିବା—ଦେ. କ୍ରି—ଟିକଟ କଟାଇବା (ଦେଖ)
Ṭikaṭa karibā Ṭikaṭa kaṭāibā (See)
টিকিট করা **टिकट करना**

ଟିକଟ କାଟିବା—ଦେ. କ୍ରି—୧ । ମୂଲ୍ୟ ନେଇ ଯାତ୍ରୀମାନଙ୍କୁ ରେଲ-
Ṭikaṭa kāṭibā ଗାଡ଼ିର ଟିକଟ ଦେବା—
টিকিট কাটা I. To issue tickets.
टिकट काटना ୨ । ଟିକଟ କରିବା; ଟିକଟ କିଣିବା—
2. To purchase tickets on payment of the fare.

ଟିକନ୍—ବୈଦେ. ବି (ଇଂ. ଟିକିଙ୍ଗ୍)—ଗଦି ଓ ଖୋଳ ଆଦିର ଖୋଳ
Ṭikan ନିମନ୍ତେ ବ୍ୟବହୃତ ଏକପ୍ରକାର ସୂତାର ମୋଟା
টিকিং ଡୋରିଆ ଲୁଗା—Ticking; a coarse
टीकन striped cotton-stuff for cushions etc.

ଟିକମ୍—ଦେ. ବି (ସଂ. ସ୍ତୋକ)—ଅତି ଖର୍ବକାୟ ବ୍ୟକ୍ତି; ବାମନ;
Ṭikam ବାଙ୍ଗର—Dwarf.
বেঁটে ଦେ. ବିଣ—ଖର୍ବକାୟ; ବାଙ୍ଗୁରା—
ठुमका, बौना Dwarfish.

ଟିକମା—ଦେ. ବି ଓ ବିଣ—ଟିକମ୍ (ଦେଖ)
Ṭikamā Ṭikam (See).

ଟିକର—ଦେ. ବି (ସଂ. କଙ୍କର)—୧—ଗୋଡ଼ି—
Ṭikara 1. Shingles; pebbles; gravel.
টিকর **टेकर**
୨ । ଢିପ; ଉଚ୍ଚ ଭୂମି—2. High land.
୩ । ବାଲିସ୍ତୂପ ବା ବନ୍ଧ—3. Sandbank.
ଦେ. ବିଣ—୧ । ଉଚ୍ଚ ବା ନଗିଡ଼ା (ଭୂମି)—
1. High and dry (land); elevated.
୨ । ପଥୁରିଆ; ଗୋଡ଼ିଆ (ଭୂମି)—
2. Shingly; stony; gravelly,
ପ୍ରାଦେ (ଗଡ଼ଜାତ) ବି—ବ୍ୟଙ୍ଗୋକ୍ତି; ପରିହାସ—
Banter; joke.

ଟିକର କରିବା—ପ୍ରାଦେ (ଗଡ଼ଜାତ) କ୍ରି—ପରିହାସ କରିବା; ବ୍ୟଙ୍ଗ
Ṭikara karibā କରିବା—To banter.

ଟିକର ମାରି ହେବା—ପ୍ରାଦେ (ଗଡ଼ଜାତ) କ୍ରି—ଟିକର କରିବା (ଦେଖ)
Ṭikara māri hebā Ṭikara karibā (See).

ଟିକରା—ଦେ. ବି—ଟିକର (ଦେଖ)
Ṭikarā Ṭikara (See).
ଦେ. ବିଣ—୧ । (ସଂ. ସ୍ତୋକ) ଅଳ୍ପପରିମିତ—
1. Of small dimensions; petty.
୨ । ଟିକର (ଦେଖ)—
2. Tikara (See).
ପ୍ରାଦେ (ବାଲେଶ୍ୱର) ବି—ହୁଙ୍କା—Ant hill.
(ଯଥା—ଉଇ ଟିକରା ।)

ଟିକରା ଚାଷ—ଦେ. ବି—ଛୋଟ ଛୋଟ ଜମିର ଚାଷ କରିବା—
Ṭikarā chāsha Cultivation of tiny plots of land.

କେବେଁ ନ କରିବୁ ଟିକରା ଚାଷ
କର ଦେଇ ନାହିଁ ଘରରେ ଆଶ—କୃଷିବଚନ

ଟିକରିଆ—ପ୍ରାଦେ. (ଗଡ଼ଜାତ) ବିଣ. ପୁଂ—୧ । ବ୍ୟଙ୍ଗୋକ୍ତିକାରୀ—
Ṭikariā 1. Bantering; scoffing.
(ଟିକରେଇ—ସ୍ତ୍ରୀ) ୨ । ଥଟ୍ଟାଳିଆ—2. Jestive; jocular.

ଟିକଲ—ଦେ. ବି—ପରିହାସ; ଠାପରା—
Ṭikala Jest; joke.

ଟିକସ—ବୈଦେ. ବି—୧ । (ଇଂ. ଟାକ୍ସ୍) କର; ଶୁଳ୍କ—
Ṭikasa 1. Tax; toll; duty.
টেক্স, ট্যাক্স; **टिकस**

୧	ଙ	ଞ	ର୍, ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଊ
୨	ଙ	ଞ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଗ୍ୟଁ	ଇଅ	ଔ	ନ୍

୨ । ସ୍ତ୍ରୀ. (ଇଂ. ଟିକେଟ୍) ଅନୁମତି ସୂଚକ କ୍ଷୁଦ୍ର କାଗଜଖଣ୍ଡ—
টিকিট; **टिकट** 2. Ticket.

ଟିକସ ଦାରୋଗା—ବୈଦେ. ବି (ଇଂ. ଟାକ୍ସ୍ + ଫା. ଦାରୋଗା)—ଟାକ୍ସ
Ṭikasa dārogā ବା କର ସଂଗ୍ରାହକ କର୍ମଚାରୀ—
টেক্স দারোগা Tax collector.
टिकस दारोगा

ଟିକସ ବସା(ସେ)ଇବା—ଦେ. କ୍ରି—କର ଧାର୍ଯ୍ୟ କରିବା—
Ṭikasa basā(se)ibā To assess tax.
টাক্স.বসান; **टिकस लगाना**

ଟିକା—ଦେ. ବି (ସଂ. ତିଳକ; ତୁଳ. ସଂ. ବିନ୍ଦୁକା)—୧ । କପାଳରେ
Ṭikā ଦିଆଯିବା ଗୋରୋଚନା ଓ ଚନ୍ଦନ ଆଦିର ଟୋପା—
টীকা; **टीका** 1. A circular-finger mark of different colours painted on the brow.

ଦେଲେ ଶ୍ରୀଚନ୍ଦନ ଟିକା ରାମ ଲଲାଟରେ—ମଧୁସୂଦନ. ବାଳରାମାୟଣ ।

টীকা ୨ । ସ୍ୱର୍ଣ୍ଣ ରୌପ୍ୟାଦି ନିର୍ମିତ ପଦକ; ମସ୍ତକର ଅଳଂକାର ବିଶେଷ—2. A silver or gold medal worn as an ornament.

টীকা ୩ । ବସନ୍ତ ରୋଗସଂକ୍ରମଣର ତୀବ୍ରତା ନିବାରଣାର୍ଥ ବସନ୍ତ-
टीका ରୋଗଗ୍ରସ୍ତ ମନୁଷ୍ୟ ବା ଗୋରୁଙ୍କଠାରୁ ପୂଜ (ବୀଜ) ନିଆଯାଇ ମନୁଷ୍ୟର ହାତ ବା ବାହୁରେ ଛିଦ୍ର କରି ଉକ୍ତ ପୂଜକୁ ଭର୍ତ୍ତି କରିବା ପ୍ରଣାଳୀ—
3. Vaccination; inoculation.

[ଦ୍ର—ମନୁଷ୍ୟମାନଙ୍କରେ ଦିଆଯିବା ଟିକାକୁ ଦେଶୀଟିକା ଓ ଗୋମାନଙ୍କରେ ଦିଆଯିବା ଟିକାକୁ ବିଲାତି ଟିକା କୁହାଯାଏ ।]

୪ । ଅଭିଷେକ ଉପଲକ୍ଷରେ ରାଜା ଓ ଯୁବରାଜଙ୍କ କପାଳରେ ଦିଆଯିବା ଚିତା; ରାଜଟୀକା—
4. A circular finger-mark given on the brow of a Raja and heir apparent on the occasion of installation; sign of royalty.

টেক্কা ୫ । ତାସ୍ ଖେଳରେ ଏକ ସଂଖ୍ୟକ ତାସ—
इक्का 5. The ace at cards.

୬ । ଅଙ୍ଗୁଠିର ଅଗ ଦ୍ୱାରା ଆଘାତ; ଥୋପି—
6. A tap with the tip of a finger.

୭ । (ଲକ୍ଷଣାର୍ଥ) ବହୁ ଲୋକଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱସୂଚକ ଚିହ୍ନ—
7. (fig) Sign of excellence amongst many.

ପାଇଛି ଟିକା ସୁନ୍ଦର ଯାକେ—ଭକ୍ତ. କୋଣାର୍କହ୍ରାଣ୍ଡବାଦ ।

ଦେ. ବିଣ—୧ । ଶ୍ରେଷ୍ଠ; ପ୍ରଧାନ—1. Chief.

ତରଳ ତାରକାହାରମଧ୍ୟେ ନାୟକାଗଣଟିକା । ରାଧାନାଥ. ଉଷା ।

୨ । ଉତ୍କୃଷ୍ଟ—2. Excellent.

ପ୍ରାଦେ. (ଗଡ଼ଜାତ) ବି—୧ । ପ୍ରଜାଙ୍କର ରାଜାଙ୍କୁ ପ୍ରଣାମ କରିବା ଉପଲକ୍ଷରେ ଦେବା ଭେଟି—1. Present given to a king by a subject after making obeisance.

୨ । ରାଜା ଓ କ୍ଷତ୍ରିୟମାନଙ୍କ ଘରେ ବୈବାହିକ ମହାପ୍ରସାଦ-ନିର୍ବନ୍ଧର ଅଙ୍ଗବିଶେଷ; ଟିକାଲାଗି—
2. The ceremony of betrothal amongst the Kshatriyas.

[ଦ୍ର—ଏଥିରେ କନ୍ୟାପକ୍ଷର ଅଭିଭାବକ ବର ଘରକୁ ଯାଇ ତାଙ୍କୁ ନବବସ୍ତ୍ର ଓ ଅଳଙ୍କାରାଦି ଦେଇ କନ୍ୟାପ୍ରଦାନ କରିବାକୁ ସଂକଳ୍ପ ପୂର୍ବକ ତାଙ୍କ ମୁଣ୍ଡରେ ଟିକା ବା ଟୋପାଟିଏ ମାରି ଦିଅନ୍ତି ।]

୩ । ଏକ ରାଜଧାନୀକୁ ଆଗତ ଅନ୍ୟଦେଶର ରାଜାଙ୍କୁ ପ୍ରଥମ ରାଜଧାନୀର ଅଧୀଶ୍ୱରଙ୍କ ଗୃହରେ ଭୋଜନ କରିବା ନିମନ୍ତେ କରାଯିବା ସବିଧି ନିମନ୍ତ୍ରଣ—
3. A formal invitation for dinner sent by a Raja to a brother-chief during his visit to the former's capital.

[ଦ୍ର—ଅର୍ଘ୍ୟ, ପୁଷ୍ପ, ଧୂପ, ଦୀପ ଓ ପାଟବସ୍ତ୍ରାଦି ଦେଇ ଏ ନିମନ୍ତ୍ରଣ କରାଯାଏ ।]

ପ୍ରାଦେ. (ସମ୍ବଲପୁର) ବି—ଗୋରୁଆଦିଙ୍କ ମୁଣ୍ଡରେ ଥିବା ଧଳା—
Big white patch found on the head of coloured cattle.

ପ୍ରାଦେ. (ସମ୍ବଲପୁର) ବିଣ—ଟିକାଥିବା; ଯେଉଁ ଗୋରୁ ମୁଣ୍ଡରେ ଧଳା ଥାଏ—(cattle) Having a white patch on the head.

ଟିକା(କେ)ଇତ—ଦେ. ବି. (ଏହାଙ୍କ ମୁଣ୍ଡରେ ଟିକା ବା ସମ୍ମାନସୂଚକ
Ṭikā(ke)ita ଚିତା ଦିଆ ଯିବାରୁ)—୧ । ଯୁବରାଜ; ରାଜାଙ୍କର
टिकैत; टिकाइ ଜ୍ୟେଷ୍ଠପୁତ୍ର; ରାଜ୍ୟର ଭାବୀ ଉତ୍ତରାଧିକାରୀ—
1. The eldest prince; the heir-apparent to the throne.

୨ । ରାଜଦ୍ୱାରରେ ବିଶିଷ୍ଟ ସମ୍ମାନର ଚିହ୍ନସ୍ୱରୂପ ଯେଉଁ ବ୍ୟକ୍ତିର କପାଳରେ ଟିକା ଦିଆଯାଇ ଥାଏ—2. A person specially honoured by the king by being given a mark of sandal on the brow.

୩ । ଯୁବକ ରାଜା—3. A young king.

ଟିକାଇତ ଅଷ୍ଟବର୍ଗର କହିଲ ଶ୍ୟାମ ଏକ ଅଚରିତ ।
କବିସୂର୍ଯ୍ୟ ବଳଦେବ ଚମ୍ପୂ ଠ. ଗୀତ ।

୪ । (ଲକ୍ଷଣାର୍ଥ) ଶ୍ରେଷ୍ଠବ୍ୟକ୍ତି—4. Chief.

ଟିକାଇତ ତୁ ରସିକାଙ୍କେ ସିନା । କବିସୂର୍ଯ୍ୟ. ସଙ୍ଗୀତ ।

ଟିକାଏ—ଦେ. ଅ—ଟିକକ (ଦେଖ)
Ṭikāe Ṭikaka (See)
একটু

ଟିକାଏ ହେଲେ ସେ ହୃଦୟ ସରସେ ନୋହିଲା ହାସ ବିକାଶ ।
କବିସୂର୍ଯ୍ୟ. ବଳଦେବ ଚମ୍ପୂ ଠ ଗୀତ ।

ଦେ. କ୍ରି. ବିଣ—ଅଳ୍ପକ୍ଷଣ ମାତ୍ର—For a short time.

ଟିକାଏତ—ଦେ. ବି—ଟିକାଇତ (ଦେଖ)
Ṭikāeta Ṭikāita (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟିକାକ—ଦେ. ଅ—ଟିକକ (ଦେଖ)
Ṭikāka Ṭikaka (See)
ଟିକାକ ଦୋଷକୁ ଘମା କେଡ଼େ ଭୁଷା ଭୁଷିଗଲେ । କବିସୂର୍ଯ୍ୟ. ସଙ୍ଗୀତ ।

ଟିକା ଘେ(ଘି)ନିବା—ଦେ. କ୍ରି—୧ । ବସନ୍ତ ରୋଗର ଟିକା ନିଜ ଅଙ୍ଗରେ
Ṭikā ghe(ghi)nibā ଗ୍ରହଣ କରିବା—1. To be vaccinated or inoculated.
टीका लेना टीका लगाना
(ଟୀକା ନେବା—ଅନ୍ୟରୂପ) ୨ । କପାଳରେ ଚିତା ଧାରଣ କରିବା—2. To paint a circular mark on the forehead.

ଟିକାଦିଆ—ଦେ. ବି—୧ । ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ଠାରେ ବସନ୍ତ
Ṭikādiā ରୋଗର ଟିକା ଦିଏ—1. Vaccinator; inoculator.
टीकादार
टीकादार ୨ । ଟିକାଦେବା କର୍ମ—
टीका देना 2. Vaccinating.
टीका चढ़ाना

ଟିକା ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଦେହରେ ବସନ୍ତ
Ṭikā debā ରୋଗନିବାରକ ଟୀକା ପ୍ରବେଶ କରାଇବା—
टीका देना 1. To vaccinate; to inoculate.
टीका चढ़ाना ୨ । କୌଣସି ବ୍ୟକ୍ତିର କପାଳରେ ଚିତା ବା ଠୋପା ଦେବା—2. To paint a circular mark on the forehead of a person.

ଟିକା ନେବା—ଦେ. କ୍ରି—ଟିକା ଘେନିବା (ଦେଖ).
Ṭikā nebā Ṭikā ghenibā (See)

ଟିକାୟତ—ଦେ. ବି—ଟିକାଇତ (ଦେଖ)
Ṭikāyata Tikāita (See)
(ଟିକାଏତ, ଟିକାଇତ—ଅନ୍ୟରୂପ)

ଟିକାଲଗି—ଗ୍ରାଦେ. (ଗଡ଼ଜାତ) ବି—ବିବାହ ପ୍ରସଙ୍ଗରେ ରାଜାଙ୍କ ଘରେ
Ṭikā-lāgi କନ୍ୟା ପକ୍ଷର ପୁରୋହିତ ବର ଘରକୁ ଯାଇ କରିବା ସ୍ୱୀକାର ବା ନିର୍ବନ୍ଧ ବିଧି—The ceremony of betrothal amongst the Kshatriyas.

ଟିକି—ଦେ. ଅ—୧ । ପ୍ରଶ୍ନାର୍ଥକ—
Ṭiki 1. Interrogative.
নাকি (ଯଥା—ତୁ ସେଠାକୁ ଯିବୁଟିକି ?)
टोक ୨ । ନିଶ୍ଚୟାର୍ଥକ—2. A particle used to denote certainty.
ନରକକୁ ନ ଯିବ ଏ ବଡ଼ ଶୀତଳ ନୃତ୍ୟଲାସ୍ୟ ଟିକି ବିହାର—କବିସୂର୍ଯ୍ୟ କଳୋଦରଚମ୍ପୂ ୮ ଗୀତ ।

ଦେ. ବିଣ. ପୁଂ ଓ ସ୍ତ୍ରୀ—ଅତି କ୍ଷୁଦ୍ର—Very small; tiny.
ଟିକି ନୃଆ ବୋଲୁ କଳ ଅଣୁ ଅଣୁ ପାଦ ଭାର ଗଜ ଗଧି—
କବିକଲ୍ଲୋଳ. ଲଳିତଶ୍ରୀ ।

ଦେ. ପ୍ରତ୍ୟୟ—୨ୟା ବିଭକ୍ତି ଏକବଚନ ଆଦର ବା ସ୍ନେହାର୍ଥ—
(ଟିକୁ—ଅନ୍ୟରୂପ) Objective singular case-suffix.
ପଢ଼ିଲେ ବେଶୀ ପୁଣ୍ୟ ଫଳଟିକି ପାଏ—କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

ଟିକିଆ—ଦେ. ବି—ଧୂମପାନବେଳେ ଗୁଡ଼ାଖୁରେ ବା ମଦକ ଗୋଳାରେ
Ṭikiā ନିଆଁ ଧରାଇବା ପାଇଁ ପେଚଗୋଳିଆ ଅଙ୍ଗାରଗୁଣ୍ଡାରେ
টিকিয়া, টিকে ପ୍ରସ୍ତୁତ ପିଣ୍ଡାକାର ଖଣ୍ଡ—Dried cakes of
टिकिया powdered charcoal used to ignite tobacco or opium preparations (bullets) for smoking.

ଟିକିଏ—ଦେ.ବିଣ ଓ ବି—(ସଂ. ସ୍ତୋକ) ଅତି ଅଳ୍ପ; ବକଟେ; କଣ୍ଟିଏ—
Ṭiki-e Very small; a bit.
একটু ଦେ. ଅ—୧ । ସାମାନ୍ୟ ପରିମାଣରେ—
टुक, टुकसा 1. A little; in a small quantity.
ଟିକିଏ ହେଲେ ବିବେକ ନ କରୁ ସେବକ ବେକ କରତ ବୋଲି ତର୍ପକ—
କବିସୂର୍ଯ୍ୟ. ସଙ୍ଗୀତ ।
୨ । ଅଳ୍ପ ସମୟ ପାଇଁ—
2 For a short time; for a moment.
ଟିକିଏ ରହ ନମସ୍କାର କରୁ—କୃଷ୍ଣସିଂହ. ମହାଭାରତ. ବନ ।
୩ । ଅନୁଗ୍ରହପୂର୍ବକ (ଅମୁକ କର୍ମ କର)—
3. Do please; please.
[ଦ୍ର—ଇଂରାଜୀରେ ଯେଉଁ ଅର୍ଥରେ 'please' ଅର୍ଥାତ୍ 'ଅନୁଗ୍ରହପୂର୍ବକ' ଶବ୍ଦ ବ୍ୟବହୃତ ହୁଏ ଓଡ଼ିଆରେ ଅନେକ ସ୍ଥଳରେ 'ଟିକିଏ' ସେହି ଅର୍ଥରେ ବ୍ୟବହୃତ ହୁଏ; ଯଥା—ନାତୁଣି ଭାଇ ! ମତେ ଟିକିଏ ଉଠିଲ ନଦ୍ୟପାର କରି ଦେ ।]

ଟିକିଏକ—ଦେ. (ପଦ୍ୟ) ବି ଓ ବିଣ—କ୍ଷଣକ; ମୁହୂର୍ତ୍ତକ; ଟିକକ—
Ṭikieka A while; a whit.
ଟିକିଏକ ଉପରେ ତେଜା ପା'ର ଭ୍ରମି
ଧରିଲେ କରେ ଗଦା କରୁ ମହାଭ୍ରମ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଟିକିଏ ନିଖିଏ—ଦେ. ବି—ଅତି ସାମାନ୍ୟ ପରିମାଣ; ବକଟେ—
Ṭiki-e-nikhie Minute quantity.
अल्पस्वल्प ଦେ. ବିଣ—ଅତି ସାମାନ୍ୟ ବା ଅଳ୍ପ—
Minute; small.
ଦେ. କ୍ରି. ବିଣ—ଅତି ସାମାନ୍ୟ ପରିମାଣରେ—
In minute quantity

ଟିକିଏ ମାତ୍ର—ଦେ. ବି ଓ ବିଣ—ଟିକିଏ ନିଖିଏ (ଦେଖ)
Ṭiki-e mātra Tikie nikhie (See)
अल्पमात्र

ଟିକିକ—ଦେ. ଅ ଓ ବିଣ ଓ ବି—ଟିକକ (ଦେଖ)
Ṭikika Tikaka (See)
ଟିକି ଚଢ଼େଇ ଟିକିକ ପାଣିରେ ବୁଡ଼ି ମରଇ—ପ୍ରହେଳିକା ।

ଟିକିକେ—ଦେ. କ୍ରି. ବିଣ—୧ । ଅତି ଅଳ୍ପ ସମୟ ମଧ୍ୟରେ—
Ṭikike 1. In a very short time.
একটুতে ୨ । ସାମାନ୍ୟ କାରଣରେ—2. Slightly.

ଟିକି ଜୀବନ—ଦେ. ବି. (ସଂ. ସ୍ତୋକ+ଜୀବନ)—୧ । କ୍ଷୁଦ୍ର ଜୀବନ;
Ṭiki-jibana ଯାହାର ଜୀବନ ଅଳ୍ପରେ ବାହାରିଯାଏ; ସୁକୁମାର ପ୍ରାଣ—
स्वल्पप्राण 1. Very tender or delicate life; frail life.
୨ । ହେୟ ଜୀବନ—2. Despicable or mean-life.

୧	ଋ	ଢ଼	ର୍,ର୍	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଋ	ଉ	ରୁ	ଲୁ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ୟ	ଯ	ସ	ଗଁ୍ୟ	ଇଅ	ଙ	ନୁ

୩ । ଭୀରୁତା—3. Timidity; cowardice.

ଦେ. ବଣ—ଟିକିଜୀବନିଅାଁ (ଦେଖ)
Ṭiki-jībaniān̄ (See)

ଟିକିଜୀବନିଆଁ—ଦେ. ବଣ. (ଭୁଲ. ସଂ. ଲଘୁଚେତନ୍)—
Ṭiki-jībaniān̄ ୧ । ଯେ ସାମାନ୍ୟ ଅଘାତ ବା ପୀଡ଼ାରେ
স্বল্পপ্রাণ ମରଯାଏ; ସୁକୁମାରଅ—
1. Of very frail vitality.
୨ । ଲଘୁଚେତା; ନୀଚମନା—2. Mean-minded.
୩ । ଭୀରୁ—3 Coward; timid.

ଟିକିଟିକି—ଦେ· ବି ଓ ବଣ—ଟିକ୍‌ଟିକ୍ (ଦେଖ)
Ṭiki-ṭiki Ṭik-ṭik (See)

ଟିକିଦିନୁ—ଦେ· (ପଦ୍ୟ) ଅ—ପିଲା ଦିନରୁ—
Ṭiki-dinu From childhood.
ছেলেবেলাথেকে ଟିକି ଦିନୁ ହେବେ ବଣ ଭୂଷଣ—
बचपनसे (ଟିକିଟିଦିନୁ—ଅନ୍ୟରୂପ) ଅଭିମନ୍ୟୁ· ବଧ୍‌ରଧିରଦିନ୍ଯାମଣି ।

ଟିକିନ୍—ବୈଦେ. ବି. (ଇଂ)—ଟିକନ୍ (ଦେଖ)
Ṭikin Ṭikan (See)

ଟିକି ପିଲା—ଦେ. ବି—ଅତି ଛୋଟ ପିଲା; ଶିଶୁ—
Ṭiki pilā Child; infant.
কচি ছেলে କି ବିବେକ କଲେ ନନ୍ଦନନ୍ଦନ ଟିକିପିଲାଙ୍କ—ପ୍ରାଚୀନ· ଭଜନ ।
[ଦ୍ର—ଏହିପରି ଟିକି ଚଢ଼େଇ, ଟିକି ବାଛୁରି, ଟିକି ଛୁଆ ଆଦି ମଧ୍ୟ ହୁଏ ।]

ଟିକିବା—ଦେ. କ୍ରି. (ସଂ. ସ୍ଥା ଧାତୁ)—୧ । ତିଷ୍ଠିବା; ସମ୍ଭାଳିବା—
Ṭikibā 1. To go on; to get on.
টিকা; টেকা ୨ । ସ୍ଥାୟୀ ହେବା—2. To last.
टिकना ୩ । ଉଧେଇବା—3. To thrive.
୪ । ଫଳବାନ୍ ହେବା—
4. To fructify; to be effective.

ଟିକିମା—ଦେ. ବି ଓ ବଣ—ଟିକମ୍ (ଦେଖ)
Ṭikimā Ṭikam (See)

ଟିକିରି—ଦେ. ବଣ—କ୍ଷୁଦ୍ର; ସାମାନ୍ୟ: ଅତି ଛୋଟ—
Ṭikiri Pretty; very small; tiny.

ଟିକିଲି—ଦେ. ବି. (ସଂ. ତିଲକରୁ ଟିକା; ଟିକାରୁ କ୍ଷୁଦ୍ରାର୍ଥେ ନିଷ୍ପନ୍ନ)—
Ṭikili ସ୍ତ୍ରୀଲୋକମାନଙ୍କର ଭ୍ରୂଲତା ମଧ୍ୟରେ ଦେନିବା ପତଳା ଓ
টীপ ଚକ୍ରାକାର ଚୋପି—Wafer; small disks of thin
टिकलि; चाँदला coloured material worn by females in the middle of the eye-brows.
[ଦ୍ର—ବିଭିନ୍ନ ବର୍ଣ୍ଣର କାଗଜ ବା ଧାତୁର ପତଳା ଓ ଚକ୍ରାକାର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡକୁ ଟିକିଲି ଏବଂ ସିନ୍ଦୂର, ଗୋରଚନା ଓ ଚନ୍ଦନକଳା ଆଦିରେ ରଞ୍ଜିତ କ୍ଷୁଦ୍ର ବିନ୍ଦୁମାନଙ୍କୁ ଚୋପି ଓ ବଡ଼ବିନ୍ଦୁମାନଙ୍କୁ ଟୋପା ବୋଲାଯାଏ ।]

ଟିକେ—ଦେ. ଅ—ଟିକିଏ (ଦେଖ)
Ṭike Ṭikie (See)

ଟିକେଇତ—ଗ୍ରା. ବି—ଟିକାଇତ (ଦେଖ)
Ṭikeita Ṭikāita (See)

ଟିକେ ନିଖେ—ଗ୍ରା. ଅ—ଟିକିଏ ନିଖିଏ (ଦେଖ)
Ṭike nikhe Ṭikie nikhie (See)

ଟିଖେ—ପ୍ରାଦେ. (ସମ୍ବଲପୁର) ଅ—ଟିକିଏ (ଦେଖ
Ṭikhe Ṭikie (see)

ଟିଙ୍କ୍‌ଚର୍—ବୈଦେ. ବି. (ଇଂ)—ସୁରାରେ ଦ୍ରବୀଭୂତ ଡାକ୍ତରୀ ଔଷଧ
Ṭiṅk-char ବିଶେଷ; ଅରିଷ୍ଟ; ଅରକ—Tincture.
টিঙ্কচর [ଦ୍ର—ଯେଉଁ ଯେଉଁ ପଦାର୍ଥ ସୁରାରେ ମିଶିଥାଏ ସେହି
टिंचर ପଦାର୍ଥର ବୈଦେଶିକ ନାମ ଅନୁସାରେ ଟିଙ୍କ୍‌ଚରର ନାମ ହୁଏ, ଯଥା ଟିଙ୍କ୍‌ଚର୍ ଓପିଅମ୍=ଅଫିମ ଅରକ]

ଟିଙ୍କ—ଦେ. ବି. (ସଂ. ଅଷ୍ଟପଦୀ; ଭୁଲ. ଇଂ. ଟିକ୍)—ପଶୁଙ୍କ ଦେହରେ
Ṭiṅka ଲାଗି ରହି ରକ୍ତ ଶୋଷିବା ଅଷ୍ଟପଦୀ କୀଟବିଶେଷ—
এঁটেলী; আঁটালী Tick; a parasitic insect sucking
सराट; अँठई blood from beasts; the Persian tick; Argas Persicus.
[ଦ୍ର—ଏମାନେ ପଶୁଙ୍କ ଚମକୁ କାମୁଡ଼ି ଧରି ଲାଗି ଥାଆନ୍ତି; ଏମାନଙ୍କ ମୁହଁରେ ଗୋଟିଏ ରକ୍ତଶୋଷକ ନଳ ଅଛି । ପଶୁଙ୍କ ଦେହରୁ ରକ୍ତ ଶୋଷି ଏମାନଙ୍କ ଦେହ ରକ୍ତରେ ଫୁଲି ଯାଏ ଏବଂ ଗୋଡ଼ଯାକ ଅତି ସାନ ଦେଖାଯାଏ । ଟିଙ୍କ ଅନେକ ପ୍ରକାର ଦେଖା ଯାଆନ୍ତି; ଯଥା—୧. ଘାଗୁଡ଼ିଆ=ବଡ଼ ଓ ଚେପ୍‌ଟା, ୨. ପଥୁରିଆ=ପଥର ପରି ଟାଣୁଆ, ଖୁବ୍ ପତଳା ଓ ଚେପ୍‌ଟା; ୩. ଜଉଟିଙ୍କ=କଳାଜାମ ପରି ସାନ, ମେଣ୍ଢା ମେଣ୍ଢା ହୋଇ ପଶୁଙ୍କ ଦେହରେ ଲାଗନ୍ତି, ୪. ମଣ୍ଡାଟିଙ୍କ=ବଡ଼ ଓ ନରମ, ୫. ପୁଡ଼ାଟିଙ୍କ=ଏମାନେ ସରୁ ସରୁ ।]

ଟିଙ୍କ ଜର—ଦେ. ବି—ଗୋରୁଙ୍କର ହେବା ଏକପ୍ରକାର ଜ୍ୱର—
Ṭiṅka jara Tick fever.

ଟିଙ୍କି—ଗ୍ରା. ବି—ଟିଙ୍କ (ଦେଖ)
Ṭiṅki Ṭiṅka (See)

ଟିଙ୍ଗ୍‌ଟିଙ୍ଗା—ଦେ. ବଣ. ପୁଂ—ଚିଡ଼ିଲ—Surly; of an irritable
Ṭiṅg-ṭiṅgā disposition; peevish.
(ଟିଙ୍ଗ୍‌ଟିଙ୍ଗେଇ—ସ୍ତ୍ରୀ)

ଟିଙ୍ଗ୍‌ଟିଙ୍ଗା(ଙ୍ଗେ)ଇବା—ଦେ. କ୍ରି—ଚିଡ଼ିବା—
Ṭiṅg-ṭiṅgā(ṅge)ibā To fret; to be irritated.

ଟିଙ୍ଗ୍‌ଶୂଳା—ଦେ. ବଣ—ଟିଙ୍ଗିଶୂଳା (ଦେଖ)
Ṭiṅg-śūḻā Ṭiṅgi-śūḻā (See)

ଟିଙ୍ଗ୍‌ଶୂଳିଆ—ଦେ. ବଣ—ଟିଙ୍ଗିଶୂଳା (ଦେଖ)
Ṭiṅg-śūḻiā Ṭiṅgi-śūḻā (See)

ଟିଙ୍ଗ୍‌ଶୂଳା(ଳେ)ଇବା—ଦେ. କ୍ରି—ଟିଙ୍ଗିଶୂଳାଇବା (ଦେଖ)
Ṭiṅg-śūḻā(ḻe)ibā Ṭiṅgi-śūḻaibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା'କୁ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ;

ଟିଙ୍ଗା—ଦେ. ବି. (ସଂ. ଭୃଙ୍ଗ) —ଲିଙ୍ଗର ଉତ୍ଥାନ ବା ଉଦ୍ରେକ—
Ṭiṅgā Erection of the male organ.
ଦେ. ବିଣ—ଟିଙ୍ଗ ଶୂଳା—Surly; currish.

ଟିଙ୍ଗା(ଙ୍ଗେ)ଇବା—ଦେ. କ୍ରି. (ସଂ. ଭୃଙ୍ଗ)—
Ṭiṅgā(ṅge)ibā ୧ । (ଲିଙ୍ଗ) ଉଦ୍ରିକ୍ତ ହେବା—
ঠাটান, টাটান, ঠাড় হওয়া 1. To become turgid or erect
खड़ा होना, ठाढ़ होना (said of the male organ when irritated).
୨ । ଶଗଡ଼ର ଏକମୁଣ୍ଡକୁ ମାଡ଼ି ବସି ଅନ୍ୟ ପାଖ ଉପରକୁ ଉଠାଇବା—
2. To raise one end of a thing by holding the other end (as of a cart).
୩ । ଠିଙ୍ଗ ହେବା; ଢିପିଢିପେଇବା—3. To bob.

ଟିଙ୍ଗାରି(ସି)ହେବା—ପ୍ରାଦେ. (ଗଡ଼ଜାତ) କ୍ରି—
Ṭiṅgāri(si)hebā ୧ । ଛଡ଼ିମର୍କଟି ହେବା (ଦେଖ)
1. Chadi-markaṭi hebā (See)
୨ । ଚଢ଼ିବା (ଦେଖ)—2. Chadibā (See)

ଟିଙ୍ଗି ଶୂଳା—ଦେ. ବିଣ—୧ । ଚିଡ଼ଚିଡ଼ିଆ; ଯେ ସାମାନ୍ୟ କଥାରେ ରାଗି ଉଠେ—1. Surly; illnatured &
Ṭiṅgi-śūḻā
খীটখীটে rude; irascible by nature;
चीडचीड़ा peevish.
୨ । ଯେଉଁ କଥାରେ ଲୋକ ହଠାତ୍ ଚିଡ଼ି ଉଠେ—
2. Irritating.

ଟିଙ୍ଗି ଶୂଳିଆ—ଦେ. ବିଣ— ଟିଙ୍ଗି ଶୂଳା (ଦେଖ)
Ṭiṅgisūḻiā Ṭiṅgi-śūḻā (See)

ଟିଙ୍ଗି ଶୂଳା(ଳେ)ଇବା—ଦେ. କ୍ରି—ଟିକିଏ କଥାରେ ଚିଡ଼ିବା; ସହଜରେ ରାଗିଯିବା—To be easily irritated or provoked.
Ṭiṅgi-śūḻā(e)ibā

ଟିଟ୍‌କାରି—ଦେ. ବି. (ସଂ. ଧିକ୍କାର) —ଧିକ୍କାର ବାକ୍ୟ—
Ṭiṭ-kāri Hooting words.
টিট্‌কারী, টিটকিরী **फटकार**
(ଟିଟକାରି—ଅନ୍ୟରୂପ)

ଟିଟ୍‌କାରିବା—ଦେ. କ୍ରି—ଧିକ୍କାର କରିବା —
Ṭiṭ-kāribā To hoot at.
টিটকিরী দেওয়া **फटकारना**
(ଟିଟକାରିବା—ଅନ୍ୟରୂପ)

ଟିଟକାରି ମାରିବା— ଦେ. କ୍ରି —ଧିକ୍କାର କରିବା; ଟିଟ୍‌କାରିବା—
Ṭiṭ-kāri māribā To hoot at.
টিটকিরী মারা **फटकारना**

ଟି-ଟି-ଆଇ—ବୈଦେ. ବି. (ଇଂ. ସାଙ୍କେତିକ ଅକ୍ଷରତ୍ରୟ)—
Ṭi-ṭi-āi ରେଲ ଗାଡ଼ିର ଯାତ୍ରୀମାନଙ୍କ ଟିକଟ ଚେକ୍ କରିବାପାଇଁ
টিটিআই ନିଯୁକ୍ତ କର୍ମଚାରୀ—Travelling ticket inspec-
टिटिआइ tor; travelling ticket examiner.
(ଟିଟିଇ—ଅନ୍ୟରୂପ)

ଟିଟିଭ—ଦେ. ବି—ଟିଟ୍ଟିଭ (ଦେଖ)
Ṭiṭiva Ṭiṭṭiva (See)

ଟିଟିର—ଦେ. ବି. (ସଂ. ତିତ୍ତିର)—ତିତିର (ପକ୍ଷୀ) (ଦେଖ)
Ṭiṭira Tittira (bird) (See)

ଟିଟ୍ଟିଭ—ସଂ. ବି. (ଟିଟ୍ଟି =ଅନୁକରଣ ଶବ୍ଦ + ଭଷ୍ ଧାତୁ + କର୍ତ୍ତୃ. ଅ;
Ṭiṭṭiva ତୁଳ. ଲାଟିନ୍ ଟୋଟାନସ୍, ଇଂ. ଟ୍ୟାଟ୍‌ଲର)—
টিটিভ ଟେଣ୍ଟେଶ୍ୱା; ଟେଁଟେଁଆ ପକ୍ଷୀ; ଟେଣ୍ଟେଇ ଚଢ଼େଇ—
टिटिह, टि हरी The tattler bird; Totanus Flavipes
ଟିଟ୍ଟିଭୀ }
ଟିଟ୍ଟିଭୀ } ସ୍ତ୍ରୀଲିଙ୍ଗ
[ଦ୍ର—ଏହା କୂଳେଚର ବର୍ଗର ପକ୍ଷୀବିଶେଷ ଏହାର ଦେହ ପାଉଁଶିଆ ଧଳା ଓ ଚକ୍‌ଚିତ । ଏହାର ମୁଣ୍ଡରେ ପକ୍ଷୀଆ ପର କଳା ପରର ଟୋପି ଅଛି; ଥଣ୍ଟ ସରୁ, କଳା ଓ ଲମ୍ବ; ଗୋଡ଼ ଲମ୍ବ ଲମ୍ବ ଓ ସରୁ; ଲାଞ୍ଜର ଅଗ କଳା । ଏହା ପ୍ରାୟ ୮ ଅଙ୍ଗୁଳ ଲମ୍ବ ହୁଏ; ଏ ରାତିରେ ଗୋଡ଼କୁ ଆକାଶ ଆଡ଼କୁ ଟେକି ଚିତ ହୋଇ ଶୁଏ; ପ୍ରବାଦ ଅଛି ଯେ, କାଳେ ସେ ଶୋଇଲାବେଳେ ଆକାଶ ତା ଉପରେ ଖସି ଅଜାଡ଼ି ହୋଇ ପଡ଼ିଯିବ ଓ ଯେବେ ଖସି ପଡ଼ିବ ତେବେ ସେ ତାହାର ଗୋଡ଼ ଦ୍ୱାରା ଆକାଶକୁ ଟେକି ଧରି ଆପଣାକୁ ବଞ୍ଚାଇବ, ଏହି ଧାରଣାରେ ଟିଟ୍ଟିଭ ପକ୍ଷୀ ଗୋଡ଼ ଟେକି ଚିତ ହୋଇ ଶୁଏ । ଏ ଉଡ଼ିଲା ବେଳେ ଏହାର ପ୍ରସାରିତ ପକ୍ଷରେ ଧଳା ଓ କଳା ପଟ୍ଟି ଦେଖାଯାଏ । ଗେଣ୍ଡା ଓ ପୋକଜୋକ ଏହାର ଖାଦ୍ୟ । ଏ ନଈ କୂଳରେ ଟେଁ ଟେଁ ଶବ୍ଦ କରି ଉଡ଼େ । ଏ ଚାଲିଲା ବେଳେ ଲାଞ୍ଜକୁ ସର୍ବଦା ନଚାଉ ଥାଏ ।]

ଟିଟ୍ଟିଭକ—ସଂ. ବି. (ଟିଟ୍ଟିଭ + ସ୍ୱାର୍ଥେ. କ)—ଟିଟ୍ଟିଭ (ଦେଖ)
Ṭiṭṭivaka Ṭiṭṭiva (See)

ଟିଣ୍‌ଟିଣ୍—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭiṇ-ṭiṇ ଘଣ୍ଟି ଆଦି ବାଜିବାର ଶବ୍ଦ—
টুনটুন Tinkle of bells etc.
टनटन [ଦ୍ର—'ଠଣ୍‌ଠଣ୍' ଠାରୁ 'ଟିଣ୍‌ଟିଣ୍' ଏବଂ ଟିଣ୍‌ଟିଣ୍ ଠାରୁ 'ଟୁଣ୍‌ଟୁଣ୍' ମୃଦୁତର ।]

ଟିଣ—ବୈଦେ. ବି. (ଇଂ. ଟିନ୍; ସଂ. ନାମ ବଙ୍ଗ)—
Ṭiṇa ୧ । ଟିନ୍ ବା ରଙ୍ଗ ନାମକ ଧାତୁ; ରାଙ୍ଗ—
টীন 1. Tin (metal).
टीन ୨ । ରାଙ୍ଗ ଭରଲାଯାଇ ଲିପା ହୋଇଥିବା ଲୁହାର ପତର—
2. Tin plate.
୩ । ଦସ୍ତା ଲିପା ଲୁହାର କୁଞ୍ଚୁକୁଞ୍ଚିଆ ପଟା—
(ଟିଣି—ଅନ୍ୟରୂପ) 3. Corrugated iron.
୪ । ଟିଣ ପତ୍ରର ଡିବା—4. Tin canister.

ଟିଣ କୋଳି—ଦେ. ବି—କ୍ଷୁଦ୍ର ବୃକ୍ଷବିଶେଷ ଓ ତହିଁର କୋଳି —
Ṭiṇa koḻi A small tree; Ziziphus Rugosa.
ଟିଣିଆଁକୋଳି }
ଟିଣିଅକୋଳି } ଅନ୍ୟରୂପ [ଦ୍ର—ଏହାର ଫଳ ଧଳା ଓ ଶୁଖିଲା ହୋଇଥାଏ; ଏ କୋଳି ବରକୋଳି ଜାତୀୟ ।]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଓ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍ତ	

ଟିଣ ବାକ୍ସ—ବୈଦେ. ବ. (ଇଂ. ଟିନ୍‌ବକ୍ସ)—ଟିଣରେ ତିଆରି ପେଟରା—
Ṭiṇa bāksa Tin box; tin trunk.
টিনের্ বাক্স टीनका बकस
(ଟିଣବାକସ—ଅନ୍ୟରୂପ)

ଟିଣା—ଦେ. ବଣ—୧ । ରାଗୀ; ଯେ ଅଳ୍ପ କଥାରେ ଚଢ଼ିଯାଏ; ଚିଡ଼ୁଲ—
Ṭiṇā 1. Surly; of an irritable temper; peevish.
বদরাগী
चोड़चोड़ा ୨ । ଯେଉଁ କଥା ଶୁଣିଲେ ଲୋକ ଚଢ଼ି ଉଠେ—
2. Irritatory (wards).
ଦେ. ବ—ଏକ ପ୍ରକାର ଘାସ—A kind of grass.
ଟିଣା ଡାଙ୍ଗଣା, ଲେମ୍ବୁ ଘାସ, ଯାକୁ ନେଇ ଦେବେ ଯାବୁରେ ଘଷ—ଚଗ ।
[ଦ୍ର—ଏ ଘାସ ଶ୍ରାବଣ ମାସରୁ ମାର୍ଗଶିର ଯାଏ ବିଲ ଓ ହିଡ଼ରେ ଜନ୍ମେ ।]
ପ୍ରାଦେ. (ବାଲେଶ୍ୱର) ବ. (ଇଂ. ଟିନ୍; ଟିଣରେ ପ୍ରସ୍ତୁତ ହେବାରୁ)—ଟିଣର ଡିବିରି; କିରାସିନ ଦୀପ—
Kerosine lamp made of tin.

ଟିଣା ସିଝୁ—ଦେ. ବ—ସିଝୁ (ଦେଖ)
Ṭiṇā sijhu Sijhu (See)

ଟିଣିଆ—ଦେ. ବ—୧ । ଏକ ପ୍ରକାର ଘାସ—
Ṭiṇiā 1. A kind of meadow grass.
টুনা [ଦ୍ର—ଏହା ପଡ଼ିଆରେ ଉଠେ ଓ ପ୍ରାୟ ଏକ ଫୁଟ ଉଚ୍ଚରେ ବଢ଼େ । ଏହାର ପତ୍ର ବଳଦା ପରି ସରୁ । ପ୍ରତ୍ୟେକ ପତ୍ରର ଅଗରେ ପିଆଜପତ୍ର ଭଳି ଗୋଟିଏ ଲେଖାଏଁ ଈଷତ୍ ନାଲ୍ ଛତାକାର ଭୂଣ୍ଡି ଥାଏ ।]
टाल्हो ୨ । ବନ୍ୟବୃକ୍ଷବିଶେଷ—2. A kind of wild tree; Albezzia Odoratissima; Acacia Speciosa (Haines).
[ଦ୍ର—ଏ ଗଛ ଖୁବ୍ ବଡ଼ ହୁଏ । ଏହାର ପତ୍ର ଛୋଟ; ଫଳ ଚେପ୍ଟା ଓ ବିତେଖଣ୍ଡେ ଲମ୍ବର ଛୁଇଁ ପରି; ଫୁଲ ହଳଦିଆ ଏବଂ ପେନ୍ଥା ପେନ୍ଥା ହୋଇ ଫୁଟେ । ଏହାର କାଠ ଖୁବ୍ ଶକ୍ତ ବୋଲି ଘର, ସଗଡ଼ ଓ ହଳର ଉପକରଣ ହୁଏ ।]

ଟିଣିଟିଣି—ଦେ. ଅ.—ଟିଣ୍ ଟିଣ୍ (ଦେଖ)
Ṭiṇi-ṭiṇi Ṭiṇ ṭiṇ (See)

ଟିଣ୍ଟିନିକା—ସଂ. ବ.—୧ । ଜଳଶିରୀଷ ଗଛ (ହି. ଶବ୍ଦସାଗର)—
Ṭinṭinikā 1. A kind of tree growing near water.
୨ । ଜୋକ (ହି. ଶବ୍ଦସାଗର)—2. Leech.

ଟିଣ୍ଡିଶ—ସ. ବ.—ଭେଣ୍ଡି (ଫଳ) (ହି. ଶବ୍ଦସାଗର)—
Ṭiṇḍiśa Lady's finger (fruit).

ଟିନ୍—ବୈଦେ. ବ. (ଇଂ.)—ଟିଣ (ଦେଖ)
Ṭin Ṭiṇa (See)

ଟିନ୍ ଟିନ୍—ଦେ. ଅ.—ଟିଣ୍ ଟିଣ୍ (ଦେଖ)
Ṭiṇ ṭiṇ Ṭiṇ ṭiṇ (See)

ଟିପ୍‌ଟିପ୍—ଦେ. ଅ. (ଧ୍ୱନ୍ୟନୁକରଣ)—(ବର୍ଷା) ଛୋଟ ଛୋଟ ଟୋପାରେ
Ṭip-ṭip ପଡ଼ିବା—(rain) Dripping in small drops.
টিপটিপ টিগটাপ [ଦ୍ର—ଝିଣ୍ଝିଣି ବା ଫିସ୍ ଫିସ୍=ଅତି ସୂକ୍ଷ୍ମ
टिपटिप ଟୋପାରେ ପଡ଼ିବା (ବର୍ଷା); ଝିପି ଝିପି ବା ଲଫି
(ଟିପି ଟିପି—ଅନ୍ୟରୂପ) ଲଫି=ଝିଣ୍ଝିଣି ଠାରୁ ବଡ଼ ବଡ଼ ଟୋପା ।
ଟିପ୍ ଟିପ୍ ବା ଟୁପୁରୁ ଟୁପୁରୁ=ଝିପି ଝିପି ଠାରୁ ବଡ଼ ବଡ଼ ଟୋପା ।
ଟପ ଟପ ବା ଟପର ଟପର=ଟିପ୍ ଟିପ୍ ଠାରୁ ବଡ଼ ବଡ଼ ଟୋପା ।
ଅସରା=ସାଧାରଣ ବର୍ଷା । ଦୁମୁକାଣି=ବଡ଼ ବଡ଼ ଟୋପାରେ କିଛି ସମୟ ଅବିରତ ବର୍ଷା ।]

ଟିପ୍ (ଧାତୁ)—ସଂ.—୧ । ଗମନ କରିବା—
Ṭip (root) 1 To move.
୨ । ପ୍ରେରଣ କରିବା—2. To send.

ଟିପ—ଦେ. ବ.—(ସଂ. ଟିପ୍ ଧାତୁ=ଗମନ କରିବା, ତୁଳ. ଇଂ. ଟିପ୍
Ṭipa =ଅଗ୍ରଭାଗ)—୧ । ଅଙ୍ଗୁଳିର ଅଗ୍ରଭାଗ—
টিপ 1. Finger-tip.
नोक ୨ । ଅଙ୍ଗୁଳିର ଅଗ ପବ—
2. The top phalanx of a finger.
चुटकी ୩ । ଦୁଇ ଅଙ୍ଗୁଠିର ଅଗ ମଧ୍ୟରେ ଧରା ଯିବା (ନାସ ଆଦିର) ପରିମାଣ—3. A quantity of powdered thing held between the phalanges of 2 fingers; a pinch (e. g. of snuff.)
(ଯଥା—ମିତ୍ରେ ଆପଣେ ! ଟିପେ ନାସ ଶୁଙ୍ଘିବେ କି ?)
टिका टिक्की ୪ । ଅଙ୍ଗୁଠିର ଅଗ୍ରଭାଗ ଅନ୍ୟ ବସ୍ତୁ ଦେହରେ ଚାପି
टीप ହୋଇ ଯାଇଥିବାର ଚିହ୍ନ—4. Mark left by the phalanx of the finger; finger-impression.
୫ । କରଜପତ୍ର; ତମସୁକ—5. Bond.
୬ । ଟିପଚିହ୍ନ; ପକ୍ଷ, ଆସାମୀ ବା ମୁଦାଲିମାନେ ରାଜକୀୟ ଆଦେଶ ବା ବିଧି ଅନୁସାରେ (ରେଜିଷ୍ଟ୍ରିଖାନା ବା ଥାନା ବା ଜେଲଖାନାରେ) ବାମହସ୍ତର ବୁଢ଼ାଆଙ୍ଗୁଠି ଅଗରେ କାଳି ବୋଳି କାଗଜରେ ଯେଉଁ ଚିହ୍ନ ଲଗାନ୍ତି—
6. Left hand thumb-impression left on a bit of paper.
[ଦ୍ର—ବହୁବର୍ଷବ୍ୟାପୀ ବୈଜ୍ଞାନିକ ଗବେଷଣାଦ୍ୱାରା ଦେଖାଯାଇ ଅଛି ଯେ ପ୍ରତ୍ୟେକ ଲୋକର ଟିପ ଉପରେ ଥିବା ରେଖାମାନ ଅନ୍ୟ ବ୍ୟକ୍ତିର ଟିପର ରେଖା ସଙ୍ଗେ ସମାନ ନୁହେଁ । ଏଥିପାଇଁ ଲକ୍ଷେ ଲୋକଙ୍କ ଟିପଚିହ୍ନ ମଧ୍ୟରେ କୌଣସି ବିଶିଷ୍ଟ ଲୋକର ଟିପଚିହ୍ନ ବାରି ହୋଇ ପାରିବ । ସାଧାରଣତଃ ଦଲିଲ ଆଦିରେ ବାମହସ୍ତ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବୃଦ୍ଧାଙ୍ଗୁଷ୍ଠିର ଟିପଚିହ୍ନ ଦିଆଯାଏ । ପରୀକ୍ଷାଦ୍ୱାରା ଦେଖା ଯାଇଅଛି ଯେ ମନୁଷ୍ୟର ହାତର ଦଶଅଙ୍ଗୁଠିରେ ଯେଉଁ ସବୁ ଶଙ୍ଖ ଚକ୍ରାଦି ଅଦ୍ଭୁତ ସରୁରେଖାମାନ ଅଛି ବୟସବୃଦ୍ଧି ସଙ୍ଗେ ମନୁଷ୍ୟ ଆକାରରେ ବଢ଼ିଲେ ସୁଦ୍ଧା ତହିଁର ସ୍ୱଭାବ ବଦଳେ ନାହିଁ । ଏଥିପାଇଁ ଅଳ୍ପ ଯାହା ହାତର ଟିପଚିହ୍ନ ନିଆଯାଇ ଥିବ ୧୦ ବର୍ଷ ପରେ ମଧ୍ୟ ତାହାର ଟିପଚିହ୍ନ ନେଲେ ପ୍ରତ୍ୟେକ ଅଙ୍ଗୁଠିର ଟିପଚିହ୍ନ ମଧ୍ୟରେ ସାମଞ୍ଜସ୍ୟ ଲକ୍ଷିତ ହେବ । ଏଥିପାଇଁ ଦାଗୀ ଓ ବନ୍ଦୀମାନଙ୍କର ୧୦ଟି ଯାକ ଅଙ୍ଗୁଠିର ଟିପଚିହ୍ନ ନିଆଯାଏ । କିନ୍ତୁ ସାଧାରଣତଃ ଦଲିଲମାନଙ୍କରେ କେବଳ ବାଆଁହାତ ବୁଢ଼ା ଅଙ୍ଗୁଠିର ଟିପଚିହ୍ନ ନିଆଯାଏ କାହିଁକି ? ପରୀକ୍ଷାଦ୍ୱାରା ଦେଖାଯାଇ ଅଛି ହାତର ସବୁ ଅଙ୍ଗୁଠି ମଧ୍ୟରେ ଉକ୍ତ ଅଙ୍ଗୁଠି ଉପରେ ସର୍ବାପେକ୍ଷା କମ୍ କାମ ବା ଚାପ ପଡ଼େ; ଏଥିପାଇଁ ତାହା କ୍ଷତ ବା ନଷ୍ଟ ହେବାର ସମ୍ଭାବନା ଅନ୍ୟ ଅଙ୍ଗୁଠିମାନଙ୍କ ଅପେକ୍ଷା କମ୍; ଏଥିପାଇଁ ଉକ୍ତ ଅଙ୍ଗୁଠିର ଟିପଚିହ୍ନ ନେଲେ ଭବିଷ୍ୟତରେ ଟିପଚିହ୍ନ ଦେବା ମନୁଷ୍ୟର ଉକ୍ତ ଅଙ୍ଗୁଠିର ଟିପଚିହ୍ନ ପୁଣି ନିଆଯାଇ ଉଭୟ ଟିପଚିହ୍ନକୁ ତୁଳନା କରି ଉକ୍ତ ମନୁଷ୍ୟକୁ ଚିହ୍ନଟ କରି ହେବ, ଏହି ଆଶାରେ ଉକ୍ତ ଅଙ୍ଗୁଠିର ଟିପଚିହ୍ନ ନିଆଯାଏ । କିନ୍ତୁ ପରେସେ ଅଙ୍ଗୁଠି କ୍ଷତ ହେଲେ ବା କଟି ଗଲେ ପ୍ରଥମେ ନିଆଯିବା ଟିପଚିହ୍ନଦ୍ୱାରା ଉକ୍ତ ଲୋକକୁ ଚିହ୍ନଟ କରିବା ଅସମ୍ଭବ ।]

ଫୌଁଟା ୭ । ତାସ୍ ବା ଗଞ୍ଜପା ସାରରେ ୧ଠାରୁ ୧୦ ପର୍ଯ୍ୟନ୍ତ
टीप ସଂଖ୍ୟା ନିର୍ଦ୍ଦେଶକ ବିନ୍ଦୁ—7. Points (from 1 to 10) marked on a playing card.

ଟିପ ଚାଳିବା—ଦେ. କ୍ରି—୧ । ଟିପ ଦେବା (ଦେଖ)
Ṭipa chāḷibā 1. Ṭipa debā (See)
୨ । ଲେଖିବା—2. To write.

ଟିପ ଚିହ୍ନ—ଦେ. ବି—୧ । ଅଙ୍ଗୁଠିର ଅଗ୍ରଭାଗରେ କାଳି ଲଗାଇ ତଦ୍ୱାରା କାଗଜରେ ବସାଯିବା ଚିହ୍ନ ବା ଛାପ—
Ṭipa chihna
টিপসহি 1. Finger-impression put on a piece of paper.
टिप्पो, टिक्को
୨ । ଦଲିଲଆଦିରେ ଦିଆଯିବା ବାମହସ୍ତ ବୃଦ୍ଧାଙ୍ଗୁଳିର ଅଗର ଛାପ—2. Impression of the thumb of the left hand put on a deed.
୩ । କୌଣସି ଚିହ୍ନଗ୍ରାହୀ ବସ୍ତୁରେ ବସିଯାଇଥିବା ଟିପର ଦାଗ—3. Impression of the finger-tips left on any impressionable thing.

ଟିପଚିହ୍ନ ଦେବା—ଦେ. କ୍ରି—କୌଣସି ଦଲିଲ ସମ୍ପାଦନ କରିବାର ନିଦର୍ଶନ ସ୍ୱରୂପ (ଦଲିଲର ସମ୍ପାଦନକାରୀ ବ୍ୟକ୍ତି) କାଳିବୋଳା ବାମ ହାତର ବୁଢ଼ା ଅଙ୍ଗୁଠିର ଛାପ ଲଗାଇବା—
Ṭipa-chihna debā
টিপসহি করা
टिप्पो देना
To imprint one's finger-impression on a document.

ଟିପ୍ ଛୁଆଁଇବା—ଦେ. କ୍ରି—୧ । କୌଣସି ଦଲିଲର ଲେଖକ ଅଶିକ୍ଷିତ ଦଲିଲସମ୍ପାଦନକାରୀର ସମ୍ମୁଖ ଲେଖିବାପୂର୍ବରୁ କଲମକୁ ଉକ୍ତ ବ୍ୟକ୍ତିର ଟିପଦ୍ୱାରା ସ୍ପର୍ଶ କରାଇବା—
Ṭipa-chhuāṅibā
1. (the scribe of a document) To get the pen touched by the fingers of an illiterate executant.
୨ । ଟିପ ଦେବା ୧-୪ (ଦେଖ)
2. Ṭipa debā 1-4 (See)

ଟିପ ଛୁଇଁବା—ଦେ. କ୍ରି—ଟିପ ଛୁଆଁଇବା (ଦେଖ)
Ṭipa chhuiṅbā Ṭipa chhuāṅibā (See)
(ଟିପଛୁଆଁଇଁବା, ଟିପଛୁଇଁବା—ଅନ୍ୟରୂପ)

ଟିପଟାଣ କରିବା—ଦେ. କ୍ରି—କୌଣସି ପଦାର୍ଥକୁ ଦୁଇ ଅଙ୍ଗୁଠିର ଟିପ ମଧ୍ୟରେ ଦୃଢ଼ଭାବରେ ଧରିବା—
Ṭipa-ṭāṇa karibā
To hold anything tightly between the phalanges of 2 fingers.

ଟିପଣା—ଦେ. ବି. (ସଂ. ଟିପ୍ ଧାତୁ; ସଂ. ଟିପ୍ପନ)—୧ । ସ୍ମାରକଲିପି—
Ṭipaṇā 1. Memorandum notes.
ঠিকুজী ୨ । ଜାତକ ବା ଜନ୍ମପତ୍ରିକାରୁ ଉଦ୍ଧୃତ ସଂକ୍ଷିପ୍ତ ଲିପି;
टिप्पन; टीप କୋଷ୍ଠୀ—2. Short jottings taken from a horoscope.

ମଧ୍ୟସ୍ଥ ସକଳ ଟିପଣା ଦେଖଣ କାହିଁ କାହିଁ ଦଉଡ଼ିଲେ ।
ଉଦ୍ଧାସରତଣ. ସାଅନ୍ତୁଅ ବାହା ।

୩ । ଅଙ୍ଗୁଠିରେ ଥିବା ଉଚ୍ଚ ଉଚ୍ଚ ଗାର—
3. Finger mark; a notch (Beams).

ଟିପଣା ଦେଖିବା—ଦେ. କ୍ରି—ବିବାହ ପ୍ରସଙ୍ଗରେ ବରପାତ୍ର ଓ କନ୍ୟା ପାତ୍ରଙ୍କ ଜାତକକୁ ତୁଳନା କରିବା—
Ṭipaṇā dekhibā
ଟେଲିଗ୍ରାଫ୍—ବୈଦେ. ବି. (ଇଂ; ଟେଲେଗ୍ରାଫ୍; ଗ୍ରୀକ୍. ଟେଲି=ଦୂର +
Ṭeligrāph ଗ୍ରାଫୋ=ଲେଖିବା)—୧ । ବିଦ୍ୟୁତ୍ ସାହାଯ୍ୟରେ
টেলিগ্রাফ ତାର ଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଲିଖିତ ସମ୍ବାଦ
टेलिग्राफ़ ପ୍ରେରଣ କରିବାର ପ୍ରକ୍ରିୟା—1. Telegraph
୨ । ତାର ଦ୍ୱାରା ପ୍ରେରିତ ଲିଖିତ ସମ୍ବାଦ; ତାର ଖବର—
2. Telegram; telegraphic message.
[ଦ୍ର—ଇଂରେଜୀରେ 'ଟେଲିଗ୍ରାଫ୍'ର ଅର୍ଥ ବୈଦ୍ୟୁତିକ ଉପାୟରେ ତାର ଦ୍ୱାରା ସମ୍ବାଦପ୍ରେରଣ କ୍ରିୟା ଓ 'ଟେଲିଗ୍ରାମ'ର ଅର୍ଥ ତାରଦ୍ୱାରା ପ୍ରେରିତ ସମ୍ବାଦର ଲିପି, ମାତ୍ର ଓଡ଼ିଆରେ ଏ ଦୁଇ ଶବ୍ଦର ବ୍ୟବହାରରେ ପ୍ରଭେଦ ରକ୍ଷା କରାଯାଏ ନାହିଁ ।]

ଟେଲିଗ୍ରାମ୍—ବୈଦେ. ବି. (ଇଂ. ଟେଲେଗ୍ରାମ୍)—ଟେଲିଗ୍ରାଫ୍ (ଦେଖ)
Ṭeligrām Ṭeligrāph (See)
টেলিগ্রাম **टेलिग्राम**

ଟେଲିଗ୍ରାଫିକ୍ ମନିଅର୍ଡ଼ର୍—ବୈଦେ. ବି. (ଇଂ)—ତାର ଖବର ଦ୍ୱାରା
Ṭeligrāphik mani-arḍar ସ୍ଥାନାନ୍ତରକୁ ଟଙ୍କା ପଠାଯିବା ରୀତି-
Telegraphic money order.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଟେଲିପାଥୀ—ବୈଦେ. (ଇଂ. ଟେଲେପାଥୀ)—ମାନସିକ ଶକ୍ତି ବଳରେ
Ṭelipāthī ଦୂରସ୍ଥ ବ୍ୟକ୍ତିର ମନକୁ ଠଉରାଇବା ବା ଜାଣିବା
টেলিপাথী ପ୍ରକ୍ରିୟା—Telepathy.
टेलिपाथी

ଟେଲିଫୋନ୍—ବୈଦେ. ବି. (ଇଂ. ଟେଲେଫୋନ୍)—ଦୂରସ୍ଥ ବ୍ୟକ୍ତିଙ୍କ
Ṭeliphon ସଙ୍ଗେ ବୈଦ୍ୟୁତିକ ତାର ସାହାଯ୍ୟରେ କଥାବାର୍ତ୍ତା
টেলিফোন ହେବାପାଇଁ ବ୍ୟବହୃତ ଯନ୍ତ୍ରବିଶେଷ—Telephone.
टेलिफोन
(ଟେଲିଫୋ—ଅନ୍ୟରୂପ)

ଟେଲିଭିଜନ୍—ବୈଦେ. ବି. (ଇଂ. ଟେଲେଭିଜନ୍)—ବୈଦ୍ୟୁତିକ ଶକ୍ତି
Ṭelibhijan ବା ଯୋଗସାଧନଲବ୍ଧ ମାନସିକ ଶକ୍ତି ବଳରେ
টেলিভিজন ଦୂରସ୍ଥ ପଦାର୍ଥକୁ ଦେଖିବା କ୍ରିୟା—
टेलिविजन Television.

ଟେଲିସ୍କୋପ୍—ବୈଦେ. ବି. (ଇଂ. ଟେଲେସ୍କୋପ୍)—ଦୂରବୀକ୍ଷଣ ଯନ୍ତ୍ର—
Ṭeliskop Telescope.
টেলিস্কোপ **टेलिस्कोप**

ଟେହିବା—ଦେ. କି—ଟେଇବା (ଦେଖ)
Ṭehibā Ṭeibā (See)
(ଟେହିଁବା, ଟ୍ୟାହିବା—ଅନ୍ୟରୂପ)

ଟୋକ ଚଳିବା—ଦେ. କ୍ରି. (ସଂ. ସ୍ତୋକ)—
Ṭoka chaḷibā ସାମାନ୍ୟ ପ୍ରକାରରେ ଖାଇବା ପିଇବା ବା ଗ୍ରାସାଚ୍ଛା-
গুজরান চলা ଦନ କର୍ମ ଚଳିବା; ଠୁକ ବା ଟୋକ ଚଳିବା—
गुजरान चलना The eking out of one's bare main-
[ଟୋକ ଚଳା(ଲେ)ଇବା—ଣିଜନ୍ତରୂପ] tenance or livelihood.
(ଯଥା—ସେ ଖୁବର ଖଣ୍ଡିଏ ପାଇବାରୁ ତାର ଟୋକ ଚଳୁଛି ।)

ଟୋକଣା—ଦେ. ବି—ବଡ଼ ପିତଳ ହଣ୍ଡା—
Ṭokaṇā Big brass cooking pot or jar.
টোকনা [ଦ୍ର—ଶ୍ରେଷ୍ଠ ପିତଳ ହାଣ୍ଡିକୁ ଟୁକୁଣା ବୋଲାଯାଏ ।]
टुकना, टोकना ପ୍ରାଦେ. (ବାଲେଶ୍ୱର) ବି—ଘାଲ; ପିତଳନିର୍ମିତ ଜଳ ପାତ୍ର—Metal water-pot.

ଟୋକ ଦେବା—ଦେ. କି—ଟୋକିବା (୨) (ଦେଖ)
Ṭoka debā Tokibā (2) (See)

ଟୋକର (ଇତ୍ୟାଦି)—ଦେ. ବି—ଠୋକର ଇତ୍ୟାଦି (ଦେଖ)
Ṭokara (etc) Ṭhokara etc. (See)

ଟୋକର(ରେ)ଇବା—ଦେ. କି—ଠୋକରାଇବା (ଦେଖ)
Ṭokarā(re)ibā Ṭhokarāibā (See)

ଟୋକଲି—ପ୍ରାଦେ. (ପୁରୀ ଓ ଗଡ଼ଜାତ) ବି—ଟିକିଲି (ଦେଖ)
Ṭokala Ṭikili (See)

ଟୋକଲି—ପ୍ରାଦେ. (ଯାଜପୁର) ବି—ଭେଲେଇ—
Ṭokali A small tray.

ଟୋକଲୀ—ଦେ. ବି. (ସଂ. ତୋକ=ଶିଶୁ)—
Ṭokaḷī ଟୋକୀ; ବାଳିକା; ଟୁକୁଲୀ;—
ছোকরী Girl; lass; a little girl.
छोकरी
(ଟୋକଲା—ପୁଂ)
(ଟୋକଲି—ଅନ୍ୟରୂପ)

ଟୋକା—ଦେ. ବି (ସଂ. ତୋକ)—୧ । ପିଲା ବା ବାଳକ—
Ṭokā 1. Boy; lad.
ছোকরা ୨ । ଯୁବକ—2. Youth; young man.
छोकरा ୩ । (ଅନାଦର ଅର୍ଥରେ) ଆଧୁନିକ ଯୁଗର ଯୁବକ—
(ଟୋକୀ—ସ୍ତ୍ରୀ) 3. The youngsters of to-day.
(ଯଥା—ଆଜିକାଲିର ଟୋକାଙ୍କୁ ବଳ ପାଉ ନାହିଁ ।)
୪ । ଅନୁଭବହୀନ ଯୁବକ—
4. Inexperienced youth.
ଦୁ ପଦ ଟୋକା ନାଡ଼କାମର ଟୋକା,
ଭଙ୍ଗିକୁ ଧନୁ ଶରେ ପୂରୁଣା ଗୋଟା ରେ—ଜଗନ୍ନାଥ.ଦଶହରାମାହାତ୍ମ୍ୟ ।
୫ । ଅପରିଣତବୟସ୍କ ଯୁବକ—
5. Raw youth.

ଟୋକାଇ (ଇତ୍ୟାଦି)—ଦେ. ବି—ଟୋକେଇ ଇତ୍ୟାଦି (ଦେଖ)
Ṭokāi (etc) Ṭokei etc (See)

ଟୋକା ଟାକରା—ଦେ. ବି (ସହଚର; ଉରର୍ଥକ ଯୁଗ୍ମ ଶବ୍ଦ; ବହୁବଚନ,
Ṭokā ṭakarā ଅନାଦରାର୍ଥରେ)—୧ । ବାଳକମାନେ—
टोकवा 1. Boys generally.
ଟୋକାଟକରା, ଟୋକାଟାକଲା } ଅନ୍ୟରୂପ ୨ । ଅପରିଣତ ଓ ଅନୁଭବହୀନ ଯୁବକଗଣ—
ଟୋକୀଟାକରୀ, ଟୋକୀଟାକଲୀ } ସ୍ତ୍ରୀ 2. Inexperienced and raw youths.

ଟୋକା ଟାକରିଆ—ଦେ. ବିଣ—୧ । ବାଳସୁଲଭ; ବାଲ୍ୟୋଚିତ—
Ṭokā ṭakariā 1. Boyish; puerile.
ଟୋକାଟାକରିଆ, ଟୋକାଟାକରିଆ } ଅନ୍ୟରୂପ ୨ । ଚପଳ—
2. Hasty.
(ଯଥା—ଏ ଟୋକାଟାକରିଆ ବୁଦ୍ଧିରେ ମାମଲତ ଚଳିବ ନାହିଁ ।)
ଦେ. ବି—ଟୋକା ଟାକରା (ଦେଖ)
Ṭokā ṭakarā (See).

ଟୋକା ଟୁକୁରି—ଦେ. ବି (ବ୍ୟାପ୍ତାର୍ଥ ସହଚର; ବହୁବଚନ)—
Ṭokā ṭukuri ବାଳକବାଳିକାଗଣ—
ଟୋକାଟୁକୁଲି, ଟୋକାଟୋକୁରି, ଟୋକାଟୋକୁଲି } ଅନ୍ୟରୂପ Boys and girls; lads and lasses.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଈ
୬	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଔ	ନ୍

ଠୋକାବୁଦ୍ଧି—ଦେ. ବ (ଅନାଦର ଅର୍ଥରେ)—ବାଲ୍ୟସ୍ୱଭାବ; ଚିଲ୍ଲବୁଦ୍ଧି, Ṭokā buddhi ଅପ୍ରଗଳଭତା; ଅପକ୍ୱ ବୁଦ୍ଧି— ছোলেমী Youthful rawness; anything prompted by youthful rawness; outcome of (ଠୋକାବୁଦ୍ଧିଆ—ବଣ) inexperience (as of youth).
(ଯଥା—୧ । ଆଜଯାଏ ତୋର ଠୋକା ବୁଦ୍ଧି ଗଲା ନାହିଁ ।
୨ । ରାଜ୍ୟ ଶାସନ ପରି ଗୁରୁତର କାର୍ଯ୍ୟ ଠୋକାବୁଦ୍ଧିରେ ଚଳବ ନାହିଁ ।)

ଠୋକାଳିଆ—ଦେ. ବଣ (ଅନାଦରାର୍ଥକ)—
Ṭokāḷiā ବାଲସୁଲଭ; ବାଲୋଚିତ—
1. Puerile.
(ଯଥା—ଠୋକାଳିଆ ଢଙ୍ଗ ।)
୨ । ଯୁବକସୁଲଭ—
2. Becoming or befitting a youth.

ଠୋକିବା—ଦେ. କି (ସଂ. ଷ୍ଠୀକ୍ ଧାତୁ=ଠୀକା ଲେଖିବା; ଭୂଲ. Ṭokibā ତେ. ଖୁଟ୍ଟୁ, ତା. କୋଟ୍ଟୁ)—
ঠুকা ୧ । ଟିପିବା—1. To note down; to टीपना jot down.
୨ । ଦୋଷ ଦେଖାଇବା; ବାରିବା; ଖୁଣ୍ଟାଖୁଣ୍ଟି ଦେବା—
2. To point out faults; to reprove; to dissuade a person from doing a thing by pointing out defects.
ঠোকরান ୩ । ବୁଣି ଯାଇଥିବା କୌଣସି କ୍ଷୁଦ୍ର ପଦାର୍ଥ (ଯଥା— खुटकना ଶସ୍ୟାଦି) ଭୂମିରୁ ଖୁଣ୍ଟି କରି ଖାଇବା; ଖୁଣ୍ଟିବା—
3. To eat by picking up small particles (e.g. of grain) scattered over the ground; to pick up.
୪ । କ୍ଷୁଦ୍ର କଠିନ ପଦାର୍ଥ (ଯଥା—ଚାଉଳ; ମୁଗ) ଗୋଟି ଗୋଟି କରି ଚୋବାଇ ଖାଇବା—4. To eat small particles of grains or hard things one by one by chewing.
୫ । ପକ୍ଷୀଙ୍କ ଆହାର ପରି ଅଳ୍ପମାତ୍ରାରେ ଖାଇବା—
5. To eat scantily (like a bird).
୬ । ଝୁଣ୍ଟିବା—6. To stumble; to trip in walking.

ଠୋକୁଳୀ—ଦେ ବ—ଠୋକଳୀ (ଦେଖ)—
Ṭokuḷī Ṭokaḷī (See)
(ଠୋକୁଳା—ଅନ୍ୟରୂପ)

ଠୋକେଇ—ଦେ. ବ (ସଂ. ସ୍ତୋକ=ଅଳ୍ପ; ଅଳ୍ପ ପରିମାଣରେ ପଦାର୍ଥ Ṭokei ରଖିବା ଯୋଗୁଁ)—ବାଉଁଶ ବା ବେତ ପାତିଅରେ (ଠୋକାଇ—ଅନ୍ୟରୂପ) ବୁଣା ଛୋଟ ବେତା—A small টোকরী, টুকরী, ঝুড়ী basket.
टोकरा, टोकरी

ଠୋକେଇ କ(କୁ)ଣ୍ଢେଇ—ଦେ. ବ—ଗୃହର ପ୍ରୟୋଜନୀୟ କ୍ଷୁଦ୍ର କ୍ଷୁଦ୍ର Ṭokei ka(ku)ṇḍhei ଉପକରଣମାନ—Household arti- ঘটীবাটী cles of every day use.
(ଠୋକାଇକଣ୍ଢାଇ, ଠୋକାଇକୁଣ୍ଢାଇ—ଅନ୍ୟରୂପ)

ଠୋକେଇ କ(କୁ)ଣ୍ଢେଇ ଫୁଲ—ଦେ.ବ (ସଂ. ସ୍ତୋକ ଓ କୁଣ୍ଠକ)—ବନ୍ୟ Ṭokei ka(ku)ṇḍhei phula ପୁଷ୍ପବିଶେଷ; କୁଣ୍ଠକଫୁଲ—
A kind of wild flower.
[ଦ୍ର—ଏ ଫୁଲର ଗଛ ଲଟାଳିଆ; ପତ୍ର ତ୍ରିକୋଣାକାର; ଫୁଲ ସରୁ ଓ ଏକ ଇଞ୍ଚ ଲମ୍ବ ଏବଂ ପେନ୍ଥା ପେନ୍ଥା ହୋଇ ଫୁଟେ । ଲୋକେ ଏ ଫୁଲରେ ଲୁଣ ମସଲା ଓ ବେସର ଆଦି ଦେଇ ଏହାକୁ ପତ୍ରପୋଡ଼ା ଭଜା କରି ଖାଆନ୍ତି ।]

ଠୋକେଇ ଭୋଗେଇ ଫୁଲ—ପ୍ରାଦେ. (ଗଡ଼ଜାତ) ବ—ଠୋକେଇ Ṭokei bhogei phula କଣ୍ଢେଇ ଫୁଲ (ଦେଖ)
Ṭokei kaṇḍhei phula (See)

ଠୋଟ(ଟା)ଲ୍—ବୈଦେ. ବ (ଇଂ. ଟୋଟାଲ୍)—୧ । ଏକାଧିକ ସଂଖ୍ୟାର Ṭoṭa(ṭā)l ସମଷ୍ଟି—1. Total; sum total of more than টোটল, একুন one number
टोटल ୨ । ଏକାଧିକ ସଂଖ୍ୟାକୁ ମିଶାଇବା; ମିଶାଣ—
2. Addition of more than one number.

ଠୋଟା—ଦେ. ବ (ଇଂ. କାର୍ଟ୍ରିଜ୍)—ବନ୍ଧୁକରେ ପୂରାଇ ଫାଇର Ṭoṭā କରିବା ନିମନ୍ତେ ପ୍ରସ୍ତୁତ ବାରୁଦ ଓ ଗୁଳିପୂର୍ଣ୍ଣ ନଳୀ; টোটা କାର୍ତୁସ୍—Cartridge.
टोटा

ଠୋଡ଼ରମଲ୍ଲ—ଦେ. ବ (ନାମ)—ମୋଗଲ ସମ୍ରାଟ ଅକବରଙ୍କର ଜନୈକ Ṭoṛaramalla ପ୍ରଧାନ ହିନ୍ଦୁ ସେନାପତି—A great general of the Moghal emperor, Akbar.
[ଦ୍ର—ଏ ବଡ଼ ରାଜନୀତିକୁଶଳ ଥିଲେ; ଏ ଅକବରଙ୍କର ରାଜସ୍ୱ-ସଚିବ ଥାଇ ଓଡ଼ିଶାର ରାଜସ୍ୱ ବନ୍ଦୋବସ୍ତ କରିଥିଲେ । ଏହାଙ୍କ ପ୍ରଚଳିତ ବହୁ ଜରିବ ଆଦି ଆଜିକାଲି ମଧ୍ୟ ଓଡ଼ିଶାରେ ଚଳୁଅଛି ।]

ଠୋଡ଼ରା—ପ୍ରାଦେ. (ଉତ୍ତର ଭାଗ) ବ—ବେକ—
Ṭoṛarā Neck.

ଠୋପ—ଦେ. ବ—୧ । ପାଣି ଝରିବାକୁ ଜମିବାପାଇଁ ନଦୀବାଲିରେ Ṭopa ଖୋଳିବାରେ ଖୋଳା ହେବା ଛୋଟ ଗାତ—1. Small গর্ত pits dug in the sands of a dried up river.
गड्ढा ୨ । ଭୂମିରେ ଖୋଳା ହେବା ଗାତ; ଗାଡ଼; ଗାତ—
2. Hole; pit.
ଭୂଚ୍ଛୋଦସ୍ଥ ନିମ୍ନଭାଗ କାନ୍ତମୋହ-ଠୋପ—କବି. ସ. ସଙ୍ଗୀତ ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଭୂଗର୍ଭରେ ଗର୍ତ୍ତ ଆକାରରେ ନିର୍ମିତ କାରାଗୃହ; ଅନ୍ଧକୂପ— 3. Dungeon; an underground prison.

ନନ୍ଦ ବନ୍ଦୀ ହେବେ ଟୋପେ—କବିସୂର୍ଯ୍ୟ. କଂଶୋଦ୍ଧରଣ୍ଟ. ଗୀତ ।

୪ । ବଣୁଆ ହାତୀଙ୍କୁ ଧରିବା ସକାଶେ ଖୋଳା ହେବା ଗାତ—4. Deep holes dug in the ground to decoy wild elephants there, who fall into it and cannot get up.

ଟୋପ ସୁଧା ମୋ ମନ ମତ୍ତକରୀ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୫ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବିପଦ୍ରେ ପକାଇବା ପାଇଁ ଦୁଷ୍ଟ କୌଶଳ—5. (figurative) A snare; or plot to put a person to trouble.

टुपी ୬ । ଟୋପି—6. Cap; hat.

टोप

ବସ୍ତ୍ରରତ୍ନ ସୁଭ ମଧ୍ୟପାଟ ସ୍ୱର୍ଣ୍ଣ ସିହାଁରୁ ଭୂଷିତ ଟୋପ ରେ ।

ଉପେ. ବୈଦେହୀଶବିଳାସ ।

୭ । ଟୋପର (ଦେଖ)—7. Ṭopara (See)

ଟୋପ ଚଉରା—ଦେ. ବି—ବାହ୍ୟ ଆବରଣ—

Ṭopa chaurā Outer covering.

ଟେସ ଭିତରେ ଦେଖ ଅପୂର୍ବ ନାସ

ଟୋପଚଉରା ଅଛି ତୋ ଦେହ ଯେଉଁ । ମନବୋଧ. ଚଉତିଶା ।

ଟୋପର—ଦେ. ବି. (ସଂ. ସ୍ତୂପ)—

Ṭopara ୧ । ବାଉଁଶପାତିଆ ବା ତାଳପତ୍ରରେ ପ୍ରସ୍ତୁତ ମୁଣ୍ଡର

টোপর ଆବରଣ ବା ଛାଙ୍କୁଣୀ; ଝାମ୍ପି—1. A helmet

टोप made of palm-leaves or bamboo-laths.

୨ । ଟୋପି—2. Cap; hat.

୩ । ମୁକୁଟ—3. Coronet; crown.

ଏହା କହିଣ ସୁଲକ୍ଷଣ ସୁତକୁ

ବୋଇଲେ ଅଣ ସାଙ୍ଗ ଟୋପର ସକଳକୁ । କୃଷ୍ଣସିଂହ. ମହାଭାରତ ସ୍ୱର୍ଗ ।

୪ । ଟୋପ ବା ଭୂଗର୍ଭସ୍ଥ ଗର୍ତ୍ତ—

4. A hole or pit dug in the ground.

୫ । ପକ୍ଷିବିଶେଷ—5. A species of bird.

ବାସର-ଯୌବନ ସୋଷିଲେ ସ୍ୱସଙ୍ଗେ ବନେ ଟୋପର । ରାଧାନାଥ. ଉଷା ।

[ଦ୍ର—ଏ ଦିବସର ମଧ୍ୟଭାଗରେ ବା ଦୁଇପ୍ରହର ବେଳେ ବୋବାଏ ।]

ଟୋପର ବାଇଗଣ—ଦେ. ବି—ଛୋଟ ଓ କଣ୍ଟାଳିଆ ବାଇଗଣ—

Ṭopara bāigaṇa Small and thorny brinjal.

[ଦ୍ର—ଏହାକୁ ବାଇଗଣ ଟୋପର ମଧ୍ୟ କୁହାଯାଏ ।]

ଟୋପଲି—ପ୍ରାଦେ. (ମେଦିନୀପୁର) ବି. (ତୁଳ. ବଂ. ଏହି ଶବ୍ଦ ଏହି

Ṭopali ଅର୍ଥରେ)—ଛୋଟ ବୋଝ ବା ପୁଟୁଳା; ସାନ ପୋଟଳା—

A small package or parcel.

ଟୋପା—ଦେ. ବି. (ସଂ. ଷ୍ଟୁପ୍ ଧାତୁ ବର୍ଣ୍ଣ ବିପର୍ଯ୍ୟୟ; ତୁଳ. ଅସାମୀ;

Ṭopā ଟୋପା=ବଡ଼ବିନ୍ଦୁ)—୧ । ଜଳାଦି ତରଳପଦାର୍ଥର

ফোঁটা ବିନ୍ଦୁ ବା ବୁନ୍ଦା—1. A drop of liquid.

बूँद ୨ । ବର୍ଷାବିନ୍ଦୁ—2. Rain-drop.

୩ । ଲୋତକବିନ୍ଦୁ—3. Tear-drop.

୪ । କପାଳରେ ଦିଆଯିବା ସିନ୍ଦୂର, ଚନ୍ଦନାଦିର ବିନ୍ଦୁ; ଚକ୍ରାକାର ଚିହ୍ନ; ତିଳକ ବିନ୍ଦୁ—4. Circular mark made with the tip of the finger on the forehead with sandal paste etc.

ପ୍ରାଦେ. (ସମ୍ବଲପୁର ଓ ବାମଣ୍ଡା ତୁଳ. ହି. ଟୋପି=ଟୋକେଇ) ବି—ଚାଉଳ ଧୁଆ ବାଉଁଶିଆ—

A small basket made of thin laths of bamboo for washing rice.

ଟୋପାଟୋପା—ଦେ ଅ.—ବିନ୍ଦୁ ବିନ୍ଦୁ ହୋଇ—

Ṭopā-ṭopā Drop by drop; in drops.

ফোঁটাফোঁটা [ଦ୍ର—ବଡ଼ ବଡ଼ ଟୋପାରେ ବର୍ଷା ହେଲେ ଟୋପା-

बुँद बुँद ଟୋପା ବା ଟପଟପ ଏବଂ ଛୋଟ ଛୋଟ ଟୋପାରେ ବର୍ଷା ହେଲେ ଟୋପି ଟୋପି ବା ଟୁପ୍‌ଟୁପ୍ ବୋଲାଯାଏ ।]

ଟୋପି—ଦେ. ବି. (ସଂ. ଷ୍ଟୁପ୍ ଧାତୁ ବର୍ଣ୍ଣ ବିପର୍ଯ୍ୟୟ)—

Ṭopi ୧ । କପାଳରେ ଦେବା ତିଳକାଦିର କ୍ଷୁଦ୍ର ବିନ୍ଦୁ—

टीप 1. A small circular mark or spot painted

बुन्दकी on the forehead; with sandal paste etc; tip.

କପାଳେ ଦେଇ ଫଗୁଟୋପି

କଟେ ନଚାଇଥାନ୍ତି ଗୋପୀ । ଭୂପତି. ପ୍ରେମପଞ୍ଚାମୃତ ।

୨ । ଜଳାଦି ତରଳ ପଦାର୍ଥର କ୍ଷୁଦ୍ର ବିନ୍ଦୁ—

2. Small drop of liquid.

ଅର୍ଜୁନଙ୍କ ମୁଖରେ ଦେଖି ଝାଳ ଟୋପି । କୃଷ୍ଣସିଂହ. ମହାଭାରତ ବନ ।

[ଦ୍ର—'ଟୋପି' 'ଟୋପା' ଠାରୁ କ୍ଷୁଦ୍ରତର ।]

टुपी ୩ । (ସଂ. ସ୍ତୂପ)—ମସ୍ତକାବରଣ—3. Cap.

टोपी ୪ । ବନ୍ଧୁକନଳୀର ମୂଳରେ ଥିବା ଛିଦ୍ରପାଖେ ଲଗାଯିବା ବାରୁଦଯୁକ୍ତ ଧାତୁମୟ ଖୋଳ (ଯାହା ଉପରେ ଘୋଡ଼ା ଛୁଟିଲେ ନିଆଁ ବାହାରି ନଳୀଭିତରର ବାରୁଦକୁ ଧରେ)—

4. Percussion cap.

୫ । ଟିକିଲି (ଦେଖ)—5. Ṭikili (See)

୬ । ଛୋଟ ଡାଲା; ଚୁଙ୍ଗୁଡ଼ି—

6. Small basket; tray.

ଟୋପିଆ—ଦେ. ବିଣ—ଯେ ଟୋପି ପିନ୍ଧିଥାଏ—

Ṭopiā Wearing a hat.

टुपीदार टापीदार

ଟୋପିଚନ୍ଦନ—ଦେ. ବି—ଚନ୍ଦନର ଟୋପି ବା ଚିହ୍ନ—A small

Ṭopi-chandana circular mark of sandal paste.

ଟୋପିଟୋପି—ଦେ. ଅ.—କ୍ଷୁଦ୍ର କ୍ଷୁଦ୍ର ଟୋପାରେ—

Ṭopi-ṭopi In small drops.

(ଯଥା—ଦୁଇଦିନ ହେଲା ଟୋପି ଟୋପି ବରଷୁଛି ।)

ଦେ. ବିଣ—କ୍ଷୁଦ୍ର କ୍ଷୁଦ୍ର ବିନ୍ଦୁବିଶିଷ୍ଟ—

Consisting of small drops.

୧	ଣ	ଡ଼	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇପ୍ସ	ଉଥ	ଢ
୨	ଝ	ଡ	ରୁ	ଲୁ	ପ୍ୟ	ଅକାରାନ୍ତବର୍ଣ୍ଣ	ଅନସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଢ଼	ନ୍

ଦେହରେ ଦେଖି ଲୋକେ ଟୋପି ଟୋପି ଝାଳ
ମଣନ୍ତି ଏ କି ଅଛି ମୁକୁତାର ମାଳ । କୃଷ୍ଣସିଂହ. ମହାଭାରତ-ଶଲ୍ୟ ।

ଟୋପିଦାର୍—ଦେ. ବଣ—ଯେଉଁ ବନ୍ଧୁକର ନଳୀର ମୂଳରେ ଥିବା Ṭopidār. ଛିଦ୍ର ଉପରେ ଟୋପି ଖଞ୍ଜାଯାଇ ସେ ଟୋପି ଉପରେ ଟୁପୀଦାର ଘୋଡ଼ାର ଆଘାତହେଲେ ନଳୀମଧ୍ୟସ୍ଥ ବାରୁଦରେ **टोपदारी** ନିଆଁ ଲାଗି ବନ୍ଧୁକ ଫାଏର ହୁଏ—(a gun) Fired with percussion caps; flint-lock; hammer-gun.
[ଦ୍ର—ଯେଉଁ ବନ୍ଧୁକରେ ଚକ୍ରକବାଗ୍ ନିଆଁ ଲଗାଇ ଫାଏର କରିବାକୁ ହୁଏ ତାକୁ ତୋଡ଼ାଦାର୍ ବନ୍ଧୁକ ବୋଲାଯାଏ]

ଟୋପି ଦେବା—ଦେ. କ୍ରି.—କୌଣସି ବ୍ୟକ୍ତିର କପାଳରେ ଚନ୍ଦନାଦିର Ṭopi debā ଟୋପା ଚିହ୍ନ କରିବା—To put a tip of टीप देना sandal etc on the forehead of a person.
टीका देना

ଟୋପି ପିନ୍ଧିବା—ଦେ. କ୍ରି.—ନିଜର କପାଳରେ ଚନ୍ଦନାଦିର ଟୋପି Ṭopi pindhibā ଘେନିବା; ଚିତା ଲଗାଇବା ବା କାଟିବା—टीप परा To put a tip of sandal etc. on the **टीका लगाना** forehead.
[ଟୋପି ମାରିବା, ଟୋପି ଲଗା(ଗେ)ଇବା—ଅନ୍ୟରୂପ]

ଟୋରି—ବୈଦେ. ବି. (ଇଂ)—ଇଂଲଣ୍ଡର ଗୋଟିଏ ପ୍ରାଚୀନ ରାଜନୀତିକ Ṭori ଦଳର ସଭ୍ୟ; ରକ୍ଷଣଶୀଳ ଦଳଭୁକ୍ତ ବ୍ୟକ୍ତି—A Tory; a टोरी member of the conservative party in **टारी** English politics.
(ହ୍ୱିଗ୍—ବିପରୀତ)

ଟୋଲ୍—ଦେ. ବି.—(ସଂ. ତଲ)—ସଂସ୍କୃତ ବିଦ୍ୟାଳୟ; ଚଉପାଢ଼ୀ—Ṭol Sanskrit school.
टोल [ଦ୍ର—ଯେଉଁ ବିଦ୍ୟାଳୟରେ କେବଳ ସଂସ୍କୃତ ଶିକ୍ଷା **टोल** ଦିଆଯାଏ ତାକୁ ଟୋଲ୍ କହନ୍ତି ।]
ପ୍ରାଦେ. (ଗଡ଼ଜାତ; ସମ୍ବଲପୁର, ବି.—ମହୁଲଫଳର ମଞ୍ଜି—
The seed of the fruit of the Mahuā tree.
[ଦ୍ର—ଏଥିରୁ ତେଲ ବାହାରେ । ଏହା ଦେଖିବାକୁ ଘିଅ ପରି, ମାତ୍ର ଶୀତଦିନେ ଏହା ଘିଅପରି ବସି ଯାଏ ନାହିଁ । ଗଡ଼ଜାତ ଓ ସମ୍ବଲପୁରରେ ଲୋକେ ଏହାକୁ ରନ୍ଧଣ ଆଦିରେ ପକାଇ ଓ ଏଥିରେ ପିଠା ଛାଣିକରି ଖାଆନ୍ତି । ବେପାରୀମାନେ ଏହାକୁ ଗୁଆଘିଅ ସଙ୍ଗେ ମିଶାନ୍ତି ।]
ବୈଦେ. ବି. (ଇଂ. ଟୋଲ୍)—ସାଧାରଣ ରାସ୍ତା ବା ପୋଲ ଉପରେ टोल मनुष्य ଓ ଯାନାଦିର ଗମନାଗମନ ଯୋଗୁଁ ଆଦାୟ ହେବା **टोल** ଶୁଳ୍କ—Toll realised from passengers and vehicles for using a public road or bridge.

ଟୋଲ—ଦେ. ବି. (ସଂ. ତଲ)—ଗୁରୁ ଆଘାତ ଯୋଗୁଁ ପିତଳ ବାସନ Ṭola ଆଦିରେ ଯେଉଁ ଅଂଶ ବସି ଯାଏ ବା ଦବି ଯାଏ—
टोल Indentation; a dent or depression in **दबाव, बिल** metallic vessel produced by its striking against a harder substance.

ଟୋଲକ—ଦେ. ବି.—୧ । (ସଂ. ପିଣ୍ଡିତକ)—ବୋଇତି କଖାରୁ—Ṭolaka 1. The red pumpkin.
୨ । ପାନ ଖେତରେ ଅଁଳରକୁ ପଢ଼ୁଆ ଦେବା ହେତୁ ପାନରେ ଧରିବା ଏକପ୍ରକାର ରୋଗ—2. A kind of disease infecting betel leaves.
୩ । ଗୋରୁ ମଇଁଷି ଆଦିଙ୍କୁ ଧରିବା ରୋଗବିଶେଷ—3. A kind of cattle-disease.
[ଦ୍ର—ଏ ରୋଗ ହେଲେ ଗୋରୁ ଆଦିଙ୍କ ଜିଭରେ ଘାଆ ହୁଏ, ଦାନ୍ତ ହଲେ ଓ ଦେହରେ ଉତ୍ତାପ ବଢ଼ି ଯାଏ; ସେମାନେ ଜାବୁଳା ମାରିଲା ବେଳେ ପେଲ ହୁଅନ୍ତି; ଆଗ ଗୋଡ଼ରେ ଛୋଟେଇ ଛୋଟେଇ ଚାଲନ୍ତି, ଏବଂ ୨୧ ଦିନ କାଳ କିଛି ଖାଇ ପାରନ୍ତି ନାହିଁ ।]

ଟୋଲକା—ଦେ. ବଣ. (ସଂ. ତଲ)—Ṭolakā ୧ । କଠିନ ପଦାର୍ଥର ଆଘାତ ଯୋଗୁଁ କୌଣସି ଅଂଶ टोलपड़ा, दुमड़ा ନଇଁ ଯାଇଥିବା; ଆଘାତ ବାଜିବା ହେତୁ ଚେପା **चिपटा** ହୋଇଥିବା (ଧାତୁପାତ୍ର)—
1. Dented or depressed (utensil).
୨ । ପାଚ ପୂଜ ପୂର୍ଣ୍ଣ ହୋଇ ଫୁଲିଥିବା (ବଥ)—
2. Swollen and suppurated (boil).

ଟୋଲକା(କେ)ଇବା—ଦେ. କ୍ରି—ଟୋଲାଇବା (ଦେଖ)
Ṭolakā(ke)ibā Ṭolāibā (See)

ଟୋଲଙ୍କ—ଦେ. ବି—ଏକ ଜାତୀୟ ବନ୍ୟ ଲତା ଓ ତାହାର ଖାଦ୍ୟ ଫଳ—Ṭolanka A kind of wild creeper and its edible fruit.
[ଦ୍ର—ଏ ଫଳକୁ ରନ୍ଧଣ ଓ ଭଜା କରି ଖିଆଯାଏ ।]

ଟୋଳା—ପ୍ରାଦେ.—୧ । (ପୁରୀ) ପୁରୀ ଜିଲ୍ଲା ରଘୁନାଥଙ୍କ ପ୍ରଥମ Ṭolā ଅଧିବାସୀ ବୈଦିକ ବ୍ରାହ୍ମଣମାନଙ୍କ ବଂଶର ପୂର୍ବ ମର୍ଯ୍ୟାଦାସୂଚକ ଉପାଧିବିଶେଷ—A distinguishing title of some Brahman families of Puri district.
(ଯଥା—ଟୋଳା ମିଶ୍ରେ ।)
୨ । (ସମ୍ବଲପୁର) (ଭୁଲ. ବ. ଓ ହି. ଏହି ଅର୍ଥରେ ଏହି ଶବ୍ଦ)—ତୁଳା (ଦେଖ)
2. Ṭulā (See)
ଦେ. ବଣ—ଟୋଲକା (୧) (ଦେଖ)
Ṭolakā (1) (See)

ଟୋଲା(ଲେ)ଇବା—ଦେ. କ୍ରି—୧ ।(ସକର୍ମକ) କୌଣସି ପାତ୍ରକୁ ଟୋଲା Ṭolā(le)ibā କରିବା—1. To dent a pot.
दुमड़ाना ୨ । (ଅକର୍ମକ) (କୌଣସି ପାତ୍ର) ଟୋଲା ହୋଇଯିବା; **चिपटाना** ଟୋଲେଇ ଯିବା—2. (a pot) To become टोलखाओना dented.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚଣ୍ଡିତ ଅକ୍ଷର ଓ ମାତ୍ରା ଏବଂ ୨ ଚଣ୍ଡିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚଣ୍ଡିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚଣ୍ଡିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

चिपटना ৩ । (କଥ) ପାଚ ପୂଯ ପୂର୍ଣ୍ଣ ହୋଇ ଫୁଲିବା—
ফোলা 3. (a boil) To be ripe and
खुजना suppurated.

ଟୋଲି—ପ୍ରାଦେ. ବି. ୧ । (ଗଞ୍ଜାମ) ବୈଦେ· (ତେ) ଅଧପାହି—
Toli· 1. Half a pie; $\frac{1}{6}$ of a pice.
୨ । (ସମ୍ବଲପୁର)—ଧାନ ବିଲରେ ଉଠୁଥିବା ଏକ ପ୍ରକାର ଘାସ—2. A kind of grass growing in paddy-fields.
[ଦ୍ର—ଏହାର ଫଳ ସୋରିଷ ପରି ।]
୩ । (ସମ୍ବଲପୁର) ଟୁଲି (ଦେଖ)—3. Tuli (See)

ଟୋଲୁଆ—ଦେ. ବିଣ. ପୁଂ—ଟୋଲ୍; ପେଟୁଆ ସ୍ଥୂଳୋଦର—
Tolua Pot-bellied.
(ଟୋଲେଇ—ସ୍ତ୍ରୀ)

ଟ୍ରଙ୍କ୍—ବୈଦେ. ବି. (ଇଂ)—ଲୁହା ବା ମୋଟ ଟିଣପାତଅର ସାଜ ସିନ୍ଦୁକ ବା ବାକସ—
Trank Iron or tin trunk.
ট্রাঙ্ক
ट्रंक

ଟ୍ରଙ୍କ୍ ରୋଡ୍—ବୈଦେ. ବି. (ଇଂ)— କଲିକତାରୁ କଟକ ଓ ପୁରୀ ବାଟେ ମାନ୍ଦ୍ରାଜକୁ ଯାଇଥିବା ରାଜପଥ—
Trank rod The Grand Trunk road from Calcutta
ট্রাঙ্ক রোড় to Madras via Cuttack and Puri.
ट्राङ्क रोड

ଟ୍ରଲି—ବୈଦେ. ବି. (ଇଂ. ଟ୍ରଲି)—
Trali ରେଲ ଲାଇନ୍ ପରିଦର୍ଶକ ଇଞ୍ଜିନିଅରଙ୍କ ଦ୍ୱାରା ବ୍ୟବହୃତ
ট্রলি ଠେଲା ଗାଡ଼ି—Trolly.
ट्राली

ଟ୍ରଷ୍ଟ୍ ଫଣ୍ଡ୍—ବୈଦେ. ବି. (ଇଂ)—ଯେଉଁ ଧନ ନିର୍ଦ୍ଦିଷ୍ଟ କର୍ମ ପାଇଁ
Trasht-phand କୌଣସି ବ୍ୟକ୍ତିଙ୍କ ନିକଟରେ ଗଚ୍ଛିତ ଥାଏ—
ট্রাষ্টফণ্ড Trust fund.
ट्रस्टफण्ड

ଟ୍ରଷ୍ଟି—ବୈଦେ. ବି (ଇଂ)—କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଯାହାଙ୍କ
Trashti ମାରଫତରେ କୌଣସି ଧନ ବା ସମ୍ପତ୍ତି ନ୍ୟସ୍ତ ଥାଏ;
ট্রষ্টি ମାରଫତ୍‌ଦାର—Trustee.
ट्रस्टि

ଟ୍ରାଙ୍ଗୁଲର ସର୍ଭେ—ବୈଦେ. ବି (ଇଂ. ଟ୍ରାଏଙ୍ଗୁଲାର୍ ସର୍ଭେ)—
Trangular sarbhe ଚେନ୍ ଦ୍ୱାରା ଏକପ୍ରକାର ଜମି ମାପ—
ট্রাঙ্গুলার সর্ভে Triangular survey.
ट्रेंगुलार सरभे

ଟ୍ରାଇସାଇକ(କେ)ଲ୍—ବୈଦେ ବି (ଇଂ)—ଗୋଡ଼ରେ ଚଳା ଯିବା
Traisaika (ke)l ତିନିଚକିଆ ଗାଡ଼ି—
ট্রাইসাইকেল Tricycle.
ट्राइसोकल

ଟ୍ରାନ୍‌ସ୍‌ଫର—ବୈଦେ. ବି (ଇଂ)—ବଦଳି; ସ୍ଥାନପରିବର୍ତ୍ତନ; ଏକ ସ୍କୁଲ
Transfar ବା କାର୍ଯ୍ୟକ୍ଷେତ୍ରରୁ ସ୍ଥାନାନ୍ତରକୁ ଗମନ—
ট্রানসফর Transfer.
ट्रैनसफर

ଟ୍ରାନ୍‌ସ୍‌ଫର ସାଟି(ର୍ଟି)ଫିକ(କେ)ଟ୍—ବୈଦେ. ବି ('ଇଂ.) ଟ୍ରାନ୍‌ସ୍‌ଫର ସାର୍ଟିଫିକେଟ୍)—
Transfar sati(rti)phika(ke)t
ট্রান সফর সাটিফিকেট ଛାତ୍ର ଏକ ସ୍କୁଲରୁ ନାମ କଟାଇଲେ
ट्रानसफर सार्टिफिकट ସମୟରେ ତାଙ୍କୁ ସ୍କୁଲର କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଲେଖ—Transfer-certificate.

ଟ୍ରାନ୍‌ସ୍‌ଲେଟର—ବୈଦେ. ବି (ଇଂ)—ଅନୁବାଦକ—
Transletar Translator.
ট্রানসলেটর **ट्रानसलेटर**

ଟ୍ରାଫିକ୍—ବୈଦେ. ବି (ଇଂ ଟ୍ରାଫିକ୍)—୧ । ଲୋକସାଧାରଣ ବା
Traphik ପଣ୍ୟଦ୍ରବ୍ୟାଦିର ଯାନାଦିରେ ଗମନାଗମନ—
ট্রাফিক 1. Traffic.
ट्राफिक ୨ । ରେଳର ଯେଉଁ ବିଭାଗରେ ଯାତ୍ରୀ ଓ ପଣ୍ୟଦ୍ରବ୍ୟାଦିର ଗମନାଗମନ ବନ୍ଦୋବସ୍ତ କରାଯାଏ—
2. Traffic department of a Railway.
[ଦ୍ର—ଏହି ଶବ୍ଦ ସଙ୍ଗେ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ଯୁକ୍ତ ହୋଇଥିବା ଶବ୍ଦ ବ୍ୟବହାରରେ ଚଳେ । ଯଥା—ଟ୍ରାଫିକ୍ ଇନ୍‌ସ୍ପେକ୍ଟର, ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ ।]

ଟ୍ରାଭର୍ସ୍ ସର୍ଭେ—ବୈଦେ. ବି.—(ଇଂ) କୌଣସି ଅଞ୍ଚଳର ଏକ
Trabhars sarbhe ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ଯନ୍ତ୍ର ସାହାଯ୍ୟରେ
ট্রাভর্স সর্ভে କରି ଯିବା ଜମି ମାପ—
Traverse survey.

ଟ୍ରାଭ୍‌ଲିଙ୍ଗ—ବୈଦେ. ବି. (ଇଂ ଟ୍ରାଭେଲିଙ୍ଗ୍)—ସ୍ଥୂଳ; ସରକାରୀ କାମରେ
Trabh-ling ପରିଭ୍ରମଣ—Travelling.
ট্রাভলিঙ্গ **ट्रावलिङ्ग**

ଟ୍ରାଭ୍‌ଲିଙ୍ଗ ଆଲାଉଆନସ୍—ବୈଦେ. ବି. (ଇଂ)—ସରକାରୀ କର୍ମଚାରୀ
Trabh-ling alauans ଅଦିଙ୍କୁ ମିଳିବା ଖରଚ; ରାସ୍ତାଖରଚ—
ট্রাভলিঙ্গ আলাউআন্স Travelling allowance.
ट्रैभलिङ्गआलौउआनस

ଟ୍ରାଭ୍‌ଲିଙ୍ଗ ଆଲାଉଆନସ୍ ବିଲ୍—ବୈଦେ. ବି· (ଇଂ)—ରାସ୍ତା ଭତ୍ତା
Trabh-ling alauans bil କର୍ମଚାରୀଙ୍କ ରାସ୍ତା ଖରଚ ପାଇଁ କର୍ତ୍ତୃପକ୍ଷଙ୍କଠାରୁ ପଠାଇବା ବିଲ୍—
Travelling allowance bill.

ଟ୍ରାଭ୍‌ଲିଙ୍ଗ ଏଜେଣ୍ଟ—ବୈଦେ. ବି (ଇଂ)—କୌଣସି ବ୍ୟବସାୟୀର
Trabh-ling ejent ପଣ୍ୟଦ୍ରବ୍ୟର ପ୍ରସାର ବଢ଼ାଇବା ପାଇଁ
ট্রাভিলিঙ্গ এজেন্ট ନିଯୁକ୍ତ ଭିନ୍ନ ଭିନ୍ନ ଅଞ୍ଚଳ ଭ୍ରମଣକାରୀ କର୍ମଚାରୀ—
ट्रामलिङ्ग एजेण्ट Travelling agent.

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ଼	ଓଅ	ଉ
୨	ଈ	ଊ	ଋ	ଌ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଗଁ୍ୟ	ଇଅ	ଊ	ନ୍ତ

ଟ୍ରାମ୍—ବୈଦେ. ବ (ଇଂ)—ଲୌହ ଲାଇନ୍ ଉପରେ ଚାଳିତ
Trām. ଏକପ୍ରକାର ଘୋଡ଼ଚଢ଼ା ଗାଡ଼ି—
ট্রাম. Tram-car.
ट्रैम

ଟ୍ରାମ୍‌ଓ୍ୱେ—ବୈଦେ. ବି (ଇଂ)—ଟ୍ରାମ୍ ଗାଡ଼ି ଯେଉଁ ଲୁହା
Trām-ue ଲାଇନ୍ ଉପରେ ଚଳେ—
ট্রামওয়ে Tram way.
ट्रैमवे

ଟ୍ରିପ୍ଲିକେଟ୍—ବୈଦେ. ବ ଓ ବିଣ (ଇଂ)—
Tripliket ତ୍ରିଗୁଣ ବା ତ୍ରିଗୁଣାତ୍ମକ—
ট্রিপিকেট Triplicate.
ट्रिप्लिकेट

ଟ୍ରିବ୍ୟୁଟେରି ଚୀଫ୍—ବୈଦେ. ବ (ଇଂ)—
Tributeri chif ଯେଉଁ ରାଜା ସମ୍ରାଟଙ୍କୁ ପେସ୍କସ ଦିଅନ୍ତି—
Tributary chief

ଟ୍ରିବ୍ୟୁଟେରି ମାହାଲ—ବୈଦେ. ବ (ଇଂ. ଟ୍ରିବ୍ୟୁଟାରି=କରଦ+
Tributeri māhāla ଫା. ମାହାଲ=ରାଜ୍ୟ)—
ট্রিবুটেরী মাহাল ଯେଉଁ ରାଜ୍ୟର ରାଜା ସମ୍ରାଟଙ୍କୁ ଟ୍ରିବ୍ୟୁଟ୍ ବା ପେସ୍କସ୍ ଦିଅନ୍ତି—Tributary Mahals.

[ଦ୍ର—ଇଂରାଜମାନେ ଭାରତକୁ ଅଧିକାର କରିବା ସମୟରେ ଯେଉଁ ଯେଉଁ ରାଜ୍ୟର ରାଜାମାନେ ସରକାରଙ୍କୁ ପେସ୍କସ୍ ଦେବାର ଚୁକ୍ତି କରି ଇଂରାଜଙ୍କ ସଙ୍ଗେ ସନ୍ଧି କଲେ ସେମାନଙ୍କୁ ଟ୍ରିବ୍ୟୁଟେରି ବା କରଦ ଓ ଯେଉଁମାନେ ଯୁଦ୍ଧ ସମୟରେ ଇଂରାଜଙ୍କୁ ସୈନ୍ୟାଦିଦ୍ୱାରା ସାହାଯ୍ୟ କରିବା ପାଇଁ ସନ୍ଧି କଲେ ସେମାନଙ୍କୁ ଫିଉଡେଟରି ଚୀଫ୍ ବୋଲାଗଲା । ଓଡ଼ିଶାର ଗଡ଼ଜାତମାନ ପୂର୍ବେ 'ଟ୍ରିବ୍ୟୁଟେରି ମାହାଲ' ନାମରେ ଡକା ଯାଉଥିଲା, ପରେ ସେମାନେ ଫିଉଡେଟରି ଷ୍ଟେଟ୍ ନାମରେ ଅଭିହିତ ହେଲେ ଓ ଏବେ ସେମାନେ ଓଡ଼ିଶା ଷ୍ଟେଟ୍ ନାମରେ ଅଭିହିତ ।]

ଟ୍ରେଇନ୍—ପ୍ରାଦେ. (ଗଡ଼ଜାତ) ବୈଦେ. (ଇଂ. ଟ୍ରେନ)—
Trein ଟ୍ରେନ୍; ରେଲ ଗାଡ଼ି—Railway train.

ଟ୍ରେଜର୍ ଟ୍ରୋଭ—ବୈଦେ. ବ. (ଇଂ)—
Trejar trobh ଅଜ୍ଞାତ-ସ୍ୱାମିକ ପ୍ରୋଥିତ ଧନ—
Treasure trove.

ଟ୍ରେଜରର୍—ବୈଦେ. ବ. (ଇଂ)— ଧନାଗାରର ରକ୍ଷକ—
Trejarar Treasurer.
ট্রেজরর ट्रैजरर

ଟ୍ରେଜରି—ବୈଦେ. ବ. (ଇଂ)—
Trejari ୧ । ଖଜଣାଖାନା; ରାଜକୀୟ ଧନାଗାର—
ট্রেজরী 1. Treasury.
ट्रैजरी ୨ । ଲୁହା ସିନ୍ଦୁକ—2. Iron safe.

ଟ୍ରେଜରି ଅଫିସର—ବୈଦେ. ବ. (ଇଂ)—
Trejari aphisar ଯେଉଁ ହାକିମ କଲେକ୍ଟର ବା ମହକୁମାର ସରକାରୀ
ট্রেজরী অফিসর ଖଜଣାଖାନାର ତତ୍ତ୍ୱ ନିଅନ୍ତି—
ट्रैजरी अफसर Treasury officer.

ଟ୍ରେଞ୍ଚ୍—ବୈଦେ. ବ. (ଇଂ)—
Trench ଭୂପୃଷ୍ଠରେ ଖୋଳା ଯାଇଥିବା ଲମ୍ବ ଓ ଅଗଭୀର ପରିଖା
ট্রেঞ্চ Trench.
ट्रैंच

ଟ୍ରେଞ୍ଚିଙ୍ଗ୍ ଗ୍ରାଉଣ୍ଡ—ବୈଦେ. ବ. (ଇଂ)—
Trenching graund ମିଉନିସିପାଲିଟି ଓ ମେହେନ୍ତରମାନଙ୍କ
ট্রেঞ্চিঙ্গ গ্রাউণ্ড ଦ୍ୱାରା ସହରର ପାଇଖାନାମାନଙ୍କରୁ ନିଆ-
ट्रैंचिङ्ग ग्राउण्ड ଯାଉଥିବା ବିଷ୍ଠା ପୋତାଯିବା ପାଇଁ ସହରଠାରୁ ଦୂରରେ ଥିବା ନିର୍ଦ୍ଦିଷ୍ଟ ଭୂମି—Trenching ground.

ଟ୍ରେଡ୍ ଉଇଣ୍ଡ—ବୈଦେ.ବ. (ଇଂ)—ଉତ୍ତର ମେରୁ ଆଡ଼ୁ ବିଷୁବ ରେଖା
Tred uind ଆଡ଼କୁ ବହୁଥିବା ପବନ; ବାଣିଜ୍ୟ ବାୟୁ—
ট্রেড় উইণ্ড Trade-wind.
ट्रैड वाइण्ड [ଦ୍ର—ଏହି ବାୟୁ ଦ୍ୱାରା ବାଣିଜ୍ୟ ପୋତମାନଙ୍କ ଗତିରେ ସୁବିଧା ହେବାରୁ ଏହି ନାମକରଣ ହୋଇଅଛି ।]

ଟ୍ରେଡ୍ କମିସନର୍—ବୈଦେ. ବ. (ଇଂ)—କୌଣସିଦେଶର ବାଣିଜ୍ୟ
Tred kamisanar ବ୍ୟବହାର ତତ୍ତ୍ୱାବଧାନ କରିବା ନିମନ୍ତେ କ୍ଷମତାପ୍ରାପ୍ତ ରାଜକର୍ମଚାରୀ—Trade Commissioner.

ଟ୍ରେଡ୍ ମାର୍କ—ବୈଦେ. ବ. (ଇଂ)—ଭିନ୍ନ ଭିନ୍ନ ପଣ୍ୟ ଦ୍ରବ୍ୟ ଉପରେ
Tred mārk ଚିହ୍ନିତ ଉକ୍ତ ଦ୍ରବ୍ୟର ନିର୍ମାତାଙ୍କ ଉଦ୍ଭାବିତ ବିଶିଷ୍ଟ
ট্রেড় মার্ক, ट्रैडमार्क ଚିହ୍ନ—Trade mark.
[ଦ୍ର—ଏ ଚିହ୍ନ ଅନ୍ୟ କୌଣସି ବ୍ୟକ୍ତି ଅନ୍ୟ କୌଣସି ପଣ୍ୟ ଦ୍ରବ୍ୟ ଉପରେ ମାରି ପାରିବେ ନାହିଁ ବୋଲି ଏହା ସରକାରଙ୍କଠାରେ ଆଇନ ଅନୁସାରେ ରେଜିଷ୍ଟ୍ରି କରାଯାଏ ।]

ଟ୍ରେଣ୍ଡ୍—ବୈଦେ. ବ. (ଇଂ. ଟ୍ରେନ୍‌ଡ୍)—
Trend କୌଣସି ବିଶିଷ୍ଟ କାର୍ଯ୍ୟର ପରିଚାଳନା ନିମନ୍ତେ ଶିକ୍ଷା
(ଯଥା—ଟ୍ରେଣ୍ଡ୍ ଗୁରୁ) ପ୍ରାପ୍ତ—Trained.

ଟ୍ରେନ୍—ବୈଦେ. ବ. (ଇଂ)—ରେଲଗାଡ଼ି—
Tren Train.

ଟ୍ରେନିଙ୍ଗ୍—ବୈଦେ. ବ. (ଇଂ)—କୌଣସି ବିଷୟରେ ଯୋଗ୍ୟ ହେବା
Trening ନିମନ୍ତେ ପାଇବା ଶିକ୍ଷା—Training.
ট্রেনিঙ্গ [ଦ୍ର—ଏହି ଇଂରେଜି ଶବ୍ଦ ସଙ୍ଗେ କ୍ଲାସ୍, ସ୍କୁଲ୍,
ट्रैनिङ्ग କଲେଜ ଆଦି ଶବ୍ଦ ଓ ପୂର୍ବରେ ଗୁରୁ, ପଣ୍ଡିତ, ଏଟ୍ରିକଲଚର୍, ଫରେଷ୍ଟ, କନଷ୍ଟବଲ୍, ପୁଲିସ ଆଦି ଶବ୍ଦ ଲାଗେ ।]

ଟ୍ରେନିଙ୍ଗ୍ କଲେଜ—ବୈଦେ. ବ. (ଇଂ)—
Trening kalej ଉଚ୍ଚ ଶ୍ରେଣୀର ଟ୍ରେନିଙ୍ଗ ସ୍କୁଲ୍—
ট্রেনিঙ্গ কলেজ Training college.
ट्रैनिंग कालेज

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥାନରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଟ୍ରେନିଙ୍ଗ୍ ସ୍କୁଲ୍—ବୈଦେ. ବି. (ଇଂ)—ଯେଉଁ ବିଦ୍ୟାଳୟରେ ଭିନ୍ନ ଭିନ୍ନ
Ṭrening skul କର୍ମ ପାଇଁ ଯୋଗ୍ୟ ହେବା ନିମନ୍ତେ ଶିକ୍ଷାର୍ଥୀ-
ট্রেনিঙ্গ স্কুল মାନଙ୍କୁ ତାଲିମ କରାଯାଏ—
ट्रेनिंग स्कूल Training school.
(ଯଥା—ଯେଉଁ କର୍ମ ପାଇଁ ଟ୍ରେନିଙ୍ଗ୍ ଦିଆଯାଏ ସେହି ସେହି ନାମ ଏହି ଶବ୍ଦଦ୍ୱୟର ପୂର୍ବରେ ଲାଗେ । ଯଥା—ଗୁରୁ ଟ୍ରେନିଙ୍ଗ୍ ସ୍କୁଲ, ପୁଲିସ ଟ୍ରେନିଙ୍ଗ୍ ସ୍କୁଲ, ଟିଚର୍ ଟ୍ରେନିଙ୍ଗ୍ ସ୍କୁଲ ।)

ଟ୍ରେସ୍—ବୈଦେ. ବି. (ଇଂ)—ଅସଲ ନକ୍ସାରୁ ଟ୍ରେସିଙ୍ଗ୍ କାଗଜ ବା
Ṭres ଟ୍ରେସିଙ୍ଗ୍ କ୍ଲଥ୍ ସାହାଯ୍ୟରେ ଅଙ୍କିତ ନକ୍ସା—
ট্রেস A trace (map).
ट्रेस

ଟ୍ରେସ୍‌ପାସ୍—ବୈଦେ. ବି. (ଇଂ. ଟ୍ରେସ୍‌ପାସ୍) (କଚେରୀ ଶବ୍ଦ)—
Ṭrespās ପରର ସ୍ଥାନରେ ଅନଧିକାର ପ୍ରବେଶ—
ট্রেসপাস Tresspass.
ट्रेसपास

ଟ୍ରେସ୍‌ପାସର୍—ବୈଦେ. ବି. (ଇଂ. ଟ୍ରେସ୍‌ପାସର୍) (କଚେରୀ ଶବ୍ଦ)—
Ṭrespasar ପରର ସ୍ଥାନ ବା ଗୃହରେ ଅନଧିକାର ପ୍ରବେଶକାରୀ—
ট্রেসপাসর Tresspasser.
ट्रेसपासर

ଟ୍ରେସିଙ୍ଗ୍—ବୈଦେ. ବି. (ଇଂ)—ଅସଲ ନକସା ଉପରେ ଟ୍ରେସିଙ୍ଗ୍ କ୍ଲଥ୍
Ṭresing ବା ଟ୍ରେସିଙ୍ଗ କାଗଜ ପକାଇ ତଦ୍ରୂପ ଅଙ୍କନ କରିବା—
ট্রেসিঙ্গ Tracing.
ट्रेसिङ्ग

ଟ୍ରେସିଙ୍ଗ୍ କ୍ଲଥ୍—ବୈଦେ. ବି. (ଇଂ)—ଯେଉଁ ମହମଜାମା ସ୍ୱଚ୍ଛ କନାରୁ
Ṭresing klath ଚିତ୍ରଥିବା ଅନ୍ୟ କାଗଜ ଉପରେ ରଖି ଚିତ୍ର
ট্রেসিঙ্গ ক্লথ ଆଦିକୁ ଅବିକଳ ଅଙ୍କିତ କରାଯାଇ ପାରେ—
ट्रेसिङ्ग क्लाथ Tracing cloth.

ଟ୍ରେସିଙ୍ଗ୍ ପେପର୍—ବୈଦେ. ବି. (ଇଂ)—ଯେଉଁ ମହମଜାମା ସ୍ୱଚ୍ଛ କାଗଜ
Ṭresing pepar ଦ୍ୱାରା ଅନ୍ୟ କାଗଜରେ ଥିବା ଚିତ୍ର ଆଦିକୁ
ট্রেসিঙ্গ পেপর ଅବିକଳ ଉତାରି ନିଆଯାଇ ପାରେ—
ट्रेसिङ्ग पेपर Tracing paper.
(ଟ୍ରେସିଙ୍ଗ୍ କାଗଜ—ଅନ୍ୟରୂପ)
[ଦ୍ର—ଏହି ଟ୍ରେସିଙ୍ଗ୍ ପେପର୍ ବା ଟ୍ରେସିଙ୍ଗ୍ କ୍ଲଥ୍‌ରେ ମହମ ମଡ଼ା ହୋଇଥିବାରୁ ଏହା ସ୍ୱଚ୍ଛ ଅଟେ; ଏଥିପାଇଁ ଏହା ତଳେ କୌଣସି ଚିତ୍ରାଙ୍କିତ ବା ଲେଖା ହୋଇଥିବା କାଗଜ ରଖିଲେ ତଳ କାଗଜର ଚିତ୍ର ବା ଲେଖା ସ୍ପଷ୍ଟ ଭାବେ ଉପରରୁ ଦେଖାଯାଏ ଓ ସେହି ରେଖାମାନଙ୍କୁ ନଜର କରି ପେନ୍‌ସିଲ ବା କଲମରେ ଚିତ୍ର ଆଦି ଟ୍ରେସିଙ୍ଗ୍ ପେପର୍ ବା ଟ୍ରେସିଙ୍ଗ୍ କ୍ଲଥ୍‌ରେ ଅବିକଳ ଉଠିଯାଏ ।] .

ଠ

ଠ—ବ୍ୟଞ୍ଜନ ବର୍ଣ୍ଣର ଦ୍ୱାଦଶ ବର୍ଣ୍ଣ; ଟ ବର୍ଗର ୨ୟ ବର୍ଣ୍ଣ; ଏହାର ଉଚ୍ଚାରଣ
Ṭha ସ୍ଥାନ ମୂର୍ଦ୍ଧା—The twelfth consonant. Its sound is produced from the head (cerebral). This letter is not represented by any single letter in the English alphabet, but resembles the sound of 'ṭ' followed immediately by the sound 'h' as in 'pent-house'. Generally the oria letter 'ଠ' is rendered into English by writing 'th' with some distinguishing mark or dot to differentiate it from the English pronunciation of ṭh, as in 'path' and of th as in 'the'. Thus the word ଠାକୁର is transliterated in English as Ṭhākura.

ସଂ. ବି—୧ । ଶିବ—1. Siba.
୨ । ମହାଧ୍ୱନି—2. A great sound.
୩ । ଚନ୍ଦ୍ରମଣ୍ଡଳ—3. Moon's disc.
୪ । ଶୂନ୍ୟ—4. The void; the space.

ଠ ପରି ଜଗତ ବସେ, ଠିକେ କବରତ ଘସେ ।
କବିସୂର୍ଯ୍ୟ. ରତ୍ନାକର ଚମ୍ପୂ ଠ. ଗୀତ ।

ବିଣ—ଇନ୍ଦ୍ରିୟଗୋଚର—
Perceptible by the senses.

ଦେ. ବି—ଶୂନ; ଶୂନ୍ୟ ସଂଖ୍ୟା—Zero.
(ଯଥା—ସେ ପରୀକ୍ଷାରେ ଠ ଟିଏ ପାଇଅଛି ।)

ଠଅ—ଦେ. ବିଣ—ଶୂନ୍ୟାକାର; ପୂର୍ଣ୍ଣବୃତ୍ତାକୃତି—
Ṭhaa Zero-like; circular.

ଠଅ ହୋଇଣ ମଣ୍ଡଳ ଗୋଟିଏ । ଗ୍ରାଡ଼ୀ. ପରବେ ଗୀତା ।

ବି—ଶୂନ୍ୟସଂଖ୍ୟା—Zero.

ଠଉଁ—ଦେ. ଅ. (ପଞ୍ଚମୀ ବିଭକ୍ତିସୂଚକ ପ୍ରତ୍ୟୟବିଶେଷ; ଅନ୍ୟ ଶବ୍ଦ
Ṭhaun̐ ସଙ୍ଗେ ବ୍ୟବହୃତ)—୧ । ରୁ; ଠାରୁ—
থেকে 1. From.
से (ଯଥା—କଟକ ଠଉଁ ପୁରୀ ୫୬ ମାଇଲ ।)
୨ । ଅପେକ୍ଷା—2. Than.
(ଯଥା—ସେ ମୋ ଠଉଁ ୫ବର୍ଷ ବଡ଼ ।)

ଠଉର—ଦେ. ବି. (ସଂ. ସ୍ଥିର)—୧ । ସ୍ଥିରତା—
Ṭhaura 1. Certainty.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ନୃ

ଠାଉର; ଠାଁଅର; ଠାହର ୨ । ଠାବ; ଦୃଢ଼ ଅବସ୍ଥିତି—
ठौर, ठउर 2. Firm footing; stability.
(ଯଥା—ଶିଉଳରେ ଗୋଡ଼ର ଠଉର ହେଲା ନାହିଁ ।)
୩ । ଇନ୍ଦ୍ରିୟଗୋଚର; ଅନୁଭବ—
3. Perception; ken.
(ଯଥା—ଲୁଣ୍ଠିତ ହେବୁ ବାଟର ଠଉର ହେଲା ନାହିଁ ।)
୪ । ନିଶ୍ଚୟାତ୍ମକ ଜ୍ଞାନ; ଠିକଣା—4. Knowing; ascertainment; certain knowledge; positive assurance.
୫ । ଅନୁମାନ—5. Guess.
(ଯଥା—ମୁଁ ତା କଥାରେ କିଛି ଠଉର ପାଇଲି ନାହିଁ ।)
ବିଣ—୧ । ସ୍ଥିର; ଦୃଢ଼ସ୍ଥାୟୀ—1. Stable, firm;
୨ । ସ୍ଥିରୀକୃତ—2 Ascertained.
୩ । ଇନ୍ଦ୍ରିୟଦ୍ୱାରା ଅନୁଭୂତ—
3. Perceived by the senses.
୪ । ଅନୁମିତ—4 Guessed.

ଠଉର କରିବା—ଦେ. କ୍ରି. (ସଂ. ସ୍ଥିର)—୧ । ଠିକଣା କରିବା—
Ṭhaura karibā 1. To ascertain.
ঠাওর করা ୨ । ଅନୁମାନ କରିବା—2. To guess.
ठौर करना

ଠଉର ଠିକଣା—ଦେ. ବି—୧ । ସୁବନ୍ଦୋବସ୍ତ—
Ṭhaura ṭhikaṇā 1. Good arrangement.
ঠাওর ঠিকানা ୨ । କୌଣସି ବ୍ୟକ୍ତି ବା ବସ୍ତୁର ପତ୍ତା—
ठौर ठिकाना 2. Address or whereabouts of a person or thing.

ଠଉର ପଡ଼ିବା—ଦେ. କ୍ରି—ଠଉରିବା (ଦେଖ)
Ṭhaura paṛibā Ṭhauribā (See)

ଠଉର ହେବା—ଦେ. କ୍ରି—ଠଉରିବା (ଦେଖ)
Ṭhaura hebā Ṭhauribā (See)

ଠଉରା(ରେ)ଇବା—ଦେ. କ୍ରି. (ସଂ. ସ୍ଥିର)—୧ । ଅନୁସନ୍ଧାନ ପୂର୍ବକ
Ṭhaurā(re)ibā ସ୍ଥିର କରିବା—1. To ascertain after
ঠাওরান enquiry or search.
ठौराना ଠଉରାଇ ଅବସର କଲେ ତୁ ପ୍ରସଙ୍ଗ ମୋର ।
କବିସୂର୍ଯ୍ୟ. କଳୋଗଚନ୍ଦ୍ର ଠ. ଗୀତ ।
୨ । ଅନୁମାନ କରିବା—
2. To guess; to infer; to conjecture.
ଠଣା କରି ପ୍ରେମପଥ କଲବଣା ଠଉରାଇଲି ଯା ନାହିଁ ।
ଗୋପେକ. ଉନ୍ନତରେଖା ।
୩ । ଖୁଣ୍ଟିବା; ଖୋଜିବା; ଅନ୍ଧାରରେ ଅଣ୍ଡାଳିବା—
3. To seek; to search; to feel in the dark.
୪ । କଳ୍ପନାଦ୍ୱାରା ସ୍ଥିର କରିବା ବା ଭାବିବା—
4. To imagine.

ଠଉରାଇବ କେ ତୋ ବକ୍ରିମ ଗତି । କବିସୂର୍ଯ୍ୟ. ଜବଡାବଲ୍ଲୋଳ ।
୫ । ଇନ୍ଦ୍ରିୟ ଗୋଚରକୁ ଆଣିବା; ଇନ୍ଦ୍ରିୟ ଦ୍ୱାରା ଅନୁଭବ କରିବା— 5. To perceive; to feel; to find.

ଠଉରିବା—ଦେ. କ୍ରି. (ସଂ, ସ୍ଥିର)—୧ । ସ୍ଥିର ହେବା; ସ୍ଥିର ବା ଦୃଢ଼-
Ṭhauribā ଭାବରେ ରହିବା—1. To remain fixed; to
ঠাউরা remain undisturbed; to become settled.
ठहरना କି ଗାତ କି ଜାତଶୀଳ, କି କୁଳବରତ ଫଳ
ଠଉର ପାରିଲା ମୋ ମନରେ । କବିସୂର୍ଯ୍ୟ. କଳୋଗଚନ୍ଦ୍ର କ. ଗୀତ ।
୨ । ସ୍ଥିରୀକୃତ ହେବା; ସିଦ୍ଧାନ୍ତ ହେବା—
2. To be adjudged; to be determined.
୩ । ଠାକିବା; ବଞ୍ଚିବା—3. To live; to subsist.
ଠଉରିବ ନାହିଁ ବୋଲି ଠଉର ବଳଗ ପାଇଣ ମଦନ ପଳାଏ ରଙ୍ଗେ ଛଇଳ ।
କବିସୂର୍ଯ୍ୟ ତୃଷ୍ଣା ଗୀତ
୪ । ଅପେକ୍ଷା କରିବା—4. To wait.
ଠଉରିବ ନାହିଁ ବୋଲି ଠଉର ବଳଗ ପାଇଣ ମଦନ ପଳାଏ ରଙ୍ଗେ ଛଇଳ ।
କବିସୂର୍ଯ୍ୟ. ତୃଷ୍ଣା ଗୀତ ।
୫ । ଅନୁମିତ ହେବା—
5. To be guessed or inferred.
୬ । ସହ୍ୟ କରିବା; ସହିବା—
6. To bear up; to endure.
୭ । ଭାର ସମ୍ଭାଳିବା—7. To sustain.
୮ । ଠଉରାଇବା (ଦେଖ)—8. Ṭhaurāibā (See)

ଠଂ—ଦେ. (ଧ୍ୱନ୍ୟନୁକରଣ)—ଅ.—ଧାତୁମୟ ଦ୍ରବ୍ୟ ସଙ୍ଗେ କୌଣସି
Ṭhaṁ କଠିନ ପଦାର୍ଥ ବାଜିଲେ ଯେଉଁ ଶବ୍ଦ ଜାତ ହୁଏ; ଠଂ—
ঠং Sound of a metallic vessel struck by a hard substance; clanking sound.
ପ୍ରାଦେ. (ସମ୍ବଲପୁର) ଅ.—ଠଙ୍ (ଦେଖ)
Ṭhaṅg (See)

ଠଂ ଠଂ—ଦେ. (ଧ୍ୱନ୍ୟନୁକରଣ) ଅ. (ବହୁବଚନ)—ଠଂ (ଦେଖ)
Ṭhaṁ ṭhaṁ Ṭhaṁ (See)

ଠକ୍—ଦେ. (ଧ୍ୱନ୍ୟନୁକରଣ) ଅ.—(ସଂ. ସ୍ତକ୍; ସ୍ଥକ୍ ଧାତୁ=ପ୍ରତିଘାତ)
Ṭhak କାଠ ଆଦି କୌଣସି ଦୃଢ଼ ବସ୍ତୁରେ ଅନ୍ୟ ଦୃଢ଼ ବସ୍ତୁ ଥରେ
ঠক বାଜିବାର ଶବ୍ଦ; ଧାତବ ପଦାର୍ଥ ଛଡ଼ା ଅନ୍ୟ କଠିନ ବସ୍ତୁ-
ठक ଦ୍ୱୟର ଥରେ ପ୍ରତିଘାତଜନିତ ଶବ୍ଦ—Clattering sound of two hard things (except metal) striking against each other; click.
(ଯଥା—ଦୁଇଖଣ୍ଡ କାଠର ପରସ୍ପର ସହିତ ଥରେ ଅଘାତଜନିତ ଶବ୍ଦ ।)

ଠକ୍ କରି—ଦେ. ଅ.—୧ । ହଠାତ୍—
Ṭhak kari 1. Suddenly.
टक करे ପାପିଷ୍ଠାର ଧନ ପାଣି ପରି ବହି ଯାଉଛି,
झट ଏବେ ଜାଣ ଠକ୍ କରି ଛାଡ଼ ପଡ଼ିବ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
(ଠକ୍କିନା, ଠକ୍କିନ, ଠକ୍କରି, ଠକ୍ଦିସ୍—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ'ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଠକ୍ ଠକ୍—ଦେ. ଅ. ବହୁବଚନ (ସଂ.ସ୍ତୁକ୍,•ସ୍ଥୁକ୍ ଧାତୁ=ପ୍ରତିଘାତ)—
Ṭhak ṭhak ୧ । କାଷ୍ଠାଦି ଦୃଢ଼ ବସ୍ତୁରେ ଅନ୍ୟ ଦୃଢ଼ ବସ୍ତୁର
ठक ठक ଏକାଧିକ ଥର ବାଜିବାର ଶବ୍ଦ; ଧାତବ ପଦାର୍ଥ ଛଡ଼ା
ঠক ঠক ଅନ୍ୟ କଠିନ ବସ୍ତୁଦ୍ୱୟର ଏକାଧିକ ଥର ଘାତପ୍ରତିଘାତ-ଜନିତ ଶବ୍ଦ—1. Rattling sound; repeated tapping or rapping sound.
(ଯଥା—କାଠହଣା ଚଢ଼େଇ ଗଛରେ ଠକ୍ ଠକ୍ କରୁଛି; ଦାନ୍ତ ଶୀତରେ ଠକ୍ ଠକ୍ ବାଜୁଛି ।)
୨ । ଖାଦ୍ୟାଭାବରୁ ଦୁର୍ବଳ ହୋଇ ଛଟ୍ ପଟ୍ ହେବା—
2. Starving.
(ଯଥା—ଦୁର୍ଭିକ୍ଷ ଯୋଗୁଁ ତା ପିଲାମାନେ ଠକ୍ ଠକ୍ ହୋଇ ମଲେ ।)
୩ । ଅଶେଷ ପରିମାଣରେ; ଟୋପା ଟୋପା ହୋଇ; ଥପ୍ ଥପ୍—
3. Repeatedly; in copious drops.
(ଯଥା—ତା, ଆଖିରୁ ଠକ୍ ଠକ୍ ଲୁହ ଗଡ଼ି ପଡ଼ିଲା ।)
୪ । ପ୍ରତି ମୁହୂର୍ତ୍ତରେ; ବାରମ୍ବାର—
4. Repeatedly; in every moment.
(ଯଥା—ମୋ ବାଆଁ ଆଖି ଠକ୍ ଠକ୍ ହେଉଛି ।)
କ୍ରି. ବିଣ.—ଠକ ଠକ ଶବ୍ଦ କରି—
1. Making a clicking sound.
(ଯଥା—ସେ କଟୋଇ ମାଡ଼ି ଠକ୍ ଠକ୍ ଚାଲି ଯାଉଛି ।)
୨ । ଅତି ଦ୍ରୁତଗତିରେ ନୁହେଁ ବା ଅତି ଧୀର ଗତିରେ ନୁହେଁ ଏପରି ଚାଲିବା ପ୍ରକାରେ—
2. In a stalking manner (neither rapidly nor slowly).
(ଯଥା—ଦେଖ ବରଷକ ପିଲା ଆମ ଭଉଣୀଟି ଠକ୍ ଠକ୍ ଚାଲିଲାଣି ।)
ଦେ. ବିଣ.—୧ । ବିରକ୍ତ; କୌଣସି ବ୍ୟକ୍ତି ଉପରେ ବିରକ୍ତି ଭାବ ମୁଖରେ ପ୍ରକାଶ କରୁଥିବା—
1. Giving vent to annoyance by words
(ଯଥା—ବଡ଼ ଯାଆ ସବୁବେଳେ ସାନ ଯାଆ ଉପରେ ଠକ୍ ଠକ୍ ହେଉଛି ।)
୨ । ଶୁଷ୍କ; ନୀରସ (ସ୍ଥାନ)—2. Dried up.
(ଯଥା—ମଠିଆରେ ଧାନ ବଳି ଯାଇ ଠକ୍ ଠକ୍ ହୋଇ ଗଲାଣି ।)
୩ । ଅଭୁକ୍ତ; ଉପବାସ ଜର୍ଜରିତ; ଛଟ ପଟ; ପାଟୁ ପାଟୁ—
3. Starving; fasting.
(ଯଥା—ଠକ୍ ଠକ୍ ମଦନ-ଗୋପାଳ ।)
୪ । ଚଞ୍ଚଳ ଚାଲୁଥିବା—4. Walking briskly.
(ଯଥା—ଆମ ସାଆନ୍ତଙ୍କର ଠକ୍ ଠକ୍ ଚାଲି ସଙ୍ଗେ ମୁଁ ଚାଲି ପାରୁନାହିଁ ।)

ଦେ· ବି.—୧ । ବାରଂବାର ଦୁଇ ଜଣଙ୍କର କଳି ଝଗଡ଼ା—
1. Constant quarrelling between two persons; bickerings.
୨ । ବାରଂବାର କୌଣସି ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ—
2. Giving vent to one's displeasure repeatedly.
(ଯଥା—ମୁଁ ସେ ଘରେ ଏତେ ଠକ୍ ଠକ୍ ସହି ରହି ପାରିବି ନାହିଁ ।)

ଠକ୍ ଠକ୍ ଠକସା—ଦେ. ବିଣ.—ଯେ ଠକ୍ ଠକ୍ ହୋଇ ଗତି କରେ—
Ṭhak ṭhak ṭhakasā Making a rattling sound during movement.
ଠକ ଠକ ଠକସା, ୩ ମୁଣ୍ଡ ୧୦ ଗୋଡ଼ କହିଦେଲେ ମହସା ।
ପ୍ରହେଳିକା ।
(ଏଥିର ଉତ୍ତର—ହଳ ବୁଲାଉ ଥିବା ଦୁଇଟି ବଳଦ ଓ ଗୋଟିଏ ମନୁଷ୍ୟ ।)

ଠକ୍ ଠକ୍ ମଦନଗୋପାଳ—ଦେ. ବି.—ଖାଇବାକୁ ପାଉ ନ ଥିବା
Ṭhak ṭhak madanagopāla ଗରିବ ଲୋକ—
A famishing poor person.

ଠକ୍ ଠକ୍ ହୋଇ ଚାଲିବା—ଦେ. କ୍ରି—ଚଞ୍ଚଳ ଚଞ୍ଚଳ ପଦକ୍ଷେପ
Ṭhak-ṭhak hoi chāliba କରି ଚାଲିବା—
To stalk; to walk briskly.
(ଯଥା—ଶିଶୁଟି ଏବେ ଠକ୍ ଠକ୍ ହୋଇ ଚାଲିଲାଣି ।)

ଠକ୍ଠକି—ଦେ. ବି—୧ । ବିପଦ; ଉତ୍ପାତ—
Ṭhakṭhaki 1. Calamity; hardship.
୨ । ସଙ୍କଟ; କଠିନ ବ୍ୟାପାର; ବିଷମ ସମସ୍ୟା—
2 Crisis; dilemma; difficulty.
୩ । ଠକ୍ଠକି ତନ୍ତ (ଦେଖ)—
3. Ṭhak-ṭhaki tanta (See).
ବିଣ—ଯାହା ଠକ୍ ଠକ୍ ଶବ୍ଦ କରେ—
Producing a clicking or clapping sound.

ଠକ୍ଠକିଆ—ଦେ. ବିଣ— ଯେଉଁ ମାଟି ଶୁଖି ଯାଇଥିବାକୁ ହଳ ବୁଲାଇବା
Ṭhak-ṭhakiā ସମୟରେ ତହିଁ ମଧ୍ୟକୁ ଲଙ୍ଗଳ ଲୁହା ପ୍ରବେଶ ନ କରି ଉପରେ ଉପରେ ଡେଇଁ ଡେଇଁ (ଠକଠକ ହୋଇ) ଚାଲିଯାଏ; ଅତ୍ୟନ୍ତ ଶୁଷ୍କ ଓ ଟାଣୁଆ ଭୂମି—
Dry (land).

ଠକ୍ଠକି ତନ୍ତ—ଦେ. ବି— ଯେଉଁ ତନ୍ତ ଚଳାଇବା ସମୟରେ
Ṭhak-ṭhaki tanta ଠକ୍ ଠକ୍ ଶବ୍ଦ ହୁଏ—
ठकठकी तान्त Fly-shuttle loom.
ঠকঠকি তাঁত

ଠକ୍ଠାକ୍—ଦେ. ଅ—୧ । ତତ୍କ୍ଷଣାତ; ହଠାତ୍;—
Ṭhak-ṭhāk 1. At once; in no time.
(ଯଥା—ମୋତେ ମୋର ପ୍ରାପ୍ୟ ଦେବାର ହେଲେ ଠକ୍ଠାକ୍ ଦେଇଦିଅ ।) ୨ । ନଗଦ; ରୋକ୍ ସୋକ୍—2. In cash.

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଂ	ଉଃ	ଞ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଙ୍ଗ	ନ୍

ଠକ—ଦେ. ବଣ (ସଂ. ସ୍ଥଗ=ଧୂର୍ତ୍ତ; ସ୍ଥଗ୍ ବା ଷ୍ଠଗ୍ ଧାତୁ=ଗୋପନ)—
Ṭhaka ୧ । ଠଗ; ପ୍ରତାରକ; ପ୍ରବଞ୍ଚକ—
(ଠକୁଣୀ—ସ୍ତ୍ରୀ) 1. Cheating; swindling;
ठक, ठग fraudulent; roguish;
ঠগ deceiving.

ଠକ ମୁଁ ବୋଲେ ମାନସେ—କବିସୂର୍ଯ୍ୟ ରତ୍ନାକର ଚଉ୍ ଠ ଗୀତ।

୨ । ଛଳକାରକ; କପଟୀ—
2. Hypocritical;

୩ । ଛଳମୟ; ପ୍ରତାରଣାପୂର୍ଣ୍ଣ—
3. Full of deceit; deceitful.

୪ । ନିଷ୍ଠୁର—4. Cruel.

୫ । ଖଳ—5. Wicked.

୬ । ଚତୁର—6. Sly: clever;

ଅରେ ଠିକହାସୀ, ଠକପଣ ପୁଣି କହୁ ଥାଏ ମିଶି ।
କବିସୂର୍ଯ୍ୟ. ସଙ୍ଗୀତ ।

ବି—୧ । ପ୍ରତାରକ ବ୍ୟକ୍ତି; ଧୂର୍ତ୍ତ ବ୍ୟକ୍ତି—
1. A sharper; a rogue; swindler; cheat.

୨ । ରାଜପଥର ଦସ୍ୟୁ—
2. Highway robber; thug.

[ଦ୍ର—ଏମାନେ ପୂର୍ବେ ଭାରତର ରାଜପଥ ମାନଙ୍କରେ ଅତ୍ୟନ୍ତ ଅତ୍ୟାଚାର କରୁଥିଲେ; ମନୁଷ୍ୟଙ୍କୁ ଓ ବିଶେଷତଃ ବାଟୋଇମାନଙ୍କୁ ବିଷ ଦେଇ ବା ତଣ୍ଟି ଚିପି ମାରି ଧନ ଅପହରଣ କରୁଥିଲେ । ଇଂରାଜମାନେ ସେମାନଙ୍କୁ ଦମନ କଲେ ।]

୩ । ନରହନ୍ତା—3. A cut-throat.

ଠକର (ଇତ୍ୟାଦି)—ଦେ. ବି—ଠୋକର ଇତ୍ୟାଦି (ଦେଖ)
Ṭhakara (etc) Ṭhokara etc (See).

ଠକର ଖାଇବା—ଦେ. କ୍ରି—ଠୋକର ଖାଇବା (ଦେଖ)
Ṭhakara khāibā Ṭhokara khāibā (See).

ଠକର ଠକର—ଦେ (ଧ୍ୱନ୍ୟନୁକରଣ) ଅ—ଠକ୍ ଠକ୍ (ଦେଖ)
Ṭhakara ṭhakara Ṭhak ṭhāk (See).

ଠକରା—ପ୍ରାଦେ (ଗଡ଼ଜାତ) ବି—(ଧ୍ୱନ୍ୟନୁକରଣ)—
Ṭhakarā ବଣ ନିକଟସ୍ଥ ଭୂମିରେ ଫସଲ ଜଗିବା ଲୋକଙ୍କ ଦ୍ୱାରା ବନ୍ୟ ଜନ୍ତୁଙ୍କୁ ଘଉଡ଼େଇବା ପାଇଁ ଖାଡ଼ ଉପରେ ଠକ ଠକ ବଜାଯିବା ବାଉଁଶର ଏକପ୍ରକାର ବାଦ୍ୟ ଯନ୍ତ୍ର—
A contrivance of bamboo which is sounded with 2 sticks and produces clicking sounds to scare away wild animals from the fields in the night.

[ଦ୍ର—ଦୁଇଅଡ଼େ ଗଣ୍ଠି ଥିବା ଏକଖଣ୍ଡ ମୋଟ ବାଉଁଶରେ ଅଙ୍ଗୁଳେ ଚଉଡ଼ାରେ ଗୋଟିଏ ଲମ୍ବା ଛିଦ୍ର କରି ତାହାର ବାଡ଼ରେ ଦୁଇଖଣ୍ଡ କାଠି ବାଡ଼େଇଲେ ଉଚ୍ଚ ଶବ୍ଦ ହୁଏ ।]

ଠକା—ଦେ. ବି. (ସଂ. ସ୍ଥଗ୍ ଧାତୁ)—ଠକେଇ; ଠକିବା କର୍ମ—
Ṭhakā Cheating; deception.
ठकान ପ୍ରାଦେ. (ସମ୍ବଲପୁର) ବଣ—୧ । ଠିକ୍—
ঠগাই 1. Correct; right.
୨ । ଅସଲ; ଖାଣ୍ଟି—2. Genuine; original.
କ୍ରି. ବଣ—ଠିକ୍‌ରୂପେ; ଅଚ୍ଛା—Well; correctly.
(ଯଥା—ତୁ ଠକା କହିଲୁ=ତୁ ଠିକ୍ କହିଲୁ ।)

ଠକା(କେ)ଇ—ଦେ. ବି. (ସଂ. ସ୍ଥକ୍ ଧାତୁ)—ପ୍ରବଞ୍ଚନା; ପ୍ରତାରଣା—
Ṭhakā(ke)i Deception; cheating; fraud;
ठकामि roguery.
ঠগাই

ଠକା(କେ)ଇବା—ଦେ. କ୍ରି. (ସ୍ଥଗ୍ ଧାତୁ=ଗୋପନ)—
Ṭhakā(ke)ibā ୧ । ପ୍ରତାରଣା କରିବା; ଭଣ୍ଡିବା—
ठकान 1. To cheat; to swindle; to deceive; to
ঠগানো delude; to practise deception.

୨ । କୌଣସି କାର୍ଯ୍ୟକୁ ଉପରଠାଉରିଆ କରି ସମ୍ପନ୍ନ କରିବା—2. To finish a work any how.

୩ । (କୋଲପ ବା ତାଲାକୁ) ବନ୍ଦ ନ କରି ବନ୍ଦ ହେବାଭଳି ଅଟକାଇ ରଖିଦେବା—3. To leave a padlock unlocked but in a position appearing to an onlooker as if it were locked.

୪ । (କୌଣସି ବ୍ୟକ୍ତିକୁ) କୌଣସି ସ୍ଥାନରେ ବା ପଦରେ ଅସ୍ଥାୟୀଭାବରେ (ଅର୍ଥାତ୍ ଆପାତତଃ ଚଳିବା ପାଇଁ) ରଖାଇବା—4. To place man temporarily in a post for the present.

ଠକାଠକ୍—ଦେ. ଅ—୧ । ସଂସାରରେ ଅଚଳ ଅବସ୍ଥା—
Ṭhakāṭhak 1. Very poor and destitute condition.
(ଯଥା—ତା କଥା ଠକାଠକ୍ ।).

୩ । ଆସନ୍ନମୃତ୍ୟୁ ସମୟ—
3. Time of impending death.

ଠକାଠକି—ଦେ. ବି—୧ । ଭଣ୍ଡାଭଣ୍ଡି; ଭଣ୍ଡାଇବା—
Ṭhakāṭhaki 1. Deception.
ठगाठगि ୨ । ପରସ୍ପର ପ୍ରତାରଣା—
ঠগাঠগি 2. Mutual deception or cheating.

ଠକାମି—ଦେ. ବି. (ସଂ. ସ୍ଥଗ)—ଠକାଇ (ଦେଖ)
Ṭhakāmi Ṭhakāi (See)

ଠକାର—ଦେ. ବି—୧ । ଠାରଠୁର; ସଙ୍କେତ—
Ṭhakāra 1. Dumb significant signs; gesture.
ठार ୨ । ଠକପଣ; ଠକାମି—2. Roguery.
ইসারা ଠକାର ପର ଠକାର ପରହର ନପାରୁ ନଷ୍ଟେ ।
ठकामी ଉ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନ ଚିହ୍ନିତ କୌଣସି ବର୍ଣ୍ଣ ବା, ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବି । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୁଥ ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ठगाई ୩ । କପଟ; ଛଳ—3. Deceit; feigning.
୪ । ଗୋପନୀୟ ପରାମର୍ଶ—4. Secret consultation.
ଦେ. ବଣ. (ସ. ଠ+ଆକାର)—ଠପରି ଆକାର ଯାହାର; ଗୁଣ୍ଡ ଗୋଲ—Shaped like the letter ṭh; round; circular.

ଠକାର କରିବା—ଦେ. କ୍ରି—ଠାରିବା; ଅନ୍ୟ ବ୍ୟକ୍ତିର ଅଲକ୍ଷରେ ଦୁଇ ଜଣଙ୍କର ଭାବ ଆଦାନ ପ୍ରଦାନ କରିବା—
Ṭhakāra karibā
ठारा
इसारा करना
To make signs or nods.

ଠକାର କଳି—ଦେ. ବ—ଲୋକେ ଦେଖିବାକୁ ବାହାରେ କଳି କରୁ ଭିତରେ ସୌହାର୍ଦ୍ଦ୍ୟ—Quarrel for outward show.
Ṭhakāra kaḷi
ଶାଶୂ ବୋହୂଙ୍କର ଠକାର କଳି
ଚଳୁନ ଶାଶୁଙ୍କ କବାଃ କଳି । ଠଗ ।

ଠକିବା—ଦେ. କ୍ରି (ସ. ସ୍ଥଗ; ସ୍ଥଗ ଧାତୁ=ଗୋପନେ)—
Ṭhakibā ୧ । ପ୍ରତାରିତ ହେବା—
ठका 1. To be deceived.
ठगना ୨ । ପ୍ରତାରଣା କରିବା—2. To cheat; to deceive.
ठकान ୩ । ଭଣ୍ଡାଇବା; ଭଣ୍ଡିବା—To simulate.
ଠଣ୍ସୁରର ମୁଖ ଦେଖାଇ,
ଠକି ଲୁଚଗଲ କାହିଁ ପାଇଁ । ଗୋଲୋକ. ଉନ୍ମ ରେଖା ।
୪ । ଛଳନା କରିମେ କାଳକ୍ଷେପ କରିବା—
4. To put off on various excuses.

ଠକି ଯିବା—ଦେ. କ୍ରି.—ଠକିବା ୧ (ଦେଖ)
Ṭhaki jibā Ṭhakibā 1 (See)

ଠକ୍କର (ଇତ୍ୟାଦି)—ଦେ. ବ.—ଠୋକର ଇତ୍ୟାଦି (ଦେଖ)
Ṭhakkar (etc) Ṭhokara etc. (See)

ଠକ୍କୁର—ସ. ବ.—୧ । ଠାକୁର; ଦେବତା ପ୍ରତିମା—
Ṭhakkura 1. Image of a Deity.
୨ । ଗଣ୍ୟମାନ୍ୟ ବ୍ୟକ୍ତି—
2. A man of rank (M. W.)
୩ । ଦେବ—3. Deity. (M. W.)

ଠଗ—ଦେ. ବ. ଓ ବଣ.—ଠକ (ଦେଖ)
Ṭhaga Ṭhaka (See)

ଠଗାମି—ଦେ. ବ.—ଠକାଇ (ଦେଖ)
Ṭhagāmi Ṭhakāi (See)

ଠଗି—ଦେ. ବଣ.—୧ । ନରହନ୍ତା ଦସ୍ୟୁ ସମ୍ବନ୍ଧୀୟ ବା ଠଗ ସମ୍ବନ୍ଧୀୟ—
Ṭhagi 1. Pertaining to the 'Thugs'.
ठगी ୨ । ଠଗ ଦମନ ସମ୍ବନ୍ଧୀୟ—
ठगी 2. Pertaining to the prevention of the depredations formerly committed by the Ṭhugs of India.

ଠଗିବା—ପ୍ରାଦେ. (ସମ୍ବଲପୁର) କ୍ରି.—(ଭୁଲ. ହ୍ର. ଠଗ୍‌ନା)—ଠକିବା; ଭଣ୍ଡିବା—To cheat; to deceive.
Ṭhagibā

ଠଙ୍ଗ—ପ୍ରାଦେ.—(ସମ୍ବଲପୁର) ବ.—ମୂଲ୍ୟ; ଦାମ—
Ṭhang Price.
ସରଣଥ ମାଲର ଠଙ୍ଗ୍ ନାହିଁ । ଠଗ ।
ଅ.—(ଧ୍ୱନ୍ୟନୁକରଣ)—ଖଣ୍ଡା ଆଦିରେ କୌଣସି ପଦାର୍ଥକୁ ଜୋରରେ ହଠାତ୍ କାଟି ଦେବା ପ୍ରକାରେ—
Swiftly or suddenly (to cut asunder the head with a sharp weapon); swiftly and with a thud.
(ଯଥା—ମୁଣ୍ଡଟା ଠଙ୍ଗ୍ କରି ହାଣି ଦେଲରେ) ।

ଠ ଠା ଠି—ଦେ. ବ.—ଅତ୍ୟନ୍ତ ସ୍ୱଳ୍ପ ବା ଦରିଦ୍ର ଅବସ୍ଥା; ଅଭାବ; ଅର୍ଥାଭାବ—Utter want; destitution; extreme poverty.
Ṭha ṭhā ṭhi

ଠଣ୍—ଦେ. ଅ.—(ଧ୍ୱନ୍ୟନୁକରଣ)—ଠଣ୍ ଠଣ୍ (ଦେଖ)
Ṭhaṇ Ṭhaṇ ṭhaṇ (See)

ଠଣ୍ ଠଣ୍—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଧାତୁମୟ ପଦାର୍ଥର ପରସ୍ପର ଅଘାତଜନିତ ଶବ୍ଦ; ଟଙ୍କା ଗଣିବାର ଶବ୍ଦ; ଘଣ୍ଟି ଶବ୍ଦ—
Ṭhaṇ ṭhaṇ
ठंठन 1. Clanging sound; ding; clang.
ठनाक्, ठनठन ୨ । ଫୋପ ପାତ୍ରର ଶବ୍ଦ—
2. Sound of a hollow vessel; hollow sound.
ବଣ—୧ । ଅପର୍ଯ୍ୟାପ୍ତ; ନଗଦ (ଧନ)—
1. Plentiful (cash).
(ଯଥା—ତା ପାଖରେ ଟଙ୍କା ଠଣ୍‌ଠଣ୍ ହେଉଛି ।)
୨ । ଅତି ଅଭାବଗ୍ରସ୍ତ ବା ଦରିଦ୍ର (ବ୍ୟକ୍ତି)—
2. Very needy; indigent (person).
(ଯଥା—ମୁଁ ଏବେ ଠଣ୍‌ଠଣ୍ ମଦନ ଗୋପାଳ ।)
ଦେ. କ୍ରି. ବଣ—ନଗଦ—In cash.
(ଯଥା—ସେ ଟ ୩୦୦୦ ଠଣ୍‌ଠଣ୍ କରି ଗଣି ଦେଲା ।)

ଠଣ୍‌ଠଣ୍ ମଦନଗୋପାଳ—ଦେ. ବ—କପର୍ଦ୍ଦକ ଶୂନ୍ୟ ବ୍ୟକ୍ତି—
Ṭhaṇ-ṭhaṇ madanagopāḷa A penniless person.

ଠଣା—ଦେ. ବ. (ସ୍ଥା ଧାତୁ)—୧ । ଅଙ୍ଗର ଶୋଭା—
Ṭhaṇā 1. Symmetry; bodily grace.
ठौल
डौल
ଠଣ ସୁନ୍ଦର ଶିଖେମନି, ଠିକେ କମଳା ଧାର ଫଣୀ ।
କମଳଲୋଚନ. ଚଉତିଶା ।
୨ । ଠାଣି—2. Pose of the body.
୩ । ସୌନ୍ଦର୍ଯ୍ୟ—3. Grace; beauty,
୪ । ଅଙ୍ଗର ଗଠନ—4. Cut of the body.
କୋଇଲ । ଠଣ ଯେ ସୁନ୍ଦର କେଳ ପୋଏ । କଳପତ୍ର ଦାସ. କୋଇଲି ।
ବଣ—ସୁନ୍ଦର—Graceful.
ଠଣ କନ୍ଦ ମୁହଁରେ, ଠରିବ କେହୁରେ ।
କବିସୂର୍ଯ୍ୟ. ବଳାକରଚନ୍ଦ୍ର, ଠ ଗୀତ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଅ	ଉଅ	ଣ୍ଡ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାରଂ ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ	ନ୍ତ

ଠଣରଣ—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭhaṇaraṇa କଙ୍କିଣି, ଘଣ୍ଟି ଆଦି ବାଜିବାର ଶବ୍ଦ—
Tinkling sound.
କଟୁ କଙ୍କିଣୀ, ଘଣ୍ଟି ଠଣରଣ କଙ୍କଣ ଝଙ୍କ ବାଜେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଠଣା—ଦେ. ବି. (ସଂ. ସ୍ଥାନ; ତୁଲ. ପ୍ରା. ଠାଣ)—
Ṭhaṇā ୧ । କାନ୍ଥଭୁରୀ—1. Niche.
କୁଲୁଙ୍ଗୀ ଠଣାରେ ମୂର୍ତ୍ତି ରଖି ଦେଇଥିଲା ।
ताका ଫକୀରମୋହନ. ଛମାଣ ଆଠଗୁଣ୍ଠ ।
୨ । ନିର୍ଦ୍ଦିଷ୍ଟ ସ୍ଥାନ—
2. Seat; appropriate place.
ଠୋନା ୩ । ବକାଙ୍ଗୁଳିର ଗଣ୍ଠି ଦ୍ୱାରା ମସ୍ତକର ଖପୁରିରେ ଆଘାତ—
ठोंग, ठूगा 3. A blow on the skull with the knuckles.
ଠଣା ଠୁଙ୍କି ଚାପଡ଼ାସ, ମୁଣ୍ଡେ ମନମଥ ପାଶ
ବନ୍ଧନ କର ତୁ ମୋତେ ମୋ ଚିତ୍ତରେ । କବିସୂର୍ଯ୍ୟ. ବଳୋଗିବଂଶ. ଠ ଗୀତ ।
ଠୌ ୪ । ଠାବ; ସ୍ଥାନ; ଅବସ୍ଥିତି; ବାସସ୍ଥଳ—
ठहर 3. Residence; habitat.
୬ । ଶିବିର; ଛାଉଣି—6. Encampment (Beams).
୭ । ପହରା; ଜଗିବା—7. Watching; guarding.
ରାମ ଅଙ୍କ ପାଇଣ କପି ରାଜନ, କପି ସେଠି ଠାବେ ଠାବେ ଠଣା ଦେଲେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଠଣା ଠୁଙ୍କିବା—ଦେ. କ୍ରି—୧ । ଅଙ୍ଗୁଳିର ଗଣ୍ଠି ଦ୍ୱାରା ଅନ୍ୟର ମୁଣ୍ଡର
Ṭhaṇā ṭhuṅkibā ଖପୁରିରେ ଆଘାତ କରିବା—
ଠୋନାମାରା 1. To strike on the skull with
धौलमारना the kunckles.
ଠଣାଦେବା } ଅନ୍ୟରୂପ ଠଣା ଠୁଙ୍କି ଚାପ ଡ଼ାସ ମୁଣ୍ଡେ ମନମଥ ପାଶ
ଠଣାମାରିବା } ବନ୍ଧନ କର ତୁ ମୋତେ ମୋ ଚିତ୍ତରେ ।
କବିସୂର୍ଯ୍ୟ. ବଳୋଗିବଂଶ. ଠ ଗୀତ ।
୨ । (ଲକ୍ଷଣାର୍ଥ) ଆଘାତ କରିବା—
2. (figurative) To strike.
୩ । (ଲକ୍ଷଣାର୍ଥ) ବଳପୂର୍ବକ ଦୂର କରିବା—
3. (figurative) To remove with force.

ଠଣ୍ଠଣ—ଦେ. (ଧ୍ୱନ୍ୟନୁକରଣ) ଅ—
Ṭhanṭhaṇa ୧ । ଖାଲି କାଂସ୍ୟ ପାତ୍ରାଦିରେ ଆଘାତଜନିତ ଶବ୍ଦ—
ठँठन 1. Clanging or ringing sound produced
ठनठन by striking an empty metal vessel.
(ଠଣ୍ଠନ—ଅନ୍ୟରୂପ) ୨ । ଠଣଠଣ (ଦେଖ)
2. Ṭhaṇaṭhaṇa (See)

ଠନ୍କି—ପ୍ରାଦେ (ସମ୍ବଲପୁର) ବି—ପ୍ରସ୍ରାବପୋଡ଼ା ରୋଗ—
Than-ki Painful urination.

ଠନୁ—ପ୍ରାଦେ (ସମ୍ବଲପୁର) ଅ—୧ । (ଅମୁକ) ସ୍ଥାନରୁ—
Ṭhanu 1. From a place.
୨ । ଠାରୁ—2. From.
(ଯଥା—ଅଇଠନୁ—ଅଇଠାରୁ ।)

ଠବର୍ତ୍ତୁଳ—ଦେ. ବିଣ—ଠ ପରି ଗୋଲାକାର; ସମ୍ପୂର୍ଣ୍ଣ ଗୋଲ—
Ṭhabarttuḷa Completely circular; all round.
ଠିକ ଠବର୍ତ୍ତୁଳ ଚନ୍ଦ୍ରାନନା ଗୋ ଚିତ୍ତରେ ।
କବିସୂର୍ଯ୍ୟ, ବଳୋଗିବଂଶ. ଠ ଗୀତ ।

ଠମକ—ଦେ. ବି (ସ୍ତନଭ୍ ଧାତୁ; ସଂ ଧାମ)—
Ṭhamaka ୧ । ହାବଭାବ ସହିତ ଗଢଭଙ୍ଗି; ଛଇ—
ठमक 1. Coquetry.
ठमक ୨ । ନୃତ୍ୟଭଙ୍ଗିରେ ଚାଲିବା—
2. Affected gait.
୩ । ଆଡ଼ମ୍ବର—3. Parade; pomp; show.

ଠରକା(କେ)ଇବା—ଦେ. କ୍ରି—ଟରକାଇବା (ଦେଖ)
Ṭhar-kā(ke)ibā Ṭarakāibā (See).

ଠରକିବା—ଦେ. କ୍ରି—ଠିରିକିଯିବା (ଦେଖ)
Ṭharakibā Ṭhirikijibā (See).
(ଠରକି ଯିବା—ଅନ୍ୟରୂପ)

ଠରା—ଦେ. ବି (ସ୍ଥା, ସ୍ଥ ଧାତୁ—ଅଚ୍ଛାଦନେ)—
Ṭharā ନେତ୍ରହସ୍ତାଦି ସଙ୍କେତ ଦ୍ୱାରା ମନୋଭାବର
ठारा ଅଭିବ୍ୟକ୍ତି; ଇଙ୍ଗିତ; ଇସାରା—
सैन Ogling; making signals with the eyes, head and hands.

ଠରାଠରି—ଦେ. ବି—ପରସ୍ପର ସଙ୍କେତ ଦ୍ୱାରା ମନୋଗତ ଭାବର
Ṭharāṭhari ଆଦାନପ୍ରଦାନ; ଠାରଠୁର—
ठारठोर Mutual exchange of significant glances and signs: reciprocal nodding and gestures.
ଆମ୍ଭଙ୍କୁ କ କହୁଣ ଠରାଠରି ହୋଇଣ ଅଗମ୍ୟ ବନରେ ପଶିଲେ ଗୋ ।
ବିଶ୍ୱନାଥ. ବିଚିତ୍ର ରାମାୟଣ ।
(ଠରାଠୁରି—ଅନ୍ୟରୂପ) ବିଣ—ପରସ୍ପର ମଧ୍ୟରେ ଠାର ଦ୍ୱାରା
ମନୋଗତଭାବ ପ୍ରକାଶ କରୁଥିବା (ବ୍ୟକ୍ତିଗଣ)—
Exchanging thoughts with each other by glances and signs.

ଠସ—ଦେ. ବି (ସଂ. ସ୍ଥାସକ—ଜଳବୁଦ୍ବୁଦ)—
Ṭhasa ୧ । (ବଣିଆ ଶବ୍ଦ) ଲୁହା ତମ୍ବା କଂସାର ଏକପ୍ରକାର ଛାଞ୍ଚ—
ठासा 1. A die; a mould.
ठसा [ଦ୍ର—ଏହା ଉପରେ ସୁନା ବା ରୁପାର ପାତିଆ ରଖି ପିଟିଲେ ଛାଞ୍ଚର ଆକାର ଅନୁରୂପ ପାତିଆର ଆକାର ହୋଇଯାଏ ।]
୨ । ଠସକ (ଦେଖ)—2. Ṭhasaka (See).

ଠସକ—ଦେ. ବି (ସଂ. ଶ୍ଲେ ଧାତୁ=ଶବ୍ଦ)—୧ । ଥଟ୍ଟା; ଠାପସା—
Ṭhasaka 1. Jesting; joke.
ठटा ୨ । ପରିହାସ—2. Fun; sport;
ठसक ୩ । ଉପହାସ—Taunting; gibe.

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ ବିଶିଷ୍ଟ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବିଣ—୧ । ପରିହାସଯୁକ୍ତ (କଥା)—. 1. Uttered in jest; jocular.

୨ । ମିଥ୍ୟା—2. False,

ଠସକା—ଦେ. ବିଣ—୧ । ମସକା; ଭଙ୍ଗୁର—
Ṭhasakā 1. Brittle; fragile; frangible.
ठेनको ୨ । ଫୁଲୁକା ଏବଂ ମସକା—
खसता 2. Swollen and fragile.

ଠସକାଇ—ଦେ. ବି—ଅଶକ୍ତତା; ଅସମର୍ଥତା—
Ṭhasakāi Inability; unfitness.

ଠସଲି—ଦେ. ବି ଓ ବିଣ—ଠସକ (ଦେଖ)
Ṭhasali Ṭhasaka (See).

ଠସା—ଦେ. ବି—ଠସ (ଦେଖ)
Ṭhasā Ṭhasa (See).
ବି. ଓ ବିଣ—ଠସକ (ଦେଖ) Ṭhasaka (See)

ଠହର—ପ୍ରାଦେ (ସମ୍ବଲପୁର) ବିଣ (ସଂ. ସ୍ଥିର; ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ)—ସ୍ଥିର—
Ṭhahara Settled.

ଠହରାଏବା—ପ୍ରାଦେ (ସମ୍ବଲପୁର) କ୍ରି—
Ṭhaharāebā ଠଉରାଇବା (ଦେଖ) Ṭhaurāibā (See)

ଠହରିବା—ପ୍ରାଦେ (ସମ୍ବଲପୁର) କ୍ରି (ହି ଠହର୍‌ନା)—
Ṭhaharibā ଅପେକ୍ଷା କରିବା; ସମ୍ଭାଳିବା— 1. To wait.
୨ । ଠଉରିବା (ଦେଖ)—2. Ṭhauribā (See).

ଠା (ଇତ୍ୟାଦି)—ଦେ. ବି ଓ ଅ—ଠାଅ ଇତ୍ୟାଦି (ଦେଖ)
Ṭhā (etc) Ṭhā-ā etc (See).

ଅଠଠା ବନ୍ଧ ହୋଇ ଜନ୍ମ ଭୁ ବୋଇଲେ ।
କୃଷ୍ଣସିଂହ ମହାଭାରତ ବନ।

ଠାଅ—ଦେ. ବି (ସଂ. ସ୍ଥାନ ପ୍ରା. ଠା, ଠାଅଁ, ଠାଣ)—୧ । ସ୍ଥାନ—
Ṭhā-ā 1. Place; locality.
ठा, ठाइ ୨ । ଜାଗା ; ବ୍ୟବଧାନ—2. Space.
ठा, ठाँव ୩ । ଭୋଜନସ୍ଥଳ— 3. The place prepared for taking meals on it.
୪ । (ରାଜା ଆଦିଙ୍କ) ଭୋଜନ— 4. Meals; taking food (of Rājās).
୫ । ଭୋଜନ ସ୍ଥାନରେ ଭୋଜନ ପାତ୍ର ରଖାଯିବା ପୂର୍ବରୁ ଭୂମିରେ ମୁରୁଜ ଦ୍ୱାରା ଲେଖାଯିବା ଚିହ୍ନ— 5. Figures drawn over tho place where plates for a meal are kept.
୬ । ଭୋଜନ ନିମନ୍ତେ ସ୍ଥାନ ଓ ଆସନ ଆଦି ପ୍ରସ୍ତୁତ କରିବା— 6. Preparation for taking meal.

[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗରେ (ଯଥା—ଏ, ଏହି, ସେ, ସେହି, ତା, ତାହା, ମୋ, ତୁମ୍ଭ) ବ୍ୟବହୃତ ହେଲେ ୧—ସ୍ଥାନ, ୨—ପାଖ, ୩—ସମ୍ପର୍କ ଅର୍ଥ ବୁଝାଏ ।]
ଦେ. ଅ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—(ଅମୁକ) ସ୍ଥାନର— Of such or such place.

ଠାଅଁ (ଇତ୍ୟାଦି)— ଦେ. ବି— ଠାଅ (ଇତ୍ୟାଦି) (ଦେଖ)
Ṭhā-āṅ (etc) Ṭhā-a etc. (See)

ଠାଅ କରିବା—ଦେ. କ୍ରି—(ସଂ. ସ୍ଥାନ, ପ୍ରା. ଠାଣ)— ୧ । ଭୋଜନ
Ṭhā-karibā ପାଇଁ ସ୍ଥାନ ପ୍ରସ୍ତୁତ କରିବା—1. To make
ठाइँ करा a place ready for dining.
[ଦ୍ର—ଭୋଜନ ସ୍ଥାନକୁ ଓଳାଇ, ପାଣି ଛିଞ୍ଚି, ପୀଢ଼ା ବା ଆସନ ପକାଇ, ଭୋଜନ ପତ୍ର ବା ପାତ୍ର ପଡ଼ିବା ସ୍ଥାନରେ ମୁରୁଜ ଦ୍ୱାରା ଚିତ୍ର କାଟିବାକୁ କୁହେ; ପୀଢ଼ା ଉପରେ ଭୋଜନ କରିବା ବ୍ୟକ୍ତି ବସନ୍ତି ଓ ମୁରୁଜ ଦିଆଯାଇ ଥିବା ସ୍ଥାନରେ ପାତ୍ର ବା ପତ୍ର ରଖାଯାଇ ତହିଁରେ ଖାଦ୍ୟାଦି ବଢ଼ାଯାଇ ଖିଆଯାଏ ।]
୨ । (ରାଜା ଆଦି) ଭୋଜନରେ ବସିବା— 2. To dine; to take one's meal.

ଠାଅକୁ ଠାଅ—ଦେ. ଅ.—ସ୍ଥାନକୁ ସ୍ଥାନ; ଏକ ସ୍ଥାନ ପରେ ଅନ୍ୟ
Ṭhā-āku ṭhā-ā ସ୍ଥାନରେ; ବହୁ ସ୍ଥାନରେ—In places;
ठाय ठाय place after place; in many
जगह जगह places.
(ଠାଅକୁ ଠା—ଅନ୍ୟରୂପ)

ଠାଅ ଠାଅ—ଦେ. ଅ.—୧ । ଭିନ୍ନ ଭିନ୍ନ ସ୍ଥାନରେ—
Ṭhā-ā ṭhā-ā 1. Separately.
ठाइँ ठाइँ ୨ । ଅନେକ ସ୍ଥାନରେ—
जगह जगह 2. At many places.

ଠାଅ ଠାଅକେ—ଦେ. ଅ.—ଠାଅକୁ ଠାଅ (ଦେଖ)
Ṭhā-ā ṭhā-āke Ṭhā-āku ṭhā-ā (See)

ଠାଅ ଠିକଣା—ଦେ. ବି—୧ । ସୁବ୍ୟବସ୍ଥା—
Ṭhā-ā ṭhikaṇā 1. Good arrangement.
ठिकठिकाना ୨ । ସ୍ଥିରତା—2. Certainty.
ठिकाना

ଠାଅ ପୀଢ଼ା—ଦେ. ବି (ସଂ. ସ୍ଥାନ ଓ ପୀଠ)—୧ । ଭୋଜନ ସ୍ଥାନରେ
Ṭhā-ā pīṛhā ମୁରୁଜ ଦେଇ ଓ ପୀଢ଼ା ପକାଇ ଭୋଜନସ୍ଥାନ ପ୍ରସ୍ତୁତ କରିବା—1. Setting the place for meal in order; making a place ready for occupation of the diner.

ଠାଅ ପୀଢ଼ା କରି କୃଷ୍ଣଙ୍କୁ ନେଇ ଗଲେ,
ଚତୁର୍ଦ୍ଦିଗରେ ସର୍ବ ବଡ଼ାବଡ଼ି କଲେ ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

୨ । ଭୋଜନକ୍ରିୟା—2. The act of eating.

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଉ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଓ	ନ୍ନ

ଠାଅବଢ଼ା—ଦେ. ବ (ସହରର ଶବ୍ଦ)—ଭୋଜନ ସ୍ଥାନରେ ଜଣକପାଇଁ
Ṭhā-ā-bardhā ସଜ୍ଜିତ ଭୋଜନ ଦ୍ରବ୍ୟ—Meal set for one person.

ଏ ରୂପେ ଠାଅବଢ଼ା ହୋଇଛ ପାଶେ।—କୃଷ୍ଣସିଂହ, ମହାଭାରତ, ଆଦି।

ଠାଅ ବଢ଼ା(ଢ଼େ)ଇବା—ଦେ. କି (ରାଜାମାନଙ୍କ ପ୍ରତି ପ୍ରଯୁଜ୍ୟ)—
Ṭhā-ā bardhā(rdhe)ibā ଭୋଜନ କିମ୍ବା ପରିସମାପ୍ତ କରିବା—To finish meal.

ଠାଅ ବଢ଼ିବା—ଦେ. ବ (ରାଜାମାନଙ୍କ ପ୍ରତି ପ୍ରଯୁଜ୍ୟ)—ଭୋଜନର
Ṭhā-ā bardhibā ସମାପ୍ତି—Finish of one's meal.
(ଯଥା—ରାତ୍ରି ୧୧ଟା ବେଳେ ପ୍ରଭୁଙ୍କର ଠାଅ ବଢ଼େ।)

ଠାଅ ସଜ—ଦେ. ବ—ଭୋଜନ ପାତ୍ରାଦି; ଏକ ସାଜ ଭୋଜନ ପାତ୍ର—
Ṭhā-ā saja Dinner-set; a full set of plates and cups etc. for dinner.

ଠାଇଁ—ଦେ. ବ (ସଂ. ସ୍ଥାନ)—୧। ସ୍ଥାନ—1. Place.
Ṭhāiñ ୨। ଦିଗ—2. Direction.
ठाईं ଏବେ ଥାଇଁଅଛନ୍ତି କୋଉରେ ମୋ ଠାଇଁ କି—
ठायँ କୃଷ୍ଣସିଂହ, ମହାଭାରତ, ବନ।
୩। ଶୂଦ୍ର ସମାଜରେ ବିଧବାର ଦ୍ୱିତୀୟ ବିବାହ; ଅଥଥୋଇ
ସାଙ୍ଗା ଭୁଞ୍ଜିବ ଦେବା ପ୍ରଥା—3. The custom of
सगाई widow-marriage among the Sūdras.
୪। ଆଶ୍ରୟ—4. Shelter.
ठाईं ପାଇ ଅବଗିଲା ଠାଇଁ ତୋ ବକ୍ଷେ—
ठायँ ଜନକଶୋଭ, କୃଷ୍ଣଭୂମାସ।
ठाईं ଅ (ସଂ. ସ୍ଥାନେ) ଠାରେ—In, it.
से ତୃଷ୍ଣା କହୁଲେ ସେ ବନ୍ଧୁଙ୍କ ଠାଇଁ—ପ୍ରାଚୀ, ପରବେଗୀତା।

ଠାଇଁଆଁ (ଇତ୍ୟାଦି)—ଦେ. ବ. ପୁଂ—ଠାୟାଁ ଇତ୍ୟାଦି (ଦେଖ)
Ṭhāiñāñ (etc) Ṭhāyāñ etc (See)
(ଠାଇଁଅଣୀ—ସ୍ତ୍ରୀ)

ଠାଇ କରି—ଦେ. କି. ବଣ—ଠୋ କରି; ସଶବ୍ଦ ଓ ଜୋର୍ କରି
Ṭhāi kari (ଚଟକଣା ମାରିବା ବା ଅଘାତ କରିବା)—
ठाईकरे Producing a clapping sound.
ठायँकर (ଯଥା—ସେ ମୋତେ ଠାଇ କରି ଗୋଟାଏ ଚଟକଣା
(ଠାଇକନା, ଠାଇକକ, ଠାଇଦସ୍—ଅନ୍ୟରୂପ) ମାଇଲା ।)

ଠାଇଠାଇ—ଦେ. କି. ବଣ (ବହୁବାର)—୧। ଗାଲରେ ଜୋରରେ
Ṭhāi-ṭhāi ଉପର୍ଯୁ୍ୟପରି ଚାପୁଡ଼ା ମାରିବା ପ୍ରକାରେ—
ठाईठाई 1. (to deal slaps) With repeated
ठायँठायँ clapping sounds.
(ଯଥା—ସେ ମତେ ଠାଇଠାଇ ପୁଞ୍ଜାଏ ଚାପୁଡ଼ା ମାଇଲା ।)
୨। ଶୀତରେ ଦେହ ବିଶେଷ କମ୍ପିବା ପ୍ରକାରେ—
2. With a shiver (through cold).

ଠାଉଆ—ଦେ. ବ—ଯେଉଁ ଚୋର ପୂର୍ବରୁ କୌଣସି ବସ୍ତୁ ଠାବ କରି
Ṭhāuā ବା ଭୁଣ୍ଡି ପରେ ଚୋରି କରେ—A thief who
(ଠାଉଆ ଚୋର—ଅନ୍ୟରୂପ) steals after reconnoitre or preliminary survey.

ଠାଉକା—ଦେ. ବ—୧। ଚୋର; ଯେଉଁ ଚୋର ଘର ଘରୁ ଛୋଟ ଛୋଟ
Ṭhāukā ବା ଅଳ୍ପ ମୂଲ୍ୟର ଜିନିଷ ଗୃହସ୍ୱାମୀର ଅସାବଧାନତା
(ଠାଉକିଆ—ଅନ୍ୟରୂପ) ସମୟରେ ଚୋରି କରି ନିଏ—
चाई 1. Petty thief; pilferer.
୨। ଠାଉଆ (ଦେଖ)—Ṭhāuā (See)

ଠାଉରିଆ—ଦେ. ବ—ଠାଉଆ (ଦେଖ) .
Ṭhāuriā Ṭhāuā (See)

ଠାଏ—ଦେ. ଅ—୧। (ଅମୁକ) ସ୍ଥାନରେ—
Ṭhāe 1. At (a place); in.
ठाये ଏଣୁ ପରମ ଅସ୍ଥା ପ୍ରାୟେ, ଉଦାସୀ ମନେ ସଙ୍ଗ ଠାଏ—
मैं ଜଗନ୍ନାଥ, ଭାଗବତ।
୨। ଏକ ସ୍ଥାନରେ—
2. At one place, at a certain place.
ଏକଠା ହୋଇଣ ବସିଲେ ଠାଏ ଅସି—କୃଷ୍ଣସିଂହ, ମହାଭାରତ, ବନ।
୩। (ଅମୁକ) ସ୍ଥାନକୁ—3. To (a place).
କେଶିଧ୍ୱଜରଠାରୁ ଭୟେ, ପଳାଇ ଗଲା ଅନ ଠାଏ—
ଜଗନ୍ନାଥ, ଭାଗବତ।
୪। (୭ମୀ ବିଭକ୍ତି ପ୍ରତ୍ୟୟ) ଠାରେ—
4. (a suffix donoting) In; at.

ଠାଏଁ—ଦେ. ଅ—ଠାଏ (ଦେଖ) .
Ṭhāeñ Ṭhāe (See)

ଠାଏଁ ଠାଏଁ—ଦେ. କି. ବଣ—୧। ସ୍ଥାନେ ସ୍ଥାନେ; ଭିନ୍ନ ଭିନ୍ନ
Ṭhāeñ ṭhāeñ ସ୍ଥାନରେ—At different places.
ଗୁହାର ଶୁଣନ୍ତି ସେ ଠାଏଁ, ପଚ୍ଛ ଚରଣ ଅଗ ନୋହେ—
ଭୁପତି, ପ୍ରେମପଞ୍ଚାମୃତ।
୨। କେତେକ ସ୍ଥାନରେ—2. At some places.
(ଠାଏଁ ଠାଏଁକେ—ଅନ୍ୟରୂପ) ୩। ଅନେକ ସ୍ଥାନରେ—
3. At many places.

ଠାଏ ଠାଏ—ଦେ. କି. ବଣ—ଠାଏଁ ଠାଏଁ (ଦେଖ)
Ṭhāe ṭhāe Ṭhāeñ ṭhāeñ (See)

ଠାଁ—ପ୍ରାଦେ. (ଗଡ଼ଜାତ) ବ (ସଂ. ସ୍ଥାନ)—ରାଜାଙ୍କ ଭୋଜନ ପାଇଁ
Ṭhāñ ସଜ୍ଜିତ ସାମଗ୍ରୀସମୂହ—
Articles of food set for a Rājā.

ଠାଁ ଜ(ଜା)ଗା—ଦେ. ବ—ଖାଇବାର ସ୍ଥାନ—
Ṭhāñ ja(jā)gā The place where one takes his meal.
ପ୍ରମଦନ୍ତ ବାବୁ ଖବର ପାଇ ଠାଁଜାଗାରୁ ଉଠି ଲଣ୍ଡଭଣ୍ଡ ହୋଇ
ଧାଇଁଛନ୍ତି—ଫକୀରମୋହନ, ଗଳ୍ପସ୍ୱଳ୍ପ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'ବୃଥ' ନ ମିଳିଲେ 'ବଥ' ଦେଖିବେ; 'ବଧୂଁ'କି ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧୋ'କୁ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ ।

ଠାଁସିବା—ଦେ. କ୍ରି—ଠାସିବା (ଦେଖ)
Thāṅsibā — Thāsibā (See)

ଠାକର—ଦେ. ବି—୧ । ବାଣବିଶେଷ; ଭୂମିବାଣ (ବାଠଗଡ଼ରେ ଗର୍ତ୍ତ କରି ତହିଁରେ ବାରୁଦ ପୂରାଇ ଭରା ଦେବା ବାଣ)—
Thākarā
ଠିକରା
ଠିକରା
1. A kind of fire-work made by ramming powder into a hole made in a trunk or log of wood.
୨ । ଦେଉଳ ବା କୋଠାର ଶିଖ ଉପରେ ସର୍ବ ଶେଷରେ ଯେଉଁ ପଥର ବା ଠିକିଲି ଖଣ୍ଡ ପକାଇ ଶିଖ ମୁଦା ଯାଏ—
2. The last stone or tile set at the apex of a spire, temple, dome or building.
୩ । ଢେଲୁଅ; ଢିମା; ଢେଲା—
3. Big clod of earth; shard.
୪ । ଠାକର; ଠଣା; ଅଙ୍ଗୁଠିର ଗଣ୍ଠି ଦ୍ୱାରା ମୁଣ୍ଡରେ ଆଘାତ—
4. A rap on the head with the knuckle.
୫ । ଖପରା—5. Potsherd.

ଦେ. ବିଣ—୧ । (ସ. ଶୁଷ୍କ) ଶୁଷ୍କ—
1. Dried up; having no moisture.
ଠିକରା
ଠୋଠରା, ଠୌଁଠ
୨ । ନିର୍ଜଳ—2. Waterless.
୩ । ନୀରସ; ରସଶୂନ୍ୟ—2. Sapless; juiceless.
ଓଠଅ ଗଲେଣି ମୋ ଶୁଖି
ଚକ୍ଷୁର ପକ୍ଷ୍ମ ଠାକର ହୋଇ—ଦେ ।
୪ । ଫୋଲା; ଶୂନ୍ୟଗର୍ଭ—4. Empty,

ଠାକର ବସା(ସେ)ଇବା—ଦେ. କ୍ରି—୧ । ଯେଉଁଠାରେ ଚୁଲି ନ ଥାଏ ସେହିଠାରେ ରାନ୍ଧି ଖଇବା ନିମନ୍ତେ ତିନିଖଣ୍ଡ ଢେଲା ରଖି ଦେଇ ତା ଉପରେ ହାଣ୍ଡି ବସାଇ ସେଥିରେ ରନ୍ଧିବା—1. To cook by provisionally setting up an oven on three clods of earth or stone.
Thākarā basā(se)ibā
୨ । ଖାଦ୍ୟାଦ ରାନ୍ଧିବା—2. To cook one's food.
(ଠାକର ବସିବା—ଅ)

ଠାକିବା—ଦେ. କ୍ରି. (ସ୍ଥା ଧାତୁ; ତୁଳ. ହିଂ. ଟିକ୍, ଟେକ୍)—
Thākibā
ଟିକା; ତିଷ୍ଟା
ଟିକନା
୧ । ସ୍ଥିର ହେବା—1. To be satationary; to have a firm footing.
(ଯଥା—ପିଠିରେ ମୋ ଗୋଡ଼ ଠାକୁ ନାହିଁ ।)
୨ । ବଞ୍ଚିବା; ଜୀବନରେ ରହିବା—
2. To live; to be alive,
(ଯଥା—ଏ ବର୍ଷ ଏପରି ଶୀତ ହେଲେ ବୁଢ଼ାର ଠାକିବା କଷ୍ଟ)
୩ । ଥାକିବା; ଅବସ୍ଥାନ କରିବା—3. To stay.
୪ । କୌଣସି ସ୍ଥାନରେ ସ୍ଥିରଭାବରେ ଲଗିରହିବା—
4. To stick to a place.

ଠାକୁ—ଦେ. ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—
Thāku
ଠାଁଇଏ, ଥାଯ
କୋ
୧ । (ଅମୁକ ବ୍ୟକ୍ତି ବା ସ୍ଥାନର) ନିକଟକୁ—
1. Near; to (such a person or place).
ଯାଅ ହେ ଏବେ ତୁମ୍ଭେ ଦମୟନ୍ତୀ ଠାକୁ ।
କୃଷ୍ଣସିଂହ; ମହାଭାରତ, ବନ ।
୨ । (ଅମୁକ) ସ୍ଥାନକୁ—2. To (such a place).
କେଉଁ ଠାକୁ ଗଲେ ସେ ବଳ ମହାରଥି । କୃଷ୍ଣସିଂହ, ମହାଭାରତ, ଅଦି ।

ଠାକୁଠା—ଦେ. କ୍ରି. ବିଣ—ଠାଅକୁ ଠାଅ (ଦେଖ)
Thāku-thā — Thā-āku thā-ā (See)

ଠାକୁ ଠାକୁ ହେବା—ଦେ. କ୍ରି—ଭୋକରେ ବା ମୁମୂର୍ଷୁ ଅବସ୍ଥାରେ ପାଟିକୁ ଠାକୁ ଠାକୁ କରିବା, ପାଟୁପାଟୁ ହେବା—To repeatedly open and shut the mouth in the throes of hunger or death.
Thāku thāku hebā

ଠାକୁ ଯିବା—ଦେ. କ୍ରି—ଭୋଜନ କରିବାକୁ ଯିବା—
Thāku jibā — To go to take one's meal.
(ଠାଅକୁ ଯିବା—ଅନ୍ୟରୂପ)
ସପ୍ତମୀ ଦିନ ଏକବାର ଭାତ ବେଳକୁ ଠାକୁ ଯାଇଥିଲେ ।
ଫକୀରମୋହନ ଛମାଣ ଅଠଗୁଣ୍ଠ ।

ଠାକୁର—ଦେ. ବି. (ସ. ଠକ୍କୁର)—
Thākura
ଠାକୁର
ଡାକୁର
(ଠାକୁରାଣୀ—ସ୍ତ୍ରୀ)
୧ । ଦେବ; ମହାପ୍ରଭୁ—
1. Deity; God; the Lord.
ଠାକୁର ଠାକୁରାଣୀଙ୍କ ପଦାମ୍ବୁଜ ଧ୍ୟାନରତ ।
ବଦ୍ୟଶ୍ୟ ଦୋଷୋଦୟ ଠ ଗୀତ ।
୨ । ଦେବ ପ୍ରତିମା—2. Idol; image of a Deity.
୩ । ପ୍ରଭୁ; ସ୍ୱାମିନ—3. Lord; master,
୪ । ଶ୍ରେଷ୍ଠ ବା ମାନନୀୟ ବ୍ୟକ୍ତି—
4. Respected person; His Holiness.
(ଯଥା—ଠାକୁର ସ୍ୱଜା ।)
୫ । ଗୁରୁ ବ୍ୟକ୍ତି—5. One's elder.
ଆମସେକ ଠାକୁରଙ୍କ ଅଟେ ଏ ଆଦେଶ । ଭୀମଭୋଇ, ବୈଶୀଷ୍ଠହାର ।
୬ । ବ୍ରାହ୍ମଣଙ୍କୁ ସମ୍ବୋଧନ—
6. An address used to Brāhmana
୭ । ବଙ୍ଗୀୟ ବ୍ରାହ୍ମଣମାନଙ୍କ ବଂଶୋପାଧିବିଶେଷ—
7 A family-title of Brāhmaṇas in Bengal.
୮ । କ୍ଷତ୍ରିୟମାନଙ୍କ ବଂଶୋପାଧିବିଶେଷ—
8. A family-title amongst Kshatriyas.
୯ । ଭାରତର ପଶ୍ଚିମାଞ୍ଚଳରେ ଭଣ୍ଡାରୀମାନଙ୍କ ବଂଶୋପାଧିବିଶେଷ—9. A family-title of barbers in N. W. India.
୧୦ । ଗୁରୁଦେବ—10. Spiritual preceptor.

ପ୍ରାଦେ. (ସିଂହଭୂମ) ବି—ରାଜାମାନଙ୍କ ବଂଶୋପାଧି—
Family-title of Rajas in Singhbhum.

୧	ଢ଼	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଫ	ଉଅ	ଝ
୨	ଛ	ଉ	ରୁ	ଲୁ	ପ୍ତେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଈ	ନ

ଠାକୁର କୋଠି—ଦେ. ବ—ଠାକୁର ଘର (ଦେଖ)
Ṭhākura koṭhi — Ṭhākura ghara (See)

ଠାକୁର ଘର—ଦେ. ବ—ଦେବାଳୟ; ଦେବଙ୍କ ଘର; ଦେବମନ୍ଦିର—
Ṭhākura ghara — A temple; shrine; a house where mages of Deities are kept and worshipped.
ঠাকুরবাড়ী, ঠাকুরঘর
ठाकुरबाड़ी, ठाकुरद्वारा

ଠାକୁର ଦେବତା—ଦେ. ବ. (ଏକାର୍ଥବୋଧକ ସହଚର ଶବ୍ଦ; ସଂ. ଠକ୍କୁର+ଦେବତା)—
Ṭhākura debatā
ঠাকুর দেবতা
ଦେବଦେବୀ; ସବୁ ଦେବତା—Deities (in general).
(ଯଥା—ପିଲାଏ ଏବେ ଅଙ୍ଗ୍ରେଜୀ ପାଠ ପଢ଼ି ଆଉ ଆମ ଠାକୁର ଦେବତାଙ୍କୁ ମାନିଲେ ନାହିଁ ।)

ଠାକୁର ପୂଜା—ଦେ. ବ. (ସଂ. ଠକ୍କୁର+ପୂଜା)—
Ṭhākura pūjā — ୧ । ଦେବୋପାସନା—1. Prayer and devotional rites.
ঠাকুর পূজা
ठाकुरसेवा
୨ । ପ୍ରତିମା ପୂଜା—2. Image-worship.

ଠାକୁର ବାଡ଼ି—ଦେ. ବ—ଠାକୁର ଘର (ଦେଖ)
Ṭhākura bāṛdi — Ṭhākura ghara (See)

ଠାକୁର ବାପା—ଦେ. ବ. ପୁଂ—ପିତାମହ—
Ṭhākura bāpā — Paternal grandfather.
(ଠାକୁର ମା—ସ୍ତ୍ରୀ)
ঠাকুরদাদা दादा

ଠାକୁର ରଜା—ଦେ. ବ—ପୁରୀର ରାଜା—
Ṭhākura rajā — The name by which the Raja of Puri is generally styled.
[ଦ୍ର—ପୁରୀର ରାଜା ହିନ୍ଦୁ ଜାତିର ଉପାସ୍ୟ ଶ୍ରୀଶ୍ରୀ ଜଗନ୍ନାଥ ଦେବଙ୍କର ସେବାଏତ୍ ମାରଫତଦାର୍ ବୋଲି ହିନ୍ଦୁମାନେ ତାଙ୍କୁ ଠାକୁର ରଜା କହନ୍ତି ।]

ଠାକୁର ସେବା—ଦେ. ବ. (ସଂ. ଠକ୍କୁର+ସେବା)—
Ṭhākura sebā — ଠାକୁର ପୂଜା (ଦେଖ) — Ṭhākura pūjā (See)
ঠাকুর সেবা
ठाकुरसेवा

ଠାକୁରାଣୀ—ଦେ. ବ. ସ୍ତ୍ରୀ. (ଠାକୁରର ସ୍ତ୍ରୀଲିଙ୍ଗ)—
Ṭhākurāṇī — ୧ । ଦେବୀ—1. Goddess.
ঠাকুরাণী, ঠাকরন
ठकुराइन, ठकुरानी
ଠାକୁର ଠାକୁରାଣୀଙ୍କ ପଦାମ୍ବୁଜ ଧ୍ୟାନରତ ।
କବିସୂର୍ଯ୍ୟ, ଲୋକରଞ୍ଜନା, ୦ ଗୀତ ।
୨ । ରାଣୀ—2. Queen.
କାନ୍ତର ବଚନ ଜାଣି, ପଚାରନ୍ତି ଠାକୁରାଣୀ, ଦଶରଥ ଶ୍ରୀମୁଖ ଦରଶ ।
ବିଶ୍ୱନାଥ, ବିଚିତ୍ରରାମାୟଣ ।
୩ । ସ୍ୱାମିନୀ; ପ୍ରଭୁ ପତ୍ନୀ; ପ୍ରଭୁଙ୍କ ସ୍ତ୍ରୀ—3. Lady; mistress.
୪ । ଗୃହିଣୀ; ଗୃହକର୍ତ୍ତ୍ରୀ—4. Mistress of the house.
୫ । ଗୁରୁପତ୍ନୀ—5. Spiritual preceptor's wife.
୬ । ମହାଲକ୍ଷ୍ମୀ—6. The Goddess of fortune.
ବୋଲୁ ଠାକୁରାଣୀ ରକ୍ଷ ତୁଳ ଭଣି ଅଯୋଧ୍ୟାବର ସେ ।
ଉପେନ୍ଦ୍ର, ବୈଦେହୀଶବିଳାସ ।
୭ । ଦୁର୍ଗା; ପାର୍ବତୀ—7. Goddess Durgā.
୮ । ବସୁମାତା; ବସୁଧା ଦେବୀ—8. The Goddess of earth; earth personified.
୯ । ଗ୍ରାମ ଦେବତା—9. Village Goddess.
୧୦ । ଶୀତଳାଦେବୀ; ବସନ୍ତ ରୋଗ—10. Small pox; the Goddess of small pox.
୧୧ । ଗୋବସନ୍ତ—11. Cattle-pox.
୧୨ । କେନ୍ଦୁଝର ରାଜ୍ୟର ପର୍ବତବିଶେଷ—11. Name of a mountain in Keonjhar State.
[ଦ୍ର—ଏହାର ଉଚ୍ଚତା ୩୦୦୩ ଫୁଟ ।]

ଠାକୁରାଣୀ ଉଭାହେବା—ଦେ. କ୍ରି—ଠାକୁରାଣୀ ଲାଗିବା (ଦେଖ)
Ṭhākurāṇī ubhāhebā — Ṭhākurāṇī lāgibā (See).

ଠାକୁରାଣୀ ଓହ୍ଲା(ହ୍ଲେ)ଇବା—ଦେ. କ୍ରି—ଠାକୁରାଣୀ ଛାଡ଼ିବା (ଦେଖ)
Ṭhākurāṇī ohlā(hle)ibā — Ṭhākurāṇī chhārdibā (See).

ଠାକୁରାଣୀ ଗାଧୁଆ—ଦେ. ବ—୧ । ଠାକୁରାଣୀ ମାଜଣା (ଦେଖ)
Ṭhākurāṇī gādhuā — 1. Ṭhākurāṇī mājaṇā (See).
୨ । ରଜ ସଂକ୍ରାନ୍ତିର ପରବର୍ତ୍ତୀ ୩ୟ ଦିବସ ପ୍ରଭାତରେ ଦେବୀ ବସୁମତୀଙ୍କୁ ସ୍ନାନ କରାଇ ପୂଜା କରିବାର ବିଧି—2. The ceremonial bathing of the Earth-Goddess on the 3rd day of 'Raja samkrānti.
[ଦ୍ର—ରଜ ସଂକ୍ରାନ୍ତି ସମୟରେ ବସୁମତୀ ରଜସ୍ୱଳା ହୋଇଥିବାରୁ ତୃତୀୟ ଦିନ ଶୁଦ୍ଧସ୍ନାନ କରି ପବିତ୍ର ହୁଅନ୍ତି ।]

ଠାକୁରାଣୀ ଛାଡ଼ିବା—ଦେ. କ୍ରି—ଠାକୁରାଣୀ ଲାଗିଥିବା ବ୍ୟକ୍ତିର ଦେହରୁ ଦେବତାଙ୍କର ଆବେଶ ଛାଡ଼ିଯିବା—
Ṭhākurāṇī chhārdibā — The disappearance of the spirit of the Goddess from a persou possessed by a Goddess.

ଠାକୁରାଣୀ ଯାତ୍ରା—ପ୍ରାଦେ (ଗଞ୍ଜାମ) ବ—ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟାଠାରୁ ଚୈତ୍ରମାସ ଶେଷପର୍ଯ୍ୟନ୍ତ କରାଯିବା ଉତ୍ସବ—
Ṭhākurāṇī jātrā — A festival begun on the 2nd day of the bright fortnight of Fāl-guna.
[ଦ୍ର—ଏହି ଉପଲକ୍ଷରେ ଗୋଟିଏ ଶୂଳସ୍ତମ୍ଭ ପୋତାଯାଏ । ବିଶେଷତଃ ଚୈତ୍ର ମାସର ସବୁ ମଙ୍ଗଳବାରରେ ତାରା ତାରିଣୀ ଆଦି ଦେବୀଙ୍କ ନିକଟରେ ଛେଳି ଓ ପଶୁ ପକ୍ଷୀ ଆଦି ବଳି ଦିଆଯାଏ ।]

ଠାକୁରାଣୀ ମାଜଣା—ଦେ. ବ—ଗ୍ରାମ ଦେବତାଙ୍କୁ ବିଧିପୂର୍ବକ ସ୍ନାନ କରାଇବା—
Ṭhākurāṇī mājaṇā — The ceremonial bathing of the village-Deity.

ସାଧାରଣ ଲେଖକେ ଅପର ସ୍ଥାନରେ ହଳନ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଶବ୍ଦର ଅନ୍ତର୍ଗତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ।

ଠାକୁରାଣୀ ଲାଗିବା—ଦେ. କ୍ରି—କାଳସୀ ଲାଗିବା; ଦେବତା ଭର ହେବା; ନରଦେହରେ ଗ୍ରାମଦେବତାଙ୍କର ଆବେଶ, ବା ଆବିର୍ଭାବ—
Ṭhākuraṇi lāgibā
ঠাকুরের ভর হওআ
A person being possessed with the spirit of a Goddess.

[ଦ୍ର—ଯେଉଁ ବ୍ୟକ୍ତିଙ୍କୁ ଠାକୁରାଣୀ ଲାଗନ୍ତି ତାଙ୍କୁ କାଳସୀ କହନ୍ତି । ଏ ବ୍ୟକ୍ତି ଠାକୁରାଣୀ ଲାଗିବା ସମୟରେ ଥରଥର ହେଉଥାଏ ଓ ମୁଣ୍ଡ ହଲାଉଥାଏ, ଠାକୁରାଣୀଙ୍କ ଆଦେଶ ସାଧାରଣଙ୍କଠାରେ ବ୍ୟକ୍ତ କରେ ଏବଂ ଅନେକ ଅଦ୍ଭୁତ କଥା କହିବାର ଓ କରିବାର ଶୁଣାଯାଏ ଓ ଦେଖାଯାଏ । କେତେକ ସମୟ ପରେ ତା ଦେହରୁ ଠାକୁରାଣୀ ଓହ୍ଲାଇ ଗଲାରୁ ଉକ୍ତ ବ୍ୟକ୍ତି ପୁନର୍ବାର ସାଧାରଣ ମନୁଷ୍ୟ ପରି ବ୍ୟବହାର କରେ । ଗ୍ରାମରେ କୌଣସି ବିପଦ (ବସନ୍ତ,ଓଲାଉଠା) ହେଲେ ଲୋକେ ଗ୍ରାମଦେବତାଙ୍କ ମାନସିକ କରି ବାଜା ଆଦି ବଜାଇଲେ ଗ୍ରାମଦେବତାଙ୍କ ସେବକଙ୍କୁ ବା ଅନ୍ୟ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଠାକୁରାଣୀ ଲାଗନ୍ତି ଓ ସେ ଗ୍ରାମବାସୀମାନଙ୍କୁ ଠାକୁରାଣୀଙ୍କ ଆଦେଶ (ହୁକୁମ) ଶୁଣାନ୍ତି, ଗ୍ରାମ ପ୍ରଦକ୍ଷିଣ କରନ୍ତି ଓ ଠାକୁରାଣୀଙ୍କୁ ଭୋଗ ଲଗାଯିବା ଛେନାପଣା ପିଅନ୍ତି । କାଳସୀ ଠାକୁରାଣୀଙ୍କ ଆଦେଶକୁ ସାଧାରଣ ଲୋକଙ୍କ ଆଗରେ କହିବାକୁ 'ଅବତରବା' ବୋଲାଯାଏ ।]

ଠାକେରା (ଇତ୍ୟାଦି)—ଦେ. ବିଣ—ଟାଙ୍କରା—
Ṭhākerā (etc)
টেকো
Bald-headed.
ଦ୍ର—ଠାକରା ଇତ୍ୟାଦି (ଦେଖ)
Ṭhākarā etc. (See).

ଠାଟ—ଦେ. ବି (ସ୍ଥା ଧାତୁ; ସଂ. ସ୍ଥିତ, ସ୍ଥାନ)—
Ṭhāṭa
ঠান
୧ । ଅଙ୍ଗଭଙ୍ଗୀ; ଶରୀରର ଗଠନ; ଗଢ଼ଣ—1. Figure; the build or make of one's body.
୨ । ଦେହ; ଶରୀର—2. Body.

ଠା ଠା—ଦେ. ଅ—ଠାଆଁକୁ ଠାଅ (ଦେଖ)
Ṭha ṭhā
Ṭhā-āku ṭhā-ā (See)

ଠା ଠାଏ—ଦେ. କ୍ରି. ବିଣ—ଠାଅ ଠାଅକେ (ଦେଖ)
Ṭhā ṭhāe
Ṭhā-ā ṭhā-āke (See).
(ଠାଏଠାଏ—ଅନ୍ୟରୂପ)

ଠାଠାକେ—ଦେ. କ୍ରି. ବିଣ—ଠାଅକୁ ଠାଅ (ଦେଖ)
Ṭhāṭhāke
Ṭhā-āku ṭhā-ā (See)
(ଠାଅଠାଅକେ—ଅନ୍ୟରୂପ)

ଠାଠିକ—ଦେ. ବିଣ—ଅତି ସୁନ୍ଦର ଅକୃତିବିଶିଷ୍ଟ—
Ṭhā-ṭhika
Very graceful.
ଠାଠିକ ତଣେ ଅମୁକରୁ କ ଜଣେ ଅବଳା କ ହକାଡକାରେ ।
ଭକ୍ତ- ସର୍ବାଙ୍ଗବେଶ ।

ଠାଢ଼—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ସ୍ଥା ଧାତୁ; ତୁଳ. ହି. ଠାଢ଼)—
Ṭhāḍ
ଦଣ୍ଡାୟମାନ—Standing; erect.

ଠାଢ଼ ହେବା—ପ୍ରାଦେ. (ସମ୍ବଲପୁର) କ୍ରି (ତୁଳ. ହି. ଠାଢ଼ା ହୋନା—)
Ṭhāḍ hebā
ଠିଆ ହେବା; ଦଣ୍ଡାୟମାନ ହେବା—
To stand up; to stand erect.

ଠାଣା—ଦେ. ବି. (ସଂ. ସ୍ଥାନ: ପ୍ରା. ଠାଣ)—ପ୍ରହରୀର ସ୍ଥାନ—
Ṭhāṇā
The post of a sentinal.

ଠାଣି—ଦେ. ବି. (ସଂ. ସ୍ଥାନ)—୧ । ଅଙ୍ଗଭଙ୍ଗୀ—
Ṭhāṇi
ঢঙ্; ঠমক
ठाट; ठमक
1. Pose of the body.
ଲେଖାରେ ହେଲେକ ଲେଖାମାନଙ୍କରେ ଲେଖାରେ ନୋହୁ ସେ ଠାଣି ।
କବିସୂର୍ଯ୍ୟ- ସଙ୍ଗୀତ ।
୨ । ଆକୃତି—2. Figure; form.
ମର୍ତ୍ତ୍ୟେ କ ସମ୍ଭବେ କେବେ ସେ ଅଦ୍ଭୁତ ଲାବଣ୍ୟ ଠାଣି ।
ରାଧାନାଥ- ନନ୍ଦିକେଶ୍ୱରୀ ।
୩ । କଥାର ଭଙ୍ଗୀ—3. Mode of speech.
୪ । ରୀତି; ଢଙ୍ଗ; ଭଙ୍ଗୀ—4. Mode; manner.
ତରୁଣୀ ଯେ ବାଣୀ ମୃଦୁ ମୃଦୁ ଠାଣି ଶୁଣି ଥିବ ପୁଣି ଯାହା କାନ ।
କବିସୂର୍ଯ୍ୟ- ସଙ୍ଗୀତ ।
୫ । ସ୍ଥିରତା; ଧୈର୍ଯ୍ୟ—5. Patience.
ମାର ରଖିଛୁ ଶର ଶାଣି, ତାର ତ ତରୁଣ ଅଳ୍ପ ପରା ଜାଣି,
ଶାରଙ୍ଗ ସେହିଯିବ ଘ୍ରାଣି, କାର ସେ ରଖେ ଠାଣି ।
କବିସୂର୍ଯ୍ୟ, ସଙ୍ଗୀତ ।

ଠାଣି ମାଣି—ଦେ. ବି. (ଅନର୍ଥକ ଦ୍ୱିତୀୟ ସହଚର)—ଠାଣି (ଦେଖ)
Ṭhāṇi māṇi
ঢঙঢাঙ
ठमक ठुमक
Ṭhāṇi (See)

ଠାଣେଦାର—ଦେ. ବି. (ହି. ଥାନେଦାରରୁ ଅନୁକୃତ) —
Ṭhāṇedāra
থানাদার
थानेदार
୧ । ଥାନାଦାର୍; ଥାନାର ଭାରପ୍ରାପ୍ତ ଅଫିସର୍—
1. The officer in charge of a police-station.
୨ । (ଲକ୍ଷଣାର୍ଥ) ପରାକ୍ରମଶାଳୀ ବ୍ୟକ୍ତି—
2. (figurative) A mighty or powerful person.
ଦେ. ବିଣ—ପରାକ୍ରମଶାଳୀ—Mighty; powerful.
ଠାଣେଦାର ରଣରଣ ଠୋ କରୁ ନେବ ପ୍ରାଣ । କବିସୂର୍ଯ୍ୟ, ସଙ୍ଗୀତ ।

ଠା ଦେବା—ଦେ. କ୍ରି—ଆଶ୍ରୟ ଦେବା; ସ୍ଥାନ ଦେବା—
Ṭhā debā
To give shelter.

ଠାନ—ପ୍ରାଦେ. (ସମ୍ବଲପୁର) ବି.(ସଂ.ସ୍ଥାନ; ପ୍ରା.ଠାଣ; ତୁଳ. ହି.ଠାନ୍)-
Ṭhān
୧ । ଠା; ସ୍ଥାନ—1. Place.
୨ । ଆଧାର—2. Receptacle.

ଠାନ୍ ଠାନ୍—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—ସ୍ଥାନେ ସ୍ଥାନେ—
Ṭhān ṭhān
In some places.

ଠାନ୍‌ଲେ—ପ୍ରାଦେ. (ଉତ୍ତର ଭାଗ) (୫ମୀ ବିଭକ୍ତିର ପ୍ରତ୍ୟୟ)—ଠାରୁ—
Ṭhānle
From

ଠାନୁ—ପ୍ରାଦେ. (ସମ୍ବଲପୁର) (୫ମୀ ବିଭକ୍ତିର ପ୍ରତ୍ୟୟ)ଅ—ଠାରୁ—
Ṭhānu
From.

୧	ଈ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଜୁଅ	ଝ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଞ	ନ୍ଦ

ଠାପରା—ଗ୍ରା. ବିଣ. ପୁଂ—ଠାପୁଆ (ଦେଖ)
Ṭhāparā Ṭhāpuā (See)
(ଠାପିରୀ—ସ୍ତ୍ରୀ)

ଠାପୁଆ—ଦେ. ଉଣ.·ପୁଂ. (ସ୍ଥା. ଧାତୁ, ଣିଚ; ସ୍ଥାପି ଧାତୁ)—
Ṭhāpuā ୧ । ମଠଥିଆ—1. Dilatory; slow; sluggish.
सुस्त ୨ । କର୍ମକୋଢ଼ି; ଅଳସୁଆ; ଶ୍ରମବିମୁଖ—
(ଠାପେଇ; ଠାପୋଇ—ସ୍ତ୍ରୀ) 2. Idle; lazy.

କେହୁ ବା ଠାପୁଆ ପଣେ ଧର୍ମଧ୍ୱଜ ଧରି
ପରଠାରୁ ସଦା ଅର୍ଥଶୋଷଣ ପ୍ରୟାସୀ । ରାଧାନାଥ. ମହାଯାତ୍ରା ।

୩ । ଯେଉଁ ଲୋକ ବାହାନା କରି କାର୍ଯ୍ୟରୁ ବା ପରିଶ୍ରମରୁ ଅବ୍ୟାହତି ପାଇବାକୁ ଚେଷ୍ଟାକରେ; ଛଠାଗଲା—
3. One who puts off work on various lame excuses (e.g. feigning inability or disease).

ଠାପୁର ଠାପୁର——ଦେ. (ଧ୍ୱନ୍ୟନୁକରଣ) ଅ—ଘୋଡ଼ାଖୁରା ମାଟିରେ
Ṭhāpur ṭhāpur ବାଜିଲେ ଯେଉଁ ଶବ୍ଦ ହୁଏ—
Thudding sound caused by the horse's hoofs striking the earth.

ଠାପେ(ପୋ)ଇବା— ଦେ. କ୍ରି—୧ । ବାହାନା କରିବା; ଛଠା ଗାଳିବା—
Ṭhāpe(po)ibā 1. To feign; to plead excuses for being exempted from work.
୨ । ଖେଙ୍ଗେଇ ଖେଙ୍ଗେଇ ଚାଲିବା—2. To limp.

ଠାବ—ଦେ. ବି. (ସଂ. ସ୍ଥାନ; ପ୍ରା. ଠାଣ; ଠାଁ; ସଂ. ସ୍ଥାପନ)—
Ṭhāba ୧ । ସ୍ଥାନ; ଜାଗା—1. Place; space; room.
ठाँई; ठिकाना ପୁଣି ମୁଁ ନହାଇପ କଲି, ବସିବା ଠାବେ ତା ଲଭିଲି ।
ठाँव ଭୂପତି. ପ୍ରେମପଞ୍ଚାମୃତ ।
୨ । କୌଣସି ବ୍ୟକ୍ତିର ବାସସ୍ଥାନ; ଠିକଣା—
2. Dewelling place; address or whereabouts of a person.
(ଯଥା—୩ ବରଷ ଖୋଜି ଖୋଜି ନିରୁଦ୍ଦିଷ୍ଟ ବ୍ୟକ୍ତିର ଠାବ ମିଳିଲା ନାହିଁ ।)
୩ । ଠିକଣା; ନିଶ୍ଚିତ ସମ୍ବାଦ; ପତ୍ତା; ସନ୍ଧାନ—
3. Certain news; trace; clue.
(ଯଥା—ମୁଁ ତାଙ୍କର ତୀର୍ଥମୁଖର କୌଣସି ଠାବ ପାଇଲି ନାହିଁ ।)
୪ । ଆଶ୍ରୟ—4. Shelter.
୫ । ପାତ୍ର; ଆଧାର—5. Pot; receptacle.

ଠାବ ଅଣ ବୋଲି ସଖେ ଧାଇଲି କହିଲେ
ସୁବର୍ଣ୍ଣ ଭାଜନ ମୁକୁଲି ଅଣି ଦେଲେ । ପ୍ରାଚୀ ବଳରାମ ।

ଠାବ କରିବା—ଦେ. କ୍ରି—୧ । ଅନୁସନ୍ଧାନ ଦ୍ୱାରା କୌଣସି ଅଜ୍ଞାତ
Ṭhāba karibā ବିଷୟ ବା ସମ୍ବାଦ ସ୍ଥିର କରି ବୁଝିବା;
ठिकाना करना ଠିକଣା କରିବା—
टाँव करना 1. To find out the clue to something after inquiry; to ascertain an unknown matter.

ତୁଳି ରସ୍ମିକ୍ ମୁକେ ଖୋଜ ନ ପାଇ
ଡବରକେ ସେ ଠାବ କଲେ ଅଇଁ । ଉପେ. ବୈଦେହୀଶବିଳାସ ।

୨ । କୌଣସି ବ୍ୟକ୍ତିର ପତ୍ତା ବା ଠିକଣା ଅନୁସନ୍ଧାନ ଦ୍ୱାରା ଜାଣିବା—2. To ascertain the address or whereabouts of a person.
(ଯଥା—ହନୁମାନ ସୀତାଙ୍କ ଠାବ କରିବାକୁ ଲଙ୍କାକୁ ଗଲା ।)
୩ । ରହିବା; ଅବସ୍ଥାନ କରିବା—3. To stay.

ମନେ କଲି ଚନ୍ଦ୍ରଙ୍କୁ ଦେଖି ସୂର୍ଯ୍ୟଦେବ
ଏ ମେଦର ମଧ୍ୟେ କି କରିଛନ୍ତି ଠାବ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

ଠାବକୁ—ଦେ. (ପଦ୍ୟ) କ୍ରି. ବିଣ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ)—
Ṭhāba-ku ଠାକୁ; ନିକଟକୁ; ପାଖକୁ—To; near.
(ଯଥା— ନାରଦ ଗଲେ ବ୍ରହ୍ମାଙ୍କ ଠାବକୁ ।)

ଠାବ ଠାବକେ—ଦେ. (ପଦ୍ୟ) ଅ—ସ୍ଥାନେ ସ୍ଥାନେ; କେତେ ସ୍ଥାନରେ—
Ṭhāba ṭhāba-ke At some places.

ଠାବ ଠାବକେ ଦେଖ ଶ୍ୟାମ ଅଟବି
ସପ୍ତଚ୍ଛଦ ପ୍ରସୂନେ ଶବଳ ଛବି । ରାଧାନାଥ, ତୁଳସୀ ସ୍ତବକ ।

ଠାବ ଦେବା—ଦେ. କ୍ରି—ଆଶ୍ରୟ ବା ସ୍ଥାନ ଦେବା—
Ṭhāba debā To give shelter.
(ଯଥା—ମୋ କଥଟା ଏପରି ଦକ୍ଷିଣ ହୁଏ ଯେ ମତେ ପୃଥିବୀ ଠାବ ଦେଉ ନାହିଁ ।)

ଠାବର—ଦେ. (ପଦ୍ୟ) ଅ—ଠାବରେ—
Ṭhāba-ra Ṭhābare (See)

ବର୍ତ୍ତମାନ ଭୂତ ଭବିଷ୍ୟରେ ଶୋଭା ସାର
ବୋଲିବାର ସମ୍ଭବିଲା ଏହାଙ୍କ ଠାବର । ଉପେ. ବୈଦେହୀଶବିଳାସ ।

ଠାବରୁ—ଦେ. (ପଦ୍ୟ) ଅ—ଠାରୁ—
Ṭhāba-ru From.

ବଧୂ ଅଧିକକ ଶାଶୁ ଠାବରୁ
ବୋଧ ତାକୁ ବାଣୀ ଏହି ନ୍ୟାୟରୁ । ଉପେ. ବୈଦେହୀଶବିଳାସ ।

ଠାବରେ—ଦେ. (ପଦ୍ୟ) ଅ—୧ । ନିକଟରେ; ପାଖରେ—
Ṭhābare 1. Near.
୨ । ଠାରେ—2. At; in; with.

ଶ୍ରମ ଯାହା ଠାବରେ କରି ଆଦ କ୍ରୋଧ ।
କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

ଠାବେ ଠାବେ—ଦେ. (ପଦ୍ୟ) ଅ—କୌଣସି କୌଣସି ସ୍ଥାନରେ—
Ṭhābe ṭhābe At some places.
ठाँई ठाँई ଠାବେ ଠାବେ ଉଠେ ଶ୍ୱେତ-ଶିଳାସ୍ତମ୍ଭ ପ୍ରାୟେ ଭୂଧର ।
जगह जगह ରାଧାନାଥ, ଉଷା ।

ଠାମ—ଦେ. ବି—ଗଢ଼ଣ; ଗଠନ—
Ṭhāma Formation; make; figure; build.
ठाम (ଯଥା—ସୁଠାମ ।)
ढाम

ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଢୁଅ' ନ ମିଳିଲେ 'ଢ଼ୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଠାୟାଁ—ଦେ. ବଣ. ପୁଂ.—ଯେଉଁ ପୁରୁଷ ବିଧବା ସ୍ତ୍ରୀକୁ ଶୂଦ୍ରମାନଙ୍କ Ṭhāyā̃ ସମାଜରେ ପ୍ରଚଳିତ 'ଦୁଗିଅ' ପ୍ରଥା ଅନୁସାରେ (ଠାୟାଁଣୀ—ସ୍ତ୍ରୀ) ବିବାହ କରେ—The husband of a remarried Śūdra widow.

[ଦ୍ର—ଠାୟାଁ ଠାୟାଁଣୀଙ୍କ ଔରସ ପୁତ୍ରକୁ ଗଜମନ ଠାୟାଁ ଓ କନ୍ୟାକୁ ଗଜମନ ଠାୟାଁଣୀ ବୋଲିଯାଏ ।]

ଠାୟାଁଣୀ—ଦେ· ବି. ସ୍ତ୍ରୀ.—୧ । ୧ । ଦ୍ୱିତୀୟ ବିବାହିତା ଶୂଦ୍ର ବିଧବା— Ṭhāyā̃ṇī 1. A remarried Śūdra widow.

୨ । ସ୍ୱାମୀଦ୍ୱାରା ପରିତ୍ୟକ୍ତା ବା ବିଧବା ଯେଉଁ ଶୂଦ୍ରାଣୀ ଦୁଗିଅ ପ୍ରଥା ଅନୁସାରେ ଯଥାକ୍ରମେ ଏକାଧିକ ପତି ଗ୍ରହଣ କରେ—2. A Śūdra widow who takes successive husbands.

[ଦ୍ର—ଯେଉଁ ବିଧବା ଶୂଦ୍ରାଣୀ ଯଥାକ୍ରମେ ଏକାଧିକ ପତିଙ୍କୁ 'ଦୁଗିଅ' କରେ ତାକୁ 'ଛନ ଠାୟାଁଣୀ' ବୋଲିଯାଏ ।]

ଠାୟେ—ଦେ. ଅ.—୧ । ଠାରେ; ନିକଟରେ— Ṭhāye 1. At; near.

ଠିଁ ସଂ — ଅମ୍ବ ନୃତ୍ୟ ଗୀତ ଦେଖି ଦାନ ଦେବ, କଣାଅ ସକାଙ୍କ ଠାୟେ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ଏକ ସ୍ଥାନରେ—2. In one place.

ଅସ୍ତାଚଳରେ ଅବ ଠାୟେ, କାହିଁକି ନ ଚଳିବ ପାୟେ ।
ପ୍ରାଚୀ. ବର୍ଣ୍ଣମାହାତ୍ମ୍ୟ ।

୩ । କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ—3. At a certain place.

ଠାର୍‌ଠୁର୍—ଦେ. ବି. (ସ୍ଥ. ସ୍ତୃ ଧାତୁ=ଆଚ୍ଛାଦନ)—ନେତ୍ର ଓ ହସ୍ତାଦିର ସଙ୍କେତଦ୍ୱାରା ଅନ୍ୟୋନ୍ୟରେ ମନୋଭାବର ଆଦାନ ପ୍ରଦାନ—Mutual exchange of view by dumb signs and glances. Ṭhār ṭhur ঠারঠোর ସଂ ନ

ଠାରଠୁର କଥା ହୋଇଣ ସରସରେ । କୃଷ୍ଣସିଂହ. ମହାଭାରତ. ଅବ ।

ଠାର୍‌ଠୁର୍‌ ଉଣେଇଶ୍‌ ବିଶ୍—ଦେ.—ଉପସ୍ଥିତ ତୃତୀୟ ବ୍ୟକ୍ତିର ଅବୋଧ ସଙ୍କେତ ଆଦି ଦ୍ୱାରା ଦୁଇଜଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ—Exchange of thought between two persons, which is not understood by a third person present there. Ṭhār ṭhur ūṇeiś biś ঠার্‌ঠোর উনীশ বীশ

ଠାର—ଦେ. ବି.—(ସଂ. ସ୍ତୃ ଧାତୁ=ଆଚ୍ଛାଦନ କରିବା; ଆଖି ପତାଦ୍ୱାରା ଆଖିକୁ ଆଚ୍ଛାଦନ କରିବାର ଭଙ୍ଗୀ)—୧ । ଉପସ୍ଥିତ ତୃତୀୟ ବ୍ୟକ୍ତିର ଅବୋଧ ଦୁଇଜଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ନିମନ୍ତେ କରାଯିବା ଭ୍ରୂ ଓ ଅଙ୍ଗାଦିଦ୍ୱାରା ସଙ୍କେତ— Ṭhāra ঠার ସଂ ନ 1. Gesture; signal; dumb signs through which two persons exchange thought with each other without third persons knowing the meaning; dactylology; manual conversation.

[ଦ୍ର—ମୂକମାନେ କଥା ନ କହି ମୁଣ୍ଡ ହଲାଇ ଓ ହାତଦ୍ୱାରା ଓ ଅଙ୍ଗୁଠିଦ୍ୱାରା ବଧିର ଓ ମୂକମାନଙ୍କ ନିକଟରେ ଯଥାର୍ଥ ନିଜ ମନର ଭାବ ବ୍ୟକ୍ତ କରନ୍ତି । ଏହାକୁ ଠାର ବୋଲିଯାଏ । ଆଧୁନିକ ଯୁଗରେ ଏହି ଠାର ସାହାଯ୍ୟରେ ବଧିର ଓ ମୂକମାନଙ୍କୁ ଅଭିଜ୍ଞରୂପେ ଶିକ୍ଷା ଦିଆଯିବା ନିମନ୍ତେ ବିଦ୍ୟାଳୟମାନ ସ୍ଥାପିତ ହୋଇଅଛି । ହାତଦ୍ୱାରା କରାଯିବା ଠାର ଦୁଇ ପ୍ରକାର; ଯଥା—(୧) ଅଙ୍ଗୁଠିମାନଙ୍କର ଭିନ୍ନ ଭିନ୍ନ ଅବସ୍ଥାନ-ଭଙ୍ଗୀ ଓ ଚାଳନାଦ୍ୱାରା ଭିନ୍ନ ଭିନ୍ନ ଅକ୍ଷର ଓ ଅଙ୍କ ପ୍ରକାଶ କରାଯିବା (Dactylology or manual alphabet system) ଯଥା—ଏକ ଅଙ୍ଗୁଠି ଉଠାଇଲେ ୧ ସଂଖ୍ୟା, ଦୁଇ ଅଙ୍ଗୁଠି ଉଠାଇଲେ ୨ ସଂଖ୍ୟା ଇତ୍ୟାଦି । ଏହା ମଧ୍ୟ ଏକହାତିଆ ଠାର ଓ ଦୁଇହାତିଆ ଠାର ଏପରି ଦୁଇ ପ୍ରକାର । (୨) ଅଙ୍ଗୁଠି ଓ ହାତ ଆଦି ଚାଳନାଦ୍ୱାରା ଭିନ୍ନ ଭିନ୍ନ ବସ୍ତୁ ବା ଭାବ ପ୍ରକାଶ କରାଯିବା (Manual signs; motion; action or gesture by which the speaker conveys his meaning) । ଆମ୍ଭମାନଙ୍କ ସମାଜରେ ଶାଶୁଘରକୁ ଆସିଥିବା ନବବଧୂମାନେ ଶାଶୁଘରେ ସମ୍ମାନାସ୍ପଦ ବ୍ୟକ୍ତିମାନଙ୍କୁ (ଯଥା— ଶାଶୂ, ନଣନ୍ଦ, ବଡ଼ ଯାଆଙ୍କୁ) ପାଟି ଫିଟାଇ କଥା ନ କହି 'ହୁଁ ହୁଁ' ଓ 'ଠାର' ଦ୍ୱାରା ମନୋଗତ ଭାବ ପ୍ରକାଶ କରନ୍ତି । ଏବେ ମଧ୍ୟ ଏ ରୀତି କେତେକ ରକ୍ଷଣଶୀଳ ପରିବାରରେ ଚଳୁଅଛି । କନ୍ୟାମାନେ ଶାଶୁଘରକୁ ଯିବା ପୂର୍ବରୁ ପିତୃଗୃହରେ ଏହା ପ୍ରବୀଣା ମାନଙ୍କଠାରୁ ରୀତିମତେ ଶିକ୍ଷାକରି ଥାଆନ୍ତି ।

ନାଟୁଆମାନେ ମୁହଁରେ ବୋଲିବା ସଙ୍ଗୀତର ମର୍ମକୁ ପାରିଲା ବା ହସ୍ତକ କରି ଅର୍ଥାତ୍ ହସ୍ତଚାଳନ ଓ ମୁଖଭଙ୍ଗୀ ଦ୍ୱାରା ପ୍ରକାଶ କରନ୍ତି, ଏହା ମଧ୍ୟ ଏକପ୍ରକାର ଠାର ।

ଆମ ଦେଶରେ ପିଲାମାନଙ୍କ ମଧ୍ୟରେ ପ୍ରଚଳିତ 'ଅହିଠାର' ଏହି ଶ୍ରେଣୀର । ତାହାର 'ସାଙ୍କପଦ' ଏହି:—

"ଅହି, କଳଶ, ଚକ୍ର, ଟଙ୍କାର, ତାଳଯୂ (ତାଳ), ପବନ; ଯବ, ଶଶି ପରମାଣ; ଅଙ୍ଗୁଠି ଟେକି ଅକ୍ଷର ଦେଖାଇବ ଜାଣ, ଫୁଙ୍କି ମାରିଣ ମାତ୍ରା କରିବ ବଖାଣ ।"

ଅ	ଆ	ଇ	ଈ	ଉ	ଊ	ଏ	ଐ	ଓ	ଔ=
୧	୨	୩	୪	୫	୬	୭	୮	୯	୧୦

ହାତକୁ (ଅହି) ସର୍ପାକୃତି କରି ତା ପରେ ଯେତେଟାଏ ଅଙ୍ଗୁଠି ଦେଖାଇବ ସେହି ସଂଖ୍ୟକ ସ୍ୱର ବୁଝାଯିବ । ଯଥା—ଏକ ଅଙ୍ଗୁଠି ଦେଖାଇଲେ ଅ, ୨ ଅଙ୍ଗୁଠି ଦେଖାଇଲେ—ଆ, ଇତ୍ୟାଦି

କ ବର୍ଗ=କଳଶ, ଚ ବର୍ଗ=ଚକ୍ର, ଟ ବର୍ଗ=ଧନୁଷ୍ଟଙ୍କାର, ତ ବର୍ଗ=ତାଳ, ପ ବର୍ଗ=ପବନ (ହାତ ଦ୍ୱାରା ଵିଞ୍ଚିବା) ଯବଲବ=ଯବଧାନ, ଶଷସହ=ଚନ୍ଦ୍ର; ଅଙ୍ଗୁଠିର ସଂଖ୍ୟା ଦ୍ୱାରା

୧	ଲ୍ଲ	ଜ୍ଞ	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍	ଡଅ	ଢ
୨	ଈ	ଊ	ଋ	ଌ	ପ୍ସ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍

ବିନ୍ଦୁର ସେହି ସଂଖ୍ୟକ ବର୍ଣ୍ଣ ବୁଝାଯିବ । ଫୁଟକି ମାରିଲେ ଅକ୍ଷରରେ ମାତ୍ରା ଦିଆଯିବାର ବୁଝାଯିବ ।]

୨ । ତୃତୀୟ ବ୍ୟକ୍ତିର ଅବୋଧ ଦୁଇ ଜଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ—
2. Cipher-language.

ଶୋଭା କାମିନୀର ନୀର ବଣେ ପଯୋଧରଧର ଜାଣେ ଗ୍ରକାଶୁଁ ସେ ଠାର ଠାର ହେ ।
ଭଞ୍ଜ ପ୍ରେମସୁଧାନିଧି ।

[ଦ୍ର—ଅନ୍ୟ ବ୍ୟକ୍ତିର ଅବୋଧ କଥା ବା ଲେଖାଦ୍ୱାରା ୨ ଜଣ ବ୍ୟକ୍ତି ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିବାକୁ cipher ଠାର ବୋଲାଯାଏ । ଦୂରଦେଶସ୍ଥ ରାଜକର୍ମଚାରୀମାନଙ୍କ ମଧ୍ୟରେ ଏହି ପ୍ରଣାଳୀ ଦ୍ୱାରା ଗୋପନୀୟ ଚିଠି ଓ ତାର ଖବର ପ୍ରେରିତ ହୁଏ । ଉକ୍ତ ଠାରର ବୀଜ (key) ନ ଜାଣିଥିବା ବ୍ୟକ୍ତି ଏଥିରୁ କିଛି ମାତ୍ର ବୁଝି ପାରେ ନାହିଁ ।

ଆମ ଦେଶରେ ମଧ୍ୟ ଅନେକ ପ୍ରକାର 'ଠାର' ଅଛି ।

ଶଶିଠାର—ଏଥିର ବୀଜ: ଅ=କ, ଖ=ଗ, ଘ=ଙ, ଚ=ଟ, ଛ=ଠ, ଜ=ଡ଼, ଝ=ଢ଼, ଞ=ଣ, ତ=ପ, ଥ=ଫ, ଦ=ବ, ଧ=ଭ, ନ=ମ, ର ଓ ଲ=ସ, ହ=ଷ ।

ଏଥିର ଉଦାହରଣ ଯଥା—'ମୁଁ ଆଜ ଘରକୁ ଯିବି' ଏହି ବାକ୍ୟ ଶଶିଠାରରେ='ନୁ କାଡ଼ ଙ ସଉ ଡଦ' ହେବ ।

ଶେଲେଷା ବା ଶ୍ଳେଷ ଠାର—ଏଥିରେ ପ୍ରତ୍ୟେକ ମୂଳ ଅକ୍ଷରଟି ଉଚ୍ଚାରିତ ହୋଇ ତହିଁରେ ଉକ୍ତ ଅକ୍ଷରର ମାତ୍ରାଯୁକ୍ତ 'ଶଳସ' ଶବ୍ଦ ଲାଗେ । ଯଥା—ମୁଁ=ମ ଶୁଳୁସୁ, ଅଜ=ଅ ଶାଳାସା ଜ ଶିଳସି, ଘରକୁ=ଘ ଶଳସ ର ଶଳସ କ ଶୁଳୁସୁ, ବେଗ ହୋଇ=ବ ଶେଲେସେ ଗ ଶଳସ ହ ଶୋଲୋସୋ ଅ ଶିଳସି, ଯିବ=ଯ ଶିଳସି ବ ଶିଳସି ।

ଫୁଲ ଠାର—ପ୍ରତ୍ୟେକ ଅକ୍ଷର ପରେ 'ଫୁଲ' ପଦ ଯୋଗ ହୁଏ । ମୁଁ ଯାଉଛି ଏହାକୁ କହିବାକୁ ହେଲେ ମୁଁ ଫୁଲ ଯା ଫୁଲ ଉ ଫୁଲ ଛି ଫୁଲ ।

ପ୍ନ ଠାର—ପ୍ରତ୍ୟେକ ଅକ୍ଷର ପରେ ପ୍ନ ଯୋଗ ହୁଏ, କିନ୍ତୁ ଶବ୍ଦର ଶେଷ ଅକ୍ଷରରେ ପ୍ନ ଲାଗେ ନାହିଁ । ଯଥା—'ମୁଁ ଖାଇବି' ଏହା କହିବାକୁ ହେଲେ ମୁଁ ପ୍ନୁ ଖା ପ୍ନା ଇ ପ୍ନି ବି ।

ଆଉ ଗୋଟିଏ ଠାରରେ ପ୍ରତ୍ୟେକ ଶବ୍ଦକୁ ଓଲଟା କରି କୁହାଯାଏ । ଯଥା—ପାନ ଖଣ୍ଡେ ଦିଅ=ନପା ଣ୍ଡେଖ ଅଦି !

ଆଉ ଏକପ୍ରକାର ଠାର ଅଛି, ସେଥିରେ ଗୋଟିଏ ସୂତ୍ର ଏପରି ଥାଏ ଯେ ପ୍ରତ୍ୟେକ ପଦ ମଧ୍ୟରେ ପୂର୍ବରୁ ସ୍ଥିରୀକୃତ ୨।୩।୪ ବା ତତୋଽଧିକସଂଖ୍ୟକ 'ଶୂନ୍ୟ ଶବ୍ଦ' ନିହିତ କରାଯାଇ ଲେଖାଯାଏ । ଲେଖକର ମନୋଭାବ ଜାଣିବାକୁ ହେଲେ ପ୍ରଥମ ଶବ୍ଦରୁ ଗଣି ସେହିଠାରୁ ୩ଟି ଶବ୍ଦ ଛାଡ଼ିଦେଇ ୨ୟ ଶବ୍ଦ ଓ ସେଠାରୁ ପୁଣି ୩ଟି ଶବ୍ଦ ଛାଡ଼ିଦେଇ ୩ୟ ଶବ୍ଦ ପଢ଼ିବାକୁ ହୁଏ । ମୁଁ କାଲି ସନ୍ଧରେ ପାଇକ ନେଇ ଗଡ଼ରେ ପହଞ୍ଚିବି । ଏହି ବାକ୍ୟଟି ଲେଖିବାକୁ ହେଲେ—

୧ ୨ ୩ ୧ ୨ ୩
ମୁଁ ଏଠାରେ ଭଲ ଅଛି । କାଲି ମତେ ଜର କଲା ।
୧ ୨ ୩ ୧ ୨ ୩
ପାଇକ ଭିନ ଜଣ ପଟା ନେଇ ଜମି ଚଷ କଲେ ।
୧ ୨ ୩
ଗଡ଼ରେ ବରଷକ ପରେ ମୁଁ ପହଞ୍ଚିବି ।

ଏହି ଶ୍ରେଣୀର ମଧ୍ୟ ଅନ୍ତ୍ୟଲିପି, ବହିର୍ଲିପି, ଆଦ୍ୟଲିପି, ମଧ୍ୟଲିପି ଯୁକ୍ତ ଠାର ଅଛି । ପ୍ରତ୍ୟେକ ଧାଡ଼ି ବା ପଦର ଆଦ୍ୟ, ମଧ୍ୟ ବା ଶେଷ ଅକ୍ଷରକୁ ସ୍ତମ୍ଭାକାର କରି ପଢ଼ିଲେ କଥକର ମନୋଭାବ ବୁଝାଯାଏ ।

ଅନ୍ତର ମଧ୍ୟ ପ୍ରତ୍ୟେକ ଧାଡ଼ିରେ ଥିବା ପ୍ରଶ୍ନର ଉତ୍ତରସ୍ୱରୂପ ପ୍ରଦତ୍ତ ଶବ୍ଦମାନଙ୍କର ଆଦ୍ୟ, ମଧ୍ୟ ବା ଶେଷ ଅକ୍ଷରକୁ ସ୍ତମ୍ଭାକାରରେ ପଢ଼ିଲେ ଅର୍ଥ ଜଣାଯାଏ ।

ଆଜି କାଲିର କ୍ଷିପ୍ର ଲେଖ (short hand) ମଧ୍ୟ ଏକପ୍ରକାର ଠାର]

୩ । ଆଖିଠାର; ଆଖିର ଭଙ୍ଗୀଦ୍ୱାରା କରାଯିବା ଇଙ୍ଗିତ ବା ମନୋଭାବର ଅଭିବ୍ୟକ୍ତି—3. Signals made by various movements and glances of the eye.

ଠାର ନେତ୍ରାନ୍ତ ମନ ମୋହନ ପାଶୀ । କବିସୂର୍ଯ୍ୟ. ସଙ୍ଗୀତ ।

ଦେ. (ପଦ୍ୟ) ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—୧ । (୭ମୀ ବିଭକ୍ତିର ଚିହ୍ନ) ଠାରେ—1. In; at.

କରନ୍ତୁ ସ୍ୱଧର୍ମ ଅଗ୍ରର
ସଙ୍ଗକୁ ଚେକ ସବୁଠାର । ଜଗନ୍ନାଥ. ଭାଗବତ ।

୨ । (୫ମୀ ବିଭକ୍ତିର ଚିହ୍ନ) ଠାରୁ—2. From.

ଏ ଭାଗବତ ଗ୍ରନ୍ଥସାର
ମୋ ଶିକ୍ଷା ପୂର୍ବେ ତାଙ୍କଠାର । ଜଗନ୍ନାଥ. ଭାଗବତ ।

ଦେ. ଅ.—(୬ଷ୍ଠୀ ବିଭକ୍ତିର ଚିହ୍ନ)—(ଅମୁକ) ସ୍ଥାନର—Of such or such a place.
(ଯଥା—ଏ କେଉଁଠାର ଲୋକ ।)

ଠାରିବା—ଦେ. କ୍ରି. (ସଂ. ସ୍ଥ ଧାତୁ=ଆଚ୍ଛାଦନ)—୧ । ନେତ୍ର, ବକ୍ତ୍ର ଓ ହସ୍ତାଦିର ଭଙ୍ଗୀଦ୍ୱାରା ସଙ୍କେତ ବା ଇଙ୍ଗିତ କରିବା—1. To convey one's meaning to another by signs, winks or gestures; to signal.
Ṭhāribā
ठारा
इसारा करना, सैनमारना

ଠାର ଦେଲେ ନେତ୍ରାଞ୍ଚଳେ । କବିସୂର୍ଯ୍ୟ. ଲୋଭ ସତୀ ୦. ଗୀତ ।

୨ । କୌଣସି ବିଷୟର ସଂକ୍ଷିପ୍ତ ସ୍ମାରକ-ଲେଖ କାଗଜ ଆଦିରେ ଟିପି ରଖିବା (ଏହା ଅନ୍ୟ ବ୍ୟକ୍ତିର ଦୁର୍ବୋଧ୍ୟ)—2. To jot down short notes in shorthand.

ଠାରୁ—ଦେ. ଅ. (୫ମୀ ବିଭକ୍ତିର ଚିହ୍ନ)—୧ । ରୁ—1. From.
Ṭhāru
থেকে, হইতে
୨ । (ଅମୁକ) ସ୍ଥାନରୁ—2. From (a place).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ।

ସେ ୩ । (ଅମୁକ) ବ୍ୟକ୍ତି ନିକଟରୁ—
3. From (some person).

୪ । (ଅମୁକ) ଅପେକ୍ଷା—4. Than

୫ । (ଅମୁକ) ସମୟରୁ ଆରମ୍ଭ କରି—
5. Since; beginning from (such a time).

ପ୍ରାଦେ. (ସମ୍ବଲପୁର) ବିଣ—ଚନ୍ଦା; ଝାଙ୍ଗଗ୍ର—Bald.

ଠାରୁମୁଣ୍ଡା—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଚନ୍ଦାମୁଣ୍ଡିଆ; ଝାଙ୍ଗଗ୍ର—
Ṭhāru-munrḍā Bald-headed.
(ଠାରୁମୁଣ୍ଡୀ—ସ୍ତ୍ରୀ) ଠାରୁମୁଣ୍ଡା ଟେଁକେ ଟେଲ୍ । ଶିଶୁ ପରିହାସ ।

ଠାରେ—ଦେ. ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—୧ । (ଅଧିକରଣ ବା
Ṭhāre ୭ମୀ ବିଭକ୍ତି ଚିହ୍ନ) ରେ; ନିକଟରେ—
ତେ, ଠେଁ, ଠେଇଁ 1. At; near.
ସେ ସେ କଥା କହ ଅଛିଠାରେ । ପ୍ରାଚୀ. ନରୁଣମାହାତ୍ମ୍ୟ ।

୨ । ହେଁ; ସତ୍ତ୍ୱେ; (ଅମୁକକଥା) ଘଟିଥାଇ ସୁଦ୍ଧା—
2. In spite of.
ସାହା ହୋଇ କୃଷ୍ଣର କୁଳରେ ଜନ୍ମେ ମୋର
ଏବାଠାରେ ଦାସୀ ହୋଇଲି ମୁଁ ତାଙ୍କର । କୃଷ୍ଣସିଂହ. ମହାଭାରତ. ବନ ।

୩ । (ଅମୁକ ବିଷୟ ଘଟିବା) ଅବସ୍ଥାରେ—3. Under the circumstances of.
ଏରୂପେ ହେଲାଠାରେ ଭୃଷ୍ଣ ତାଙ୍କ ସେନା
ଯୁଦ୍ଧକଲେ ସଜନ ହୋଇ ଦ୍ୱେଷମନା । କୃଷ୍ଣସିଂହ, ମହାଭାରତ ଶଲ୍ୟ ।

୪ । (ଅମୁକ) ସ୍ଥାନରେ—4. In a place; at a place.
ଏରୂପେ ଇନ୍ଦ୍ର କ ଦେହରୁ ବ୍ରହ୍ମହତ୍ୟା,
ଗୁରୁଠାରେ ରଖିଲେ ବ୍ରହ୍ମାଲୋକ ପିତା । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୫ । (ଅମୁକ ସ୍ତ୍ରୀର) ଔରସେ; ଗର୍ଭରେ (ଜାତ)—
5. In the womb of; (born) from such or such a woman.
ପଞ୍ଚକୁମର ଭାର.ଠାରେ
ହୋଇଲେ ଅତି ମନୋହରେ । ଜଗନ୍ନାଥ. ଭାଗବତ ।

ଠାସକୁ ମାରିବା—ଦେ. କ୍ରି—୧ । ପର ଉପରେ ନିର୍ଭର କରିବା—
Ṭhāsaku māribā 1. To depend on another.

୨ । ଅନୁମାନ କରିବା; ଅନ୍ଦାଜ କରିବା; ଠଉରାଇବା—
2. To guess; to conjecture.
(ଯଥା—୧ । ବୁଢ଼ା ବାଡ଼ି ଧରି ଅନ୍ଧାର ବାଟରେ ଠାସକୁ ମାରି ଚାଲୁଛି—୨ । ଠାସକୁ ମାରି ମୁଁ ଏ ଛନ୍ଦା ଲେଖାକୁ ପଢ଼ିଗଲି ।)

୩ । ଉଣ୍ଡାଳିବା, ଅଣ୍ଡାଳିବା—3. To feel in the dark.

ଠାସିବା—ଦେ. କ୍ରି.—(ସଂ. ସ୍ଥାସ୍ନୁ=ଦୃଢ଼ ସନ୍ନିବେଶିତ;)—୧ । କୌଣସି
Ṭhāsibā ପଦାର୍ଥକୁ କୌଣସି ପାତ୍ର ବା ସଙ୍କୀର୍ଣ୍ଣ ସ୍ଥାନରେ ପୂରାଇ
ଠାସା, ଠାଁସା ଉପରୁ ଖୁନ୍ଦିବା; ଚେପିବା—1 To stuff in or
ঠাসনা ঠুসনা press a thing into a narrow space;
ଠସା(ସେ)ଇବା } —ଣିଜନ୍ତରୂପ. to ram down something into a narrow
•ଠାସେଇବା tube or space; to cram down with force.

(ଯଥା—ବାଣୁଆ ବନ୍ଧୁକର ନଳରେ ବାରୁଦକୁ ଠାସୁଛି ।)

୨ । ଚିତ୍ର ବା ଛାଞ୍ଚରେ ସୁନା ରୁପାଆଦିର ପାତିଆ ରଖି ପାତିଆ ଉପରେ ମାଡ଼ ଦେବା—2. To beat a thin metal-plate over a mould or a die.

୩ । ଜୋରରେ ପେଲିବା—
3. To push with force.

୪ । (ଅଶ୍ଳୀଳ) ସ୍ତ୍ରୀକୁ ମୈଥୁନ କରିବା—
4. (indecent) To cohabit a woman.

ଠାସୁଆ—ଦେ. ବିଣ. ପୁଂ—କୌଣସି ବିଷୟ ନ ଜାଣି ଅନ୍ଦାଜରେ ସେ
Ṭhāsuā ବିଷୟ କହିବାରେ ଅଭ୍ୟସ୍ତ—Habituated to saying
ଠାସେଇ } ସ୍ତ୍ରୀ things by guess or without
ଠାସୋଇ } personal knowledge.

ଠି—ଦେ. ଅ (ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ୭ମୀ ବିଭକ୍ତିର ଚିହ୍ନ)—
Ṭhi ଠାରେ; ଠାଇଁ; ଠେଇଁ;—In; at.
ঠাঁই, (ଯଥା—ସେଠି ବସିଲେ ଖାଇବାକୁ ମିଳିବ ନାହିଁ ।)
ମେ ପ୍ରାଦେ. (ମେଦିନୀପୁର) (କ୍ରିୟା ପ୍ରତ୍ୟୟ)—(ମୁଁ) ଛି; ଅଛି—
[ଯଥା—ଖାଉଠି=ମୁଁ ଖାଉଛି]
ପ୍ରାଦେ. (ଜାଜପୁର) ପ୍ରତ୍ୟୟ—କୁ—To.
(ଯଥା—ତାଠି=ତାକୁ ।)
(ଠି, ଠାଇଁ, ଠେଇଁ—ଅନ୍ୟରୂପ)

ଠିଆ—ଦେ. ବି. (ସଂ. ସ୍ଥିତ ବା ସ୍ଥିତି)—୧ । ମର୍ଯ୍ୟାଦା; ଠେକ—
Ṭhia 1. Prestige.
ঠেকনা ୨ । ଠିଆ; ଅବଲମ୍ବନ; ଆଶ୍ରା; କୌଣସି ବସ୍ତୁକୁ ଟେକ
টেক, ঠেঘা ରଖିବା ନିମନ୍ତେ ତହିଁରେ ଲଗାଯିବା ଖୁଣ୍ଟି ଆଦି—
2. Prop; support.

୩ । ମନୁଷ୍ୟ ଚାଲିବା ସମୟରେ ଯେଉଁ ଯଷ୍ଟିକୁ ଅବଲମ୍ବନ କରିଥାଏ—3. Walking stick.

୪ । ଯଷ୍ଟି ଆଦିର ମୂଳଦ୍ୱାରା କରାଯିବା ଆଘାତ; ଉଦ୍‌ଗୋଦ—
4. A push by the butt-end of a stick.

ଠିଆ ମାରିବା—ଦେ. କ୍ରି—ଅନ୍ଧାର ରାତିରେ ବା ଅଜ୍ଞାତଗଭୀରତା ଜଳରେ
Ṭhia māribā ବା ଖସଡ଼ା ବାଟରେ ଚାଲିବା ନିମନ୍ତେ ଯଷ୍ଟିକୁ
ଅବଲମ୍ବନ କରିବା—To feel one's way with the help of a stick while walking in the dark or wading in water of unknown depth or in a slippery place.

୨ । ଯଷ୍ଟି ଆଦିର ମୂଳଦ୍ୱାରା ଆଘାତ କରିବା; ଉଦ୍ ମାରିବା—2. To give a push with the butt-end of a stick; to ram.

ଠିଆ—ଦେ. ବି (ସଂ. ଖଡ଼=ତୃଣାଦିର ନାଡ଼ ବା ସ୍ଥା ଧାତୁରୁ ସ୍ଥା,
Ṭhiā ସଂ. ସ୍ଥିତ; ପ୍ରା. ଠିଅ; ସଂ. ସ୍ଥାତା—
ঠাড়, খাড়া ୧ । ଦଣ୍ଡାୟମାନ ହେବା; ଉଭା ହେବା—
ঠাড় 1. Standing up;

୧	ଇ	ଡ଼	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଲ
୵	ଈ	ଉ	ରୁ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଙ	ନ୍

୨। ଉଚ୍ଚତା; ଡେଙ୍ଗ—2. Height; stature.
(ଯଥା—ସେ ଠିଆରେ ୫ ହାତ।)

୩। ଭୂପୃଷ୍ଠରୁ ସମକୋଣଭାବରେ ଅବସ୍ଥିତ—
3. Upright position; perpendicular position.

ବଣ—୧। ଦଣ୍ଡାୟମାନ; ଛିଡ଼ା—1. Standing; erect.

ଜେଉଁ ଗୋପୀ ହୋଇ ଠିଆ ଯେ, ଚୁମ୍ବିଲ୍ ସ୍ୱଷ୍ଟିସ୍
ବଢ଼ିଗଲା କାନ୍ଧୁ, ହେଲୁ ଏଡ଼େ ଅପାଠିଆ। — ଅଭିମନ୍ୟୁ, ବଦଗ୍ଧ ଚନ୍ତାମଣି।

ଠିଆ କରତ—ଦେ. ବ—ଯେଉଁ କରତକୁ ୨ଜଣ ମନୁଷ୍ୟ ଠିଆ ହୋଇ ଧରି ବଡ଼ ବଡ଼ କାଠ ଚିରନ୍ତି; ବଡ଼ କରତ; ଠେଲ୍ଲା (ହାତକରତ—ବିପରୀତ) କରତ—Cross-cut saw (as opposed to hand-saw).
Thiā karata
ঠেলাকরত, বড় করাত
আঁরা

ଠିଆ କରା(ରେ)ଇବା—ଦେ. କି—୧। କୌଣସି ବ୍ୟକ୍ତି ବା ପଦାର୍ଥକୁ ଦଣ୍ଡାୟମାନ କରାଇବା—1. To make a person or thing stand erect.
Thiā karā(re)ibā
ঠাড় করান
ठाड़ा करना

୨। ଠିଆ ହୋଇ ଅପେକ୍ଷା କରିବା ନିମନ୍ତେ ବାଧ୍ୟ କରାଇବା—2. To cause or oblige a person to wait standing or to dance attendance.

୩। ଦଣ୍ଡ ଭୋଗ ନିମନ୍ତେ କୌଣସି ବ୍ୟକ୍ତିକୁ ଠିଆ ହେବାପାଇଁ ବିଧାନ କରିବା—3. To make a person stand up on his legs (as a punishment).

୪। [ଲକ୍ଷଣାର୍ଥ) ଘରର ନିର୍ମାଣ ସମ୍ପୂର୍ଣ୍ଣ କରିବା—
4. (figurative) To erect (a house).

୫। (ଲକ୍ଷଣାର୍ଥ) କୌଣସି ଅନୁଷ୍ଠାନକୁ ପ୍ରତିଷ୍ଠା କରିବା—5. (figurative) To start an institution.

ଠିଆ କୋରଣା—ଦେ. ବ—ଯେଉଁ କୋରଣାର ଲୁହା ପଟ୍ଟି ଗୋଟିଏ ପୀଢ଼ାରେ ଠିଆ ଭାଗରେ ମରିଥାଏ; (ହାତ କୋରଣା—ବିପରୀତ) ଗଛ କୋରଣା—An erect-bladed scraper (as opposed to hand-scraper).
Thiā koranā
ঠাড়াকুরনী
ठाढ़ाखुरचनी
(ଠିଆ କୋରଣୀ—ଅନ୍ୟରୂପ)

ଠିଆ ଗୋଇଠା—ଦେ. ବ—ଠିଆ ହୋଇଥିବା ଅବସ୍ଥାରେ ଏକ ଗୋଡ଼ରେ ଅନ୍ୟ ବ୍ୟକ୍ତିକୁ ମାରିବା ଗୋଇଠା—A standing kick; a kick administered by a person while standing.
Thiā goithā
খাড়া লাথি
ठाढ़ा लात

ଠିଆଗୋଡ଼ିଆ ଖେତ—ଦେ. ବ—ଠିଆଲଙ୍ଗୁଳୀ ଖେତ (ଦେଖ)
Thiā-gordiā kheta Thiā languli kheta (See).

ଠିଆଚିତା—କପାଳରେ ଲମ୍ବକରି କାଟିଥିବା ତିଳକ; ଊର୍ଦ୍ଧ୍ୱପୁଣ୍ଡ୍ର; ଭ୍ରୂଯୁଗର ମଧ୍ୟସ୍ଥଳରୁ କିମ୍ବା ନାସାଗ୍ରରୁ କପାଳମଧ୍ୟସ୍ଥଳର କେଶ ମୂଳ ପର୍ଯ୍ୟନ୍ତ ଲମ୍ବଭାବରେ ଯେଉଁ ଚିତା କଟାଯାଏ—A long perpendicular mark of sandal-paste made on the forehead.
Thiā chitā
লম্বাফোটা

ଗୋମୟେ ତେଲେ ଠିଆ ଚିତା
ସେ ପ୍ରଭୁ ଗୋବ୍ରାହ୍ମଣହିତା—ଜଗନ୍ନାଥ ଭାଗବତ।

[ଦ୍ର—ଚିତା ନାନାପ୍ରକାରରେ କଟାଯାଏ। ଯଥା—ବିରମଣିକ ଚିତା; ସ୍ୱାମୀନନ୍ଦ ଚିତା, ଷଡ଼ଦଣ୍ଡା ଚିତା ବା ଠିଆ ଚିତା ଇତ୍ୟାଦି।]

ଠିଆଚିରା—ଦେ. ବ—ଠିଆହୋଇ ଡେଇଁବା—
Leap while standing; scamper.
Thiā chirā
फलाग

ଠିଆ ଠାକୁର—ଦେ. ବ—ଯେଉଁ ଠାକୁର ବା ଦେବତା ଦଣ୍ଡାୟମାନ ମୂର୍ତ୍ତିରେ ଗଢ଼ା ହୋଇଥାଆନ୍ତି—A standing image; an image built in a standing posture.
Thiā thākura

ଠିଆଠାଣି—ଦେ. ବି—ଠିଆହେବାର ଭଙ୍ଗି ବା ଛଟା—
Thiā-thāni Pose; standing posture; stature.
ବଣ—ସୁଗଠିତ; ମନୋହର ଆକାର ବିଶିଷ୍ଟ—
Of graceful stature or build.

ଠିଆ ଠିଆ—ଦେ. ବଣ—୧। ବହୁକାଳ ପର୍ଯ୍ୟନ୍ତ ଦଣ୍ଡାୟମାନ—
Thiā thiā 1. Standing for some time.
খাড়া খাড়া (ଯଥା—ମୁଁ ସେଠାରେ ଠିଆ ଠିଆ ହୋଇ ଘଣ୍ଟାଏ
खड़े खड़े ପରେ ତାଙ୍କୁ ନ ଦେଖି ଫେରି ଅଇଲି।)

୨। ଠିଆ ହୋଇ ଅପେକ୍ଷା କରୁଥିବା—
2. Waiting in a standing posture.

କି. ବଣ—୧। ଠିଆ ହୋଇ ହୋଇ ଅର୍ଥାତ୍ ନ ବସି—
1. In a standing posture
(ଯଥା—ମୋର କାଲି ସନ୍ଧ୍ୟାକ ଠିଆ ଠିଆ ପାହିଗଲା।)

খাড়াদম ୨। ଗୋଡ଼େ ଗୋଡ଼େ; ଖଡ଼େଦମ୍; ତିଳେ ଅର୍ଥାତ୍ ବିଲମ୍ବ ନ କରି; କୌଣସି ସ୍ଥାନରେ ନ ବସି ବା ବିଶ୍ରାମ ନ କରି; ଅତି ଶୀଘ୍ର—2. Without delay i. e. without taking any rest or without sitting; for an instant.
खड़ेदम
ଠିଆରେ ଠିଆରେ } ଅନ୍ୟରୂପ
ଠିଆ ଠିଆରେ }

(ଯଥା—ତୁ ଜାଜପୁରୁ ପାର୍ସେଲ୍‌ଟି ଠିଆ ଠିଆ ନେଇ ଆସିବୁ)

ଠିଆ ଠିଆ ହେବା—ଦେ. କି—୧। ଅନିଚ୍ଛା ବା ଆଳସ୍ୟ ବଶତଃ କୌଣସି କାର୍ଯ୍ୟ ନ କରି ଠିଆ ହୋଇ ବିଳମ୍ବ କରିବା—1. To delay in doing a work (due to unwillingness or laziness) by halting and standing at intervals.
Thiā thiā heb

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଟା'କୁ ପାଇଲେ 'ଅଣ୍ଟା' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ।

୨। ଚାଲିବା ବେଳେ କାହାକୁ ଅପେକ୍ଷା କରି ଚାଲିବା; ମଝିରେ ରହି ରହି ଗତି କରିବା— 2. To loiter during walk; to walk with frequent halts.

ଠିଆଡ଼୍—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ହି. ଠାଢ଼)—ଠିଆ; Ṭhiārd ଦଣ୍ଡାୟମାନ—Standing erect.

ଠିଆ ପହଁରା—ଦେ. ବି—୧। ପାଣିରେ ଠିଆ ହେବା ଭାଗରେ ପହଁରିବା— Ṭhiā pahanrā 1. A dexterous mode of swimming with the legs in a standing position. ডাঁড় সাঁতার

୨। ଠିଆ ହୋଇ ଘର ଦ୍ୱାର ଝାଡ଼ୁଣିଦ୍ୱାରା ସମ୍ମାର୍ଜନ କରିବା ବା ଓଳାଇବା— 2. Sweeping a place while standing, i. e. without stooping low.

[ଦ୍ର—ନଇଁ କରି ନ ଓଳାଇଲେ ଝାଡ଼ୁଣି ଅଗ୍ର ପୂର୍ଣ୍ଣରୂପେ ଭୂମିରେ ଲାଗେ ନାହିଁ ।]

ଠିଆ ପହରା—ଦେ. ବି—ଖଡ଼ାପହରା; ବସିବାର ଦଣ୍ଡାୟମାନ ଅବସ୍ଥାରେ Ṭhiā paharā (ଅର୍ଥାତ୍ ନ ବସି) ପହରା ଦେବା ବା ଜଗିବା— Keeping watch while standing (i. e. without sitting). খাড়া পাহারা खड़ा पहरा

ଠିଆ ପାଲା— ଦେ. ବି—ଯେଉଁ ସତ୍ୟନାରାୟଣ ବା ସତ୍ୟପୀର ପୂଜାରେ Ṭhiā pālā ଗାୟକମାନେ ଠିଆ ହୋଇ ବା ନାଚି ନାଚି ପାଲା (ଠିଆପୂଜା—ଅନ୍ୟରୂପ) ବୋଲନ୍ତି—The chanting of Pālā songs by a band of musicians while standing or dancing.

[ଦ୍ର—ସତ୍ୟନାରାୟଣ ପୂଜାର ପାଲା ବା ଗୀତକୁ ବସି କରି ପୋଥିଦ୍ୱାରା ବୋଲିବାକୁ 'ପୋଥିପୂଜା' ଓ ନାଚି କରି ବୋଲିବାକୁ 'ଠିଆପାଲା' ବା 'ଠିଆପୂଜା' ବୋଲାଯାଏ ।]

ଠିଆ ପୁଚି—ଦେ. ବି—ଯୁବତୀ ଓ ବାଳିକାମାନେ ଠିଆ ହେବା ଅବସ୍ଥାରେ Ṭhiā puchi ଅର୍ଥାତ୍ ଚାଲି ଚାଲି ଯେଉଁ ପୁଚି ଖେଳ ଖେଳନ୍ତି— A frisking dance danced by girls in a standing posture.

ଠିଆ ପୁଚି କାଉଁଚ, ଗୋଡ଼ ହାତ ଛାଉଁଚ—ପ୍ରଚଳିତ ।

[ଦ୍ର—ବାଳିକାମାନେ ବସି ବସି ପୁଚି ଖେଳ ଖେଳନ୍ତି ଓ ଠିଆ ହୋଇ ବା ଚାଲି ଚାଲି ମଧ୍ୟ ପୁଚି ଖେଳନ୍ତି ।]

ଠିଆ ଫୁଲି ଜନକ୍ ରାଏତ୍—ପ୍ରାଦେ. (ସମ୍ବଲପୁର) ବି—ଯେଉଁ ରାତ୍ରିରେ Ṭhiā phuli janak rāet ସ୍ୱଚ୍ଛ ଶୁଭ୍ର ଚନ୍ଦ୍ରକିରଣ ପଡ଼ୁଥାଏ—A very clear moonlit night.

ଠିଆ ଭାଗରେ—ଦେ.କ୍ରି. ବିଣ—ଦଣ୍ଡାୟମାନ ଅବସ୍ଥାରେ; ଲମ୍ବ ଭାଗରେ- Ṭhiā bāgare Perpendicularly.

ଠିଆ ବାହି ଦଣ୍ଡା—ଦେ. ବି—ମଲ୍ଲଭୂମିରେ ଲମ୍ବ ଭାବରେ ପୋତା Ṭhiā bāhi dandā ହୋଇଥିବା କାଠ ଖୁଣ୍ଟ, ଯାହାକୁ ମଲ୍ଲମାନେ ବାହୁ ଦ୍ୱାରା ଆଘାତ କରନ୍ତି; मालखंम ମାଲଖମ୍ବ—A perpendicular pillar in a gymnasium against which the athletes strike their arms.

ଭଗ୍ନ ହେଲ ଶରଣ୍ଡହି ଠିଆ-ବାହି-ଦଣ୍ଡା । ପ୍ରାଚୀ. ବ୍ରହ୍ମନରପୁରାଣ ଗୀତା ।

ଠିଆ ମରୁଡ଼ି—ଦେ. ବି—ବେଣ୍ଡା ବାହାରି ଶୀଷ ନ ହୋଇଥିବା Ṭhiā marurdi ଅବସ୍ଥାରେ ଜଳାଭାବରୁ ଧାନ ଗଛ ମରିଯିବା— ଧାନ ଗଛ ଫୁଲ ଛଡ଼େଇବା ପୂର୍ବରୁ ଜଳାଭାବରୁ ଶୁଖି ମଉଳିଯିବା—Withering of paddy plants for want of water while the ears of corn have not come out from the stalks.

[ଦ୍ର—ଧାନଗଛ ଫୁଲ ଛଡ଼େଇବା ପରେ ଧାନ ମଧ୍ୟରେ ଚାଉଳ ଜନ୍ମେ । ଚାଉଳ ଜନ୍ମିବାରୁ ଧାନ ବେଣ୍ଡାମାନ ଭାରି ହୋଇ ଯାଏ ଓ ଗଛରୁ ତଳକୁ ଝୁଙ୍କି ପଡ଼େ । ଧାନ ବେଣ୍ଡାମାନ ଝୁଙ୍କିବା ପୂର୍ବରୁ ଧାନଗଛମାନ ଲମ୍ବ ଭାବରେ ଠିଆ ହୋଇ ଥାଏ । ସେହି ସମୟରେ ବର୍ଷା ନ ହେଲେ ଅର୍ଥାତ୍ ମରୁଡ଼ି ହେଲେ ତାକୁ ଠିଆ ମରୁଡ଼ି ବୋଲାଯାଏ ।]

ଠିଆ ମୁତୁରା—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଠିଆ ଠିଆ ପ୍ରସ୍ରାବ କରେ- Ṭhiā muturā One who makes water standing. (ଠିଆ ମୁତୁରୀ—ସ୍ତ୍ରୀ)

ଠିଆ ମେଲା—ଦେ. ବିଣ—ସମ୍ପୂର୍ଣ୍ଣ ରୂପେ ଉନ୍ମୁକ୍ତ (ଦ୍ୱାର)— Ṭhiā melā Wide open (door). (ଅଡ଼ମେଲା; ଦରମେଲା; ଅଡ଼ମେଲା—ଉପସ୍ଥିତ)

ଠିଆ ଯୋଗୀ—ଦେ. ବି—ଯେଉଁ ଯୋଗୀ ଦିବାରାତ୍ରି ଠିଆ ହୋଇ ରହନ୍ତି- Ṭhiā jogi An anchorite who passes his whole time (day and night) in a standing posture. ठाड़ेश्वरी

[ଦ୍ର—ଏମାନେ ଠିଆରେ ଠିଆରେ ଖିଆପିଆ, ମଳୋତ୍ସର୍ଗ, ମୂତ୍ରୋତ୍ସର୍ଗାଦି କରନ୍ତି ଓ ଗୋଟିଏ ଅଲଗୁଣୀ ବା ବୃକ୍ଷଶାଖା ବା ଡାଳକୁ ଅଉଜି ଠିଆରେ ଠିଆରେ ନିଦ୍ରା ଯାଆନ୍ତି ।]

ଠିଆରିଆ—ପ୍ରାଦେ. (କଟକ) ବିଣ. (ଗାଳି)— Ṭhiāriā ୧। ବିଚାରହୀନ; ଚିନ୍ତାହୀନ; ଅବିବେଚକ— 1. Thoughtless.

୨। ଅଭଦ୍ର— 2. Uncouth; rude (Howells).

ଠିଆରିଆ କଥା—ପ୍ରାଦେ. (କଟକ) ବି—୧। ଅବଜ୍ଞାସୂଚକ କଥା— Ṭhiāriā kathā 1. Disrespectful or impertinent language.

୨। ଉପରଠାଉରିଆ କଥା—2. Half-hearted utterance; superficial words.

ଠିଆରିଆ କାମ—ପ୍ରାଦେ. (କଟକ) ବି—ଉପରଠାଉରିଆ କାମ; ଯେଉଁ Ṭhiāriā kāma କାମକୁ ମନୁଷ୍ୟ ମନ ଲଗାଇ କରେ ନାହିଁ— Work done half-heartedly; superficial work.

୧	ଙ୍	ଞ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ୍	ଉଅ	ଙ୍ଘ
୨	ଐ	ଔ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଞ୍ଚ	ନ୍ତ

ଠିଅରେ ଠିଅରେ—ଦେ. କ୍ରି. ବଣ—ଠିଅ ଠିଅ (ଦେଖ)
Thiāre thiāre — Thiā thiā (See)

ଠିଅ ଲଙ୍ଗୁଳି କ୍ଷେ(କ୍ଷେ)ତ—ଦେ. ବ—ଯେଉଁ ଜଳମଗ୍ନ କ୍ଷେତରେ ସର୍ବଦା ଅଣ୍ଟୁଠାରୁ ବେଶି ଜଳ
Thiā languli khe(kshe)ta
(ଠିଅଲଙ୍ଗୁଳିଆ କ୍ଷେତ—ଅନ୍ୟରୂପ) ପୂର୍ଣ୍ଣ ଥାଏ । ଯେଉଁ କ୍ଷେତରେ କୃଷି-ପ୍ରକ୍ରିୟା ସବୁ (ଯଥା—ଧାନରୁଆ, ହଳବଙ୍କା, ଖେଳୁଆ ଆଦି) କୃଷକ ଠିଅ ହୋଇ କରିବାକୁ ବାଧ୍ୟ ହୁଏ—Water-logged field where the agriculturist is obliged to perform agricultural operations in a standing posture (as there is more than knee-deep of water in it).

ଠିଅ ହଗୁରା—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି ଠିଅ ହୋଇ ଝାଡ଼ା
Thiā hagurā ଫେରେ—A person who eases himself
(ଠିଅ ହଗୁରୀ—ସ୍ତ୍ରୀ) in a standing posture (e. g. without sitting.)

ଠିଅ ହଗୁରା ମାଛି—ଦେ. ବ—ଏକପ୍ରକାର ବଡ଼ ମାଛି—
Thiā hagurā māchhi — A kind of big flea.
[ଦ୍ର—ଏ ମାଛିମାନେ ଖାଦ୍ୟ ଉପରେ ଝୁଲି ଝୁଲି ହଗି ଦଅନ୍ତି, ସେ ବସ୍ତୁ ସଙ୍ଗେସଙ୍ଗେ କୃମିରେ ପରିଣତ ହୋଇଯାଏ ।]

ଠିଅ ହେବା—ଦେ. କ୍ରି. (ସଂ. ସ୍ଥିର ଭୂତ; ପ୍ରା. ଠିଅ ତମ୍ଭା ସ୍ଥା
Thiā hebā — ଧାତୁ ସ୍ଥା=ଠିଅ)—
खाड़ाहओया; दाँड़ान ୧ । ଛିଡ଼ା ହେବା; ଗୋଡ଼ରେ ଦଣ୍ଡାୟମାନ
खड़ा होना; ठाढ़ा होना ହେବା—1. To stand on the legs; to stand up.

୨ । ଲମ୍ବ ଭାବରେ ଅବସ୍ଥାନ କରିବା; ଭୂପୃଷ୍ଠ ସଙ୍ଗେ ସମକୋଣ ଉତ୍ପନ୍ନ କରି ଅବସ୍ଥାନ କରିବା—
2. To stand erect or perpendicularly; to stand on end.
(ଯଥା—ବାଘକୁ ଦେଖି ମୋ ଦେହର ଲୋମଯାକ ଠିଅ ହୋଇଗଲା ।)

୩ । ବିଦ୍ୟମାନ ହେବା; ଅବସ୍ଥାନ କରିବା—
3. To be present.
(ଯଥା—ସେ ଗଛଟା ତିନି ବର୍ଷ ହେଲା ମରି ସେହିପରି ଠିଅ ହୋଇ ରହିଅଛି ।)

୪ । ମସ୍ତକ ଉତ୍ତୋଳନ କରିବା—
5. To raise one's head.
(ଯଥା—ଲଜ୍ଜାରେ ମୁଁ ଦାଣ୍ଡରେ ଠିଅ ହୋଇ ପାରୁ ନାହିଁ)

୫ । (ଲିଙ୍ଗ) ଉଦ୍ରିକ୍ତ ହେବା—5. To become rigid and erect (said of the male organ).

୬ । ବିପକ୍ଷତା ଆଚରଣ କରିବା—
6. To stand against.
(ଯଥା—ସେ ସର୍ବଦା ମୋ ବିପକ୍ଷରେ ଠିଅ ହେଉଅଛନ୍ତି)

୭ । ସମକକ୍ଷ ହେବା; ପ୍ରତିଯୋଗୀ ହେବା—
7. To cope (with); to vie (with).
(ଯଥା—ବଳରେ ଭୀମ ଆଗରେ ଠିଅ ହେବାକୁ କୌରବମାନଙ୍କ ମଧ୍ୟରେ ଜଣେ କେହି ବୀର ନ ଥିଲେ ।)

୮ । ଅନୁସରଣ ବା ପ୍ରାର୍ଥନାର ପୂରଣାର୍ଥେ କୌଣସି ବ୍ୟକ୍ତିଙ୍କ ନିକଟରେ ବହୁ କାଳ ଠାକ ରହିବା—8. To dance attendance on a person for the grant of some prayer; to wait upon a person.
(ଯଥା—ସେତ ଏଥର କେତେ ତାହା ଦୁଆରେ ଠିଅ ହଉହଉ ତା ହିନ ସରିବ ନାହିଁ ।)

୯ । (ଲକ୍ଷଣାର୍ଥ) ଉପଯୁକ୍ତ ହେବା; ଯୋଗ୍ୟ ହେବା—
9. (figurative) To stand on one's own legs.
(ଯଥା—ତା ପିଲାଙ୍କମାନେ ଆଜ ସରିକ ଦାଣ୍ଡରେ ଠିଅ ହେଲେ ।)

୧୦ । (ଲକ୍ଷଣାର୍ଥ) ଗୃହ ଆଦି ସମ୍ପୂର୍ଣ୍ଣରୂପେ ନିର୍ମିତ ହେବା; ସମାପ୍ତ ହେବା—10. (figurative) (a house) To be erected or completed.

୧୧ । (ଲକ୍ଷଣାର୍ଥ) (କୌଣସି ଅନୁଷ୍ଠାନ) ଅନୁଷ୍ଠିତ ହେବା—
11. To be started.

୧୨ । (ଲକ୍ଷଣାର୍ଥ) ନିର୍ବାଚନ ପାଇଁ ପ୍ରାର୍ଥୀ ହେବା—
12. To stand as a candidate for an Election.

[ଦ୍ର—ଇଂରାଜୀରେ ଷ୍ଟାଣ୍ଡ (stand) ପରି ଠିଅ ହେବାର ଅନେକ ଲକ୍ଷଣସୂଚକ (figurative) ବ୍ୟବହାର ଦେଖାଯାଏ]
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଯିବା, ରହିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।

ଠିଏ ଠିଏ—ଦେ. କ୍ରି. ବଣ.—କେବଳ ମାତ୍ର ଠିଅ ବା ଭିତ୍ତିଙ୍କ ଆଶ୍ରା
Thie thie କରି—Depending upon props only (said of old delapidated houses and walls which are supported by props).
(ଯଥା—ବଦରା କାନ୍ଥକୁ ମୁଁ ଠିଏ ଠିଏ କରିଛି ସମ୍ଭାଳି ନେବି ।)

ଠିଁ—ଦେ. ଅ.—ଠି (ଦେଖ)
Thin̄ — Thi (See)

ଠିକ୍—ଦେ. ବଣ. (ସଂ. ସ୍ଥିର୍ ଧାତୁ=ସ୍ଥିରତା, ଗୋପନ; ତମ୍ଭା ସ୍ଥଗ୍,
Thik ଷ୍ଟକ୍ ଧାତୁ=ପ୍ରତିଘାତ)—୧ । ପ୍ରକୃତ; ଯଥାର୍ଥ—
ठिक — 1. Actual; exact.
ठीक (ଯଥା—ମୁଁ ଆପଣଙ୍କ ଆଗେ ଘଟଣାର ଠିକ୍ ବିବରଣ କହୁଛି)
୨ । ଶୁଦ୍ଧ; ଅଭ୍ରାନ୍ତ—2. Correct; right,
(ଯଥା—ଏ ଛାତ୍ରର ଅଙ୍କ ଗଣିତ ଠିକ୍ ହୋଇଛି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଖ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ।

୩ । ଉପଯୁକ୍ତ—3. Fit; fitting; proper.
(ଯଥା—ଠିକ୍ ସମୟରେ ନ ଖୋଇଲେ ମୋ ଦେହ ବିଗିଡ଼େ)
୪ । ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ସମୟରୁ କ୍ଷଣମାତ୍ର ବେଶି ବା କମ୍ ନୁହେଁ—Precise; punctual.
(ଯଥା—ସେ ଠିକ୍ ୧୨ଟା ବେଳେ ଆସି ପହଞ୍ଚି ଗଲା।)
୫ । ତଦ୍ରୂପ; ସ୍ୱାଭାବିକ—5. Natural.
(ଯଥା—ବିଲୁଆଟା ଠିକ୍ କୁକୁରଟିଏ ପରି ଦିଶୁଛି।)
୬ । ସତ୍ୟ—6. True.
(ଯଥା—ସାକ୍ଷୀ ହାକିମଙ୍କ ଆଗରେ ହଲପ ନେଇ ଠିକ୍ କଥା କହି ଗଲା।)
୭ । ଅବିକଳ—7. Genuine; exact.
(ଯଥା—ଏ ପିତଳ ଖଣ୍ଡିକ ଠିକ୍ ସୁନା ପରି ଦେଖାଯାଉଛି)
୮ । ନିଶ୍ଚିତ—8. Certain; accurate.
(ଯଥା—ହଜି ଥିବା ବଳଦର ଠିକ୍ ଖବର ମୁଁ ପାଇଲି ନାହିଁ।)
୯ । ସ୍ଥିର; ନିଶ୍ଚଳ—9 Sure; stable; fixed.
(ଯଥା—ଘୋଡ଼ା ପିଠିରେ ଠିକ୍ ଆସନ ଜମାଇ ବସି ନ ପାରିଲେ ତୁମେ ଖସି ପଡ଼ିବ।)
୧୦ । ନ୍ୟାୟପର; ସତ୍—
10. Upright; just; honest; righteous.
(ଯଥା—ରାଜା ଠିକ୍ ବିଚାର କଲେ।)
୧୧ । ସ୍ଥିରୀକୃତ; ନିଶ୍ଚିତ—11. Certain; ascertained.
(ଯଥା—ମକରମାସର ୮ ଦିନକୁ ବିବାହ ଠିକ୍ ହେଲା।)
୧୨ । ଦୋଷଶୂନ୍ୟ—
12. Faultless; free from blemishes.
(ଯଥା—ଏ ପିଲାଟାର ଆଚରଣ ଠିକ୍ ଅଛି।)
୧୩ । ଅପରିବର୍ତ୍ତନୀୟ; ଅଟଳ—
13. Firm; unchangeable.
(ଯଥା—ଆମ ସାଆନ୍ତଙ୍କ ଜବାବ୍ ଠିକ୍ ଅଛି।)
୧୪ । ଅଚ୍ଛା; ସୁନ୍ଦର; ଉତ୍ତମ—14. Good.
(ଯଥା—ତୁମ୍ଭଙ୍କ ମିଜାଜ୍ ଠିକ୍ ଥିଲାବେଳେ ମୋ ଗୁହାରିଟା ତୁମ୍ଭରେ ପଡ଼ିଗଲା।)
୧୫ । ସୁଶାସିତ—15. Brought under control.
(ଯଥା—ଚାବୁକସୁଆର ଦୁଷ୍ଟ ଘୋଡ଼ାକୁ ଠିକ୍ କରିଦେଲା।)
୧୬ । ସୁଧାରିକୁ ଆଣିତ; ସୁଧୁରିଥିବା—
16. Set right.
(ଯଥା—ଘଡ଼ିବାଲା ବିଗିଡ଼ିଥିବା ଘଣ୍ଟାକୁ ଠିକ୍ କରି ଦେଲା।)
୧୭ । ସୁବ୍ୟବସ୍ଥିତ—
17. Nicely arranged; well organised.
କ୍ରି. ବିଣ.—୧ । ସତ୍ୟରେ; ସତେ ସତେ—1. Truly.
୨ । ସମ୍ପୂର୍ଣ୍ଣରୂପେ—2. Fully; completely.
୩ । ନିଶ୍ଚିତରୂପେ; ନିର୍ଦ୍ଦିଷ୍ଟରୂପେ—
3. Certainly; surely.
୪ । ନିୟମିତରୂପେ—4. Punctually.
୫ । ପ୍ରକୃତରେ—5. Actually.
୬ । ଅବିକଳ—6. Exactly.
୭ । ନ୍ୟାୟତଃ—7. Righteously; justly.
୮ । ଅବିକଳ—8. Exactly.
୯ । ଉପଯୁକ୍ତରୂପେ—9 Properly.
୧୦ । ଅଭ୍ରାନ୍ତରୂପେ—10. Correctly; unerringly.
୧୧ । କ୍ଷଣମାତ୍ର ଅଗପଛ ନ କରି—11. Punctually.
୧୨ । ସମାନଭାବରେ—12. Equally.
୧୩ । ସୁନ୍ଦରଭାବରେ—13. Nicely; well.

ଠିକ୍ କରିବା—ଦେ. କ୍ରି (ଧମକାଣରେ ବ୍ୟବହୃତ)—୧ । (ଲକ୍ଷଣାର୍ଥ)
Ṭhik karibā ସୁଶାସିତ କରିବା ବା ଜବତ କରିବା—
ठीक करना 1. (figurative) To bring under control;
ठाक बनाना to teach a lesson.
(ଯଥା—ମୁଁ ତତେ ଠିକ୍ କରି ଦେବି)
୨ । ନିଷ୍ପନ୍ନ ବା ସମ୍ପନ୍ନ କରିବା—2. To complete; to accomplish.
୩ । ନିଶ୍ଚୟ ବା ସ୍ଥିର କରିବା; ନିରୂପଣ କରିବା—
3. To ascertain; to settle; to make sure.
୪ । ବାଟକୁ ଆଣିବା; ସୁଧାରିବା—4. To set right.

ଠିକ୍ ଠାକ୍—ଦେ. ବିଣ ଓ କ୍ରି. ବିଣ—୧ । ସୁନିଶ୍ଚିତ; ସ୍ଥିରୀକୃତ—
Ṭhik-ṭhāk 1. Settled.
ठिक्ठाक्, ठिकठाक ୨ । ନିୟମାଧୀନ—2. Ordered; orderly
୩ । ନିରୂପିତ; ନିର୍ଦ୍ଦିଷ୍ଟ—3. Certain; ascertained.
୪ । ସୁସମାହିତ—4. Completed; well arranged.
୫ । କମ୍ ବା ବେଶି ନ ହୋଇ—5. Fitting, exact; precise.
୬ । ନିଷ୍ପତ୍ତି କରି ଯାଇଥିବା—
6. Decided; settled.

ଠିକ୍ ଠିକଣା—ଦେ. ବି.—୧ । ସ୍ଥିରତା—1. Certainty.
Ṭhik ṭhikaṇā ୨ । ବନ୍ଦୋବସ୍ତ; ଆୟୋଜନ—
ठिकठेकाना: ठिकटिकाना 2. Arrangement.
୩ । ସ୍ଥିରୀକରଣ—3. Ascertainment.
୪ । ଇୟତ୍ତା—Estimate.
୫ । ସୁବ୍ୟବସ୍ଥା—5. Good arrangement; nice order.

ଠିକ୍ଡ଼ି—ପ୍ରାଦେ. (ସମ୍ବଲପୁର) ବି—ଠିକ୍ରି; ତାସ୍ ଖେଳର ନାଲି
Ṭhik ṛḍi ଚତୁଷ୍କୋଣାକୃତି ରଙ୍ଗ—
The diamond of cards.

୧	ଇ	ଉ	ଋ,ହ୍ର	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଭ
୨	ଈ	ଊ	ରୁ	ଲୁ	ଯେ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ତନ୍ତ୍ରବକୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଅ	ଊ	ନ୍ତ

ଠିକ୍ରି—ଦେ. ବି—ଠିକିରି (ଦେଖ)
Ṭhik-ri Ṭhikiri (See)

ଠିକ—ଦେ. ବି—୧ । ନିଶ୍ଚୟ—1. Surety; precision;
Ṭhika accuracy.

୨ । ସମଷ୍ଟି—2. Addition; summing up; total.

ଗଉଉ ହୋଇଥିବା ଗାଈଙ୍କ ମାନଙ୍କ
ନାମ ପକାଇଲେ କରଣେ କରି ଠିକ—କୃଷ୍ଣସିଂହ.ମହାଭାରତ. ବନ ।

୩ । ସ୍ଥିରତା—3. Fixity; stability.

୪ । ସଂକ୍ଷିପ୍ତ ବା ସାରକଥା—4. Summary.

ଯେତେ କହିଲ ବେଦ ଠିକ—ପ୍ରାଚୀ ନର୍ଣ୍ଣ ମାହାତ୍ମ୍ୟ ।

ବିଣ—୧ । ସାର; ବହୁମୂଲ୍ୟବାନ୍ (କଥା)—
1. Very valuable.
(ଯଥା—ଠିକ କଥା ପଦେ ଏ ସମୟରେ ଶୁଣା ଯାଉ ନାହିଁ ।)

୨ । ସୁନ୍ଦର; ମନୋହର—
2. Charming; graceful; nice.

ଆରେ ଠିକହାସି ! ଠକପଣ ପୁଣି କହ ଥାଏ ନିଶି—ବନସ୍ପତ୍ୟ ସଙ୍ଗୀତ ।

୩ । ସମ୍ପୂର୍ଣ୍ଣ; ଅଖଣ୍ଡ—3. Complete; full.

ଠିକଠ ବର୍ତ୍ତୁଳି ବନ୍ଧାନବା ତୋ ଉରରେ—କବୀନ୍ଦ୍ର ଗଣେଶ ଚମ୍ପୂ ଗୀତ ।

ଠିକ କରିବା—ଦେ. କି—୧ । ସମଷ୍ଟି କରିବା; ଯୋଗ କରିବା—
Ṭhika karibā 1. To sum up; to add together.
ঠিক দেওয়া ୨ । ଏକାଧିକ ସଂଖ୍ୟାର ଯୋଗଫଳ ବାହାର କରିବା—
जोड़ना 2. To cast up a sum, to work out the total of more than one number.

ଠିକ ଠିକ—ଦେ. ବିଣ (ବହୁବଚନ)—୧ । କୌଣସି ସମାଜର ବା
Ṭhika ṭhika ସ୍ଥାନର ବଶିଷ୍ଟ ବା ଗଣ୍ୟମାନ୍ୟ (ବ୍ୟକ୍ତିଗଣ)—
1. Very respectable and leading (persons) of a locality or society. elite;
(ଯଥା—ଏ ଗାଆଁରୁ ଠିକ ଠିକ ୫ ଜଣ ଲୋକଙ୍କୁ ଡାକ ଏ ନିଷ୍ପତ୍ତି କରାଇବା ।)

୨ । ସାର; ମୂଲ୍ୟବାନ୍—
2. Substantial; valuable.

ଶୁଣ ବାବୁ ନଗରର ଠିକଠିକ କଥା—ପ୍ରାଚୀ ବୃହନ୍ନଳୁପଣଗୀତା ।

୩ । ବଛା ବଛା—3. Chosen; select.

ଠିକଣା—ଦେ. ବି [ସଂ ସ୍ଥା ଧାତୁ (Beams); ସଂ. ସ୍ଥାନ]—
Ṭhikaṇā ୧ । ସ୍ଥିରତା; ଥୟ; ନିଶ୍ଚୟତା—
ঠিকানা 1. Stability; certainty; precision; fixity.
ठिकाना ୨ । କୂଳ କିନାରା; ତତ୍ତ୍ୱ; ନିଦର୍ଶନ; ଚହଳା—
2. Trace or vestige of any thing.

୩ । ପତ୍ତା; ବାସସ୍ଥାନ, କୌଣସି ବ୍ୟକ୍ତିଙ୍କ ରହିବା ସ୍ଥାନ—
3. Residence; address; where-abouts of a person.

୪ । ସତ୍ୟ ବା ସୁନିଶ୍ଚିତ ସମ୍ବାଦ—4. Accurate or exact information.

୫ । ଯୋଗାଡ଼; ଆୟୋଜନ; ବନ୍ଦୋବସ୍ତ—
5. Arrangement; disposition.

୬ । ଶେଷ ସୀମା; ଶେଷ ଉଦ୍ଦେଶ୍ୟ—
6. The end; last aim; desired limit.

୭ । କୌଣସି ବିଷୟର ସ୍ଥିରୀକରଣ—
7. Ascertainment.

ଠିକଣା କରିବା—ଦେ. କି.—୧ । ଅନୁସନ୍ଧାନଦ୍ୱାରା କୌଣସି ବିଷୟର
Ṭhikaṇā karibā ସୁନିଶ୍ଚିତ ସମ୍ବାଦ ସଂଗ୍ରହ କରିବା—
ঠাকানা করা 1. To gather exact information.
ठिकाना करना ୨ । ଠାବ କରିବା—
2. To trace an affair; to seek.

୩ । ସୁଧାରିବା—3. To set right.

୪ । ଯୋଗାଡ଼ କରିବା; ଆୟୋଜନ କରିବା—
4 To arrange.

୫ । ସ୍ଥିର କରିବା—
5. To fit; to ascertain; to settle.

୬ । ଖୋଜ ବାହାର କରିବା—6. To find out; to seek out.

ଠିକଣା ଲଗା(ଗେ)ଇବା—ଦେ. କି.—ଠିକଣା କରିବା (ଦେଖ)
Ṭhikaṇā lagā(ge)ibā Ṭhikaṇā karibā (See)
ঠিকানা লাগান **ठिकाना लगाना**

ଠିକଣା ଲଗିବା—ଦେ. କ.—୧ । କୌଣସି ବିଷୟର ପତ୍ତା ମିଳିବା—
Ṭhikaṇā lāgibā 1. A matter being traced.
ঠিকানা লাগা **ठिकाना लगना**

୨ । ସ୍ଥିରୀକରଣ—2. Settlement; ascertainment.

ଠିକ ଦେବା—ଦେ. କି.—ଠିକ କରିବା—
Ṭhika debā Ṭhika karibā (See)

ଠିକ ବନ୍ଧ—ଦେ. ବି.—ଅଟଳ ବା ଦୃଢ଼ ବନ୍ଧ—
Ṭhika bandha A firm embankment.

ମନେ କଲ୍ପିଲି ମାତ୍ରେ ସାଧ, ତେଣ ହୋଏ ଠିକବନ୍ଧ ।
ପ୍ରାଚୀ. ନର୍ଣ୍ଣମହାତ୍ମ୍ୟ ।

ଠିକ ମୁଣ୍ଡ—ଦେ. ବି.—୧ । ଶେଷକାଳ; ମୃତ୍ୟୁକାଳ—
Ṭhika muṇḍa 1. Death.
(ଠିକଣାମୁଣ୍ଡ—ଅନ୍ୟରୂପ)

୨ । ଅଭିପ୍ରେତ ଶେଷ ସ୍ଥାନ—
2. Intended limit; terminus.

ଠିକର୍—ଦେ. ବି.—ଠୋକର (ଦେଖ)
Ṭhikar Ṭhokara (See)

ଠିକର୍ ଖାଇବା—ଦେ. କି.—୧ । ଝୁଣ୍ଟି ପଡ଼ିବା—
Ṭhikar khāibā 1. To stumble; to trip.
ঠোকর খাওয়া ୨ । ତଳେ ବାଜି ପୁଣି ଉପରକୁ ଉଠିବା—
ठोकर खाना 2. To rebound.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

ଠିକରା(ରେ)ଇବା—ଦେ. କ୍ରି—୧ । ଠିକରିବାର ଣିଜନ୍ତରୂପ—
Ṭhikarā(re)ibā 1. The causative form of 'Ṭhikaribā'.
ঠিকরা, **ठिठकाना**
୨ । ଝଲସାଇବା—2. To dazzle.

କମ୍ପା ନୈଶସିନ୍ଧୁ-ବାମ୍ପ ନାବିକଙ୍କୁ ଆଖି ଠିକରାଇ ।
ରାଧାନାଥ. ମହାଯାତ୍ରା ।

[ଠିକରା(ରେ)ଇବା—ଅନ୍ୟରୂପ]

ଠିକରିବା—ଦେ. କ୍ରି.—(ସଂ. ସ୍ତୁକ୍, ସ୍ତକ୍=ପ୍ରତିଘାତ)—(ଆଖି) ଝଲସି ଯିବା ବା ଚୁନ୍ଧି ହୋଇ ଯିବା; ବାଧା ପାଇବା—
Ṭhikaribā To be dazzled; to be dazed (said of the eyes.)
ঠিকরান **ठिठकना**

ଠିକରି ପଡ଼ୁଛି ଠାବେ ଠାବେ କେଶ ହୋଇ ଏ ଚନ୍ଦ୍ରମା ହାଟ ।
ରାଧାନାଥ. ପାର୍ବତୀ ।

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟାର ସମାପିକାରୂପ ଲାଗେ ।]

ଠିକା—ଦେ. ବି.—(ସଂ. ସ୍ଥିରୀକରଣ)—୧ । କୌଣସି କାମ ପାଇଁ ଆଗରୁ ସ୍ଥିରୀକୃତ ମୂଲ୍ୟ ବା ଦର—
Ṭhikā 1. Contracted rate for a whole work; consolidated fare for a work agreed to beforehand.
ঠিকা **ठीका**
୨ । ପୂର୍ବରୁ ପାରିଶ୍ରମିକ ଚୁକ୍ତି କରି ବା ସ୍ଥିର କରି କରାଯିବା କାର୍ଯ୍ୟ; କାଣ୍ଟ୍ରାକ୍ଟ କାମ—2. Job-work; piece-work; work done by contract.
୩ । ଅସ୍ଥାୟୀ କାର୍ଯ୍ୟ ବା ବନ୍ଦୋବସ୍ତ—3. Temporary service or arrangement.
୪ । ମଜୁରିରେ କରାଯିବା କାମ—4. Hire; mercenary work.
୫ । ଠିକାରେ କାମ କରିବା ପ୍ରଣାଳୀ ବା ରୀତି—5. Contract system.
୬ । ଇଜରା; ନିର୍ଦ୍ଦିଷ୍ଟ କର ଦେଇ କିଛି କାଳ ପାଇଁ ଦିଆଯିବା ଭୂସମ୍ପତ୍ତିର ପଟ୍ଟା—Ijara; farming; temporary lease.
ঢেক্কা **इक्का**
୭ । ତାସ୍ ଖେଳରେ ଏକ ସଂଖ୍ୟା ଚିହ୍ନିତ ତାସ୍—7. The ace in card play.
ଦେ. ବିଣ—୧ । ଅସ୍ଥାୟୀ—1. Temporary.
୨ । ଆଗରୁ ପାରିଶ୍ରମିକ ସ୍ଥିର ହୋଇଥିବା (କାର୍ଯ୍ୟ)—2. Contracted (work).

ଠିକା(କେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ସମ୍ମୁଖରେ ବାଧା ଛାଡ଼ିଦେଇବା—1. To make a man encounter obstacles; to put obstacles in one's way.
Ṭhikā(ke)ibā
ঠেকান **ठिकवाना**
୨ । ମନୁଷ୍ୟକୁ ଶିକ୍ଷା ଦେବା—2. To teach a man a lesson.

୩ । ଠିକ୍ କରିବା; ଠିକଣା ବା ସ୍ଥିର କରି ମନୋନୀତ କରିବା—3. To settle or select a thing wanted
(ଯଥା—ରୂପ ଓ ଶଗଡ଼ ଦୁଇକାମର ଉପଯୋଗୀ ଗୋଟିଏ ବଳଦ ମୁଁ ଠିକେଇଛି ।)

ଠିକା ଗାଡ଼ି—ଦେ. ବି—ଭଡ଼ାଟିଆ ଗାଡ଼ି; ଭଡ଼ା ଦିଆ ଗାଡ଼ି—
Ṭhikā gāṛi Hackney carriage.
ঠিকাগাড়ী **किरायागाड़ी**

ଠିକାଠିକା—ଦେ.ବିଣ(ବହୁ)—୧ । ଗୋଟିଏ ଗୋଟିଏ; ଗୋଟିଗୋଟିକିଆ—
Ṭhikā-ṭhikā 1. Solitary
୨ । ବିରଳ—2. Rare.

ଠିକାଦାର—ଦେ. ବିଣ—୧ । କାଣ୍ଟ୍ରାକ୍ଟର; କାନଟ୍ରାକ୍ଟ; କଣ୍ଟ୍ରାକ୍ଟର—
Ṭhikā-dār 1. Contractor; one who undertakes to do any work on contract system.
ঠিকাদার **ठिकेदार**

ନାନାପ୍ରକାର ମିଷ୍ଟାନ୍ନ, ନାନାପ୍ରକାର ପେୟ, ଆସନ, ଦାନ୍ତଖୁଣ୍ଟା ପର୍ଯ୍ୟନ୍ତ ଧରି ଠିକାଦାର ହାଜର ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଇଜାରାଦାର; ବାର୍ଷିକ ବା ସାମୟିକ ଜମାରେ ଘାଟ ଆଦିର ମାସୁଲ ଆଦାୟର ସ୍ୱତ୍ୱ ପଟ୍ଟାନେଇ ଥିବା ବ୍ୟକ୍ତି—
2. Ijaradar; a peron who takes a farming lease.
ପ୍ରାଦେ. (ସମ୍ବଲପୁର) ବିଣ—ଗ୍ରାମର ପ୍ରଜାଙ୍କଠାରୁ ଖଜଣା ଆଦାୟ କରି ନିର୍ଦ୍ଦିଷ୍ଟ ରାଜସ୍ୱ ଜମିଦାରଙ୍କ ନିକଟ ଦାଖଲ କରିବା ପାଇଁ ନିର୍ଦ୍ଦିଷ୍ଟ କାଳ ନିମନ୍ତେ ଇଜାରା ନେଇଥିବା ବ୍ୟକ୍ତି—Farmer of a village under a zamindar.

ଠିକାଦାରି—ଦେ. ବି—ଠିକାଦାରର କାର୍ଯ୍ୟ—The position or state of being a contractor.
Ṭhikādāri
ঠিকাদারি **ठीकेदारी**

ଠିକା ଦେବା—ଦେ. କ୍ରି—କୌଣସି କାର୍ଯ୍ୟକୁ ନିରୂପିତ ପାରିଶ୍ରମିକ ଓ ସମୟରେ ଶେଷ କରିବା ନିମନ୍ତେ କାଣ୍ଟ୍ରାକ୍ଟ ଉପରେ ଅର୍ପଣ କରିବା—To let out a work on contract.
Ṭhikā debā
ঠিকা দেওয়া **ठीका देना**

ଠିକା ନେବା—ଦେ. କ୍ରି—କୌଣସି କାର୍ଯ୍ୟକୁ ଠିକା ପ୍ରଣାଳୀରେ ନିଷ୍ପନ୍ନ କରିବା ନିମନ୍ତେ ଭାର ଗ୍ରହଣ କରିବା—
Ṭhikā nebā To undertake any work on contract.
ঠিকা নেওয়া **ठीका लेना**

ଠିକିବା—ଦେ. କ୍ରି. (ସଂ. ସ୍ତୁକ୍, ସ୍ତକ ଧାତୁ=ପ୍ରତିଘାତ)—
Ṭhikibā ୧ । ଗତିରୁଦ୍ଧ ହେବା; ବାଧା ପାଇବା; ବାରୁଡ଼ିବା—
ঠীকা; ঠেকা 1. To be obstructed; to be hindered; to encounter a hindrance.
ठिकना

ି	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ୟ	ଜ	ଶ,ଷ	କ୍ଷ	ଇଙ୍ଗ	ଡ଼ଅ	ଢ଼
୨	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଡ଼	ଢ଼

୨ । କୌଣସି ଦୃଢ଼ପଦାର୍ଥରେ ଆଘାତ ପାଇବା—
2. To strike against a hard thing; to collide against a hard thing.

୩ । ଝେକାଯିବା; ଅଟକାଯିବା—
3. To be detained or checked.

୪ । ଅତିରିକ୍ତ ହେବା; ସମଧିକ ହେବା; ବଳିପଡ଼ିବା—
4. To exceed.

୫ । ନିଶ୍ଚିତ ହେବା—5. To be fixed or settled

୬ । ସଂସାରରେ ବା କାର୍ଯ୍ୟକ୍ଷେତ୍ରରେ ଧକ୍କା ପାଇବା—
6. To encounter difficulties in one's field of action or in the world.

ଠିକ ଯିବା—ଦେ. କ୍ରି—୧ । କାର୍ଯ୍ୟକ୍ଷେତ୍ରରେ ବାଧା ପାଇବା—
Thiki jibā 1. To meet with difficulties.
ঠেকে যাওয়া ୨ । ଅକୃତକାର୍ଯ୍ୟ ହେବା—
ठीक जाना 2. To be baffled.

ଠିକିରି—ଦେ. ବି—୧ । ତାସ୍‌ଖେଳରେ ନାଲିରଙ୍ଗ ଚତୁଷ୍କୋଣ ଆକାରର Thikiri ତାସ୍; ରୁହିତନ୍—I. The diamond cards রুইতন of card play.
ईंट ୨ । ଗୁଡ଼ାଖୁ ଖାଇବା ଚିଲମର କଣ୍ଠଦେଶରେ ଦିଆଯିବା ଗୋଡ଼ି—2. A bit of flint put at the neck ठिकरी of the mouthpiece or receiver of a कंकड़ hubble-bubble.

ଠିକିରିବା—ଦେ. କ୍ରି—ଠିକରିବା (ଦେଖ)
Thikiriba Thikaribā (See)

ଠିକିରି ବାହାରିବା—ଦେ. କ୍ରି—ଫୁଟି କରି ବାହାରିବା; ପ୍ରକଟିତ ହେବା-
Thikiri bāhāribā To bulge out.

ଠିକି ଶିଖିବା—ଦେ. କ୍ରି— ସଂସାରକ୍ଷେତ୍ରରେ ନାନା ବାଧା ଅନୁଭବ କରି Thiki sikhibā ଶିକ୍ଷା ବା ଅଭିଜ୍ଞତା ଲାଭ କରିବା; ଅନୁଭବଦ୍ୱାରା ঠেকে শিখা ବହୁଦର୍ଶୀ ହେବା—To learn a lesson or to acquire experience by encountering difficulties in the world.
[ଦ୍ର—ଠିକିଲେ ନାଗ୍ରି ଘର କରେ—ପ୍ରବଚନ; ଏହାର ଅର୍ଥ =ଯେଉଁ ସ୍ତ୍ରୀ ସଂସାରରେ ବହୁତ ଦୁଃଖ ପାଇଥାଏ ସେ ଖୁବ୍ ଅଭିଜ୍ଞତା ଲାଭ କରେ ।]

ଠିକେ—ଦେ. ଅ—ଠିକ୍ କଥା କହିବାକୁ ଗଲେ—To speak the Thike truth; roughly speaking
କ୍ରି. ବିଣ—ସଂକ୍ଷେପରେ; ସ୍ଥୂଳତଃ—Briefly, roughly.

ଠାରେ କଥିତ ଅଛି, ଠିକେ କହ ତବ ଘରେ । କବିସମ୍ରାଟ, ସଙ୍ଗୀତ

ଠିକେ ଠିକେ—ଦେ. କ୍ରି. ବିଣ—୧ । ସଂକ୍ଷେପରେ—
Thike thike 1. Briefly; succininctly.
୨ । ସ୍ଥୂଳତଃ—2. Roughly; on the whole.

ଏଥିରୁ ଆମ୍ଭେମାନେ ଠିକେ ଠିକେ ସବୁ କଥା ଲେଖି ମଙ୍ଗରାଜ ଅଟ୍ଟାଳିକାର ମର୍ଯ୍ୟାଦା ରକ୍ଷା କରିବାକୁ ଚେଷ୍ଟା କରିବୁଁ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଠିକେଣ—ଦେ. (ପଦ୍ୟ) ଅ—ଠିକେ ଠିକେ (ଦେଖ)
Thikena Thike thike (See)

ଠିକେଦାର—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ହି. ଠୀକେଦାର)—
Thikedār ଠିକାଦାର (ଦେଖ)—Thikādār (See)

ଠିକ୍କା—ଦେ. ବି—୧ । ତାସ୍ ଖେଳରେ ଗୋଟିଏ ବିନ୍ଦୁ ବା ସଂଖ୍ୟା Thikkā ଥିବା ତାସ୍ ଖଣ୍ଡ; ଟିକ୍କା—
টেক্কা 1. The ace of cards; the card having
एक्का a single point on it.
[ଦ୍ର—ତାସ ଖେଳରେ ୪ ରଙ୍ଗ (ନାଲି ପାନ—Heart, ଇସ୍କାପାନ ବା କଳାପାନ-Spade, ଚିଡ଼ିତନ—Club, ଏବଂ ଠିକିରି ବା ରୁହିତନ୍—Diamond); ପ୍ରତ୍ୟେକ ରଙ୍ଗର ୧୩ପଟ ଲେଖାଏଁ (୧ ଠାରୁ ୧୦, ଗୋଲାମ—୧୧, ବିବି—୧୨, ସାହେବ—୧୩) ଥାଏ । ୧ ସଂଖ୍ୟା ବା ବିନ୍ଦୁଯୁକ୍ତ ତାସର ମୂଲ୍ୟ ୧୪ ଅର୍ଥାତ୍ ସମସ୍ତଙ୍କ ଅପେକ୍ଷା ଅଧିକ । ଏଥିପାଇଁ ସମସ୍ତଙ୍କ ମଧ୍ୟରୁ ପ୍ରଧାନ ବ୍ୟକ୍ତିଙ୍କୁ 'ଠିକ୍କା' ସଙ୍ଗେ ତୁଳନା କରାଯାଏ ।]
୨ । ବହୁ ଲୋକଙ୍କ ମଧ୍ୟରେ ପ୍ରଧାନ ବ୍ୟକ୍ତି—
2. The chief person in an assemblage.

ଠିପି—ଦେ. ବି. (ସ୍ଥା ଧାତୁ ଣିଜନ୍ତ ସ୍ଥାପି ଧାତୁ)—
Thipi ଶିଶି ପ୍ରଭୃତିର ମୁହଁ ବନ୍ଦ କରିବା ନିମିତ୍ତ ଦିଆଯାଇ ছিপি ଥିବା ଯୋଡ଼ିଣି ବା ଖିଲ—A cork; plug;
ठेपी stopper.

ଠିପିଦାର—ଦେ. ବିଣ— ଠିପି ଦିଆଯାଇଥିବା (ବୋତଲ ବା ଅନ୍ୟପାତ୍ର)-
Thipi dār Corked; stoppered (bottle).
ছিপিদার ठेपीदार

ଠିର୍କା—ପ୍ରାଦେ. (ଗଡ଼ଜାତ) ବି—ବାଉଁଶ ନିର୍ମିତ ବାଦ୍ୟ ସଦୃଶ ବିଶେଷ-.
Thir-kā A kind of contrivance made of bamboo
(ଠରକା—ଅନ୍ୟରୂପ) which is struck with 2 sticks and produces a hollow sound which scares away wild beasts from fields during the night.
[ଦ୍ର—ଗୋଟିଏ ମୋଟା ବାଉଁଶ ନଳୀକୁ ଫାଳେ ଚିରି ତାହାର ଉଭୟ ପାଖ ମୁଦି ଦେଇଥିରେ ଖଣ୍ଡିଏ ଦଉଡ଼ି ଲଗାଇ ୨ ଖଣ୍ଡ କାଠିରେ ତା ଉପରେ ଆଘାତ କଲେ ସେହି ଶବ୍ଦ ଦ୍ୱାରା ରାତିରେ ଫସଲ ନଷ୍ଟ କରୁଥିବା ପଶୁମାନେ ଦୂରେଇ କରି ପଳାନ୍ତି ।]

ଠିର୍କା(କେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିଙ୍କୁ ବା ଜୀବକୁ ଆଗରୁ Thirkā(ke)ibā ସାବଧାନ କରି ଦେବାକୁ କୌଣସି ସ୍ଥଳରୁ ସେ ସ୍ଥଳ [ଠିରିକା(କେ)ଇବା—ଅନ୍ୟରୂପ] ଯିବାର ଉପାୟ କରିବା; ଚରକେଇବା—To warn away a person or animal from a place.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ'କୁ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଠିରିକା— ପ୍ରାଦେ. (ଗଡ଼ଜାତ) ବି—ଠିର୍‌କା (ଦେଖ)
Thirika — Thirka (See)

ଠିରିକିବା— ଗ୍ରା. କ୍ରି—ମାଟିରୁ ପାଗ ବା ଅର୍ଦ୍ଧତା ଶୁଖି ଯିବା (ମାଟି ଟାଣ ହୋଇଯାଏ)— To dry up (said of a soil) and harden.
Thirikiba
(ଠିରିକିଯିବା—ଅନ୍ୟରୂପ)

ଠିଲ୍—ଦେ. ବିଣ. (ସଂ. ସ୍ଥୂଳ)—
Thil ୧ । ସମ୍ପୂର୍ଣ୍ଣ—1. Full.
ଭରପୂର (ଯଥା—ଭୋଜନରେ ମୋ ପେଟ ଠିଲ୍ ହୋଇଗଲା ।)
ठिलाठिल ୨ । ପ୍ରଚୁର—2. More than sufficient.

ଠିଲେଇବା— ଦେ. କ୍ରି. (ସଂ. ସ୍ଥୂଳ)—
Thileiba ୧ । ଅଧିକ ମାତ୍ରାରେ ପୂର୍ଣ୍ଣ ହେବା—
ठिलना 1. To be full to overflowing.
(ଯଥା—ନଈରେ ପାଣି ଠିଲେଇଛି ।)
୨ । ପଛଆଡ଼ୁ ଠେଲିବା—
2. To push from behind.
(ଯଥା— ଗଙ୍ଗାରେ ଜୁଆର ପାଣି ଠେଲେଇଛି ।)

ଠୁ—ଦେ. ଅ—ଠୁଁ (ଦେଖ)—
Thu Thuñ (See)
ପ୍ରାଦେ. (ମେଦିନୀପୁର) କ୍ରି. (ପ୍ରତ୍ୟୟ)—ଛୁ (ଥୁ)— (thou) Art doing.

ଠୁଇଲ୍ ହେବା—ପ୍ରାଦେ. (ସମ୍ବଲପୁର) କ୍ରି—
Thuil heba ଠୁଳ ହେବା; ଏକତ୍ର ହେବା—
To be assembled; to be gathered.

ଠୁଂରି—ବୈଦେ. ବି. (ହି. ଠୁମ୍‌ରୀ)—ଠୁମ୍‌ରି (ଦେଖ)
Thumri Thum-ri (See)

ଠୁଁ—ଦେ. ଅ. (ପଞ୍ଚମୀ ବିଭକ୍ତିର ଚିହ୍ନ)—୧ । ଠାରୁ—
Thuñ 1. From.
থেকে • ନୋହିଲେ ମଦନ ମୁଁ ଭଲ ମୋଠୁଁ ସ୍ନେହ ।
से କୃଷ୍ଣସିଂ. ମହାଭାରତ, ବନ ।
୨ । ଅପେକ୍ଷା—2. Than.
୩ । ଅମୁକ କାଳରୁ; ଅବଧି—3. Since.

ଠୁଁସିବା—ଦେ. କ୍ରି—୧ । ଠେଁସିବା (ଦେଖ)
Thuñsiba 1. Theñsiba (See)
ঠুঁসা ୨ । ହାତୁଡ଼ିରେ ପିଟିବା—
ठुसकाना, ठुँसना 2. To beat with a hammer.
୩ । ହାତୀର ଅଗ ବା ମୂଳରେ ଖୋଦିବା; ଖୁନ୍ଦିବା—
3. To ram.

ଠୁକ୍‌ଠାକ୍—ଦେ. (ଧ୍ୱନ୍ୟନୁକରଣ) ଅ ଓ ବି—ଠୁକୁଠୁକୁ (ଦେଖ)
Thuk-thāk Thuku-thuku (See)

ଠୁକ୍‌ଠୁକ୍—ଦେ. (ଧ୍ୱନ୍ୟନୁକରଣ) ଅ ଓ ବି—ଠୁକୁଠୁକୁ (ଦେଖ)
Thuk-thuk Thuku-thuku (See)

ଠୁକ—ଦେ. ବି—ଟୋକ (ଦେଖ)
Thuka Toka (See).

ଠୁକ ଚଳିବା—ଦେ. ବି· (ସଂ. ସ୍ତୋକ)—ଠୁକି ଚଳିବା (ଦେଖ)
Thuka chaliba Thuki chaliba (See)

ଠୁକର—ଦେ. ବି—ଠୋକର (ଦେଖ)
Thukara Thokara (See)

ଠୁକ(କୁ)ରା(ରେ)ଇବା— ଦେ. କ୍ରି— ଠୋକରାଇବା (ଦେଖ)
Thuka(ku)rā(re)ibā Thokarāiba (See)

ଠୁକା(କେ)ଇବା—ଦେ. କ୍ରି —ଠୁକିବା (୨) (ଦେଖ)
Thukā(ke)iba Thukiba 2 (See)
(ଯଥା—ଅବଧାନେ ବାଳକର ଗାଲୁରେ ବେତ ଠୁକାଉ ଅଛନ୍ତି ।)

ଠୁକା ଠିକି—ଦେ. ବି—ଠୁକାଠୁକି (ଦେଖ)
Thukā thiki Thukā thuki (See)

ଠୁକା ଠୁକି—ଦେ. ବି—୧ । ଦୁଇ ଜଣଙ୍କ ମଧ୍ୟରେ ସାମାନ୍ୟ ଉତ୍ତର-ପ୍ରତ୍ୟୁତ୍ତର ବା କଳି—
Thukāthuki
ঠোকাঠুকী 1. A breeze; slight verbal altercation.
ठोकठाँक
୨ । ପରସ୍ପର ମଧ୍ୟରେ ସାମାନ୍ୟ ଶବ୍ଦରେ ଆଘାତ ପ୍ରତିଘାତ—2 Mutual pecking at each other.
ଚଢ଼େଇ ଦଇଁ ଠୁକାଠୁକି—ଶିଶୁକ୍ରୀଡ଼ା ଗୀତ ।

ଠୁକି—ଦେ. ବି—ଟୋକ (ଦେଖ)
Thuki Toka (See)

ଠୁକି ଚଳିବା—ଦେ. ବି (ସଂ. ସ୍ତୋକ)—ସାମାନ୍ୟପ୍ରକାରରେ ଜୀବିକା ନିର୍ବାହ ହେବା; ଟୋକ ବା ଥୋକ ଚଳିବା—
Thuki chaliba
Bare living; eking out of one's livelihood; having a frugal fare.

ଠୁକି ଠୁକି ଦେବା—ଦେ. କ୍ରି—ଗୁପୁଚୁପେଇବା; ଧୀରେ ଧୀରେ ଆଘାତ କରିବା—To pat; to strike slowly.
Thuki thuki deba
ঠুকা ଅର୍ଜୁନ ବାହୁ ଆଣ୍ଠୁ ଭୁଲିବା ପାଇଁକି
ठोंकना ଚପି ଚପି ଇନ୍ଦ୍ର ସେ ବେଳେ ଠୁକି ଠୁକି ।
କୃଷ୍ଣସିଂ. ମହାଭାରତ, ବନ ।

ଠୁକିବା—ଦେ. କ୍ରି (ସଂ. ଷ୍ଟୈପ୍ୟ ଧାତୁ=ଶବ୍ଦ କରିବା; ଧ୍ୱନି ଧାତୁ=କ୍ଲେଶନ; କିମ୍ବା ଧ୍ୱନ୍ୟନୁକରଣ)—
Thukiba
ঠুকান ୧ । ଧୀରଭାବରେ କଠିନ ପଦାର୍ଥରେ ଆଘାତ କରିବା—
ठुकना 1. To strike on a hard thing slowly.
ଠ ବନ୍ଧୁଳ ଝୁଲେ କଣ
ଠୁକିଲେ ହେଲେ ଦମ୍ଭ—କବିସୂର୍ଯ୍ୟ. ସଙ୍ଗୀତ ।
୨ । ଠୁକୁରାଇବା—2. To peck repeatedly; to strike gently.
୩ । (ଢେଲା) ଫିଙ୍ଗିବା—3. To pelt.
ଟେକି ଠୁକିଲ ଲୋକ ସବୁ ସୁଦିନ ଶ୍ରେଷ୍ଠ ଚନ୍ଦ୍ରଚୂଡ଼ ଦେଖିଲ ହାରିଲୁ ରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଓ	ନ୍

ଠୁକୁଠାକ୍—(ଧ୍ୱନ୍ୟନୁକରଣ) ଅ ଓ ବ—ଠୁକୁଠୁକୁ (ଦେଖ)
Ṭhuku-ṭhāk Ṭhuku-ṭhuku (See).

ଠୁକୁଠୁକ୍—ଦେ. (ଧ୍ୱନ୍ୟନୁକରଣ) ଅ. ଓ ବ—ଠୁକୁଠୁକୁ (ଦେଖ)
Ṭhuku-ṭhuk Ṭhuku-ṭhuku (See).

ଠୁକୁଠୁକା—ଦେ. ବ—ବ୍ୟଞ୍ଜନର ପ୍ରକାରବିଶେଷ; କ୍ଷୁଦ୍ର ମତ୍ସ୍ୟାଦିର ଅଳ୍ପ
Ṭhuku-ṭhukā ରସଯୁକ୍ତ ବ୍ୟଞ୍ଜନ; କ୍ଷୁଦ୍ର ମାଛ କିମ୍ବା କ୍ଷୁଦ୍ର ଫଳ-
ଚଡ଼ଚଡ଼ୀ, ସଡ଼ସଡ଼ୀ ବଢ଼ି ବା ଛତୁକୁ ମସଲା ପାଣି ଦେଇ ପାଣି ଶୁଖି-
ଯିବା ଅବସ୍ଥା ପର୍ଯ୍ୟନ୍ତ ଚୁଲିରେ ବସାଇ ତିଆର କରିବା
ବ୍ୟଞ୍ଜନ, ଯେଉଁ ଅବସ୍ଥାରେ ତିଅଣ ସଜଳ ବା ନିର୍ଜଳ
ହୁଏ ନାହିଁ—Curry cooked in such a manner that it is neither watery nor waterless.

ଠୁକୁଠୁକୁ—ଦେ. ଅ. (ଧ୍ୱନ୍ୟନୁକରଣ) ଅ (ବହୁବଚନ)—ଦୃଢ଼ ପଦାର୍ଥରେ
Ṭhuku-ṭhuku ଆଘାତ ଜନିତ ଧୀର ଅନୁଚ୍ଚ ଶବ୍ଦ; ମୃଦୁ ଆଘାତଜନିତ
ठुकठाक, ठुकुठुकु ଶବ୍ଦ—Tapping sound; sound of gentle
ठुमकठुमक strokes on hard substance; ticking sound.

'ବାଡ଼ି ଠୁକୁ ଠୁକୁ କାନ ଚଢ଼ିବା,
ବାଟେ ହିଁ କବର ଦେଖିବ ଏକା,
ପାଖକେ କୁମ୍ଭାର କୋଶକେ ତେଲ
ବାପଙ୍କ ହେଲେ ନ ଯିବ ପେଲ—ଭାକରଣ୍ଡି ବଚନ।

[ବ୍ର—ଠକ ଠକ ଶବ୍ଦଠାରୁ ଠୁକୁ ଠୁକୁ ଶବ୍ଦ କ୍ଷୀଣତର। ବଢ଼େଇମାନେ ସାଧାରଣତଃ ହାତୁଡ଼ି ଦ୍ୱାରା କାଠ କାଟିଲା ବେଳେ 'ଠକଠକ' ଶବ୍ଦ ହୁଏ, କିନ୍ତୁ କ୍ଷୁଦ୍ର ହାତୁଡ଼ିରେ ସୂକ୍ଷ୍ମ କାମ କଲା ବେଳେ ଠୁକୁଠୁକୁ ଶବ୍ଦ ଶୁଣାଯାଏ।]

ବ—ଗୃହର ଅଭ୍ୟନ୍ତରୀଣ କଳହ, ଯାହାକି ସାଧାରଣରେ ପ୍ରକଟ ହୋଇ ନ ଥାଏ—Slight bickerings in a family, which is not known to outsiders.

ଠୁକୁର ଠୁକୁର—ଦେ. ଅ. (ଧ୍ୱନ୍ୟନୁକରଣ)—ଠୁକୁ ଠୁକୁ (ଦେଖ)
Ṭukur ṭhukur Ṭhuku ṭhuku (See)
(ଠୁକୁରୁ ଠୁକୁରୁ—ଅନ୍ୟରୂପ)

ଠୁକୁରା(ରେ)ଇବା—ଦେ. କ୍ରି. (ସଂ. ତ୍ରୋଟ=ପକ୍ଷୀର ଚଞ୍ଚୁ)—
Ṭhukurā(re)ibā ୧। ଠକ ଠକ ଶବ୍ଦ କରି ବା ଦୃଢ଼ ପଦାର୍ଥରେ
ठोकराना ସାମାନ୍ୟ ଆଘାତ କରି କୌଣସି କାର୍ଯ୍ୟ କରିବା—
ठुकराना 1. To do anything by making a gentle hard sound.
୨। ଠୋକରାଇବା; ଥଣ୍ଟ ଦ୍ୱାରା କଠିନ ବସ୍ତୁରେ ସାମାନ୍ୟ ଆଘାତ କରିବା—2. To peck.

ଠୁକେଇ ଠୁକେଇ—ଦେ. କ୍ରି. ବିଣ. (ଠୁକାଇବା କ୍ରିୟାର ଅସମାପିକା
Thukei ṭhukei ରୂପର ଦ୍ୱିତ୍ୱ; କ୍ରି. ବିଣ ରୂପେ ବ୍ୟବହୃତ)—
ठकठक ଭୂମିରେ ନାଦଧୀର ନାଦଶୀଳ ପାଦ ପକାଇ
ठुमकठुमक (ଚାଲିବା)—(to walk) With slow foot steps.

ଠୁଙ୍କା—ଦେ. ବ—୧। କ୍ଷୁଦ୍ର ଠେଙ୍ଗାଦ୍ୱାରା ପ୍ରହାର—
Ṭhunkā 1. Beating; beating with a short
ठोंकनी, ठोंकन् cudgel; cudgelling.
ठोंक ୨। ଅଟକ କରିବା; କଏଦ୍ କରିବା—
2. Confinement.
୩। ଅକଣ୍ଠ ଭୋଜନ—3. Full meal.

ଠୁଙ୍କା(ଙ୍କେ)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତି ଦ୍ୱାରା ଠୁଙ୍କା ବା ପ୍ରହାର
Ṭhunkā(nke)ibā କରାଇବା—To cause a person to
ठोंकना be cudgelled.
ठोंकवाना (ଯଥା—ପିଲାମାନେ ଘରେ ଦୁଷ୍ଟାମୀ କରିବାରୁ ପିତା ଗୁରୁଙ୍କୁ କହି ସେମାନଙ୍କୁ ଅଚ୍ଛାକରି ଠୁଙ୍କେଇଲେ।)

ଠୁଙ୍କା ଠୁଙ୍କି—ଦେ. ଅ—୧। କ୍ଷୁଦ୍ର ଠେଙ୍ଗା ଦ୍ୱାରା ପରସ୍ପର ମଧ୍ୟରେ
Ṭhunkā ṭhunki ମାଡ଼ ମରାମରି—1. Mutual cudgelling.
ठोंकाठुँकि ୨। ଠେଙ୍ଗା ଦ୍ୱାରା ପ୍ରହାର—
ठोंकाठुँकि 2. Cudgelling

ଠୁଙ୍କିବା—ଦେ. କ୍ରି. (ଠକର ଠକର ଧ୍ୱନ୍ୟନୁକରଣ)—
Ṭhunkibā ୧। ଠେଙ୍ଗା ବା ଗୋଲ ବାଡ଼ିର ଗୋବ ଦ୍ୱାରା
ठोंका, ठुका ପ୍ରହାର କରିବା; ଗୁଡ଼ିବା—1. To strike
ठोंकना or give blows with the butt of short stout sticks.
୨। ଠେଙ୍ଗା ଦ୍ୱାରା ପ୍ରହାର କରିବା—
2. To cudgel.
୩। (ବ୍ୟଙ୍ଗ) ଖାଦ୍ୟ ଦ୍ରବ୍ୟକୁ ଖଣ୍ଡ କରି ବା ପେଟକୁ ଠୁଁସି କରି ଖାଇବା; ଅକଣ୍ଠ ଭୋଜନ କରିବା—
3. (ironical) To eat one's full.
(ଯଥା—ସେ ଦିନ ବେଳ ଠୁଙ୍କି ଦେଇ ସ୍ତ୍ରୀ ତୁଅର ଭା ତୁଅର ହୋଇ ବୁଲୁଛି।)
୪। କଏଦ କରିବା; ଘର ଭିତରେ ବନ୍ଦ କରି ତୁଅର ପକାଇ ଅଣିବା—4. To imprison or keep a person in confinement.
(ଯଥା—ସେ ଦୁଷ୍ଟକୁ ୨ ଘଣ୍ଟା ଅନ୍ଧାର ଘରେ ଠୁଙ୍କି ଦେଲି।)
୫। କାରାବନ୍ଦନ ଆଦେଶ ଦେବା; ଜେଲ୍ ଦେବା—
5. To pass a sentence of imprisonment.
(ଯଥା—ମେଜେଷ୍ଟର ଚୋରକୁ ୩ ମାସ ମିଆଦ ଠୁଙ୍କି ଦେଲେ।)
୬। ଆଘାତ କରିବା—6. To strike.

ଠଣା ଠୁଙ୍କି ଚାପ ତ୍ରାସ • ମୁଣ୍ଡେ ମନମଥ ପାଁଶ
ବନ୍ଧନ କରି ତୁ ମନ୍ଦେ ମୋ ଉରରେ। କବିସୂର୍ଯ୍ୟ, କଣୋସଚମ୍ପୂ, ଠ ଗୀତ।

୭। ବନ୍ଦ ହୋଇଥିବା କବାଟରେ ହାତ ଗୋଡ଼ ବା ଅଙ୍ଗୁଠି ଆଘାତ କରିବା—7. To knock at (the door).

ଦର୍ଶିତମ ହୋଇ ଥାଏ କବାଟ
ଆସି ଦେଖେ ଠୁଙ୍କ ଯାହା କବାଟ। କବିସୂର୍ଯ୍ୟ, ସଙ୍ଗୀତ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ଖାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ। ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ।

୮। ଧୀରେ ଧୀରେ ଆଘାତ କରିବା—
8. To strike slowly.

ମୃଗ ନରେଶଙ୍କ ନଜ ଉରକେ,
ଷିତ ଠୁକି ଅରଣ୍ୟ କରନ୍ତେ। ଉପେନ୍ଦ୍ର ଲାବଣ୍ୟବତୀ।

୯। ପିଟିବା; ମାଡ଼ଦେବା—9. To beat; to thrash.

୧୦। ଖିଲ ଆଦିକୁ ଛୋଟ ଛିଦ୍ରରେ ବାଡ଼େଇ ପୂରାଇବା—
10 To drive a peg into a small hole.

୧୧। (ନାଲିଶ, ଅରଜ, ମକଦମା) ଦାଏର କରିବା—
11. To file (a suit or complaint or case).

୧୨। ଥାପଡ଼େଇବା; ଧୀରେ ଧୀରେ ଚପେଟାଘାତ କରିବା—
12. To pat; to tap

ଠୁଙ୍ଗା—ଦେ. ବିଣ—୧। ଶାଖାପତ୍ରାଦିବିହୀନ; ଥୁଣ୍ଟା (ଗଛ)—
Ṭhungā 1. Pollard (tree); lopped off.
ঠুঁটা ୨। (ସଂ. ନଗ୍ନ) ଘୁଙ୍ଗା; ବସ୍ତ୍ରାଦି ଦ୍ୱାରା ଅନାବୃତଶରୀର—
ठूँठ 2. With naked or uncovered body.
খোলা ঘড়ংগ
[ଦ୍ର—ଯେଉଁ ବ୍ୟକ୍ତିର ସର୍ବାଙ୍ଗରେ ଲୁଗା ନ ଥାଏ ତାକୁ ଲଙ୍ଗଳା (ନଗ୍ନ) ବୋଲାଯାଏ। ଯେଉଁ ବ୍ୟକ୍ତି ଖଣ୍ଡିଏ ମାତ୍ର ଲୁଗା ବା କନା ଅଣ୍ଟା ଚାରିପାଖେ ପିନ୍ଧିଥାଏ ଓ ଅଣ୍ଟାପାଖ ଓ ଅଣ୍ଟାତଳ ଛଡ଼ା ଶରୀରର ଅନ୍ୟ ଅଂଶମାନ ଅନାବୃତ ଥାଏ ତାକୁ ଠୁଙ୍ଗା ବୋଲାଯାଏ।]
একলা ୩। (ସଂ. ଏକାକୀ) ଏକାକୀ—
अकेला 3. Alone; solitary.

ଚଣ୍ଡୀ ଓଡ଼ା ହାତଟା ମୁହଁରେ ବୁଲାଇଦେଇ ଠୁଙ୍ଗା ହୋଇ ଭାତପତ୍ର ପାଖରେ ବସି ବଡ଼ ବଡ଼ ଗୁଣ୍ଡାରେ ସୁଡ଼୍ ସୁଡ଼୍ ଶବ୍ଦରେ ଦଣ୍ଡକ ମଧ୍ୟରେ ପତ୍ର ଖାଲି କରି ଦେଲା।
ଫକୀରମୋହନ. ଛମାଣ ଆଠଗୁଣ୍ଠ।

ଦେ. ବି—୧। ଏକ ବସ୍ତ୍ର ପରିଧାନକାରୀ ବ୍ୟକ୍ତିର ଅଣ୍ଟାଠାରୁ ଉପରକୁ ଥିବା ଅନାବୃତ ଦେହ—1. The bare upper part of the body of a person (who has got only one piece of cloth round the loins).
ঠোঁগা ୨। (ସଂ. ଦ୍ରୋଣ) ଚୋଙ୍ଗା; ପତ୍ର ବା କାଗଜର ଚୋଲା—
दोना 2. A cone-shaped case made of leaves or paper (to put sweetmeats etc.).

ଠୁଙ୍ଗୁରି—ଦେ. ବି (ହି. ଠୁମ୍‌ରୀ)—ଠୁମ୍ବରି (ଦେଖ)
Ṭhung-rī Ṭhumrī (See)

ଠୁଠା—ପ୍ରାଦେ (ସମ୍ବଲପୁର) ବିଣ (ଥୁ ସ୍ଥାନରେ ଠୁ ଉଚ୍ଚାରଣ; ସଂ. ସ୍ଥାଣୁ;
Ṭhuṭhā ତୁଳ. ହି. ଠୁଠ)—୧। ଯାହାର ହାତ, ଗୋଡ଼ ବା ଅଙ୍ଗୁଳି ଆଦି ଛିଣ୍ଡି ଯାଇଅଛି—1. Having no limbs or fingers; fingerless.
୨। ପଙ୍ଗୁ; କୋଢ଼ିଆ—2. Leprous.
୩। ଥୁଣ୍ଟା; ଶାଖାବିରହିତ ବୃକ୍ଷ)—
3. Lopped up (tree); pollarded.

ବି—୧। ପଙ୍ଗୁ—1. A fingerless leper; a cripple.
୨। ଥୁଣ୍ଟା ଗଛ—2. Pollard.

ଠୁଠା ରୋଗ—ପ୍ରାଦେ. (ସମ୍ବଲପୁର) ବି—କୋଢ଼; କୁଷ୍ଠ ବ୍ୟାଧି—
Ṭhuṭhā rog Leprosy.

ଠୁଠୁ—ପ୍ରାଦେ. (ସମ୍ବଲପୁର) ବି—ସାତଗାତି ଖେଳ (ଦେଖ)
Ṭhuṭhu Sātagāti khela (See)

ଠୁଡ଼ଇବା—ପ୍ରାଦେ. (ଜାଜପୁର) କ୍ରି—ଠୁଳ କରିବା—
Ṭhurḍaibā To gather; to amass.

ଠୁଣ୍‌କା—ଦେ. ବି.—ଟୁଣୁକା (ଦେଖ)
Ṭhuṇ-kā Ṭuṇukā (See)
বেঁটে, খাট ବିଣ.—[ସଂ. ଖଣ୍ଡନ=ଖର୍ବ(ଅପ୍ରେ)]—୧। ବାଙ୍କୁରି;
ठुमका ଠୁଣ୍ଟୁ—2. Dwarf; diminutive.
(ଠୁଣ୍‌କୀ—ସ୍ତ୍ରୀ) ୨। ଛୋଟ ଅଥଚ ସୁନ୍ଦର—2. Pretty; small and graceful.
୩। ଛୋଟ ଅଥଚ ମୋଟ—
(ଠୁଣକା; ଠୁଣୁକା—ଅନ୍ୟରୂପ) 3. Short and stout; stumpy.

ଠୁଣ୍‌କା ଠୁଣ୍‌କି—ଦେ. ବି.—ଟୁଣୁକା (ଦେଖ)
Ṭhuṇ-kā ṭhuṇ-ki Ṭuṇukā (See)

ଠୁଣ୍ ଠୁଣ୍—ଦେ. (ଧ୍ୱନ୍ୟନୁକରଣ) ଅ· (ବହୁବଚନ)—ଟୁଣ୍ ଟୁଣ୍ ଶବ୍ଦ—
Ṭhuṇ ṭhuṇ Jingle; tinkling sounds.
ঠুঠুন্‌ टुनटुन

ଠୁଣ୍‌ଠୁଣ୍‌କା—ଦେ. ବି.—ଟୁଣୁକା (ଦେଖ)
Ṭhuṇ–ṭhuṇkā Ṭuṇukā (See)
(ଠୁଣ୍‌ଠୁଣ୍‌କିଆ, ଠୁଣଠୁଣୁକା, ଠୁଣୁଠୁଣୁକିଆ, ଠୁଣୁଠୁଣୁକା—ଅନ୍ୟରୂପ)

ଠୁଣା—ଦେ. ବି.—୧। ଟୁଣୁକା (ଦେଖ)
Ṭhuṇā 1. Ṭuṇukā (See)
ঠোনা ୨। ଅଙ୍ଗୁଠିକୁ ବଙ୍କା କରି ଅଙ୍ଗୁଠିର ଗଣ୍ଠି ଦ୍ୱାରା ଅନ୍ୟର
ठोंगा ଖପୁରିରେ କରିବା ଆଘାତ ଠଣା—2. A blow by the knuckle of the fisted fingers dealt on the skull of another.
(ଠୁଣୀ—ସ୍ତ୍ରୀ) ବିଣ. ପୁଂ.—ଠୁଣ୍‌କା (ଦେଖ)
Ṭhuṇ-kā (See)

ଠୁଣି—ଦେ. ବି.—ଟୁଣୁକା (ଦେଖ)
Ṭhuṇi Ṭuṇukā (See)

ଠୁଣୁକା—ଦେ. ବି.—ଟୁଣୁକା (ଦେଖ)
Ṭhuṇukā Ṭuṇu-kā (See)
(ଠୁଣୁକୀ—ସ୍ତ୍ରୀ) ବିଣ. ପୁଂ—ଠୁଣ୍‌କା (ଦେଖ)
Ṭhuṇkā (See)

ଠୁଣୁ ଠୁଣୁ—ଦେ. (ଧ୍ୱନ୍ୟନୁକରଣ) ଅ.—ଠୁଣ୍ ଠୁଣ୍ (ଦେଖ)
Ṭhuṇu ṭhuṇu Ṭhuṇ ṭhuṇ (See)

୧	୯	ଊ	ଋ,ୠ	ଈ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଋଣ୍	ଋଅ	ଛ
୬	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଋଅ	ଢ଼	ଳ

ଠୁଣୁଠୁଣୁକା—ଦେ. ବି.—ଟୁଣୁକା (ଦେଖ)
Ṭhuṇu-ṭhuṇukā Ṭuṇukā (See)
(ଠୁଣୁ ଠୁଣୁକିଆ—ଅନ୍ୟରୂପ)

ଠୁଣ୍ଟ—ପ୍ରାଦେ. (ସମ୍ବଲପୁର) ବି.—(ଭୁଲ. ହି. ଏହି ଅର୍ଥରେ ଠୁଁଠ); Ṭhunṭ ଚଞ୍ଚୁ; ଥଣ୍ଟ—Beak of a bird.
(ଠୁଁଠ, ଠୁଁଠ, ଠୁଣ୍ଟ—ଅନ୍ୟରୂପ)

ଠୁଣ୍ଟା—ପ୍ରାଦେ. (ସମ୍ବଲପୁର) ବିଣ.—ଥୁଣ୍ଟା (ଦେଖ)
Ṭhunṭā Thunṭā (See)
(ଠୁଁଠା, ଠୁଁଠା, ଠୁଣ୍ଟା—ଅନ୍ୟରୂପ)

ଠୁଣ୍ଠି—ପ୍ରାଦେ. (ସମ୍ବଲପୁର) ବି.—୧। ଓଷ୍ଠ; ଚିବୁକ—
Ṭhunṭhi 1. Lip; chin.
୨। ଚଞ୍ଚୁ; ଥଣ୍ଟ—2. Beak.

ଠୁଣ୍ଡି—ପ୍ରାଦେ. (ସମ୍ବଲପୁର) ବି.—ଠୁଣ୍ଠି ୧ (ଦେଖ)
Ṭhundi Ṭhunṭhi 1 (See)
(ଠୁଣ୍ଡି, ଠୁଡ଼ି, ଠୁଁଢ଼ି—ଅନ୍ୟରୂପ)

ଠୁମ୍‌ରି—ଦେ. ବି.—ଟପ୍ପା ଗୀତର ତାଳ—
Ṭhum-ri A light measure in music.
ठुंरी [ଦ୍ର—ଏଥିରେ ଦୁଇ ପାଦ ଥାଏ । ପ୍ରଥମ ପାଦରେ ୨୮
ठुमरी ଅକ୍ଷର ଓ ୨ୟ ପାଦରେ ୩୨ ଅକ୍ଷର । ପ୍ରତି ପାଦରେ ଷୋଡ଼ଶ ଅକ୍ଷରରେ ଯତି ପଡ଼େ ।]

ଠୁରା—ଦେ. ବିଣ. ପୁଂ.(ସଂ. ଖର୍ବକ)—ଖର୍ବକାୟ; ବାଙ୍ଗର—
Ṭhurā Dwarfish; short; of low stature.
(ଠୁରୀ—ସ୍ତ୍ରୀ)
ଖାଟ ठुमका; ठिंगना

ଠୁରି କାଣ୍ଡ—ପ୍ରାଦେ. (ସମ୍ବଲପୁର) ବି.—ବୃତ୍ତାକାର ମୁଖଯୁକ୍ତ ଶର—
Ṭhuri kāṇḍ An arrow with a round head.
(ଠୁରକାଣ୍ଡି; ଠୁରକାଣ୍ଡ—ଅନ୍ୟରୂପ)

ଠୁରା ବେଙ୍ଗ—ଦେ. ବି.—ଛୋଟ ବେଙ୍ଗ; ଟିକି ବେଙ୍ଗ—
Ṭhurā beṅga Small frog.
(ଠୁରବେଙ୍ଗ—ଅନ୍ୟରୂପ) କିସ କଥା ? ବେଙ୍ଗ କଥା !
କି ବେଙ୍ଗ ? ଠୁରା ବେଙ୍ଗ । କାହାଣୀର କଥା ।

ଠୁଲ—ଦେ. ବିଣ (ସଂ. ସ୍ଥୂଳ; ସ୍ତୂପୀକୃତ; ଭୁଲ ସଂ. ଅଟ୍ଟାଳ)—
Ṭhuḷa ୧। ଗଦା କରାଯାଇଥିବା—1. Heaped up.
जड़ ୨। ଏକାଠିଭୂତ; ସଂହତ; ମିଳିତ; ପୁଞ୍ଜ—
इकट्ठा 2. Crowded; collected together; amassed.
ଗରଜନ ପବନ ହୋଇ ଏକ ମେଳ
ଜହ୍ନଛନ୍ନ ଚର୍ହଁରେ ହୋଇଣ ସେ ଠୁଲ । କୃଷ୍ଣସିଂ, ମହାଭାରତ ସଭା ।
୩। ଦଳବଦ୍ଧ—3. Formed into a herd; herded together.
ପ୍ରାଣି ପିଇବାକୁ ଆସିବେ ହୋଇ ଠୁଲ । କୃଷ୍ଣସିଂ. ମହାଭାରତ. ବନ ।

୪। ସମଷ୍ଟି କରାଯାଇ ଥିବା (ବହୁସଂଖ୍ୟା)—
4. Added up; totalled (many numbers).
ବି—୧। ମୋଟ; ସମଷ୍ଟି—1. Collection; total.
जमा; थाक ୨। ଗଦା, ଥାକ—2. Heap; stack.
टाल; अटाला ୩। ପୁଞ୍ଜି—3. Mass.
ବି ଓ ବିଣ—ଠୂଲ (ଦେଖ)—Ṭhūḷa (See)

ଠୁଲ କରିବା—ଦେ. କ୍ରି. (ସଂ. ସ୍ଥୂଳ)—୧। ଗଦା କରିବା; ଜମା
Ṭhuḷa karibā କରିବା—1. To heap up; to amass.
जड़ करा ୨। ସଂଗ୍ରହ କରିବା—2. To gather up.
टालकरना, बटोरना ୩। ବହୁଲୋକଙ୍କୁ ଏକତ୍ର କରାଇବା—
3. To cause people to gather at a place.
୪। ବହୁବସ୍ତୁକୁ ଏକତ୍ର ମିଶାଇବା—
4. To mix up many things.
୫। (ବହୁସଂଖ୍ୟାକୁ) ଯୋଗ କରିବା; ଯୋଗ କରିବା—
5. To add up; to total.

ଠୁଲା(ଲେ)ଇବା—ଦେ. କ୍ରି—ଠୁଲ କରିବା (ଦେଖ)
Ṭhuḷā(le)ibā Ṭhuḷa karibā (See)

ଠୁଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଠୁଲ କରିବା (ଦେଖ)
Ṭhuḷāibā Ṭhuḷa karibā (See)

ଠୁଲି—ଦେ. ବି. (ସଂ. ସ୍ଥୁ ଧାତୁ=ଆଚ୍ଛାଦନ)—ମୁଣ୍ଡର ଖପୁରୀ—
Ṭhuli Skull.
खुली खोपड़ी

ଠୁଲେ—ଦେ. କ୍ରି. ବିଣ (ସଂ. ସ୍ଥୂଳତଃ)—୧। ସ୍ଥୂଳରେ—
Ṭhuḷe 1. Roughly.
मोटे ୨। ଆଦୌ; ମୂଳ୍ପ; ବେଳେ; ଜମାରୁ—
सारा, बिलकुल 2. At all.
(ଯଥା—ମୋର କଟକରୁ ଯିବାକୁ ଏବେ ଠୁଲେ ଇଚ୍ଛା ହେଉ ନାହିଁ ।)
୩। ଏକତ୍ର; ସମଷ୍ଟିରେ; ମୋଟରେ—
3. In a lump; in the gross; altogether.
ଚର୍ହଁର ପ୍ରତିଫଳ ଠୁଲେ
ଦେଖ ଫାରିର ଏକାବେଳେ । ଭୂପତ. ପ୍ରେମପଞ୍ଚାମୃତ ।
୪। (ସଂ. ସ୍ତୋକ) କିଞ୍ଚିନ୍ମାତ୍ର—4. A little.

ଠୁସିବା—ଦେ. କ୍ରି—ଠୁଁସିବା (ଦେଖ)
Ṭhusibā Ṭhuṅsibā (See)

ଠୂଲ—ଦେ. ବି. (ସଂ. ସ୍ଥୂଳ—୧। (ତାନ୍ତ୍ରିକ ସାଧନା) ମାତ୍ରା; ଚିହ୍ନ;
Ṭhūḷa ଲକ୍ଷଣ—1. (tantric exercise) Sign; symbol.
ତୋ ବର୍ଣ୍ଣ ବେଦରୁ ବାହାର
ଠୂଲ ଶୂନ୍ୟରୁ ଅଭ୍ୟନ୍ତର । ଗ୍ରାଚୀ. ଚୂଡ଼ାମଣିଦାସ ଗୀତା ।
୨। (ତାନ୍ତ୍ରିକ ସାଧନା) ଜୀବାତ୍ମା ଓ ଅଭାବ ବା ପରମାତ୍ମାର ମିଳନ ସ୍ଥାନ; ଅର୍ଦ୍ଧ ମାତ୍ରା—2. (tantric exercise)

ସାଧାରଣ ଲୋକେ ଅଖର୍ କୃଷ୍ଣାରେ ବ୍ୟବହୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଚ୍ଚାରିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଉଥ' ନ ମିଳିଲେ 'ଊଥ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଟିଆ' ନ ପାଇଲେ 'ଅଟ୍ଟିଆ' ଦେଖିବେ; 'ଅଲବେଠ' ନ ପାଇଲେ 'ଅଲ୍‌ବେଠ' ଦେଖିବେ।

The centre where the Individual Soul and the Divine Soul meet.

ଆକାଶ ପରେ ପୃଥ୍ୱୀ କ ସେ
ଶୂନ୍ୟ ଉପରେ ଠୂଳ ବସେ । ଉପେନ୍ଦ୍ର- ପ୍ରେମପଞ୍ଚାମୃତ ।

ବିଣ—୧ । କେବଳ—1. Only; mere.

ଅବ୍ୟୟ ଅକ୍ଷୟ ଅଥୟ
କାମଛ ଠୂଳ ଶୂନ୍ୟମୟ । ଉପେନ୍ଦ୍ର- ପ୍ରେମପଞ୍ଚାମୃତ ।

୨ । ସ୍ଥୂଳରୂପ ଧାରୀ—
2. Having a material shape.

ବି ଓ ବିଣ—ଠୂଳ (ଦେଖ)—Ṭhula (See)

ଠୂଳରୂପ—ଦେ. ବି—ସ୍ଥୂଳ ରୂପ; ଦେହଧାରୀ ଆକାର—
Ṭhūla-rūpa   Material shape.

ସାଧୁଜନଙ୍କୁ ହିତ କରେ
ଶୂନ୍ୟରେ ଠୂଳ ରୂପ ଧରେ । ପ୍ରାଚୀ- ନିର୍ଗୁଣମାହାତ୍ମ୍ୟ ।

ଠୂଳ ଶୂନ୍ୟ—ଦେ. ବି (ତାନ୍ତ୍ରିକ ବା ଶୂନ୍ୟ ସାଧନା)—ଜୀବାତ୍ମା ପରମାତ୍ମାଙ୍କ ମିଳନ-ସ୍ଥଳ-(tantric exercise)
Ṭhūla śūnya   The imaginary centre or meeting place of the Individual Soul and the Divine Soul.

ଠୂଳେ—ଦେ. କ୍ରି. ବିଣ—ଠୂଳେ (ଦେଖ)
Ṭhūle   Ṭhule (See).

ସବୁ ମିଶାଇ କର ଗାଏ
ଠୂଳେ ପାଇବ କରତାଏ—ଉପେନ୍ଦ୍ର-ପ୍ରେମପଞ୍ଚାମୃତ ।

କିଛି ଅ (ସ. ସ୍ତୋକ)—ଜକ୍ଷିତ୍—
ଥୋଡ଼ା   A little.

ଇଚ୍ଛା ହୋଇଲେ ଗୁଲେ ଠୂଳେ
ଇଚ୍ଛା ହେଲେ ରହେ ନିଷ୍କଳେ—ପ୍ରାଚୀ ନିର୍ଗୁଣମାହାତ୍ମ୍ୟ ।

ଠେ—ଦେ. ଅ (ସ. ସ୍ଥାନେ; ତୁଲ. ପ୍ରା. ଠେଁ ୭ମୀ ବିଭକ୍ତିର ଚିହ୍ନ; ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—
The
୧ । ଠାଇଁ; ଠାରେ; ସ୍ଥାନରେ—1. At; in.
୨ । ପ୍ରତି; ଅଗ୍ରେ—2. For; towards.
ପ୍ରାଦେ (ମେଦିନାପୁର) କ୍ରି (ପ୍ରତ୍ୟୟ)—
(ସେ) ଅଛି; ଛି—(he) Is.
(a verbal inflexion in the present tense, 3rd person, singular number).
(ଯଥା—ସେ ପାଠକେ ଯାଇଠେ ।)

ଠେଁ—ଦେ. ଅ—ଠେ (ଦେଖ)
Theṅ   The (See).

ଠେଁଇଁ—ଦେ. ଅ—ଠେ (ଦେଖ)
Theṅiṅ   The (See).
(ଠେଇଁ—ଅନ୍ୟରୂପ)   ତା ମନ ଯା ଠେଇଁ ବରସେଇ ଗଲ ।
କୁନ୍ତଳାକୁମାରୀ କଥଭୁଣୀ ।

ଠେଁକି—ପ୍ରାଦେ (ସମ୍ବଲପୁର) ବି—ଠେକି; ମାଟିର ଛୋଟ ଗଡ଼ୁ—
Theṅki   A small earthen pitcher or jug.

ଠେଁକେ—ପ୍ରାଦେ (ସମ୍ବଲପୁର) ଅ—ଠାରେ=
Theṅke   At; in.

ଠେଁଣ୍ଟା—ପ୍ରାଦେ (ସମ୍ବଲପୁର) ବିଣ—ଥେଣ୍ଟା (ଦେଖ)
Theṅṭā   Thenṭā (See).
(ଠେଣ୍ଟା, ଠେଁଠା, ଠେଣ୍ଟା—ଅନ୍ୟରୂପ)

ଠେଁଠୁ—ପ୍ରାଦେ (ଲହଅ) ବି—ଗଳା; ବେକ—
Theṅṭhu   Throat; neck.
(ଠେଣ୍ଠୁ—ଅନ୍ୟରୂପ)

ଠେଁ ଠେଁ—ଦେ (ଧ୍ୱନ୍ୟନୁକରଣ) ଅ—ଠୋ ଠୋ ୨ (ଦେଖ)
Theṅ theṅ   Tho tho 2 (See).

ଠେଁସ—ଦେ. ବି (ସ. ସ୍ଥା ଧାତୁ)—୧ । ଅବଲମ୍ବନ; ଠିଆ—
Theṅsa   1. Prop; support.
(ଠେସ—ଅନ୍ୟରୂପ)   ୨ । ଆଉଜିବା—
ଠେଁସ   2. Leaning against.
ଠେସ; ଟେକ   ୩ । ପେଲା; ଧକ୍କା—3 Push.

ଠେଁସ ଦେବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ଆଶ୍ରୟ କରିବା—
Theṅsa debā   1. To take the help of a prop.
(ଠେସ ଦେବା—ଅନ୍ୟରୂପ)   ୨ । ଦୃଢ଼ ସଲଗ୍ନ ହୋଇ ଆଉଜିବା—
ଠେସ ଦେଓୟା   2. To lean against.
ଟେକ ଲଗାନା   କୁଚକ କୁମ୍ଭ କୁଚେ ଲେପି ଚନ୍ଦନ ଠେଁସ ଦିଏ ଉରସ୍ଥର ।
ଭଞ୍ଜ- ଲାବଣ୍ୟବତୀ ।
୩ । ପେଲିବା—3. To push.

ଠେଁସା—ଦେ. ବି—୧ । ଆଧାର; ଭରା; ଆଶ୍ରୟ—
Theṅsā   1. Support; prop.
(ଠେସା—ଅନ୍ୟରୂପ)   ୨ । ଠେଲା; ପେଲା—
ଠେସାନ   2. Push.
୩ । ଆଦେଶ ନ ମାନିବା; ଅବାଧ୍ୟତା—
3. Disobedience of order; insubordination; recalcitrance; refractoriness.
ବିଣ. ପୁଂ—୧ । ଅବାଧ—1. Insubordinate.
ଠେଁଶୀ / ଠେଁସେଇ } ସ୍ତ୍ରୀଲିଙ୍ଗ   ୨ । ପେଲୁଥିବା—
2. Pushing; shoving.
୩ । କାର୍ଯ୍ୟର ଦାୟିତ୍ୱ ଆପଣା ଉପରକୁ ନ ନେବା—
3. Evasive.
୪ । ଅମାନିଆ—4. Disobedient.
ଠେସା   ୫ । ଯେଉଁ ବାଳକ ବା ଭୃତ୍ୟ ଗୁରୁଜନ ବା ପ୍ରଭୁଙ୍କ
ମଗରା   ବାକ୍ୟକୁ ଅବଜ୍ଞାସୂଚକ ଜବାବ ଦିଏ—
5. Refractory; recalcitrant (boy or servant).

ଠେଁସା(ସେ)ଇବା—ଦେ. କ୍ରି—ଠେଁସିବାର ଣିଜନ୍ତରୂପ—
Theṅsā(se)ibā   Causative form of Theṅsibā.
ଠେସାନ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଯ୍ଯ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍

ଠେଁସାଠେଁସି—ଦେ. ବ—୧ । ପେଲାପେଲି; ଧକାଧକି; ଠେଲାଠେଲି—
Ṭheṅsā-theṅsi 1. Mutual pushing, jostling.
(ଠେସାଠେସି—ଅନ୍ୟରୂପ) ୨ । କଥାରେ ପେଲାପେଲି—
ठेंसाठेंसि 2. Mutual recrimination.
ठेलाठेलि ୩ । ଦୁଇ ଜଣଙ୍କର କୌଣସି କାର୍ଯ୍ୟ କରିବା ନିମନ୍ତେ ଅନିଚ୍ଛାସୂଚକ ବିରୋଧ—
3. Mutual shuffling of work to each other's shoulder.

ଠେଁସିବା—ଦେ. କ୍ରି—୧ । ପେଲିବା—
Ṭheṅsibā 1. To push; to jostle.
(ଠେସିବା—ଅନ୍ୟରୂପ) ଘଣ ବୋଲୁ ଠେଁସି ନଈ ଭାଷି ଦ୍ୱସି ପଶିଗଲୁ
ठेंसना ठेलना ଅନ୍ତଃପୁରରେ—କବିସୂର୍ଯ୍ୟ, ସଙ୍ଗୀତ ।
୨ । ଧକା ମାରିବା—2. To shove.
୩ । କଥାକୁ ଅବଜ୍ଞା କରିବା; କଥା ନ ମାନିବା—
3. To be refractory; to resist an order.
୪ । କାର୍ଯ୍ୟର ଦାୟିତ୍ୱ ଆପଣା ଉପରୁ ଘଞ୍ଚାଇବା—
4. To shirk or shufle responsibility.
୫ । ଚାପିବା; କୌଣସି ବସ୍ତୁକୁ ଅନ୍ୟ ବସ୍ତୁରେ ଦୃଢ଼ରୂପେ ସଂଲଗ୍ନ କରିବା—5 To press.
ଠେଁସୁଥାଇ ଭରେ ଭରଜକୁ—କବିସୂର୍ଯ୍ୟ, ସଙ୍ଗୀତ ।
୬ । ଭରାଦେବା—
6. To support oneself upon a prop.
୭ । ବଳପୂର୍ବକ ଭର୍ତ୍ତି କରିବା—
7. To ram down; to stuff; cram.
୮ । ଅଧିକ ହେବା; ଅପର୍ଯ୍ୟାପ୍ତ ହେବା—8. To preponderate; to predominate; to exceed.
୯ । ଠିଆଇବା (ଦେଖ)—9. Ṭhilāibā (See).
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକା(କେ)ଇବା, ନେବା, ଆଣିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଠେକ—ଦେ. ବି (ସଂ. ସ୍ଥା ଧାତୁ)—୧ । ଅବଲମ୍ବନ; ଢିଙ୍ଗ; ଠିଆ—
Ṭheka 1. Prop; support.
ठेकना ୨ । କାଠର ବା ଗଛର ଚଉଡ଼ାଭାଗ; ଅଡ଼ଭାଗ—
टेक, ठेक 2. The breadth of a timber or tree across its grains.
୩ । ଡେଙ୍ଗ; ଉଚ୍ଚତା—3. Height.
(ଯଥା—ମୋ ଠାରୁ ସେ ଠେକରେ ଚାରି ଅଙ୍ଗୁଳି ବଡ଼)
୪ । ପଥର ବା କାଠକୁ ଉଠାଇବା ନିମନ୍ତେ ତଳପାଖେ ମଝିରେ ଦିଆଯିବା କ୍ଷୁଦ୍ର ପଥର ବା କାଷ୍ଠଖଣ୍ଡ, ମାଡ଼ି—4. Fulcrum.
୫ । ବାଧା—5. Obstacle; hindrance.
୬ । ଠେକରା ୨ । ୩ (ଦେଖ)
6. Ṭhekarā 2, 3 (See).

ବିଣ—୧ । ଉଚ୍ଚ; ଡେଙ୍ଗା—
1. High; tall.
୨ । ଅପେକ୍ଷାକୃତ ଡେଙ୍ଗା; ଉଚ୍ଚତର—
2. Higher; taller.

ଠେକ ଯିବା—ଦେ. କ୍ରି—ଟିକିଏ ଉଚ୍ଚତର ହେବା; ଅପେକ୍ଷାକୃତ ଡେଙ୍ଗା
Ṭheka jibā ହେବା—To be a little higher or taller.
(ଠେକ ହେବା—ଅନ୍ୟରୂପ)
(ଯଥା—ବଡ଼ ପୁଅଟି ସାନ ପୁଅଠାରୁ ଠେକ ଯିବ ।)

ଠେକର—ଦେ. ବି—ଲମ୍ବ କାଠ କିମ୍ବା ପଥର ରଖିବା ନିମନ୍ତେ ତାହା ତଳେ ଅଡ଼ ଭାଗରେ ଦିଆଯିବା ଅଡ଼ କାଠ—
Ṭhekara Cross-pieces over which a long log or stone is supported; stays put under long heavy logs or slabs to keep them level.

ଠେକରା—ଦେ. ବିଣ—୧ । ଠେକ; ଉଚ୍ଚ—
Ṭhekarā 1. High.
୨ । ଅପେକ୍ଷାକୃତ ଡେଙ୍ଗା—2. Higher; taller.
ବି—୧ । ଢେଲୁଅ; ବୋଲୁଅ; ଢିମା—
Big clods of earth.
୨ । ଚଉକି, ମେଜ, ଖଟ ଆଦି ଛିପିଛିପି ହେଉଥିଲେ ଭୂମିରେ ଲାଗି ନ ଥିବା ଗୋଡ଼ ବା ପାଖ ତଳେ ଦିଆଯିବା ପତଳା କାଠ ବା ଖପରା—2. Thin piece of wood or shard put under the short leg or side of a bobbing or unstable chair, table etc.
୩ । ଅଗ ସରୁ ଓ ମୂଳ ମୋଟ ଖିଲା—3. Wedge.

ଠେକରା ବସା(ସେ)ଇବା—ଦେ. କ୍ରି—ଠାକରା ବସାଇବା (ଦେଖ)
Ṭhekarā basā(se)ibā Ṭhākarā basāibā (See)

ଠେକ ଲାଗିବା—ଦେ. କ୍ରି—ବାଧା ପାଇବା—
Ṭheka lāgibā To be obstructed.
ଚାଲୁଁ ଚାଲୁଁ ଯେବେ ଆଳସ୍ୟ ବା ଅସାବଧାନତା ଯୋଗୁ
ଠେକ ଲାଗି କେହୁ ଝୁଣ୍ଟି ପଡ଼େ । ରାଧାନାଥ, କବିତା ।

ଠେକା—ଦେ. ବି. (ସଂ. ସ୍ଥଗ୍ ବା ଷ୍ଠଗ୍ ଧାତୁ ଗୋପନ)—
Ṭhekā ୧ । ମୁଣ୍ଡରେ ଲୁଗା ଦ୍ୱାରା ଗୁଡ଼ାଇ ହୋଇଥିବା
पाग, पागड़ी ପରିଧାନ; ପାଗ; ପଗଡ଼ି—
पगिया, चीरा 1. Turban; head-dress.
୨ । ହାଉଇ ବାଣର ମୁଣ୍ଡରେ ବନ୍ଧାଯିବା କାଗଜର ବା ନକ୍ଷତ୍ରନଳ—2. A tube filled with Bengal lights tied to the top of a rocket which emits star-like sparks from high.
୩ । ମାଟିର ଘଡ଼ି—
3. Small earthen pitcher or jug.
ଠେକା କହେ କେବାରେ
ତୁ କୋଉ ମଣିଷରେ ଲେଖାରେ—ଚଗ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଆଁଖି ନ ପାଇଲେ 'ଆଖି' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ପ୍ରାଦେ. (ମେଦନୀପୁର) ବି—୧ । ଚୋଙ୍ଗେଇ; ପାଛିଆ—
1. Small basket.
୨ । (ଗଡ଼ଜାତ) ବି—ମୋଟ କାଠ ଅାଦି ଫଟାଇବା ପାଇଁ ବ୍ୟବହୃତ ବଡ଼ ମୁଗୁର ବା ହାତୁଡ଼ି—
2. A big mallet used for spilling up thick logs of wood.
୩ । (ସମ୍ବଲପୁର; ଭୁଲ. ହି. ଏହି ଅର୍ଥରେ ଏହି ଶବ୍ଦ)—
ଠିକା; କଣ୍ଟ୍ରାକ୍ଟ—3. Contractor's job.

ଠେକାଦାର୍—ପ୍ରାଦେ. (ସମ୍ବଲପୁର ଭୁଲ. ହି. ଏହି ଶବ୍ଦ) ବି—
Ṭhekā-dār ଠିକାଦାର (ଦେଖ) Ṭhikādāra (See)

ଠେକି— ଦେ. ବି—ଠେକା ୩. (ଦେଖ)
Ṭheki Ṭhekā 3. (See)
ପ୍ରାଦେ. (ମଧ୍ୟପ୍ରଦେଶ) ବି—ଚକି—Hand-mill.

ଠେକିବା—ଦେ. କ୍ରି (ସଂ. ସ୍ତୁଗ୍ ଧାତୁ)—
Ṭhekibā ୧ । ଗୋଟିଏ ଟାଣ ବସ୍ତୁ ଅନ୍ୟ ଗୋଟିଏ ଟାଣ ବସ୍ତୁରେ ବାଜିବା—
ठेका
ठेकना 1. To strike (one hard thing against another); to collide with.
୨ । ଠିକିବା; ବାଧା ପାଇବା—
2. To be obstructed.
୩ । ସଂସାରରେ ଦୁଃଖ ପାଇବା—
3. To suffer in the world.
୪ । ସଂସାରରେ ଅନୁଭବ ଦ୍ୱାରା କଷ୍ଟ ବା ବାଧା ସଙ୍ଗେ ପରିଚିତ ହେବା—4. To become acquainted with the ups and downs of life by experience.
୫ । (ଲକ୍ଷଣାର୍ଥ) ମାତ୍ରାରେ ଖୁବ ବେଶି ହୋଇଯିବା; ଖୁବ ଉଚ୍ଚା ହୋଇଯିବା—5. (figurative) To rise up to; to go up to.
(ଯଥା—ମୋର ଜିଭ ଅଧଲିକର ଆପୁ ଅସି ଆଜିକାଲି ଦଶ ପଇସାରେ ଠେକିଲାଣି ।)

ଠେକୁଆ—ଦେ. ବି. (ସଂ. ଶଶକ)—
Ṭhekuā ଶଶକ; ଶଶ—Hare; rabbit; Lupus Ruficaudatus
ସଂ. ଶଶ, ଶଶକ
शशा, खरगोस,
खरगोस, चौगुड़ा [ଦ୍ର—ଏମାନେ ମୂଷା ଜାତୀୟ, କିନ୍ତୁ ମୂଷାଠାରୁ ବଡ଼ ଜୀବ; ଲମ୍ବରେ ଏକ ହାତ ପର୍ଯ୍ୟନ୍ତ ବଢ଼ନ୍ତି ଏମାନଙ୍କ ପିଠି ଓ ପୁଚ୍ଛ ଖଇରି, ପେଟ ଧଳା । ଏମାନଙ୍କ କାନ ଦେହତୁଳନାରେ ଖୁବ ବଡ଼; ପ୍ରାୟ ୭ଅଙ୍ଗୁଳ ଲମ୍ବ । ଏମାନେ ଘାସବଣ ଓ ବୁଦାଳିଆ ଜଙ୍ଗଲରେ ଓ ପଡ଼ିଆରେ ଗାତ ଖୋଳି ଦଳ ବାନ୍ଧି ରହନ୍ତି; ଲାଙ୍ଗୁଡ଼ ଖୁବ୍ ଛୋଟ, ପଛ ଗୋଡ଼ ଆଗ ଗୋଡ଼ ଅପେକ୍ଷା ଡେଙ୍ଗା; ଏମାନେ ରାତିରେ ପଦାରେ ବେଶି ବୁଲନ୍ତି ଓ ଖୁବ ଲୁଦା ମାରନ୍ତି ଓ ଦଉଡ଼ନ୍ତି । ଏ ଭାରି ଡରକୁଳା; ଏହାଙ୍କ ଦେହର ରୋମ ଖୁବ୍ କୋମଳ । ଏ ସାମାନ୍ୟ ଆଘାତ ପାଇଲେ ମରିଯାଏ । ଠେକୁଆ ୬ ମାସ ବୟସରେ ଗର୍ଭ ଧାରଣ କରେ ଓ ମାସକ ଅନ୍ତରରେ ଗର୍ଭବତୀ ହୋଇ ଥରକେ ୭।୮ ଛୁଆ ଜନ୍ମ କରେ । କୌଣସି କୌଣସି ଦେଶରେ ଠେକୁଆମାନେ ଶୀତକାଳରେ ଧଳା ପାଲଟି ଯାଆନ୍ତି । ଏହାର ମାଂସ ସୁସ୍ୱାଦୁ । ହିନ୍ଦୁ ଶାସ୍ତ୍ର ମତେ ଏହା ଭକ୍ଷ୍ୟ । ବୈଦ୍ୟକ ମତରେ ଏହାର ମାଂସ ଶୀତଳ, ଲଘୁ ଏବଂ ଶୋଥ, ଅତୀସାର, ପିତ୍ତ, ଓ ରକ୍ତନାଶକ, ମଳବଦ୍ଧକାରକ—ହି. ଶବ୍ଦସାଗର ।]
ପ୍ରାଦେ. (ମେଦନୀପୁର) ବି—ହକାଠିଆ—
Wooden peg put on the wall.

ଠେଗ୍‌ଲା ଠେଗ୍‌ଲି—ପ୍ରାଦେ. (ସମ୍ବଲପୁର) ବି—ଠେଲାଠେଲି (ଦେଖ)
Ṭheg lā ṭheg-li Ṭhelā ṭheli (See)

ଠେଙ୍କି—ପ୍ରାଦେ. (ସମ୍ବଲପୁର) ବି—ଠେକ; ମାଟିର ଘଡ଼ି—
Ṭheṅki Small earthen jar or jug.

ଠେଙ୍ଗ—ଦେ. ବି. (ସଂ. ଟଙ୍କ)—
Ṭheṅga ୧ । ଉଚ୍ଚ ଭୂମି; ଢିପା ଜମି—
टिकर, टीला 1. High ground.
टीकुर, टीला (ଯଥା—ସେହି ଜମିରେ ଧାନ ଆଦି ଫସଲ ଭଲ ହୁଏ ନାହିଁ ।)
ठेंग, ठेङ्ग
टाँग ୨ । (ସଂ. ଟଙ୍ଗ) ଗୋଡ଼—2. Leg.
୩ । ଚଟିଆ; ଜଙ୍ଘ—3. Buttock.
ବିଣ—ଢିପା—High (land).

ଠେଙ୍ଗଣା—ଦେ. ବି—ଢିପ ଜମି—
Ṭheṅgaṇā High land.
टिकर ବିଣ—ଢିପ—High (land).
टीकुर

ଠେଙ୍ଗଣି—ଦେ. ବି—ଠେଙ୍ଗୁଣି (ଦେଖ)
Ṭheṅgaṇi Ṭheṅguṇi (See)
(ଠେଙ୍ଗଣି, ଠେଙ୍ଗିଣି, ଠେଙ୍ଗୁଣି, ଠେଙ୍ଗେଣି—ଅନ୍ୟରୂପ)

ଠେଙ୍ଗା—ଦେ. ବି.— (ସଂ. ଟଙ୍କ=ଗୋଡ଼; ଏହା ଗୋଡ଼ ପରି ଲମ୍ବ ଓ ମୋଟ; ସଂ. ଦଣ୍ଡ)—
Ṭheṅgā
ठेंगा ୧ । ଲାଠି—1. A staff; club; bludgeon.
ठेङ्गा ୨ । ଲାଠିଦ୍ୱାରା ଆଘାତ—
2. A blow with a bludgeon.
ପ୍ରାଦେ. (ଗଡ଼ଜାତ) ବି.—ଗଡ଼ଜାତର ଚଉକିଦାରବିଶେଷ—
A class of additional village-watchmen.

ଠେଙ୍ଗା(ଙ୍ଗେ)ଇବା—ଦେ. କ୍ରି.—(ଠେଙ୍ଗା ଶବ୍ଦରୁ ଉତ୍ପନ୍ନ ନାମଧାତୁର କ୍ରିୟା) ଠେଙ୍ଗାଦ୍ୱାରା ପ୍ରହାର କରିବା;
Ṭheṅgā(ṅge)ibā
ठेङ्गान ଠେଙ୍ଗାରେ ବାଡ଼େଇବା ବା ପିଟିବା; ଠେଙ୍ଗା ମାରିବା—
ठेंगा बजाना To beat with a club; to cudgel.

୧	ଙ	ଞ	ର,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଋ
୨	ଢ	ଉ	ରୁ	ଲୁ	ପ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	●	ନୃ

ଠେଙ୍ଗା ଖାସି—ପ୍ରାଦେ.(ସମ୍ବଲପୁର) ବି.—(ଭୁଲ. ହି. ଠସ୍କା + ଖାସୀ)
Thengā khāsi ବଡ଼ ଜୋରରେ ହେଉଥିବା କାଶ; ଦମା କାଶ; ଶୁଖିଲା କାଶ—Severe cough; dry coughing.
ଶୁଖି ଖାସି, ବାରମାସି, ଠେଙ୍ଗା ଖାସି, ପଗଳ୍ ନେସି । ପ୍ରବଚନ ।

ଠେଙ୍ଗା ଜର—ଦେ. ବି.—(ଇଂ. ଡେଙ୍ଗ୍ୟୁ ବା ଓ. ଠେଙ୍ଗା)—ଛନ୍ଦନ-
Thengā jara ସ୍ଥାୟୀ; ଏକପ୍ରକାର ଜ୍ୱର—
ଠେଙ୍ଗାଜ୍ୱର Influenza; dengue fever.
ହ୍ଡ଼ଗୁଜର [ଦ୍ର—ଏଥିରେ ଦେହହାତ ଭାଙ୍ଗି ବନ୍ଧେ ଓ ଦରଜ (ଠେଙ୍ଗା ଜ୍ୱର—ଅନ୍ୟରୂପ) ହୁଏ । ଛଅ ଦିନ ପରେ ଜର ମନକୁ ଛାଡ଼ି ଯାଏ । ଏହା ମାରାତ୍ମକ ନୁହେଁ । ଏହି ଜ୍ୱରରେ ଦେହହମାମ ଏପରି ପୀଡ଼ା ହୁଏ ଯେ, ରୋଗୀ ମନେ କରେ ସତରେ ତାକୁ କେହି ଯେପରି ଠେଙ୍ଗାରେ ଖୁବ୍ ଗୁଡ଼ାଏ ପିଟିଛି ।]

ଠେଙ୍ଗା ଠେଙ୍ଗି—ଦେ. ବି.—୧ । ଠେଙ୍ଗାରେ ମାଡ଼ ସଙ୍ଗ୍ରାମ—
Thengā-thengi 1. Mutual striking with clubs.
ଠେଙ୍ଗାଠେଙ୍ଗି ୨ । ଠେଙ୍ଗାରେ ବଶେଷ ମାଡ଼—
पीटापिटी 2. Belabouring with club or bludgeon.

ଠେଙ୍ଗା ବାଡ଼ି—ଦେ. ବି. (ସହଚର ଶବ୍ଦ)—ଲାଠି ଓ ବାଡ଼ି; ସବୁପ୍ରକାର
Thengā bārdi ଅର୍ଥାତ୍ ବଡ଼ ଓ ସାନ ଯଷ୍ଟି—
लाठि सोंठा Sticks, large and small.
लाठी सोटा

ଠେଙ୍ଗି—ଦେ. ବି.—ଠେଙ୍ଗୁ (ଦେଖ)
Thengi Thengu (See)
ଗାଁଅଁ ଧୁଅଁଧୋଇ ସନ୍ଧ୍ୟାରେ ପଶେ,
ମାଧ ଲଜକୁଲୀ ଠେଙ୍ଗିରେ ଖସେ । ଭାବରୂପିବନ ।

ଠେଙ୍ଗୁ—ଦେ. ବି.—(ସଂ. ଠଙ୍କ)—୧ । କଟିତଳର ଉଭୟ ପାର୍ଶ୍ୱସ୍ଥ
Thengu ହାଡ଼—1. The upper part of the hip-bone
ठेंग in vertibrate animals; ilium.
टांक, पुट्ठा ୨ । ଗୋରୁ ପ୍ରଭୃତି ପଶୁଙ୍କର ଜଙ୍ଘାହାଡ଼ର ଉପର ଭାଗ; ବେଣ୍ଟ ଅଣ୍ଟା ପାଖେ ଶିର୍ ହାଡ଼ର ଦୁଇ ପାଖକୁ ବାହାରି ଥିବା ହାଡ଼ ଓ ତତ୍ ସଂଲଗ୍ନ ଶରୀରାଂଶ—
2. The rump of cattle; buttock.

ଠେଙ୍ଗୁଣି—ଦେ. ବି.—୧ । ଛୋଟ ଠେଙ୍ଗା—
Thenguni 1. Cudgel; a short stout club.
ସୋଁଠା ୨ । ଗୋରୁ ଜଗୁଆଳର ପାଞ୍ଚଣ—
सोंठा, लठिया 2. Cow-heard's staff.
ଅରକିଣିବ ବାଇକିଣି, ଗୋରୁମରା ଠେଙ୍ଗୁଣି—ଶିଶୁଗୀତ ।
(ଠେଙ୍ଗଣି, ଠେଙ୍ଗଣି, ଠେଙ୍ଗେଣି—ଅନ୍ୟରୂପ)
୨ । ଠେଙ୍ଗୁ (ଦେଖ)—2. Thengu (See)

ଠେଟର୍—ଗ୍ରା. ବୈଦେ. ବି.—(ଇଂ ଥିଏଟର୍)—ଥିଏଟର୍—
Thetar Theatre.
थेटर ठेटर

ଠେଠର୍—ପ୍ରାଦେ. (ସମ୍ବଲପୁର)—ବୈଦେ. ବି. (ଇଂ)—ଥିଏଟର୍—
Thethar Theatre.

ଠେଣ୍ଟ—ପ୍ରାଦେ. (ସମ୍ବଲପୁର) ବି, (ଥ ସ୍ଥାନରେ ଠ ଉଚ୍ଚାରଣ)—ଖଣ୍ଟ;
Thent ଡକାଇତ—Robber; dacoit.
(ଠେଣ୍ଟ, ଠେଁଠ୍, ଠେଁଟ୍—ଅନ୍ୟରୂପ)

ଠେପା—(ସମ୍ବଲପୁର)—ବି. (ଭୁଲ. ଠେପୀ=ବୋତଲର ଠିପି)—
Thepā ମେଞ୍ଚ; ଖୁଣ୍ଟି; ଖିଲା—A small post or pole; a peg

ଠେରି—ଦେ. ବି. ସ୍ତ୍ରୀ.—ବୁଢ଼ୀ ସ୍ତ୍ରୀ; ବୁଢ଼ୀ—
Theri Old woman hag.
ପହଲେ ବସି ଛ ଠେରି ବୁଝିର ଅବୋଧ । ନାରାୟଣ ଦାସ, ହରିବଂଶ ।

ଠେଲ କୋ—ପ୍ରାଦେ. (ସମ୍ବଲପୁର) ବି.—ଠୋଲକ୍; ବନ୍ୟ ଖାଦ୍ୟ ଲତା-
Thel ko ଫଳବିଶେଷ—A kind of edible wild fruit.
[ଦ୍ର—ଏ ଫଳ କଇଞ୍ଚକୋଳିଠୁ ଠାରୁ ଛୋଟ ଓ ମିଠାମିଠା ପରି । ଏହାକୁ ଭରବାସି କରି ଖୁଆ ଯାଏ ।]

ଠେଲା—ଦେ. ବି. (ସ. ସ୍ଥୁଳ ଧାତୁ=ଗଡ଼; ସଂ. ଠଲ ଧାତୁ)—
Thelā ୧ । ଠେଲାଠେଲି; ଲୋକ ଭିଡ଼; ଗାଢ଼ ଜନତା—
ठेलाठेलि 1. Rush; dense crowd.
रेला
ठेसान ୨ । ତାକୁ ଆଡ଼କୁ ପଛ ଅଡ଼ୁ ଠେଲି ରଖିବା ଠିଆ; ଠେସ—
ठेकी 2. A prop which keeps a thing in position by supporting it from behind.

ଠେଲାଉଁ ଠେଲା—ଦେ. ବି.—ଠେଲାଠେଲି (ଦେଖ)
Thelaun̐ thelā Thelā-theli (See)
(ଠେଲମ୍ ଠେଲା—ଅନ୍ୟରୂପ)

ଠେଲା—ଦେ. ବି. (ସ. ସ୍ଥୁଳ ଧାତୁ ଗଡ଼; ସଂ. ଠଲ ଧାତୁ)—
Thelā ୧ । ପଛଆଡ଼ୁ ପେଲିବା; ପେଲା—
ठेल 1. Pushing from behind.
ठेला ୨ । ତଳୁ ଉପରକୁ ଚାପ—2. Upward pressure.
୩ । ଲେଡ଼ା; ଧକ୍କା—3. A push; a shove.
୪ । (ପାନବରଜଙ୍କ ଭାଷା)—ବରଜର ଏକ ମୁଣ୍ଡର ତାଟିରେ ଦୁଇଅଡ଼ୁ ଲଗା ଯାଇ ଥିବା ବାଉଁଶଦ୍ୱୟ—4. A pair of bamboos which diogonally prop the wicker-frame at the end of a betel plantation.
[ଦ୍ର—ଏହା ତାଟିକୁ ଦୃଢ଼ ଓ ସିଧା କରି ଠେଲି ରଖେ ଓ ତୋଫାନର ବାଉରୁ ପାନବରଜକୁ ରକ୍ଷା କରେ ।]
ପ୍ରାଦେ (ସମ୍ବଲପୁର) ବି—ଗୋରୁଙ୍କ ରୋଗରେ ବ୍ୟବହୃତ ଔଷଧବିଶେଷ—A sort of medicine used for cattle-diseases.

ଠେଲା(ଲେ)ଇବା—ଦେ. କ୍ରି—୧ । ପେଲିବା କ୍ରିୟାର ଣିଜନ୍ତରୂପ—
Thelā(le)ibā 1. The causative form of 'Thelibā'
ठेलान ଅନ୍ୟଦ୍ୱାରା ଠେଲିବା କର୍ମ କରାଇବା—
ठिलवाना To cause to be pushed.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୁଥ' ନ ମିଳିଲେ 'ଭୂଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ଠିଲାଇବା (ଦେଖ)—2. Ṭhilāibā (See).

ଠେଲା ଗାଡ଼ି—ଦେ. ବି—୧ । ଯେଉଁ ଗାଡ଼ିକୁ ପଛଆଡ଼ୁ ଜଣେ ମନୁଷ୍ୟ ଠେଲିକରି ଚଳାଏ—
Ṭhelā gāṛi
ଠେଲା ଗାଡ଼ି 1. A cart which is pushed from behind; a push-push.
ठेला
୨ । ଟ୍ରଲି—2. Trolley.

ଠେଲା ଜାଲ—ପ୍ରାଦେ (ସିଂହଭୂମ) ବି—ପେଲଣା ଜାଲ—
Ṭhelā jāla A kind of triangular net which is pushed forward at the apex.

ଠେଲାଠେଲି—ଦେ. ବି—୧ । ପେଲାପେଲି; ପରସ୍ପରକୁ ପେଲିବା—
Ṭhelā-ṭheli 1. Jostling; mutual hustling; tussle.
ঠেলাঠেলি
ठेलाठेली, ठेलमठेला, रेलठेल ୨ । ଭିଡ଼—
2. A press or rush of people; in rush.
ଦେ. ବିଣ—୧ । ପରସ୍ପରକୁ ପେଲୁଥିବା (ବ୍ୟକ୍ତିଗଣ)—
1. Hustling each other; mutually pushing.
୨ । ଅତ୍ୟନ୍ତ ଲୋକଗହଳପୂର୍ଣ୍ଣ ସ୍ଥାନ—
2. Densely crowded (place); packed up

ଠେଲିବା—ଦେ. କ୍ରି (ସ୍ଥୁଲ ଧାତୁ=ଗଡ଼ କମ୍ପ। ଠେଲ ଧାତୁ)—
Ṭhelibā ୧ । ପଛଆଡ଼ୁ ପେଲିବା—
ঠেলা, ঠেলা 1. To push from behind.
ठेलना ୨ । ପେଲିବା—2. To jostle.

ଜେମା ସେବାଦାସୀ ମୋତେ ଚରସ୍ଥାର
କୂପେ ଠେଲି ଗଲ ଗଲ—ନନ୍ଦକିଶୋର. ଶର୍ମିଷ୍ଠା ।

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ପକା(କେ)ଇବା, ନେବା, ଆଣିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଠେସ (ଇତ୍ୟାଦି)—ଦେ. ବି—ଠେଁସ ଇତ୍ୟାଦ (ଦେଖ)
Ṭhesa (etc) Ṭheeṅsa etc (See).

ଠେସିବା—ପ୍ରାଦେ (ସମ୍ବଲପୁର) କ୍ରି—ଛେଚିବା—
Ṭhesibā To bruise a thing; to pestle.
ପ୍ରାଦେ (କଳାହାଣ୍ଡି) କ୍ରି—ପିଟିବା—
[ଠେସା(ସେ)ଇବା—ଣିଜନ୍ତ] To beat; to thrash.
ଦେ. ବି—ଠେଁସିବା (ଦେଖ)—Ṭheṅsibā (See).

ଠୋ—ଦେ. (ଧ୍ୱନ୍ୟନୁକରଣ) ଅ (ଏକବଚନ)—ଠୋ ଠୋ (ଦେଖ)
Ṭho Ṭho ṭho (See).
ସଂ. ବି—ମଣ୍ଡଳ—Circle.

ଠୋଓ—ଦେ (ଧ୍ୱନ୍ୟନୁକରଣ). ଅ—ଠୋ ଠୋ ୧ (ଦେଖ)
Ṭho-o; Ṭho ṭho 1 (See),

ଯିବା ଆଗେ କାଣ୍ଡ ଲମ୍ବମାନ ଠୋଓ ରଡ଼
ନକା କଲ ପ୍ରଳୟକାଳ ଘଡ଼ଘଡ଼—କୃଷ୍ଣସିଂହ. ମହାଭାରତ

ଠୋକ—ଦେ. ବି. (ସଂ. ସ୍ତବକ; ସ୍ତୋମକ; ପ୍ରା. ଥୋବିକ; ସଂ.ସ୍ତୁପ)—
Ṭhoka ୧ । ସମଷ୍ଟି; ଥୋକ—1. Sum; total.
থোক ୨ । ରାଶି; ଗଦା—2. Heap; mass.
थोक

ଠୋକର—ଦେ. ବି. (ଧ୍ୱନ୍ୟନୁକରଣ)—୧ । କଠିନ ଦ୍ରବ୍ୟ ସଙ୍ଗେ କଠିନ ଦ୍ରବ୍ୟର ଜୋରରେ ଲାଗିବା ଅଘାତ—
Ṭhokara
ঠোকর, ঠেকর 1. Hard knock; a hard thing coming
ठोकर in forceful contact with another hard thing; impact.

[ଦ୍ର—ଗୋଟିଏ ଜୀବ ବା ବସ୍ତୁ ବେଗରେ ଗତି କରୁଥିବା ଅବସ୍ଥାରେ ଅନ୍ୟ ଗୋଟିଏ ଅଚଳ ବସ୍ତୁ ବା ବାଧାରେ ବାଜିଗଲେ ପ୍ରଥମ ବସ୍ତୁ ବା ଜୀବ ଯେଉଁ ପ୍ରତିଘାତ ପାଏ ତାକୁ ଠୋକର ବୋଲାଯାଏ; ଦ୍ୱିତୀୟ ବସ୍ତୁ ଯେଉଁ ଅଘାତ ପାଏ ତାକୁ ଗୋଟ ବା ମାଡ଼ ବୋଲାଯାଏ । ୨ଟି ଗତିଶୀଳ କଠିନ ବସ୍ତୁ ବିପରୀତ ଦିଗରୁ ଆସି ଜୋରରେ ବାଜିଗଲେ ଉକ୍ତ ଦୁଇ ବସ୍ତୁର ଘାତପ୍ରତିଘାତକୁ ଲଢ଼େଇ ବା ବାଜୁଜାବାଜୁ କହନ୍ତି ।]

୨ । ଝୁଣ୍ଟି ପଡ଼ିବା—2. Stumbling; tripping.
୩ । ମନୁଷ୍ୟ ଚାଲୁ ଚାଲୁ ବାଟରେ ଯେଉଁ ବସ୍ତୁ ଗୋଡ଼ ଆଗରେ ବାଜିଗଲେ ମନୁଷ୍ୟ ଝୁଣ୍ଟି ପଡ଼େ—
3. Stumbling-block.
୪ । ବାଧା—4. Impediment; obstacle.
୫ । ଠଣା; ବକ୍ରୀକୃତ ଅଙ୍ଗୁଠିର ଗଣ୍ଠି ଦ୍ୱାରା ମୁଣ୍ଡଆଦି ଅସ୍ଥିମୟ ସ୍ଥାନରେ କରାଯିବା ଅଘାତ—5. A rap with the knuckles.
୬ । କଥା କହୁଥିବା ବ୍ୟକ୍ତିଙ୍କ କଥାରୁ ତୀବ୍ର ମନ୍ତବ୍ୟ ପ୍ରକାଶ ପୂର୍ବକ ତାଙ୍କୁ କଥା କହିବାର ମଝିରେ ମଝିରେ ଦିଆଯିବା ବାଧା—6. Obstacles put on the way of a speaking person in the shape of ironical or pithy remarks or criticisms on the subject-mater of his speech.
୭ । (ଲକ୍ଷଣାର୍ଥ) ଅପ୍ରୀତିକର ସାଂସାରିକ ଅନୁଭବଜନିତ ଶିକ୍ଷା—7. (figurative) Lesson learnt by a person from bitter worldly experience.
୮ । ଧୀରେ ଧୀରେ କରାଯିବା ଅଘାତ—
8. Slight stroke.

ଠୋକର ଖାଇବା—ଦେ. କ୍ରି—୧ । ଝୁଣ୍ଟି ପଡ଼ିବା—
Ṭhokara khāibā 1 To stumble; to trip.
ঠোকর খাওয়া ୨ । ବାଧା ପାଇବା—
ठोकर खाना 2. To be obstructed.
୩ । ଠେକିବା ୩ (ଦେଖ)—3. Ṭhekibā 3 (See)

ଠୋକର ଦେବା—ଦେ. କ୍ରି—୧ । ଠଣା ଠୁକିବା—
Ṭhokara debā 1. To strike with the knuckle.

୧	ଈ	ଊ	ଋ,ର୍	ଢ଼	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଥ୍	ଡଅ	ଢ
୨	ଈ	ଉ	ରୁ	ଲୃ	ଐ	ଅର୍ଦ୍ଧାସ୍ବରନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଥ	ଡ଼	ନ

ठोकर देओआ — ୨ । କଥା କହୁଥିବା ବ୍ୟକ୍ତିକୁ କଥା ଚାଲୁଥିବା
ठोकर देना ମଝିରେ ମଝିରେ ଭାବ ମନ୍ତବ୍ୟ ପ୍ରକାଶପୂର୍ବକ ବାଧା ଦେବା—2. To obstruct a person during his speech by passing unpleasant or ironical remarks at intervals.

୩ । କୌଣସି ବକ୍ତିକୁ ସାବଧାନ ବା ସତର୍କ କରଦେବା; ଚାବଦ କରବା—3. To warn; to give a warning.

୪ । ଧୀରେ ଧୀରେ ଅଘାତ କରିବା—
4. To give slight strokes;

ଠୋକର ନେବା—ଦେ. କ୍ରି—ଠୋକର ଖାଇବା ୧।୨ (ଦେଖ)
Ṭhokara nebā Ṭhokara khāibā 1-2 (See)

ଠୋକର ମାରିବା—ଦେ. କ୍ରି—ଠୋକର ଦେବା ୧।୨।୪ (ଦେଖ)
Ṭhokara māribā Ṭhokara debā 1.2.4 (See)
ঠোকর মারা **ठोकर मारना**

ଠୋକର ଲାଗିବା—ଦେ. ବ—ଚାଲୁଥିବା ବ୍ୟକ୍ତିର ଅଙ୍ଗୁଠି ବା
Ṭhokara lāgibā ଘୋଡ଼ାର ଖୁରା ଭୂମିରୁ ବାହାରି ପଡ଼ିଥିବା
ঠোকর লাগা କୌଣସି କଠିନ ବସ୍ତୁରେ ବାଜିବା—
ठोकर लगना The coming of a stumbling block on the way.

ଠୋକରା—ଦେ. ବି—ଠୋକର (ଦେଖ)
Ṭhokarā Ṭhokara (See)

ଠୋକରା(ରେ)ଇବା—ଦେ. କ୍ରି. (ଧ୍ୱନ୍ୟନୁକରଣ; ତୁଳ ସଂ. ଚ୍ରୋଟ୍ଟ—
Ṭhokarā(re)ibā ପକ୍ଷି ଚଞ୍ଚୁ)—୧ । କଠିନ ପଦାର୍ଥକୁ ଚଞ୍ଚୁ
ঠোকরান ଦ୍ୱାରା ଧୀରେ ଧୀରେ ଅଘାତ କରିବା; ଖୁମ୍ପିବା—
चोंचमारना, ठुकराना 1. To peck at.

୨ । କଠିନ ପଦାର୍ଥରେ ଅନ୍ୟ କଠିନ ବସ୍ତୁକୁ ଧୀରେ ଧୀରେ ଅର୍ଥାତ୍ ଠୁକୁଠୁକୁ କରି ଅଘାତ କରିବା—
2. To rap; to knock slowly and repeatedly.

୩ । ଉପର୍ଯ୍ୟୁପରି ସାମାନ୍ୟ ଠଣାଠଣି କରିବା—
3. To repeatedly strike with the knuckle.

୪ । ଠୋକର ଦେବା (ଦେଖ)
4. Ṭhokara debā (See)

ଠୋ କରି—ଦେ. କ୍ରି. ବିଣ—୧ । (ସଂ. ସ୍ପଷ୍ଟ) ଠୋସ୍ କରି; ସ୍ପଷ୍ଟରୂପେ
Ṭho kari (କହିବା)—1. (to speak) Clearly or plainly.
ঠাশ করে ୨ । (୨ଟ କଠିନ ବସ୍ତୁର ଅଘାତ ଜନିତ ଧ୍ୱନି) ଠୋ ଶବ୍ଦ
ठाँ से ଜାତ କରି; ସଶବ୍ଦରେ—2. Producing a loud cracking sound.

ଠୋକନା; ଠୋକନ } ଅନ୍ୟରୂପ
ଠୋକର; ଠୋଦସ୍ }

୩ । (ସଂ. ହଠାତ୍) ହଠାତ୍; ଅଗ୍ର ପଶ୍ଚାତ୍ ବିଚାର ବିମର୍ଶ ନ କରି—3. Suddenly; without mature consideration.

ଠୋ କରି ଛଡ଼ାଇ ଦେଲା । କବିସୂର୍ଯ୍ୟ, କଣୋସଚମ୍ପୂ ଠ. ଗୀତ ।

ଠୋଙ୍ଗା—ଦେ. ବ (ସଂ. ଦ୍ରୋଣ)—ଡାଲି ଚାଉଳ ଆଦି ରଖିବା ପାଇଁ
Ṭhongā କାଗଜ ବା ପତ୍ରର ଠୋଲା ବା ପାତ୍ର; ଦନା—
ঠোঁগা A cone-shaped case or packet made
दोना of leaves or paper.

ଠୋଟିଆ—ପ୍ରାଦେ, (ବସ୍ତୁର) ବିଣ.—୧ । ଅକିଞ୍ଚନ—
Ṭhotiā 1. Insignificant.
୨ । ଅସହାୟ—2. Helpless.

ଠୋ-ଠା—ଦେ. (ଧ୍ୱନ୍ୟନୁକରଣ) ଅ. (ବହୁବଚନ)—ଠୋ ଠୋ (ଦେଖ)
Ṭho-ṭhā Ṭho ṭho (See)

ଦେ. କ୍ରି. ବିଣ—ଉଚ୍ଚ ଶବ୍ଦ ଉତ୍ପନ୍ନ କରି—Producing loud cracking sounds (as of splitting wood).

କାଠ ହାଣ୍ ଠୋ ଠା, ବାସ ମାମୁଁ ଅଲ୍ଲୋଇଛି ଯା—
ଚଗୁତୀ କାହାଣୀ ।

ବିଣ. ଓ କ୍ରି. ବିଣ—ଉଚ୍ଚ ଓ ସ୍ପଷ୍ଟ କଥା—Words spoken
(ଠୋର୍ଠା, ଠୋର୍ଠାଅ—ଅନ୍ୟରୂପ) loudly and distinctly.

ଠୋ-ଠା ମରିଯିବା—ଦେ. କ୍ରି—(ବହୁଲୋକ ବା ଜୀବ) ଜଣକ ପରେ
Ṭho ṭhā marijibā ଜଣେ ଚଞ୍ଚଳ ମରିଯିବା—
(many persons or animals) To die in quick succession.

ଠୋ ଠୋ—ଦେ. ଅ—(ଧ୍ୱନ୍ୟନୁକରଣ) (ଏକାଧିକ ଠୋ ଶବ୍ଦ)—
Ṭho-ṭho ୧ । କୁରାଢ଼ିରେ ବଡ଼ କାଠ ହାଣିବାର ଶବ୍ଦମାନ;
ঠাই ঠাই ଉପର୍ଯ୍ୟୁପରି କୁରାଢ଼ି ଚୋଟର ଶବ୍ଦ—1. Repeated
ठायँ ठायँ loud sounds produced by splitting logs with the axe.

୨ । ଏକାଧିକ ବାଣଫୋଟକା ଫୁଟିବାର ଉଚ୍ଚ ଶବ୍ଦ—
2. Loud cracking sounds of the bursting of many crackers.

୩ । ନଡ଼ିଆ ଆଦି କଠିନ ପଦାର୍ଥକୁ ପଥର ଉପରେ ଜୋରରେ ଏକାଧିକ ଥର ବାଡ଼େଇବାର ଶବ୍ଦ—3. Sound produced by repeated striking of cocoa.
(ଠୋର୍ଠୋ, ଠୋର୍ଠୋର୍—ଅନ୍ୟରୂପ) nuts on a stones

[ତୁ—ଠୁକ୍ ଠୁକ୍ ଠାରୁ ଠକ ଠକ ଶବ୍ଦ ଉଚ୍ଚତର, ଠକ ଠକ ଠାରୁ ଠୋ ଠା ବା ଠୋ ଠୋ ଉଚ୍ଚତର, ଠୋ ଠୋ ଠାରୁ ଦୁ ଦା ଉଚ୍ଚତର ଶବ୍ଦ ।]

୪ । କଠିନ ପଦାର୍ଥ ବାଡ଼େଇ ହୋଇ ହଠାତ୍ ଫାଟିଯିବା ଶବ୍ଦ—4. The loud sound of bursting of hard things.

୫ । ବିଲରୁ ପାଣି ଶୁଖି ଯାଇ ଭୂମି ଫାଟିଯିବା—
5. Cracking of the surface of a field when it dries up.

(ଯଥା—ଏ ବର୍ଷ ଭାଦ୍ରମାସରୁ ବର୍ଷା ନ ହେବାରୁ କାର୍ତ୍ତିକମାସକୁ ବିଲଯାକ ଠୋ ଠୋ ଫାଟିଗଲାଣି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପୂର୍ବ, ତତ୍ପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୬ । ଖୁବ୍ ଜୋର୍‌ରେ ଏକାଧିକ ଥର ଚାପୁଡ଼ା ମାରିବାର ଶବ୍ଦ—6. Repeated clapping sounds of slapping.

(ଯଥା—ଅବଧାନେ ଆସି ମୋ ଗାଲରେ ଠୋ ଠୋ ଦୁଇପୁଞ୍ଜା ଚାପୁଡ଼ା ମାରିଲେ ।)

୭ । ବହୁବାର ଉତ୍କଟ ହାସ୍ୟର ଶବ୍ଦ; ଅଟ୍ଟହାସର ଧ୍ୱନି—7. Sound of repeated boisterous laughter or horse laugh.

[ଦ୍ର—ଠୋ ଠୋ ଶବ୍ଦ ଏକାଧିକ ଠୋ ଧ୍ୱନି ସୂଚନା କରେ । 'ଠୋ' ଶବ୍ଦ ହଠାତ୍ ଜାତ ହେବା କଠିନ ବସ୍ତୁଦ୍ୱୟର ଆଘାତ-ଜନିତ ଧ୍ୱନି ଅଟେ । ସେହି ଧ୍ୱନି ଜାତ ହେବା ପ୍ରସଙ୍ଗରୁ (ଯଥା—ନଡ଼ିଆକୁ ପଥରରେ ଜୋର୍ କରି ବାଡ଼େଇଦେଲେ ତାହା ହଠାତ୍ ଠୋ ଶବ୍ଦପୂର୍ବକ ଫାଟିଯାଏ, ଏହି ଭାବର ସଂକ୍ରମଣ ଦ୍ୱାରା) ଏହି ଠୋ ଟା ଓ ଠୋ ଠୋ ଶବ୍ଦର ଉକ୍ତାର୍ଥକ ପ୍ରୟୋଗମାନ ଭାଷାରେ ଚଳେ, ଯଥା—ଖରାରେ ବଇଁଚିଗୁଡ଼ାକ ଠୋଠୋ ଫାଟିଗଲା, ଖାଇବାକୁ ନ ପାଇ ପିଲାଗୁଡ଼ାକ ଠୋ ଠୋ ମରିଗଲେ, ସେ ଠୋ ଠୋ ହସିଲା ।]

ଠୋ ଠୋ ହସିବା—ଦେ. କ୍ରି—ଠୋ ଠୋ ହୋଇ ହସିବା (ଦେଖ)
Ṭho ṭho hasibā — Ṭho ṭho hoi hasibā (See)

ଠୋ ଠୋ ହୋଇ ହସିବା—ଦେ. କ୍ରି (ସଂ. ଅଟ୍ଟହାସ୍ୟ)—ଉଚ୍ଚହାସ୍ୟ କରିବା—To laugh loudly; to laugh outright.
Ṭho ṭho hoi hasibā
हो हो हासा
ठठाना, कहकहा उठाना

ଠୋ ପଟକା—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଠୋ ଶବ୍ଦ କରି—
Ṭho paṭakā — 1. Making a loud report.

୨ । ତତକ୍ଷଣାତ୍; ସଙ୍ଗେ ସଙ୍ଗେ—2. At once; at a trice; immediately.

ଠୋ ପଟାକ୍, ଠୋ ଫଟକା, ଠୋ ଫଟାକ୍, ଠୋଓ ପଟକା — ଅନ୍ୟରୂପ

ଜୀବନଟା ପାଣି ଫୋଟକା,
ଫାଟିଯିବ ଠୋ ପଟକା । ଭକ୍ତକବି ଗୀତଲହରୀ ।

ଠୋ ପ(ଫ)ଟକା କଥା—ଦେ. ବି—୧ । ଆକସ୍ମିକ ବିଷୟ—
Ṭho pa(pha)ṭaka kathā — 1. Accidental matter; a thing occurring suddenly.

୨ । ସ୍ପଷ୍ଟ ଓ ସତ୍ୟ କଥା—2. Plain spoken words; plain truth.

୩ । କୌଣସି ପ୍ରଶ୍ନ ବା ପ୍ରାର୍ଥନାର ସଙ୍ଗେ ସଙ୍ଗେ ଦିଆଯିବା ଉତ୍ତର—3. Instant reply given to a question or prayer.
[ଠୋଓ ପ(ଫ)ଟକା କଥା—ଅନ୍ୟରୂପ]

ଠୋଲକ—ଦେ. ବି—ଠୋଲକା (ଦେଖ)
Ṭholaka — Ṭholakā (See)

ଠୋଲକା—ଦେ. ବି. (ସଂ. ସ୍ଥୂଳ)—ଖାକରା ପିଠା; ଯେଉଁ ଘିଅପିଠାର ଦୁଇପାଖ ଫୁଲିଥାଏ—Swollen cakes (boiled in ghee).
Ṭholakā
गुड़पिठा
ठोंकवा
(ଠୋଲୋକା—ଅନ୍ୟରୂପ)

ଫଁପା; ଫୋଁପା ବିଣ—ଫୁଲିଥିବା; ଫୁଲୁକା—Swollen; inflated.
फुलाहुआ

ଠୋଲକା ମୁହାଁ—ଦେ. ବିଣ—ଯାହାଙ୍କର ମୁହଁ ଫୁଲିଯାଏ; ସୋଥାମୁହାଁ—
Ṭholakā muhāṅ — Having one's face swollen.
(ଠୋଲକାମୁହାଁ ; ଠୋଲକୀମୁହାଁ—ସ୍ତ୍ରୀ)

ଠୋଲା—ଦେ. ବି—ଦନା; ପତ୍ରାଧାର; ଠୁଙ୍ଗା—
Ṭholā — A cone-shaped packet or cup made of leaves sewn with each other.
ठोंगा
दोना

ଠୋଲାରେ ଦୁଇ ଚାରି ତୋଳା ଘିଅ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଠୋଲି—ଦେ. ବି—ଛୋଟ ଠୋଲା; ଛୋଟ ଡବ୍‌ପତ୍ର—
Ṭholi — Small cup made of leaves sewn together.

ଠୋସ୍—ଦେ. ବିଣ—୧ । (ସଂ. କର୍କଶ) କର୍କଶ; ରୁକ୍ଷ (ବାକ୍ୟ, ଭାଷା)—
Ṭhos — 1. Rough (words; language); rasping.
खरखरे
कड़ा, खरा; खुरखुरा

ତା କଥାରେ ଏକା ମିଠା ନାହିଁ. ଠୋସ୍ ଠୋସ୍ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

୩ । (ସଂ. ସ୍ପଷ୍ଟ) ସ୍ପଷ୍ଟରୂପେ ଉଚ୍ଚାରିତ—3. Uttered clearly; distinct.

୪ । ସ୍ପଷ୍ଟବାଦୀ (ବାକ୍ୟ)—4. Plain (utterance).

୫ । ଟାଣୁଆ; କଠିନ; ଦୃଢ଼—5. Hard; firm.

୬ । ଘନ—6. Solid.

ଦେ. ବି—କଥା କହିଲା ବେଳେ କୌଣସି ବାକ୍ୟ ବା ଶବ୍ଦ ଉପରେ ଦିଆଯିବା ବିଶେଷ ଜୋର୍—Emphasis put on a word or sentence during speech.

[ଦ୍ର—ବଙ୍ଗଳା ଓ ହିନ୍ଦୀରେ ଠୋସ ଶବ୍ଦର ଅର୍ଥ ନିବିଡ଼, ଘନ, ଗାଢ଼, ଯାହା ଫୋଲା ନୁହେଁ ।]

ଠୌର (ଇତ୍ୟାଦି)—ଦେ. ବି—ଠଉର ଇତ୍ୟାଦି (ଦେଖ)
Ṭhaura (etc) — Ṭhaura etc (See)

୧	ଇ	ଉ	ଋ,ଌ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ୱ
୨	ଈ	ଊ	ରୁ	ଲୁ	ଯ୍ନ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ୱ	ନ୍ବ

ଡ

ଡ—୧୩ ଶ ବ୍ୟଞ୍ଜନ ବର୍ଣ୍ଣ । ଟ ବର୍ଗର ତୃତୀୟ ବର୍ଣ୍ଣ । ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ଏ ଅକ୍ଷର ଓଡ଼ିଆ ଶବ୍ଦର ଆଦ୍ୟରେ ଥିଲେ ଏଥିର ଉଚ୍ଚାରଣ 'ଡ' ଓ ମଧ୍ୟରେ ବା ଶେଷରେ ଥିଲେ 'ଡ଼' ହୁଏ—The 13th consonant and the 3rd letter of the'Ṭa' series (cerebral), corresponding to the 'd' sound. When it occurs at the beginning of Oria words it is pronounced as in day and when at the end or middle of a word it is pronounce as rd in bird.
Ḍa

ସଂ. ବି. (ଡପ୍ ଧାତୁ=ସ୍ପର୍ଶ କରିବା+କର୍ତ୍ତୃ. ଅ)—
୧ । ଶିବ; ମହାଦେବ—1. Siba.
୨ । ଶବ୍ଦ—2. Sound.
୩ । ଭୟ; ତ୍ରାସ—3. Alarm; fright.
୪ । ବାଡ଼ବାଗ୍ନି—4 Submarine fire.
୫ । ଡମରୁ; କ୍ଷୀଣମଧ୍ୟ ଆନଦ୍ଧ ବାଦ୍ୟଯନ୍ତ୍ରବିଶେଷ—5. A musical instrument narrow in the middle.
୬ । (ଡୀ ଧାତୁ=ଉଡ଼ିବା+କର୍ତ୍ତୃ. ଅ)—
ଚାଷପକ୍ଷୀ; ଭଦଭଦଳିଆ ପକ୍ଷୀ—6. The blue jay; The Indian Roller bird; Coracias Indica.

ଡଅଣା—ପ୍ରାଦେ. (ଗଡ଼ଜାତ) ବି.—ଗୋରୁ ଓ ମଇଁଷିଙ୍କୁ ଦାଆଁ ଦେବା ପାଇଁ ବ୍ୟବହୃତ ବକ୍ରାଗ୍ର ଲୌହଦଣ୍ଡ—A hooked iron rod used for searing cattle.
Ḍa-aṇā

ଡଅଁର—ଦେ. ବି. (ସଂ. ଦର=ଗର୍ତ୍ତ)—୧ । ପାଣି ଭଉଁରିର ତୋଡ଼ ହେତୁ ନଦୀ ଗର୍ଭରେ ହୋଇଥିବା ଗର୍ତ୍ତ ବା ଖାଲ—1. Deep pools grooved by eddies in the river-bed.
Ḍa-an̄ra
ডহর; ডওঁর
(ଡଁଅର—ଅନ୍ୟରୂପ)
୨ । ଜଳ ଭଉଁରି—2. Eddy.
୩ । ନଦୀର ଗଭୀର ଅଂଶ—8. Deep part of a river.

ଡଅଁର କରଞ୍ଜ—ଦେ. ବି.—ପାଣିକୂଳରେ ଓ ଖାଲ ଜମିରେ ଜନ୍ମିବା ଏକପ୍ରକାର କରଞ୍ଜ ଗଛ—Pongamia Indica.
Ḍa-an̄ra karan̄ja
ସଂ. ନାମ—କରଞ୍ଜୀ, ଉଦକୀର୍ଯ୍ୟ, ଷଡ଼୍‌ଗ୍ରନ୍ଥା, ହସ୍ତିବାରୁଣୀ, ମର୍କଟୀ, ବାୟସୀ, କରଭଞ୍ଜିକା
ডহর করঞ্জা
করঞ্জা
(ଡହର କରଞ୍ଜ—ଅନ୍ୟନାମ)
[ଦ୍ର—କରଞ୍ଜ ତଳେ ନୋଟ ଦେଖ; ବୈଦ୍ୟକ ମତରେ ଏହା ସ୍ତମ୍ଭନକାରକ, ତିକ୍ତକଷାୟରସ, କଟୁବିପାକ ଓ ଉଷ୍ଣବୀର୍ଯ୍ୟ; ଏହା ବମନ, ପିତ୍ତ, ଅର୍ଶ, କ୍ରିମି, କୁଷ୍ଠ ଓ ପ୍ରମେହ ନିବାରକ । ଏଥିର ତୁଇଁ ଚେପଟା ଓ ପ୍ରତି ତୁଇଁରେ ଗୋଟିଏ ଲେଖାଏଁ ଚେପଟା ମଞ୍ଜି ଥାଏ । ଏ ମଞ୍ଜିରୁ ଚାପ ଜଳାଇବା ତେଲ ବାହାରେ । ଏ ତେଲ ଚର୍ମରୋଗରେ ମଧ୍ୟ ଉପକାରୀ ।]

ଡଇଁ—ପ୍ରାଦେ. (ଗଞ୍ଜାମ) ବି.—ଖେଳରେ ହାରିବା ବ୍ୟକ୍ତି—The person who loses in a game.
Ḍain̄

ଡଇଁ ଡଇଁ—ଗ୍ରା. ବିଣ.—୧ । ଉପବାସକ୍ଲିଷ୍ଟ—1. Starving; famishing.
Ḍain̄ ḍain̄
মরকুটে
୨ । ଧଡ଼ଙ୍ଗ; ଶୀର୍ଣ୍ଣକାୟ—2. Emaciated.
(ଯଥା—ପିଲାଟା ନ ଖାଇ ନ ପିଇ ଡଇଁ ଡଇଁ ହୋଇ ବୁଲୁଛି)

ଡଉଁରା—ଦେ. ବି.—ଡେଉଁରିଆ (ଦେଖ)
Ḍaun̄rā Ḍeun̄riā (See)

ଡଉଁରିଆ—ଦେ. ବି.—(ସଂ. ଡମରୁ)—ଡେଉଁରିଆ (ଦେଖ)
Ḍaun̄riā Ḍeun̄riā (See)

ଡଉଲ—ଦେ. ବିଣ (ସଂ. ଡମ୍ବର=ଆଡ଼ମ୍ବର; ବିଳାସ)—
Ḍaula
୧ । ସୁନ୍ଦର; ପଟଣ—1. Pretty; handsome; nice; graceful.
সুডৌল
डौलदार
୨ । ସୁଡୌଲ; ସୁଠାମ; ସୁଗଠିତ ଶରୀରବିଶିଷ୍ଟ—2. Of symmetrical build; well-shaped.
(ଡୌଲ—ଅନ୍ୟରୂପ)
[ଦ୍ର—ସୁଡୌଲ=ସୁନ୍ଦର, ବେଡୌଲ=ଅସୁନ୍ଦର ।]
ডৌল
डौल
ବି.—ଢଙ୍ଗ; ଛପ; ସ୍ୱଭାବ; ଛାଞ୍ଚ—2. Manner; fashion; method.
୨ । ଭାବଭଙ୍ଗୀ; ଆଚରଣ—2. Attitude.
୩ । ଅଙ୍ଗସୌଷ୍ଠବ; ସୁଗଠନ—3. Symmetry of form; grace.
୪ । ମୂର୍ତ୍ତି—4. Shape.
୫ । ଗଠନ—5. Form; make.

ଡଉଲ ଡାଉଲ—ଦେ. ବିଣ.—ସୁଠାମ; ସୁଗଠିତ; ପଟଣ—Pretty; handsome.
Ḍaula ḍāula
ডৌলগুল্ক डौलडाल

ଡଉଲଦାର—ଦେ. ବିଣ.—ଡଉଲ ଡାଉଲ (ଦେଖ)
Ḍauladār Ḍaula ḍāula (See)
সুডৌল डौलदार

ଡଉଲିଆ—ଦେ. ବିଣ.—ଡଉଲ ଡାଉଲ (ଦେଖ)
Ḍauliā Ḍaula ḍāula (See)

ଡଂବ—ପ୍ରାଦେ. (ବିଶାଖ ପଟଣା) ବି.—ବିଶାଖାପଟଣା ଜିଲ୍ଲାର ଓଡ଼ିଆ ଜାତିବିଶେଷ—The name of an Oriya caste in the Vizag district.
Ḍamba

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖି କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଛୁଅ' ନ ମିଳିଲେ 'ଛୁଉ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

[ଦ୍ର—ଏମାନେ ଲୁଗା ବୁଣି ବା ମୃଷ୍ଟିଭିକ୍ଷା କରି ଖାଇବା ନିର୍ବାହ କରନ୍ତି । ଏମାନଙ୍କ ମଧ୍ୟରୁ କେତେକ 'ଖ୍ରୀଷ୍ଟଧର୍ମ' ଅବଲମ୍ବନ କରି ଅଛନ୍ତି ।]

ଡଂଶିବା—ଗ୍ରା. କ୍ରି. (ସଂ. ଦଂଶ ଧାତୁ)—ଦଂଶିବା (ଦେଖ)
Ḍaṁśibā — Daṁśibā (See)
দংশা **ডংসনা**

ଡକ୍—ବୈଦେ. ବି. (ଇଂ)—ଜାହାଜ ବନ୍ଦରରେ ଲାଗିବାର ଘାଟ—
Ḍak — Dock; dockyard.
ডক্ **डक**

ଡକଡକା—ଦେ. ଭଣ. ଓ ବି. ପୁଂ. (ସଂ. ଢକ୍କା; ଯେ ସବୁ କଥାକୁ ନାଗରା ପିଟି ଘୋଷଣା କରିବା ଭଳି ସବୁଆଡ଼େ କହି ବୁଲେ)—
Ḍakaḍakā
(ଡକଡକୀ—ସ୍ତ୍ରୀ) ୧ । ଢବଢବା; ଯେଉଁ ଲୋକ ପେଟରେ କିଛି କଥା ଗୋପନ ନ ରଖି କହି ବୁଲେ—
ডেঁফো
ढिंगिया 1. Babbler; one who babbles out secrets.
୨ । ଯେଉଁ ଲୋକ ଅସମ୍ଭବ ଆଶ୍ଚର୍ଯ୍ୟଜନକ କଥାମାନ ଗପେ; ଅତ୍ୟୁକ୍ତିକାରକ—
2. A marvel-teller; an exaggerator.
୩ । ବାଚାଳ; ଗପୁଡ଼ି—3. Talkative; garrulous.

ଡକରା—ଦେ. ବି. (ସଂ. ଢ=ଶବ୍ଦ; ସଂ. ଢକ୍କା; ସଂ. ହୁଙ୍କାର)—
Ḍakarā ୧ । ଆହ୍ୱାନ; ଡାକ—1. A call.
ডাক ୨ । ନିମନ୍ତ୍ରଣ—2. Invitation.
बुलावा, पुकार,

ଡକରା ବିଭୀଷଣ—ଦେ. ବି. (ନାମ)—ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ପୂର୍ବ ପାଖରେ ଥିବା ଶିବଲିଙ୍ଗବିଶେଷ—
Ḍakarā bibhīshaṇa — Name of an image of Śiba to the east of Bhubaneswar temple.
[ଦ୍ର—ଏହା ଭୁବନେଶ୍ୱର ଥାନାର ଠିକ ପୂର୍ବରେ ଗୋଟିଏ ଭଗ୍ନ ମନ୍ଦିରରେ ଅବସ୍ଥିତ ।]

ଡକରା ହକରା—ଦେ. ବି. (ସହଚର ଶବ୍ଦ)—ଡାକହାକ—
Ḍakarā hakarā — Calling; hallooing.

ଡକା—ଦେ. ବି. (ସଂ. ଢକ୍କା)—
Ḍakā ୧ । ବୋବାଳି; ଧ୍ୱନି; ରବ; ଚିତ୍କାର—
ডাকা 1. Cry; sound.
डकार
ଦୁର୍ଗାଜ୍ଞ ମେଘ ପରି ଗାଣ୍ଡିବ କଲେ ଡକା
ଶୁଣି ଭୂମ୍ଭର ଲୋକେ ହୋଇଲେ ଡାକା ।
କୃଷ୍ଣସିଂହ. ମହାଭାରତ, ଦ୍ରୋଣ ।
୨ । କ୍ରନ୍ଦନର ରୋଳ—2. Lamentation.
ଧାଇଁ ଅଇଲି ନ ସହି ଡାକ ଡକା, ଏବେକ ସିବନ ସହିବେ !
କବିସୂର୍ଯ୍ୟ, ସଙ୍ଗୀତ
୩ । ରଡ଼ି; ଉଚ୍ଚ ଗର୍ଜନ—3. Violent roar.
୪ । ରଡ଼ୋଳ—5. Noise; uproar.
ହାତୁ ପିଟିଲେ ଦୂରରେ ପଡ଼େ ଡକା । ଦାଶରଥି, ବ୍ରଜବିହାର ।
୫ । ନିନ୍ଦା; ଅପବାଦ—
5. Scandal; bad name; evil reputation.
୬ । ଆତୁର ଶବ୍ଦ; ବିକଳ ଚିତ୍କାର—
6. Cry of distress.
ଡକା କରଇ ମୁଁ ବନ୍ଧୁ, ସରଇଛି । କବିସୂର୍ଯ୍ୟ. ସଙ୍ଗୀତ ।
୭ । ଡମରୁ ୧ (ଦେଖ)—7. Ḍamaru 1 (See)
ଭଣ—୧ । ଆହୂତ—1. Called.
୨ । ନିମନ୍ତ୍ରିତ—2. Invited.

ଡକା(କେ)ଇତ—ଦେ. ବି. (ସଂ. ଢକ୍କା, ସଂ. ହୁଙ୍କାର; ଓ. ଡାକ; ଯେଉଁ ଦସ୍ୟୁ ଢକ୍କା ପିଟି ବା ଡାକ ମାରି ଧନ ଲୁଣ୍ଠନ କରେ)—ଖଣ୍ଟ; ଡାକୁ; ବଳ ପ୍ରୟୋଗ ପୂର୍ବକ ଚୋରୀନିମନ୍ତେ ଦଳବଦ୍ଧ ବହୁ ସଂଖ୍ୟକ ବ୍ୟକ୍ତି; ଦସ୍ୟୁ—Dacoit; robber; bandit; highway-man.
Ḍakā(ke)ita
ডাকাইত্, ডাকাত্
डकैत, डाकू
ଡକାଇତ ପଣ କରେ ଗାଁ ଯେତେ କାଳ । ପ୍ରାଚୀ. ଶିବ ସ୍ୱରୋଦୟ ।
[ଦ୍ର—ଚୋର ସଂଖ୍ୟାରେ ଏକ ବା ତତୋଽଧିକ ବ୍ୟକ୍ତି; ଚୋର ଦ୍ରବ୍ୟ ସ୍ୱାମୀର ଅଜ୍ଞାତରେ ଦ୍ରବ୍ୟକୁ ଲୁଚାଇ କରି ଚୋରି କରେ । କିନ୍ତୁ ଡକାଇତମାନେ ଦଳବଦ୍ଧ ହୋଇ ବଳ ପ୍ରୟୋଗପୂର୍ବକ ଡାକହାକ ଅର୍ଥାତ୍ ପ୍ରକାଶ୍ୟରେ ଚୋରି କରନ୍ତି ଏବଂ କେହି ବାଧା ଦେଲେ ତାକୁ ମାରି ପକାଇବାକୁ ଦ୍ୱିଧା ବୋଧ କରନ୍ତି ନାହିଁ ।]

ଡକାଇତ ପଣ—ଦେ. ବି—ଡକାଇତି (ଦେଖ)
Ḍakāita paṇa — Ḍakāiti (See)

ଡକା(କେ)ଇ(ଏ)ତି—ଦେ. ବି—ବଳ ପ୍ରୟୋଗପୂର୍ବକ ଦଳବଦ୍ଧ ଦସ୍ୟୁଙ୍କ ଦ୍ୱାରା ଲୁଣ୍ଠନକାର୍ଯ୍ୟ; ଦଳବଦ୍ଧ ହୋଇ ଲୁଣ୍ଠନ କରିବା—Dacoity; gang robbery.
Ḍakā(ke)i(e)ti
ডাকাতি
डाका, डकैती [ଦ୍ର—ଭାରତୀୟ ଦଣ୍ଡବିଧି ଆଇନର ୩୯୧ ଦଫାରେ ଡକାଇତି ଅପରାଧର ସଂଜ୍ଞା ଦିଆ ଯାଇଅଛି । ୫ଜଣରୁ ଅଧିକ ବ୍ୟକ୍ତି ଚୋରି କରିବା ବା ଜବରଦସ୍ତି ଜିନିଷ ଛଡ଼ାଇନେବା ସମ୍ପର୍କରେ ବଳ ପ୍ରୟୋଗ କଲେ ବା କାହାରିକୁ ଆଘାତ ବା ହତ୍ୟା କଲେ ବା କରିବାକୁ ଭୟ ଦେଖାଇଲେ ଉକ୍ତ ଅପରାଧକୁ ଡକାଇତି ବୋଲାଯାଏ । ଏହା ଗୋଟିଏ ଗୁରୁତର ଅପରାଧ ଓ ଏଥିର ଦଣ୍ଡବିଧାନ ୩୯୫ ଦଫାରେ ଅଛି ।]

ଡକା(କେ)ଇବା—ଦେ. କ୍ରି—୧ । ଡାକିବା କ୍ରିୟାର ଣିଜନ୍ତ ରୂପ—
Ḍakā(ke)ibā 1. Causative of "Ḍākibā"
ডাকান ୨ । ଡାକି ଆଣିବା ନିମନ୍ତେ ଲୋକ ପଠାଇବା—
बुलवाना 2. To call for; to send for.
ଶକୁନି ଦୁଃଶାସନ କର୍ଣ୍ଣେ ଡକାଇଲେ—କୃଷ୍ଣସିଂହ, ମହାଭାରତ. ବନ ।
୩ । ତଲବ କରିବା; ଉପସ୍ଥିତ ହେବାପାଇଁ ସମ୍ବାଦ ପ୍ରେରଣ କରିବା—3. To summon.

୧	ଇ	ଓ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇସ୍ତ	ଉଅ	ଭ
୨	ଈ	ଉ	ଋ	ଲ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ	ଯ	ସ	ଗ୍ୟ	ଇଅ	ବ	ନ୍

୪ । ଚିତ୍କାର କରିବାକୁ ବାଧ୍ୟ କରିବା—
4. To cause a person to shout.

ଡକାଏତ (ଇତ୍ୟାଦି)— ଡକାଇତ (ଇତ୍ୟାଦି) (ଦେଖ)
Dakāeta etc Dakāita (etc) (See)

ଡକା କରିବା—ଦେ. କ୍ରି—ବଡ଼ ପାଟିକରି କହିବା; ରଡ଼ି କରିବା—
Dakā kariba To speak in a very loud voice; to shout.
জোরে ডাকা
चीक मारना
କ କରୁଛ ବ୍ରାହ୍ମଣ ବୋଲି କଲେ ଡକା—
କୃଷ୍ଣସିଂହ ମହାଭାରତ ବନ ।

ଡକା ଛାଡ଼ିବା—ଦେ. କ୍ରି—ଡକା ପାଡ଼ିବା (ଦେଖ)
Dakā chhārdibā Dakā pārdibā (See).
ପର୍ବତକୁ ଡକା ଛାଡ଼ିଲେ (୧) ପର୍ବତେ—ରାଧାନାଥ. ଚିଲିକା ।

ଡକାଡକି—ଦେ. ବି—୧ । ପରସ୍ପର ଆହ୍ୱାନ—
Daka daki Calling each other.
ଥାଏ ଥାଏ ଡକାଡକିରେ ସେ ଡକା ପକାଇ ଅଛନ୍ତି ପିଙ୍କେ ।
ଭକ୍ତ ବୋଲ୍ଫତ୍ୱାଶ୍ରସୁକଥା ।

ডাকাডুকি, ডাকডোক ୨ । ଉଚ୍ଚୈଃସ୍ୱରରେ ବହୁବାର ଡାକିବା—
हाँकपुकार 2. Outcry; repeated shouts.

ବିଣ—ପରସ୍ପର ଦ୍ୱାରା ଆହୂତ—
Called by each other.
ସଭାମାନେ ସଖିକୁ ଛାଡ଼ି ଗଲେ ଡେଉଁ
ଡକାଡକ ହୋଇଲେ ଯୁଝିବାର ପାଇଁ ।
କୃଷ୍ଣସିଂହ, ମହାଭାରତ. ସ୍ୱର୍ଗ ।

ଡକା ଦେବା—ଦେ. କ୍ରି—ଡକା ପାଡ଼ିବା (ଦେଖ)
Dakā debā Dakā pārdibā (See).
ଡକାଦେବା ଶବ୍ଦେ ଅରଣ୍ୟେ ଭରନେ ଦେଖିଲୁ ଶବଦ ଦଶା ।
କବିସୂର୍ଯ୍ୟ. କଣୋସରକ୍ଷ ଗୀତ ।

ଡକା ପକା(କେ)ଇବା—ଦେ. କ୍ରି—ଡକା ପାଡ଼ିବା (ଦେଖ)
Dakā pakā(ke)ibā Dakā pārdibā (See).

ଡକା ପାଡ଼ିବା—ଦେ. କ୍ରି.—୧ । ଉଚ୍ଚୈଃସ୍ୱରରେ ଶବ୍ଦ କରିବା—
Dakā pārdibā 1. To utter a loud cry.
ডাক ছড়া ସେଠାରୁ ସେହି ସ୍ଥାନ ଡକା ପାଡ଼ି ଗଲ ।
डफारना. କୃଷ୍ଣସିଂହ. ମହାଭାରତ. ଆଦି ।
(ଡକା ପାରିବା—ଅନ୍ୟରୂପ) ୨ । ଉଚ୍ଚୈଃସ୍ୱରରେ କାନ୍ଦିବା; କାନ୍ଦ-
ବୋବାଳ କରିବା—2. To lament loudly; to wail.
ମହାମାନେ ତାହା ଦେଖିଣ ଦୁଃଖୀ ହୋଇ
ପାଡ଼ିଲେ ଡକା ଭଲେ ବଦନ ଶୁଖାଇ । କୃଷ୍ଣସିଂହ. ମହାଭାରତ. ବନ ।

ଡକା ବୋବାଳି—ଦେ. କ୍ରି. (ସ୍ୱତନ୍ତ୍ର ଶବ୍ଦ)—କାନ୍ଦବୋବାଳି;
Dakā bobāli ଅତି ଆର୍ତ୍ତ ସ୍ୱରରେ ରୋଦନ—
কাঁদাকাটা Wail; cry of distress.
रोना पीटना

ଡକାମଝା—ଦେ. ବିଃ ସ୍ତ୍ରୀ—ଡାକ କଟି; ଯେଉଁ ସ୍ତ୍ରୀର କଟି ଡମରୁ ପରି
Dakā-majhā ସରୁ; ଡମରୁମଧ୍ୟା—Slender-waisted.
ଡାକ କରୁଅଛ ତୋତେ, ଡାକ କରୁଅଛ ଡକାମଝା ସରୁ ନୁହଇ
ମୁଁ କହାଉଛେ । କବିସୂର୍ଯ୍ୟ, ଡୁଣ୍ଡା ଗୀତ ।

ଡକାର—ଦେ. ବି. (ହୁଙ୍କାରୁ ଅନୁକୃତ; ସ. ଉଦ୍ଗାର)—
Dakāra ଉଦ୍ଗାର; ବମନ; ବାନ୍ତି—
ডকার Vomiting.
डकार

ଡକାହକା—ଦେ. ବି. (ସ୍ୱତନ୍ତ୍ର ଶବ୍ଦ)—
Dakā-hakā ୧ । ଡକାଡକି; ଅନ୍ୟୋନ୍ୟ ଆହ୍ୱାନ, ଡାକହାକ—
ডকাডাকি 1. Calling each other.
बुलौआ ୨ । ଡାକହାକ (ଦେଖ)
2. Dāka-hāka (See)

ଡାକୁଣୀ—ଗ୍ରା. ବି. (ସ. ଡାକିନୀ)—ଡାଙ୍କେଣୀ (ଦେଖ)
Dākuṇi Dānkeṇi (See)
ডাইনী ଏ ଡାକୁଣୀକୁ କାହିଁକି ଛାଡ଼ ଦେଲୁରେ ପଦିଆ ।
चुडैल, डायन ଭକ୍ତାସ. ଗୌରୁକ ।

ଡକେଟ୍—ବୈଦେ. ବି (ଇଂ)—ବଡ଼ ଚିଠି ବା ଆଦେଶପତ୍ରର ସାରାଂଶ—
Daket Docket.
ডকেট डाकेट

ଡକ୍କାରୀ—ସ. ବି—ଚଣ୍ଡାଳବୀଣା; କେନ୍ଦେରା—
Dakkāri The lute of the Chāndālas (Apte).

ଡଗ—ଗ୍ରା. ବୈଦେ. ବି (ଇଂ. ଡକ୍)—ଡକ୍ (ଦେଖ)
Daga Dak (See)

ଡଗଡଗ (ଚାଲିବା)—ଦେ. କ୍ରି. ବିଣ. (ସ. ଦଗ; ସ. ଡଗ ଧାତୁ=
Dagadaga (chāliba) ଗତି କରିବା)—
ঢকঢক করে (চলা) ୧ । ଶୀଘ୍ର ଶୀଘ୍ର (ଚାଲିବା)—
डग मारकर (चलना) 1. (to walk) Briskly or hastily.
ଡଗଡଗ ସେ ଶଙ୍କିବୁ ଉଠନ୍ତି ଚଳନ୍ତି । ପ୍ରୀତୀ. ବ୍ରହ୍ମନିରୂପଣ ଗୀତା ।
୨ । ଲମ୍ବ ଲମ୍ବ ପାହୁଣ୍ଡ ପକାଇ (ଚାଲିବା)—
2. (to walk) With long strides; in a stalking manner.
ମୁଁ ସେ ବଗ—ଚାଲେ ଡଗଡଗ । ଶିଶୁଗୀତ ।

ଡଗଡଗା—ଦେ. ବିଣ., ପୁଂ—୧ । ଡକଡକା (ଦେଖ)
Dagadagā 1. Dakadakā (See)
(ଡଗଡଗିଆ —ଅନ୍ୟରୂପ) ୨ । ଯେଉଁ ବ୍ୟକ୍ତି ଡଗଡଗ ହୋଇ ଚାଲେ-
ଡଗଡଗୀ } ସ୍ତ୍ରୀ 2. Stalking; habituated to walking
ଡଗଡଗେଇ } with long strides.

ଡଗର କରିବା—ପ୍ରାଦେ. (ସିଂହଭୂମ) କ୍ରି—ଅନ୍ୱେଷ କରିବା—
Dagar kariba To search; to be on the look-out for a thing.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଡଗର—ଦେ. ବି—୧ । ଦୂତ—
Dagara 1. Messenger.
পাইক
হরকারা

ଗୌଡ଼ଦେଶେ ମୃତ୍ୟୁ-ଡଗର ବୁଲୁଅଛି ନିରନ୍ତର ।
ମଧୁସୂଦନ. ସଙ୍ଗୀତମାଳା ।

ପ୍ରାଦେ. (ଗଡ଼ଜାତ) ବି. (ମୂଳ. ହି. ଡଗର = ରାସ୍ତା)—
୧ । ପଦଚିହ୍ନ—1. Footstep.
୨ । ରାସ୍ତା; ମାର୍ଗ—2. Road; way; path.
୩ । ପଦାତି; ପିଆଦା—3. Peon.
୪ । ଗୁପ୍ତଚର—3. Spy.
୫ । ନିବିଡ଼ ଅରଣ୍ୟ ମଧ୍ୟରେ ଥିବା ମନୁଷ୍ୟ ଚଲା ବାଟ—
ডহর, ডগর, পগডংডী 5. A foot-path running through a dense forest.
୬ । ଚାଲିଯିବା ପରେ ପଡ଼ିଥିବା ମନୁଷ୍ୟ ବା ପଶୁର ପାଦଚିହ୍ନ-
6. Foot-print; foot-track.

ଶରଗତ ଚଉଦିଗରେ ପଳାଇ ଗୁପତେ
ସେ ପଳାଶ କୁଞ୍ଜେ କୁଞ୍ଜେ ମହୁଷ ଡଗରେ । ରାଧାନାଥ, ଉଷା ।

୭ । ଯେଉଁ ବ୍ୟକ୍ତି ରାଜାଜ୍ଞାକୁ ସାଧାରଣରେ ପ୍ରଚାର କରେ—
7. Proclaimer of royal order; herald.

ନେଇ ଡଗରକୁ ଆଗ ସେ ବୁଲାଇଲେ । କୃଷ୍ଣସିଂହ. ମହାଭାରତ. ବନ ।

ପ୍ରାଦେ. (ସିଂହଭୂମ) ବି—୧ । ଖୋଜିବା; ଅନ୍ୱେଷଣ—
1. The act of searching.
୨ । ଏକ ପ୍ରକାର ଧାନ—
2. A species of paddy.

ଡଗରାଇବା—ପ୍ରାଦେ. (କୋରାପୁଟ) କ୍ରି—ବାଟ ଦେଖାଇ ନେବା—
Dagarāibā To lead the way.

ଡଗର ଡଗର—ଦେ. କ୍ରି. ବିଣ—ଡଗଡଗ (ଦେଖ)
Dagara dagara Dagadaga (See)

ଡଗର ଫସର—ବୈଦେ. ବି. (ହି. ଦଗଲ ଫସଲ)—
Dagara phasara ଡଗଲ ଫସର (ଦେଖ)
Dagala phasara (See)
(ଡଗରଫସଲ, ଡଗଲଫସଲ—ଅନ୍ୟରୂପ)

ଡଗରା—ଦେ. ବି—୧ । ଯେଉଁ ବ୍ୟକ୍ତି ଦ୍ୱାରା ରାଜାଦେଶ ଉଦ୍‌ଘୋଷିତ ହୁଏ; ଭାଟ—1. A herald; a proclaimer of royal order.
Dagarā
পাইক
হরাবল

ଉଚ୍ଚୈଃସ୍ୱରେ ଡାକ ଡଗରା ଘୋଷିଲା ପଣ ଏଥର । ରାଧାନାଥ, ଉଷା ।

୨ । ଗୁପ୍ତଚର—2. Spy.

ଡଗରା ବୁଲୁଛି ପୁର, ଦଣ୍ଡାଇ ବଷମ ଶର । କବିସମ୍ରାଟ. ସଙ୍ଗୀତ ।

୩ । ଖଣ୍ଡାଏତ; ପାଇକମାନଙ୍କ ସର୍ଦ୍ଦାର—
3. The headman of the peons.
୪ । ଦୂତ; ବାର୍ତ୍ତାବହ—4. Messenger.

ଚଅର କର ସୈନ୍ୟ ଉଠାଅ ଡଗରକୁ
ଚାଲି ଯିବା ସମସ୍ତେ କାମ୍ୟକ ବନକୁ । କୃଷ୍ଣସିଂହ. ମହାଭାରତ. ବନ ।

୫ । ଖଣ୍ଡାଏତମାନଙ୍କର ଶାଖାବିଶେଷ—
5. A class or sect of Khandayats.
ବିଣ—ଯେ ଡଗ ଡଗ ହୋଇ ଚାଲେ; ଯାହାର ଗୋଡ଼ ଲମ୍ବ—
Long-legged (ant etc); stalking

ଡଗରା(ରେ)ଇ—ଦେ. ବି—୧ । ଡଗରାର କାର୍ଯ୍ୟ—
Dagarā(re)i 1. The duty or post of a Dagarā.
୨ । ଡଗରାକୁ ପ୍ରଦତ୍ତ ଜାଗିର—2. Service-tenure granted to a Dagarā.
[ଦ୍ର—ଡଗରା ବା ଖଣ୍ଡାଏତ ବା ପାଇକସରଦାରମାନଙ୍କୁ ଓଡ଼ିଶାର ସ୍ୱାଧୀନ ରାଜାଙ୍କର ଓ ମରହଟ୍ଟାଙ୍କ ଅମଳରେ ଦିଆ ଯାଇ ଥିବା ଭୂଇଁ ଆଜି ପର୍ଯ୍ୟନ୍ତ ଡଗରାଇ ଜାଗିର ନାମରେ ଖ୍ୟାତ ଓ ତାହା ସାବିକ ଡଗରମାନେ ଅନ୍ୟ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଥିବାରୁ ଗଭର୍ଣ୍ଣମେଣ୍ଟ ତହିଁରେ ଜମା ଧାର୍ଯ୍ୟ କରି ତାହାକୁ ସ୍ୱତନ୍ତ୍ର ଜମିଦାରୀରେ ପରିଣତ କରିଅଛନ୍ତି । ଏ ଜମିମାନ ବର୍ତ୍ତମାନ ପର୍ଯ୍ୟନ୍ତ ଅରାଜି ଡଗରାଇ ଜାଗିର ବାଯ୍ୟାପ୍ତି (ଯହିଁର ସାଙ୍କେତିକ ଅ. ଡ. ଜା. ବା ଯଥା—ଅ. ଡ. ଜା. ବା. ମୌ କମାପୁର ଓଗ) ବୋଲି ସରକାରୀ ସିରସ୍ତାରେ ଲେଖା ଯାଉଅଛି ।]
୩ । ଯେ ଢେଙ୍ଗୁରା ଦିଏ—3. A drummer.
ବିଣ—ଡଗରା ସମ୍ବନ୍ଧୀୟ—Pertaining to a Dagarā.

ଡଗରା ଜନ୍ଦା—ଦେ.ବି—ବଡ଼ ବଡ଼ ଗୋଡ଼ ଥିବା ଏକପ୍ରକାର ଜନ୍ଦା—
Dagarā jandā Black big ants with long legs.
ডেহুয়া পিঁপড়ে; ডেয়েঁ পিঁপড়ে

ଡଗରା ନାୟକ—ଦେ. ବି—ପାଇକ ସର୍ଦ୍ଦାର—
Dagarā nāyaka The head of the Pāikas or old militia of Orissa.
াইকদের সর্দার

ଉଦ୍ଭବ ଉଗ୍ରସେନ ଡଗରା ନାୟକ
ଡକାଇ ଆଜ୍ଞାଦେଲେ ରଥ ଭୂ ଚମକ । କୃଷ୍ଣସିଂହ. ମହାଭାରତ ବନ ।

ଡଗରେଇବା—ପ୍ରାଦେ. (ଯାଜପୁର) କ୍ରି—ଡଗରାଇବା (ଦେଖ)
Dagareibā Dagarāibā (See)
ପ୍ରାଦେ. (ଗଡ଼ଜାତ) କ୍ରି—ଚୋରର ଓ ପଶୁମାନଙ୍କର ପଦଚିହ୍ନ ଅନୁସରଣ କରିବା—To track a beast or thief by following their footsteps or other marks left by them.

ଡଗଲ ଫସର(ଲ)—ବୈଦେ.ବି—୧ । ଦମଦିଲାସା; ଭଣ୍ଡାଇବା; ଟାଳଟୁଳ-
Dagala phasara(la) 1. Putting off on various excuses.
दगलफसल
୨ । ଦଗାବାଜି—2. Fraud.
୩ । ହେଳା—3. Procrastination.

ଡଗା—ଦେ. ବି—ମାଟିର ମଦ୍ୟଭାଣ୍ଡ; ଅଥିଆ—
Dagā An earthen toddy-pot (Howells).
ভাঁড়

୯	୯̣	ଡ	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇପ୍ସ	ଉଅ	ଢ
୯	ଝ	ଊ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍

ଡଙ୍କ—ଦେ. ବ. (ସଂ. ଡଙ୍କ୍ ଧାତୁ=ଗତି)—୧ । ବୃକ୍ଷ ଓ ଲତାର
Daṅka କୋମଳ ଅଗ୍ରଭାଗ—1. The tendrils or sprouts
ডগ্; ডগা of a creeper or plant; tender shoots
डग; कल्ला cf plant.

କେତ୍ଛି ପିଡ଼ାରେ ବଢ଼ି କଖାରୁ ଡଙ୍କ ସଳଖି ଦେଉଅଛି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୨ । କୌଣସି ଲମ୍ବ ପଦାର୍ଥର ସରୁ ଅଗ—
2. The slender top of a long thing.
୩ । ସାପ—3. Serpent.
୪ । ପ୍ରାଣୀର ବେକ—4. Neck of animal.
୫ । ବେକମୁଣ୍ଡା—5. Nape of the neck.
୬ । (ସଂ. ଦଂଶ) ସାପର ବିଷଦାନ୍ତ—
6. The fangs of a serpent.

ମରମେ ଗଲା ଡଙ୍କ ହାଣି
କମ୍ପା ନ ଦେଇ ଗଦ ଅଣି । ଭୂପତି. ପ୍ରେମପଞ୍ଚାମୃତ ।

হুল ୭ । ନାହୁଡ଼—7. The sting of venomous
डङ्क animals.

ଡଙ୍କ ଛୁଇଁବା—ଦେ. ବ. (ଶୁଭବାଚନ; କିମ୍ବା ସଂ. ଦଂଶ=ନାହୁଡ଼)—
Daṅka chhuiṅbā ସର୍ପାଘାତ—(Euphemism) Snake-bite.
ଡଙ୍କମାରିବା } ଅନ୍ୟରୂପ
ଡଙ୍କଲାଗିବା }
[ଦ୍ର—ସାପର ନାମ ଉଚ୍ଚାରଣ କରିବା ଅମଙ୍ଗଳକର ଭାବି ଲୋକେ ସାପ ନାମ ନ ଧରି ଡଙ୍କ, ଲଥ, ଲହ, ଲମ୍ବଜନ୍ତୁ ଆଦି ଶବ୍ଦ ବ୍ୟବହାର କରନ୍ତି ।]

ଡଙ୍କ ମାରିବା—ଦେ. ବ—ଡଙ୍କ ଛୁଇଁବା (ଦେଖ)
Daṅka māribā Daṅka chhuiṅbā (See)
হুল্ ফুটান ଦେ. କ୍ରି—ନାହୁଡ଼ଦ୍ୱାରା ଆଘାତ କରିବା—
डङ्क मारना To sting.

ଡଙ୍କ ମୋଡ଼ିଦେବା—ଦେ. କ୍ରି—୧ । (ଜଳାଭାବରୁ ବା ପ୍ରଚଣ୍ଡ ଖରା-
Daṅka moṛidebā ଯୋଗୁଁ ବା ମୂଳକାଟି ଦେବାରୁ) ବୃକ୍ଷ-
मुरझाना ଲତାଦିର କୋମଳ ଅଗ୍ରଭାଗ ମଉଳିଯିବା ବା ଝାଉଁଳି ଯିବା—1. To wither at the top (said of plants and creepers).
(ଯଥା—ଖରାରେ ଲାଉ ଗଛଟି ଡଙ୍କ ମୋଡ଼ି ଦେଲାଣି ।)
୨ । (ଅଘାତାଦିଜନିତ ଦୁର୍ବଳତା ଯୋଗୁଁ କୌଣସି ପ୍ରାଣୀର) ମୁଣ୍ଡ ଅଂଶ ବେକଠାରୁ ଏକପାଖକୁ ଢଳି ପଡ଼ିବା—
2. To bend down one's head, being overcome with weakness.
(ଯଥା—ସର୍ପାଘାତରେ ସେ ମନୁଷ୍ୟଟି ଡଙ୍କ ମୋଡ଼ି ଦେଲାଣି ।)
୩ । ଲତା ବା ବୃକ୍ଷାଦିର କୋମଳ ଅଗ୍ରଭାଗକୁ ମୋଡ଼ି ପକାଇବା—3. To twist the tender shoot of a plant or creeper.
୪ । କୌଣସି ଲୋକର ବେକଠାରୁ ମୁଣ୍ଡକୁ ମୋଡ଼ି ମାରି ପକାଇବା—4. To wring out a person's neck.

ଡଙ୍କା—ଦେ. ବ. (ସଂ. ଢକ୍କା)—୧ । ଦୁନ୍ଦୁଭି; ଧେଣ୍ଡୁରା; ନାଗରା;
Daṅkā ଢେଙ୍ଗୁରା—1 A drum; tomtom.
ডঙ্কা ୨ । (ସଂ. ଦ୍ରୋଣକ; ଦଣ୍ଡ; ଦର୍ବିକା) —ଅଣକ—
डङ्का 2. A wooden ladle or spoon.
ডোঁকা ପ୍ରାଦେ. (ସିଂହଭୂମ) ବ—ଲୁହା ବା ପିତଳର କରଚୁଲ—
डौंङ, डब्बु A metal ladle.

ଡଙ୍କା(ଙ୍କେ)ଇବା—ଦେ. କ୍ରି. (ଡଙ୍କ ଶବ୍ଦରୁ ଓଡ଼ିଆ ନାମ ଧାତୁ)—
Daṅkā(ṅke)ibā (ଲତା) ବୃଦ୍ଧିପାଇ ଡଙ୍କ ବା ଅଗ୍ରଭାଗ
লতান ବିସ୍ତାର କରିବା; ଲଟାଇବା—
रेंगना; उगना To send out creeping tendrils or shoots (said of creepers while growing).

ଡଙ୍କା ପିଟିବା—ଦେ. କ୍ରି.—ନାଗରା ବା ଢେଙ୍ଗୁରା ବଜାଇ କୌଣସି
Daṅkā piṭibā କଥା ଘୋଷଣା କରିବା; ପ୍ରଚାର କରିବା—
[ଡଙ୍କା ବଜା(ଜେ)ଇବା—ଅନ୍ୟରୂପ] To proclaim by beat
ডঙ্কা পেটা of drum; to publish anything.
डङ्कापीटना

ଡଙ୍କା ମାରିବା—ଦେ. କ୍ରି.—୧ । ଡଙ୍କା ପିଟିବା (ଦେଖ)
Daṅkā māribā 1. Daṅkā piṭibā (See)
ডঙ্কামারা ୨ । ହାଣ୍ଡିରେ ସିଝୁଥିବା ତିଅଣ ଆଦିକୁ ଅଣକଦ୍ୱାରା
डङ्कापीटना ଘୋଳାଇବା—2. To stir boiling curry etc
হাতা মারা with the ladle.
डोइमारना

ଡଙ୍କାରୀ—ଦେ. ବ. —(ସଂ. ଟଙ୍କାରୀ)—ଏକପ୍ରକାର ବନ୍ୟ କ୍ଷୁପ—
Daṅkārī Wild; Goose-berry; Physalis Peruvina
ন টেপারী a plant used as medicine for some
टङ्कारी cattle diseases and as antidote against poisoning.

[ଦ୍ର—ଏହା ବଙ୍ଗଳାଦିବର୍ଗର ବର୍ଷାୟୁ ଫଳ ଶାକ । ଏହାର ଫଳ ଠିକ ବାଇଗଣ ପରି ବହୁବୀଜ । ଅଶ୍ୱଗନ୍ଧା ଫଳ ପରି ଫଳର ମୂଳ ଫୁଲର ପାଖୁଡ଼ାରେ ଆବୃତ । ଏହା ଦକ୍ଷିଣ ଆମେରିକାର ଗଛ; ଏ ଦେଶକୁ ଅଣା ଯାଇ ଜଙ୍ଗଲି ହୋଇ ଅଛି । ଏ ଗଛରେ କଣ୍ଟା ନାହିଁ, ପତ୍ରର ଆକୃତି ମନ୍ଦାରପତ୍ର ପରି, କିନ୍ତୁ ମନ୍ଦାର ପତ୍ର ଠାରୁ ଶ୍ରେଷ୍ଠ । ନାଲି, ଧଳା ଓ ଗୋଲାପୀ ଫୁଲ ଭେଦରେ ଏ ଗଛ ତିନି ପ୍ରକାରର । ଫୁଲ ଗୋଛ ଗୋଛ ହୋଇ ଧରେ, ଫୁଲ ଝଡ଼ି ଗଲେ ଫଳ ମଧ୍ୟ ଥୋପା ଥୋପା ହୋଇ ଫଳେ । ବୈଦ୍ୟଶାସ୍ତ୍ର ମତରେ ଏହା ବାତଘ୍ନ, ରକ୍ତରସ, କଫନାଶକ, ଅଗ୍ନିଦୀପକ, ଲଘୁ ଏବଂ ଶୋଥ ଓ ଉଦର ରୋଗ ନାଶକ ଏବଂ ଉଦର ଓ ବିସର୍ପ ରୋଗରେ ହିତକର ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କ୍ଷୟ' ନ ମିଳିଲେ 'କ୍ଷୟ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ।

ଗୋମେଷାଦିଙ୍କର ବେଙ୍ଗା ଓ ଖୋସା ରୋଗରେ ଏହା ବ୍ୟବହୃତ ହୁଏ ଓ ଏହା ବିଷନାଶକ।]

ପ୍ରାଦେ. (ସମ୍ବଲପୁର) ବି.—ପିତଳର ଏକ ପ୍ରକାର ଚାମୁଚ—
A kind of brass ladle.

ଡଙ୍କାରୁଣୀ—ଦେ. ବି.—ଗନ୍ଧଣା (ଦେଖ)
Dankāruṇī Gandhaṇā (See)

ଡଙ୍କି—ଦେ. ବି.—(ଓଡ଼ିଆ ଡଙ୍କା=ଅଣକ + କ୍ଷୁଦ୍ରାର୍ଥେ ଇ)—
Daṅki ୧। ତମ୍ବା ବା ପିତଳକର୍ମିତ କ୍ଷୁଦ୍ର ଚାମଚ; ଚମସୀ—
କୁଶୀ; କୋଶୀ 1. Metal spoon; a small ladle made of
କରଛି, କଲଛା metal.

[ଦ୍ର—ଏଥିଦ୍ୱାରା ପଞ୍ଚପାତ୍ରରୁ ଜଳ ଆଣି ପୂଜାବେଳେ ବ୍ୟବହାର କରାଯାଏ।]

୨। (ସଂ. ଦନ୍ତ) ବେକମୂଳରେ ଉଠିବା ମାରାତ୍ମକ ବ୍ରଣ-ବିଶେଷ; ପୃଷ୍ଠ ବ୍ରଣ—2. A boil or carbuncle on the nape of the neck.

୩। ମାଲଖମ୍ବରେ କରାଯିବା ଏକପ୍ରକାର କସରତ୍—
3. A kind of athletic exercise with a post or pillar.

ପ୍ରାଦେ. (ସମ୍ବଲପୁର) ବି.—୧। ବାନ୍ତି ରୋଗ—
1. A disease accompanied with repeated vomiting.

(ଯଥା—ଡଙ୍କି ଧରିବା, ଡଙ୍କି ଦେଖାଇବା।)

୨। ଏକପ୍ରକାର ଲତା—
2. A kind of creeper.

ଡଙ୍କୁଣୀ—ଗ୍ରା. ବି. ସ୍ତ୍ରୀ. (ସଂ. ଡାକିନୀ)—ଡାଙ୍କେଣୀ (ଦେଖ)
Dankuṇī Dānkeṇī (See)
(ଡଙ୍କୁଣା—ପୁଂ) ଶାରଧା ବାବୁଙ୍କୁ ଡଙ୍କୁଣୀଟା ବୋଲି ଗାଳି ଦିଏ।
ଫକୀରମୋହନ, ଛମାଣ ଅଠଗୁଣ୍ଠ।

ଡଙ୍ଗର ଫେରା(ରେ)ଇବା—ଦେ. (ବ୍ୟଙ୍ଗ) କ୍ରି.—(ଭୁଲ. ହି. ଡଙ୍ଗର
Daṅgar pherā(re)ibā =ଗୋମେଷାଦି ଚତୁଷ୍ପଦ ଜୀବ)—
୧। ହଳ ବୁଲାଇବା—1. To plough a field.

୨। ଗୋମେଷାଦିଙ୍କୁ ଚରିବା ବେଳେ ଜଗିବା—
2. To tend cattle while grazing.

ଡଙ୍ଗା—ଦେ. ବି.—(ସଂ. ଦ୍ରୋଣ, ଦ୍ରୋଣୀ=ଅଣ୍ଡାକାର କାଷ୍ଠପାତ୍ର-
Daṅgā ବିଶେଷ, ଲମ୍ବ କାଠଥାଳ; ଦ୍ରୋଣୀ=ଡଙ୍ଗା)—
ডঙ্গা; ডোঙ্গা ୧। କ୍ଷୁଦ୍ର ନାବ; ନାହା; ନୌକା—
डोंगा, डोंगी 1. A small country-boat.

୨। ନୌକାକାର ପାତ୍ର; ଦ୍ରୋଣୀ—
2. A reservoir or cup shaped like a boat; boat-shaped cup or water-vessel; an oval wooden vessel.

[ଦ୍ର—ବସ୍ତୁତଃ ଦେଖାଯାଏ ଯେ ବଡ଼ଲୋକଙ୍କର ବିବାହାଦି ଉତ୍ସବ ଉପଲକ୍ଷରେ ପିଇବା ଓ ହାତଗୋଡ଼ ଧୋଇବାପାଇଁ ବିଶେଷ ପରିମାଣରେ ପାଣି ଲୋଡ଼ା ହୁଏ ଓ ଏଥିପାଇଁ ଡଙ୍ଗା ଗୋଟିଏ ଆଣି ଭୂଇଁରେ ରଖି ସେଥିରେ ପାଣି ଭରତି କରି ରଖାଯାଏ।]

୩। ଡଙ୍ଗା ମଟାମ (ଦେଖ)—
3. Daṅgā maṭāma (See)

ପ୍ରାଦେ. (ସମ୍ବଲପୁର) ବି.—ଗୋଟିଏ ଗଛର ଉପର ଅଂଶ ଖୋଳା ଯାଇ ପ୍ରସ୍ତୁତ ହୋଇଥିବା ସାନ ନାହା; ସାପୁଆ ଡଙ୍ଗା; କୁଲି ଡଙ୍ଗା—
A small boat made by excavating a tree; dug-out.

ପ୍ରାଦେ. (ଗଞ୍ଜାମ) ବି.—କୁଣ୍ଡ—Crater; bucket.

ଡଙ୍ଗାପତନ—ଦେ. ବି.—ଡଙ୍ଗା ମଟାମ ଯନ୍ତ୍ର ସାହାଯ୍ୟରେ କୌଣସି କାନ୍ଥ
Daṅgā-patana ଆଦିକୁ ସମତଳ କରିବା—
Making a structure level with the help of the plumb-level.

ଡଙ୍ଗାପାଣିଦିଆ—ଦେ. ବି—ନୌକାର ଅନ୍ୟ ସମସ୍ତ ଅଙ୍ଗ ତିଆର ହେବା
Daṅgā-pāṇi-diā ପରେ ଡଙ୍ଗାର ଅଗ ମଙ୍ଗର ବେକ ପାଖେ ଯେଉଁ ଚନ୍ଦ୍ରିତ ପଟାଖଣ୍ଡ ଲାଗିବ ତହିଁ ଉପରେ ପାଣି ଢାଳିବା ରୂପ ମାଙ୍ଗଳ୍ୟ-କର୍ମ—
The ceremony of pouring water over the end-plate of a newly made boat before it is launched.

Ḍāka ranar ଏକ ଡାକଘରୁ ଚିଠି ଓ ପୁଳିନା ଆଦି ନେଇ ଅନ୍ୟ
ଡାକଘରକୁ ଦଉଡ଼ ଦଉଡ଼ ଯାଏ—
Postal runner.

[ଦ୍ର—ସାଧାରଣ ପତ୍ରବାହକଦ୍ୱାରା ପ୍ରେରିତ ପତ୍ରାଦି ଅପେକ୍ଷା ଡାକରେ ପ୍ରେରିତ ପତ୍ରାଦି ଠିକଣାରେ ଶୀଘ୍ର ପହଞ୍ଚେ ବୋଲି ଡାକ ରନର୍‌ମାନେ ଦ୍ରୁତଗତିରେ ଚାଲନ୍ତି, ଏବଂ ରାତିରେ ମଧ୍ୟ ଯିବା-ଆସିବା କରନ୍ତି । ସାଧାରଣତଃ ଜଣେ ଡାକ ରନର୍ ୧୦ ମାଇଲ୍ ବାଟ ଦ୍ରୁତଗତିରେ ଯାଇ ସେଠାରେ ଥିବା ନୂଆ ରନର୍‌କୁ ଡାକ ବ୍ୟାଗ୍ ଦିଏ ଓ ଉକ୍ତ ରନର୍ ପରବର୍ତ୍ତୀ ୧୦ ମାଇଲ ବାଟ ଯାଇ ଅନ୍ୟ ରନର୍‌କୁ ଦିଏ । ପୂର୍ବେ ଏହି ରନର୍‌ମାନଙ୍କଦ୍ୱାରା ଭାରତର ଏକ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ଡାକ ନିଆ ଅଣା ହେଉଥିଲା । ଆଜି କାଲି ରେଲ ଓ ମଟର ଆଦି ଚଳିବାରୁ ଡାକ ରନର୍‌ମାନଙ୍କ ସଂଖ୍ୟା କମିଛି; ତଥାପି ଯେଉଁଠାରେ ରେଲ ଓ ମଟର ଆଦି ଯିବାଆସିବା କରୁ ନାହିଁ ସେଠାରେ ରନର୍‌ମାନେ ହିଁ ଡାକ ବୋହୁ ଅଛନ୍ତି । ବିଲାତରୁ ଜାହାଜରେ ଡାକ ଯିବାଆସିବା କରେ; ବର୍ତ୍ତମାନ ଉଡ଼ାଜାହାଜ ହେବାରୁ ଜରୁର ଚିଠିପତ୍ରାଦି ଉଡ଼ାଜାହାଜରେ ଭାରତ ଓ ବିଲାତ ମଧ୍ୟରେ ନିଆ ଅଣା ହେଉ ଅଛି । ଉଡ଼ାଜାହାଜରେ ଚିଠିପତ୍ରାଦି ବିଲାତକୁ ଡାକରେ ପଠାଇଲେ ସାଧାରଣ ଡାକମାସୁଲ ଅପେକ୍ଷା ପ୍ରେରକଙ୍କୁ ବେଶି ମାସୁଲ ଦେବାକୁ ପଡ଼େ । ଡାକ ରନର୍-ମାନେ ଝୁମ୍‌କଲଗା ବାଡ଼ିକୁ ଝୁମ୍ ଝୁମ୍ କରି ବଜାଇ ଶ୍ରମାପନୋଦନାର୍ଥ ଗୀତ ବୋଲି ବୋଲି ଦଉଡ଼ି ଥାଆନ୍ତି; ଶ୍ୱାପଦ ଓ ଦସ୍ୟୁ ସଙ୍କୁଳ ଅଞ୍ଚଳରେ ଏକସଙ୍ଗରେ ଏକାଧିକ ରନର୍ ଅସ୍ତ୍ରଶସ୍ତ୍ରସଜ୍ଜିତ ହୋଇ ଯିବା ଆସିବା କରନ୍ତି ।]

ଡାକ ରସିଦ୍—ବୈଦେ. ବ. (ଓ. ଡାକ+ଇଂ. ରସିଦ୍)—ମନିଅର୍ଡ଼ର
Ḍāka rasid ବା ରେଜେଷ୍ଟର ଚିଠି ଆଦି ଡାକ ଘରେ ଅର୍ପଣ କରିବା
ডাক রসিদ ବ୍ୟକ୍ତିଙ୍କୁ ପୋଷ୍ଟମାଷ୍ଟର ଯେଉଁ ରସିଦ ଦିଅନ୍ତି—
डाक रसिद Postal receipt; postal acknowledgement for registered letters and money orders.

ଡାକର—ଦେ. ବ.—(ସଂ. ଡ଼ ଧାତୁ=ଶବ୍ଦ କରିବା)—୧ । ନିମନ୍ତ୍ରଣ
Ḍākara 1. Invitation.
ডাক ୨ । ଅହ୍ୱାନ—
बुलावा, पुकार 2. Call.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ଓ ଦନ୍ତ୍ୟ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । କଚେରି ଅଦାଲତ ହାଜର ହେବା ନିମନ୍ତେ ପକ୍ଷ ବା ସାକ୍ଷୀଙ୍କୁ ତଲବ; ସମନ—Summons to a party or witness to attend a place.

ତୃତୀୟ ଦିନ ସନ୍ଧ୍ୟାବେଳେ ସାଆନ୍ତାଣୀଙ୍କର ଡାକରା ଆସେ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

୪ । ମକଦ୍ଦମାର ତାରିଖ ଦିନ ପକ୍ଷମାନଙ୍କ ନାମ ଧରି କଚେରିଘରର ଦୁଆରମୁହଁ ପାଖେ ଚପରାସୀଦ୍ୱାରା 'ଅମୁକ ହାଜର ହେ' ବୋଲି ଉଚ୍ଚୈଃସ୍ୱରରେ ଆହ୍ୱାନ—4. Loud call by the court-peon to a party by name at the door of a court-house on the date of a case.

୫ । ମକ୍କେଲ୍ ତରଫରୁ ଦେଖିବା ପାଇଁ ଯିବାକୁ କିମ୍ବା କୌଣସି ମକଦ୍ଦମା ଚଳାଇବାକୁ ମକ୍କେଲ ତରଫରୁ ବା ପକ୍ଷଙ୍କ ତରଫରୁ ଡାକ୍ତର ବା ଓକିଲଙ୍କୁ ନିମନ୍ତ୍ରଣ—5. Professional call.

ପ୍ରାଦେ. (ଯାଜପୁର) ବି—ଆଶୀର୍ବାଦଘରର ପୂର୍ବଦିନ ବର ଘରୁ କନ୍ୟାକୁ ନିମନ୍ତ୍ରଣ କରିବା ପାଇଁ ପଠାଯିବା ସଙ୍ଗୁଳା—Formal invitation sent to the father's house of a girl on the eve of her coming to her husband's house for consummation.

[ଦ୍ର—ଡାକରା ନେଇଯାଇଥିବା ଲୋକ ଝିଅର ତାଦଣା ଶୁଣି ଆସି ବର ଘରେ କହିଲେ ବର ଘରେ ଉତ୍ସବର ଆୟୋଜନ କରାଯାଏ ।]

ଡାକରା ପଡ଼ିବା—ଦେ. ବି—କୌଣସି ବ୍ୟକ୍ତିର ନାମୋଚ୍ଚାରଣପୂର୍ବକ
Ḍākarā parḏibā ଆହ୍ୱାନ—There being a call; the state of being called.
ডাক পড়া
बुलावट होना ଦେ. କ୍ରି—ଆହୂତ ହେବା—To be called.

ଡାକରା ହେବା—ଦେ. କ୍ରି. ଓ ବି—ଡାକରା ପଡ଼ିବା (ଦେଖ)
Ḍākarā hebā Ḍākarā parḏibā (See)

ଡାକ ରିସାଲି—ଦେ. ବି. (ଓ. ଡାକ + ଆ. ଇର୍‌ସାଲ୍)—ଡାକଦ୍ୱାରା
Ḍāka risāli ଟଙ୍କା ବା ଦ୍ରବ୍ୟାଦିର ପ୍ରେରଣ—
ডকেরিশালি Postal remittance.
डाकमें भेजना ଦେ. ବିଣ—ଡାକରେ ପ୍ରେରିତ (ଟଙ୍କା ଓ ଦ୍ରବ୍ୟ)—(money or article) Remitted by post.

ଡାକ ରେଜି(ଜେ)ଷ୍ଟରି—ଦେ. ବି. (ଓ. ଡାକ ଓ ଇଂ. ରେଜିଷ୍ଟ୍ରେସନ୍)-
Ḍāka reji(je)shṭari ଚିଠି ପତ୍ରାଦି ନିରୂପିତ ସ୍ଥାନରେ
ডাক্‌রেজিষ্ট্রি ନିଃସନ୍ଦେହ ପହଞ୍ଚିବା ପାଇଁ ପ୍ରେରକ
डाक रजिष्टरी ସାଧାରଣ ଡାକମାସୁଲ ଅପେକ୍ଷା ଅଧିକ ମାସୁଲ
ଡାକ ରେଜିଷ୍ଟରି } ଅନ୍ୟରୂପ ଦେଇ ଚିଠି ପଠାଇବା ବିଷୟ
ଡାକ ରେଜେଷ୍ଟ୍ରେରି } ଡାକଘରର ପୁସ୍ତକରେ ଲିପିବଦ୍ଧ କରାଇବାର ବିଧି—Postal registration.

ଦେ. ବିଣ—ଯେଉଁ ପତ୍ର ବା ପାକେଟ୍ ପୋଷ୍ଟଅଫିସରେ ରେଜିଷ୍ଟରି କରାଯାଇ ଥାଏ—Registered by post (letter or packet).

ଡାକ ଲଫାପା(ଫା)—ଦେ. ବି. (ଓ.ଡାକ ଓ ଇଂ.ଲଫାଫା=ମୁଣା)—
Ḍāka laphāpā(phā) ୧ । ଯେଉଁ କାଗଜଖୋଳରେ ଚିଠି ଆଦି
ডাক লেফাফা ଭର୍ତ୍ତି କରାଯାଇ ଡାକରେ ପ୍ରେରିତ ହୁଏ—
डाक लिफाफा 1. Postal cover or envelope.
୨ । ଡାକ ଟିକଟ ମରାଯାଇଥିବା ଲଫାପା, ଯାହା ଡାକଘରେ ବିକ୍ରି କରାଯାଏ—Stamped postal envelope.

ଡାକ ସଂକ୍ରାନ୍ତି—ପ୍ରାଦେ. (ମେଦିନୀପୁର; ଉତ୍ତର ବାଲେଶ୍ୱର) ବି—
Ḍāka saṁkrānti ଗର୍ଭଣା ସଂକ୍ରାନ୍ତି—Garbhaṇā Saṁkrānti.
[ଦ୍ର—ବଙ୍ଗଦେଶରେ ଏ ଦିନ ଖେତରୁ ପାଣି ଆଣି ଦେହରେ ଛିଞ୍ଚି ଦେଲେ ମନୁଷ୍ୟ ବର୍ଷକ ପାଇଁ ନୀରୋଗ ହୁଏ ।]

ଡାକ ସେସ୍—ଦେ. ବି.(ଓ. ଡାକ+ଇଂ.ସେସ୍)—ଡାକ ଦିହାତି (ଦେଖ)
Ḍaka ses Ḍāka dihāti (See)

ଡାକ ସାଜ—ଦେ. ବି—ରଙ୍ଗତା; ଯେଉଁ ଚକଚକିଆ ପାତିଆ ଆଦି ପ୍ରତିମା
Ḍāka sāja ଆଦିରେ ମଡ଼ା ଯାଏ—The tinfoils or finery
ডাকের সাজ with which temporary images are
डाँक साज decorated.

ଡାକ ହରକରା—ଦେ. ବି (ଓ.ଡାକ + ପା.ହରକାର୍)-ଡାକବାଲା (ଦେଖ)
Ḍāka harakarā Ḍākabālā (See)

ଡାକ ହାକ—ଦେ. ବି. (ସହଚର ଶବ୍ଦ)—
Ḍāka hāka ୧ । ପ୍ରଭୁଙ୍କ ପ୍ରଦତ୍ତ ଆଦେଶମାନଙ୍କର ପାଳନ—
ডাক হাঁক 1. Carrying out of a master's orders.
हाँक पुकार ୨ । ଆହ୍ୱାନ; ଡାକରା—2. Summons.

ପାଇକେ ପାଇକଙ୍କୁ ଡାକହାକ କରି—କୃଷ୍ଣସିଂହ, ମହାଭାରତ, ଭୀଷ୍ମ ।

୩ । ପ୍ରଭୁଙ୍କ ପ୍ରଦତ୍ତ ଆଦେଶ ସଙ୍ଗେ ସଙ୍ଗେ ପାଳନ ବା ସମ୍ବାଦ ନେବା ପାଇଁ ନିକଟରେ ଉପସ୍ଥିତ ଭୃତ୍ୟକୁ ଡାକିବା—3. The call of a master to an crderly to carry out urgent orders.

ଦେ. ବିଣ—ଡକାଡକି; ପରସ୍ପରକୁ ଡାକିବା ବ୍ୟକ୍ତି (ଗଣ)—(persons) Calling each other.

ଡାକହାକ କରିବା—ଦେ. କ୍ରି—୧ । ପରସ୍ପରକୁ ଉଚ୍ଚୈଃସ୍ୱରରେ
Ḍākahāka karibā ଡାକିବା—
1. To call each other aloud.
୨ । ଡାକହାକ ଶୁଣିବା (ଦେଖ)
2. Ḍākahāka śuṇibā (See)

ଡାକହାକ ବଜା(ଜେ)ଇବା—ଦେ. କ୍ରି—ଡାକହାକ ଶୁଣିବା (ଦେଖ)
Ḍākahāka bajā(je)ibā Ḍākahāka śuṇibā (See)

‸	ଙ	ଢ଼	ର୍,ର୍	ଞ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଙ୍କ	ଇଦୃ	ଉଥ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାରଂ ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଚ	ନ୍ଦ

ଡାକହାକ ଶୁଣିବା—ଦେ. କ୍ରି—ପ୍ରଭୁଙ୍କର ନାନା ଜରୁରି ଆଦେଶକୁ ବା
Ḍākahāka śuṇibā ଆହ୍ୱାନକୁ ଶୁଣି ସଙ୍ଗେ ସଙ୍ଗେ ତଦନୁସାରେ
କାର୍ଯ୍ୟ କରିବା—To carry out a master's immediate orders, to act as an orderly servant.

ଡାକହାକ ହେବା—ଦେ. କ୍ରି—ପରସ୍ପର ଡକାଡକି ହେବା—
Ḍākahāka hebā To call out to each other.
ডাকাডাকি হওয়া ଡାକହାକ ହୋଇ ସେ ଘରୁ ବାହାରିଲେ—
हाँकफुकार होना କୃଷ୍ଣସିଂ. ମହାଭାରତ. ଆଦି ।

ଡାକି—ଦେ. ବି—ଡମରୁ—A double faced slender-waisted
Ḍāki drum.
ডুগডুগী ହରିଙ୍କ ଡାକି ବେଣୀ ମଧ୍ୟରେ କି କୃତାର୍ଥ କରନ୍ତେ ରୂପମାନ—
डौंरु କବିସୂର୍ଯ୍ୟ. ସଙ୍ଗୀତ ।

ଡାକି କଟି(ଟୀ)—ଦେ. ବିଣ. ସ୍ତ୍ରୀ—**କ୍ଷୀଣକଟୀ ସ୍ତ୍ରୀ**—
Ḍāki kaṭi(ṭī) **slender-waisted (woman).**
ଭସିଲଟି ଡାକିକଟି ସ୍ଥୂଳ ଅନୁପାରେ—କବିସୂର୍ଯ୍ୟ. ସଙ୍ଗୀତ ।

ଡାକୁଣୀ—ଦେ. ବି. ସ୍ତ୍ରୀ (ସଂ. ଡାକିନୀ)—ଡାକିନୀ (ଦେଖ)
Ḍākiṇī • Ḍākinī (See)
ডাইনী **डाकिन**
ଡାକେଣୀ, ଡାଙ୍କେଣୀ, ଡାଙ୍କଣୀ } ଅନ୍ୟରୂପ
ଡାକ୍ଳେଣୀ, ଡାଙ୍କୁଣୀ, ଡାହାଣୀ } ଅନ୍ୟରୂପ

ଡାକିନୀ—ସଂ. ବି. ସ୍ତ୍ରୀ. (ଡାକ+ସ୍ତ୍ରୀ. ଈ)—୧ । କାଳୀଙ୍କଗଣ ବା
Ḍākinī ଅନୁଚରବିଶେଷ; ପିଶାଚୀବିଶେଷ—1. A class of female attendants of Goddess Kālī.
୨ । କୁହୁକିନୀ; ମାୟାବିନୀ ସ୍ତ୍ରୀ—2. A sorceress.
୩ । ଡାକିଣୀ; ଡାହାଣୀ—3. Witch.
ଡାକିନୀ ଖେଳନ୍ତି ବୋଲି ଭରୁଥାଇଁ ମନେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଡାକି ଫୁକାରି—ଦେ. କ୍ରି.ବିଣ—ଡାକି ହାକି (ଦେଖ)
Ḍāki phukāri Ḍāki hāki (See).

ଡାକି ବଜା(ଜେ)ଇ—ଦେ. କ୍ରି. ବିଣ—ଡାକି ହାକି (ଦେଖ)
Ḍāki bajā(je)i Ḍāki hāki (See).

ଡାକିବା—ଦେ. କ୍ରି (ସଂ. ଡ=ଶବ୍ଦ କରିବା; ସଂ.ହୁଙ୍କାର)—
Ḍākibā ୧ । ଆହ୍ୱାନ କରିବା—
ডাকা 1. To call.
बुलाना, पुकारना, हाँकना ଡାକିମଧ୍ୟମ କୁ ଡାକି ଆଣିବାକୁ ଏଠାକୁ କାହା
ଭରସା—କବିସୂର୍ଯ୍ୟ. କଳୋଗଚମ୍ପୁ ଓ ଗୀତ
୨ । ନିମନ୍ତ୍ରଣ କରିବା—2. To invite.
୩ । ଉପସ୍ଥିତ ହେବାପାଇଁ ତଲବ କରିବା—
3. To summon; to send for.
୪ । ଉଚ୍ଚୈଃସ୍ୱରରେ ଚିତ୍କାର କରିବା—
4. To bowl; to shout.
ଡାକିଲୁ ବାଳ ପଡ଼ିଇ ଅବଜ୍ଞା କୋହ ଯେ—ପ୍ରାଚୀ. ନଳଚରିତ ।

୫ । ବୋବାଇବା; ରାବ କରିବା; କଣ୍ଠରେ ସ୍ୱର କରିବା—
5. To utter a sound.
ଡାକନ୍ତେ ମୟୂର ଭଲ ଲକ୍ଷିଣି ଦର୍ଦ୍ଦୁର ବୃନ୍ଦ ବେଢା କଲ ହୋଇ ଥର ଥର ହେ ।
ଭକ୍ତ. ପ୍ରେମସୁଧାନିଧି ।
[ଦ୍ର—ଭିନ୍ନ ଭିନ୍ନ ଜାତୀୟ ପ୍ରାଣୀ ଭିନ୍ନ ଭିନ୍ନ ପ୍ରକାରରେ ଡାକନ୍ତି । ଯଥା—ପାରି ଘୁମୁରିବା, ଗୋରୁ ହମ୍ବାଳିବା, କୁକୁର ଓ ବିଲୁଆ ଭୁକିବା; ମେଣ୍ଢା ଓ ଛେଳି ମେଁ ମେଁ ହେବା, ବିରାଡ଼ି ମ୍ୟାଉଁ ମ୍ୟାଉଁ ହେବା; ବାଘ ହୁଙ୍କାଳିବା ।].
୬ । ସମ୍ବୋଧନ କରିବା—6. To hail; to accost.
୭ । ଅନୁଗ୍ରହ ବା କୃପାପ୍ରାର୍ଥୀ ହୋଇ ଦେବତା ଆଦିଙ୍କ ନାମ ନେବା ବା ପ୍ରାର୍ଥନା କରିବା ବା ସ୍ମରଣ କରିବା—
7. To invoke (a Deity or God) for help or favour.
୮ । ସ୍ପଷ୍ଟରୂପେ କହିବା—8. To speak out.
୯ । (ବିଲ) ଶୁଖି କରି ଫାଟିବା—
9. To crack, being dried of all moisture (said of a field).
୧୦ । କୌଣସି ବ୍ୟକ୍ତିର ନାମ ଉଚ୍ଚାରଣ ପୂର୍ବକ ଉଚ୍ଚୈଃସ୍ୱରରେ କହିବା—10. To call out a person's name.
୧୧ । କୌଣସି ବ୍ୟକ୍ତିର ନାମ ଧରି ତାକୁ ପାଖକୁ ଆସିବାକୁ ଉଚ୍ଚୈଃସ୍ୱରରେ କହିବା—11. To call a person to come near by uttering his name.
୧୨ । ଉଚ୍ଚ ଶବ୍ଦ ଉତ୍ପନ୍ନ କରିବା—
12 To produce a loud sound.
(ଯଥା—ବାଉଁଶ ଉପରେ ଖୁବ ବୋଝ ଲଦି ଦେବାରୁ ବାଉଁଶ କଡ଼ କଡ଼ ଡାକୁଛି ।)
୧୩ । ଗର୍ଜ୍ଜନ କରିବା—13. To roar.
(ଯଥା—କାଲଠାରୁ ମେଘ ଭାରି ଡାକୁଛି ।)
୧୪ । (ଲକ୍ଷଣାର୍ଥ) ନିର୍ଦ୍ଦେଶ କରିବା; ଉଲ୍ଲେଖ କରିବା—
13. ((figurative) (a book; the scriptures) To say; to lay down.
(ଯଥା—ମଦ ଖାଇଲେ ପ୍ରାୟଶ୍ଚିତ୍ତ କରିବାକୁ ହୁଏ ବୋଲି ଆମ ଶାସ୍ତ୍ର ଡାକୁଛି ।)
[ଦ୍ର—ଡାକିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ନେବା, ପକା(କେ)ଇବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ । ଡାକିବା କ୍ରିୟାର ସମାପିକାରୂପ ସଙ୍ଗେ ହାକିବାର ସମାପିକା ରୂପ ଯୁକ୍ତ ହୁଏ ଓ ଅସମାପିକାରୂପ ସଙ୍ଗେ ଫୁକାରିବା, ବଜାଇବା, ହାକିବା କ୍ରିୟାର ଅସମାପିକାରୂପ ଯୁକ୍ତ ହୁଏ ।]

ଡାକି ମଧ୍ୟମା—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀର କଟି ଡାକି ବା ଡମରୁର
Ḍāki madhyamā ମଧ୍ୟ ପରି ସରୁ; ଡମରୁମଧ୍ୟା—
(**ଡାକିମଧ୍ୟା—ଅନ୍ୟରୂପ**) Slender-waisted (woman).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—
'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

ଡାକମଧ୍ୟମାକୁ ଡାକ ଅଣିବାକୁ ଏଠାକୁ କାହା ଭରସା—
କବିସୂର୍ଯ୍ୟ. ଯଶୋଦାଚମ୍ପୂ. ଭ.ଗୀତ ।

ଡାକଲ—ଦେ. ବିଣ—ଡାକ ଦେଉଥିବା; ଗର୍ଜୁଥିବା—
Ḍākila Sounding.
ডাকা • ଡାକଲ ମେଘ ବରଷେ ନାହିଁ—ପ୍ରବଚନ ।
(ଡାକିବା—ଅନ୍ୟରୂପ)

ଡାକିଲେ ଓ କରିବା—ଦେ. କ୍ରି—୧ । (ନାମୋଚ୍ଚାରଣପୂର୍ବକ ଅହୂତ
Ḍākile o kariba ବ୍ୟକ୍ତି) ଜବାବ ଦେବା—
ডাকলে শুনা 1. To respond to a call.
(ଡାକଲେ ଶୁଣିବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥେ) ସଙ୍ଗେ ସଙ୍ଗେ
ଅଭୀପ୍ସିତ ଫଳ ପ୍ରଦାନ କରିବା—
2. (figurative) To grant or produce the wished for result immediately.
(ଯଥା—ଆମ ବାଲୁଙ୍କେଶ୍ୱର କବିରାଜଙ୍କ ଔଷଧ ଡାକିଲେ ଓ କରେ ।)

ଡାକି ହାକି—ଦେ. କ୍ରି. ବିଣ—ପ୍ରକାଶ୍ୟଭାବରେ—
Ḍāki hāki Openly.
ডেকেহেঁকে ଦାଣ୍ଡେ ଡାକହାକ ଧର୍ମିଙ୍କ କରିବ—ଚନ୍ଦ୍ରକଳାଅପଣ୍ଣା ଗୀତ ।
हाँक पुकारकर

ଡାକୁ—ଦେ. ବି. (ସଂ. ଡ=ଶବ୍ଦ. ସଂ. ହୁଂକାର; ସଂ. ଦସ୍ୟୁ)—
Ḍāku ୧ । ଡକାଇତ—Dacoit; robber.
୨ । ପ୍ରବଞ୍ଚକ ବ୍ୟକ୍ତି; ଠକ—2. A swindler.
ডাকাত ୩ । ଡକାଇତି—3. Dacoity; robbery.
डाकू ବିଣ—୧ । ବିଖ୍ୟାତ—1. Famous; notorious.
(ଯଥା—ତାଙ୍କ ନା ଭାରି ଡାକୁ ।)
୨ । ପ୍ରବଞ୍ଚକ—2. Swindling.

ଡାକୁଆ—ଦେ. ବି. ପୁଂ—୧ । (ଡାକ ଦେବା ଲୋକ) ଦଣ୍ଡି ଅସୀ ବା
Ḍākuā ପହରିଆ—1. Watchman.
ଡାକେଣି } ସ୍ତ୍ରୀ ୨ । ଯେ ଚିତ୍କାର କରେ—
ଡାକୋଣି } 2. A shouter.
୩ । ଯେ ଡାକିବାକୁ ଯାଏ; ଆହ୍ୱାନକାରକ ବ୍ୟକ୍ତି—
3. A caller; a messenger.
କାଲି ଯିବା ବୋଲିଣ ଡମକ ବଜାଇ
ଡାକୁଆକୁ ବୋଇଲେ ହେ ଦେଇଯାଅ କହି—କୃଷ୍ଣସିଂହ. ମହାଭାରତ ଉଦ୍ଯୋଗ ।

ଦେ. ବିଣ.—୧ । ବିଖ୍ୟାତ—1. Famous.
୨ । ଚିତ୍କାରକାରୀ—2. Shouting.

ଡାକୁଣୀ—ଦେ. ବି ସ୍ତ୍ରୀ. (ସଂ. ଡାକିନୀ)—ଡାଙ୍କେଣୀ (ଦେଖ)
Ḍākuṇī Ḍāṅkeṇī (See)
(ଡାକଣୀ, ଡାକେଣୀ, ଡାଙ୍କୁଣୀ, ଡାଙ୍କେଣୀ—ଅନ୍ୟରୂପ)
ପ୍ରୀତ ସ୍ୱର୍ଗଦେବୀ ମାୟା ଶ୍ମଶାନ ଡାକୁଣୀ ।
ଚିନ୍ତାମଣି, ଚନ୍ଦ୍ରମାବଚନ ।

ଡାକେଣୀ—ଦେ. ବି. ସ୍ତ୍ରୀ.—(ସଂ. ଡାକିନୀ)—ଡାଙ୍କେଣୀ (ଦେଖ)
Ḍākeṇī Ḍāṅkeṇī (See)

ଡାକେ ବାଟ—ଦେ. ବି.—୧ । ଏକ କ୍ରୋଶ ବାଟ; ଜଣକର ଉଚ୍ଚ
Ḍāke bāṭa ଡାକ ଯେତେଦୂରକୁ ଶୁଭେ ସେତିକି ଦୂରତ୍ୱର ପଥ—
একডাক পথ 2. A call's distance.
୨ । ପ୍ରାୟ ଏକ କ୍ୱାର୍ଟର ମାଇଲ—2. A distance of about one quarter of a mile.
୩ । ଡାକବୁହା ଘୋଡ଼ା ବା ମନୁଷ୍ୟମାନେ ଏକ ଦମ୍ଭା ବା ଗତିରେ ଯେତେ ବାଟ ଯିବେ; ମଞ୍ଜିଲ; ପ୍ରାୟ ୧୦ ମାଇଲ ବାଟ—3. 10 miles; the distance travelled by one relay of post-horses or dak-bearers at one stretch; stage.
[ଦ୍ର—ଏହିପରି ୨ ଡାକ ବାଟ, ୩ ଡାକ ବାଟ ଇତ୍ୟାଦି ପ୍ରୟୋଗ ହୁଏ ।]

ଡାକେଶ୍ୱରୀ—ଦେ. ବି. ସ୍ତ୍ରୀ.—ଯୋଗିନୀବିଶେଷ—One of the
Ḍākeswarī attendants of Kāḷi, worshipped as a
ডাকেশ্বরী village-Deity.

ଡାକୋର—ଦେ. ବି. (ନାମ) (ସଂ. ଠକ୍କୁର; ଭୁଲ. ହି. ଡାକୋର ଓ
Ḍākora ଗୁଜରାଟୀ ଏହି ଅର୍ଥରେ ଏହି ଶବ୍ଦ)—ଗୁଜରାଟର ସହର
ডাকোর ବିଶେଷ—Name of a city in Gujerat.
डाकोर [ଦ୍ର—ଏହା ବରୋଦାଠାରୁ ୪୧ ମାଇଲ ଦୂର । ଏଠାରେ ଦ୍ୱାରକା ନାଥ ଡାକୋରଜୀଙ୍କ ମନ୍ଦିର ଅଛି । ଏହା ହିନ୍ଦୁମାନଙ୍କର ଏକ ପବିତ୍ର ସ୍ଥାନ ; ମଦନ ମୋହନ ତୀର୍ଥ ଦର୍ଶନ ।]

ଡାକ୍ଟର(ଇତ୍ୟାଦି)—ପ୍ରାଦେ. (ଗଞ୍ଜାମ) ବି.—(ଭୁଲ. ତେ. ଡାକ୍ଟାରୁ)—
Ḍāktār (etc) ଡାକ୍ତର ଇତ୍ୟାଦି (ଦେଖ)—
Ḍāktara etc. (See)

ଡାକ୍ତର—ବୈଦେ. ବି. (ଇଂ. ଡକ୍ଟର)—୧ । ପାଶ୍ଚାତ୍ୟ ରୀତିରେ
Ḍāktara ଚିକିତ୍ସା କରିବା ଚିକିତ୍ସକ—
ডাক্তার 1. Doctor· allopath.
डाक्टर, डाक्तर [ଦ୍ର—ପଶୁଚିକିତ୍ସକମାନଙ୍କୁ ପଶୁ ଡାକ୍ତର , ସ୍ତ୍ରୀ
ଡାକ୍ତରାଣୀ } —ସ୍ତ୍ରୀ. ଚିକିତ୍ସକମାନଙ୍କୁ ଲେଡ଼ୀ ଡାକ୍ତର ଓ
ଡାକ୍ତରଆଣୀ } ଡାକ୍ତର ବ୍ୟବସାୟ କରୁଥିବା ଦେଶିଲୋକ
ମାନଙ୍କୁ ନେଟିଭ୍ ଡାକ୍ତର ବୋଲାଯାଏ ।]
୨ । କୌଣସି ବିଦ୍ୟାରେ (ଯଥା; ଆଇନ୍ ଚିକିତ୍ସାଶାସ୍ତ୍ର, ଦର୍ଶନ, ସାହିତ୍ୟ, ଖ୍ରୀଷ୍ଟାନ୍‌ଙ୍କ ଧର୍ମଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିବାର ନିଦର୍ଶନସ୍ୱରୂପ ବିଶ୍ୱବିଦ୍ୟାଳୟରୁ ଉଚ୍ଚତମ ଉପାଧି ଲାଭ କରିଥିବା ବ୍ୟକ୍ତି—2. Doctor, a person who has got the title of Doctor in law, medicine, theology, divinity etc from a university.

୧	ଇ.	ଉ	ଋ,ୠ	ଌ	ଏ	ଦନ୍ତ୍ୟ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ସ	ଜ	ଶ,ଷ	କ୍ଷ	ଇସ୍	ଜ୍ଞ	ଢ
୨.	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଞ	ଢ଼

ଡାକ୍ତର ଖାନା—ବୈଦେ. ବ. (ଇଂ ଡକ୍ଟର + ଫା. ଖାନା = ସ୍ଥାନ, ଗୃହ)
Ḍāktara khānā ୧ । ପାଶ୍ଚାତ୍ୟ ଚିକିତ୍ସା ପ୍ରଣାଳୀରେ ଚିକିତ୍ସା କରା
ডাক্তারখানা ଯିବାର ଆଳୟ; ଚିକିତ୍ସାଳୟ; ହାସପାତାଳ—
अस्पताल, दवाघर 1. Hospital.
୨ । ଯେଉଁ ଠାରେ ରୋଗୀମାନଙ୍କୁ ଔଷଧ ବିତରଣ ବା ବିକ୍ରି କରାଯାଏ; ଔଷଧାଳୟ—2. Dispensary.

ଡାକ୍ତର ସାହେବ୍—ବୈଦେ. ବ. (ଫା)—୧ । ପାଶ୍ଚାତ୍ୟ ପ୍ରଣାଳୀରେ
Ḍāktara sāheba ଚିକିତ୍ସକ ଇଉରୋପୀୟ ବ୍ୟକ୍ତି—
ডাক্তার সাহেব 1. A European doctor.
डाक्टर साहेब ୨ । ଜିଲ୍ଲାର ପ୍ରଧାନ ସରକାରୀ ଡାକ୍ତର; ସିଭିଲ୍ ସର୍ଜନ୍—
2. The Civil Surgeon of a district.

ଡାକ୍ତରି—ଦେ. ବ. (ଇଂ. ଡକ୍ଟର + ଓଡ଼ିଆ ପ୍ରତ୍ୟୟ ଇ)—
Ḍāktari ୧ । ପାଶ୍ଚାତ୍ୟ ଚିକିତ୍ସା ପ୍ରଣାଳୀ—
ডাক্তারী 1. The western system of medical
डाक्टरी treatment; allopathy.
୨ । ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନ—
2. The western medical science.
୩ । ଡାକ୍ତର ବ୍ୟବସାୟ—
3. The profession of a doctor.
ବିଣ—୧ । ପାଶ୍ଚାତ୍ୟ ଚିକିତ୍ସା ସମ୍ବନ୍ଧୀୟ—1. Relating to the western medical science: allopathic.

ଡାକ୍ତରି ଔଷଧ—ଦେ. ବ—ପାଶ୍ଚାତ୍ୟ ବିଜ୍ଞାନାନୁମୋଦିତ ଔଷଧ—
Ḍāktari aushadha Allopathic medicine.
ডাক্তারী ঔষুদ डाक्टरी दवा
[ଡାକ୍ତରି ଓଷଦ(ଧ)—ଅନ୍ୟରୂପ]

ଡାଗର—ପ୍ରାଦେ. (ମେଦିନୀପୁର) ବିଣ. ପୁଂ ଓ ସ୍ତ୍ରୀ. (ଭୁଲ ବ. ଡାଗର;
Ḍāgara ସ. ଦୀର୍ଘ)—୧ ବଡ଼—1. Big; great.
୨ । ଡେଙ୍ଗା—2. Tall.

ଡାଗରା—ଦେ. ବ—ଉକୁଣୀ; ବଡ଼ ଉକୁଣୀ—
Ḍāgarā A large louse.
ডাগর জুঁ

ଡାଗରାଜି—ବୈଦେ. ବ—୧ ରଫୁ; ଚିରିଯାଇଥିବା ଲୁଗାର ସିଲାଇ ବା
Ḍāgarāji ମରାମତି—1. Repair of a torne cloth by
রিফু sewing; darning.
रफू ୨ । କୋଠାଆଦିର ଅଂଶତଃ ଭଗ୍ନଅଂଶର ମରାମତି—
2. Petty repair works; petty repairs.

ଡାଙ୍କଣା—ଦେ. ବ. ପୁଂ. (ସ. ଡଙ୍କର = ଦୁଷ୍ଟ; ଠଗ; ହି. ଷଡ଼ସାଗର)
Ḍāṅkaṇā (ଗାଳିରେ ବ୍ୟବହୃତ)—ଦୁଷ୍ଟ ଓ ଖଳ ବ୍ୟକ୍ତି—
ডেগরা Wicked person.
डुँगर
(ଡାଙ୍କେଣୀ—ସ୍ତ୍ରୀ)

ଡାଙ୍କି(ଙ୍କୁ)(ଙ୍କେ)ଣୀ—ଦେ. ବ. ସ୍ତ୍ରୀ. (ସ. ଡାକିନୀ)—ଡାକିନୀ; କାଳୀଙ୍କ
Ḍāṅki(ṅku) (ṅke)ṇi ଗଣଭୁକ୍ତା ଉପଦେବତା; ଯୋଗିନୀ—
ডাইন 1. The female attendants of
डंकिनी, डाकिन Goddess Kālī.
ଡାକ(କୁ)(କେ)ଣୀ } ଅନ୍ୟରୂପ ୨ । ଡାହାଣୀ—
ଡଙ୍କୁଣୀ 2. Witch; sorceress.
୩ । (ଗାଳିରେ ବ୍ୟବହୃତ) ଦୁଷ୍ଟା ସ୍ତ୍ରୀ—
3. Wicked woman.
୪ । ଝାଡ଼ାବାନ୍ତି ରୋଗ—4. Cholera.
(ଯଥା—ଡାହାଣୀ ଚଳେ ନୋଟ ଦେଶ ।)

ଡାଙ୍କେଣୀଖିଆ—ଦେ. ବିଣ ପୁଂ. (ଅଭିଶାପରେ ବ୍ୟବହୃତ)—
Ḍāṅkeṇi-khiā ଯାହାକୁ ପିଶାଚୀ ଖାଇବ—
(ଡାଙ୍କେଣୀଖାଇ—ସ୍ତ୍ରୀ) (term of cursing) (a person) To be devoured by a witch.

ଡାଙ୍କେଣୀ ବାଡ଼ି—ଦେ. ବ. (ଗାଳିରେ ବ୍ୟବହୃତ)—ହଇଜା—
Ḍāṅkeṇi bāṛi Cholera.

ଡାଙ୍ଗ୍—ପ୍ରାଦେ. (ଲୁଚଥ) ବ—ଅଲଗୁଣି—
Ḍāṅg Clothes-horse.

ଡାଙ୍ଗ—ଦେ. ବ. (ସ. ଦଣ୍ଡ)—୧ । କାଠି—1. Twig.
Ḍāṅga ୨ । ବେତାଦି ସରୁ ପ୍ରହରଣାସ୍ତ୍ର; ବାଡ଼ି—
ডাঙ্গ 2. Stick; staff.
डाँग ୩ । ସରୁ ଛୋଟ ବାଡ଼ି; ପାଞ୍ଚଣ—
3. A slender stick; peg.
ଚିଲ୍ଲଲେ ଭଣାବା ଡାଙ୍ଗଟଏ ନେଇ
ଶୁଣ ତେଲ ଚର୍ହି ହୁଁ ଖିଅ କାଟଏ ମୁହିଁ । କୃଷ୍ଣସିଂହ, ମହାଭାରତ ଅଦି ।
ডাঁটা ୪ । ସରୁ ଓ ଲମ୍ବ ପତ୍ରଶୂନ୍ୟ ବୃକ୍ଷକାଣ୍ଡ—
डंठल 4. Leafless long slender stem of a tree.
ଦେ. ବିଣ—ଅସ୍ଥିକଙ୍କାଳସାର (ବ୍ୟକ୍ତି)—
डांगर (a person) Reduced to skeleton.

ଡାଙ୍ଗ ଡୁଙ୍ଗା—ଦେ. ବ. (ସହଚର; ନିରର୍ଥକ ଶେଷ ପଦ)—
Ḍāṅga duṅgā ଛୋଟ ଛୋଟ କାଠି; କାଠିକୁଟା—
Small twigs or bits of wood.

ଡାଙ୍ଗର—ଦେ. ବିଣ. (ସ. ଦୀର୍ଘ)—୧ । ଡେଙ୍ଗା—
Ḍāṅgara 1. Tall (person).
ডাগর ୨ । ଡେଙ୍ଗା ଓ ସ୍ଥୂଳ ଦେହ—
लम्बा 2. Tall and stout.

ଡାଙ୍ଗରା—ଦେ. ବିଣ—ପତ୍ର ଓ ଅଗ୍ରଭାଗ ହୀନ କାଣ୍ଡବିଶିଷ୍ଟ—
Ḍāṅgarā Consisting of leafless twigs.
ବ—ଡାଲା—A tray.
ପ୍ରାଦେ. (ବସ୍ତର) ବ—ଫୁଟ କାକୁଡ଼ି—
A sort of cucumber.

ସାଧାରଣ ଲୋକେ ଅପର୍ଣ୍ଣ ପୃଷ୍ଠାରେ ଦୃଢ଼ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଡାଙ୍ଗରାଜ ତୈଳ—ଦେ. ବି—ଔଷଧ ବୃକ୍ଷାଦିର ଶୁଷ୍କ ଡାଙ୍ଗ ବା କାଣ୍ଡ ଓ
Ḍāṅgarāja taila ମୂଳଙ୍କରୁ ପ୍ରସ୍ତୁତ ଏକ ପ୍ରକାର ତୈଳ—A medicinal oil prepared from dry sticks of certain plants.
ଗ୍ରା. (ଅଶ୍ଳୀଳ) ବି.—ଶୁକ୍ର; ବୀର୍ଯ୍ୟ—Semen.

ଡାଙ୍ଗା—ଦେ. ବି—ଡାଙ୍ଗ (ଦେଖ)
Ḍāṅgā Ḍāṅga (See)

ଡାଙ୍ଗା ତୈଳ—ଦେ. ବି— ଡାଙ୍ଗରାଜ ତୈଳ (ଦେଖ)
Ḍāṅgā taila Ḍāṅgarāja taila (See)

ଡାଙ୍ଗି—ଦେ. ବି—ଡାଙ୍ଗ (ଦେଖ)
Ḍāṅgi Ḍāṅga (See)

ଡାଙ୍ଗିଆ—ଦେ. ବି—୧ । ଘରର ଛାମୁଅ କିମ୍ବା ଘରକାନ୍ଥର ବାଉଁଶ
Ḍāṅgiā ବାତାରେ ବାନ୍ଧୁଡ଼ା ଭିଡ଼ିବା ପାଇଁ ଯେଉଁ କଟକଟ ବା
ଡାଙ୍ଗୀ ଦଉଡ଼ା ବ୍ୟବହୃତ ହୁଏ ସେହି ଦଉଡ଼ାକୁ ମୋଡ଼ିବା ନିମନ୍ତେ ବ୍ୟବହୃତ ବାଉଁଶର ଛୋଟ ଡାଙ୍ଗ—1. A short stick used to twist the cross-bamboos to stick to the rafter of a thatch or of a bamboo wall.
୨ । ନାହା, ଡଙ୍ଗା ଆଦି ଟାଣିବା ଦଉଡ଼ିର ଅଗରେ ଲାଗିଥିବା କାଠି; ଟାଣିବାଲୋକ ଯାହାକୁ କାନ୍ଧରେ ଧରି ଟାଣନ୍ତି—2. Short stick attached to the end of a towing rope for being handled by the coolies while pulling boats.
୩ । ଗୋବର୍ଦ୍ଧ ଚଢ଼େଇକୁ ବସାଇବା ନିମନ୍ତେ ଯେଉଁ ଡାଙ୍ଗ ବା କାଠି ବ୍ୟବହୃତ ହୁଏ—3. The upper cross-like arm of a bird-perch.
୪ । ତନ୍ତ୍ର ସଂଲଗ୍ନ ଛୋଟ କାଠ—4. Small stick attached to a fly-shuttle loom.
[ଦ୍ର—ଏହାଦ୍ୱାରା ବୁଣା ହେଉଥିବା ଲୁଗାର ଧଡ଼ିରେ ଲୁମ୍ବ ବା ଛିଦ୍ର ବୁଣାଯାଏ ।]
୫ । ଡାଙ୍ଗ (ଦେଖ)—5. Ḍāṅga (See)
ପ୍ରାଦେ. (ଗଡ଼ଜାତ) ବି—ଯେ ଖଣ୍ଡା ବା କଟାରିରେ ବଳି (ପଶୁ) କୁ ହାଣେ—One who kills the sacrificial beast by means of a weapon.

ଡାଙ୍ଗିରି—ଦେ. ବି—ଡାହାଙ୍ଗିରି (ଦେଖ)
Ḍāṅgiri Ḍahāṅgiri (See)

ଡାଙ୍ଗୁ—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଢେଙ୍ଗା—
Ḍāṅgu Tall (man).

ଡାଙ୍ଗୁଆ—ପ୍ରାଦେ. (ବାଲେଶ୍ୱର) ବି—ଏକାକୀ—
Ḍāṅguā Alone.
ବଢେଇ ତ ଘରକୁ ଡାଙ୍ଗୁଆ ମଣିଷ, ବର କନ୍ୟାଙ୍କୁ ବଢେଇ ନେଉଛୁ କିଏ ?
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପ୍ରାଦେ. (ସିଂହଭୂମ, ବାଲେଶ୍ୱର) ବି—୧ । ଅବିବାହିତ ପୁରୁଷ—1. Bachelor.
୨ । ଯାହାର ସ୍ତ୍ରୀ ମରିଯାଇ ଥାଏ—2. Widower.
ପ୍ରାଦେ. (ସୋନପୁର) ବି — ମାଳଙ୍କ ପରି ଶୂଦ୍ର ଜାତୀୟ ଠାକୁରାଣୀଙ୍କ ସେବକବିଶେଷ—A caste of Śūdra Sebaks of a village-Goddess.
[ଦ୍ର—ଅଶ୍ୱିନ ପୂଜା ସମୟରେ ଦେବୀ ଏମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଠାରେ ଭର ହୁଅନ୍ତି ।]

ଡାଙ୍ଗୁଆ ମାଙ୍ଗୁଆ—ଦେ. ବି. (ବାଲେଶ୍ୱର) ବି. (ସହିତର ଶବ୍ଦ)—
Ḍāṅguā māṅguā ୧ । ଅବିବାହିତ ବ୍ୟକ୍ତି—1. Bachelor.
ତୁ କି ସବୁ ଦିନେ ଡାଙ୍ଗୁଆ ମାଙ୍ଗୁଆ ହୋଇ ରହିଥିବୁ ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।
୨ । ଏକାକୀ—2. Lonely; solitary; single.

ଡାର୍ଡ—ଦେ. ବି—ପୈଶାଚିକ ଭାଷା (ଦେଖ)
Ḍārḍa Paiśāchika bhāshā (See)

ଡା ଡା—ଦେ. ଅ—ଗୀତ ବୋଲିବା ପୂର୍ବରୁ ଉଚ୍ଚାରିତ ସ୍ୱରବନ୍ଧ—
Ḍā ḍā Recitation of a musical air by the singer before begining to sing a song.
[ଦ୍ର—ବୋଲାଯିବା ଗୀତର ଅକ୍ଷର ଓ ଯତିକୁ ମିଳାଇ ପ୍ରଥମେ ଡା, ଡାରେ ଆଦି ବୋଲି ତା ପରେ ଗାୟକ ଗୀତ ବୋଲିବାକୁ ଆରମ୍ଭ କରନ୍ତି ।]

ଡାଡିର୍ ଡାରା—ଦେ. ବି—ଡାଡିର୍ ଡାରା ଡାରା ଡାରା (ଦେଖ)
Ḍāḍir ḍārā Ḍāḍir ḍārā ḍārā ḍārā (See).

ଡାଡିର୍(ରି)ଡାରା ଡାରା ଡାରା—ଦେ. ବି—ସୀତାର ବଜାଇବାର ଭଙ୍ଗୀ
Ḍāḍir(ri) ḍārā ḍārā ḍarā (ବୈଦେଶିକ)—An air of guitar.

ଡାଣ୍ଡା—ପ୍ରାଦେ (ସମ୍ବଲପୁର) ବି (ସଂ. ଦଣ୍ଡ; ତୁଳ; ହି ଡାଁଡ଼ା—ଯଷ୍ଟି,
Ḍāṇḍā ଦଣ୍ଡ)—ଆଖୁ—Sugarcane.
(ଡାଁଡ଼ା—ଅନ୍ୟରୂପ)

ଡାଣ୍ଡା ପନା—ପ୍ରାଦେ (ସମ୍ବଲପୁର) ବି (ସଂ. ଦଣ୍ଡ+ପ୍ରପାନକ)—
Ḍāṇḍā panā ଆଖୁ ରସ—The juice of sugarcane.

ଡାଣ୍ଡୀ—ପ୍ରାଦେ (ସମ୍ବଲପୁର) ବି—ମେହେନ୍ତରାଣୀ—
Ḍāṇḍī A sweeper woman.
(ଡାଁଡ଼ୀ—ଅନ୍ୟରୂପ)

ଡାଫଣ—ଗ୍ରା. ବି—ଡାମ୍ଫଣ (ଦେଖ)
Ḍāphaṇa Ḍāmphaṇa (See).

ଡାଫନ୍—ପ୍ରାଦେ (ସମ୍ବଲପୁର) ବି—ଡାମ୍ଫଣ (ଦେଖ)
Ḍāphan Ḍāmphaṇa (See).

ଡାଫର—ଦେ. ବି (ଇଂ. ବଫର୍)—ଅନ୍ୟ ଜାହାଜ ବା ଅନ୍ୟ କିଛି
Ḍāpharā ଦୃଢ଼ ବସ୍ତୁ ସହିତ ଧକ୍କା ବାଜିଲେ ଧକ୍କାର ଚୋଟ

୧	ଇ	ଡ଼	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଅ	ଡ଼ଅ	ଛ
୨	ଈ	ଉ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ

କମ୍ କରିବା ପାଇଁ ଜାହାଜ ବା ବୋଟ କଡ଼ରେ ଝୁଲୁଥିବା ଦଉଡ଼ିର ମୁଣ୍ଡଲା—
Buffer (attached to the side of a boat or ship to deaden the violence of a collision).

ଡାବ—ଦେ. ବି—୧ । ଡାବଲ; ଛୋଟ ବାଡ଼ି—
Ḍāba 1. Small stick.
ଡାଙ୍ଗ ୨ । ଏକପ୍ରକାର ଯାଉ—
डांग 2. A kind of gruel.
୩ । ଔଷଧର ବ୍ୟବସ୍ଥାପତ୍ର—
नुसखा 3. Medical prescription; recipe.
୪ । ତାଲିକା—4. List.

କେତେଜଣ ବନ୍ଧ୍ୟା ଦେବୀଙ୍କ ବରରୁ ପୁତ୍ରଲାଭ କରିଅଛନ୍ତି ସେଥିର ବିଶେଷ ଡାବ ଦେଇ ପାରିବୁ ନାହିଁ—ଫକୀରମୋହନ. ଛମାଣଆଠଗୁଣ୍ଠ ।

୫ । (ସଂ. ଡମ୍ବର) ଆଡ଼ମ୍ବର—5. Ado.
ବିଣ—ସୁନ୍ଦର—Graceful.
ପ୍ରାଦେ (ବାଲେଶ୍ୱର) ବି (ଭୁଲ. ବ. ଓ ହି. ଏହି ଅର୍ଥରେ ଏ ହି. ଶବ୍ଦ)—ପଇଡ଼; କାଳୀ ନଡ଼ିଆ—
A raw cocoanut (with thin kernel and full of sweet drinkable water).

ଡାବ ଖଣ୍ଡା—ଦେ. ବି—ଦୁଇଅଡ଼େ ଧାର ଥିବା ଖଣ୍ଡା—
Ḍāba khaṇḍā Double-edged sword.

ଡାବ ଛଣ—ପ୍ରାଦେ (ଗଡ଼ଜାତ) ବି (ସଂ. ଦାବ=ଅରଣ୍ୟ)—
Ḍāba chhaṇa ଜଙ୍ଗଲରେ ହେବା ଏକପ୍ରକାର ଛଣ—
A kind of thatching grass growing wild.
[ଦ୍ର—ଏହାକୁ କାଟି ଆଣି ଗରିବ ଲୋକେ ଏଥିରେ ଘର ଛୁଆଣି କରନ୍ତି ।]

ଡାବ ପୁଆ—ଦେ. ବି—ଡାବଲ ପୁଆ (ଦେଖ)
Ḍāba puā Ḍābala puā (See).

ଡାବର (ଇତ୍ୟାଦି)—ଡାବଲ ଇତ୍ୟାଦି (ଦେଖ)
Ḍābara (etc) Ḍābala etc (See).

ଡାବରା (ଇତ୍ୟାଦି)—ଡାମରା (ଇତ୍ୟାଦି) (ଦେଖ)
Ḍābarā (etc) Ḍāmarā (etc) (See).

ଡାବଲ—ଦେ. ବି—୧ । କ୍ଷୁଦ୍ର ବାଡ଼ି—
Ḍābala 1. Small stick.
(ଡାବଲା—ଅନ୍ୟରୂପ) ୨ । ଡାବଲପୁଆ ଖେଳରେ ବ୍ୟବହୃତ
ଡାଂଗ ଛୋଟ ବାଡ଼ି—2 A small stick used in
डांग Ḍabala-puā game.

ଡାବଲ ପୁଆ—ଦେ. ବି—ଗୁଡି ଡାଣ୍ଡୁ ଖେଳ; ଗୁଲି ଡାଙ୍ଗ ଖେଳ;
Ḍābala puā ଗୋରୁ ଜଗୁଆଳ ଓ ଅନ୍ୟ ପିଲାମାନେ ଖଣ୍ଡେ ବାଡ଼ି
ଡାଂଗଗୁଲୀ; ଗୁଲିଡାଂଡା (ଡାବଲ) ଓ ଖଣ୍ଡେ ଛୋଟ କାଠିଦ୍ୱାରା ଖେଳିବା
गुल्लीडंडा ଖେଳ—A game played by urchins and cowherd boys with a stick and a small peg.

ଡାବଲ ହାତିଆ—ପ୍ରାଦେ. (କେନ୍ଦ୍ରାପଡ଼ା; ଯାଜପୁର) ବିଣ—
Ḍābala hātiā ଡାବଲା ହାତି (ଦେଖ)
(ଡାବଲା ହାତିଆ—ଅନ୍ୟରୂପ) Ḍābalā hāti (See)

ଡାବଲା ହାତି—ପ୍ରାଦେ. (କେନ୍ଦ୍ରାପଡ଼ା ଓ ଯାଜପୁର) ବିଣ (ସଂ.
Ḍābala hāti ଦାନଶୀଳ ହସ୍ତ)—୧ । ଅତ୍ୟନ୍ତ ଦାନଶୀଳ—
(ଡାବଲା ହାତିଆ—ଅନ୍ୟରୂପ) 1. Unduly liberal.

ମୁଁ ତ ହେଲି ବଡ଼ ପୁରୁଷ, ତୁ ତ ହେଲୁ ଡାବଲା ହାତ
ବର୍ଷକେ ଗୋଟାଏ ଗୁଆ ସରିଲା, ଘର କରିବା କହ କମିତ—ଢଗ ।

ଡାବା—ପ୍ରାଦେ. (ଗଞ୍ଜାମ) ବି—କିରାସିନ୍ ଆଦିର ବଡ଼ ଟିଣି—
Ḍābā A tin of kerosine oil; canister.
(ଡାବ—ଅନ୍ୟରୂପ)

ଡାବିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଢାଙ୍କିବା—
Ḍābibā 1. To cover; to envelop.
୨ । ଢାଙ୍କୁଣିରେ ଘୋଡ଼ାଇବା—
2. To cover with a lid.

ଡାବୁ—ପ୍ରାଦେ. (ଗଞ୍ଜାମ ଓ କଟକ ସଦର) ବି (ତେଲୁଗୁ ଶବ୍ଦ)—
Ḍābu ୧ । ଧନ; ଅର୍ଥ—1. Money.
(ଡାବୁ—ଅନ୍ୟରୂପ) ୨ । ନଗଦ ପଇସା—2. Cash.
୩ । (ଗଞ୍ଜାମ) ପଇସା—3. Pice.
୪ । (ଗଞ୍ଜାମ) ଚାରି ପାହୁଲା—4. Four pies.

ଡାବୁ ଖଡ୍—ପ୍ରାଦେ. (ବସ୍ତର) ବି—ଟଣ୍ଡା (ଦେଖ)
Ḍābu khaṛd Taṇḍā (See)

ଡାମ୍—ବୈଦେ. ବି. (ଇଂ)—ଡେମ୍ ସୁଅର (ଦେଖ)
Ḍām Ḍem suar (See)

ଡାମର୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ଏହି ଅର୍ଥରେ ହି. ଏହି
Ḍāmar ଶବ୍ଦ)—ଅଲକାତରା; ରାଳ—Coal tar.

ଡାମର—ସଂ. ବି—ତନ୍ତ୍ର ଗ୍ରନ୍ଥବିଶେଷ—
Ḍāmara One of the works on Tantra.
[ଦ୍ର—ଏହା ଶିବକଥିତ ଶାସ୍ତ୍ର । ଏଥିର ଛଅ ଭାଗ ଅଛି—ଯୋଗ ଡାମର, ଶିବ ଡାମର, ଦୁର୍ଗା ଡାମର, ସାରସ୍ୱତ ଡାମର, ବ୍ରହ୍ମ ଡାମର ଓ ଗନ୍ଧର୍ବ ଡାମର । କୁହୁକ, ଡାମର ଆଦି ତନ୍ତ୍ରରେ ମୋହନ, ବଶୀକରଣ, ଉଚ୍ଚାଟନ, ମାରଣ ଆଦି ଅଭିଚାର ମନ୍ତ୍ର ଓ ପ୍ରୟୋଗ ଆଦି ଲେଖା ଅଛି ।]
ଦେ. ବିଣ—ଉଦ୍ଧତ; ଅବାଧ୍ୟ—Impertinent.

ଡାମରା—ପ୍ରାଦେ. (ଗଡ଼ଜାତ) ବି—ସହର ଶବରୁଣୀମାନେ ଜଙ୍ଗଲରୁ
Ḍāmarā କାଟିବା ଡାଳ କାଠକୁ ଲଇରେ ବଡ଼ା ବାନ୍ଧି ସାରିବା

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଡାମେର୍—ଅନ୍ୟରୂପ) ପରେ ଭିଡ଼ି ବିଡ଼ାକୁ ମଜବୁତ କରିବା ପାଇଁ ପଲ୍ଲଅଡ଼ ଭା ମଝିରେ ଗେଞ୍ଜିବା ଖଣ୍ଡିଏ ଲମ୍ବା କାଠ—A long wedge of wood thrust into a bundle of faggots after the fuel is cut and tied into a bundle (to make the bundle tight and ready for being carried on the head).

[ଦ୍ର—ଯେପରି ବଢ଼ିଣା ମୁଠା ବାନ୍ଧି ସାରି ତା ପଲ୍ଲଅଡ଼ି ଖଣ୍ଡେ ଟେଙ୍ଗଣା ବା ଖିଲ ପୂରାଇ ବାଡ଼ିଆ ଯାଏ, ସେହିପରି ଏହା କାଠ-ବିଡ଼ାରେ ଦିଆଯାଏ, ମାତ୍ର ଡାମର୍ ବଢ଼ିଣାର ଖିଲଠାରୁ ବଡ଼ ।]

ଦେ. ବ—ଡାମର୍ କୁଆ (ଦେଖ)
Dāmarā kuā (See)

ଡାମର୍ କାଉ—ଗ୍ରା ବ—ଡାମର୍ କୁଆ (ଦେଖ)
Dāmarā kāu — Dāmarā kuā (See)

ଡାମର କାଉ ରେ ଡାମର କାଉ
ସତ ମିଛ କହୁ କ ସଶ ପାଉ—ଶିଶୁଗୀତ ।

ଡାମର୍ କୁଆ—ଦେ. ବ. (ସଂ. ଦ୍ରୋଣ କାକ)—ବଡ଼ କୁଆ—
Dāmarā kuā A raven; a large crow; the carrion crow.
ডাঁড় কাক
डोम कौआ [ଦ୍ର—ଏମାନେ ସାଧାରଣ କୁଆ ଅପେକ୍ଷା ବଡ଼ ଓ ଗାଢ଼-କୃଷ୍ଣ ବର୍ଣ୍ଣ ଦେଖାଯାନ୍ତି ।]

ଡାମେଜ୍—ବୈଦେ. ବ. (ଇଂ.)—ଖତିପୂରଣ; ଖେସାରତ—
Dāmej — Damage.
ବିଣ. (ଇଂ. ଡାମେଜଡ୍)—ଯେଉଁ ଦ୍ରବ୍ୟ ନଷ୍ଟ ହୋଇ ଯାଇଥାଏ—Damaged.

ଡାମ୍ଫଣ—ଦେ. ବ—ମୋଟ ଲୁଗା, ବସ୍ତା ଓ ଚମଡ଼ା ଆଦି ସିଲାଇ କରିବାର ବଡ଼ ଛୁଞ୍ଚ; ଫୋଡ଼ଣୀ—Packing needle; big needle for sewing coarse stuff (e. g. gunny); awl.
Dāmphaṇa
গুণছুঁচ
सुतार; सुआ
(ଡାଫଣ—ଅନ୍ୟରୂପ)

ଡାମ୍ଫଣିଆଁ—ଦେ. ବ. (ସଂ. ଦର୍ଭ)—ଧାନ କିଆରୀରେ ହେବା ଏକ ପ୍ରକାର ଲମ୍ବ ଓ ମୂଳଆଁ ଘାସ—A kind of grass growing in the paddy field.
Dāmphaṇiāṅ
[ଦ୍ର—ଏହା ଆଶ୍ୱିନ ମାସରେ ବିଲରେ ଉଠେ । ଏହାର ଗୋଟିଏ ମାତ୍ର ଠାଣୁଆଁ କାଣ୍ଡ; ଏହା ଏକ ଫୁଟ ବଢ଼େ, ଅଗ ମୂଳଆଁ ।]

ଡାମ୍ଫର—ଦେ. ବ. (ନାଉର ଭାଷା)—ଦୁଇଟି ଡଙ୍ଗା ପରସ୍ପରକୁ ଅଘାତ କରିବା—(nautical term) The jamming or collision of two boats.
Dāmpharā

ଡାମ୍ବର—ଦେ. ବ. (ସଂ. ଡମ୍ବର=ଆଡ଼ମ୍ବର; ବିଳାସ)—ଶୋଭା—
Dāmbara — Beauty; grace.

ଛନ୍ଦାଲମ୍ବ ଜଳଦ ଡାମ୍ବର
କୋଟି କୋଟି ସିନ୍ଧୁ ଲହରି ଗମ୍ଭୀର—ପ୍ରାଚୀ. ରହସ୍ୟମଞ୍ଜରୀ ।

ଡାର୍‌ୱିନ୍—ବୈଦେ. ବ. (ଇଂ. ନାମ)—ଦାର୍‌ୱିନ୍ (ଦେଖ)
Dār-win — Dār-win (See)
(ଡାରଉଇନ୍; ଡାରୁଇନ୍—ଅନ୍ୟରୂପ)

ଡାରେ ଡାରେ—ଦେ. ଅ—ଡା ଡା (ଦେଖ)
Dāre Dāre — Dā dā (See)
(ଡାର ଡାର—ଅନ୍ୟରୂପ)

ଡାଲ୍‌ନା—ଦେ. ବ. (ବଙ୍ଗଳାରୁ ଅନୁକୃତ)—୧ । ଶିଝୁଲା—
Dālnā — 1. A kind of soupless-curry.
ডালনা ୨ । ଡାଲିରେ ପରିବା ପକାଇ ଯେଉଁ ବ୍ୟଞ୍ଜନ (ଡାଲ୍ନା—ଅନ୍ୟରୂପ) ପ୍ରସ୍ତୁତ ହୁଏ—2. A curry prepared by boiling pulse and vegetables together.

ଡାଲ୍‌ପୁରି—ଦେ. ବ—ବୁଟଡାଲିର ପୂର ଦିଆଯାଇ ଥିବା ପୂରିପିଠା—
Dālpuri — A kind of sandwich.
দালপুরী **डालपुरी**

ଡାଲ୍‌ବୁଟ୍—ଦେ. ବ—ରଗଡ଼ା ଓ ଚୋପା ଛଡ଼ା ହୋଇ ବଉଳ ହୋଇ ସାମାନ୍ୟ ଭଜା ହୋଇଥିବା ବୁଟ—
Dālbuṭ
দালবুঁট — Gram fried after being split.
डालबुँट

ଡାଲ—ଦେ. ବ. (ସଂ. ଦଳ; ଦଳକ; ଦାରୁ)—୧ । ବୃକ୍ଷଶାଖା—
Dāla — 1. Bough; branch (of a tree).
ডাল୍ ୨ । (ଲକ୍ଷଣାର୍ଥ) ଋଣ ଦିଆଯାଇଥିବା ମୂଳଧନ ଉପରେ ହିସାବ ହେବା ସୁଧ—2. (figurative) Interest accruing on capital.
डहना; टहनी; डाल
୩ । (ଲକ୍ଷଣାର୍ଥ) ସନ୍ତାନ ସନ୍ତତି—
3. (figurative) Offspring.

ଡାଲ ଖାଇ—ପ୍ରାଦେ. (ସମ୍ବଲପୁର) ବ—ନୀଚ ଜାତୀୟ ସ୍ତ୍ରୀମାନେ ଅଶ୍ଳୀଳ ଓ ଆଦିରସଯୁକ୍ତ ଗୀତ ବୋଲି କରିବା ଏକପ୍ରକାର ନାଚ—A kind of dance by low-caste women.
Dāla khāi
(ଡାଲଖାଇ ନାଚ—ଅନ୍ୟରୂପ)
[ଦ୍ର—ଏଥି ସଙ୍ଗେ ଢାଢ଼ବାଜା ଓ ଯୁଦ୍ଧବାଦ୍ୟ ମଧ୍ୟ ବାଜୁଥାଏ ଓ ଯୁବତୀ ସ୍ତ୍ରୀମାନେ ଦାଣ୍ଡରେ ଗୀତ ବୋଲି ନାଚୁଥାଆନ୍ତି ।]

ଡାଲ ଚିନି—ଦେ. ବ. (ସଂ. ଦାରୁଚିନି)—ଗୁଡ଼ତ୍ୱକ; ବୃକ୍ଷବିଶେଷର ସୁମିଷ୍ଟ ସୁବାସ ବକ୍କଳ—Cinnamon; Cinnamonum Zeylanicum; Cinnamoni Bartex.
Dāla chini
ଡାଲଚିନି
ଡାଲଚେନି } ଅନ୍ୟରୂପ
ଡାଲଚେଣୀ
ସଂ. ଭୃଙ୍ଗପତ୍ର; ବା. ଙ୍ଗ:
ଗୁଜ. ତଜ; ତ୍ୱେଚ;
ଉତ୍କଟ; ଚୋଚ; ଗୁଡ଼ତ୍ୱକ;
ଦାରୁଚିନି; ଦାରୁସିତା
ডালচিনি; **गुड़त्वक्;**
[ଦ୍ର—ଏ ବୃକ୍ଷର ପତ୍ର ମୋଟା ଓ ପତ୍ରର ପିଠି ଚିକ୍କଣ । ଏହା ଦକ୍ଷିଣ ଭାରତରେ ଜନ୍ମେ । ତେଜପତ୍ରର ଗଛ ଦେଖିବାକୁ ଡାଲଚିନିର ଗଛ ପରି । କେହି କେହି ତେଜପତ୍ର ଗଛର ବକଳକୁ ଡାଲଚିନି ବୋଲି ଭ୍ରମ କରନ୍ତି ।]

୧	ନ.	ଉ	ରୁ,ରୂ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇୟ	ଉଅ	ୱ
୨.	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	●	ନ

দারুচিনি　　ବୈଦ୍ୟକ ଅନୁସାରେ ଏହା କଫ, ବାୟୁ,
दारचिनि;　　କଣ୍ଡୁ, ଆମଦୋଷ, ଅରୁଚି, ହୃଦ୍ରୋଗ,
कलमी दारचिनि　　ବସ୍ତିରୋଗ, ବାତଜନିତ ଅର୍ଶ, କୃମି, ପୀନସ
ମ. ଦାଲଚିନୀ　　ଓ ଶୁକ୍ରରୋଗ ନାଶକ । ଏହା ମୁଖଶୋଷ
ଗୁ. ତଜ　　ଓ ତୃଷ୍ଣା ନିବାରକ । ଡାଲଚିନିକୁ ଘୋରି
ତେ. ସନଲଙ୍ଗ;　　କପାଳରେ ଲଗାଇଲେ ମୁଣ୍ଡବିନ୍ଧା ଭଲ ହୁଏ ।
ଡାଲଚିନୀ　　ଡାଲଚିନି ତୈଳ ମଧ୍ୟ ଔଷଧରେ ଲାଗେ । ଏହା
ତା. କାରୁଆ; କରୁ　　ପାନ ଓ ତରକାରୀର ମସଲାରୂପେ
ଫା. ଦାର୍ଚିନୀ　　ବ୍ୟବହୃତ ହୁଏ ।]
ଆ. ସାଲିଖା

ଡାଲଭଙ୍ଗା କୋଶ—ଦେ. ବି—ଡାଳ ଖଣ୍ଡେ ଭାଙ୍ଗି ହାତରେ ନେଇ
Ḍā̱la-bhaṅgā kośa　ଯେତେଦୂର ପଥ ଗଲା ପରେ ତାହା ଝାଉଁଳି
ডালভাঙ্গাকোশ　　ପଡ଼େ ସେତିକି ଦୂରତ୍ୱ; ପ୍ରାୟ ୩ମାଇଲ —
A distance of about 3 miles rougly determined by the withering of a fresh branch which a traveller carries during the journey.

ଡାଳ ଭୂତ—ଦେ. ବି—ଦୋଳଆଦି ଯାତ୍ରା ସମୟରେ ବାଳକମାନେ
Ḍā̱la bhūta　ଦେହରେ ଡାଳ ଓ ପତ୍ର ଗୁଡ଼ାଇ ଯେଉଁ ଭୂତ ଆକୃତି
ଧରି ନାଚନ୍ତି—A mask consisting of leaves and branches tied round the body of the dancer.

ଡାଲମା—ଦେ. ବି—ମୁଗ ବା ହରଡ଼ ଡାଲି ସଙ୍ଗେ ଧରିବା ପକାଇ
Ḍālamā　କସିଯିବା ତରକାରୀ; ଡାଲନା—A sort of curry prepared by boiling vegetables with pulse.

ଡାଳ ମାକୁଡ଼ୀ—ଦେ. ବି. ସ୍ତ୍ରୀ—୧ । ଏକ ଡାଳରୁ ଅନ୍ୟ ଡାଳକୁ
Ḍā̱la mākuṟḏi　ମାକଡ଼ଙ୍କ ପରି ଡେଇଁ ଖେଳିବା ପିଲାମାନଙ୍କ
ଡାଳମାକଡ଼ୀ
ଡାଳମାଙ୍କଡ଼ୀ } ଅନ୍ୟରୂପ
ଡାଳମାକୁଡ଼ୀ
ଏକପ୍ରକାର ଖେଳ—1. A game played by boys by jumping from bough to bough like monkeys.
चिल्हवाड़ा
୨ । ଏକଡାଳରୁ ଅନ୍ୟ ଡାଳକୁ ଡେଇଁବା ମାକଡ଼; ଶାଖାମୃଗ—
2. Monkey.
୩ । ପିଲାମାନେ ଦେହରେ ଡାଳପତର ଗୁଡ଼େଇ ହୋଇ ନାଚିବା ଖେଳ; ଡାଳଭୂତ—3. A dance performed by boys putting a cloak of leaves and branches round the body.
ପ୍ରାଦେ. (ଗଡ଼ଜାତ)—ମେଘ ବର୍ଷା ନ ହେଲେ ଗୋଟିଏ ପିଲାର ସର୍ବାଙ୍ଗକୁ ଜାମୁଡାଳରେ ଗୁଡ଼ାଇ ତା ମୁଣ୍ଡରେ ଗୋଟାଏ ବେଙ୍ଗ ରଖି ବାଜା ବଜାଇ ଗାଁରେ ବୁଲାଇବା ରୀତି—A boy covered over with branches of black-berry tree and going round the village, carrying a frog on the head, to invite rain in seasons of draught.
[ଦ୍ର—ସେହି ପିଲାର ମୁଣ୍ଡ ଉପରେ ଇନ୍ଦ୍ରରାଜାଙ୍କ ନାମ କରି ସମସ୍ତେ ହଳଦି ପାଣି ଢାଳନ୍ତି । ଏହିପରି କଲେ ଗଡ଼ଜାତିଆ ସାଧାରଣ ଲୋକେ ବିଶ୍ୱାସ କରନ୍ତି ଯେ ଶୀଘ୍ର ଇନ୍ଦ୍ର ବର୍ଷା କରିବେ । ସେହି ସଜ୍ଜିତ ବାଳକକୁ ଡାଳମାକୁଡ଼ୀ କୁହାଯାଏ ।]

ଡାଳ ମେଲିବା—ଦେ. କ୍ରି—୧ । (ବୃକ୍ଷାଦି) ବହୁଦୂରକୁ ଶାଖା ବିସ୍ତାର
Ḍā̱la melibā　କରିବା—1. To send forth or spread
ডাল মেলান　　out branches (said of trees).
डाल फैलाना　　୨ । (ଲକ୍ଷଣାର୍ଥ) ବହୁ ସନ୍ତାନ ସନ୍ତତି ଜନ୍ମ କରିବା—
[ଡାଳ ମେଲା(ଲେ)ଇବା—ଅନ୍ୟରୂପ] 2. (figurative) To bring forth a bevy of offsprings.
୩ । ପୁଅ, ଝିଅ, ନାତି, ଅଣନାତିଙ୍କ ଦ୍ୱାରା ନିଜର ବଂଶ ବୃଦ୍ଧି କରିବା—3 To multiply (in progeny).
(ଯଥା—ଅଶି ବର୍ଷର ବୁଢ଼ୀ ଡାଳ ମେଲି କରି ବସିଛି ।)
୪ । ନାନାଆଡ଼େ ନାନା ସମ୍ପର୍କ ଲଗାଇବା—
4 To spread out one's connection to various branches or points.

ଡାଳ ରତ୍ନ—ଦେ. ବି. (ବୃକ୍ଷ ଶାଖାର ଭୂଷଣ; literally that which
Ḍā̱la ratna　　is an ornament to the branches)—
କୋକିଳ—The cuckoo.
ବିଣ—ଯେ (ଯେଉଁ ପକ୍ଷୀ) ବୃକ୍ଷ ଡାଳରେ ବସି ସୁସ୍ୱରରେ ଗାନ କରିବାଦ୍ୱାରା ଉକ୍ତ ଡାଳର ରତ୍ନ ସ୍ୱରୂପ ହୁଏ, ଅର୍ଥାତ୍ ଡାଳକୁ ମଣ୍ଡି ଦିଏ—(a bird) Adorning the branch of a tree when he perches on it and pours forth melodious tunes.

କୋଇଲି ଲୋ ! ଡାକିଲେ ଛପେ ଯେତେ ଶାପ,
ଡାଳରତ୍ନ ଶୁଅ ପ୍ରାୟେ ଭଷୁଥାନ୍ତି ହରି ଲୋ କୋଇଲି !
ମାରକଣ୍ଡ ଦାଶ, କେଶବ କୋଇଲି ।

ଡାଳ ସିଙ୍ଗ—ପ୍ରାଦେ. (ଗଡ଼ଜାତ) ବି.—ବନ୍ୟ ବୃକ୍ଷବିଶେଷ—
Ḍā̱la siṅga　Name of a wild tree (Haines).
(କୁମାର ଚକଣି—ଅନ୍ୟନାମ)

ଡାଲା—ଦେ. ବି. (ସ. ଡଲ୍ଲକ=ବଂଶାଦି ନିର୍ମିତ ପାତ୍ର)—
Ḍālā　୧ । ବଡ଼ ଟୋକେଇ; ଡାଟି—1. A large tray of
ডালা　　wicker work.
डाल, डलिया　　୨ । ଭୋଗ ସାମଗ୍ରୀ ଓ ଫୁଲଆଦି ରଖିବା ପାଇଁ ବ୍ୟବହୃତ ବାଉଁଶ ନିର୍ମିତ ଅଗଭୀର ପାତ୍ର—
2. A shallaw tray for keeping flowers and offerings.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖୀ' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ডালী ୩ । (ଡାଲିମାନଙ୍କରେ ଏପରି ପଠା ଯାଉଥିବାରୁ) ସିଧା;
डाली ସଜ୍ଜା; ବନ୍ଧୁବାନ୍ଧବ, ହାକିମହୁକୁମା, ଅତିଥି, ଭଦ୍ରଲୋକ ଓ ଭୋଟଦାତାମାନଙ୍କ ନିକଟକୁ ଆଦର, ସମ୍ମାନ, ଅନୁଗ୍ରହ ଓ ଇଲେକ୍‌ସନ୍ ଭୋଟ୍‌ରେ ଆକର୍ଷଣାର୍ଥ ବିଶିଷ୍ଟ ପର୍ବଆଦି ଉପଲକ୍ଷରେ ପଠାଯିବା ଖାଦ୍ୟସାମଗ୍ରୀପରିପୂର୍ଣ୍ଣ ଉପଢୌକନ ବା ଭେଟି—3. Dalee; present of fruits etc sent to relatives, friends, officials and voters on special or festive occasions or before elections.

୪ । ବାକ୍ସ ବା ପେଡ଼ି ଆଦିର ଢାଙ୍କୁଣୀ—
4. The cover of a box or basket.

୫ । ବାକ୍ସ, ଟେବଲ୍ ଓ ଆଲମାରି ଆଦିର ଦରାଜ—
5. The drawyer of a box, table or almira.

ଡାଳି—ଦେ. ବି. (ସଂ. ଦଳ; ଓ. ଡାଳଶବ୍ଦରୁ କ୍ଷୁଦ୍ରାର୍ଥେ ଇ)—
Ḍa̱li ୧ । ଛୋଟ ଡାଳ—1. Small branch.
ডাঁটা, ডালাপালা ତୋରଣୀ ପ୍ରାୟେ ପଞ୍ଚ ଡାଳ ।
डाल, टहनी ଭୂପତି. ପ୍ରେମପଞ୍ଚାମୃତ ।

୨ । ଶାଖା ବା ଡାଳ ଆକୃତିରେ କରାଯିବା ଚିତ୍ର—
2. Painting or picture drawn in the shape of branches.

୩ । ସବାରି ଓ ଗାଡ଼ିର ଆଗ ପାଖରେ ଲଣ୍ଠନ ଖଞ୍ଜିବା ନିମନ୍ତେ ଏବଂ କାନ୍ଥରେ ଦେବାଲ୍‌ଗିରି ଖଞ୍ଜିବା ନିମନ୍ତେ ବୃକ୍ଷଶାଖାକୃତି ଯେଉଁ ବକ୍ର ଧାତୁମୟ ଫଳକା ଲାଗିଥାଏ—
3. A metal bracket attached to a carriage, palki or wall to put lanterns on it; bracket-like pegs.

୪ । ତରାଜୁର ଦଣ୍ଡୀର ପ୍ରତ୍ୟେକ ଅର୍ଦ୍ଧ—4. The half portion of a weighing yard on each side of the pivot or central hole.

୫ । ନିଆଁ ଜଳୁଥିବା ଉମ୍ବେଇ—5. An earthen pot with fire burning in it; fire-pan.

୬ । ଜଳନ୍ତା ନିଆଁ—7. Burning fire.

୭ । ଏକପ୍ରକାର ପାରିଧି ବା ଶିକାର ପ୍ରଣାଳୀ; ଡାଳି ପାରିଧି; ଡାଳି ବେଣ୍ଟ (ଏଥିରେ ଶିକାରୀମାନେ ମୁଣ୍ଡ ଉପରେ ଜଳନ୍ତାନିଆଁର ଉମ୍ବେଇ ରଖି ବଣରେ ବୁଲନ୍ତି ଓ ଅଗ୍ନିଶିଖାକୁ ଦେଖି ମୃଗମାନେ ପାଖକୁ ଧାଇଁ ଆସିଲେ ତାକୁ ବନ୍ଧୁକ ବା ଧନୁ ମାରନ୍ତି)—7. A kind of hunting (in which a burning fire-pan is carried over the head, when wild animals (deer) are attracted by the moving light and are shot down when they come near).

ଜଳେ କି ତହିଁ ଜ୍ୱଳନ କାମ ଡାଳି ବହି
ଅସୁଅଙ୍ଗ ଉପମାକୁ ସେ ବାମା ଲଭଇ । ଉଚ୍ଚ. ଲାବଣ୍ୟବତୀ ।

ଡାଲି—ଦେ. ବି. (ସଂ. ଦଲ; ଦଳିତ; ଦାଳ; ଦାଲି=ଶମୀଧାନ୍ୟ)—
Ḍāli ୧ । ଦଗଡ଼ା ମୁଗ ଆଦି ଶସ୍ୟ—1. Split pease.
ডাল, ডাইল; [ଦ୍ର—ଦଗଡ଼ା ହୋଇଥିବା ଶସ୍ୟର ନାମ ପରେ
দাইল, ডালি ଏହି ପଦ ବସେ । ଯଥା—ମୁଗଡାଲି, ବିରିଡାଲି,
डाल ହରଡ଼ଡାଲି, ଖେସାରିଡାଲି ଇତ୍ୟାଦି ।]

୨ । ଦଗଡ଼ା ଓ ଚୋପାଛଡ଼ା ମୁଗଆଦିର ତିଅଣ; ଡାଲି ତିଅଣ; ହାପୁ—2. Soup made of split pease.

ডালী ୩ । ଡାଲି; ବନ୍ଧୁ ଆଦିଙ୍କ ନିକଟକୁ ପ୍ରେରିତ ଖାଦ୍ୟସାମଗ୍ରୀ-
डाली ସମ୍ବଳିତ ଉପଢୌକନ—3. Present of fruits and victuals sent to friends in a tray; dalee.

ଦେଇଅଛି ଡାଲି ଭରି ମେବା ନାନା । ରାଧାନାଥ. ଦରବାର ।

ପ୍ରାଦେ. (ସମ୍ବଲପୁର) ବି—ଶସ୍ୟାଦି ରଖିବା ପାଇଁ ବେତ ବା ବାଉଁଶ ପାତିଆର ବଡ଼ ଟୋକେଇ—
Big wicker-baskets for storing grain.

ପ୍ରାଦେ. (ଗଡ଼ଜାତ) ବି—ଶବରମାନେ ରାଜା ବା ରାଜକର୍ମଚାରୀଙ୍କୁ ଯେଉଁ ପରିବା ଆଦି ଭେଟି ଦିଅନ୍ତି; ଭେଟି—
Vegetables and fruits presented to the Raja or officials by Śabaras or people living in jungles.

ଡାଳିଆ—ଦେ. ବି. (ସଂ. ଦଳ ବା ଦାରୁ)—୧ । ଛୋଟ ଡାଳ—
Ḍā̱lia̅ 1. Small branch.
ডালপালা ୨ । ପତ୍ରବର୍ଜିତ ସରୁଡାଳମାନ—2. Small boughs
टहनी or branches when shorn of leaves.

ପ୍ରାଦେ. (ବାଲେଶ୍ୱର) ବି—ମାଟିତିଆରି କ୍ଷୁଦ୍ର କଳସି; ଘଡ଼ି—
Small earthen water jug.

ଡାଲିଆ—ଦେ. ବି—ବେତ ବାଉଁଶ ଆଦିରେ ବୁଣା ଛୋଟ ଡାଲି—
Ḍālia̅ Small trays of wicker work.
ପ୍ରାଦେ. (ସମ୍ବଲପୁର) ବି—ଢମା (ଦେଖ)
Ḍhama̅ (See)

ଡାଳି ଉ(ଓ)ରା—ପ୍ରାଦେ. (ଗଞ୍ଜାମ, ଗଡ଼ଜାତ) ବି—ପାଞ୍ଚସେଣିଆଁ ବା
Ḍā̱li u(o)ra̅ ସାତସେଣିଆଁ ଘରର ସର୍ବ ନିମ୍ନ ଉରର ଉପରେ (ତଳିକ ଉରା—ଅନ୍ୟରୂପ) ଯେଉଁ ଉରାମାନ ଥାଏ—The lesser cross-beams in a five-plated or seven-plated thatched house.

ଡାଳି କାଠ—ଦେ. ବି. (ସଂ. ଦଳ+କାଷ୍ଠ)—ଯେଉଁ କାଠ ସରୁଆ ଓ
Ḍā̱li kāṭha ସଳଖ; ଯେଉଁ ଡାଳରେ ଗଣ୍ଠି ନ ଥାଏ—
टहना Long slender pieces of wood which consist of branches having no warts or joints on them.

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଈଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍

ଡାଳ କୁଆ—ଦେ. ବ—ସାଧାରଣ ଗ୍ରାମ୍ୟ କାକ—
Ḍāli kuā Ordinary crow; the house-crow.
কাগ **कौआ**
(ଡାଳି କାଉ—ଅନ୍ୟରୂପ)

ଡାଲକ୍ଷ କୋଳି—ପ୍ରାଦେ. (ଗଡ଼ଜାତ; ନୂଆଗଡ଼, ଦଶପଲ୍ଲା, ଖଣ୍ଡପଡ଼ା)
Ḍaliksha koli ବ—ପିଜୁଳି—Guava.
(ଡାଲଖ୍ୟ କୋଳ—ଅନ୍ୟରୂପ)

ଡାଳ ପଣସ—ଦେ. ବ—ଏକ ଜାତୀୟ ପଣସ (ଏହା ସାଧାରଣତଃ
Ḍāli panasa ଗଛର ଗଣ୍ଡିରେ ନ ଫଳି ଡାଳରେ ଫଳେ)—
A kind of jack-fruit which is borne on the branches of the tree (instead of on the trunk).
[ଦ୍ର—ଏହା ଅନ୍ୟ ଜାତୀୟ ପଣସ ଅପେକ୍ଷା ଉତ୍କୃଷ୍ଟ ଓ ସୁସ୍ୱାଦୁ ।]

ଡାଳ ପାରିଧି—ପ୍ରାଦେ. (ଗଡ଼ଜାତ) ବ—ଏକପ୍ରକାର ମୃଗୟା;
Ḍāli pāridhi ଯହିଁରେ ଶିକାରୀମାନେ ମୁଣ୍ଡରେ ଡାଲ ବା ଜଳନ୍ତା
ଡାଳ ବୋର } ଅନ୍ୟରୂପ
ଡାଳ ବେଣ୍ଟ } ନିଆଁର ଭୁମ୍ବେଇ ନେଇ ବନରେ ବୁଲି ପାଖକୁ ଆସିବା ମୃଗମାନଙ୍କୁ ଶିକାର କରିବା
ରୀତି—A kind of hunting in which animals are attracted by a burning fire-pan carried by an attendant on the head and are killed by the hunter when they come near.
[ଦ୍ର—ଡାଳପାରିଧିରେ ଶିକାରୀର ଅନୁଚର ମୁଣ୍ଡ ଉପରେ ଗୋଟିଏ ଜଳନ୍ତା ନିଆଁର ଭୁମ୍ବେଇ ରଖି ସେ ଭୁମ୍ବେଇ ପଛରେ ଗୋଟିଏ ଚଉକଚର ତାଟି ବାନ୍ଧି ଆପଣା ଅଣ୍ଟାରେ ଘଣ୍ଟି ଘାଗୁଡ଼ି ବାନ୍ଧି ଅନ୍ଧାର ରାତିରେ ଜଙ୍ଗଲରେ ନାଚି ନାଚି ଦ୍ରୁତଗତିରେ ଚାଲୁଥାଏ ଓ ତା ପଛରେ ଶିକାରୀ ବନ୍ଧୁକ ବା କାଣ୍ଡ ଧରି ଚାଲୁଥାଏ । ବନ୍ୟଜନ୍ତୁମାନେ ସେହି ଗତିଶୀଳ ଆଲୋକ ଓ ଘଣ୍ଟି ଘାଗୁଡ଼ିର ଶବ୍ଦଦ୍ୱାରା ଆକୃଷ୍ଟ ହୋଇ ନିକଟକୁ ଆସିଲେ ତା ପଛରେ ଥିବା ଶିକାରୀ ସେମାନଙ୍କୁ ବାଣ ବା ବନ୍ଧୁକ ମାରେ । ବର୍ତ୍ତମାନ ବୈଦ୍ୟୁତିକ ମସାଲ (ଇଲେକ୍‌ଟ୍ରିକ୍ ଟର୍ଚ୍ଚ ଲାଇଟ୍) ଦ୍ୱାରା ମୃଗମାନଙ୍କୁ ନିକଟକୁ ଆକୃଷ୍ଟ କରି ଡାଳପାରିଧି କରା ଯାଉଅଛି ।]

ଡାଳ ପୋହ(ହେ)(ହୋ)ଲା—ଦେ. ବ. (ସଂ. ଦଳ ଓ ପ୍ରବାଳ)—
Ḍāli poha(he)(ho)lā ୧ । ମାଳାରେ ଗୁନ୍ଥା ଯିବା ଲମ୍ବ-
লংবা পলা ଲମ୍ବ ଗଡ଼ରେ କଟା ହୋଇଥିବା ପ୍ରବାଳଖଣ୍ଡ;
लम्बा मुंगा ବୃକ୍ଷବତ୍ ପ୍ରବାଳର ଡାଳ ବା ଶାଖାରୁ କଟା ହୋଇଥିବା ଲମ୍ବ ଲମ୍ବ ଖଣ୍ଡମାନ—1. Long pieces of coral used for stringing into necklaces.
[ଦ୍ର—ପ୍ରବାଳ ଏକପ୍ରକାର ସାମୁଦ୍ରିକ ଜୀବଙ୍କ ଉପର୍ଯ୍ୟୁପରି ଗଠିତ ସ୍ତରମାନଙ୍କ ସମଷ୍ଟି ଅଟେ । ତାହା ଦେଖିବାକୁ ଶାଖାବିଶିଷ୍ଟ ବୃକ୍ଷ ପରି । ସେହି ଶାଖାରୁ ସରୁ ଲମ୍ବ ଲମ୍ବ ଶାଖାବିସ୍ଥାନ ଖଣ୍ଡମାନ କାଟିଲେ ତାହାକୁ ଡାଳ ପୋହଲା ଓ ଗୋଲ, ମୋଟା ଏବଂ ଗଣ୍ଠିଆ ଖଣ୍ଡମାନଙ୍କୁ ମୁଣ୍ଡି ପୋହଲା ବୋଲଯାଏ । ଏ ଡାଳ ପୋହୋଲର ଖଣ୍ଡମାନଙ୍କୁ ଗୁନ୍ଥି କଣ୍ଠି ବା ମାଳ କରାଯାଏ ।]
୨ । ଏକଜାତୀୟ ନାଲି ଓ ଲମ୍ବା ଧାନ—
2. A species of paddy (red and long).

ଡାଳବି—ଗ୍ରା. ବ—ଡାଳିମ୍ବ (ଦେଖ)
Ḍālibi Ḍālimba (See)

ଡାଳ ବେଣ୍ଟ—ପ୍ରାଦେ. (ଗଡ଼ଜାତ) ବ—ଡାଳି ପାରିଧି (ଦେଖ)
Ḍāli benta Ḍāli pāridhi (See)

ଡାଲି ଭାତ—ଦେ. ବ. (ସଂ. ଦଳ + ଭକ୍ତ)—
Ḍāli bhāta ୧ । ଭୋଜନାର୍ଥ ପ୍ରସ୍ତୁତ ଡାଲି ଓ ଭାତ—
দাল ভাত 1. Boiled pulse and rice used for
दाल भात meal.
୨ । ଶୂଦ୍ର ଘରର ଖିରି ପିଠା—
2. A Śūdra's caste-dinner.
[ଦ୍ର—ବଡ଼ଲୋକମାନଙ୍କ ଭୋଜିରେ 'ଖୀରି ଓ ପିଠା' ଆଦି ସାମଗ୍ରୀ ଖାଇବାକୁ ମିଳେ ଓ ଗରୀବ ଲୋକମାନଙ୍କ ଭୋଜି ବା ଜାତି-ଭାତରେ ଜାତିଭାଇଙ୍କୁ 'ଡାଲି ଓ ଭାତ' ଖାଇବାକୁ ମିଳେ । ଏଥିପାଇଁ 'ଡାଲିଭାତ'ର ଏକ ଅର୍ଥ ଦାଣ୍ଡିଆ ଓ ଗରୀବ ଲୋକଙ୍କର ଜାତି-ଭାଇମାନଙ୍କୁ ଦେବା ଭୋଜି । ବଡ଼ ଲୋକମାନଙ୍କ ଭୋଜିକୁ ଖିରି ପିଠା ବୋଲଯାଏ ।]

ଡାଲିମ (ଇତ୍ୟାଦି)—ଦେ. ବ—ଡାଳିମ୍ବ ଇତ୍ୟାଦି (ଦେଖ)
Ḍālima (etc) Ḍālimba etc. (See)

ଡାଳି ମହୁ—ଦେ. ବ—ଗଛର ଡାଳରେ ମହୁମାଛିମାନେ ବାନ୍ଧିଥିବା
Ḍāli mahu ଫେଣାରୁ ସଂଗୃହୀତ ମଧୁ—Honey from hives
ডালমধু made on branches of trees.
[ଦ୍ର—ମହୁମାଛିମାନେ ମହୁ ଫେଣା କରିବା ସ୍ଥାନବିଶେଷର ନାମ ଅନୁସାରେ ମହୁର ନାମ ଦିଆଯାଇ ଥାଏ । ଯଥା—କାନ୍ଥମହୁ, କୋରଡ଼ ମହୁ, ଡାଳ ମହୁ, ବାଉଁଶ ମହୁ । ମହୁମାଛିମାନଙ୍କ ନାମ ଅନୁସାରେ ମଧ୍ୟ ମହୁର ନାମ ଦିଆଯାଇ ଥାଏ । ଯଥା—ବାଘୁଆ, କଣ୍ଟି । ଫେଣାର ଆକାର ଅନୁସାରେ ମଧ୍ୟ ବଇଁଶୀ, ସାତ-ଫେଣିଆ ଇତ୍ୟାଦି ନାମକରଣ ହୋଇଥାଏ ।]

ଡାଲିମା—ଡାଳିମ୍ବ (ଦେଖ)
Ḍālimā Ḍālimbā (See)

ଡାଳ ମାକୁଡ଼ୀ—ଦେ. ବି—ଡାଳ ମାକୁଡ଼ୀ (ଦେଖ)
Ḍāli mākurdi Ḍāla mākurdi (See)
(ଡାଳ ମାକଡ଼ୀ, ଡାଳ ମାଙ୍କଡ଼ୀ, ଡାଳ ମାଙ୍କୁଡ଼ୀ—ଅନ୍ୟରୂପ)

ଡାଳ ମୁଣ୍ଡା—ଦେ. ବ—ଯେଉଁ ଲଙ୍ଗଳମୁଣ୍ଡା ଗଛର ଗଣ୍ଡି ଅଂଶର
Ḍāli mundā କାଠରୁ ତିଆରି ନ ହୋଇ ଗଛର ଡାଳ କାଠରୁ ତିଆରି ହୋଇ ଥାଏ—Plough made from the branch portion of a tree (and not from its trunk.)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ଖୁଅ' ନ ମିଳିଲେ 'ଖୁଆ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କତ' ନ ପାଇଲେ 'ଅଲଙ୍କୃତ ଦେଖିବେ'

ଡାଳମ୍ବ—ଦେ. ବି. (ସଂ. ଦାଡ଼ିମ୍ବ, ଦାଳମ୍ବ, ଦାଡ଼ିମ)—
Ḍāḷimba ୧ । ପ୍ରସିଦ୍ଧ ଅମ୍ଳମଧୁର ରୁଚିକର ବହୁବୀଜ ଫଳ ଓ ବୃକ୍ଷ—
ସଂ. କୁଚଫଳ, ରକ୍ତବୀଜ, ବୃନ୍ତଫଳ
ଡାଲିମ, ଅନାର
ଅନାର, ଦାଡ଼ିମ
ତେ. ଦାନିମ୍ମ
ଫା. ଅନାର
1. Pomegranate (fruit and tree) Punica Granatum.
[ଦ୍ର—ଏହାର ଗଛ ସରୁ ଓ ବୃଦାକାର ଓ ଫୁଲ ନାଲି । ଏ ଭାରତର ସର୍ବତ୍ର ଦେଖାଯାଏ । ବସୁଆଳ ମାଟିରେ ଏ ଗଛ ଭଲ ରୂପେ ବଢ଼େ ନାହିଁ । ଯେଉଁ ଡାଳମ୍ବର ମଞ୍ଜି ମଧ୍ୟରେ ଆଦୌ ଠାଣୁଆ ଅଂଶ ବା ଦାନା ନ ଥାଏ ତାକୁ 'ବେଦାନା' ବୋଲାଯାଏ ଓ ଯହିଁର ମଞ୍ଜି ମଧ୍ୟରେ ଠାଣୁଆ ଦାନା ଥାଏ ତାହାକୁ ଅନାର ବୋଲାଯାଏ । କାବୁଲ ଆଦି ପଶ୍ଚିମାଞ୍ଚଳର ଡାଳମ୍ବ ବଡ଼ ଓ ସୁମିଷ୍ଟ ଏବଂ ସେହି ଅଞ୍ଚଳରୁ ଏ ଫଳ ଆମ ଦେଶକୁ ଆମଦାନି ହୁଏ । ସୁପକ୍ୱ ଫଳ ନ ଫାଟି ବନ୍ଦ ହୋଇ ରହେ । ଡାଳମ୍ବ ମଞ୍ଜିଗୁଡ଼ିକ ଦେଖିବାକୁ ସୁନ୍ଦର, ସୁଗଠିତ ଓ ସୁନ୍ୟସ୍ତ ଥିବାରୁ ସୁନ୍ଦର ଦାନ୍ତକୁ କବିମାନେ ଡାଳମ୍ବ ମଞ୍ଜି ସଙ୍ଗେ ତୁଳନା କରି ଥାଅନ୍ତି ।]

୨ । (ଡାଳମ୍ବ ଉପରୁ ଚୋପା ଛଡ଼ାଇଲେ ଯେପରି ଦେଖାଯାଏ ସେହିପରି ଦେଖା ଯିବାରୁ) ଖୁଦିଲବଟାକୁ ଘିଅରେ ପୁଆଇ କରାଯିବା ଏକ ପ୍ରକାର ବଡ଼ ଲଡ଼ୁ— (ଏହାର ଆକାର ଆତ ଫଳ ପରି)—
2. A kind of sweatmeat prepared by frying flour paste in ghee (having the appearance of custard apple).

୩ । ଏକ ଜାତୀୟ କଳା ପଥର ଯହିଁରେ ଧଳା ଧଳା ରଙ୍ଗର ବୁନ୍ଦା ବା ଚୋପାମାନ ଦେଖାଯାଏ—
3. A kind of stone having coloured spots on it; spotted lime stone.
[ଦ୍ର—ଏ ପଥର ଦୃଢ଼ ଟାଣ ହେବାରୁ ଏଥିରେ ଶୀଳ, ଚନ୍ଦନପେଡ଼ି, ଭୁଣ୍ଡ, ଖଲ ଆଦି ତିଆରି କରାଯାଏ ।
ଯେଉଁ ପଥରରେ ନାଲି ଚୋପି ଦେଖାଯାଏ ତାକୁ ରଙ୍ଗ ଡାଳମ୍ବା ବୋଲାଯାଏ । ସେହିପରି କଳା ଡାଳମ୍ବା ଆଦି ନାମକରଣ ହୁଏ ।]

୪ । ରାମାୟଣ ବର୍ଣ୍ଣିତ ମର୍କଟ ସେନାପତି—
4. Name of a monkey general.
ବଷ୍ଟ ମଧ୍ୟରେ କଷଣ ଡାଳମ୍ବ ଉତ୍ପୁଛ । ଉକ୍ତ. ବୈଦେହୀଶବିଳାସ ।

ଡାଳମ୍ବ ଦଶନା—ଦେ.ବଣ. ସ୍ତ୍ରୀ (ସଂ ଦାଡ଼ିମ୍ବ + ଦଶନ)—ଯେଉଁ ସ୍ତ୍ରୀର
Ḍāḷimba daśanā ଦାନ୍ତ ଡାଳମ୍ବ ମଞ୍ଜିପରି ସୁନ୍ଦର—
A woman having teeth as graceful as the pomegranate seed.

ଡାଳମ୍ବ ମନଶିଳା—ଦେ. ବି. (ସଂ. ଦାଳମ୍ବ ମନଃଶିଳା)—
Ḍāḷimba manaśiḷā ଏକ ପ୍ରକାର ମନଃଶିଳା—
(ଡାଳମ୍ବା ମନଶିଳା—ଅନ୍ୟରୂପ) A kind of red arsenic.

ଡାଳମ୍ବା—ଦେ. ବି—୧ । ଡାଳମ୍ବ ୨ ଓ ୩ (ଦେଖ)
Ḍāḷimbā 1. Ḍāḷimba 2 & 3 (See)
୨ । ଡାଳମ୍ବ ମନଶିଳା (ଦେଖ)
2. Ḍāḷimba manaśiḷā (See)

ଡାଲି ରୁ(ରୋ)ଟୀ—ଦେ. ବି— ୧ । (ଭାରତର ଉତ୍ତରପଶ୍ଚିମ ଦେଶବାସୀଙ୍କର
Ḍāli ru(ro)ṭi ଖାଦ୍ୟର ୨ଟି ପ୍ରଧାନ ସାମଗ୍ରୀ) ଡାଲି ଓ ରୁଟୀ—
ଦାଲରୁଟୀ
ଡାଲରୁଟୀ
1. Soup of pulses and bread; the (two chief ingredients of the food of the people of Northwestern India).
୨ । (ଲକ୍ଷଣାର୍ଥ) ଜୀବିକା—
2. (figurative) Livelihood.

ଡାଲି ହଳଦି—ଦେ. ବି (ଦାରୁହରିଦ୍ରା)—ଦାରୁହରିଦ୍ରା; ଦାରୁହଳଦି—
Ḍāli haḷadi A medicinal plant of yellowish wood;
ଦାରୁହରିଦ୍ରା
ଦାରୁହଲଦୀ
Berberis Aristala; Cascinium Fenestratum.
ତେ. ମନିପସୁପୁ
ତା. ମରମଞ୍ଜିଲ
ମ. ଦାରୁହଳଦ
ଗୁ. ଦାରୁହଲଦର
ଫା ଦାରୁହୈର୍
ଆ. ଦାରୁହଲଦ୍
[ଦ୍ର—ଏହା ହିମାଳୟର କଣ୍ଟକୀ କ୍ଷୁପବିଶେଷ । ଏହାର କାଠ ଓ ମୂଳ ହଳଦିଆ, ପିତା ଲାଗେ; ମୂଳ ଔଷଧରୂପେ ବ୍ୟବହୃତ ହୁଏ । ଏହା ନେତ୍ରରୋଗ, କର୍ଣ୍ଣରୋଗ ଓ ମୁଖରୋଗବିନାଶକ ।]

ଡାଲୁଅ—ଦେ. ବି— ଗ୍ରୀଷ୍ମକାଳରେ ଉତ୍ପାଦିତ ଏକପ୍ରକାର ଧାନ; ଦାଲୁଅ--
Ḍāḷua A species of paddy grown in summer.
(ଦାଲୁଅ—ଅନ୍ୟରୂପ) [ଦ୍ର—ଏ ଧାନର ଚାଉଳ ମୋଟା, ଏବଂ ଗୁରୁପାକ । ଖରାଦିନେ ଯେତକି ପାଣି ବୁହାଇ ଏ ଧାନ ଫସଲକୁ ବଞ୍ଚାଯାଏ । ଡାଲୁଅ ଲାଗି କନାଶିଆ ପାଣି ପିଇବା ନ୍ୟାୟ—ଗ୍ରୀଷ୍ମକାଳରେ ଲୋକେ ଡାଲୁଅ ଫସଲକୁ ବଞ୍ଚାଇବା କ୍ରମନ୍ତେ ବଳକୁ ପାଣି ବୋହିବାରୁ ବାଟ ଡଅସ୍ଥରେ ଥିବା କନାଶିଆ ଗଛ ମଧ୍ୟ ପାଣି ପାଇ ବଞ୍ଚିଯାଏ । ସେହିପରି ଜଣେ ବ୍ୟକ୍ତିର ଉପକାର ହେବା ସଙ୍ଗେ ସଙ୍ଗେ ଯଦି ଅନ୍ୟ ବ୍ୟକ୍ତି ଉପକୃତ ହୁଏ, ତେବେ ଏହି ପ୍ରବଚନ ପ୍ରୟୋଗ କରାଯାଏ ।]

ଡାସ୍—ବୈଦେ. ବି (ଇଂ. ଡାସ୍)—ଲେଖିବାବେଳେ ବ୍ୟବହୃତ ବର୍ଣ୍ଣିତ
Ḍās ବିରାମ-ଚିହ୍ନଦ୍ୟୋତକ ଏକପ୍ରକାର ଗାର (—);
ଡ୍ୟାସ
ଡ୍ୟା
୨ଟି ପରସ୍ପରସମ୍ବଦ୍ଧ ଶବ୍ଦର ସଂଯୋଜକ ଚିହ୍ନ—
Dash.
(ଡ୍ୟାସ୍, ଡେସ୍—ଅନ୍ୟରୂପ) [ଦ୍ର—ଗୋଟିଏ ଶବ୍ଦର କେତେକ ଅଂଶ ଏକ ଧାଡ଼ିରେ ଥାଇ ଜାଗା ନ ଅଣ୍ଟିଲେ ସେଠାରେ ଗୋଟିଏ ଡାସ୍ ଦେଇ ଅନ୍ୟ ଧାଡ଼ିରେ ବାକି ଅଂଶଟିକୁ ଲେଖାଯାଏ । ଏହା ଗୋଟିଏ ଛୋଟ ବାମରୁ ଦକ୍ଷିଣକୁ ଲମ୍ବ ଗାର ।]

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଓ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଵ	ନ୍ତ

ଡାହ—ଦେ. ବ. ଓ ବଣ—ଦାହ (ଦେଖ)
Ḍaha Dāha (See).
দাহ্, ডাহ্

ଡାହକ—ଦେ. ବ—ଦାହକ (ଦେଖ)
Ḍāhaka Dāhaka (See).

ଡାହା—ଦେ. ବ. ଓ ବଣ—ଦାହ (ଦେଖ)
Ḍāhā Dāha (See).
ଡାହା ଉତ୍ତୀର୍ଣ୍ଣ ରସାଣ ହେମପାତ୍ରେ ସ୍ଥିତ କ ମାଣିକ୍ୟ ମଣି ରେ ।
ଉଷ୍ଣ, ଲାବଣ୍ୟବତୀ ।

ଡାହାକ—ଦେ. ବ—ଦାହକ (ଦେଖ)
Ḍāhāka Dāhaka (See).

ଡାହାଙ୍ଗିରି—ଦେ. ବ—ଏକପ୍ରକାର କାଣ୍ଟ ଥିବା ଲୁଣି ମାଛ—
Ḍāh āngiri A class of edible salt-water fish (found in the sea near Puri and in the Chilka lake).

ଡାହାଣ—ଦେ. ବଣ.—(ସଂ. ଦକ୍ଷିଣ; ଭୁଲ: ପ୍ରା. ଡାହୁଣ; ଦକ୍ଷ= କର୍ମଠ; ଡାହାଣ ହାତ ବାମ ହାତ ଅପେକ୍ଷା ଅଧିକ କର୍ମଠ ଥିବାରୁ)—୧ । ମନୁଷ୍ୟ ଅଙ୍ଗର ଦକ୍ଷିଣ ପାର୍ଶ୍ୱସ୍ଥ (ଅଙ୍ଗ); ଖାଇବା (ହାତ; ଗୋଡ଼)—
Ḍāhāṇa
ডাইন, ডাহিন, ডান ডাঁনি
दाहिन
ବାଆଁ, ବାଆଁଣ } ବିପରୀତ
1. Right (side of the limbs).
(ଯଥା—ଡାହାଣ ହାତ, ଡାହାଣ ଗୋଡ଼ ।)
୨ । ମନୁଷ୍ୟର ଦକ୍ଷିଣ ପାର୍ଶ୍ୱରେ ଥିବା—
2 Belonging to the right side of a person.
(ଯଥା—ଶଗଡ଼ର ଡାହାଣ ବଳଦ ।)
[ଦ୍ର—ପୂର୍ବଦିଗକୁ ମୁହଁ କରି ଠିଆ ହେଲେ ମନୁଷ୍ୟର ଯେଉଁ ଅଙ୍ଗମାନ ଦକ୍ଷିଣଦିଗକୁ ରହେ ତାକୁ ଦକ୍ଷିଣ ବା ଡାହାଣ ଅଙ୍ଗ ବୋଲାଯାଏ । ମନୁଷ୍ୟ ଦକ୍ଷିଣ ବା ଡାହାଣ ହାତରେ ଖାଉ ଥିବାରୁ ଡାହାଣ ହାତକୁ ଖାଇବା (ଖାଇଲା, ଖାଇବା) ହାତ ବୋଲାଯାଏ ଏବଂ ମନୁଷ୍ୟ ଶରୀରର ଯେଉଁ ଅଂଶରେ ଉକ୍ତ ଡାହାଣ ହାତ ଅଛି ସେହି ପାଖକୁ ଓ ସେହି ପାଖର ଅନ୍ୟାନ୍ୟ ପ୍ରତ୍ୟଙ୍ଗକୁ ଡାହାଣ ବା ଖାଇବା (ଖାଇବା, ଖାଇଲା) ବୋଲାଯାଏ ଯଥା—ଖାଇବା ଗୋଡ଼; ଖାଇବା କାନ ଇତ୍ୟାଦି ।]

ଡାହାଣ ପଡ଼ିଆ—ଦେ. ବ—ଶଗଡ଼ର ଡାହାଣ ଚକ ଗଳିବା ବେଳେ ଖାଲରେ ପଡ଼ିଯିବା ଅବସ୍ଥା—The state of the right wheel of a cart moving on a lower plane than the left one.
Ḍāhāṇa pardiā

ଡାହାଣ ବାଆଣ—ଦେ. ବ. (ସଂ. ଦକ୍ଷିଣ+ବାମ)—
Ḍāhāṇa bā-āṇa ଦକ୍ଷିଣ ଓ ବାମପାର୍ଶ୍ୱ—
Right and left sides.
ବଣ—ଦକ୍ଷିଣ ଓ ବାମପାର୍ଶ୍ୱରେ ଅବସ୍ଥିତ—
Situate on the right and on the left sides.

ଡାହାଣ ବାଆଣ ବୋଦା—ପ୍ରାଦେ. (ପୁରୀ, ଗଡ଼ଜାତ) ବ—କୌଣସି ଠାକୁରାଣୀଙ୍କ ଆଗରେ ଏକସମୟରେ ବଳି ଦିଆଯିବା ଦୁଇଟି ବୋଦା ବା ପଶୁ—Two victims killed simultaneously before a Goddess.
Ḍāhāṇa bā-āṇa bodā
(ଡାହାଣ ବାହାଣ ବୋଦା—ଅନ୍ୟରୂପ)
[ଦ୍ର—ଠାକୁରାଣୀଙ୍କୁ ଗୋଟିଏ ବଳି ଦେଲେ ସେ ଯେଉଁ ପରି ପ୍ରସନ୍ନ ହେବେ, ଦୁଇଟି ବଳି ଦେଲେ ତଦପେକ୍ଷା ବେଶି ପ୍ରସନ୍ନ ହୋଇ ବେଶି ବର ଦେବେ, ଏହି ବିଶ୍ୱାସରେ ବିପନ୍ନ ବ୍ୟକ୍ତିମାନେ ଠାକୁରାଣୀଙ୍କୁ ଡାହାଣ ବାଆଣ ବୋଦା ଯାଚନ୍ତି ।]

ଡାହାଣହାତ ଚଳିବା—ଦେ. ବ—୧ । ଭୋଜନ କ୍ରିୟା—
Ḍāhāṇahāta chaḷibā 1. Meals.
দক্ষিণহস্ত চালা
୨ । ଅନ୍ନ ସଂସ୍ଥାନ; ଜୀବିକା ନିର୍ବାହ—
2. Livelihood; sustenance.

ଡାହାଣହାତ ଚଳିବା—ଦେ. କ୍ରି—ଭୋଜନ କରିବା—
Ḍāhāṇahāta chaḷibā To eat or take one's food.
দক্ষিণহস্ত চালান
[ଡାହାଣ ହାତ ଚଳା(ଲେ)ଇବା—ଅନ୍ୟରୂପ]

ଡାହାଣା—ଦେ. ବଣ. ପୁଂ—(ସଂ. ଡାକିନୀ=ଓ. ଡାହାଣୀର ପୁଂଲିଙ୍ଗରେ ଡାହାଣା)—୧ । ଖାଦ୍ୟଲୋଲୁପ; ଉଦ୍ଦଲା; ଯେ ଅନ୍ୟ ବ୍ୟକ୍ତିର ଖାଇବା ପଦାର୍ଥ ପ୍ରତି ଲୋଲୁପ ଦୃଷ୍ଟି ପକାଏ; ଯେ ଖାଇବା ଲୋକର 'ପେଟରେ ପଶେ'—
Ḍāhāṇā
(ଡାହାଣୀ—ସ୍ତ୍ରୀ)
1. Yearning after or casting wistful glances on another man's food.
[ଦ୍ର—ଲୋକେ ବିଶ୍ୱାସ କରନ୍ତି ଯେ ଯେବେ ଖାଦ୍ୟଦ୍ରବ୍ୟ ପ୍ରତି ଅନ୍ୟ କେହି (ଡାହାଣା ପୁରୁଷ ବା ଡାହାଣୀ ସ୍ତ୍ରୀ) ଲୋଲୁପ ଦୃଷ୍ଟି ପକାଏ ତେବେ ସେ ଖାଦ୍ୟକୁ ଖାଇଲେ ପେଟ ଅସୁଖ ହୁଏ ବା ପେଟ ଟାଣେ । ଡାହାଣା ବା ଡାହାଣୀ ଅମୁକ ଲୋକର 'ପେଟରେ ପଶିଛି' ବା ଖାଦ୍ୟରେ 'ଦୃଷ୍ଟି ପକାଇଛି' ବୋଲି ଲୋକେ କହନ୍ତି । ପୁରୁଷ ଡାହାଣାଙ୍କ ଅପେକ୍ଷା ସ୍ତ୍ରୀ ଡାହାଣୀମାନଙ୍କ ସମ୍ବନ୍ଧେ ଲୋକଙ୍କର ବିଶ୍ୱାସ ଅଧିକ ପ୍ରବଳ । ଡାହାଣୀ ଚଳିତ ଶବ୍ଦ ଦ୍ରଷ୍ଟବ୍ୟ ।]
୨ । ଯେଉଁ ଲୋକ କୌଣସି ସୁନ୍ଦର ବସ୍ତୁ ବା ଜୀବ (ଶିଶୁ, ଯୁବତୀ) ପ୍ରତି ଲୋଲୁପ ଦୃଷ୍ଟି ପକାଏ ବା ତାକୁ 'ଲାଗି ଯାଏ'—2. One who casts wistful or covetuous glances at a beautiful infant or lady.

ଡାହାଣିଅଁ (ଆ)—ଦେ.ବଣ—୧ । ବହୁଲୋକ ଯେଉଁ ଖାଦ୍ୟ ପଦାର୍ଥରେ ଦୃଷ୍ଟି ପକାଇବାରୁ ତାହା ସୁସ୍ୱାଦୁ ଲାଗେ ନାହିଁ; ଅଧିଦୃଷ୍ଟିଆ—1. (food) Spoiled by being exposed to the public gaze.
Ḍāhāṇiāñ(ā)
(ଯଥା—ହାଟରେ ମାଛଗୁଡ଼ାକ ଡାହାଣିଅଁ ହୋଇଗଲାଣି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କ୍ରଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ'ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୨ । କୃଷ (ଯେଉଁ ଶିଶୁକୁ ଡାହାଣୀ ଦୃଷ୍ଟି ପକାଇଥାଏ ତାହା ପରି କୃଷ)—2. Weak and emaciated.

୩ । ଦକ୍ଷିଣ ପାର୍ଶ୍ୱସ୍ଥ—
3. Belonging to the right side.
(ଯଥା—ହଳ ବା ଶଗଡ଼ର ଡାହାଣିଅଁ ବଳଦ ।)

ଡାହାଣିଅଁ ଖର—ଦେ. ବ—ସୂର୍ଯ୍ୟାସ୍ତର ଅବ୍ୟବହିତ ପୂର୍ବରୁ ପଡ଼ିବା
Ḍahāṇiañ khara   ଖର ବା ସୂର୍ଯ୍ୟକିରଣ—The slanting rays of the sun just before it sets down.

ଡାହାଣିଅଁ ଦିଶିବା—ଦେ. କ୍ର—(କୌଣସି ବ୍ୟକ୍ତି ବା ଜୀବ) ଶୀର୍ଣ୍ଣ ଓ
Ḍahāṇiañ disibā   ଶୀର୍ଣ୍ଣ ଦେଖାଯିବା—To look pale and emaciated.

[ଦ୍ର—ଲୋକେ ବିଶ୍ୱାସ କରନ୍ତି ଯେ ଯେଉଁ ସୁନ୍ଦର ଶିଶୁ ବା ଖାଦ୍ୟ ପଦାର୍ଥକୁ ଡାହାଣୀ ଖାଇଥାଏ ବା ଶୋଷିଥାଏ ତାହା ଶୁଖିଯାଏ ଓ ଶୀର୍ଣ୍ଣ ହୁଏ ।]

ଡାହାଣିଅଁ ପୋକ—ଦେ. ବ—କାଠି ପୋକ (ଦେଖ)
Ḍahāṇiañ poka   Stick insect; Diapheromera Famorata.

ଡାହାଣିଅଁ ବଳଦ—ଦେ. ବ—ବେଙ୍ଗଲାର ଶେଷ ମୁଣ୍ଡରେ
Ḍahāṇiañ baḷada   ଯୋଚା ହୋଇଥିବା ବଳଦ—The bullock which is tethered to the end of the tether during paddy-treading operation.

ଡାହାଣୀ—ଦେ. ବ (ସଂ. ଡାକିନୀ)—୧ । ଡାକିନୀ; ଯୋଗିନୀ; ଅପ-
Ḍahāṇī   ଦେବତା; କାଳୀ ଠାକୁରାଣୀଙ୍କ ସହଚରୀ—
ଡାଇନ୍, ଡାଇନୀ   1. An evil spirit (female); an
ਡਾਇਨ, ਚੁਡੇਲ   evil Deity; one of the 64 Joginis attending on Goddess Kāḷī.

୨ । ପିଶାଚୀ—2. A female ghost.

ਟੋਨਹੋਈ   ୩ । ଗୁଣୀ ବିଦ୍ୟାରେ ପାରଙ୍ଗମା ସ୍ତ୍ରୀ—
3. A woman versed in sorcery or blackart.

୪ । ଡକ୍କୁଣୀ; ଯେଉଁ ସ୍ତ୍ରୀ ପରର ଖାଦ୍ୟଦ୍ରବ୍ୟ ପ୍ରତି ବା ସୁନ୍ଦର ଶିଶୁ ପ୍ରତି ଲୋଲୁପ ଦୃଷ୍ଟି ପକାଏ; ମାୟାବିନୀ—
4. Sorceress; witch; a woman who casts longing glances on a dainty article of food or on a fine-looking infant.

[ଦ୍ର—ଆମ ଦେଶରେ ଜଣେ ଜଣେ ସ୍ତ୍ରୀଲୋକଙ୍କୁ ଓ ବିଶେଷତଃ ଇତର ଜାତୀୟା କୁରୂପା ସ୍ତ୍ରୀମାନଙ୍କୁ କେହି କେହି ଡାହାଣୀ କହନ୍ତି । ଏମାନେ ସୁନ୍ଦର ଶିଶୁ, ଗାଈ ପଶୁ କିମ୍ବା ଭଲ ଖାଦ୍ୟଦ୍ରବ୍ୟ ଦେଖିଲେ ତାହାପ୍ରତି ଏପରି ଲୋଲୁପ କୁଦୃଷ୍ଟି ପକାନ୍ତି ଯେ ତଦ୍ୱାରା ଦୃଷ୍ଟ ଜୀବଟି ରୋଗଗ୍ରସ୍ତ ହୋଇ ମରିଯାଏ ଓ ସେମାନଙ୍କ ଦୃଷ୍ଟି ପଡ଼ିଥିବା ଖାଦ୍ୟକୁ ଯେ ଖାଏ ତାର ମଧ୍ୟ ଝାଡ଼ା ହୁଏ । ଏଥିପାଇଁ କହନ୍ତି ଯେ ଡାହାଣୀ ମୋ ପିଲାର ପେଟରେ ପଶି ପେଟ କୋର ପକାଉଅଛି ବା ମୋ ପିଲାଟିକୁ ଡାହାଣୀ ଖାଇଗଲା ବା ମାରିପକାଇଲା, ଏ ଖାଦ୍ୟକୁ ଡାହାଣୀ ଦୃଷ୍ଟି କରିଛି । ଡାହାଣୀମାନେ ଅପଣା ଦେହ ସଙ୍ଗେ ନିକଟବର୍ତ୍ତୀ ଶିଶୁ ବା ମନୁଷ୍ୟ ଦେହରେ ଲାଗିଥିବା ଗୋଟିଏ ନଡ଼ା (ଯାହା କି ଡାହାଣୀଙ୍କ ଦେହକୁ ଯୋଗ କରିଥାଏ) ଦ୍ୱାରା ଉକ୍ତ ଶିଶୁ ବା ବ୍ୟକ୍ତି ଦେହରୁ ରକ୍ତ ଶୋଷି ନେବାର ପ୍ରବାଦ ଅଛି । ଯେଉଁ ସ୍ତ୍ରୀ ସାଧାରଣତଃ ଡାହାଣୀ ବୋଲି ପରିଚିତ ତା ଦୃଷ୍ଟିରୁ ମାଆମାନେ ନିଜନିଜର ଶିଶୁକୁ ଓ ଗାଈ ପଶୁ ପୋଷିଥିବା ଲୋକେ ଗାଈ ପଶୁକୁ ଓ ଖାଦ୍ୟକୁ ଲୁଚାଇକରି ରଖନ୍ତି । ଏହି ଡାହାଣୀମାନେ ନିଶା ରାତିରେ ଛଦ୍ମ ଓ ବିକଟ ବେଶ ଧରି ଗୋପନରେ ଅପଣା ପରିବାରର ଅଜ୍ଞାତରେ ଘରୁ ବାହାରିଯାଇ ଗୁପ୍ତ ସ୍ଥାନରେ ସେମାନଙ୍କର ଅନ୍ୟ ସହଚରୀମାନଙ୍କୁ ଭେଟି ଲଙ୍ଗଳା ହୁଅନ୍ତି, ମନ୍ତ୍ରକୁ ଉଲଟା କରି, ଘୋଡ଼ାକୁ ଉପରକୁ ଟେକି ହାତରେ ଜ୍ୱଳ ଜ୍ୱଳ କାଠି ଧରି ଚରି ବୁଲିବାର ମଧ୍ୟ ଲୋକେ ଦେଖିଥିବାର କହନ୍ତି । ଏମାନଙ୍କୁ କଞ୍ଚାଖାଇ ଡାହାଣୀ କୁହାଯାଏ । ଏମାନେ ଜୀବନ୍ତ (କଞ୍ଚା) ମନୁଷ୍ୟକୁ ମଧ୍ୟ ଖାଇଯାଆନ୍ତି । ଏମାନେ ଶ୍ମଶାନରେ ଶବର କଞ୍ଚା ମାଂସ ଖାଆନ୍ତି । ଏମାନଙ୍କ ହାତଗଡ଼ରେ ନିଶା ରାତିରେ ନିର୍ଜନ ସ୍ଥାନରେ କେହି ମନୁଷ୍ୟ ପଡ଼ିଗଲେ ତାକୁ ମଧ୍ୟ ଖାଇଯାଆନ୍ତି ବୋଲି ଶୁଣା ଅଛି । ଶୁଖିଲାଖାଇ ଡାହାଣୀମାନେ ଶୁଖିଲା ବସ୍ତୁ ଓ ମଡ଼ାର ଶୁଖିଲା ମାଂସ ଖାଆନ୍ତି । ଡାହାଣୀମାନେ ନାନାରୂପଧାରୀ ଡାକିନୀ ବା ଅପଦେବତା ଥିବାର ଲୋକ ବିଶ୍ୱାସ । ଏମାନଙ୍କର କୌଣସି ଶିଶୁଠାରେ ଦୃଷ୍ଟି ପଡ଼ିଲେ ସେ ଶିଶୁକୁ ରକ୍ଷା କରିବା ନିମନ୍ତେ ମନ୍ତ୍ର ଯନ୍ତ୍ର (ଝଡ଼ା ଫୁଙ୍କା), ଜଡ଼ିବୁଟୀ ଆଦି ପ୍ରୟୋଗ କରାଯାଏ ।

ଡାହାଣୀମାନେ ପାଳ ଦଉଡ଼ିକୁ ଡେଇଁକରି କିମ୍ବା ସେମାନଙ୍କ ଘରପାଖେ ମଣ୍ଡଳାକାରରେ ଟଣା ହୋଇଥିବା ଗାରକୁ ଡେଇଁ କରି ଯାଆନ୍ତି ନାହିଁ ।

ଏମାନଙ୍କର ଭିନ୍ନ ଭିନ୍ନ ନାମ ଅଛି ଯଥା—କଞ୍ଚାଖାଇ, ଶୁଖିଲା-ଖାଇ, ଶୋଷଣୀ, ଖୁଦୁଡ଼ୀ, ହାଡ଼ଖାଇ, ଦୃଷ୍ଟି, ପିଶାଚୁଣୀ ବା ପିଶାଚୁଣୀ ଇତ୍ୟାଦି ।

ସ୍ତ୍ରୀମାନଙ୍କ ମଧ୍ୟରେ 'ଡାହାଣୀ' ଶବ୍ଦ ଗାଳିରେ ବ୍ୟବହୃତ ହୁଏ । ଡାହାଣୀମାନଙ୍କ ସମ୍ବନ୍ଧୀୟ ଓ ପ୍ରତିଷେଧକ ମନ୍ତ୍ରତନ୍ତ୍ରକୁ 'ଗାରୁଡ଼ି ବିଦ୍ୟା' ବୋଲାଯାଏ ଓ ଏହା ଆସାମ ଦେଶସ୍ଥ 'କାଉଁରି କାମାକ୍ଷ୍ୟା' ବା 'କାଉଁରି କାମଚଣ୍ଡୀ' ଠାକୁରାଣୀଙ୍କ ଅଞ୍ଚଳକୁ ଯାଇ ଶିକ୍ଷା କରି ଯାଇ ପାରେ ବୋଲି ସାଧାରଣଙ୍କର ବିଶ୍ୱାସ । କାଉଁରି କାମଚଣ୍ଡୀ ଅଞ୍ଚଳରେ 'ନଚେଇ ମା ଧୋବଣୀ' 'ବଚେଇ ମା ପତର ଶବରୁଣୀ' ପ୍ରଧାନ ଗୁରୁ ଥିଲେ ବୋଲି ଏପର୍ଯ୍ୟନ୍ତ ଝଡ଼ାଫୁଙ୍କାର ଅଧିକାଂଶ ମନ୍ତ୍ର

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଏଁ	ଉଅ	ଛ
୨	ଇ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଓ	ଳ୍ପ

ସେମାନଙ୍କ ନାମରେ ଭଣିତା ହୋଇଥିବାର ଦେଖାଯାଏ । ପାଶ୍ଚାତ୍ୟ ଶିକ୍ଷାବିସ୍ତାର ସଙ୍ଗେ ସଙ୍ଗେ ଏ ସଂସ୍କାରଗୁଡ଼ିକ କ୍ରମେ କ୍ରମେ ସମାଜରୁ ଉତ୍ପାଟିତ ହେଉଅଛି । ଏସଂସ୍କାର ସମ୍ବନ୍ଧରେ କେତେଗୁଡ଼ିଏ ଢଗ ଓ ପ୍ରବଚନ ମଧ୍ୟ ଦେଖାଯାଏ । ଯଥା—ପଦାରେ ପୁଅ ଦେଇ ଡାହାଣୀକୁ ଡରିବା ନ୍ୟାୟ । ଡାହାଣୀ ବା ପିଶାଚୁଣୀମାନେ ଅନ୍ୟ ବ୍ୟକ୍ତିର ଦେହରେ ପ୍ରବେଶ କରି ତାହାକୁ ବାଉଳ କରନ୍ତି । ଏହାକୁ ଡାହାଣୀ ଲାଗିବା ବୋଲାଯାଏ ଏବଂ ଗୁଣିଆଁ ଆସି ଝାଡ଼ଫୁଙ୍କ କଲେ ଡାହାଣୀମାନେ ସେ ବ୍ୟକ୍ତି ଦେହରୁ ଛାଡ଼ି ପଳାନ୍ତି । ନଚେତ୍ ସେ ବ୍ୟକ୍ତିର ମୃତ୍ୟୁ ଅବଶ୍ୟମ୍ଭାବୀ । ଏଥି ସମ୍ବନ୍ଧେ ଢଗ ଅଛି; ଯଥା—ଡାହାଣୀ ହୋଇ ଲାଗିବା, ଗୁଣିଆଁ ହୋଇ ଝାଡ଼ିବା ନ୍ୟାୟ ।]

ଡାହାଣୀ ଖାଇବା—ଦେ. କ୍ରି—ପିଲା ରୋଗ; ଶିଶୁକୁ ଡାହାଣୀ ଦୃଷ୍ଟି କରିବା ଯୋଗୁଁ ଶିଶୁ ଶୀର୍ଣ୍ଣ ହେବା—
Ḍāhāṇi khāibā
পুয়েঁ পাওয়া; ডাইনী চোষা
Possession of children by a witch; rickets; infantile marasmus.

ଡାହାଣୀ ଛଡ଼ା(ଡ଼େ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିର ଶରୀରରୁ ମନ୍ତ୍ର-ଯନ୍ତ୍ର ପ୍ରୟୋଗଦ୍ୱାରା ଡାହାଣୀକୁ ନିଃସାରଣ କରିବା—To exorcize.
Ḍāhāṇi chhar̤ā(r̤e)ibā
ডাইনী ছাড়ান
আসেব উতারনা

ଡାହାଣୀ ପଶିବା—ଦେ. କ୍ରି—ଡାହାଣୀ ଖାଇବା (ଦେଖ)
Ḍāhāṇi pasibā — Ḍāhāṇi khāibā (See)

ଡାହାଣୀ ଲାଗିବା—ଦେ. କ୍ରି—କୌଣସି ବ୍ୟକ୍ତିଠାରେ ଅପଦେବତାଙ୍କର ଆବିର୍ଭାବ ହେବା—Possession by evil spirits or witches.
Ḍāhāṇi lāgibā
ডাইন লাগা

ଡାହାଣୀ ହୋଇ ଲାଗିବା; ଗୁଣିଆ ହୋଇ ଝାଡ଼ିବା—ଢଗ ।

ଡାହା ମିଛ—ବୈଦେ. ବି. (ବ)—ଭୁଲା ମିଛ; ଡାହା ମିଛ; ସମ୍ପୂର୍ଣ୍ଣ ମିଥ୍ୟା କଥା—Downright falsehood.
Ḍāhā michha
ডাহামিথ্যা
ବିଣ—ସମ୍ପୂର୍ଣ୍ଣରୂପେ ମିଥ୍ୟା—Totally false.
निपट झूटा

ଡାହାଲ—ଦେ. ବି. (ନାମ)—୧ । ପ୍ରାଚୀନ ଦେଶବିଶେଷ—
Ḍāhāla — 1. An ancient country.
୨ । ଡାହାଲ କୁକୁର (ଦେଖ)
2. Ḍāhāla kukura (See)

ଡାହାଲ କୁକୁର—ଦେ. ବି. (ସଂ. ଦଳକ=ଡାଳ+କୁକ୍କୁର; ଏମାନଙ୍କର ଦେହ ଡାଳ ପରି ସରୁ ଥିବାରୁ)—ଏକପ୍ରକାର ଦୀର୍ଘକାୟ କ୍ଷୀଣକଟି ଲମ୍ବପାଦ ଶୋଲଅମୁହାଁ ଶିକାରୀ କୁକୁର—Grey hound.
Ḍāhāla kukura
ডালকোতা
डालकुता; ताजीकुता
(ଡାହାଲ କୁତା—ଅନ୍ୟରୂପ)
(ଡାହାଲକୁତୀ—ସ୍ତ୍ରୀ)

[ଦ୍ର—ଏମାନଙ୍କର ଦେହ ଲମ୍ବ ଓ ଛିପିଛିପିକା; ମୁଣ୍ଡ ଛୋଟ ଓ ମୁହଁ ଶୋଳଅ; ପାଦ ସରୁ ଓ ଲମ୍ବ; ଉଦର ଓ କଟି ଅତ୍ୟନ୍ତ କୃଶ; ଦେହର ଲୋମ ପାତଳା ଏବଂ ଛୋଟ ଛୋଟ । ଏମାନେ ଅତି ଦ୍ରୁତଗାମୀ । ଏମାନଙ୍କୁ କୌଣସି ଜନ୍ତୁକୁ ଦେଖାଇ ଦେଲେ ବା ଜନ୍ତୁଠାରେ ଲଗାଇ ଦେଲେ ଉକ୍ତ ଜନ୍ତୁ ଏମାନଙ୍କଠାରୁ ସହଜରେ ପରିତ୍ରାଣ ପାଏ ନାହିଁ ।]

ଡାହାଲିଆ—ଦେ. ବିଣ—(ଡାହାଲ କୁକୁର ପରି) କ୍ଷୀଣକାୟ ଓ ଢେଙ୍ଗା (ବ୍ୟକ୍ତି)—Thin and tall (person).
Ḍāhālia

ଡାହାଲିଆ କୁକୁର—ଦେ. ବି—ଡାହାଲ କୁକୁର (ଦେଖ)
Ḍāhālia kukura — Ḍāhāla kukura (See)
(ଡାହାଲିଆ କୁତା—ଅନ୍ୟରୂପ)
(ଡାହାଲିଆ କୁତୀ—ସ୍ତ୍ରୀ)

ଡାହି—ଦେ. ବି—୧ । ବୃକ୍ଷର ଡାଳ—1. Branch.
Ḍāhi
ডালপালা
୨ । ଛୋଟ ଡାଳ—2. Small branch.
टहनी

ପୁଷ୍ପିତ ଏବେ ହୋଇ ହୋଇଛି ଡାହି—ମଧୁସୂଦନ, ଋଷିର ରାମଚନ୍ଦ୍ର ।

ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବି—ପାର୍ବତ୍ୟ ଜଙ୍ଗଲ—

ଡାହି କାଟି ବରଙ୍ଗା ମାରି ଫସଲ କାଢ ଥିଲୁଁ—
ଉତ୍କଳ ସାହିତ୍ୟ ୩୨।୮, ୩୧୭ ପୃଷ୍ଠା ।

ଡାହିଆ—ଦେ. ବି—ଡାହି (ଦେଖ)
Ḍāhiā — Ḍāhi (See)

ଡାହିକା (ଇତ୍ୟାଦି)—ଦାଇକା ଇତ୍ୟାଦି (ଦେଖ)
Ḍāhikā (etc) — Ḍāikā etc (See)

ଡାହୁ—ଦେ. ବି. (ଜାହାଜିଆ ଶବ୍ଦ)—ବାମ ଦିଗ—
Ḍāhu — (nautical term) The left (direction).
ପ୍ରାଦେ. (ଗଞ୍ଜାମ) ବି—ଡାବଲ (ଦେଖ)—Ḍābala (See)

ଡାହୁକ—ସଂ. ବି. [ଦହ୍ ଧାତୁ=(ରୋଗ) ଦାହ କରିବା+କର୍ତ୍ତୃ. ଉକ]—କୂଳେଚର ପକ୍ଷିବିଶେଷ—The white-breasted water-hen; Amourornis Phœnicursis; water rail or the clapper rail; Rallus Aquaticus.
Ḍāhuka
ডাকপাখী; ডাহুক
डाहुक

ଡାହୁକ ଡାକ ଠିକ ଶାମୁକ ଧ୍ୱନି
ଛଳେ ଡକାଉ କର ଉଦ୍ୟେ ଅବନୀ—ଗୋପୀନାଥ, ଇନ୍ଦୁରେଖା ।

[ଦ୍ର—ଏମାନେ ୧୨।୧୩ ଅଙ୍ଗୁଳ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ଗୋଡ଼ ସରୁ ଓ ଲମ୍ବ; ମୁଣ୍ଡ ଓ ଛାତି ଧଳା; ପିଠି ପାଉଁଶିଆ କଳା; ଥଣ୍ଟ ସବୁଜା; ପଳାଇବା ସମୟରେ ଲାଙ୍ଗୁଡ଼ ଟେକି ପଳାନ୍ତି; ଜଳର କୂଳରେ ବସା କରନ୍ତି; ବର୍ଷା ଓ ଶରତ୍‌କାଳରେ 'କକ୍ କକ୍ କୋଅଁ କୋଅଁ' ଡାକ ଡାକନ୍ତି; ଦିନ ରାତିର ପ୍ରତ୍ୟେକ ପ୍ରହରର ଶେଷରେ ଡାକନ୍ତି; ବର୍ଷା ଆରମ୍ଭରେ ଅଣ୍ଡା ଦିଅନ୍ତି ।

ଏମାନଙ୍କ ମାଂସ ସୁସ୍ୱାଦୁ । ଚଢ଼େଇଅମାନେ ଡାହୁକ ଧରିବା ପାଇଁ ଫାଶ ମେଲାଇ ମେଲା ଫାଶର ମଝିରେ ଗୋଟିଏ ପିଞ୍ଜରାରେ ଗୋଟିଏ ଡାହୁକକୁ ବନ୍ଦ କରି ଥୋଇ ଦିଅନ୍ତି ଓ ଖଣ୍ଡିଦୂରରେ ଲୁଚି କରି ବସନ୍ତି । ପିଞ୍ଜରା ମଧ୍ୟସ୍ଥ ଡାହୁକଟି ବୋବାଇ ଉଠିଲାକ୍ଷଣି ନିକଟବର୍ତ୍ତୀ ଡାହୁକମାନେ ପିଞ୍ଜରା ନିକଟକୁ ଦଉଡ଼ି ଆସି ରୁଣ୍ଡ ହୁଅନ୍ତି

ସାଧାରଣ ଲୋକେ ଅପଭ୍ରଂଶ ପୃଷ୍ଠାରେ ହେତୁ ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ ଯୁକ୍ତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈଁ' ଖୋଜିବେ; 'କୂଅ' ନ ମିଳିଲେ 'କୂଅଁ' ଦେଖିବେ; 'ବଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁକା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଓ ଚଢ଼େଇମାନେ ସେହି ସମୟରେ ଫାଶର ଦଉଡ଼ିକୁ ଟାଣି ଦେଲାରୁ ଡାହୁକମାନେ ଜାଲରେ ଧରା ପଡ଼ନ୍ତି । ଏଥିପାଇଁ ପ୍ରବାଦ ଅଛି 'ବର୍ଜିଶମରା ଡାହୁକ ।'

ଡାହୁକମାନଙ୍କ ଗୋଡ଼ ସରୁ ଓ ଡେଙ୍ଗା ଥିବାରୁ ନଳୀଗୋଡ଼ୀ ସ୍ତ୍ରୀମାନଙ୍କୁ 'ଡାହୁକୀ' ଓ ପୁରୁଷମାନଙ୍କୁ 'ଡାହୁକା' ବୋଲାଯାଏ ।]

ଡାହୁକା—ଦେ. ବିଣ. ପୁଂ—ନଳୀଗୋଡ଼ା—
Ḍāhukā Having long and slender legs (like a gun-barrel.)
(ଡାହୁକଆ—ଅନ୍ୟରୂପ)
(ଡାହୁକୀ; ଡାହୁକେଇ—ସ୍ତ୍ରୀ)

ଡାହୁ ପୁଅ—ପ୍ରାଦେ. (ଗଞ୍ଜାମ) ବି—ଡାବଲ ପୁଅ (ଦେଖ)
Ḍāhu puā Ḍābala puā (See)

ଡାହୁଲ—ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ—ଯେଉଁ ଗାଈ ଗର୍ଭପାତ କରାଏ—
Ḍāhula A cow which miscarries.

ଡି—ଦେ. ଅ—ଡି ଡି (ଦେଖ)
Ḍi Ḍi ḍi (See)
(ଡିଃ—ଅନ୍ୟରୂପ) ଦେ. ବି. (କଚେରିଅ ବ୍ୟବହାର)—
୧ । ଡିଗ୍ରୀର ସାଙ୍କେତିକ—
1. Abbreviation for the word decree.
(ଯଥା—ଡିଗ୍ରୀଦାର=ଡି: ଦାର; ଡିଗ୍ରୀଜାରି=ଡି: ଜାରି ।)
୨ । ଏକରର ଶହେଭାଗରୁ ଏକଭାଗର ବା ଡେସିମିଲ୍‌ର ସାଙ୍କେତିକ ଚିହ୍ନ—2. Abbreviation for the word decimal of an acre.

ଡିଅ—ଗ୍ରା. ବି—ଡିହ (ଦେଖ)
Ḍia Ḍiha (See)

ଡିଆ—ଦେ. ବି—ଡିଅଁ (ଦେଖ)
Ḍiā Ḍiāṅ (See)
ପ୍ରାଦେ. (ବସ୍ତର) ବି—ଦୀପ—Lamp.

ଡି. ଆଇ. ଜି—ବୈଦେ. ବି. (ସାଙ୍କେତିକ)—ପୁଲିସ ଆଦି ବିଭାଗର
Ḍi āi ji ପ୍ରାଦେଶିକ ଅଧ୍ୟକ୍ଷଙ୍କ ସହକାରୀ: ଡେପୁଟି ଇନ୍ସପେକ୍ଟର
ডি আই জি ଜେନେରାଲର ୩ ଗୋଟି ବଡ଼ ଶବ୍ଦର ଆଦ୍ୟ ଇଂରାଜି
ডি আহ জি ଅକ୍ଷର ସମ୍ବଳିତ ସାଙ୍କେତିକ—D. I. G; abbreviation for Deputy Inspector General of Police or other department.

ଡିଅଁ—ଦେ. ବି. (ସଂ. ଡୀନ)— ୧ । ଲମ୍ଫ; କୁଦା—
Ḍiāṅ 1. A jump; a leap; bound.
ଡିଅଁ } ଅନ୍ୟରୂପ ୨ । ଡେଇଁବା; କୁଦିବା—
ଡିଅ } 2. Jumping.
ডিঅাঁ; ডিঙ্গা ୩ । ଦଉଡ଼ିବା—3. Running about.
फलाँग, फाँद (ଯଥା—ଦୁଷ୍ଟ ବାଳକ ସ୍କୁଲକୁ ନ ଯାଇ ବହି ନ ପଢ଼ି ଖାଲି ଡିଅଁ ମାରୁଛି ।)
୪ । ହୃତ୍‌ପିଣ୍ଡର ସ୍ପନ୍ଦନ—
4. Throbbing; palpitation.
୫ । ଗୋରୁ, ମହିଷି ଇତ୍ୟାଦି ପଶୁ କୌଣସି ସ୍ଥାନକୁ ପଶି ନ ପାରିବେ ଅଥଚ ମନୁଷ୍ୟମାନେ ଡେଇଁ କରି ସେଠାକୁ ଯାଇ ପାରିବେ ଏହି ଉଦ୍ଦେଶ୍ୟରେ ବାଡ଼ରେ ଯୋଡ଼ା ହୋଇଥିବା କାଠ ବା ବାଉଁଶର ଛକି—
5. A turnpike; two bamboos placed crosswise in a gate which men pass by jumping over but which cattle cannot pass.
୬ । ଯେଉଁ ବାଡ଼କୁ ମନୁଷ୍ୟ ଡେଇଁ କରି ଯାଇପାରେ; ଅଳ୍ପ ଉଚ୍ଚ ବାଡ଼—6. A low fence over which a man can leap.
୭ । ମାଛ ଧରିବା ପାଇଁ ନଦୀ ପ୍ରଭୃତିରେ କରାଯିବା ମାଟିର ଗଡ଼ା ବା ଜାଲ ଇତ୍ୟାଦିର ଢମୋଇ ବାଡ଼—
7. A contrivance made of sloping nets or earth on which fishes fall while jumping up from water.
[ଦ୍ର—ଏହାର ଉପରକୁ ମାଛ ଡେଇଁ ପଡ଼ିଲେ ପାଣିକୁ ପଳାଇ ଯାଇ ନ ପାରି ସହଜରେ ଧରା ପଡ଼ନ୍ତି ।]
ବିଣ—୧ । ଯେ କୁଦେ—1. Jumping.
(ଯଥା—ଡିଅଁ ପୋକ ।)
୨ । ସଂକ୍ରାମକ; ଯେଉଁ ରୋଗ ଏକ ଲୋକଠାରୁ ଅନ୍ୟ ଲୋକଠାକୁ ଡିଏଁ ବା ସଂକ୍ରମଣ କରେ—
2. Contagious (disease); infectious.
୩ । ଯେଉଁ ବାଟରେ ଯିବାକୁ ହେଲେ ଅନେକ ଉଚ୍ଚ ବାଡ଼ ବା ପ୍ରଶସ୍ତ ଗର୍ତ୍ତ ଇତ୍ୟାଦି ଡେଇଁ କରି ଯିବାକୁ ହୁଏ—
3. (a road) To pass which a man has to jump over many fences and pits.
୪ । ବହୁ ଅନ୍ତର ବା ବ୍ୟବଧାନରେ ଅବସ୍ଥିତ (ଗ୍ରାମଆଦି)—
4. Situated at great intervals.
(ଯଥା—ସମ୍ବଲପୁର ଜିଲ୍ଲାର ଗ୍ରାମଗୁଡ଼ିକ ଡିଅଁ ଅଟେ ।)
ପ୍ରାଦେ. (ସମ୍ବଲପୁର) ବି. (ଭୂଇଁ. ହି. ଘାମର)—ଉଇ—
White ant.

ଡିଅଁଇ ଦେବା—ଦେ. କ୍ରି—୧ । ଅତିକ୍ରମ କରିବା; ବାଦ୍ ଦେବା—
Ḍiāṅi debā 1. To pass over.
(ଯଥା—ମୁଁ ଅସଲକଥା ଡିଅଁଇ ଦେଇ ଅନ୍ୟ କଥା କହିଗଲି ।)
୨ । (ରୋଗ) ଅନ୍ୟ ବ୍ୟକ୍ତି ଦେହକୁ ସଂକ୍ରମଣ କରାଇ ଦେବା—
2. To cause one's disease to infect another person.

ଡିଅଁଇବା—ଦେ. କ୍ରି. (ସଂ. ଡୀନ)—
Ḍiāṅibā ୧ । ଡେଇଁବା କ୍ରିୟାର ଣିଜନ୍ତରୂପ—
ডিঙ্গান 1. The causative of Deiṅbā.

୧	ଇ	ଉ	ଋ,ଋୃ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	ଜ୍ଞ	ଇଯ୍ଁ	ଉଅ	ଣ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ଵାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

उछालना; फन्दाना ୨ । ଗୋଟିଏ ଉଚ୍ଚ ପଦାର୍ଥ (ବାଡ଼ ବା ପାଚେରି)କୁ
ଡିଅଁଇବା } ଅନ୍ୟରୂପ ଅତିକ୍ରମ କରାଇ କୌଣସି ବସ୍ତୁକୁ ନିକ୍ଷେପ
ଡିୟାଁଇବା } କରିବା—2. To throw a thing over a high fence wall.

୩ । କୌଣସି ବ୍ୟକ୍ତି ବା ଜୀବ ଉଚ୍ଚ ବାଡ଼ ଆଦି ଡେଇଁଯିବାର ଉପାୟ କରିବା—
3. To cause another to jump or leap over a high fence, wall or ridge.
(ଯଥା—ଅଣ୍ଡିରା ବାଛୁରିକୁ ଗଣ୍ଡା ବେଢ଼ା ଉପରେ ଡିଅଁଇବା)

ডিংগা ୪ । କୌଣସି ଚଉଡ଼ା ପଦାର୍ଥକୁ ଅତିକ୍ରମ କରିବା; ଟପିବା;
उछलना, फाँदना ଡେଇଁବା; ଲୁଦିବା—
4. To overleap; to jump or leap over.

୫ । ଦଉଡ଼ିବା—
5. To run about; to frisk about.

୬ । ବସ୍ତୁବିଶେଷ ପଦାର୍ଥକୁ ଉପରକୁ ପୋପାଡ଼ି ପୁନର୍ବାର ଧରିବା-
6. To toss a thing up; to throw a thing to the air and again catch it (e. g. a ball).

ନଳରାଜା ତା ଶୁଣି ଡିଅଇଁ ଫଳକୁ
ବୋଇଲେ କାହିଁକି ପ୍ରସ୍ତର ତୋ ମୁଣ୍ଡକୁ—କୃଷ୍ଣସିଂହ, ମହାଭାରତ- ବନ।

୭ । ନାଚିବା—7. To dance.

୮ । ସ୍ପନ୍ଦିତ ହେବା—2. To throb.
(ଯଥା—ମୋ ଡାହାଣ ଆଖି ଡିଅଁଉଛି ।)

୯ । (ରୋଗ) ସଂକ୍ରମଣ କରିବା—
9. To infect (said of contagious diseases).

ଡିଅଁ ଜର—ଦେ. ବି—ସଂକ୍ରାମକ ଜ୍ଵର; ଯେଉଁ ଜର ଜଣକୁ ହେଲା
Ḍiañ jara ପରେ ଅନ୍ୟ ଲୋକଙ୍କୁ ଆକ୍ରମଣ କରେ—
ছুঁআঁচে জর Contagious or infectious fever.
उड़नो बुखार

ଡିଅଁ ଡେଇଁ—ଦେ. ବି (ସହଚର ଶବ୍ଦ)—୧ । ଲୁଦା; ଲମ୍ଫ—
Ḍiañ ḍeiñ 1. Jump; leap
লাফালাফী ୨ । ଦଉଡ଼ିବା—2. Running; bounding
उछल कूद along; frisking.

୩ । ଏକାଧିକଥର ଡେଇଁବା କର୍ମ; ଲୁଦାଲୁଦି; ଲମ୍ଫଝମ୍ପ—
3 Repeated leaping.

ଡିଅଁ ପୋକ–ଦେ. ବି—ଯେଉଁ ପୋକମାନେ ଡେଇଁ ଡେଇଁ ଚାଲନ୍ତି—
Ḍiañ pōka Jumping insects.

ଡିଅଁ ବେଙ୍ଗ—ଦେ. ବି—ଏକପ୍ରକାର ମସୃଣଶରୀରବିଶିଷ୍ଟ ବେଙ୍ଗ,
Ḍiañ beṅga ଏମାନେ ବହୁତ ବ୍ୟବଧାନ ଡେଇଁ ପାରନ୍ତି—
Leaping frog (a kind of frog).
[ଦ୍ର—ଲୋକଙ୍କର ବିଶ୍ଵାସ ଯେ ଏମାନେ ମନୁଷ୍ୟର ଅଣ୍ଡକୁ ଡେଇଁପଡ଼ନ୍ତି ।]

ଡିଅଁ ମାରିବା—ଦେ. କ୍ରି—୧ । ଲୁଦିବା; ଲମ୍ଫ ଦେବା—
Ḍiañ māribā 1. To jump over; to leap over.
ডিঅাঁ মারা × × ମିଅଁ ସରପାକ ଡିଅଁ ମାରି ନଥାଁ ଳାଗିଥାଏ ।
फान्दना ପଙ୍କାରମୋହନ, ଛମାଣଅଠଗୁଣ୍ଠ ।

୨ । ଦଉଡ଼ିବା—2. To run along.

୩ । ଦଉଡ଼ିକରି ପଳାଇବା—
3. To run away; to flee away.

୪ । ଶୀଘ୍ର କୌଣସି ସ୍ଥାନ ତ୍ୟାଗ କରିବା—
4 To leave a place in hot-haste.

ଅରେ ଭାଇ ବଟ ! ଡିଅଁ ମାରିଯିବାକୁ ବସିଛନ୍ତି ହଟ.
ଡକା କରଇ ମୁଁ ବନ୍ଧୁ ଧରିଲଟ—କବିସୂର୍ଯ୍ୟ. ସଙ୍ଗୀତ ।

ଡିଅଁ ରୋଗ—ଦେ. ବି—ସଂକ୍ରାମକ ରୋଗ; ଯେଉଁ ରୋଗ ଏକ ବ୍ୟକ୍ତି-
Ḍiañ roga ଠାରୁ ଅନ୍ୟ ବ୍ୟକ୍ତିକୁ ଡିଏଁ ବା ସଂକ୍ରମଣ କରେ—
ছোঁয়াচে রোগ Contagious disease; infectious
उड़नो बिमारी disease.

ଡିଆସିଲି—ଗ୍ରା. ବି—ଦିଆସିଲାଇ (ଦେଖ)
Ḍiāsili Diāsilāi (See)

ଡିଉ—ବୈଦେ. ବିଣ (ଇଂ)—(ମହାଜନୀ ସିରସ୍ତା) ହୁଣ୍ଡି ବା ଟଙ୍କା ଆଦାୟ
Ḍiu କରାଯିବାର ନିର୍ଦ୍ଧାରିତ ମିଆଦ—
ডিউ, डिउ Due (date of a hundi).

ଡିଉଟି—ବୈଦେ. ବି (ଇଂ. ଡ୍ୟୁଟି)—୧ । କୌଣସି ବ୍ୟକ୍ତି ଉପରେ
Ḍiuṭi ନ୍ୟସ୍ତ କର୍ତ୍ତବ୍ୟ କର୍ମ—1 Particular duty
ড্যুটি assigned to a person.
ड्युटि ୨ । ଅବକାରୀ ଦ୍ରବ୍ୟ ଉପରେ ସରକାରଙ୍କ ନିର୍ଦ୍ଧାରିତ
(ଡ୍ୟୁଟି—ଅନ୍ୟରୂପ) ଶୁଳ୍କ—2. Duty or cess assessed on exciseable articles.

୩ । ଡାକ୍ତରଖାନା ଆଦିରେ ମଲ୍ଲମାନଙ୍କୁ ଜଗିବା ପାଇଁ ପ୍ରତ୍ୟେକ ଛାତ୍ର ବା ଭୃତ୍ୟର ନିର୍ଦ୍ଧାରିତ ପାଳି—
3 Turn of a student or servant to attend the patients etc in a hospital.

ଡିଉ ଡେଟ୍—ବୈଦେ. ବି. (ଇଂ) (ମହାଜନୀ ସିରସ୍ତା)—
Ḍiu ḍeṭ ତମସୁକ ବା ହୁଣ୍ଡି ଆଦିଦ୍ଵାରା ନିଆଯିବା ଟଙ୍କା ପରିଶୋଧ
ডিউডেট করିବା ପାଇଁ ନିର୍ଦ୍ଧାରିତ ସମୟ—
डिउडेट Due date of a hundi or bond.

ଡି. ଏସ୍. ପି—ବୈଦେ. ବି (ଇଂ. ସାଙ୍କେତିକ)—ପୁଲିସ୍ ଡେପୁଟୀ
Ḍi. es. pi ସୁପରିଣ୍ଟେଣ୍ଡେଣ୍ଟ; ଜିଲ୍ଲାର ପ୍ରଧାନ ପୁଲିସ କର୍ମଚାରୀଙ୍କ
ডি এস্. পি ସହକାରୀ—D. S. P.; Deputy Superin-
डि. एस्. पि tendent of Police.

ଡିକି—ବୈଦେ. ବି (ଇଂ. ଡିକ୍କୀ)—୧ । ରିଚାର୍ଡ଼ ନାମକ ବ୍ୟକ୍ତିର
Ḍiki ଡାକନାମ— 1. Dicky; nick name
ডিকী of Richard.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱରର ୧ ଓ ୨ ଅକ୍ଷର ଓ ମାତ୍ରା ଏବଂ ୨ ଓ ୧ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନ ଓ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କ୍ଷୀଅ' ନ ମିଳିଲେ 'କଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଡିକୀ (ଡିକ—ଅନ୍ୟରୂପ) ୨ । (ଇଂ. ଡିକ୍କୀ=ଚାକର ବସିବା ପାଇଁ ମଟର ଗାଡ଼ିର ପଛଆଡ଼େ ଥିବା ଆସନ) ମଟରଗାଡ଼ିର ଡ୍ରାଇଭର ସହାୟକ ଭୃତ୍ୟ; କ୍ଲିନର—
2. A servant or cleaner who accompanies a motor-car and helps the driver in any trouble.

ଡିକି ସିଟ୍—ବୈଦେ. ବି (ଇଂ. ଡିକ୍କୀ)—ଚାକର ବା ସଇସ ବସିବା ପାଇଁ
Ḍiki sit କେତେକ ମଟରଗାଡ଼ିର ପଛଆଡ଼େ ଥିବା ଆସନ—
ডিকীসিট Dickey; a seat at the back of some
डिकीसीट motor-cars for the servant or cleaner.

ଡିକ୍‌ଟେସନ୍—ବୈଦେ.ବି (ଇଂ)—ମୁହଁରେ ବୋଲାଯିବା ପଦ ଓ ବାକ୍ୟମାନ
Ḍiktesan ଲେଖିନେବା ପାଇଁ ଲେଖକକୁ ଶୁଣାଇ ଅନ୍ୟ ଜଣେ
ডিক্টেসন ବ୍ୟକ୍ତିଙ୍କର ଉକ୍ତ ପଦମାନ କହିବା—Dictation.
डिक्टेशन

ଡିକ୍ରୀ (ଇତ୍ୟାଦି)—ଡିଗ୍ରୀ ଇତ୍ୟାଦି (ଦେଖ)
Ḍikri (etc) Ḍigri etc. (See)
(ଡିକ୍ରି—ଅନ୍ୟରୂପ)

ଡିକ୍‌ସିନାରି—ବୈଦେ.ବି.(ଇଂ.ଡିକ୍‌ସ୍‌ନାରି)—ଅଭିଧାନ ଗ୍ରନ୍ଥ; ଭାଷାକୋଷ
Ḍik-sināri ଶବ୍ଦକୋଷ; ଯେଉଁ ପୁସ୍ତକରେ କୌଣସି ଭାଷାର ଶବ୍ଦ
ডীক্সীনারী ମାନଙ୍କର ଅର୍ଥ ଲେଖା ହୋଇଥାଏ—
डिकसनारी Dictionary; lexicon.
(ଡିକ୍‌ସ୍‌ନାରି, ଡିକ୍‌ସ୍‌ନେରି—ଅନ୍ୟରୂପ)

ଡିଗ୍‌ବାଜି—ଦେ. ବି.—(ବଙ୍ଗଳାରୁ ଅନୁକୃତ) ଶୂନ୍ୟକୁ କୁଦି ଲେଉଟି-
Ḍig-bāji ପଡ଼ିବା; ମାଙ୍କଡ଼ଡିଆ—Somersault.
ডাগবাজী **उछलकूद**
(ଡିଗିବାଜି—ଅନ୍ୟରୂପ)

ଡିଗ୍ରୀ—ବୈଦେ. ବି. (ଇଂ. ଡିକ୍ରୀ)—୧ । ଫଇସଲ; ଅଦାଲତଙ୍କ ନିଷ୍ପତ୍ତି
Ḍigri ବା ବ୍ୟବସ୍ଥା—1. Judicial decision; decree
ডিক্রী, ডিগ্রী or final order.
डिक्री, डिगरी [ଦ୍ର—ମକଦ୍ଦମା ବିଚାର କରି ସାରି ଅଦାଲତ ଗୋଟିଏ
(ଡିଗିରି—ଅନ୍ୟରୂପ) ରାୟ (Judgment) ଦିଅନ୍ତି; ସେଥିରେ ମକଦ୍ଦମାର ସମସ୍ତ ହାଲ ଓ ମୀମାଂସାର କାରଣମାନ ଖୋଲି ହୋଇ ଲେଖା ଥାଏ, କିନ୍ତୁ ଡିଗ୍ରୀରେ ଅରଜିରେ ପ୍ରାର୍ଥିତ ଦାବି ଓ ଜିଣିଥିବା ପକ୍ଷ କି ପ୍ରତିକାର କାହାଠାରୁ କେଉଁ ଆକାରରେ ପାଇବ ତାହାହିଁ କେବଳ ଲେଖା ଥାଏ । ମୀମାଂସାର ହେତୁବାଦମାନ ଡିଗ୍ରୀରେ ଲେଖା ହୋଇ ନ ଥାଏ ।]
୨ । ମକଦ୍ଦମାରେ କୌଣସି ପକ୍ଷର ଜୟଲାଭ—
2. Success of one party in litigation.
୩ । ତାପମାନ ଯନ୍ତ୍ରରେ ତାପର ନିର୍ଦ୍ଦିଷ୍ଟ ପରିମାଣ—
3. Degree of a thermometer.
୪ । ସମକୋଣର $\frac{1}{90}$ ଅଂଶ, କୋଣର ପରିମାପକ ଭାଗ—
3. One ninetieth part ($\frac{1}{90}$) of a right angle.
୫ । ବିଶ୍ୱବିଦ୍ୟାଳୟର ଉଚ୍ଚ ପରୀକ୍ଷାରେ ଉତ୍ତୀର୍ଣ୍ଣ ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଉପାଧି; ଗ୍ରାଜୁଏଟ୍‌ମାନଙ୍କ ଉପାଧି (ଯଥା; ବି. ଏ, ଏମ୍. ଏ, ବି. ଏଲ, ବି. ଇ;)—5. Decree or title of academic distinction conferred on graduates of an university.

ଡିଗ୍ରୀ କରା(ରେ)ଇବା—ଦେ. କ୍ରି.—ଚେଷ୍ଟାଦ୍ୱାରା ମକଦ୍ଦମାରେ କୌଣସି
Ḍigri karā(re)ibā ପକ୍ଷର ଜୟଲାଭ କରାଇବା—
ডিগ্রী করান্ To secure a decree; to get a case
डिग्रि करना decreed.
(ଡିଗ୍ରି କରିବା—ଅନ୍ୟରୂପ)

ଡିଗ୍ରୀ ଚୂଡ଼ାନ୍ତ—ଦେ. ବି.—(କଚେରିଆ ଭାଷା)—ବନ୍ଧକୀ ଓ ବଣ୍ଟନ
Ḍigri churdānta ମକଦ୍ଦମାର ପ୍ରାଥମିକ ଡିଗ୍ରୀକୁ ନିର୍ଦ୍ଧାରିତ
ডিগ্রীচূড়ন্ত ସମୟ ପରେ ଶେଷ ଡିଗ୍ରୀରେ ପରିଣତ କରାଇବାର
(ଡିଗ୍ରୀଚୂଡ଼ାନ୍ତ—ଅନ୍ୟରୂପ) ପ୍ରଣାଳୀ—A preliminary decree being made absolute or final in a mortgage or partition suit

ଡିଗ୍ରୀ ଜାରି—ବୈଦେ.ବି. (କଚେରିଆ ଭାଷା)—(ଇଂ ଡିକ୍ରୀ ଓ ଫା. ଜାରି)
Ḍigri jāri ଅଦାଲତଙ୍କ ନିଷ୍ପତ୍ତିକୁ କାର୍ଯ୍ୟରେ ପରିଣତ କରାଯିବାର
ডিগ্রীজারি ପଦ୍ଧତି—Execution of a judicial decree
डिगरिजारी or order.
ମକଦ୍ଦମାର ଏଡ଼ାଲ୍ଲନାମା ଡିଗ୍ରୀଜାରି ପରୁଆନା ସବୁ ମୋ ପାଖରେ ଅଛି ।
ଫକୀରମୋହନ- ଛମାଣ ଅଠଗୁଣ୍ଠ ।

ଡିଗ୍ରୀ ଟଙ୍କା—ଦେ. ବି.—(କଚେରିଆ ଭାଷା)—ଡିଗ୍ରୀଦାର ଦେଣଦାର
Ḍigri ṭankā ଠାରୁ ପାଇବା ପାଇଁ ଅଦାଲତ ଡିଗ୍ରୀ ଦେଇଥିବା
ডিগ্রীটাকা ଟଙ୍କା; ଜର-ଡିଗ୍ରି—Decretal amount.
ज़रडिगिरी [ଦ୍ର—ଡିଗ୍ରି ଟଙ୍କା ଆଦାୟ ହେବା ପାଇଁ ଦେଣଦାରର ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତି ନିଲାମ ହୁଏ । ଏବଂ ଦେଣଦାରର ଶରୀରକୁ (ଅର୍ଥାତ୍ ଡିଗ୍ରୀ ଟଙ୍କା ଆଦାୟ ହେବା ପର୍ଯ୍ୟନ୍ତ ଦେଣଦାରକୁ ଗିରଫ୍ କରାଇ ଦେୱାନୀଫାଟକରେ ବନ୍ଦୀ କରି ରଖିବାଦ୍ୱାରା) ମଧ୍ୟ ଉକ୍ତ ଡିଗ୍ରୀ ଟଙ୍କା ଆଦାୟ କରା ଯାଏ ।]

ଡିଗ୍ରୀ ଡିସମିସ୍—ବୈଦେ. ବି. (ଇଂ) (ବିପରୀତାର୍ଥକ ସହଚର)—
Ḍigri dismis ୧ । ମକଦ୍ଦମାରେ ଜୟଲାଭ ଓ ପରାଜୟ—
ডিগ্রী ডিসমিস 1. A case being decreed in one's
डिग्री डिसमिस favour or dismissed against him.
୨ । ଅନୁକୂଳ ଓ ପ୍ରତିକୂଳ ଆଦେଶ—
2. Favourable and unfavourable orders.
ଡିଗ୍ରୀ ଡିସିମିସି }
ଡିଗ୍ରୀ ଡିସ୍(ସି)ମିସ୍(ସି) } ଅନ୍ୟରୂପ

୧	ଈ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇସ୍	ଉଅ	ଋ
୨	ଇ	ଉ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ	ଇଅ	●	ନ୍

ଡଗ୍ରୀଦାର—ବୈଦେ. ବ. (ଇଂ. ଡଗ୍ରୀ ଓ ଫା. ଦାର) (କଚେରୀଅଭାଷା)
Digridār ଯାହା ସପକ୍ଷରେ କୌଣସି ମକଦ୍ଦମା ଡଗ୍ରୀ ହୋଇ
ଡିଗ୍ରୀଦାର ଥାଏ; ମକଦ୍ଦମାରେ ଜିଣିଥିବା ପକ୍ଷ—
डिगरिदार Decree-holder.
(ଦେଣଦାର—ବିପରୀତ)

ଡଗ୍ରୀ ଦେବା—ଦେ. କି.—(କର୍ତ୍ତୃରକ) କୌଣସି ପକ୍ଷ ଜୟଯୁକ୍ତ ହେବାର
Digri debā ଆଦେଶ ଦେବା—(a court) To pass a
ডিগ্রী দেওয়া decree in favour of a party.
डिगरी देना
(ଡଗ୍ରୀ କରିବା—ଅନ୍ୟରୂପ)

ଡଗ୍ରୀ ପାଇବା—ଦେ. କି.—(କଚେରୀଅ ଭାଷା)—ଅଦାଲତରୁ ଆପଣା
Digri pāibā ପକ୍ଷର ଅନୁକୂଳ ଆଦେଶ ପ୍ରାପ୍ତ ହେବା; ମକଦ୍ଦମାରେ
ডীগ্রী পাওয়া ଜୟଲାଭ କରିବା—To get a decree; to win
डिग्री पाना, डिग्री हासल करना a case.
(ଡଗ୍ରୀହାସଲ—ଅନ୍ୟରୂପ)

ଡଗ୍ରୀ ହେବା—ଦେ. ବ.—ମକଦ୍ଦମାରେ ଜୟଲାଭ କରିବା—
Digri hebā Getting a decree in one's favour;
ডীগ্রী হওয়া winning a case.
डिग्री होना

ଡଙ୍ଗର—ସଂ. ବି.—(ଲଙ୍ଗ୍ ଧାତୁ=ପାଇବା+ଅର; ଲ ସ୍ଥାନରେ ଡ
Dingara ଆଦେଶ)—
୧। ମୋଟା ଲୋକ—1. Fat man.
୨। ବଦମାସ୍; ଦୁଷ୍ଟ ଲୋକ—2. Wicked person.
୩। ଠକ—3. Knave; a cheat.
୪। ଦାସ; ଗୋଲାମ—4. Slave; servant.
ডিঙ্গর; ডোঙ্গর; ড়োঙর ଦେ. ବି. (ସଂ. ଟଙ୍କ; ତୁଙ୍ଗ)-ଟାଙ୍ଗର;
डूङ्गर ପାହାଡ଼ିଆ ଭୂମି—Hilly country.
ବନ ଡଙ୍ଗର କର୍କଶ ଅସନ୍ତ ରଥୀଏ। ସାରଳା ମହାଭାରତ, ସଭା।
ବିଣ.—୧। ଦୁଷ୍ଟ—1. Wicked.
୨। ଶଠ—2. Cheating, deceitful.
ଡଙ୍ଗର ଭୁଲେ କ ଗୁଲବ ବାଟ। କହ୍ନରାମାଏ. ଚଉତିଶା।
୩। ଧୂର୍ତ୍ତ—3. Cunning.
ବୋଇଲ। ଡଙ୍ଗର ସବଣ ବଡ଼ ଦୁଷ୍ଟ। କାନ୍ତବୋଇଲ।
୪। କଣା—4. One-eyed.
ପ୍ରାଦେ. (ସମ୍ବଲପୁର) ବିଣ.—ଅଟଳ୍ୟ—One who can not be defeated or over powered; indomitable.

ଡଙ୍ଗର ଆଖିଆ—ଦେ. ବିଣ—ଯାହାର ଆଖି ଫୁଟିଯାଇ ଥାଏ—
Dingara ākhiā Blinded.

ଡଙ୍ଗର ମାଳ—ପ୍ରାଦେ.(ଗଡ଼ଜାତ)ବି—ପର୍ବତର ଢାଲୁରେ ଥିବା ଗଡ଼ାଣିଆ
Dingara māla ଜାଗାରେ କରାଯିବା ଶସ୍ୟ କ୍ଷେତ୍ର—Field on the slope of a hill where crops are raised.

ଡିଙ୍ଗର—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଡିଙ୍ଗର)—ଦୁଷ୍ଟ—
Dingarā Wicked.
ବି—(ଧ୍ୱନ୍ୟନୁକରଣ) ଧେଣ୍ଡୁ ସ୍ୱ; ଢେଙ୍ଗ୍ ସ୍ୱ—Drum.

ଡିଙ୍ଗଲ—ପ୍ରାଦେ. (ଛୋଟନାଗପୁର ଓ ଖଣ୍ଡବୁମ)-ବି—ବୋଇତ କଖାରୁ—
Dingalā Cucurbita; red gourd.

ଡିଙ୍ଗା—ଦେ. ବି—୧। କେଶକୀଟ; ବଡ଼ ଉକୁଣୀ; ଡାଗର—
Dingā 1. A big louse.
ডেঙ্গর [ଦ୍ର—ମୁଣ୍ଡର ବଡ଼ ବଡ଼ ଉକୁଣୀଙ୍କୁ ଡଙ୍ଗା, ସାନ ଉକୁଣୀଙ୍କୁ
ढेरा ଗଞ୍ଜ ଓ ଉକୁଣୀ ଡମ୍ବରୁ ନଶ ବୋଲାଯାଏ।]
୨। (ଫରାସୀ, ଦିନାମାର ଆଦି ଶବ୍ଦ ପରେ ଯୁକ୍ତ)—ଅମୁକ
ଜାତିର ଅଧିକୃତ ସ୍ଥାନ ବା ବସତି—2. Place occupied by such and such a nation.
(ଯଥା—ଦିନାମାର ଡଙ୍ଗା, ଫରାସି ଡଙ୍ଗା।)

ଡିଙ୍ଗାରିବା—ପ୍ରାଦେ. (ବାଲେଶ୍ୱର) କି—ଟାଣି ହେବା—
Dingāribā To strain; to stretch oneself.

ଡିଙ୍ଗାରି ହେବା--ପ୍ରାଦେ.(ବାଲେଶ୍ୱର)କି—ଲଠି ବା ସିଧା ହୋଇଯିବା-
Dingāri hebā To be stretched; to be straightened.

ଡିଙ୍ଗୀ—ଦେ. ବ. (ସଂ. ଦ୍ରୋଣୀ)—ଛୋଟଡଙ୍ଗା; କୁଲୀଡଙ୍ଗା; ଡଙ୍ଗୀ—
Dingi Small boat; canoe; dug-out.
ডিঙ্গী डोंगी

ଡିଟ—ପ୍ରାଦେ. (ଗଞ୍ଜାମ) ବୈଦେ. ବ. (ଇଂ. ଡିଟ୍ଟୋ)—ଡିଟୋ (ଦେଖ)
Dita Dito (See)

ଡିଟୋ—ବୈଦେ. ଅ. (ଇଂ. ଡଟ୍ଟୋ)—ଏକଜ; ପୂର୍ବେ ବା ଉପରେ
Dito ଲେଖା ହୋଇଥିବା ବିଷୟ ବା ବ୍ୟକ୍ତି ସଙ୍ଗେ ଏକ—
ডিটো डिटो Ditto.

ଡିଟୋ କରିବା—ଦେ. କି—ଡଟୋ ମାରିବା (ଦେଖ)
Dito karibā Dito māribā (See)

ଡିଟୋ ମାରିବା—ଦେ. କି—କୌଣସି ବ୍ୟକ୍ତିଙ୍କର କଥାରେ ହଁ ମାରିବା-
Dito māribā To ditto what another says; to
ডটো মাৰা ditto slavishly.
डिटो मारना

ଡିଡାର—ବୈଦେ. ବ. (ଅ)—ଜମିଦାର ଓ ରାଜାମାନଙ୍କର ଜଳର
Didār ଗୃହବାସ, ଗୋରୁ ଗାଈ ଆଦିଙ୍କ ଜଗୁନେଉଥିବା ବ୍ୟକ୍ତିଙ୍କୁ
ଦିଆଯିବା ଜାଗିର—Jaghir; service-tenure given to a servant who looks after the cattle and agriculture of a Raja or Zamindar.

ଡି ! ଡି !—ଦେ. ଅ—ହଳ ଓ ଗାଡ଼ିରେ ଲାଗିଥିବା ବଳଦମାନଙ୍କୁ
Di di ଚାଳନ କରିବାପାଇଁ ଚାଳକର ଉଚ୍ଚାରିତ ଧ୍ୱନି—Sound
(ଡିଃ ଡିଃ—ଅନ୍ୟରୂପ) uttered to incite bullocks of a cart or plough to action.
[ଦ୍ର—ବଳଦଙ୍କୁ ଗୁଚ୍ଛିତ କରିବା ପାଇଁ ଉଚ୍ଚାରିତ ଧ୍ୱନି 'ହଁ' ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖାଇ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳାଇ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଖି ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଡିଡିମ—ଦେ. ବ. (ସଂ. ଡିଣ୍ଡିମ)—ଡିଣ୍ଡିମ (ଦେଖ)
Didima Dindima (See)

ଡିଣା—ଦେ. ବ—୧ । ପାନ ରଖିବା ପାତ୍ରବିଶେଷ; ପାନଡିବା—
Dina 1. Betel-case.
୨ । ଶସ୍ୟଆଦି ମାପିବାର ଗଉଣୀ ବା ଡିବା; ପିତଳ ଗଉଣୀ; ପିତଳ ମାଣିକା—2. A corn-measure; a corn-measuring pot of brass.

ଡିଣ୍ଡା—ପ୍ରାଦେ. (ବସ୍ତର) ବ. ସ୍ତ୍ରୀ—ଯୁବତୀ—
Dinda A young woman.
ପ୍ରାଦେ. (ସିଂହଭୂମ) ବି. ପୁଂ. ଓ ସ୍ତ୍ରୀ—ଅବିବାହିତ ପୁରୁଷ ବା ସ୍ତ୍ରୀ—Bachelor or maid.

ଡିଣ୍ଡିମ—ସଂ. ବ. (ଡିଣ୍ଡି=ଅନୁକରଣ ଶବ୍ଦ+ମି ଧାତୁ=କ୍ଷେପଣ କରିବା
Dindima +କର୍ତ୍ତୃ ଅ, ଭୁଲ. ଇଂ. ଡ୍ରମ୍)—୧ । ଅନଦ୍ଧ ବାଦ୍ୟପର ଏକମୁଖା ବାଦ୍ୟ; ଢେଙ୍ଗୁରା; ନାଗରା—
Drum; tomtom; tabor; kettle-drum.
ଦୃଢ଼େ ହୋଇଛି ଏହି ଡିଣ୍ଡିମ ବାଜଣାରେ ।
କବିସୂର୍ଯ୍ୟ. କଶୋଗଚନ୍ଦ୍ର, ବ. ଗୀତ ।
୨ । କୃଷ୍ଣପାକ ଫଳ (ହି. ଶବ୍ଦସାଗର); କରଡା (ଦେଖ)
A kind of acidish sweet berry.

ଡିଣ୍ଡିର—ସଂ. ବ—୧ । ସମୁଦ୍ର ଫେଣ (ଏହା ରଙ୍ଗ ବଇସିବା ଜିନଷକୁ
Dindira ପାଲସ କରିବାରେ ବ୍ୟବହୃତ ହୁଏ)—1. Cuttle-bone; the bone of cuttle-fish (used in polishing furnitures to be dyed).
୨ । ପାଣିର ଫେଣ (ହି. ଶବ୍ଦସାଗର)—
2. Foam of water.

ଡିଣ୍ଡିଶ—ସଂ. ବ—ଭେଣ୍ଡି (ହି. ଶବ୍ଦସାଗର)—
Dindisa Lady's finger (fruit).

ଡିତ୍ଥ—ସଂ. ବ—୧ । କାଠର ତିଆରି ହାତୀ—
Dit-tha 1. An elephant made of wood; wooden elephant.
୨ । ବିଶିଷ୍ଟ ଲକ୍ଷଣବନ୍ତ ପୁରୁଷ (ହି. ଶବ୍ଦସାଗର)—
2. A person with characteristic traits or mark.

ଡିତ୍ଥ ଡବିତ୍ଥ—ସଂ. ବ (ସହଚର ଶବ୍ଦ)—କାଠରେ ତିଆରି ମୃଗ ଆଦି
Dittha dabittha ଖେଳନା—Wooden toys representing animals.

ଡିମ୍ବ୍ (ଧାତୁ)—ସ—୧ । ପ୍ରେରଣ କରିବା—
Din-b (root) 1. To send out.
୨ । ବାହାରକୁ ପିଙ୍ଗିବା; କାଢ଼ିବା—
2. To throw out; to bring out.

ଡିମ୍ଭ୍ (ଧାତୁ)—ସ—ଏକଜ କରିବା—
Din-bh (root) To amass; to gather up.

ଡିନର୍—ବୈଦେ. ବ. (ଇଂ. ଡିନର)—ସାହେବମାନଙ୍କ ମଧ୍ୟାହ୍ନ ବା ରାତିର
Dinar ପ୍ରଧାନ ଭୋଜନ—Dinner.
(ଡିନାର୍—ଅନ୍ୟରୂପ) [ଦ୍ର—ଏହା ରାତି ୮ଟା ବେଳେ ଖିଆ
ଡିନାର ଯାଏ ।]
डिनार २ । ସାହେବୀ ଖାନା—2. European meal.

ଡିନର ଦେବା—ଦେ. କ୍ରି—ସାହେବୀ ଧରଣର ଭୋଜିରେ ଅନେକ
Dinar deba ସାହେବଙ୍କୁ ଓ ସାହେବୀ ଧରଣରେ ଖାଇବା ଦେଶୀ ଲୋକଙ୍କୁ ନିମନ୍ତ୍ରଣ କରି ଖୁଆଇବା; ଖାନା ଦେବା—
To give dinners in European style.

ଡିନାର୍—ବୈଦେ. ବ. (ଅ)—ପାରସ୍ୟଦେଶପ୍ରଚଳିତ କ୍ଷୁଦ୍ର ମୁଦ୍ରା
Dinār (ଆମ ଦେଶର କଡ଼ା ଗଣ୍ଡା ପରି ହିସାବରେ ବ୍ୟବହୃତ)—
दिनार A small coin of Persia used in squaring
दिनार up accounts.
(ଦିନାର୍—ଅନ୍ୟରୂପ) ବୈଦେ. (ଇଂ)—ଡିନର୍ (ଦେଖ)
Dinar (See)

ଡିପ(ପା)ଜିଟ୍—ବୈଦେ. ବ. (ଇଂ)—ଡିପୋଜିଟ୍ (ଦେଖ)
Dipa(pā)jit Dipojit (See)

ଡିପାର୍ଟମେଣ୍ଟ—ବୈଦେ. ବ. (ଇଂ. ଡିପାର୍ଟମେଣ୍ଟ)—କାର୍ଯ୍ୟ ଚାଳନର
Dipāt-ment ସୁବିଧା ପାଇଁ ଗଠିତ ପୃଥକ୍ ପୃଥକ୍ ବିଭାଗ;
डिपार्टमेंट ମହକୁମା—Department created for
डिपार्टमेण्ट division of work.
(ଡିପାର୍ଟମେଣ୍ଟ—ଅନ୍ୟରୂପ)

ଡି. ପି. ଡବ୍ଲ୍ୟୁ—ବୈଦେ. ବ. (ଇଂ)—(ସାଙ୍କେତିକ; ଡିପାର୍ଟମେଣ୍ଟ
Di. pi. dablyu ଅଫ ପବ୍‌ଲିକ୍ ୱାର୍କ୍‌ସରେ ଥିବା ପ୍ରଧାନ ଶବ୍ଦତ୍ରୟର
(ପି. ଡବ୍ଲ୍ୟୁ. ଡି—ଅନ୍ୟରୂପ) ଆଦ୍ୟ ୩ ଇଂରାଜୀ ଅକ୍ଷର) ସରକାରଙ୍କ ବାଉକର୍ମିସ୍ତୀ ଇଲାକା—
D. P. W; abbreviation for the Department of Public Works; P. W. D.

ଡି. ପି. ଆଇ—ବୈଦେ. ବ. (ଇଂ) (ସାଙ୍କେତିକ); (ଡାଇରେକ୍ଟର ଅଫ୍
Di. pi. āi ପବ୍‌ଲିକ୍ ଇନ୍‌ଷ୍ଟ୍ରକ୍‌ସନର ପ୍ରଧାନ ଶବ୍ଦତ୍ରୟର ଆଦ୍ୟ
डि. पि. आई ୩ ଇଂରାଜୀ ଅକ୍ଷର) ସରକାରୀ ଶିକ୍ଷା ବିଭାଗର ପ୍ରାଦେଶିକ
डि. पि. आइ କର୍ତ୍ତା ବା ହାକିମ—D. P. I; abbreviation for the Director of Public Instruction of a province.
(ଯଥା—ବିହାର ଓଡ଼ିଶାର ଡି. ପି. ଆଇ ମହାମତ ଫକସ୍ ସାହେବଙ୍କର ଏ ଭାଷାକୋଷର ପ୍ରକାଶ ସମ୍ବନ୍ଧେ ପ୍ରଶଂସା ଉଦ୍ୟମ ଓ ଉତ୍ସାହଦାନ ଲାଗି ସଙ୍ଗ୍ରାହକ ତାଙ୍କଠାରେ ଚିର ଋଣୀ ।)

ଡିପୁ—ବୈଦେ. ବ. (ଫରାସୀ)—ଡିପୋ (ଦେଖ)
Dipu Dipo (See)

ଡିପୁଟୀ (ଇତ୍ୟାଦି)—ଡେପୁଟୀ ଇତ୍ୟାଦି (ଦେଖ)
Diputi (etc) Deputi etc (See)
(ଡିପୋଟୀ—ଅନ୍ୟରୂପ)

୧	ଢ଼	ଡ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ସ	ଙ୍କ	ଇଯ଼	ଡ଼ଅ	ଷ
୨	ଢ	ଡ	ରୁ	ଲୁ	ଯ୍ରେ	ଅକାରାନ୍ତବର୍ଣ୍ଣ	ଅନସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଞ୍ଚ	ନ୍

ଡିପୁଟେସନ୍—ବୈଦେ. ବି. (ଇଂ)—ଡେପୁଟେସନ୍ (ଦେଖ)
Diputesan Deputesan (See)

ଡିପୋ—ବୈଦେ. ବି. (ଫରାସୀ)—୧ । ଯେଉଁଠାରେ ମାଲମାନ
Dipo. ସଂଗୃହୀତ ହୋଇ ଜମା ରହେ; ଗୋଦାମ; ଭଣ୍ଡାର; ଗଞ୍ଜ—
ଡୀପୋ 1. Depot for merchandise.
डिपो (ଯଥା—କୋଇଲା ଡିପୋ ।)
୨ । ଯେଉଁଠାରେ ଦେଶାନ୍ତରକୁ ପ୍ରେରିତ କୁଲିମାନେ ବିଦେଶକୁ ପଠାଯିବା ପୂର୍ବରୁ ଏକତ୍ର ବା ରୁଣ୍ଡ କରାଯାଆନ୍ତି—
2. Cooly-depot.

ଡିପୋଜିଟ୍—ବୈଦେ. ବି. (ଇଂ. ଡିପଜିଟ୍)—
Dipojit ୧ । ଧନ ଅନ୍ୟ ବ୍ୟକ୍ତି ନିକଟରେ ଗଚ୍ଛିତ ରଖିବା;
ଡୀପାଜୀଟ ଅମାନତ୍—1. Deposit.
डिपाजिट ୨ । ନ୍ୟାସ; ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଜଣକ ମାରଫତରେ ଟଙ୍କା ଜମା କରାଯିବା—
2. A deposit in trust.
୩ । କୌଣସି ବ୍ୟକ୍ତି ନିକଟରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଜମା କରାଯିବା ଟଙ୍କା—
3. A sum deposited with some one for a particular purpose.

ଡିପୋଟୀ (ଇତ୍ୟାଦି)—ବୈଦେ. ବି—ଡେପୁଟୀ ଇତ୍ୟାଦି (ଦେଖ)
Dipoti (etc) Deputi etc (See)

ଡିପୋର୍ଟେସନ୍—ବୈଦେ. ବି. (ଇଂ)—ସ୍ୱରାଜ୍ୟଦେଶରେ ଅପରାଧୀ ବା
Diportesan ସନ୍ଦେହ ବ୍ୟକ୍ତିର ଦେଶାନ୍ତର ପ୍ରେରଣ—
ଡୀପୋର୍ଟେସନ (ଡିପୋଟେସନ୍—ଅନ୍ୟରୂପ) Deportation
डामल

ଡିପ୍ଲୋମା—ବୈଦେ. ବି. (ଇଂ)—କୌଣସି ବିଦ୍ୟାରେ ପାରଦର୍ଶିତା
Diploma ଲାଭ କରିଥିବା ଛାତ୍ରକୁ ଶେଷ ପରୀକ୍ଷା ପରେ ବିଦ୍ୟାଳୟର
ଡୀପ୍ଲୋମା ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ମିଳିବା ସନନ୍ଦ—Deploma.
डिप्लोमा [ଦ୍ର— ସାଧାରଣତଃ ବିଦ୍ୟାଳୟ ବା କଲେଜର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରକୁ ଡିପ୍ଲୋମା ମିଳେ; ଯେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରଙ୍କୁ ଡିପ୍ଲୋମା ମିଳେ ସେହି ପରୀକ୍ଷାକୁ 'ଡିପ୍ଲୋମା ଏକ୍‌ଜାମିନେସନ୍' ବୋଲାଯାଏ ।]

ଡିଫାମେସନ୍—ବୈଦେ. ବି. (ଇଂ)—କୌଣସି ବ୍ୟକ୍ତି ବିରୁଦ୍ଧରେ
Diphamesan ଅପବାଦର ପ୍ରଚାର—Defamation.
ଡୀଫାମେସନ [ଦ୍ର—ଯେବେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର
डिफामेसन ସୁନାମରେ ବାଧା ଦେବା ଉଦ୍ଦେଶ୍ୟରେ ଅନ୍ୟ ବ୍ୟକ୍ତି ବିରୁଦ୍ଧରେ ଲେଖିଦେବେ, ମୁଁହରେ କହିବା ଇଙ୍ଗିତଦ୍ୱାରା ଉକ୍ତ ବ୍ୟକ୍ତିର କୌଣସି ନିନ୍ଦାଜନକ ବା ସମ୍ମାନହାନିକର ବିଷୟ ଏକାଧିକ ବ୍ୟକ୍ତିଙ୍କ ନିକଟରେ ପ୍ରଚାର କରେ ତେବେ ତାହା 'ଡିଫାମେସନ୍' ହୁଏ । ଏଥିର ଫଉଜଦାରୀ ଦଣ୍ଡବିଧି ଆଇନର ୪୯୯ ଦଫାରେ ଓ ଦଣ୍ଡ ୫୦୦ ଦଫାରେ ବିବୃତ ହୋଇଅଛି ।]

ଡିଫେନ୍ସ—ବୈଦେ. ବି (ଇଂ)—୧ । ଫଉଜଦାରୀ ମକଦ୍ଦମାରେ ମୁଦାଲାର
Diphens ପକ୍ଷ—1. The side of the accused in a
ଡୀଫେନ୍ସ criminal case.
डिफेन्स ୨ । ଦେୱାନୀ ମକଦ୍ଦମାରେ ପ୍ରତିବାଦୀର ପକ୍ଷ—
2. The side of the defendant in a civil suit.
୩ । ଫଉଜଦାରୀ ମକଦ୍ଦମାରେ ମୁଦେଇର ଉପସ୍ଥାପିତ ଅଭିଯୋଗ ଓ ଦେୱାନୀ ମକଦ୍ଦମାରେ ବାଦୀର ଅରଜିଲିଖିତ ଦାବୀ ବା ବକ୍ତବ୍ୟର ଉତ୍ତରରେ ଯଥାକ୍ରମେ ମୁଦାଲାର ଓ ପ୍ରତିବାଦୀର ଉପସ୍ଥାପିତ ଜବାବ; ସଫେଇ—
3. Defence of an accused or of a defendant in a criminal or civil case.

ଡିବା—ଦେ. ବି. (ସଂ. ଦର୍ବୀ=ଅଣକ କମ୍ବା ସଂ. ଡିମ୍ବ; କମ୍ବା ହି.
Diba ଡିବା)—୧ । ପାନ ବଟା; ଭଙ୍ଗା ପାନ ବା ପାନପତ୍ର
ଡାପେ, ଡୀପା; ରଖିବାପାଇଁ ବ୍ୟବହୃତ ଧାତୁମୟ ଆବରଣଯୁକ୍ତ ପାତ୍ର-
ଡୀବା, ଡୀବୀ 1 Betel-case made of metal.
डिबिआ; डिबा ୨ । ଧାନ ମାପିବାର ଛୋଟ ଗଉଣୀ—
2. A corn-measuring pot.
୩ । ଧାତୁନିର୍ମିତ ଆବରଣଯୁକ୍ତ ଛୋଟ ପାତ୍ର; ସମ୍ପୁଟ—
3. A metal casket.
ପ୍ରାଦେ. (ଗଞ୍ଜାମ) ବି—କିରାସିନି ତେଲ ଜଳିବାର ଡିବି; ଡିବରି;
ଚିମ୍ନି ଲାଗି ନ ଥିବା କେରାସିନ୍ ତେଲ ଜଳିବା ଟିଣର ଦୀପ—
A kerosine burner or lamp without a chimney.
(ମେଦିନୀପୁର) ବି—ବଟୁଆ—A small metal box for putting small things and carrying it in the waist-cloth.
ଦେ. ବିଣ—ଡିମ୍ବା (ଦେଖ)—Dimba (See)

ଡିବାଡିବା—ଦେ. ବିଣ—ଡିମ୍ବାଡିମ୍ବା (ଦେଖ)
Diba-diba Dimba-dimba (See)

ଡିବି—ଦେ. ବି—୧ । ଡିବା (ଦେଖ)
Dibi 1. Diba (See)
लम्फ ୨ । (ସଂ. ଦୀପ; ଭୁଲ. ଗୁଜରାଟୀ. ଡିବି)—
लैंफ କିରାସିନି ତେଲ ଜଳିବାର ଧାତୁମୟ ପ୍ରଦୀପ—
2. A kerosine burner or naked lamp.
ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି—ଛୋଟ ହାଣ୍ଡି; ଅଟିକା—
Small earthen pot.

ଡିବଥ—ଦେ. ବି—୧ । ଡିବା (ଦେଖ)
Dibia 1. Diba (See)
ଡିପେ ୨ । ଡିବି (ଦେଖ)
डिबिया 2. Dibi (See)
୩ । ଛୋଟ ଡବା—3. Small metal case.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଡିବିକିରାଜି—ପ୍ରାଦେ. (ଗଞ୍ଜାମ) ବି—ଖାତରେ ପକାଇ ଖେଳିବା ବାଟି ଖେଳର ଦ୍ୱିତୀୟ ଆଘାତ (ନନ୍ଦେ)—
Ḍibikirāji
The second stroke of a kind of a game with marbles.

ଡିବିଡିବି—ଦେ. ଅ. (ଧ୍ୱନ୍ୟନୁକରଣ)—
Ḍibi-ḍibi — ନାଗରା ବା ଡମରୁ ବାଜିବାର ଶବ୍ଦ—
ডিম্‌ডীম্, ডীবডিবি — The sound of drum-beating.
डुगडुग, डिमडिम
ଡିବିଡିବି ଡମ୍ବରୁ ବଜାଇ ବଜେ ।
ପ୍ରତାପ. ଶଶିସେଣା ।

ଦେ. ବି—୨ । ଅମେରିକାରୁ ଏ ଦେଶକୁ ଆସିଥିବା ଉଦ୍ୟାନ-ତରୁ ବିଶେଷ—2. American Sumach; Cæsalpinia Coriaria (tree).

ଡିବିଡିବି ବାଜିବା—ଦେ. କି—(କୌଣସି ବିଷୟ) ସର୍ବତ୍ର ପ୍ରଘଟ ହେବା; ସାଧାରଣରେ ପ୍ରକଟିତ ବା ଘୋଷିତ ହେବା—
Ḍibiḍibi bājibā
ডিমডিম বাজা, ডিবডিব বাজা — To be published or proclaimed broad cast.
डीमडीमबजना
କଟକରେ ବାଜେ ଡିବିଡିବି
ଛିଅ ନାହିଁ କହୁ ଥାଏ ସିବ ସିବ—ଚଉ ।

ଡିବିରି—ଦେ. ବି. (ସଂ. ଦୀପ; ଡିମ୍ବ=ଗୋଲ)—
Ḍibiri — ୧ । ପେଚର ମୁଣ୍ଡରେ ଲଗାଯିବା ପେଞ୍ଚ କଟିଥିବା ମୁଦ୍ରିକା ବା ଚକ୍ରି—
ঢিবরী
डेबरी,डिबी, डिबरी — 1. The nut of a bolt or screw.
୨ । ଡିବି ୨ (ଦେଖ)—2. Ḍibi 2 (See)

ଡିବେଞ୍ଚର୍—ବୈଦେ. ବି (ଇଂ)—ଋଣ ପାଇଁ କୌଣସି କମ୍ପାନିଙ୍କ ଦ୍ୱାରା ସମ୍ପାଦିତ ବନ୍ଧକ ଦଲିଲ୍—
Ḍibeñchar
ডিবেঞ্চার — Debenture.
डिबेंचर

ଡିମ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଡିମ୍ବ; ତୁଳ. ବ. ଡିମ୍)—
Ḍim — ଡିମ୍ବ—Egg.

ଡିମ୍(ମି)ଡିମ୍(ମି)—ଦେ. ଅ—ଡିବିଡିବି (ଦେଖ)
Ḍim(mi)-ḍim(mi) — Ḍibi-ḍibi (See)

ଡିମ୍(ମି)ରି—ଦେ. ବି—ଡିମ୍ବିରି (ଦେଖ)
Ḍim(mi)-ri — Ḍimbiri (See)

ଡିମ—ଗ୍ରା. ବି—ଡିମ୍ବ (ଦେଖ)
Ḍima — Ḍimba (See)

ଡିମା—ଦେ. ବିଣ—ଡିମ୍ବା ଡିମ୍ବା (ଦେଖ)
Ḍimā — Ḍimbā ḍimbā (See)

ଡିମାଇ—ବୈଦେ. ବି. (ଇଂ. ଡିମାଇ; ଡେମୀ=ଅର୍ଦ୍ଧ)—
Ḍimāi — ୧ । ଡେମୀ; କାଗଜଫର୍ଦ୍ଦର ଆକାରବିଶେଷ; ୧ଫର୍ଦ୍ଦର ଅର୍ଦ୍ଧେ—1. A certain size of half a sheet of paper, measuring 20 inches by 15½ inches; demy paper.
তিমাই
डिमाइ
(ଡିମେଇ, ଡେମୀ—ଅନ୍ୟରୂପ)

[ଦ୍ର—ଯେଉଁ କାଗଜର ଫର୍ଦ୍ଦ ଲମ୍ବରେ ୨୦ ଇଞ୍ଚ ଓ ଓସାରରେ ୧୫½ ଇଞ୍ଚ ଏପରି କାଗଜର ଫର୍ଦ୍ଦକୁ ୪ ଭାଗ କଲେ ଡିମାଇ ୪ ପେଜୀ; ଆଠ ଭାଗ କଲେ ଡିମାଇ ୮ ପେଜୀ, ୧୬ ଭାଗ କଲେ ଡିମାଇ ୧୬ ପେଜୀ ବୋଲାଯାଏ । ଛପା ହେବା ପାଇଁ ଉଦ୍ଦିଷ୍ଟ ୨୨½ ଇଞ୍ଚ × ୧୭½ ଇଞ୍ଚ ଓ ହାତ ଲେଖାପାଇଁ ଉଦ୍ଦିଷ୍ଟ ୨୦ ଇଞ୍ଚ × ୧୫½ ଇଞ୍ଚ (ମତାନ୍ତରରେ ୨୧ ଇଞ୍ଚ × ୧୬ ଇଞ୍ଚ) ଆକାରର କାଗଜକୁ ଡିମାଇ ବୋଲାଯାଏ (ଚେମ୍ବର୍ସ ଇଂରାଜୀ ଡିକ୍ସନାରୀ) । ୧୮ ଇଞ୍ଚ × ୧୨ ଇଞ୍ଚ ଆକାରର କାଗଜକୁ ଡିମାଇ ବୋଲାଯାଏ । ହି. ଶବ୍ଦସାଗର]

ଡିମାଡିମା—ଦେ. ବିଣ—ଡିମ୍ବାଡିମ୍ବା (ଦେଖ)
Ḍimā-ḍimā — Ḍimbā-ḍimbā (See)

ଡିମ୍ବ—ସଂ. ବି. (ଡିମ୍ବ୍ ଧାତୁ=ପ୍ରେରଣ କରିବା+କର୍ତ୍ତୃ. ଅ; ଯାହା ଦ୍ୱାରା ଜୀବ ଗର୍ଭ ମଧ୍ୟରୁ ବାହାରକୁ ପ୍ରେରିତ ହୁଏ)—
Ḍimba
୧ । ଅଣ୍ଡା—1. Egg.
ବେନି ହଂସେ ବେନି ଡିମ୍ବ କରନ୍ତି ଅଳ୍ପ ପ୍ରସବ—ଗୋପୀଭକ୍ତ-ଇନ୍ଦୁରେଖା ।
୨ । ମାଛ ଆଦି ଜୀବଙ୍କ ମଞ୍ଜି—
2. Spawn (of fish, crab etc).
୩ । ପତଙ୍ଗମାନଙ୍କ ଶୈଶବକାଳୀନ ଆକୃତି—
3. Chrysalis.
୪ । ଗର୍ଭସ୍ଥ ଶିଶୁ ଭ୍ରୂଣ—4 Embryo; fœtus.
୫ । ଶିଶୁ ଜନ୍ତୁ; ଛୁଆ—5. Infant of animals; the young of an animal.
୬ । ମନୁଷ୍ୟ ଶିଶୁ—6. Child; infant.
୭ । (+କରଣ. ଅ) ଭୟଜନିତ ଚିତ୍କାରବ ବିକାର—
7 Exclamation due to fright.
୮ । ଫଉଜଦାରି; ଦଙ୍ଗା—8. Riot; affray.
୯ । ବିବାଦ; କଳହ—9. Dispute; quarrel.
୧୦ । ବିପ୍ଳବ—10. Insurrection; mutiny.
୧୧ । ଫୁସ୍‌ଫୁସ୍—11. Lungs.
୧୨ । ପ୍ଳୀହା—12. Spleen.
୧୩ । କଳେବର (ପ୍ରକୃତିବାଦ)—13. Body.

ଡିମ୍ବ ଉଷୁମା—ଦେ. ବି (ସଂ. ଡିମ୍ବ+ଉଷ୍ମ)—ପକ୍ଷିମାତା ଡିମ୍ବ ଉପରେ ବସି ତାକୁ ଉଷ୍ମ କରିବା—Incubation brooding.
Ḍimba ushumā
ডীমে তা
अंडे सेना

ଡିମ୍ବ ଉଷୁମା(ମେ)ଇବା—ଦେ. କି—୧ । (ପକ୍ଷିମାତା) ଡିମ୍ବ ପ୍ରସବ କଲା ପରେ ନିର୍ଦ୍ଦିଷ୍ଟ କାଳ ଯାଏ ଡିମ୍ବ ଉପରେ ଅନବରତ ବସି ତାହାକୁ ଉଷ୍ମତାଯୁକ୍ତ କରିବା—1. (a bird) To sit on the eggs for hatching; to incubate; to brood.
Ḍimba ushumā(me)ibā
ডীমে তা দেওয়া
अंडे सेना

୧	ଚ	ଚ୍ଚ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ୍ଞ	ଶ,ଷ	କ୍ଷ	ଇୟ	ଓ୍ୱ	ଞ
୨	ଛ	ଚ୍ଛ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଗ୍ୟ	ଯ	ସ	ଗ୍ୟଁ	ଇଅ	ୱ	ନ୍ତ

[ଦ୍ର—ଡିମ୍ବକୁ ନ ଉଷୁମାଇଲେ ଡିମ୍ବ କାଞ୍ଚିଆ ହୋଇଯାଏ ଓ ଡିମ୍ବରୁ ଛୁଆ ବାହାରେ ନାହିଁ । ଅନେକ ସ୍ଥଳରେ ପକ୍ଷିଦମ୍ପତି ପୁଟିହି ପାଳି କରି ଡିମ୍ବ ଉଷୁମାଇବାର ଦେଖାଯାଏ ।]

୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟରେ ଅନବରତ ନିଯୁକ୍ତ ରହିବା—2. (figurative) To be constantly kept engaged in some work.

୩ । (ଲକ୍ଷଣାର୍ଥ) ଘରୁ ବାହାରି କିଛିକାଳ ପାଇଁ କେଉଁଆଡ଼େ ନ ଯିବା—3. (figurative) To always stay at home; not to stir out of one's residence.

ଡିମ୍ବକେଶର—ଦେ. ବି—ଡିମ୍ବ ମଧ୍ୟରେ ଥିବା ହଳଦିଆ ଅଂଶ—
Dimba kesara — The yellow portion found inside the egg.

ଡିମ୍ବକୋଷ(ଶ)—ସଂ. ବି (ଉଦ୍ଭିଦ ବିଜ୍ଞାନ ପରିଭାଷା)—ପୁଷ୍ପର ଗର୍ଭକେଶର କନ୍ଦସ୍ଥ ଶୂନ୍ୟଗର୍ଭ ଅଂଶ; ପୁଷ୍ପଯୋନି—
Dimba-kosha(śa) — The reproductive organ in a flower; the ovary of flowers.

ଡିମ୍ବଜ—ସଂ. ବିଣ (ଡିମ୍ବ+ଜନ୍ ଧାତୁ+କର୍ତ୍ତୃ. ଅ)—ଡିମ୍ବରୁ ଜାତ; ଅଣ୍ଡଜ; ଯେଉଁ ଜୀବମାନେ ଡିମ୍ବରୁ ଜନ୍ମନ୍ତି—
Dimbaja — Oviparous (animals).
[ଦ୍ର—ପକ୍ଷୀ, ସରୀସୃପ, ମତ୍ସ୍ୟ ଓ କୀଟାଦିଙ୍କୁ ଡିମ୍ବଜ ବୋଲାଯାଏ ।]

ଡିମ୍ବ ତିଅଣ—ଦେ. ବି (ସଂ. ଡିମ୍ବ+ତେମନ)—ଡିମ୍ବ ରନ୍ଧା ହୋଇ ଥିବା ବ୍ୟଞ୍ଜନ—
Dimba tiaṇa — Curry made with eggs.
ডীমের তরকারী
अण्डेकी तरकारी
[ଡିମ୍ବ ତିଅଣ ବ ଅର୍ଥରେ ଲେଖା ?—(ଡିମ୍ବି ତିଅଣ—ଅନ୍ୟରୂପ) ପ୍ରବଚନ । ଡିମ୍ବରେ ତରକାରି କରି ଖାଇଲେ ଆମିଷ ଖାଇବା ଲାଳସ ପରିତୃପ୍ତ ହୁଏ ନାହିଁ, ଅଥଚ ଜୀବହତ୍ୟା ପାପ ଅର୍ଜିତ ହୁଏ । ଏହିପରି ସ୍ଥଳରେ ଏ ଉକ୍ତି ବ୍ୟବହୃତ ହୁଏ ।]

ଡିମ୍ବ ଦେବା—ଦେ. କ୍ରି—ଡିମ୍ବ ପାଡ଼ିବା (ଦେଖ)
Dimba debā — Dimba pārḍibā (See)

ଡିମ୍ବ ପାଡ଼ିବା—ଦେ. କ୍ରି (ସଂ. ଡିମ୍ବ+ପାତନ)—ଡିମ୍ବ ଜନ୍ମ କରିବା—
Dimba pārḍibā — To lay eggs.
ডীম পাড়া, **अंडा देना**

ଡିମ୍ବ ଫୁଟା(ଟେ)ଇବା—ଦେ. କ୍ରି. (ସଂ. ଡିମ୍ବ+ସ୍ଫୋଟନ)—
Dimba phuṭā(ṭe)ibā — ଡିମ୍ବକୁ ନିର୍ଦ୍ଦିଷ୍ଟକାଳ ଉଷୁମାଇବା ପରେ ତାହାର ବହିରାବରଣ ଫଟାଇବା—To hatch eggs.
ডিম ফুটান
अंडा फुटाना
[ଦ୍ର—ଡିମ୍ବ କେବେକେବେ ମନକୁ ଓ କେବେକେବେ ମାତାର ଚଞ୍ଚୁ ଅଗ୍ରର ଆଘାତ ଦ୍ୱାରା ଫାଟି ଯାଏ । ଡିମ୍ବ ମନକୁ ଫାଟି ଛୁଆ ବାହାରିଲେ ତାକୁ ଡିମ୍ବ ଫୁଟିବା ଓ ମାଆ ଡିମ୍ବକୁ ଆଘାତ କରି ଫଟାଇଲେ ତାକୁ ଡିମ୍ବ ଫଟାଇବା କହନ୍ତି ।]

ଡିମ୍ବ ଫୁଟିବା—ଦେ. ବି—ଉପଯୁକ୍ତ ସମୟ ପକ୍ଷିମାତା ଦ୍ୱାରା ଉଷୁମ ହେବାପରେ ଡିମ୍ବ ଫାଟିଯାଇ ତହିଁରୁ ଛୁଆ ବାହାରିବା—
Dimba phuṭibā — The hatching of an egg.
ডিম ফুটা
अंडा खटकना

ଡିମ୍ବା—ଦେ. ବିଣ.—ଡିମ୍ବା ଡିମ୍ବା (ଦେଖ)
Dimbā — Dimbā ḍimbā (See)

ଡିମ୍ବା ଡିମ୍ବା—ଦେ. ବିଣ.—(ସଂ. ଡିମ୍ବ)—୧ । ଅରୁଅରୁଆ—
Dimbā dimbā — 1. Bulbous.
ডিমের মত
ଯଥା—ତାଙ୍କ ଦେହରେ ଡିମ୍ବାଡିମ୍ବା ହୋଇ କଅଣ **अण्डासा, बैंजावी** ଗୁଡ଼ାଏ ବାହାରି ଗଲାଣି ।)

୨ । ଡିମ୍ବପରି ଫୁଲି ଥିବା (ଆଖି)—
2. Swollen (eye).
(ଯଥା—କାନ୍ଦି କାନ୍ଦି ତା ଆଖି ଡିମ୍ବା ଡିମ୍ବା ହେଲାଣି ।)

୩ । ଡିମ୍ବାକୃତି; ଡିମ୍ବ ପରି ବୃତ୍ତାଭାସ ଆକାରବିଶିଷ୍ଟ—
3. Oval; elliptical; egg-shaped,

ଦେ. ବି.—୧ । ଡିମ୍ବପରି ଆକୃତି ବିଶିଷ୍ଟ ପଦାର୍ଥ—
1. Any egg-shaped thing.

୨ । ବହୁକାଳ ହେଲା ଗୋଦର ହୋଇଥିବା ରୋଗୀର ଗୋଦର ଗୋଡ଼ ଉପରେ ବାହାରିବା ଅଣ୍ଡାକାର ଅବୁମାନ—
2. Bulbous tumours appearing on the legs swollen with elephantiasis for a very long time.

୩ । ଅଙ୍ଗ ପ୍ରତ୍ୟଙ୍ଗରେ ଆକୁବାଡ଼ା ପରି ଫୁଲି ଥିବା ଫୁଲା ବା ଅବୁ—3. Egg-shaped protuberances appearing on the body.

ଡିମ୍ବାହବ—ସଂ. ବି—ନୃପହୀନ ଯୁଦ୍ଧ; ଯେଉଁ ଯୁଦ୍ଧରେ ଉଭୟପକ୍ଷର ନରପତିମାନେ ଯୁଦ୍ଧଭୂମିରେ ଉପସ୍ଥିତ ନ ଥାନ୍ତି—
Dimbāhaba — Warfare in which the kings of the opposing sides do not take part.

ଡିମାରେଜ୍—ବୈଦେ. ବି.—(ଇଂ ଡିମରରେଜ୍)—୧ । ବନ୍ଦରରେ ଜାହାଜ ନିର୍ଦ୍ଦିଷ୍ଟ ଦିନ ଅପେକ୍ଷା ବେଶି ଦିନ ରହିଲେ ତହିଁ ପାଇଁ ଜାହାଜବାଲାଙ୍କ ବନ୍ଦରସ୍ୱାମୀକୁ ଦେବା ଅର୍ଥଦଣ୍ଡ—
Dimārej — 2. Demmurrage for a ship.
ডিমরেজ
डिमरेज

୨ । ଗଇର୍ ଖରଚ (ଦେଖ)
2. Gair kharachā (See)

ଡିମ୍ବିକା—ସଂ. ବି. ସ୍ତ୍ରୀ. (ଡିମ୍ବ+ଇକ+ସ୍ତ୍ରୀ. ଅ)—
Dimbikā — ୧ । କାମୁକୀ ସ୍ତ୍ରୀ—1. A lascivious woman

୨ । ଜଳବୁଦ୍ବୁଦ—3. Water-bubble.

ସାଧାରଣ ଲୋକେ ଅପରି ଦୃଷ୍ଟାରେ ବ୍ୟବହୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ଶ୍ୟୋନାକ ବୃକ୍ଷ (କ୍ଷୀରେନ୍ଦ୍ର); ଫଣଫଣା (ଦେଖ)
3. Phaṇaphaṇā (See)

ଡିମ୍ବିରି— ଦେ. ବି. (ସଂ.ଉଦୁମ୍ବର; ଉଡୁମ୍ବର)—ଶ୍ରେଷ୍ଠ ଜାତିର ଡିମିରି ଗଛ ଓ ତହିଁର ଫଳ—Ficus Oppositifolia; Ficus Hispida; fig (tree and fruit).
Ḍimbiri
ସଂ. ଉଦୁ(ଦୁ)ମ୍ବର, ଜଘନଫଳା, ଫଲ୍ଗୁ, କାକୋଦୁମ୍ବରିକା
ডুমার, কাকডুমর, ডুমুর
गूलर, उमर, कागसा, गोबला, काठगुलरिया, काठूमर
ତେ. ବ୍ରହ୍ମମେଡ଼ି, କାକିବାଡ଼ୁ
ଗଞ୍ଜାମ. ଖଟସଣ
ମ. ବୋଖଡ଼ା, କାଲଉମ୍ବର
ଗୁ. ଟେଡ଼ଉମ୍ବରୋ
ଫା. ଅଂଜୀରେଦସ୍ତୀ
ଆ. ତନବସ୍ସ

ଭଗ୍ନ ବୋଇଲେ ତୁ ଉତ୍ତମ୍ଭାନ କରି
ଡିମ୍ବିରିକି ଯାଇ ଧରନ୍ତୁ କୋଳ କରି—
କୃଷ୍ଣସିଂ ହ. ମହାଭାରତ. ବନ ।

[ଦ୍ର—ଏହା ବଟଜାତୀୟ ନାତିଦୀର୍ଘ ଗୁଳ୍ମିଲ ଅରଣ୍ୟ ତରୁ । ଏହି ଗଛର କାଣ୍ଡରେ ବା ଶାଖାମୂଳରେ ଫଳ ଧରେ । ଏହାର ଫୁଲ ଦେଖା ଯାଏ ନାହିଁ । ପତ୍ରର ଦେହରେ ଅଂଶୁ ଥାଏ । ଗଛର ମୂଳ ହାଣି ଦେଲେ ଜଳବତ୍ ପ୍ରଚୁର ସ୍ୱଚ୍ଛ ଦ୍ରବ୍ୟ ନିଃସୃତ ହୁଏ । ଏହାର ଫଳ ଗୋଲାକାର ଓ ଶ୍ରେଷ୍ଠ ଡିମ୍ବ ପରି । ଫଳ ମଧ୍ୟରେ ଅସଂଖ୍ୟ କ୍ଷୁଦ୍ର ବୀଜ ଥାଏ । ଅଶ୍ୱତ୍ଥ ଓ ବଟ ବୃକ୍ଷ ପରି ଡିମିରି ଗଛର ସୂକ୍ଷ୍ମ ଫୁଲ ମଧ୍ୟ ଅନ୍ତର୍ମୁଖ, ଅର୍ଥାତ୍ ଫୁଲ ଗୋଟିଏ କୋଷ ମଧ୍ୟରେ ବନ୍ଦ ହୋଇ ରହିଥାଏ । ପୁଂ.ପୁଷ୍ପ ଓ ସ୍ତ୍ରୀ.ପୁଷ୍ପର ଅଲଗା ଅଲଗା କୋଷ ହୁଏ । କୀଟମାନଙ୍କ ସହାୟତାରେ ଏ ପୁଷ୍ପର ଗର୍ଭାଧାନ ହୁଏ । ପୁଂ.କେଶରର ବୃଦ୍ଧି ସଙ୍ଗେ ସଙ୍ଗେ ଏଥି ମଧ୍ୟରେ ଏକପ୍ରକାର କୀଟ ଜନ୍ମନ୍ତି । ଏହି ପୋକମାନେ ପୁଂ.ପରାଗକୁ ଗର୍ଭକେଶର ମଧ୍ୟକୁ ନେଇ ଯାଆନ୍ତି ଏବଂ ତଦ୍ଦ୍ୱାରା ଗର୍ଭକୋଷ ବଢ଼ି ଫଳ ଜନ୍ମେ । ଏ ଫଳ କୋମଳ; ଫଳର କରଡ଼ୀ ଚୋପା ନାହିଁ । ଫଳକୁ ଗଛରୁ ତୋଳି ଆଣି ଭାଙ୍ଗି ଦେଲେ ଫଳ ଭିତରେ ପରିପକ୍ୱ ଗର୍ଭକେଶର ଓ ଛୋଟଛୋଟ ମଞ୍ଜି ଦେଖାଯାଏ ଓ ପୋକକ ପରି ଗୁଡ଼ିଏ ଛୋଟଛୋଟ ପୋକ ବାହାରି ପଡ଼ନ୍ତି । ବୈଦ୍ୟଶାସ୍ତ୍ରମତରେ ଏହାର ଛାୟା ଖୁବ୍ ଶୀତଳ । ଫଳ ତରକାରି ହୁଏ ଓ ଡାଳ ଦାନ୍ତକାଠି ରୂପେ ବ୍ୟବହୃତ ହୁଏ । ଏହାର ଫଳ ମଧ୍ୟରେ ଫୁଲ ଥିବାରୁ ଲୋକେ ଫଳର ବାହାରେ ଫୁଲ ନ ଦେଖି ଭ୍ରମରେ ବର୍ଣ୍ଣନ୍ତି ଯେ ଡିମ୍ବିରି ଗଛର ଫୁଲ ନାହିଁ । ଏଥିପାଇଁ ନୟନର ଅଗୋଚର ବସ୍ତୁକୁ ଲୋକେ କଥା ପ୍ରସଙ୍ଗରେ ଡିମ୍ବିରି ଫୁଲ ସଙ୍ଗେ ତୁଳନା କରି ଥାଆନ୍ତି । କାବୁଲୀ ଡିମ୍ବିରି ଫଳକୁ ଅଞ୍ଜୀର କହନ୍ତି । ଏହା ଆମ ଦେଶର ଡିମିରି ଫଳ ଅପେକ୍ଷା ବଡ଼ ଓ ଖାଇବାକୁ ମିଠା । ଏହା ଖାଇଲେ କୋଷ୍ଠ ପରିଷ୍କାର ହୁଏ । ବୈଦ୍ୟଙ୍କ ମତରେ ଡିମ୍ବିରି ସ୍ତମ୍ଭନକାରକ, ତିକ୍ତ କଷାୟ ରସ ଓ ଶୀତବୀର୍ଯ୍ୟ; ଏହା କଫ, ପିତ୍ତ, ବ୍ରଣ, ଶ୍ୱିତ୍ର, କୁଷ୍ଠ, ପାଣ୍ଡୁ, ଅର୍ଶ ଓ କାମଳା ରୋଗରେ ଉପକାରୀ । ବୃହତ୍ତର ଫଳ ଓ ବୃହତ୍ତର ଆକୃତି ବିଶିଷ୍ଟ ଏହି ଜାତୀୟ ଗଛକୁ ଓଡ଼ିଆରେ ଉଦୁମ୍ବର ବା ଯଜ୍ଞ ଡିମ୍ବିରି (ସଂ. ଉଦୁମ୍ବର ଲା. —Ficus Glomerata: ଇଂ. Glomerous Fig or Keg-tree) କହନ୍ତି ।]

ପ୍ରାଦେ. (ଗଡ଼ଜାତ) ବି—ଜଙ୍ଗଲରେ ଥିବା ଏକପ୍ରକାର ସରୁଆ ଫିକା ରଙ୍ଗର ବରଡ଼ି । (ଏମାନଙ୍କ ନାହୁଡ଼ା ଅତି ବିଷାକ୍ତ)-
A kind of slender brown wasp.

ଡିମ୍ବିରି ଫୁଲ—ଦେ. ବି—ଡିମ୍ବିରି ଗଛର ଫୁଲପରି ଅସମ୍ଭବ ବିଷୟ; ଅକାଶ କୁସୁମ—An imaginary thing which has no existence (like the flower of the fig tree).
Ḍimbiri phula
ডুমুরফুল
गुलका फुल
[ଦ୍ର—ପ୍ରକୃତରେ ବିନ୍ଦୁ ଡିମ୍ବିରି ଗଛର ଫୁଲ ଫଳ ମଧ୍ୟରେ ଥାଏ ।]

ଡିମ୍ଭ—ସଂ. ବି. ପୁଂ. (ଡିନ୍ଭ ଧାତୁ = ଏକତ୍ର କରିବା + କର୍ତ୍ତୃ. ଅ)—
Ḍimbha
(ଡିମ୍ଭା—ସ୍ତ୍ରୀ)
୧ । ଶିଶୁ; କଅଁଳା ପିଲା—1. Child; infant; newborn child.
୨ । (ନାମ) ଶାଲ୍ୱ ଦେଶର ଅଧିପତି—2. Name of a king of the ancient Sālwa kingdom.
୩ । (ନାମ) ଜରାସନ୍ଧର ସେନାପତି—
3. Name of the general of king Jarāsandha.
ବିଣ—୧ । ମୂର୍ଖ—1. Illiterate.
୨ । ଅଜ୍ଞ—2. Ignorant.
୩ । ନିର୍ବୋଧ—3. Foolish.
୪ । ମୋଟାବୁଦ୍ଧିଆ—4. Blockhead; stupid.

ଡିମ୍ଭକ—ସଂ. ବି. (ଡିମ୍ଭ + ସ୍ୱାର୍ଥେ କ)— ଡିମ୍ଭ (ଦେଖ)
Ḍimbhaka Ḍimbha (See)

ଡିରୁରା—ପ୍ରାଦେ. (କଳାହାଣ୍ଡି) ବି—ଉଚ୍ଚଭୂମି ଖଣ୍ଡ—
Ḍir-rā A piece of high land.

ଡିର—ପ୍ରାଦେ. (ସମ୍ବଲପୁର) ବି—ଲତାଆଗର ଡଙ୍କ—
Ḍira The tendril or tender shoot of a creeper.

ଡିରେକ୍ଟର୍—ବୈଦେ. ବି. (ଇଂ. ଡାଇରେକ୍ଟର୍)—
Ḍirekṭar ଡାଇରେକ୍ଟର୍ (ଦେଖ)
Ḍāirekṭar (See)

ଡିଲ୍ (ଇତ୍ୟାଦି)—ବୈଦେ.ବି. (ଆ. ଦିଲ୍)—ଦିଲ୍ ଇତ୍ୟାଦି (ଦେଖ)
Ḍil (etc) Ḍil etc (See)
(ଡିଲ—ଅନ୍ୟରୂପ)

ଡିଲ୍ ଡଉଲ୍—ବୈଦେ. ବି—୧ । ମନ ଓ ରୂପ—
Ḍil ḍaul
डीलडौल
1. Mind and shape.
୨ । ମାନସିକ ଶାନ୍ତି ଓ ଶାରୀରିକ ସ୍ୱାଚ୍ଛନ୍ଦ୍ୟ—
2. Mental peace and bodily comforts.

ଅମ୍ଭେମାନେ ଏ ଗ୍ରୀଷ୍ମଦିନରେ ଡିଲଡଉଲ ସ୍ଥାନ
ହୋଇ ରାତ ଭୋଗ କରୁ ଅଛୁଁ । ଗଡ଼ଜାତ ବାସିନ୍ଦା. ୨୪।୪।୨୧ ।

୩ । ଶରୀରର ଆକୃତି—3. The shape of the body.

୧	ଛ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଡ
୨	ଈ	ଊ	ଋ	ଲୃ	ଯ୍ୱ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ଡ଼

ଡିଲ୍ଲ - ପ୍ରାଦେ. (ବସ୍ତ୍ର) ବ—ଷଣ୍ଢର ଚୂଲ; କକୁଦ—
Dilā The hump or protuberance on the nape of the neck of a bull.

ଡିଲ୍ଲି (ଇତ୍ୟାଦ)—ଦିଲ୍ଲି ଇତ୍ୟାଦ (ଦେଖ)
Dilli (etc) Dilli etc (See)

ଡିଶ୍ - ବୈଦେ. ବ. (ଇଂ. ଡିଶ୍)—ପିଥଲା; ରେକାବ; ଥାଳଥ—
Dis Dish.
ডিস ডীস

ଡିଶ୍‌କାଉଣ୍ଟ୍—ବୈଦେ. ବ. (ଇଂ. ଡିସ୍‌କାଉଣ୍ଟ୍)—
Dis-kāunt ୧ । ଟଙ୍କା କରଜ ଦେଲା ବେଳେ ତହିଁରୁ
ডিসকাউন্ট মହାଜନ କାଢ଼ି ରଖୁବା ଅଗଭୁରା ସୁଧ—
डिसकाउन्ट 1. Discount.
୨ । ପଣ୍ୟଦ୍ରବ୍ୟ ନଗଦ ଧନ ନେଇ ଖରଦ କରବା ଲୋକକୁ ବେପାରି ଛାଡ଼ି ଦେବା ମୂଲ୍ୟର ଅଂଶ—2. Discount allowed to a purchaser for cash.

ଡିଶଚାର୍ଜ—ବୈଦେ. ବ. (ଇଂ. ଡିସ୍‌ଚାର୍ଜ)—୧ । ଚାକରରୁ ସ୍ଥଗିତ ବା
Dis-chārj ରହିତ କରାଯିବା; ବରଖାସ୍ତ—.
ডিসচার্জ 1. Discharge from service.
डिसचारज ୨ । ରେତଃସ୍ଖଳନ—
2. Discharge of semen
୩ । ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହେଲା ପରେ ଡାକ୍ତରଖାନାରୁ ଖଲାସ ହେବା—
3. Discharge of a patient from the hospital after cure.
୪ । ମୁକ୍ତି ପ୍ରଦାନ; ଖଲାସି—
4. Release; discharge.

ଡିଶ୍‌ଟିଲରି—ବୈଦେ. ବ. (ଇଂ ଡିସ୍‌ଟିଲେରି)—
Dis-tilari ମଦଭାଟି; ଡେଷ୍ଟିଲେରି; ଗୁଡ଼ ଆଦିକୁ ସଢ଼ାଇ କରି
ডেষ্টিলারী ତହିଁରୁ ଅରଖ ବାହାର କରି ମଦ ତିଆରି କରିବା ସ୍ଥାନ
भट्टी Distillary.
[ଡିଶ୍‌ଟିଲ(ଲେ)ରି—ଅନ୍ୟରୂପ]

ଡିଶ୍‌ଟ୍ରେଣ୍ଟ୍—ବୈଦେ. ବ. (ଇଂ)—ଖଜଣା ପାଇଁ କଲେକ୍ଟରଙ୍କ
Dis-trent ଆଦେଶରେ ପ୍ରଜାର ଫସଲ କୋରଖ—
ডিসট্রেন্ট Distraint of a tenant's standing crop
फसलकुर्की by a public servant at the instance of the landlord.

ଡିଶ୍‌ପିଉଟ୍—ବୈଦେ. ବ. (ଇଂ) (ସେଟଲମେଣ୍ଟ ଯୋଗୁଁ ପ୍ରଚଳିତ ଶବ୍ଦ)—
Dis-piut ବନ୍ଦର ବା ଖାନାପୁରି କାର୍ଯ୍ୟ ଶେଷ ହେବାପରେ ଅର୍ଥାତ୍
ডিসপিউট ଅଟେଷ୍ଟେସନ୍ କାର୍ଯ୍ୟ ଚାଲିବା ସମୟରେ ଭୁଲ ସଂଶୋଧନ
डिसपूट ପାଇଁ କୌଣସି ବ୍ୟକ୍ତି ଦାଏର କରିବା ଅପତ୍ତି—
(ଡିଶ୍‌ପ୍ୟୁଟ୍—ଅନ୍ୟରୂପ) A case or dispute filed by a person at the attestation-stage during the Settlement operations.

ଡିଶ୍‌ମଲ୍—ବୈଦେ. ବି. (ଇଂ)—ଡେସିମଲ୍ (ଦେଖ)
Dis-mal Desimal (See)
(ଡିଶିମଲ୍; ଡଶିମିଲ—ଅନ୍ୟରୂପ)

ଡିଶ୍‌ମିଶ—ବୈଦେ. ବ. (ଇଂ)—୧ । ମକଦ୍ଦମାରେ ବାଦୀର ଦାବି
Dis-mis ନାମଞ୍ଜୁର ହେବା—1. Dismissal of the plaintiff's claim.
ଡିଟିସ୍ମି } ଉପସ୍ୱର ୨ । ଚାକରିରୁ ବରଖାସ୍ତ ହେବା—
ଡିସ୍ମି }
ডিসমিস 2. Dismissal from any post or service.
डिसमिस
(ଡିଶିମିଶ୍, ଡିଶିମିଶି—ଅନ୍ୟରୂପ)

ଡିଷ୍ଟ୍ରିକ୍ଟ୍—ବୈଦେ.ବ.(ଇଂ)—ଜିଲ୍ଲା; ଶାସନବିଭାଗର ଗୋଟିଏ ନିର୍ଦ୍ଦିଷ୍ଟ
Dishtrict ଅଞ୍ଚଳ—District; an administrative unit of a Division.
ডিষ্ট্রিকট
डिष्ट्रिक्ट
[ଦ୍ର—ଜିଲ୍ଲା ଅର୍ଥବାଚକ ଇଂ. ଡିଷ୍ଟ୍ରିକ୍ଟ ଶବ୍ଦ ସଙ୍ଗେ ବ୍ୟବହୃତ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ଓଡ଼ିଆରେ ଚଳୁଛନ୍ତି । ତହିଁ ମଧ୍ୟରୁ କେତେ ଗୁଡ଼ିଏ ଶବ୍ଦ ଏଠାରେ ଦିଆଯାଇ ଅଛି । ଓଡ଼ିଆରେ ଚଳୁଥିବା ଅନ୍ୟ ଶବ୍ଦମାନଙ୍କ ପାଇଁ ଡିଷ୍ଟ୍ରିକ୍ଟ ଶବ୍ଦ ବାଦ ଦେଇ ପରବର୍ତ୍ତୀ ଶବ୍ଦ ଏ ଭାଷାକୋଷରେ ଖୋଜ, ଉକ୍ତ ଅର୍ଥ ପୂର୍ବେ ଡିଷ୍ଟ୍ରିକ୍ଟର ଅର୍ଥଯୋଗ କଲେ ଉକ୍ତ ଶବ୍ଦର ମର୍ମ ବୁଝାଯିବ, ଯଥା— ଡିଷ୍ଟ୍ରିକ୍ଟ ଗେଜେଟ୍, ଡିଷ୍ଟ୍ରିକ୍ଟ ଗେଜେଟିଅର୍, ଡିଷ୍ଟ୍ରିକ୍ଟ ଟ୍ରାଫିକ୍ ସୁପରିଣ୍ଟେଣ୍ଡେଣ୍ଟ୍, ଡିଷ୍ଟ୍ରିକ୍ଟ କନ୍‌ଫରେନ୍ସ୍ ।]

ଡିଷ୍ଟ୍ରିକ୍ଟ୍ ଅଫିସ୍—ବୈଦେ. ବ. (ଇଂ)—ଜିଲ୍ଲାର ସର୍ବପ୍ରଧାନ ରାଜସ୍ୱ
Dishtrikt aphis ଓ ଫଉଜଦାରୀସମ୍ବନ୍ଧୀୟ କାର୍ଯ୍ୟାଳୟ—
ডিষ্ট্রিক্ট অফীস District Office.
डिष्ट्रिक्ट आफिस

ଡିଷ୍ଟ୍ରିକ୍ଟ୍ ଅଫିସର୍—ବୈଦେ. ବ. (ଇଂ)—ଜିଲ୍ଲାର ସର୍ବପ୍ରଧାନ ରାଜସ୍ୱ-
Dishtrikt aphisar ଓ ଫଉଜଦାରୀ ବିଭାଗର କର୍ମଚାରୀ, ମାଜିଷ୍ଟ୍ରେଟ
ডিষ্ট্রিক্ট আফিসর ଓ କଲେକ୍ଟର୍—District Officer.
डिष्ट्रिक्ट अफसर

ଡିଷ୍ଟ୍ରିକ୍ଟ୍ ଇଞ୍ଜିନିୟର୍—ବୈଦେ. ବ. (ଇଂ. ଡିଷ୍ଟ୍ରିକ୍ଟ୍+ଏଞ୍ଜିନିଅର୍)—
Dishtrikt injiniyar ଡିଷ୍ଟ୍ରିକ୍ଟବୋର୍ଡ଼ ଅଧୀନ ପୂର୍ତ୍ତବିଭାଗର
ডিষ্ট্রিক্ট ইঞ্জীনীআর ସର୍ବୋଚ୍ଚ କର୍ମଚାରୀ—
डिष्ट्रिक्ट इंजिनिआर District Engineer.

ଡିଷ୍ଟ୍ରିକ୍ଟ୍ ଇନ୍‌ସ୍‌ପେକ୍‌ଟର୍—ବୈଦେ. ବ. (ଇଂ)—
Dishtrikt in-spek-tar ଜିଲ୍ଲାର ଶିକ୍ଷାବିଭାଗର ପ୍ରଧାନ ପରିଦର୍ଶକ—
ডিষ্ট্রিক্ট ইনসপেক্টর District Inspecter of schools.
डिष्ट्रिक्ट इंसपेक्टर

ଡିଷ୍ଟ୍ରିକ୍ଟ୍ କମ(ମେ)ଟି—ବୈଦେ. ବ. (ଇଂ. ଡିଷ୍ଟ୍ରିକ୍ଟ+କମିଟି)—
Dishtrikt kami(me)ti ଜିଲ୍ଲାର ପ୍ରଧାନ ସଭା; ଯେଉଁ
ডিষ্ট্রিক্ট কমটি ସଭାରେ ଜିଲ୍ଲାର ବିଷୟମାନ ବିବେଚିତ ହୁଏ—
डिस्ट्रिक्ट कमेटि District-committee.

ସାଧାରଣ ଲୋକେ ଅପର ଶବ୍ଦରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ୟା'କୁ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଡିଷ୍ଟ୍ରିକ୍ଟ କାଉନ୍‌ସିଲ୍—ବୈଦେ. ପ୍ରାଦେ. (ସମ୍ବଲପୁର) ବି. (ଇଂ)—
Dishtrikt kāun-sil ସମ୍ବଲପୁର ଜିଲ୍ଲାର ଡିଷ୍ଟ୍ରିକ୍ଟବୋର୍ଡ—District Council; the Disttrict Board of Sambalpur.

ଡିଷ୍ଟ୍ରିକ୍ଟ କୋର୍ଟ (ର୍ଟ୍)—ବୈଦେ. ବି. (ଇଂ)—୧ । ଜିଲ୍ଲାର ପ୍ରଧାନ
Dishtrikt kot(rt) ବିଚାରାଳୟ—1. District Court.
ডিষ্ট্রিক্টকোর্ট ୨ । ଡିଷ୍ଟ୍ରିକ୍ଟ ଜଜଙ୍କ ବିଚାରାଳୟ—
डिष्ट्रिक्टकोर्ट 2. The court of the District Judge.

ଡିଷ୍ଟ୍ରିକ୍ଟ ଜଜ୍—ବୈଦେ. ବି. (ଇଂ)—ଜିଲ୍ଲାର ଦେବାନୀ ବିଚାର
Dishtrikt jaj ପାଇଁ ନିଯୁକ୍ତ ସର୍ବୋଚ୍ଚ ବିଚାରପତି—
ডিষ্ট্রিক্ট জজ District Judge.
डिष्ट्रिक्ट जज

ଡିଷ୍ଟ୍ରିକ୍ଟ ବୋର୍ଡ୍ (ର୍ଡ)—ବୈଦେ. ବି. (ଇଂ)—ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟାଦି
Dishtrikt bord(rd) ପରିଚାଳନ କରୁଥିବା ଗଭର୍ଣ୍ଣମେଣ୍ଟଙ୍କ
ডিষ্ট্রিক্ট বোর্ড ପ୍ରତିଷ୍ଠିତ ସ୍ୱାୟତ୍ତଶାସନାଧିକାରପ୍ରାପ୍ତ ସଭା—
डिष्ट्रिक्ट बोर्ड District Board.

ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍—ବୈଦେ. ବି. (ଇଂ)—ଜିଲ୍ଲାର ପ୍ରଧାନ ଫୌଜଦାରୀ
Dishtrikt mājishtret ବିଚାରପତି ଓ ଶାନ୍ତିରକ୍ଷକ ହାକିମ—
ডিষ্ট্রিক্ট মাজীষ্ট্রেট District Magistrate.
डिष्ट्रिक्ट मैजेष्टर

ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ—ବୈଦେ. ବି. (ଇଂ)—ଜିଲ୍ଲାର ପୁଲିସ-
Dishtrikt suparintendent ବିଭାଗର ସର୍ବଶ୍ରେଷ୍ଠ ରାଜ-
ডিষ্ট্রিক্ট স্থপরিন্টেণ্ডেণ্ট କର୍ମଚାରୀ; ପୁଲିସ୍ ସାହେବ—
डिष्ट्रिक्ट सुपरिंटेंडेंट District Superintendent of Police.

ଡିଷ୍ଟ୍ରିବିଉଟ୍ କରିବା—ବୈଦେ. କ୍ରି (ଇଂ)—(ଛାପାଖାନାରେ ବ୍ୟବହୃତ)—
Dishtribiut kariba ଛାପା ହୋଇ ସାରିବା ପରେ କମ୍ପୋଜ୍
ডিষ্ট্রিবুট করা ହୋଇଥିବା ଟାଇପମାନଙ୍କୁ ଫରମାରୁ କାଢ଼ିନେଇ ପୁଣି
डिसट्रिब्युट करना ସ୍ୱସ୍ଥାନରେ ରଖିବା—(printers word)—To distribute the types after a form is printed.

ଡିହ—ବୈଦେ. ବି. (ଫା. ଡୀହ୍ ବା ଦେହ୍ =ଗ୍ରାମ ସମଷ୍ଟି; ତୁଳ.
Diha ସଂ. ଦେଶ)—୧ । ମାଟିର ଗଦା ବା ଢିପ—
ডহী; ভিটা 1. Mound of earth.
डिह, मेंड़, मीटा ୨ । ବାସଯୋଗ୍ୟ ଉଚ୍ଚ ଜମି—
2. A high habitable ground.
୩ । ଯେଉଁ ଜମି ଉପରେ ଘର ତୋଳା ଯାଏ—
3. Site of dewelling.
খোঁচা; ঠোঁসা ୪ । ଯଷ୍ଟିର ସ୍ଥୂଳ ଅଗ୍ରଦ୍ୱାରା ଗୁସା—
रेला 4. A push or poke with the butt or thick end of a rod.
(ଡିଗ୍ଗା—ଅନ୍ୟରୂପ) ୫ । ଏକ ତହସିଲଦାରଙ୍କ ଅଧୀନ 'କେତେ
'ଗୋଟି ଗ୍ରାମର ସମଷ୍ଟି—5. An aggregate of some villages under one rent-collector.
ଦେ. ବିଣ—ଡିହ (ଦେଖ)—Dihi (See)
ପ୍ରାଦେ. (ଯାଜପୁର) ବିଣ—ଢିପ (ଜମି)—
High land; upland.

ଡିହ ଅଣ୍ଡିରା—ଦେ. ବିଣ—ଡିହ କୁଟା (ଦେଖ)
Diha andirā Diha kutā (See)

ଡିହ କୁଟା—ଦେ. ବିଣ (ବ୍ୟଙ୍ଗାର୍ଥ)—କୁକୁର ଯେପରି ନିଜର ବାସ
Diha kutā ସ୍ଥାନନିକଟରେ ପ୍ରଭୁତ୍ୱ ଦେଖାଏ,ସେହିପରି ବ୍ୟକ୍ତି ସେହିପରି
डिगिया ଆପଣାର ବାସସ୍ଥାନର ସାମନାରେ ଠିଆ ହୋଇ
ପ୍ରୌଢ଼ି ଦେଖାଇ ହୁଏ; ଗେହେଶୂର—
A person who brags of his bravery
(ଡିହ ବିଲୁଆ--ଅନ୍ୟରୂପ) at his own house; a swaggerer.

ଡିହ ଜମି—ଦେ. ବି—ଯେଉଁ ଉଚ୍ଚ ଜମିରେ ଘର ତିଆରି ହୋଇଥାଏ—
Diha jami Homestead land; building site.
ডীহীজমী

ଡିହ ବାନ୍ଧିବା—ଦେ. କ୍ରି—ଘର କରିବା ନିମନ୍ତେ କୌଣସି ନିମ୍ନ
Diha bāndhibā ଭୂମିରେ ମାଟି ପକାଇ ଉଚ୍ଚ କରିବା—
ডীহীবাঁধা To raise a low ground by piling earth
मेड़ बाँधना on it to make it a building site.
(ଡିହମାଡ଼ିବା--ଅନ୍ୟରୂପ)

ଡିହ ମାରିବା—ଦେ. କ୍ରି—ବାଡ଼ିର ମୁଣ୍ଡଦ୍ୱାରା ଅଘାତ କରିବା ବା
Diha māribā ଭୁସିବା—To give a push with the
খোঁচা দেওয়া butt of a rod.
रेला मारना
(ଡିହପକାଇବା, ଡିହ ଦେବା—ଅନ୍ୟରୂପ)

ଡିହରେ ପୋଖରୀ ଖୋଳିବା—ଦେ. କ୍ରି. (ଧମକାଣ ବାକ୍ୟ)—
Dihare pokhari kholibā (ଲକ୍ଷଣାର୍ଥ) କାହାରିକୁ ସର୍ବସ୍ୱାନ୍ତ
କରିବା—(figurative) (a threat) To utterly ruin a person and deprive him of his homestead.
ভিটামাটি উচ্ছন্নকরা
[ଦ୍ର— ଜଣେ ଲୋକକୁ ମାମଲା ମୋକଦ୍ଦମା ଆଦିରେ ପକାଇ ସର୍ବସ୍ୱାନ୍ତ କରି ତାହାର ଘର ଡିହକୁ ଦଖଲ ନେଇ ତହିଁର ଚିହ୍ନ ମାତ୍ର ନ ରଖିବାର ଧମକାଣ ଦେବାବେଳେ ଏହି ରୂଢ଼ିଅରେ ଏହା ବ୍ୟବହାର କରାଯାଏ ।]

ଡିହରେ ବିଲୁଆ ଡେଇଁବା—ଦେ. ବି. (ଏକପ୍ରକାର ଅଭିଶାପ)—
Dihare biluā deinbā (ଲକ୍ଷଣାର୍ଥ) ବଂଶ ସମୂଳରେ ଲୋପ
ডীহীতে ঘুঘু চরা ହେବା; ବଂଶର ସମସ୍ତେ ମରି ଯାଇ
ବାସଗୃହ ଶ୍ମଶାନରେ ପରିଣତ ହେବା—(figurative) (a form of curse) The turning of one's

୧	ଈ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	କ୍ଷ	ଇସ୍ପ	ଉଅ	ଙ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଟ୍ୟ	ଇଅ	ଜ୍ଞ	ନ୍

homestead into a cremation ground by the death of all the members of the family.

[ଦ୍ର—ଅଭିଶପ୍ତ ମନୁଷ୍ୟର ବଂଶ ଲୋପ ହେଲେ ତାହାର ବାସଗୃହର ଡିହ ଫଳତଃ ପଡ଼ିଆ ବା ଶ୍ମଶାନରେ ପରିଣତ ହେବ । ଏହି ଅଭିଶାପକୁ ନାନା ପ୍ରକାରେ କୁହାଯାଏ । ଯଥା—ତୋ ଡିହରେ ବଳୁଅ ଉଡ଼ୁ । ତୋ ଡିହରେ କଣ୍ଟା ଛଟା ହେଉ । ତୋ ଡିହରେ ଦୁବ ଘାସ ଉଠୁ । ଇତ୍ୟାଦି ।]

ଡିହ ସାପ—ଦେ. ବି—ଘରର ଡିହ ଓ ଉଚ୍ଚ ଭୂମିରେ ବିଚରଣ କରୁଥିବା
Ḍiha sāpa ବିଷଧର ସାପ—Poisonous snakes inhabiting homesteads or high grounds.

ଡିହା—ଦେ. ବି—ଏକଜାତୀୟ ଗୋଖର ସାପ—
Ḍihā A species of cobra.
(ସାପ ତଳେ ନୋଟ ଦ୍ରଷ୍ଟବ୍ୟ ।)
ମଗରା ବିଣ—୧ । (ସଂ. ଧୃଷ୍ଟ) ଥେଟା; ଯେଉଁ ଭୃତ୍ୟ ପ୍ରଭୁର
ढीट, मगरा ଆଦେଶକୁ ଅବଜ୍ଞା କରେ; ଅମାନିଆ; ଉତ୍ତରଦାୟକ (ଭୃତ୍ୟ); ଠେସା (ବ୍ୟକ୍ତି)—
1. Showing disrespect to authority; impertinent; refractory; recalcitrant (person); impudent (servant).
୨ । ଅବଜ୍ଞାସୂଚକ (କଥା)—
2. Impertinent; disrespectful (words).
୩ । ଡିହି (ଦେଖ)—3. Ḍihi (See)

ଡିହାଳିଆ—ଦେ. ବିଣ—ଡିହା ୧ ଓ ୨ (ଦେଖ)
Ḍihāḻia Ḍihā 1 and 2 (See)

ଡିହି—ଦେ. ବିଣ—୧ । ଡିହ ବା ଉଚ୍ଚ ଜମିରେ ଉତ୍ପାଦିତ (ଫସଲ)—
Ḍihi 1. (crop) Grown on homestead or high land.
(ଯଥା—ଡିହି ବାଇଗଣ; ଡିହି କପା ଇତ୍ୟାଦି ।)
୨ । ଡିହ ସମ୍ବନ୍ଧୀୟ—
2. Relating to high land or homestead.
୩ । ଡିହରେ ବାସ କରୁଥିବା—
3. Living on homestead.
(ଯଥା—ଡିହି ନାଗ ।)
ପ୍ରାଦେ. (ମେଦିନୀପୁର) ବି—ଉଚ୍ଚ ଜମି; ଉତ୍ପାଦିକା ଶକ୍ତି ବଢ଼ିବାପାଇଁ ଦୁଇ ତିନି ବର୍ଷ ପଡ଼ିଆ ରଖାଯାଇଥିବା ଉଚ୍ଚ ଜମି—High land left fallow for 2 or 3 years for becoming more fertile.

ଡିହି କପା—ଦେ. ବି—ଡିହ ବା ଉଚ୍ଚ ଜମିରେ କରାଯିବା କପା—
Ḍihā kapā Cotton plant grown on high land.
(ବିଲ କପା—ବିପରୀତ) [ଦ୍ର—ଡିହ ଜମିରେ କପା ଫସଲ ଭଲ ହୁଏ ।]

ଡିହି ଖରଚ—ଦେ. ବି—ଜମିଦାରମାନେ ତହସିଲଖରଚ ପାଇଁ
Ḍihi kharachā ପ୍ରଜାମାନଙ୍କଠାରୁ ସରକାରଙ୍କ ନିର୍ଦ୍ଦିଷ୍ଟ ଖଜଣାର
डीही खरचा ଅତିରିକ୍ତ ଯେଉଁ ବେ-ଆଇନ୍ କର ଆଦାୟ
अबवाब, मिहौरी କରୁଥିଲେ—An illegal cess formerly levied by zamindars from tenants to meet the collection-charges.

ଡିହି ବାଇଗଣ—ଦେ. ବି—ଡିହ ବା ଉଚ୍ଚ ଜମିରେ କରାଯିବା ବାଇଗଣ—
Ḍihi bāigaṇa Egg-plant grown on high land.
बाड़ीबेगुन
(ବିଲ ବାଇଗଣ—ବିପରୀତ)

ଡିହି ମୁଗ—ଦେ. ବି—ଏକପ୍ରକାର ମୁଗ; କଳା ମୁଗ—
Ḍihi muga A variety of moong (pulse).
[ଦ୍ର—ଏହା ଉଚ୍ଚ ଭୂମିରେ ହୁଏ ।]

ଡୀନ—ସଂ. ବି. (ଡୀ ଧାତୁ = ଉଡ଼ିବା + ଭାବ. ତ)—
Ḍīna ୧ । ପକ୍ଷୀଙ୍କର ଶୂନ୍ୟ ମାର୍ଗରେ ଗତି; ଉଡ଼ା—
1. Flying in the air.
୨ । ଆଗମ ଶାସ୍ତ୍ରବିଶେଷ; ହିନ୍ଦୁ ଧର୍ମର କ୍ରିୟାକାଣ୍ଡ ବର୍ଣ୍ଣିତ ହୋଇଥିବା ଶାସ୍ତ୍ର—
2. A class of religious books dealing with ceremonials and rituals of the Hindu religion.
(+ କର୍ତ୍ତୃ. ତ) ବିଣ. ପୁଂ—ଉଡ୍ଡୀୟମାନ—Flying.
(ଡୀନା—ସ୍ତ୍ରୀ)

ଡୁ—ପ୍ରାଦେ. (ଗଡ଼ଜାତ) ବି—ଡୁଡୁ ଖେଳ (ଦେଖ)
Ḍu Ḍuḍu kheḻa (See)

ଡୁଆ—ଦେ. ବି—ଡୁହା (ଦେଖ)
Ḍuā Ḍuhā (See)
ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଏହି ଅର୍ଥରେ ଡୋଇ ସଂ. ଦ୍ରୋଣକ)—୧ । ଅଣ୍ଟକ; ଡଙ୍କା; କରଚୁଲ୍—
1. Wooden spoon for stirring boiling rice etc or for serving food from the cooking pot.
୨ । ଡଡୁ—2. A broad-bladed ladle.
ପ୍ରାଦେ. (ଅଠମଲ୍ଲିକ) ବି—୧ । (ତୁଳ. ହି. ଡୋରୁ) ତେଲ ଅଢ଼ର ପଳା—1. An erect spoon.
୨ । ପିଲାଙ୍କୁ ଦୁଧ ଖୁଆଇବାର ଚାମଚ; ଦୁଧପିଆ ଶାମୁକା—
2. A spoon for feeding infants with milk.

ଡୁଇଁ—ପ୍ରାଦେ. (ଗଞ୍ଜାମ) ବି—ଖେଳରେ ହାରିବା—
Ḍuiṅ Losing in a game.
ଦେ. ବିଣ. (ସଂ. ଦୁଃଖିତ)—ଡୁଇଁଡାଇଁ (ଦେଖ)
Ḍuiṅ-ḍāiṅ (See)
ଡୁଇଁ ହେବୁ ସିନା ଅଳ୍ପ ବଳ ବଳା । କବସୂର୍ଯ୍ୟ କଶୋଦଚନ୍ଦ୍ର ଡୁଂଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଗିଆ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଡୁଇଁଡାଇଁ—ଦେ. ବିଣ. (ସଂ. ଅନ୍ଦୋଳିତ; ଦୁଃଖିତ)—
Duiṅ-dāiṅ ୧ । ବ୍ୟାକୁଳ—1. Perturbed; perplexed; agitated; distracted.
୨ । କାତର—2. Troubled, overwhelmed.
୩ । ଚକିତ—3. Anxious.
୪ । ଦୁଃଖିତ—4. Grieved.

ଡୁଗଡୁଗି—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ବ. ଏହି ଶବ୍ଦ ଏହି ଅର୍ଥରେ)—
Ḍug-ḍugi
୧ । ସାପୁଆ ଓ ବାଜିଗର ଯେଉଁ ଛୋଟ ଡମରୁ ବାଦ୍ୟ ବଜାନ୍ତି—A kind of X shaped double-faced small drum played on by snake-charmers and magicians.
୨ । ଢୁଲ୍‌କି (ଦେଖ)—2. Ḍul-ki (See)

ଡୁଗି—ଦେ. ବି. (ଡୁଗ୍‌ଡୁଗ୍ ଧ୍ୱନ୍ୟନୁକରଣ)—
Ḍugi ତବଲାର ସହଚର ବାଦ୍ୟ; ବାଁୟାଁ—
ଡୁଗୀ A tabour struck by the left hand
ଡୁଗ୍‌ଗୀ while the right hand strikes on
(ଡୁଗ୍ଗି—ଅନ୍ୟରୂପ) another and longer drum called 'Tabalā'.
[ଦ୍ର—ଏହା ତବଲା ଅପେକ୍ଷା ଛୋଟ ଏବଂ ବାଁଆ ହାତରେ ବଜାଯାଏ । ଏହା ଗୋଟିଏ ଅର୍କିକା ବା ଛୋଟ ନାଗରା ପରି । ଏହା ମାଟି, ପିତଳ ବା ତମ୍ବାରେ ତିଆରି ହୋଇ ଥାଏ ଏବଂ ଏହାର ମୁହଁ ଚମଡ଼ାରେ ଛାଉଣି ହୋଇ ଥାଏ । ତବଲା ଡୁଗି ଅପେକ୍ଷା ଲମ୍ବ ଓ କାଠରେ ତିଆରି । ତବଲାଟି ପଖୋଉଜର ଫାଳେ ଆକାର ଏବଂ ଏକମୁହାଁ ଡୁଗି ଛୋଟ ନାଗରା ପରି ।]
ପ୍ରାଦେ. (ଗଞ୍ଜାମ) ବି—ଏକ ପ୍ରକାର ଗଞ୍ଜପା ଖେଳ—
A kind of indoor game at cards (played with 96 cards).
[ଦ୍ର—ଏଥିରେ ୯୬ ପଟ ସାର ବା ତାସ୍ ଥାଏ ଓ ଏ ଖେଳ ୪ ଜଣ ଖେଳାଳି ଖେଳନ୍ତି ଓ ଦୁଇ ଜଣ ଲେଖାଏଁ ଏକପକ୍ଷ ହୋଇ ଖେଳନ୍ତି । ଯେଉଁ ଖେଳାଳି କଟା ହୋଇଥିବା ରଙ୍ଗର ସର୍ବୋତ୍କୃଷ୍ଟ ସାର ପାଇଥାଏ ଖେଳ ଆରମ୍ଭ ହେବାବେଳେ ସେହି ଲୋକ ପ୍ରଥମେ ସାର ପକାଏ ।]

ଡୁଗି ତବଲା—ଦେ. (ସହଚର ଶବ୍ଦ; ଧ୍ୱନ୍ୟନୁକରଣ ଡୁଗି+ଅ. ତବଲହ୍)—ବାଁଆ ହାତରେ ଚୁପିବା ପାଇଁ ବାଁୟା ଓ ଡାହାଣ ହାତରେ ଚୁପିବା ପାଇଁ ତବଲା, ଏହିପରି ଦୁଇଟି ଏକ ସଙ୍ଗେ ବଜାଯିବା ଆନଦ୍ଧ ବାଦ୍ୟ ଯନ୍ତ୍ର—
Ḍugi tabalā
ଡୁଗୀ ତବଲା
ଡୁଗ୍‌ଗୀ ତବଲା
ଡୁଗି ତବଲ, ଡୁଗି ଢାବଲ, ଡୁଙ୍ଗି ତବ୍ଲା } ଅନ୍ୟରୂପ. A pair of kettle-drums sounded by striking them with the left and right hands respectively.

ଡୁଙ୍ଗବା—ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) କ୍ରି—
Ḍuṅg-bā. ୧ । ଝାଙ୍କିବା; ଲୁଚି କରି ଚାହିଁବା; ଉଣ୍ଡିବା—
1. To look stealthily; to peep.
୨ । ପୋଡ଼ିବା—2. To burn

ଡୁଙ୍ଗ୍‌ରି—ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି (ସଂ. ଟଙ୍କ, ଭୁଙ୍ଗ, ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ)—କ୍ଷୁଦ୍ର ଗିରି;
Ḍuṅg-ri
(ଡୁଙ୍ଗୁରି—ଅନ୍ୟରୂପ) ପାହାଡ଼; ମୁଣ୍ଡିଆ—Hillock; a hill.

ଡୁଙ୍ଗିବା—ଦେ. କ୍ରି (ସଂ. ଯୁଜ ଧାତୁରୁ ଯୋଗ)—୧ । ଶଗଡ଼ର ଭିନ୍ନ ଭିନ୍ନ ଅଂଶକୁ ଏକତ୍ର ସଂଯୋଜିତ କରି କାର୍ଯ୍ୟରେ ଉପଯୁକ୍ତ କରିବା—
Ḍuṅgibā
1. To put the different parts of a cart together so as to make the cart ready for use.
୨ । ଝାଙ୍କିବା; ଲୁଚିକରି ଚାହିଁବା—
2. To peep; to look from a covert.
ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) କ୍ରି.—ଡୁଙ୍ଗବା (ଦେଖ)
(ଡୁଙ୍ଗେଇବା—ଅନ୍ୟରୂପ) Ḍuṅg-bā (See)

ଡୁଙ୍ଗା—ଦେ. ବି. (ସଂ. ଦ୍ରୋଣୀ; ଭୁଲ. ଇଂ ଡଗ୍‌ଅଉଟ୍)—୧ । ଛୋଟ
Ḍuṅgi ଡଙ୍ଗା; ଖୁଲ ଡଙ୍ଗା—1. Canoe; dug-out.
ଡିଙ୍ଗୀ ୨ । ତନ୍ତୀକର ଭରଣୀ ସୂତା ଗୁଡ଼ା ହୋଇଥିବା ନଳୀ;
ଡୋଂଗୀ କଣ୍ଡା, (ଦେଖ)—2. Fly shuttle.
[ଦ୍ର—ଏ ନଳୀରେ ଭରଣୀ ସୂତା ଗୁଡ଼ିଆ ହୋଇଥାଏ । ତନ୍ତରେ ଲୁଗା ବୁଣା ହେଲାବେଳେ ଏହି ନଳୀକୁ ଟାଣି ସୂତା ଉପରେ ଅଡ଼ବାଗରେ ଚଳାଇବାକୁ ଏ ପାଖରୁ ସେ ପାଖକୁ ଫିଙ୍ଗାଯାଏ । ଏହା ଡଙ୍ଗା ପରି ଦୁଇମୁଣ୍ଡ ଗୋଜିଆ ଥିବାରୁ ଏହାର ଏହି ନାମ ।]

ଡୁଙ୍ଗୁର ଡୁଙ୍ଗୁର—ଦେ. (ଧ୍ୱନ୍ୟନୁକରଣ) ଅ.—ଢୋଲ ଆଦି ବାଜିବାର
Ḍuṅgur ḍuṅgur କ୍ଷୀଣ ଶବ୍ଦ—
ଡୁଗଡୁଗ Low sound of drum-beating.
ଡୁଗଡୁଗ [ଦ୍ର—ଏହା ଡଙ୍ଗର ଡଙ୍ଗର ଠାରୁ ମୃଦୁତର ।]
(ଡୁଙ୍ଗୁରୁ ଡୁଙ୍ଗୁରୁ—ଅନ୍ୟରୂପ)

ଡୁଙ୍ଗୁରା—ପ୍ରାଦେ. (ଯାଜପୁର) ବି.—ଡେଙ୍ଗୁରା (ଦେଖ)
Ḍuṅgurā Ḍeṅgurā (See)

ଡୁଙ୍ଗୁରି—ପ୍ରାଦେ.(ସମ୍ବଲପୁର ଓ ସିଂହଭୂମ) ବି.—ଡୁଙ୍ଗ୍‌ରି (ଦେଖ)
Ḍuṅguri Ḍuṅgri (See)

ଡୁଙ୍ଗେଇ—ଦେ. ବି.—୧ । ଛୋଟ ମୂଷା—
Ḍuṅgei 1. A small house-rat.
(ଡୁଙ୍ଗେଇ ମୂଷା—ଅନ୍ୟରୂପ) ୨ । ଗୁଣ୍ଡୁରି ୨ (ଦେଖ)
2 Gunduri 2 (See)

ଡୁଡୁ—ଦେ.ବି.(ଏଥିରେ ଆକ୍ରମଣକାରୀ ବାଳକ 'ଡୁ ଡୁ' ଧ୍ୱନି ଉଚ୍ଚାରଣ କରେ ବୋଲି ଏହି ନାମକରଣ)—ବାଘ୍ ଡୁଡୁ; ବାଗୁଡ଼ୁ,
Ḍuḍu
ହାଡୁଡୁଡୁ ଗୁଡୁ ଖେଳ; ଡୁଡୁ ଖେଳ; ଯୁବକ ଓ ବାଳକମାନଙ୍କର
କବାଡ୍ଡୀ,କବଡ୍ଡୀ ଉପଯୋଗୀ ଏକପ୍ରକାର ବ୍ୟାୟାମସାଧ୍ୟ କ୍ରୀଡ଼ା—
(ଡୁଡୁ—ଅନ୍ୟରୂପ) A kind of field-game requiring

୧	ଇ	ଉ	ଋ,ଌ	ଈ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଯ଼	ଉଅ	ସ୍ର
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍ୱ	ଙ୍ଘ	ଇଅ	ଓ	ନ୍ନ

physical exercise and played by two parties of young men or boys of equal number on both sides of a line drawn on the ground.

[ଦ୍ର—ଏ ଖେଳରେ ଭୂମିରେ ଗୋଟିଏ ମଧ୍ୟ-ରେଖା ଟଣା ଯାଏ ଓ ରେଖାର ଦୁଇପାଖରେ ସମାନ ସଂଖ୍ୟକ ଦୁଇଦଳ ଖେଳାଳି ରହନ୍ତି । ଗୋଟିଏ ପକ୍ଷରୁ ଜଣେ ପିଲା ଉପର୍ଯ୍ୟୁପରି ଡୁଡୁ ଶବ୍ଦ ଉଚ୍ଚାରଣ କରି ଉକ୍ତରେଖାକୁ ଅତିକ୍ରମ କରି ଏକା ନିଶ୍ୱାସରେ ବିପକ୍ଷ ପକ୍ଷର ସୀମା-ନିର୍ଦ୍ଦିଷ୍ଟ ସ୍ଥାନ (ପାହି)କୁ ଯାଇ ବିପକ୍ଷ ଦଳର ପିଲାମାନଙ୍କ ମଧ୍ୟରୁ ଜଣକୁ ଛୁଇଁ ଦେଇ ଯେବେ ଅପରପକ୍ଷଙ୍କଦ୍ୱାରା ଧରା ନ ପଡ଼ି ସେହିକ୍ଷଣି ଏକା ନିଶ୍ୱାସରେ ମଧ୍ୟରେଖାକୁ ଡେଇଁ ଆପଣାର ସୀମା (ପାହି)କୁ ପଳାଇ ଆସି ପାରେ, ତେବେ ସେ ଯେଉଁ ଖେଳାଳିକୁ ଛୁଇଁଥାଏ ସେ ଖେଳାଳିଟି 'ମରେ'; ପରନ୍ତୁ ଆକ୍ରମଣକାରୀ ନିଜ ପାହିକୁ ନ ଆସୁଣୁ ଅପରପକ୍ଷର କୌଣସି ଖେଳାଳିଙ୍କ ଦ୍ୱାରା ଧରା ପଡ଼ି ଗଲେ ଆକ୍ରମଣକାରୀ ନିଜେ 'ମରେ'; ତତ୍‌ପରେ ଅପର ପକ୍ଷରୁ ଜଣେ ପିଲା ପୁଣି ଏ ପକ୍ଷକୁ ଆକ୍ରମଣ କରେ । ଏକ ପକ୍ଷରୁ ଗୋଟିଏ ଖେଳାଳି'ମରି ଗଲେ' ବିପକ୍ଷ ପକ୍ଷର ମରିଥିବା ଜଣେ ଖେଳାଳି'ଜୀଇଁ ଉଠେ'ଏହିପରି ଏ ଖେଳ ଲାଗିଥାଏ । ଆକ୍ରମଣକାରୀ ଖେଳାଳି ଏକା ନିଶ୍ୱାସରେ ଅପରପକ୍ଷର ପାହିକୁ ଯାଇ ଅପର ପକ୍ଷର ଜଣେ କାହାକୁ ଛୁଇଁ ଦେଇ ନିଶ୍ୱାସ ଶେଷ ନ ହେଉଣୁ ଆପଣା ସୀମାକୁ ଫେରି ନ ପାରିଲେ ସେ 'ମରେ'। ଆକ୍ରମଣକାରୀ ପିଲାର ଏକା ନିଶ୍ୱାସ ବାରି ହୋଇ ପାରିବା ନିମନ୍ତେ ଉକ୍ତ ପିଲା 'ଡୁ ଡୁ' 'ଡି ଡି' 'ବାଗ୍ ଡୁ ଡୁ'; 'ହା ଡୁ ଡୁ' 'ଛେଡ଼ପାକ୍ ଡୁ ଡୁ' ଆଦି ଶବ୍ଦ ଓ ଗୀତରେ ପଦମାନ ମୁହଁରେ ବୋଲୁଥାଏ; ସେ ମୁଖର ଶବ୍ଦ ବନ୍ଦ କରି ଦେଲେ ଜଣା ଯାଏ ଯେ ନିଶ୍ୱାସ ନେବା ନିମନ୍ତେ ପାଟି ବନ୍ଦ କଲା । ଅତଏବ ଏକାନିଶ୍ୱାସ ହେଉନାହିଁ ଏହି ଡୁ ଡୁ ଖେଳରେ ଆକ୍ରମଣକାରୀଙ୍କ ଉଚ୍ଚାରିତ ଗୋଟି କେତେ ପଦ ନିମ୍ନରେ ଦିଆ ଗଲା । ଯଥା—୧ । ଡେଙ୍ଗା ଡେଙ୍ଗ ମଦରଙ୍ଗା, ଫୁଲ ଫୁଟେ ରଙ୍ଗା ରଙ୍ଗା । ୨ । କଳା କଳା ବାଇଗଣ ଧଳା ଟଳା କଉଡ଼ି, ନେଇ ଯା ତୋ ବାଇଗଣ ଦେଇ ଯା ମୋ କଉଡ଼ି । ୩ । ବାଘ ମଲା ଯନ୍ତ୍ରାରେ, ଝିଙ୍କ ଝିଙ୍କ ଶବଦ କଲା ସମୁଦ୍ର ପନ୍ତ୍ରାରେ । ୪ । ପଣସ ପତର ରଙ୍ଗ ଠୁନୁ ଠୁ, ମାରିବି ଜାବୁଡ଼ା ଭାଙ୍ଗିବି ଚୁଲୁ ।

ଡୁଡୁକା—ପ୍ରାଦେ. (ସମ୍ବଲପୁର) ବି.—ଲତାଫଳବିଶେଷ; ଏକ ପ୍ରକାର ଜହ୍ନି—A species of Luffa (fruit)
Durduka

ଡୁଡ୍ରୋ ବଘା—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ଶୁ. ଲକଡ଼ବଘା)—
Durdo bagha ବାଘେଟା; ଏକ ଜାତୀୟ ହେଟା—
A kind of hyena.

ଡୁଡୁମା—ଦେ. ବି. (ନାମ)—ବିଶାଖାପାଟଣା ଜିଲ୍ଲାର ଜୟପୁର
Durduma ରାଜ୍ୟର ରାଜଧାନୀଠାରୁ ତିନି ଶହ ମାଇଲ ଦୂରରେ ଥିବା ଗୋଟିଏ ରମଣୀୟ ଜଳପ୍ରପାତ—

Name of a fine waterfall in the Jeypur Estate of the Vizag district.

[ଦ୍ର—ଏହି ସ୍ଥାନକୁ ଅନେକ ବିଦେଶୀ ପ୍ରତିବର୍ଷ ଗ୍ରୀଷ୍ମ ଓ ଶୀତ କାଳରେ ଆସନ୍ତି ।]

ଡୁଣ୍ଡୁ—ଦେ. ବି—୧ । ଫଣାହୀନ ଏକପ୍ରକାର ନିର୍ବିଷ ଜଳଚର
Dundu ସର୍ପ; ଧଣ୍ଡସାପ; ପାଣିଧଣ୍ଡ—1. A kind of venomless water-snake.

୨ । ଢେମଣା ସାପ—
2. A kind of non-venomous snake.

[ଦ୍ର—ଏମାନେ ମଧ୍ୟ ଫଣାହୀନ, ନିର୍ବିଷ ଓ ୪।୫ ହାତ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି ।]

ଡୁଣ୍ଡୁଭ(ମ) —ସଂ. ବି— ଡୁଣ୍ଡୁ (ଦେଖ)
Dundubha (ma) Dundu (See)

ଡୁଣ୍ଡୁଲ—ସଂ. ବି —ଏକପ୍ରକାର କ୍ଷୁଦ୍ର ପେଚା—
Dundula A kind of small owl; owlet.

ଡୁପ୍ଲିକେଟ୍—ବୈଦେ. ବିଣ. (ଇଂ)—ଦୋହରା; ଯୋଡ଼ାରୁ ଏକ;
Dupliket ମୂଳବସ୍ତୁର ଅବିକଳ ନକଲ ବା ସମାନ (ବସ୍ତୁ)—
ডুপ্লিকেট Duplicate.
डुप्लिकेट ବୈଦେ. ବି—ମୂଳ ଲେଖାର ଅବିକଳ ଦ୍ୱିତୀୟ ନକଲ—
Duplicate copy.
ଡୁପ୍ଲିକେଟ୍ } ଅନ୍ୟରୂପ
ଡୁପ୍ଲିକେଟ }

ଡୁପ୍ଲିକେଟ୍ କପି—ବୈଦେ. (ଇଂ)—ଦୋହରା ନକଲ, ମୂଳ ଲେଖର
Dupliket kapi ଅବିକଳ ପ୍ରତିଲିପି—Duplicate copy.
ডুপ্লিকেট কাপী डुप्लिकेटकापी

ଡୁବ୍‌ଡୁବୀ—ପ୍ରାଦେ. (ମେଦନାପୁର) ବି. (ଭୁଲ. ଏହି ଅର୍ଥରେ ବ. ଏହି
Dub-dubi ଶବ୍ଦ)—ଡୁଗ୍‌ଡୁଗୀ (ଦେଖ)
Dug-dugi (See)

ଡୁବ (ଇତ୍ୟାଦି)—ଦେ. ବି—ଡୁବା ଇତ୍ୟାଦି (ଦେଖ)
Duba (etc) Duba etc (See)

ଡୁବକ—ଦେ. ବି. (ବାଇବଲର ପ୍ରାଚୀନ ଓଡ଼ିଆ ଅନୁବାଦରେ ବ୍ୟବହୃତ;
Dubaka ଓଡ଼ିଆ ଡୁବ୍ ଧାତୁ ସଙ୍ଗେ ସଂସ୍କୃତ କର୍ତ୍ତୃ ଅକ ପ୍ରତ୍ୟୟ)—
ডুবক ୧ । ପାଦ୍ରୀ; ଖ୍ରୀଷ୍ଟାନ୍‌ମାନଙ୍କୁ ଜଳଦୀକ୍ଷା ଦେବା
बपतिस्मा देनेवाला ସମୟରେ ଯେଉଁ ପୁରୋହିତ ବା ପାଦ୍ରୀ ଦୀକ୍ଷା-ପ୍ରାର୍ଥୀ ବ୍ୟକ୍ତିକୁ ପବିତ୍ର କୁଣ୍ଡର ପାଣିରେ ବୁଡ଼ାନ୍ତି—
1. A baptist; a baptiser.

[ଦ୍ର—ଡୁବିତ ଶବ୍ଦ ତଳେ ନୋଟ୍ ଦ୍ରଷ୍ଟବ୍ୟ ।]

ଡୁବରୀ; ଡୁବାରୁ ୨ । ଯେଉଁ ବ୍ୟକ୍ତି ଗଭୀର ଜଳରେ ବୁଡ଼ି ବହୁକ୍ଷଣ
पनडुब्बा ରହି ଅଭୀଷ୍ଟିତ କାର୍ଯ୍ୟ (ପାଣି ତଳରେ କୌଣସି ପଦାର୍ଥ ଖୋଜିବା; ମୁକ୍ତା, ଶାମୁକାଆଦି ସଂଗ୍ରହ କରିବା) ସମ୍ପନ୍ନ କରି ଉପରକୁ ଉଠି ଆସିବାରେ କିମ୍ବା ପାଣି-ତଳରେ ବୁଡ଼ି ବହୁଦୂର ଗତିକରିବାରେ ଅଭ୍ୟସ୍ତ;

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଥ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ବୁଡ଼ାଳୀ (ଡୁବରେ କୌଣସି ଜିନିଷ ପଡ଼ିଗଲେ ଡୁବକ ମାନେ ପାଣିରେ ବୁଡ଼ି ତାହା ବାହାର କରନ୍ତି)— An expert diver.

ଡୁବକ ପ୍ରଚାର ସମ୍ପ୍ରଦାୟ—ଦେ. ବି (ବାଇବଲ ଅନୁବାଦକଙ୍କ ଭାଷା— Dubaka prachāra sampradāya ଡୁବକ ଧର୍ମଯାଜକଙ୍କ ସଂଘ
ଡୁବକପ୍ରଚାରକ ସମ୍ପ୍ରଦାୟ
ଡୁବକପାନ୍ଥୀ ସମ୍ପ୍ରଦାୟ } ଅନ୍ୟରୂପ Baptist mission society.

ଡୁବକ ସମ୍ପ୍ରଦାୟ—ଦେ. ବି. (ବାଇବଲ ଅନୁବାଦକଙ୍କ ଭାଷା)— Ḍubaka sampradāya ଖ୍ରୀଷ୍ଟାନ୍‌ମାନଙ୍କ ମଧ୍ୟରେ ଗୋଟିଏ ସମ୍ପ୍ରଦାୟ—The Baptists; Baptist Christians.

(ଡୁବନ ତଳେ ନୋଟ ଦେଖ ।)

ଡୁବନ—ଦେ. ବି—୧ । ନିମଜ୍ଜନ; ପାଣିରେ ଡୁବାଇବା— Ḍubana 1. Immersion,
ଡুবন ୨ । (ବାଇବଲ ଅନୁବାଦକଙ୍କ ଭାଷା) ଖ୍ରୀଷ୍ଟଧର୍ମରେ ଦୀକ୍ଷିତ
ବପ୍‌ତିସ୍ମା ହେବା ପୂର୍ବରୁ ପବିତ୍ର କୁଣ୍ଡରେ ସ୍ନାନ; ଜଳଦୀକ୍ଷା— 2. Baptism.

[ଦ୍ର—ବାଇବଲର ପୁରାତନ ଅନୁବାଦରେ ଏହି ଶବ୍ଦ ଥିଲା, ମାତ୍ର ୧୯୨୭ ସାଲରେ ରେଭରେଣ୍ଡ ପାଇକ୍‌ସାହେବଙ୍କ ଅନୁବାଦରେ ଏହା 'ଜଳଦୀକ୍ଷା' ହୋଇଅଛି । ଡୁବିତ ଶବ୍ଦ ତଳେ ନୋଟ ଦ୍ରଷ୍ଟବ୍ୟ]

ଡୁବର—ଦେ. ବି—ଡୁବନ ୨ (ଦେଖ) Ḍubara Ḍubana 2 (See).

ଡୁବା—ଦେ. ବି—୧ । ଡୁବକା; ବୁଡ଼; ଠୁବା— Ḍubā 1. Diving in water; a dip in the water.
ডুবা
ଡୁବକୀ, ଡୋବା ୨ । ଡୋବା; କ୍ଷୁଦ୍ର ଜଳାଶୟ; ଗଡ଼ିଆ—
ডোবা 2. A small tank or pit for water.
ଗଡ଼ା ୩ । ପାଣିକୁ ହାତ ପାପୁଲି ଦ୍ୱାରା ଆଘାତ କରି 'ଡୁବ୍ ଡୁବ୍' ପରି ଶବ୍ଦ କରିବା— 3. A low report caused by slapping over the surface of water with concaved pamls.
ডুবন ୪ । ଜଣେ ମନୁଷ୍ୟ ବୁଡ଼ିଯିବା ଭଳି ଜଳର ଗଭୀରତା; ପୁରୁଷ-
ଡୁବାନ 4. A depth of water in which a man can sink.

ଡୁବାଇ—ଦେ. ବି—୧ । ପାଣି କୁଆ ପକ୍ଷୀ— Ḍubāi 1. The Diver bird; the Grebe; the
ডুবারী Dabchick; Colimbus Holboellii;
ଡୁବକୀ Podilymbus Podicepes.

[ଦ୍ର—ଏମାନେ ଲମ୍ବରେ ୧୨ ଅଙ୍ଗୁଳ ପର୍ଯ୍ୟନ୍ତ ହୁଅନ୍ତି; ମୁଣ୍ଡ କଳା, ପେଟ ଧଳା, ପକ୍ଷ କଳା ଓ ଶ୍ୱେତ ମିଶ୍ରିତ, ଥଣ୍ଟ ସିଧା ଓ ଥଣ୍ଟର ଅଗ ଦାନ୍ତୁଆ; ପକ୍ଷ ଛୋଟ, ଲାଞ୍ଜ ଅତି ଛୋଟ; ପାଦ ହଂସପାଦ ପରି । ଏମାନେ ପାଣିରେ ବହୁକ୍ଷଣ ବୁଡ଼ି ରହି ଗୋଡ଼ ଓ ପକ୍ଷ ଦ୍ୱାରା ପହଁରି ମାଛ ଧରି ଖାଆନ୍ତି ଓ ଶୁଖିଲାରେ ବସି ପକ୍ଷକୁ ଶୁଖାନ୍ତି । ଏମାନେ ଜାଲପାଦ ।]

୨ । ଡୁବେଇ ୨ (ଦେଖ)—2. Ḍubei 2 (See).

୩ । ଦୁବେ (ଦେଖ)—3. Dube (See).

ଡୁବା(ବେ)ଇବା—ଦେ. କ୍ରି—୧ । ଡୁବିବା କ୍ରିୟାର ଣିଜନ୍ତ ରୂପ— Ḍubā(be)ibā 1. The causative form of Ḍubibā.
ডুবান, ডোবান
ଡୁବାନା, ଡୁବୱାନା ୧ । କୌଣସି ବ୍ୟକ୍ତି ବା ବସ୍ତୁକୁ ପାଣିରେ ନିମଜ୍ଜିତ କରାଇବା; ବୁଡ଼ାଇବା; ମଗ୍ନ କରିବା— 2 To immerse a thing or person in water; to drown a person.

୩ । ଜାତି ଧର୍ମ ଆଦି ତ୍ୟାଗ କରିବା ବା ଲୋପ କରିବା— 3. To give up one's caste or religious practices.

(ଯଥା—ଆଜିକାଲିର ପିଲାଏ ଚଳା ପରିପାଟି ସବୁ ଡୁବାଇଲେଣି ।)

୪ । ପରର ସର୍ବନାଶ ବା ଅନିଷ୍ଟ ଘଟାଇବା— 4. To cause another's ruin.

(ଯଥା—କିସ୍ତୁର ମହାଜନ ମୋର ସର୍ବସ୍ୱ ନିଲାମ କରି ନେଇ ମତେ ଡୁବାଇ ଦେଲା ।)

୫ । ଲୋପ କରିବା; ନଷ୍ଟ କରିବା— 5. To annihilate; to destroy.

୬ । ଅପବାଦ ଦେଇ ଜାତିଚ୍ୟୁତ କରାଇବା— 6 To cause a person to be out-casted by making serious aspersions against him.

୭ । କୁଳ ଲୋପ କରିବା; ବଂଶକୁ ନିର୍ବଂଶ କରାଇବା— 7. To root out a family; to cause extinction of a family.

(ଯଥା—ଅମୁକ ବ୍ୟକ୍ତି ବିବାହ ନ କରି ଆପଣା କୁଳକୁ ଡୁବାଇ ଦେଲା ।)

୮ । ପ୍ରାପ୍ୟ ଧନକୁ ବହୁକାଳ ଆଦାୟ ନ ହେବାରୁ ତମାଦି କରାଇବା—8. To cause another person's dues to become unrealisable by lapse of time.

(ଯଥା—ଖାତକ ୧୨ ବର୍ଷ ହେଲା ମୋ ଠାରୁ ଟଙ୍କା କରଜ ନେଇ ସୁଧ ମୂଳ ସବୁ ଡୁବାଇ ଦେଲା ।)

୯ । ଧନ ନଷ୍ଟ ବା କ୍ଷତି କରାଇବା; ଗମାଇବା— 9. To cause loss of money.

(ଯଥା—ଆମ ଗୁଣବନ୍ତ ପୁଅ ଘରୁ ଗୁଡ଼ିଏ ଟଙ୍କା ନେଇ ବେପାର କରି ଶେଷକୁ ମୂଳଧନତକ ଡୁବାଇ ଦେଲା ।)

୧	୯	ଓ	ର୍,ର୍ଣ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଈପ୍ସ	ଜ୍ଞ	ଢ
୨	ଝ	ଊ	ରୁ	ଲୁ	ପ୍ସେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଈ	ନ୍

୧୦ । ଅନ୍ୟ ବ୍ୟକ୍ତିର ମହତ୍ତ୍ୱ ଇଜ୍ଜତ୍ ବା ପ୍ରତିଷ୍ଠା ସୁନାମକୁ କ୍ଷୁଣ୍ଣ କରାଇବା —10. To cause loss to one's prestige or honour.

(ଯଥା—ମୁଁ ଗସ୍ତର ଲୋକ ବୋଲି ତାଙ୍କ ବାଲୁସାଙ୍ଗ ଏକମେଳ ହୋଇ ମତେ ଡୁବାଇ ଦେବାକୁ ବସି ଅଛନ୍ତି ।)

୧୧ । (ସୁନାମ) କଳଙ୍କିତ କରିବା—
11. To bring stigma or stain upon one's good name.

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା ଓ ପକା(କେ)ଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଡୁବା(ବେ)ଇ ମାରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ଜଳରେ ବୁଡ଼ାଇ ବଧ କରିବା—
Ḍubā(be)i māribā
ড ুবিয়েমারা 1. To drown a person; to kill a person
डुबाकर मारना by causing him to sink in water or by immersing him in water.

୨ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତିର ସର୍ବନାଶ କରିବା—
2. (figurative) To cause another's ruin.

ଡୁବା ମାରିବା—ଦେ.କ୍ରି—୧ । ପାଣିରେ ବୁଡ଼ି କିଛିକାଳପରେ ଉଠିବା—
Ḍubā māribā 1. To dip into the water.
ড ুব মারা
डुबकी देना,डुब मारना, ୨ । ହାତ ପାପୁଲି ଦ୍ୱାରା ପାଣିକୁ ଚାପୁଡ଼ା
डोबा देना ମାରି ଏକ ପ୍ରକାର 'ଢୁବୁ' ଶବ୍ଦ ଉତ୍ପନ୍ନ କରିବା—
2. To cause a loud report by giving intensive slaps on the surface of water.

ଡୁବା ଯି(ହେ)ବା—ଦେ. କ୍ରି—ଡୁବିବା କ୍ରିୟାର କର୍ମବାଚ୍ୟ ରୂପ—
Ḍubā ji(he)bā Passive voice of Ḍubibā, to sink.

ଡୁବାରି—ଦେ. ବି—ଡୁବକ ୨ (ଦେଖ)
Ḍubāri Ḍubaka 2 (See)

ଡୁବି—ଦେ ବି—୧ । ଡୁବେଇ ୧ (ଦେଖ)
Ḍubi 1. Ḍubei 1 (See)
ডোবা, ড ুবা ୨ । ଡୁବିବା ଘଟଣା; ବୁଡ଼ିଯିବା—
डुबकी 2. Sinking; drowning.
୩ । ଡୁଗି (ଦେଖ)—3 Ḍugi (See)

ଡୁବିତ—ଦେ ବିଣ (ବାଇବ୍ଲ ଅନୁବାଦକଙ୍କ ଭାଷା)—୧ । ପାଣିରେ ଡୁବା, ହୋଇଥିବା—1. Immersed in water.
Ḍubita
ড ুবিত ୨ । ଡୁବନ ବା ଜଳସଂସ୍କାର ଦ୍ୱାରା ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ—
जलदीक्षित 2. Baptised.

[ଦ୍ର—ଏ ଶବ୍ଦ ଓ ଡୁବକ ଓ ଡୁବନ ଶବ୍ଦକୁ ଖ୍ରୀଷ୍ଟିୟାନ୍ ପାଦ୍ରୀ (Missionary) ମାନେ ଉଦ୍ଭାବନ କରି ଅଛନ୍ତି । ଓଡ଼ିଆ ଡୁବ ଧାତୁରେ ସଂସ୍କୃତ ଅକ, ଅନ ପ୍ରତ୍ୟୟ କରି ଡୁବକ, ଡୁବନ ଓ ଇତ ପ୍ରତ୍ୟୟ କରି ଡୁବିତ ଶବ୍ଦ ନିଷ୍ପନ୍ନ କରି ସେଗୁଡ଼ିକୁ ଯଥାକ୍ରମେ ଇଂରେଜୀରେ Baptiser, Baptism ଓ Baptised ଅର୍ଥରେ ପ୍ରୟୋଗ କରି ଅଛନ୍ତି ।

ଶିଶୁ ଜନ୍ମ ହେବାର କିଛି ଦିନ ପରେ ଖ୍ରୀଷ୍ଟଧର୍ମଯାଜକ ଗିର୍ଜାରେ ଥିବା ପବିତ୍ର ଜଳ କୁଣ୍ଡରେ ତାହାକୁ ସ୍ନାନ କରାଇ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରି ତାହାର ନାମକରଣ କରନ୍ତି । ଅନ୍ୟ ଧର୍ମାବଲମ୍ବୀବ୍ୟକ୍ତି ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ତାକୁ ମଧ୍ୟ ପ୍ରଥମେ ପାଦ୍ରୀମାନେ ଜଳରେ ଡୁବାଇ ତା ପରେ ଦୀକ୍ଷା ଓ ନୂତନ ନାମ ଦିଅନ୍ତି । ଏହି ସ୍ନାନ ଓ ଦୀକ୍ଷାବିଧିକୁ 'ଡୁବନ' ବୋଲାଯାଏ । ଆମ ଦେଶରେ ଶିଶୁମାନଙ୍କ 'ନାମକରଣ' ବିଧି ସଙ୍ଗେ ଏ 'ଡୁବନ' ବିଧି ତୁଳନା କରାଯାଇ ପାରେ । ଶିଶୁର 'ନାମକରଣ' କରିବା ଓ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ଗୁରୁ 'ନାମକରଣୀ' ଦେବା ବା 'ମନ୍ତ୍ର ଦେବା'କୁ ଇଂରାଜୀ ଭାଷାରେ 'Baptism' (ବାପ୍‌ଟିଜମ୍) ଶବ୍ଦ ସଙ୍ଗେ ତୁଳନା କରାଯାଇ ପାରେ ।

ବାଇବ୍ଲର ପୁରାତନ ଅନୁବାଦରେ ବ୍ୟବହୃତ ହୋଇଥିବା ଡୁବକ,ଡୁବନ ଓ ଡୁବିତ ଶବ୍ଦ ପରିବର୍ତ୍ତେ ରେଭରେଣ୍ଡ୍ ଏଚ୍. ଡବ୍ଲୁ. ପାଇକ୍ ସାହେବ ତାଙ୍କର ୧୯୨୭ ରେ ଅନୁବାଦରେ ଯଥାକ୍ରମେ ଜଳଦୀକ୍ଷାଦାତା ଗୁରୁ, ଜଳଦୀକ୍ଷା, ଜଳଦୀକ୍ଷିତ ଶବ୍ଦମାନ ବ୍ୟବହାର କରି ଅଛନ୍ତି ।]

ଡୁବିବା—ଦେ. କ୍ରି. [ସଂ. ବୁଡ ଧାତୁ (Beams) ତୁଳ. ପ୍ରା. Ḍubibā ବୁଡ୍‌ଧାତୁ=ନିମଜ୍ଜନ;ତୁଳ.ସଂ.ବୁଡ୍ ଧାତୁ=ଘୋଡ଼ାଇବା, ଲୁଚାଇବା, to hide; to conceal, ଛାଡ଼ିବା, ଉତ୍ସର୍ଗ କରିବା, to emit, to discharge (Apte).

[ଡୁବିଯିବା—ଅନ୍ୟରୂପ) ବର୍ଣ୍ଣ ବିପର୍ଯ୍ୟୟରେ 'ଡୁବ' ହୋଇଅଛି;
[ଡୁବାଇବା—ଣିଜନ୍ତ] ବଙ୍ଗଳା, ହିନ୍ଦୀ ଓ ମରହଟ୍ଟୀ ଭାଷାରେ ড ুবা, ডোবা ଏ ଅର୍ଥରେ ଡୁବିବା କ୍ରିୟାର ବ୍ୟବହାର ଅଛି]—
डूबना ୧ । ଜଳାଦିରେ ବୁଡ଼ିବା; ନିମଜ୍ଜିତ ହେବା; ଜଳମଗ୍ନ
[ଡୁବା(ବେ)ଇବା—ଣିଜନ୍ତ] ହେବା—1. To dive; to dip; to sink; to plunge in water.
[ଡୁବା ହେ(ଯି)ବା—କର୍ମବାଚ୍ୟ ରୂପ]

୨ । (ସଂ. ବୁଡ଼ ଧାତୁ=ଆଚ୍ଛାଦନ, ତ୍ୟାଗ; ଯୋଗେଶ୍ଚନ୍ଦ୍ର) ଆଚ୍ଛାଦିତ ହେବା—
2. To be covered over.
(ଯଥା—ଚନ୍ଦ୍ର ମେଘରେ ଡୁବି ଗଲେ ।)

୩ । ଅଭିଭୂତ ହେବା; ବିହ୍ୱଳ ହେବା—
3. To be overwhelmed.
(ଯଥା—ମୁଁ ଦେଣାରେ ଡୁବି ଗଲିଣି ।)

୪ । ଅସ୍ତଗାମୀ ହେବା—4. To set.
ଡୁବିଲୁ ଦିନାନ୍ତେ ଚନ୍ଦ୍ର ହେମନ୍ତର
ଧୀରେ ହେବାହାର ଶିଶିରୁଁ ଉଦ । ରାଧାନାଥ, ନନ୍ଦିକେଶ୍ୱରୀ ।

୫ । ଅଦୃଶ୍ୟ ହେବା; ଲୁଚିଯିବା—
5. To vanish; to disappear.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଙ୍କ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

(ଯଥା—ଅଜ କାଲି ଏ ଦେଶରୁ ଅତିଥିସତ୍କାର ଓ ଧର୍ମାନୁଷ୍ଠାନମାନ ଡୁବିଗଲଣି ।)

୬ । (ମୂଳଧନ ବା ପାଣ୍ଠି) ବିନଷ୍ଟ ହେବା—
6. (capital or invested money) To be lost.
(ଯଥା—କାରବାରରେ ମୋ ମୂଳଧନ ଯାକ ଡୁବିଗଲା ।)

୭ । ଅଧୋଗତି ବା ଅବନତି ପ୍ରାପ୍ତ ହେବା—
7. To go down; to deteriorate.

ସୁଜନ୍ମ ଲୋକ ଯେବେ ଗ୍ରାମରେ ଜଣେ ଥାଇ
ତାହାଙ୍କ ଲାଗି ପୃଥ୍ୱୀ କେବେହେଁ ନ ଡୁବଇ । ପୀତାମ୍ବର, ନୃସିଂହପୁରାଣ ।

୮ । କୌଣସି ପ୍ରାପ୍ୟ ଧନ ଅବା ତମାଦି ବା ଗଇନାମ୍ୟ ଅବା କାରଣରୁ ଆଦାୟ ହୋଇ ନ ପାରିବା—
8. (any money or due) To become unrealisable; to be barred by limitation.
(ଯଥା—ବାର ବର୍ଷ ହେଲା ଖାତକଠାରେ ମହାଜନଙ୍କର ପାଉଣା ସୁଧମୂଳ ଯାକ ଡୁବିଗଲା ।)

୯ । ନଷ୍ଟ ହେବା; ଲୋପ ପାଇବା; ବିନାଶ ପ୍ରାପ୍ତ ହେବା; ଲୁପ୍ତ ହେବା—9. To be destroyed or ruined

୧୨ । (ବଂଶ, କୁଳ) ଲୁପ୍ତ ହେବା; ନିର୍ବଂଶ ହେବା—
12. (a family) To become extinct.

୧୩ । ପାଣିରେ ମୁଣ୍ଡ ବୁଡ଼ାଇ ସ୍ନାନ କରିବା—
13. To have a bath by taking a dip in water.
(ଯଥା—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।)

ଡୁବି ପଡ଼ିବା—ଦେ. କ୍ରି—ଡୁବିବା ୧୩ (ଦେଖ)
Ḍubi paṛibā Ḍubibā 13 (See).
(ଯଥା—ମୁଁ ଘଣ୍ଟାକ ମଧ୍ୟରେ ଡୁବିପଡ଼ି ଆସିବି ।)

ଡୁବି ମରିବା—ଦେ. କ୍ରି—୧ । ବୁଡ଼ି ମରିବା; ପାଣିରେ ବୁଡ଼ି ଆତ୍ମହତ୍ୟା କରିବା—1. To commit suicide by throwing one's self into water; to drown oneself.
Ḍubi maribā
डूबे मरा
डुब मरना
[ଡୁବା(ବେ)ଇ ମାରିବା—ଣିଜନ୍ତ] ୨ । ଗଭୀର ଜଳରେ ସନ୍ତରଣ କରିବାକୁ ଅସମର୍ଥ ହୋଇ ପାଣିରେ ବୁଡ଼ିଯାଇ ପ୍ରାଣତ୍ୟାଗ କରିବା—2. To meet a watery death by being unable to swim; to be drowned.

୩ । (ଲକ୍ଷଣାର୍ଥ) ଅତ୍ୟନ୍ତ କ୍ଷତିଗ୍ରସ୍ତ ହେବା—
3. (figurative) To suffer irreparable loss.

୪ । ସର୍ବସ୍ୱାନ୍ତ ହେବା—
4. To be reduced to utter poverty.

୫ । ପରିଶୋଧର ଅକ୍ଷମ ହୋଇ ଋଣଗ୍ରସ୍ତ ହେବା—
5. To become insolvent; to be heavily involved in debt.

ଡୁବୁ ଡୁବୁ—ଦେ. ବିଣ.—୧ । ଅଳ୍ପକ୍ଷଣ ନିମଜ୍ଜିତ; ମଗ୍ନ ପ୍ରାୟ—
Ḍubu ḍubu 1. About to sink; sinking.
ডুবুডুবু ୨ । ପାଣିରେ ଥରେ ବୁଡ଼ିଯାଇ ପୁଣି ଭାସି ଉଠୁଥିବା; ଡୁବେଇ-ଟୁବେଇ—2. Bobbing in water; alternately sinking down and rising up.
डुबडुब

ଡୁବୁର—ଦେ. ବି.—ଡୁବକ ୨ (ଦେଖ)
Ḍubura Ḍubaka 2 (See)
(ଡୁବୁରୁ—ଅନ୍ୟରୂପ)

ଡୁବେ—ଦେ. ବି.—ଦୁବେ (ଦେଖ)
Ḍube Dube (See)

ଡୁବେଇ—ଦେ. ବି.—୧ । ଡୁବାଇ (ଦେଖ)
Ḍubei 1. Ḍubāi (See)
୨ । ଏକଜାତୀୟ ଗଭୀର କଂସା ବାସନ—
2. A kind of deep bell-metal utensil.
୩ । ପିଚ୍ଛା (ଦେଖ)—3. Pinchhā (See)
୪ । ଦୁବେ (ଦେଖ)—4. Dube (See)

ଡୁବ୍ଭା—ପ୍ରାଦେ. (ସମ୍ବଲପୁର) ବି.—ଡୋବ (ଦେଖ)
Ḍubbhā Ḍoba (See)
ଏଡ଼ିକ ବଡ଼ ଡୁବ୍ଭା, ଫୁଲ ଫୁଟେ ଗୋଲ । ଶିଶୁଗୀତ ।

ଡୁମ୍ ଡୁମ୍—ଦେ. (ଧ୍ୱନ୍ୟନୁକରଣ) ଅ.—ଢୋଲ ବାଜିବାର ଅନୁଚ୍ଚ ଶବ୍ଦ. ଡୁଙ୍ଗୁର ଡୁଙ୍ଗୁର ଶବ୍ଦ—Low sound of drum; beating.
Ḍum ḍum
ডুম্ ডুম্, ডেং ডেং
डुगडुग
[ଦ୍ର—ଡୁମ୍ ଡୁମ୍ ଶବ୍ଦ ଡମ୍ ଡମ୍ ଅପେକ୍ଷା ଅନୁଚ୍ଚ; ଡମ୍ ଡମ୍ ଅପେକ୍ଷା ଡାଉଁ ଡାଉଁ ଉଚ୍ଚତର ।]

ଡୁମ୍ ଡୁମା—ଦେ. ବିଣ.—ଡୁମ୍ ଡୁମ୍ ଶବ୍ଦଯୁକ୍ତ—
Ḍum ḍumā Low sounding (like a low drum-beating.

ଡୁମ୍ସ—ପ୍ରାଦେ. (ସମ୍ବଲପୁର) ବିଣ.—ଜଳରେ ଓଦା ହୋଇ ଫୁଲିଥିବା
Ḍum Swollen and wet.
(ଯଥା—ଡୁମ୍ସ ଚାଉଳ ।)

ଡୁମ୍ରି—ପ୍ରାଦେ. (ସମ୍ବଲପୁର) ବି.(ସଂ.ଉଦୁମ୍ବର; ଉଡ଼ୁମ୍ବର)—ଡିମ୍ବିରି—
Ḍum-ri Ficus; fig.

ଡୁମ—ଗ୍ରା. ବି.—ଡମ (ଦେଖ)
Ḍuma Ḍama (See)

ଡୁମଣୀ (ଇତ୍ୟାଦି)—ଡମଣୀ (ଇତ୍ୟାଦି) (ଦେଖ)
Ḍumaṇī (etc). Ḍamaṇī etc (See)

ଡୁମର—ପ୍ରାଦେ. (କଟକ) ବି.—ଡିମ୍ବିରି—
Ḍumara Fig.

୧	ଋ	ଡ଼	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇପ୍ସ	ଋଅ	ଋ
୨	ଋ	ଡ଼	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଊ	ବ୍ଧ

ଡୁମରୁ—ପ୍ରାଦେ. (ସମ୍ବଲପୁର) ବ.—ଟିପ—
Dumari High-land..
ବଣ.—ଟିପ; ଉଚ୍ଚ (ଭୂମି)—High (ground.)

ଡୁମା—ପ୍ରାଦେ. (ସମ୍ବଲପୁର) ବ.—ବଡ଼ଜାତିଅ ଅଣ୍ଡିରା ଗୋବରା
Dumā ଚଢ଼େଇ—A male of a large species of Gobarā bird.
ପ୍ରାଦେ. (ବସ୍ତର) ବ. (ତୁଳ. ଇଂ. ଡେମନ୍)—ଅସୁର—Devil.
ପ୍ରାଦେ. (କଳାହାଣ୍ଡି) ବଣ. ସ୍ତ୍ରୀ.—ଡାହାଣୀ—Witch.
ଦେ. ବଣ.—ଡମ୍ବା ଡମ୍ବା (ଦେଖ)—
Dimbā dimbā (See)

ଡୁମା(ମେ)ଇବା—ଦେ. କ୍ରି.—ଟୁମାଇବା (ଦେଖ)
Dumā(me)ibā Tumāibā (See)

ଚୂଳ ଶୁଣ୍, ବାଡ଼ ଶୁଣ୍, ଯେତକ ଚୂନା ସେତକ ଲୁଣ୍
ପାଣି ଦେଇଥିବୁ ଅଢ଼େଇ ଖୁଣ୍; କାଳ ଦେଇଥିବୁ ଡୁମେଇ କରି
ବସିଥିବୁ ଗୋଡ଼ ଲମ୍ବେଇ କରି । ଡଗ ।

ଡୁମା ଡୁମା—ଦେ. ବଣ.—ଡିମ୍ବା ଡିମ୍ବା (ଦେଖ)
Dumā dumā Dimbā dimbā (See)

ଡୁମାଲ—ପ୍ରାଦେ. (ଗଡ଼ଜାତ)ବ. ପୁଂ—୧ । ଚଷାଁ ଜାତୀୟ ଶୂଦ୍ରବିଶେଷ
Dumāla 1. A low caste people.
(ଡୁମାଲୁଣୀ—ସ୍ତ୍ରୀ) ୨ । ସମ୍ବଲପୁରର ଗଉଡ଼ ଜାତିର ଶାଖା ବିଶେଷ—
2. A sub-caste of Gaurdas in Sambalpur.

ଡୁମୁଡୁମା—ଦେ. ବ.—ବନ୍ୟ ଶାକ ଗୁଳ୍ମବିଶେଷ—
Dumudumā Monetia Tetracantha (herb).
ବଣ.—ଡୁମ୍ ଡୁମା (ଦେଖ)—Dum dumā (See

ଡୁମୁ ଡୁମୁ—ଦେ. (ଧ୍ୱନ୍ୟନୁକରଣ) ଅ.—ଡୁମ୍ ଡୁମ୍ (ଦେଖ)
Dumu dumu Dum dum (See)
(ଡୁମୁରୁ ଡୁମୁରୁ; ଡୁମୁରୁ ଡୁମୁରୁ—ଅନ୍ୟରୂପ)

ଡୁମୁଣୀ (ଇତ୍ୟାଦି)—ଡମଣୀ ଇତ୍ୟାଦି (ଦେଖ)
Dumuṇī (etc) Damaṇī (See)

ଡୁମେର୍—ପ୍ରାଦେ. (ସମ୍ବଲପୁର) ବ.—ଡିମ୍ବିରି (ଦେଖ)
Dumer Dimbiri (See)
ବଣ—ଧୂସର—Brown.

ଡୁମେର୍ ଗୁରିଆ—ପ୍ରାଦେ. (ସମ୍ବଲପୁର) ବଣ—ଧୂସରବର୍ଣ୍ଣର ଗୋରୁ—
Dumer guriā Brown (cattle).

ଡୁମ୍ଫା—ଦେ. ବ.—ଢୁମ୍ପା (ଦେଖ)
Dumphā Dhumpā (See)

ଡୁମ୍ବାଲ—ପ୍ରାଦେ. (ଗଡ଼ଜାତ) ବ. ପୁଂ—ଢୁମାଲ (ଦେଖ
Dumbāla Dhumāla(See)
(ଡୁମ୍ବାଲୁଣୀ—ସ୍ତ୍ରୀ)

ଡୁମ୍ବେର—ପ୍ରାଦେ. (ସମ୍ବଲପୁର) ବ.—ଡିମ୍ବିରି (ଦେଖ)
Dumber Dimbiri (See)

ଡୁରା—ପ୍ରାଦେ. (ବାଲେଶ୍ୱର) ବ—ଡୋରିଆ ଲୁଗା—
Durā Striped cloth.
ବଣ—ଗାର ପଡ଼ିଥିବା—Striped.

ଡୁରି—ପ୍ରାଦେ. (ସମ୍ବଲପୁର) ବ.—ମହୁଲ (ଦେଖ)
Duri Mahula (See)

ଡୁରି ତେଲ୍—ପ୍ରାଦେ. (ସମ୍ବଲପୁର) ବ.—ମହୁଲ ତେଲ—
Duri tel Mahula oil.

ଡୁର୍କା—ପ୍ରାଦେ. (କଳାହାଣ୍ଡି) ବ.—ଛୋଟ ବାଘ; ନେପାଳବାଘ—
Durkā A small species of tiger; leopard.

ଡୁଲ୍—ପ୍ରାଦେ. (ସମ୍ବଲପୁର) ବ—କ୍ଷେତରୁ ପାଣି ବୋହି ଯାଇ ଜମା
Dul ହେବା ଗାତ—A hole or pit where water flowing from a field accummulates.

ଡୁଲ୍କି—ଦେ. ବ. (ସଂ. ଢୋଲକ)—ଢୋଲକି; ପିଲାଙ୍କ ଖେଳର
Dul-ki ଉପଯୋଗୀ ଛୋଟ ଢୋଲ—A small double-faced drum used as a toy.
(ଡୁଲ୍କୀ—ଅନ୍ୟରୂପ)
ढोलकी, ढोलकी

ଡୁଲ୍ ଡାଲ—ବୈଦେ. ବ. (ହିନ୍ଦୀ)—ଡୋଲ୍ ଡାଲ୍ (ଦେଖ)
Dul dāl Dol dāl (See)

ଡୁଲା—ପ୍ରାଦେ. (ସମ୍ବଲପୁର) ବ—ଲୁଗା ଘେରା ହୋଇଥିବା ପାଲିଙ୍କି
Dulā ପରି ଶଗଡ଼; ଡୋଲି—A rude litter covered with cloth.

ଡୁଲି—ପ୍ରାଦେ. (ବାଲେଶ୍ୱର) ବ. (ସଂ. ଦୋଲକ; ଦୋଳା; ତୁଳ. ହି.
Duli ଡୁଲି)—୧ । ଡୋଲି; ଦୋଳା; ଛୋଟସବାରି; ମନୁଷ୍ୟଙ୍କ
କାନ୍ଧରେ ବୁହା ହେବା ଯାନବିଶେଷ—
1. A small closed sedan chair for carrying a person; dooly; a litter.
୨ । ଶସ୍ୟ ରଖିବା ନିମନ୍ତେ ବାଉଁଶ ପାତିଆରେ ବୁଣା ବଡ଼
ପାତ୍ର; କୋଡ଼ମେଁଟି—2. A big basket for storing grains.
ପ୍ରାଦେ. (ସିଂହଭୂମ) ବ—ବଡ଼ ବେତା—A big basket.
ପ୍ରାଦେ. (ସମ୍ବଲପୁର) ବ—ବାଥର—Cornfield.

ଡୁଶ୍—ବୈଦେ. ବ. (ଇଂ)—କୋଷ୍ଠବଦ୍ଧ ହେଲେ ସାବୁନ ପାଣି ବା
Duś ଲୁଣ ପାଣିପୂର୍ଣ୍ଣ ଗୋଟିଏ ପାତ୍ରରେ ରବରନଳ ଲଗାଇ ନଳଦ୍ୱାରା
ডূস ପେଟଭିତରକୁ ପାଣି ଦେଇ ଝାଡ଼ା କରାଇବା ଯନ୍ତ୍ର—
डूस Douche.

ଡୁଶ୍ ଦେବା—ଦେ. କ୍ରି—କୋଷ୍ଠବଦ୍ଧ ରୋଗୀର ପେଟରେ ଡୁଶ୍‌ଯନ୍ତ୍ରଦ୍ୱାରା
Duś debā ପାଣି ପୂରାଇବା—To thrust water into the
ডূস দেওআ abdomen of a costive patient through
डूस देना the anus by means of a douche.

ଡୁଶ୍ ନେବା—ଦେ କ୍ରି—ନିଜର ପେଟ ଭିତରକୁ ଡୁଶ୍‌ଦ୍ୱାରା ପାଣି ଦେଇବା—
Duś nebā To flush one's abdomen with water by means of a douche.

> ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏହି ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଡ' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କଅ' ଦେଖିବେ; 'ବଧୂ' କି ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' କି ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଡୁସିବା—ପ୍ରାଦେ. (କଳାହାଣ୍ଡି) କ୍ରି—ନିଆଁ ଲଗାଇବା—
Ḍusibā To set fire; to ignite.

ଡୁହା—ଦେ. ବି. (ସଂ ଦ୍ୱିପଦା)—୧। ସଙ୍ଗୀତର ଘୋଷାପଦ; ଦୁଆ;
Ḍuhā ଦୁଆ—1. The refrain of a song.
दोहा ୨। ଦୁଇପାଦ ଯୁକ୍ତ ଗୀତ—
दुहरा 2. A song with two lines; doggerel.

ଡୁହା କରିବା—ଦେ. କ୍ରି—ଡୁହା ଧରିବା (ଦେଖ)
Ḍuhā karibā Ḍuhā dharibā (See)

ଡୁହା ଧରିବା—ଦେ. କ୍ରି—୧। ଗାୟକ ବ୍ୟକ୍ତି ସଙ୍ଗୀତର ପଦମାନ
Ḍuhā dharibā ବୋଲିବା ପରେ (ତାଙ୍କର ସହଚରମାନେ)
दोआ धरा ସଙ୍ଗୀତର ଘୋଷା ପଦକୁ ବାରମ୍ବାର ଗାଇବା;
दुहराव करना ଦୁଆ ଧରିବା—1. To catch or repeat the refrain of a song after it is sung by a singer.
୨। (ଲକ୍ଷଣାର୍ଥ) କୀର୍ତ୍ତି ଘୋଷଣା କରିବା; ପ୍ରଶଂସା କରିବା; ଜେଜେକାର କରିବା—2. (figurative)To repeat the praise of a person; to acclaim a person to the skies.

ଡୁହୁରି—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଧୁରସ=ଲମ୍ବରେଖା)—
Ḍuhuri ଲଙ୍ଗଳର ଗିଅର—Furrow.

ଡେଇଁ ଡେଇଁ—କ୍ରି. ବିଣ. (ଅସମାପିକା କ୍ରିୟା)—୧। ପୁସ୍ତକାଦିର
Ḍeiṅ ḍeiṅ କେତେକ ଅଂଶ ଛାଡ଼ିଦେଇ (ପଢ଼ିଯିବା)—
ଡେଇଁ ଡାଇଁ } ଅନ୍ୟରୂପ 1. (To read) by omitting
ଡେଇଁ ଡେଇଁକା } some portion of a book or
ডিঙ্গিয়ে ডিঙ্গিয়ে writing.
कूदकूद कर ୨। ବହୁବାର ଉଲ୍ଲଙ୍ଘନ କରି (ଯିବା)—
2. (To go) Leaping many times; by successive leaps and bounds.
(ଯଥା—ଘୋଡ଼ାଟି ପାଞ୍ଚଟା ବାଡ଼ ଡେଇଁ ଡେଇଁ ବାହାରି ଗଲା।)
୩। ପାଦକୁ ଉଚ୍ଚକୁ ଉଠାଇ (ଚାଲିବା)—
3. (To walk) With high steps.

ଡେଇଁ ଦେବା—ଦେ. କ୍ରି—ଡିଆଇଁବା; ଡେଇଁବାର ଣିଜନ୍ତରୂପ—
Ḍeiṅ debā Causative of Ḍeiṅbā, to jump.

ଡେଇଁ ପଡ଼ିବା—ଦେ. କ୍ରି—୧। ଲମ୍ଫ ଦେବା—1. To leap.
Ḍeiṅ paṛibā ଡେଇଁ ପଡ଼ିଲ ପ୍ରାୟ ଦାବ ବହିକ।
ডিঙ্গিয়ে পড়া ରାଧାନାଥ. ମେଘଦୂତ।
कूद पड़ना ୨। (ଅଗ୍ନି ଆଦିକୁ) ଝାସ ଦେବା—
2. To jump into (fire or water).
୩। ଡେଇଁ ଯିବା (ଦେଖ)—3. Ḍeiṅ jibā (See)

ଡେଇଁବା—ଦେ, କ୍ରି. (ସଂ. ଡୀ ଧାତୁ=ଉଡ଼ିବା; ତୁଳ. ତା—ଡିଗୁ
Ḍeiṅbā =ଓହ୍ଲାଇବା)—୧। ଲମ୍ଫଦେବା; କୁଦିବା—
ডিঙ্গান, ডিঙ্গিয়ে যাওয়া 1. To jump; to leap; to spring.
कूदना फांदना
ଡେଁଇବା } ଅନ୍ୟରୂପ ୨। ଉଲ୍ଲଙ୍ଘନ କରିବା; କୌଣସି ଉଚ୍ଚ ବସ୍ତୁ
ଡେଁଇଁବା } ବା ଓସାରିଆ ପଦାର୍ଥକୁ ଅତିକ୍ରମ କରିବା;
ଉଲ୍ଲଙ୍ଘନ କରିବା—2. To leap over; to jump over a height or breadth; to over-leap.
୩। (ଶରୀରର ଅଙ୍ଗବିଶେଷ) ସ୍ପନ୍ଦିତ ହେବା; ଫୁରିବା; କମ୍ପିତ ହେବା—3. To throb; to vibrate; to tremble (said of limbs).

ସବୁ ଅଙ୍ଗଯାକ ମୋହର ଡେଇଁଛନ୍ତି
କୁହଦେଇ ମହାଭୟ ହେଉଛି କପୂତ। କୃଷ୍ଣସିଂହ, ମହାଭାରତ ଦ୍ରୋଣ।

[ଦ୍ର—ହିନ୍ଦୁଶାସ୍ତ୍ର ମତରେ ଶରୀରର ଭିନ୍ନ ଭିନ୍ନ ଅଙ୍ଗ ଡେଇଁଲେ ଭିନ୍ନ ଭିନ୍ନ ଅଶୁ ଶୁଭ ବା ଅଶୁଭ ଫଳ ସୂଚିତ ହୁଏ; ସାଧାରଣତଃ ପୁରୁଷମାନଙ୍କ ଦକ୍ଷିଣ ଅଙ୍ଗ ଓ ସ୍ତ୍ରୀମାନଙ୍କ ବାମ ଅଙ୍ଗ ଡେଇଁବା ଅଶୁ ଶୁଭଫଳ ସୂଚନା କରେ।]

୪। (ରୋଗଆଦି) ଏକବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ସଂକ୍ରମଣ କରିବା—4 To infect (said of contagious diseases).
(ଯଥା—ତା ଦେହରୁ ମୋ ଦେହକୁ କାଛୁ କୁଣ୍ଡିଆ ଡେଇଁଲା।)
୫। ଦଉଡ଼ି ବୁଲିବା; ଡିଆଁ ମାରି ଦଉଡ଼ିବା—
5. To run about.
୬। ନାଚ କୁଦ ହେବା; ଖେଳ ବୁଲିବା—
6. To frisk about; to skip about.

ଡେଇଁ ଆଅ ବନ ଯାକ ଭୁମ୍ଭ ମନ ଶ୍ରୀହରିଚନ୍ଦନ ବୋଲେ—
କବିସୂର୍ଯ୍ୟ, ଯଶୋଦାଚମ୍ପୂ, ଭ-ଗୀତ।

୭। ବିରକ୍ତ ହେବା; ଚିଡ଼ିବା; ଚିଡ଼ ଚିଡ଼ ହେବା—
7. To snap at a person in displeasure; to snarl.
(ଯଥା—ଗୃହସ୍ଥର ପାକରେ ମାଛ ରନ୍ଧା ହେବା ଦେଖି ଆଗନ୍ତୁକ ନିରାମିଷାଶୀ ବାବାଜୀ ଡେଇଁଛନ୍ତି।)
୮। (ଡେଇଁବାର ଣିଜନ୍ତରୂପ) ଡିଆଇଁବା; କୌଣସି ବସ୍ତୁକୁ ହାତରେ ଶୂନ୍ୟକୁ ପକାଇ ଧରି ନେବା—
8. To throw up a thing to the air and then catch it; to toss a thing up.
(ଯଥା—ସେ ହାତରେ ପେଣ୍ଡୁ ଦୁଇଟା ଡେଇଁ ଡେଇଁ ଅଛି।)
୯। (ଡେଇଁବାର ଣିଜନ୍ତ) ଡେଇଁବାର ଉପାୟ କରିବା—
9. To cause to jump.
(ଯଥା—ମୁଁ ଆଜ ଆମ ବାଛୁରିକୁ ନେଇ ଗଡ଼ା ବେଢ଼ ଡେଇଁ ଆଣିଲି।)
୧୦। କୌଣସି ସୀମାକୁ ଟପିବା—
10. To exceed any limit.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ଼	ଓଅ	ଢ଼
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ଗ	ଇଅ	ଔ	ନ୍ତ

ଅଙ୍ଗ, ଡେଇଁ ବସନ୍ତେ ଦୁଇଖଣ୍ଡ ପିଣ୍ଡବାର କେତେ ଜଣଙ୍କର ଅଛି ।
ଦୈନିକ ଆଶା, ୬୬।୭।୨୯।

(ଯଥା—ରେଳଗାଡ଼ି କାଠଯୋଡ଼ି ନଈର ପୋଲ ଡେଇଁ ଆସିବା ପରେ ଗାଡ଼ିର ଗତି ଶିଥିଳ ହେଲା ।)

ଡେଇଁବା, ଡିଅଁଇବା, ଡେଇଁ ଦେବା } ଏକାନ୍ତରୂପ — ୧୧ । ପାଠ କରିବା ସମୟରେ ପୁସ୍ତକାଦିର ଅଂଶବିଶେଷ ତ୍ୟାଗ କରି ଆଗକୁ ପଢ଼ି ଯିବା; କେତେକ ଅଂଶ ଛାଡ଼ି ପଢ଼ିଯିବା; ଗଡ଼େଇ ପକାଇବା—11. To omit portions of a writing or book while reading it through.

(ଯଥା—ସେ ସାତକାଣ୍ଡ ରାମାୟଣ ପୋଥିକୁ ପଢ଼ିବାକ ମଧ୍ୟରେ ଡେଇଁ ଗଲା ।)

୧୨ । (ଅକର୍ମକ) (ନିର୍ଦ୍ଧାରିତ ସମୟର ସୀମା) ଅତିକ୍ରାନ୍ତ ହେବା; ବିତି ଯିବା—

12. (a fixed point of time) To pass.

(ଯଥା—ଭାଷାକୋଷର ଶେଷ ଖଣ୍ଡ ପ୍ରକାଶିତ ହେବାବେଳକୁ ସମ୍ଭବତଃ ଦୋଳ ଡେଇଁ ଥିବ ।)

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଆସିବା, ପଡ଼ିବା, ଦେବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଡେଇଁଯିବା—ଦେ. କ୍ରି—ଲମ୍ଫ ଦେଇ ଅତିକ୍ରମ କରିଯିବା; କୁଦିଯିବା—
Deiṅ-jibā To overleap; to leap over; to overcome by jumping.
ଡିଙ୍ଗିୟେ ଯାଓୟା
कूद जाना (ଯଥା—ଚୋର ଏ ବାଡ଼କୁ ଡେଇଁ ଯିବା କଥା ଅଗରୁ ଜଣା ଅଛି ।)

ଡେଇରି ଫାରମ୍—ବୈଦେ. ବି. (ଇଂ)—ଡାଇରି ଫାରମ୍ (ଦେଖ)
Deiri phāram — Dāiri phāram (See)

ଡେଉଁ(ଉ)ରିଆ—ଦେ. ବି. (ସଂ. ଡମରୁ)—
Deuṅ(u)riā ୧ । ଡଉଁରିଆ; ତାବିଜ; ମର୍ଦ୍ଦଳାକାର ଧାତୁମୟ ଅଳଙ୍କାରବିଶେଷ; ଧାତୁର ମର୍ଦ୍ଦଳାକାର କବଚ—
মাদুলী, মাদলী
ढोलना, ताकना. 1. Phylactery; an amulet; talisman; a charm made of metal; a drum-shaped locket.

[ଦ୍ର—ଧାତୁଦ୍ୱାରା ଡେଉଁରିଆ ତିଆରି ହୁଏ । ସେଥି ମଧ୍ୟରେ ମନ୍ତ୍ରଲେଖା କାଗଜ ବା ଭୂର୍ଜପତ୍ର ଖଣ୍ଡ ବା ଜଡ଼ିବୁଟି ଭରି ଲୋକେ ଭୟ, ରୋଗ, ଗ୍ରହଦୋଷ ଓ କୁଦୃଷ୍ଟି ନିବାରଣାର୍ଥ ବେକରେ, ବାହୁରେ ଓ ଅଣ୍ଟାରେ ପିନ୍ଧନ୍ତି । ସୁନା ରୁପାର ଡେଉଁରିଆ ତିଆରି କରି ଲୋକେ ଅଳଙ୍କାରରୂପେ ବେକରେ, ଅଣ୍ଟାରେ ବା ବାହୁରେ ମଧ୍ୟ ବାନ୍ଧନ୍ତି । ଅଷ୍ଟଧାତୁର ଡେଉଁରିଆ ଏକ ଧାତୁରେ ନିର୍ମିତ ଡେଉଁରିଆ ଅପେକ୍ଷା ବେଶି ଉପକାରୀ ଥିବାର କଥିତ । ସ୍ତ୍ରୀଲୋକମାନେ ଓ କେତେକ ପୁରୁଷ ସଉକରେ ବେକରେ ସୁନା ରୁପାର ଡେଉଁରିଆ ମାଳ କରି ପିନ୍ଧନ୍ତି । ଗୁଣିଆଁ ମାନେ ନିଜ ନିଜର ମନ୍ତ୍ରସମ୍ବାଦ ଅବଶ୍ୟକ ପ୍ରତିପନ୍ନ କରିବା ପାଇଁ ବାହାରେ ଡେଉଁରିଆ ବାନ୍ଧନ୍ତି ।]

୨ । ଖଟ, ପଲଙ୍କ ଓ ବମାନ ଆଦିର ବାଡ଼ରେ ଲଗାଯିବା ମୃଦଙ୍ଗାକାର କାଠି—

2. Ornamental railings attached to the side-posts or head-plates of bedsteads, desks etc.

ଡେଉଁରିଆ ମାଳ—ଦେ. ବି—ସ୍ତ୍ରୀମାନଙ୍କ ବାହା ଓ ବେକରେ ବନ୍ଧାଯିବା
Deuṅriā māla ଡେଉଁରିଆର ମାଳ; ବାଙ୍କ ଡେଉଁରିଆ—
A string of amulets worn by females round the arm and neck as an ornament.

ଡେକ୍—ବୈଦେ. ବି. (ଇଂ)—ଜାହାଜ ବା ଡଙ୍ଗାର ପଟା ବନ୍ଧା
Dek ହୋଇଥିବା ଉପର ଅଂଶ—
ডেক Deck of a ship or boat.
डेक

ଡେକ୍‌ଚି—ବୈଦେ. ବି. (ଫା. ଦେଗ୍‌ଚ୍; ଦେଗଚୀ=ତମ୍ବାର ଛୋଟ
Dek-chi ପାକ ପାତ୍ର)—ତମ୍ବା ବା ଅଲୁମିନିଅମ୍ ଧାତୁରେ ନିର୍ମିତ
ডেকচী ହାଣ୍ଡି ବା ରନ୍ଧନ ପାତ୍ର—Degchee; copper or
देग, देगची aluminium cooking pot.

ଡେକ୍ ଚେଅର୍—ବୈଦେ. ବି (ଇଂ)—ଜାହାଜର ଡେକ୍‌ରେ ବ୍ୟବହାର
Dek cheār କରାଯିବା ଚଉକି; କାନ୍‌ଭାସ୍ ଚଉକି—
ডেক চেয়ার Deck-chair.
डेकचौकी

ଡେକ୍‌ନା—ପ୍ରାଦେ. (ଲରିଆ) ବି—ଓଡ଼ଶ; ଛାରପୋକ—
Dek-nā Bed bug.

ଡେକ୍ ପାସେଞ୍ଜର୍—ବୈଦେ. ବି. (ଇଂ)—ଜାହାଜର ଡେକ୍‌ରେ ଯିବା
Dek pāseṅjar ଯାତ୍ରୀ; ଜାହାଜର ତୃତୀୟ ଶ୍ରେଣୀର ଯାତ୍ରୀ—
ডেক পাসেঞ্জর Deck-passenger.
डेक पेसेंजर

ଡେକ୍ସ—ବୈଦେ. ବି (ଅଶୁଦ୍ଧ ଉଚ୍ଚାରଣ) (ଇଂ. ଡେସ୍କ)—
Deksa ୧ । ମେଜ ଆଦିରେ ଲଗାଯିବା କାଠର ଟଣା ଡ଼ବା ଡାଲା;
ডেস্ক ଦରାଜ—1. A drawyer under tables etc.
डेस्क ୨ । ଲେଖିବାର ଗଡ଼ାଣିଆଁ ଛୋଟ ମେଜ—
ଡେକସ, ଡେସ୍କ } ଅନ୍ୟରୂପ 2. A writing desk.
୩ । ଛାତ୍ରମାନଙ୍କ ପଢ଼ିବା ବେଳେ ବେଞ୍ଚ ସମ୍ମୁଖରେ ଯେଉଁ ଢାଲୁନିର୍ମିତ ଗଡ଼ାଣିଆଁ ମେଜ ରଖାଯାଇଥାଏ—

ଡେକ୍‌ସନାରୀ—ବୈଦେ. ବି. (ଇଂ. ଡିକ୍‌ସନାରୀ)—ଡିକ୍‌ସନାରୀ (ଦେଖ)
Deksanāri — Diksanāri (See)
ডিক্সিনারী, **डिक्सनरी**
(ଡେକ୍ସନେରି; ଡେକ୍ସନାରି—ଅନ୍ୟରୂପ)

ଡେଗିବା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ). କ୍ରି (ଭୁଇ. ହୁ.
Degibā ଡଗ୍‌ନା=ସ୍ଫୁରିବା, କୁଦିବା; ନାଗର ପ୍ରତିଶବ୍ଦ ଲଂଘନ)
୧ । ଡେଇଁବା—1. To jump

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେଥି ନ ପାଇ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଥ' ନ ମିଳିଲେ 'କୁଥ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ।

୨ । ଝାମ୍ପିବା—2. To swoop.

ଢେଙ୍କା— ପ୍ରାଦେ. (ସମ୍ବଲପୁର) ବି—ଠେକା; ପଗଡ଼ି— Deṅkā Turban.

ଢେଙ୍ଗ୍—ପ୍ରାଦେ. (ଉତ୍ତର ଭାଗ) ବିଣ—ଢେଙ୍ଗା— Deṅg Tall.

ଢେଙ୍ଗ—ଦେ. ବି. (ସଂ. ତୁଙ୍ଗ)—ଲମ୍ବରେ ଉଚ୍ଚତା; ଠିଆ ଭାଗରେ Deṅga କୌଣସି ବସ୍ତୁର ଉଚ୍ଚତା— लम्बाई Height (of a tall thing or person). ऊँचाइ (ଯଥା—ତା ବାପଠାରୁ ପୁଅଟି ଢେଙ୍ଗରେ ଚାରିଗୁଣ୍ଠ ଉଚ୍ଚ ।) ঢেঙ্গা; ডেঙ্গা ବିଣ—ଢେଙ୍ଗା —Tall. ऊँचा

ଢେଙ୍ଗ ନଇଥ ବାଙ୍କର ଗୁଣ,
ଏହାଠାରୁ ଗୁଣ ବାଙ୍କରେ ଥୁଅ – କୃଷ୍ଣବଚନ ।

ଢେଙ୍ଗବେଜାରି—ପ୍ରାଦେ. (ଗଡ଼ଜାତ)—ବନ୍ୟ ବର୍ଷାୟୁ କଣ୍ଟକୀ କ୍ଷୁପ; Deṅgabejāri ଅଗରା—A thorny shrub; Argemone (ସଂ. ନାମ—ଶୃଗାଳକଣ୍ଟକ) Mexicana; Mexican poppy; শিয়ালকাঁটা Gamboje Thistle.

ଢେଙ୍ଗରା—ପ୍ରାଦେ. (ସମ୍ବଲପୁର) ବି—ଢେଙ୍ଗୁରା (ଦେଖ) Deṅgarā Deṅgurā (See)

ଢେଙ୍ଗା—ଦେ. ବି. (ସଂ. ତୁଙ୍ଗ, ଦୀର୍ଘ)— Deṅgā ୧ । ଉଚ୍ଚତା —1. Tallness; height. ঢেঙ্গা, ডাগর ୨ । (ପୁଂ) ଉଚ୍ଚ ଲୋକ ବା ବସ୍ତୁ — ऊँचाइ 2 Tall person or thing. ଢେଙ୍ଗୀ, ଢେଙ୍ଗେଇ } ସ୍ତ୍ରୀ. ୩ । ସର୍ବୋଚ୍ଚ ବ୍ୟକ୍ତି ବା ବସ୍ତୁ—3. Highest or tallest person or thing.

ଢେଙ୍ଗା ମୁଣ୍ଡରେ ଠେଙ୍ଗା ବାଜେ—ପ୍ରବଚନ ।

ঢেঙ্গা ଦେ. ବିଣ—୧ । ଦୀର୍ଘ; ଠିଆ ଭାଗରେ ଲମ୍ବା— ऊँचा, लम्बा 1. Tall.

୨ । (ପୁଂ) ଉଚ୍ଚ (ବ୍ୟକ୍ତି ବା ବସ୍ତୁ)— 2. Tall (person or thing).

ଶୀର୍ଣ୍ଣକାୟ, ନୁହେଁ ଢେଙ୍ଗା ଅଥବା ବାଙ୍ଗର । ତନ୍ତ୍ରାମଣି. ବକ୍ରମାବତୀ ।

୩ । ସରୁ ଅଥଚ ଉଚ୍ଚ— 3. Slender and high; thin and tall.

ଢେଙ୍ଗା ଭେଜି—ଦେ. ବି—ଶ୍ୱେତ ବୃହତୀ (ଦେଖ) Deṅgā bheji Śweta bṛuhatī (See)

ଢେଙ୍ଗିବା—ପ୍ରାଦେ. (ସିଂହଭୂମ) କ୍ରି (ମୂଳ. ହି. ଡାଙ୍ଗନା=ଡେଇଁବା Deṅgibā ପ୍ରଭୃତି ଲଂଘନ କରିବା; ତୁଳନ. ହି. ଉଙ୍ଗନା) ଡେଇଁବା—To jump; to leap; to spring.

ଢେଙ୍ଗୁ—ବୈଦେ. ବି. (ଇଂ. ମୂଳ. ସ୍ପେନ ଦେଶର ଭାଷା ଡେଙ୍ଗା= Deṅgu ବାତ୍ତକଙ୍ଗା ଜ୍ୱର)— ଠେଙ୍ଗା ଜ୍ୱର—Dengu fever. डेंगू [ଦ୍ର—ଏହା ପ୍ରଥମେ ସ୍ପେନ୍ ଦେଶରେ ଦେଖାଯାଇ डेंगु ज्वर ଥିବାରୁ ଏପରି ନାମ ହୋଇଅଛି । (ଢେଙ୍ଗୁଜ୍ୱର—ଅନ୍ୟରୂପ) ଏ ଜ୍ୱର ୩ ଦିନ ମାତ୍ର ରହେ । ରୋଗୀର ଦେହହାତ ଭାରି ଛେଚିଲାପରି ହୁଏ ଓ ଦରଜ ବୋଧ ହୁଏ । ଠେଙ୍ଗାରେ ବିଶେଷ ମାଡ଼ ଖାଇଲେ ଶରୀର ଯେପରି ଅବଶ ହୁଏ ଏ ଜ୍ୱରରେ ସେହିପରି ଅନୁଭୂତି ଘଟେ, ଏହା ମାରାତ୍ମକ ନୁହେଁ ।]

ଢେଙ୍ଗୁରକ—ଦେ. ବି—ନାଗରା— Deṅguraka Drum; tomtom.

ରାଜବତ୍ମ ପର୍ଯ୍ୟ ପଥ ଆଇଁ ବାଜେ ନଗର ପାଶେ ତହିଁକି
ଦିବ୍ୟ ଧ୍ୱନି ଢେଙ୍ଗୁରକ, ବିଯୋଗୀ ଶୁଣି ଉଚ୍ଚୁକି ।
ଉପେ. ଲାବଣ୍ୟବତୀ ।

ଢେଙ୍ଗୁରା—ଦେ. ବି. (ସଂ. ଡିଣ୍ଡିମ)— Deṅgurā ଧେଣ୍ଡୁରା; ଢକ୍କା; ନାଗରା— ঢেঁড়া, ঢেঁট্‌রা Tomtom; drum; kettle-drum. ঢেঁডরা ढिंढोरा

ଢେଙ୍ଗୁରା ଦେଇ ବୁଲାଇବ ଦେଶ ।
ପ୍ରାଚୀ ପ୍ରଭାତ. ଶଶିସେଣା ।

[ଦ୍ର—ଏହା ଏକମୁହାଁ । ଆନଦ୍ଧ ବାଦ୍ୟ; ୨ ଖଣ୍ଡ କାଠିଦ୍ୱାରା ୨ ହାତରେ ଏହା ବଜା ଯାଏ । କୌଣସି ସମ୍ବାଦ ସାଧାରଣରେ ବା ପ୍ରକାଶ୍ୟରେ ଘୋଷଣା କରିବା ନିମନ୍ତେ ଢେଙ୍ଗୁରା ବଜାଇ ତାହା ପ୍ରଚାର କରାଯାଏ ।

ଆମ ଦେଶରେ ସଧବା ସ୍ତ୍ରୀ ମୃତା ହେଲେ ତାହାର ଶବ ଆଗରେ ଢେଙ୍ଗୁରା ବଜାଇ ଶବକୁ ଶ୍ମଶାନକୁ ନିଅନ୍ତି; ଏହାକୁ ଅହ୍ୟଢେଙ୍ଗୁରା ବୋଲାଯାଏ ।]

ଢେଙ୍ଗୁରା ଦିଆ—ଦେ. ବି. ଓ ବିଣ—ଢେଙ୍ଗୁରା ପିଟା (ଦେଖ) Deṅgurā diā Deṅgurā pitā (See)

ଢେଙ୍ଗୁରା ଦେବା—ଦେ. କ୍ରି.—ଢେଙ୍ଗୁରା ପିଟିବା (ଦେଖ) Deṅgurā debā Deṅgurā piṭibā (See) ঢেঁড়া দেওয়া ढिंढोरा देना

ବଜା ଢେଙ୍ଗୁରା ଦେଇବ ଅପସରସା,
ବଜାକ୍ଷରେ ଶୋଭା ଗୁଣେ ଛଡ଼ାଇ ରସା ।
ଭୂଞ୍ଜ. ବୈଦେହୀଶ ବିଳାସ ।

ଢେଙ୍ଗୁରା ପିଟା—ଦେ. ବି.— କୌଣସି ବିଷୟର ପ୍ରକାଶ୍ୟରେ ପ୍ରକଟନ— Deṅgurā piṭā Wide publication of a matter. ঢাক পিটা ବିଣ.—ସର୍ବସାଧାରଣରେ ପ୍ରକଟିତ— (ଢେଙ୍ଗୁରା ବଜା—ଅନ୍ୟରୂପ) Published broadcast.

ଢେଙ୍ଗୁରା ପିଟିବା—ଦେ. କ୍ରି.—୧ । ଧେଣ୍ଡୁରା ଦେବା; ଢକ୍କା ବଜାଇବା Deṅgurā piṭibā 1. To sound a tomtom or [ଢେଙ୍ଗୁରା ବଜା(ଜେ)ଇବା—ଅନ୍ୟରୂପ] drum ডাঙ্গ পিটা ୨ । କୌଣସି ବିଷୟକୁ ଘୋଷଣା କରିବା ନିମନ୍ତେ ঢাক পিটা ଢକ୍କା ବଜାଇବା—2. To proclaim a ढिंढोरा पीटना matter by beat of drum; to beat a tomtom to announce any matter (e.g. an order).

୩ । (ଲକ୍ଷଣାର୍ଥ) କୌଣସି (ଗୋପନୀୟ) ବିଷୟ ସାଧାରଣରେ ଘୋଷଣା କରିବା ବା କହି ବୁଲିବା— 3. (figurative) To publish a secret matter; to publish a scandal.

ି	ଇ	ଉ	ର,ହ୍ର	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଡ଼	ଡ଼ଅ	ଢ
ୃ	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଦ

ଡେଙ୍ଗେଇ—ଦେ. ଵଣ. ସ୍ତ୍ରୀ—୧ । ଲମ୍ବଶରୀରଯୁକ୍ତା (ସ୍ତ୍ରୀ)—
Dengei — 1. Tall (woman).
ଢେଙ୍গী
ढेंगी
୨ । କ୍ଷୀଣ ଅଥଚ ଲମ୍ବଶରୀରବିଶିଷ୍ଟା—
2. Thin and tall (woman).
ଢେଙ୍ଗାଇ, ଢେଙ୍ଗୀ } ଅନ୍ୟରୂପ [ଦ୍ର—ଏହା ମଧ୍ୟ ଗାଳିରୂପେ ବ୍ୟବହୃତ ହୁଏ । ଢେଙ୍ଗେଇ ସ୍ତ୍ରୀମାନେ ଅସୁନ୍ଦରୀଙ୍କ
ଢେଙ୍ଗ, ଢେଙ୍ଗା } ପୁଂଲିଙ୍ଗ ମଧ୍ୟରେ ଗଣିତ ହୁଅନ୍ତି ।]

ଡେଙ୍ଗେନ୍—ପ୍ରାଦେ. (ସମ୍ବଲପୁର) ଵଣ —ଡେଙ୍ଗେଇ—
Dengen — Tall (woman).

ଡେଣା—ଦେ. ବ. (ସଂ. ଡୀ ଧାତୁ ; ଡୀନ; ଉଡ୍ଡୟନ)—
Denā — ୧ । ପକ୍ଷୀମାନେ ଯେଉଁ ପକ୍ଷ ସାହାଯ୍ୟରେ ଉଡ଼ନ୍ତି—
ডানা; ডেনা — 1. Wings; pinion (of bird).
डैना, पंख, पर
ଏବେ ଡେଣା ଶୁଣାଇ ଅଛି ଦେଖ ଭଲ ।
କୃଷ୍ଣସିଂ. ମହାଭାରତ ବନ ।
୨ । ମାଛମାନେ ଯେଉଁ ପକ୍ଷ ସାହାଯ୍ୟରେ ପହଁରନ୍ତି—
2. Fins (of fishes).
বাহু — ୩ । ମନୁଷ୍ୟର ବାହୁ; ବାହା; ହାତର ମୂଳଭାଗ—
बाजू, भुजा — 3. Arm (of a man).
ଗୁଳସ ବେଳେ ଦୋହଳଇ ଦୁଇ ଡେଣା
ହୋଇଥାଏ ଧନମଦେ ବୁଦ୍ଧିହୀଣା । କୃଷ୍ଣସିଂ. ମହାଭାରତ. ଶାନ୍ତି ।
୪ । (ଲକ୍ଷଣାର୍ଥ) ମନୁଷ୍ୟର ପ୍ରଧାନ ସହାୟ—
4. (figurative) The chief source of a man's strength; chief help; the 'right hand' of a person.

ଡେଣା ଖସି ପଡ଼ିବା—ଦେ. ବ—ଡେଣା ଛିଡ଼ି ପଡ଼ିବା (ଦେଖ)
Denā khasi pardibā — Denā chhirdi pardibā (See)

ଡେଣା ଛିଡ଼ି ପଡ଼ିବା—ଦେ. ବ—(ପକ୍ଷୀର ଡେଣା ଛିଡ଼ି ପଡ଼ିଲେ ସେ
Denā chhirdi pardibā — ଯେପରି ଉଡ଼ିପାରେ ନାହିଁ)—
(ଡେଣା ଛିଣ୍ଡିପଡ଼ିବା—ଅନ୍ୟରୂପ) (ଲକ୍ଷଣାର୍ଥ) ପ୍ରଧାନ ସହାୟକ
ডেনা ছিঁড়ে যাওয়া — ବ୍ୟକ୍ତି ମୃତ ବା ଅନ୍ତରିତ ହେବା ଯୋଗୁଁ
पुर्ज़ंफरना — ମନୁଷ୍ୟ ସହାୟହୀନ ହେବା—(figurative) The state of being deprived of one's chief support or source of strength.
(ଯଥା—ବଡ଼ ପୁଅଟି ମରିଯିବାରୁ ବୁଢ଼ାର ଡେଣା ଛିଡ଼ି ପଡ଼ିଲା ।)
[ଦ୍ର—ଇଂରାଜୀରେ ମଧ୍ୟ ଏହି ଅର୍ଥରେ 'Right hand-man' ଅର୍ଥାତ୍ 'ଡାହାଣହାତ ଭଳିଆ ବ୍ୟକ୍ତି' ବ୍ୟବହୃତ ହୁଏ । ଯଥା—By the death of so and so, he has lost his right hand.]

ଡେଣୁଆଁ—ଦେ. ବ (ଢେଲା ବା ବାଲୁର ବଳଦ୍ୱାରା ଦୂରକୁ କ୍ଷେପ କରି
Denuān — ଯାଏ ବୋଲି)—୧ । ଢେଲି; ଟେକା; ଟେଲା;
ঢিল, ডেলা, ঢেলা — ବୋଲୁଅ—1. Clods of earth or stone;
ढेला — brickbats; brickbats for tying to the ends of the strings while weaving a mat.

ଡେଣ୍ଡ୍ରା—ପ୍ରାଦେ (ସମ୍ବଲପୁର) ବ—(ଭୁଲ. ହି. ଡେଁଡରା)—
Dend-rā — ଡେଙ୍ଗୁରା (ଦେଖ) Dengurā (See)

ଡେଣ୍ଡିଆ—ପ୍ରାଦେ (ସମ୍ବଲପୁର) ଵଣ (ଖଣ୍ଡିଆ ସଙ୍ଗେ ଜାରର୍ଥକ ଧ୍ୱନ୍ୟନୁ-
Dendiā — କାର୍ଯ୍ୟ ସହଚର ରୂପେ ବ୍ୟବହୃତ)—ଖଣ୍ଡିଆ; କ୍ଷତ—Wounded.
[ଦ୍ର—ଓଡ଼ିଆରେ ଖଣ୍ଡିଆ ସଙ୍ଗେ ଦଣ୍ଡିଆ ସହଚର ରୂପେ ବ୍ୟବହୃତ ଯଥା, ଖଣ୍ଡିଆ ଦଣ୍ଡିଆ ।]

ଡେଣ୍ଡୁ—ପ୍ରାଦେ (ସମ୍ବଲପୁର) ବ (ସଂ. ଡୁଣ୍ଡୁଭ; ଭୁଲ. ଏହି ଅର୍ଥରେ
Dendu — ହି. ଡେଣ୍ଡହା; ଡେମ୍ହା ସାଁପ)—ଧଣ୍ଡ ସାପ—
(ଡେଣ୍ଡୁ ସାପ—ଅନ୍ୟରୂପ) — A kind of water-snake.
ଜାଗର ଗୋ ଡେଣ୍ଡୁ—ପ୍ରବଚନ ।

ଡେନ୍—ବୈଦେ. ଵଣ—ଡେନ୍ମାର୍କ ଦେଶୀୟ—
Den — Dane; Danish.
(ଡାନସ୍—ଅନ୍ୟରୂପ) ବ—ଡେନ୍ମାର୍କବାସୀ ବ୍ୟକ୍ତି—A Dane.

ଡେନ୍ମାର୍କ—ବୈଦେ.ବ (ନାମ)—ଇଉରୋପର ଜର୍ମାନୀରାଜ୍ୟର ଉତ୍ତରରେ
Den-mārk — ଦ୍ୱୀପ ଓ ଉପଦ୍ୱୀପ ସମ୍ବଳିତ ଗୋଟିଏ ରାଜ୍ୟ—
ডেনমার্ক — Denmark.
डेनमार्क — [ଦ୍ର—ଏହାର ରାଜଧାନୀ କୋପେନ୍‌ହେଗେନ୍]
(ଡେନ୍ମାର୍କ—ଅନ୍ୟରୂପ)

ଡେନା—ପ୍ରାଦେ (ସମ୍ବଲପୁର) ବ (ଣ ସ୍ଥାନରେ ନ ଉଚ୍ଚାରଣ) ଡେଣା—
Denā — Wings.

ଡେପୁଟୀ—ବୈଦେ. ବ (ଇଂ. ଡେପୁଟୀ)—ଦୋସରା; ଡେପୁଟୀ କଲେକ୍ଟର
Deputi — ଓ ଡେପୁଟୀ ମେଜେଷ୍ଟ୍ରେଟ; କଲେକ୍ଟରଙ୍କ ଅଧୀନ ଶାସନ
ডেপুটী — ଓ ବିଚାର ବିଭାଗୀୟ ଉଚ୍ଚ କର୍ମଚାରୀ—Deputy;
डिप्टी — Deputy Collector; Deputy Magistrate.
[ଦ୍ର—ଏହି ଇଂରାଜୀ ଶବ୍ଦ ସଙ୍ଗେ ଅନ୍ୟାନ୍ୟ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ଭାଷାରେ ଚଳନ୍ତି; ଯଥା—ଇନ୍ସପେକ୍ଟର, ପୋଷ୍ଟମାଷ୍ଟର, ପ୍ରେସିଡେଣ୍ଟ, ସୁପରିଣ୍ଟେଣ୍ଡେଣ୍ଟ, କମିସନର, ଗଭର୍ଣ୍ଣର ।]

ଡେପୁଟୀ ଇନ୍ସପେକ୍ଟର ଜେନେରାଲ୍—ବୈଦେ. ବ (ଇଂ)—ପୁଲିସ ଓ
Deputi ins-pektar jenaral — ଅନ୍ୟ କେତେକ ବିଭାଗର
ডেপুটী ইনসপেক্টর জেনেরাল — ପ୍ରାଦେଶିକ କର୍ତ୍ତାଙ୍କ ସହକାରୀ—
डिप्टी इंसपेक्टर जेनरल — Deputy Inspector General.

ସାଧାରଣ ପାଠକ ଅ ୧୨ ପୃଷ୍ଠାରେ ପ୍ରଦତ୍ତ ୧ ଚଉଙ୍କ ଅକ୍ଷର ଓ ମାତ୍ରା ଏବଂ ୨ ଚଉଙ୍କ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ। ଅତଏବ ୧ ବା ୨ ଚଉଙ୍କ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଉଙ୍କର ବଦଳରେ ୨ ବା ୧ ଚଉଙ୍କ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ, କୃଥ ନ ମିଳିଲେ 'କୃଥ' ଦେଖିବେ; 'ବଧ୍' ନ ପାଇଲେ 'ବନ୍ଧ' ଦେଖିବେ; ଅର୍ଘା ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ।

ଡେପୁଟୀ କଲେକ୍ଟର—ବୈଦେ. ବ (ଇଂ)—ଜିଲ୍ଲାର ରାଜସ୍ୱ ଭାରପ୍ରାପ୍ତ ହାକିମଙ୍କ ସହକାରୀ—
Deputi kalektar — Deputy Collector.
ଡେପୁଟୀ କଲେକ୍ଟର, ଡେପୁଟୀ କଲକ୍ଟର, ଡେପୁଟୀ କଲେଟର } ଅନ୍ୟରୂପ— [ଦ୍ର—ଜିଲ୍ଲାକଲେକ୍ଟରଙ୍କ ଅଧୀନ ଶାସନବିଭାଗୀୟ
ଡେପୁଟୀ କାଲেক্টর — ଉଚ୍ଚ କର୍ମଚାରୀଙ୍କୁ ଗଞ୍ଜାମରେ ସବ୍ କଲେକ୍ଟର
डिपटी कलक्टर — କହନ୍ତି।]

ଡେପୁଟୀ କମିସନର୍—ବୈଦେ. ବ (ଇଂ)—ଅପେକ୍ଷାକୃତ ଅନ୍ନତ (ନନ୍ ରେଗୁଲେସନ୍) ଜିଲ୍ଲାର ଉଚ୍ଚତମ ଶାସନକର୍ତ୍ତା—Deputy Commissioner of a non-regulation District
Deputi kamisanar
ডেপুটী কমিসনার
डिपटी कमिसनर
[ଦ୍ର—ଇଂରାଜଶାସିତ ଉନ୍ନତ ଅଞ୍ଚଳରେ ଜିଲ୍ଲାର ପ୍ରଧାନ ଶାସନକର୍ତ୍ତାଙ୍କୁ ଡିଷ୍ଟ୍ରିକ୍ଟ-ମାଜିଷ୍ଟ୍ରେଟ୍ କହନ୍ତି।]

ଡେପୁଟୀ ଡାଇରେକ୍ଟର—ବୈଦେ. ବ (ଇଂ)—କୌଣସି ରାଜକୀୟ କାର୍ଯ୍ୟ ବିଭାଗର ଡାଇରେକ୍ଟରଙ୍କ ସହକାରୀ—Deputy Director of any department.
Deputi dāirektar
ডেপুটি ডাইরেক্টর
डेपुटि डाइरेक्टर
(ଡେପୁଟୀ ଡିରେକ୍ଟର—ଅନ୍ୟରୂପ)

ଡେପୁଟୀ ପ୍ରେସିଡେଣ୍ଟ—ବୈଦେ. ବ (ଇଂ)—ପ୍ରତିନିଧି ସଭାପତି; ସ୍ଥାୟୀ ସଭାପତିଙ୍କ ଅନୁପସ୍ଥିତିରେ ସଭାପତିଙ୍କ କାର୍ଯ୍ୟ-ନିର୍ବାହକ ବ୍ୟକ୍ତି—Deputy President.
Deputi president
ডেপুটি প্রেসিডেন্ট **डिपटी प्रेसिडट**

ଡେପୁଟୀ ମାଜିଷ୍ଟ୍ରେଟ—ବୈଦେ. ବ (ଇଂ)—ଜିଲ୍ଲାର ଫଉଜଦାରୀ ଶାସନ ବିଭାଗର ପ୍ରଧାନ ରାଜକର୍ମଚାରୀବିଶେଷ; ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହକାରୀ—
Deputi mājishtret
ଡେପୁଟୀ ମାଜିଷ୍ଟର, ଡେପୁଟୀ ମେଜେଷ୍ଟର } —ଅନ୍ୟରୂପ Deputy Magistrate.
ডেপুটী মাজিস্ট্রেট **डिपटी मेजेष्टर**

ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ—ବୈଦେ. ବ (ଇଂ)—ଜିଲ୍ଲାର ପୁଲିସ ବିଭାଗର ଅଧିପତିଙ୍କ ସହକାରୀ—Deputy Superintendent of Police.
Deputi suparintendent
ডেপুটী সুপরিন্টেণ্ডেণ্ট
डिपटी सुप्रण्दट

ଡେପୁଟେସନ—ବୈଦେ. ବ (ଇଂ)—କୌଣସି କର୍ତ୍ତୃପକ୍ଷ ବା ଶାସକଙ୍କୁ ସାକ୍ଷାତ୍ କରି ତାଙ୍କ ନିକଟରେ କୌଣସି ବିଶିଷ୍ଟ ଉଦ୍ଦେଶ୍ୟ, ଅଭିଯୋଗ ବା ପ୍ରାର୍ଥନା ଜଣାଇବା ପାଇଁ ନିର୍ବାଚିତ ହୋଇଥିବା ଲୋକପ୍ରତିନିଧିଦଳ—Deputation of selected persons who wait upon a high personage.
Deputesan
ডেপুটেসন্
डेपुटेसन्

ଡେବରା—ଦେ. ବଣ—ବାଉଁଆ; ଯେଉଁ ଲୋକର ବାମହସ୍ତ ଦକ୍ଷିଣହସ୍ତ ଅପେକ୍ଷା ଅଧିକ ଦକ୍ଷ ବା କାର୍ଯ୍ୟକାରୀ—
Debarā
ଡେବରିଆ, ଡେବରା ହାତିଆ } —ଅନ୍ୟରୂପ Left-handed (person).
ডেবরা, **बैंहत्था, डेबरा**

ଡେବ(ବି)ରି—ଦେ. ବଣ (ସଂ. ଦକ୍ଷିଣେତର, ସବ୍ୟେତର)—
Deba(bi)ri ବାମପାର୍ଶ୍ୱସ୍ଥ; ବାଆଁ—Left; pertaining to the left side.
(ଡାହାଣ, ଖାଇବା—ବିପରୀତ)
বাঁ; **डेरा; बायाँ** ଟେକ ଦେଲେ ଡେବରି ପାଦକୁ ବଳରେ।
କୃଷ୍ଣସିଂହ, ମହାଭାରତ ସଭା

ଡେଭଲପ—ବୈଦେ. ବ. (ଇଂ. ଡେଭେଲପ୍‌ମେଣ୍ଟ)—୧। ଉନ୍ନତି; ବିବର୍ତ୍ତନ—1. Development.
Debhalap
ডেভেলপ — ୨। ଫଟୋଗ୍ରାଫ୍ ଯନ୍ତ୍ର ବା କାମେରାଦ୍ୱାରା କାଚ ଉପରେ
डेवलप — ଉଠିଥିବା ଛବିକୁ ଉଜ୍ଜ୍ୱଳତାସହ କାଗଜରେ ଉଠାଇବା—Developing a photo from a negative plate.

ଡେଭଲପ୍ କରିବା—ଦେ. କ୍ରି—ଫଟୋଗ୍ରାଫ୍ ନିଆ ଯାଇଥିବା ନେଗେଟିଭ୍ କାଚକୁ ମସଲା ପାଣିରେ ଧୋଇବା ଦ୍ୱାରା ସେଥିରେ ପଡ଼ିଥିବା ଛାୟାଚିତ୍ରର ଆକାର ଅନ୍ୟ କାଗଜରେ ସ୍ପଷ୍ଟରୂପେ ଉଠାଯିବାର ଉପାୟ କରିବା—To develop a plate in photography.
Debhalap karibā
ডেভেলপ করা
डेवलप करना

ଡେଭିଡ—ବୈଦେ. ବି (ଇଂ. ନାମ)—ବାଇବଲ୍‌ଲିଖିତ ସ୍ତୁତିମାନଙ୍କ ଗାୟକ ରାଜା—King David; singer of Psalms in the Bible
Debhid
ডেভিড
डेभीड़
(ଡାଉଡ୍—ଅନ୍ୟରୂପ)

ଡେମ୍ ସୁଅର୍—ବୈଦେ. ବ (ଗାଳିରେ ବ୍ୟବହୃତ) (ଇଂ ଡାମ୍ନ୍= ନାରକୀ ଓ ଫା. ସୁଅର୍=ଶୂକର)—ନାରକୀ; ପାପିଷ୍ଠ—(interjection) Damn you!
Dem suar
ଡେମ୍, ଡ୍ୟାମ୍ ସୁଅର୍ } ଅନ୍ୟରୂପ
ড্যাম্ **डेम सुअर**

ଡେମରେଜ୍—ବୈଦେ. ବ (ଇଂ. ଡେମରରେଜ୍)—
Demarej — ଡିମରେଜ୍ (ଦେଖ)
ডিমারেজ **डेमरेज** — Dimarej (see)

ଡେମି—ବୈଦେ. ବ. (ଇଂ. ଡେମୀ)—୧। ଡିମାଇ (ଦେଖ)
Demi — 1. Dimāi (See)
ডেমি — ୨। ଡେମି ଅଫିସିଅଲ୍ ଚିଠି (ଦେଖ)
डेमी, डिमाइ — 2. Demi aphisial chithi (See)
୩। ଅରଜି ଓ ଦରଖାସ୍ତ ଆଦି ଲେଖିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କ ତରଫରୁ ଷ୍ଟାମ୍ପଭେଣ୍ଡରମାନଙ୍କଦ୍ୱାରା ବିକ୍ରି କରାଯାଉଥିବା ଫୁଲ୍‌ସ୍କାପ୍ କାଗଜର ଅଧ ଫର୍ଦ ଆକାରର ମୋଟ କାଗଜ; ପଇସିଆ କାଗଜ;—3. Demy paper; single sheets of paper sold by Government on which petitions and plaints are written.

୧	ଇ	ଉ	ଋ,ର୍‌	ଚ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଷ,ଶ	ଜ୍ଞ	ଇସ୍ତ	ତ୍ଥ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଙ	ନ୍‌

ଡେମି ଅଫିସିଅଲ୍ ଚିଠି—ବୈଦେ. ବି. (ଇଂ. ଡେମୀ ଅଫେସିଅଲ୍—ଅର୍ଦ୍ଧ ସରକାରୀ + ଓ. ଚିଠି)—
Demi aphisial chithi
ডেমি-অফিশিয়াল চিঠি
डेमी अफिसियाल् चिट्ठि
ସରକାରୀ କର୍ମଚାରୀଙ୍କର ସରକାରୀ କାର୍ଯ୍ୟ ସମ୍ପର୍କେ ଘରୋଇ ଚିଠି—Demi-official letter.

ଡେମି କାଗଜ—ଦେ. ବି—କଚେରୀରେ ଦରଖାସ୍ତ ଆଦି ଲେଖିବା ନିମନ୍ତେ ବ୍ୟବହୃତ ପରିମିତଅ କାଗଜଫର୍ଦ୍ଦ; କାର୍ଟ୍ରିଜ୍ କାଗଜ—Demy paper; cartridge paper sheets used for writing petitions and plaints.
Demi kāgaja
ডেমি কাগজ
डिमाइ काँगज

[ଦ୍ର—ଏହା ଆକାରରେ ଫୁଲସ୍କାପ୍ ଫର୍ଦ୍ଦର ଅଧେ ଓ ସାଧାରଣ କାଗଜ ଅପେକ୍ଷା ମୋଟ; ଏହାର ଲମ୍ବ ୧୩୨ ଇଞ୍ଚ ଏବଂ ଓସାର ୮୨ ଇଞ୍ଚ । ଏ କାଗଜର ଦେହରେ ସରକାରଙ୍କ ନାମ ଧଳା ଅକ୍ଷରରେ ଛପା ହୋଇଥାଏ ଓ ଷ୍ଟାମ୍ପ ଭେଣ୍ଡରମାନେ ଏହା ବିକନ୍ତି ।]

ଡେମିବା—ପ୍ରାଦେ. (ସମ୍ବଲପୁର) କ୍ରି—ପଥରରେ ଛେଚିବା—
Demibā To pestle or bruise with stone.

ଡେମେଜ୍—ବୈଦେ. ବି ଓ ବିଣ (ଇଂ)—ଡାମେଜ୍ (ଦେଖ)
Demej Dāmej (See)

ଡେମ୍ଫ—ଦେ. ବି. (ସଂ. ଦଣ୍ଡ)—
Dempha
বোঁটা
डाँठ, डंठी, ढिपुनी
୧ । ପତ୍ର, ଫୁଲ ଓ ଫଳ ଆଦିର ବୃନ୍ତ ବା ନାଡ଼—1. Stalk; petiole; foot-stalk (of a fruit, flower or leaf).
୨ । ପ୍ରାଦେଶ ପରିମାଣ; ବିସ୍ତାରିତ କରତଳର ବୁଢ଼ା ଅଙ୍ଗୁଳିର ଅଗରୁ ତର୍ଜ୍ଜନୀ ଅଙ୍ଗୁଳିର ଅଗ ପର୍ଯ୍ୟନ୍ତ ବିସ୍ତାରର ପରିମାଣ—2. The span of the stretched-out palm between the tips of the thumb and the fore finger.

[ଦ୍ର—ବିସ୍ତୃତ କରତଳର ବୁଢ଼ା ଅଙ୍ଗୁଠିର ଅଗଠାରୁ ତାଣି ଅଙ୍ଗୁଠିର ଅଗ ପର୍ଯ୍ୟନ୍ତ ଦୂରତାକୁ ବିଘତ ବୋଲାଯାଏ ।]

ବୈଦେ. ବି. (ଅ. ଦଫ୍; ଡଫ୍)—କାଠ, ତମ୍ବା ବା ପିତଳର ଏକପ୍ରକାର ଛୋଟ ଆନଦ୍ଧ ବାଦ୍ୟ; ଡମ୍ଫ (ଏହାର ଆକାର ଡାଲି ପରି; ଏହାର ଗୋଟାଏ ପାଖ ଚମଡ଼ାରେ ଆବୃତ ଓ ଅନ୍ୟ ଗୋଟାଏ ପାଖ ମେଲା ଥାଏ, ଏହା ୨ ଖଣ୍ଡ କାଠିଦ୍ୱାରା ୨ ହାତରେ ବଜାଯାଏ)—
ডম্ফ
डफ
A kind of small shallow kettle-drum covered with hide on one side; tabor.

ଡେମ୍ଫ ନାଗରା—ବୈଦେ. ବି. (ଅ. ଦଫ୍; ଡଫ୍—ପା. ନାଗରା)—
Dempha nāgarā
ডম্ফ
डफ
୧ । ଡେମ୍ଫ ୨—1. Dempha 2.
୨ । ଏକତ୍ର ବାଜିବା ଡେମ୍ଫ ଓ ନାଗରା ନାମକ ବାଦ୍ୟଦ୍ୱୟ—2. A pair of kettle-drums slightly differing from each other, sounded together.

[ଦ୍ର—ନାଗରା ହାଣ୍ଡି ଆକୃତି, ହାଣ୍ଡିର ମୁହଁରେ ଚମଡ଼ା ଛାଉଣି ହୋଇଥାଏ । ଡେମ୍ଫର ଆକୃତି ଖଞ୍ଜଣି ପରି । ଏହାର ଏକ ମୁଣ୍ଡରେ ଚମଡ଼ା ଛାଉଣି ହୋଇଥାଏ ଓ ଅନ୍ୟ ମୁଣ୍ଡଟି ଖୋଲା ଥାଏ । ଡେମ୍ଫକୁ ଜଣେ ଲୋକ ଦୁଇ ହାତରେ ୨ ଖଣ୍ଡ କାଠି ଧରି ବଜାଏ, କିନ୍ତୁ ଡେମ୍ଫ ନାଗରା ଏକତ୍ର ବଜା ହେଲାବେଳେ ବାଁ ହାତରେ ନାଗରାକୁ ଖଣ୍ଡିଏ କାଠିରେ ଓ ଡାହାଣ ହାତରେ ନାଗରାକୁ ଗୋଟିଏ କାଠିରେ ଏକସମୟରେ ବଜାଯାଏ ।]

ଡେମ୍ଫେ—ଦେ. ବି ଓ ବିଣ—ଏକ ଡେମ୍ଫ ପରିମାଣ—
Demphe The length measured between the tips of the thumb and the fore-finger when the palm is stretched out.

କୁକୁର ଡେମ୍ଫେ ଜିଭଟା କାଢ଼ି ପକାଇ ଧକାଉ ଅଛି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଡେମ୍ବ୍ରିଆ—ପ୍ରାଦେ. (ମେଦନୀପୁର) ବି—ଡେଉଁରିଆ (ଦେଖ)
Demb-riā Deunriā (See)

ଡେମ୍ବୁର—ପ୍ରାଦେ. (ମେଦନୀପୁର) ବି. (ଭୁଲ. ବ. ଡୁମୁର)—ଡିମିରି—
Dembur Fig

ଡେର୍ ଜମି—ଦେ. ବି—ଉଚ୍ଚ ଜମି—
Der jami Land on a high level; high land.

ଡେର—ଦେ. ବି—୧ । ଠିଆ ଭାବ; କୌଣସି ବସ୍ତୁର ଅଗ୍ରଭାଗ କାନ୍ଥ ବା ବାଡ଼ ପାଖରୁ ସଂଲଗ୍ନ କରି ତାହାକୁ ଠିଆ କରି ରଖିବାର ଅବସ୍ଥା—1. Leaning position of a thing.
Dera
ডের
खाड़ा
୨ । ଠିଆ (ଦେଖ)—2. Ṭhia (See)
ପ୍ରାଦେ. (ସମ୍ବଲପୁର) ବିଣ—ଡେଙ୍ଗା—Tall.

ଡେରା—ବୈଦେ. ବି. (ସଂ. ଦ୍ରାହ୍ ଧାତୁ=ନିକ୍ଷେପ କରିବା କିମ୍ବା ସ୍ଥା ଧାତୁ)—ତମ୍ବୁ; ବସ୍ତ୍ରଗୃହ; ଛାଉଣୀ—Tent; camp.
Derā
ডেরা
डेरा

ରଗ କରି ଅଗମନେ ରଗ ଡେରା ଅଗ କରି ପକାଇଛି ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଦେ. ବିଣ.—କାନ୍ଥ ଆଦିରେ ଠିଆ ଭାବରେ ଅଉଜା ହୋଇ ଥିବା—Leaning against a wall in a standing posture.

କ ଅବା-ଡେରା ନବ ନଳିଭୁଜ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ପ୍ରାଦେ. (ଗଞ୍ଜାମ) ବି.—ବୁଣା ଜାତି; ଏକ ତନ୍ତୁବାୟ ଜାତି—A class of weavers.

ପ୍ରାଦେ.—(ସମ୍ବଲପୁର ଓ ଗଡ଼ଜାତ) ବି.—୧ । (ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ) ଅଭ୍ୟାଗତ ବ୍ୟକ୍ତିଙ୍କର ବସାଘର ବା ଅସ୍ଥାୟୀ ବାସସ୍ଥାନ—1. Lodgings of a guest.
୨ । କୌଣସି ସ୍ଥାନରେ କରିଥିବା ଅସ୍ଥାୟୀ ବାସ—2. Temporary abode taken up at a place.

ସାଧାରଣ ଲୋକେ ଅପରୁ ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଡେରା(ରେ)ଇବା – ଦେ. କ୍ରି. —୧ । ଡେରିବା କ୍ରିୟାର ଣିଜନ୍ତ ରୂପ—
Ḍerā(re)ibā 1. The causative form of 'Ḍeribā, to set leaning.
ডেরান
उठंगवाना ୨ । ଅନ୍ୟ ବ୍ୟକ୍ତିଦ୍ୱାରା କୌଣସି ପଦାର୍ଥକୁ ଡେରି କରି ରଖାଇବା—2. To cause a thing to be placed in a leaning position.

ଡେରା ଘର—ପ୍ରାଦେ. (ସମ୍ବଲପୁର) ବି.—୧ । ଗ୍ରାମର ସାଧାରଣ ଅତିଥି
Ḍerā ghara ଶାଳା—The village guest-house.
୨ । ବସା ଘର—2. Lodgings.

ଡେରା ଯି(ହେ)ବା—ଦେ. କ୍ରି.— ଡେରିବା କ୍ରିୟାର କର୍ମବାଚ୍ୟ ରୂପ—
Ḍerā ji(he)bā Passive voice of the verb
ডেরা হওয়া Ḍeribā, to set in a leaning posture.
उठंगना ୧ । ଲମ୍ବ ବାଡରେ କାନ୍ଥ ଆଡକୁ ଲଗାଇ କର୍ଣ୍ଣରୂପେ ରଖାଯିବା- 1. To be put in a standing position leaning against a wall.
୨ । (ସ୍ତ୍ରୀଲୋକଙ୍କ ପ୍ରତି ଅଭିଶାପ ବଚନ) ଗର୍ଭବତୀ ଅବସ୍ଥାରେ ମରିବା—2. To die during pregnancy.
(ଡେରା ହୋ ତଳେ ନୋଟ୍ ଦେଖ)

ଡେରା ହୋ—ଦେ. ଅ.—(ସ୍ତ୍ରୀଲୋକଙ୍କୁ ଗାଳିବିଶେଷ)—ତୁ ଗର୍ଭବତୀ
Ḍerā ho ହୋଇ ପ୍ରାଣତ୍ୟାଗ କରୁ; ତୋ ପେଟ ଚିରା ହେଉ ଓ ତୋ ଶବ ଡେରା ହେଉ—(a curse used to women) Die while pregnant.

[ଦ୍ର—ଆମ ଦେଶରେ ଗର୍ଭିଣୀ ସ୍ତ୍ରୀମାନେ ମଲେ ଶବକୁ ଦାହ କରିବା ପୂର୍ବରୁ ତା ପେଟକୁ ଚିରି ଗର୍ଭସ୍ଥ ପିଲାକୁ ବାହାର କରି ଉକ୍ତ ଶବକୁ ଡେରି କରି ରଖି ମାତୃ ଶବ ଓ ଭ୍ରୂଣ ଶବକୁ ପୃଥକ୍ ପୃଥକ୍ ସତ୍କାର କରନ୍ତି । ଏଥିପାଇଁ ଡେରା ହେବାର ଏହି ଅର୍ଥ]

ଡେରି—ବୈଦେ. ବି. (ଫା. ଦେର୍)—ବିଳମ୍ବ; କାଳବିଳମ୍ବ—
Ḍeri Lateness; delay.
দেরী ବିଣ.—ବିଳମ୍ବ ହୋଇଥିବା; ବିଳମ୍ବିତ—
देर, देरी Late.

ଡେରି କରିବା—ଦେ. କ୍ରି.—ବିଳମ୍ବ କରିବା—
Ḍeri karibā To be late; to defer.
দেরি করা देर करना

ଡେରି ଦେବା—ଦେ. କ୍ରି.—୧ । ଡେରିବା (ଦେଖ)
Ḍeri debā 1. Ḍeribā (See)
(ଘରିଦେବା—ବିପରୀତ) ୨ । (କେଉଟଙ୍କ ଭାଷା) ନୌକାର ଅଗ
ডেরে রাখা ମଙ୍ଗକୁ କାତଦ୍ୱାରା ସଞ୍ଚିତ କରିବା—2 (nautical term) To direct or regulate the direction or position of the front end of a boat by punting it with the punting rod.

ଡେରିବା—ଦେ. କ୍ରି. (ସଂ. ଦ୍ରାଘ ଧାତୁ=ନିକ୍ଷେପ)—୧ । କୌଣସି ଲମ୍ବ
Ḍeribā ବସ୍ତୁର ଅଗ୍ରଭାଗକୁ କାନ୍ଥ ବା ବାଡ଼ ଆଡକୁ ସଲଗ୍ନ କରି
ডেরা ଉକ୍ତ ବସ୍ତୁକୁ ଠିଆ କରାଇବା; ଆଉଜାଇବା—
उठंगना 1. To set a thing leaning against a wall etc.
(ଯଥା—ବାଡ଼ି ଖଣ୍ଡ ଘର କଣରେ ଡେରି ଦିଅ ।)
୨ । ଠିଆ କରାଇବା; କୌଣସି ଲମ୍ବ ପଦାର୍ଥକୁ ଠିଆ ଭାବରେ ରଖାଇବା—2. To make a thing stand up; to erect; to set up.
(ଯଥା—ଭୂଇଁରେ ପଡ଼ିଥିବା ଖୁଣ୍ଟକୁ ଡେରିଦିଅ ।)
[ଡେରା(ରେ)ଇବା—ଣିଜନ୍ତ] ୩ । କୌଣସି କଥା ବା ଶବ୍ଦ ଶୁଣିବା ନିମନ୍ତେ କାନକୁ ସେହି ଶବ୍ଦ ଆଡ଼କୁ ବୁଲାଇବା—
3. To prick or turn the ears (in order to hear any sound more distinctly).
୪ । ନିବିଷ୍ଟ ଚିତ୍ତରେ କୌଣସି କଥା ଶୁଣିବା ନିମନ୍ତେ କାନସହିତ ମୁଣ୍ଡକୁ ବୁଲାଇବା; କାନ ପାତିବା—4. To try to hear or catch any sound with concentration; to listen to any thing.
ଶୁଣ ମା ଶୁଣ ମା ବାରେ ଡେରିଣ ଶ୍ରବଣ । ମଧୁସୂଦନ. ଉତ୍କଳ ଗାଥା ।
[ଦ୍ର—ଘୋଡ଼ା ଓ ଗାଈମାନେ ମୁଣ୍ଡକୁ ନ ବୁଲାଇ କାନକୁ ଶବ୍ଦ ଆଡ଼କୁ ଡେରିବାର ଦେଖାଯାଏ । କାରଣ ସେମାନେ ମୁଣ୍ଡକୁ ନ ବୁଲାଇ କାନକୁ ଏପାଖ ସେପାଖ ବୁଲାଇ ପାରନ୍ତି । ମାତ୍ର ମନୁଷ୍ୟର ସେପରି ଆବଶ୍ୟକ ହେଲେ ସେ ମୁଣ୍ଡକୁ ନ ବୁଲାଇଲେ କେବଳ କାନକୁ ଇତସ୍ତତଃ ବୁଲାଇ ପାରନ୍ତି ନାହିଁ । ଅତଏବ ମନୁଷ୍ୟ ପକ୍ଷରେ 'କାନ ଡେରିବାର' ଅର୍ଥ ନିବିଷ୍ଟ ଚିତ୍ତରେ କୌଣସି ଶବ୍ଦ ବା କଥା ଶୁଣିବା ।]
୫ । ବିସ୍ତାର କରିବା—5. To extend; to spread out.
୬ । ସିଧା କରିବା—6 To straighten.
୭ । (ନାଉରି ଭାଷା) କାତଦ୍ୱାରା ନୌକାର ଅଗମଙ୍ଗକୁ ନିର୍ଦ୍ଦିଷ୍ଟ ଦିଗଆଡ଼କୁ ବୁଲାଇବା—7. (nautical term) To regulate the front end of a boat by using the punting rod.
୮ । (ନାଉରି ଭାଷା) ଡଙ୍ଗାର ଅଗ ମଙ୍ଗକୁ କୂଳ ପାଖରୁ ଛଡ଼ାଇବା—8. (nautical term) To keep the front end of the boat off from the shore while plying it.
ପ୍ରାଦେ. (ସମ୍ବଲପୁର) କ୍ରି—ଡେଇଁବା; ଲମ୍ଫ ପ୍ରଦାନ କରିବା—
To leap; to jump.

୧	ଈ	ଊ	ୠ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇପ୍ଟ	ଉଅ	ଈ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	●	ନ୍

ଡେରି ହେବା—ଦେ. କ—ବିଳମ୍ବ ଘଟିବା—
Deri hebā Being late; or delared.

ଡେରି ହେବା—ଦେ. କି—୧ । ଡେରିବା କ୍ରିୟାର କର୍ମବାଚ୍ୟରୂପ—
দেরী হওয়া, देर होना — 1. To be made to lean in a standing posture.
୨ । ଆପଣାର ଦେହକୁ ଭୂତଳରୁ ସମକୋଣଭାବରେ ରଖିବା—
2. To keep one's body perpendicular to the earth's surface.
(ଯଥା—ତୁମେ ଡେରି ହୋଇ ବସ ।)
ପ୍ରାଦେ. (ସମ୍ବଲପୁର) କ୍ରି. (ଗାଳରେ ବ୍ୟବହୃତ) ନିଜର ବାହାଦୁରି ଦେଖାଇ ହେବା—To display one's excellence; to show off; to be ostentatious.

ଡେରି ହୋଇ ବସିବା—ଦେ. କ୍ରି—ଗୋଡ଼ରେ ଭର ଦେଇ ବସିବା; କେବଳ ଗୋଡ଼ର ତଳିପାକୁ ଭୂମିରେ ଲଗାଇ ଦେହର ଅନ୍ୟ କୌଣସି ଅଂଶ ଭୂମିରେ ନ ଲଗାଇ ବସିବା; ଉଙ୍କୁ ଭିଙ୍କୁ ହୋଇ ବସିବା—
Deri hoi basibā
উবু হয়ে বসা
उठ बैठना
To sit upright with the soles of the feet on the ground; to sit up; to sit on the heels; to squat with the knees held up.

ଡେଲଙ୍ଗା—ଦେ. ବଣ—କୁବ୍ଜପୃଷ୍ଠ; କୁବ୍ଜ ବା ଉପରକୁ ବଙ୍କା ହୋଇଯାଇ ଥିବା (ପଟା); ଉପରକୁ ବାଙ୍କିଥିବା—
Delangā
বাংকা
टेढ़ा
Warped; bent; become curved.
[ଦ୍ର—ଯେଉଁ ପଟା ଉପରଆଡ଼କୁ ବାଙ୍କିଯାଇ ଥାଏ ତାକୁ ଡେଲଙ୍ଗା ଓ ତଳଆଡ଼କୁ ବାଙ୍କିଯାଇ ଥାଏ ତାକୁ ନୁଆଁ ବା ଲୁଆଁ କହନ୍ତି ।]

ଡେଲଙ୍ଗିବା—ଦେ. କ୍ରି—ଡେଲିଙ୍ଗିବା (ଦେଖ)
Delangibā Delingibā (See)

ଡେଲହୁସି—ବୈଦେ. ବ (ଇଂ. ନାମ, ଡେଲ୍‌ହଉସୀ)—ଲର୍ଡ଼ ଡେଲହୁସି; ଭାରତର ଗଭର୍ଣ୍ଣର ଜେନେରଲ—
Delāhusi
Lord Dalhousie, one Governor General of India.
[ଦ୍ର—ଏ ୧୮୪୮ରୁ ୧୮୫୬ ସାଲ ପର୍ଯ୍ୟନ୍ତ ଭାରତର ବଡ଼ଲାଟ ହୋଇଥିଲେ । ଏହାଙ୍କ ଅମଳରେ ପଞ୍ଜାବ, ଦାର୍ଜିଲିଙ୍ଗ, ଅଯୋଧ୍ୟା, ସାଗର, ଝାନ୍ସି, ନାଗପୁର ଓ ବେରାର ଭାରତୀୟ ଇଂରାଜ ରାଜ୍ୟଭୁକ୍ତ ହେଲା ଏବଂ ୨ୟ ବ୍ରହ୍ମ ସମର ହୋଇ ରେଙ୍ଗୁନ, ମାର୍ତ୍ତାବାନ, ପେଗୁ ଆଦି ମଧ୍ୟ ଭାରତ ସାମ୍ରାଜ୍ୟଭୁକ୍ତ ହେଲା । ଏହାଙ୍କ ଅମଳରେ ବଙ୍ଗ ପାଇଁ ସ୍ୱତନ୍ତ୍ର ଲେଫ୍‌ଟେନାଣ୍ଟ ନିଯୁକ୍ତ ହେଲେ । ଏହାଙ୍କ ଅମଳରେ କଲିକତା, ବମ୍ବେ ଓ ମାନ୍ଦ୍ରାଜଠାରୁ ପ୍ରଥମେ ରେଲ ଲାଇନ୍‌ମାନ ପଡ଼ିଲା, କେନାଲମାନ ଖୋଲା ହେଲା, ପକ୍କା ସଡ଼କ ହେଲା, ତାରଡାକ ବସିଲା, ଦୁଇପଇସିଆ ଡାକଷ୍ଟାମ୍ପ ଚଳିଲା ଓ ଭାରତରେ ସରକାରଙ୍କ ଶିକ୍ଷାବିଭାଗ ପ୍ରତିଷ୍ଠିତ ହେଲା ।]

ଡେଲି—ବୈଦେ. ବଣ (ଇଂ)—ଦୈନିକ—
Deli Daily.
ডেলী (ଯଥା—ଡେଲି ଭତ୍ତା; ଡେଲି ଖବର କାଗଜ ।)
डेली ବ—ଦୈନିକ ଖବର କାଗଜ—
Daily newspaper.

ଡେଲିଗେଟ୍—ବୈଦେ. ବ (ଇଂ)—ସଭା, ସମିତି ଆଦିକୁ ଲୋକଙ୍କ ତରଫରୁ ମନୋନୀତ ବା ନିର୍ବାଚିତ ହୋଇ ପଠାଯିବା ପ୍ରତିନିଧି ବା ସଭ୍ୟ—Delegate.
Deliget
ডেলিগেট
डेलिगेट

ଡେଲିଗେଟ୍ ଫି—ବୈଦେ. ବ (ଇଂ)—ସଭା, ସମିତି ଆଦିରେ ପ୍ରତିନିଧି ରୂପେ ଗ୍ରହଣ କରାଯିବା ବ୍ୟକ୍ତିଙ୍କର ଉକ୍ତ ସଭାସମିତିକୁ ଦେୟ ନିର୍ଦ୍ଧାରିତ ଅର୍ଥ—Delegate fee.
Deliget phi

ଡେଲିଙ୍ଗିବା—ଦେ. କ୍ରି—(କୌଣସି ଦିଧା ପତଳା ଲମ୍ବ ପଟା) ବଙ୍କା ବା କୁବ୍ଜ ହୋଇଯିବା—To become bent or curved (said of a thin plank); to bulge.
Delingibā
(ଡେଲଙ୍ଗିବା—ଅନ୍ୟରୂପ)
বাঁকান
कुबड़ना
[ଦ୍ର—ପଟା ଆଦିର ମଧ୍ୟ ଅଂଶ ତଳଆଡ଼କୁ ବଙ୍କେଇ ଗଲେ ତାକୁ ନଇଁବା ବା ଲଇଁବା ଏବଂ ଉପରଆଡ଼କୁ ବଙ୍କେଇ ଗଲେ ତାକୁ ଡେଲିଙ୍ଗିବା କହନ୍ତି ।]

ଡେଲିଙ୍ଗି ବାଉଁଶ—ଦେ. ବି—ଡେଲଙ୍ଗି ବାଉଁଶ; ଏକପ୍ରକାର ସରୁ ବାଉଁଶ—A kind of slender bamboo; Arundinacea (Kirtikar); Oxylenanthera Nigrocilliate (Haines); Bambusa Tulda.
Delingi bāunsa
(ଡେଲଙ୍ଗି—ଅନ୍ୟରୂପ)
ସ୍ତ. ବଂଶ, ଶିତକ
বেউড় বাঁশ
डोलु; नलबांस

ଡେଲ୍ଟା—ବୈଦେ. ବ(ଇଂ)—ନଦୀ ସମୁଦ୍ରରେ ପଡ଼ିବା ସ୍ଥାନ ବା ମୁହାଣରେ ପଙ୍କଦ୍ୱାରା ଗଠିତ ତ୍ରିକୋଣାକାର ଭୂମି; ନଦୀମୁଖସ୍ଥ ତ୍ରିକୋଣ ଭୂମି—Delta.
Deltā
ডেল্‌টা, বদ্বীপ
डेल्टा
[ଦ୍ର—ଗ୍ରୀକ୍‌ଭାଷାର ('Δ')ଏହି ତ୍ରିକୋଣ ଅକ୍ଷରର ନାମ ଡେଲ୍ଟା । ସମୁଦ୍ରରେ ପଡ଼ିବା ପୂର୍ବରୁ ନଦୀ ବହୁଧାର ହୋଇ ବହି ଯାଇ ସ୍ଥାନେ ସ୍ଥାନେ ଏହିପରି ଆକାର ଧାରଣ କରୁଥିବାରୁ ଇଂରାଜୀରେ ଏହାର ନାମ ଡେଲ୍ଟା; ବଙ୍ଗଳାରେ ବ ଅକ୍ଷର (ব) ତ୍ରିକୋଣ ଅଟେ, ଅତଏବ ଡେଲ୍ଟାକୁ ବଙ୍ଗଳାରେ ବ ଦ୍ୱୀପ, ଆଖ୍ୟା ଦିଆ ଯାଇଅଛି । ଓଡ଼ିଆରେ କେତେକ ଲେଖକ ବଙ୍ଗଳା ଅନୁକରଣରେ 'ବ ଦ୍ୱୀପ' ରୂପକ ନିରର୍ଥକ ଓଡ଼ିଆ ଶବ୍ଦ ପ୍ରୟୋଗ କରିବାର ଦେଖାଯାଏ ।]

ଡେଷ୍ଟ୍ରୟର—ବୈଦେ. ବ (ଇଂ)—୧ । ଧ୍ୱଂସକାରୀ—
Deshtrayar 1. Destroyer.
ডেষ্ট্রয়র ୨ । ଶତ୍ରୁର ଜାହାଜ ଧ୍ୱଂସକାରୀ ରଣତରୀ—
डेस्ट्रायर 2. Destroyer; a class of battle-ships which can destroy the ships of the enemy.

ସାଧାରଣ ଲୋକେ ଅପଭ୍ରଂଶ ସ୍ଥଳରେ ଦୁଇଟି ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗଣି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଡେସପାଚ୍—ବୈଦେ. ବି (ଇଂ)—୧ । ସୁରୁକ୍ଷର ବିଷୟକ ସରକାରୀ ଚିଠି—1. Official despatch
Des-pāch
ଡେସ୍‌ପାଚ୍
डेस्‌पाच
୨ । ଭାରତର ବଡ଼ଲାଟଙ୍କ ଠାରୁ ଓ ଠାରୁ ଯେଉଁ ସରକାରୀ ରିପୋର୍ଟ ଓ ଆଦେଶମାନ ଭାରତ ସଚିବଙ୍କ ଠାରୁ ଓ ଠାରୁ ଯିବା ଆସିବା କରେ—2 Despatch from the Viceroy to the Secretary of State for India and vice versa.

ଡେସିମଲ୍—ବୈଦେ.ବି (ଇଂ)—୧ । ଦଶମିକ; ଏକସଂଖ୍ୟାର ଦଶୋତ୍ତର ଭାଗ—Decimal.
Desimal
ଡেসিমল
डिसिमल
୨ । ଏକ ଏକର ଭୂମିର ୧/୧୦, ୧/୧୦୦, ୧/୧୦୦୦ ପ୍ରଭୃତି ଅଂଶ—2. One decimal of an acre.

[ଦ୍ର—ଓଡ଼ିଶାରେ ପୂର୍ବେ ଭିନ୍ନ ଭିନ୍ନ ଦସ୍ତିର ପଦକାରେ ଜମି ମାପ ହୋଇ ବାଟି, ମାଣ, ଗୁଣ୍ଠ, ବିଶ୍ୱା ଓ କାଣୀ ଦ୍ୱାରା ଜମିର କ୍ଷେତ୍ରଫଳ ନିର୍ଦ୍ଦିଷ୍ଟ ହେଉଥିଲା । କିନ୍ତୁ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଭୂରାଜସ୍ୱ ସେଟଲମେଣ୍ଟରେ ଏକର, ଡେସିମଲ୍ ହିସାବରେ ଜମିର କ୍ଷେତ୍ରଫଳ ନିର୍ଦ୍ଦିଷ୍ଟ ହୋଇଅଛି । ୨୪ ଦସ୍ତି ପଦକାରେ ଏକମାଣ = ୧ ଏକର; ଏକରକୁ ଏକଶହ, ଏକହଜାର ଓ ସ୍ଥାନବିଶେଷରେ ଦଶହଜାର ଭାଗରେ ବିଭକ୍ତ କରି ପ୍ରତ୍ୟେକ ଅଂଶକୁ ଡେସିମଲ୍‌ଦ୍ୱାରା ଚିହ୍ନିତ କରାଯାଏ । ଯେଉଁ ଅଞ୍ଚଳରେ ଏକରକ ୧୦୦ ଭାଗରେ ବିଭକ୍ତ, ସେଠାରେ ୧୦୦ ଡେସିମଲ୍ = ୧ ଏକର; ଯେଉଁଠାରେ ଏକରକ ୧୦୦୦ ଭାଗରେ ବିଭକ୍ତ, ସେଠାରେ ୧୦୦୦ ଡେସିମଲ୍ = ୧ ଏକର; ଯେଉଁଠାରେ ଏକରକ ଦଶହଜାର ଭାଗରେ ବିଭକ୍ତ, ସେଠାରେ ୧୦୦୦୦ ଡେସିମଲ = ୧ ଏକର । ବଡ଼ ବଡ଼ ସହରରେ (ଯଥା କଟକରେ) ଜମିମାନ ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ ହୋଇ ଥିବାରୁ ଏକରକୁ ଦଶହଜାର ଡେସିମଲ୍‌ରେ ବିଭକ୍ତ କରି ଯାଇ ସେଟଲମେଣ୍ଟ କରି ଯାଇଥିଲା ।]

ଡେସ୍କ—ବୈଦେ. ବି (ଇଂ)—ଡେକସ୍ (ଦେଖ)
Desk Dekas (See).

ଡୋଇଆ—ପ୍ରାଦେ (ଗଡ଼ଜାତ) ବି—ନୀଚ ତନ୍ତୀଜାତିବିଶେଷ—A low class of weavers.
Doiā

ଡୋଇଲ୍—ପ୍ରାଦେ (ଯାଜପୁର) ବି. ଓ ବିଣ—ଡଉଲ (ଦେଖ) Daula (See).
Doul

ଡୋକରା—ଦେ. ବିଣ (ଭୁଲ. ସଂ. ଦୁଷ୍କର; ପ୍ରା. ଡୁକ୍କର; ଭୁଲ. ହି. ଡକ୍କର = ଯୁବା)—୧ । ଅତି ବୃଦ୍ଧ; ଧୋକଡ଼ା—1. Very old; decrepit.
Dokarā
ଡୋকরা
डोकरा
୨ । ଶ୍ଳଥଚର୍ମ—2. With hanging or shrivelled skin.
(ଡୋକରୀ—ସ୍ତ୍ରୀ).
• ଦେ. ବି. ପୁଂ—ଅଶକ୍ତ ଓ ବୃଦ୍ଧ ବ୍ୟକ୍ତି—A decrepit old man.

ଡୋଜ୍—ବୈଦେ. ବି (ଇଂ)—ଔଷଧର ମାତ୍ରା; ପାନ—Dose (of medicine).
Doj
ଡୋজ
डोज

ଡୋବ(ଭ)ର୍—ବୈଦେ. ବି (ନାମ)—ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଥିବା ସଂକୀର୍ଣ୍ଣ ଜଳଭାଗ ବା ପ୍ରଣାଳୀ—The strait of Dover.
Doba(bha)r
ଡোভর
डोवर
[ଦ୍ର—ଏ ପ୍ରଣାଳୀର ଉପକୂଳସ୍ଥ ଇଂଲଣ୍ଡର କେଣ୍ଟ କାଉଣ୍ଟିର ବନ୍ଦର ଓ ସହରର ନାମ ମଧ୍ୟ ଡୋବର୍ ।]

ଡୋବା—ଦେ. ବି (ସଂ. ଦଭ୍ର = ସମୁଦ୍ର, ଝୀଲ—ହି. ଶବ୍ଦସାଗର)—୧ । ଚୁଟ; ଛୋଟ ବା ଅତି କ୍ଷୁଦ୍ର ଜଳାଶୟ—1. A very small tank.
Dobā
ଡୋବ } ଅନ୍ୟରୂପ
ଡୋବର }
ডোব, ডোবঁর, ডুব্বা, ডোবা
डबरा
୨ । ପାଣି ଝରିବା ନିମନ୍ତେ ଭୂମିରେ ବା ନଦୀବାଲିରେ ଖୋଳାଯିବା ଗର୍ତ୍ତ—1. Small pits dug in the sandy bed of a river or ground for collecting water by percolation.

ଡୋଭା—ଦେ. ବି—ଅର୍ବୁ—Tumour.
Dobhā
ବିଣ—ମୋଟା ଓ ପୋଲ; ଫମ୍ପା; ଉଗ୍ର—Large and empty; thick and hollow.
(ଯଥା—ଡୋଭା ବାଉଁଶ ।)

ଡୋମ୍‌ନା—ପ୍ରାଦେ. ବି (କନ୍ଧ ଭାଷା)—କନ୍ଧମାନଙ୍କ ପୁରୋହିତ—The priest of the Khonds.
Dom-nā
(ଡୋମ୍‌ଣା—ଅନ୍ୟରୂପ)

ଡୋମ୍‌ରିଆ—ପ୍ରାଦେ (ମେଦିନୀପୁର) ବି—ଡେଉଁରିଆ (ଦେଖ) Deuñriā (See).
Dom-riā

ଡୋମ—ଗ୍ରା. ବି—ଡମ (ଦେଖ)
Doma Dama (See).

ଡୋମଣୀ (ଇତ୍ୟାଦି)—ଡମଣୀ (ଇତ୍ୟାଦି) (ଦେଖ)
Domaṇi (etc) Damaṇi etc (See).
(ଡୋମୁଣୀ—ଅନ୍ୟରୂପ)

ଡୋମିନିଅନ୍—ବୈଦେ. ବି. (ଇଂ) (ଆଧୁନିକ ପ୍ରୟୋଗ)—ଇଂରାଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ସ୍ୱାୟତ୍ତଶାସନାଦି ଅଧିକାର ପ୍ରାପ୍ତ ଭିନ୍ନ ଭିନ୍ନ ରାଜ୍ୟ—Dominion; a self-governing unit inside the British Empire.
Dominian
(ଡୋମିନିୟନ—ଅନ୍ୟରୂପ)
(ଯଥା—ଉତ୍ତର ଆମେରିକାର କାନେଡ଼ା, ଅଷ୍ଟ୍ରେଲିଆ, ମିଶର, ସୁଡାନ୍ ଓ ଦକ୍ଷିଣ ଅଫ୍ରିକାର ରୋଡେସିଆ ।)

ଡୋମିନିଅନ୍ ଷ୍ଟେଟସ୍—ବୈଦେ ବି(ଇଂ)(ଆଧୁନିକ ପ୍ରୟୋଗ)—ଇଂରାଜ ସାମ୍ରାଜ୍ୟର କାନେଡ଼ା, ଅଷ୍ଟ୍ରେଲିଆ ଆଦି
Dominian shteṭas

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇୟ	ଉଅ	ଢ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍

ସ୍ୱାୟତ୍ତଶାସନାଧୀନ ରାଜ୍ୟମାନଙ୍କର ଶାସନ ସାଦୃଶ ଓ ରାଜନୀତିକ ଅବସ୍ଥା—Dominion status.

[ଦ୍ର—ବର୍ତ୍ତମାନ ଅଧିକାଂଶ ଭାରତବାସୀ ଭାରତବର୍ଷ ନିମନ୍ତେ ଡୋମିନିଅନ୍ ଷ୍ଟେଟସ୍ ଇଂରେଜ ସରକାରଙ୍କଠାରୁ ଦାବୀ କରୁଅଛନ୍ତି ଓ ୧୯୨୮ ସାଲର ନେହରୁଙ୍କ ରିପୋର୍ଟରେ ଓ କଲିକତାର ରାଉଣ୍ଡ ଟେବଲ୍ କନ୍‌ଫରେନ୍ସରେ ଅଧିକାଂଶ ଭାରତୀୟ ପ୍ରତିନିଧିଙ୍କଦ୍ୱାରା ଏକଥା ସମର୍ଥିତ ହୋଇଅଛି ।]

ଡୋମିସାଇଲ୍‌ଡ୍—ବୈଦେ. ବି. (ଇଂ)—ଏକ ପ୍ରଦେଶରୁ ଆସି ଅନ୍ୟ ପ୍ରଦେଶରେ ସ୍ଥାୟୀରୂପେ ବାସ କରିଥିବା ଉପନିବେଶୀ—Domiciled.
Domisāil-ḍ.

[ଦ୍ର—ବିଦେଶୀ ବ୍ୟକ୍ତି କୌଣସି ପ୍ରଦେଶରେ ଡୋମିସାଇଲ୍‌ଡ୍ ହୋଇଥିବାର ସନ୍ତୋଷଜନକ ପ୍ରମାଣ କର୍ତ୍ତୃପକ୍ଷଙ୍କ ନିକଟ ଦର୍ଶାଇଲେ ସେହି ପ୍ରଦେଶର ସରକାରୀ ଚାକିରି ଆଦିରେ ପ୍ରଦେଶବାସୀଙ୍କ ସମାନ ଦାବୀ ତାଙ୍କ ପ୍ରବର୍ତ୍ତେ ।]

ଡୋମୁଣୀ (ଇତ୍ୟାଦି)—ଡମଣୀ ଇତ୍ୟାଦି (ଦେଖ)
Domuṇi (etc)   Ḍamaṇi etc (See)

ଡୋମ୍ବ(ମ୍ବୋ)—ପ୍ରାଦେ. (ବିଶାଖାପାଟଣା) ବି—ବିଶାଖାପାଟଣାରେ ବାସ କରୁଥିବା ଓଡ଼ିଆ ଡମମାନଙ୍କର ଭାଷା—The Oriya language spoken by the Ḍamas in Vizagapatam Agency.
Ḍomba(mbo)

ଡୋର—ସଂ. ବି—ପାଟ, ସୂତା ଆଦିର ସରୁ ଦଉଡ଼ି; ରସି; ତାଗା—String; chord; line.
Ḍora

ଡୋର ଲମ୍ବ ଥୋପ ଯେସନ ଅନୁସରେ ଶଫରୀ—ରାଧାନାଥ. ଚନ୍ଦ୍ରଭାଗା ।

[ଦ୍ର—ଜାଲ, ବନଶି, ପୋଥି, କଣ୍ଠିଆ ଆଦି ନିମନ୍ତେ ବ୍ୟବହୃତ ମସୃଣ ଓ ଦୃଢ଼ ସୂତାକୁ ଡୋର କୁହାଯାଏ । ଜଗନ୍ନାଥ ଆଦିଙ୍କ ପ୍ରତିମାମାନଙ୍କ ରଥକୁ ବିଜେ କଲାବେଳେ ତାଙ୍କ ଅଣ୍ଟାରେ ପାଟ ଡୋର ବନ୍ଧା ହୁଏ, ସେହି ପାଟ ଡୋରକୁ ଟାଣି ଟାଣି ସେବକମାନେ ମହାପ୍ରଭୁଙ୍କୁ ପହଣ୍ଡି ବିଜେ କରାନ୍ତି ।]

ডোর; ডোরী; ডুরী   ଦେ. ବି—୧ । ଆକର୍ଷଣ— 1. Attraction.
डोर; डोरा; डोरि   ୨ । ସ୍ନେହବନ୍ଧନ; ପ୍ରଣୟପାଶ—
2. Attachment or tie of love.

ହୃଦୟ ମୋହର ବନ୍ଧା ଥିଲା ତାଙ୍କ ପାଦପଦ୍ମେ
ସ୍ନେହଡୋରେ—ରାଧାନାଥ, ପାର୍ବତୀ ।

୩ । କରଦୁଲା; କଟିସୂତ୍ର—
3. A string worn round the waist.

୪ । ଦଉଡ଼ି; ରଜ୍ଜୁ—4. Rope.

ଡୋର ଛାଡି ଯେଉଁ ପଡ଼ିବ ଯେ ହେବ ଶେଷ ପଦ ଆଚରଣ—
କବିସୂର୍ଯ୍ୟ, କଲୋଗଚନ୍ଦ୍ର, ଡ-ଗୀତ ।

୫ । ବାବାଜିମାନେ କଉପୁନିର ଦୁଇ ମୁଣ୍ଡକୁ ଲାଗି ତଳେ ଓ ଅଣ୍ଟା ପଛରେ ଖୋସିବା ପାଇଁ ଅଣ୍ଟାରେ ଗୁଡ଼ାଇ ଥିବା ସରୁ ଦଉଡ଼ି—
5 String tied round the waist for attaching the ends of the Kaupuni.

୬ । ଗାର, ରେଖା—6. Line.
(ଯଥା—ଏ ଲୁଗାର ଧଡ଼ିରେ କଳା ଡୋର ଅଛି ।)

ଡୋରକ—ସଂ. ବି (ଡୋର + ସ୍ୱାର୍ଥେ. କ.)—ଡୋର (ଦେଖ)
Ḍoraka   Ḍora (See)

ଡୋର କଣ୍ଟା—ଦେ. ବି. (ସଂ. ଡୋର + କଣ୍ଟକ)—ବନଶିର ସୂତା ଓ ବନଶି କଣ୍ଟା—The angler's string and hook.
Ḍora kaṇṭā
ডোর কাণ্টা
डोर काँटा

ଡୋର କୌପୁନୀ—ଦେ.ବି.(ସନ୍ତର ଶବ୍ଦ; ସଂ. ଡୋର+କୌପୀନ)—ବୈଷ୍ଣବମାନେ ଗୁରୁଙ୍କଠାରୁ ଦୀକ୍ଷା ନେଇ ସନ୍ନ୍ୟାସ ଧର୍ମ ଗ୍ରହଣ କରିବା ସମୟରେ ସନ୍ନ୍ୟାସ ଧର୍ମର ଚିହ୍ନସ୍ୱରୂପ ଗୁରୁଙ୍କଠାରୁ ପାଇଥିବା ଅଣ୍ଟାରେ ବନ୍ଧା ଯିବା ଡୋର ଏବଂ କୌପୁନୀ—A small strip of rag with a waist-band worn by ascetics which are presented to them by their spiritual preceptors at the time of the initiation ceremony.
Ḍora kaupuni
ডোর কপনী
डोर कफनी
(ଡୋର କଉପୁନୀ—ଅନ୍ୟରୂପ)

ଡୋର କୌପୁନୀ ନେବା—ଦେ. କ୍ରି—ଗୁରୁଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିବା; ସନ୍ନ୍ୟାସ ଧର୍ମରେ ଦୀକ୍ଷିତ ହେବା—To be initiated into the tenets of asceticism.
Ḍora kaupuni nebā
ডোর কপনী লওয়া
डोर कफनी लेना

[ଦ୍ର—ଏହି ଉପଲକ୍ଷରେ ଉତ୍ସବ ହୁଏ; ସାଧୁ, ବୈଷ୍ଣବ, ସନ୍ଥ, ମହନ୍ତମାନଙ୍କୁ ନିମନ୍ତ୍ରଣ କରାଯାଏ ଓ ସେମାନଙ୍କୁ ଭୋଜି (ମଉଛବ) ଦିଆଯାଏ ଓ ନାମ ସଂକୀର୍ତ୍ତନ ହୁଏ ।]

ଡୋର ଦେବା—ଦେ. ବି—ଡୋର ବାନ୍ଧିବା (ଦେଖ)
Ḍora debā   Ḍora bāndhibā (See)

ଡୋର ବନ୍ଧା ହେବା—ଦେ. ବି. (ଲକ୍ଷଣାର୍ଥ)—କୌଣସି କାର୍ଯ୍ୟର ସମାପ୍ତି ବା ନିବୃତ୍ତି—(figurative) The cessation or finis of some work.
Ḍora bandhā hebā
পুঁথী বাঁধা হওয়া

(ଯଥା—ସ୍ଥିରର ବିବାହ ହେଲେ ପାଠପଢ଼ାରେ ଡୋର ବନ୍ଧା ଯାଏ ।)

[ଦ୍ର—ତାଳପତ୍ର ପୋଥିରେ ଡୋର ବନ୍ଧା ହୋଇ ରଖା ଯାଇଥାଏ । ପଢ଼ିବା ବ୍ୟକ୍ତି ଉକ୍ତ ଡୋରକୁ ଫିଟାଇ କରି ପୋଥିକୁ ପଢ଼େ । ପୁଣି ପୋଥି ପଢ଼ି ସାରିଲେ ପୋଥିରେ ଡୋର ବାନ୍ଧି ରଖିଦିଏ । ଅତଏବ ପୋଥିରେ ଡୋର ବାନ୍ଧିବା ବା ଡୋର ଦେବା 'କୌଣସି କାର୍ଯ୍ୟର ସମାପ୍ତି ବା ନିବୃତ୍ତି' ଏହି ଅର୍ଥର ସୂଚକ ।]

ଡୋର ବାନ୍ଧିବା—ଦେ. କ୍ରି. (ଲକ୍ଷଣାର୍ଥ)—
Ḍora bāndhibā   ୧ । କୌଣସି କର୍ମର ସମାପ୍ତି କରିବା—
1. To finish a work.

ସାଧାରଣ ଲୋକେ ଅପଭ୍ରଷ୍ଟ ଉଚ୍ଚାରଣରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଦୂଅ' ନ ମିଳିଲେ 'ଦୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୨ । କୌଣସି କର୍ମ ବନ୍ଦ କରିବା—
2. To cease doing a work; to stop a work.

ଡୋର ଲଗା(ଗେ)ଇବା—ଦେ. କ୍ରି —(ଲକ୍ଷଣାର୍ଥ) (ସ୍ନେହର ଡୋର
Dora lagā(ge)ibā ଦ୍ୱାରା) ଟାଣିବା; ଆକର୍ଷଣ କରିବା—
ডুরী লাগান (figurative) To attract.
डोर लगाना (ଯଥା—ମୋଠାରେ ଜଗନ୍ନାଥେ ଡୋର ଲଗାଇଲେଣି । ଅର୍ଥାତ୍ ଜଗନ୍ନାଥ ମହାପ୍ରଭୁ ମତେ ପୁରୀ ଯିବାକୁ ଆକର୍ଷଣ କଲେଣି ।)

ଡୋରା—ଦେ. ବି. (ସଂ. ଡୋର)—
Ḍorā ୧ । ଧୋଡ଼ି; ଧାଡ଼ି; ସରୁ —1. Row; string.
ডোরা ୨ । ରେଖା—2. Line; stripe; streak.
डोरा (ଯଥା— ଗୁଣ୍ଡୁଚି ମୂଷା ପିଠିରେ ୫ଟି ଡୋରା ଅଛି ।)
ପ୍ରାଦେ. (ବସ୍ତର) ବି. (ତୁଳ. ଏହି ଅର୍ଥରେ ହି. ଏହି ଶବ୍ଦ)—
ପଲା (ଦେଖ)— Palā (See)

ଡୋରା ଡୋରା—ଦେ. ବିଣ—ସମାନ୍ତର ବହୁ ରେଖାବିଶିଷ୍ଟ—
Ḍorā ḍorā Striped.
ডোরা ডোরা ଡୋରା ଡୋରା ହୋଇ ପଡ଼ିଅଛି ଦିଶେ
डोरा डोरा ଠାବେ ଠାବେ ଯାର ମାର୍ଗ ଗଲାପରି—ରାଧାନାଥ. ଚିଲିକା ।

ଡୋରି (ଇତ୍ୟାଦି)—ଦେ. ବି. (ସଂ. ଦୋର; ଡୋର; ଡୋରକ)—
Ḍori (etc) ଡୋର ଇତ୍ୟାଦି (ଦେଖ)
ডুরী Ḍora etc (See)
डोरी

ଡୋରିଆ—ଦେ. ବି—ରେଖାରଞ୍ଜିତ ବସ୍ତ୍ର; ମୁଗେଇ ଲୁଗା—
Ḍoriā Striped cloth; check.
ডোরা ডোরা; ডুরিআ [ଦ୍ର—ଏଥିରେ ଟାଣିସୂତା ଏକରଙ୍ଗର ଓ
डोरिया ଭରଣୀ ସୂତା ବହୁତ ରଙ୍ଗର ଥାଏ, କମ୍ପା ଏକରଙ୍ଗୀ ଲୁଗାରେ ମଝିରେ ମଝିରେ ଅନ୍ୟ ରଙ୍ଗର ସୂତାର ଲମ୍ବ ଡୋରିମାନ ବୁଣାଯାଇ ଥାଏ । କେଉଁ କେଉଁ ଲୁଗାରେ ଛକ ପଡ଼ ଡୋରି ବୁଣା ଯାଇଥାଏ ଓ କେଉଁ କେଉଁ ଲୁଗାରେ ସମାନ୍ତର ଡୋରିମାନ ବୁଣା ଯାଇଥାଏ ।]

ଡୋରିଆ ରେଖୁ—ପ୍ରାଦେ. (ଗଞ୍ଜାମ) ବି—ଲହରିଯୁକ୍ତ ଲୁହାର ବଡ଼ ବଡ଼
Ḍoriā rekhu ପତର—Corrugated iron sheet.

ଡୋଲ୍—ଦେ. ବି. (ନାବିକଭାଷା) (ସଂ. ଦୋଲ=ଝୁଲିବା,
Ḍol ଦୋହୋଲିବା)—ମାସ୍ତୁଲ—
মাস্তুল Mast of a ship.
डोल ଜାହାଜକୁ ସଫା ସୁତର କରି ଡୋଲ ଉପରେ ସବର,
ଗଭର, ଚଉର ପଟକୁ କଲମି ଡୋଲ ଆଦି, ବରଗାମାନ
ଟେକ ଦେଇ ଗେଡ଼ ଗୁଡ଼ାଇ ଠିକ କରି ରଖିଦେଇ ଅଛନ୍ତି ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।
ପ୍ରାଦେ (ସମ୍ବଲପୁର) ବି—ବଡ଼ ବାଉଁଶିଆ; ଟୋକେଇ—
Big basket.

ଡୋଲ୍‌ଡାଲ୍—ବୈଦେ. ବି (ହି. ଡୋଲ୍=କୁଅରୁ ପାଣି କାଢ଼ିବା
Ḍol-ḍāl ବାଲଟି)— ଡୁଲ୍‌ଡାଲ୍; ବହିର୍ଦେଶ ଯିବା; ମଳୋତ୍ସର୍ଗ—
ড লুডাল, বাহ্যিটাহ্যি Easing one's self; passing
डोलडाल stools.
[ଦ୍ର—ଝାଡ଼ାଫେର ଯିବାକୁ ଆମ ଦେଶରେ 'ପୋଖରୀପାଣି ଯିବା' ଓ ଉତ୍ତରପଶ୍ଚିମ ଅଞ୍ଚଳମାନଙ୍କରେ 'ଡୋଲ୍‌ଡାଲ୍ ଯିବା' କହନ୍ତି । ଏଥିରୁ ଦେଖାଯାଏ ଯେ ଆମ ଦେଶରେ ଅନେକ ଗଡ଼ିଆ ପୋଖରୀ ଥିବାରୁ ସାଧାରଣତଃ ଲୋକେ ମଳୋତ୍ସର୍ଗ କରିସାରି ପୋଖରୀରେ ଶୌଚ କରିବାକୁ ଯାଉଥିବାରୁ ପୋଖରୀ ଯିବା, ପୋଖରୀପାଣି ଯିବା ଶବ୍ଦମାନ ଚଳୁଛି । ଉତ୍ତରପଶ୍ଚିମାଞ୍ଚଳରେ ବହୁତ ପୋଖରୀ ନ ଥିବାରୁ ସାଧାରଣତଃ ଲୋକେ କୂଅରୁ 'ଡୋଲରେ' ପାଣି କାଢ଼ି ତଦ୍ୱାରା ଶୌଚ କରୁଥିବାରୁ ଡୋଲ୍‌ଡାଲ୍ ଶବ୍ଦ ଚଳିଅଛି । ଲୋକେ ଘରୁ ବାହାର ଦୂରକୁ ଝାଡ଼ା ଫେରିଯିବାକୁ ବାହାରକୁ ଯିବା (ବଂ. ବାହ୍ୟ ଯାଓଆ, ସଂ. ବହିର୍ଦେଶ) ଓ ମଇଦାନ ଯିବା, ବାଡ଼ିକି ଯିବା ଆଦି ଶବ୍ଦମାନ ମଳୋତ୍ସର୍ଗ କରିବା ଅର୍ଥରେ ଚଳିଅଛି ।]

ଡୋଳ—ଦେ. ବି—ଡୋଳା (ଦେଖ)
Ḍoḷa Ḍoḷā (See)
କ୍ରମଶରେ ରଜନୀ ହୋଇଲା ବହୁଳ,
ନିଦ୍ରାକୁ ଅଶେଷ କଲା ସବୁଙ୍କର ଡୋଳ କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଡୋଳା—ଦେ. ବି. (ସଂ. ଦୁଲ ଧାତୁ=ହଲିବା; ଚଞ୍ଚଳ ହେବା; ଆଖିର
Ḍoḷā ଡୋଳା ସର୍ବଦା ଇତସ୍ତତଃ ଚଳିତ ହେଉଥିବାରୁ)—
পুতুল ୧ । ଚକ୍ଷୁ ମଧ୍ୟସ୍ଥ ଅଣ୍ଡାକାର କୋମଳ ପିଣ୍ଡ; ଚକ୍ଷୁଗୋଳକ—
ढोंढर; पुतली 1. Eye-ball.
ଉପଲଭା ସ୍ୱପ୍ନ ବୋଲି ମୋ ଡୋଳା—କବିସୂର୍ଯ୍ୟ. ସଙ୍ଗୀତ ।
[ଦ୍ର—ଆଖିରଡୋଳା ଦୁଇ ଭାଗରେ ବିଭକ୍ତ, ଯଥା—୧. ଧଳା, ଯାହା ସ୍ଥିର ଥାଏ—ଧଳା ଡୋଳା । ୨. କଳା, ଯାହା ଦୃଷ୍ଟି ଚଳନ ସଙ୍ଗେ ଇତସ୍ତତଃ ଚଳିତ ହୁଏ—କଳାଡୋଳା ।]
୨ । ଆଖି—2. Eye.
୩ । ଚକ୍ଷୁର ଦୃଷ୍ଟିଶକ୍ତି—3. Eye sight.
୪ । ଆଖିର ପିତୁଳା; ଚକ୍ଷୁର ତାରା—
4. The pupil of the eye.

ଡୋଳା—ଦେ. ବି. (ସଂ. ଦୋଲା)—୧ । ଶିବିକା; ହାଦୋଲା—
Ḍolā 1. Sedan chair.
ডুলি ୨ । ଡୋଲି; ଖଟୁଆ—2. A closed litter; doolie; dhooy.
डोलि

ଡୋଳା ଖୋସିବା—ଦେ. କ୍ରି.—(ମୂର୍ଚ୍ଛିତ ବା ଜ୍ୱରାକ୍ରାନ୍ତ ବା ମୃତ
Ḍoḷā khosibā ବ୍ୟକ୍ତି) କଳା ଡୋଳା କପାଳ ଆଡ଼କୁ ଉଠାଇବା;
চোখ উপরে তোলা, শিবনেত্র হওয়া ଊର୍ଦ୍ଧ୍ୱଦୃଷ୍ଟି ବା ଶିବନେତ୍ର
पुतलि फिराना ହେବା; ଡୋଳା ଲେଉଟାଇ ଦେବା—To have
(ଡୋଳାଖୋସିଦେବା—ଅନ୍ୟରୂପ) one's pupils up-turned (as a result of any fit, disease or death.
(ଡୋଳା ଖୋସିଦେବା, ଡୋଳା ଖୋସି ହୋଇଯିବା—ବି)

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯୁ	ଉଅ	ଣ
୨	ଇ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଵ	ନ୍ଦ

ଡୋଳା ପ୍ରତିମା—ଦେ. ବି.—୧ । ଆଖିର କଳାଡୋଳା ମଧ୍ୟରେ ପ୍ରତିବିମ୍ବିତ ହେଉଥିବା ଚକ୍ଷୁର ଅଗ୍ରସ୍ଥିତ ପଦାର୍ଥର ପିତୁଳି ବା ରୂପ; ଆଖିର ପୁଅ; ଚକ୍ଷୁର ପିତୁଳି—
Doḻā pratimā
1. The image of a person or object presented to the eye which is reflected in the pupil of one's eye; the pupil or apple of the eye.

ଡୋଳା ପ୍ରତିମାକୁ ସମସ୍ତେ ଭୁମୁଣ୍ଡି ଯଶୋଦା ଅଛନ୍ତି ପାଇ ।
କବିସୂର୍ଯ୍ୟ, ଯଶୋଧରମ୍, ଡ ଗୀତ ।

୨ । (ଲକ୍ଷଣାର୍ଥ) (ନିଜର ଆଖି ପିତୁଳା ପରି)—ଅତି ସ୍ନେହଁ ଓ ଆଦରର ପାତ୍ର (ଯାହାକୁ ମନୁଷ୍ୟ ସର୍ବଦା ନିଜ ପାଖେ ପାଖେ ରଖିଥାଏ)—
2. (figurative) An object of fondest attachment which a person always wants to keep near him; the apple of one's eye (like the image reflected in one's pupil of the eye.)

[ଡୋଳାପିତୁଳା(ଳ)—ଅନ୍ୟରୂପ]

[ଦ୍ର—ଇଂରାଜୀ ଭାଷାରେ ମଧ୍ୟ ଅତି ସ୍ନେହ ଓ ଆଦରର ପାତ୍ରକୁ ଡୋଳାପ୍ରତିମା (the apple of the eye) ବୋଲାଯାଏ ।]

ଡୋଳା ବୁଲା(ଲେ)ଇବା—ଦେ. କ୍ରି.—୧ । ଆଖିର କଳା ଡୋଳାକୁ ଇତସ୍ତତଃ ଚାଳନ କରି ଚାରିଆଡ଼େ ଦେଖିବା—1. To move one's eyeballs to see round.
Doḻā bulā (le)ibā
চোখ ফিরান
আঁখফিরনা

୨ । (ଲକ୍ଷଣାର୍ଥ)—ଅଭୀପ୍ସିତ ଦ୍ରବ୍ୟ ପାଇଁ ନାନା ଆଡ଼ ଖୋଜିବା—2. (figurative) To search many places for some desired object.

(ଯଥା—ମୁଁ ମୋ ଝିଅପାଇଁ ଗୋଟିଏ ବର ପାଇବା ଲାଗି ଚାରିଆଡ଼େ ଡୋଳା ବୁଲେଇଲିଣି ।)

ଡୋଲି—ଦେ. ବି.—୧ । ଡୋଲା ୨ (ଦେଖ)
Doli
1. Doḻā 2 (See)

[ଦ୍ର—ଧନୀ ପରିବାରର ସ୍ତ୍ରୀମାନେ ପାଲିଙ୍କିରେ ଯିବା ଆସିବା କରନ୍ତି । ସବାରି ବହିବା ପାଇଁ ଚାରି ଜଣ। ଚତୋଧିକ ବାହକ ଲୋଡ଼ା ହୁଅନ୍ତି, କିନ୍ତୁ ଡୋଲି ସବାରି ପରି ବଡ଼ ବା ଭାରି ନୁହେଁ ବୋଲି ତାକୁ ଦୁଇ ଜଣ ବାହକ ସହଜରେ ବହି ନେଇ ପାରନ୍ତି । ଏଥିପାଇଁ ମଫସଲରେ ଓ ସର୍ବତ୍ର ମଧ୍ୟବିତ୍ତ ଓ ଗରିବ ଘରର ବୋହୂ ଝିଅମାନେ ଡୋଲିରେ ଯିବା ଆସିବା କରନ୍ତି ।]

୨ । ମୁର୍ଦାରବୁହା ବା ମଡ଼ାବୁହା ଖଟିଆ—
2. A covered litter used as an ambulance.

[ଦ୍ର—ଏ ଶବ୍ଦ ଡୁଲି ବା ଢୁଲି (Dooly, Dhooly) ରୂପ ଧାରଣ କରି ଇଂରାଜୀ ଭାଷାରେ ଚଳିଲାଣି ।]

୩ । (ସଂ. କଣ୍ଡୋଳ=ଶସ୍ୟାଧାର) ବାଉଁଶ ବା ବେତ ଅବିର ପାତିଆରେ ବୁଣା ଗୋଲ ଗମ୍ଭୀର ଟୋକେଇ; କୋଡ଼ମେଇ—
3. A large cylindrical basket for storing grains.

୪ । ଚାଳିଶ ଗୌଣୀ; ଶସ୍ୟାଦିର ମାପବିଶେଷ; ୨ ପୌଟି—
4. A measure of 40 'Gauṇis' of grains.

୫ । (ବ୍ୟଙ୍ଗାର୍ଥ; ପେଟ ଗୋଟିଏ ଡୋଲି ସଙ୍ଗେ ତୁଳାଯାଏ) ପେଟ; ଉଦର—5. (ironical) Belly.

ଡୋଲି ପୂରିବା—ଦେ. କ୍ରି—ପୂର୍ଣ୍ଣ ଭୋଜନ ଦ୍ୱାରା ଉଦର ପୂର୍ତ୍ତି—
Doli pūribā Having a bellyful of meal; eating one's fill.

ଯେବେ ପୂରିଥାଏ ଡୋଲି, ତେବେ ସୁଝାର ବଚନ ବୋଲି;
ଯେବେ ନ ପୂରଇ ଡୋଲି, ତେବେ ଘୋର ପାଞ୍ଚ ବଡ଼ ବୋଲି—ଢଗ ।

ଡୋଲିରେ ବସିବା—ପ୍ରାଦେ. (ଯାଜପୁର) କ୍ରି—
Ḍolire basibā
ଶ୍ୱଶୁର ଘରକୁ ଯିବା; ବାଲ୍ୟବିବାହିତା କନ୍ୟା ରଜସ୍ୱଳା ହେବା ପରେ ପ୍ରଥମେ ଶ୍ୱଶୁରାଳୟକୁ ଯିବା; ପହିଲିପାଳି ଯିବା—
(said of an early-married girl) To start for the husband's house for the first time for consummation of marriage after attaining puberty.

(ଯଥା—ଝିଅଟା ଆସି ଡୋଲିରେ ବସିଲାଣି, ତେବେ ତାର ପିଲା ବୁଦ୍ଧି ଛାଡ଼ୁ ନାହିଁ ।)

ଡୋଲି ଲେଉଟା—ପ୍ରାଦେ. (ଯାଜପୁର) ବି—
Ḍoli lǝuṭā
ଝିଅ ପହିଲିପାଳି ଯାଇ ତହିଁ ଆର ଦିନ ବାପଘରକୁ ଫେରି ଆସି ସଙ୍ଗେସଙ୍ଗେ ସାମାନ୍ୟ କେତେକ ଖାଇ ନେଇ ସେହି ଦିନ ପୁଣି ଶାଶୂଘରକୁ ଫେରି ଯିବା—
The coming back of a matured girl to her husband's house the very day she is brought back therefrom on the next day of her first trip to the husband's house for consummation of marriage.

ଡୌଙ୍କି—ପ୍ରାଦେ. (କଟକ) ବି. ସ୍ତ୍ରୀ. (ତୁଳ. ହି. ଡୋକରୀ=ବୁଢ଼ୀ ସ୍ତ୍ରୀ)—ମାଇପୀ ଲୋକ; ସ୍ତ୍ରୀ—
Ḍauṉki
Woman; females (generally).

(ଯଥା—ଡୌଙ୍କିଙ୍କେ ପଙ୍ଗତି ଲାଗିଛି=ସ୍ତ୍ରୀଲୋକଙ୍କ ଭୋଜନ ଲାଗିଛି ।)

ଡୌଁରିଆ—ଦେ. ବି—ଡେଉଁରିଆ (ଦେଖ)
Ḍauṉriā Ḍeuṉriā (See)
(ଡୌଁରି, ଡୌରିଆ—ଅନ୍ୟରୂପ)

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ; ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଆଉଥରେ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଡୌଲ (ଇତ୍ୟାଦ)—ଦେ. ବିଣ ଓ ବି—ଡଉଲ ଇତ୍ୟାଦ (ଦେଖ)
Ḍaula (etc) Ḍaula etc (See)

ବାହାରେ ଦେଖିବାକୁ ଯେମନ୍ତ ଡୌଲ, କଥାଗୁଡ଼ିକ ବି ଖୁବ୍ ମଧୁର ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ପ୍ରାଦେ. (ଭଦିଭଞ୍ଜ) ବି—ଯୋଗ୍ୟତା—Eligibility; fitness.

ଡୌଲତ୍—ଗ୍ରା. ବୈଦେ. ବି. (ଆ. ଦୌଲତ୍)—ଦୌଲତ୍ (ଦେଖ)
Ḍaulat Daulat (See)

ଡ୍ର—ବୈଦେ. ବି. (ଇଂ)—୧ । ଡ୍ରନ୍ (ଦେଖ)
Ḍra 1. Ḍran (See)
ଡ୍ର ୨ । ଡ୍ରୟର (ଦେଖ)
ड्रा 2. Ḍrayar (See)

ଡ୍ରଇଙ୍ଗ୍—ବୈଦେ. ବି. (ଇଂ)—ରେଖାଚିତ୍ର—
Ḍraing Drawing.
ଡ୍ରଇଂ [ଦ୍ର—ଆଜିକାଲି ବିଦ୍ୟାଳୟରେ ବାଳକ ବାଳିକାମାନଙ୍କର
ड्रइंग ଏହା ଗୋଟିଏ ଶିକ୍ଷଣୀୟ ବିଷୟ ବା ସବ୍‌ଜେକ୍ଟ୍‌ରୂପେ
ଡ୍ରଇଂ, ଡ୍ରୟିଙ୍ଗ୍ } ଅନ୍ୟରୂପ ନିରୂପିତ ହୋଇଅଛି ।] .

ଡ୍ରଇଙ୍ଗ୍ ରୁମ୍—ବୈଦେ. ବି. (ଇଂ)—ବଇଠକଖାନା; ବଡ଼ଲୋକେ
Ḍraing rum ଯେଉଁ ସଜ୍ଜିତ କୋଠରିରେ ଅଭ୍ୟାଗତ ଭଦ୍ର-
ଡ୍ରଇଂରୁମ ଲୋକଙ୍କୁ ଦେଖା ଦିଅନ୍ତି—
ड्रइंगरूम Drawing room.

ଡ୍ର କରିବା—ବୈଦେ. କ୍ରି—(ଇଂ ଡ୍ର; ଟାଣିବା)—ବାଙ୍କ୍ ବା ଖଜଣାଖାନା
Ḍra karibā ଆଦିରେ ଅମାନତ୍ ଥିବା ଟଙ୍କାକୁ ଫେରସ୍ତ ବା
ଉଠାଇଆଣିବା—To draw or withdraw money from a bank etc.

ପ୍ରାଦେ. (ଗଞ୍ଜାମ) କ୍ରି—ମାସିକ ବେତନରେ କର୍ମ କରିବା—
To draw as one's pay.
[ଦ୍ର—ସରକାରୀ ଚାକରମାନେ ସେମାନଙ୍କ ଦରମା ଟଙ୍କା ମାସକୁ ମାସ ଖଜଣାଖାନାରୁ ଡ୍ର କରନ୍ତି । ଏଥିପାଇଁ ଗଞ୍ଜାମରେ ମାସିକ ବେତନ ପାଇବା ଅର୍ଥରେ ଏ କ୍ରିୟା ବ୍ୟବହୃତ ହୁଏ । ଯଥା—ରାମନ୍ନା ନାଇଡୁ ପଚାଶ ଟଙ୍କା ଡ୍ର କରନ୍ତି, ଅର୍ଥାତ୍ ରାମନ୍ନାଙ୍କର ଚାକିରିର ମାସିକ ବେତନ ପଚାଶ ଟଙ୍କା ଅଟେ ।]

ଡ୍ରଗିଷ୍ଟ୍—ବୈଦେ. ବି. (ଇଂ)—ଔଷଧବିକ୍ରେତା; ପୋଟଳି ବଣିଆ—
Ḍragisht Druggist.

ଡ୍ରନ୍—ବୈଦେ. . ବି. (ଇଂ. ଡ୍ର କ୍ରିୟାର ବିଣ. ରୂପ ଡ୍ରନ୍=ଟଣା
Ḍran ହୋଇଥିବା; ଇଂ. ଡ୍ରନ୍ ଗେମ୍=ଯେଉଁ ଖେଳରେ ଉଭୟପକ୍ଷଙ୍କ
ଯୋଗ୍ୟତା ସମାନ ହୁଏ)—ଖେଳରେ ବା ପରୀକ୍ଷାରେ
କୌଣସି ପକ୍ଷର ହାରଜିତ୍ ନ ହୋଇ ସମାନ ହେବା—
Drawn game; a draw between two parties in a game.

ଡ୍ରୟର—ବୈଦେ. ବି. (ଇଂ)—ଟେବଲ, ଖଟଆଦିର ତଳେ ଢୁକାଯାଇ-
Ḍrayar ଥିବା କାଠର ଖଣ୍ଡିଆ; ଦରାଜ—
ଡ୍ରୟାର Drawer of a table, almirah.
ड्रायर

ଡ୍ରାଇ—ବୈଦେ. ବିଣ. (ଇଂ)—ଶୁଷ୍କ; ଶୁଖିଲା—
Ḍrāi Dry.
ଡ୍ରାଇ ड्राई

ଡ୍ରାଇ ପ୍ରିଣ୍ଟିଙ୍ଗ୍—ବୈଦେ. ବି. (ଇଂ)—ଶୁଖିଲା କାଗଜରେ ଛାପିବା
Ḍrāi printing ପ୍ରକ୍ରିୟା—Dry printing.
ଡ୍ରାଇପ୍ରୀଂଟିଂ [ଦ୍ର—ସାଧାରଣତଃ ଛାପିବା ପୂର୍ବରୁ କାଗଜକୁ ଓଦା
ड्राईप्रिंटिंग କରାଯାଏ; ଓଦା କରି ଛାପା କରାଯିବା କାଗଜରୁ
ତାହାର ମୌଳିକ ଉଜ୍ଜ୍ୱଳତା ନଷ୍ଟହୋଇଯାଏ, କିନ୍ତୁ ଡ୍ରାଇପ୍ରିଣ୍ଟିଙ୍ଗ୍
ଦ୍ୱାରା କାଗଜର ମୌଳିକ ଉଜ୍ଜ୍ୱଳତା ଅକ୍ଷୁଣ୍ଣ ରହେ ।]

ଡ୍ରାଇଭର୍—ବୈଦେ. ବି. (ଇଂ)—୧ । ରେଳ ଓ ମଟରଗାଡ଼ି ଆଦିର
Ḍrāibhar କଳର ଚାଳକ—1. Driver of a railway train
ଡ୍ରାଇଭର ड्राइवर or motor car.
୨ । କୋଚୁଆନ୍; ଗାଡ଼ୁଆନ୍—
2. Driver of a coach or cart.

ଡ୍ରା କରିବା—ପ୍ରାଦେ (ଗଞ୍ଜାମ) ବୈଦେ (ଇଂ)—ଡ୍ର କରିବା (ଦେଖ)
Ḍrā karibā Ḍra karibā (See)

ଡ୍ରାଫ୍ଟ୍—ବୈଦେ.ବି.(ଇଂ)—ଚିଠା; କୌଣସି ଲେଖାର ଖସଡ଼ା; ପାଣ୍ଡୁଲିପି-
Ḍrāpht Draft.
ଡ୍ରାଫ୍‌ଟ ड्राफ्ट

ଡ୍ରାଫ୍ଟ କପି—ବୈଦେ. ବି. (ଇଂ)—କୌଣସି ଲେଖାର ପ୍ରଥମ ଖସଡ଼ା
Ḍrāpht kapi ବା ଚିଠା—Draft copy of a writing.
ଡ୍ରାଫ୍‌ଟକାପୀ ड्राफ्टकापी

ଡ୍ରାଫ୍ଟସ୍ ମାନ୍—ବୈଦେ ବି. (ଇଂ)—ନକସା ଅଙ୍କିବା କର୍ମଚାରୀ—
Ḍrāphts mān Draftsman.
ଡ୍ରାଫ୍‌ଟସ ମେନ ड्राफ्टस मैन

ଡ୍ରାମ୍—ବୈଦେ. ବି. (ଇଂ) (ଓଜନ ପରିମାଣ)—୬୦ ଟୋପା ପରିମାଣ
Ḍrām ବା ୬୦ ଗ୍ରେନ୍ ପାଶ୍ଚାତ୍ୟ ଓଜନ; ପ୍ରାୟ ୪ ମସା—
ଡ୍ରାମ Liquid and solid drām.
ड्राम [ଦ୍ର—ଜଳୀୟ ଓ ଘନ ପଦାର୍ଥର ଓଜନ—୬୦ ଟୋପା ବା ଗ୍ରେନ୍=୧ ଡ୍ରାମ୍; ୮ କମା ୧୨ ଡ୍ରାମ୍=୧ ଅଉନ୍ସ, ୧୨ କମା ୧୬ ଅଉନ୍ସ=୧ ପାଉଣ୍ଡ, ୧୧୨ ପାଉଣ୍ଡ=୧ ହନ୍ଦର=କଟକୀ ୧ ମହଣରୁ କିଛି ବେଶି, ୨୦ ହନ୍ଦର=୧ ଟନ୍ । ଡାକ୍ତରୀ ଔଷଧର ଓଜନ—୮ ଡ୍ରାମ୍=୧ ଅଉନ୍ସ, ୧୨ ଅଉନ୍ସ=୧ ପାଉଣ୍ଡ ।]

ଡ୍ରିଲ୍—ବୈଦେ. ବି (ଇଂ)—୧ । ନିୟମିତ ଅଙ୍ଗଚାଳନାଦିର ଅଭ୍ୟାସ—
Ḍril 1. Drill
ଡ୍ରିଲ [ଦ୍ର—ଏହା ସ୍କୁଲମାନଙ୍କରେ ଆଜିକାଲି ନିୟମିତରୂପେ
ड्रिल ଶିକ୍ଷା ଦିଆ ଯାଉଅଛି ।]

୧	ଂ	ଭ	ର,ହ୍ର	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଜ୍ଞ	ଇପ୍ସ	ଉଅ	ଘ
୬	ଞ	ଉ	ରୁ	ଲ୍	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ

୨ । ସେନା ଓ ପୁଲିସ ବିଭାଗର ସିପାହି ଅବଦଙ୍କର ଦୈନିକ ପରେଡ଼୍—Drilling or parade of soldiers or police force.

୩ । ଧାତୁରେ ଛିଦ୍ର କରିବା ଉପଯୋଗୀ ବଣିଆ ଅବଦଙ୍କ ଯନ୍ତ୍ରବିଶେଷ—3. Drilling instrument; instrument for boring metal, stone etc.

ଡ୍ରିଲ୍ ମାଷ୍ଟର୍—ବୈଦେ. ବି (ଇଂ)—ଡ୍ରିଲ୍ ଶିକ୍ଷା ଦେବାର ଶିକ୍ଷକ—Drill-master.
Dril mashtar
ड्रिल् मास्टर ड्रिल मास्टर
(ଡ୍ରିଲ ଷ୍ଟର୍—ଅନ୍ୟରୂପ)

ଡ୍ରେଗୁନ—ବୈଦେ. ବି (ଇଂ. ଡ୍ରାଗୁନ୍)—ଘୋଡ଼ସବାର ସିପାହି—Dragoon; Cavalry Soldier.
Dregun

ଡ୍ରେନ୍—ବୈଦେ. ବି (ଇଂ)—୧ । ନର୍ଦ୍ଦମା; ଜଳପ୍ରଣାଳୀ; ନାଳ—1. Drain.
Dren
ड्रेन ୨ । ସଫେଇ ନାଳ—
ड्रेन 2. Drainage channel.

ଡ୍ରେସ୍—ବୈଦେ. ବି (ଇଂ)—୧ । ପୋଷାକ; ଦରେସ୍—1. Dress.
Dres
ड्रेस ୨ । ଡାକ୍ତରମାନଙ୍କର ଅସ୍ତ୍ରୋପଚାର କରିବା ପରେ କ୍ଷତସ୍ଥାନ ଧୁଆ-
ड्रेस ଧୋଇ ଓ ସଫାସଫା କରି ପଟି ଆଦି ବାନ୍ଧିବା କର୍ମ—2. Dressing of a wound by a surgeon.

୩ । ପଥର ଆଦିକୁ କାଟି, ଛାଞ୍ଚି, ପାଲିସ୍ କରି ଚିକ୍କଣ କରିବା—3. Dressing of stones etc.

ଡ୍ରେସିଙ୍ଗ—ଦେ. ବି—୧ । ଘା ଆଦି ଧୋଇଧାଇ ସଫା କରି ତହିଁରେ ଔଷଧ ଦେଇ ତହିଁ ଉପରେ ଡାକ୍ତରି ପଟି ଚଢ଼ାଇବା—1. Surgical dressing of a wound.
Dresing
ड्रेसिङ्ग
ड्रेसिंग ୨ । ଡ୍ରେସ୍ ୨।୩ (ଦେଖ)
2. Dres 1 and 3 (See).

[ଦ୍ର—ଏହି ଇଂରେଜି ଶବ୍ଦ ସଙ୍ଗେ ଲାଗିଥିବା ଅନ୍ୟ କେତେ ଗୁଡ଼ିଏ ଇଂରାଜି ଶବ୍ଦ ଯୁକ୍ତ ଇଂରାଜି ଶବ୍ଦମାନ ଭାଷାରେ କ୍ରମଶଃ ଚଳୁଛି ଯଥା—ଡ୍ରେସିଙ୍ଗ୍ ଟେବଲ୍, ଡ୍ରେସିଙ୍ଗ୍ ଗାଉନ୍; ଡ୍ରେସିଙ୍ଗ୍ କେସ୍, ଡ୍ରେସିଙ୍ଗ୍ କ୍ଲଥ, ଡ୍ରେସିଙ୍ଗ୍ ଜାକେଟ୍, ଡ୍ରେସିଙ୍ଗ୍ ରୁମ୍ ।]

ଡ୍ରେସିଙ୍ଗ୍ କ୍ଲଥ୍—ବୈଦେ. ବି (ଇଂ.)—କ୍ଷତ ଆଦି ଧୋଇ ତାହା ଡାକ୍ତରଙ୍କ ଦ୍ୱାରା ଡ୍ରେସିଙ୍ଗ୍ ହେବା ପାଇଁ ଯେଉଁ ସଫା ପତଳା କନା ବ୍ୟବହୃତ ହୁଏ—Dressing cloth.
Dresing klath
ड्रेसिङ्ग् क्लॉथ
ड्रेसिंग क्लथ

ଡ୍ରେସିଙ୍ଗ୍ ଟେବଲ୍—ବୈଦେ. ବି.—(ଇଂ)—୧ । ଡାକ୍ତରଖାନାରେ ଯେଉଁ ଟେବଲ ଉପରେ ରୋଗୀକୁ ଶୁଆଇ କ୍ଷତରେ ପଟି ବନ୍ଧା ଯାଏ—1. Dressing table in a hospital.
Dresing tebal
ड्रेसिङ्ग टेबिल
ड्रेसिङ्ग टेबुल.

ଡ୍ରେସିଙ୍ଗ ଟେବୁଲ }
ଡ୍ରେସିଙ୍ଗ ଟେବୁ } ୨ । ସମ୍ମୁଖରେ ଦର୍ପଣ ଲାଗି ଥିବା ଯେଉଁ ଟେବଲ୍ ସାମନାରେ ସାହେବ, ମେମ୍ ଓ ବାବୁ, ବାବୁଆଣୀମାନେ ଠିଆ ହୋଇ ପୋଷାକ ପରିଚ୍ଛଦରେ ସଜବାଜ ହୁଅନ୍ତି ଓ କେଶବେଶାଦିର ବିନ୍ୟାସ କରନ୍ତି—2. Dressing table; toilet table.

ଡ୍ରେସିଙ୍ଗ ରୁମ୍—ବୈଦେ. ବି. (ଇଂ)—୧ । ନଟ, ନଟୀମାନେ ପୋଷାକ ପିନ୍ଧିବା ଓ ସଜ୍ଜିତ ହେବା ପାଇଁ ରଙ୍ଗମଞ୍ଚକୁ ଲାଗି ଯେଉଁ କୋଠରି ଥାଏ—1. Dressing room; green room.
Dresing rum
ड्रेसिङ्ग रूम
ड्रेसिङ्ग रूम

୨ । ଭଦ୍ରଲୋକ ଓ ଭଦ୍ରମହିଳାମାନଙ୍କର ପୋଷାକ ଓ ଡ୍ରେସିଙ୍ଗ୍ ଟେବଲ୍ ଆଦି ଯେଉଁ ଘରେ ଥାଏ ଓ ଯେଉଁ ଘରେ ସେମାନେ ସଜବାଜ ହୁଅନ୍ତି—2. Dressing room of a gentleman or lady.

ଢ

ଢ—ଚତୁର୍ଦ୍ଦଶ ବ୍ୟଞ୍ଜନ ଓ ଟ ବର୍ଗର ୪ର୍ଥ ବର୍ଣ୍ଣ । ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ସାଧାରଣତଃ ଏ ଅକ୍ଷର ଓଡ଼ିଆ ଶବ୍ଦର ଆଦ୍ୟରେ ଥିଲେ ଏହା ଢ, ମଧ୍ୟ ବା ଶେଷରେ ଥିଲେ ଢ଼ ଉଚ୍ଚାରିତ ହୁଏ—The 14th consonant (cerebral); corresponding to the .d. sound joined with .h. sound as in .mad-house. This letter has no corresponding letter in English, but is transliterated in this work into ḍh. The letter ଢ଼ has the sound of rd added to h, as in birdhouse and is transliterated into rḍh.
Ḍh

ସଂ. ବି.—୧ । ଢକ୍କା; ଢୋଲ—1. Drum.
୨ । କୁକ୍କୁର—2. Dog.
୩ । କୁକ୍କୁରର ଲାଙ୍ଗୁଡ଼—3. Tail of a dog.
୪ । ଧ୍ୱନି—4. Sound.
୫ । ସର୍ପ—5. Serpent.
ବିଣ—ନିର୍ଗୁଣ—Worthless; devoid of qualily.

ଢଅ—ଦେ. ବି. (ସଂ. ଧବ)—ଧଉ ଗଛ (ଦେଖ) . Dhaba tree (See)
Ḍha-a

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅକ୍ଷି ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଢଅ ଛତୁ—ଦେ. ବି. (ସଂ. ଧବ+ଛତ୍ରାକ)—ଢଉ ଛତୁ (ଦେଖ)
Dha-a chhatu — Dhau chhatu (See)

ଢଉ—ଦେ. ବି—୧ । ଢାଉ (ଦେଖ)—
Dhau — 1. Dhāu (See)
୨ । ଧବ ଗଛ (ଦେଖ)—2. Dhaba tree (See)

ଢଉ ଛତୁ—ପ୍ରାଦେ. (ଗଡ଼ଜାତ) ବି. (ସଂ. ଧବ+ଛତ୍ରାକ)—ଧବ
Dhau chhatu — ଗଛର ଗଣ୍ଡି ଓ ମୂଳରେ ବାହାରିବା ଏକପ୍ରକାର ଛତୁ—A kind of mushroom growing on the trunk and foot of Dhaba tree.
[ଦ୍ର—ଏହା ଖାଇବାକୁ ବା ଦେଖିବାକୁ ନ ଥିବା ପଙ୍ଖା ଅକୃତି ବିଶିଷ୍ଟ ଓ ବଡ଼ । ଏଥିର ଗୁଣ୍ଡା ପୋଡ଼ା ଘାଆ ପ୍ରତି ମହୌଷଧ ।]

ଢଂକାର—ପ୍ରାଦେ. (ସମ୍ବଲପୁର) ବି. (ସଂ. ଉଦ୍‌ଗାର; ଭୁଲ. ହି. ଢକାର)
Dhaṁkāra — ଢେକାର; ହାଲୁଟ—Belching.
(ଢକାର, ଢିଂକାର—ଅନ୍ୟରୂପ) (ଯଥା—ଟୁଙ୍ଗିଆ ଢଂକାର=ଖାଇବା ହାଲୁଟ ।)

ଢଂ ଢଂ—ଦେ. (ଧ୍ୱନ୍ୟନୁକରଣ) ଅ. (ବହୁଶବ୍ଦବ୍ୟଞ୍ଜକ)—(ସଂ. ଧ୍ୱନ୍ ଧାତୁ=ଶବ୍ଦ କରିବା)—୧ । ଘଣ୍ଟା ଧ୍ୱନି; ଟଂ ଟଂ
Dhaṁ dhaṁ
ଢং ঢং — 1. Ding-dong sound.
डिम डिम — ୨ । ଢୋଲ ବାଦ୍ୟର ଧ୍ୱନି—2 Sound of drums.
୩ । ବଡ଼ ହାଣ୍ଡି ଭିତରେ ସାନହାଣ୍ଡି ଢିଲା ହୋଇ ଗଳି ପଡ଼ିଥିବା ଅବସ୍ଥାରେ ହାଣ୍ଡି ହଲାଇବାରୁ ଉତ୍ପନ୍ନ ଶବ୍ଦ—3. Sound of jostling of earthen pots, one inside the other.
(ଢଂ, ଢଙ୍ଗ ଢଙ୍ଗ—ଅନ୍ୟରୂପ) ୪ । ଢିଲା ଅଳଙ୍କାର ପିନ୍ଧି ଅଙ୍ଗ ଚାଳନ କଲେ ତହିଁରୁ ଉତ୍ପନ୍ନ ଶବ୍ଦ—4. Sound of ill-fitting ornaments when the limb is moved.

ଢିଁ ଢିଁ—ଦେ. (ଧ୍ୱନ୍ୟନୁକରଣ)ଅ.—ଏକାଧିକଥର ଅଧୋବାୟୁର ନିର୍ଗମନ-ଜନିତ ଉଚ୍ଚଶବ୍ଦ—Loud sounds of passing wind
Dhañ dhañ
(ଢିଁ, ଢଅଁ ଢଅଁ—ଅନ୍ୟରୂପ)
ଟঁ ଟঁ

ଢକ୍ କିନି—ଦେ. କ୍ରି. ବିଣ (ଧ୍ୱନ୍ୟନୁକରଣ)—ଅତି ଅଳ୍ପ ସମୟ ମଧ୍ୟରେ; ଢୋକ (ଢୋକ ଦେବା); ଏକା ଢୋକକେ—(to swallow) At a gulp; in a moment.
Dhak kini
ঢক করে
गटसे, ढकास (ଯଥା—ଏ ଔଷଧ ଟିକ ଢକ୍‌କିନି ଗିଳିଦେ ।)

ଢକ—ଦେ. ବି.—(ସଂ. ବଟକ)—୧ । ବଣିଆଙ୍କ ବ୍ୟବହୃତ ବଟକରା—1. A standard weighing bit used by goldsmiths; a metal piece used as a standard of weight.
Dhaka
ঢক, বাটখারা
बटखरा, बाँट
ଢপ — ୨ । କେବଳ ଖୋଲ, ପଞ୍ଜରା ଅବରଣ—2. Empty frame.
ढाँचा, ढपना

(ଯଥା—ନ ଖାଇ ନ ପିଇ ତାର ବର୍ତ୍ତମାନ ଢକ ରହିଛି ।)
ପ୍ରାଦେ. (ସିଂହଭୂମ) ବି.—ଢଗ—Doggerel sayings.

ଢକଢକ—ଦେ. (ଧ୍ୱନ୍ୟନୁକରଣ) ଅ. (ବହୁଶବ୍ଦବ୍ୟଞ୍ଜକ)—ଭୁଲ. ସଂ, ଢୌକ ଧାତୁ=ଗତି କରିବା)—ପାଣି ଏକାଧିକ ଥର ଢୋକ କରି ପିଇବାର କଣ୍ଠଶବ୍ଦ—The sound of swallowing or gulping any liquid.
Dhaka dhaka
ঢক ঢক
डकडक; डगडग, ढकोस
ବାଘସିଂହଙ୍କ ଘରଅଢ଼େ ଢକଢକ କରି ଗାଲେ ପାଣି ପିଇ ଦେଇ ପଳେଇଗଲେ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଢକଢକ ହେବା—ଦେ. କ୍ରି.—୧ । (କୌଣସି ବଡ଼ ଗର୍ତ୍ତ ବା ସ୍ଥାନରେ ଅପେକ୍ଷାକୃତ ସରୁଆ ଖିଲ ଆଦି ଢିଲା ହୋଇ ବସିଥିବାରୁ) ଦୋହଲିବା; ହଲର ହଲର ହେବା—1. To sit slackly (as a slender stick in a bigger hole).
Dhaka dhaka hebā
ঢনঢনকরা ঢনঢনে হওয়া
ढन मनाना
(ଯଥା—ମେରୁଗାତରେ ମାଝ ଠିକ୍ ମତେ ଟାଣ ହୋଇ ନ ଥିବାରୁ ମେରୁଖୁଣ୍ଟା ଢକଢକ ହଉଛି ।)
୨ । ରୋଗ ବା ଅନାହାର ଯୋଗୁଁ କୌଣସି ଜୀବ ଦୁର୍ବଳ ଓ କ୍ଷୀଣ ହେବା—2. To be reduced to skeleton (owing to weakness, disease or fasting).
(ଯଥା—ଦୁର୍ଭିକ୍ଷ ଯୋଗୁଁ ସେ ଅଞ୍ଚଳର ଲୋକମାନେ ଢକଢକ ହୋଇ ଗଲେଣି ।)

ଢକଢକିଆ—ଦେ. ବିଣ—୧ । ଢିଲା; ଶିଥିଳ—1. Loose; loosely fitting.
Dhaka-dhakiā
ঢনঢনে, ঢনঢনিয়া — ୨ । ଅତି ଦୁର୍ବଳ ଓ କ୍ଷୀଣ; କ୍ଷୀଣକାୟ—2. Very thin; emaciated.
डंगला
(ଯଥା—ଢକଢକିଆ ମନୁଷ୍ୟ ।)

ଢକର—ପ୍ରାଦେ. (କଳାହାଣ୍ଡି) ବି—
Dhakara — ଶଗଡ଼ ଚାଲିବା ବେଳେ ଚକର ପରିଧି ବଳଦଙ୍କ ଗାଣ୍ଡିକୁ ଖାଇ ନ ଯିବା ପାଇଁ ଦୁଇ ଚକ ଆଗରେ ଦଣ୍ଡା ସହିତ ବନ୍ଧା ଯାଇଥିବା ବାଉଁଶ ଖଣ୍ଡ—A bar tied across the shafts of a bullock cart in front of the wheels, to prevent the rumps of the bullocks from clashing with the revolving rims of the wheels.

ଢକା—ଦେ. ବି.—୧ । (ସଂ. ଢକ୍କା)ଡାକା; ଢେକ୍କା—
Dhakā — 1. Dacca (name of a division, district and town in East Bengal.
(ଢକ୍କା—ଅନ୍ୟରୂପ)
ঢাক — ୨ । (ସଂ. ଢକ୍କା) ଡିଣ୍ଡିମ; ବାଦ୍ୟ; ଢୋଲ, ଢେଙ୍ଗୁରା; ବଡ଼ଢାଠ; ପଟହ—2. Drum.
ढका
ঢাকা — ବିଣ—ଆଚ୍ଛାଦିତ—Covered.
ढँकाहुआ

୧	ଈ	ଊ	ୠ,ୡ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଈୟୁ	ଊଅ	ଘ
୨	ଇ	ଉ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଙ୍ଗ	ନ୍ତ

ଢକାଇ—ଦେ· ବଣ—ଢାକାରେ ନିର୍ମିତ—
Ḍhakāi Manufactured in Dacca.
ଢକେଇ } ଅନ୍ୟରୂପ (ଯଥା—ଢକେଇ ଶାଢ଼ୀ ।)
ଢକାଇ }
ঢাকাই **ढकई**

ଢକା(କେ)ଇବା—ଦେ. କ୍ରି—ଢଙ୍କାଇବା (ଦେଖ)
Ḍhakā(ke)ibā Ḍhaṅkāibā (See)

ଢକା ପିଟିବା—ଦେ କ୍ରି. (ଲକ୍ଷଣାର୍ଥ)—
Ḍhakā piṭibā କୌଣସି ବିଷୟ ଜନସମାଜରେ ପ୍ରଗ୍ଭର କରିବା–
ঢাক পিটা To publish a thing.
ढिंढोरा पिटना ସରସେ ପିଟିବେ ଢକା ସଖୀଙ୍କୁ ଏବେ ଏକା
[ଢକ୍କା ପିଟିବା, କବିସୂର୍ଯ୍ୟ ବଳଦେବରଥ, ସ ଗୀତ ।
ଢକ୍କ ବଜା(ଜେ)ଇବା—ଅନ୍ୟରୂପ]

ଢକା ବଜା(ଜେ)ଇବା—ଦେ. କ୍ରି—ଢକା ପିଟିବା (ଦେଖ)
Ḍhakā bajā(je)ibā Ḍhakā piṭibā (See)
[ଢକ୍କା ବଜା(ଜେ)ଇବା—ଅନ୍ୟରୂପ]
ঢাক বাজান

ଢକା ବାଜିବା—ଦେ. ଚ. (ସ. ଢକ୍କା ଓ ବାଦନ)—
Ḍhakā bājibā ୧ । ଢୋଲ ଶବ୍ଦାୟମାନ ହେବା—
(ଢକ୍କା ବାଜିବା—ଅନ୍ୟରୂପ) 1. Sounding of a drum.
ঢাক বাজা ୨ । (କୌଣସି ବିଷୟ) ସାଧାରଣରେ ପ୍ରଗ୍ଭରିତ ହେବା-
ढिंढोरा फेरना 2. Wide publication of a matter (as if by beat of drum)
ଢକା ବାଜୁଥାଇ ବୁକେ । କବିସୂର୍ଯ୍ୟ, ବଳଦେବରଥ, ଚ ଗୀତ ।

ଢକାର—ଦେ. ବ.*(ସ. ଉଦ୍ଗାର Beams)
Ḍhakāra ୧ । ଢାକୁଚ—1. Belching; hiccup.
ଢକ୍କାର—ଅନ୍ୟରୂପ ୨ । ବାନ୍ତି—2. Vomiting.
ঢেকুর **डकार**

ଢକୋ ଢକୋ—ପ୍ରାଦେ. (ସମ୍ବଲପୁର) ଅ ଢକଢକ (ଦେଖ)
Ḍhako dhako Ḍhakaḍhaka (See)

ଢକ୍କ—ସ., ବ—ଢାକା ନଗର—
Ḍhakka The Sanskrit name of the town of Dacca.

ଢକ୍କା—ସ. ବ. (ଢକ୍—ଅନୁକାର ଶବ୍ଦ+କୈ ଧାତୁ=ଶବ୍ଦ କରିବା
Ḍhakkā +କର୍ତ୍ତୃ. ଅ)—ବଡ଼ ଢୋଲ, ବଡ଼ବାଠ—
1. Big drum.
୨ । ନାଗରା—2· Kettle-drum.

ଢଗ—ପ୍ରାଦେ. (ସମ୍ବଲପୁର) ବ (ସ. ଟଙ୍କ)—
Ḍhag ବଣିଅଙ୍କ ବଟକରା; ଢକ—
Standard weight used by goldsmiths.

ଢଗବିରି—ପ୍ରାଦେ. (ସମ୍ବଲପୁର)ବ. (ଭୁଲ. ହି. ଢେବ୍‌ରୀ=ଏସ୍ମୃ ଅର୍ଥ)—
Ḍhag-biri ୧ । ଆଲୁଅ—1. Light.
୨ । ପ୍ରଦୀପ—2. Lamp.
୩ । ଡିବିରି—3. An open kerosene lamp.

ଢଗ—ଦେ. ବ. (ଭୁଲ. ଇଂ. Doggerel ଡଗ୍ଗରେଲ୍=ବ୍ୟଙ୍ଗପୂର୍ଣ୍ଣ
Ḍhaga ନୀଚ ଶ୍ରେଣୀର ପଦ୍ୟ)—
ঢামালি, হেয়াঁলি ୧ । ଢେଗ; ପରିହାସ ବା ବ୍ୟଙ୍ଗାତ୍ମକ ଯଚ୍ଚ
बोलिठोलि ବା ମିତ୍ରାକ୍ଷର ମିଳିତ ବଚନ—
1. Badinage; banter; sarcastic doggerel; a gibe or proverb in rhyme.
୨ । ପ୍ରବଚନ—
2. Wise popular sayings; saws.
[ଦ୍ର—ସାଧାରଣତଃ ଢଗମାନଙ୍କରେ ଶେଷପଦମାନଙ୍କର ମେଳ ଥାଏ ଓ ଉପସ୍ଥିତ ସଂଶୋଙ୍କୁ ଲକ୍ଷ୍ୟ କରି ତାହା ବୋଲାଯାଏ ।]

ଢଗ ଢମା—ଦେ. ବ—ଢଗ ଢମାଳି (ଦେଖ)
Ḍhaga ḍhamā Ḍhaga ḍhamāḷi (See)
ଢଗ ଢମରେ କଲ ମାଂସ ଭୋଗ । ଗୋଲୋକ, ଉନ୍ଦେଖା ।

ଢଗ ଢମାଳି—ଦେ. ବ.(ସହଚର; ପ୍ରାୟ ଏକାର୍ଥବୋଧକ ଶବ୍ଦ)—
Ḍhaga ḍhamāḷi ୧ । ଢଗ ଓ ଢମାଳି—
बोलिठोली 1. Banter; badinage.
୨ । ବାଜେ ବା ଅପ୍ରୟୋଜନୀୟ କଥା—
2. Miscellaneous or useless words.
ଢମପଣେ ବର୍ଣ୍ଣିବୁ ମୁଁ ଗୋବିନ୍ଦଚରିତ
ଢଗଢମାଳି ହେଲେହେଁ ଶୁଣାଉ ଅମୃତ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।
[ଦ୍ର—ଢଗରେ ପଦମାନଙ୍କ ଶେଷ ଅକ୍ଷରର ମେଳଥାଏ ଓ କୌଣସି କୌଣସି ଢଗରେ ଉପଦେଶ ଓ ଅନୁଭବପୂର୍ଣ୍ଣ ବଚନ ଥାଏ । ଢମାଳି ବ୍ୟଙ୍ଗୋକ୍ତି ବହୁଳ ଏବଂ ତହିଁରେ ଅକ୍ଷରର ମେଳ ନ ଥାଏ ।]

ଢଗ ପକା(କେ)ଇବା—ଦେ. କ୍ରି—ଢଗ ମେଲିବା (ଦେଖ)
Ḍhaga pakā(ke)ibā Ḍhaga melibā (See)

ଢଗ ମେଲିବା—ଦେ. କ୍ରି—କୌଣସି ବ୍ୟକ୍ତି ବା ଘଟନାକୁ ଲକ୍ଷ୍ୟ ବା
Ḍhaga melibā ଉପହାସ କରି ଢଗ ବୋଲିବା—
ঢামালী বলা To banter a person.
बाली छोड़ना ଗାଁର ମସ୍ତକ ଚନ୍ଦ୍ରକୁ ଲୋକମାନେ ସେମାନଙ୍କୁ
ଦେଖି ଢଗ ମେଲନ୍ତି । ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଢଙ୍କ—ଦେ. ବ. (ସ. କଣ୍ଡୁରା, ଅବ୍ୟଙ୍ଗା)—ଶିମ୍ବାଦି ବର୍ଗର ଲତା ଓ
Ḍhaṅka ତହିଁର ଛୁଇଁ ; ବାଇଡଙ୍କ—A species of creeper
আলকুশী and its bean; cowitch.
कौंच [ଦ୍ର—ଏହା ଦୁଇ ଜାତୀୟ । ଏକ ଜାତୀୟ ବନ୍ୟଜ । ଏହାର ଛୁଇଁ ଉପରେ ଅଁଶ ଥାଏ । ଏହା ଦେହରେ ଲାଗିଲେ ଭୟଙ୍କର

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅନୁରୂପ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

ଗଲୁ ହୁଏ । ଏହାକୁ ବାଇଡଙ୍କ କହନ୍ତି । ଅନ୍ୟ ଜାତୀୟ ଲତାକୁ ଲୋକେ ବାଡ଼ ଓ ଅଗଣାରେ ଲଗାନ୍ତି । ଏହାର ତୁଳି ତରକାରୀ ରୂପେ ବ୍ୟବହୃତ ହୁଏ ଓ ଏ ତୁଳିରେ ଅଁଶୁ ନ ଥାଏ ।]

ଦେ· ଢଣ—ଢଙ୍କସର ପାଣି (ଦେଖ)
Ḍhaṅkasara pāṇi (See)

ଢଙ୍କଣ—ଦେ. ବି—୧ । ତେଙ୍କଣ; ସରୁ ବାଉଁଶର ଲଗି—
Ḍhaṅkaṇa — 1. A long and thin bamboo pole.
लग्गी, लग्गी
୨ । ଓଲଅ ଓ ଦୁଷ୍ଟଗୋରୁଙ୍କ ବେକରେ ଓହଳାଇ ଦିଆଯିବା ବାଉଁଶ ବା କାଠର ଖଣ୍ଡ; କାଠ ଘଣ୍ଟ—
काष्टघण्टा, डिंगर, ठिंगुरा — 2. A log of bamboo or wood suspended from the neck of wicked cattle.

ଢଙ୍କଣ ପାଳି—ପ୍ରାଦେ. (ପୁରୀ) ବି—ଢଙ୍କଣ ଧରି ଜମିଦାରଙ୍କ କଚେରୀ
Ḍhaṅkaṇa pāli ବା ଖମାରବାଡ଼ିର ଫସଲ ଖାଇବାକୁ ଆସିବା ମାଙ୍କଡ଼ମାନଙ୍କୁ ଜଗିବା ପାଇଁ ପ୍ରଜାଙ୍କ ମଧ୍ୟରେ ବେଠି ବଣ୍ଟାଯାଇ ଥିବା ପାଳି—Turn for scaring away monkeys from a zamindar's Kutchery-house and its adjoining garden.

ଢଙ୍କ ପାଣି—ଦେ. ବିଣ—ଢଙ୍କସର ପାଣି (ଦେଖ)
Ḍhaṅka pāṇi — Ḍhaṅkasara pāṇi (See)

ଢଙ୍କର—ଦେ. ବିଣ—ଢଙ୍କସର ପାଣି (ଦେଖ)
Ḍhaṅkara — Ḍhaṅkasara pāṇi (See)

ଢଙ୍କସର—ଦେ. ବିଣ.—ଢଙ୍କସର ପାଣି (ଦେଖ)
Ḍhaṅkasara — Ḍhaṅkasara pāṇi (See)

ଢଙ୍କସର ପାଣି—ଦେ. ବିଣ.—(ସଂ. ଢୌକ ଧାତୁ କମ୍ପା ସ୍ତୋକ ଧାତୁ=
Ḍhaṅkasara pāṇi ଢୋକ; ଯାହାକୁ ଢୋକ କରି ପିଆ ଯାଏ)—
गङ्गाजल, पतला
ଅତ୍ୟନ୍ତ ଜଳୀୟ; ପାଣିଆଁ— Very watery.
(ଯଥା—ଆଜି ରନ୍ଧୁଣୀ ଡାଲିକୁ ଢଙ୍କସର ପାଣି କରି ଦେଇଛି ।)

ଢଙ୍କା—ଦେ. ବି.—୧ । (ସଂ. ଢକ୍ ଧାତୁ=ଆଚ୍ଛାଦନ—ଦ୍ର. ଶବ୍ଦସାଗର)
Ḍhaṅkā — ୧ । ଆଚ୍ଛାଦନ—1. Covering.
टाँका
୨ । (ସଂ. ଢକ୍କା) ବଡ଼ ନାଗରା; ମେଘା—
ढाँकना — 2. Big kettle-drum.
ढाक्, डङ्का, ढका
[ଦ୍ର—ଏହା ମଠ ଓ ଠାକୁର ମନ୍ଦିରମାନଙ୍କରେ ପିଟାଯାଏ ଓ ବହୁଦୂରକୁ ମେଘ ଗର୍ଜନ ପରି ଶୁଭେ ।]
ढाका
୩ । (ସଂ. ଢକ୍କ) ଢାକା ଅଞ୍ଚଳ; ଢେଙ୍କା—
ढाका — 3. Dacca (in East Bengal).
ବିଣ—ଆଚ୍ଛାଦିତ—Covered; closed.

ଢଙ୍କା(ଙ୍କେ)ଇବା—ଦେ. କ୍ରି (ସଂ. ଢକ୍ ଧାତୁ=ଆଚ୍ଛାଦନ; ଚୌକ ଧାତୁ =ଅବରଣ)—
Ḍhaṅkā(ṅke)ibā
(ଢାଙ୍କେଇବା—ଅନ୍ୟରୂପ) ୧ । ଢାଙ୍କିବା କ୍ରିୟାର ଣିଜନ୍ତରୂପ—
टाँकान, ढकवाना — 1. The causative form of 'Ḍhāṅkibā.
୨ । ଘୋଡ଼ାଇବା; ଢାଙ୍କିବା—
2. To cover; to conceal.

ଢଙ୍କୁଣ—ପ୍ରାଦେ (ଗଡ଼ଜାତ) ବି—ଲମ୍ବ ବେଣ୍ଟଯୁକ୍ତ ବର୍ଚ୍ଛା—
Ḍhaṅkuṇa — Long-handled lance.
ଢେଲଙ୍ଗା ବାହାର ଧରି ଢଙ୍କୁଣ,
ଯହିଁ ନ ଦଶିଲ ସୂର୍ଯ୍ୟ କିରଣ—ବ୍ରଜନାଥ. ସମରତରଙ୍ଗ ।

ଢଙ୍କୁଣିଆ—ପ୍ରାଦେ (ଗଡ଼ଜାତ) ବି—ଢଙ୍କୁଣଧାରୀ ପାଇକ—
Ḍhaṅkuniā. — Foot-soldiers holding long-handled lances.

ଢଙ୍ଗ—ଦେ. ବି (ସଂ. ଭଙ୍ଗୀ; ଢଗ, ଢଂଗନ=ଗଢ)—
Ḍhaṅga — ୧ । ଢାଞ୍ଚା; ସୂତ; ଭଙ୍ଗୀ—
(ଢଂ—ଅନ୍ୟରୂପ) — 1 Manner; method; mode; fashion.
ढङ्ग, ढङ्ग
୨ । ସୁବ୍ୟବହାର; ଭଦ୍ରତା—
2. Good treatment; manners.
ଅଢଙ୍ଗରେ ଢଙ୍ଗ ନାହିଁ,
କଂସକ ବାଇଦ ଶୁଭେ ନାହିଁ—ଢଗ ।
୩ । ପ୍ରକାର—3. Kind; sort.
୪ । ଉପାୟ—4. Means.
୫ । ଗଢ଼ଣ—5. Make; build.
୬ । ଲକ୍ଷଣ—6. Indication; trait.
୭ । ଚାଲି; ଚଳନ; ଆଚରଣ—7. Conduct.

ଢଙ୍ଗ କାଢ଼ିବା—ଦେ. କ୍ରି—ଛଇ ଦେଖାଇବା—
Ḍhaṅga kāṛhibā — To put on airs.
ढङ्ग देखान, ढङ्ग निकालना

ଢଙ୍ଗ ଢଙ୍ଗ—ଦେ. ଅ—ଢଙ୍ଗର ଢଙ୍ଗର (ଦେଖ)
Ḍhaṅga ḍhaṅga — Ḍhaṅgara ḍhaṅgara (See).

ଢଙ୍ଗଢଙ୍ଗିଆ—ଦେ. ବିଣ—୧ । ଢିଲା; ଗଳଗଳିଆ (ଅଳଙ୍କାର)—
Ḍhaṅga-ḍhaṅgiā — 1. Loosely fitting (ornament).
ढङ्गढङ्ग, ढीला
୨ । ଆଡ଼ମ୍ବରପୂର୍ଣ୍ଣ—
2 Grand; grandiose.

ଢଙ୍ଗ ଢାଙ୍ଗ—ଦେ. ବି (ସଂ. ଭଙ୍ଗୀ)—୧ । ଆଡ଼ମ୍ବର—
Ḍhaṅga ḍhāṅga — 1. Grandeur.
ढङ्गढाङ्ग, रंगढंग
୨ । ଚାଲିଚଳନ; ଅଭୁତ ବ୍ୟବହାର—
2. Conduct; gait.
୩ । ରୀତି; ପ୍ରଥା—3. Manners and customs.

ଢଙ୍ଗର ଢଙ୍ଗର—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଅନେକଗୁଡ଼ାଏ ଢୋଲ
Ḍhaṅgara ḍhaṅgara ଅନବରତରେ ବାଜିବାର ଶବ୍ଦ;
ढंढं, डिमडिम
ଢାଉଁ ଢାଉଁ—1. Loud sound of many tomtoms or drums.

୧	ଲ	ଡ଼	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଢ
୨	ଇ	ଉ	ରୁ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଢ଼	ନ୍

ସଢର ଗଣ୍ଡ ବାଇଚ ବାଜେ ଢଙ୍ଗରଢଙ୍ଗର—ଢଗ ।

୨ । ଢଂ ଢଂ ୧ (ଦେଖ)—2. Dham dham (See)

ଦେ. ଵଣ—ଢୁଗୁଲା; ଘଲଗଲ—2 Loose; slack; loosely fitting.

ଢଙ୍ଗିଆ—ଦେ. ଵଣ—ଅଡ଼ମ୍ବରପ୍ରିୟ—
Dhangiā Fond of outward show.
রঙ্গঢঙ্গে, ढोङ्गी

ଢଣ—ଦେ. ଵ. (ସ. ଧନୁସ୍)—ଧନୁ—
Dhana Bow.

ଢଣ ଢଣ ହୋଇ ବୁଲିବା—ଦେ. କ୍ରି—ଦାନାପାଣି ନ ଖାଇ ନ ପିଇ
Dhana dhana hoi bulibā ଉଦ୍ଦେଶ୍ୟହୀନ ଭାବରେ ଏଣେତେଣେ
টো টো করে বেড়ান ବୁଲିବା—To wander about
डांवा डोल होना aimlessly and without food; to loaf about.

ଢଣଢଣିଆଁ—ଦେ. ଵଣ—୧ । ବହୁତ ବୁଲି ବୁଲି ଦରକ୍ଲାନ୍ତ ଓ ଶୀର୍ଣ୍ଣ
Dhana-dhaniāṅ ହୋଇଥିବା—1. Over-fatigued by
টন টনিয়াঁ ; টনটনে too much wandering.
डांवाडोल ୨ । ଉଦ୍ଦେଶ୍ୟହୀନ ଭାବରେ ବୁଲୁଥିବା (ବ୍ୟକ୍ତି)—
2. Roving; loafing about (person).

ଢଣା—ଦେ. ଵଣ—୧ । ପରିଶ୍ରାନ୍ତ; କ୍ଲାନ୍ତ—
Dhaṇā 1. Tired; fatigued; wearied.
ঢন্না ପ୍ରାଦେ. (ଗଡ଼ଜାତ) ବ—ଗୋରୁଙ୍କୁ ଧରିବା ରୋଗବିଶେଷ—
কাহীল A kind of cattle disease.

[ଦ୍ର—ଏ ରୋଗ ହେଲେ ଗୋରୁଙ୍କ ତାଳୁ ବାଟେ ଦୁଇଟା ଢଣା ଫୁଟି ଯାଏ । ସବୁବେଳେ ଗୋରୁ ଝୁଲନ୍ତି । ସେ ଢଣା ବାଟେ ପାଣି ତୋଡ଼ାଣୀ ତାଳୁରେ ପଶିଯିବାରୁ ଗୋରୁ ଖାଇ ପାରନ୍ତି ନାହିଁ । ଅଳତା ସିଠାକୁ ନିମ୍ବ କାଠିରେ ଖୁନ୍ଦି ସେ ଢଣାକୁ ବୁଜି ଦେଲେ ଏ ରୋଗ ଭଲ ହୋଇଯାଏ ।]

ଢଣୁଆ—ଦେ. ଵ (ସ. ଦୋହନ)—ଦୁହାଁଳ ଗାଈ; ଢେଣୁଆ ଗାଈ—
Dhanuā Milch cow.
দুধাল, दुधारु
(ବରଡ଼ା, ବରଡ଼ା—ଦ୍ରପସ୍ୱତ)

ଢନ୍‌କନା—ପ୍ରାଦେ. (ସମ୍ବଲପୁର) ବ—ଛୋଟ ଜାତିର ସ୍ତ୍ରୀଲୋକେ ପିନ୍ଧିବା
Dhankanā ପିତଳର ବାହା ଖଡ଼ୁ—A kind of broad wristlet worn by women of lower classes in Sambalpur.

ଢପ—ଦେ. ଵ (ସ. ଭାବ; ଧବ=ଗଢ଼ଣ,—୧ । ଢାଞ୍ଚା; ଆକୃତି—
Dhapa 1. Shape; form.
ঢপ ୨ । ଗଠନ—2. Structure; mould.
ढप ୩ । ଛଇ; ଅଡ଼ମ୍ବର; ଢୋଳ—
3 Grandeur; show.
୪ । ଆଚରଣ—4. Behaviour; conduct; carriage.
୫ । ଆଗ୍ରହ; ବ୍ୟବହାର—
5. Manners; deportment; attitude.
୬ । ଫେସନ୍; ଭଙ୍ଗୀ; ଢଙ୍ଗ—6. Fashion; mode.
୭ । ରୀତି; ପ୍ରଥା—7. Custom; usage.
୮ । ଅଭ୍ୟାସ—8. Habit.
୯ । ପ୍ରକାର—9. Manner; kind.
୧୦ । ସ୍ୱଭାବ—10. Nature.
୧୧ । ରୂପ; ଛବି—11. Mien; appearance.

ଢପ ଢପ—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଚମଡ଼ା ଓଦା ବା ଢିଲା
Dhapa dhapa ହୋଇଥିବା ବା ଉପରେ ଲୁଗା ପକା ହୋଇଥିବା
টপাটপ ଆନଦ୍ଧ ବାଦ୍ୟ ଉପରେ ଆଘାତ ଜନିତ ଶବ୍ଦ—
ढबढब 1. Dull sound of beating a drum whose hide has become slack or damp or is covered with a piece of cloth; sound of a muffled drum.
୨ । ଢିଙ୍କି ଉପରେ ଓଦା ଖଳାର ପଦାର୍ଥକୁ ଢିଙ୍କିରେ କୁଟିବା ଶବ୍ଦ—2. The hollow sound of beating husks with the dhinki.
୩ । ଘୋଡ଼ାର ଠାପୁ ଟାଣୁଆ ମାଟିରେ ପଡ଼ିବାର ଶବ୍ଦ—
3. The thud of horse's hoofs on hard soil.
ଦେ. ଵଣ—ଢକଢକ; ଶିଥିଳ; ଢୁଗୁଲା (ଅଳଙ୍କାର)—
Loose (ornaments).

ଢପ ରକ୍ଷା—ଦେ. ବ—ଫେସନ୍ ବା ଢଙ୍ଗକୁ ସର୍ବଦା ବଜାଏ ରଖିବା—
Dhapa rakshā Continuance of a fashion.
টপরক্ষা

ଢପର ଢପର—ଦେ. ଅ—ଢପ ଢପ (ଦେଖ)
Dhapara dhapara Dhapa dhapa (See)

ଢବ୍‌ନା—ପ୍ରାଦେ. (ସମ୍ବଲପୁର) ବ—ଢପ୍‌ନା (ଦେଖ)
Dhab-nā Dhap-nā (See).

ଢବ ଢବ (ଇତ୍ୟାଦି)—ଡବ ଡବ ଇତ୍ୟାଦି (ଦେଖ)
Dhaba dhaba (etc) Daba daba etc. (See)

ଢବା—ଦେ. ବ—୧ । ଡବା; ମାଲ ଗାଡ଼ିର ଖଣ୍ଡେ ଗାଡ଼ି—
Dhabā 1. A goods-wagon.
୨ । ରେଲ ଗାଡ଼ିର କୋଠରି—
2. A compartment of a Railway carriage.
ଵଣ—ଫମ୍ପା; ଡଙ୍ଗ; ଫୋଲା ଓ ବଡ଼—
Hollow and big.
(ଯଥା—ଢବା ବାଉଁଶ ।)
ପ୍ରାଦେ. (ଗଡ଼ଜାତ) ବ. (ମୂଳ. ହି. ଢକୁଆ=ଘେରକୁ ଜଗିବା ପାଇଁ କରାଯାଇଥିବା ମଞ୍ଚା ଉପରେ କରାଯିବା ଛପର)—ଛପର ଘର—A thatched house with an inner mud-covered roof.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଡ଼' ଖୋଜିବେ; 'ଋଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟାଁ' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବି—୩ । କୋଠା; ପକ୍କାଘର; ପ୍ରାସାଦ—
3. A pucca house; building; a house of brick masonry; mansion.

ଢବା ତନାବରୁ ଗୋପ ନଗରର ବନ୍ଦେ ଭୂପ ବାଲୁକେଶ ଦେବ ନୃପ
କୁଞ୍ଜପୁଞ୍ଜ ସରିକି—କବିସୂର୍ଯ୍ୟ, କଳୋଗାଲଖ୍ଣ୍ଡ ଗୀତ ।

[ଦ୍ର—ଢବା ଶବ୍ଦ ଏହି ଅର୍ଥରେ ଗଞ୍ଜାମ ଅଞ୍ଚଳର ଓଡ଼ିଆ ଭାଷାରେ ବହୁଳ ବ୍ୟବହାର ଦେଖାଯାଏ ।]

ପ୍ରାଦେ. (ଗଞ୍ଜାମ) ବି—୧ । ଝିଙ୍କର ଛୁଆଣି ଘର; ଖପରଲି ଘର·
1. A house with a thin tiled roof.

ପ୍ରାଦେ. (ଗଡ଼ଜାତ, ସମ୍ବଲପୁର) ବିଣ—ଅନ୍ତର୍ବେଷ୍ଟିତ (ଗୃହଘର)
(thatched house) Having an inner mud-roof.

ଢବା ଘର—ପ୍ରାଦେ.(ସମ୍ବଲପୁର ଓ ଗଡ଼ଜାତ) ବି—ଅନ୍ତଃ ଘର—
Dhabā ghara A thatched house with an inner mud roof.

ଢବା ତନାଖି—ଦେ. ବି—କୋଠା ଘରର ଝରକା—
Dhabā tanābi Window of a mansion.

ଢବାତନାଖି ଦେହଳୀ ସମୀପରେ ତ୍ରିପୁ ଅଳୀ,
ସମାଜେ ବରଙ୍କ ବର ମହଲାରେ । କବିସୂର୍ଯ୍ୟ. ସଙ୍ଗୀତ ।

ଢବାଲିଆ—ଦେ. ବିଣ—ଢବା (ଦେଖ)
Dhabāḷiā Dhabā (See)

ଢମ୍‌ନି—ପ୍ରାଦେ. (ସମ୍ବଲପୁର) ବି—ଲୁଚିଅଣି ଖେଳ; ଲୁଚକାଳି ଖେଳ—
Dham-ni The game of 'Hide and Seek'.

ଢମ—ଦେ. ବି. (ସଂ. ଦମ୍ଭ)—୧ । ଅହଙ୍କାର; ଗର୍ବ—
Dhama 1 Pride; arrogance.
ढम ଢମ ଯେ କଲା ସେମ୍ଭ କଂସ, ତାଳେ ଅସୁର ଗଲା ନାଶ ।
घमन्ड ବଳରାମ ଦାସ, କମଳଲୋଚନ ଚଉତିଶା

୨ । ଦମ୍ଭ; ଗୁମର; ମୁହଁ ବାଇଁଙ୍କି—
2. Boast; vainglory; bragging.

୩ । ସାରହୀନ ବାହ୍ୟାଡ଼ମ୍ବର—
3. Outward show without any inner worth.

(ଯଥା—କଉଣ ସାଆନ୍ତମାନଙ୍କ ଢମକୁ ଉଚ୍ଚଶିକ୍ଷିତ କରଣ ଯୁବକମାନେ ମଧ୍ୟ ବିରାଗ ଚକ୍ଷୁରେ ଦେଖୁ ଅଛନ୍ତି ।)

୪ । ଢଙ୍ଗ; ରୀତି—4. Fashion; custom.

ଢମ(ମୁ)କ—ଦେ. ସର୍ବନାମ (ଅମୁକ ଶବ୍ଦ ସଙ୍ଗେ ସ୍ୱତନ୍ତ୍ରରୂପେ ବ୍ୟବହୃତ)
Dhama(mu)ka —କହି ନ ହେବା ବିଷୟ; ଫଲଣା; ଅମୁକ
तुम्बका ଅନିର୍ଦ୍ଦିଷ୍ଟନାମା, ଉଦ୍ଦିଷ୍ଟନାମା (ବ୍ୟକ୍ତି ବା ବିଷୟ)—
ढिमका So and so.

(ଯଥା—ମୋର ଭୁ ଅମୁକ ଢମୁକ କରି ପକେଇବୁ ।)

ଢମ କରିବା—ଦେ. କ୍ରି—୧ । ଗୁମର କରିବା—
Dhama karibā 1. To boast; to brag.
ढम दिखाना ୨ । ଗର୍ବ କରିବା—2. To arrogate.
घमंड करना ୩ । ବାହ୍ୟାଡ଼ମ୍ବର କରିବା—
3. To make a grand display.

ଢମ କହିବା—ଦେ. କ୍ରି—ଢମ କରିବା ୧ (ଦେଖ)
Dhama kahibā Dhama karibā 1 (See)

ଢମ କାଢ଼ିବା—ଦେ. କ୍ରି—ଢମ କରିବା (ଦେଖ)
Dhama kārḍhibā Dhama karibā (See)

ଢମ ଢମ—ଦେ.(ଧ୍ୱନ୍ୟନୁକରଣ) ଅ. (ମୂଳ. ସଂ. ଧ୍ୱନ୍ ଧାତୁ)—
Dhama ḍhama ଢୋଲ ବାଜିବାର ଶବ୍ଦ—
ढंढं Sound of beating of drums.
ढमढम [ଦ୍ର—ଢମଢମ ଢାଇଁ ଢାଇଁ ଅପେକ୍ଷା ଅନୁଚ୍ଚ ଶବ୍ଦ ।]
(ଢମର ଢମର—ଅନ୍ୟରୂପ)

ଢମ ଢମାଳି—ଦେ. ବି—ବାହ୍ୟାଡ଼ମ୍ବର—Outward show.
Dhama ḍhamāḷi ବୁଢ଼ୀ ଏ ଢମଢମାଳି ବୁଝେ ନାହିଁ ।
रंगढंग ଫକୀରମୋହନ. ଗଳ୍ପସ୍ୱଳ୍ପ

ଢମଣା—ଦେ. ବି. (ସଂ. ଧାମନ୍=ଗୃହ; ଏମାନେ ଘରେ ବିଚରଣ
Dhamaṇā କରିବାରୁ; କିମ୍ବା ସଂ. ଦଣ୍ଡ)—ଏକପ୍ରକାର ନିର୍ବିଷ
ढेमना ଫଣାହୀନ ଲମ୍ବା ସର୍ପ; ଢାମଣା ବା ଢେମଣା ସାପ—
डोमा; ढामना Zamenis Mucosus (serpent).

(ଢମଣୀ—ସ୍ତ୍ରୀ) [ଦ୍ର—ଏମାନେ ଲମ୍ବରେ ୪।୫ ହାତ ପର୍ଯ୍ୟନ୍ତ ବଢ଼ନ୍ତି, ଦେହର ଉପର ଈଷତ୍ ନାଲି, ପିଠିରେ କଳା ଓ ହଳଦିଆ ଚୂଡ଼ିଆ ଚିହ୍ନ ଥାଏ, ପେଟପାଖ ଈଷତ୍ ହଳଦିଆ । ଏମାନେ ଗୃହରେ ବୁଲି ମୂଷା ଓ ଗଛରେ ଚଢ଼ି ଚଢ଼େଇ ଛୁଆ ଓ ଅଣ୍ଡା ଗିଳନ୍ତି । ଏମାନେ ଖୁବ୍ ଭୀରୁ । ପ୍ରବାଦ ଅଛି ଯେ ଏମାନେ ଗାଈଙ୍କ ପଛଗୋଡ଼ ବାଟେ ଚଢ଼ି ପଛଗୋଡ଼ରେ ଛନ୍ଦା ହୋଇ ଗାଈଙ୍କ ଥନ ଚୁଚୁମି ଦୁଧ ପିଇ ଯାଆନ୍ତି । ଏମାନେ ଘରେ ଓ ଘରର ଖଞ୍ଜା ଭିତରେ ବେଙ୍ଗ ଖାଇବାକୁ ଅନେକ ସମୟରେ ବୁଲନ୍ତି । ଲୋକଙ୍କର ବିଶ୍ୱାସ ଯେ ମାଈ ଢମଣା (ଢେମଣୀ) ଗୋଖରସାପଙ୍କ ସଙ୍ଗେ ଜୋଡ଼ ଖାଇଲେ ଏହାଙ୍କଠାରୁ ଦୋମିଶା ଜନ୍ମ ଜନ୍ମନ୍ତି ।]

ଢମ ଦେଖାଇବା—ଦେ. କ୍ରି—ଢମ କରିବା (ଦେଖ)
Dhama dekhāibā Dhama karibā (See)

ଢମ ପଣ—ଦେ. ବି—ଢମ (ଦେଖ)
Dhama paṇa Dhama (See)

ଢମପଣେ ବର୍ଣ୍ଣିଛ ମୁଁ ଗୋବିନ୍ଦ ଚରିତ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଢମା—ଦେ. ବି. (ସଂ. ଧାମକ=ପରିମାଣ ବିଶେଷ)—ଗୋରୁଙ୍କୁ କୁଣ୍ଡା-
Dhamā ପାଣି ଖୁଆଇବା ନିମନ୍ତେ ବ୍ୟବହୃତ ଘଡ଼ର ପାଖେ
धामा ତଳେଇ ଛୁଆଣି ହୋଇଥିବା ବାଉଁଶ ଟୋକେଇ—
धामा Manger; scuttle; an impervious bamboo backet or trough used for feeding cattle with liquid food.

ବିଣ—୧ । ଢମ ପ୍ରିୟ—1. Boastful; showy.
୨ । ଗର୍ବୀ—2. Proud; haughty.

୧	ଇ॰	ଊ	ଋ,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଂ	ଭୃଅ	ଈ
୨	ଈ	ଊ	ରୁ	ଲୁ	ପ୍ଟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଊ	ନ୍ତ

୩ । ବଡ଼—3. Big.

ଢମା ଅଖିଆ—ଦେ· ବଣ—ଢେଗା ଅଖିଆ (ଦେଖ)
Ḍhamā ākhiā Ḍhegā ākhiā (See)

ଢମାଳ—ଦେ. ବି. (ସଂ ଦମ୍ଭ)—୧ । ଛମ; ଜବଦ୍ଧସ୍ଥାନ ବ୍ୟଙ୍ଗ ବା
Ḍhamāḷi ପରିହାସ ବଚନ—1. Unrhymed jeer; gibe.
ঢামালি; ঢমালী ଢମାଳ ଗୀତ ଢଗମେଳ । ରୂପଚ. ପ୍ରେମପଞ୍ଚାମୃତ ।
धमाल [ଦ୍ର—ଢଗରେ ପଦମାନଙ୍କର ମିତ୍ରାକ୍ଷର ମିଳେ, ମାତ୍ର ଢମାଳରେ ତାହା ନ ଥାଏ । ଏହା ଢଗ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ ।]

୨ । ଦମ୍ଭ ବାଲଙ୍ଗି—2. Bragging; boasting.

୩ । ପରିହାସ; ରଙ୍ଗରସ—3. Jest; witticism.

ଅଲୁଡ଼ଶାଳେ ଯାଇ ମିଳି
ହାସ୍ୟକେ କରନ୍ତି ଢମାଳ । ଜଗନ୍ନାଥ· ଭାଗବତ ।

୪ । ଗର୍ବ; ଅହଙ୍କାର—4. Pride; arrogance

ଢମାଳିଆ—ଦେ. ବଣ—୧ । ଗର୍ବୀ—
Ḍhāmāḷiā 1. Proud; haughty.
ঢমালীয়া ୨ । ଲଃସାର ଅଥଚ ବାହ୍ୟାଡ଼ମ୍ବର ଯୁକ୍ତ—
धमालिया, घमंडी 2. Showy but unsubstantial.
ଢମାଳୁଣୀ } ସ୍ତ୍ରୀ
ଢମାଲେଈ }

ଢୋଲ ହୋଇ କର ନ ଥାଏ ସ୍ୱର,
ସର ହୋଇ ଯେବେ ନ ଥାଏ କ୍ଷୀର ।
ଢମାଳିଆ ନାମ ଅଟେ ସେ ପୁର,
କହେ ଦନାଇ ଏ କଥା ନକର । ଦନାଇଦାସଙ୍କ ପଦ୍ୟ ।

୩ । ଆଡ଼ମ୍ବରପ୍ରିୟ—
3. Showy; fond of pomposity.

୪ । ବଡ଼ନସକ୍ସ—
4. Boasting, braggart, boastful.

ଢମାଳୁଣୀ—ଦେ. ବି. ସ୍ତ୍ରୀ—ଅପଦେବତା; ଗ୍ରାମଦେବୀ; ଅପୂଜ୍ୟ ଦେବତା-
Ḍhamāḷuṇi ବିଶେଷ—An inferior female Deity.
(ଢମାଲେଈ—ଅନ୍ୟରୂପ) ବଣ— ଢମାଳିଆର ସ୍ତ୍ରୀଲିଙ୍ଗ—
The feminine of Ḍhamāḷiā.

ଢମ୍ପା—ଦେ. ବଣ (ସଂ. ଢକ୍ ଧାତୁ=ଲୁଚ୍ଛଇବା)—ଆବୃତ—
Ḍhampā Covered.
ঢাকা ढँका हुआ

ଢମ୍ପା(ମ୍ଫେ)ଇବା—ଦେ. କ୍ରି (ଢକ୍ ଧାତୁ=ଲୁଚ୍ଛଇବା)—
Ḍhampā(mphe)ibā ୧ । ଢାମ୍ପିବା କ୍ରିୟାର ଣିଜନ୍ତରୂପ—.
ঢাকান 1. The causative form of 'Ḍhāmpibā.
ढँकना ୨ । ଢାଙ୍କିବା; ଘୋଡ଼ାଇବା—
2. To cover.

ଢଳ ଢଳ—ଦେ. ବଣ—୧ । ଲୋତକପୂର୍ଣ୍ଣ (ଅକ୍ଷି)—
Ḍhaḷa ḍhaḷa 1. Brimming with tears (eye);
ঢলঢল tearful.
लबालब

ଯା ଶୁଣି ଦମୟନ୍ତୀ ନୟନକମଳ
ଲୋତକ କମଳରେ ହୋଇ ଢଳଢଳ—କୃଷ୍ଣସିଂହ ମହାଭାରତ ବନ ।

୨ । ତରଳ ଓ ଚଞ୍ଚଳ; ଈଷତ୍ କମ୍ପିତ; ଅସ୍ଥିର; ଆନ୍ଦୋଳିତ
2. Tremulous; shaking.

ପତଙ୍ଗ ଭିତ ହୃଦ ଜଳ,
କମଳଦଳପର ଢଳଢଳ—ଭକ୍ତ ପ୍ରେମସୁଧାନିଧି ।

টলটল ୩ । ଟଳଟଳ; ଅଥୟ—
डगमग 3. Trembling; tottering.

୪ । ଝକଝକ; ଚକଚକ; ସ୍ନିଗ୍ଧ—
4. Glistening; glittering;
sparkling; graceful.

ତା ମଧ୍ୟେ ଢଳଢଳ ଦୁଇ କମଳ—ମଧୁସୂଦନ ପଦ୍ୟ ।

ଢଳଢଳିଆ—ଦେ. ବଣ—ଢଳଢଳ (ଦେଖ)
Ḍhaḷaḍhaḷiā Ḍhaḷaḍhala (See).

ଢଳନୟନା—ଦେ. ବଣ. ସ୍ତ୍ରୀ—ଚଞ୍ଚଳନୟନା—
Ḍhaḷanayanā Having tremulous eyes.

ଢୋଳାଇ ଢୋଳାଇ ଢଳପଡ଼େ
ଢଳ ନୟନା ମୋ କୋଳ ପରେ । ଲକ୍ଷ୍ମୀକଶୋର ମହାପାତ୍ର କାମକୁହା, ତରଙ୍ଗିଣୀ ।

ଢଳ ହଳ—ଦେ. ବଣ—ଢଳଢଳ (ଦେଖ)
Ḍhaḷa haḷa Ḍhaḷa ḍhaḷa (See).

କମଳଦଳେ ଢଳହଳ (୨) ବାଳକୀଳକ ପଦ୍ମ ଡ଼ୋଳା ଦିଶୁଛି ।
ଉପେ. ଲାବଣ୍ୟବତୀ ।

ଢଳା—ଦେ. ବି (ସଂ. ଢାଳ ଧାତୁ=ଶ୍ଖଳନ; ଦ୍ରାହ୍ ଧାତୁ=ନିକ୍ଷେପ)—
Ḍhaḷā ୧ । ଢଳ ପଡ଼ିବା—
1. Falling down, tumbling.
ঢালা, ঢলনে ୨ । ଢଳିବା; ଏକପାଖକୁ ସାମାନ୍ୟତଃ
ढरनी, ढलवाँ ନଇଁ ପଡ଼ିବା—2. Leaning; inclining to
one side.

୪ । ଢାଳିବା କର୍ମ—3. Act of pouring.

ଢଳାଢଳ କଟୁକ ଢଳା ରସକୁ ମନ ବଳାଅ ରେ ।
କବିସୂର୍ଯ୍ୟ, ସଙ୍ଗୀତ ।

୪ । (ଦୃଷ୍ଟିକୁ) ବାଙ୍କ କରିବା—
4. Bending; ogling.

୫ । ଧାତୁ ଢାଳିବା ଛାଞ୍ଚ—5. Mould.

୬ । ଧାତୁକୁ ତରଳାଇ ଛାଞ୍ଚରେ ଢାଳିବା କର୍ମ—
6. Act of pouring molten metal
into a mould.

ঢলা ବଣ—୧ । ଢଳିଥିବା; ସାମାନ୍ୟରେ ଏକପାଖକୁ
ଝୁଙ୍କିଥିବା—1. Slightly leaning to
one side

ঢালা ୨ । ଅଉଟା ହୋଇ ଛାଞ୍ଚରେ ଢଳା ଯାଇଥିବା—
ढलाहुआ 2. Molten and cast into a mould.

୩ । ଅଉଟା ହୋଇ ଛାଞ୍ଚରେ ଢଳା ହୋଇଥିବା ଧାତୁ
ଦ୍ୱାରା ପ୍ରସ୍ତୁତ—3 Made of molten metal cast
in mould.

ଅମୃତ ସବଇଷ୍ଟେ ଢଳା
ବାଗ୍‌ଦେବୀ ବାଣୀ କୁହୁକଳା—ମଧୁସୂଦନ, ସଙ୍ଗୀତମାଳା ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱରର ୧ ଚିହ୍ନର ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧାଙ୍କ' ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ପ୍ରଚୁରରୂପେ ଢଳା ହୋଇଥିବା—
4. Poured profusely.

୫ । ଅପାଙ୍ଗ ଦୃଷ୍ଟିଯୁକ୍ତ (ନେତ୍ର)—
5. Ogling (eye)

ଢଳା ନେତ୍ର କର ମୋ ସଙ୍ଗୀ ଲା—ବନମାଳୀ, ସଙ୍ଗୀତ ।

ପ୍ରାଦେ (ସିଂହଭୂମ) ବି—କ୍ଷୁଦ୍ର ଢାଳ; ଘାମଦେଇ; ଝରି—
Very small water jug.

ଢଳାଇ—ଦେ. ଢଳା. ଓ ବି—୧ । ଢଳା (ଦେଖ)
Dhalāi — 1. Dhalā (See)
ढालाई

୨ । ଧାତୁ ଆଦି ଢାଳିବା ମଜୁରି—
ढलाइ — 2. Wages paid for moulding a metal article.

ଢଳା(ଳେ)ଇବା—ଦେ. କ୍ରି—୧ । ଢାଳିବା କ୍ରିୟାର ଣିଜନ୍ତରୂପ—
Dhalā(le)ibā 1. The causative form of Dhālibā.

୨ । ଢଳିବାର ଉପାୟ କରିବା—
2. To cause to lean.

ढलाना; ढलवाना ୩ । ଢାଳିବାର ଉପାୟ କରିବା—
ढालान — 3. To cause to be poured.

ଢଳାଢଳ କରିବା—ଦେ. କ୍ରି—ଇଢ଼ାଉଢ଼ି କରିବା; ତରଳପଦାର୍ଥକୁ ଏକ ପାତ୍ରରୁ ଅନ୍ୟ ପାତ୍ରରେ ବା ସ୍ଥାନରେ ଢାଳିବା—To pour out.
Dhalādhali karibā
ঢালাঢাল্ করা
ढलकाना

ଢଳିତ—ଦେ. ବିଣ (ସଂ. ଟଳ ଧାତୁ)—ଚଞ୍ଚଳ; କମ୍ପିତ—
Dhalita — Tremulous.

ଢଳିପଡ଼ିବା—ଦେ. କ୍ରି—(ସଂ. ଟଳ ଧାତୁ)—୧ । ଟଳି ପଡ଼ିବା—
Dhali pardibā — 1. To tumble down to the ground.
ঢলেপড়া
ढलपड़ना

ଜନ ନଶ୍ୱାସରେ ପଡ଼ିଲେ ଢଳି—ବନମାଳୀ, ସଙ୍ଗୀତ ।

୨ । ମରିଯିବା—2. To die.

(ଯଥା—ଅପେ ଢଳି ପଡ଼ିଲେ ପୃଥିବୀ ଅନ୍ଧାର ।)

୩ । ଅଉଜି ପଡ଼ିବା—3. To lean.

ମୋର ଉରକୁ ସେ ଢଳିପଡ଼ଇ—ଭକ୍ତ. ପ୍ରେମସୁଧାନିଧି ।

୪ । ମୁଗ୍ଧ ହେବା; ଉନ୍ମତ୍ତ ହେବା; ମୋହଯୁକ୍ତ ହେବା—

ପତ୍ରପତର ପର ଅଛି ନସ୍ୱର
ଗୃହଁ ଲକ୍ଷଣେ ଢଳିପଡ଼ନ୍ତି ମୂଳଜନ ।
କୃଷ୍ଣସିଂହ, ମହାଭାରତ ବନ ।

ଢଳିବା—ଦେ. କ୍ରି. (ସଂ. ଢାଳ ଧାତୁ=ସ୍ଖଳନ; ସଂ. ଟଳ ଧାତୁ)—
Dhalibā ୧ । ଶ୍ଳଥ ହେବା—1 To become loose.

ঢলা ୨ । ଅଉଜା ହେବା; ଅଉଜିବା ଏକପାଖକୁ ନଇଁବା—
ढुलना, ढलना 2. To incline, to lean to one side.

[ଢଳା(ଳେ)ଇବା—ଣିଜନ୍ତ] ଢଳାଇଲ ପରି ତଳ ଢଳେ ପଡ଼ିଯିବା ଭଳି ।
ବନମାଳୀ, ଗୋପଚନ୍ଦ୍ର, ତ ଗୀତ ।

୩ । ଦୋହୋଲିବା; ଟଳଟଳ ହେବା—
3. To reel; to totter.

୪ । ଭୂମିରେ ପଡ଼ିଯିବା—4. To reel down to the ground; to tumble down.

୫ । (ଲକ୍ଷଣାର୍ଥ) ସପକ୍ଷତାବଲମ୍ବନ କରିବା; କୌଣସି ବ୍ୟକ୍ତି ପ୍ରତି ଅନୁକୂଳ ମତ ପୋଷଣ କରିବା—
5 To have a leaning or sympathy for a person or a party; to be partial to.

(ଯଥା—ହାକିମ ଉପରି ମକଦମାର ଆରମ୍ଭରୁ ବାଦୀ ପକ୍ଷକୁ ଢଳିଛନ୍ତି)

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଢଳେଇ—ଦେ. ବି—୧ । ଛାଞ୍ଚରେ ଧାତୁ ଆଦି ଢାଳିବା କର୍ମ—
Dhalei — 1. Casting metal in mould.
ঢালাই

୨ । ଢଳାକାର୍ଯ୍ୟ କରିବାର ମୂଲ—
ढलाई, ढालाई 2. The wages for casting metal.

ଢାଇ—ଦେ (ଧ୍ୱନ୍ୟନୁକରଣ) ଅ—୧ । ମୁଣ୍ଡକୁ ମୁଣ୍ଡ ଲଢ଼ାଇ—
Dhāi — 1. Butting of two goats or rams with each other; striking of two heads against each other.
ঠাই, ঢু
ठायँ

୨ । ଦୁଇଟି କଠିନ ବସ୍ତୁ ପରସ୍ପରକୁ ଆଘାତ କରିବାର ଶବ୍ଦ; ଠି ଠି ଶବ୍ଦ—
2. Sound of two hard things striking forcibly against each other.

ଢାଇ ଢାଇ—ଦେ. ଅ—୧ । (ଶିଶୁରଞ୍ଜନ) (ଶିଶୁମାନଙ୍କୁ ବୟସ୍କମାନେ ହାତ ବା ମୁଣ୍ଡ ଦେଖାଇ ସେଥିରେ ମୁଣ୍ଡକୁ ଲଢ଼ାଇବାକୁ ଆହ୍ୱାନ କରିବାବେଳେ ବ୍ୟବହୃତ ଶବ୍ଦ; ମୃଦୁଆ ମାରୁ—1. Words uttered by grown up persons inviting children to butt their heads against the head or palm of the inviter in jest.
Dhāi dhāi
ঢু ঢু
ठायँ ठायँ

୨ । ଲଢ଼ୁଥିବା ମେଣ୍ଢା ଓ ଛେଳିକୁ ଉତ୍ତେଜନା କରିବାର ଧ୍ୱନି—2. Words used to goad 2 goats or rams to butt each other's head.

୩ । (ବହୁବାର) ଢାଇ (ଦେଖ)—3. Dhāi (See).

ଢାଇ ମାରିବା—ଦେ. କ୍ରି—ଅନ୍ୟ କୌଣସି ବ୍ୟକ୍ତି ବା ଜୀବର ମୁଣ୍ଡରେ ମୁଣ୍ଡ ବାଡ଼େଇବା—To butt one's head against another's head.
Dhāi māribā
ঢু মারা
टक्कर मारना

ଢାଉ—ଦେ. ବି—୧ । ଗାଉ; ଗେରୁମାଟି; ଗୈରିକ—
Dhāu — 1. Red chalk; red ochre; ruddles red stone.
গিরমাটি, গিরি, গেরু
गेरु

୨ । (ସଂ. ଧବ) ଜଙ୍ଗଲୀ ବୃକ୍ଷ ବିଶେଷ; ଧଅଗଛ—
2. Anogeissus Latifolia (tree).
ধ
धाव

୧	ଇ	ଉ	ରୃ,ରୂ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଣ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଓ	ନ

ଢାଉଅ—ଦେ. ବଣ—ଢାଉ ରଙ୍ଗଯୁକ୍ତ; ଗେରୁଆ—
Dhāua Ruddy; reddish; red-painted.
গেরুয়া, **गेरुआ**

ଢାଉଁ—ଦେ. ବି (ଧ୍ୱନ୍ୟନୁକରଣ; ଶିଶୁଭାଷା)—ଢୋଲବାଦ୍ୟ; ଦାମାମା—
Dhāuñ Drum.
[ଦ୍ର—ଢୋଲ, ମୃଦଙ୍ଗ ଆଦି ଆନଦ୍ଧ ବାଦ୍ୟଗଣର ସାଧାରଣ ନାମ ଢାଉଁ ।]
ধাঙ, ধাঙসা ଅ—ଢାଉଁ ଢାଉଁ (ଦେଖ)
धाहां, ढोल Dhāuñ dhāuñ (See)

ଢାଉଁ ଢାଉଁ—ଦେ. ଅ. (ଧ୍ୱନ୍ୟନୁକରଣ)—
Dhāuñ dhāuñ ଢୋଲ ବାଦ୍ୟର ଶବ୍ଦ—
ধার্ড ধার্ড The sound of drums; tomtom.
धायँधायँ, ढमढम ପ୍ରାଦେ. (ଛତିଶ) ବି—ମାଙ୍କଡ଼—
Monkey.
(ଧ୍ୱନ୍ୟନୁକରଣ) ଅ—ଢୋଲ (ଶିଶୁଭାଷା)—Drum.

ଢାଉକ—ଗ୍ରା. ବି—ଢାହୁକ (ଦେଖ)
Dhāuka Dāhuka (See)

ଢାଉ ରଙ୍ଗ—ଦେ. ବି—୧ । ଗଞ୍ଜପା ତାସର ନାଲି ରଙ୍ଗ—
Dhāu ranga 1. The red coloured cards of
धावा 'Gañjapā' game.
(ଢାଉରଙ୍ଗ—ଅନ୍ୟରୂପ) ୨ । ଫିକା ନାଲି ରଙ୍ଗ—
2 Light red colour.
୩ । ଏକ ପ୍ରକାର ବଡ଼ ଜଙ୍ଗଲି ଗଛ—
3. A kind of wild timber tree; Ulmus Entegrifolia; Heloptelea; Integrifolia (Haines).

[ଦ୍ର—ଏଥିରେ କବାଟ ଆଦିର ପଟା ହୁଏ । କାଠ ଈଷତ୍ ନାଲି । ଏହା ଭୁରୁମ ଜାତୀୟ ଗଛ ।]

ଢାକ—ଦେ. ବି. (ସ. ଢକ୍କା)—
Dhāka ବୃହତ୍ ଢୋଲ—
ঢাক Big kettle drum.
ढका

ଢାକା—ଦେ. ବି. (ନାମ)—ପୂର୍ବବଙ୍ଗର ରାଜଧାନୀ—
Dhākā Dacca.
ঢাকা **ढाका**
(ଢାକ୍କା—ଅନ୍ୟରୂପ)

ଢାକା(କେ)ଇ—ଦେ. ବଣ—ଢାକାଠାରେ ନିର୍ମିତ—
Dhākā(ke)i Manufactured in Dacca.
ঢাকাই **ढकाइ**
(ଢକ୍କାଇ, ଢାକ୍କେଇ, ଢାକ୍କେଇ—ଅନ୍ୟରୂପ)

ଢାକରି—ପ୍ରାଦେ. (ଗଞ୍ଜାମ) ବି—୧ । ଜଗୁଆଳ; ଜଗୁଆ—
Dhākari 1. Watchman.
୨ । ଯତ୍ନ—2. Care.

ଢାଗା—ଦେ. ବି. (ସ. ଟଙ୍କନ)—
Dhāgā ଲୁଗାରେ ସିଧା ସିଲେଇ; ଦୂରଦୂରିଆ କରି ଟାଙ୍କି ମାରି
টাঁকা କରାଯିବା ସିଲେଇ—Single stitch.
धागा

ଢାଗା ଗଳା(ଳେ)ଇବା—ଦେ. କ୍ରି—ଖୁବ୍ ଦୂରଦୂରିଆ କରି ଢାଗା
Dhāgā galā(le)ibā ଦେଇ ସିଲେଇ କରିବା; ଲୁଗାରେ
টাঁকা ଗୋଟିକିଆ ସିଲେଇ କରିବା—
धागा मारना To make a single stitch.
(ଢାଗା ମାରିବା, ଢାଗା ଦେବା—ଅନ୍ୟରୂପ)

ଢାଗୁଆ—ପ୍ରାଦେ. (ଯାଜପୁର) ବି—ଅଟୁ ଘର—
Dhāguā A thatched house with an inner mud-covered roof.

ଢାଙ୍କିଢୁଙ୍କି—ଦେ. ବଣ. (ସ୍ୱରୂପର ଶବ୍ଦ)—
Dhāṅkidhuṅki ଭଲରୂପେ ଆବୃତ—
Well covered; well concealed.

ଢାଙ୍କିବା—ଦେ. କ୍ରି. (ସ ଢୌକ୍ ଧାତୁ=ଆବରଣ; ଢକ୍ ଧାତୁ=
Dhāṅkibā ଲୁଗାଇବା)—୧ । ଢାଙ୍କିବା; ଆଚ୍ଛାଦନ କରିବା;
টাকা ଘୋଡ଼ାଇବା—1. To cover.
ढाँकना, ढकना, ढाँपना ଶବର କବଚେ ଢାଙ୍କଇ ।
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୨ । ଲୁଗାଇବା—2. To conceal; to hide.
୩ । ଉପରେ ମାଡ଼ିଯିବା—3. To overspread.
୪ । ଆବୃତ କରିବା; ଓଢ଼ଣା ପକାଇବା—
4. To veil.
୫ । (ଆଖି ପତାକୁ) ଘୋଡ଼ାଇ ଦେବା; ମୁଦ ଦେବା, ବୁଜିବା-
5. To close (the eye lids).
ଢାଙ୍କି ପକ୍ଷ ପେଟ ପୁଣି ରତ୍ନ ଦେଲା । କବିସୂର୍ଯ୍ୟ, ସଙ୍ଗୀତ ।

ଢାଙ୍କୁଣୀ—ଦେ. ବି. (ସ. ଢୌକ ଧାତୁ=ଆବରଣ)—
Dhāṅkuni ୧ । ଘୋଡ଼ଣୀ—1. A cover.
ঢাকনী ନୟନ ଇନ୍ଦୁବଦନ ନଳିନ ଢାଙ୍କୁଣୀ ।
ढकनी ଭ୍ରାତୀ. ଇନ୍ଦୁମଙ୍ଗଳ ।
୨ । ଆବରଣ; ସରପୋଷ—2. A lid.

ଢାଙ୍କେନ—ପ୍ରାଦେ. (ସମ୍ବଲପୁର) ବି—ଢାଙ୍କୁଣି (ଦେଖ)
Dhāṅken Dhāṅkuni (See)

ଢାଞ୍ଚା—ଦେ. ବି. (ସ. ସ୍ଥା॰)—୧ । ନମୁନା—
Dhāñchā 1. Pattern.
টাঁচা ୨ । ଢଙ୍ଗ; କ୍ରମ, ଶୈଳୀ; ଧରଣ—
ढाँचा 2. Manner; mode; style,

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ।

୩ । ଢଙ୍ଗ; ଆଚରଣ; ଚାଲିଚଳନ—
3. Mien; behaviour; fashion.
୪ । ଆକୃତି—4. Appearance; shape.
୫ । ଥାଟ; କୌଣସି ବସ୍ତୁର ଗଢ଼ା ହେବା ପୂର୍ବରୁ ନିର୍ମିତ ସ୍ଥୂଳରୂପ—
5. Frame-work.
୬ । ଗଢ଼ଣ—6. Build; make.

ଢାପ୍ନି—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ଏହି ଅର୍ଥରେ ଚପଣି)—
Ḍhāpni ଢାଙ୍କୁଣି; ଆବରଣ—Cover; lid.
(ଢାପନ୍—ଅନ୍ୟରୂପ)

ଢାପ—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି. (ସଂ. ଢକ୍କା)—
Ḍhāpa ଢୋଲ—Drum.

ଢାପିବା—ପ୍ରାଦେ. (ସମ୍ବଲପୁର) କ୍ରି —ଢାଙ୍କିବା, ଘୋଡ଼ାଇବା—
Ḍhāpibā To cover with a lid.

ଢାବଲ୍—ଦେ. ବି.—ବେପାରୀମାନଙ୍କର ବାଣିଜ୍ୟ ବସ୍ତୁ (କିରାସିନି; ଲଣ୍ଠନ
Ḍhābal ଆଦି) ଆସିବାପାଇଁ ପତଳା ଦେବଦାରୁ ଆଦି ପଟାରେ
बीक्स ତିଆରି ବଡ଼ ବଡ଼ କାଠର ବାକ୍ସ—Big boxes meant for packing merchandise in.

ଢାବଲାହାତିଆ—ପ୍ରାଦେ. (ଯାଜପୁର) ବିଣ—ବ୍ୟୟଶୀଳ; ଅତିରିକ୍ତ
Ḍhābaḻāhatiā ଦାନଶୀଳ—Spendthrift.

ଢାବା—ପ୍ରାଦେ. (ସିଂହଭୂମ) ବି.—ଅଟ୍ଟଘର; ଦୋମହଲା ଚାଳଘର—
Ḍhābā The clay roof of a double roofed thatched house.

ଢାବୁଆ—ପ୍ରାଦେ. (କେନ୍ଦୁଝର) ବି.— ପ୍ରାଚୀନ କାଳର ପ୍ରଚଳିତ ଓଜନ-
Ḍhābuā ବିଶେଷ—A standard of weight used in ancient times equal to 16 masas.
[ଦ୍ର —ଏହାର ପରିମାଣ ୧୬ ମସା ।]

ଢାମ—ଦେ ବି.—ଢମ (ଦେଖ)
Ḍhāma Ḍhama (See)

ଢାମଣ—ଦେ. ବି.—ଧାମଣ (ଦେଖ)
Ḍhāmaṇa Ḍhāmaṇa (See)

ଢାମଣା—ଦେ ବି.—୧ । ଧାମଣ (ଦେଖ)
Ḍhāmaṇā 1. Ḍhāmaṇa (See)
୨ । ଢମଣା (ଦେଖ)—2. Ḍhamaṇā (See)

ଢାମ୍ପ—ଦେ. ବି.—(ଅ. ଦଫ୍) ଅନଦ୍ଧ ବାଦ୍ୟବିଶେଷ; ଡେମ୍ପ—
Ḍhāmpa A kind of drum.
ডংফ डफ
(ଢାମ୍ପ—ଅନ୍ୟରୂପ)

ଢାମ୍ପିବା—ଦେ. କ୍ରି. (ସଂ. ପିଧାନ Beams)—ଢାଙ୍କିବା (ଦେଖ)
Ḍhāmpibā Ḍhāṅkibā (See)

ଢାଲ—ସଂ. ବି.— ତରବାରି ଆଘାତରୁ ରକ୍ଷା ପାଇବା ନିମନ୍ତେ ଦୁର୍ଭେଦ୍ୟ
Ḍhāḻa ଚର୍ମନିର୍ମିତ ଦେହରକ୍ଷକ ଫଳକ; ଢାଲ—Shield.

ଢାଲ ପୃଥୁଳ ବିଶାଳ ରୁଚି ହରିତାଳ ସୁସଜ୍ଜିତ ଢାଲସ୍ତମ୍ଭରେ ।
କବିସୂର୍ଯ୍ୟ ସଙ୍ଗୀତ ।

ଦେ. ବି.—୧ । ଧାତୁନିର୍ମିତ ଛୋଟ ଜଳପାତ୍ର ବା ଘଟି; ଲୋଟା—
घटि 1. Narrow mouthed metal water pot;
लोटा लोटिया small jug.
ঢালা ୨ । ଅଜାଡ଼ିବା କର୍ମ—
ঢালা 2. Act of pouring.
୩ । ଛପରଣୀ—3. Thatching.
୪ । ଏକ ଧାତୁମୟ ପାତ୍ର ଉପରେ ଅନ୍ୟ ଧାତୁମୟ ଦ୍ରବ୍ୟକୁ ଢାଳିବା କ୍ରିୟା; ପୁଟ—4. Laying a thin layer over some metal article.
ପ୍ରାଦେ. (ବାଲେଶ୍ୱର ପ୍ରାନ୍ତ)—ଚୋଲାଭଣୀ—
A concave earthen pan.

ଢାଲ—ସଂ. ବି.—ଢାଳ (ଦେଖ)
Ḍhāla Ḍhāḻa (See)

ଭୁମ୍ଭ ଯୋଗ୍ୟ ଢାଲ ସିନା ଚକ୍ରାର, ଲୋକେ ।
ରଘୁନାଥ, ମହାଯାତ୍ରା ।

ପ୍ରାଦେ. (ଗଡ଼ଜାତ) ବି.— ମୟୂରର ବ୍ୟଜନାକୃତି ପକ୍ଷ—
Peacock's feather.

ଢାଳଦେବା—ଦେ. କ୍ରି —ଧାତୁ ନିର୍ମିତ ବସ୍ତୁରେ ଅନ୍ୟ ଧାତୁର ଦ୍ରାବକର
Ḍhāḻa debā ଲେପ ଦେବା—To overlay a thin layer
जल देआ of molten metal over an article of
फैलाना another metal.

ଢାଳା—ପ୍ରାଦେ. (ଗଞ୍ଜାମ) ବି.—ଆଶା; ଭରସା—
Ḍhāḻā Hope.

ଢାଳିଆ—ଦେ. ବିଣ.—୧ । ବିସ୍ତୃତ—
Ḍhāliā 1. Extended.
ଦେ. ବି.—ଢମା—2. An impervious bamboo basket.

ଢାଳିବା—ଦେ. କ୍ରି. (ସଂ. ଢ୍ୱାଳ ଧାତୁ=ଗଳନ)—୧ । କୌଣସି
Ḍhāḻibā ତରଳ ପଦାର୍ଥକୁ ପାତ୍ରାଦିରୁ ଉପରୁ ତଳକୁ ପକାଇବା;
ঢালা ଅଜାଡ଼ିବା; ଗଡ଼ିବା— 1. To pour out; to spill.
ढालना, ढारना, ढरकाना ढलकाना

ଢାଳେ ତୁ ଢାଳିଲୁ ନାହିଁ କୃପା-ସୁଧାସରିକ ।
କବିସୂର୍ଯ୍ୟ, କଶୋଧନମ୍ ଚ ଗୀତ ।

[ଦ୍ର —କୌଣସି ତରଳ ପଦାର୍ଥ ଥିବା ପାତ୍ରର 'ମୁହଁ' ପାଖକୁ ଅଣାଇ ଦେଇ ବା ଲେଉଟାଇ ପାତ୍ରରେ ଥିବା ତରଳ ପଦାର୍ଥକୁ ଢାଳିବାକୁ ହୁଏ । ବେଶି ପରିମାଣରେ ଢାଳିବାକୁ ଅଜାଡ଼ିବା କହନ୍ତି ।]

ढालना ୨ । ଧାତୁ ଇତ୍ୟାଦିକୁ ତରଳ କରି ଛାଞ୍ଚରେ ଢାଳିବା—
2. To pour molten metal into a mould; to cast in a mould.

:	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଞ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍

୩ । (ସଂ. ଢୁଲ୍ ଧାତୁ) ଚାମର ଆଦି ଉଭୟତଃ ଚାଳନ କରିବା– 3. To wave a chowrie (or fan).

ଫୁଲ ଛତ ଫୁଲ ଅଳଃ ଚାମର ଫୁରୁଣାରେ ଧରି ଜଣେ,
ବେନି ପାଶରେ ମନ୍ଦେ ମନ୍ଦେ ଢାଳିବା କି କହିବି ବଚନରେ ।
ରାଜକୃଷ୍ଣ- ଜଗମୋହନ ।

୪ । ବର୍ଷାକାଳ ପ୍ରଚୁର ପରିମାଣରେ ବର୍ଷା— 4. To rain cats and dogs; to rain incessantly.
(ଯଥା—ମେଘ ପଦ୍ଧରେ ଦେଇ ଢାଳୁଛି ।)

୫ । ଅଜସ୍ର ଅର୍ଥ ବ୍ୟୟ କରିବା— 5. To spend money like water.
(ଯଥା —ସେ ଏହି ମକଦ୍ଦମାରେ ଟଙ୍କା ଢାଳିଦେଲା ।)

୬ । ଅଜସ୍ର ଅଜାଡ଼ିବା—6. To pour out profusely.
(ଯଥା—ମୋ ପତ୍ରରେ ଖିରିପିଠା ଢାଳି ଦେଇଗଲେ ।)

୭ । (ଢଳିବାର ଣିଜନ୍ତ ରୂପ) (ଅପାଙ୍ଗ, ଦୃଷ୍ଟି) କୌଣସି ପାଖକୁ ବୁଲାଇବା—7. To cast (a look: or glance) to one side.

ଚଞ୍ଚଳ ନୟନ ଦେ ଥରେ ଢାଳ । କବିସୂର୍ଯ୍ୟ- ସଙ୍ଗୀତ ।

୮ । (ମୁହଁ) ତଳକୁ କରିବା— 8. To lower (the face).

କି କରି ଅନାଏ ବଦନ ଢାଳ । ଉଞ୍ଜ- ସୁବର୍ଣ୍ଣରେଖା ।

୯ । (ପ୍ରାଣ) ସମର୍ପଣ କରିବା; ଉତ୍ସର୍ଗ କରିବା; ଅକାତରରେ ଅର୍ପଣ କରିବା—9. To surender or offer unconditionally.

ପରଛନ୍ଦରୂପେ ସୈନ୍ୟ ନେଇ ସଙ୍ଗେ
ଅଙ୍ଗ ଢାଳୁଥିଲ ଯେ ରଣ-ରଙ୍ଗେ । ରାଧାନାଥ- ଦରବାର ।

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଢାଳିଯିବା—ଦେ. କ୍ରି—୧ । ଢାଳିବା କ୍ରିୟାର କର୍ମବାଚ୍ୟ ରୂପ ଅଜାଡ଼ି
Dhā lijibā ହେବା—1. To be poured out; to be spilt.
ଢାଳିହୋଇଯିବା } ଅନ୍ୟରୂପ ୨ । ମନକୁ ଉଛୁଳିଯିବା—
ଢାଳିହେବା । } 2. To be spilt out of its own accord.
(ଯଥା—କାଳସଢ଼ ଅସମତଳ ଭୂମିରେ ରଖାଯିବାରୁ ଢାଳଯାକ ଢାଳିଗଲା ।)

ଢାଳି ହେବା—ଦେ. କ୍ରି—ନିଜ ଉପରେ ନିଜେ ପାଣି ଢାଳି ଗାଧୋଇବା—
Dhāli hebā To pour water on one's head or other limb for bathing.
୨ । ଢାଳିଯିବା (ଦେଖ)—Dhālijibā (See)

ଢାଳି ହୋଇଯିବା—ଦେ. କ୍ରି—ତରଳ ବସ୍ତୁ ପାତ୍ରରୁ ଅଜାଡ଼ି ହୋଇଯିବା
Dhāli hoijibā ପାଣି ଆଦି ପାତ୍ରରୁ ବୋହିଯିବା—
ঢেলেযাওআ To flow away from a pot; to be
ढलकना, ढलना spilt.

ଢାଲୀ—ଦେ. ବିଣ—ଢାଲଧାରୀ; ଢାଲ ପିନ୍ଧିଥିବା—
Dhālī Armed with a shield; wearing a
ঢালকী shield.

ଢାଲୁ—ଦେ. ବିଣ. (ସଂ. ଢାଲ ଧାତୁ=ସ୍ଖଳନ; ସଂ. ଧାର)—
Dhālu ଗଡ଼ାଣିଆ; କ୍ରମନିମ୍ନ; ପାହାଚିଆ—
ঢালু Sloping; inclined; slanting.
ढार, ढाल्ल ବି— ଗଡ଼ାଣି; ଗଡ଼ାଣିଆ ଜାଗା; କ୍ରମନିମ୍ନତା— Inclination; slope.

ଢାଲୁଆ—ଦେ. ବିଣ—ଢାଲୁ (ଦେଖ)
Dhālua Dhālu (See).

ଢାଲୁଆ ମୟୂର—ପ୍ରାଦେ. (ଗଡ଼ଜାତ) ବି—ଅଣ୍ଡିରା ମୟୂର; ଯେଉଁ
Dhāluā mayūra ମୟୂର ପଛଆଡ଼େ ଢାଲ ବା ପଙ୍ଖା ପରି ପକ୍ଷ ଥାଏ—A male peacock; a peacock whose tail feather is spread like a fan or shield.

ଢାଲୁ କାଟିବା—ଦେ. କ୍ରି—କୌଣସି ସ୍ଥାନକୁ କାଟି କ୍ରମନିମ୍ନ କରିବା—
Dhālu kāṭibā To cut a place into a
ঢালুকরা slope.
ढाल्लुकाटना

ଢାଲୁ ଗଡ଼ା(ଡ଼େ)ଇବା—ଦେ. କ୍ରି—ଢାଲୁ କାଟିବା (ଦେଖ)
Dhālu garḍā(rḍe)ibā Dhālu kāṭibā (See)

ଢାଳେ—ଦେ. (ପଦ୍ୟ) କ୍ରି. ବିଣ—୧ । (ଥରେ ମୁଣ୍ଡ ଢାଳିବାକୁ ଯେତେ
Dhāle ସମୟ ଲାଗେ, ସେତିକି ସମୟରେ); କ୍ଷଣକରେ; ଏକ ନିଃଶ୍ୱାସରେ—1. In the twinkling of the eye; in a moment; in a trice.

ଢାଳେ ପ୍ରଣୟ ବୃକ୍ଷ କଲ ଗୋଲାପୀ । ଗୋଲକ- ଉଦ୍ଭରେଖା ।

୨ । ଅନାୟାସେ; ଅକ୍ଲେଶରେ; ସହଜରେ—2. Easily

ଢାଳେ ଅସୁର ଗଲ ନାଶ । ବଳରାମଦାସ- କମଳଲୋଚନ ଚଉତିଶା ।

୩ । ନିଶ୍ଚୟରେ—3. Certainly.

ଢାଳେ ନଗର ଢାଳେ ବନ୍ଦର ଦର୍ଶନ ଦେଲୁ କରେ ।
ଉଞ୍ଜ- କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୪ । ଥରେମାତ୍ର; ବାରେ—4 Only once.

ଢାଳେ ତ ଡାକିଲୁ ନାହିଁ କୃପା ସୁଧାଞ୍ଚଳ କରେ ।
କବିସୂର୍ଯ୍ୟ- କଶୋରଚନ୍ଦ୍ର ଚ ଗୀତ ।

୫ । ଟିକିଏ ମାତ୍ର; ଅଳେ—5. A little.

୬ । ଦୃଷ୍ଟିମାତ୍ରକେ; କଟାକ୍ଷମାତ୍ରରେ—6. At a glance.

একবাটি ବିଣ—ଏକ ଢାଳ ବା ଘଟିପରିମିତ—
एकलोटा A small metal jug of (water).
(ଯଥା—ଢାଳେ ପାଣି ।)

ଢି—ଦେ. (ଧ୍ୱନ୍ୟନୁକରଣ) ଅ—ଢି ଢା (ଦେଖ)
Dhi Dhi dhā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମାନଙ୍କରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଣା' ନ ପାଇଲେ 'ଅଗ୍ନା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଢିଇମାଈ—ପ୍ରାଦେ. (ଗଡ଼ଜାତ) ଅ—ଯେଉଁ ପକ୍ଷ ଖେଳରେ ଜିତେ, Dhiimāī ସେ ପକ୍ଷର ହାରିବା ପକ୍ଷକୁ ଲକ୍ଷ୍ୟ କରି ବ୍ୟଙ୍ଗରେ (ଢିଇମାଇ—ଅନ୍ୟରୂପ) ବୋଲିବା ଆପଣାର ଜୟୋଲ୍ଲାସ ସୂଚକ ପଦ—Exclamation uttered by a winning party in a game

ଢିଁଢିଁ—ଦେ. (ଧ୍ୱନ୍ୟନୁକରଣ) ଅ—ଅଧୋବାୟୁର ଶବ୍ଦ—
Dhiṅdhiṅ Sound of passing wind.
ଟିଁଟାଁ [ଦ୍ର—ଏହା ଢିଁଢିଁ ଅପେକ୍ଷା ଅନୁଚ୍ଚ ଶବ୍ଦ ।]

ଢିକା—ସ୍ତ୍ରୀ. ବି. (ସଂ. ଧୁକ୍ଷ, ଧୁକ୍ଷ ଧାତୁ=କ୍ଲେଶନ)—କ୍ଷଣକେ ବନ୍ଦ Dhikā ହୋଇ ପରକ୍ଷଣରେ ତୀବ୍ରଭାବରେ ଅନୁଭୂତ ବେଦନା—
ବ୍ୟଥା Throbbing pain
टीस (ଯଥା—ମୋ ଅଣ୍ଟାରୁ ଢିକା ଉଠୁଛି ।)

ଢିକାଘେନିବା—ଦେ. କ୍ରି—ଅଣ୍ଟା ପିଠି ଯୋଡ଼ି ହେବା—
Dhikāghenibā Throbbing pain in the limbs.
ব্যথাকরা ଥୋଇବାରେ ତାହା କରି ମୋ ବଥାଇଲା
टीसमारना ଅଣ୍ଟାଠାରୁ ଢିକା ଯେ ପିଠିକି ଘେନିଲା ।
ଢିକାଉଠିବା }
ଢିକାମାରିବା } କୃଷ୍ଣସିଂହ. ମହାଭାରତ ସଭା ।

ଢିଙ୍କି—ଦେ. ବି. (ସଂ. ଢେଙ୍କ=ବକ ଜାତୀୟ ପକ୍ଷୀ, ବଡ଼ିଆକାଙ୍କ, ଏହାର Dhiṅki ଅନୁରୂପ ବଡ଼ିଅକାଙ୍କର ବେକ ସହିତ ଏହାର ଅନୁରୂପ ଥିବାରୁ ସଂ. ଢକ୍କ ଧାତୁ=ଆଘାତ) ଧାନ ଆଦି କୁଟିବା
ঢেঙ্কী
धनकुट्टी ढेंकली, ढेंकी ପାଇଁ ବ୍ୟବହୃତ ପାଦ ଚାଳିତ ସ୍ଥୂଳ ଗୋଲ କାଷ୍ଠଯନ୍ତ୍ରବିଶେଷ—A husking pedal block with lever arrangements; Dhenki
ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନକୁଟା ।—ପ୍ରବଚନ ।
[ଦ୍ର—ଏହା ଲମ୍ବରେ ୪।୫ ହାତ ଓ ଏଥିର ବ୍ୟାସ ଏକ ଫୁଟ । ଏହାର ମୁଣ୍ଡ ପାଖରେ ଗୋଟିଏ ପାହାର ଓ ଅଣ୍ଟାରେ ଗୋଟିଏ ପକ୍ଷ ଲାଗିଥାଏ । ଉଦୂଖଳ ମୁଷଳକୁ ପାଦୁରାଣୀ ଯନ୍ତ୍ର କହନ୍ତି । ବୈଦିକ କାଳରେ (ଅଦ୍ୟାବଧି ମଧ୍ୟ ଦକ୍ଷିଣ ଓ ପଶ୍ଚିମରେ) ଧାନ କୁଟିବା ନିମନ୍ତେ ଉଦୂଖଳ (କାଠରେ ନିର୍ମିତ ଗୋଟିଏ ବଡ଼ ପାତ୍ର) ଏବଂ ମୁଷଳ (୫।୬ ଫୁଟ ଉଚ୍ଚ କାଠର ଗୋଟିଏ ଠେଙ୍ଗା) Pestle and mortar) ବ୍ୟବହାର କରାଯାଉଥିଲା । ବଙ୍ଗ ଓ ଓଡ଼ିଶାରେ ଢିଙ୍କି ପ୍ରାଚୀନ ଉଦୂଖଳ ମୁଷଳର କାର୍ଯ୍ୟ କରୁଅଛି । ଉଦୂଖଳରେ ଧାନ ଆଦି ଶସ୍ୟକୁ ଭରିକି କରି ମନୁଷ୍ୟ ଠିଆ ହୋଇ ମୁଷଳକୁ ଦୁଇ ହାତରେ ଉଠାଇ ପକାଇ ଧାନ କୁଟେ । ଢିଙ୍କିକୁ ମନୁଷ୍ୟ ଗୋଡ଼ ଦ୍ୱାରା ଚଳାଇ ଧାନ କୁଟେ । ଉଦୂଖଳ ମୁଷଳରେ ଜଣେ ଲୋକ ଧାନ କୁଟି ପାରେ, କିନ୍ତୁ ଢିଙ୍କିରେ ଅନ୍ତତଃ ଜଣେ କୁଟିବା ପାଇଁ ଓ ଜଣେ ଖୁଆଇବା ପାଇଁ ଏପରି ଦୁଇ ଜଣ ଦରକାର । ଶ୍ରମାପନୋଦନାର୍ଥ ଢିଙ୍କି କୁଟାଳିମାନେ ଗୀତ ବୋଲନ୍ତି । ଢିଙ୍କିଦ୍ୱାରା ଧାନ କୁଟି ଚାଉଳ କରାଯାଏ । ଚାଉଳ, ଲଙ୍କା ଆଦି କୁଟି ଚୂନା କରାଯାଏ ଏବଂ ଧାନକୁ କୁଟି ଚୂଡ଼ା ମଧ୍ୟ କରାଯାଏ । ଧାନକୁଟା ଢିଙ୍କି ଅପେକ୍ଷା ଚୂଡ଼ା କୁଟା ଢିଙ୍କି ଶ୍ରେଷ୍ଠ ଓ ହାଲୁକା । ଉଦୂଖଳ ମୁଷଳ ଅପେକ୍ଷା ଢିଙ୍କିଦ୍ୱାରା ବେଶି ପରିମାଣରେ ଓ ଶୀଘ୍ର ଧାନ କୁଟି ହୁଏ । ଢିଙ୍କି ନାରଦଙ୍କ ଯାନ ବୋଲି ଲୌକିକ ବିଶ୍ୱାସ ।]

ଢିଙ୍କିଅ—ଦେ. ବି (ସଂ. ଢେଙ୍କ=ବଡ଼ିଆକାଙ୍କ ବା ବଗ; ଏହାର ଗଢ଼ଣ Dhiṅkiā ବଡ଼ିଅକାଙ୍କ ପରି ହୋଇଥିବାରୁ)—
ফিরকি ୧ । କବାଟ ଓ ଝରକାକୁ ବନ୍ଦ କରିବା ପାଇଁ ବ୍ୟବହୃତ
ठेंगुर, ढेली, छौगना, लंगर ଢିଙ୍କି ଆକୃତିବିଶିଷ୍ଟ ଜୁକୁଡ଼ି; ଛିଟିକଣୀ—
1. A hook or trigger-like contrivance for fastening doors and windows.
ढिंगर ୨ । ଦୁଷ୍ଟ ଗୋରୁଙ୍କ ବେକରେ ଓହଳାଯିବା ଗୋଟିଏ କାଠ-ଖଣ୍ଡ—2 A clog attached to the neck of wild or restless cattle to impede their motion.
[ଦ୍ର—ଏହା ବେକରେ ବନ୍ଧା ହେଲେ ଗୋରୁ ତହିଁର ଭାର ଦ୍ୱାରା ଆକ୍ରାନ୍ତ ହୋଇ ଦଉଡ଼ିପାରେ ନାହିଁ ।]
୩ । ଢପିଢିପା ୨ (ଦେଖ)
3. Ḍhipiḍhipā 2 (See).
ବିଣ—୧ । ଢିଙ୍କି ଆକୃତିବିଶିଷ୍ଟ—
1. Like a 'Ḍhiṅki.
୨ । ଲମ୍ବ—2. Long; large.
ପ୍ରାଦେ (ଗଡ଼ଜାତ) ବି—(ଏମାନଙ୍କ ଆଗପାଖ ଢିଙ୍କି ପରି ଜମ୍ବୁ ଥିବାରୁ)—ହେଣ୍ଟା—Hyena.

ଢିଙ୍କିଅ କିମ୍ଭୀର—ଦେ. ବି—ଢିଙ୍କି ଆକୃତିବିଶିଷ୍ଟ ଦୀର୍ଘାକାର କୁମ୍ଭୀର—
Ḍhiṅkiā kimbhira A big alligator compared to a (ଢିଙ୍କିଅ କୁମ୍ଭୀର—ଅନ୍ୟରୂପ) dhiṅki in length and girth.

ଢିଙ୍କିଅ ଦଳ—ଦେ. ବି—ଏକପ୍ରକାର ଜଳଜ ଲତା—
Ḍhiṅkiādaḷa A species af Nephrolipis (a very thick aquatic fern like the English Braken ; Crinum defiaxum crinum Asiaticum.
[ଦ୍ର—ଏହାର ନାଡ଼ ବହୁ ଦୂରକୁ ସୁଅ ନ ଥିବା ପାଣି ଉପରେ ମାଡ଼େ ଓ ସେଥିରୁ ଗୋଟିଏ ଲେଖାଏ ୨ ଠାରୁ ୩ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ପତ୍ରାକୃତି ଡାଳ ବାହାରଥାଏ ।]

ଢିଙ୍କିଅ ବାଘ—ପ୍ରାଦେ. (ଗଡ଼ଜାତ) ବି—ହେଣ୍ଟାବାଘ—
Ḍhiṅkiā bāgha Hyena.
[ଦ୍ର—ଏମାନଙ୍କ ଅଗ ପାଖ ଢିଙ୍କିପରି ଜମ୍ବୁ ଅଟେ ।]

ଢିଙ୍କିଅ ବାତ—ଦେ. ବି—ଏକ ପ୍ରକାର ବାତ, ଯାହା ଆକ୍ରମଣରେ ରୋଗୀ Ḍhiṅkiā bāta ସର୍ବଦା ଭୂମିରେ ଲମ୍ବ ହୋଇ ପଡ଼ି ରହେ—

ଢିଙ୍କିଅ ଲାଉ—ଦେ. ବି—ଏକଜାତୀୟ ଲମ୍ବ ଓ ବଡ଼ ଲାଉ—
Ḍhiṅkiā lāu A kind of bottle gourd (large
বড়লাউ and long); lagenaria vulgaris.
लम्बाघिया ଢିଙ୍କିଅ ଲାଉ, ଟେକିତାକୁ ଦେଲେ ପୀଡ଼ାକୁ ଯାଇ । ଢଗ ।

୧	ଢ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇପ୍ସ	ତ୍ଥ	ଲ୍ଲ
୨	ଝ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ରଥ	ଞ୍ଜ	ନ୍

[ଦ୍ର—ଏ ଲତା ଥରେ ପିଢ଼ାରେ ମାଡ଼ିଲେ ବେକ୍ ଫଳେ । ପାକଳ ଲାଉର ମୁଣ୍ଡ ପାଖରୁ କାଟି ତଦ୍ୱାରା ଯୋଗୀମାନେ ଥାଳ କରନ୍ତି ଓ ସୀତାରର ହାଣ୍ଡି ହୁଏ । ଢିଙ୍କିଆ ଲାଉ ଗଛକୁ ନିର୍ଲଜ୍ଜ ବ୍ୟକ୍ତି ସଙ୍ଗେ ଉଗରେ ଇତର ଲୋକେ ତୁଳନା କରିଥାନ୍ତି । ଏଥିପାଇଁ ନିର୍ଲଜ୍ଜ ବ୍ୟକ୍ତିକୁ ଲକ୍ଷ କରି ଉକ୍ତ ଉଗ ବୋଲି ଯାଇଥାଏ ।]

ଢିଙ୍କି ଓଷା—ଦେ. ବି—ଭାଲୁକୁଣୀ ଓଷା; ଖୁଦୁରୁକୁଣୀ ଓଷା; ଭାଦ୍ର
Ḍhiṅki oshā ମାସରେ ପ୍ରତି ରବିବାର ଦିନ ଅବିବାହିତା ଖଣ୍ଡାଏତ, କରଣ ଓ ଅନ୍ୟ ଶୂଦ୍ର କନ୍ୟାମାନେ ଢିଙ୍କିକୁ ପୂଜା କରିବା ଓଷା—A festival observed by unmarried Śūdra girls on the Sundays of the month of Bhādra.

ଢିଙ୍କିକୁଟା—ଦେ. ବି—ଢିଙ୍କିରେ କୁଟିବା କ୍ରିୟା—
Ḍhiṅkikuṭā Husking and pounding operations.
ঢেংককুটা
ढेंकिकुटा ଦେ. ବିଣ.—ଯାହା ଢିଙ୍କିରେ କୁଟା ହୋଇଥାଏ—
Pounded with the Ḍhenki.

ଢିଙ୍କିକୁଟା ପାଣିବୁହା—ଦେ. ବି (ଲକ୍ଷଣାର୍ଥ)—ଏକ ସମୟରେ ଜଣେ
Ḍhiṅkikuṭā pāṇibuhā ମନୁଷ୍ୟ ଉପରେ ଅନେକଗୁଡ଼ିଏ କାର୍ଯ୍ୟର ଭାର ପଡ଼ିଥିବାର ଅବସ୍ଥା—The state of a person having to perform many things at a time.
(ଯଥା—ତାକୁ ଢିଙ୍କିକୁଟା ପାଣିବୁହା ଲାଗିଛି ।)
[ଦ୍ର—ଘରେ କେହି ସାହାଯ୍ୟକାରୀ ନ ଥିଲେ ଘରର ବଧୂ ଧାନ କୁଟିବା କାର୍ଯ୍ୟ ଓ ସେତେବେଳେ ପାଇଁ କୂଅରୁ ବା ଗଡ଼ିଆରୁ ପାଣି ବୋହିବା କାର୍ଯ୍ୟ ଏପରି ଉଭୟ କାର୍ଯ୍ୟ କରିବାରୁ ବ୍ୟସ୍ତ ହୋଇ ପଡ଼େ । ଏହି ଅର୍ଥରୁ ଲକ୍ଷଣାର୍ଥର ସୃଷ୍ଟି ।]

ଢିଙ୍କି କୁଟାଳି—ଦେ. ବି. ପୁଂ. ଓ ସ୍ତ୍ରୀ—ଯେଉଁମାନେ ଢିଙ୍କିରେ
Ḍhiṅki kuṭāḷi କୁଟିବା କାର୍ଯ୍ୟ କରନ୍ତି—
Plying the 'Ḍhiṅki'.
ঢেংকিকোটা
ढिंकि कुटनेवाला

ଢିଙ୍କି କୁଟିବା—ଦେ. କ୍ରି—ଗୋଡ଼ ସାହାଯ୍ୟରେ ଢିଙ୍କିକୁ ଉଖଣ୍ଡି ଉତରୁ
Ḍhiṅki kuṭibā ଉପରକୁ ଉଠାଇ ପୁଣି ସେଥିରେ ପକାଇବା—
ঢেঙ্কিকুটা, ভানা To set a 'Ḍheṅki' going with the foot.
ढेंकि कुटना
[ଦ୍ର—ଜଣେ ବା ଦୁଇ ଜଣ ଲୋକ ଢିଙ୍କିଲାଞ୍ଜି ପାଖରେ ଠିଆ ହୋଇ ଗୋଟିଏ ପାଦ ତଳେ ରଖି ଅନ୍ୟ ଗୋଟିଏ ପାଦ ଲାଞ୍ଜି ଉପରେ ରଖି ପାଦର ଭରଦ୍ୱାରା ଲାଞ୍ଜିକୁ ତଳ ଆଡ଼କୁ ମାଡ଼ିଲେ ଢିଙ୍କିର ମୁଣ୍ଡରେ ଥିବା ମୁଷଳ ଉପରକୁ ଉଠିଯାଏ ଓ ପାଦକୁ ଛାଡ଼ିଦେଲେ ଢିଙ୍କି ଉଖଣ୍ଡି ଗାତରେ ମୁଷଳଟି ଦୁଲ୍‌କିନା ପଡ଼ିଯାଏ । ଏହିପରି ଉପର୍ଯ୍ୟୁପରି ପାଦଭରା ଦ୍ୱାରା ମୁଷଳକୁ ଉଠାଇବା ଓ ପକାଇବାକୁ କୁଟିବା ବୋଲାଯାଏ । ଢିଙ୍କି କୁଟାଳୀମାନେ ଗୋଟିଏ ଗୋଡ଼ରେ ଭଲେ ଠିଆ ହୋଇ ଅନ୍ୟ ଗୋଡ଼ରେ ଢିଙ୍କି କୁଟିବା ଯୋଗୁଁ ସେମାନଙ୍କର କୌଣସି ଅଶ୍ରମ ବା ଭରା ଲୋଡ଼ା ହୁଏ । ଏଥିପାଇଁ ଚୂଳରୁ ଓହଳ ଥିବା ଖଣ୍ଡେ ଦଉଡ଼ିକୁ ଧରି କିମ୍ବା ଢିଙ୍କିର ପଖୀ ଥିବା ସ୍ଥାନର ଦୁଇପାଖରେ ଦୁଇଖଣ୍ଡ ବଡ଼ ଖୁଣ୍ଟ ପୋତାଯାଇ ମନୁଷ୍ୟର ଛାତି ଉଚ୍ଚରେ ଖଣ୍ଡେ ଆଡ଼ ଧାରଣା ପଡ଼ିଥାଏ । ସେହି ଆଡ଼ ଧାରଣାକୁ ଆଶ୍ରା କରି କୁଟାଳୀ ଧାନ କୁଟନ୍ତି ।
ଧାନର ଚାଉଳ ବାହାର କରିବାକୁ ହେଲେ ଢିଙ୍କିକୁ ଆସ୍ତେ ଆସ୍ତେ କୁଟିବାକୁ ହୁଏ । ଚାଉଳ ଆଦିକୁ ଗୁଣ୍ଡା କରିବାକୁ ହେଲେ ଢିଙ୍କିକୁ ଦୁମ୍ ଦୁମ୍ କରି କୁଟିବାକୁ ହୁଏ । ରଗଡ଼ା ମୁଗକୁ କାଣ୍ଡିବାକୁ ହେଲେ ଢିଙ୍କି ପାହାର ଅଗରେ ପୁଳାଏ କୁଟା ଗୁଡ଼ାଇବାକୁ ହୁଏ ତାହାହେଲେ ଡାଲିଗୁଡ଼ିକ ଗୁଣ୍ଡା ହୋଇଯାଏ ନାହିଁ ।
ଢିଙ୍କି କୁଟିବାର ଶବ୍ଦ ଦୁଲ୍ ଦୁଲ୍ ବା ଦୁମ୍ ଦୁମ୍ । ଏ ଶବ୍ଦରେ ଘର, ଦ୍ୱାର, ସାହି ଓ ଗ୍ରାମ ଦୁଲୁକି ଉଠେ । ଏଥି ସଙ୍ଗେ ସମସ୍ତ ସମୟରେ ଢିଙ୍କିର ପଖୀ ଢିଙ୍କିଖୁଣ୍ଟର କନାରେ ଘଷିହୋଇ କେଁ କେଁ କଣି କଣି ଶବ୍ଦ ହୁଏ । ବଜୁରା ଧାନକୁ ସାମାନ୍ୟ ଉଷାଇଁ ଢିଙ୍କିଦ୍ୱାରା ଚୂଡ଼ା କୁଟାଯାଏ । ରାତି ନ ପାହୁଣୁ କେଉଟୁଣୀମାନେ ଚୂଡ଼ା କୁଟିବା ଆରମ୍ଭ କରନ୍ତି ଓ କେଉଟସାହିର ଅନେକଗୁଡ଼ିଏ ଢିଙ୍କି ପାହାରର ଦୁଲ୍ ଦୁଲ୍ ଶବ୍ଦ ଗ୍ରାମାନ୍ତରକୁ ମଧ୍ୟ ଶୁଭେ ।
ଢିଙ୍କି କୁଟିବା ବିଶେଷ ପରିଶ୍ରମସାଧ୍ୟ କାର୍ଯ୍ୟ । ଜେଲଖାନାରେ ଚୋରମାନଙ୍କୁ ଢିଙ୍କିଦ୍ୱାରା ନଡ଼ିଆକତାକୁ କୁଟିବା ଭଳି ଶ୍ରମସାଧ୍ୟ କାର୍ଯ୍ୟମାନ ଦିଆଯାଏ । ସାଧାରଣତଃ ସ୍ତ୍ରୀମାନେ ଢିଙ୍କି କୁଟନ୍ତି । ଢିଙ୍କି କୁଟିବା ପୁରୁଷଙ୍କୁ କୁଟାଳୀ ଓ ସ୍ତ୍ରୀମାନଙ୍କୁ କୁଟୁଣୀ ବୋଲାଯାଏ । ଆମ ଦେଶରେ ଗରିବ ସ୍ତ୍ରୀମାନେ ଅନ୍ୟ ଲୋକଙ୍କର ଧାନକୁଟି ଜୀବିକା ନିର୍ବାହ କରନ୍ତି । ଏଥିପାଇଁ ସ୍ତ୍ରୀଲୋକମାନେ କହିବା 'ମୁଁ ଧାନ କୁଟି ପୁଅକୁ ପାଳିବି' ବାକ୍ୟର ଅର୍ଥ ମୁଁ ଅତି ଦୁଃଖରେ ଅର୍ଥାତ୍ ପର ଘରେ ଢିଙ୍କିକୁଟା କାର୍ଯ୍ୟ କରି ମୂଲସ୍ୱରୂପ ଯାହା ପାଇବି ସେଥିରେ ପିଲାକୁ ପୋଷିବି । ।]

ଢିଙ୍କି କୁଟୁଣୀ—ଦେ. ବିଣ. ସ୍ତ୍ରୀ—ଢିଙ୍କି କୁଟିବା ସ୍ତ୍ରୀ; କୁଟୁଭୁଣୀ—
Ḍhiṅki kuṭuṇi Females who paddle the 'Ḍhiṅki'.
(ଢିଙ୍କି କୁଟୁଭୁଣୀ—ଅନ୍ୟରୂପ)
ঢেঁকী কুটনী, **ढिंकि कुटनेवाली**

ଢିଙ୍କିଖମ୍ବ—ଦେ. ବି—ଅର୍ଗଳୀ ବା କନା ହୋଇଥିବା ଦୁଇଟି ଖୁଣ୍ଟ, ଯାହା
Ḍhiṅki khamba ଭୂମିରେ ପୋତା ହୋଇଥାଏ ଓ ଯାହା
(ଢିଙ୍କିଖୁଣ୍ଟ—ଅନ୍ୟରୂପ) ଉପରେ ଢିଙ୍କିର ପଖ ରହେ—The side supports of a 'Ḍheṅki'.
ঢেঙ্কিপোআ

ଢିଙ୍କି ଖୁସୁରା(ରେ)ଇବା—ଦେ. କ୍ରି—ଢିଙ୍କି ସମକାଇବା (ଦେଖ)
Ḍhiṅki khusurā(re)ibā Ḍhiṅki samakāibā (See)

ଢିଙ୍କି ଖୁସେଇବା—ଦେ. କ୍ରି—ଢିଙ୍କି ସମକାଇବା (ଦେଖ)
Ḍhiṅki khuseibā Ḍhiṅki samakāibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଖୋ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଢିଙ୍କି ଗିଳା(ଲେ)ଇବା—ଦେ. କ୍ରି—କୌଣସି କଦାପି ଅସମ୍ଭବ ବା ନ
Dhinki gilā(le)ibā ପାରିବା ଭଳି କାର୍ଯ୍ୟ କରିବାକୁ ବାଧ
ঢেংকি গিলান କରାଇବା ଓ କହିବା—To force one to do something quite impracticable and impossible.

ଢିଙ୍କି ଗିଳିବା—ଦେ. କ୍ରି—କୌଣସି ଅସମ୍ଭବ କର୍ମ କରିବାକୁ ବାଧ
Dhinki gilibā ହେବା—To be forced to do something impossible.
ঢেঁকিগিলা
ବାପା ଭଣ ଢିଙ୍କି ଗିଳ—ପ୍ରବଚନ ।

ଢିଙ୍କିଗୀତ—ଦେ. ବି—ଢିଙ୍କି କୁଟିବା ସ୍ତ୍ରୀଲୋକମାନେ ଶ୍ରମାପନୋଦନ
Dhinkigita ବା ଅନନ୍ଦ ସକାଶେ ଯେଉଁ ଗୀତ ବୋଲନ୍ତି—Dhenki songs.
[ଦ୍ର—ଏଠାରେ ଢିଙ୍କି ଗୀତର ଗୋଟିଏ ଉଦାହରଣ ଦଆଗଲା । ଯଥା—

ଢୁଲ୍ ଢୁଲ୍ ଢିଙ୍କି ଶବଦ,
ବ୍ରହ୍ମା ନ ପାଇଲେ ତାହାର ଭେଦ ଲୋ (ଘୋଷା)
ଅମ୍ବ ତାହାଖଣ୍ଡି ଘୁଣ ଖାଇଗଲା ଲୋ, କରଞ୍ଜ ସରୁଠୁଁ ଟାଣ,
ଓନଅ ଫାରସା ସବୁ ମିଶାଇ ଲୋ, ସବୁ ଠାଣି ନେଲା ଲୁଣ ଲୋ । ୧ ।
କେଉଁଲ ନାକରେ ଫାସିଆ ହେଲେ ଲୋ, ଏଣୁ ଅ ନାକରେ ଗୁଣା,
ମଶା ଶୋଇଅଛୁ ଉଚ୍ଚ ପଲଙ୍କରେ, ମଞ୍ଚାର ଧରେ ବିଞ୍ଚଣା ଲୋ । ୨ ।
ଝୋଟିକେଇ କଣ୍ଢେଇ ବାପଘର ଗଲେ, ଛୁଞ୍ଚୁଣୀ କରିଛି ଘର,
କଂସା ଥାଳ ଗଲେ ଯାତରା ଦେଖି, ମତେ କଲା ବାତଜର ଲୋ । ୩ ।

ଢିଙ୍କିଚାଳି—ଦେ. ବି—ଯେଉଁ ଚାଳରେ ଢେଙ୍କି ବସିଥାଏ—
Dhinki chāli A leanto used for the 'Dhinki'.
ঢেংকিচালী

ଢିଙ୍କିଦ(ଧ)ମକା—ଦେ. ବି.—ଢିଙ୍କି ସମକା (ଦେଖ)
Dhinkida dha)makā Dhinki samakā (See)

ଢିଙ୍କି ଦ(ଧ)ମକା(କେ)ଇବା—ଦେ. କ୍ରି.—ଢିଙ୍କି ସମକାଇବା (ଦେଖ)
Dhinki da(dha,makā(ke)ibā Dhinki samakāibā (See)

ଢିଙ୍କି ଢୁଲୁକା—ଦେ. ବି.—ଢିଙ୍କି ସମକା (ଦେଖ)
Dhinki dulukā Dhinki samakā (See)

ଢିଙ୍କି ଢୁଲୁକା(କେ)ଇବା—ଦେ. କ୍ରି.—ଢିଙ୍କି ସମକାଇବା (ଦେଖ)
Dhinki dulukā(ke)ibā Dhinki samakāibā (See)

ଢିଙ୍କି ପକ୍ଷୀ—ଦେ. ବି.—ଢିଙ୍କିର ଅଗ ବା ମୁଣ୍ଡରୁ ପ୍ରାୟ ୩ ଭାଗ ଛାଡ଼ି
Dhinki pakshi ଢିଙ୍କିକୁ ଭଣା କରି ଯେଉଁ କାଠ ମଣ୍ଡାଯାଇ
ଆଡ଼ଶଳୀ ଥାଏ ଓ ଯାହା ଦୁଇ ପାଖକୁ ବାହାରି ଢିଙ୍କି ଖମ୍ବର ଅର୍ଦ୍ଧଚନ୍ଦ୍ରସ୍ଥରେ ପଶିଥାଏ—The wings of a 'Dhinki'.

ଢିଙ୍କିପଡ଼ିବା—ଦେ. ବି.—ଢିଙ୍କିର ମୂଷଳ ଭରଣ୍ଡି ମଧ୍ୟରେ ପଡ଼ିବା—
Dhinki pardibā The working of the 'Dhinki' pestle.
ঢেঁকি পড়া

ଢିଙ୍କି ପାହାର—ଦେ. ବି.—୧ । ଢିଙ୍କି ମୁଣ୍ଡରୁ ଅଳ୍ପ ଦୂରରେ ଭରଣ୍ଡିରେ
Dhinki pāhāra ପଡ଼ିବା ନିମିତ୍ତ ଲମ୍ବଭାବରେ ମୂଷଳାକାରରେ
ঢেকী মোনা ପଶିଥିବା କାଠ ଖଣ୍ଡ—
ঢিকোকা মুসা 1. The pestle of a 'Dhinki'.
(ଚେକ୍ତି ପାତୁସ୍ତାଣୀ—ଅନ୍ୟରୂପ) ୨ । ଢିଙ୍କିର ଅଘାତ—
2. A stroke of the Dhenki.

ଢିଙ୍କି ପେଟ—ଦେ. ବି.—ଢିଙ୍କି ପାହାର ଲାଗିଥିବା ସ୍ଥାନରୁ ପକ୍ଷୀ ଲାଗି
Dhinki peta ଥିବା ସ୍ଥାନପର୍ଯ୍ୟନ୍ତ ଅଂଶ —
ঢেঙ্কির পেট The middle part of a 'Dhenki'.

ଢିଙ୍କିବାଲି—ପ୍ରାଦେ. ବି. ସ୍ତ୍ରୀ—(କଟକ ସହର ପ୍ରଚଳିତ ଭାଷା)—
Dhinki bāli କୋଠାକାମ ପାଇଁ ଯେଉଁ ସ୍ତ୍ରୀଲୋକମାନେ ଢିଙ୍କିଦ୍ୱାରା ଚୂନ ସୁରୁକି ଆଦି କୁଟନ୍ତି—Women who work in pounding mortar and brick with the 'Dhenki'.

ଢିଙ୍କି ଭର—ଦେ. ବି.—ଯେଉଁ ଅଲଗୁଣି ବା ଓହଳିଥିବା ଦଉଡ଼ିକୁ
Dhinki bhara ଆଶ୍ରୟ କରି ଢିଙ୍କି କୁଟାଳୀମାନେ ଧାନ କୁଟନ୍ତି—A support for the workers in a 'Dhenki' while engaged in husking.

ଢିଙ୍କି ଭରଣ୍ଡି—ଦେ. ବି.—ଢିଙ୍କିର ମୂଷଳ ଯେଉଁ ଖାଲରେ ପଡ଼େ—
Dhinki bharāndi The mortar of a 'Dhenki'.
ঢেঙ্কি গড়

ଢିଙ୍କି ମୁଣ୍ଡ—ଦେ.ବି.—ଢିଙ୍କିର ଅଗଠାରୁ ପାହାର ଲାଗିଥିବା ପର୍ଯ୍ୟନ୍ତ ଅଂଶ—
Dhinki munda The head of a 'Dhenki'.
ঢেঙ্কি মাথা

ଢିଙ୍କି ମୁଣ୍ଡା—ଦେ. ବି.—ଢିଙ୍କିର ଭରଣ୍ଡି ଗାତ ତଳେ ଦଆ ଯାଇଥିବା
Dhinki mundā କାଠ (ବା ପଥର)ର ମୁଣ୍ଡିଆ—
গড়কাঠ The anvil (wood or stone) of a Dhenki.

ଢିଙ୍କି ମୂଷଳ—ଦେ. ବି.—ଢିଙ୍କି ପାହାର (ଦେଖ)
Dhinki mushala Dhinki pāhāra (See)

ଢିଙ୍କିରେ (ଧାନ ଆଦି) ଶୁଖା(ଖେ)ଇବା—ଦେ. କ୍ରି—ଢିଙ୍କିରେ କୁଟା
Dhinkire (dhāna etc) śukhā(khe)ibā ଯାଉଥିବା ଧାନ ଆଦିକୁ ଲେଉଟ ପାଲଟ କରିବା—To stir the contents of the mortar during the husking operation of the 'Dhenki'

[ଦ୍ର—ଢିଙ୍କିର ମୂଷଳ ଉପରକୁ ଉଠି ପୁନର୍ବାର ତଳକୁ ପଡ଼ିବା ମଧ୍ୟରେ ଯେଉଁ ଅଳ୍ପ ସମୟ ବ୍ୟବଧାନ ଥାଏ, ସେହି ସମୟରେ ଢିଙ୍କି ଭରଣ୍ଡିରେ ଥିବା ଧାନକୁ ହାତଦ୍ୱାରା ଏପରି ସାବଧାନ ହୋଇ ଲେଉଟ ପାଲଟ କରିବାକୁ ହୁଏ ଯେ ଢିଙ୍କିର ମୂଷଳ ଭରଣ୍ଡିରେ ପଡ଼ିବା ବେଳକୁ ହାତଟି ଭରଣ୍ଡି ଭିତରୁ ବାହାରି ଆସିଥାଏ । କଦବେ ସମ୍ମାନ ଲଗା ମୂଷଳ ଥରେ କରପୃଷ୍ଠରେ ପଡ଼ିଲେ

୧	ଇ	ଈ	ଋ,ଌ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇସ୍ର	ଉଥ	ଘ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଗ୍ୟଂ	ଇଥ	ୱ	ନ୍ତୁ

ହାତ କୁଟ ହୋଇଯିବ । ନଥି କର ଶୁଣାଉଥିବା ଲୋକଙ୍କ ହାତରେ ଅନେକ ସମୟରେ ଢିଙ୍କି ପଡ଼ିଯାଏ ।]

ଢିଙ୍କିରେ ପଣିବା—ଦେ. କ୍ରି—ଢିଙ୍କିରେ କୁଟାଯିବା ନିମନ୍ତେ ଧାନ ଆଦି
Dhinkire panibā ଆଣି ଢିଙ୍କି ଉଗ୍ରଣ୍ଡିରେ ଭରିବା—
ଢେଙ୍କିସେଁକା To fill the article to be husked in the mortar of the 'Dhenki'.

ଢିଙ୍କି ଲାଞ୍ଜି—ଦେ. ବି—ପଛିଠାରୁ ଢିଙ୍କି ଛମୁଣ୍ଡ ପର୍ଯ୍ୟନ୍ତ ଉପରସ୍ଥ
Dhinki lānji କ୍ରମନମ୍ର ଅଂଶ—The tail or pedal of
ଢେଙ୍କିଲେଜ a 'Dhenki'.
[ଦ୍ର—କୁଟାଳୀମାନେ ଏହା ଉପରେ ଗୋଡ଼ ଦେଇ ଢିଙ୍କିକୁ ଚାଳନ କରନ୍ତି ।]

ଢିଙ୍କିଲାଞ୍ଜି ଗାତ—ଦେ. ବି—ଢିଙ୍କିର ଲାଞ୍ଜି ତଳେ ଯେଉଁ ଗର୍ତ୍ତ ଥାଏ;
Dhinkilānji gāta ଢିଙ୍କିର ମୁଣ୍ଡ ଉପରକୁ ଉଠିବା ସମୟରେ ଢିଙ୍କି ଲାଞ୍ଜି ଯେଉଁ ଗାତ ଭିତରକୁ ପଶି ଥାଏ—
The hole below the tail of the 'Dhenki'.

ଢିଙ୍କିଶାଳ—ଦେ. ବି—ଯେଉଁ ଘରେ ଢିଙ୍କି ପଡ଼ି ଥାଏ—
Dhinkisāla The room set apart for the
ଢେଙ୍କିଶାଲ,ଢେଁକশাল 'Dhenki'.

[ଦ୍ର—ଢିଙ୍କି ଯେଉଁ ଘରେ ବସେ, ସେ ଘରେ ଢିଙ୍କି ଉଗ୍ରଣ୍ଡି ଗୋଟିଏ ଖୋଳାଯିବା ଓ ଖୁଣ୍ଟି ଦୁଇଟି ପୋତାଯିବା ଦରକାର ଥିବାରୁ ସେଥିପାଇଁ ଖାସ୍ ଗୋଟିଏ ଘର ବା ସ୍ଥଳ ସ୍ୱତନ୍ତ୍ର ରଖାଯାଏ ଓ ସେହି ଘରେ ଢିଙ୍କି ରହେ ।
ଢିଙ୍କିଶାଳରେ ଢେଙ୍କାନାଳ ଚର୍ଚ୍ଚା ନ୍ୟାୟ—
ଢିଙ୍କିଶାଳରେ କୁଟାଳୀମାନେ ଓ ଧାନ ଆଦି କୁଟୁଥିବା ବ୍ୟକ୍ତିମାନେ ଆପଣାର ପାରିବାରିକ, ସାମାଜିକ ବା ଗ୍ରାମୀୟ ବିଷୟର ଚର୍ଚ୍ଚା କରି ଥାଆନ୍ତି । ଢିଙ୍କିଶାଳରେ ଥିବା ବ୍ୟକ୍ତିମାନଙ୍କ ମୁହଁରେ ବହୁ ଦୂରଦେଶର ବିଷୟ ବା ରାଜ୍ୟଶାସନ ବିଷୟକ ଚର୍ଚ୍ଚା ଅନଧିକାରଚର୍ଚ୍ଚା ମାତ୍ର । କୌଣସି ଅନଧିକାର ବା ଅପ୍ରାସଙ୍ଗିକ ଚର୍ଚ୍ଚା କରିବା ବ୍ୟକ୍ତି ପ୍ରତି 'ଢିଙ୍କିଶାଳରେ ଢେଙ୍କାନାଳର ଚର୍ଚ୍ଚା ପଡ଼ିଛି' ଏହି ବ୍ୟଙ୍ଗୋକ୍ତି ପ୍ରୟୋଗ କରାଯାଏ, ଅର୍ଥାତ୍ ଢିଙ୍କିଶାଳର କଥା ଚର୍ଚ୍ଚା ନ କରି ଢେଙ୍କାନାଳର ଚର୍ଚ୍ଚା କରୁଛ ।]

ଢିଙ୍କି ସମକା—ଦେ. ବି—ଢିଙ୍କି କୁଟିବାର ଶବ୍ଦ—
Dhinki samakā The sound of working a 'Dhenki'.
[ଦ୍ର—ଢିଙ୍କିର ଅଳ୍ପ ଶବ୍ଦକୁ ସମକା—ସମ୍ ସମ୍ ଶବ୍ଦ; ତାଠାରୁ ବଡ଼କୁ ଦମକା—ଦମ୍ ଦମ୍ ଶବ୍ଦ; ତାଠାରୁ ବଡ଼କୁ, ଦୁଲୁକା—ଦୁଲୁଦୁଲୁ ଶବ୍ଦ କହନ୍ତି ।]

ଢିଙ୍କି ସମକା(କେ)ଇବା—ଦେ. କ୍ରି—ଢିଙ୍କିକୁ ଉପର୍ଯ୍ୟୁପରି ଦୋହଲାଇ
Dhinki samakā(ke)ibā କରି କୁଟିବା—To hustle the pedal of the 'Dhenki'.

ହେ ସମକେଇ ଲୋ ! ସମା କୁଟଇ ଧାନ, ଢିଙ୍କି ହେ ସମକେଇ ଲୋ !
ବ ସଭଉଣୀ ଢିଙ୍କି କୁଟିରେ ଗାଅନ୍ତି ବଙ୍ଗଳା ଗାନ—ଢେଙ୍କିକୁଟା ଗୀତ ।

ଢିଙ୍କି ସମା—ଦେ. ବି—ଢିଙ୍କି ମୂଷଳର ଅଗ୍ରଭାଗରେ ଦିଆ ହୋଇଥିବା
Dhinki samā ଲୁହାର ବଳା—The ring round the
ସামা end of the pestle.

ଢିଢା—ଦେ. (ଧ୍ୱନ୍ୟନୁକରଣ) ଅ—
Didhā ୧ । ବନ୍ଧୁକ ତୋପ ଆଦି ଫୁଟିବା ଚହଟା ଶବ୍ଦ—
ঢাইঢাই 1. Booming sound of cannon.
धायँधायँ ୨ । ଏକ କଠିନ ପଦାର୍ଥରେ ଅନ୍ୟ ଏକ କଠିନ ପଦାର୍ଥର ସବଳରେ ବାଜିବା ଶବ୍ଦ—
2 The clashing sound of two hard things.
୩ । ମୁଣ୍ଡକୁ କଠିନ ଭୂମିରେ ବାଡ଼େଇବାର ଶବ୍ଦ—
3 The sound of striking one's head on the hard ground.
(ଯଥା—ଚହଟା ଶବ୍ଦ ଅପେକ୍ଷା ଢିଢା କ୍ଷୀଣ ଶବ୍ଦ ।).

ଢିଢି—ଦେ (ଧ୍ୱନ୍ୟନୁକରଣ) ଅ—ଢିଢା (ଦେଖ)
Dhidhi Dhidhā (See).

ଢିଣ୍ଡା—ପ୍ରାଦେ (ସମ୍ବଲପୁର) ବି—ମେଣ୍ଟା; ମୁଠା—
Dhindā Lump; handful.
(ଢିଂଡ଼ା—ଅନ୍ୟରୂପ) (ଯଥା—ମାଟି ଢିଣ୍ଡା, ଗୁଡ଼ ଢିଣ୍ଡାଏ ।)

ଢିଣ୍ଡିଶ—ସ. ବି—ଭେଣ୍ଡୀ—
Dhindiśa Lady's finger (a kitchen fruit).
ঢেঁড়স ढेंढ़सा डिंढस डिन्ड

ଢିପ—ଦେ. ବି (ସ. ସ୍ତୂପ ବା ଦ୍ୱୀପ)—୧ । ଦ୍ୱୀପାକାର ବା ଉଚ୍ଚ ଭୂମି;
Dhipa ଢିପ—1 High land; high ground.
ঢিপী ୨ । ମାଟିର ସ୍ତୂପ—2. Mound of earth; a raised land; hillock.
ढोह, दीह
ଦେ. ବିଣ—ଉଚ୍ଚ; ଢିପ—High; raised.
(ଢିପଣା—ଅନ୍ୟରୂପ) ତଢୁଟସ୍ରେ ଢିପ ସେ ଖାଲ'ହୋଇଯାଏ ।
କୃଷ୍ଣସିଂହ. ମହାଭାରତ. ବନ ।

ଢିପା—ଦେ. ବିଣ—୧ । ଢିପ (ଦେଖ)
Dhipā 1. Dhipa (See).
ঢিপী ୨ । ଯେଉଁ ବ୍ୟକ୍ତି ଚଳପାର ଗୋଟିଏ ଅଂଶରେ ଭରଦେଇ
ढिपा ଚାଲେ; ଟିପେଇ ଟିପେଇ ଚାଲିବା—
2. Limping; halting.
ପ୍ରାଦେ (ଗଡ଼ଜାତ) ବି—ପିଲାମାନଙ୍କର ବଜାଇବା ଏକପ୍ରକାର ବାଜା—A kind of musical instrument played on by children.
ଉତ୍ସବରେ ବାଳକ ବାଳିକାମାନେ ଦୋଳରେ ଉପବେଶନ ଓ ଢିପା ବଜାଇବା ଇତ୍ୟାଦିରେ କାଳକ୍ଷେପ କରିବାକୁ ବଡ଼ ଆମୋଦ ବୋଧ କରନ୍ତି ।
ଗଡ଼ଜାତବାସିନୀ ୨୨।୭।୨୯ ।

ଢିପା(ପେ)ଇବା—ଦେ. କ୍ରି—ଢିପେଇ ଢିପେଇ ଚାଲିବା (ଦେଖ)
Dhipā(pe)ibā Dhipei dhipei chālibā (See

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଢିପାଳିଆ—ଦେ. ବିଣ—ଢିପ (ଦେଖ)
Dhipalia Dhipa (See).

ଢିପିଢିପା—ଦେ. ବି—୧ । ମଝିରେ ଥିବା ଠେକ ଉପରେ ରହି କୌଣସି
Dhipidhipa ବସ୍ତୁର ଦୁଇ ମୁଣ୍ଡ ଉଠିବା ପଡ଼ିବା ଅବସ୍ଥା—
(ଢିପଢିପା—ଅନ୍ୟରୂପ) 1. Seesaw condition of anything due to a lever in its middle.
নাগরদোলা ; ঢেঙ্কিকল
डंडाडोली
୨ । ମଝିଟା ଭୂଇଁରେ ଲାଗି ଥାଇ ଦୁଇ ମୁଣ୍ଡ ଶୂନ୍ୟରେ ଥିବା ଗୋଟାଏ ଲମ୍ବ କାଠ ଯାହାର ଦୁଇ ମୁଣ୍ଡରେ ପିଲାଏ ବସି ଖେଳନ୍ତି—2. See-saw.

ଢିପିଢିପା(ପେ)ଇବା—ଦେ. କ୍ରି—ମଝିରେ ଥିବା ଅଣ୍ଟ ବା ଠେକ
Dhipidhipa(pe)iba ଉପରେ ରହି ଶଗଡ଼ ପ୍ରଭୃତିର ଦୁଇ ମୁଣ୍ଡ ଉଠିବା ପଡ଼ିବା—To seesaw; to move up and down on a lever in the middle (like a cart or a 'Dhenki); to bob; to toss up and down.
উঠাপড়া
डगडौल
ଢିପଢିପେଇବା } ଅନ୍ୟରୂପ
ଢିପଢିପାଇବା }

ଢିପେଇ ଢିପେଇ ଚାଲିବା—ଦେ. କ୍ରି—ଚଳପାର ଗୋଟିଏ ଅଂଶ ବା
Dhipei dhipei chaliba ଟିପରେ ଭର ଦେଇ ବା ଟିପେଇ
লেঙ্গংচে চলা ଟିପେଇ ଚାଲିବା—To limp (on the top of the foot); to walk in a halting manner.
लंगड़ाना
(ଯଥା—ମୋ ଗୋଇଠିରେ କଣ୍ଟା ପଶିଯିବାରୁ ମୁଁ ଢିପେଇ ଢିପେଇ ଚାଲୁଛି ।)

ଢିବି—ଦେ. ବି—ଡିବିରି (ଦେଖ)
Dhibi Dibiri (See)
(ଢିବିରି—ଅନ୍ୟରୂପ)
ঢিবরী, **ढिबरी**

ଢିମା—ଦେ. ବି—(ସଂ. ମଧ୍ୟମ) ୧ । କ୍ଷୁଦ୍ର ପ୍ରସ୍ତରଖଣ୍ଡ—
Dhima 1. Pebble.
(ଢିମାଢିମି—ଅନ୍ୟରୂପ) ୨ । ଢେମା; ଢେଙ୍ଗୁଆ; ଲୋଷ୍ଟ୍ର; ପଥରର ଅସମାନ ବଡ଼ ଖଣ୍ଡ—2. Large bit of stone; large fragment of stone or brick.
ঢিল
ढीमा
୩ । ରେବଲ୍ ପଥର—
3. Rubble; undressed bits of stone.
ঢীমা ବିଣ· (ସଂ. ମନ୍ଦ; ମଧ୍ୟମ)—୧ । ଯେଉଁ ଲୋକ କାର୍ଯ୍ୟ
धीमा କରିବାକୁ କୁଣ୍ଠିତ ହୁଏ; ଅଳସୁଆ; ଧୀମା—
1. Slack; lazy; unwilling to work.
୨ । (ସଂ. ମନ୍ଥର) ମନ୍ଥରଗତିବିଶିଷ୍ଟ—2. Slow.
୩ । (ସଂ. ଡିମ୍ବ) ଡିମ୍ବ ପରି ପଦାକୁ ବାହାରିଥିବା (ଆଖି); ଢିମା—3. Bulging out (eyes).

ଢିମା ଆଖି—ଦେ. ବି. (ସଂ. ଡିମ୍ବ+ଅକ୍ଷି)—ଡିମ୍ବ ପରି ବଡ଼ ଓ ପଦାକୁ
Dhima akhi ବାହାରିଥିବା—Eyes bulging out like eggs.

ଢିମାଆଖିଆ—ଦେ. ବିଣ—ଯାହାର ଆଖିମାନ ଡିମ୍ବ ପରି ବଡ଼—
Dhima akhia With eyes as big as eggs.
(ଢିମାଆଖିଇ—ସ୍ତ୍ରୀ)

ଢିମା ଆଖି ଦେଖାଇବା—ଦେ. କ୍ରି—ରାଗ ଦୃଷ୍ଟିରେ ଚାହିଁବା; କ୍ରୋଧ
Dhima akhi dekhaiba ବ୍ୟଞ୍ଜକ ଦୃଷ୍ଟି ପକାଇବା—
রা গা চোখ দেখান To set an angry look.

ଢିମା(ମେ)ଇବା—ଦେ. କ୍ରି. (ସଂ. ମଧ୍ୟମ: ମୃଦୁ)—ଢିମାଇ ଢିମାଇ
Dhima(me)iba ଚାଲିବା; ମନ୍ଥରଗତିରେ ଚାଲିବା; ମନ୍ଦ ଗତିରେ
ঢীমান ଚାଲିବା—To walk slowly.
धीमाकर चलना

ଢିମାଢିମା—ଦେ. ବିଣ—୧ । ଖାଲ ଢିପ; ଅସମତଳ (ପଥ ବା ଭୂମି)—
Dhimadhima 1. Uneven or rough (land or road).
୨ । ଢିମାଦୃଷ୍ଟି—2. Strewn with large bits of stone; stony (ground); pebbly.

ଢିମିରା—ପ୍ରାଦେ. (ଗଞ୍ଜାମ) ବି—ସାନ ସାନ ପର୍ବତ; ପାହାଡ଼; ମୁଣ୍ଡିଆ—
Dhimira Hillocks.

ଢିରା—ଦେ. ବି. (ସଂ. ଧୃ ଧାତୁ=ଧାରଣ)—୧ । ଠେକ; ଧାରଣା—
Dhira 1. A prop.
ভর ୨ । ଠେସ; ଠିଆ—2. A support.
सहारा ୩ । ବାଉ—3. The pole used in pushing a boat.
अड़वाड़ ୪ । ଅବଲମ୍ବନାର୍ଥ ଯଷ୍ଟି—
4 A stick used for support.
୫ । ବାଣୀ ବା ସୁତୁଲିକୁ ବାଟିବା ବା ବଳିବା କାମରେ ବ୍ୟବହୃତ ଛକିବିଆ ଚାଲୁଡ଼ି ବା ଶଳାକା—
5. A spindle with a cross at the bottom to spin strings.

ଢିରା ଦେବା—ଦେ. କ୍ରି—୧ । କୌଣସି ବସ୍ତୁରେ ଠେସ ବା ଠିଆ
Dhira deba ଲଗାଇବା—1. To prop up a thing.
ভর দেওয়া ୨ । କୌଣସି ଠିଆ ବା ଢିରାକୁ ଆଶ୍ରୟ କରିବା—
टेक देना 2. To support one self on a prop.

ଢିରା ମାରି ଚାଲିବା—ଦେ. କ୍ରି—(ଅନ୍ଧକାର ରାତିରେ ବାଟରେ କମ୍ପା
Dhira mari chaliba ଗଭୀର ପାଣିରେ ଚାଲିବାବେଳେ)
ভর দিএ চলা ବାଡ଼ିକୁ ଭୂମିରେ ମାରି ମାରି ବାଡ଼ି ଉପରେ ଭର
आसरेपर चलना ରଖି ଗମନ କରିବା—To walk by holding a stick for support.

ଢିରା ମାରିବା—ଦେ. କ୍ରି—୧ । ବାଉ ମାରିବା—
Dhira mariba 1. To use the pole in propelling a boat.
ভর দেওয়া

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଉଅ	ଷ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍

୨ । ପାଣିରେ ପଶି ଚାଲିବା ସମୟରେ ଯଷ୍ଟି ଦ୍ବାରା ପାଣିକୁ କଳିବା—2. To feel or fathom the depth of water with a stick while wading.

୩ । ଚାଲିବା ସମୟରେ ଯଷ୍ଟି ଉପରେ ଭର ଦେବା—3. To walk with the support of a stick.

ଢିଲ୍—ଦେ. ବ—୧ । ଦୁଇ ପାଖର ଧାର ପର୍ଯ୍ୟନ୍ତ ବା ପାତ୍ରର ମୁଖ ପର୍ଯ୍ୟନ୍ତ ପୂର୍ଣ୍ଣ ହୋଇଥିବା (ଜଳ)—
Ḍhil
ଟେଟୁମ୍ବୁର 1. Full to the brim; full to overflowing.
ଭରପୁର ୨ । ପରିପୂରିତ—2. Filled up
୩ । ଢିଲ୍ଲା (ଦେଖ)—3. Ḍhilā (See)
ବଣ—ଢିଲ୍ଲା (ଦେଖ)—Ḍhilā (See)

ଢିଲମଢିଲ—ଦେ. ବଣ—ଅବହେଳାକାରୀ (ବ୍ୟକ୍ତି)—
Ḍhilamaḍhilā Negligent.
ଟୀଲା ଦେ. ବ—ଢିଲ୍ଲା (ଦେଖ)
ଢିଲମଢିଲା Ḍhilā (See)
ଦେ. କ୍ରି. ବଣ—ଅବହେଳା ସହକାରେ—Negligently.

ଢିଲା—ଦେ. ବଣ ଓ ବ—ଢିଲ୍ଲା (ଦେଖ)
Ḍhilā Ḍhilā (See)
ବୈଦେ. ବ. (ଇଂ. ଡ୍ରିଲ)—ସୁନାରେ ଛିଦ୍ର କରିବା ଉଅଁରର ଫଳା—Drill-bits.

ଢିଲ୍ଲା—ଦେ. ବଣ. (ସଂ. ଶିଥିଲ; ହେଳା (ଭୁଲ) ପ୍ରା. ଶିଢିଲ; ସିଢୋଲୋ)—୧ । ଢୁଗୁଲା; ଶିଥିଲ—
Ḍhilā
ଟୀଲା 1. Slack; loose; lax; not fitting in properly.
ଢିଲା (ଯଥା—ମୋ ଦେହରୁ କୁର୍ତ୍ତାଟା ଢିଲ୍ଲା ହେଉଛି ।)
(ଢିଲମ୍ଢିଲ—ଅନ୍ୟରୂପ) ୨ । ଅଳସୁଆ; ସୁସ୍ତି—
(ଚୁସ୍ତ, କାବୁଆ—ବିପରୀତ) 2. Lazy; slack (in doing any work) dilatory; slow.
୩ । କାର୍ଯ୍ୟରେ ଅବହେଳାକାରୀ—3. Negligent in work.
୪ । ଅନିୟମ; ବିଶୃଙ୍ଖଳ—4. Irregular; undisciplined
ଟୀଲାମୀ ବ—୧ । ଶିଥିଳତା—1. Slackness; laxity.
ଢିଲାଇ ହୁଏ ତାହାଙ୍କର କାର୍ଯ୍ୟରେ ଗଫଲତ, ନ ହୁଏ ଢିଲ୍ଲା—
ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୨ । ଆଲସ୍ୟ; ଶୈଥିଲ୍ୟ; ହେଳା—2. Laziness; dilatoriness; negligence.
୩ । ନିୟମ ବା ଶୃଙ୍ଖଳାର ଅଭାବ—3. Irregularity; indiscipline.
ପ୍ରାଦେ. (ଗଞ୍ଜାମ) ବ—ଦାଉଣୀ; ଯେଉଁ ବନ୍ଧନୀରେ ଅନେକଗୁଡ଼ିଏ ଗୋରୁ ଏକସମୟରେ ଧାଡ଼ି ହୋଇ ବନ୍ଧା ହେବା ପାଇଁ ପଗା ଥାଏ—A rope used to yoke many bullocks in a row; a tether.
[ଦ୍ର—ବେଙ୍ଗଲାରେ ଓ ଗୋରୁଗୋଠରେ ବହୁସଂଖ୍ୟକ ଗୋରୁଙ୍କୁ ଧାଡ଼ି କରି ବାନ୍ଧିବାପାଇଁ ଏହା ବ୍ୟବହୃତ ହୁଏ ।]
ପ୍ରାଦେ. (ଗଡ଼ଜାତ)—ବ.—ମାଛ ଧରିବା ଜାଲ—A kind of fishing net.

ଢିଲା(ଲେ)ଇବା—ଦେ. କ୍ରି. (ସଂ. ଶିଥିଳ; ହେଳା)—
Ḍhilā (le)ibā ଢିଲ୍ଲା କରିବା (ଦେଖ)—
Ḍhilā karibā (See)

ଢିଲ୍ଲା କରିବା—ଦେ. କ୍ରି.—୧ । ଢୁଗୁଲା କରିବା—
Ḍhilā karibā 1. To slacken.
ଢିଲାଦେଓଯା, ଢିଲান ୨ । ହେଳା କରିବା—
ढिलाना 2. To neglect one's work.
ଶଙ୍କ ଅଙ୍କୁରରେ ଭଲ ହୋଇ ନ ପାରିଲେ କେଜାଣି
ସେହିକ ଘରରେ ତାହା ଘର ପଡ଼ିବ କାମରେ ଢିଲ୍ଲା କରି ଦିଏ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୩ । ଶିଥିଳ କରିବା—3. To relax.

ଢିଲାଢିଲି—ଦେ. ବ.—୧ । କାର୍ଯ୍ୟରେ ହେଳା—
Ḍhilā ḍhili 1. Laxity or slackness in work.
ଟୀଲା ଟୀଲୀ ୨ । ଭିଡ଼; ଲୋକଗହଳ; ଠେଲାଠେଲି—
ढिलाई 2. Dense crowd; concourse (Howells)

ଢିଲିବା—ପ୍ରାଦେ (ସମ୍ବଲପୁର)—କ୍ରି.—ଚରିବା ପାଇଁ ଗାଈ ବାଛୁରିଙ୍କୁ
Ḍhilibā ଗୁହାଳରୁ ଫିଟାଇ ଦେବା—To set the cattle free for going out to graze.

ଢିଶଙ୍ଗା—ପ୍ରାଦେ. (ସମ୍ବଲପୁର) ବ.—ଆଷାଢ଼, ଶ୍ରାବଣ ମାସରେ ନୂଆ
Ḍhisṅgā ପାଣିରେ ଗାଧୋଇବା ଯୋଗୁଁ ଦେହରେ ବାହାରୁ ଥିବା
(ଢିଙ୍ଗା—ଅନ୍ୟରୂପ) ଫିମ୍ପିରିଠାରୁ ବଡ଼ ବଡ଼ ବ୍ରଣ ପରି ଲୁଣ୍ଠିଆ—A kind of big eruption on the body of persons, bathing in the new water of the rainy season.

ଢୁ—ଦେ. (ଧ୍ୱନ୍ୟନୁକରଣ) ଅ.—ଢୁ ଢୁ (ଦେଖ)
Ḍhu Ḍhu ḍhu (See)
(ଢଃ—ଅନ୍ୟରୂପ)

ଢୁଂ—ଦେ. (ଧ୍ୱନ୍ୟନୁକରଣ) ଅ—ଢୁଙ୍ଗୁରୁ ଢୁଙ୍ଗୁରୁ (ଦେଖ)
Ḍhuṁ Ḍhuṅguru ḍhuṅguru (See)
ঘুঁ
(ଢଂ ଢାଂ, ଢଂଢଂ—ଅନ୍ୟରୂପ)

ଢୁଁ ଢୁଁ—ଦେ. (ଧ୍ୱନ୍ୟନୁକରଣ) ଅ.—ଢଁ ଢଁ (ଦେଖ)
Ḍhuñḍhuñ Ḍhañ ḍhañ (See)
(ଢୁଁ, ଢୁଁଢାଁ—ଅନ୍ୟରୂପ)

ଢୁଆ (ଇତ୍ୟାଦି)—ଢୁହା ଇତ୍ୟାଦି (ଦେଖ)
Ḍhuā etc Duha etc (See)

ଢୁକଢୁକ (ଇତ୍ୟାଦି)—ଦେ. ଅ.—ଢୁକୁ ଢୁକୁ ଇତ୍ୟାଦି (ଦେଖ)
Ḍhuk ḍhuk Ḍhuku ḍhuku (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତ ୧ ଚକ୍ତି ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ତି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ତି କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଦୁଇ ପାଉ ଯଥାକ୍ରମେ ଚକ୍ତିର ବଦଳରେ ୨ ବା ୧ ଚକ୍ତି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ

ଢୁକ—ପ୍ରାଦେ. (ବାଲେଶ୍ୱର) ବି. (ସଂ. ଚୌକ ଧାତୁ=ଗତି; ବା ସ୍ତୋକ)—
Ḍhuka ଚୋକ; ଥରକେ ମନୁଷ୍ୟ ଯେତେ ପାଣି ଗଳାଧଃକରଣ କରିପାରେ—A gulp (of water).
ପ୍ରାଦେ. (ସମ୍ବଲପୁର) ବି.—(ଜଳାଦିର) ଗଣ୍ଡୁଷ—
A sip (of water.)

ଢୁକା—ପ୍ରାଦେ. (ବାଲେଶ୍ୱର) ବି.—ଚୋକା; ଚୋକିବା; ପିଇବା—
Ḍhukā Gulping; swallowing.
ପ୍ରାଦେ. (ସମ୍ବଲପୁର) ବି.—୧ । ଭୁଷାଇବା; ପ୍ରବେଶ କରାଇବା—
1. Thrusting.
୨ । ଢୁକିବା; ପ୍ରବେଶ କରିବା—2. Entering.

ଢୁକାଇ ଆନ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି.—ଗାଈ ଗୋରୁଙ୍କୁ ଚରାଇ
Ḍhukāiānbā ଆଣି ଘରେ ପୁରାଇ ଦେବା—To bring cattle back to the house after grazing.

ଢୁକାଇ ଦେବା—ଦେ. କ୍ରି. (ସଂ. ଚୌକ ଧାତୁ=ଗତି)—ପହଞ୍ଚାଇବା;
Ḍhukāidebā ପ୍ରବେଶ କରାଇବା—
ঢুকিএ্যঁদেওয়া To cause a thing to reach; to reach
ढुकादेना a thing to a place; to thrust.
ଢୁକାଇ ଦେଲେ ଦୃଷ୍ଟିର ଚକୋର ଚଞ୍ଚୁରେ ଶୀଘ୍ର-
ଭଳ ଚନ୍ଦ୍ରିକାକୁ କରି ଯାଏ ଚନ୍ଦ୍ର ସରିକି ରେ ।
କବିସୂର୍ଯ୍ୟ. କଳୋତ୍ରଚନ୍ଦ୍ର, ଚ. ଗୀତ ।

ଢୁକା(କେ)ଇବା—ଦେ. କ୍ରି. (ସଂ. ଚୌକ ଧାତୁ=ଗତି)—
Ḍhukā(ke)ibā ୧ । ଢୁକିବା କ୍ରିୟାର ଣିଜନ୍ତରୂପ—
ঢুকান 1. The causative form of 'Ḍhukibā'.
ढकेलना ୨ । ଢୁକାଇ ଦେବା—2. To thrust.
(ଢୁକେଇବା—ଅନ୍ୟରୂପ) ୩ । କୌଣସି ବ୍ୟକ୍ତିକୁ କୌଣସି ସ୍ଥାନରେ ପ୍ରବେଶ କରାଇବା—3. To cause a person to enter into a place.
୪ । ସଂଲଗ୍ନ କରାଇବା—4. To press.
ତାଳ ଅନୁକମ୍ପା ସୁଆଇର ।
ଢୁକାଇ ମୋ ଉରେ ପୟୋଧର । କବିସୂର୍ଯ୍ୟ. ସଙ୍ଗୀତ ।
୫ । ଢୁକୁଢୁକୁ ହେବା ୧ (ଦେଖ)
5. Ḍhukuḍhuku hebā 1 (See)
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଢୁକିବା—ଦେ. କ୍ରି. (ସଂ. ଚୌକ ଧାତୁ=ଗତି)—
Ḍhukibā ୧ । ପଶିବା; ଭିତରକୁ ପ୍ରବେଶ କରିବା—
ঢুকা 1. To enter into.
ढुकना ୨ । ପହଞ୍ଚିବା; ଉପସ୍ଥିତ ହେବା—
2. To arrive at; to reach.
୩ । ସଂଲଗ୍ନ ହେବା—
3. To be joined or attached to.
ପ୍ରାଦେ. (ବାଲେଶ୍ୱର)—ଚୋକିବା—
To gulp; to swallow.

ଢୁକୁ—ପ୍ରାଦେ. (ସମ୍ବଲପୁର) ବି—ମାଟି ତଳରେ ଥିବା କଳା ଓ ସଛିଦ୍ର
Ḍhuku ଉଈହୁଙ୍କା—Molds of white ants found below the surface of the earth.

ଢୁକୁ ଢୁକାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ପରସ୍ତ୍ରୀକୁ ରକ୍ଷିତାରୂପେ
Ḍhuku ḍhukāibā ଘରେ ରଖିବା—To keep another person's wife in one's house as one's concubine.

ଢୁକୁ ଢୁକିବା—ପ୍ରାଦେ. (ସମ୍ବଲପୁର) କ୍ରି—କୌଣସି ବିବାହିତା ସ୍ତ୍ରୀ
Ḍhuku ḍhukibā ସ୍ୱେଚ୍ଛାକ୍ରମେ ପରପୁରୁଷର ରକ୍ଷିତା ରୂପେ ତାହା ଘରେ ବାସ କରିବା—(the wife of one person) To come to live with another male at his house as his concubine.

ଢୁକୁଢୁକୁ—ଦେ. (ଧ୍ୱନ୍ୟନୁକରଣ) ଅ—୧ । ପାଣି ଚୋକିବାର ଶବ୍ଦ—
Ḍhukuḍhuku 1. The sound of gulping one sip of water.
ঢুকঢুক
तड़पतड़प ୨ । ଢିଲା; ଶ୍ଲଥ—2. Slack; loose.
ଢୁକ୍ } ଅନ୍ୟରୂପ ୩ । ଜୀବନ ଯିବା ପୂର୍ବରୁ କ୍ଷୀଣଭାବରେ
ଢୁକ୍‌ଢୁକ୍ } ନିଶ୍ୱାସ ମାରିବା, କ୍ଷୀଣଭାବରେ ହାଙ୍ଫିବା—
3. Slow panting of a dying animal.

ଢୁକୁଢୁକୁ ହେବା—ଦେ. କ୍ରି—୧ । ଚୋକେଇବା; ଜୀବନ ଯିବା
Ḍhukuḍhuku hebā ପୂର୍ବରୁ କ୍ଷୀଣଭାବରେ ନିଶ୍ୱାସ ନେବା ବା
খাবীখাওআ ପାଟିକୁ ଫାଙ୍କୁଫାଙ୍କୁ କରିବା; କ୍ଷୀଣରୂପେ
तड़पना ହାଙ୍ଫିବା—1. To pant or gasp
(ଢୁକ୍‌ଢୁକ୍ ହେବା—ଅନ୍ୟରୂପ) very feebly just before death; to pant.
(ଯଥା—ପୋଖରୀର ପାଣି ଗୋଳ ହେବାରୁ ଭାକୁଡ଼ ଓ ଶେଉଳ ମାଛଯାକ ଢୁକୁଢୁକୁ ହେଲେଣି ।)
୨ । ମୁମୂର୍ଷୁ ଅବସ୍ଥାପନ୍ନ ହେବା—2. To be dying.
୩ । ଅର୍ଦ୍ଧକ୍ଷୀଣ ବା ମୃତପ୍ରାୟ ହେବା—
3. To be reduced to the last extremity; to have lost one's vitality.

ଢୁଙ୍କିବା—ପ୍ରାଦେ. (ସମ୍ବଲପୁର) କ୍ରି—ଚୋକିବା—
Ḍhuṅkbā To sip; to gulp down.

ଢୁଙ୍କୁରା—ପ୍ରାଦେ. (ଗଞ୍ଜାମ) ବି—ଢୁଳା—
Ḍhuṅkurā Dozing.

ଢୁଙ୍କୁରା(ରେ)ଇବା—ପ୍ରାଦେ. (ଗଞ୍ଜାମ) କ୍ରି—ଢୁଳାଇବା—
Ḍhuṅkurā(re)ibā To doze.

ଢୁଙ୍ଗଢାଙ୍ଗ—ଦେ. (ଧ୍ୱନ୍ୟନୁକରଣ) ଅ—ଢୁଙ୍ଗୁରୁ ଢୁଙ୍ଗୁରୁ (ଦେଖ)
Ḍhuṅgḍhāṅg Ḍhuṅguru ḍhuṅguru (See)
(ଢୁଙ୍ଗ୍‌ଢଙ୍ଗ୍—ଅନ୍ୟରୂପ)

୧	ଇ	ଉ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଜ୍ଞ	ଇଯ୍ୟ	ଉଅ	ଓ
୨	ଈ	ଊ	ରୁ	ଲୁ	ଏ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍ନ

ଢୁଙ୍ଗା—ଦେ. ବଣ (ସଂ. ଢୁଣ୍ଢି=ଗଣେଶ)—୧ । ବେଢଙ୍ଗିଆ (ଲୋକ)
Ḍhuṅgā ଯାହାର ଶରୀର ସୁଗଠିତ ନୁହେଁ—Unmethodical; unsymmterical.
୨ । ଅନ୍ତଲପେଟା—2. Pot-bellied.
୩ । ଧୁମ୍ବସା; ମୋଟ ଓ ଡେଙ୍ଗା—3. Stout and tall.

ଢୁଙ୍ଗୁରୁ ଢୁଙ୍ଗୁରୁ—ଦେ. (ଧ୍ୱନ୍ୟନୁକରଣ) ଅ—ଢୋଲଆଦିର ଅନୁଚ୍ଚ ଶବ୍ଦ;
Ḍhuṅguru ḍhuṅguru ঢুংগুর ঢুংগুর ढुंग ढुंग—Low sound of a drum.
डुग डुग [ଦ୍ର—ଏହା ଢଙ୍ଗଢଙ୍ଗଠାରୁ ଅନୁଚ୍ଚ ।]
(ଢଙ୍ଗ୍ ଢାଙ୍ଗ୍, ଢୁଙ୍ଗ୍ ଢୁଙ୍ଗ୍, ଢୁଙ୍ଗୁରୁ ଢୁଙ୍ଗୁରୁ—ଅନ୍ୟରୂପ)

ଢୁଚନି—ପ୍ରାଦେ. (ମେଦିନୀପୁର) ବି. (ମୂଳ. ବ. ଏହି ଅର୍ଥରେ ଧୁଚନୀ)—
Ḍhuchani ଚାଉଳଧୁଆ ବାଉଁଶିଆ—A bamboo basket used for washing rice.

ଢୁଢା—ଦେ. (ଧ୍ୱନ୍ୟନୁକରଣ) ଅ—ଢୁଢୁ (ଦେଖ)
Ḍhuḍhā Ḍhuḍhu (See)
ପ୍ରାଦେ. (ସମ୍ବଲପୁର) ବି—୧ । ଖାତ—1. Pit.
୨ । ଶିଶୁଙ୍କ ଧରିବା ନାଳରକ୍ତ ଝାଡ଼ା—
2. Infantilé Dysentry.

ଢୁ ଢୁ—ଦେ. (ଧ୍ୱନ୍ୟନୁକରଣ) ଅ.—୧ । ଢିଢା (ଦେଖ)
Ḍhu ḍhu 1. Ḍhiḍhā (See)
ঢু ঢু **धायँ धायँ**
୨ । ବିଶେଷ ଜୋରରେ ବହୁ ପରିମାଣର ଜଳ କଠିନ ବସ୍ତୁ ଉପରେ ଅଜାଡ଼ି ହେବା—
2. Sound of profuse pouring down of water on a hard substance.
(ଯଥା—ବାତୁଳ ରୋଗୀର ମୁଣ୍ଡ ଉପରେ କୈବର୍ତ୍ତଙ୍କ ଉପଦେଶମତେ ଚାକରମାନେ ପଚାଶ ଗରା ପାଣି ଢୁ ଢୁ କରି ଢାଳିଲେ ।)
୩ । ଭାରି ଅସରାରେ ଅପର୍ଯ୍ୟାପ୍ତରୂପେ ବହୁ ସମୟ ବର୍ଷା ହେବା—3. A very heavy downpour or shower; to rain cats and dogs
(ଯଥା—ଆଜି ଘଣ୍ଟାଏକାଳ ଢୁଢୁ ବରଷା ହେବାରୁ ଗଡ଼ଆ ପୋଖରୀ ପାଣିରେ ପୂର୍ଣ୍ଣ ହୋଇଗଲା ।)
୪ । ଅଜୀର୍ଣ୍ଣ ଓ ବାୟୁ ଯୋଗେ ପେଟ ମଧ୍ୟରେ ଉଚ୍ଚ କଲ କଲ
ढबढब ଶବ୍ଦ—4. Loud gurgling sound inside the abdomen due to indigestion and wind.
(ଯଥା—କାଲି ରାତିରେ ଖିରପିଠା ଖାଇ ଆଜି ସକାଳୁ ତା ପେଟ ଢୁ ଢୁ ହେଉଅଛି ।)
୫ । ଡୁ ଡୁ (ଦେଖ)—5. Ḍu ḍu (See)

ଢୁଢୁଆ—ପ୍ରାଦେ (ଗଡ଼ଜାତ) ବି—ପାହାଡ଼ ଓ ଜଙ୍ଗଲରୁ ବାହାରିଥିବା
Ḍhuḍhuā ଛୋଟ ନାଳ ବା ଜୋଡ଼—A small stream rising from a hill or jungle.

ଢୁଢୁଆ କେଳା—ଦେ. ବି—ଦାକ୍ଷିଣାତ୍ୟରୁ ଏ ଦେଶକୁ ସମୟେ ସମୟେ
Ḍhuḍhuā keḻā ଆସିବା ଏକଜାତୀୟ ତେଲଙ୍ଗା କେଳା—
A class of wandering gipsies hailing from the Telugu country.
[ଦ୍ର—ଏ ଜାତିର କେଳୁଣୀମାନେ ଚିତା କୁଟନ୍ତି । ତାଳପତ୍ରରେ ଝୁମୁକା ଓ ଖେଳନା ବୁଣି ବିକନ୍ତି ଓ ଭିକ ମାଗନ୍ତି ।]

ଢୁଢୁଆ ବାଇଗଣ—ଦେ. ବି—ପାଳୁଅ ବାଇଗଣ; ନଈକୂଳ ପଟୁରେ
Ḍhuḍhuā bāigaṇa ହେବା ବଡ଼ ବା ଗୋଲ, ପାଣିଚିଆ ବାଇଗଣ—A kind of brinjal grown on silted river-side land. (specially that grown in the bank of the Mahanadi river in Banki Estate in the District of Cuttack.)
ଋଣ, ବଣ, ଢଣ,
ବାଙ୍କିରଜା ଥାଇ ବୋଇଲେ ମୋ ଢୁଢୁଆ ବାଇଗଣ । ଢଗ ।
[ଦ୍ର—ଡମ୍ପଡ଼ା ରାଜ୍ୟର ଋଣ ନଈର ମାଛରୁ ଓ ଜଙ୍ଗଲଜାତ ଦ୍ରବ୍ୟମାନଙ୍କରୁ ଓ ଢଣ ବା ଚାନ୍ଦାରୁ ଡମ୍ପଡ଼ା ରାଜାଙ୍କର ଯାହା ଆୟ ହୁଏ, ବାଙ୍କି ରଜାଙ୍କର ଢୁଢୁଆ ବାଇଗଣ ଫଳିବା ପଟୁ ଜମିର ଖଜଣାରୁ ତହିଁ ଅପେକ୍ଷା ବେଶି ଆୟ ହୁଏ, ଏହି ବିଷୟକୁ ଲକ୍ଷ୍ୟ କରି ଏହି ଢଗ ବୋଲାଯାଏ ।]

ଢୁଢୁ ବରଷା—ଦେ. ବି—ଦୁମୁକାଣି ବରଷା; ମୁଷଳଧାରରେ ବର୍ଷା—
Ḍhuḍhu barashā A very heavy downpour.
ঘোরবৃষ্টি, বড়পসলা, **धारासार, मूसलधार बरसना**

ଢୁଣିନାଗ—ପ୍ରାଦେ (ସମ୍ବଲପୁର) ବି—ଡମ୍ବସାପ—
Ḍhuṇināg A sort of cobra.

ଢୁଣ୍ଡବା—ପ୍ରାଦେ (ସମ୍ବଲପୁର) କ୍ରି (ମୂଳ. ହି. ଢୁଁଢନା) ଖୋଜିବା—
Ḍhuṇḍbā To search after.
(ଢୁଁଡ଼ିବା, ଢୁଣ୍ଢିବା, ଢଣ୍ଡିବା—ଅନ୍ୟରୂପ)

ଢୁଣ୍ଡୁଣ୍—ଦେ. (ଧ୍ୱନ୍ୟନୁକରଣ) ଅ—ଅନୁଚ୍ଚ ଟିଂ ଟିଂ ଶବ୍ଦ—
Ḍhuṇḍuṇ Low tinkling sound.
(ଢଣ୍ଢଣ୍—ଅନ୍ୟରୂପ)

ଢୁଣ୍ଡୁପନ୍ଥନାନା—ଦେ. ବି (ନାମ)—ନାନା ଫଡ଼ନବିସ (ଦେଖ)
Ḍhuṇḍupanthanānā Nānā phaṟḍnabisa (See)

ଢୁଣ୍ଡୁରା—ଦେ. ବି (ସଂ. ଢୁଣ୍ଢ ଧାତୁ=ଅନ୍ୱେଷଣ)—୧ । ଅନ୍ୱେଷଣ;
Ḍhuṇḍurā ଖୋଜାଖୋଜି; ଧୁଣ୍ଡିବା—1. Searching.
ঢুণ্ডা, **ढूँढा**

ଢୁଣ୍ଢ (ଧାତୁ)—ସଂ.—ଅନ୍ୱେଷଣ କରିବା; ଖୋଜିବା—
Ḍhuṇḍha (root) To search after; to seek for.

ଢୁଣ୍ଢା—ସଂ. ବି—(ନାମ) ହିରଣ୍ୟକଶିପୁର ଭଉଣୀ—Name of the
Ḍhuṇḍhā sister of Hiraṇya Kaśipu.
[ଦ୍ର—ଏ ଶିବଙ୍କଠାରୁ ବର ପାଇଥିଲା ଯେ, ନିଆଁରେ ପୋଡ଼ି ହେବ ନାହିଁ । ପ୍ରହ୍ଲାଦକୁ ମାରି ପକାଇବା ପାଇଁ ନାନା

ଉପାସ୍ୟ କର ହିରଣ୍ୟକଶିପୁ କମ୍ପିତ ହେବାରୁ ଢୁଣ୍ଢାକୁ ଡାକିଲା । ଢୁଣ୍ଢା ପ୍ରହ୍ଲାଦକୁ କୋଡ଼ରେ ବସାଇ କାଠ ଗଦାରେ ଯାଇ ବସିଲା । ପ୍ରଭୁଙ୍କ ଦୟାରୁ ପ୍ରହ୍ଲାଦ ପୋଡ଼ିଗଲା ନାହିଁ କିନ୍ତୁ ଢୁଣ୍ଢା ଭସ୍ମ ହୋଇ ଗଲା—(ହି. ଶବ୍ଦସାଗର) ।]

ଢୁଣ୍ଢି—ସଂ. ବି—ଗଣେଶଙ୍କର ଏକ ନାମ—
Ḍhunḍhi One of the names of Gaṇesa.

ଢୁଣ୍ଢିରାଜଗଣେଶ—ଦେ. ବି (ସଂ. ଢୁଣ୍ଢି=ଗଣେଶ)—
Ḍhunḍhirājagaṇesa କାଶୀରେ ପ୍ରତିଷ୍ଠିତ ଗଣେଶ ମୂର୍ତ୍ତିଙ୍କ ନାମ—Name of an idol of Ganesh at Benares.

ଢୁମୁଢୁମୁ—ଦେ. (ଧ୍ୱନ୍ୟନୁକରଣ) ଅ—
Ḍhumuḍhumu ଢୋଲ ଆଦି ବାଦ୍ୟର ଅନୁଚ୍ଚ ଶବ୍ଦ—
(ଢୁମ୍ ଢୁମ୍—ଅନ୍ୟରୂପ) Low sound of drum.
ଢୁମ୍ ଢୁମ୍ [ଦ୍ର—ଢମଢମଠାରୁ ଅନୁଚ୍ଚ ।]
डिमडिम

ଢୁମ୍ପା—ଦେ. ବି (ଏ ବାଦ୍ୟରୁ ଉତ୍ପନ୍ନ ଢୁମ୍ ଢୁମ୍ ଶବ୍ଦ ଅନୁକରଣ)—
Ḍhumpā ୧ । ଗଡ଼ଜାତ ଓ ଗଞ୍ଜାମରେ ବ୍ୟବହୃତ ମଇ ଗଛର କାଣ୍ଡ ବା ଶିଆଳି ଲଟାର ଖୋଲରେ ନିର୍ମିତ ଏକପ୍ରକାର ଆନଦ୍ଧ ବାଦ୍ୟ—1. A kind of long double mouthed drum made from the hollow bark of 'Mai' (Odina wodier) tree or 'Siāli' creeper.

[ଦ୍ର—ମଇ ଗଛର ଗୋଟିଏ ୭ ହାତ ଲମ୍ବର ସଳଖ ଗଣ୍ଡିକୁ କାଟି ପାଣିରେ ବୁଡ଼ାଇ ରଖିଲେ କେତେ ଦିନ ପରେ ତହିଁର ବକଳଟି କାଠରୁ ଶ୍ଲଥ ହୋଇ ଖୁଣ୍ଡିଯାଏ ଓ ବକଳରୁ କାଠକୁ ଖସାଇଲେ କେବଳ ଫମ୍ପା ବକଳ ରହେ । ସେହି ଫମ୍ପା ବକଳକୁ ଶୁଖାଇ ଗଡ଼ଜାତର ଲୋକେ ତାହାର ଦୁଇ ମୁଣ୍ଡରେ ଚମଡ଼ା ଛାଉଣି କରନ୍ତି । ବାଦକମାନେ ଉକ୍ତ ଲମ୍ବ ବାଦ୍ୟର ଦୁଇପାଖରେ ଯୋଡ଼ା ଯୋଡ଼ା ହୋଇ ବସି ସାଗୁଆଲଗା କାଠି ବା ବାଡ଼ି ଖଣ୍ଡିଏ ଲେଖାଏ ପ୍ରତ୍ୟେକଙ୍କ ଦୁଇ ହାତରେ ଧରି ଉକ୍ତ ଗୋଲ ଫମ୍ପା ବକଳର ଦେହରେ ତାଳ ଅନୁସାରେ ଆଘାତ କରି ଗୀତ ବୋଲନ୍ତି । ଏହାକୁ ଢୁମ୍ପା ବାଦ୍ୟ ବୋଲିଯାଏ—ଏହାର ଗୋଲେଇ ୩॥ ଫୁଟ ଓ ଲମ୍ବ ୧୦ ଫୁଟ ପର୍ଯ୍ୟନ୍ତ ହୁଏ । ଏହା ଦେଖିବାକୁ ବଡ଼ ନାଠ ପରି ।]

୨ । ଢୁମ୍ପା ବାଦ୍ୟ ବଜାଇ ବୋଲିଯିବା ଗୀତ—
2. Songs sang in accompaniment of 'Ḍhumpā drum.

[ଦ୍ର—କବିସୂର୍ଯ୍ୟଙ୍କ ରଚିତ ଢୁମ୍ପା ଗୀତ ୬୪ (ଛୋଟ ଢୁମ୍ପା ଓ ଚାରି ଫୁଲ ଢୁମ୍ପା) ପଣ୍ଡିତ ଭୁଲମଣି ଦାଶଙ୍କ କବିସୂର୍ଯ୍ୟ ଗ୍ରନ୍ଥାବଳୀର ୪ର୍ଥ ଭାଗ ୨୯୮।୨୯୩।୨୯୪ ପୃଷ୍ଠାରେ ଦିଆ ହୋଇଅଛି ।]

ଢୁମ୍ପା ଗୀତ—ଦେ. ବି—ଢୁମ୍ପା ୨ (ଦେଖ)
Ḍhumpā gita Ḍhumpā 2 (See).
(ଢୁମ୍ପା ସଙ୍ଗୀତ—ଅନ୍ୟରୂପ) [ଦ୍ର—ଏହା ପ୍ରଥମେ ଗଞ୍ଜାମ ଓ ଅଠଗଡ଼ରୁ ଉଦ୍ଭାବିତ ଓ କବିସୂର୍ଯ୍ୟଙ୍କ ଦ୍ୱାରା ପ୍ରଥମେ ପ୍ରବର୍ତ୍ତିତ ବୋଲି କେହି କେହି କହନ୍ତି ।]

ଢୁମ୍ପାରାଷ୍ଟ୍ର—ଦେ. ବି—କନ୍ଦମୂଳଜାତୀୟ ଲତାବିଶେଷ—
Ḍhumpā rashṭra A kind of creeper with sweet bulbous roots.

ଢୁରି—ପ୍ରାଦେ (ସମ୍ବଲପୁର) ବି—ଶଗଡ଼ର ଟିପେଇ—
Ḍhuri A triangular prop for the front end of a cart.

ଢୁଳ—ଦେ. ବି.(ସଂ. ଦୁଲ୍ ଧାତୁ=ଚଳନ)—ନିଦ୍ରାବେଶଜନିତ ଚଳିବା; ଢୁମାଇବା—Dozing.
Ḍhuḷa
ଢଳ; झपकी, झूम

ଢୁଳା—ଦେ. ବି—ଢୁଳ (ଦେଖ)
Ḍhuḷā Ḍhuḷa (See).
ଢୁଳା ବିଣ—୧ । ସର୍ବଦା ଢୁଳାଇବାରେ ଅଭ୍ୟସ୍ତ—
झुमाउ 1. Given to dozing; drowsy.
୨ । ଢୁଳୁଢୁଳୁ (ଦେଖ)
2. Ḍhuḷu-ḍhuḷu (See)

ଢୁଳାଇ—ଦେ. ବି—ଢୋଳାଇ (ଦେଖ)
Ḍhuḷāi Ḍhoḷāi (See)
(ଢୁଳେଇ—ଅନ୍ୟରୂପ)

ଢୁଳା(ଳେ)ଇବା—ଦେ. କ୍ରି· (ସଂ. ଦୁଲ୍ ଧାତୁ)—ନିଦ୍ରାକୃଷ୍ଟ ହୋଇ
Ḍhuḷā(le)ibā ଇତସ୍ତତଃ ଚଳିବା; ନିଦ୍ରାରେ ଘାରି ହେବା—
ଢୁଳା; ଢୋଳା To drowse; to doze.
झूमना, झपकी लेना ଢୁଳାଇଲ ପରି କାମ ଅନଳ ଲାଗିରୁ—କବିସୂର୍ଯ୍ୟ. ସଙ୍ଗୀତ ।

ଢୁଳା ରୋଗ—ଦେ. ବି—ଢୁମା ରୋଗ—
Ḍhuḷā roga Sleeping sickness.
କୁମ୍ଭକର୍ଣ୍ଣ ରୋଗ ऊँघा रोग

ଢୁଳୁଢୁଳୁ—ଦେ. ବି—ନିଦ୍ରାକୃଷ୍ଟ ହେବାରୁ ଚଳିବା—
Ḍhuḷu-ḍhuḷu Dozing.
ଢୁଳୁଢୁଳୁ ବିଣ—୧ । ନିଦ୍ରାକୃଷ୍ଟ—1. Sleepy; drowsy.
झुलन ୨ । ନିଦ୍ରାକୃଷ୍ଟ; ନିଦ୍ରାରେ ଘାରି ହେବା; ଢୁଳାଉଥିବା—
ଢୁଳ ଢୁଳ, ଢୁଳା ଢୁଳା } ଅନ୍ୟରୂପ 2. Dozing; drowsing.
(ଯଥା—ଢୁଳୁଢୁଳୁ ଆଖି ।)

ଢୁସ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଢୁସୁ (ଦେଖ)
Ḍhus Ḍhusu (See)
(ଢୁସ୍ ଢୁସ୍—ଅନ୍ୟରୂପ)

ଢୁସାଫଳ—ପ୍ରାଦେ. (ଗଡ଼ଜାତ) ବି—ମଏଣ (ଦେଖ)
Ḍhusā-phaḷa Maeṇa (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଜ୍ଞ	ଇଯ୍	ଉଅ	ଈ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ନ୍

ଢୁସା—ଦେ. ବି. (ସଂ. ଧ୍ୱଂସ୍ ଧାତୁ=ହିଂସା କରିବା)—
Ḍhusā ୧ । ମୁଣ୍ଡ ଖପୁରି ଉପରେ ଅଙ୍ଗୁଠି ମୁଠା କରି ମାରିବା
ढुसा ଆଘାତ; ଠଣା—1. A hit on the head with
ढुसा the knuckles or back of the fist.
(ଢୁସି—ଅନ୍ୟରୂପ) ୨ । ମୁଠା କରାଯାଇଥିବା କରତଳଦ୍ୱାରା ଭୂଷିବା ଆଘାତ—
2. A butting stroke with the fisted palm.
୩ । କୁସ୍ତିର ଗୋଟିଏ ପେଚ—
3. A trick in wrestling.
[ଦ୍ର—ଏ ପେଚରେ ଉପରେ ଥିବା ପହଲୱାନ ତଳେ ଥିବା ପହଲୱାନର ବେକରେ ହାତ ମାରି ତାହାକୁ ଚିତ କରେ ।]
(ଢୁସୀ—ସ୍ତ୍ରୀ) ଦେ. ବିଣ. ପୁଂ—ସ୍ଥୂଳକାୟ—Fat.

ଢୁସା(ସେ)ଇବା—ଦେ. କ୍ରି. (ସଂ. ଧ୍ୱଂସ୍ ଧାତୁ. ହିଂସା କରିବା)
Ḍhusā(se)ibā ୧ । ଢୁସିବା କ୍ରିୟାର ଣିଜନ୍ତ ରୂପ—
ढुसान 1. The causative form of Ḍhusibā.
टकराना, ढाँसवाना ୨ । ଅନ୍ୟଦ୍ୱାରା ସବଳରେ ଆଘାତ କରାଇବା—
2 To cause to hit hard; to cause to ram or butt.
୩ । କୌଣସି ପଦାର୍ଥରେ ଅନ୍ୟ ପଦାର୍ଥକୁ ଜୋରରେ ବଜାଇବା—3. To cause to collide.
ସେ ଆଘାତରେ ଦୁଃଶାସନ ଉଠୁଁ ହୋଇ
ଚଢ଼ିଲ ରଥଦଣ୍ଡ ମୁଣ୍ଡକୁ ଢୁସାଇ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

ଢୁସିବା—ଦେ. କ୍ରି—ଜୋରରେ ଆଘାତ କରିବା—
Ḍhusibā To strike or hit hard; to ram.
ढुसान ହାର ପରି ମଣି ମୁଁ ଅଛୁଅଛେ ଗଇ
ढाँसना ପଥର କାନ୍ଥ ଥିଲ ଉହୁଁ ଢୁସି ହେଲ—କୃଷ୍ଣସିଂହ, ମହାଭାରତ, ସଭା ।

ଢୁସି ହେବା—ଦେ. କ୍ରି—ଚାଲିବା ସମୟରେ ଅଗ୍ରସ୍ଥିତ ବାଧାଦ୍ୱାରା
Ḍhusi hebā ଆଘାତ ପ୍ରାପ୍ତ ହେବା—To meet with an obstruction in front while walking.
ଫିଟିବା ଦୁଆରମାନଙ୍କୁ ଭେଟିଲେ
ନ ଫିଟିବା ଦ୍ୱାରମାନଙ୍କେ ଢୁସି ହେଲେ—କୃଷ୍ଣସିଂହ. ମହାଭାରତ. ସଭା ।

ଢୁସୁ—ଦେ. (ଧ୍ୱନ୍ୟନୁକରଣ) ଅ—
Ḍhusu ୧ । ଢୁସ୍; ହଠାତ୍ ଭୂମିରେ ପଡ଼ିଯିବା ଶବ୍ଦ—
धुस 1. Heavy sound of sudden fall.
ठस् ୨ । ଢୁସ୍ ଶବ୍ଦ କରି—
(ଢୁସ୍—ଅନ୍ୟରୂପ) 2. Producing a thudding sound.
ସେ ଅଘାତରେ ଦୁଃଶାସନ ଉଠୁଁ ହୋଇ
ପଡ଼ିଲ ରଥଦଣ୍ଡ ମୁଣ୍ଡକୁ ଢୁସାଇ—କୃଷ୍ଣସିଂହ, ମହାଭାରତ. କର୍ଣ୍ଣ ।

ଢେଉ—ଦେ. ବି. (ସଂ. ସ୍ଥୂଲ=ସ୍ଥୂଳ କିମ୍ବା ସମୁଦ୍ରର ଢେଉ ଆଘାତ
Ḍheu ବେଳେ ଢୁ ଢୁ ଶବ୍ଦ ଶୁଭିବାରୁ)—ଲହରି; ଜଳତରଙ୍ଗ;
ढेउ **लहर** ଊର୍ମି—Wave.
लहर, ढेउ

ଢେଁକ୍ରା—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି—ରଙ୍ଗା; ଗଛ ମାଡ଼ିବା
Ḍheṅkrā ପାଇଁ ବଅଯିବା ଝାଟି—Frame work or
ଢେଂକ୍ର } ଅନ୍ୟରୂପ trellis put on the ground to
ଢେଁକ୍ରା } make creepers creep up.

ଢେଁକ୍‌ଲିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । (ଭୁଲ. ଏହି
Ḍheṅk-libā ଅର୍ଥରେ ଢକେଲ୍‌ନା)—ପେଲି ଦେବା—
1. To push off.
୨ । ତରଳ ପଦାର୍ଥ ଢୋକ ଦେବା; ଗିଳି ଦେବା—
2. To swallow up; to gulp down.

ଢେଁକାର—ପ୍ରାଦେ. (ସମ୍ବଲପୁର) ବି—ଢକ୍କାର; ହାକୁଟି—
Ḍheṅkāra Belching.
(ଢେଂକାର—ଅନ୍ୟରୂପ)

ଢେଁଚା—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଢେଁକଲୀ=ଟେଣ୍ଡା)—
Ḍheṅchā ସାନ ଟେଣ୍ଡା—A small contrivance for
(ଢେଂଚା—ଅନ୍ୟରୂପ) lifting water.
[ଦ୍ର—ବେଶୀ ଗହୀରରୁ ପାଣିକୁ ବଡ଼ ଟେଣ୍ଡାଦ୍ୱାରା ଉଠାଇ ଗୋଟିଏ ଖାଲରେ ପହିଲେ ଜମା କରି ସେଠାରୁ ଅଉ ଗୋଟିଏ ଢେଁଚାଦ୍ୱାରା ତାହା ବିଆରିକୁ ବୁହାଇବାକୁ ହୁଏ ।]

ଢେକାର—ଦେ. ବି—ଢକାର (ଦେଖ)
Ḍhekāra Ḍhakāra (See)
(ଢେକର; ଢେକୁର—ଅନ୍ୟରୂପ)

ଢେକା—ଦେ. ବି—୧ । ଢାକ୍କା—
Ḍhekā 1. Dacca (in east Bengal).
ଢେକ୍କା } ଅନ୍ୟରୂପ ୨ । ବହୁଦୂରସ୍ଥ ଦେଶ—
ଢେଙ୍କା } 2. Any distant country; far off or distant country.
(ଯଥା—ଲୋକେ ବାଟ ପଚାରି ପଚାରି ଢେକାକୁ ଯାଉଛନ୍ତି ।)
୩ । (ସଂ. ଢକ୍କା) ବାଦ୍ୟବିଶେଷ; ଢକ୍କା—3 Drum.
୪ । ଢିକା (ଦେଖ)—4. Ḍhikā (See)

ଢେଙ୍କି—ପ୍ରାଦେ. (ବସ୍ତର) ବି—ଢିଙ୍କି (ଦେଖ)
Ḍhekī Ḍhiṅki (See)

ଢେଗ—ଗ୍ରା. ବି—ଢଗ (ଦେଖ)
Ḍhega Ḍhaga (See)

ଢେଗା—ଦେ. ବିଣ—ବର୍ତ୍ତୁଳ ଓ ବଡ଼; ଉମ୍ବାକୃତି—
Ḍhegā Egg-shaped; oval and protruding.
ডেবরা (ଯଥା—ଢେଗା ଆଖି ।)
(ଢେଗାଢେଗା—ଅନ୍ୟରୂପ) ବି—ଢାଗା—Single stitch.
ପ୍ରାଦେ. (ସମ୍ବଲପୁର) ବି—ପାତି ଖେଳରେ ସାନ କଉଡ଼ିମାନଙ୍କୁ ଲକ୍ଷ୍ୟ କରି ମରାଯିବା ବଡ଼ କଉଡ଼ି—Big cowrie which is aimed at the row of small cowries in a Pati game.

ସାଧାରଣ ଲୋକେ ଅନେକ ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ, 'କ୍ୱଥ' ନ ମିଳିଲେ 'କଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

ଢେଗାଅଖି—ଦେ ବି—ବଡ଼ ବଡ଼ ଉମ୍ମାକୃତ ଚକ୍ଷୁ—
Ḍhegāākhi Oval and protruding eyes.
ডেবরাচোখ

ଢେଗାଅଖିଆ—ଦେ. ବିଣ. ପୁଂ—ବଡ଼ ବଡ଼ ଚକ୍ଷୁ ଯାହାର ଥାଏ—
Ḍhegā ākhiā Having oval and protruding eyes.
(ଢେଗା ଅଖେଇ—ସ୍ତ୍ରୀ)

ଢେଗାଫଳ—ଦେ. ବି—ଅଣ୍ଡାକାର ବର୍ତ୍ତୁଳ ଫଳବିଶେଷ; ଲେଖନ
Ḍhegāphaḷa କୋଳି—A kind of egg-shaped fruit.

ଢେଗା ମାରିବା—ଦେ. କ୍ରି—କୌଣସି ବସ୍ତ୍ରଖଣ୍ଡକୁ ଅଟକାଇ ରଖିବା
Ḍhegā māribā ଉଦ୍ଦେଶ୍ୟରେ ଦୂର ଛାଡ଼ିଆ କରି ଟାଙ୍କା ମାରି
টাঁকামারা ସିଲେଇ କରିବା—To make single and
टाँकामारना distant stitches.
(ଢେଗା ଗଳାଇବା; ଢେଗା ଗଲେଇବା—ଅନ୍ୟରୂପ)

ଢେଙ୍କଣ—ଦେ. ବି—୧ । ଢଙ୍କଣ (ଦେଖ)
Ḍheṅkaṇa 1. Ḍhaṅkaṇa (See)
୨ । ଲମ୍ବ ବେଣ୍ଟଯୁକ୍ତ ବର୍ଚ୍ଛା—
2. Long handled lance.

ଢେଙ୍କଲା—ପ୍ରାଦେ. (ଗଡ଼ଜାତ) ବି—ଢେକା—
Ḍheṅkaḷā Brick bats; clods of earth for flinging.

ଢେଙ୍କା—ଦେ. ବି—୧ । ଢେକା (ଦେଖ)
Ḍheṅkā 1. Ḍhekā (See)
ଢେଂକା } ଅନ୍ୟରୂପ ୨ । ଢିରା (ଦେଖ)
ଢେଁକା } 2. Ḍhirā (See)
୩ । ପ୍ରାଚୀନକାଳରେ ଢେଙ୍କାନାଳ ରାଜ୍ୟରେ ରାଜତ୍ୱ କରୁଥିବା ରଣପ୍ରିୟ ଶବର ରାଜା—3. Name of a king of the Sabara caste who ruled over the Dhenkanal State of Orissa in anceint times.

କପିଳାସ ଢୋଲ ନିବାସୀ ଶବର
ରଣରଙ୍କା ଢେଙ୍କା ଯା ବଂଶଶେଖର । ସ୍ୱଧାନାଥ· ନନ୍ଦୀକେଶ୍ୱରୀ ।

[ଦ୍ର—ତାଙ୍କର ବାସସ୍ଥାନ ଖାଲଆ ପର୍ବତ ଶିଖରରେ ଥିଲା । ଶ୍ରୀଧର ଭଞ୍ଜ ନାମକ ଜଣେ କ୍ଷତ୍ରିୟ ତାଙ୍କୁ ପରାଜିତ କରି ତାହା ନାମରେ ରାଜ୍ୟର ନାମ ଢେଙ୍କାନାଳ ଦେଲେ ।]

ପ୍ରାଦେ. (ସମ୍ବଲପୁର) ବି—ଠେକା—Turban.

ଢେଙ୍କାନାଳ—ଦେ. ବି. (ନାମ)—ଓଡ଼ିଶାର ଗୋଟିଏ ବଡ଼ ଗଡ଼ଜାତ
Ḍheṅkānāḷa ରାଜ୍ୟ—Name of one of the bigger Orissa States.
ଢେଂକାନାଳ } ଅନ୍ୟରୂପ
ଢେଁକାନାଳ }

ଢେଙ୍କାଶ୍ରାବଣ—ଦେ. ବି—ଅସ୍ରାଶ୍ରାବଣ; ଯେଉଁ ଶ୍ରାବଣମାସରେ ଢିଙ୍କି
Ḍheṅkāsrābaṇa ଲୁଟିଲା ପରି ଅନବରତ ବୃଷ୍ଟି ହୁଏ—
(ଢେକାଶ୍ରାବଣ—ଅନ୍ୟରୂପ) Month of Śrābaṇa in which it rains incessantly.

ଅଗସ୍ତରେ ଢେଙ୍କାଶ୍ରାବଣ, ଭାଦ୍ରବ ଚଉଶିବନ
ଅଶ୍ୱିନ ମାସରେ ଗହଳା ଗହଳ, କାର୍ତ୍ତିକରେ ପାଇବୁ ଧନ ।
କୃଷିବଚନ ।

ଢେଙ୍କି—ଦେ. ବି—ଢିଙ୍କି (ଦେଖ)
Ḍheṅki Ḍhiṅki (See)
(ଢେଂକି, ଢେଁକି—ଅନ୍ୟରୂପ)

ଢେଙ୍କିଆ—ଦେ. ବି—୧ । ବାଲିରେ ଢିଙ୍କି ପରି ଖଣ୍ଡିଏ କାଠି ପୋତି
Ḍheṅkiā ଅଖି ଆଡ଼କୁ ବାଲି ଛୁଆଁଡ଼ିବା—
1. A mode of sprinkling sands towards the eyes of a person by means of a contrivance of a twig resembling a ḍhenki.
୨ । ପୂର୍ବେ ଅବଧାନମାନେ ଛାତ୍ରମାନଙ୍କୁ ଦେଉଥିବା ଦଣ୍ଡବିଶେଷ—2 A kind of punishment given in the village schools in old days.

[ଦ୍ର—ଏଥିରେ ଡାହାଣ ଅଣ୍ଟୁକୁ ଭୂଇଁରେ ମାଡ଼ିବସି ବାଆଁ ଗୋଡ଼ର ତଳପାରେ ବସି ବାଆଁ ଗୋଡ଼ ଓ ଜଙ୍ଘ ସନ୍ଧିରେ ବାଆଁ ହାତ ପୂରାଇ ବାଆଁ ହାତଦ୍ୱାରା ନିଜର ନାକକୁ ଧରି ଡାହାଣ ହାତରେ ନିଜର ବାଳ ଧରି ମୁହଁକୁ ଭୂଇଁରେ ଲଗାଇବାକୁ ହୁଏ ।]

ଢେଙ୍କିବୁଁଧିଆ—ପ୍ରାଦେ (ସମ୍ବଲପୁର) ବିଣ—ଯେଉଁ ଗଛର ମୂଳ ପାଖ ବା
Ḍheṅkibuṅdhiā ଗଣ୍ଡି ଢିଙ୍କି ପରି ମୋଟ (ପ୍ରାୟ ୧ ଫୁଟ ବ୍ୟାସବିଶିଷ୍ଟ)—(a tree) Having the trunk at the foot about one foot in diameter.

ଢେଙ୍କୁଣ—ପ୍ରାଦେ (ଗଡ଼ଜାତ) ବି—ଢଙ୍କୁଣ (ଦେଖ)
Ḍheṅkuṇa Ḍhaṅkuṇa (See).

ଢେଙ୍କୁଣିଆ—ପ୍ରାଦେ (ଗଡ଼ଜାତ) ବି—ଢଙ୍କୁଣିଆ (ଦେଖ)
Ḍheṅkuṇiā Ḍhaṅkuṇiā (See).
[ଦ୍ର—୧୮୯୯ ସାଲ ପର୍ଯ୍ୟନ୍ତ କେନ୍ଦୁଝରରେ ଢେଙ୍କୁଣିଆ ପାଇକ ନାମରେ ଏକ ଶ୍ରେଣୀର ଜାଗିରିଆ ପାଇକ ଥିଲେ ।]

ଢେଙ୍କୁଲି—ପ୍ରାଦେ (ଗଡ଼ଜାତ) ବି—ଛାଟିକିଣି—
Ḍheṅkuli A sling.

ଢେଙ୍ଗରା—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ବିଣ—ବଗଡ଼ା; ମୋଟା—
Ḍheṅgarā Coarse.
(ଯଥା—ଢେଙ୍ଗରା ଭାତ; ଢେଙ୍ଗରା ଚାଉଳ ।)

ଢେଙ୍ଗା—ପ୍ରାଦେ (ସିଂହଭୂମ) ବିଣ—ଡେଙ୍ଗା—
Ḍheṅgā Tall

ଢେଣ କୋଇଲା (ଇତ୍ୟାଦି)—ପ୍ରାଦେ (ଗଡ଼ଜାତ) ବି—
Ḍheṇa koilā (etc) ଢେଣୁ ଇତ୍ୟାଦି (ଦେଖ)
Ḍheṇu etc (See).

ୖ	ଈ	ଊ	ୠ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇସ୍ତ	ଈଅ	ଛ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	●	ନ୍ତ

ଢେଣୁ—ପ୍ରାଦେ (ପୁରୀ) ବି (ସଂ. ଧନୁ)—ପୁରୀ ସାଇଯାତରେ ବାହାରିବା
Ḍheṇu ନାଗାମାନଙ୍କ ପିଠିରେ ବନ୍ଧାଯିବା ଧନୁ—
Bow tied to the back of 'Nāgās in the 'Sāijāta of Puri town.

ପ୍ରାଦେ (ଗଡ଼ଜାତ)—ବି—ଗଡ଼ଜାତରେ ଗ୍ରାମ ଦେବତା ମଙ୍ଗଳାଙ୍କ ନିକଟରେ ବାଜିବା ବାଦ୍ୟବିଶେଷ—A sort of musical instrument struck before "Village Goddess in the Orissa States.

[ଦ୍ର—କୌଣସି କୌଣସି ଗଡ଼ଜାତରେ ଅଣ୍ଡିନ ମାସ ଷୋଳ ପୂଜା ସମୟରେ ବ୍ରାହ୍ମଣ କରଣ ଉଚ୍ଚ ଅନ୍ୟଜାତୀୟ ସ୍ତ୍ରୀଲୋକମାନେ ମଙ୍ଗଳାଙ୍କ ମନ୍ଦିରକୁ ଯାଇ ଗୋଟିଏ ଗୋଟିଏ କଳସ ପୋଖରୀକୁ ନେଇ ସେଠାରେ ସ୍ନାନ କରନ୍ତି । ସକାଳେ ସେହି ସ୍ତ୍ରୀମାନେ ମଙ୍ଗଳାଙ୍କ ପୀଠରେ ରୁଣ୍ଡ ହୋଇ ଠାକୁରାଣୀଙ୍କୁ ଭକ୍ତି କରନ୍ତି ଓ ସ୍ୱାର୍ଥ ଗମକ ନାମରେ ଗୀତ ଗାଆନ୍ତି । ଗୋଟାଏ ହାଣ୍ଡି ମୁହଁରେ ଝୁଲା ଘୋଡ଼ାଇ ତା ଉପରେ ଗୋଟିଏ ଗୁଣଯୁକ୍ତ ଧନୁ ରଖି ତାକୁ ଟାଣି ଏକପ୍ରକାର ଶବ୍ଦ ମଧ୍ୟ କରନ୍ତି । ଏଭଳି ବାଦ୍ୟକୁ କୋଇଲା କହନ୍ତି । ଏହି ଯାତ୍ରା "ଅଣ୍ଡିନ ମଙ୍ଗଳା" ଯାତ୍ରା ନାମରେ ପରିଚିତ ।]

ଢେଣୁଆଁ—ଦେ. ବି—ଢେଣୁଆଁ (ଦେଖ)
Ḍheṇuñāñ Ḍeṇuāñ (See).

ଢେଣୁକ—ଦେ. ବି—ଧନୁ—
Ḍheṇuka Bow.

ଢେଣୁ କୋଇଲା (ଇତ୍ୟାଦି)—ପ୍ରାଦେ (ଗଡ଼ଜାତ) ବି—
Ḍheṇu koilā (etc) ଢେଣୁ (ଇତ୍ୟାଦି) (ଦେଖ)
Ḍheṇu (etc) (See).

ଢେଣୁ ଗୀତ—ପ୍ରାଦେ (ଗଡ଼ଜାତ) ବି—ଢେଣୁ ବାଦ୍ୟ ସହିତ ବୋଲାଯିବା
Ḍheṇu gita ଗୀତ—The songs sung in accompaniment of the Dheṇu music.

ଢେଣ୍ଡ୍ରା (ଇତ୍ୟାଦି)—ଡେଙ୍ଗୁରା ଇତ୍ୟାଦି (ଦେଖ)
Ḍheṇḍrā etc. Ḍeṅgurā etc (See)
ঢেংড়রা, **ढिंढोरा**

ଢେଣ୍ଡୁରା ଇତ୍ୟାଦି—ଡେଙ୍ଗୁରା ଇତ୍ୟାଦି (ଦେଖ)
Ḍheṇḍurā etc. Ḍeṅgurā etc. (See)

ଢେଁପ୍‌ଲିବା—ପ୍ରାଦେ (ସମ୍ବଲପୁର) କ୍ରି—ଢେଁକ୍‌ଲିବା (ଦେଖ)
Ḍheñplibā Ḍheṅklibā (See)

ପ୍ରାଦେ. (ଗଡ଼ଜାତ) ବି—ଗଡ଼ଜାତରେ ସବାରି କାନ୍ଧିଆ ବେହେରାଙ୍କ ଭାଷାବିଶେଷ—One of the words uttered by Palki bearers in the Orissa States.

(ଯଥା—ଢେଁପ୍‌ଲିବା, ଚିପେଇଥିବା ।)

ଢେପ—ପ୍ରାଦେ (ଗଞ୍ଜାମ) ବିଣ—ଟିପ; ଉଚ୍ଚ (ଭୂମି)—
Ḍhepa High (land)

ବି—ଉଚ୍ଚ ଭୂମି—High land.

ଢେପା—ଦେ. ବିଣ—୧ । ଟିପା—
Ḍhepā 1. High.
ঢিপা ୨ । ଡେଙ୍ଗା—2. Tall.

ଗାଈ କରିବ ଗୁରୁଡ଼ ଗାରଡ଼ି, ବଳଦ କରିବ ଢେପା
ଅଖ୍ୟ ବଳଦକୁ ମାଣେ ନ କରିବ, ପାଏ କରିଥିବ କପା । କୃଷିବଚନ ।

ଢେବା—ଦେ. ବିଣ—ଡମ୍ବା (ଦେଖ)
Ḍhebā Dimbā (See)

ଢେବା ଗେବା—ଦେ. କ୍ରି. ବିଣ—୧ । ଉଅଠଅ କରି; ବିଶ୍ରୀ ବା
Ḍhebā gebā ଅସୁନ୍ଦର ଭାବରେ—1. Unelegantly.
(ଯଥା—ସେ ଢେବା ଗେବା କରି କାମ କରୁଛି ।)
अड़बड़ ୨ । ଢେବା ଗେବା; ଖାବୁ ଖାବୁଆ; ଅସମାନ ଭାବରେ—2. Unevenly.

ଢେଲ ଲଗାଇବ ଢେବା ଗେବା,
ଜଳ ଖାଇବାକୁ ଆଗ
ଚଢ଼ି ହୋଇ ଶୋଇ ପଡ଼ିଥିବ,
ମାଡ଼ି ବସିଥିବ ଜାଗା । ପ୍ରବଚନ ।

ଢେବା ଢେବା—ଦେ ବିଣ—ଡମ୍ବା ଡମ୍ବା (ଦେଖ)
Ḍhebā ḍhebā Ḍimbā ḍimbā (See)

ଢେମଣ—ଦେ. ବି. ପୁଂ. (ସଂ. ଧମନୀ=ଛିଦ୍ରଖାଇ; ହଟ୍ଟବିଳାସିନୀ)—
Ḍhemaṇa ୧ । ଉପପତି—1 A gallant; paramour.
(ଢେମଣୀ—ସ୍ତ୍ରୀ) ୨ । ଜାରଜ—2. Bastard; illegitimate.
୩ । ଅଲଜ୍ଜୁକ—3. A shameless person.
୪ । କୁଚରିତ୍ର ବା ଲମ୍ପଟ ବ୍ୟକ୍ତି—4. A lewd lecher.

ଢେମଣା—ଦେ. ବି—୧ । ଢେମଣ (ଦେଖ)
Ḍhemaṇā 1. Dhemaṇa (See)
୨ । ଧମଣା (ଦେଖ)—2. Ḍhamaṇā (See)

ଢେମଣୀ—ଦେ. ବି. ସ୍ତ୍ରୀ—(ସଂ. ଧମନୀ=ହଟ୍ଟବିଳାସିନୀ)—
Ḍhemṇi ୧ । ଉପପତ୍ନୀ; ରକ୍ଷିତ ସ୍ତ୍ରୀ—1. Mistress; kept
ঢেমনী woman; concubine.
उढरी ୨ । ବେଶ୍ୟା—2. Prostitute.
୩ । କୁଳଟା; ନଷ୍ଟା ସ୍ତ୍ରୀ—3. Adulteress.
୪ । ସ୍ତ୍ରୀଲୋକଙ୍କ ପ୍ରତି ଗାଳି—4. A term of rebuke.
୫ । ମାଈ ଢେମଣା ସାପ—
5. A female 'Ḍhemaṇā' serpent.

ଢେମା—ଦେ. ବି—ଢିମା (ଦେଖ)
Ḍhemā Ḍhimā (See)

ଢେର—ଦେ. ବିଣ—(ସଂ. ଭୂରି)—୧ । ଯଥେଷ୍ଟ—
Ḍhera 1. Abundant; sufficient.
ঢের ଏ ସବୁ କଥା ଲେଖିବାକୁ ଗଲେ ଢେର କାଗଜ,
ढेर କଲମ, ଢେର ସମୟ ଆବଶ୍ୟକ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କ୍ୱଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

୨ । ପ୍ରଚୁର; ବହୁତ; ଅତ୍ୟଧିକ; ଅନେକ—
2. Too much; execessive; too many.

ବି.—ଅତ୍ୟଧିକ—Execess; plenty.

ଢେର୍‌ା—ପ୍ରାଦେ. (ସମ୍ବଲପୁର) ବି.—୧ । ଏକପ୍ରକାର ପାଣିଛୁଆଁ ତନ୍ତି
Dherā ଜାତି—1. A class of touchable weaver.
୨ । (ଭୁଲ. ହି. ଏହି ଅର୍ଥରେ ଏହି ଶବ୍ଦ)—ସୂତା କାଟିବା ପାଇଁ ବ୍ୟବହୃତ ତାକୁଡ଼ି—2. A kind of spindle for spinning thread.
ପ୍ରାଦେ. (ଯାଜପୁର) ବି.—ଘର ମଙ୍ଗଳାଙ୍କ ପୂଜାବିଶେଷ—
[ଦ୍ର—ଭାଦ୍ର ମାସରେ ଥରେ ମଙ୍ଗଳବାର ବା ଶନିବାର ଢେଁକାମଣ୍ଡା କରି ପ୍ରତି ଘରେ କଳସ ବସାଇ ଘର ମଙ୍ଗଳାଙ୍କୁ ପୂଜା କରାଯାଏ, ଏବଂ ଗୋରୁଖୁଣ୍ଟ ମୂଳେ, ଦାଣ୍ଡରେ ଢେଁକାପଣା ଢାଳି ଗାଁ ମୁଣ୍ଡ ଛକ, ପୋଖରୀ କୂଳରେ ଥିବା ବୁଙ୍କା ମୂଳରେ ସେହି ଢେଁକାମଣ୍ଡାକୁ ଗ୍ରାମର ୨।୪ ଜଣ ବୁଢୀ ରଖି ଦେଇ ଆସନ୍ତି । ସେହି ଦିନ ରାତିରେ ଗ୍ରାମର ସମସ୍ତ ଅବିବାହିତ ସ୍ତ୍ରୀଲୋକ କମଳଭୁଞ୍ଜା କରନ୍ତି ।]

ଢେଲ୍—ପ୍ରାଦେ. (ସମ୍ବଲପୁର) ବି—(ସଂ. ଦଳ)—ଢେଲା; ଟେକା;
Dhel ଲୋଷ୍ଟ୍ର—Clod of earth for flinging.

ଢେଲା—ଦେ. ବି. (ସଂ. ଦଳ, ଢଳ)—ଲୋଷ୍ଟ୍ର; ବଡ଼ ଟେକା—
Dhelā Big clod of earth used for pelting.
ঢেলা ଦେ. ବିଣ.—ଢେଗା (ଦେଖ)
ढेला Dhegā (See)

ଢେଲା ଆଖିଆ—ଦେ. ବିଣ. ପୁଂ.—ଢେଗା ଆଖିଆ (ଦେଖ)
Dhelā ākhiā Dhegā ākhiā (See)
(ଢେଲାଆଖୀ—ସ୍ତ୍ରୀ)

ଢୋ—ଦେ. (ଧ୍ୱନ୍ୟନୁକରଣ) ଅ.—ଢୋ ଢା (ଦେଖ)
Dho Dho dhā (See)

ଢୋଇବା—ପ୍ରାଦେ. (ସିଂହଭୂମ) କ୍ରି. (ଭୁଲ. ହି. ଢୋନା=ବୋହି
Dhoibā ନେଇ ପଳାଇବା)—(ସମ୍ପତ୍ତି) ଉଡ଼ାଇ ନଷ୍ଟ କରିବା—
To squander.

ଢୋକ—ଦେ. ବି. (ସଂ. ସ୍ତୋକ; କିମ୍ବା ଢୌକ=ଗତି)—୧ । ଯେଉଁ
Dhoka ପରିମିତ ଜଳ ଏକାଥରକେ ଗଳାଧଃକରଣ କରି ଯାଇ
ঢোক ପାରେ; ଏକ ଢୋକ ପରିମିତ ଜଳ—
घूंट 1. A gulp of water; a draught.
ଢୋକୁଟିଏ ବିନା ହୃଷ୍ଟ ମୋ ସାରି ଯାଉଛି ବୃଷ୍ଟି ।
କବିସୂର୍ଯ୍ୟ, କଳୋଗଚକ୍ର, ୮: ଗୀତ ।
୨ । ଭୋଜନ କ୍ରିୟା—2. Eating.
୩ । ଜୀବିକା—3. Livelihood; sustenance.
(ଯଥା—ସୁନ୍ଦର ଖଣ୍ଡି ଗଲା ଦିନୁ ଆଉ ଆମର ଢୋକ ଚଳିବାକୁ ନାହିଁ ।)

[ଦ୍ର—ଢୋକେ ପି, ଦଣ୍ଡେ ଜୀ—ନ୍ୟାୟ ।
ଲୁପ୍ତପ୍ରାପ୍ତ ବିପଦରୁ ଖଲାସ ହୋଇ ପରେ କି ଅବସ୍ଥା ହେବ ତହିଁ ପ୍ରତି ଦୃଷ୍ଟି ନ ରଖିବା ସ୍ଥଳରେ ଏ ନ୍ୟାୟ ପ୍ରଯୋଜ୍ୟ । ବର୍ତ୍ତମାନ ଢୋକେ ପାଣି ପିଇ ଦେଲେ ଦଣ୍ଡକ ପାଇଁ ଶୋଷ ମରିଯିବ । କିନ୍ତୁ ତା ପରେ କିପରି ତୃଷା ନିବୃତ୍ତି ହେବ ଏଥିର ଉପାୟ ନ ଭାବିବା ସ୍ଥଳରେ ଏ ନ୍ୟାୟ ଉଲ୍ଲେଖ କରାଯାଏ ।]

ଢୋକ ଚଳା(ଳେ)ଇବା—ଦେ. କ୍ରି.—ଜୀବିକା ନିର୍ବାହ କରିବା—
Dhoka chaḷā(le)ibā To carry on one's livelihood.

ଢୋକ ଚଳିବା—ଦେ. ବି.—ଜୀବିକା ନିର୍ବାହ ହେବା—
Dhoka chaḷibā Maintenance.

ଢୋକ ଛାଡ଼ିବା—ଦେ. କ୍ରି.—(ମୁମୂର୍ଷୁ ବ୍ୟକ୍ତି) ଖାଇବା ବନ୍ଦ କରିବା—
Dhoka chhāṛḍibā ଆହାର ଛାଡ଼ିବା—To give up
আহার ছাড়া taking any food (said of a
अथार छोड़ना dying man.)
(ଢୋକ ଛାଡ଼ି ଦେବା—ଅନ୍ୟରୂପ)

ଢୋକା(କେ)ଇବା—ଦେ. କ୍ରି.—୧ । ଢୋକିବା କ୍ରିୟାର ଣିଜନ୍ତରୂପ—
Dhokā (ke)ibā 1. The causative form of Dhokibā.
ঢেকান ୨ । ଢୋକିବାକୁ ବାଧ୍ୟ କରିବା—2. To cause
ढुकवाना another to gulp or swallow.
୩ । (ପଶିବାର ଣିଜନ୍ତ) ପ୍ରବେଶ କରାଇବା—
3 To thrust; to cause to enter.
୪ । ମୁମୂର୍ଷୁ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିବା—
4. To pant feebly just before dying.

ଢୋକାଏ—ଦେ. ବିଣ. ଓ ବି.—ଏକ ଢୋକ ମାତ୍ର—
Dhokāe One sip only (of)
এক ঢোক
(ଢୋକେ—ଅନ୍ୟରୂପ)

ଢୋକିବା—ଦେ. କ୍ରି.—(ସଂ. ସ୍ତୋକ; ସଂ. ଢୌକ ଧାତୁ=ଗତି)—
Dhokibā ୧ । ଗିଳିବା—1. To gulp down.
ঢোকা ୨ । ଗଳାଧଃକରଣ କରିବା—
ढोकाल ढोकना 2. To swallow.
୩ । ପିଇବା—3. To drink.
ଢୋକୁଟିଏ ତା ପଲ୍ଲବ, ଅଧରରୁ ମଧୁ ଦ୍ରବ ଢୋକିବା କବେକ ଲବ
ନୋହିଲ ରେ । କବିସୂର୍ଯ୍ୟ, ସଙ୍ଗୀତ ।

ଢୋଡ୍ର—ପ୍ରାଦେ. (ସିଂହଭୂମ) ବି.—ଗଛର କୋରଡ଼—
Dhodra The hollow inside the trunk of a tree.
ବିଣ.—ପୋଲା (ଗଛ)—Hollow (tree)

ଢୋଢା—ଦେ. (ଧ୍ୱନ୍ୟନୁକରଣ) ଅ.—୧ । ଢୋ ଢା ଶବ୍ଦ; ବାଣ ଓ
Dhoḍhā ବନ୍ଧୁକ ଆଦି ଫୁଟିବାର ଉଚ୍ଚ ଶବ୍ଦ—1. The loud report of fire work or gun.

୧	ଌ	ଊ	ର,ହ୍ଲ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଅ	ଛ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଙ୍କ	ନ୍

୨ । ଦୁଇଟି କଠିନ ବସ୍ତୁର ପରସ୍ପର କାଡ଼େଇ ହେବାର ଉଚ୍ଚ ଶବ୍ଦ—2. The loud sound of two hard things striking against each other.

ଢୋଲ—ଦେ. ବି. (ସଂ. ଢୁଲ୍ ଧାତୁ)—୧ । ଢୁଳ—
Ḍhola 1. Dozing; drowsiness.
ढूल ୨ । ନିଦ୍ରାଳୁତା—2. Sleepiness.
ऊँघ,झपकी
ବସି ଥିଲ ଉଜାଗରେ, ଭଜନ ଅନ୍ତ ପହରେ,
ଅଳ୍ପ ଆସିଲା ଢୋଳ, ଏମନ୍ତ ବେଳ ସେ । ଭକ୍ତ-ସ୍ୱବଶ୍ୟବର୍ଗ ।

ଢୋଲ—ସଂ. ବି.—ଦୁଇ ମୁହଁରେ ଚମଡ଼ା ଛାଉଣି ହୋଇଥିବା କାଠର
Ḍhola ଲମ୍ୱ ବାଦ୍ୟ—Drum
ହାତ୍ର ଗାଏ କହନ୍ତି ଢୋଲ ଗାଏ ମାଡ଼ । ପ୍ରବଚନ ।
[ଦ୍ର—ଘରରେ ମୂଷା ପୂରେଇ ଢୋଲ ସେଇଁବା ନ୍ୟାୟ—ଅର୍ଥାତ୍ ଅନଭିଜ୍ଞ ବ୍ୟକ୍ତିକୁ ଘର ଭିତରେ ରଖି ବାହାରରୁ ଲୋକଙ୍କୁ ଯିବା ଆସିବା ବନ୍ଦ କରିବା ନ୍ୟାୟ ନିଷ୍ଫଳ ପରିଶ୍ରମ । ଢୋଲର ଏକ ପାଖକୁ ବାଆଁ ହାତଦ୍ୱାରା ଓ ଅନ୍ୟ ପାଖକୁ ଡାହାଣ ହାତରେ ଖଣ୍ଡେ କାଠି ଧରି ବଜାଇବାକୁ ହୁଏ । ସେହି କାଠିକୁ ଷେପ ବା ଷେପକାଠି ବୋଲାଯାଏ ।]

ଦେ. ବି.—୧ । (ଢୋଲ ଆକାରରୁ) ପେଟ—1. Belly.
୨ । ଏକ ପ୍ରକାର ଛୋଟ ଡଙ୍ଗା—
2 A dug-out or drum-like canoe.
୩ । ବୟା—3. A buoy.
୪ । ଢୋଲ ଆକାରର ଲୁହା ବା କାଠର ଫମ୍ପା ଭାସମାନ ନଳ ଦ୍ୱୟ ଯାହା ନୌକାରୂପେ ବ୍ୟବହୃତ ହୁଏ—
4. Two hollow iron cylinders joined together and used as a dug-out.
୫ । ଭସା ପୋଲ ଯେଉଁ ଫମ୍ପା ଲୁହା ନଳମାନ ଉପରେ ଭାସେ—
5. Cylindrical hollow iron tubes on which floating bridges are supported.
ବିଣ—ଫମ୍ପା—Hollow.

ଢୋଲକି—ଦେ. ବି. (ସଂ. ଢୋଲ)—ଛୋଟ ଢୋଲ—
Ḍholaki Small drum.
ঢোলক, ঢোলকী [ଦ୍ର—ସଙ୍ଗୀତ ବୋଲିବା ବେଳେ ଏହା ତାଳ
ढोलक, ढोलकी ଦେବା ପାଇଁ ବାଦିତ ହୁଏ; ଏହାର ଦୁଇମୁହଁକୁ
ଢୋଲକ } ଅନ୍ୟରୂପ ଦୁଇହାତଦ୍ୱାରା ବଜାଯାଏ ।]
ଢୋଲି }

ଢୋଲ ଢୋଲନା—ଦେ. ବି—ମରହଟ୍ଟାଙ୍କ ବିବାହ ଉପଲକ୍ଷରେ ବର-
Ḍhola ḍholanā କନ୍ୟାଙ୍କ ବନ୍ଧାଣ ଲାଗି ବରର 'ଢୋଲ' ଓ କନ୍ୟାର 'ଢୋଲନା' ନାମକ ସୁନ୍ଦର ମୁଦ୍ରିକାଦ୍ୱୟ—
The respective names of the two rings presented to the bridegroom and bride on occasions of marriage amongst the Marhattas.

ଢୋଲ ପିଟିବା—ଦେ. କ୍ରି. (ଲକ୍ଷଣାର୍ଥ)—ଧେଣ୍ଡୁରା ଦେବା; ଘୋଷଣା
Ḍholapiṭibā କରିବା—(figurative) To publish a
ঢোল পীটা matter by beat of drum.
ढोल पीटना

ଢୋଲା—ଦେ. ବିଣ—୧ । ଉଚ୍ଚ; ବଡ଼ ଓ ଫମ୍ପା—
Ḍholā 1· Hollow and big.
ঢোলা ୨ । (ପୁଂ) ପେଟୁଆ; ବଡ଼ପେଟୁଆ—
पोला 2. Pot-bellied
(ଢୋଲି—ସ୍ତ୍ରୀ) ୩ । ଅକର୍ମଣ୍ୟ—3. Worthless
ঢোলা; ঢোস্কা; ঢোসা ୪ । ପେଟୁ; ଉଦରମ୍ଭରି—
पेटल 4. Greedy; gluttonous.
(ଢୋଲି—ସ୍ତ୍ରୀ) ୫ । ସ୍ଥୂଳକାୟ—5. Stout; corpulent.

ଢୋଲା ଆଖିଆ—ଦେ. ବିଣ—ଢେଗା ଆଖିଆ (ଦେଖ)
Ḍholā ākhiā Ḍhegā ākhiā (See)

ଢୋଲା(ଲେ)ଇ—ଦେ. ବି. (ସଂ. ବୋଢ଼=ବହନ କରିବା; ହି.
Ḍholā(le)i ଶବ୍ଦସାଗର)—୧ । ଶଗଡ଼ରେ ଜିନିଷ ବୋହାଇ
ঢোলাই କରି ବୋହିବା—1. Carrying and carting of burdens.
ढुलवाई
୨ । ଶଗଡ଼ ଭଡ଼ା—2. Cart hire.
୩ । ମାଟିକୁ ସମତୁଲ କରିବା—
3. Levelling the ground.
୪ । ମାଟିକୁ ସମାନ କରିବାର ଖରଚ—
4. Cost of levelling a plot of land.
୫ । ତଳରେ ଜମା କରିବା ପାଇଁ ପଥର ଗୋଡ଼ି ଆଦିକୁ ଡଙ୍ଗାରୁ ବା ଶଗଡ଼ରୁ ବାହାର କରିବା—
5. Unloading a cart or boat.

ଢୋଲା(ଲେ)ଇ ପଡ଼ିବା—ଦେ. କ୍ରି—ଢୋଲାଇବା (ଦେଖ)
Ḍholā(le)ipaṛdibā Ḍholāibā (See)

ଢୋଲା(ଲେ)ଇବା—ଦେ. କ୍ରି. (ସଂ. ଢୁଲ୍ ଧାତୁ)—
Ḍholā(le)ibā ଢୁଳାଇବା; ଘୁମାଇବା—To doze.
ঢোলা ଢୋଲାଇବା ପରି ଲଗେ, ତଳେ ପଡ଼ିଯିବା ଭଳି ।
ऊँघना କବିସୂର୍ଯ୍ୟ, ଦଣ୍ଡୋଗୋବିନ୍ଦ ଚ. ଗୀତ ।

ଢୋଲିଆ—ଦେ. ବି—ଯେ ଢୋଲ ବଜାଏ; ବଜନ୍ତ୍ରୀ—
Ḍholiā A drummer.
ঢোলকী ढोलिया

ଢୋଲୀ—ଦେ. ବିଣ. ସ୍ତ୍ରୀ. (ଢୋଲାର ସ୍ତ୍ରୀଲିଙ୍ଗ)—
Ḍholi ୧ । ଅତି ସ୍ଥୂଳକାୟା (ସ୍ତ୍ରୀ); ମୋଟୀ—
(ଢୋଲେଇ—ଅନ୍ୟରୂପ) 1. Stout and big-bellied (woman).
୨ । ପେଟୁ (ସ୍ତ୍ରୀ)—2. Gluttonons (woman).

ଢୋଲୁ—ଦେ. ବିଣ. ପୁଂ ଓ ସ୍ତ୍ରୀ. (ସଂ. ଢୋଲ)—୧ । ସ୍ଥୂଳୋଦର—
Ḍholu 1. Pot-bellied.
(ଢୋଲେଇ—ସ୍ତ୍ରୀ) ୨ । ଉଦରମ୍ଭରି—2. Greedy.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରସ୍ଥ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ ଦେଖିବେ

ଢୌକ (ଧାତୁ) —ସଂ—ଗତି କରିବା—
Dhauka (root) To move.

ଢୌକନ—ସଂ. ବି. (ଢୌକ. ଧାତୁ + ଅନ)—୧ । ଭେଟି; ଉପହାର—
Dhaukana 1. Offering; present.
୨ । ଲାଞ୍ଚ; ଉତ୍କୋଚ—2. Bribe.

ଣ

ଣ—ସଂ—ପଞ୍ଚଦଶ ବ୍ୟଞ୍ଜନ ବର୍ଣ୍ଣ । ଟ ବର୍ଗର ପଞ୍ଚମ ବର୍ଣ୍ଣ । ଅନୁନାସିକ ।
Na ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା—Fifteenth consonant; cerebral; nasal; corresponding to cerebral gliding sound of N in 'turning

[ଦ୍ର—ଏ ଅକ୍ଷରାଦ୍ୟରେ କୌଣସି ଶବ୍ଦ ନ ଥିବାରୁ ଓଡ଼ିଆର କବିମାନେ ଚଉତିଶା ପ୍ରଭୃତିରେ 'ଣାଦ୍ୟ' ପଦମାନଙ୍କୁ 'ଅ' ଅକ୍ଷରରେ ଆରମ୍ଭ କରିଅଛନ୍ତି ।

ହିନ୍ଦୀ ଓ ବଙ୍ଗଳାରେ ଣର ଉଚ୍ଚାରଣ ନ ପରି । ଓଡ଼ିଆର 'ଣ'ର ସ୍ୱତନ୍ତ୍ର ଉଚ୍ଚାରଣ ସ୍ଥାନରେ ସମ୍ବଲପୁରୀଆମାନେ 'ନ' ଉଚ୍ଚାରଣ କରନ୍ତି ।]

ବି—୧ । ଜ୍ଞାନ—1. Knowledge.
୨ । ଚୈତନ୍ୟ—2. Consciousness.
୩ । ନିଶ୍ଚୟ—3. Certainty.
୪ । ଭୂଷଣ—4. Ornament.
୫ । ଶିବ—5. Śiba.
୬ । ଜଳାଶୟ—6. Pond.

ବିଣ—ନିର୍ଗୁଣ—Devoid of any attribute.

ଅ. (ପଦ୍ୟରେ ବ୍ୟବହୃତ)—୧ । ଅସମାପିକା କ୍ରିୟା ଶେଷରେ ପଦ୍ୟରେ ଅକ୍ଷର ପୂରଣ ନିମିତ୍ତ ବ୍ୟବହୃତ ହୁଏ—
An inflection used after present participle in poetry.

(ଯଥା—କରିଣ, ଖାଇଣ ଇତ୍ୟାଦି ।)

୨ । (ପ୍ରାଚୀନ କବି ପ୍ରୟୋଗ)—ସଂ. ଭବନାର୍ଥ କ୍ରିୟା ଶେଷରେ ଅକ୍ଷର ପୂରଣାର୍ଥ ବ୍ୟବହାର—
2. A letter added to verbs in potential mood by classic poets.

ପାରିଲେଣ ସେଥୁ ମୋତେ ଉଦ୍ଧରଣ ଧର । ପ୍ରତାପ ଶଶିରେଖା ।

୩ । ଉପରେ—3. On.

ଦେବକୀ ଷଷ୍ଠ ଗର୍ଭସ୍ଥ,
କଂସ ତ କର୍ମରେ ଦୈନ୍ୟଣ । ଜଗନ୍ନାଥ. ଭାଗବତ ।

୪ । ରେ—4. In.

କମଳ ଲୋଚନ ଶ୍ରୀହରି କରେଣ ଶଙ୍ଖ ଚକ୍ରଧାରୀ—କମଳଲୋଚନ. ଚଉତିଶା ।

ଣତ୍ୱ—ସ. ବି—'ନ' ଅକ୍ଷରର 'ଣ'ରେ ପରିଣତି—
Natwa Change of dental 'N' into cerebral 'N'.

ଣତ୍ୱ ବିଧାନ—ସଂ—ପଦ ମଧ୍ୟରେ ଥିବା 'ନ' ଅକ୍ଷର ଯେଉଁ ଯେଉଁ ସ୍ଥାନରେ 'ଣ' ହୁଏ ଓ ଯେଉଁ ଯେଉଁ ସ୍ଥାନରେ 'ନ' ରହେ ତଦ୍‌ବିଷୟକ ବ୍ୟାକରଣଗତ ନିୟମ ବା ବିଧାନ—The grammatical rule as to where 'Na' is turned into 'Na and where not.
Natwa bidhāna
(ଣତ୍ୱବିଧି—ଅନ୍ୟରୂପ)

[ଦ୍ର—୧ । ପଦ ମଧ୍ୟରେ ଥିବା ର୍, ର, ଷ ର ପରବର୍ତ୍ତୀ 'ନ' 'ଣ' ହୁଏ । ୨ । 'ନ' ଉତ୍ତାରୁ ତ ବର୍ଗୀୟ ବର୍ଣ୍ଣ ସଂଯୁକ୍ତ 'ନ' 'ଣ' ହୁଏନାହିଁ । ୩ । ଯ, ବ, ହ, ଅନୁସ୍ୱାର, ବିସର୍ଗ, ସ୍ୱରବର୍ଣ୍ଣ, କ ବର୍ଗ, ପ ବର୍ଗ ବ୍ୟବଧାନ ଥିଲେହେଁ 'ନ' 'ଣ' ହୁଏ ।]

ଣ ସ୍ୱରୂପା—ବିଣ. ସ୍ତ୍ରୀ—୧ । ମହାଶକ୍ତି ସ୍ୱରୂପିଣୀ—1. Creative.
Na swarūpā ୨ । ଚିନ୍ମୟୀ—2. Animal; living.
ସଂ. ବି—ମହାଶକ୍ତି ପରମେଶ୍ୱରୀ—
The Creative Power of the universe.

ଣି—ଦେ.(ପ୍ରତ୍ୟୟ)(କ୍ରିୟା ପରେ ବ୍ୟବହୃତ)—୧ । (ନିଶ୍ଚୟାର୍ଥ) ନିଶ୍ଚେ—
Ni 1. (an inflection used after verbs)—Certainly.

ଗଲେଣି ତୋ ସଙ୍ଗରୁ ଯେତେକ ଜନ—ମନବୋଧ ଚଉତିଶା ।

୨ । ତର୍କଣାର୍ଥ—2. Methinks.

(ଯଥା—ସେ ଖୋଇବେଣି ।)

୩ । ସମାପ୍ତ୍ୟର୍ଥ—3 Denoting the end.

ଗଲେଣି ଗଲ୍ପ କଥାରେ ସଙ୍ଗାତ—କବିସୂର୍ଯ୍ୟ. କଣୋଷ୍ଠଚମ୍ପୂ. ଗ. ଗୀତ ।

ଣିଚ୍—ସଂ. (ପ୍ରତ୍ୟୟ)—ପ୍ରେରଣାର୍ଥେ ବା ଣିଜୋଗାର୍ଥେ ଧାତୁର
Nich ଉତ୍ତରରେ ହେବା ପ୍ରତ୍ୟୟବିଶେଷ—A suffix which changes a root into the causative form.

ଣିଜନ୍ତ—ସ. ବିଣ (ଣିଚ୍ + ଅନ୍ତ)—ଣିଚ୍ ପ୍ରତ୍ୟୟବିଶିଷ୍ଟ—
Nijanta Having the causative suffix.

(ଯଥା—ଭୂ ଧାତୁର ଣିଚ୍=ଭାବି ଧାତୁ)

ଣିଜନ୍ତ ପ୍ରକରଣ—ସ. ବି—ଣିଚ୍ ପ୍ରତ୍ୟୟ ଯୋଗେ ଧାତୁର ଯେଉଁ
Nijanta prakarana ଯେଉଁ ରୂପାନ୍ତର ହୁଏ ତାହାର ନିୟମାବଳୀ—The rules for forming causative roots.

ଣୁ—ଦେ. (ପ୍ରତ୍ୟୟ)—ଉକାରାନ୍ତ ଅସମାପିକା କ୍ରିୟା ପରେ ବ୍ୟବହୃତ
Nu ସମାପ୍ତିସୂଚକ ପ୍ରତ୍ୟୟବିଶେଷ—An inflection added to verbs to denote the completion of a verb.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଢ଼ଅ	ଃ
୨	ଈ	ଊ	ରୁ	ଲ୍ରୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ହ୍

(ଯଥା—ମୁଁ ନ ଖାଉଣୁ ସେ ପହଞ୍ଚି ଗଲେ ।)

ଣ୍ୟ—ସଂ. ବି—ବ୍ରହ୍ମଲୋକସ୍ଥ ସରୋବରବିଶେଷ—Name of a tank in the Brahmaloka.
Nya

ତ

ତ—୧୬ଶ ବ୍ୟଞ୍ଜନବର୍ଣ୍ଣ; 'ତ' ବର୍ଗର ପ୍ରଥମ ବର୍ଣ୍ଣ । ଏହାର ଉଚ୍ଚାରଣ-ସ୍ଥାନ 'ଦନ୍ତ' । ଏହାକୁ ଉଚ୍ଚାରଣ କଲାବେଳେ ଉପର ପାଟିର ଦାନ୍ତରେ ଜିହ୍ୱାଗ୍ର ସ୍ପର୍ଶ କରାଯାଏ—The 16th consonant corresponding to the dental sound of 'T' (in English) when it approaches partly the sound of 't' in the pronunciation the word path.
Ta

ସଂ. ବି. (ତକ୍ ଧାତୁ=ହାସ୍ୟ ବା ସହ୍ୟ କରିବା+କର୍ତ୍ତୃ. ଅ)—

୧ । ଚୋର—1. Thief

୨ । ବୃଷ—2. Bull.

୩ । ଅମୃତ—3. Nectar.

୪ । (+କରଣ. ଅ) ପୁଣ୍ୟ—4. Virtue; piety.

୫ । କ୍ରୋଡ଼—5. Lap.

୬ । ମ୍ଳେଚ୍ଛ—6. A barbarian.

୭ । ପୁଚ୍ଛ—7. Tail.

୮ । ଭ୍ରୂଣ—8. Embryo; foetus.

୯ । ଗର୍ଭ—9 Belly; womb.

୧୦ । ରତ୍ନ—10 Gem.

୧୧ । ଶଠ ବ୍ୟକ୍ତି—11. A cheat.

୧୨ । (ତୃ ଧାତୁ=ପାର ହେବା+ଭାବ. ଅ)—ତରଣ; ପାର ହେବା—12. Crossing.

ତ
ତୋ
ଦେ. ଅ. (ସଂ. ତୁ)—ନିମ୍ନଲିଖିତ ଅର୍ଥ ଓ ସ୍ଥାନରେ ବ୍ୟବହାର କରାଯିବା ଅବ୍ୟୟ—A participle added to a word or sentence corresponding to the uses of 'too', 'also'.

୧ । (ପାଦ ପୂରଣାର୍ଥକ) ତ—
1. (in filling up or completing a sentence) Too.

ସାଧୁ ତ ଭୂଷଣ ସାଧୁ ପଣକୁ
ଖାତକ ଭୂଷଣ କେଉଁ ଗୁଣକୁ ?—ପ୍ରବଚନ ।

୨ । (ଅବଧାରଣ ବା ନିଶ୍ଚୟାର୍ଥକ) ନିଶ୍ଚେ—
2. Certainly.

ସେ ତ ସେ, ଅଉ ବାଡ଼ପଡ଼ା କିଣୁଅ କେ—ଢଗ ।

୩ । (ତର୍କଣାର୍ଥ) ମୁଁ ଅନୁମାନ କରୁଛି; ବୋଧହୁଏ; ସମ୍ଭବତଃ—3. Methinks; meseems

ଠକଇ ଅବସର କଲେ ତ ପ୍ରସଙ୍ଗ ମୋର ଯିବ ରାଜାବନେକାରୁ
ଲୁଣ୍ଠନରେ—କବିସୂର୍ଯ୍ୟ, କଳୋଲାବତ୍ମ୍. ୦ ଗୀତ ।

୪ । ପକ୍ଷାନ୍ତରେ; ପରନ୍ତୁ; କିନ୍ତୁ—
4. On the other hand.

(ଯଥା—ମୁଁ ତ ଯାଇ ପାରୁ ନାହିଁ, ମୁଁ ନ ଗଲେ କଅଣ ହେଲା ? ତୁ ତ ଯିବୁ ।)

୫ । (ପ୍ରଶ୍ନାର୍ଥକ) କି ? କି ?—5. Interogative.

(ଯଥା—ତୁ ଯାଉଛୁ ତ ?)

୬ । (ସଂ. ତତଃ) ତେବେ; ତାହାହେଲେ; ଫଳତଃ—
6. Then; consequently.

(ଯଥା—ଋଣ ନ ମିଳିଲେ ତ ମୋର ଆଉ ଗତି ନାହିଁ ।)

୭ । (ଅନୁରୋଧ ବା ନିଯୋଗାର୍ଥକ) ମ—
7. Indicating a request.

(ଯଥା—ତାକୁ ଡାକ୍ ତ, କଅଣ ସେ କହୁଛି, ବୁଝିବା ।)

୮ । ପ୍ରତିଜ୍ଞାସୂଚକ—
8. Indicating a resolve.

(ଯଥା—ମୁଁ ଆଜି ଏ କାମ କରିବି ତ; କିଏ ମୋତେ ବନ୍ଦ କରିବ କରୁ ।)

୯ । ମାତ୍ର; ସୁଦ୍ଧା—9. Even.

ଡାକେ ତ ଡାକିଲୁ ନାହିଁ. କୃପାସୁଧା ବରଷ ରେ—
କବିସୂର୍ଯ୍ୟ, କଳୋଲାବତ୍ମ୍. ୬ ଗୀତ ।

୧୦ । (ଅପେକ୍ଷାର୍ଥକ) ସିନା—
10. Indicating probalility or contingency.

(ଯଥା—ସେ ସେଠାକୁ ଗଲେ ତ ହୁଏ; ନୋହିଲେ ମୁଁ ସେଠାରେ କାହାକୁ ନ ପାଇ ଭାଁ ଭାଁ ହେଉଥିବି ।)

ଦେ. ପ୍ରତ୍ୟୟ (ସଂ. କ୍ତ ପ୍ରତ୍ୟୟ)—ଏହା ଧାତୁ ସଙ୍ଗେ ଭାବ, କର୍ତ୍ତୃ ଓ କର୍ମବାଚ୍ୟରେ ଅତୀତକାଳ ଅର୍ଥରେ ପ୍ରତ୍ୟୟ ହୁଏ, (କ୍ରମେ ଉଦାହରଣ ଯଥା—କଷ୍ଟ, ଜୀବିତ, କୃତ)—An affix corresponding to 'ed' (in English) and 'kta' in Sanskrit, as in accomplished signed, added to the root verbs to denote past passive participles.

ଦେ. (ସାଙ୍କେତିକ; ଏପରି ବ୍ୟବହାର ସ୍ଥଳରେ ଏହାର ଉଭୟ ପାର୍ଶ୍ୱରେ ଦୁଇଟି ଗାର ରହେ ଯଥା—। ତ ।)—

୧ । ଟପ୍ପା; ପ୍ରଗନା—1. An abbreviation for the word 'Tappā' or Pergunnah.

ସାଧାରଣ ଲୋକେ ଅନେକ ସ୍ଥଳରେ ଦୃଢ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଯଥା—ରାମଚନ୍ଦ୍ର ମିଶ୍ର । ତ । ଗୋପାଳପୁର = ଗୋପାଳପୁର ତପ୍ପା ବା ପ୍ରଗଣାନିବାସୀ ରାମଚନ୍ଦ୍ର ମିଶ୍ର ।)

୨ । ତରଫ—2. On behalf of.

(ଯଥା—ଲିଖିତଂ ତହସିଲଦାର ରାମ ମହାନ୍ତି । ତ । ଜମିଦାର ରାମନାରାୟଣ ସିଂହ; ଅର୍ଥାତ୍ ଜମିଦାର ରାମନାରାୟଣଙ୍କ ତରଫରୁ ଲେଖିବା ବ୍ୟକ୍ତି ରାମ ମହାନ୍ତି ତହସିଲଦାର ।)

୩ । ତଉଜି—3. An abbreviation for Tauji.

(ଯଥା—। ପ୍ର । ରାହାଙ୍ଗ । ତ । ୨୭୮ ।)

ତଅ—ଦେ. ବି—ତହ (ଦେଖ)
Ta-a Taha (See).

ତଅଁର—ଦେ. ବି (ସଂ. ତନ୍ତୁ)—୧ । ରଞ୍ଜିତ ସୂତ୍ରବିଶେଷ; ଏକପ୍ରକାର
Ta-añra ଲସ୍ତା—1. A coloured thread.
କସ୍ତା ୨ । ଲୁଗାର ଧଡ଼ିରେ ଦିଆଯିବା ଫିକ୍କା ନାଲି ସୂତା—
2. Light-red thread used in the border of a cloth.

ତଅଁର ଧରିବା—ଦେ. କ୍ରି (ଧୋବା ଲୁଗା ଧୋଇ କଲାବେଳେ)
Taañra dharibā ଲୁଗା ଧଡ଼ିର ରଙ୍ଗକୁ ରକ୍ଷା କରିବା—
To protect or preserve the colour of the dyed border of a cloth during washing.
(ଯଥା—ଧୋବଣୀ ତଅଁର ଧରିବା ଖର୍ଚ୍ଚ ମାଗୁଛି ।)

ତଅଁରା—ଦେ. ବି—ନୀଚଜାତୀୟ ତନ୍ତୀବିଶେଷ; ତଉଁଲା—
Ta-añrā A class of low-caste weavers who weave coarse cloth.
[ଦ୍ର—ଏମାନେ ମୋଟା ଲୁଗା ବୁଣନ୍ତି; ଏମାନଙ୍କ ବୁଣିବା ଲୁଗାକୁ 'ତଉଁର ଲୁଗା' କହନ୍ତି ।]

ତଅଁଲା—ଦେ. ବି—ତଅଁରା (ଦେଖ)
Ta-añlā Ta-añrā (See).
ଝରଜପବାତଧାରୀ ସପ୍ତଶଯ୍ୟା ଶିଖର-ଶୃଙ୍ଗେ ତଅଁଲା—ରାଧାନାଥ. ପାର୍ବତୀ ।

ତଅକ୍—ବୈଦେ. ବି (ମୁସଲମାନୀ ଅଳଂକାର)—ହଂସଲି (ଦେଖ)
Ta-ak Hamsali (See).

ତଅ ଖରଚ—ବୈଦେ. ବି (ଫା. ତହ୍‌ଖରଚ୍)—ତହ ଖରଚ (ଦେଖ)
Ta-a-kharacha Taha-kharacha (See).

ତଅପୋଇ—ଦେ. ବି (ନାମ)—ଖୁଦୁରୁକୁଣି ଓଷା କଥାରେ ବର୍ଣ୍ଣିତ
Ta-a-poi ମହାଜନ ଝିଅର ନାମ—The name of the merchant's daughter narrated in the story of 'Khudurukuṇi vow observed by maidens.

ତଅସିଲ (ଇତ୍ୟାଦି)—ବୈଦେ. ବି (ଆ)—ତହସିଲ ଇତ୍ୟାଦି (ଦେଖ)
Ta-asila (etc) Tahasila etc (See).

ତଇ—ଦେ. ବି (ସଂ. ତପ୍ ଧାତୁ)—ଚଟକା ତଳବିଶିଷ୍ଟ ବଡ଼େଇ,
Tai ଯହିଁରେ ଅମାଲୁ, ମାଲପୁଆ, ଛଇଁଡ଼ ଆଦି ଛଣାଯାଏ—
चाटू A flat-bottomed and shallow frying pan.
तौ, ताई

ତଇଁ—ଗ୍ରା. ଅ (ସଂ. ତତ୍ ଶବ୍ଦର ୭ମୀ ବିଭକ୍ତି ଏକବଚନ, ତସ୍ମିନ୍)—
Taiñ ୧ । ତହିଁ (ଦେଖ)— 1 Tahiñ (See).
୨ । ତଙ୍ଗି (ଦେଖ)—2. Taṅgi (See)

ତଇଁତଇଁ—ପ୍ରାଦେ (ଗଞ୍ଜାମ) ଅ (ଧ୍ୱନ୍ୟନୁକରଣ)—କଇଁକଇଁ (ଦେଖ)
Taiñ-taiñ Kaiñ-kaiñ (See)

ତଇତୁଳା—ଦେ. ବି. ସ୍ତ୍ରୀ—ଗ୍ରାମଦେବୀଙ୍କ ନାମବିଶେଷ—
Taitulā Name of a village-Goddess.

ତଇନ୍—ବୈଦେ. ବି (ଆ. ତୟୁନ୍; ଆ. ତୟ୍ = ସମାପ୍ତ; ନିର୍ଣ୍ଣୀତ)—
Tain ୧ । ସ୍ଥିରତା; ନିଶ୍ଚୟ – 1. Certainty.
তয়ন ୨ । ନିର୍ଣ୍ଣୟ—2 Ascertainment.
तयन ୩ । ଫଇସଲ—3. Disposal.
ବୈଦେ. ବିଣ.—୧ । ସ୍ଥିର; ନିଶ୍ଚିତ—
1 Certain; fixed.
୨ । ନିର୍ଣ୍ଣୀତ—2. Ascertained.

ତଇନାତ—ବୈଦେ. ବି.—(ଆ. ତୟୁନାତ୍)—୧ । ପିଆଦା ପଠାଇ
Taināta ବିଶେଷ ଜଗର ସହିତ ତଲବ ଡାକିବା; ପିଆଦା ଯୋଗେ ବିଶେଷ ଜରୁର ତଲବ; ତମ୍ବିଡାକିବା—
ତଇନାଥ; ତଏନାତ, ତଏନାଥ } ଅନ୍ୟରୂପ Demand made through a special messenger.
তয়নাতি ୨ । କୌଣସି କାର୍ଯ୍ୟ ପାଇଁ କୌଣସି ବ୍ୟକ୍ତିର
तैनात ; तयनात ନିଯୁକ୍ତିକରଣ—2. Deputation; appointment.
୩ । ବାକିଦାର ପ୍ରଜା ଓ ଖାତକ ଆଦିଙ୍କଠାକୁ ପଠାଯିବା ପିଆଦା—3. A peon deputed to a tenant or debtor in arrears.
तयनाती ବିଣ (ଆ. ତଅୟୁନାତ୍)—ବିଶେଷ କାର୍ଯ୍ୟ ପାଇଁ ନିଯୁକ୍ତ (ପିଆଦା)—Specially deputed (peon).

ତଇନି—ବୈଦେ. ବି. ଓ ବିଣ—ତଇନ୍ (ଦେଖ)
Taini Tain (See).

ତଇଳ—ପ୍ରା. (ପଦ୍ୟ) ବି (ସଂ. ତୈଳ)—ତୈଳ (ଦେଖ)
Taiḻa Taiḻa (See).
ତଇଳ ବିନା ବାଳ ଦମୟନ୍ତୀଙ୍କର
ଜଡ଼ ହୋଇ ଥିଲା ଉପରକୁ ଫରଫର—କୃଷ୍ଣସିଂହ. ମହାଭାରତ ବନ ।

ତଇଲ—ଗ୍ରା. ବି (ସଂ. ତୈଳ)—ତୈଳ (ଦେଖ)
Taila Taiḻa (See).

ତଇଲପିଆ—ଦେ. ବିଣ (ସଂ. ତୈଳପାୟୀ)—୧ । ଯାହା ବହୁକାଳ ତେଲ
Taiḻapiā ଲଗାଯାଇ ଦୃଢ଼ ବା ମସୃଣ କରାଯାଇଥାଏ—
তেলপাকা (ଯଥା—ତଇଲପିଆ କାଣ୍ଡ; ତଇଲପିଆ ଯଷ୍ଟି)—
1. (a stick) Saturated and made smooth with oil.

୧	ଇ	ଉ	ର୍,ଋ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଘ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ୱ	ନ୍ତ

୨ । ଯହିଁରେ ବହୁକାଳ ତେଲ ରଖାଯାଇ ସଡ଼ା କରାଯାଇ ଥାଏ (ଯଥା—ତଇଲପିଆ ଘଡ଼ା ବା ମାଠିଆ)—
2. (a pot) Soaked thoroughly with oil.
ବି—ଅସରପା ପୋକ—Cockroach; Blatta.

ତଇଲ—ଦେ. ବି—୧ । ବନପୂର୍ଣ୍ଣ ଅବାଦଯୋଗ୍ୟ ଭୂମି—
Tailā 1. Arable land overgrown with jungle.
तयला
(ତଇଲା—ଅନ୍ୟରୂପ) ୨ । ଜଙ୍ଗଲ କଟାଯାଇ ଅବାଦ କରାଯାଇ ଥିବା ଜମି—2. Cultivated land reclaimed from jungle.
ବିଣ—ଜଙ୍ଗଲ କାଟି ନୂତନ ଅବାଦ କରାଯାଇଥିବା—
Newly reclaimed (land).
[ଦ୍ର—ଜମି ଉପରେ ବଢ଼ିଥିବା ଜଙ୍ଗଲ ଅାଦ ସଫା କରି ଗୁଳ୍ମ ଆଦ୍ଦ ଦ୍ୱାରା ଯେଉଁ ଜମିକୁ ଲୋକେ ଫସଲ କରିବାର ଉପଯୋଗୀ କରନ୍ତି, ତାକୁ ତଇଲା ଜମି ବୋଲାଯାଏ ।]

ତଇଲା ପକା(କେ)ଇବା—ଦେ. କ୍ରି. (ଲକ୍ଷଣାର୍ଥ)—୧ । (ଗାଳି ଓ
Tailā pakā(ke)ibā ଅଶୁଭଚିନ୍ତା କରି) ଅମଙ୍ଗଳ ଘଟାଇବା—
1. To bring misfortune to another (by abusing and cursing).
(ଯଥା—ସେ ଆମକୁ ଗାଳି ଦେଇ ଦେଇ ତଇଲା ପକାଇଲଣି ।)
୨ । ଚଳଚଳାନ୍ତ କରିବା—2. To cause total destruction or ruin (of a person).
(ଯଥା—ସେମାନେ ସର୍ବଦା ମୋ ଘରୁ ଗ୍ରେରିଇ ନେଇ ନେଇ ମୋତେ ତଇଲା ପକାଇଦେଲେଣି ।)

ତ: ଉ:—(ସାଙ୍କେତିକ) (ତ. ତ=ତହିଁର; ଉ=ଉତ୍ତର)—
Ta: u: (ଦେଶୀୟ ଜରିପ ତଉଁରିଅରେ ଜମିର କ୍ରମିକ ବିଶେଷତ୍ୱ କହିବାର ସାଙ୍କେତିକ ଶବ୍ଦ) ତାହାର ଉତ୍ତରରେ—
An abbreviation used in field books to denote the situation of a plot of land situate to the north of the foregoing plot.
[ଦ୍ର—ଏ ଦେଶରେ ଇଂରାଜ ପ୍ରଣାଳୀରେ ଚେନ୍ ଓ କମ୍ପାସ୍ ଦ୍ୱାରା ମାପ ହେବା ପୂର୍ବରୁ ନଳ ବା ପଦକାଦ୍ୱାରା କ୍ଷେତମାନ ମାପ ହେଉଥିଲା ଏବଂ ସେ ମାପ ଯେଉଁ ତଉଁରିଅରେ ଲେଖା ହୋଇ ରହୁଥିଲା, ସେଥିରେ ଖଣ୍ଡିଏ ଜମିର ଉତ୍ତରରେ ପରବର୍ତ୍ତୀ ଜମି ଖଣ୍ଡି ଥିଲେ ଦ୍ୱିତୀୟ ଜମିର କ୍ରମିକ ନମ୍ବର ଲେଖା ହେବା ପରେ 'ତ: ଉ' ଲେଖା ଯାଉଥିଲା, ଅର୍ଥାତ୍ ଏ କ୍ଷେତଖଣ୍ଡି ପୂର୍ବୋକ୍ତ କ୍ଷେତର ଉତ୍ତରରେ ଅବସ୍ଥିତ ।
ଏହିପରି 'ତ: ଦ'=ତହିଁ ଦକ୍ଷିଣରେ, ଅର୍ଥାତ୍ ପୂର୍ବୋକ୍ତ ନମ୍ବର ଜମିର ଦକ୍ଷିଣରେ, ତ ପୂ:=ତହିଁର ପୂର୍ବରେ ଅର୍ଥାତ୍ ପୂର୍ବୋକ୍ତ ନମ୍ବର ଜମିର ପୂର୍ବରେ, ତ: ପ:=ତହିଁର ପଶ୍ଚିମରେ ଅର୍ଥାତ୍ ପୂର୍ବୋକ୍ତ ନମ୍ବର ଜମିର ପଶ୍ଚିମରେ ।]

ତଉଁ—ଗ୍ରା. ଅବ୍ୟୟ—ତହୁଁ (ଦେଖ)
Tauṅ Tahuṅ (See)

ତଉଁରି—ଦେ. ବି—ତଅଁରଙ୍କ ଲୁଗା ମୋଟା ଶାଢ଼ୀ; ତଅଁର ସୂତାର
Tauṅri ଧଡ଼ିଯୁକ୍ତ ମୋଟା ଶାଢ଼ୀ—A coarse cloth for females with a light-red or dyed border.
ଦେ. ବିଣ—ତଉଁରିଆ (ଦେଖ)—Tauṅriā (See)

ତଉଁରିଆ—ଦେ. ବିଣ—ତଅଁର ସୂତାର ଧଡ଼ିଯୁକ୍ତ (ମୋଟା ଲୁଗା)—
Tauṅriā (coarse cloth) Furnished with a red or dyed border.

ଘଘରା ପଛକେ ସନ୍ତୁଆ ହେଲ
ଶାଢ଼ୀ ହେଲ ତଉଁରିଆ । ଭଗ ।

ତଉଁଲା—ଦେ. ବି—ତଅଁରା (ଦେଖ)
Tauṅlā Taaṅrā (See)

ତଉଜି—ବୈଦେ. ବି. (ଆ. ତୌଜୀ=ରାଜସ୍ୱ ତାଲିକା) (କଚେରୀ ଶବ୍ଦ)—
Tauji ୧ । ତୌଜୀ, ଜମିଦାରୀର କ୍ରମିକ ସଂଖ୍ୟା—
तौज़ि 1. Touzi; serial number of a Zamindary.
तउजी [ଦ୍ର—ଏଥିର ସାଙ୍କେତିକ ।ତା । ଯଥା—।ତା ୧୯୭୫=
(ତୌଜି—ଅନ୍ୟରୂପ) ୧୯୭୫ ତଉଜୀ ନମ୍ବର ଭୁକ୍ତ ଜମିଦାରୀ ।]
ପ୍ରାଦେ. (ଗଞ୍ଜାମ) ବି—୨ । ପେନ୍‌ସନ୍; ଖୋରାକ ପୋଷାକ ପାଇଁ ପ୍ରଦତ୍ତ ବନ୍ଦିଷ୍ଟ ଭତ୍ତା—
2. Pension; maintenance allowance.

ନାଲ ମହାରାଜାଙ୍କ ତଉଜି ଦଶ ହଜାରରୁ ପାଞ୍ଚ ହଜାର କରାଯିବ ବୋଲି ଶୁଣି ପଡ଼ୁଛି ।
ଦେ. ଅଶା. ତା ୨୫।୧୧।୨୮ ।

ତଉଜି ଖାନା—ବୈଦେ. ବି. (ଆ. ତୌଜୀ+ଫା. ଖାନା) (କଚେରୀ
Tauji khānā ଶବ୍ଦ)—ଯେଉଁ ସରକାରୀ କାର୍ଯ୍ୟାଳୟରେ ଜମିଦାରୀ-
तौजिखाना ମାନଙ୍କର କ୍ରମିକ ନମ୍ବର ଅନୁସାରେ ରାଜସ୍ୱସଙ୍କାନ୍ତ
तउजिखाना ହିସାବ ରଖାଯାଏ—Touzi office.
(ତୌଜିଖାନା—ଅନ୍ୟରୂପ)

ତଉଜି ନବିସ୍—ବୈଦେ. ବି. (ଆ)—ଯେଉଁ କର୍ମଚାରୀ ତଉଜି ହିସାବ
Tauji nabis ରଖେ—Touzi Nabis.
तौजिनवीस तउजीनवीस
(ତୌଜି ନବିସ୍—ଅନ୍ୟରୂପ)

ତଉଜି ନମ୍ବର—ବୈଦେ. ବି. (ଆ. ଓ ଇଂ)—କଲେକ୍ଟରଙ୍କ ତାଲିକାର
Taujinambara ଜମିଦାରୀ ମାହାଲ ପ୍ରଭୃତିର କ୍ରମିକ ସଂଖ୍ୟା—
तौजि नम्बर The serial number of an estate borne
तउजीनम्बर on the Collector's revenue-roll.
(ତୌଜି ନମ୍ବର—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଶାଢ଼' ନ ମିଳିଲେ 'ଶାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

ତଉଫିର୍—ବୈଦେ. ବିଣ. (ଫା.) (କଚେରୀ ଶବ୍ଦ)—ସନନ୍ଦ ବା ଦାନପତ୍ର
Tauphir ଲିଖିତ ଜମିର ପରିମାଣରୁ ଅଧିକ (ଜମି); ଅଧିକା—
তউফীর (land) In excess of the area originally
तौफ़ीर granted.
(ତୌଫିର୍—ଅନ୍ୟରୂପ) [ଦ୍ର—ସନନ୍ଦ ବା ଶ୍ଲେଷ ବା ଦାନପତ୍ରଦ୍ୱାରା ଦିଆଯାଇଥିବା ଜମିର ପରିମାଣ ଅପେକ୍ଷା ଯଦି ସନନ୍ଦଗ୍ରହୀତାଙ୍କ ଦଖଲରେ ଅଧିକା ଜମି ଥିବାର ମାପଦ୍ୱାରା ଦେଖାଯାଏ, ତାହା 'ତଉଫିର' ଜମି ନାମରେ ବାଯିଯ୍ୟାପ୍ତ କରାଯାଇ ଏହି 'ତଉଫିର୍' ଜମି ଉପରେ କର ଧାର୍ଯ୍ୟ କରାଯାଏ ।]

ତଉଲ—ଦେ. ବି. (ସଂ. ତୁଲ ଧାତୁ)—୧ । ତୌଲ; ତୌଲ୍ୟ; ତୁଳିବା
Taula କର୍ମ; ଓଜନ କରିବା କର୍ମ—
তৌল 1. Weighing; weighment.
तौल ୨ । ଓଜନ—2. Weight.
(ତୌଲ—ଅନ୍ୟରୂପ) ୩ । ତରାଜୁ; ତୁଳାଯନ୍ତ୍ର—
3. Weighing instrument; scale.

ତଉଲା—ଦେ. ବି.—ତଉଲ (ଦେଖ)
Taulā Taula (See)
(ତୌଲା—ଅନ୍ୟରୂପ) ବିଣ.—ଓଜନ କରାଯାଇଥିବା—
Weighed.
ପ୍ରାଦେ. (ପୁରୀ)—ବି.—ଏକ ଦଶା ବା କଟକୀ ୧¼ ସେର ପରିମାଣ—Weight of $1\frac{1}{4}$ Cuttack seers.

ତଉଲା(ଲେ)ଇବା—ଦେ. କ୍ରି.—ତଉଲିବାର ଣିଜନ୍ତ ରୂପ—
Taulā(le)ibā Causative form of Taulibā.
তৌলান **तौलाना**
[ତୌଲା(ଲେ)ଇବା—ଅନ୍ୟରୂପ]

ତଉଲା ଯିବା—ଦେ.କ୍ରି—ତୁଳିତ ହେବା; ତଉଲିବାର କର୍ମବାଚ୍ୟ ରୂପ—
Taulā jibā Passive voice of Taulibā.
(ତୌଲା ଯିବା—ଅନ୍ୟରୂପ)

ତଉଲା ସେର—ଦେ. ବି.—କଟକୀ ସେର; ଟ ୧୦୫ ଙ୍କା ଓଜନର
Taulā sera ସେର—A seer of 105 Rupee's
কটকী সের weight.
(ତୌଲା ସେର—ଅନ୍ୟରୂପ) [ଦ୍ର—ସାଧାରଣତଃ ସେରର ଓଜନ ଟ ୮୦ ଙ୍କା କିନ୍ତୁ କଟକୀ ସେରର ଓଜନ ଟ ୧୦୫ । ଟ ୮୦ଙ୍କା ଓଜନର ସେରକୁ ବାଲେଶ୍ୱରୀ ସେର ବୋଲାଯାଏ ।]

ତଉଲା ହେବା—ଦେ. କ୍ରି.—ତଉଲିବାର କର୍ମବାଚ୍ୟ ରୂପ—
Taulā hebā Passive form of Taulibā.
(ତୌଲା ହେବା—ଅନ୍ୟରୂପ)

ତଉଲିଆ—ବୈଦେ. ବି. (ଇଂ. ଟାୱେଲ୍)—ତୁଆଲିଆ; ଖଦଡ଼ା ଓ ସେଓଟ ଗାମୁଛା; ତୌଲିଆ; କ୍ଷୁଦ୍ର ଗାତ୍ରମାର୍ଜନୀ—
Tauliā
তুয়ালিয়া; তৌলিয়া Towel.
तौलिया
(ତୌଲିଅ—ଅନ୍ୟରୂପ)

ତଉଲିବା—ଦେ. କ୍ରି. (ସଂ. ତୁଲ୍ ଧାତୁ)—
Taulibā ତୌଲିବା; ତୁଳିବା; ଓଜନ କରିବା—
তৌলা, ওজনকরা To weigh in the scale.
तौलना, तुलना ଏହି ଦଣ୍ଡେ ଧାତା ତଉଲନ୍ତି ଅବା ନରଜନ୍ମ ମଣ୍ଡିଲେ ।
[ତଉଲା(ଲେ)ଇବା—ଣିଜନ୍ତ] ରଥୀ ଜାଥ, ପାବନୀ ।

ତଉଲୁଆଁ ଖାଇ ରୁପ—ପ୍ରାଦେ. (ସମ୍ବଲପୁର) ବି—
Tauluāṅkhāi rūpa କଳା ଚଞ୍ଚୁଯୁକ୍ତ ଶୁଆ—
Black-beaked parrot.

ତଏଁ—ପ୍ରାଦେ (ସମ୍ବଲପୁର) ସର୍ବନାମ—ତୁମ୍ଭେ—
Taeṅ You.

ତଏନ୍—ବୈଦେ. ବି. (ଅ —ତଇନ୍ (ଦେଖ)
Taen Tain (See)

ତଏନାତ୍—ବୈଦେ. ବି. (ଅ)—ତଇନାତ୍ (ଦେଖ)
Taenāt Taināt (See)

ତଂ—ଦେ. ବିଣ—ତଙ୍ଗ (ଦେଖ)
Taṁ Taṅga (See)

ତଃ—ସଂ ପ୍ରତ୍ୟୟ (ସଂ. ତସ୍, ଯଥା—ଫଳତଃ, କାର୍ଯ୍ୟତଃ)—
Taḥ (ବିଭକ୍ତିର ତଳ) ପଞ୍ଚମୀ ସପ୍ତମୀ ବିଭକ୍ତି ଅର୍ଥରେ ପ୍ରତ୍ୟୟ; ରୁ, ରେ,—A particle added to words denoting 'From' or 'In'.
(ଯଥା—ଆପଣଙ୍କ ମନର ଭାବ କାର୍ଯ୍ୟତଃ ଜଣାଯିବ, ଅର୍ଥାତ୍ କାର୍ଯ୍ୟରୁ ଜଣାଯିବ । ଅନେକତଃ ଦେଖାଯାଏ ଯେ, ଲୋକମାନେ ଫଳତଃ=ଫଳରେ ଭଗାଣ୍ଡି ହୁଅନ୍ତି ।)

ତଁଡେଇ—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ହି. ଚୁଡ଼ୈଲ)—
Taṅḍei ଡାହାଣୀ—Witch.
(ତଁଡ଼େଇ, ତଂଡ଼େଇ, ତଂଡ଼େ, ତଂଡେଇ, ତଂଡେ—ଅନ୍ୟରୂପ)

ତଁଢେ—ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ. (ଗାଳିରେ ବ୍ୟବହୃତ)—
Taṅṛhe ୧ । ଡାହାଣୀ—1. Witch.
୨ । ଅନିଷ୍ଟକାରିଣୀ ସ୍ତ୍ରୀ—2. Harmful woman.
୩ । ଗୁଣି ଗାରେଡ଼ି ଜାଣିବା ସ୍ତ୍ରୀ—3. A woman versed in black magic; sorceress.

ତକ୍ (ଧାତୁ)—ସଂ—ସହ୍ୟ କରିବା—
Tak (root) To bear; to endure.

ତକ୍‌ଦିର୍—ବୈଦେ. ବି. (ଅ)—ଭାଗ୍ୟ; କପାଳ; ଅଦୃଷ୍ଟ—
Tak-dīr Luck.
তকদির **तकदीर**
(ତଗଦିର୍—ଅନ୍ୟରୂପ)

ତକ୍‌ଦିର୍‌ବର୍—ବୈଦେ. ବିଣ. (ଅ. ତକ୍‌ଦିର+ଫା. ପ୍ରତ୍ୟୟ.ବର୍)—
Tak-dīr-bar ଭାଗ୍ୟବାନ୍—Fortunate.
তকদীরবন্ত **तकदीरवर**
(ତକ୍‌ଦିର୍‌ବନ୍ତ—ଅନ୍ୟରୂପ)

୧	ଇ	ଉ	ଋ,ୠ	ଌ	ଏ	ଦନ୍ତ୍ୟ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଜ୍ଞ	ତ୍ଥ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ତ

ତକ୍‌ମା—ବୈଦେ. ବି. (ତୁର୍କୀ=ତମ୍‌ଗା=ଶାସନଫଳକ ବା ସନନ୍ଦ)—
Takmā ୧ । ଶାସନଫଳକ; ତମ୍ରାପାତ୍ରସ୍ଥ ସନନ୍ଦ—
তকমা 1. A firman; a written grant.
तकमा ୨ । ମେଡାଲ୍; ପଦକ—2. Medal.
ଛାତେ ଲମ୍ବମାନ ସୁବର୍ଣ୍ଣ ତକମା । ଗ୍ରାଧାନାଥ, ଦରବାର ।

ତକ୍‌ମିରି—ବୈଦେ. ବି. (ଅ. ତକ୍‌ରାର୍)—ତକ୍‌ରାର୍ (ଦେଖ)
Tak-miri Tak-rār (See)

ତକ୍‌ରାର୍—ବୈଦେ. ବି. (ଅ. ତକ୍‌ରାର, ମୂଳ. ସଂ. ତର୍କ)—
Tak-rār ୧ । କଳି; କଜିଆ; ଝଗଡ଼ା—
তকরার 1. Quarrel; dispute; altercation.
तकरार ୨ । ଆପତ୍ତି—2. Objection.
[ତକ୍‌ରାଲ(ଲ)—ଅନ୍ୟରୂପ]

ତକ୍‌ରିର୍—ବୈଦେ. ବି. (ଅ)—୧ । କଥୋପକଥନ—
Tak-rir 1. Conversation; talk
তকরীর ୨ । ବକ୍ତୃତା—2. Lecture; an address.
तकरीर

ତକ୍‌ଲା କୋଟ—ବୈଦେ. ବି. (ନାମ)—ହିମାଳୟର ଗିରିସଙ୍କଟବିଶେଷ,
Taklā kota (ଗାଇନ୍‌ତାଲ୍ ବାଟେ ଭାରତବର୍ଷରୁ ତିବତକୁ ଯିବାକୁ
(ତିକଲାଖାର୍—ଅନ୍ୟରୂପ) ଏହାହିଁ ଉପଯୁକ୍ତ ରାସ୍ତା)—
The name of a pass in the Himalayan ranges, through which people pass from India to Tibet.
(ସ୍ୱାମୀ ରାମାନନ୍ଦ ୨୧୭ ପୃଷ୍ଠା)

ତକ୍‌ଲିପ୍ (ଫ୍)—ବୈଦେ. ବି. (ଅ. ତକ୍‌ଲୀଫ୍)—କଷ୍ଟ—
Tak-lip(ph) Hardship; difficulty.
তকলীফ ହଜୁର ! ବୁଢ଼ା ଆଦମି, ବହୁତ ତକଲିଫ୍ ପାଉ ।
तकलीफ ଭକ୍ତାଚରଣ, ସଂସାରଚକ୍ର ।

ତକ୍‌ଲିପି(ଫି)—ଗ୍ରା. ବୈଦେ. ବି. (ଅ. ତକ୍‌ଲୀଫ୍)—କଷ୍ଟ—
Tak-lipi(phi) Hardship; difficulty.

ତକ୍‌ସିର୍—ବୈଦେ. ବି. (ଅ. ତକ୍‌ସୀର)
Tak-sir ୧ । ଅପରାଧ—1. Crime; guilt.
তকসীর ୨ । କସୁର; ଦୋଷ—2. Fault.
तकसिर ୩ । ଭ୍ରାନ୍ତି; ଭୁଲ—3. Error; mistake.

ତକ୍‌ସିରି—ଗ୍ରା. ବୈଦେ. ବି. (ଅ. ତକ୍‌ସୀର)—ତକ୍‌ସିର୍ (ଦେଖ)
Tak-siri Tak-sir (See)

ତକ—ଦେ. ଅ. (ସଂ. ଅନ୍ତ+କ)—
Taka ୧ । ପର୍ଯ୍ୟନ୍ତ; ଅବଧି (ସ୍ଥାନ ବା ସମୟ)—
তক 1. Upto; till; until.
तक, तलक (ଯଥା—ମୁଁ ସନ୍ଧ୍ୟାତକ ଅପେକ୍ଷା କଲି, ସେ ଆସିଲେ ନାହିଁ; ମୁଁ କାହିଁତକ ଯିବି ?)
୨ । ଠାରେ—2. In.
(ଯଥା—ଏ କାର୍ଯ୍ୟଟାର ଭୂମିତକ ରହିଲା ।)
ଗୁଣି, ସବ ଦେ. ପ୍ରତ୍ୟୟ—ସମୁଦାୟ; ମାନ—
समुचा All; the whole of.
(ଯଥା—ମୋ ଟଙ୍କାତକ ଘେନି ନେଇଗଲା ।)

ତକତ୍ ତାଉସ୍—ବୈଦେ. ବି—ତଖତ୍ ତାଉସ୍ (ଦେଖ)
Takat tāus Takhat tāus (See).

ତକତ୍ ନସୀନ୍—ବୈଦେ. ବିଣ (ଫା. ତଖତ୍ ନସୀନ୍)—
Takat nasin ଗାଦିନସୀନ; ସିଂହାସନାରୂଢ଼ (ରାଜା)—
তকতনসীন (a king) Installed on the throne.
तख़्तनशीन

ତକତ୍‌ପୋଷ—ବୈଦେ. ବି (ଫା)—ତକ୍ତପୋଷ (ଦେଖ)
Takat-posha Taktaposha (See).

ତକତ—ବୈଦେ. ବି (ଅ. ତଖ୍‌ତ=ସିଂହାସନ)—
Takata ୧ । ଆପଣାର ଉପଯୁକ୍ତ ସ୍ଥାନ—
তক্ত 1. One's proper place.
तख्त ୨ । ରାଜସିଂହାସନ—2. Throne.
୩ । କ୍ଷମତା—3. Power.
୪ । ମଧ୍ୟସ୍ଥଳ—4. Centre; central place.
(ଯଥା—ରାମ ସାହୁର ବଳଟା ବି ଭୋଡ଼ର ତକତରେ ଅଛି ।)
ବୈଦେ. ବି—୧ । ଉପଯୁକ୍ତ—1. Proper.
(ଯଥା—ଗୁଲାଟା କାଘର ବେଶ ତକତ ଜାଗାରେ ବସିଥିଲା ।)
୨ । ମଧ୍ୟସ୍ଥ; ସନ୍ଧସ୍ଥ—2. Midde; central.
(ଯଥା—କୂଅଟାକୁ ଗ୍ରାମର ଏପରି ତକତ ସ୍ଥାନରେ ଖୋଳିଥିବ, ଯେପରି କି ଗ୍ରାମର ସମସ୍ତ ଲୋକ ତହିଁରୁ ପାଣି ବ୍ୟବହାର କରି ପାରିବେ ।)

ତକତକ—ଦେ. ବିଣ (ସଂ. ତକ ଧାତୁ=ହସନ; ଚକ୍ ଧାତୁ=ଦୀପ୍ତି—
Takataka ଯୋଗେଶଚନ୍ଦ୍ର)—୧ । ଚକଚକ୍ (ଦେଖ)
তকতক 1. Chak-chak (See).
चमकदार ୨ । ଈଷତ୍ ରକ୍ତାଭ; ଗୋଲାପୀ
2. Ruddy, Rosy.

ତକତକ ଗୋରା—ଦେ. ବିଣ—ରକ୍ତାଭ ଗୌର—
Takataka gorā Having a rosy fair complexion.

ତକତକିଆ—ଦେ. ବିଣ—ଚକ୍‌ଚକ୍ (ଦେଖ)
Takatakiā Chak-chak (See).
তকতকিয়া ବିଣର ବିଣ ଖୁବ୍ (ଗୋରା)—ଯଥା, ତକତକିଆ ଗୋରା)—
Very (fair-coloured).

ତକତା—ବୈଦେ. ବି (ଅ. ତଖ୍‌ତାହ୍=ପଟା)—
Takatā ୧ । ତକ୍ତା; କାଠର ପଟା—
তক্তা 1. A plank of wood; board.
तख्ता ୨ । ପତଳା ଲମ୍ବ ଓ ଚଉଡ଼ା ଖଣ୍ଡ; ଫର୍ଦ—2; A sheet.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଲଙ୍କ' ଦେଖିବେ।

୩ । କାଗଜର ଫର୍ଦ୍ଦ—
3. A sheet of paper.
୪ । ସ୍ଲେଟ ପଟା; ପଟ୍ଟୀ—4. Tablet.
୫ । (ସେଟଲମେଣ୍ଟ ଶବ୍ଦ) ଯେଉଁ ତିନିପଦ ଟେବଲ ଉପରେ ନକ୍ସା ରଖି ଅମିନମାନେ ସରଜମିନ ମାପ କଲେ କାମ କରନ୍ତି—5 Plane table.
୬ । ଧାତୁର ଫଳକ—6. Metal plate.
୭ । ପଥରର ଲମ୍ବ ଓ ଚଉଡ଼ା ପତଳା ଖଣ୍ଡ—
7. Slab of stone.

ତକତି—ବୈଦେ. ବି (ଅ. ତଖ୍‌ତହ୍)—୧ । ସ୍ଲେଟ ପଟା; ପଟ୍ଟ—
Takati — Small plate.
তক্তি
୨ । ଛାତ୍ରମାନେ ଲେଖିବା ସ୍ଲେଟ—
तख़्ती — 2. Writing slate.

ତକରୁହାଁ—ଦେ. ବି—ଚିଲିକାରେ ଦେଖାଯିବା ଏକପ୍ରକାର ପକ୍ଷୀ—
Takaruhāñ — A species of bird found in Chilkā.

ତକଲା(ଲି)—ଦେ. ବି (ସଂ. ତର୍କୁ)—ତାକୁଡ଼ି—
Takalā(li) — Spinning spindle.
টেকো — तकला, तकलि

ତକଲ୍ଲପ(ଫ)(ବ)—ବୈଦେ. ବି—୧ । (ଅ. ତଗଲ୍ଲବ=ବଞ୍ଚନା)—
Takallap(ph)(b) — ୧ । ପ୍ରବଞ୍ଚନା—Deception.
তগল্লব — ୨ । (ଅ) ତକଲୀପ୍ (ଦେଖ)
तगल्लब — Taklīp (See).

ତକସିମ୍ ଜମା—ବୈଦେ. ବି (ଅ. ତକ୍‌ସୀମ୍=ବଣ୍ଟନ+ଜମା=ରାଜସ୍ୱ, ଖଜଣା)—ସମ୍ରାଟ ଅକବରଙ୍କ ସଚିବ ତୋଡ଼ରମଲଙ୍କ ଦ୍ୱାରା କରାଯାଇଥିବା ଓଡ଼ିଶାର ରାଜସ୍ୱ ବନ୍ଦୋବସ୍ତ—
Takasim jamā — The name of the Revenue Settlement of Orissa done by Akbar's minister Tordaramala.

ତୋଡ଼ରମଲଙ୍କ ଓଡ଼ିଶା ରାଜସ୍ୱ ବନ୍ଦୋବସ୍ତର ନାମ
ତକସିମ ଜମା ଓ ଟଙ୍କା ରକ୍ମ । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ତକା(କେ)ଇବା—ଦେ. କ୍ରି—(ସଂ. ତର୍କ୍ ଧାତୁ=ବିଚାରିବା; ଜ୍ଞାନ)—
Takā(ke)ibā — ୧ । ଚାହିଁବା; ଦେଖିବା—1. To look at.
তাকান — ଅନ୍ଧ ବୋଲି କାହା ମୁଖ ତକାନ୍ତେ,
तकना — ସେ ବୋଲେ ବିଚାରନ୍ତ ଏହୁମତେ । ବ୍ରଜନାଥ. ସମରତରଙ୍ଗ ।
୨ । ଅପେକ୍ଷା କରିବା—2. To wait for.

ତକା(କେ)ଇ ରହିବା—ଦେ. କ୍ରି—୧ । ଚାହିଁ ରହିବା—
Takā(ke)i rahibā — 1. To keep looking at;
তাকিয়েথাকা — to gaze at; to look at.
तकारहना — ୨ । ଅପେକ୍ଷା କରି ରହିବା—
2. To keep waiting for; to wait for
ବାଟକୁ ତକାଇ ରହିଲ—କାଳକଣ୍ଠ ଦାସ. ପିଲଙ୍କ ରାମାୟଣ ।

ତକାତକି—ଦେ. ବି—୧ । ପରସ୍ପର ଚହାଁଚହିଁ—
Takātaki — 1. Looking at each other.
তাকাতাকি — ୨ । ପରସ୍ପରକୁ ଅପେକ୍ଷା କରିବା—
ताक — 2. Waiting for each other.
୩ । ଜଗାଜଗି—3. Watching each other.

ତକାବି—ବୈଦେ. ବି (ଅ. ତକାବୀ)—ତଗାବି (ଦେଖ)
Takābī — Tagābī (See)
তাগাবি — तकाबी

ତକିଆ—ବୈଦେ. ବି (ଫା. ତକୟା)—୧ । ମାଣ୍ଡି; ବାଲିସ; ଅପସର; ମୁଣ୍ଡିଲା—1. Pillow; bolster.
তাকিয়া — ପ୍ରଭାତକାଳେ କୋଥାରୁଣ ଶମ୍ଭୁର ମସ୍ତକ ତକିଆ ପରି—
तकिया — କବିସୂର୍ଯ୍ୟ. ଚକ୍ରକଳା ।
୨ । ମୁସଲମାନ ଫକୀର ବା ମହାପୁରୁଷମାନଙ୍କର କବର; ଆଶ୍ରମ (ଯଥା—ଫକୀରତକିଆ)—2. Grave of Mahomedan saints.

ତକିଆ ଖୋଳ—ବୈଦେ. ବି (ଫା. ତକୟା+ଗିଲଫ୍)—ମାଣ୍ଡିକୁ ଆବୃତ କରିବାପାଇଁ ତହିଁରେ ଖଞ୍ଜାଯିବା କନାର ମୁଣା ଭଳି ଆବରଣୀ (ଖୋଳ)—Pillow-case.
Takiā khoḷa
তাকিয়া খোল
तकियका गिलाफ़

ତକିଳ—ସଂ. ବି (ତକ୍ ଧାତୁ=ସହ୍ୟ କରିବା+ସଂଜ୍ଞାର୍ଥେ. ଇଲ)—
Takiḷa — ୧ । ଧୂର୍ତ୍ତ ବ୍ୟକ୍ତି (ହ୍ର. ଶବ୍ଦସାଗର)—
1. Knave; cheat.
୨ । ଔଷଧ—2. Medicine.

ତକିଳା—ସଂ. ବି (ତକିଳ+ଆ)—ଔଷଧ (ହ୍ର. ଶବ୍ଦସାଗର)—
Takiḷā — Medicine.

ତକ୍ତ (ଇତ୍ୟାଦି)—ବୈଦେ. ବି (ଫା.ତଖ୍‌ତ)—ତକତ ଇତ୍ୟାଦି (ଦେଖ)
Takta (etc) — Takata (etc) (See)

ତକ୍ତପୁରୁଷ—ବୈଦେ. ବି (ଫା)—ତକ୍ତପୋଷ (ଦେଖ)
Taktapurusha — Taktaposha (See)

ତକ୍ତପୋଷ—ବୈଦେ. ବି (ଫା. ତଖ୍ତ ପୋଶ୍=ବସିବାର ଆସ୍ତରଣ, ଅ. ତଖ୍‌ତାପୋଷ=କାଠର ଖଟ)—କାଠ ପଟାର ଖଟ—A bedstead made of planks.
Taktaposha
তকতপোষ
तख़तपोष — ସେହି ତକ୍ତପୋଷ ଉପରେ ଗୋଟିଏ ପୁରୁଷ ଏବଂ ତଳେ ଗୋଟିଏ ସ୍ତ୍ରୀ ବସି ଭଲ କଥାବାର୍ତ୍ତାରେ ଲାଗି ଯାଇଅଛନ୍ତି ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ତକ୍ତା—ବୈଦେ. ବି.—ତକତା (ଦେଖ)
Taktā — Takatā (See)

ତକ୍ତି—ବୈଦେ. ବି—ତକତି (ଦେଖ)
Takti — Takati (See)

ତକ୍ମା—ସଂ. ବି (ତକ୍ ଧାତୁ+କର୍ମ ଅନ୍; ତକ୍ମନ୍ ଶବ୍ଦ ୧ମା. ୧ବ)—
Takmā — ବସନ୍ତରୋଗ (ହ୍ର. ଶବ୍ଦସାଗର)—Small pox.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଲ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ୍ଜ	ଳ

ତକ୍ର—ସଂ. ବି [ତକ୍ ଧାତୁ=(ପୀଡ଼ା) ସହ୍ୟ କରିବା+କର୍ତ୍ତୃ. ର; ଯାହା ମନ୍ଥନପୀଡ଼ା ସହ୍ୟ କରିଥାଏ]—୧ । ଘୋଳ ଦହି; ତକ୍ରା—1. Churned butter-milk.
Takra

୨ । ଦୁଧ ଦହି ବସିଗଲେ ତହିଁର ଯେଉଁ ପାଣିଆ ଅଂଶ ଯାହାର ତଳକୁ ରହିଯାଏ—2. Whey.

ତକ୍ରକୂର୍ଚ୍ଚିକା—ସଂ. ବି (ତକ୍ର+କୂର୍ଚ୍ଚିକା, ୬ଷ୍ଠୀ ତତ୍)—୧ । ଗରମ ଦୁଧରେ ଦହି ପକାଇ ପ୍ରସ୍ତୁତ କରିବା ଛେନା; ଦୁଧଛେନା—1. Cheese
Takra-kūrchchikā

୨ । ଲହୁଣୀ (ପ୍ରକୃତିବାଦ)—2. Butter.

ତକ୍ରପିଣ୍ଡ—ସଂ. ବି (ତକ୍ର+ପିଣ୍ଡ, ୬ଷ୍ଠୀ ତତ୍;)—ଦହିଛେନା—Inspissated whey.
Takra-pinda

ତକ୍ରଭିଦ୍—ସଂ. ବି (ତକ୍ର+ଭିଦ୍ ଧାତୁ+କର୍ତ୍ତୃ. କ୍ୱିପ୍; ୧ମା. ୧ବ)—କପିତ୍ଥ; କଇଁଥ—The wood apple.
Takra-bhid

ତକ୍ରମାଂସ—ସଂ. ବି (ତକ୍ର+ମାଂସ, ଦ୍ୱନ୍ଦ୍ୱ)—୧ । ଛେନା ସଙ୍ଗେ ମାଂସ ରନ୍ଧା ହୋଇଥିବା ପାରସ୍ୟ ଦେଶୀୟ ଖାଦ୍ୟ; କୋର୍ମା—1. A sort of Persian curry.
Takra-māṁsa

୨ । ମାଂସର ପକ୍ୱରସ (ହି. ଶବ୍ଦସାଗର)—2. Meat soup; broth.

ତକ୍ରସଂଧାନ—ସଂ. ବି (୬ଷ୍ଠୀ ତତ୍; ତକ୍ର+ସନ୍ଧାନ)—ଦହି ସଙ୍ଗେ ସମ୍ବର ଲୁଣ, କେଶର ଓ ହଳଦି ମିଶାଯାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇ ତିଆରି କରାଯିବା କାଞ୍ଜି—A kind of sour gruel made from churned curd.
Takra-saṁdhāna

(ଯଥା—ଏହା ସେବନ କଲେ ପ୍ଳୀହା ରୋଗ ଭଲ ହୁଏ । ହି. ଶବ୍ଦସାଗର)

ତକ୍ରସାର—ସଂ. ବି (୬ଷ୍ଠୀ ତତ୍; ତକ୍ର+ସାର)—ଲହୁଣି—Butter.
Takra-sāra

ତକ୍ରାଟ—ସଂ. ବି (ତକ୍ର=ଘୋଳ ଦହି+ଅଟ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ)—ମନ୍ଥନ ଦଣ୍ଡ; ଖୁଆ—Churning stick; churner.
Takrāṭa

ତକ୍ରାର (ଲ୍)—ବୈଦେ. ବି—ତକ୍‌ରାର (ଦେଖ)—Tak-rār (See)
Takrār (l)

ତକ୍ଷ (ଧାତୁ)—ସ—କାଠ ଖୋଳିବା—To scrape wood.
Taksha (root)

ତକ୍ଷ—ସଂ. ବି. ପୁଂ—୧ । (ନାମ) ରାଜା ଭରତଙ୍କ ପୁତ୍ର—1. The son of king Bharata, king of Gāndhāra (modern Kabul); his capital was at Taxillā (modern Rawalpindi).
Taksha

ତକ୍ଷ ପୁଷ୍କଳ ବେନି ଭାଇ,
ଭରତ ପତ୍ନୀ ଗର୍ଭେ ହୋଇ । କଲ୍ପୋଦ୍ଧ· ଭାଗବତ ।

[ଦ୍ର—ଏ ଗାନ୍ଧାରର ରାଜା ଥିଲେ ଏବଂ ଏହାଙ୍କ ରାଜଧାନୀ ତକ୍ଷଶିଳା (ଆଧୁନିକ ରାଓଲପିଣ୍ଡି) ଥିଲା ।]

୨ । କାଠ ଖୋଳିବା—2. Act of scraping wood.

ତକ୍ଷକ—ସଂ. ବି (ତକ୍ଷ୍ ଧାତୁ=କାଠ ଖୋଳିବା+କର୍ତ୍ତୃ. ଅକ)—୧ । ସୂତ୍ରଧର; ବଢ଼େଇ—1. Carpenter.
Takshaka

୨ । ବିଶ୍ୱକର୍ମା—2. Biswakarmā, the mythical divine architect.

୩ । ନାଟକର ସୂତ୍ରଧାର; ନାଟ୍ୟାଧ୍ୟକ୍ଷ—3. Stage-manager.

୪ । ପାତାଳର ଅଷ୍ଟନାଗ ମଧ୍ୟରେ ଏକ ନାଗ—4. One of the eight mythical serpents of the nether world.

[ଦ୍ର—ଏ କଶ୍ୟପଙ୍କ ଔରସରେ କଦ୍ରୁ ଗର୍ଭରୁ ଜାତ ଓ ସର୍ପରାଜ ବାସୁକିଙ୍କ ଭାଇ । ଖାଣ୍ଡବ ବନରେ ଏହାଙ୍କର ବାସ ଥିଲା । ଏ ପରୀକ୍ଷିତ୍ ମହାରାଜାଙ୍କୁ ବ୍ରହ୍ମଶାପ ଅନୁସାରେ ଦଂଶନ କରିବାରୁ ପରୀକ୍ଷିତ ମୃତ ହେଲେ ଓ ତାଙ୍କ ପୁତ୍ର ଜନମେଜୟ ସର୍ପଯଜ୍ଞ କରି ସର୍ପକୁଳ ନିର୍ମୂଳ କରିବାକୁ ଉଦ୍ୟତ ହେବାରୁ ତକ୍ଷକ ଆସ୍ତିକ ମୁନିଙ୍କ ଚେଷ୍ଟାରେ ଉକ୍ତ ଯଜ୍ଞାଗ୍ନିରେ ନ ପଡ଼ି ରକ୍ଷା ପାଇଥିଲେ ।]

୫ । ଏଣ୍ଡୁଅ—5. Chameleon.

୬ । ଏଣ୍ଡୁଅ ପରି ଏକପ୍ରକାର ପକ୍ଷଯୁକ୍ତ ଜୀବ—6. The flying lizard; dragon; Draco Volans.

[ଦ୍ର—ଏମାନେ ଉଡ଼ି ବୁଲନ୍ତି ଓ ରାତିରେ ବିକଟ ଚିତ୍କାର କରନ୍ତି । ସେହି ଚିତ୍କାରର ଧ୍ୱନି 'ତକ୍ଷକ' 'ତକ୍ଷକ' ପରି ଶୁଭେ । ଏମାନେ ସରୀସୃପ ଜାତୀୟ ହୋଇଥାନ୍ତି ।]

୭ । ଦେହ ମଧ୍ୟସ୍ଥ ଦଶ ବାୟୁ ମଧ୍ୟରୁ ଏକ; ନାଗ ବାୟୁ—7. One of the ten airs inside the human body.

[ଦ୍ର—ଶରୀର ମଧ୍ୟସ୍ଥ ଦଶ ବାୟୁ—ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ, ତକ୍ଷକ, ଧନଞ୍ଜୟ, ପୌଣ୍ଡ୍ରକ, ଦେବଦତ୍ତ ଓ ଶଙ୍ଖ ।]

୮ । ଭାଗବତୋକ୍ତ ପ୍ରସେନଜିତଙ୍କ ପୁତ୍ର—8. Name of the son of King Prasenajit.

୯ । ସୂତକ ପିତା ଓ ବ୍ରାହ୍ମଣୀ ମାତାଙ୍କଠାରୁ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତିବିଶେଷ (ହି. ଶବ୍ଦସାଗର)—9. Name of a class of half-caste Hindus.

ତକ୍ଷଣ—ସଂ. ବି. (ତକ୍ଷ ଧାତୁ=କାଠ ଖୋଳିବା+ଭାବ. ଅନ)—୧ । ବଢ଼େଇ କାମ—1. Carpentry.
Takshaṇa

୨ । ଅସ୍ତ୍ରଦ୍ୱାରା କାଠ ଖୋଳିବା; ରନ୍ଦା ମାରିବା—2. Planing of wood; scraping of wood work.

୩ । ରନ୍ଦା; ରନ୍ଧା—3. Carpenter's plane

୪ । ବଢ଼େଇ (ହି· ଶବ୍ଦସାଗର)—4. Carpenter.

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କଅ' ଦେଖିବେ; 'ବଧୂଁନ' ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧୋ' ନ ପାଇଲେ 'ଅଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ପଥର କାଠ ଆଦି ଖୋଳି ମୂର୍ତ୍ତି ଆଦି ଗଢ଼ିବା କର୍ମ (ହି. ଶବ୍ଦସାଗର)—5 Carving of wood & stone.

ଦେ. କ୍ରି. ବିଣ. (ସଂ. ତତ୍‌କ୍ଷଣ)—
ତଖୁନି, ତଖନି — ଅତି ଚଞ୍ଚଳ; ତତ୍‌କ୍ଷଣାତ୍; ଶୀଘ୍ର—
फौरन — At once; very soon; immediately.

ହୃଦୟେ ବସଇ ତକ୍ଷଣ, ଅନାଦି ପ୍ରଭୁ ନାରାୟଣ । ଜଗନ୍ନାଥ, ଭାଗବତ ।

ତକ୍ଷଣି—ଦେ. କ୍ରି. ବିଣ. (ସଂ. ତତ୍‌କ୍ଷଣ)—ତକ୍ଷଣ (ଦେଖ)
Takshaṇi — Takshaṇa (See)

ତକ୍ଷଣେ—ଦେ. କ୍ରି ବିଣ. (ସଂ. ତତ୍‌କ୍ଷଣ)—ତକ୍ଷଣ (ଦେଖ)
Takshaṇe — Takshaṇa (See)

ତକ୍ଷଣେ ବୃନ୍ଦାମଣି କରି, ଶଙ୍ଖ ମଇନ୍ଦ ସମ ସରି ।
ଭୂପତି, ପ୍ରେମପଞ୍ଚାମୃତ ।

ତକ୍ଷଶିଳା—ସଂ. ବି. (ତକ୍ଷ + ଶିଳା)—
Taksha-śilā — ପଞ୍ଜାବ ଅନ୍ତର୍ଗତ ନଗରୀବିଶେଷ (ତକ୍ଷ ରାଜାଙ୍କ ରାଜଧାନୀ; ବର୍ତ୍ତମାନ ନାମ ରାଓଲପିଣ୍ଡି)—
A town in the Punjab; Taxilla

[ଦ୍ର—ବର୍ତ୍ତମାନ ତକ୍ଷଶିଳାର ଭୂମି ତଳୁ ଅନେକ ବୌଦ୍ଧ ସ୍ତୂପାଦିର ଚିହ୍ନ ବାହାରୁଛି । ଗ୍ରୀକ୍‌ବୀର ସିକନ୍ଦରଙ୍କୁ ତକ୍ଷଶିଳାର ରାଜା ଖୁବ୍ ସମ୍ମାନ ଓ ସତ୍କାର କରିଥିଲେ । କେତେକ କାଳ ପର୍ଯ୍ୟନ୍ତ ଏହା ଅଶୋକଙ୍କ ସାମ୍ରାଜ୍ୟଭୁକ୍ତ ସମୃଦ୍ଧିମନ୍ତ ନଗର ଓ ପଶ୍ଚିମ ଭାରତର ପ୍ରଧାନ ବିଦ୍ୟାପୀଠ ଥିଲା । ଚାଣକ୍ୟ ଏହି ସ୍ଥାନର ଲୋକ ଥିଲେ ।]

ତକ୍ଷା—ସଂ. ପୁ. (ତକ୍ଷ୍ ଧାତୁ+କର୍ତ୍ତୃ. କନିନ୍, ତକ୍ଷନ୍ ଶବ୍ଦ, ୧ମା.୧ବ)—
Takshā — ୧ । ବିଶ୍ୱକର୍ମା—1. Biśwakarmā; the mythical divine architect
୨ । ବଢ଼େଇ—2. Carpenter.
୩ । ଚିତ୍ରାନକ୍ଷତ୍ର—
3. The 14th Lunar mansion.

ତଖତ୍—ବୈଦେ. ବି. (ଆ. ତଖ୍‌ତ୍)—ତକତ (ଦେଖ)
Takhat — Takata (See)

ତଖତ୍ ତାଉସ୍—ବୈଦେ. ବି. (ଫା. ତଖ୍‌ତ୍ + ଆ. ତାଉସ୍)—
Takhat tāus — ମୋଗଲ ସମ୍ରାଟ ସାହାଜାହାନଙ୍କ ନିର୍ମିତ ମୟୂର-ସିଂହାସନ—Peacock-throne raised by the Moghal emperor Sahajahan.
ତଖତ ତାଉସୀ
तखत ताउस
(ତଖତ୍ ତାଉସୀ—ଅନ୍ୟରୂପ)

[ଦ୍ର—ଏଥି ଉପରେ ମଣିରତ୍ନର ପୁଚ୍ଛାଲଙ୍କୃତ ମୟୂରର ମୂର୍ତ୍ତି ଥିଲା । ଏହାର ନିର୍ମାଣରେ ୬ କୋଟି ଟଙ୍କା ଖରଚ ହୋଇଥିଲା । ଖ୍ରୀ ୧୭୩୬ ସାଲରେ ନାଦିର୍‌ସାହା ଏହାକୁ ଲୁଣ୍ଠନ କରି ନେଇଗଲେ ।]

ତଖଲିପ୍(ଫ୍)—ପ୍ରାଦେ. (ସମ୍ବଲପୁର) ବି. (ଆ. ତକ୍‌ଲିଫ)—କଷ୍ଟ—
Takhalip(ph) — Pain; trouble; difficulty.

ତଖ୍ତ—ବୈଦେ. ବି. (ଫା)—ତକତ (ଦେଖ)
Takhta — Takata (See)

ତଗ୍‌ଦିର୍ (ଇତ୍ୟାଦି)—ବୈଦେ. ବି. (ଫା)—ତକଦିର୍ ଇତ୍ୟାଦି (ଦେଖ)
Tag-dir (etc) — Tak-dīr etc (See)

ତଗ୍‌ସିର୍—ବୈଦେ. ବି. (ଆ)—ତକ୍‌ସିର୍ (ଦେଖ)
Tag-sir — Tak-sir (See)

ତଗର—ସଂ. ବି—୧ । (ତ=କ୍ରୋଡ଼+ଗୃ ଧାତୁ=ଗ୍ରାସ କରିବା+କର୍ତ୍ତୃ. ଅ)—ଟଗର (ଦେଖ)
Tagara — Ṭagara (See)

(ସଂ. ନାମ—ତଗର, ବକ୍ର, କୁଟିଳ, ଶଠ, ମହୋରଗ, ନତ, ଦୀପନ, ବିନମ୍ର, କୁଂଚିତ, ଘଂଟି, ନହୁଷ, ପାର୍ଥିବ, ରାଜହର୍ଷଣ, କ୍ଷତ୍ର, ପୀନ, କାଲାନୁଶାରିବା, କାଲାନୁସାରକ)—
୨ । ତଗର ବୃକ୍ଷର ଚେର—
2. The root of the Tagara plant.

[ଦ୍ର—ଏହା ସୁଗନ୍ଧଦ୍ରବ୍ୟରେ ଗଣିତ ହୁଏ । ଏହାକୁ ସେବାଇଲେ ଦାନ୍ତର ଦରଜ ଭଲ ହୁଏ—ହି. ଶବ୍ଦସାଗର ।]

୩ । ମଦନ ବୃକ୍ଷ ଓ ଫଳ; ମଏଣ (ଦେଖ) —
3. Maeṇa (See)

ତଗର ପାଦ—ଦେ. ବି—୧ । ଟଗର ୨ (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)-
Tagara pāda — 1. Ṭagara 2. (See)
(ତଗରପାଦିକା—ଅନ୍ୟରୂପ) — ୨ । ତଗର ୨ (ଦେଖ)
2. Tagara 2 (See)

ତଗରା—ଦେ. ବି—୧ । ରାଜସେବକବିଶେଷ—1. A class of personal servants of a king.
Tagarā
ତାଗାଡ଼ — ବୈଦେ. ବି. (ତୁର୍କୀ. ତଗାର୍)—୨ । ରାଜମିସ୍ତ୍ରୀମାନେ ପଲସ୍ତରା ବା ଗାନ୍ଥିକାମ କରିବା ସମୟରେ ଚକଟା ମାଟି ବା ମସଲା ରଖିବା ନିମିତ୍ତ ଯେଉଁ ମାଟିର ତଟକା ପାତ୍ର ବା ମାଟି ଡେଲୁଣୀ ବ୍ୟବହାର କରନ୍ତି—2. An earthen pan used by masons to put mortar in.
तगाडा

ତଗା—ଦେ. ବି. (ସଂ. ପତାକା)—୧ । ନିଶାଣ; ପତାକା—
Tagā — 1. Flag.
୨ । ଲମ୍ବା ବାଉଁଶ ଉପରେ ବନ୍ଧାଯାଇଥିବା ପତାକା—
2. A flag put on a long pole.

ତଗାଇଦା—ପ୍ରାଦେ. (ଗଞ୍ଜାମ) ବି. (ଅ. ତାକିଦ୍=ଆଦେଶ)—ମକଦମା—
Tagāidā — Case; litigation.

ତଗା(ଗେ)ଇବା—ଦେ. କ୍ରି—ତାଗିବା କ୍ରିୟାର ଣିଜନ୍ତ ରୂପ—
Tagā(ge)bā — Causative form of Tāgibā.

ତଗାଦା—ବୈଦେ. ବି. (ଅ. ତକାଜା)—୧ । ତାଗଦା; କୌଣସି ପ୍ରାପ୍ୟ ଦ୍ରବ୍ୟ ଦେବା ପାଇଁ ଦେବା ବ୍ୟକ୍ତିକୁ ପାଇବାକୁ ଅଧିକାରୀ ବ୍ୟକ୍ତିର ଅନୁରୋଧ ବା ତଲବ—Demand for a thing from a person from whom it is due.
Tagādā
ତାଗଦା
तगादा, तकाजा

୧	ଇ	ଈ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଷ	ଙ୍କ	ଇସ୍	ଉଅ	ଊ
୨	ଈ	ଉ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ନ

୨ । ସ୍ୱୀକୃତ ବସ୍ତୁ ଦେବା ବା କାର୍ଯ୍ୟ କରିବା ପାଇଁ ସ୍ୱୀକାରକାରୀ ବ୍ୟକ୍ତିକୁ ଅନୁରୋଧ—2. Request to a person to carry out a promised act.

ତଗାବି—ବୈଦେ. ବି. (ଅ. ତକାବି)—କୃଷିଯନ୍ତ୍ର ଓ ବୀଜାଦି କ୍ରୟ କରିବା
Tagābi ନିମିତ୍ତ ଦୁର୍ଭିକ୍ଷ ବା ଫସଲ ହାନି ସମୟରେ ରାଜା ବା
তাকাবী;তগাবী ସରକାରଙ୍କ ଦ୍ୱାରା କୃଷକଙ୍କୁ ଦିଆଯିବା ଋଣ ବା
तकावी ଦାଦନ—Tuccavi loan; agricultural loan advanced to needy cultivators by the Government.

[ଦ୍ର—ଏ ଅରବୀ ଶବ୍ଦ ତକାବୀ ଇଂରାଜୀ ଭାଷାରେ ଚଳୁଅଛି ।]

ତଗେଇ—ଦେ. ବି. (ତୁର୍କୀ—ତଗାର୍) ପଖୁଳ; ଛେନା ଦହି ଆଦି
Tagei, ରଖିବା ପାଇଁ ବ୍ୟବହୃତ ଓସାରିଆମୁହାଁ ଛୋଟ ମାଟି ହାଣ୍ଡି—
ছোটহাঁড়ী A small wide-mouthed earthen pot.

ତଜ୍ଞ—ସ୍ତ୍ରୀ. ବି. (ସଂ. ତତ୍ ଓ ଜ୍ଞା ଧାତୁରୁ)—୧ । ଜ୍ଞାନ—
Tagya 1. Knowledge.

୨ । ସ୍ମରଣ—2. Recollection.

ତଙ୍କ୍ (ଧାତୁ)—ସଂ.—୧ । ଦୁଃଖରେ ପଡ଼ିବା—
Tank (root) 1. To undergo troubles.
(ତଂକ୍—ଅନ୍ୟରୂପ) ୨ । ସହିବା—2. To bear; to endure.

୩ । ହସିବା—3. To laugh (Apte).

୪ । ଦୁଃଖରେ ବଞ୍ଚି ରହିବା—
4. To live in distress (Apte).

ତଙ୍କ—ସଂ. ପୁ. (ତଙ୍କ୍ ଧାତୁ + ଭାବ. ଅ)—୧ । ପଥରକଟା ଶସ୍ତ୍ର-
Tanka ବିଶେଷ; ମୁଥିଆ—1. An instrument for cutting stone.

୨ । ଆତଙ୍କ; ଡର; ଭୟ—2. Fear; apprehension.

୩ । ପ୍ରିୟବିୟୋଗ ଦୁଃଖ (ହି. ଶବ୍ଦସାଗର)—
3. Grief due to separation from one's dear person.

୪ । ପିନ୍ଧିବାର ଲୁଗା (ହି. ଶବ୍ଦସାଗର)—
4. Wearing cloth.

୫ । ଦୁଃଖରେ ଜୀବନଧାରଣ—
5. Miserable existence (Apte).

ତଙ୍କା—ସଂ. ବି.—ଟଙ୍କା (ଯୋଗେଶଚନ୍ଦ୍ର)—
Tankā Ṭankā (See)

ତଙ୍ଗ (ଧାତୁ)—୧ । ଗତି କରିବା; ଯିବା—
Tang (root) 1. To go; to move (Apte).
(ତଂଗ୍—ଅନ୍ୟରୂପ) ୨ । ଝୁଣ୍ଟି ପଡ଼ିବା—
2. To stumble (Apte).

ତଙ୍ଗ—ବୈଦେ. ବିଣ. (ଫା. ତଂଗ୍; ମୂଳ. ସଂ. ତଙ୍କ—ଭୟ, ଦୁଃଖ; ଓ
Tang ସଂ. ତଙ୍ଗ୍ ଧାତୁ)—୧ । ଦୃଢ଼—
তঙ্গ 1. Fast.
तंग ୨ । ବିକଳ; କଷ୍ଟ, ଦୁଃଖରେ ଜର୍ଜରିତ; ସନ୍ତପ୍ତ—
2. Grieved; afflicted.

୩ । ଚୁସ୍ତ; କସା କସ୍—3. Tight; fitting tightly.

୪ । ସଂକୀର୍ଣ୍ଣ—4. Narrow.

୫ । ସଙ୍କୁଚିତ—5 Contracted.

୬ । ଅଭାବଗ୍ରସ୍ତ—6. In want; needy.

୭ । ଅସ୍ଥିର; ବେଚୈନ୍—7. Restless.

ବୈଦେ. ବି. (ଫା.) ଜିନ୍‌କୁ ଘୋଡ଼ାର ପିଠିରେ ଦୃଢ଼ କରି ସଂଲଗ୍ନ କରିବା ପାଇଁ ଘୋଡ଼ାର ଛାତିବାଟେ ବୁଲାଇ ନିଆଯାଇ କସାଯିବା ପଟି; ପେଟୀ—A tape passing around the breast of a horse to keep the saddle tight on its back.

ଦେ. ବି.—ଢଙ୍ଗ; ଛଇ—
1. Affectation; air; foppery.

୨ । ଚାଲାକୀ; ଚତୁରୀ—2. Shrewdness; cunning.

ତଙ୍ଗତଙ୍ଗ—ଦେ. କ୍ରି. ବିଣ. (ସଂ. ଚଞ୍ଚଳ)—ତଙ୍ଗ ତଙ୍ଗ; ଅସ୍ଥିର ଦୃଷ୍ଟି
Tang tang ସହିତ—Glancing around restlessly.
চংবং, চংচং बेचैन

ତଙ୍ଗଦସ୍ତ—ବୈଦେ. ବିଣ. (ଫା)—୧ । କୃପଣ—
Tang-dast 1. Close-fisted; miserly.
তঙ্গদস্ত ୨ । ଗରିବ; ଧନହୀନ—
तङ्गदस्त 2. Poor; penniless.
(ତଙ୍ଗଦସ୍ତୀ—ବି)

ତଙ୍ଗହାଲ୍—ବୈଦେ. ବିଣ (ଫା)—୧ । ନିର୍ଦ୍ଧନ; ଗରିବ—
Tang-hāl 1. Poor.

୨ । ରୋଗଗ୍ରସ୍ତ—2. Ill; sick.

୩ । ବିପନ୍ନ—3. Distressed; afflicted.

ତଙ୍ଗି—ଦେ ବି (ସଂ. ତଙ୍ଗ=ଦକ୍ଷ, ସୁନିପୁଣ)—ଚାଲାକୀ; ଚତୁରୀ—
Tangi Shrewdness; cunning.
তংগী ବୈଦେ ବି (ଫା)—୧ । ଦୁଃଖ—
तंगी 1. Misery

୨ । ସଂକୀର୍ଣ୍ଣତା—2. Narrowness.

୩ । ବିପନ୍ନ ଅବସ୍ଥା—3. Distressed or afflicted condition.

୪ । ନିର୍ଦ୍ଧନତା—Poverty.

ପ୍ରାଦେ. (ଯାଜପୁର)—ବି—ତମ୍ବି (ଦେଖ)
Tambi (See).

ତଙ୍ଗି ତୋ(ତୁ)ଫାନ(ନି)—ବୈଦେ. ବି (ଫା. ତଙ୍ଗୀ=ବିପନ୍ନ ଅବସ୍ଥା +
Tangito(tu)phāna(ni) ତୁଫାନ୍=ବୃଥା ଦୋଷାରୋପଣ)—

୧ । ବାହାଦୁରୀ; ମୁହଁବାଲଗି—
1. Bragging; boasting.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କ୍ଷଅ' ନ ମିଳିଲେ 'କ୍ଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

୨ । ବୃଥା ଅପବାଦ; କଳଙ୍କାରୋପଣ—2. Defamation; scandalisation.

ତଙ୍ଗିତୋ(ତୁ)ଫାନି—ବୈଦେ. ବିଣ—୧ । ବାବଦୂକ; ମୁହଁବାଲଗିଳା—
Tangito(tu)phāni
(ତଙ୍ଗିତୋଫାନିଆ—ଅନ୍ୟରୂପ)
1. Braggart; boastful.
୨ । ଅପବାଦ ରଟନାକାରୀ—2. Defamatory; scandalous.

ତଚ୍ଛରୂପ—ଗ୍ରା. ବିଣ (ସଂ. ତସ୍ୟ ରୂପ)—ହୁବହୁ; ଅବିକଳ—
Tachchharūpa
1. Exact; perfect.
(ଯଥା—ଫଟୋଗ୍ରାଫ ଯନ୍ତ୍ର ମନୁଷ୍ୟର ତଚ୍ଛରୂପ ଚିତ୍ର ଅଙ୍କିକଏ ।)
हुबहु
୨ । ଠିକ୍ ତାହାପରି—2. Exactly similar to that.
हुबहु
ଗ୍ରା. ବି—ନିଜର ବିକଟ ରୂପ—
One's own furious image or form.
(ଯଥା—ତୁ ତ କେବେ ତା ତଚ୍ଛରୂପ ଦେଖି ନାହୁଁ, ଦେଖିଲେ ବୁଝି ମରି ଯିବୁ ।)

ତଚ୍ଛୀଳ—ସଂ. ବିଣ ପୁଂ(ତତ୍+ଶୀଳ, ବହୁବ୍ରୀହି)—ତାହାପରି ସ୍ୱଭାବବିଶିଷ୍ଟ-
Tachchhīla
(ତଚ୍ଛୀଳା—ସ୍ତ୍ରୀ)
Similar in nature to it or him or her; of similar nature.

ତଚ୍ଛୁ—ଗ୍ରା. ବି (ସଂ. ଚକ୍ଷୁ)—୧ । ଦେବପ୍ରତିମାମାନଙ୍କର ଚକ୍ଷୁ—
Tachchhu
1. The eyes painted on an image.
चखु
୨ । ଚକ୍ଷୁ—2. Eye
चक्षु

ତଚ୍ଛୁଦାନ—ଗ୍ରା. ବି (ସଂ. ଚକ୍ଷୁର୍ଦାନ)—ଦେବପ୍ରତିମାମାନଙ୍କ ପ୍ରାଣ ପ୍ରତିଷ୍ଠା
Tachchhudāna
चखुदान
ପୂର୍ବରୁ ଆଖିକୁ ଚିତ୍ରଣ କରିବା ବିଧି—
The painting of the eyes in an image just before the rite of giving life to it.
[ଦ୍ର—ପ୍ରାଣପ୍ରତିଷ୍ଠା ପୂର୍ବରୁ ନିର୍ମିତ ପ୍ରତିମାର ଦେହରେ ଚିତ୍ରକାରର ଏହାହିଁ ଶେଷ କାର୍ଯ୍ୟ । ପ୍ରତିମାର ସବୁ ଅଙ୍ଗ ତିଆରି ସରିବା ପରେ ଆଖିର ଚିତ୍ରଣ କରାଯାଏ । ତଚ୍ଛୁଦାନ ହେବା ପରେ ପ୍ରତିମାର ମନ୍ତ୍ରଦ୍ୱାରା ଜୀବନନ୍ୟାସ କରାଯାଏ ।]

ତଜଦିକ(ଗ)—ବୈଦେ. ବି (ଅ)—ତସଦିକ୍ (ଦେଖ)
Taj-dik (g)
Tas-dik (See)

ତଜବିଜ—ବୈଦେ. ବି (ଅ)—୧ । ନିର୍ଣ୍ଣୟ; ଫଏସଲ—
Taj-bij
1. Decision.
तजविज
୨ । ବିଚାର; ବିଚାର—
तजवीज
2. Judgment; trial.
୩ । ବିବେଚନା—3. Consideration.
୪ । ବନ୍ଦୋବସ୍ତ—
4. Settlement; arrangement.
୫ । ଗବେଷଣା; ଅନ୍ୱେଷଣା—
5. Investigation; enquiry.
୬ । ପରୀକ୍ଷା—6. Examination; test.

ତଜବିଜ ସାନି—ବୈଦେ. ବି.(ଅ)—୧ । (କଚରିଆ)--କୌଣସି ଅଦାଲତଙ୍କ
Taj bij sāni
ଦ୍ୱାରା ନିଜର ଫଏସଲ ମୋକଦ୍ଦମାର ପୁନର୍ବିଚାର—
छानि तजवीज
1. Review of a case once decided.
तजविज सानी
୨ । ପୁନର୍ବିବେଚନା—2. Reconsideration.

ତଜ୍ଜନିତ—ସଂ ବିଣ (ତତ୍+ଜନିତ, ୩ୟା ତତ; ୫ମୀ ତତ)—
Tajjanita
ସେହି କାରଣରୁ ଜାତ; ତହିଁରୁ ଜାତ—
Resulting therefrom; consequent thereto.
ଦେ. କ୍ରି. ବିଣ.—ସେହି କାରଣରୁ—Therefore; consequently.

ତଜ୍ଜନ୍ୟ—ସଂ. ବିଣ· (ତତ୍+ଜନ୍ ଧାତୁ+କର୍ତ୍ତି. ଯ) ତହିଁରୁ ଜାଯ୍ମାନ;
Tajjanya
ତହିଁରୁ ଉତ୍ପାଦ୍ୟ—Originating from that.
तज्जन्ये
ଦେ. କ୍ରି. ବିଣ—୧ । ତାହାଙ୍କ ନିମନ୍ତେ—1. For him or her.
उसवास्ते
୨ । ତହିଁ ନିମନ୍ତେ—2. For it; therefor.
୩ । ସେହି କାରଣରୁ—3. For that reason; owing to that.

ତଜ୍ଜାତ—ସଂ. ବିଣ. (ତତ+ଜାତ, ୫ମୀ ତତ)—୧ । ତହିଁରୁ ଉତ୍ପନ୍ନ--
Tajjāta
Produced from that; arising therefrom.
୨ । ତାହାଙ୍କଠାରୁ ଜନ୍ମ ଲଭିଥିବା—2. Produced by or born of him or her or that.

ତଜ୍ଜାତୀୟ—ସଂ. ବିଣ (ତତ୍+ଜାତି+ଈୟ)—୧ । ସେହି ଜାତି ବା
Tajjātiya
(ତଜ୍ଜାତୀୟା—ସ୍ତ୍ରୀ)
ଶ୍ରେଣୀର ଅନ୍ତର୍ଗତ—1. Belonging to that species or class; of that class.
୨ । ସେହି ପ୍ରକାର, ତତ୍ତୁଲ୍ୟ—2. Similar to that.

ତଜ୍ଜୀ—ସଂ. ବି·—ହିଂଗୁପତ୍ରୀ (ଦେଖ) (ହି. ଶବ୍ଦସାଗର)
Tajji
Himgu-patri (See)

ତଞ୍ଚ୍ (ଧାତୁ)—ସଂ.—୧ । ଗମନ କରିବା—1. To move; to go.
Tanch (root)
(ତଂଚ, ତଂଚ୍, ତଞ୍ଚ—ଅନ୍ୟରୂପ)
୨ । ସଙ୍କୁଚିତ ହେବା—2. To be contracted; to shrink.

ତଞ୍ଚ—ସଂ. ବି. (ତଞ୍ଚ୍ ଧାତୁ=ଗମନ, ସଙ୍କୋଚନ+ଭାବ. ଅ)--ପ୍ରବଞ୍ଚନା;
Tancha
ପ୍ରତାରଣା—Deception; cheating.

ତଞ୍ଚକ-ସଂ. ବି (ତଞ୍ଚ୍ ଧାତୁ=ଗମନ, ସଙ୍କୋଚନ+କର୍ତ୍ତି. ଅକ)—
Tanchaka
ପ୍ରବଞ୍ଚକ ବା ପ୍ରତାରକ ବ୍ୟକ୍ତି—A cheat; a fraudulent person; an imposter.
ବିଣ --ପ୍ରତାରଣାକାରୀ—Fraudulent.
ଦେ. ବି (କଚରିଆ ଭାଷା)—ପ୍ରତାରଣା—Fraud; deception.
तञ्चक, चालबाजी, छल
ଦେ. ବିଣ. (କଚରିଆ ଭାଷା)—ପ୍ରତାରଣାପୂର୍ଣ୍ଣ—Fraudulent.
तञ्चक, चालबाज

୧	୮	ଓ	ର୍,ହ୍	ଝ	୪	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇପ୍ସ	ଢ଼ଥ	ଛ
୨	ଐ	ଉ	ଋ	ଳୁ	ଙ୍ଘ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ର୍ଗ୍ୟ	ଇଥ	ଝ	ନ୍ନ

ତଞ୍ଚକତା—ସ. ବ (ତଞ୍ଚକ+ସ୍ୱବେ. ତା)—ପ୍ରବଞ୍ଚନା; ଶଠତା—
Tañchakatā Deceit; fraud.

ତଞ୍ଚକତାପୂର୍ଣ୍ଣ—ସ. ବଣ (ତଞ୍ଚକତା+ପୂର୍ଣ୍ଣ; ଷଷ୍ଠୀ ତତ୍)—
Tañchakatā pūrṇṇa ପ୍ରବଞ୍ଚନାପୂର୍ଣ୍ଣ; ଶଠତାପୂର୍ଣ୍ଣ—
Full of deceit; fraudulent.

ତଞ୍ଚକପୂର୍ଣ୍ଣ—ଦେ ବଣ (କଚରଥ ଭାଷା)—ପ୍ରତାରଣା ପୂର୍ଣ୍ଣ—
Tañchaka-pūrṇṇa Fraudulent.
चालबाज

ତଞ୍ଚକମୂଳକ—ଦେ. ବଣ—(କଚରଥ ଭାଷା)—୧ । ପ୍ରତାରଣା ପୂର୍ଣ୍ଣ—
Tañchaka-mūḷaka 1. Fraudulent.
তঞ্চকমূলক ୨ । ପ୍ରତାରଣାହେତୁକ—
चालबाज 2. Arising out of cheating; due to fraud or deceit.

ତଞ୍ଛା—ଦେ. ବ—(ସ. ତକ୍ଷ ଧାତୁ=କାଠ ଚଞ୍ଛିବା)—ଚଞ୍ଛା—
Tañchhā Scraping.
চাঁচা ଦେ. ବଣ—ଚଞ୍ଛା ହୋଇଥିବା; ଛେଲା ହୋଇଥିବା
छिलाइ (କାଠ ବା ଅଂଶ)—Scraped.

ତଞ୍ଛା(ଞ୍ଛେ)ଇବା—ଦେ. କ୍ରି. (ତାଞ୍ଛିବାର ଣିଜନ୍ତରୂପ)—ଚଞ୍ଛାଇବା;
Tañchhā(ñchhe)ibā ଛେଲାଇବା; ତାଞ୍ଛିବା କାର୍ଯ୍ୟ କରାଇବା-
চাঁছান To cause a place or thing to
छिलाना, छिलवाना be scraped by others.

ତଞ୍ଛାତଞ୍ଛି—ଦେ. ବ—ଛେଲଛେଲ; କୌଣସି ବସ୍ତୁ ବା ସ୍ଥାନକୁ ତାଞ୍ଛି
Tañchhātañchhi କରି ସଫା କରିବା—Scraping and
চাঁছাচাঁছি cleaning; scraping and clearing
छिलाछिलि off.

ତଞ୍ଛାଳି—ଦେ. ବ—ଯେଉଁ ଲୋକ ଚଞ୍ଛେ ବା ଛେଲେ—
Tañchhāḷi One who scrapes; scraper.
যে চাঁছে छीलवा

ତଞ୍ଜୁଲିୟକ—ସ. ବ—ଲେଉତିଆ ଶାଗ; ନେଉତିଆ (ଦେଖ)
Tañjuḷiyaka Neutiā (See)
(ତଣ୍ଡୁଲିୟକ—ଅନ୍ୟରୂପ)

ତଞ୍ଜେବ୍—ବୈଦେ. ବ. (ଫା)—ଖୁବ୍ ପତଳା ଉତ୍କୃଷ୍ଟ ମଲମଲ୍ କନା—
Tañjeb Fine excellent muslin.
তাঞ্জেব तंजेब

ତଟ୍ (ଧାତୁ)—ପ—୧ । ଉନ୍ନତ ହେବା—
Taṭ (root) 1. To rise, to be elevated or raised.
୨ । ଦୀପ୍ତି ପାଇବା—2. To shine.
୩ । ଗର୍ଜନ କରିବା—3. To groan; to roar.
୪ । ଆଘାତ କରିବା—4. To strike.

ତଟ—ସ. ବ. (ତଟ୍ ଧାତୁ=ଉନ୍ନତ ହେବା+କର୍ତ୍ତୃ. ଅ)—
Taṭa ୧ । ନଦୀ ଆଦିର କୂଳ; ତୀର—
(ତଟୀ, ତଟୀ—ଅନ୍ୟରୂପ) 1. Shore; bank; strand.
୨ । ଢାଲୁ; ଗଡ଼ାଣ—2. Declivity; slope.
୩ । ପର୍ବତ ଉପରସ୍ଥ ଉଚ୍ଚ ସମତଳ ଭୂମି—3. Plateau.
୪ । ଅଡଡ଼ା—4. Precipice, steep edges.
୫ । ନୈକଟ୍ୟ; ପାଶ—5. Closeness; proximity.
ତତ୍ତ୍ୱ କ ବସମରବ ଉର୍ଦ୍ଧ୍ୱ ମୋ ଗ୍ରସ୍ତବ ଭକ୍ତକୁ ସଙ୍କଟେ
ଅବ ଥାଉ ବନା ହର୍ଷେ—କବସୂର୍ଯ୍ୟ ବଳଦେବଙ୍କୁ ଭ ଗୀତ ।
୬ । ଆକାଶ—6. The sky (Apte).
୭ । ଦିଗ୍‌ବଳୟ—7. Horizon.

ତଟକା—ଦେ. ବଣ. (ସ. ତତ୍କାଳ)—୧ । ସଦ୍ୟ; ତାଜା—
Taṭakā 1. Fresh; new.
টাটকা ୨ । ଅବ୍ୟବହୃତ; ଅମ୍ଳାନ—2. Unsoiled.
टटका, तटका

ତଟସ୍ତ—ଗ୍ରା.ବଣ (ସ. ତ୍ରସ୍ତ, ସ. ତଟସ୍ଥ=ଉଦାସୀନ ଅର୍ଥରୁ ଏ ଶବ୍ଦ
Taṭasta ଆସିବା ସମ୍ଭବପର ନୁହେଁ, ତୁଳ. ଇଂ. ଆଷ୍ଟନିସ୍‌ଡ୍=
তটস্থ ଚକିତ)—୧ । ଆଶ୍ଚର୍ଯ୍ୟାନ୍ୱିତ; ବିସ୍ମିତ—
तअज्जुब 1. Surprised; astonished.
(ତଟସ୍ଥ—ଅନ୍ୟରୂପ) ୨ । କାତର; କିଂକର୍ତ୍ତବ୍ୟବିମୂଢ଼—
2. Dum-founded.
୩ । ଭୟତ୍ରସ୍ତ—3. Overewhelmed with fear.

ତଟସ୍ଥ—ସ. ବଣ. (ତଟ+ସ୍ଥା ଧାତୁ+କର୍ତ୍ତୃ. ଅ)—
Taṭashta ୧ । ପକ୍ଷପାତଶୂନ୍ୟ; ଅପକ୍ଷପାତୀ—1. Impartial; neutrar.
୨ । ତୀରସ୍ଥ—2. Standing on the shore.
୩ । ଉଦାସୀନ; ନିର୍ଲିପ୍ତ—
3. Unconcerned, indifferent.
୪ । ସମୀପସ୍ଥ—4. Adjacent; near by.
୫ । ନଦୀତୀରରେ—5. Standing on the shore.
୬ । ପର୍ବତର ଶୃଙ୍ଗ ଓ ନିମ୍ନଦେଶର ମଧ୍ୟସ୍ଥଳରେ ଦଣ୍ଡାୟମାନ—
6. Standing midway between the summit and valley.
ସ. ବ. (ହିନ୍ଦୁ ଦର୍ଶନ)—ପଦାର୍ଥର ସ୍ୱରୂପ ଛଡ଼ା ଏହାର ଗୁଣ
ଓ ଧର୍ମକୁ ନେଇ ଯେଉଁ ଲକ୍ଷଣ ପ୍ରକାଶ କରାଯାଏ
(ହି. ଶବ୍ଦସାଗର)—(Hindu philosophy)
The symptoms of a thing expressed with reference to its attributes and qualities and not to its actual shape or form.
ଦେ. ବଣ—ତଟସ୍ତ (ଦେଖ)—Taṭasta (See)

ତଟାକ୍—ଦେ. କ୍ରି. ବଣ. (ସ. ତତ୍‌କ୍ଷଣାତ୍)—
Taṭāk ୧ । ହଠାତ୍; ଭୁସ୍‌କିନା; ତଡ଼ାକିନା; ଠଟାକ୍‌କରି—
তড়াক 1. Immediately; at once.
तड़ाक (ଯଥା—ସେ ଗାଧୋଇବାକୁ ନଇଁପାରିଲେ ଗଡ଼ବା ମାତ୍ରେ କୁମ୍ଭୀର
(ତଟାକ୍—ଅନ୍ୟରୂପ) ତାକୁ ତଟାକ୍ ଧରି ପକାଇଲା ।)

ସାଧାରଣ ଲେଖେ ଅଧର ପୃଷ୍ଠାରେ ବୃତ୍ତର ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, ବୃଥ ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଜ୍ଜନା ନ ପାଇଲେ 'ଅର୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ସତ୍ୱର; ଚଞ୍ଚଳ—
2. Hastily; in hot haste.

ତଟାକ୍ କର—ଦେ. କ୍ରି. ବିଣ—ତଟାକ୍ (ଦେଖ)
Taṭāk kari Taṭāk (See)
তড়াক করে,তড়াক্ কর
(ତଟାକ୍‌କିନା, ତଟାକ୍‌କିନି, ତଟାକ୍‌କର, ତଟାତ୍‌ଦସ୍, ତଟାକ୍‌ଧସ୍—ଅନ୍ୟରୂପ)

ତଟାକ—ସଂ. ବି. (ତଟ=ତୀର+ଅକ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯହିଁରେ ଜଳ ତଟ ପର୍ଯ୍ୟନ୍ତ ଯାଇ ତଟକୁ ଅଘାତ କରେ)—ତଡ଼ାଗ; ବୃହତ୍ ପୁଷ୍କରିଣୀ—
Taṭāka
Tank; large pond.

ତଟାଗ—ସଂ. ବି. (ତଟ=ତୀର+ଅଗ୍ ଧାତୁ, ଗମନ କରିବା+କର୍ତ୍ତୃ.ଅ)-
Taṭāga ତଡ଼ାଗ; ବୃହତ୍ ପୁଷ୍କରିଣୀ—
Tank; large pond.

ତଟାଘାତ—ସଂ. ବି. (ତଟ+ଅଘାତ, ୭ମୀ ତତ୍)—
Taṭāghāta ତଟାଦିରେ ଦନ୍ତର କିମ୍ବା ଶୃଙ୍ଗର ଆଘାତ; ହସ୍ତୀ ଓ ବୃଷ ପ୍ରଭୃତିଙ୍କ ବପ୍ରକ୍ରୀଡ଼ା; ଖୁରୁଣାଇବା—
Butting or striking a bank, with the tusks or horns (such as the elephants striking their tusks and bulls their horns against a bank.
[ଦ୍ର—ହାତୀମାନେ ଦାନ୍ତରେ, ଷଣ୍ଢ ଶିଙ୍ଗ ଓ ଖୁରାରେ, ଘୋଡ଼ା ଟାପୁରେ ମାଟିକୁ କରିବା ଅଘାତକୁ ତଟାଘାତ ବୋଲାଯାଏ ।]

ତଟାତ୍ (ଇତ୍ୟାଦି)—ଦେ. କ୍ରି. ବିଣ—ତଟାକ୍ ଇତ୍ୟାଦି (ଦେଖ)
Taṭāt (etc) Taṭāk etc. (See)

ତଟିନୀ—ସଂ. ବି. ସ୍ତ୍ରୀ. (ତଟ+ଇନ୍+ସ୍ତ୍ରୀ. ଈ; ଯାହାର ତଟ ଅଛି)—
Taṭini ନଦୀ—River.
(ତଟୀ—ପୁଂ),

ତଟୀ—ସଂ. ବି. ସ୍ତ୍ରୀ. (ତଟ+ସ୍ୱାର୍ଥେ. ଈ)—
Taṭi ୧ । ତୀର; କୂଳ—1. Shore; bank.
୨ । ଦେଶ—2. Country.
୩ । ସ୍ଥାନ—3. Place.
୪ । ଗଡ଼ାଣି—4. Slope.
୫ । (ତଟ+ଇନ୍, ୧ମା. ୧ବ)—ନଦ—
5. Big and comparatively shallow river.

ଟଟୁ—ବୈଦେ. ବି. (ହି. ଟଟ୍ଟୁ)—
Taṭu ୧ । ଛୋଟ ଘୋଡ଼ା—1. Pony; tat.
টাটু ଫପଟ ବେଲକୁ ବାଛ ବାଛ ଅଗେ ଅଦରୁ ଖୁଦର ଟଟ୍ଟୁ ।
टट्टू ଜୁକାଖରଣ. ଗଠଲହସା ।:
(ଟଟ୍ଟୁ—ଅନ୍ୟରୂପ) [ଦ୍ର—ଆମ ଦେଶୀ ଟଟୁ ଅଳ୍ପ ଖାଇ ବେଶୀ କାମ କରନ୍ତି ଚନ୍ତୁ ବଦେଶର ଟଟ୍ଟୁମାନେ ବେଶୀ ଖାଇ ଅଳ୍ପ କାମ କରନ୍ତି । ଏହି ହି. ଟଟ୍ଟୁ ଶବ୍ଦ ଇଂରାଜୀ ଭାଷାରେ ଟାଟ୍ ଅକାର ଧାରଣ କରି ବ୍ୟବହୃତ ହେଉଅଛି ।]
୨ । (ଲକ୍ଷଣାର୍ଥ) ଭ୍ରମଣାଦି ଶ୍ରମସହିଷ୍ଣୁ ବ୍ୟକ୍ତି; ଯେଉଁ ବ୍ୟକ୍ତି ଖୁବ ଯିବାଅସିବା କରିପାରେ—
2. (figurative) A hard-working person; a person who can walk hard.

ତଡ଼୍ (ଧାତୁ)—ସଂ—୧ । ଦୁଃଖ ଦେବା—
Tarḍ (root) 1. To afflict.
୨ । ଅଘାତ କରିବା—2. To hurt; to strike.
୩ । ବନ୍ଧନ କରିବା—3. To bind.
୪ । ତାଡ଼ନା ଦେବା; ଦଣ୍ଡ ଦେବା—4. To inflict. punishment; to punish by beating.
୫ । ବାଦ୍ୟ ବଜାଇବା—
To strike a musical instrument.
୬ । (ଗଣିତ) ଗୁଣନ କରିବା—
6. (mathematics) To multiply (Apte).
୭ । କହିବା—To speak (Apte)
୮ । ଚକ୍ ଚକ୍ କରିବା—
8. To shine (Apte).
୯ । (ଗଣିତ ଜ୍ୟୋତିଷ)—କୌଣସି ଗ୍ରହ ଅନ୍ୟ ଗ୍ରହକୁ ସ୍ପର୍ଶ କରିବା ବା ଅଂଶତଃ ଆଚ୍ଛାଦନ କରିବା—
9. (astronomy) To strike against touch, obscure or eclipse partially (Apte).
୧୦ । ପ୍ରହାର କରିବା; ମାଡ଼ ମାରିବା—
10. To beat (Apte),

ତଡ଼୍‌ତଡ଼୍—ଦେ. ବିଣ. ଓ କ୍ରି. ବିଣ—(ସଂ. ସତ୍ୱର; ଧ୍ୱନି)—
Tarḍ-tarḍ ୧ । ତରତର; ଅତି ସତ୍ୱର; ଅତି ଉଦ୍‌ବେଗାନ୍ୱିତ
তাড়াতুড়ি ହୋଇ—1. All in a hurry; in a bustle; in haste.
(ତଡ଼ବଡ଼—ଅନ୍ୟରୂପ) ୨ । କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ—
2 Very busy.

ତଡ଼୍‌ବଡ଼ି—ଦେ. ବି. (ସଂ. ତ୍ୱରା)—୧ । ତ୍ୱରା—
Tarḍ-barḍi 1. Haste; hurry; bustle.
୨ । କାର୍ଯ୍ୟବ୍ୟସ୍ତତା—2. Being busy with work.
(ଯଥା—ବର୍ତ୍ତମାନ ମୋତେ ଭାରି ତଡ଼ବଡ଼ି ଲାଗିଛି ।)

ତଡ଼୍‌ରୋ—ପ୍ରାଦେ. (ସମ୍ବଲପୁର) ବି. (ସଂ. କୋଡ଼)—ବୃକ୍ଷକୋଟର—
Tarḍ-ro Hollow of a tree.

ତଡ଼—ଦେ. ବି. (ସଂ. ତଟ; ପ୍ରା. ତଡ଼)—୧ । ନଦ୍ୟାଦିର ତୀର;
Tarḍa ତନାରା; ପ୍ରାନ୍ତ—1. Shore; strand.
তট (ଯଥା—ଶିରିଜଙ୍କ୍ଷ ନିକଟରେ ଥିବା ସରକାରୀ ଅଫିସ ତଡ଼କୁ

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଭ୍ଅ	ଥ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ତ

किनारा, करारा ବୋଲି ଯମୁନା ଖାଇ ଅସିଲଣି । ବୈ. ଅଣ୍ଣା ୨୬।୧୮ ।]

୨ । କୂଅ, ନଈ ବା ଖଣି ଗାତର ଅଡ଼ଡ଼ା ବା ସିଧା କାନ୍ଥ— 2. Steep wall of a well or a deep hole.

(ଯଥା—ବାଲକଙ୍କ ଗଣ୍ଟିର ଖଣିର ସିଧା ତଡ଼ା ଧର ଧର ଗୋଟିଏ ପେନ୍‌ସିଲ୍‌ରେ ଉଡ଼ ଦେଇ ଦେଇ ୨ ଘଣ୍ଟା ପରେ ଖଣି ଉତରୁ ପଦାକୁ ଆସିଲେ । ବୈ. ଅଣ୍ଣା. ୨୩।୨୮ ।

ତଡ଼(ଢ଼)ଉ—ଦେ. ବ.—୧ । ଦେବତା ବା ରାଜାଙ୍କ ଭଣ୍ଡାରଘରର Tarda(rdha)u ଚଳୁ ନେବା ଓ ହିସାବ ରଖିବା କରଣ ବା କାର୍ଯ୍ୟୀ 1. Accountant and store-keeper of a temple or a Rājā.

୨ । ପାଦର ଅଲଙ୍କାରବିଶେଷ— 2. A kind of ornament put on the foot.

ତଡ଼(ଢ଼)ଉପଟ୍ଟନାୟକ—ଦେ. ବ.—ତଡ଼ଉ ୧ (ଦେଖ) Tarda(rdha)u pattanāyaka Tardau (See)

ତଡ଼କା—ଦେ. ବ. (ସଂ. ତାଟଙ୍କ; ତାଡ଼ଙ୍କ)—୧ । ବୃତ୍ତାକାରରେ Tardakā ବଙ୍କା ହୋଇଥିବା ନାଲି ରଙ୍ଗ ଦିଆ ତାଳପତ୍ର— 1. A red-coloured palm leaf turned into a circle.
তড়কা तड़को

[ବି—ଏହା ପାନଅ, ଫରୁଆ, ଅଲତା, ସିନ୍ଦୁର, ହଳଦି ଆଦି ସଙ୍ଗେ ଝିଅ ଓ ବୋହୂଘରମାନଙ୍କୁ ବେଭାରରେ ପଠା ଯାଏ ।]

୨ । ତାଳପତ୍ର ପର ତଡ଼କା କର୍ଣ୍ଣଭୂଷଣବିଶେଷ— 2. A kind of ear-ring.

୩ । ଧଡ଼କା; ଧମକ—3. Threat.

୪ । ମୂଷଳଧାରରେ ବର୍ଷା— 4. A very heavy shower.

ତଡ଼କା(କେ)ଇବା—ଦେ. କ୍ରି.—୧ । ଧମକାଇବା; ଧଡ଼କାଇବା— Tardakā(ke)ibā 1. To threaten.
ধড়কান

୨ । ଭୟ ଦେଖାଇବା—
घुड़कना 2. To frighten.

ତଡ଼କି—ଦେ. ବ.—ତଡ଼କା ୨ (ଦେଖ) Tardaki Tardakā 2 (See)

ତଡ଼ଙ୍ଗ୍ ତଡ଼ଙ୍ଗ୍—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—ତଡ଼ାତଡ଼ି; Tardang tardang ଶୀଘ୍ରଶୀଘ୍ର; ଝଟପଟ— Quickly; instantly; speedly.

ତଡ଼ତଡ଼ୁଆ—ଦେ.ବ.—ବନ୍ୟ ଲତାବିଶେଷ, ଯେ କି ବାଲିରେ ଜନ୍ମେ— Tardatardua Chamissoa Nodiflora (a wild creeper).

ତଡ଼ତି—ଦେ. କ୍ରି. ବିଣ (ସଂ. ଝଟିତି; ତ୍ୱରିତ)—ଅତିଶୀଘ୍ର; ସତ୍ୱର— Tardati At once; very soon.
তাডাতাড়ি ଏ କଥା ଅତି ଜଳ୍ପନ୍ତି
तड़ाक पड़ाक ପାଞ୍ଚିରେ ଲେଖିବେ ତଡ଼ତି—ଭୂପତି, ପ୍ରେମପଞ୍ଚାମୃତ ।

ତଡ଼ପ—ଦେ. ବ. (ସଂ. ତଳ୍ପ=ଶଯ୍ୟା)—୧ । (ଦେବତା ଓ ରାଜାଙ୍କ Tardapa ସମ୍ବନ୍ଧେ ବ୍ୟବହୃତ ଶବ୍ଦ) ଉତ୍ତମ ବସ୍ତ୍ର— 1. Good and fine cloth.

ଭୂଷଣମାନଙ୍କୁ ପକାଇ ଚଳନ୍ତୁ, ତଡ଼ପସଙ୍ଗି ହୋଇଲେ ।
ସାନକୃଷ୍ଣ. ରସକଲ୍ଲୋଳ ।

୨ । ଜ୍ୱାଇଁ ଓ ମାମୁଙ୍କ ନିମନ୍ତ୍ରଣ ସଙ୍ଗେ ପଠାଯିବା ପାଞ୍ଚଲୁଗା— 2. The cloth, Pāñchi by name, sent along with the formal marriage invitations to the son-in-law and the maternal uncle.

ତଡ଼ପ ନାୟକ—ଦେ. ବ—ପିନ୍ଧିବା ସମୟରେ ରାଜା ବା ଦେବତାଙ୍କ Tardapa nāyaka ପରିଧାନ କରିବା ବସ୍ତ୍ରକୁ ଆଣି ଦେବାପାଇଁ ନିଯୁକ୍ତ ଭୃତ୍ୟ—A servant who presents a cloth to a Deity or Rājā for wearing.

ତଡ଼ପ ଲାଗି—ଦେ. ବ. (ସଂ. ତଳ୍ପ+ଲଗ୍ନ)—ଦେବତା ଓ ରାଜାଙ୍କ ବସ୍ତ୍ର Tardapa lāgi ପରିଧାନ ବିଧି—The ceremony of Rājās and Deities putting on cloth.

ଦେ. ବିଣ—ତଡ଼ପ ବା ବସ୍ତ୍ର ପିନ୍ଧିଥିବା— Wearing cloth.

ତଡ଼ବଡ଼ି—ଦେ. ବ. (ସଂ. ତ୍ୱରା)—୧ । ଶୃଙ୍ଖଳା; ତରତର— Tardabardi 1. Haste; bustle.
তাড়াতাড়ি; তড়ীঘড়ী ୨ । କାର୍ଯ୍ୟରେ ଅନବସର—
हड़बड़ि 2. Want of leisure.
(ତଡ଼ବଡ଼ିଆ—ଅନ୍ୟରୂପ) ୩ । ଧୂମ୍‌ଧାମ୍; ଗୋଳମାଳ— 3. Ado; confusion.

ଦେ. ବିଣ—ତ୍ୱରାଯୁକ୍ତ; ଚଞ୍ଚଳିଆ; ଅତର୍କିଆ— Speedy; hasty.

ଦେ. କ୍ରି. ବିଣ—୧ । ଶୀଘ୍ର—1. Quickly.

୨ । ତ୍ୱରିତ—2. In haste; in a hurry.

ତଡ଼ବେଗ—ଦେ. କ୍ରି. ବିଣ. (ସଂ. ତ୍ୱରା+ବେଗ)— Tarda-bega ତଡ଼ବଡ଼ି (ଦେଖ)
(ତଡ଼ବେଗି, ତଡ଼ବେଗେ—ଅନ୍ୟରୂପ) Tardabardi (See)

ତାକୁ ତଡ଼ବେଗେ ପୁଣି ଖଣ୍ଡିଲେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ତଡ଼ା—ଦେ. ବ. (ସଂ. ତଡ଼ ଧାତୁ=ଆଘାତ, ପ୍ରହାର କରିବା)— Tardā ୧ । ତୀର—1. Shore; strand.
তট ୨ । ମୋଟ ଠେଙ୍ଗା; ଧଣ୍ଡା; ଲଗୁଡ଼—
तट 2. Cudgel.
সোটা ୩ । ବିତାଡ଼ନ; ତଡ଼ିବା—
सोंठा 3. Driving away; expulsion; ejectment.
তাড়া
घुड़की, निकाल ୪ । ଗଛଆଦିକୁ ଭୂମିରୁ ତାଡ଼ିବା କର୍ମ; ଉତ୍ପାଟନ; ସମୂଳୋତ୍ପାଟନ—
উখাড়
उखाड़ 4. Uprooting; eradication.

ସାଧାରଣ ଲେଖେ ଅପର ପୃଷ୍ଠାରେ ଦତ୍ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ठेँसा ୫ । ଠେଁସିବା—5. Pushing.
ठेला ୬ । ଯେଉଁ ଲମ୍ବ ଯଷ୍ଟିଦ୍ୱାରା ଠେକ ସାହାଯ୍ୟରେ
डंड़ा ଅନ୍ୟ ଭାର ବସ୍ତୁକୁ ଠେଲିବାକୁ ବା ଘୁଞ୍ଚାଇବାକୁ ହୁଏ—
6. A leverbar.

ବିଣ—୧ । ଠେଁସା; ଅବାଧ୍ୟ—1. Insubordinate.
୨ । ବିତାଡ଼ିତ—2. Driven away.

ତଡ଼ା(ଡ଼େ)ଇବା—ଦେ. କ୍ରି. (ସଂ. ତଡ୍, ତଡ୍ ଧାତୁ=ଆଘାତ)—
Tarḍā(rḍe)ibā ୧ । (ତଡ଼ିବାର ପ୍ରଯୋଜକ ରୂପ) ଦୂର
তাড়ান କରାଇବା—1. To cause to be driven
ढकेलना, हाँकना away or expelled.
उखड़वाना ୨ । (ତାଡ଼ିବାର ଣିଜନ୍ତରୂପ) (ଗଛର ମୂଳକୁ)—
ହଣାଇ ଖୋଳାଇ ସ୍ଥାନାନ୍ତରିତ କରାଇବା; ଉତ୍ପାଟିତ
କରାଇବା—2. To cause to be uprooted.
୩ । (ମାଟି, ପଥରଆଦି) ଖୋଳାଇ ବାହାର କରାଇବା—
3. (mud, stones etc) To cause to be dug out.
୪ । (ଭୂମିକୁ ହଳଦ୍ୱାରା) ଚଷାଇବା—
4. To cause to be ploughed.
ଅନଙ୍ଗ ଲଙ୍ଗଳେ ତଡ଼ାଇଲ ହେ—ପ୍ରାଚୀନ ସଙ୍ଗୀତ ।

ତଡ଼ା(ଢ଼ା)ଉ—ଦେ. ବି—୧ । ତଡ଼ଉ ୨ (ଦେଖ)
Tarḍā(rḍhā)u 1. Tarḍau 2 (See)
ଶ୍ରୀ ପଦ୍ମରେ ତଡ଼ାଉ, ନୂପୁର, ମୁଦ୍ରିକା ମଣ୍ଡିତ ଅଙ୍ଗୁଳିର—
ବିଶ୍ୱନାଥ, ବିଚିତ୍ରରାମାୟଣ ।
୨ । ପୋଷାକ—2. Dress.
ମଣିମୟ ତଡ଼ାଉ ଶ୍ରୀଅଙ୍ଗେ ଲଗି କରି,
କଲେବରେ ସିନ୍ଦୂର ତିଲକ ଦେଲେ ନାରୀ । ବିଶ୍ୱନାଥ, ବିଚିତ୍ରରାମାୟଣ ।

ତଡ଼ାକ୍ (ଇତ୍ୟାଦି)—ଦେ. କ୍ରି ବିଣ—୧ । ଟଠାକ୍ ଇତ୍ୟାଦି (ଦେଖ)
Tarḍāk (etc) 1. Taṭāk etc (See)
୨ । ଢୋଲ, ବଡ଼ବାଠ ପିଟିବାର ଉଚ୍ଚ ଶବ୍ଦ—
2. High sound of beating drum.

ତଡ଼ାକ—ସଂ. ବି (ତଡ୍ ଧାତୁ ଆଘାତ କରିବା+କର୍ତ୍ତୃ. ଅକ)—ବୃହତ୍
Tarḍāka ପୁଷ୍କରିଣୀ—Tank; large pond.

ତଡ଼ା ଖା(ପା)ଇବା—ଦେ. କ୍ରି (ସଂ. ତାଡ଼ନ)—(କୌଣସି ବ୍ୟକ୍ତି)
Tarḍā khā(pā)ibā କୌଣସି ସ୍ଥାନରୁ ବିତାଡ଼ିତ ହେବା—
তাড়া খাওয়া To be driven away or expelled.
निकाला होना

ତଡ଼ାଗ—ସଂ. ବି (ତଡ୍ ଧାତୁ=ଆଘାତ କରିବା+କର୍ତ୍ତୃ. ଅଗ)—
Tarḍāga ବୃହତ୍ ପୁଷ୍କରିଣୀ—Tank; large pond.

[ଦ୍ର—୨୦୦୦ ହାତ ପାର୍ଶ୍ୱ ଓ ପ୍ରସ୍ଥ ଥିବା ଚତୁରସ୍ର ଜଳାଶୟକୁ ତଡ଼ାଗ ବୋଲାଯାଏ—ବଶିଷ୍ଠସଂହିତା; ଯେଉଁ ପୋଖରୀରେ ପଦ୍ମଆଦି ଜଳଜ ଗୁଳ୍ମମାନ ଉଠିବା ଭଳି ଗଭୀର ଜଳ ଥାଏ—ଅପ୍ରେ ।]

ତଡ଼ାଘାତ—ସଂ. ବି (ତଡ଼+ଆଘାତ, ୭ମୀ ତତ୍)—ତଟାଘାତ (ଦେଖ)
Tarḍāghāta Taṭāghāta (See)

ତଡ଼ାତ୍ (ଇତ୍ୟାଦି)—ଦେ. କ୍ରି. ବିଣ—ଟଟାକ୍ (ଇତ୍ୟାଦି) (ଦେଖ)
Tarḍāt (etc) Taṭāk (etc) (See)

ତଡ଼ାତଡ଼୍—ଦେ. କ୍ରି ବିଣ (ସଂ. ଝଟିତି; ସତ୍ୱର)—ଅତିସତ୍ୱର
Tarḍātarḍ 1. Hastily.
তাড়াতাড়ি ୨ । ଅତିଶୀଘ୍ର; ତତ୍‌କ୍ଷଣାତ୍—2. Immediately.
ताड़ाक पड़ाक ୩ । (ଧ୍ୱନ୍ୟନୁକରଣ) ତାସା ବଜାଇବାର ଶବ୍ଦ—
তড়তড় 3. The sound of striking a shallow
तड़ातड़ kettle-drum with sticks.
୪ । (ଧ୍ୱନ୍ୟନୁକରଣ) ଖୁବ୍ ଗୁଡ଼ାଏ ବର୍ଷିବାର ଶବ୍ଦ—
4. The sound of a heavy downpour.

ତଡ଼ାତଡ଼ି—ଦେ. ବି (ସଂ. ତାଡ଼ନ)—୧ । ଗଛ ଆଦିର ମୂଳକୁ
Tarḍātarḍi ଖୋଳିବା—1. Uprooting of trees etc.
তাড়াফোড়া ୨ । ଅନ୍ୟୋନ୍ୟରେ ଠେଲାଠେଲି—2. Jostling.
उखड़ाउखड़ी ୩ । ପରସ୍ପର ଠେଁସାଠେଁସି ହୋଇ କଥାଭାଷା
ठँसाठँसी କରିବା—3. Quarrelling with each other
ढकेलाढकेली during conversation,
ठेलमठेला ୪ । ଦୂର କରିଦେବା—4 Driving away.
লাঠালেঁগা ୫ । (ବହୁବଚନ) ଠେଙ୍ଗା ବାଡ଼ି ଆଦି ବହୁ ପ୍ରହରଣାସ୍ତ୍ର—
लाठसोंटा 5. Sticks and cudgles.
তাড়াতাড়ি ଦେ. ବିଣ—ପରସ୍ପରକୁ ଠେଲୁଥିବା—
हड़बड़ी Pushing each other.
ଦେ. କ୍ରି. ବିଣ—ତଡ଼ବଡ଼; ଭୁରିଭଙ୍ଗିରେ; ଭୁରନ୍ତ—
In a hurry

ତଡ଼ାତାବୁଡ଼—ପ୍ରାଦେ (ଗଞ୍ଜାମ) ବି—ଧନ୍ଦା; କାର୍ଯ୍ୟବ୍ୟସ୍ତତା—
Tarḍātāburḍa Busy engagement.

ତଡ଼ାତୁଡ଼ି—ଦେ. ବି ଓ ବିଣ ଓ କ୍ରି ବିଣ—ତଡ଼ାତଡ଼ି (ଦେଖ)
Tarḍāturḍi Tarḍātarḍi (See)

ତଡ଼ା ପଡ଼ିବା—ଦେ. କ୍ରି (କାନ ଶବ୍ଦ ପରେ ବ୍ୟବହୃତ) ଅତଡ଼ା ପଡ଼ିବା;
Tarḍā parḍibā ତାବଦା ହେବା; ସ୍ତବ୍ଧ ହେବା—(the ears)
তালাপড়া To be stunned.
तड़पना, सुनहोना (ଯଥା—ମୃଦଙ୍ଗମାଡ଼ ଶୁଣି ମୋ କାନ ତଡ଼ା ପଡ଼ିଲା ।)

ତଡ଼ାବଡ଼ା(ଡ଼ି)—ଦେ. ବି. ବିଣ. କ୍ରି. ବିଣ—ତଡ଼ବଡ଼ (ଦେଖ)
Tarḍābarḍā (rḍi) Tarḍabarḍi (See)

ତଡ଼ା ଯି(ହେ)ବା—ଦେ. କ୍ରି—୧ । ତଡ଼ିବା କ୍ରିୟାର କର୍ମବାଚ୍ୟ ରୂପ—
Tarḍā ji he)bā 1. To be driven out.
তাড়ান হওয়া ୨ । ତାଡ଼ିବା କ୍ରିୟାର କର୍ମବାଚ୍ୟରୂପ—
2. To be uprooted.

୧	ଇ	ଉ	ର୍,ଋ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ଷ	ଙ୍କ	ଇଯ୍	ଉଅ	ସ
୨	ଈ	ଊ	ରୁ	ଲ	ଙ୍ଗ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଓ	ନ୍ତ

ତଡ଼ି—ସଂ. ବି. (ତଡ଼୍ ଧାତୁ=ଆଘାତ କରିବା + ଭାବ. ଇ)—
Tardi ୧ । ଆଘାତ—1. Stroke.
୨ । ପ୍ରହାର—2. Beating.
ବିଣ (+କର୍ତ୍ତୃ. ଇ) ଆଘାତକାରୀ—Striking.
ଦେ. ବି (ସଂ. ତଟ)—ତୀର; କୂଳ—
Shore; strand.

ତଡ଼ିଘଡ଼ି—ଦେ. ବି. ବିଣ. କ୍ରି. ବିଣ—ତଡ଼ିବଡ଼ି (ଦେଖ)
Tardighardi Tardabardi (See).

ତଡ଼ିତ୍—ସଂ. ବି. ସ୍ତ୍ରୀ (ତଡ଼୍ ଧାତୁ=ଆଘାତ କରିବା+କର୍ତ୍ତୃ. ଇତ୍)—
Tardit ୧ । କ୍ଷଣପ୍ରଭା; ବିଦ୍ୟୁତ୍; ବିଜୁଳି—
1. Lightning
୨ । ବିଦ୍ୟୁତ ଶକ୍ତି—2. Electricity.
[ଦ୍ରବ୍ୟ—ପଦାର୍ଥବିଶେଷର ଆଘାତ ବା ଘର୍ଷଣଦ୍ୱାରା ଯେଉଁ ଆକର୍ଷଣୀ (positive) ଓ ବିଯୋଜନୀ (negative) ଶକ୍ତି (power) ଉଦ୍ଭୂତ ହୁଏ, ତାକୁ ତଡ଼ିତ୍ ବା ତାଡ଼ିତ୍ ଶକ୍ତି (electricity) ବୋଲାଯାଏ । ଏହା ଉତ୍ତାପ ଓ ଆଲୋକ ପରି ଶକ୍ତିବିଶେଷ । ପ୍ରଥମେ ଏହା ମେଘରୁ ଉତ୍ପନ୍ନ ହେବାର ଜଣା ଥିଲା । ଆଧୁନିକ ବିଜ୍ଞାନ କୌଶଳରେ ଏହି ଶକ୍ତିକୁ ଉତ୍ପାଦିତ କରି ଏହାକୁ କିମ୍ବାଜିତ ଓ ନିୟନ୍ତ୍ରିତ କରି ନାନାବିଧ ଅସାଧ୍ୟ ଓ ଅଦ୍ଭୁତ ପ୍ରକ୍ରିୟା (ଯଥା—ଦୂର ଦେଶକୁ ବାର୍ତ୍ତା ଆଦାନପ୍ରଦାନ, ଯାନାଦି ଚାଳନ, ଆଲୋକଦାନ, ଚିକିତ୍ସା, ମୋହନ, ସ୍ତମ୍ଭନ, ଗିଲ୍ଟ କରିବା, ମନୁଷ୍ୟ ଆଦି ଜୀବଙ୍କୁ ପ୍ରାଣରେ ମାରିବା ଯନ୍ତ୍ର ଆଦି) ବିନକୁଦିନ ସାଧିତ ହେଉଅଛି । ଏହି ଶକ୍ତି ସଙ୍ଗେ ଚୁମ୍ବକ-ଶକ୍ତି (magnetism) ର ସମ୍ବନ୍ଧ ଥିବାର ମଧ୍ୟ ଦେଖା ଯାଇ-ଅଛି ।' କୃତ୍ରିମ ତଡ଼ିତ୍ ଶକ୍ତି କେତେକ ଧାତୁ ଓ ଦ୍ରାବକର ସଂଶ୍ଳେଷଣ ଓ କେତେକ ପଦାର୍ଥର ଘର୍ଷଣ ଦ୍ୱାରା ଉତ୍ପାଦିତ ହୁଏ ।]

ତଡ଼ିତପ୍ରଭ—ସଂ. ବିଣ. ପୁଂ (ତଡ଼ିତ୍+ପ୍ରଭା, ବହୁବ୍ରୀହି)—
Tardit-prabha ବିଦ୍ୟୁତର ଆଭାଯୁକ୍ତ—
(ତଡ଼ିତ୍ପ୍ରଭା—ସ୍ତ୍ରୀ) Shining like lightning.

ତଡ଼ିତ୍ପ୍ରଭା—ସଂ. ବି. ସ୍ତ୍ରୀ—୧ । (ତଡ଼ିତ୍+ପ୍ରଭା; ଷଷ୍ଠୀ ତତ୍) ବିଦ୍ୟୁତର
Tardit-prabhā ତେଜ—1. The halo of lightning; electric flash.
୨ । (ବହୁବ୍ରୀହି)—ସ୍କନ୍ଦଙ୍କର ଏକ ମାତାଙ୍କ ନାମ—
2 Name of one of the foster-mothers of Skanda (M. W.)
ସଂ. ବିଣ. ସ୍ତ୍ରୀ.—(ବହୁବ୍ରୀହି)—ତଡ଼ିତ୍ ପ୍ରଭର ସ୍ତ୍ରୀଲିଙ୍ଗରୂପ—
Feminine form of Tardit prabha.

ତଡ଼ିତି—ଦେ. କ୍ରି. ବିଣ.—ଅତିଶୀଘ୍ର; ସତ୍ୱର—
Tarditi At once; very soon; immediatly.

ତଡ଼ିତ୍ବାନ୍—ସଂ.ବି. ପୁଂ (ତଡ଼ିତ୍+ଅସ୍ତି ଅର୍ଥରେ. ବତ୍)—୧ । ମେଘ—
Tarditvān 1. Clouds.
୨ । ଘଡ଼ଘଡ଼ିଯୁକ୍ତ ମେଘ—
2. The thunder clouds.
୩ । ମୁସ୍ତକ—3. Head.
(ତଡ଼ିତ୍ବତୀ—ସ୍ତ୍ରୀ) ସଂ. ବିଣ. ପୁଂ—୧ । ତଡ଼ିଦ୍ଗର୍ଭ (ଦେଖ)
1. Tardit garbha (See)

ତଡ଼ିଦାଭ—ସଂ. ବିଣ. ପୁଂ.—(ତଡ଼ିତ୍+ଆଭା; ବହୁବ୍ରୀହି)—ବିଦ୍ୟୁତର
Tardidābha ଆଭାଯୁକ୍ତ—Flashing like lightening.
(ତଡ଼ିଦାଭା—ସ୍ତ୍ରୀ)

ତଡ଼ିଦାଭା—ସଂ. ବି. (ତଡ଼ିତ୍+ଆଭା; ଷଷ୍ଠୀ ତତ୍)—ବିଦ୍ୟୁତର ତେଜ—
Tardidābhā Flash of lightening.
ସଂ. ବିଣ. ସ୍ତ୍ରୀ.—ତଡ଼ିଦାଭର ସ୍ତ୍ରୀଲିଙ୍ଗ ରୂପ—
Feminine form of Tardidābha.

ତଡ଼ି ଦେବା—ଦେ. କ୍ରି.—୧ । ଦୂର କରିଦେବା; ବାହାର କରିଦେବା—
Tardi debā 1. To drive away; to expel.
তাড়িয়ে দেওয়া ୨ । ଘୁରୁଡ଼ାଇବା; ଘଉଡ଼ାଇବା—
ढकेलदेना 2. To scare away.
୩ । ଠେଲିଦେବା; (କୌଣସି ବିଗକୁ) ପେଲିଦେବା; ଠେସି ଦେବା—3. To push from behind; to push down; to push off.
୪ । (ପଶୁଆଦିକୁ) ଚଳାଇବା; ଅଡ଼ାଇବା—
4. To drive.

ତଡ଼ିଦ୍ଗର୍ଭ—ସଂ. ବିଣ. ପୁଂ (ତଡ଼ିତ୍+ଗର୍ଭ, ବହୁବ୍ରୀହି; ସନ୍ଧିଦ୍ୱାରା ତ+ଗ
Tardidgarbha =ଦ୍ଗ—୧ । ଯାହା ଗର୍ଭରେ ବିଦ୍ୟୁତ୍ ଅଛି—
(ତଡ଼ିଦ୍ଗର୍ଭା—ସ୍ତ୍ରୀ) 1. Charged with lightening or electricity.
୨ । ବିଦ୍ୟୁତ୍‌ବିଶିଷ୍ଟ—2. Electric.
ସଂ. ବି.—ମେଘ—Cloud.

ତଡ଼ିଦ୍ବେଗ—ସଂ. ବି.—(ତଡ଼ିତ୍+ବେଗ; ଷଷ୍ଠୀ ତତ୍)—
Tarditbega ୧ । ତଡ଼ିତର ବେଗ—
(ତଡ଼ିଦ୍ବେଗା—ସ୍ତ୍ରୀ) 1. The speed of lightening.
୨ । (ରୂପକ, କର୍ମଧା) ତଡ଼ିତର ବେଗ ପରି ବେଗ ବା ଗତି; ଶୀଘ୍ରଗତି—
2. Speed like that of the lighting; quick speed; lightning speed.
ସଂ. ବିଣ. କ୍ଲୀ. ପୁଂ (ବହୁବ୍ରୀହି)—ତଡ଼ିତର ଗତି ପରି ବେଗବାନ୍—Quick in step or speed like the lightning.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଆଖି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତଡ଼ିଦ୍‌ବାସଃ—ସଂ. ବିଣ. (ବହୁବ୍ରୀହି; ତଡ଼ିତ୍+ବାସସ୍; ସନ୍ଧିଦ୍ୱାରା ତ୍+ବା =ଦ୍ବା; ତଡ଼ିଦ୍ବାସସ୍; ୧ମା. ୧ବ.)—ବିଦ୍ୟୁତ୍ ପରି ଝଟକୁଥିବା ପୋଷାକ ପିନ୍ଧିଥିବା—Wearing a bright or dazzling garment.
Tar̤didbāsaḥ

ତଡ଼ିନେବା—ଦେ. କ୍ରି.—୧ । (କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ବା ସ୍ଥାନାନ୍ତରକୁ) ଦୂର କରି ନେବା; ବାହାର କରିନେବା—1. To drive away (from or to a place.)
Tar̤dinebā
তাড়িয়ে লওয়া
ডকেললেনা

୨ । (କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ବା ସ୍ଥାନାନ୍ତରକୁ) ଠେଲି ନେବା; ପେଲି ନେବା; ଠେଁସି ନେବା—
2. To push from behind (from or to a place.)

୩ । (ପଶୁଆଦିଙ୍କୁ) ଚଲାଇବା; ଅଡ଼ାଇବା; ଓଡ଼ାଇବା—
3. To drive (cattle or carriage).
(ଯଥା—କଅଣ କହିବି ଆଉ, ସେ ବଳଦଙ୍କୁ ଇମିତି ବେଗରେ ତଡ଼ି ନେଲା ଯେ, ଗାଡ଼ିଟା ଯାଇଁ ଘଣ୍ଟାକେ ପୁରୀରେ ପହଞ୍ଚିଲା ।)

୪ । ଯେନତେନ ପ୍ରକାରେ ବା କଷ୍ଟେମଷ୍ଟେ କାର୍ଯ୍ୟ ନିର୍ବାହ କରିନେବା—4. To manage an affair with much difficulty or anyhow.
(ଯଥା—ମୋ ହାତରେ ଟଙ୍କା ପଇସାଟା ପଡ଼ିଲେ ମୁଁ ଏ ବର୍ଷଭିତର କାମଟା ତଡ଼ିନେବି ।)

୫ । (ଭିନ୍ନ ସମୟକୁ) ଘୁଞ୍ଚାଇ ନେବା; ପକାଇ ରଖିବା—
5. To keep pending; to postpone a matter.
(ଯଥା—ବୁଝିବୁ ବୁଝିବୁ ବୋଲି ତ କଅଣ କଥାଟାକୁ କେତେ ଦିନ ତଡ଼ି ନେଲୁଣି, ଆଉ କେତେଦିନ ଯିବ ?)

ତଡ଼ିନ୍ମୟ—ସଂ. ବିଣ. ପୁଂ (ତଡ଼ିତ୍+ସ୍ୱରୂପାର୍ଥେ. ମୟ)—ତଡ଼ିତ୍ ସ୍ୱରୂପ ଆଭାଯୁକ୍ତ—Flashing like lightning; having lightning flashes.
Tar̤dinmaya
(ତଡ଼ିନ୍ମୟୀ—ସ୍ତ୍ରୀ)

ତଡ଼ିବଡ଼ି— ଗ୍ରା. କ୍ରି. ବିଣ.—ଅତିଶୀଘ୍ର; ସତ୍ୱର—
Tar̤dibar̤di At once; immediately

ତଡ଼ିବା—ଦେ. କ୍ରି.—(ସଂ. ତଡ୍ ଧାତୁ=ତାଡ଼ନ, ଆଘାତ)—
Tar̤dibā ୧ । ଦୂର କରି ଦେବା; ବାହାର କରି ଦେବା; ବଳ-
তাড়ান্ ପୂର୍ବକ ସ୍ଥାନାନ୍ତରିତ କରିବା—
विड़ारना ढकेलना 1. To drive away; to expel.

ସମ୍ଭାଷଣ ନ କରି ରମ୍ଭା ସଦୃଶ ବଲ୍ଲୀ ଦେହାକୁ ଦୂରୁ ଦେଖି ତଡ଼ିଲ ରେ ।
କବିସୂର୍ଯ୍ୟ, ସଙ୍ଗୀତ ।

(ତଡ଼ା (ଡ଼େ)ଇବା—ଣିଜନ୍ତରୂପ) ୨ । ଠେଲିବା; ବଳପୂର୍ବକ ପଛ
(ତଡ଼ା ଯି(ହେ)ବା—କର୍ମବାଚ୍ୟରୂପ) ଆଡ଼ୁ ଆଗକୁ ପେଲିବା—
2. To push with force from behind.

୩ । ବଳପୂର୍ବକ ଆକ୍ରମଣ କରିବାକୁ ଗୋଡ଼ାଇବା—
3. To attack with force; to set upon; to chase.

୪ । (ପଶୁଆଦିଙ୍କୁ) ଚଲାଇବା; ଓଡ଼ାଇବା; ଅଡ଼ାଇବା—
4. To drive (cattle).

୫ । ହୁରୁଡ଼େଇବା; ଘଉଡ଼ାଇବା—
5. To scare away; (animals) by chasing.

୬ । ଅଧିକୃତ ସ୍ଥାନରୁ କୌଣସି ବ୍ୟକ୍ତିକୁ ହଟାଇ ଦେବା—
6. To eject a person from an occupied place.

୭ । (ଅକର୍ମକ)—ନିଜେ ଠେଲି ହେବା—7. To push in; to push oneself; to push off.
(ଯଥା—ବଳଦଟା ଶଗଡ଼ର ଡାହାଣ ପାଖରେ ଲାଗିବାରୁ ଭାରି ତଡ଼ୁଛି ।)

[ଦ୍ର—ତଡ଼ିବାର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ନେବା କ୍ରିୟା ଲାଗି ବ୍ୟବହୃତ ହୁଏ । ଯଥା—ତଡ଼ିଦେବା, ତଡ଼ିନେବା, ତଡ଼ିଆଣିବା ।]

ତଡ଼ିହେବା—ଦେ. କ୍ରି—ତଡ଼ିବା ୬ (ଦେଖ)
Tar̤dihebā Tar̤dibā 6 (See)
ତଡ଼ିବାର କର୍ମବାଚ୍ୟ ରୂପ—To be pushed aside.

ତଡ଼ୁକେ—ଦେ. କ୍ରି. ବିଣ. (ସଂ. ତ୍ୱରିତ)—ତଟାକ୍ (ଦେଖ)
Tar̤duke Taṭāk (See)

ସଜ କରି ତଡ଼ୁକେ ଘୋଡ଼ାକୁ ଚଢ଼ିଲେ । କୃଷ୍ଣସିଂହ, ମହାଭାରତ, ଅଦି ।

ତଡ଼େଦମ୍—ବୈଦେ. କ୍ରି. ବିଣ. (ଆ)—ଖଡ଼େଦମ୍ (ଦେଖ)
Tar̤dedam Khar̤dedam (See)

ତଢ଼ଉ (ଇତ୍ୟାଦି)—ଦେ. ବି—ତଡ଼ଉ ଇତ୍ୟାଦି (ଦେଖ)
Tar̤ḍhau (etc) Tar̤dau etc (See)

ତଢ଼ାଉ—ଦେ. ବି—ତଡ଼ାଉ (ଦେଖ)
Tr̤ḍhāu Tar̤dāu (See)

ଶ୍ରୀ ଜଗନ୍ନାଥ ଦେବଙ୍କର ତଢ଼ାଉ ୩୫୧୪୦ ମାଢ଼ । ମାଦଳାପାଞ୍ଜି;
ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।

ତଣିଆ(ଆଁ)—ପ୍ରାଦେ. (ଗଡ଼ଜାତ) ବି—ମାଇପି ପିନ୍ଧା ମୋଟା ଲୁଗା, ଏଥିରେ ଚଉଡ଼ା ନାଲି ଧଡ଼ି ଥାଏ; ତଣ୍ଟିର—
Tanịā(āṅ)
ତଣିଆ—ଲୁଗା } ଅନ୍ୟରୂପ
ତଣିଆ—ଶାଢ଼ୀ }
A coarse cloth with thick red border, put on by women.

ତଣ୍ଟା—ଦେ. ବି. (ସଂ. ସଙ୍କଟ; ସଂ. ଦାନ୍ତ=ଦମନ)—
Tanṭā ୧ । ଗୋଳମାଳ; ଅଡ଼ୁଆ; ପ୍ରପଞ୍ଚ—
লেঠা 1. Complication; confusion.
टण्टा ୨ । ସଙ୍କଟ; ଆପଦ—2. Danger; trouble; risk.
୩ । ଅଟକ—3. Fix; awkward position.
୪ । ଉଭୟସଙ୍କଟ—4. Dilemma.

୧	ଇ	ଉ	ର,ଋ	ୡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ପ	ଉଅ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ନୃ

୫ । ଦାୟିତ୍ୱ – 5. Responsibility.

वर्सा ୬ । ଚେଣ୍ଡା —
बर्छो 6. Harpoon.

टोटा ଦେ. ବି—ଚୋଟା; କାର୍ତ୍ତୁଜ— Cartridge.
टोटा

ତଣ୍ଟା(ଣ୍ଟେ)ଇବା—ଦେ. କ୍ରି. (ସଂ. ତ୍ରୋଟୀ=ତୋଣ୍ଟ; ବେକର
Tanṭā(ṇṭe)ibā ସାମନା ପାଖ; ମନୁଷ୍ୟର ତୋଣ୍ଟକୁ ଧରିଲେ
কণ্ঠেফেলা ମନୁଷ୍ୟ କାବୁ ହୋଇ ରହେ; ସଂ. ଦାନ୍ତ=
ड ँटाना, डाँटना ଦମନ)—୧ । ଅଡ଼ୁଆରେ ପକାଇବା;
টুঁটীধরা ଦବେଇବା; ଅପଦରେ ପକାଇବା; ବେକାରୁ
पट्टापकड़ना ରଖିବା—1. To put a person in trouble or awkward position to corner a person, to embarass.

୨ । ଗଳାଧକ୍କା ବା ତଣ୍ଟିଆ ମାରିବା—
2. To give a push with the palm on the throat; to collar a person.

୩ । (ପାଣି ବା ପ୍ରାଣ) ତଣ୍ଟି ବା କଣ୍ଠ ପର୍ଯ୍ୟନ୍ତ ଉଠିବା—
3. (water or life) To rise up to the neck.
(ଯଥା— ବଢ଼ି ପାଣି କାଇବନକୁ ତଣ୍ଟାଇଲାଣି; ତା ପ୍ରାଣ ଆସି ତଣ୍ଟାଇଲାଣି, ସେ ମରିବାକୁ ବସିଲାଣି ।)

ତଣ୍ଟି—ଦେ. ବି. (ସଂ. ତୋଣ୍ଟ=ମନୁଷ୍ୟର କଣ୍ଠର ଗୋଲକ ବା ଘଣ୍ଟି,
Tanṭi ତୁଳ=ଇଂ. ଥ୍ରୋଟ)—୧ । ତୋଣ୍ଟି; ଗଳା; ବେକର
টুঁটি, টুটি ସାମନା ଅଂଶ; ଘଣ୍ଟି—1. Throat; the front
टेंटवा, टेंटुआ part of the neck.

୨ । ଗଳାର ଭିତର କଣ୍ଠନାଳୀ ଯେଉଁ ନଳୀବାଟେ ଖାଦ୍ୟ ପେଟକୁ ଯାଏ—2. Gullet.

୩ । କୌଣସି ପଦାର୍ଥ (ଯଥା— ନଦୀବନ୍ଧ ଇତ୍ୟାଦି)ର କଣ୍ଠ ଦେଶ—3. The portion below the top of a thing (e. g. an embankment).

୪ । ଗଳାର ସ୍ୱର—4. One's voice.
(ଯଥା—ତଣ୍ଟି ପଡ଼ିବା ।)

[ଦ୍ର—ତଣ୍ଟି ବା କଣ୍ଠନାଳୀବାଟେ ପ୍ରାଣବାୟୁ ଯିବା ଆସିବା କରେ । ତାକୁ ଚିପି ଦେଲେ ବା କାଟି ଦେଲେ ପ୍ରାଣୀ ମରିଯାଏ । ହିନ୍ଦୁମାନେ ବେକ ହାଣି ଜୀବକୁ ଦେବୀଙ୍କ ଆଗରେ ବଳି ଦିଅନ୍ତି, ମୁସଲମାନମାନେ ତଣ୍ଟିକାଟି ଜୀବକୁ ହଲାଲ କରନ୍ତି । ଏହି ତଣ୍ଟି ଓ ତନ୍ନିକଟବର୍ତ୍ତୀ ଅଂଶତ୍ରୟର ବିଭିନ୍ନ ନାମ କ୍ରମରେ ପ୍ରଦତ୍ତ ହେଲା ଯଥା—ତଣ୍ଟି ଓ ଗଳା=ବେକର ସାମନା ପାଖ—Throat. କଣ୍ଠ ଓ ବେକ=ସମୁଦାୟ ଗଳଦେଶ—Neck. ବେକମୁଣ୍ଡା=ବେକ ପଛଆଡ଼—Nape of the neck; Nape]

ପ୍ରାଦେ. (ସମ୍ବଲପୁର) ବି—ଘରର ଓଳମୁଣ୍ଡରେ ଲଗାଯିବା ଖପରଲ, ଯାହାର ତଳେ ଗୋଟିଏ ଦାନ୍ତିଆ ବାହାରି ଥାଏ ଏବଂ ଏ ଦାନ୍ତିଆ ଖଲମୁଣ୍ଡର ବାଉଁଶରେ ଅଟକି ରହେ—Earthen flat tile having a spout below it which keeps it attached to the end of the eaves of a tile-thatched house.

ତଣ୍ଟିଆ—ଦେ. ବି—ବେକର ଆଗ ପାଖରେ ଅର୍ଦ୍ଧଚନ୍ଦ୍ରାକୃତି ହସ୍ତଦ୍ୱାରା
Tanṭiā ମରାଯିବା ଧକ୍କା; ତୋଣ୍ଟିଆ; ଗଳଥା—
गलाधाक्का A push with palm on the throat.
गरदनियाँ ବବେକ ପଛରୁ ଲଗାଏ ତଣ୍ଟିଆ । ରଥାନାଥ—ନବେଦନ ।

[ଦ୍ର—ବେକ ପଛରୁ ଧକ୍କାକୁ ହାବୁକା ଓ ଆଗର ଧକ୍କାକୁ ତଣ୍ଟିଆ ଓ ଗଳଥା କୁହାଯାଏ । କିନ୍ତୁ ସାଧାରଣତଃ ଲୋକେ ତଣ୍ଟିଆକୁ ହାବୁକା ଅର୍ଥରେ ମଧ୍ୟ ବ୍ୟବହାର କରନ୍ତି ।]

ତଣ୍ଟିଆ ଦେବା—ଦେ. କ୍ରି—ହାତର ରେଖା ତଣ୍ଟିରେ ବା ବେକରେ
Tanṭiā debā ଦେଇ ଧକ୍କା ଦେବା—To give a push
গলাধাক্কা দেওয়া with the extended palm on the
गरदनी देना throat or neck.

ତଣ୍ଟିକଟା—ଦେ. ବି—୧ । ପ୍ରାଣନାଶ କରିବା ନିମନ୍ତେ ତୋଣ୍ଟର ନଳୀକୁ
Tanṭikaṭā କାଟିବା—1. Cutting of the throat or
টুঁটিকাটা, গলাকাটা gullet.
गलाकाटना ୨ । ଗୋରୁଙ୍କର ଘୁଡ଼ୁକାରୋଗ; ଘୁଡ଼ୁକା (ଦେଖ) 2. Ghurdukā (See)

ତଦବିରିଆ—ଦେ. ବିଣ. (ଆ. ତଦ୍‌ବୀର+ଓ. ପ୍ରତ୍ୟୟ. ଇୟା)—
Tadabiriā ତଦ୍‌ବିରିଆ (ଦେଖ)—Tadbiriā (See)

ତଦଭାବ—ସ. ବି. (ତତ୍=ତହିଁର+ଅଭାବ)—ତାହାର ଅଭାବ;
Tadabhāba ସେହି ବିଷୟ, ବସ୍ତୁ ବା ମନୁଷ୍ୟର ଅଭାବ—
Absence of that (thing or article or person).

ତଦଭାବେ—ସ. କ୍ରି. ବିଣ—ତହିଁର ଅଭାବରେ; ତାହା ନ ମିଳିଲେ;
Tadabhābe ତାହାଙ୍କ ଅନୁପସ୍ଥିତିରେ—
In absence or want of that (thing, article or person)
(ଯଥା—ଶ୍ରାଦ୍ଧ ପିଣ୍ଡ ଉପରେ ଖଣ୍ଡେ ବସ୍ତ୍ର ଦେବ ଅଥବା ତଦଭାବେ ସୂତ୍ର ଖଣ୍ଡେ ଦେବ।)

ତଦଭିନ୍ନ—ସ. ବିଣ. (୫ମୀ ତତ୍; ତତ୍+ଅଭିନ୍ନ)—
Tadabhinna ୧। ତତ୍‌ସ୍ୱରୂପ—1. Similar to that.
୨। ଅବିକଳ ସେହିପରି—2. Identical.
୩। ସେହି—3. Same.

ତଦମନା—ଦେ. ବିଣ. (ତତ୍+ଅମନା)—
Tadamanā ତହିଁରେ ଅମନୋଯୋଗୀ—
Inattentive in that.
ଜାନାସ୍ନେକ ଜପ୍ରକେରୁ ଜୋଗେବ କେଜି ଖାସ୍ ହେଲ ତଦମନା।
ଇଷ୍ଟ. ପ୍ରେମସୁଧାନିଧି।

ତଦର୍ଥ—ସ. କ୍ରି. ବିଣ. (ସ. ତଦର୍ଥଂ)—ସେଥିଲାଗି; ତନ୍ନିମିତ୍ତ—
Tadartha On that account; for that purpose.
ସ. ବି. (ତତ୍+ଅର୍ଥ)—୧। ସେହି ଅର୍ଥ—
1. That meaning.
୨। ସେହି କାରଣ—2. That reason.
ବିଣ—ସେହି ଅର୍ଥଯୁକ୍ତ—
Having that meaning or purpose.

ତଦର୍ଥତା—ସ. ବି. (ତଦର୍ଥ+ଭାବେ. ତା)—ତାଦର୍ଥ୍ୟ—
Tadarthatā Identity of object or meaning.

ତଦର୍ଥେ—ଦେ. କ୍ରି. ବିଣ. (ସ. ତଦର୍ଥଂ)—୧। ସେହି ନିମନ୍ତେ—
Tadarthe 1. For that.
তদৰ্থে, उसवास्ते ୨। ସେହି ଉଦ୍ଦେଶ୍ୟରେ—
2. With that view.

ତଦର୍ପଣ—ସ. ବି. (ତତ୍+ଅର୍ପଣ; ୬ଷ୍ଠୀ; ତତ୍ ଓ ୭ମୀ ତତ୍)—
Tadarpaṇa ୧। ତାହାଙ୍କୁ ପ୍ରଦାନ—
1. An offering to him.
୨। ତାହାଠାରେ ନ୍ୟସ୍ତକରଣ—
2. Entrusting to him.
୩। ପ୍ରତ୍ୟର୍ପଣ—3. Giving back.

ତଦର୍ପିତ—ସ. ବିଣ. (ତଦ୍=ତାହାଙ୍କୁ, ତାହାଙ୍କଦ୍ୱାରା, ତାହାଙ୍କଠାରେ
Tadarpita +ଅର୍ପିତ=ଦତ୍ତ, ନ୍ୟସ୍ତ)—୧। ତାହାଙ୍କୁ ପ୍ରଦତ୍ତ—
1. Given to him.
୨। ତାହାଙ୍କଠାରେ ନ୍ୟସ୍ତ—2. Offered to him.
୩। ତାହାଙ୍କ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ—3. Dedicated to his or her or its service or cause.
୪। ତାହାଙ୍କଦ୍ୱାରା ଦତ୍ତ—4. Given by him or her.

ତଦର୍ପିତଚିତ୍ତ—ସ. ବିଣ. (ତତ୍+ଅର୍ପିତ+ଚିତ୍ତ)—ତନ୍ମୟଚିତ୍ତ;
Tadarpita-chitta ତାହାଙ୍କଠାରେ ମନକୁ ଅର୍ପଣ କରୁଥିବା—
Wholly absorbed in that.

ତଦର୍ପିତ ଚିତ୍ତବୃତ୍ତି—ସ. ବିଣ. (ତତ୍+ଅର୍ପିତ+ଚିତ୍ତବୃତ୍ତି)—ତନ୍ମୟ
Tadarpita chitta bṛutti ଚିତ୍ତ; ତାହାଙ୍କଠାରେ ମନକୁ ଅର୍ପଣ କରିଥିବା—Wholly absorbed in that.

ତଦର୍ପିତପ୍ରାଣ—ସ. ବିଣ. (ତତ୍=ତାହାଙ୍କଠାରେ+ଅର୍ପିତ ହୋଇ
Tadarpita-prāṇa ଅଛି (+ପ୍ରାଣ (ଯାହାର); ବହୁବ୍ରୀହି)—
ତାହାଙ୍କଠାରେ ପ୍ରାଣ ସମର୍ପଣ କରିଥିବା; ତଦ୍‌ଗତପ୍ରାଣ—
Having one's life devoted to him, her or it.

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍ଯ	ଙ୍ଖ	ଘ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଙ୍ଘ	ନ୍ମ

[ଦ୍ର—ଏହିପରି ତଦର୍ପିତମନା; ତଦର୍ପିତମନୋବୃତ୍ତି, ତଦର୍ପିତ-ଜୀବନ ଇତ୍ୟାଦି ପଦ ନିଷ୍ପନ୍ନ ହୁଏ।]

ସଂ. ବି.—(ତଦର୍ପିତ=ତାହାଙ୍କୁ ଅର୍ପିତ ହୋଇଥିବା+ପ୍ରାଣ; କର୍ମଧା)—ତାଙ୍କୁ ଉତ୍ସର୍ଗ କରାଯାଇଥିବା ଜୀବନ— Life dedicated to him

ତଦା—ସଂ. କ୍ରି. ବିଣ.—(ତତ୍+କାଳାଧିକରଣାର୍ଥେ ଦା)— Tadā ତତ୍କାଳେ; ସେତେବେଳେ; ସେହି ସମୟରେ— Then; at that time.

ତଦାକାର—ସଂ. ବି. (ତତ୍=ଆକାର)—ସେହିରୂପ— Tadākāra That shape or form.

ବିଣ. (ବହୁବ୍ରୀହି)—ସେହି ଆକୃତିବିଶିଷ୍ଟ—Of that shape; similar in the same form; taking up the same form.

ତଦାକାରକାରିତା—ସଂ. ତଦ୍. (ତଦାକାର+କାରିତା)—୧। ସେହି Tadākārakāritā ରୂପର ଅନୁକରଣରେ ଗଠିତ— 1. Fashioned after that figure.

୨। ସେହିରୂପରେ ମିଳିତ ହୋଇଥିବା— 2. Assimilated to that form.

ତଦାକାରିତ ଚିତ୍ତବୃତ୍ତି—ସଂ. ବି. (ତଦାକାରିତ+ଚିତ୍ତବୃତ୍ତି; କର୍ମଧା;)— Tadākāritachittabr̥utti ସେହିରୂପରେ ମିଳିତ ହୋଇଥିବା ବୃତ୍ତି—Mental faculty assimilated to that form.

ସଂ. ବିଣ. (ବହୁବ୍ରୀହି)—ଯାହାର ବୃତ୍ତି ତାହାର ଆକାରରେ ନିବଦ୍ଧ ହୋଇଅଛି—Having one's mind fully devoted to that form.

ତଦାତ୍ମକ—ସଂ. ବିଣ. (ତତ୍+ଆତ୍ମା+କ; ବହୁବ୍ରୀହି)— Tadātmaka ୧। ତାହାପରି—1. Similar to that.

୨। ତାହାଠାରେ ଅର୍ପିତ ଚିତ୍ତବୃତ୍ତି ଯାହାର— 2. Having a concentrated attention on it.

ତଦାତ୍ମା—ସଂ. ବିଣ (ତତ୍+ଆତ୍ମା; ବହୁବ୍ରୀହି)—୧। ତାହାପରି; Tadātmā ତତ୍ସ୍ୱରୂପ—1. Similar to that.

୨। ଅଭିନ୍ନ ହୃଦୟ—2. Of the same mind.

ତଦାନୀଂ—ସଂ. ଅ (ତତ୍+କାଳାର୍ଥେ ଦାନୀଂ)—ସେହି ସମୟରେ; Tadānim ତଦା—Then; at that time. (ଇଦାନୀଂ—ବିପରୀତ)

ତଦାନୀନ୍ତନ—ସଂ. ବିଣ (ତଦାନୀଂ+ଭବାର୍ଥେ. ତନ)—୧। ସେହି Tadānintana ସମୟରେ ଘଟିଥିବା—1. Happening in (ଇଦାନୀନ୍ତନ—ବିପରୀତ) or belonging to that time.

୨। ସେହି ସମୟର—2. Of that time.

୩। ତତ୍କାଳୀନ—3. Prevalent in those days.

ତଦା ପ୍ରଭୃତି—ସଂ. ଅ (ତଦା+ପ୍ରଭୃତି=ଅବଧି)—ତଦବଧି; ସେହି Tadā prabhr̥uti ଦିନଠାରୁ; ତତ୍କାଳାବଧି— From that time.

ତଦାରକ—ବୈଦେ. ବି (ଆ. ତଦାରୁକ୍)—ତଦାରଖ (ଦେଖ) Tadāraka Tadārakha (See).

ଧାନ ଅମାରରେ ଲୁହା ଗଜ ମାରି ତଦାରକ ହେଲା—ଫକୀରମୋହନ, ଛମାଣଆଠଗୁଣ୍ଠ।

ତଦାରକ୍(ଖ)—ବୈଦେ. ବି (ଅ. ତଦାରୁକ୍)—୧। ତଦନ୍ତ— Tadārak(kh) 1. Enquiry.

तदारख ୨। ଅନୁସନ୍ଧାନ—2. Investigation.

तदारुक ୩। ପୂର୍ବରୁ ସତର୍କତା—3. Precaution.

୪। ସ୍ଥାନୀୟ ପରୀକ୍ଷା—4. Local enquiry.

୫। ପ୍ରତୀକାର—5. Remedy; provision.

୬। ହଜିବା ଦ୍ରବ୍ୟ ବା ଫେରାରି ଆସାମୀକୁ ଖୋଜିବା— 6. Search after a messing thing or an absconder.

୭। କୌଣସି ଅପରାଧ ବା ଦୁର୍ଘଟଣା ନ ଘଟିବା ନିମନ୍ତେ ପ୍ରବାଦ—7. Precautionary measures.

ତଦାରଖି—ବୈଦେ. ବି (ଅ. ତଦାରୁକ୍)—ତଦାରଖ (ଦେଖ) Tadārakhi Tadārakha (See)

ମାମଲା ତଦାରଖି ଆରମ୍ଭ ହେଲା—ଫକୀରମୋହନ. ଛମାଣ ଆଠଗୁଣ୍ଠ।

ତଦିତର—ସଂ. ବିଣ (ତଦ=ତାହାଠାରୁ+ଇତର=ପୃଥକ୍; ୫ମୀ Taditara ତତ୍)—ତାହାଠାରୁ ଅନ୍ୟ; ତଦନ୍ୟ— Different from that.

ତଦୀୟ—ସଂ. ବିଣ. ପୁଂ ଓ କ୍ଳୀ (ତତ୍+ଈୟ=ସମ୍ବନ୍ଧାର୍ଥେ)— Tadiya ୧। ତତ୍ସମ୍ବନ୍ଧୀୟ; ତାହାଙ୍କର—1. Relating to (ତଦୀୟା—ସ୍ତ୍ରୀ) that; appertaining or belonging to him, her or it.

୨। ତାହାଙ୍କ ଅଧିକାରରେ ସ୍ଥିତ— 2, Within his control.

ତଦୁତ୍ତର—ସଂ. ବି (ତତ୍+ଉତ୍ତର)—୧। ତହିଁର ଉତ୍ତରଦିଗ— Taduttara 1. North of that.

୨। ତହିଁର ଜବାବ—2, Answer to that.

ତଦୁତ୍ତରେ—ସଂ. କ୍ରି. ବିଣ—୧। ତହିଁର ଉତ୍ତର ଦିଗରେ— Taduttare 1. To the north of that.

୨। ତହିଁର ଉତ୍ତରସ୍ୱରୂପ—2. In reply to that.

ଦେ. ଅ (ଭୂମିରଆରେ ବ୍ୟବହୃତ ଭାଷା)—ପୂର୍ବୋକ୍ତ ଜମିର ଉତ୍ତରରେ (ଏଥିର ସାଙ୍କେତିକ ତାଃଉଃ ତାଃଉଃ—ଦେଖ)— North of the last plot.

ତଦୁତ୍ତାରୁ(ରେ)—ଦେ. କ୍ରି. ବିଣ (ସଂ. ତଦୁତ୍ତର୍)—ତାହାପରେ; ତହିଁ- Taduttāru(re) ବାଦ—After that.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଦେ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ତଦୁପରି—ସଂ. କ୍ରି. ବିଣ. (ତତ୍+ଉପରି; ୬ଷ୍ଠୀ ତତ୍)—
Tadupari ୧। ତାହା ଉପରେ; ତହିଁର ଊର୍ଦ୍ଧ୍ୱରେ—1. Above him, her or that; over that; upon that.
୨। ତହିଁରୁ ଅଧିକ—2. In addition to that.

ତଦୂର୍ଦ୍ଧ୍ୱ—ଦେ. ବି (ତତ୍+ଊର୍ଦ୍ଧ୍ୱ)—୧। ତହିଁର ଉପରେ—
Tadūrddhwa 1. The top of that.
୨। ତହିଁ ଅଧିକ—2. Excess of that.
ଦେ. ବିଣ—୧। ତହିଁର ଉପରେ ସ୍ଥିତ—1. Situated above that.
୨। ତହିଁ ଅଧିକ—2. More than that.
ସଂ. କ୍ରି. ବିଣ (ସଂ. ତଦୂର୍ଦ୍ଧ୍ୱଂ)—୧। ତାଠୁ ବଳି—1. In excess of that.
୨। ତାଠୁ ଅତିକ୍ରମ କରି; ତଦୁପରି—2. Beyond that; above that.

ତଦୂର୍ଦ୍ଧ୍ୱେ—ଦେ. କ୍ରି. ବିଣ (ସଂ. ତଦୂର୍ଦ୍ଧ୍ୱଂ)—ତଦୂର୍ଦ୍ଧ୍ୱ (ଦେଖ)
Tadūrddhwe Tadūrddhwa (See)

ତଦେକ—ସଂ. ବିଣ (ତତ୍+ଏକ; ତାହା ହୋଇଅଛି ଏକ (ଅଭିନ୍ନ)
Tadeka ଯାହାଠାରୁ; ବହୁବ୍ରୀହି)—ତାହା ସହିତ ଏକଭାବାପନ୍ନ; ତଦ୍ରୂପ; ତତ୍ସ୍ୱରୂପ—Similar to that.

ତଦେକାତ୍ମା—ସଂ. ବିଣ [ତତ୍ (ସେହି ହୋଇଅଛି) ଏକ (ଅଭିନ୍ନ)
Tadekātmā ଆତ୍ମନ୍ ଯାହାର; ବହୁବ୍ରୀହି]—୧। ତାହା ସହିତ
(ତଦେକାତ୍ମତ୍ୱ—ବି) ଅଭିନ୍ନ; ତତ୍ସ୍ୱରୂପ—1. Similar to that.
୨। ଅଭିନ୍ନହୃଦୟ—2. Very intimate; closely intimate; quite constant.

ତଦ୍ଗତ—ସଂ. ବିଣ [ତତ୍ (ତହିଁରେ) ଗତ (ଆସକ୍ତ); ୭ମୀ ତତ୍]—
Tadgata ୧। ଏକାଗ୍ର; ଅଭିନିବିଷ୍ଟ; ତନ୍ନିଷ୍ଠ—1. Closely attentive; diligent.
୨। ତହିଁରେ ଆସକ୍ତ—2 Wholly devoted or attached to that; intent on that.

ତଦ୍ଗତଚିତ୍ତ—ସଂ. ବିଣ (ତଦ୍ଗତ+ଚିତ୍ତ; ବହୁବ୍ରୀହି)—ତାହାଙ୍କଠାରେ
Tadgatachitta କିମ୍ବା ସେହି ବିଷୟରେ ଚିତ୍ତବୃତ୍ତି ଅର୍ପିତ କରିଥିବା; ତଦର୍ପିତ ଚିତ୍ତ—Having given one's thoughts wholly to that; having his mind wholly immersed in that.

ତଦ୍ଗତଚେତାଃ—ସଂ. ବିଣ (ତଦ୍ଗତ+ଚେତଃ; ବହୁବ୍ରୀହି)—
Tadgata chetāḥ ତଦ୍ଗତଚିତ୍ତ (ଦେଖ)
Tadgata chitta (See)

ତଦ୍ଗତଜୀବନ—ସଂ. ବିଣ. ପୁଂ [ତତ୍ (ତହିଁରେ) ଗତ (ଆସକ୍ତ ହୋଇଛି)
Tadgata jibana ଜୀବନ (ଯାହାର; ବହୁବ୍ରୀହି)—ତାହାଙ୍କଠାରେ
(ତଦ୍ଗତଜୀବନା—ସ୍ତ୍ରୀ) ଯାହାଙ୍କର ପ୍ରାଣ ଆସକ୍ତ—Having one's life completely attached or devoted to
(ତଦ୍ଗତପ୍ରାଣ—ଅନ୍ୟରୂପ) him, her or it.

ତଦ୍ଗୁଣ—ସଂ. ବି (ତଦ୍=ତାହାଙ୍କର+ଗୁଣ; ୬ଷ୍ଠୀ ତତ୍)—
Tadguṇa ୧। ତାହାର ଗୁଣ—1 Its, his or her quality or attribute.
୨। କାବ୍ୟର ଅଳଙ୍କାରବିଶେଷ, ଯେଉଁ ଅଳଙ୍କାରରେ ଆପଣାର ଗୁଣ ପରିତ୍ୟାଗ କରି ଅନ୍ୟ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ବସ୍ତୁର ଗୁଣ ଗ୍ରହଣ କରିଯିବା ବର୍ଣ୍ଣିତ ହୁଏ—
2. A figure in rhetoric.
୩। କେତେକ ବସ୍ତୁର କବିବର୍ଣ୍ଣିତ ପ୍ରସିଦ୍ଧ ଗୁଣ—
3. Celebrated qualities of certain things in poetical license.
(ଯଥା—ଚକୋରୀର ଚନ୍ଦ୍ରକିରଣ ପାନ; ଚନ୍ଦ୍ରଙ୍କ ଜ୍ୟୋତ୍ସ୍ନା ଅଗ୍ନିପରି ଦହନ କରେ।)
୪। କେତେକ ଦ୍ରବ୍ୟର ପ୍ରସିଦ୍ଧ ଗୁଣ—4. The celebrated or well known qualities of certain things.
(ଯଥା—ଚନ୍ଦନର ଶୀତଳତ୍ୱ, ଅଗ୍ନିର ଦାହକତ୍ୱ।)
ବିଣ [ତଦ୍ (ତାହାଙ୍କର) ଗୁଣ (ପରିଗ୍ରହଣ ଯାହାର) ବହୁବ୍ରୀହି]—ତାଙ୍କ ଗୁଣପରି ଗୁଣବିଶିଷ୍ଟ—Having attributes similar to those passed by him, her or it; having equivalent attributes with him, her or it.

ତଦ୍ଦକ୍ଷିଣ—ସଂ. ବି (ତତ୍=ତହିଁର+ଦକ୍ଷିଣ; ୬ଷ୍ଠୀ ତତ୍)—ତହିଁର
Taddakshiṇa ଦକ୍ଷିଣ ଦିଗ—South of that.

ତଦ୍ଦକ୍ଷିଣେ—ସଂ. କ୍ରି. ବିଣ. [ତଦ୍ (ତହିଁର)+ଦକ୍ଷିଣେ (ଦକ୍ଷିଣ
Taddakshiṇe ଦିଗରେ)]—୧। ତହିଁର ଦକ୍ଷିଣଦିଗରେ—
1. To the south of that.
୨। ପୂର୍ବାଲିଖିତ ଜମିର ଦକ୍ଷିଣଦିଗରେ; ଜରିପ ଖତିଆନରେ କୌଣସି ଜମିର ନମ୍ବର ପାଖେ ଲେଖା ଯାଇଥିବା ସାଙ୍କେତିକ 'ତ: ଦ:' ଚିହ୍ନର ମର୍ମ (ତ. ଉ. ତଲେ ନୋଟ ଦେଖ; ଏଥିର ସାଙ୍କେତିକ ତ· ଦ)—
2. The meaning of an abbreviation 'Ta. Da' noted against a plot of land in old survey field books, corresponding to the English abbreviation 'S' meaning 'South', as in the expression "The plot is bounded 'N' by the river; 'S' by the embankment."

ତଦ୍ଦଣ୍ଡ—ସଂ. କ୍ରି. ବିଣ. (ତତ୍=ସେହି+ଦଣ୍ଡ=ମୁହୂର୍ତ୍ତ)—
Taddaṇḍa ସେହିକ୍ଷଣି; ସେହି ମୁହୂର୍ତ୍ତରେ; ତଦଣ୍ଡେ; ତତ୍କ୍ଷଣାତ୍—Immediately, in the nick of time; instantly; instantaneously.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇୟ	ଉଅ	ଧ
୨	ଈ	ଉ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଓ	ନ୍

ତ—୧ । ସେହି ମୁହୂର୍ତ୍ତ—1. That very moment.
୨ । ସେହି ବାଡ଼ି; ସେହି ଯଷ୍ଟି—2. That very stick.

ତଦଣ୍ଡେ—ସଂ. କ୍ରି. ବିଣ—୧ । ସେହି ମୁହୂର୍ତ୍ତରେ—
Taddande 1. At that moment.
୨ । ତତ୍କ୍ଷଣାତ୍; ସେହି କ୍ଷଣିକା; ଗୋଟିଏ ଗୋଟିଏ—
2. Immediately; in no time.
(ଯଥା—ତୁମ୍ଭେ ଅର କୋଠରୀରୁ ପୁସ୍ତକଖଣ୍ଡିକ ନେଇ ତଦଣ୍ଡେ ଅସି ପହଞ୍ଚିବ ।)

ତଦ୍ଦିନ—ସଂ. ଅ. (ତତ୍+ଦିନ)—୧ । ସେହି ଦିବସ—
Taddina 1. That very day; the same day.
୨ । ମଧ୍ୟାହ୍ନରେ—2. In the middle of the day.
୩ । ପ୍ରତିଦିନ—3. Daily; every day.

ତଦ୍ଦିନେ—ସଂ. କ୍ରି. ବିଣ.—୧ । ସେହିଦିନ ମଧ୍ୟରେ
Taddine 1. Within that day.
୨ । ସେହି ଦିନପର୍ଯ୍ୟନ୍ତ—2. Upto that day.

ତଦ୍ଦେଶୀୟ—ସଂ. ବିଣ (ତତ୍+ଦେଶ+ଈୟ)—ସେହି ଦେଶସମ୍ବନ୍ଧୀୟ; ସେ ଦେଶର—Appertaining to that country or place; of that country.
Taddesiya

ତଦ୍ଧନ—ସଂ. ବି (ତତ୍+ଧନ; କର୍ମଧାରୟ; ଷଷ୍ଠୀ)—୧ । (କର୍ମଧା) ସେହି ସମ୍ପତ୍ତି—1. That very property.
Taddhana
୨ । (ଷଷ୍ଠୀ ତତ୍) ତାହାଙ୍କ ସମ୍ପତ୍ତି—
2. The property of that person.
ସଂ. ବିଣ—କୃପଣ—(ଦ୍ରୁ. ଶବ୍ଦସାଗର)—Miserly.

ତଦ୍ଧିତ—ସଂ. ବି [ତଦ୍ (ସେହି ମୂଳ ଶବ୍ଦ)+ହିତ (ଯାହା ଉପଯୁକ୍ତ ହୁଏ) ଯାହା ମୂଳ ଶବ୍ଦର ଉପଯୁକ୍ତ]—୧ । ତାହାଙ୍କର ମଙ୍ଗଳ—1. His or her benefit.
Taddhita
୨ । (ବ୍ୟାକରଣ) ବିଶେଷ୍ୟ, ବିଶେଷଣ ଓ ସର୍ବନାମ ଶବ୍ଦମାନଙ୍କ ପରେ ବିଶେଷ ବିଶେଷ ଅର୍ଥରେ ଯେଉଁ ପ୍ରତ୍ୟୟମାନ ଯୋଗ କରାଯାଇ ନୂତନ ଶବ୍ଦ ଗଠିତ ହୁଏ—2. Name of certain class of suffixes added to nouns, pronouns and adjectives
(ଯଥା—ମତ୍, ବତ୍, ଇନ୍, ବିନ୍, ଯ ।)
ସଂ. ବିଣ—ତତ୍‌ପକ୍ଷେ ହିତକର ବା ମଙ୍ଗଳଜନକ—Conducing to the benefit of that person or object; beneficial thereto.

ତଦ୍ଧିତ ପଦ—ସଂ. ବି—ବିଶେଷ୍ୟ, ବିଶେଷଣ ଓ ସର୍ବନାମ ଶବ୍ଦ ପରେ ପ୍ରତ୍ୟୟ ଯୋଗ କରାଯାଇ ଯେଉଁ ପଦମାନ ନିଷ୍ପନ୍ନ ହୁଏ—Derivatives from nouns, pronouns and adjectives
Taddhita pada
(ଯଥା—ଜ୍ଞାନବାନ୍; ଦୟାଳୁ (ବିଶେଷ୍ୟରୁ ନିଷ୍ପନ୍ନ); ମହିମା, ଗରିଷ୍ଠ (ବିଶେଷଣରୁ ନିଷ୍ପନ୍ନ); ତଦୀୟ, ମଦୀୟ, ତାଦୃଶ (ସର୍ବନାମରୁ ନିଷ୍ପନ୍ନ ।)

ତଦ୍ଧିତପ୍ରକରଣ—ସଂ. ବି (ତଦ୍ଧିତ+ପ୍ରକରଣ)—ବ୍ୟାକରଣର ଯେଉଁ ଅଂଶରେ ତଦ୍ଧିତ ପ୍ରତ୍ୟୟମାନଙ୍କ ସମ୍ବନ୍ଧରେ ଚର୍ଚ୍ଚା କରାଯାଇଥାଏ—The part of the Grammar dealing with 'Taddhita' suffixes.
Taddhita prakarana

ତଦ୍ଧିତ ପ୍ରତ୍ୟୟ—ସଂ. ବି (ତଦ୍ଧିତ+ପ୍ରତ୍ୟୟ)—ବିଶେଷ୍ୟ, ବିଶେଷଣ ଓ ସର୍ବନାମ ଶବ୍ଦର ଉତ୍ତର ବିଶେଷ ବିଶେଷ ଅର୍ଥରେ ଯେଉଁ ଯେଉଁ ପ୍ରତ୍ୟୟମାନ ହୁଏ—Affixes added to nouns, pronouns, adjectives to form derivative words.
Taddhita pratyaya
[ଦ୍ର—ସଂସ୍କୃତରେ ତଦ୍ଧିତ ପ୍ରତ୍ୟୟ ଅନେକ; ତହିଁ ମଧ୍ୟରୁ ଓଡ଼ିଆ ଭାଷାରେ ପ୍ରଚଳିତ ପ୍ରତ୍ୟୟ କେତେଗୁଡ଼ିଏ ଏଠାରେ ଦିଆଗଲା । ଯଥା—୧ । ଅପତ୍ୟାର୍ଥରେ. ଅ—ପଣ୍ଡୁ+ଅ=ପାଣ୍ଡବ; ଯାଦବ, ମାନବ । ଇ—ଦଶରଥ+ଇ=ଦାଶରଥି; ସୌମିତ୍ରି । ଇକ—ରେବତୀ+ଇକ=ରୈବତିକ । ଏୟ—ଗଙ୍ଗା+ଏୟ=ଗାଙ୍ଗେୟ; ଭାଗିନେୟ । ଆୟନ—କାତ୍ୟାୟନ । ଯ—ଯମଦଗ୍ନି+ଯ=ଯାମଦଗ୍ନ୍ୟ । ଈୟ—ମାତୃଷ୍ୱସୃ+ଈୟ=ମାତୃଷ୍ୱସ୍ରୀୟ । ୨ । ସମ୍ବନ୍ଧାର୍ଥରେ ଇକ—ବୈଦିକ; ମାନସିକ; ବାଚିକ; ଶାରୀରିକ । ଅ—ଶାରୀର; ମାନସ; ରାଜସ । ଈୟ—ସ୍ୱୀୟ; ପରକୀୟ, ମଦୀୟ; ଉତ୍କଳୀୟ । ୩ । ସ୍ୱାର୍ଥରେ. ଧେୟ—ଭାଗଧେୟ; ନାମଧେୟ । ଅ—ସୃଗାଳ, ଚୌର, କୌତୂହଳ । କ—ବାଳକ, ତାରକା, ରଥିକା । ୪ । ସମୂହ ଅର୍ଥରେ ଗ୍ରାମତା; ଜନତା । ୫ ଭାବାର୍ଥରେ ତା—ମୂର୍ଖତା; ଲଘୁତା । ତ୍ୱ—ଲଘୁତ୍ୱ, ମୂର୍ଖତ୍ୱ । ଇମନ—ମହିମା; ଦ୍ରାଘିମା । ୬ । ସାଦୃଶ୍ୟାର୍ଥରେ ବତ୍—ଗୁରୁବତ୍; ମାତୃବତ୍ । କଳ୍ପ—ପିତୃକଳ୍ପ । ୭ । ଅସ୍ତି ଅର୍ଥରେ ବତ୍—ଧନବାନ୍; ଗୁଣବାନ୍ । ମତ୍—ଶ୍ରୀମାନ୍; ଅଂଶୁମାନ୍; ବିନ୍—ମେଧାବୀ; ମାୟାବୀ । ଇନ୍—ଧନୀ; ଗୁଣୀ; ଧର୍ମୀ । ଇନ—ମଳିନ । ଶାଳିନ୍—ଧନଶାଳୀ । ବଳ—ରଜସ୍ୱଳା; ଦନ୍ତାବଳ; କୃଷୀବଳ । ଉର—ଦନ୍ତୁର । ବ—କେଶବ; ଗାଣ୍ଡୀବ । ଆଳୁ—ଦୟାଳୁ; ନିଦ୍ରାଳୁ । ଲ—ମାଂସଳ; ମୃଦୁଳ; ଶ୍ରୀଳ । ଇଲ—ଫେନିଲ, ଜଟିଳ; ପଙ୍କିଳ । ଶ—ଲୋମଶ; କର୍କଶ । ଊଳ—ବାତୂଳ । ୮ । ସ୍ୱରୂପାର୍ଥରେ ମୟ—ବାଙ୍ମୟ; ମୃଣ୍ମୟ । ୯ । ଅତିଶୟାର୍ଥରେ ଇଷ୍ଠ—ଗରିଷ୍ଠ; ପାପିଷ୍ଠ; ବଳିଷ୍ଠ । ଈୟସ୍—ଲଘୀୟାନ୍; କନୀୟାନ୍ । ତର—ଲଘୁତର; ଗୁରୁତର । ତମ—କ୍ଷୁଦ୍ରତମ । ୧୦ । ନିପୁଣାର୍ଥରେ ଠ—କର୍ମଠ । ୧୧ । କ୍ଷୁଦ୍ର ଅର୍ଥରେ ତର—ଅଶ୍ୱତର । ୧୨ । ପରିଣତ ଅର୍ଥରେ ସାତ୍—ଜଳସାତ୍; ଧୂଳିସାତ୍ । ୧୩ । ଦେୟ ଅର୍ଥରେ ସାତ୍—ବିପ୍ରସାତ୍; ପାତ୍ରସାତ୍ । ୧୪ । ଜନ୍ମିବା ବା ସଞ୍ଜାତ ଅର୍ଥରେ ଇତ—ପୁଷ୍ପିତ; ଦୁଃଖିତ । ୧୫ । ପୂର୍ବେ ହୋଇ ନ ଥିଲା ବର୍ତ୍ତମାନ ହୋଇଅଛି (ଅଭୂତ ତଦ୍ଭାବାର୍ଥେ ଚ୍ୱିପ୍ରତ୍ୟୟ=ଈ—ବଶୀକରଣ; ମନ୍ଦୀଭୂତ । ୧୬ । ପ୍ରକାରାର୍ଥରେ ଜାତୀୟ—ବିଜାତୀୟ; ସ୍ୱଜାତୀୟ । ୧୭ । ସଂଖ୍ୟାପୂରଣାର୍ଥରେ ଥ—ଷଷ୍ଠ; ଚତୁର୍ଥ । ତମ—

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଦ୍ୱାଂଶତ୍ତମ । ମ—ଦଶମ; ପଞ୍ଚମ; ପ୍ରଥମ; ସପ୍ତମ । ଅ—ଏକାଦଶ । ୧୮ । ପ୍ରକାରାର୍ଥରେ ଧା—ବହୁଧା; ଶତଧା । ୧୯ । ଅବସ୍ଥାର୍ଥରେ ତୟ—ତ୍ରିତୟ; ଚତୁଷ୍ଟୟ । ୨୦ । ପରିମାଣ ଅର୍ଥରେ ମାତ୍ର—କିଞ୍ଚିନ୍ମାତ୍ର; ତନ୍ମାତ୍ର; କ୍ଷଣମାତ୍ର । ୨୧ । ପ୍ରକାର ଅର୍ଥରେ ଥା—ସର୍ବଥା; ଅନ୍ୟଥା । ଧା—ଦ୍ୱିଧା; ତ୍ରିଧା; ବହୁଧା; ଶତଧା । ୨୨ । କାଳାଧିକରଣରେ ଦା—ଏକଦା; ସର୍ବଦା । ୨୩ । ଭବାର୍ଥରେ ତ୍ୟ—ଅତ୍ରତ୍ୟ; ତତ୍ରତ୍ୟ । ତନ—ଅଦ୍ୟତନ; ଅଧସ୍ତନ; ଊର୍ଦ୍ଧ୍ୱତନ । ମ—ଆଦିମ; ମଧ୍ୟମ ।

ଏମାନ ସଂସ୍କୃତ ପ୍ରତ୍ୟୟ; ଭାଷାରେ ମଧ୍ୟ କେତେଗୁଡ଼ିଏ ପ୍ରତ୍ୟୟ ଦେଖାଯାଏ । ଯଥା—ଈ—କଟକୀ; ଦକ୍ଷିଣୀ । ଇଆ ବା ଇୟା—କଟକିଆ; ମାଡ଼ାନ୍ତିୟା; ଦକ୍ଷିଣିଆ । ଉଆ—ବାଟୁଆ; ନାଟୁଆ; ବାଡ଼ୁଆ; ମଡୁଆ । ଆ—ବଗା । ଉରି—ବଗୁରି; ନୂଡୁରି; ବାଲୁରି । ପଣ, ପଣିଆଁ—ଦୁଷ୍ଟପଣ; ଶିଷ୍ଟପଣିଆଁ । ଗିରି—ବାବୁଗିରି । ଉଟୀ, ଟିୟା—ଖରୋଷ୍ଟ; ଦରୋଷ୍ଟ; କଣାଟିୟା । ଢ—ବର୍ଷଢ; ଟୋପାଢ । ଏ—ମାସେ; ଦନେ । ଠେଁ, ଠାଇଁ—ତୁମଠେଁ; ଏଠାଇଁ । ଠୁଁ, ଠାଉଁ—ଘାଠୁଁ; କାହାଠାଉଁ । ଠିକ, ଠାରୁ—ସେଠିକ; ମୋଠାରୁ । ଥିରେ—ସେଥିରେ । ଥିକ, ଥିକୁ—ଯୁଥିକ; ଏଥିକୁ ।]

ତଦ୍ବତ୍—ସଂ. ବିଣ. (ତଦ୍ + ସାଦୃଶ୍ୟାର୍ଥେ; ବତ୍)—
Tadbat ୧ । ତଦ୍ରୂପ; ତତ୍ତୁଲ୍ୟ—1. Similar to that; like that; similar thereto.
୨ । (ଅସ୍ତି ଅର୍ଥରେ ବତ୍)—ତଦ୍ବିଶିଷ୍ଟ—2. Having that.

ତଦ୍ବଳ—ସଂ. ବି—୧ । ଏକପ୍ରକାର ବାଣ (ହି. ଶବ୍ଦସାଗର)—
Tadbala 1. A kind of dart.
୨ । ତାହାଙ୍କ ବଳ—2. His strength.
୩ । ତାହାଙ୍କ ସୈନ୍ୟ—3 His army.

ତଦ୍ବାଚକ—ସଂ. ବିଣ. (ତଦ୍ + ବାଚକ)—୧ । ତାହା କହୁଥିବା—
Tadbāchaka 1. Saying that.
୨ । ସେହି ଅର୍ଥବୋଧକ—2. Signifying that.

ତଦ୍ବିଧ—ସଂ. ବିଣ. (ତଦ୍ + ବିଧା = ପ୍ରକାର)—ସେହିପରି; ତଥାବିଧ—
Tadbidha Like that; such like; similar.

ତଦ୍ବିର (ଇତ୍ୟାଦି)—ବୈଦେ. ବି—ତଦ୍ବିର ଇତ୍ୟାଦି (ଦେଖ)
Tadbir (etc) Tadabir etc (See)

ତଦ୍ବିରିଆ—ବୈଦେ. ବିଣ. (ଅ. ତଦ୍ବୀର)—ଯୋଗାଡ଼ିଆ, ଉଦ୍ୟମୀ—
Tadbiriā Prompt in making arrangements or taking steps; diligent.

ତଦ୍ବିଷୟ—ସଂ. ବି. (ତଦ୍ + ବିଷୟ)—ସେହି ବିଷୟ ବା କଥା—
Tadbishaya That matter or affair.

ତଦ୍ବ୍ୟତିରିକ୍ତ—ସଂ. ବିଣ. (ତଦ୍ + ବ୍ୟତିରିକ୍ତ)—ତଭିନ୍ନ; ତଦନ୍ୟ; ତାହା
Tadbyatirikta ଛଡ଼ା ଅନ୍ୟ—Different from that.
କ୍ରି. ବିଣ.—ତାହା ଛଡ଼ା—
Besides that; apart from that.

ତଦ୍ବ୍ୟତିରେକେ—ଦେ. କ୍ରି. ବିଣ.—ତାହା ଛଡ଼ା—
Tadbyatireke Besides that.

ତଦ୍ବ୍ୟତୀତ—ସଂ. ବିଣ. ଓ କ୍ରି. ବିଣ.—(ତଦ୍ + ବ୍ୟତୀତ)—
Tadbyatita ତଦ୍ବ୍ୟତିରିକ୍ତ (ଦେଖ)—
Tadbyatirikta (See)

ତଦ୍ଭବ—ସଂ. ବିଣ—ତହିଁରୁ ଉଦ୍ଭବ ବା ଜାତ—
Tadbhaba Born or produced from that.
ସଂ. ବିଣ. (ଅଭିଧାନକାରଙ୍କ ପରିଭାଷା)—ଭାଷାର ଯେଉଁ ଶବ୍ଦମାନ ମୂଳ ସଂସ୍କୃତ ଶବ୍ଦରୁ ଅପଭ୍ରଷ୍ଟ ହୋଇଅଛି— (Lexicographer's term) Words which have come from Sankrit and have under gone some change,
(ଯଥା—ସଂ. ହସ୍ତରୁ ହାତ; ସର୍ପରୁ ସପ, ଦୁହିତାରୁ ଝିଅ, ଅର୍ଜ୍ଜନରୁ ଅରଜନ, ଘୃତରୁ ଘିଅ ।)
[ଦ୍ର—ଏହି ଶ୍ରେଣୀର ଶବ୍ଦମାନ ଏ ଭାଷାକୋଷରେ ଦେଶୀୟ ବା ଦେଶ୍ୟ ଶବ୍ଦମାନଙ୍କ ଅନ୍ତର୍ଭୁକ୍ତ କରାଯାଇଅଛି ।]

ତଦ୍ଭାବ—ସଂ. ବି.(୬ଷ୍ଠୀ ତତ୍; ତଦ୍ + ଭାବ)—୧ । ସେହି ଅବସ୍ଥା—
Tadbhāba 1. That state or condition.
୨ । ତଦ୍ବିଷୟକ ଚିନ୍ତା—2. Thoughts thereof.
୩ । ତହିଁର ଅବସ୍ଥା—3. The state of that thing or person.
୪ । ତାହାଙ୍କ ମନୋଗତ ଭାବ—4 His or her sentiments or intentions.

ତଦ୍ଭାବାପନ୍ନ—ସଂ. ବିଣ. [ତଦ୍ଭାବ (ଭୂ) + ଆପନ୍ନ (ପ୍ରାପ୍ତ); ୨ୟା ତତ୍]—
Tadbhābāpanna ୧ । ତାହାର ଅବସ୍ଥାପ୍ରାପ୍ତ—1. Having attained the condition of that person.
୩ । ତଦବସ୍ଥ—3 Thus circumstanced; situated in that condition.

ତଦ୍ଭିନ୍ନ—ସଂ. ବିଣ. (ତଦ୍ + ଭିନ୍ନ = ପୃଥକ୍; ୫ମୀ ତତ୍)—
Tadbhinna ୧ । ତଦଭିନ୍ନ; ତଦନ୍ୟ; ତାହାଠାରୁ ପୃଥକ୍—
1 Barring him or her; different or separate from that.
୨ । ତାହାଠାରୁ ସ୍ୱତନ୍ତ୍ର—2. Distinct from that.

ତଦ୍ଭୁଜ—ସଂ ବି.—ତରଭୁଜ (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
Tadbhuja Tarabhuja (See)

ତଦ୍ୟପି—ସଂ. ଅ.—ତଥାପି (ହି. ଶବ୍ଦସାଗର)—
Tadyapi Even then.

ତଦ୍ରୂପ—ସଂ. ବିଣ. (ତତ୍ = ତାହାର ଜମା ସେହି + ରୂପ = ପ୍ରକାର)—
Tadrūpa ୧ । ତତ୍ସଦୃଶ; ତଦ୍ବତ୍—1. Similar to that; of that form; of that kind; like that.

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଈପ୍ସ	ଊଅ	ଃ
ା	ି	ୁ	ୃ	ୢ	୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଂ	ଁ

୨ । ସେହି ପ୍ରକାରର—2. Similar; such; such-like
ସଂ. କ୍ରି. ବିଣ —୧ । ସେହିପରି—1. In that manner.
୨ । ତଦନୁସାରେ—2. According to that.

ତଦ୍ରୂପେ—ଦେ. କ୍ରି. ବିଣ. (ସଂ. ତଦ୍ରୂପ)—ସେହିପରି—
Tadrūpe Likewise; similarly.
तद्रूपे **वैसाहि**

ତନ୍ (ଧାତୁ)—ସଂ—୧ । ବିସ୍ତାର କରିବା—
Tan (root) 1. To spread.
୨ । ବୃଦ୍ଧି କରିବା—2. To lengthen; to enlarge

ତନ୍‌କା—ବୈଦେ. ବି. (ଫା. ତନ୍‌ଖ୍ୱାହ୍=ବେତନ)—
Tan-kā ତନ୍‌ଖା (ଦେଖ)—Tan-khā (See)

ତନ୍‌ଖା—ବୈଦେ ବି. (ଫା. ତନ୍‌ଖ୍ୱାହ୍=ବେତନ; ତୁଳନା କର ସଂ.
Tan-khā ଟଙ୍କ; ଦେ. ଟଙ୍କା; ପ୍ରାଚୀନ ବଙ୍ଗଳା)—
माईना, तनखा ୧ । ଦରମା; ବେତନ; ଚାକରର ମାସିକ ପ୍ରାପ୍ୟ
तनख़ाह, तनखा ପାରିଶ୍ରମିକ—1. Pay; salary; monthly wages (of a servant).
୨ । ବରାଦ ଚିଠି; କୌଣସି ବ୍ୟକ୍ତିଙ୍କୁ ଟଙ୍କା ଦେବା ନିମନ୍ତେ କର୍ମଚାରୀ ବା ପ୍ରଜାଙ୍କ ପ୍ରତି ପ୍ରଭୁଙ୍କର ଆଦେଶପତ୍ର; ଚିଠି-
2. Bill of exchange; an order or letter issued to a servant to pay mony to a third person.
ପ୍ରାଦେ. (ଗଞ୍ଜାମ) ବି—ବନ୍ଧକ ଦେଇ ଋଣ ଆଣିବା—
Borrowing money on mortgage or pledge.

ତନ୍‌ଖି—ବୈଦେ. ବି—ତତ୍ତ୍ୱାବଧାନ—
Tan-khi Supervision.
देखाशोना **निगाह, देखभाल**

ତନ୍‌ଖି କରିବା—ଦେ. କ୍ରି. (ଫା. ତନ୍‌ଖୋଆ)—
Tan-khi karibā ୧ । କୌଣସି କାର୍ଯ୍ୟର ତତ୍ତ୍ୱ ନେବା;
तत्वावधारण करा ତତ୍ତ୍ୱାବଧାରଣ କରିବା; ଅନୁସନ୍ଧାନ କରିବା—
निगाह करना 1. To supervise a work; to look after a work.
୨ । ତଦନ୍ତ କରିବା; ତଦାରଖ କରିବା; ପରୀକ୍ଷା କରିବା—
2. To enquire; to investigate; to examine a matter; to inspect a thing.
୩ । କୌଣସି କାର୍ଯ୍ୟର ଅନୁମାନିକ ବ୍ୟୟ ପୂର୍ବରୁ ସ୍ଥିର କରିବା; ଏଷ୍ଟିମେଟ୍ କରିବା—3 To prepare an estimate for a certain work.
୪ । କୌଣସି ବିଷୟର ତଥ୍ୟ ନିରୂପଣ କରିବା; ଠିକଣା କରିବା—4. To ascertain any matter.

ତନ୍‌ଖି ବଙ୍ଗଳା—ବୈଦେ. ବି. (ଫା. ତନ୍‌ଖୋଆ+ଇଂ. ବଙ୍ଗଳା
Tan-khi bangalā Bangalow)—ମଫସଲର ରାଜକାର୍ଯ୍ୟ କର୍ମବିଭାଗ ପରଦର୍ଶନ କରିବାକୁ ଯିବା କର୍ମଚାରୀମାନଙ୍କର ସାମୟିକ ଅବସ୍ଥାନ ନିମନ୍ତେ ସେହି ସେହି ବିଭାଗର ମଫସଲ କେନ୍ଦ୍ରସ୍ଥଳମାନଙ୍କରେ ତୋଳାଯାଇଥିବା ଘର—
Inspection Bungalow.

ତନ୍‌ଖିବା—ବୈଦେ. କ୍ରି. (ଫା. ତନ୍‌ଖୋଆ)—ତନ୍‌ଖି କରିବା (ଦେଖ)
Tan-khibā Tan-khi karibā (See)

ତନତନ୍—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—ତନ୍ନତନ୍ନ (ଦେଖ)
Tan-tan Tanna-tanna (See)

ତନ—ଗ୍ରା. ବି.—୧ । (ସଂ. ତନୁ) ଲଗ୍ନିକ ବନ୍ଧୁ—
Tana 1. Close relative.
୨ । (ସଂ. ତନୟ) ପୁଅ—2. Son.
तन ୩ । (ସଂ. ତନୁସ୍)ତନୁ—3. Body.
ଲୁହ ପାଇଁ ମୋହର ହୃଦପଣ
ମୋର ତନ ଜୀବନ ଧନ ପ୍ରାଣ—ପ୍ରାଚୀ. ରହସ୍ୟମଞ୍ଜରୀ ।
ସଂ. ପ୍ରତ୍ୟୟ—ସଞ୍ଚିବା ଅର୍ଥରେ କାଳ ଓ ସ୍ଥାନବାଚକ ଶବ୍ଦ 'ସଦା', 'ଅଦ୍ୟ', 'ଅଧୁନା' ପ୍ରଭୃତି ଶବ୍ଦ ସଙ୍ଗେ ଲାଗୁଥିବା ପ୍ରତ୍ୟୟ-
A suffix added to words denoting time and place; and meaning 'happening in', 'placed in'.

ତନଇ—ଗ୍ରା. (ପଦ୍ୟ) ବି. ପୁଂ. (ସଂ. ତନୟ)—ପୁଅ—
Tanai Son
(ତନଈ—ସ୍ତ୍ରୀ)

ତନଘନ—ଦେ. ବି. ବିଣ ଓ କ୍ରି. ବିଣ—ତନାଘନା (ଦେଖ)
Tana-ghana Tanā-ghanā (See)
× × ଏ ବିଷୟରେ ପେଷ୍କାର ବାବୁଙ୍କର ବଡ଼ ତନଘନ ଲାଗିଛି—
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ତନମନ—ଦେ. (ପଦ୍ୟ) ବି.—୧ । ତନ୍ମନ (ଦେଖ)
Tanamana 1. Tanmana (See)
ବହି ରତନ ସ୍ୱର୍ଣ୍ଣମାଳା ଯତନ ତନମନ ଯେଣେ ମନୋରଥ ଗୋ ବୈଦେହି ।
ଉପେ. ବୈଦେହୀଶବିଳାସ
तनमन ୨ । (ସଂ. ତନୁସ୍+ମନଃ)—ଶରୀର ଓ ମନ—
2 Body and mind.

ତନମାତ୍ର—ଗ୍ରା. (ପଦ୍ୟ) ବିଣ. ଓ କ୍ରି. ବିଣ (ସଂ. ତନ୍ମାତ୍ର)—
Tanamātra ତନ୍ମାତ୍ର (ଦେଖ)—Tanmātra (See).
ଗନ୍ଧ ରୂପ ଯେ ରସ ଶବ୍ଦ
ସ୍ପର୍ଶାଦି ତନମାତ୍ର ଭେଦ—ଜଗନ୍ନାଥ, ଭାଗବତ ।

ତନୟ—ସଂ. ବି. ପୁଂ (ତନ୍ ଧାତୁ=ବିସ୍ତାର କରିବା+କର୍ତ୍ତୃ. ।ଅୟ;
Tanaya ଯେ ଜନ୍ମଗ୍ରହଣ କରିବା ଦ୍ୱାରା ବଂଶକୁ ବିସ୍ତାର କରେ)—
(ତନୟା—ସ୍ତ୍ରୀ) ପୁତ୍ର—Son.

ତନୟି—ଗ୍ରା. (ପଦ୍ୟ) ବି. ପୁଂ (ସଂ. ତନୟ)—ପୁତ୍ର—
Tanayi Son.
(ତନୟୀ—ସ୍ତ୍ରୀ)

ସାଧାରଣ ଲୋକେ ଏଠାରେ ପୃଷ୍ଠାରେ ସ୍ୱତନ୍ତ୍ର ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଅ' ନ ମିଳିଲେ 'କଅ' ଦେଖିବେ; 'ବଧୂଁକି' ନ ପାଇଲେ 'ବଳ୍ପ' ଦେଖିବେ; 'ଅର୍ଦ୍ଧୋ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ତନୟିତ୍ନୁ—ସଂ. ବ (ତନ୍ ଧାତୁ=ବିସ୍ତାର କରିବା+କର୍ତ୍ତୃ. ଇତ୍ନୁ)—
Tanayitnu ୧ । ବଜ୍ର—1. Thunder.
୨ । ମେଘ—2. Cloud.

ତନା କରିବା—ପ୍ରାଦେ (ସମ୍ବଲପୁର) କ୍ରି. (ଭୂଇ. ହି. ତାନା=ଟାଣି
Tanā karibā ସୂତା)—ଲୁଗା ବୁଣିବାଲାଗି ଟାଣି ତୂଳାକୁ ସଜାଡ଼ି ରଖିବା—To keep the warp thread ready for weaving.

ତନାଘନା—ଦେ. ବ (ସଂ. ତନ ଧାତୁ ଓ ଘନ ଶବ୍ଦ ସମ୍ମିଶ୍ରଣରେ)—
Tanā-ghanā ୧ । ତରବର—1. Hot haste;
তাড়াতাড়ি (ଯଥା—ଲାଗସର ଅକ୍ତ ୩ ଦିନ ଅଛି ବୋଲି ସ୍ତ୍ରୀମାନେ
तानाबाना ବାନ୍ଧିବା କାମରେ ଭାରି ତନାଘନା ଲଗିଛନ୍ତି ।)
୨ । ତମ୍ବି; ତାଗିଦା—2. Urgent pressure.
(ଯଥା—ଲାଟବାକି ଖଜଣା ଅଦାୟ ନିମନ୍ତେ ପିଆଦାମାନେ ଭାରି ତନାଘନା ଲଗାଇଛନ୍ତି ।)
ବିଣ—ଅତି ତ୍ୱରାଯୁକ୍ତ—Hasty.
କ୍ରି. ବିଣ—ତ୍ୱରାଯୁକ୍ତଭାବରେ—In hot haste.

ତନାଘନା କରିବା—ଦେ. କ୍ରି—୧ । ଅତ୍ୟନ୍ତ ତମ୍ବି କରିବା—
Tanāghanā karibā 1. To apply urgent pressure;
তাড়াতাড়ি করা to demand with pressure.
तानाबाना करना ୨ । ଅତ୍ୟନ୍ତ ତ୍ୱରାଯୁକ୍ତ କରିବା—
[ତନାଘନା ଲଗା(ଗେ)ଇବା—ଅନୁରୂପ] 2. To hasten; to urge haste.

ତନାଘିଚା—ପ୍ରାଦେ. (ସମ୍ବଲପୁର) ବ. (ସଂ. ତନ ଧାତୁ)—
Tanāghichā ଟଣାଟଣି; ଠେଲା ଠେଲି—
টানাটানি खींचतान Pushing and shuffling.

ତନାଜା—ବୈଦେ. ବ (ଅ)—୧ । ଅଡୁଆ; ବଖେଡ଼ା—
Tanājā 1. Complication.
तनाजा ୨ । ଶତ୍ରୁତା—2. Enmity.
୩ । ଅବକ୍ଷୁଦ୍ର—3. Grudge.

ତନାବି—ବୈଦେ. ବ (ଫେ)—ଜାଲାକବାଟ; ଝରକା; ଝରକା—
Tanābi Window; latticed window.

ତଳତ ଲଳତ ହୃଦ୍‌ଜାଳ ଦେହ ସଞ୍ଚିଥ ତନାବି ରହି—କବିସୂର୍ଯ୍ୟ, ସଙ୍ଗୀତ ।

ତନି—ପ୍ରାଦେ (ମେଦିନୀପୁର) ବ—ତୋରାଣୀ—
Tani Water from moistened rice.

ତନିମା—ସଂ. ବ (ତନୁ=କୃଶ+ସ୍ୱାର୍ଥେ. ଇମନ୍; ୧ମା. ୧ବ.)—
Tanimā ୧ । କୃଶତା—1. Thinness.
୨ । ସୂକ୍ଷ୍ମତା—Minuteness.
୩ । ଯନ୍ତ୍ରକ—Lever.

ତନିଷ୍ଠ—ସଂ. ବଣ. (ତନୁ=ଅଳ୍ପ+ଅତିଶୟାର୍ଥେ, ଇଷ୍ଠ)—
Tanishṭha ୧ । ଅତି ଅଳ୍ପ—1. Very little.
୨ । ଅତିକୃଶ—2. Very weak.
୩ । କ୍ଷୀଣତର—3. Very thin; minute.

ତନୀୟାନ୍—ସଂ. ବଣ. ପୁଂ. (ତନୁ=ଅଳ୍ପ+ଅତିଶୟ ଅର୍ଥରେ, ଈୟସ୍;
Taniyān ୧ମା. ୧ବ) –୧ । ଅତିଅଳ୍ପ—
(ତନୀୟସୀ—ସ୍ତ୍ରୀ) 1. Very little.
୨ । ଅତିକୃଶ—2. Very weak; minute.

ତନୁ—ସଂ. ବ. ସ୍ତ୍ରୀ (ତନ୍ ଧାତୁ=ବିସ୍ତାର କରିବା+କରଣେ. ଉ ବା
Tanu କର୍ତ୍ତୃ. ଉ; ଯାହା ଉତ୍ତରୋତ୍ତର ବିସ୍ତାର ଲାଭ କରେ)—
୧ । ଶରୀରର ଚର୍ମ—1 Skin of the body.
୨ । ଅଙ୍ଗ; ଶରୀର—2. Body; person.
୩ । ମୂର୍ତ୍ତି—3. Image; form.
ଦେ. ବ. (ପ୍ରାଚୀନପଦ୍ୟ)—ତନୟ—Child; son.

ସେ ନାମ ମହିମା କହିଲେ ନ ସରେ
ଶୁଣ ରେ ବଳିଜ ତନୁ । ଅଚ୍ୟୁତାନନ୍ଦ. ଶଣାଙ୍କ ସଂହିତା ।

(ତନୁ, ତନ୍ୱୀ—ସ୍ତ୍ରୀ) ବଣ. ପୁଂ—୧ । ଅଳ୍ପ—1. Little.
୨ । ଛୋଟ—2. Small.
୩ । କୃଶ—3. Weak; slim; lean; thin.
୪ । କ୍ଷୀଣ—4. Feeble; slender.
୫ । କୋମଳ—6 Delicate.
୬ । ସୂକ୍ଷ୍ମ—5. Minute.

ଅଙ୍ଗମାନ ମାଡ଼ି କରେ ତନୁ ତନୁ ସକଳ କଳଙ୍କର ସୀମା ।
ଉପେନ୍ଦ୍ର. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ତନୁଃ—ସଂ. ବ. (ତନ୍ ଧାତୁ=ବିସ୍ତାର କରିବା+ଅଧିକରଣେ. ଉସ୍)—
Tanuḥ ଶରୀର; ଦେହ—Body.

ତନୁକୂପ—ସଂ. ବ. (ତନୁ+କୂପ; ୬ଷ୍ଠୀ ତତ୍)—ଲୋମକୂପ; ଲୋମ-
Tanu-kūpa ମୂଳ—Pores of the skin.

ତନୁଖା—ବୈଦେ. ବ (ଫା)—ତନ୍‌ଖା ୨ (ଦେଖ)
Tanukhā Tan-khā 2 (See)

ତନୁକ୍ଷୀର—ସଂ. ବ (ବହୁବ୍ରୀହି; ତନୁ+କ୍ଷୀର, ଯାହାର କ୍ଷୀର ଅଳ୍ପ)—
Tanu-kshira ଆମ୍ବଡ଼ା—(ହି. ଶବ୍ଦସାଗର)—Hogplum.

ତନୁଚ୍ଛଦ—ସଂ. ବ (ତନୁ=ଶରୀର+ଛଦ୍ ଧାତୁ=ଆଚ୍ଛାଦନ କରିବା+
Tanu-chchhada କର୍ତ୍ତୃ. ଅ)—୧ । ଚମଡ଼ା; ଦେହଚର୍ମ—
1. Skin
୨ । କବଚ; ସାଞ୍ଜୁ—2. Armour; mail.
୩ । ଦେହାବରଣ—3. A cover for the body.

ତହିଁ ପଛରେ ତନୁଚ୍ଛଦ କେବେ କରେ ଉଜଳା—ପ୍ରଧାନାଥ. ଉଷା ।

ତନୁଚ୍ଛାୟ—ସଂ. ବଣ. ପୁଂ. (ତନୁ=ଅଳ୍ପ+ଛାୟା; ବହୁବ୍ରୀହି)—ଅଳ୍ପ
Tanu-chchhāya ଛାୟାବିଶିଷ୍ଟ—Having little shade.
(ତନୁଚ୍ଛାୟା—ସ୍ତ୍ରୀ) ବ—୧ । ବବୁର ଗଛ—1. The Acacia.
୨ । ଦଣ୍ଡା କୁସୁମ ଗଛ—2. Arabica tree.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଉଯ୍	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଉଅ	ଔ	ନ୍

୩ । ଜଳ ବବୁର ଗଛ (ଦେଖ)
3. Jala babura (See)

ତନୁଚ୍ଛାୟା—ସଂ. ବି. (ତନୁ+ଛାୟା; ୬ଷ୍ଠୀ ତତ୍) —ଶରୀରର ଛାୟା;
Tanuchchhāyā ଦେହର ଛାଇ—The shadow of a body.
ସଂ. ବିଣ. ସ୍ତ୍ରୀ—ତନୁଚ୍ଛାୟର ସ୍ତ୍ରୀଲିଙ୍ଗ ରୂପ—
Feminine form of Tanuchchhāya.

ତନୁଜ—ସଂ. ବି. ପୁଂ. (ତନୁ=ଶରୀର+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ.
Tanuja ଅ; ଯେ ତନୁରୁ ଜନ୍ମେ)—ପୁଅ; ପୁତ୍ର—Son.
(ତନୁଜା—ସ୍ତ୍ରୀ) ବିଣ. ପୁଂ—ଶରୀରରୁ ଉତ୍ପନ୍ନ—
Born of the body.

ତନୁତା—ସଂ. ବି. (ତନୁ=କୃଶ+ଭାବାର୍ଥେ; ତା)—
Tanutā ୧ । କୃଶତା—1. Thinness.
ତନୁ ତାହାଙ୍କ ଅତି ତନୁତା ଭଜନ୍ତି—କୃଷ୍ଣସିଂହ, ମହାଭାରତ, ଆଦି ।
୨ । ଅଳ୍ପତା; ଲଘୁତା—
2. Smallness; littleness.
୩ । ଦୁର୍ବଳତା—3. Weakness.

ତନୁ ତ୍ୟାଗ—ସଂ. ବି. (ତନୁ+ତ୍ୟାଗ; ୬ଷ୍ଠୀ ତତ୍)—ମୃତ୍ୟୁ—
Tanu tyāga Death.

ତନୁତ୍ର—ସଂ. ବି. (ତନୁ=ଶରୀର+ତ୍ରୈ ଧାତୁ=ତ୍ରାଣ କରିବା+କର୍ତ୍ତୃ.
Tanutra ଅ; ଯାହା ଶରୀରକୁ ଆଘାତରୁ ତ୍ରାଣ ବା ରକ୍ଷା କରେ)—
୧ । ବର୍ମ; ସାଞ୍ଜୁ—1. Armour; mail.
୨ । ଶରୀରକୁ ରକ୍ଷା କରିବା ବସ୍ତୁ—2. Skin-protector.

ତନୁତ୍ରାଣ—ସଂ. ବି. (ତନୁ=ଶରୀର+ତ୍ରୈ ଧାତୁ=ତ୍ରାଣ କରିବା+
Tanutrāṇa କର୍ତ୍ତୃ. ଅନ)—ବର୍ମ; ସାଞ୍ଜୁ—Armour; mail.

ତନୁଦାନ—ସଂ. ବି. (ତନୁ+ଦାନ; ୬ଷ୍ଠୀ ତତ୍)—୧ । (୬ଷ୍ଠୀ ତତ୍)
Tanudāna ଦେହ ଦାନ; ନିଜର ଦେହକୁ କୌଣସି ଉଦ୍ଦେଶ୍ୟରେ
ଅର୍ପଣ—1. The gift or offering of one's
body for certain purpose.
୨ । (କର୍ମଧାରୟ) ଅଳ୍ପ ଦାନ—2 Small gift.
ବଦାନ୍ୟ ଯେ ଲୋକେ ହୋଇଥାଇ
ତୁଚ୍ଛ ତନୁଦାନ ତ ନ ଦେଇ—ଉଞ୍ଜ. ବୈଦେହୀଶବିଳାସ ।
୩ । (ସ୍ତ୍ରୀ ପକ୍ଷରେ) ପୁରୁଷକୁ ସମ୍ଭୋଗାର୍ଥ ଆପଣାର ଦେହକୁ
ଅର୍ପଣ କରିବା—3. Letting one's (a female's)
body to be enjoyed by a male.

ତନୁଧାମ—ଦେ. ବି. (ତନୁ+ଧାମ; ୬ଷ୍ଠୀ ତତ୍)—ତନୁର ଆଭା—
Tanudhāma Gloss of the body.
କାରଣମାନଙ୍କ କାରଣ, ବ୍ରହ୍ମ ଯାହାର ତନୁଧାମ—
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ତନୁ ପାତଳ—ଦେ. ବି. ପୁଂ. (ସଂ. ତନୁ=ଦେହ+ପତଳ)—କ୍ଷୀଣ-
Tanu pātala କଳେବରବିଶିଷ୍ଟ; କ୍ଷୀଣଦେହ—
পাতলা Delicate; thin-bodied.
ପତଳା
(ତନୁପାତଳା—ଅନ୍ୟରୂପ)
(ତନୁପାତଳୀ, ତନୁପାତେଳୀ—ସ୍ତ୍ରୀ)
ଗୋରାଙ୍ଗ ହୋଇବ ଶଏ ଷାଠିଏ, କାଳୀଙ୍ଗ ଅମୂଲମୂଲ
ମଝିରେ ସେ ଯେଉଁ ତନୁପାତେଳୀ ସରଗରୁଦର ଭୁଲ
—ଚଗ ।

ତନୁବାର—ସଂ. ବି. (ତନୁ=ଶରୀର+ବୃ ଧାତୁ=ଆବରଣ କରିବା
Tanubāra +କର୍ତ୍ତୃ. ଅ; ଯାହା ଶରୀରକୁ ଆବରଣ କରେ)—
ବର୍ମ; ସାଞ୍ଜୁ—Armour; mail.

ତନୁଭିଣା—ଦେ. ବି—ଦେହ ବିଦୀର୍ଣ୍ଣ ହେବା—
Tanubhiṇā Piercing of the body.
ବଟିଲେ ତୁଳ ତୁଳା ତନୁଭିଣା ବା-ତୁଳା ସେ କପଟୀ
ବୋଧଲକ୍ଷଣୀ ସେ—ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ତନୁଭୃତ୍—ସଂ. ବିଣ (ତନୁ=ଶରୀର+ଭୃ ଧାତୁ=ଧାରଣ କରିବା+
Tanubhṛut କର୍ତ୍ତୃ. କ୍ୱିପ୍)—ଶରୀରଧାରୀ; ଦେହୀ—
Having a body; embodied; corporeal.
ବି—ଜୀବ—Animal.

ତନୁମଧ୍ୟା—ସଂ. ବିଣ. ସ୍ତ୍ରୀ. (ତନୁ=କୃଶ+ମଧ୍ୟ=କଟି+ଅ-
Tanumadhyā ବହୁବ୍ରୀହି)—କ୍ଷୀଣକଟିବିଶିଷ୍ଟା (ସ୍ତ୍ରୀ)—
Slender-waisted (woman).

ତନୁମୁନା ମୁଦ୍ରା—ଦେ. ବି—ମୁଦ୍ରାବିଶେଷ; ମୁଦ୍ରା (ଦେଖ)
Tanumunā mudrā Mudrā (See)
ତନୁମୁନା ମୁଦ୍ରା ବରଜ ଶୁଣ—ପ୍ରାଚୀ. ପରବେଗୀତା ।

ତନୁରୁଚି—ସଂ. ବି. (ତନୁ+ରୁଚି; ୬ଷ୍ଠୀ ତତ୍)—୧ । ଶରୀର କାନ୍ତି—
Tanuruchi 1. Gloss of the body.
୨ । ଶରୀରର ସୌନ୍ଦର୍ଯ୍ୟ—2. Beauty of the body.

ତନୁରୁହ—ସଂ. ବି. (ତନୁ=ଶରୀର+ରୁହ ଧାତୁ=ଉତ୍ପନ୍ନ ହେବା
Tanuruha +କର୍ତ୍ତୃ. ଅ; ଯାହା ଶରୀରରୁ ଉଠେ)—
୧ । ରୋମ ଲୋମ—
1. The hair of the body; fur; plumage.
ଅମ୍ଭ ଲଙ୍କାକୁ ଗଲୁଁ ତନୁରୁହ ଫୁଲଇ ହେଉଛନ୍ତି ତ ମହାକୋପୀ—
ଜଗନ୍ନାଥ. ବଉଦ ରାମାୟଣ ।
୨ । ପକ୍ଷୀର ପର—2 The down of a bird.
୩ । ପୁତ୍ର କନ୍ୟା; ସନ୍ତାନ—3. Offspring.

ତନୁଲ—ସଂ. ବିଣ (ତନ୍ ଧାତୁ=ବିସ୍ତାର କରିବା+ଉଲ)—ବିସ୍ତୃତ—
Tanula Spreading; extensive.

ତନୂ—ସଂ. ବି ଓ ବିଣ (ତନ୍ ଧାତୁ+କରଣ. ଊ)—ତନୁ (ଦେଖ)
Tanū Tanu (See)

ତନୂକରଣ—ସଂ. ବି. (ତନୁ+ଅଭୂତ ତଦ୍ଭାବାର୍ଥେ ଚ୍ୱି+କରଣ)—
Tanūkaraṇa ବଡ଼ ପଦାର୍ଥକୁ ଛୋଟ କରିବା; କ୍ଷୁଦ୍ରୀକରଣ—
Attenuation; extenuation

ତନୂଜ—ସଂ. ବି. ଓ ବିଣ. ପୁଂ. (ତନୁ=ଶରୀର+ଜନ୍ ଧାତୁ+କର୍ତ୍ତୃ.
Tanūja ଅ)—ତନୁଜ (ଦେଖ)—Tanuja (See)
(ତନୂଜା—ସ୍ତ୍ରୀ)

> ସାଧାରଣ ଲେଖକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତନୂଦ୍ଭବ— ସଂ. ବି. ପୁଂ. (ତନୂ+ଉତ୍+ଭୂ ଧାତୁ+କର୍ତ୍ତୃ. ଅ)—ପୁତ୍ର—
Tanūdbhaba Son.
(ତନୂଦ୍ଭବା—ସ୍ତ୍ରୀ) ବିଣ. ତ୍ରି°—ଦେହରୁ ଜାତ—
Born of the body.

ତନୂନ— ସଂ. ବି. (ବହୁବ୍ରୀହି; ତନୂ=ଶରୀର+ଊନ; ଯାହା ଦେହ
Tanūna ଅତି ସୂକ୍ଷ୍ମ)—ବାୟୁ—The air.

ତନୂନପ— ସଂ. ବି. (ତନୂ=ଶରୀର+ଊନ=ଲଘୁତା+ପା ଧାତୁ=ପୁଷ୍ଟ
Tanūnapa କରିବା, ପାଳନ କରିବା+କର୍ତ୍ତୃ. ଅ; ଯାହା ଖାଇଲେ ଶରୀର ପୁଷ୍ଟ ହୁଏ)—ଘୃତ; ଘିଅ—
Ghee; clarified butter.

ତନୂନପାତ୍— ସଂ. ବି. (ତନୂନପ=ଘୃତ+ଅଦ୍ ଧାତୁ=ଭକ୍ଷଣ କରିବା+
Tanūnapāt କ୍ୱିପ୍; ଯେ ମନ୍ତ୍ରପୂତ ଘୃତାହୁତି ଭକ୍ଷଣ କରେ)—
ଅଗ୍ନି- Fire.

ତନୂରୁହ—ସଂ. ବି. (ତନୂ=ଶରୀର+ରୁହ୍ ଧାତୁ=ଉତ୍ପନ୍ନ ହେବା+
Tanūruha କର୍ତ୍ତୃ. ଅ; ଯାହା ଶରୀରରୁ ଉଠେ)—
ତନୁରୁହ (ଦେଖ)—Tanuruha (See)

ତନେଇ ଘନେଇ (ଇତ୍ୟାଦି)—ଗ୍ରା. ବି, ବିଣ ଓ କ୍ରି. ବିଣ—
Tanei ghanei (etc) ତନାଘନା ଇତ୍ୟାଦି (ଦେଖ)
Tanāghanā etc (See)

ତନ୍ତ—ଦେ. ବି. (ସଂ. ତନ୍ତ୍ର ବା ତନ୍ତୁ)—
Tanta ୧ । ଲୁଗା ବୁଣିବା ଯନ୍ତ୍ର—1. A weaver's gear; a loom.
তাঁত
ताँत

ତନ୍ତଅନ୍ତେ ଦେଖିଲେ କର୍ଣ୍ଣ ସୁବଳ
ବସିଣ କର ତନ୍ତେ ଲୁଗା ବୁଣ୍‌ଥିନ୍ତି । କୃଷ୍ଣସିଂହ. ମହାଭାରତ, ଅବ ।

[ଦ୍ର—ତନ୍ତର ଭିନ୍ନ ଭିନ୍ନ ଅଙ୍ଗମାନ; ଯଥା :—ବସିକମ୍ପି— ଲୁଗାକୁ ବୁଣୁଥିବା ବ୍ୟକ୍ତିର ଡାହାଣ ହାତ ପାଖରେ ଭୂମିରେ ପୋତା ଯାଇଥିବା ଗୋଟିଏ ଖୁଣ୍ଟ ବା ଖୁଲ, ଯହିଁରେ ନରାଜର ଡାହାଣ ପାଖରେ ଥିବା ଖିଲରେ ଗୁଡ଼ିଆ ଦଉଡ଼ି ବନ୍ଧାଯାଏ । ମାକୁ; ମାକୁ—ଯେଉଁ ନାବାକୃତି କାଷ୍ଠ ଖଣ୍ଡରେ ଭରଣି ସୂତାର କଣ୍ଡା ପଶି ଥାଏ ଓ ଯାହା ଟାଣି ସୂତାମାନଙ୍କ ଅନ୍ତରାଳ ଦେଇ ଆଡ଼ ବାଗରେ ମେଣ୍ଢୀଦ୍ୱାରା ଫିଙ୍ଗା ହେଉଥାଏ । କଣ୍ଡା—ଭରଣୀ ସୂତା ଗୁଡ଼ିଆ ହୋଇଥିବା ନଳୀ, ଯାହା ମାକୁ ମଧ୍ୟରେ ପଶି ଥାଏ । ପାନିଆ—ଯେଉଁ ସରୁ ବାଉଁଶକାଠିର ପାନିଆ ଭିତରେ ଟାଣି ସୂତା ଯୋଡ଼ା ଯୋଡ଼ା ହୋଇ ପିନ୍ଧାଇ ଦିଆଯାଏ । ଦନ୍ତି— ପାନିଆର ସରୁ ଖଡ଼ିକାର ଲମ୍ବା ଫର୍ମି । ବ; ବଅ; ବଅପାଟି—ଯେଉଁ ସୂତ୍ରମୟ ପାଶଯୁକ୍ତ ପାନିଆ ଭିତରେ ଟାଣି ସୂତା ଗୋଟି ଗୋଟି ହୋଇ ଗଳି ଥାଏ; (ଏହାର ସଂଖ୍ୟା ଦୁଇଟି) । ବଅପଟା—ଯେଉଁ ପଟାରେ ବଅ ବନ୍ଧାଯାଏ । ବଅକାଠି—ଯେଉଁ କାଠି ଦୁଇ ଖଣ୍ଡରେ ବଅର ପାନିଆ ସୂତାମାନ ଟଣା ହୋଇ ବନ୍ଧାଯାଏ । ନାଟୁଣୀ, ନାଟୁଣୀ ପକ୍ଷୀ—ନକଳି ଦଣ୍ଡି ଆକାରର କାଠ, ଯାହାର ଦୁଇ ପ୍ରାନ୍ତରୁ ବଅ ଓହଳା ଯାଇଥାଏ । ଛୁଟ୍‌କଣି; ଛୁଟକଣି—ଯେଉଁ କାଠଖଣ୍ଡ ବା ବେଣ୍ଟକୁ ହାତରେ ମୁଠାଇ ଧରି ଡାହାଣ ବା ବାଆଁ ଆଡ଼କୁ ମାରିଲେ ଦଉଡ଼ିଦ୍ୱାରା ମେଣ୍ଢୀ ଚାଳିତ ହୁଏ । ଟାଣିସୂତା—ବୁଣା ଲୁଗାର ଲମ୍ବ ସୂତା । ଭରଣୀ ସୂତା—ଲୁଗାର ଆଡ଼ବାଗର ସୂତା । ତନ୍ତକାଠ, ନରାଜ, ନରାଜୁ, ନରୋଜ—ଯେଉଁ ମୋଟ ଗୋଲ ଦଣ୍ଡରେ ବୁଣିବାର ଟାଣି ସୂତା ଗୁଡ଼ିଆ ହୋଇଥାଏ । ତାଷଣ ବା ମୁଠା—ଯେଉଁ ବ୍ରସ ବା ମାର୍ଜନୀ ଦ୍ୱାରା ତନ୍ତୀମାନେ ସୂତାକୁ ପରିଷ୍କାର କରନ୍ତି ବା ମାଜନ୍ତି । ଗୃପଣା, ଚିପିଣୀଦଣ୍ଡା, ଗୃପଣାକାଠି—ବଅକୁ ତଳକୁ ଉପରକୁ ଉଠାଇବା ପକାଇବା ପାଇଁ ତନ୍ତସ୍ଥ ଯେଉଁ ଦଣ୍ଡ ଦୁଇଟିକୁ ଏକାଦିକ୍ରମେ ଗୋଡ଼ଦ୍ୱାରା ଚିପାଯାଏ । ଚିପିଣୀ ଦଉଡ଼ି— ଯେଉଁ ଦଉଡ଼ି ଚିପିଣୀଦଣ୍ଡା ଓ ବଅକୁ ସଂଯୁକ୍ତ କରିଥାଏ । ମଢ— ଯେଉଁ 'X' ଆକାରର ବେତ ଦୁଇ ଖଣ୍ଡ ବୁଣା ଯାଉଥିବା ଲୁଗାର ଧଡ଼ିକୁ ଓସାରେଇ କରି ଟାଣି ଧରିଥାଏ । ନାଠୀ, ନଟେଇ— ଯେଉଁ କାଠିରେ ସୂତା ଗୁଡ଼ିଆ ହୋଇଥାଏ । ମେଣ୍ଢୀ—ମାକୁକୁ ଚଳାଇବାର ଦଉଡ଼ିଯୁକ୍ତ କାଷ୍ଠଖଣ୍ଡ (ଯାହା ଛୁଟକଣିଦ୍ୱାରା ଚାଳିତ ହୁଏ) । ଭୁଲକାଠ—ଯେଉଁ ଗୋଲ ଦଣ୍ଡରେ ଲୁଗାର ବୁଣା ହୋଇଥିବା ଅଂଶ ଗୁଡ଼ିଆ ହୁଏ । ପଞ୍ଝା—ସେତରଞ୍ଜି ବୁଣିବା ବେଳେ ଭରଣୀ ସୂତାକୁ ପୂର୍ବବୁଣା ସୂତା ସଙ୍ଗେ ବସାଇ ଦେବାପାଇଁ ବ୍ୟବହୃତ ଅଙ୍ଗୁଳିଯୁକ୍ତ କରତଳ ଆକୃତିର କାଷ୍ଠଖଣ୍ଡ । ଲସ୍, ଲସ୍‌କାଠି—ଟାଣି ସୂତାର ଫାନ୍ଦ । ତ୍ରମ୍—ଟାଣି ଓ ଭରଣୀ ସୂତା ଗୁଡ଼ିଆ ହୋଇ ରହିବାର ପିମ୍ପା ପରି ଗୋଲାକାର ନଟେଇ । କୁଣ୍ଡା—ଅରଟ ମଝିରେ ଥିବା କାଠ ବା ପଥରର ହାଣ୍ଡି । ମାଲ— ଯେଉଁ ସୂତା ଅରଟର ଚକ ଘେରି ପାଖେ ବୁଲି ଚାକୁଡ଼ିର ମଧ୍ୟ ଭାଗର ଖଗଡ଼ ଘେରି ପାଖରେ ବୁଲି ଥାଏ (ଚକକୁ ଘୂରାଇଲେ ଏହା ଗତି କରିବା ଯୋଗୁଁ ଚାକୁଡ଼ି ଘୂରେ) । ଚାକୁଡ଼ି—ଯେଉଁ ମୁନିଆଁ ଦଣ୍ଡ ଅରଟ ଘୂରାଯିବାବେଳେ ଘୂରେ ଓ ଯହିଁ ସାହାଯ୍ୟରେ ସୂତା କଟାଯାଇ ତହିଁରେ ଗୁଡ଼ିଆ ହୋଇଥାଏ । ଅରଟ—ସୂତା କାଟିବ ପାଇଁ ବ୍ୟବହୃତ ଏକ ଦିଗରେ ଚକ ଓ ଅନ୍ୟ ଦିଗରେ ମୁନିଆ ଦଣ୍ଡ ଲାଗିଥିବା ଯନ୍ତ୍ର । ଖୁଣୀ—ଅରଟର ପଞ୍ଜିର ମୁଣ୍ଡରେ ବନ୍ଧା ଯାଇଥିବା ଦଉଡ଼ା । ଅରଟର ପଞ୍ଜି—ଅରଟର ଅର ।]

୨ । ଚମ ଦଉଡ଼ି—2. Leather string.

ଚର୍ମିକ-ତନ୍ତ-ବାଦ୍ୟ ସେଠେ
ସକଳ ବଂଶୀ ରନ୍ଧ୍ରଗତେ । ଭୂପତି, ପ୍ରେମପଞ୍ଚାମୃତ ।

୩ । ବୀଣା, ବେହେଲା ଆଦିର ଚମଡ଼ାର ତାର—
3. Catgut string.

ତନ୍ତ ଓଟର ବଳଦ—ଦେ. ବି—ଯେଉଁ ବଳଦ ମଠୁଆ ନୁହେଁ ଓ ଖୁବ୍
Tanta otarā balada ପରିଶ୍ରମ କରେ—A brisk bullock.

ତନ୍ତକଟା ଲୋକ—ଦେ. ବି—୧ । ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟକୁ
Tanta katā loka ବିଗାଡ଼ିଦିଏ—1. One who wantonly spoils any work; a wanton mischief-maker.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଂସ୍ତି	ଉଅ	ଓ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ଢ଼

୨ । ବିଶ୍ୱାସଘାତକ ଲୋକ—2. Faithless person.

ତନ୍ତ ଗାଡ଼—ଦେ. ବି—ତନ୍ତ ଯନ୍ତ୍ର ତଳେ ଥିବା ଗର୍ତ୍ତ; ତନ୍ତରେ ଲୁଗା ବୁଣିବା ସମୟରେ ଯାହା ଭିତରକୁ ତନ୍ତି ଗୋଡ଼ ଲମ୍ବାଇ ବସେ—Loom-pit.
Tanta g̅ar̤d̤a
তাঁতগর্ত, তাঁতগাড়
ताँतका गढ़ा
(ତନ୍ତଗାତ—ଅନ୍ୟରୂପ)

ତନ୍ତପଡ଼ିଆ—ଦେ. ବି—ତନ୍ତରେ ବୁଣିବା କାର୍ଯ୍ୟ ବନ୍ଦ ହେବା—
Tanta par̤d̤iā The stoppage of a weaver's task.

ତନ୍ତବୁଣା—ଦେ. ବି—ତନ୍ତରେ ବୁଣିବା କାର୍ଯ୍ୟ—
Tantabuṇā Weaving.
তাঁতবোনা
ଦେ. ବିଣ—ତନ୍ତରେ ବୁଣା ହୋଇଥିବା (ବସ୍ତ୍ର)—(cloth) Woven with the loom; loom-woven (cloth).

ତନ୍ତର କଟା—ପ୍ରାଦେ. (ସମ୍ବଲପୁର)—ବି.—ଯେ ତନ୍ତରେ ଲୁଗା ବୁଣେ; ତନ୍ତି—Weaver.
Tantara kaṭā
ପଥରକଟା, ତନ୍ତରକଟା, ପାଣିଓଡ଼ା, ଗଉଡ଼୍ ଣୀ ନାଇ
ଏ ଚାରିଜାତିଙ୍କ୍ ବିଶ୍ୱାସ ନାଇ । ସମ୍ବଲପୁର—ପ୍ରବଚନ ।

ତନ୍ତର ମାଧିଆ—ଦେ. ବିଣ.—ଋଅଠଅ; ଅସୁନ୍ଦରରୂପେ ବା ଅସମ୍ପୂର୍ଣ୍ଣ ରୂପେ ସମ୍ପାଦିତ (କାର୍ଯ୍ୟ)—(work) Badly done; half heartedly done; perfunctorily or imperfectly done.
Tantara mādhiā
তাড়াতাড়ি
बेपरवाह
୨ । ଯେଉଁ ଲୋକ କାର୍ଯ୍ୟକୁ ଅସମ୍ପୂର୍ଣ୍ଣଭାବରେ କରେ—2. (person) Doing work half-heartedly.

ତନ୍ତରା—ଦେ. ବି.—ତେନ୍ତରା (ଦେଖ)
Tantarā Tentarā (See)

ତନ୍ତଶାଳ—ଦେ. ବି. (ସଂ. ତନ୍ତ୍ରଶାଳା)—ଯେଉଁ ଘରେ ତନ୍ତ ବସାଯାଇ ଥାଏ—Weaver's work-shop.
Tantraśāḻa
তাঁতশালা

ତନ୍ତି—ଦେ. ବି. ପୁଂ (ସଂ. ତନ୍ତ୍ରୀ; ତନ୍ତୁବାୟ)—୧ । ଯେଉଁ ଜାତିର ଲୋକେ ଲୁଗା ବୁଣନ୍ତି—1. A man of the weaver caste.
Tanti
তাঁতি **जुलाहा, ताँती**
(ତନ୍ତିଆଣୀ—ସ୍ତ୍ରୀ) ୨ । ତନ୍ତୁବାୟ—2. Weaver.
ତନ୍ତିବଣ୍ଡ, ନଡ଼ ବୁଣୁଥାଏ ମୋହର ଗଣ୍ଡ । ପ୍ରବଚନ ।

[ଦ୍ର—ତନ୍ତିମାନଙ୍କର ଶ୍ରେଣୀବିଭାଗ; ଯଥା—ବଙ୍ଗଲା, ରଙ୍ଗଣୀ, ଦୋଭଳ, ଗଉଡ଼ିଆ, ମାଟିଆ ଓ ସରାକ । ଏତଦ୍‌ଭିନ୍ନ ଯେଉଁ ନୀଚଜାତୀୟ ଲୋକେ ତନ୍ତକାମ କରି ତନ୍ତି ବୋଲାନ୍ତି, ସେମାନଙ୍କର ଶ୍ରେଣୀ, ଯଥା—ବୁଣା, ହଂସୀ ଓ ତଅଂରା । ଭିନ୍ନ ଭିନ୍ନ ସ୍ମୃତିରେ ତନ୍ତି ଜାତିର ଉତ୍ପତ୍ତି ସମ୍ବନ୍ଧେ ଭିନ୍ନ ଭିନ୍ନ ବିବରଣ ଅଛି । ମଣିବନ୍ଧ ପୁରୁଷ ମଣିକାର ସ୍ତ୍ରୀ ଠାରୁ, ମତାନ୍ତରରେ ବୈଶ୍ୟ ପୁରୁଷ ଓ କ୍ଷତ୍ରିୟ ସ୍ତ୍ରୀଠାରୁ ତନ୍ତି ଜାତିର ଉତ୍ପତ୍ତି । (ହି. ଶବ୍ଦସାଗର) । ଆମ ଦେଶରେ ତନ୍ତି ଜାତି ସମସ୍ତଙ୍କ ଅପେକ୍ଷା ବେଶି ନିର୍ବୋଧ ବା ନିର୍ବୁଦ୍ଧିଆ ବୋଲି ଚିରପ୍ରସିଦ୍ଧ । ସେମାନଙ୍କ ସମ୍ବନ୍ଧେ ଅନେକଗୁଡ଼ିଏ ଗଳ୍ପ ଓ ପ୍ରବାଦ ଅଛି । ଏଥିପାଇଁ ନିର୍ବୁଦ୍ଧିଆ ବ୍ୟକ୍ତିଙ୍କୁ ତନ୍ତି ବୋଲି ଗାଳି ଦିଆଯାଏ । ତନ୍ତିଙ୍କଠାରୁ ଜୁଲାହାମାନଙ୍କ ବୁଦ୍ଧି ଟିକିଏ ସରସ ଥିବାର ମଧ୍ୟ ପ୍ରସିଦ୍ଧ ଅଛି ।]

ଦେ. ବିଣ.—୧ । ନିର୍ବୋଧ; ଓଲୁ; ଓଲମା—1. Fool.
୨ । ମୂର୍ଖ—2. Illiterate.

[ଦ୍ର—ତନ୍ତିମାନଙ୍କ ଓଲୁପଣିଆ ଯୋଗୁଁ ଏମାନଙ୍କ ସମ୍ବନ୍ଧରେ ନାନା ପ୍ରବଚନ ଅଛି । ଯଥା—୧ । ତନ୍ତିସାଇରେ କଙ୍କାଣ ମହାବଳ । ୨ । ତନ୍ତିଏ ବାଣ୍ଡି କରି ବାଟ ଚାଲିବା ନ୍ୟାୟ । ୩ । ଗୋଟାଏ ଗଡ଼ ପାଇଁ ତନ୍ତିଏ ଧରାଧରି ହୋଇ ବୁଡ଼ିମରିବା ନ୍ୟାୟ ।]
ସଂ. ବି·—ଗାଈ; ଗୋରୁ—Cattle.

ତନ୍ତିଆ—ଦେ. ବିଣ.—ଅଠାଳିଆ—
Tantiā Gummy.
चिपचिपा

ତନ୍ତିଆ ଟୋପୀ—ଦେ. ବି.—ତାନ୍ତିଆ ଟୋପୀ (ଦେଖ)
Tantiā ṭopī Tāntiā ṭopī (See)
(ତନ୍ତିଆ ଉଲ୍—ଅନ୍ୟରୂପ)

ତନ୍ତିଆଣୀ—ଦେ. ବି. ସ୍ତ୍ରୀ—୧ । 'ତନ୍ତି'ର ସ୍ତ୍ରୀଲିଙ୍ଗ ରୂପ—1. Feminine form of 'Tanti'.
Tantiāṇī
তাঁতনী ୨ । ତନ୍ତିଜାତୀୟା ସ୍ତ୍ରୀଲୋକ—2. A female of the weaver caste.

ତନ୍ତିପାଳ—ସଂ. ବି. (ତନ୍ତି+ପାଳ ଧାତୁ+କର୍ତ୍ତୃ. ଅ)—୧ । ଗୋପାଳକ; ଗଉଡ଼—1. Cowherd.
Tantipāḻa
୨ । ବିରାଟ ରାଜ୍ୟରେ ଅଜ୍ଞାତବାସ ସମୟରେ ସହଦେବଙ୍କ ଗୃହୀତ ନାମ—2. The name assumed by the youngest Pāṇḍaba-brother in the court of king Birāṭa.

ତନ୍ତୁ—ସଂ ବି. (ତନ୍ ଧାତୁ=ବିସ୍ତାର କରିବା+କର୍ତ୍ତୃ. ତୁ)—
Tantu ୧ । ସୂତ୍ର; ସୂତା—1. Thread.
୨ । ତାର—2. Wire.
୩ । ସୁତୁଲି—3. String.
୪ । ମାକଡ଼ସାର ଜାଲ; ଲୂତାତନ୍ତୁ; ବୁଢ଼ିଆଣୀ ଜାଲ—4. Spider's web; cobweb.
୫ । ଅପତ୍ୟ; ସନ୍ତାନ—5. Offspring.
୬ । ହାଙ୍ଗର; ଗ୍ରାହ—6. Shark.
୭ । ବଂଶପରମ୍ପରା—7. Succession of descendants.
୮ । (+ଭାବ. ତୁ)—ବିସ୍ତାର—8. Extension; extent.

ତନ୍ତୁକ—ସଂ. ବି. (ତନ୍ତୁ+କ)—ସର୍ଷପ; ସୋରିଷ—
Tantuka Mustard seed; rye.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷରୀୟ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତନ୍ତୁକାଷ୍ଠ—ସଂ. ବି. (ତନ୍ତୁ+କାଷ୍ଠ; ମ. ପ. ଲୋ)—ତାଷଣ; ଯାହାଦ୍ୱାରା
Tantu kāshṭha ତନ୍ତୀମାନେ ସୂତାକୁ ପରିଷ୍କାର କରନ୍ତି ବା ମାଜନ୍ତି; ବ୍ରୁସ୍—Weaver'a brush.

ତନ୍ତୁକୀ—ସଂ. ବି. (ତନ୍ତୁକ+ସ୍ତ୍ରୀ. ଈ)—ଶିରା; ଧମନୀ—
Tantukī Vein; artery.

ତନ୍ତୁ କୀଟ—ସଂ. ବି. (ତନ୍ତୁ+କୀଟ)—୧ । ତସରପୋକ; ଗୋଟିପୋକ—
Tantu kīṭa 1. Silk worm.
୨ । ମାକଡ଼ସା—2. Spider.

ତନ୍ତୁକେ—ଦେ. ଅ. (ତନ୍ତୁ+ଏକାର୍ଥକ ଓଡ଼ିଆ ପ୍ରତ୍ୟୟ, କ=ତନ୍ତୁକ=
Tantuke ଏକ ତନ୍ତୁ)—ଏକ ସୂତା ପରିମାଣରେ—By the breadth of a thread.

ତନ୍ତୁକେ ରହିଅଛି ଏକା ବେଣୀ ମୋର,
ତାହାକୁ ଅଗ୍ରେ କରିଅଛନ୍ତି ସେ ଏକା । କୃଷ୍ଣସିଂହ. ମହାଭାରତ. ଅଦ ।

ତନ୍ତୁ ନାଗ—ସଂ. ବି.—୧ । ଗ୍ରାହ; କୁମ୍ଭୀର—1. Alligator.
Tantunāga ୨ । ସମୁଦ୍ରର ସାପ—2. Sea-serpent.

ତନ୍ତୁନାଭ—ସଂ. ବି.—(ତନ୍ତୁ+ନାଭି; ବହୁବ୍ରୀହି)—ଊର୍ଣ୍ଣନାଭ; ବୁଢ଼ିଆଣୀ,
Tantunābha ମାକଡ଼ସା—Spider.

ତନ୍ତୁ ନିର୍ଯାସ—ସଂ. ବି. (ତନ୍ତୁ+ନିର୍ଯାସ, ବହୁବ୍ରୀହି)—ତାଳଗଛ—
Tantu nirjāsa Palm tree.

ତନ୍ତୁପର୍ବ—ସଂ. ବି. (ତନ୍ତୁ=ସୂତ୍ରନିର୍ମିତ ଯଜ୍ଞୋପବୀତ+ପର୍ବନ)—
Tantuparba ଶ୍ରାବଣ ପୂର୍ଣ୍ଣିମା; ଗହ୍ମାପୂର୍ଣ୍ଣିମା; ରାକ୍ଷୀ ପୂର୍ଣ୍ଣିମା—
The fullmoon day of the month of Śrābaṇa.
[ଦ୍ର—ଏଦିନ ବ୍ରାହ୍ମଣମାନେ ନୂଆ ପଇତା ପିନ୍ଧନ୍ତି; ରାଜାମାନେ ସୁବର୍ଣ୍ଣ ପଇତା ଗ୍ରହଣ କରି ଅଭିଷିକ୍ତ ହୁଅନ୍ତି ଓ ସାଧାରଣ ଲୋକେ ରାକ୍ଷୀ ବାନ୍ଧନ୍ତି ।]

ତନ୍ତୁ ବାଦକ—ସଂ. ବି. (୬ଷ୍ଠୀ ତତ୍; ତନ୍ତୁ+ବାଦକ)—
Tantu bādaka ବୀଣା, ସୀତାର ଆଦି ତାର ଥିବା ଯନ୍ତ୍ର ବଜାଇବା ବ୍ୟକ୍ତି—A musician who tunes the harp and other stringed instruments.

ତନ୍ତୁବାପ—ସଂ. ବି. (ତନ୍ତୁ+ବପ୍ ଧାତୁ=ବୁଣିବା+କର୍ତ୍ତୃ. ଅ; ଯେ
Tantubāpa ତନ୍ତୁରେ ବୁଣେ)—୧ । ତନ୍ତୀ—
1. Weaver.
୨ । ବୁଢ଼ିଆଣୀ—2. Spider.

ତନ୍ତୁବାୟ—ସଂ. ବି (ତନ୍ତୁ+ବେ ଧାତୁ=ବୁଣିବା+କର୍ତ୍ତୃ. ଅ, ଯେ
Tantubāya ତନ୍ତୁରେ ବୁଣେ)—ତନ୍ତୁବାପ (ଦେଖ)
Tantubāpa (See)

ବହୁ ସୁନାସୂତାଯୁ, ବହରନ୍ତି କେତେ ତନ୍ତୁବାୟ—ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ତନ୍ତୁ ବିଗ୍ରହ—ସଂ. ବି (ବହୁବ୍ରୀହି; ତନ୍ତୁ+ବିଗ୍ରହ) କଦଳୀଗଛ (ହି.
Tantu bigraha ଶବ୍ଦସାଗର)—The plantain tree.

ତନ୍ତୁଭ—ସଂ. ବି (ତନ୍ତୁ+ଭା ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ)—
Tantubha ୧ । ସର୍ଷପ; ସୋରିଷ—1. Mustard; rye.
୨ । ବାଛୁରୀ—2. Calf.

ତନ୍ତୁମତ୍—ସଂ. ବି—ଅଗ୍ନି (ହି. ଶବ୍ଦସାଗର)—
Tantumat Fire.

ତନ୍ତୁର—ସଂ. ବି (ତନ୍ତୁ+ରା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ)—
Tantura ପଦ୍ମନାଡ଼; ମୃଣାଳ (ହି. ଶବ୍ଦସାଗର)—The stalk
(ତନ୍ତୁଳ—ଅନ୍ୟରୂପ) of lotus.

ତନ୍ତୁ ଶାଳା—ସଂ. ବି (ତନ୍ତୁ+ଶାଳା; ୬ଷ୍ଠୀ ତତ୍)—ଲୁଗା ବୁଣିବାର
Tantu śālā ଘର; ତନ୍ତଶାଳା—Weaver's work-shop.

ତନ୍ତୁ ସାର—ସଂ. ବି (ତନ୍ତୁ+ସାର, ବହୁବ୍ରୀହି; ଯେଉଁ ବୃକ୍ଷର ସାରାଂଶ
Tantu sāra ତନ୍ତୁମୟ)—ଗୁଆଗଛ—The betel-nut tree.
ସଂ. ବିଣ—ଅତି କୃଶ (ବ୍ୟକ୍ତି)—Quite lean; very emaciated (person).

ତନ୍ତ୍ର—ସଂ. ବି (ତନ୍ ଧାତୁ=ବିସ୍ତାର କରିବା+କର୍ତ୍ତୃ.. ତ୍ର; ଯେଉଁ
Tantra ଶକ୍ତିଦ୍ୱାରା ଶିବ ଓ ଶକ୍ତିଙ୍କ ଉପାସନା ବିସ୍ତାର କରି ଯାଇଅଛି)—୧ । ଶିବୋକ୍ତ ଶାସ୍ତ୍ରବିଶେଷ; ଶିବ ଓ ଶକ୍ତିଙ୍କର ପୂଜା ବା ଉପାସନା ବିଷୟକ ଶାସ୍ତ୍ର—
1. A class of Hindu scriptures composed and delivered by Śiba; a code of religious rites observed in the worship of Śiba and Durgā.
୨ । ତନ୍ତ—2. A loom
୩ । ସୂତ୍ର; ସୂତା—3. Thread.
୪ । ମୀମାଂସା; ସିଦ୍ଧାନ୍ତ; ବେଦର ଶାଖାବିଶେଷ—
4. A part of the Vedas.
୫ । ଔଷଧ—Medicine; drug.
୬ । କାରଣ; ହେତୁ; ମୂଳ—6. Cause; origin.
୭ । ଉପାୟ; କୌଶଳ—7. Means or instrument used for attaining an object; contrivance.
୮ । ପରିଚ୍ଛଦ; ବସ୍ତ୍ର; ଲୁଗା—8. Raiment; dress; vesture; clothing; clothes.
୯ । ଝାଡ଼ିବା ମନ୍ତ୍ର; ମନ୍ତ୍ରଯନ୍ତ୍ର; ଅନ୍ୟ ବ୍ୟକ୍ତିଙ୍କ ପ୍ରତି ମାରଣ, ବଶୀକରଣ, ସ୍ତମ୍ଭନ, ମୋହନ, ଉଚାଟନାଦି ପ୍ରୟୋଗବିଧି—
9. Incantations; spell; charm.
୧୦ । ରାଜ୍ୟଶାସନନୀତି; ଶାସନତନ୍ତ୍ର—
10. Administration; mode of government.

[ଦ୍ର—ଶାସନତନ୍ତ୍ର ବହୁବିଧ; ଯଥା—(କ)—ସାଧାରଣ ତନ୍ତ୍ର ବା ପ୍ରଜାତନ୍ତ୍ର—(a) Democracy; republic. (ଖ)—ସ୍ୱାଧୀନତନ୍ତ୍ର—(b) Self-government. (ଗ)—ଆମଲାତନ୍ତ୍ର—(c) Beaureocracy. (ଘ)—ଅଳ୍ପସଂଖ୍ୟକ ଲୋକଙ୍କଦ୍ୱାରା ରାଜ୍ୟ ଶାସନ—(d) Oligarchy. (ଙ)—ରାଜତନ୍ତ୍ର—(e) Monarchy. (ଚ)—ସ୍ୱେଚ୍ଛାଚାରୀ ରାଜତନ୍ତ୍ର—(f) Despotism.

୧	ଘ	ଡ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଝି
୨	ଞ	ଉ	ଋ	ଌ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁୟ	ଇଅ	ଢ	୯

୧୧ । ରାଜସମଭିବ୍ୟାହାରୀ ଲୋକ; ସୈନ୍ୟ; ରାଜାନୁଚର—11. The retinue of a king; king's attendant.

୧୨ । ରାଜ୍ୟ—12. Kingdom.

୧୩ । ସମୂହ—13. Multitude; collection;

୧୪ । ଅଧୀନତା; ପରତନ୍ତ୍ରତା—14. Subservience; dependence.

୧୫ । ବୀଣା ଆଦି ବାଦ୍ୟର ଚର୍ମନିର୍ମିତ ସୂକ୍ଷ୍ମ ସୂତ୍ର—15. String of musical instruments.

୧୬ । ଉଦ୍ଦେଶ୍ୟ; ମତ—16. Aim; object; opinion.

୧୭ । ସମ୍ପ୍ରଦାୟ; ଦଳ—17. Sect.

୧୮ । କୁଳ—18. Family.

୧୯ । ପୂଜାବିଧି; କର୍ମକାଣ୍ଡ ପଦ୍ଧତି—19. Ritual.

୨୦ । ପରିଚ୍ଛେଦ—20. Chapter.

୨୧ । ପ୍ରବନ୍ଧ—21. Connected narrative.

୨୨ । ପ୍ରାଧାନ୍ୟ—22. Superiority.

୨୩ । ସ୍ୱରାଜ୍ୟ ଚିନ୍ତା—23. Pondering over one's own kingdom.

୨୪ । ବିଧାନ; ତନ୍ତ୍ର—24. System; regulations.

୨୫ । ଅନ୍ତର୍ନିହିତ ନିୟମ—25. Underlying principle.

୨୬ । ସୈନ୍ୟ—26. Army.

୨୭ । ତନ୍ତି; ଯେ ଲୁଗା ବୁଣେ (ପ୍ରକୃତିବାଦ)—27. Weaver.

୨୮ । ବସ୍ତ୍ରବୟନସାମଗ୍ରୀ—28. Materials for weaving cloth.

୨୯ । ଆହ୍ଲାଦ; ଆନନ୍ଦ; ପ୍ରସନ୍ନତା—28. Joy; delight; pleasure.

୩୦ । କୁଟୁମ୍ବ ଭରଣ ପୋଷଣାଦି କର୍ମ—Maintenance of one's family.

୩୧ । ନିଶ୍ଚିତ ସିଦ୍ଧାନ୍ତ (ହି. ଶବ୍ଦସାଗର)—31. Decision.

୩୨ । ପ୍ରମାଣ—32. Evidence.

୩୩ । କାର୍ଯ୍ୟ; କର୍ମ—33. Act; deed; effect.

୩୪ । ରାଜକର୍ମଚାରୀଗଣ (ହି. ଶବ୍ଦସାଗର)—34. Government officials; bureaucracy.

୩୫ । ଅଧିକାର—(ହି. ଶବ୍ଦସାଗର)—35. Authority; jurisdiction.

୩୬ । ପଦ; କାର୍ଯ୍ୟ କରିବାର ସ୍ଥାନ; କର୍ମକ୍ଷେତ୍ର—36. Post; field of action.

୩୭ । ଶ୍ରେଣୀ; ବର୍ଗ; କୋଷ୍ଠ (ହି. ଶବ୍ଦସାଗର)—37. Class; genus.

୩୮ । ଶପଥ—(ହି. ଶବ୍ଦସାଗର)—38. Oath.

[ଦ୍ର—ସର୍ବସ୍ୱଦ୍ଧ ୧୯୨ ଖଣ୍ଡ ତନ୍ତ୍ର ଶାସ୍ତ୍ର ଅଛି । ତହିଁ ମଧ୍ୟରୁ ୬୪ ଖଣ୍ଡ ବଙ୍ଗଦେଶରେ ସଂଗୃହୀତ ହୋଇଅଛି; ୬୪ଖଣ୍ଡ ନେପାଳ, ମିଥିଳା ଆଦି ଦେଶରେ ପ୍ରଚଳିତ ଏବଂ ୬୪ ଖଣ୍ଡ ଅନ୍ୟତ୍ର ପ୍ରଚଳିତ ।

ତନ୍ତ୍ର ଶାସ୍ତ୍ରରେ ବିଶ୍ୱସଂସ୍ଥାନ, ଭୂତସଂସ୍ଥାନ, ପୁରାଣୋଖ୍ୟାନ, କୋଷ୍ଠ କଥନ, ବ୍ରତବର୍ଣ୍ଣନ, ଶୌଚାଶୌଚ ବିଚାର, ନରକ ବର୍ଣ୍ଣନ, ଓ ହରଚକ୍ର ବର୍ଣ୍ଣିତ ହୋଇଅଛି । ବୈଦିକ ଯୁଗରେ ଏହା ନ ଥିଲା ଏବଂ ଏହା ପୌରାଣିକ ଯୁଗରେ (ଅନ୍ତତଃ ଖ୍ରୀଷ୍ଟୀୟ ୪ର୍ଥ ବା ୫ମ ଶତାବ୍ଦି ପରେ) ପ୍ରଚଳିତ ହୋଇଥିଲା । ତନ୍ତ୍ର ନାମରେ ହିନ୍ଦୁ ଧର୍ମରେ ଅନେକଗୁଡ଼ିଏ ଅଲୌକିକ କ୍ରିୟା ପ୍ରଚଳିତ ହୋଇଅଛି । ଏଥିରେ ଚିକିତ୍ସା, ଯୋଗସାଧନା, ବାୟୁସାଧନା, ଶରୀର ମଧ୍ୟସ୍ଥ ଚକ୍ର ନିରୂପଣ, ମାରଣ, ବଶୀକରଣ, ସ୍ତମ୍ଭନ, ମୋହନ, ଉଚ୍ଚାଟନ ଆଦି ପ୍ରୟୋଗ, ଶିବ ଓ ଦୁର୍ଗାଙ୍କୁ ପୂଜା କରିବାର ନାନାବିଧ କ୍ରିୟା ଓ ପଞ୍ଚ ମକାର, ବାମାଚାର, କାମଶାସ୍ତ୍ର, ଭୌତିକ ବିଦ୍ୟା, ଅଲୌକିକ କ୍ଷମତା ସାଧନ ଆଦି ବର୍ଣ୍ଣିତ ହୋଇଅଛି । ଏମନ୍ତ କି, ତନ୍ତ୍ର ନାମରେ ବିବିଧ ଇନ୍ଦ୍ରିୟପରିତୃପ୍ତ କର୍ମ ଓ ଅମେଧ୍ୟ ଭୋଜନ ମଧ୍ୟ କରାଯାଏ । ତାନ୍ତ୍ରିକମାନେ ଅଲୌକିକ କ୍ଷମତା ଓ ସିଦ୍ଧି ମଧ୍ୟ ଦେଖାଇ ଥାଆନ୍ତି ।

ତନ୍ତ୍ର ୩ ଭାଗରେ ବିଭକ୍ତ—୧. ଆଗମ, ୨. ଯାମଳ ଓ ୩. ମୁଖ୍ୟତନ୍ତ୍ର । ଆଗମରେ ସୃଷ୍ଟି, ପ୍ରଳୟ, ଦେବପୂଜା ଓ ସବୁ କାର୍ଯ୍ୟରେ ସାଧନ, ପୁରଶ୍ଚରଣ, ଷଟ୍‌କର୍ମ ସାଧନ ଓ ୪ ପ୍ରକାର ଧ୍ୟାନଯୋଗ ବର୍ଣ୍ଣିତ ହୋଇଅଛି । ଯାମଳରେ ସୃଷ୍ଟି ତତ୍ତ୍ୱ, ଜ୍ୟୋତିଷ, ନିତ୍ୟକୃତ୍ୟ, କ୍ରମ, ସୂତ୍ର, ବର୍ଣ୍ଣଭେଦ ଓ ଯୁଗଧର୍ମ ବର୍ଣ୍ଣିତ ହୋଇଅଛି । ମୁଖ୍ୟ ତନ୍ତ୍ରରେ ସୃଷ୍ଟି, ଲୟ, ମନ୍ତ୍ରନିର୍ଣ୍ଣୟ, ଦେବତାମାନଙ୍କ ସଂସ୍ଥାନ, ଯନ୍ତ୍ର-ନିର୍ଣ୍ଣୟ, ତୀର୍ଥ, ଆଶ୍ରମ ଧର୍ମ, କଳ୍ପ, ଜ୍ୟୋତିଷସଂସ୍ଥାନ, ବ୍ରତକଥା, ଶୌଚ, ଅଶୌଚ, ସ୍ତ୍ରୀ ପୁରୁଷ ଲକ୍ଷଣ, ରାଜଧର୍ମ, ଦାନଧର୍ମ, ଯୁଗଧର୍ମ, ବ୍ୟବହାର ଓ ଆଧ୍ୟାତ୍ମିକ ବିଷୟମାନ ବର୍ଣ୍ଣିତ ହୋଇଅଛି । ତନ୍ତ୍ରର ସିଦ୍ଧାନ୍ତ ଏହି କି କଳିଯୁଗରେ ବୈଦିକମନ୍ତ୍ରଜପ, ତପସ୍ୟା ଓ ଯଜ୍ଞ ଆଦିର କିଛି ଫଳ ନାହିଁ, କିନ୍ତୁ କାର୍ଯ୍ୟର ସିଦ୍ଧିଲାଭ ପାଇଁ ତନ୍ତ୍ର-ଶାସ୍ତ୍ରବର୍ଣ୍ଣିତ ମନ୍ତ୍ର ଓ ଉପାୟ ଅବଲମ୍ବନ କରିବା କର୍ତ୍ତବ୍ୟ । ତନ୍ତ୍ରର ସିଦ୍ଧାନ୍ତ ଗୁପ୍ତ ରଖାଯାଏ ଓ ଏହା ଶିକ୍ଷା କରିବା ପାଇଁ ମନୁଷ୍ୟକୁ ଦୀକ୍ଷା ନେବାକୁ ପଡ଼େ । ଆଜିକାଲି ମାରଣ, ଉଚ୍ଚାଟନ, ବଶୀକରଣ ଆଦି ନାନାପ୍ରକାରର ସିଦ୍ଧିର ସାଧନ ପାଇଁ ତାନ୍ତ୍ରିକ ମନ୍ତ୍ର ଓ କ୍ରିୟା କରାଯିବାର ଦେଖାଯାଏ । ତନ୍ତ୍ର ବିଧିରେ ପ୍ରଧାନତଃ ଶାକ୍ତମାନେ ଉପାସନା କରନ୍ତି । ତନ୍ତ୍ରୋକ୍ତ ଅଧିକାଂଶ ମନ୍ତ୍ର ଅର୍ଥହୀନ ଓ ଏକାକ୍ଷରୀ ଯଥା—କ୍ଲୀଂ, ହ୍ଲୀଂ, ଶ୍ରୀଂ, ଐଂ, ହ୍ରୀଂ, ଧ୍ରୀଂ, ଇଂ, ହୁଂ । ତାନ୍ତ୍ରିକମାନେ ସବୁ ଦେବତାଙ୍କୁ ପୂଜା କରନ୍ତି, କିନ୍ତୁ ସେମାନଙ୍କ ପୂଜାବିଧି ବୈଦିକ ବିଧି ଠାରୁ ଭିନ୍ନ । ତାନ୍ତ୍ରିକମାନଙ୍କର ପୂଜା ଓ ବିଶେଷତଃ ଚକ୍ରପୂଜାରେ ମତ୍ସ୍ୟ, ମାଂସ, ମୈଥୁନ, ମଦ୍ୟ ଓ ମୁଦ୍ରା ନାମକ ପଞ୍ଚ ମକାରର ବ୍ୟବହାର କରାଯାଏ । କଥିତ ଅଛି ଯେ ତାନ୍ତ୍ରିକମାନେ ଡମୁଣୀ,

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ବାଢ଼' ନ ମିଳିଲେ 'ବାଡ଼' ଖୋଜିବେ; 'କଣ' ନ ମିଳିଲେ 'କ୍ଷଣ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଧୋବଣୀ ଆଦି ସ୍ତ୍ରୀମାନଙ୍କୁ ଉଲଗ୍ନ କରି ପୂଜା କରନ୍ତି । ହିନ୍ଦୁମାନଙ୍କ ଦେଖାଦେଖି ବୌଦ୍ଧମାନଙ୍କ ମଧ୍ୟରେ ମଧ୍ୟ ତନ୍ତ୍ରର ପ୍ରଚାର ହେଲା ଓ ବୌଦ୍ଧମାନଙ୍କର ଅନେକ ତନ୍ତ୍ର ଗ୍ରନ୍ଥ ଅଛି । ଏ ଗ୍ରନ୍ଥମାନଙ୍କର ପ୍ରଚାର ଚୀନ, ତିବ୍ବତ ଓ ନେପାଳରେ ଅଛି । ବାରାହୀ ତନ୍ତ୍ରରେ ଲେଖା ଅଛି ଯେ ଜୈମିନ, କପିଳ, ନାରଦ, ଗର୍ଗ, ପୁଲସ୍ତ୍ୟ, ଭୃଗୁ, ଶୁକ୍ର, ବୃହସ୍ପତି ଆଦି ଋଷିମାନେ କେତେକ ଉପତନ୍ତ୍ର ରଚନା କରିଥିଲେ—

ହି. ଶବ୍ଦସାଗର ।]

ସଂ. ବିଣ—୧ । ଶାସିତ—1. Administered.

୨ । ଅଧୀନ; ଅସ୍ୱତନ୍ତ୍ର—

2. Subservient; subordinate; dependent.

ତନ୍ତ୍ରକ—ସଂ. ବି (ତନ୍ତ୍ର+କ)—ନୂଆ ଲୁଗା—

Tantraka A new cloth.

ଦେ. ବି (ସଂ. ତନ୍ତ୍ରୀ)—ତାର ବାଦ୍ୟ; ଯଥା—ବେହେଲା, ବୀଣା, ସୀତାର—Stringed musical instrument.

କାମଜ ତୁଷଣ ସହସ୍ର ଲକ୍ଷ

ତନ୍ତ୍ରକ ଲକ୍ଷକ ସହସ୍ର ବଂଶେ—ପ୍ରାଚୀ. ରହସ୍ୟମଣ୍ଡଳ ।

ତନ୍ତ୍ର କାଷ୍ଠ—ସଂ. ବି (ତନ୍ତ୍ର+କାଷ୍ଠ; ମ. ପ. ଲୋ.)—୧ । ତନ୍ତୁକାଷ୍ଠ;

Tantra kāshṭha ତାଣଣ; ମୁଠା—1. A fibrous stick for cleansing the warp; weaver's brush.

୨ । ତନ୍ତ—2. Weaver's loom.

ତନ୍ତ୍ରଣ—ସଂ. ବି—ଶାସନ ବା ପ୍ରବନ୍ଧ ଆଦି କରିବା କର୍ମ—

Tantrana Administration; management.

ତନ୍ତ୍ରତା—ସଂ. ବି (ତନ୍ତ୍ର+ଭାବାର୍ଥେ, ତା)—୧ । ଅଧୀନତା—

Tantratā 1. Subservience; dependence.

୨ । ଷଡ଼ଯନ୍ତ୍ର—2. Intrigue.

୩ । ଉଦ୍ଭାବନା; କୌଶଳ—3. Contrivance.

୪ । ସନ୍ନିକଟତା; ସମ୍ପର୍କ; ସାନ୍ନିଧ୍ୟ—

4. Proximity; intimacy.

୫ । ଏକସଙ୍ଗେ ବହୁ କାର୍ଯ୍ୟର ପ୍ରାରମ୍ଭକରଣ—5. The commencing of many actions at a time

୬ । ଏକ କର୍ମ ପରିବର୍ତ୍ତରେ ଅନ୍ୟ କର୍ମକରଣ—

6 The doing of one thing instead of another.

୭ । ବହୁ ଉଦ୍ଦେଶ୍ୟ ସାଧନାର୍ଥ ଗୋଟିଏ କାର୍ଯ୍ୟ କରିବା (ହି. ଶବ୍ଦସାଗର)—7 Doing of one act for attaining more than one object.

[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଏହି ଶବ୍ଦ ବ୍ୟବହୃତ ହୋଇଥାଏ । ଯଥା—ପରତନ୍ତ୍ରତା; ସ୍ୱତନ୍ତ୍ରତା ।]

ତନ୍ତ୍ର ଧାରକ—ସଂ. ବି (ତନ୍ତ୍ର=କର୍ମକାଣ୍ଡ ପଦ୍ଧତି+ଧୃ ଧାତୁ=ଧାରଣ କରିବା

Tantra dhāraka +କର୍ତ୍ତୃ. ଅକ)—ଯେଉଁ ବ୍ୟକ୍ତି କର୍ମକାଣ୍ଡର ପଦ୍ଧତି ଅନୁସାରେ କର୍ମ କରୁଥିବା ବ୍ୟକ୍ତିକୁ ମନ୍ତ୍ର ପାଠ କରାଏ, ଅର୍ଥାତ୍ କୌଣସି କର୍ମକାଣ୍ଡ ଅନୁଷ୍ଠିତ ହେବା ସମୟରେ ଯେଉଁ ପୁରୋହିତ ପୋଥି ଧରି କର୍ମକାଣ୍ଡୋକ୍ତ ମନ୍ତ୍ରପାଠରେ ସାହାଯ୍ୟ କରୁଥାଆନ୍ତି; କର୍ମକାଣ୍ଡର ପ୍ରଚାରକ—A priest who assists at a worship or rite by reciting mantras and procedure from the book of rituals.

ତନ୍ତ୍ରବାପ—ସଂ. ବି (ତନ୍ତ୍ର+ବପ୍ ଧାତୁ=ବୁଣିବା+କର୍ତ୍ତୃ. ଅ)—

Tantrabāpa (ପ୍ରକୃତିବାଦ ମତରେ 'ତନ୍ତ୍ରବାପର' ଅର୍ଥ ସ୍ୱରାଜ୍ୟ ଓ ପର ରାଜ୍ୟ ଚିନ୍ତା)—

୧ । ତନ୍ତୁବାୟ; ତନ୍ତି—1. Weaver.

୨ । ବୁଢ଼ିଆଣୀ; ମାକଡ଼ସା—2. Spider.

ତନ୍ତ୍ରବାୟ—ସଂ. ବି (ତନ୍ତ୍ର+ବେ ଧାତୁ=ବୁଣିବା+କର୍ତ୍ତୃ. ଅ)—

Tantrabāya ୧ । ତନ୍ତୁବାପ (ଦେଖ)—1. Tantubāpa (See).

୨ । ତନ୍ତି (ଦେଖ) (ହି. ଶବ୍ଦସାଗର)—2. Tanta (See)

ତନ୍ତ୍ର ମନ୍ତ୍ର—ସଂ. ବି (ତନ୍ତ୍ର+ମନ୍ତ୍ର; ୬ଷ୍ଠୀ ତତ୍)—ତନ୍ତ୍ରୋକ୍ତ ମନ୍ତ୍ର—

Tantra mantra The incantations mentioned in the 'Tantra śāstra'.

তন্ত্রমন্ত্র ଦେ. ବି (ସମସ୍ତର)—ମନ୍ତ୍ରଯନ୍ତ୍ର; ଗୁଣିବିଦ୍ୟା; ଗୁଣି

तन्त्रमन्त्र ଗାରେଡ଼ି—A charm; the black art.

ତନ୍ତ୍ର ମନ୍ତ୍ର କରିବା—ଦେ. କ୍ରି—କୌଣସି ବ୍ୟକ୍ତି ଉପରରେ ମାରଣ,

Tantra mantra karibā ବଶୀକରଣ ଆଦି ତାନ୍ତ୍ରିକ ବିଧି

তন্ত্রমন্ত্র করা ପ୍ରୟୋଗ କରିବା—To direct or apply

तन्त्रमन्त्र करना charms and black magic against a person.

ତନ୍ତ୍ର ଯନ୍ତ୍ର (ଇତ୍ୟାଦି)—ଦେ. ବି (ସମସ୍ତର)-ତନ୍ତ୍ରମନ୍ତ୍ର ଇତ୍ୟାଦି (ଦେଖ)

Tantra jantra (etc) Tantra-mantra etc (See)

তন্ত্রযন্ত্র. तन्त्रयन्त्र

ତନ୍ତ୍ରଯାନ—ଦେ. ବି—ବୌଦ୍ଧଧର୍ମର ତାନ୍ତ୍ରିକ ଶାଖା ବିଶେଷ—

Tantra jāna The branch of Buddhistic religion dealing with the Tantras.

ତନ୍ତ୍ର ଯୁକ୍ତି—ସଂ. ବି—ଯେଉଁ ଯୁକ୍ତିର ସାହାଯ୍ୟରେ କୌଣସି ବାକ୍ୟର ଅର୍ଥ

Tantra jukti ବୁଝାଯାଏ (ହି. ଶବ୍ଦସାଗର)—The reasoning with the help of which the meaning of a word or sentence is comprehended.

ତନ୍ତ୍ର ସଂସ୍ଥିତି—ସଂ. ବି—ରାଜ୍ୟର ଶାସନ ପ୍ରଣାଳୀ—

Tantra samsthiti The mode of government; administration of a kingdom.

ତନ୍ତ୍ର ସାଧନ (ନା)—ସଂ. ବି (ତନ୍ତ୍ର+ସାଧନ; ସମ୍ବନ୍ଧେ ୬ଷ୍ଠୀ ତତ୍)—

Tantra sādhana (nā) ତନ୍ତ୍ରୋକ୍ତ ପଦ୍ଧତିକୁ ଅବଲମ୍ବନ କରି ସିଦ୍ଧିଲାଭ କରିବା ନିମନ୍ତେ କରାଯିବା ଅନୁଷ୍ଠାନ—The observance of rituals mentioned in the 'Tantras' with a view to attain success.

୧	ଇ	ଉ	ର୍‌,ର୍ର	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଙ୍ଘ	ଞ୍ଚ	ଋ
୨	ଇ	ଉ	ରୁ	ଝ	ଏ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଯ	ଯ	ସ	ଙ୍ଘ	ଞ୍ଚ	ଋ	ନ୍

ତନ୍ତ୍ରସାର—ସଂ. ବି (ତନ୍ତ୍ର+ସାର; ୬ଷ୍ଠୀ ତତ୍) – ତନ୍ତ୍ରଶାସ୍ତ୍ରମାନଙ୍କରୁ
Tantra sāra ସଂଗୃହୀତ ସାରାଂଶ ପୁସ୍ତକ—A digest or summary of the Tantras.

ତନ୍ତ୍ରସ୍କନ୍ଧ—ସଂ. ବି—ଜ୍ୟୋତିଷ ଶାସ୍ତ୍ରର ଯେଉଁ ଅଙ୍ଗର ଗଣନା ଦ୍ୱାରା
Tantra skanda ଗ୍ରହ ଆଦିଙ୍କ ଗତି ନିରୂପିତ ହୁଏ; ଗଣିତ ଜ୍ୟୋତିଷ—Astronomy.

ତନ୍ତ୍ରହୋମ—ସଂ. ବି (ମ. ପ. ଲୋ. ତନ୍ତ୍ର+ହୋମ)—ତନ୍ତ୍ରଶାସ୍ତ୍ରର ବିଧାନ
Tantra homa ବା ମତ ଅନୁସାରେ ଅଚରିତ ହୋମ—Oblations to fire according to Tantric rituals.

ତନ୍ତ୍ରାବାପ—ସଂ. ବି (ତନ୍ତ୍ର=ସ୍ୱରାଜ୍ୟ+ଅବାପ=ପରରାଜ୍ୟ ଚିନ୍ତା; ୬ଷ୍ଠୀ
Tantrābāpa ତତ୍)—ସ୍ୱରାଜ୍ୟ ଓ ପରରାଜ୍ୟ ଚିନ୍ତନ—A consideration of matters connected with one's own kingdom as well as with other kingdoms; diplomacy.

ତନ୍ତ୍ରି—ସଂ. ବି—୧ । ତନ୍ତ୍ରୀ (ଦେଖ)
Tantri 1. Tantrī (See)
୨ । ତନ୍ଦ୍ରା (ହି. ଶବ୍ଦସାଗର)—2. Nap.

ତନ୍ତ୍ରିକା—ସଂ. ବି. ସ୍ତ୍ରୀ (ତନ୍ତ୍ର+କ+ସ୍ତ୍ରୀ. ଆ)—ଗୁଳୁଚ ଲତା—
Tantrikā A medicinal creeper.

ତନ୍ତ୍ରିପାଳ—ସଂ. ବି. ପୁଂ (ତନ୍ତ୍ରୀ+ପାଳ; ଉପପଦ ତତ୍)—ବିରାଟରାଜ୍ୟରେ
Tantripāla ଛଦ୍ମବେଶଧାରୀ ପାଣ୍ଡବମାନଙ୍କର ଅଜ୍ଞାତ ବାସ (ତନ୍ତ୍ରପାଳ—ଅନ୍ୟରୂପ) କାଳରେ ସହଦେବଙ୍କର ଧାରଣ କରିଥିବା ନାମ—The name assumed by Sahadeba during the stay of the Pāṇḍabas at the court of the king Birāṭa in disguise.

ତନ୍ତ୍ରିପାଳକ—ସଂ. ବି (ତନ୍ତ୍ର=ସୈନ୍ୟ+ଇ+ପାଳକ; ଉପପଦ ତତ୍)—
Tantripāḷaka ୧ । ସୈନ୍ୟାଧ୍ୟକ୍ଷ—1. Commander of an army.
୨ । (ମହାଭାରତୋକ୍ତ) ରାଜା ଜୟଦ୍ରଥ—
2. (Mahābhārata) King Jayadratha.

ତନ୍ତ୍ରୀ—ସଂ. ବି (ତନ୍ତ୍ର+ସ୍ତ୍ରୀ.ଈ.)—୧ । ତନ୍ତ—1. Weaver's loom.
Tantrī ୨ । ବୀଣା—2. Harp; lute.
୩ । ବୀଣା ବେହେଲା ଆଦି ତାରଯୁକ୍ତ ବାଦ୍ୟ ଯନ୍ତ୍ର—3. Stringed musical instruments.
୪ । ବୀଣା ପ୍ରଭୃତିର ତାର—4. String of musical instruments.
୫ । ଗୁଳୁଚ ଲତା—5. A medicinal creeper.
୬ । ରଜ୍ଜୁ; ବାଣି; ଗୁଣ—6. A string of rope.
୭ । ସୂତା—7. A thread,
୮ । ଯୁବତୀ—8. A young woman.
୯ । ବୀଣା ଆଦିର ବାଦକ—9. A musician playing on stringed instruments.
୧୦ । ତନ୍ତ୍ର ପଦ୍ଧତି ସାଧକ ବ୍ୟକ୍ତି—10. One who professes and practises the doctrines of Tantra; a professor of Tantra.
୧୧ । ଶରୀରର ନାଡ଼ୀ (ହି. ଶବ୍ଦସାଗର)—11. Vein; blood-vessel; artery.
୧୨ । (ତନ୍ତ୍ର+ଅସ୍ତ୍ୟ ଅର୍ଥରେ ଇନ୍; ୧ମା. ୧ବ)—ଯେଉଁ ବ୍ୟକ୍ତି କୌଣସି ଅନୁଷ୍ଠାନର ତତ୍ତ୍ୱାବଧାରଣ କରେ—12. A superintendent of any work.
୧୩ । ବାଦ୍ୟ ବାଦକ—13. Musician.
୧୪ । ଗାୟକ—(ହି. ଶବ୍ଦସାଗର)—14. Singer.
ବିଣ—ଦଳଭୁକ୍ତ; ସମ୍ପ୍ରଦାୟ କାବଦ୍ଧ—Forming an assembly or sect; sectarian; belonging to a sect.

ତନ୍ଦରା—ପ୍ରାଦେ. ବି. (ଗଞ୍ଜାମ; ଗଡ଼ଜାତ) (ସଂ. ତ୍ୱରା)—
Tandarā ୧ । ଉଦ୍‌ବେଗ—1. Eagerness; anxiety.
୨ । ଉତ୍କଣ୍ଠା—2. Uneasiness.
୩ । ଅସ୍ଥିରତା—3. Restlessness.
୪ । ତ୍ୱରାନ୍ୱିତ ଅବସ୍ଥା—4. Hurry; haste.
ବିଣ. (ସଂ. ତ୍ୱରାନ୍ୱିତ)—୧ । ଉଦ୍‌ବିଗ୍ନ—1. Anxious.
୨ । ଅସ୍ଥିର—2. Restless.
୩ । ତ୍ୱରାନ୍ୱିତ—3. In haste.

ତନ୍ଦରା କରିବା—ପ୍ରାଦେ. (ଗଞ୍ଜାମ; ଗଡ଼ଜାତ) କ୍ରି—କୌଣସି କାର୍ଯ୍ୟ
Tandarā karibā କରିବା ନିମନ୍ତେ କୌଣସି ବ୍ୟକ୍ତିକୁ ତ୍ୱରାନ୍ୱିତ କରାଇବା ବା ବେଗ ଦେବା; ତାଗିଦ କରାଇବା—To incite or press a person to push on with a work; to hurry up another person to do a work.

ତନ୍ଦରା ପଡ଼ିବା—ପ୍ରାଦେ. (ଗଞ୍ଜାମ; ଗଡ଼ଜାତ) କ୍ରି.—୧ । କୌଣସି
Tandarā paṛibā ବିଷୟରେ ଉଦ୍‌ବିଗ୍ନ ହେବା—
1. To show anxiety or uneasiness in any work.
୨ । କୌଣସି ବିଷୟରେ ତ୍ୱରାନ୍ୱିତ ହେବା—
2. To be in haste; to be in hurry.

ତନ୍ଦୁର(ରୁ)—ବୈଦେ. ବି. (ଫା. ତନ୍ଦୁର୍, ଉର୍ଦ୍ଦୁ. ତନ୍ଦୁର୍)—ପାଉଁରୁଟି ଭାଟିର
Tandur(ru) କରାଯିବା ଚୁଲ୍ଲୀ ବା ଭାଟି—An oven for baking loaf.
تندور تَنْدور
[ଦ୍ର—ଏ ଚୁଲ୍ଲୀ ଉପରୁଡ଼ା ହେବା ପାଇଁ ଅକାରର ମାଟି ବା ଚୂନରେ ତିଆରି; ଏଥିରେ ଗୋଟିଏ ରେନ୍ଧ ଦ୍ୱାର ଥାଏ । ଏଥିରେ କଟୁଷଣ କାଠ ବା ଅଙ୍ଗାର ଜାଳ ଏହାର କାନ୍ଥ ଖୁବ ତାତିଗଲେ

> ସାଧାରଣ ଲୋକେ ଅପର ପୃଷ୍ଠାରେ ୧ମ ଓ ୨ୟ ଧାଡ଼ିର ଅକ୍ଷର ଓ ମାତ୍ରା ଏବଂ ୨ୟ ଧାଡ଼ିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ, ୧ ବା ୨ ଧାଡ଼ିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଧାଡ଼ିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, ଭୂଅ ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପରେ ଏହା ମଧ୍ୟରୁ ପାଞ୍ଚ ଅବ କାଢ଼ି ଆଣି ତହିଁ ମଧ୍ୟରେ ପାଇଁବୃକ୍ଷର ଗୋଲାମାନ ରଖି ଦେଲେ ଉକ୍ତ ବୃକ୍ଷ ଫଳ ଯାଏ ।]

ତନ୍ଦୁରସ୍ତ୍—ବୈଦେ. ବଣ. (ଫା)—ନୀରୋଗ; ସୁସ୍ଥ—
Tandurast Healthy.
তন্দুরস্ত तंदुरस्त

ତନ୍ଦୁରସ୍ତି—ବୈଦେ. ବ. ସ୍ତ୍ରୀ. (ଫା)—ଆରୋଗ୍ୟ; ସ୍ୱାସ୍ଥ୍ୟ—
Tandurasti Health.
তন্দুরস্তী तंदुरस्ती

ତନ୍ଦୁଲୀୟକ—ସ. ବ—ଲେଉଟିଆ ଶାଗ (ହି. ଶବ୍ଦସାଗର) (ଦେଖ)
Tandūliyaka Leuṭiā śāga (See)

ତନ୍ଦ୍ (ଧାତୁ)—ସ—ଅଳସ ହେବା—
Tandra (root) To be idle.

ତନ୍ଦ୍ରା—ସ. ବ. ସ୍ତ୍ରୀ. (ତନ୍ଦ୍ ଧାତୁ=ଅଳସ ହେବା+ଭାବ. ଅ)—
Tandrā ୧ । ଅଳ୍ପ ନିଦ୍ରା; ଛାଇ ନିଦ—1. Slight sleep; nap.
୨ । ନିଦ୍ରାବେଶ; ନିଦ ମାଡ଼ିବା; ଘୁମାଇବା—
2. Drowisness; sleepiness; dozing.
୩ । ଜଡ଼ତା; ଆଳସ୍ୟ—
3. Sloth; idleness; laziness.
୪ । ଅବସାଦ; ଅବସନ୍ନତା—
4. Lassitude; weariness; langour.
ପ୍ରାଦେ. (ଗଞ୍ଜାମ, ଗଡ଼ଜାତ) ବଣ ଓ ବ—
ତନ୍ଦରା (ଇତ୍ୟାଦି) (ଦେଖ)—Tandarā (etc)(See)

ତନ୍ଦ୍ରାଭିଭୂତ—ସ. ବଣ. (ତନ୍ଦ୍ରା+ଅଭିଭୂତ; ୩ୟା ତତ୍)—
Tandrābhibhūta ଢୁଲାଉଥିବା; ନିଦ୍ରାରେ ଅସଜ୍ଞ ହୋଇଥିବା—
Feeling drowsy; stupefied.

ତନ୍ଦ୍ରାଯୁକ୍ତ—ସ. ବଣ. (ତନ୍ଦ୍ରା+ଯୁକ୍ତ; ୩ୟା ତତ୍)—
Tandrājukta ଢୁଲାଉଥିବା; ନିଦ୍ରାସକ୍ତ—
Feeling drowsy; stupefied.

ତନ୍ଦ୍ରାଳୁ—ସ. ବଣ (ତନ୍ଦ୍ରା+ଶୀଳାର୍ଥେ, ଆଳୁ)—
Tandrāḷu ୧ । ନିଦ୍ରାଳୁ; ଘୁମା—1. Drowsy; sleepy.
୨ । ଅଳସ—2. Slothful; idle.
୩ । କ୍ଳାନ୍ତ; ଅବସନ୍ନ—3. Weary.

ତନ୍ଦ୍ରାସକ୍ତ—ସ. ବଣ. (ତନ୍ଦ୍ରା+ଆସକ୍ତ; ୭ମୀ ତତ)—
Tandrāsakta ତନ୍ଦ୍ରାଭିଭୂତ (ଦେଖ)—Tandrābhibhūt (See)

ତନ୍ଦ୍ରି—ସ. ବ (ତନ୍ଦ୍ ଧାତୁ+ଭାବ ଇ)—୧ । ନିଦ୍ରାବେଶ—
Tandri 1. Sleepiness; drowsiness.
୨ । ଆଳସ୍ୟ—2. Slothfulness.
୩ । କ୍ଳାନ୍ତି—3. Weariness.
୪ । ମୂର୍ଚ୍ଛା—4. Fit of fainting.

ତନ୍ଦ୍ରିକ ସନ୍ନିପାତ—ଏକପ୍ରକାର ସାନ୍ନିପାତିକ ଜ୍ୱର—
Tandrika sannipāta A kind of fever.
[ଦ୍ର—ଏଥିରେ ରୋଗୀ ତନ୍ଦ୍ରାସକ୍ତ ହୁଏ; ଜ୍ୱରର ତାପ ଖୁବ୍ ବେଗରେ ବେଶି ହୁଏ, ଖୁବ୍ ଶୋଷ ହୁଏ; ଜିଭ କଳା ଓ ଖରଖର ହୁଏ, ଜୋରରେ ନିଶ୍ୱାସ ବହେ, ଖୁବ ଝାଡ଼ା ହୁଏ; ଦେହ ଜଳେ; କାନ ବଧିର ହୁଏ । ଏହାର ଅବଧି ୨୫ ଦିନ । ହି. ଶବ୍ଦସାଗର ।]

ତନ୍ଦ୍ରିକା—ସ. ବ. (ତନ୍ଦ୍ ଧାତୁ+ଇକ ସ୍ତ୍ରୀ. ଆ)—ତନ୍ଦ୍ରି (ଦେଖ)
Tandrikā Tandri (See)

ତନ୍ଦ୍ରିତ—ସ ବଣ (ତନ୍ଦ୍ରା+ସଞ୍ଜାତ ଅର୍ଥରେ ଇତ)—୧ । ନିଦ୍ରାସକ୍ତ;
Tandrita ତନ୍ଦ୍ରାଳୁ; ତନ୍ଦ୍ରାଯୁକ୍ତ—1. Drowsy; slothful.
୨ । କ୍ଳାନ୍ତ—2. Exhausted.

ତନ୍ଦ୍ରିବା—ପ୍ରାଦେ. (ସମ୍ବଲପୁର) କ୍ରି—ତରତର ହେବା—
Tandribā To be in haste or hurry.

ତନ୍ଦ୍ରୀ—ସ. ବ. (ତନ୍ଦ୍ ଧାତୁ+ଇ+ ସ୍ତ୍ରୀ, ଈ)—
Tandrī ୧ । ତନ୍ଦ୍ରି (ଦେଖ)—1. Tandri (See)
୨ । ଭ୍ରୂକୁଟି—(ହି. ଶବ୍ଦସାଗର) 2. Frowning.
୩ । ଭ୍ରୂ (ହି. ଶବ୍ଦସାଗର)—3. Eyebrow.

ତନ୍ନ ତନ୍ନ—ଦେ. କ୍ରି. ବଣ (ସ. ତନ୍ନ='ତତ୍, ନ' ଅର୍ଥାତ୍ ତାହା ନୁହେଁ,
Tanna tanna ଅନେକ କଥାକୁ ଦେଖି 'ଏ କଥା ନୁହେଁ', 'ଏ
তন্ন তন্ন କଥା ନୁହେଁ' କହି କହି କୌଣସି ବିଷୟକୁ ପରୀକ୍ଷା କରିବା)—
अवलसेआखीरतक, पूरा ୧ । ପୁଙ୍ଖାନୁପୁଙ୍ଖ; ବିଶଦଭାବରେ;
ବିଶେଷ ଅନୁସନ୍ଧାନପୂର୍ବକ; ଅତି ସୂକ୍ଷ୍ମଭାବରେ ବିଚାର
ପୂର୍ବକ—1. Most thoroughly; minutely; closely; in a sifting manner.
୨ । ଆଦ୍ୟୋପାନ୍ତ—2. From beginning to end.
(ଯଥା—ମୁଁ ବୈଦ୍ୟଶାସ୍ତ୍ରକୁ ତନ୍ନ ତନ୍ନ କରି ଆଲୋଚନା କରିଅଛି ।)

ତନ୍ନାମ—ସ. ବ (ତତ୍+ନାମ; ୬ଷ୍ଠୀ ତତ୍)—୧ । ତାହାଙ୍କର ନାମ—
Tannāma 1. His, her or its name.
୨ । (କର୍ମଧାରୟ) ସେହି ନାମ—2. That name.
[ଦ୍ର—ଏହିପରି ତନ୍ନାମଧେୟ, ତନ୍ନାମଗ୍ରହଣ ଓ ତନ୍ନାମକରଣ ଆଦି ଶବ୍ଦ ନିଷ୍ପନ୍ନ ହୁଏ ।]

ତନ୍ନିବନ୍ଧନ—ଦେ. କ୍ରି. ବଣ—୧ । ସେହି କାରଣରୁ—
Tannibandhana 1. On that account; therefore.
तन्निबन्धन ୨ । ତନ୍ନିମିତ୍ତ—2. For that reason.
उसवास्ते
ସ. ବ (ତତ୍+ନିବନ୍ଧନ=କାରଣ, ହେତୁ; କର୍ମଧାରୟ)—
୧ । ସେହିକାରଣ—1. That cause.
୨ । ସେହି ବନ୍ଧନ—2. That bond.
ସ. ବଣ (ବହୁବ୍ରୀହି)—୧ । ସେହିକାରଣଯୁକ୍ତ—
1. Having that cause.

୧	ଇ	ଉ	ର୍‌,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଷ	ଙ୍କ	ଇଯୃ	ଋଥ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଙ୍ଗ	ନ୍‌

୨ । ସେହି ବନ୍ଧନଯୁକ୍ତ—2. Having that bond.

ତନ୍ନିମନ୍ତେ—ଦେ. କ୍ରି. ବଣ (ସଂ. ତନ୍ନିମିତ୍ତ)—ତନ୍ନିବନ୍ଧନ (ଦେଖ)
Tannimante Tannibandhana (See).
তজ্জন্যে **उसवास्ते**

ତନ୍ନିମିତ୍ତ—ସଂ. କ୍ରି. ବଣ (ତତ୍‌+ନିମିତ୍ତ; କର୍ମଧା)—ତନ୍ନିବନ୍ଧନ (ଦେଖ)
Tannimitta Tannibandhana (See).

ତନ୍ନିମିତ୍ତେ—ଦେ. କ୍ରି. ବଣ. (ସଂ. ତନ୍ନିମିତ୍ତ)—ତନ୍ନିବନ୍ଧନ (ଦେଖ)
Tannimitte Tannibandhana (See)

ତନ୍ୱଙ୍ଗୀ—ସଂ. ବଣ. ସ୍ତ୍ରୀ (ବହୁବ୍ରୀହି; ତନୁ=କୃଶ+ଅଙ୍ଗ=ଦେହ+ସ୍ତ୍ରୀ. ଈ)—କ୍ଷୀଣାଙ୍ଗୀ; କୃଶାଙ୍ଗୀ—
Tanwańgi
Of a slender and delicate build (female).
ବି. ସ୍ତ୍ରୀ—୧ । କୃଶାଙ୍ଗୀ ସ୍ତ୍ରୀ—
1 A woman of delicate proportions
୨ । ଶାଳପର୍ଣ୍ଣୀ ବୃକ୍ଷ—
2. A kind of medicinal plant.
[ଦ୍ର—ଏହା ଔଷଧରେ ବ୍ୟବହୃତ ହୁଏ ।]

ତନ୍ୱୀ—ସଂ. ବଣ. ସ୍ତ୍ରୀ. (ତନୁ=କୃଶ+ସ୍ତ୍ରୀ ଈ)—ତନ୍ୱଙ୍ଗୀ (ଦେଖ)
Tanwi Tanwańgi (See)
ସଂ. ବଣ. (ତନୁ ଶବ୍ଦର ସ୍ତ୍ରୀ ଲିଙ୍ଗ)—କ୍ଷୀଣା; କୃଶା—Weak.
ସଂ. ବି—ସଂସ୍କୃତ ବୃତ୍ତବିଶେଷ—
Name of a Sanskrit metre.
[ଦ୍ର—ଏଥିରେ ୨୪ ଅକ୍ଷର; ପଞ୍ଚମ, ଦ୍ୱାଦଶ ଓ ଚତୁର୍ବିଂଶ ଅକ୍ଷର ଉପରେ ଯତି ପଡ଼େ । ହି. ଶବ୍ଦସାଗର]

ତନ୍ମଧ୍ୟ—ସଂ. ବି. (ତତ୍‌+ମଧ୍ୟ; ୬ଷ୍ଠୀ ତତ୍‌)—ତାହାର ମଧ୍ୟ—
Tanmadhya The midst of that.
[ଦ୍ର—ଏହାପର ସପ୍ତମୀରେ ତନ୍ମଧ୍ୟେ, ତନ୍ମଧ୍ୟସ୍ଥ, ତନ୍ମଧ୍ୟସ୍ଥିତ ଶବ୍ଦମାନ ନିଷ୍ପନ୍ନ ହୁଏ ।]

ତନ୍ମଧ୍ୟରୁ—ଦେ. ଅ.—୧ । ତାହାର ମଧ୍ୟସ୍ଥଳରୁ—
Tanmadhyaru 1. From its interior.
(ତନ୍ମଧ୍ୟୁଁ—ଅନ୍ୟରୂପ) ୨ । ସେମାନଙ୍କ ମଧ୍ୟରୁ—2. Out of them

ତନ୍ମଧ୍ୟରେ—ଦେ. ଅ—୧ । ତାହାର ଅନ୍ତର୍ଦ୍ଦେଶରେ—
Tanmadhyare 1. Inside that.
তন্মধ্যে ୨ । ସେହି ସମୟ ମଧ୍ୟରେ—
उसके बीचमे 2. Within that time.
(ତନ୍ମଧ୍ୟେ—ଅନ୍ୟରୂପ) ୩ । ସେମାନଙ୍କ ମଧ୍ୟରେ—
3. Amongst them

ତନ୍ମନ—ଦେ. ବଣ. (ସଂ. ତନ୍ମନସ୍‌)—
Tanmana ଏକ ବିଷୟରେ ନିବଦ୍ଧଚିତ୍ତ; ଯେଉଁ ବ୍ୟକ୍ତି କୌଣସି ବିଷୟରେ ମନୋନିବେଶନ ଅର୍ପଣ କରିଥାଏ; ଅନନ୍ୟମନା; ତନ୍ମୟ—Having concentrated one's attention to one particular object; in an absorbed state of mind; having that alone in mind.

ତନ୍ମନା—ସଂ. ବଣ. (ତତ୍‌+ମନସ୍‌, ବହୁବ୍ରୀହି; ତାହିଁରେ ମନ ଯାହାର)—
Tanmanā ତନ୍ମନ (ଦେଖ)—Tanmana (See)

ତନ୍ମୟ—ସଂ. ବଣ. ପୁଂ (ତତ୍‌+ସ୍ୱରୂପାର୍ଥେ, ମୟ)—
Tanmaya ୧ । ତନ୍ନିମଗ୍ନ; ତଦାତ୍ମ; ତନ୍ମନା—
(ତନ୍ମୟୀ—ସ୍ତ୍ରୀ) 1. Wholly absorbed in that.
(ତନ୍ମୟତା—ବି) ୨ । ତଦ୍ଗତ—2. Become one with that.

ତନ୍ମୟ ଚିତ୍ତ—ସଂ. ବଣ. (ତନ୍ମୟ+ଚିତ୍ତ; ବହୁବ୍ରୀହି)—
Tanmaya chitta ତାହିଁରେ ନିବଦ୍ଧମନା—With the mind wholly absorbed in that; with the heart set on that.

ତନ୍ମୟାସକ୍ତି—ସଂ. ବି—ଭଗବାନଙ୍କଠାରେ ତନ୍ମୟ ହେବା—
Tanmayāsakti Being absorbed in God.

ତନ୍ମାତ୍ର—ସଂ. ବି. (ତତ୍‌+ମାତ୍ରା=ପଞ୍ଚଭୂତାନ୍ତର୍ଗତ ଭୂତ)—
Tanmātra ୧ । ସାଂଖ୍ୟ ଦର୍ଶନର ମତରେ ପଞ୍ଚଭୂତର ଆଦ୍ୟ ଅମିଶ୍ର ସୂକ୍ଷ୍ମ ରୂପ—1. The suitable rudiments of the five elements of matter according to Sāṁkhya philosophy
[ଦ୍ର—ପଞ୍ଚଭୂତର (କ୍ଷିତି, ଅପ୍‌, ତେଜ, ମରୁତ୍‌ ଓ ବ୍ୟୋମର) ଗନ୍ଧ, ରସ, ରୂପ, ସ୍ପର୍ଶ ଓ ଶବ୍ଦ ତନ୍ମାତ୍ର ଅଟେ । ଏହି ପାଞ୍ଚ ଗୁଣକୁ ପଞ୍ଚ ତନ୍ମାତ୍ର ବୋଲାଯାଏ । ସାଂଖ୍ୟ ଦର୍ଶନ ମତରେ ଶବ୍ଦ ତନ୍ମାତ୍ରରୁ ବ୍ୟୋମର ଉତ୍ପତ୍ତି (ଅର୍ଥାତ୍‌ ଆକାଶର ଗୁଣ ଶବ୍ଦ); ଶବ୍ଦ ଓ ସ୍ପର୍ଶରୁ ମରୁତ୍‌ର ଉତ୍ପତ୍ତି; ଶବ୍ଦ, ସ୍ପର୍ଶ ଓ ରୂପରୁ ତେଜର ଉତ୍ପତ୍ତି; ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧରୁ କ୍ଷିତିର ଉତ୍ପତ୍ତି, ଅର୍ଥାତ୍‌ ଉପରୋକ୍ତ ମହାଭୂତମାନଙ୍କରେ ତତ୍ତତ୍‌ ଗୁଣମାନ ଅଛି ।]
୨ । ସେହି ମାତ୍ର; ସେତିକି ମାତ୍ର—2. That much.
ସଂ. ବଣ—୧ । ସେହି ମାତ୍ରକ; ସେହି ପରିମିତ—
1. That much of.
ସଂ. କ୍ରି. ବଣ. (ତତ୍‌=ସେହି+ମାତ୍ର=କେବଳ; ନିତ୍ୟସମାସ)—
କେବଳ ତାହାହିଁ; ସେତିକି ମାତ୍ର; ସେତିକିହିଁ—
That much; only that.

ତନ୍ୟତୁ—ସଂ. ବି. (ତନ୍‌ ଧାତୁ+କର୍ତ୍ତୃ. ଯତୁ)—
Tanyatu ୧ । ବାୟୁ; ପବନ (ହି. ଶବ୍ଦସାଗର)—
1. Wind; air.
୨ । ରାତ୍ରି (ହି. ଶବ୍ଦସାଗର)—2. Night.
୩ । ଗର୍ଜ୍ଜନ (ହି. ଶବ୍ଦସାଗର)—2. Roaring.
୪ । ଏକ ପ୍ରକାର ପ୍ରାଚୀନ ବାଜା (ହି. ଶବ୍ଦସାଗର)—
4 A kind of ancient musical instrument.

ତପ୍ (ଧାତୁ)—ସଂ—୧ । ଦଗ୍ଧ କରିବା; ଉତ୍ତାପିତ କରିବା; ତତେଇବା—
Tap (root) 1. To heat; to burn; to warm.
୨ । ତପସ୍ୟା କରିବା—
2. To practise penance or austerities.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବ୍ୟଥ' ନ ମିଳିଲେ 'ବ୍ୟଥ' ଦେଖିବେ; 'ବର୍ଦ୍ଧିନ' ପାଇଲେ 'ବର୍ତ୍ତି' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତପ୍ଲା—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ତପ୍ତ)—ତପ୍ତ; ତାତିଲା—
Tap-lā Hot.

ତପ—ସଂ. ବି. (ତପ୍ ଧାତୁ + କର୍ତ୍ତୃ. ଅ)—
Tapa ୧ । ତପନ; ସୂର୍ଯ୍ୟ—1. The sun.
୨ । ଆତପ; ରୌଦ୍ର—2. Sunshine.
୩ । ଗ୍ରୀଷ୍ମକାଳ—3. The summer; the hot season.
ବଶେଷତ ତପ ସ୍ପୃଷ୍ଟ ହୋଇବ, ବନଗତ ଜୀବନରେ ରହିବ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
୪ । ଉତ୍ତାପ; ଗରମି—5 Heat; warmth.
ବିଣ—୧ । ତାପଦାୟକ—1. Radiating heat.
୨ । ଗରମ—2 Hot.
ଦେ. ବି.—ତପଃ (ଦେଖ)—Tapah (See)

ତଃ ପଃ—ଦେ. ଅ ସାଙ୍କେତିକ (ସଂ. ତତ୍ ପଶ୍ଚିମ ଶବ୍ଦର ସାଙ୍କେତିକ)—
Ta: pa: ଭଉଁରଆରେ ବ୍ୟବହୃତ କୌଣସି ଜମିର ପଶ୍ଚିମରେ ଥିବା ଜମିକୁ ନିର୍ଦ୍ଦେଶ କରିବାର ସାଙ୍କେତିକ ଚିହ୍ନ—
An abbreviation appended to the plot-number in a field-book to denote the position of the plot lying to the west of the previous plot of land.

ତପଃ—ସଂ. ବି. (ସଂ. ତପସ୍ ଶବ୍ଦ; ତପ୍ ଧାତୁ=ତପସ୍ୟା କରିବା +
Tapah କରଣ ଅସ୍)—୧ । ତପସ୍ୟା; ଧର୍ମାର୍ଥବ୍ରତ; ମୁନିବ୍ରତ—
1. Religious austerities; penance.
[ଦ୍ର—ଚିତ୍ତଶୁଦ୍ଧି ଓ ବିଷୟ ନିବୃତ୍ତି ପାଇଁ ଶରୀରକୁ କଷ୍ଟ ଦେଇ ଯେଉଁ ଯମ, ନିୟମାଦି ପାଳନ କରାଯାଏ ତାକୁ ତପଃ ବୋଲାଯାଏ ।]
୨ । ବ୍ରାହ୍ମଣାଦିଙ୍କ ଧର୍ମ ବା କର୍ତ୍ତବ୍ୟ —2. Religious duty.
୩ । ଦେବତା ଆଦିଙ୍କ ଧ୍ୟାନ—3. Meditation.
୪ । ଅଦୃଷ୍ଟ—4. Fate; destiny.
୫ । (+ ଭାବ. ଅସ୍) ଆଚରଣ—
5. Practice; conduct.
୬ । ଆଲୋଚନା—6. Discussion; dealing with a subject or matter.
୭ । ସପ୍ତଭୁବନ ମଧ୍ୟରୁ ଗୋଟିଏ; ତପୋଲୋକ —
7. One of the seven worlds mentioned in the Hindu scriptures.
୮ । ଶୀତଋତୁ—8. The winter.
୯ । ମାଘମାସ—9. The month of Māgha
୧୦ । ଶରୀର ବା ଇନ୍ଦ୍ରିୟଗଣର ବଶୀକରଣ—
10. Self-control and self-denial.
୧୧ । ଅଗ୍ନି (ଦ୍ର. ଶବ୍ଦସାଗର)—11. Fire.
୧୨ । ଫଳିତ ଜ୍ୟୋତିଷରେ ଲଗ୍ନର ୯ମ ସ୍ଥାନ—
12. The ninth place from one's Lagna in astrology.

[ଦ୍ର—ପୁରାଣ ମତରେ ସତ୍ୟଯୁଗରେ ତପଃ, ତ୍ରେତାରେ ଜ୍ଞାନ, ଦ୍ୱାପରରେ ଯଜ୍ଞ ଓ କଳିରେ ଦାନ ବା ନାମକୀର୍ତ୍ତନ, ମନୁଷ୍ୟର ମୋକ୍ଷ ବା ପାରଲୌକିକ ମୁକ୍ତି ନିମିତ୍ତ ପ୍ରଶସ୍ତ ।

ଭଗବଦ୍ଗୀତାରେ ତପଃ ନିମ୍ନଲିଖିତରୂପେ ବିଭକ୍ତ ହୋଇଅଛି— ତପଃ ତ୍ରିବିଧ; ଶାରୀରିକ, ଯଥା—ଶୌଚ, ବ୍ରତାନୁଷ୍ଠାନ ଓ ଉପବାସ; ଦେବତା ଓ ପୂଜ୍ୟବ୍ୟକ୍ତିଙ୍କ ପୂଜା; ସରଳତା; ବ୍ରହ୍ମଚର୍ଯ୍ୟ ଏବଂ ଅହିଂସା ।

ମାନସିକ ଯଥା—ଧ୍ୟାନ; ମନର ପ୍ରସନ୍ନତା, ମୌନ, ଆତ୍ମନିଗ୍ରହ ଓ ଭାବଶୁଦ୍ଧି । ବାଚନିକ ଯଥା—ବେଦ ଓ ସ୍ତୋତ୍ରପାଠ; ପ୍ରିୟହିତ ସତ୍ୟ ଓ ଅକ୍ଳେଶ ଦାୟକ ବାକ୍ୟ ଉଚ୍ଚାରଣ ଓ ବେଦାଧ୍ୟୟନ । ଗୁଣତ୍ରୟ ଭେଦରେ ତପଃ ତ୍ରିବିଧ ଯଥା—ସାତ୍ତ୍ୱିକ ତପଃ ଯଥା— ଫଳାକାଂକ୍ଷା ରହିତ ତପସ୍ୟା; ରାଜସିକ ତପଃ=ଯଶଃ ମାନାଦି ନିମିତ୍ତ ଦମ୍ଭପୂର୍ବକ ଅନୁଷ୍ଠିତ ତପସ୍ୟା । ତାମସିକ ତପଃ=ପରର ପ୍ରାପ୍ତି ଅନିଷ୍ଟ ଘଟାଇବା ପାଇଁ ଆତ୍ମାକୁ ପୀଡ଼ା ଦେଇ ଯେଉଁ ତପସ୍ୟା ଅନୁଷ୍ଠିତ ହୁଏ । ଅଗ୍ନି ଯେପରି ପାର୍ଥିବ ବସ୍ତୁମାନଙ୍କୁ ଦଗ୍ଧ କରେ ଶାସ୍ତ୍ର ମତରେ ତପସ୍ୟା ସେହିପରି ମନୁଷ୍ୟର ପାପାଦିକୁ ଦଗ୍ଧ କରେ ବୋଲି ଏହାର ନାମ 'ତପଃ' ।

ପ୍ରାଚୀନକାଳରେ ହିନ୍ଦୁ, ବୌଦ୍ଧ, ଇହୁଦୀ ଓ ଖ୍ରୀଷ୍ଟାନ୍‌ମାନଙ୍କ ମଧ୍ୟରେ ମଧ୍ୟ ବହୁ ଲୋକ ତପସ୍ୟା କରୁଥିଲେ । ତପୋନିରତ ଲୋକେ ଆପଣାର ଇନ୍ଦ୍ରିୟମାନଙ୍କୁ ବଶ ରଖିବା ଓ ପ୍ରଲୋଭନରୁ ଦୂରରେ ରହିବା ପାଇଁ ସଂସାର ତ୍ୟାଗ କରି ଜଙ୍ଗଲରେ କୁଡ଼ିଆ ତିଆରି କରି ରହୁଥିଲେ ଓ ବନ୍ୟ ଫଳ ମୂଳ ଓ ବାଳୁଙ୍ଗାଧାନର ଚାଉଳ ରାନ୍ଧି ଖାଉଥିଲେ, କେହି କେହି ମୌନବ୍ରତ ଅବଲମ୍ବନ କରୁଥିଲେ, ଶୀତୋଷ୍ଣ ସୁଖ ଦୁଃଖ ସହ୍ୟ କରୁଥିଲେ, ଉପବାସ କରୁଥିଲେ ଓ କୃଚ୍ଛ୍ରସାଧ୍ୟ ଓ କାୟକ୍ଳେଶକର ସାଧନମାନ କରୁଥିଲେ । ଏହି ସବୁ ଆଚରଣକୁ ତପଃ ବୋଲାଯାଏ । କେହି କେହି ଅଷ୍ଟସିଦ୍ଧି ଓ ବର ପାଇବାପାଇଁ ମଧ୍ୟ ତପଃ କରୁଥିଲେ । ପାତଞ୍ଜଳ ଦର୍ଶନରେ ତପଃକୁ କ୍ରିୟାଯୋଗ ବୋଲି ଯାଇଅଛି ।]

ତପଃକର—ସଂ. ବିଣ. (ତପଃ + କୃ ଧାତୁ + କର୍ତ୍ତୃ. ଅ)—୧ । ଯେ
Tapah kara ତପସ୍ୟା କରେ; ତପସ୍ୱୀ—1 Practising religious austerities or penance; religious mortification.
୨ । ତପସ୍ୟା ମତ୍ସ୍ୟ (ଦେଖ)—
2. Tapasyā matsya (See)

ତପଃକୃଶ—ସଂ. ବିଣ. ପୁଂ—(ମ. ପ. ଲୋ; ତପଃ + କୃଶ)—ତପସ୍ୟାଚରଣ କରିବା ଯୋଗୁଁ ଯାହାର ଶରୀର ଶୀର୍ଣ୍ଣ
Tapah kruśa ହୋଇଅଛି—Emaciated on account of practising penance.
(ତପଃକୃଶା—ସ୍ତ୍ରୀ)
(ତପଃକୃଶତା, ତପଃକାର୍ଶ୍ୟ—ବି)

ତପଃକ୍ଳେଶ—ସଂ. ବି. (ତପଃ + କ୍ଳେଶ, ୬ଷ୍ଠୀ ତତ୍)—ତପସ୍ୟାଜନିତ ଦୁଃଖ ବା ଶାରୀରିକ କଷ୍ଟ—Physical suffering caused by engagement in or the practice of religious austerities.
Tapah kleśa
(ତପଃକ୍ଳିଷ୍ଟ—ବିଣ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଅ	ଉଅ	ଣ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଔ	ନ୍ତ

[ଦ୍ର—ଏଥିରୁ ତପଃକ୍ଳେଶସହ, ତପଃକ୍ଳେଶସହିଷ୍ଣୁ, ଆଦି ଶବ୍ଦ ନିଷ୍ପନ୍ନ ହୁଏ। ସନ୍ଧିଦ୍ୱାରା ତପଃ ଶବ୍ଦଯୁକ୍ତ ହୋଇ ମଧ୍ୟ କେତେକ ଶବ୍ଦ ନିଷ୍ପନ୍ନ ହୁଏ। ଯଥା—ତପୋବଳ; ତପୋନୁଷ୍ଠାନ।]

ତପଃ ପରାୟଣ—ସଂ. ବିଣ. ପୁଂ. (ତପଃ+ପର+ଅୟନ; ବହୁବ୍ରୀହି)—
Tapaḥ parāyaṇa ତପସ୍ୟାରେ ରତ—Devoted to contemplation and austerities.
(ତପଃପରାୟଣା—ସ୍ତ୍ରୀ)
(ତପଃପରାୟଣତା—ବି)

ତପଃ ପ୍ରଧାନ—ସଂ. ବିଣ. ପୁଂ. (ତପଃ+ପ୍ରଧାନ; ବହୁବ୍ରୀହି)—
Tapaḥ pradhāna ଯାହାର ତପସ୍ୟାହିଁ ପ୍ରଧାନ କାର୍ଯ୍ୟ—Wholly devoted to austerities and spiritual contemplation.
(ତପଃପ୍ରଧାନା—ସ୍ତ୍ରୀ

ତପଃ ପ୍ରଭାବ—ସଂ. ବି. (ତପଃ+ପ୍ରଭାବ; ୬ଷ୍ଠୀ ତତ୍)—ତପୋବଳ;
Tapaḥ prabhāba ତପସ୍ୟା ଜନିତ ବଳ—The power derived from meditation; spiritual force.

ତପଃ ଶକ୍ତି—ସଂ. ବି. (ତପଃ+ଶକ୍ତି; ୬ଷ୍ଠୀ ତତ୍)—ତପଃ ପ୍ରଭାବ (ଦେଖ)
Tapaḥ śakti Tapaḥ prabhāba (See)

ତପଃ ଶୀଳ—ସଂ. ବିଣ. ପୁଂ. (ତପଃ+ଶୀଳ; ବହୁବ୍ରୀହି)—
Tapaḥ śīḷa ତପସ୍ୟାରେ ସର୍ବଦା ଅନୁରକ୍ତ—Given to the performance of religious austerities.
(ତପଃଶୀଳା—ସ୍ତ୍ରୀ)
(ତପଃଶୀଳତା—ବି)

ତପଃ ସାଧନ—ସଂ. ବି. (ତପଃ+ସାଧନ; ୬ଷ୍ଠୀ ତତ୍)—
Tapaḥ sādhana ୧। ତପସ୍ୟା କରିବା—1. Practice of religious austerities
୨। ତପସ୍ୟାର ଉପକରଣ—2. The materials required for the performance of penance or sacrifice (e. g. ghee, fuel).

ତପଃ ସ୍ଥଳୀ—ସଂ. ବି. (ତପଃ+ସ୍ଥଳୀ; ୬ଷ୍ଠୀ ତତ୍)—୧। ତପସ୍ୟା
Tapaḥ sthaḷī କରିବାର ସ୍ଥାନ—1. The place where religious austerities are practised.
୨। କାଶୀଧାମ; ବାରାଣସୀ—2. Benares.
[ଦ୍ର—ଏଠାରେ ମହାଦେବ ବହୁଯୁଗ ତପସ୍ୟା କରିଥିବାରୁ ଏହା ତପଃସ୍ଥଳୀ ବୋଲି ଖ୍ୟାତ।]

ତପଃସ୍ଥାନ—ସଂ. ବି. (ତପଃ+ସ୍ଥାନ; ୬ଷ୍ଠୀ ତତ୍)—
Tapaḥ sthāna ତପୋବନ; ତପସ୍ୟା କରିବାର ସ୍ଥାନ—The place for practicing austerities.

ତପଚାରୀ—ଦେ. ବିଣ. (ସଂ. ତପଶ୍ଚାରୀ)—ଯେ ତପସ୍ୟା କରେ—
Tapa chārī Engaged in practising austerities,
তপচারী ବି - ତପସ୍ୱୀ—A sage; an ascetic.
तपकरनेवाला

ତପ ଜପ—ଦେ. ବି. (ଅନୁଚର ଶବ୍ଦ)—ତପ ଓ ଜପ; ତପସ୍ୟାଦି
Tapa japa ଧର୍ମକର୍ମ—Religious rites and penances.
জপতপ **जपतप**

ତପତ୍—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ତପ୍ତ)—ତପ୍ତ; ତାତିଲା—
Tapat Hot.

ତପତ—ଦେ. (ପଦ୍ୟ) ବିଣ.—(ସଂ. ତପ୍ତ)—ଉତ୍ତପ୍ତ; ଗରମ; ତାତିଲା;
Tapata ତତଲା—Hot; **warm.**

ତପତି—ଦେ. ବି. (ପଦ୍ୟ) (ସଂ. ତପ୍ତି)—୧। ତାତି; ଉତ୍ତାପ; ତପ୍ତି;
Tapati ତାପ—1. Heat; temperature.

ଶୀତ ତପତି ଜାଣିବାରେ
ଚର୍ମେ ବସିଲେ ଅଧିକାରେ। ଜଗନ୍ନାଥ. ଭାଗବତ।

୨। (ଲକ୍ଷଣାର୍ଥ) ଦୁଃଖ; କ୍ଳେଶ—
2. (figurative) Pain.

ନାଶଇ ବିରହ ତପତି
ମାରଶରକୁ ସେ ବାଳା ବଜ୍ରରୂପତି। ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି।

୩। (ଲକ୍ଷଣାର୍ଥ) ତତଲା ଭାତ—3. Hot boiled rice.

ତପତୀ—ସଂ. ବି. ସ୍ତ୍ରୀ. (ତପ+ଅପତ୍ୟାର୍ଥରେ ଅତ୍+ସ୍ତ୍ରୀ, ଈ)—
Tapatī ୧। ସୂର୍ଯ୍ୟକନ୍ୟା; ଛାୟାଗର୍ଭସମ୍ଭୂତା ସାବିତ୍ରୀଙ୍କ ଅନୁଜା; କୁରୁବଂଶୀୟ ସମ୍ବରଣ ରାଜାଙ୍କ ପତ୍ନୀ—1. Daughter of the Sun-god; name of a Rāṇī.
୨। ସୂର୍ଯ୍ୟପତ୍ନୀ ଛାୟାଦେବୀ—
2 One of the 2 wives of the Sun-god.
୩। ତାପ୍ତୀ ନଦୀ—3. Name of a river in South India; the Tāpti river.

କେତେ ଦିନ ଅନ୍ତେ ପାନ୍ଥେ ମିଳିଲେ ପ୍ରଦୋଷେ
ତପତୀ-ତଟିନୀ-ତୀରେ ଅଗ୍ନିଦେବ ସହ। ରାଧାନାଥ. ମହାଯାତ୍ରା।

ତପନ—ସଂ. ବି. (ତପ୍ ଧାତୁ+କର୍ତ୍ତୃ ଅନ)—୧। ସୂର୍ଯ୍ୟ—
Tapana 1. The sun.
୨। ସୂର୍ଯ୍ୟକାନ୍ତମଣି—2. The sun-stone; a gem.
୩। ନରକର ଭାଗବିଶେଷ—
3. A division of hell.
[ଦ୍ର—ଏଠାରେ ଅଗ୍ନି ଜ୍ୱାଳାରେ ପାପୀମାନେ ଦଗ୍ଧ ହୁଅନ୍ତି।]
୪। ଗ୍ରୀଷ୍ମକାଳ—4. The summer.
୫। ଅଗ୍ନିବିଶେଷ—5. Name of a sacrificial fire.
୬। ଅକନ୍ଦ ବୃକ୍ଷ; ଅର୍କଗଛ—
6. The swallowwort Calotropis Gigantea.
୭। ଶର (ହି. ଶବ୍ଦସାଗର)—7. Sun's rays.
୮। ନାୟକ ବିୟୋଗରେ ନାୟିକାପ୍ରଦର୍ଶିତ ହାବଭାବ—
8. The expressions of grief of a lady on the death of her lover.
୯। (+ଣିଚ୍ ଅନ)—ଉତ୍ତାପ; ତାପ—
9. Heat; warmth.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ନୀ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୧୦ । ଦାହ; ଜ୍ୱଳନ—10. Burning.

ସଂ. ବିଣ—୧ । (+କର୍ତ୍ତୃ. ଅନ) ଉତ୍ତାପଜନକ; ସନ୍ତାପକ— 1. Heating; warm; burning

ତପନ କର—ସଂ. ବି. (ତପନ+କର=କିରଣ; ୬ଷ୍ଠୀ ତତ୍)—
Tapana kara ସୂର୍ଯ୍ୟକିରଣ; ରଶ୍ମି—The rays of the sun; sunshine.

ତପନ କିରଣ—ସଂ. ବି. (ତପନ+କିରଣ; ୬ଷ୍ଠୀ ତତ୍)—ରଶ୍ମି—
Tapana kiraṇa The rays of the sun; sunshine.

ତପନଚ୍ଛଦ—ସଂ. ବି—ଅର୍କଫୁଲ—
Tapanachchhada The swallowwort; Calotropis Gigantia.

ତପନଜ—ସଂ. ବି. ପୁଂ. (ତପନ+ଜନ୍ ଧାତୁ+କର୍ତ୍ତୃ. ଅ)—
Tapanaja ତପନ ତନୟ (ଦେଖ)—
Tapana tanaya (See)

ତପନଜା—ସଂ. ବି. ସ୍ତ୍ରୀ (ତପନ+ଜନ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Tapanajā ତପନ ତନୟ (ଦେଖ)
Tapana tanaya (See)

ତପନଜା ତଟରୁ ତ ତରୁଣୀମାନେ କେଉଁ କୁତୂହଳରୁ ଅସିଲୁ ହେତୁ
କହ ବୋଲି ଉତ୍ତର ରେ—ବଦସ୍ଥାନ, ଜଗୋସ୍ୱଚନ୍ଦ୍ର, ତ-ଗୀତ ।

ତପନ ତନୟ—ସଂ. ବି. ପୁଂ. (ତପନ+ତନୟ; ୬ଷ୍ଠୀ ତତ୍)—
Tapana tanaya ୧ । ତପନାତ୍ମଜ—The son of the Sun-god.

୨ । ଯମ—2. Jama; the God of death.

୩ । ଶନିଗ୍ରହ—3. The planet Saturn.

୪ । କର୍ଣ୍ଣରାଜା—4. The king Karṇṇa

[ଦ୍ର—କୁନ୍ତୀଙ୍କ କୁମାରୀ ଅବସ୍ଥାରେ ସୂର୍ଯ୍ୟଦେବଙ୍କ ଔରସରେ ଏ ରଜା କୁନ୍ତୀଙ୍କ ଗର୍ଭରୁ କାନ ବାଟେ ଜନ୍ମିଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି ।]

୫ । ସୁଗ୍ରୀବ—5. A monkey-king.

ତପନ ତନୟା—ସଂ. ବି. ସ୍ତ୍ରୀ (ତପନ+ତନୟା; ୬ଷ୍ଠୀ ତତ୍)—
Tapana tanayā ୧ । ତପନାତ୍ମଜା; ସୂର୍ଯ୍ୟଙ୍କ କନ୍ୟା—
1. The daughter of the Sun-god.

୨ । ଗୋଦାବରୀ ନଦୀ—
2. The river Godābarī in South India.

୩ । ଯମୁନା ନଦୀ—3. The river Jamunā passing through Muttra.

୪ । ଶମୀବୃକ୍ଷ; ବଳିକାଠାଯୋଗ୍ୟ ଏକପ୍ରକାର ବୃକ୍ଷ—
4. Name of a tree from which fuel for Vedic sacrifices (homa) is gathered; Acacia Suma

୫ । ବ୍ରଜାଙ୍ଗନା; ଗୋପୀ—
5. The women-devotees of Śrīkṛushṇa.

ତପନ ତାପ—ସଂ. ବି. (ତପନ+ତାପ; ୬ଷ୍ଠୀ ତତ୍)—
Tapana tāpa ୧ । ସୂର୍ଯ୍ୟଙ୍କର ତେଜ—
1. The heat of the sun.

୨ । ରଶ୍ମି—2. The rays of the sun.

[ଦ୍ର—ଏହିପରି ସଂଜ୍ଞା ତତ୍ପୁରୁଷରେ ତପନତପ୍ତ, ତପନତାପିତ, ତପନୋତ୍ତାପିତ ଆଦି ଶବ୍ଦ ନିଷ୍ପନ୍ନ ହୁଏ ।]

ତପନ ମଣି—ସଂ. ବି. (ତପନ+ମଣି; ୬ଷ୍ଠୀ ତତ୍)—ସୂର୍ଯ୍ୟକାନ୍ତମଣି—
Tapanamaṇi The sun-stone; aventurine feldrpan

ତପନାଂଶୁ—ସଂ. ବି. (୬ଷ୍ଠୀ ତତ୍; ତପନ+ଅଂଶୁ)—ସୂର୍ଯ୍ୟକିରଣ;
Tapanāṁśu ରଶ୍ମି—Sun's rays

ତପନାତ୍ମଜ—ସଂ. ବି. ପୁଂ (ତପନ+ଆତ୍ମଜ; ୬ଷ୍ଠୀ ତତ୍)—
Tapanātmaja ତପନ ତନୟ (ଦେଖ)
Tapana tanaya (See)

ତପନାତ୍ମଜା—ସଂ. ବି. ସ୍ତ୍ରୀ (ତପନ+ଆତ୍ମଜା; ୬ଷ୍ଠୀ ତତ୍)—
Tapanātmajā ତପନ ତନୟା (ଦେଖ)
Tapana tanayā (See)

ତପନୀ—ସଂ. ବି. ସ୍ତ୍ରୀ (ତପନ+ସ୍ତ୍ରୀ. ଈ)—ଗୋଦାବରୀ ନଦୀ—
Tapanī The river Godābarī in South India.

ତପନୀୟ—ସଂ. ବିଣ (ତପ୍ ଧାତୁ+କର୍ମ. ଅନୀୟ)—ଉତ୍ତପ୍ତ କରିବାର
Tapanīya ଉପଯୁକ୍ତ—Fit to be heated; required to be heated.

ବି—୧ । ସୁବର୍ଣ୍ଣ; ସୁନା; (ଯାହାକୁ ଅଗ୍ନିଦ୍ୱାରା ଉତ୍ତପ୍ତ କରାଯାଏ)—1. Gold.

୨ । କନକ ଧୁତୁରା; କଳା ଦୁଦୁରା—2. The violet variety of Datura Fastuosa flower and plant.

ତପନୀୟକ—ସଂ. ବି. (ତପନୀୟ+ସ୍ୱାର୍ଥେ. କ)—ସୁନା—
Tapanīyaka Gold.

ତପନେଷ୍ଟ—ସଂ. ବି. (ତପନ+ଇଷ୍ଟ; ୬ଷ୍ଠୀ ତତ୍)—ତମ୍ବା; ତାମ୍ର—
Tapaneshṭa Copper.

ତପନୋପଳ—ସଂ. ବି. (ତପନ+ଉପଳ)—ସୂର୍ଯ୍ୟକାନ୍ତମଣି—
Tapanopaḻa The sun-stone.

ତପବନ୍ତ—ଦେ. ବିଣ.—(ସଂ. ତପୋବନ୍ତ)—ତପୋବନ୍ତ (ଦେଖ)
Tapabanta Tapobanta (See)

তপবন্ত ତପବନ୍ତ ଜନ ଏ ରତ୍ନରେ ଭୋଗ କରନ୍ତି ଭବ୍ୟ ଅଶନ ହେ ।
तपवन्त ବିଶ୍ୱନାଥ, ବଦତ୍କରମାୟଣ ।

ତପରଖ—ଗ୍ରା. ବି- (ଅ. ତଦାରୁକ୍ ଶବ୍ଦର ଅପଭ୍ରଂଶ ବ୍ୟବହାର; ତୁଳ
Taparakha ସଂ. ପରୀକ୍ଷା)—୧ । ପରଖ; ତଦାରଖ—
তদারখ 1. Investigation; enquiry: examination.
तद्दारुक ୨ । ତତ୍ତ୍ୱାବଧାରଣ; ତଦାରଖ—2, Supervision.

ତପଲ୍ଲା—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ତପ୍ତ)—ତତଲା; ତାତିଲା; ଉଷୁମ
Tapalā Warm.
(ଯଥା—ତପଲ୍ଲା ଭାତ)

୧	ଇଂ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ୍ଞ	ଶ,ଷ	ଙ୍କ	ଇଁ	ଉଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଓ	ନ୍

ତପଶ୍ଚର—ସଂ. ବି. (ତପସ୍ + ଚର ଧାତୁ = ଆଚରଣ କରିବା + କର୍ତ୍ତୃ. ଅ)—
Tapaśchara ତପସ୍ୟା କରୁଥିବା ବ୍ୟକ୍ତି—A person
(ତପଶ୍ଚରା — ସ୍ତ୍ରୀ) engaged in religious austerities.
ବିଣ. ପୁଂ.—ତପସ୍ୟାକାରୀ—
Practising austerities.

ତପଶ୍ଚରଣ—ସଂ. ବି (ତପଃ + ଚରଣ; ୬ଷ୍ଠୀ ତତ୍) — ୧ । ତପସ୍ୟା
Tapaścharaṇa କରିବା; ତପଃ ସାଧନା; ତପସ୍ୟାର ଅନୁଷ୍ଠାନ—
ତପଶ୍ଚର୍ଯ୍ୟା } ଅନ୍ୟରୂପ 1. The practising of religious
ତପଶ୍ଚାରଣ } austerities; engagement in spiritual meditation.
୨ । ତପସ୍ୟା; କୃଚ୍ଛ୍ରସାଧନ—
2. Asceticism; religious mortification.

ତପଶ୍ଚାରୀ—ସଂ. ବି ଓ ବିଣ. ପୁଂ (ତପସ୍ + ଚର୍ ଧାତୁ = ଆଚରଣ
Tapaśchārī କରିବା + କର୍ତ୍ତୃ. ଇନ୍; ୧ମା. ୧ବ)—
(ତପଶ୍ଚାରିଣୀ—ସ୍ତ୍ରୀ) ତପଶ୍ଚର (ଦେଖ)—Tapaśchara (See)

ତପସ—ସଂ. ବି (ତପ୍ ଧାତୁ + ସଂଜ୍ଞାର୍ଥେ. ଅସ)—୧ । ଚନ୍ଦ୍ର—
Tapasa 1. The moon
୨ । ସୂର୍ଯ୍ୟ—2 The sun.
୩ । ପକ୍ଷୀ—3. Bird.

ତପସିଲ୍—ବୈଦେ. ବି (ଅ. ତପ୍‌ସୀଲ୍) (କଚେରୀଆ)—୧ । ବିବରଣ—
Tapasil 1. Description.
তফসীল ୨ । ବିସ୍ତାରିତ ବିବରଣ—2. Detailed statement.
तफ़शील
୩ । ତାଲିକା; ଫେରସ୍ତ; ଫର୍ଦ୍ଦ—3. Schedule; list.
୪ । କୈଫିୟତ—4. Explanation; explanatory remarks.
୫ । ବିଶ୍ଳେଷଣ; ବିଭାଜନ; ବଣ୍ଟନ—5. Distribution.
୬ । ସୂଚୀ—6 Index.
୭ । ଟୀକା; ନୋଟ୍—7. Note.
ଦେ. ବିଣ—ଯାହାର ବିସ୍ତାରିତ ବିବରଣ ତଳରେ ଦିଆଗଲା;
ତପସିଲ ଲିଖିତ—Of which the detail is appended or given below.

ତପସିଲ୍ ଆସାମୀ—ବୈଦେ. ବି (କଚେରୀଆ) (ଫା. ତପ୍‌ସୀଲ୍ ଆସାମୀ)—
Tapasil āsāmī ଯେଉଁ ଆସାମୀ ବା ବ୍ୟକ୍ତିମାନଙ୍କ ନାମ
তপসিল আসামী ତାଲିକାରେ ଲେଖାଗଲା—The persons
तफ़सील आशामी whose names are given in the appended list.

ତପସିଲ୍ ଖୋଲିବା—ବୈଦେ. କ୍ରି (ଅ. ତପ୍‌ସୀଲ୍ + ଅ. ଖୁଲ୍‌ନା)—
Tapasil kholibā କୌଣସି ବିଷୟର ବିସ୍ତାରିତ ବିବରଣ ଯୋଗ
তপসিল খুলা କରିବା ବା ପ୍ରକାଶ କରିବା—To add a
तफ़सील खुलना detailed statement or glossary to a matter.

ତପସିଲ୍ ମୁତାବକ୍—ବୈଦେ. ଅ (କଚେରୀଆ) (ଫା. ତପ୍‌ସୀଲ୍ +
Tapasil mutābak ଫା. ମୁତାବକ୍)—ତାଲିକା ବା ବିସ୍ତୃତ
তপসিলমুতাবেক ବିବରଣ ଅନୁସାରେ—As per list or
तफसील मुताबिक schedule.

ତପସିଲ୍ ଲି(ଲେ)ଖିତ—ଦେ. ବିଣ (କଚେରୀଆ) (ଫା. ତପ୍‌ସୀଲ୍ + ସଂ.
Tapasil li(le)khita ଲିଖିତ)—ତାଲିକା ବା ବିସ୍ତୃତ ବିବରଣରେ
তপসিল লিখিত ଲେଖା ହୋଇଥିବା—Given or entered
तफसीलमें लिखाहुआ in the schedule or list.

ତପସୀ ମାଛ—ପ୍ରାଦେ (ବାଲେଶ୍ୱର) ବି (ସଂ. ତପସ୍ୱୀ ମତ୍ସ୍ୟ ଭୁଲ. ବ.
Tapasī māchha ତପସେ ମାଛ)—ଏକପ୍ରକାର ମାଛ; ବୋଦସି
ମାଛ—A kind of fish; mango fish.

ତପସ୍ତକ୍ଷ—ସଂ. ବି (ତପସ୍ + ତକ୍ଷ ଧାତୁ = ଚାଞ୍ଛିବା + କର୍ତ୍ତୃ. ଅ; ଯେ
Tapastaksha ଅନ୍ୟ ବ୍ୟକ୍ତିର ତପସ୍ୟାରେ ବିଘ୍ନ କରାନ୍ତି)—
ଇନ୍ଦ୍ର—God Indra.

ତପସ୍ତେଜଃ—ସଂ. ବି (ମ. ପ. ଲୋ. ତପଃ + ତେଜସ୍)-ତପାନଳ (ଦେଖ)
Tapastejah Tapānaḷa (See)

ତପସ୍ପତି—ସଂ. ବି (୬ଷ୍ଠୀ ତତ୍; ତପଃ + ପତି)—ବିଷ୍ଣୁ—
Tapaspati God Bishṇu.

ତପସ୍ୱାନ—ସଂ. ବି. ପୁଂ (ତପସ୍ + ବତ୍; ୧ମା. ୧ବ)-ତପସ୍ୱୀ—
Tapaswān Sage; anchorite.
(ତପସ୍ୱତୀ—ସ୍ତ୍ରୀ) ସଂ. ବିଣ. ପୁଂ—ତପସ୍ୟା କରୁଥିବା; ତପୋରତ—
Engaged in the practice of austerities.

ତପସ୍ୱିତା—ସଂ. ବି (ତପସ୍ୱିନ୍ + ଭାବାର୍ଥେ. ତା)—ତପସ୍ୱୀ ହେବାର
Tapaswitā ଅବସ୍ଥା—The state of being an anchorite.

ତପସ୍ୱିନୀ—ସଂ. ବି. ସ୍ତ୍ରୀ (ତପସ୍ୱିନ୍ + ସ୍ତ୍ରୀ. ଈ, ତପସ୍ୱୀର ସ୍ତ୍ରୀଲିଙ୍ଗ)—
Tapaswinī ୧ । ତପସ୍ୟାକାରିଣୀ ସ୍ତ୍ରୀ; ତପଶ୍ଚାରିଣୀ—
1. A female ascetic.
୨ । ଜଟାମାଂସୀ (ଦେଖ)—
2. Jaṭāmāṁsī (See).
ଉର୍ଦ୍ଧ୍ୱ ତପସ୍ୱିନୀ ସେନ ବହୁ କେଶ ଶୋଭ ହୋଇଥିଲା ଏଥିରେ ।
ଉପେନ୍ଦ୍ରଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୩ । ତପସ୍ୱୀର ସ୍ତ୍ରୀ; ଋଷିପତ୍ନୀ—3. Wife of a sage.
୪ । ପତିବ୍ରତା ବା ସାଧ୍ୱୀ ସ୍ତ୍ରୀ—
4. A chaste and virtuous woman.
୫ । କଟୁକା; କଟୁକା (ଦେଖ) (ହି. ଶବ୍ଦସାଗର)—
5. Kaṭukā (See)
୬ । ସ୍ୱାମୀଙ୍କ ମୃତ୍ୟୁ ପରେ ଯେଉଁ ସ୍ତ୍ରୀ ସହମୃତା ନ ହୋଇ
ସନ୍ତାନ ପାଳନ କରିବା ପାଇଁ ବ୍ରହ୍ମଚର୍ଯ୍ୟ ଓ କଷ୍ଟରେ
ଜୀବନ ଯାପନ କରେ—(ହି. ଶବ୍ଦସାଗର)—
6. A widow who does not immolate

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷରୀୟ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୁ' ଦେଖିବେ; 'ଅଙ୍କି' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

herself on the funeral pyre of her husband but lives to tend her child and passes her days in austerities.

୭ । ବଡ଼ ଗୋରଖମୁଣ୍ଡୀ (ଦେଖ) (ହି. ଶବ୍ଦସାଗର)— 7. A large species of Gorakhamuṇḍī (See).

ତପସ୍ୱିପତ୍ର—ସଂ. ତ—ଦମନକ ଗୁଳ୍ମ (ଦେଖ) (ହି. ଶବ୍ଦସାଗର)—
Tapaswi patra — Damanaka plant (See).

ତପସ୍ୱୀ—ସଂ. ବି. ପୁଂ (ତପସ୍+ଅସ୍ତି ଅର୍ଥରେ, ବିନ୍ ୧ମା. ୧ବ)—
Tapaswī (ତପସ୍ୱିନୀ—ସ୍ତ୍ରୀ) ୧ । ସଂସାରତ୍ୟାଗୀ ଅରଣ୍ୟାଶ୍ରମବାସୀ ବ୍ୟକ୍ତି— 1. A person who lives in a bower, being quite disgusted with the world.

୨ । ସଂଯତେନ୍ଦ୍ରିୟ ବ୍ୟକ୍ତି; ମୁନି; ତାପସ— 3. Ascetic; sage.

୩ । ତପସ୍ୟା ମତ୍ସ୍ୟ (ଦେଖ) Tapasyā matsya (See).

୪ । ଘୃତକୁମାରୀ (ଦେଖ)—(ହି. ଶବ୍ଦସାଗର)— 4. Aloes.

ବିଣ—୧ । ଧାର୍ମିକ; ବ୍ରତଧାରୀ; ତପସ୍ୟାରତ; ଧର୍ମାର୍ଥ କ୍ଳେଶ-ସହିଷ୍ଣୁ—1. Devoted to religious austerities or penances.

୨ । ଶାନ୍ତସ୍ୱଭାବ—2. Meek.

୩ । ନିର୍ଦ୍ଦୋଷ—3. Faultless.

୪ । ଦୀନ—4. Poor; afflicted; miserable.

୫ । ଦୟାର ଯୋଗ୍ୟ—(ହି. ଶବ୍ଦସାଗର)— 5. Pitiable.

ତପସ୍ୱୀ ମତ୍ସ୍ୟ—ସଂ. ବି. କ୍ଳୀ—ତପସ୍ୟା ମତ୍ସ୍ୟ (ଦେଖ)
Tapaswī matsya — Tapasyā matsya (See)

ତପସ୍ୟ—ସଂ. ବିଣ (ତପସ୍+କରଣାର୍ଥେ. ଯ)—୧ । ତପସ୍ୟାରେ ରତ—
Tapasya — 1 Given to austerities; engaged in penances.

୨ । ତପୋନିଷ୍ଠ—2. Steadily engaged in austerities.

ସଂ. ବି (ତପସ୍+ଭାବେ. ଯ)—୧ । ତପସ୍ୟା— 1. Penance; religious austerities.

୨ । ଅର୍ଜୁନ—2. Arjuna.

[ଦ୍ର—ଅର୍ଜୁନଙ୍କ ନାମ ଫାଲ୍‌ଗୁନ ଥିବାରୁ ଫାଲ୍‌ଗୁନାର୍ଥବାଚକ ଏହି ଶବ୍ଦ ଅର୍ଜୁନଙ୍କର ଏକ ନାମ ।]

୩ । କୁନ୍ଦ ଫୁଲ—3. A white feeble-smelling flower; Jasminum Pubescens.

୪ । ଫାଲ୍‌ଗୁନ ମାସ— 4. The month of Fālguna.

୫ । ହରିବଂଶ ଅନୁସାରେ ତାମସମନୁଙ୍କର ୧୦ ପୁତ୍ର ମଧ୍ୟରୁ ଏକ—5. One of the ten sons of Tāmasa Manu.

ତପସ୍ୟା—ସଂ. ବି. ସ୍ତ୍ରୀ (ତପସ୍+ଭାବେ. ଯ+ସ୍ତ୍ରୀ. ଆ)—୧ । ଅଭୀଷ୍ଟ
Tapasyā — ଫଳ-ପ୍ରାପ୍ତି ନିମନ୍ତେ କଠୋର ବ୍ରତ ସାଧନା— 1. Asceticism.

୨ । ବ୍ରତଚର୍ଯ୍ୟା—2. Devotional engagement.

୩ । କଠୋର ବ୍ରତାଚରଣ— 3. Practice of severe austerities.

୪ । ତପସ୍ୟା ମତ୍ସ୍ୟ (ଦେଖ) 4. Tapasyā matsya (See).

୫ । ଫାଲ୍‌ଗୁନ ମାସ (ହି. ଶବ୍ଦସାଗର)— 5. The month of Fālguna.

ତପସ୍ୟାଚରଣ—ସଂ. ବି (ତପସ୍ୟା+ଆଚରଣ; ୭ମୀ ବା ୬ଷ୍ଠୀ ତତ୍)—
Tapasyācharaṇa — ୧ । ଯୋଗ ସାଧନ— 1. Practising austerities.

୨ । ବ୍ରତାର୍ଥେ କଠୋର ନିୟମ ପାଳନ— 2. Observance of hard and strict rules of penance.

ତପସ୍ୟା ଜନିତ—ସଂ. ବିଣ (ତପସ୍ୟା+ଜନିତ; ୫ମୀ ତତ୍)—
Tapasyā janita — ତପସ୍ୟାରୁ ଜାତ—Produced by or arising from religious devotion.

ତପସ୍ୟା ବିଘ୍ନ—ସଂ. ବି (ତପସ୍ୟା+ବିଘ୍ନ, ୬ଷ୍ଠୀ ତତ୍)—
Tapasyā bighna — ତପସ୍ୟା ଭଙ୍ଗ (ଦେଖ) Tapasyā bhaṅga (See).

ତପସ୍ୟା ଭଙ୍ଗ—ସଂ. ବି (ତପସ୍ୟା+ଭଙ୍ଗ, ୬ଷ୍ଠୀ ତତ୍)—କୌଣସି
Tapasyā bhaṅga — ବ୍ୟକ୍ତି କରୁଥିବା ତପସ୍ୟା ଅନୁଷ୍ଠାନରେ ଜାତ ହେବା ବାଧା—Interruption of one's religious austerities.

ତପସ୍ୟା ମତ୍ସ୍ୟ—ସଂ. ବି—କଇ ମାଛ ପରି ୧୦।୧୨ ଅଙ୍ଗୁଳ ଲମ୍ବ, ଚେପଟା,
Tapasyā matsya — ଈଷତ୍ ହଳଦିଆ, କଣ୍ଟକପତ୍ରୀ ଲୁଣି ମାଛ
তপসে মাছ — ବିଶେଷ; ବୋଦସୀ ମାଛ ପରି ଏକପ୍ରକାର ମାଛ—
तपसी मछली — The mangoe fish; a salt-water small fish; Polynemus Paradiscus.

[ଦ୍ର—ଏହା ୧ ଫୁଟ୍ ପର୍ଯ୍ୟନ୍ତ ବଢ଼େ; ଅଣ୍ଡା ଦେବା ପାଇଁ ବୈଶାଖ ଓ ଜ୍ୟେଷ୍ଠ ମାସରେ ଏ ମାଛ ସମୁଦ୍ରରୁ ଗଙ୍ଗାକୁ ଉଠିଆସି ଗଙ୍ଗାରେ ମଧ୍ୟ ଧରାଯାଆନ୍ତି । ଏ ମାଛ ଖାଇବାକୁ ସୁସ୍ୱାଦୁ ।]

ତପା—ବୈଦେ. ବି (ଉର୍ଦ୍ଦୁ)—ଟପ୍ପା; ପ୍ରଗନା; ତାଲୁକ; ମୁସଲମାନ ରାଜତ୍ୱ
Tapā — ସମୟରେ କରାଯାଇଥିବା ଦେଶାଂଶର ବିଭାଗ— A Pergunnah or Sub-division, prevalent during the Mohomedan rule in India.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଓ
୨.	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍ଦ

[ଦ୍ର—ଏହାର ସାଙ୍କେତିକ ଚିହ୍ନ । ତ । ଯଥା—। ତ । ଗୋପାଳପୁର=ତପେ ଗୋପାଳପୁର, ଅର୍ଥାତ୍ ଗୋପାଳପୁର ନାମକ ତପାର ଅନ୍ତର୍ଗତ ।]

ତପା(ପେ)ଇବା—ଦେ. କ୍ରି (ସଂ. ତପ୍ ଧାତୁ)—ତତାଇବା—To heat.
Tapā(pe)ibā
গরমকরা **तपाना** ତାପେ ତପାଇଲାତ, ନାମ ଜପାଇଲାତ ।
ଅଭିମନ୍ୟୁ-ବଦନ୍ତ-ଚନ୍ଦ୍ରାମଣି ।

ତପାତ୍ୟୟ—ସଂ. ବି (ବହୁବ୍ରୀହି; ତପ=ଗ୍ରୀଷ୍ମକାଳ+ଅତ୍ୟୟ=ନାଶ)—ବର୍ଷାକାଳ—Rainy season.
Tapātyaya

ତପାନଳ—ସଂ. ବି (ଷ.ପ.କ୍ଳୋ. ତପ+ଅନଳ)—ତପସ୍ୟାଜନିତ ତେଜଃ—Splendour due to the practice of austerities.
Tapānaḷa

ତପା ମାସ—ଦେ. ବି—ମାଘ ମାସ—The month of Māgha.
Tapā māsa ତପାଳରେ ଯେଣ ପ୍ରାପ୍ତ । ତପା ମାସରେ କଦାପ୍ତ ।
ଉପେନ୍ଦ୍ର ଭଞ୍ଜ—କୋଟୀବ୍ରହ୍ମାଣ୍ଡ ସୁନ୍ଦରୀ ।

ତପାଳି—ଦେ. ବି—୧ । କଠୋର ତପସ୍ୟା—1. Hard penance.
Tapāḷi ୨ । ବହୁ ତପସ୍ୟା—2. A good deal of penance.
ତପାଳରେ ଯେଣ ପ୍ରାପ୍ତ । ତପାମାସରେ କଦାପ୍ତ ।
ଉପେନ୍ଦ୍ର ଭଞ୍ଜ—କୋଟୀବ୍ରହ୍ମାଣ୍ଡସୁନ୍ଦରୀ ।

ତପିତ—ସଂ. ବିଣ—ଉଜ୍ଜ୍ୱଳ; ସଂସ୍କୃତ; ମାର୍ଜିତ (ସୁବର୍ଣ୍ଣ)
Tapita Refined; burnished (gold) M. W.

ତପିବା—ଦେ. (ପଦ୍ୟ) କ୍ରି—ତପ ବା ତପସ୍ୟା କରିବା—To practise austerities.
Tapibā
তপা; **तपना**

ତପି ହେବା—ପ୍ରାଦେ. (ଗଡ଼ଜାତ) କ୍ରି—ନିଆଁ ପୋଇଁବା—To warm one's self before fire.
Tapi hebā

ତପୀ—ଦେ. ବି—ତପସ୍ୱୀ—Sage; ascetic.
Tapī
তপী **तपी**
ବିଣ.—ତପସ୍ୟାକାରୀ—Practising austerities.

ତଃପୁଃ—ଦେ. ଅ. (ସାଙ୍କେତିକ ଚିହ୍ନ) (ସଂ. ତତ୍ ପୂର୍ବେ)—ଜମିର ଥରେ
Ta:pu: କୌଣସି କ୍ଷେତ୍ର ପୂର୍ବବର୍ତ୍ତୀ କ୍ଷେତ୍ରର ପୂର୍ବଦିଗରେ ଥିଲେ ଏହି ସାଙ୍କେତିକ ଚିହ୍ନ ଲେଖାଯାଏ—An abbreviation noted against a plot in the field-book to denote its position as being to the east of the previous plot.

ତପୁ ଡିଆଁ କରିବା—ଦେ. କ୍ରି—କୌଣସି କାର୍ଯ୍ୟକୁ ଅଧାଗଣ୍ଡିଆ ଭାବରେ
Tapu ḍiān̄ karibā କରିବା; କୌଣସି କାର୍ଯ୍ୟ କରିବା ସମୟରେ ମଝିରୁ କେତେକ ଛାଡ଼ିଯାଇ ପରବର୍ତ୍ତୀ ଅଂଶ କରିଯିବା—To do some work (e.g.writing,reading) by omitting portions in the middle; to do a thing by halves or hap-hazardly.

ତପୁ ସିଆଁ କରିବା—ଦେ. କ୍ରି—ତପୁ ଡିଆଁ କରିବା (ଦେଖ)—
Tapu siān̄ karibā Tapu ḍiān̄ karibā (See).

ତପୁସ—ଦେ. ବି (ନାମ)—ଜଣେ ଉତ୍କଳବାସୀ ବଣିକଙ୍କ ନାମ, ଯେ କି
Tapusa ପରେ ବୁଦ୍ଧଦେବଙ୍କ ଶିଷ୍ୟ ହୋଇଥିଲେ (କୃପାସିନ୍ଧୁ-ଉତ୍କଳ ଇତିହାସ)—The name of a tradesman of Orissa, who during the later part of hislife became a disciple of the Buddha.

ତପୁସୀ—ଗ୍ରା. ବି (ସଂ. ତପସ୍ୱୀ)—ଋଷି—Sage.
Tapusī ବୃଦ୍ଧ ବ୍ରାହ୍ମଣ ସେ ତପୁସୀ
ସମୁଦ୍ରେ ଯାଉଥିଲ କରି । ଭୂପତି—ପ୍ରେମପଞ୍ଚାମୃତ ।

ତପୂ—ସଂ. ବି (ତପ୍ ଧାତୁ+କର୍ତ୍ତୃ. ଊ)—୧ । ଅଗ୍ନି—1. Fire.
Tapū ୨ । ସୂର୍ଯ୍ୟ—2. The sun.
୩ । ଶତ୍ରୁ—3. Enemy.
ଦେ. ଅ—ତପୁ (ଦେଖ)—Tapu (See)

ତପେ—ଦେ. ଅ. (କତରଥ)—
Tape ତପା ମଧ୍ୟରେ; ପ୍ରଗଣାର ଅନ୍ତର୍ଗତ—In a Pergunnah or Subdivision.
(ଯଥା—ତପେ ଗୋପାଳପୁର । ଏଥିର ସାଙ୍କେତିକ । ତ ।)

ତପେଇବା—ପ୍ରାଦେ. (ଗଞ୍ଜାମ) କ୍ରି—ଛାଡ଼ି ଦେବା—To let go.
Tapeibā
ପ୍ରାଦେ. (ସଂ. ତପ ଧାତୁ) (କଳାହାଣ୍ଡି) କ୍ରି—ତତେଇବା—To heat; to warm.

ତ ପୋଇ—ଦେ. ବି. (ନାମ)—ତଅ ପୋଇ (ଦେଖ)
Ta-poi Ta-a poi (See)

ତପୋଧନ—ସଂ. ବି. ପୁଂ. (ବହୁବ୍ରୀହି; ତପଃ+ଧନ)—
Tapodhana ୧ । ଯୋଗୀ; ମୁନି; ଋଷି—1. A sage; an ascetic.
୨ । (ରୂପକ କର୍ମଧାରୟ) ତପସ୍ୟା ରୂପ ଧନ—2. Asceticism compared to riches.
୩ । ତପୋଲଭ୍ୟ ସ୍ୱର୍ଗାଦି—3. Heaven etc aimed at by an ascetic.
୪ । ମୁଣ୍ଡୀରି ବୃକ୍ଷ (ପ୍ରକୃତିବାଦ) (ଦେଖ)—4. The Muṇḍira tree. (See)
୫ । ଦମନକ (ହି. ଶବ୍ଦସାଗର) (ଦେଖ)—5. Damanaka plant. (See)
୬ । ଗୋରଖମୁଣ୍ଡୀ (ହି. ଶବ୍ଦସାଗର) (ଦେଖ)—6. Gorakhamuṇḍi (See)
ସଂ. ବି—ଅତ୍ୟନ୍ତ ଧାର୍ମିକ—Eminently pious.

ତପୋନିଧି—ସଂ. ବି. ପୁଂ. (ବହୁବ୍ରୀହି; ତପଃ+ନିଧି)—
Taponidhi ୧ । ତପସ୍ୱୀ; ମୁନି; ଋଷି—2. An ascetic.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ତତ୍ପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଂଶୁ' ନ ପାଇଲେ 'ଅଞ୍ଚୁ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଂକୃତ' ଦେଖିବେ

୨ । ଅତ୍ୟନ୍ତ ଧାର୍ମିକ ବ୍ୟକ୍ତି—
2. An eminently pious person.

ତପୋନିଷ୍ଠ—ସଂ. ବିଣ. ପୁଂ. (ବହୁବ୍ରୀହି; ତପଃ + ନିଷ୍ଠା)—
Taponishtha ତପସ୍ୟାନିରତ; ତପଃପରାୟଣ—
(ତପୋନିଷ୍ଠା—ସ୍ତ୍ରୀ) Steadily engaged in practising austerities.

ତପୋବଟ—ସଂ. ବି—ବ୍ରହ୍ମାବର୍ତ୍ତ ଦେଶ (ଦେଖ) (ହି. ଶବ୍ଦସାଗର)—
Tapobata Brahmābartta (See)

ତପୋବନ—ସଂ. ବି.(୬ଷ୍ଠୀ ତତ୍; ତପଃ + ବନ)—୧ । ମୁନିଙ୍କ ଆଶ୍ରମ—
Tapobana 1. A hermit's grove; hermitage.
୨ । ତୀର୍ଥସ୍ଥାନ ବିଶେଷ —
2. Name of a place of pilgrimage.
[ଦ୍ର—ଏହା ହରଦ୍ୱାରର ଉତ୍ତରରେ ହୃଷୀକେଶ ଓ ଲକ୍ଷ୍ମଣ-ଝୋଲାର ମଧ୍ୟବର୍ତ୍ତୀସ୍ଥାନରେ ଅବସ୍ଥିତ । କେହି କେହି କହନ୍ତି ଏହା ବୃନ୍ଦାବନ ଅନ୍ତର୍ଗତ ଏବଂ ଏଠାରେ ଗୋପୀମାନେ କାତ୍ୟାୟନୀ ବ୍ରତ ଅନୁଷ୍ଠାନ କରିଥିଲେ ।]

ତପୋବନ୍ତ—ଦେ. ବିଣ—ତପୋନିଷ୍ଠ (ଦେଖ)
Tapobanta Taponishtha (See)
ତାହାଙ୍କ ପିତାମହ ଅଙ୍ଗିର ତପୋବନ୍ତ । କୃଷ୍ଣସିଂହ. ମହାଭାରତ ଆଦି ।

ତପୋବଳ—ସଂ. ବି. (୬ଷ୍ଠୀ ତତ୍ ବା ମ. ପ. ଲୋ; ତପଃ + ବଳ)—
Tapobala ତପସ୍ୟା ଜନିତ ପରାକ୍ରମ ବା କ୍ଷମତା—Power or potency acquired by the practice of austerities; potency of penances.

ତପୋବିଘ୍ନ—ସଂ. ବି. (୬ଷ୍ଠୀ ତତ୍; ତପଃ+ବିଘ୍ନ)—ତପସ୍ୟାରେ ଘଟୁଥିବା
Tapobighna ବାଧା—Interruption of religious
(ତପୋଭଙ୍ଗ—ଅନ୍ୟରୂପ) contemplation.

ତପୋବୃଦ୍ଧ—ସଂ. ବିଣ. ପୁଂ—ଯେ ତପସ୍ୟାଦ୍ୱାରା ଶ୍ରେଷ୍ଠତ୍ୱଲାଭ କରିଅଛନ୍ତି—
Tapobruddha One who has achieved excellence through austerities.

ତପୋଭ୍ରଷ୍ଟ—ସଂ. ବିଣ. (୫ମୀ ତତ୍; ତପଃ+ଭ୍ରଷ୍ଟ)—
Tapobhrashta ତପସ୍ୟାସାଧନରୁ ବିଚ୍ୟୁତ; ଯୋଗଭ୍ରଷ୍ଟ—
(ତପୋଭ୍ରଷ୍ଟା—ସ୍ତ୍ରୀ) Straying or fallen from the observance of austerities

ତପୋମୟ—ସଂ. ବିଣ. ପୁଂ. (ତପଃ+ପ୍ରାଚୁର୍ଯ୍ୟାର୍ଥରେ ମୟ)—
Tapomaya ତପଃ ପ୍ରଧାନ— Abounding in religious
(ତପୋମୟୀ—ସ୍ତ୍ରୀ) austerities.
ସଂ. ବି. ପୁଂ—୧ । ପରମେଶ୍ୱର—1. God.
୨ । ମହାଦେବ—2. God Siba.

ତପୋମାର୍ଗ—ସଂ. ବି. (ରୂପକ କର୍ମଧା;ତପଃ + ମାର୍ଗ)—ତପସ୍ୟା ରୂପକ ପଥ;
Tapomārga ଯୋଗମାର୍ଗ—The way of penance.

ତପୋଲୋକ—ସଂ. ବି. (ମ. ପ. ଲୋ. କର୍ମଧା; ତପଃ+ଲୋକ)—
Tapoloka ସପ୍ତଭୁବନ ମଧ୍ୟରୁ ତପଃ ନାମକ ଭୁବନ (ଜନଲୋକର ଊର୍ଦ୍ଧ୍ୱରେ ଅବସ୍ଥିତ)—The region above the 'Janaloka'
[ଦ୍ର—ପୁରାଣ ମତରେ ଏହା ପୃଥିବୀଠାରୁ କୋଟିଯୋଜନ ଊର୍ଦ୍ଧ୍ୱରେ ଅବସ୍ଥିତ ।
ବଙ୍ଗୀୟ ପଣ୍ଡିତ ଉମେଶଚନ୍ଦ୍ର ବିଦ୍ୟାରତ୍ନ ପ୍ରଣୀତ 'ମାନବେର ଜନ୍ମଭୂମି' ନାମକ ଗ୍ରନ୍ଥର ମତରେ ତପୋଲୋକ 'ହିରଣ୍ୟବର୍ଷ'ର ନାମାନ୍ତର ଏବଂ ରୁଷିଆ ଦେଶସ୍ଥ ସାଇବେରିଆର ଅନ୍ତର୍ଗତ ଅଟେ; ଉକ୍ତ ଗ୍ରନ୍ଥ ମତରେ ମହର୍ଲୋକ, ତପୋଲୋକ ଓ ବ୍ରହ୍ମଲୋକ ମିଶି 'ତ୍ରିଦିବ', ଅର୍ଥାତ୍ ବର୍ତ୍ତମାନ ସମଗ୍ର ସାଇବେରିଆ ପ୍ରଦେଶ ।]

ତପ୍ତ—ସଂ. ବିଣ. (ତପ୍ ଧାତୁ+କର୍ମ. କ୍ତ)—୧ । ଉତ୍ତାପଯୁକ୍ତ; ତାତିଲା;
Tapta ଉଷ୍ଣ; ଗରମ—1. Hot; heated; warm;
(ତପ୍ତା—ସ୍ତ୍ରୀ) scorched.
୨ । ଦୁଃଖଦ୍ୱାରା ଦଗ୍ଧ; କ୍ଲେଶପ୍ରାପ୍ତ—
2 Afflicted with pain or sorrow.
୩ । ଅନୁତାପ ଦଗ୍ଧ; ଅନୁତପ୍ତ—3. Remorseful; penitent.
୪ । ଗଳିତ—4. Molten.
୫ । କୁପିତ; କ୍ରୁଦ୍ଧ—5. Angered; enraged.
୬ । ଖିନ୍ନ; ଦୁଃଖିତ; ଶୋକାର୍ତ୍ତ—6. Sorrowing; afflicted with grief; distressed.
୭ । ଅଗ୍ନିରେ ପୋଡ଼ି ଦଗ୍ଧ ହୋଇଥିବା—
7. Burnt in fire.
୮ । ପୁଟପାକ ଶୋଧିତ—8. Burnt inside a ball of clay.
୯ । ଆଚରିତ—9. Followed; practised.
[ଦ୍ର—ଏହାର ପୂର୍ବରେ ଉତ୍ ଓ ସମ୍ ଉପସର୍ଗ ଲାଗି ଉତ୍ତପ୍ତ ସନ୍ତପ୍ତ ଆଦି ଶବ୍ଦ ଗଠିତ ହୁଏ ।]

ତପ୍ତ କାଞ୍ଚନ—ସଂ. ବି (କର୍ମଧା; ତପ୍ତ+କାଞ୍ଚନ)—୧ । ଗଳିତ ସ୍ୱର୍ଣ୍ଣ;
Tapta kānchana ତରଳ ସୁନା—1. Molten gold.
୨ । ଅଗ୍ନି ସଂଯୋଗରେ ବିଶୁଦ୍ଧ କାଞ୍ଚନ—
2. Refined gold.

ତପ୍ତ କୁଣ୍ଡ—ସଂ. ବି.—ଉଷ୍ଣପ୍ରସ୍ରବଣ; ଯେଉଁ ପ୍ରାକୃତିକ ଜଳଧାର ଗରମ
Tapta kunda ହୋଇ ଭୂଗର୍ଭରୁ ବାହାରୁ ଥାଏ—
Hotspring.

ତପ୍ତ କୁମ୍ଭ—ସଂ. ବି (କର୍ମଧା; ତପ୍ତ+କୁମ୍ଭ)—୧ । ଉତ୍ତପ୍ତ ମାଠିଆ—
Tapta kumbha 1. A heated jug.
୨ । ନରକ ବିଶେଷ; ହିନ୍ଦୁଶାସ୍ତ୍ରୋକ୍ତ ୮୪ ନରକ ମଧ୍ୟରୁ ଏକତମ—2. Name of a hell.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଥ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

ତପ୍ତ କୃଚ୍ଛ୍ର—ସଂ. ବି. (କର୍ମଧା; ତପ୍ତ + କୃଚ୍ଛ୍ର)—ବ୍ରତ ବା ପ୍ରାୟଶ୍ଚିତ୍ତ ବିଶେଷ—A peculiar sort of religious penance or mortification.
Tapta kṛuchchhra

[ଦ୍ର—ଏ ବ୍ରତରେ ୩ ଦିନ ଲେଖାଏଁ ଉଷ୍ଣଦୁଗ୍ଧ, ଘୃତ ଓ ଜଳପାନ କରି ରହିବାକୁ ହୁଏ । ମତାନ୍ତରରେ ଏ ବ୍ରତ ୧୨ ଦିନ କରାଯାଏ ଓ ଏ ବ୍ରତରେ ପ୍ରଥମ ୩ ଦିନ ପ୍ରତିଦିନ ୩ ପଲ ଗରମ ଦୁଧ, ୨ୟ ୩ ଦିନ ନିତି ୧ ପଲ ଗରମ ଘିଅ, ୩ୟ ୩ ଦିନ ୬ ପଲ ଲେଖାଏଁ ଗରମ ଜଳ ଓ ଶେଷ ୩ ଦିନ ଗରମ ଦୁଧରୁ ଉଠୁଥିବା ବାଷ୍ପ ସେବନ କରିବାକୁ ହୁଏ । ଏ ବ୍ରତ କଲେ ବ୍ରାହ୍ମଣ ସବୁପ୍ରକାର ପାପରୁ ବିମୁକ୍ତ ହୁଏ—ହି. ଶବ୍ଦସାଗର ।]

ତପ୍ତ ତୈଳଦ୍ରୋଣୀ—ସଂ. ବି. ସ୍ତ୍ରୀ—୧ । ନରକବିଶେଷ—
Tapta taila droṇi 1. One of the hells where boiling oil is poured over sinners or they are put into pots of hot oil.
୨ । ତାତିଲା ତେଲ ପରିଥିବା ପାତ୍ର—
2. A pot full of hot oil.

ତପ୍ତ ପାଷାଣ କୁଣ୍ଡ—ସଂ. ବି.—ନରକବିଶେଷ—
Tapta pāshāṇa kuṇḍa One of the 84 hells
(ତପ୍ତପାଷାଣ—ଅନ୍ୟରୂପ)

ତପ୍ତପୋଷ—ବୈଦେ. ବି—ତକ୍ତପୋଷ (ଦେଖ)
Taptaposha Taktaposha (See)

ତପ୍ତ ବାଲୁକ—ସଂ. ବି.(ବହୁବ୍ରୀହି; ତପ୍ତ+ବାଲୁକା)—
Tapta bāluka ନରକବିଶେଷ—One of the 84 hells filled with hot sand for the punishment of sinners.

ତପ୍ତ ବୈତରଣୀ—ସଂ. ବି. ସ୍ତ୍ରୀ—ହିନ୍ଦୁ ପୁରାଣ ମତରେ ମୃତ୍ୟୁ ପରେ ମନୁଷ୍ୟକୁ ପ୍ରେତ ରୂପେ ଯେଉଁ ତପ୍ତଜଳପୂର୍ଣ୍ଣ ନଦୀ ପାର ହେବାକୁ ପଡ଼େ—
Tapta baitaraṇi A river seething with boiling water which the ghost of a deceased person is said to have to pass after death according to the Hindu Purāṇas.

ତପ୍ତ ମାଷକ—ସଂ. ବି. (ବହୁବ୍ରୀହି; ତପ୍ତ + ମାଷକ = ଦିବ୍ର)—
Tapta māshaka ମାଣ୍ଡୁ ବା ପରୀକ୍ଷାବିଶେଷ—
(ତପ୍ତମାଷ—ଅନ୍ୟରୂପ) A particular mode of trial to find out if an accused is guilty.

[ଦ୍ର—ଏ ପରୀକ୍ଷାରେ ଅପରାଧୀ ବା ସନ୍ଦେହୀ ବ୍ୟକ୍ତିକୁ ହାତରେ ତାତିଲା ଦିବ୍ର ଧରିବାକୁ ଦେଇ ସେ ଦୋଷୀ ବା ନିର୍ଦ୍ଦୋଷ ପ୍ରମାଣ କରାଯାଉଥିଲା । ମତାନ୍ତରରେ ନିଆଁ ଉପରେ ବସାଇଲେ ଫୁଟୁଥିବା ଘିଅ ବା ତେଲରେ ଅଙ୍ଗୁଠି ବୁଡ଼ାଇଲେ ଯେବେ ସେ ବ୍ୟକ୍ତିର ହାତରେ ଫୋଟକା ହେଉ ନ ଥିଲା ତେବେ ସେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେଉଥିଲା । ହି. ଶବ୍ଦସାଗର ।]

ତପ୍ତମୁଦ୍ରା—ସଂ. ବି—ବୈଷ୍ଣବମାନେ ଭକ୍ତମାନଙ୍କ ବାହୁ ଆଦିରେ ଦିଆ ଯାଉଥିବା ଶଙ୍ଖ ଚକ୍ରାଦି ଚିହ୍ନ; ଉତ୍ତପ୍ତ ଧାତୁମୟ ମୋହରର ଛାପ—Marks of conch and discus made on the arms of devotees with heated metal seals.
Tapta mudrā

ତପ୍ତ ରୂପକ—ସଂ. ବି. (କର୍ମଧା; ତପ୍ତ + ରୂପକ = ରୌପ୍ୟ)—
Tapta rūpaka ବିଶୁଦ୍ଧ ରୌପ୍ୟ; ରୁପାନୀ—Pure silver.

ତପ୍ତ ଲୌହ—ସଂ. ବି—୧ । ମାଣ୍ଡୁ ବା ପରୀକ୍ଷାବିଶେଷ—
Taptalauha 1 A mode of trial.
୨ । ପ୍ରାୟଶ୍ଚିତ୍ତ ବିଶେଷ—
2. A kind of penance or expiation.

ତପ୍ତ ଶୂର୍ମ୍ମିକୁଣ୍ଡ—ସଂ. ବି. କ୍ଲୀ—ନରକବିଶେଷ—
Tapta śūrmmikuṇḍa Name of a hell.
(ତପ୍ତ ଶୂର୍ମୀ—ଅନ୍ୟରୂପ)

[ଦ୍ର—ଏଥିରେ ଅଗମ୍ୟା ସ୍ତ୍ରୀ ସମ୍ଭୋଗକାରୀ ପୁରୁଷ ବା ଅଗମ୍ୟ ପୁରୁଷ ସମ୍ଭୋଗକାରିଣୀ ସ୍ତ୍ରୀ ପାତକର ନାଲି ହୋଇଥିବା ଲୁହା ସ୍ତମ୍ଭକୁ ଆଲିଙ୍ଗନ କରିବାକୁ ପଡ଼େ ବୋଲି ପୁରାଣରେ ଲେଖା ଅଛି ।]

ତପ୍ତ ସୁରାକୁଣ୍ଡ—ସଂ. ବି.—ନରକବିଶେଷ—
Tapta surā kuṇḍa Name of a hell.

ତପ୍ତା ବୈତରଣୀ—ସଂ. ବି—ତପ୍ତ ବୈତରଣୀ (ଦେଖ)
Taptā baitaraṇi Tapta baitaraṇi (See)
ଦେ. ବି—ତପତା ବଇତରଣୀ; ମନୁଷ୍ୟର ଅତି ନିଃସ୍ୱ ଅବସ୍ଥା; ଅନାହାରରେ ରହିବା—A very destitute or starving condition of a person.

ତଫଉତ୍ (ଇତ୍ୟାଦି)—ବୈଦେ. ବି ଓ ବିଣ—ତଫାତ୍ ଇତ୍ୟାଦି (ଦେଖ)
Taphaut (etc) Taphāt etc. (See)
(ତଫାଉତ୍, ତଫୋଉତ୍—ଅନ୍ୟରୂପ)

ତଫସିଲ୍ (ଇତ୍ୟାଦି)—ବୈଦେ.ବି ଓ ବିଣ.(ଅ) ତପସିଲ୍ ଇତ୍ୟାଦି(ଦେଖ)
Taphasil (etc) Tapasil etc. (See)

ତଫାତ୍—ବୈଦେ. ବି. (ଅ. ତଫାଉତ)—
Taphāt ୧ । ବ୍ୟବଧାନ; ଅନ୍ତର—1. Interval.
୨ । ଦୂରତ୍ୱ—2. Distance.
ତଫୋତ୍, ତଫଉତ୍, ତଫାଉତ୍ } ଅନ୍ୟରୂପ ୩ । ପ୍ରଭେଦ—3. Difference; disparity.
तफात् ବିଣ—୧ । ପୃଥକ୍—1. Separate.
तफावत ୨ । ଦୂରସ୍ଥ—2. Distant.
୩ । ଅନ୍ତର ବା ବ୍ୟବଧାନରେ ଅବସ୍ଥିତ—
3. Situated at intervals.
ଅ—ଅପସରି ଯାଅ; ଦୂର ହୁଅ—
(interjection) Be off! keep away! stay at a distance!

ସାଧାରଣ ଲୋକେ ଅପର ବ୍ୟକ୍ତିରେ ବ୍ୟବହୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ତଫାତ୍ କରିବା—ଦେ. କ୍ରି—କୌଣସି ବ୍ୟକ୍ତି ବା ବସ୍ତୁକୁ ପୃଥକ୍ କରିବା ବା ଦୂରକୁ ସ୍ଥାନାନ୍ତରିତ କରିବା; ଅନ୍ତେଇବା-
Taphāt karibā
তফাত্ করা
तफावत करना
To separate a thing; to cause a thing or a person to move away to a distance; to remove a thing or a person to a distance.

ତବ୍ଲା—ପ୍ରାଦେ. (ସମ୍ବଲପୁର) ବି—୧ । ଫାରଶା—
Tab-lā — 1. Pole-axe.
୨ । ତାବଲା (ଦେଖ)—2. Tābalā (See)

ତବ—ସଂ. ସର୍ବନାମ (ଯୁଷ୍ମଦ୍ ଶବ୍ଦର ୬ଷ୍ଠୀ ବିଭକ୍ତି ୧ ବଚନ)—
Taba — ତୁମ୍ଭର; ତୋର—Your; thy; thine.
[ଦ୍ର—ସ୍ନେହାସ୍ପଦ ବା ଭକ୍ତିଭାଜନ ବ୍ୟକ୍ତି ବା ଈଶ୍ୱରଙ୍କ ପ୍ରତି ପଦ୍ୟରେ 'ତୁମ୍ଭର' ଏହି ଶବ୍ଦ ପରିବର୍ତ୍ତରେ 'ତବ' ବ୍ୟବହୃତ ହୁଏ । ଓଡ଼ିଆରେ ଏହାକୁ ଅବ୍ୟୟ ବୋଲି ଅନ୍ୱୟ କରାଯାଏ ।]

ତବକ—ବୈଦେ. ବି. (ଅ. ତବକହ୍=ପତ୍ର)—ଉପହାରରୂପେ ପ୍ରଦତ୍ତ ମିଷ୍ଟାନ୍ନ ବା ତାମ୍ବୂଳ ଉପରେ ଆବରଣରୂପେ ବ୍ୟବହୃତ ସୁନା ବା ରୂପାର ଅତି ସୂକ୍ଷ୍ମ ପାତିଆ ବା ସ୍ତର—
Tabaka
Thin filaments of gold and silver used in overlaying presents of sweets or betels.
[ଦ୍ର—ଏହି ପାତିଆ ଏତେ ପାତଳ ଯେ ଏହାକୁ ହାତରେ ମଳି ଦେଲେ ବା ପାଟିରେ ଖାଇଦେଲେ ଏହା ଚୂନା ହୋଇ ମିଳେଇଯାଏ । କୌଣସି ମିଠେଇ ବା ପାନଖିଲ ଉପରେ ଏହାକୁ ବସାଇ ଦେଲେ ତାହା ସୁନାରୂପାରେ ତିଆରି ହେଲା ପରି ଦିଶେ, ଅଥଚ ଖାଇ ଦେଲେ ଏହି ପାତିଆ ପାଟିକୁ ଜଣା ପଡ଼େ ନାହିଁ । ୧ ଭରି ଓଜନ ସୁନା ବା ରୂପାରେ ୧ ଇଞ୍ଚ ଲମ୍ବ ଓ ୧ ଇଞ୍ଚ ଚଉଡ଼ାର ୧୬୦ ପରସ୍ତ 'ତବକ' ପ୍ରସ୍ତୁତ ହୋଇପାରେ ଏବଂ ଏହି ୧୬୦ ଖଣ୍ଡ ଯାକ ଏକତ୍ର ଉପର୍ଯ୍ୟୁପରି ରଖି ଦେଲେ ସମୁଦାୟର ସ୍ଥୂଳତା ଏକ ଇଞ୍ଚର ¼ ଭାଗ ସୁଦ୍ଧା ହୁଏ ନାହିଁ । ୧ ଭରି ସୁନା ବା ରୂପାକୁ ୧୬୦ ଖଣ୍ଡ କରି କାଟି ୧୬୦ ପରସ୍ତ ମୃଗ ବା ଛାଗ ଚମଡ଼ାର ମୁଣା ମଧ୍ୟରେ ପ୍ରତ୍ୟେକ ପରସ୍ତରେ ଖଣ୍ଡିଏ ଲେଖାଏଁ ପୂରାଇ ସେ ଚମଡ଼ା ଉପରେ ହାତୁଡ଼ିରେ ମାଡ଼ ଦେଲେ ଉକ୍ତ ସୁନାରୂପାର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡମାନ ଗୋଟିଏ ଗୋଟିଏ 'ତବକ'ରେ ପରିଣତ ହୁଏ ।]
୨ । ତମ୍ବା ଓ ପତଳା ପିତଳର ବା ଅନ୍ୟ ଧାତୁର ଥାଳ—
2. Big and thin plates of brass or other metal.
୩ । (ହିନ୍ଦୁ ସ୍ତ୍ରୀମାନଙ୍କୁ ଡାହାଣୀ ଲାଗିବା ଭଳି) ପରୀମାନଙ୍କ ବାଧାରୁ ରକ୍ଷା ପାଇବା ନିମନ୍ତେ ମୁସଲମାନ୍ ସ୍ତ୍ରୀଲୋକଙ୍କ ବୋଲିବା ନମାଜ୍—3. Portion of the Koran recited by Mahommedan females to save themselves from the attack of evil imps.
୪ । ଘୋଡ଼ାଙ୍କ ଦେହରେ ଚକା ଚକା ଫୁଲା ଦାଗ ହେବା ଏକ ପ୍ରକାର ରୋଗ—4. A kind of disease attacking horses.
ଦେ. ବି. (ଭୁକ. ସଂ. ସ୍ତବକ)—୧ । ସ୍ତର; ପରସ୍ତ—
1. Layer; stratum.
୨ । ଥାକ—2. Shelf.

ତବକା—ବୈଦେ. ବି.—(ଅ. ତବକହ୍=ପାତିଆ)—ଚାଳର ଛିଦ୍ରରେ ପୂର୍ଣ୍ଣ ଗୋଲାକାର ଭୁଜିଆ; ଝବକାଭୁଜିଆ—A kind of sweetmeat consisting of hollow globules of flour boiled in ghee and saturated with syrup.
Tabakā
(ତବକାଭୁଜିଆ—ଅନ୍ୟରୂପ)
ପ୍ରାଦେ. (ମେଦନୀପୁର) ବି.—ତମାଖୁ (ଦେଖ)
Tamākhu (See)

ତବତ—ଦେ. ବିଣ. (ସଂ. ତପ୍ତ)—ଉଷ୍ଣ; ତାତିଲା; ତତଲା—
Tabata — Hot; warm.
ଦେ. ବି.—ଗରମ ଭାତ; ତତଲା ଭାତ—
Fresh boiled rice.

ତବତ ଖଣ୍ଡା—ପ୍ରାଦେ. (ଗଡ଼ଜାତ) ବି.—ବାରବରଷିଆ (ଗଛ) (ଦେଖ)
Tabata khaṇḍā — Bāra barashiā (tree) (See)

ତବତା—ଗ୍ରା. ବିଣ. (ସଂ. ତପ୍ତା)—ତାତିଲା; ଗରମ—
Tabatā — Hot; warm.

ତବତା ବଇତରଣୀ—ଦେ. ବି.—ତପ୍ତା ବୈତରଣୀ (ଦେଖ)
Tabatā baitaraṇi — Taptā baitaraṇi (See)

ତବତି—ଦେ. ବି. (ସଂ. ତପ୍ତତା)—୧ । ଉଷ୍ଣତା—
Tabati — 1. Warmth.
୨ । ତାତି; ଗରମି—2. Heat.
୩ । ଜ୍ୱର ଆଦି ଯୋଗୁଁ ହେବା ଶରୀରର ଉତ୍ତାପ—
3. High temperature of the body during fever etc.

ତବତିଆ—ଦେ. ବିଣ. (ସଂ. ତପ୍ତ)—୧ । ଉତ୍ତାପଯୁକ୍ତ; ତାତିଲା—
Tabatiā — 1. Hot; warm.
୨ । ଯେ ତବତ ଭାତ ଖାଏ—
2. One who eats boiled rice while still hot.
ପୂରିଲା ପେଟକୁ ଚନ ତବତିଆ, ମଣ୍ଡରେ ବସିଛ ଶୋଷପଟିଆ । ତଗ ।
[ଦ୍ର—ଏ ଦେଶରେ ମଧ୍ୟବିତ୍ତ ଓ ବଡ଼ଲୋକଙ୍କ ବ୍ୟତୀତ ଅନ୍ୟମାନେ ଦୁଇବେଳା ତବତ ଭାତ ନ ଖାଇ ଥରେ ତବତ ଓ ଅନ୍ୟ ବେଳା ପଖାଳ ଖାଆନ୍ତି ।]
୩ । ଯେ ତବତ ଭାତ ଖାଇବାକୁ ଉପସ୍ଥିତ ହୁଏ—
3. One ready to take fresh boiled rice.

୧	୮	ଊ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଣ,ଷ	ଞ୍ଚ	ଇଦୃ	ତ୍ଥ	ଘ
୬	ଈ	ଊ	ରୁ	ଲୃ	ପ୍ସ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ପ	ଯ	ର୍ଯ୍ୟ	ଇଅ	ଞ୍ଜ	ନ୍

ତବଦ—ଗ୍ରା (ପଦ୍ୟ) ବିଣ. (ସଂ. ସ୍ତବ୍ଧ)—ତବଦା (ଦେଖ)
Tabada Tabadā (See)

ଶୁଣିକରି ସଜ୍ଜନେ ତବଦ ହୋଇଲେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ତବଦା—ଦେ. ବିଣ. (ସଂ. ସ୍ତବ୍ଧ)—୧ । ସ୍ପନ୍ଦହୀନ; ନିଶ୍ଚଳ; ସ୍ତବ୍ଧ—
Tabadā 1. Motionless; calm.
୨ । ବନ୍ଦ କରାଯାଇ ଥିବା; ସ୍ତମ୍ଭିତ—2. Stopped.
୩ । (କର୍ଣ୍ଣ) ବଧିରୀକୃତ; ଡାବଦା—
3. Deafened; stiffened.
(ଯଥା—ଘଡ଼ଘଡ଼ି ଶବ୍ଦରେ ମୋ କାନ ତବଦା ହୋଇଗଲା ।]
୪ । ମୂର୍ଚ୍ଛିତ—4. Swooned; fainted.
୫ । (ଶରୀର ବା ଅଙ୍ଗବିଶେଷ) ବୋଧଶକ୍ତି ରହିତ—
5. Turned rigid; deadened.
୬ । ଅବଶୀକୃତ—6. Paralysed.

ତବଲ୍‌ଚୀ—ବୈଦେ. ବି. (ଫା. ତୁଲ ଫା. ନାଗରଚୀ)—ଯେଉଁ ବ୍ୟକ୍ତି
Tabal-chī ତବଲା ବାଦ୍ୟ ବଜାଏ—A musician who plays on the Tabalā.

ତବଲକ୍—ବୈଦେ. କ୍ରି. ବିଣ (ଆ.)—ହରଦମ୍; ସର୍ବଦା—
Tabalak Always; constantly.

ତବଲା—ବୈଦେ. ବି. (ଆ. ତବଲହ୍=ଢୋଲ; ତୁଲ. ସଂ. ତଲମୃଦଙ୍ଗ)—
Tabalā ୧ । ଡାହାଣହାତରେ ବଜାଯିବା ପଖୋଜପରି କିନ୍ତୁ
তবলা ଏକମୁହାଁ ଆନଦ୍ଧ ବାଦ୍ୟବିଶେଷ—1. A one-
तबला faced drum played on with the fingers
(ତବଲ—ଅନ୍ୟରୂପ) of the right hand.

[ଦ୍ର—ପଖୋଜ ଓ ମୃଦଙ୍ଗର ଦୁଇ ପିଠିରେ ହାତମାରି ବଜାଯାଏ; କିନ୍ତୁ ଏହା ନ କରି ଦୁଇ ହାତରେ ଦୁଇଟି ସ୍ୱତନ୍ତ୍ର ଆନଦ୍ଧ ବାଦ୍ୟଯନ୍ତ୍ର ବଜାଇଲେ ବାଁଆ ପାଖର ବାଦ୍ୟକୁ 'ଡୁଗୀ, ଡୁଗ୍ଗା, ବା ବାଯାଁ' ଏବଂ ଡାହାଣ ପାଖର ବାଦ୍ୟକୁ 'ତବଲ, ତବଲା, ବା ଡାଯାଁ' ବୋଲାଯାଏ । 'ଡୁଗୀ ତବଲ' ଓ 'ବାଯାଁ ତବଲା' ଶବ୍ଦଦ୍ୱାରା ଏହି ଯନ୍ତ୍ରଦ୍ୱୟ ବୁଝାଯାଏ । ଡୁଗୀ ମାଟିରେ ବା ଧାତୁରେ ଏବଂ ତବଲା କାଠରେ ତିଆରି ହୋଇଥାଏ । ଏମାନଙ୍କର ଉପରି ପାଖରେ ଚମଡ଼ା ଛାଉଣି ହୋଇଥାଏ ଏବଂ ତଳପାଖଟି ବନ୍ଦ ଥାଏ ।]

তাবলা; তবা ୨ । (ତୁଲ. ସଂ. ତପ୍ ଧାତୁ=ଉତ୍ତାପ ଦେବା)—
तवा ତେଲଭୁଣୀ ବା ପଲମ ଆକୃତିର ଚଟକା ପାତ୍ର; ତାଉଆ—
2. A shallow metal pot or frying pan; shallow cauldron.

ତବଲି—ବୈଦେ. ବି. (ଅ)—ସିତାରର ତୁମ୍ବୀର ମୁହଁରେ ଢାଙ୍କିଥିବା
Tabali ପତଳା କାଠପଟା—The thin plate of wood
তবলি, तबली covering the bulb of a guitar.

ତବିଅତ୍—ବୈଦେ. ବି. (ଆ. ତବୀଅତ୍)—୧ । ଶାରୀରିକ ସ୍ୱାସ୍ଥ୍ୟ—
Tabiat 1. Health.
তবিঅৎ ୨ । ଦିଲ୍; ମେଜାଜ୍; ଚିତ୍ତ—
तबीयत 2. Temperament; humour.

ତବିଅତ୍ ଖରାପ ହେବା—ବୈଦେ. ବି. (ଆ. ତବୀଅତ୍+ଫା. ଖରାବ୍)—
Tabiat kharāpa hebā ସ୍ୱାସ୍ଥ୍ୟ ବିଗିଡ଼ିବା; ଅସୁସ୍ଥ ହେବା—
(ତବିଅତ୍ ବିଗିଡ଼ିବା—ଅନ୍ୟରୂପ) Not feeling well; feeling sick.

ତବିଅତ୍ ଦାର୍—ବୈଦେ. ବିଣ. (ଆ. ତବିଅତ୍+ଫା. ପ୍ରତ୍ୟୟ ଦାର୍)—
Tabiat dār ୧ । ଭାବୁକ—Thinker.
(ତବିଅତ୍ ଦାରୀ—ବି) ୨ । ରସିକ; ରସଜ୍ଞ—2. A person of wit and humour.
୩ । ସମଝଦାର୍—3. A person of intelligence.

ତବୀବ୍—ବୈଦେ. ବି. (ଆ)—ବୈଦ୍ୟ; ଚିକିତ୍ସକ—
Tabib Physician.

ତବ୍ୟ—ସଂ.ପ୍ରତ୍ୟୟ—ଧାତୁର ଉତ୍ତର ଭବିଷ୍ୟତ୍‌କାଳରେ ଯୋଗ୍ୟ, ଉଚିତ
Tabya ବା କର୍ତ୍ତବ୍ୟ ଅର୍ଥରେ ହେବା ପ୍ରତ୍ୟୟ ବିଶେଷ (ଯଥା—ଶ୍ରୋତବ୍ୟ=ଶୁଣିବାର ଯୋଗ୍ୟ)—An affix with which future passive participles are formed from verbal roots like the English affix 'able' as in 'readable'; meaning, fit to be, deserving to be or requring to be.

ତମ୍ (ଧାତୁ)—ସଂ—୧ । ଖେଦ କରିବା—
Tam (root) 1. To grieve; to lament.
୨ । କ୍ଳାନ୍ତ ହେବା; ଅବସନ୍ନ ହେବା—
2. To be exhausted or fatigued.
୩ । ମ୍ଳାନ ହେବା—3. To fade; to pine.
୪ । ପବନ ରୁଦ୍ଧ ହେବା; ଅଣନିଶ୍ୱାସି ହେବା—
4. To be choked; to be suffocated (Apte).
୫ । କ୍ଳିଷ୍ଟ ହେବା; (ଶାରୀରିକ ବା ମାନସିକ) କ୍ଳେଶ ପାଇବା—5. To be distressed (in body or mind) (Apte).
୬ । ଇଚ୍ଛା କରିବା—6. To wish; to desire (Apte).
୭ । ବନ୍ଦହେବା—7. To stop (Apte).
୮ । ଅଚଳ ହେବା—
8. To become immoveable (Apte).

ତମ—ସଂ. ବି. (ସଂ. ତମ୍ ଧାତୁ=ଖେଦ କରିବା+କର୍ତ୍ତୃ. ଅ)—
Tama ୧ । ରାହୁ—1. The planet Rāhu; the Ascending Node (in Hindu astronomy).

ଧବଳ କରର କବଳ ତମ । ଭଞ୍ଜ. ପ୍ରେମସୁଧାନିଧି ।

[ଦ୍ର—ରାହୁର କାନ୍ତି ତମୋମୟ ବା ଅନ୍ଧକାରମୟ ହୋଇଥିବାରୁ ତାହାର ଏପରି ନାମ ହୋଇଅଛି ।]

୨ । (+କରଣ. ଅ) ଅନ୍ଧକାର—
2. Darkness; gloom.

ସାଧାରଣ ଲେଖକେ ଅପର ପୃଷ୍ଠାରେ ବର୍ଣ୍ଣିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଁଖା ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୩ । ଗୋଡ଼ର ଅଗ; ଅଗଗୋଡ଼—
3. The tip of the foot (Apte).

ଦେ. ବି. (ସଂ, ତମଃ)—କ୍ରୋଧ; ରାଗ—Anger.

ପୁଣ ନ ପଡ଼ି ଗଲେ ତମ। ଭୂପତି. ପ୍ରେମପଞ୍ଚାମୃତ।

ଦେ. ବିଣ—୧ । କ୍ରୋଧୀ—1. Angry.
୨ । ମତ୍ତ—2. Maddened.

କାମେ ତମ ହୋଇ ହିଂସା କରନ୍ତି—ପ୍ରାଚୀ. ପରଦେଶୀତା।

ଗ୍ରା. ସର୍ବ—ତୁମ୍ଭ; ତୁମ୍ଭର—Your.

ସଂ. ପ୍ରତ୍ୟୟ—୧ । ତିନି ବା ତତୋଽଧିକ ବ୍ୟକ୍ତି ବା ବସ୍ତୁ ମଧ୍ୟରେ ଆଧିକ୍ୟ ବା ନ୍ୟୂନତା ଅର୍ଥରେ ବିଶେଷଣ ଶବ୍ଦରୁ ଉତ୍ତର ହେବା ପ୍ରତ୍ୟୟବିଶେଷ—1. A superlative suffix added to adjectives like 'est', as in 'biggest and largest'.
(ଯଥା—ବୃହତ୍ତମ; କ୍ଷୁଦ୍ରତମ ।)
୨ । ବହୁ ମଧ୍ୟରେ ଏକକୁ ନିର୍ଦ୍ଦେଶ କରିବା ପାଇଁ କିମ୍, ତଦ୍ ଓ ଯଦ୍ ସର୍ବନାମ ପରେ ବ୍ୟବହୃତ ପ୍ରତ୍ୟୟ (ଏଥିରୁ ନିଷ୍ପନ୍ନ ପଦ କତମ, ତତମ, ଯତମ)—
2. A suffix to denote one of many.

ତମଃ—ସଂ. କ୍ଳୀ. (ତମ୍ ଧାତୁ+କରଣ ଅସ୍; ତମସ୍ ଶବ୍ଦ ୧ମା. ୧ବ)—
Tamaḥ ୧ । ଅନ୍ଧକାର; ଅନ୍ଧାର—1. Darkness.
୨ । ଭ୍ରମ; ଭ୍ରାନ୍ତି—2. Error.
୩ । ରାହୁଗ୍ରହ—3. The Ascending Node (in Hindu astronomy).
୪ । ତମୋଗୁଣ; ମନୁଷ୍ୟ ପ୍ରକୃତିର ୩ ଗୋଟି ଗୁଣ (ସତ୍ତ୍ୱ ରଜଃ ଓ ତମଃ) ମଧ୍ୟରୁ ଅଧମଗୁଣ; ମନୁଷ୍ୟର ପାଶବିକ ବୃତ୍ତି—4. The lowest human passions; animal passion.
[ଦ୍ର—କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଏହି ଷଡ଼ରିପୁ ଏଥିରୁ ଜାତ ।]
୫ । ପାପ—5. Sin.
୬ । ଶୋକ—6 Sorrow; grief.
୭ । ନରକ—7. Hell.
୮ । ଛାୟା—8. Shadow; shade.
୯ । ତମାଳ ବୃକ୍ଷ—9. The Tamāḷa tree.
୧୦ । ବରାହ—10. Boar.
୧୧ । କାଳିମା—11. Blackness.
୧୨ । ମୋହ—12. Fascination; infatuation; delusion.
୧୩ । (ସାଂଖ୍ୟମତରେ) ଅବିଦ୍ୟା; ମାୟା—
13. (Sāṁkhya philosophy) Illusion.
୧୪ । ପାଦର ଅଗ୍ରଭାଗ—
14 Front part or tip of the foot.
୧୫ । କଳଙ୍କ—15. Stain.
୧୬ । ଅଜ୍ଞାନ—16. Ignorance.

ସଂ. ବିଣ (+କର୍ତ୍ତୃ. ଅସ୍)—କ୍ଳାନ୍ତ—Fatigued.

ତମକ—ସଂ. ବି (ତମ୍ ଧାତୁ+କରଣ ଅକ; ଯାହା ଦ୍ୱାରା ରୋଗୀ କ୍ଳିଷ୍ଟ
Tamaka ହୁଏ)—ଏକପ୍ରକାର ଶ୍ୱାସରୋଗ; ଦମା କାଶ—
(ତମକ ଶ୍ୱାସ—ଅନ୍ୟରୂପ) A kind of asthma accompanied with fits of coughing and strained breathing.
[ଦ୍ର—ଏଥିରେ କାଶିବା ସଙ୍ଗେ ସଙ୍ଗେ ଘର୍ଘ ଶୋଷ ହୁଏ, ଦେହରୁ ଝାଳ ବହେ ଓ ଗଳା ଭିତର ଘଡ଼ଘଡ଼ ହୁଏ । ମେଘୁଆ ପାଗରେ ଏ ରୋଗର ଆକ୍ରମଣର ପ୍ରାବଲ୍ୟ ଦେଖାଯାଏ—ହି. ଶବ୍ଦସାଗର ।]

ଦେ. ବି—୧ । କ୍ରୋଧ; ରାଗ—1. Anger; rage.
तमक ୨ । ତେଜ; ତୀବ୍ରତା—2 Fury.
୩ । ଦମକ—3. Fit; gust; burst.

ତମ କବଳ—ଦେ (ପଦ୍ୟ) ବି (ସଂ. ତମ+କବଳ=ଗ୍ରାସ; ଯେ
Tama kabāḷa ଅନ୍ଧକାରକୁ ଗ୍ରାସ କରେ)—ଚନ୍ଦ୍ର—The moon.

ତମକବଳ ତମକୁ ସୁଧାରେ ପୂରଇ—ଉତ୍କ. ପ୍ରେମସୁଧାନିଧି ।

ତମଙ୍ଗକ—ସଂ. ବି—ମଞ୍ଚ; ବେଦୀ—
Tamaṅgaka A pulpit.

ତମତ—ସଂ. ବିଣ (ତମ୍ ଧାତୁ+ତ)—୧ । (+କର୍ତ୍ତୃ. ତ) ତୃଷିତ—
Tamata 1. Thirsty.
୨ । ଲାଳାୟିତ—2. Longing for.
୩ । (+କର୍ମ. ତ)—ବାଞ୍ଛିତ—
3. Wished for; desired.

ତମ ତମ—ଦେ. ଅ (ସଂ. ତମଃ=କ୍ରୋଧ)—
Tama tama ୧ । (ରାଗରେ) ଜର୍ଜର ବା ଅଧୀର—
গরগর 1. Full of; brimming with (anger).
तमतम, तमतमाहट [ଦ୍ର—ସେ ରାଗରେ ତମତମ ହୋଇ ମୋ ଉପରକୁ ଡହକି ଆସିଲା ।]
୨ । କ୍ରୋଧାନ୍ଧ; ଅତିଶୟ କ୍ରୋଧଯୁକ୍ତ—
2. Over powered with anger; trembling with rage.

ଅର୍ଜୁନ ମୁହିଁ ଏହା ଶୁଣିବାକ୍ଷଣେ ଶ୍ରମ
ବଳ ଅଗ୍ରେ କରଣ ହେଲେ ତମତମ—କୃଷ୍ଣସିଂ ହ. ମହାଭାରତ. ଆଦି ।

ତମତମ ହେବା—ଦେ. କ୍ରି—କ୍ରୋଧାନ୍ଧ ହେବା—
Tamatama hebā To be blinded by rage.
রাগে গরগর করা तमतमाना

ତମତା—ସଂ. ସ୍ତ୍ରୀ (ତମ+ଭାବାର୍ଥେ ତା)—୧ । ଅନ୍ଧକାର; ଅନ୍ଧାର
Tamatā (ହି. ଶବ୍ଦସାଗର)—1. Darkness.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଷ	ଙ୍କ	ଇସ୍ତ	ଉଅ	ଉ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଔ	ନ୍

୨ । ତମୋଭାବ—2 The state of being dark or delusive.

ତମ ପ୍ରଭ—ସଂ. ବି(ବହୁବ୍ରୀହି; ତମ+ପ୍ରଭା)—ଅନ୍ଧକାରମୟ ନରକବିଶେଷ
Tama prabha — Name of a hell full of darkness.

ତମମୟ—ସଂ. ବିଣ—ତମୋମୟ (ଦେଖ)
Tamamaya — Tamomaya (See)

ବଣସ୍ତେ ଯେତେ ଛିଦ୍ର ସେ ହେଲେ ବଗଦଲ୍ଲୀ **ତମମୟରେ** ଲୁଚ କ୍ୟୋନ୍ତ ।
ଉକ୍ତ. ବୈଦେହୀଶବିଳାସ ।

ତମର—ସଂ. ବି. (ତମ ଧାତୁ+ଅର)—**ସୀସା; ସୀସକ**—
Tamara — Lead.

ପ୍ରା. ସର୍ବନାମ—**ତୁମ୍ଭର**—Your; yours

ତମଲୁକ୍—ଦେ. ବି.—(ସଂ. ତାମ୍ରଲିପ୍ତ)—**ବଙ୍ଗପ୍ରଦେଶର** ମେଦନାପୁର
Tamaluk — **ଜିଲ୍ଲାର** ଗୋଟିଏ ସବ୍‌ଡିଭିଜନ୍ ଓ ସଦର—
ତମଲୁକ — Tamlook; name of a subdivision and a
तमलुक, तामलुक — town in the district of Midinapur in Bengal.

[ଦ୍ର—ତମଲୁକ ସଦର ରୂପନାରାୟଣ ନଦୀକୂଳରେ ଅବସ୍ଥିତ; ଏହା ଡାଏମଣ୍ଡ୍ ହାର୍ବର (ରୂପନାରାୟଣ ମୁହାଣ) ଠାରୁ ୧୫ ମାଇଲ ଦୂର । ଏଠାରେ ସବ୍‌ଡିଭିଜନ୍ ମହକୁମା, ଇଂରାଜି ହାଇସ୍କୁଲ୍, ମିଉନିସିପାଲିଟି, ମୁନସଫ୍ କୋର୍ଟ ଓ ଲୋକାଲ୍ ବୋର୍ଡ଼ ଅଫିସ ଅଛି । ଏଠାର ପୂର୍ବ ମାହିଷ୍ୟ (କୈବର୍ତ୍ତରୁ ଯାଇଥିବା ଧୀବର) ରାଜାଙ୍କର ବଂଶଧରମାନେ ରାଜ୍ୟ ହରାଇ ଅଛନ୍ତି; କିନ୍ତୁ ଏ ପର୍ଯ୍ୟନ୍ତ ଏହାଙ୍କର 'ରାଜା' ଉପାଧି ରହିଅଛି । ଏହି ରାଜବଂଶର ବଂଶୋପାଧି 'ରାୟ' । **ମହୁଶାଦଲର ରାଜା ତମଲୁକକୁ କିଣି ନେଇଅଛନ୍ତି । ଏହା ଖ୍ରୀଷ୍ଟ ୪ର୍ଥ ଶତାବ୍ଦୀ ଠାରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ଗୋଟିଏ ପ୍ରଧାନ ବାଣିଜ୍ୟ କେନ୍ଦ୍ର ଥିଲା । ଏହା ଗଙ୍ଗବଂଶରାଜାଙ୍କ ଅମଳରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଏବେ ଏଠାରେ ଓଡ଼ିଅପାଙ୍କି ଓ ଓଡ଼ିଆଭାଷା ଚଳୁଅଛି । (ଜଗବନ୍ଧୁ . ପ୍ରାଚୀନ ଉତ୍କଳ ।)**
ଏହା କଳିଙ୍ଗଦେଶକୁ ଲାଗି ସମୁଦ୍ରକୂଳରେ ଅବସ୍ଥିତ ଗୋଟିଏ ରାଜ୍ୟ ବୋଲି ମହାଭାରତରେ **ଉଲ୍ଲେଖ** ଅଛି । ଏଠାର ଲୋକେ ମହାଭାରତ ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ପକ୍ଷ ଅବଲମ୍ବନ କରିଥିଲେ ।
ହି. ଶବ୍ଦସାଗର]

ତମସ୍—ସଂ. ବି—ତମଃ (ଦେଖ)
Tamas — Tamah (See)

ତମସ—ସଂ. ବି (ତମ୍ ଧାତୁ+କରଣ. ଅସ)—୧ । ଅନ୍ଧକାର—
Tamasa — 1. Darkness; gloom.

ବିଧ୍ୱଂସନ ତମସ ଜଗତେ, ବଳବନ୍ତିଜ ଉଦେ ହୋଇ ଅସେ ।
ଉକ୍ତ. ବୈଦେହୀଶବିଳାସ ।

୨ । ଅଜ୍ଞାନ—2. Ignorance.

୩ । ତମୋଗୁଣ—3. Lowest human passions; low animal passions.

୪ । ନଗର ବିଶେଷ—4 Name of a town.

[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ତମସାଚ୍ଛନ୍ନ, ତମସାକ୍ରାନ୍ତ, ତମସାନ୍ଧ, ତମସାବୃତ, ତମସାକୁଳ ଇତ୍ୟାଦ ।]

ତମସା—ସଂ. ବି. ସ୍ତ୍ରୀ (ତମସ+ସ୍ତ୍ରୀ. ଆ)—ନଦୀ ବିଶେଷ—
Tamasā — Name of a river in N. India.

[ଦ୍ର—ଏହି ନଦୀ ଯମୁନାର ଉତ୍ପତ୍ତିସ୍ଥାନର ନିକଟବର୍ତ୍ତୀ ଗଡ଼ୱାଲ୍ ଦେଶରେ ପ୍ରବାହିତ । ଗୋଟିଏ ବ୍ୟାଧ କ୍ରୌଞ୍ଚିଯୁଗଳ ମଧ୍ୟରୁ ଗୋଟିକୁ ମାରି ପକାଇବାର ଦେଖି ଏହି ନଦୀର ନିକଟସ୍ଥ ଅରଣ୍ୟରେ ବାଲ୍ମୀକି ମୁନିଙ୍କ ମୁଖରୁ ଛନ୍ଦୋବଦ୍ଧ ପ୍ରଥମ ଶ୍ଳୋକ ଉଚ୍ଚାରିତ ହୋଇଥିଲା; ଯଥା—
"ମା ନିଷାଦ ପ୍ରତିଷ୍ଠାଂତ୍ୱ ମଗମଃ ଶାଶ୍ୱତୀଃ ସମାଃ
ଯତ୍ କ୍ରୌଞ୍ଚ ମିଥୁନାଦେକ ମବଧୀଃ କାମମୋହିତଂ । "]

ତମସାଚ୍ଛନ୍ନ—ସଂ. ବିଣ (୩ୟା ତତ୍; ତମସ+ଆଚ୍ଛନ୍ନ)—୧ । ଅନ୍ଧକାର
Tamasāchchhanna — ଦ୍ୱାରା ଆବୃତ; ଅନ୍ଧକାରମୟ—
(ତମସାବୃତ—ଅନ୍ୟରୂପ) — 1. Utterly dark; pervaded with darkness.

୨ । ଅଜ୍ଞାନାଚ୍ଛନ୍ନ—2. Pervaded with ignorance.

ତମସୁକ—ବୈଦେ. ବି (**ଅ.** ତମସ୍ସୁକ୍)—ଋଣଲେଖ; ଖାତକର
Tamasuka — ମହାଜନକୁ ଲେଖିଦେବା ଋଣଗ୍ରହଣର ନିଦର୍ଶନପତ୍ର;
ତମସ୍ସୁକ — ଋଣପତ୍ର; ଗୋଜା—Bond; handnote.
तमस्सुक — [ଦ୍ର—ତମସୁକ ନାନାପ୍ରକାର; ଯଥା—ପୋଲ୍ଲ ବା ସାଧା ତମସୁକ, ବନ୍ଧକୀ ତମସୁକ, ଯାବେବନ୍ଧକ ବା ଇହଣବନ୍ଧକ ତମସୁକ, ଫଳବନ୍ଧକ ବା ଦଖଲବନ୍ଧକ ତମସୁକ, କଣ୍ଟ ବା କଟବନ୍ଧକ ତମସୁକ ଓ ଯାମିନ୍‌ନାମା ତମସୁକ ।]

ତମସ୍ତତି—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ତମସ୍+ତତି=ବିସ୍ତାର; ରାଶି)
Tamastati — ଘୋର ଅନ୍ଧକାର—Gloom; deep or profound darkness.

ତମସ୍ୱିନୀ—ସଂ. ବି. ସ୍ତ୍ରୀ (ତମସ୍ୱିନ୍+ସ୍ତ୍ରୀ. ଈ)—୧ । ଅନ୍ଧାର ରାତ୍ର—
Tamaswini — 1. Dark night.

୨ । ରାତ୍ର—2. Night.

୩ । ହରିଦ୍ରା; ହଳଦୀ—3. Turmeric.

ସଂ. ବିଣ. ସ୍ତ୍ରୀ—ତମସ୍ୱୀର ସ୍ତ୍ରୀଲିଙ୍ଗ—Feminine of Tamaswi.

ତମସ୍ୱୀ—ସଂ. ବିଣ. ପୁଂ (ତମସ୍+ଅସ୍ତି ଅର୍ଥରେ ବିନ୍; ୧ମା. ୧ବ)—
Tamaswi — ଅନ୍ଧାରୁଆ; ତମୋମୟ; ଅନ୍ଧକାରମୟ—
(ତମସ୍ୱିନୀ—ସ୍ତ୍ରୀ) — Dark; gloomy.

ତମା—ସଂ. ବି. ସ୍ତ୍ରୀ (ତମ+ସ୍ତ୍ରୀ. ଆ)—୧ । ରାତ୍ରି; ତମୀ—
Tamā — 1. Night.

୨ । ତମାଲବୃକ୍ଷ—2. The Diospyrus Tomentosa tree.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ'ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ

ତମାଖୁ—ଦେ. ବି (ସଂ. ତାମ୍ରକୂଟ; ଭୁଲ. ପର୍ତ୍ତୁ. ଟାବାକୋ)—
Tamākhu ୧ । ଦୋକତା; ଧୂଆଁପତ୍ର; ତମାକୁ—1. Tobacco;
তামাক্, তামুক্, তমাকু Nicotiana; Nicotiana Tabacum. (Kirtikar).
तंबाकू, तमाखु
ଅ=ତାମ୍ବକ୍
ଫା=ତାମ୍ବାକୁ
ତେ=ଧୂମ୍ରପତ୍ରମ୍, ପୁଗାକୁ;
(ତମାକୁ—ଅନ୍ୟରୂପ)

[ଦ୍ର— ତମାଖୁ ବାର୍ତ୍ତାକାଦି ବର୍ଗର ବର୍ଷାୟୁ ଶାକ ଗୁଳ୍ମ । ବର୍ତ୍ତମାନ ଆସିଆ, ଆମେରିକା, ଇଉରୋପ, ଆଫ୍ରିକା ଆଦିରେ ଏହାର କୃଷି ହେଉଅଛି । ତମାଖୁ ଗଛ ୩ ଠାରୁ ୨ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଏଥିର ପତ୍ର ୨।୩ ଫୁଟ ପର୍ଯ୍ୟନ୍ତ ଲମ୍ବ ଓ ୧।୧୨ ଫୁଟ ଚଉଡ଼ା ହୁଏ । ଯେଉଁ ଜମିରେ କ୍ଷାର ଅଂଶ ବେଶି ଓ ନଈର ପଟୁ ଜମିରେ ଏ ଫସଲ ହୁଏ । ପ୍ରଥମେ ଏ ଗଛର ମଞ୍ଜି ବୁଣାଯାଏ । ଗଛମାନ ୫।୬ ଇଞ୍ଚ ଉଚ୍ଚ ହେଲେ ତାକୁ ମାନଙ୍କୁ ନେଇ ବହୁବାର ହଳ କରା ଯାଇଥିବା ଜମିରେ ୩ ଫୁଟ ଲେଖାଏଁ ଛଡ଼ାରେ ରୋଇବାକୁ ହୁଏ । ଏ ଫସଲପାଇଁ ଖୁବ୍ ପାଣି ଲୋଡ଼ା । ଯେଉଁ ଜମିରେ ଏ ଫସଲ ହୁଏ, ବରଷକ ଭିତରେ ସେ ଜମିରେ ଅନ୍ୟ ଫସଲ ହୋଇ ପାରେ ନାହିଁ । ଗଛରେ ଫୁଲ ହେବା ପୂର୍ବରୁ କଢ଼ ଓ କଅଁଳ ଅଗମାନ ଭାଙ୍ଗି ଦିଆଯାଏ ଓ ମୂଳପତ୍ର ମାନ ମଧ୍ୟ ଭାଙ୍ଗି ଦିଆଯାଏ । ଏ ଗଛରେ ଅନେକ ରୋଗ ହୁଏ ଓ ପୋକ ଲାଗନ୍ତି । ଏଥିପାଇଁ ସାବଧାନ ରହିବାକୁ ହୁଏ । ଗଛର ପତ୍ରମାନ ଟିକିଏ ହଳଦିଆ ପଡ଼ି ଆସିଲେ ଓ ତା ଉପରେ ଧଳା ଧଳା ଠୋପି ଠୋପି ଦାଗ ଦେଖାଗଲେ ଏ ଗଛମାନ କାଟି ପତ୍ରମାନଙ୍କୁ କେତେଦିନ ଖରାରେ ଓ କେତେଦିନ ଛାଇରେ ଟାଙ୍ଗି କରି ଶୁଖାଇବାକୁ ହୁଏ । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦି ପୂର୍ବେ ଏହା କେବଳ ଆମେରିକାର ଆଦିମ ନିବାସୀମାନେ ବ୍ୟବହାର କରୁଥିଲେ । କଲମ୍ବସ ଖ୍ରୀ. ୧୪୯୨ରେ ଆମେରିକା ଆବିଷ୍କାର କରିବା ସମୟରେ ଏହା ଦେଖିଲେ ଓ ୧୫୩୬ ସାଲରେ ସ୍ପେନ ଦେଶ ବାସୀମାନେ ଏହାକୁ ଇଉରୋପକୁ ପ୍ରଥମେ ଆଣିଲେ । ପର୍ତ୍ତୁଗାଲ ଦେଶୀୟ ଖ୍ରୀଷ୍ଟାନ୍ ପାଦ୍ରୀମାନେ ଷୋଡ଼ଶ ଶତାବ୍ଦିରେ ଏହା ଭାରତକୁ ଆଣିଲେ । ଏହି ପାଦ୍ରୀମାନଙ୍କୁ ଏହା ବ୍ୟବହାର କରିବା ଦେଖି ଦାକ୍ଷିଣାତ୍ୟ ଗୋଲକୁଣ୍ଡା ବିଜାପୁରର ନବାବ ଏହା ବ୍ୟବହାର କରି ହୁକ୍କା ଓ ଚିଲମରେ ଏହାର ଧୂଆଁ ପିଇବା ମାର୍ଗ ଉଦ୍ଭାବନ କରି ଏହାକୁ ଦିଲ୍ଲୀ ନେଲେ ଓ ମୋଗଲ ସମ୍ରାଟ ଆକବରଙ୍କୁ ଏହା ସେବନ କରିବାକୁ ମାର୍ଗ ମଡ଼ାଇଲେ । କିନ୍ତୁ ହକିମ୍‌ମାନେ କହିଲେ ଯେ ଏହା ସେବନ କଲେ ରୋଗ ଜନ୍ମିବ, ଏଥିଲାଗି ଆକବର ଏହା ସେବନ କଲେ ନାହିଁ; କିନ୍ତୁ ବିଜାପୁରର ନବାବଙ୍କ ଦେଖାଦେଖି ଏହା କ୍ରମଶଃ ବଡ଼ଲୋକଙ୍କ ମଧ୍ୟରେ ଓ ପରେ ଜନସାଧାରଣରେ ପ୍ରବେଶ ଲାଭ କଲା । ଇଉରୋପ ଓ ଆସିଆରେ ତମାଖୁର ପିକାରେ ଧୂଆଁ ଖାଇବା ଏପରି ଚଳିଲା ଯେ ଇଂଲଣ୍ଡ, ଫ୍ରାନ୍ସ ଓ ଭାରତରେ ରାଜାମାନେ ଆଇନଦ୍ୱାରା ତମାଖୁ ସେବନ ନିଷିଦ୍ଧ କଲେହେଁ ଏଥିର ବ୍ୟବହାର କ୍ରମଶଃ ବଢ଼ିଲା । ଡାକ୍ତର ଓ ଚିକିତ୍ସକମାନେ କହି ଆସୁଅଛନ୍ତି ଯେ ତମାଖୁରେ ବିଷ ଓ ନିଶା ଅଛି ଓ ଏହା ସେବନ କଲେ ସ୍ୱାସ୍ଥ୍ୟହାନି ଓ ବିଶେଷତଃ ଦୃଷ୍ଟିଶକ୍ତିର ହାନି ହୁଏ । ତଥାପି ଏହାର ପ୍ରଚୁର ଆବାଲବୃଦ୍ଧବନିତା ଓ ରାଜା ମହାରାଜାଙ୍କଠାରୁ କୁଟୀର ବାସୀ ଭିକ୍ଷୁକ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସର୍ବତ୍ର ବଢ଼ୁଛି । ତମାଖୁ ପତ୍ରକୁ ବଳ ପିକା କରି, ଲମ୍ବା ଟିକି ଟିକି କରି କାଟି ବା ମକି ଚିଲମ ଓ ପାଇପ୍‌ରେ ଏବଂ ତମାଖୁ ପତ୍ରର ଗୁଣ୍ଡରେ ଗୁଡ଼ ଓ ସୁବାସିତ ଦ୍ରବ୍ୟ ମିଶାଇ ଗୁଡ଼ାଖୁ ରୂପେ ହୁକ୍କାରେ ଲୋକେ ଏଥିର ଧୂଆଁ ପିଅନ୍ତି । ଏଥିର ଗୁଣ୍ଡରେ ଧନିଆ ଓ ପାନ ମହୁରି ଆଦି ମିଶାଇ ପାନ ସଙ୍ଗେ ଗୁଣ୍ଡି ରୂପେ, ଏଥିର ଚୂନାରେ ମସଲା ମିଶାଇ ସୁରତିରୂପେ ଓ ଏ ପତ୍ରକୁ ଚୂନ ସଙ୍ଗେ ଦଳି ଚୂନପତ୍ରରୂପେ ଲୋକେ ପାଟିରେ ଜାକନ୍ତି । ଏହି ପତ୍ରକୁ ଚୂର୍ଣ୍ଣ କରି ଲୋକେ ନାସ କରି ଶୁଂଘନ୍ତି । ପୂର୍ବେ ଏ ଦେଶରେ ଏକ ପ୍ରକାର ଧୂଆଁପତ୍ର ବଣରେ ଜାତ ହେଉଥିଲା; କିନ୍ତୁ କେହି ତାର ବ୍ୟବହାର ଜାଣି ନ ଥିଲେ । ଚରକାଦି ଆୟୁର୍ବେଦ ଶାସ୍ତ୍ରରେ 'ଧୂମ୍ରପାନ'ର ଉଲ୍ଲେଖ ଅଛି, ମାତ୍ର 'ତାମ୍ରକୂଟ' ଶବ୍ଦର ଉଲ୍ଲେଖ ନାହିଁ । ଅନେକ ପ୍ରକାରର ଧୂଆଁପତ୍ର ଦେଖାଯାଏ; ଯଥା—ଦେଶୀ, ବାଲେଶ୍ୱରୀ, ମୋଛହାରୀ, ସଂଘିପୁରୀ, ବାଇଁଗଣୀ ଓ ବଷ୍ଟୁପୁରୀ ବା ବଡ଼ପତ୍ର । ବୈଦ୍ୟକ ମତରେ ତମାଖୁ ତିକ୍ତ, ଗରମ, କଡ଼ୁଆ, ବମନ କାରକ, ମତ୍ତତାଜନକ ଓ ଦୃଷ୍ଟିଶକ୍ତିର ହାନିକାରକ । ଏଥିରେ ନିକୋଟିନା ନାମକ ମାରାତ୍ମକ ବିଷ ଅଛି ।]

୨ । ଗୁଡ଼ାଖୁ—2. A smoking mixture made of tobacco powder kneaded with molasses.

ତମାଖୁ ଖାଇବା—ଦେ. କ୍ରି—୧ । ହୁକ୍କା ଦ୍ୱାରା ଗୁଡ଼ାଖୁର ଧୂଆଁ ପିଇବା ବା ଟାଣିବା—1. To smoke tobacco-mixure with a hubble-bubble.
Tamākhu khāibā
ତମାଖୁ ଟାଣିବା } ଅନ୍ୟରୂପ
ତମାଖୁ ପିଇବା }
তামাক্ খাওয়া, তামাক্ টানা
तमाखु पीना

୨ । ତମାଖୁ ପତ୍ରର ଗୁଣ୍ଡ ବା ଖଣ୍ଡମାନ ଚିଲମରେ ବା ନଳୀ ଭରି ସେଥିରେ ନିଆଁ ଲଗାଇ ଲମ୍ବା ପିକା ବା ଚୁରୁଟ ଦ୍ୱାରା ତହିଁର ଧୂଆଁ ପିଇବା—2. To smoke tobacco leaves with cigarettes or pipes.

ତମାଖୁ ସଜା(ଜେ)ଇବା—ଦେ. କ୍ରି—ଧୂଆଁ ଖାଇବା ପାଇଁ ହୁକ୍କାର ଚିଲମରେ ଗୁଡ଼ାଖୁ ବା ଧୂଆଁ ପତ୍ର ଖଣ୍ଡମାନ ରଖି ତହିଁରେ ଅଗ୍ନି ସଂଯୋଜିତ କରି ପିଇବାର ବ୍ୟବସ୍ଥା କରିବା—To fit a hubble-bubble with smoking mixure and fire.
Tamākhu sajā(je)ibā
(ତମାଖୁ ଚଢ଼ାଇବା—ଅନ୍ୟରୂପ)
তামাক্ সাজান, তামাক্ চড়ান
तमाखु चढ़ाना

ତମାଦି—ବୈଦେ. ବି. (ଅ. ତମାଦୀ) (କଚେରିଆ ଭାଷା)—
Tamādi ୧ । ନିର୍ଦ୍ଦିଷ୍ଟ କାଳ ଅତିକ୍ରାନ୍ତ ହେବା; ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେବା—1. Limitation; expiry of the fixed time.
তামাদি
तमादि

୨ । କାଳାତିକ୍ରମ ଦୋଷ—2. Bar of limitation.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଐ	ଉଅ	ଊ
୨	ଈ	ଉ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ଋ

ବିଣ—ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇଥିବା ଯୋଗୁଁ ଆଇନ୍ ଅନୁସାରେ ଆଦାୟ କରାଯାଇ ନ ପାରିବା (ପ୍ରାପ୍ୟ ବା ଦାବି)—(claim or due) Barred by limitation; time-expired; statute-barred.

(ଯଥା—ତମାଦି ତମସୁକ ।)

[ଦ୍ର—ଭିନ୍ନ ଭିନ୍ନ ଶ୍ରେଣୀର ମକଦ୍ଦମା ଦାଏର୍ କରିବା ପାଇଁ ଆଇନ୍ ଅନୁସାରେ ବିଭିନ୍ନ ସମୟ 'ନିର୍ଦ୍ଧାରିତ' ହୋଇଅଛି । ନାଲିସର କାରଣ (cause of action) ର ଉଦ୍ଭବ ହେବାସମୟରୁ ସେହି ନିର୍ଦ୍ଦିଷ୍ଟ ସମୟମଧ୍ୟରେ ମକଦ୍ଦମା ଦାଏର୍ ନ ହେଲେ ମକଦ୍ଦମାରେ ତମାଦି ଦୋଷ ଘଟେ ଓ ବାଦୀର ଦାବି ପ୍ରକୃତ ହେଲେ ମଧ୍ୟ ତାର ମକଦ୍ଦମା ଡିସ୍‌ମିସ୍ କରାଯାଏ ।]

ତମାଦି ଆଇନ୍—ବୈଦେ. ବି. (ଆ. ତମାଦି + ଅଇନ୍) (କଚେରିଆ ଭାଷା)—ଯେଉଁ ଆଇନ୍‌ରେ ଭିନ୍ନ ଭିନ୍ନ ଶ୍ରେଣୀର ଦାବି ଭିନ୍ନ ଭିନ୍ନ ନିର୍ଦ୍ଦିଷ୍ଟ ସମୟ ପରେ ବାରିତ ହେବା ବିଷୟର ଉଲ୍ଲେଖ ଥାଏ—Law of Limitation; Limitation Act.
Tamādi āin
তামাদি আইন
तमादी कानून

[ଦ୍ର—ବର୍ତ୍ତମାନ ଇଂରେଜ ଶାସିତ ଭାରତବର୍ଷରେ ୧୯୦୮ ସାଲର ଯେଉଁ ୯ ଆଇନ୍ ତମାଦି ଆଇନ୍ ନାମରେ ପରିଚିତ ତହିଁରେ ଭିନ୍ନ ଭିନ୍ନ ମକଦ୍ଦମା, ଅପିଲ, ଦରଖାସ୍ତ ଓ ଅନ୍ୟାନ୍ୟ ଦାବି କଚେରିରେ ଉତ୍ଥାପିତ କରିବା ପାଇଁ ଭିନ୍ନ ଭିନ୍ନ କାଳ ନିର୍ଦ୍ଦିଷ୍ଟ ହୋଇଅଛି; ସେହି ନିର୍ଦ୍ଦିଷ୍ଟ କାଳ ମଧ୍ୟରେ ମକଦ୍ଦମା ଦାଏର ନ କଲେ ବା ଦରଖାସ୍ତ ଅର୍ପଣ ନ ହେଲେ ପ୍ରାର୍ଥୀ କୌଣସି ପ୍ରତିକାର ପାଇ ପାରିବ ନାହିଁ ।]

ତମାଦି ଦୋଷ—ବୈଦେ. ବି (କଚେରିଆ ଭାଷା)—ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେବା ପରେ ମକଦ୍ଦମା ବା ଦରଖାସ୍ତ ଦାଏର ହେବା ଯୋଗୁଁ ଘଟିବା ଦୋଷ, ଯହିଁ ଯୋଗୁଁ ପ୍ରାର୍ଥନାକାରୀଙ୍କୁ ପ୍ରାର୍ଥିତ ପ୍ରତିକାର ମିଳି ପାରେ ନାହିଁ—Bar of limitation in a suit or case.
Tamādi dosha
তমাদিদোষ
तमादीदोष

ତମାଦି ଦୋଷରେ ବାରିତ—ବୈଦେ. ବିଣ (କଚେରିଆ ଭାଷା)—
Tamādi doshare bārita
୧ । ତମାଦି ଆଇନ୍ ଅନୁସାରେ ନିର୍ଦ୍ଧାରିତ ଉପଯୁକ୍ତ ସମୟ ମଧ୍ୟରେ ଦାଏର୍ କରା ଯାଇ ନ ଥିବା ଯୋଗୁଁ ଉକ୍ତ ତ୍ରୁଟି ଯୋଗୁଁ ନାମଞ୍ଜୁର ହେବା ଯୋଗ୍ୟ (ଦାବି ବା ମକଦ୍ଦମା ବା ଦରଖାସ୍ତ ଅର୍ପଣ)—1. (a claim or case or petition) Barred by time.

୨ । ତମାଦି ଆଇନରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅସୁଲ କରା ଯାଇ ନ ଥିବାରୁ ଯେଉଁ ଦୋଷ ହେତୁ ଉକ୍ତ ତମସୁକ ବା ଋଣପତ୍ର ସମ୍ବନ୍ଧେ ଅଦାଲତରେ ମକଦ୍ଦମା କଲେ ମକଦ୍ଦମା ଡିସ୍‌ମିସ୍ ହୁଏ—2. (bond or handnote) Time-barred.

[ଦ୍ର—ହାଣ୍ଡନୋଟ୍ ବା ସାଧାରଣ ତମସୁକର ସମ୍ପାଦନ ତାରିଖ ଠାରୁ ୩ ବର୍ଷ ମଧ୍ୟରେ, ଖାତକ କିଛି ଟଙ୍କା ସୁଝି ଦଲିଲରେ ଅସୁଲ ପ୍ରସଙ୍ଗ ଲେଖି ଦସ୍ତଖତ୍ କରିଥିଲେ ଅସୁଲ ତାରିଖରୁ ୩ ବର୍ଷ ମଧ୍ୟରେ ଉକ୍ତ ଦଲିଲ ବାବଦ୍ ପ୍ରାପ୍ୟ ପାଇଁ ନାଲିସ ଦାଏର୍ ନ ହେଲେ ଉକ୍ତ ଦଲିଲ ତମାଦିଦୋଷରେ ବାରିତ ହୁଏ । ରେଜିଷ୍ଟରି ତମସୁକ, ବନ୍ଧକ ତମସୁକ ପାଇଁ ନିର୍ଦ୍ଧାରିତ ମିଆଦ ପୃଥକ୍; ଏହିପରି ଖଜଣା ନାଲିସ, ଡିକ୍ରିଜାରି ମକଦ୍ଦମା, ଖେସାରତ ମକଦ୍ଦମା, ସ୍ୱତ୍ୱରୁ ବେଦଖଲ ହେଲେ ଦଖଲ ପାଇବା ପାଇଁ ମକଦ୍ଦମା, ଅପିଲ ମକଦ୍ଦମା ଅର୍ପଣ ପାଇଁ ଭିନ୍ନ ଭିନ୍ନ ନିର୍ଦ୍ଦିଷ୍ଟ ସମୟ ଅଛି । ଉକ୍ତ ସମୟ ଅତିକ୍ରମିଯିବା ପରେ କୌଣସି ପ୍ରତିକାର ମିଳେ ନାହିଁ ।]

ତମାଦି ବାକି—ବୈଦେ. ବି. ଓ ବିଣ—(ଆ. ତମାଦି + ବାକି)—ଆଦାୟ ହୋଇ ନ ଥିବା ଯେଉଁ ପ୍ରାପ୍ୟ ଧନରେ ତମାଦି ଦୋଷ ଘଟି ଅଛି—Time-barred arrear.
Tamādi bāki
তমাদি বাকি
तमादी बाकी

ତମାଦି ରକ୍ଷା—ଦେ. ବି. (କଚେରିଆ ଭାଷା) ତମସୁକ ଅର୍ପଣ ତମାଦି ହେବାର ଆଇନ୍‌ରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଉକ୍ତ ତମସୁକ ବାବଦ୍ ପାଉଣା ମଧ୍ୟରୁ କିଛି ଟଙ୍କା ଆଦାୟ ଦେବା, କିମ୍ବା ଉକ୍ତ ପ୍ରାପ୍ୟ ଲିଖିତ ଭାବରେ ସ୍ୱୀକାର କରିବାଦ୍ୱାରା ତମାଦି ଦୋଷରୁ ଉକ୍ତ ଦଲିଲକୁ ବଞ୍ଚାଇ ରଖିବା—The saving of limitation by part payment or acknowledgement of the dues on a bond.
Tamadi raksha
তমাদিরক্ষা

ତମାଦି ହେବା—ଦେ. କ୍ରି.—(କୌଣସି ଦଲିଲ ବା ଦାବି) ତମାଦି ଦୋଷ-ଦୁଷ୍ଟ ହେବା—(a document or claim) To be barred by limitation.
Tamādi hebā
তমাদি হওয়া
तमादी होना

ତମାମ୍—ବୈଦେ. ବିଣ. (ଆ. ତମାମ୍ = ପୂରା, ସମ୍ପୂର୍ଣ୍ଣ, ସାରା)—
Tamām
তমাম
ईतिमाम, तमाम
୧ । ପୂରା; ସମ୍ପୂର୍ଣ୍ଣ—1. Entire; complete.
୨ । ସମାପ୍ତ; ଖତମ—2. Completed; finished.
୩ । ସମୁଦାୟ—3. Whole.
୪ । ଶେଷ; ଅନ୍ତିମ—4. Final
୫ । ପରିପୂର୍ଣ୍ଣ—5 Full; filled up.
୬ । ସମଷ୍ଟି କରାଯାଇ ଥିବା—6 Added together; totalled up.
୭ । ମୃତ—7 Dead.

ବୈଦେ.—ସର୍ବନାମ—ସବୁ; ସମୁଦାୟ (ବ୍ୟକ୍ତି, ବସ୍ତୁ, ସ୍ଥାନ, ସମୟ)—7. All; the whole (persons, things, places and time).

ବି.—୧ । ସମଷ୍ଟି—1. Total
୨ । ସମାପ୍ତି—2. Completion; finish

ସାଧାରଣ ଲୋକେ ଆରମ୍ଭ ପୃଷ୍ଠାରେ ପ୍ରଦତ୍ତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କାଁ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅ.— ୧ । ସମ୍ପୂର୍ଣ୍ଣରୂପେ—
1. Fully; completely; entirely.
୨ (ଅମୁକ ସମୟ)ଯାକ; ସାରା—
2. Throughout (such a period).
୩ । (ଅମୁକ) ସମ୍ପ୍ରଦାୟ ଅଞ୍ଚଳରେ—
3. All round (such a place).

ତମାମି—ବୈଦେ. ବି. (ଫା.)—୧ । ପୂର୍ଣ୍ଣତା—
Tamāmi 1. Fullness.
୨ । ସମାପ୍ତି—2. Completion.

ତମାଲ—ସଂ. ବି (ତମ୍ ଧାତୁ=ମ୍ଳାନ ହେବା+କର୍ତ୍ତୃ. ଅଲ)—
Tamāla ୧ । ବୃକ୍ଷ ବିଶେଷ; କାଳିଆବୃକ୍ଷ—1. A kind of tree; Diospyrus Tomentosa.
ସଂ. ପର୍ଯ୍ୟାୟ—କାଳସ୍କନ୍ଧ, ତିନ୍ଦୁକ, ଶାବରଦ୍ରୁମ, ତାପିଚ୍ଛ, ଶ୍ୟାମକନ୍ଦ ଓ ଶିତସାରକ, ତାପିଚ୍ଛ, ଲୋକସ୍କନ୍ଧ, ନୀଳଧ୍ୱଜ, ନୀଳତାଳ, ତାପିଞ୍ଜ, ତମ, ତମ୍ୱା, କାଳତାଳ, ମହାବଳ

[ଦ୍ର—ଏହା କେନ୍ଦୁଗଛ ପରି । ଏହାର ବଳ୍କଳ କୃଷ୍ଣବର୍ଣ୍ଣ; ପତ୍ର ଅଣ୍ଡାକାର ଓ କୋମଳ ଏବଂ ପତ୍ରର ଗୋଟିଏ ପିଠି ରୋମଶ । ପାକଳ କାଠର ମଞ୍ଜ ଅବଲୁପ୍ତ କାଠପର ଗାଢ଼ କୃଷ୍ଣବର୍ଣ୍ଣ, ମାତ୍ର ଏଥିରେ ଶଇର ରଙ୍ଗର ରେଖାମାନ ପଡ଼ିଥାଏ । ଏ କାଠ ଜଳିଲେ ଚଡ଼ଚଡ଼ ଶବ୍ଦ କରେ । ଦକ୍ଷିଣ ଭାରତର ଜଙ୍ଗଲରେ ଏ ଗଛ ଜନ୍ମେ, ମାତ୍ର ଓଡ଼ିଶା ଜଙ୍ଗଲରେ ଏହା କ୍ୱଚିତ୍ ଦେଖାଯାଏ । ସାକ୍ଷୀଗୋପାଳ ମନ୍ଦିରର ବେଢ଼ା ମଧ୍ୟରେ ଗୋଟିଏ ଗଛ ଅଛି । ତାକୁ ଲୋକେ ତମାଲ କହନ୍ତି; କିନ୍ତୁ ତାହା ଉପରୋକ୍ତ ତମାଲ ନୁହେଁ । ସତ୍ୟବାଦୀ ଗୋପୀନାଥଙ୍କ ବେଢ଼ାର ଉତ୍ତର ପାଖରେ ଜଣେ ଭକ୍ତ ବୃନ୍ଦାବନରୁ ଆଣିଥିବା ତମାଲଗଛ ଲଗା ଯାଇଅଛି । ଏହାର ବକଳ କଳା ନୁହେଁ ଓ ବେଢ଼ା ମଧ୍ୟସ୍ଥ ଗଛର ପତ୍ରପରି । ଏହାର ପତ୍ର ଆତ ଗଛର ପତ୍ରପରି, କିନ୍ତୁ ପତଳା; ଏ ଗଛରେ ଟିକି ଟିକି ଧଳା ଫୁଲ ଧରେ, କିନ୍ତୁ ଫଳ ଫଳିବାର ଦେଖା ଯାଏ ନାହିଁ । ଏ ଗଛ ସମ୍ଭବତଃ ଉପରୋକ୍ତ ୧ମ ଜାତିର ତମାଲ ଅଟେ । ତମାଲଗଛ ୨ ଜାତିର । ୧ ସାଧାରଣ ତମାଲ ଓ ୨ ଶ୍ୟାମ ତମାଲ । ଶ୍ୟାମ ତମାଲର ଫୁଲ ନାଲି ଓ ମଞ୍ଜ କଳା; ସାଧାରଣ ତମାଲର ଫୁଲ ଧଳା ଓ କାଠ ଫିକା; ବୈଦ୍ୟଶାସ୍ତ୍ର ମତରେ ଶ୍ୟାମତମାଲ କଷାୟ ମଧୁରରସ, ବଳବୀର୍ଯ୍ୟବର୍ଦ୍ଧକ, ଗୁରୁ, ଶୀତଳ, ଶ୍ରମ ଓ ଦାହ, କଫ ଓ ପିତ୍ତନାଶକ—ହି. ଶବ୍ଦସାଗର ।]

୨ । ଖଡ୍ଗ—2. Scimitar.
୩ । ଚନ୍ଦନର ଟୋପା ବା ତିଳକ—3. A sectarian mark of sandal-paste on the forehead.
୪ । କୃଷ୍ଣ ଖଦିର—4. A sort of black catechu.
୫ । ବାଉଁଶର ଛାଲି (ହି. ଶବ୍ଦସାଗର)—
5. The bark of bamboo.
୬ । ତେଜପତ୍ର—5. The Cassia cinnamon leaves.
୭ । ବରୁଣ ଗଛ (ଦେଖ) (ହି. ଶବ୍ଦସାଗର)—
7. Baruna tree (See)
୮ । ତିଳକ ବୃକ୍ଷ (ଦେଖ) (ହି. ଶବ୍ଦସାଗର)—
8. Tilaka tree (See)
୯ । ହିମାଳୟ ଓ ଦକ୍ଷିଣ ଭାରତରେ ଜନ୍ମିବା ବୃକ୍ଷ ବିଶେଷ—
9. Name of a gum-exuding tree.

[ଦ୍ର—ଏ ଗଛର ଗଣ୍ଡିରୁ ଏକପ୍ରକାର ଅଠା ବାହାରେ, ଛାଲିରୁ ହଳଦିଆ ରଙ୍ଗ ବାହାରେ । ଏହାର ଫଳ ଅମ୍ଳ । ଲୋକେ ଏହାକୁ ତରକାରି, ଔଷଧ ଓ ସିରକା କରନ୍ତି—ହି. ଶବ୍ଦସାଗର ।]

ତମାଲକ—ସଂ. ବି. (ତମାଲ+ସ୍ୱାର୍ଥ ବା ସାଦୃଶ୍ୟ ଅର୍ଥରେ କ)—
Tamālaka ୧ । ତମାଲ ଗଛ (ଦେଖ)
1. Tamāla tree (See)
୨ । ତେଜପତ୍ର—2. The Cassia cinnamon tree Laurus Cassia.
୩ । ସୁନିସୁନିଆ ଶାଗ—3. A pot-herb growing wild; Marsilia Quadrifolia.
୪ । ବାଉଁଶର ବହିରାବରଣ ବା ଚୋପା—
4. The bark of bamboo

ତମାଲ ପତ୍ର—ସଂ. ବି. କ୍ଲୀ. (୬ଷ୍ଠୀ ତତ୍; ତମାଲ+ପତ୍ର)—
Tamāla patra ୧ । ତମାଲଗଛର ପତ୍ର—
1. The leaf of the Tamāla tree.
୨ । ତମାଲଗଛ—2. The Tamāla tree.
୩ । ଚନ୍ଦନର ଟୋପା ବା ତିଳକ—
3. Sandal-mark on the forehead.

ତମାଲ ବରଣିଆଁ—ଦେ. (ପଦ୍ୟ) ବିଣ. (ସଂ. ତମାଲ+ବର୍ଣ୍ଣ)—
Tamāla baraṇiāñ ତମାଲବର୍ଣ୍ଣ ବିଶିଷ୍ଟ; କୃଷ୍ଣନୀଳ—
Dark-blue.

ତମାଲ ବରଣିଆଁ ମଦନମୋହନ । କୃଷ୍ଣସିଂହ. ମହାଭାରତ ଅଦି ।

ତମାଲ ଶ୍ୟାମ—ସଂ. ବିଣ. ପୁଂ (ଉପମାନ କର୍ମଧାରୟ)—ତମାଲପରି
Tamāla śyāma କୃଷ୍ଣବର୍ଣ୍ଣ (ବ୍ୟକ୍ତି)—Of a dark colour like the Tamāla tree; of a bluish dark complexion.
ତମାଲଶ୍ୟାମା—ସ୍ତ୍ରୀ
ଦେ. ବି—ଶ୍ରୀକୃଷ୍ଣ—Śrikrushṇa.

ତୋ ବେନି ତମାଲଶ୍ୟାମ ମୋ ମରକତ କଣ୍ଠରେ—
କବିସୂର୍ଯ୍ୟ. ଯଶୋମତୀମ୍ ତ. ଗୀତ ।

ତମାଲ ଶ୍ୟାମଳ—ସଂ. ବିଣ. ପୁଂ—ତମାଲ ଶ୍ୟାମ (ଦେଖ)
Tamāla syāmala Tamāla śyāma (See)
ତମାଲଶ୍ୟାମଳା—ସ୍ତ୍ରୀ

ତମାଲିକା—ସଂ. ବି. ସ୍ତ୍ରୀ (ତମାଲ+ସମ୍ବନ୍ଧାର୍ଥରେ ଇକ+ସ୍ତ୍ରୀ. ଆ)—
Tamālikā ୧ । ତମଲୁକ ଦେଶ; ତାମ୍ରଲିପ୍ତ—1. The country of Tamlook (a subdivision and town in Midnapur district).
୨ । ଭୂଇଁ ଅଁଳା—2. Philanthus Niruri (a herb.)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଙ୍କ	ଇସ୍	ତ୍ଥ	ଓ
୨	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଙ୍ଗ	ନ୍ନ

୩ । ମଞ୍ଜିଷ୍ଠା (ଦେଖ)—3. Mañjishṭhā (See)

ତମାଳିନୀ – ସଂ. ବି. ସ୍ତ୍ରୀ (ତମାଳ + ଅସ୍ତି ଅର୍ଥରେ ଇନ୍ + ସ୍ତ୍ରୀ. ଈ)—
Tamālinī ତମଲୁକ ବା ତାମ୍ରଲିପ୍ତ ଦେଶ—
Tamlook subdivision and town in Midnapur district.

ତମାଳି – ସଂ. ବି—୧ । ବରୁଣ (ଗଛ) (ଦେଖ) (ହି. ଶବ୍ଦସାଗର)
Tamāli 1. Baruna (tree) (See)
୨ । ତାମ୍ରପର୍ଣ୍ଣୀ (ଲତା) (ହି. ଶବ୍ଦସାଗର)—
2. A creeper.
[ଦ୍ର—ଏହା ତନ୍ତ୍ରକୂଟରେ ବହୁତ ଚଳେ—ହି. ଶବ୍ଦସାଗର ।]

ତମାସା—ବୈଦେ. ବି. (ଅ. ତମାଶା=ମନୋରଞ୍ଜକ ଦୃଶ୍ୟ, ଯାତ୍ରା)—
Tamāsā ୧ । ତାମସା; ଖେଳ; ଇତ ମନୋରଞ୍ଜକ ଦୃଶ୍ୟ—
তামাসা 1. A diversion; games.
तमाशा (ଯଥା—ମେଳା, ନାଟ, ଉତ୍ସବ, ଯାତ୍ରା, ଅତସବାଜି ।)
୨ । ଆମୋଦ; ଆନନ୍ଦୋତ୍ସବ—2. Merriment.
୩ । ପ୍ରଦର୍ଶନୀ; ଦୃଶ୍ୟ—
3. A show; a sight; exhibition.
୪ । ରହସ୍ୟ; ପରିହାସ; ଥଟ୍ଟା—
4. A joke; jest; fun.
[ଦ୍ର—ଏହା ଥଟ୍ଟା ଓ ନାଟ ଶବ୍ଦ ପରେ ଅନୁଚର ଶବ୍ଦରୂପେ ବ୍ୟବହୃତ ହୁଏ ।]
୫ । ଅଦ୍ଭୁତ ବ୍ୟାପାର—5. Wonderful event.

ତମାସା କରିବା—ଦେ. କ୍ରି—୧ । ତାମସା କରିବା; ନାଟ ବା ଖେଳ
Tamāsā karibā ଦେଖାଇବା—1. To set up a show.
তামাসা করা, তামাসা লাগান ୨ । ଥଟ୍ଟା କରିବା—
तमाशा करना 2. To make fun.
ତମାସା ଲଗା(ଗେ)ଇବା } ଅନ୍ୟରୂପ ୩ । ରହସ୍ୟ କରିବା—
ତମାସା କାଢ଼ିବା } 3. To play tricks.

ତମାସା ବାଲା—ଦେ. ବି. ପୁଂ—୧ । ନର୍ତ୍ତକ
Tamāsā bālā 1. Dancer.
তমাসাওলা तमाशबीन ୨ । ଐନ୍ଦ୍ରଜାଲିକ—2. Magician.
୩ । ବାଜିକର—3. One who performs feats; a show-man.

ତମି—ସଂ.ବି(ତମ୍ ଧାତୁ+ଅଧିକରଣ;ଇ. ଯହିଁରେ ସବୁ ବସ୍ତୁ ମ୍ଳାନ ହୁଏ)—
Tami ତମୀ; ରାତ୍ରି—Night.
(ତମୀ—ଅନ୍ୟରୂପ) ଦେ. ବି—ରାଗ, କ୍ରୋଧ—Anger.

ତମି ନାଥ—ସଂ. ବି. ପୁଂ (ଷଷ୍ଠୀ ତତ୍; ତମି+ନାଥ)—ଚନ୍ଦ୍ର;—
Tami nātha The moon.
(ତମୀନାଥ, ତମୀଶ—ଅନ୍ୟରୂପ)

ତମିବା—ଦେ. (ପଦ୍ୟ) କ୍ରି. (ସଂ. ତମ୍)—
Tamibā ୧ । କ୍ରୁଦ୍ଧ ହେବା; ରାଗାନ୍ଵିତ ହେବା—
তমা 1. To be angry; to be enraged.

तमतमाना ଶାଲ୍ୱର ସେ କରମ ଦେଖିଣ ତମିଲେ ।
କୃଷ୍ଣସିଂ. ମହାଭାରତ. ବନ ।

ତମିସ୍ର—ସଂ. ବି.ପୁଂ ଓ କ୍ଲୀ (ତମସ୍=ଅନ୍ଧକାର+ସ୍ୱାର୍ଥରେ ଓ ଅସ୍ତି ଅର୍ଥରେ
Tamisra ର. ନିପାତନ)—୧ । ଅନ୍ଧକାର—1. Darkness.
ବାମନ ହେଳେ ଅସ୍ତ ଗଲେ, ତମିସ୍ର ଯେସନ୍ତେ ପ୍ରାତଃ କାଳେ ।
ଜଗନ୍ନାଥ, ଭାଗବତ ।
୨ । କ୍ରୋଧ; କୋପ—2. Wrath; anger.
୩ । ଅଜ୍ଞାନ—3. Ignorance.
୪ । ଅନ୍ଧକାରମୟ ନରକବିଶେଷ—
4. Name of a dark hell.
ସଂ. ବିଣ—ଅନ୍ଧାରୁଆ; ତମୋମୟ—Dark.

ତମିସ୍ର ପକ୍ଷ—ସଂ. ବି—ଶୁକ୍ଳ ମାସର ଅନ୍ଧାର ପକ୍ଷ; କୃଷ୍ଣପକ୍ଷ—
Tamisra paksha The dark fortnight of a lunar month.

ତମିସ୍ରା—ସଂ. ବି. ସ୍ତ୍ରୀ. (ତମିସ୍ର+ସ୍ତ୍ରୀ. ଆ)—
Tamisrā ୧ । ଗାଢ଼ ଅନ୍ଧକାର; ଘନାନ୍ଧକାର—
1. Deep darkness.
୨ । ଗାଢ଼ ଅନ୍ଧକାରମୟୀ ରାତ୍ରି; ତମୋମୟୀ ରଜନୀ—
2. Very dark night.

ତମୀ—ସଂ. ବି. (ତମ+ଯୁକ୍ତ ବା ଅସ୍ତି ଅର୍ଥରେ. ଈ)—
Tamī ୧ । ରାତ୍ରି—1. Night.
୨ । ହରିଦ୍ରା; ହଳଦୀ—2. Turmeric.
ଦେ. ବିଣ. (ସଂ. ତମସ୍ୱୀ)—୧ । କ୍ରୋଧୀ; ରାଗୀ—
1. Angry; wrathful.
ଇସ୍ୱରେ ଦୁର୍ଯ୍ୟୋଧନ ସୂଚୀ ଅଗ୍ରେ ଭୂମି
ଦେବାର ନାହିଁ ସେ ଅଟନ୍ତି ତ ତମୀ । କୃଷ୍ଣସିଂ. ମହାଭାରତ ଉଦ୍ୟୋଗ ।
୨ । (ବ୍ୟସନାଦିରେ) ଆସକ୍ତ; ରତ—2. Addicted to.
ଦ୍ରୌପଦୀ ବୋଇଲେ କ ବୋଲ ପ୍ରାଣକାନ୍ତ
କେଉଁ ପ୍ରଜା ଅଛ ଖେଳରେ ହୋଇ ତମୀ । କୃଷ୍ଣସିଂ. ମହାଭାରତ. ସଭା

ତମୀଚର—ସଂ. ବି. (ତମୀ=ରାତ୍ରି+ଚର ଧାତୁ+କର୍ତ୍ତୃ. ଅ)—
Tamīchara ନିଶାଚର; ରାକ୍ଷସ—Demon

ତମୀଜ୍—ବୈଦେ. ବି. (ଆ)—୧ । ଭଲ ଓ ମନ୍ଦ ଚହ୍ନିବା ଶକ୍ତି—
Tamīj 1. Discrimination.
তমীজ ୨ । ବୁଦ୍ଧି—2. Intelligence.
तमीज ୩ । ଆଦବ କାଇଦା—3. Etiquette.
(ତମୀଜ୍‌ଦାର୍—ବିଣ)

ତମେ—ଗ୍ରା. ସର୍ବନାମ—ତୁମେ (ଦେଖ)
Tame Tume (See)

ତମୋଗୁଣ—ସଂ. ବି. (ମ. ପ. ଲୋ; ତମଃ+ଗୁଣ)—
Tamoguṇa ୧ । ମନୁଷ୍ୟ ପ୍ରକୃତିର ତିନୋଟି ଗୁଣ ମଧ୍ୟରୁ ଅଧମ ଗୁଣ
1. The lowest human passion.
[ଦ୍ର—କାମ କ୍ରୋଧାଦି ଷଡ଼ରିପୁ ଏଥିରୁ ଜାତ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଚଳ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଢ଼ୁଅ' ନ ମିଳିଲେ 'ଢୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଢ଼' ନ ପାଇଲେ 'ଅଲବଢ' ଦେଖିବେ

୨ । ସୃଷ୍ଟିର ଆଦିମ ପ୍ରକୃତିର ଏକତମ ଗୁଣ—
2. One of the 3 primeval qualities of matter.
[ଦ୍ର—ହିନ୍ଦୁ ଶାସ୍ତ୍ର ଅନୁସାରେ ପ୍ରକୃତି ସତ୍ତ୍ୱ, ରଜଃ ଓ ତମଃ ଏହି ୩ ଗୁଣରେ ବିଭକ୍ତ । ସତ୍ତ୍ୱ ଗୁଣକୁ ଉଚ୍ଚ ବା ସୁଗୁଣ ବୋଲି ଯାଏ । ଏହାଦ୍ୱାରା ସୃଷ୍ଟିର ଆରମ୍ଭ । ରଜଃ ମଧ୍ୟମ, ଏହା ଦ୍ୱାରା ସୃଷ୍ଟିର ପାଳନ; ତମଃ ଅଧମ ବା ମନ୍ଦ ଗୁଣ, ଏହାଦ୍ୱାରା ସୃଷ୍ଟିର ନାଶ ।]
୩ । ଅହଂକାର—3. Arrogance; pride.
୪ । ସୃଷ୍ଟିର ପ୍ରଳୟକାରିଣୀ ଶକ୍ତି—4. The force which destroys the universe.

ତମୋଗୁଣିଆଁ—ଦେ. ବିଣ—ତମୋଗୁଣୀ (ଦେଖ)
Tamoguṇiāṅ Tamoguṇī (See)

ତମୋଗୁଣୀ—ସଂ. ବିଣ. ପୁଂ. (ତମୋଗୁଣ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—ତମୋଗୁଣ-ପ୍ରଧାନ (ବ୍ୟକ୍ତି)—
Tamoguṇī (a person) Having the lower animal passions predominant in the temperament.

ତମୋଘ୍ନ—ସଂ. ବିଣ. ପୁଂ. (ତମସ୍=ଅନ୍ଧକାର+ହନ୍ ଧାତୁ=ନାଶ କରିବା+କର୍ତ୍ତୃ. ଅ)—ଯେ ଅନ୍ଧକାର ନାଶ କରେ; ତମୋହା; ତମୋପହ; ତମୋହର; ତମୋନୁଦ—
Tamoghna (ତମୋଘ୍ନୀ—ସ୍ତ୍ରୀ) Dispelling darkness.
ସଂ. ବି—୧ । ସୂର୍ଯ୍ୟ—2. The sun.
୨ । ଚନ୍ଦ୍ର—2. The moon.
୩ । ଅଗ୍ନି—3. Fire.
୪ । ଦୀପଶିଖା—4 Flame of lamp-light.
୫ । ବିଷ୍ଣୁ; ପରମେଶ୍ୱର—5. God; Bishṇu.
୬ । ଶିବ; ମହାଦେବ—5. God Śiba.
୭ । ବୁଦ୍ଧଦେବ—7. The Buddha.
୮ । ଜ୍ଞାନ—8. True knowledge.

ତମୋଜ୍ୟୋତିଃ—ସଂ. ବି ପୁଂ. (ବହୁବ୍ରୀହି; ତମସ୍=ଅନ୍ଧକାର+ଜ୍ୟୋତିଷ୍=ଦୀପ୍ତି)—ଜୁଳୁଜୁଳିଆ ପୋକ; ଖଦ୍ୟୋତ—Fire-fly.
Tamojyotiḥ

ତମୋଦର୍ଶନ—ସଂ. ବି—ପିତ୍ତ ପ୍ରକୋପରୁ ଉତ୍ପନ୍ନ ଜ୍ୱର (ହି. ଶବ୍ଦସାଗର)
Tamodarśana Fever due to bile.

ତମୋନାଶ—ସଂ. ବି. (୬ଷ୍ଠୀ ତତ୍; ତମଃ+ନାଶ)—
Tamonāśa ଅନ୍ଧକାରର ନାଶ—The dispulsion of darkness.

ତମୋନାଶକ—ସଂ. ବିଣ. ପୁଂ—ଯେ ଅନ୍ଧକାର ନାଶକରେ; ତମୋଘ୍ନ; ତମୋପହ—Dispelling darkness.
Tamonāśaka

ତମୋନୁଦ—ସଂ. ବିଣ. ପୁଂ. (ତମସ୍+ନୁଦ୍ ଧାତୁ=କ୍ଷେପଣ କରିବା +କର୍ତ୍ତୃ. ଅ)—ତମୋନାଶକ (ଦେଖ)
Tamonuda (ତମୋନୁଦା—ସ୍ତ୍ରୀ) Tamonāśaka (See)
ସଂ. ବିଣ. ପୁଂ—୧ । ଅଗ୍ନି—1. Fire.
୨ । ସୂର୍ଯ୍ୟ—2. The sun
୩ । ଚନ୍ଦ୍ର—3. The moon
୪ । ପ୍ରଦୀପ—4. Lamp.
୫ । ଆଲୋକ—5. Light.
୬ । ପୁତ୍ର—6. Son.
୭ । ଜ୍ଞାନ—7. Knowledge.

ତମୋଽନ୍ତ୍ୟ—ସଂ. ବି. (ତମଃ+ଅନ୍ତ+ଯ)—ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣରେ ଦଶ ପ୍ରକାର ଗ୍ରାସ ମଧ୍ୟରୁ ଏକ (ଏଥିରେ ଚନ୍ଦ୍ର ବା ସୂର୍ଯ୍ୟମଣ୍ଡଳରେ ଶେଷ ଭାଗରେ ଅନ୍ଧକାର ବେଶି ପରିମାଣରେ ଦେଖାଯାଏ; ମଧ୍ୟଭାଗରେ ଅନ୍ଧକାର କମ୍ ପରିମାଣରେ ଦେଖାଯାଏ । ଫଳିତ ଜ୍ୟୋତିଷମତରେ ଏପରି ଗ୍ରହଣ ହେଲେ ଫସଲର ହାନି ଓ ଚୋରୋପଦ୍ରବ ଘଟେ-ହି. ଶବ୍ଦସାଗର)—
Tamontya (ତମୋହନ୍ତ—ଅନ୍ୟରୂପ) A kind of lunar and solar eclipse.

ତମୋଽନ୍ଧ—ସଂ. ବିଣ. ପୁଂ. (୩ୟା ତତ୍; ତମଃ+ଅନ୍ଧ)—
Tamo-ndha ୧ । ଅଜ୍ଞାନୀ (ହି. ଶବ୍ଦସାଗର)—1. Illiterate.
୨ । କ୍ରୋଧୀ (ହି. ଶବ୍ଦସାଗର)—2. Wrathful.

ତମୋଽପହ—ସଂ. ବିଣ. ପୁଂ. (ତମଃ+ଅପ+ହନ୍ ଧାତୁ+କର୍ତ୍ତୃ. ଅ)—ଅନ୍ଧକାର ଦୂରକାରୀ; ଅଜ୍ଞାନନାଶକ; ମୋହନାଶକ
Tamopaha (ତମୋପହା—ସ୍ତ୍ରୀ Dispelling darkness.
ସଂ. ବି. ପୁଂ—୧ । ସୂର୍ଯ୍ୟ—1. The sun.
୨ । ଚନ୍ଦ୍ର—2. The moon.
୩ । ଦୀପ—3. Lamp.
୪ । ଅଗ୍ନି—4. Fire.

ତମୋଭିଦ୍—ସଂ. ବି. ପୁଂ (ତମସ୍+ଭିଦ୍ ଧାତୁ=ଭେଦ କରିବା+କର୍ତ୍ତୃ କ୍ୱିପ୍)—ଖଦ୍ୟୋତ; ଜୁଳୁଜୁଳିଆ ପୋକ—Firefly.
Tamobhid
ବିଣ.—ଅନ୍ଧକାର ବିନାଶକ—Dispelling darkness.

ତମୋମଣି—ସଂ. ବି. ପୁଂ (ତମଃ+ମଣି; ରୂପକ)—୧ । ଖଦ୍ୟୋତ—1. Firefly.
Tamomaṇi
୨ । ଗୋମେଦ ମଣି; ପୀତବର୍ଣ୍ଣ ରତ୍ନ; ବୈଦୂର୍ଯ୍ୟ ମଣି—2. The topaz or agate (a gem).

ତମୋମୟ—ସଂ. ବିଣ. ପୁଂ. (ତମସ୍+ପ୍ରାଚୁର୍ଯ୍ୟାର୍ଥେ. ମୟ)—
Tamomaya ୧ । ତମସାଚ୍ଛନ୍ନ; ଅନ୍ଧକାରାବୃତ—1. Dark; gloomy; involved in darkness.
(ତମୋମୟୀ—ସ୍ତ୍ରୀ)
୨ । ଅଜ୍ଞାନାଚ୍ଛନ୍ନ—2. Steeped in ignorance.
୩ । ଅହଂକାର ପରିପୂର୍ଣ୍ଣ—3. Steeped in arrogance.
୪ । ରୋଷାବିଷ୍ଟ—4. Wrathful.
ସଂ. ବି. ପୁଂ.—ରାହୁ—The Ascending Node.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ଼	ଉଅ	ଓ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଔ	ନ୍ତ

ତମୋଃରି—ସଂ. ବି. (୬ଷ୍ଠୀ ତତ୍; ତମଃ+ଅରି)—ସୂର୍ଯ୍ୟ (ହି. ଶବ୍ଦସାଗର)
Tamori The sun.

ତମୋହର—ସଂ. ବିଣ. ପୁଂ (ତମସ୍+ହୃ ଧାତୁ+କର୍ତ୍ତୃ. ଅ)—ଅନ୍ଧକାର-
Tamohara ନାଶକ; ତମୋଘ୍ନ—Dispelling darkness.
(ତମୋହରା—ସ୍ତ୍ରୀ) ସଂ. ବି.—୧ । ଚନ୍ଦ୍ର—1. The moon.
୨ । ସୂର୍ଯ୍ୟ—2. The sun.
୩ । ଦୀପ—3. Lamp.
୪ । ଅଗ୍ନି—4 Fire.

ତମୋହା—ସଂ. ବିଣ. (ତମସ୍+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Tamohā ୧ । ତମୋଘ୍ନ; ତମୋନାଶକ—
1. Dispelling darkness.
୨ । ଅଜ୍ଞାନନାଶକ—2. Dispelling ignorance.
ସଂ. ବି.—୧ । ସୂର୍ଯ୍ୟ—1. The sun
୨ । ଚନ୍ଦ୍ର—2. The moon.
୩ । ଅଗ୍ନି—3. Fire.
୪ । ଦୀପ—4. Lamp.
୫ । ଆଲୋକ—5. Light.

ତମ୍ପ—ଦେ. ବି.—(ସଂ. ତାମ୍ର; ଏ ସାପର ବର୍ଣ୍ଣ ତମ୍ବାପରି ଥିବାରୁ ଗୋଖର
Tampa ଜାତୀୟ ଏକପ୍ରକାର ବିଷଧର ସର୍ପ—
কেউটিয়া সাপ, খরিস্ A kind of copper-coloured.
गेहुंअन snake; cobra-de-capello.

ତମ୍ପପ୍ରାୟେ ଫଁ ଫଁ ସ୍ୱନେ ନିଶ୍ୱାସି ସଘନେ ଅସ୍ତ୍ରହସ୍ତ ପରିଜନେ ।
ରାଧାନାଥ. ମହାଯାତ୍ରା ।

[ଦ୍ର—ଗୋଖର ସାପର ଫଣାରେ ଦୁଇଟି କଣ୍ଠିପରି ଚିହ୍ନ ଥାଏ, ମାତ୍ର ତମ୍ପର ଫଣାରେ ପଦ୍ମ ପରି ଗୋଲ ଚିହ୍ନ ଦେଖାଯାଏ । ଲୋକଙ୍କର ବିଶ୍ୱାସ ଯେ ଚେମଣାସାପ ଓ ନାଗସାପର ମିଶ୍ରଣରେ ତମ୍ପସାପର ଜନ୍ମ । ତେଣୁ ଏହାକୁ ଦୋମିଶା ସାପ ବୋଲି କୁହାଯାଏ । ନାଗ ବା ଗୋଖର ଏହାପରି ବିଷଧର ସତ୍ୟ, ମାତ୍ର ଗୋଖର ମହାଦେବଙ୍କ ଭୂଷଣ ବୋଲି ଲୋକରେ ପୂଜା ପାଏ ଏବଂ ତାକୁ ଆଘାତ ନ କଲେ ସେ କାହାରିକୁ ଆଘାତ କରେ ନାହିଁ ବୋଲି ଲୋକଙ୍କର ବିଶ୍ୱାସ; କିନ୍ତୁ ତମ୍ପକୁ ଲୋକେ କ୍ରୋଧୀ ଓ ଅବିଶ୍ୱାସୀ ବୋଲି ମନେ କରନ୍ତି । ତମ୍ପ ଗୋଡ଼େଇ ଗୋଡ଼େଇ ଯାଇ ଲୋକଙ୍କୁ କାମୁଡ଼େ । ଏ ବଡ଼ କ୍ରୋଧୀ ଓ କ୍ରୂର । ଏ ସାପ କେଳାମାନଙ୍କର ପଦ୍ମତୋଳା ମାନେ ନାହିଁ । ତମ୍ପ ୫ ପ୍ରକାର; ଯଥା—କଳା, ଝିନ୍ନୁଳିଆ ବା ତମ୍ବାକାଠିଆ ବା ଇଟାଳିଆ, ଅଢ଼େଇକଅରିଆ, ଗେଣ୍ଡାଗିଲା ବା ଢୋଲଥିଆ, ଓ ବାଉଁଶବଣିଆ ।]

ପ୍ରାଦେ. (ଗଞ୍ଜାମ) ବିଣ.—ଓଦା; ଆର୍ଦ୍ର; ସନ୍ତସନ୍ତିଆ—Wet.

ତମ୍ପ ମୁହାଁ—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ସ୍ୱଭାବତଃ କ୍ରୋଧୀ ବୋଲି
Tampa muhāṅ ମୁହଁରୁ ଜଣା ପଡ଼େ; ଯେଉଁ ବ୍ୟକ୍ତିର ମୁଖ
(ତମ୍ପମୁହାଁ; ତମ୍ପୀମୁହାଁ—ସ୍ତ୍ରୀ) କ୍ରୋଧଳକ୍ଷଣ ଦେଖାଯାଏ—
Of a wrathful countenance.

ତମ୍ପା—ସଂ. ବି. (ତମ୍ ଧାତୁ=ଇଚ୍ଛା କରିବା+କର୍ତ୍ତୃ. ପ+ସ୍ତ୍ରୀ. ଆ)—
Tampā ଗାଈ; ଧେନୁ—The cow.
ପ୍ରାଦେ. (ଗଞ୍ଜାମ) ବି.—ଯବାଦି ଚୂର୍ଣ୍ଣ ସଙ୍ଗେ ଗୁଡ଼ ମିଶାଯାଇ ପ୍ରସ୍ତୁତ ହେବା ଏକପ୍ରକାର ଖାଦ୍ୟ—A food prepared by mixing molasses with barley-meal.

ତମ୍ପୀ—ପ୍ରାଦେ. (ଗଞ୍ଜାମ) ବି—(ସଂ. ତମ୍ପା)—ଗାଈ—
Tampī Cow.
(ତମ୍ପୀ—ଅନ୍ୟରୂପ)

ତମ୍ପୁଆ—ଦେ. ବିଣ—ତମ୍ପପରି କ୍ରୋଧୀ—
Tampuā Very angry.

ତମ୍ଫ—ଦେ. ବି—ତମ୍ପ (ଦେଖ)
Tampha Tampa (See)

କିଏ କି ଡରଇ ଭୀଷଣ ତମ୍ଫକୁ । ରାଧାନାଥ—ଦରବାର ।

ତମ୍ବରୁ—ବୈଦେ. ବି. (ଫା)—ତମ୍ବୁର (ଦେଖ)
Tambaru Tambura (See)

ତମ୍ବା—ଦେ. ବି. (ସଂ. ତାମ୍ର; ପ୍ରା. ତାମ୍ବ)—ତାମ୍ର ନାମକ ଧାତୁ—
Tambā Copper.
ସଂ. ନାମ—ତାମ୍ର, ତମ୍ରକ, ଶୁଲ୍ୱ, ମ୍ଲେଚ୍ଛମୁଖ, ଵରିଷ୍ଠ, ଉଦୁମ୍ବର, ଦ୍ୱିଷ୍ଟ, ଅମ୍ବକ, ତପନେଷ୍ଟ, ଅରବିନ୍ଦ, ରବିଲୋହ, ରବିପ୍ରିୟ, ରକ୍ତ, ନୈପାଳକ, ମୁନିପିତ୍ତଳ, ଅର୍କ, ଲୋହିତାୟସ
तॉबा, तामा
তাম্বা

[ଦ୍ର—ହିନ୍ଦୁ ଶାସ୍ତ୍ରମତରେ ଏହା ଗୋଟିଏ ପବିତ୍ର ଧାତୁ; ଏଥିରେ ଦେବସେବା ଓ ତର୍ପଣପାଇଁ ପାତ୍ରୀ, ପଞ୍ଚପାତ୍ରୀ, ଥାଳିଆ ଆଦି ତିଆରି ହୁଏ । ଏହାର ବର୍ଣ୍ଣ ଈଷତ୍ ରକ୍ତାଭ; ଏଥିରେ ପଇସା, ମୁଦ୍ରା ଓ ନାନାପ୍ରକାରର ପାତ୍ର ପ୍ରସ୍ତୁତ ହୁଏ । ତମ୍ବାପାତ୍ରରେ ଖଟା ଜିନିଷ ରଖିଲେ ତାହା ଛକେଇ ଯାଏ ଅର୍ଥାତ୍ ବିସ୍ୱାଦ ଓ ବିଷାକ୍ତ ହୁଏ । ତାପ ଓ ବିଦ୍ୟୁତ୍ ପ୍ରବାହର ପଥ ତମ୍ବାଦ୍ୱାରା ଅଧିକ ହୁଏ ବୋଲି ଉକ୍ତ ପ୍ରବାହ ପରିଚାଳନାର୍ଥ ତମ୍ବାତାର ବ୍ୟବହୃତ ହୁଏ । ତମ୍ବାରେ ନିର୍ଦ୍ଦିଷ୍ଟ ଅନୁପାତରେ ଟିଣ ବା ରାଙ୍ଗ ମିଶାଇଲେ କଂସା ଓ ଦସ୍ତା ମିଶାଇଲେ ପିତଳ ହୁଏ । ଗିନି ବା ସଭରେନ୍‌ରେ (ବିଲାତି ମୋହରରେ) ସୁନା ସଙ୍ଗେ ତମ୍ବା ମିଶାଯାଏ । ଉତ୍କଳରେ ସିଂହଭୂମି ଓ ଢେଙ୍କାନାଳ ଗଡ଼ଜାତରେ ତମ୍ବାର ଖଣିଅଛି ।]
ଦେ. ବିଣ—ତାମ୍ରନିର୍ମିତ—Made of copper.

ତମ୍ବା କାଠିଆ—ଦେ. ବି—ଏକଜାତୀୟ ତମ୍ପସାପ (ତମ୍ପ ତଳେ ନୋଟ
Tambā kāṭhiā ଦେଖ)—A kind of copper-coloured cobra (see notes under 'Tampā').

ତମ୍ବାକୁ(ଖୁ)—ଦେ. ବି—ତମାଖୁ (ଦେଖ)
Tambāku (khu) Tamākhu (See)
तंबाकू

ସାଧାରଣ ଲେଖାରେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତ' ଦେଖିବେ

ତମ୍ବାଟିଆ—ଦେ. ବିଣ. (ସଂ. ତାମ୍ର)—୧ । ତାମ୍ରମିଶ୍ରିତ—
Tambāṭiā 1. Mixed with copper
তামাটিয়া ୨ । ତାମ୍ରବର୍ଣ୍ଣ ବିଶିଷ୍ଟ; ଫିକା ନାଲିଆ—
तामड़ा 2. Copper-coloured; reddish brown.
(ତମ୍ବାଳିଆ—ଅନ୍ୟରୂପ)

ତମ୍ବା ତୁଳସୀ ଛୁଇଁବା—ଦେ. କ୍ରି—ତମ୍ବା ଓ ତୁଳସୀପତ୍ର ଛୁଇଁ ହଲପ
Tambā tuḷasī chhuiñbā ବା ଶପଥ କରିବା—
তামাতুলসী হাতে করা To swear by touching a piece of copper with Tulsi leaves.
[ଦ୍ର—ହିନ୍ଦୁଙ୍କର ବିଶ୍ୱାସ ଯେ ତମ୍ବା, ତୁଳସୀ, ଶାଳଗ୍ରାମ ବା ହରିବଂଶ ପୋଥି ଛୁଇଁ ଶପଥ ବା ହଲପ କରି ମିଛ କହିଲେ ହଲପ କରିବା ବ୍ୟକ୍ତିର ସର୍ବନାଶ ଘଟେ । ଏଣୁ ନ୍ୟାୟ-ସଭାରେ ଓ ଅଦାଲତରେ ମଧ୍ୟ ଲୋକେ ବିପକ୍ଷପକ୍ଷକୁ 'କିର୍ଲିଆ ହଲପ' ମାଗନ୍ତି, ଅର୍ଥାତ୍ ଉପକ୍ଷ-ପକ୍ଷ 'ତମ୍ବାତୁଳସୀ', 'ତମ୍ବାତୁଳସୀ ଶାଳଗ୍ରାମ' ବା 'ତମ୍ବାତୁଳସୀ ହରିବଂଶପୋଥି' ଛୁଇଁ ହଲପ କରି ଯାହା କହିବ ତାହାଦ୍ୱାରା ହଲପ ଦିଆଇବା ଲୋକ ବାଧ୍ୟ ହେବ ବୋଲି ସ୍ୱୀକାର କରନ୍ତି ।]

ତମ୍ବାପଟା—ଦେ. ବି. (ସଂ. ତାମ୍ରପଟ୍ଟ)—୧ । ତମ୍ବାର ପଟର ବା ପତ୍ର—
Tambā paṭā 1. Copper-plate.
তামার তকতী ୨ । ଦାନପତ୍ର ବା ସନନ୍ଦ ଫଳକ—
तॉबेका पत्ता 2. Inscribed copper-plates embodying grants of land.
ତମ୍ବାପାଟିଆ } ଅନ୍ୟରୂପ
ତମ୍ବାପାତିଆ }
[ଦ୍ର—ପୂର୍ବେ ରାଜାମାନେ ଭୂସମ୍ପତ୍ତି ଦାନ କଲାବେଳେ ତମ୍ବାପଟାରେ ଅକ୍ଷର ଖୋଳାଇ ସନନ୍ଦ ବା ଦାନପତ୍ର ଦେଉଥିଲେ । କାଗଜ ବା ତାଳପତ୍ରରେ ଲେଖା ସନନ୍ଦ ଅଳ୍ପକାଳରେ ନଷ୍ଟ ହୋଇଯିବାର ଆଶଙ୍କାରେ ଏହି ତମ୍ବାପଟାର ବ୍ୟବହାର ହେଉଥିଲା ।]

ତମ୍ବାଳିଆ—ଦେ. ବିଣ—ତମ୍ବାଟିଆ (ଦେଖ)
Tambāḷiā Tambāṭiā (See)

ତମ୍ବାଳୁ—ଦେ. ବି. (ସଂ. ଚର୍ମକଷା)—କ୍ଷୁଦ୍ର ବନ୍ୟ ବୃକ୍ଷବିଶେଷ—
Tambāḷu A kind of small wild tree; Ehretia
চামরকষা Taevis; Ehretia Pubescenes; Ehretia
चमरखा Acuminata (Haines).
[ଏହା ପୁରୀ ଜିଲ୍ଲାର ଖୋରଧା ଓ ଗଡ଼ଜାତମାନଙ୍କରେ ବିଶେଷ ପରିମାଣରେ ଦେଖାଯାଏ । ଗଛର ଗୋଲେଇ ପ୍ରାୟ ୪ ଫୁଟ; କାଠ ଧଳା ଚାଣୁଆ ଓ ବହୁକାଳ ରହେ । ଏହାର ପତ୍ରକୁ ଖୋଇଲେ ଦାନ୍ତ ରଙ୍ଗ ପଡ଼ିଯାଏ ।]

ତମ୍ବି—ବୈଦେ. ବି. (ଅ. ତମ୍ବୀହ୍; ମୂଳ ସଂ. ତୁମ୍ ଧାତୁ=ପୀଡ଼ନ କରିବା ଓ ତମ୍ ଧାତୁ=ହିଂସା କରିବା)—
Tabmi
তম্বী ୧ । ଭର୍ତ୍ସନା; ଭର୍ତ୍ସନା—1. Rebuke; reproof;
तंबीह admonition; censure.
୨ । ଝଗଡ଼; ଜିଦ୍—2. Importunity.
୩ । ଜୋର୍; ଜୁଲମ—3. Oppression; brunt.
୪ । ଧମକାଣ; ଧମକ ଦେଖାଇବା—4. Threatening.
୫ । ଝଗଡ଼ କରି କୌଣସି ବିଷୟ ତଲବ କରିବା—
5. Pressing demand.
୬ । ରାଗ; କ୍ରୋଧ—6. Anger.
୭ । ତାକିଦ୍; ପୂର୍ବରୁ ସାବଧାନ କରିବା—7. Warning.

ତମ୍ବି କରିବା—ଦେ. କ୍ରି—୧ । ଧମକାଇବା—1. To threaten.
Tambi karibā ୨ । ଝଗଡ଼ କରିବା—
তম্বীকরা 2 To importune.
तंबीह करना ୩ । ଜୁଲମ କରିବା—3. To oppress.
୪ । ତାକିଦ୍ କରିବା; ପୂର୍ବରୁ ଦଣ୍ଡର ଭୟ ଦେଖାଇ ସାବଧାନ କରିଦେବା—4. To warn.

ତମ୍ବିକା—ସଂ. ବି. ସ୍ତ୍ରୀ—ଗୋ; ଗାଈ (ହି. ଶବ୍ଦସାଗର)—
Tambikā Cow.

ତମ୍ବିତଲବ—ବୈଦେ. ବି. (ଅ. ସହଚର)—ଝଗଡ଼ କରି କୌଣସି
Tambi talaba ବସ୍ତୁ ତଲବ କରିବା—1. Importunate
(ତମ୍ବିତାଗିଦା—ଅନ୍ୟରୂପ) demands; pressing demands.
୨ । କୌଣସି ବ୍ୟକ୍ତିକୁ ଧମକ ଦେଖାଇ ତାଠାରୁ କିଛି ନେବାକୁ ଚାହିବା—2. Threatening demands; dunning threats and demands.
୩ । ଦଣ୍ଡର ଭୟ ପ୍ରଦର୍ଶନପୂର୍ବକ ତାକିଦ୍—3. Warning.

ତମ୍ବିବାଜ୍—ବୈଦେ. ବିଣ (ଅ.)—ଅତ୍ୟାଗ୍ରହୀ; ଝଗଡ଼ବାଜ୍—
Tambi bāj Threatening; oppressive;
তম্বিবাজ্ importunate.
तंबीहबाज

ତମ୍ବୁ—ବୈଦେ. ବି (ଅ. ତନ୍‌ବୂ=ଯୋଗେଶ୍ବନ୍ଦ; ସଂ. ତନ୍ ଧାତୁ ହି.
Tambu ଶବ୍ଦସାଗର)—ଶିବିର; ପଟ୍ଟବାସ; ରାଉଟି; କନାଘର—
তাঁবু तंबू Tent.

ତମ୍ବୁକୁ ତୋଫାନ ଦେଖାଇବା—ଦେ. କ୍ରି—୧ । ଡର ମାରିବା—1. To
Tambuku tophāna dekhāibā inveigle (a person).
ତମ୍ବୁ ତୋଫାନ(ନ)ବର କହିବା } ଅନ୍ୟରୂପ
ତମ୍ବୁ ତୋଫାନ ଦେଖାଇବା }
୨ । କୌଣସି ବ୍ୟକ୍ତିକୁ ଧମକ ଚମକ କରିବା ବା ଭୟ ଦେଖାଇବା—2. To threaten a person.

ତମ୍ବୁଚି—ବୈଦେ. ବି (ଫା. ତମ୍ବୁରଚି)—ତମ୍ବୁରଚି; ଢୋଲିଆ; ଯେ
Tambuchi ତମ୍ବୁରୁବାଜା ବଜାଏ—Drummer.
তম্বুর্চি, तंबुरची

ତମ୍ବୁର(ରୁ)—ଦେ. ବି (ସଂ. ତୁମ୍ବୁରୁ=ସଙ୍ଗୀତବିଦ୍ୟାନିପୁଣ ଗନ୍ଧର୍ବ
Tambura (ru) ବିଶେଷ)—ତାନପୁରା; ତିନିଗୋଟି ତାରଯୁକ୍ତ ବାଦ୍ୟ
তানপুরা ବିଶେଷ; ତନ୍ତ୍ରବାଦ୍ୟ—1. A three-stringed
तंबूरा musical instrument.

୧	ଇ	ଙ	ର୍‌,ର୍ଯ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟୁ	ଢ଼ଅ	ଖ
୨	ଈ	ଊ	ଋ	ଳୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍‌

[ଦ୍ର—ଏହା କେବଳ ସଙ୍ଗୀତ ବୋଲିବାବେଳେ ସ୍ୱର ଦେବା ପାଇଁ ବଜାଯାଏ; ଏହାର ଦୁଇ ପାଖର ଦୁଇ ତାର ପିତଳର ଓ ମଝି ତାର ଲୁହାର; କେତେକ ଯନ୍ତ୍ରରେ ମଝିରେ ଦୁଇଟି ଲୁହା ତାର ଥାଏ ।]

तंबूर — ବୈଦେ. ବ (ଫା. ତମ୍ବୂର)—ଶ୍ରେଷ୍ଠ ଢୋଲ; ଢୋଲକୀ—
बूर — A small drum.

ତମ୍ବୁରା—ଦେ. ବ—କମାରଙ୍କ ସଣ୍ଢୁଆଁଶୀ—A pair of pincers of tongs.
Tamburā

तम्बूरा — ବୈଦେ. ବ (ଫା.)—୧ । ତମ୍ବୂର (ଦେଖ)
तंबूरा — 1. Tambura (See)

୨ । ଏକପ୍ରକାର ତୋପ—2. A kind of cannon.

ତମ୍ବୋରା—ବୈଦେ. ବ (ଫା.)—ତମ୍ବୂର (ଦେଖ)
Tamborā — Tambura (See)

ତାଳ ମୃଦଙ୍ଗ ବେଣୁ ଖଞ୍ଜଣୀ ପିନାକୀ ରବାବ ତମ୍ବୋରା ସେ ସେନ—
ଗ୍ରାମ୍ୟ ଦୃତୀପଦ ଶଶିସେଣା ।

ତୟନ୍—ବୈଦେ. ବ. ଓ ବିଣ. (ଆ.)—ତଇନ୍ (ଦେଖ)
Tayan — Tain (See)
(ତୟନ, ତୟିନ୍, ତୟିନ, ତୟେନ୍, ତୟେନ—ଅନ୍ୟରୂପ)

ତୟନାତ୍—ବୈଦେ. ବ ଓ ବିଣ (ଆ.)—ତଇନାତ୍ (ଦେଖ)
Tayanāt — Taināt (See)
(ତୟିନାତ୍, ତୟେନାତ୍, ତୟେନାତ—ଅନ୍ୟରୂପ)

ତୟାର(ରି) (ଇତ୍ୟାଦି)—ବୈଦେ. ବ ଓ ବିଣ (ଆ. ତୈୟାର୍)
Tayāra (ri) (etc.) — ତିଆର ଇତ୍ୟାଦି (ଦେଖ)
Tiāra etc. (See)

ତୟାରି—ପ୍ରାଦେ. (ବାଲେଶ୍ୱର) ବ—ନଦୀ ମୁହାଣରୁ ଧରାଯିବା ଏକପ୍ରକାର
Tayāri ଲୁଣୀ ମାଛ—A kind of sea-fish caught at the mouths of rivers.

ବୈଦେ. ବ ଓ ବିଣ (ଆ.)—ତୟାର (ଦେଖ)
Tayāra (See)

ତର—ସଂ. ବ (ତୃ ଧାତୁ=ପାର ହେବା+ଭାବ. ଅ)—
Tara ୧ । ସନ୍ତରଣ—1. Swimming.

୨ । ଅତିକ୍ରମଣ; ପାରହେବା—2. Crossing.

୩ । ଗତି—3. Motion.

ଏବେ ଗୃହଁ ବ ଯେବେ କୃଷ୍ଣତର—ଉକ୍ତ. ପ୍ରେମସୁଧାନିଧି ।

୪ । (+ଅଧିକରଣ. ଅ) ପଥ—4. Path; road; way.

୫ । ଆଘାତ—5. Striking; stroke.

୬ । (+କରଣ. ଅ) ଘାଟ-ପାର ମାହାସୁଲ; ନଦୀ ଆଦି ପାର ହେବା ସକାଶେ ଘାଟବାଲାଙ୍କୁ ଦେବା ଶୁଳ୍କ—6. Toll paid for being taken across a ferry.

୭ । ନଦୀ ପାର କରିବା ନୌକା—7. A ferry-boat.

୮ । ପାର ଉତାର କରିବା କର୍ମ—8. Ferrying across.

୯ । ଅଗ୍ନି (ହି. ଶବ୍ଦସାଗର)—9. Fire.

୧୦ । ବୃକ୍ଷ (ହି. ଶବ୍ଦସାଗର)—10. Tree.

ସଂ. ବିଣ. (+କର୍ତ୍ତୃ. ଅ)—ପାରଗାମୀ—Having crossed a river or water.

ସଂ. ପ୍ରତ୍ୟୟ—୧ । ଦୁଇ ବ୍ୟକ୍ତି ବା ବସ୍ତୁ ମଧ୍ୟରେ ଉତ୍କର୍ଷ ବା ଅପକର୍ଷସୂଚକ ପ୍ରତ୍ୟୟବିଶେଷ—1. Comparative suffix added to adjectives like 'er'as in 'smaller' and 'greater'.

[ଯଥା—ଗୁରୁତର; କ୍ଷୁଦ୍ରତର]

[ଦ୍ର—ଗୁଣବାଚକ ବିଶେଷଣ ପଦର ଉତ୍ତର ଏହି ପ୍ରତ୍ୟୟ ହୁଏ ।]

୨ । ଦୁଇ ବସ୍ତୁ ମଧ୍ୟରୁ ଏକକୁ ନିର୍ଦ୍ଦେଶ କରିବାପାଇଁ କିମ୍, ତଦ୍ ଓ ଯଦ୍ ଶବ୍ଦ ସଙ୍ଗେ ବ୍ୟବହୃତ ପ୍ରତ୍ୟୟ—1. A suffix indicating one of the two.

[ଦ୍ର—ଏଥିରେ ନିଷ୍ପନ୍ନ ପଦ କତର, ତତର, ଯତର—ଅପ୍ରେ]

ଦେ. ବ—୧ । ଛଳନା—1. Feigning; excuse; pretence.

[ଯଥା—ପିଲା ଗୃହାଳକୁ ନ ଯିବା ପାଇଁ ତର କାଢ଼ୁଛି ।]

୨ । ସୁଯୋଗ; ସୁବିଧା—2. Opportunity.

୩ । ବିଳମ୍ବ—3. Delay.

[ଯଥା—ଭାତ ଗଲା ହେବା ଯାଏ ମୋର ତର ସହୁନାହିଁ ।]

୪ । ଅବକାଶ; ଫୁରସତ୍—4. Leisure.

ତୋତେ ନମିଷେ ନାହିଁ ତର—ଗ୍ରାମ୍ୟ. ନିର୍ଗୁଣ ମାହାତ୍ମ୍ୟ ।

ଦେ. କ୍ରି. ବିଣ—(ଶୁଦ୍ଧର) ଚଞ୍ଚଳ; ଶୀଘ୍ର; ଦ୍ରୁତ—Swiftly; hurriedly.

ବୃଷଭବେଗେ ବୃଷ ଧ୍ୱଂସେଣେ ଅତି ତର—ଉକ୍ତ. ବୈଦେହୀଶବିଳାସ ।

ପ୍ରାଦେ. (ବାଲେଶ୍ୱର) ସର୍ବନାମ—ତୋର; ତୋହୋର—Your; yours.

ତରକ—ଗ୍ରା. (ପଦ୍ୟ) ବ (ସଂ. ତର୍କ)—୧ । ବାଦାନୁବାଦ; ତର୍କ—
Taraka — 1. Reasoning; argument.
तरक — ୨ । ଛଳ; କପଟ; ଧୂର୍ତ୍ତତା—2. Deceit; craftiness; fraud; knavery.
तरक

୩ । କୌଶଳ—3. Trick.

କର୍ଣ୍ଣ ତ ଯୁଦ୍ଧ ଛୁଅ ତରକ ଜାଣନ୍ତି
ପଳାଇଲେ ହେଲେ ବନ୍ଧିଲେ ଶର ଅତି—କୃଷ୍ଣସିଂହ, ମହାଭାରତ କର୍ଣ୍ଣ ।

ତରକଣା—ଦେ (ପଦ୍ୟ) ବ (ସଂ. ତର୍କଣା)—୧ । ତର୍କ—
Tarakaṇā — 1. Reasoning.

୨ । ଅନୁମାନ—2. Guess.

ତରକ ତାରକ—ଦେ. ବ (ସଂ. ତର୍କ ଧାତୁ)—୧ । ବିଶେଷ ସାବଧାନତା; ହୁସିଆର—1. Vigilance.
Taraka tāraka
ताकतरक — ୨ । ତାକତରକ; ପରସ୍ପର ଜଗାଜଗି—2. Watching each other.
चौकसी

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, ଭୂଅ ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଣ୍ଣା ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଯଥା—ମାମଲତଦାର ଦୁଇ ଜଣଯାକ ଯେଣ୍ଟା ତରକ-ତାଲକରେ ଅଛନ୍ତି ।)

ତରକ ତ୍ୟାଗୀ—ଦେ. ବି—୧ । ଯେଉଁ ଯୋଗୀ ଅନ୍ୟଠାରୁ ଦାନ ଗ୍ରହଣ କରେ ନାହିଁ ଓ ଯାହା ପାଏ ତାହା କ୍ଷୁଧା-ଶାନ୍ତି ପାଇଁ ସଙ୍ଗେସଙ୍ଗେ ଭୋଜନ କରେ—
Taraka tyāgi
1. An anchorite who does not take any gift but only eats any food given him when hungry.

ତରକତ୍ୟାଗୀ ବୋଲି ତାକୁ କହି
ଥୋକାଏ ଜାଣିଲ ଛାଡ଼ ନୁହଇ—ପ୍ରାଚୀ, ପରିବେଶୀତା ।

୨ । ଯେଉଁ ବ୍ୟକ୍ତିର ଜ୍ଞାନ ଅତି ସାମାନ୍ୟ ଥିବାରୁ ସେ ଧର୍ମ ବିଷୟରେ ତର୍କ କରେ ନାହିଁ—
2. A person whose knowledge is scanty and so who does not enter into arguments.

ତରକସ୍—ବୈଦେ. ବି (ଫା. ତର୍‌କଶ୍)—ତୂଣୀର; ଶର ରଖିବାର ତୂଣୀ—
Tarakas
Quiver.
তরকশ तरकश

ତରକା—ଦେ. ବିଣ—୧ । (ସଂ. ତର୍କିତ; ତ୍ରସ୍ତ)—ହୁରୁଡ଼ା; ଭୟାଳୁ; ଯେ ସାମାନ୍ୟ କାରଣରୁ ଅସ୍ଥିର ହୋଇ ପଳାଇଯାଏ; ଭୀରୁ—1. Timid; easily frightened; shy.
Tarakā
(ତର୍କା—ଅନ୍ୟରୂପ)
চমকে, ভীতু
चौकना

୨ । (ସଂ. ଚତୁର)—କୌଶଳୀ; ଚତୁର—
2. Shrewd; elusive; crafty; sly.

୩ । (ସଂ. ସତର୍କ)—ହୁସିଆର; ସାବଧାନ—
3. Cautious; vigilant.

୪ । (ସଂ. ତରସ=ବେଗ)—ଅତ୍ୟନ୍ତ ବେଗବାନ୍—
4. Very fleet.

ବାପ ବଙ୍କା, ପୁଅ ସଳଖା, ନାତି ଠୋକାରୁ ବଡ଼ ତରକା ।
(ଜନ୍ମ ଗୁଣ ଓ ଗର)—ପ୍ରହେଳିକା

ବୈଦେ. ବି (ଅ)—୧ । ତରକା ହିଂସା (ଦେଖ)
1. Tarakā himsā (See).

୨ । ପରୋକ୍ଷ ଉତ୍ତରାଧିକାରୀଙ୍କୁ ମିଳିବା ମୃତ ବ୍ୟକ୍ତିର ସମ୍ପତ୍ତି—
2. Property left by a deceased which is inherited by his collateral heirs.

ପ୍ରାଦେ (ସିଂହଭୂମ) ବି (ଭୁଲ. ଏହି ଅର୍ଥରେ ହି. ତରକୀ)—କାପ; କାନର ବର୍ତ୍ତୁଳ ଅଳଙ୍କାରବିଶେଷ; ତଡ଼କା—
A kind of flat ornament for the ears.

ତରକା(କେ)ଇବା—ଦେ. କ୍ରି—୧ । ହୁରୁଡ଼ାଇବା—
Tarakā(ke)ibā
1. To frighten; to cause one to shy.
भड़काना

୨ । ପୂର୍ବରୁ ସାବଧାନ କରାଇ ଦେବା—
2. To warn beforehand.

ତର କାଢ଼ିବା—ଦେ. କ୍ରି—୧ । ଛଳନା କରିବା—
Tara kārdhibā
1. To give out an excuse.
तरसाना

୨ । ଲୋକଙ୍କୁ ଚମକିତ କରାଇବା ନିମନ୍ତେ ମିଥ୍ୟା ଭୟ ଦେଖାଇବା—2. To raise a false alarm.

୩ । ବଞ୍ଚିତ କରିବା ଅଭିପ୍ରାୟରେ କୌଣସି ବ୍ୟକ୍ତିକୁ ବୃଥା ଆଶା ଦେଖାଇବା—To tantalise.

୪ । ଭଣ୍ଡାଇବା—4. To inveigle.

ତରକା ତରକି—ଦେ. ବି (ସଂ. ତର୍କ)—ତରକ ତାରକ (ଦେଖ)
Tarakā taraki
Taraka tāraka (See)

ତରକା ପଣିଆଁ—ଦେ. ବି—୧ । ସାମାନ୍ୟ କଥାରେ ଭୟ ପାଇବା ସ୍ୱଭାବ—
Tarakā paniān
1. Timidity; shyness.

୨ । ଧୂର୍ତ୍ତତା—2. Shrewdness.

ତରକାରି—ବୈଦେ. ବି (ଫା. ତର୍‌କାରି=କଞ୍ଚା ଶାଗ ପତ୍ର)—
Tarakāri
(ଉର୍ଦ୍ଦୁରେ ତରକାରିର ଅର୍ଥ—ମାଂସ ତିଅଣ)
(ତର୍କାରି—ଅନ୍ୟରୂପ) ୧ । ତର୍କାରି; ବ୍ୟଞ୍ଜନ; ତିଅଣ; ପରିବା ତିଅଣ—
1. Vegetable curry.
তরকারী
तरकारी

୨ । ମାଛ ମାଂସର ତିଅଣ—
2. Fish or meat curry.

୩ । ବ୍ୟଞ୍ଜନାର୍ଥ ଗୃହୀତ ଫଳ ମୂଳାଦି; ପରିବା—
3. Kitchen-vegetables; esculent vegetables; greens.

[ଦ୍ର—ଏ ଶବ୍ଦ ଡାଲି, ଭାତ, ତିଅଣ, ଭାଜି ଆଦି ଶବ୍ଦ ସଙ୍ଗେ ଅନୁଚରରୂପେ ବ୍ୟବହୃତ ହୁଏ; ଏହାର ଫାରସୀ ଅର୍ଥ ପରିବାପତ୍ରରେ ରନ୍ଧା ତିଅଣ ଓ କଞ୍ଚା ପରିବା ଓ ଶାଗ ।]

ତରକା ହିଂସା—ବୈଦେ. ବି (ମୁସଲମାନଙ୍କ ସମ୍ପତ୍ତି ବିଭାଗ ଆଇନ)—
Tarakā himsā
(ଫା. ତରକ୍ୱା=ମୃତ ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତିର
(ତର୍କାହିଂସା—ଅନ୍ୟରୂପ) ଅବଶିଷ୍ଟ ଅଂଶ + ହିସ୍ସା=ବଣ୍ଟନରେ
তরকাহিসা ବଣ୍ଟିତ ଅଂଶ)—କୋରାନ୍ ଅନୁସାରେ ମୃତ ବ୍ୟକ୍ତିର
तरकोहिसा ପ୍ରତ୍ୟକ୍ଷ ଉତ୍ତରାଧିକାରୀମାନେ ଅଂଶ ନେବା ପରେ ଅବଶିଷ୍ଟ ସମ୍ପତ୍ତିକୁ ବାଣ୍ଟିନେବା ହିଂସାଦାରଙ୍କ ହିଂସା—
Residuary share got by certain collateral relations of a deceased person.

ତରକିବ୍—ବୈଦେ. ବି (ଅ. ତର୍‌କୀବ୍)—୧ । ସଂଯୋଗ; ମେଳ—
Tarakib
1. Union.
তরকীব

୨ । ରଚନା—2. Composition.
तरकीब

୩ । ରଚନାର ଢଙ୍ଗ; ରଚନାପ୍ରଣାଳୀ—
3. Style of composition.

୪ । ଉପାୟ—4. Means.

ତରକିବା—ଦେ. କ୍ରି—୧ । (ସଂ. ସତର୍କ) ପୂର୍ବରୁ ସାବଧାନ ହେବା—
Tarakibā
1. To be vigilant or cautious beforehand.
(ତର୍କିବା—ଅନ୍ୟରୂପ)

୧	ଣ	ଡ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଯ୍	ଡ଼ଅ	ଢ଼
୨	ଌ	ଡ଼	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ଳ

କେ ବୋଇଲେ ଏ ଖୀରୁ କଣ ବାରୁ ରମ୍ଭା,
ତରକ ପଳାଇଲ୍ ସ୍ୱର୍ଗେ ଜବା ରମ୍ଭା । କୃଷ୍ଣସିଂହ-ମହାଭାରତ-ବନ ।

୨ । ବୁରୁଡ଼ିବା—2. To shy; to run away with alarm.

୩ । (ସଂ. ତର୍କ ଧାତୁ) ଜାଣିବା—3. To know.

ତରକ ନ ପାର ଯା ମନେ, କେ ତାହା କହିବ ତରଙ୍ଗେ—
ଜଗନ୍ନାଥ. ଭାଗବତ ।

୪ । ତର୍କଣା କରିବା; ଅନୁମାନ କରିବା—4. To guess.

ରାଜାମାନେ ସେ କଥା ତରକ ଜାଣିଲେ—କୃଷ୍ଣସିଂହ. ମହାଭାରତ. ବନ ।

ତରକ୍ଷୁ—ସଂ. ବି (ତର=ପଥ+କ୍ଷି ଧାତୁ=କ୍ଷୟ କରିବା+କର୍ତ୍ତୃ. ଡୁ)—
Tarakshu ଗଧିଆ; ହେଣ୍ଟାବାଘ; ବାଘେଣ୍ଟା—Wolf; hyena.

ତରଙ୍ଗ୍ ତରଙ୍ଗ୍—ଦେ. ବିଣ (ସଂ. ତରଙ୍ଗ; ତରଙ୍ଗ ସଦୃଶ ଅସ୍ଥିର)—
Tarang tarang ଚଙ୍ ଚଙ୍; ଚଞ୍ଚଳ; ଚପଳ—Restless; fidgety disquieted.
চং চং
ଷୈନ (ଯଥା—ବଣ ଜନ୍ତୁକୁ ଆଣି ଘରେ ରଖିଲେ ସେ ପ୍ରଥମେ ଦିନାକେତେ ତରଙ୍ଗ୍ ତରଙ୍ଗ୍ ହୁଏ ।)

ତରଙ୍ଗ—ସଂ. ବି (ତୃ ଧାତୁ=ପାର ହେବା; ଗମନ କରିବା+ଅଙ୍ଗ)—
Taranga ୧ । ଊର୍ମି; ଢେଉ; ଲହରି—1. Wave; ripple; billow.

୨ । ପ୍ରବଳ ଅଶ୍ରୁଧାରା—2. Profuse tear.

୩ । ଅଙ୍ଗଭଙ୍ଗୀ; ଦେହର ଭଙ୍ଗୀ—3. Posture.

୪ । କମ୍ପ; କମ୍ପନ—4. Oscillation.

୫ । କଥାର ଭଙ୍ଗୀ—5. Wit, humorous word.

୬ । ଲୁଗାର କୁଞ୍ଚ—6. Ripples raised by folding a cloth artistically.

୭ । 'ସାଗର' ବା 'ସମୁଦ୍ର' ବା 'ତରଙ୍ଗିଣୀ' ଉପାଧିଯୁକ୍ତ ସଙ୍ଗୀତ ବା କାବ୍ୟାଦି ଗ୍ରନ୍ଥର ଖଣ୍ଡ ବା ଭାଗ—7. Section or volume of a book.

(ଯଥା—ଦାମୋଦର ପଟ୍ଟନାୟକଙ୍କ 'ସଙ୍ଗୀତ ସାଗର'ର ୧ମ, ୨ୟ, ୩ୟ, ଓ ୪ର୍ଥ ଆଦି ତରଙ୍ଗ ।)

୮ । ସଙ୍ଗୀତରେ ସ୍ୱରର କମ୍ପନ; ସ୍ୱରଲହରୀ; ମୂର୍ଚ୍ଛନା—
8. Modulation of voice or tune in music.

୯ । ଉତ୍ସାହ ଓ ଆନନ୍ଦ ଆଦିର ବୃଦ୍ଧି—
9. Burst of delight.

୧୦ । ବସ୍ତ୍ର; ଲୁଗା (ହି. ଶବ୍ଦସାଗର)—10. Cloth.

୧୧ । ଘୋଡ଼ା ଆଦିଙ୍କ କୁଦା (ହି. ଶବ୍ଦସାଗର)—11. Gallop.

ଦେ. ବିଣ—ଚଞ୍ଚଳ—Restless; quick.

ଏକାନ୍ତ କାନ୍ତ-ଅଲିଙ୍ଗନ-ଭାବେ ମଗନ ହୋଇ,
ଥିବ ପାଶବନ୍ଧ କୁରଙ୍ଗୀପରି ତରଙ୍ଗ ନୋହି । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ତରଙ୍ଗକ—ସଂ. ବି (ତରଙ୍ଗ+କ)—ତରଙ୍ଗ (ଦେଖ)
Tarangaka Taranga (See)

ତରଙ୍ଗବତୀ—ସଂ. ବି. ସ୍ତ୍ରୀ (ତରଙ୍ଗ+ବତ୍+ସ୍ତ୍ରୀ. ଈ)—ନଦୀ—
Tarangabati River.

ତରଙ୍ଗା—ଦେ. ବିଣ. ପୁଂ—ଚଞ୍ଚଳସ୍ୱଭାବ—
Tarangā Of restless nature; fidgety.
(ତରଙ୍ଗିଆ—ଅନ୍ୟରୂପ)
(ତରଙ୍ଗୀ, ତରଙ୍ଗେଇ—ସ୍ତ୍ରୀ)

ତରଙ୍ଗାକୁଳିତ—ସଂ. ବିଣ. (୩ୟା ତତ୍; ତରଙ୍ଗ+ଆକୁଳିତ)—
Tarangākuḻita ୧ । ତରଙ୍ଗଯୁକ୍ତ; ତରଙ୍ଗିତ—
(ତରଙ୍ଗାନ୍ୱିତ—ଅନ୍ୟରୂପ) 1. Wavy; billowy.

୨ । ତରଙ୍ଗ ଦ୍ୱାରା ଆନ୍ଦୋଳିତ—
Ruffled or agitated with waves.

ତରଙ୍ଗାୟମାନ—ସଂ. ବିଣ. (ତରଙ୍ଗ+ଆଚରଣ ଅର୍ଥରେ ଅୟ=
Tarangāyamāna ତରଙ୍ଗାୟ ନାମ ଧାତୁ+କର୍ତ୍ତୃ ମାନ)—
ତରଙ୍ଗାୟିତ (ଦେଖ)—Tarangāyita (See)

ତରଙ୍ଗାୟିତ—ସଂ. ବିଣ. (ତରଙ୍ଗ+ଆଚରଣାର୍ଥରେ ଅୟ=ତରଙ୍ଗାୟ
Tarangāyita ନାମ ଧାତୁ+କର୍ତ୍ତୃ. ତ)—ତରଙ୍ଗ ଉଠୁଥିବା; ଢେଉ ଉଠୁଥିବା; ଢେଉପରି ଚଞ୍ଚଳ ହେଉଥିବା; ତରଙ୍ଗଯୁକ୍ତ—Wavy; undulating.

ତରଙ୍ଗାଳି—ସଂ. ବି—ନଦୀ (ହି. ଶବ୍ଦସାଗର)—
Tarangāḻi River.

ତରଙ୍ଗିଣୀ—ସଂ. ବି. ସ୍ତ୍ରୀ. (ତରଙ୍ଗ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ. ଈ)—
Taranginī ନଦୀ—River.

ତରଙ୍ଗିତ—ସଂ. ବିଣ. (ତରଙ୍ଗ+ଯୁକ୍ତାର୍ଥରେ. ଇତ)—
Tarangita ୧ । ତରଙ୍ଗଯୁକ୍ତ; ଢେଉପରି ଉଠୁଥିବା ଓ ପଡ଼ୁଥିବା—
1. Billowy; wavy; undulating.

୨ । ଭଙ୍ଗୀବିଶିଷ୍ଟ—2. Agitated; having postures of the body.

୩ । ଚଞ୍ଚଳ—3. Restless.

ତରଙ୍ଗୀ—ସଂ. ବିଣ. ପୁଂ. (ତରଙ୍ଗ+ଇନ୍; ୧ମା. ୧ବ)—
Tarangī ୧ । ଲହରୀଯୁକ୍ତ—1. Wavy.

୨ । ମନମୌଜୀ; ବେପରୁଆ—
2. Wilful; happy-go-lucky.

ତରଚ—ପ୍ରାଦେ. (ସମ୍ବଲପୁର) ବିଣ—ତରଛ (ଦେଖ)
Taracha Tarachha (See)

ତରଛ—ଦେ. ବିଣ. (ସଂ. ତ୍ରସ୍ତ; ତୁଳ. ପାଲି. ତରସ୍ତ)—
Tarachha ସନ୍ତ୍ରସ୍ତ; ହଠାତ୍ ଭୀତ; ଅତରଛ; ଭୟବିହ୍ୱଳ—
তরাস Frightened; terrified.
तरस, तरास

ତରଛ ହୋଇଣ ବେଗୀ ଜାଇଁବା ପଛରେ ।
ପ୍ରାଚୀ. ଶିବ ସ୍ୱରୋଦୟ ।

ଦେ. ବି—ହଠାତ୍ ଉପସ୍ଥିତ ଭୟ; ଛନକା;—
Sudden fright.

ତରଛରିଆ—ପ୍ରାଦେ. (ଯାଜପୁର) ବିଣ—ଅତରଛିଆ (ଖାଡ଼ା)—
Tarachhariā Terrific; frightful.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖି କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ତରଛା—ଦେ. ବି ଓ ବିଣ. (ସଂ. ତ୍ରାସ)—ତରଛ (ଦେଖ)
Tarachhā Tarachha (See)

ତରଛା(ଛେ)ଇବା—ଦେ. କ୍ରି. (ସଂ. ତ୍ରାସ)—
Tarachhā(chhe)ibā ହଠାତ୍ ଭୟ ଜନ୍ମାଇବା; ଡରାଇବା—
तरसाना, तिरसोना, त्रसाना, To cause sudden fright.

ତରଛିଆ—ଦେ. ବିଣ. (ସଂ. ତ୍ରସ୍ତ; ତ୍ରସୁର)—
Tarachhiā ୧ । ହଠାତ୍ ଉପସ୍ଥିତ ଭୟ ଦ୍ୱାରା ବିହ୍ୱଳ—
তরাসিয়া 1. Frightened; terrified.
त्रसित, डरपोक ୨ । ହଠାତ୍ ଭୀତି-ଉତ୍ପାଦକ—
1. Frightening; terrific.
୩ । ଡରୁଆ; ଭୀରୁ; ଭୟାଳୁ—3. Timid.

ତରଛିବା—ଦେ. କ୍ରି. (ସଂ. ତ୍ରାସ)—
Tarachhibā ତ୍ରସ୍ତ ହେବା; ହଠାତ୍ ଭୟ ପାଇବା—
To take sudden fright; to be frightened.

ତରଜନ—ଗ୍ରା. (ପଦ୍ୟ) ବି—ତର୍ଜନ (ଦେଖ)
Tarajana Tarjana (See)
তরজন ଝୋଲେ କରତଳୁ କରି ତରଜନ ।
तरजन କୃଷ୍ଣସିଂହ. ମହାଭାରତ. ବନ ।
(ତରଜନା—ଅନ୍ୟରୂପ)

ତରଜନ ଗରଜନ—ଗ୍ରା. ବି.—(ସଂ. ତର୍ଜନ ଗର୍ଜନ)—
Tarajana garajana ତର୍ଜନ ଗର୍ଜନ (ଦେଖ)
Tarjana garjana (See)

ତରଜମା—ବୈଦେ. ବି.—(ଅ. ତର୍ଜୁମା)—୧ । ଭାଷାନ୍ତରୀକରଣ;
Tarajamā ଅନୁବାଦ—1. Translation.
তরজমা ୨ । ଭାଷାନ୍ତରିତ ବା ଅନୂଦିତ ବିଷୟ—
तरजुमा 2. Translated matter.
(ତରଜୁମା, ତର୍ଜମା—ଅନ୍ୟରୂପ)

ତରଜା—ଦେ. (ସଂ. ତର୍ଜନା)—ତର୍ଜନା; ଗାଳିମନ୍ଦ—
Tarajā 1. Admonition.
तरजना ଦେ. ବିଣ.—୧ । ଯେ ତର୍ଜନା କରେ; ତର୍ଜକ—
1. Admonising; one who rebukes; reproaching.
୨ । ଉତ୍ତେଜିତ; ତର୍ଜିତ —2. Excited.

ତରଜିବା—ଦେ. (ପଦ୍ୟ) କ୍ରି (ସଂ. ତର୍ଜ ଧାତୁ)—୧ । ତର୍ଜିବା; ଧମକାଇ
Tarajibā ଗାଳି ଦେବା—1. To threaten and abuse.
তরজা
तरजना ୨ । ଭୟ ଦେଖାଇବା—2. To threaten.
ନଥିଲା ଯାହାଙ୍କୁ ପାଟଳ ପ୍ରସୂନ
କାମୀଙ୍କି ତରଜେ ଯେହ୍ନେ କାମ-ତୂଣ— । ରାଧାନାଥ, ନନ୍ଦିକେଶ୍ୱରୀ ।

ତରଜୁତ—ବୈଦେ. ବି (ଅ. ତରଦ୍ଦୁଦ୍) (କଟକିଆ)—୧ । ବନ୍ଦୋବସ୍ତ—
Tarajut 1. Settlement; arrangement.
তরদ্দুদ ୨ । ଚର୍ଚ୍ଚା—
तरद्दुद 2. Disoussion; treatment.
(ତରଦ୍ଦୁଦ୍—ଅନ୍ୟରୂପ) ୩ । ରକ୍ଷଣାବେକ୍ଷଣ—
3. Preservation; looking after.
୪ । ଚିନ୍ତା; କଳ୍ପନା—4. Centemptation; thought.

ତରଜୁତ୍ ଆବାଦ୍ କରିବା—ଦେ. କ୍ରି (ଅ. ତରଦ୍ଦୁଦ୍ + ଅ. ଆବାଦ୍)
Tarajut ābād kāribā (କଟକିଆ) କୌଣସି ଜମିକୁ ରକ୍ଷଣାବେକ୍ଷଣ କରିବା ଓ ଚାଷ କରିବା—To
তরদ্দুদআবাদকরা
तरद्दुद आबाद करना preserve and cultivate a plot of land; to properly look after or take care of a property.

ତରଟା—ଦେ. ବି—ତରାଟ (ଦେଖ)
Taratā Tarāṭa (See)

ତରଡଙ୍ଗ(ଙ୍ଗା)—ଦେ. ବିଣ. ପୁଂ (ସଂ. ତ୍ୱରିତ)—୧ । ତରତରିଆ;
Taradaṅga (ṅgā) ଚପଳ—1. Hasty; fickleo.
(ତରଡଙ୍ଗିଆ, ତର୍ଡଙ୍ଗା—ଅନ୍ୟରୂପ)
ତରଡଙ୍ଗୀ
ତରଡଙ୍ଗେଇ
ତର୍ଡଙ୍ଗୀ
ତଡଙ୍ଗେଇ
—ସ୍ତ୍ରୀ ୨ । ଯେଉଁଲୋକ କୌଣସି ଗୁପ୍ତ କଥା ମନରେ ରଖି ନ ପାରେ; ଅଧୀର—
2. Impatient; prone to babble out secrets.
୩ । କ୍ଷୀଣ; କୃଶ—3. Emaciated; delicate.
୪ । ତରବଆ; ଭଣ୍ଡ—4. One who puts off another person on various excuses.

ତରଡ଼ା—ଦେ. ବି (ସଂ. ନାମ—ଘୋଷ ପଟୋଳିକା)—ଜଣେ ଫଳ
Tarardā ଏକପ୍ରକାର ବନ୍ୟ ଲତା ଓ ତାହାର ଫଳ; ତୋରଡ଼ା—
তরুই, পরোল, कुन्दुरीकी A cucurbitacious creeper and its fruit.
कुन्दुरि
ତେ—ଦୋଣ୍ଡକାଯୀ [ଦ୍ର—ଏହା ସ୍ୱାଦଭେଦରେ ଦୁଇପ୍ରକାର; ଯଥା—ମଧୁର ତରଡ଼ା (Luffa Ægytiaca) ଓ ପିତାତରଡ଼ା (Luffa Amara) । ମଧୁର ତରଡ଼ା ଖାଦ୍ୟ; ମାତ୍ର ପିତାତରଡ଼ା ଔଷଧରେ ଲାଗେ । ପାଚିଲା ଶୁଖିଲା ତରଡ଼ାର ଉପରର ଚୋପା ସଢ଼ିଗଲା ପରେ ଏହା ଭିତରୁ ଯେଉଁ କରଡ଼ା ଜାଲୁଜାଲୁଆ ଅଂଶ ବାହାରେ ତାହାଦ୍ୱାରା ଦେହ ଘଷିଲେ ଦେହରୁ ମଇଳା ଛାଡ଼ିଯାଏ ।]

ତରଣ—ସଂ. ବି (ତୃ ଧାତୁ=ପାରହେବା + ଭାବ. ଅନ)—
Taraṇa ୧ । ପାରଗମନ; ପାରିହେବା; ଅତିକ୍ରମଣ—
1. Act of crossing over; passing over.
୨ । ପ୍ଳବନ; ପହଁରିବା—2. Swimming.
୩ । ଦେଶାନ୍ତର ଗମନ—3. Going abroad.
୪ । (+କରଣ ଅନ) ଭେଳା—4. Raft.
୫ । ଡଙ୍ଗା—5 Boat.
୬ । ସ୍ୱର୍ଗ—6 Heaven.

୧	ଇ	ଉ	ର,ରୁ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଂ	ଉଅ	ଢ଼
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନୃ

୭ । ନିସ୍ତାର; ଉଦ୍ଧାର — 7. Deliverance.

ଦେ. ବି—୧ । ଖିରି; ଯାଉ—1. Gruel,

୨ । ପିଠା କରିବା ସକାଶେ ବଟା ଯାଇଥିବା ପିଠଉ—
2 Dough; paste made from grains for making cakes.

ତରଣି—ସଂ. ବି (ତୃ ଧାତୁ+କରଣେ. ଅନି)—୧ । ନୌକା—
Tarani 1. Boat.

୨ । ଭେଲା—2. Raft.

୩ । (+କର୍ତ୍ତୃ. ଅନି) ସୂର୍ଯ୍ୟ—3. The sun.

୪ । କିରଣ—4 Ray; beam of light.

୫ । ଘିକୁଆଁରି (ଗୁଳ୍ମ) (ଦେଖ)
5. Ghikuañri (plant) (See)

୬ । ସେବତୀ ଫୁଲ—6. Rosa Moschata (flower).

୭ । ତାମ୍ର—7. Copper.

୮ । ଅରଖ ଗଛ—8. Calotropis Gigantia.

ସଂ. ବିଣ—୧ । ଶୀଘ୍ରଗାମୀ—1. Fleet

୨ । ଉଦ୍ଧାରକର୍ତ୍ତା—2. Delivering.

ଦେ. ବି—ପ୍ରାଚୀନ ଅର୍ଣ୍ଣବପୋତବିଶେଷ—
Name of a ship sailing on the sea in ancient times.
(ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।)

ତରଣିଜା—ସଂ. ବି. ସ୍ତ୍ରୀ (ତରଣି=ସୂର୍ଯ୍ୟ+ଜନ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—ଯମୁନା ନଦୀ—
Taranijā The river Jamunā.

ତରଣି ରତ୍ନ—ସଂ. ବି. କ୍ଲୀ—ପଦ୍ମରାଗମଣି—
Tarani ratna Ruby.

ତରଣିସୁତ—ସଂ. ବି. ପୁଂ (୬ଷ୍ଠୀ ତତ୍; ତରଣି=ସୂର୍ଯ୍ୟ+ସୁତ)—
Tarani suta ୧ । ଶନି—1. Planet Saturn.

ତରଣିକୁମାର } ଅନ୍ୟରୂପ ୨ । ଯମ—2. Jama, the God of Death.
ତରଣିତନୟ }

ତରଣିସୁତା—ସଂ. ବି. ସ୍ତ୍ରୀ (୬ଷ୍ଠୀ ତତ୍; ତରଣି+ସୁତା)-ଯମୁନା ନଦୀ—
Tarani sutā The river Jamunā.

ତରଣୀ (ଇତ୍ୟାଦି)—ସଂ. ବି. (ତରଣି+ସ୍ତ୍ରୀ. ଈ)—
Tarani (etc) ୧ । ତରଣି ଇତ୍ୟାଦି (ଦେଖ)
1. Tarani etc. (See)

୨ । ସ୍ଥଳକମଳ (ଦେଖ)—2. Sthala kamala (See)

୩ । ଘୃତକୁମାରୀ (ଦେଖ)—3. Ghruta kumārī (See)

ତରଣ୍ଡ—ସଂ. ବି. (ତୃ ଧାତୁ+କରଣ. ଅଣ୍ଡ)—
Taranda ୧ । ନୌକା—1. Boat.

୨ । ଭେଳା—2. Raft.

୩ । ତେରେଣ୍ଡା; ମାଛ ଧରିବା ବନ୍ଶୀର ସୂତା ବା ଜାଲର ସୂତା ମଧ୍ୟରେ ଲାଗିଥିବା କାଠି ବା ସୋଲ (ଯାହା ମାଛ ଧରିବା ସମୟରେ ପାଣିରେ ଭାସେ)—
3. A float of a fishing line or net.

୪ । ଦେଶବିଶେଷ—4. Name of a country.

୫ । ଡଙ୍ଗା ବୋହିବା ଦଣ୍ଡ; ଆତ (ହି. ଶବ୍ଦସାଗର)—
5. Long pole with which a boat is propelled.

ତରଣ୍ଡକ—ସଂ. ବି. (ତରଣ୍ଡ+ସ୍ୱାର୍ଥରେ. କ)—
Tarandaka ୧ । ତେରେଣ୍ଡା—1. A float of a fishing line.

୨ । ତୀର୍ଥବିଶେଷ—
2. Name of a place of pilgrimage.

ତରତ୍ସମନ୍ଦୀୟ—ସଂ. ବି—ବେଦର ପାବମାନ ସୂକ୍ତର ଅନ୍ତର୍ଗତ ସୂକ୍ତ ବିଶେଷ—Name of a vedic hymn.
Tarat-samandiya

[ଦ୍ର—ଅପ୍ରତିଗ୍ରାହ୍ୟ ଧନ ଗ୍ରହଣ କଲେ ବା ନିଷିଦ୍ଧ ଅନ୍ନ ଭକ୍ଷଣ କଲେ ଏ ସୂକ୍ତ ଜପ କରି ଉକ୍ତ ଦୋଷରୁ ମୁକ୍ତ ହେବାକୁ ହୁଏ । ହି. ଶବ୍ଦସାଗର]

ତରତମ—ସଂ. ବିଣ. (ଦ୍ୱନ୍ଦ୍ୱ; ତର+ତମ)—
Taratama ୧ । ନ୍ୟୂନାଧିକ; କମ୍ ବେଶୀ—
(ତାରତମ୍ୟ—ବି) 1. More or less.

୨ । ଛୋଟ ବଡ଼—2. Large and small.

ସଂ. ବି—୧ । ସାନ ବଡ଼ ଭେଦ ଜ୍ଞାନ—
1. Knowledge of distinction; discrimination.

୨ । ଇତସ୍ତତଃ କରିବା—2. Hesitation.

୩ । ସଂଶୟ—3. Doubt.

ତରତର—ଦେ. ବିଣ. (ସଂ, ତ୍ୱର)—୧ । ଅଧୀର—
Taratara 1. Impatient; agitated.
(ତରତରିଆ—ଅନ୍ୟରୂପ) ୨ । ଅସ୍ଥିର; ଚପଳ—
তরতর, তাড়াতাড়ি 2. Restless; fickle.
तुरतुरा, तुरतरिया ୩ । ଲଣ୍ଡଭଣ୍ଡ; ତ୍ୱରାନ୍ୱିତ; ସମୟାଭାବରୁ ବ୍ୟସ୍ତ—
3. Busy for want of time; hasty.

୪ । ଯେ ସମ୍ୟକ୍ ବିବେଚନା ବା ଆଗ ପଛ ବିଚାର ନ କରି କାର୍ଯ୍ୟ କରେ—4. One who acts hastily without mature consideration.

୫ । ଯେ ଆଗ ପଛ ବିଚାର ନ କରି ଯାହା ମନକୁ ଆସେ ତାହା କହି ପକାଏ—5. One who speaks out without mature consideration.

ଦେ. କ୍ରି. ବିଣ—୧ । ଅତି ଶୀଘ୍ର; ଚଞ୍ଚଳ; ସତ୍ୱର—
1. Hastily; in haste; hurriedly.

ବଜାଇ କମ୍ବୁର ବାତୁଳେ ତରତର ତରଳ ଚତୁର୍ଦ୍ଦିଗେ ଜାଣି ।
ଉପେ, ବୈଦେହୀଶବିଳାସ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ଉପରସ୍ଥ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ଅସ୍ଥିର ଭାବରେ —2. Restlessly.

ତରତିବ୍—ବୈଦେ. ବି. (ଅ)—୧ । ନିୟମ; କ୍ରମ; ଧାରା—
Taratib 1. Order; succession.
(ତର୍ତିବ—ଅନ୍ୟରୂପ) ୨ । ବସ୍ତୁମାନଙ୍କର ଯଥାସ୍ଥାନାବସ୍ଥିତି —
তরতীব 2. Ordered sequence of things.
तरतीब ବିଣ—୧ । କ୍ରମିକ—1. Successive; serial.
୨ । ଧାରାବାହିକ—2. Consecutive.

ତରତିବ୍ ନମ୍ବର୍—ବୈଦେ. ବି. (ଅ.ତରତିବ୍+ଇଂ. ନମ୍ବର୍)—
Taratib nambar କ୍ରମ ଅନୁସାରେ କୌଣସି ବସ୍ତୁର କ୍ରମିକ
তরতিব নম্বর ସଂଖ୍ୟା—Serial number of
तरतीब नम्बर anything.

ତରତୁଦ୍ (ଇତ୍ୟାଦି)—ବୈଦେ. ବି. (ଅ)—ତରଜୁତ୍ ଇତ୍ୟାଦି (ଦେଖ)
Taratud (etc) Tarajut etc (See)
(ତରଦୁଦ୍—ଅନ୍ୟରୂପ)

ତର ଦିଆ—ଦେ. ବିଣ—ଯେ ଭଣ୍ଡାଏ; ଭଣ୍ଡ—
Tara.dia One who puts off another on various excuses.

ତରଦିଦ୍—ବୈଦେ. ବି (ଅ)—୧ । ରଦ କରିବା—
Taradid 1. Nullification.
তরদিদ ୨ । ଖଣ୍ଡନ—2. Refutation.
तरदीद ୩ । ପ୍ରତ୍ୟୁତ୍ତର—3. Reply; rejoinder.

ତର ଦେଖା(ଖେ)ଇବା—ଦେ. କ୍ରି—ତର କାଢ଼ିବା (ଦେଖ)
Tara de(khākhe)ibā Tara kārdhibā (See)
(ତର ଦେବା; ତର ମାରିବା—ଅନ୍ୟରୂପ)

ତରନ୍ତ—ସଂ. ବି. ପୁଂ. (ତୃ ଧାତୁ+କର୍ମ. ଅନ୍ତ)—
Taranta ୧ । ସମୁଦ୍ର—1. The river.
୨ । (+କରଣ. ଅନ୍ତ) ଭେଳା—2. Raft.
୩ । (+କର୍ତ୍ତୃ. ଅନ୍ତ) ବେଙ୍ଗ—3. Frog.
୪ । ଫେରେଣ୍ଡା—4. A float for the fishing line.
୫ । ରାକ୍ଷସ—5. A demon; monster.

ତରନ୍ତୀ—ସଂ. ବି. ସ୍ତ୍ରୀ. (ତୃ ଧାତୁ+କରଣ. ଅନ୍ତ+ସ୍ତ୍ରୀ. ଈ)—
Taranti ତରଣୀ; ନୌକା - Boat.

ତରପ (ଇତ୍ୟାଦି)—ବୈଦେ. ବି ଓ ବିଣ (ଅ)—ତରଫ ଇତ୍ୟାଦି (ଦେଖ)
Tarapa (etc) Tarapha etc (See)

ତରପଣ—ଗ୍ରା. (ପଦ୍ୟ) ବି. (ସଂ. ତର୍ପଣ)—ତର୍ପଣ (ଦେଖ)
Tarapaṇa Tarpaṇa (See)
তর্পন, তরপন ସ୍ନାନ ତରପଣ ସେ ସେହିଠାରେ କଲେ ।
तरपन କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

ତରପଣ୍ୟ—ସଂ. ବି. [୬ଷ୍ଠୀ ତତ; ତର=ପାରଗମନ (ନଦୀର)+
Tara paṇya ପଣ୍ୟ+ଶୁଳ୍କ]—ନଦୀ ପାର ମାସୁଲ—Ferry-toll; payment made to the ferryman.

ତରଂପଦୀ—ସଂ. ବିଣ (ତର=ତରଣଯୋଗ୍ୟ+ପଦ+ଅସ୍ତି ଅର୍ଥରେ ଇନ୍;
Tara padi ୧ମା. ୧ବ)–ସନ୍ତରଣପଟୁ ଲିପ୍ତପଦବିଶିଷ୍ଟ (ହଂସାଦି) —
Web-footed (swan etc.)
ସଂ. ବି—ହଂସାଦି ଲିପ୍ତପଦବିଶିଷ୍ଟ ଜଳଚର ପକ୍ଷୀ—
Webfooted aquatic birds; Nattatores; (e.g. swan).

ତରପା—ବୈଦେ. ବିଣ. (ଅ.)—ତରଫା (ଦେଖ)
Tarapā Taraphā (See)

ତରଫ—ବୈଦେ. ବି. (ଅ· ତରଫ୍)—୧ । ପକ୍ଷ—
Tarapha 1. Party.
(ତରପ, ତର୍ପ, ତର୍ଫ—ଅନ୍ୟରୂପ) [ଯଥା— ହାକିମ କାହା ତରଫକୁ ଚଳ ନାହାନ୍ତି ।]
তরফ ୨ । ଦିଗ—2. Direction.
तरफ (ଯଥା—ସୂର୍ଯ୍ୟ ପୂର୍ବ ତରଫରୁ ଉଇଁଲେଣି ।)
୩ । ସୀମା—3. Boundary.
(ଯଥା—କଟକ ସହରର ଦକ୍ଷିଣ ତରଫରେ କାଠଯୋଡ଼ି ନଦୀ ।)
୪ । ନିକଟବର୍ତ୍ତୀ ଅଞ୍ଚଳ—
4. Proximity; a tract of a country
(ଯଥା—କଲିକତା ତରଫରେ ଏବେ ଭାରି ବର୍ଷା ହୋଇଅଛି ।)
୫ । ପାଖ; ପାର୍ଶ୍ୱ; କଡ଼—5. Side.
(ଯଥା—ମୋ ବାଆଁ ତରଫ ଅଙ୍ଗ ବିନ୍ଧୁଛି ।)
ଦେ. ବିଣ.—ପକ୍ଷୀୟ; ପକ୍ଷରୁ କାର୍ଯ୍ୟ କରୁଥିବା—Working or appearing on behalf of; representing.
(ଯଥା—ସେ ଜମିଦାରଙ୍କ ତରଫ ଗୁମାସ୍ତା ।)
ଦେ. ଅବ୍ୟୟ—(କଚେରୀର ଭାଷା) ପକ୍ଷରୁ—
On behalf of.
(ଯଥା—ନବହର ମିଶ୍ର, ମହାଫିସ୍ 'ତରଫ' ନାବାଲଗ ।)
[ଦ୍ର—ଏହି ଅର୍ଥରେ ଏହି ଶବ୍ଦର ସାଙ୍କେତିକ । ତ ।, ଯଥା— ଅମୁକ ମହାଫିସ୍ । ତ । ଅମୁକ ନାବାଲଗ୍ ।]

ତରଫଦାର୍—ବୈଦେ. ବିଣ (ଫା.)—୧ । ପକ୍ଷୀୟ; ପକ୍ଷାବଲମ୍ବୀ—
Taraphadār 1. Partisan; belonging to one party.
তরফদার तरफदार ୨ । ପକ୍ଷପାତୀ—2. Partial.
(ତରପଦାର୍ —ଅନ୍ୟରୂପ) ୩ । କୌଣସି ପକ୍ଷରୁ କାର୍ଯ୍ୟ କରୁଥିବା—
(ତରଫଦାର—ବି) 3. Representing one of the parties.
୪ । ଏକ ପକ୍ଷର ଅଧିକାରୀ ବା ମାଲିକ—
4. The chief person of one party.
ବୈଦେ. ବି.—ମୁସଲମାନ ସମ୍ରାଟଙ୍କ ଅମଳରେ ବଙ୍ଗଦେଶର ରାଜସ୍ୱ କର୍ମଚାରୀ ଓ ଜମିଦାରଙ୍କୁ ପ୍ରଦତ୍ତ ଉପାଧିବିଶେଷ—
A title in Bengal given under Mahomedan rule to a Zamindar or Revenue officer in charge of certain tracts of a district.

୧	ଈ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଅ	ଘ
୨	ଇ	ଉ	ରୁ	ଲୁ	ଏ୍	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଓ	ନ୍

ତରଫଦାର୍—ବୈଦେ. ବଣ. (ଫା)—ଏକ ପକ୍ଷକୁ ଅବଲମ୍ବନ କରି
Taraphadāri କରୁଥିବା (ବିଚାର); ପକ୍ଷପାତୀ; ଏକତରଫା—
তরফদারী : Partial; expartᵉ.
तरफदारी (ଯଥା—ଧର୍ମାଧିକରଣରେ ବସି ତରଫଦାର ବିଚାର
(ତରଫଦାର—ଅନ୍ୟରୂପ) କରିବା ଘୋର ଅନ୍ୟାୟ ।)
ବୈଦେ. ବି.—୧ । ପକ୍ଷପାତୀ ବିଚାର; ପକ୍ଷପାତ; ପାତର ଅନ୍ତର—
1. Partiality.
୨ । ପକ୍ଷାବଲମ୍ବନ—2. Taking sides.

ତରଫ ଧରିବା—ଦେ. କି.—୧ । କୌଣସି ଗୋଟିଏ ପକ୍ଷର ଅନୁକୂଳତା
Tarapha dhariba କରିବା—1. To take sides.
তরফ লওয়া (ଯଥା—ଅପଣ ପଞ୍ଚାୟତରେ ବସି ତରଫ ଧରି ବିଚାର
तरफ लेना କଲେ ଚଳିବ ନାହିଁ ।)
୨ । କୌଣସି ପକ୍ଷରେ ଭୁକ୍ତ ହେବା—
(ତରପ ଧରିବା—ଅନ୍ୟରୂପ) 2. To be enrolled in a party.

ତରଫ ନେବା—ଦେ. କି—ତରଫ ଧରିବା (ଦେଖ)
Tarapha nebā Tarapha dharibā (See)
(ତରପ ନେବା—ଅନ୍ୟରୂପ)

ତରଫ ମାଡ଼ିବା—ଦେ. କି.—୧ । ତରଫ ଧରିବା (ଦେଖ)
Tarapha mārdibā 1. Tarapha dharibā (See)
(ତରପ ମାଡ଼ିବା—ଅନ୍ୟରୂପ) ୨ । କୌଣସି ପାଖକୁ ବା ଦିଗକୁ
ଘୁଞ୍ଚିବା ବା ଗୁଳିଯିବା—2. To move to one side or direction.
(ଯଥା—ଜାହାଜ ପୂର୍ବତରଫ ମାଡ଼ିଛି ।)
୩ । କୌଣସି ଦିଗକୁ ଢଳିବା—
3. To incline to one side.

ତରଫ ସାନି—ବୈଦେ. ବି. ଓ ବଣ. (ଅ.)—ତରଫଦାର (ଦେଖ)
Tarapha sāni Taraphadāri (See)
(ତରପସାନି—ଅନ୍ୟରୂପ)

ତରଫା—ବୈଦେ. ବଣ. (ଅ. ତରଫ୍+ଫା.ପ୍ରତ୍ୟୟ ଆ)—୧ । (ଅମୁକ)
Taraphā ପକ୍ଷୀୟ; ପକ୍ଷାବଲମ୍ବୀ—1. Espousing the cause of; dealing with the side of.
୨ । (ଅମୁକ) ଦିଗବ୍ୟାପୀ—
2. Extending to a quarter or quarters.
[ଦ୍ରି—ଏହା ସଂଖ୍ୟାବାଚକ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ ।
ଯଥା—ଏକତରଫା, ଦୋତରଫା; ଚଉତରଫା ।]

ତରବର—ଦେ. ବଣ.—ତରତର (ଦେଖ)
Tarabara Taratara (See)
(ତରବର—ଅନ୍ୟରୂପ)

ଆନ ଚଢ଼ିଗଲେ ହୋଇ ତରବର ।
କୃଷ୍ଣସିଂହ ମହାଭାରତ ବନ ।

ତରବାଁ—ପ୍ରାଦେ (ବସ୍ତର) କି.—ତଲବାଁ (ଦେଖ)
Tarabāṅ Taḻabāṅ (See)

ତରବାର—ସଂ. ବି. (ତର=ଅଘାତ+ବୃ ଧାତୁ=ନିଯୋଗ କରିବା
Tarabāra କର୍ମ. ଅ)—ଖଡ୍ଗ; ଖଣ୍ଡା; କୃପାଣ—
Sword; scimitar.

ତରବାରି—ସଂ. ବି. (ତର+ବୃ ଧାତୁ+କର୍ମ. ଇ)—ତରବାର (ଦେଖ)
Tarabāri Tarabāra (See)

ତରବାଲ—ସଂ. ବି. (ତର+ବୃ ଧାତୁ+ଅ; 'ର' ସ୍ଥାନରେ 'ଲ'
Tarabāḻa ଆଗମ)—ତରବାର (ଦେଖ)
Tarabāra (See)

ତରଭୁଜ—ଦେ ବି.—(ସଂ. ତରମୂଜ; ଭୁଲ. ଫା. ତରବୁଜ୍)—
Tarabhuja କୁଷ୍ମାଣ୍ଡାଦିବର୍ଗର ଜଳବହୁଳ ମିଷ୍ଟ ଲତାଫଳବିଶେଷ;
তরবুজ; তরমুজ ଖରଭୁଜ; ଖରଭୁଜା—Water-melon;
तरमुज Citrullus Vulgaris; Cucurbita Citrullus (Kirtikar).
ତରବୁଜ, ତରମୁଜ, ତରୁଭୁଜ, ତରୁବୁଜ, ତରୁମୁଜ (ଅନ୍ୟରୂପ)

ତରଭୁଜ ଅମ୍ବ ପନସ ନାନା ଖାଦ୍ୟ ସମ୍ଭାର
ଗଙ୍ଗାଧର ମେହେର. କୀଚକବଧ ।

[ଦ୍ରୁ—ଏ ଫଳର ଅଭ୍ୟନ୍ତର କେତେକାଂଶରେ ମନୁଷ୍ୟର ମୁଣ୍ଡପରି;
ପାଚିଲେ ମଧ୍ୟ ସବୁଜବର୍ଣ୍ଣ ଦେଖାଯାଏ; ବାଲିଆ ଓ ପଚ୍ଚ ମାଟିରେ
ଏ ଲତା ଖୁବ୍ ମାଡ଼େ ଓ ଫଳେ ।]

ତର ମାରିବା—ଦେ. କି—କଥାଛଳରେ କୌଣସି ବ୍ୟକ୍ତିକୁ ଭଣ୍ଡିବା—
Tara māribā To inveigle a person.

ତରମିମ୍—ବୈଦେ. ବି. (ଅ. ତରମୀମ୍) (କଚେରୀ ଭାଷା)—
Taramim ୧ । ସଂଶୋଧନ—1. Correction; rectification.
তরমিম
तरमीम ୨ । ପରିବର୍ତ୍ତନ—2. Modification.
୩ । ଆଂଶିକଭାବରେ ଦାବୀକୁ ଅଗ୍ରାହ୍ୟ କରିବା—
3. Rejection of a portion of a claim.
ବଣ—୧ । ସଂଶୋଧିତ—1. Corrected.
୨ । ପରିବର୍ତ୍ତିତ—2. Modified.
୩ । ଆଂଶିକ ଅଗ୍ରାହ୍ୟ ହୋଇଥିବା—
3. With a portion rejected; partially rejected; rejected in part.

ତରମିମ୍ କରିବା—ଦେ. କି. (କଚେରୀ)—୧ । ଦାବିର ପରିମାଣ କମାଇ
Taramim karibā ଦେବା—1. To modify the claim.
তরমিম করা ୨ । ଦାବିର କେତେକ ଅଂଶ ବାଜ୍ୟାପ୍ତ ବା ଅଗ୍ରାହ୍ୟ
तरमीम करना କରିବା—2. To reject a part of the claim.

ତରମିମ୍ ଡିଗ୍ରୀ—ବୈଦେ. ବି. (ଅ. ତର୍ମୀମ୍+ଇଂ. ଡିକ୍ରୀ) (କଚେରୀ
Taramim digri ଭାଷା)—ଦାବୀ ଉପସ୍ଥାପିତ କରିଥିବା ଦାବୀର
তরমিম ডিক্রী ପରିମାଣ ବା ପ୍ରକାରକୁ ସଂଶୋଧିତ ବା ପରିବର୍ତ୍ତିତ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷରୀୟ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

तरमीम डिगरी ଦାବି ଦାବିର ଯେଉଁ ଡିଗ୍ରୀ ହୁଏ—Modified decree; decree passed by rejecting or modifying part of the claim.

ତରଳ—ସଂ. ବିଣ. (ତୃ ଧାତୁ=ଗମନ କରିବା, ବୋହିଯିବା+କର୍ତ୍ତୃ Tara̤la ସଂଜ୍ଞାର୍ଥରେ. ଅଲ)—୧ । ପାଣିଆ; ଜଳପରି ପତଳା; (ତରଳା—ସ୍ତ୍ରୀ) ଜଳୀୟ; ଦ୍ରବ—1. Fluid; liquid; watery.

ତରଳତା } ବି ୨ । ବାଷ୍ପୀୟ—2. Gaseous.
ତାରଲ୍ୟ } ୩ । ଦ୍ରବୀଭୂତ; ବିଗଳିତ—3. Melted; molten.

୪ । କମ୍ପମାନ—4. Tremulous.

୫ । ଚଳଚଳ; ଚଳଚଳ ହେଉଥିବା; ଚଞ୍ଚଳ; ଚପଳ—5. Unsteady; unstable; fickle; wavering; flickering.

୬ । ଉଜ୍ଜ୍ୱଳ; ଦୀପ୍ତିଶୀଳ—6. Glittering; flashing.

୭ । କାମୁକ—7. Lustful.

୮ । ଦୋଳାୟମାନ—8. Oscillating; waving.

୯ । ଫୋପ୍ପା (ହି. ଶବ୍ଦସାଗର)—9. Empty.

୧୦ । ବହି ଯାଉଥିବା—10. Flowing.

୧୧ । ତରଙ୍ଗଯୁକ୍ତ—11. Wavy.

ସଂ. ବି—୧ । ହାର—1. Necklace.

୨ । ହାରର ମଧ୍ୟମଣି—2. The central gem of a necklace.

ହାର ହାର ହୋଇ ତରଳକୁ ଯେନ ସ୍ୱରସ୍ୱରେ ଅନୁସର ।
ଉତ୍କ. କୋଟୀବ୍ରହ୍ମାଣ୍ଡ ସୁନ୍ଦରୀ ।

୩ । ହୀରା (ହି. ଶବ୍ଦସାଗର)—3. Diamond.

୪ । ଲୁହା (ହି. ଶବ୍ଦସାଗର)—4. Iron.

ଦେ. (ପଦ୍ୟ) ବି—ଚଞ୍ଚଳତା; ଚଞ୍ଚଳତା—Unsteadiness; restlessness.

ବଢ଼ାଇ କମ୍ପୁବର ବାତୁଳେ ତରତର ତରଳ ତହୁଁ ନାଶି ସେ ।
ଉପେ. ବୈଦେହୀଶବିଳାସ ।

ତରଳ ଜ୍ୟୋତି—ସଂ. ବି. (କର୍ମଧା; ତରଳ=ଦୀପ୍ତିଶୀଳ+ଜ୍ୟୋତିଃ)—Tara̤la jyoti ମଣିମୁକ୍ତାଦିରେ ଝଟକୁ ଥିବା ତେଜ; ଉଜ୍ଜ୍ୱଳ କାନ୍ତି—Shining lustre.

ତରଳ ନୟନ—ସଂ. ବି. (କର୍ମଧା; ତରଳ+ନୟନ)—Tara̤la nayana ୧ । ଯେଉଁ ଆଖିର ଡୋଳା ଚଞ୍ଚଳ ଏଣେତେଣେ (ତରଳ ଲୋଚନ—ଅନ୍ୟରୂପ) ବୁଲୁଥାଏ—1 Eyes with tremulous pupils.

୨ । ଏକ ବର୍ଣ୍ଣବୃତ୍ତ—2. Name of a Sanskrit metre.

ସଂ. ବିଣ. ପୁଂ. (ବହୁବ୍ରୀହି)—ଯାହାର ଆଖି ଡୋଳା ଚଞ୍ଚଳ—Having tremulous pupils; casting tremulous glances.

ତରଳ ନୟନା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ତରଳ+ନୟନ+ସ୍ତ୍ରୀ. Tara̤la nayanā ଆ)—ଯେଉଁ ସ୍ତ୍ରୀର ଚକ୍ଷୁର ଡୋଳା ଚଞ୍ଚଳ

ତରଳନୟନା, } ଅନ୍ୟରୂପ
ତରଳଲୋଚନା }
ବୁଲୁଥିବାରୁ ଚାହିଁବା ଭଙ୍ଗୀ ଅତ୍ୟନ୍ତ ମନୋହର ହୁଏ; ତରଳାକ୍ଷୀ; ଚଳାପାଙ୍ଗୀ—(a woman) With lustful or tremulous pupils; with wanton glances.

ତରଳ ପଦାର୍ଥ—ସଂ. ବି. (କର୍ମଧା; ତରଳ+ପଦାର୍ଥ)—ଜଳୀୟ ବା ଦ୍ରବ Tara̤la padārtha ପଦାର୍ଥ--Liquid; fluid.

[ଦ୍ର—ପଦାର୍ଥବିଦ୍ୟା ଅନୁସାରେ ପଦାର୍ଥମାନ ୩ ଶ୍ରେଣୀରେ ବିଭକ୍ତ; ଯଥା—ଘନ, ତରଳ ଓ ବାଷ୍ପୀୟ ।]

ତରଳ ମତି—ସଂ. ବିଣ. (ବହୁବ୍ରୀହି; ତରଳ+ମତି)—Tara̤la mati ଯାହାର ଚିତ୍ତ ଚଞ୍ଚଳ; ଚପଳ; ଲଘୁଚିତ୍ତ—Fickle; weak-minded; of unsteady mind.

ତରଳ ହେବା—ଦେ. କ୍ରି—୧ । ତରଳିବା; ଦ୍ରବୀଭୂତ ହେବା—Tara̤la hebā 1. To become liquid.

୨ । ତରଳା ଝାଡ଼ା ହେବା—2. To pass liquid stools.

[ଦ୍ର—ପତଳା ଝାଡ଼ା ହେଲେ ପେଟ ତରଳ ହେଲା ବା ତରଳିଲା ବୋଲି ଲୋକେ କହି ଥାଆନ୍ତି; ମାତ୍ର ଫଳତଃ ପେଟ ତରଳ ନ ହୋଇ ପେଟରେ ଥିବା ମଳାଦି ତରଳଭାବ ଧାରଣ କରେ ।]

ତରଳା—ପ୍ରାଦେ. (ଗଞ୍ଜାମ) ବି—ତରଡ଼ା (ଦେଖ) Tara̤lā Tarar̤ā (See)

ଦେ. ବି. (ନାମ)—ଗଞ୍ଜାମର ଗୋଟିଏ ଜମିଦାରୀ ରାଜ୍ୟର ନାମ—Name of an estate in the district of Ganjam.

ସଂ. ବି—୧ । ମଦ୍ୟ—1 Wine.

୨ । ମହୁମାଛି—2. Bee.

ସଂ. ବିଣ. (ତରଳ+ସ୍ତ୍ରୀ. ଆ)—ତରଳର ସ୍ତ୍ରୀଲିଙ୍ଗ; ଚଞ୍ଚଳା—Feminine of Tara̤la.

ସୁନାକୁରେ ବନ୍ଧେ ତୋଟର ମୋତିମାଳା ତରଳା ।
ଯଧୁନାଥ. ତନ୍ତ୍ରଗୀତା ।

ତରଳା(ଳେ)ଇବା—ଦେ. କ୍ରି. (ସଂ. ତରଳ; ତରଳିବା କ୍ରିୟାର ଣିଜନ୍ତ Tara̤lā(le)ibā ରୂପ)—୧ । ଦ୍ରବ କରିବା—
गलाना 1. To melt; to liquify; to cause a
पिघलाना solid matter to melt.

୨ । କୋମଳ କରାଇବା—2. To mollify; to soften.

୩ । ହୃଦୟରେ ଦୟା ଜାତ କରାଇବା—3. To elicit sympathy or pity from one's heart.

୪ । ହୃଦୟକୁ ଅସ୍ଥିର ବା ଚଞ୍ଚଳ କରାଇବା—4. To cause mental unrest; to afflict.

ଡେରସଣ ଗର୍ଭୁ ଦେବାକୁ ତରଳାଇ ଦେଉଛ—କଳାବତୀ ।

୫ । ଭାଙ୍ଗିବା; ନାଶ କରିବା; ଲଘୁ କରିବା—5. To break; to ruin; to lessen.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଲୟ	ଡ଼ଃ	ଲ
୨	ଈ	ଊ	ଋୂ	ଌୂ	·ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଲଥ	●	ନ

ତରଙ୍ଗାରମ୍ଭ ଭାଷା ତରଳାଇ ସ୍ୱର୍ଗ ଅଣା—
କବସ୍ୱର୍ଯ୍ୟ. କଶୋବଚନ୍ଦ୍ର ଭ. ଗୀତ ।

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ]

ତରଳଆ—ଦେ. ବଣ (ସଂ. ତରଳତ)—୧ । ପତଳା ଓ ଜଳୀୟ—
Tara̱liā 1 Thin and watery.

୨ । ଈଷତ୍ ତରଳ—2. Semi-liquid.

[ଯଥା—କାଲି ରାତରେ ଲାଙ୍କର ଦୁଇଟା ତରଳଆ ଝାଡ଼ା ହେଲା ।]

୩ । ଦ୍ରବୀଭୂତ; ତରଳିତ—3. Liquefied; melted.

ତରଳିକା—ସଂ.ବଣ. ସ୍ତ୍ରୀ (ତରଳ+ସ୍ୱାର୍ଥରେ କ+ସ୍ତ୍ରୀ.ଆ)—ଚଞ୍ଚଳା—
Tara̱likā Fickle; wavering.

ସଂ. ବି—୧ । ଏକ ପ୍ରକାର ହାର—1. A kind of necklace.

୨ । କାଦମ୍ବରୀ ଉପନ୍ୟାସର ସଖୀବିଶେଷ—2. Name of a young lady in the story of Kādambarī .

ତରଳିତ—ସଂ. ବଣ (ତରଳ+ଇ=ତରଳି, ନାମ ଧାତୁ+କର୍ମ.ତ)—
Tara̱lita ୧ । ଦ୍ରବୀଭୂତ; ବିଗଳିତ—1. Melted; molten.

୨ । କମ୍ପିତ; ଚଞ୍ଚଳିତ—2. Tremulous, trembling.

୩ । ତରଙ୍ଗାୟିତ—3. Wavy.

୪ । ବିସ୍ତାରିତ; ବ୍ୟାପ୍ତ—4. Extended; expanded

ତରଳିବା—ଦେ. କ୍ରି (ସଂ. ତରଳ ଶବ୍ଦରୁ ଓଡ଼ିଆ ନାମ ଧାତୁ)—
Tara̱libā ୧ । ଦ୍ରବୀଭୂତ ହେବା; ତରଳ ହେବା—
তরলা, গলা **पिघलना** 1. To be melted; to melt.

ଶିରପେଷ ଯାହା କନ୍ଥ ଘନ ଅନନ୍ତ
ତରଳେ କରକା ପ୍ରାୟେ କାଳତନ୍ତ୍ରେ—ରାଧାନାଥ, ଦରବାର ।

୨ । (ହୃଦୟ) ଚଞ୍ଚଳ ବା ଅସ୍ଥିର ହେବା—2. (heart) To become restless.

ମୋହନପରଶେ ଋଷିଙ୍କର ମନ ତରଳିଗଲା ନିତାନ୍ତ—ରାଧାନାଥ. ଋଷିଙ୍କ ।

୩ । (ହୃଦୟ) ଦୟାର୍ଦ୍ର ହେବା; ନରମ ବା କୋମଳ ହେବା—
3. (heart) To become soft or pitiful; to become mollified.

୪ । ବିଚଳିତ ହେବା—4. To waver.

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ତରଳୀକୃତ—ସଂ. ବଣ (ତରଳ+ଅଭୂତ ତଦ୍ଭାବାର୍ଥରେ ଚ୍ୱି; ଈ+କୃତ)—
Tara̱likṛuta କଠିନ ଅବସ୍ଥାରୁ ତରଳ ଅବସ୍ଥା କରାଯାଇଥିବା—
Liquefied; molten.

ତରୱାର—ଦେ. ବି—ତରବାର (ଦେଖ)
Tarawāra Tarabāra (See)
তলবার মাଇଙ୍କ ଖଣ୍ଡା ଟମକ ନିଶାଣ
तलवार ଢାଲ ତରୱାର ଧରିଥିବା ପୁଣ—ବ୍ରଜନାଥ.ସମରତରଙ୍ଗ ।
(ତରୱାର—ଅନ୍ୟରୂପ)

ତରସ୍—ସଂ. ବି (ତୃ ଧାତୁ+ଭାବେ ଅସ୍)—୧ । ବେଗ; ଗତି—
Taras 1. Velocity; speed.

୨ । (+କରଣେ. ଅସ୍) ବଳ—2. Strength.

୩ । ରୋମ—3. The down of the body.

୪ । ଭେଳା—4. Raft.

୫ । (+କର୍ମ ଅ) ତୀର; ରୋଧଃ; ତଟ—5. Shore; bank.

୬ । (+କର୍ତ୍ତୃ. ଅ)—ବାନର (ଦ୍ର. ଶବ୍ଦସାଗର)—
6 Monkey.

ସଂ. ବଣ—୧ । ବେଗବାନ୍—1. Speedy; swift.

୨ । ବଳଶାଳୀ—2. Strong.

କ୍ରି. ବଣ—ଶୀଘ୍ର—Sharp; quickly.

ପ୍ରାଦେ. (ସମ୍ବଲପୁର) ବଣ—ତ୍ରସ୍ତ; ଭୀତ—Frightened.

ତରସ—ସଂ. ବି (ତରସ୍=ବଳ+ସଙ୍ଗାର୍ଥରେ ଅ; ଯାହାଦ୍ୱାରା ବଳଲାଭ
Tarasa ହୁଏ ।)—ମାଂସ—Flesh; meat.

ସଂ. ବଣ—ବେଗଯୁକ୍ତ—Fleet; swift.

ଦେ. ବି—୧ । ମାନସିକ ଶାନ୍ତି—1. Mental peace.

୨ । ମାନ; ସମ୍ଭ୍ରମ—2. Honour; respect.

୩ । ଆଶା; ପ୍ରାପ୍ତି-ଆଶା—3. Hankering after a thing; hope of acquisition.

ପୁରନ୍ଦର-ମଣି ଶ୍ୟାମେ ଅଛି ମୋ ତରସ—କବିସୂର୍ଯ୍ୟ. କଶୋରଚନ୍ଦ୍ର ଚ. ଗୀତ ।

୪ । (ସଂ. ତ୍ରାସ) ଭୟ—Fear.

ଅଜର ସମ୍ପଦ ହରଷ ତରସ ସବୁରି ପ୍ରଦ—ଭଞ୍ଜ ପ୍ରେମସୁଧାନିଧି ।

୫ । ଚାଞ୍ଚଲ୍ୟ—5. Restlessness.

ବହେ ସଦା ତରସ ସହିତ ଦାସ ହେବ—ଭଞ୍ଜ. ବୈଦେହୀଶବିଳାସ ।

ଦେ. କ୍ରି. ବଣ—ଶୀଘ୍ର; ଚଞ୍ଚଳ—Quickly.

ଚୁମ୍ବ ଦେବାରେ ତରସେ ଗୋଟି ଶ୍ରୀମୁଖ ସାରସ—ଭଞ୍ଜ. ପ୍ରେମ ସୁଧାନିଧି ।

ତରସର୍—ପ୍ରାଦେ. (ସମ୍ବଲପୁର) ଅବ୍ୟୟ—ଅତି କଷ୍ଟରେ—
Tarasar With a great difficulty.

ତର ସହିବା—ଦେ.ବି—୧ । ସମୟ ହେବା; ବେଳ ଅଣ୍ଟିବା; କାଳ
Tara sahibā ପାଇବା—1. There being sufficient time.

(ଯଥା—ଇସ୍କୁଲ ଥିବା ଟୋକାଙ୍କୁ ମୁଠାଏ ଖାଇବା ପାଇଁ ତର ସହେ ନାହିଁ)

୧ । କିଛିକ୍ଷଣ ଅପେକ୍ଷା କରିବାର ସୁବିଧା ହେବା—
2. Affording to wait for some time.

ତରସ୍ତ—ଗ୍ରା (ପଦ୍ୟ) ବଣ (ସଂ. ତ୍ରସ୍ତ)—୧ । ଭୀତ—
Tarasta 1. Frightened; alarmed.

ତରସ୍ତ ହୋଇଣ କୁମରମାନେ ଦେଖ ଓଡ଼ାକ ମେଲକରେ ଶୁଣି—
ଓଡ଼ିଆ. ଲୀଳାବତୀ ।

୨ । ଶଶବ୍ୟସ୍ତ; ବ୍ୟସ୍ତସମସ୍ତ—
2. Struck with fear.

୩ । ତ୍ୱରାନ୍ୱିତ—3. Hurried.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ-ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

କ୍ରି. ବିଣ—୧ । ଅତ୍ୟନ୍ତ ବ୍ୟସ୍ତ ହୋଇ—1. Hastily; hurriedly; helter-skelter.

ତର ସ୍ଥାନ—ସଂ. ବି (୬ଷ୍ଠୀ ତତ୍; ତର+ସ୍ଥାନ)—୧ । ନଈ ପାର ହେବାର ଘାଟ—1. Ferry-ghat; wharf.
Tara sthāna
୨ । ଯେଉଁଠାରେ ନଈ ପାର ହେବା ବ୍ୟକ୍ତିମାନେ ଓହ୍ଲାନ୍ତି—2. A landing place.

ତରସ୍ୱାନ୍—ସଂ. ବିଣ. ପୁଂ (ତରସ୍=ବେଗ+ଅସ୍ତି ଅର୍ଥରେ ବତ୍; ୧ମା. ୧ବ.)—୧ । ଦ୍ରୁତଗାମୀ; ବେଗବାନ୍—1. Fleet; swift
Taraswān
(ତରସ୍ୱତୀ—ସ୍ତ୍ରୀ)
୨ । ବଳଶାଳୀ—2. Powerful; strong; mighty.

ତରସ୍ୱୀ—ସଂ. ବିଣ. ପୁଂ (ତରସ୍+ଅସ୍ତି ଅର୍ଥରେ ବିନ୍; ୧ମା. ୧ବ)—୧ । ତରସ୍ୱାନ୍ (ଦେଖ)—1. Taraswān (See)
Taraswi
(ତରସ୍ୱିନୀ—ସ୍ତ୍ରୀ) ୨ । ରୋଗଗ୍ରସ୍ତ—2. Sick; ailing.
ସଂ ବି—୧ । ବାୟୁ—1. Air.
୨ । ଗରୁଡ଼—2. The mythological bird-king who carries Bishṇu on his back.
୩ । ପତ୍ରବାହକ; ହରକରା—3. A courier.

ତରା—ଗ୍ରା. ବି—୧ । (ସଂ. ତାରା)—ତାରା; ନକ୍ଷତ୍ର—1. Star.
Tarā
तराइ ୨ । (ଲକ୍ଷଣାର୍ଥ) ରାତ୍ରି—2. Night.
(ଯଥା—ମୁଁ ରାତିତରା ନ ମାନି ଏଠାରେ କାମ କରୁଛି ।)
୩ । (ସଂ. ତାରା) ଆଖିର ତାରା ବା ଡୋଳା; କଣ୍ଢେଇଗୋଲକ—3. The pupil of the eye.
ପ୍ରାଦେ (ଗଡ଼ଜାତ) ବି—ଛେଲିବା—Scraping off.
ପ୍ରାଦେ (ସମ୍ବଲପୁର) ବି (ସଂ. ତୀର)—ନଦୀକୂଳ; କୂଳ—Bank; shore.
(ଯଥା—ନଏଦ୍ ତରା=ନଦୀକୂଳ ।)

ତରା(ରେ)ଇ—ଦେ. ବି (ସଂ. ତୃ ଧାତୁ=ପାରହେବା; ହିନ୍ଦୀ. ତାର ଧାତୁ; ଯେଉଁମାନେ ନୌକାଦ୍ୱାରା ଲୋକଙ୍କୁ ପାର କରନ୍ତି)—୧ । କେଉଟଙ୍କ ବଂଶୋପାଧିବିଶେଷ—1. The family-title of some fishermen.
Tarā(re)i
তরাই
तराई, तिराइ ୨ । ନାଉରିଆ—2. Boatman.
୩ । (ସଂ ତଳ) ହିମାଳୟର ପାଦଦେଶରେ ଥିବା ଜଳାର୍ଦ୍ର ନିମ୍ନ ପ୍ରଦେଶ—3. Tarai; damp country at the foot of the Himalayas.
[ଦ୍ର—ଏହା ଜଙ୍ଗଲମୟ ଓ ଅସ୍ୱାସ୍ଥ୍ୟକର ।]

ତରା(ରେ)ଇବା—ଦେ. କ୍ରି ('ତରିବା' କ୍ରିୟାର ଣିଜନ୍ତ ରୂପ)—ମୁକ୍ତ କରାଇବା; ଉଦ୍ଧାର କରାଇବା—To cause to be delivered or rescued.
Tarā(re)ibā
ନ ସ୍ୱୟଂ ତରାଇବ ରେ ପିତା ତୁମ୍ଭକୁ—କୃଷ୍ଣସିଂହ. ମହାଭାରତ. ଅଦି ।

ତରାଜ(ଜୁ)—ବୈଦେ. ବି (ଫା; ତୁଳ. ସଂ. ଏହି ଅର୍ଥରେ ନାରାଚୀ; ତେ. ତ୍ରାସୁ)—ନିକିତି; ତଉଲିବା କାଠି ଓ ପଲ୍ଲା; ତୁଳାଯନ୍ତ୍ର—A pair of scales; a balance.
Tarāja(ju)
তরাজু
तराजु
ମୁଁ ତରାଜୁରେ ସବୁ ତୁଳନ ହେଉଛି—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ତରାଟ—ଦେ. ବି—୧ । (ସଂ. ତାରାବର୍ତ୍ତ) ଠଗର (ଦେଖ)—Ṭagara (See)
Tarāṭa
(ତରଟ୍ଟ—ଅନ୍ୟରୂପ) କାର ପିଙ୍ଗ ଦେଇ ତୋଳ ତରାଟ—କବିସୂର୍ଯ୍ୟ. ବହ୍ମା ।
তগর ୨ । (ସଂ. ତାରାଟ, ତାରାବର୍ତ୍ତନ ତୁଳ. ଇଂ. ଷ୍ଟେୟାର୍)—
टगरु ଆଖିଡୋଳା ବୁଲାଇ ଚାହିଁବା; କଟାକ୍ଷପାତ;—2. Ogling; a leer; a side-glance.
তাক
ताक ୩ । ଆଖିର ଡୋଳାକୁ ବିସ୍ତାର କରି ଚାହିଁବା; କଟମଟ ଚାହାଣି—3. Arch-look; a look with the pupils stretched; glaring look; stare.
୪ । ସ୍ଥିରନେତ୍ର ହେବା; ଊର୍ଦ୍ଧ୍ୱନେତ୍ର ହେବା—4. The state of the pupils being upturned.

ତରାଟିବା—ଦେ. କ୍ରି—(ସଂ. ତାରାଟ; ତୁଳ. ଇଂ. ଷ୍ଟେୟାର୍; ଏ ଶବ୍ଦ ଅଖି ତଟ୍ଟିବା ରୂପେ ବ୍ୟବହୃତ ହୁଏ)—୧ । ଆଖିର ଡୋଳାକୁ ବିସ୍ତାର କରି ଚାହିଁବା; କଟାକ୍ଷପାତ କରିବା; କଟମଟ କରି ଚାହିଁବା—1. To stare; to glare at.
Tarāṭibā
কটমটকরে তাকান
ताकना, तरेरना
ଏହା କହି କୃଷ୍ଣଙ୍କ ତରାଟ ଅନାଇ—କୃଷ୍ଣସିଂହ. ମହାଭାରତ ସଭା ।
୨ । ଅଖି ଖୋସିବା—2. To have the pupils of one's eyes turned towards the upper eyelids.
ଜମ୍ବୁଦ୍ରଥ ଅଖି ବର୍ତ୍ତୁଳ ତରାଟ—କୃଷ୍ଣସିଂହ. ମହାଭାରତ. ବନ ।
୩ । ଭ୍ରୂକୁଟୀ କରିବା—3. To frown.

ତରାଟି ମରାଟି—ଦେ. କ୍ରି. ବିଣ (ତରାଟିବା ଓ ମୁରାଟିବା କ୍ରିୟାର ଅସମାପିକା ରୂପ; ସହଚର)—୧ । କଟମଟ କରି ଚାହିଁ; କଟାକ୍ଷପାତ କରି—1. Staring; glaring at.
Tarāṭi marāṭi
(ତରାଟି ମୁରାଟି—ଅନ୍ୟରୂପ)
ବାବଣା ମୋ ଅଡ଼କୁ ତରାଟି ମରାଟି ଚାହିଁଲ—ଫକୀରମୋହନ. ଛମାଣ ଅଠଗୁଣ୍ଠ ।
୨ । ଭ୍ରୂକୁଟି କରି—2. Frowningly.

ତରାଡ଼ି—ପ୍ରାଦେ (ସଂ ବଳୁମ) ବି—ତରବାରି; ଖଣ୍ଡା—Sword.
Tarārdi

ତରାତର—ଦେ. କ୍ରି. ବିଣ (ନଦୀ) ଦୁଇ କୂଳ ଉଛୁଳି ପଡୁଥିବା ପ୍ରକାରେ—(river) Overflowing the banks.
Tarātar
(ଯଥା—ନଈ ତରାତର ବଢ଼ିଅଛି ।)

ତରା ତାରଣୀ—ଦେ. ବି. ସ୍ତ୍ରୀ (ସଂ. ତାରା ଓ ତାରିଣୀ)—ତାରା ତାରିଣୀ (ଦେଖ) Tārā tāriṇī (See).
Tarā tāriṇi
(ତରା ତାରେଣୀ—ଅନ୍ୟରୂପ)

୧	ଇ	ଉ	ଋ,ଋୃ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଂ	ଉଅ	ଊ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ	ଇଅ	୩	ଦ୍ବ

ତରନ୍ଧୁ—ସଂ. ବ (ତର=ପାରଗମନ+ଅନ୍ଧୁ=ଜଳ)—
Tarāndhu ନୌକାବିଶେଷ; ତଳ ସମତଳ ଥିବା ବଡ଼ ଡଙ୍ଗା—
Big flat-bottomed boat.

ତରବଟ—ଦେ. ବ (ଫା. ତର୍=ଆର୍ଦ୍ର, ଓଦା)—୧ । ଆର୍ଦ୍ରତା—
Tarābat 1. Wetness.
तराबट ୨ । ଶୀତଳତା—2. Coolness.
ଦେ. ବଣ—୧ । ଯାହା ଦେହକୁ ଶୀତଳ କରେ—
Cooling the body.
୨ । ତେଲିଆ; ଚିକଣା; ସ୍ନିଗ୍ଧ (ଖାଦ୍ୟ)—
2 Oily (food).
୩ । କ୍ଳାନ୍ତିନାଶକ—3. Allaying fatigue.

ତରାବର—ଦେ. ବ (ସଂ. ତାରା ଓ ବର; ତାରକାଙ୍କ ମଧ୍ୟରେ ଶ୍ରେଷ୍ଠ)—
Tarābara ଚନ୍ଦ୍ର—The moon.
ତରାବର ବଦନ ବରବର ଚରଣ ନଖାଂଶୁ ସୁରଗଣ ଶିର ଭରଣ ହେ ।
କବିସୂର୍ଯ୍ୟ. କଳୋଗଚମ୍ପୁ କ୍ଷ. ଗୀତ ।

ତରାବରା—ଦେ. ବଣ (ସଂ. ତ୍ୱରା)—ଚଞ୍ଚଳ; ତ୍ୱରିତ—
Tarābarā Hasty.
(ତୋରାବୋରା—ଅନ୍ୟରୂପ) କାଲି ଗଲେ ଶିଖାଇବେ ସବ
তাড়াতাড়ি ନଇଲେ ରେ କାହିଁପାଇଁ ଏତେ ତରାବରା ।
तड़ाक पड़ाक ଉପେନ୍ଦ୍ର. ବଇଦେହୀଶବିଳାସ ।
ଦେ. କ୍ରି. ବଣ—ଶୀଘ୍ର—Quickly.

ତରାଳୁ—ସଂ. ବ (ତୃ ଧାତୁ+କରଣେ. ଅଳୁ)—ବଡ଼ ନୌକା; ନାବା—
Tarālu Big flat-bottomed boat.

ତରାସ୍—ପ୍ରାଦେ (ସମ୍ବଲପୁର) ବ (ସଂ. ତ୍ରାସ)—୧ । କିରଣ—
Tarās 1. Ray.
୨ । ଖରା—2. Sun's rays.
୩ । ତାପ; ତାତି—3. Heat; warmth.

ତରାସ—ଦେ (ପଦ୍ୟ) ବ (ସଂ. ତ୍ରାସ) ୧ । ତ୍ରାସ; ଭୟ—
Tarāsa 1. Fright; fear.
তরাস ୨ । ଆଭା; ଅଲୋକ ଆଦିର ତେଜ—
तरास 2. The brilliance or lustre of a light.
ଗ୍ରହବେ ଚନ୍ଦ୍ର ସୂର୍ଯ୍ୟ ତରାସେ ସୁନ୍ଦର—ଅଭିମନ୍ୟୁ. ଉପପ୍ଳବ ।
୩ । ଆଡ଼ୋଣୀ; ପଙ୍ଖା ଆକାରର ଛତ୍ରବିଶେଷ—
3. A fan-shaped umbrella held up on the side of idols and Rajas to protect them from the slanting rays of the sun.
ଅସାରଛତ୍ର ସୁଶ୍ରଣକ ଛତ୍ରଦଣ୍ଡ ମୟୂର ପୁଚ୍ଛ ତରାସ
ମାଳତୀ ଲୁସୁମ ଚାମର ଶ୍ରମର ଡାଳୁଛନ୍ତି ଚଉପାଶ ।
ବିଶ୍ୱନାଥ. ବଚିତ୍ରରାମାୟଣ ।
[ଦ୍ର—ଏହା ରାଜା ଓ ଠାକୁରଙ୍କ ପାଖେ ଘୋଷ୍ୟ ଯାହା ଆଦରେ ଟେକା ହୁଏ ।]

ବୈଦେ. ବ (ଫା. ତରାଶ୍=କର୍ତ୍ତିତ)—
୧ । କଲମତରାସ; କଲମ କାଟିବା ଛୁରି—
1. Pen-knife.
୨ । ତାସ୍ ଓ ଗଞ୍ଜାପା ଖେଳରେ ରଙ୍ଗ କଟା ହେବା ପରେ ତାସ୍‌ର ଯେଉଁ ଅଂଶ ତାସ ଧରିଥିବା ବ୍ୟକ୍ତିର ହାତରେ ରହିଯାଏ—
2. The pack of cards which are left in the hand of the holder after a portion of it is taken up in a game of cards.

ତରାସିଆ—ପ୍ରାଦେ (ଗଞ୍ଜାମ) ବ—୧ । ନାପିତ; ଭଣ୍ଡାରୀ—
Tarāsiā 1. Barber.
୨ । ଭଣ୍ଡାରୀଙ୍କ ଉପାଧିବିଶେଷ—
2. A title given to barbers
୩ । ଯେଉଁ ବ୍ୟକ୍ତି ରାଜା ବା ଠାକୁରଙ୍କ ପାଖରେ ଶୋଭାଯାତ୍ରାରେ ତ୍ରାସ ବା ଆଡ଼ୋଣୀ ଟେକି ଧରେ—3. The bearer of the 'Trāsa' (side-umbrella) accompanying a king or idol in a procession.

ତରାସିବା—ଦେ (ପଦ୍ୟ) କି (ସଂ .ତ୍ରାସ)—୧ । ତ୍ରାସିବା; ଭୀତ କରାଇବା—
Tarāsibā 1. To frighten; to alarm.
তরাসা ୨ । (ଫା. ତରାଶ୍=କର୍ତ୍ତିତ) ଛୁରିରେ କାଟିବା—
तरासना 2. To cut or scratch with a knife.
୩ । (ଚନ୍ଦ୍ର ସୂର୍ଯ୍ୟାଦି) ତେଜ ପ୍ରକାଶ କରିବା; କିରଣ ଦେବା—
3. (the sun and the moon etc) To shine; to give light.
ସେତେବେଳକୁ ଚନ୍ଦ୍ର ତରାସିଲଣି—ସହକାର କାର୍ତ୍ତିକ ମାର୍ଗଶୀର ୧୯୩୦ ।

ତରି—ସଂ. ବ (ତୃ ଧାତୁ=ପାରହେବା+କରଣେ. ଇ)—୧ । ନୌକା—
Tari 1. Boat.
୨ । ଭେଳା—2; A raft.
୩ । ଲୁଗା ଆଦି ରଖିବା ପେଟରା ବା ପେଡ଼ି—
3. A box for keeping clothes.
୪ । ବସ୍ତ୍ରାଞ୍ଚଳ; ଲୁଗାର ଦଶୀ—4. The loose ends of the warp threads hanging at the ends of of a piece of cloth.
୫ । ଅବସ୍ଥା; ଦଶା—5. Condition.
ଦେ. ବଣ—ନଈକୂଳ ଜମି; ତରିଜମି; ପଠା; ଯେଉଁ ଜମିରେ ନଈ ପାଣି ମାଡ଼ି ଛାଡ଼ି ଯାଇ ଥାଏ ଓ ପଟୁ ପଡ଼ିଥାଏ—
Silted land in the river-bed.
ସଂ. ବଣ. (ତୃ ଧାତୁ+କର୍ତ୍ତ୍ରି ଇ)—ପାରଗାମୀ—
Crossing over (a river).

ତରିଆଣ—ଦେ. ବଣ. (ସଂ. ତୃ ଧାତୁ)—
Tariāṇa ଉଦ୍ଧାରକାରୀ; ତାରକ; ଯେ ତାରେ; ଯେ ପାରି କରେ·
तरिया One who saves or carries another across.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବ୍ରଜ' ନ ମିଳିଲେ 'ବଜ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବି— ତରିବା; ଉତ୍ତରଣ—Crossing over.

ତରିକ—ସଂ. ବି. (ତରି+ଇକ)—
Tarika ୧ । କେଉଟ; ନାବିକ (ଦ୍ର. ଶବ୍ଦସାଗର) ତରୀର—
1. Boatman; sailor; ferry-man.
୨ । ଘାଟ ମାସୁଲ ଆଦାୟ କରିବା ବ୍ୟକ୍ତି—
2. Collector of ferry-toll.
୩ । ଭେଳା—3. Raft.

ତରିକା—ସଂ. ବି. ସ୍ତ୍ରୀ. (ତରି+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—
Tarikā ତରି (ଦେଖ)—Tari (See)
তরিকা ବୈଦେ. ବି. (ଅ. ତରୀକା)—୧ । ଢଙ୍ଗ; ପ୍ରକାର—
तरीका 1. Manner; mode.
୨ । ଚାଲିଚଳନ; ବ୍ୟବହାର—2. Conduct; behaviour
୩ । ଉପାୟ—3. Means.
୪ । (ଫା. ତରକା) ହିସ୍ସା; ଭାଗ; ଅଂଶ—4. Share.
୫ । ସମ୍ବନ୍ଧ; ସମ୍ପର୍କ—5. Connection; concern.
୬ । ସାହଚର୍ଯ୍ୟ; ଭାଗଦାରୀ—6. Partnership.

ତରିଜା—ଦେ. (ପ୍ରାଚୀନ ପଦ୍ୟ) ବି. (ସଂ. ତର୍ଜ୍‌ ଧାତୁ)—୧ । ତର୍ଜନ;
Tarijā ବଡ଼ପଣ; ବାଲିଙ୍ଗି—1. Bragging; boasting.
କେଶବ କୋଇଲିରେ ଅଛେ କହା ଭଣିତା,
କହୁଅଛୁ ଅସ୍ତ ଅନେ ଏତେ ତରିଜା । ଜଗନ୍ନାଥ. ରସକଲ୍ଲୋଳ ।
୨ । କ୍ରୋଧ—2. Anger; wrath.
୩ । ପ୍ରଭାବ; ମହିମା—3. Power; might.
୪ । ଦ୍ୱେଷ—4. Envy.
୫ । ତେଜ—5. Glory.
୬ । ଗର୍ବ; ଅହଙ୍କାର—6. Pride; arrogance.

ତରିଣ୍ଡା—ଦେ. ବି. (ସଂ. ତରଣ୍ଡ)—୧ । ସମୁଦ୍ର ବା ନଦୀର ଗଭୀର ଜଳ
Tarindā ଦେଶରେ ଲଙ୍ଗର ବା ବୁଡ଼ବାଲି ସୂଚନା ଯାଇଥିବା ଭାସମାନ
বয়া ଚିହ୍ନ; ବୟା—1. Buoy.
तरिंदा ୨ । ତେରେଣ୍ଡା (ଦେଖ)
2. Terendā (See)

ତରିତ—ସଂ. ବିଣ. ପୁଂ. (ତରି+ଇତ)—ଅପର ପାରକୁ ନୀତ—
Tarita Carried over or across.
(ତରିତା—ସ୍ତ୍ରୀ)

ତରି ତରକାରି—ଦେ. ବି. (ଫା. ତର=କଞ୍ଚା+ତରକାରୀ)—
Tari tarakāri (ସବୁଜରଙ୍ଗ)—କଞ୍ଚା ପରିବା—
তরি তরকারী Green kitchen-vegetables; greens.
तरी तरकारी

ତରିତା—ସଂ. ବିଣ. ସ୍ତ୍ରୀ. (ତରିତ+ସ୍ତ୍ରୀ. ଆ)—'ତରିତ'ର ସ୍ତ୍ରୀଲିଙ୍ଗ—
Taritā Feminine of Tarita.
ସଂ. ବି. ସ୍ତ୍ରୀ—୧ । ତର୍ଜନୀ; ତର୍ଜନୀଅଙ୍ଗୁଠି—
1. Index finger.
୨ । ରସୁଣ—2. Garlic.
୩ । ଗଞ୍ଜେଇ; ଭାଙ୍ଗ—3. Cannabis Sativa; Ganja;
Indian hemp.

ତରିତ୍ର—ସଂ. ବି. ପୁଂ (ତୃ ଧାତୁ+କରଣ. ଣିତ୍ର, ଇ ଆଗମ)—
Taritra ୧ । ନୌକା—1. Boat.
(ତରିତ୍ରୀ—ସ୍ତ୍ରୀ) ୨ । ଭେଳା—2. Raft.

ତରିବତ୍—ବୈଦେ. ବି. (ଅ. ତର୍‌ବୀୟତ୍)—୧ । ତାଲିମ୍; ଶିକ୍ଷା—
Taribat 1. Education; training.
তরিবত ୨ । ତାଡ଼ନା—2 Chastisement.
तर्बियत ୩ । ଉପଦେଶ—3. Advice; instruction.
୪ । ଭରଣପୋଷଣ; ପ୍ରତିପାଳନ—
4. Bringing up; support; maintenance.
୫ । ଚାଲିଚଳନ; ଆଚରଣ; ଚରିତ୍ର—
5. Conduct; character.
୬ । ଧାରା; ରୀତି—6. Rule; custom; practice.
୭ । ଭଦ୍ରତାନୁମୋଦିତ ବ୍ୟବହାର; ଅଦବ କାଇଦା—
Etiquette.
୮ । ସ୍ୱଭାବ; ପ୍ରକୃତି—8. Nature.
୯ । ଅଭ୍ୟାସ—9. Habit.

ତରିବା—ଦେ. କ୍ରି. (ସଂ. ତୃ ଧାତୁ)—
Taribā ୧ । ନଦୀ ଆଦି ପାର ହେବା; ଉତ୍ତୀର୍ଣ୍ଣ ହେବା—
তরা 1. To get over; to cross over;
तरना to pass over.
୨ । ରକ୍ଷା ପାଇବା; ପରିତ୍ରାଣ ପାଇବା—
2. To be saved or redeemed.
୩ । (ବିପଦାଦିରୁ) ମୁକ୍ତି ପାଇବା; ଉଦ୍ଧାର ପାଇବା—
3. To escape from or overcome (a difficulty or danger).
ଦୁଃଖ ସମୁଦ୍ରରୁ ତରିବ ସେବ ଭଲେ । ବୃନ୍ଦାବତୀ. ମହାଭାରତ, ବନ ।

ତରୀ—ସଂ. ବି ଓ ବିଣ. ସ୍ତ୍ରୀ. (ତୃ ଧାତୁ+କରଣ. ଈ)—
Tari ୧ । ତରି (ଦେଖ)—1. Tari (See)
୨ । ଗଦା (ଦ୍ର. ଶବ୍ଦସାଗର)—3 Mace.
୩ । ଧୂମ; ଧୂଆଁ (ଦ୍ର. ଶବ୍ଦସାଗର)—3. Smoke.
ଦେ. ବି—ପ୍ରାଚୀନ ଅର୍ଣ୍ଣବପୋତବିଶେଷ—
A kind of sea-going vessel or ship used in ancient times.
(ତରବର, ପ୍ରାଚୀନ ଜାହାଜ ।)

ତରୀ ଦଣ୍ଡ—ସଂ. ବି (୬ଷ୍ଠୀ ତତ୍; ତରୀ+ଦଣ୍ଡ)—କେପଣୀ; ଅରୁଳି—
Tarī danta Oar.
ତରୀଦଣ୍ଡେ ଜଳେ ବାହନ୍ତି ତରଙ୍ଗ—ଉପାଧ୍ୟାୟ. ତରଳିକା ।

ତରୀଷ—ସଂ. ବି. (ତୃ ଧାତୁ+ଈଷ)—୧ । ଶୁଖିଲା ଗୋବର;
Tarisba (ଦ୍ର. ଶବ୍ଦସାଗର) —1. Dried cowdung.

୧	ଇ	ଉ	ର୍‌,ର୍‌	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଅ	ଉଅ	ଋ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ତଦ୍‌ତଦ୍‌ଯୁକ୍ତ ବର୍ଣ୍ଣ	ଞ୍ୟ	ଯ	ସ	ଙ୍ଗ୍ୟ	ଇଆ	ଔ	ନ୍‌

୨ । ନୌକା; ନାବ (ହି. ଶବ୍ଦସାଗର) —2. Boat.
୩ । ଭେଲା; ପାଣିରେ ଭାସିବା ତକ୍ତା (ହି. ଶବ୍ଦସାଗର)—
3 Raft; floating plank.
୪ । ସମୁଦ୍ର (ହି. ଶବ୍ଦସାଗର)—4. Ocean.
୫ । ବ୍ୟବସାୟ (ହି. ଶବ୍ଦସାଗର)—
5. Professon; trade.
୬ । ସ୍ୱର୍ଗ— (ହି. ଶବ୍ଦସାଗର)—6. Heaven.

ତରୁ—ସଂ. ବି (ତୃ ଧାତୁ=ପାରହେବା, ଉତ୍ତୀର୍ଣ୍ଣ ହେବା;+ଉ; ଭୂଳ.
Taru ଇଁ. ଟ୍ରୀ)—ଗଛ ବୃକ୍ଷ—Tree.

ତରୁଆ— ପ୍ରାଦେ (ଗଡ଼ଜାତ) ବି – ମେଢ଼ା (ଦେଖ)—
Taruā Merdhā (See)
ପ୍ରାଦେ (ସମ୍ବଲପୁର) ବି—ଢଙ୍ଗା; କାଠ ବା ବାଉଁଶର ମୋଟା
ଠେଙ୍ଗା—A cudgel of wood or bamboo.

ତରୁଆର—ଦେ. ବି (ସଂ. ତରବାର)—ଖଣ୍ଡା; କରବାଳ—
Taruāra Sword.
তরাল ସୁଭ ତରୁଆର ଧାରରେ ଶତ୍ରୁର ଅରେ କୋହ୍ନଲେ ହାଣିରେ—
तरवारिया କବିସୂର୍ଯ୍ୟ. ସଙ୍ଗୀତ ।

ତରୁଆରି—ଗ୍ରା. ବି (ସଂ. ତରବାର)— ଖଣ୍ଡା—
Taruāri Sword.
তরেয়াল ଅଣ୍ଡାରେ ଅଣ୍ଡେ ସେ ବାନ୍ଧିଲେ ତରୁଅରି—
नरवारिया କୃଷ୍ଣସିଂହ. ମହାଭାରତ. ଅଦ।

ତରୁଆଳ(ଳି)—ଦେ ବି (ସଂ. ତରବାଳ)—ଖଣ୍ଡା—
Taruāla(li) Sword.
তরোয়াল, तलवार

ତରୁ ଜୀବନ—ସଂ. ବି (ଷଷ୍ଠୀ ତତ୍; ତରୁ + ଜୀବନ) -- ଗଛର ମୂଳ ବା
Taru jībana ଚେର—Root of a tree.

ତରୁଣ— ସଂ. ବିଣ. ପୁଂ (ତୃ ଧାତୁ+କର୍ତ୍ତୃ. ଉନ)—୧ । ନବଯୁବା—
Taruṇa 1. Youthful; juvenile.
ତରୁଣୀ—ସ୍ତ୍ରୀ ୨ । ନବ; ନବୀନ; ନୂତନ—2. New.
ତରୁଣତା, ତରୁଣତ୍ୱ }—ବି. ୩ । ସଦ୍ୟଃ; ଟଟକା—3. Fresh.
୪ । ଅପରିପକ୍ୱ—4. Unripe; raw.
୫ । କୋମଳ—5. Soft; tender.
୬ । ନବଜାତ—6. Newly born.
ସଂ. ବି. ପୁଂ—୧ । ନବଯୁବକ—1. Youth; young man.
୨ । ବୃକ୍ଷାଦିର କୋମଳାଗ୍ର—2. Tender shoot of a tree.
୩ । ସ୍ଥୂଳ ଜୀରକ (ହି. ଶବ୍ଦସାଗର)—
3. A large variety of cumin seed.
୪ । ଏରଣ୍ଡ; ଗବ (ହି. ଶବ୍ଦସାଗର)—4. Custard.
୫ । ଏକପ୍ରକାର ମଲ୍ଲୀ ଫୁଲ (ହି. ଶବ୍ଦସାଗର)—
5. A kind of jasmine.

ତରୁଣ ଜ୍ୱର—ସଂ. ବି. (କର୍ମଧା; ତରୁଣ ଜ୍ୱର)—
Taruṇa jwara ଜ୍ୱରର ନୂତନ ଅବସ୍ଥା—New fever.
[ଦ୍ର—ଯେଉଁ ଜ୍ୱର ୭ ଦିନ ପର୍ଯ୍ୟନ୍ତ ଦେହରୁ ଛାଡ଼ି ନାହିଁ ତାକୁ ତରୁଣ ଜ୍ୱର କହନ୍ତି ।]

ତରୁଣତା—ସଂ. ବି. (ତରୁଣ+ଭାବାର୍ଥେ. ତା)—
Taruṇatā ୧ । ନବୀନତା—1. Newness; freshness.
(ତରୁଣତ୍ୱ—ଅନ୍ୟରୂପ) ୨ । ନବ ଯୁବାବସ୍ଥା—2. Adolescenc.

ତରୁଣ ଦଧି—ସଂ. ବି. (କର୍ମଧା; ତରୁଣ+ଦଧି)—
Taruṇa dadhi ୧ । ସଦ୍ୟୋଜାତ ଦହି; ସଜ ଘୋଳ ଦହି—
1. Fresh butter-milk.
୨ । ପାଞ୍ଚ ଦିନ ହେଲା ବସା ଯାଇଥିବା ଦହି; ପାଞ୍ଚ ଦିନର ପୁରୁଣା ଦହି (ହି. ଶବ୍ଦସାଗର)—
2. Curd 5 days old.

ତରୁଣ ପୀତିକା—ସଂ. ବି—ମନଃଶିଳା—
Taruṇa pītikā Red arsenic (Apte).

ତରୁଣ ବୟସ୍କ—ସଂ. ବିଣ. ପୁଂ. (ବହୁବ୍ରୀହି; ତରୁଣ+ବୟଃ+କ)—
Taruṇa bayaska ନବଯୁବକ—
(ତରୁଣ ବୟସ୍କା—ସ୍ତ୍ରୀ) Adolescent.

ତରୁଣ ସୂର୍ଯ୍ୟ—ସଂ. ବି. (କର୍ମଧା; ତରୁଣ+ସୂର୍ଯ୍ୟ)—
Taruṇa sūrjya ୧ । ବାଳସୂର୍ଯ୍ୟ; ନବୋଦିତ ସୂର୍ଯ୍ୟ—
1. The newly risen sun.
୨ । ମଧ୍ୟାହ୍ନ ସୂର୍ଯ୍ୟ (ହି. ଶବ୍ଦସାଗର)—
2. The midday-sun

ତରୁଣାସ୍ଥି—ସଂ. ବି. (କର୍ମଧା; ତରୁଣ+ଅସ୍ଥି) (ଜୀବବିଜ୍ଞାନ ପରିଭାଷା)—
Taruṇāsthi ଜୀବ ଦେହର ଉପାସ୍ଥି ବିଶେଷ; ନରମ ହାଡ଼—
Cartilage; gristle.

ତରୁଣୀ—ସଂ. ବିଣ. ସ୍ତ୍ରୀ. (ତରୁଣ+ସ୍ତ୍ରୀ. ଈ)—ତରୁଣର ସ୍ତ୍ରୀଲିଙ୍ଗ—
Taruṇī Feminine of Taruṇa.
ନବୀନା; ନବଯୌବନା—
Youthful; young (female).
ସଂ. ବି. ସ୍ତ୍ରୀ—୧ । ନବଯୁବତୀ ସ୍ତ୍ରୀ—1. Young woman.
[ଦ୍ର—ଭାବପ୍ରକାଶ ମତରେ ୧୬ ଠାରୁ ୩୨ ବର୍ଷ ବୟସ୍କା ନାରୀ ତରୁଣୀ ।]
୨ । ଘୃତକୁମାରୀ; ଘିକୁଆଁରୀ—2. The succulent aloe; the Succotrine aloe.
୩ । ଧଳା ସେବତୀ ଫୁଲ—3. Rosa Muscata.
୪ । ସ୍ଥୂଳ କୃଷ୍ଣ ଜୀରକ—
4. A kind of large black cumin seed.
୫ । ଦନ୍ତୀ ବୃକ୍ଷ—5. A medicinal plant;
Baliospermum Axillare.

ସାଧାରଣ ଯେବେ ଅପର ପୃଷ୍ଠାରେ ପ୍ରଥମ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ପୃଷ୍ଠାଗୋଟିରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଅଗ୍ରକ୍ରମେ ତହିଁର ଉପରସ୍ଥ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

୬ । ମେଘ ରାଗର ରାଗିଣୀବିଶେଷ—
6. Name of a subsidiary tune.

ତରୁ ତଳ—ସଂ. ବି. (୬ଷ୍ଠୀ ତତ୍; ତରୁ+ତଳ)—ବୃକ୍ଷର ତଳ—
Taru tala — The ground under the branches of a tree.

ତରୁ ତୂଲିକା—ସଂ. ବି. (ତରୁ+ତୂଳିକା=ତୂଳ ବା ତୂଳାରେ ପ୍ରସ୍ତୁତ ଶଯ୍ୟା; ଯେଉଁ ପ୍ରାଣୀ ବୃକ୍ଷର ଶାଖାରେ ତୂଳା ପରି ଓହଳ ଥାଏ)—ବାଦୁଡ଼ି—The bat.
Taru tūlikā

ତରୁଧର—ଦେ. ବି—ମର୍କଟ; ମାଙ୍କଡ଼—
Tarudhara — Monkey.
ବନଧରେ ଭୂଇଁ ତରୁଧର ବ୍ୟୂହ ପ୍ରକାଶ କରୁଥ ରହ ।
ଭକ୍ତ. ବୈଦେହୀଶବିଳାସ ।

ତରୁ ନଖ—ସଂ. ବି. (୬ଷ୍ଠୀ ତତ୍; ତରୁ+ନଖ)—ଗଛର କଣ୍ଟା—
Taru nakha — Thorn.

ତରୁ ବଲ୍ଲୀ—ସଂ. ବି. (ମ୍ପ. ପ୍ରଲୋ; ତରୁ+ବଲ୍ଲୀ)—
Taru ballī — ୧ । ଯେଉଁ ଲତା ଗଛକୁ ବେଢ଼ି ଉଠିଥାଏ—
1. Creeper entwining a tree.
୨ । ଜାଉଡ଼ା ନାମ୍ନୀ ସୁଗନ୍ଧ ଲତା—
2. A kind of scented creeper.
୩ । (ଦ୍ଵନ୍ଦ୍ଵ) ଗଛ ଓ ଲତା—3. Tree and creeper.
୪ । ନର୍ମୂଳୀ—4. A parasitic plant.

ତରୁ ବିଳାସିନୀ—ସଂ. ବି. ସ୍ତ୍ରୀ. (ତରୁ+ବିଳାସିନୀ; ଏହା ଗଛରେ ମାଡ଼ିବା ହେତୁ)—ନବମାଳିକା; କଅଁଳି ଲତା-
Taru bilāsinī — A kind of creeper; Jasmanium Arborescens.

ତରୁଭୁକ୍—ସଂ. ବି. (ତରୁ+ଭୁଜ୍ ଧାତୁ+କ୍ୱିପ୍=ତରୁଭୁକ୍, ୧ମା. ୧ବ; ଯାହା ଗଛର ରସ ଖାଇ ବଞ୍ଚେ)—
Tarubhuk — ନର୍ମୂଳୀ; ମଲ୍ଲଙ୍ଗ—Orchid; parasitic plant; mistletoe.

ତରୁଭୁଜ—ଦେ. ବି. (ସଂ. ତରମୁଜ; ଫା. ତରବୁଜ୍)—
Tarubhuja — ତରଭୁଜ (ଦେଖ)—Tarabhuja (See)
तर्मुज तर्बुज
(ତରୁମୁଜ—ଅନ୍ୟରୂପ)

ତରୁ ଭୋଜୀ—ସଂ. ଚ. (ତରୁ+ଭୁଜ୍ ଧାତୁ+କର୍ତ୍ତୃ. ଇନ୍; ୧ମା.୧ବ)—
Taru bhojī — ତରୁଭୁକ୍ (ଦେଖ)—Tarubhuk (See)

ତରୁମାଳିନୀ—ସଂ. ବି. ସ୍ତ୍ରୀ—ଭୂଇଁ ଅଁଳା—
Tarumālinī — Philanthus Niruri (a herb).

ତରୁ ମୂଳ—ସଂ. ବି. (୬ଷ୍ଠୀ ତତ୍; ତରୁ+ମୂଳ)—
Taru mūla — ୧ । ତରୁତଳ; ଗଛର ତଳ—1. The ground under the branches of a tree.
୨ । ବୃକ୍ଷର ଚେର—2. Root of a tree.
୩ । ଗଛର ଗଣ୍ଡିର ଭୂମିନିକଟସ୍ଥ ଭାଗ—
3. Foot of a tree.

ତରୁ ମୃଗ—ସଂ. ବି. (୭ମୀ ତତ୍; ତରୁ+ମୃଗ)—
Taru mṛuga — ଶାଖାମୃଗ; ମାଙ୍କଡ଼—Monkey.

ତରୁ ରାଗ—ସଂ. ବି. (୬ଷ୍ଠୀ ତତ୍; ତରୁ+ରାଗ)—
Taru rāga — ୧ । ଅଙ୍କୁର—1. The tender shoots of a tree.
୨ । ପୁଷ୍ପ—2. Flower.
୩ । ନବପଲ୍ଲବ; କିଶଳୟ—
3. The tender leaves of a tree.

ତରୁରାଜ—ସଂ. ବି. ପୁଂ. (୭ମୀ ତତ୍; ତରୁ+ରାଜନ୍)—
Tarurāja — ୧ । ତାଳ ଗଛ - 1. Palm tree.
୨ । ନଡ଼ିଆ ଗଛ—2. Cocoanut tree.
୩ । ମହାତରୁ; ବଡ଼ ଗଛ—3. Big tree.
୪ । ବଟ ବୃକ୍ଷ; ବର ଗଛ—4. The Banian tree.
୫ । ଅଶ୍ଵତ୍ଥ ଗଛ—5. The Peepal tree.

ତରୁରୁହ—ସଂ. ବି. ପୁଂ. (ତରୁ+ରୁହ୍ ଧାତୁ+କର୍ତ୍ତୃ. ଅ)—
Taruruha — ନର୍ମୂଳୀ ଲତା—A parasitic creeper.
(ତରୁରୁହା—ସ୍ତ୍ରୀ)

ତରୁ ରୋହିଣୀ—ସଂ. ବି. ସ୍ତ୍ରୀ (ତରୁ+ରୁହ ଧାତୁ+ଇନ୍+ସ୍ତ୍ରୀ. ଈ)—
Taru rohiṇī — ତରୁରୁହ (ଦେଖ)
Taruruha (See).

ତରୁ ଶାୟୀ—ସଂ. ବି. ପୁଂ (ତରୁ+ଶୀ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)-
Taru śāyī — ୧ । ପକ୍ଷୀ—1. Bird.
(ତରୁଶାୟିନୀ—ସ୍ତ୍ରୀ) ୨ । ମର୍କଟ—2. Monkey.
ସଂ. ବିଣ—ଗଛରେ ଶୋଇଥିବା—
Sleeping on a tree.

ତରୁ ସାର—ସଂ. ବି (୬ଷ୍ଠୀ ତତ୍; ତରୁ+ସାର)—କର୍ପୂର—
Taru sāra — Camphor.

ତରୁଟ—ସଂ. ବି (ତରୁ+ଅଟ)—ପଦ୍ମ ମୂଳ—
Tarūṭa — The tuberous root of the lotus flower.

ତରେଇ—ପ୍ରାଦେ (କଟକ) ବି—ପୋଖରୀ—
Tarei — Pond; tank.
ପ୍ରାଦେ (ମେଦିନୀପୁର) ବି (ଭୁଲ. ବି. ତରୁଇ) ଜହ୍ନି (ଦେଖ)
Jahni (See).
ଦେ ବି—ତରାଇ (ଦେଖ)—Tarāi (See.

ତର୍କ (ଧାତୁ)—ସଂ.—୧ । ତର୍କ ବିତର୍କ କରିବା; ବାଦାନୁବାଦ କରିବା—
Tark (root) — 1. To argue; to reason.
୨ । ଅନୁମାନ କରିବା—
2. To guess; to suppose.
୩ । ସ୍ଥିର କରିବା—3. To ascertain (Apte).
୪ । ଚିନ୍ତା କରିବା—4 To reflect.
୫ । କହିବା—5. To speak.

୧	୮	ଓ	ର୍,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଡ଼ଅ	ଘ
୨	ଃ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ଙ

୬ । ଝକଝକ ହେବା; ଶୋଭା ପାଇବା—
6. To shine.
୭ । ଚିନ୍ତା କରିବା; ବିବେଚନା କରିବା—
7. To think of; to have in view; to consider.
୮ । କଳ୍ପନା କରିବା; ଉଦ୍ଦେଶ୍ୟ କରିବା—8. To intend.

ତର୍କ— ସଂ. ବି. (ତର୍କ୍ ଧାତୁ+ଭାବ. ଅ) —୧ । ଯୁକ୍ତି—
Tarka 1. Abstract reasoning.
୨ । ବାଦାନୁବାଦ—
2. Argument; discussion; debate.
୩ । ତଦନ୍ତ; ସନ୍ଧାନ—
3. Inquiry; investigation.
୪ । (+କରଣ. ଅ) - ନ୍ୟାୟଶାସ୍ତ୍ର—4. Logic.
୫ । ଅଳଙ୍କାର ଶାସ୍ତ୍ର —
5. The Science of Rhetoric.
୬ । କାରଣ; ହେତୁ—9. Cause.
୭ । ସମ୍ଭାବନା—7. Possibility; probability.
୮ । ସନ୍ଦେହ—8. Doubt.
୯ । ଅନୁମାନ; ଉତ୍ପ୍ରେକ୍ଷା—
9. Guess; inference; conjecture.
୧୦ । ଆକାଂକ୍ଷା; ଇଚ୍ଛା—10. Desire; wish
୧୧ । ପ୍ରସ୍ତାବ (ନ୍ୟାୟ)—11. Proposition (logic.)
୧୨ । (ନ୍ୟାୟଶାସ୍ତ୍ର) କୌଣସି ପ୍ରତିଜ୍ଞା ଅସମ୍ଭବ ଥିବା ବିଷୟ ଯୁକ୍ତି ଦ୍ୱାରା ପ୍ରମାଣିତ କରିବା—
12. (logic) Reduction to absurdity; Reductio ad absurdum (Apte).
୧୩ । ଦର୍ଶନଶାସ୍ତ୍ର—13. Philosophy; metaphysics; the system of doctrine founded on pure reasoning or free thinking (Apte).
୧୪ । (ଦର୍ଶନଶାସ୍ତ୍ରର ସଂଖ୍ୟା ୬ ଥିବାରୁ)—ଛଅ ସଂଖ୍ୟା —
14. The number six (Apte).
୧୫ । ବାକ୍ୟର ଶୂନ୍ୟ ସ୍ଥାନର ପୂରଣ—
15. Supplying an ellipsis (Apte).
୧୬ । ଉଦ୍ଦେଶ୍ୟ; କାରଣ—
16. Cause; motive (Apte).
ଦେ. ବି—୧ । ଛଳ; କପଟ—1. Deceit.
୨ । ସତର୍କତା—2. Vigilance.

ତର୍କକ—ସଂ. ବିଣ. ପୁଂ (ତର୍କ୍ ଧାତୁ+କର୍ତ୍ତୃ. ଅକ) ଯେ ସନ୍ଧାନ କରେ;
Tarkaka ଅନୁସନ୍ଧିତ୍ସୁ—Inquiring; inquisitive.
(ତର୍କିକା—ସ୍ତ୍ରୀ) ସଂ. ବି—୧ । ଅନୁସନ୍ଧାନକାରୀ ବ୍ୟକ୍ତି—
1. Inquirer.
୨ । ଯାଚକ; ଦରଖାସ୍ତକାରୀ—
2. Petitioner (Apte).
୩ । ପ୍ରାର୍ଥୀ ବ୍ୟକ୍ତି - 3. Suitor. (Apte).
୪ । ନ୍ୟାୟଶାସ୍ତ୍ର ବିଶାରଦ ବ୍ୟକ୍ତି—4. Logician (Apte).

ତର୍କ ଜାଲ—ସଂ. ବି. (୬ଷ୍ଠୀ ତତ୍; ତର୍କ+ଜାଲ=ସମୂହ)—
Tarka jāla ୧ । ବହୁ ତର୍କ—1. A mesh of arguments.
(ତର୍କ ଜାଲ—ଅନ୍ୟରୂପ) ୨ । କୂଟତର୍କ—
2 Round-about arguments; hair-splitting arguments.

ତର୍କଣ(ଣା) —ସଂ. ବି. ସ୍ତ୍ରୀ. (ତର୍କ୍ ଧାତୁ+ଭାବ. ଅନ; +ସ୍ତ୍ରୀ. ଆ)—
Tarkaṇa (ṇā) ୧ । ଅନୁମାନ—1. Guess.
(ତର୍କଣୀୟ, ତର୍କ୍ୟ—ବିଣ) ୨ । ଯୁକ୍ତି—
2. Reasoning; speculation.

ତର୍କ ପଞ୍ଚାନନ—ସଂ. ବି.—ନ୍ୟାୟଶାସ୍ତ୍ରରେ ବିଚକ୍ଷଣ ପଣ୍ଡିତଙ୍କୁ ଦିଆଯିବା
Tarka pañchānana ଉପାଧିବିଶେଷ—A title given to Logician pandits.

ତର୍କ ବାଗୀଶ—ସଂ. ବି.—ତର୍କ ପଞ୍ଚାନନ (ଦେଖ)
Tarka bāgiśa Tarka pañchānana (See)

ତର୍କ ବିତର୍କ—ସଂ. ବି. (ସହତତ୍; ଦ୍ୱନ୍ଦ୍ୱ; ତର୍କ+ବିତର୍କ)—ବାଦାନୁବାଦ;
Tarka bitarka ବାଦପ୍ରତିବାଦ; ଉହାପୋହ; ଅନୁକୂଳ ଓ ପ୍ରତିକୂଳ ଆଲୋଚନା—The pros and cons of a matter; repeated discussions from all points of view.

ତର୍କ ବିଦ୍ୟା—ସଂ. ବି.—ନ୍ୟାୟଶାସ୍ତ୍ର; ସିଦ୍ଧାନ୍ତର ଖଣ୍ଡନମଣ୍ଡନ ପ୍ରଣାଳୀ ଓ
Tarka bidyā ନିୟମ ଯେଉଁ ବିଦ୍ୟାରୁ ଶିକ୍ଷା କରାଯାଏ—
(ତର୍କଶାସ୍ତ୍ର—ଅନ୍ୟରୂପ) The science of Logic or reasoning; logomachy.
ଦେ. ବି—କପଟ—Deceit.

ତର୍କଲାସ୍ୟ—ସଂ. ବି.—ଚକୁଣ୍ଡା (ଦେଖ)
Tarkalāsya Chākuṇḍā (See)

ତର୍କ ମୁଦ୍ରା—ସଂ. ବି.—ତନ୍ତ୍ରୋକ୍ତ ଅଙ୍ଗୁଳିରଚିତ ମୁଦ୍ରାବିଶେଷ—
Tarka mudrā A certain pose of the fingers mentioned in the 'Tantras'.

ତର୍କସ—ବୈଦେ. ବି.—(ଫା)—ତୂଣୀର; ଶରମୁଣା—
Tarkas Quiver for arrows.
तरकस तर्कस

ତର୍କ ସନ୍ଧି—ସଂ. ବି.—କାବ୍ୟାଲଙ୍କାରବିଶେଷ—A figure of speech
Tarka sandhi in composition.
ଉଦାହରଣ ଯଥା—
ଭବ ନଗରରେ କାମିନୀ ଚିତ୍ତରେ ମନ
ଜୀବନ ଯିବ ଅପୂର୍ବ କୃପା କଲେ ଧନ
ମୀନ କମ୍ପନ କୁମୁଦ ହାସରେ କି ଭବ
ବରହେ ବରଷା ଧାନ ଅଛି କି ନ ହେବ । ଅନୁମାନ, ବଦନ୍ତବ୍ରାହ୍ମଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତକ' ଦେଖିବେ

ତର୍କା—ଦେ. ବିଣ.—ତରକା (ଦେଖ)
Tarkā — Tarakā (See)

ତର୍କା(ର୍କେ)ଇବା—ଦେ. କ୍ରି.—ତରକାଇବା (ଦେଖ)
Tarkā(rke)ibā — Tarakāibā (See)

ତର୍କା ତର୍କି—ଦେ. ବି. (ସଂ. ତର୍କବିତର୍କ) ଏକାଧିକ ବ୍ୟକ୍ତିଙ୍କ ମଧ୍ୟରେ ବାଦାନୁବାଦ ବା ବିଚାର; ତର୍କବିତର୍କ—
Tarkā tarki — Debate; discussion.
ଦେ. ବି. ଓ ବିଣ.—ପରସ୍ପର ଲଗାଲଗି; ଛକାଛକି—Closely watching the movement of one against the other.

ତର୍କାଭାସ—ସଂ. ବି.—(୬ଷ୍ଠୀ ତତ୍; ତର୍କ+ଆଭାସ)—୧। ଭ୍ରାନ୍ତ ସିଦ୍ଧାନ୍ତ—
Tarkābhāsa — 1. Wrong inference; fallacy.
୨। କୁଯୁକ୍ତି—2. Fallacious argument.

ତର୍କାରି—ଦେ. ବି.—ତରକାରି (ଦେଖ)
Tarkāri — Tarakāri (See)

ତର୍କାଳଙ୍କାର—ସଂ. ବି.—ତର୍କଶାସ୍ତ୍ରଜ୍ଞ ପଣ୍ଡିତଙ୍କ ଉପାଧିବିଶେଷ—
Tarkāḷaṅkāra — 1. A title given to Pandits proficient in Logic.

ତର୍କିଣ(ଳ)—ସଂ. ବି.—ଚକୁଣ୍ଡା (ଦେଖ) (ଦ୍ର. ଶବ୍ଦସାଗର)—
Tarkiṇa (ḷa) — Chākuṇḍā (See)

ତର୍କିତ—ସଂ. ବିଣ. (ତର୍କ୍ ଧାତୁ+କର୍ମ. କ୍ତ)—
Tarkita ୧। ଆଲୋଚିତ—1. Discussed; debated.
(ତର୍କିତା—ସ୍ତ୍ରୀ) ୨। ବିଚାରିତ; ବିବେଚିତ—2. Considered.
୩। ଅନୁମିତ—3. Inferred.
୪। ଉତ୍ପ୍ରେକ୍ଷିତ—4. Guessed.
୫। ସମ୍ଭାବିତ—5. Apprehended; possible.
୬। ପ୍ରସ୍ତାବିତ—6. Proposed.
୭। ଅନୁସନ୍ଧାନ କରାଯାଇ ଥିବା—7. Investigated.
୮। ଯହିଁ ସମ୍ବନ୍ଧେ ସନ୍ଦେହ କରାଯାଉଥାଏ—8. Doubted.
ସଂ. ବି.—(+ଭାବ. କ୍ତ)—ଅନୁମାନ—Conjecture.

ତର୍କିବା—ଦେ. କ୍ରି.—(ସଂ. ତର୍କ୍ ଧାତୁ)—ତରକିବା (ଦେଖ)
Tarkibā — Tarakibā (See)
तर्का ତର୍କି ନ ବଞ୍ଚମଦନ ତକଇ ମୋ ଗୃହ ଗ୍ରୀବ
तरकना ତଟକୁ ଘଟକେ ଅବଧାନ କଲା ଦୃଶିର।
କବିସୂର୍ଯ୍ୟ. କଳେବରଖଣ୍ଡ. ଗୀତ।

ତର୍କୀ—ସଂ. ବିଣ. ଓ ବି. ପୁଂ (ତର୍କ+ଅସ୍ତ୍ୟର୍ଥରେ ଇନ୍; ୧ମା. ୧ବ.)
Tarkī ୧। ତର୍କକାରୀ; ଯେ ତର୍କ କରେ—
(ତର୍କିଣୀ—ସ୍ତ୍ରୀ) 1. Disputant; reasoner.
୨। ତାର୍କିକ; ତର୍କଶାସ୍ତ୍ରଜ୍ଞ—
2. Logician; versed in logic.

ତର୍କୁ—ସଂ. ବି. (କୃତ୍ ଧାତୁ=କାଟିବା+ସଂଜ୍ଞାର୍ଥରେ କରଣେ· ଉ; କପାଦନ)—ଟାକୁଡ଼ି—A spindle.
Tarku

ତର୍କୁଟ(ଟୀ)—ସଂ. ପୁ. (କୃତ୍ ଧାତୁ+କରଣ ଉଟ+ଅ;+ଈ)—
Tarkuṭa (ṭī) ୧। ତର୍କୁ (ଦେଖ)—Tarku (See)
୨। କଟାକଟ କରିବା (ପ୍ରକୃତିବାଦ)—
2. Scoring through.

ତର୍କୁ ପିଠ(ଠୀ)(ଣ୍ଡ)—ସଂ. ବି.—(୬ଷ୍ଠୀ ତତ୍; ତର୍କୁ+ପିଠ+ପୀଠୀ;
Tarku pitha (thī)(ṇḍa)+ପିଣ୍ଡ=ଗୋଲାକାର ବସ୍ତୁ)—ଟାକୁଡ଼ି
(ତର୍କୁପାଠୀ—ଅନ୍ୟରୂପ) ମୂଳରେ ଯେଉଁ ପିଣ୍ଡ ବା ଗୋଲ ପଦାର୍ଥ ଥାଏ; ଟାକୁଡ଼ିମୂଳର ବାଟୁଲି—The ball at the lower end of a spindle.

ତର୍କୁ ଲାସକ—ସଂ. ପୁ.—(ତର୍କୁ+ଲସ୍ ଧାତୁ ଣିଚ୍+କର୍ତ୍ତୃ. ଅକ)—
Tarku lāsaka ତର୍କୁନ୍ୟାସକ ଯନ୍ତ୍ର; ଚରଖା; ଅଟେ—
Spinning wheel.

ତର୍କ୍ଷୁ—ସଂ. ପୁ—ତରକ୍ଷୁ (ଦେଖ)
Tarkshu — Tarakshu (See)

ତର୍କ୍ଷ୍ୟ—ସଂ. ବି—ଯବକ୍ଷାର—
Tarkshya — Nitre; saltpetre.

ତର୍ଜ୍ (ଧାତୁ)—ସଂ—୧। ଗାଳି ଦେବା—1. To abuse; to scold.
Tarja (root) ୨। ଧମକାଇବା—2. To threaten.
୩। ଭୟ ଦେଖାଇବା—3. To terrify.
୪। ଉପହାସ କରିବା—4. To mock; to deride.

ତର୍ଜନ(ନା)—ସଂ. ବି. (ତର୍ଜ୍ ଧାତୁ+ଭାବ. ଅନ;+ଆ)—
Tarjana(nā) ୧। କ୍ରୋଧରେ ଗର୍ଜନ—
1. Roaring in rage.
୨। କ୍ରୋଧ ପ୍ରକାଶ—2. Expression of anger.
୩। ତିରସ୍କାର; ଭର୍ତ୍ସନା—3. Rebuke; abuse.
୪। ଭୟପ୍ରଦର୍ଶନ—4. Terrifying.
୫। ଧମକାଣି—5. Threatening.
୬। ଉପହସନ—6. Pointing at in redicule or contempt (Apte).
୭। କ୍ରୋଧ—7. Anger (Apte)

ତର୍ଜନ ଗର୍ଜନ—ସଂ. ବି. (ସହଚର)—ତମ୍ବମର୍ଦ୍ଦି ହେବା—
Tarjana garjana — Chafing and roaring.
ସେ କୁମ୍ଭର ଯୁକ୍ତି ବ ପ୍ରବୃତ୍ତି କ ଦେଖି ହାତ ଗୋଡ଼ କମ୍ପାଇ
ତର୍ଜନ ଗର୍ଜନ କରିବେ। ରାଧାନାଥ. ବିବେକୀ।

ତର୍ଜନୀ—ସଂ. ବି. ସ୍ତ୍ରୀ. (ତର୍ଜ୍ ଧାତୁ+କରଣ ଅନ+ସ୍ତ୍ରୀ. ଈ;
Tarjanī ଯାହାଦ୍ୱାରା ତର୍ଜନ କରାଯାଏ)—ବଶି ଅଙ୍ଗୁଠି—
Index finger; forefinger.

ତର୍ଜନୀ ମୁଦ୍ରା—ସଂ. ବି. ସ୍ତ୍ରୀ—ତନ୍ତ୍ରୋକ୍ତ ଅଙ୍ଗୁଳିବଚିତ ମୁଦ୍ରାବିଶେଷ—
Tarjanī mudrā — A peculiar pose of the fingers used in Tantric worship.

୧	ଇ	ଉ	ର୍,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଢ଼	ନ୍

[ଦ୍ର—ଏଥିରେ ବାଆଁହାତକୁ ମୁଠା କରି ତର୍ଜନୀ ଓ ମଧ୍ୟମାକୁ ପ୍ରସାରିତ କରାଯାଏ—ହି. ଶବ୍ଦସାଗର ।]

ତର୍ଜମା—ବୈଦେ. ବି—ତରଜମା (ଦେଖ)
Tarjamā — Tarajamā (See)

ତର୍ଜିତ—ସଂ. ବିଣ. ପୁଂ. (ତର୍ଜ ଧାତୁ + କର୍ମ. ତ)—୧ । ଭର୍ତ୍ସିତ—
Tarjita — 1. Abused; reproached.
(ତର୍ଜିତା—ସ୍ତ୍ରୀ) ୨ । ଭୟପ୍ରଦର୍ଶିତ— 2. Threatened; menaced.
୩ । ତାଡ଼ିତ—3. Driven out.
୪ । ଅପମାନିତ—4. Disgraced (Apte).

ତର୍ଜିବା—ଦେ. କ୍ରି. (ସଂ. ତର୍ଜ ଧାତୁ)—୧ । ଭୟପ୍ରଦର୍ଶନ କରିବା; ଡରାଇବା; ଧମକାଇବା—1. To threaten.
Tarjibā
তর্জা ଚେଅଡ଼୍ ଯାବୁ ଚଳ ବାଚତଳ
तर्जना ସ୍ୱରୂପନ୍ତ ନଜ କ୍ଲୀବକୁ କେବଳ । ସ୍ୱଧାନାଥ. ଚଳକା ।
୨ । ଗାଳିଦେବା—2. To scold.

ତର୍ଣ୍ଣ—ସଂ. ବି. (ସଂ. ତୃ ଧାତୁ = ଗମନ କରିବା + କର୍ତ୍ତୃ. ଣ)—
Tarṇṇa ୧ । ସଦ୍ୟୋଜାତ ବାଛୁରି; କଅଁଳା ବାଛୁରି—
(ତର୍ଣ୍ଣକ—ଅନ୍ୟରୂପ) 1. A newborn calf.

ତର୍ଣ୍ଣି—ସଂ. ବି. ପୁଂ. (ତୃ ଧାତୁ, ପାରିଗମନ କରିବା + କର୍ତ୍ତୃ. ନି)—୧ । ସୂର୍ଯ୍ୟ—
Tarṇṇi — 1. The sun.
୨ । (+କରଣ ନି) ଭେଳା—2. Raft.
୩ । ଡଙ୍ଗା—3. Boat.

ତର୍ତ୍ତରିକ—ସଂ. ବି. (ତୃ ଧାତୁ = ପାର ହେବା + କରଣ ଇକ)—
Tarttarika ୧ । ନୌକା—1. Boat.
୨ । ଭେଳା—2. Raft.
ସଂ. ବିଣ. (+କର୍ତ୍ତୃ. ଇକ)—ପାରଗାମୀ; ଯେ ପାର ହୁଏ—
Crossing over (a river).

ତର୍ତିବ୍ (ଇତ୍ୟାଦି)—ବୈଦେ. ବିଣ—ତରତିବ୍ (ଦେଖ)
Tartib (etc) — Taratib (See)

ତର୍ଦ (ଧାତୁ)—ସଂ—୧ । ହିଂସା କରିବା; ଆଘାତ କରିବା—
Tarda (root) 1. To injure; to hurt.
୨ । ହତ୍ୟା କରିବା; ବଧ କରିବା—2. To kill (Apte).
୩ । କାଟି ଦେବା—3. To cut through (Apte).

ତର୍ଦ୍ଦୁ(ର୍ଦ୍ଦୂ)—ସଂ. ବି ସ୍ତ୍ରୀ. (ତର୍ଦ ଧାତୁ + କରଣ କୁ; + ଊ)—
Tarddu(rddū) ଦର୍ବୀ; ଡାଡୁ—A wooden ladle.

ତର୍ପଣ—ସଂ. ବି. କ୍ଲୀ. [ତୃପ୍ ଧାତୁ = ତୃପ୍ତ ହେବା; ଣିଚ ତର୍ପି ଧାତୁ + ଭାବ ଅନ]—୧ । ତୃପ୍ତି—1. Satiety.
Tarpaṇa
୨ । [+କରଣ ଅନ] ଦେବତା, ଋଷି ଓ ପିତୃଲୋକଙ୍କ ତୃପ୍ତ୍ୟର୍ଥ ଜଳଦାନ—2. The rites of offering oblations of water to the manes of one's deceased ancestors, Deities and sages.
[ଦ୍ର—ମନ୍ତ୍ରପାଠ ପୂର୍ବକ କୁଶ, ତିଳ, ଜଳ, ଯବ ଓ ତଣ୍ଡୁଳ-ଅଦିଦ୍ୱାରା ଜଳାଞ୍ଜଳି ଦେଇ ଦେବତା, ଋଷି ଓ ପିତୃଲୋକଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯାଏ । ଆଶ୍ୱିନମାସର ପ୍ରଥମ ପକ୍ଷର ନାମ ପିତୃପକ୍ଷ ବା ଅପରପକ୍ଷ ବୋଲି କଥିତ । ଏ ସମୟରେ ତର୍ପଣ କରିବାର ବିଧାନ ଅଛି । ଶ୍ରାଦ୍ଧ ଦିବସରେ ମଧ୍ୟ ତର୍ପଣ କରାଯାଏ ।]
୩ । ପ୍ରୀଣନ; ତୃପ୍ତିସାଧନ—
3. Act of satisfying.
ସଂ. ବିଣ—ତୃପ୍ତି ଜନକ—Satisfying; pleasing.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ; ଯଥା—ଘ୍ରାଣତର୍ପଣ=ନାସାର ତୃପ୍ତିକର; କର୍ଣ୍ଣତର୍ପଣ=କର୍ଣ୍ଣର ତୃପ୍ତିଜନକ]

ତର୍ପିତ—ସଂ. ବିଣ (ତୃପ ଧାତୁ ଣିଚ + କର୍ମ. ତ)—ଯାହାକୁ ତୃପ୍ତ କରାଯାଇଅଛି; ସନ୍ତୋଷିତ; ତୃପ୍ତିପ୍ରାପ୍ତ—Satisfied; pleased.
Tarpita

ତର୍ପୀ—ସଂ. ବିଣ. ପୁଂ (ତୃପ ଧାତୁ ଣିଚ୍ + କର୍ତ୍ତୃ. ଇନ୍; ୧ମା. ୧ବ)—
Tarpī ଯେ ତର୍ପଣ କରେ—One who offers oblations
(ତର୍ପିଣୀ—ସ୍ତ୍ରୀ) of water to the manes.

ତର୍ବ (ଧାତୁ)—ସଂ—ଗମନ କରିବା; ଗତି କରିବା—
Tarba (root) — To go; to move.

ତର୍ବଟ—ସଂ. ବି (ତର୍ବ ଧାତୁ + କର୍ତ୍ତୃ. ଅଟ)—ବର୍ଷ—
Tarbaṭa — Year.

ତର୍ମ—ସଂ. ବି. କ୍ଲୀ (ତୃ ଧାତୁ = ପାରହେବା + କର୍ତ୍ତୃ. ମନ୍; ୧ମା. ୧ବ)—
Tarma ଯୂପକାଷ୍ଠର ଅଗ୍ରଭାଗ—The top of the sacrificial post.

ତର୍ମିମ୍ (ଇତ୍ୟାଦି)—ବୈଦେ. ବିଣ ଓ ବି—ତରମିମ୍ (ଇତ୍ୟାଦି) (ଦେଖ)
Tarmim (etc) — Taramim (etc) (See)

ତର୍ଷ—ସଂ. ବି. ପୁଂ (ତୃଷ ଧାତୁ = ତୃଷାର୍ତ୍ତ ହେବା + ଭାବ. ଅ)—
Tarsha ୧ । ଅଭିଳାଷ—1. Desire.
୨ । ଶୋଷ; ତୃଷା; ତୃଷ୍ଣା—2. Thirst.
୩ । ଭେଳା—3. Raft.
୪ । ସମୁଦ୍ର—4. The sea.
୫ । ସୂର୍ଯ୍ୟ—5. The sun.
୬ । ତୃଷ୍ଣା; ଅସନ୍ତୋଷ—
6. Hankering; covetuousness.

ତର୍ଷଣ—ସଂ. ବି. କ୍ଲୀ (ତୃଷ ଧାତୁ ଣିଚ୍=ତର୍ଷି ଧାତୁ + ଭାବ. ଅନ)—
Tarshaṇa ୧ । ପିପାସା; ତୃଷ୍ଣା—1. Thirst.
୨ । ଆଗ୍ରହ; ଇଚ୍ଛା—2. Desire; longing.

ତର୍ଷିତ—ସଂ. ବିଣ (ତୃଷ ଧାତୁ ଣିଚ୍ = ତର୍ଷି ଧାତୁ + କର୍ମ. ତ)—
Tarshita ୧ । ତୃଷିତ; ପିପାସିତ—1. Thirsty.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ

୨ । ବାଞ୍ଛିତ—2. Greatly desired.

୩ । ଉତ୍କଣ୍ଠିତ—3. Eager for.

ତର୍ହି—ସଂ. ଅବ୍ୟୟ (ତଦ୍ + ହି; ନିପାତନ)—୧ । ସେହିସମୟରେ; ତଦା—1. At that time.
Tarhi

୨ । ତେବେ—2. Then; in that case.

[ଦ୍ର—ଭାଷାରେ ଏଥିର ବ୍ୟବହାର ବିରଳ ।]

ତଲ୍ (ଧାତୁ)—ସଂ—୧ । ପ୍ରତିଷ୍ଠିତ ହେବା—1. To be established or fixed.
Tal (root)

୨ । ବିଶ୍ରାମ କରିବା—2. To rest.

୩ । ପରିପୂର୍ଣ୍ଣ ହେବା—3. To be full.

୪ । ସମାପ୍ତ ହେବ.—4. To be completed.

୫ । ପ୍ରତିଷ୍ଠା କରିବା—
5. To found; to establish (Apte).

୬ । ବ୍ରତ ପୂର୍ଣ୍ଣ କରିବା—
6. To accomplish a vow. (Apte).

ତଲ୍—ପ୍ରାଦେ. (ସମ୍ବଲପୁର) ବି ('ଳ' ସ୍ଥାନରେ 'ଲ୍' ଓ ଶେଷ ଅକ୍ଷରର ହଲନ୍ତ ଉଚ୍ଚାରଣ)—ତଳ; ଅଧୋଦେଶ—Ground; bottom.
Tal
ବିଣ.—ନିମ୍ନ—Low.

ତଲ୍ ମୁହାଁ—ପ୍ରାଦେ (ସମ୍ବଲପୁର) ବିଣ—ଅଧୋମୁଖ—With head bowed down.
Tal muhāñ

ତଳ—ସଂ. ବି. (ତଲ୍ ଧାତୁ + କର୍ତ୍ତୃ. ଅ)—୧ । ଅଧୋଭାଗ; ନିମ୍ନଦେଶ—1. Bottom; ground; floor; the underpart; base.
Tala

୨ । ସ୍ୱରୂପ—2. Likeness; identity; actual form.

୩ । ଗର୍ତ୍ତ—3. Hole.

୪ । ଉପରଭାଗ—4. Upper part; surface.

(ଯଥା—ଭୂତଳ, ଧରାତଳ, ସମତଳ ।)

୫ । ମଧ୍ୟଦେଶ—5. Middle part.

୬ । ଭୂପୃଷ୍ଠ; ଭୂଇଁ ଉପର—
6. Ground; face of the earth.

ଘୋଡାଙ୍କର ପଦ ତଳ ତଳେ ପଡ଼ୁଥିବା ରଥ—ଅର୍ଦ୍ଧସୂର୍ଯ୍ୟ- କଳୋଦୟଙ୍କ ତ. ଗୀତ ।

୭ । ପୃଷ୍ଠଦେଶ; ପଛଅଡ଼—7. Back or hind part.

୮ । ଗଭୀରତା—8. Depth.

୯ । କାନନ; ବନ—9. Forest

୧୦ । (ଜ୍ୟାମିତି) ସମତଳ କ୍ଷେତ୍ର—
10. (geometry) A plane.

୧୧ । ଖଡ଼୍ଗମୁଷ୍ଟି; ଖଣ୍ଡାର ବେଣ୍ଟ—
11. Hilt or handle of a sword.

୧୨ । ଅବସ୍ଥିତିର ନିମ୍ନତା—
12. Lowness of position (Apte).

୧୩ । ଗୃହର ସ୍ତର; ମହଲା—
13. Storey of a house.

୧୪ । ପାଖ; ଉପକଣ୍ଠ; ନିକଟ—
14. Vicinity; neighbourhood; suburbs.

୧୫ । ଚପେଟ; ଚାପୁଡ଼ା—15. Slap.

୧୬ । ତାଳଗଛ—16. Palm tree; palmyra.

୧୭ । ଆଧାର—17. Receptacle.

୧୮ । ସ୍ୱଭାବ—18. Nature.

୧୯ । ସପ୍ତପାତାଳ ମଧ୍ୟରୁ ୧ମ ପାତାଳ; (ପାତାଳ ଦେଖ)—
19. The 1st of the 7 nether worlds according to the Hindu Purāṇas (See Pātāḷa)

ତହିଁ ଅପସ୍ମରମାନଙ୍କୁ କର ଭେଟ,
ପୁଣି ତଳେ ପଞ୍ଚ ଲଭନ୍ତି ହୁଃଖଭୋଗ । କୃଷ୍ଣସିଂ ହ. ମହାଭାରତ. ଉଦ୍ୟୋଗ ।

୨୦ । ମର୍ତ୍ତ୍ୟଲୋକ—20. The earth.

୨୧ । ପାତାଳ ଲୋକ—21. The nether worlds; the lower regions.

୨୨ । ସହାୟ; ଭରସା—22. Support; prop.

୨୩ । ଅତୀତ କାଳ—23 The past; days gone by.

୨୪ । କରତଳ; ନେଉଳି; ଲେଉଁଳି; ହାତର ତଳ—
24. The palm of the hand.

୨୫ । ଗୋଡ଼ର ତଳିପା—
25 The sole of the foot.

୨୬ । ଗୋଧି ସାପ (ହି. ଶବ୍ଦସାଗର)—26. Iguana; Varanus Salvator.

୨୭ । ନଦୀ, ପୋଖରୀ, ସମୁଦ୍ର ଆଦି ଜଳାଶୟରେ ଥିବା ଜଳର ନିମ୍ନସ୍ଥ ଭୂମି—27. The land at the bottom of water in a tank, river or sea.

୨୮ । ଜ୍ୟାଘାତବାରଣ; ଧନୁର ଗୁଣର ଘର୍ଷଣରୁ ହାତକୁ ରକ୍ଷା କରିବା ପାଇଁ ବାମ ବାହୁରେ ପିନ୍ଧାଯିବା ଚମଡ଼ାର ପଟି (ହି. ଶବ୍ଦସାଗର)—28. A strip of leather worn round the left arm to protect it from the friction of the bow-string.

୨୯ । ମୂଳଦେଶ; ମୂଳର ଚତୁଃପାର୍ଶ୍ୱବର୍ତ୍ତୀ ସ୍ଥାନ; ମଧ୍ୟାହ୍ନରେ କୌଣସି ପଦାର୍ଥର ତଳେ ଯେତେଦୂର ଛାଇ ପଡ଼େ—(ଯଥା, ତରୁତଳ)—29. The area on which the shadow of a thing falls at noon; the part underneath.

୩୦ । ଅସ୍ତ୍ରାଦିର ମୁଠା; ବେଣ୍ଟ (ହି. ଶବ୍ଦସାଗର)—
30. The handle of a weapon etc.

୩୧ । ହାତର କବଜା; ହାତମଣି (ହି. ଶବ୍ଦସାଗର)—31. Wrist.

୩୨ । ବିଘତ (ହି.ଶବ୍ଦସାଗର)—32. Span of the palm.

	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଣ,ଷ	ଙ୍କ	ଇସ୍ପ	ତ୍ଥ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍ୱ	ଗଁ୍ୟ	ଇଅ	ଢ଼	ନୃ

୩୩ । ମହାଦେବ; ଶିବ (ହି. ଶବ୍ଦସାଗର)—33. The Deity Śiba.

୩୪ । ବାଆଁ ହାତ ଦ୍ୱାରା ବୀଣା ଅତ ବଜାଇବା—34. Pressing the strings of the lute with the left hand (Apte).

୩୫ । ତଳଉ; ପୋଖରୀ—35. Pond (Apte).

୩୬ । ନରକର ଅଂଶବିଶେଷ—36. A division of hell (Apte).

୩୭ । କାରଣ; ଆଦି; ପ୍ରାରମ୍ଭ—37. Cause; origin (Apte).

ଦେ. ବିଣ—୧ । ନିମ୍ନସ୍ଥ; ତଳରେ ଥିବା—1. Situated below.

(ଯଥା—ଛାତ ତଳ ବଖ କାଠ ଯାକ ଘୁଣ ଲାଗି ଗଲାଣି ।)

୨ । ପୂର୍ବକାଳୀନ—2. Past.

(ଯଥା—ଏହା ବର୍ଷକ ତଳ କଥା ହେବ ।)

୩ । ପରବର୍ତ୍ତୀ; ପରେ ଜନ୍ମିଥିବା—3. Subsequent; born subsequently.

(ଯଥା—ତାଙ୍କ ବଡ଼ ପୁଅର ତଳ ଶିଶୁଟି ନଷ୍ଟ ହୋଇଗଲା ।)

୪ । ନିକଟବର୍ତ୍ତୀ—4. Proximate.

(ଯଥା—ଏବେ ଗୋଡ଼ତଳ ଲୋକେ ମୁଣ୍ଡକୁ ଚଢ଼ିବାକୁ ବସିଲେଣି ।)

୫ । ନିମ୍ନାଂଶରେ ରହି ଥିବା—5. Living in the bottom or lower regions.

ତଳେ ତଳେ ଗଲା ତଳ ଗଣ୍ଡଶା—ଚଗ ।

୬ । ନଦୀର ମୁହାଣ ନିକଟସ୍ଥ ବା ସମୁଦ୍ର ଉପକୂଳସ୍ଥ ନିମ୍ନତଳ ଅଞ୍ଚଳରେ ଅବସ୍ଥିତ—6. Situated on the lower levels through which a river flows; coastal (tract).

ଦେ. ବି—୧ । ପୂର୍ବବର୍ତ୍ତୀକାଳ; ଅତୀତକାଳ—1. The past.

୨ । ନଦୀର ମୁହାଣ ନିକଟସ୍ଥ ଓ ସମୁଦ୍ର ଉପକୂଳବର୍ତ୍ତୀ ନିମ୍ନତଳ ଭୂମି—2. Lands of low level towards the mouth of a river; low land; low coastal tracts.

ତଳ ଅଗଣା—ଦେ. ବି (ସଂ. ତଳ+ଅଙ୍ଗନ)—ଏକାଧିକ ପ୍ରାଙ୍ଗଣ ବିଶିଷ୍ଟ
Tala aganā ଗୃହପୃଷ୍ଠର ବାଡ଼ିଆଡ଼ର ନିକଟବର୍ତ୍ତୀ ପ୍ରାଙ୍ଗଣ—
(ଉପର ଅଗଣା—ବିପରୀତ) The back-side or posterior courtyard.

ତଲଇ—ପ୍ରାଦେ. (ବସ୍ତର) ବି (ସଂ. ତଲକ; ତୁଳ. ହି. ତଲାଇ)—
Talai ପୋଖରୀ—Pond; tank.

ତଲଉ—ଦେ. ବି (ସଂ. ତଲକ; ତୁଳ. ଉର୍ଦ୍ଦୁ=ତଲାବ)—ପୋଖରୀ—
Talau Tank; pond.
তলাও তালাব; তলাও

ତଳ ଉପର କରିବା—ଦେ. କ୍ରି (ସଂ. ତଳ+ଉପରି)—ତଳେ ଥିବା
Tala upara karibā ବସ୍ତୁକୁ ଉପରକୁ ଓ ଉପରେ ଥିବା ବସ୍ତୁକୁ
উপর নীচকরা तले उपर करना ତଳକୁ ଆଣିବା; ଓଲଟ ପାଲଟ କରିବା—To bring down things which are upside and vice versa; to stir up or jnmble things.

ତଳକ—ସଂ. ବି. କ୍ଲୀ (ତଳ=ଗର୍ତ୍ତ+କ)—ପୁଷ୍କରିଣୀ; ପୋଖରୀ—
Talaka Tank; pond.

ତଲକ—ସଂ. ବି.—ତୋଡ଼ି (ମାଛ) (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ)
Talaka Tordi (fish) (See)

ତଳକଣ୍ଟା ଉପରକଣ୍ଟା—ଦେ. ବି—ପୂର୍ବକାଳର ରାଜଦଣ୍ଡବିଶେଷ—
Talakaṇṭā uparakaṇṭā A mode of punishment
(ତଳକଣ୍ଟା ଉପରକଣ୍ଟା—ଅନ୍ୟରୂପ) inflicted on offenders in ancient times

[ଦ୍ର—ଗୋଟିଏ ଖଣିଗାତ ଖୋଳି ତହିଁ ତଳେ କଣ୍ଟା ବିଛାଇ କଣ୍ଟା ଉପରେ ଅପରାଧୀ ବ୍ୟକ୍ତିଙ୍କୁ ଶୁଆଇ ତା ଉପରେ ପୁଣି କଣ୍ଟା ଲଦିଦେଇ ସେ ଗାତକୁ ମାଟିରେ ପୋତି ଦିଆଯାଉଥିଲା ।]

ତଲ କନ୍ଦା—ପ୍ରାଦେ. (ଗଡ଼ଜାତ) ବି.—କରଣ୍ଡି ଆଳୁ—
Tala kandā Karāṇdi ālu (See)

ତଲ କର—ସଂ. ବି—ପୋଖରୀରୁ ଉତ୍ପନ୍ନ ଦ୍ରବ୍ୟ (ଯଥା, ମାଛ, ସିଂଘଡ଼ା,
Tala kara ପଦ୍ମଫୁଲ) ମାନଙ୍କ ଯୋଗୁଁ ଜମିଦାର ଅସୁଲ କରିବା କର (ହି. ଶବ୍ଦସାଗର)—Rent derived by a landlord from the produce of tanks.

ତଳ କରିବା—ଦେ. (ପଦ୍ୟ) କ୍ରି.—୧ । ନୁଆଁଇବା; ଅବନତ କରିବା—
Tala karibā 1. To bend down.

ତଳ କଲୁ ମଥା, ଜାଣି ତପଶ୍ଚା-ଅକ୍ଷମ ବୋଲି ମୋ ତୋଳା—
ବଳରାମ. କବିତା ।

୨ । (ଲକ୍ଷଣାର୍ଥ) ବଳି ପଡ଼ିବା—
2. (figurative) To excel; to surpass

ପୂର୍ଣ୍ଣଚନ୍ଦ୍ର ପରି ତ ବଦନ ମଣ୍ଡଳ
ଝଟରେ ଦରପଣ-କାନ୍ତି କରେ ତଳ—
କୃଷ୍ଣସିଂ ହ. ମହାଭାରତ. ବନ ।

ତଳଚକା—ପ୍ରା. ଦେ. (ଗଞ୍ଜାମ) ବି—ବୋଇତି କଖାରୁ—
Talachakā Red gourd.

ତଳ ତଳାନ୍ତ—ଦେ. ବିଣ—୧ । ସର୍ବସ୍ୱାନ୍ତ; ଛାରଖାର—
Tala talānta 1. Completely exhausted or
তলাচোঅঁা reduced; deprived of all belongings;
तलपट ruined.

(ତଳ ତଳାନ୍ତ—ଅନ୍ୟରୂପ) (ଯଥା—ମାମଲା ମକଦ୍ଦମାରେ ଶତଶତ ବଡ଼ ଲୋକ ତଳତଳାନ୍ତ ହେଉଅଛନ୍ତି ।)

୨ । ସମ୍ପୂର୍ଣ୍ଣରୂପେ ନିଃଶେଷିତ—
2. Drained to the last drop.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅରିଷ୍ଟ' ନ ପାଇଲେ 'ଅଷ୍ଟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

୩ । ସମ୍ପୂର୍ଣ୍ଣରୂପେ ନିର୍ଦ୍ଧନ—3. Penniless.

ତଳତଳିଆ—ଦେ. ବିଣ—୧ । ସର୍ବନିମ୍ନ—
Talatalia 1. Undermost; lowest.
তলানি ୨ । ନିମ୍ନ ବା ତଳରେ ଥିବା—
तलौंछ, तलछट 2. Lying at the bottom.
(ତଳତଳିଆ—ଅନ୍ୟରୂପ) ୩ । ପାତ୍ରର ତଳେ ରହିଯାଇଥିବା—
3. Left at the bottom of a cup.
ଦେ. ବି—କୌଣସି ପାତ୍ରରୁ ତୈଳାଦି ତରଳ ପଦାର୍ଥ ନିଃଶେଷିତ ହୋଇଗଲେ ଶେଷରେ ପାତ୍ରତଳେ ସେହି ତଳତଳିଆ ପଦାର୍ଥ ରହିଯାଏ—Dregs of a cup when drained of its liquid contents.

ତଳତ୍ର—ସଂ. ବି. କ୍ଳୀ. (ତଳ=ହାତ+ତ୍ରୈ ଧାତୁ+କର୍ତ୍ତୃ. ଅ)—
Talatra ଧନୁର୍ଦ୍ଧାରୀର ଚର୍ମନିର୍ମିତ ହସ୍ତାନା ବା ହସ୍ତାବରଣ—
(ତଳତ୍ରାଣ—ଅନ୍ୟରୂପ) Leather gloves of an archer.

ତଳଦିଗିଆ—ପ୍ରାଦେ. (ଗଡ଼ଜାତ) ବି—ମୋଗଲବନ୍ଦୀର ଅଧିବାସୀ—
Tala digia Inhabitants of Mogalabandi.
[ଦ୍ର—ଓଡ଼ିଶାର କଟକ, ପୁରୀ ଓ ବାଲେଶ୍ୱର (ମୋଗଲବନ୍ଦୀ) ନିମ୍ନ ଭୂମିରେ ଥିବାରୁ ତାକୁ ତଳମାଳ ଓ ଗଡ଼ଜାତମାନ ଉଚ୍ଚ ଭୂମିରେ ଥିବାରୁ ତାକୁ ଉପରମାଳ ବୋଲାଯାଏ ।]

ତଳ ଧ୍ୱନି—ସଂ. ବି. ପୁଂ. (୬ଷ୍ଠୀ ତତ୍; ତଳ+ଧ୍ୱନି)—୧ । କରତାଳି—
Tala dhwani 1. Clapping of the palms.
୨ । ବାହୁସ୍ଫୋଟ ବା ତାଳର ଶବ୍ଦ—
2. Clapping sound.

ତଳପ—ଗ୍ରା. (ପଦ୍ୟ) ବି. (ସଂ. ତଳ୍ପ)—୧ । ବିଛଣା; ଶଯ୍ୟା—
Talapa 1. Bed.
তলপ ୧ ତଳପ ଶେଜ ତଳେ ହୋଇଛି ଉଦ୍ଧ ଶିର ସଙ୍ଗୀତ.
तलप
୨ । ତଳ୍ପ (ଦେଖ)—2. Talpa (See).

ତଲପ—ବୈଦେ. ବି (ଅ)—ତଲବ (ଦେଖ)
Talapa Talaba (See).
(ତଲପି—ଅନ୍ୟରୂପ)

ତଳପଡ଼ ଆମ୍ବ—ପ୍ରାଦେ (ଯାଜପୁର) ବି—ଯେଉଁ ଅମ୍ବ ଖୁଣ୍ଟାଣୀରେ
Talaparda amba ତୋଳା ନ ହୋଇ ଗଛରୁ ଭୂମିରେ ପଡ଼େ—
Mango which drops down from the tree without being picked.

ତଳ ପ୍ରହାର—ସଂ. ବି (୬ଷ୍ଠୀ ତତ୍; ତଳ=କରତଳ+ପ୍ରହାର)—
Tala prahara ଚାପୁଡ଼ା; ଚଟକଣା—A slap or blow with the palm of the hand.

ତଲବ—ସଂ. ବି—ଗାୟକ (ହି ଶବ୍ଦସାଗର)—
Talaba Singer.

ତଲବ—ବୈଦେ. ବି (ଅ. ତଲବ୍)—୧ । ହାକିମଙ୍କ ନିକଟକୁ ଯିବାକୁ
Talaba ଡାକରା ବା ଆହ୍ୱାନ—1. Summons to attend
(ତଲବ—ଅନ୍ୟରୂପ) on a superior officer.
তলব ୨ । ଆହ୍ୱାନ; ଡାକରା—2. Call.
तलब ୩ । ମାସିକ ବେତନ—2. Monthly salary.
୨ । ପାଖକୁ ଡାକିବା—2. A call to come near.
୩ । ପ୍ରଜା ଓ ଦେଣଦାରମାନଙ୍କୁ ନିଜ ନିକଟ ଦେୟ ଦେବା ପାଇଁ ଜମିଦାରଙ୍କର ଓ ମହାଜନଙ୍କର ଆହ୍ୱାନ—
3. Demand for payment of dues; asking for payment
୪ । ତଲାସ; ଖୋଜ—4. Search; enquiry.
୫ । (କେବଳ ଝାଡ଼ା, ପୋଖରୀ ଓ ପରସ୍ରା ଶବ୍ଦ ପରେ ବସେ ଯଥା—ଝାଡ଼ା ତଲବ)—ମାଡ଼ିବା; ବେଗ ଦେଖାଇବା—
5. Tendency (to pass stools and urine); call (of nature).

ତଲବ କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ହାଜର ହେବା
Talaba kariba ନିମନ୍ତେ ଡାକିବା—1. To call for a person to be produced before a superior.
তলব করা ୨ । ସମନ କରିବା—2. To summon.
तलब करना ୩ । ମଗାଇ ପଠାଇବା;—3. To send for.
୪ । କୌଣସି ପଦାର୍ଥ ଦାବି କରିବା—
4. To demand (a thing).

ତଲବକାର—ସଂ. ବି—୧ । ସାମ ବେଦର ଏକ ଶାଖା—
Talabakara 1; Name of a branch of the Sama Beda.
୨ । ଏକ ଉପନିଷଦର ନାମ—
2. Name of an Upanishad.

ତଲବ ଗାର୍—ବୈଦେ. ବିଣ (ଫା=ତଲବ୍‌ଗାର୍)—
Talaba gar ଯେ ତଲବ କରିବାକୁ ଯାଏ—A person who
তলবগার goes to call or demand.
तलबगार

ତଲବ ତାଗଦା—ବୈଦେ. ବି (ଅ. ତଲବ୍ ଓ ଫାର୍ସୀ ତମ୍ବା ତାଗାଦ୍)
Talaba taga(gi)da (ସଡ଼ତର)—ବାରମ୍ବାର ତଲବ; ତମ୍-
(ତଗଦ ତାଗେଦା—ଅନ୍ୟରୂପ) ତାଗିଦା—Repeated
তলব তাগীদ demands.
तलब तगादा

ତଲବ ଦେବା(ହେବା)—ଦେ. ବି (ଅ. ତଲବ୍; ଏବା; କେବଳ ଝାଡ଼ା
Talaba deba (heba) ଓ ପରସ୍ରା ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ;
তলব দেওয়া ଯଥା—ମୋତେ ଝାଡ଼ା ତଲବ ଦେଉଛି; ମୋତେ
तलब देना ପରସ୍ରା ତଲବ ଦେଉଛି) ମାଡ଼ିବା; ବେଗ ଅନୁଭୂତ ହେବା—
A call by nature; tendency to ease oneself or pass stools or urine.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଳ	ଶ,ସ	କ୍ଷ	ଇସ୍ତ	ଉଃ	ଉ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଥ	୫	ନ୍

ତଳବା—ପ୍ରାଦେ. (ବସ୍ତର) କି. (ଭୁଲ. ହ୍ର. ତଲ୍‌ନା=ଭାଜିବା; ଥିଠା ଅଳ୍ପ ଭାଜିବା)—ସନ୍ତୁଳିବା—
Talabā — To fry vegetables with a little ghee or oil.

ତଳବାଁ—ପ୍ରାଦେ. (ବସ୍ତର) ବ—ସନ୍ତୁଳା; ସିନ୍ତୋଳା—
Talabān — A curry slightly fried with ghee or oil and then boiled with a little water added to it.

ତଳବାନା—ବୈଦେ ବ. (ଫା) (କଚେରିଅ)—
Talabānā — କଚେରିରେ ହାଜର ହେବା ପାଇଁ ପ୍ରତିବାଦୀଙ୍କୁ ବା ସାକ୍ଷୀଙ୍କୁ ତଲବ କରିବା ନିମନ୍ତେ ଅବଶ୍ୟକ ନିର୍ଦ୍ଧାରିତ ଅର୍ଥ ବା ଫିସ୍—Talabana; process fees; fees required for calling for a person or a document.

[ଦ୍ର—ଏ ପାରସୀ ଶବ୍ଦ ଇଂରାଜୀରେ ଚଳନ୍ତି ।]

ତଳବାର—ସଂ. ବ—ଖଡ୍ଗ; ଖଣ୍ଡା—
Talabāra — Sword.

ବାହୁଁ ତଲବାର ଖେଳବାଡ଼ କରେ ।
ରଘୁନାଥ, ନବକେଳିସ୍ ।

ତଳବାରି—ଦେ. ବ. (ସଂ. ତଳବାର)—ଖଣ୍ଡା; ଖଡ୍ଗ—
Talabāri — Sword.
তলওয়ার तलवार

ତଳବାରଣ—ସଂ. ବ—ତଳବାର (ଦେଖ)
Talabārana — Talabāra (See)

ତଳବି—ବୈଦେ. ବଣ (ଆ. ତଲବ୍)—(କଚେରିଅ) ତଲବ୍ କରାଯାଇଥିବା—
Talabi — Called for; sent for; summoned.
তলবী तलबी

ଗ୍ରା. ବୈଦେ. ବ—ତଲବ (ଦେଖ)—Talaba (See)

ତଳ ଭର—ଦେ. ବଣ—୧ । ନିମ୍ନଗାମୀ; ନିମ୍ନ ସ୍ଥାନକୁ ଗଡ଼ିଯାଉଥିବା—
Tala bhara — 1. Tending to go down; tending to go below a given level.
୨ । ଭୂମିରେ ଭର ଦେଇଥିବା—2. Having the ground as one's support.

ତଳ ଭରା—ଦେ. ବ—ଭୂମିରେ ହାତ ଦ୍ୱାରା ଭର ବା ଠେସ ଦେବା—
Tala bharā — Holding the ground for support; taking one's support from the ground.

ତଳ ମଳ—ସ.ବ. (ମ. ପ. ଲେ. ତଳରେ ଥିବା ମଳ)—ପାତ୍ର ବା କୁଣ୍ଡ ତଳେ ରହିଯିବା ତେଲ ଅଦରକାରି (ହ୍ର. ଶବ୍ଦସାଗର)—
Tala mala — Dreg or sediment of a liquid left at the bottom of a pot.

ତଳ ମାଳ—ଦେ.ବ—ସମୁଦ୍ର ଉପକୂଳସ୍ଥ ନିମ୍ନ ପ୍ରଦେଶ; ଅନୂପ ପ୍ରଦେଶ—
Tala māla — The lower provinces; sea-side low tracts of country.
তলহটী

[ଦ୍ର—ଓଡ଼ିଶାରେ ଗଡ଼ଜାତମାନଙ୍କୁ ଜାଙ୍ଗଲ ବା ଉପରମାଳ ଓ ସମୁଦ୍ର ଉପକୂଳସ୍ଥ ମୋଗଲବନ୍ଦୀକୁ ତଳମାଳ ଏବଂ ଏ ଦୁଇର ମଧ୍ୟସ୍ଥ ସମତଳ ଅଂଶକୁ 'ମାଗଧ' ବୋଲାଯାଏ ।]

ତଳ ମାଳିଆ—ଦେ. ବଣ—ତଳମାଳରେ ବାସ କରୁଥିବା; ମୋଗଲବନ୍ଦୀ ବାସୀ—
Tala māliā — Residing in the low tracts of country or the coastal district.

ତଳମୁହାଁ—ଦେ. ବଣ. ପୁଂ—୧ । ଯେ ତଳକୁ ମୁହଁ ପୋତି ଥାଏ—
Talamuhān — 1. Looking to the ground.
(ତଳମୁହାଁ—ସ୍ତ୍ରୀ) ୨ । ଯାହାର ମୁହଁ ତଳପାଖେ ଥାଏ—
2. Having the mouth at the bottom.

ତଳ ମୂଲିଆ—ଦେ. ବ—ଘର ଛପର ଦେବା ସମୟରେ ଯେଉଁ ମୂଲିଆ
Tala mūliā — ଚାଳର ତଳେ ଥାଇ ଚାଳରେ ଉଠି ଛପର କରୁଥିବା ମୂଲିଆଙ୍କୁ ସାହାଯ୍ୟ କରେ—
The labourer who stays below the thatch and helps the thatchers.

ତଲ୍ଲୟ—ଦେ. (ପ୍ରାଚୀନ ପଦ୍ୟ) ବ. (ସଂ. ତଲ୍ଲୟ)—
Talaya — ତହିଁରେ ଲୟ ବା ଧ୍ୟାନ—Concentration of one's attention on that (matter).

ଅନେକ ଏକ ରୂପରେ ଶେଷ
ଏହୁ ରୂପକୁ ତଲ୍ଲୟେ ଅଭ୍ୟାସ । ପ୍ରାଚୀ. ଚିଶୁଶଙ୍କର, ଭକ୍ତିଅଭିଳାସ ।

ଗ୍ରା. ବ. (ସଂ ତଳ) ତାଳ—Clapping of hands.

ତଳ ଯୁଦ୍ଧ—ସ. ବ. (ତଳ+ଯୁଦ୍ଧ)—ମଲ୍ଲଯୁଦ୍ଧ; କୁସ୍ତି; ହସ୍ତଯୁଦ୍ଧ—
Tala juddha — Athletic sports; wrestling match; scuffling.

ତଳସାରକ—ସ. ବ. (ତଳ ସୃ+ଧାତୁ ଣିଚ୍+କର୍ମ. ଅକ)—
Talasāraka — ୧ । ଘୋଡ଼ାର ବକ୍ଷସ୍ଥଳ ବନ୍ଧନ-ରଜ୍ଜୁ; ଘୋଡ଼ାର ଛାତିରେ ବନ୍ଧାଯିବା ଦଉଡ଼ି—1. Horse-belt.
୨ । ଘୋଡ଼ାର ଭୋଜନ ପାତ୍ର; ତୋବଡ଼ା—
2. Horse's mouth-bag.

ତଳ ସୁଆଁସିଆ—ଦେ. ବ—ତଳ ମୂଲିଆ (ଦେଖ)
Tala suānsiā — Tala mūliā (See)

ତଳସ୍ଥ—ସ. ବଣ. ପୁଂ. (ତଳ+ସ୍ଥା ଧାତୁ+କର୍ତ୍ତୃ. ଅ)—
Talastha — ନିମ୍ନ ଦେଶରେ ସ୍ଥିତ—Situated below or at the bottom.

ତଳ ସ୍ପର୍ଶ—ସ. ବ. (୭ମୀ ତତ୍; ତଳ+ସ୍ପର୍ଶ)—
Tala sparsa — ଜଳାଶୟର ତଳ ଦେଶକୁ ଛୁଇଁବା—
The act of touching the bottom of water; fathoming.
ସ. ବଣ. (ବହୁବ୍ରୀହି)—ଜଳାଶୟର ତଳଭାଗକୁ ଛୁଇଁଥିବା—
Sinking down to the bottom of water.

ତଳହଟି—ଦେ.ବ. (ଭୁଲ.ହ୍ର. ତଲ୍‌ହଟୀ=ପାହାଡ଼ର ନିମ୍ନଦେଶସ୍ଥ ଜମି)—
Talahati — ତଳ ମାଳ (ଦେଖ)—Tala māla (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତଳ ହୃଦୟ—ସଂ. ବି. (୬ଷ୍ଠୀ ତତ୍; ତଳ+ହୃଦୟ)—
Tala hrudaya — ଗୋଡ଼ ତଳପାଦ ମଧ୍ୟସ୍ଥ ଖୋଲ—
The instep or bridge of the sole of the leg.

ତଳା—ସଂ. ବି. ସ୍ତ୍ରୀ. (ତଳ+ସ୍ତ୍ରୀ. ଆ)—
Talā
তলা
तला
ଜ୍ୟାଘାତବାରଣ; ଧନୁର୍ଦ୍ଧରମାନଙ୍କର ଧନୁର ଜ୍ୟାଘର୍ଷଣ ନିବାରଣ ନିମିତ୍ତ ବାମ ହସ୍ତର କହୁଣୀଠାରୁ ହାତଗଣ୍ଠି ପର୍ଯ୍ୟନ୍ତ ପିନ୍ଧାଯିବା ଚମଡ଼ାର ପଟି—A leathern glove worn by archers to ward off the friction of the bow-string and prevent it from hurting the hand.

ଦେ. ବି. (ସଂ. ତଳ)—୧ । ତଳଭାଗ; ନିମ୍ନସ୍ଥଳ—
1. The lowest part or depth.

তালী
थिगली
୨ । ଚିରା ଲୁଗାରେ ସିଲାଇ କରାଯିବା ବସ୍ତ୍ରଖଣ୍ଡ; ତାଳି—
1. Patch of cloth stitched to a rift in a cloth.

୩ । ଜୋତାର ତଳପାଦ ଚମଡ଼ା—
3. Sole-leather of shoes.

୪ । ମୃଦଙ୍ଗ, ପଖଉଜ ବା ଢୋଲ ଉପରେ ଛାଉଣି ହେବା ଚମଡ଼ା—4. The leather-cover for drums.

ପ୍ରାଦେ. (ବାଲେଶ୍ୱର ଓ ଯାଜପୁର) ବି—ଧାନର ତଳି—
Seedlings of paddy.

ତଲା—ଦେ. ବି—ଘିଅ ବା ତେଲରେ ଭଜା ହୋଇଥିବା ବା ପୁଅ
Talā — ହୋଇଥିବା ବୁଟ ଆଦି ଶସ୍ୟ (ଯଥା, ବୁଟତଲା)—
সান্তোলা
तलाहुआ
Gram and pulses fried with ghee or oil.

ତଲାଇ—ଦେ. ବି. (ସଂ. ତଲାଡ଼ୀ Apte)—
Talāi — ସରୁ ବୁଣା ବାଉଁଶ ପାତିଆର ଚଟ; ଚଟାଇ; ତଲାଉ—
তালাই, তলাই
चटाई (ତଲେଇ—ଅନ୍ୟରୂପ)
Screen or matting made of bamboo-laths.

ତଲାଉ—ଦେ. ବି—ତଲାଇ (ଦେଖ)
Talāu — Talau (See)

ତଲ୍ଲାକ୍—ବୈଦେ. ବି. (ଅ)—ମୁସଲମାନ୍ ସ୍ୱାମୀ ଦ୍ୱାରା ଆପଣା ସ୍ତ୍ରୀର
Talāk — ବିବାହବନ୍ଧନଚ୍ଛେଦନ; ସ୍ୱାମୀ ଦ୍ୱାରା ପତ୍ନୀତ୍ୟାଗ—
তলাক
तलाक
Dissolution of the marriage-tie by the husband by the utterance of the word 'Talāk' (amongst the Mahomedans).
(ତଲାକ୍—ଅନ୍ୟରୂପ)

[ଦ୍ର—ମୁସଲମାନ୍‌ଙ୍କ କୋରାନ ଅନୁସାରେ ସ୍ୱାମୀ ଆପଣା ସ୍ତ୍ରୀ ସହିତ ବିବାହ ବନ୍ଧନ ଛେଦନ କରିବାକୁ ବସିଲେ ସ୍ତ୍ରୀର ଆଗରେ ୩ ଥର 'ତଲ୍ଲାକ୍' (ମୁଁ ତତେ ତ୍ୟାଗ କଲି) ଏହି ଶବ୍ଦ ଉଚ୍ଚାରଣ କରି ଦେଲେ ବିବାହ ବନ୍ଧନ ଛିନ୍ନ ହେଲା । ତଲ୍ଲାକ୍ ଦେବା ସମୟରେ ସ୍ୱାମୀ ବିବାହକାଳୀନ ନିର୍ଦ୍ଦିଷ୍ଟ ଦେନ୍‌ମୋହର (ଯୌତୁକ ଧନ) ସ୍ତ୍ରୀ ହସ୍ତରେ ଦେବାକୁ ବାଧ୍ୟ । ସ୍ତ୍ରୀ ଏହି 'ତଲ୍ଲାକ୍' ପରେ ଗର୍ଭବତୀ ହୋଇଅଛି କି ନାହିଁ ଏହା ଜାଣିବା ନିମନ୍ତେ ସ୍ତ୍ରୀ କିଛି ସମୟ ଅପେକ୍ଷା କରି ସାରିବା ପରେ ଅନ୍ୟ ସ୍ୱାମୀ ଗ୍ରହଣ କରି ପାରନ୍ତି । ୨ୟ ସ୍ୱାମୀ 'ତଲ୍ଲାକ୍' ନ ଦେବା ପର୍ଯ୍ୟନ୍ତ ୧ମ ସ୍ୱାମୀ ଇଚ୍ଛା କଲେ ମଧ୍ୟ ଏହି ପରିତ୍ୟକ୍ତା ସ୍ତ୍ରୀକୁ ପୁନର୍ବାର ବିବାହ କରି ପାରିବେ ନାହିଁ ।
ମୁସଲମାନ୍ ଆଇନ ଅନୁସାରେ ସ୍ୱାମୀ ଥରେ ସୁଦ୍ଧା 'ତଲ୍ଲାକ୍' ଉଚ୍ଚାରଣ କରି ସାରିବା ପରେ ବିବାହବନ୍ଧନ ଛିନ୍ନ ହୋଇଯାଏ ଓ ସ୍ୱାମୀ ଉକ୍ତ କଥା ପ୍ରତ୍ୟାହାର କରି ପାରିବେ ନାହିଁ ।]

ତଲ୍ଲାକ୍‌ଦିଆ—ଦେ. ବିଣ. ସ୍ତ୍ରୀ. (ମୁସଲମାନ୍‌ଙ୍କ ବ୍ୟବହୃତ)—
Talāk diā — ସ୍ୱାମୀଦ୍ୱାରା ତଲ୍ଲାକ୍ ବିଧିରେ ପରିତ୍ୟକ୍ତା (ସ୍ତ୍ରୀ)—
তলাকদেওআ
तलाक दिआहुआ
(wife) Whose marital relationship has been dissolved by the husband.

ପଠାଣଘର ତଲ୍ଲାକ୍‌ଦିଆ ମାଇକିନିଅଙ୍କ ପରି ଟୋକିସୁନ୍ଦରୀ
ଏବେ ... ଡବଲ ବୁଢ଼ୀ ଗଡ଼ୁ ଅଛି ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ତଲ୍ଲାକ୍ ଦେବା—ଦେ. କ୍ରି. (ମୁସଲମାନ୍‌ଙ୍କ ବ୍ୟବହୃତ)—
Talāk debā — ୧ । (ସ୍ୱାମୀ) ଆପଣା ସ୍ତ୍ରୀକୁ ପରିତ୍ୟାଗ କରିବା
তলাক দেওআ — ନିମନ୍ତେ 'ତଲ୍ଲାକ୍' ଏହି ଶବ୍ଦ ୩ଥର ଉଚ୍ଚାରଣ କରି
तलाक देना — ଶପଥ କରିବା—1. (the husband) To pronounce the formula 'Talāk' 3 times while dissolving the marriage-tie with the wife, according to the dictates of the Koran.

୨ । ବିବାହିତା ସ୍ତ୍ରୀକୁ ତ୍ୟାଗ କରିବା; ବିବାହବନ୍ଧନ ଛେଦନ କରିବା—2. To dissolve one's marriage-tie with one's wife.

[ଦ୍ର—ମୁସଲମାନ୍ ଶାସ୍ତ୍ର ମତରେ ବିବାହବନ୍ଧନ ଛେଦନପ୍ରସ୍ତାବ ସ୍ତ୍ରୀ ଆଡ଼ୁ ହେଲେ ତାକୁ 'ଖୁଲା' ଓ ସ୍ୱାମୀ ସ୍ତ୍ରୀ ଉଭୟଙ୍କ ଇଚ୍ଛାରେ ହେଲେ ତାକୁ 'ମୁବାରାତ୍' ବୋଲାଯାଏ । ସ୍ୱାମୀ ସ୍ତ୍ରୀକୁ ଥରେ 'ତଲ୍ଲାକ୍' ଦେଲେ ୩ ମାସ ମଧ୍ୟରେ ପୁଣି ମିଳିତ ହେବାକୁ ଇଚ୍ଛା କରି ତାହା ପ୍ରତ୍ୟାହାର କରି ପାରନ୍ତି; ମାତ୍ର ୩ ମାସ ଗତ ହୋଇଗଲେ ଆଉ କରି ପାରିବେ ନାହିଁ । ୩ ମାସ ପରେ ସ୍ୱାମୀ ଓ ସ୍ତ୍ରୀ ପୁନର୍ବାର ମିଳିତ ହେବାକୁ ଇଚ୍ଛା କଲେ ତଲ୍ଲାକ୍‌ଦିଆ ସ୍ତ୍ରୀ ଅନ୍ୟ ଜଣକୁ ବିବାହ କରିବେ ଓ ୨ୟ ସ୍ୱାମୀ ତାହାଙ୍କୁ ତଲ୍ଲାକ୍ ଦେବେ ଏବଂ ତତ୍ପରେ ଉକ୍ତ ସ୍ତ୍ରୀ ୧ମ ସ୍ୱାମୀଙ୍କୁ ଗ୍ରହଣ କରି ପାରିବେ । ସ୍ତ୍ରୀର ଅନୁପସ୍ଥିତିରେ ମଧ୍ୟ ସ୍ୱାମୀ ସ୍ତ୍ରୀକୁ ତଲ୍ଲାକ୍ ଦେଇ ପାରନ୍ତି ।]

ତଲ୍ଲାକ୍ ନାମା—ବୈଦେ. ବି. (ମୁସଲମାନ୍‌ଙ୍କ ବ୍ୟବହୃତ) (ଅ. ତଲ୍ଲାକ୍+
Talāk nāmā — ଫା. ନାମେହ)—ମୁସଲମାନମାନଙ୍କର ସ୍ତ୍ରୀକୁ ସ୍ୱାମୀର
তলাকনামা — ଦେବା ଛାଡ଼ପତ୍ର—Deed of divorce
तलाकनामा — amongst the Mahomedans.

୧	ଲ	ଊ	ର୍,ର୍ଃ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଝ
୨	ଇ	ଉ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଓ	ଦ୍ଭ

ତଲାଚୀ—ସଂ. ବି. (ତଲ+ଅଞ୍ଚ ଧାତୁ=ବିସ୍ତାର କରିବା+ଅଧିକରଣ
Talachi ଈ)—ଚଟେଇ; ତଲେଇ—Matting.

ତଲାତଲ—ସଂ. ବି. (ତଲ+ତଲ; ଅଧିକ୍ୟାର୍ଥରେ ଶବ୍ଦର ଦ୍ୱିତ୍ୱ;
Talātala କଳାପାତନ)—ହିନ୍ଦୁଶାସ୍ତ୍ର ମତରେ ସପ୍ତପାତାଳ ମଧ୍ୟରୁ
ଏକତମ—One of the 7 nether worlds.

ପରମ ପଦରେ ନେଇ ଜାଣୁ ଭୁ ବସାଇ
ପୁଣି ତହୁଁ ଜାଣ ତଳାତଳକୁ ଖସାଇ । କବିସୂର୍ଯ୍ୟ. ଚଣୋପାଚମ୍ପୁ ପ. ଗୀତ

[ଦ୍ର—ହିନ୍ଦୁଶାସ୍ତ୍ରମତରେ ପାତାଳ ୭ ଭାଗ ବା ମଣ୍ଡଳରେ ବିଭକ୍ତ;
ଯଥା—ତଲ, ଅତଲ, ବିତଲ, ସୁତଲ, ତଲାତଲ, ମହାତଲ ଓ
ରସାତଲ ।]

ତଲାଭିଘାତ—ସଂ. ବି. କ୍ଲୀ (ଅସ୍ୟା ତତ୍; ତଲ+ଅଭିଘାତ)—
Talābhighāta କରତଳଦ୍ୱାରା ପ୍ରହାର; ଚପେଟାଘାତ; ଚାପୁଡ଼ା-
Slapping blow.

ତଲାରି—ଦେ. ବି. (ସଂ. ତଲାଚୀ)—୧ । ତଲେଇ; ବାଉଁଶପାତିଅରେ
Talāri ବୁଣାଯାଇ ଥିବା ତାଟ—1. Matting or screen of
ତଲାଈ bamboo-laths.
चटाई [ଦ୍ର—ଏହାଦ୍ୱାରା କୌଣସି ଅନାବୃତ ସ୍ଥାନକୁ ଆବୃତ
କରାଯାଏ । ଚଳକାରେ ନୌକାମାନଙ୍କୁ ପବନର ବେଗଦ୍ୱାରା
ଚାଳିତ କରାଇବା ନିମନ୍ତେ ଏହା ପାଲରୂପେ ବ୍ୟବହୃତ ହୁଏ ।]
୨ । ତାଳପତ୍ର ବା ବାଉଁଶ ପାତିଅରେ ପ୍ରସ୍ତୁତ ଏକପ୍ରକାର
ଟୋପି; ଝାମ୍ପି—2. A hat for the head made
of palm-leaves or laths of
bamboo.

ବଉଁଶୀ ଶିଙ୍ଗା ଅଣ୍ଟା ପଟକେ ଖୋଷିଲେ
ପଟର ତଲାରିକ ମୁଣ୍ଡରେ ଲଦିଲେ । କୃଷ୍ଣସିଂହ, ମହାଭାରତ ବନ ।

ତଲାସ—ବୈଦେ. ବି. (ତୁର୍କୀ. ତଲାସ୍—ଅନୁସନ୍ଧାନ, ଖୋଜିବା)—
Talāsa ୧ । ଅନୁସନ୍ଧାନ—1. Seeking after; enquiry.
তলাস, তাল্লাস ୨ । ଅନ୍ୱେଷଣ; ଖୋଜିବା—
तलाश 2. Searching; quest.
୩ । ଅପରାଧୀ ବ୍ୟକ୍ତି ଦେହ ବା ଲୁଗାପଟା ଅନ୍ଦରେ କୌଣସି
ନିଷିଦ୍ଧ ପଦାର୍ଥ ଲୁଚାଇ ଅଛି କି ନାହିଁ ତାହା ଜାଣିବା
ସକାଶେ ଅପରାଧୀର ଲୁଗାପଟାଆଦି ଦରାଣ୍ଡିବା—
3. Search of a person's body or clothes.
୪ । ଅନୁପସ୍ଥିତ ବ୍ୟକ୍ତି ବା ପଦାର୍ଥକୁ ଲୋଡ଼ିବା—
4. Enquiring after an absent person or
thing.

ତଚ୍ଛୁ ଜାଣେ କବ ତରଣି ତା ଭବ ତଲାସ ଯେ ଯାଉ ନାହୁଁ ।
କବିସୂର୍ଯ୍ୟ, ସଙ୍ଗୀତ ।

ତଲାସ କରିବା—ଦେ. କ୍ରି—ତଲାସିବା (ଦେଖ)
Talāsa karibā Talāsibā (See)
তলাস করা **तलाश करना**
(ତଲାସ ନେବା—ଅନ୍ୟରୂପ)

ତଲାସି—ବୈଦେ. ବିଣ. (ତୁ. ତଲ୍ଲାସୀ) (କଚେରିଆ)—
Talāsi ୧ । ତଲାସ କରାଯାଉ ଥିବା—
তল্লাসী 1. Searched for; wanted.
तलाशी ୨ । ତଲାସ ନିମନ୍ତେ ଆବଶ୍ୟକ—
2. Necessary or required for searching.
(ଯଥା—ତଲାସି ଫିସ୍ ।)
ବୈଦେ. ବି. (ଫା. ତଲାସୀ)—ତଲାସ (ଦେଖ)
Talāsa (See)

ତଲାସି ନେବା—ଦେ. କ୍ରି.—(ଫା. ତଲାସୀ) (କଚେରିଆ)—କୌଣସି ନଷ୍ଟ
Talāsi nebā ବା ଅପହୃତ ବସ୍ତୁକୁ ନିମନ୍ତେ କର୍ମଚାରୀମାନେ
তল্লাসি লওয়া ଖୋଜିବା ବେଳେ ତଦାରଖିବା—To conduct
तलाशी लेना or supervise a search.

ତଲାସି ଫିସ୍—ବୈଦେ. ବି. (ତୁ. ତଲାସୀ+ଇଂ. ଫିସ୍) (କଚେରିଆ)—
Talāsi phis ମହାଫିସ ଖାନାରୁ କୌଣସି ସରକାରୀ କାଗଜ
তল্লাসী ফি ବାହାର କରିବା ପାଇଁ ସରକାରଙ୍କୁ ଦିଆଯିବା ନିର୍ଦ୍ଦିଷ୍ଟ
तलाशी फिस ଧନ—Searching fee.

ତଲାସିଆ—ଦେ. ବି.—(ତୁ. ତଲାସ୍) (କଚେରିଆ)—ଯେଉଁ ବ୍ୟକ୍ତି
Talāsiā ଚୋରି ମାଲ ଆଦି ପାଇଁ ଅନ୍ୟ ବ୍ୟକ୍ତିର ଦେହ ବା ଘର
তলাসিয়া ତଲାସ କରେ—A person who makes a
तलासनेवाला search for lost or stolen thing.

ତଲାସି ଦେବା—ଦେ. କ୍ରି. (ତୁ. ତଲାସୀ) (କଚେରିଆ)—୧ । ଚୋରିମାଲ
Talāsi debā ବା ହଜିଥିବା ଦ୍ରବ୍ୟ ପାଇଁ ଆପଣା ଘର ବା
তল্লাসী দেওআ ଆପଣା ଦେହକୁ ଖୋଜିବା ନିମନ୍ତେ ଅନ୍ୟବ୍ୟକ୍ତିଙ୍କୁ
तलाशी देना (ଯଥା—ପୁଲିସ କର୍ମଚାରୀଙ୍କୁ) ସୁବିଧା ଦେବା—
1. To submit one's house or person tosearch
by another for a lost or stolen thing.
୨ । କୌଣସି ସନ୍ଦେହୀ ବ୍ୟକ୍ତିର ଦେହ ବା ସ୍ଥାନ ଖୋଜିବାକୁ
ଯିବା ପୁଲିସ କର୍ମଚାରୀ ନିଜର ଦେହ ବା ଲୁଗାପଟାରେ
କିଛି ଜିନିଷ ଲୁଚାଇ ନାହାନ୍ତି ଏହା ଉପସ୍ଥିତ ବ୍ୟକ୍ତିମାନଙ୍କୁ
ଦେଖାଇବାପାଇଁ ନିଜର ଦେହ ବା ଲୁଗାପଟା ଝାଡ଼ିଦେଇ
ଦେବା—
2. (a police officer) To show to the
persons present at a search that nothing
is concealed in his person or dress.

ତଲାସିବା—ଦେ. କ୍ରି.—(ତୁର୍କୀ. ତଲାସ୍)—୧ । ଅନୁସନ୍ଧାନ କରିବା;
Talāsibā ଖୋଜିବା; ଦେଖିବା—1. To search for; to
তল্লাসা hunt for.
तलासना ୨ । ସନ୍ଧାନ ବା ଖବର ନେବା—
2. To enquire after.
୩ । ଅପରାଧୀ ବା ସନ୍ଦେହୀ ବ୍ୟକ୍ତିର ଦେହ ଓ ଲୁଗାପଟା ଦରାଣ୍ଡିବା-
3. To make a search of the person and
dress of a convict or suspect.

ସାଧାରଣ ଲୋକେ ଅଗ୍ରର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଷ' ନ ମିଳିଲେ 'ବଷ' ଦେଖିବେ; 'ବଥ୍' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତଳି—ଦେ. ବି. (ସଂ. ତଳ ଧାତୁ)—୧ । ରୁଅ ହେବାର ଉପଯୁକ୍ତ ଗଜାଗଛ; ଗୁଚ୍ଛ—1. Seedlings fit for transplantation.
Tali
चारा, पौँदा, अंकुरा
तला
तली

ଅଳ୍ପ ! ଦେହମାନ ତଳି ଅରୁଅ ରହିଛ; ତଳ ନାଇଁ ।
ଫକୀରମୋହନ. ପ୍ରମାଣ ଅଠସ୍ତ ।

୨ । (ସଂ. ତଳ) ନିମ୍ନଦେଶ; ତଳଭାଗ; ଅଧୋଦେଶ—2. The lower part.

୩ । ନିକଟବର୍ତ୍ତୀ ସ୍ଥାନ; ଉପକଣ୍ଠ—3 Suberbs; vicinity.
(ଯଥା—ସହର ତଳି ।)

୪ । କୌଣସି ଗୃହର ବା ବସ୍ତୁର ଅବସ୍ଥିତି-ପ୍ରଦେଶ—4. Site or position of a house or thing.

୫ । କୌଣସି ପଦାର୍ଥର ନିମ୍ନତମ ଅଂଶ—5. Bottom; the lowest part.

ସୁଅର ଶକ୍ତିଏ ସଜ ହେଲା ତାର ନ ଥାଇ ପଙ୍କରେ ତଳ
ପାଖୋଡ଼ ବେହେଲ ଉଣା ହେଇଛନ୍ତି ଚକୋଷରେ ଚାହିଁ ତଳ ।
ଉଦାସ. ସାଥିରୁଥ ବାହା ।

ଦେ. ବିଣ.—୧ । ଅଧୋଭାଗରେ ଅବସ୍ଥିତ ବା ବ୍ୟବହୃତ—1. Situated or used in the lower part.
(ଯଥା—ତଳପେଟ; ତଳକନା ।)

୩ । ପରେ ଜାତ ହେବା—3. Younger; born after.

୪ । ଅଧସ୍ତନ—4. Subordinate; lower in grade.

ତଳିଆ—ଦେ. ବିଣ. (ସଂ. ତଳୀୟ)—୧ । ନିମ୍ନସ୍ଥ; ତଳେ ଅବସ୍ଥିତ—1 Situated below.
Taliā
(ଯଥା—ଗଛତଳିଆ ବେତ; ଜାଗତଳିଆ ଛତା ବା ପୋଥି ।)

୨ । ତଳ ସମ୍ବନ୍ଧୀୟ—2. Pertaining to the bottom.
(ଯଥା—ଗ୍ରାମତଳିଆ ବ୍ୟବସାୟ ।)

୩ । ଉପକଣ୍ଠସ୍ଥ; ନିକଟବର୍ତ୍ତୀ—2. Neighbouring; suburban.
(ଯଥା—ନଈତଳିଆ ଜମି; ସହରତଳିଆ ଗ୍ରାମ ।)

୪ । ନିକଟରେ ବାସ କରୁଥିବା—4. Living near or in the vicinity.
(ଯଥା—ସହରତଳିଆ ଲୋକ ।)

୫ । ଅଧସ୍ତନ; ଅଧୀନସ୍ଥ—5 Subordinate.
(ଯଥା—ସେ ତୁମ୍ଭର ହାତତଳିଆ ଲୋକ ।)

୬ । ନୀଚତର—6. Lower than.
(ଯଥା—ହିନ୍ଦୁଙ୍କ ମଧ୍ୟରେ ଅନ୍ୟ ସବୁ ଜାତି ବ୍ରାହ୍ମଣଙ୍କ ତଳିଆ ।)

୭ । ତଳେ ତଳେ ଯାଉଥିବା—7. Proceeding below; passing below.
(ଯଥା—ଗ୍ରାମତଳିଆ ବାଟ, ଛାତତଳିଆ ଗଳି ।)

୮ । ତଳଦେଶ ବା ଅଧୋଭାଗରେ ଥିବା—8. Lying at the bottom; settled down at the bottom.
(ଯଥା—ତୁମ ଜଗରେ ହାଣ୍ଡିତଳିଆ ଭାତ ପଡ଼ିଗଲା; ଘଡ଼ିତଳିଆ ପାଣି ।)

୯ । ପାଖେ ପାଖେ ଯାଉଥିବା—9. Proceeding or running along.
(ଯଥା—ବନ୍ଧତଳିଆ ବାଟ ।)

୧୦ । ପରେ ଜାତ ହୋଇଥିବା—10. Born after; younger than.
(ଯଥା—ଏହି ତାଙ୍କର ଝିଅତଳିଆ ପୁଅ ।)

ପ୍ରାଦେ (ବାଲେଶ୍ୱର) ବି—୧ । ଘାଣ୍ଟ ଛଅଣ—1. Hotch-potch.

୨ । (ସ୍ତ୍ରୀଲିଙ୍ଗ) ରକ୍ଷିତା ସ୍ତ୍ରୀ; ଦାସୀ—2. Concubine.

ତଳିଆ ପୁଅ—ଦେ. ବି—ଦାସୀ ପୁତ୍ର—
Taliā pua Son of a concubine.

ତଳିଆ ଭାରିଯା—ଦେ. ବି—ରକ୍ଷିତା ସ୍ତ୍ରୀ—
Taliā bhārijā Concubine.

ତଳିଆ ମହାନ୍ତି—ଦେ. ବି—ଗୋଲାମ ଜାତି; ମାହାନ୍ତିଙ୍କ ଗୋଲାମ—
Taliā māhānti The illegitimate sons of the Karaṇas of Orissa.

ତଳିଆରି—ଦେ. ବି—ତଳାରି (ଦେଖ)
Taliāri Talāri (See .

ତଳି କଟା—ଦେ. ବିଣ—୧ । ଗୋଡ଼କଟା; ଅଣବିଶ୍ୱାସୀ; ଯେ ଘରରେ ଘରରେ ଅନ୍ୟର ଅନିଷ୍ଟ କରେ—1. Perfidious (person).
Tali kaṭā
୨ । ତଳିକାଟ (ଦେଖ)—2 Talikāṭa (See).
ଦେ. ବି—ତଳିକାଟ (ଦେଖ)—Talikāṭa (See).

ତଳି କଣ୍ଟା ଓପରି କଣ୍ଟା—ଦେ, ବି—ତଳ କଣ୍ଟା ଉପର କଣ୍ଟା (ଦେଖ)
Tali kaṇṭā opari kaṇṭā Tala kaṇṭā upara kaṇṭā (See).

ତଳି କନା—ଦେ. ବି—ଋତୁସ୍ରାବ ସମୟରେ ସ୍ତ୍ରୀଲୋକମାନଙ୍କର ପିନ୍ଧିବା କୌପୁନୀ ଓ କନା ପୁଡ଼ା—
Tali kanā
Strips of rags or absorbent linen worn by women on the private parts during menses; women's under-clothing during menstrual flow; sanitary towels.

ତଳିକା—ସଂ. ବି. ସ୍ତ୍ରୀ. (ତଳ+କ+ସ୍ତ୍ରୀ. ଆ)—
Talikā
ତଳ ସାରକ (ଦେଖ)—Tala sāraka (See).

୧	ଇ	ଉ	ଋ,ୠ	ଌ	ଏ	ଦନ୍ତ୍ୟ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	କ୍ଷ	ଇୟ	ଉଅ	ଭ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

ତଳି କାଟ—ଦେ. ବଣ (ସଂ. ତଳ+କର୍ତ୍ତିତ)—୧ । ତଳ ଭାଗ ବା ତଳ
Tali kāṭa ଅଂଶରୁ କଟା ଯାଇଥିବା; ମୂଳରେ ବା ମୂଳ ପାଖରେ କଟା ହୋଇଥିବା—1. Cut at the root or near the root.
(ଯଥା—ତଳିକାଟ ଧାନ ଗଛ ।)
୨ । ଉପର ସ୍ତରର ବସ୍ତୁ କଟା ହୋଇଯିବା ପରେ ନିମ୍ନ ସ୍ତରରୁ ଯେଉଁ ବସ୍ତୁ କଟା ହୋଇ ତାହାରେ—2. Appertaining to or cut from the lower layers.
(ଯଥା—ଏ ପୋଖରୀର ୧୦ ଫୁଟ ଗଭୀରର ତଳିକାଟ ମାଟି ଭିତ୍ତି ଗେଙ୍ଗୁଟିଆ ପଡ଼ିଲା ।)
ଦେ. ବ—ମୂଳ ପାଖରୁ କାଟିବା—Cutting near the root.
(ଯଥା—ଚାଷୀମାନେ ଧାନକୁ ପ୍ରଥମେ ତଳିକାଟ କରି ଚଟଡ଼ା ପକାଇ ପରେ ଅଗକାଟ କଲେ ଛଣ ବାହାରିବ ।)

ତଳି ଗଡ଼ିଶା—ଦେ. ବ—ପଙ୍କୁଆ ଗଡ଼ିଶା; ଯେଉଁ ଗଡ଼ିଶା ମାଛ ପାଣି
Tali gaṛiśā ତଳେ ପଙ୍କରେ ଥାଏ—A kind of fish moving in the mud at the bottom of a tank or pond.

ତଳିତ—ସଂ. ବ (ତଲ୍ ଧାତୁ+କର୍ମ.ତ)—ଭୃଷ୍ଟ ମାଂସ; ଭଜା ମାଂସ—
Talita Roast; roasted meat; fried meat.
ସଂ. ବଣ—ଭୃଷ୍ଟ; ଭଜା ହୋଇଥିବା; ସିଝିଲା ହୋଇଥିବା—Fried; roasted.
[ଦ୍ର—ଏ ଶବ୍ଦ ଭାବପ୍ରକାଶରେ ବ୍ୟବହୃତ ହୋଇଅଛି ।]

ତଳି ତଳାନ୍ତ—ଦେ. ବଣ—ତଳ ତଳାନ୍ତ (ଦେଖ)
Tali talānta Tala talānta (See)

ତଳି ତଳିଆ—ଦେ. ବ ଓ ବଣ—ତଳ ତଳିଆ (ଦେଖ)
Tali taliā Tala taliā (See)

ତଳି ଧରିବା—ଦେ. କ୍ରି—୧ । ତଳାଇବା; ତଳଦେଶରେ ଭାସିଯିବା—
Tali dharibā 1. To sink to the bottom; to settle down at the bottom
তলান
नीचेको बैठना
(ଯଥା—ମାଛଯାକ ତଳି ଧରିବାରୁ ଜାଲରେ ପଡ଼ିଲେ ନାହିଁ ।)
୨ । ହାଣ୍ଡିରେ ସିଝା ଯାଉଥିବା ଭାତ, କ୍ଷୀର ବା ଭୁଞ୍ଜା ଯାଉଥିବା ଧାନ ଯଥେଷ୍ଟ ଜଳ ଅଭାବରୁ ବା ବାରଂବାର ଘଷାଘଷି ନ ହେବାରୁ ପୋଡ଼ିଯାଇ ହାଣ୍ଡିର ତଳେ ଲାଗିଯିବା—2. (any thing boiled on fire) To stick at the bottom of the cooking pot.

ତଳି ପକା(କେ)ଇବା—ଦେ. କ୍ରି—ମଞ୍ଜିରୁ ଗଛ ହେବା ପରେ ତାହାକୁ
Tali pakā(ke)ibā ଉପାଡ଼ି ନେଇ ଅନ୍ୟତ୍ର ରୋପଣ କରିବା ଉଦ୍ଦେଶ୍ୟରେ ମଞ୍ଜି ବୁଣିବା—To sow seeds for the purpose of raising seedlings in order to transplant them in another field.

ତଳିପା—ଦେ. ବ (ସଂ. ତଳ ଓ ପାଦ)—ପାଦର ତଳ ଭାଗ—
Talipā Sole of the feet.
পায়ের তলা
तलवा
ତା ତଳିପା ତଳେ ଘଷା ରହୁଛନ୍ତି—
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
[ଦ୍ର—ତଳିପାର ଅଗଭାଗ ପାପୁଲି, ପଛ ଭାଗକୁ ଗୋଇଠି ଓ ମଧ୍ୟ ଭାଗକୁ ଖୋଲ ବା ତାଳୁକା ବୋଲିଯାଏ ।]

ତଳି ପେଟ—ଦେ. ବ—ନାଭି ତଳେ ଥିବା ପେଟର ଅଂଶ—
Tali peṭa Abdomen; lower part of the belly from the navel downwards.
(ତଳ ପେଟ—ଅନ୍ୟରୂପ)
তলপেট,पेडू

ତଳି ପୋଛ—ଦେ. ବଣ—ନିଃଶେଷିତ; ଖାଲି—
Tali pochha Drained to the last.
ପୁଅମାନେ ଧାନ ଅମାର ତଳିପୋଛ ପ୍ରାପ୍ତ କରି ଦେଲେଣି—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ତଳି ଭାତୁଡ଼ି—ଦେ. ବ—ତଳିପାର ଗୋଇଠିର ମୋଟା ଚମ ଭିତରେ
Tali bhāturḍi ଉଠିବା କଷ୍ଟସାଧ୍ୟ ବ୍ରଣବିଶେଷ—A painful boil inside the sole of the foot.

ତଳିମ—ସଂ. ବ. କ୍ଲୀ (ତଲ୍ ଧାତୁ+ସଜ୍ଞାର୍ଥରେ ଇମ)—୧ । କୁଟ୍ଟିମ;
Talima ପକ୍କା ମେଝିଆ—1. Pavement; paved floor.
୨ । ଖଡ୍ଗ; ଖଣ୍ଡା—2. Sword; scimitar.
୩ । ଚାନ୍ଦୁଆ—3. Canopy.
୪ । ଶଯ୍ୟା—4. Bed.
୫ । ଛପର; ଚାଳ; ଛାତ (ହି. ଶବ୍ଦସାଗର)—5. Thatch; roof.

ତଳି ମଣ୍ଡ—ଦେ. ବ (ସଂ. ତଳ+ମଣ୍ଡ)—ତୋରାଣିରେ ଯେଉଁ ବହଳିଆ
Tali maṇḍa ଅଂଶ ପାତ୍ରର ତଳକୁ ବସିଥାଏ—The comparatively thick layer or portion of Torḍāni (boiled rice water) which is found at the bottom of a pot.

ତଳି ମଣ୍ଡା—ପ୍ରାଦେ (କଟକ) ବ—ଅଳ୍ପ ଖାଦ୍ୟ—
Tali maṇḍā A small quantity of food.
ପେଟରେ ଦିଟା ତଳିମଣ୍ଡା ପଡ଼ିସିବାରୁ ନିଶ୍ୱାସ କରମ ହୋଇଗଲା—ସହକାର ।

ତଳି ମାଛ—ଦେ. ବ—ପଙ୍କୁଆମାଛ; ଯେଉଁ ମାଛମାନେ (ଯଥା—ଗଡ଼ିଶା,
Tali māchha ତୋଡ଼ି, ଭଣା, ମାଗୁର) ଜଳାଶୟର ନିମ୍ନଦେଶସ୍ଥ ପଙ୍କରେ ଅଧିକାଂଶ ସମୟରେ ଚଳପ୍ରଚଳ କରୁଅଛନ୍ତି—Fishes moving in the mud below the water.

ତଳି ମାଟି—ଦେ. ବ (ସଂ. ତଳ ଓ ମୃତ୍ତିକା)—କ୍ଷେତ୍ର ଜମିର ତଳ ସ୍ତରର
Tali māṭi ମାଟି—The earth of the lower layers of a field.

ସାଧାରଣ ଯେବେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । 'ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଳ୍ପ ନ ପାଇଲେ 'ଅଳ୍ପ' ଦେଖିବେ; 'ଅଲବଥ' ନ ପାଇଲେ 'ଅଲ୍ବଥ' ଦେଖିବେ ।

ତଳି ମୁଠା—ଦେ. ବି—ଦୁଇ ହାତର ପ୍ରସାରିତ ଅଙ୍ଗୁଷ୍ଠ ଓ ତର୍ଜନୀ ଦ୍ୱାରା ସୀମାବଦ୍ଧ ଧାନତଳିର ଗୋଛା—A sheaf of paddy seedlings bound up so as to be contained between the encircling spans of the 2 palms.
Ta<u>l</u>i muthā

ତଳି ମୁଣ୍ଡା—ଦେ. ବି—ଯେଉଁ ଜମିରେ ତଳି ପକା ଯାଏ—A plot of land where seedlings are raised.
Ta<u>l</u>i muṇḍā
(ତଳି ମନ୍ଦା—ଅନ୍ୟରୂପ)

ତଳି ହାତ କରି ଧରିବା—ଦେ. କ୍ରି—କୌଣସି ପଦାର୍ଥର ତଳ ବା ତଳ ଭାଗକୁ ହାତରେ ଧରିବା; କୌଣସି ପଦାର୍ଥକୁ ତଳପଟୁ ଧରି ଟେକିବା—To hold a thing up by putting one's hand at the bottom.
Ta<u>l</u>i hāta kari dharibā
(ତଳି ହାତ କରି ଧରିବା—ଅନ୍ୟରୂପ)
(ଯଥା—ଶିଶୁ ହାଣ୍ଡିକ ତଳହାତ କରି ନ ଧରିଲେ ହାଣ୍ଡିଟି ଫାଟିଯିବ ।)

ତଳିୟାରି—ପ୍ରାଦେ. (ଗଞ୍ଜାମ) ବି—ହାରିଦା; ଚୌକିଦାର; ପହରାଦାର—Watchman.
Ta<u>l</u>iyāri

ତଳୁ—ଦେ. ଅ.—ଅବଧି; କୌଣସି ସମୟରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ—Since (some time past).
Ta<u>l</u>u

ବହୁଦିନ ତଳୁ ନ ପାଇ ମାଉଁସ
କ୍ଷୁଧାରେ ଜର୍ଜ୍ଜର ତାହାର ମାନସ । କୃଷ୍ଣସିଂହ—ମହାଭାରତ. ଅବ ।

ତଳୁଆ—ଦେ. ବଣ.—(ସ୍ଥ. ତଳିଯ଼)—ତଳିଆ (ଦେଖ)
Ta<u>l</u>uā Ta<u>l</u>iā (See)

ତଳୁଆର—ଦେ. ବି (ସ୍ଥ. ତଲବାର)—ତଲବାର (ଦେଖ)
Taluāra Talabāra (See)
(ତଲୁଆର—ଅନ୍ୟରୂପ)

ତଳେ—ଦେ. ଅ (ସ୍ଥ. ତଳ)—୧ । ନିମ୍ନଦେଶରେ—1. In the lower parts; below.
Ta<u>l</u>e
তলায় तले ୨ । ପୃଷ୍ଠଭାଗରେ—2. On the surface of.
(ତଳେ ତଳେ—ଅନ୍ୟରୂପ)

(ଧୂଳିଆ ଜିଭ) ଭୁଇଁ ତଳେ ତଳେ ଯାଏଁ,
କର୍ଣ୍ଣ ନ ମାଉଁସ ଛୁଇଁ ପାଇଲେ ଭକ୍ଷିବ ନ ଖାଏଁ—ବାହାଣୀର ଭଥା ।
ନଈ ତଳେ ଗଛ ଓଧ, ଘୋସ ଶୋଇଅଛ ଗହମ ନଦ,
ଶ୍ରେଣ ବାହ୍ମନେଇ ବଦ—ଉଗ ।

୩ । ଘରରେ ଘରରେ; ଗୋପନରେ; ଗୁପ୍ତଭାବରେ—3. Secretly; clandestinely.
[ଯଥା—ସେ ତଳେ ତଳେ ମୋ ଗୋଡ଼ ହାଣୁଛି ।]

୪ । (କୌଣସି ଶ୍ରେଣୀ ବା ଦଳର) ଅନ୍ତର୍ଭୁକ୍ତ ହୋଇ—4. Being included in (any party).
(ଯଥା—ଓଡ଼ିଆମାନେ ପ୍ରଥମେ ଅସି ଗୋବିନ୍ଦ ରାଜାଙ୍କ ପାଇକଙ୍କ ତଳେ ଯୁଦ୍ଧ କଲେ)

୫ । ପରବର୍ତ୍ତୀ ସମୟରେ; ପରେ—5. After.
ତାଙ୍କ ତଳେ ଜନମିଲେ କେବଳୀ ନନ୍ଦନ—ମଧୁସୂଦନ. ବାଲ୍ମୀକିପୁରାଣ ।

୬ । ଏଥିପୂର୍ବେ; ଆଗେ—5. Before this.
ତଳେ ତ ଭୃଷିଙ୍କ ନିୟମ କହୁଥାଇଁ
ଏଣୁ କହିବାକୁ ହାଲଅ ହେଲି ମୁହିଁ—କୃଷ୍ଣସିଂହ ମହାଭାରତ. ଅନୁଶାସନ ।

୭ । ନିମ୍ନତମ ପ୍ରଦେଶରେ—7. At the bottom; in the lowest regions.

୮ । ଗୁପ୍ତ ସ୍ଥାନରେ—8. In the most secret places; in places not exposed to public view.

୯ । ପାଖେ ପାଖେ—9. Along; by the side of.

୧୦ । ରୂପେ; ପରି; ଗଣନାରେ; (ଅମୁକ) ରୂପ—10. As; considered as.
ତୁମେ ମୂର୍ଖ ଅସଭ୍ୟ ତଳେ ଗଲ—ଫକୀର ମୋହନ. ଛମାଣ ଆଠଗୁଣ୍ଠ ।

୧୧ । ଭୂପୃଷ୍ଠରେ; ଭୂଇଁରେ—11. On the ground.
(ଯଥା—ଘୋଡ଼ସବାର ଘୋଡ଼ା ଉପରେ ଚଢ଼ି ଛନ୍ତି, ସହିସ ତଳେ ଧାଇଁ ଯାଉଛି ।)

୧୨ । ଉପକଣ୍ଠରେ—12. In the outskirts of.
(ଯଥା—କଟକ ତଳେ ଶୁକ୍ଳେଶ୍ୱରଗଡ଼ ଅବସ୍ଥିତ)

ତଳେ—ଦେ. (ପଦ୍ୟ) ବି. (ସ୍ଥ. ତଲ୍ଲୀନ)—ଲକ୍ଷ୍ୟ; ଧ୍ୟାନ—Contemplation; attention.
Tale

ନାମର ତତ୍ତ୍ୱ ଅଟଇ ଅନନ୍ତ, ତଳେ କର ଅହେ ସନ୍ତ—
ଭକ୍ତ ଅଚ୍ୟୁତାନନ୍ଦ, ଭଜନ ।

ତଳେଇ—ପ୍ରାଦେ—୧ । (ଯାଜପୁର) ବି—ଲକ୍ଷ୍ୟ; ନିଘା—1. Attention.
Talei
(ଯଥା—କଥାକୁ ତଳେଇ ରଖିବା ।)

୨ । (ସମ୍ବଲପୁର) ବି—ବାଉଁଶ ପାତିଆରେ ବୁଣା ଆସନ—2. A mattress woven with bamboo-laths.
[ଦ୍ର—ସମ୍ବଲପୁରରେ ବାଉଁଶପାତିଆରେ ବୁଣା ଆସନକୁ ତଳେଇ ଓ ପରଦା ବା ବାଡ଼ରୂପେ ବ୍ୟବହୃତ ତଳେଇକୁ ଟାଟି ବୋଲାଯାଏ ।]

ଦେ. ବି—ତଳାଇ (ଦେଖ)—Talāi (See)

ତଳେଇ ଦେଖିବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଗଭୀରରେ ପଶି ଅନୁସନ୍ଧାନ କରିବା—1. (figurative) To dive deep into a matter; to dive deep under the surface.
Ta<u>l</u>ei dekhibā
তলাইয়া দেখা
(ତଳେଇ କରି ଦେଖିବା—ଅନ୍ୟରୂପ)
(ଉପରେ ଉପରେ ଦେଖିବା—ବିପରୀତ) ୨ । ତଳଦେଶ ପର୍ଯ୍ୟନ୍ତ ଦେଖିବା—2. To look into the bottom of a thing.

୩ । ତନ୍ନ ତନ୍ନ କରି ବିଚାର କରିବା—3. To consider a matter thoroughly or minutely.

ତଳେଇବା—ଦେ. କ୍ରି. (ସ୍ଥ. ତଳ)—
Ta<u>l</u>eibā ୧ । ତଳକୁ ବୁଡ଼ିବା; ତଳ ଧରିବା—
তলান 1. To sink or settle down to the bottom.

୧	୮	ଊ	ର୍,ର୍ଷ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଅ୍	ଉଅ	ଢ଼
୨	ଞ	ଊ	ରୁ	ଲୃ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ଡ଼

(ତଳାଇବା—ଅନ୍ୟରୂପ) ୨ । ତଳ ପର୍ଯ୍ୟନ୍ତ ଅନୁସନ୍ଧାନ କରିବା— 2. To dive deep into a matter.

ତଲେଇବା—ଦେ. କ୍ରି—୧ । ବୁଟ ଅବ ଶସ୍ୟଙ୍କୁ ଘିଅ ବା ତେଲରେ
Taleibā ସାମାନ୍ୟ ଭାଜିବା; ଭୁଞ୍ଜିବା— 1. To fry gram etc in ghee or oil.
ভাজা
तलना ୨ । ଭୃଷ୍ଟ୍ରା କରିବାପାଇଁ ଖଇକୁ ଗୁଡ଼ ପାଗରେ ପକାଇ ଚଟୁ ଦ୍ୱାରା ଘାଣ୍ଟିବା ବା ମୋହିଁବା —2. To stir fried paddy in syrup over fire.
ତଲଇବା } ଅନ୍ୟରୂପ
ତଲିବା }

ତଲେକ୍ଷଣ—ସ. ବି. ପୁଂ. (ବହୁବ୍ରୀହି; ତଳ+ଈକ୍ଷଣ; ଯାହାର ଦୃଷ୍ଟି
Talekshaṇa ତଳଅଡ଼କୁ ଥାଏ) —ଶୂକର—Hog.

ତଲେ ଗଡ଼ିବା - ଦେ. କ୍ରି — ଭୂମି ଉପରେ ଲୋଟିବା—
Tale gaṛibā To roll on the ground.
তলায় গড়াগড়ি দেওয়া धरती पर लुड़कना
(ତଲେ ଲୋଟିବା—ଅନ୍ୟରୂପ)

ତଲେ ଯିବା —ଦେ. କ୍ରି—(ଅମୁକ)ରୂପେ ବିବେଚିତ ହେବା—
Tale jibā To pass for.
(ତଲେ ଗୁମାର ହେବା—ଅନ୍ୟରୂପ) (ଯଥା—ଆମ ପଦ୍ମଅଙ୍କ ଆଖିରେ ଆମ ପୂର୍ବପୁରୁଷମାନେ ମୂର୍ଖ ତଲେ ଗଲେଣି ।)

ତଲୋଦରୀ—ସ. ବି. ସ୍ତ୍ରୀ. (ବହୁବ୍ରୀହି; ତଳ+ଉଦର; ସ୍ତ୍ରୀ. ଈ)—
Talodari ୧ । ଭାର୍ଯ୍ୟା; ସ୍ତ୍ରୀ—1. Wife.
୨ । କୃଶୋଦରୀ ସ୍ତ୍ରୀ— 2. Slender-bellied woman.

ତଲୋଦା—ସ. ବି. ସ୍ତ୍ରୀ.(ବହୁବ୍ରୀହି; ତଳ+ଉଦ=ଜଳ+ସ୍ତ୍ରୀ. ଆ)—
Talodā ନିମ୍ନଗା; ନଦୀ—River.

ତଲ୍କ—ସ ବି. (ତଲ୍ ଧାତୁ+ସଂଜ୍ଞାର୍ଥରେ କ)—ବନ—
Talka Forest.

ତଲ୍ପ— ସ. ବି. (ତଲ ଧାତୁ+ସଂଜ୍ଞାର୍ଥରେ ପ; ଯହିଁରେ ବିଶ୍ରାମ କରି
Talpa ଯାଏ)—
୧ । ଶଯ୍ୟା; ବିଛଣା; ଶେଯ—1. Bed.
୨ । ଅଟ୍ଟାଳିକା—2. An edifice.
୩ । ଗୃହ—3. House.
୪ । ଦାରା; ସ୍ତ୍ରୀ; ଭାର୍ଯ୍ୟା—3. Wife.
[ଦ୍ର—ଗୁରୁତଲ୍ପଗ, ଗୁରୁତଲ୍ପଗାମୀ—ଯେଉଁ ବ୍ୟକ୍ତି ଗୁରୁଜନଙ୍କ ଶଯ୍ୟାରେ ଶୁଏ ଅର୍ଥାତ୍ ଗୁରୁପତ୍ନୀ ଅବ ମାନ୍ୟା ସ୍ତ୍ରୀକୁ ସମ୍ଭୋଗ କରେ ।]
୫ । ଉପର ମହଲା ଘର; ଚନ୍ଦ୍ରଶାଳା— 5. Turret; a room in an upper storey.

ତଲ୍ପକ—ସ. ବି—୧ । (ତଲ୍ପ+ସ୍ୱାର୍ଥରେ. କ)—ଶଯ୍ୟା—
Talpaka 1. Bed.
୨ । (ତଲ୍ପ+କରିବା ଅର୍ଥରେ. କ) ଯେ ବିଛଣା ପ୍ରସ୍ତୁତ କରେ; ଶେଯ ହେଜାଇ ଦେବା ଭୃତ୍ୟ— 2. A servant who prepares the bed for the master.

ତଲ୍ପ କୀଟ—ସ. ବି. (୬ଷ୍ଠୀ ତତ୍, ତଲ୍ପ+କୀଟ; ଭୁଲ. ହି. ଖଟ୍‌ମଲ୍ଲ)—
Talpa kīṭa ଓଡ଼ଶ; ଛାରପୋକ—The bed-bug.

ତଲ୍ପଜ—ସ. ବି. ପୁଂ. (ତଲ୍ପ+ଜନ ଧାତୁ=କର୍ତ୍ତୃ. ଅ)—(ହିନ୍ଦୁସ୍ମୃତି)
Talpaja କ୍ଷେତ୍ରଜ ସନ୍ତାନ—(Hindu law) Son born of ths wife of a person but begotten by a stranger.

ତଲ୍ପି—ଦେ. ବି. (ସ. ତଲ୍ପ=ଶଯ୍ୟା)—ବିଛଣା ପଟ୍ଟର ଗଣ୍ଠିଲି;
Talpi ବୋଜକସ୍ତ—The luggage consisting of bedding; baggage.
তল্পী
गठरी

ତଲ୍ପିଦାର୍—ଦେ. ବି—ତଲ୍ପିବାହକ ବୋଝିଆ; ଯେ ବିଛଣାପଟ୍ଟ ବା
Talpi dār ଗଣ୍ଠିଲି ବୁହେ; ବୋଜକସ୍ତବୁହା—A carrier of luggage; luggage-bearer; porter.
তল্পীদার
पल्लादार

ତଲ୍ଲ—ସ. ବି· (ତଲ=ଗର୍ତ୍ତ୍ତକରିବା+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ.
Talla ଅ)—୧ । ଗହ୍ୱର; ଗର୍ତ୍ତ— 1. A hole.
୨ । ପୋଖରୀ; ପୁଷ୍କରିଣୀ—2. Tank; pond.

ତଲ୍ଲହ—ସ. ବି—କୁକୁର (ହି. ଶବ୍ଦସାଗର)—
Tallaha Dog.

ତଲ୍ଲାଟ—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ବ. ଏହି ଅର୍ଥରେ ଏହି
Tallāṭa ଶବ୍ଦ)—ସାରା ଦୁନିଆଁ; ସାରା ସୃଷ୍ଟି— The whole universe.

ତଲ୍ଲାସ (ଇତ୍ୟାଦି)—ବୈଦେ. ବି—ତଲାସ ଇତ୍ୟାଦି (ଦେଖ)
Tallāsa (etc) Talāsa etc (See)

ତଲ୍ଲିକା— ସ. ବି. ସ୍ତ୍ରୀ. (ତତ୍=ତାହା+ଲୀ ଧାତୁ=ଲୀନ ହେବା+
Tallikā କର୍ତ୍ତୃ. ଅ+କ+ଆ)—
୧ । ଚିରା ଲୁଗାର ଛିଦ୍ର ଉପରେ ପଡ଼ିବା ତାଳି—1. Patch.
୨ । ଖିଲ କାଠି; କୁଞ୍ଚି; ଚାଳିକାଠି—2. A key.
୩ । କୋଲପ—3. Padlock.

ତଲ୍ଲୀ—ସ.ବି.ସ୍ତ୍ରୀ (ତତ୍+ଲସ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ.ଅ+ସ୍ତ୍ରୀ.ଈ)-
Talli ୧ । ବରୁଣଙ୍କ ସ୍ତ୍ରୀ—1. The wife of Baruna, the God of the sea.
୨ । ନୌକା—2. Boat.
୩ । ଯୁବତୀ—3. Young woman.
୪ । ଜୋତାର ତଳା—(ହି. ଶବ୍ଦସାଗର)—4. The sole of shoes.
୫ । କାଣ୍ଡି (ହି. ଶବ୍ଦସାଗର)—5. Dregs; sediment.

ତଷା (ଇତ୍ୟାଦି)—ଗ୍ରା. ବି (ସ. କୃଷି)—ଚଷା ଇତ୍ୟାଦି (ଦେଖ)
Tashā (etc.) Chashā etc. (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଠାରେ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍କ' ନ ପାଇଲେ 'ଅର୍କ' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତକ' ଦେଖିବେ

ତଷା(ଣ୍ଡି)ଟିଆ—ଗ୍ରା. ବଣ—ଚଷାଣ୍ଡିଆ (ଦେଖ)
Tashā(ṇḍi)ṭiā Chashāṇḍiā (See)

ତଷା(ଷେ)ଇବା—ଗ୍ରା. କ୍ରି (ସଂ. କୃଷ ଧାତୁ)=ତଷିବାର ଣିଜନ୍ତରୂପ;
Tashā(she)ibā ଅନ୍ୟଦ୍ୱାରା ଜମି ଚଷ ବା ହଳ କରାଇବା—
To cause to be ploughed up.

ତଷିବା—ଗ୍ରା. କ୍ରି (ସଂ. କୃଷ ଧାତୁ)—ଚଷିବା (ଦେଖ)
Tashibā Chashibā (See).

ତଷୁ (ଇତ୍ୟାଦି)—ଦେ. ବ—(ସଂ. କୃଷ) ଚଷୁ ଇତ୍ୟାଦି (ଦେଖ)
Tashu (etc.) Chashu etc (See).

ତଷ୍ଟ—ସଂ.ବଣ (ତକ୍ଷ୍ ଧାତୁ=ଚାଞ୍ଛିବା+କର୍ମ.ତ)—୧ । ଚାଞ୍ଛା ହୋଇଥିବା—
Tashṭa 1. Scraped.
୨ । ରନ୍ଦା ମରାଯାଇଥିବା—2. Scraped with the carpenter's plane; planed.
୩ । କୃଶୀକୃତ—3. Emaciated; reduced.
୪ । କୁଟା ଯାଇଥିବା; ବଟା ଯାଇଥିବା (ହି. ଶବ୍ଦସାଗର)—
4. Pounded; bruised.
୫ । ପିଟା ହୋଇଥିବା (ହି. ଶବ୍ଦସାଗର)—5. Beaten

ତଷ୍ଟା—ସଂ. ବି. ପୁଂ (ତକ୍ଷ୍ ଧାତୁ+କର୍ତ୍ତୃ. ତୃ; ୧ ମା. ୧ବ)—
Tashṭā ୧ । (କାଠ ଚେଲି କରି ଯେ କାମ କରେ) ବଢ଼େଇ—
(ତଷ୍ଟ୍ରୀ—ସ୍ତ୍ରୀ) 1. Carpenter.
୨ । ବିଶ୍ୱକର୍ମା—2. The mythological heavenly architect according to the Hindus.
୩ । ଦ୍ୱାଦଶ ଆଦିତ୍ୟଙ୍କ ମଧ୍ୟରୁ ଏକତମ—
3. One of the 12 Ādityas or Sun–gods.
୪ । ଚେଲିବା ବ୍ୟକ୍ତି—4. Scraper.

ତଷ୍ଟି—ସଂ. ବ (ତଷ୍ ଧାତୁ=ଉତ୍କ୍ଷେପଣ; ଦର୍ଶନ+ଭାବ. ତି)—
Tashṭi ୧ । ସାଗ୍ରହ ଦୃଷ୍ଟି—1. Wistful look.
୨ । ଅତ୍ୟାକାଙ୍କ୍ଷା—2. Hankering; longing.
୩ । ଯେଣ୍ଡିବାଜି; ଏକଜିଦ; ଦୃଢ଼ତା—3. Obstinacy; unyieldingness.
ଗ୍ରା. (ଇତର) ବୈଦେ. ବ (ଇଂ. ଟ୍ରଷ୍ଟୀ)—କୌଣସି ସାଧାରଣ ଟ୍ରଷ୍ଟି; ଦ୍ରଷ୍ଟା ହିତକର ଅନୁଷ୍ଠାନର ଭାରପ୍ରାପ୍ତ ବ୍ୟକ୍ତି; ମାର୍ଫତଦାର; ଟ୍ରଷ୍ଟୀ—Trustee.

ତଷ୍ଟି ନାମା—ଗ୍ରା. (ଇତର) ବୈଦେ. ବ (ଇଂ ଟ୍ରଷ୍ଟ+ପା. ପ୍ରତ୍ୟୟ ନାମା)-
Tshṭi nāmā ଟ୍ରଷ୍ଟଡିଡ୍; ସେବା ଅର୍ପଣ ସମର୍ପଣ-ପତ୍ର—
Trust-deed.

ତସ୍(ଧାତୁ)—ସଂ. ୧ । ଅଳଂକୃତ କରିବା—
Tas (root) 1. To adorn.
୨ । ଦର୍ଶନ କରିବା—2. To see.
୩ । ଉତ୍ପ୍ରେକ୍ଷଣ କରିବା; ସାଗ୍ରହ ଦୃଷ୍ଟି କରିବା—
3. To cast wistful or longing glance.
୪ । ଉତ୍କ୍ଷେପଣ କରିବା; ଉପରକୁ ଫୋପାଡ଼ିବା—
4. To throw up.
୫ । ଉଠାଇବା—5. To lift up.

ତସ୍‌ଦିକ୍(ଗ୍)—ବୈଦେ. ବ (ଅ. ତସଦୀକ୍) (କଚେରି)—୧ । କୌଣସି
Tas-dik(g) ବିଷୟର ସତ୍ୟତା ସମ୍ବନ୍ଧେ ପ୍ରମାଣ ବା ସମର୍ଥନ—
1. Verification.
তসদিগ ୨ । କୌଣସି ବିଷୟର ସତ୍ୟତା ହାକିମଙ୍କ ଆଗରେ
तसदीग प्रମାଣସ୍ୱରୂପ ସ୍ୱୀକାର କରିବା; ଚିହ୍ନଟ—
2. Attestation; identification.
୩ । କୌଣସି ଦଲିଲ ପରୀକ୍ଷା କରି ସେଥିରେ କରାଯିବା ହାକିମଙ୍କର ଦସ୍ତଖତ—3. Countersignature of an authority on a document.
୪ । ସାକ୍ଷ୍ୟ; ଗୱାହି—4. Testimony.

ତସ୍‌ବି—ବୈଦେ. ବ (ଅ) (ମୁସଲମାନୀ ଭାଷା)—ଜପମାଳ—
Tas-bi Rosary.
তসবী तसबी

ତସ୍‌ବିର୍—ବୈଦେ. ବ (ଅ) (ମୁସଲମାନୀ ଭାଷା)—୧ । ଛବି—
Tas-bir 1. A picture.
তসবীর ୨ । କାଗଜ ବା ପଟା ଉପରେ ଅଙ୍କିତ ରୂପ—
तसबीर 2. A painting; drawing.
୩ । ଫଟୋଗ୍ରାଫ୍ ଯନ୍ତ୍ର ଦ୍ୱାରା ଉଠାଯିବା ପ୍ରତିରୂପ—
3. Photo.
ବୈଦେ. ବଣ—ଛବି ପରି ସୁନ୍ଦର—Picturesque; fine

ତସରା—ପ୍ରାଦେ. (ସମ୍ବଲପୁର) ବ (ଭୁଲ. ହି. ଏହି ଅର୍ଥରେ ଏହି ଶବ୍ଦ)—
Tas-rā ଭୁଲିଆ ତନ୍ତୀଙ୍କ ବ୍ୟବହୃତ ସୂତା ଗୁଡ଼େଇ ରଖିବାର ଫର୍ମା ବା ନଟେଇ—A reel or form around which yarn is wound.

ତସ୍‌ରୁପ୍(ଫ୍)—ପ୍ରାଦେ (ସମ୍ବଲପୁର) ବ (ଅ. ତସରୁଫ୍)—
Tasrup(ph) ୧ । ତୋସରଫ୍—1. Misappropriation.
୨ । କ୍ଷତି—2. Loss.

ତସଲିମ୍—ବୈଦେ. ବ (ଅ) (ମୁସଲମାନୀ ଭାଷା)—ନମସ୍କାର; ବନ୍ଦନା;
Tas–lim ପ୍ରଣାମ—Obeisance; a bow of reverence.
তসলীম तसलीम

ତସକର—ଗ୍ରା (ପଦ୍ୟ) ବ (ସଂ. ତସ୍କର)—ତସ୍କର; ଚୋର; ଟସକର—
Tasakara Thief; robber.

ତସମା—ଗ୍ରା. ବୈଦେ. ବ. (ପା. ଚଶ୍‌ମା)—ଚସମା; ପ୍ରଚକ୍ଷୁ; ପ୍ରତିଚକ୍ଷୁ—
Tasamā Spectacles

ତସର୍‌ଫଟା—ପ୍ରାଦେ. (ସମ୍ବଲପୁର) ବ—ପସର ଫାଟିବା ସମୟ;
Tasar-phaṭā ଅରୁଣୋଦୟର ପ୍ରାକ୍‌କାଳ; ବଡ଼ଭୋର—
Day-break.

୯	ଇ	ଡ	ର୍‌, ର୍ୱ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ, ଷ	ଙ୍କ	ଇସ୍ତୃ	ଉଅ	ଞ
୬	ଈ	ଡ଼	ରୁ	ଲୁ	ଯ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଢ଼	ନ୍ଧ

ତସର—ଦେ. ବି. (ସଂ. ତ୍ରସର)—୧ । ଟସର; ଏକପ୍ରକାର ଗୋଟୀ
Tasara ପୋକର ଗୋଟୀରୁ ବାହାରିବା ରେଶମ ସୂତା—
তসর 1. A kind of coarse silk got from cocoons; Tussar.
टसर

[ଦ୍ର—ଛୋଟନାଗପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସିଂହଭୂମ, ମେଦିନୀପୁର ଆଦି ଅଞ୍ଚଳରେ ବଣରେ ସାହାଡ଼ା, ବାହାଡ଼ା, କୁସୁମ, ପିଆଳ, ବରକୋଳି ଆଦି ଗଛର ପତ୍ର ଖାଇ ଏ ପୋକମାନେ ସେହି ଗଛରେ ବଢ଼ନ୍ତି । ରେଶମ ପୋକଙ୍କ ଭଳି ଏ ପୋକମାନଙ୍କ ପ୍ରତି ବିଶେଷ ଯତ୍ନ ନେବା ହୁଏ ନାହିଁ, କେବଳ ଏମାନଙ୍କୁ ଚଢ଼େଇ ଓ ପିମ୍ପୁଡ଼ି ଖାଇ ନ ଯିବେ ଏଥିପାଇଁ ଦୃଷ୍ଟି ରଖିବାକୁ ହୁଏ । ଏ ପୋକମାନଙ୍କୁ ପାଳିବାବାଲା ଲୋକେ ଗୋଟୀରୁ ବାହାରିବା ପ୍ରଜାପତିଙ୍କୁ ଜଙ୍ଗଲରେ ଛାଡ଼ି ଦିଅନ୍ତି । ପ୍ରଜାପତିମାନେ ସେଠାରେ ଜୋଡ଼ି ଲାଗିବା ପରେ ମାଈ ପ୍ରଜାପତି ଗଛର ପତ୍ରରେ ସୋରିଷ ପରି ଡିମ୍ବମାନ ପାରନ୍ତି । ପ୍ରତ୍ୟେକ ମାଈ ପ୍ରଜାପତି ୬।୭ ଦିନ ଯାଏ ୨୦୦।୨୫୦ ଡିମ୍ବ ଦିଅନ୍ତି ଓ ଡିମ୍ବ ଦେଲା ପରେ ମରି ଯାଆନ୍ତି । ୧୦।୧୨ ଦିନ ବାଦ୍ ସେ ଡିମ୍ବରୁ ଦସିପୋକ (କୃମି) ଭଳି ଛୋଟଛୋଟ ପୋକ ବାହାରନ୍ତି ଓ ସେହି ପୋକମାନେ ଉକ୍ତ ଗଛର ପତ୍ର ଖାଇ ବଢ଼ନ୍ତି । ୧୫ ଦିନ ମଧ୍ୟରେ ୪ଥର ଚାଙ୍ଗ ଖୋଳ ବଦଳେ । ୧୫ଦିନ ବାଦ ପୋକମାନେ ୮।୧୦ ଅଙ୍ଗୁଳ ପର୍ଯ୍ୟନ୍ତ କର୍କୋମ ସମ୍ଭାନ୍ତୁଆ ପରି ବଢ଼ନ୍ତି । ଏମାନେ ନାନାବର୍ଣ୍ଣର ହୁଅନ୍ତି; କେହି ମାଟିଆ, କେହି ପାଉଁଶିଆ, କେହି ନେଳ, କେହି ହଳଦିଆ ହୁଅନ୍ତି । ଏହି ବଡ଼ପୋକମାନେ ଆପଣା ପାଟିରୁ ଲାଳ ବାହାର କରି ସେହି ଲାଳରେ ଅଣ୍ଡାକାର ୫।୬ ଅଙ୍ଗୁଳ ଲମ୍ବ ଗୋଟୀ ତିଆରି କରନ୍ତି ଓ ସେ ଗୋଟୀ ଭିତରେ ନିଜେ ଅବରୁଦ୍ଧ ହୋଇ ରହନ୍ତି । ପାଳିବାବାଲାମାନେ ସେହି ଗୋଟୀମାନ ସଂଗ୍ରହ କରି ଆଣନ୍ତି । ଗୋଟୀର ମୁହଁକୁ କାଟି ଦେଇ ଉକ୍ତ ପୋକ ପ୍ରଜାପତି ଆକାର ଧାରଣ କରି ଯେବେ ଉଡ଼ିଯିବେ, ତେବେ ସେ ଗୋଟୀର ସୂତାଯାକ ଛିନ୍ନଛିନ୍ନ ହୋଇ ଅକାମିକା ହୋଇଯିବ । ଏଥିପାଇଁ ଗୋଟୀର ଭିତରେ ଥିବା ପୋକ ଗୋଟୀକୁ କାଟି ବାହାରିଯିବା ପୂର୍ବରୁ ଗୋଟୀମାନଙ୍କୁ ନେଇ ଖାରମିଶା ଗରମପାଣିରେ ପକାଇ ଦିଅନ୍ତି ଓ ଗରମପାଣିରେ ଭିତରର ପୋକ ମରିଯାଆନ୍ତି ଓ ଗୋଟୀମାନ ଅକ୍ଷୁଣ୍ଣ ରହେ । ସେହି ଗୋଟୀମାନଙ୍କରୁ ତସର ସୂତା ବାହାରେ]

୨ । ମଠାଲୁଗା—2 Coarse silk stuff.

[ଦ୍ର—ଏ ଶବ୍ଦ ସଂସ୍କୃତ ଥିବାର ହି. ଶବ୍ଦସାଗରରେ ଲେଖାଅଛି ।]

ତସର ଗୋଟୀ—ଦେ. ବି—ଯେଉଁ ଗୋଟୀ ବା କୋଷରୁ ମଠାସୂତା ବା
Tasara goṭi ତସର ବାହାରେ; ଟସର ଗୋଟୀ ବା ଖୋସା—
তসরের গুটী Tussar cocoons.
टसरका कोवा

ତସର ପୋକ—ଦେ. ବି—ଟସର ପୋକ; ଯେଉଁ ପୋକ ତସର ଗୋଟୀ
Tasara poka ବାନ୍ଧନ୍ତି; ଖୋସା ପୋକ—Silk worm.
তসর পোকা टसरका कीड़ा

ତସଲା—ବୈଦେ. ବି (ଫା. ତସ୍ତ+ଉର୍ଦ୍ଦୁ ଲ. ପ୍ରତ୍ୟୟ; ଉର୍ଦ୍ଦୁ. ତସ୍‌ଲା)—
Tasalā ୧ । ପିତଳରେ ପ୍ରସ୍ତୁତ ଯେଉଁ ଗହୀରିଆ ଥାଳିରେ ରୁଟି
তসলা तसला ପାଇଁ ମଇଦା ଦଳାଯାଏ—1. A deep brass
(ତସଲା—ଛୋଟ ତସଲି) plate for kneading flour.

୨ । ପିତଳର ଛୋଟ ହାଣ୍ଡି; ଚଉଡ଼ାମୁହାଁ ବଟ୍ଲୋଇ; ପିତଳର ବେଲା—2. A wide-mouthed brass cooking pot.

ତସିଦ୍—ବୈଦେ. ବି (ଅ. ତସ୍‌ଦୀଦ୍=କ୍ଲେଶ)—କଷ୍ଟ; ଦିକ୍‌ଦାଣ୍ଡ—
Tasid Harassment; difficulty; hardship.
তসদী तसदीह
(ତସିଦା—ଅନ୍ୟରୂପ)

ତସ୍କର—ସଂ. ବି [ତତ୍=ସେହି, ଅର୍ଥାତ୍ ଅତି ନିନ୍ଦିତ କର୍ମ+କୃ ଧାତୁ+
Taskara କର୍ତ୍ତୃ. ଅ; ନିପାତନ, କିମ୍ବା ତସ୍ ଧାତୁ=ଉତ୍‌କ୍ଷେପ କରିବା+କୃ ଧାତୁ+କର୍ତ୍ତୃ. ଅ (ଶବ୍ଦକଳ୍ପଦ୍ରୁମ); ଅଥବା ତସ୍=ଉପକ୍ଷୟ, ବସ୍ତୁହାନି, ଚୋର+କୃ ଧାତୁ+କର୍ତ୍ତୃ. ଅ (ଜ୍ଞାନେନ୍ଦ୍ର. ବଙ୍ଗଳା ଅଭିଧାନ)]—୧ । ଚୋର; ଦସ୍ୟୁ; ଅପହାରକ—1. Thief; lifter (as in cattle-lifter) pilferer.

୨ । ପୃକ୍କା ବା ପିଡ଼ଙ୍ଗ ଶାଗ—2. A kind of pot herb; Trigonella Corniculata.

୩ । ମଦନ ବୃକ୍ଷ; ମଏଣ (ଦେଖ)
3. Maeṇa (See)

୪ । ଚୋର ନାମକ ଗନ୍ଧଦ୍ରବ୍ୟ; ଗଣ୍ଠିଅଳା—
4 A scented herb.

୫ । କର୍ଣ୍ଣ; କାନ—5. The ear.

ତସ୍କରତା—ସଂ. ବି (ତସ୍କର+ଭାବ. ତା)—ଚୌର୍ଯ୍ୟ—
Taskaratā Theft; stealing.

ତସ୍କରୀ—ସଂ. ବି. ସ୍ତ୍ରୀ (ତସ୍କର+ସ୍ତ୍ରୀ. ଈ)—୧ । କୋପନା ସ୍ତ୍ରୀ—
Taskarī 1. A shrew.

୨ । ଚୋରଣୀ—2. A woman who steals.

ତସ୍ତରୀ—ବୈଦେ. ବି. (ଫା) ରେକାବି; ଧାତୁର ପତଳା ଛୋଟ ଥାଳିଆ—
Tastari Thin metal plate.
তস্তরী तश्तरी

ତସ୍ଥିବାନ୍—ସଂ.ବିଣ [ସ୍ଥା ଧାତୁ+କର୍ତ୍ତୃ. ବସ୍ (କ୍ୱସୁ)]—ସ୍ଥିତ; ଅବସ୍ଥିତ—
Tasthibān Placed; situated.

ତସ୍ଥୁ—ସଂ. ବିଣ.(ସ୍ଥା ଧାତୁ+କର୍ତ୍ତୃ ଉ)—ସ୍ଥାବର;ଅଚଳନ୍ତ (ହି.ଶବ୍ଦସାଗର)
Tasthu Immoveable.

ତସ୍ମି—ଦେ. ବି—ତସମଇ; ଖିରି; ଦୁଧ ଓ ଚାଉଳ ଆଦିରେ ପ୍ରସ୍ତୁତ
Tasmi ପାୟସ—A gruel made of milk and rice,
পায়স खीर sweetened with sugar.
(ତସମଇ, ତସମେଇ, ତସ୍ମେଇ, ତସ୍ମେ, ତସ୍ମେଇ)

ବାକସପିଠା, ପାଲୁଅ ତସ୍ମି କରି ଦେଥିଲ—ଫକୀରମୋହନ. ଗଳ୍ପ ସ୍ୱଳ୍ପ ।

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଣ୍ଡ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗେ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍ଗ' ନ ପାଇଲେ 'ଅଲ୍ଲଙ୍ଘ' ଦେଖିବେ

ତସ୍ୟ—ସଂ. ସର୍ବନାମ (ତତ୍ ଶବ୍ଦ, ପୁଂଲିଙ୍ଗ, ୬ଷ୍ଠୀ ୧ ବଚନ)—
Tasya ତାହାର; ତାହାଙ୍କର—His; her; its.
(ତସ୍ୟା—ସ୍ତ୍ରୀ) ଦେ. ବିଣ—ତଦୀୟ; ତତ୍ ସମ୍ବନ୍ଧୀୟ—
Pertaining to that.
[ଦ୍ର—ସାହିତ୍ୟିକ ଭାଷାରେ ଏହାର ବ୍ୟବହାର ବିରଳ; ମାତ୍ର କଟକଅଞ୍ଚଳ ଭାଷା ଓ ପଲ୍ଲୀ ଅଞ୍ଚଳରେ ଏହି ଶବ୍ଦ ଏବଂ ଏହାର ବିକୃତ ଆକାର ପୁଂଲିଙ୍ଗରେ 'ତସ୍ୟର' ଓ ସ୍ତ୍ରୀ ଲିଙ୍ଗରେ 'ତସ୍ୟାର' ଶବ୍ଦର ବହୁଳ ପ୍ରୟୋଗ ପରିଲକ୍ଷିତ ହୁଏ ।]

ତହ—ବୈଦେ. ବି. (ଫା)—୧ । କାଗଜ ବା ଲୁଗାର ଭାଙ୍ଗ ବା ଭାଙ୍ଗ; ସ୍ତର; ପରସ୍ତ; ସ୍ତର—1. Layer; fold; plait; braid.
Taha
তয়
तह
୨ । ଧପାଙ୍ଗୀ; ଛଳନାପୂର୍ବକ ସମୟ ନେବା; ଭଣ୍ଡାଇବା; ଠକିବା—2 Putting off on excuses; deception.

ତହଁର—ପ୍ରାଦେ. (ଗଞ୍ଜାମ) ବି—୧ । ଅନ୍ଧସାଳା; ଶଗଡ଼ର ବା ହଳର ଯୁଆଳି ମଧ୍ୟରେ ମାରିଥିବା ଲୁହାର ବା କାଠର କିଲା—
Tahanra
1. An iron or wooden pin put in the middle of the yoke of a cart or plough.
୨ । (ବାଲେଶ୍ୱର) ଲୁଗାର ଧଡ଼ି—
2. Border of a cloth.

ତହ କରିବା—ଦେ. କ୍ରି—ଲୁଗାକୁ ଭାଙ୍ଗିବା—
Taha karibā To fold or plait a cloth.
তয়করা तह करना, तहाना

ତହକିକତ୍—ବୈଦେ.ବି. (କଚେରିଅ ଭାଷା) (ଅ. ତହକୀକ୍ ର ବହୁବଚନ ତହକୀକତ୍)—
Tahakikat
তহকীকত
तहकीकत
୧ । ତଦନ୍ତ; ଅନୁସନ୍ଧାନ— 1. Enquiry; investigation.
(ତହକିକ; ତହକୀକାତ୍—ଅନ୍ୟରୂପ) ୨ । ଜିଜ୍ଞାସା—
2. Query; questioning.

ତହ ଖରଚ—ଦେ. ବି. (ଫା. ତହ ଖରଚ)—
Taha kharacha ବୃଥା ଖରଚ; ଅପବ୍ୟୟ—
তহ খরচ Useless expenditure; waste of money.
तह खर्च

ତହଖାନା—ବୈଦେ. ବି. (ଫା)—ମାଟି ତଳେ ହୋଇଥିବା ଘର—
Tahakhānā An underground house; a cellar.
তহখানা [ଦ୍ର—ଖରାଦିନେ ଗରମବେଳେ ଲୋକେ ଥଣ୍ଡାରେ
तहखाना ରହିବା ପାଇଁ ଏ ଘରେ ବିଶ୍ରାମ କରନ୍ତି ।]

ତହ ଦେବା—ଦେ. କ୍ରି—ଧପାଙ୍ଗୀ ଦେଖାଇବା; ଭୁଲାଇବା; ଠକିବା;
Taha debā ଛଳନାପୂର୍ବକ ସମୟ ନେବା; ଭଣ୍ଡାଇବା—
দম দেওয়া To put off on excuses; to deceive.
दमदिलासा देना

ତହପେଚ—ବୈଦେ. ବି. (ଫା)—ପଗଡ଼ୀର ତଳେ ମୁଣ୍ଡ ଉପରେ ଦିଆ ଯିବା ଲୁଗା ବା ପତଳା କନାର ଟୋପି—
Tahapecha
তহপেঁচ Bit of cloth or thin cap put on the head below the turban.
तहपेच

ତହବିଲ—ବୈଦେ. ବି. (ଅ)—୧ । ଗଚ୍ଛିତ ଧନ; ମହଜୁଦଥିବା ଧନ—
Tahabila 1. Cash; treasure.
তহবিল, তবিল, তফিল ୨ । ରୋକଡ଼; ପାଣ୍ଠି; ପୁଞ୍ଜି—
तहबिल 2. Fund.
୩ । ଖଜଣାଖାନା—3. Treasury.

ତହବିଲ ତୋଷରଫ୍—ବୈଦେ. ବି. (ଅ. ତହବିଲ୍ ତସରୁଫ୍)—
Tahabila tosharaph ଅପଣା ହାତରେ (ଜିମାରେ) ନ୍ୟସ୍ତଥିବା ଅପରର ଧନକୁ ଖାଇଯିବା ଅର୍ଥାତ୍ ଆତ୍ମସାତ୍ କରିବା—
ତହବିଲ ତୁସରଫ୍ / ତହବିଲ ତସରୁଫ୍ } ଅନ୍ୟରୂପ
তহবিল্ তোছরূপ Misappropriation; embezzlement.
तहबील तसरुफ

ତହବିଲଦାର୍—ବୈଦେ. ବି. (ଅ. ତହବିଲ୍+ଫା. ପ୍ରତ୍ୟୟ ଦାର୍)—
Tahabiladār ଯାହା ଉପରେ ତହବିଲର ଭାର ନ୍ୟସ୍ତ ଥାଏ;
তবিলদার କୋଷାଧ୍ୟକ୍ଷ; ତହବିଲ ରକ୍ଷକ; ଖାଜାଞ୍ଚି—
तहबीलदार Cashier; treasurer; one entrusted with the custody of cash.

ତହବିଲଦାରି—ବୈଦେ. ବି. (ଫା)—କୋଷାଧ୍ୟକ୍ଷତା—
Tahabiladāri Treasurership; the post of a cashier.
তবিলদারি तहबिलदारी

ତହମତ୍—ବୈଦେ. ବି. (ଅ. ତୋହମତ୍)—
Tahamat ୧ । ମିଥ୍ୟା ଅପବାଦ; ମିଥ୍ୟା ଦୋଷାରୋପ; ମିଥ୍ୟା
তোহমত କଳଙ୍କ—1. Defamation; false alle-
ताहमत gation; unfounded aspersion.
୨ । ମିଛ କଥା—2. Falsehood.
ବୈଦେ. କ୍ରି. ବିଣ—ବୃଥା; ମିଥ୍ୟାରେ—Falsely.
ବୈଦେ. ବିଣ—ମିଥ୍ୟା—False.

ତହମତି—ବୈଦେ. ବିଣ. (ଫା)—୧ । ମିଥ୍ୟା ଅଭିଯୋଗକାରୀ—
Tahamati 1. Making false accusation.
তোহমতি ୨ । କଳଙ୍କଯୁକ୍ତ—2. Scandallous.
ताहमती ୩ । ଅମୂଳକ କଳଙ୍କଯୁକ୍ତ—2. Containing unfounded aspersions.
(ତହମତିଅ—ଅନ୍ୟରୂପ)

ତହ ଭାଙ୍ଗିବା—ଦେ. କ୍ରି—ତହ କରିବା (ଦେଖ)
Taha bhāngibā Taha karibā (See)

ତହ ମାରିବା—ଦେ. କ୍ରି—ତହ ଦେବା (ଦେଖ)
Taha māribā Taha debā (See)

ତହରି—ବୈଦେ. ବି. (ଅ. ତହରୀର୍)—ତହରିର (ଦେଖ)
Tahari Taharir (See)

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଫ୍ର	ଉଥ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଥ	ଢ଼	ନୃ

ତହରି ତକରି—ବୈଦେ. ବ (ଅ)—ତହରିର୍ ତକରିର୍ (ଦେଖ)
Tahari takari Taharir takarir (See)

ତହରିର୍—ବୈଦେ. ବ. (ଅ. ତହରୀର୍) (କଚେରୀ)—
Taharir ଲେଖାଇ ଦିହଲ୍ନା; ଲେଖକର ପାରିଶ୍ରମିକ—
তহরির Copying fees; remuneration for
तहरीर the scribe.

ତହରିର୍ ତକରିର୍— ବୈଦେ. ବ. (କଚେରୀ) (ଅ. ତହରୀର୍ =
Taharir takarir ଲେଖାଇ ଦିହଲ୍ନା + ତକରୀର୍ = ଉତ୍ସବ)—
তহরীর্ তকরী ଧାର୍ଯ୍ୟ ଖଜଣା ଉପରେ ପୂର୍ବେ ଜମିଦାରମାନେ
तहरीर तकरीर ପ୍ରଜାଙ୍କଠାରୁ ତହସିଲଦାରର ବା ମୋହରିରର
(ତହରିର୍ ତକରିର — ଅନ୍ୟରୂପ) ପାରିଶ୍ରମିକ ଓ ନଜର ଉତ୍ସବାଦିର
ଖରଚ ଆଦି ପାଇଁ ନାନା ଅକାରରେ ଆଦାୟ କରୁଥିବା
ଧନ; ଆବ୍ୱାବ୍—2. Illegal exactions formerly
realised by Zamindars from the rayats; abwab.

[ଦ୍ର—ବଙ୍ଗ ବିହାର ଓଡ଼ିଶାର ଜମିଦାରମାନେ ପୂର୍ବେ ତହସିଲ୍-
କର୍ମଚାରୀମାନଙ୍କ ଲେଖାଇ ଦିହଲ୍ନା ପାଇଁ ଓ ନଜର ପ୍ରଭୃତି ଆଦି
ଉତ୍ସବାଦିର ଖରଚ ପାଇଁ ପ୍ରଜାଙ୍କଠାରୁ ଖଜଣା ଉପରେ ଅତିରିକ୍ତ
ଅର୍ଥ ଭିନ୍ନ ଭିନ୍ନ ନାମରେ ଆଦାୟ କରୁଥିଲେ । ସେଥି ମଧ୍ୟରୁ ତହରିର୍
ଗୋଟିଏ ଓ ତକରୀର୍ ଗୋଟିଏ । ଏହି ସବୁକୁ ଇଂରାଜ ଗଭର୍ଣ୍ଣମେଣ୍ଟ
ଆଇନ୍ ଦ୍ୱାରା ବନ୍ଦ କରି ଅଛନ୍ତି । ଯେଉଁ ଜମିଦାର ପ୍ରଜାଙ୍କଠାରୁ
ଏପରି ଅତିରିକ୍ତ ଅର୍ଥ ନେବାର ପ୍ରମାଣିତ ହେବ ସେ ଦଣ୍ଡନୀୟ
ହେବେ ବୋଲି ସରକାର ଆଇନ୍ କରିଅଛନ୍ତି ।]

ତହ ଲଗା(ଗେ)ଇବା—ଦେ. କ୍ରି.—ମିଛକଥା କହି ବିବ୍ରତ କରିବା—
Taha lagā(ge)ibā To puzzle (a person) by making false reports
(ଯଥା—କାଲି ପୂର୍ଣ୍ଣିମା ନୁହେଁ, ଅଥଚ କାଲି ପୂର୍ଣ୍ଣିମା ବୋଲି
ସେ ଗୋଟାଏ ତହ ଲଗାଇ ଦେଲା ।)

ତହସିଲ୍—ବୈଦେ. ବ. (ଅ; ଏହି ଆରବୀ ଶବ୍ଦ ଅସୁଲ୍ ବା ଉସୁଲ ମୂଳ
Tahasil ଶବ୍ଦର ବହୁ ବଚନ; ବହୁବାର ଅସୁଲ କରିବା ଏହି ଶବ୍ଦର
তহশীল, তশিল ଅର୍ଥ,—୧ । ପ୍ରଜାମାନଙ୍କଠାରୁ ଖଜଣା ଅସୁଲ;
तहसील ରାଜକର ଆଦାୟ କରିବା—1. Realisation
(ତସିଲ — ଅନ୍ୟରୂପ) or collection of rent or revenue from tenants.
୨ । ଜଣେ ତହସିଲଦାରଙ୍କ ଅଧୀନ ଇଲାକା—
2. Tahasil; jurisdiction under the charge of one Tahasildar.
ପ୍ରାଦେ. (ସମ୍ବଲପୁର) ବ.—ଜିଲାର ରାଜସ୍ୱ ସମ୍ବନ୍ଧୀୟ ସବ୍‌ଡିଭିଜନ୍-
Tahasil or revenue subdivision of a district.
[ଦ୍ର—ଏହି ଆରବୀ ଶବ୍ଦ ଇଂରାଜୀ ଭାଷାରେ ଚଳୁଛି; ଏ ଶବ୍ଦ
ଅସୁଲ ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ ।]

ତହସିଲ୍ ଅଲାଇ(ହି)ଦା—ବୈଦେ. ବ. (ଅ. ତହସୀଲ + ଅଲାହିଦା =
Tahasil alāi(hi)dā ପୃଥକ)—୧ । ଓଡ଼ିଶାରେ ଏକ ଶ୍ରେଣୀର
(ତହସିଲ ଅଲେହିଦା — ଅନ୍ୟରୂପ) ଜମିଦାରୀ—1. Name of a class of Zamindary in Orissa.
୨ । ଏକ ଜମିଦାରୀ ମଧ୍ୟରେ ଥିବା ସ୍ୱତନ୍ତ୍ର ଅନ୍ୟ ଛୋଟ
ଜମିଦାରୀ—2. A separate petty estate inside a large one.
[ଦ୍ର—ଏ ସମ୍ପତ୍ତିର ରାଜସ୍ୱ ପ୍ରଧାନ ଜମିଦାରୀର ରାଜସ୍ୱଠାରୁ
ଅଲାହିଦା ବା ପୃଥକ୍‌ରୂପେ ସରକାରଙ୍କ ଠାରେ ଦାଖଲ ହେଉ
ଥିବାରୁ ଏହି ନାମ ।]

ତହସିଲ କଚି(ଚେ)ରି—ବୈଦେ. ବ. (ଅ. ତହସିଲ୍ + ଫା. କଚହରୀ)
Tahasil kachi(che)ri ଯେଉଁ କାର୍ଯ୍ୟାଳୟରେ ପ୍ରଜାଙ୍କଠାରୁ
তসীল কাচারী ଜମିଦାରଙ୍କ ତରଫରୁ ଖଜଣା ଆଦାୟ କରାଯାଏ ଓ
तहसील कचहरी ଯେଉଁଠାରେ ତହସିଲ୍‌ଦାର ଅଫିସ୍ କରନ୍ତି—
(ତହସିଲ୍ ଅଫିସ୍—ଅନ୍ୟରୂପ) The village-office of a zamindar for rent collection.

ତହସିଲ୍ ଖରଚ୍ଚା—ବୈଦେ. ବ. (ଅ. ତହସିଲ + ଖରଚ୍ଚ)—ଖଜଣା
Tahasil kharachā ଆଦାୟର ବ୍ୟୟ ନିର୍ବାହ ପାଇଁ ପ୍ରଜାଙ୍କଠାରୁ
তসীল খরচা ଯେଉଁ ଅତିରିକ୍ତ କର ଜମିଦାର ଆଦାୟ କରନ୍ତି—
तहसील खरचा Money realised from rayats to meet the collection-charges.

ତହସିଲ୍ ଦାର—ବୈଦେ. ବି. (ଅ. ତହସୀଲ୍ + ଫା. ପ୍ରତ୍ୟୟ ଦାର୍)—
Tahasil-dār ୧ । ପ୍ରଜାମାନଙ୍କଠାରେ ଜମିଦାରଙ୍କ ଖଜଣା ଆଦାୟ
তসীলদার କରିବା କର୍ମଚାରୀ—1. Zamindar's moffasal
तहसीलदार Tahasiladar; rent-collector.
୨ । ଏକ ଶ୍ରେଣୀର ସରକାରୀ ରାଜସ୍ୱ-କର୍ମଚାରୀ; ସରକାରୀ
ଖାସ୍‌ମହାଲର ରାଜସ୍ୱ ଆଦାୟର ଭାରପ୍ରାପ୍ତ କର୍ମଚାରୀ—
2. A class of Revenue Officers under Government in charge of revenue collection of a Government Estate.
[ଦ୍ର—କଟକଜିଲାର ଖାସମହାଲ ବାଙ୍କି ଓ ସଦର କଟକ ଏବଂ
ପୁରୀଜିଲାର ଖୋରଧା ଖାସମହାଲର ପ୍ରଜାମାନଙ୍କଠାରୁ ରାଜସ୍ୱ
ଆଦାୟ କରିବାର ସର୍ବୋଚ୍ଚ କର୍ମଚାରୀଙ୍କୁ ତହସିଲ୍ ଦାର ବୋଲାଯାଏ;
ଏ ଫାରସୀ ଶବ୍ଦ ଇଂରାଜୀରେ ଚଳୁଛି ।]
ପ୍ରାଦେ. (ସମ୍ବଲପୁର)— ବି.—ଜିଲାର ରାଜସ୍ୱସମ୍ବନ୍ଧୀୟ ସବ୍-
ଡିଭିଜନ୍‌ର ରାଜସ୍ୱ ଆଦାୟର ଭାରପ୍ରାପ୍ତ ପ୍ରଧାନ ସରକାରୀ
କର୍ମଚାରୀ—The chief Revenue Officer of a Revenue-subdivision of a district.

ତହସିଲ୍ ଦାରି—ବୈଦେ. ବ. (ଫା.)—ତହସିଲ୍‌ଦାରର କାର୍ଯ୍ୟ—
Tahasil-dari The post or work of a Tahasildar.
তসীলদারী तहसीलदारी

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଅ' ନ ମିଳିଲେ 'ବୂଅ' ଦେଖିବେ; 'ବଟୁ' ନ ପାଇଲେ 'ବଟୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତହସିଲ୍ ପଞ୍ଚାଏତ୍—ଦେ. ବି.—(ଇଂରାଜ ସରକାରଙ୍କ ପ୍ରଭାବିତ Tahasil pañchāet ନାମକରଣ)—ଗ୍ରାମ୍ୟ ପଞ୍ଚାଏତ୍‌ମାନଙ୍କ ମଧ୍ୟରୁ (ତହସିଲ୍ ପଞ୍ଚାୟତ୍—ଅନ୍ୟରୂପ) ଚୌକିଦାରୀ ୟୁନିୟନ୍‌ର ଚୌକିଦାରୀ ଟିକସ ଅଦାୟ କରିବା ନିମନ୍ତେ ନିଯୁକ୍ତ ବ୍ୟକ୍ତି; ଯେଉଁ ପଞ୍ଚାଏତ୍ ପ୍ରଜାମାନଙ୍କଠାରୁ ଚୌକିଦାରୀ ଟିକସ ଅଦାୟ କରନ୍ତି- Collecting Panchayet; the panchayet or-head-man entrusted with the duty of collecting Chowkidari tax from the inhabitants of a union; collecting member of the Chowkidari Union.

[ଦ୍ର—ପୂର୍ବେ ଗ୍ରାମର ଚୌକିଆମାନେ ଗ୍ରାମବାସୀଙ୍କଠାରୁ ମୁଖ୍ୟଭାବରେ ପାରିଶ୍ରମିକ ସ୍ୱରୂପ ଚାଉଳଡ଼ାମାନ ପାଉଥିଲେ ଓ ଜାଗିର ଜମି ଭୋଗ କରୁଥିଲେ । କିନ୍ତୁ ଗଭର୍ଣ୍ଣମେଣ୍ଟ୍ ଚୌକିଦାର ଅଇନ୍‌ଦ୍ୱାରା ଉକ୍ତ ପ୍ରଥା ଉଠାଇ ଦେଇ ଗ୍ରାମବାସୀମାନଙ୍କଠାରୁ ଚୌକିଦାରୀ ଟାକ୍ସ ଅଦାୟ କରି ତହିଁରୁ ଚୌକିଦାରମାନଙ୍କୁ ନିର୍ଦ୍ଦିଷ୍ଟ ରୂପେ ମାସିକ ଦରମା ଦେବାର ବ୍ୟବସ୍ଥା କଲେ ଓ ଚୌକିଦାରମାନଙ୍କ ନିଷ୍କର ଜାଗିର ଜମି ଉପରେ କର ଧାର୍ଯ୍ୟ କଲେ । କତିପୟ ଗ୍ରାମକୁ ନେଇ ଗୋଟିଏ ୟୁନିୟନ୍ ବା ଗ୍ରାମପୁଞ୍ଜ ଗଠିତ ହୋଇଅଛି । ପ୍ରତ୍ୟେକ ୟୁନିୟନ୍‌ରେ ୫ ଜଣ ପଞ୍ଚାଏତ୍ ଥାଆନ୍ତି । ପଞ୍ଚାଏତ୍‌ମାନେ ଗ୍ରାମବାସୀଙ୍କ ଉପରେ ଚୌକିଦାରୀ ଟିକସ ଧାର୍ଯ୍ୟ କରନ୍ତି । ତାଙ୍କ ମଧ୍ୟରୁ ଜଣକ ଉପରେ ଚୌକିଦାରୀ ଟିକସ ଅଦାୟର ଭାର ନ୍ୟସ୍ତ ଥାଏ । ତାଙ୍କୁ ତହସିଲ୍ ପଞ୍ଚାଏତ୍ ବୋଲାଯାଏ । ସେ ତହସିଲ ଖରଚ ପାଇଁ ସାମାନ୍ୟ କିଛି ପାରିଶ୍ରମିକ ପାଆନ୍ତି ।]

ତହିଁ—ଦେ. (ପଦ୍ୟ) ଅ. (ସଂ. ତଥାହିଁ; ତତ୍ରହି; ତସ୍ମିନ୍; ତତ୍‌ସ୍ଥାନେ)—
Tahiñ ୧ । ତଥି; ସେହି ସ୍ଥାନରେ; ସେଠାରେ—
তথায় 1. There; in that place.
तहाँ, तहिँ ୨ । ସେ ବିଷୟରେ; ସେଥିରେ—
2. In that matter.

ମୁଁ କହିଲି, ତହିଁ କେଉଁ ଦୋଷ? ରଜା ଶୁଣି ହେଲେ ତୁଷ୍ଟ ମନ—
ରାଧାନାଥ. ପାର୍ବତୀ ।

୩ । ଠାରେ—3. With; in.

ସକଳ ଶାସ୍ତ୍ର ତୁମ୍ଭ ତହିଁ, ବେଦ ପୁରାଣ ଯେତେ କହି—
ଜଗନ୍ନାଥ, ଭାଗବତ ।

୪ । ତନ୍ମଧ୍ୟରେ—4. In that.
୫ । (ଅମୁକ) ଠାରେ; ନିକଟରେ—
5. At; near; with.

ବୈଷ୍ଣବ ପଢ଼ଣା ଯେ ଜନ, ତା ତହିଁ ନାହିଁଟି ମୋ ପଣ—
ଭୂପତି. ପ୍ରେମପଞ୍ଚାମୃତ ।

୬ । (ଅମୁକ ସ୍ତ୍ରୀର) ଗର୍ଭରେ—6. In the womb.

ଦେବକୁଲ୍ୟାର ତହିଁ ଧାର, ହୋଇଲ ପ୍ରସ୍ତାବ କୁମର—
ଜଗନ୍ନାଥ, ଭାଗବତ ।

ଦେ. ସର୍ବନାମ (ସଂ. ତତ୍)– ତାହା—That.

[ଦ୍ର—'ତହିଁ' ଶବ୍ଦ ଓଡ଼ିଆରେ ମୂଳ ସର୍ବନାମ ଶବ୍ଦ 'ତାହା'ରୂପେ ବ୍ୟବହୃତ ହୋଇ ସେଥି ସଙ୍ଗେ କ, କୁ, ରୁ, ଠାରୁ, ରେ ଆଦି ବିଭକ୍ତ୍ୟନ୍ତ ପ୍ରତ୍ୟୟମାନ ଯୁକ୍ତ ହୁଏ; ଯଥା—ତହିଁକ, ତହିଁକୁ, ତହିଁରୁ, ତହିଁଠାରୁ, ତହିଁରେ ।]

ତହିଁ ଉତ୍ତାରୁ—ଦେ. କ୍ରି. ବିଣ—ତତ୍‌ପରେ; ତାହା ପରେ—
Tahiñ uttāru After that; then.
তারপর **उसकेबाद**
(ତହିଁ ଉତ୍ତାରେ—ଅନ୍ୟରୂପ)

ତହିଁକ(କୁ)—ଦେ. ଅ—୧ । ସେଥିକି; ସେଥିକୁ; ସେହି ବିଷୟକୁ—
Tahiñki(ku) 1. To that.
୨ । ତେଣିକି; ସେଠାକୁ; ସେସ୍ଥାନକୁ—2. There; to that place.
୩ । ସେ ବିଷୟରେ—3. In that matter.

ତହିଁକି ମୋହଠାରୁ ଶୁଣ ହେ ଦରୁର—କୃଷ୍ଣସିଂହ. ମହାଭାରତ, ସଭା ।

୪ । (କଥୋପକଥନରେ ବ୍ୟବହୃତ) କିନ୍ତୁ; ପରନ୍ତୁ—
4. But; but that; on the other hand.
(ଯଥା—ମୁଁ କାଲି ଏଠାକୁ ଆସିବାକୁ ବାହାରି ଥିଲି, ତହିଁକି କୁଣିଆଁ ଆସି ପହଞ୍ଚି ଗଲାରୁ ରହିଗଲି ।)
୫ । ସେଥି ପାଇଁ; ତହିଁ ନିମନ୍ତେ—5. For that.

ବଗ ଲୋ ବଗ ! ମାଛ ଖାଉରୁ ? ହାଁ, ତହିଁକି ଗୋସେଇଁ ଅଗ—ଡଗ ।

ତହିଁକି ଗୁହିଁ—ଦେ. ଅ—ତହିଁର ଅନୁରୂପ—Just befitting to
Tahiñki chāhiñ that; just appropriate to that; according to that.

ଦୁଷ୍ଟଠାରେ ଯେ ଦୁଷ୍ଟେ କରନ୍ତି ମୋ ପ୍ରୀତ
ତହିଁକି ଗୁହିଁ କର ଅଟେ ମୁଞ୍ଚ ସତ—କୃଷ୍ଣସିଂହ, ମହାଭାରତ. ବନ ।

ତହିଁ ତହିଁ—ଦେ. ଅ (ବହୁବଚନ)—ସେହି ସେହି ସ୍ଥାନମାନଙ୍କରେ—
Tahiñ tahiñ In those places.

ତହିଁ ପରେ—ଦେ. ଅ.—ତତ୍‌ପରେ; ତାହା ପରେ—
Tahiñ pare After that; then
তারপর **उसकेबाद**

ତହିଁ ପାଇଁ—ଦେ. ଅ—୧ । ସେଥିଯୋଗୁଁ; ସେହି କାରଣରୁ; ସେହି
Tahiñ pāiñ ହେତୁରୁ—1. For that reason; therefore.
তেই ୨ । ସେହି କର୍ମ ନିମନ୍ତେ—2. For that
उसवास्ते
(ତହିଁ ପାଇଁକି; ତହିଁ ପେଇଁକି—ଅନ୍ୟରୂପ)

ତହିଁ ପାଁରେ—ପ୍ରାଦେ. (ଗଞ୍ଜାମ) ଅ —ତହିଁ ପାଇଁ (ଦେଖ)
Tahiñ pāñre Tahiñ pāiñ (See)
(ତହିଁ ପାଆଁରେ—ଅନ୍ୟରୂପ)

ତହିଁର—ଦେ. ଅ—ତାହାର; ସେଥିର—
Tahiñra Of that.
তার **उसका**

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଥ୍	ଈଅ	ଘ
୨	ଈ	ଊ	ରୁ	ଲୃ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଷ୍ୟ	ଯ	ସ	ଗଂ୍ୟ	ଇଅ	ଢ଼	ନ୍

ତହିଁରୁ—ଦେ. ଅ—୧ । ସେଥିରୁ—
Tahiñru — 1. From that.
তাথেকে; তাহে ୨ । ତାହା ଅପେକ୍ଷା—2. Than that.
उससे ୩ । ସେଠାରୁ—3. From there; thence.
୪ । ସେ ହେତୁରୁ—4. For that; owing to that.
୫ । ତା ପରେ—5. After that; since that.

ତହିଁରେ—ଦେ. ଅ—ସେଥିରେ; ଉକ୍ତବିଷୟରେ—
Tahiñre — In that matter.
তাতে **उसमे** ୨ । ସେବିଷୟ ସମ୍ବନ୍ଧରେ—2. Regarding that matter.
୩ । ସେଥି ମଧ୍ୟରେ—3. Within that.

ତହୁଁ—ଦେ. ଅ—୧ । ସେଠାରୁ—
Tahuñ — 1. From there; thence.
তা থেকে ୨ । ତହିଁରୁ; ସେଥିରୁ—2. From that.
उससे ୩ । ତାହା ଅପେକ୍ଷା – 3. Than that.
ତହୁଁ ବଳି ସୁଖ ନାହିଁ ଏ ଜଗତେ
ସନ୍ତୋଷେ ଯା ଭୁଜ ଦମ୍ଭରେ ଏ ଭୂତେ । ରାଧାନାଥ ।
୪ । (ଅମୁକ) ଅପେକ୍ଷା; ଠାରୁ—
4. Than (such a person).
ମୋ ତହୁଁ ତେଜୀ ରାମ ଶାଡ଼େଜୀ
ହ. ବୋଲି ମନେ କରୁଛ । ତଗ
୫ । ତତ୍ପରେ—5. After that; then; afterwards.
ତହୁଁ କେତେ ଦିନ ଶେଷ
ବାଳୀ ପାଶେ ଦୂତ ବଳ ତହଁରୁ ପ୍ରବେଶ । ଭକ୍ତ. ପ୍ରେମସୁଧାନିଧି ।
୬ । (ଅମୁକ) ଠାରୁ ବା ନିକଟରୁ—6. From.
ଏ ମନ ମନ ତହୁଁ ଶୁଣି
ଜ୍ଞାନ ବୋଲନ୍ତି ଚକ୍ରପାଣୀ । ଭୂପତି. ପ୍ରେମପଞ୍ଚାମୃତ ।
୭ । ଉକ୍ତ ବିଷୟରୁ ବା କାର୍ଯ୍ୟରୁ—
7. Resulting from that.
ତହୁଁ କି ଦର୍ଶନଲବ୍ଧ ଚକିତ ମୋ ଚିତ୍ତ ଶ୍ରବ
ଚକ୍ଷୁ ସଙ୍କେତେ ଅବ ଧାନ ବନା ହୃଦୟରେ
କବିସୂର୍ଯ୍ୟ. ଜଗୋପାଳକୃଷ୍ଣ ଚ. ଗୀତ ।
୮ । ବ୍ୟତୀତ; ଛଡ଼ା —8. Except.
ନରଦେ ବର ଗୋଟେ ଧାତ
ତୋ ତହୁଁ ନ ଜାଣନ୍ତି ଅନ । ଜଗନ୍ନାଥ. ଭାଗବତ ।
୯ । ସେହି କାରଣରୁ—9. From that cause; owing to that reason.

ତହୁଁଣ—ଦେ. (ପ୍ରାଚୀନ ପଦ୍ୟ) ଅ—ତହୁଁ (ଦେଖ)
Tahuñna — Tahuñ (See)

ତହୁଁ ତହୁଁ—ଦେ. ଅ (ବହୁ ବ୍ୟଞ୍ଜକ)—୧ । ତଦା ତଦା; ସେହି ସେହି
Tahuñ tahuñ ସମୟରେ—1. Then and then; at those times.
୨ । ସେହି ସେହି ସ୍ଥାନମାନଙ୍କରୁ—
(ତହୁଁ ତହୁଁ—ଅନ୍ୟରୂପ) 2. From those places.
୩ । ସେହି ସେହି ମାନଙ୍କଠାରୁ—3. From those.
୪ । ସେହି ସେହି ସମୟରୁ—4. From those times.
୫ । ସେହି ସେହି କାରଣମାନଙ୍କରୁ—6. For those reasons.
୬ । ତେତିକି ତେତିକ; ସେତିକି ସେତିକ—
6. Up to that extent.
ଯହୁଁ ଯହୁଁ ବୃତା, ତହୁଁ ତହୁଁ ବେଳୁବ୍ । ଚମନ ।

ତା—ସ. ପ୍ରତ୍ୟୟ—୧ । ଭାବ ବା କର୍ମ ଅର୍ଥରେ ବିଶେଷ୍ୟ ଓ ବିଶେଷଣ
Tā ଶବ୍ଦରେ ଏହି ପ୍ରତ୍ୟୟ ଯୋଗ ହେଲେ ବିଶେଷ୍ୟ ପଦ ସୃଷ୍ଟିହୁଏ—
1. A suffix corresponding to the English suffix 'ness' and th (as in the words hardness and strength) for forming abstract nouns.
(ଯଥା—ଗୁରୁତା; ଲଘୁତା; ନିବିଷ୍ଟତା; ଏବଂ ମନୁଷ୍ୟତା ଇତ୍ୟାଦି ।)
୨ । ସମୂହାର୍ଥେ ବିଶେଷ୍ୟ ପରେ ପ୍ରତ୍ୟୟ—
2. A suffix joined to a noun to denote a collection or number.
(ଯଥା—ଜନତା ।)

ତା ଦେ. (ସର୍ବନାମ) କ୍ଲୀ. (୧ମା. ୧ବ. ଙ୍ଘ. ଚଭ)—
उस वह ୧ । ତାହା; ତାଇ; ସେହି—1. That.
(ତାଅ—ଅନ୍ୟରୂପ) ୨ । ସେହି କଥା, ବିଷୟ, ବସ୍ତୁ ବା ଗୁଣ—
2. That thing, matter, article or quality.
କରୁଣା ଅଛ ବୋଲି ଯା ନେଲି କେ ତା ହୃଦକରେ ।
କବିସୂର୍ଯ୍ୟ. ଜଗୋପାଳକୃଷ୍ଣ ଚ. ଗୀତ ।

ତାର ସର୍ବନାମ. ସ୍ତ୍ରୀ. ପୁଂ ଓ କ୍ଲୀ. (୬ଷ୍ଠୀ ୧ବ; ଅନାଦରାର୍ଥକ)—
उसका ତାର; ତାହାର—His; its; her; of it; of that.
(ତାଙ୍କ—ସମ୍ମାନାର୍ଥକ) [ଦ୍ର—ଏହି 'ତା'କୁ ଅନ୍ୟ ଶବ୍ଦ ପୂର୍ବରେ ବ୍ୟବହାର କଲାବେଳେ କେହି କେହି ଲେଖକ ତା' (ଯଥା—ତା' ଘରକୁ) ଲେଖି ଥାଆନ୍ତି । ଏହାର ଅର୍ଥ 'ତାହାର ଘରକୁ' । ସୁତରାଂ ଏଠାରେ 'ତାହାର' ଦେହରୁ 'ହାର' ଲୋପ କରି କେବଳ ତା'ଦ୍ୱାରା ସେ ଭାବ ବ୍ୟକ୍ତ କରନ୍ତି ।]
ଗ୍ରା. ଅବ୍ୟୟ. (ନିର୍ଦ୍ଦେଶକ ବାକ୍ୟାଲଂକାର ପର ବ୍ୟବହୃତ)—
୧ । (ଦେଖାଇ ଦେବା ଅର୍ଥରେ) ତ—
1. (In pointing out a thing) Lo! Behold!
(ଯଥା—ଦେଖ ତା ବଳୁଅଛି ବୃନ୍ଦାବନରେ ପକ୍ଷୀ ଗୁହିଁଛି ।)
୨ । (ନିଶ୍ଚୟାର୍ଥକ)ହିଁ—2. (Indicating certainty) Too.
(ଯଥା—ତୁ ଯାହା କହୁଛୁ ମୁଁ ତ ସେଇତା କହୁଛି, ତୁ କଣ ଚିଡ଼ୁଛୁ ?)
୩ । (କଥାପ୍ରସଙ୍ଗ ବା ବାକ୍ୟାରମ୍ଭରେ) କିନ୍ତୁ; ତଥାପି, ତେବେ—3. But; still then; so then.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭ୍ରମରେ ଉଚ୍ଚାରଣ କରନ୍ତି । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅର୍ଥାତ୍ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗ ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଯଥା—ତା ବୋଲି ମୁଁ କଅଣ ତୋ ସଙ୍ଗେ ପଟାଏ ନ ଲଢ଼ି ଛାଡ଼ି ଦେବି ?)

• ପ୍ରାଦେ. (ସମ୍ବଲପୁର) ପ୍ରତ୍ୟୟ—କ୍ରିୟାର ଅକାଂକ୍ଷାର୍ଥକ ରୂପରେ (ଓଡ଼ିଆ 'ନ୍ତା' ସ୍ଥଳରେ ବ୍ୟବହୃତ)—
An inflection used in the conditional tense of verbs.

[ଯଥା—ମିଳ୍‌ତା=ମିଳନ୍ତା ।]

ଦେ. ବି—୧ । ନାଚ, ଗୀତ ଆଦିର ଆରମ୍ଭରେ ବୋଲାଯିବା ଉଚ୍ଚାରିତ ବା ସ୍ୱର—1. The sound and letter uttered by a singer or dancer before beginning to sing or dance.

୨ । ମୃଦଙ୍ଗ ବଜାଇବାର ବୋଲକଟର ଆଦ୍ୟ ସ୍ୱର—
2. The 1st tune of the gamut or musical scale of a Mṛudaṅga.

[ଦ୍ର—ମୃଦଙ୍ଗ ବୋଲକଟର ୭ଟି ସ୍ୱର; ଯଥା—ତା, ଗ, ଧୋ, ଧେ, କ୍ଡ, ଠା, ନମ୍ ।]

(ତାଅ—ଅନ୍ୟରୂପ) (ସଂ. ତାପ)—୩ । ତାତି; ତାପ; ଉତ୍ତାପ —
ता 3. Heat.

ताव ୪ । କମାରର ଭାତିଦ୍ୱାରା ନିଆଁକୁ ପବନ ଯୋଗାଇବା; ତାଇବା—3. Blowing of the bellows.

୫ । ପକ୍ଷୀମାନଙ୍କର ଡିମ୍ବ ଉଷୁମାଇବା; ତା ଦେବା—
5. The warming of the eggs by birds to hatch them; brooding.

ता ବୈଦେ. ବି. (ଅ. ତଖତା; ତା)—କାଗଜର ଫର୍ଦ୍ଦ—
ताः Sheet of paper.

ଦେ. ସାଙ୍କେତିକ ଚିହ୍ନ (କଟକିଆ)—୧ । ତାରିଖ—
1. An abbreviation prefixed to the numerical mention of the date as in D/6-3-1935.

(ଯଥା—ତା ୬।୩।୧୯୩୫ ମସିହା ।)

୨ । ତାଲୁକ—2. An abbreviation for Tāluk.

(ଯଥା—। ତା । ରଘୁନାଥପୁର ।)

(ତାଃ—ଅନ୍ୟରୂପ)

ତାଅ (ଇତ୍ୟାଦି)—ଦେ. ସର୍ବନାମ—ତା (ଇତ୍ୟାଦି) (ଦେଖ)
Tā-ā Tā (etc) (See)

ତାଅ କରିବା—ଦେ. କ୍ରି. (ସଂ. ତାପ)— ୧ । ଭାତିକୁ ତାଇବା —
Tā-ā karibā 1. To blow the bellows.

ताओयान् ୨ । ତରଳିବା ପର୍ଯ୍ୟନ୍ତ ଲୁହାକୁ ନିଆଁରେ ତତାଇବା—
तावना, दहकाना 2. To heat iron upto the melting point

(ତା କରିବା—ଅନ୍ୟରୂପ)

[ଦ୍ର—ଯେଉଁ ଅବସ୍ଥାରେ ଲୁହାକୁ ନିଆଁରୁ କାଢ଼ିଲାବେଳେ ତହିଁରୁ ଅଗ୍ନି ସ୍ଫୁଲିଙ୍ଗ ବାହାରି ଯାଉଥାଏ ଓ ତାକୁ ହାତୁଡ଼ିରେ ବାଡ଼େଇଦେଲେ ତାହା ଦବିଯାଏ ତାକୁ ଲୁହାକୁ ତାଅ କରିବା ଅବସ୍ଥା ବୋଲାଯାଏ ।]

ତାଅଦାତ (ଦ୍)—ବୈଦେ.ବି.(ଅ. ତଅଦାଦ୍=ସଂଖ୍ୟା; ସୁମାରି; ଗଣତି)—
Tā-ādāt(d) (କଚେରିଆ ଭାଷା)—୧ । ତାଦାଦ୍; ସଂଖ୍ୟା—
ତାଇଦାତ; ତାଇଦାଦ୍ } ଅନ୍ୟରୂପ 1. Number.
ତାଏଦାଦ; ତାଦାଦ୍; ତାଦାତ୍ ୨ । ମୂଲ୍ୟ—
ତାୟଦାତ; ତାୟଦାଦ୍ 2. Value.

তায়দাদ্; তাদাদ ୩ । ମକଦ୍ଦମାରେ କରାଯାଇଥିବା ଦାବିର ପରିମାଣ—
तादाद्; तायदाद् 3. Money-value of a claim.

୪ । ମକଦ୍ଦମା ସଂକ୍ରାନ୍ତ ଦାବିର କଳ୍ପିତ ମୂଲ୍ୟ—
4. Value of the subject matter of a suit; valuation of a suit or claim.

(ଯଥା—ବର୍ତ୍ତମାନ କଟକର ମୁନସଫଙ୍କୁ ଟ ୧୦୦୦ଟଙ୍କା ତାଦାଦର ନମ୍ବରୀ ମକଦ୍ଦମାମାନ ବିଚାର କରିବାର କ୍ଷମତା, ହାଇକୋର୍ଟ ଦେଇ ଅଛନ୍ତି ।)

୫ । କବାଲା, ଦାନପତ୍ର, ଋଣପତ୍ର ଆଦି ଦଲିଲରେ ଲେଖା ଥିବା ସମ୍ପତ୍ତି ବା ଧନର ମୂଲ୍ୟ ବା ପରିମାଣ—
5. Money-value of the subject-matter of a document.

ତାଅ ଦେବା—ଦେ. କ୍ରି (ସଂ. ତାପ)—୧ । (ପକ୍ଷୀ) ଡିମ୍ବ ଉଷୁମାଇବା—
Tā-ā debā 1. (Birds) To brood over an egg;
তা দেওয়া to warm the egg before hatching it.
सेना

তাওয়ান; धौंकना ୨ । ଭାତିକୁ ତାଇବା—2. To blow the bellows.

ତାଅ ମାରିବା—ଦେ. କ୍ରି—୧ । ଭାତିକୁ ତାଇବା—
Tā-ā māribā 1. To blow the bellows.

(ତା ମାରିବା-ଅନ୍ୟରୂପ) ୨ । ଦୁଇଖଣ୍ଡ ଲୁହାକୁ ତରଳ ଥିବା ଅବସ୍ଥାରେ ଯୋଡ଼ି କରି ଏକାଠି ପିଟିବା—
2. To join two pieces of iron while they are malleable.

ତାଅସ—ଗ୍ରା. ବୈଦେ. ବି (ଅ)—ତାସ୍ (ଦେଖ)
Tā-āsa Tās (See)

ତାଇ—ଗ୍ରା. ସର୍ବ (ସଂ. ତଦ୍+ହି)—୧ । ତାହାହିଁ; ସେହି କଥାହିଁ—
Tai 1. That too; that also; certainly that.

তাই, তাহাই ୨ । ତାହା ସୁଦ୍ଧା; ତାହା ମଧ୍ୟ—2. Even that.

तही ଦେ. ବି—(ସଂ. ତାପ)—୧ । ଛୋଟ ତାୱା; ରୁଟି
তাই ସେକିବାର ଚଟକା କଡ଼େଇ—1. A small-sized
तवा flat frying pan.

୨ । ମୋହର ଚିହ୍ନ; ଛାପ—2. Seal.

ପ୍ରାଦେ. (ସମ୍ବଲପୁର) ବି—୪ । ମାଟି ତେଲୁଣି—
4. An earthen pan.

୧	ମ	ଭ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଘ
୨	ଝ	ଉ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ନ୍

ପ୍ରାଦେ. (ଗଞ୍ଜାମ) ବ—୫ । ମହରଡ଼ା—5 A kind of flat and long bean.

ଦେ ଣ—୧ । ତୀକ୍ଷ୍ଣ; ଚଞ୍ଚଳଆ; ତେଜସ୍ୱୀ—1. Sharp; fiery; mettled.
(ଯଥା—ଘୋଡ଼ାଟା ଭାରି ତାଇ ହୋଇଛି ।)
୨ । ଜଳୁଥିବା—2 Burning; flaming; blazing.
(ଯଥା—ନିଆଁଟା ଭାରି ତାଇ ହୋଇଛି ।)
୩ । ନିଆଁରେ ପାଚିକରି ନାଲି ହୋଇଥିବା (ଲୁହା ଆଦି)—3. Red hot (metal).
ଦେ. ଅ—ତାଇ ତାଇ (ଦେଖ)—3. Tāi tāi (See)

ତାଇଁକି—ଗ୍ରା (ସର୍ବନାମ)—୧ । ତାହାକୁ—
Tāiṅki 1. To that.
तेई ୨ । ସେଠାକୁ—2. To that place.
उसमें ୩ । ସେ ବିଷୟରେ—3. In that matter.

ତାଇଜ୍ (ଦ୍) ନବିସ୍—ବୈଦେ. ବ (ଅ. ତାଇଦ୍=ସାହାଯ୍ୟ; ଅନୁମୋଦନ
Tāij(d) nabis +ଫା.ନବିସ୍=ଲେଖକ; ତୁଲ. ଇଂ ନୋଭିସ୍=
(ତାଏଜ୍(ଦ୍)ନବିସ୍—ଅନ୍ୟରୂପ) ନବଶିକ୍ଷାର୍ଥୀ)—୧ । କୌଣସି
ताईदनविस ଅଫିସ୍‌ରେ ସ୍ଥାୟୀ କର୍ମଚାରୀଙ୍କ ଲେଖାପଢ଼ିରେ ସାହାଯ୍ୟ
ताइदनविस, ताईद् କରିବା ନିମନ୍ତେ ନିଯୁକ୍ତ ବ୍ୟକ୍ତି; ଅସ୍ଥାୟୀ ଭାବରେ ବା ପରୀକ୍ଷା ସ୍ୱରୂପ ବା କାର୍ଯ୍ୟ ଶିଖିବା ପାଇଁ ନିଯୁକ୍ତ ଲେଖକ—1. Probationer clerk.
୨ । ଶିକ୍ଷାର୍ଥୀ; ଶିକ୍ଷାନବିସ୍—2. An apprentice learning work in an office; a novice.

ତାଇଜ୍(ଦ୍) ନବିସୀ—ବୈଦେ. ବ (ଅ. ତାଇଜ୍+ଫା. ନବିସ୍+ଫା
Tāij(d) nabisī ପ୍ରତ୍ୟୟ ଈ.)—ତାଇଜ୍‌ନବିସ୍‌ର କାର୍ଯ୍ୟ—
[ତାଏଜ୍(ଦ୍) ନବିସୀ—ଅନ୍ୟରୂପ] The work of a probationer or apprentice.
ताईजनविसि
ताईदनविस

ତାଇ(ଏ)ତ୍—ବୈଦେ. ବ (ଅ. ତାଇଦ୍=ସାହାଯ୍ୟ; ପୁଷ୍ଟି)—
Tāi(e)t ୧ । ରୋଗିସେବା; ଶୁଶ୍ରୂଷା—1. Tending or looking after a sick man.
ତାଇତ; ତାଏତ; ତାଜତ; } ଅନ୍ୟରୂପ
ତାହୁତ; ତାହୁତ }
ताईत ୨ । ଶରୀର ବା ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖିବା; ଶରୀରର ଯତ୍ନ
चाह ନେବା; ଶୁଶ୍ରୂଷା—2. Taking proper care of the body.
୩ । ଯତ୍ନ ନେବା—3. Caring; taking care.

ତାଇତ—ଦେ. ବ (ଫା. ତାବିଜ୍=ତେଜିଁରଆ)—ବାହୁର ଅଳଙ୍କାର
Tāita ବିଶେଷ; ସୁନା ରୂପାର ବାଜୁ—An armlet or
ताबीज ornament for the arm.
ताइत ଦେ. ସର୍ବନାମ (ସଂ. ତତ୍ ଭୁ)—୧ । ତାହାତ; ତାହାହିଁ—
ताइत 1. That also; that too.
बहवी ୨ । ତାହା ସୁଦ୍ଧା—2. That even.

ତାଇ ତାଇ—ଦେ. ଅ (ଶିଶୁରଞ୍ଜନ)—ଶିଶୁମାନଙ୍କୁ ତାଳି ମାରିବାକୁ
Tāi tāi ଶିଖାଇବା ସମୟରେ ପ୍ରାପ୍ତବୟସ୍କମାନେ ଓ ଶିଶୁମାନେ ଯେଉଁ ଶବ୍ଦ ଉଚ୍ଚାରଣ କରନ୍ତି—The repetition of the word Tāli by elders and children while the latter are taught to clap their hands.
[ଦ୍ର—ଶିଶୁମାନେ ସ୍ୱଭାବତଃ 'ତାଳି' ଉଚ୍ଚାରଣ କରି ନ ପାରି 'ତାଇ' ଉଚ୍ଚାରଣ କରିବାରୁ ପ୍ରାପ୍ତବୟସ୍କମାନେ ମଧ୍ୟ ତାଙ୍କ ଅନୁକରଣରେ 'ତାଳି ତାଳି' ନ କହି 'ତାଇତାଇ' କହି ଥାଆନ୍ତି ।]

ତାଇଦାତ୍(ଦ୍)—ବୈଦେ. ବ (ଅ. ତଅଦାଦ୍) (ଉଚରଅ)—
Tāidāt(d) ତାଅଦାତ୍ (ଦେଖ)—
Tā-ādāt (See)

ତାଇନ(ନି)—ଗ୍ରା. ବୈଦେ. ବ (ଇଂ. ଟାଇମ୍)—୧ । ସମୟ—
Tāin(ni) 1. Time.
ताईन ୨ । ନିର୍ଦ୍ଦିଷ୍ଟ ସମୟ—2. Fixed time.
टेम ୩ । ନିୟମିତ ଅବସ୍ଥା—3. Regularity.
୪ । ନିୟମ; ବିଧି—4 Rule.

ତାଇ(ଏ)ଫା—ବୈଦେ. ବ (ଫା. ତାୟଫା)—୧ । ନର୍ତ୍ତକୀଙ୍କ ଦଳ—
Tāi(e)phā 1. A party of dancing girls.
तायफा × × ଏଠାରେ ବଡ଼ ତାଇଫା ଆସେ । —ଫକୀରମୋହନ. ଗଳ୍ପସ୍ୱଳ୍ପ ।
तायफा ୨ । ନର୍ତ୍ତକୀ—2. Dancing girl.
୩ । ବେଶ୍ୟା—3. Prostitute.

ତାଇବା—ଦେ. କି (ସଂ. ତପ ଧାତୁରୁ)—୧ । ଉତ୍ତପ୍ତ କରିବା;
Tāibā ତତାଇବା—1. To heat.
୨ । (ଲକ୍ଷଣାର୍ଥ) ଉତ୍ତେଜିତ କରିବା—
2. To excite.
ताओयान ୩ । ଭାତି ଦ୍ୱାରା ନିଆଁକୁ ପବନ ଯୋଗାଇବା—
धौंकना 3. To blow the bellows.
ବସ୍ତ୍ରା ଯନ୍ତ୍ର ତାଇଛି ବ କାମର ସେହି ଶର ଗଡ଼ା ବୋଲ ସେ ।
ଭଗେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ତାଇ ବି(ଭି)—ଦେ· ସର୍ବନାମ (ସଂ. ତଦପି)—୧ । ତାହାହିଁ; ତାହାମଧ୍ୟ—
Tāi bi(bhi) 1. That also; that too.
ताईबि ୨ । ତାହା ସୁଦ୍ଧା—2. Even that.
बहबि

ତାଇଲା ମାଇଲା—ଦେ. କି . ବଣ—(ଲୁହା ତାଇ ହୋଇଥିବା ଅବସ୍ଥାରେ
Tāilā māilā ଲୁହାକୁ କମାର ହାତୁଡ଼ିରେ ପିଟିଲେ ଲୁହା ଇପ୍‌ସିତ
ତାଇଲାକୁ ମାଇଲା } —ଅନ୍ୟରୂପ ଆକାରରେ ପରିଣତ ହୁଏ,
ତାହଲାକୁ ମାହଲା } ଏହି ଭାବରୁ)—
୧ । ଉପଯୁକ୍ତ ସମୟ ଦେଖି ଉପଯୁକ୍ତ କାର୍ଯ୍ୟ କରିବା ପ୍ରକାରେ; ଦେଶକାଳପାତ୍ରର ଉପଯୋଗୀ କାର୍ଯ୍ୟ କରିବା ପ୍ରକାରେ—1. In a manner befitting the time or the condition; in an appropriate manner.

ସାଧାରଣ ଭେଦରେ ଅପର ପୃଷ୍ଠାରେ ଦେଖନ୍ତୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ୨୪ରେ ପ୍ରଭେଦ କୋଣଦକ୍ଷ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭଗାକୋଷରେ ନ ମିଳେ, ତେବେ ଶବ୍ଦ ନ ପାଇ ଘୋଷିନେ ଅନ୍ୟର ସେଥିରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍ଭବଟ' ଦେଖିବେ।

୨ । ସଙ୍ଗେ ସଙ୍ଗେ; ତରତର ହୋଇ ଭାବରେ କୌଣସି କାର୍ଯ୍ୟ କରିବା ପ୍ରକାରେ; ତାଡ଼ାତାଡ଼ି ଭାବରେ— 2. In a hasty manner; hurriedly; in no time.

(ଯଥା—ସରକ ଏକ୍ଜିମେନ୍ ମଞ୍ଜୁର ହୋଇଗଲେ ମୁଁ ତାଇଲ ମାଇଲ୍ କାମ ଲଗେଇ ଦେଇ କଷ୍ଟେ ଦୁଇ ମାସ ମଧ୍ୟରେ ଘରଟାକୁ ଠିଆ କରାଇ ଦେବି ।)

୩ । କଦର୍ଯ୍ୟଭାବରେ; ଅଯତ୍ନଭାବରେ— 3. Carelessly; in a slip-shod manner.

ତାଇଲି—ଗ୍ରା. ବିଶେ. ବି (ଇଂ. ଟାଇଲ୍)—ଟାଇଲ୍; କୋଠାର ଛାତ ଆଦିରେ ବସାଇବା ପାଇଁ ପୋଡ଼ା ହୋଇଥିବା ପଟଳା, ଲମ୍ବ ଓ ଚଉଡ଼ା ଇଟା ବା ପଥର ଖଣ୍ଡ— Tile (of brick or stone).
Taili
টাইল; টালি
नरिया, खपड़ा

ତାଇସା—ଦେ. ବି—ଠାଟ୍ଟା; ଠାଟ୍ଟସା; ଠାପସ୍; ଥଟ୍ଟା— Joking; jesting; joke.
Taisā

ତାଇସି—ପ୍ରାଦେ (ବାଲେଶ୍ବର) ବି—ନଦୀ ମୁହାଣରୁ ଧରାପଡ଼ିବା ଏକ ପ୍ରକାର ଲୁଣି ମାଛ—A species of sea-fish caught at the mouths of rivers.
Taisi

ତାଉ—ଦେ.ବିଣ(ସଂ. ତପ୍ତ)-୧ । ବିଶେଷଭାବରେ ଉତ୍ତପ୍ତ; ଖୁବ୍ ତାତିଲା- 1. Very hot.
Tāu
তাও
ताय
୨ । ନିଆଁରେ ତାତି ନାଲି ହୋଇଥିବା (ଧାତୁ)— 2 Red hot (metal).
୩ । ଅତି କ୍ରୁଦ୍ଧ—3. Enraged.

ବି (ସଂ. ତାପ)—୧ । ଅଗ୍ନିର ପ୍ରଖର ତେଜ; ଦହନ— 1. Blaze of fire (as of live-coals).
୨ । ତାପ; ଗରମି—2. Heat.
୩ । ଅତ୍ୟନ୍ତ କ୍ରୋଧାବେଶ—3. Rage.
୪ । ଲୁହା ଓ ଅନ୍ୟ ଧାତୁର ନିଆଁରେ ତାତିକରି ନାଲି ହେବା ଅବସ୍ଥା, ଯେଉଁ ଅବସ୍ଥାରେ ଲୁହାକୁ ବାଡ଼େଇକରି ଅଭିପ୍ରେତ ଆକାରରେ ପରିବର୍ତ୍ତିତ କରି ଯାଇପାରେ— 4. Red-hot or malleable condition of iron or other metal.

ବିଶେ. ବି (ଫା. ତା=ଫର୍ଦ୍ଦ)—କାଗଜର ଫର୍ଦ୍ଦ— Sheet of paper.

ତାଉଆ—ଦେ. ବି (ସଂ. ତପକ—ଭାବପ୍ରକାଶ)—ଚେପଟା ଲୁହା କରେଇ, ଯହିଁରେ ରୁଟୀ ସେକାଯାଏ ଓ ଭଜାଭଜି ହୁଏ— Frying pan; a baking pan or plate.
Tāuā
(ତାଓଆ—ଅନ୍ୟରୂପ)
তাওয়া
तावा

ତାଉଁଦେଖା(ଖେ ଇବା—ଦେ. କ୍ରି—କ୍ରୋଧଭାବ ପ୍ରକାଶ କରିବା; କ୍ରୋଧରେ ବା ଗର୍ବରେ ନିଶ ମୋଡ଼ିବା— To give vent to one's rage or pride.
Tāu dekhā(khe)ibā
গোঁফে তার দেওয়া
तावदेना; ताओखाना

ତାଉନ୍—ବିଦେ. ବି (ଅ)—ବାତ ଜର; ଗିଲ୍ କଫ ସହିତ ହେବା ଏକପ୍ରକାର ଜର—Filaria; a kind of fever accompanied with the sweling of the glands and elephantiasis.
Tāun
ताउन

ତାଉସ—ବିଦେ. ବି (ଅ)—ମୟୂର— Peacock.
Tāus
তাউস
ताउस
[ଦ୍ର—ଅଗ୍ରାରେ ମୋଗଲ ସମ୍ରାଟ ସାହାଜାହାନଙ୍କ ନିର୍ମିତ ମୟୂର ସିଂହାସନର ଉର୍ଦ୍ଦୁ ନାମ ତକ୍ତତାଉସ୍ ବା ତକ୍ତତାଉସି ।]

ତାଏଜ(ଦ୍) ନବିସ୍ (ଇତ୍ୟାଦି)—ବିଦେ. ବି—ତାଇଜ୍ ନବିସ୍ ଇତ୍ୟାଦି Tāij nabis etc (See).
Tāej(d) nabis (etc)

ତାଏତ—ଦେ. ବି—ତାଇତ୍ (ଦେଖ) Tāit (See).
Tāet

ତାଏଦାତ୍(ଦ୍)—ବିଦେ. ବି (ଅ. ତଅଦାଦ)— ତାଦାତ୍ (ଦେଖ) Tādāt (See).
Tāedāt(d)

ତାଏଫା—ବିଦେ. ବି—ତାଇଫା (ଦେଖ) Tāiphā (See).
Taephā

ତାଂଚ୍ଚା ରାଂଚ୍ଚା—ପ୍ରାଦେ (ସମ୍ବଲପୁର) ବି—କଳିକରିବା ପାଇଁ ଉଦ୍ୟମ ବା ଭାବଭଙ୍ଗୀ— The movements and postures of a man apt to quarrel.
Tāmchā rāmchā

ତାକ୍—ଦେ. ବି (ସଂ. ତର୍କ ଧାତୁ)—୧ । ଏକ ଦୃଷ୍ଟି; ସ୍ଥିର ଦୃଷ୍ଟି; କୌଣସି ବସ୍ତୁ ପ୍ରତି ଅବିରତ ଦୃଷ୍ଟି—1. Stare; fixed look.
Tāk
তাক
ताक
(ଯଥା—ଭୁବନେଶ୍ବରର ମନ୍ଦିରମାନଙ୍କ କାରୁକାର୍ଯ୍ୟ ଦେଖି ମୋର ତାକ୍ ଲାଗିଗଲା ।)
୨ । ଦୃଷ୍ଟିର ଲକ୍ଷ୍ୟ—2. The aim of one's sight.
ପ୍ରାଦେ (ସିଂହଭୂମ) ବି—ସମୟ ବା ସୁବିଧାକୁ ଅପେକ୍ଷା କରି ବସିବା; ଜଗାଇବା—Waiting for an opportunity.
(ତାକ; ତାକ୍ତା; ତାକତା—ଅନ୍ୟରୂପ) ଦେ. ଅ—ପଖୋଜ ବାଦ୍ୟର ଉକ୍ତି—The tune or gamut of a 'Pakhoja' drum.

ତାକଡ଼ି—ପ୍ରାଦେ (ସମ୍ବଲପୁର) ବି—ତାକୁଡ଼ି (ଦେଖ) Tākurdi (See)
Tāk-rdi

ତାକ୍ ତରକ—ଦେ. ବି (ସଂ. ତର୍କ; ଭୁଲ=ଇଂ ଟାକ୍ଟିକ୍)— 1. Watching each other.
Tāk taraka ୧ । ଜଗା ଜଗି—
তাকতরক, তুকতাক
चौकसी
୨ । ଚତୁରତା—2. Cleverness.
୩ । ହୁସିଆର; ସତର୍କତା—3. Being on one's guard; alertness.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଅ	ଘ
୬	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ୱ	ନ୍

୪ । ଖଞ୍ଜଖାଞ୍ଜ; ଚତୁର; କୌଶଳ—
4. Tactics; craft.

ଅରେ ତନୁଦର, ତାକ ତରକ ତୁ ଜାଣ, କେତେ ପର—
ଜଦସୂର୍ଯ୍ୟ, ରତ୍ନାକରଚମ୍ପୂ ।

୫ । ବିଶେଷ ସାବଧାନତା ସହକାରେ ଅନ୍ୱେଷଣ—
Careful investigation or search.

ତାକ୍ ତରକା—ଦେ. ବଣ—୧ । କୌଶଳୀ—
Tāk tarakā 1. Crafty.
তুকতাক ୨ । ଯେ ଖଞ୍ଜ ଉଣ୍ଡି କାମ ହାସଲ କରେ—
चौकस 2. Tactician; tactful.
ତାକତରକା, ତାକ୍‌ତରକିଆ } ଅନ୍ୟରୂପ
୩ । ଚତୁର—
3. Sagacious; clever.
୪ । ଯେ ସର୍ବଦା ସାବଧାନ ଥାଏ; ସତର୍କ; ହୁସିଆର—
4. Vigilant; cautious.

ତାକ୍ ତାକ୍ ଧୀନାଧୀନ୍—ଦେ. ଅ—ତାତାଥିନ୍ (ଦେଖ)
Tāk tāk dhinādhin Tātāthin (See)
(ତାକ୍ ଥେଇ; ତାକ୍ ଧେଇ; ତାକ୍‌ଥିନାଥିନ୍—ଅନ୍ୟରୂପ)

ତାକ୍(ଗ୍)ଦା—ଦେ. ବ. (ଆ. ତାକୀଦ୍)—୧ । କୌଣସି ପ୍ରାପ୍ୟକୁ
Tāk(g)-dā ଦୃଢ଼ତା ସହକାରେ ତଲବ କରିବା; ପୁନଃ ପୁନଃ ତଲବ-
তাকিদ 1. Urgent or pressing demands for any
ताकीद dues.
ତାକଦା, ତାକଦା; ତାଗଦା; ତାଗାଦା; ତାଗିଦା } ଅନ୍ୟରୂପ
(ଯଥା—ମହାଜନ ଖାତକକୁ ବାରଂବାର ତାକ୍‌ଦା କରୁଛି ।)
୨ । ଜଗର କରିବା—
2. Urging on.
୩ । ତମ୍ୱୀ; ଜିଦ; ପାଉଣା ଅଦାୟ ଦେବା ନିମନ୍ତେ ପୀଡ଼ନ ବା ଜଗର—3. Pressure to pay any due.
୪ । ସ୍ମାରକ ତଲବ—4. Reminding demand.
[ଦ୍ର—ଏହି ଶବ୍ଦ 'ତମ୍ୱୀ' ଓ 'ତଲବ' ଶବ୍ଦ ପରେ ମଧ୍ୟ ଯୋଗ ହୁଏ; ଯଥା—ତମ୍ୱୀ ତାକ୍‌ଦା, ତଲବ ତାଗ୍‌ଦା=ପୁନଃ ପୁନଃ ତଲବ—Repeated pressing demands.]
୫ । ସାବଧାନ କରାଇବା; ସତର୍କୀ କରଣ—5. Warning.

ତାକ୍‌ଡ୍ରିମ୍—ଦେ. ଅ—୧ । ପଖୋଜ ବାଦ୍ୟର ଉକ୍ତି; ମହାଦେବଙ୍କ
Tāk-drim ତାଣ୍ଡବ ନୃତ୍ୟର ସହିତର ବାଦ୍ୟ ବାଦନର ଉକ୍ତି—
1. A tune of musical drum.
ତାକ୍‌ଡ୍ରିମ୍‌ଖିଟ୍, ତାକ୍‌ଟ୍ ତାକ୍; ତାକଡ୍ରୁ ତାକଡ୍ରୁ; ତାକିଟ୍; ତାକ୍‌ଥିନ୍; ତାକ୍‌ଥିନ; ତାକ୍‌ଥିନା; ତାଖିଟ୍; ତାଖିଟ୍ } ଅନ୍ୟରୂପ
୨ । ନୃତ୍ୟ ସମୟରେ ପାଦକ୍ଷେପର ଉକ୍ତି—
2. The vocal sound representing the steps made while dancing.

ତାକ୍ ଲଗିବା—ଦେ. ବ. (ଆ. ତାକ୍=ଆଶ୍ଚର୍ଯ୍ୟ—ଯୋଗେଷ୍ଟନ୍)—
Tāk lāgibā ୧ । ଏକଦୃଷ୍ଟି ବା ଅବାକ୍‌ଦୃଷ୍ଟି ଅବସ୍ଥା ଘଟିବା—
তাক লাগা 1. Looking with a fixed stare.
टकटकी लगना ୨ । ବିସ୍ମୟବିଷ୍ଟାରିତ ନେତ୍ରରେ ଚାହିଁବା—
2. Staring with wonder.
୩ । ଆଶ୍ଚର୍ଯ୍ୟଜନକ ବୋଧ ହେବା—
3. Seeming wonderful.
୪ । ଆଶ୍ଚର୍ଯ୍ୟ—4. Astonishment.

ତାକ—ବୈଦେ. ବ. (ଆ. ତାକ୍=କାନ୍ଥଖୋଲ)—
Tāka ୧ । ଥାକ; କାନ୍ଥଖୋଲ—1. A niche in the wall; a
তাক; থাক shelf in the wall.
ताक ୨ । ପରସ୍ତ; ଭାଙ୍ଗ—2. Layer; fold.
୩ । ଅଲମାରିର ଥାକ ବା କୋଠରି—
3. Shelf of an almira.
থাক ଦେ. ବ. (ତୁଳ. ଇଂ. ଷ୍ଟାକ୍; ସଂ. ସ୍ତବକ)—ଗଣା ଯାଇ
टाल ଉପର୍ଯ୍ୟୁପରି ରଖା ଯାଇଥିବା ମୁଦ୍ରାର ଗଦା—
A heap of coins put one over the other; a stack.

ତାକତ୍—ବୈଦେ. ବ. (ଆ. ତାକତ୍)—୧ । ଶକ୍ତି; କ୍ଷମତା; ବଳ—
Tākat 1. Power; strength.
তাকত ୨ । ଶାରୀରିକ ବଳ—2. Bodily strength.
ताकत

ତାକତ ରୁଆ—ଦେ. ବ—ପାଣି ନ ଥିବା କାଦୁଅ ମାଟିରେ ଧାନ
Tākata ruā ରୋଇବା—Transplantation of paddy seedlings on waterless and muddy soil.

ବାଳ ବେଳଡ଼ା ତାକତ ରୁଆ । ପୋଇ ନ ପୋଇ ହୋଇବ ଠିଆ—
କୃଷି. ପ୍ରବଚନ ।

ତାକ ମାରିବା—ଦେ. କି—(ମୁଦ୍ରା ଆଦିକୁ) ଉପର୍ଯ୍ୟୁପରି ଗୋଟିଏ
Tāka māribā ଗୋଟିଏ ଗଦା କରି ସଜାଇ ରଖିବା—
থাক মারা To arrange coins in several stacks;
ढेर लगाना to stack coins.

ତାକର—ପ୍ରାଦେ. (ଜାଶପୁର) ସର୍ବନାମ—ତାହାର; ତାଙ୍କର—
Tākara His.

ତାକର ମନକର—ପ୍ରାଦେ. (ଜାଶପୁର) ସର୍ବନାମ—ସେମାନଙ୍କର—
Tākara manakara Their; theirs.

ତାକି—ଦେ. ବଣ—ଅଳ୍ପସ୍ୱରବିଶିଷ୍ଟ; ଅନୁଚ୍ଚସ୍ୱରବିଶିଷ୍ଟ—
Tāki Low-sounding.

ନାକି ସ୍ୱରକୁ ତାକି ଗାଇଣା—ଭଗ ।

ତାକିତ୍(ଦ୍)—ବୈଦେ. ବ. (ଆ. ତାକିଦ୍)—
Tākit(d) ୧ । ତମ୍ୱି; ସନିର୍ବନ୍ଧ ଅନୁରୋଧ; ତାଗିଦା; ତାଗଦା; ତଲବ-
তাকিদ 1. Urging on; pressing request; demand.
ताकीद ୨ । ଦୃଢ଼ାଜ୍ଞା; କଡ଼ା ହୁକୁମ—
2. Strict order; injunction.

> ସାଧାରଣ ଲୋକେ ଅତ୍ର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ପାଇବେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥାନରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ସାବଧାନ କରାଇବା—3. Warning.
୪ । ସ୍ମାରକ ଉପାୟ—4. Reminder; memo.
୫ । ସ୍ମରଣ କରାଇବା—5. Reminding.
୬ । ଆଜ୍ଞା; ଆଜ୍ଞାଦ୍ୱାରା ସତର୍କୀକରଣ— 6. Cautioning order.

ବିଣ—୧ । ସ୍ମାରକ— 1. Serving as a reminder.
୨ । ଦୃଢ଼ (ଆଦେଶ)—2. Strict (order).

ଟାକିତ୍(ଦ୍) କରିବା—ଦେ. କ୍ରି—୧ । ଆଦେଶଦ୍ୱାରା ସତର୍କ କରାଇ
Tākit(d) kariba ଦେବା; ଆଜ୍ଞା କରିବା—
তাকিদ করা 1. To issue an injunction; to warn.
ताकीद करना ୨ । ତଲବ କରିବା—2. To demand.

ଟାକିତ୍(ଦ୍) ଚିଠି—ଦେ. ବି—୧ । ତଲବ ଚିଠି—
Tākit(d) chiṭhi 1. Letter of demand.
তাকিদ চিঠি ୨ । ଜରୁରୀ ଚିଠି—
ताकिद् चिठि 2. Urgent letter.
୩ । ଯେଉଁ ଚିଠି ଦ୍ୱାରା ସତର୍କ କରାଇ ଦିଆଯାଏ— 3. A letter of warning.

ଟାକି ବସିବା—ଦେ. କ୍ରି—ଟାଇଁବା; ଏକ ଦୃଷ୍ଟିରେ ଅପେକ୍ଷା କରି
Tāki basibā ରହିବା—To watch eagerly.
তাকিয়ে বসা **ताक रहना**
(ଟାକି ରହିବା—ଅନ୍ୟରୂପ)

ଟାକିବା—ଦେ. କ୍ରି. (ସଂ. ତର୍କ୍ ଧାତୁ)—
Tākibā ୧ । ଏକ ଦୃଷ୍ଟିରେ ଚାହିଁ ରହିବା; ଟାଇଁବା—
তাকান 1. To stare.
ताकना ୨ । ଅପେକ୍ଷା କରିବା—2. To wait.

ଟାକୁଡ଼ି—ଦେ. ବି. (ସଂ. ତର୍କୁଟୀ)—
Tākurdi ୧ । ସୂତା କାଟିବାର ଲୁହା ବା କାଠଶର ଶଲାକା—
টেকো, তাকুড় —1. Spindle; Takli.
टिकुरी, तकला, तकली [ଦ୍ର—ଏହା ମୂଳରେ ଗୋଟିଏ ଗୋଲ ଚକଟି ବା ଗୋଲାକ ବା ପିଣ୍ଡ (ତର୍କୁପିଣ୍ଡ ବା ତର୍କୁପୀଠ) ଥାଏ ଓ ଅଗରେ ଖଣ୍ଡେ ଶ୍ଳେଷ୍ଟ ସୂତାଧରୀ (ଜାଲ) ଲାଗିଥାଏ ।]
୨ । ଅରଟରେ ଲାଗିଥିବା ଲୌହ ଶଲାକା— 2. Spindle of a spinning wheel.

ବିଣ—ଗୋଟିଏ ଟାକୁଡ଼ିରେ ଗୁଡ଼ିଅ ହେବା ପରିମିତ (ସୂତା)— Spindle-ful (of thread).

> କେତେବେଳେ କାଟିଁ ଜନ ଟାକୁଡ଼ି ସେ, କେବେ କାଇଲ ଶିବ,
> ସାଇ ପଞ୍ଚସୁଣୀ ପସ୍ତଆ'ରୁ ଟୋପର ଘରଣୀ ହେବ ?
> ହାସ୍ୟତରଙ୍ଗ ଗୀତ ।

[ଦ୍ର—ଆମ ଦେଶରେ ତୁଳାକୁ ବା ଝୋଟରୁ ବା ଛଣପଟରୁ ଟାକୁଡ଼ି ଦ୍ୱାରା ସୂତା କାଟିବା କାର୍ଯ୍ୟ ବହୁକାଳରୁ ପ୍ରଚଳିତ ଅଛି । ଅରଟ ପରବର୍ତ୍ତୀ କାଳର ସୃଷ୍ଟି । ଗରିବ ପରିବାରର ମାଇପେ, ବିଶେଷତଃ ବିଧବା ବ୍ରାହ୍ମଣୀମାନେ ଏ ପର୍ଯ୍ୟନ୍ତ ତୁଳାକୁ ବଳ ବଳଣା କରି ବଳଣାରୁ ଟାକୁଡ଼ିରେ ପଇତା ସୂତା କାଟୁ ଅଛନ୍ତି । ଟାକୁଡ଼ିର ମୂଳରେ ଗୋଟିଏ ଚକ ଥାଏ ଓ ଟାକୁଡ଼ି ଶଲାକାକୁ ଜଙ୍ଘରେ ବଳ ଛାଡ଼ି ଦେଲେ ଏହା ବୁଲୁଥାଏ ଏବଂ ସୂତା ମନକୁ ବଳ ହୋଇ ଲମ୍ବର ହେଉ ଥାଏ । ସୂତା ବଳ ହେଲା ବାଦ୍ ତାହାକୁ ଟାକୁଡ଼ିର ମୂଳରେ ଗୁଡ଼ାଇ ପୁଣି ନୂଆ ସୂତା କାଟିବାକୁ ହୁଏ ।]

ଟାକୁଡ଼ି କାଟିବା—ଦେ. କ୍ରି—ତୁଳା ବା ଝୋଟ ଆଦିରୁ ଟାକୁଡ଼ି ଦ୍ୱାରା
Tākurdi kāṭibā ସୂତା ବା ସୂତୁଲି ବଳ ପ୍ରସ୍ତୁତ କରିବା—
তাকুড়ে সূতা কাটা To spin thread by means of a
तकलीमे सूत कातना Takli.
[ଦ୍ର—ଫଳତଃ ଟାକୁଡ଼ିକୁ କାଟନ୍ତି ନାହିଁ, ଟାକୁଡ଼ି ଦ୍ୱାରା ସୂତା କାଟନ୍ତି ।
ଶ୍ଳେଷ୍ଟ ଯନ୍ତ୍ର, ଅର୍ଥାତ୍ ଯାହାଦ୍ୱାରା ତୁଳାରୁ ସୂତା କଟାଯାଏ ତାକୁ 'ଟାକୁଡ଼ି' ଏବଂ ବଡ଼ ଟାକୁଡ଼ି, ଅର୍ଥାତ୍ ଯାହାଦ୍ୱାରା ଝୋଟ ଆଦିରୁ ସୂତୁଲି ବଳାଯାଏ, ତାକୁ 'ଟାକୁଅ' କହନ୍ତି ।]

ଟାକେ—ଗ୍ରା. ଓ ପ୍ରାଦେ. (ସମ୍ବଲପୁର) ସର୍ବନାମ—ତାକୁ; ତାହାକୁ—
Tāke To him.

> ଯାକେ ଦେଖା ଟାକେ ସାକେ
> ଅପାଠିଆ ଠେଇଁ କଣୀ ବାରୁଛେ ।
> ବଙ୍ଗଳା ଉଷର ଅନୁକରଣରେ ଢଗ ।

[ଦ୍ର—ସମ୍ବଲପୁରରେ ଦ୍ୱିତୀୟା ବିଭକ୍ତିର ଚିହ୍ନ 'କୁ' ଠାରେ 'କେ' ବ୍ୟବହୃତ ହୁଏ । ବଙ୍ଗଳାଭାଷାରେ ମଧ୍ୟ ଏହି ବ୍ୟବହାର ।]

ଟାକେ ବଡ଼(ଡ଼ା)—ଦେ. ବିଣ. (ବଙ୍ଗଳା ଓ ଓଡ଼ିଆର ଅପୂର୍ବ ମିଶ୍ରଣ; ଦ୍ର.
Tāke barda(rdā) ଟାକେ=ତାହାକୁ+ଓଡ଼ିଆ. ବଡ଼)—
ଟାକେ ବଡ଼ } ଅନ୍ୟରୂପ ତାଙ୍କଠାରୁ ବଡ଼; ତାଙ୍କୁ ବଳି; ତାଙ୍କୁ
ଟାକେ ବଳ ବଡ଼; ତାଠାରୁ ବଡ଼ିଆ—
ଟାକେ ବଢ଼ିଆ Excelling one another; superior to the previous person; comparatively superior to one by one.
(ଯଥା—ଆଜିକାଲି ଆମ ଦେଶରେ ଧନଲୁବ୍ଧ ଟାକେ ବଡ଼ ଟାକେ ବଡ଼ ମହାତ୍ମା ଓ ନେତା ମାନେ ବାହାରୁ ଅଛନ୍ତି ।)

ଟାଖିତ୍—ପ୍ରାଦେ. (ସମ୍ବଲପୁର) ବି. (ଅ. ତାକୀଦ୍)—ସତର୍କୀକରଣ—
Tākhit Caution; warning.

ଟାଗଡ଼ି—ଦେ. ବି. (ସଂ. ତର୍କୁକ)—
Tāg-rdi ୧ । ବାହୁରେ ପିନ୍ଧିବା ସୁବର୍ଣ୍ଣନିର୍ମିତ ଅଳଙ୍କାର—
তাগা 1. An ornament for the arm.
तागड़ी ୨ । ଅଣ୍ଟାରେ ବନ୍ଧାଯିବା ଘୁଂଗୁରଲଗା କଟିସୂତ୍ର—
ଟାଗଡ଼ } 2. A tinkling waist-chain.
ଟାଗିଡ଼ି ଅନ୍ୟରୂପ
ଟାଗେଡ଼ି

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଘ
୵	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	●	ଢ଼

ଟାଗ(ଗା)—ଦେ. ବି. (ସଂ. ତନ୍ତୁକ; ସଂ. ତାର୍କବ; ପ୍ରା. ତାଗ୍ଗୋ)—
Tāga(gā) ୧ । ଡୋରି; ସରୁ ସୂତା; ଡୋରା—
1. String; thread.
ତାগা କେଉଁଠମାନେ ଯେପରି ତାଗ କାଢ଼ିବା ସକାଶେ ଗୁଣପଣ ବଡ଼ା ମେଲାଇ
तागा, ताग ଦିଅନ୍ତି × × × । ଫକୀରମୋହନ- ଛମାଣ ଅଠଗୁଣ୍ଠ ।
୨ । ସ୍ୱର୍ଣ୍ଣାଦି ଧାତୁ ନିର୍ମିତ ବାହୁବଳୟ; ଅନନ୍ତ କଡ଼ା—
2. An armlet (ornament).
୩ । ଦେବତା ଆଦିଙ୍କ ନାମରେ ମାନସିକ କରି ରୁଗ୍ଣ ବା ସର୍ପଦଷ୍ଟ ଅଙ୍ଗାଦିରେ ବାନ୍ଧିବା ସୂତୁଲି—
3. String wound round the limbs of a sick or snake-bitten person by invoking the name of a Deity.

ଟାଗଡ଼—ଦେ. ବି. (ଜାହାଜଅଙ୍କ ଭାଷା)—
Tāgarḍa କୂଳରୁ ଜାହାଜ ଉପରକୁ ଓ ଜାହାଜରୁ କୂଳକୁ
ତାগড় ଯିବା ପାଇଁ ପଟାରେ ତିଆରି ସିଡ଼ି—
तागड़ (Nautical) A ladder made of planks for going to and from a ship or boat.

ଟାଗଡ଼ା—ପ୍ରାଦେ. (ସିଂହଭୂମ) ବି—ଖୁଆ; ଅଉଟା ହୋଇ ଘନୀଭୂତ
Tāgarḍā ଦୁଧ—Thickened milk.

ଟାଗା—ବୈଦେ. ବି. (କଟକିଆ ଭାଷା) (ସମ୍ଭବତଃ ବାଉଁଶ ଦଣ୍ଡରେ ଟାଗା
Tāgā ବା ସୂତା ବନ୍ଧା ଯାଉଥିବାରୁ ଏହି ବ୍ୟବହାର)—
ତାগা ୧ । ଭୂମିରେ ପୋତା ଯିବା କ୍ଷୁଦ୍ର ବଂଶ ଦଣ୍ଡ—
तागा 1. A small pole fixed to the ground.
୨ । ରାଜକର୍ମଚାରୀଙ୍କଦ୍ୱାରା ଜମି କୋରକ କରାଯିବା ବା ଇସ୍ତାହାର କରାଯିବା ବା ଦଖଲ କରାଯିବା ସମୟରେ ଜମି ଉପରେ ପୋତା ଯିବା କ୍ଷୁଦ୍ର ପତାକା, ଯହିଁରେ କୋରକ ପରୁଆନା ବା ଦଖଲନାମା ଟଙ୍ଗାଇ ଦିଆଯାଏ; ଝୁଣ୍ଡା—2. A small pole with a flag planted on a plot of land proclaimed to be sold or delivered possession of or attached under court's order.
୩ । (ସଂ. ତାର୍କିକ ପ୍ରା. ତାଗ୍ଗୋ; ସଂ. ତନ୍ତୁକ)—ସରୁସୂତା—
3. Thin thread.
ଟାଁକା ୪ । (ସଂ. ଟଙ୍କନ) ଟାଗା ସିଲେଇ—4. Single stitch.
୫ । ସିଲେଇପାଇଁ ମୋଟ ସୂତା —
5. Thick thread for sewing.
୬ । (ବଣିଆଙ୍କ ଶବ୍ଦ) ବାହୁରେ ଲଗାଯିବା ସୁନାର ଅଳଙ୍କାର ବିଶେଷ—6. A golden armlet.

ଟାଗା ଗଲା(ଲେ)ଇବା—ଦେ.କ୍ରି.(ସଂ. ଟଙ୍କନ)—୧ । ଟାଗା ଗଲେଇବା;
Tāgā galā(le)ibā ସରୁସୂତାରେ ଲୁଗାକୁ ଲମ୍ବାଳିଆରେ ସିଲେଇ
ଟାଁକା କରିବା—1. To sew with single stitch.
तागा पिरोना ୨ । ମୋଟ ସୂତାରେ ସିଲେଇ କରିବା—
2. To sew with thick thread.

ଟାଗା ଗାଡ଼ି—ଦେ. ବି. (କଟକିଆ ଭାଷା)—ରାଜ କର୍ମଚାରୀଙ୍କ ଆଦେଶରେ
Tāgā gārḍi କୋରକ ବା ନିଲାମ ହେବା ପାଇଁ ବନ୍ଧକିତ ବା
ତাগাগাড়ী ଦଖଲ ଦିଆଯିବା ଭୂମିରେ ଟାଗା ପୋତିବା ପ୍ରକ୍ରିୟା—
तागागाड़ी The proceedure of planting a flag on a plot of land which is attached or proclaimed to be sold or delivered possession of under court's order.

ଟାଗା ଗାଡ଼ିବା—ଦେ. କ୍ରି. (କଟକିଆ) (ଅ. ଟାଗା; ଓ. ଗାଡ଼ା)—
Tāgā gārḍibā ନିଲାମ ବା କୋରକ ହେଉଥିବା ଭୂମିରେ ଟାଗା
ତাগাগাড়া ପୋତିବା; ଝୁଣ୍ଡା ମାରିବା—To plant a flag on the
तागा गाड़ना land proclaimed to be sold or delivered possession of.

ଟାଗି—ଦେ. ବି. (ସଂ. ତକ୍ଷ ଧାତୁ)—୧ । ସରୁ ନିହଣୀ; ବଢ଼େଇଙ୍କ ସରୁ
Tāgi ବଟାଲି—1. A slender chisel
ତাগী ୨ । ବଢ଼େଇ ଓ କରତିଆମାନେ କାଠ ଉପରେ ଦାଗ କରି
निहानी, टाँकी ତାହା ଚିରିବା ନିମନ୍ତେ ଯେଉଁ ସୂତା ବ୍ୟବହାର
ତাগা କରନ୍ତି—2. A carpenter's or sawyer's lining
तागा or marking string.

ଟାଗିବା—ଦେ. କ୍ରି.—୧ । ଟାଗା ଗଲାଇବା—
Tāgibā 1. To sew with single stitch.
ତাগা ୨ । ସରୁ ନିହଣୀଦ୍ୱାରା କାଠ ଆଦିରେ ରେଖା ବା ଦାଗ କରିବା-
तागियाना, तागना 2. To cut a line on a block of wood with the chisel.
୩ । ଚିରାଯିବା ବା କଟା ହେବାକୁ ଉଦ୍ଦିଷ୍ଟ କାଠ ଉପରେ ସରୁ ସୂତୁଲି ଦ୍ୱାରା ଦାଗ କରିବା—3. To mark a line on a block of wood with the marking string.

ଟାଗିର(ରି)—ଦେ. ବି.—ବାଯ୍ୟାପ୍ତି; ନାମଞ୍ଜୁର—
Tāgir(ri) Nullifying; resuming.
[ଦ୍ର—ବ୍ୟଙ୍ଗୋକ୍ତିରେ ଜାଗିର ଶବ୍ଦ ସଙ୍ଗେ ଏ ଶବ୍ଦ କଥାରେ ବ୍ୟବହୃତ ହୁଏ; ଯଥା—ତୁ ମୋ ଜାଗିର ଟାଗିର କରି ପକାଇବୁ ପରା । ଅର୍ଥାତ୍ ତୁ ମୋ ଜାଗିର ଜମିକୁ ବାଯ୍ୟାପ୍ତି କରି ପକାଇବୁ ପରା ? ଅର୍ଥାତ୍ ତୁ ମୋର କିଛିମାତ୍ର ଅନିଷ୍ଟ କରି ପାରିବୁ ନାହିଁ ।]

ଟାଙ୍କ—ଦେ. ସର୍ବନାମ. ପୁଂ ଓ ସ୍ତ୍ରୀ (ମାନ୍ୟାର୍ଥକ; ତତ୍ ଶବ୍ଦର ଷଷ୍ଠୀ
Tānka ବିଭକ୍ତି)—୧ । ତାହାଙ୍କର—
ତাঁর, ওঁর, ওনার 1. His; her.
उनका ଷ୍ଟୁଲଟ ଟାଙ୍କର ସଁନା ମୁହଁ ସକରୁଣି । ରାଧାନାଥ. ମହାଯାତ୍ରା ।
ଟାଙ୍କର, ଟାଙ୍କର, }—ଅନ୍ୟରୂପ ୨ । ସେମାନଙ୍କର—
2. Their.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ତାଙ୍କୁ—ଦେ. ସର୍ବନାମ ପୁଂ ଓ ସ୍ତ୍ରୀ (ମାନ୍ୟାର୍ଥକ) (ତତ୍ ଶବ୍ଦର ୨ୟା
Tāṅku ବିଭକ୍ତି)—୧ । ତାହାଙ୍କୁ—1. Him; her.
ତ୍ୱଁକେ; ଓଁକେ ୨ । ସେମାନଙ୍କୁ—2. Them.
उनको

ତାଙ୍କୁଇ—ଦେ. ସର୍ବନାମ, ପୁଂ ଓ ସ୍ତ୍ରୀ—୧ । ତାହାଙ୍କୁହିଁ ; ତାଙ୍କୁମାତ୍ର—
Tāṅkui 1. Him only; her alone.
ଓଁକେଓ ୨ । ସେମାନଙ୍କୁହିଁ କେବଳ—
उनकोहि 2. Them only; them.
୩ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ—
3. To that very person or persons.
(ଯଥା—ଅସତ୍ ଲୋକ ଯାହାଙ୍କର ଦାନା ପାଣିରେ ବଞ୍ଚେ ଅବଶେଷରେ ତାଙ୍କୁଇ ଦଗାଦିଏ ।)
୪ । ତାହାଙ୍କୁ ମଧ୍ୟ—4. Him also; her too

ତାଙ୍କେ—ପ୍ରାଦେ. (ଗଞ୍ଜାମ) ସର୍ବନାମ. ପୁଂ. ଓ ସ୍ତ୍ରୀ (ମାନ୍ୟାର୍ଥକ)—ସେ—
Tāṅke He; she.
[ଦ୍ର—ଅକେ; ସୁକେ=ଏ ।]

ତାଚ୍ଛ(ଚ୍ଛି)ଲ୍ୟ—ଦେ. ବି. (ସଂ. ତୁଚ୍ଛ)—୧ । ତୁଚ୍ଛ କରିବା; ଅବଜ୍ଞା—
Tāchchha (chchhi)lya 1. Contempt.
তাচ্ছল্য, তাচ্ছিল্য ୨ । ଅଶ୍ରଦ୍ଧା; ଅବହେଳା—2. Disregard.
୩ । ଉପେକ୍ଷା—3. Neglect.
ବିଣ—ଅଶ୍ରଦ୍ଧାଯୁକ୍ତ—Contemptuous.
[ଦ୍ର—ଏ ଶବ୍ଦ ତୁଚ୍ଛଶବ୍ଦ ସଙ୍ଗେ ଅନୁଚରରୂପେ ବ୍ୟବହୃତ ହୁଏ ।]

ତାଚ୍ଛଲ୍ୟ କରିବା—ଦେ. କ୍ରି—୧ । ଅବଜ୍ଞା କରିବା—
Tāchchhalya karibā 1. To deride; to hold in
তাচ্ছল্য করনা contempt.
तुच्छ जानना ୨ । ତୁଚ୍ଛ କରିବା; ଉପେକ୍ଷା କରିବା—
2. To disregard; to slight; to trifle with; to neglect.

ତାଚ୍ଛୀଲ୍ୟ—ସଂ. ବି. (ତତ୍+ଶୀଲ+ଭାବାର୍ଥେ, ଯ)—
Tāchchhīlya ତଚ୍ଛୀଲତା; ତତ୍‌ସ୍ୱଭାବତା; ତତ୍‌ସାଦୃଶ୍ୟ—
Equivalent condition; the state of being of a similar nature; the condition of being equal.
[ଦ୍ର—ଏହି ଅର୍ଥରେ ଭାଷାରେ ବ୍ୟବହାର ଦୃଷ୍ଟ ହୁଏ ନାହିଁ । କେବଳ ବ୍ୟାକରଣରେ ତ ଓ ଶ ମିଶି 'ଚ୍ଛ' ହେବାର ସନ୍ଧିର ଉଦାହରଣରେ ତାଚ୍ଛୀଲ ଲେଖାଯାଏ ।]

ତାଜ—ବୈଦେ. ବି. (ଆ. ତାଜ୍)—୧ । ଉଚ୍ଚ ପାର୍ଶ୍ୱଯୁକ୍ତ ମୁକୁଟ—
Tāja 1. A high crown.
তাজ ୨ । ମୁକୁଟ; ଶିରୋଭୂଷଣ; ଟୋପି—2. Crown; cap.
ताज ଠଣିତ କଟଦେବ ଧାନେ ବନ୍ଧ୍ୟାବଳ୍ଲବ
ଧବଟୁଳ କରେ ମସ୍ତକରେ ତାଜ । କବିସୂର୍ଯ୍ୟ. କଲ୍ୟୋଦୟ ଧ. ଗୀତ ।
୩ । ଗଞ୍ଜପାର ଏକରଙ୍ଗର ନାମ—
3. Name of a class of cards in Gañjapā.
୪ । ତାଜମହଲ (ଦେଖ)—4 Tājamahala (See)

ତାଜକ—ବୈଦେ. ବି. (ଫା. ନାମ)—ତୁର୍କିସ୍ତାନଠାରୁ କାବୁଲ ପର୍ଯ୍ୟନ୍ତ
Tājaka ବାସ କରୁଥିବା ଇସ୍‌ଲାମ ମୁସଲମାନ୍ ଜାତି—
A sect of Mahomedans found in Turkistan, Persia, Beluchistan and Afganistan.
[ଦ୍ର—ତୁର୍କସ୍ତାନରେ ଏମାନଙ୍କୁ ସର୍ତ୍, ଅଫଗାନସ୍ତାନରେ ଦେହାନ୍ ଓ ବେଲୁଚିସ୍ତାନରେ ଦେହବାର୍ କୋହାଯାଏ । ପାରସ୍ୟରେ ତାଜକ୍ ଶବ୍ଦ ସାଧାରଣ ଗ୍ରାମୀଣ ବା ଗାଉଁଲି ଲୋକ ପ୍ରତି ବ୍ୟବହୃତ ହୁଏ—ହି. ଶବ୍ଦସାଗର ।]
(ତାଜିକ—ଅନ୍ୟରୂପ) ସଂ. ବି—ଯବନାଚାର୍ଯ୍ୟ କୃତ ସଂସ୍କୃତ ଫଳିତ ଜ୍ୟୋତିଷ ଗ୍ରନ୍ଥବିଶେଷ—Title of an astrological treatise in Sanskrit by Jabanācharjya.
[ଦ୍ର—ଏ ଗ୍ରନ୍ଥ ପ୍ରଥମେ ଆରବୀ ଓ ଫାରସୀ ଭାଷାରେ ଲିଖିତ ହୋଇଥିଲା । ରାଜା ସମରସିଂହ ଓ ନୀଳକଣ୍ଠଆଦି ଏହାକୁ ସଂସ୍କୃତରେ ଅନୁବାଦ କଲେ । ଏଥିରେ ବାରରାଶିକୁ ଅନେକ ବିଭାଗ କରି ଫଳାଫଳ ନିର୍ଣ୍ଣିତ କରିବାର ରୀତି ବର୍ଣ୍ଣିତ ହୋଇଅଛି । ଏ ଗ୍ରନ୍ଥରୁ ଗୁଡ଼ିଏ ଆରବୀ ଓ ଫାରସୀ ଭାଷାର ଶବ୍ଦ ସଂସ୍କୃତ ଜ୍ୟୋତିଷ ଗ୍ରନ୍ଥମାନଙ୍କରେ ବ୍ୟବହୃତ ହୋଇଅଛି ଯଥା—ଇକବାଲ ଯୋଗ, ଇଂଥିହା ଯୋଗ, ଇତ୍ଥଶାଲ ଯୋଗ, ଇଶରାଫ୍ ଯୋଗ, ଗୈରକବୁଲ-ଯୋଗ—ହି. ଶବ୍ଦସାଗର ।]

ତାଜପୋଶୀ—ବୈଦେ. ବି (ଫା)—ରାଜାଙ୍କର ରାଜ୍ୟାଭିଷେକ ବିଧି—
Tājapośi The installation ceremony of a king.
তাজপোশী ताजपोशी

ତାଜବ୍ (ଇତ୍ୟାଦି)—ଦେ. ବିଣ—ତାଜିବ୍ ଇତ୍ୟାଦି (ଦେଖ)
Tājab (etc) Tajib etc (See)

ତାଜ ବିବି—ବୈଦେ. ବି. (ଫା)—ମୋଗଲ ସମ୍ରାଟ ସାହାଜାହାନଙ୍କ
Tāja bibī ପ୍ରିୟତମା ବେଗମ୍ ମୁମତାଜମହଲଙ୍କର ନାମ—Name of the dearly beloved wife of the Moghal Emperor Sahajahan.
[ଦ୍ର—ଏହାଙ୍କ ସ୍ମୃତିରକ୍ଷାର୍ଥ ତାଜମହଲ ନିର୍ମିତ ହୋଇଥିଲା ।]

ତାଜ ମହଲ—ବୈଦେ. ବି. (ଆ)—ଆପଣାର ବେଗମ୍ 'ମୁମ୍‌ତାଜମହଲ'
Tāja mahala ବା ତାଜ ବିବିଙ୍କ ସ୍ମୃତିରକ୍ଷାର୍ଥ ମୋଗଲ ସମ୍ରାଟ
(ତାଜ; ତାଜ୍‌ମହଲ—ଅନ୍ୟରୂପ) ସାହାଜାହାନ କର୍ତ୍ତୃକ ଆଗ୍ରାରେ ଉକ୍ତ ବେଗମଙ୍କ କବର ଉପରେ ନିର୍ମିତ କାରୁକାର୍ଯ୍ୟ-ଶୋଭିତ ଶ୍ୱେତ ମର୍ମରପ୍ରସ୍ତରର ଅତି ମନୋହର ପ୍ରାସାଦ—The Taj; the Tajmahal at Agra; the picturesqe mausoleum at Agra

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ଷ	କ୍ଷ	ଇଯ୍ଯ	ଉଅ	ଖ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଟ୍ୟ	ଇଅ	ଞ୍ଚ	ନ୍

built by the Moghal Emperor Sahajehan in honour of his wife Tajbibi or Mumtajmahal.

[ଦ୍ର—ମୋଗଲ ସମ୍ରାଟ ସାହାଜାହାନ୍ ତାଙ୍କ ବେଗମ୍ ତାଜ ବିବି ବା ମୁମ୍‌ତାଜମହଲଙ୍କୁ ଅତ୍ୟନ୍ତ ପ୍ରେମ କରୁଥିଲେ । କଥିତ ଅଛି ଯେ ସେ ଗର୍ଭିଣୀ ଅବସ୍ଥାରେ ଥରେ ସ୍ୱପ୍ନ ଦେଖିଲେ ଏବଂ ସମ୍ରାଟଙ୍କୁ କହିଲେ 'ମୁଁ ବେଶିଦିନ ବଞ୍ଚିବି ନାହିଁ, ମୋର ଏତିକି ଅନୁରୋଧ ଯେ ମୁଁ ମଲେ ତୁମେ ଆଉ ବିବାହ କରିବ ନାହିଁ, ମୋ ପୁଅକୁ ରାଜ-ସିଂହାସନରେ ବସାଇବ ଓ ମୋ କବର ଉପରେ ଏପରି ପ୍ରାସାଦ ତିଆରି କରିବ ଯେ ଏହା ଭୂମଣ୍ଡଳରେ ନ ଥିବ' । ଏହାକୁ ସତ କିଛିଦିନ ବାଦ୍ ବେଗମ ପୁତ୍ର ଜନ୍ମ କରି ମଲେ । ତାଙ୍କ ଅନୁରୋଧ ଅନୁସାରେ ଯମୁନା ନଦୀକୂଳରେ ଆଗ୍ରାଠାରେ ତାଙ୍କ କବର ଉପରେ ସାହାଜାହାନ ଶ୍ୱେତମର୍ମର ପଥରରେ ଏ ତାଜମହଲକୁ ନିର୍ମାଣ କରାଇଲେ । ଏ ପ୍ରାସାଦର ସମୁଦାୟ ପଥର ଧଳା ଶ୍ୱେତମର୍ମର ଓ ତହିଁରେ ନାନା ରଙ୍ଗିନ୍ ବହୁମୂଲ୍ୟ ପଥରରେ ଗଛ, ଲତାଆଦିର ଖୋଦେଇ ଓ ଜଡ଼ାଉ କାମ ହୋଇଅଛି । ଏ ପ୍ରାସାଦ ତିଆରି କରିବାକୁ ଦେଶ ବିଦେଶର କୋଡ଼ିଏ ହଜାର କାରିଗର ୧୭ ବର୍ଷ (ଖ୍ରୀ ୧୬୩୧—୧୬୪୮) ଲାଗିଥିଲେ ଓ ସେହି ସମୟର ମୁଦ୍ରାରେ ପ୍ରାୟ ୩ କୋଟି ସାଢ଼େ ସତରଲକ୍ଷ ଟଙ୍କା ଖରଚ ହୋଇଥିଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡର ସହସ୍ର ସହସ୍ର ଲୋକେ ଏହାକୁ ପ୍ରତିବର୍ଷ ଦେଖିବାକୁ ଆସନ୍ତି । ଏପରି ଅନୁପମ ଓ ସୁନ୍ଦର ପ୍ରାସାଦ ପୃଥିବୀରେ ଅନ୍ୟ କୁତ୍ରାପି ନାହିଁ ବୋଲି ସମସ୍ତେ ଏକମୁଖରେ ସ୍ୱୀକାର କରନ୍ତି । ତାଜମହଲ ଗମ୍ବୁଜ ସହିତ ୨୨୦ ଫୁଟ ଉଚ୍ଚ । ଏଥିର ତୋରଣଦ୍ୱାର ନାଲି ପଥରରେ ତିଆରି । ଏହା ଖ୍ରୀ. ସପ୍ତଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲେହେଁ ଗତ ୪ ଶତାବ୍ଦୀ ପରେ ମଧ୍ୟ ଆଜି ଏହା ନୂଆ ପରି ଦେଖା ଯାଉଅଛି—ହି. ଶବ୍ଦସାଗର ।]

ତାଜା—ବିଦେ. ବିଣ (ଫା; ମୂଳ ସଂ. ତେଜଃ)—୧ । ସଜ; ଟଟକା; ସଦ୍ୟ—1. Fresh.
Tājā
তাজা ताजा
୨ । ଅଭିନବ—2. New.
୩ । ଜୀଅନ୍ତା; ଯାହା ଝାଉଁଳି ନାହିଁ—3. Not withered; verdant.
୪ । ଅଳ୍ପ ସମୟ ପୂର୍ବେ ଗଛରୁ ଛିଣ୍ଡା ଯାଇଥିବା (ଫୁଲ, ଫଳ ଆଦି)—4. Newly plucked.
୫ । ଅଳ୍ପ ସମୟ ପୂର୍ବେ ପ୍ରସ୍ତୁତ (ଖାଦ୍ୟାଦି)—5. Recently cooked (food).
୬ । କାର୍ଯ୍ୟକ୍ଷମ; କର୍ମଠ—5. Active.
୭ । ତେଜୀୟାନ୍; ସ୍ଫୂର୍ତ୍ତିବାନ—7. Spirited; lively.
୮ । ରୋଗମୁକ୍ତ; ସୁସ୍ଥ—8. Cured; restored to health.
୯ । ଭଙ୍ଗଳା; ସୁସ୍ଥ ଓ ସବଳ—9. Hale and hearty; refreshed; enlivened.

[ଦ୍ର—ଅଳ୍ପକ୍ଷଣ ପୂର୍ବେ ଦୁହାଁ ହୋଇଥିବା ଦୁଧ, ଅଳ୍ପକ୍ଷଣ ପୂର୍ବେ କୂଅ ଆଦିରୁ ଅଣାଯାଇ ଥିବା ପାଣି, ଅଳ୍ପକ୍ଷଣ ପୂର୍ବେ ଲହୁଣୀରୁ ମରାଯାଇ ଥିବା ଘିଅ, ଅଳ୍ପକ୍ଷଣ ପୂର୍ବେ ଲେଖା ଯାଇଥିବା ଲେଖା ପ୍ରତି ତାଜା ବିଶେଷଣ ବ୍ୟବହୃତ ହୁଏ । ଯାହା ବାସି ହୋଇନାହିଁ, ଯାହାର ନୂତନତ୍ୱ ମଉଳି ନାହିଁ ତାକୁ ତାଜା ବୋଲାଯାଏ)

ତାଜି—ବିଦେ. ବି (ଅ. ତାଜୀ=ଆରବ ଦେଶୀୟ) ୧ । ଆରବ ଦେଶୀୟ ତେଜୀୟାନ୍ ଟାଙ୍ଗଣ (ଘୋଡ଼ା)—
Tāji
তাজী, আরবী ताज़ी A breed of hardy Arab pony.

କେହୁ ଚଢ଼ିଛି ତାଜି ବାଜୀ ଉପରେ
ରଙ୍ଗ ଅଙ୍ଗ । ଅଙ୍ଗକୁ ଦିଶେ ସୁନ୍ଦର । ବ୍ରଜନାଥ. ସମରତରଙ୍ଗ ।

୨ । ଆରବ ଦେଶୀୟ ଶିକାରୀ କୁକୁର—2. The Arab hound.
୩ । ଆରବୀ ଭାଷା—3. The Arabi language.

ତାଜିଆ—ବିଦେ. ବି (ଅ)—ମହରମ୍ ପର୍ବ ସମୟରେ ସିହା ମୁସଲମାନ୍‌ମାନେ ବତା ଓ ବାଉଁଶ ପାତିଆରେ ଯେଉଁ ମେଢ଼ ଉପରେ କାଗଜ, ଜରି ଓ ପନ୍ନ ଆଦି ମଡ଼ାଇ ଶୋଭାଯାତ୍ରା କରନ୍ତି ଓ ଶେଷରେ ତାକୁ ନେଇ ନଈ ଆଦିରେ ବିସର୍ଜନ କରନ୍ତି—
Tājiā
A decorated framework representing the mausoleum over the tombs of Saints Hasan and Hossain which is carried by the Siha Mussalmans in procession during the Mohorram festival and consigned into water.

[ଦ୍ର—ମୁସଲମାନଙ୍କ ଧର୍ମ ପ୍ରବର୍ତ୍ତକ ହଜରତ୍ ମହମ୍ମଦଙ୍କ ଭକ୍ତ ଓ ଅନୁଚର ଦ୍ୱୟ ଇମାମ୍ ହାସନ୍ ଓ ହୋସେନ୍ ପ୍ରତିମାପୂଜକ ବିଧର୍ମୀମାନଙ୍କ ଦ୍ୱାରା ଧର୍ମଯୁଦ୍ଧରେ ଆରବ ଦେଶର କରବଲା ନାମକ ସ୍ଥାନରେ ନିହତ ହୋଇଥିଲେ ଓ ସେହି ସ୍ଥାନରେ ସେମାନଙ୍କ କବର ଅଛି । ସେହି କବର ଉପରେ ନିର୍ମିତ ସମାଧିମନ୍ଦିରର ପ୍ରତିରୂପରେ ସିହା ମୁସଲମାନ୍‌ମାନେ ବାଉଁଶ ବତା ଓ ବାଉଁଶ ପାତିଆରେ ମେଢ଼ ତିଆରି କରି ତହିଁ ଉପରେ ନାନା ବର୍ଣ୍ଣର ଚିତ୍ର-ବିଚିତ୍ର କନା, କାଗଜ, ଜରି, ଅଭ୍ର ଓ ପନ୍ନ ମଡ଼ାଇ ତାକୁ କାନ୍ଧେଇ କରି ମହରମ ପର୍ବ ସମୟରେ ଶୋଭାଯାତ୍ରା କରି ବାହାରନ୍ତି ଏବଂ ଶେଷଦିନ ଉକ୍ତ ମେଢ଼କୁ ନେଇ ନଈ ଆଦିରେ ବିସର୍ଜନ କରନ୍ତି । ଏ ପ୍ରଥା କେବଳ ଭାରତବର୍ଷର ସିହା ମୁସଲମାନ୍‌ଙ୍କ ମଧ୍ୟରେ ଚଳେ । କଥିତ ଅଛି ଯେ ଭାରତ ଆକ୍ରମଣକାରୀ ତୈମୁର୍ ବେତେବେଳେ ତାହାଙ୍କୁ ନାଶ କରି କରବଲା ତୀର୍ଥକୁ ଯାଇଥିଲେ, ସେଠାରୁ ଉକ୍ତ ତୀର୍ଥର କୌଣସି ସ୍ମାରକ ଚିହ୍ନ ଆଣିଥିଲେ; ଉକ୍ତ ବସ୍ତୁକୁ ସେ ପ୍ରତିବର୍ଷ ମହରମ ସମୟରେ ଶୋଭାଯାତ୍ରା ପୂର୍ବକ ବାହାର କରୁଥିଲେ ଓ ସେଥିରେ ତାଙ୍କ ସୈନ୍ୟମାନେ ଯୋଗ ଦେଉଥିଲେ । ସେହି କାଳରୁ ଭାରତବର୍ଷରେ ତାଜିଆ ବାହାର କରିବା ପ୍ରଥା ଚଳି ଆସୁଅଛି ।

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଧର୍ମଯୁଦ୍ଧରେ ନିହତ ଇମାମ୍ ହାସନ୍ ଓ ହୋସେନ୍‌ଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ଏ ତାଜିଆ ବାହାର କରିବାର ଉଦ୍ଦେଶ୍ୟ (ହି. ଶବ୍ଦସାଗର)—(ମହରମ୍ ତଳେ ନୋଟ ଦେଖ)]

ତାଜି(ଜୁ)ବ୍—ବୈଦେ. ବିଣ (ଅ. ତଅଜ୍ଜୁବ=ବିସ୍ମୟ)—୧ । ଆଶ୍ଚର୍ଯ୍ୟ-
Tāji(ju)b ଜନକ; ବିସ୍ମୟକର; ଅଦ୍ଭୁତ—1. Wonderful; surprising.
ତାଜବ୍; ତାଜ୍ବ୍; ତାଜୁବ୍; ତାଜୁବ } ଅନ୍ୟରୂପ
୨ । ଚମକିତ; ଆଶ୍ଚର୍ଯ୍ୟାନ୍ୱିତ—
তাজ্জব 2 Surprised; astonished.
तअज्जुब ୩ । ଅଭାବନୀୟ; ଅଚିନ୍ତିତପୂର୍ବ—3. Unexpected.
ବି—ଆଶ୍ଚର୍ଯ୍ୟ—Surprise; wonder.

ତାଜବ୍ ବ୍ୟାପାର—ଦେ. ବି—୧ । ଅଦ୍ଭୁତ ଘଟଣା—
Tājib byāpāra 1. Wonderful event
তাজ্জব ব্যাপার ୨ । ଆଶ୍ଚର୍ଯ୍ୟଜନକ ବିଷୟ—
तअज्जुब घटना 2. A matter of wonder.

ତାଜବର ବିଷୟ—ଦେ. ବି—ଆଶ୍ଚର୍ଯ୍ୟଜନକ କଥା—
Tājibara bishaya A matter of wonder or astonishment
তাজ্জেবর বিষয়
तअज्जुबकी बात्

ତାଜିମ୍—ବୈଦେ. ବି (ଅ) (ମୁସଲମାନୀଭାଷା)—ସମ୍ମାନ ପ୍ରଦର୍ଶନ; ପୂଜ୍ୟ
Tājim ବ୍ୟକ୍ତିଙ୍କୁ ସଲାମ କରିବା, ସେ ଆସି ପହଞ୍ଚିଲେ ଠିଆ
তাজিম ହେବା ଇତ୍ୟାଦି ସମ୍ମାନସୂଚକ କର୍ମମାନ—Expres-
ताजीम sion of respect to a superior or honourable person.

ତାଜୁରାତ୍—ବୈଦେ. ବି (ଫା) (କଚେରୀ ଭାଷା) (ଫା. ତଜୁର
Tājurāt ବହୁ ବଚନ; ମୂଳ. ଅ. ତଜରବା=ପରୀକ୍ଷାର୍ଥ
তাজুরাত ପରୀକ୍ଷା, ଅନୁସନ୍ଧାନ)—୧ । ଆପତ୍ତି; ଓଜର—
ताजुरात 1. Objection.
୨ । ତାଜୁରାତ୍ ଦରଖାସ୍ତ—2. Objection petition.

ତାଜୁରାତ୍ ଦରଖାସ୍ତ—ବୈଦେ. ବି (ଫା) (କଚେରୀ ଭାଷା)—ହାକିମ
Tājurāt darakhāsta ବା ମାଜିଷ୍ଟ୍ରେଟଙ୍କ ନିକଟରେ ପୁଲିସ-
তাজুরাত দরখাস্ত ରିପୋର୍ଟ ବିରୁଦ୍ଧରେ ଦିଆଯିବା ଆପତ୍ତି ଦରଖାସ୍ତ—
ताजुरात दरखास्त Objection-petition filed before a magistrate against a police-report.

ତାଞ୍ଛିବା—ଦେ. କି—ଚାଞ୍ଛିବା (ଦେଖ)
Tāñchhibā Chāñchhibā (See)

ତାଞ୍ଜୋର—ଦେ. ବି (ନାମ)—ଦାକ୍ଷିଣାତ୍ୟରେ ଏକ ପ୍ରଧାନ ନଗର ଓ
Tāñjora ଜିଲ୍ଲା—An important district and city in South India.

[ଦ୍ର—ଏହା ମାନ୍ଦ୍ରାଜ ପ୍ରଦେଶର ଗୋଟିଏ ଜିଲ୍ଲା ଓ ଜିଲ୍ଲାର ରାଜଧାନୀ ଅଟେ । ଏହା ପୂର୍ବେ ଗୋଟିଏ ରାଜ୍ୟ ଥିଲା । ୧୭୯୯ ମସିହାରେ ଏହା ବ୍ରିଟିଶ ଶାସନାଧୀନ ହେଲା ଏବଂ ଏଥିର ରାଜା ପେନ୍‌ସନ୍ ପାଇଲେ । ଏହା ମହାରାଷ୍ଟ୍ର ରାଜାଙ୍କ ରାଜଧାନୀ ଥିଲା । ପୂର୍ବେ ଏଠାରେ ତାଞ୍ଜନ୍ ନାମକ ଜଣେ ଦୈତ୍ୟ ବାସ କରି ପ୍ରାଣି-ବିନାଶ ଓ ନାନା ଉପଦ୍ରବ କରୁଥିଲା । ଶ୍ରୀ ବିଷ୍ଣୁ ଏହି ଦୈତ୍ୟକୁ ବିନାଶ କରିଥିଲେ । ଦୈତ୍ୟର ନାମାନୁସାରେ ସ୍ଥାନର ନାମ ତାଞ୍ଜନ୍ ବା ତାଞ୍ଜୋର ହୋଇଅଛି । ଏଠାରେ ଦେବେଶ୍ୱର ମହାଦେବଙ୍କର ଏକ ବୃହତ୍ ମନ୍ଦିର ଅଛି । ମଦନମୋହନ. ତୀର୍ଥଦର୍ଶନ ।]

ତାଟ—ଦେ. ବି—୧ । ବାଉଁଶ ବା ତାଳପତ୍ର ନିର୍ମିତ ଚଟିକା ପ୍ରଶସ୍ତ
Tāṭa ଚାଙ୍ଗୁଡ଼ି; ଡାଲା—1. A big wicker tray
ডালা woven with bamboo laths.
डलिया
[ଦ୍ର—ଏଥିରେ ପୂଜା ଓ ଉପହାର ସାମଗ୍ରୀ, ଖାଦ୍ୟସାମଗ୍ରୀ, ମଙ୍ଗଳାନିମନ୍ତ୍ରଣ ସାମଗ୍ରୀ ଏବଂ ଭୋଇନିମନ୍ତ୍ରଣ ସାମଗ୍ରୀ ଆଦି ସଜଡ଼ା ହୋଇ ଯଥାସ୍ଥାନକୁ ପଠାଯାଏ ।]
୨ । ବରଣଙ୍କ ବିବାହଦିନ ବରପକ୍ଷ କନ୍ୟା ନିମନ୍ତେ ବସ୍ତ୍ରାଳଙ୍କାରାଦି ଯେଉଁ ଡାଲାରେ ସଜାଡ଼ି କରି କନ୍ୟାଘରକୁ ପଠାନ୍ତି—
2. A tray containing the nuptial presents of the bridegroom's party to to the bride on the marriage-day.
୩ । ତାଟି; ତାଟ; ବାଉଁଶ ଓ ତାଳପତ୍ର ଆଦି ନିର୍ମିତ ବାଡ଼ା;
টাট ଚଞ୍ଚରି—3. A frail matting of bamboo
टाटर and palm leaves; a wicker screen.
ପ୍ରାଦେ (କେନ୍ଦୁଝର) ବି—ସରୁଚ୍ଚ—
'Thickened milk.

ତାଟକ—ସଂ. ବି (ତଟ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅକ)—
Tāṭaka ତାଡ଼ଙ୍କ; କାନ ଫୁଲ; କର୍ଣ୍ଣଭୂଷଣବିଶେଷ; କାପ; କାନ-
কানতড়কা ଚଉଡ଼ା; କର୍ଣ୍ଣପୁର—A kind of ear-ring with
तटंक blades like those of the palm leaf.

ତାଟକା(ଙ୍କା)—ଦେ. ବି—୧ । ବିସ୍ମୟ—1. Wonder;
Tāṭakā(ṅkā) astonishment.
ତାଟଙ୍କ; ତାଟଙ୍ଗା; ତାଟେକା; ତାଟେଙ୍କା; ତାଟେଙ୍ଗା; ତାଟକା } ଅନ୍ୟରୂପ
୨ । ଭୟବିହ୍ୱଳତା; ଚମକା; ତ୍ରାସ—
2. Sudden fright.
ঘাবড়ানি
अचंभा ୩ । ବିପଦ; ଆପଦ—5. Danger; risk.

ଅବସ୍ଥେକ ଏ ଅଦ୍ଭୁତ ଅଶ୍ରୁତ ଘଟଣା
ଶୁଣିଲେ ତାଟକା ସର୍ବେ ନୃପ ସଜ୍ଜନେ—ଚିନ୍ତାମଣି, ଚକ୍ରମାଦତ୍ୟ ।

ବିଣ (ହି. ଦଙ୍ଗ; ଚକିତ)—୧ । ଚମକିତ, ଆଶ୍ଚର୍ଯ୍ୟାନ୍ୱିତ; ଅଚମ୍ଭିତ—1. Astonished.

ଧୃତରାଷ୍ଟ୍ର ତା ଶୁଣି ହୋଇଲେ ତାଟକା
କହିଲେ ମନ୍ତ୍ର ମୋର ଦୁର୍ଯ୍ୟୋଧନ ଏକା—କୃଷ୍ଣସିଂହ. ମହାଭାରତ, ବନ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	କ୍ଷ	ଇୟ	ଉଅ	ୱ
୬	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ଦୃ

ଆଚମ୍ବିତ, ଘାବରା ୨। ଛନକା; ଭୟବିହ୍ୱଳ; ତ୍ରସ୍ତ; ଅଡରଛ; ଘାବରା—
अचंभित 2. Frightened; alarmed.

ତା ଶୁଣି ସ୍ୱାମି ଚକା ହୋଇଲେ ଚାଟକା
ଦମୟନ୍ତୀ ପାଶକୁ ଧାଇଁଗଲେ ଏକା—କୃଷ୍ଣସିଂହ. ମହାଭାରତ. ବନ।

ସଂ. ବି—ତାଡ଼କା (ଦେଖ)—Tārḍakā (See).

ଚାଟକା ଝାଳ—ଦେ. ବି—ହଠାତ୍ ଭୟତ୍ରସ୍ତ ବା ଛନକା ହେବା
Tāṭakā jhāḷa ଲୋକଦେହରୁ ବୋହିଯିବା ଝାଳ—
Profuse perspiration appearing on the body of a frightened person.

ଚାଟକା ଝାଳେ ଟର୍ଣ୍ଣିଲେ ସେ ଦେହରୁ—କୃଷ୍ଣସିଂହ. ମହାଭାରତ. ସଭା।

ଚାଟକା ଲାଗିବା—ଦେ. କ୍ରି—୧। ମନରେ ବିସ୍ମୟ ଜାତ ହେବା—
Tāṭakā lāgibā 1. Astonishment.
ଘାବରା ଲାଗା ୨। ଛନକା ହେବା; ଛନକା ପଶିବା—
अचंभा लगना 2. Being frightened; alarm.
(ଯଥା—ଆଖି ଆଗରେ ମନୁଷ୍ୟଙ୍କ ହଣାହଣି ଦେଖି ମୋତେ ଚାଟକା ଲାଗିଲା।)

ଚାଟକିକା—ସଂ. ବି. ସ୍ତ୍ରୀ (ସଂ. ତଡ୍ ଧାତୁ=ତାଡ଼ନା କରିବା)—
Tāṭakikā ତାଡ଼କା (ଦେଖ)
(ଚାଟକୀ—ଅନ୍ୟରୂପ) Tārḍakā (See).

ଚାଟଙ୍କ—ସଂ. ବି (ତଟ୍ ଧାତୁ=ପ୍ରାପ୍ତି ପାଇବା+କର୍ତ୍ତୃ ଅଙ୍କ)—
Tāṭanka ଚାଟକ (ଦେଖ)—Tāṭaka (See).

କଣୋଷ ମୁକୁତା ଜାଲ ଚାଟଙ୍କ ଦୋହଲିବା ଦେଖି ଚୁରକୁଟ ଅଣି ପୁଙ୍ଖର ଦୁହିତ ପଙ୍କ।
କବିସୂର୍ଯ୍ୟ. ସଙ୍ଗୀତ।

ଚାଟଙ୍କା—ଦେ. ବି. ଓ ବିଣ—ଚାଟକା (ଦେଖ)
Tāṭankā Tāṭakā (See).

ଚାଟ ଚଲା(ଲେ)ଇବା—ଦେ. କ୍ରି—ବିବାହ ବ୍ରତାଦି ଉପଲକ୍ଷରେ ଭୋଜି-
Tāṭa chaḷā(ḷe)ibā ନିମନ୍ତ୍ରଣ ମଙ୍ଗଳାନିମନ୍ତ୍ରଣ ଆଦର
(ଚାଟ ଭୁଲବା—ଅନ୍ୟରୂପ) ଉପଢୌକନ ପ୍ରେରଣ କରିବା—
To send the trays containing presents to the intended parties (e. g. bride's party, maternal uncle, son-in-law.)

ଚାଟର—ପ୍ରାଦେ (ଯାଜପୁର) ବି—ବଡ଼ ଚିଙ୍ଗୁଡ଼ି ମାଛ—
Tāṭarā Big shrimps.

ଚାଟା କଲ—ଦେ. ବି—ଚଟ କଲ (ଦେଖ)
Tāṭā kaḷa Chaṭa kaḷa (See).

ଚାଟି—ଦେ. ବି (ସଂ. ଅସ୍ତରଣ)—୧। ଚମ୍ପର; ବାଉଁଶ ପାତିଅରେ
Tāṭi ବୁଣା ପତଳା ଚଟେଇ ବା ବାଡ଼ା—
टाट; टाटी 1. Frail matting or screen of
टट्टी; टट्टर bamboo laths or palm leaves.
छई ୨। ଶଗଡ଼ ଉପରେ ବନ୍ଧାଯିବା ଛପର—
छप्पर 2. A thatch or cover of a cart.

ଚାଟିଆ—ଦେ. ବି—(ଶୁଦ୍ରଭାଷା) (ସଂ. ତପ୍ତ; ଭୁଲ. ଫା. ତସ୍ତର=
Tāṭiā ଥାଳଆ)—ଧାତୁ ନିର୍ମିତ ଛୋଟ ଦିନୋ; କଟରା—
बाटी A metal basin; small sauce-boat
कटोरा metal cup.

ଏକର ହଳଲରେ ଚାଟିଆ ବାନ୍ଧିବା ନ୍ୟାୟ—ଚଗ।

ଚାଟି କଟା—ଦେ. ବିଣ—ଯେ ଚାଟିଗାଡ଼ିର ପଛଆଡ଼ ଚାଟିକୁ ଅସ୍ତ୍ରଦ୍ୱାରା
Tāṭi kaṭā କାଟି ଗାଡ଼ି ଭିତରେ ଥିବା ଜିନଷ ଚୋରି କରେ—One who steals from a thatched cart by cutting through the screen put behind the cart.

ଚାଟି କଣ୍ଟା ଛଟା ହେବା—ଦେ. କ୍ରି—୧। ବସନ୍ତ ଛତା, ମହାମାରୀ,
Tāṭi kanṭā chhaṭā hebā ବସନ୍ତ ଇତ୍ୟାଦି ସଂକ୍ରାମକରୋଗରେ
(ଚାଟି କଣ୍ଟା ପଡ଼ିଯିବା—ଅନ୍ୟରୂପ) ଅକ୍ରମଣରେ କୌଣସି ପରିବାରର ସମସ୍ତ ଲୋକ ମରିଯିବାରୁ ସେ ଘର ଜନଶୂନ୍ୟ ହୋଇ ପଡ଼ି ରହିବା—1. A family becoming extinct and the house becoming empty through cholera or such other depopulating visitation.
(ଯଥା—ଏ ବର୍ଷ ମଡ଼କରେ ଏକାବେଳକେ ତାର ଚାଟି କଣ୍ଟା ଛଟା ହୋଇଗଲା—ଅର୍ଥାତ୍ ତା ବଂଶର ସମସ୍ତେ ମରିଗଲେ।)
୨। ବସନ୍ତ, ବସନ୍ତଆଦି ଯୋଗୁଁ ଗ୍ରାମର ଅନେକ ଲୋକ ମରିଯିବାରୁ ଓ ଅନ୍ୟମାନେ ଗ୍ରାମ ଛାଡ଼ି ପଳାଇ ଯିବାରୁ ଗ୍ରାମ ଜନଶୂନ୍ୟ ହେବା—2. The state of a village becoming empty (on account of the death of some and removal of other inhabitants to safer places on account of a devastating scourge.

ଚାଟି କବାଟ—ଦେ. ବି—୧। ଗରିବ ଲୋକଙ୍କ ଗୃହରେ କବାଟରୂପେ
Tāṭi kabāṭa ବ୍ୟବହୃତ ଚାଟି—1. Screens of bamboo laths serving as doors to the houses of poor people who cannot afford the luxury of having costly wooden doors.
୨। ଗ୍ରାମର ବଡ଼ଲୋକ ଓ ଗରିବ ଲୋକ ସମସ୍ତଙ୍କ ଘରର ଦୁଆରମାନ (ବଡ଼ଲୋକଙ୍କ କବାଟ ଓ ଗରିବଙ୍କ ଚାଟି)—
2. The doors of all the villagers, rich and poor.
(ଯଥା—ସେ ଗ୍ରାମରେ ଝାଡ଼ାବାନ୍ତି ପ୍ରବଳ ହେବାରୁ ସନ୍ଧ୍ୟା ପୂର୍ବରୁ ଚାଟି କବାଟ ସବୁ ପଡ଼ିଯାଉଛି।)
୩। ଏକପ୍ରକାର ଶାରୀରିକ ବ୍ୟାୟାମମୂଳକ ଖେଳ—
3. A kind of out-door game involving physical exercise.
[ଦ୍ର—ଉଭୟ ପକ୍ଷରେ ଛଅ ଜଣ ଖେଳାଳୀଙ୍କ ଦ୍ୱାରା ଏ ଖେଳ ଖେଳାଯାଏ। ଡୁ ଡୁ ଖେଳ ପରି ଏଥିରେ ଖେଳାଳିମାନେ ସମାନ

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଖ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଂଶୋ' ନ ପାଇଲେ 'ଅଂଶ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସଂଖ୍ୟାରେ ବିଭକ୍ତ ହୋଇଥାଆନ୍ତି । ଖେଳପଡ଼ିଆରେ ଉଭୟ ପକ୍ଷଙ୍କ ମଧ୍ୟରେ ଗୋଟିଏ ରେଖା ବା ଗାର କଟାଯାଇ ପ୍ରତ୍ୟେକ ପକ୍ଷର ସୀମା (ପାଳି) ନିର୍ଦ୍ଧାରଣ କରାଯାଏ । ତହିଁପରେ ଏକ ପକ୍ଷର ଦୁଇଜଣ ଗାରଠାରୁ ପ୍ରାୟ ୧୫।୨୦ ହାତ ଦୂରରେ ପରସ୍ପର ହାତ ଧରାଧରି ହୋଇ ଗୋଟିଏ ବାଡ଼ ଦେବା ଭଳି ଠିଆ ହୁଅନ୍ତି ଓ ତାଙ୍କ ପଛରେ ସନ୍ଧି ଜାଗାରେ ଜଣେ ଖେଳାଳି ଠିଆ ହୁଏ । ତହୁଁ ଅପର ପକ୍ଷର ଜଣେ ଗାରମୁଣ୍ଡରୁ "କୁଡୁ" 'ଢଉଢଉ' ଇତ୍ୟାଦି ଧ୍ୱନି ଏକା ନିଶ୍ୱାସରେ ଅନବଚ୍ଛିନ୍ନ ରୂପେ ଉଚ୍ଚାରଣ କରି ପୂର୍ବୋକ୍ତ ଦୁଇ ଜଣଙ୍କ ପଛରେ ଠିଆ ହୋଇଥିବା ଖେଳାଳିକୁ ଛୁଇଁବା ପାଇଁ ବାଡ଼ ଭଳି ଠିଆ ହୋଇଥିବା ଦୁଇ ଲୋକଙ୍କ ଚାରିପାଖରେ ଘାଉଁରି ଖାଇ ବୁଲେ ଓ ପଛଆଡ଼େ ଥିବା ଖେଳାଳି ମଧ୍ୟ ତାକୁ ଧରା ନ ଦେବା ପାଇଁ ବାଡ଼ ହୋଇ ଠିଆ ହୋଇଥିବା ଖେଳାଳି ଦୁହିଙ୍କ ଚାରିପଟରେ ବାଆଁ ଖାଡ଼ିଆ ଦେଇ ବୁଲୁଥାଏ । ବିପକ୍ଷ ପକ୍ଷର ଖେଳାଳି ଯେବେ ଏକା ନିଶ୍ୱାସକେ ପଛପଟର ଖେଳାଳିକୁ ଛୁଇଁ ଦିଏ, ତାହାହେଲେ ଶେଷୋକ୍ତ ଖେଳାଳିଟି 'ମରେ' ଏବଂ ଅନ୍ୟ ଜଣେ ତା ସ୍ଥାନ ଅଧିକାର କରେ ଓ ପୁଣି ବିପକ୍ଷ ପକ୍ଷର ଅନ୍ୟ ଜଣେ ଖେଳାଳି ଗାରରୁ ଟପି ଏକା ନିଶ୍ୱାସକେ ପଛବାଲାକୁ ଛୁଇଁବାକୁ ଯାଏ । ଏହିପରି ସେ ବାଡ଼ର ସମସ୍ତେ ମରିଗଲେ ପୁନର୍ବାର ପାଳି ପରିବର୍ତ୍ତିତ ହୁଏ ଏବଂ ସେମାନଙ୍କ ଉପରେ ବୋଝ ହୁଏ । ଏହିପରି ଅପର ପାଳିର ଖେଳାଳି ଖେଳନ୍ତି । ପାଳିକୁ ଟପି ଯାଇଥିବା ଆକ୍ରମଣକାରୀ ଖେଳାଳି ଏକାନିଶ୍ୱାସକେ ସ୍ୱର ଧରି ଦୌଡ଼ାଇବା ବେଳେ ଯଦି କୌଣସି କ୍ରମେ ବିପକ୍ଷ ପାଳିରେ ତାହାର ଧ୍ୱନି ବନ୍ଦ ହୋଇଯାଏ ଏବଂ ଏହି ଅବସ୍ଥାରେ ବିପକ୍ଷ ଦଳର କେହି ତାକୁ ଛୁଇଁ ଦିଏ, ତେବେ ସେ 'ମଲା' ବୋଲି ଧରାଯାଏ ।]

ତାଟି କବାଟ ଉଠିବା—ଦେ. ବି. (କୌଣସି ବ୍ୟକ୍ତିର) ସର୍ବସ୍ୱ ନଷ୍ଟ Tāṭi kabāṭa uṭhibā ହେବା— Ruination of a person.

ଏଥର ତାର ତାଟି କବାଟ ଉଠିଲା । କୃଷ୍ଣଲାକୃଷ୍ଣଲାପ. ଜନଶ୍ରୁତି ।

ତାଟି କବାଟ ପଡ଼ିଯିବା—ଦେ. ବି—ଗ୍ରାମରେ ଓଲାଉଠା, ମହାମାରୀ, Tāṭi kabāṭa paṛijibā ବସନ୍ତ ଆଦି କୌଣସି ମାରୀଭୟ (ତାଟି କଣ୍ଠା ପଡ଼ିଯିବା—ଅନ୍ୟରୂପ) ଭୟ ଉପସ୍ଥିତ ହେବା ସମୟରେ ସନ୍ଧ୍ୟାବେଳକୁ ଗ୍ରାମରେ ଲୋକେ ସେମାନଙ୍କ ଦାଣ୍ଡ ଦୁଆରମାନ ବନ୍ଦ ଦେଇ ଘର ଭିତରେ ରହିବା; ସନ୍ଧ୍ୟା ପରେ ଗ୍ରାମ ନିସ୍ତବ୍ଧ ହେବା— (a phrase) The doors of all the villagers being closed after nightfall in times of terrible visitations (e.g. cholera, plague, small pox); the state of the whole vilage becoming still and silent after nightfall during times of great calamities; when villagers do not stir out and shut themselves inside their houses through fear.

(ଯଥା —ହଇଜା ଲାଗିବା ଦିନରୁ ବେଲ ନ ବୁଡ଼ୁଣୁ ସେ ଗାଁରେ ତାଟି କବାଟ ପଡ଼ି ଯାଉଛି ।)

ତାଟି ଖିଳା—ଦେ. ବି—୧ । ଯେଉଁ ଖିଳା ବା ଧଡ଼ାଦ୍ୱାରା ଘରର ଦୁଆର- Tāṭi kiḷā ମୁହଁର ତାଟିକୁ ଘରର ଭିତରଆଡ଼ୁ ବନ୍ଦ କରାଯାଏ—

ତାଟିଖଡ଼ା, ତାଟିଧଡ଼ା } ଅନ୍ୟରୂପ

1. A bar attached to a 'Tāṭi' for closing it by chaining it with the 'Tāṭi'; a pole which fastens the Tāṭi tight in a doorless house.

୨ । ଘରର ବା ବାଡ଼ର କବାଟ ରୂପେ ବ୍ୟବହୃତ ତାଟିକୁ ବନ୍ଦ କରିବା—2. The act of fastening up the Tāṭi used as a door to a house or garden.

ତାଟିଖିଳା ମାଡ଼—ଦେ. ବି—୧ । ତାଟିର ଖିଳର ଦଣ୍ଡ ବା ଧଡ଼ାଦ୍ୱାରା Tāṭikiḷā māṛa ପ୍ରହାର—1. Cudgelling with the bar of a Tāṭi.

୨ । ଘରର ତାଟିକୁ ଖିଳ ଦେଇ କୌଣସି ମନୁଷ୍ୟକୁ ଘର ମଧ୍ୟରେ ପୂରାଇ ମାଡ଼ ମାରିବା—2. Beating a person inside a house by shutting the Tāṭi door (so that no outsider can interfere in the beating.)

ଏ ଘରେ ମୁଁ ରହିବି ନାହିଁ
ଖଣ୍ଡିଆ ପଥର ଖୋଳିବି ନାହିଁ ।
ତାଟିଖିଳା ମାଡ଼ ସହିବି ନାହିଁ । ଇତି ।

[ଦ୍ର—ଆମ ଦେଶର ଇତର ଲୋକମାନଙ୍କର ନିଜ ସ୍ତ୍ରୀକୁ ପ୍ରହାର କରିବା ଘଟଣାରେ ସ୍ତ୍ରୀମାନଙ୍କର ପ୍ରବୃତ୍ତିସୂଚକ ଏ ଢଗ ବୋଲାଯାଏ । ତାଟିଖିଳା ମାଡ଼ର ଉଭୟ ଅର୍ଥ ସେ ସ୍ଥଳରେ ଖଟେ । ତାଟିର ଖିଳାଦ୍ୱାରା ମାଡ଼ ଦିଆଯାଏ ଓ ତାଟିକୁ ଘର ଭିତରଆଡ଼ୁ ଖିଳ ଦେଇ ସ୍ତ୍ରୀକୁ ମାଡ଼ ଦିଆଯାଏ, ଯେପରିକି ମାଡ଼ ଖାଉଥିବା ସ୍ତ୍ରୀ ମାଡ଼ ବିକଳରେ ଡାକ ପକାଇଲେ ଡାକ ଶୁଣି ବାହାରରୁ କେହି ଲୋକ ସେ ଘରଭିତରକୁ ଆସି ପାରିବେ ନାହିଁ ଓ ମାଡ଼ ଖାଉଥିବା ସ୍ତ୍ରୀକୁ ରକ୍ଷା କରି ପାରିବେ ନାହିଁ । ଦୁଇ ଅର୍ଥରେ ତାଟିଖିଳା ମାଡ଼ର ବିଷମ ପରିଣାମ ଆମ ଦେଶରେ ବାଉରି, କଣ୍ଡରା, ପାଣ, ହାଡ଼ି ଆଦିଙ୍କ ପରିବାରରେ ବରଳ ନୁହେଁ ।]

ତାଟି ଖଟା(ଟେ)ଇବା—ଦେ. କ୍ରି.—୧ । (ତାଟି ଖଟିବାର ଣିଜନ୍ତ)— Tāṭi khaṭā.ṭe;ibā ଅନ୍ୟ ଲୋକକୁ ଅତି ହେୟ ପାଇଖାନା (ବାଡ଼ତାଟି ଖଟାଇବା—ଅନ୍ୟରୂପ) ସଫା କରିବା କାର୍ଯ୍ୟରେ ଲଗାଇବା—1. To engage or cause a person to cleanse one's latrine (i. e. to do the most menial work.)

୨ । ତାଟିକୁ ଖିଳାଦ୍ୱାରା ବାନ୍ଧି ଘରକୁ ବନ୍ଦ କରିବା—2. To shut upthe Tāṭi door by fastening the bar.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଢ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍

ତାଟି ଖଟିବା—ଦେ· କି.—(ମେହେନ୍ତରାଣୀ) ପାଇଖାନା ସଫା କରିବା; ପାଇଖାନା କମାଇବା—To cleanse a latrine.
Tāṭi khaṭibā
[ତାଟି କମା(ମେ)ଇବା]—ଅନ୍ୟରୂପ)

ତାଟି ଖୁଣ୍ଟ—ଦେ. ବି.—୧ । ଘର ଦୁଆରମୁହଁରେ ଲଗିଥିବା ତାଟିକୁ ରୁନ୍ଧ କରିବା ସମୟରେ ତାହାକୁ ଘର ଭିତରେ ପୋତା ହୋଇଥିବା ଯେଉଁ ଖୁଣ୍ଟରେ ଥିବା ଚିକିଆ ଦ୍ୱାରା ଅଟକାଇ କରି ରଖାଯାଏ—1. A peg for making the Tāṭi door of a house fast.
Tāṭi khuṇṭa
(ତାଟିଖୁଣ୍ଟି—ଅନ୍ୟରୂପ)
୨ । ବଗିଚା ଇତ୍ୟାଦିକୁ ଯିବାର ମେଲା ବାଟରେ ଲାଗିଥିବା ତାଟିକୁ ଟେକି ଧରିବାପାଇଁ ଏବଂ ତାଟିକୁ ବନ୍ଦ କରିବା ବେଳେ ଶିକୁଳି ବା ଦଉଡ଼ିଦ୍ୱାରା ତାକୁ ଗୋଟିଏ ଖୁଣ୍ଟରେ ବାନ୍ଧି ରଖିବା ପାଇଁ ମେଲାବାଟର ଉଭୟ ପାର୍ଶ୍ୱରେ ଯେଉଁ ଦୁଇ ଗୋଟି ଖୁଣ୍ଟ ପୋତା ଯାଇଥାଏ—
2. Two low posts fixed to the ground on both sides of an opening, one to sustain the Tāṭi door when open and the other to fasten it, when closed.

ତାଟି ଗାଡ଼ି—ଦେ. ବି.—ଛପର ଗାଡ଼ି; ଯେଉଁ ଗାଡ଼ିର ଉପର ଭାଗ ତାଟି ଦ୍ୱାରା ଆଚ୍ଛାଦିତ ହୋଇଥାଏ—A cart with a thatched cover.
Tāṭi gāṟḍi
ছপরগাড়ি; ছেকড়াগাড়ি
छपरगाड़ी
(ତାଠଗାଡ଼ି; ତାଟି ସଗଡ଼—ଅନ୍ୟରୂପ)

ତାଟି ଘର—ଦେ. ବି—ତାଟିରେ ନିର୍ମିତ ଅସ୍ଥାୟୀ ଘର; ଯେଉଁ ଘରର ଚାଳ ଓ କାନ୍ଥ ତାଟିରେ ହୋଇଥାଏ—
Tāṭi ghara
টাটীঘর
टट्टीघर
A temporary shed built with Tāṭi or frail mattings.

ତାଟି ଦେବା—ଦେ. କି—ତାଟିକୁ ବନ୍ଦ କରି ଦ୍ୱାରରୁଦ୍ଧ କରିବା—
Tāṭi debā To close an entrance by shutting the bamboo screen thereof; to fasten the Tāṭi used as a door.
ତାଟି ଟାଣିବା
ତାଟି ଖଟାଇବା } ଅନ୍ୟରୂପ
ତାଟି ପକାଇବା

ତାଟିଫିଟା—ଗ୍ରା. (ଇତର) ବିଣ.—(ଲକ୍ଷଣାର୍ଥ) (ଯେଉଁ ଲୋକ ବ୍ୟଭିଚାରାର୍ଥ ପରଘରର ତାଟି ଫିଟାଇ ପଶେ); ଯେଉଁ ପୁରୁଷ ବ୍ୟଭିଚାରରେ ଲିପ୍ତ ଥାଏ; ବ୍ୟଭିଚାରଲିପ୍ତ—
Tāṭiphiṭā
Adulterous (male).

ତାଟୁଆ—ଦେ. ବି. ପୁଂ—୧ । ଯେଉଁ ଭୃତ୍ୟ ତାଟ ବା ଚଙ୍ଗଡ଼ାରେ ସଜ୍ଜିତ ଉପଢୌକନ ବା ଜିନିଷ ବହନକରେ—
Tāṭuā
(ତାଟୋଇ—ସ୍ତ୍ରୀ) 1. A servant who carries presents set in trays.
୨ । ରାଜା ବା ଦେବତାଙ୍କର ଯେଉଁ ସେବକ ଭୋଗ ଲାଗିବା ପାଇଁ ଅନ୍ନଜଳ ବା ଶୀତଳ ସାମଗ୍ରୀମାନ (ଯଥା—ଛେନାଭୁଆ ଖଇ, ପିଠା ଇତ୍ୟାଦି) ତାଟରେ ସଜାଇ ନେଇ ପୂଜକ ଜିମା ଦିଏ)—2. A servant whose duty is to make over the tray containing the sweets to the priest for being offered to a Deity.

ତାଟେଣି—ଦେ. ବି.—ତାଡ଼େଣି (ଦେଖ)
Tāṭeṇi Tāṟḍeṇi (See).

ତା ଠଉଁ—ଗ୍ରା. ସର୍ବନାମ.—(୫ମୀ ବିଭକ୍ତି; ଅନାଦରାର୍ଥ; ୧ବ.)—
Tā ṭhauñ ୧ । ତାହାଠାରୁ; ତାହା ନିକଟରୁ—1. From him; her or it; from that.
ତାଠାଉଁ, ତାଠାରୁ;
ତାଠୁଁ; ତାଠୋଇଁ, }—ଅନ୍ୟରୂପ
ତାଠୌଁ
୨ । ତାହା ଅପେକ୍ଷା—
2. Than him; than. that.
[ଦ୍ର—ବିଭକ୍ତି ଭେଦରେ 'ତା' ଶବ୍ଦ ବିଭକ୍ତି ଚିହ୍ନଯୁକ୍ତ ହୋଇ ଦ୍ୱିତୀୟା, ତୃତୀୟା ଇତ୍ୟାଦିରେ ଏହାର ନିମ୍ନଲିଖିତ ରୂପମାନ ହୁଏ ଯଥା—୨ୟା=ତାକୁ,ତାଠାକୁ; ତାଠିକି; ତାଠିକୁ । ୩ୟା=ତାହାର ତା ଦେଇ; ତା ଦେଇ; ତା ହେଉ; ତା ଦେଇକି; ୬ଷ୍ଠୀ=ତାର ୭ମୀ=ତାଠି; ତାଠିଁ; ତାଠେଁ; ତାଠେଇଁ; ତାଠାଇଁ । 'ତା'ର ଅନ୍ୟରୂପ 'ତାଅ' ଓ 'ତାହା' ସଙ୍ଗେ ଉପରୋକ୍ତ ୨ୟା ୩ୟା, ୪ର୍ଥୀ, ୫ମୀ, ୬ଷ୍ଠୀ, ଓ ୭ମୀ ବିଭକ୍ତିର ଚିହ୍ନମାନ ମଧ୍ୟ ଲଗାଯାଏ ।]

ତାଡ଼୍‌ପା ପଡ଼ିବା—ପ୍ରାଦେ. (ଗଞ୍ଜାମ) କ୍ରି—(କାନ) ଅତଡ଼ା ପଡ଼ିବା—
Tāṟḍ-pā paṟḍibā (the ears) To be stunned

ତାଡ଼୍‌ବନ୍ଧ—ପ୍ରାଦେ (ସିଂହଭୂମ) ବି—ଛୋଟ ବନ୍ଧ—
Tāṟḍ-bandha Small embankment or ridge.

ତାଡ଼—ସଂ. ବି. (ତଡ଼୍ ଧାତୁ=ଦୁଃଖ ଦେବା; ଆଘାତ କରିବା+ଅ)—
Tāṟḍa ୧ । (+ଭାବ. ଅ) ତାଡ଼ନ (ଦେଖ)
1. Tāṟḍana (See)
୨ । ଶବ୍ଦ; ଧ୍ୱନି (ହି. ଶବ୍ଦସାଗର)—2. Sound.
୩ । ତୃଣାଦିର ମୁଷ୍ଟିପରିମେୟ ଗୁଚ୍ଛ; ବେଢ଼ା—
3. A handful of grass; a sheaf.
୪ । ବାହୁରେ ପିନ୍ଧା ଯିବା ବଳୟାକୃତି ଅଳଙ୍କାରବିଶେଷ (ହି. ଶବ୍ଦସାଗର)—4. Armlet.
[ଦ୍ର—ହି. ଶବ୍ଦସାଗର ଏହାକୁ ସଂସ୍କୃତ ଶବ୍ଦ ବୋଲି ଲେଖି ଅଛନ୍ତି । ଯୋଗେଶଚନ୍ଦ୍ର ଏହାକୁ ସଂ· ତାଟଙ୍କର ଅପଭ୍ରଂଶ ବୋଲି କହନ୍ତି । ଆପ୍ଟେ ସଂସ୍କୃତ ତାଡ଼ ଶବ୍ଦର ଏ ଅର୍ଥ ଦେଇ ନାହାନ୍ତି । (ବ. ତାଡ଼, ତାଡ଼ବାଲା; ହି. ଟାଡ଼) । ମନିଅର୍ ଉଇଲିଅମ୍‌ସ ତାଡ଼ୀ ଶବ୍ଦର ଅର୍ଥ ଅଳଙ୍କାରବିଶେଷ ଲେଖି ଅଛନ୍ତି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୫ । ପର୍ବତ—5. Mountain.

୬ । ହେନ୍ତାଳ (ଗଛ) (ଦେଖ) (କ୍ଷୀଣେନ୍ଦ୍ର)—
6. Hentāla (See)

୭ । ତମାଳ (ଗଛ) (ଦେଖ) (କ୍ଷୀଣେନ୍ଦ୍ର)—
7. Tamāla (See)

୮ । ଏକପ୍ରକାର ତାଳ ଗଛ (ପ୍ରକୃତିବାଦ)—
8. A kind of palm tree.

ଚାରା **पौदा** ଦେ. ବି. (ସଂ. ତଡ଼୍ ଧାତୁ)—୧ । ମଞ୍ଜି ଗଜା ହେଲା ପରେ ଯେଉଁ କ୍ଷେତ ଗଛମାନଙ୍କୁ ଏକ ସ୍ଥାନରୁ ତାଡ଼ି ନେଇ ଅନ୍ୟତ୍ର ଲଗାଯାଏ; ଉଲମି କରି ଯାଇଥିବା କ୍ଷେତ ଗଛ; ଚାରା—1. Seedling for transplantation or graft.

୨ । ଯେଉଁ ମାଟି ହାଣ୍ଡିରେ ଚାରା ଉଠିବା ପାଇଁ ମଞ୍ଜି ଲଗା ଯାଏ; ତେଲୁଣି; ଚଲମ—
2. A shallow earthen pan in which seeds are sown for transplantation purpose.

୩ । ନଉଡ଼ିଠାରୁ ଛୋଟ ଓ ଅଠିକାଠାରୁ ବଡ଼ ହାଣ୍ଡି; ତାଡ଼ସ୍ନା—
3. A medium-sized earthen pot.

୪ । ଶଗଡ଼ ବା ହଳରେ ଲାଗିଥିବା ୨ଟି ବଳଦ ପରସ୍ପର ଟଣାଓଟରା ବା ଠେଲାଠେଲି ହେବା ଅବସ୍ଥା—
4. The state of the two bullocks yoked to a cart or plough straining at the yoke against each other.

ପ୍ରାଦେ. (ବସ୍ତର) ବି. (ସଂ. ତାଳ) (ଭୁଲ. ହି. ଏହି ଅର୍ଥରେ ଏହି ଶବ୍ଦ)—ତାଳ—Palmyra tree.

ତାଡ଼ ଉଠା(ଠେ)ଇବା—ଦେ. କ୍ରି—ଗ୍ରେପଣାର୍ଥେ କୌଣସି ଗଛକୁ ପୋତି ସେଥିରୁ ଚାରା ଗଛ ଉଠାଇବା—
Tārda uthā(the)ibā To succeed in rearing seedlings from seeds.
चारा उठाना **पौदा उतारना**
(ତାଡ଼ ଉଠାଇବା—ଅନ୍ୟରୂପ)

ତାଡ଼କ—ସଂ. ବିଣ. ପୁଂ. (ତଡ଼୍ ଧାତୁ ଣିଜନ୍ତ; ତାଡ଼ି ଧାତୁ + କର୍ତ୍ତୃ. ଅକ)—ଯେଉଁ ବ୍ୟକ୍ତି ତାଡ଼ନ କରେ—
Tārdaka Punishing; rebuking.
(ତାଡ଼କା—ସ୍ତ୍ରୀ)

ତାଡ଼କା—ସଂ. ବି. ସ୍ତ୍ରୀ (ତାଡ଼ି ଧାତୁ + କର୍ତ୍ତୃ. ଅକ + ସ୍ତ୍ରୀ. ଅ)—
Tārdakā ରାମାୟଣବର୍ଣ୍ଣିତ ଏକ ରାକ୍ଷସୀ, ଯାହାକୁ ରାମଚନ୍ଦ୍ର ପ୍ରଥମେ ବିଶ୍ୱାମିତ୍ରଙ୍କ ଯାଗଭୂମିରେ ବଧ କରିଥିଲେ—The name of a demoness described in the Rāmāyana who was killed by Rāma in the sacrificial area of sage Biswāmitra.
ତାଡ଼କାୟୀ, ତାଟକା, ତାଟକୀ, ତାଟକକା, ତାଡ଼କୀ } ଅନ୍ୟରୂପ

[ଦ୍ର—ଏ ସୁକେତୁ ନାମକ ଯକ୍ଷର କନ୍ୟା ଓ ସୁନ୍ଦର ପତ୍ନୀ । ସୁକେତୁ ତପସ୍ୟାଦ୍ୱାରା ବ୍ରହ୍ମାଙ୍କଠାରୁ ବର ଲାଭ କରି ସେହି ବରର ଫଳରେ ଏ କନ୍ୟାକୁ ପାଇଥିଲା । ଏହାଠାରେ ସହସ୍ର ହସ୍ତୀଙ୍କ ବଳ ଥିଲା । ଅଗସ୍ତ୍ୟ ଋଷି କ୍ରୁଦ୍ଧ ହୋଇ ସୁନ୍ଦକୁ ମାରି ପକାଇବାରୁ ତାଡ଼କା ଅଗସ୍ତ୍ୟଙ୍କୁ ଖାଇବାକୁ ଗୋଡ଼ାଇଲା । ଅଗସ୍ତ୍ୟଙ୍କ ଅଭିଶାପରେ ଏ ଓ ଏହାର ପୁତ୍ର ମାରୀଚ ରାକ୍ଷସତ୍ୱ ପ୍ରାପ୍ତ ହେଲେ । ସେହି ଦିନଠାରୁ ଏ ଦୁହେଁ ଅଗସ୍ତ୍ୟଙ୍କ ତପୋବନକୁ ନାଶ କରି ସେ ଅଞ୍ଚଳ ଜନଶୂନ୍ୟ କଲେ । ବିଶ୍ୱାମିତ୍ର ଏ ସମାଚାର ଦଶରଥଙ୍କୁ ଜଣାଇ ରାମଚନ୍ଦ୍ରଙ୍କୁ ସଙ୍ଗେ ଆଣି ତାଡ଼କାକୁ ବଧ କରାଇଲେ ଓ ତାଡ଼କା ରାକ୍ଷସତ୍ୱରୁ ମୁକ୍ତି ଲାଭ କଲା ।]

ତାଡ଼କା ଫଳ—ସଂ. ବି—ବଡ଼ ଅଳାଇଚ (ହି. ଶବ୍ଦସାଗର)—
Tārdakā phala Cardamom.

ତାଡ଼କାୟନ—ସଂ. ବି—ବିଶ୍ୱାମିତ୍ରଙ୍କ ଏକ ପୁତ୍ର (ହି. ଶବ୍ଦସାଗର)—
Tārdakāyana Name of a son of Biswāmitra.

ତାଡ଼କାରି—ସଂ. ବି. (ତାଡ଼କା + ଅରି; ୬ଷ୍ଠୀ ତତ୍)—ରାମଚନ୍ଦ୍ର—
Tārdakāri Rāmachandra.

ତାଡ଼କେୟ—ସଂ. ବି. ପୁଂ. (ତାଡ଼କା + ଅପତ୍ୟାର୍ଥେ. ଏୟ)—ତାଡ଼କା ରାକ୍ଷସୀର ପୁତ୍ର ମାରୀଚ—
Tārdakeya Māricha (a demon), the son of Tārdakā.

ତାଡ଼କେଶ୍ୱର—ଦେ. ବି—ତାରକେଶ୍ୱର (ଦେଖ)
Tārdakeswara Tārakeswara (See)
(ତାଡ଼କେଶର—ଅନ୍ୟରୂପ)

ତାଡ଼ ଗଛ—ଦେ. ବି—୧ । ତାଡ଼ ପ୍ରକ୍ରିୟାଦ୍ୱାରା ଉତ୍ପାଦିତ ଗଛ—
Tārda gachha 1. Trees raised from seedlings.

୨ । ଯେଉଁ ଗଛର ମଞ୍ଜିରୁ ତାଡ଼ ପକାଇ ନୂଆ ଗଛ ଜନ୍ମାନ୍ତି—
2 The trees, seeds from which produce well-grown and fruitful trees.

[ଦ୍ର—ଅତି ପାକଳ ବା ଟେଙ୍ଗା ସୁଫଳନ୍ତି ନଡ଼ିଆ ଓ ତାଳ ଆଦି ଗଛର ଫଳରୁ ତାଡ଼ ପାଇଁ ମଞ୍ଜି ରଖାଯାଏ । ମାତ୍ର ଗୁଆର ଅଳ୍ପ ବୟସ୍କ ବା କାଞ୍ଚର ଗଛର ଫଳରୁ ମଞ୍ଜି ରଖାଯାଏ ।]

ତାଡ଼ ଗୁଡ଼ି—ପ୍ରାଦେ. (ସମ୍ବର) ବି. (ଭୁଲ. ହି. ତାଡ଼ = ତାଳ + ଗୁଡ଼ି
Tārda gudi = ମଦ୍ୟ)—ତାଳ ସଜ (ଦେଖ)
Tāla saja (See)

ତାଡ଼ଘ—ସଂ. ବି—ବେତ ବା କୋରଡ଼ା ମାରିବା ବାଲା (ହି. ଶବ୍ଦସାଗର)—
Tārdagha A person whose duty is to administer whipping.

ତାଡ଼ ଘାତ—ସଂ. ବ—ହାତୁଡ଼ିରେ ପିଟି କରି କାମ କରିବାଲା (ହି. ଶବ୍ଦସାଗର)—
Tārda ghāta A person who works by hammering.

ତାଡ଼ଙ୍କ—ସଂ. ବି. (ତଟି ଧାତୁ = ଉପ୍ତି ପାଇବା + କର୍ତ୍ତୃବାଚ୍ୟେ, ଅଙ୍କ; ଯାହା ଶରୀରରେ ଉପ୍ତି ପାଏ)—୧ । ତାଟଙ୍କ; କର୍ଣ୍ଣ-
Tārdanka

୧	ଋ	ଌ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ଢ

କାନ ତଡ଼କା ଭୂଷଣ; କାନତଡ଼କା—1. A kind of flat-
तरकी shaped earring.
୨ । ତାଡ଼; ବାହୁବଳୟ—2. Armlet.

ତାଡ଼ ଜମା(ମେ)ଇବା—ଦେ. କ୍ରି.—କୌଣସି ମଞ୍ଜିରୁ ତାଡ଼ ବା
Tārdā jamā(me)ibā ରୋପଣଯୋଗ୍ୟ ଗଛ ଉଠାଇବା
ଚାରା ଜମାନ ଉଦ୍ଦେଶ୍ୟରେ ମଞ୍ଜିକୁ ମାଟିରେ ପୋତିବା—
पौंदा जमाना To sow seeds in the ground for the purpose of raising seedlings.
[ଦ୍ର—ନଡ଼ିଆ, ଗୁଆ ଆଦିର ମଞ୍ଜିକୁ ପ୍ରଥମେ ଭୂଇଁରେ ପୋତିଲେ ସେଥିରୁ ଗଜା ବାହାରେ । ଗଜାମାନ ଟିକିଏ ବଢ଼ିଗଲେ ତାହା ଅନ୍ୟତ୍ର ରୋପିହୁଏ । ନଡ଼ିଆ, ଗୁଆ, ପୁଲଙ୍ଗ ଆଦିର ଛୋଟ ଗଛକୁ 'ତାଡ଼' ଓ କୋଷା ଆଦିର ଗଛକୁ ଗଛ କୁହାଯାଏ; ଧାନର ଏପରି ଗଛକୁ ଭଲୀ ବୋଲଯାଏ ।]

ତାଡ଼ଣ—ଗ୍ରା. ବି. (ସଂ. ତାଡ଼ନ)—୧ । ତାଡ଼ନ—
Tārdaṇa 1. Act of punishing or rebuking.
୨ । ସାବଳ; ଶସ୍ତ୍ରବିଶେଷ; ଯାହାଦ୍ୱାରା ବୃକ୍ଷ ଆଦି ଉପାଡ଼ାଯାଏ—
2. A crowbar.
୩ । ତାଡ଼ିବା—3. Act of uprooting.

ତାଡ଼ଣ ମାଡ଼ଣ—ଗ୍ରା. ବି.—(ସଂ. ତାଡ଼ନ ଓ ମର୍ଦ୍ଦନରୁ)—
Tārdaṇa mārdaṇa ୧ । କୁମ୍ଭାରମାନେ ପାତ୍ର ଗଢ଼ିବା ପାଇଁ ମାଟିକୁ ଦଳାଦଳ ବା ଚକଟା ଚକଟି କରିବା—
1. Kneading of clay for preparing pots.
୨ । ଗାଳି ଓ ମାଡ଼—2. Rebuking and thrashing

ତାଡ଼ନ—ସଂ. ବି. (ସଂ. ତଡ଼୍ ଧାତୁ ଣିଜନ୍ତ, ତାଡ଼ ଧାତୁ+ଭାବ. ଅନ)—
Tārdana ୧ । ଆଘାତ; ପ୍ରହାର—1. Striking; beating.
୨ । ଦଣ୍ଡ—2. Punishment.
୩ । ବେତ୍ରାଘାତ; କଶାଘାତ—3. Whipping.
୪ । ଶାସନ—4. Swaying; ruling over another.
୫ । ଗାଳିଦେବା; ଭର୍ତ୍ସନା; ତର୍ଜନ—
5. Rebuking; reproof.
୬ । ଦଣ୍ଡ ଦେବା—6. Punishing.
୭ । ଉତ୍ପୀଡ଼ନ—7. Oppression; persecution.
୮ । ତଡ଼ିଦେବା—8. Driving away.
୯ । ଭୟ ଦେଖାଇବା; ଧଡ଼କାଇବା, ଧମକାଇବା—
9. Threatening.
୧୦ । (ଗଣିତ) ଗୁଣନ—
10 (mathematics) Multiplication.
୧୧ । ମନ୍ତ୍ରର ବର୍ଣ୍ଣମାନଙ୍କୁ ଚନ୍ଦନରେ ଲେଖି ବାୟୁବୀଜ ପାଠ କରି ଉକ୍ତ ମନ୍ତ୍ର ଉପରେ ଜଳ ଛିଞ୍ଚିବା କର୍ମ (ହି. ଶବ୍ଦସାଗର)
11. The act of spraying water over a mystic formula by reciting a certain formula after writing out the letters of the former with sandal paste.

ତାଡ଼ନା—ସଂ. ବି. ସ୍ତ୍ରୀ.—(ତାଡ଼ନ+ସ୍ତ୍ରୀ. ଆ)—୧ । ଭର୍ତ୍ସନା; ଗାଳି—
Tārdanā 1. Rebuke; reproof; reprimand.
୨ । ପ୍ରହାର—2. Striking; beating; chastisement.
୩ । ଉତ୍ପୀଡ଼ନ—3 Oppression.
୪ । ଶାସନ—4. Rule; sway; discipline.
୫ । ହାଙ୍କିବା; ପେଲି; ତଡ଼ା, ଧକ୍କା—
5. Driving; push; urging forward.
୬ । ଭୟପ୍ରଦର୍ଶନ—6. Threat.

ତାଡ଼ଣି—ସଂ. ବି. ସ୍ତ୍ରୀ.—(ତାଡ଼୍ ଧାତୁ+କରଣ. ଅନ+ସ୍ତ୍ରୀ. ଈ)+
Tārdaṇi ଚାବୁକ; ଛାଟ; କଶା; କୋରଡ଼ା—Whip.

ତାଡ଼ନୀୟ—ସଂ. ବିଣ.—ପୁଂ (ତାଡ଼ ଧାତୁ+କର୍ମ. ଅନୀୟ)—
Tārdaniya ୧ । ମାଡ଼ଖାଇବାର ଉପଯୁକ୍ତ (ବ୍ୟକ୍ତି)—
(ତାଡ଼ନୀୟା—ସ୍ତ୍ରୀ) 1. Fit to be whipped or beaten.
ସଂ. ବି. ପୁଂ—ତାଡ଼ନୀୟକ (ଦେଖ)
Tārdaniyaka (See)

ତାଡ଼ନୀୟକ—ସଂ. ବି. ପୁଂ—ଚାବୁକଧାରୀ କର୍ମଚାରୀ ବା ଭୃତ୍ୟ; ବେତ୍ରଧାରୀ
Tārdaniyaka ଭୃତ୍ୟ—A lictor; a servant who
(ତାଡ଼ନୀୟକା—ସ୍ତ୍ରୀ) carries the master's whip; a whipper.

ତାଡ଼ ପକା(କେ)ଇବା—ଦେ. କ୍ରି.—୧ । କୌଣସି ମଞ୍ଜିରୁ ଗଜା
Tārda pakā(ke)ibā ବାହାରି ଗଛ ହେଲେ ତାହା ରୋଇବା ଉଦ୍ଦେଶ୍ୟରେ ମଞ୍ଜି ପୋତିବା ବା ଲଗାଇବା—
1. To sow or bury seeds in the ground for the purpose of rearing seedlings.
୨ । ଶଗଡ଼ର ଏକ ପାଖର ବଳଦ ଅପର ପାଖକୁ ଠେଲି ଠେଲି ଚାଲିବା—2. (a bullock of a cart. To go on pushing to the opposite side)

ତାଡ଼ ପତ୍ର—ସଂ. ବି.—କର୍ଣ୍ଣାଳଙ୍କାରବିଶେଷ; ତଡ଼ଙ୍କା—An ornament for the ear (looking like a
Tārda patra blade of palm-leaf)
ତଡ଼କା
ताड़पतर ଦେ. ବି.—ତାଳ ଗଛର ପତ୍ର—
A blade of palm-leaf.

ତାଡ଼ପା—ଦେ. ବି. (ସଂ. ତଡ଼୍ ଧାତୁ=ଆଘାତ)—ତଡ଼କା; କାନଅତଡ଼ା;
Tārdapā ବହୁସମୟ ଉଚ୍ଚଶବ୍ଦ ଶୁଣିବାଦ୍ୱାରା କର୍ଣ୍ଣର ସ୍ତବ୍ଧ ହେବା
ତାଲା ଧରା ଅବସ୍ଥା—Dinned or stunned condition of
सुन्न the ears (by loud sounds).
(ତାଡ଼ପି—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଁଖୋ ନ ପାଇଲେ 'ଅଙ୍ଖ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତାଡ଼ ବାନ୍ଧିବା—ଦେ. କ୍ରି—ଚାଡ଼ ବା ଚାରା ଜନ୍ମାଇବା ପାଇଁ ଉପଯୁକ୍ତ
Tārda bāndhibā ମଞ୍ଜି ସଂଗ୍ରହ କରିବା—To collect good seeds for raising seedlings.

ଚେଙ୍ଗା ନଡ଼ିଆ ବାଙ୍ଗର ଗୁଆ
ଏହା ଠାରୁ ତାଡ଼ ବାନ୍ଧରେ ଭୁଆ । କୃଷି ପ୍ରବଚନ ।

[ଦ୍ର—ବିଭିନ୍ନ ଶ୍ରେଣୀର ଗଛର ମଞ୍ଜିରୁ ଉଦ୍ଭୂତ ହେବା କ୍ଷୁଦ୍ର ଗଛକୁ ଭିନ୍ନ ଭିନ୍ନ ନାମରେ ଡକାଯାଏ । ଯଥା—କୋବି, ମୂଳା ପ୍ରଭୃତି କୋମଳ ଶାକର ଚୂଣ୍ଟି । ଧାନ, ବାଇଗଣ, ମାଣ୍ଡିଆ, ଗଞ୍ଜା, ଲଙ୍କାମରିଚ, ସାରୁ, କଖାରୁ, ଧୂଆଁପତ୍ର ପ୍ରଭୃତି କ୍ଷୁଦ୍ର ଶ୍ରେଣୀର ଗୁଳ୍ମର ଗଜା । ନଡ଼ିଆ, ଗୁଆ, ଅମ୍ବ, ପୁନ୍ନାଗ, ଲେମ୍ବୁ, କାଗଜି, ଚମ୍ପା, ନାଗେଶ୍ୱର, ବଉଳ, କୁରୁଅନା ପ୍ରଭୃତି ବଡ଼ ବଡ଼ ବୃକ୍ଷର ତାଡ଼ ।]

ତାଡ଼ା—ଦେ. ବି. (ସଂ. ତାଡ଼=ଗୋଛା)—୧ । କାଗଜ ଓ ପତ୍ରଆଦିର
Tārdā ଗୋଛା; ବିଡ଼ା; ବଣ୍ଡିଲ—
তাড়া 1 A bundle of paper or leaves.
गड्डा ୨ । ହାତର ବୁଢ଼ା ଅଙ୍ଗୁଠି ଓ ମଝିଅଙ୍ଗୁଠିର ମୁଠା ମଧ୍ୟରେ ଧରାଯାଇପାରିବା ଭଳି ତୃଣାଦିର ଗୋଛା—
2. A sheaf or handful of grass etc.

ତାଡ଼ାତାଡ଼ି—ଦେ. କ୍ରି. ବିଣ. (ସଂ. ତ୍ୱରା; ବଙ୍ଗଳାରୁ ଅନୁକୃତ)—
Tārdātārdi ତଡ଼ବଡ଼; ଅତିଶୀଘ୍ର; ଅତର୍କିତେ, ଶୀଘ୍ର ଶୀଘ୍ର—
তাড়াতাড়ি, তাড়াহুড়ি Hurriedly; helter-skelter; in
तड़ाक hot haste; hastily; in a confused hurry.

ତାଡ଼ି (ଧାତୁ)—ତଡ଼୍ ଧାତୁର ଣିଜନ୍ତ—
Tārdi (root) Causative form of the root Tard.

ତାଡ଼ି—ଦେ. ବି. (ସଂ. ତାଳଜ ବା ତାଳୀରସ)—ତାଳ, ନଡ଼ିଆ ଓ ଖଜୁରି
Tārdi ଗଛର ବାସି ରସ; ମଦ୍ୟ; ତାଳଆଦି ଗଛର ମାଦକ ରସ—
তাড়ী Toddy; formented palm-juice; juice
ताड़ि from cocoanut, palamyra and date palm trees.

[ଦ୍ର—ସଜ ରସ ପିଇଲେ ନିଶା ହୁଏନାହିଁ; କିନ୍ତୁ ତାହା ବାସି ହେଲେ ଅର୍ଥାତ୍ ସେ ରସରେ ଖରା ଲାଗିଲେ ଭାରି ନିଶା ହୁଏ । ଖଜୁରି ଗଛର ବେକ ପାଖକୁ ଚାଞ୍ଛି ତାହା ତାରି ଦେଲେ ସେଥିରୁ ରସ ବାହାରେ; ନଡ଼ିଆ ଗଛର କଅଁଳ ଫଳକୋଷର ଅଗକୁ ଓ ତାଳ ଗଛର କଅଁଳ ଫଳକୋଷର ଓ ପୁଷ୍ପ କୋଷର ଅଗକୁ କାଟିଲେ ରସ ବାହାରେ । ଆମଦେଶରେ ଶିଆଳମାନେ ଓ ଚମାରମାନେ ଖଜୁରି ଗଛରୁ ତାଡ଼ୀ ବାହାର କରନ୍ତି । ବଙ୍ଗଦେଶରେ ତାଳଗଛରୁ ଏବଂ ମାନ୍ଦ୍ରାଜ ଅଞ୍ଚଳରେ ନଡ଼ିଆ ଗଛରୁ ତାଡ଼ି ବାହାର କରାଯାଏ । ବଙ୍ଗଦେଶରେ ଖଜୁରି ଓ ତାଳ ରସକୁ ରାନ୍ଧି ସେଥିରୁ ଗୁଡ଼ ତିଆରି କରନ୍ତି । ଖଜୁରିଗଛର ବେକକୁ ଚାଞ୍ଛି ତାକୁ ତାରି ତହିଁରୁ କ୍ଷରିତ ହେବା ରସ କିଛି ଜମା ହେବା ନିମନ୍ତେ ଗଛରେ ଯେଉଁ ମାଟିର ଘଡ଼ି ଝୁଲାଇ ଦିଆଯାଏ ତାହାକୁ 'ଭୁରା ବା ଓଗ' ବୋଲାଯାଏ ଏବଂ ଓଗରେ ସଂଗୃହୀତ ତାଡ଼ୀକୁ ଏକତ୍ର ସଂଗ୍ରହ କରିବାର ମଧ୍ୟମଜାତୀୟ ମାଠିଆକୁ 'ପାଟେଲୀ' ଓ ବଡ଼ ମାଠିଆକୁ 'ଅଧା' କହନ୍ତି । ମାନ୍ଦ୍ରାଜ ଅଞ୍ଚଳରେ ନଡ଼ିଆ ଓ ତାଳ ଗଛର ବେକ ଚାଞ୍ଛି ହୋଇ ତାଡ଼ି ବାହାର କରାଯାଏ ନାହିଁ । ନଡ଼ିଆ ଓ ତାଳଗଛର ଯେଉଁ ଫଳକୋଷ ଓ ଅଣ୍ଡିରା ତାଳ ଗଛର ଯେଉଁ ପୁଷ୍ପକୋଷ ବାହାରୁଥାଏ ତାହାର ଅଗକୁ କାଟି ସେହିଠାରେ ଭୁରା ସଂଲଗ୍ନ କରି ଦେଲେ ସେଥିରୁ ରସ ଜମିଯାଏ ।]

ତାଡ଼ିଅଲ୍—ଦେ. ବିଣ—ତାଡ଼ିଆଦି ନିଶାପାନରେ ଅଭ୍ୟସ୍ତ—
Tārdiala Addicted to drinking toddy.
(ତାଡ଼ିଅଲ— ଅନ୍ୟରୂପ)

ତାଡ଼ିଆ—ଦେ. ବି—୧ । ମଧ୍ୟ ଭଳିଆ ହାଣ୍ଡି—
Tārdiā 1. Medium-sized cooking pot.
୨ । ଜଗନ୍ନାଥଙ୍କର ଛେନା ଦହି ଅମାଳୁ ବା ପିଠାଭୋଗ; ଛେନା ତାଡ଼ିଆ—2. A sweetmeat offered to the Deity Jagannath at Puri.
୩ । ବଡ଼ ପଲମ—3. Big earthen pan.
ଦେ. ବିଣ—ତାଡ଼ିଅଲ୍ (ଦେଖ)—Tārdial (See)
ପ୍ରାଦେ. (ମେଦିନୀପୁର) ବି—୧ । ଗୋରୁ ମୋହିବାପାଇଁ ବ୍ୟବହୃତ ଛୋଟ ମାଟି କୁଣ୍ଡ—1. Earthen crater for feeding cows.
୨ । କୁଣ୍ଡ (ସାଧାରଣ)—2. Earthen bowl.

ତାଡ଼ିକା—ସଂ. ବିଣ. ସ୍ତ୍ରୀ. (ତାଡ଼ି ଧାତୁ + ଅକ + ସ୍ତ୍ରୀ. ଆ)—ତାଡ଼କ
Tārdikā ଶବ୍ଦର ସ୍ତ୍ରୀଲିଙ୍ଗ—Feminine of Tārdaka (See).

ତାଡ଼ି କାଟିବା—ଦେ. କ୍ରି.—ତାଡ଼ିରସ ବାହାର କରିବା ନିମନ୍ତେ ଖଜୁରି
Tārdi kātibā ଗଛର ବେକକୁ କାଟିବା—To scrape the neck of a date-palm tree to get toddy; to tap the date-palm tree for extracting toddy.

[ଦ୍ର—ଆମ ଦେଶରେ ଶିଆଳ ଖଜୁରି ଗଛର କନ୍ଧା ନିକଟସ୍ଥ ଅଂଶକୁ ଚାଞ୍ଛି କରି ସେଥିରୁ ତାଡ଼ୀ ବାହାର କରନ୍ତି ଓ ତାହା କାଟି ସେଥିରେ ମାଟିର ଘଡ଼ି ଝୁଲାଇବାକୁ ଗଛ ବସାଇବା କହନ୍ତି । ତାଡ଼ି କାଟିବା ନିମନ୍ତେ ଉପକରଣ; ଯଥା—୧. ଦଉଡ଼ି ୨. ଖୋପା ବା ଖେଦ । ୩. କଟୁରି ଘଷିବା କାଠ । ୪. କଟୁରି ଘଷିବା ଚୂନା ।]

ତାଡ଼ିଖଟି—ଦେ. ବି—୧ । ଯେଉଁଠାରେ ତାଡ଼ି ପିଇବା ପାଇଁ ଲୋକେ ଜୁଟନ୍ତି ହୁଅନ୍ତି; ତାଡ଼ି ଦୋକାନ—
Tārdikhati 1. Toddy shop; tap-room.
তাড়িখানা
ताड़ीखाना ୨ । ତାଡ଼ିର ଅଡ୍ଡା—2. Rendezvous for toddy-drinkers.
(ତାଡ଼ିଖଟି; ତାଡ଼ିଖାନା—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇଯ଼	ଉଅ	ଡ଼
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଓ	ନ୍

ତାଡ଼ି ଖୋର—ଦେ. ବଣ. (ଓ. ତାଡ଼ୀ + ଫା. ଖୋର = ଖାଦକ)—
Tā**r**di khor ୧ । ତାଡ଼ୀ ନିଶା ଖାଇବାରେ ଅଭ୍ୟସ୍ତ—
তাড়িখোর 1. Habitual drinker of toddy; habituated to drinking toddy.
ताड़ीखोर
୨ । ମଦୁଆ—2. Drunkard.
୩ । ମଦୁଆଙ୍କ ପରି ଅବ୍ୟବସ୍ଥିତଚିତ୍ତ ଓ ପ୍ରଳାପୀ—
3. Fickle-minded and prattling like a drunkard.

ତାଡ଼ି ଗଛ—ଦେ. ବି—ଯେଉଁ ପୁଷ୍ଟାଙ୍ଗ ବା ପୁରୁଣା ତାଳ, ଖଜୁରି ଓ
Tā**r**di gachha ନଡ଼ିଆ ଗଛରୁ ତାଡ଼ି ନିମନ୍ତେ ରସ ବାହାରେ—
তাড়িগাছ Trees fit for being tapped for toddy.

ତାଡ଼ିତ—ସଂ. ବଣ. (ତଡ଼୍ ଧାତୁ ଣିଚ୍ ତାଡ଼ି ଧାତୁ + କର୍ମ. ତ)—
Tā**r**dita ୧ । ଦୂରୀକୃତ; ତଡ଼ା ହୋଇଥିବା—1. Repulsed; driven out; expelled; turned away.
୨ । ଠେଲା ବା ପେଲା ହୋଇଥିବା—
2. Pushed; propelled.
୩ । ଭର୍ତ୍ସିତ; ଭର୍ତ୍ସିତ—3. Rebuked; chidden.
୪ । ଦଣ୍ଡିତ—4. Punished; chastised; persecuted.
୫ । ପ୍ରହାରିତ—5. Struck; whipped.
୬ । ବିଦ୍ଧ—6. Pierced.
୭ । ଶାସିତ—7. Controlled.
୮ । ଯାହାକୁ ଧମକା ଯାଇଥାଏ—8. Threatened.
୯ । ଆହତ—9. Beaten.
୧୦ । ମର୍ଦ୍ଦିତ—10. Pressed.
କୁଚ ମର୍ଦ୍ଦନ ହୋଇଲା ତାଡ଼ିତ—ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।
୧୧ । ବହିଷ୍କୃତ—11. Driven away.
୧୨ । (ତଡ଼ିତ୍ + ସମ୍ବନ୍ଧାର୍ଥେ. ଅ) (ବିଜ୍ଞାନ ପରିଭାଷା)—
୧୩ । ବିଦ୍ୟୁତ୍ ସମ୍ବନ୍ଧୀୟ; ବୈଦ୍ୟୁତିକ; ବିଦ୍ୟୁଦ୍ଭବ; ବିଦ୍ୟୁନ୍ମୟ—
13. Electric
ସଂ. ବି (ତଡ଼ିତ୍ + ଭବାର୍ଥେ, ଅ; ତଡ଼ିତ୍‌ରୁ ଉତ୍ପନ୍ନ (ବିଜ୍ଞାନ ପରିଭାଷା)—ପଦାର୍ଥ ଦ୍ୱୟର ଘର୍ଷଣ ଦ୍ୱାରା ଉତ୍ପନ୍ନ ବୈଜ୍ଞାନିକ ଶକ୍ତି; ବିଦ୍ୟୁତ୍ ଶକ୍ତି—Electricity; electric force.
[ଦ୍ର—ତଡ଼ିତ୍ ଓ ବିଦ୍ୟୁତ୍ ଏକ ପଦାର୍ଥ ବୋଲି ବୈଜ୍ଞାନିକ ଫ୍ରାଙ୍କଲିନ୍ ପ୍ରମାଣିତ କରିଅଛନ୍ତି ।]

ତାଡ଼ିତ ପରିଚାଳକ—ସଂ. ବି (ତାଡ଼ିତ + ପରିଚାଳକ, ୬ଷ୍ଠୀ ତତ୍;
Tā**r**dita parichā**l**aka ଆଧୁନିକ ବିଜ୍ଞାନ ପରିଭାଷା)—ଯେଉଁ ସକଳ ବସ୍ତୁଦ୍ୱାରା ତାଡ଼ିତ ଶକ୍ତି ଏକ ବସ୍ତୁରୁ ଅନ୍ୟ ବସ୍ତୁକୁ ପରିଚାଳିତ ହୁଏ—
Conductor of electricity.
(ତାଡ଼ିତ ସଞ୍ଚାଳକ-ଅନ୍ୟରୂପ)

ତାଡ଼ିତ ବାର୍ତ୍ତାବହ—ସଂ. ବି (ଆଧୁନିକ ବିଜ୍ଞାନ ପରିଭାଷା)—ଯେଉଁ
Tā**r**dita bārttābaha ଯନ୍ତ୍ର ଦ୍ୱାରା ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ଦୂରଦେଶରୁ ସମ୍ବାଦ ଆସିପାରେ ଓ ଦୂରଦେଶକୁ ସମ୍ବାଦ ଯାଇ ପାରେ—Electric Telegraph and Telephone.

ତାଡ଼ିତ ମାନ ଯନ୍ତ୍ର—ସଂ. ବି (ଆଧୁନିକ ବିଜ୍ଞାନ ପରିଭାଷା)—ଯେଉଁ
Tā**r**dita māna jantra ଯନ୍ତ୍ରଦ୍ୱାରା ତାଡ଼ିତ ଶକ୍ତିର ସଞ୍ଚାଳନ, ସଞ୍ଚୟ ଓ ଉପସ୍ଥିତି ପ୍ରଭୃତି ପରୀକ୍ଷା ଦ୍ୱାରା ସ୍ଥିର କରିଯାଏ; ଇଲେକ୍ଟ୍ରୋସ୍କୋପ୍—Electroscope.

ତାଡ଼ିତ ସଞ୍ଚାଳକ—ସଂ. ବଣ (ଆଧୁନିକ ବିଜ୍ଞାନ ପରିଭାଷା)—
Tā**r**dita sañchā**l**aka ତାଡ଼ିତ ପରିଚାଳକ—Conductor of electricity.

ତାଡ଼ି ଦେବା—ଦେ. କ୍ରି—ମୂଳୋତ୍ପାଟନ କରିବା—
Tā**r**di debā To uproot (a tree).
তাড়া ଯେଉଁଠି ଚେରମାନ ତ ଦେଇଅଛି ତାଡ଼ି—କୃଷ୍ଣସିଂହ. ମହାଭାରତ ବନ ।
उखाड़ना

ତାଡ଼ି ପତ୍ର—ଦେ. କ୍ରି (ସଂ. ତାଡ଼ି + ପତ୍ର; ୬ଷ୍ଠୀ ତତ୍)—୧ । ତାଳପତ୍ର—
Tā**r**di patra 1. Palm leaf.
୨ । ତାଳପତ୍ରାକୃତି ଖଡ଼୍ଗ ବିଶେଷ—
2. A palm-leaf-bladed sword.

ତାଡ଼ିବା—ଦେ. କ୍ରି (ସଂ. ତଡ଼୍ ଧାତୁ = ଆଘାତ କରିବା; ଦୁଃଖଦେବା)
Tā**r**dibā ୧ । ଗଛକୁ ଓପାଡ଼ିବା; ମୂଳୋତ୍ପାଟନ କରିବା—
তাড়া 1. To uproot (a tree).
उखाड़ना ୨ । ମାଟି ଖୋଳିବା—2. To dig out earth.
୩ । ଏକପାଖକୁ ଠେଲିବା ବା ପେଲିବା—
3. To push to one side.
୪ । (ଲକ୍ଷଣାର୍ଥ) ମାରିବା; ବାଡ଼େଇବା; (ହାତ ଅବା ଛଡ଼ିରେ) ଆଘାତ କରିବା—4. To strike; to beat.
ଯୋଗ ଥିଲା ଏ କି ଭାଲେ, ଯାବନ୍ତ ଚେକ ବା ତହିଁ କର କର ତାଡ଼ି—
କବିସୂର୍ଯ୍ୟ. ଋଦ୍ଧାକରତମ୍ ।
୫ । ପୋତା ଜିନିଷକୁ ବଳପୂର୍ବକ ଉଠାଇବା—
5. To raise out or dig out buried things forcibly.
ଗର୍ଜି ଅତି ପ୍ରଚଣ୍ଡେ ତାଡ଼ିଣ ଶିଳା ଖଣ୍ଡେ—ମଧୁସୂଦନ. ଛନ୍ଦମାଳା ।
୬ । କଚାଡ଼ିବା—6. To throw down with forceo to dash down.
ବାଣ୍ଟ ପଲ ପଲ କରି ଏହା ପଲ ଶିରେ ଉପଲ ତାଡ଼ି ଉଚାର ସେ—
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
୭ । ତାଡ଼ନା କରିବା—7. To chastise.
ତହିଁରେ କନ୍ଦର୍ପର ପଠନ୍ତେ
ଭୟେ ତାଡ଼ନ୍ତି ପ୍ରଚଣ୍ଡେ—ଜଗନ୍ନାଥ. ଭାଗବତ ।

ତାଡ଼ି ବାଲା—ଦେ. ବି, ପୁଂ—୧ । ଯେଉଁ ବ୍ୟକ୍ତି ତାଡ଼ି ଗଛ କାଟି
Tā**r**di bālā ତାଡ଼ି ବାହାର କରେ—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବିପରୀତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଚ' ନ ମିଳିଲେ 'କୃଞ୍ଚ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

ତାଡ଼ିଆଳୀ; ତାଡ଼ିଉଆଳା } ଅନ୍ୟରୂପ 1. Toddy-tapper.
ତାଡ଼ିଵାଲା
ତାଡ଼ୀଓୟାଲା ୨ । ଯେ ତାଡ଼ି ବିକ୍ରୟ କରେ—
ताड़ीवाला 2. Toddy-seller.

ତାଡ଼ ହେବା—ଦେ, କ୍ରି—୧ । ଶଗଡ଼ ବା ହଳର ଯୁଆଳିରେ ଯୋଚି ଯାଇଥିବା ବଳଦ ସିଧା ହୋଇ ନ ଚାଲି ପରସ୍ପର ପରସ୍ପରକୁ ଠେଲି ଠେଲି ଚାଲିବା—
Tar̤di hebā
1. (the two bullocks of cart or plough) To walk in the manner of propelling each other and not straightforwardly.
(ଯଥା—ଏ ବଳଦ ହଳକ ଖାଲି ତାଡ଼ି ହେଉଛନ୍ତି ।)
୨ । (ତାଡ଼ିବାର କର୍ମବାଚ୍ୟ ରୂପ)—ଉତ୍ପାଟିତ ହେବା—
2. To be uprooted.
(ଯଥା—କେତେ ପରିଶ୍ରମ କରି ମଧ୍ୟ ଏ ଗଛଟି ତାଡ଼ି ହେଲା ନାହିଁ ।)

ତାଡ଼ୀ—ସଂ. ବି. ସ୍ତ୍ରୀ (ତାଳ+ସ୍ତ୍ରୀ. ଈ; ଳ ସ୍ଥାନରେ 'ଡ଼' ଆଗମ)—
Tar̤di ୧ । ତାଳ ଗଛ—1. Palmyra tree.
୨ । କର୍ଣ୍ଣର ଅଳଙ୍କାରବିଶେଷ; ତାଟଙ୍କ—
2. A kind of earring.
୩ । ବାହୁବଳୟବିଶେଷ; ତାଡ଼—
3. A kind of armlet.

ତାଡ଼ୁଆ—ଦେ. ବି—ଏକପ୍ରକାର ସେନାବ୍ୟୂହ—
Tar̤duā A peculiar battle-array.
ସେହି ସୈନ୍ୟରେ ଥିଲେ ଯେତେକ ଗଡ଼ୁଆ
ଗହନରେ ଗୋଟିଏ କଲେ ସେ ତାଡ଼ୁଆ—କୃଷ୍ଣସିଂ. ମହାଭାରତ. ଉଦ୍ଯୋଗ.
[ଦ୍ର—ପ୍ରକୃତ ଅର୍ଥ ଅବୋଧ, ଏ ଅର୍ଥ ଅନୁମାନସିଦ୍ଧ ।]

ତାଡ଼େଣି—ଦେ. ବି—ଅସ୍ତ୍ରବିଶେଷ—
Tar̤deṇi Name of a weapon.
[ଦ୍ର—ସାରଳା ଦାସଙ୍କ ମହାଭାରତରେ ବ୍ୟବହୃତ ଏହି ଶବ୍ଦର ପ୍ରକୃତ ଅର୍ଥ ଅବୋଧ ।]

ତାଡ୍ୟ—ସଂ. ବିଣ (ତଡ଼ ଧାତୁ ଣିଜନ୍ତ ତାଡ଼ି ଧାତୁ+କର୍ମ. ଯ)—
Tāḍya ତାଡ଼ିତ ହେବା ଯୋଗ୍ୟ—
Fit to be driven away, threatened or beaten.

ତାଡ୍ୟମାନ—ସଂ. ବିଣ. ପୁଂ (ତଡ଼ ଧାତୁ ଣିଜନ୍ତ ତାଡ଼ି ଧାତୁ+କର୍ମ, ଅନ; ଯ ଓ, ମ ର ଆଗମ)—
Tāḍyamāna
(ତାଡ୍ୟମାନା—ସ୍ତ୍ରୀ) ୧ । ବାଦ୍ୟମାନ; ଆହତ—
1. Being beaten (as a drum).
୨ । ପୀଡ୍ୟମାନ; ଯାହାକୁ ଦଣ୍ଡ ଦିଆ ଯାଉଅଛି—
2 Being chastised or beaten; undergoing beating.
୩ । ଉତ୍ପୀଡ୍ୟମାନ—3. Being oppressed or harassed.
୪ । ଯାହାକୁ ବାରଂବାର ପ୍ରହାର କରି ଯାଉଅଛି—
4. Being struck repeatedly.
ବି—ଏକପ୍ରକାର ଚର୍ମ ବାଦ୍ୟ; ଢକ୍କା; ଢୋଲ—
A kind of drum

ତାଣ୍ଡବ—ସଂ. ବି (ତଣ୍ଡୁ=ମୁନିବିଶେଷ+ରଚନାର୍ଥେ. ଅ; ତଣ୍ଡୁ ମୁନି ନୃତ୍ୟପ୍ରଣାଳୀର ସ୍ରଷ୍ଟା)—୧ । ନୃତ୍ୟ; ନାଚ—
Tāṇḍaba
1. Dancing.
୨ । ଉଦ୍ଦଣ୍ଡ ବା ଉଦ୍ଧତ ନୃତ୍ୟ; ହସ୍ତପଦାଦିର ସଞ୍ଚାଳନ ସହିତ ପୁରୁଷର ନୃତ୍ୟ—2. A male's dancing accompanied with violent gesticulations.
[ଦ୍ର—ସ୍ତ୍ରୀଙ୍କ ନୃତ୍ୟକୁ ଲାସ୍ୟ ବୋଲାଯାଏ ।]
୩ । ମହାଦେବଙ୍କର ଉଦ୍ଦଣ୍ଡ ନୃତ୍ୟ—3. Frantic and ecstatic dance of Mahādeba.
୪ । ତଣ୍ଡି; ତୃଣବିଶେଷ—
4. A kind of reed; Saccharum Procerum; the porcupine grass.
ଦେ. ବି—୧ । ଭୀଷଣ କଳହ—
1. Violent quarrel.
ତାଓବ ୨ । ଯେଉଁ କଳହରେ ପକ୍ଷମାନେ ଅଙ୍ଗଭଙ୍ଗୀ କରନ୍ତି
तांडव 2. Quarrel accompanied with threatening postures of the bodies of the parties.

ତାଣ୍ଡବ ତାଳିକ—ସଂ. ବି (ତାଣ୍ଡବ+ତାଳ+ଇକ; ଯେ ଶିବଙ୍କ ତାଣ୍ଡବ ସମୟରେ ତାଳ ପକାଏ)—ନନ୍ଦୀ—
Tāṇḍaba tāḻika
Nandi, the chief attendant of God Śiba.

ତାଣ୍ଡବ ପ୍ରିୟ—ସଂ. ବି. ପୁଂ (ତାଣ୍ଡବ+ପ୍ରିୟ; ବହୁବ୍ରୀହି)—ମହାଦେବ; ଶିବ—God Śiba.
Tāṇḍaba priya
ବିଣ—ଉଦ୍ଦଣ୍ଡ ନୃତ୍ୟପ୍ରିୟ—
Fond of ecstatic dance.

ତାଣ୍ଡବିବା—ଦେ. କ୍ରି (ସଂ. ତାଣ୍ଡବରୁ ଓଡ଼ିଆ ନାମ ଧାତୁ)—
Tāṇḍabibā ତାଣ୍ଡବ ବା ଉଦ୍ଦଣ୍ଡ ନୃତ୍ୟ କରିବା—
To dance in ecstasy.

ତାଣ୍ଡି—ସଂ. ବି. ସ୍ତ୍ରୀ (ତଣ୍ଡୁ=ମୁନିବିଶେଷ+ଇ)—ନୃତ୍ୟ ଶାସ୍ତ୍ର—
Tāṇḍi The art or science of dancing.
(ଯଥା—ତଣ୍ଡୁ ମୁନି ନୃତ୍ୟକଳାର ଉଦ୍ଭାବକ ଥିବାର ପ୍ରସିଦ୍ଧ ।)
ପ୍ରାଦେ (ସିଂହଭୂମ) ବି—୧ । ବଡ଼ ପ୍ରାନ୍ତର ବା ପଡ଼ିଆ—
1. A very large field; prairie.
(ଗଞ୍ଜାମ)—୨ । ଏକପ୍ରକାର ଗୁଡ଼—
2. A kind of molasses.

ତାଣ୍ଡିଆ—ଦେ. ବି—ଶଗଡ଼ର ଦୁଇ ଦଣ୍ଡାରେ ଯେଉଁ ବାଉଁଶଖଣ୍ଡମାନ ବନ୍ଧା ହୋଇଥାଏ—Pieces of bamboo attached to the 2 beams of a cart.
Tāṇḍiā

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଏ	ଉଅ	ଛ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଔ	କୃ

ତାଣ୍ଡି ଗୁଡ଼—ପ୍ରାଦେ (ଗଞ୍ଜାମ) ବି—ଏକପ୍ରକାର ଗୁଡ଼—
Tāṇḍi gurḍa A kind of molasses.

ତାଣ୍ଡୁ—ବୈଦେ. ବି (ତେଲଗୁ)—ଡାବଲପୁଅ ଖେଳର ଶ୍ରେଷ୍ଠ ମୁଗୁର ଥ
Tāṇḍu କାଠି ବା ପୁଅ— A small peg-like bit of
ଡଂଗ wood used in the Ḍābalapuā game.
डांग

ତାତ୍ଲା—ପ୍ରାଦେ (ସମ୍ବଲପୁର) ବିଣ—ତାତଲା; ତପ୍ତ—
Tāt-lā Hot; warm.

ତାତ—ସଂ. ବି. ପୁଂ (ତାୟୃ ଧାତୁ=ପାଳନକରିବା+କର୍ତ୍ତୃ. ତ; ଯ୍ ଲୋପ; ଯେ ସନ୍ତାନ ପାଳନ କରନ୍ତି)—
Tāta
୧ । ପିତା—1. Father.
୨ । ପବିତ୍ର ଧାର୍ମିକ ବ୍ୟକ୍ତି— 2. Holy or pious man.
୩ । ସ୍ନେହପାତ୍ର—3. Object of affection.
୪ । ମାନ୍ୟ ବ୍ୟକ୍ତି; ପୂଜ୍ୟ ବ୍ୟକ୍ତି— 4. Revered person.
୫ । ପୁତ୍ର—5. Son.
୬ । ପିତୃବ୍ୟ—6. Paternal uncle.
ସଂ. ଅ—ସ୍ନେହସୂଚକ ସମ୍ବୋଧନ—
A term of endearment or affection.
[ଦ୍ର—ଏହା ଭାଇ, ବନ୍ଧୁ ଓ ବିଶେଷତଃ ଅପଣାଠାରୁ ବୟସରେ ସାନ ବ୍ୟକ୍ତିମାନଙ୍କୁ ସମ୍ବୋଧନ କରିବାରେ ବ୍ୟବହୃତ ହୁଏ ।
[ତୁଳନା କର, ଓଡ଼ିଆରେ ଏହିପରି ସ୍ଥଳରେ ବାବୁ, ବାପ, ବାପା ସମ୍ବୋଧନ ।]
ହେ ତାତ କର୍ମି ପଦେ ସେବ
କର୍ମିଙ୍କୁ ନାହିଁ ଅନ୍ୟ ଦେବ—ଜଗନ୍ନାଥ. ଭାଗବତ ।
ଦେ. ବି—(ତପ ଧାତୁ=ସନ୍ତାପ ଦେବା; ତତାଇବା; ସଂ. ତାପ; ତୁଲ. ଆରବୀ, ତାବ୍=ଗରମୀ;—
ভাত ୧ । ତାପ; ଉତ୍ତାପ; ଦହନ; ଧାସ; ଝାଞ୍ଜି—
ताव 1. Heat; warmth; blaze.
୨ । କ୍ରୋଧ; ରାଗ—2. Anger.
ସଂ. ବିଣ—ମାନ୍ୟ; ପୂଜ୍ୟ—
Honoured; revered.
ପ୍ରାଦେ. (ବସ୍ତର) ବି (ତୁଲ. ହି. ତାତ=ତପ୍ତ) ତତଲ ଭାତ—
Hot or warm boiled rice.

ତା'ତ—ଦେ. ସର୍ବନାମ—ସେହି ବିଷୟ; ତାହାହିଁ—That too.
Tā'ta ତୁ ସୋଧନ ବୋଇଲେ ଶୁଣ ଅହେ ତାତ
তাইত **आही** ଏଥିରେ ଯେ କାରଣ କହୁଅଛ ତା'ତ । କୃଷ୍ଣସିଂହ-ମହାଭାରତ-ସଭା ।

ତା ତଇଁ(ହିଁ)କ—ଦେ. ସର୍ବନାମ—୧ । ତାଠାରୁ; ତାଠେଇଁ—
Tā taiñ(hiñ)ki 1. From that, him or her.
(ତାଇଁକି, ୨ । ତା ଅପେକ୍ଷା; ତାଠୁ—
ତା ତେଇଁକ; ତା ତେହିଁକ—ଅନ୍ୟରୂପ) 2. Than that.
୩ । ତାହାଠାକୁ; ତାହା ନିକଟକୁ—3 To him, her or it.

ତା ତଉଁ(ହୁଁ)—ଦେ. ସର୍ବନାମ—୧ । ତାହାଠାରୁ—1. From
Tā tauñ(huñ) that; from him or her.
তাচ্ছে **उससे** ପ୍ରକୃତ ତାର ତତ୍ତ୍ୱ ତାତ
ତାତହୁଁ ହୋଏ ମହତ୍ତ୍ୱ । ଜଗନ୍ନାଥ. ଭାଗବତ ।
(ତା ତୌଁ—ଅନ୍ୟରୂପ) ୨—ତାହା ଅପେକ୍ଷା—2. Than that.

ତାତଗୁ—ସଂ. ବି. ପୁଂ. (ତାତ=ପିତା+ଗମ୍ ଧାତୁ+କର୍ତ୍ତୃ ଡୁ; ଯେ
Tātagu ପିତାଙ୍କ ପରି ମାନ୍ୟ)—ଖୁଡ଼ୁତା; କକେଇ; ଖୁଲ୍ଲତାତ; ପିତୃବ୍ୟ—Younger paternal uncle.

ତାତ ତୁଲ୍ୟ—ସଂ. ବି. ପୁଂ—(ତାତ+ତୁଲ୍ୟ)—ତାତଗୁ (ଦେଖ)—
Tāta tulya Tātagu (See)

ତାତନ—ସଂ. ବି—ଖଞ୍ଜନ ପକ୍ଷୀ (ଦେଖ) (ହି. ଶବ୍ଦସାଗର)—
Tātana Khañjana bird (See)

ତାତପର୍ଯ୍ୟ—ଗ୍ରା. ବି ଓ ବିଣ—ତାତ୍ପର୍ଯ୍ୟ (ଦେଖ)
Tātaparjya Tātparjya (See)
तातपर्य ବୁଝିଲି ତାତପର୍ଯ୍ୟରେ ସବୁ ଜଣାଇଲା ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ତାତଲ—ଦେ. ବି—(ସଂ. ତପ୍ତ)—ଟିଣ ଝଳା ବା ପାଇଁ ବ୍ୟବହୃତ କାଠର
Tātala ବେଣ୍ଟଲଗା ଲୁହାର ଶ୍ରେଷ୍ଠ କୁରାଢ଼ି ଆକୃତିର ଯନ୍ତ୍ର—
তাতাল **तातल** A tinman's soldering iron; an axe-lixe iron tool with a wooden handle which is heated and which, when touched to lead, melts it while soldering 2 pieces of tins.
[ଦ୍ର—ଏହାକୁ ନିଆଁରେ ଖୁବ୍ ତତାଇ କରି ଟିଣ ଯୋଡ଼ା ହେବା ଜାଗାରେ ରଖାଯାଇ ଥିବା 'ରାଙ୍ଗ' ଉପରେ ଏହାକୁ ମାଡ଼ିଲେ ଏଥିର ଉତ୍ତାପରେ ରାଙ୍ଗ ତରଳି ଯାଇ ଜୋଡ଼ ଜାଗାର ଛିଦ୍ର ବା ଫାଟରେ ଗଳି ପଡ଼େ, ଓ ସେ ଜୋଡ଼ ଜାଗା ତରଲ ରାଙ୍ଗ ଦ୍ୱାରା ରୁଦ୍ଧ ହୋଇଯାଏ]
ସଂ. ବି—୧ । ପିତୃ ସ୍ଥାନୀୟ ବ୍ୟକ୍ତି (ହି. ଶବ୍ଦସାଗର)—
1. A person in the position of the father to a person.
୨ । ରୋଗ (ହି. ଶବ୍ଦସାଗର)—2. Disease.

ତାତଲା—ଦେ. ବିଣ (ସଂ. ତପ୍ତ)—ତତଲା; ତାତଲା; ଉତ୍ତପ୍ତ—
Tātalā Heated; hot; warm.
তাতল **तातल**
(ତାତଲା—ଅନ୍ୟରୂପ)

ତା ତା—ଦେ. ଅ—ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ଆଦିର ଲକ୍ଷ୍ମଟ;
Tā tā ଶିଶୁମାନେ ନାଚିବା ସମୟରେ ବୟସ୍କମାନେ ବୋଲିବା
তাতা **ताता** ଭଳି; ଅଭ୍ୟଳ ଶିଶୁମାନଙ୍କୁ ଛୁଆର ପକାଇବା ପାଇଁ ମାଆମାନେ ଶିଶୁକୁ ପିଠିରେ ବସୁଡ଼େଇବା ସମୟେ

ସାଧାରଣ ଲୋକେ ଅନେକ ସ୍ଥଳରେ ଦନ୍ତ୍ୟ ୧ ପଙ୍କ୍ତି ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ପଙ୍କ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବୋଲିବା ଲୁହା; ଶିଶୁମାନଙ୍କୁ ତାଳ ମାର ଶିଖାଇବାର ଲୁହା; ତାଇ ତାଇ—An utterance used in accompaniment of music, dance and singing and in lulling children to sleep.

(ଟାଟା – ଅନ୍ୟରୂପ)   ଦେ. ବି. (ନାମ)—ପାର୍ସୀମାନଙ୍କ ବଂଶୋପାଧି—Tata; A family-title amongst the Parsees.

[ଦ୍ର—ସର୍ ଜାମସେଦ୍ ଜୀ ତାତା (ଟାଟା) ନାମକ ଜଣେ ସ୍ୱର୍ଗୀୟ ପାର୍ସୀ ସେଠ ସିଂହଭୂମ ଜିଲ୍ଲାର କାଳମାଟି ନାମକ ସ୍ଥାନରେ ପୃଥିବୀବିଖ୍ୟାତ ଲୁହା କାରଖାନା ପ୍ରତିଷ୍ଠିତ କରିଅଛନ୍ତି ଓ ଉକ୍ତ କାରଖାନାର ସ୍ୱତ୍ୱାଧିକାରୀ ଓ ପରିଚାଳକ ସଙ୍ଘର ନାମ ତାତା (ଟାଟା) କୋମ୍ପାନି ଓ ସେ ସ୍ଥାନର ନାମ ଜାମସେଦପୁର ବା ତାତା(ଟାଟା) ନଗର ହୋଇଅଛି ।]

ତାତା ଥିନ(ଥେଇ)—ଦେ. ଅ—୧ । ନାଚ ଓ ବାଦ୍ୟର ଭଙ୍ଗୀ; ନାଚ ଓ ବାଦ୍ୟ କଲାବେଳେ ମୁହଁରେ ବୋଲାଯିବା ତାଳମାନସୂଚକ ଧ୍ୱନି—1. The measures uttered in connection with singing and dancing.
Tātā thin(thei)
ତାତାଥୈ, ତାଥୈ, ତାଥେ
तातथैं, तातायेइ

> ଅପସରାମାନେ ତା ଦେଖି ଗୀତ ଗାଇ
> ନୃତ୍ୟ ଆରମ୍ଭିଲେ ବୋଲିଣ ତାତାଥେଇ । କୃଷ୍ଣସିଂହ. ମହାଭାରତ ବନ
> ଥ ଅକ୍ଷର ହୋଇଛି ତାତାଥିନା ଥେଇ
> ମୃଦଙ୍ଗ ବାଜୁଛି ଅବ୍ୟ ସଞ୍ଚାରକୁ ଯେଇ । ପ୍ରାଚୀ, ବ୍ରହ୍ମଜନ୍ମରୂପଣଗୀତା । ।

(ତାତାଥେ; ତାତାଥେଇ; ତାତାଥିନ; ତାତାଥୈ; ତାତା ଥେଇ ଥେଇ; ତାତା ଥିନ୍‌ଥିନ୍; ତାତା ଥୈଥେ; ତାତାଥିନ୍; ତାତାଥିନା ତାତାଥିନ; ଥିନ; ଥିନାକ; ତାତା ଥିନ ଥିନ; ତାତା ତାଥିନ; ତାତା ତାଂଥିନତା; ତାତା ଥିନ୍ ଥିନ୍; ତାତା ଥିନଥିନା; ତାକ୍ ଥିନ୍‌ତା; ତାକ୍ ଥିନତା; ତାତାଥିନା; ତାତାଥିନ; ତାତା ଥିନତା; ତାତାଥିନା ଥେଇ—ଅନ୍ୟରୂପ)

୨ । ବାଦ୍ୟ ଓ ତାଣ୍ଡବ ନୃତ୍ୟର ତାଳେ ତାଳେ ପଡୁଥିବା ପଦତଳ ଓ କରତଳର ଧ୍ୱନି—2. Measured claps or steps at every beat or time of a dance or music; beating of time to music or dance.

ତାତା ଥେଇ କରିବା—ଦେ. କ୍ରି—ନାଚ କରିବା; ନାଚିବା—To dance.
Tātā thei karibā
ତାତାଥୈକରା   କିକେ ଥନ ମନେ ଅତ୍ୟନ୍ତ ମତ୍ତ ହେଲେ,
तातायेइकरना ମୁଣ୍ଡରେ ଲୁଗା ବାନ୍ଧି ତାତାଥେଇ କଲେ । କୃଷ୍ଣସିଂହ ମହାଭାରତ ବନ ।

ତାତା ଥେଇ ଥେଇ ଲାଗିବା—ଦେ. ବି—ଦୁଇଜଣଙ୍କ ମଧ୍ୟରେ ବା କୌଣସି ପରିବାରରେ ଉଗ୍ର କଳି ଲାଗିବା —Violent quarrelling between two persons, or in a family.
Tātā thei thei lāgibā
ତାଥଇ
ततताथेइ

ତାତ ଥୈଥୈ ଲାଗିବା;
ତାଥୈଥୈ ଲାଗିବା;
ତାଥେଇ ଥେଇ ଲାଗିବା
ତାଥୈ ଲାଗିବା;
ତାଥେଇ ଲାଗିବା
} ଅନ୍ୟରୂପ (ଯଥା—ତାଙ୍କ ଘରେ ଦିନସାରା ତାତାଥୈଥୈ ଲାଗିଛି ।)

ତାତା ନଗର—ଦେ. ବି. (ନାମ)—କାଳମାଟି (ଦେଖ) Tātā nagara   Kālimāṭi (See)
(ଟାଟା ନଗର—ଅନ୍ୟରୂପ)

ତାତା ନାଡ଼ି—ଗ୍ରା. ବି. (ଶିଶୁ ରଞ୍ଜନ) 'ତାତାନାଡ଼ି ବେଙ୍ଗ ଦେଲି ପାଡ଼ି' ଏହା ବୋଲି ମାତାମାନେ ଶିଶୁମାନଙ୍କ ମୁଣ୍ଡରେ ଓ କାନମୁଣ୍ଡାରେ ମାଲିଶ ମାଲିସ୍ କରନ୍ତି—Part of a rhyme used by the mothers while annointing oil over the head and ears of a child in order to coax him and to get through the oiling smoothly.
Tātā nārdi

ତାତାର୍—ବୈଦେ. ବି. (ଫା) (ନାମ)—ମଧ୍ୟଏସିଆର ଦେଶବିଶେଷ; ତୁର୍କିସ୍ଥାନ—Tartary; Tartar; Turkistan.
Tātār
ତାତାର
तातार

[ଦ୍ର—ଏହାର ଦକ୍ଷିଣରେ ପାରସ୍ୟ, ଅଫଗାନିସ୍ଥାନ, କାଶ୍ମୀର ଓ ତିବ୍ବତ ଓ ଚୀନ ଦେଶମାନ, ପଶ୍ଚିମରେ କାସ୍ପିଅନ୍ ସାଗର, ଉତ୍ତରରେ ଏସିଯ୍ଟିକ ରୁଷିଆ ଓ ପୂର୍ବରେ ମାଙ୍ଗୋଲିଆ ଓ ଚୀନ । କେହି କେହି ମାଙ୍ଗୋଲିଆକୁ ତାତାରର ଅନ୍ତର୍ଗତ ବୋଲି କହନ୍ତି କେହି କେହି ମାଙ୍ଗୋଲିଆକୁ ବାଦ ଦିଅନ୍ତି । ବୋଖାରା, ସମରକନ୍ଦ, ୟାରକନ୍ଦ, ଖୋଟାନ, ଖୋକନ୍ଦ ଏ ଦେଶର ପ୍ରଧାନ ନଗରମାନ ।]

ତାତାରି— ବୈଦେ. ବିଣ—୧ । ତାତାର ଦେଶ ସମ୍ବନ୍ଧୀୟ—1. Relating to Tartar.
Tātāri
ତାତାରୀ   ୨ । ତାତାର ଦେଶବାସୀ—
तातारी   2 Residing in Tartar.
ବି— ତାତାରବାସୀ ବ୍ୟକ୍ତି—An inhabitant of Tartary.

ତାତି—ଦେ. ବି. (ସ. ତପ୍ତି)—୧ । ଗରମି; ଉତ୍ତାପ; ତାପ—1. Heat; warmth.
Tāti
ତାଂ   ୨ । ଜ୍ୱର ଜନିତ ଦେହର ଉତ୍ତାପ—
ताव   2. High temperature of body due to fever.
୩ । ଅଗ୍ନି ଆଦିର ତେଜ; ଧାସ; ଝାଞ୍ଜି—3. Glare; blaze.
୪ । (ଲକ୍ଷଣାର୍ଥ) କ୍ରୋଧ—4. Wrath; anger
ସ. ବି.—(ତାୟୃ ଧାତୁ=ପାଳନ କରିବା+କର୍ମ. ତି)—ପୁତ୍ର (ଦ୍ର. ଶବ୍ଦସାଗର)—Son.

ତାତି ଉଠିବା—ଦେ. କ୍ରି. (ସ. ତପ୍ତ)—୧ । ଉତ୍ତପ୍ତ ହେବା—1. To become warm or heated.
Tāti uṭhibā
ତାତନ୍   ୨ । (ଲକ୍ଷଣାର୍ଥ) ଅତ୍ୟନ୍ତ ରାଗିଯିବା—2. (figurative) To become angry; to warm up.
तप जाना
(ତାତିଯିବା—ଅନ୍ୟରୂପ) (ଯଥା—ଏ ସାମାନ୍ୟ କଥାରେ ତୁ କେତେ ତାତି ଉଠୁଛୁ କିଆଁ ?)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍ତ	ତ୍ଥ	ଢ
୨	ଈ	ଊ	ଋୁ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଓ	ଢ଼

ତାତି ପିଟିବା—ଦେ. ବ.—ଝାଞ୍ଜି ପିଟିବା; ହେଙ୍ଗୁଲା ବୋହିବା; ଅତ୍ୟନ୍ତ
Tāti piṭibā ଉତ୍ତପ୍ତ ପବନ ବହିବା—The blowing of very hot blasts.
ତାତି ବହିବା, ତାତି ବୋହିବା } ଅନ୍ୟରୂପ
(ଯଥା—ବୈଶାଖ ମାସ ଦ୍ୱିପହରେ ପାହାଡ଼ତଳିଆ ଗାଆଁମାନଙ୍କରେ ଖୁବ ତାତି ପିଟେ ।)

ତାତିବା—ଦେ. କ୍ରି.—(ସଂ. ତପ୍ ଧାତୁ)—୧ । ଉତ୍ତପ୍ତ ହେବା—
Tātibā 1. To become heated.
तातन बାହୁ ତାତି ଝସ ଶୁଖି ଗ୍ରାହ ବଣ ଯେମନ୍ତ କାସାରେ
तपना ଉପେନ୍ଦ୍ରଭଞ୍ଜ: ବୈଦେହୀଶବିଳାସ ।
୨ । ଜ୍ୱର ଯୋଗୁଁ (ଦେହ) ଉଷ୍ମ ହେବା—
2. (the bodily heat) To rise in temperature.
୩ । ପୋଡ଼ିଯିବା—3. To burn; to be burnt.
[ଦ୍ର—ଲୋକେ ଅଶୁଭସୂଚକ ବାକ୍ୟ 'ଘର ପୋଡ଼ିଗଲା' ନ କହି 'ଘର ତାତିଗଲା' କହନ୍ତି ।]
୪ । (ଲକ୍ଷଣାର୍ଥ) ରାଗିଯିବା—4. To be angry or ruffled; to flare up.
(ଯଥା—ସାମାନ୍ୟକଥାରେ ଏପରି ତାତିବାଟା ସୁନ୍ଦର ନୁହେଁ ।)

ତାତି ଯିବା—ଦେ. କ୍ରି—୧ । ପୋଡ଼ିଯିବା; ଦଗ୍ଧହେବା—
Tāti jibā 1. To be burnt; to be scorched.
ताता ୨ । (ପେଟ; ଅନ୍ତ) କ୍ଷୁଧାପୀଡ଼ିତ ହେବା—
तप जाना 2. To be troubled with hunger.
ପୂର୍ବେ ପୂଜା କ୍ଷୁଧାଗ୍ନିରେ ଯେ ପୀଡ଼ିତ,
ହୋଇବା ସକାଶରୁ ତାତିଗଲା ଅନ୍ତ । କୃଷ୍ଣସିଂହ, ମହାଭାରତ: ବନ ।

ତାତିଲ୍—ପ୍ରାଦେ. (ସମ୍ବଲପୁର) ବୈଦେ. ବି. (ଅ.)—୧ । ଛୁଟି; ପଢ଼ା
Tātil ବା କାର୍ଯ୍ୟରୁ ମିଳିବା ଅବସର—
1. Vacation; holiday.
୨ । କାର୍ଯ୍ୟ ବନ୍ଦହେବା—
2. Stoppage or closing of work.

ତାତିଲ୍ କରିବା—ପ୍ରାଦେ. (ସମ୍ବଲପୁର) ବୈଦେ. କ୍ରି.—କଚେରୀଅଫିସ
Tātil karibā କାମ ବନ୍ଦ କରିବା—To close a court or office.
(ଯଥା—ଜିଲ୍ଲା ହାକିମ ସନ୍ଧ୍ୟା ୭ଟା ବେଳେ କଚେରି ତାତିଲ୍ କରି କୋଠିକୁ ଗଲେ ।)

ତାତିଲା—ଦେ. ବିଣ. (ସଂ. ତପ୍ତ)—ତାତିଲା; ତତଲା; ଉତ୍ତପ୍ତ; ଗରମ—
Tātilā Hot; warm.
तातिल ହୁଏ ଅଗ୍ନି ତାତିଲା ତମ୍ବା ପରି କରି,
तता, तातल କହିଲେ ଏ ବଚନ ହସିରେ ବସିର । କୃଷ୍ଣସିଂହ, ମହାଭାରତ, ସଭା ।

ତାତୁଣିଆ—ଦେ. ବିଣ. (ସଂ. ତପ୍ତ)—୧ । ତପ୍ତ; ଉତ୍ତପ୍ତ—
Tātupiā 1. Heated; hot; warm.
ताता ୨ । ଯେଉଁ ବ୍ୟକ୍ତି ହଠାତ୍ ରାଗି ଯାଏ—
ताता 2 Irritable; irascible; peevish.

ତାତେ ତାତେ—ଦେ. କ୍ରି. ବିଣ. (ସମୟବାଚକ ଦ୍ୱିତ୍ୱ ପ୍ରୟୋଗ) (ସଂ.
Tāte tāte ତପ୍ତ)—ଶୀତଳ ନ ହେଉଣୁ; ତାତି ଥାଉଁ ଥାଉଁ; ତାତିଲା ଥାଉଁ ଥାଉଁ—While hot; while still hot.
(ଯଥା—ଲୁହାକୁ ତାତେ ତାତେ ନ ବାଡ଼େଇଲେ ତାହା ପିଟିଲେ ବଢ଼ିବ ନାହିଁ ।)

ତାତ୍କାଳିକ—ସଂ. ବିଣ. (ତତ୍କାଳ + ଭବାର୍ଥେ. ଇକ)—ସେହି
Tātkālika ସମୟରେ ଘଟିଥିବା; ତତ୍କାଳଭବ; ତତ୍କାଳୋତ୍ପନ୍ନ; ସେହି ସମୟର; ସମସାମୟିକ—Happening at that time; contemporary.

ତାତ୍ପର୍ଯ୍ୟ—ସଂ. ବି. (ତତ୍ପର=ସଚେଷ୍ଟ + ଭାବାର୍ଥେ. ଯ)—
Tātparjya ୧ । ଅଭିପ୍ରାୟ; ମର୍ମ; ଉଦ୍ଦେଶ୍ୟ; ସାରାଂଶ; ଅର୍ଥ; ଭାବାର୍ଥ—1. Intention; purpose or meaning of a speaker; gist; scope; design.
୨ । ତତ୍ପରତା—2. Readiness.
୩ । ଚମତ୍କାରିତା—
3. Beauty; grace; excellence.
(ଯଥା—ବୁଦ୍ଧିର ତାତ୍ପର୍ଯ୍ୟ ।)
ଦେ. ବିଣ—୧ । ରମଣୀୟ; ସୁନ୍ଦର—
1. Beautiful; graceful.
୨ । ଚମତ୍କାର; ଉତ୍କୃଷ୍ଟ—2. Excellent.
୩ । ଉପଯୁକ୍ତ—3. Fit; suitable.
୪ । ମନକୁ ରୁଚିଲା; ମନୋମତ—
4. Gratifying; after one's heart or liking.
(ଯଥା—ଆଜି ତାତ୍ପର୍ଯ୍ୟ ଭୋଜନଟାଏ ମିଳିଲା ।)

ତାତ୍ତ୍ୱିକ—ସଂ. ବିଣ. (ତତ୍ତ୍ୱ + ଇକ)—୧ । ତତ୍ତ୍ୱସମ୍ବନ୍ଧୀୟ—
Tātwika 1. Relating to Tattwa (See)
୨ । ତତ୍ତ୍ୱଜ୍ଞାନଯୁକ୍ତ—
2. Furnished with knowledge.
୩ । ଯଥାର୍ଥ—3. Actual; true.

ତାତ୍ସ୍ଥ୍ୟ—ସଂ. ବି. (ତତ୍ସ୍ଥ + ଭାବାର୍ଥେ. ଯ)—
Tātsthya ୧ । ଏକ ବସ୍ତୁ ମଧ୍ୟରେ ଅନ୍ୟ ବସ୍ତୁର ସ୍ଥିତି—
1. The state of one thing being contained in another.
୨ । ବ୍ୟଞ୍ଜନାତ୍ମକ ଅଳଙ୍କାରବିଶେଷ—
2. A figure in rhetoric in which the container indicates the thing contained.

ତା ଥଉଁ—ଗ୍ରା. ସର୍ବନାମ—ତାଠାରୁ; ତାଠଉଁ; ତାଠାରୁ—
Tā thauṅ From that; from him or her.
(ତାଆଠୁଁ; ତାଠୁଁ; ତାଥିରୁ; ତାଥୋଉଁ;
ତାଥୌଁ; ତାହାଠୁଁ; ତାହାଥୋଉଁ—ଅନ୍ୟରୂପ)

ସାଧାରଣ ଭାବରେ ଅପର ପୃଷ୍ଠାରେ ଧାଡ଼ି ୧ ଛନ୍ଦର ଅକ୍ଷର ଓ ମାତ୍ରା ଏବଂ ୨ ଛନ୍ଦର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଏଣୁ ୧ ବା ୨ ଛନ୍ଦର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଯୁକ୍ତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଦୃଶ' ନ ମିଳିଲେ 'ଦୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ତା ଥିରେ—ଗ୍ରା. ସର୍ବନାମ. (ସଂ. ତତ୍ର)—ତହିଁରେ; ତତ୍ର—
Tā thire — In that.
(ସେଥିରେ; ତାହାଥିରେ—ଅନ୍ୟରୂପ)

ତାଥୈଥୈ କରିବା—ଦେ. କ୍ରି—କୌଣସି କାର୍ଯ୍ୟ ନିମନ୍ତେ କୌଣସି
Tāthaithai karibā — ବ୍ୟକ୍ତିକୁ ତାଗିଦ କରି ଅସ୍ଥିର କରି
थैथै करना — ପକାଇବା—To worry a person with
ताथै करना — repeated requests to do a thing.

ତାଦବସ୍ଥ୍ୟ—ସଂ. ବି. (ତଦବସ୍ଥା=ସେହି ଅବସ୍ଥାଯୁକ୍ତ+ଭାବାର୍ଥେ. ଯ)—
Tādabasthya — ସେହି ଅବସ୍ଥାରେ ରହିବାର ଭାବ; ତଦ୍ରୂପତା—
Sameness; the state of remaining in the same condition; the state of retaining the previous condition.

ତାଦର୍ଥ୍ୟ—ସଂ. ବି. (ତଦର୍ଥ=ତନ୍ନିମିତ୍ତ+ଭାବାର୍ଥେ. ଯ)—
Tādarthya — ୧ । ତଦର୍ଥତା; ଏକାଧିକ ବସ୍ତୁର ଉଦ୍ଦେଶ୍ୟ ଏକ ହୋଇ ଥିବା ଅବସ୍ଥା—1. Identity of object.
୨ । ଅଭେଦ; ତତ୍‌ସ୍ୱରୂପତା —
2. Sameness; identity.
୩ । (ତଦର୍ଥ=ସେହି ଅର୍ଥ+ଭାବାର୍ଥେ. ଯ)—ଦୁଇ ଶବ୍ଦ ବା ବାକ୍ୟର ଏକାର୍ଥ ବୁଝାଇବାର ଅବସ୍ଥା—
3. Similarity or identity of meaning of two words or sentences.

ତାଦାତ୍(ଦ୍)—ବୈଦେ. ବି. (ଅ. ତଅଦାଦ୍=ସଂଖ୍ୟା)-(କଚେରୀ)
Tādāt(d) — ମକଦମାରେ ପ୍ରାର୍ଥିତ ଦାବିର ପ୍ରକୃତ ବା
তায়দাদ — କଳ୍ପିତ ମୂଲ୍ୟ—Valuation of a suit.
तादाद्

ତାଦାତ୍ମ୍ୟ—ସଂ. ବି. (ତଦାତ୍ମ=ଏକାତ୍ମ+ଭାବାର୍ଥେ. ଯ)—ଏକାତ୍ମତା;
Tādātmya — ଏକାତ୍ମକତ୍ୱ; ତତ୍‌ସ୍ୱରୂପତା; ଅଭେଦ —
Identity; similarity.

ତାଦୃକ୍—ସଂ. ବିଣ. ପୁଂ ଓ କ୍ଲୀ. (ତତ୍=ସେହି+ଦୃଶ୍ ଧାତୁ=ଦର୍ଶନ
Tādṛuk — କରିବା+କର୍ମ. କ୍ୱିପ୍; ତତ୍ ସ୍ଥାନରେ ତା ଆଗମ; ତାଦୃଶ୍
ଈଦୃକ୍ } ଏତାଦୃକ୍ } ବିପରୀତ — ଶବ୍ଦ; ୧ମା. ୧ବ. ଯାହା ସେହିପରି ଦେଖା ଯାଏ)—ତଦ୍ରୂପ; ତଦ୍‌ବିଧ; ସେହିପରି—
(ତାଦୃଶୀ—ସ୍ତ୍ରୀ) Such; similar; identical; analogous.

ତାଦୃକ୍ଷ—ସଂ. ବିଣ. ପୁଂ. ଓ କ୍ଲୀ (ତଦ୍+ଦୃଶ୍ ଧାତୁ+କର୍ମ. କ୍ସ)—
Tādṛuksha — ତଦ୍ରୂପ—Similar to that
(ତାଦୃକ୍ଷୀ—ସ୍ତ୍ରୀ)

ତାଦୃଶ—ସଂ. ବିଣ. ପୁଂ ଓ କ୍ଲୀ. (ତଦ୍+ଦୃଶ୍ ଧାତୁ+କର୍ମ, ଅ)—
Tādṛuśa — ଏବମ୍ଭୂତ; ତଦ୍‌ରୂପ; ତାଦୃକ୍, ତାହାପରି; ସେହିପରି—
(ତାଦୃଶୀ—ସ୍ତ୍ରୀ) Such; suchlike; similar to that.
(ଈଦୃଶ; ଏତାଦୃଶ—ବିପରୀତ)

ତା ଦେଇ—ଗ୍ରା. ସର୍ବନାମ—ତାହାଦ୍ୱାରା—
Tā dei — By him, her or it.
ওর়দ্বারা उसका हातमे
ତାଦେଇକି; ତାଦେଇ; ତାଦେଇକରି; ତାଦେଇକି; ତାଦେଇଥିବେ } ଅନ୍ୟରୂପ

ତାଧିଆ—ଦେ. ବି—୧ । ନର୍ତ୍ତକ ବା ନର୍ତ୍ତକୀଙ୍କ ପଛରେ ବାଦ୍ୟ
Tādhiā — ବଜାଇବା ଲୋକ—
ताधा — 1. A person walking behind a dancer and playing on a musical instrument.
୨ । ନର୍ତ୍ତକ ନର୍ତ୍ତକୀଙ୍କର ତାଳ ଅନୁସାରେ ନୃତ୍ୟ—
2. The rhythmic dancing of dancers.
ତରୁଣୀ ଚୌପଦୀ ଅଳ ଗୋଟିପୋ ତାଧିଆ
ଶୁଣି ଶୁଣି କାନ ହୋଇ ଗଲାଣି ବଧିଆ—ଫକୀରମୋହନ. ଉତ୍କଳଭ୍ରମଣ

ତାନ୍—ଦେ. ବିଣ. (ସଂ. ତନ୍ମୟ)—୧ । ଚୂର; ଭୋଳ—
Tān — 1. Intoxicated.
(ଯଥା—ସେ ନିଶାରେ ତାନ୍ ହୋଇ ରହିଛି ।)
୨ । ବିହ୍ୱଳ; ଅଭିଭୂତ—2. Overwhelmed.
(ଯଥା—ସେ ରାଗରେ ତାନ୍ ହୋଇ ରହିଛି ।)

ତାନ୍‌ସେନ୍—ଦେ. ବି. (ନାମ)—ମୋଗଲ ସମ୍ରାଟ ଅକବରଙ୍କ ସମୟର
Tān-sen — ବିଖ୍ୟାତ ସଙ୍ଗୀତାଚାର୍ଯ୍ୟ—Name of a famous professor of music during the reign of the Moghal emperor Ākbar.

[ଦ୍ର—ଏହାଙ୍କର ଜନ୍ମ ଗୋୟାଲିର ରାଜ୍ୟରେ; ଏ ଜାତିରେ ବ୍ରାହ୍ମଣ ଏବଂ ଏହାଙ୍କର ନାମ ତ୍ରିଲୋଚନ ଥିଲା । ଏ ଅକବର ବାଦସାହାଙ୍କ ଅମଳର ପ୍ରସିଦ୍ଧ ଗାୟକ ଥିଲେ । ସଙ୍ଗୀତଜ୍ଞ ପଣ୍ଡିତମାନେ କହନ୍ତି ଏପରି ଗାୟକ ଆଜି ପର୍ଯ୍ୟନ୍ତ ଭାରତରେ ଜନ୍ମି ନାହାନ୍ତି । ଏ ରାଜା ମାନସିଂହଙ୍କ ପ୍ରତିଷ୍ଠିତ ସଙ୍ଗୀତ ବିଦ୍ୟାଳୟରେ ପ୍ରଥମେ ଶିକ୍ଷା ଲାଭ କରିଥିଲେ । ତତ୍ପରେ ବୃନ୍ଦାବନର ପ୍ରସିଦ୍ଧ ହରିଦାସ ବାବାଜୀଙ୍କ ଶିଷ୍ୟତ୍ୱ ଗ୍ରହଣ କରି କେତେ କାଳ ସଙ୍ଗୀତ ବିଦ୍ୟା ଶିଖିଲେ । କେହି କେହି କହନ୍ତି ଏ ପ୍ରସିଦ୍ଧ ମୁସଲମାନ ଓସ୍ତାଦ୍ ହଜରତ୍ ମହମ୍ମଦ ଗାଉସଙ୍କ ନିକଟରେ ଓ ଧ୍ରୁପଦର ଅବିଷ୍କାରକ ବୃନ୍ଦାବନର ସାରଦା ସ୍ୱାମୀଙ୍କ ନିକଟରେ ସଙ୍ଗୀତ ଶିକ୍ଷା କରିଥିଲେ । ଏ ପ୍ରଥମେ ଭାଟର ରାଜା ରାମଚନ୍ଦ୍ର ବଘେଲଙ୍କର (ମତାନ୍ତରରେ ରେୱା ମହାରାଜଙ୍କ) ରାଜସଭାର ଜଣେକ ପାରିଷଦ ଥିଲେ । ଏହାଙ୍କର ଖ୍ୟାତି କ୍ରମେ ଦେଶବ୍ୟାପୀ ହୋଇଥିଲା । ସମ୍ରାଟ ଅକବର ଗାଦିନସିନ୍ ହେବାର ୧୦ ବର୍ଷ ପରେ ଏହାଙ୍କ ଖ୍ୟାତି ଶୁଣି ଏହାଙ୍କୁ ଡକାଇଲେ ଓ ଏହାଙ୍କ ଗାନରେ ଏପରି ମୁଗ୍ଧ ହେଲେ ଯେ ଏହାଙ୍କୁ ଦୁଇ ଲକ୍ଷ ଟଙ୍କା ପୁରସ୍କାର ଦେଲେ ଏବଂ ନିଜ ରାଜ ସଭାରେ 'ନବରତ୍ନ' ମଧ୍ୟରେ ଏକତମ ରୂପେ ଏହାଙ୍କୁ ପ୍ରତିଷ୍ଠିତ କଲେ । କେତେକ ଦିନ ପରେ ତାନ୍‌ସେନ୍ ଗୋଆଲିୟର ଯାଇ ସେଠାରେ ମହମ୍ମଦ୍ ଗୌସ୍ ନାମକ ଫକୀରଙ୍କଠାରୁ କଲମା ପଢ଼ି

୧	ଇ	ଊ	ର୍,ଋ	୫	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	ଛ୍କ	ଇସ୍ତ	ଉଅ	ଷ
୨	ଈ	ଊ	ଋ	ଲ୍ଲ	ପ୍ତ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ	ଯ	ସ	ଚ୍ୟ	ଇଅ	ଔ	ନ୍

ମୁସଲମାନ ଧର୍ମରେ ଦୀକ୍ଷିତ ହେଲେ ଓ ସେଠାରୁ ତନଠାରୁ ଏହାଙ୍କର ନାମ ତାନ୍‌ସେନ୍ ହେଲା । ପୁଣି ପ୍ରବାଦ ଅଛି ଯେ ବାଦସାହା ଆକବରଙ୍କ କନ୍ୟାଙ୍କ ଆଗରେ ତାନ୍‌ସେନ୍ ଗୀତ ଗାଇବା ସମୟରେ ସେ ତେମାଙ୍କ ରୂପରେ ମୁଗ୍ଧ ହେବା ଦେଖି ଆକବର ତାନ୍‌ସେନ୍‌ଙ୍କ ସଙ୍ଗେ ତାଙ୍କ ତେମାଙ୍କ ବିବାହ କରାଇଲେ । କଥିତ ଅଛି ଯେ ତାନ୍-ସେନ୍ ଦୀପକ ରାଗ ଗାଇ ଗାଇ ଭସ୍ମ ହୋଇଗଲେ ଓ ତାଙ୍କର କବର ଗୋୟାଲିଅରରେ ଅଛି । କବର ନିକଟରେ ଗୋଟିଏ ତେନ୍ତୁଳି ଗଛ ଅଛି । ପ୍ରତିବର୍ଷ ଭାରତର ଅନେକ ଗାୟକ ଏଠାରେ ସମବେତ ହୁଅନ୍ତି ଓ ଏ ତେନ୍ତୁଳି ଗଛର ପତ୍ର ଖାଆନ୍ତି । ତାନ୍‌ସେନ୍‌ଙ୍କ ରଚିତ ଗୋଟିଏ ଗ୍ରନ୍ଥ ମିଳିଅଛି । ପୁଣି କେହି କେହି କହନ୍ତି ଯେ ମୁସଲମାନ ଐତିହାସିକ ଅବୁଲ୍ ଫାଜଲ୍ ଏହାଙ୍କୁ ତାନ୍‌ସେନ୍ ମିଶ୍ର ବୋଲି ଲେଖି ଅଛନ୍ତି, କିନ୍ତୁ ସେ ମୁସଲମାନ ଧର୍ମ ଗ୍ରହଣ କରି ନ ଥିଲେ । ଆଜି ପର୍ଯ୍ୟନ୍ତ ସିନ୍ଧିଆ ରାଜ-କୋଷରୁ ଅର୍ଥବ୍ୟୟ ହୋଇ ପୁଷ-ମାଘ ମାସରେ ତାଙ୍କ ଜନ୍ମସ୍ଥାନରେ ଗୋଟିଏ ମେଳା ଓ ଉତ୍ସବ ଅନୁଷ୍ଠିତ ହେଉଅଛି । ହି. ଶବ୍ଦସାଗର ।]

ତାନ—ସଂ. ବି (ତନ୍ ଧାତୁ=ବିସ୍ତାରିତ ହେବା+କର୍ମ ବାଚ୍ୟରେ, **Tāna** ସଂଜ୍ଞାର୍ଥେ ଅ (ଘଞ୍); ଯାହା ଗାୟକ କର୍ତ୍ତୃକ ବିସ୍ତାରିତ ହୁଏ; ତୁଳନାକର ଇଂ—ଟୋନ, ଟିଉନ୍; ଗ୍ରୀକ୍ ଟୋନସ୍; ଲାଟୀନ୍-ଟୋନସ୍; ଫ୍ରେଞ୍ଚ-ଟନ୍; ଜର୍ମାନୀ ଟନ୍; ଡେନ୍‌ମାର୍କ-ଟୋନ୍; ଡଚ୍-ଟୁନ୍)—

• ୧ । ଗୀତର ସ୍ୱରବିସ୍ତାର; ଗାନାଙ୍ଗବିଶେଷ; ଅନୁଲୋମ ଗତିରେ ଗମନ; ମୂର୍ଚ୍ଛନାଦି ଦ୍ୱାରା ଗୀତର ସ୍ୱର ଓ ରାଗାଦିର ବିସ୍ତାର; ସ୍ୱରଗ୍ରାମ—1. The key-note of music; the flourish of a song.

[ହି—ସଙ୍ଗୀତ ଦାମୋଦର ଗ୍ରନ୍ଥର ମତରେ ସ୍ୱରମାନଙ୍କରୁ ଉତ୍ପନ୍ନ ତାନର ସଂଖ୍ୟା ୪୯ ଓ ଏଥିରୁ ୮୩୦୦ (ମତାନ୍ତରରେ ୫୦୪୦) କୂଟତାନ ବାହାରିଅଛି । ହି. ଶବ୍ଦସାଗର ।]

୨ । ଗୀତର ରାଗ ବା ସ୍ୱର; ଗୀତରେ ରାଗିଣୀର ଅଳାପ; ଗତ୍-
2. Tune of a song; the strain of a song;

୩ । ଜ୍ଞାନବିଷୟ; ଇନ୍ଦ୍ରିୟ ଆଦି ଦ୍ୱାରା ଅନୁଭୂତ ବିଷୟ—
3. An object of perception through the senses.

୪ । (+ଭାବ. ଅ) ବିସ୍ତାର—4. Expansion.

୫ । ଗାୟକର ସ୍ୱର—
5. The voice of a singer.

ଦେ. ବି—୧ । ଲକ୍ଷ୍ୟ; ଉଦ୍ଦେଶ୍ୟ—1. Aim; object.

ମାରାଙ୍କୁ ଧାଇଁଲା ଏକ ତାନ ମନେ । ରାଧାନାଥ. ଚନ୍ଦ୍ରଭାଗା ।

୨ । କ୍ରୋଧାଦିର ଦଶା ବା ବେଗ; କ୍ରୋଧାଦିର ଅତିଶଯ୍ୟ; ଧମକ; ଝଙ୍କ; ଝାଙ୍କ—2. Paroxysm (of rage etc); fit (of passion); volley (of abuse); gust (of wind).

তান
तान

୩ । ଲୁଗା ବୁଣିବା ସକାଶେ ତନ୍ତୀମାନେ ଯେଉଁ ଟାଣୀ ଓ ଭରଣୀ ସୂତା ସଜାଡ଼ି ରଖନ୍ତି—3. The warp and woof thread kept ready before weaving.

তানা

তানা ୪ । ଲୁଗାର ଲମ୍ୱ ଦିଗର ସୂତା; ଟାଣି ସୂତା—
तानी 4. The warp of a cloth.

୫ । ବେଗ—5. Force; velocity.

(ଯଥା—ମେଲ୍‌ଗାଡ଼ି କେଡ଼େ ତାନରେ ଯାଉଛି ।)

୬ । ଜୋର; ବଳ—6. Severity; force.

(ଯଥା—ମୋ ମୁଣ୍ଡରେ ଚଟକାଠିଟା କେଡ଼େ ତାନରେ ବାଜିଗଲା ।)

୭ । ସବାରୀ ବା ପାଲିଙ୍କିର ବାଉଁଶ ସଙ୍ଗେ ସବାରୀର କଳେବରକୁ ଅଣ୍ଟି ଧରିବା ନିମନ୍ତେ ବ୍ୟବହୃତ ଲୁହାର ଛଡ଼ ବା ଦଉଡ଼ି—7. Ropes or iron bars which keep the body of a palky or litter firmly attached to the poles.

୮ । ଉଚ୍ଚୈଃସ୍ୱରରେ ଡାକ—8. Halloo.

୯ । ପ୍ରବାହ; ଅବିରଳ ଧାର—
9. Continuous flow; current.

୧୦ । ନିରବଚ୍ଛିନ୍ନ ଥର; ଟାଣ—
10 Stretch; strain.

(ଯଥା—ଘରୁ ବାହାରି ମୁଁ ଏକାତାନକେ ଯାଇ କଟକରେ ପହଞ୍ଚିଗଲି ।)

୧୧ । କ୍ରୋଧମୟ ଉଚ୍ଚ ସ୍ୱର—11. Angry voice; loud and angry tone.

ତାନକ—ଦେ. ବି.—ଏକଥର ମାତ୍ର; ଥରକ—
Tānaka Once only

(ଯଥା—ଏହି ତାନକ କୋଡ଼ି ହାଣି ମୁଁ ଘରକୁ ଯିବି ।)

ତାନ କାଢ଼ିବା—ଦେ. କ୍ରି.—କ୍ରୋଧ ପ୍ରକାଶ କରିବା; କ୍ରୋଧର **Tāna kārdhibā** ବାହ୍ୟ ଲକ୍ଷଣ (ଅର୍ଥାତ୍ ରୁକ୍ଷ ଓ କଠୋର
तान तोड़ना ଉଚ୍ଚୈଃସ୍ୱର) ଦେଖାଇବା—

ତାନ ଦେଖା(ଖେ)ଇବା } ଅନ୍ୟରୂପ
ତାନ ବାହାରକରିବା

To give vent to one's anger or rage.

ତାନକେ—ଦେ. ଅ.—ଥରକେ—
Tānake At a time; at a stretch; in one strain.

(ତାନେକେ—ଅନ୍ୟରୂପ) (ଯଥା—ଏକା ତାନକେ ମୁଁ ଏ ଜମିଟା କୋଡ଼ି ଦେଇଗଲି ।)

ତାନ ଛିଣ୍ଡା(ଣ୍ଡେ)ଇବା—ଦେ. କ୍ରି.—୧ । ଝାଙ୍କ ଛିଣ୍ଡେଇବା; ଦଶା ବା **Tāna chhindā(nde)ibā** ଜୋର୍ ପୂର୍ବକ କୌଣସି କାର୍ଯ୍ୟ
तान उड़ाना କରିବା; ଏକାଦମକେ କୌଣସି କାମ କରିବା—
1. To do any thing in one strain.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ଗାଳିମନ୍ଦ କରିବା—2. To abuse; to scold.

ତାନ ଛିଣ୍ଡିବା—ଦେ. ବି.—ମାଡ଼, କାମ, ଗାଳି ଆଦି ଆରମ୍ଭ ହୋଇ
Tāna chhiṇḍibā ଏକା ଦମ୍ଭାକେ ଶେଷ ହେବା; ଝାଙ୍କ ଛିଣ୍ଡିବା—
The finish of one fit of speech, rebuke etc.

ତାନ ଟେକିବା—ଦେ. କ୍ରି.—୧ । ଗୀତର ସ୍ୱରକୁ କ୍ରମଶଃ ଉଚ୍ଚତର
Tāna ṭekibā କରିବା—1. To make the voice
তানতোলা louder and louder while singing a
तान भरना song.
୨ । ଝୁଙ୍କ ଟେକିବା—2. To be possesed with a fit or paroxysm of anger.
(ଯଥା—ଇରେ ! ତୋର କଅଣ ତାନ ଟେକିଛି କି ? ଅଳିତ ଭୁ ଘରର ସମସ୍ତଙ୍କୁ ଖୋଧୁଛୁ ।)

ତାନ ତରଙ୍ଗ—ସଂ. ବି.—(୬ଷ୍ଠୀ ତତ୍; ତାନ + ତରଙ୍ଗ)—ସଙ୍ଗୀତ
Tāna taraṅga ଲହରିର ସ୍ୱରଲହରୀ—A continuous wave or flourish of songs.

ତାନ ଧରିବା—ଦେ. କ୍ରି.—୧ । ଗୀତ ବୋଲିଯିବା ଆଗରୁ ଉକ୍ତ
Tāna dharibā ଗୀତର ସ୍ୱର ବା ରାଗକୁ ଆବୃତ୍ତି କରିବା; ଗୀତ
তান ধরা ବୋଲିବା ପୂର୍ବରୁ 'ତାନା ନାନା' ଆଦି ଦ୍ୱାରା ନିର୍ଦ୍ଦିଷ୍ଟ
तान उड़ाना ସ୍ଥାନରେ ଯତିପାତ କରି ଉକ୍ତ ଗୀତର ସ୍ୱରକୁ ଆବୃତ୍ତି କରିବା—1. To flourish a tune or recite the key-note before singing a song.
[ଯଥା—"ବନ୍ଦଇ ସାରଳା ମା ଗୋ ତୋର ଶ୍ରୀଚରଣେ"
ଏହି ଗୀତ ବୋଲିବା ପୂର୍ବରୁ ଗାୟକ
'ନାରେ ନାରେ ନାରେ ନାରେ ନାରେ ନାରେ ନାରେ'
ଆବୃତ୍ତି କରି ଉକ୍ତ ଗୀତର ତାନ ଧରନ୍ତି, ତାପରେ ଅସଲ ଗୀତକୁ ବୋଲନ୍ତି ।]

ତାନପୁରା—ଦେ. ବି. (ହି. ତାନପୂରା)—ବୀଣା ଯନ୍ତ୍ର ବିଶେଷ—
Tānapurā A kind of harp.
তানপুরা ପଠାଣ ଘର ଉପକଣ୍ଠ ମାଇକିନିଅଙ୍କ ପରି ତାନପୁରାଟା ଏବ
तानपूरा ପଡ଼ିଅଛି ବାଇଚ ହାଣ୍ଡି ପରି ତଳକୁ ତୁମ୍ବାଟା ଗଢ଼ା ଅଛି ।
(ତାନପୁର, ତମ୍ବୁରା, ତାମ୍ବୁରା—ଅନ୍ୟରୂପ) ଫକୀର ମୋହନ· ଛମାଣ ଆଠଗୁଣ୍ଠ ।

ତାନପୂରା—ସଂ. ବି.—(ତାନ + ପୂର ଧାତୁ = ପୂର୍ଣ୍ଣ କରିବା + କର୍ତ୍ତୃ. ଅ
Tānapūrā + ଆ; ଯେଉଁ ଯନ୍ତ୍ରର ଧ୍ୱନିଦ୍ୱାରା ଗାୟକର ସ୍ୱର ପୂର୍ଣ୍ଣ ହୁଏ)—ବୀଣାକୃତି ବାଦ୍ୟଯନ୍ତ୍ରବିଶେଷ; ତମ୍ବୁରା; ତାମ୍ବୁରା—A kind of harp.

ତାନବ—ସଂ. ବି. (ତନୁ = କୃଶ + ସ୍ୱାର୍ଥେ. ଅ)—୧ । କୃଶତା; କାର୍ଶ୍ୟ
Tānaba 1. Slenderness.
୨ । ତନୁତା; କ୍ଷୀଣତା—2. Weakness; thinness.
୩ । ଅଳ୍ପତା—3. Smallness; minuteness.

ତାନ ମାନ—ଦେ. ବି. (ଦ୍ୱନ୍ଦ୍ୱ; ସହଚର ଶବ୍ଦ; ସଂ. ତାନ + ମାନ)—
Tāna māna ୧ । ଗୀତର ସ୍ୱର ବିସ୍ତାର ଓ ସ୍ୱର ପରିମାଣ; ଗୀତର
তান মান ସ୍ୱରର ଆଳାପ ଓ ତାଳ ପକାଇବା; ସ୍ୱର ଓ ତାଳ—
तानलय, तानमान 1. The tune and cadence of a song.
କରତାଳ ଦେଇ ଗୀତ ଗାଇ ଅଲେ ଘୋର କରି ତାନ ମାନ ।
ଜଦକିଶୋର, ନର୍ସିଂଘଣୀ ।
୨ । ରାଗଅନୁସାରେ ଗାୟକର ବୋଲିବା ଗୀତ ଓ ବାଦକର ତଦନୁସାରେ ଦେବା ତାଳ—2. The singing of a song to tune accompanied with the beating of time.
୩ । (ଲକ୍ଷଣାର୍ଥ) କ୍ରୋଧଜନିତ ସ୍ୱର ଓ ଅଙ୍ଗଭଙ୍ଗୀ—
3. (figurative) Angry voice accompanied with postures; paroxysm of rage with postures.

ତାନମାନ ଉଠିବା—ଦେ. ବି.—କୌଣସି ଗୀତକୁ ଗୃହୁଁ ତାଳ ପକାଯିବା
Tānamāna uṭhibā The tolling of the song to the accompaniment of music.

ତାନମାନ କାଢ଼ିବା—ଦେ. କ୍ରି.—କ୍ରୋଧାନ୍ୱିତ ସ୍ୱର ସହିତ ଅଙ୍ଗଭଙ୍ଗି
Tānamāna kāṛhibā କରିବା—To make one's
तान उड़ाना angry voice tally with one's postures, or airs or gait.

ତାନାଘନା—ଦେ. ବି. ବିଣ. ଓ କ୍ରି. ବିଣ—ତନାଘନା (ଦେଖ)
Tānāghanā Tanāghanā (See)
(ତନାଘେନା—ଅନ୍ୟରୂପ)

ତାନା ତାନା—ଦେ.ଅ.—ଗୀତ ବୋଲିବା ପୂର୍ବରୁ ସ୍ୱରାଳାପର ଆବୃତ୍ତି—
Tānā tānā Recitation of the keynote before the
তানা নানা singing of a song.
ताना रीरी
(ତାନା-ନା-ନା—ଅନ୍ୟରୂପ)

ତାନି—ଦେ. ବିଣ.—୧ । ରାଗୀ; କ୍ରୋଧପ୍ରକୃତିକ; କ୍ରୋଧକ ସ୍ୱଭାବ—
Tāni 1. Wrathful; hot-tempered
तामसी ୨ । ଝୁଙ୍କୀ—2. Passionate.
(ତାନିଆ; ତାନୁଆ—ଅନ୍ୟରୂପ)

ତାନିସା କାମ—ଦେ. ବି. (ବିଶିଅ ଶବ୍ଦ)—ଖଣ୍ଡା ବା ତରବାରିଆଦି
Tānisā kāma ଉପରେ ଖୋଦାଇ କାମ ଦ୍ୱାରା ସୁନା ବା ରୁପାର
নকাসী ଫୁଲ ଓ ପତ୍ରଆଦି ଅଙ୍କିତ କରିବା କର୍ମ—
पच्चीकारि Art of inlaying floral and other designs of gold and silver on the body of a sword.

ତାନୁ—ପ୍ରାଦେ. (ମେଦିନୀପୁର)—ତୋଡ଼ାଣି (ଦେଖ)
Tānu Torḍāṇi (See)

୧	ନ	ଜ	ରୂ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଉପ୍ତ	ତ୍ରଅ	ଘ
୨	ଣ	ଓ	ରୁ	ଲ୍ଲ	ସ୍ତେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଉଅ	ଈ	ନ୍ନ

ତାନୁର—ସଂ. ବି. (ତନ୍ ଧାତୁ=ବିସ୍ତୃତ ହେବା+କର୍ତ୍ତୃ, ଉର)—
Tānura ୧ । ଜଳର ଘୂର୍ଣ୍ଣି; ପାଣି ଭଉଁରି; ଅବର୍ତ୍ତ—
(ତାନୂର—ଅନ୍ୟରୂପ) 1. Eddy; whirlpool.
୨ । ଘୂର୍ଣ୍ଣିବାୟୁ (ହ୍ର. ଶବ୍ଦସାଗର)—2. Whirlwind.

ତାନେ—ଦେ. କ୍ରି. ବିଣ—୧ । ଗୁଡ଼ାଏ; ବହୁତ; କହେ—
Tāne 1. Copiously; a crop or violent outpour of.
(ତାନେକେ—ଅନ୍ୟରୂପ) (ଯଥା—ସେ ମତେ ତାନେ ଗାଳ ଦେଇ ଗଲା; ଅଛି ଅଛି ତାନେ ବର୍ଷା ହୋଇଗଲା ।)
୨ । ଥରେ; ଏକଥର ମାତ୍ର—2 Once only.
(ଯଥା—ମୁଁ ଜନ୍ମରେ ଏତାତାନେ ରେଳର ବେଳକୁ ହାଣି ଛାଡ଼ିଯାଇ ଦେଇପାରେଁ ।)

ତାନ୍ତ—ସଂ. ବିଣ. (ତମ୍ ଧାତୁ=ମ୍ଳାନ ହେବା+କର୍ତ୍ତୃ. ତ)—
Tānta ୧ । କ୍ଳାନ୍ତ; ଶ୍ରାନ୍ତ—1. Tired; pulled down.
୨ । ମ୍ଳାନ—2. Faded.
୩ । ଦୁର୍ବଳୀକୃତ—3. Weakened; reduced.
୪ । (ବହୁବ୍ରୀହି; ତ+ଅନ୍ତ)—ଯେଉଁ ଶବ୍ଦର ଅନ୍ତରେ 'ତ' ଅକ୍ଷର ଅଛି—4. (word) Ending with the letter ta.
(ଯଥା—ଗତ, ମୃତ, ପୂତ, ହାରତ ।)

ତାନ୍ତବ—ସଂ. ବି. (ତନ୍ତୁ+ବିକାରାର୍ଥେ. ଅ)—
Tāntaba ସୂତ୍ରନିର୍ମିତ ବସ୍ତ୍ର; ସୂତା ଲୁଗା—
Cotton cloth.
ବିଣ—୧ । ସୂତ୍ର ନିର୍ମିତ—1 Made of thread.
୨ । ତନ୍ତୁ ବା ସରୁ ଅଂଶ ବିଶିଷ୍ଟ—2. Fibrous.
୩ । ଯାହାକୁ (ଯେଉଁ ଧାତୁକୁ) ପିଟିକରି ବା ଟାଣି ସରୁ ତାର କରାଯାଇ ପାରେ—3. Ductile.

ତାନ୍ତବତା—ସଂ. ବି. (ତାନ୍ତବ+ଭାବାର୍ଥେ. ତା)—ଧାତୁର ଯେଉଁ
Tāntabatā ଗୁଣ ଯୋଗୁଁ ତାହାକୁ ଟାଣିଲେ ବା ପିଟିଲେ ସୂକ୍ଷ୍ମ ତାର ହୁଏ—Ductility.

ତାନ୍ତରା—ଦେ. ବି—ତେନ୍ତେରା; ଶଗଡ଼ର ଅକ୍ଷ ଉପରେ ବସିବା ନିମନ୍ତେ
Tāntarā ତଳପାଖେ ଘର କଟାଯାଇଥିବା ଯେଉଁ ଲମ୍ବା କାଠ ଦୁଇ ଖଣ୍ଡ ଉପରେ ଶଗଡ଼ର ଦଣ୍ଡା ସଂଲଗ୍ନ ହୁଏ—
Long pieces of wood (with grooves to fit to the axle) which are set under the poles of a cart before they are fitted on the axle.

ତାନ୍ତିଆ ଟୋପୀ—ଦେ. ବି. (ନାମ) (ହ୍ର. ତାନ୍ତିଅ=ସରୁ; କଥିତ ଅଛି
Tāntiā topi ସେ ସେ ଦେଖିବାକୁ ଶୀର୍ଣ୍ଣକାୟ ଥିଲେ)—
तान्तिया तोपी ୧୮୫୭ ଖ୍ରୀଷ୍ଟାବ୍ଦରେ ଭାରତର ସିପାହୀବିଦ୍ରୋହ
तांतिया तोपी ସମୟରେ ବିଦ୍ରୋହୀଦଳର ଜଣେ ଅଧିନାୟକ—
(ତାନ୍ତିଆ ଟୋପୀ—ଅନ୍ୟରୂପ) The name of a leader of the rebellious forces during the Indian Sepoy mutiny of 1857 A. D.
[ଦ୍ର—ଏ ମହାରାଷ୍ଟ୍ରୀୟ ବ୍ରାହ୍ମଣ ଓ ପ୍ରଥମେ ନାନାସାହେବଙ୍କ ଅଧୀନରେ କାମ କରୁଥିଲେ । ୧୮୫୭ ସାଲର ସିପାହୀବିଦ୍ରୋହ ସମୟରେ କାନପୁରରେ ଇଂରାଜମାନଙ୍କ ହତ୍ୟା କରିବା ବିଷୟର ଏ ପ୍ରଧାନ ଉତ୍ତେଜକ ଥିଲେ । ଏ ବଠୂରର ଯୁଦ୍ଧରେ ବିଦ୍ରୋହୀ ସେନାମାନଙ୍କର ଅଧିନାୟକ ଥାଇ ଇଂରାଜମାନଙ୍କ ଦ୍ୱାରା ପରାଜିତ ହେଲେ । ପରେ ଯାଇ ଝାନ୍ସୀର ରାଣୀ ଯୋଧବାଈଙ୍କ ସଙ୍ଗେ ଇଂରାଜଙ୍କ ବିପକ୍ଷରେ ଯୋଗ ଦେଲେ, କିନ୍ତୁ ସେଠାରେ ପରାଜିତ ହୋଇ ପୁଣି ୨୦ ହଜାର ସୈନ୍ୟ ସଂଗ୍ରହ କଲେ ଓ ପୁଣି ପରାସ୍ତ ହେଲେ । କିଛିଦିନ ପରେ ଏ ଗୋଆଲିଅର ଦୁର୍ଗ ହସ୍ତଗତ କରି ସେଠାରେ ମଧ୍ୟ ପରାଜିତ ହୋଇ ମଧ୍ୟଭାରତ, ରାଜପୁତାନା ଓ ବୁନ୍ଦେଲଖଣ୍ଡରେ ଲୁଚି ବୁଲିଲେ । ପରେ ୧୮୫୯ ମସିହାରେ ଧରା ପଡ଼ି ବିଚାରରେ ରାଜବିଦ୍ରୋହ ଅପରାଧରେ ଅପରାଧୀ ସାବ୍ୟସ୍ତ ହୋଇ ପ୍ରାଣଦଣ୍ଡରେ ଦଣ୍ଡିତ ହେଲେ । ଏ ନିଷ୍ଠୁର, ଧୂର୍ତ୍ତ ଓ ବିଦ୍ରୋହୀମାନଙ୍କ ଦଳ ମଧ୍ୟରେ ଏକମାତ୍ର ଯୁଦ୍ଧନିପୁଣ ବ୍ୟକ୍ତି ଥିଲେ । ସୁବଳଚନ୍ଦ୍ର- ବଙ୍ଗଳା ଅଭିଧାନ । ଏହାଙ୍କ କେହି କେହି ତାନ୍ତିଆ ଭିଲ ବୋଲି କହନ୍ତି ଓ ଏ ଭିଲ ସର୍ଦ୍ଦାର ଥିବାର ମନେ କରନ୍ତି, କିନ୍ତୁ ଏହା ଭ୍ରମ ।]

ତାନ୍ତ୍ରିକ—ସଂ. ବିଣ. (ତନ୍ତ୍ର+ସମ୍ବନ୍ଧ ବା ଜ୍ଞାନ ଅର୍ଥେ ଇକ)—
Tāntrika ୧ । ତନ୍ତ୍ର ସମ୍ବନ୍ଧୀୟ—1. Relating to the Tantras.
୨ । କଳା ବା ବିଦ୍ୟା ବିଶେଷର ପାରିଭାଷିକ (ଶବ୍ଦ)—
2. Technical (words) (of a science or art).
୩ । ତନ୍ତ୍ର ଶାସ୍ତ୍ର ବେତ୍ତା—3. Well acquainted with or versed in the Tantras.
୪ । ମାରଣ, ମୋହନ, ବଶୀକରଣାଦି ଅଭିଚାର ପ୍ରୟୋଗକାରୀ—4. Applying tantric incantations or charms against people.
୫ । ବିଶେଷଜ୍ଞ—5. Specialising in any branch of knowledge.
୬ । ତନ୍ତୁ ସମ୍ବନ୍ଧୀୟ (କ୍ଷୀରେନ୍ଦ୍ର)—
6. Fibrous; relating to fibres.
୭ । ସାମ୍ପ୍ରଦାୟିକ ବା ବଶିଷ୍ଟ ମତ ସମ୍ବନ୍ଧୀୟ—
7. Sectarian.
୮ । ତନ୍ତ୍ର ସମ୍ବନ୍ଧୀୟ (କ୍ଷୀରେନ୍ଦ୍ର)—
8. Relating to the loom.
ବି—୧ । ତନ୍ତ୍ରମତାବଲମ୍ବୀ ବ୍ୟକ୍ତି—1. Follower of the Tantras or an esoteric cult of the Hindus.
୨ । ବିଦ୍ୱାନ୍ ବିଜ୍ଞ ବ୍ୟକ୍ତି—2. A scholar; a specialist
୩ । କୌଣସି ସମ୍ପ୍ରଦାୟଭୁକ୍ତ ବ୍ୟକ୍ତି—3. A sectarian; member of any sect.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳନ୍ତି ତେବେ ସେହି ସ୍ଥଳେ ପାଠକ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୪ । ଏକପ୍ରକାର ସନ୍ନିପାତ—
4. A kind of typhoid fever

ତାନ୍ତ୍ରିକ ପ୍ରୟୋଗ—ସଂ. ବି—ତନ୍ତ୍ରଶାସ୍ତ୍ରୋକ୍ତ କ୍ରିୟାକଳାପ (ଯଥା— ମାରଣ, ବଶୀକରଣ, ସ୍ତମ୍ଭନ, ମୋହନ, ଉଚ୍ଚାଟନ ଆଦି; ତନ୍ତ୍ର ତଳେ ନୋଟ୍ ଦେଖ)—
Tāntrika prayoga
The application of the charms prescribed by the Tantras; esoteric appliances

ତାନ୍ତ୍ରିକ ବିଧି—ସଂ. ବି. (ତାନ୍ତ୍ରିକ+ବିଧି; କର୍ମଧା)—ତନ୍ତ୍ରଶାସ୍ତ୍ରୋକ୍ତ ବିଧାନ (ତନ୍ତ୍ର ତଳେ ନୋଟ୍ ଦେଖ)
Tāntrika bidhi
Rules prescribed by the Tantras.

ତାନ୍ତ୍ରିକ ସଂସ୍କାର—ସଂ. ବି. (ତାନ୍ତ୍ରିକ+ସଂସ୍କାର; କର୍ମଧା)—ତନ୍ତ୍ରଶାସ୍ତ୍ରୋକ୍ତ ଅଭିମନ୍ତ୍ରଣାଦିର ବିଧାନ—Consecratory rules prescribed by the Tantras.
Tāntrika saṁskāra

ତାପ୍ ତରକ—ଦେ. ବି—ତାକ୍ ତରକ (ଦେଖ)
Tāp taraka — Tāk taraka (See)

ତାପ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି (ସଂ. ତପ ଧାତୁ ଣିଚ୍ ତାପି ଧାତୁ, ତୁଳ. ଏହି ଅର୍ଥରେ ହି. ତାପ୍‌ନା)— (ନିଆଁ, ଖରା ଆଦି) ପୋଇଁବା—
Tāp-bā
To bask or warm one's, self before fire or in the sun.

ତାପ୍‌ମା—ପ୍ରାଦେ (ଗଡ଼ଜାତ) କ୍ରି—ନିଆଁ ବା ଖରା ପୋଇଁବା—
Tāp-mā — To bask or warm oneself before fire or in the sun.

ତାପ—ସଂ. ବି. କ୍ଲୀ (ତପ୍ ଧାତୁ—ଗରମ ହେବା+ଭାବେ, ଅ)—
Tāpa
୧ । ଉତ୍ତାପ; ଆଁଚ—
1. Heat; warmth; blaze, glare.

[ଦ୍ର—ଇଉରୋପୀୟ ମତରେ ତାପ ଜଡ଼ପଦାର୍ଥର ଗୋଟିଏ ଶକ୍ତିର ବିକାଶ ମାତ୍ର । ଏହି ଶକ୍ତି ଜଡ଼ପଦାର୍ଥର ଅଣୁରେ ପ୍ରଚ୍ଛନ୍ନ ଥାଏ । କଠିନ, ତରଳ ଓ ବାୟବୀୟ ସକଳ ପଦାର୍ଥସ୍ଥ ଅଣୁ ଶକ୍ତିଯୁକ୍ତ ହେଲାମାତ୍ରେ ଉକ୍ତ ଶକ୍ତି ବିକଶିତ ହୁଏ ।]

୨ । ଉଷ୍ଣତା—2. Temperature; warmth.

୩ । ଉତ୍ତାପୋତ୍ପାଦିକା ଶକ୍ତି—
3. The force which generates heat.

[ଦ୍ର—ସୂକ୍ଷ୍ମଭାବରେ ବିଚାର କଲେ ତାପ ଓ ଉଷ୍ଣତା ଏକ ନୁହେଁ । ତାପ ପ୍ରୟୋଗ ଦ୍ୱାରା ଶରୀରରେ ଉଷ୍ଣତା ଉତ୍ପନ୍ନ ହୁଏ । ତାପ ବାହାରିଗଲେ ଉଷ୍ଣତା କମିଯାଏ । ବିଜ୍ଞାନ ମତରେ ସବୁ ପଦାର୍ଥରେ (ଏପରିକି ବରଫରେ, ଯଥା) ତାପ ଅଛି । ମନୁଷ୍ୟ ଇନ୍ଦ୍ରିୟ ଦ୍ୱାରା ପଦାର୍ଥର ଉଷ୍ଣତା ଅନୁଭବ କରେ । ଇନ୍ଦ୍ରିୟଦ୍ୱାରା ତୁଳନା କରାଯାଇ ନ ପାରିବା ସୂକ୍ଷ୍ମ ତାପର ପରିମାଣାଦି ନିର୍ଣ୍ଣୟ କରିବା ପାଇଁ ସୂକ୍ଷ୍ମ ଯନ୍ତ୍ରମାନ ଆବିଷ୍କୃତ ହୋଇଅଛି ।]

୪ । ସନ୍ତାପ; କ୍ଲେଶ; ଯନ୍ତ୍ରଣା; ଦୁଃଖ—
4. Pain; distress; agony.

ଇନ୍ଦ୍ର ସେ ସବାଶଙ୍କୁ ପାଇ ଅତି ତାପ,
ବୋଇଲେ ଯବନୀଭ ବନ୍ଧୁ କେତେ ଦର୍ପ—କୃଷ୍ଣସିଂହ. ମହାଭାରତ. ବନ ।

୫ । ଅଶାନ୍ତି; ଗୋଳମାଳ—5. Turmoil; agitation; torment.

୬ । କ୍ରୋଧ; କୋପ—6. Anger.

୭ । ମାନସିକ ଦୁଃଖ; ଶୋକ—
7. Sorrow; grief; mortification.

ନୃପଙ୍କ ଶୋକ କରି ନଷ୍ଟ ଅଧିପ
ବୃତ୍ତଅଙ୍କୁ ମନ୍ଦପାକ ବହୁ ତାପ—କୃଷ୍ଣସିଂହ. ମହାଭାରତ. ବନ ।

୮ । ଜ୍ୱର—8. Fever.

୯ । ଅନୁତାପ—9. Mental agony; repentance; regret.

୧୦ । ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ଦୁଃଖ—
10. Pain due to mental, divine and material causes.

[ଦ୍ର—ଉପରୋକ୍ତ ୩ ପ୍ରକାରେ ଉତ୍ପନ୍ନ ତାପକୁ ତ୍ରିତାପ ବା ତାପତ୍ରୟ ବୋଲାଯାଏ ।]

ତାପକ—ସଂ. ବିଣ (ତପ୍ ଧାତୁ ଣିଜନ୍ତ ତାପି ଧାତୁ+କର୍ତ୍ତୃ. ଅକ)—
Tāpaka
୧ । ଯାହା ଉତ୍ତପ୍ତ କରେ; ତାପଜନକ—
(ତାପିକା—ସ୍ତ୍ରୀ) 1. Heating; producing warmth.

୨ । ଦାହକ—2. Burning.

ବି—୧ । ଜ୍ୱର—1. Fever.

୨ । ରଜୋଗୁଣ—2. Material or gross quality of nature.

ତାପଜ—ସଂ. ବିଣ (ତାପ+ଜନ୍ ଧାତୁ+କର୍ତ୍ତୃ. ଅ)—ତାପରୁ ଉତ୍ପନ୍ନ—
Tāpaja — Caused by heat.
(ତାପଜନ୍ୟ—ଅନ୍ୟରୂପ)

ତାପଜନକ—ସଂ. ବିଣ (ତାପ+ଜନ ଧାତୁ+କର୍ତ୍ତୃ. ଅକ)—
Tāpa janaka
୧ । ଉତ୍ତାପଦାୟୀ—1. Burning; heating.

୨ । ସନ୍ତାପଜନକ; ଯାହା ମନରେ ଦୁଃଖ ଜନ୍ମାଏ—
2. Causing grief.

ତାପଡ଼ ଲୋହାର—ଦେ. ବି—ସୁଆଁ ନଇ (ଦେଖ)
Tāparḍa lohāra — Suāṅ nai (See).

ତାପଡ଼ା ଶୁଖୁଆ—ଦେ. ବି—ଚାମ୍ପଡ଼ା ଶୁଖୁଆ; ବଡ଼ଚିଙ୍ଗୁଡ଼ିର ଶୁଖୁଆ;
Tāparḍā śukhuā — Dried prawn.

ତାପତୀ—ସଂ. ବି—୧ । ସୂର୍ଯ୍ୟକନ୍ୟା ତାପୀ—
Tāpati 1. Name of the daughter of the Sun-god.

୨ । ତାପ୍ତୀ ନଦୀ—2. The river Tāpti.

ତାପତ୍ୟ—ସଂ. ବି (ତପତୀ+ଅପତ୍ୟାର୍ଥେ. ଯ)—
Tāpatya
ଅର୍ଜୁନଙ୍କର ଏକ ନାମ—
A name of Arjuna.

୧	ଇ	ଉ	ଋ,ଝ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇୟ	ଡ଼ଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଞ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍

[ଦ୍ର—କୁରୁବଂଶୀୟ ସମ୍ବରଣ ନାମକ ଜଣେ ରାଜାଙ୍କ ପତ୍ନୀଙ୍କ ନାମ ତପତୀ ଥିଲା । ତପତୀ ସୂର୍ଯ୍ୟକନ୍ୟା ଥିଲେ । ସେହି ବଂଶରୁ ଅର୍ଜୁନ ଜନ୍ମ ହୋଇଥିବାରୁ ସମ୍ଭବତଃ ତାଙ୍କର ଏ ନାମ ହୋଇଅଛି । ପାଣ୍ଡବମାନେ କୁରୁ ଓ ଚନ୍ଦ୍ରବଂଶୀୟ ।]

ତାପତ୍ରୟ—ସଂ. ବି (ତାପ+ତ୍ରୟ)—ତ୍ରିତାପ; ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ଦୁଃଖତ୍ରୟ; ସଂସାରରେ ମନୁଷ୍ୟ ପ୍ରତି ଘଟିବା ତ୍ରିବିଧ ଦୁଃଖ—
Tāpa traya
The three classes of human sufferings (viz, those caused by the soul, by the gods and by the elements) according to the Hindus

ତାପଦ—ସଂ. ବିଣ. ପୁଂ (ତାପ+ଦା ଧାତୁ+କର୍ତ୍ତୃ. ଅ)—
Tāpada
(ତାପଦା—ସ୍ତ୍ରୀ)
୧ । ଯାହା ତାପ ଦିଏ—1. Supplying heat.
୨ । ସନ୍ତାପଦାୟକ—2. Causing distress or yonag.

ତାପ ଦୁଃଖ—ସ ବି—ପାତଞ୍ଜଳ ଦର୍ଶନ ଅନୁସାରେ ଏକଶ୍ରେଣୀର ଦୁଃଖ—
Tāpa duḥkha
A class of troubles according Pātañjaḻa philosophy.
[ଦ୍ର—ପାତଞ୍ଜଳ ଦର୍ଶନରେ ଦୁଃଖ ତିନିପ୍ରକାର ଥିବାର ଉଲ୍ଲେଖ ଅଛି—ତାପ ଦୁଃଖ, ସଂସ୍କାର ଦୁଃଖ ଓ ପରିଣାମ ଦୁଃଖ ।]

ତାପନ—ସଂ. ବି (ତପ୍ ଧାତୁ ଣିଜନ୍ତ ତାପି ଧାତୁ+କର୍ତ୍ତୃ. ଅନ)—
Tāpana
୧ । ସୂର୍ଯ୍ୟ—1. The sun.
୨ । ସୂର୍ଯ୍ୟକିରଣ—2. Sun's rays.
୩ । ସୂର୍ଯ୍ୟକାନ୍ତ ମଣି—
3. A kind of gem; sunstone.
୪ । କାମଦେବଙ୍କର ପଞ୍ଚବାଣ ମଧ୍ୟରୁ ଗୋଟିଏ—
4. One of the five arrows of the God Cupid.
୫ । (+ଭାବ. ଅନ) ତାପଜନକ; ତାପ ଜନ୍ମାଇବା—
5. The generation of heat.
୬ । କ୍ଳେଶ ଦେବା; ଉତ୍ପୀଡ଼ନ —
6. Tormenting; oppression.
୭ । ଅର୍କ ଗଛ (ହି. ଶବ୍ଦସାଗର)—
7. Calotropis Gigantea (plant)
୮ । ଢୋଲ (ହି. ଶବ୍ଦସାଗର)—8. Drum.
୯ । ନରକ ବିଶେଷ (ହି. ଶବ୍ଦସାଗର)—
9. One of the hells according to the Hindus.
୧୦ । ତନ୍ତ୍ରୋକ୍ତ ଅଭିଚାର ବା ପ୍ରୟୋଗ ବିଶେଷ; ଯହିଁ ଫଳରେ ଶତ୍ରୁର ପୀଡ଼ା ଜନ୍ମେ (ହି. ଶବ୍ଦସାଗର)—
10. A kind of application of charm resulting in the enemy being afflicted with disease.

ସଂ. ବିଣ—ତାପଜନକ—Heating; generating heat.
ଦେ. ବିଣ—ସନ୍ତାପିତ—Afflicted,
ବିଷମ ବଣିଗେ ମୋତେ କରୁଛ ତାପନ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
ଦେ. ବି—୧ । ଜୋର—1. Force.
(ଯଥା—ଟୋକାଟା ମୋ ମୁଣ୍ଡରେ ଖୁବ୍ ତାପନରେ ବାଡ଼େଇଲା)
୨ । ବେଗ—2. Velocity.
(ଯଥା—ଘୋଡ଼ାଟା ଖୁବ ତାପନରେ ଦଉଡ଼ୁଛି)

ତାପନମ୍ୟ—ସଂ. ବିଣ. (ତାପ+ନମ ଧାତୁ+କର୍ମ. ଯ)—
Tāpa namya
(ତାପ ନମ୍ର—ଅନ୍ୟରୂପ)
ଯେଉଁ ପଦାର୍ଥ (ଯଥା, ଧାତୁ) ତାପ ପାଇଲେ ନରମ ହୁଏ—Malleable by heat.

ତାପନୀୟ—ସଂ. ବିଣ. ପୁଂ. (ତାପି ଧାତୁ+କର୍ମ. ଅନୀୟ)—
Tāpaniya
(ତାପନୀୟା—ସ୍ତ୍ରୀ)
ତାପ୍ୟ; ତପ୍ତ କରିବାର ଉପଯୋଗୀ—
Fit to be heated.

ତାପମାନ—ସଂ. ବି. (୬ଷ୍ଠୀ ତତ୍; ତାପ+ମାନ; ଆଧୁନିକ ବିଜ୍ଞାନ ପରିଭାଷା)—ଉତ୍ତାପର ପରିମାଣ ବା ମାପ—
Tāpa māna
Measure or degree of heat.

ତାପମାନ ଯନ୍ତ୍ର—ସଂ. ବି. (ଆଧୁନିକ ବିଜ୍ଞାନ ପରିଭାଷା)—
Tāpamāna jantra
ଯେଉଁ ଯନ୍ତ୍ର ଦ୍ୱାରା ବସ୍ତୁର ବା ଦେହର ଉତ୍ତାପର ପରିମାଣ ଜଣାଯାଏ; ଥର୍ମୋମିଟର—
Thermometer.

ତା ପର—ଦେ. (ପଦ୍ୟ) ଅ.—୧ । ତହିଁ ଉପରେ; ତା ଉପରେ—
Tā para
1. Upon him or that.
তার পরে
ଅକାଶରେ ଥିଲେ ଢଃସେକ ଯାନ୍ତେ ଦୃଷ୍ଟି ପଡ଼ିଲା ତାପର ସେ ।
(ତା ପରେ—ଅନ୍ୟରୂପ)
ବିଶ୍ୱନାଥ, ବିଚିତ୍ର ରାମାୟଣ ।
তারপর
୨ । ତହିଁ ପରେ—2. After that; thereafter.
उसका बाद

ତାପଶ୍ଚିତ—ସଂ. ବି—ଏକ ପ୍ରକାର ଯଜ୍ଞ (ହି. ଶବ୍ଦସାଗର)—
Tāpaśchita
A kind of vedic sacrifice.

ତାପସ—ସଂ. ବି. (ତପସ୍+ପ୍ରୟୋଜନାର୍ଥେ. ଅ)—
Tāpasa
(ତାପସୀ—ସ୍ତ୍ରୀ)
୧ । ତପସ୍ୱୀ; ମୁନି; ଋଷି—
1. An ascetic; a sage.
୨ । ତେଜପତ୍ର—2. The fragrant leaf of Cassia Cinnamon.
୩ । ତମାଳ (ଦେଖ)—3. Tamāḻa (See)
ବିଣ—୧ । ତପସ୍ୟାକାରୀ—
1. Practising asceticism or penance.
୨ । ତପସ୍ୱୀଙ୍କ ସମ୍ବନ୍ଧୀୟ—2. Relating to ascetics

ତାପସକ—ସଂ ବି. (ତାପସ+ଅଳ୍ପାର୍ଥେ. କ)—
Tāpasaka
ସାମାନ୍ୟ ବା ଛୋଟ ତପସ୍ୱୀ—A petty sage.

ତାପସଜ—ସଂ. ବି—ତେଜପତ୍ର (ହି. ଶବ୍ଦସାଗର)—
Tāpasaja
Cassia Cinnamon.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଲ୍ଲଭାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ସଙ୍ଗେ ସଙ୍ଗେ ଉଚ୍ଚାର ବଦଳେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; କୃଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍କା ନ ପାଇଲେ 'ଅର୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତାପସତରୁ— ସଂ. ବି. (ତାପସ + ତରୁ; ତପସ୍ୱୀମାନଙ୍କ ବ୍ୟବହାର୍ଯ୍ୟ ତରୁ; Tāpasa taru ଏ ତରୁର ଫଳରୁ ତେଲ ବାହାର କରି (ତାପସ ଦ୍ରୁମ—ଅନ୍ୟରୂପ) ଋଷିମାନେ ଦେହରେ ଲଗାଉଥିଲେ)— ଇଙ୍ଗୁଦୀ ବୃକ୍ଷ—Terminalia Catapha (tree).

ତାପସପ୍ରିୟ—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ତାପସ + ପ୍ରିୟ)— Tāpasa priya ୧ । ତପସ୍ୱୀମାନଙ୍କର ପ୍ରିୟ (ବସ୍ତୁ ବା ବ୍ୟକ୍ତି)— 1. Loved by ascetics.

୨ । (ବହୁବ୍ରୀହି) ତପସ୍ୱୀମାନେ ଯାହାର ପ୍ରିୟ; ଯେ ତପସ୍ୱୀମାନଙ୍କୁ ସୁଖ ପାଏ—2. Fond of ascestics.

ବି—୧ । ପିୟାଳ ଗଛ; ଚିଆଳ—Buchanania Latifolia (tree).

[ଦ୍ର—ଏହା ଆମ୍ରାଦି ବର୍ଗର ଅରଣ୍ୟ ତରୁବିଶେଷ; ଫଳ କୃଷ୍ଣବର୍ଣ୍ଣ, ଶ୍ରେଷ୍ଠ ଓ ମନୁଷ୍ୟଭକ୍ଷ୍ୟ । ଟାକୁଆ ଭିତରେ ଥିବା କୋଇଲି ବାଦାମ ଫଳର ଶସ ଭଳି ସ୍ୱାଦୁ । ଏଥିରୁ ତେଲ ବାହାରେ]

୨ । ତାପସ ତରୁ (ଦେଖ) (ହି. ଶବ୍ଦସାଗର)— 2. Tāpasa taru (See).

ତାପସପ୍ରିୟା—ସଂ. ବିଣ. ସ୍ତ୍ରୀ (ତାପସ+ପ୍ରିୟା)—ତପସ୍ୱୀମାନଙ୍କର ପ୍ରିୟା— Tāpasa priyā Loved by ascetics.

(ତାପସେଷ୍ଟା—ଅନ୍ୟରୂପ) ବି—୧ । ଦ୍ରାକ୍ଷାଲତା; ଅଙ୍ଗୁର ଲତା— Vine

୨ । ଦ୍ରାକ୍ଷା; ଅଙ୍ଗୁର ଫଳ—2. Grape.

ତାପସବୃତ୍ତି—ସଂ. ବି. ସ୍ତ୍ରୀ (ତାପସ+ବୃତ୍ତି, ୬ଷ୍ଠୀ ତତ)—ତପସ୍ୟା; Tāpasa brutti ତପଶ୍ଚରଣ—Asceticism; austerities.

ତାପସୀ—ସଂ. ବି. ସ୍ତ୍ରୀ—(ତାପସ + ସ୍ତ୍ରୀ. ଈ)—୧ । ତପସ୍ୟାକାରିଣୀ ସ୍ତ୍ରୀ— Tāpasi 1. A female ascetic.

୨ । ତପସ୍ୱୀ ପତ୍ନୀ—2. Wife of a sage.

ତାପସେକ୍ଷୁ—ସଂ. ବି—(ମ. ପ. ଲେ; ତାପସ ପ୍ରିୟ ଇକ୍ଷୁ)—ଏକପ୍ରକାର Tapasekshu ଆଖୁ (ହି. ଶବ୍ଦସାଗର)—A kind of sugar-cane.

ତାପ ସ୍ୱେଦ—ସଂ. ବି—(ବୈଦ୍ୟକ; ମ. ପ. ଲେ; ତାପ ଜନିତ ସ୍ୱେଦ)— Tāpa sweda ୧ । ଗରମ ବାଲି, ଲୁଣ ବା ବସ୍ତ୍ରର ପୁଡ଼ା ବା ହାତ ଦ୍ୱାରା ସେକ ଦେହରୁ ଝାଳ ବୁହାଇବା କର୍ମ— 1. Dry fomentation.

୨ । ବାଷ୍ପଅଞ୍ଚ—2 Vapour-bath.

୩ । ଦେହ ସେକା ଦେବା ଯୋଗୁଁ ଦେହରୁ ବହିବା ଝାଳ— 3. Perspiration due to dry fomenting.

ତାପସ୍ୟ—ସଂ. ବି. (ତାପସ+ଭାବାର୍ଥେ ଯ)—ତପସ୍ୱୀର ଧର୍ମ; ତପସ୍ୟା— Tāpasya The duties of an ascetic; asceticism.

ତାପ ହର—ସଂ. ବିଣ. ପୁଂ. (ତାପ + ହୃ ଧାତୁ + କର୍ତ୍ତୃ. ଅ)—ସନ୍ତାପ- Tāpa hara ହରଣକାରୀ—Alleviating distress; soothing; cooling. (ତାପହରୀ—ସ୍ତ୍ରୀ)

ତାପ ହରୀ—ସଂ. ବି. (ତାପ + ହୃ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଈ)—ଏକ Tāpa harī ପ୍ରକାର ଖେଚୁଡ଼ି (ଖିଚୁଡ଼ି)—A kind of dish prepared of rice boiled with pulse.

[ଦ୍ର—ଏହା ପ୍ରସ୍ତୁତ କରିବାକୁ ଘିଅ ଗୁଆଳ ସଙ୍ଗେ ହଳଦିର ବଡ଼ି ମିଶାଇ ସେଥିରେ ହଳଦୀ ଗୋଳାଇ ତାକୁ ଦିଅରେ ସକ୍ଷ୍ମ ପାଣିରେ ସିଝାଇବାକୁ ହୁଏ । ଚାଉଳ ସିଝି ଗଲେ ତାହାକୁ ହେଙ୍ଗୁ ଦ୍ୱାରା ଚଉଁରାଇବାକୁ ହୁଏ । ହି. ଶବ୍ଦସାଗର]

ତାପହର୍ତ୍ତା—ସଂ.ବିଣ. ପୁଂ (ତାପ + ହୃ ଧାତୁ + କର୍ତ୍ତୃ. ତୃ, ୧ମା. ୧ବ)— Tāpa harttā ତାପହର—Alleviating distress;soothing; cooling. (ତାପ ହର୍ତ୍ତ୍ରୀ—ସ୍ତ୍ରୀ)

ତାପହାରୀ—ସଂ. ବିଣ. ପୁଂ(ତାପ+ହୃ ଧାତୁ + କର୍ତ୍ତୃ. ଇନ୍ ୧ମା. ୧ବ.)- Tāpa hārī ତାପହର—Alleviating distress; soothing; cooling. (ତାପ ହାରିଣୀ—ସ୍ତ୍ରୀ)

ତାପି—ଦେ. ବି.—ଲମ୍ବା ସରୁଆ କରଣୀ— Tāpi A long slender trowel.

ପ୍ରାଦେ. (ପୁରୀ, ବାଣପୁର) ବି — ରାଜମିସ୍ତ୍ରୀ—Mason.

ତାପିଚ୍ଛ—ସଂ. ବି. (ତାପିନ୍ = ସନ୍ତପ୍ତ ବ୍ୟକ୍ତି + ଛଦ୍ ଧାତୁ = ଆଚ୍ଛାଦନ Tāpichchha କରିବା + କର୍ତ୍ତୃ. ଅ)— ତମାଲ (ଦେଖ) (ତାପିଞ୍ଛ , ତାପିଚ୍ଛ—ଅନ୍ୟରୂପ) Tamāla (See).

ତାପିଞ୍ଜ—ସଂ. ବି. (ତାପିନ୍ = ସନ୍ତପ୍ତ ବ୍ୟକ୍ତି + ଜ ଧାତୁ + କର୍ତ୍ତୃ. ଅ)— Tāpiñja ୧ । ତମାଲବୃକ୍ଷ—1. The Tamāla tree.

୨ । ସ୍ୱର୍ଣ୍ଣମାକ୍ଷିକ (ଦେଖ)— 2. Swarnna-mākshika (See)

ତାପିତ—ସଂ.ବି. (ତପ୍ ଧାତୁ ଣିଚ୍ ତାପି ଧାତୁ + କର୍ମ. ତ)—୧ । ପୀଡ଼ିତ- Tāpita 1 Sick.

୨ । ତାପପ୍ରାପ୍ତ; ଯାହାକୁ ତତା ଯାଇଅଛି—2. Heated.

୩ । କ୍ଲେଶଯୁକ୍ତ; ଦୁଃଖିତ; ସନ୍ତାପିତ — 3. Afflicted; distressed.

୪ । (+ କର୍ତ୍ତୃ. ତ) କ୍ରୁଦ୍ଧ—4. Incensed.

୫ । ଅତ୍ୟାଚରିତ—5. Oppressed.

ତାପିନୀ—ସଂ. ବିଣ. ସ୍ତ୍ରୀ (ତାପ + ଇନ୍ + ସ୍ତ୍ରୀ. ଈ)— ୧ । ତାପଯୁକ୍ତା— Tāpinī 1. Heated.

(ତାପୀ—ପୁଂ) ୨ । ସନ୍ତପ୍ତା —2. Afflicted.

୩ । ଦୁଃଖିନୀ—3. Sorrowful;miserable(woman)

୪ । ତାପ ଉତ୍ପାଦିକା—4. Producing warmth; generating heat.

ସଂ. ବି.—ଶାସ୍ତ୍ରର ନାମ ବିଶେଷ—Title of some devotional writings.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍	ଉଃ	ୱ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ୱ	ନ

ଦେ. ବି.—୧ । (ସଂ. ଗୋପାଳତାପିନୀ; ଶ୍ରୀମତୀତାପିନୀ ଶବ୍ଦର ସଂକ୍ଷେପ)—ବୈଷ୍ଣବ ଧର୍ମଗ୍ରନ୍ଥବିଶେଷ—
Abbreviation of the title of some devotional works.
୨ । ବେଦାନ୍ତ—2. Bedānta philosophy.
ତାପିନୀ ପ୍ରବନ୍ଧମାନେ, ଜାଣିବେ ଯେ ଅନୁମାନେ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ତାପିବା—ଦେ. କ୍ରି.—(ସଂ. ତାପ ଧାତୁ ଣିଚ୍, ତାପି ଧାତୁ)—
Tāpibā ୧ । (ନିଆଁ) ଲଗାଇବା ବା ଜାଳିବା—
তাতান 1. To kindle (a fire).
तापना (ଯଥା—ବାବାଜୀ ଧୂନି ତାପି ବସିଛନ୍ତି ।)
୨ । ଦଣ୍ଡିବା; ଦଣ୍ଡ ଦେବା—2. To punish.
ଅଧର୍ମୀଙ୍କ ଯମ ପରାୟେ ସେ ତାପନ୍ତି ।
କୃଷ୍ଣସିଂହ. ମହାଭାରତ. ବନ ।
୩ । ଉତ୍ତପ୍ତ କରାଇବା; ତତାଇବା—3. To heat.
ବିଭାବସୁର ବିଭବ ସ୍ୱାଦ ତାପଇ ଜଗତୀ
ସେ ସେମନ୍ତେ ସ୍ୱର୍ଭାନୁ ଆହାର । ଉପେନ୍ଦ୍ରଭଞ୍ଜ-ବୈଦେହୀଶବିଳାସ ।
୪ । ଦୁଃଖିତ ହେବା—4. To be sorry.
ମୁକ୍ତି ନ ମାଗି କଷ୍ଟପାଶେ ;
ପଛେ ତାପିବ ଦୁଃଖ ତ୍ରାସେ । ଜଗନ୍ନାଥ. ଭାଗବତ ।
୫ । ଉଷୁମାଇବା—5. To warm.
ପକ୍ଷୀ ପକ୍ଷିଣୀ ପୁତ୍ର ଅଣ୍ଡେ ;
ତମ୍ଭ ତାପନ୍ତି ସ୍ନେହବଶେ । ଜଗନ୍ନାଥ. ଭାଗବତ ।
୬ । ଦୁଃଖ ଦେବା—6. To affect; to press.
ପ୍ରାଦେ. (ସମ୍ବଲପୁର) କ୍ରି—୧ । ତାପ୍‌ବା (ଦେଖ)—
1. Tāpbā (See).

ତାପୀ—ସଂ. ବିଣ. ପୁଂ. (ତାପ + ଅସ୍ତ୍ୟର୍ଥେ, ଇନ୍; ତାପିନ୍ ଶବ୍ଦର
Tāpi ୧ମା. ୧ବ.)—୧ । ତାପଯୁକ୍ତ—1. Heated.
(ତାପିନୀ—ସ୍ତ୍ରୀ) ୨ । ସନ୍ତପ୍ତ—2. Afflicted.
୩ । ଦୁଃଖୀ—3. Miserable
୪ । ତ୍ରିତାପୀ—4. Afflicted with all sorts of worldly troubles.
୫ । (ହେଳନ୍ତ ତାପି ଧାତୁ + ଇନ. ୧ମା ୧ବ)—ଦୁଃଖଜନକ
5. Afflicting.
୬ । ଉତ୍ତାପଜନକ—6. Producing or gewrating.
ବି. ସ୍ତ୍ରୀ—୧ । ଦାକ୍ଷିଣାତ୍ୟର ତାପ୍ତୀ ନଦୀ—The river Tāpti in the Deccan.
୨ । ଯମୁନା ନଦୀ—2. The river Jamunā.
୩ । ସୂର୍ଯ୍ୟଙ୍କ କନ୍ୟା ଓ ସମ୍ବରଣଙ୍କ ପତ୍ନୀ—3. The daughter of the Sun-god and wife of king Sambarana.
ବି. ପୁଂ—ବୁଦ୍ଧ—The Buddha.

ତାପେନ୍ଦ୍ର—ସଂ. ବି (ତାପ + ଇନ୍ଦ୍ର; ୬ଷ୍ଠୀ ତତ୍)—ସୂର୍ଯ୍ୟ (ହି.ଶବ୍ଦସାଗର)—
Tāpendra The sun.

ତାପେଶ୍ୱର—ସଂ. ବି—ତୀର୍ଥବିଶେଷ—Name of a shrine or a
Tāpeśwara place of pilgrimage.

ତାପ୍ତା—ବୈଦେ. ବି. (ଫା. ତଫ୍‌ତା; ଇଟାଲୀୟ-ଟାଫେଟା)—
Tāptā ଟାଣୀ ରେସମର ଓ ଭରଣୀ ଲୁଗାର ସୂତାରେ ବୁଣା ହୋଇ
তাফতা ଥିବା ଲୁଗା; ବାଫ୍‌ତା; ଧୂପଛାୟା ରେସମି ଲୁଗା—
तफ्ता A fabric made of silk and linen; Taffetta.
(ତାଫତା—ଅନ୍ୟରୂପ) [ଦ୍ର—ଏ ଫାରସୀ ଶବ୍ଦ ଇଂରାଜୀରେ ଟାଫେଟା ଆକାର ଧାରଣ କରିଅଛି ।]

ତାପ୍ତୀ—ସଂ. ବି. ସ୍ତ୍ରୀ. (ନାମ)—ଦାକ୍ଷିଣାତ୍ୟର ନଦୀବିଶେଷ—
Tāpti Name of a river in the Deccan.
[ଦ୍ର—ଏହା ବିନ୍ଧ୍ୟାଚଳର ଦକ୍ଷିଣ ପାର୍ଶ୍ୱ ସାତପୁରା ପାହାଡ଼ରୁ ବାହାରି ପଶ୍ଚିମମୁଖ ହୋଇ ସୁରଟଠାରେ ଆରବ ସାଗରର କାମ୍ବେ ଉପସାଗରରେ ପଡ଼ିଅଛି । ସ୍କନ୍ଦ ପୁରାଣ ତାପୀଖଣ୍ଡରେ ଲେଖା ଅଛି ଯେ ବରୁଣ ଅଗସ୍ତ୍ୟ ମୁନିଙ୍କ ଶାପରେ ସମ୍ବରଣ ନାମରେ ସୋମବଂଶର ରାଜା ହେଲେ ଓ ବହୁ ତପସ୍ୟା କରି ସୂର୍ଯ୍ୟଙ୍କ ପରମ ରୂପବତୀ ଓ ପାପନାଶିନୀ କନ୍ୟା ତାପୀଙ୍କୁ ବିବାହ କଲେ । ତାପୀ ତାପତୀ ବା ତାପ୍ତୀ ନଦୀରୂପେ ଧରାତଳରେ ବହୁଅଛନ୍ତି । ଏ ନଦୀରେ ସ୍ନାନ କଲେ ଓ ବିଶେଷତଃ ଆଷାଢ଼ ମାସରେ ସ୍ନାନ କଲେ ସବୁ ପାତକ ନାଶ ହୁଏ । ଏହା ତଟରେ ଗଙ୍ଗତୀର୍ଥ, ଅକ୍ଷମାଳା ତୀର୍ଥ ଆଦି ଅନେକ ତୀର୍ଥ ଅଛି ଓ ତଟଦେଶରେ ଭିନ୍ନ ଭିନ୍ନ ସ୍ଥାନରେ ୧୦୮ ମହାଲିଙ୍ଗ ଅଛନ୍ତି—ହି. ଶବ୍ଦସାଗର । ଏହାର ମୁହାଣ ପାଖେ ସୁରଟ ନଗର ଅବସ୍ଥିତ । ନାଗପୁରଠାରୁ ଯେଉଁ ରେଲ ଲାଇନ ବୋମ୍ବେ ଆଡ଼କୁ ଯାଇଅଛି ତାହା ତାପ୍ତୀ ନଦୀର ପ୍ରାୟ ସମାନ୍ତରଭାବରେ ଖଣ୍ଡୋଆର ଛଡ଼ାରେ ଭୁସାବଲ ବାଟେ ସୁରଟ ପର୍ଯ୍ୟନ୍ତ ଯାଇଅଛି ।]

ତାପ୍ୟ—ସଂ. ବିଣ. (ତପ୍ ଧାତୁ ଣିଚ ତାପି ଧାତୁ + କର୍ମ. ଯ)—
Tāpya ତାପନୀୟ (ଦେଖ)—Tāpaniya (See)
ସଂ. ବି—ସ୍ୱର୍ଣ୍ଣମାକ୍ଷିକ (ଦେଖ)
Swarnnamākshika (See)

ତାବ୍‌ଜି—ପ୍ରାଦେ. (ସମ୍ବଲପୁର) ବି—ତାବିଜ (ଦେଖ)
Tāb-ji Tābija (See)

ତାବ୍‌ଦା—ଦେ. ବିଣ. (ସଂ. ସ୍ତବ୍ଧ)—୧ । ସ୍ତବ୍ଧ; ବଧିରୀକୃତ (କର୍ଣ୍ଣ)—
Tāb-dā 1 Stunned.
তালা ୨ । ସ୍ପର୍ଶାନୁଭୂତିରହିତ—2. Benumbed.
सुन्न ୩ । ଚଳତ୍‌ଶକ୍ତିରହିତ—3. Paralysed.
[ତାବଦା(ଧା)—ଅନ୍ୟରୂପ]

ତାବ୍‌ଦାର—ବୈଦେ. ବି. (ଆ. ତାବଅ + ଫା. ପ୍ରତ୍ୟୟ.ଦାର୍) (ମୁସଲ-
Tāb-dār ମାନୀ ଭାଷା)—୧ । ଦାସ—1. Slave.
তাবেদার ୨ । ଅଧୀନ ବ୍ୟକ୍ତି—2. A subordinate.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

तावेदार, ताबे ୩ । ଚାକର—3. Servant.
ତାବଦାର } ଅନ୍ୟରୂପ) ବିଣ—ଅଧୀନ—Subservient;
ତାବେଦାର } subordinate; subject to.

ତାବ୍‌ଦାରି—ବୈଦେ. ବି. (ଫା. ତାବେଦାରୀ) (ମୁସଲମାନୀ ଭାଷା)—
Tāb-dāri ୧ । ଅଧୀନତା—1. Subordination.
তাবেদারি, ताबेदारी ୨ । ଅନୁଗତ୍ୟ—
ତାବଦାର } ଅନ୍ୟରୂପ 2. Subserviency; subjection.
ତାବେଦାର } ୩ । ଚାକରି—3. Service.
୪ । ଟହଲ ଟୁକୁରା—4. Menial service.

ତାବକ—ସଂ. ବିଣ ପୁଂ. (ଯୁଷ୍ମଦ୍+ସମ୍ବନ୍ଧାର୍ଥେ. ଅ; ଯୁଷ୍ମଦ୍ ସ୍ଥାନରେ
Tābaka ତବକ ଆଦେଶ)—୧ । ତୁମ୍ଭର; ତୁମର—
(ତାବକୀ—ସ୍ତ୍ରୀ) 1. Thine; yours; belonging to you.
୨ । ଆପଣଙ୍କ ଅଧୀନ—2. Yours obediently.

ତାବକୀନ—ସଂ. ବିଣ. ପୁଂ. (ଯୁଷ୍ମଦ୍+ସମ୍ବନ୍ଧାର୍ଥେ. ଈନ; ଯୁଷ୍ମଦ୍=
Tābakina ତବକ)—ତାବକ (ଦେଖ)—Tābaka (See)
(ତାବକୀନା—ସ୍ତ୍ରୀ)

ତାବଡ଼—ଦେ. ବି—ଶାସନ କରିବା—
Tābarda Ruling; controlling.

ତା ବଡ଼ା—ଗ୍ରା. ବିଣ—ତାହା ବଳ; ତାଠାରୁ ଅଧିକ—Superior to
Tā bardā that; above that; higher than that.
(ତାଁ ବଡ଼ା, ତାହାଁ ବଡ଼ା, ତାହଁ ବଡ଼ା—ଅନ୍ୟରୂପ)

ତାବଡ଼ିବା—ଦେ. କ୍ରି—ଶାସନ କରିବା—
Tābardibā To rule; to control.
(ତାବୁଡ଼ିବା—ଅନ୍ୟରୂପ)

ତାବତ୍—ସଂ. ବିଣ. (ତଦ୍=ସେହି+ପରିମାଣାର୍ଥେ. ବତ୍)—
Tābat ୧ । ତତ୍‌ସଂଖ୍ୟକ; ତତ୍‌ପରିମିତ; ସେତେ; ତେତିକ—
1. So many; so much; that much of.
୨ । ତାବତୀୟ; ସେହି ସମସ୍ତ—
2. All that; all those.
ଧରିଲ ତାବତ ମନ୍ଦିରେ ମଣ୍ଡଳୀ ସ୍ତାବକ ଚୋର ପିଣ୍ଡାରି—
କବିକଶେଖର. ଗମ୍ଭୀ ।
ସର୍ବନାମ—ତାହା ସମସ୍ତ; ସେମାନେ ସବୁ—
All that; all of them.
ସଂ. ଅ—୧ । ସେହି ସମୟ ପର୍ଯ୍ୟନ୍ତ—
1. Till that time; till then; so long.
୨ । ତତ୍‌କାଳେ; ସେହି କ୍ଷଣରେ—
2. At that time.
୩ । ସେତେଦୂର ପର୍ଯ୍ୟନ୍ତ—3. So far.
୪ । ସେହି ପରିମାଣ ପର୍ଯ୍ୟନ୍ତ—4. So much.
(ଯଥା—ସଂସ୍କୃତରେ ଏହି ଶବ୍ଦ ପରିଚ୍ଛେଦ, ଅବଧାରଣା ଓ ବାକ୍ୟାଲଙ୍କାର ସ୍ଥଳରେ ପ୍ରଯୁକ୍ତ ହୁଏ ।)

ତାବତ—ଦେ. କ୍ରି. ବିଣ. ବିଣ ଓ ସର୍ବ—ତାବତ୍ (ଦେଖ)
Tābata Tābat (See)
ତାବତ ଗୃହାଶ୍ରମେ ରହି
ତେହୁଁ ସନ୍ନ୍ୟାସ କରିବଇଁ—ଜଗନ୍ନାଥ, ଭାଗବତ ।

ତାବତୀୟ—ସଂ. ବିଣ. (ତାବତ୍+ଈୟ)—
Tābatiya ୧ । ସମସ୍ତ ବସ୍ତୁ ଓ ବ୍ୟକ୍ତି—
1. All (things or persons).
୨ । ତାହା ସବୁ; ସେମାନେ ସମସ୍ତେ—
2 All that; all those.

ତାବତ୍କାଳ—ସଂ. ବି—ସେହି ସମୟ—
Tābatkāla That time.
ଦେ. କ୍ରି. ବିଣ—୧ । ସେହି କାଳ କ୍ରମନ୍ତେ—
1. For such time.
୨ । ସେତେ ଦିନ ପର୍ଯ୍ୟନ୍ତ—So long.

ତାବଦା(ଧା)—ଦେ. ବିଣ. (ସଂ. ସ୍ତବ୍ଧ)—ତାବ୍‌ଦା (ଦେଖ)
Tābadā(dhā) Tāb-dā (See)

ତାବନ୍ମାତ୍ର—ସଂ. ଅ—ସେତିକି—
Tābanmātra So much.

ତାବାନ୍—ବୈଦେ. ବି. (ଫା; ମୁସଲମାନୀ ଭାଷା)—
Tābān ୧ । ତଣ୍ଡ (ଦେଖ)—1. Tanda (See)
তাবান ୨ । କ୍ଷତି ପୂରଣ; ଖେସାରତ—
तावान 2. Compensation for damage or loss.

ତାବାଲ—ଦେ. ବି—୧ । ତବଲା—
Tābāla 1. The right hand piece of a pair of
(ତାବଲ—ଅନ୍ୟରୂପ) musical drums.
पतीला, पतीलि ୨ । ତବଲ; ପିତଳର ଛୋଟ କୁଣ୍ଡ—
2. A brass bowl.

ତାବିଜ—ବୈଦେ. ବି. (ଅ. ତଅୱିଜ୍)—
Tābija ୧ । ବାହୁଭୂଷଣବିଶେଷ; ବଜୁ—
(ତାବିଜ—ଅନ୍ୟରୂପ) 1. Armlet; an ornament worn
তাবিজ on the arm.
ताबीज ୩ । କଣ୍ଠାଭରଣବିଶେଷ; ବେକରେ ପିନ୍ଧାଯିବା
ଗୁରୁକୋଣିଆ ସୁନା ରୂପାର ତେଣ୍ଡୁରିଆ—
2. An armlet worn on the neck.
୩ । ରକ୍ଷାକବଚ—3. Phylactery; charm.

ତାବିଷ—ସଂ. ବିଣ. ପୁଂ. (ତବ୍ ଧାତୁ+ସଞ୍ଜ୍ଞାର୍ଥେ. ଇଷ)—
Tābisha ୧ । ସ୍ୱର୍ଗ—1. Heaven.
(ତାବିଷ—ଅନ୍ୟରୂପ) ୨ । ସ୍ୱର୍ଣ୍ଣ—2. Gold.
୩ । ସମୁଦ୍ର—3. Sea.

ତାବିଷୀ—ସଂ. ବି. ସ୍ତ୍ରୀ—୧ । ଚନ୍ଦ୍ର କନ୍ୟା—
Tābishi 1. The daughter of the moon (god).
(ତାବିଷୀ—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇପ୍ସ	ଉ୍ଥ	ଈ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଈ	କ୍ଷ

୨ । ଦେବକନ୍ୟା—
2. Daughter of a Deity.
୩ । ନଦୀ—3. River.
୪ । ଭୂମି; ପୃଥିବୀ—4 Earth; ground.

ତାବେ—ବୈଦେ. ବି. (ଅ. ତାବଅ; ମୁସଲମାନୀ ଭାଷା)—
Tābe ୧ । ଅଧୀନତା—1. Subordination; subserviency; subjection.
(ତାବେ—ଅନ୍ୟରୂପ)
তাবে ୨ । ଅଧିକାର—2. Sway.
तावे

ବୈଦେ. ବିଣ—ତାବେଦାର (ଦେଖ)
Tābedār (See)

ତାବେଦାର—ବୈଦେ. ବି ଓ ବିଣ (ମୁସଲମାନୀଭାଷା)—ତାବ୍‌ଦାର (ଦେଖ)
Tābedār Tāb-dār (See)

ତାବେଦାରି—ବୈଦେ. ବି (ମୁସଲମାନୀଭାଷା)—ତାବ୍‌ଦାରି (ଦେଖ)
Tābedāri Tāb-dāri (See)

ତା'ବୋଲି—ଦେ. ଅ—ସେଥିଯୋଗୁଁ; ତହୁଁ—
Tā'boli Hence; owing to that.
তাবলে

ତା'ଭିତେ—ଦେ. ସର୍ବ—ତାହା ଦ୍ୱାରା; ତାହା ଦେଇ—
Tā'bhite By him.
ওরহাতে

ତାମ୍ଡ଼ା(ଡ଼ି)—ଦେ. ବି. (ସ. ତାମ୍ର)—
Tām-ṛdā(ṛdi) ତାମ୍ର ବର୍ଣ୍ଣ ରତ୍ନବିଶେଷ—
তামড়ি Garnet (a gem).
तामड़ा

ତାମ—ସ. ବି. ପୁଂ. (ତମ୍ ଧାତୁ=ମ୍ଳାନ ହେବା+ସଞ୍ଜ୍ଞାର୍ଥେ. ଅ)—
Tāma ୧ । ଦୁଃଖ—1. Sorrow; distress.
୨ । ଦୋଷ—2. Fault; defect.
୩ । ପାପ—3. Sin.
୪ । ଇଚ୍ଛା—4 Wish.
୫ । ଭୟର ବିଷୟ—
5. An object of terror (Apte).
୬ । ଉଦ୍ବେଗ—6. Anxiety (Apte).
୭ । କ୍ଳାନ୍ତି; ଶ୍ରାନ୍ତି—
7. Exhaustion; fatigue (Apte).

ତାମଜାନ—ଦେ. ବି. (ସ. ସ୍ତମ୍ଭ+ଯାନ; ଉର୍ଦ୍ଦୁ. ତାମଜାନ୍)—
Tāmajāna ଏକ ପ୍ରକାର ଖୋଲା ପାଲିକି; ଅପରେ ଘରରେ
(ତାଞ୍ଜାମ୍; ତାଞ୍ଜାନ୍—ଅନ୍ୟରୂପ) ତାହେଇବାପାଇଁ ବାହୁଁଷ ଲଗିଥିବା
তাঞ্জাম ଚଉକି; ମେହେନା—Sedan chair.
तामजान, ताञ्जाम [ଦ୍ର—ତାମଜାନରେ ଅରୋହଣକାରୀ ଚଉକିରେ
ଇଂ. ଟାମ୍‌ଯାନ୍ ବସିଲା ପରି ଗୋଡ଼ ଲମ୍ବାଇ ବସି ପାରେ, କିନ୍ତୁ ସବାରି ଆଦିରେ ଯେପରି ଶୋଇ ହୁଏ, ଏଥିରେ ତାହା ହୋଇ ପାରେ ନାହିଁ । କୌଣସି କୌଣସି ତାମଜାନରେ ଅରୋହୀର ମୁଣ୍ଡ ଉପରେ ଛତ୍ରାକୃତି ଆବରଣ (ଟପ୍) ଥାଏ; କେଉଁ କେଉଁ ତାମଜାନର ମୁଣ୍ଡ ଉପର ଖୋଲା ଥାଏ ।]

ତାମର—ଦେ. ବି. (ତମ ଧାତୁ=ଇଚ୍ଛା କରିବା+ସଞ୍ଜ୍ଞାର୍ଥ, କର୍ମ. ଅର)—
Tāmara ୧ । ଜଳ—1. Water.
୨ । ଘୃତ—2. Clarified butter; ghee.

ତାମରସ—ସ. ବି (ତାମର=ଜଳ+ସଦ୍ ଧାତୁ=ବାସ କରିବା+
Tāmarasa କର୍ତ୍ତି ଅ; ଯାହା ଜଳରେ ଥାଏ)—
୧ । ପଦ୍ମ—1. Lotus.
୨ । ସାରସ ପକ୍ଷୀ—2. The crane.
୩ । ତାମ୍ର—3. Copper.
୪ । ସୁବର୍ଣ୍ଣ—4. Gold.
୫ । ଦ୍ୱାଦଶାକ୍ଷର ସଂସ୍କୃତ ଛନ୍ଦୋବିଶେଷ—
5. A Sanskrit metre of 12 letters.
୬ । ଧୁସ୍ତୁର; ଧାତୁରା—6. The Datura Fustosa (tree & fruit).
୭ । ରକ୍ତ ପଦ୍ମ—7. The red lotus (Apte).
[ଦ୍ର—ଏ ଶବ୍ଦ ବେଦରେ ଅଛି, କିନ୍ତୁ ପଣ୍ଡିତମାନେ କହନ୍ତି ଯେ ଏହା ପିକ, ମଳୟ ଆଦି ଶବ୍ଦ ପରି ଅନାର୍ଯ୍ୟ ଭାଷାରୁ ସଂସ୍କୃତକୁ ଆସିଅଛି । ଦ୍ର. ଶବ୍ଦସାଗର ।]

ତାମରସୀ—ସ. ବି. ସ୍ତ୍ରୀ, (ତାମରସ+ସ୍ତ୍ରୀ. ଈ)—
Tāmarasī ୧ । ପଦ୍ମିନୀ; ପଦ୍ମ ସମୂହ—
1. Collection of lotuses.
୨ । ପଦ୍ମ ପୂର୍ଣ୍ଣ ଜଳାଶୟ—2. Lotus-pond (Apte).

ତାମଲକ(ଖ)—ଦେ. ବି. (ସ. ତମାଲକ)—
Tāmaḷaka (kha) ତମଲୁକ୍ (ନଗର ଓ ସବ୍‌ଡିଭିଜନ୍)—
তমলুক Tamlook (subdivision and town in
तमलूक the district of Midnapur).
[ଦ୍ର—ତମଲୁକ ବୋଲି ନୋଟ ଦେଖ, ଏହା ଖ୍ରୀଷ୍ଟ ଚତୁର୍ଥ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବଙ୍ଗୋପସାଗରର ପ୍ରଧାନ ବନ୍ଦର ଓ ବାଣିଜ୍ୟ କେନ୍ଦ୍ର ଥିଲା ।]

ତାମଲକୀ—ସ. ବି. ସ୍ତ୍ରୀ.—ଭୂମ୍ୟାମଲକୀ; ଭୂଇଁ ଅଁଳା—
Tāmaḷakī Philanthus Niruri.

ତାମଲି—ଦେ. ବି. ପୁଂ. (ସ. ତାମ୍ବୁଲୀ)—୧ । ପାନବାଲା; ଯେ ପାନ ବିକେ-
Tāmaḷi 1. A betel-dealer by profession.
তামলি ୨ । ଯେଉଁ ଶୂଦ୍ର ଜାତି ପାନ ବ୍ୟବସାୟ କରନ୍ତି—
तँबालि, तमोली 2. A caste of Śūdras whose profession is to sell betel-leaves.
(ତାମ୍ବୁଳି, ତାମୁଳି, ତାମ୍ବିଳ, ତାମୋଳ—ଅନ୍ୟରୂପ)
(ତାମଲଅଣୀ, ତାମ୍ବିଳଅଣୀ, ତାମୁଳଅଣୀ, ତାମୋଳଅଣୀ—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ମଧ୍ୟର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ତାମଲିପ୍ତ—ସଂ. ବି. (ତାମ=ଦୁଃଖ+ଲିପ୍ତ; ଯେଉଁ ଦେଶ ଦୁଃଖ-ଲିପ୍ତ)— Tāmalipta ତମଲୁକ; ତାମ୍ରଲିପ୍ତ ଅଞ୍ଚଳ ଓ ନଗର; ତମାଲିକା— ତାମଲିପ୍ତୀ; ତାମଳିପ୍ତୀ } ଅନ୍ୟରୂପ The country and town of Tamlook.

ତାମସ—ସଂ. ବିଣ. (ତମସ୍+ସମ୍ବନ୍ଧାର୍ଥେ. ଅ)—୧ । ତାମସିକ; Tāmasa ତମୋଗୁଣରୁ ଉଦ୍ଭୂତ (ଯଥା; କାମ, କ୍ରୋଧ, ଲୋଭ, (ତାମସୀ—ସ୍ତ୍ରୀଲିଙ୍ଗ) ମୋହ, ମଦ, ମାତ୍ସର୍ଯ୍ୟ)—1. Pertaining to or arising from the gross elements of nature.

୨ । ନିନ୍ଦିତ; ଗର୍ହିତ—2. Blameworthy; gross.

୩ । ପାପମୟ—3. Sinful.

୪ । ପ୍ରବଳ ତମୋଗୁଣଦ୍ୱାରା ଅନୁଷ୍ଠିତ—4. Done under the influence of evil passions.

୫ । ଗାଢ଼ାନ୍ଧକାରାଚ୍ଛନ୍ନ; ଅନ୍ଧକାରମୟ— 5. Gloomy; very dark.

୬ । ଖଳ—6. Deceitful; dishonest; wicked; vicious

୭ । ତମୋଗୁଣ ପ୍ରଧାନ— 7. In which the gross elements of nature predominate.

୮ । ତମୋଗୁଣଯୁକ୍ତ— 8. Having the base elements of nature.

[ଦ୍ର—ଶ୍ରୀମଦ୍‌ଭଗବଦ୍‌ଗୀତାର ଗୁଣତ୍ରୟବିଭାଗଯୋଗ ନାମକ ଚତୁର୍ଦ୍ଦଶ ଅଧ୍ୟାୟରେ ତମୋଗୁଣର ସ୍ୱରୂପ ବର୍ଣ୍ଣିତ ହୋଇଅଛି ଓ ଶ୍ରଦ୍ଧାତ୍ରୟବିଭାଗଯୋଗ ନାମକ ସପ୍ତଦଶ ଅଧ୍ୟାୟରେ ତାମସୀ ଶ୍ରଦ୍ଧା, ତାମସପ୍ରିୟ ଆହାର, ତାମସ ଯଜ୍ଞ, ତାମସ ତପ ଓ ତାମସ ଦାନର ପ୍ରକାର ବର୍ଣ୍ଣିତ ହୋଇଅଛି । ସନ୍ନ୍ୟାସଯୋଗ ନାମକ ଅଷ୍ଟାଦଶ ଅଧ୍ୟାୟରେ ତାମସ ତ୍ୟାଗ, ତାମସ ଜ୍ଞାନ, ତାମସ କର୍ମ, ତାମସ କର୍ତ୍ତା, ତାମସୀ ବୁଦ୍ଧି, ତାମସୀ ଧୃତି, ତାମସ ସୁଖର ପ୍ରକୃତି ବିଶଦଭାବରେ ବର୍ଣ୍ଣିତ ହୋଇଅଛି । ପଦ୍ମପୁରାଣରେ କେତେକ ଶାସ୍ତ୍ରକୁ ତାମସ ଶ୍ରେଣୀଭୁକ୍ତ କରାଯାଇଅଛି; ଯଥା—କଣାଦଙ୍କ ବୈଶେଷିକ ଗୌତମଙ୍କ ନ୍ୟାୟ, କପିଳଙ୍କ ସାଂଖ୍ୟ, ଜୈମିନୀଙ୍କ ମୀମାଂସା ଦର୍ଶନ, ବୃହସ୍ପତିଙ୍କ ଚାର୍ବାକ ଦର୍ଶନ, ଶାକ୍ୟମୁନିଙ୍କ ବୌଦ୍ଧଶାସ୍ତ୍ର ଓ ଶଙ୍କରଙ୍କ ବେଦାନ୍ତ ଇତ୍ୟାଦି ତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ ଗ୍ରନ୍ଥମାନଙ୍କୁ ଓ ସାମ୍ପ୍ରଦାୟିକ ଦୃଷ୍ଟିରେ ମତ୍ସ୍ୟ ଓ କୂର୍ମ, ଅଗ୍ନି, ଶିବ, ଓ ସ୍କନ୍ଦ ଏହି ଛଅଟି ପୁରାଣକୁ ମଧ୍ୟ ତାମସରୂପେ ଗଣନା କରାଯାଏ । ସାମୁଦ୍ର, ଶଙ୍ଖ, ଯମ, ଔଶନସ ଆଦି କେତେକ ସ୍ମୃତିକୁ ଓ ଜୈମିନି, କଣାଦ, ବୃହସ୍ପତି, ଜମଦଗ୍ନି ଓ ଶୁକ୍ରାଚାର୍ଯ୍ୟ ଆଦି କେତେକ ମୁନିଙ୍କୁ ତାମସ ବିଶେଷଣ ଦିଆଯାଇ ଅଛି । ଏହିପରି ପ୍ରକୃତିର ସତ୍ତ୍ୱ, ରଜଃ ଓ ତମଃ ଗୁଣତ୍ରୟ ସମନ୍ୱିତ ଅନେକ ବସ୍ତୁ ଓ ବ୍ୟାପାରମାନଙ୍କୁ ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ବୋଲାଯାଏ । ନିଦ୍ରା, ଆଳସ୍ୟ, ପ୍ରମାଦ ଆଦିରୁ ଉତ୍ପନ୍ନ ସୁଖକୁ ତାମସ ସୁଖ ଓ ପୌରୋହିତ୍ୟ, ଅସତ ପ୍ରତିଗ୍ରହ, ଜୀବହିଂସା, ଲୋଭ, ମୋହ, ଅହଙ୍କାର ଆଦିକୁ ତାମସ କର୍ମ ବୋଲାଯାଏ । ବିଷ୍ଣୁ ସତ୍ତ୍ୱଗୁଣମୟ, ବ୍ରହ୍ମା ରଜୋଗୁଣମୟ ଓ ଶିବ ତମୋଗୁଣମୟ ବୋଲି ଉକ୍ତ—ହି. ଶବ୍ଦସାଗର ।]

ବି.—୧ । ପେଚକ; ପେଚା—1 Owl.

୨ । ସର୍ପ; ସାପ—2. Snake.

୩ । ଚତୁର୍ଥ ମନୁ—3. The 4th Manu; the great grand-son of Manu, the original progentor of mankind.

ଚତୁର୍ଥେ ପ୍ରିୟବ୍ରତ ସୁତ, ତାମସ ଉତ୍ତମର ସୁତ ।
ଜଗନ୍ନାଥ. ଭାଗବତ ।

୪ । ଖଳ ବ୍ୟକ୍ତି (ହି. ଶବ୍ଦସାଗର)— 4. Wicked person.

୫ । ଅନ୍ଧକାର—5. Darkness.

ବୋଲଇ ସେହି ନିଶାଚର, ମାୟାମିଆଁଶା ଡେଣ ମହା ତାମସ ରେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

୬ । ଅଜ୍ଞାନ; ମୋହ (ହି. ଶବ୍ଦସାଗର)— 6. Infatuation; delusion.

ଇନ୍ଦ୍ରିୟ ବଶ କଲେ ନାଶ,
ଏରୂପେ ବଢ଼ଇ ତାମସ । ଭୂପତି, ପ୍ରେମପଞ୍ଚାମୃତ ।

୭ । ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଦେହରେ ଦେଖାଯିବା ୩୩ ପ୍ରକାର କେତୁ (ହି. ଶବ୍ଦସାଗର)—7. Thirtythree kinds of spots or heavenly bodies observed inside the solar and luner orbs.

ତାମସ ଆହାର—ସଂ. ବି.—ଏକ ଯାମ ବା ପ୍ରହରରୁ ପୂର୍ବରୁ ରାନ୍ଧି Tāmasa āhāra ହୋଇଥିବା ବା ପ୍ରସ୍ତୁତ, ଗତରସ, ପୂତି-ଗନ୍ଧଯୁକ୍ତ, ପର୍ଯ୍ୟୁଷିତ ବା ବାସୀ, ଉଚ୍ଛିଷ୍ଟ ଓ ଅମେଧ୍ୟ ବସ୍ତୁର ଭୋଜନ (ଭଗବଦ୍‌ଗୀତା—୧୭-୧୦)— Eating of stale, sapless, evil-smelling and impure food or food prepared long ago or the leavings of other's tables or orts.

ତାମସକର୍ତ୍ତା—ସଂ. ଣ. ପୁଂ (କର୍ମଧା; ତାମସ+କର୍ତ୍ତୃ. ୧ମା ବ.)— **Tāmasa karttā** ଅନବହିତ, ବିବେକଶୂନ୍ୟ, ଉଦ୍ଧତ, ଶଠ, ପର ଉପରେ ଦାୟିତ୍ୱ ପକାଇ ନିଜେ ଦାୟିତ୍ୱରୁ ନିସ୍ତାର ପାଇବାକୁ ଇଚ୍ଛୁକ, ଅଳସ, ବିଷାଦଯୁକ୍ତ ଓ ଦୀର୍ଘସୂତ୍ରୀ କର୍ମୀ (ଭଗବଦ୍‌ଗୀତା ୧୮।୨୮)— **A doer of work who is careless, unconscientious, arrogant, deceitful, irresponsible, lazy, sad and procrastinating.**

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ	ଝ,ଥ	ଞ
୨	ଈ	ଊ	ରୁ	ଳୁ	ଯ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ତଦ୍ଧବନ୍ନ୍ୟୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ତ୍ୟ	ଇଅ	●	ନ୍

ତାମସ କର୍ମ—ସଂ. ବ (କର୍ମଧା; ତାମସ+କର୍ମନ୍; ୧ମା. ୧ବ)—ଶୁଭାଶୁଭ ଫଳ, ଲାଭ, କ୍ଷତି, ହିଂସା, ପୌରୁଷ
Tāmasa karma ଆଦି ବିଚାର କରି ନ ଥାଇ ମୋହବଶରୁ ଅନୁଷ୍ଠିତ କରାଯିବା କର୍ମ (ଭଗବଦ୍ଗୀତା ୧୮-୨୫)—A work undertaken without mature deliberation and done under delusion.

ତାମସ କୀଳକ—ସଂ. ବ (ବଜ୍ଞାନପରିଭାଷା)—ସୂର୍ଯ୍ୟ ଓ ଚନ୍ଦ୍ରମଣ୍ଡଳର
Tāmasa kīlaka ଦେହରେ ବେଳେ ବେଳେ ଦେଖାଯିବା କଳା ଦାଗମାନ—Sun-spots; black spots on the surface of the sun and of the moon.

[ଦ୍ର—ଏମାନ ସଂଖ୍ୟାରେ ୩୩ । ସୂର୍ଯ୍ୟମଣ୍ଡଳରେ ଏମାନ ଦେଖାଗଲେ ଫଳିତ ଜ୍ୟୋତିଷ ମତରେ ସଂସାରରେ ଅଶୁଭ ଘଟେ ଓ ଚନ୍ଦ୍ରମଣ୍ଡଳରେ ଦେଖାଗଲେ ଶୁଭ ଘଟେ । ଏମାନେ ରାହୁଙ୍କ ପୁତ୍ର ଥିବାର କଳ୍ପିତ (ଦ୍ର. ଶବ୍ଦସାଗର) ।]

ତାମସ ଗୁଣ—ସଂ. ବ—ତମୋଗୁଣ— (ତମଃ ଶବ୍ଦ ଦେଖ)—
Tāmasa guṇa The gross attributes or elements in Nature (See notes under Tamaḥ).

ବିଷାଦ କ୍ରୋଧ ଲୋଭ ହିଂସା
ଯାଚଣା ଦମ୍ଭ ମିଥ୍ୟା ଭାଷା
କନ୍ଦଳ ଶୋକ ଭୟ ଭ୍ରମ
ନିଦ୍ରା ଆଳସ୍ୟ ଆଶା ଶ୍ରମ
ଏହେ ତାମସ ଗୁଣ ଜାଣି
ଏବେ ଶୁଣ ଗୁଣ ପ୍ରମାଣି ।—ଜଗନ୍ନାଥ, ଭାଗବତ ।

ତାମସଜ୍ଞାନ—ସଂ. ବ.—(କର୍ମଧା; ତାମସ+ଜ୍ଞାନ)—ପ୍ରକୃତପକ୍ଷରେ ଈଶ୍ୱର
Tāmasa jñāna ବିଦ୍ୟମାନ ଅଛନ୍ତି ଏହିପରି କାରଣରହିତ ଅଯୌକ୍ତିକ ତୁଚ୍ଛ ଜ୍ଞାନ (ଭଗବଦ୍ଗୀତା—୧୮-୨୨)—Knowledge or conviction not based upon reasoning or sense.

ତାମସ ତପଃ—ସଂ. ବ.—(କର୍ମଧା; ତାମସ+ତପଃ)—ପରର ଅନିଷ୍ଟ-
Tāmasa tapaḥ ସାଧନ ପାଇଁ ଆପଣାକୁ କଷ୍ଟ ଦେଇ ବିବେକ ବିରୁଦ୍ଧ ଭାବରେ କରାଯିବା ତପସ୍ୟା (ଭଗବଦ୍ଗୀତା ୧୭।୧୯)—Penance or austerities practised against one's conscience for injuring another by undergoing personal privations.

ତାମସ ତ୍ୟାଗ—ସଂ. ବ. (କର୍ମଧା; ତାମସ+ତ୍ୟାଗ)—ମୋହବଶତଃ ଦାନ,
Tāmasa tyāga. ଦାନ ଓ ତପସ୍ୟାଦି କରିବା କର୍ମମାନଙ୍କର ତ୍ୟାଗ (ଭଗବଦ୍ଗୀତା ୧୮।୭)—Abandonment of one's charitable or religious duties on account of infatuation.

ତାମସ ଦାନ—ସଂ. ବ—(କର୍ମଧା; ତାମସ+ଦାନ)—ଦେଶକାଳ ବିଚାର
Tāmasa dāna ନ କରି, ଅସତ୍କାର ଓ ଅବଜ୍ଞା ସହକାରେ ଅପାତ୍ରରେ କରାଯିବା ଦାନ (ଭଗବଦ୍ଗୀତା ୧୭।୨୨)—A gift made to an improper person at an improper time and place and without due respect.

ତାମସ ଧ୍ୟାନ—ସଂ. ବ—(ତାମସ+ଧ୍ୟାନ; ୬ଷ୍ଠୀ ତତ)—ବଟୁକ-
Tāmasa dhyāna ଭୈରବଙ୍କ ରୂପର ଧ୍ୟାନ—The contemplation of the Deity Baṭukabhairaba.

ତାମସ ପୁରାଣ—ସଂ. ବ. —(ତାମସ+ପୁରାଣ)—ପୁରାଣମାନଙ୍କ ଶ୍ରେଣୀ-
Tāmasa purāṇa ବିଶେଷ—Title of a group of Hindu Purāṇas classed as gross.

[ଦ୍ର—ମତ୍ସ୍ୟ, କୂର୍ମ, ଲିଙ୍ଗ, ଶିବ, ସ୍କନ୍ଦ, ଅଗ୍ନି ଏହି ୬ଟି ପୁରାଣକୁ ତାମସ ବୋଲାଯାଏ । ତାମସ ଶବ୍ଦ ଦେଖ ।]

ତାମସ ମୁନି—ସଂ. ବ.—ତମୋଗୁଣ ବଶବର୍ତ୍ତୀ ମୁନିଗଣ—
Tāmasa muni Passionate sages; some of the sages who are said to have been swayed by passions.

[ଦ୍ର—କଣାଦ, ଗୌତମ, ଶକ୍ତି, ଉପମନ୍ୟୁ, ଜୈମିନି, ଦୁର୍ବାସା, ମୃକଣ୍ଡୁ, ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ଜମଦଗ୍ନି ପ୍ରଭୃତି ମୁନିମାନଙ୍କୁ ତାମସ ଶ୍ରେଣୀରେ ଗଣନା କରି ଯାଇଅଛି ।]

ତାମସ ଯଜ୍ଞ—ସଂ. ବ. (ତାମସ+ଯଜ୍ଞ)—ବିଧିହୀନ ଯଜ୍ଞ—
Tāmasa jajña A vedic sacrifice performed without due rites and solemnities.

[ଦ୍ର—ବିଧିହୀନ, ଅସୃଷ୍ଟାନ୍ନ ଅର୍ଥାତ୍ ବ୍ରାହ୍ମଣାଦିଙ୍କଦ୍ୱାରା ଅସମ୍ପନ୍ନ, ମନ୍ତ୍ରହୀନ, ଦକ୍ଷିଣାଦାନବିବର୍ଜିତ ଓ ଶ୍ରଦ୍ଧାବିରହିତ ଯଜ୍ଞକୁ ତାମସ ଯଜ୍ଞ ବୋଲାଯାଏ—ଭଗବଦ୍ଗୀତା· ୧୭।୧୩ ।]

ତାମସ ସନ୍ନ୍ୟାସୀ—ସଂ. ବ. (ତାମସ+ସନ୍ନ୍ୟାସୀ)—ଗାର୍ହସ୍ଥ୍ୟ ସୁଖ-
Tāmasa sannyāsi ସ୍ୱାଦନରେ ନିରପେକ୍ଷ ଥାଇ ବନରେ ବିଚରଣପୂର୍ବକ ତପସ୍ୟା କରୁଥିବା ଅଥଚ ମୋକ୍ଷ ପାଇଁ ଲାଳାୟିତ ସନ୍ନ୍ୟାସୀ—An ascetic who renounces the world and lives in the woods to practise austerities but hankers after salvation.

ତାମସ ସୁଖ—ସଂ. ବ. (କର୍ମଧା; ତାମସ+ସୁଖ)—ଯେଉଁ ସୁଖ ପ୍ରଥମରେ
Tāmasa sukha ଓ ଶେଷରେ ଆତ୍ମାର ମୋହକାରୀ ଏବଂ ନିଦ୍ରା, ଆଳସ୍ୟ ଓ ପ୍ରମାଦରୁ ଜାତ (ଭଗବଦ୍ଗୀତା—୧୮।୩୯)—Pleasure which begins and ends with infatuation and is derived from sleep, laziness or blunder.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଂତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ତାମସ ସ୍ମୃତି—ସଂ. ବି (ତାମସ+ସ୍ମୃତି)—ସ୍ମୃତିଗ୍ରନ୍ଥମାନଙ୍କ ଶ୍ରେଣୀ-
Tāmasa smṛuti ବିଶେଷ—Title of a class of codes of Hindu Law.

[ଦ୍ର—ଗୌତମ, ବୃହସ୍ପତି, ସମ୍ବର୍ତ୍ତ, ଯମ, ଶଙ୍ଖ, ଔଶନସ ଆଦି କେତେକ ମୁନିଙ୍କ ସଙ୍କଳିତ ସ୍ମୃତି ବା ସଂହିତାମାନଙ୍କୁ ତାମସ ବୋଲାଯାଏ ।]

ତାମସା—ଦେଶଜ. ବିଣ (ଅ. ତମାଶା)—୧ । କ୍ରୀଡ଼ା; ଖେଳ—
Tāmasā 1. Play; games; sports.
ତାମ୍‌ସା } ଅନ୍ୟ ଋପ
ତାମାସା }
তামাসা
तमासा
୨ । ବାଜିଗରି; କୁହୁକ—2. Magical show.
୩ । ଲୋକ ମନୋରଞ୍ଜନ ଦୃଶ୍ୟ—3. A popular sight; a show.
୪ । ପ୍ରଦର୍ଶନୀ—4. Exhibition.
୫ । ଥଟ୍ଟା; ରହସ୍ୟ; ପରିହାସ—5. Joke; jest; fun.
୬ । ସୁଆଙ୍ଗ, ଯାତ୍ରା, ନାଟଆଦିରେ ବାହାରୁବା ଉଦ୍ଭଟ ଲୋକ ଓ ଜୀବଙ୍କ ପ୍ରତିରୂପ—6. Masquerade.
୭ । ନାଚ, ଯାତ୍ରା ଆଦି ମେଳା—7. Popular gatherings; dances.
୮ । ଆମୋଦ ପ୍ରମୋଦ—8. Amusements.
୯ । ମଜା; କୌତୁକ—9. Fun; diversion.

ତୁ ଟା ଏ କି ଜାଣ ଭୂତର ଗୀତର ତାମସା ଚାପଲ୍ୟ ଚାହୁ—
କବିସୂର୍ଯ୍ୟ. ଉଦ୍ଧବଚରିତମ୍ ।

[ଦ୍ର—ଏ ଶବ୍ଦ ଥଟ୍ଟା ଶବ୍ଦ ପରେ ସହଚରରୂପେ ବ୍ୟବହୃତ ହୁଏ, (ଯଥା ଥଟ୍ଟା ତମାସା) । ତମାସା ତଳେ ନୋଟ୍ ଦେଖ ।]

ତାମସିକ—ସଂ. ବିଣ (ତମସ୍+ଅନ୍ଵିତାର୍ଥେ. ଇକ)—୧ । ତାମସ;
Tāmasika ତମୋଗୁଣାନ୍ଵିତ—1. Gross; connected with the grosser elements of human nature.
୨ । ଗର୍ହିତ; ନିନ୍ଦିତ—2. Blameworthy.
୩ । ଅନ୍ଧକାରଗ୍ରସ୍ତ—3. Darkened; gloomy.
୪ । ତମୋଗୁଣରୁ ଜାତ—4. Born of self-delusion.
୫ । ତମୋଗୁଣ ଦ୍ଵାରା ପ୍ରଣୋଦିତ—5. Arising from or dictated by the grosser human passions.
ଦେ. ବିଣ—(ସଂ. ତାମସିକ ଓ ଅ. ତମାସା ଏହି ଦୁଇ ଶବ୍ଦର ଅର୍ଥ ଦ୍ଵୟ ଅବଲମ୍ବନରେ ବ୍ୟବହୃତ)—୧ । ଯାହା ଲୋକଙ୍କୁ ଦେଖାଇବାକୁ ଅବଲମ୍ବିତ ହୁଏ ଓ ଯାହା ଆନ୍ତରିକ ନୁହେଁ (ଯଥା—ତାମସିକ ଭକ୍ତି)—1. Affected; pretended; not sincere.
୨ । ଲୋକପ୍ରିୟ ହେବା ପାଇଁ ଯାହା ଅବଲମ୍ବିତ ହୁଏ—2. Done to gain popularity.

ତାମସୀ—ସଂ. ବିଣ. ସ୍ତ୍ରୀ (ତାମସ+ସ୍ତ୍ରୀ. ଈ)—୧ । ଘୋର ଅନ୍ଧକାରମୟୀ—
Tāmasī 1. Gloomy.
୨ । ତମୋଗୁଣାନ୍ଵିତା—2. Gross.
ବି. ସ୍ତ୍ରୀ—୧ । ଘୋର ଅନ୍ଧକାରାଚ୍ଛନ୍ନ ରାତ୍ରି—1. Gloomy night.
୨ । ରାତ୍ରି; ରଜନୀ—2. Night.
୩ । ଦୁର୍ଗା; କାଳୀ—3. Goddess Kālī; Durgā.
୪ । ଜଟାମାଂସୀ; ହିମାଳୟର ଶାକବିଶେଷ—4. Spikenard (a medicinal herb).
୫ । ମସୀ; କାଳି; ସ୍ୟାହି—5. Ink.
ଦେ. ବି. ସ୍ତ୍ରୀ—ତମସା ନଦୀ—The river Tamasā.

ବନ ତାମସୀ ନଦୀକି ବନେ ପଶି, ସେ ବନ ତହୁଁ ଉହୁଲେ—
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ତାମସୀ ଧୃତି—ସଂ. ବି—ଅବିବେକୀ ପୁରୁଷ ଯେଉଁ ଧୃତି ପ୍ରଭାବରୁ
Tāmasī dhṛuti ସ୍ଵପ୍ନ, ଭୟ, ଶୋକ, ବିଷାଦ ଓ ଗର୍ବ ତ୍ୟାଗ କରି ନ ପାରେ (ଭଗବଦ୍ଗୀତା ୧୮।୩୫)—
That gross firmness of mind for which a person cannot give up dream, fear, sorrow, sadness and pride.

ତାମସୀ ବୁଦ୍ଧି—ସଂ. ବି—ମନୁଷ୍ୟର ଯେଉଁ ବୁଦ୍ଧି ଅଜ୍ଞାନାନ୍ଧକାରରେ
Tāmasī buddhi ଆଚ୍ଛନ୍ନ ହୋଇ ଅଧର୍ମକୁ ଧର୍ମ ଓ ସମସ୍ତ ବିଷୟକୁ ବିପରୀତଭାବରେ ବୁଝେ (ଗୀତା ୧୮।୩୨)—Intellegence which is shrouded with ignorance and considers impiety as piety and understands every thing from an opposite point of view.

ତାମସୀ ଶ୍ରଦ୍ଧା—ସଂ. ବି—ଯେଉଁ ସ୍ଵଭାବଜା ଶ୍ରଦ୍ଧା ଯୋଗୁଁ ମନୁଷ୍ୟମାନେ
Tāmasī śraddhā ଭୂତପ୍ରେତସମୂହର ଆରାଧନା କରନ୍ତି—(ଭଗବଦ୍ଗୀତା ୧୭।୪)—
The innate belief in some men which leads them to worship ghosts and spectres.

ତାମିଲ୍(ଲ)—ଦେ. ବି (ସଂ. ଦ୍ରାବିଡ଼; ମାଗଧୀ ପ୍ରାକୃତ ବା ପାଲି, ଦାମିଳୋ ।
Tāmil(l) ତାମିଲ ବର୍ଣ୍ଣମାଳାରେ ତ, ଥ, ଦ ର ଏକ ଉଚ୍ଚାରଣ
তামিল ହେବାରୁ 'ଦାମିଲୋ' ଶବ୍ଦ ଉଚ୍ଚାରଣରେ ତାମିଲ
तामील ହୋଇଅଛି—ହି. ଶବ୍ଦସାଗର)—
୧ । ଦକ୍ଷିଣ ଭାରତର ଭାଷାବିଶେଷ; ଦ୍ରାବିଡ଼ ଭାଷାର ଗୋଟିଏ ପ୍ରଧାନ ଶାଖା—1. Tamil; one of the Dravidian languages of South India.

୧	ଇ	ଉ	ଋ,ୠ	ଌ	ଏ	ବ୍ୟଞ୍ଜନ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଂ	ଋଅ	ଡ
୨	ଈ	ଊ	ୠ	ଌ	ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଗଁ୍ୟ	ଇଅ	◉	ଡ଼

୨ । ଦକ୍ଷିଣ ଭାରତର ହିନ୍ଦୁ ଜାତିବିଶେଷ—
2. A Hindu caste of South India; the Tamil.

[ଦ୍ର—ତାମିଲ ଭାଷାରେ ଲିଖିତ ୨୦୦୦ ବର୍ଷ ପୂର୍ବର କାବ୍ୟ ମିଳିଅଛି । ଏ ଭାଷାରେ ବର୍ଗର ୧ମ, ୨ୟ, ୩ୟ ଓ ୪ର୍ଥ ବର୍ଣ୍ଣର ଉଚ୍ଚାରଣ ଏକ । ଏହା ଦ୍ରାବିଡ଼ ଭାଷାର ଏକ ଶାଖା । ଶଙ୍କରାଚାର୍ଯ୍ୟଙ୍କ ଶାରୀରକ ଭାଷ୍ୟରେ 'ଦ୍ରମିଳ' ଶବ୍ଦ ଅଛି ଓ ଚୀନ ପରିବ୍ରାଜକ ହୁଏନସାଂ ଏହାକୁ ତମୋଲ୍ଲ ଉଚ୍ଚାରଣ କରିଅଛନ୍ତି । ତାମିଲ ବର୍ଣ୍ଣମାଳା ଅପୂର୍ଣ୍ଣ ଅଟେ । ବର୍ଗର ପଞ୍ଚମ ଅନୁନାସିକ ବର୍ଣ୍ଣ ଛଡ଼ା ବର୍ଗର ଅନ୍ୟ ସମସ୍ତ ବର୍ଣ୍ଣମାନଙ୍କର ଉଚ୍ଚାରଣ ଏକ ଅଟେ । ତାମିଲଜାତି ଭାରତର ଗୋଟିଏ ଅତି ପୁରାତନ ଜାତି ଓ ଭାରତକୁ ଆର୍ଯ୍ୟମାନେ ଆସିବା ପୂର୍ବେ ଏମାନେ ଭାରତରେ ଗୋଟିଏ ସଭ୍ୟ ଜାତି ଥିଲେ ଓ ଆର୍ଯ୍ୟ ସଭ୍ୟତା ବିସ୍ତାର ସଙ୍ଗେ ଏମାନେ ଆର୍ଯ୍ୟ ସଭ୍ୟତାକୁ ପୂର୍ଣ୍ଣରୂପେ ଗ୍ରହଣକଲେ ।]

ତାମିଲ—ବୈଦେ. ବି—(ଅ.)—ଆଜ୍ଞାର ପାଳନ—
Carrying out of an order.

ତାମିଲ—ବୈଦେ. ବିଣ—ପାଳିତ (ଆଜ୍ଞା)—Carried out (order).

ତାମିସ୍ର—ସଂ. ବି (ତମିସ୍ରା=ରାତ୍ରି+ଅ)—୧ । ରାକ୍ଷସ; ନିଶାଚର;
Tāmisra ରାତ୍ରିଚର—1. Demon (who roams about in the night.)

୨ । ଅବିଦ୍ୟାବିଶେଷ; ଇନ୍ଦ୍ରିୟବିଳାସଭୋଗର ବ୍ୟାଘାତଜନିତ କ୍ରୋଧ—2. Wrath or anger arising from the interruption of sensual indulgence.

୩ । ପ୍ରବଞ୍ଚକଙ୍କ ଦଣ୍ଡଭୋଗାର୍ଥ ଅନ୍ଧକାରମୟ ନରକବିଶେଷ—
3. A gloomy division of the Hell for the punishment of deceitful persons.

୪ । କ୍ରୋଧ—4. Wrath; anger.

୫ । ଦ୍ୱେଷ—5 Envy.

ତାମ୍ପଡ଼ା—ଦେ. ବି—ବଡ଼ ଚିଙ୍ଗୁଡ଼ି ଶୁଖୁଆ—
Tāmpar̲d̲ā Dried prawns.

ବିଣ—କୃଶ ଓ ଲମ୍ବା ଶରୀରବିଶିଷ୍ଟ; ଢେଙ୍ଗଢେଙ୍ଗିଆ—
Slender and tall (person).

ତାମ୍ପଡ଼ା ଶୁଖୁଆ—ଦେ. ବି—ତାମ୍ପଡ଼ା (ଦେଖ)
Tāmpar̲d̲ā śukhuā Tāmpar̲d̲ā (See).

ତାମ୍ପଡ଼ି ଯିବା—ପ୍ରାଦେ (ବାଲେଶ୍ୱର) କ୍ରି—କୁଞ୍ଚିତ ହେବା—
Tāmpar̲d̲i jibā To be wrinkled.

ତାମ୍ବଡ଼ା—ଗ୍ରା. ବିଣ—ତାଠାରୁ ବଡ଼ା; ତାଙ୍କ ବଳ—
Tāmbar̲d̲ā Superior to that, him or her; exceeding that.

ତାମ୍ବରା—ଦେ. ବି (ସଂ. ତାମ୍ରକାର)—ତମ୍ବା ଧାତୁରେ କାମ କରିବା ଲୋକ—Copper-smith; brazier.
କଁସାରୀ
ଠଠେରା ,କସେରା

ଏମନ୍ତେ ବହୁ ତାମ୍ବରକୁ, ହକାରି ବୋଇଲେ ପାଣ୍ଡୁ—
ସାରଳାଦାସ, ମହାଭାରତ ।

ତାମ୍ବଳ—ଗ୍ରା (ଇତର) ବି—ତାମ୍ବୂଳ (ଦେଖ)
Tāmbal̲a Tāmbul̲a (See)

ତାମ୍ବି—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର; ସଂ. ତାମ୍ର; ସ୍ୱଭାବତଃ ଏ ପାତ୍ର
Tāmbi ପୂର୍ବେ ତାମ୍ର ନିର୍ମିତ ଥିବାରୁ ଏ ଶବ୍ଦର ଉତ୍ପତ୍ତି (ତାମି—ଅନ୍ୟରୂପ) ହୋଇଅଛି; ତୁଳ. ହି. ତାଂବା=ତମ୍ବା ନିର୍ମିତ ପାତ୍ର)—୧ । ଟିଣ—1 Tin.

୨ । ତରଳ ପଦାର୍ଥ ଓ ଶସ୍ୟାଦି ମାପିବାପାଇଁ କାଠର ବା ଟିଣର ବଡ଼ ପାତ୍ର—2. A big wooden or metal measure for grains and liquids.

[ଦ୍ର—ଏହି ମାପିବା ପାତ୍ର ଅନେକ ପ୍ରକାର ଯଥା—୧ । ଭୂତ ତାମ୍ବି=୧୦୫ ତୋଳା ଓଜନ (ଏଥିରେ ମୂଲିଆଙ୍କୁ ମୂଲ ଦିଆଯାଏ) । ୨ । କଠା ତାମ୍ବି=୯୦ ତୋଳା ଓଜନ (ଚାଉଳ ଆଦି ଶସ୍ୟ ମାପିବାରେ ବ୍ୟବହୃତ) । ୩ । ଟେଲର ତାମ୍ବି=୮୦ ତୋଳା ଓଜନ (ଘିଅ ତେଲ ଆଦି ମପାଯାଏ) । ୪ । କରଜା ତାମ୍ବି=୧୨୦ ତୋଳା ଓଜନ (ଧାନ କରଜ ଦେବା ନେବା ବେଳେ ବ୍ୟବହୃତ) ।]

ତାମ୍ବୁ—ବୈଦେ. ବି (ଅ. ତମ୍ବୁ)—ତମ୍ବୁ; ରାହୁଟୀ; ପଟ୍ଟବାସ; ଶିବିର;
Tāmbu କନାଘର—A tent; pavillion.
তাংবু, तंबु

ତାମ୍ବୁରା—ବୈଦେ. ବି (ଅ. ତାମ୍ବୁରା; ତମ୍ବା ତୁମ୍ବୁରୁ ଗନ୍ଧର୍ବ କର୍ତ୍ତୃକ
Tāmburā ଉଦ୍ଭାବିତ ହୋଇଥିବାରୁ ଏହି ନାମ)—ଗୋପୀଯନ୍ତ୍ର;
তাম্বুরা ତାନପୁରା—One-stringed guitar.
तंबुरा

ତାମ୍ବୂଳ—ସଂ. ବି (ତମ୍ ଧାତୁ=ଗ୍ଲାନ ହେବା+ସଂଜ୍ଞାର୍ଥେ, ବୂଳ)—
Tāmbūl̲a ୧ । ପାନ—1. Betel leaf; Piper Betel.

୨ । ପାନଖିଲ; ଖଡ଼ିଆ—2. A quid or packet of betel leaf enclosing pieces of nut, spices etc. (chewed after meals).

୩ । ଗୁଆ; ଗୁଆ (ହି. ଶବ୍ଦସାଗର)—3. Betel nut.

ତାମ୍ବୂଳ କରଙ୍କ—ସଂ. ବି (ତାମ୍ବୂଳ+କରଙ୍କ=ନଡ଼ିଆର ଖପର)—
Tāmbūl̲a karaṅka ପାନଡବା; ପାନବଟା—Betel-box.

ତାମ୍ବୂଳ ପତ୍ର—ସଂ. ବି (ତାମ୍ବୂଳ+ପତ୍ର)—୧ । (ଷଷ୍ଠୀ ତତ୍) ତାମ୍ବୂଳ
Tāmbūl̲a patra ଲତାର ପତ୍ର; ପାନ—1. Betel leaf.

୨ । (ବହୁବ୍ରୀହି; ତାମ୍ବୂଳ ପରି ପତ୍ର ଯାହାର) ଦେଶୀ ଆଳୁ (ହି. ଶବ୍ଦସାଗର)—2. Yam.

ତାମ୍ବୂଳ ପେଟିକା—ସଂ. ବି. (ତାମ୍ବୂଳ+ପେଟିକା=ପେଡ଼ି)—
Tāmbūl̲a peṭikā ୧ । ପାନ ବଟୁଆ—1. A pouch for carrying betel and other chewing requisites.

୨ । ପାନ ବଟା—2. Betel box.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

୩ । ପାନ ପେଟେରି; ଯେଉଁ ପେଟେରିରେ ପାନ ଖାଇବାର ସରଞ୍ଜାମମାନ ଥାଏ—3. A basket having a lid for carrying betel-requisites.

ତାମ୍ବୁଳ ବାହକ—ସଂ. ବି. ପୁଂ—ରାଜା ଆଦିଙ୍କ ସଙ୍ଗେ ଯେଉଁ ଭୃତ୍ୟ ପାନଖିଲ ଓ ପାନଡବା ଆଦି ଧରି ଥାଏ—A servant who carries the chewing betel-packets and betel-box with kings and rich men.
Tāmbūḻa bāhaka
(ତାମ୍ବୁଳ ବାହିକା—ସ୍ତ୍ରୀ)
(ତାମ୍ବୁଳଦ, ତାମ୍ବୁଳଧର—ଅନ୍ୟରୂପ)

ତାମ୍ବୁଳ ବିଡ଼ିଆ—ଦେ. ବି. (ସଂ. ତାମ୍ବୁଳ ବୀଟିକା)—ପାନଖିଲ—A rolled packet of betel leaf prepared for chewing.
Tāmbūḻa biṟḏiā

ତରନ୍ତେ ତାମ୍ବୁଳ ବିଡ଼ିଆ ଗେହ୍ଲାଇଲେ । କୃଷ୍ଣସିଂହ. ମହାଭାରତ ସଭା ।

ତାମ୍ବୁଳ ବୀଟିକା—ସଂ. ବି.—(ତାମ୍ବୁଳ+ବୀଟିକା; ୬ଷ୍ଠୀ ତତ୍)—
Tāmbūḻa biṭikā ପାନଖିଲ—A prepared packet of betel leaf for chewing.

ତାମ୍ବୁଳ ବୋଳ—ଦେ. ବି.—ପାନ ଖାଇବା ଯୋଗୁ ଓଠରେ ଯେଉଁ ସିଠା ପରି ପୁର ପଡ଼ି ଯାଏ—
Tāmbūḻa boḻa
A thin crust or a thick dye appearing on the lips of persons habituated to chewing betel.

ତାମ୍ବୁଳ ରସ—ସଂ. ବି. (ତାମ୍ବୁଳ+ରସ; ୬ଷ୍ଠୀ ତତ୍)—୧ । ପାନରସ—
Tāmbūḻa rasa 1. Juice of betel leaf.
୨ । ପାନ ପିକ—2. The spittle ejected after chewing betel.

ତାମ୍ବୁଳ ରାଗ—ସଂ. ବି. (ତାମ୍ବୁଳ+ରାଗ; ୬ଷ୍ଠୀ ତତ୍)—୧ । ପାନ ଖାଇବାରୁ ଓଠରେ ହୋଇଥିବା ରକ୍ତିମା—
Tāmbūḻa rāga
1. The redness of the lips due to chewing betel.
୨ । ପାନ ପିକ (ହି. ଶବ୍ଦସାଗର)—2. The spittle ejected after chewing betel.
୩ । (ବହୁବ୍ରୀହି) ମସୁର ଡାଲି—3. Lens Esculenta; a kind of pulse.

ତାମ୍ବୁଳାଧାର—ଦେ. ବି (ତାମ୍ବୁଳ+ଆଧାର; ୬ଷ୍ଠୀ ତତ୍)—
Tāmbūḻādhāra ୧ । ପାନ ବଟୁଆ—1. Betel pouch.
୨ । ପାନ ଡବା—2. Betel box.
୩ । ଯେଉଁ ଥାଳରେ ପାନଖିଲ ସଜା ହୋଇ ଭୃତ୍ୟଙ୍କ ସମାଗତ ବନ୍ଧୁ ଆଦିଙ୍କ ଆଗରେ ରଖାଯାଏ—3. A plate of betel packets kept before guests.

ତାମ୍ବୁଳି—ଦେ. ବି. ପୁଂ (ସଂ. ତାମ୍ବୁଳୀ)—ତାମ୍ବୁଳିକ (ଦେଖ)—
Tāmbūḻi Tāmbūḻika (See)
তামলি तमोली
(ତାମ୍ବୁଳିଆଣୀ—ସ୍ତ୍ରୀ)
(ତାମ୍ବୁଳିଆ—ଅନ୍ୟରୂପ)

ତାମ୍ବୁଳିକ—ସଂ.ବି (ତାମ୍ବୁଳ+ଜୀବିକା ଅର୍ଥରେ ଇକ)—ତାମିଲି;ପାନରୀ-
Tāmbūḻika Betel seller by profession.

ତାମ୍ବୁଳୀ—ସଂ. ବି (ତାମ୍ବୁଳ+ଜୀବିକାର୍ଥେ ଇନ୍ ୧ମା. ୧ବ)—
Tāmbūḻi ୧ । ତାମିଲି; ପାନରୀ—1. Betel seller.
୨ । (ତାମ୍ବୁଳ+ସ୍ତ୍ରୀ.ଈ) ପାନ ଲତା (ବରେନ୍ଦ୍ରକୃଷ୍ଣ. ଦ୍ରବ୍ୟଗୁଣ)—2 Betel plant (Apte).
୩ । ଯେଉଁ ଭୃତ୍ୟ ପ୍ରଭୁଙ୍କ ପାଇଁ ପାନ ଭାଙ୍ଗେ ଓ ପ୍ରଭୁଙ୍କୁ ପାନଖିଲ ଯୋଗାଏ—3. A servant who prepares the betel packets for chewing and presents them to his master when wanted (Apte).

ତାମ୍ବୁଳିକ—ସଂ. ବି (ତାମ୍ବୁଳ+ଜୀବିକା ଅର୍ଥରେ ଇକ)—ତାମିଲି;
Tāmbūḻika ପାନରୀ—Betel-seller.

ତାମ୍ବୋଳ—ଦେ. ବି—ବାଳ ଡିମ୍ବିରି (ଦେଖ)—
Tāmboḻa Bāḻa dimbiri (See) (Haines).

ତାମ୍ର—ସଂ.ବି (ତମ୍ ଧାତୁ=ଦୁଃଖ ପାଇବା+କରଣ. ର)—୧ । ତମ୍ବା
Tāmra ଧାତୁ—1. Copper.
୨ । (ତାମ୍ର+ଅ)—ଦେହରେ ରକ୍ତବର୍ଣ୍ଣ ଦାଗ ଯୁକ୍ତ କୁଷ୍ଠରୋଗ-ବିଶେଷ—2. A kind of leprosy with red spots.
୩ । ତାମ୍ର ପରି ରକ୍ତବର୍ଣ୍ଣ—
3. A dark coppery red (Apte).
ବିଣ—ଅରୁଣବର୍ଣ୍ଣବିଶିଷ୍ଟ—
Dark red; copper-coloured.

ତାମ୍ରକ—ସଂ. ବି (ତାମ୍ର+ସ୍ୱାର୍ଥେ. କ)—ତମ୍ବା—
Tāmraka Copper.

ତାମ୍ରକର୍ଣ୍ଣୀ—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ତାମ୍ର+କର୍ଣ୍ଣ+ସ୍ତ୍ରୀ. ଈ)—
Tāmrakarṇṇi ପଶ୍ଚିମ ଦିଗର ହସ୍ତିନୀ—
The mythological she-elephant guarding the western point of the earth.

ତାମ୍ରକାର—ସଂ. ବି (ତାମ୍ର+କୃ+କର୍ତ୍ତୃ. ଅ)—୧ । ଯେ ତମ୍ବାରେ
Tāmrakāra ଜିନିଷ ଓ ବାସନ ତିଆରି କରେ; ତମ୍ବା କାରିଗର;
(ତାମ୍ରକୃତ—ଅନ୍ୟରୂପ) ତାମ୍ରରୀ—1 Copper smith.

ତାମ୍ର କୀଟ—ସଂ. ବି—୧ । ସାଧବବୋହୂ ପୋକ; ଇନ୍ଦ୍ରଗୋପ; ପାଟପୋକ—
Tāmra kiṭa 1. The cochineal insect.
(ତାମ୍ର କୃମି—ଅନ୍ୟରୂପ) କନକ ମଣ୍ଡିରେ ରହିଲେ ସର୍ବାଙ୍ଗେ ଶୋଭ ଯେସନ୍ତେ ତାମ୍ରକୀଟ ଖନକୃଷ୍ଣ ରସକଲ୍ଲୋଳ ।

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଊ
୨	ଇ	ଈ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଷ୍ୟ	ଯ	ସ	ଙ୍ଗ୍ୟ	ଇଅ	ଓ	ନ୍

୨ । ସାରୁଆ ପୋକ—
The lady-bird insect (Apte).

ତାମ୍ର କୁ(କୂ)ଟ୍ଟକ—ସଂ. ତ (ତାମ୍ର+କୁଟ୍ଟକ, ଏହା ତମ୍ବାର ବର୍ଣ୍ଣ ଥିବାରୁ)
Tāmra ku(kū)ṭṭaka ଧୂଆଁପତ୍ର; ତମାଖୁ; ତମ୍ବାଖୁ—
Tobacco.

ତାମ୍ର କୂଟ—ସଂ. ବ (ତାମ୍ର+କୂଟ)—ଧୂଆଁପତ୍ର—
Tāmra kūṭa Tobacco.

ତାମ୍ର ଗର୍ଭ—ସଂ. ବ (ତାମ୍ର ଅଟେ ଗର୍ଭ=ଉତ୍ପତ୍ତିସ୍ଥାନ ଯାହାର; ବହୁବ୍ରୀହି)
Tāmra garbha ତୁତିଆ—Sulphate of copper;
Blue vitriol.

ତାମ୍ରଚୂଡ଼—ସଂ. ତ. ପୁଂ. (ତାମ୍ର+ଚୂଡ଼ା; ତାମ୍ର ବର୍ଣ୍ଣ ଚୂଡ଼ା=ଚୂଳ
Tāmrachūrḍa ଯାହାର; ବହୁବ୍ରୀହି)—୧ । କୁକ୍କୁଟ; କୁକୁଡ଼ା-
1. A cock (having a coppery coxcomb).
୨ । କୁକ୍କୁରଦ୍ରୁ; କୁକୁର ଶୁଙ୍ଘା ଗୁଳ୍ମ (ହି. ଶବ୍ଦସାଗର)—
2. Pavetta Indica plant.

ତାମ୍ରତ୍ରପୁଜ—ସଂ. ତ—(ତାମ୍ର+ତ୍ରପୁ=ଟିଣ+ଜନ୍ ଧାତୁ+ଅ; ଯାହା
Tāmratrapuja ତମ୍ବା ଓ ଟିଣ ମିଶାଇ ପ୍ରସ୍ତୁତ ହୁଏ)—
୧ । କଂସା; କାଂସ୍ୟ—1. Bell-metal.
୨ । ପିତଳ—2. Brass (Apte).

ତାମ୍ର ଦ୍ୱୀପ—ସଂ. ବ—ସିଂହଳ; ଲଙ୍କା ଦ୍ୱୀପ—
Tāmra dwipa The island of Ceylon.

ତାମ୍ରଦ୍ରୁ—ସଂ. ବ—ରକ୍ତ ଚନ୍ଦନ—
Tamradru The red Sandal wood (Apte).

ତାମ୍ର ଧାତୁ—ସଂ. ତ—୧ । ନାଲି ଚକ୍ ଖଡ଼ି—
Tāmra dhātu 1. Red chalk.
୨ । ତାମ୍ର ନାମକ ଧାତୁ; ତମ୍ବା—2. Copper (metal).

ତାମ୍ର ପଟ୍ଟ—ସଂ. ତ. (ତାମ୍ର+ପଟ୍ଟ; ମ. ପ. ଲୋ=ତାମ୍ର ନିର୍ମିତ ପଟ୍ଟ)—
Tāmrapaṭṭa ତମ୍ବା ପାତଆ; ତାମ୍ର ଫଳକ—
A copper plate.
[ଦ୍ର—ପୂର୍ବେ ରାଜାମାନଙ୍କ ସନନ୍ଦ ତାମ୍ର ପଟ୍ଟରେ ଖୋଲା ଯାଉଥିଲା; ବର୍ତ୍ତମାନ ନାନା ସ୍ଥାନରେ ଭୂଗର୍ଭରୁ ଅନେକ ତାମ୍ରପଟ୍ଟ ଲିଖିତ ପ୍ରାଚୀନ ଅନୁଶାସନମାନ ମିଳୁଛି ।]

ତାମ୍ର ପତ୍ର—ସଂ. ବ. (ତାମ୍ର+ପତ୍ର; ମ. ପ. ଲୋ)—
Tāmra patra ୧ । ତାମ୍ରପଟ୍ଟ (ଦେଖ)—
1. Tāmrapaṭṭa (See)
୨ । (ବହୁବ୍ରୀହି) ରକ୍ତ ବର୍ଣ୍ଣ ପତ୍ର ଯୁକ୍ତ ଗଛ—
2. A tree with red leaves.
୩ । (କର୍ମଧା) ନୂଆ କଅଁଳିଆ ପତ୍ର—
3. New tender leaves of trees.

ତାମ୍ରପର୍ଣ୍ଣୀ—ସଂ. ବ—୧ । କର୍ଣ୍ଣାଟ ବା ମାଳବ ଦେଶସ୍ଥ ନଦୀବିଶେଷ—
Tāmraparṇṇi 1. Name of a river in S. E. India.
[ଦ୍ର—ଏହା ମଳୟ ପର୍ବତରୁ ଉତ୍ପନ୍ନ ହୋଇ ମାନ୍ଦ୍ରାଜର ଟିନେଭେଲ୍ଲୀ ଜିଲ୍ଲା ବାଟେ ଯାଇ ସମୁଦ୍ରରେ ପଡ଼ିଛି । ଏହା ପୂର୍ବେ ମୁକ୍ତା ଜନ୍ମକ୍ଷେତ୍ର ପ୍ରସିଦ୍ଧ ଥିଲା । ଏହାର ଦୀର୍ଘତା ୭୦ ମାଇଲ । ମହାଭାରତ, ମତ୍ସ୍ୟ-ପୁରାଣ, ଅଶୋକଙ୍କ ଶିଳାଲିପି ଓ ଗ୍ରୀକ୍ ଲେଖକ ଟଲେମୀଙ୍କ ଗ୍ରନ୍ଥରେ ଏ ନଦୀର ଉଲ୍ଲେଖ ଅଛି । ହି. ଶବ୍ଦସାଗର ।]
୨ । ଦୀର୍ଘ ଓ ବଡ଼ ପୋଖରୀ; ସରୋବର—2. Lake.
୩ । ପସାରୁଣୀ ଲତା—3. Pœderia Fœtida.
୪ । ମଞ୍ଜିଷ୍ଠା—
4. Indian madder; Rubia Cordifolia.

ତାମ୍ର ପଲ୍ଲବ—ସଂ. ବ. (ତାମ୍ର+ପଲ୍ଲବ; ବହୁବ୍ରୀହି; ଏହାର କଅଁଳ
Tāmra pallaba ପତ୍ରମାନ ତାମ୍ରବର୍ଣ୍ଣ ଥିବାରୁ)—ଅଶୋକ ଗଛ—
The Aṡoka tree.

ତାମ୍ର ପାତ୍ର—ସଂ. ବ. (ତାମ୍ର+ପାତ୍ର; ମ. ପ. ଲୋ)—ତମ୍ବାନିର୍ମିତ ଆଧାର;
Tāmra pātra ତମ୍ବା ବାସନ—Copper vessel.
[ଦ୍ର—ହିନ୍ଦୁମାନଙ୍କ ମତରେ ତାମ୍ରପାତ୍ର ଦେବ ଓ ପିତୃକାର୍ଯ୍ୟରେ ବ୍ୟବହୃତ ହେବାର ଉପଯୁକ୍ତ ।]

ତାମ୍ରପାଦୀ—ସଂ. ତ—ହଂସପଦୀ; ଲାଲ ରଙ୍ଗର ଲଜ୍ଜାଳୁ ଲତା (ହି. ଶବ୍ଦ-
Tāmrapādi ସାଗର)—The red variety of Mimosa creeper.

ତାମ୍ର ପୁଷ୍ପ—ସଂ. ବ. (ତାମ୍ର+ପୁଷ୍ପ; ବହୁବ୍ରୀହି)—
Tāmra pushpa ୧ । କୋବିଦାର; ରକ୍ତକାଞ୍ଚନ ଗଛ—
1. Bauhinia Variegata (tree)
୨ । ଭୁଇଁ ଚମ୍ପା (ଦେଖ)
2. Bhūiñ champā (See)
ସଂ. ବିଣ—ରକ୍ତବର୍ଣ୍ଣ ପୁଷ୍ପବିଶିଷ୍ଟ—Red flowered.

ତାମ୍ର ପୁଷ୍ପିକା—ସଂ. ତ. ସ୍ତ୍ରୀ. (ତାମ୍ର+ପୁଷ୍ପ+କ+ସ୍ତ୍ରୀ. ଆ)—ରକ୍ତ-
Tāmra pushpikā ତ୍ରିବୃତ୍; ନାଲି ଦନ୍ତୁରୀ ଲତା—
The red Turpethum creeper.

ତାମ୍ରପୁଷ୍ପୀ—ସଂ. ବ. ସ୍ତ୍ରୀ. (ତାମ୍ର+ପୁଷ୍ପ+ଈପ୍)—
Tāmrapushpi ୧ । ପାଟେଲୀଗଛ—1. A tree; Storeo-spermum Suaveolens.
୨ । ଧାତକୀ (ଦେଖ)—2. Dhātaki (See).

ତାମ୍ରଫଳ—ସଂ. ତ—ଅଖରୋଟ ଗଛ—
Tāmraphaḻa Walnut tree.

ତାମ୍ର ଫଳକ—ସଂ. ବ. (୬ଷ୍ଠୀ ତତ୍; ତାମ୍ରଫଳକ)—ତାମ୍ର ପଟ୍ଟ (ଦେଖ)
Tāmra phaḻaka Tāmra paṭṭa (See)

ତାମ୍ର ବର୍ଣ୍ଣ—ସଂ. ବିଣ. (ତାମ୍ର+ବର୍ଣ୍ଣ)—
Tāmra barṇṇa ୧ । ନାଲିଆ; ରକ୍ତବର୍ଣ୍ଣ (ହି. ଶବ୍ଦସାଗର)—
1. Red.
୨ । ତମ୍ବାଳିଆ ବର୍ଣ୍ଣର—2. Copper-coloured.

ସାଧାରଣ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ ଦେଖିବେ'

ସଂ. ବି—୧ । ମନୁଷ୍ୟର ଦେହର ଚମଡ଼ା ତଳେ ଥିବା ୪ର୍ଥ ଚର୍ମର ସ୍ତର (ହ୍ର. ଶବ୍ଦସାଗର)— 1. The thin layer of skin below the outer skin of the human body.

୨ । ସିଂହଳ ଦ୍ୱୀପ (ହ୍ର. ଶବ୍ଦସାଗର)—2. Ceylon.

[ଦ୍ର—ଏ ଦ୍ୱୀପର ଏହି ନାମରୁ ପ୍ରାଚୀନ ଗ୍ରୀକ୍‌ମାନେ ଏହାକୁ ତାପ୍ରୋବେନ୍ (Taprobane) ନାମ ଦେଇଥିଲେ ।]

ତାମ୍ରବର୍ଣ୍ଣୀ—ସଂ. ବି. (ତାମ୍ର+ବର୍ଣ୍ଣ+ସ୍ତ୍ରୀ. ଈ)— ୧ । ରାଶିଫୁଲର
Tāmrabarṇṇi
(ତାମ୍ରବର୍ଣ୍ଣୀ—ଅନ୍ୟରୂପ)
କଢ଼—1. The blossom of Sessamum (Apte).

୨ । ମନ୍ଦାର ଫୁଲ (ହ୍ର. ଶବ୍ଦସାଗର)— 2. China rose.

ତାମ୍ର ବଲ୍ଲୀ—ସଂ. ବି. ସ୍ତ୍ରୀ—୧ । ମଞ୍ଜିଷ୍ଠା ଲତା; ମେଦେନ୍ଦୀ ଗଛ—
Tāmra balli 1. Indian madder plant; Rubia Cordifolia.

୨ । ଚିତ୍ରକୂଟ ପ୍ରଦେଶରେ ଜନ୍ମିବା ଲତାବିଶେଷ— 2. A plant growing in the Chitrakūṭa tracts.

ତାମ୍ର ବୀଜ—ସଂ. ବି. (ବହୁବ୍ରୀହି; ତାମ୍ର+ବୀଜ)—କୋଳଥ (ହ୍ର, ଶବ୍ଦସାଗର)—Chickpea.
Tāmra bija
(ତାମ୍ରବୃନ୍ତ, ତାମ୍ରବୃନ୍ତା—ଅନ୍ୟରୂପ)

ତାମ୍ର ବୃକ୍ଷ— ସଂ. ବି. (ତାମ୍ର+ବୃକ୍ଷ; ବହୁବ୍ରୀହି)—ରକ୍ତଚନ୍ଦନଗଛ—
Tāmra bṛuksha Red sandal wood tree; Pterocarpus Santaninus.

ତାମ୍ର ମୁଖ— ସଂ. ବଣ ପୁଂ. (ବହୁବ୍ରୀହି; ତାମ୍ର+ମୁଖ)—ଯାହାର ମୁହଁ
Tāmra mukha ତମ୍ବା ପରି ରକ୍ତାଭ—Copper-faced.
(ତାମ୍ରମୁଖୀ—ସ୍ତ୍ରୀ) ସଂ. ବି—ଇଉରୋପୀୟ ବା ଫିରଙ୍ଗି ବ୍ୟକ୍ତି— A European or Frank (Apte).

ତାମ୍ରମୂଳା—ସଂ. ବି. ସ୍ତ୍ରୀ. (ତାମ୍ର+ମୂଳ+ସ୍ତ୍ରୀ. ଆ; ବହୁବ୍ରୀହି)—
Tāmramūlā ଲାଜକୁଳୀ ଲତା; ଲଜ୍ଜାଳୁ ଲତା—The Telegrapha creeper; Mimosa Sensitiva.

ତାମ୍ରଲିପ୍ତ— ସଂ. ବି—ତମଲୁକ୍ (ଦେଖ)
Tāmralipta Tamaluk (See)
(ତାମ୍ରଲିପ୍ତି—ଅନ୍ୟରୂପ) (ଦ୍ର—ଏହା କଲିକତାର ୩୫ କ୍ରୋଶ ଦକ୍ଷିଣ ପଶ୍ଚିମରେ ସମୁଦ୍ରକୂଳସ୍ଥିତ ଅତି ପ୍ରାଚୀନ ବାଣିଜ୍ୟ କେନ୍ଦ୍ର— Tamlook.)

ଗଙ୍ଗା ମୁଖେ ପୋତଧାରୀ ତାମ୍ରଲିପ୍ତ ପୁର—ସ୍ୱାଧୀନାଥ ମହାରାଜା ।

[ଦ୍ର—ଏହା କଳିଙ୍ଗ ଦେଶକୁ ଲାଗି ସମୁଦ୍ର କୂଳରେ ଅବସ୍ଥିତ ଗୋଟିଏ ରାଜ୍ୟ ବୋଲି ମହାଭାରତରେ ଲେଖା ଅଛି । ଏଥିର ନିବାସୀମାନେ ମହାଭାରତ ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୁଦ୍ଧ କରିଥିଲେ । ହ୍ର. ଶବ୍ଦସାଗର ।]

ତାମ୍ରଶିଖୀ— ସଂ. ବି. ପୁଂ. (ତାମ୍ର+ଶିଖା+ଅସ୍ତି ଅର୍ଥରେ. ଇନ୍. ୧ମା. ୧ବ)—କୁକ୍କୁଟ—Cock.
Tāmraśikhi

ତାମ୍ର ସାର—ସଂ. ବି. (ତାମ୍ର+ସାର; ବହୁବ୍ରୀହି)—ରକ୍ତଚନ୍ଦନ—
Tāmra sāra Red sandal wood.

ତାମ୍ରସାରକ—ସଂ ବି. (ତାମ୍ର+ସାରକ)—୧ । ରକ୍ତଚନ୍ଦନ—
Tāmrasāraka 1. Red sandal wood.
(ତାମ୍ରସାରକା—ଅନ୍ୟରୂପ) ୨ । ଏକପ୍ରକାର ଖଦିର— 2. A kind of catechu.

ତାମ୍ରାକ୍ଷ—ସଂ. ବି. କ୍ଲୀ. (ତାମ୍ର+ଅକ୍ଷି; କର୍ମଧାରୟ)—
Tāmrāksha ୧ । ରକ୍ତବର୍ଣ୍ଣ ଚକ୍ଷୁ—1. Red eye.
୨ । (ବହୁବ୍ରୀହି) କୋକିଳ—2. The Indian cuckoo.
ସଂ. ବଣ—ରକ୍ତବର୍ଣ୍ଣ ଚକ୍ଷୁବିଶିଷ୍ଟ; ଲୁମ୍ବାଣ୍ଡିଆ-ଆଖିଆ— Red-eyed.

ତାମ୍ରାଭ—ସଂ. ବଣ. ପୁଂ. (ବହୁବ୍ରୀହି; ତାମ୍ର+ଆଭା)—
Tāmrābha ତାମ୍ରବର୍ଣ୍ଣବିଶିଷ୍ଟ—Copper-coloured.
ବି. (ବହୁବ୍ରୀହି)—ରକ୍ତ ଚନ୍ଦନ— Red sandal wood.

ତାମ୍ରାର୍ଦ୍ଧ—ସଂ. ବି. କ୍ଲୀ—କଂସା; କାଂସ୍ୟ—
Tāmrārdha Bell metal.

ତାମ୍ରାଶ୍ମ—ସଂ. ବି. କ୍ଲୀ. (ତାମ୍ର+ଅଶ୍ମନ୍=ପ୍ରସ୍ତର)—ପଦ୍ମରାଗମଣି—
Tāmrāśma Spinel ruby (gem).

ତାମ୍ରିକ—ସଂ. ବଣ. (ତାମ୍ର+ଇକ)—
Tāmrika ୧ । ତାମ୍ରନିର୍ମିତ—1. Made of copper.
୨ । ତାମ୍ରମିଶ୍ରିତ—2. Mixed with copper.
୩ । ତାମ୍ରବର୍ଣ୍ଣବିଶିଷ୍ଟ —3. Copper-coloured.
ସଂ. ବି—ତାମ୍ବଗ—Brazier; copper smith (Apte).

ତାମ୍ରିକା—ସଂ. ବି. ସ୍ତ୍ରୀ. (ତାମ୍ର+କ+ସ୍ତ୍ରୀ. ଆ)—
Tāmrikā ୧ । ସୂକ୍ଷ୍ମ ଛିଦ୍ରମୟ ତାମ୍ରପାତ୍ର; ଯାହା ଜଳରେ ଭସାଇଲେ ଛିଦ୍ରଦ୍ୱାରା ଜଳ କ୍ରମଶଃ ପାତ୍ର ମଧ୍ୟକୁ ଉଠି ସମୟ ନିରୂପଣ କରେ; ଭାରତର ପ୍ରାଚୀନ ଘଟିକା ଯନ୍ତ୍ର- 1. A copper-pot having a small hole at the bottom used in measuring time by placing it in a water-vessel.
୨ । ପ୍ରାଚୀନ ଭାରତର ତାମ୍ରମୁଦ୍ରା (ଯାହା କି ଏକ ପଣ କଉଡ଼ି ସଙ୍ଗେ ସମାନ ଥିଲା)—2. An old Indian copper coin which equaled in value to 80 cowries.
୩ । ଗୁଞ୍ଜା; କାଇଞ୍ଚ—3. The red seeds produced from a creeper Abrus Precotorius.
୪ । ପଟହ; ଢକ୍କା; ଢୋଲ—4. Drum.

୧		ଙ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉ୍ଅ	ଘ
୨	ଝ	ଞ	ରୁ	ଲୃ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଊ	ଢ଼

ତାମ୍ରିମା—ସଂ. ବି. (ତାମ୍ର+ଭାବାର୍ଥେ ଇମନ. ୧ମା· ୧ବ)—
Tāmrimā ତାମ୍ରର ବର୍ଣ୍ଣ; ରକ୍ତ ବର୍ଣ୍ଣ—
Redness; the colour of copper (Apte).

ତାମ୍ରୀ—ସଂ. ବି. ସ୍ତ୍ରୀ. (ତାମ୍ର+ସ୍ତ୍ରୀ. ଈ)—ତାମ୍ରିକା (ଦେଖ)
Tāmri Tāmrikā (See)

ତାମ୍ରେଶ୍ୱର—ସଂ. ବି—ତମ୍ବା ଭସ୍ମ (ହି. ଶବ୍ଦସାଗର)—
Tāmreśwara Copper oxide.

ତାମ୍ରୋଷ୍ଠ—ସଂ. ବି. (କର୍ମଧା; ତାମ୍ର+ଓଷ୍ଠ) – ରକ୍ତାଭ ଓଷ୍ଠ—
Tāmroshtha Red or cherry lip (Apte).
(ତାମ୍ରୌଷ୍ଠ—ଅନ୍ୟରୂପ)

ତାୟୃ (ଧାତୁ)—ସଂ—୧ । ପାଳନ କରିବା—
Tāya (root) 1. To bring up; to maintain.
୨ । ବିସ୍ତାର କରିବା—2. To spread (Apte).
୩ । ରକ୍ଷା କରିବା—
3. To protect; to preserve (Apte).

ତାୟଦାତ୍(ଦ୍)—ବୈଦେ. ବି—ତାଦାତ୍ (ଦେଖ)
Tāyadāt(d) Tādāt (See)

ତାୟଫା—ବୈଦେ. ବି—ତାଇଫା (ଦେଖ)
Tāyaphā Tāiphā (See)

ତାୟାଁ—ପ୍ରାଦେ. (ସମ୍ବଲପୁର) ବି—ମୃଦଙ୍ଗ ଓ ପଖୋଜର ଡାହାଣ
Tāyān̐ ପାଖର ମୁହଁ ଚମ ଓ ତହିଁରୁ ଉତ୍ପନ୍ନ ଧ୍ୱନି; ଥାୟାଁ—
(ଧେୟାଁ—ବିପରୀତ) The right hand side of a two-faced drum and the sound produced from it.

ତାର୍—ପ୍ରାଦେ. (ସମ୍ବଲପୁର) ବି—୧ । ଶଗଡ଼ ଚକର ଗୋଲ ଅଡ଼େ
Tār ବୁଲିଥିବା ଲୌହ ବଳୟ; ହାଲ—
1. Iron rim of a cart-wheel.
আলকাতরা ବୈଦେ. ବି· (ଇଂ. ଟାର୍; ପର୍ତ୍ତୁଗୀଜ୍—ଅଲକାତରା;
ताल ଭୁଲ. ସଂ. ଅଗ୍ନିଲ=ସାଲନିର୍ଯ୍ୟାସ)—
୨ । ରାଳ; ଅଲକାତରା—2. Tar; coal-tar.

ତାର—ସଂ. ବି. (ତୃ ଧାତୁ=ପାର ହେବା+ଅ)—
Tāra ୧ । (+ଭାବ. ଅ) ଉତୁରିବା; ଉତ୍ତରଣ—
1. Crossing; landing (from a boat).
୨ । (+କରଣ. ଅ) ତନ୍ତୁ; ଧାତୁନିର୍ମିତ ସରୁ ସୂତ୍ର; ଧାତୁତନ୍ତୁ—
1. Wire; metal wire.

[ଦ୍ର—କେବଳ ସୀସା ଓ ରଙ୍ଗା (ଟିଣ) ଛଡ଼ା ଅନ୍ୟ ସମସ୍ତ ଧାତୁରେ ତାର ତିଆରି କରାଯାଏ । ପ୍ରଥମେ ଧାତୁକୁ ଅତ୍ୟୁଷ୍ଣ ଭାବରେ ତାତି ଲମ୍ବ କାଡ଼ି କରାଯାଏ । ଉକ୍ତ କାଡ଼ିର ଗୋଟିଏ ମୁଣ୍ଡକୁ ପିଟି ମୁନିଆ କରାଯାଏ । କାଡ଼ିର ସେହି ମୁନିଆ ମୁଣ୍ଡକୁ ଲୁହାରେ ତିଆରି ବଡ଼ ଓ ସାନ ବହୁଛିଦ୍ରବିଶିଷ୍ଟ ଜନ୍ତା ନାମକ ଯନ୍ତ୍ରର ଗୋଟିଏ କଣାରେ ଗଳାଇ ଦେଇ ଜନ୍ତାର ଅପର ପିଠି ଅଡ଼େ ବାହାରି ପଡ଼ିଥିବା କାଡ଼ିର ମୁନକୁ ସଣ୍ଡୁଆସି ଦ୍ୱାରା ଖୁବ୍ ଜୋର୍‌ରେ ଟାଣିଲେ ଜନ୍ତାର ଉକ୍ତ ଛିଦ୍ରର ଆୟତନ ଅନୁସାରେ ତାର ବାହାରେ । ସେହି ତାରକୁ ଆହୁରି ସରୁ କରିବାକୁ ଇଚ୍ଛା କଲେ ମୋଟା ତାରର ଅଗକୁ ବାଡ଼େଇ ଆହୁରି ସରୁ କରି ଜନ୍ତାରେ ଥିବା ଅପେକ୍ଷାକୃତ ସାନ ଛିଦ୍ରରେ ଗଳାଇ ସଣ୍ଡୁଆସିଦ୍ୱାରା ଜନ୍ତାର ଅପର ପାଖରୁ ଟାଣିଲେ ସରୁ ତାର ହୁଏ । ଏହିପରି ଜନ୍ତାର କ୍ରମସୂକ୍ଷ୍ମ ଛିଦ୍ରମାନଙ୍କ ଦ୍ୱାରା ଅତି ସୂକ୍ଷ୍ମ ତାର ତିଆରି ହୁଏ । ଜନ୍ତାର ଛିଦ୍ରରେ ତାରକୁ ପୂରାଇ ସଣ୍ଡୁଆସିରେ ଝିଙ୍କିଲେ ତାର କରାଯାଉଥିବା କାଡ଼ି ତାତି ଯାଏ ଓ ତାତି ଯିବାରୁ ତାହା ନମନୀୟ ହୁଏ ।]

୩ । ବୀଣାଦି ଯନ୍ତ୍ରର ତନ୍ତୁ—3. String of a musical instrument.
୪ । (କର୍ତ୍ତୃ. ଅ) ରୌପ୍ୟ; ରୂପା—4. Silver.
୫ । ବେଦୋକ୍ତ ପ୍ରଣବ ଓ ଅନ୍ୟାନ୍ୟ ଏକାକ୍ଷର ବୀଜ ମନ୍ତ୍ର—
5. The sacred syllable 'Om' or other monosyllabic mystic incantation.
୬ । ଉଚ୍ଚ ସ୍ୱର—6. High tone; shrill sound.
୭ । ପ୍ରଣବ; ଓଁକାର—7. The mystic sound 'Om'
୮ । ମୁକ୍ତାର ବିଶୁଦ୍ଧି, ଲାବଣ୍ୟ, ସୌନ୍ଦର୍ଯ୍ୟ ଓ ଉଜ୍ଜ୍ୱଳତା—
8. Excellence of a pearl.
୯ । ମୁକ୍ତା—9. Pearl.
୧୦ । ହାରର ମଧ୍ୟମଣି—10. The central gem of a necklace.
୧୧ । ନକ୍ଷତ୍ର—11. Star.
ମୋ ପାଇଁ ଗଣ୍ଠି ଥାଇଁ ତାର ଅମ୍ବରେ—ଉପେନ୍ଦ୍ରଭଞ୍ଜ. ପ୍ରେମସୁଧାନିଧି ।
୧୨ । ରାମାୟଣ ବର୍ଣ୍ଣିତ ରାମଚନ୍ଦ୍ରଙ୍କ ସହାୟକ ବାନରସେନାପତି-ବିଶେଷ—12. Name of a commander of the monkey army mentioned in the Rāmāyaṇa.
[ଦ୍ର—ଏ ବୃହସ୍ପତିଙ୍କ ଅଂଶରେ ଜନ୍ମିଥିଲେ ଓ ବାଳୀଙ୍କ ସ୍ତ୍ରୀ ତାରାଙ୍କର ପିତା ଥିଲେ । ହି. ଶବ୍ଦସାଗର ।]
୧୩ । ହରିବଂଶ ବର୍ଣ୍ଣିତ ଦାନବବିଶେଷ—13. A demon mentioned in the Haribaṁśa.
୧୪ । ଚକ୍ଷୁର ତାରା—14. The pupil of the eye.
ଜ୍ୟୋତିଷ୍ମନ୍ତ ତାର ନୟନେ ଥିବ ।
ସମୀପ ଦୀପ ଯେବେ ନ ଦିଶିବ । କବିସୂର୍ଯ୍ୟ. କବିତାକଲ୍ଲୋଳ ।
୧୫ । (ସାଂଖ୍ୟଦର୍ଶନ) ଏକପ୍ରକାର ଗୌଣସିଦ୍ଧି; ଗୁରୁଙ୍କଠାରୁ ବିଧିପୂର୍ବକ ବେଦାଧ୍ୟୟନଦ୍ୱାରା ପ୍ରାପ୍ତ ସିଦ୍ଧି (ହି. ଶବ୍ଦସାଗର)—15. (Saṁkhya philosophy) Success acheived by a disciple on being initiated to the scriptures by the preceptor.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୃଷ ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

୧୬ । ସଙ୍ଗୀତର ଉଚ୍ଚସ୍ୱରଯୁକ୍ତ ସପ୍ତକବିଶେଷ; ଟେଁ ଟେଁଆ ସ୍ୱର—16. High or shrill octave in music.

[ଦ୍ର—ଏଥିର ସ୍ୱର କଣ୍ଠରୁ ଉଠି କପାଳର ଅଭ୍ୟନ୍ତର ସ୍ଥାନ ପର୍ଯ୍ୟନ୍ତ ଯାଏ—ହି. ଶବ୍ଦସାଗର ।]

୧୭ । ଶିବ (ହି. ଶବ୍ଦସାଗର)—17. God Śiba.

୧୮ । ବିଷ୍ଣୁ (ହି. ଶବ୍ଦସାଗର)—18. Bishṇu.

୧୯ । ଅଠର ଅକ୍ଷରବିଶିଷ୍ଟ ଏକ ବର୍ଣ୍ଣବୃତ୍ତ (ହି. ଶବ୍ଦସାଗର)—19. A Sanskrit metre of 18 syllables.

୨୦ । ଆସ୍ୱାଦ (ଯୋଗେଶଚନ୍ଦ୍ର)—20. Savour; taste; relish.

୨୧ । କାର୍ତ୍ତିକେୟଙ୍କଦ୍ୱାରା ନିହତ ତାରକାସୁରପିତା (ଶିବପୁରାଣ) 20. Name of the father of the Demon Tāraka.

୨୨ । ଅଖଣ୍ଡ କ୍ରମ (ହି. ଶବ୍ଦସାଗର)—22. Regular seeqence.

୨୩ । ଜ୍ୟୋତିଷୋକ୍ତ ଯୋଗବିଶେଷ; ତାରକ ୨ (ଦେଖ) 23. Tāraka 2 (See)

ତାର
ଟାର ଦେ. ବି.—୧ । ବଣାଇ ରାଜ୍ୟରେ କଥିତ ସାନ୍ତାଳି ଭାଷା—1. A name for the Sāntāḻi language used in the Bonāi state of Orissa.

୨ । ଚିନି ଆଦିର ସିରାର ପାକ ବା ଅବସ୍ଥା—2. A certain syrupy condition of boiled sugar.

(ଯଥା— ଦୋତାର, ତିନିତାର ଚିନିପାକ ।)

[ଦ୍ର—ଚିନି, ଗୁଡ଼ ବା କନ୍ଦକୁ ପାଣି ଦେଇ ନିଆଁ ଉପରେ ପାକ କଲେ ତାହା 'ସିରା' ବା 'ରସ'ରେ ପରିଣତ ହୁଏ । ଏହି ସିରାରେ ରସଗୋଲା, ଜିଲିବି, ଛେନାପୁଡ଼ିଆ, ଗୋଲାପଜାମୁ ଆଦି ପକାଇ ଦେଲେ ଉକ୍ତ ପଦାର୍ଥମାନଙ୍କ ଭିତରେ ସିରା ପଶିଯାଏ । ଚିନି ଆଦିକୁ ପାକ କରି ଅର୍ଥାତ୍ ସିରାରେ ପରିଣତ କରି ତାହା ଗରମ ଥାଉଁ ଥାଉଁ ସେଥିରେ ଲିଆ ପକାଇ ଘାଣ୍ଟିଲେ ତାହା ଉଖୁଡ଼ା ହୁଏ । ଭିନ୍ନ ଭିନ୍ନ ମିଷ୍ଟାନ୍ନ ପାଇଁ ସିରା ପତଳା ବା ଘନ ହେବା ଦରକାର । ସିରା ଚୁଲି ଉପରେ ବସିଥିବାବେଳେ ତହିଁରେ ଚାମୁଚ ପକାଇ ଚାମୁଚକୁ ଟେକିଲେ ଚାମୁଚର ଅଗରୁ ସିରାର ଧାର ବୋହି ପଡ଼େ । ସିରା ପତଳା ଥିଲେ ଏହି ଧାର ତିନି ବା ଦୁଇଟି ଦେଖାଯାଏ ଓ ଘନ ହେଲେ ଗୋଟିଏ ମାତ୍ର ଧାର ଚାମୁଚ ଅଗରୁ ଖସେ । ଏହି ଧାରକୁ ତାର ବୋଲି ଯାଏ । ଚାମୁଚ ଅଗରୁ ସିରାର ଯେତେଟି ଧାର ଖସିବାର ଦେଖାଯାଏ ସେ ସିରାକୁ ସେତେ ତାର ବା ସେତେ ତାରବନ୍ଦ ସିରା ବୋଲାଯାଏ । ସିରା ପତଳା ହୋଇଥିଲେ ତାକୁ ଅଧିକ କିଛିକ୍ଷଣ ନିଆଁ ଉପରେ ବସାଇ ଦେଲେ ସେଥିରୁ ପାଣି ମରିଯାଇ ତାହା ଘନ ହୋଇ ଯାଏ ।]

୪ । ବିଦ୍ୟୁତ୍ ପ୍ରବାହ ବହନକାରୀ ତାର—4. Telegraphic or electric wire.

[ଦ୍ର—ଧାତୁର ତାର ତଡ଼ିତ୍ ବା ବିଦ୍ୟୁତ୍ ପ୍ରବାହର ପରିଚାଳକ ଥିବାରୁ ବିଦ୍ୟୁତ୍‌ଶକ୍ତିକୁ ଏକସ୍ଥାନରୁ ଅନ୍ୟ ସ୍ଥାନକୁ ନେବାକୁ ହେଲେ ଧାତୁର ତାରଦ୍ୱାରା ଉକ୍ତ ଶକ୍ତିକୁ ପ୍ରବାହିତ କରାଯାଏ । ସବୁ ଧାତୁ ମଧ୍ୟରେ ତମ୍ବାର ତାର ବେଶି ତଡ଼ିତ୍ ପ୍ରବାହକ ଥିବାରୁ ତମ୍ବା ତାର ବ୍ୟବହୃତ ହୁଏ । ଏକ ସ୍ଥାନରେ ଯନ୍ତ୍ରଦ୍ୱାରା ତଡ଼ିତ୍ ଉତ୍ପାଦନ କରି ସେହି ସ୍ଥାନରୁ ଯେତେଦୂର ତମ୍ବାତାର ଲଗାଯାଏ ତଡ଼ିତ୍ ପ୍ରବାହ ସେତେଦୂର ପର୍ଯ୍ୟନ୍ତ ଯାଏ । ଏହି ପ୍ରଣାଳୀଦ୍ୱାରା ବିଜୁଳିବତି, ବିଜୁଳିପଙ୍ଖା, ବିଜୁଳିଦ୍ୱାରା ପରିଚାଳିତ କଳମାନ ଚଳାଯାଏ ।]

୫ । ଟେଲିଗ୍ରାମ୍; ତାଡ଼ିତ୍ ବାର୍ତ୍ତା; ତାର ଖବର—5. Telegram; telegraphic message.

[ଦ୍ର—ଦୂରଦେଶକୁ ସମ୍ବାଦ ତଡ଼ିତ୍ ସାହାଯ୍ୟରେ ପ୍ରେରଣ କରିବାପାଇଁ ତଡ଼ିତ୍‌ଶକ୍ତି ଓ ଚୁମ୍ବକ ଶକ୍ତିକୁ କାମରେ ଲଗାଯାଏ । ପ୍ରଥମେ ବୈଜ୍ଞାନିକ ପ୍ରକ୍ରିୟା ଦ୍ୱାରା ଗୋଟିଏ ସ୍ଥାନରେ ତଡ଼ିତ୍‌ଶକ୍ତି ଉତ୍ପାଦନ କରି ସେହି ସ୍ଥାନରୁ ଦୂରବର୍ତ୍ତୀ ସ୍ଥାନ ପର୍ଯ୍ୟନ୍ତ ଗୋଟିଏ ବିଦ୍ୟୁତ୍‌ପ୍ରବାହ ଯୋଡ଼ି ରଖିବାକୁ ହୁଏ । ବିଦ୍ୟୁତ୍‌ପ୍ରବାହର ଦୁଇଟି ମୁଣ୍ଡ ଅଛି । ସେ ଦୁଇ ମୁଣ୍ଡରେ ଲାଗିଥିବା ତାର ମଧ୍ୟରୁ ଗୋଟିଏ ତାରକୁ ପୃଥିବୀର ଗର୍ଭରେ ପୋତି ଦିଆଯାଏ ଓ ଅନ୍ୟ ମୁଣ୍ଡର ତାରକୁ ଦୂରବର୍ତ୍ତୀ ସ୍ଥାନ ସଙ୍ଗେ ଲଗାଇ ଦିଆଯାଏ । ଉକ୍ତ ଦୂରବର୍ତ୍ତୀ ସ୍ଥାନରେ ସେ ତାର ଲାଗିଲେ ସେଠାରେ ସେ ତାରର ଅନ୍ୟ ମୁଣ୍ଡକୁ ନେଇ ଭୂଗର୍ଭରେ ପୋତି ଦିଆଯାଏ । ଭୂଗର୍ଭର ତଡ଼ିତ୍‌ପ୍ରବାହକ ଗୁଣ ଥିବାରୁ ଏହି ପ୍ରକ୍ରିୟାଦ୍ୱାରା ଉକ୍ତ ଦୁଇ ସ୍ଥାନ ମଧ୍ୟରେ ବିଦ୍ୟୁତ୍ ପ୍ରବାହର ଧାରା ଅଖଣ୍ଡିତ ରହେ । ଅତଏବ ଦୁଇସ୍ଥାନ ମଧ୍ୟରେ ଉପରେ ଲାଗିଥିବା ତାର ଏବଂ ତଳେ ଭୂଗର୍ଭରେ ଲାଗିଥିବା ତାର ଓ ଭୂଗର୍ଭ ବାଟେ ବିଦ୍ୟୁତ୍ ପ୍ରବାହ ପାଇଁ ଗୋଟିଏ ପୂର୍ଣ୍ଣ ବୃତ୍ତ ବା ଘେର (Circuit) ସୃଷ୍ଟି ହୁଏ ଓ ଏହି ବୃତ୍ତ ବାଟେ ବିଦ୍ୟୁତ୍-ପ୍ରବାହ ଅଖଣ୍ଡିତରୂପେ ବହେ । ଚୁମ୍ବକ (Magnet)ର ଗୋଟିଏ ଗୁଣ ଅଛି ଯେ, ବିଦ୍ୟୁତ୍‌ପ୍ରବାହର ଘେର ମଧ୍ୟରେ ଚୁମ୍ବକକୁ ହଲାଇଲେ ଏହି ପ୍ରବାହରେ ଚାଲୁଥିବା ବିଦ୍ୟୁତ୍ ଶକ୍ତିର ପରିବର୍ତ୍ତନ ଘଟେ ଓ ପ୍ରବାହର ଦିଗ ମଧ୍ୟ ବଦଳେ । ପ୍ରବାହର ଦିଗ ପରିବର୍ତ୍ତନର ସୂଚନା କରିବା ପାଇଁ ଗୋଟିଏ ଲୁହାର କଣ୍ଟା କଳଦ୍ୱାରା ଲଗାଯାଇଥାଏ । ଏହି ଘେର ମଧ୍ୟରେ କୌଣସି ସ୍ଥାନରେ ତାରକୁ କାଟିଦେଲେ ପ୍ରବାହ ବନ୍ଦ ହୋଇଯାଏ । କଟା ହୋଇଥିବା ତାରକୁ ପୁଣି ଯୋଡ଼ିଦେଲେ ପୁଣି ପ୍ରବାହ ଚାଲେ । ଜଣେ ମନୁଷ୍ୟ ଯେବେ କଟା ହୋଇଥିବା ତାରର ଦୁଇ ମୁଣ୍ଡକୁ ଧରି ପରସ୍ପର ସଙ୍ଗେ ଲଗାଇ-ଦିଏ ତେବେ ପ୍ରବାହ ଚାଲେ ଓ ଦୁଇ ମୁଣ୍ଡକୁ ଅଲଗା କରି ଦେଲେ ପ୍ରବାହ ବନ୍ଦ ହୋଇଯାଏ । ପ୍ରବାହ ଚାଲିଲେ ସେହି ଘେର ପାଖେ ଥିବା ଚୁମ୍ବକ ତାର ଅଡ଼କୁ ଆକର୍ଷିତ ହୁଏ । ପ୍ରବାହ ବନ୍ଦ ହୋଇ-

୧	ଇ	ଜ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଂ	ଇଂଅ	ଉ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍	ଇଅ	୬	ନ

ଗଲେ ଚୁମ୍ବକ ତାରକୁ ଛାଡ଼ିଯାଏ । ମନେକର ଏହି ସେଠରେ କଟକଠାରେ ଜଣେ ଲୋକ ତାରକୁ କାଟି ଦେଇ କଟା ହୋଇଥିବା ତାରର ଦୁଇ ମୁଣ୍ଡକୁ ପରସ୍ପର ସଙ୍ଗେ ଲଗାଇ ଦେଲା; ତାହାହେଲେ କଲିକତା ପର୍ଯ୍ୟନ୍ତ ତାରଦ୍ୱାରା ସଂଯୁକ୍ତ ସେଉ ପାଖରେ ରଖାଯାଇ ଥିବା ଚୁମ୍ବକ ଖଣ୍ଡି ସେ ସେଉ ଆଡ଼କୁ ଆକର୍ଷିତ ହେଲା; କଟକରେ ଦୁଇ ମୁଣ୍ଡର ତାରକୁ ପରସ୍ପରଠାରୁ ଅଲଗା କରି ଦେଲେ କଲିକତାରେ ସେଉ ପାଖେ ରଖାଯାଇ ଥିବା ଚୁମ୍ବକ ଖଣ୍ଡି ସେଉରୁ ଅଲଗା ହୋଇଯିବ । କଟକବାଲା ଯେତେ ଥର ଏ ଦୁଇ ତାରର ମୁଣ୍ଡକୁ ଲଗାଉଥିବ ଓ ଛଡ଼ାଉଥିବ, କଲିକତାବାଲା ଦେଖୁଥିବ ଯେ ଚୁମ୍ବକ ଏ ସେଉକୁ ସେତେଥର ଛୁଇଁ ଦଉଥିବ ଓ ଛାଡ଼ିଯାଉ ଥିବ । ଚୁମ୍ବକ ସେଉକୁ ଛୁଇଁଲାବେଳେ ଯେଉଁ ଠକ ଠକ ଶବ୍ଦ ହୁଏ ସେହି ଶବ୍ଦକୁ ବାର ତାରଖବର କଥା ଜଣା କରାଯାଏ । ପ୍ରବାହର ଦିଗ ପରିବର୍ତ୍ତନ ବେଳେ ମଧ୍ୟ ଏକପ୍ରକାର ଶବ୍ଦ ହୁଏ । ଏହି ସବୁ ଆବାଜକୁ ଲକ୍ଷ କରି ଓ ପ୍ରବାହର ଦିଗ ପରିବର୍ତ୍ତନର ସୂଚନାକାରୀ ଛୁଞ୍ଚକୁ ଲକ୍ଷ କରି କଟକବାଲା ତାରର ଦୁଇମୁଣ୍ଡକୁ କେତେଥର ଲଗାଇଲା ଓ ଛଡ଼ାଇଲା ତାହା କଲିକତାବାଲା ସେହିଠାରେ ବସି ଠଉରେଇ ନିଏ । ଛୁଞ୍ଚି ଡାହାଣ ଆଡ଼କୁ ବୁଲିଲେ ତାକୁ ବିନ୍ଦୁ (Dot) ଓ ବାଆଁ ଆଡ଼କୁ ବୁଲିଲେ ତାକୁ ରେଖା (Dash) କହନ୍ତି । ତାରଖବର ଦେବାବାଲାଙ୍କ ମଧ୍ୟରେ ପୂର୍ବରୁ ସଙ୍କେତ ନିର୍ଦ୍ଦିଷ୍ଟ ହୋଇଥାଏ ଯେ ଛୁଞ୍ଚି ଗୋଟିଏ ବିନ୍ଦୁ ଉତ୍ପାଦନ କଲେ ଜାଣିବ 'ଏ' ଇଂରାଜି ଅକ୍ଷର, ଗୋଟିଏ ରେଖା ଉତ୍ପାଦନ କଲେ ଜାଣିବ ଇଂରାଜି 'ବି' ଅକ୍ଷର ଏକସଙ୍ଗେ ଦୁଇଟି ବିନ୍ଦୁ ଉତ୍ପାଦନ କଲେ ଜାଣିବ 'ସି' ଅକ୍ଷର ଦଉଟି ରେଖା ଉତ୍ପାଦନ କଲେ ଜାଣିବ (ଡି) ଅକ୍ଷର ଇତ୍ୟାଦି । କଟକବାଲା ଉପରୋକ୍ତ ସଙ୍କେତ ଅନୁସାରେ ଯେଉଁ ଅକ୍ଷର ପାଇଁ କଟକରେ ତାରର ଦୁଇମୁଣ୍ଡକୁ ଯୋଡ଼ିବ ବା ଅଲଗା କରିବ, କଲିକତାବାଲା ସେହି ଅକ୍ଷରର ସଙ୍କେତ ସେଠାରେ ଦେଖି ପାରିବ । ଏହିପରି କଟକବାଲା ଉପରୋକ୍ତ ସଙ୍କେତଦ୍ୱାରା ଯେତୋଟି ଅକ୍ଷର କଟକରେ ଟିପି ଦେବ, କଲିକତାବାଲା ସେତୋଟି ଅକ୍ଷରର ସଙ୍କେତ ସେ ଛୁଞ୍ଚିର ଗତିରୁ ବାରି ନେଇ ସେ ଅକ୍ଷରତକ ଜୋଡ଼ି ବାକ୍ୟମାନ କରି ଉକ୍ତ ବାକ୍ୟରୁ ପ୍ରେରିତ ବାର୍ତ୍ତାର ଭାବ ବୁଝି ପାରେ ଏହି ଭାବରେ ଟେଲିଗ୍ରାଫ୍‌ଦ୍ୱାରା ଦୂରଦେଶକୁ ସମ୍ବାଦ ଯାଏ ।]

୬ । ଟେଲିଗ୍ରାଫ୍‌ଦ୍ୱାରା ସମ୍ବାଦ ପ୍ରେରଣ ରୀତି; ତାରଡାକ— 6. Telegraph; the system of sending message by wire.

୭ । ଟେଲିଫୋନ୍— 7. Telephone.

ପ୍ରାଦେ. (ସମ୍ବଲପୁର) ବି.—ତାରୁ (ଦେଖ)—Tār (See)

ସଂ. ବିଣ.—୧ । ଉତ୍ତମ—1. Good.

୨ । ଚକ୍ ଚକ୍ କରୁଥିବା; ଉଜ୍ଜ୍ୱଳ; ଭାସ୍ୱର; ଦୀପ୍ତିଶାଳୀ— 2. Bright; sparkling.

ମୋର ହୃଦୟତାର ହାର ହୁଅ ଅରେ ସ୍ୱର୍ଣ୍ଣବର୍ଣ୍ଣା । ବିଦଗ୍ଧ ସଙ୍ଗୀତ ।

୩ । ଉଚ୍ଚ (ସ୍ୱର)—3. High (tone)

୪ । ନିର୍ମଳ; ସ୍ୱଚ୍ଛ; ପରିଷ୍କୃତ—4. Clear.

୫ । ସ୍ଥୂଳ—5. Thick.

୬ । କେଁ କେଁଆ (ସ୍ୱର)— 6. Sharp and shrill (tone).

୭ । ବିସ୍ତୃତ—7. Extended; spreading.

ଦେ. ବିଣ. (ସଂ. ତାର ସ୍ୱର=ଉଚ୍ଚସ୍ୱର; କ୍ରୁଦ୍ଧ ବ୍ୟକ୍ତିର ଉଚ୍ଚସ୍ୱରର ଲକ୍ଷଣାରୁ) କ୍ରୋଧାନ୍ୱିତ—3. Angry; wrathful.

ଦେ. ସର୍ବନାମ. (ତଦ୍ ଶବ୍ଦ ୬ଷ୍ଠୀ ଅନାଦରାର୍ଥ)—ତାହାର— His; her; its.

তার, ওর

उसका

ମୋ ପାଇଁ ଗଲା ଆଉଁ ତାର ଅଧର । ଉପେନ୍ଦ୍ରଭଞ୍ଜ, ପ୍ରେମସୁଧାନିଧି ।

(ତାଙ୍କର, ତାହାଙ୍କର—ଆଦରାର୍ଥକ)

ତାର ଅ(ଆ)ଫିସ —ଦେ. ବି. (ସଂ. ତାର+ଇଂ ଅଫିସ୍)—ଟେଲିଗ୍ରାଫ୍ ଅଫିସ୍; ଯେଉଁ ସରକାରୀ କାର୍ଯ୍ୟାଳୟରେ ତାରଦ୍ୱାରା ଦୂର ଦୂର ସ୍ଥାନ ମଧ୍ୟରେ ସମ୍ବାଦାଦିର ଗ୍ରହଣ ଓ ପ୍ରେରଣ କରାଯାଏ— Telegraph office.

Tāra a(ā)phis

(ତରା ଘର—ଅନ୍ୟରୂପ)

তার আফিস

तारघर

ତାରକ—ସଂ. ବି. ପୁଂ. (ତୃ ଧାତୁ ଣିଚ୍; ତାର ଧାତୁ=ପାର କରିବା +କର୍ତ୍ତୃ. ଅକ)—୧ । କର୍ଣ୍ଣଧାର— 1. A pilot; helmsman.

Tāraka

(ତାରକା—ସ୍ତ୍ରୀ)

୨ । ଜ୍ୟୋତିଷ ଶାସ୍ତ୍ରୋକ୍ତ ଯୋଗବିଶେଷ— 2. A class of the 9 astrological conjunctions.

[ଦ୍ର—ଜ୍ୟୋତିଷୋକ୍ତ ତାରକ ବା ତାର ୯ ଗୋଟି; ଯଥା—ଜନ୍ମ, ସମ୍ପତ୍ ବିପତ୍, କ୍ଷେମ, ପ୍ରତ୍ୟରି, ସାଧକ, ନିଧନ ବା (ବଧ) ମିତ୍ର, ପରମ ମିତ୍ର । ଏହି ୯ ଗୋଟି ଯୋଗ ମଧ୍ୟରୁ ଜନ୍ମ, ବିପତ୍, ପ୍ରତ୍ୟରି ଓ ନିଧନ ବା ବଧ ଏହି ୪ଟି ତାର ଅଶୁଭ । ଏହା ଭିନ୍ନ ଅନ୍ୟ ସମସ୍ତ ଶୁଭ । ଶୁଭ ତାରକରେ ସମସ୍ତ ଶୁଭକାର୍ଯ୍ୟ କରାଯାଏ । ବିବାହ, ଶ୍ରାଦ୍ଧ, ଭୈଷଜ୍ୟ ଯାତ୍ରା ଏବଂ କ୍ଷୌରକର୍ମ ଛଡ଼ା ଜନ୍ମତାରକରେ ସକଳ ଶୁଭ କାର୍ଯ୍ୟ କରାଯାଇ ପାରେ । ଜନ୍ମ ନକ୍ଷତ୍ରଠାରୁ ୫ମ, ୧୪ଶ ଓ ୨୩ଶ ନକ୍ଷତ୍ରକୁ ଯଥାକ୍ରମେ ୧ମ, ୨ୟ ଓ ୩ୟ ପ୍ରତ୍ୟରି ତାରକ କହନ୍ତି । ପ୍ରଥମ ପ୍ରତ୍ୟରିରେ ଯାତ୍ରାଦି ଶୁଭ କାର୍ଯ୍ୟ କଲେ କାର୍ଯ୍ୟ ସିଦ୍ଧ, ଦ୍ୱିତୀୟ ପ୍ରତ୍ୟରିରେ କାର୍ଯ୍ୟ କଲେ ଶୁଭ, ମାତ୍ର ତୃତୀୟ ପ୍ରତ୍ୟରିରେ ବିନାଶ ଓ ଅଶୁଭ ଘଟେ ।]

୩ । ଭେଲା—3. A raft.

୪ । ତାରକା; ନକ୍ଷତ୍ର—4. Star.

୫ । ଚକ୍ଷୁର ତାରା— 5. The pupil of the eye.

୬ । ତାରକାସୁର (ଦେଖ) 6. Tārakāsura (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦନ୍ତ୍ୟ ୧ ଚକ୍ଷ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷ୍ରିର ବଦଳରେ ୨ ବା ୧ ଚକ୍ଷ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ'ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ ଦେଖିବେ

[ଦ୍ର—ଏହି ନାମର ଦୁଇ ଅସୁର ଥିଲେ ।]

୭ । ଛନ୍ଦୋବିଶେଷ—
7. Name of a Sanskrit metre.

[ଦ୍ର—ଏହାର ପ୍ରତ୍ୟେକ ଚରଣରେ ୪ ସଗଣ ଓ ୧ ଗୁରୁ ବର୍ଣ୍ଣ ଥାଏ—ହି. ଶବ୍ଦସାଗର ।]

୮ । ବାନରବିଶେଷ—8. Name of a monkey.

୯ । ମୁକ୍ତା—2. Pearl.

୧୦ । ଆଖି (ହି. ଶବ୍ଦସାଗର)—10. The eye.

[୧୧ । ରାମ ତାରକ ନାମକ ଷଡ଼କ୍ଷର ମନ୍ତ୍ର ରାଂ ରାମାୟ ନମଃ ମତାନ୍ତରରେ ଓଁ ରାମାୟ ନମଃ (ହି. ଶବ୍ଦସାଗର)]—
11. A formula of 6 letters recited by the devotees of Rāmachandra.

କଣ୍ଠଂସି ଦେଲା ଉପୁର ମାତଳ ଅବତ୍ୟ ଗିର
ସ୍ୱନାମ ତାରକ ସାର ଉଚ୍ଚତ କରେ—ଭଞ୍ଜ. ବୈଦେହୀଶବିଳାସ ।

୧୨ । ଭଲ୍ଲାତକ; ଭଲ୍ଲିଅ (ହି. ଶବ୍ଦସାଗର)—
12. The marking nut.

୧୩ । ଯେ ଲୋକଙ୍କୁ ନଦୀ ଆଦି ପାରକରେ (ହି. ଶବ୍ଦସାଗର)—
13. Ferryman.

୧୪ । ଭବ ସାଗରରୁ ଉଦ୍ଧାର କରିବା ବ୍ୟକ୍ତି;ପରିତ୍ରାତାବ୍ୟକ୍ତି—
14. Redeemer; Saviour.

ସଂ. ବିଣ—୧ । ରକ୍ଷାକାରୀ; ରକ୍ଷକ—1. Protecting; saving.

ତାରକ ସେ ମୁହିଁ ସତ୍ୟ ତାର—ଭଞ୍ଜ. ପ୍ରେମସୁଧାନିଧି ।

୨ । ପରିତ୍ରାଣକାରୀ—2. Redeeming.

ତରୁର କର କହୁ ତାରକ ଆନ ନାହିଁ
ତାରକର ବସ୍ତିକ । ଉଦେନ୍ତ ଭଞ୍ଜ. ବୈଦେହୀଶବିଳାସ ।

୩ । ଯେ ପାରି କରାଏ—3. One who carries or ferries across.

ତାରକଜିତ୍—ସଂ. ବି (ତାରକ+ଜି ଧାତୁ+କ୍ୱିପ୍)—କାର୍ତ୍ତିକେୟ—
Tārakajit Kārttikeya.

ତାରକ ତୀର୍ଥ—ସଂ. ବି—(କର୍ମଧା; ଯେଉଁଠାରେ ପିଣ୍ଡଦାନ କଲେ ପିତୃଲୋକେ ତ୍ରାଣ ପାଆନ୍ତି) ଗୟାତୀର୍ଥ—The sacred place of the Hindus Gya.
Tāraka tirtha

ତାରକ ବ୍ରହ୍ମ—ସଂ. ବି. କ୍ଲୀ (ତାରକ+ବ୍ରହ୍ମନ୍, କର୍ମଧା)—
Tāraka brahma

୧ । ରାମତାରକ ମନ୍ତ୍ର (ଓଁ ରାମାୟ ନମଃ)—
1. The mystic formula for worshipping Rāma.

୨ । ଶିବତାରକ ମନ୍ତ୍ର (ଓଁ ନମଃ ଶିବାୟ)—2. The mystic incantation for worshipping Siba.

ତାର କରିବା—ଦେ. କ୍ରି—୧ । ଟେଲିଗ୍ରାଫ୍ ଦ୍ୱାରା ସମ୍ବାଦ ପ୍ରେରଣ କରିବା—1. To wire; to send a telegraphic message.
Tāra kariba
তার করা
तारकरना

୨ । ଜନ୍ତ୍ରାଦ୍ୱାରା ଧାତୁର କାଢ଼ିକୁ ତାର ଓଟାରିବା—
2 To draw out wires from a metal rod.
তার টানা
तारखींचना

ତାରକଶ୍—ଦେ. ବି (ସଂ. ତାର+ପା. କଶ୍=ଓଟାରିବା ବ୍ୟକ୍ତି)—
Tārakas
তারকষ
तारकश

୧ । ଯେଉଁ ବ୍ୟକ୍ତି ଜନ୍ତ୍ରା ସାହାଯ୍ୟରେ ଧାତୁର କାଢ଼ିରୁ ତାର ତିଆରି କରେ—1. One who manufactures wire from metal rods.

୨ । ଯେଉଁ କାରିଗର ତାରକସି କାମରେ ଅଳଙ୍କାର ଆଦି କରେ—2. A person who manufactures wire-work; a wire-worker.

ତାରକସି—ଦେ. ବି—୧ । ଯେଉଁ କାରିଗର ଧାତୁରୁ ତାର ତିଆରି କରେ—1. A wire-drawyer.
Tārakasi
তারকষি
तारकशी

୨ । ତାରକସିକାମ କରିବା କାରିଗର—
2. A worker in filigree.

୩ । ତାରକସି କାମ (ଦେଖ)—
3. Tārakasi kāma (See)

ତାରକସି କାମ—ଦେ. ବି—(ସଂ. ତାର+ପା. କଶ୍=ଟାଣିବା +ସଂ. କର୍ମ)—ସୁନାରୁପାର ଅତି ସୂକ୍ଷ୍ମ ତାର ଦ୍ୱାରା କରାଯିବା କାରିଗରୀ— Filigree work.
Tārakasi kāma
তারকষি কাজ
तारकशी

ତାରକହା—ସଂ. ବି (ତାରକ+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Tārakahā କାର୍ତ୍ତିକେୟ—Kārttikeya.
(ତାରକାରି—ଅନ୍ୟରୂପ)

ତାରକା—ସଂ. ବି. ସ୍ତ୍ରୀ (ତାରକ+ସ୍ତ୍ରୀ. ଆ)—୧ । ନକ୍ଷତ୍ର—
Tārakā 1. Star.

୨ । ଲଞ୍ଜା ତାରା—2. Comet.

୩ । ଚକ୍ଷୁର ତାରା; କନୀନିକା—
3. The pupil of the eye.

୪ । ତାଡ଼କାନାମ୍ନୀ ରାକ୍ଷସୀ—
4. The demoness Tārḍakā

୫ । ମୁକ୍ତା—5. Pearl.

ତରଳ ତାରକା ହାରମଯ୍ୟୀ ନାକ ନାଗର ଥିବା,
ସମକକ୍ଷ ତାର ହେଲେ ହେବେ ଶଚୀ ସ୍ୱର୍ଗ ଚନ୍ଦ୍ରିକା । ରାଧାନାଥ. ଉଷା ।

୬ । ଇନ୍ଦ୍ରବାରୁଣୀ (ଦେଖ) (ହି. ଶବ୍ଦସାଗର)—
6. Indrabāruṇi (See)

୭ । ବାନରରାଜ ବାଳିର ସ୍ତ୍ରୀ; ତାରା (ହି. ଶବ୍ଦସାଗର)—
7. Wife of the monkey-king Bāḷi.

୮ । ନାରାଚ ନାମକ ଛନ୍ଦ (ହି. ଶବ୍ଦସାଗର)—
8. Name of a vedic metre.

ଦେ. ବି. ସ୍ତ୍ରୀ—(ଆଧୁନିକ ବ୍ୟବହାର) ପୁସ୍ତକର ଅଂଶ ବିଶେଷ ପ୍ରତି ଦୃଷ୍ଟି ଆକର୍ଷିତ ହେବା ଉଦ୍ଦେଶ୍ୟରେ ଚିହ୍ନରେ ଦିଆ ଯାଉଥିବା ନକ୍ଷତ୍ର ଚିହ୍ନ—An asterisk.

୧	ଇ	ଊ	ର୍,ର୍ଯ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଂ୍ୟ	ଊ୍ଅ	ଞ
୨	ଈ	ଉ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ୱ	ନ୍ମ

[ଦ୍ର—ସେ ଚନ୍ଦ୍ରଷ୍ଟ * ଏହୁପର ।]

ତାରକା ପତି—ସଂ. ବି (ତାରକା+ପତି; ୬ଷ୍ଠୀ ତତ୍)—ଚନ୍ଦ୍ର—
Tārakā pati The moon.

ତାରକାମୟ—ସଂ. ବିଣ (ତାରକା+ବହୁଳାର୍ଥେ ମୟ)—ତାରକାରେ ପୂର୍ଣ୍ଣ—Full of stars;starry.
Tārakāmaya
(ତାରକାମୟୀ—ସ୍ତ୍ରୀ) ସଂ. ବି (୬ଷ୍ଠୀ ତତ୍ ବା ରୂପକ; ତାରକା+ଅମୟ; ତାରକାସୁରର ବ୍ୟାଧିସ୍ୱରୂପ; ଏହାଙ୍କ ଶାର୍ଯ୍ୟରୁ ଉତ୍ପନ୍ନ କାର୍ତ୍ତିକେୟ ତାରକାସୁରକୁ ବଧ କରିଥିବାରୁ)—ଶିବ; ମହାଦେବ (ହି. ଶବ୍ଦସାଗର)—Śiba.

ତାରକାରି—ସଂ ବି (ତାରକ+ଅରି; ୬ଷ୍ଠୀ ତତ୍)—କାର୍ତ୍ତିକେୟ—
Tārakāri Kārttikeya.

ତାରକାଶୋଭୀ—ଦେ° ବିଣ ସ୍ତ୍ରୀ (ସଂ. ତାରକାଶୋଭନ୍ ଶବ୍ଦର ସ୍ତ୍ରୀଲିଙ୍ଗ ତାରକାଶୋଭନା)—ସୁନ୍ଦର ନୟନବିଶିଷ୍ଟା—(a woman) Having charming eyes.
Tārakāśobhī
ତାରକାଶୋଭୀଠାରୁ ହୋଇ ମେଲାଣି ଗଲେ ମାଳବ ଦେଶରେ ।
ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।

ତାରକାସୁର—ସଂ. ବି (ନାମ)—୧ । କାର୍ତ୍ତିକେୟ ଦ୍ୱାରା ନିହତ ଅସୁର-ବିଶେଷ—1. Name of a demon killed by Kārttikeya.
Tārakāsura
୨ । ବିଷ୍ଣୁଙ୍କ ଦ୍ୱାରା ନିହତ ଅସୁରବିଶେଷ—
2. Name of demon killed by Bishṇu.
[ଦ୍ର—୧ । ଶିବପୁରାଣ ମତରେ ତାରକାସୁର ତାର ନାମକ ଅସୁରର ପୁତ୍ର ଥିଲା । ସେ ଏକ ହଜାର ବର୍ଷ ତପସ୍ୟା କରି ବ୍ରହ୍ମାଙ୍କ ଠାରୁ ବର ପାଇଥିଲା ଯେ ତାଠାରୁ ସଂସାରରେ ଆଉ କେହି ବେଶୀ ବଳୁଆ ହେବେ ନାହିଁ ଓ ଶିବଙ୍କଠାରୁ ଜାତ ବ୍ୟକ୍ତି ଛଡ଼ା ତାହାକୁ ଆଉ କେହି ବଧ କରି ପାରିବେ ନାହିଁ । ସେ ଅତି ଉପଦ୍ରବ କରିବାରୁ ଦେବତାମାନେ ପରାମର୍ଶ କରି କାମଦେବଙ୍କୁ ପଠାଇ ହିମାଳୟରେ ତପସ୍ୟାରତ ମହାଦେବଙ୍କୁ ପାର୍ବତୀଙ୍କଠାରେ ଆସକ୍ତ କରାଇଲେ । ପାର୍ବତୀଙ୍କୁ ମହାଦେବ ବିବାହ କଲେ । କିନ୍ତୁ ପାର୍ବତୀ ମହାଦେବଙ୍କ ତେଜଃ ଧାରଣ କରିବାକୁ ଅସମର୍ଥା ହେବାରୁ ଦେବତାମାନେ ବିଚାର କରି କପୋତବେଶଧାରୀ ଅଗ୍ନିଙ୍କୁ ପଠାଇଲେ ଓ ଅଗ୍ନି ମହାଦେବଙ୍କ ଶାର୍ଯ୍ୟ ଧାରଣ କଲେ; ସେହି ଶାର୍ଯ୍ୟରୁ କାର୍ତ୍ତିକେୟ ଉତ୍ପନ୍ନ ହେଲେ । ଦେବତାମାନେ ତାଙ୍କୁ ଦେବସୈନ୍ୟର ସେନାପତି କଲେ । ଘୋର ଯୁଦ୍ଧ ପରେ କାର୍ତ୍ତିକେୟଙ୍କ ଶରରେ ତାରକାସୁର ନିହତ ହେଲା—(ହି. ଶବ୍ଦ-ସାଗର) । ମତାନ୍ତରରେ ସେ ବଜ୍ରାଙ୍ଗ ଅସୁର ଓ ବୀରାଙ୍ଗୀ ଅସୁରୀର ପୁତ୍ର ଥିଲା ଏବଂ କାର୍ତ୍ତିକେୟ ଜନ୍ମ ହେବାର ସପ୍ତମଦିନ ତାକୁ ବଧ କଲେ—(ଅପ୍ରେ) । ୨ । ଗରୁଡ଼ପୁରାଣ ମତରେ ତାରକାସୁର ନାମରେ ଆଉ ଗୋଟିଏ ଦୁର୍ଦ୍ଦାନ୍ତ ଅସୁର ଥିଲା । ସେ ଇନ୍ଦ୍ରଙ୍କୁ ବହୁତ ଉପଦ୍ରବ କରିବାରୁ ବିଷ୍ଣୁ ନପୁଂସକ ରୂପ ଧାରଣକରି ଏହାକୁ ବଧ କଲେ । (ହି. ଶବ୍ଦସାଗର ।)

ତାରକିତ—ସଂ. ବିଣ (ତାରକା+ସଞ୍ଜାତ ଅର୍ଥରେ, ଇତ)—ନକ୍ଷତ୍ରରଞ୍ଜିତ.
Tārakita Starry; beptangled or adorned with stars.

ତାରକିଣୀ—ସଂ. ବି. ସ୍ତ୍ରୀ (ତାରକ+ଇନ୍+ସ୍ତ୍ରୀ. ଈ)—ରାତ୍ରି—
Tārakiṇī Night.
(ତାରକଣୀ—ଅନ୍ୟରୂପ) ବିଣ. ସ୍ତ୍ରୀ—ତାରକୀର ସ୍ତ୍ରୀଲିଙ୍ଗରୂପ—
Feminine form of Tārakī

ତାରକୀ—ସଂ. ବିଣ. ପୁଂ (ତାରକା+ଇନ୍ ୧ମ. ୧ବ.)—ତାରକାଯୁକ୍ତ—
Tārakī Starry.
(ତାରକିଣୀ—ସ୍ତ୍ରୀଲିଙ୍ଗ)

ତାରକେଶ୍ୱର—୧ ସଂ, ବି—ଶିବ; ମହାଦେବ (ହି. ଶବ୍ଦସାଗର)—
Tārakeśwara Śiba.
୨ । କଲିକତାର ୩୨ ମାଇଲ ଉତ୍ତରରେ ଥିବା ବଙ୍ଗଦେଶର ପ୍ରସିଦ୍ଧ ଶିବତୀର୍ଥ ଓ ତାଙ୍କ ନାମାନୁସାରେ ଏକ ଗ୍ରାମର ନାମ—2. Name of a famous shrine of Śiba and a village named after Him.
[ଦ୍ର—ଏ ଶିବ ମନ୍ଦିର ଜଣେ ମହନ୍ତଙ୍କ ମାରଫତ୍‌ଦ୍ୱାରାରେ ପରିଚାଳିତ । ଏଠାକୁ ଅନେକ ସହସ୍ର ଯାତ୍ରୀ ଆସନ୍ତି ଓ ଏ ଦେବ ପୂଜା ପାଇଁ ଅନେକ ସମ୍ପତ୍ତି ଖଞ୍ଜା ଅଛି । ହାବଡ଼ା ଠାରୁ ଇଷ୍ଟଇଣ୍ଡିଅନ୍ ରେଲର ଗୋଟିଏ ବ୍ରାଞ୍ଚ୍ ଲାଇନ୍ ଏଠାକୁ ଯାଇଛି ଓ ପ୍ରତିଦିନ ହାବଡ଼ାଠାରୁ ଏଠାକୁ ଓ ଏଠାରୁ ହାବଡ଼ାକୁ ୬।୭ ଥର ଗାଡ଼ି ଯିବା ଆସିବା କରେ ।]
୩ । ଆୟୁର୍ବେଦୋକ୍ତ ବହୁମୂତ୍ର ରୋଗନାଶକ ବଟିକାବିଶେଷ—
3. A kind of pill prepared as an antidote against diabetes.
[ଦ୍ର—ପାରା, ଗନ୍ଧକ, ଲୁହା, ବଙ୍ଗ, ଅଭ୍ର, ମୁଷଲୀ, ଜବକ୍ଷାର ଗୋଖରୁବୀଜ, ହରିଡ଼ା ସମାନ ଭାଗରେ ନେଇ ଏମାନ ଘଷି ପାଣି କଖାରୁକୁ କୋରି ତହିଁର ରସ, ପଞ୍ଚମୂଳ ସିଝା ପାଣି ଓ ଗୋଖରୁ ରସରେ ଏହାକୁ ଭାବନା ଦେଇ ଦୁଇ ରତି ଲେଖାଏଁ ଓଜନରେ ବଟିକା କରାଯାଏ, ଏହାକୁ ମହୁ ସଙ୍ଗେ ସେବନ କରାଯାଏ—ହି. ଶବ୍ଦସାଗର ।]

ତାରକ୍ଷ—ଗ୍ରା. (ପଦ୍ୟ) ବି. (ସଂ. ତାର୍କ୍ଷ୍ୟ)—ଗରୁଡ଼—
Tāraksha Garurḍa (the king of birds).
তাৰ্ক্ষ ବିଗ୍ରହ ବର ବହୁ ତାରକ ଆନ ନାହିଁ ତାରକ୍ଷର ବିସ୍ମୟ ସେ ।
ତାର୍କ୍ଷ ଉପେନ୍ଦ୍ର ଭଞ୍ଜ. ବୈଦେହୀଶ ବିଳାସ ।

ତାର ଖବର—ଦେ. ବି—ବିଦ୍ୟୁତ୍ ସାହାଯ୍ୟରେ ତାରଦ୍ୱାରା ସ୍ଥାନାନ୍ତରକୁ ପ୍ରେରିତ ବାର୍ତ୍ତା ବା ସମ୍ବାଦ—
Tāra khabara Telegraphic message.
তাৰখবৰ
तारखबर

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' କୁ ନ ମିଳିଲେ 'ଗାଉ' ଖୋଜିବେ; 'କୃଅ' କୁ ନ ମିଳିଲେ 'କଅ' ଦେଖିବେ; 'ବଧୂ' କୁ ନ ପାଇଲେ 'ବଧୁ' ଦେଖିବେ; 'ଅର୍କ୍ୟ' କୁ ନ ପାଇଲେ 'ଅର୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତାରଖୁଣ୍ଟ(ଣ୍ଟି)—ଦେ. ବି—ବୈଦ୍ୟୁତିକ ସମ୍ବାଦ ବାହକ ତାର ଯେଉଁ ଖୁଣ୍ଟ ଉପରେ ଟଙ୍ଗା ଯାଇଥାଏ—
Tārakhunṭa(ṇṭi) Telegraph-post.
তারখুঁটি
तारखूँटी
(ତାରଖୁମ୍ବ—ଅନ୍ୟରୂପ)

ତାର ଗ୍ରାମ—ସଂ. ବି. (ସଙ୍ଗୀତ)—୧ । ଖାଲ୍ ସ୍ୱର; ଖୁବ୍ ତୀକ୍ଷ୍ଣ, ତୀବ୍ର କେଁ କେଁ ସ୍ୱର—1. Sharp or shrill note.
Tāra grāma

କଣ୍ଠରୁ ତାର ଗ୍ରାମରେ ସନ୍ଧି
ଯାଉଁ ଗଗନେ ଗମନ କରନ୍ତି । ରାଜକୃଷ୍ଣ. ରସକଲ୍ଲୋଳ ।

୨ । ବେହେଲା, ହାର୍‌ମୋନିଅମ୍ ଆଦିର ଉଚ୍ଚ ସପ୍ତକ—
2. The shrill octave in music.

ତାର ଚନ୍ଦ୍ର ଶୁଦ୍ଧି—ସଂ. ବି. (ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ୍; ତାର + ଚନ୍ଦ୍ର + ଶୁଦ୍ଧି)
Tāra chandra śuddhi ଜ୍ୟୋତିଷଶାସ୍ତ୍ରର ଗଣନାମତେ ମନୁଷ୍ୟ ପକ୍ଷରେ ଶୁଭ ଚନ୍ଦ୍ର ଓ ତାରକ ଘଟିବା ଅବସ୍ଥା—
Auspicious astrological combination of stars and the moon on any fixed day.

ତାର ଛିଣ୍ଡିବା—ଦେ. କ୍ରି—ଧାରାବାହିକଭାବରେ ବିଘ୍ନ ଘଟିବା; କ୍ରମଭଙ୍ଗ ହେବା—Interruption in the continuity of a series.
Tāra chhirḍibā
ধারা তুটে যাওআ
तार टूटना

ତାର ଡାକ--ଦେ. ବି—ଟେଲିଗ୍ରାଫ୍ ଦ୍ୱାରା ସମ୍ବାଦ ପ୍ରେରଣ—
Tāra ḍāka Sending message by telegraph.
তার ডাক **तार डाक**

ତାରଣ—ସଂ. ବିଣ. ପୁଂ (ତୃ ଧାତୁ ଣିଚ୍; ତାରି ଧାତୁ + କର୍ତ୍ତୃ. ଅନ)—
Tāraṇa ୧ । ତ୍ରାଣକାରୀ; ଉଦ୍ଧାରକାରୀ—
(ତାରିଣୀ—ସ୍ତ୍ରୀ) 1. Delivering; redeeming.
୨ । ରକ୍ଷାକାରୀ—2. Saving.
ବି. (+ ଭାବ ଅନ)—୧ । ବିପଦାଦିରୁ ଉଦ୍ଧାର କରିବା —
1. Deliverance; saving a person.
୨ । ଅନ୍ୟକୁ ପାରି କରିବା—
2. Taking across; ferrying across.
୩ । ମୁକ୍ତି—3. Salvation.
୪ । (+କର୍ତ୍ତୃ. ଅନ)—ଉଦ୍ଧାରକ ବ୍ୟକ୍ତି; ତ୍ରାଣକର୍ତ୍ତା ବ୍ୟକ୍ତି--
4. Deliverer; redeemer.
୫ । ରକ୍ଷାକର୍ତ୍ତା—5. Saviour.
୬ । ବିଷ୍ଣୁ—6. Bishṇu.
୭ । (+କରଣ ଅନ) ଭେଳା—7. Raft.

ତାରଣ ମାରଣ—ସଂ. ବି. (ଉପସର୍ଗାର୍ଥ ଶବ୍ଦ) (ଦ୍ୱନ୍ଦ୍ୱ)—
Tāraṇa māraṇa ଉଦ୍ଧାର କରିବା ଓ ମାରି ପକାଇବା—
Saving and killing.

ତାରଣି—ସଂ. ବି. ସ୍ତ୍ରୀ. (ତୃ ଧାତୁ ଣିଚ୍ ତାରି ଧାତୁ + କରଣ ଅନି)—
Tāraṇi ନୌକା; ଡଙ୍ଗା—Boat.

ତାର ତଣ୍ଡୁଳ—ସଂ. ବି. (କର୍ମଧା; ତାର + ତଣ୍ଡୁଳ)—ଧଳାଜୁଆରି ଶସ୍ୟ--
Tāra taṇḍuḷa A species of white maize.

ତାରତମ—ଦେ. ବି. (ସଂ. ତାରତମ୍ୟ)—ପ୍ରଭେଦ—
Tāratama Difference; distinction.

କନକ କମଳ ତମ । କାଳେ ନୋହେ ତାର ତମ ।
ଉପେନ୍ଦ୍ର ଭଞ୍ଜ, ବୈଦେହୀଶବିଳାସ ।

ତାରତମ କରିବା—ଦେ. କ୍ରି. (ସଂ. ତାରତମ୍ୟ)—ଦୁଇଜଣଙ୍କ ପ୍ରତି ଭିନ୍ନ ଭିନ୍ନ ବ୍ୟବହାର କରିବା—
Tāratama karibā
To treat differentially; to mete out defferential treatment.

ତାରତମେ—ଦେ. (ପଦ୍ୟ) କ୍ରି. ବିଣ—ନ୍ୟୂନାଧିକ ହୋଇ; ଭିନ୍ନ ଭିନ୍ନ ରୂପେ; ପୃଥକ ରୂପେ—Differently.
Tāratame

ଯେଣୁ ଏ ପୁରୁଷଙ୍କ ଦେହେ
ସେ ହରି ତାରତମେ ରହେ । ଜଗନ୍ନାଥ. ଭାଗବତ ।

ତାରତମ୍ୟ—ସଂ. ବି. (ତର + ତମ = ତରତମ = ନ୍ୟୂନାଧିକ + ଭାବାର୍ଥେ ଯ)—୧ । ନ୍ୟୂନାଧିକ୍ୟ; ଇତରବିଶେଷ—
Tāratamya
1. The state or condition of being more or less.
୨ । କମୋଡି ବା କ୍ରମନିମ୍ନ କରିବା—
2. Gradation; proportion.
୩ । ପ୍ରଭେଦ—3. Difference; distinction.
୪ । ତୁଳନା—4. Comparision.
୫ । ଦୁଇ ବା ତତୋଽଧିକ ବସ୍ତୁ ବା ବ୍ୟକ୍ତି ମଧ୍ୟରେ କେହି ବଡ଼ କେହି ସାନ ହେବା ଭାବ—5. Comparative greatness or smallness amongst two or more things.

ତାର ତୋର ସୁଲୋଚନା ତାରତମ୍ୟ ବିବେଚନା ।
କବିସୂର୍ଯ୍ୟ. ବଳରାମ. ଚ. ଗୀତ ।

ତାରତମ୍ୟ ବୋଧ—ସଂ. ବି. (୬ଷ୍ଠୀ ତତ୍; ତାରତମ୍ୟ + ବୋଧ)—
Tāratamya bodha ଏକାଧିକ ବସ୍ତୁ ମଧ୍ୟରେ କିଏ ବଡ଼ ଓ କିଏ ସାନ ଏହି ବିବେଚନା—
ତାରତମ୍ୟ ବିବେଚନା, ତାରତମ୍ୟ ବିଚାର }—ଅନ୍ୟରୂପ
Consideration of the comparative greatness or smallness amongst two or more things.

ତାରତର—ଦେ. ବି.—୧ । ଶୋଭା—
Tāratara 1. Beauty.
୨ । ଦୀପ୍ତି—2. Splender; lustre.

କହେ ମିତ୍ରଙ୍କୁ କାମ ସେ ସାର,
କନ୍ଦି କରେ ମଁ କି ତାରତର । ଭଞ୍ଜ. ବୈଦେହୀଶବିଳାସ ।

ବିଣ. (ସଂ. ତାର)—୧ । ଦେଦୀପ୍ୟମାନ; ସୁନ୍ଦର—
1. Dazzling; beautiful.

୧	ଇ	ଉ	ରୁ,ରୂ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଉଥ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଓ	ନ୍ତ

ବସ୍ତ୍ର ତାରତର ସାର ନବୀନ,
ବକ୍ଷ ପ୍ରସ୍ତରେ ବନ୍ଧଗଲ୍ଲନ । ଉପେନ୍ଦ୍ରଭଞ୍ଜ ବୈଦେହୀଶବିଳାସ ।

୨ । ଅଧିକ—2. Much; excessive.
ଏହା ଶୁଣି କେ ସ୍ୱର୍ଗର ସ୍ୱରେ ମନେ ଅସ୍ୱସ୍ଥକ,
କୋହୁଲେ ଜ କଷ୍ଟ ତାରତର । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ସଂ. ବଣ. (ତାର+ତର)—୧ । ଅପେକ୍ଷାକୃତ ଉଚ୍ଚ (ସ୍ୱର)—
1. Louder
୨ । ଅପେକ୍ଷାକୃତ ଉଜ୍ଜ୍ୱଳ—2. Brighter.
୩ । ଅପେକ୍ଷାକୃତ ସୁନ୍ଦର—3. More beautiful.

ତାରତରେ—ଦେ. ବି.—ବହୁ ତାରାମାନଙ୍କ ଯୋଗୁଁ—
Tāratare Owing to the presence of many stars.

ଅନନ୍ତ ଶୋଭା ଏ ପଣ, ହେବ ତାରତରେ ତହିଁ ।
ଉପେନ୍ଦ୍ରଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ତାର ତହୁଁ—ଦେ. ଅ—୧ । ତାହାଠାରୁ; ତାଠାରୁ—
Tāra tahuṅ 1. From that.
তাচে ପ୍ରକୃତ ତାର ତହୁଁ ଜାତ
उससे ତା ତହୁଁ ହୋଏ ମହାରକ୍ତ । ଜଗନ୍ନାଥ. ଭାଗବତ
୨ । ତାହା ଅପେକ୍ଷା—2. Than that.

ତାରନ୍ତା—ଦେ. ବଣ. (ସଂ. ତାରତା)—ଉଦ୍ଧାରକର୍ତ୍ତା—
Tārantā Delivering.

ତାରପତି—ସଂ. ବି. (ତାର+ପତି; ୬ଷ୍ଠୀ ତତ୍)—ଚନ୍ଦ୍ର—
Tāra pati The moon.
ତାର ପତି ଲକ୍ଷ୍ମୀ ମୁଖ ତାର । ଉପେନ୍ଦ୍ରଭଞ୍ଜ. ପ୍ରେମସୁଧାନିଧି ।

ତାରପରା—ଦେ. ବଣ. ପୁଂ ଓ ସ୍ତ୍ରୀ—୧ । ଗୁଣରେ ବା ରୂପରେ ଅଦ୍ୱିତୀୟ;
Tāra parā ଅତୁଳନୀୟ—1. Incomparable;
(ତାର୍ପରା, ତାପର—ଅନ୍ୟରୂପ) matchless.
ওরকমারি ୨ । ଅତି ଉତ୍କୃଷ୍ଟ—2. Excellent.
अनोखा (ଯଥା—ହାଇରେ ବଧାତା ! ତାର ପରା ଝିଅକୁ ଏ ଅଲକ୍ଷଣା ବର ଲେଖିଲୁ !)
ଦେ. ଅ.—ତାହାପରି; ତତ୍ସଦୃଶ—Like him, her or that.

ତାର ପଲିନ୍—ବୈଦେ. ବି. (ଇଂ. ଟାର୍‌ପାଲିନ୍)—
Tārapalin କେରପାଲ; ସାଲ ବୋଲା ଯାଉଥିବା ଅଖା (ଯହିଁରେ
তারপলীন্ ପାଣି ଗଲେ ନାହିଁ)—Tarpaulin.
तिरपाल

ତାରପିଣ(ନ୍)—ବୈଦେ. ବି. (ଇଂ. ଟର୍ପେଣ୍ଟାଇନ୍)—
Tārapiṇ(n) ଦେବଦାରୁ ଜାତୀୟ ସର୍ଜ୍ଜ ବା ସରଳ ବୃକ୍ଷରୁ
ତାରପିଣୀ; ତାରପିନ; ତାରପିଣି; ତାରପିନ; ତାରପିନ୍; ତାରପିନ୍ ତେଲ } ଅନ୍ୟରୂପ ବାହାରିବା ନିର୍ଯ୍ୟାସରୁ ପ୍ରସ୍ତୁତ ତେଲ—The oil of turpentine.
তারপিন্ [ଦ୍ର—ଭୁଟାନ, କାଶ୍ମୀର ଓ ଅଫଗାନିସ୍ଥାନର ପାର୍ବତ୍ୟ
तारपीन, ताड़पीन ଅଞ୍ଚଳରେ ଜନ୍ମିବା ଏକ ପ୍ରକାର ବଡ଼ ଗଛ
(ସଂ. ନାମ ସରଳ; ହି. ଚୀଡ; ବ. ଚଡ଼ଗାଛ ସରଲ; ଇଂ Pine; ଲାଟିନ୍ Pinus Lengifolia) ର ଗଣ୍ଡିରେ ଭୂମି ଠାରୁ ୨ ହାତ ଉଚ୍ଚରେ ଗାତ କରି ରଖିଲେ ସେଥିରୁ ଏକ ପ୍ରକାର ଅଠାଳିଆ ରସ ବାହାରେ; ସେ ରସକୁ ଗନ୍ଧବିରଜା (ସର୍ଜରସ) କହନ୍ତି । ଗନ୍ଧବିରଜାକୁ ନିଆଁ ଉପରେ ବସାଇଲେ ଯେଉଁ ତେଲ ବାହାରେ ତାହା ତାରପିନ୍ । ଏହା ମାଲିସ୍ କଲେ ଦେହର ଦରଜ କମିଯାଏ । ଏହା ଔଷଧରେ ଲାଗେ ଓ ବାର୍ଣ୍ଣିସ୍‌ରେ ଓ ରଙ୍ଗରେ ମିଶାଯାଏ ।]

ତାର ପୁଷ୍ପ—ସଂ. ବି. (ବହୁବ୍ରୀହି; ତାର ପୁଷ୍ପ)—କୁନ୍ଦ ଗଛ (ଦେଖ)—
Tāra pushpa (ହି. ଶବ୍ଦସାଗର)—Kunda (plant) (See).

ତାରବର—ସଂ. ବି. (୬ଷ୍ଠୀ ବା ୭ମୀ ତତ୍; ତାର+ବର)—ଚନ୍ଦ୍ର—
Tārabara The moon.
ଘନେ ଘନ ସାର ସାର ଉଦ୍ଦୀପନ ତାର ତାର-
ବରମୁଖୀ ଦେଉ ବାର ବାର । ଭଞ୍ଜ. ପ୍ରେମସୁଧାନିଧି ।

ତାର ବାଡ଼(ଡ଼ା)—ଦେ. ବି.—ତାର ଦ୍ୱାରା ହୋଇ ଥିବା ବାଡ଼—
Tārabārḍa(rḍā) Wire-fencing.
তারের বেড়া **तारकाघेरा**

ତାର ବାନ୍ଧିବା—ଦେ. କ୍ରି.—୧ । ପୁନଃ ପୁନଃ ସୂଚନା ଦେବା;—
Tārabāndhibā 1. To repeatedly allude to.
୨ । ପ୍ରକାଶିତ କରିବା; ପ୍ରକଟିତ କରିବା—
2. To disclose; to publish.
୩ । ଜଣାଇ ଦେବା—3. To inform.

ତାରମାଆ(ହା)ସୁଲ—ଦେ. ବି. (ସଂ. ତାର, ଫା. ମହସୁଲ)—ଦୂର
Tāramā-ā (hā)sul ଦେଶକୁ ତାରଖବର ବା ଟେଲିଗ୍ରାଫ୍
ତାରମାସୁଲ; ତାରମାହାସୁଲ; ତାରଖରଚ; ତାରଖରଚ୍ଚ } ଅନ୍ୟରୂପ ପଠାଇବା ବ୍ୟକ୍ତିର ଦେୟ ବ୍ୟୟ—Fees for sen-
তারমাস্থল **तार महसुल** ding a telegraphic message.

ତାର ମାକ୍ଷିକ—ସଂ. ବି. (ସଂ. ତାର=ରୌପ୍ୟ+ମାକ୍ଷିକ=ମିଶିତ)—
Tāra mākshika ରଜତ ତୁଲ୍ୟ ଉପଧାତୁବିଶେଷ; ରୌପ୍ୟ-
ଅନ୍ୟ ସଂ. ନାମ— ମାକ୍ଷିକ ନାମକ ଉପଧାତୁ—
ତାରକମଳୀ Iron phyrites; a mineral Ferri
রৌপ্য মাক্ষক Sulphuratum.
रुपामक्खी, तारामुखी [ଦ୍ର—ତାର ମାକ୍ଷିକ ରୁପାର ଉପଧାତୁ;
ସୁ. ତେ. ରୁପାମାକ୍ଷୀ ବୈଦ୍ୟଶାସ୍ତ୍ର ମତରେ ଏହା ତିକ୍ତ
ଆ. ମୁର୍କଶୀଶାଫିଦା ତିକ୍ତ ମଧୁର ରସ, ମଧୁର ବିପାକ, ଶୁକ୍ରବର୍ଦ୍ଧକ, ରସାୟନ ଓ ଚକ୍ଷୁର ହିତକର । ଏହା ବସ୍ତି ରୋଗ, କୁଷ୍ଠ, ପାଣ୍ଡୁ, ପ୍ରମେହ, ବିଷ, ଉଦର, ଅର୍ଶଃ, ଶୋଥ, କ୍ଷୟ, କଣ୍ଡୁ ଓ ତ୍ରିଦୋଷ ନାଶକ—ଦେବେନ୍ଦ୍ର. ଦ୍ରବ୍ୟଗୁଣ ।]

ତାର ମାଷ୍ଟର—ଦେ. ବି.—(ସଂ. ତାର. ଇଂ. ମାଷ୍ଟର୍)—
Tāra māshṭara ତାର ଅଫିସର ଭାରପ୍ରାପ୍ତ କର୍ମଚାରୀ—
(ତାରବାବୁ—ଅନ୍ୟରୂପ) Telegraph signaller.
তার মাষ্টর [ଦ୍ର—ତୁଳନାକର ଡାକମାଷ୍ଟର. ପୋଷ୍ଟମାଷ୍ଟର ।]
तारमास्टर

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚକ୍ରଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଗଳା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତାରୟିତା—ସଂ. ବିଣ. ପୁଂ. (ତୃ ଧାତୁ ଣିଚ୍ ତାରି ଧାତୁ + କର୍ତ୍ତୃ. ତୃ; ତାରୟିତୃ ଶବ୍ଦ ୧ମା. ୧ବ)—ତାରକ (ଦେଖ) (ତାରୟିତ୍ରୀ—ସ୍ତ୍ରୀ)
Tārayitā — Tāraka (See)

ତାରଳ—ସଂ. ବିଣ. (ତରଳ + ସ୍ୱାର୍ଥେ. ଅ)—କାମୁକ; ଲମ୍ପଟ—
Tāraḷa — Lustful; libidinous; lascivious.

ତାରଲ୍ୟ—ସଂ. ବି. (ତରଳ + ଭାବାର୍ଥେ. ଯ)—
Tāralya — ୧ । ତରଳତା—1. Fluidity; liquidity.
୨ । ଟଳଟଳ ଭାବ—2. Tottering condition.
୩ । ଜଳର ଚଳଚଳ ଭାବ—3. Unsteadiness of a liquid.
୪ । ଅବ୍ୟବସ୍ଥିତଚିତ୍ତତା—4. Inconstancy; caprice; fickleness.
୫ । ଅସ୍ଥିରତା; ଚାଞ୍ଚଲ୍ୟ—5. Restlessness.
୬ । ପାତଳା ଅବସ୍ଥା—6. Thinness.

ତାରଶୁଦ୍ଧି—ସଂ. ବି—ଜ୍ୟୋତିଷ ଶାସ୍ତ୍ରୋକ୍ତ ୯ ଗୋଟି ତାର ନାମକ ଯୋଗ ମଧ୍ୟରୁ ସମ୍ପଦ୍, କ୍ଷେମ, ସାଧକ, ମିତ୍ର ଓ ପରମ ମିତ୍ର ଯୋଗମାନ ଘଟିବା ଅବସ୍ଥା; ତାରକ ତଳେ କୋଷ୍ଠ ଦେଖ—Auspicious astrological conjunction. See note under Tāraka
Tārasuddhi

ତାରହାସୀ—ଦେ. ବିଣ. (ସଂ. ତାରହାସିନୀ)—ମନୋହର ହାସ୍ୟଯୁକ୍ତା (ସ୍ତ୍ରୀ)—(a lady) Having a graceful smiling face.
Tārahāsī

ଘନ ଘେ ବକ ନ କର କର । ମନେ ମୁହଁ ହରଷେ
ମୁଁ, ମାଗି ତାର ତାରହାସୀ ସେକ କେ ଅପର ଘର ହେ ।
ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।

ତାରା—ସଂ. ବି. ସ୍ତ୍ରୀ. (ତୃ ଧାତୁ ଣିଚ୍—ତାରି ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ)-
Tārā — ୧ । ତାରକା; ନକ୍ଷତ୍ର—1. Star.
[ଦ୍ର—ନକ୍ଷତ୍ର ଅର୍ଥରେ ସଂ. ତାରା ସଙ୍ଗେ ତୁଳନା କର—ଇଂ. ଷ୍ଟାର୍ (Star); ହି. ତାରା; ପା. ସିତାରା; ଗ୍ରୀ. ଅଷ୍ଟର୍ (Astar); ଲାଟିନ୍ ଷ୍ଟେର୍ଲା (Sterla, stella; astrum); ଜର୍. ଷ୍ଟେର (Ster)]
୨ । ଅକ୍ଷି ଗୋଲକ; ଚକ୍ଷୁର ତାରକା—2. The pupil of the eye.
୩ । ଦୁର୍ଗା—3. Goddess Durgā.
୪ । ଦୁର୍ଗାଙ୍କର ତନ୍ତ୍ରୋକ୍ତ ୧୦ମୂର୍ତ୍ତିକା ଦଶ ମହାବିଦ୍ୟାରୁ ୨ୟା—4. The second of the ten Mahābidyās or Female Deities worshipped according to the Tantras.
[ଦ୍ର—ତନ୍ତ୍ରରେ ଏ ନୀଳବର୍ଣ୍ଣା, ଲୋଲଜିହ୍ୱା, କରାଳବଦନା, ସର୍ପାବଦ୍ଧା, ଏକଜଟା, ତ୍ରିନୟନା, ଲମ୍ବୋଦରୀ, ଚତୁର୍ହସ୍ତା, ବ୍ୟାଘ୍ରଚର୍ମ୍ମାମ୍ବରା ବୋଲି ବର୍ଣ୍ଣିତ ହୋଇଅଛନ୍ତି । ସ୍ୱୀୟ ହାତରେ ଯଥାକ୍ରମେ ନୀଳପଦ୍ମ, ଖଡ୍ଗ, କାତି ଓ ସମୁଣ୍ଡଖର୍ପର ଧରି ଶିବା (ଶିଆଳ) ଉପରେ ଅଧିଷ୍ଠାନ କରିଥିବାର ବର୍ଣ୍ଣିତ ହୋଇଅଛନ୍ତି—କ୍ଷୀନେନ୍ଦ୍ର ।]
୫ । ବାଳି ନାମକ ବାନରରାଜଙ୍କ ପତ୍ନୀ—5. The wife of the monkey-king Bāḷi.
[ଦ୍ର—ଏ ସୁଷେଣ ଓ ମତାନ୍ତରରେ ତାରା ନାମକ ବାନରସେନାପତିଙ୍କ କନ୍ୟା; ବାଳୀଙ୍କ ମୃତ୍ୟୁ ପରେ ସୁଗ୍ରୀବ ଏହାଙ୍କୁ ବିବାହ କରିଥିଲେ; ହିନ୍ଦୁମାନେ ସକାଳୁ ଉଠି ଯେଉଁ ପଞ୍ଚକନ୍ୟା (ଅହଲ୍ୟା ଦ୍ରୌପଦୀ, ତାରା, ଶଚୀ, ମନ୍ଦୋଦରୀ)ଙ୍କ ନାମ ସ୍ମରଣ କରନ୍ତି ତହିଁ ମଧ୍ୟରୁ ଏ ଜଣେ ।]
୬ । ବୃହସ୍ପତିଙ୍କ ପତ୍ନୀ—6. Wife of Bruhaspati.
[ଦ୍ର—ତାରା ବୃହସ୍ପତିଙ୍କ ପତ୍ନୀ ଥିଲେ । ଚନ୍ଦ୍ରଙ୍କର ଏ ଗୁରୁପତ୍ନୀ ଥିଲେ ମଧ୍ୟ ଚନ୍ଦ୍ର ଏହାଙ୍କ ଏହାଙ୍କ ରୂପରେ ନେଇ ଅପଣା ନିକଟରେ ରଖିଲେ, ବୃହସ୍ପତି ମାଗିବାରୁ ଫେରାଇ ଦେଲେ ନାହିଁ । ଏଥିରେ ଗୁରୁଶିଷ୍ୟଙ୍କର ବିବାଦ ଓ ଯୁଦ୍ଧ ହେଲା । ପରେ ବ୍ରହ୍ମା ମଧ୍ୟସ୍ଥତା କରି ତାରାଙ୍କୁ ଆଣି ବୃହସ୍ପତିଙ୍କୁ ଦେଲେ । ସେହି ସମୟରେ ତାରା ଗର୍ଭବତୀ ହୋଇଥିଲେ ଓ କେତେ ଦିନ ପରେ ଗୋଟିଏ ସନ୍ତାନ ଜନ୍ମ କଲେ ଓ ସେ ଚନ୍ଦ୍ରଙ୍କ ଔରସ ବୋଲି କହିଲେ । ଚନ୍ଦ୍ର ତାଙ୍କ ପୁତ୍ରକୁ ଗ୍ରହଣ କଲେ, ତାଙ୍କ ପୁତ୍ରର ନାମ ବୁଧ ଗ୍ରହ । ବୃହସ୍ପତିଙ୍କ ଅଭିଶାପରେ ଚନ୍ଦ୍ରଙ୍କ କଳାର କ୍ଷୟ ହେଲା ।]
୭ । ବୌଦ୍ଧ ଦେବୀବିଶେଷ—7. A Buddhistic Goddess.
୮ । ବିଶୁଦ୍ଧ ମୁକ୍ତା—8. Fine pearl.
୯ । ସଙ୍ଗୀତର ଉଚ୍ଚ ସପ୍ତକବିଶେଷ—9. The treble part of music.
[ଦ୍ର—ଏହା ଉଚ୍ଚ ସପ୍ତକ, ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା ।]
୧୦ । (ଜ୍ୟୋତିଷ ମତରେ) ମନୁଷ୍ୟର ଜାତକରେ ତାରା ସମ୍ବନ୍ଧୀୟ ଯୋଗବିଶେଷ; ତାରକ ୨ (ଦେଖ)—Tāraka 2 (See)
୧୧ । ଭାଗ୍ୟ; କପାଳ (ହି. ଶବ୍ଦସାଗର)—11. Fortune; luck.
ଦେ. ବି. (ସଂ. ତାର) (ବଣିଆ ଶବ୍ଦ)—ହାରରେ ଲଗାଇବା ସୁନାର ଚକତି—Starlike spangles set on necklaces.
ପ୍ରାଦେ. (ବସ୍ତର) ବି (ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ)—ତାଲା; କୋଲପ—Lock.

ତାରାକାନ୍ତ—ସଂ. ବି. (ତାରା + କାନ୍ତ; ୬ଷ୍ଠୀ ତତ୍)—ତାରାନାଥ; ଚନ୍ଦ୍ର—
Tārākānta — The moon.

ତାରାକ୍ଷ—ସଂ. ବି. (ନାମ)—୧ । ତାରାକ୍ଷ ନାମଧାରୀ ବାନରବିଶେଷ—
Tārāksha — 1. The name of a monkey in the war of Rāmāyaṇa.

ବାଳ ପୁତ୍ର ଜାମ୍ବବ ତାରାକ୍ଷ ସାଙ୍ଗେ ଯାଇ. ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଖ,ଷ	ଙ୍କ	ଇଯ୍ୟ	ଉଥ	ଘ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ୍ୟ	ଇଅ	ଊ	ନ୍ଥ

[ଦ୍ର—ରାମଚନ୍ଦ୍ର ରାବଣ ସହିତ ଯୁଦ୍ଧ କରିବା ସମୟରେ ଏ ରାମଚନ୍ଦ୍ରଙ୍କ ପକ୍ଷରେ ସୁଗ୍ରୀବଙ୍କ ଅଧୀନରେ ଜଣେ ସେନାପତି ଥିଲେ ।]

୨ । ତାରକାକ୍ଷ (ଦେଖ) (ହି. ଶବ୍ଦସାଗର)—
2. Tārakākshya (See)

ତାରାଗୁଚ୍ଛକ—ସ. ବି. (ଜ୍ୟୋତିଷଶାସ୍ତ୍ରଭାଷା)—ଅନେକଗୁଡ଼ିଏ
Tārāguchchhaka ଛୋଟ ଛୋଟ ତାରକାର ମିଶ୍ରଣରେ ହୋଇଥିବା ପୁଞ୍ଜ—Nebula; a galaxy of stars.

ତାରାଗ୍ରହ—ଦେ. ବି—୧ । ଗ୍ରହ—1. Planet.
Tārāgraha ୨ । ମଙ୍ଗଳ, ବୁଧ, ଗୁରୁ, ଶୁକ୍ର ଓ ଶନି ଏହି ପାଞ୍ଚୋଟିଗ୍ରହ (ଯେଉଁ ଗ୍ରହମାନେ ତାରା ପରି ଦେଖା ଯାଆନ୍ତି)—2. The 5 planets Mars, Mercury, Jupiter; Venus and Saturn.

ତାରାଜନିତ—ସ. ବି. (ଅସ୍ମା ତତ୍; ତାରା+ଜନିତ)—
Tārājanita ୧ । ତାରା ପୁତ୍ର ଅଙ୍ଗଦ—
1. Angada the son of Tārā.

ବକାଣି କାଳ ପ୍ରଭାତ । ବଶେଷ ତାରାଜନିତ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

୨ । ବୁଧଗ୍ରହ—2. The planet Mercury.

ତାରାଝଲକି—ଦେ. ବି—ତାରା ପରି ଶୋଭା ପାଉଥିବା ପୁଷ୍ପଗୁଚ୍ଛ—
Tārājhalaki Clusters of flowers shining like stars.

ଅପସ୍ମରିଲା ବଉଳ—ବୃନ୍ଦ ତାରାଝଲକି ଏ ମଧୁସ୍ରବା ଗୋ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

ତାରାତାରିଣୀ—ପ୍ରାଦେ. (ଗଞ୍ଜାମ) ବି. ସ୍ତ୍ରୀ—ଦେବୀବିଶେଷ—
Tārātārini A goddess worshipped in Ganjam.

[ଦ୍ର—ଖଲ୍ଲିକୋଟର ତାରିଣୀ ନାମକ ପାହାଡ଼ ଉପରେ ପ୍ରତିଷ୍ଠିତ ଦୁର୍ଗାମୂର୍ତ୍ତି । ଅତି ପୂର୍ବକାଳରେ ପୂର୍ବଖଣ୍ଡ ରାଜ୍ୟରେ ମାଣିକେଶ୍ୱର ନାମକ ଏକ ରାଜା ଥିଲେ । ପ୍ରତିଦିନ ଏକ ମାଳାକାର ତାହାଙ୍କୁ ପୁଷ୍ପମାଳା ପ୍ରଦାନ କରୁଥାଏ । ଦିନେ ଉକ୍ତ ମାଳାକାର ପ୍ରତ୍ୟୁଷରୁ ଋଷିକୁଲ୍ୟା ନଦୀକୁ ଯାଇ ସ୍ନାନ କରିବା ନିମନ୍ତେ ନଦୀଜଳ ଆଲୋଡ଼ନ କରିବା ସମୟରେ ତାରା ତାରିଣୀ ଦୁଇଗୋଟି ଦେବକନ୍ୟାରୂପେ ଜଳ ମଧ୍ୟରୁ ଉଠିଲେ । ମାଳାକାରର କେହି ସନ୍ତାନ ନ ଥିବାରୁ ସେ କନ୍ୟା ଦ୍ୱୟଙ୍କୁ ନେଇ ନିଜ ଗୃହରେ ପାଳନ କଲା । ଦିନେ କନ୍ୟା ଦ୍ୱୟଙ୍କ ରଚିତ ଅପୂର୍ବ ପୁଷ୍ପମାଳା ଦର୍ଶନ କରି ରାଜା ନିଜେ ସେମାନଙ୍କୁ ଦେଖିବାକୁ ଇଚ୍ଛା କଲେ । ଏହା ଜାଣି କନ୍ୟାଦ୍ୱୟ ପଳାୟନ କଲେ । ରାଜା ସେମାନଙ୍କ ପଶ୍ଚାତ୍‌ରେ ଧରିବା ଇଚ୍ଛାରେ ସସୈନ୍ୟରେ ଧାବମାନ ହେବାରୁ କନ୍ୟାଦ୍ୱୟ ପର୍ବତ ଶିଖରରେ ଶିଳାର ଆକାର ଧାରଣ କଲେ । ସେହି ଦିନଠାରୁ ସେହି ସ୍ଥାନରେ ଦେବୀଦ୍ୱୟ ଅବସ୍ଥାନ କରି ପୂଜିତ ହେଉଅଛନ୍ତି ବୋଲି ଜନଶ୍ରୁତି ଅଛି । ତାରିଣୀତରଣ—ଋଷିକୁଲ୍ୟା ।]

ତାରାଧିପ—ସ. ବି. ପୁଂ (ତାରା+ଅଧିପ; ୬ଷ୍ଠୀ ତତ୍)—୧ । ଚନ୍ଦ୍ର—
Tārādhipa 1. The moon.

ତାରାଧୀଶ, ତାରାଧିପତି, ତାରାନାଥ, ତାରାପତି—ଅନ୍ୟରୂପ

୨ । ବାନରରାଜ ବାଳି—
2. The monkey-king Bāli.
୩ । ବାନରରାଜ ସୁଗ୍ରୀବ—
3. The monkey king Sugrība.
୪ । ବୃହସ୍ପତି—4. Planet Jupiter.
୫ । ଶିବ (ହି. ଶବ୍ଦସାଗର)—5. Śiba.

ତାରାପତନ—ସ. ବି (ତାରା+ପତନ; ୬ଷ୍ଠୀ ତତ୍)—ଉଲ୍କାପାତ—
Tārāpatana Falling of a meteor or shooting star.

ତାରାପଥ—ସ. ବି (ତାରା+ପଥ; ୬ଷ୍ଠୀ ତତ୍)—୧ । ଆକାଶ—
Tārāpatha 1. The sky; the firmament.
୨ । ନଭୋମଣ୍ଡଳ—2. Welkin.

ତାରାପଥୁଁ ଖସେ ଅବନୀ ତଳ,
ଅବନୀର ଦେଶ ଦିଶେ ଉଜ୍ଜ୍ୱଳ । ମଧୁସୂଦନ. ଅଯୋଧ୍ୟାପ୍ରତ୍ୟାବର୍ତ୍ତନ ।

ତାରାପୀଡ଼—ସ. ବି. ପୁଂ (ତାରା ଅପୀଡ଼=ଶିରୋଭୂଷଣ ଯାହାର ୬ଷ୍ଠୀ
Tārāpirda ତତ୍)—୧ । ଚନ୍ଦ୍ର—1. The moon.
୨ । ମତ୍ସ୍ୟପୁରାଣରେ ବର୍ଣ୍ଣିତ ଅଯୋଧ୍ୟାର ନୃପତିବିଶେଷ—
2 Name of a king of ancient Oudh.

ତାରାପୁଞ୍ଜ—ସ. ବି (ତାରା+ପୁଞ୍ଜ; ୬ଷ୍ଠୀ ତତ୍)—ଏକସ୍ଥାନରେ ପରସ୍ପର
Tārāpunja ନିକଟରେ ଥିବା ନକ୍ଷତ୍ର ସମୂହ—A group of stars; galaxy; stellar group; constellation.
(ତାରାବଳି (ଳୀ)—ଅନ୍ୟରୂପ)

ତାରାଭବ—ସ. ବି—୧ । ବୁଧ—
Tārābhaba 1. The planet Mercury.
୨ । ଅଙ୍ଗଦ—2. The son of monkey-king Bāli.

ବଦାଇ ସୁମିତ୍ରାସୁତ ତାରାଭବ ରାମମିତ୍ର ଅଞ୍ଜନେୟ କପିଗୋତ୍ର
ଯୁଦ୍ଧ ସମେଳେ—ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ତାରାଭା—ସ. ବି (ବହୁବ୍ରୀହି; ତାରା+ଆଭା)—ନାରଦ ମୁନି
Tārābhā (ହି. ଶବ୍ଦସାଗର)—The sage Nārada.

ତାରାଭୂଷା—ସ. ବି. ସ୍ତ୍ରୀ (ତାରା ଭୂଷା; ବହୁବ୍ରୀହି)—ରାତ୍ରି—
Tārābhūshā The night

ତାରାଭ୍ର—ସ. ବି (ତାର=ନିର୍ମଳ+ଅଭ୍ର=ମେଘ; ନିର୍ମଳ ମେଘ ପରି
Tārābhra ଶୁଭ୍ର)—କର୍ପୂର—Camphor.

ତାରାମଣ୍ଡଳ—ସଂ. ବି (ତାରା+ମଣ୍ଡଳ=୬ଷ୍ଠୀ ତତ୍)—୧ । ନକ୍ଷ
Tārāmandala ନକ୍ଷତ୍ରଙ୍କ ମିଶ୍ରଣରେ ହୋଇଥିବା ଆକାଶ ମଣ୍ଡଳ—1. The zodiac; the stellar orb.
୨ । ପ୍ରକାଣ୍ଡ ଦେବମନ୍ଦିର—2. A very big temple.
୩ । ଏକପ୍ରକାର ବାଣ ବା ଆତସବାଜି (ହି. ଶବ୍ଦସାଗର)—
3. A kind of fire-works.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଉ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବ୍ରଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

ତାରାମାଳା—ଦେ. ବି. (ବଣିଆ ଶବ୍ଦ)—ଜୁଡ଼ା ଉପରେ ବାନ୍ଧି ପିନ୍ଧାଯିବା ଅଳଙ୍କାରବିଶେଷ—A kind of ornament worn on the chignon.
Tārāmāḷā

ତାରାମୃଗ—ସଂ. ବି. (ତାରା ଚିହ୍ନଯୁକ୍ତ ମୃଗ; ମ ପ. ଲୋ)—
Tārāmṛuga
୧ । ମାୟାମୃଗ; ଯେଉଁ ମୃଗରୂପଧାରୀ ରାକ୍ଷସକୁ ଦେଖି ସୀତା ପ୍ରଲୋଭିତ ହୋଇଥିଲେ—1. A starred deer (which was really a demon in disguise) by which Sītā was beguiled.
୨ । (ଜ୍ୟୋତିଷ) ମୃଗଶିରା ନକ୍ଷତ୍ର—2. The 5th constellation of stars in Hindu Astronomy.

ତାରାୟଣ—ସଂ. ବି. (୬ଷ୍ଠୀ ତତ୍; ତାରା+ଅୟନ=ମାର୍ଗ)—ଆକାଶ
Tārāyaṇa (ହି. ଶବ୍ଦସାଗର)—The sky.

ତାରାସି—ଦେ. (ପ୍ରାଚୀନ ପଦ୍ୟ) ବିଣ—ଶୁଭ୍ର—
Tārāsi White.

ଷଷ୍ଠମ ପାବକ୍କୁ ଗୋଟା ନିର୍ଗୁଣ ତାରାସି । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ତାରାହାର—ଦେ. ବି. (ବଣିଆ ଶବ୍ଦ) (ଭୁଲ. ଚନ୍ଦ୍ରହାର)—
Tārāhāra ଅଣ୍ଟାରେ ପିନ୍ଧିବା ସୁନା ବା ରୂପାର ଅଳଙ୍କାର—
তারাহার A kind of ornament or starred chain for the waist.

ତାରି—ଗ୍ରା. (ଇତର) ବି—(ବାଲିର କଣ୍ଠସ୍ଥ ଅବ ଓ ବିଶେଷତଃ
Tāri ସେମାନଙ୍କର ସ୍ତ୍ରୀ ଲୋକମାନେ 'ଳ' ସ୍ଥାନରେ 'ର' ଉଚ୍ଚାରଣ କରିବା ଦୋଷରେ ଉଚ୍ଚାରିତ ଶବ୍ଦ) ତାଳି—Clapping.

ଦେ. ବିଣ—୧ । (ଏକ ଦୁଇ ତିନି ସଂଖ୍ୟାବାଚକ ଶବ୍ଦ ପରେ ଯୁକ୍ତ) ଜାଆଁରେ ପାଗ କରାଯାଉଥିବା ଯେଉଁ ସିରାରୁ ଧାର ବହେ—1. (boiling syrup) From which lines drop down when lifted up from the pot by means of a ladle.
(ଯଥା—ଏକ ତାରି, ଦୋତାରି ତିନି ପାଗ ।)

[ଦ୍ର—ଚିନି ବା ଗୁଡ଼ର ପାଗ ହେଲା ବେଳେ କରେଇରୁ ଚଟୁ ଦ୍ୱାରା ପ୍ରଥମେ ସିରାକୁ ଉଠାଇଲେ ତାହା ପତଳା ଥିବାରୁ ଚଟୁରୁ ତିନି ଧାରରେ ଖସେ, ଅଳ୍ପ ଟିକିଏ ବହଳ ହେଲେ ୨ ଧାରରେ ଖସେ; ପୁଣି ବେଶି ବହଳ ହେଲେ ଏକ ମାତ୍ର ଧାରରେ ସିରା ଚଟୁରୁ ଖସେ; ଏହିପରି ପାଗ ହୋଇଥିବା ସିରାକୁ ଯଥାକ୍ରମେ ତିନି ତାରି ଦୋତାରି ଓ ଏକତାରି ସିରା ବୋଲାଯାଏ ।]

୨ । (ସଂଖ୍ୟାବାଚକ ଶବ୍ଦ ପରେ ଯୁକ୍ତ) (ଏତେ) ତାରଯୁକ୍ତ—2. Having (so many) wires.
(ଯଥା—ଏକତାରି ବା ଦୋତାରି ସିଅଁ ।)

୩ । (ଯେଉଁ ମସିଣା ବା ଲୁଗାରେ ଏକା ବୁଣାରେ ଏକ, ଦୁଇ ବା ଚାରିଟି ସୂତା ଲାଗିଥାଏ)—3. (mat or cloth) In which one, two or four warps are joined and woven at one spinning.
(ଯଥା—ଦୋତାରି ମସିଣା; ଚଉତାରି ଲୁଗା ।)

ତାରିଆ—ଗ୍ରା. (ଇତର) ବି. (ଭୁଲ. ତାଡ଼ି ସ୍ଥଳରେ ତାରି ଉଚ୍ଚାରଣ)—
Tāriā ତାଡ଼ିଆ (ଦେଖ)—Tāṛiā (See)

ତାରିକ୍ ତାରିଝେଣାମ୍ ତାରିତା ତାରିଝେଣାମ୍—ସଂ. ବି—
Tārik tārijheṇām tāritā tārijheṇām ନୃତ୍ୟର ଉକ୍ତି (ତାଉଶିଟ ତାଉଶିଟ ଧେ—ଅନ୍ୟରୂପ) ବା ଗୀତ—
A measure or key word of songs uttered before singing the actual song.

ତାରିକ—ସଂ. ବି. (ତୃ ଧାତୁ ଣିଚ୍+ଇକ)—ଘାଟ ପାର ମାସୁଲ—
Tārika Fees paid for being ferried over.

ତାରିକ(ଖ)—ବୈଦେ. ବି. (ଅ. ତାରିଖ୍)—୧ । ମାସର ଦିନ—
Tārika (kha) 1. Date or day of the month.
তারিখ ୨ । (କଚେରିଆ) ମକଦ୍ଦମା ଶୁଣାଣି ହେବା ପୂର୍ବରୁ
तारीख निର୍ଦ୍ଧାରିତ ଦିନ—2. Date fixed for the hearing of a case.

[ଦ୍ର—ଏହାର ସାଙ୍କେତିକ 'ତା' । ତାରିଖ ଲେଖିବାର ନିୟମ ଏହିକି ପ୍ରଥମେ ତାରିଖର ପୂରଣ ସଂଖ୍ୟା, ତତ୍ପରେ ମାସର ପୂରଣ ସଂଖ୍ୟା ଓ ଶେଷରେ ବର୍ଷର ପୂରଣ ସଂଖ୍ୟା ଲେଖାଯାଏ ଓ ସମସ୍ତଙ୍କ ପୂର୍ବରେ 'ତା' ଲେଖାଯାଏ; ଯଥା—୧୯୩୩ ସାଲ ମାର୍ଚ୍ଚ ମାସ ପାଞ୍ଚ ତାରିଖ ଲେଖିବାକୁ ହେଲେ ତା ୫।୩।୧୯୩୩ ଲେଖାଯାଏ । ସାଧାରଣତଃ ଇଂରାଜି ମାସର ଦିବସକୁ ତାରିଖ ଓ ଓଡ଼ିଆ ଗଣନାର ମାସର ଦିବସକୁ ଦିନ ବୋଲାଯାଏ ।]

ତାରିକ ଗଡ଼ା(ଡ଼େ)ଇବା—ଦେ. କ୍ରି (କଚେରିଆ)—୧ । ମକଦ୍ଦମାକୁ ଅନ୍ୟ
Tārika gaṛā(ṛe)ibā ତାରିଖକୁ ଶୁଣାଣି ପାଇଁ ରଖିବା—
তারিখ গড়ান To adjourn a case to some other
तारीख टलाना date for hearing.
[ତାରିକ ଘୁଞ୍ଚା(ଞ୍ଚେ)ଇବା—ଅନ୍ୟରୂପ)

ତାରିକ ଗଡ଼ିବା—ଦେ. କ୍ରି. (କଚେରିଆ)—ମକଦ୍ଦମା ଶୁଣାଣି ନିମନ୍ତେ
Tārika gaṛibā ଅନ୍ୟ ତାରିଖ ଧାର୍ଯ୍ୟ ହେବା—
তারিখ ঘুঁচা Adjournment or postponement of a
तारिख टलाना case to some other date.

ତାରିକ ପକା(କେ)ଇବା—ଦେ. କ୍ରି (କଚେରିଆ) (ହାକିମ) ମକଦ୍ଦମା
Tārika pakā(ke)ibā ବିଚାର ପାଇଁ ଗୋଟିଏ ତାରିଖ ସ୍ଥିର
তারিখ ফেলা କରିବା—(an authority or Court)
तारिख डालना To fix a date for hearing of a case.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	।,ଷ	କ୍ଷ	ଲ୍ୟ	ଡ଼	ଢ଼
୨	ଈ	ଊ	ଋୁ	ଌୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଲ୍ୟ	ଝ	ନୃ

ତାରିକ ପଡ଼ିବା—ଦେ. ବି (କଚେରୀ)—ମକଦ୍ଦମା ଶୁଣାଣି ହେବା ପାଇଁ ହାକିମଙ୍କ ଦ୍ୱାରା ତାରିଖ ନିର୍ଦ୍ଧାରିତ ହେବା—
Tārika par̤dibā
তারিখ পড়া
तारिख पड़ना
A case being fixed for hearing; fixing of a certain date.
(ତାରିକ ହେବା, ତାରିକ ଧାର୍ଯ୍ୟହେବା—ଅନ୍ୟରୂପ)

ତାରିକା—ସ. ବିଣ. ସ୍ତ୍ରୀ. (ତାରକ+ସ୍ତ୍ରୀ.ଆ)—୧ । ତ୍ରାଣକର୍ତ୍ତ୍ରୀ—
Tārikā
1. Protectress; deliverer (female).
(ତାରକ—ପୁଂ) ସ. ବି. (ତାଳ+କ+ସ୍ତ୍ରୀ. ଆ; ଳ ସ୍ଥାନରେ ର ଆଗମ)—୨ । ତାଳ ରସ; ତାଡ଼ି—2. Toddy.

ତାରିଣୀ—ସ. ବିଣ.ସ୍ତ୍ରୀ.(ତୃ ଧାତୁ ଣିଚ=ତାରି+କର୍ତ୍ତୃ. ଇନ୍+ସ୍ତ୍ରୀ.ଈ)—
Tārin̤i
୧ । ରକ୍ଷାକର୍ତ୍ତ୍ରୀ—1. Protecting (female).
୨ । ତ୍ରାଣକର୍ତ୍ତ୍ରୀ—2. Delivering (female).
ବି. ସ୍ତ୍ରୀ—୧ । ଦୁର୍ଗା—1. Goddess Durgā.
ସଙ୍କଟ କାଳରେ ସାହା ହୋଇଲ ଯେ ମୋତେ
ତାର ଯେ ତାରିଣୀ ନାମ ବେଦଙ୍କ ଜଗତେ ।
ବିଶ୍ୱନାଥ. ଚଉଦୁରମାସୁଣ ।
୨ । ତାରଣକର୍ତ୍ତ୍ରୀ ସ୍ତ୍ରୀ—2. Deliverer (woman).
୩ । ରକ୍ଷାକର୍ତ୍ତ୍ରୀ ସ୍ତ୍ରୀ—3. Saviour (woman).
ଦେ. ବି—ଗଞ୍ଜାମର ପାହାଡ଼ବିଶେଷ; ଯହିଁରେ ତାରା ତାରିଣୀ ଦେବୀ ପ୍ରତିଷ୍ଠିତ—Name of a hill in Ganjam where the Deity (Goddess) Tārā Tārin̤i is established.
ପ୍ରାଦେ. (ସମ୍ବଲପୁର) ବି—ତାରିଣୀ ମଙ୍ଗଳବାର ଦିନ ସ୍ତ୍ରୀ ଲୋକମାନେ ହାତରେ ଯେଉଁ ବ୍ରତ-ସୂତା ବାନ୍ଧନ୍ତି—The amulet-string worn round the arm by females on the Tārin̤i tuesday.

ତାରିଣୀ ମଙ୍ଗଳବାର—ପ୍ରାଦେ (ସମ୍ବଲପୁର) ବି—
Tārin̤i mangaḻabāra
ଗୁଣ୍ଡିଚାର ପରବର୍ତ୍ତୀ ମଙ୍ଗଳବାର—The tuesday following the Puri Rathajātrā or car festival.
[ଦ୍ର—ସ୍ତ୍ରୀଲୋକେ ଉପବାସ କରି ତାରିଣୀ ଠାକୁରାଣୀଙ୍କୁ ପୂଜା କରନ୍ତି ଏବଂ ହାତରେ ତାରିଣୀ ବ୍ରତ ସୂତା ବାନ୍ଧନ୍ତି ।]

ତାରିପ(ଫ)—ଦେ. ବି. (ଅ. ତାରିଫ୍)—୧ । ପ୍ରଶଂସା—
Tārip(ph)
1. Praise; applause.
୨ । ଉତ୍କୃଷ୍ଟତା—2. Excellence.
ତାରିପି } ଅନ୍ୟରୂପ
ତାରିଫି }
ବିଣ—୧ । ଉତ୍କୃଷ୍ଟ—1. Excellent.
তারিফ
तारीफ
୨ । ପ୍ରଶଂସିତ—2. Praise-worthy; praised; applauded.
କ୍ରି. ବିଣ—ଉତ୍କୃଷ୍ଟ ରୂପେ—Excellently.

ତାରିଫ୍ କରିବା—ଦେ. କ୍ରି—୧ । ପ୍ରଶଂସା କରିବା—
Tāriph karibā
1. To speak highly of; to praise.
তারিফ করা
तारीफ करना
୨ । ଆତ୍ମ ପ୍ରଶଂସା କରିବା—
2. To praise one's self.

ତାରିବା—ଦେ. କ୍ରି. (ତୃ ଧାତୁ=ପାର ହେବା; ଣିଚ ତାରି ଧାତୁ= ପାର କରିବା)—୧ । ଉଦ୍ଧାର କରିବା—
Tāribā
(ମାରିବା—ତୁଳନୀୟ)
তারা
तारना
1. To deliver; to rescue.
ଧର୍ମିଷ୍ଠା ଲୋକଙ୍କୁ ଏ ସଂସାରୁ ତାରେ
ତାହାଙ୍କ ତ ବିଚ୍ଛ କାର୍ଯ୍ୟ କାଳରେ ଭୁଲରେ ।
କୃଷ୍ଣସିଂହ, ମହାଭାରତ, ବନ ।
୨ । ନିସ୍ତାର କରିବା; ରକ୍ଷା କରିବା—2. To save.
୩ । ପାର କରିବା—
3. To take across; to ferry across.
୪ । ବନ୍ଧନାଦିରୁ ମୁକ୍ତ କରିବା—
4. To release from bondage.
୫ । ସଂସାର ବନ୍ଧନରୁ ମୁକ୍ତ କରିବା—5. To redeem.
୬ । ଘସି କରିବାପାଇଁ ଗୋବରକୁ ପିଠା ପରି ଭୂମିରେ ବସାଇବା; ପାରିବା—6. To lay lumps of cow-dung on the ground for drying (to be used as fuel).
(ଯଥା—ଘସି ତାରିବା ।)
୭ । ଫେଣ୍ଟିବା—7 To counteract.
ପ୍ରାଣିର ବଧ ପ୍ରାଣି ହାତେ
କାହୁଁ ତାରିବ ଯେ ମତେ । ଜଗନ୍ନାଥ, ଭାଗବତ ।
୮ । ବାହାର କରିବା; ଉତାରିବା—8. To take out.
ତାରେ ବିଷ ସେ ଅପଣ କରେ । ପ୍ରାଚୀ, ପଲ୍ଲୀ ଗୀତା ।
ପ୍ରାଦେ. (ଉତ୍ତରଭାଗ) କ୍ରି—ବଢ଼େଇ ବାଇସି ଦ୍ୱାରା ବା କରତ ଦ୍ୱାରା ବଡ଼ କାଠର ପାଖ ଛେଲିବା—
To scrape off slips of wood from the sides of a log with the adze or saw.

ତାରୁ—ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ଟାର୍)—
Tāru
ଅଲକାତରା; କୋଲ୍‌ଟାର୍—Coal tar.

ତାରୁଣ୍ୟ—ଦେ. ବି. କ୍ଳୀ (ତରୁଣ=ଯୁବା+ଭାବାର୍ଥ. ଯ)—
Tārun̤ya
ତରୁଣତା; ଯୌବନାବସ୍ଥା—Youth

ତାରେ—ଦେ. (ପଦ୍ୟ) ସର୍ବ (ତତ୍ ଶବ୍ଦ; ଅନାଦରାର୍ଥେ ୨ୟା ୧ବ)—
Tāre
তারে
ତାହାକୁ—Him; to him or her.

ତାରେକ—ଗ୍ରା. ବିଣ ଓ ବି. (ସ. ତାରକ)—ତାରକ (ଦେଖ)
Tāreka
Tāraka (See)

ତାରେଣୀ—ଗ୍ରା. ବି. ସ୍ତ୍ରୀ. (ସ. ତାରିଣୀ)—
Tāren̤i
୧ । ଦେବୀବିଶେଷ—
1. Name of a village-Goddess.
୨ । ସ୍ତ୍ରୀ ଲୋକମାନେ ଉପବାସ କରି ବାହୁରେ ବା ବେକରେ ଯେଉଁ ବ୍ରତସୂତା ବାନ୍ଧନ୍ତି—A string tied round the arm or neck by females observing vows.
ଦେ. ବିଣ—ତାରିଣୀ (ଦେଖ)—Tārin̤i (See)

ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ତାରେୟ—ସଂ. ବି. ପୁଂ. (ତାରା+ଅପତ୍ୟାର୍ଥେ. ଏୟ)—
Tāreya ୧ । ବାଳିର ପୁତ୍ର ଅଙ୍ଗଦ—1. Aṅgada, son of Bāḻi (through Tārā).
୨ । ବୁଧ—2. The planet Mercury.

ତାର୍କିକ—ସଂ. ବିଣ. (ତର୍କ+ଜ୍ଞାନାର୍ଥେ. ଇକ)—
Tārkika ୧ । ତର୍କଶାସ୍ତ୍ରାଭିଜ୍ଞ; ନ୍ୟାୟବିଶାରଦ; ଦାର୍ଶନିକ—
1. Versed in logic or philosophy.
୨ । ତର୍କପ୍ରିୟ; ତର୍କପଟୁ—2. Argumentative; Polemic; logical; sophistic.
୩ । ଆଇନ୍ ଅଧ୍ୟୟନକାରୀ—
3. Studying the law.

ତାର୍କ୍ଷ—ସଂ. ବି. (ତୃକ୍ଷ୍ ଧାତୁ+ଅ)—୧ । କଶ୍ୟପ ମୁନି—
Tārksha 1. Sage Kaṡyapa.
୨ । କଶ୍ୟପଙ୍କ ପୁତ୍ର ଗରୁଡ଼ (ହି. ଶବ୍ଦସାଗର)—
2. A name of the king of birds, the son of Kaṡyapa.

ତାର୍କ୍ଷଜ—ସଂ. ବି.—ରସାଞ୍ଜନ (ହି. ଶବ୍ଦସାଗର)—
Tārkshaja Antimony.
(ତାକ୍ଷ୍ୟଜ, ତାର୍କ୍ଷ୍ୟଶୈଳ—ଅନ୍ୟରୂପ)

ତାର୍କ୍ଷୀ—ସଂ. ବି. ସ୍ତ୍ରୀ—ପାତାଳଗରୁଡ଼ୀ ଲତା—
Tārkshī A medicinal creeper; Cocculus Villosus.

ତାର୍କ୍ଷ୍ୟ—ସଂ. ବି (ତୃକ୍ଷ୍ ଧାତୁ=ଗମନ କରିବା+ସଂଜ୍ଞାର୍ଥେ. ଯ; କିମ୍ବା
Tārkshya ତାର୍କ୍ଷ୍ୟ=କଶ୍ୟପମୁନି+ଅପତ୍ୟାର୍ଥେ. ଅ; କିମ୍ବା ତୃକ୍ଷ ମୁନି+ଗୋତ୍ରାର୍ଥେ. ଯ)—୧ । ଘୋଡ଼ା—
1. A horse.
୨ । ଗରୁଡ଼—2. A name of Garuṛda, the mythological bird which carries Bishṇu.
୩ । ସର୍ପ—3. Serpent.
୪ । ଅରୁଣ—4. The charioteer of the Sun-god.
୫ । ଅର୍ଜୁନ—5. Arjuna.
୬ । ରଥ—6. A car.
୭ । ସ୍ୱର୍ଣ୍ଣ—7. Gold.
୮ । ଶାଳ ଗଛ—8. The Ṡāḻa tree; Shorea Robusta.
୯ । ଅଶ୍ୱକର୍ଣ୍ଣ ଗଛ; ଏକଜାତୀୟ ଶାଳବୃକ୍ଷ—
9. Name of a kind of Ṡāḻa tree.
୧୦ । କୃଷ୍ଣ ଲୋହିତବର୍ଣ୍ଣ; ରକ୍ତବର୍ଣ୍ଣ—
10. Dark red colour.
୧୧ । ରସାଞ୍ଜନ—11. Antimony.
୧୨ । ତୃକ୍ଷମୁନିଙ୍କ ଗୋତ୍ରଜ ବ୍ୟକ୍ତି (ହି. ଶବ୍ଦସାଗର)—
12. A person born in the family of sage Tṛuksha.
୧୩ । ମହାଦେବ (ହି. ଶବ୍ଦସାଗର)—13. Ṡiba-
୧୪ । ବାହନ—14. Conveyance.

ତାର୍କ୍ଷ୍ୟ ଧ୍ୱଜ—ସଂ. ବି. ପୁଂ (ତାର୍କ୍ଷ୍ୟ+ଧ୍ୱଜ; ବହୁବ୍ରୀହି)—ଗରୁଡଧ୍ୱଜ;
Tārkshya dhwaja ବିଷ୍ଣୁ—Bishnu.

ତାର୍କ୍ଷ୍ୟ ନାୟକ—ସଂ. ବି (୭ମୀ ତତ୍; ତାର୍କ୍ଷ୍ୟ=ବାହନ+ନାୟକ ଶ୍ରେଷ୍ଠ)
Tārkshya nāyaka ଗରୁଡ଼—Bishṇu's carrier bird

ତାର୍ତ୍ତୀୟିକ—ସଂ. ବିଣ. (ତୃତୀୟ+ସ୍ୱାର୍ଥେ, ଇକ)—ତୃତୀୟ—
Tārttīyika Third.

ତାର୍ଯ୍ୟ—ସଂ. ବିଣ. (ତୃ ଧାତୁ=ପାର ହେବା+କର୍ମବାଚ୍ୟ. ଯ)—
Tārjya ତରଣୀୟ; ପାର ହେବାର ଉପଯୁକ୍ତ—Fit to be crossed; that which can be crossed.
ବି—ନଦୀଆଦି ପାର ହେବାର ଶୁଳ୍କ; ଘାଟମାସୁଲ—
Fees for crossing a ferry; ferry-toll.

ତାଲ୍—ପ୍ରାଦେ. (ବାମଣ୍ଡା, ଆଠମଲ୍ଲିକ) ବି—ନିରର୍ଥକ ବାକ୍ୟାଂଶ;
Tāl ଡ଼; ହ଼—A redundant particle added to words to give emphasis.
(ଯଥା—ଗାଡ଼ି ନଚେ ତାଲ୍ ପହଁଚେ=ଗାଡ଼ି ପହଞ୍ଚୁ ନାହିଁ ।)

ତାଳ—ସଂ. ବି. (ତଳ୍ ଧାତୁ=ପ୍ରତିଷ୍ଠିତ ହେବା; ଉନ୍ନତ ହେବା+କରଣ.
Tāḻa ଅ; ଯହିଁରେ ଗୀତବାଦ୍ୟ ଓ ନୃତ୍ୟ ପ୍ରତିଷ୍ଠିତ ହୁଏ; ମତାନ୍ତରରେ ହରଙ୍କ ନୃତ୍ୟ, 'ତାଣ୍ଡବ'ର ଆଦ୍ୟ ଅକ୍ଷର 'ତା' ଓ ଗୌରୀଙ୍କ ନୃତ୍ୟ 'ଲାସ୍ୟ'ର ଆଦ୍ୟ 'ଲ' ଏହି ଅକ୍ଷରଦ୍ୱୟର ମିଶ୍ରଣରେ ଏ ଶବ୍ଦ ଗଠିତ)—୧ । ଗୀତ, ବାଦ୍ୟ ଓ ନୃତ୍ୟ ବିଷୟରେ କାଳକ୍ରିୟାର ପରିମାଣ ବିଶେଷ; ଗୀତବାଦ୍ୟର ବିଶ୍ରାମ ସ୍ଥଳ; ସଙ୍ଗୀତର ତାଳକ୍ରିୟାମାନ—1. Time or measure in music and dancing; beating of time to music.
[ଦ୍ର—ଗାନ ଓ ବାଦ୍ୟରେ ଯେଉଁ ଯେଉଁଠାରେ ଜୋର୍ ପଡ଼େ ତାହାକୁ ତାଳ ବୋଲାଯାଏ । ସଂସ୍କୃତ ସଂଗୀତ ଗ୍ରନ୍ଥରେ ତାଳ ୨ ପ୍ରକାର; ଯଥା—ମାର୍ଗ ଓ ଦେଶୀ । ଭରତ ମୁନିଙ୍କ ମତରେ ମାର୍ଗର ସଂଖ୍ୟା ୬୦ ଓ ଦେଶୀର ସଂଖ୍ୟା ୧୨୦ । ଗୀତ ବୋଲା ହେବାବେଳେ ତାଳ ଦେବାପାଇଁ ତାଳ, ଗିନି, ମୃଦଙ୍ଗ, ଢୋଲ, ମର୍ଦ୍ଦଳ, ତବଲାଆଦି ବ୍ୟବହୃତ ହୁଏ । ଗୀତବାଦ୍ୟ ଓ ନୃତ୍ୟର ନାମ ସଙ୍ଗୀତ; ସଙ୍ଗୀତରେ ଛନ୍ଦ ପ୍ରକାଶ କରିବା ପାଇଁ କାଳ ପରିମାଣର ପ୍ରୟୋଜନ, କାଳ ପରିମାଣ କରିବାପାଇଁ ତାଳର ପ୍ରୟୋଜନ । କେତେକାଳ ବା କେତେ କିଛି ସମୟ ବ୍ୟବଧାନରେ କରାଯିବା ଅଘାତଦ୍ୱାରା ତାଳ ସ୍ଥାପିତ ହୁଏ; ଏହି ଅଘାତ କରିବାର ନାମ ତାଳ ଦେବା । ଗାନରେ ପଦ ଥାଏ । କାଳ ପରିମାଣ ବ୍ୟତୀତ ପଦ ହୁଏ ନାହିଁ । ଯେଉଁ ପରିମିତ କାଳକୁ ଏକକ ରୂପେ ଧରାଯାଏ ତାହା ମାତ୍ରା । ମାତ୍ରାମାନଙ୍କ ସମଷ୍ଟି ପଦ, ଅଥବା ପଦର ଗୁରୁ ଲଘୁ ଉଚ୍ଚାରଣକାଳର ନାମ ମାତ୍ରା । ପୁନଃ ପୁନଃ ଏକ ସମୟରେ

୧	‌[illegible]	ଝ	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଘ
୨	ଊ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟଂୟ	ଇଅ	[illegible]	[illegible]

ଗୁରୁଲଘୁ ଉଚ୍ଚାରଣ ବିଶିଷ୍ଟ ପଦର ନାମ ଛନ୍ଦ । ଗାନର ଛନ୍ଦର ଯେଉଁ ପଦରେ ପ୍ରସ୍ୱନ ବା ବଳନ୍ୟାସ କରିବାକୁ ହୁଏ, ଆଘାତ ଦ୍ୱାରା ତାହା ପ୍ରଦର୍ଶନ କରିବାହିଁ ତାଳ ଦେବାର ଉଦ୍ଦେଶ୍ୟ । ଅଧିକ ବଳ ସହିତ ଉଚ୍ଚାରଣ ସ୍ଥାନର ନାମ ସମ; ତାଳର ଶେଷ ବା ଅବକାଶ ସ୍ଥାନର ନାମ ଫାଙ୍କ । ପ୍ରଚଳିତ ତାଳରେ ୪ ପଦ ଥାଏ । ତିନି ପଦରେ ତାଳି ବା ଆଘାତ ଦିଆଯାଏ, ଶେଷ ପଦରେ ଅନାଘାତ ବା ଫାଙ୍କ ଦିଆଯାଏ । ଦ୍ୱିତୀୟ ତାଳ—ସମ; ତାଳର ଯେଉଁ ସ୍ଥାନରେ ଆଘାତ ଦେବାର ନିୟମ ଛନ୍ଦର ସେ ସ୍ଥାନରେ ପ୍ରସ୍ୱନ ନ ଥିଲେ ଅଡ଼ (ସଂ. ଅରାଳ); ଯେଉଁ ତାଳର ପ୍ରତ୍ୟେକ ପାଦକୁ ୪ ସମାନ ଅଂଶରେ ବିଭାଗ କରାଯାଇ ପାରେ ତାହା ଚତୁର୍ମାତ୍ରିକ ତାଳ (ଯଥା—କାୱାଲୀ) । ଯେଉଁ ତାଳର ପ୍ରତ୍ୟେକ-ପଦକୁ ୩ ସମାନ ଅଂଶରେ ଭାଗ କରାଯାଇ ପାରେ ତାହା ତ୍ରୈମାତ୍ରିକ ତାଳ (ଯଥା—ଏକତାଳ) । ଯେଉଁ ତାଳର ପଦରେ ମାତ୍ରା ସଂଖ୍ୟା ଅସମାନ ତାହା ବିଷମମାତ୍ରିକ (ଯଥା—ଯତ୍); ଯୋଗେଶଚନ୍ଦ୍ରଙ୍କ ଉଦ୍ଧୃତ କୃଷ୍ଣଧନ ବନ୍ଦୋପାଧ୍ୟାୟ ।]

୨ । ସ୍ୱନାମପ୍ରସିଦ୍ଧ ସ୍ତମ୍ଭବତ୍ ଦୀର୍ଘ ତରୁ ଓ ତହିଁର ଫଳ ବିଶେଷ—2. The palmyra palm and its fruit; the fan-palm and its fruit; Talipot palm; Borassus Flabellifer.

তাল
ताड़, ताड
ସଂ. ନାମ, ତାଳଦ୍ରୁମ, ତୃଣରାଜ, ଧ୍ୱଜଦ୍ରୁମ, ଦୀର୍ଘସ୍କନ୍ଧ, ଦୀର୍ଘପତ୍ର, ଲେଖ୍ୟପର୍ଣ୍ଣ, ମଦୋତ୍କଟ, ପତ୍ରୀ, ମଧୁରସ, ଗୁଚ୍ଛପତ୍ର, ମଦାଢ୍ୟ, ଦୀର୍ଘପାଦପ, ଅସବଦ୍ରୁ, ତରୁରାଜ, ଚିରାୟୁ,
ମ. ଓ ଗୁ. ତାଡ଼ି
ତା. ପନଇ
ଫା. ତାଲ
ଆ. ତାର

[ଦ୍ରୁ—ଏହା ଗ୍ରୀଷ୍ମପ୍ରଧାନ ଦେଶର ଗଛ; ଭାରତବର୍ଷ, ଲଙ୍କା, ବ୍ରହ୍ମଦେଶ ସୁମାତ୍ରା, ଯାବା ଆଦି ଦ୍ୱୀପ, ପାରସ୍ୟ ଉପସାଗର ତଟବର୍ତ୍ତୀ ଦେଶରେ ଏ ଗଛ ବହୁତ ଦେଖାଯାଏ । ଏ ଗଛର ଅଗରେ ବାହୁଙ୍ଗା ଧରେ । ତାଳ ଗଛ ପ୍ରାୟ ୬୦ ହାତ ଉଚ୍ଚ ହୁଏ; ମାତ୍ର ଏହାର ବ୍ୟାସ ୨ ଫୁଟରୁ ବେଶୀ ହୁଏ ନାହିଁ । ଚୈତ୍ର ମାସରେ ଫୁଲ ଓ ବୈଶାଖରେ ଫଳ ହୁଏ ଓ ଶ୍ରାବଣ ଭାଦ୍ରବକୁ ଫଳ ପାଚେ । ଶ୍ଳେଷ୍ଠ କଞ୍ଚା ଫଳର ଖୋପାକୁ ଛେଦିଲେ ତାହା ମଧ୍ୟରୁ କୋମଳ ଓ ସୁସ୍ୱାଦୁ ଶସ (ତାଳସଜ) ବାହାରେ । ପାଚିଲା ଫଳରୁ ଯେଉଁ ଘନ ରସ ବାହାରେ ତାହା ବଡ଼ ଗୁରୁପାକ । ଲୋକେ ଏହି ରସକୁ ଚାଉଳ ଚୂନା ଆଦିରେ ମିଶାଇ ପିଠା କରି ଖାଆନ୍ତି । ଗଛର ପତ୍ର ଗୁଡ଼ିକ ଏକତ୍ର ଲିପ୍ତ ହୋଇ ଛତା ପରି ହୋଇଥାଏ । ଏହି ପତ୍ରକୁ ଚିରି ଗୋଟି ଗୋଟି କରି ତହିଁରେ ଲେଖନ ସାହାଯ୍ୟରେ ଲେଖିବାର ରୀତି ଏ ଦେଶରେ ପ୍ରାଚୀନ କାଳରୁ ଚଳି ଆସୁଅଛି । ପୂର୍ବେ ତାଳପତ୍ରରେ ବହୁତ ଗ୍ରନ୍ଥ ଲେଖା ଯାଉଥିଲା । କାଗଜର ବ୍ୟବହାର ହେବାରୁ ତାଳପତ୍ରରେ ଲେଖାଲେଖି କମି ଯାଇଅଛି । ଏହି ପତ୍ରରେ ଝାଂପି, ଛତା, ପଙ୍ଖା, ଚାଟି, ପଖିଆ, ପଟୀ ଆଦି ତିଆରି ହୁଏ ଓ ଘରଛୁଆଣି ହୁଏ । ଏ ଦେଶର ବ୍ରାହ୍ମଣମାନଙ୍କ ମଧ୍ୟରେ ମଧ୍ୟ ତାଳପତ୍ର ଛତାର ବ୍ୟବହାର ଅଦ୍ୟାପି ରହିଅଛି । ତାଳବାହୁଙ୍ଗାର ପିଠିରୁ ଓ ପେଟରୁ ଖୁବ ଟେମଡ଼ା ଲଇ ବାହାରେ । ପାକଳଗଛର ଗଣ୍ଡିକୁ ଚିର ଖେଣୀ ଓ ଡଙ୍ଗା କରାଯାଏ; ଏହା ଲୁହାକଡ଼ ପରି ମଜବୁତ । ତାଳଗଛର ଗଣ୍ଡିକୁ ଚିରି କରି ହଳଡଙ୍ଗା, କୋଧା ଓ ପାଣି ବୋହିବା ନଳା କରାଯାଏ । ଦାକ୍ଷିଣାତ୍ୟ ଓ ବଙ୍ଗଦେଶରେ ଏ ଗଛର ପୁଷ୍ପକୋଷର ଅଗ୍ରଭାଗକୁ କାଟି ସେଥିରୁ 'ତାଡ଼ୀ' ବାହାର କରାଯାଏ ଓ ଏ ରସରୁ ମଧ୍ୟ ଗୁଡ଼ ଓ ମିଶ୍ରୀ ଆଦି କରାଯାଏ । ଏ ଗଛ ଅଣ୍ଡିରା ଓ ମାଈ ଭେଦରେ ଦୁଇ ପ୍ରକାର । ମାଈଗଛ ଫଳ ଧରେ, ମାତ୍ର ଅଣ୍ଡିରା ଗଛରେ କେବଳ ଜଟା ହୁଏ । ଖଜୁରି, ନଡ଼ିଆ ଓ ଗୁଆଗଛ ଏହି ଶ୍ରେଣୀର । ପାଚିଲା ତାଳର ଟାକୁଆ ବା ମଞ୍ଜିକୁ ଗଜା ବାହାରିଲାବେଳେ ତାକୁ ହାଣିଲେ ତହିଁ ମଧ୍ୟରୁ ଯେଉଁ ସୁମିଷ୍ଟ ଶସ ବାହାରେ ତାକୁ ତାଳଖୁଙ୍କ କହନ୍ତି । ବୈଦ୍ୟକ ମତରେ ପକ୍ୱ ତାଳ ପିତ୍ତ, ରକ୍ତ ଓ କଫ ବର୍ଦ୍ଧକ, ଦୁଷ୍ପାଚ୍ୟ, ବହୁମୂତ୍ର-ଜନକ, ତନ୍ଦ୍ରାକାରକ, ଅଭିଷ୍ୟନ୍ଦୀ ଓ ଶୁକ୍ରବର୍ଦ୍ଧକ । ତାଳସଜ କିଞ୍ଚିତ ମଦକାରକ, ଲଘୁ, କଫବର୍ଦ୍ଧକ, ବାତଘ୍ନ, ପିତ୍ତନାଶକ, ସ୍ନିଗ୍ଧ, ମଧୁରରସ ଓ ସାରକ; ତାଳରସ ବା ତାଡ଼ୀ ଅତ୍ୟନ୍ତ ମତ୍ତତା-ଜନକ ଓ ଏହା ବାସୀ ହେଲେ ଖଟ୍ଟା ହୁଏ ଓ ପିତ୍ତବର୍ଦ୍ଧକ ଏବଂ ବାତଦୃଷ୍ଟିନାଶକ ହୁଏ—ଦେବେନ୍ଦ୍ର, ନଗେନ୍ଦ୍ର ଦ୍ରବ୍ୟଗୁଣ]

୩ । ହରିତାଳ—3. The yellow orpiment.

୪ । ଦୁଇ କରତଳର ପରସ୍ପର ଆଘାତଜନିତ ଶବ୍ଦ ବା ତାଳି; ବାହୁ, ଜଂଘ ଓ ପିଠିରେ କରତଳଦ୍ୱାରା ମାରିବା ଫଟ୍‌କି; ପାଦକୁ ଭୂମିରେ ପକାଇବା ଦ୍ୱାରା କରାଯିବା ଶବ୍ଦ ଏବଂ ବୁଢ଼ାଅଙ୍ଗୁଠି ଓ ମଝି ଅଙ୍ଗୁଠି ଦ୍ୱାରା କରାଯିବା ଶବ୍ଦ—4. The sound produced by clapping or beating the body with palms or by fingers or by foot-steps on the ground.

୫ । ଖଡ୍ଗ ମୁଷ୍ଟି; ଖଣ୍ଡାର ମୁଠା—5. The handle of a sword.

୬ । ହାତର ବୃଦ୍ଧାଙ୍ଗୁଳି ଓ ମଧ୍ୟମାଙ୍ଗୁଳିର ପ୍ରସାରର ପରିମାଣ—6. The short span measured by spreading the thumb and the middle finger of the hand.

୭ । ମନୁଷ୍ୟର ପାଦ ଠାରୁ ତାଳୁ ପର୍ଯ୍ୟନ୍ତ ଉଚ୍ଚତାର ପରିମାଣ; ଏକ ପୁରୁଷର ଉଚ୍ଚତା—7. A man's height or depth.

ମୂର୍ଚ୍ଛ ହୋଇବାରୁ ତ ଗରବତ ହୋଇ
ସାତତାଳ ଉଚ୍ଚେ ବଢ଼ନ୍ତି ଉଠାଇ—କୃଷ୍ଣସିଂହ ମହାଭାରତ. ଶାନ୍ତି ।

୮ । ଦୁର୍ଗାଙ୍କ ସିଂହାସନ—8. The throne of the Goddess Durgā.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୃଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କୋ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୯ । ବେଗ—9. Velocity.

୧୦ । କରତଳ; ଚାପୁଡ଼ା—10. Palm of the hand.

୧୧ । କଂସାରେ ତିଆରି ଝାଞ୍ଜ, ଗିନି ଓ କୁବୁଜି— 11. Cymbals.

ସଜାଇ ବାଦ୍ୟ ଘଣ୍ଟା ଢୋଳ ତାଳ ଝାଞ୍ଜ ଯେ ତାହେନ—
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

୧୨ । ତାଳପତ୍ର—12. Palm leaf.

୧୩ । ଭୂତଯୋନିବିଶେଷ; ଶିବାନୁଚର—13. Name of certain spirits, the attendants of Śiba.

୧୪ । (ଶିଳ୍ପଶାସ୍ତ୍ର) କପୋଳଠାରୁ ଚିବୁକ ପର୍ଯ୍ୟନ୍ତ ଲମ୍ବ ମାପ— 14. (architecture) A lineal measure from the skull to the extremity of the chin.

୧୫ । (ଶିଳ୍ପଶାସ୍ତ୍ର) ମଧ୍ୟମାଙ୍ଗୁଳିର ଅଗଠାରୁ କରତଳ ବା ମଣିବନ୍ଧର ଆରମ୍ଭ ପର୍ଯ୍ୟନ୍ତ ଦୈର୍ଘ୍ୟ— 15. (Architecture) The measure of the space between the tip of the middle finger and the wrist.

[ଦ୍ର—ଏହି ମାପରେ ପ୍ରତିମାମାନ ନିର୍ମିତ ହୁଅନ୍ତି । ଦେବମୂର୍ତ୍ତିର ଉଚ୍ଚତା—୯ ତାଳ, ଯକ୍ଷମୂର୍ତ୍ତିର ଉଚ୍ଚତା—୧୦ ତାଳ, କୁବେର ଓ ନବଗ୍ରହମୂର୍ତ୍ତିର ଉଚ୍ଚତା— ୯½ ତାଳ, ମାନବମୂର୍ତ୍ତିର ଉଚ୍ଚତା —୮ ତାଳ । ଭୁବନେଶ୍ୱରର ଦେବମୂର୍ତ୍ତିମାନ ୭ ତାଳ ଉଚ୍ଚ ।]

୧୬ । ମଲ୍ଲମାନଙ୍କର ନିଜ ନିଜ ଜଙ୍ଘ ବା ବାହୁରେ ନିଜ କରତଳଦ୍ୱାରା ମାରିବା ଶବ୍ଦ; ବାହାସ୍ଫୋଟ (ହି. ଶବ୍ଦସାଗର)—16. The sound produced by strongly patting the thighs or arms by a wrestler before wrestling.

୧୭ । ତାଳୀଶ ପତ୍ର (ଦେଖ) (ହି. ଶବ୍ଦସାଗର)— 17. Tā͟ḷīśa patra (See)

୧୮ । ଚଷମାରେ ଲାଗିଥିବା ପଥର ବା କାଚର ଏକଖଣ୍ଡ (ହି. ଶବ୍ଦସାଗର)—18. One of the bits of stone or glass set on a pair of spectacles.

୧୯ । ତାଲା; କୋଲପ (ହି. ଶବ୍ଦସାଗର)— 19. Padlock.

୨୦ । ବେଲ; ବିଲ୍ୱଫଳ (ହି. ଶବ୍ଦସାଗର)— 20. Marmalos fruit.

୨୧ । ନରକବିଶେଷ (ହି. ଶବ୍ଦସାଗର)— 21. Name of a hell.

୨୨ । ମହାଦେବ (ହି. ଶବ୍ଦସାଗର)—22. Śiba.

ସଂ. ବିଣ—୧ । ବିସ୍ତୃତ—1. Extended.

୨ । ସ୍ତୂପୀକୃତ—2. Amassed.

୩ । ବୃହତ—3 Large; great.

ଦେ. ବି—୧ । (ଘୋଡ଼ା, କୁକୁର ଆଦି) ପଶୁଙ୍କର ସଙ୍ଗମ— 1. Cohabitation or crossing of beasts (e.g. dog, horse).

୨ । ଏକମେଳ ହେବା—2. Tallying.

୩ । ବିଧା—3. Fist-blow.

୪ । ପ୍ରତିଯୋଗିତା—4. Rivalry; emulation.

ତାଳି—ପ୍ରାଦେ. (ସମ୍ବଲପୁର) ବି—ତାଳ (ଦେଖ)
Tāla Tā͟ḷa (See)

ତାଳ ଅଂଶା—ଦେ. ବି (ସଂ. ତାଳ+ଅଂଶୁ)—ତାଳ ଗଛର ଗଣ୍ଡିର
Tā͟ḷa aṁśā ଆବରଣ ଅଂଶରେ ଥିବା ଟାଣ ଟାଣ ତନ୍ତୁ—
তালের আংশ The hard fibres of the bark and trunk of a palm tree.

ତାଳ ଅଂଶ, ତାଳ ଅଂଶୁ —ଅନ୍ୟରୂପ

তালচোঁচ তালকাইসা [ଦ୍ର—ଯେଉଁ ତାଳଗଣ୍ଡିର ଅଂଶା ପୋଖତ ବା ପାଚିଲ ହୋଇଥାଏ ତାହା ଭାରି ଟାଣୁଆ ଓ ଚିରସ୍ଥାୟୀ । ତେଣୁ ଲୋକେ ଏ ତାଳଗଣ୍ଡିକୁ ଫାଳ ଫାଳ କରି ଚାଳ ଘରର ଦେଣୀ ଓ ପଥରତଳେ ଅଡ଼ୁଧାରଣାରୂପେ ବ୍ୟବହାର କରନ୍ତି । ଦେଉଳମାନଙ୍କ ପାଟପଥର ତଳେ ତାଳର ଅଡ଼ୁଧାରଣା ଦିଆଯାଏ ଓ ଏମାନ ଶତ ଶତ ବର୍ଷ ସ୍ଥାୟୀ ।]

ତାଳ ଅନ୍ତି—ଦେ. ବି. (ସଂ. ତାଳ ଓ ଅନ୍ତ୍ର)—ତାଳଗଣ୍ଡିର ଗର୍ଭସ୍ଥ
Tā͟ḷa anti ନରମ ବା ଅପରିପକ୍ୱ ତନ୍ତୁ—The soft fibres
তালআঁতী in the middle part of the trunk of a palm tree.

ତାଳଅନ୍ତି ଉତାର—ଦେ. ବି—ଯେଉଁ ପାଚିଲ ଓ ପୁରୁଣା ତାଳଗଛର
Tā͟ḷa-anti utāra ମଧ୍ୟସ୍ଥ ସମ୍ପୂର୍ଣ୍ଣ ତନ୍ତୁ ପାଚିଲ ହୋଇଥାଏ, ଅର୍ଥାତ୍ ଯେଉଁ ତାଳଗଛ ଚିରିଲେ ତାହା ମଧ୍ୟରେ ନରମ ଅଂଶ ବା ତନ୍ତୁ ନ ଥାଏ— Hard and dense fibred; well developed (palm-trunk); (old palm trees) all the fibres of which are hard.

ତାଳ ଉଆ—ଦେ. ବି—ତାଳ ଗଛର ଗଣ୍ଡିରୁ ହେବା ଉଆ—Beam of
Tā͟ḷa urā the palm tree for thatched houses.

ତାଳକ—ସଂ. ବି. କ୍ଲୀ. (ତାଳ+କ)—
Tā͟ḷaka ୧ । ଦ୍ୱାରରୋଧକ ଯନ୍ତ୍ର; ତାଲା; କୋଲପ— 1. A lock.

୨ । କବାଟର କିଳଣୀ—2. Bolt of a door.

୩ । ହରିତାଳ—3. Yellow orpiment.

୪ । ସୁଗନ୍ଧ ମୃତ୍ତିକା—4. Scented earth.

ଦେ. ବି—ତାଳ ଫଳ—Palm fruit.

ଭଳିକି ତାଳକ ଭୁଞ୍ଜି କଲେ । କବିସୂର୍ଯ୍ୟ. ରତ୍ନାକର ତନ୍ତ୍ର ।

୧	ଇ	ଉ	ଋ,ଌ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଂ	ଉଂ	ଊ
୬	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଚ୍ୟ	ଇଅ	ଉ	ନ

ତାଳକ—ସଂ. ବି. କ୍ଲୀ—ତାଳକ (ଦେଖ)
Tāḻaka — Tāḻaka (See)
ତାଳକ କାଳଜ ଗୃହେ ପଶେ ଅନାୟାସେ । ଷଷ୍ଠାନାଥ. ମହାଯାତ୍ରା ।

ତାଳ କଣା—ଦେ. ବି. (ସଂ. ତାଳ+କାଣ)—
Tāḻa kaṇā — ତାଲକାନା — **तालबेताल**
୧ । ଗୀତ ଆଦି ବୋଲିଯିବା ସମୟରେ ଯେଉଁ ବ୍ୟକ୍ତି ଉପଯୁକ୍ତ ତାଳ ଅନୁସାରେ ତାଳ ପକାଇ ପାରେ ନାହିଁ ; ତାଳଜ୍ଞାନହୀନ—1. Having no adequate knowledge of musical measure.
୬ । (ଲକ୍ଷଣାର୍ଥ) ମୂର୍ଖ—2. (figurative) Ignorant.
୩ । ଯେଉଁ ବ୍ୟକ୍ତି ଦେଶକାଳପାତ୍ର ଦେଖି କଥା କହି ନ ପାରେ ବା କାର୍ଯ୍ୟ କରି ନ ପାରେ—
3. One who cannot adapt himself to his surroundings.

ତାଳ କଣ୍ଟା—ଦେ. ବି—ତାଳ ଗଛର ବାହୁଙ୍ଗାର ଧାରରେ ଥିବା କଣ୍ଟା—
Tāḻa kanṭā — Fine points of the serrated blade at the edge of a palm branch.

ତାଳ କନ୍ଦ—ସଂ. ବି. କ୍ଲୀ—ତାଳମୂଳୀ (ଦେଖ)
Tāḻa kanda — Tāḻamūḻī (See)
ଦେ. ବି—ତାଳ ରସରୁ ପ୍ରସ୍ତୁତ କନ୍ଦ—
Sugar made from palm juice.
[ଦ୍ର—ଏହିପରି ତାଳମଦ, ତାଳରସ, ତାଳଗୁଡ଼, ତାଳମିଶ୍ରି ଆଦି ଶବ୍ଦ ହୁଏ ।]

ତାଳ କରିବା—ଦେ. କ୍ରି—ଗୀତ ବାଦ୍ୟାଦିର ପରୀକ୍ଷା ସମୟରେ ଜଣେ
Tāḻa karibā — ତାଲ ধরা — **ताल देना**
ତାଳାଭିଜ୍ଞ ବ୍ୟକ୍ତିଙ୍କର ଅନ୍ୟ ବ୍ୟକ୍ତିମାନଙ୍କ ତାଳର ଆଦର୍ଶ ସ୍ୱରୂପ ତାଳ ପକାଇବା—
(an expert) To lay down a specific measure as a model to be followed by several persons or parties at a contest in musical measure.

ତାଳ କଷିବା—ଦେ. କ୍ରି—କୌଣସି ଗାୟକର ଗୀତ ତାଳ ଅନୁସାରେ
Tāḻa kaṣibā — ଯାଉଅଛି କି ନାହିଁ ତାହା ଜାଣିବା ନିମନ୍ତେ
(ତାଳ କଷିବା—ଅନ୍ୟରୂପ) ତାଳ ପକାଇ ପରୀକ୍ଷା କରିବା—
তাল কষা — **ताल जांचना**
To test if a person is singing to the measure by beating time.

ତାଳ କାନ୍ଧି—ଦେ. ବି. (ସଂ. ତାଳ+ସ୍କନ୍ଧ)—
Tāḻa kāndhi — ଗୁଚ୍ଛଏ ତାଳ ଫଳର ଏକତ୍ର ଗୋଟିଏ ଡେମ୍ଫରେ
ତାଳକାନ୍ଧ } ଅନ୍ୟରୂପ
ତାଳପେଣ୍ଡା }
তালের কাঁধি — **तालका गुच्छा**
ପରସ୍ପର ଲଗାଲଗି ହୋଇ ଫଳିଥିବା ଗୁଚ୍ଛ—
A bunch of palm fruits attached to one stem.

ତାଳକାଭ—ସଂ. ତଣ. (ବହୁବ୍ରୀହି; ତାଳକ=ହରିତାଳ+ଆଭା)—
Tāḻakābha — ହରିଦ୍ବର୍ଣ୍ଣ; ହଳଦିଆ—Yellow.

ତାଳକୀ—ସଂ. ବି. ସ୍ତ୍ରୀ. (ତାଳ+କ+ସ୍ତ୍ରୀ. ଈ)—
Tāḻakī — ତାଳ ରସ; ତାଳର ତାଡ଼ୀ—
The juice of palm tree.

ତାଳ କେତୁ—ସଂ. ବି. (ବହୁବ୍ରୀହି; ତାଳ=ତାଳ ଚିହ୍ନିତ+କେତୁ=
Tāḻa ketu — ପତାକା)—୧ । ଭୀଷ୍ମ—1. Bhishma.
୬ । ବଳରାମ—2. A name of Baḻarāma.

ତାଳକେଶ୍ୱର—ସଂ. ବି—ପ ସ୍ତ, ହରିତାଳ ଆଦିଦ୍ୱାରା ଆୟୁର୍ବେଦୋକ୍ତ
Tāḻakeśwara — ପ୍ରକ୍ରିୟାରେ ପ୍ରସ୍ତୁତ କୁଷ୍ଠ ଓ କଣ୍ଡୁ ଆଦି ଚର୍ମରୋଗର ଔଷଧବିଶେଷ—A medicinal preparation against leprosy and itches.

ତାଳ କୋରଟ—ଦେ. ବି—ତାଳ ବାହୁଙ୍ଗାର ଉପର ଅଂଶରୁ ଛେଲା
Tāḻa koraṭa — ଯାଇଥିବା ଚକ୍କଣିଆ ପାତଳ—Glossy strips
(ତାଳ ଲଇ—ଅନ୍ୟରୂପ) — **तालका डंठलका रेश**
scraped from the back or ridge of the stock of a palm-branch.
[ଦ୍ର—ଏହା ଦ୍ୱାରା ଦଉଡ଼ି ବାଉଁଶିଆ ଟୋକେଇ ଆଦି ମରାମତ କରାଯାଏ ଏବଂ ବାଉଁଶମାନଙ୍କର ଗଣ୍ଠି ବନ୍ଧାଯାଏ ଏବଂ ଏହା ଲଇ ରୂପେ ବ୍ୟବହୃତ ହୁଏ ।]

ତାଳ କ୍ଷୀର—ସଂ. ବି—ଖର୍ଜୁର ବା ତାଳ ରସରୁ ପ୍ରସ୍ତୁତ ଚିନି (ଦ୍ର.
Tāḻa kshīra — ଶବ୍ଦସାଗର)—Sugar from the juice of date or palm.

ତାଳ ଖଣ୍ଡିଆ କରିବା—ଦେ. କ୍ରି—ବାଦ୍ୟ ବଜାଇବା ବେଳେ ତାଳମାନ
Tāḻa khanḍiā karibā — ଶେଷ ପର୍ଯ୍ୟନ୍ତ ପକାଇ ନ ପାରିବା;
(ତାଳ ଖଣ୍ଡ କରିବା—ଅନ୍ୟରୂପ) ତାଳକୁ ବେତାଳ କରିବା—
তাল ভাংগা — **ताल उखाड़ना**
Not to complete a musical measure but to interrupt it in the middle.

ତାଳ ଖାଇବା—ଦେ. କ୍ରି. (ସଂ. ତାଳ; ତୁଳ. ଇଂ. ଟାଲି=ସମ୍ପୂର୍ଣ୍ଣ
Tāḻa khāibā — ରୂପେ ମେଳ ହେବା)—
তাল খাওয়া — **जोड़ा खाना, तालमेल खाना**
୧ । (ଘୋଡ଼ା, କୁକୁର ଆଦି) ଯୋଡ଼ ପଡ଼ିବା; (ପୁଂ ଓ ସ୍ତ୍ରୀ ପଶୁ) ପରସ୍ପର ସହିତ ସଙ୍ଗମ କରିବା—1. To cross; to pair; to couple (said of beasts).
୬ । (ଦୁଇଟି ବସ୍ତୁ) ପରସ୍ପର ସହିତ ମେଳ ଖାଇବା—
2. To tally; to fit with each other.
(ଯଥା—ଦୁଇ ଜଣ ସାକ୍ଷୀଙ୍କ କଥା ତାଳ ଖାଉ ନାହିଁ ।)

ତାଳ ଖୁଙ୍କୁ—ଦେ. ବି. (ସଂ. ତାଳାଙ୍କୁର)—
Tāḻa khuṅku — ଗଜା ହୋଇଥିବା ତାଳ ମଞ୍ଜିର ମଧ୍ୟସ୍ଥ ସୁସ୍ୱାଦୁ
ତାଳଖଙ୍କ } ଅନ୍ୟରୂପ
ତାଳଙ୍କୁ }
তালকুর, তালফোঁপর — **तालकागुदा**
ଶସ—The soft sweet kernel found inside the sprouting stone of a ripe palm-fruit.

ସାଧାରଣ ଲେଖେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କୋ'ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତାଳ ଖୁଞ୍ଚ—ଦେ. ବି.—୧ । ତାଳ ବଜାଇବା ବ୍ୟକ୍ତିକୁ ପରାସ୍ତ କରିବା Tā̱la khuñcha କ୍ରମରେ ବିଶେଷଜ୍ଞବ୍ୟକ୍ତିର ଗୀତର ତାଳମାନଙ୍କୁ କୌଶଳକ୍ରମେ ପରିବର୍ତ୍ତନ କରିବା—1. Dexterous change made by an expert in a song so that a musician cannot follow the measures thereof.

୨ । ତାଳ ଖୁଞ୍ଚା (ଦେଖ)—2. Tā̱la khuñchā (See)

ତାଳ ଖୁଞ୍ଚା(ଞ୍ଚ)—ଦେ. ବି.—ତାଳଗଛର ଗଣ୍ଡିରୁ ବାହାରିଥିବା ଅଂଶର Tā̱la khuñchā (ñcha) ସୂକ୍ଷ୍ମ ଲମ୍ବ ଓ ସରୁ ଖଣ୍ଡମାନ— তালের চোঁচ Bits of hard pointed fibres of the (ତାଳଖୁଞ୍ଚ—ଅନ୍ୟରୂପ) palm-trunk.

ତାଳ ଖୋଡ଼(ଲ)ପା—ଦେ. ବି.—ତାଳବାହୁଙ୍ଗାର ଦ୍ୱିଫାଳ ହୋଇଥିବା Tā̱la khoṟda(la)pā ମୂଳ ଅଂଶ (ଯାହା ଗଛର ଗଣ୍ଡିକୁ ବେଢ଼ି তাল খাঁড়া ଥାଏ); ତାଳ ଫାଡ଼ୁଆ—The bifurcated part of the branch which entwines the trunk of a palm-tree.

ତାଳ ଖୋପା(ଷା)—ଦେ. ବି. (ସଂ. ତାଳ ଓ କୋଷ)—ତାଳଗଛରୁ Tā̱la khopā (shā) ବାହାରିବା ଫଳକୋଷ (ଯାହା ଫାଟିଯାଇ ତହିଁ ମଧ୍ୟରୁ ତାଳଫଳର ତର୍ଣ୍ଣି ବାହାରେ)— The pod from which ultimately the bunch of palm fruits come out.

[ଦ୍ର—ନଡ଼ିଆଗଛର ଏହି ଫଳକୋଷକୁ ସୀପ କହନ୍ତି ।]

ତାଳ ଖୋଳ—ଦେ. ବି. (ସଙ୍ଗୀତ)—ଶ୍ରୀ ଚୈତନ୍ୟଦେବଙ୍କ ପ୍ରବର୍ତ୍ତିତ Tā̱la kho̱la ନାମସଙ୍କୀର୍ତ୍ତନରେ ବ୍ୟବହୃତ କରତାଳ ବା ଝାଞ୍ଜ খোল করতাল ଓ ମୃଦଙ୍ଗ; ଖୋଳ କରତାଳ; ଝାଞ୍ଜମାଦଳ— Cymbals and drums used in chanting Saṁkīrtana hymns.

ତାଳ ଖୋଳ ଟେକିଦେବା—ଦେ. କ୍ରି.—(ଗୁରୁ) ଶିଷ୍ୟମାନଙ୍କୁ ନାମ- Tā̱la kho̱la ṭekidebā ସଙ୍କୀର୍ତ୍ତନ-ମନ୍ତ୍ର ବା ଗୌରମନ୍ତ୍ରର ଦୀକ୍ଷା ଦେଇ ସାର ସେମାନଙ୍କୁ କୀର୍ତ୍ତନ ଶିଖାଇବା ପୂର୍ବରୁ ଖୋଳ କରତାଳ ପୂଜା କରି ସେମାନଙ୍କ ହାତରେ ଉକ୍ତ ବାଦ୍ୟ ଯନ୍ତ୍ରମାନ ସମର୍ପଣ କରିବା—(the teacher) To formally hand over the cymbals and drums to the disciples as a token of imparting the key to the chanting of hymns.

ତାଳଗଛିଆ କରିବା—ଦେ. କ୍ରି.—(ଭୁଲ. ସବଗଛିଆ କରିବା)— Tā̱la-gachhiā karibā ୧ । ଟେକାଟେକ କରିବା; ଖୋସାମଦ তালগাছে তোল କରିବା; ଗୃହ୍ନି କରିବା—1. To flatter.

୨ । କୌଣସି ବ୍ୟକ୍ତିକୁ ଖୁବ୍ ବଡ଼ ବା ମହତ୍ ବୋଲି ପ୍ରଚାର କରିବା—2. To represent a man to be higher than what he actually is; to raise a person to the skies.

ତାଳ ଗଣ୍ଠି—ଦେ. ବି.—ତାଳଲଇଦ୍ୱାରା ବନ୍ଧା ଯାଇଥିବା ଗଣ୍ଠି— Tā̱la gaṇṭhi তালের গাইঁঠ Knot made with thin strips scraped from the back of the stock or ridge of a palm branch.

ତାଳ ଗେଟମା—ପ୍ରାଦେ. (ସମ୍ବଲପୁର) ବି.—ଗର୍ଣ୍ଠା; ଗୁଡ଼ିଲଡ଼ୁକାର Tā̱la geṭamā ଗୋଲ ବାଷ୍ପସିଦ୍ଧ ପିଷ୍ଟକବିଶେଷ—A cake made of rice-flour boiled in steam.

ତାଳ ଗୋଟମା—ଦେ. ବି.—ଛୋଟ କଞ୍ଚା ତାଳଫଳ— Tā̱la goṭamā Small undeveloped palm-fruit. তালের মুচি

ତାଳ ଚଞ୍ଚୁ—ଦେ. ବି. (ସଂ. ତାଳଚଟକ)—ତାଳ ଚଟକ (ଦେଖ) Tā̱la chañchu Tā̱la chaṭaka (See) তালচটা (ତାଳଚଟୁଆ—ଅନ୍ୟରୂପ)

ତାଳ ଚଟକ—ସଂ. ବି.—ଶାଖାଶ୍ରୟୀବର୍ଗର ପାଂଶୁବର୍ଣ୍ଣ ପକ୍ଷୀବିଶେଷ— Tā̱la chaṭaka The swallow shrike.

[ଦ୍ର—ଏମାନେ ତାଳଗଛରେ ବୋଉଲପର ଚଳମୁହାଁ ବସା ବୁଣି ରହନ୍ତି; ୯।୧୦ ଅଙ୍ଗୁଳ ଲମ୍ବ, ପୁରୁଷ ଓ ସ୍ତ୍ରୀ ଏକବର୍ଣ୍ଣ, ଚଞ୍ଚୁ କ୍ରମଶଃ ସରୁ ଓ ଈଷତ୍ ବଙ୍କ, ପୁଚ୍ଛ ହ୍ରସ୍ୱ, ପକ୍ଷ ବଡ଼; ଏମାନେ ଅଦ୍ଭୁତ ସମୟ ପର୍ଯ୍ୟନ୍ତ ଉଡ଼ି ପାରନ୍ତି ଓ ଉଡ଼ୁ ଉଡ଼ୁ ପୋକ ଧରି ଖାଆନ୍ତି—ଯୋଗେଶ୍ଚନ୍ଦ୍ର ।]

ତାଳଚେର—ଦେ. ବି. (ନାମ)—ଓଡ଼ିଶାର ଗଡ଼ଜାତ ରାଜ୍ୟବିଶେଷ— Tā̱lachera Name of a state in Orissa.

[ଦ୍ର—ପ୍ରାଚୀନ କାଳରେ ଏହା ଗୋଟିଏ ବଣ ଜଙ୍ଗଲପୂର୍ଣ୍ଣ ରାଜ୍ୟ ଥିଲା । ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀରେ ଅଯୋଧ୍ୟା ରାଜବଂଶର ଜଣେ ରାଜପୁରୁଷ ଉତ୍କଳର ସ୍ୱାଧୀନ ଗଜପତି ରାଜାଙ୍କ ଆଶ୍ରୟରେ ଏଠାରେ ରାଜା ହେଲେ । ଉକ୍ତ ରାଜା ବହୁତ ତାଳଗଛ ତାଙ୍କ ରାଜ୍ୟ ପ୍ରସ୍ତୁତ କରିଥିବାରୁ ଏହାର ଏପରି ନାମ ହେଲା (କୃପାସିନ୍ଧୁ ଇତିହାସ) । ଏହି ରାଜବଂଶର 'ବ୍ୟାଘ୍ର' ସନ୍ତକ । ବର୍ତ୍ତମାନ ଏଠାରେ କୋଇଲା ଖଣି ଆବିଷ୍କୃତ ହୋଇଅଛି ଓ ବି. ଏନ୍. ଆର୍ କମ୍ପାନୀ ଏଠାକୁ କଟକଠାରୁ ଗୋଟିଏ ଶାଖା ଲାଇନ୍ ଖୋଲିଅଛନ୍ତି ।]

ତାଳଜ—ସଂ. ବି.—(ତାଳ+ଜନ୍ ଧାତୁ+କର୍ତ୍ତୃ. ଅ)—ତାଳଗଛର ରସ; Tā̱laja ତାଡ଼ୀ—Toddy from palm tree.

[ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ମତ୍ତତାଜନକ ଓ ବାୟୁ ହେଲେ ପିତ୍ତବର୍ଦ୍ଧକ ଓ ବାତଦୁଷ୍ଟି ନାଶକ ।]

ତାଳଜଂଘ—ସଂ. ବିଣ. ପୁଂ (ବହୁବ୍ରୀହି; ତାଳ+ଜଂଘା)—ତାଳଗଛପରି Tā̱lajaṁgha ଜଂଘବିଶିଷ୍ଟ—Having well developed and muscular thighs like the trunk of a palm-tree.

ସଂ. ବି—୧ । ଯଦୁବଂଶୀୟ ରାଜାବିଶେଷ— 1. Name of a King of the Jadu dynasty.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଘ
୨	ଈ	ଊ	ରୁ	ଲୁ	ପ୍ରୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	●	ନ୍ଦ

[ଦ୍ର—ଏହାଙ୍କ ପୁତ୍ର ରାଜା ସଗରଙ୍କ ପିତା ଅସିତଙ୍କୁ ରାଜ୍ୟଚ୍ୟୁତ କରାଇଥିଲେ ।]

୨ । ରାକ୍ଷସବିଶେଷ—2. Name of a demon.

୩ । ପ୍ରାଚୀନ ଦେଶବିଶେଷ (ହ. କଥାସାଗର)—
3. Name of an ancient country.

ତାଳ ଜଂଘା – ସଂ. ବି. ସ୍ତ୍ରୀ—ରାକ୍ଷସୀବିଶେଷ —
Tāl̲a jaṁghā Name of a demoness.

ତାଳ ଜଟ(ଟା)—ସଂ. ବି. (ଷଷ୍ଠୀ ତତ୍; ତାଳ + ଜଟ; ଜଟା)—
Tāl̲a jaṭa(ṭā) ଅଣ୍ଡିରା ତାଳଗଛର ଜଟା ବା ପୁଂପୁଷ୍ପମଞ୍ଜରୀ; ତାଳକଣ୍ଡି; ତାଳ ପ୍ରଲମ୍ବ—The long flower-stalks of male palm-trees.

ତାଳ ଝିମିଟି—ଦେ. ବି— ତାଳ ବାହୁଙ୍ଗା ମୂଳର ଦ୍ୱିଫାଳ ଶାଖା ବା
Tāl̲a jhimiṭi ଫାଉଡ଼ାରୁ ବାହାରିବା ତନ୍ତୁ ବା ସୂତ୍ର—
Fibre-threads from the bifurcated root of palm-branches.

[ଦ୍ର—ଏ ତନ୍ତୁ ଖୁବ୍ ଚେମଡ଼ା ଓ ଶକ୍ତ ।]

ତାଳ ଠୁଙ୍କିବା— ଦେ. କ୍ରି—୧ । ଅପଣା ବାହାପଠ ଓ ଜଂଘରେ ଫୁଟୁକ ମାରି
Tāl̲a ṭhuṅkibā ପ୍ରତିଦ୍ୱନ୍ଦୀ ମଲ୍ଲକୁ ମଲ୍ଲଯୁଦ୍ଧ ପାଇଁ ଆହ୍ୱାନ
তাল ঠোঁকা କରିବା—1. To challenge one's rival
ताल ठोंकना wrestler to a wrestling contest by patting on one's arms and thighs.

୨ । (ଲକ୍ଷଣାର୍ଥ) ପ୍ରତିଦ୍ୱନ୍ଦିତା କରିବା; ତାଳ ପକାଇବା—
2. (figurative) To emulate; to rival.

ତାଳ ଟାଟି—ଦେ. ବି— ତାଳପତ୍ରଦ୍ୱାରା ପ୍ରସ୍ତୁତ ଟାଟି—
Tāl̲a ṭāṭi Partition or mat made with palm
তালপাতার টাটী leaves.
तालपत्ताकी टट्टी

ତାଳ ଥୋଇବା— ଦେ. କ୍ରି. (ଲକ୍ଷଣାର୍ଥ)—ବିଧା ମାରିବା—
Tāl̲a thoibā (figurative) To deal fist-blows.
[ତାଳ ବସା(ସେ)ଇବା—ଅନ୍ୟରୂପ]
কীল মারা **घूंसा मारना**

ତାଳ ଦାଢ଼ି— ଦେ. ବି— ତାଳବାହୁଙ୍ଗାର ଦାଢ଼ୁଆ ଅଂଶରୁ କଣ୍ଟାତକ
Tāl̲a dā<u>rḍh</u>i ଛେଳି ନେଲାପରେ ଯେଉଁ କୋଉଠ ହୁଏ—
Fibres made from the edge of palm-branches after scraping off the thorns.

[ଦ୍ର—ଏ କୋଉଠ ତାଳ ବାହୁଙ୍ଗାର ପିଠିରୁ ବାହାରିବା କୋଉଠ ଅପେକ୍ଷା ବେଶି ଟାଣୁଆ ।]

ତାଳ ଦେବା—ଦେ. କ୍ରି— ୧ । ଗୀତ ବା ନାଟର ସ୍ୱର ଅନୁସାରେ ହାତ
Tāl̲a debā ବା ବାଦ୍ୟଦ୍ୱାରା ତାଳ ବଜାଇବା—
তাল ধরা 1. To beat time to a song or
ताल देना dance.

ସେ ରଙ୍ଗେ ହୋଇ ହରଷେ ଭଉଳ
ତଳକା, ତୋ ବାଟ ଦହୁଁ ଦେଲେ ତାଳ । ରଥାଜାଥ- ତଲ୍ଲବା ।

୨ । (ଲକ୍ଷଣାର୍ଥ) ତାଳ ପକାଇବା; ପ୍ରତିଯୋଗିତା କରିବା—
2. (figurative) To emulate.

ତାଳ ଧ୍ୱଜ—ସଂ. ବି. ପୁଂ. (ବହୁବ୍ରୀହି; ତାଳ + ଧ୍ୱଜ; ଏମାନଙ୍କ
Tāl̲a dhwaja ପତାକାରେ ତାଳଗଛ ଅଙ୍କିତ ଥିବାରୁ)—
୧ । ବଳରାମ— Bal̲arāma; the elder brother of Śrīkṛushṇa.

୨ । ଭୀଷ୍ମ—2. A name of Bhīshma.

ବି. କ୍ଳୀ—ବଳରାମଙ୍କ ରଥର ନାମ—
Name of the car of Bal̲arāma.

ତାଳଧ୍ୱଜା—ସଂ. ବି. ସ୍ତ୍ରୀ—୧ । ନଗରୀବିଶେଷ —
Tāl̲a-dhwajā 1. Name of a town.

୨ । ତାଳଗଛର ପତ୍ର—2. Palm-leaf.

ତାଳ ନବମୀ—ସଂ. ବି. ସ୍ତ୍ରୀ—ଭାଦ୍ରମାସର ଶୁକ୍ଳ ନବମୀ—
Tāl̲a nabamī The 9th day of the bright fortnight of the month of Bhādra.

[ଦ୍ର—ଏ ଦିନ ସ୍ତ୍ରୀମାନେ ଗୌରୀପୂଜା କରନ୍ତି ।]

ତାଳ ପକା(କେ)ଇବା—ଦେ. କ୍ରି—୧ । ଗୀତ ବା ନାଟର ତାଳ
Tāl̲a pakā(ke)ibā ଅନୁସାରେ ତାଳ ବା ବାଦ୍ୟ ବଜାଇବା—
তাল ধরা 1. To beat time to a song or dance.
ताल बजाना ୨ । ତାଳ ଠୁଙ୍କିବା (ଦେଖ)
2. Tāl̲a ṭhuṅkibā (See)

ତାଳ ପଡ଼ିବା—ଦେ. କ୍ରି—୧ । ତାଳ ଭୂମିରେ ପଡ଼ିଲାବେଳେ ଯେପରି
Tāl̲a pa<u>rḍ</u>ibā ଦୁମ୍‌ଦୁମ୍ ଶବ୍ଦ ହୁଏ ସେହିପରି ଶବ୍ଦ ସହିତ
তাল পড়া କୌଣସି ଲୋକ ଉପରେ ବିଧା ମାଡ଼ ବସିବା—
ताल गीरना 1. Dealing of heavy fist-blows on the back of a man (with sound like that produced when palm-fruits drop down on the ground).

୨ । ଗୀତ ବା ନାଟର ତାଳ ଅନୁସାରେ ତାଳ ବା ବାଦ୍ୟ ବାଜିବା—2. Beating of time to a song or dance.

୩ । ପ୍ରତିଯୋଗିତା କରିବା—3. Emulating.

୪ । ଗଛରୁ ପାଚିଲା ତାଳ ତଳକୁ ଖସିବା—
4. The falling of ripe palm-fruits on the ground.

ବିଅ ଉଡ଼ିବାକୁ, ତାଳ ପଡ଼ିବାକୁ—ଢଗ ।

ତାଳ ପତର—ଦେ. ବି. (ସଂ. ତାଳ ପତ୍ର)— ତାଳପତ୍ର (ଦେଖ)
Tāl̲a patara Tāl̲a patra (See)
তালপাতা [ଦ୍ର—ତାଳଗଛର ଶାଖାର ବୃନ୍ତକୁ ବାହୁଙ୍ଗା
ताडका पत्ता ବୋଲାଯାଏ । ବୃନ୍ତ ଅଗରେ ଯେଉଁ ବ୍ୟଜନାକୃତି

ସାଧାରଣ ଲେଖକେ ଅନେକ ସ୍ଥଳରେ ଯୁକ୍ତ ୧ ଫଳାରେ ଅକ୍ଷର ଓ ମାତ୍ରା ଏବଂ ୨ ଫଳାରେ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଫଳାରେ କୌଣସି ଶବ୍ଦ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଖୋଜିବା ଯଥାକ୍ରମେ ଉକ୍ତ ୨ ବା ୧ ଫଳାର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପତ୍ରର ସଙ୍ଗେ ଲଗ୍ନ ପତ୍ରଗୁଚ୍ଛ ଥାଏ ତାହା ତାଳପତ୍ର ଅଟେ । ଗ୍ରୀଷ୍ମରେ ତାଳୁ ତାଳ ବରଡ଼ା କାଟନ୍ତି ଓ ଶୁଷ୍କ ବ୍ୟଞ୍ଜନାକୃତି ପତ୍ରକୁ ଲମ୍ବ ଲମ୍ବ ପଟ୍ଟରେ ଚିରିଦେଲେ ତହିଁମଧ୍ୟରେ ଶଲାକା (ଖଡ଼ିକା) ଥିବା ଦୁଇଫାଳିଆ ଯେଉଁ ପତ୍ର ତାହାରେ ତାହିଁ ତାଳପତ୍ରର କାଟନ୍ତି ଓ ତହିଁ ଉପରେ ଲେଖଣ ସାହାଯ୍ୟରେ ଲେଖାଯାଏ ।]

ତାଳ ପତ୍ର—ସ. ବ. (୬ଷ୍ଠୀ ତତ୍; ତାଳ+ପତ୍ର)—
Tāla patra — ୧ । ତାଳଗଛର ପତ୍ର—1. Palm leaf.
[ଦ୍ର—ଏଥି ଉପରେ ଲେଖନରେ ଲେଖାଯାଏ; ଏଥିରେ ଭୋଗେଇ ଅନ୍ନ, ଅସନ ଓ ବ୍ୟଞ୍ଜନ ବୁଣାଯାଏ ଏବଂ ଛାତି ବନ୍ଧାଯାଏ ।]
୨ । କର୍ଣ୍ଣଭୂଷଣବିଶେଷ; ତାଟଙ୍କ—
2. An ornament for the ear.
୩ । ଖଡ୍ଗବିଶେଷ—3. A kind of sword.

ତାଳପତ୍ର ସିପାଇ(ହି)—ଦେ. ବ-(ତାଳପତ୍ରରେ ପ୍ରସ୍ତୁତ ସିପାହି ମୂର୍ତ୍ତି ଯେପରି
Tālapatra sipāi(hi) — ପବନର ସାମାନ୍ୟ ଅଘାତରେ ଉଡ଼ିଯାଏ
তালপাতার সিপাই — ସେହିପରି) ଯେଉଁ ବ୍ୟକ୍ତି ଅଳ୍ପକେ ଦବି (ତାଳପତ୍ର ସିପେଇ—ଅନ୍ୟରୂପ) ଯାଏ ବା ଡରି ଯାଏ; କ୍ଷୀଣ; ଦୁର୍ବଳ ଓ ଭୀରୁ ଲୋକ—A weak, lean and timid person.

ତାଳ ପତ୍ରିକା—ସ. ବ. ସ୍ତ୍ରୀ—ତାଳମୂଳୀ (ଦେଖ)
Tāla patrikā — Tālamūlī (See)

ତାଳ ପତ୍ରୀ—ସ. ବ—ମୂଷିକପର୍ଣ୍ଣୀ (ଦେଖ)
Tāla patrī — Mūshikaparnnī (See)

ତାଳ ପର୍ଣ୍ଣ—ସ. ବ—୧ । ମୁରା ନାମକ ଗନ୍ଧଦ୍ରବ୍ୟ—
Tāla parnna — 1. A kind of medicinal perfume.
୨ । ଗନ୍ଧ ପତ୍ର (ଦେଖ)
2. Gandha patra (See)

ତାଳ ପର୍ଣ୍ଣିକା—ସ. ବ—୧ । ମୁରା ନାମକ ଗନ୍ଧଦ୍ରବ୍ୟ; ମୁରାମାଂସୀ—
Tāla parnnikā — 1. A herbarious scent.
୨ । ତାଳମୂଳୀ (ଦେଖ)
2. Tālamūlī (See)
୩ । ସଉପ (ଦେଖ) (ଦ୍ର. ଶବ୍ଦସାଗର)—
3. Saupa (See)

ତାଳ ପାରୁ—ଦେ. ବ—ପାଚିଲା ତାଳକୁ ଚିପୁଡ଼ି ଦେଲେ ଠାକୁଆ ଉପରେ
Tāla pāru — ଯେଉଁ ତେନ୍ତୁଆ ଅଂଶୁମାନ ରହିଯାଏ—The soft fibres left on the stone after pressing the juice from a ripe palm fruit.

ତାଳ ପିଞ୍ଛା—ଦେ. ବ—ତାଳ ଜଟ (ଦେଖ)
Tāla pinchhā — Tāla jata (See)

ତାଳ ପିଠା—ଦେ. ବ—ପାଚିଲା ତାଳର ଦୋରୁଅ ସଙ୍ଗେ ଚକା ଚୁଲରେ
Tāla pithā — ମିଶାଇ କରାଯିବା ପିଠା ବା ପିଷ୍ଟକବିଶେଷ—
তালপিঠা — Cakes made with palm juice mixed with rice flour.

ତାଳ ପ୍ରଲମ୍ବ—ସ. ବ. (୬ଷ୍ଠୀ ତତ୍; ତାଳ+ପ୍ରଲମ୍ବ=ଜଟା)—
Tāla pralamba — ତାଳଜଟ—The long flower stalks of a male palm tree.

ତାଳ ଫ(ଫୋ)ଟକା—ଦେ. ବ—ତାଳପତ୍ରଦ୍ୱାରା ଗଡ଼ା ଯାଇଥିବା ବାରୁଦ-
Tāla pha(pho)takā — ପୁଡ଼ା—Crackers or packets of
তাল পটকা — gunpowder tightly packed
ताल पटाका — in palm-leaves.
[ତାଳଫୁଟୁକା(କ)—ଅନ୍ୟରୂପ]

ତାଳ ଫାଉଡ଼ା(ଣ୍ଡା)—ଦେ. ବ—ତାଳବାହୁଙ୍ଗାର ଦୁଇ ଫାଳିଆ ମୂଳ ଅଂଶ-
Tāla phāurdā(ndā) — The parted root of a palm
তাল ষাঁড়া — branch; the bifurcated or forked part of a palm branch.

ତାଳ ଫୋପଡ଼(ଡ଼ା)—ଦେ. ବ—ତାଳଗଛର ବାହୁଙ୍ଗାରୁ ପତ୍ର ଓ ଫାଉଡ଼ା
Tāla phoparda (rdā) — ବାଦ ଦେଲେ ଯେଉଁ ମଧ୍ୟଭାଗ ରହେ
তাল ডাঁটা — (ଯହିଁରୁ କୋରଡ଼ ବା କାଇ କାଢ଼ାଯାଏ)—
ताडका डंठल — The middle part or bare ridge of a palm-branch.

ତାଳ ବଣ(ଣି)—ଦେ. ବ (ସ. ତାଳବନ)—ତାଳ ବୃକ୍ଷବହୁଳବନ—
Tāla bana(ni) — A grove of palm trees.
তালবণ ताल्बन
(ତାଳବଣିଆ; ତାଳବଣିଆ—ଅନ୍ୟରୂପ)

ତାଳ ବଣା—ଦେ. ବଣ—ତାଳ କଣା (ଦେଖ)
Tāla banā — Tāla kanā (See)

ତାଳ ବନ—ସ. ବ—୧ । ଯେଉଁ ସ୍ଥାନରେ ପାଖେ ପାଖେ ବହୁ ତାଳ
Tāla bana — ଗଛ ଥାଏ—1. A grove of palm trees.
୨ । (ନାମ) ଗୋବର୍ଦ୍ଧନ ଗିରି ଉତ୍ତରରେ ଯମୁନାକୂଳରେ ଥିବା ପ୍ରାଚୀନକାଳର ତାଳ ବୃକ୍ଷର ଏକ ବନ—
2. Name of an ancient grove of palm trees near Brundābana.
[ଦ୍ର—ଏହିଠାରେ ବଳରାମ ଧେନୁକାସୁରକୁ ବଧ କରିଥିଲେ ।]

ତାଳବର—ବୈଦେ. ବଣ. (ଫା. ତାଲେବର; ଅ. ତାଲ୍ଲ=ଭାଗ୍ୟ+ଫା.
Tālabara — ବର ପ୍ରତ୍ୟୟ)—୧ । ଭାଗ୍ୟବାନ୍—1. Lucky.
তালেবর — ୨ । ମାନ୍ୟ—2. Honourable.
तालेबर — ୩ । ସୁନାମଧନ୍ୟ—3. Illustrious.

ତାଳ ବରଡ଼ା—ଦେ. ବ—ତାଳଗଛର ଛତ୍ରାକୃତି ପତ୍ର—
Tāla barardā — Fan-shaped palm-leaves.
তালপাতা

ତାଳ ବାୟା—ଦେ. ବ. [ତାଳ+(ତନ୍ତୁ) ବାୟ]—ତାଳଗଛର ପତ୍ର
Tāla bāyā — ଅଗରେ ବୋତଲ ପରି ଝୁଲନ୍ତା ବସା ବାନ୍ଧିବା ଚାରି
তালবাবই — ଅଙ୍ଗୁଳ ଦୀର୍ଘ ଘରଚଟିଆ ଆକୃତିର ଶାଖାଶ୍ରୟୀ ବର୍ଗର
बाया — ପକ୍ଷୀ—The weaverbird; Ploceus Baya.

୧	ଲ	ଡ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଜ୍ଞ	ଙ୍ଖ	ଝ
୨	ଳ	ଢ଼	ରୁ	ଲ୍ରୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଞ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଚ	ନ୍ତ

[ଦ୍ର—ଏହାର ତାଳୁ ଓ ଗୁଭ ହଳଦିଆ, ଦେହ ଖଇରି । ଏମାନେ ତାଳ, ନଡ଼ିଆ ଓ ଖଜୁରି ପତ୍ରରୁ ସରୁ ସୂତା ପରି ଅଂଶକୁ ଥଣ୍ଟରେ ଚିର କେଇ ସେହିଥିରେ ଏପରି କୌଶଳରେ ବସାକୁ ବୁଣି ତାଳଗଛ, ଖଜୁରିଗଛ ଓ ନଡ଼ିଆଗଛ ପତ୍ରର ଅଗରେ ଓଲଟା ବୋତଲ ପରି ବସାକୁ ଝୁଲାଇ ଥାଆନ୍ତି ଯେ ଝଡ଼ ତୋଫାନରେ ମଧ୍ୟ ବସା ଉକ୍ତ ପତ୍ରରୁ ଚ୍ୟୁତ ନ ହୋଇ ଦୋହୋଲୁ ଥାଏ ।]

ତାଳ ବାହୁଙ୍ଗା—ଦେ. ବି—ତାଳଗଛର ପତ୍ରଯୁକ୍ତ ଶାଖା—
Tā<u>l</u>a bāhungā The stalk or branch of the palm leaf.
তালবাখড়া

ତାଳ ବୁ(ବୋ)ରେଇ—ଦେ. ବି—ତାଳବଣ; ତାଳଗଛର ଗୋଷ୍ଠୀ—
Tā<u>l</u>a bu(bo)rei A grove or tope of palm-trees
তালবন

ତାଳ ବୃନ୍ତ—ସଂ. ବି. (ତାଳ+ବୃନ୍ତ)—
Tā<u>l</u>a brunta ୧ । ପତ୍ରହୀନ ତାଳବାହୁଙ୍ଗା—
1. The leafless stalk of palm tree.
୨ । ତାଳବାହୁଙ୍ଗାରେ ନିର୍ମିତ ବିଞ୍ଚଣା—
2 Fan made of the stalk of palm leaves.
୩ । ତାଳପତ୍ରରେ ବୁଣା ହୋଇଥିବା ବିଞ୍ଚଣା—
3. Fan of palm leaves woven together.

ତାଳ ବୃନ୍ତକ—ସଂ. ବି. (ତାଳବୃନ୍ତ+କ)—ତାଳ ବୃନ୍ତ (ଦେଖ)
Tā<u>l</u>a bruntaka Tā<u>l</u>a brunta (See)

ତାଳ ବେଚନକ—ସଂ. ବି. (ତାଳ+ବଚ୍ ଧାତୁ+ଅନ+କ)—
Tā<u>l</u>a bechanaka ନର୍ତ୍ତକ; ନାଚୁଆ—Dancer.

ତାଳ ବେତାଳ—ସଂ. ବି. ପୁଂ (ଦ୍ୱନ୍ଦ୍ୱ; ତାଳ+ବେତାଳ)—ମହାଦେବଙ୍କ
Tā<u>l</u>a betā<u>l</u>a ଅନୁଚର ତାଳ ଓ ବେତାଳ ନାମକ ଭୂତଦ୍ୱୟ—
Two aerial attendants of Śiba.

ତାଳ(ଲ)ବ୍ୟ—ସଂ. ବିଣ (ତାଳୁ+ଭବାର୍ଥରେ. ଯ)—୧ । ତାଳୁ
Tā<u>l</u>a(la)bya ସମ୍ବନ୍ଧୀୟ—1. Relating to the palate.
୨ । ତାଳୁସାହାଯ୍ୟରେ ଉଚ୍ଚାରିତ—
2. Pronounced from the palate; palatal.

ତାଳବ୍ୟ ବର୍ଣ୍ଣ—ସଂ. ବି (ତାଳବ୍ୟ+ବର୍ଣ୍ଣ)—ଇ, ଈ, 'ଚ' ବର୍ଗ, ଯ
Tālabya barṇṇa ଓ ଶ—The palatal letters of the alphabet.

ତାଳବ୍ୟ 'ଶ'—ସଂ. ବି—ତାଳୁରୁ ଉଚ୍ଚାରିତ 'ଶ' ଅକ୍ଷର—
Tālabya 'śa' The letter 'śa'.

ତାଳ ଭଙ୍ଗ—ସଂ. ବି (୬ଷ୍ଠୀ ତତ୍; ତାଳ+ଭଙ୍ଗ)—ବେତାଳ ହେବା;
Tā<u>l</u>a bhanga ଗୀତ ବାଦ୍ୟର ତାଳ ନିୟମ ଅନୁଯାୟୀ ନ ପଡ଼ିବା—
Losing the measure of a music or song.

ତାଳ ଭଣ୍ଡି—ଦେ. ବି—ତାଳ ଜଟ (ଦେଖ)
Tā<u>l</u>a bhaṇḍi Tā<u>l</u>a jaṭa (See)
তালগাছের ভুঁড়া, तालसोंटा

ତାଳଭୃତ—ସଂ. ବି (ତାଳ+ଭୃ ଧାତୁ+କର୍ତ୍ତୃ. କ୍ୱିପ୍)—ବଳରାମ—
Tā<u>l</u>abhṛut Ba<u>l</u>arāma.

ତାଳ ମ(ମା)ଖନା—ଦେ. ବି—କୋଇଲିଖିଆ (ଦେଖ)
Tā<u>l</u>a ma(mā)khanā Koilikhiā (See)

ତାଳ ମଜ୍ଜା—ସଂ. ବି (ତାଳ+ମଜ୍ଜା)—ତାଳସଜ (ଦେଖ)
Tā<u>l</u>a majjā Tā<u>l</u>asaja (See)

ତାଳ ମଞ୍ଜି—ଦେ. ବି—୧ । ପାଚିଲା ତାଳଫଳ ମଧ୍ୟରେ ଥିବା ଟାଙ୍କୁଆ—
Tā<u>l</u>a mañja 1. Seed of a palm fruit.
তালের আঁটি
୨ । ପୁରୁଣା ତାଳଗଛର ମଧ୍ୟବର୍ତ୍ତୀ ଅତି କଠିନ ଦାରୁଅଂଶ—2. The hard long fibres inside the bark of a palm-trunk.

ତାଳ ମଢୁଆ—ଦେ. ବି— ତାଳପତ୍ରର ବାହାର ବା ଅଗ ପାଖର ଶିରା—
Tā<u>l</u>a marḍhuā The fibrous ridge of a palm leaf.

ତାଳ ମଣ୍ଡା—ଦେ. ବି—ପାଚିଲା ତାଳର ଦୋରୁଅରେ ତିଆରି ମଣ୍ଡା
Tā<u>l</u>a maṇḍā ପିଠା—A kind of cake prepared from the juice of ripe palm-fruits.

ତାଳ ମର୍ଦ୍ଦଳ—ସଂ. ବି (ଦ୍ୱନ୍ଦ୍ୱ; ତାଳ+ମର୍ଦ୍ଦଳ)—କରତାଳ ଓ ମୃଦଙ୍ଗ;
Tā<u>l</u>a marddā<u>l</u>a ତାଳ ଓ ଗୋଲ—Cymbals and drums.

ତାଳ ମାନ—ସଂ. ବି (ଦ୍ୱନ୍ଦ୍ୱ; ତାଳ+ମାନ)—ସଙ୍ଗୀତର ତାଳ ଓ ମାନ—
Tā<u>l</u>a māna The measure and the stop in music.

ତାଳ ମିଶ୍ରି—ଦେ. ବି—ତାଳରସର ଗୁଡ଼ରୁ ପ୍ରସ୍ତୁତ ମିଶ୍ରି—
Tā<u>l</u>a miśri Crystallised palm-sugar.
তালমিছরী, तालमिसरी

ତାଳମୂଳିଆ କଣ୍ଟା—ଯେଉଁ ଲୁହା କଣ୍ଟା ତାଳଗଛ ପରି ତଳ ପାଖରୁ
Tā<u>l</u>amū<u>l</u>iā kanṭā ଅଗ ପର୍ଯ୍ୟନ୍ତ କ୍ରମଶଃ ସରୁ ହୋଇ ଗଢ଼ା ହୋଇଥାଏ—Stout nails gradually tapering like the trunk of a palm tree.

ତାଳ ମୂଳୀ—ସଂ. ବି. ସ୍ତ୍ରୀ—ତାଳର ଗଜାଗଛ ପରି ଦେଖା ଯାଉଥିବା
Tā<u>l</u>a mū<u>l</u>i ଏକପ୍ରକାର କ୍ଷୁଦ୍ର ଗୁଳ୍ମ—
ସଂ. ପର୍ଯ୍ୟାୟ—ତାଳମୂଳିକା, ତାଳପର୍ଣ୍ଣିକା, ହେମପୁଷ୍ପୀ, ଗାର୍ଗିକଳିକା, ମୂଷଲୀ, ଭୂତାଳୀ ମୂଷଲୀକନ୍ଦ
A kind of medicinal plant resembling very young shoots of palm trees; Corculigo Orchiodes; Asparagus Sarmentosus.
তালমূলী
कालिमुस ली, मुजामुसली
ତେ. ନେଲ୍ଲତାଡ଼ି, ନେଲତାଡ଼ୁ
ତା. ଓ ମ. କାଲିମୂଷଲୀ
[ଦ୍ର—ଏହାର ଫୁଲ ହଳଦିଆ ଗନ୍ଧହୀନ ଓ ଷଡ଼ଦଳ; ଏହାର ମୂଳ ଔଷଧ ରୂପେ ବ୍ୟବହୃତ ହୁଏ । ଏହି ଗଛ ପ୍ରତିବର୍ଷ ମରଯାଏ ଓ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପୁଣି ଚେରରୁ ଗଜା ବାହାରେ । ଏହାର ମୂଳର କନ୍ଦ ଅତି ପତଳ; ଏହାର ପତ୍ର ଓ ତାଳ ତାଳପତ୍ର ଓ ବାହୁଙ୍ଗାର ଅନୁରୂପ ପତ୍ର । କୃଷ୍ଣ ଓ ଶୁକ୍ଳ ଭେଦରେ ଏହା ଦୁଇପ୍ରକାର । ଏହା ମଧୁରତିକ୍ତରସ, ଶୁକ୍ରବର୍ଦ୍ଧକ, ଜଠର ବୀର୍ଯ୍ୟ, ପୁଷ୍ଟିକାରକ, ଗୁରୁ, ରସାୟନ, ଓ ଅର୍ଶ ଏବଂ ବାୟୁନାଶକ ।]

ତାଳ ମୂଷଳୀ—ଦେ. ବି (ସଂ.ମୂଷଳୀ)—ତାଳମୂଳୀ ଗୁଳ୍ମର ଚେର—
Tāḻa mūshaḻī The root of Tāḻamūḻī plant.
কালমুষলী [ଦ୍ର—ଏହି ଚେର ସହଜରେ ମରେ
কালীমুসলী ନାହିଁ । ଗଛର ପତ୍ର ଓ ଶାଖା ଆଦି ପ୍ରତି ବର୍ଷ ମରଯାଏ; ମାତ୍ର ଋତୁ ଅନୁସାରେ ମୂଳକନ୍ଦରୁ ପୁଣି ଗଜା ବାହାରେ ।]

ତାଳ ଯନ୍ତ୍ର—ସଂ. ବି (ତାଳ + ଯନ୍ତ୍ର)—ଶଲ୍ୟୋଦ୍ଧାରଣାର୍ଥ ଯନ୍ତ୍ରବିଶେଷ—
Tāḻa jantra A surgical instrument for extracting arrows or foreign articles from the body.

ତାଳ ରସ—ସଂ. ବି (୬ଷ୍ଠୀ ତତ୍; ତାଳ+ରସ)—ଅଣ୍ଡିରା ତାଳ ଗଛର
Tāḻa rasa ଅପକ୍ୱ ଜଟାରୁ ବାହାରିବା ତାଡ଼ି—
The juice extracted from the flower-stalks of male palm trees; palm-toddy.

ତାଳଲକ୍ଷ୍ମା—ସଂ. ବି (ବହୁବ୍ରୀହି; ତାଳ+ଲକ୍ଷ୍ମନ୍)—ବଳରାମ—
Tāḻa lakshmā Baḻarāma.

ତାଳ ଶିମି(ମୂ)ଳୀ—ଦେ. ବି (ସଂ. ତାଳମୂଳୀ; ମୂଷଳୀ)—
Tāḻa śimi(mū)ḻi ତାଳ ମୂଷଳୀ (ଦେଖ)
Tāḻa mūshaḻi (See).

ଦେ. ବିଣ—୧ । ଚିରଞ୍ଜୀବୀ—1. Long-lived.
୨ । ଚିରସ୍ଥାୟୀ—2. Permanent.
[ଦ୍ର—ଲୋକେ କୌଣସି ବ୍ୟକ୍ତିକୁ ବ୍ୟଙ୍ଗ କରି କହନ୍ତି, "ତୁ କଅଣ ତାଳଶିମୂଳୀ ହେବୁ ?"]

ତାଳଶିରା ଖଡ଼ୁ—ଦେ. ବି (ବଣିଆ ଶବ୍ଦ)—ସୁନା ବା ରୁପାରେ ତିଆରି
Tāḻaśirā khar̤du ହାତରେ ପିନ୍ଧିବା ଏକପ୍ରକାର ଖଡ଼ୁ—
A kind of bracelet.

ତାଳ ସଇ(ହି)—ଦେ. ବିଣ—ତାଳ ଅନୁସାରେ ଗୀତ ବା ବାଦିତ—
Tāḻa sai(hi) Sung or set according to the musical
তালসই measure; (song or music) adjusted
तालमेल to measure; musical.
(ତାଳମେଳ—ଅନ୍ୟରୂପ)

ତାଳ ସଜ—ଦେ. ବି (ସଂ. ତାଳ ଓ ଶସ୍ୟ)—ଛୋଟ କଷା ତାଳ ଫଳ
Tāḻa saja ମଧ୍ୟରୁ ବାହାରିବା ସୁସ୍ୱାଦୁ କୋମଳ ପଦାର୍ଥ;
তাশশাষ ତାଳତାଳ; ତାଳାସ୍ଥିମଜ୍ଜା—
तालसाँस; तालकागुदा The tender and sweet kernel of young palm-fruits.

ପୁଷ୍ଟ ତାଳସଜ ପଣା ପରିତ୍ତ କଦଳୀ—ପ୍ରାଚୀ ରହସ୍ୟମଣ୍ଡପ ।

[ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା କଷାୟ ମତ୍ତତାଜନକ, ଲଘୁ, କଫବର୍ଦ୍ଧକ, ଦୁଷ୍ପାଚ୍ୟ, ବହୁମୂତ୍ରଜନକ, ତନ୍ଦ୍ରାକାରକ, ଅଗ୍ନିମାନ୍ଦ୍ୟ ଓ ଶୁକ୍ରବର୍ଦ୍ଧକ ।]

ତାଳସ୍ତନୀ—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ତାଳ + ସ୍ତନ + ସ୍ତ୍ରୀ. ଈ)—
Tāḻastanī ତାଳ ଫଳ ପରି ପୃଥୁଳସ୍ତନଯୁକ୍ତା (ସ୍ତ୍ରୀ)—
(woman) Having breasts big like palm fruits.

ତାଳ ପୃଥୁଳ ବଣାଳବୃତ ତରତାଳ ସୁଘଟିତ ତାଳସ୍ତନ ରେ ।
କବିସୂର୍ଯ୍ୟ ସଙ୍ଗୀତ ।

ତାଳ ହାଣ୍ଡି—ଦେ. ବି—ହାଣ୍ଡି ପରି ଆକୃତିବିଶିଷ୍ଟ ତାଳ ଗଛର ମୂଳ—
Tāḻa hāṇḍi The thick round block at the root of a palm tree.
[ଦ୍ର—ଏହାକୁ ଖୋଳ ହାଣ୍ଡି ଆକାର କରି ଏହା ଉପରେ ଚମଡ଼ା ଛାଉଣି କଲେ ଏହା ମେଘା ବା ଧଂସା (ବ. ଧାମସା) ନାମକ ବାଦ୍ୟ ହୁଏ; ଏହାର ଧ୍ୱନି ଖୁବ୍ ଗମ୍ଭୀର ଓ ବହୁ ଦୂରକୁ ଶୁଣାଯାଏ ।]

ତାଲା—ଦେ. ବି—୧ । (ସଂ. ତାଳକ, ତଳକ)—କୋଲପ—
Tālā Lock; padlock.
[ଦ୍ର—ଢକଣୀ, କମାଣୀ; ଦଣ୍ଡୀ ବା ଚିକିଆ, ମେରୁ, ତାଲା, ଛାଟକଣୀ ଓ କୁଞ୍ଚିକଳ ତାଲାର ଭିନ୍ନ ଭିନ୍ନ ଅଂଶ ଅଟେ ।]
তালা ୨ । (ସଂ. ତଳ) କୋଠାର ମହଲା—
ताला, ताली 2. Storey of a building.
ଦେ. ବିଣ—ଏତେ ତଳବିଶିଷ୍ଟ; (ଯଥା—ତିତାଲା କୋଠା)
(building) Having so many storeys; storied.

ତାଲା ଅଟକା(କେ)ଇବା—ଦେ. କ୍ରି—କୌଣସି କୋଲପକୁ ବନ୍ଦ ନ
Tālā aṭakā(ke)ibā ପକାଇ ବନ୍ଦ ପକାଇବା ପରି ଦେଖାଯିବା
[ତାଲାଠକା(କେ)ଇବା—ଅନ୍ୟରୂପ] ଭଳି ଦ୍ୱାରରେ ଲଟକାଇବା—
তালা টীপা To put an unclosed padlock on the door in an apparently closed position.

ତାଲା କାଠି—ଦେ. ବି—କୋଲପ ଓ ଖୋଲକାଠି—
Tālā kāṭhi Lock and key.
তালাকাটী **ताला कुंजी**
ତାଲାକଞ୍ଚି }
ତାଲାକୁଞ୍ଚି } ଅନ୍ୟରୂପ

ତାଲା ଖୋଲିବା—ଦେ. କ୍ରି—କୋଲପ ପଡ଼ିଥିବା ଘରର କୋଲପ
Tālā kholibā ଫିଟାଇବା—To unlock a locked door.
[ତାଲା ଫିଟା(ଟେ)ଇବା—ଅନ୍ୟରୂପ]
তালা খোলা **ताला खुलना**

ତାଳାଙ୍କ—ସଂ. ବି (ବହୁବ୍ରୀହି; ତାଳ + ଅଙ୍କ = ଚିହ୍ନ)—
Tāḻāṅka ୧ । ତାଳଧ୍ୱଜ; ବଳରାମ—1. Baḻarāma.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଘ,ଷ	କ୍ଷ	ଇଷ୍ଟ	ଉଅ	ଓ
୨	ଈ	ଊ	ରୁ	ଲୁ	ପ୍ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	.ଖ୍ୟ	ଯ	ସ	ଟ୍ୟ	ଇଅ	ଞ	ନ୍

୨ । ମହାଦେବ; ଶିବ—God Śiba.
୩ । ତାଳପତ୍ରରେ ଲିଖିତ ପୁସ୍ତକ; ପୋଥି—
3. Palm leaf manuscript.
୪ । ଶାକବିଶେଷ—4. A kind of pot herb.
୫ । ତାଳଜଂଘ ପୁରୁଷ—
5. A man of developed thighs.
୬ । ଭୀଷ୍ମଦେବ—6. A name of Bhishma.

ତାଳାଙ୍କୁର—ସ. ବି—୧ । ମନଃଶିଳା (ହି. ଶବ୍ଦସାଗର)—
Tāḻāṅkura 1. Red arsenic,
୨ । ତାଳ ଖୁଙ୍କୁ (ଦେଖ)—2. Tāḻa khuṅku (See)

ତାଲା ଚାବି—ଦେ. ବି. (ସଢ଼ଭର; ସ. ତାଲକ+ପାର୍ଶ୍ୱ ଶୀନ୍. ଚୁବେ)—
Tālā chābi ୧ । ତାଲା; କୋଲପ—1. Lock.
ତାଲା চাবি ୨ । କୋଲପ ଓ ତହିଁର କଣ୍ଠି—
ताला कुंजी 2. Lock and key.

ତାଲା ଦେବା—ଦେ. କ୍ରି—ଘରର କବାଟରେ କୋଲପ ପକାଇବା; ଦ୍ୱାରରେ କୋଲପ ଠିକି ଦ୍ୱାର ବନ୍ଦ କରିବା—
Tālā debā
তালা দেওয়া; তালা বন্দ করা To padlock a door; to lock up a door.
ताला लगाना
ତାଲା ଠିଙ୍କିବା; ତାଲା ପକା(କେ)ଇବା } ଅନ୍ୟରୂପ
ତାଲା ବନ୍ଦ କରିବା; ତାଲା ଲଗା(ଗେ)ଇବା }

ତାଳାନ୍ତ—ସ. ବି. (ତାଳ+ଅନ୍ତ)—
Tāḻānta ସଙ୍ଗୀତରେ ବିଶ୍ରାମ ତାଳର ବିରାମ—
A rest in music.
ଦେ. ବି—ଅତ୍ୟନ୍ତ କ୍ଲାନ୍ତ—Exhaustion.
ଦେ. ବିଣ—ଅକାନ୍ତ; ଅତି କ୍ଲାନ୍ତ—
Overpowered; exhausted.

ତାଲା ପଡ଼ିବା—ଦେ. କ୍ରି—୧ । ଦ୍ୱାରରେ କୋଲପ ଦିଆଯିବା—
Tālā paṛibā 1. Locking of a door.
(ତାଲା ଲାଗିବା—ଅନ୍ୟରୂପ) ୨ । ରୋଗ ବା ବାତ ଯୋଗୁଁ ଦାନ୍ତର
তালাপড়া କବାଟ ପଡ଼ିଯିବା—2. Lock-jaw.
ताला लगना

ତାଲା ମୁଦ—ଦେ. ବି—କୌଣସି ଘରେ କୋଲପ ପଡ଼ି ତହିଁ ଉପରେ
Tālā muda ଲାଖ ଅବା ମୁଦ ବା ମୋହର ଦିଆଯିବା—
Sealing of a door under lock.

ତାଳାସ୍ଥି ମଜ୍ଜା—ସ. ବି—୧ । ତାଳ ଶସ; ତାଳ ତାଳ—
Tāḻāsthi majjā 1. The tender sweet kernel of young palm fruits.
୨ । ତାଳ ଖୁଙ୍କୁ (ଦେଖ) (ହରେକୃଷ୍ଣ ଦ୍ରବ୍ୟଗୁଣ ।)—
2. Tāḻa khuṅku (See)

ତାଲି—ଦେ. ବି. (ସ. ତାଳ)—
Tāḻi ୧ । ଦୁଇ କରତଳର ପରସ୍ପର ଆଘାତଜନିତ ଶବ୍ଦ—
তালি 1. Clapping of palms; clap.
ताली, थपड़ी
ଏକା ହାତରେ ତାଳି ବାଜେ ନାହିଁ—ଚଗ ।
[ଦ୍ର—'ତାଳ'ର ଅର୍ଥପ୍ରାପ୍ତ ଜାଣିବା ନିମନ୍ତେ 'ତାଳ ଦେବା' ତଳେ ନୋଟ୍ ଦ୍ରଷ୍ଟବ୍ୟ ।
କୌଣସି ବୟଃସ୍ଥ ବ୍ୟକ୍ତି ବା ମାତା ଶିଶୁଙ୍କୁ ତାଳ ମାରିବାକୁ ଶିଖାଇବା ସମୟରେ ଆପଣାର କରତଳର ଆଘାତ ସଙ୍ଗେ 'ତାଳ ତାଳ ! ତାଳ ତାଳ ! ତାଳ ତାଳ ! ବନମାଳୀ,''ତାଳସର ! ତାଳର ତେଲୁଣୀ ସଳ କର,''ତାଳସର ! ତାଳସର ! ଧନ ଗୁଲିଯିବେ ଶାଶୁ ଘର' ଇତ୍ୟାଦି ବାକ୍ୟମାନ ବୋଲନ୍ତି ଓ ବେଳେ ବେଳେ ପିଲାଙ୍କ ଅସ୍ଫୁଟ ଉଚ୍ଚାରଣକୁ ଅନୁକରଣ କରି 'ତାଳ ତାଳ' ପରିବର୍ତ୍ତିରେ 'ତାଇ ତାଇ' କହନ୍ତି ।]
୨ । ଚିରା ଲୁଗାର ଛିଦ୍ରରେ ପଡ଼ିବା ବସ୍ତ୍ରଖଣ୍ଡ—
তালি, 2. Patch of cloth put on a hole in a torne
थेगली garment or cloth.

ଯାର ବସ୍ତ୍ରସାର ତାଳି, ତାଳି ପରେ ତାଳି, ପୁଣି ତାଳି ତା ଉପରେ—
ରାଧାନାଥ. ମହାଯାତ୍ରା ।

୩ । ଭଙ୍ଗା ବାସନରେ ପକାଯିବା ଧାତୁଖଣ୍ଡ—
3. A patch of metal tinkered to a hole in a metal pot.

ତାଳିକ—ସ. ବି (ତାଳ+ଇକ)—୧ । କରତାଳ—
Tāḻika 1. Clap.
୨ । କରତଳ—2. Palm of the hand.
୩ । ଚାପୁଡ଼ା—3. Slap.
୪ । ବନ୍ଧନ—4. Binding; imprisonment.
୫ । ମୋହର ମାରିବା ମୁଦ କରିବା—5. Sealing.

ତାଳିକା—ସ. ବି. ସ୍ତ୍ରୀ (ତାଳ+କ+ସ୍ତ୍ରୀ. ଆ)—୧ । କରତାଳ—
Tāḻikā 1. Clap.
୨ । ଚାପୁଡ଼ା—2. Slap.
୩ । ମଞ୍ଜିଷ୍ଠା—3. Indian madder.
୪ । ନିର୍ଘଣ୍ଟ; ତାଲିକା—4. List.
୫ । କାଗଜର ପୁଳିକା—5. A cover containing a bundle of papers.
୬ । ତାଳମୂଳୀ (ଦେଖ)—6. Tāḻmūḻi (See)
୭ । ତାଲା—7. Padlock.

ତାଲିକା—ଦେ. ବି (ସ. ତାଳିକା; ଭୁଲ. ଆ. ତଅଲିକା)—
Tālikā ନିର୍ଘଣ୍ଟ; ଲିଷ୍ଟ—Inventory; schedule;
তালিকা invoice; catalogue.
तालिका

ସାଧାରଣ ଭେବେ ଅପର ପୃଷ୍ଠାରେ ୧ଠୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଦୃଢ଼' ନ ମିଳିଲେ 'ଦୃଢ଼' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ତାଳି ଦେବା—ଦେ. କ୍ରି. (ସଂ. ତାଳ)—୧ । ହାତତାଳି ଦେବା; ଦୁଇ ଝରତଳଦ୍ୱାରା ଶବ୍ଦ କରିବା; ଫଟକାର କରିବା—
Tāli debā
তালি দেওয়া 1. To clap one's palms.
तालिपीटना; तालीबजाना ତାଳି ଦେଉଛନ୍ତି ଦର୍ଶକମଣ୍ଡଳୀ ।
ରାଧାନାଥ. ଚନ୍ଦ୍ରଭାଗା ।
[ଦ୍ର—ଠାକୁରଙ୍କୁ ନୈବେଦ୍ୟ ଦେବା ସମୟରେ, ଭକ୍ତଙ୍କ ଆନନ୍ଦକୁ ବୃଦ୍ଧି କରାଇବାକୁ, ସଭାରେ କୌଣସି ବକ୍ତାଙ୍କ ବକ୍ତୃତାର ଆଦ୍ୟରେ ବା ଶେଷରେ କିମ୍ବା ବକ୍ତୃତାର କୌଣସି ଅଂଶ ଶ୍ରୋତାମାନଙ୍କ ହୃଦୟସ୍ପର୍ଶୀ ହେଲେ, ପ୍ରକାଶ୍ୟଭାବରେ ଲୋକଙ୍କୁ ନିନ୍ଦା ବା ଉପହାସ କରିବା ଉପଲକ୍ଷରେ, କଥା ନ କହି କୌଣସି ଦୂରସ୍ଥ ବ୍ୟକ୍ତିର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ, ଗୀତବାଦ୍ୟାଦିର ତାଳ ଜ୍ଞାପନ କରିବାରେ ଓ ବିବାଦରେ ନିଯୁକ୍ତ କୌଣସି ବ୍ୟକ୍ତି ବା ପକ୍ଷକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ତାଳି ଦିଆଯାଏ ।]
୨ । ତାଳି ପକାଇବା (ଦେଖ)—
2. Tāli pakāibā (See)
୩ । (ଲକ୍ଷଣାର୍ଥ) ଯୋଗଦେବା—
3. (figurative) To join.
୪ । ଉପହାସ କରିବା—4. To deride.

ତାଳି ପକା(କେ)ଇବା—ଦେ. କ୍ରି.—ଜୀର୍ଣ୍ଣବସ୍ତ୍ର ବା ଧାତୁ ପାତ୍ରର ଛିଦ୍ରରେ ନୂତନ ବସ୍ତ୍ର ବା ଧାତୁଖଣ୍ଡ ପକାଇବା;
Tāli pakā(ke)ibā
তালি দেওয়া ତାଳି ଦେବା—To patch up a garment or
थेगलि देना a metal pot.

ତାଳି ବଜା(ଜେ)ଇବା—ଦେ. କ୍ରି.—ତାଳିଦେବା (୧) (ଦେଖ)
Tāli bajā(je)ibā Tāli debā (1) (See)
(ତାଳିମାରିବା—ଅନ୍ୟରୂପ)
তালি দেওয়া **तालि बजाना**

ତାଳି ବାଇବା—ଦେ. (ପଦ୍ୟ) କ୍ରି.—ତାଳି ବଜାଇବା—
Tāli bāibā To clap the palms.
ଅନନ୍ତ ଯୁଗରେ ସମ ସଙ୍ଗେ ତାଳ ବାଇ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ତାଲିମ୍—ବୈଦେ. ବି. (ଅ. ତାଲିମ୍)—୧ । ଶିକ୍ଷା; ଅଭ୍ୟାସାର୍ଥ
Tālim ଉପଦେଶ—1. Training; coaching.
তালিম ୨ । ଶିକ୍ଷାଦାନ—2. Tuition; instruction;
तालीम teaching.
୩ । ପ୍ରାଥମିକ ଶିକ୍ଷା—3. Primary instruction.
୪ । ରଙ୍ଗମଞ୍ଚରେ ଅଭିନୟ ପୂର୍ବରୁ ନର୍ତ୍ତକମାନଙ୍କର ପାଇବା ଅଭିନୟର ଶିକ୍ଷା—4. Rehearsal.
ବିଣ—ଶିକ୍ଷିତ—Trained; disciplined.

ତାଲିମ୍ କରିବା—ଦେ. କ୍ରି—୧ । ପ୍ରାଥମିକ ଶିକ୍ଷା ଦେବା; ମଣ କରିବା—
Tālim karibā 1. To train; to coach; to teach.
তালিম করা; তালিম দেওয়া ୨ । (ଉତରଅ) ସାକ୍ଷୀମାନଙ୍କୁ ଅଗ୍ରିମ୍ଭିତ
तालिम करना ସାକ୍ଷ୍ୟଦେବା ନିମନ୍ତେ ଅଗରୁ ଶିଖାଇବା—
2. To coach witnesses before trial.

ତାଲିମ୍ ତରିବତ୍—ବୈଦେ. ବି. (ଅ. ତାଲିମ୍=ଶିକ୍ଷା+ତରବତ୍=
Tālim taribat ଶିକ୍ଷା; ସଦ୍ବ୍ୟବହାର)—ଶିକ୍ଷା—
Training; discipline.

ତାଳି—ସଂ. ବି. (ତାଳ+ସ୍ତ୍ରୀ. ଈ)—୧ । ତାଳଗଛ—
Tāli 1. The palmyra tree.
୨ । ଏକପ୍ରକାର ବଡ଼ ତାଳଗଛ—2. The Talipot palm; Corypha Umbraculifera.
[ଦ୍ର—ଏହି ଗଛ ତାଳ ଗଛ ଅପେକ୍ଷା ମୋଟ ଓ ଏହାର ପତ୍ର ଅପେକ୍ଷାକୃତ ବଡ଼ । ଏହାକୁ ଦେଖିଲେ ପ୍ରଥମେ ତାଳ ଗଛ ବୋଲି ଭ୍ରମ ହୁଏ । ଏହା ୪୦ ବର୍ଷରେ ଫୁଲ ଧରେ । ଫଳ ପାଚିଲେ ଗଛ ମରିଯାଏ । ଏହା ଦକ୍ଷିଣଭାରତର ଅରଣ୍ୟରେ ଜନ୍ମେ । ସଂସ୍କୃତରେ ଏହାର ଏକନାମ 'ଭଣାଲ୍ଲୀ ।']
୩ । ତାଡ଼ି—3. Toddy; fermented palm-juice.
୪ । ହିନ୍ତାଳ; ହେନ୍ତାଳ ଗଛ—4. Phoenix Paludosa.
ସନ-ତାଳୀ- ବନାକାର୍ଣ୍ଣ ଜଳଦୁର୍ଗବାସୀ । ରାଧାନାଥ. ମହାଯାତ୍ରା ।
୫ । ତାଳବନ—5. Palm grove.
୬ । ତାଲା—6. Padlock.
୭ । କୁଞ୍ଚିକାଠି—7. Key of a lock.
୮ । ତାଳମୂଳୀ (ଦେଖ)—8. Tālamūli (See)
୯ । ଭୁଇଁ ଅଁଳା; ବାଢ଼ ଅଁଳା—
9. Phyllanthus Niruri (plant).
୧୦ । (ତାଳ+ଇନ୍ ୧ମା. ୧ବ)—ଯେଉଁ ବ୍ୟକ୍ତି ଗୀତ ବୋଲାଯିବା ଉପଲକ୍ଷରେ ବାଦ୍ୟସାହାଯ୍ୟରେ ତାଳଦିଏ—
10. One who beats measures in accompaniment of a song.
୧୧ । ଶିବ; ମହାଦେବ—11 Śiba.
୧୨ । ମୁନିବିଶେଷ—12. Name of a sage.
୧୩ । ହରଡ଼ (ହ୍ର. ଶବ୍ଦସାଗର)—
13. A kind of pulse.
୧୪ । ତାମ୍ରବଲ୍ଲୀ ଲତା (ହ୍ର. ଶବ୍ଦସାଗର) (ଦେଖ)
14 Tāmraballi creeper (See)
୧୫ । ବର୍ଣ୍ଣବୃତ୍ତବିଶେଷ (ହ୍ର. ଶବ୍ଦସାଗର)—
15. Name of a Sanskrit metre.
୧୬ । ଖିଲାଣର ମଝି ପଥର (ହ୍ର ଶବ୍ଦସାଗର)—
15. The central stone of an arch.
ଦେ. ବି—ବାଦ୍ୟଯନ୍ତ୍ରବିଶେଷ—A kind of drum.
ବାଜେ ମର୍ଦ୍ଦଳ ତାଳ ତାଳୀମାନ—ଉକ୍ତ, ବୈଦେହୀଶବିଳାସ ।

ତାଳୀଶ ପତ୍ର—ସଂ. ବି—ହିମାଳୟର ଦେବଦାରୁ ବର୍ଗର ତରୁବିଶେଷର
Tālisa patra ପତ୍ର—The silver fir; Abies
তালীশপত্র Webbiana; Cinnamomum Tamala
तालिशपत्र, कालचिनि, किर्किरिआ, (Kirtikar).

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇସ୍	ଭ୍ଅ	ଈ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ଦ୍ୱ

କିଙ୍କା, ସିଲକାସିଟ [ଦ୍ର—ବୈଦ୍ୟଙ୍କ ମତରେ ଏହା ସଂ. ପର୍ଯ୍ୟାୟ—ଧାତ୍ରୀପତ୍ର, ମଧୁର, ଗରମ, କଫବାତନାଶକ ଏବଂ ଶୁକୋଦର, ଗ୍ରନ୍ଥିକାପତ୍ର, ଗୁଳ୍ମ, କ୍ଷୟରୋଗ ଓ କାଶରେ ଉପ-ଭୂଲଶୀଚ୍ଛଦ, ଅର୍କବନ୍ଧ, ପତ୍ରାଖ୍ୟ, କାରୀ । ହିମାଳୟ ପର୍ବତରେ ଏହା କରପତ୍ର, କରଚ୍ଛଦ, ନୀଳ, ମିଳେ । ହିନ୍ଦିରେ ଯାହାକୁ ତାଲୀଶପତ୍ର ନୀଳାମ୍ବର, ତାଳୀପତ୍ର,ତମାଳ୍ହ୍ୱୟ କହନ୍ତି, ଓଡ଼ିଆରେ ତାହା ତେଜପତ୍ର]

ତାଳୁ—ସଂ. ବି. (ତୃ ଧାତୁ=ଗମନ କରିବା+କରଣେ. ଞୁ; ତୁଲ. Tālu ତା. ତାଲେ; ତେ. ତାଲ; ଯାହାଦ୍ୱାରା ଶବ୍ଦ ନିର୍ଗତ ହୁଏ)— ପାଟି ମଧ୍ୟର ତାଳୁକା ବା ଉର୍ଦ୍ଧ୍ୱତମ ସ୍ଥାନ; ମୂର୍ଦ୍ଧା ଓ ଦନ୍ତର ମଧ୍ୟବର୍ତ୍ତୀ ସ୍ଥାନ; ପାଟି ଉପରର ଛାତ— The palate or roof of the mouth.

ଦେ. ବି—୧ ମନୁଷ୍ୟମୁଣ୍ଡର ଉର୍ଦ୍ଧ୍ୱତମ ଅଂଶ—
1. The corona or crown of the head.
୨ । ପର୍ବତାଦିର ଶିଖ—
2. Top (of a mountain).

ତାଳୁଆ—ଦେ. ବି—୧ ((ପାଟିର) ତାଳୁ—
Tāluā 1. Palate.
ତାଲୁ ୨ । ମୁଣ୍ଡର ତାଳୁ—2. Crown of the head.
୩ । ଗୋଡ଼ର ତାଳୁକା—
3. The arch of the sole of the foot.
ଦେ. ବିଣ—ଯେ ଠିକ୍‌ମତେ ଗୀତର ତାଳ ପକାଏ—One who correctly beats measures to a song.

ତାଳୁ ଉଠା(ଠେ)ଇବା—ଦେ. କ୍ରି—ପିଲାର ଜନ୍ମ ମାତ୍ରକେ ତାହାର Tālu uthā(the)ibā ପାଟିରେ ଅଙ୍ଗୁଠି ପୂରାଇ ତାଳୁକୁ ଉପର ତାଲୁଉଠାନା ଆଡ଼କୁ ଠେଲି ଦେବା—To press up the palate of a just born baby to raise it towards the crown of its head.

ତାଳକ—ସଂ. ବି. (ତାଳୁ+ସ୍ୱାର୍ଥେ. କ)—ତାଳୁ—
Tāluka Palate.

ତାଲୁକ(କା)—ବୈଦେ. ବି. (ଅ. ତଅଲ୍ଲୁକ୍)—
Tāluka(kā) ୧ । ଭୂସମ୍ପତ୍ତି; ଜମିଦାରି ମାହାଲ—
ତାଲୁକ 1. Estate; zamindari.
ତାଲ୍ଲୁକ, ତାଲୁକା ୨ । ରାଜସ୍ୱ ଅଦାୟ ବା ଶାସନ ସୁବିଧା ନିମନ୍ତେ ତଅଲ୍ଲୁକ କରାଯାଇଥିବା ଦେଶର ବିଭାଗ—
2. Fiscal sub-division.
[ଦ୍ର—ଏହାର ସାଙ୍କେତିକ ଚିହ୍ନ । ତା ।; ଯଥା—। ତା । ରଘୁନାଥପୁର=ତାଲୁକେ ରଘୁନାଥପୁର । ତାଲୁକ କେତେଗୁଡ଼ିଏ ପ୍ରଗନ୍ନାର ସମଷ୍ଟି ।]

ତାଲୁକ ଦାର—ବୈଦେ. ବି. (ଅ. ତଅଲ୍ଲୁକ+ଫା. ଦାର)—ଜମିଦାର; Tāluka dāra ଭୂମ୍ୟଧିକାରୀ—Zamindar; owner of an ତାଲୁକଦାର ତାଲ୍ଲୁକଦାର estate; tenure holder.

ତାଲୁକଦାରି—ବୈଦେ. ବି. (ଅ.ଓ.ଫା)—ତାଲୁକଦାରର କର୍ମ ବା ବୃତ୍ତି-
Tālukadāri The function of a Talukdar.
ତାଲୁକଦାରି ତାଲ୍ଲୁକଦାରୀ

ତାଲୁକ ବୋର୍ଡ(ଡ୍)—ବୈଦେ. (ଅ. ତଅଲ୍ଲୁକ୍+ଇଂ. ବୋର୍ଡ) ପ୍ରାଦେ. Tāluka borda(rd) (ଗଞ୍ଜାମ) ବି—ସ୍ୱାୟତ୍ତଶାସନ ପ୍ରଣାଳୀଦ୍ୱାରା (ତାଲୁକାବୋର୍ଡ—ଅନ୍ୟରୂପ) ପରିଚାଳିତ ମାନ୍ଦ୍ରାଜ ପ୍ରଦେଶର ଜିଲ୍ଲାର ସବ୍‌ଡିଭିଜନସ୍ଥ ବୋର୍ଡ; ମାନ୍ଦ୍ରାଜ ପ୍ରଦେଶସ୍ଥ ଲୋକାଲ ବୋର୍ଡ—Local Boards in subdivisions of Madras.

ତାଲୁକ ମଜ(ଜୁ)କୁରି—ଦେ. ବି—ମୁସଲମାନଙ୍କ ଅମଳରେ ରାଜସ୍ୱ ସମ୍ବନ୍ଧୀୟ Tāluka maja(ju kuri ପ୍ରଗନ୍ନାର ବିଭାଗବିଶେଷ—Name of a fiscal division during the Mahomedan rule in India.
[ଦ୍ର—ପ୍ରତ୍ୟେକ ପ୍ରଗନ୍ନା ରାଜସ୍ୱ ସମ୍ବନ୍ଧୀୟ କର୍ମଚାରୀମାନଙ୍କ ନାମାନୁସାରେ ତାଲୁକ ଚୌଧୁରୀ, ତାଲୁକ ମଜକୁରୀ ବା ମଜନ୍ଦାରୀ ମଜକୁରୀ ଇତ୍ୟାଦି ୫ ଭାଗରେ ବିଭକ୍ତ ଥିଲା—କୃପାସିନ୍ଧୁ. ଇତିହାସ ।]

ତାଲୁକ ମୁଲକ—ବୈଦେ. ବି. (ସଦୃଶର) (ଅ. ତଅଲ୍ଲୁକ+ମୁଲ୍କ)— Tāluka mulaka ମାହାଲ ମୁଲକ; ଜମିଦାରି; ନାନା ଶ୍ରେଣୀର ତାଲୁକ ମୁଲୁକ ଭୂସମ୍ପତ୍ତି—Estates of different classes. ତାଲ୍ଲୁକ ମୁଲ୍ଲୁକ

ତାଳୁକା—ଦେ. ବି. (ସଂ. ତାଳୁ)—୧ । ପାଟିର ତାଳୁ—
Tāluka 1. Palate.
ତାଲୁ ୨ । ଗୋଡ଼ ତଳପାର ମଧ୍ୟଭାଗ—
2. The middle of the sole of the foot.
୩ । ଗୋଡ଼ତଳପା ବା ତାଳୁକାରେ ଉଠିବା ବ୍ରଣ—
3. A boil on the heel.
୪ । ମୁଣ୍ଡର ତାଳୁ—4 Crown of the head.

ତାଲୁକା—ପ୍ରାଦେ. (ଗଞ୍ଜାମ) ବୈଦେ. ବି—ତାଲୁକ (ଦେଖ)
Tālukā Tāluka (See)

ତାଲୁକା ଅଫିସର—ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଅ. ତଅଲ୍ଲୁକ୍ Tālukā aphisara +ଇଂ. ଅଫିସର୍)—ଜିଲ୍ଲା ସବ୍‌ଡିଭିଜନର ପ୍ରଧାନ ରାଜକର୍ମଚାରୀ—Subdivisional officer.

ତାଳୁକା ଫୁଟା—ଦେ. ବିଣ—ଭୂମିରେ ଥିବା ଯେଉଁ ବଡ଼ ବଡ଼ ପଥର Tāḷukā phutā ବା ମାଟିଢେଲାରେ ବାଜିବା ଲୋକର ଗୋଡ଼ର ତାଳୁକା ଫୁଟି ଯାଏ—Big clods or bats of stone or earth which hit the middle of the heel of the wayfarer.

ଦେ. ଅ—ସବାରିବାହକ ଚଳୁଆମାନଙ୍କର ଡାକବିଶେଷ—
A halloo of palky-bearers.

ସାଧାରଣ ଲେଖକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

[ଦ୍ର—ଶୃଙ୍ଖଳାବା ବାଟରେ ଗୋଡ଼ର ତାଳୁରେ ଫୁଟାଇବା ଭଳି ବଡ଼ ବଡ଼ ଛିମା ଥିଲେ ସବାର କାନ୍ଧେଇ ଯାଉଥିବାବେଳେ ସଉଡ଼ାମାନେ ଏହି ଡାକ ଦଅନ୍ତି ।]

ତାଳୁଜିହ୍ୱ—ସଂ. ବି. (ବହୁବ୍ରୀହି; ତାଳୁ+ଜିହ୍ୱା; ଏହାର ଜିଭ ନ ଥିବାରୁ ଓ
Tālu-jihwa ତାଳୁ ଜିଭର କାର୍ଯ୍ୟ ଚଳାଉ ଥିବାରୁ)—କୁମ୍ଭୀର—Alligator.

ତାଳୁ(ଳୂ)ର—ସଂ. ବି. (ତାଳ+ଉର; ଊର)—
Tālu(lū)ra ଆବର୍ତ୍ତ; ଜଳ ଭଉଁରୀ—Eddy.

ତାଳେଇବା—ଦେ. କ୍ରି. (ସଂ. ତାଳ)—ତାଳି ମାରିବା—
Tāleibā To clap the palms.
ପ୍ରାଦେ. (ଯାଜପୁର) କ୍ରି—୧ । ଫୁଲିବା—1. To swell.
୨ । ଦରଜ ହେବା—2. To become painful.

ତାଷ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. କୃଷି)—ଚାଷ—
Tāsh Cultivation.
(ଯଥା— ଆଜ୍ କରଛେ, ବୁଢ଼ା ବଲ୍‌ଦେ ଚାଷ୍ କରଛେ ।)

ତାଷ (ଇତ୍ୟାଦି)—ଗ୍ରା. ବି—ଚାଷ ଇତ୍ୟାଦି (ଦେଖ)
Tāsha (etc) Chāsha etc. (See)

ତାଷଣୀ—ଗ୍ରା. ବି. ସ୍ତ୍ରୀ. ('ଚଷା'ର ସ୍ତ୍ରୀଲିଙ୍ଗ)—
Tāshuṇi ୧ । ଚାଷୁଣୀ; କୃଷକ ପତ୍ନୀ—1. The wife of a
(ତଷା—ପୁଂ) farmer or husbandman.
୨ । ଚଷାଜାତୀୟା ସ୍ତ୍ରୀ—2. A woman of the Chashā sub-caste of Sudras.

ତାସ୍—ବୈଦେ. ବି. (ଅ. ତାଶ୍=ପତଳା ଚଟକା ଥାଳଅ)—
Tās ଖେଳିବାର ଚିତ୍ରିତ ମୋଟା କାଗଜ ଖଣ୍ଡମାନ—
তাস Playing cards.
तास [ଦ୍ର—ତାସ୍ ମୁଠାରେ ଚାରି ୪ ପ୍ରକାର ଥାଏ । ଯଥା— ୧. ଇସ୍ପାପାନ—କଳାପାନ ଚିହ୍ନ ଯୁକ୍ତ; ୨. ହରତନ—ନାଲିପାନ ଚିହ୍ନ ଯୁକ୍ତ; ୩ ଚିଡ଼ିତନ ବା ଚିଡ଼ିଆ—କଳା ବେଲ ପତ୍ର ଭଳି ତ୍ରିପର୍ଣ୍ଣ ଚିହ୍ନ ଯୁକ୍ତ; ୪. ରୁହିତନ—ନାଲି ଚମ୍ପସ୍ ଚିହ୍ନ ଯୁକ୍ତ । ଏମାନଙ୍କୁ 'ରଙ୍ଗ' ବୋଲାଯାଏ । ପ୍ରତ୍ୟେକ ରଙ୍ଗରେ ୧୩ ଖଣ୍ଡ 'କାଗଜ'; ଯଥା— (ଏକ ବିନ୍ଦୁ ଯୁକ୍ତ) ଟିକା, (ଦୁଇ ବିନ୍ଦୁ ଯୁକ୍ତ) ଦୁଆ, (ତିନି ବୁଟା ଯୁକ୍ତ) ତିନା, (ଚାରି ବୁଟା ଯୁକ୍ତ) ଚଉକା, (ପାଞ୍ଚ ବୁଟା ଯୁକ୍ତ) ପଞ୍ଝା, (୬ ବୁଟା ଥିବା) ଛକ୍କା, (ସାତ ବୁଟା ଥିବା) ସତା, (ଆଠ ବୁଟା ଥିବା) ଅଠା, (ନଅ ବୁଟା ଥିବା) ନବା ବା ନହଲା, (୧୦ ବିନ୍ଦୁ ଥିବା) ଦଶା ବା ଦହଲା, ଗୋଲାମ (ଚିତ୍ର), ବିବି (ଚିତ୍ର) ଓ ସାହେବ (ଚିତ୍ର) । ଏହି ୪ ରଙ୍ଗର କାଗଜ ସଂଖ୍ୟା ମୋଟରେ ୫୨ ଖଣ୍ଡ । ଏକ ବିନ୍ଦୁ ଯୁକ୍ତ ଟିକା କାଗଜ ସବୁ ତାସ୍ ଅପେକ୍ଷା ମୂଲ୍ୟରେ ଉଚ୍ଚ; ଏହି ତାସ୍ ଖେଳ ପୂର୍ବେ ଆରବ, ମିସର ଓ ବାବିଲନ୍ ଦେଶରେ ଚଳୁଥିଲା । ଗଞ୍ଜପା ଖେଳ ମଧ୍ୟ ଏକ ପ୍ରକାର ତାସ୍ ଖେଳ ଓ ଏହା ବହୁ କାଳରୁ ଆରବ ଓ ପାରସ୍ୟରେ ଚଳୁଥିଲା । ତାସ୍ ଖେଳ ତଳେ ନୋଟ ଦେଖ ।]

ତାସ୍ କାଟିବା—ଦେ. କ୍ରି—କୌଣସି ଖେଳାଳିର ହାତରେ ଥିବା ତାସ୍
Tās kāṭibā ମଧ୍ୟରୁ ଅନ୍ୟ ଖେଳାଳି ଅନିର୍ଦ୍ଦିଷ୍ଟ ଭାବରେ
তাস কাটা କେତେକ ଅଂଶ ଉଠାଇ ନେବା—
तास काटना To take up a portion out of a pack of playing cards.

ତାସ୍କି—ପ୍ରାଦେ. (ସମ୍ବଲପୁର) ବି—ଗିନା; ତାଟିଆ—
Tās-ki A metal cup.

ତାସ୍ ଖେଳ(ଳା)—ଦେ. ବି—ତାସ୍ ସାହାଯ୍ୟରେ କରାଯିବା କ୍ରୀଡ଼ା—
Tās khela (lā) A game of cards;
তাস খেলা card—play.
तासका खेल [ଦ୍ର—୨ ଜଣ ତାସ୍ ଖେଳିବାର ନାମ ବିନ୍ତି; ଦୁଇ ଦୁଇ ଜଣ ଗୋଟିଏ ଗୋଟିଏ ପକ୍ଷରେ ରହି, ଏପରି ଚାରି ଜଣ ତାସ୍ ଖେଳିଲେ ତାକୁ ଗ୍ରାବୁ ବୋଲାଯାଏ । ଶେଷୋକ୍ତ ଖେଳ ପ୍ରସିଦ୍ଧ; ଏ ଖେଳରେ ପ୍ରତି ରଙ୍ଗର 'ଦୁଆ'ଠାରୁ 'ଛକ୍କା' ପର୍ଯ୍ୟନ୍ତ ତାସ୍ ବାଦ୍ ଦେଇ ବାକି ପ୍ରତି ରଙ୍ଗର ୮ ଖଣ୍ଡ ଲେଖାଏଁ ୩୨ ଖଣ୍ଡ ତାସ୍‌ରେ ଖେଳ ହୁଏ । ଏହି ୩୨ ଖଣ୍ଡ ତାସ୍‌କୁ ଫେଣ୍ଟି ବା ଗୋଳାଇ ତହିଁରୁ ଗୋଟିଏ ଅଂଶ ଅନିର୍ଦ୍ଦିଷ୍ଟ ଭାବରେ କାଟିଲେ ଅର୍ଥାତ୍ ଉଠାଇ ନେଲେ ଉଠାଇବା ଲୋକର ହାତରେ ଥିବା ଅଂଶର ସର୍ବ ତଳେ ଯେଉଁ ରଙ୍ଗର କାଗଜ ଉଠେ ସେହି ରଙ୍ଗକୁ 'ରଙ୍ଗ' ବୋଲାଯାଏ । ଏହି 'ରଙ୍ଗ'ର ନାମ ତୁରୁପ୍ (ଇଂ. ଟ୍ରମ୍ପ୍, Trump) ଓ ଅନ୍ୟ ରଙ୍ଗର ତାସ୍‌କୁ 'ବଦରଙ୍ଗ' ବୋଲାଯାଏ । ଉକ୍ତ ୩୨ ଖଣ୍ଡ ତାସ୍ ୪ ଜଣ ଖେଳାଳିଙ୍କ ମଧ୍ୟରେ ଏକାଦିକ୍ରମେ ଖଣ୍ଡ ଖଣ୍ଡ କରି ସମାନ ସଂଖ୍ୟାରେ ବଣ୍ଟାଯାଏ । ଏହି ଗ୍ରାବୁ ଖେଳରେ ଟିକାର ମୂଲ୍ୟ ୧୧ (ପୋଁଷ୍ଟା), ଦହଲାର ୧୦, ବଦରଙ୍ଗର ଗୋଲାମ ୧, ବିବିର ୨, ସାହେବର ୩ ଧରାଯାଏ; କିନ୍ତୁ 'ରଙ୍ଗ' କାଗଜର ନହଲାର ମୂଲ୍ୟ ୧୪ ଓ ଗୋଲାମର ମୂଲ୍ୟ ୨୦ ଧରାଯାଏ । ସବୁ ରଙ୍ଗର ସତା ଓ ଅଠା ଏବଂ ବଦରଙ୍ଗମାନଙ୍କର ନହଲାର କିଛି ମୂଲ୍ୟ ନାହିଁ । ଏହି ପ୍ରକାରେ ଗ୍ରାବୁ ଖେଳରେ 'ରଙ୍ଗ' କାଗଜର ନହଲା (୧୪), ଦହଲା (୧୦), ଗୋଲାମ (୨୦), ବିବି (୨), ସାହେବ (୩) ଓ ଟିକା (୧୧) ଏପରି ୬ ଖଣ୍ଡ କାଗଜରେ ୬୦ ପୋଁଟା ଏବଂ ଅନ୍ୟ ୩ ଜାତିର ଅର୍ଥାତ୍ ପ୍ରତ୍ୟେକ ବଦରଙ୍ଗର କାଗଜମାନଙ୍କର ୫ ଖଣ୍ଡ କାଗଜ, ଯଥା—ଦହଲା (୧୦), ଗୋଲାମ (୧), ବିବି (୨), ସାହେବ (୩) ଓ ଟିକା (୧୧); ଏପରି ୧୫ ଖଣ୍ଡ କାଗଜରେ ୨୭ × ୩ ବା ୮୧ ପୋଁଟା ହୁଏ । ରଙ୍ଗ ଓ ବଦରଙ୍ଗ କାଗଜମାନଙ୍କର ୨୧ ଖଣ୍ଡ ତାସ୍‌ରେ ସର୍ବ ମୋଟ (୬୦+୮୧) ବା ୧୪୧ ପୋଁଟା ହୁଏ ।

ଥରକେ ୪ ଜଣ ଖେଳାଳି ୪ ଖଣ୍ଡ କାଗଜ ପକାଇବାକୁ ଏକ 'ପିଠି' ଖେଳ ବୋଲାଯାଏ । ଉପରୋକ୍ତ ମୂଲ୍ୟ ପ୍ରମାଣେ ସର୍ବୋଚ୍ଚ ମୂଲ୍ୟର କାଗଜ ଯେଉଁ ଖେଳାଳି ପକାଏ ସେ ଉକ୍ତ ପିଠିର ସମସ୍ତ କାଗଜକୁ ଜିତି କରି ନିଏ । ଯେଉଁ ପକ୍ଷ ଶେଷ ପିଠିର କାଗଜ ଜିଣି ନିଏ ତାହାର 'ହାତର ପାଞ୍ଚ' ହୁଏ ଓ ସେ ଏହି 'ହାତର ପାଞ୍ଚ'

୧		ଈ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯୁ	ଉଅ	ଢ଼
୨	୬	ଉ	ରୁ	ଲ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଡ଼	ଟ

ଯୋଗ୍ୟ ପଏଣ୍ଟ ଗଣା ହେଉଥିବା ବେଳେ ୫ ପଏଣ୍ଟ ବେଶି ପୁରସ୍କାର ପାଏ । ସୁତରାଂ 'ହାତର ପାଞ୍ଚ'କୁ ମିଶାଇ ସମସ୍ତ ତାସ୍‌ର ମୂଲ୍ୟ ମୋଟରେ ୧୪୬ ଅର୍ଥାତ୍ ୭ କୋଡ଼ି ୬ ପଏଣ୍ଟ ।

ଯେଉଁ ପକ୍ଷର ଜଣେ ନେଇଥିବା ତାସ୍‌ମାନଙ୍କ ମୂଲ୍ୟର ସମଷ୍ଟି ୨ କୋଡ଼ି ୭ ପଏଣ୍ଟ ଅର୍ଥାତ୍ ୪୭ ପଏଣ୍ଟରୁ କମ ହୁଏ ସେ ପକ୍ଷ ହାରେ ଓ ଜିତିବା ପକ୍ଷର ଜୟ ଚିହ୍ନର ନିଦର୍ଶନ ରୂପେ ଖଣ୍ଡେ ରଙ୍ଗ ତାସ୍ ହାରିବା ପକ୍ଷ ଉପରେ 'ବସେ' ।

ତାସ୍ ବଣ୍ଟା ହେବା ପରେ ଯେବେ ଦେଖାଯାଏ ଯେ ଜଣେ ଖେଳାଳୀର ହାତରେ ଏକ ରଙ୍ଗର ସାହେବ ଓ ବିବି ପଡ଼ିଛି ତେବେ ତାହାର 'ଇସ୍ତକ୍' ହୁଏ । ଉକ୍ତ ଖେଳାଳୀ ଉକ୍ତ 'ଇସ୍ତକ୍' ଦୁଇ ପଟ ତାସ୍ ଖେଳ ସାରଲେ ତାହାର 'ଇସ୍ତକ୍ କାଢ଼ାରୁ' ହେଲା ବୋଲି ବୁଝାଯାଏ ।

ଗୋଟିଏ ପକ୍ଷର 'ଇସ୍ତକ୍' ହେଲେ ଅପର ପକ୍ଷ ଖେଳରେ ଅନ୍ତତଃ ୩ କୋଡ଼ି ବା ୬୦ ପଏଣ୍ଟ ମୂଲ୍ୟର କାଗଜ ଜିଣି ନ ପାରଲେ ହାରି ଯାଏ । ଏକ ପକ୍ଷର ଜଣେ ଖେଳାଳୀର ହାତରେ ଏକ ରଙ୍ଗର କ୍ରମିକ ସଂଖ୍ୟାବିଶିଷ୍ଟ ୩ ଖଣ୍ଡ ତାସ ପଡ଼ିଗଲେ ସେ ପକ୍ଷର 'ବିନ୍ତି' ହୁଏ । ଏକ ପକ୍ଷର 'ବିନ୍ତି'ର ଉଚ୍ଚତମ ତାସ୍ ଅପେକ୍ଷା ଅପର ପକ୍ଷର 'ବିନ୍ତି'ର ଉଚ୍ଚତମ ତାସ୍‌ର ମୂଲ୍ୟ ବେଶି ହେଲେ ଉଚ୍ଚତର ବିନ୍ତିଧାରୀଙ୍କୁ ଅପର ପକ୍ଷର ଖେଳ ଶେଷରୁ ୪୭ ପଏଣ୍ଟ ପରିବର୍ତ୍ତରେ ୬୭ ପଏଣ୍ଟ ଦେଖାଇବା ଦରକାର ହୁଏ । ନୋହେଲେ ସେ ପକ୍ଷ ହାରିବ ।

ଏଥିରେ ୨୦ ସଂଖ୍ୟା ଅଧିକ ଦେଖାଇବାକୁ ପଡ଼ିବାରୁ ଏହାର ନାମ 'ବିନ୍ତି' (ପର୍ତ୍ତୁଗୀଜ୍ ଭାଷା vinte=କୋଡ଼ିଏ) । ଏକ ରଙ୍ଗର ଚାରିଖଣ୍ଡ ତାସ କ୍ରମିକଭାବରେ ଜଣେ ଖେଳାଳୀର ହାତରେ ପଡ଼ିଲେ ଏହାକୁ 'ପଚିଶ' ବୋଲାଯାଏ । ଏକ ରଙ୍ଗ ଘରର ଟିକା, ସାହେବ, ମେମ୍, ଗୋଲାମ ଏହି ୪ ଖଣ୍ଡି ତାସ୍ ଜଣେ ଖେଳାଳୀ ପାଇଲେ ତାହାକୁ 'ଇସ୍ତକ୍ ପଚିଶ' କହନ୍ତି । ଯେଉଁ ପକ୍ଷର 'ପଚିଶ' ହୋଇଥାଏ ସେ ଖେଳ ଶେଷରେ ୭୦ ପଏଣ୍ଟ ମୂଲ୍ୟର ତାସ୍ ଜିଣି ଥିବାର ଦେଖାଇ ପାରିଲେ ଜୟୀ ହୁଏ । କିନ୍ତୁ ଇସ୍ତକ ପଚିଶ ହେଲେ ବିପକ୍ଷ ପକ୍ଷର ହାର ଯିବାର ସମ୍ଭାବନାରେ ପ୍ରାୟ ଖେଳ ହୁଏ ନାହିଁ ଏବଂ ଖେଳ ନ ହୋଇ ସୁଦ୍ଧା ଇସ୍ତକ ପଚିଶ ପାଇଥିବା ପକ୍ଷ ଜୟର ଚିହ୍ନରୂପେ ଅପର ପକ୍ଷର ଉପରେ ଖଣ୍ଡେ କାଗଜ ଧରେ । ଏକ ପକ୍ଷର ଜଣେ ଖେଳାଳୀ ହାତରେ 'ବିନ୍ତି' ଓ ଅନ୍ୟପକ୍ଷର ଜଣଙ୍କ ହାତରେ 'ଇସ୍ତକ୍' ଥିଲେ, ବିନ୍ତି ପାଇବା ପକ୍ଷକୁ ୬୦ ପଏଣ୍ଟ ଓ ଇସ୍ତକ୍ ପାଇବା ପକ୍ଷକୁ ୮୭ ପଏଣ୍ଟ ଦେଖାଇବାକୁ ପଡ଼େ । ଯେବେ ଏକ ପକ୍ଷରେ ବିନ୍ତି ଓ ଅପର ପକ୍ଷରେ 'ପଞ୍ଚାଶ' ଥାଏ ତେବେ 'ପଞ୍ଚାଶ' ବାଲା ୭୦ ପଏଣ୍ଟ ଦେଖାଇଲେ ଜିତେ । ଜଣେ ଖେଳାଳୀ ହାତରେ 'ଇସ୍ତକ' ଓ 'ପଚିଶ' ପଡ଼ିଲେ ଖେଳ ନ ହୋଇ ସୁଦ୍ଧା ସେହି ପକ୍ଷ ଜିତେ । ୪ଟି ଯାକ ରଙ୍ଗର ସାହେବ, ଗୋଲାମ, ବିବି ଓ ଟିକା କିମ୍ବା ଏକ ରଙ୍ଗର କ୍ରମିକ ପରବର୍ତ୍ତୀ ୫ ଖଣ୍ଡ କାଗଜ ଜଣଙ୍କ ହାତକୁ ଆସିଲେ ତାହାର 'ଇସ୍ତକ୍ ହଜାର' ବା 'ଶହ' ହୁଏ । 'ଶହ' ହେଲେ କ ଖେଳ କରି ସୁଦ୍ଧା ଉକ୍ତ ବ୍ୟକ୍ତି ଜିତେ ।

ଯେବେ ଏକ ପକ୍ଷ ଉପର୍ଯୁପରି ୫ ଥର ଜୟୀ ହୁଏ ତେବେ ଅପର ପକ୍ଷ ଉପରେ ସେ ଖଣ୍ଡିଏ 'ପଞ୍ଜା' କାଗଜ ବସାଏ । ଗୋଟିଏ ପକ୍ଷ ଖେଳସାରି ମୁଠାଏ ବା ପିଠିଏ ସୁଦ୍ଧା କାଗଜ ଜିତି ନ ପାରିଲେ ତାହା ଉପରେ ଅପର ପକ୍ଷର 'ଛକ୍କା' ବସେ । ଯାହା ବିପକ୍ଷରେ 'ପଞ୍ଜା' ବସି ଥାଏ ତାହା ଉପରେ ପୁଣି 'ଛକ୍କା' ବସିଲେ 'ବମ୍' ହୁଏ ।

ଏକ ପକ୍ଷର ଖେଳାଳୀ ହାତରେ 'ରଙ୍ଗ'ର କାଗଜ ନ ଥିଲେ ଯେବେ ଅପରପକ୍ଷ 'ରଙ୍ଗ' କାଗଜ ପକାଏ ତେବେ ପ୍ରଥମ ଖେଳାଳୀ ତା ପାଖରେ ଥିବା 'ବେରଙ୍ଗ' ବା 'ବଦ୍‌ରଙ୍ଗ'ର ଉଚ୍ଚତମ ସଂଖ୍ୟାର କାଗଜ ପକାଇଲେ ତାହାକୁ 'ପାସ୍' ବୋଲାଯାଏ । ଖେଳାଳୀ ହାତରେ ଥିବା 'ବେରଙ୍ଗ'ର ସର୍ବୋଚ୍ଚ ମୂଲ୍ୟର ତାସ୍‌କୁ 'ଫିରେଇ' (ଇଂ. ଫ୍ରୀ; free) ବୋଲାଯାଏ ।]

ତାସ୍ ଗୋଳା(ଳେ)ଇବା—ଦେ. କ୍ରି.—ବିଭିନ୍ନ ରଙ୍ଗର ତାସ୍‌କୁ ଏକତ୍ର
Tās golā(le)ibā ମିଶାଇବା ପାଇଁ ଲେଉଟ ପାଲଟ କରିବା—
ତାস গোলান To shuffle a pack of cards.
तास फेंटना
(ତାସ୍ ଫେଣ୍ଟିବା—ଅନ୍ୟରୂପ)

ତାସ୍ ପିଟିବା—ଦେ. କ୍ରି.—ତାସ୍ କାଗଜରେ ଖେଳିବା—
Tās piṭibā To play at cards.
তাসপিটা **तास पिटना**

ତାସଙ୍ଗ—ପ୍ରାଦେ. (ସମ୍ବଲପୁର) ବି.—କଂସାପାତ୍ର; କୁଣ୍ଡାକୃତି କଂସା—
Tāsaṅga A big bell-metal cup shaped like a bucket or crator.

ତାସଙ୍ଗି—ପ୍ରାଦେ.—(ସମ୍ବଲପୁର) ବି.—୧ । ଗିନା; କଂସା—
Tāsaṅgi 1. Metal cup.
୨ । ସାନ ଥାଳି—2. Saucer; small plate.

ତାସଣ(ନ)—ଦେ. ବି. (ସଂ. ତ୍ରସର=ସୂତ୍ରବେଷ୍ଟନ)—୧ । ଲୁଗା ବୁଣିବା
Tāsaṇa(na) ପୂର୍ବରୁ ଟାଣି ସୂତାକୁ ମଣ୍ଡ ଦେଇ ମାଜିବା—
তাসন 1. Brushing of the warp threads with gum or boiled rice-paste before weaving.

ତାସଣ ଜାଗାରେ ଗୋବର ଗଦା ରହିବା ନିତାନ୍ତ ଅସମ୍ଭବ ।
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

୨ । ତନ୍ତୁବାୟମାନେ ଯେଉଁ ମାର୍ଜ୍ଜନୀଦ୍ୱାରା ସୂତାକୁ ମାଜନ୍ତି; କୁଞ୍ଚ—2. Weaver's brush.

[ଦ୍ର—ଏହା କୁଞ୍ଚ ତଣର ବା ବେଣାର ତେଲର ଗୋଛାରେ ତିଆରି ହୁଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ତାସା—ବୈଦେ. ବି. (ଅ. ତାସହ୍)—ପଲମ ଉପରେ ଚମଡ଼ା କୁଅଁଣି ହୋଇଥିବା ଅନଦ୍ଧ ବାଦ୍ୟବିଶେଷ—A drum made by laying hide or leather over a shallow earthen pan.
Tāsā
ତାସା
ताशा

ତାସ୍କର୍ଯ୍ୟ—ସଂ. ବି. (ତସ୍କର+ଭାବ. ଯ)—ତସ୍କରତା; ଚୌର୍ଯ୍ୟ—Stealing; robbery; theft.
Tāskarjya

ତାହା—ଦେ. ସର୍ବନାମ (ସଂ. ତଦ୍)—୧ । (କ୍ଳୀ. ୧ମା. ୧ବ.) ସେହି; ତା—1. That.
Tāhā
তা
उस
[ଦ୍ର—ଏହି ଶବ୍ଦ ବସ୍ତୁ ବା ପଦାର୍ଥ ପାଇଁ ବ୍ୟବହୃତ ହୁଏ; ବ୍ୟକ୍ତି ପାଇଁ ବ୍ୟବହୃତ ଅହାର, ସେ ।]
୨ । (ପୁଂ. ସ୍ତ୍ରୀ. ଓ କ୍ଳୀ. ୬ଷ୍ଠୀ ୧ବ.) ତାହାର; ତାର; ତା—2. His; her; its.
୩ । (ପୁଂ. ଓ କ୍ଳୀ. ୨ୟା ୧ବ.) ତାହାକୁ; ତାକୁ—3. Him; that; it.

ନାଗପାଶ ବାଣେ ବାନ୍ଧିଣ ତାହା, ନବରେ ପଶିଣ ମନ ଇଚ୍ଛାହା ।
ପ୍ରାଚୀ. ଶିଶୁଶଙ୍କର. ଉଷାଅଭିଳାଷ ।

୪ । ସେହି—4. The same.
[ଦ୍ର—ତାହା ଶବ୍ଦର ୧ମା ତାହା, ୨ୟା ତାହାକୁ, ତାହାଠାକୁ, ୩ୟା ତାହାଦ୍ୱାରା, ତାହା ଦେଇ, ୫ମୀ ତାହାଠାରୁ, ତାହାଠଉଁ, ତାହାଠୁଁ, ୬ଷ୍ଠୀ ତାହାର, ୭ମୀ ତାହାଠି; ତାହାଠେଇଁ; ତାହାଠାରେ; ତାହା ଶବ୍ଦର ୧ମା ବିଭକ୍ତି କେବଳ ବସ୍ତୁ ପାଇଁ ବ୍ୟବହୃତ ହୁଏ, ଓ ବ୍ୟକ୍ତିପାଇଁ 'ସେ' ବ୍ୟବହୃତ ହୁଏ । କିନ୍ତୁ ୨ୟା, ୩ୟା, ୫ମୀ, ୬ଷ୍ଠୀ ଓ ୭ମୀ ବିଭକ୍ତିର ରୂପମାନ ଅନାଦରାର୍ଥେ ବ୍ୟକ୍ତି ପାଇଁ ମଧ୍ୟ ବ୍ୟବହୃତ ହୁଏ ।]

ତାହାଁ—ଦେ. ସର୍ବ. (ସଂ. ତଥା; ତତ୍ର; ହିନ୍ଦୀରୁ ଅନୁକୃତ; ଭୁଲ ଯାହାଁ; କାହାଁ)—ତହିଁ; ସେଠାରେ—There; at that place.
Tāhān
তাহাঁ
तहाँ

ତାହାଁ ତକ୍—ଦେ. ଅ. (ହିନ୍ଦୀରୁ ଅନୁକୃତ; ଭୁଲ ଓଡ଼ିଆରେ ବ୍ୟବହୃତ ହୁଏ. ଯାହାଁତକ; କାହାଁତକ)—୧ । ସେତେଦୂର; ତାବତ୍—1. So far.
Tāhān tak
তাহাঁতক
तहाँतक
୨ । ସେହି ସ୍ଥାନ ପର୍ଯ୍ୟନ୍ତ—2. Upto that place.
୩ । ସେହି କାଳ ପର୍ଯ୍ୟନ୍ତ—3. Till that time; so long

ତାହାଁ ତାହାଁ—ଦେ. ସର୍ବ. (ବହୁବଚନ)—
Tāhān tāhān
তথায় তথায়
तहाँ तहाँ
୧ । ସେହି ସେହି ସ୍ଥାନମାନଙ୍କରେ—1. At those places.
୨ । ସେହି ସେହି ସ୍ଥାନମାନଙ୍କ ପର୍ଯ୍ୟନ୍ତ—2. Upto those places.
୩ । ତାବତ୍; ତହୁଁ ତହୁଁ—3. So far; so much.

ଯାହାଁ ଯାହାଁ ଲୁହା, ତାହାଁ ତାହାଁ ବେହୁଦ୍ । ଚଗ ।

ତାହାଠି—ଗ୍ରା. ସର୍ବନାମ. (ଅନାଦରାର୍ଥକ; ତଦ୍ ଶବ୍ଦ ୭ମୀ ବିଭକ୍ତି ୧ବଚନ)
Tāhā-ṭhin —ତାହାଠାରେ; ତାହାନିକଟରେ—At him; with him.
তারঠেঁ
उसने
(ଭ.ତାହାଠେଇଁ—ଅନ୍ୟରୂପ)
(ତାଙ୍କଠି—ଆଦରାର୍ଥକ)

ତାହାଠିକ(କୁ)—ଗ୍ରା. ସର୍ବ. (ଅନାଦରାର୍ଥକ)—୧ । (୨ୟା ବିଭକ୍ତି)
Tāhā ṭhiki(ku) ସେହି ବ୍ୟକ୍ତି ନିକଟକୁ—1. To that person.
তারঠেঁ
उसने
୨ । (୫ମୀ ବିଭକ୍ତି) ତାହାଠାରୁ; ତାହା ଅପେକ୍ଷା—2. From him; than him.
(ତାହାଠାରୁ, ତାହାଠେଇଁତ—ଅନ୍ୟରୂପ)
(ଯଥା—ସ୍ୱମ ଶ୍ୟାମ ଦୁଇ ଜଣଙ୍କ ମଧ୍ୟରେ ଏ ତାହାଠିକ ବଡ଼ ।)

ତାହାଠୁଁ—ଦେ. ସର୍ବ. (ସଂ. ତଦ୍; ୫ମୀ. ୧ବ; ଅନାଦରାର୍ଥକ)—
Tāhā-ṭhun ୧ । ସେହି ବ୍ୟକ୍ତିଠାରୁ—1. From that person.
তারঠেঁ
उससे
୨ । ତଦପେକ୍ଷା—2. Than that; than him.
(ତାହାଠଉଁ—ଅନ୍ୟରୂପ)

ତାହା ବୋଲି—ଦେ. ଅ—ତହୁଁ; ସେହି ହେତୁରୁ; ସେଥିଯୋଗୁଁ—Hence; owing to that; therefore.
Tāhā boli
তাবলে
उसलिये

ତାହାର(ରି)—ଦେ. ସର୍ବ. (ସଂ. ତଦ୍; ୬ଷ୍ଠୀ. ୧ବ; ଅନାଦରାର୍ଥ)—ତାହାରହିଁ; ନିଶ୍ଚୟ ତାହାର (ଅନ୍ୟ କାହାର ନୁହେଁ)-Certainly his, her or its.
Tāhāra(ri)
তাহারি
उसकाहि
(ତାହାଙ୍କର—ଆଦରାର୍ଥକ)

ତାହାରେ—ଦେ. (ପ୍ରାଚୀନ ପଦ୍ୟ) ସର୍ବ (ସଂ. ତଦ୍; ୭ମୀ. ୧ବ)—
Tāhāre ତାହାଠାରେ; ତହିଁରେ—In that.

ଦେହରେ ସେନ୍ତେ ଅସ୍ଥା ଥାଇ
ଦେହ ତାହାରେ ନ ମିଶଇ । ଭୂପତ. ପ୍ରେମପଞ୍ଚାମୃତ ।

ତାହା ହେଲେ—ଦେ. ଅ—୧ । ତେବେ; ଉକ୍ତ ବିଷୟ ହେଲେ ବା ଘଟିଲେ—1. Then.
Tāhā hele
তাহলে
तब
୨ । ସେପରି ଘଟଣାରେ; ସେପରି ସ୍ଥଳରେ—2. In that case.

ତାହି—ଦେ. ସର୍ବ. (ସଂ. ତତ୍‌ହି;ତଥାହି)—ତାହା ମାତ୍ର; କେବଳ ତାହା-That only.
Tāhi
তাই
ओह, वहि

ଘଲୋପଲ ଦୃଷ୍ଟିପାତେ ବୃଷ୍ଟି କରେ ତାହି
ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

(ତାହାଇ, ତାହାହିଁ, ତାହିଁ—ଅନ୍ୟରୂପ) ଦେ. ବିଣ. (ସଂ. ତାପ)—ତାଇ (ଦେଖ)—Tāi (See)

ତାହିଁ—ଗ୍ରା. ଅ (ସଂ. ତତ୍ରହି)—ତହିଁ; ସେଠାରେ—There.
Tāhin ଗ୍ରା. ସର୍ବ—ତାହି (ଦେଖ)—Tāhi (See)
সেখানে

କୁଅ ରଚିବାରେ ସୁଅଁର ମୋ ସମ କାହିଁ ?
ଭୁ ଅଚଳୁ ଆଜ ସୁମାନ ବୋଇସା ମୁଁ ଅରମ୍ଭଥାବ ତାହିଁ ।
କବିସୂର୍ଯ୍ୟ. ସଙ୍ଗୀତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଡ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଡ଼	ନ୍

ତାହିଁକି—ଗ୍ରା. ଅ—ତହିଁକି (ଦେଖ)
Tāhiñki Tahiñki (See)
(ତାହିଁକୁ—ଅନ୍ୟରୂପ)

ତାହିଁ ତାହିଁ—ଗ୍ରା. ଅ—ତାହାଁ ତାହାଁ (ଦେଖ)
Tāhiñ tāhiñ Tāhāñ tāhāñ (See)

ତାହିତ—ଦେ. ବି. ଓ ସଂ—ତାଇତ (ଦେଖ)
Tāhita Tāita (See)

ମଣ୍ଡକଦ୍ୟ ଗଣ୍ଡ ତ ଫଳକୁ ବାହୁଦେଳ
ତାହିତ ଶୋଭିତ ଯେ ମଯୂରଚୂଳ ସେକ ସେ । ଉପେ. ଲାବଣ୍ୟବତୀ ।

ତାହିବା—ଦେ. କ୍ରି—ତାଇବା (ଦେଖ)
Tāhibā Tāibā (See)

ତାହିଲା ମାଇ(ହି)ଲା—ଦେ. କ୍ରି. ବିଣ—ତାଇଲା ମାଇଲା (ଦେଖ)
Tāhilā māi(hi)lā Tāilā māilā (See)
[ତାହିଲାକୁ ମାଇ(ହି)ଲା—ଅନ୍ୟରୂପ]

ତାହି ହେବା—ଦେ. କ୍ରି—୧ । (ଭାତି ତାଇଲା ବେଳେ ଭାତି ଯେଉଁ ପରି ଉଠେ ପଡ଼େ ସେହିପରି) (ଶ୍ୱାସ ରୋଗୀ) ଶ୍ୱାସର ଦଶାରେ ଉଠିବା ପଡ଼ିବା ପ୍ରକାରେ କ୍ଲିଷ୍ଟ ହେବା—
Tāhi hebā
1. To gasp violently (said of an asthmatic patient during a severe fit of asthma) compared to the rise and fall of the bellows when blown.
୨। (ଶିଶୁ) ବହୁତ ଉଲ୍ଲାସଯୁକ୍ତ ହେବା—
2. (a child) To be very sportful and active.
(ଯଥା—ବର୍ଣ୍ଣିକର ପିଲା ଅମ ଜଗବନ୍ଧୁ ଭାରି ତାହି ହଉଛି ।)

ତାହୁଁ—ଗ୍ରା. ଅ—ତହୁଁ (ଦେଖ)
Tāhuñ Tahuñ (See)

ତାହୁଁ ତାହୁଁ—ଗ୍ରା. ଅ—ତହୁଁ ତହୁଁ (ଦେଖ)
Tāhuñ tāhuñ Tahuñ tahuñ (See)

ତାହୁତ—ଦେ. ବି—ତାଇତ (ଦେଖ)
Tāhuta Tāita (See)

ତି—ଦେ. ବିଣ—ତିନି—
Ti Three.
তে (ଯଥା—ତିକନା, ତିତାଲ, ତିକାଠିଆ ।)
ति [ଦ୍ର—ଏହା ସର୍ବଦା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ ।]
টি; ত ଗ୍ରା. ଅ—(ବାକ୍ୟଶେଷରେ ନିଶ୍ଚୟାର୍ଥକ, ପ୍ରଶ୍ନାର୍ଥକ ଓ
तो ସମ୍ଭାବନାର୍ଥକ ବ୍ୟବହାର) ହିଁ; ତ—A particle or letter used at the end of a sentence for emphasis, question or guess.
(ଯଥା—ବାବୁ କୁଆଡ଼େ ଗଲେ ତି ?)

ତିଅ(ଉ)ଣ—ଦେ. ବି. (ସଂ. ତେମନ, ତୀମନ)—ବ୍ୟଞ୍ଜନ; ତରକାରୀ—
Tia(u)ṇa Curry.
তরকারী तरकारी, तिअन
[ଦ୍ର—ସ୍ୱାଦର ପ୍ରକାରଭେଦରେ ଓ ପରିବା ଆଦି ଉପକରଣ ଭେଦରେ ମହୁର, ବେସର, ଅମ୍ବିଳ, ଶାକରା, ପିତା, ସନ୍ତୁଳା, ଖଟା, ଠୁକୁଠୁକା ଆଦି ନାନାପ୍ରକାର ତିଅଣ କରାଯାଏ ।]

ତିଅଣ ଶାଗ—ଦେ. ବି (ସଦୃଶ; ସଂ. ଶାକ)—୧ । ଭାତ ସଙ୍ଗେ ଖିଆଯିବା ବ୍ୟଞ୍ଜନାଦି—1. Curry (generally).
Tiaṇa śāga
তরকারী শাগ ୨ । ତିଅଣ ଓ ଶାଗଭଜା—
तरकारी भाजी 2. Curry and cooked pot-herbs.

ତିଅର—ଦେ. ବି. ପୁଂ (ସଂ. ତୀବର=ମତ୍ସ୍ୟଜୀବୀ)—୧ । ମାଛ ମାରିବା ଜାତିବିଶେଷ—1. A caste of fishermen.
Tiara
তিয়র [ଦ୍ର—ଏମାନେ ଜାଲ ପକାଇ ମାଛ ମାରନ୍ତି ନାହିଁ;
धीवर ଜାଲ ଯୋଡ଼ି ଓ କାଠି ଯୋଡ଼ି ଆଦିରେ ମାଛ ମାରନ୍ତି ।
(ତିଅରୁଣୀ—ସ୍ତ୍ରୀ) ଏମାନେ ଅସ୍ପୃଶ୍ୟ ଏବଂ କେଉଟଙ୍କ ଠାରୁ ଜାତିରେ ଊଣା ।]
୨ । (ସମ୍ଭବତଃ ଏ ଶବ୍ଦ ତେଲୁଗୁ ଓ ଏ ନାମ ପୁରୀର ନୋଳିଆମାନେ ଦେଇଥିବାର ବିଶ୍ୱାସ କରାଯାଏ—ଯୋଗେଶଚନ୍ଦ୍ର) ଏକପ୍ରକାର ସାମୁଦ୍ରିକ ମାଛ; ଶଙ୍କର ମାଛ—2. A kind of sea-fish; sting ray; Dasybatis Centurus; Narcine Timlei.
[ଦ୍ର—ଏହାର ଦେହ ବର୍ତ୍ତୁଳାକାର ଓ ଚେପଟା ଏବଂ ଲାଙ୍ଗୁଡ଼ ଲମ୍ବ; ଜାଲର ଡେଣାପାଖ ଧରିଲେ ଧରିବା ଲୋକର ଦେହରେ ବୈଦ୍ୟୁତିକ ଆଘାତ ଲାଗେ । ଏ ମାଛ ପୁରୀରେ ମିଳେ ।]

ତିଆ—ପ୍ରାଦେ (ଗଞ୍ଜାମ) ବି—ତିଆପୁଡ଼ା ଖେଳର ୩, ୭, ୧୧ ଓ ୧୫ ସଂଖ୍ୟକ ଦାନ—A throw of cowries in which the numbers 3, 7, 11 or 15 come out in the indoor game of Tiāpurdā.
Tiā
ଦେ. ବି (ସଂ. ତ୍ରିତୟ)—ତିକା, ଯେଉଁ ତାସ୍‌ରେ ୩ଟି ବୁନ୍ଦା ଥାଏ—
তিয়ী A card with three points on it.
तिया ଦେ. ବି (ସଂ. ତ୍ର୍ୟହିକ)—ତୃତୀୟ ଦିନ ଆକ୍ରମଣ କରିବା (ଜ୍ୱର)—Tertian (fever).

ତିଆଇବା—ଦେ. କ୍ରି (ସଂ. ତାପ)—ତାଇବା; ଭାତିଦ୍ୱାରା ନିଆଁକୁ ପବନ ଯୋଗାଇବା—To blow with the bellows.
Tiāibā
তাওয়ান, धौंकना

ତିଆଗ—ଗ୍ରା (ପଦ୍ୟ) ବି (ସଂ. ତ୍ୟାଗ)—ତ୍ୟାଗ (ଦେଖ)
Tiāga Tyāga (See)
ମଧୁ ତିଅଗୁଁ ଅଗ ଭ୍ରମରଲାସ—ଗ୍ରନ୍ଥାଥ. ମେଘଦୂତ ।

ତିଆ ଜର—ଦେ. ବି (ସଂ. ତ୍ର୍ୟହିକ+ଜ୍ୱର)—ପ୍ରତି ତୃତୀୟ ଦିନ ଆକ୍ରମଣ କରିବା ଜର—Tertian fever.
Tiā jara

ତିଅଡ଼ି ମାରିବା—ଦେ. କ୍ରି (ସବାରି ବେହେରାଙ୍କ ଭାଷା)—୧ । ଦୁଇ ଜଣ ଜାକିଥିବା ସବାରିବାଉଁଶରେ ତୃତୀୟ ବେହେରା କାନ୍ଧ ଲଗାଇବା—1. To get a third bearer to shoulder the pole of a Palki.
Tiārdi māribā
ତିଅଡ଼ି ପକା(କେ)ଇବା } ଅନ୍ୟରୂପ
ତିଅଡ଼ିଆ ମାରିବା }

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅନ୍ୟର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ନୀ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅବିକଳ' ନ ପାଇଲେ 'ଅବିକଳ' ଦେଖିବେ

୨ । ସବାରିର ପ୍ରତ୍ୟେକ ପାଖର ବାଉଁଶକୁ ତିନି ଜଣ ବେହେରା କାନ୍ଧେଇବା—2. To have each pole of a palki shouldered by three bearers.

ତିଆଡ଼ି—ଦେ. ବି—୧ । (ସଂ. ତ୍ରିପାଠୀ) ବୈଦିକ ବ୍ରାହ୍ମଣଙ୍କର ବଂଶଗତ ଉପାଧିବିଶେଷ; ତ୍ରିପାଠୀ—1. Family-title of a class of Brahmans.
Tiardi
তিয়ারী
तिवारी, तिवाड़ी
(ତିଆଡ଼ିଆଣୀ—ସ୍ତ୍ରୀ)

୨ । (ସଂ. ତ୍ରି-ନ୍) ଏକପାଖର ସବାରି ବାଉଁଶକୁ ତିନିଜଣ ଗହିରା କାନ୍ଧେଇବା—2. The arrangement of three bearers carrying each pole of a palki.

୩ । ସବାରି ବାଉଁଶକୁ କାନ୍ଧେଇଥିବା ତିନିଜଣ ଗହିରାଙ୍କ ମଧ୍ୟରୁ ଯେଉଁ ଗହିରା ବାଉଁଶର ମୂଳ କାନ୍ଧେଇଥାଏ; ତିଆଡ଼ିଆ—3. The bearer who shoulders the pole of a palki nearest to the body.

୪ । ଗିଲଗିଲିଆ କଣ୍ଟକମୟ ଗୁଳ୍ମବିଶେଷ—
4 Caesalpina Digyva (Haines).

[ଦ୍ର—ଏଥିର ଛାଲକୁ ସିଝାଇ ସେହି ପାଣିରେ ଚମଡ଼ାକୁ ଭିଜାଇଲେ ଚମଡ଼ା ଟାଣୁଆ ଓ ସ୍ଥାୟୀ ହୁଏ ।]

ତିଆପୁଡ଼ା—ପ୍ରାଦେ (ଗଡ଼ଜାତ ଓ ଗଞ୍ଜାମ) ବି—ଏକପ୍ରକାର କଉଡ଼ି ଖେଳ; ଘରେଇ ଖେଳ—A kind of indoor game at hazards played by 4 players with cowrie-shells.
Tiapurdā

[ଦ୍ର—ଏଥିରେ ୫ ଗଣ୍ଡା କଉଡ଼ିରେ ୪ ଜଣ ଖେଳାଳି ଖେଳନ୍ତି ।
୪ ଜଣଙ୍କର ୪ଟି ଦାନର ନାମ; ଯଥା—
ନିତ—୧, ୫, ୯, ୧୩
ଦୁଆ—୨, ୬, ୧୦, ୧୪
ତିଆ—୩, ୭, ୧୧, ୧୫
ପୁଡ଼ା—୪, ୮, ୧୨, ୧୬ ।]

ତିଆର(ରି)—ବୈଦେ. ବିଣ (ଅ. ତୈୟାର୍; ମୂଳ. ସଂ. ତତ୍ପର)—
Tiāra(ri)
তয়ের, তয়ার
तैयार

୧ । ପ୍ରସ୍ତୁତ; ନିର୍ମିତ—1. Built; made; prepared; constructed; composed.

୨ । ସୁସଜ୍ଜିତ—2. Well equipped; fitted up.

୩ । ଉଦ୍ୟତ; ତତ୍ପର; ପ୍ରସ୍ତୁତ—3. Ready.

୪ । ବ୍ୟବହାରରେ ଲାଗିବା ପାଇଁ ସମ୍ପୂର୍ଣ୍ଣରୂପେ ଉପଯୁକ୍ତ—
4. Fit for immediate use.

୫ । ଶେଷ; ସମ୍ପନ୍ନ—
5. Finished; completed.

୬ । ବଢ଼ି ଯାଇଥିବା; ଉତ୍ତମରୂପେ ପରିପୁଷ୍ଟ—
6. Well developed.

୭ । ମଜବୁତ୍ ଓ ହୃଷ୍ଟପୁଷ୍ଟ—
7. Stout and strong.

୮ । ପୃଥୁଳ—8. Plump; fat.

୯ । ବନ୍ଦୋବସ୍ତ କରି ଯାଇଥିବା—9. Arranged.

তয়েরী, তয়ারী ବି (ଅ. ତୈୟାରୀ)—୧ । ନିର୍ମାଣ; ରଚନା—
तैयारी 1. Construction; preparation; make.

୨ । ସଜ୍ଜୀକରଣ—2. Equipment.

୩ । ତତ୍ପରତା—3. Readiness; the state of being prepared for something.

୪ । ବନ୍ଦୋବସ୍ତ—4. Arrangement.

୫ । ସୁପରିପୁଷ୍ଟ ଅବସ୍ଥା; ପୁଷ୍ଟତା—
5 Development.

ତିଆର(ରି) କରିବା—ଦେ. କ୍ରି—୧ । ପ୍ରସ୍ତୁତକରିବା; ନିର୍ମାଣକରିବା—1. To build; to make; to manufacture; to prepare.
Tiāra(ri) karibā
(ତିଆର କରିବା—ଅନ୍ୟରୂପ)
তয়ের করা
तैयार करना

୨ । ରଚନା କରିବା—2. To compose.

୩ । ସମ୍ପନ୍ନ କରିବା—
3. To finish; to complete.

୪ । ସଜ କରିବା; ସଜାଇବା—
4. To make ready; to equip.

ତିଆରଣ—ଦେ. ବି—୧ । ପ୍ରବୋଧ ବାକ୍ୟ—
Tiārana 1. Consoling words.

୨ । ଉପଦେଶ—2. Advice.

डाँट ୩ । ଗାଳି—3. Reprimand; censure.

ମୁଁ ସାଧୁ ହୋଇଲେ ତିଆରଣରେ—ବଳଦୂର୍ଦ୍ଦ. ସଙ୍ଗୀତ ।

ତିଆରି (ଇତ୍ୟାଦି)—ବୈଦେ. ବିଣ. ଓ ବି (ଅ. ତୈୟାରୀ)—
Tiāri (etc) ତିଆର ଇତ୍ୟାଦି (ଦେଖ)
Tiāra etc (See).

ତିଆରିବା—ଦେ. କ୍ରି—୧ । ଗାଳିଦେବା; ଅକଟ କରିବା—
Tiāribā 1. To rebuke; to reprimand.

ନିବର୍ତ୍ତି ଭବ ଥିବ ମନେ ନ ତିଆର—କୃଷ୍ଣସିଂହ, ମହାଭାରତ. ଅବ ।

डाँटना ୨ । ମନ୍ଦ କଥାରୁ ନିବର୍ତ୍ତାଇବା—
2. To dissuade a person from doing any bad act.

୩ । ଦେଖେଇ ଶିଖେଇ ଗାଳିଦେବା; ବ୍ୟଙ୍ଗ କରିବା—
3. To throw out innuendoes.

୪ । କୌଣସି ବିଷୟ ବୁଝାଇବା; ବିଶିଷ୍ଟ ଉପଦେଶ ଦେବା—
4. Te give special instructions or directions.

ତୁମମାନଙ୍କ ତିଆରିବ,
ସବୁକୁ ଘେନି କହୁଛ—ଭୂପତି. ପ୍ରେମପଞ୍ଚାମୃତ ।

୫ । ତିଆର କରିବା; ପ୍ରସ୍ତୁତ କରିବା—
5. To prepare; to build; to construct; to make.

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଘ	ଜ	ଶ,ଷ	ଙ୍କ	ଇଅ	ଉଅ	ଞ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ତ	ଡ଼

୬ । ଫରମାସି କରିବା—6. To order for.

ହଇତକା ପାଇ ତଥିରଲେ ବୈଦ୍ୟକୁଳ
ଭରତାହେ ଭରରେ ଅଶକ୍ତ କାର୍ଯ୍ୟଫଳ ଯେ ।
କୃଷ୍ଣସିଂହ. ମହାଭାରତ ।

ତିଅସି—ଦେ. ବି (ସଂ. ତ୍ରୀଣ; ତୃତୀୟ ଦିବସ)—କୌଣସି ଘଟନାର ବା ଉତ୍ସବାଦିର ତୃତୀୟ ଦିବସ—
Tiāsi
ତେସରା ଦିନ The 3rd day after an event or
तिबासो, तीसरा रोज festival.

ତିଉଡ଼ି—ଦେ. ବି—୧ । (ସଂ. ତ୍ରିବୃତ୍ ; ତ୍ରିପୁଟା)—କଳମ୍ବୀ ଆଦି ବର୍ଗର ବୃହତ୍ ଲତାବିଶେଷ—1. A creeper
Tiurdi
ସଂ. ନାମ—(କାଳଅଉଡ଼ିର) the root of which is used in
ରକ୍ତତ୍ରିବୃତ୍, ମସୂରୀ, laxative medicines; Oper-
କୁମ୍ଭର୍ଣୀ, ଅମୂତା, ପାଳନ୍ଦୀ, culina Turpethum; Ipomoea
ତ୍ରିପୁଟୀ, ଭାଣ୍ଡୀଡ଼ିକା, Turpethum
କାଭନାଶିକା

(ଧଳାଅଉଡ଼ି)—ଶ୍ୱେତତ୍ରିବୃତ୍, ତ୍ରିଭଣ୍ଡୀ, ତ୍ରିବୃତା, ସର୍ବାନୁଭୂତି, ସରଳା, ନିଶୋତ୍ରା, ରେଚନୀ

(କଳାଅଉଡ଼ି)—ଶ୍ୟାମାତ୍ରିବୃତ୍, ଅର୍ଦ୍ଧଚନ୍ଦ୍ର, ପାଲନ୍ଦୀ, ସୁଷେଣିକା, ମସୂରବିଦଳା, କାଳା, କୈଶିକା କାଳମେଷିକା

ତିଉଁଡ଼ି, ତେଉଁଡ଼ି, ତେଓରି
निसोत, निसोथ, तरबुद, तुरूपतर, पितोहिरि, पनिलर

(ତିଅଡ଼ି— ଅନ୍ୟନାମ)
ମ. ତିଧୂର, ନଶୋତ୍ତର
ତେ. ଅଲତେଗଡ଼ା
ତା. ଶିବଦଇ
ଗୁ. ନହୋତର
ଫା. ନଶୋଥ
ଆ. ତରବୁଦ୍

[ଦ୍ର—କାଲଅଉଡ଼ି ମଳସ୍ତମ୍ଭ,ଗ୍ରହଣୀ, କଫୋଦର, ଶୋଥ, ପାଣ୍ଡୁ,କୃମି, ପ୍ଳୀହା, ଜ୍ୱର, ପିତ୍ତଦୋଷ, କଫ, ବାତରକ୍ତ, ଜ୍ୱଦାବର୍ତ୍ତ ଓ ହୃଦ୍ରୋଗରେ ଉପକାରୀ—

ଧଳାଅଉଡ଼ି—ବିରେଚକ ଓ ବାୟୁ, ପିତ୍ତଜ୍ୱର, କଫ, ପିତ୍ତ, ଶୋଥ ଓ ଉଦର ରୋଗରେ ଉପକାରୀ—

କଳାଅଉଡ଼ି—ତୀବ୍ର ବିରେଚକ ଓ ମୂର୍ଚ୍ଛା, ଦାହ, ମତ୍ତତା, ଭ୍ରାନ୍ତିନାଶକ ଓ କଣ୍ଠର ଉତ୍କର୍ଷକାରକ—

ଅଉଡ଼ିର ପତ୍ର ବଡ଼ ବଡ଼; ଫୁଲ ବଡ଼, ଧଳା ଓ ପାଞ୍ଚପାଖୁଡ଼ିଆ; ଫଳ ଚୁଚ୍ଛକୋଣିଆ ଓ ଏହା ପାଚିଲେ ପେଡ଼ିର ଭାଗ୍ନପରି ଏହାର ଉପରଅଡ଼ା ଖୋଳପା ଖସି ଆସେ; ମଞ୍ଜି କଳା । ଏ ଲତାର ମୂଳ ରେଚକ । ଏହା ଔଷଧରେ ବ୍ୟବହୃତ ହୁଏ । ଏହା ୩ ପ୍ରକାର; ଯଥା—ଶୁକ୍ଳ, କୃଷ୍ଣ ଓ ରକ୍ତ ।]

ତିଉଡ଼ୀ ୨ । (ସଂ. ତ୍ରିପୁଟୀ)—ଖେସାରି (ଦେଖ)
तिउरो 2. Khesāri (See)

ତିଉଣ—ଗ୍ରଦ. ବି—ତିଅଣ (ଦେଖ)
Tiuna Tiana (See)
(ତୁଉଣ—ଅନ୍ୟରୂପ) ତଉଣ ଦେଖିଣ ଏହୁ ସେବନ କରନ୍ତି ।
ପ୍ରାଚୀ. ନଳଚରିତ ।

ତିଉଣିଆଁ—ପ୍ରାଦେ. (ପୁରୀ) ବି—ପୁରୀ ବଡ଼ଦେଉଳରେ ମହାପ୍ରସାଦ ତିଅଣପାଇଁ ପରିବା କାଟିବା ଶୂଦ୍ରଜାତିବିଶେଷ—
Tiuniāñ
(ତିଅଣିଆଁ—ଅନ୍ୟରୂପ) A Śūdra class of people who chop and prepare vegetables for being cooked into curry in the temple of Jagannath at Puri.

[ଦ୍ର—ଅଭ୍ୟାସବଶତଃ ଏମାନେ ପରିବା କାଟିବାରେ ବଡ଼ ସିଦ୍ଧହସ୍ତ ।]

ତିଉନ୍—ପ୍ରାଦେ. (ସମ୍ବଲପୁର ବି—ତିଅଣ—
Tiun Curry.

ତିଓଡ଼—ଦେ. ବି—୧ । ଖେତ ବା ଜମିର ତୃତୀୟ ଥର ଚଷ—
Tiorda 1. The third ploughing of a field.
তেবারা ୨ । ଖେତକୁ ତିନିଥର ଚଷ କରିବା—
तिकार 2 Ploughing of a field 3 times.

ତିକ—ଦେ. ବି—ବାୟା ଚଢ଼େଇ—
Tika The weaver bird.

ବର୍ତ୍ତିକ ତିକ ଆଡ଼ ଅଳି ଯେ ବହୁରତ । ଉତ୍କ. ବୈଦେହୀଶବିଳାସ ।

ତିକଚ୍ଛି—ଦେ ବି. (ସଂ. ତ୍ରିକଚ୍ଛ)—ତିନି ସ୍ଥାନରେ ଅଣ୍ଟାରେ ଖୋସାଯାଇ ପିନ୍ଧା ଯାଇଥିବା ଲୁଗା; ତେକଚ୍ଛ—Wearing
Tikachhi
তেকোঁচা cloth tucked up to the loin at 3 places.

ତିକ(ଖ)ଡ଼ ବାଜ୍—ଦେ. ବିଣ—ଏକଜିଦିଆ; ଜିଦଖୋର—
Tika(kha rda bāj Obstinate.

ତିକଡ଼ା—ଦେ. ବି. (ସଂ. ତ୍ରି ଓ କପର୍ଦ୍ଦକ)—ତିନିକଉଡ଼ା କଉଡ଼ି—
Tikarda 3 cowries or small shells.

ତିକଡ଼ା କାକୁଡ଼ି ତିକଡ଼ା ଲେମ୍ବୁ
ଏକ ଏକ କଡ଼ାକୁ ଗୁର ଗୁର ଜାମୁ
ଫଳ ହେବ ବୋଲିଏ କଉଡ଼ି ହେବ ବୋଲିଏ । ମାନସାଙ୍କ ପ୍ରଶ୍ନ ।

[ଦ୍ର—ପୂର୍ବେ ଏ ଦେଶରେ କଉଡ଼ି ମୁଦ୍ରାରୂପେ ଚଳୁଥିଲା ।]

ତିକଡ଼ି—ଦେ. ବି.—ଅପତ୍ତିଆଣି ଶିଶୁର ଗୋଟିଏ ନାମ—
Tikardi One of the names given to a male child
তিনকড়ি born after the death of its predecessor.
(ତିକଡ଼ିଆ—ଅନ୍ୟରୂପ) ଦେ. ବିଣ.—ଯୌଣି ବସ୍ତୁର ମୂଲ୍ୟ ତିନି-କଡ଼ା କଉଡ଼ି ମାତ୍ର; ମୂଲ୍ୟହୀନ—Of no value; worth 3 cowries.

ତିକଣ୍ଟା—ଦେ. ବି. (ସଂ. ତ୍ରିକଣ୍ଟ)—ଏକ ପ୍ରକାର ସିଜୁ; ଦେଉଳିଆସିଜୁ-
Tikantā Euphorbia Antiquorum.
(ତେକଣ୍ଟା—ଅନ୍ୟରୂପ) [ଦ୍ର—ଏହା ୧୦।୧୨ ହାତ ଉଚ୍ଚ ହୁଏ । ସଂ. ନାମ—ତ୍ରିକଣ୍ଟ, ବଜ୍ରୀ; ଏହା ସିଜୁଗଛ ପରି ଦେଖାଯାଏ ନାହିଁ;
তেকাঁটা, তেশিরা মনসা ନାଗଫେଣିଆ ଗଛପରି ଦେଖାଯାଏ ।
तिधारा थुहर ଏହାର ପତ୍ର ଅତି ଛୋଟ ଓ ସଂଖ୍ୟାରେ ଅଳ୍ପ । ଏହାର କଣ୍ଟା ଏକାଠେଇଁ ୩ଟା ଲେଖାଏଁ ବାହାରି ଥାଏ ଓ ଶିରା ୩ଟା ।]

ତିକତ—ଗ୍ରା. ବି. (ସଂ. ତିକ୍ତ)—ତିକ୍ତ (ଦେଖ)
Tikata Tikta (See)

ସାଧାରଣ ଭାବରେ ଅଠର ପୃଷ୍ଠାରେ ପ୍ରଥମ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିବା ନାହିଁ । ଅତଏବ ୧ ବା ୨ ପଙ୍କ୍ତି ଲେଖାଏ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ହୋଇ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଯୁଥ' ନ ମିଳିଲେ 'ଯୂଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ତିକନା—ଦେ. ବି.—ତିନଗୋଟି ଶାଖାବିଶିଷ୍ଟ ଅସ୍ତ୍ରବିଶେଷ—
Tikanā A three-pronged weapon.
ଦେ. ବିଣ.—ତିନଗୋଟି ଶାଖା ବା ଗୋଡ଼ବିଶିଷ୍ଟ—
Three-pronged; three-forked.

ତିକା—ଦେ. ବି. (ସଂ ତ୍ରିକ)-ପତ୍ରରେ ବା ତାସ୍‌ରେ ତିନିବିନ୍ଦୁବିଶିଷ୍ଟ ପତ୍ର--
Tikā The playing card having 3 points on it.
ତିରୀ
तिक्का, तिया, तिजा, तिक्क

ତିକାଠିଆ—ଦେ.ବି. (ସଂ. ତ୍ରିକାଷ୍ଠକ) — ଘରକଣରେ ଲଗାଯିବା ଜିନିଷ
Tikāṭhiā ତିନିଗୋଟି କାଠି କାନ୍ଥର କୋଣରେ ପୋତା ଯାଇ ତିଆରି ହୋଇଥିବା ଅଧାର—A wall-rack made with 3 pins or sticks driven into the corner of a wall
তেকাটা
तिखुंटा

ତିକିଚ୍ଛା—ଗ୍ରା. ବି. (ସଂ. ଚିକିତ୍ସା)—୧ । ଚିକିତ୍ସା—
Tikichhā 1. Medical treatment.
ତିକିଚ୍ଛା ୨ । ରୋଗୀର ପରିଚର୍ଯ୍ୟା—
(ତିକିଚ୍ଛା—ଅନ୍ୟରୂପ) 2. Tending after the sick.

ତିକିତ—ଗ୍ରା. (ପଦ୍ୟ) ବିଣ. (ସଂ. ତିକ୍ତ)—ତିକ୍ତ (ଦେଖ)
Tikita Tikta (See)
ଗ୍ରା. ବି.—ତିକ୍ତ (ଦେଖ)—Tikta (See)

ତିକୋଣିଆ—ଦେ. ବିଣ. (ସଂ. ତ୍ରିକୋଣୀ)—ତିନି କୋଣବିଶିଷ୍ଟ;
Tikoṇiāṅ ତ୍ରିଭୁଜାକାର—Triangular.
তেকোণা तिकोना, तिकोनिया

ତିକ୍ତ—ଦେ. ବିଣ.—(ତିଜ୍ ଧାତୁ—ତୀକ୍ଷ୍ଣ କରିବା + କର୍ତ୍ତୃ ତ. ଯାହା
Tikta ଜିଭକୁ ତୀକ୍ଷ୍ଣ କରେ)—୧ । ପିତା—
1. Bitter (in taste).
୨ । ସୁଗନ୍ଧ; ସୁବାସିତ—2. Fragrant.
ସଂ. ବି.—୧ । ପିତାରସ; ଷଡ଼ରସ ମଧ୍ୟରୁ ଏକତମ—
1. Bitter taste; bitterness.
[ବି—ତିକ୍ତରସ ଷଡ଼ରସ ମଧ୍ୟରୁ ଏକତମ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଛେଦକ, ରୁଚିକାରକ, ପାଚକ, ଶୋଧକ ଏବଂ ମୂତ୍ର, ମେଦ, ରକ୍ତ, ବସା ଅଦିର ଶୋଷକ । ଜ୍ୱର, କାଣ୍ଡୁ, କୁଷ୍ଠିଆ, କୁଷ୍ଠ, ମୂର୍ଚ୍ଛା, ଆଦିରେ ତିକ୍ତରସ ସେବନ ଉପକାରୀ; ନିମ୍ବ, ଚିରେଇତା, କଳରାଶାଗ, ଗୁଳୁଗାଇନ୍, ଗୁଳୁଚ, ତିକ୍ତ ଅଟେ ।]
ଦେ. ବି—୧ । କୌଣସି ବ୍ୟକ୍ତିର ମୃତ୍ୟୁର ପରଦିନ ତାହାର କୁଟୁମ୍ବମାନେ ଅଶଦଳଦିଅ ଓ ଅଫୁଟା ଡାଲି ଏବଂ ନିମ୍ବ ପିତା ସହିତ ଖାଇବା ଅନ୍ନାଦି—1. Cooked food consisting of rice and unseasoned curry (not mixed with oil, spices, turmeric or rye) mixed with neem-leaves, taken by the kinsmen of a deceased person on the next day of his death.
୨ । ମୃତ୍ୟୁର ପର ଦିବସ—
2. The next day of a person's death.

ତିକ୍ତକ—ସଂ. ବି (ତିକ୍ତ + ସ୍ୱାର୍ଥେ କ. କ)—୧ । ନିମ୍ବ ଗଛ—
Tiktaka 1. Neem tree.
୨ । କଳା ଖଇର—2. Black catechu.
୩ । ଚିରେତ ତିକ୍ତ; ଚିରେଇତା—
3. Swertia Chiraita (plant).
୪ । କୁଟଜ; ପିତାକୋରୁଆ (ଲତା)—
4. Wrightea Antedysenterica.
୫ । ପଟୋଲ (ଦେଖ)—5. Paṭola (See)
୬ । ଇଙ୍ଗୁଦ (ଦେଖ)—6. Iṅgudi (See)

ତିକ୍ତକା—ସଂ. ବି. ସ୍ତ୍ରୀ (ତିକ୍ତକ + ସ୍ତ୍ରୀ. ଆ)—ପିତା ଲାଉ—
Tiktakā The bitter gourd.

ତିକ୍ତ କାଣ୍ଡ—ସଂ. ବି (ବହୁବ୍ରୀହି; ତିକ୍ତ + କାଣ୍ଡ)—ଚିରାଇତା ଗୁଳ୍ମ
Tikta kāṇḍa (ହି. ଶବ୍ଦସାଗର) (ଦେଖ)
Swertia Chiraita (plant)

ତିକ୍ତଗନ୍ଧା—ସଂ. ବି (ବହୁବ୍ରୀହି; ତିକ୍ତ + ଗନ୍ଧ + ଆ)—ବରାହକ୍ରାନ୍ତା
Tiktagandhā (ହି. ଶବ୍ଦସାଗର) (ଦେଖ)
(ତିକ୍ତଗନ୍ଧିକା—ସ୍ତ୍ରୀ) Barāhakrāntā (See)

ତିକ୍ତଗୁଞ୍ଜା—ସଂ. ବି—କରଞ୍ଜ (ହି. ଶବ୍ଦସାଗର)—
Tiktaguñjā Pongamia Glabra (tree)

ତିକ୍ତ ତଣ୍ଡୁଲା—ସଂ. ବି—ପିପ୍ପଳୀ (ହି. ଶବ୍ଦସାଗର)—
Tikta taṇḍulā Long pepper.

ତିକ୍ତତା—ସଂ. ବି (ତିକ୍ତ + ଭାବ. ତା)—୧ । ପିତା ଗୁଣ—
Tiktatā 1. Bitterness.
୨ । ତିକ୍ତ ସ୍ୱାଦ—2. Bitter taste.

ତିକ୍ତତୁଣ୍ଡୀ(ମ୍ବୀ)—ସଂ. ବି. ସ୍ତ୍ରୀ (ତିକ୍ତ + ତୁଣ୍ଡ + ସ୍ତ୍ରୀ. ଈ)—ପିତାଲାଉ—
Tikta-tuṇḍī(mbī) The bitter gourd.
ତିକ୍ତପିତା }
ତିକ୍ତାମ୍ବା } —ଅନ୍ୟରୂପ

ତିକ୍ତତ୍ୱ—ସଂ. ବି (ତିକ୍ତ + ଭାବ. ତ୍ୱ)—ତିକ୍ତତା (ଦେଖ)
Tiktatwa Tiktatā (See).

ତିକ୍ତଦୁଗ୍ଧା—ସଂ. ବି (ବହୁବ୍ରୀହି; ତିକ୍ତ + ଦୁଗ୍ଧ + ଆ)—
Tikta-dugdhā ୧ । କ୍ଷୀରିଣୀ (ହି. ଶବ୍ଦସାଗର) (ଦେଖ)
Kshiriṇī (See).
୨ । ମେଣ୍ଢାଶିଙ୍ଘା (ହି. ଶବ୍ଦସାଗର) (ଦେଖ)
Meṇḍhāsiṅghā (See).

ତିକ୍ତ ଧାତୁ—ସଂ. ବି (କର୍ମଧା; ତିକ୍ତ + ଧାତୁ)—ଶରୀରସ୍ଥ ପିତ୍ତ--
Tikta dhātu The bile.

ତିକ୍ତ ପତ୍ର—ସଂ.ବି. ପୁଂ (ବହୁବ୍ରୀହି; ତିକ୍ତ + ପତ୍ର)—କାଙ୍କଡ଼ (ଦେଖ)—
Tikta patra Kāṅkaṛa (See).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇସ୍ତ	ଉଅ	ଓ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ଂସ	ଗଂ୍ୟ	ଇଅ	ଔ	ନ୍

ତିକ୍ତପର୍ବା—ସଂ. ବି. (ବହୁବ୍ରୀହି; ତିକ୍ତ+ପର୍ବନ୍)—୧ । ଦୂବ—
Tikta-parbā 1. The creeping Cynodon.
୨ । ଗୁଳୁଚ (ହି. ଶବ୍ଦସାଗର) (ଦେଖ)—
2. Guḻuchi (See)
୩ । ଯଷ୍ଟିମଧୁ (ହି. ଶବ୍ଦସାଗର) (ଦେଖ)
3. J̄ashṭi madhu (See)
୪ । ସୂର୍ଯ୍ୟମୁଖୀ (ହି. ଶବ୍ଦସାଗର) (ଦେଖ)
4. Sūrj̄ya-mukhī (See)

ତିକ୍ତପୁଷ୍ପା—ସଂ. ବି. (ବହୁବ୍ରୀହି; ତିକ୍ତ+ପୁଷ୍ପ+ଅ)—
Tikta pushpā ଅକାନବିନ୍ଧ (ଦେଖ) Akānabindhi (See)

ତିକ୍ତ ଫଳ—ସଂ. ବି.—ରିଠା (ଦେଖ)
Tikta phaḻa Riṭhā (See)

ତିକ୍ତଫଳା—ସଂ. ବି.—୧ । କଣ୍ଟକାରୀ (ଦେଖ).
Tikta-phaḻā 1. Kanṭakārī (See)
୨ । ତରଭୁଜ (ହି. ଶବ୍ଦସାଗର)—2. Water-melon.
୩ । ମୁଣ୍ଡି କାକୁଡ଼ (ହି. ଶବ୍ଦସାଗର)—
3. The small variety of cucumber.

ତିକ୍ତ ରସ—ସଂ. ବି.—(କର୍ମଧା; ତିକ୍ତ+ରସ)—୬ଟି ରସ ମଧ୍ୟରୁ ଏକ-
Tikta rasa ତମ—Bitter taste.
ସଂ. ବିଣ.—(ବହୁବ୍ରୀହି) ପିତା—Bitter in taste.

ତିକ୍ତରାଜ—ଦେ. ବି.—ରୋହିତକ; କମ୍ପାଦବର୍ଗର ତରୁବିଶେଷ—
Tiktarāja Amoora or Andersonia Rohitaka tree.

ସଂ. ନାମ—ରୋହିତକ, ରୋହୀତକ, ରୋହୀ, ଦାଡ଼ିମପୁଷ୍ପକ	[ବି—ଏ ଗଛର ଅଗ ଅତ୍ୟନ୍ତ ବେଶି ଶାଖା; କାଠ କମ୍ବକାଠ ଠାରୁ ଈଷତ୍
ମ. ରକ୍ତରୋହୀଡ଼ା	ନାଲିଆ; ପତ୍ର କୋମଳ ଓ ଲୋମଶ; ପର୍ଣ୍ଣ
ତେ. ମୁଲ୍ଲମୋଦୁଗଚେଟ୍ଟୁ	୫।୭ ଯୋଡ଼ା; ଫୁଲ ସାନ ଓ ତ୍ରିଦଳ;
তিক্তরাজ, রোহাণ	ଫଳ ପାଚିଲେ ୩ ଫାଳ ହୋଇ ଫାଟି
রোড়া রোহিড়া	ଯାଏ; ଫଳ ଦେଖିବାକୁ ଡାଳିମ୍ବଫଳପରି ।
	ଏହା ପ୍ଲୀହା ରୋଗରେ ଉପକାରୀ; ଏହା ରୁଚିକାରକ ଓ ରକ୍ତପ୍ରସାଦକ ।]

ତିକ୍ତରୀ—ଦେ. ବି—ତୁମଡ଼ୀ (ଦେଖ)—Tumaṟḏī (See)
Tiktarī

ତିକ୍ତ ଶାକ—ସଂ. ବି.—୧ । ବରୁଣ ଗଛ—1. A wild tree;
Tikta śāka Crataeva Religiosa.
୨ । ଖଦିର ଗଛ—2. The catechu tree.
୩ । ପିତା ଶାଗ (ହି. ଶବ୍ଦସାଗର)—
3 Pitā śāga.

ତିକ୍ତ ସାର—ସଂ. ବି—୧ । ଏକଜାତୀୟ ଘାସ; ରୋହିଷତୃଣ—
Tikta sāra 1. Name of a kind of grass.
୨ । ଖଇର; ଖଦିର—2. Catechu.

ତିକ୍ତା—ସଂ. ବି. (ତିକ୍ତ+ଅ)—୧ । କଟୁକୀ (ଦେଖ)
Tiktā 1. Kaṭukī (See)
୨ । ଅକାନବିନ୍ଧ (ଦେଖ)
2. Akānabindhi (See)
୩ । ଯବତିକ୍ତା ଲତା (ଦେଖ)
3. J̄abatiktā (See)
୪ । ତରଭୁଜ—4. Water melon.
୫ । ବିଲ ନାସ (ଦେଖ)—5. Bila nāsa (See)

ତିକ୍ତାଙ୍ଗା—ସଂ. ବି—ପାତାଳଗରୁଡ଼ ଲତା (ହି. ଶବ୍ଦସାଗର) (ଦେଖ)
Tiktāṅgā Pātāḻagaruṟḏi creeper (See)

ତିକ୍ତିକା—ସଂ. ବି. ସ୍ତ୍ରୀ. (ତିକ୍ତକ+ସ୍ତ୍ରୀ. ଅ)—୧ । ପିତା ଲାଉ—
Tiktikā 1. The bitter gourd.
୨ । କାକମାଚୀ (ହି. ଶବ୍ଦସାଗର) (ଦେଖ)
2. Kākamāchī (See)
୩ । କଟୁକୀ (ହି. ଶବ୍ଦସାଗର) (ଦେଖ)
3. Kaṭukī (See)

ତିକ୍ତିରୀ—ସଂ. ବି—ମହୁରୀ ବାଜା (ହି. ଶବ୍ଦସାଗର); ତୁମଡ଼ୀ—
Tiktirī A kind of clarionet.

ତିଖ୍ରୀ—ପ୍ରାଦେ. (ସମ୍ବଲପୁର) ବି—କ୍ଷୀରି; ପାୟସ—
Tikh-rī Gruel.

ତିଖ(କ୍ଷ)—ଦେ. ବିଣ. (ସଂ. ତୀକ୍ଷ୍ଣ)—ତୀକ୍ଷ୍ଣ (ଦେଖ)
Tikha (ksha) Tīksha (See)

ତିଖଡ଼—ଦେ. ବି. (ସଂ. ବିଘ୍ନ)—୧ । ଗୋଲମାଲ—
Tikhaṟḏa 1. Confusion.
বাগড়া ୨ । କଳି—2. Quarrel.
বখেড়া ୩ । ବିଘ୍ନ—3. Obstacle; hindrance.
ତିଖଡ଼ ବଖଡ଼, ତିଖଡ଼ି ବଖଡ଼ି, ତିଖଡ଼ ମିଖଡ଼ } ଅନ୍ୟରୂପ ୪ । ବିବାଦ—
4. Dispute.

ତିଖଡ଼ ମିଖଡ଼—ଦେ. ବି—ତିଖଡ଼ (ଦେଖ)
Tikhaṟḏa mikhaṟḏa Tikhaṟḏa (See)
ଦେ. ବିଣ—ହଲଚଲ ହୋଇଥିବା; ସ୍ୱସ୍ଥାନରୁ ଅପସରି ଥିବା—
Displaced from the original position.

ତିଖଡ଼ିଆ—ଦେ. ବିଣ. ପୁଂ—୧ । ଗୋଳମାଳିଆ—
Tikaṟḏiā 1. Knotty; confused.
বাগড়ীয়া ୨ । ଯେ ଗୋଲମାଲ ଲଗାଏ—
বখেড়া 2. Creating confusion.
(ତିଖଡ଼େଇ—ସ୍ତ୍ରୀ) ୩ । ଯେ ବିଘ୍ନ ଜାତ କରେ—
3. Creating obstacles.
୪ । କଳହପ୍ରିୟ—4. Quarrelsome.

ତିଖର—ଦେ. ବି—ନିଷ୍ପତ୍ତି; ମୀମାଂସା—
Tikhara Final decision.
ଦେ. ବିଣ—ନିଷ୍ପନ୍ନ—Finally decided.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ, ବୃଥ ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତିଖ(ଖି)ଡ଼ିବା— ଦେ. କ୍ରି—ତୀଖଡ଼ିବା (ଦେଖ)
Tikha(khi)rdibā — Tikhardibā (See)
[ତିଖ(ଖି)ଡ଼ିଇବା—ଣିଜନ୍ତରୂପ]

ତିଖା —ଦେ. ବି— ତୀଖା (ଦେଖ)
Tikhā — Tīkhā (See)

ତିଖାଡ଼ିବା— ଦେ. କ୍ରି—ତୀଖାଡ଼ିବା (ଦେଖ)
Tikhārdibā — Tikhārdibā (See)

ତିଖିରି—ପ୍ରାଦେ. (ଅଠମଲ୍ଲିକ; ସମ୍ବଲପୁର)—ଯାଉ; ପାୟସ—
Tikhiri — Gruel.

ତିଖୁଣ୍ଟା— ଦେ. ବିଣ— ତିନକୋଣିଆ—
Tikhuntā — Triangular.
তীখুঁটা तिखुँटा
(ତିଖୁଣ୍ଟିଆ—ଅନ୍ୟରୂପ)

ତିଗିରିଆ— ଦେ. (ନାମ)—ଓଡ଼ିଶାର ଗଡ଼ଜାତବିଶେଷ—Tigiria;
Tigiriā — one of the States of Orissa.
[ଦ୍ର—ପ୍ରଥମେ ତିନୋଟି ଗଡ଼ ମିଶି ଏ ରାଜ୍ୟ ହୋଇଥିବାରୁ ଏହାର ଏପରି ନାମ ହେଲା—କୃପାସିନ୍ଧୁ- ଇତିହାସ ।]

ତିଗ୍ମ— ସ. ବି. (ତିଜ ଧାତୁ=ତୀକ୍ଷ୍ଣ କରିବା+ଭାବ. ମ)—
Tigma
୧ । ପ୍ରଖରତା; ତୀକ୍ଷ୍ଣତା —1. Sharpness.
୨ । ଉଷ୍ଣତା—2. Warmth; heat.
୩ । କଟୁତା; ରାଗରସ—3. Pungency.
୪ । ବଜ୍ର—4. Thunder.
୫ । ପିପ୍ପଳୀ— 5. Long pepper.
୬ । ମତ୍ସ୍ୟପୁରାଣୋକ୍ତ ପୁରୁବଂଶୀୟ ରାଜା—6. Name of a king of the Puru dynasty of ancient India.
ସ. ବିଣ—୧ । (+କର୍ତ୍ତୃ. ମ)—ପ୍ରଖର; ତୀକ୍ଷ୍ଣ—
1. Sharp; acute.
୨ । ଉଷ୍ଣ—2. Hot.
(ତିଗ୍ମତା—ବି) ୩ । ଉଦ୍ଧତ—3. Rude; arrogant.
୪ । କଟୁ; ରାଗ—4. Pungent; acrid.

ତିଗ୍ମ କର—ସ. ବି ଓ ବିଣ. (କର୍ମଧା ଓ ବହୁବ୍ରୀହି; ତିଗ୍ମ+କର)—
Tigma kara — ତିଗ୍ମାଂଶୁ (ଦେଖ)—Tigmāmśu (See)
(ତିଗ୍ମଦୀଧିତି, ତିଗ୍ମରଶ୍ମି, ତିଗ୍ମରୁଚ୍—ଅନ୍ୟରୂପ)

ତିଗ୍ମତା— ସ. ବି (ତିଗ୍ମ+ଭାବ. ତା)—୧ । ପ୍ରଖରତା—
Tigmatā — 1. Sharpness; accuteness.
୨ । ରାଗ ସ୍ୱାଦ—2. Pungency.
୩ । ଉଷ୍ଣତା—3. Warmth.

ତିଗ୍ମତେଜା—ସ. ବିଣ. (ବହୁବ୍ରୀହି; ତିଗ୍ମ+ତେଜଃ)—ପ୍ରଖର ତେଜୋ-ବିଶିଷ୍ଟ—Resplendent; dazzling.
Tigmatejā

ତିଗ୍ମ ଯାତନା—ସ. ବି. (କର୍ମଧା; ତିଗ୍ମ+ଯାତନା)—ଦାରୁଣ କ୍ଳେଶ—
Tigma jātanā — Acute or violent pain; shooting pangs.

ତିଗ୍ମ ରଶ୍ମି —ସ. ବି. ଓ ବିଣ. (କର୍ମଧା ଓ ବହୁବ୍ରୀହି; ତିଗ୍ମ+ରଶ୍ମି)—
Tigma raśmi — ତିଗ୍ମାଂଶୁ (ଦେଖ)—Tigmāmśu (See)

ତିଗ୍ମାଂଶୁ—ସ. ବି. (କର୍ମଧା; ତିଗ୍ମ+ଅଂଶୁ=କିରଣ)—ପ୍ରଖର କିରଣ—
Tigmāmśu — Sharp rays.
ସ. ବିଣ. (ବହୁବ୍ରୀହି)— ସୂର୍ଯ୍ୟ—The sun.

ତିଘରା - ଦେ. ବି—କୌଣସି ବ୍ୟକ୍ତିର ବାସ ନିମନ୍ତେ କରାଯାଇଥିବା ୩ ସାର ବାସସ୍ଥାନ—Three suites of rooms built for the residence of a person.
Tigharā

ତିଘିବା— ପ୍ରାଦେ. (ଗଡ଼ଜାତ) କ୍ରି—ଶିକାରକୁ ଗୋଡ଼ାଇବା—
Tighibā — To chase.

ତିଘେ(ଘା)ଇ—ଗ୍ରା. ବିଣ. ପୁଂ. (ସ. ତ୍ରିବିବାହିତ)—ଯେଉଁ ପୁରୁଷ ଗୋଟିକ ପରେ ଗୋଟିଏ, ଏପରି ୩ ଗୋଟି ସ୍ତ୍ରୀ ବିବାହ କରିଥାଏ; ତେବେଇ; ତିବେଇ—
Tighe ghā)i
তীজবর; তেজবর
तिजिया; तिआह — (a male) Married a third time after the death of 2 successive wives.
(ତିବେଇ, ତିବେଇ—ଅନ୍ୟରୂପ)

ତିଛକ(କି)—ଦେ. ବି—ଯେଉଁଠାରେ ୩ ଗୋଟି ରାସ୍ତା ପରସ୍ପର ମିଳିତ ହୋଇଥାଏ—A meeting place of3 roads; the crossing of 3 roads.
Tichhaka(ki)
তেছক
तिराहा (ତିକଣ, ତିକଣିଆ—ଅନ୍ୟରୂପ)

ତିଜ୍ (ଧାତୁ)—ସ—୧ । ତୀକ୍ଷ୍ଣ କରିବା—
Tij (root) — 1. To sharpen; to whet.
୨ । ସହ୍ୟ କରିବା—To bear; to endure.
୩ । ଉତ୍ତେଜିତ କରିବା—
3. To excite; to incite (Apte).
୪ । ଟେଳିବା—4. To stir (Apte).

ତିଜ୍—ବୈଦେ. ପ୍ରାଦେ. (ସମ୍ବଲପୁର) ବି—ଚିଜ; ପଦାର୍ଥ—
Tij — Thing; article.

ତିଜ—ଗ୍ରା. ବୈଦେ. ବି. (ଫା. ଚୀଜ୍)—୧ । ଚିଜ; ବସ୍ତୁ; ପଦାର୍ଥ—
Tija — 1. Thing; article.
চীজ ୨ । ଗହଣା; ଅଳଙ୍କାର—
चीज 2. Ornament.

ତିଜବ୍ରତ— ସ. ବି—ବାଲି ତୃତୀୟା (ଦେଖ)
Tijabrata — Bāli trutiyā (See)

ତିଜାରତ୍—ବୈଦେ. ବି. (ଅ.)—
Tijārat — ୧ । ବାଣିଜ୍ୟ; ବ୍ୟବସାୟ; କାରବାର; ବେପାର—
তিজারত 1. Trade.

୧	ଇ	ଓ	ର୍‌,ର୍ବ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ପ	ଉଅ	ଘ
୨	ଈ	ଊ	ଋ	ଌ	ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଷ୍ଣ	ନ୍‌

तिजारत ୨ । ଟଙ୍କାକୁ ସୁଧରେ ଖଟାଇବା ବ୍ୟବସାୟ; ମହାଜନୀ— 2. Money-lending.
ତିଜରତି, ତେଜରତି } ଅନ୍ୟରୂପ

ତିଜାରତି—ବୈଦେ. ବଣ. (ଆ. ତିଜାରତ)—
Tijārati ୧ । ବାଣିଜ୍ୟ ସମ୍ବନ୍ଧୀୟ—
তিজারতী 1. Pertaining to trade.
तिजारती ୨ । ମହାଜନୀ ସମ୍ବନ୍ଧୀୟ—
2. Pertaining to money-lending.

ବି. (ଅ)—୧ । ବାଣିଜ୍ୟ-ବସ୍ତୁ; ପଣ୍ୟ ଦ୍ରବ୍ୟ—
1. Merchandise.
ତିଜରତି, ତେଜରତି } ଅନ୍ୟରୂପ
୨ । ବାଣିଜ୍ୟ ପେଶା—
2. The profession of trade.

ତିଜନ(ଳ)—ସଂ. ବି. (ତିଜ୍ ଧାତୁ + ଇନ୍; ଇଳ)—
Tijina (la) ୧ । ଚନ୍ଦ୍ର—1. The moon (Apte).
୨ । ରାକ୍ଷସ—2. A demon (Apte).

ତିଠାଇ—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ବ. ଟିଟ୍ଟିଭ)—ଟିଟ୍ଟିଭ (ଦେଖ)
Tithāi Tittibha (See)

ତିତଉ—ସଂ. ବି. (ତନ୍ ଧାତୁ = ବିସ୍ତାର କରିବା + ଡଉ)—
Titau ୧ । ବାଉଁଶ ପାତିଆରେ ତିଆର ହୋଇଥିବା ଚାଲୁଣୀ—
1. A seive made of bamboo-laths.
୨ । ଛତା—2. Parasol (Apte).

ତିତର୍ଡ଼(ର) ବିତର୍ଡ଼(ର)—ଦେ. ବଣ. (ସଂ. କ୍ଷିପ୍ତ ବିକ୍ଷିପ୍ତ)—
Titarda(ra) bitarda(ra) ଛିନ୍ନଭିନ୍ନ; ଇତସ୍ତତଃ ବିକ୍ଷିପ୍ତ—
तितर बितर Strewn about; scattered about.

ତିତାରା—ଦେ. ବି. (ସଂ. ତ୍ରି + ତାର)—
Titārā ତିନିଗୋଟି ତାର ଥିବା ସିତାର ପରି ବାଦ୍ୟଯନ୍ତ୍ରବିଶେଷ—
তেতারা Three-stringed guitar.
तितारा

ତିତାରି—ଦେ. ବଣ. (ସଂ. ତ୍ରି + ଧାର)—
Titāri ଚିନି ବା ଗୁଡ଼ର ଯେଉଁ ପାଗ ଏପରି ପତଳା ହୋଇଥାଏ
তিনতার বন্দ ଯେ ତାକୁ ଚାଟୁରେ ଉଠାଇଲେ ଚାଟୁରୁ ତିନିଟି ତାର ପରି ରସର ଧାର ଖସେ; ତିନିତାରବନ୍ଧ—
Thin boiling syrup (from which three strings drop down when lifted with a ladle).

ତିତାଲା—ଦେ. ବି. (ସଂ. ତ୍ରିତଳ)—
Titālā ୧ । ତେତାଲା; ତିନି ମହାଲା; ତ୍ରିତଳ; ତିମହଲା—
তেতালা 1. Three storeys of building.
तिमंजिल ୨ । ତୃତୀୟ ମହଲା—2. The third storey.
ଦେ. ବଣ—ତ୍ରିତଳବିଶିଷ୍ଟ—
तिमंजिला Three-storied.

ତି ତି—ଦେ. ଅ—୧ । ଶିଶୁମାନଙ୍କ ଆଖିରେ କଜଳ ଦେଲା ବେଳେ
Ti ti ମାଇପଙ୍କର ବୋଲିବା ପଦ—1. Word uttered by women while painting collyrium on the eye-lids of children.
୨ । ପୋଷା ପାରା ଓ ହଂସ ଆଦିଙ୍କୁ ପାଖକୁ ଡାକିବାରେ ବ୍ୟବହୃତ ଧ୍ୱନି—2. The sound repeated while calling domesticated pigeons and swans to one's side.
ପ୍ରାଦେ. (ଗଞ୍ଜାମ) ଅ—ଶଗଡ଼ରେ ଲାଗିଥିବା ବଳଦଙ୍କୁ ଅଡ଼ାଇବାର ଶବ୍ଦ—A word used while driving cart-bullocks.

ତିତିକାରିଆ—ପ୍ରାଦେ. (ଗଞ୍ଜାମ) ବଣ—ଥାକିତି (ଦେଖ)
Titikāriā Thākiti (See)

ତିତିକ୍ଷ—ସଂ. ବଣ. (ତିଜ୍ ଧାତୁ + ଇଚ୍ଛାର୍ଥେ ସନ୍ + ଅ)—
Titiksha ତିତିକ୍ଷୁ (ଦେଖ) (ହି. ଶବ୍ଦସାଗର)—
Titikshu (See)

ତିତିକ୍ଷା—ସଂ. ବି. ସ୍ତ୍ରୀ. (ତିଜ୍ ଧାତୁ = ସହିବା + ଇଚ୍ଛା ବା କ୍ଷମତା ଅର୍ଥରେ
Titikshā ସନ୍ + ଅ + ସ୍ତ୍ରୀ. ଆ; ଦ୍ୱିତ୍ୱ)—
୧ । ସହିଷ୍ଣୁତା—1. Forbearance.
୨ । ଧୈର୍ଯ୍ୟ—2. Patience.
୩ । ଦୁଃଖସହିଷ୍ଣୁତା—3. Endurance; fortitude.
୪ । କ୍ଷମା ଗୁଣ; କ୍ଷାନ୍ତି—4. Forgiveness.

ତିତିକ୍ଷୁ—ସଂ. ବଣ. (ତିଜ୍ ଧାତୁ + ଇଚ୍ଛାର୍ଥରେ. ସନ୍ + କର୍ତ୍ତୃ. ଉ)—
Titikshu ୧ । ସହିଷ୍ଣୁ—1. Forbearing; enduring.
୨ । ଧୈର୍ଯ୍ୟଶୀଳ—2. Patient.
୩ । କ୍ଷମାଶୀଳ—3. Forgiving.

ତି ତି ତି—ଦେ.ଅ—୧ । ପୋଷା ପାରା ଓ ହଂସ ଆଦିଙ୍କୁ ଡାକିବାର ଶବ୍ଦ-
Ti ti ti 1. Sound uttered to call domestic pigeons.
୨ । ଶିଶୁଙ୍କ ଆଖିରେ କଜଳ ଦେବା ବେଳେ ସ୍ତ୍ରୀ ଲୋକମାନଙ୍କର ବୋଲିବା ଶବ୍ଦ—2. Sound uttered by females while painting the eyes of children with collyrium.

ତିତିଭ—ସଂ. ବି—୧ । ଇନ୍ଦ୍ରଗୋପ କୀଟ; ମଖମଲ ପୋକ; ସାଧବବୋହୂ ପୋକ—1. An insect with velvety red skin; cocculus.
Titibha
୨ । ଜୁଳୁଜୁଳିଆ ପୋକ—2. Fire-fly.

ତିତିର(ରି)—ଦେ. ବି. (ସଂ. ତିତ୍ତିର)—ତିତ୍ତିର (ଦେଖ)
Titira(ri) Tittira (See)
ଶବର କପୋତ ତିତିର ଭୂଅ । ପ୍ରଭାତ. ଶଶିସେଣା ।
[ଦ୍ର—ଅପ୍ଟେ ଏହାକୁ ସଂସ୍କୃତ ଶବ୍ଦ ବୋଲି ଲେଖି ଅଛନ୍ତି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ୨ନମ୍ବର ୧ ନମ୍ବର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଭଲ ବୁଝନ୍ତି ନାହିଁ । ଅତଏବ ୧ ବା ୨ ନମ୍ବର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ନମ୍ବର ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଦ୍ୱୀପ' ନ ମିଳିଲେ 'ଦ୍ୱିପ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କ' ନ ପାଇଲେ 'ଅଲଙ୍କୃତ' ଦେଖିବେ

ତିତିରି ଶାଗ—ଦେ. ବି—ଶାକବିଶେଷ—
Titiri śāga — A name of pot herb.
[ଦ୍ର—ଏହା ପୁରୁଷେ ଉଚ୍ଚ ହୁଏ; ପତ୍ର ସରୁ ସରୁ ଏବଂ ଲୋକେ ଏହାକୁ ଶାଗ କରି ଖାଆନ୍ତି ।]

ତିତିଲ(ଳ)—ସଂ. ବି—୧ । ନାନ୍ଦିଆ; ଉତ୍ତାନମୁଖୀ ଅଗଭୀର ମାଟିର ପାତ୍ର—
Titila(la) — 1. A wide-mouthed earthen jar.
[ଦ୍ର—ପଲ୍ଲମ୍ ଠାରୁ ଗଭୀର ଓ ଉତ୍ତାନମୁଖୀ ମାଟିର ପାତ୍ରକୁ ପତୁଲି ବୋଲାଯାଏ; ପତୁଲି ସମ୍ଭବତଃ ତିତିଲର ଅପଭ୍ରଂଶ ।]
୨ । ତୈତିଳକରଣ; ଜ୍ୟୋତିଷୋକ୍ତ ୭ (ମତାନ୍ତରରେ ୧୧) କରଣ ଶ୍ରେଣୀର ଯୋଗ ମଧ୍ୟରୁ ଯୋଗବିଶେଷ—
2. One of the seven (or eleven) astrological conjunctions of planets classed as Karaṇa.
[ଦ୍ର—ଜ୍ୟୋତିଷୋକ୍ତ ୧୧ କରଣ ଯଥା—ବବ, ବାଳବ, କୌଳବ, ତିତିଲ ବା ତୈତିଳ, ଗର, ବାଣିଜ୍ୟ, ବିଷ୍ଟି, ଶକୁନି, ଚତୁଷ୍ପଦ, କିଂସ୍ତୁଘ୍ନ ଓ ନାଗ; ମତାନ୍ତରରେ କରଣର ସଂଖ୍ୟା ୭ ଯଥା—ବବ, ବାଳବ, କୌଳବ, ତୈତିଳ, ଗର, ବାଣିଜ୍ୟ ଓ ବିଷ୍ଟି ।]

ତିତୀର୍ଷା—ସଂ. ବି. (ତୃ ଧାତୁ=ପାର ହେବା+ଇଚ୍ଛାର୍ଥରେ ସନ୍+ଭାବ. ଅ+ସ୍ତ୍ରୀ. ଆ)—ପାରି ହେବାର ଇଚ୍ଛା; ତରଣେଚ୍ଛା—
Titīrshā — Desire to cross over.

ତିତୀର୍ଷୁ—ସଂ. ବିଣ. (ତୃ ଧାତୁ+ଇଚ୍ଛାର୍ଥରେ ସନ୍+ଉ)—ତରଣେଚ୍ଛୁକ; ପାରିହେବାକୁ ଇଚ୍ଛୁକ—
Titīrshu — Desirous of crossing.

ତିତେର୍—ପ୍ରାଦେ. (ସମ୍ବଲପୁର) ବି—ତିତ୍ତିର (ଦେଖ)
Titer — Tittira (See)

ତିତ୍ତିର—ସଂ. ବି. ପୁଂ. (ତିତ୍ତି=ଶବ୍ଦାନୁକରଣ+ରି ଧାତୁ=ଡାକ କରିବା+ଅ)—୧ । ବଟେର ବର୍ଗର ପକ୍ଷିବିଶେଷ—
Tittira — 1. The Frankoline partridge; the sandpiper.
(ତିତ୍ତିରକ—ଅନ୍ୟରୂପ)
(ତିତ୍ତିରି; ତିତ୍ତିରୀ—ସ୍ତ୍ରୀ)
ତୀତୀର
तीतर
ତେ. ତୋଳୁଡୁକପିତ୍ତ,
କନ୍ଦ୍ରଗୌର
ଫା. ତିହୁ
ଅ. ଲହ୍ମଲ
[ଦ୍ର—ଏହା ପ୍ରାୟ ୧୨ ଅଙ୍ଗୁଳ ଲମ୍ବ; ଅନେକ ପ୍ରକାର ତିତ୍ତିର ଦେଖାଯାନ୍ତି; ଯଥା—ଗୌର ତିତ୍ତିର (Grey Partridge; Francolinus Pondicerianus), ଏହାର ଦେହ ପାଉଁଶିଆ ଓ ଦେହସାରା ଧଳା ଚିଳଚିହ୍ନ ଥାଏ; ମାଂସ ସୁସ୍ୱାଦୁ; ଗ୍ରାମନିକଟସ୍ଥ ପାହାଡ଼ ଓ ବଣରେ ଏମାନେ ରହନ୍ତି । କୃଷ୍ଣତିତ୍ତିର (Black partridge; Francolinus Vulgaris), ଏହାର ମୁଣ୍ଡର ଚକ୍ର, ଗଳା, ଛାତି ଓ ପେଟ କୃଷ୍ଣବର୍ଣ୍ଣ । ଅନ୍ୟ ପ୍ରକାର ତିତ୍ତିର (Arboricola Torquela)ର ମୁଣ୍ଡ ଲୋହିତ ଓ ଛାତି ପାଉଁଶିଆ । ବୈଦ୍ୟକ ମତରେ ତିତ୍ତିର ପକ୍ଷୀର ମାଂସ ବଳପ୍ରଦ, ମଳସଂଗ୍ରାହକ ଏବଂ ହିକ୍କା, ଶ୍ୱାସ, ତ୍ରିଦୋଷ, କାଶ ଓ ଜ୍ୱର-ନିବାରକ । କୃଷ୍ଣତିତ୍ତିର ଅପେକ୍ଷା ଗୌର ତିତ୍ତିର ଅଧିକ ଉପକାରୀ । ତିତ୍ତିର ଅଭାବରେ ବଟକ ଔଷଧରେ ବ୍ୟବହୃତ ହୁଏ ।]
୨ । ଯଜୁର୍ବେଦୀୟ ତୈତ୍ତିରୀୟ ଶାଖାଧ୍ୟାୟୀ ମୁନିବିଶେଷ; ଯାସ୍କ ମୁନିଙ୍କ ଶିଷ୍ୟ—2. Name of a sage versed in the Jajurbeda.
[ଦ୍ର—ଏ ତୈତ୍ତିରୀୟ ଉପନିଷଦ୍‌ର ପ୍ରଣେତା । ଭାଗବତରେ ଲେଖାଅଛି କି ଯାଜ୍ଞବଲ୍କ୍ୟ ଯେତେବେଳେ ଯଜୁର୍ବେଦକୁ ମୁହଁରୁ ବାନ୍ତି କରି ପକାଇଲେ ସେତେବେଳେ ବୈଶମ୍ପାୟନଙ୍କ ଶିଷ୍ୟମାନେ ତିତ୍ତିର ପକ୍ଷୀ ରୂପ ଧାରଣ କରି ତାହା ଖୁଣ୍ଟି ନେଲେ—ଦ୍ର. ଶବ୍ଦସାଗର ।]

ତିତ୍ତିରି—ସଂ. ବି. (ତିତ୍ତି=ଅନୁକରଣ ଶବ୍ଦ+ରି ଧାତୁ=ଦେବା+କର୍ତ୍ତୃ. ଇ)—ତିତ୍ତିର (ଦେଖ)—Tittira (See)
Tittirī

ତିଥ—ସଂ. ବି. (ତିଜ୍ ଧାତୁ=ତୀକ୍ଷ୍ଣ କରିବା+ସଂଜ୍ଞାର୍ଥ ଥ)—୧ । ଅଗ୍ନି—
Titha — 1. Fire.
୨ । କାଳ—2. Time.
୩ । ପ୍ରାବୃଟ୍‌କାଳ; ବର୍ଷାକାଳ—3. Rainy season
୪ । କାମଦେବ—4. God Cupid.
ଦେ. ବି. (ସଂ. ବାଟ୍ଟା)—କମିଶନ; ପୁରୁଣା ଜିନିଷ ବଦଳାଇ ନୂଆ ଜିନିଷ ନେଲେ ମଜୁରିପାଇଁ ଗ୍ରାହକଙ୍କୁ ଯାହା ଅଧିକା ଧନ ନଗଦ ଦେବାକୁ ପଡ଼େ—
बानी
करजा; कटौती
Payment made for the making charge of a new article in the course of an exchange transaction.
ଗ୍ରା. ବି—୧ । (ସଂ. ତିଥି)—ଚାନ୍ଦ୍ରଦିବସ; ତିଥି—
1. Lunar day.
ବି—୨ । (ସଂ. ତୀର୍ଥ)—ତୀର୍ଥ ସ୍ଥାନ—
2. Place of pilgrimage.
୩ । ତୀର୍ଥ ଯୋଗ—3. Propitious time for performing a pilgrimage.

ତିଥି—ସଂ. ବି. ସ୍ତ୍ରୀ. (ତନ୍ ଧାତୁ=ବିସ୍ତୃତ ହେବା+ଥି; କିମ୍ବା ଅତ୍ ଧାତୁ=ସତତ ଗମନ କରିବା+ଇଥି)—୧ । ଚନ୍ଦ୍ରକଳାର ହ୍ରାସବୃଦ୍ଧିଦ୍ୱାରା ନିର୍ଦ୍ଦିଷ୍ଟ ମାସର ୩୦ ଭାଗର ଏକଭାଗ; ଚାନ୍ଦ୍ରଦିବସ—1. Lunar day.
Tithi
[ଦ୍ର—ଚନ୍ଦ୍ର ପୃଥିବୀର ଚାରି ପାଖେ ଥରେ ବୁଲି ଆସିଲେ ଗୋଟିଏ ତିଥି ହୁଏ । ଏହିପରି ୧୫ ଥର ବୁଲିଲେ ଏକପକ୍ଷ ହୁଏ । ଦୁଇ ପକ୍ଷରେ ଏକ ମାସ ହୁଏ; ପୂର୍ଣ୍ଣିମାର ପରଦିନ କୃଷ୍ଣପକ୍ଷର ଆରମ୍ଭ ହୁଏ । କୃଷ୍ଣପକ୍ଷର ପ୍ରଥମ ତିଥି ପ୍ରତିପଦ, ତତ୍ପରେ ଯଥାକ୍ରମେ ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ, ଏକାଦଶୀ, ଦ୍ୱାଦଶୀ, ତ୍ରୟୋଦଶୀ, ଚତୁର୍ଦ୍ଦଶୀ ଓ ଅମାବାସ୍ୟା ଏପରି ୧୫ ତିଥିରେ କୃଷ୍ଣପକ୍ଷ ଅମାବାସ୍ୟା, ଦିନ ଶେଷ ହୁଏ । ଅମାବାସ୍ୟାର ପରଦିନ ଶୁକ୍ଳପକ୍ଷ ଆରମ୍ଭ ହୁଏ—ଶୁକ୍ଳପକ୍ଷର

୧	ଇ	ଉ	ର,ଋ	ଳ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଙ୍ଖ	ଞ୍ଜ	ଣ୍ଠ,ଣ୍ଟ	ଙ୍କ	ନ୍ତ୍ୟ	ନ୍ତ୍ଥ	ମ୍ଭ
୨	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଂଖ୍ୟ	ଂଯ	ଂଧ	ଂଗ୍ୟ	ଂଥ	ଂଭ	[illegible]

ପ୍ରଥମ ତିଥି ପ୍ରତିପଦ, ତତ୍ପରେ ଯଥାକ୍ରମେ ଦ୍ୱିତୀୟା, ତୃତୀୟା ଆଦି ୧୫ ତିଥିରେ ଶୁକ୍ଳପକ୍ଷ ପୂର୍ଣ୍ଣିମା ଦିନ ଶେଷ ହୁଏ । ଚନ୍ଦ୍ର ପୃଥିବୀକୁ ଥରେ ବୁଲି ଆସିଲାବେଳକୁ ଏକଦିନ ବା ୨୪ ଘଣ୍ଟା ପୂରି ନ ଥାଏ; ଏଥିପାଇଁ ଏକଦିନରେ ଏକତିଥିରୁ ଅଧିକା କେତେ ସମୟ ପଡ଼େ ।

ଜ୍ୟୋତିଷଶାସ୍ତ୍ରରେ ତିଥିମାନଙ୍କୁ ନାନା ଶ୍ରେଣୀରେ ବିଭକ୍ତ କରାଯାଇ ଅଛି; ଯଥା—କୃଷ୍ଣାତିଥି—କୃଷ୍ଣପକ୍ଷର ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ତିଥି; ଶୁକ୍ଳାତିଥି—ଶୁକ୍ଳ ପ୍ରତିପଦଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ତିଥି; ନନ୍ଦାତିଥି—ପ୍ରତିପଦ, ଷଷ୍ଠୀ ଓ ଏକାଦଶୀ; ଭଦ୍ରାତିଥି—ଦ୍ୱିତୀୟା, ସପ୍ତମୀ ଓ ଦ୍ୱାଦଶୀ; ଜୟାତିଥି—ତୃତୀୟା, ଅଷ୍ଟମୀ ଓ ତ୍ରୟୋଦଶୀ; ରିକ୍ତାତିଥି—ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ; ପୂର୍ଣ୍ଣାତିଥି—ପଞ୍ଚମୀ, ଦଶମୀ, ଅମାବାସ୍ୟା ଓ ପୂର୍ଣ୍ଣିମା; ତ୍ର୍ୟହସ୍ପର୍ଶତିଥି—ଏକାଦିନରେ ତିନିଗୋଟି ତିଥି ପଡ଼ିଥିବା ଦିବସ ।]

୨ । ଏକ କଉଡ଼ା କଉଡ଼ିର ୧୫ ଭାଗରୁ ଏକଭାଗ—
2. $\frac{1}{15}$ of a cowrie or small shell-money.
(ଦ୍ର—ଏହା ହିସାବ କରିବାବେଳେ ଲେଖା ହୁଏ ।)

୩ । ପନ୍ଦର ସଂଖ୍ୟା—3. The number 15.

ତିଥି କୃତ୍ୟ—ସଂ. ବି. (୭ମୀ ତତ୍; ତିଥି+କୃତ୍ୟ)—୧ । ନିର୍ଦ୍ଦିଷ୍ଟ
Tithi krutya ତିଥିରେ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟକାର୍ଯ୍ୟ—The duties suitable for respective lunar days.

ତିଥି କ୍ଷୟ—ସଂ. ବି. (ବହୁବ୍ରୀହି, ତିଥି=ତିଥିର ଉପଲକ୍ଷିତ ଚନ୍ଦ୍ରକଳା+
Tithi kshaya କ୍ଷୟ)—ଅମାବାସ୍ୟା—
1. The day of the new-moon.

୨ । ସୂର୍ଯ୍ୟୋଦୟ ପୂର୍ବରୁ ଶେଷ ବା ଆରମ୍ଭ ହେବା ତିଥି—
2. A lunar day beginning or ending before sun-rise.

୩ । ତ୍ର୍ୟହସ୍ପର୍ଶ ଦିବସ—3. The day on which 3 lunar days fall.

[ଦ୍ର—ଯେଉଁଦିନ ୨ଟି ତିଥି କ୍ଷୟ ହୋଇ ଅନ୍ୟ ତିଥିର ଆରମ୍ଭ ହୁଏ ତାକୁ ତ୍ର୍ୟହସ୍ପର୍ଶ ଦିବସ ବୋଲାଯାଏ । ଯେଉଁଦିନ ସୂର୍ଯ୍ୟୋଦୟ ବେଳକୁ ଗୋଟିଏ ତିଥିର କେତେକ ଅଂଶ ବାକି ଥାଏ, ତାହା ଭୋଗ ହୋଇ, ପରବର୍ତ୍ତୀ ତିଥି ଭୋଗ ହୁଏ, ତେବେ ପୁଣି ସୂର୍ଯ୍ୟୋଦୟ ହୋଇ ନ ଥାଏ ଓ ଅନ୍ୟ ତିଥି ପଡ଼ିବା ପରେ ସୂର୍ଯ୍ୟୋଦୟ ହୁଏ ତାହାକୁ ତ୍ର୍ୟହସ୍ପର୍ଶ ତିଥି ବୋଲାଯାଏ ।]

ତିଥି ପତି—ସଂ. ବି. (୬ଷ୍ଠୀ ତତ୍; ତିଥି+ପତି)—ଶାସ୍ତ୍ର ଅନୁସାରେ
Tithi pati ପ୍ରତ୍ୟେକ ତିଥିର ଅଧିଷ୍ଠାତ୍ରୀ ଦେବତା—
(ତିଥୀଶ—ଅନ୍ୟରୂପ) The Deities presiding over the different lunar days.

[ଦ୍ର—ସେହି ସେହି ତିଥିରେ ସେହି ସେହି ଦେବତାମାନଙ୍କର ପୂଜା କରାଯାଏ ।]

ତିଥି ପତ୍ର(ତ୍ରୀ)—ସଂ. ବି.—(ମ. ପ. ଲୋ, ତିଥି+ପତ୍ର; ପତ୍ରୀ)-ପଞ୍ଚାଙ୍ଗ
Tithi patra(tri) ପଞ୍ଜିକା—Almanac.

ତିଥି ପ୍ରଣୀ—ସଂ. ବି.—ଚନ୍ଦ୍ର—
Tithi prani The moon.

ତିଥି ବୃଦ୍ଧି—ସଂ. ବି. (୬ଷ୍ଠୀ ତତ୍; ତିଥି+ବୃଦ୍ଧି) (ଜ୍ୟୋତିଷ)—ଦୁଇ
Tithi bruddhi ଦିବସବ୍ୟାପୀ ତିଥି—A lunar day occupying parts of 2 solar days.

ତିଥି ଯୋଗିନୀ—ସଂ. ବି.—ଜ୍ୟୋତିଷ ମତରେ ଭିନ୍ନ ଭିନ୍ନ ତିଥିରେ ଭିନ୍ନ
Tithi jogini ଭିନ୍ନ ଦିଗରେ ଥିବା ଯୋଗିନୀ ବା ଦୁର୍ଗା—
(astrology) The Goddess Durgā staying in different quarters of the globe on different lunar days.

[ଦ୍ର—ତିଥି ଅନୁସାରେ ଯୋଗିନୀର ସ୍ଥିତି—ପ୍ରତିପଦ୍ ଓ ନବମୀରେ ପୂର୍ବରେ, ତୃତୀୟା ଓ ଏକାଦଶୀରେ ଅଗ୍ନିକୋଣରେ, ପଞ୍ଚମୀ ଓ ତ୍ରୟୋଦଶୀରେ ଦକ୍ଷିଣରେ, ଚତୁର୍ଥୀ ଓ ଦ୍ୱାଦଶୀରେ ନୈର୍‌ଋତ କୋଣରେ, ଷଷ୍ଠୀ ଓ ଚତୁର୍ଦ୍ଦଶୀରେ ପଶ୍ଚିମରେ, ସପ୍ତମୀ ଓ ପୂର୍ଣ୍ଣିମୀରେ ବାୟୁକୋଣରେ, ଦ୍ୱିତୀୟା ଓ ଦଶମୀରେ ଉତ୍ତର ଦିଗରେ ଓ ଅଷ୍ଟମୀ ଓ ଅମାବାସ୍ୟାରେ ଈଶାନ କୋଣରେ । ଯୋଗିନୀ ଡାହାଣ ବା ସମ୍ମୁଖରେ ଥିଲେ ଯାତ୍ରା କରିବା ଅଶୁଭ; ଯୋଗିନୀ ଆପଣାର ବାମ ବା ପୃଷ୍ଠରେ ଥିବାବେଳେ ଯାତ୍ରା ଆଦି ଶୁଭ ।]

ତିଥି ସନ୍ଧି—ସଂ. ବି. (ଜ୍ୟୋତିଷ) (୬ଷ୍ଠୀ ତତ୍; ତିଥି+ସନ୍ଧି)—ଦୁଇଟି
Tithi sandhi ତିଥିର ସନ୍ଧିକାଳ; ଏକ ତିଥିର ଶେଷ ଓ ପରବର୍ତ୍ତୀ ତିଥିର ଆରମ୍ଭକାଳ—Conjunction of 2 lunar days.

ତିଥ୍ୟମୃତ ଯୋଗ—ସଂ. ବି. (ମ. ପ. ଲୋ; କର୍ମଧା; ତିଥିଘଟିତ ଅମୃତ-
Tithyamruta joga ଯୋଗ)—ଜ୍ୟୋତିଷ ଶାସ୍ତ୍ରୋକ୍ତ ଶୁଭଯୋଗ-ବିଶେଷ—Name of an auspicious conjunction of Tithis on wee -days.

[ଦ୍ର—ରବି ଓ ସୋମବାର ଦିନ ପୂର୍ଣ୍ଣାତିଥି (ପଞ୍ଚମୀ, ଦଶମୀ, ଅମାବାସ୍ୟା ଓ ପୂର୍ଣ୍ଣିମା), ମଙ୍ଗଳବାର ଦିନ ଭଦ୍ରାତିଥି (ଦ୍ୱିତୀୟା, ସପ୍ତମୀ ଓ ଦ୍ୱାଦଶୀ), ବୁଧ ଓ ଶନିବାରରେ ନନ୍ଦା ତିଥି (ପ୍ରତିପଦ, ଷଷ୍ଠୀ ଓ ଏକାଦଶୀ), ଗୁରୁବାରରେ ଜୟା ତିଥି, (ତୃତୀୟା, ଅଷ୍ଟମୀ ଓ ତ୍ରୟୋଦଶୀ) ଏବଂ ଶୁକ୍ରବାର ଦିନ ରିକ୍ତା (ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ) ପଡ଼ିଲେ ଏହି ଯୋଗ ଘଟେ ।]

ତିଥ୍ୟର୍ଦ୍ଧ—ସଂ. ବି.—(୬ଷ୍ଠୀ ତତ୍; ତିଥି+ଅର୍ଦ୍ଧ)—(ଜ୍ୟୋତିଷ)କରଣ
Tithyarddha (astronomy) Half a lunar day.
[ଦ୍ର—ପ୍ରତି ତିଥିରେ ୨ଟି କରଣ ଭୋଗ ହୁଏ ।]

ତିଦସ୍ତା—ଦେ. ବି.—ତେବର୍ଷ; ଗତବର୍ଷର ପୂର୍ବ ବର୍ଷ—
Tidasta Year before last.
तेरसावर्ष तीसपावरस

ତିନସ୍ର(ସ୍ରୀ)—ଦେ. ବି. (ସଂ. ତ୍ରି+ଲହରୀ)—ତିନିସରିଆ (ହାର ଆଦି)—
Tinarā(ri) Three-stringed (necklace.)
তেনরী तिलड़ा, तिलड़ी (ତିନରିଆ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ

ତିନା—ଦେ. ବି. (ସଂ. ତ୍ରିକ୍)—୧ । (ପଶା ଓ କଉଡ଼ି ଖେଳରେ)— ତିନି ସଂଖ୍ୟକ ଦାନ—1. The throw of dice or cowrie resulting in 3 (in the game of dice or cowries).
Tina

୨ । (ତାସ ଓ ଗଞ୍ଜପା ଖେଳରେ) ତିନିବିନ୍ଦୁ ଥିବା ତାସ— 2. A card having 3 points on it (in card-play).

ତିନା ଧିନା—ଦେ. ବି—୧ । ନାଚ ଓ ବାଦ୍ୟସହ ଗୀତର ଉକ୍ତ— 1. A measure of song accompanied with music and dance.
Tina dhina
ତିନ ଧିନ, ତିନେଇ ଧିନେଇ } ଅନ୍ୟରୂପ
୨ । (ଲକ୍ଷଣାର୍ଥ) ଘରେ କଳି ବା ଅନର୍ଥ ଲାଗିବା—2. (figurative) Quarrelling in a family.

ତିନି—ଦେ. ବି (ସଂ. ତ୍ରୀଣି; ପ୍ରା. ତିଣ୍ଣି)—୧ । ୩ ସଂଖ୍ୟା— 1. Number 3.
Tini
তিন
तीन
୨ । କଉଡ଼ି ବା ପଶାଖେଳରେ ୩ ସଂଖ୍ୟକ ଦାନ— 2. The throw of cowries or dice representing 3 marks.

ଦେ. ବିଣ—୧ । ୩ ସଂଖ୍ୟକ—1. Numbering three.
୨ । '୩' ସଂଖ୍ୟାର ପୂରଣ; ତୃତୀୟ—2 Third.
[ଦ୍ର—ସାଧାରଣଙ୍କର ବିଶ୍ୱାସ ଯେ '୩' ସଂଖ୍ୟା ଅମଙ୍ଗଳକର; ଏଣୁ ଲୋକେ କହନ୍ତି 'ତିନି ତରକଟ (କରକଟ) ମରଣ ନିକଟ' । ବନ୍ଧୁ ବନ୍ଧୁଙ୍କୁ ତିନି ସଂଖ୍ୟକ ପଦାର୍ଥ ଦିଅନ୍ତି ନାହିଁ । ଏହି ସଂଖ୍ୟା ନିଶ୍ଚୟାତ୍ମକ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ; ଯଥା—ବାରବାର ତରେ ତିନିବାର ସାବଧାନ କଲି; ଏଣିକି ମୋର ଦୋଷ ନାହିଁ ।]

ତିନି ଅବସ୍ଥା—ଦେ. ବି—୧ । ପଦାର୍ଥର ତିନିଗୋଟି ଅବସ୍ଥା; ଘନ, ତରଳ ଓ ବାଷ୍ପୀୟ ଅବସ୍ଥା—1. Three conditions of things, solid, liquid and vapour.
Tini abastha

୨ । ମନୁଷ୍ୟର ତିନି ଅବସ୍ଥା—ବାଲ୍ୟ, ଯୌବନ ଓ ଜରା— 2. Three states of manhood; childhood, youth and old age.

ତିନି ଅଲଗା ଫଟେ ଖାଁ—ଦେ. ପ୍ରବଚନ—କୌଣସି କାର୍ଯ୍ୟରୁ ନିଜର ଦାୟିତ୍ୱ ବା ସମ୍ପର୍କ ତୁଟାଇ ଦେଇ ଥିବା ବ୍ୟକ୍ତି—One who has severed all connection with or responsibility from some matter.
Tini alaga phate khan

ତିନି ଅଙ୍ଗୁଳିଆ—ଦେ. ବି (ସଂ. ଗୃହାଳିକା, ଗୋଧାପଦୀ)— ୧ । ହଂସପଦୀ ଲତା; ଦୀର୍ଘ ଶାଖଲତାବିଶେଷ— 1. Vitis Latifolia.
Tini angulia
গোয়ালি পানা
[ଦ୍ର—ଏହା ଘରର କାନ୍ଥ ବା ଗଛର ବକଳାରେ ଥିବା ଗାତରେ ଚେରକୁ ପୁରାଇ ଉପରକୁ ମାଡ଼େ । ଏହାର ପତ୍ର ତ୍ରିପର୍ଣ୍ଣୀ ଓ ରୋମଶୂନ୍ୟ ।]

୨ । (ସଂ. ଗୋଧାପଦୀ; ପାଦ ବା ଚେର ଗୋଧି ବା ଗୋଧି ବଡ଼ ଗୋୟାଳୀ ସାପ ପରି ଥିବାରୁ)—ଉକ୍ତ ଜାତୀୟ ବଡ଼ ଲତା— 2. The Maiden hair fern; Vitis Pedala; Adiantum Lamulatum.
हंसपदी
[ଦ୍ର—ଏହାର ପତ୍ର ସପ୍ତପର୍ଣ୍ଣୀ ଓ ଲୋମଶ । ଏହାକୁ ହଂସପଦୀ ମଧ୍ୟ କୁହାଯାଏ ।]

ତିନିକଣିଆଁ—ଦେ. ବିଣ (ସଂ. ତ୍ରିକୋଣ)—ତ୍ରିଭୁଜାକାର— Triangular.
Tini kanian
তেকোণা, तीकोना
(ତିନକୋଣିଆଁ—ଅନ୍ୟରୂପ)

ତିନି କରକଟ—ଗ୍ରା. ବି (ସଂ. ତ୍ରି)—ତିନି ସଂଖ୍ୟା— The number three.
Tini karakaṭa
ତିନି କରକଟ ମରଣ ନିକଟ—ଢଗ ।
(ତିନି ତରକଟ—ଅନ୍ୟରୂପ)

ତିନିକାନିଆ—ଦେ. ବି—ତିକଣ୍ଟା (ଦେଖ)
Tini-kania Tikanṭa (See)

ତିନି କାଳ—ଦେ. ବି (ସଂ. ତ୍ରିକାଳ)—୧ । ମନୁଷ୍ୟ ଜୀବନର ତିନି ଅବସ୍ଥା—ବାଲ୍ୟ, ଯୌବନ ଓ ଜରା—1. The three stages of man's life, viz. childhood, youth and old age.
Tini kala
তিনিকাল
तीनकाल

୨ । ତ୍ରିକାଳ; ଦିବସର ତିନି ସମୟ—ସକାଳ, ଦିପହର ଓ ସନ୍ଧ୍ୟା—2. Three times of the day, viz. morning, noon and evening.

୩ । ତ୍ରିକାଳ; ତିନି ସମୟ—ଭୂତ, ବର୍ତ୍ତମାନ ଓ ଭବିଷ୍ୟତ୍— 3. The three tenses—past, present and future.

୪ । ପୃଥିବୀର ପ୍ରଥମ ତିନିଯୁଗ—ସତ୍ୟ, ତ୍ରେତା ଓ ଦ୍ୱାପର— 4 The three ages of the world before the present (Kali) age.

୫ । ହିନ୍ଦୁଶାସ୍ତ୍ରର ବିଧାନ ଅନୁସାରେ ମନୁଷ୍ୟ ଜୀବନର ପ୍ରଥମ ତିନିଗୋଟି ଅଶ୍ରମ—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ ଓ ବାନପ୍ରସ୍ଥ— The first 3 stages which a Hindu is enjoined to pass before he finally takes to begging before death.
(ଯଥା—ମୋର ତ ତିନିକାଳ ଗଲାଣି; ଆଉ ଏ ଚତୁର୍ଥ କାଳକୁ ଧନ ଅରଜିବ ?)

୬ । ଦିବା, ରାତ୍ରି ଓ ସନ୍ଧ୍ୟା— 6. Day, night and the transition periods.

ତିନିକି ତିନିହେଁ—ଦେ. ସର୍ବ—ତିନିଜଣ ଯାକ; ତିନିହେଁ ଯାକ— All the three (persons).
Tiniki tinihen
(ତିନିକି ତିନିହଁ, ତିନିକୁ ତିନିହେଁ—ଅନ୍ୟରୂପ)
তিন কে তিন, तीनों, तिन्हु

ʿ	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍ଁ	ଉଅ	ଢ
ʾ	ଐ	ଊ	ରୁ	ଲ୍ଲ	ଯ୍ୟେ	ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ		ଖ୍ୟ	ଯ	ସ	ଙ୍ଗ	ଇଅ	ଡ଼	୯

ତିନି କୁଳ—ଦେ. ବି—କୌଣସି ବିବାହିତା ସ୍ତ୍ରୀର ସମ୍ପର୍କୀୟ ୩ ଗୋଟି
Tini kuḷa ବଂଶ—ପିତୃକୁଳ, ମାତାଙ୍କର ପିତୃକୁଳ ଓ ଶ୍ୱଶୁରକୁଳ-
তিনকুল The three families with which a woman
तीनकूल has connection, viz. her father's family, her mother's father's family and her own (i. e. the family in which she is married).

(ଯଥା—କୁଳଟା ସ୍ତ୍ରୀ ତିନି କୁଳରେ କଳଙ୍କ ଲଗାଏ ।)

ତିନିକେ—ଦେ. ଅ—ତିନିଗୁଣିତ ବା ତ୍ରିଗୁଣିତ ଏକ—
Tinike Three into one; three multiplied by one.
তিনকে ତିନିକେ ତିନିପଣ—ଗଣିତଶା ।

ତିନି ଗୁଣ—ଦେ. ବି—୧ । ସତ୍ତ୍ୱ, ରଜଃ ଓ ତମଃ—
Tiniguṇa 1. The virtuous, worldly and sinful
তনগুন qualities of nature

୨ । କୌଣସି ପଦାର୍ଥ ବା ପରିମାଣର ଗୁଣିତକ ୩—
2. Three times as much.

୩ । ଉତ୍ତମ, ମଧ୍ୟମ ଓ ମନ୍ଦ ଗୁଣମାନ—
3. Good, medium and bad qualities.

ତିନି ଗୁଣା—ଦେ.ବି—ତିନି ଗୁଣ (୨) (ଦେଖ)
Tini-guṇā Tini guṇa (2) (See).
তনগুনা ଦେ. ବିଣ—୧ । (ସ. ତ୍ରିଗୁଣ)—ତିନି ସରିଆ—
तीनगुना Three-stringed.

ସପତ ସ୍ୱର ବହୁଦୃଶ୍ୟ,
ସ୍ୱର ତାର ତେଜଗୁଣା—ଜଗନ୍ନାଥ. ଭାଗବତ ।

୨ । ତ୍ରିଗୁଣିତ—2. Treble; thrice as much.

ତିନିଟା—ଦେ. ବିଣ (ଅନାଦରାର୍ଥେ)—୩ ଗୋଟା; ତିନି ସଂଖ୍ୟକ—
Tinitā Three; numbering three.
তনর্টা, তনটে तिनठो
(ତିନଟା, ତିନୁଟା, ତିକୋଟା—ଅନ୍ୟରୂପ) ଦେ. ବି—୧ । ତିନି
তন্টে, তনটা ସଂଖ୍ୟା—1. Three in number.

୨ । ଘଣ୍ଟାରେ ୩ ବାଜିବା ବେଳ—
2. Three o'clock.

ତିନିଟି—ଦେ. ବି (ଆଦରାର୍ଥେ)—ତିନି ସଂଖ୍ୟା—
Tiniti Three in number.
(ତିନ୍ଟି, ତିନୁଟି, ତିକୋଟି—ଅନ୍ୟରୂପ) ଦେ. ବିଣ—୩ ଗୋଟି;
তিনটি ତିନି ସଂଖ୍ୟକ—Three; numbering three.

ତିନି ତବତିଆ—ଦେ. ବିଣ—ଯେଉଁ ବ୍ୟକ୍ତିର ଅବସ୍ଥା ସଚଳ ଥିବାରୁ
Tini tabatiā ସେ ଦିନ ମଧ୍ୟରେ ୩ ବେଳ ତତଲ ଭାତ ଖାଏ—
One who can afford to take fresh cooked rice 3 times a day; well-to-do.

[ଦ୍ର—ସାଧାରଣତଃ ଗରିବ ଲୋକେ ନାନାପ୍ରକାର ଅଭାବରେ ଥିବାରୁ ତିନି ବେଳଯାକ ଗରମ ଭାତ ଖାଇବାର ସୁବିଧା ପାଆନ୍ତି ନାହିଁ ।]

ଦେ. ବି—ତତଲ ଖାଇବା ବ୍ୟକ୍ତି—
A person who takes fresh boiled rice.

ଗୃହରେ ସେବକୁ ତିନିତବତିଆ,
ମହିରେ ବସିଛି ଶିଖିପଡିଆ—ତଗ ।

ତିନି ତାରବନ୍ଧ—ଦେ. ବି—ଚିନିରସ ବା ଶିରାର ଖୁବ୍ ପତଳା ପାଗ—
Tini tārabanda Thin condition of boiling syrup.
তিনতার
तिनतारबंद

ତିନତାର }
ତିନତାରି } —ଅନ୍ୟରୂପ

[ଦ୍ର—ଚିନି ବା ଗୁଡ଼ରେ ପାଣି ଦେଇ ତାକୁ ନିଆଁ ଉପରେ ବସାଇ ଅଉଟିଲେ ଶିରା ବା ରସ ପ୍ରସ୍ତୁତ ହୁଏ । ଯେଉଁ ପତଳା ରସକୁ ଚଟୁରେ ଉପରକୁ ଟେକିଲେ ପ୍ରଥମେ ତିନିଧାର ହୋଇ ରସ ଖସେ ତାକୁ 'ତିନିତାରବନ୍ଧ' ଓ ଅପେକ୍ଷାକୃତ ବହଳ ହେଲେ, ଯହିଁରୁ ଦୁଇଧାର ଖସେ ତାକୁ 'ଦୁଇତାରବନ୍ଧ' ବୋଲିଯାଏ । ରସ ଅଧିକ ବହଳ ହୋଇଗଲେ ତାକୁ ଚଟୁରେ ଟେକିଲେ ଯହିଁରୁ ଗୋଟିଏ ମାତ୍ର ଧାର ଖସି ପଡ଼େ, ତାକୁ 'ଏକତାରବନ୍ଧ' ପାଗ କୁହାଯାଏ ।]

ଦେ. ବିଣ—ତିତାରି (ଦେଖ)—Titāri (See).

ତିନି ତେ(ଥୋ)ଣ୍ଟିଆ—ଦେ. ବିଣ—ଯେଉଁ କାର୍ଯ୍ୟରେ ୩ ଜଣ
Tini te(tho)ṇṭiā ଲୋକଙ୍କର ଅଧିକାର, ଦାୟିତ୍ୱ ବା ସ୍ୱତ୍ୱ
(ତିନିଥେଣ୍ଟିଆ—ଅନ୍ୟରୂପ) ଥାଏ; ତିନିଜଣଙ୍କର ଉପମାଲ (ଅର୍ଥାତ୍ ଯାହା ସୁପରିଚାଳିତ ନୁହେଁ)—
(any work) Belonging to 3 joint owners or masters i. e. for which three (that is, many persons) are jointly interested and for which the responsibility does not attach to any one in particular.

ତିନିଥେଣ୍ଟିଆ କାଉଡ଼ିବାଡ଼ି
ଖାଏ ଶିଆଳ ବେଳ ମୋଡ଼ି—ତଗ ।

[ଦ୍ର—'ତିନି' ଏଠାରେ 'ବହୁସଂଖ୍ୟକ' ଅର୍ଥରେ ପ୍ରଯୁକ୍ତ । କୌଣସି କାର୍ଯ୍ୟରେ ଜଣକର ପୂର୍ଣ୍ଣ କର୍ତ୍ତୃତ୍ୱ ନ ରହିଲେ ତହିଁରେ ବିଶୃଙ୍ଖଳା ଘଟିବା ସ୍ୱାଭାବିକ ।]

ତିନି ଧୂପ ପାଞ୍ଚ ଅବକାଶ—ଦେ. ବି—୧ । ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜ
Tini dhūpa pāñcha abakāśa ମହାପ୍ରଭୁ ଓ ଅନ୍ୟାନ୍ୟ ଦେବତାଙ୍କଠାରେ ହେଉଥିବା ୩ ଧୂପ ଓ ୫ ଅବକାଶ—
1. The 3 major rituals and 5 minor rituals of worship performed before the Deities Jagannath at Puri, Lingaraj in Bhubaneswar and other places.

[ଦ୍ର—ପ୍ରଥମ ଅବକାଶ—ଦନ୍ତଧାବନ ଓ ସ୍ନାନ (ଏଥିରେ ପଞ୍ଚାମୃତ ଅର୍ପିତ ହେଉଥିବାରୁ ଏହା ଗୋଟିଏ 'ଭୋଗ' ମଧ୍ୟରେ

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରୀତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରୀତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରୀତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ସେ ସ୍ଥାନ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଗଁା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଳଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

ଗଣ୍ୟ । ଦ୍ୱିତୀୟ ଅବକାଶ—ବଲ୍ଲଭ-ଭୋଗ । ପ୍ରଥମ ଧୂପ—ସକାଳ ଧୂପ । ତୃତୀୟ ଅବକାଶ—ଭୋଗ ମଣ୍ଡପ । ଦ୍ୱିତୀୟ ଧୂପ—ଦ୍ୱିପହର ଧୂପ । ଚତୁର୍ଥ ଅବକାଶ—ଗୋଧନ ବାହୁଡ଼ା ବା ଠେସ୍ ପିଠା । ତୃତୀୟ ଧୂପ—ସନ୍ଧ୍ୟା ଧୂପ । ପଞ୍ଚମ ଅବକାଶ—ବଡ଼ ସିଂହାର ଭୋଗ । ତିନି ଧୂପରେ ଷୋଡ଼ଶୋପଚାରରେ ପୂଜା ହୁଏ; କିନ୍ତୁ ପାଞ୍ଚ ଅବକାଶରେ ପଞ୍ଚୋପଚାର ପୂଜାର ବିଧାନ ଅଛି । ଏ 'ଧୂପ' ଓ 'ଅବକାଶ' ପ୍ରତ୍ୟେକ ଭୋଗ ସମୟରେ ଧୂପ ଦୀପାଦି ଦିଆ ଯିବାର କଥା ଅଛି, ମାତ୍ର ଅବକାଶ ବେଳେ ଧୂପଦୀପାଦି ପରିବର୍ତ୍ତେ ପୁଷ୍ପ-ସମର୍ପଣ କରାଯାଏ । ଧୂପ ବେଳେ ପୂଜାପଣ୍ଡା ଦେବତାଙ୍କ ପିଣ୍ଡି ବା ସିଂହାସନ ଉପରେ ବସି ପୂଜା କରେ, କିନ୍ତୁ ଅବକାଶ ବେଳେ ସିଂହାସନ ତଳେ ବସେ । ଏହି ବାକ୍ୟର ଅନ୍ୟ ପ୍ରକାର ଅର୍ଥପାଇଁ ଅବକାଶ ତଳେ ଲୋଡ଼ ଦେଖ ।]

୨ । ମନୁଷ୍ୟର ଶୌଚାଦି ନିତ୍ୟ କର୍ମ—
2. The daily habits of a person.
(ଯଥା—ତାର ତ ଏବେବେଳଯାଏ ତିନି ଧୂପ ପାଞ୍ଚ ଅବକାଶ ସରି ନାହିଁ ।

ତିନି ପଟ—ଦେ. ବି—୧ । ତିପଟ; ତିନିଗୁଣ—
Tini pata 1. Three times.
(ତିପଟ—ଅନ୍ୟରୂପ) ୨ । କୌଣସି ବ୍ୟକ୍ତିର ତିନି ପଟ ବା ଦିଗ; ଆଗ, ପଛ ଓ ପାର୍ଶ୍ୱ—2. Front, back and sides of a person.

ତିନି ଗୁଣା—ଦେ. ବିଣ—ତିନି ଗୁଣ ପରିମିତ; ତ୍ରିଗୁଣିତ—
তিনগুনা Thrice as much as; treble.
तिगुना

ତିନି ପିଢ଼ି—ଦେ. ବି. (ସ୍ୱ. ତ୍ରି. ପୀଠ)—
Tini pirdhi ୧ । ଆପଣାର ଉପର ଓ ତଳର ୩ ପୁରୁଷ—
তিনপীঢ়ি 1. Three generations above and below a person.
तीनपिढ़ी
୨ । ଆପଣାର ପିତା, ଆପେ ଓ ଆପଣାର ପୁତ୍ର ଏପରି ୩ ପୁରୁଷ—2. One's father; one's self and one's son.
(ତିନିପୁରୁଷ; ତିନିପୁସ୍ତାନ—ଅନ୍ୟରୂପ)

ତିନି ପୁର—ଦେ. ବି—୧ । (ତ୍ରିପୁର) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—
Tini pura 1. Heaven, earth and the nether regions.
তিনপুর
तीनपुर ୨ । ତିନି ପରସ୍ତ—2. Three layers or folds.
ଦେ. ବିଣ.—ତିନିପରସ୍ତିଆ—Having 3 layers or folds.

ତିନିପୁର ମଲ୍ଲୀ—ଦେ. ବି. (ସ. ତ୍ରିପୁରମଲ୍ଲୀ)—ତିନିପ୍ରସ୍ଥ ପାଖୁଡ଼ା ଥିବା
Tinipura malli ମଲ୍ଲିଫୁଲ; ଡବଲ ମଲ୍ଲିଫୁଲ; ମୁଗ୍‌ରା ମଲ୍ଲୀ;
মোতিয়ারেলা ତିପୁରା ମଲ୍ଲୀ—A kind of treble-petalled
मोगरावेला jasmine; double jasmine.

ତିନି ପୁରୁଷ—ଦେ. ବି.—୧ । (ବ୍ୟାକରଣ) ୧ମ ପୁରୁଷ, ୨ୟ ବା ମଧ୍ୟମ
Tini purusha ପୁରୁଷ ଓ ୩ୟ ପୁରୁଷ—1. The three
তিনিপুরুষ persons in grammar.
तीनिपुरुष ୨ । କୌଣସି ବ୍ୟକ୍ତିର ପିତା, ପିତାମହ ଓ ପ୍ରପିତାମହ—2. One's father, grand father and great grand father.
୩ । ତିନିପିଢ଼ି (ଦେଖ)—3. Tinipirdhi (See)

ତିନି ପ୍ରଭୁ—ଦେ. ବି.—୧ । (ହିନ୍ଦୁମତ) ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର—
Tini prabhu 1. The Hindu Trinity.
(ତିନି ଦେବ—ଅନ୍ୟରୂପ) ୨ । (ଖ୍ରୀଷ୍ଟିୟାନ୍ ମତ) ପରମ ପିତା ଈଶ୍ୱର, ଭୂତ ଓ ଈଶ୍ୱରପୁତ୍ର ଯୀଶୁ—2. God the Father, the Son and the Holy Ghost.

ତିନି ପ୍ରାଣୀ—ଦେ. ବି.—ଏକ ପରିବାରସ୍ଥ ତିନିଜଣ ମାତ୍ର ବ୍ୟକ୍ତି ଯଥା—
Tini prani ସ୍ୱାମୀ, ସ୍ତ୍ରୀ, ଓ ସନ୍ତାନ କିମ୍ବା ସ୍ୱାମୀ ସ୍ତ୍ରୀ ଓ ମାତା—
Three persons comprising a family e.g. one's self, wife and child or one's self, wife and mother.

ଶାଶୁ ମଲା ବୋଲି ବେଇଲା, ସେଇଁ ତିନି ପ୍ରାଣୀ କ ସ୍ୱହି
ତିନି ପ୍ରାଣୀ ହେଲା । ଢଗ ।

ତିନି ବକଟ—ଦେ. ବି. —(ସ୍ୱ. ତ୍ରିଣି+ଆ. ୱକ୍ତ୍) ତିନି ବେଳ (ଦେଖ)
Tini bakata Tini bela (See).

ତିନିବଞ୍ଚ—ପ୍ରାଦେ. (ଗଞ୍ଜାମ) ବି—ଶକଟା ଖେଳର ଦାନବିଶେଷ
Tinibañcha (ଯେଉଁ ଦାନରେ ୩ ଗୋଟି 'ଏକ' ପଡ଼େ ଓ ଯାହାର ମୂଲ୍ୟ ୩)—A throw of dice in the game at Śakata consisting of 3 'ones' or units.

ତିନି ବାଙ୍କ—ଦେ. ବିଣ. (ସ୍ୱ. ତ୍ରିବକ୍ର)—୧ । ତିନିସ୍ଥାନରେ ବଙ୍କା;
Tini banka ତ୍ରିଭଙ୍ଗିମ—1 Bent at 3 places.
তীনীবাঁকা ୨ । ବହୁସ୍ଥାନରେ ବଙ୍କା—
तीनबाँका 2. Bent or curved at many places.

ତିନି ବାଙ୍କେ—ଦେ. କ୍ରି. ବିଣ—ବଙ୍କାଭାବରେ; ଅନେକସ୍ଥାନରେ ବଙ୍କା-
Tini banke ହୋଇ—In a curved manner.

ସୁକେ ସେତୁ ସେନ ବାଟେ
ପଥେ ଗଲତ ତନିବାଙ୍କେ । ଜଗନ୍ନାଥ. ଭଗବତ ।

ତିନି ବେଦ—ଦେ. ବି—ଋକ୍, ସାମ ଓ ଯଜୁଃ—
Tini beda The 3 Bedas.

ତିନି ବେଳ—ଦେ. ବି—୧ । ତିନି କାଳ (ଦେଖ)
Tini bela 1. Tini kala (See)
তীনবেলা (ଯଥା—ସେ ତିନିବେଳରେ ତିନିକଂସା ଖାଏ ।)
तीनबक्त ୨ । ତିନିଥର—2. Three times.

ତିନିମା ତିରୁପୁ—ପ୍ରାଦେ. (ଗଞ୍ଜାମ) ବି—ଗାତରେ ପକାଇ ଖେଳିବା
Tinima tirupu ଗୋଟି ବା କଉଡ଼ି ଖେଳର ତୃତୀୟ ଆଘାତ—
Name of the third stroke in a certain game of marble or cowries.

୧	ଠ	ଡ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ପ	ଡ଼ଅ	ଢ
୨	ଢ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ତ୍ୟ	ଇଅ	ୱ	ନ୍

ତିନି ଯୁଗ—ଦେ. ବ—ସତ୍ୟ, ତ୍ରେତା ଓ ଦ୍ୱାପର—
Tini juga — The 3 cycles or ages through which the world has already passed.

ତିନିଶ—ସ. ବ—ବନ୍ୟତରୁବିଶେଷ; ବାଜଣ ଗଛ—
Tinisa — A timber-wood tree; Ougenia Dalborgioides.
ସ. ନାମ· ତିନାଶକ, ଶକଟ, ରଥିକ, ଅଶକ, ତିନଶ, ସ୍ୟନ୍ଦନ, ଶତାଙ୍ଗ, ଜଲଧର, ନେମୀ, ରଥଦ୍ରୁ, ବଞ୍ଜୁଳ, ମେଷୀ, ଅତିମୁକ୍ତକ, ଚକ୍ରବୃକ୍ଷ, ଚକ୍ରୀ, ଭସ୍ମଗର୍ଭ
ଜାରୁଳ
ତିରିଚ୍ଛ, ସନ୍ଦନ, ତିନାଶ
ମ. ତିବସ
ଗୁ. ନର୍ମୋ
[ବୃ—ଏହାର କାଠ ଭାରି କଠିନ ଓ ଫୋଡ଼ା ଇଷ୍ଟ ପରି ଫିକା ନାଲି ବର୍ଣ୍ଣ। ଏହି କାଠ ଦ୍ୱାରା ଶଗଡ଼ର ଚକ ଓ ଅଖ ଆଦି ହୁଏ। ଏଣୁ ଏହାର ସଂସ୍କୃତ ନାମାନ୍ତର—ସ୍ୟନ୍ଦନ, ନେମୀ ଓ ରଥଦ୍ରୁ। ଏହାର ଫୁଲ ଧଳା ଓ ଫେନ୍ଥା ଫେନ୍ଥା ହୁଏ; ଫଳ ଛୁଇଁ ପରି। ବସନ୍ତକାଳରେ ଗଛର ପତ୍ର ଝଡ଼ି ପଡ଼େ ଓ ନୂଆ ପତ୍ର ବାହାରେ। ବଣରେ ଏକତ୍ର ଅନେକ ଗଛ ଉଠେ ବୋଲି ଏହାର 'ତିନିଶ' ନାମ ହୋଇଅଛି। ଏହା ବିହାର, ଓଡ଼ିଶା ଓ ମଧ୍ୟଭାରତର ଜଙ୍ଗଲମାନଙ୍କରେ ଜନ୍ମେ। ବୈଦ୍ୟକ ମତରେ ଏହା କଫ, ପିତ୍ତ, ରକ୍ତଦୋଷ, କୁଷ୍ଠ, ପ୍ରମେହ, ଶ୍ୱିତ୍ର, ଦାହ, ବ୍ରଣ, ପାଣ୍ଡୁ ଓ କୃମିନାଶକ।]

ତିନିହେଁ—ଦେ. ସର୍ବ—ତିନିଜଣଯାକ—
Tiniheñ — All the three.
ତୀନଜନାଇ ତିନୋଁ, ତିନ୍ହୁଁ
(ତିନିଏଁ, ତିନିଏଁ, ତିନିହେଁଯାକ—ଅନ୍ୟରୂପ)

ତିନି ହୋରି—ଦେ. ବଣ. (ତୁଳ. ଦୋହୋର)—ତ୍ରିଗୁଣ; ତିନି ସର ହୋଇ ଭଙ୍ଗା ହୋଇଥିବା—
Tini hori — Folded thrice; threefold.
ତୀଗୁନା
ତେହରା (ଯଥା—ଦଉଡ଼ିକୁ ତିନିହୋରି କରି ଭାଙ୍ଗିଲେ ତାହା ଦୃଢ଼ ହୁଏ।)

ତିନ୍ତା—ଦେ. ବଣ. (ସ. ତିମ୍ ଧାତୁ=ଆର୍ଦ୍ର ହେବା)—ଆର୍ଦ୍ର; ଓଦା—
Tintā — Wet; moistened; damp.
ଭୀଜା — ଦେ. ବ—୧। ଆର୍ଦ୍ର ହେବା; ଓଦା ହେବା, ତିନ୍ତିବା—
ତର, ଭୀଗା; ଭୀଗନା — 1. The state of being wet or moistened.
୨। ଓଦା କରିବା—2. Moistening; wetting.

ତିନ୍ତା(ନ୍ତେ)ଇବା—ଦେ. କ୍ରି. (ତିନ୍ତିବାର ଣିଜନ୍ତରୂପ)—
Tintā(nte)ibā — ୧। ଓଦା କରିବା; ଘଷାଇବା—
ଭୀଜାନ; ତୀତାନ — 1. To wet; to moisten.
ମିଗାନା, ତିମାନା — ୨। ବତୁରାଇବା—2. To damp.

ତିନ୍ତାତିନ୍ତି—ଦେ. ବ—୧। ଆର୍ଦ୍ର ହେବା—
Tintā-tinti — 1. The state of being moistened.
ଭୀଜାଭୀଜୀ — ୨। ପରସ୍ପର ପରସ୍ପରକୁ ଓଦା କରିବା—
ମିଗାମିଗି — 2. Mutually moistening each other.

ତିନ୍ତିଡ଼(ଡ଼ୀ)—ସ. ବ. (ତିମ୍ ଧାତୁ=ଆର୍ଦ୍ର ବା କ୍ଳେଦଯୁକ୍ତ ହେବା+ଅତ୍ୟ- ନ୍ତାର୍ଥରେ ଦ୍ୱିତ୍ୱ+ଡ଼+ଈ, ପକ୍ୱଫଳ କ୍ଳେଦଯୁକ୍ତ ଥିବାରୁ)—ତିନ୍ତୁଳି (ଦେଖ)
Tintirda(rdi) — Tintuli (See)
ତିନ୍ତିଡ଼ିକା; ତିନ୍ତିଡ଼ୀ; ତିନ୍ତିଡ଼ୀକ } ଅନ୍ୟରୂପ

ତିନ୍ତିଡ଼କାମ୍ଳ—ସ. ବ. (ପାରିଭାଷିକ ଶବ୍ଦ)—ତେନ୍ତୁଳାମ୍ଳ; ଏକପ୍ରକାର ବୈଜ୍ଞାନିକ ଦ୍ରାବକ—Tartaric acid.
Tintirdakāmla
[ତିନ୍ତିଡ଼କାମ୍ଳ—ଅନ୍ୟରୂପ]

ତିନ୍ତିବା—ଦେ. କ୍ରି. (ସ. ତିମ୍ ଧାତୁ=ଓଦା ହେବା; ତୁଳ. ସିକ୍ତ)—
Tintibā — ଓଦା ହେବା; ଘଷିବା—To become wet; to be moistened.
ତୀତା; ଭୀଜା
ଭୀଗନା
[ତିନ୍ତା(ନ୍ତେ)ଇବା—ଣିଜନ୍ତ]
କର୍ମ ନ ପାରେ ତୋତେ ଛୁଇଁ
ଜଳେ ନ ତିନ୍ତେ ଯେସନ୍ତେ ଛଇ—
ରୂପଚ. ପ୍ରେମପଞ୍ଚାମୃତ।

ତିନ୍ତି ବୁଡ଼ି—ଦେ. କ୍ରି. ବଣ. (ତିନ୍ତିବା ଓ ବୁଡ଼ିବା କ୍ରିୟାର ଅସମାପିକା ରୂପ; କ୍ରି ବଣ. ରୂପେ ବ୍ୟବହୃତ)—ବର୍ଷା ପାଣିରେ ଓଦା ହୋଇ ଓ ପାଣିରେ ପଶି, ଅର୍ଥାତ୍ ବାଟରେ ଆସିଲାବେଳେ ମେଘରୁ ପଡ଼ିବା ବର୍ଷା ପାଣିରେ ଓ ବାଟରେ ଥିବା ଜଳାଶୟାଦିର ପାଣି ଦ୍ୱାରା ଓଦା ହୋଇ ସୁଦ୍ଧା ତାହିଁର ଭ୍ରୂକ୍ଷେପ ନ କରି (ଦଉଡ଼ିବା ବା ଆସିବା)—
Tinti burdi — (to come or run to a place) Having been drenched with rain and water on the way.
(ଯଥା—ଆପଣ ଏଠାକୁ ଆସିଛନ୍ତି ଶୁଣି ଆପଣଙ୍କୁ ଦେଖିବାକୁ ଆମେ ୪ କୋଶ ବାଟ ତିନ୍ତିବୁଡ଼ି ଆସିଛୁଁ।)

ତିନ୍ତିଲୀ—ସ. ବ. (ତିମ୍ ଧାତୁ+ଅତ୍ୟନ୍ତାର୍ଥରେ ଦ୍ୱିତ୍ୱ+ଡ଼+ସ୍ତ୍ରୀ. ଈ; ଡ଼ ସ୍ଥାନରେ ଲ)—ତିନ୍ତୁଳି (ଦେଖ)
Tintili — Tintuli (See)

ତିନ୍ତୁ କୋଳି—ଦେ. ବ—ଏକପ୍ରକାର କୋଳି—
Tintu koli — A species of plum.

ତିନ୍ତୁଡ଼ି—ଦେ. ବ. (ସ. ତିନ୍ତିଡ଼ୀ)—ତିନ୍ତୁଳି (ଦେଖ)
Tinturdi — Tintuli (See)
ତୁଷପଡ଼ିଲା ଥାଉଁ ଅଙ୍ଗେ ତିନ୍ତୁଡ଼ି ସୁରତକୁ ଶାଗୋଟକ—
ନନ୍ଦକିଶୋର. ଶର୍ମିଷ୍ଠା।

ତିନ୍ତୁଳି—ଦେ. ବ. (ସ. ତିନ୍ତିଲୀ)—୧। ତିନ୍ତିଡ଼ୀ ଗଛ ଓ ତାହାର ପକ୍ୱଫଳ—Tamarind tree and its ripe fruit; Tamarindus Indica.
Tintuli
ସ. ପର୍ଯ୍ୟାୟ—ଅମ୍ଳିକା, ଚୁକ୍ରିକା, ଅମ୍ଳୀ, ଚୁକ୍ରା,

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦନ୍ତଶଠା, ଅମ୍ଳା, ଚିଞ୍ଚା, ଚିଞ୍ଚା, ତିନ୍ତିଡ଼ୀ, କାଚତିନ୍ତିଡ଼ୀ [ଦ୍ରୁ—ଏହା କୃଷ୍ଣଚୂଡ଼ାଦି ବର୍ଗର ବୃକ୍ଷ । ଏହା ଭାରତବର୍ଷରେ ସର୍ବତ୍ର ଜନ୍ମେ; ବସନ୍ତକାଳରେ ନୂଆ ପତ୍ର ଧରେ, କିନ୍ତୁ ପୁରୁଣା ପତ୍ର ଏକାବେଳେ ଝଡ଼ି ପଡ଼େ ନାହିଁ । ଏହାର କାଠ ଖୁବ୍ ଶକ୍ତ । ଏଣୁ ଏ କାଠରେ ଅଖେଣାଇ ତିଆରି କରାଯାଏ । ଏ କାଠ ମଧ୍ୟ ଉତ୍ତମ ଜଳେ । ଏହାର ପତ୍ର ଓ ଫୁଲ ମଧ୍ୟ ଖଟାଳିଆ । ଏହାର କଞ୍ଚା ଫଳକୁ କୟାଁ ବୋଲାଯାଏ । କଞ୍ଚା ତିନ୍ତୁଳି ଅମ୍ଳ, ଗୁରୁ, ବାୟୁନାଶକ ଏବଂ ପିତ୍ତ, କଫ ଓ ରକ୍ତଦୁଷ୍ଟିକାରକ । ପାଚିଲା ତିନ୍ତୁଳି ଅଗ୍ନିଦୀପକ, ସାରକ, ଉଷ୍ଣବୀର୍ଯ୍ୟ ଏବଂ କଫ ଓ ବାୟୁନାଶକ ।]

ତେଁତୁଲ

ଅମ୍ଲିକା; ଇମ୍‌ଲି

ତେ. ଚିନ୍ତାପାଣ୍ଡୁ, ଚିଞ୍ଚ

ତା. ପୁଳି

ମ. ଇମଲି, ଚିଞ୍ଚ

ଗୁ. ଆମ୍‌ଲୀ

ଅ. ତମରହିନ୍ଦୀ

ଅସାମୀ. ତେଁତେଲୀ

(ତେନ୍ତୁଳି—ଅନ୍ୟରୂପ)

୨ । ପାଚିଲା ତିନ୍ତୁଳି ଫଳରୁ ଚୋପା ଛଡ଼ାଇ ମଞ୍ଜି ଓ ପାରୁଆକୁ ପୃଥକ କରିବା ପରେ ରହିଯିବା ସାର ପଦାର୍ଥ—

2. The pulpy substance inside the tamarind fruit after it is peeled off and the fibres removed.

ତିନ୍ତୁଳିଆ ବିଛା—ଦେ. ବି. (ସ୍ତ୍ରୀ. ନାମ ଶର୍ଜ୍ଜ)—ନାଲିରଙ୍ଗର ଏକ ପ୍ରକାର ଶତପଦୀ ବିଷଧର କୀଟ—

Tintulia bichha

A centiped; Scolopenda Singulata.

ତେଁତୁଲୀୟା ବীছা; ତେଁତୁଲେ ବিছা

गोजर, कनखजुरा

(ତେନ୍ତୁଳିଆ ବିଛା—ଅନ୍ୟରୂପ) [ଦ୍ରୁ—ଏହାର ବର୍ଣ୍ଣ ପାଚିଲା ତିନ୍ତୁଳି ପରି ଦେଖାଯାଏ । ଏହାର ଲାଙ୍ଗୁଡ଼ରେ ୨ଟି ନାହୁଡ଼ ଥାଏ । ଏ ନାହୁଡ଼ ମାରିଦେଲେ ଭାରି ଯନ୍ତ୍ରଣା ହୁଏ । ଏ ପାଟିରେ କାମୁଡ଼େ, ମାତ୍ର ଏହାର ନାହୁଡ଼ର ଜ୍ୱାଳା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଲୋକେ ଏହି ଜନ୍ତୁର ନାହୁଡ଼ର ଆଘାତକୁ 'ବିଛା କାମୁଡ଼ିବା' ବା 'ବିଛା ମାରିବା' ବୋଲି କହି ଥାଆନ୍ତି । କଳା ବିଛା ଶ୍ରେଷ୍ଠ ଓ ନିର୍ବିଷ । ବିଛା କଳା ଓ ନାଲି ଭେଦରେ ଦୁଇପ୍ରକାର ।]

ତିନ୍ତୁଳିଆ ବିଛା କାମୁଡ଼ିବା—ଦେ. ଦି. (ଲକ୍ଷଣାର୍ଥ)—

Tintulia bichha kamurdiba

ତୀବ୍ର ଯାତନାଦାୟକ ଚିନ୍ତାରେ ବ୍ୟତିବ୍ୟସ୍ତ ହେବା; ଘୋର ଚିନ୍ତାରେ ଅଭିଭୂତ ହେବା—

(ମୁଣ୍ଡରେ ତିନ୍ତୁଳିଆ ବିଛା କାମୁଡ଼ିବା—ଅନ୍ୟରୂପ)

Being overpowered with stinging or distressing thoughts.

ତିନ୍ତୁଳି ଖାଇଲା ପରି ମୁହଁ କରିବା—ଦେ. କ୍ରି—ମୁଖରେ ବିରକ୍ତିଭାବ ପ୍ରକାଶ କରିବା; ମୁହଁ ବିକୃତକରିଦେବା, ମୁହଁକୁ ବିକୃତାକୃତିଆ କରିବା—

Tintuli khaila pari muhan kariba

To have a frowning face; to scowl.

[ଦ୍ରୁ—ଖଟା ଖାଇଲେ ମୁହଁ ଲେଫେଡ଼ା ହୋଇଯାଏ । ବିରକ୍ତ ହେଲେ ମଧ୍ୟ ମୁହଁର ସେହି ଭଙ୍ଗୀ ହୁଏ । ଏଥିପାଇଁ ଲୋକର ମୁହଁରେ ବିରକ୍ତିଭାବ ପ୍ରକାଶ ପାଇଲେ ବୋଲାଯାଏ, 'ଅମୁକ ତିନ୍ତୁଳି ବା ଖଟା ଖାଇଲା ପରି ମୁହଁ କରୁଛି ।']

ତିନ୍ତୁଳି ଛାଟ—ଦେ. ବି—୧ । ତେନ୍ତୁଳି ଡାଳରୁ ପ୍ରସ୍ତୁତ ଛାଟିଆ—

Tintuli chhata 1. A rod of tamarind twig.

ଅସିବ ପିଠିରେ ବନାମାଣିକ !
ଚୋରର ପାଇଁକ ନଡ଼ ଗଞ୍ଜଣା, ପିଠିରେ ତିନ୍ତୁଳି ଛା—ତଗ ।

[ଦ୍ରୁ—ତେନ୍ତୁଳି ଗଛର ଡାଳ ଭାରି ଟେମଡ଼ା ଥିବାରୁ ତହିଁରେ ପ୍ରହାର କଲେ ତାହା ସହଜରେ ଭାଙ୍ଗି ଯାଏ ନାହିଁ ଏବଂ ଅନ୍ୟ ଗଛର ଛାଟ ଅପେକ୍ଷା ତିନ୍ତୁଳି ଛାଟର ମାଡ଼ ବେଶି କାଟେ ।]

୨ । ତିନ୍ତୁଳି ଛାଟ ଦ୍ୱାରା ପ୍ରହାର—

2. Stripes with a tamarind twig.

ତିନ୍ତୁଳି ସଡ଼ା(ଢ଼ା)—ଦେ. ବି—କୟାଁ ସଡ଼ା (ଦେଖ).

Tintuli sarda(rdha) Kayan sarda (See)

ତିନ୍ଦା(ନ୍ଧା)କିଟା—ଦେ. ବି—ନାଚ ଓ ଅନଦ୍ଧବାଦ୍ୟର ଉକ୍ତି—

Tinda(ndha)kita

The key-words used in dancing to the tunes of a drum.

ତିନାକିଟା, ତିନାକିଟୋ, ତିନାଟା, ତିନା ତାତିନା, ତିନା ତାଧିନା } ଅନ୍ୟରୂପ

ତିନ୍ଦୁ—ସଂ. ବି. (ତିମ୍ ଧାତୁ=ଓଦା ହେବା + ଉ; ଦ ଆଗମ)—

Tindu

କେନ୍ଦୁ ଗଛ ଓ ଫଳ— •

(ତିନ୍ଦୁକ—ଅନ୍ୟରୂପ) Diospyrus Embryopteris.

ତିନ୍ଦୁକ ତୀର୍ଥ—ସଂ. ବି—ମଥୁରା ନିକଟରେ ଥିବା ହିନ୍ଦୁ ତୀର୍ଥ ବିଶେଷ—

Tinduka tirtha

A sacred place near Muttra (U. P.)

ତିପଟ—ଦେ. ବି—ତେପଟ; ତିନିଗୁଣ—

Tipata

Three times as much.

তেপট

ଦେ. ବିଣ—ତିନି ଗୁଣ ପରିମିତ—

तिगुना

Thrice as much; treble.

ତିପାହିଆ—ଦେ. ବି. (ସଂ. ତ୍ରିପଦୀ)—

Tipahia

ତିନି ଗୋଡ଼ିଆ ଷ୍ଟୁଲ—

তেপায়া

A tripod; a tepoy; a stool with three legs

तिपाइ

ତିପାଇ, ତିପାୟୀ, ତିପାହ୍ୟା } ଅନ୍ୟରୂପ

ଦେ. ବିଣ—ତିନି ଗୋଡ଼ିଆ—

Three-legged.

ତିପିରି—ପ୍ରାଦେ. (ଗଞ୍ଜାମ) ବି—ବେପାର ବଣିଜରେ ଧନର କ୍ଷତି—

Tipiri

Loss of money in trade.

ତିପୁର(ରି)—ଦେ. ବି. (ସଂ. ତ୍ରିପୁର)—

Tipura(ri)

୧ । ମିଷ୍ଟାନ୍ନ ବା ପିଷ୍ଟକବିଶେଷ—

1. A kind of sandwich cake.

୧	ଇ	ଙ୍କ	ର୍,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଉ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଂ୍ୟ	ଇଅ	ଢ଼	ନ୍

[ଦ୍ର—ଏଥିଉତରେ ୩ ଉପାଦାନରେ ପ୍ରସ୍ତୁତ ପୁର ଦଆଯାଇ ଥାଏ ।]

୨ । ତଗୃଡ; ଟଗର (ଦେଖ)—2. Tagara (See)

[ଦ୍ର—ଏ ଫୁଲକୁ ଚପୁଡ଼ ସେହି ରସକୁ ଲୁଣ ଚୋପାଏ ଲେଖାଏଁ ଆଖିରେ ପକାଇଲେ ୪୦ ଦିନରେ ସବୁ ପ୍ରକାର ଚକ୍ଷୁ ରୋଗ ଦୂର ହୁଏ । (ଏହା ପରୀକ୍ଷିତ)]

ଦେ. କ୍ରି. ବଣ.—(ହଳଦ, ଚଣ ଆଦିକୁ) ୩ ଥର ବା ୩ ଥରେ (କାଟିବା)—(to pestle turmeric etc.) Thrice or three times.

(ଯଥା—ହଳଦୀକୁ ତିଘୁର କାଟିଲୁ ।)

ଟିଫାଇତ୍(ତି)—ଗ୍ରା. ବୈଦେ. ଷ. (ଅ. ତଫାୟୁତ୍)—ଲାଭ—
Tiphāit(ti) Profit.
কিফায়ত **কিফাযত**
[ଟିଫେଇତ(ତି), ତିଫାତ୍, ତିଫାଯୁତ୍(ତି)—ଅନ୍ୟରୂପ ।]

ତିବରି—ଦେ. ଗଣ. (ସଂ. ତୀବ୍ର)—
Tibiri ୧ । ଦୁଷ୍ଟ—1. Wicked.
(ତିଉର—ଅନ୍ୟରୂପ) ୨ । ଚଗଲ୍ଲ; ଚପଳ—
2. Fickle; restless.

ତିବେ(ଭେ)ଇ—ଗ୍ରା. ବଣ. ପୁଂ—ତିଘେଇ (ଦେଖ)
Tibe(bhe)i Tighei (See)

ତିବେଣୀ—ଦେ. ବ—କହୁଣିଆ (୨) (ଦେଖ)
Tibeṇi Kahuniā (2) (See)
[ତିରବେଣୀ—ଅନ୍ୟରୂପ]

ତିମ୍ (ଧାତୁ)—ସଂ—୧ । ଆର୍ଦ୍ର ହେବା; ଓଦା ହେବା—
Tim (root) 1. To be wet.

୨ । ଓଦା କରିବା—
2. To damp; to moisten (Apte).

୩ । ନିଶ୍ଚଳ ହେବା—3. To become quiet or tranquil; to be calm (Apte).

ତିମି—ସଂ. ବି. ପୁଂ. (ତିମ୍ ଧାତୁ=ଆର୍ଦ୍ର ହେବା+କର୍ତ୍ତୃ. ଇ)—
Timi ୧ । ସମୁଦ୍ରଜାତ ବୃହତ୍କାୟ ମତ୍ସ୍ୟବିଶେଷ—
(ତିମୀ—ସ୍ତ୍ରୀ) 1. Whale.

[ଦ୍ର—ଏମାନେ ସ୍ତନ୍ୟପାୟୀ ଜୀବ (mammal); ଆକାରରେ ୬୦ ହାତ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ଏମାନେ ୨ ପ୍ରକାର; ଯଥା—ଦନ୍ତଯୁକ୍ତ ଓ ଦନ୍ତହୀନ; ଶୀତପ୍ରଧାନ ଅଞ୍ଚଳର ସମୁଦ୍ରରେ ବାସ କରନ୍ତି । ଜାହାଜଆମାନେ ଏମାନଙ୍କୁ ଦେଖାରେ ମାରି ଏମାନଙ୍କଠାରୁ ଚର୍ବି ବାହାର କରି ସେହି ଚର୍ବିରେ ମହମବତି ଓ ସାବୁନ ଆଦି ନାନା ପ୍ରୟୋଜନୀୟ ଦ୍ରବ୍ୟ ପ୍ରସ୍ତୁତ କରନ୍ତି । ଏମାନଙ୍କ କଣାକୁ କୋଦାମ, କାଢ଼ ଓ ମେମ୍ମାନଙ୍କ କୁର୍ତ୍ତି ଭିତରର ଧନୁକାକୃତି ରୁଅ (ribs) ତିଆରି ହୁଏ ।]

୨ । ସମୁଦ୍ର (ପ୍ରକୃତିବାଦ)—2. Ocean.

୩ । ରାତ୍ର୍ୟନ୍ଧତା; ଅନ୍ଧାରକଣା ରୋଗ—
3. Night-blindness; nyctalopia.

ତିମି କୋଷ—ସଂ. ବି. (୬ଷ୍ଠୀ ତତ୍; ତିମି+କୋଷ)—ସମୁଦ୍ର—
Timi kosha The sea.

ତିମିଙ୍ଗିଳ—ସଂ. ବି.—(ତିମି+ଗିଲ୍ ଧାତୁ=ଗିଳିବା+କର୍ତ୍ତୃ. ଅ)—
Timiṅgila ତିମିଠାରୁ ବୃହଦାକାର ମତ୍ସ୍ୟବିଶେଷ; (ଯେଉଁ ମାଛ ତିମି ମାଛକୁ ଗିଳି ପାରେ)—The sperm whale; the bigger whale (which can devour whales); Physter Macroaphalus.

୨ । ଦ୍ୱୀପବିଶେଷ (ହି. ଶବ୍ଦସାଗର)—
2. Name of an island.

୩ । ଉକ୍ତ ଦ୍ୱୀପର ନିବାସୀ (ହି. ଶବ୍ଦସାଗର)—Inhabitant of the above island.

ତିମିଙ୍ଗିଲଗିଲ—ସଂ. ବି. (ତିମିଙ୍ଗିଳ+ଗିଲ ଧାତୁ+କର୍ତ୍ତୃ. ଅ)—
Timingila-gila ତିମିଙ୍ଗିଳକୁ ଗିଳିବା ବାଲା ବଡ଼ ତିମିମାଛ—
Largest whale which can devour the sperm whale.

ତିମିଙ୍ଗିଳାଶନ—ସଂ. ବି.—୧ । ବୃହତ୍ ସଂହିତାରେ ବର୍ଣ୍ଣିତ ଦକ୍ଷିଣର
Timiṅgilāśana ଦେଶ ବିଭାଗବିଶେଷ—
1. Name of a tract of country in the south.

[ଦ୍ର—ଲଙ୍କାଦ୍ୱୀପ ଏହି ବିଭାଗର ଅନ୍ତର୍ଗତ । ଏଥିର ଅଧିବାସୀମାନେ ତିମିଙ୍ଗିଳ ମତ୍ସ୍ୟର ମାଂସ ଆହାର କରନ୍ତି—ହି. ଶବ୍ଦସାଗର ।]

୨ । ଉକ୍ତ ଦେଶର ନିବାସୀ—2. The inhibants of the said tract of country.

ତିମିଜ—ସଂ. ବି. (ତିମି+ଜନ୍ ଧାତୁ+କର୍ତ୍ତୃ. ଅ)—ମୁକ୍ତାବିଶେଷ—
Timija A kind of pearl.

ତିମିତ—ସଂ. ବି. (ତିମ୍ ଧାତୁ=ନିଶ୍ଚଳ ହେବା+କର୍ତ୍ତୃ. ତ); ଭୁଲ.
Timita ସ୍ତିମିତ)—୧ । ନିଶ୍ଚଳ; ନିଷ୍ପନ୍ଦ—1. Motionless.

୨ । ଓଦା—2. Damped; wet.

ତିମି ଧ୍ୱଜ—ସଂ. ବି.—(ବହୁବ୍ରୀହି; ତିମି+ଧ୍ୱଜା, ଏହାର ପତାକାରେ
Timi dhwaja ତିମିର ଚିହ୍ନ ଅଙ୍କିତ ଥିବାରୁ)-ଶମ୍ବର ଦୈତ୍ୟ—
A name of the demon Śambara.

[ଦ୍ର—ଏହାକୁ ବଧ କରି ରାମଚନ୍ଦ୍ର ବ୍ରହ୍ମାଙ୍କଠାରୁ ଦିବ୍ୟାସ୍ତ୍ର ଲାଭ କରିଥିଲେ—ହି. ଶବ୍ଦସାଗର ।]

ତିମିର—ସଂ. ବି. (ତିମ୍ ଧାତୁ=ନିଶ୍ଚଳ ହେବା+କରଣ. ଇର)—
Timira ୧ । ଅନ୍ଧକାର; ଅନ୍ଧାର—1. Darkness.

୨ । ଚକ୍ଷୁରୋଗବିଶେଷ—2. An eye-disease.

[ଦ୍ର—ଏ ରୋଗରେ ଦୁର୍ବଳତା ଯୋଗୁଁ ଗୃହ ଆଣିଲେ ଘୂରଆଡ଼ ଅନ୍ଧାର ଦିଶେ ଓ ଆଖି ଆଗରେ ଝିଲ୍ଲିମିଲି ଯୋକ ବା

ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଅଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଅଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଅଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଅଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତାହାଗୁଡ଼ାଏ ଏଣେତେଣେ ଉଡ଼ୁ ଥିଲାପରି ଜଣା ଯାଏ । ସୁଶ୍ରୁତରେ ଏ ରୋଗର ଅନେକ ଭେଦ ବର୍ଣ୍ଣିତ ହୋଇଅଛି ଯଥା— ଆଖିକୁ ଜାଲଜାଲୁଆ ଦେଖା ଯିବା; ରଙ୍ଗବେରଙ୍ଗ ଦେଖାଯିବା, ରାତିରେ ଦେଖା ନ ଯିବା— ହି. ଶବ୍ଦସାଗର ।]

୩ । ଅନ୍ଧାରକଣା ରୋଗ— 3. Night-blindness; nyctalopia.

୪ । ଘୋର କୃଷ୍ଣବର୍ଣ୍ଣ—4. Deep-black colour.

ସଂ. ବିଣ.—୧ । ଅନ୍ଧକାରମୟ—1. Dark.

୨ । ଘୋର କୃଷ୍ଣବର୍ଣ୍ଣବିଶିଷ୍ଟ—2. Deep black.

ତିମିରନୁଦ୍—ସଂ. ବିଣ. (ତିମିର+ନୁଦ୍ ଧାତୁ+କର୍ତ୍ତୃ. କ୍ୱିପ୍)—
Timiranud ଅନ୍ଧକାରନାଶକ—Dispelling darkness.
ସଂ. ବି.—ସୂର୍ଯ୍ୟ—The sun.
(ତିମିରଭିଦ୍, ତିମିର ରିପୁ, ତିମିରହର, ତିମିରାରି—ଅନ୍ୟରୂପ)

ତିମିରାଚ୍ଛନ୍ନ—ସଂ. ବିଣ. (ତୃତୀ. ତତ୍.; ତିମିର+ଆଚ୍ଛନ୍ନ)—ଅନ୍ଧକାରାବୃତ
Timirāchchhanna Enveloped in darkness.
(ତିମିରାବୃତ—ଅନ୍ୟରୂପ)

ତିମିରି—ଗ୍ରା. ବି. (ସଂ. ତିମିର)—୧ । ଅନ୍ଧକାର—
Timiri 1. Darkness.
तिरमिरा
ଏମନ୍ତେ ରଜନୀ ହୋଇଲା,
ଘୋର ତିମିରି ପ୍ରକାଶିଲା । ଜଗନ୍ନାଥ, ଭାଗବତ ।
୨ । 'ତିମିର' ନାମକ ଚକ୍ଷୁରୋଗ—
2. An eye-disease.

ତିମିରିତ—ସଂ. ବିଣ. (ତିମିର+ଯୁକ୍ତାର୍ଥେ ଇତ)—ଅନ୍ଧକାରମୟ;
Timirita ଅନ୍ଧାରୁଆ—Dark; full of darkness.
କର ପାରେ ଖାପ ପୁଣି ତିମିରିତ ସ୍ଥାନେ ।
ଚିନ୍ତାମଣି, ବଳମାଦତୀ ।

ତିମିଷ—ସଂ. ବି. (ତିମ୍ ଧାତୁ=ଆର୍ଦ୍ର କରିବା+କର୍ତ୍ତୃ. ଇଷ)—
Timisha ୧ । କାକୁଡ଼ି; ଫୁଟି (ହି. ଶବ୍ଦସାଗର)—
1. Cucumber.
୨ । ପାଣିକଖାରୁ (ହି. ଶବ୍ଦସାଗର)—
2. The white gourd.
୩ । ତରଭୁଜ—(ହି. ଶବ୍ଦସାଗର)—3. Water melon.

ତିମୀ—ସଂ. ବି. ସ୍ତ୍ରୀ—୧ । ମାଈ ତିମି ମାଛ—
Timī 1. A she-whale.
୨ । ଦକ୍ଷଙ୍କ କନ୍ୟା, କଶ୍ୟପଙ୍କ ସ୍ତ୍ରୀ ଓ ତିମିଙ୍ଗିଳର ମାତା—
2. A wife of sage Kaśyapa said to have given birth to whales.

ତିମୁହାଁଣୀ—ଦେ. ବି. (ସଂ. ତ୍ରି.+ମୁଖ)—୧ । ଯେଉଁଠାରେ ୩ ଗୋଟି
Timuhāṇī ନଦୀ ପଡ଼ି ଥାଆନ୍ତି ବା ଏକତ୍ର ମିଳିତ ହୋଇଥାଆନ୍ତି)—
তেমোহানা 1. A confluence of 3 rivers.
तिमुहानी ୨ । ଯେଉଁ ସ୍ଥାନରେ ୩ ଗୋଟି ରାସ୍ତା ମିଳିତ ହୋଇ ଥାଏ—2. A meeting place of 3 roads.

ତିର୍‌କଟ୍—ବୈଦେ. ବି. (ଜାହାଜିଆ ଶବ୍ଦ)—ଜାହାଜର ସାମନା ପାଲ—
Tirkaṭ (nautical) Fore-sail.
तिरकट

ତିର୍‌କଟ୍ ଗାବି—ବୈଦେ. ବି. (ଜାହାଜିଆ ଶବ୍ଦ)—ମୁଣ୍ଡ ଉପରର ପାଲ-
Tir-kaṭ gābī (nautical) Top-sail.
तिरकट गावी

ତିର୍‌କଟ୍ ଡୋଲ—ବୈଦେ. ବି. (ଜାହାଜିଆ ଶବ୍ଦ)—ଜାହାଜର ଆଗ
Tir kaṭ ḍola ମାସ୍ତୁଲ—(nautical) Fore mast.
तिरकट डोल

ତିର୍‌କଟ୍ ତବର—ବୈଦେ. ବି. (ଜାହାଜିଆ ଶବ୍ଦ)—ଜାହାଜର
Tir kaṭ-tabar ସର୍ବୋଚ୍ଚ ମାସ୍ତୁଲ ଉପରେ ଆଗପାଖରେ ଲଗାଯିବା-
तिरकट तवर ଚୌକୋଣିଆ ପାଲ—(nautical) The square sail flying on the top mast; the fore sky-sail.

ତିର୍‌କଟ୍ ସବର୍—ବୈଦେ. ବି. (ହି) (ଜାହାଜିଆ ଶବ୍ଦ)—
Tir-kaṭ sabar ଜାହାଜର ସର୍ବୋଚ୍ଚ ପାଲ—(nautical)
तिरकट सबर The highest sail; main sky-sail.

ତିର୍‌କଟ୍ ସବାଇ—ବୈଦେ. ବି. (ଜାହାଜିଆ ଶବ୍ଦ)—ମାସ୍ତୁଲବନ୍ଧା
Tir-kaṭ sabāi ରସିରେ ବନ୍ଧାଯିବା ଆଗ ପାଲ—
तिरकटसबाइ The sail which is attached to the rope of the main mast; the flying jib.

ତିରଣ—ଗ୍ରା. ବି. (ସଂ. ତୃଣ)—୧ । ତୃଣ; ଘାସ—
Tiraṇa 1. Grass.
तिरिन ୨ । ଖାଦ୍ୟ—2. Food; meal.
ଆଜ ଏକାଦଶୀ, ଦାନ୍ତରେ ତିରଣ ଦେଇ ନାହିଁ—
ଫକୀରମୋହନ. ଛମାଣଆଠଗୁଣ୍ଠ ।

ତିର(ରୋ)ଦଶୀ—ଗ୍ରା. ବି. (ସଂ. ତ୍ରୟୋଦଶୀ)—ତ୍ରୟୋଦଶୀ ତିଥି—
Tira(ro)daśī The 13th day of the lunar
তিরোদশী तेरस fortnight.

ତିରନ—ପ୍ରାଦେ. (ସମ୍ବଲପୁର) ବି—ତିରଣ (ଦେଖ)
Tiran Tiraṇa (See)

ତିରନ୍ ତଷୁ—ପ୍ରାଦେ. (ସମ୍ବଲପୁର) ବି. (ସଦ୍ଭବ) (ସଂ. ତୃଣ ଓ ତୁଷ)—
Tiran tashu ଖାଦ୍ୟ ବା ଶସ୍ୟର କଣା—
Partiele of food or grain.

ତିରଶ୍ଚୀ—ସଂ. ବି. ସ୍ତ୍ରୀ. (ତିରସ୍=ବକ୍ର+ଅଞ୍ଚ୍ ଧାତୁ=ଗମନ କରିବା+
Tiraśchī କର୍ତ୍ତୃ. କ୍ୱିପ୍=ତିର୍ଯ୍ୟଚ୍+ସ୍ତ୍ରୀ. ଈ; ନିପାତନ)—
ସ୍ତ୍ରୀଜାତୀୟ ପଶୁପକ୍ଷୀ; ମାଈ ପଶୁପକ୍ଷୀ—
Female beasts and birds.
ସଂ. ବି—ତିର୍ଯ୍ୟକ୍‌ର ସ୍ତ୍ରୀଲିଙ୍ଗ—Feminine of Tirjyak.

ତିରଶ୍ଚୀନ—ସଂ. ବିଣ. (ତିର୍ଯ୍ୟକ୍+ସମ୍ବନ୍ଧାର୍ଥେ ଈନ; ତିର୍ଯ୍ୟକ୍ ସ୍ଥାନରେ
Tiraśchīna ତିରଶ୍ଚ ଆଦେଶ)—୧ । ବଙ୍କା; ବକ୍ର; ତେର୍ଛା—
1. Awry; oblique.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଂ	ଉଅ	ଛ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ	ଙ୍କ

୨ । କୁଟିଳ; ବଙ୍କାଟଙ୍କା—2. Crooked.

୩ । ଆଡ଼ବାଗରେ ଥିବା—3. Set crosswise.

ତିରଶ୍ଚୀନଗତି—ସଂ. ବି. (କର୍ମଧା; ତିରଶ୍ଚୀନ+ଗତି)—
Tiraśchīna gati ମଲ୍ଲଯୁଦ୍ଧରେ ଏକ କୌଶଳପୂର୍ଣ୍ଣ ବକ୍ରଗତି—
A kind of crooked movement of a wrestler made to evade the attack of the adversary.

ତିରସ୍—ସଂ. ଅ. (ତୃ ଧାତୁ=ପାର ହେବା+କର୍ତ୍ତୃ. ଅସ୍)—
Tiras ୧ । ବକ୍ର; ବଙ୍କା; ତେରଛା—
1. Curved; oblique.

୨ । କୁଟିଳ; ବଙ୍କାଟଙ୍କା—2. Crooked.

୩ । ଅପ୍ରକାଶ୍ୟ—3. Latent; not patent.

୪ । ଗୁପ୍ତ—4. Secret.

୫ । ଅବଜ୍ଞା; ଅନାଦର—5. Disregard; derision.

୬ । ଏପାଖରୁ ସେପାଖକୁ—6 Across (Apte).

୭ । ଗୌଣଭାବରେ—7. Indirectly (Apte).

[ଦ୍ର—ଓଡ଼ିଆରେ ଏ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ନାହିଁ; ତେବେ ଏଥିରୁ ନିଷ୍ପନ୍ନ ତିରସ୍କାର, ତିରୋଧାନ, ତିରଶ୍ଚୀନ ଆଦି ସଂସ୍କୃତ ଶବ୍ଦ ଭାଷାରେ ବ୍ୟବହୃତ ହୁଏ ।]

ତିରସ୍କର—ଗ୍ରା. (ପଦ୍ୟ) ବି. (ସଂ. ତିରସ୍କାର)—ତିରସ୍କାର (ଦେଖ)
Tiraskara Tiraskāra (See)

ବରଣକ ବହୁ ଅଭେଦଭେଦ ତିରସ୍କର କରବାର ।
ଉପେନ୍ଦ୍ର. ବୈଦେହୀଶବିଳାସ ।

ସଂ. ବିଣ. (ତିରସ୍+କୃ ଧାତୁ+କର୍ତ୍ତୃ. ଅ)—ବଳ ପଡ଼ିଥିବା—
Surpassing; excelling (Apte).

ତିରସ୍କରଣୀ—ସଂ. ବି. ସ୍ତ୍ରୀ. (ତିରସ୍=ଅପ୍ରକାଶ୍ୟ+କୃ ଧାତୁ+କରଣ. ଅନ+ସ୍ତ୍ରୀ. ଈ)—୧ । ଯବନିକା; ପର୍ଦ୍ଦା; କନାତ-ବାଡ଼—1. A screen; curtain.
Tiraskaraṇī

୨ । ଘୋଡ଼ଣୀ; ଘଣ୍ଟାଟୋପ—2. A cover; hood.

୩ । ଅଦର୍ଶନୀ ବିଦ୍ୟା; ଯେଉଁ ବିଦ୍ୟାବଳରେ ଲୋକକୁ କେହି ଦେଖି ପାରନ୍ତି ନାହିଁ—3. A magical spell by which a person becomes invisible to others.

ତିରସ୍କରିଣୀ—ସଂ. ବି. ସ୍ତ୍ରୀ. (ତିରସ୍+କୃ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—ତିରସ୍କରଣୀ (ଦେଖ)
Tiraskariṇī Tiraskaraṇī (See)

ତିରସ୍କରୀ—ସଂ. ବି. (ତିରସ୍+କୃ ଧାତୁ+ଇନ୍; ୧ମା. ୧ବ)—
Tiraskarī ପରଦା; ଆଚ୍ଛାଦକ (ହି. ଶବ୍ଦସାଗର)—
Screen; cover; hood.

ତିରସ୍କାର—ସଂ. ବି. (ତିରସ୍=ଅବଜ୍ଞା+କୃ ଧାତୁ+ଭାବ. ଅ)—
Tiraskāra ୧ । ଅବଜ୍ଞା; ଅନାଦର—
1. Derision; insult; disregard.

(ତିରସ୍କୃତି; ତିରସ୍କ୍ରିୟା—ଅନ୍ୟରୂପ) ୨ । ଗାଳି; ଭର୍ତ୍ସନା—
(ତିରସ୍କୃତ—ବିଣ) 2. Rebuke; reproach; abuse; scolding.

୩ । ନିନ୍ଦା—3. Blaming; defamation; censure.

୪ । ଆଚ୍ଛାଦନ; ଆବରଣ—4. Cover; hood.

୫ । କଞ୍ଚୁକ; କାଞ୍ଚୁଲା—5. A woman'sj acket.

୬ । ଘୃଣା—6. Contempt.

୭ । ଲୁଚିଯିବା; ଦେଖା ନ ପଡ଼ିବା; ଅନ୍ତର୍ଧାନ—
7 Concealment, disappearance (Apte).

୮ । ଅନାଦରପୂର୍ବକ ତ୍ୟାଗ (ହି. ଶବ୍ଦସାଗର)—
8. Abandonment with contempt.

ତିରସ୍କାରିଣୀ—ସଂ. ବି. (ତିରସ୍+କୃ ଧାତୁ ଣିଚ୍+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—ତିରସ୍କରଣୀ (ଦେଖ)
Tiraskāriṇī Tiraskaraṇī (See)

ତିରସ୍କାରିବା—ଦେ (ପଦ୍ୟ) କ୍ରି. (ସଂ. ତିରସ୍କାର)—
Tiraskāribā ୧ । ତିରସ୍କାର କରିବା; ଗାଳି ଦେବା—
তিরস্কারা 1. To rebuke; to reproach; to scold.

କେମା ସେବା-ଦାସୀ ମୋତେ ତିରସ୍କାରି କୁପେ ଠେଲି ଗଲ ଚଳି—
ନନ୍ଦକିଶୋର. ଶର୍ମିଷ୍ଠା ।

୨ । ନିନ୍ଦା କରିବା—2. To blame.

ତିରସ୍କୃତ—ସଂ. ବିଣ. (ତିରସ୍+କୃ ଧାତୁ+କର୍ମ. ତ)—୧ । ଭର୍ତ୍ସିତ—
Tiraskṛuta 1. Rebuked.

୨ । ନିନ୍ଦିତ—2. Censured; blamed.

୩ । ଆଚ୍ଛାଦିତ—3. Covered.

୪ । ଅବଜ୍ଞାତ—4. Insulted.

୫ । ଦୂଷିତ (ପ୍ରକୃତିବାଦ)—5. Contaminated.

୬ । ଅନାଦର ବା ଘୃଣାପୂର୍ବକ ତ୍ୟକ୍ତ (ହି. ଶବ୍ଦସାଗର)—
6. Abandoned with contempt.

ତିରସ୍କ୍ରିୟା—ସଂ. ବି. (ତିରସ୍+କ୍ରିୟା)—ତିରସ୍କାର (ଦେଖ)
Tiraskriyā Tiraskāra (See)
(ତିରସ୍କୃତି—ଅନ୍ୟରୂପ)

ତିରସ୍ତା—ଦେ. ବି—ତିଦସ୍ତା (ଦେଖ)
Tirastā Tidastā (See)

ତିରା—ଦେ. ବି (ସଂ. ତ୍ରିନ୍)—ତିନି ଫୋଟା ବା ବିନ୍ଦୁଯୁକ୍ତ ତାସ୍—
Tirā A card with three points.
তিরী, तिक्की

ତିରି—ଗ୍ରା. ବି. ସ୍ତ୍ରୀ (ସଂ. ସ୍ତ୍ରୀ)—୧ । ସ୍ତ୍ରୀଲୋକ—
Tiri 1. A female.
তিরী ମୋ ଘର ସ୍ୱାନ ତିରି ନାସ—ସଶୋବନ୍ତୀ. ପ୍ରେମଭକ୍ତି ବ୍ରହ୍ମଗୀତା ।
तिया, तिय, तिरया ୨ । ଭାର୍ଯ୍ୟା; ସ୍ତ୍ରୀ—2. Wife.

୩ । ତିରା (ଦେଖ)—3. Tirā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚାର୍ଟର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—ଗାଈ ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଖା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଦେ. ଅ—ଗୁଣିତକ ୩; ତିନି ସଂଖ୍ୟାରେ ଗୁଣା ହେଲେ—
Multiplied by three.
(ଯଥା—ପାଞ୍ଚ ତିରି ପନ୍ଦର ପଣ—ପଣିକିଆ ।)

ତିରିକଟ—ଗ୍ରା. ବି (ସଂ. ତ୍ରି)—ତିନି ସଂଖ୍ୟା—
Tirikaṭa — The number three.
ତିନି ତିରିକଟ ମରଣ ନିକଟ—ପ୍ରବଚନ ।

ତିରିଗୁ ପାଟୁ—ପ୍ରାଦେ. (ଗଞ୍ଜାମ) ବୈଦେ. (ତେଲୁଗୁ) ବି—ଗାଳି—
Tirigu pāṭu — Abuse.

ତିରିଥ—ଗ୍ରା (ପଦ୍ୟ) ବି (ସଂ. ତୀର୍ଥ)—ତୀର୍ଥ; ପୁଣ୍ୟସ୍ଥାନ—
Tiritha — Place of pilgrimage.
তীর্থ, तीरथ

ତିରିପୁତ—ଗ୍ରା (ପଦ୍ୟ) ବିଣ (ସଂ. ତୃପ୍ତ)—ତୃପ୍ତ (ଦେଖ)
Tiriputa — Trupta (See)
তিরপিত, तिरपित
(ତିରୁପୁତ—ଅନ୍ୟରୂପ)

ତିରିପୁତି—ଗ୍ରା. ବି (ସଂ. ତୃପ୍ତି)—ତୃପ୍ତି (ଦେଖ)
Tiriputi — Trupti (See)
তিরপিতি, तिरपिती; तिपति
(ତିରୁପୁତି—ଅନ୍ୟରୂପ)

ତିରିଫଳା—ଗ୍ରା. ବି (ସଂ. ତ୍ରିଫଳା)—ତ୍ରିଫଳା (ଦେଖ)
Tiriphaḷā — Triphaḷā (See)
তিরফলা, तिरफला

ତିରିବ(ବେ)ଣୀ—ଗ୍ରା. ବି (ସଂ. ତ୍ରିବେଣୀ)—୧ । ତ୍ରିବେଣୀ (ଦେଖ)
Tiribi be)ṇi — 1. Tribeṇi (See)
তিরবেনী — ୨ । କହୁଣିଆଁ (ଦେଖ)
तिरबेनि — 2. Kahuniāṅ (See)
୩ । ଟିକାଠିଆ (ଦେଖ)—3. Tikāṭhiā (See)

ତିରିଭଙ୍ଗ—ଗ୍ରା (ପଦ୍ୟ) ବିଣ (ସଂ. ତ୍ରିଭଙ୍ଗ)—ତ୍ରିଭଙ୍ଗ (ଦେଖ)
Tiribhaṅga — Tribhaṅga (See)
ନବୀନ କଶୋର ଶୃଙ୍ଗ ଅନଙ୍ଗ ତରଙ୍ଗ ରଙ୍ଗ,
ଦେବ ପଦ୍ମେ ତିରିଭଙ୍ଗ କଦମ୍ବ ମୂଳେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ତିରିଭଙ୍ଗୀ—ଗ୍ରା. ବି (ସଂ. ତ୍ରିଭଙ୍ଗୀ)—ତ୍ରିଭଙ୍ଗୀ (ଦେଖ)—
Tiribhaṅgi — Tribhaṅgi (See)

ତିରିଲା—ଗ୍ରା. ବି (ସଂ. ସ୍ତ୍ରୀ)—୧ । ତିରି; ସ୍ତ୍ରୀ; ମାଇକିନିଆ—
Tirilā — Female
(ତିର୍ଲା—ଅନ୍ୟରୂପ) ତିରିଲା ହୋଇ ହୋଇ ଯେବେ ଯାଜ—
তিরী ଯାଜ ନ ହେଲା, ଧିକ୍ ତା ଜୀବନ ।
तिरिया ଫକୀରମୋହନ. ଛମାଣ ଅଠଗୁଣ୍ଠ ।
୨ । ଭାର୍ଯ୍ୟା—2. Wife
୩ । ସ୍ତ୍ରୀ ଜାତି—3. Woman folk.

ତିରିଶ(ଶି)—ଦେ. ବି (ସଂ ତ୍ରିଂଶତ୍; ପ୍ରା. ତୀସା)—୧ । ଦଶ ସଂଖ୍ୟାର
Tirisa (si) ତିନିଗୁଣିତ ସଂଖ୍ୟା; ୩୦ ସଂଖ୍ୟା—1. Number 30.
ত্রিশ — ୨ । ୩୦ ସଂଖ୍ୟାର ପୂରକ—2. Thirtieth.
तीस

ତିରିଶା—ଦେ. ବିଣ—୧ । ତିରିଶ ସଂଖ୍ୟା ସମ୍ବନ୍ଧୀୟ—
Tirisā — 1. Relating to thirty;
তিরিশা — consisting of 30.
तिशा — ୨ । ତିରିଶ ଦିନ ବିଶିଷ୍ଟ (ମାସ)—
2. (a month) Having 30 days.
(ଯଥା—ସେପ୍ଟେମ୍ବର, ଏପ୍ରେଲ୍, ଜୁନ୍ ଓ ନଭେମ୍ବର ମାସମାନ ତିରିଶା ଅଟନ୍ତି ।)

ତିରିଶା ଶହେ—ଦେ. ବି (ସଂ. ତ୍ରିଂଶୋତ୍ତର ଶତ)—୧୩୦ ସଂଖ୍ୟା—
Tirisā sahe — The number 130.
ଦେ. ବିଣ—୧୩୦ ସଂଖ୍ୟକ—Numbering 130.

ତିରିଶୂଳ—ଗ୍ରା. ବି (ସଂ. ତ୍ରିଶୂଳ)—ତ୍ରିଶୂଳ (ଦେଖ)
Tirisūḷa — Trisūḷa (See)

ତିରିହୁତ—ଦେ. ବି (ସଂ. ତୀରଭୁକ୍ତି)—ତ୍ରିହୁତ (ଦେଖ)
Tirihuta — Trihuta (See)
তিরিহুত, तिरहुत
(ତିରହୁତିଆ—ବିଣ)

ତିରୀଟ—ସଂ. ବି—ଲୋଧ୍ର; ଲୋଧ (ଗଛ) (ଦ୍ରବ୍ୟଗୁଣ)—
Tirīṭa — Symploços Racemosa (tree).

ତିରେ(ରୈ)—ଦେ. ଅ—ହାତୀର ମାହୁନ୍ତମାନେ ହାତୀକୁ ଗାଧୋଇବା
Tire (rai) ବେଳେ ପାଣିରେ ବା ଅନ୍ୟ ସମୟରେ ଏକ କଡ଼
ମାଡ଼ି ଭୂମିରେ ଶୋଇବା ପାଇଁ ବୋଲିବା ଶବ୍ଦ—
तिरै — A word uttered by the keeper of an elephant commanding him to lie down on the sides.

ତିରୋଦଶୀ—ଗ୍ରା. ବି—ତ୍ରୟୋଦଶୀ (ଦେଖ)
Tirodasī — Trayodesī (See)

ତିରୋଟ—ଦେ. ବି—ଅର୍ଥାଭାବ; ଅଭାବ—
Tiroṭa — Pecuniary want.
(ଯଥା—ମୋର ବର୍ତ୍ତମାନ ପଇସାପତ୍ରର ଭାରି ତିରୋଟ ।)
तङ्गी — ଦେ. ବିଣ—୧ । ନଅଣ୍ଟ; ନଅଣ୍ଟିଆ—
1. Insufficient.
୨ । ମହର୍ଗ—2. Dear (in price).
୩ । ଅଭାବଯୁକ୍ତ (ଅବସ୍ଥା, ସମୟ, ବ୍ୟକ୍ତି)—3. Needy.

ତିରୋଟିଆ—ଦେ. ବିଣ—୧ । ତିରୋଟ (ଦେଖ)
Tiroṭiā — 1. Tiroṭa (See).
୨ । (ସଂ. ତୀରଭୁକ୍ତିରୁ ହି. ତ୍ରିହୁତ ଓ ତିରହୁତ)—
ପୂର୍ବ ଭାରତର ଯେଉଁ ବ୍ରାହ୍ମଣମାନେ ଅନେକ ପୁରୁଷ

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଅ	ଉଅ	ଢ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଯ	ଇଅ	ଔ	ନ୍

ହେଲା ପୁରୀରୁ ଯାଇ ଦ୍ୱାରଭଙ୍ଗା (ବିହାର)ର ମହା ରାଜାଙ୍କ ଠାରୁ ଜମିବାଡ଼ି ପାଇ ସେଠାରେ ସପରିବାରରେ ବାସ କରୁଅଛନ୍ତି—
2. (Brahmans of Puri) Who have for generations settled in Darbhanga on grants of land given by former Maharajas.

ତିରୋଟିଆ କାଳ—ଦେ. ବି—ଅଭାବ ବା ମହର୍ଘର ସମୟ—
Tirotia kala A time of want or dearth.

ତିରୋଧାନ—ସଂ. ବି (ତିରସ୍=ଅପ୍ରକାଶ୍ୟ+ଧା ଧାତୁ+ଭାବ. ଅନ)—
Tirodhana ୧ । ଅଦର୍ଶନ—1. Disappearance.
୨ । ଅନ୍ତର୍ଧାନ—
2. Vanishing.
୩ । ଆଚ୍ଛାଦନ—3. Covering.
(ତିରୋହିତ—ବିଣ) ୪ । ଲୁଚିବା—4. Concealment.
୪ । (+କରଣ. ଅନ)—ଆଚ୍ଛାଦନ ବସ୍ତ୍ର—
4. Cloak.

ତିରୋଧାୟକ—ସଂ. ବିଣ. ପୁଂ (ତିରସ୍=ଅଦୃଶ୍ୟ+ଧା ଧାତୁ ଣିଚ୍+ କର୍ତ୍ତୃ. ଅକ)—୧ । ଯେ ଲୁଗ୍ଇଦିଏ—
Tirodhayaka
(ତିରୋଧାୟିକା—ସ୍ତ୍ରୀ) 1. Causing to disappear; concealing; hiding
୨ । ଯେ ଘୋଡ଼ାଇ ରଖେ—2. Covering.

ତିରୋଭାବ—ସଂ. ବି (ତିରସ୍+ଭୂ ଧାତୁ+ଭାବ. ଅ)—୧ । ଲୋପ—
Tirobhaba 1. Discontinuance; abolition.
(ତିରୋଭୂତ—ବିଣ) ୨ । ଅଦର୍ଶନ—2. Disappearance.
୩ । ଉଭେଇଯିବା; ଅନ୍ତର୍ଧାନ—
3. Vanishing away; vanishment.
୪ । ପ୍ରସ୍ଥାନ—4 Departure.
୫ । ଗୋପନ—5. Concealment.

ତିରୋଭୂତ—ସଂ. ବିଣ (ତିରସ୍+ଭୂ ଧାତୁ+କର୍ତ୍ତୃ. ତ)—୧ । ପ୍ରସ୍ଥିତ—
Tirobhuta 1. Departed.
୨ । ଲୁପ୍ତ—2. Vanished.
୩ । ଗୁପ୍ତ—3. Concealed.

ତିରୋହିତ—ସଂ. ବିଣ (ତିରସ୍+ଧା ଧାତୁ+କର୍ତ୍ତୃ. ତ)—୧ । ପ୍ରସ୍ଥିତ—
Tirohita 1. Departed.
୨ । ଲୁପ୍ତ—2. Vanished.
୩ । (+କର୍ମ. ତ) ଗୁପ୍ତ; ଲୁକ୍କାୟିତ—3. Hidden.
୪ । ଆଚ୍ଛାଦିତ—4. Covered over.

ତିର୍ଯ୍ୟକ୍—ସଂ. ବିଣ. ପୁଂ (ତିରସ୍=ବକ୍ର+ଅନ୍ଚ୍ ଧାତୁ=ଯିବା+କର୍ତ୍ତୃ. କ୍ୱିପ୍; ନିପାତନ)—୧ । ବକ୍ର; ବଙ୍କା; ତେରଛା;
Tirjyak
କୁଟିଳ—1. Crooked; awry; oblique.
[ଦ୍ର—ବସ୍ତୁର ତିର୍ଯ୍ୟକ୍ ଅବସ୍ଥା ଦୁଇ ପ୍ରକାର; ଯାହା ଲମ୍ବଭାବରେ ନ ରହି ତେରଛା ହୋଇଥାଏ ଯଥା, / ଏବଂ ଯାହା ବଙ୍କାବଙ୍କା ହୋଇଥାଏ ଯଥା〰]
୨ । ଧରାତଳ ସଙ୍ଗେ ସମାନ୍ତର—
2. Horizontal.
୩ । ବକ୍ରଗାମୀ—
3. Moving tortuously; going crookedly.
୪ । ଗଡ଼ାଣିଆ ବା ଢ଼ଳାଣିଆ; କ୍ରମନିମ୍ନ ବା କ୍ରମୋଚ୍ଚ—
4. Sliding; sloping.
ସଂ. ବି—ପଶୁ ପକ୍ଷୀ—Birds and beasts; the inferior beings.
[ଦ୍ର—ମନୁଷ୍ୟ ଛଡ଼ା ଅନ୍ୟ ଜୀବ, ଅର୍ଥାତ୍ ପଶୁ ପକ୍ଷୀ ଆଦିଙ୍କୁ ତିର୍ଯ୍ୟକ୍ ବୋଲାଯାଏ; କାରଣ ମନୁଷ୍ୟ ଠିଆ ହେଲାବେଳେ ମନୁଷ୍ୟର ଶରୀରର ବିସ୍ତାର ଧରାତଳ ସଙ୍ଗେ ସମକୋଣ ଉତ୍ପନ୍ନ କରେ ବା ମନୁଷ୍ୟ ଯଷ୍ଟିବତ୍ ଦଣ୍ଡାୟମାନ ହୁଏ; କିନ୍ତୁ ପଶୁ ପକ୍ଷୀ ଆଦିଙ୍କ ଶରୀରର ବିସ୍ତାର ଭୂମିରୁ ତିର୍ଯ୍ୟକ୍, ଅର୍ଥାତ୍ ତେରଛା ବା ସମାନ୍ତର ହୁଏ; ମନୁଷ୍ୟର ଆହାର ପେଟକୁ ସିଧାଭାବରେ ଯାଏ, କିନ୍ତୁ ପଶୁ ପକ୍ଷୀ ଆଦିଙ୍କ ଆହାର ସେମାନଙ୍କ ପେଟକୁ ତେରଛା ହୋଇ ଯାଏ; ଏମାନଙ୍କ କଣ୍ଠନାଳୀ ତେରଛା ଭାବରେ ଅବସ୍ଥିତ—ହି. ଶବ୍ଦସାଗର ।]

ତିର୍ଯ୍ୟକ୍‌ଜାତି—ସଂ. ବି (ବହୁବ୍ରୀହି; ତିର୍ଯ୍ୟକ୍+ଜାତି)—ମାନବେତର
Tirjyak-jati ଜୀବ; ପଶୁ ପକ୍ଷୀ ଆଦି ପ୍ରାଣୀ—
The inferior animals; birds and beasts etc.

ତିର୍ଯ୍ୟକ୍‌ଭେଦ—ସଂ. ବି—୨ଟି ଠିଆ ଉପରେ ପୃଥିବୀର ସମାନ୍ତରଭାବରେ
Tirjyak-bheda ସ୍ଥାପିତ ବସ୍ତୁର ମଝିରେ ଚାପ ପଡ଼ିଲେ ତାହା ଭାଙ୍ଗିଯିବା (ହି. ଶବ୍ଦସାଗର)—
Breaking in the middle of a thing laid parallel to the ground on two props.

ତିର୍ଯ୍ୟକ୍‌ସ୍ରୋତସ୍—ସଂ. ବିଣ (ବହୁବ୍ରୀହି; ତିର୍ଯ୍ୟକ୍+ସ୍ରୋତସ୍)—
Tirjyak-srotas ୧ । ଯେଉଁ ବସ୍ତୁର ବିସ୍ତାର ତେରଛା—
Spread in a curved manner.
୨ । ଯେଉଁ ଜୀବଙ୍କ ପେଟକୁ ଆହାର ତେରଛା ହୋଇକରି ଯାଏ; ମନୁଷ୍ୟେତର (ପ୍ରାଣୀ)—
2. (animals) Whose alimentary canal is oblique (viz, beasts and birds).
[ଦ୍ର—ପୁରାଣ ଅନୁସାରେ ଦ୍ୱିଖୁର, ଏକଖୁର, ପଞ୍ଚନଖ ପଶୁ, ଜଳଚର ଓ ଖେଚରମାନଙ୍କୁ ତିର୍ଯ୍ୟକ୍‌ସ୍ରୋତସ୍ ବୋଲାଯାଇଅଛି ।]

ତିର୍ଯ୍ୟକ୍‌ଯୋନି—ସଂ. ବି (ବହୁବ୍ରୀହି; ତିର୍ଯ୍ୟକ୍+ଯୋନି)—
Tirjyak-joni ତିର୍ଯ୍ୟକ୍‌ଜାତି (ଦେଖ)
Tirjyak-jati (See).

> ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତିର୍ଯ୍ୟକ—ଦେ. ବିଣ (ସଂ. ତିର୍ଯ୍ୟକ୍)—ବକ୍ର; ତେରଛା—
Tirjyaka oblique.

• ତିର୍ଯ୍ୟ ଅଥ ତିର୍ଯ୍ୟକ ଲୋକଙ୍କର ମତ—କୃଷ୍ଣସିଂହ. ମହାଭାରତ. ସଭା ।

ଦେ. ବି—ପଶୁ ପକ୍ଷୀ ଆଦି ଜୀବ—
Birds and beasts.

ଦେବ ତିର୍ଯ୍ୟକ ନର ଆଦି
ସମସ୍ତଙ୍କ ବୃକ୍ଷ ପ୍ରସିଦ୍ଧି—ଜଗନ୍ନାଥ ଭାଗବତ ।

ତିର୍ଯ୍ୟଗ୍‌ଗତି—ସଂ. ବି. (କର୍ମଧା; ତିର୍ଯ୍ୟକ୍+ଗତି)—
Tirjyag-gati ୧ । ବକ୍ରଗତି; ବଙ୍କା ବା ତେରଛା ଭାବରେ ଗମନ—
1. Oblique course.

୨ । କର୍ମବଶତଃ ପଶୁପକ୍ଷି ଯୋନିରେ ଜନ୍ମଗ୍ରହଣ—
2. Being born as a bird or beast (as a result of one's Karma or actions).

ସଂ. ବିଣ. (ବହୁବ୍ରୀହି)—ବକ୍ର ବା ତେରଛାଭାବରେ ଗମନ କରୁଥିବା—Moving obliquely.

ତିର୍ଯ୍ୟଗ୍‌ଗମନ—ସଂ. ବି ଓ ବିଣ—ତିର୍ଯ୍ୟଗ୍‌ଗତି (ଦେଖ)
Tijyag-gamana Tirjyag-gati (See)

ତିର୍ଯ୍ୟଗ୍‌ଦିକ୍—ସଂ. ବି. (କର୍ମଧା; ତିର୍ଯ୍ୟକ୍+ଦିଶ୍; ୧ମା. ୧ବ)—
Tirjyag-dik ଉତ୍ତରଦିଗ (ହି. ଶବ୍ଦସାଗର)—The North.

ତିର୍ଯ୍ୟଗ୍‌ଜ୍ଞାନ୍—ସଂ. ବି. (ବହୁବ୍ରୀହି; ତିର୍ଯ୍ୟକ+ଯାନ=ଗତି; ଯାହାର
Tirjyag-jñan ଗତି ତେରଛା)—କଙ୍କଡ଼ା (ହି. ଶବ୍ଦସାଗର)—
Crab.

ତିର୍ଯ୍ୟଗ—ଦେ. ବିଣ. (ସଂ. ତିର୍ଯ୍ୟକ୍)—ବକ୍ର; ତେରଛା—
Tirjyaga Crooked; awry.

କେ ଗୁଲଲେ ସର୍ଧାରେ ତିର୍ଯ୍ୟଗ ହୋଇ
କର୍ଣ୍ଣ ମନରେ କି ପଢ଼ଣ ମଣାଇ । —ଗୋପକୃଷ୍ଣ. ରସକଲ୍ଲୋଳ ।

ତିର୍ଯ୍ୟଙ୍—ସଂ. ବି ଓ ବିଣ—ତିର୍ଯ୍ୟକ୍ (ଦେଖ)
Tirjyaṅ Tirjyak (See)
(ତିର୍ଯ୍ୟର; ତିର୍ଯ୍ୟର ; ତିର୍ଯ୍ୟଞ୍ଚ—ଅନ୍ୟରୂପ)

ତିର୍ଯ୍ୟଞ୍ଚ—ସଂ. ବି ଓ ବିଣ—ତିର୍ଯ୍ୟକ୍ (ଦେଖ)
Tirjyañcha Tirjyak (See)
(ତିର୍ଯ୍ୟଞ୍ଚୀ—ସ୍ତ୍ରୀ)

ତିର୍ଲା—ଗ୍ରା. ବି. ସ୍ତ୍ରୀ. (ସଂ. ସ୍ତ୍ରୀ)—ତିରିଲା (ଦେଖ)
Tirlā Tirilā (See)

ତିର୍ଲୀ—ପ୍ରାଦେ. (ସମ୍ବଲପୁର) ବି. ସ୍ତ୍ରୀ—ସ୍ତ୍ରୀଲୋକ—
Tirli Woman.

ତିର୍ଲୋକ—ଗ୍ରା. ବି. (ସଂ. ତ୍ରିଲୋକ)—ତ୍ରିଲୋକ (ଦେଖ)
Tirloka Triloka (See)
ତିରଲୋକ तिलोक

ତିଲ୍ (ଧାତୁ)—ସଂ.—ସ୍ନେହ ବା ତୈଳଯୁକ୍ତ ହେବା—
Til (root) To be oily; to abound in oil.

ତିଲ୍—ପ୍ରାଦେ. (ସମ୍ବଲପୁର) ବି.—ତିଳ (ଦେଖ)
Til Tila (See)

ତିଳ—ସଂ. ବି. (ତିଲ୍ ଧାତୁ+କର୍ତ୍ତୃ. ଅ)—ରାଶି; ଖସା; କୃଷିଜାତ
Tila ବର୍ଷଜୀବୀ ଗୁଳ୍ମ ଓ ତହିଁର ଛୁଇଁରୁ ବାହାରିବା ତୈଳପ୍ରଦ

ସଂ. ନାମ—ତିଲ, ପୈତୃ, ସ୍ନେହଗର୍ଭ, ପବିତ୍ର, ଜଟିଲ, ସ୍ନେହଫଳ, ତୈଳଫଳ, ହେମଧାନ୍ୟ, ପିତୃତର୍ପଣ, ପାପଘ୍ନ, ପୂତଧାନ୍ୟ, ବନୋଦ୍ଭବ
ଗୁଜ୍. ମ. ତିଲ
ତେ. ନୋବ୍ବୁଲୁ
ତା. ବାଲ୍ଲେନେର
ଦ୍ରା. ବାଲ୍ଲକତିଲ
ଫା. କୁଞ୍ଜଦ୍
ଆ. ସିମ୍ ସିମ୍
ତିଲ
तिल

ବୀଜବିଶେଷ—1. Sesamum Indicum; Gingelly; Indian sesame.

[ଦ୍ର—ରାଶି ୩ ପ୍ରକାର, ଯଥା—କଳା, ଧଳା ଓ ନାଲି ରାଶି । କୃଷି ସମୟଭେଦରେ ଏହା ୨ ପ୍ରକାର—ମାଘୀ ରାଶି ଓ ଭୋଦେଇ ରାଶି ।
ରାଶି ବା ତିଳରୁ ବାହାରିବାରୁ ତୈଳ ନାମ ହୋଇଅଛି । ତିଳରୁ ବାହାରିବା ତୈଳ ଶବ୍ଦ ଅନ୍ୟ ସମସ୍ତ ସ୍ନେହ ପଦାର୍ଥ ପାଇଁ ବ୍ୟବହୃତ ହେଉଅଛି । ତିଳରେ ଗୁଡ଼ ବା ଚିନି ମିଶାଇ ଲଡ଼ୁ କରାଯାଏ ଓ ଖଜାଉପରେ ଏହା ବୁଣାଯାଏ । ହିନ୍ଦୁଶାସ୍ତ୍ର ମତରେ ତିଳ ପବିତ୍ର ଅଟେ । ଶ୍ରାଦ୍ଧ ଓ ତର୍ପଣାଦିରେ ଏବଂ ଦାନରେ ଏହା ବ୍ୟବହୃତ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା କଟୁତିକ୍ତ କଷାୟ ମଧୁର ରସ, ଗୁରୁ, •କଟୁ ଓ ମଧୁର ବିପାକ, ସ୍ନିଗ୍ଧ, ଉଷ୍ଣବୀର୍ଯ୍ୟ, କଫ ପିତ୍ତନାଶକ, ବଳକର, କେଶ୍ୟ, ଶୀତଳସ୍ପର୍ଶ, ଚର୍ମର ହିତକର, ସ୍ତନ୍ୟବର୍ଦ୍ଧକ, ବ୍ରଣର ହିତକର, ଦନ୍ତର ଦୃଢ଼ତା ସମ୍ପାଦକ, ଅଳ୍ପ ମୂତ୍ରକାରୀ, ମଳସଂଗ୍ରାହକ, ବାତଘ୍ନ, ଅଗ୍ନିକର ଓ ବୁଦ୍ଧିପ୍ରଦ । କୃଷ୍ଣ ତିଳ ଶୁକ୍ରକର । କୃଷ୍ଣ ତିଳ ଶ୍ରେଷ୍ଠ, ଶୁକ୍ଳ ତିଳ ମଧ୍ୟମ, ଓ ରକ୍ତ ତିଳ ଅଳ୍ପ ଗୁଣଯୁକ୍ତ । ତିଳପୁଷ୍ପ ଧଳା ଓ ବକ୍ରାଗ୍ର । କବିମାନେ ସ୍ତ୍ରୀମାନଙ୍କ ନାସିକାକୁ ତିଳଫୁଲ ସଙ୍ଗେ ତୁଳନା କରନ୍ତି; ତିଳତୈଳର ଗନ୍ଧ କଡ଼ା ନୁହେଁ ଏବଂ ଅନ୍ୟ ବସ୍ତୁମାନଙ୍କ ଗନ୍ଧ ଗ୍ରହଣ କରିବା ଶକ୍ତି ଏ ତୈଳର ଥିବାରୁ ତିଳ ତୈଳଦ୍ୱାରା ଅନେକ ପ୍ରକାର ସୁବାସିତ ଓ ଫୁଲର ତେଲ ପ୍ରସ୍ତୁତ କରାଯାଏ । ମୁସଲମାନଙ୍କର ବିବାହ ପରେ ବର କନ୍ୟାଠାରୁ ବିଦାୟ ହେଲାବେଳେ କନ୍ୟା ହାତରେ ରଖା ଯାଇଥିବା ତିଳକୁ ବର ଖୁଣ୍ଟିଦିଏ; ଏଥିର ଅଭିପ୍ରାୟ ଏହିକି ବର କନ୍ୟାକୁ ସର୍ବଦା ମଧୁର ଦୃଷ୍ଟିରେ ଦେଖିବେ । ଉଦ୍ଭିଦତତ୍ତ୍ୱବିତ୍‌ମାନେ କହନ୍ତି ଯେ ବହୁ ପ୍ରାଚୀନକାଳରୁ ତିଳ ଆଫ୍ରିକାରୁ ଭାରତକୁ ଆସିଅଛି । ଆଫ୍ରିକାରେ ୮।୧୦ ଜାତିର ତିଳ ଜଙ୍ଗଲୀ ହୋଇ ଗଛ ଉଠେ । ହିନ୍ଦୁମାନେ ଅନ୍ୟ ତୈଳବୀଜର ବ୍ୟବହାର ନ ଜାଣିବା ପୂର୍ବରୁ ତିଳ ଭାରତକୁ ଆସିଛି । ଅଥର୍ବ ବେଦରେ ତିଳ ଓ ଧାନଦ୍ୱାରା ତର୍ପଣ କରିବା କଥା ଲେଖା ଅଛି । ବହୁ ଅଧିକ ପରିମାଣରେ ତିଳତେଲ ପିଇଲେ ଝାଡ଼ା ସଫା ହୁଏ—ହି. ଶବ୍ଦସାଗର ।]

୧	ଽ	ଋ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ଼	ଉଅ	ଋ
୨	ଈ	ଊ	ଋୂ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ୍ୟ	ଇଅ	ଔ	ନୃ

୨ । ଦେହରେ ଖସା ପରି କୃଷ୍ଣ ଦାଗ; କଳା ଜାଇ—
2. A mole on the body; a freckle; Naevus; mother's mark; stigmata; Note-infantum.

[ଦ୍ର—ସାମୁଦ୍ରିକ ମତରେ ଯେଉଁ ପୁରୁଷର ଡାହାଣ ଅଙ୍ଗରେ ଓ ଯେଉଁ ସ୍ତ୍ରୀର ବାମ ଅଙ୍ଗରେ ତିଳ ଥାଏ ସେ ସୁଖୀ, ଧନୀ, ଲୋକପ୍ରିୟ ଓ ସ୍ନେହୀ ହୁଏ; କରତଳରେ ତିଳଚିହ୍ନ ସୌଭାଗ୍ୟସୂଚକ ।]

୩ । କଣା ମାତ୍ର; ଅତ୍ୟଳ୍ପ; ଅତି ସାମାନ୍ୟ ପରିମାଣ—
3. A very small quantity; a little.

୪ । ଖସାପରିମିତ ସ୍ଥାନ—4. A very little space.

୫ । ସୂକ୍ଷ୍ମ କାଳାଂଶ—5. A moment.

୬ । ଏକ କଡ଼ା କଉଡ଼ିର ୮୦ ଭାଗରୁ ଏକଭାଗ—
6. One eightieth part of a cowrie-money.

୭ । ଆଖିର କଳା ଡୋଳାର ଭିତରେ କେନ୍ଦ୍ରରେ ଥିବା ଅତି କ୍ଷୁଦ୍ର ଦର୍ପଣବତ୍ ବସ୍ତୁ, ଯହିଁରେ ଆଖି ସାମନାରେ ଥିବା ପଦାର୍ଥର କ୍ଷୁଦ୍ର ପ୍ରତିବିମ୍ବ ପଡ଼େ (ହି. ଶବ୍ଦସାଗର)—
7. The crystalline bit inside the pupil of the eye.

ଦେ. ବି—ବତକ; ହଂସଜାତୀୟ କ୍ଷୁଦ୍ର ଜଳଚର ପକ୍ଷିବିଶେଷ—
A kind of aquatic bird; the teal.

ତିଲକ୍— ଦେ. ବି—ମରହଟ୍ଟା ବ୍ରାହ୍ମଣମାନଙ୍କର ବଂଶୋପାଧିବିଶେଷ—
Ti̱lak A family-title of the Marhatta Brahmans.
(ତିଲକ୍-ଅନ୍ୟରୂପ) (ଯଥା—ବାଲଗଙ୍ଗାଧର ତିଲକ୍ ।)

ତିଲ(ଳ)କ—ସଂ. ବି. (ତିଳ+ସଞ୍ଜ୍ଞାର୍ଥେ. କ)—
Ti̱la(la)ka ୧ । ଲଲାଟରେ ଦିଆଯିବା ଚନ୍ଦନ ଆଦିର ଚିହ୍ନ; ଚିତା; ଟୋପା—1. Sectarian marks of sandal and other pastes painted on the forehead and other parts of the body of a Hindu.

[ଦ୍ର—ହିନ୍ଦୁମାନେ ସ୍ନାନ କରି ସାରି ପୂଜା କରିବା ପୂର୍ବରୁ ଚନ୍ଦନ, ଗୋରୋଚନା, ତିଳକ ମାଟି ଆଦି ଯୋଗେ ତିଳକ ଦେଇଥାନ୍ତି । ଦେହରେ ବାର ସ୍ଥାନରେ ତିଳକ ଦେବାର ବିଧି ଅଛି, ଯଥା— ଲଲାଟ, ମସ୍ତକ, ଦୁଇ କାନ, କଣ୍ଠ, ଦୁଇ ବାହୁ, ବକ୍ଷ, ଦୁଇ ପାର୍ଶ୍ୱ, ପୃଷ୍ଠ ଓ ନାଭି ।

ବ୍ରାହ୍ମଣ ଓ ବୈଷ୍ଣବମାନେ ଊର୍ଦ୍ଧ୍ୱପୁଣ୍ଡ୍ର (ଶଗଡ଼ଦଣ୍ଡା ପରି ୨ଟି ଊର୍ଦ୍ଧ୍ୱ ରେଖା), କ୍ଷତ୍ରିୟ, ଶାକ୍ତ ଓ ଶୈବମାନେ ତ୍ରିପୁଣ୍ଡ୍ର (ତ୍ରିଶୂଳ ପରି ୩ଟି ଆଡ଼ରେଖା), ବୈଶ୍ୟଙ୍କର ଅର୍ଦ୍ଧଚନ୍ଦ୍ରାକାର ଏବଂ ଶୂଦ୍ରଙ୍କର ବର୍ତ୍ତୁଳାକାର ଟୋପା ଚିତା ଦେବାର ବିଧି ଅଛି । ତିଳକ ଦେଖି ତିଳକଧାରୀ ବ୍ୟକ୍ତିର ଜାତି ଓ ସମ୍ପ୍ରଦାୟ ସ୍ଥିର କରାଯାଇ ପାରେ ।]

୨ । ଦେହରେ ଥିବା ଖସା ପରି ଚିହ୍ନ—
2. A mole on the body.

୩ । ଗନ୍ଧ ତୁଳସୀ; ଦୁଲଗ୍ରୀ ଗଛ—
3. Theosimum Basilicum.

୪ । ମୂତ୍ରାଶୟ—4. Kidney; the bladder.

୫ । ଖସା ଗୁଳ୍ମ—
5. The sesamum plant.

୬ । ଦେହରେ ତିଳ ଚିହ୍ନ ଥିବା ଅଶ୍ୱବିଶେଷ—
6. A kind of horse with freckles on the body.

୭ । ଯୋଗ୍ ଲୋକ କପାଳ ଆଦିରେ ଦେଇବା ନିମନ୍ତେ ବ୍ୟବହୃତ ଏକପ୍ରକାର ମାଟି; ତିଳକ ମାଟି—
7. A kind of coloured earth for making marks on the body.

୮ । ଲୋଧ୍ର (ବୃକ୍ଷ)—
8. Simplocus Racemosa tree.

୯ । (ରାଜ୍ୟାଭିଷେକ କାଳରେ ରାଜାଙ୍କ କପାଳରେ ତିଳକ ଦିଆ ଯାଉଥିବାରୁ) ରାଜ୍ୟାଭିଷେକ—
9. Installation ceremony of a king.

୧୦ । (କନ୍ୟା ପକ୍ଷର ଲୋକେ ବରର ମୁଣ୍ଡରେ ତିଳକ ଅଙ୍କିତ କରିଥିବାରୁ) କ୍ଷତ୍ରିୟମାନଙ୍କ ମଧ୍ୟରେ ବିବାହ ପୂର୍ବରୁ ମହାପ୍ରସାଦ ନିର୍ବନ୍ଧ—10. Ceremonial betrothal before marriage.

୧୧ । ସ୍ତ୍ରୀମାନଙ୍କ କପାଳରେ ପିନ୍ଧିବାର ଅଳଙ୍କାରବିଶେଷ; ମଥାମଣି ବା ଟୀକା—11. An ornament worn on the brow by females.

୧୨ । ଶିରୋମଣି ବା ଶ୍ରେଷ୍ଠ ବ୍ୟକ୍ତି—
12. Chief or best person.

୧୩ । ମରୁବକ; ମରୁଆ (ଦେଖ)
13. Maruā (See)

୧୪ । ପ୍ଲୀହା (ହି. ଶବ୍ଦସାଗର)—14. Spleen.

୧୫ । ସୌବର୍ଚ୍ଚଳ ଲବଣ—15. Name of a salt.

୧୬ । କୌଣସି ଗ୍ରନ୍ଥର ଅର୍ଥସୂଚକ ବ୍ୟାଖ୍ୟା; ଟୀକା—
16. Annotation of a work.

୧୭ । ପୁନ୍ନାଗଜାତୀୟ ବୃକ୍ଷବିଶେଷ—
17. Name of a tree.

[ଦ୍ର—ଏଥିରେ ବସନ୍ତ କାଳରେ ଛୋଟ ଆକାରର ଫୁଲ ଧରେ, ଶୋଭା ପାଇଁ ଲୋକେ ଏ ଗଛକୁ ବଗିଚାରେ ଲଗାନ୍ତି । ଏହାର କାଠ ଓ ଛାଲ ଔଷଧରେ ଲାଗେ—ହି. ଶବ୍ଦସାଗର । ରଘୁବଂଶ (୯।୪୧) ଓ ମହାଭାରତ (୩।୫) ରେ ଏ ଗଛର ଉଲ୍ଲେଖ ଅଛି । ସଂ. ପର୍ଯ୍ୟାୟ—ତିଳକ, କ୍ଷୁରକ, ଶ୍ରୀମାନ୍,

'ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପୂର୍ବ ବା ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଇଁ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୀ' ନ ପାଇଲେ 'ଅଙ୍କି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

ସ୍ତମ୍ଭକ, ଛର୍ଦ୍ଦପୁଷ୍ଟକ । ଏହା କଫ, କୁଷ୍ଠ, କ୍ରିମି ଓ ବସ୍ତିଗତ, ମୁଖଗତ ଓ ଦନ୍ତଗତ ରୋଗର ନାଶକ ।]

୧୮ । ଯମକଯୁକ୍ତ ରଚନା—
18. Alliteration (Apte).

୧୯ । ଗୀତର ଧ୍ରୁବକ ବା ଘୋଷା—
19. The burden of a song (Apte).

୨୦ । ଫୁସ୍‌ଫୁସ୍—20. The lungs (Apte).

୨୧ । ଚର୍ମରେ ଫୁଲା ନଥାଇ କଳା ଦାଗ ପଡ଼ିବା ରୋଗବିଶେଷ—
21. A kind of disease; the appearance of black spots on the skin without any inflammation (Apte).

୨୨ । ମୁଞ୍ଜ ତୃଣର ଫୁଲ (ବ୍ର. ଶବ୍ଦସାଗର)—
22. The bunch of flowers of the 'Muñja grass.

ସଂ. ବିଣ – ଶ୍ରେଷ୍ଠ; ପ୍ରଧାନ—Chief.
[ଦ୍ର—ଏହି ଅର୍ଥରେ ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ; ଯଥା—ରଘୁକୁଳତିଳକ ।]

ଦେ. ବି—୧ । (ସଂ ତିଳ) ରାଶି; ଖସା—
1. Sesamum.

ଭୂଇଁରେ ଶଗଡ଼ ତିଳକ ତିଳକ ସମ କରି ନୋହେ ପାରେ—
ଭକ୍ତ. ବୈଦେହୀଶବିଳାସ ।

୨ । ମୁହୂର୍ତ୍ତି କାଳ—2. A moment.

ଏହା ସମସ୍ତ ହୁଏ ଗୁଣି ତିଳକ
ଗଲେ ତ ନ ଦେଖିବ ଗୁଣିତିଳକ—ଭକ୍ତ. ପ୍ରେମସୁଧାନିଧି

ତିଳ(ଲ)କ କାଟିବା – ଦେ. କ୍ରି—୧ । ସ୍ନାନ ସାରି ଦେହରେ ତିଳକର ଚିତା ଅଙ୍କିତ କରିବା—1. To draw marks on the body with coloured pastes.
Tila la)ka kāṭibā
तिलक लगाना
ତିଳକ ଦେଇବା
ତିଳକ ଦେଇବା } ଅନ୍ୟରୂପ
ତିଳ(ଲ)କ ନାଇବା
ତିଳକ ଲଗା(ଗେ)ଇବା
୨ । (ଲୁଲ. ଚିତା କାଟିବା) (ଲକ୍ଷଣାର୍ଥ) ପ୍ରବଞ୍ଚନା କରିବା—
2. (fig.)To deceive; to cheat.
(ଦ୍ର—ସମ୍ଭବତଃ ତିଳକ କାଟିବା ବ୍ୟକ୍ତିମାନେ ଭଣ୍ଡତପସ୍ୱୀ ହୋଇ ଲୋକଙ୍କୁ ଠକାଇବା ଘଟନା ବିରଳ ନ ଥିବାରୁ ତିଳକ କାଟିବା ଓ ଚିତା କାଟିବାର ଏହି ଅର୍ଥ ହୋଇଅଛି ।)

ତିଳ(ଲ)କ କାମୋଦୀ—ସଂ. ବି—ସଙ୍ଗୀତର ମିଶ୍ର ରାଗିଣୀବିଶେଷ—
Tila(la)ka kāmodi Name of a mixed tune in Hindu music.
[ଦ୍ର—ଏହା ରାତ୍ରିର ୨ୟ ପ୍ରହରରେ ଗେୟ । ଏହା ସପ୍ତସ୍ୱର, କିନ୍ତୁ ଏଥିରେ ଏକ କୋମଳସ୍ୱର ଅଧିକ—ଯୋଗେଶଚନ୍ଦ୍ର ।]

ତିଳ(ଲ)କଟ—ସଂ. ବି—ତିଳଚୂର୍ଣ୍ଣ (ବ୍ର. ଶବ୍ଦସାଗର)—
Tila(la)kaṭa Powdered sesamum.
(ତିଳକଲ୍କ—ଅନ୍ୟରୂପ)

ତିଳ(ଲ)କ ଧାରୀ— ସଂ. ବିଣ. ପୁଂ—ଯେ ତିଳକରେ ଚିତା ଦେଇଥାଏ—
Tila(la)ka dhāri One having marks of Tilaka on the body.
(ତିଳକଧାରିଣୀ—ସ୍ତ୍ରୀ)

ତିଳ(ଲ)କ ପାଟି—ଦେ. ବି— କପାଳରେ ଅର୍ଦ୍ଧଚନ୍ଦ୍ରାକୃତି ତିଳକ ରେଖା—
Tila(la)ka pāṭi Painting done on the forehead from ear to ear.
তিলক পাটি

ତିଳ(ଲ)କ ପେଡ଼ି—ଦେ. ବି—ଯେଉଁ ଆଧାର ବା ପାତ୍ରରେ ତିଳକ କାଟିବାର ସରଞ୍ଜାମ ରଖାଯାଏ—
Tila(la)ka perdi A pouch for keeping the materials for painting with Tilaka.
তিলক পেঁড়ী
तिलक का पेड़ा
(ତିଳକ କୋଥଳି, ତିଳକମୁଣୀ—ଅନ୍ୟରୂପ)

ତିଳ(ଲ)କ ମାଟି—ଦେ. ବି. (ସଂ. ତିଳକ ଓ ମୃତ୍ତିକା)—
Tila la)ka māṭi ଯେଉଁ ରଙ୍ଗୀନ୍ ଚିକ୍କଣିଆ ମାଟିରୁ ଗୋଳି ତିଳକ ଦିଆ ଯାଏ—Coloured earth used in painting the forehead etc.
ତିଳକ ମାଟି } ଅନ୍ୟରୂପ
ତିଲକ ମାଟି
তিলক মাটি
[ଦ୍ର—ଗଙ୍ଗା ନଦୀର କୂଳ ଓ ବୃନ୍ଦାବନ, ପୁରୁଷୋତ୍ତମ ଆଦି ତୀର୍ଥସ୍ଥାନର ନାନା ବର୍ଣ୍ଣର ମାଟିରୁ ବଳ ତିଳକ କରିବା ନିମନ୍ତେ ରଖାଯାଏ ।]

ତିଳ(ଲ କ ମାଟିଆ—ଦେ. ବି—ତିଳକ ଚିତା ଦେଇଥିବା ନାମମାତ୍ର ବୈଷ୍ଣବଙ୍କର ସମ୍ପ୍ରଦାୟ ବିଶେଷ—
Tila(la)ka māṭiā A class of nominal Baishnabas found in towns and places of pilgrimage.
(ତିଳକ ମାଟିଆ—ଅନ୍ୟରୂପ)
তিলক মাটিআ
[ଦ୍ର—ସହର ଓ ତୀର୍ଥ ସ୍ଥାନମାନଙ୍କରେ ମୃତ ବ୍ୟକ୍ତିର ଶବ ଉଠାଇବାକୁ ଲୋକଙ୍କୁ କେହି ନ ଥିଲେ ଏମାନେ ଶବକୁ ନେଇ ସତ୍କାର କରନ୍ତି ।]

ତିଳ(ଲ)କ ସେବା—ଦେ. ଅ—ସ୍ନାନ କରି ସାରି ତିଳକ ଧାରଣ ଓ ଦେବତାଙ୍କର ପାଦୁକ ଆଦି ସେବା କରିବା କାର୍ଯ୍ୟ—The act of painting the forehead with Tilaka and taking particles of Pādodaka of Deities after bath (in the case of the Hindus.)
Tila la)ka sebā
তিলক সেবা
तलक सेवा

ତିଳ(ଲ)କା—ସଂ. ବି. (ତିଳକ+ଅ)—
Tila(la)kā
୧ । କଣ୍ଠର ହାରବିଶେଷ—
1. A kind of necklace.
୨ । ଏକ ବର୍ଣ୍ଣବୃତ୍ତ—
2. Name of a Sanskrit metre.

ତିଳ କାଞ୍ଚନ—ସଂ. ବି. (ଦ୍ୱନ୍ଦ୍ୱ; ତିଳ+କାଞ୍ଚନ)—
Tila kāñchana ଶାସ୍ତ୍ରବିଧି ଅନୁସାରେ ଶ୍ରାଦ୍ଧ ଅନୁଷ୍ଠାନ ଉପଲକ୍ଷେ ପ୍ରାୟଶ୍ଚିତ୍ତାର୍ଥ ବ୍ରାହ୍ମଣଙ୍କୁ ଦାନ କରାଯିବା

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଘ
୨	ଈ	ଊ	ରୂ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଚ	ନ୍

କିଛି ତିଳ ଓ ଖଣ୍ଡେ ସୁନା—A bit of gold and a quantity of sesamum seeds given away to Brahmins for expiation of sins during a Śrāddha or other ceremony.

ତିଳକାଧାର—ସଂ. ବି. (୬ଷ୍ଠୀ ତତ୍; ତିଳକ+ଆଧାର)—
Tiḻakādhāra ତିଳକ ପେଡ଼ି; ତିଳକ କାଟିବାର ଉପକରଣ ରଖିବାର ଝୋଥଲି—A pouch for storing the materials required for painting Tiḻaka.

ତିଳକାଳକ—ସଂ. ବି. [ତିଳ (ତୁଲ୍ୟ)+କାଳ=କୃଷ୍ଣ ବର୍ଣ୍ଣ)+କ]—
Tiḻakāḻaka ୧ । ଦେହର ଖସା ଚିହ୍ନ; କଳାଜାଇ—1. A mole on the body.
୨ । ଯେଉଁ ବ୍ୟକ୍ତିର ଦେହରେ ଖସା ଚିହ୍ନ ଥାଏ—2. A person having mole-marks on the body.
୩ । (ବହୁବ୍ରୀହି; ତିଳକ ଅଛି ଅଳକରେ—ଚୂର୍ଣ୍ଣ କୁନ୍ତଳରେ ଯାହାର)—ଯେଉଁ ବ୍ୟକ୍ତି ଅଳକାପାଟିରେ ଅର୍ଥାତ୍ କପାଳ ଉପରେ ଆକର୍ଣ୍ଣ ବିସ୍ତାର୍ଣ୍ଣ ତିଳକର ରେଖା କାଟି ଥାଏ—2. A person who paints the whole length of his forehead (from ear to ear) with Tiḻaka.
୪ । କପାଳରେ ଟାଣିବା ତିଳକ ଫାଟ—4. Painting done on the brow from ear to ear.
୫ । ସୁଶ୍ରୁତ ଅନୁସାରେ ଏକ ବ୍ୟାଧି, ଯହିଁରେ ପୁରୁଷର ଇନ୍ଦ୍ରିୟ ପାଚି ଯାଏ ଓ ତହିଁ ଉପରେ କଳାକଳା ଦାଗମାନ ପଡ଼ି ଯାଏ (ଦ୍ର. ଶବ୍ଦସାଗର)—5. A disease in which the male organ is suppurated and freckled with black spots.

ତିଳକାଶ୍ରୟ—ସଂ. ବି. (୬ଷ୍ଠୀ ତତ୍; ତିଳକ+ଆଶ୍ରୟ)—
Tiḻakāśraya ୧ । ତିଳକାଧାର; ତିଳକ ପେଡ଼ି—1. A pouch for Tiḻaka requisites.
୨ । (ବହୁବ୍ରୀହି) ଲଲାଟ ଦେଶ—2. The brow or forehead (where Tiḻaka is painted).

ତିଳ କିଟ୍ଟ—ସଂ. ବି. (୬ଷ୍ଠୀ ତତ୍; ତିଳ+କିଟ୍ଟ=ପିଡ଼ିଆ)—
Tiḻa kiṭṭa ରାଶି ପିଡ଼ିଆ—The cakes of sesamum left after oil is pressed from it.

ତିଳକୀ—ସଂ. ବିଣ. ପୁଂ. (ତିଳକ+ଅସ୍ତି ଅର୍ଥରେ ଇନ୍ ୧ମା. ୧ବ.)—
Tiḻakī ତିଳକଧାରୀ—Wearing marks of Tiḻaka on the body.
(ତିଳକିନୀ—ସ୍ତ୍ରୀ)

ତିଳକୁଟ—ସଂ. ବି. (?)—
Tiḻakuṭa ଖସା ଲଡ଼ୁ; ରାଶି ଛେଚା ହୋଇ ଗୁଡ଼ରେ ପାଗ ହୋଇ ତିଆର ହୋଇଥିବା ପିଠେଇ—Sweetmeat composed of pounded sesamum mixed with sugar.

ତିଳକୁ ତାଳ କରିବା—ଦେ. କ୍ରି—ଅତି ସାମାନ୍ୟ କଥାକୁ ବଡ଼ କରିବା;
Tiḻaku tāḻa karibā ସାମାନ୍ୟ ବିଷୟରେ ବିଶେଷ ଆନ୍ଦୋଳନ
তিলকে তাল করা ଉଠାଇବା—To make a mountain of a molehill; to magnify a small or insignificant matter.

ତିଳକେ—ଦେ. କ୍ରି. ବିଣ—ସାମାନ୍ୟରେ; ତିଳେ ମାତ୍ର—
Tiḻake In the least; a bit; slightly.
একতিল, তিলমাত্র
ତୁଳା ତିଳକେ କି ଲୋକେ ନାହିଁ ସର ।
ବିଦଗ୍ଧ. କବିତା ।

ତିଳ(ଲ)ଖ—ଦେ. ବି. (ସଂ. ତିଳକ)—
Tiḻa la)kha ୧ । ତିଳକ ମାଟି—1. Coloured earth
তিলক used in painting the body.
तिलक ୨ । ତିଳକ ଚିହ୍ନ—2. Marks made on the body with Tiḻaka earth.
୩ । ସ୍ନାନ ପରେ ତିଳକ ସେବିବା କ୍ରିୟା—
3. The operation of painting Tiḻaka on the body after bath.

ତିଳ(ଳା) ଖଜା—ଦେ. ବି.—ମିଷ୍ଟାନ୍ନବିଶେଷ—
Tiḻa(ḻā) khajā A kind of sweetmeat.
তিলেখাজা [ଦ୍ର—ଏହା ଉପରେ ତିଳମଞ୍ଜି ଲିପା ହୋଇଥାଏ ।
तिलगनी, तिलवा ମକର ସଂକ୍ରାନ୍ତି ଉତ୍ସବରେ ଏହି ପ୍ରକାର ଖଜା ତିଆର ହୋଇ ଗୁଡ଼ିଆ ଦୋକାନମାନଙ୍କରେ ବିକ୍ରି ହୁଏ ।]

ତିଲଟ—ଦେ. ବି. (ଜାହାଜିଆ ଶବ୍ଦ)—ନୌକାର ଅର୍ଦ୍ଧଚନ୍ଦ୍ରାକାର ଅର୍ଗଳ
Tilaṭa (ଯାହା ଉପରେ ଆହୁଲାର ମଧ୍ୟଭାଗ ରଖାଯାଇ ଆହୁଲା ଘୂରାଇ ହୁଏ ।)—(nautical term) A crescent-shaped hook on which the oar turns while being plied.

ତିଳ ତଣ୍ଡୁଳ—ସଂ. ବି. (ଦ୍ୱନ୍ଦ୍ୱ; ତିଳ+ତଣ୍ଡୁଳ)—୧ । ବ୍ରାହ୍ମଣଙ୍କୁ
Tiḻa taṇḍuḻa ଦାନ କରାଯିବା କିମ୍ବା ତର୍ପଣ ସମୟରେ
(ତିଳତଣ୍ଡୁଳକ—ଅନ୍ୟରୂପ) ବ୍ୟବହୃତ ରାଶିମିଶା ଚାଉଳ—
1. Rice mixed with grains of sesamum (given away to Brahmans or used while offering oblations to the manes).
୨ । ଗାଢ଼ାଲିଙ୍ଗନ—2. Close embrace.

ତିଳ ତଣ୍ଡୁଳିତ—ଦେ. ବିଣ. (ତିଳ+ତଣ୍ଡୁଳ+ଯୁକ୍ତାର୍ଥରେ ଇତ)—
Tiḻa taṇḍuḻita କଳା ଧଳା ରଙ୍ଗରେ ଚିତ୍ରବିଚିତ୍ର—Chequered.

ତରୁତଳେ ଅନ୍ଧକାରେ ହୋଇଥିଲା
ଜ୍ୟୋତ୍ସ୍ନା ତିଳତଣ୍ଡୁଳିତ । ରାଧାନାଥ. ଯଯାତି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷରେ ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଠିକ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ଲୁଣ' ନ ମିଳିଲେ 'ଲୁଣ' ଦେଖିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲକ୍ତ' ନ ପାଇଲେ 'ଅଲକ୍ତକ' ଦେଖିବେ।

ତିଳ ତର୍ପଣ—ସଂ. ବି. (୬ଷ୍ଠୀ ତତ୍; ତିଳ+ତର୍ପଣ)—ପିତୃଲୋକଙ୍କ
Tila tarpana ଉଦ୍ଦେଶ୍ୟରେ ଜଳର ଅଞ୍ଜଳିରେ ତିଳ ମିଶାଇ ଦିଆଯିବା ତର୍ପଣ—Oblations offered to the manes with handfuls of water sprinkled with sesamum.

ତିଳ ତୈଳ—ସଂ. ବି. (ତିଳ+ତୈଳ ପ୍ରତ୍ୟୟ)—ରାଶିତେଲ—
Tila taila Sesamum oil.
[ଦ୍ର—ରାଶିତେଲ ଓ ରାଶିଗଛର ଅନ୍ୟ ସୁଗନ୍ଧ ପଦାର୍ଥରୁ ଗନ୍ଧ ଗ୍ରହଣ କରିବାର ଶକ୍ତି ଥିବାରୁ ରାଶିତେଲ ସଙ୍ଗେ ଅନ୍ୟ ସୁଗନ୍ଧ ଦ୍ରବ୍ୟ (ଯଥା—ଫୁଲ, ମସଲା ଆଦି) ପକାଇଲେ ତାହା ଅକ୍ଳେଶରେ ଉକ୍ତ ଦ୍ରବ୍ୟର ଗନ୍ଧ ଗ୍ରହଣ କରେ; କିମ୍ବା ସୁଗନ୍ଧ ଦ୍ରବ୍ୟ ସଙ୍ଗେ ରାଶିକୁ କେତେଦିନ ରଖି ସେହି ରାଶିକୁ ପେଡ଼ିଲେ ଯେଉଁ ତେଲ ବାହାରେ ତାହା ସୁବାସିତ ହୋଇଥାଏ । ଆୟୁର୍ବେଦ ମତରେ ଔଷଧ-ତୈଳମାନ ରାଶିତେଲଦ୍ୱାରା ପ୍ରସ୍ତୁତ କରାଯାଏ ।]

ତିଳ ଧେନୁ—ସଂ. ବି. (ମ. ପ. ଲୋ; ତିଳନିର୍ମିତ ଧେନୁ)—ତିଳରେ
Tila dhenu ଗାଈର ମୂର୍ତ୍ତି ତିଆର କରାଯାଇ କରାଯିବା ଦାନ—A pious gift consisting of the image of cow done with sesamum seeds.

ତିଳ ପର୍ଣ୍ଣ—ସଂ. ବି. (ବହୁବ୍ରୀହି; ତିଳର ପର୍ଣ୍ଣପରି ପର୍ଣ୍ଣ ବା ପତ୍ର ଯାହାର)—
Tila parnna ୧ । ଚନ୍ଦନ ଗଛ—1. The sandal wood tree.
୨ । ତାର୍ପିନ୍ ତେଲ—2. The oil of turpentine.
୩ । (୬ଷ୍ଠୀ ତତ୍) ରାଶିଗଛର ପତ୍ର—3. The leaf of sesamum plant.

ତିଳ ପର୍ଣ୍ଣିକା—ସଂ. ବି. ସ୍ତ୍ରୀ (ତିଳପର୍ଣ୍ଣ+କ+ସ୍ତ୍ରୀ. ଆ)—ରକ୍ତଚନ୍ଦନଗଛ—
Tila parnnikā The red sandal-wood tree;
(ତିଳପର୍ଣ୍ଣୀ—ଅନ୍ୟରୂପ) Pterocarpus Santalinus.

ତିଳ ପିଚ୍ଛଟ—ସଂ. ବି.—ତିଳ ଗୁଣ୍ଡ କରି ତାକୁ ଗୁଡ଼ ବା ଚିନିରେ ପାଗ
Tila pichchata କରାଯାଇ ପ୍ରସ୍ତୁତ ପିଷ୍ଟକ—A cake made
(ତିଳପିଷ୍ଟ; ତିଳପିଷ୍ଟକ—ଅନ୍ୟରୂପ) of powdered sesamum seeds seasoned with sugar.
[ଦ୍ର—ଏହା ମଳବର୍ଦ୍ଧକ, ଶୁକ୍ରଜନକ, ବାୟୁନାଶକ, କଫ ଓ ପିତ୍ତବର୍ଦ୍ଧକ, ଶରୀରର ଉପଚୟକାରକ, ଗୁରୁ, ସ୍ନିଗ୍ଧ ଓ ମୂତ୍ରାଧିକ୍ୟନାଶକ ।

ତିଳପୀଡ଼—ସଂ. ବି. (ତିଳ+ପୀଡ଼୍ ଧାତୁ=ପେଷିବା+କର୍ତ୍ତୃ ଅ)—
Tila pirda ତେଲି—Oil-man.

ତିଳ ପୁଷ୍ପ—ସଂ. ବି. (ତିଳ+ପୁଷ୍ପ)—୧ । ତିଳର ଫୁଲ—
Tila pushpa 1. The flower of sesamum.
୨ । ବ୍ୟାଘ୍ରନଖ; ନଖୀନାମକ ଗନ୍ଧଦ୍ରବ୍ୟ—2. A scented herb; shell.

ତିଳ ପୁଷ୍ପକ—ସଂ. ବି. (ତିଳପୁଷ୍ପ+ସାଦୃଶ୍ୟାର୍ଥେ. କ)—
Tila pushpaka ୧ । ବାହାଡ଼ା (ଦେଖ) Bahārda (See)
୨ । ନାକ (ସୁନ୍ଦର ନାକକୁ ତିଳ ଫୁଲ ସଙ୍ଗେ କବିମାନେ ଉପମା କରନ୍ତି)—2. Nose.

ତିଳ ଭେଦ—ସଂ. ବି. (୬ଷ୍ଠୀ ତତ୍; ତିଳ+ଭେଦ)—ପୋସ୍ତକଦାନା—
Tila bheda Poppy seed.

ତିଳ ରସ—ସଂ. ବି. (୬ଷ୍ଠୀ ତତ୍; ତିଳ+ରସ)—ରାଶିତେଲ—
Tila rasa Sesamum oil; gingelly oil.
[ଦ୍ର—ତିଳତୈଳ ଦ୍ରଷ୍ଟବ୍ୟ ।]

ତିଲରା—ଦେ. ବି.—କଂସାରିଙ୍କ ଛେଣୀ (ଯାହାଦ୍ୱାରା ବାସନ ଉପରେ
Tilarā କଣା ଗାରମାନ ଖୋଳାଯାଏ)—A kind of
তিলরা **तोलरा** brazier's drill.

ତିଳ ସୁବର୍ଣ୍ଣ—ସଂ. ବି. (ଦ୍ୱନ୍ଦ୍ୱ; ତିଳ+ସୁବର୍ଣ୍ଣ)—ତିଳ କାଞ୍ଚନ (ଦେଖ)
Tila subarnna Tila kāñchana (See)

ତିଳ ସ୍ନେହ—ସଂ. ବି. (୬ଷ୍ଠୀ ତତ୍; ତିଳ+ସ୍ନେହ)—
Tila sneha ତିଳ ତୈଳ (ଦେଖ) Tila taila (See)

ତିଳା—ଦେ ବି.—୧ । ବଢ଼େଇଙ୍କ ଭର୍ମର ସମ୍ମୁଖ କାଠଫୋଡ଼ିବା ଅଂଶ
Tilā ବା କଣ୍ଟା—1. A bit or boring nail used by carpenters in boring wood; carpenter's bit.
୨ । ଶସ୍ୟବିଶେଷ; ଏକପ୍ରକାର ରାଶି—2. A species of sesamum seed.
୩ । ସୁନାରଙ୍କ ପ୍ରସ୍ତୁତ ଅଳଙ୍କାରରେ ଲଗାଯାଇଥିବା ସୁନାର ଛୋଟ ଛୋଟ ଲମ୍ବ ଥିବା ଗୁଆ—3. Small elongated bits of metal put on ornaments.
ପ୍ରାଦେ. (ମେଦିନୀପୁର) ବି—ତିଲ୍ଲା (ଦେଖ)—Tilā (See)

ତିଲ୍ଲା—ଦେ. ବି—ତିଳା (ଦେଖ)
Tilā Tilā (See)
ଗ୍ରା. ବି—ତିରି (ଦେଖ)—Tiri (See)

ତିଳାଞ୍ଜଳି—ସଂ. ବି. (ମ. ପ. ଲୋ; ତିଳ+ଅଞ୍ଜଳି)—ମୃତବ୍ୟକ୍ତିର
Tilāñjali ଉଦ୍ଦେଶ୍ୟରେ ଅର୍ପିତ ତିଳମିଶ୍ରିତ ଅଞ୍ଜଳିପୂର୍ଣ୍ଣ ଜଳ—Handful of water in which sesamum seeds are thrown and which is offered to the manes.

ତିଳାନ୍ନ—ସଂ. ବି. (ମ. ପ. ଲୋ; ତିଳ ମିଶ୍ରିତ ଅନ୍ନ)—
Tilānna ତିଳମିଶ୍ରିତ ଖେଚୁଡ଼ି—Rice and sesamum seeds boiled together.

ତିଳାର୍ଦ୍ଧ—ସଂ. ବି. (୬ଷ୍ଠୀ ତତ୍; ତିଳ+ଅର୍ଦ୍ଧ)—୧ । ସ୍ୱଳ୍ପକ୍ଷଣମାତ୍ର—
Tilārddha 1. A moment.
୨ । ଅତ୍ୟଳ୍ପ ପରିମିତ ସ୍ଥାନ—2. A little space.
୩ । ଅତିସୂକ୍ଷ୍ମାଂଶ—3. A very minute part.

୧	ଇ	ଉ	ର୍,ର୍ସ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଣ
୬	ଈ	ଊ	ର୍‌	ଲ୍	ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ର୍ଗ୍ୟ	ଇଅ	ୱ	ନ

তিলার্দ্ধ ଦେ. କ୍ରି. ବିଣ. (ସଂ. ତିଳାର୍ଦ୍ଧମ୍)—ଅତି ସାମାନ୍ୟ ମାତ୍ର;
ज़रासा ତିଳେ ହେଲେ ମଧ୍ୟ; ଆଦୌ—In the slightest manner; a bit; at all.
(ତିଳାର୍ଦ୍ଧେ—ଅନ୍ୟରୂପ) (ଯଥା—ସେ ଏହା କରିବ ବୋଲି ମୁଁ ତିଳାର୍ଦ୍ଧ ବିଶ୍ୱାସ କରି ନ ଥିଲି ।)

ତିଳି—ପ୍ରାଦେ. (ଗଡ଼ଜାତ) ବି—ବୃକ୍ଷବିଶେଷ—
Tili A tree.
(ତିଳେଇ—ଅନ୍ୟରୂପ) [ଦ୍ର—ଏହା ଗଡ଼ଜାତର ଜଙ୍ଗଲମାନଙ୍କରେ ଦେଖାଯାଏ । ଏହାର ଫୁଲ ଧଳା ଓ ସୁଗନ୍ଧ ।]
ଦେ. ବି—ତିଳି (ଦେଖ) —Tili (See)

ତିଳି—ଦେ. ବି. (ସଂ. ତୈଳିକ)—ବୈଶ୍ୟଜାତିବିଶେଷ—
Tili A Baisya caste.
তিলি [ଦ୍ର—ବଙ୍ଗଦେଶରୁ ଏ ଦେଶକୁ ଆସିଥିବା ତିଳିମାନେ
तेली ବୈଶ୍ୟଜାତୀୟ । ଏମାନେ ଓଡ଼ିଆ ତେଲିଙ୍କଠାରୁ ପୃଥକ୍ ଏବଂ ସେମାନଙ୍କ ସଙ୍ଗେ ବିବାହ ଓ ଖାଆଣ ପିଅଣ ଆଦି କରନ୍ତି ନାହିଁ । କଟକ, ଭଦ୍ରଖ, ସୋରୋ ଓ ଖୋରଧା ଅଞ୍ଚଳରେ ଏମାନେ ପୁରୁଷାନୁକ୍ରମେ ସ୍ଥାୟୀଭାବରେ ରହିଅଛନ୍ତି । ଏମାନେ ତେଲ ପେଡ଼ନ୍ତି ନାହିଁ, ମାତ୍ର ତେଲ ଓ ତୈଳବୀଜର ବ୍ୟବସାୟ କରନ୍ତି । ଏମାନେ ଦଶହରାରେ ବଙ୍ଗଦେଶୀୟ ତିଳିମାନଙ୍କ ପରି ଦୁର୍ଗାପୂଜା କରନ୍ତି । ଓଡ଼ିଶାର ତେଲିସମାଜରେ କଣ ରଖିବା ମନା; ମାତ୍ର ତିଳିମାନେ କଣ ରଖନ୍ତି ।]

ତିଳିଆ—ଦେ. ବିଣ. (ସଂ. ତିଳ)—୧ । ତିଳଯୁକ୍ତ—
Tilia 1. Having sesamum seeds.
୨ । ତିଳଚିହ୍ନ ଯୁକ୍ତ—
2. Freckled; having mole marks on.
তিলিআ ଦେ. ବି—ଏକପ୍ରକାର ମିଷ୍ଟାନ୍ନ ବା ଖଜା, ଯାହା ଉପରେ
तिलगनी, तिलवा ରାଶି ତିଳ ଲଗା ହୋଇଥାଏ—A kind of sweetmeat overlaid with sesamum seeds.
ତିଳୁଆ } ଅନ୍ୟରୂପ
ତିଳ(ଲି)ଆ ଖଜା }

ତିଳିକା— ସଂ. ବି—ତିଳ ବା ଖସାପରି ଦାନାଥିବା କସ୍ତୁରୀ (ହରେକୃଷ୍ଣ ଦ୍ରବ୍ୟଗୁଣ ।)—A kind of musk having
Tilika grains like sesamum seeds.

ତିଳିତ୍ସ—ସଂ. ବି. (ତିଳତ୍ =ଗତି +ସୋ ଧାତୁ=ନାଶ କରିବା+
Tilitsa ଅ)—ବୋଡ଼ାସାପ; ଗୋନସ ସର୍ପ—
Viper (snake)

ତିଳୀ—ସଂ. ବି. ପୁଂ. (ତିଳ+ଇନ୍; ୧ମା. ୧ବ)—
Tili ତିଳବିକ୍ରେତା ଜାତିବିଶେଷ; ତେଲି—Name of a
(ତିଳିନୀ—ସ୍ତ୍ରୀ) caste dealing with oil seeds.

ତିଳୁ(ଲୁ)ଆ—ଦେ. ବି ଓ ବିଣ—ତିଳିଆ (ଦେଖ)
Tilu(lu)ā Tilia (See)

ତିଳୁ(ଲୁ)ଆ ସଂକ୍ରାନ୍ତି—ଦେ. ବି—ମକର ବା ମାଘସଂକ୍ରାନ୍ତି—
Tilu(lu)ā saṁkrānti The Saṁkrānti of the solar month of Makara (Māgha).
[ଦ୍ର—ଏହି ସଂକ୍ରାନ୍ତିରେ ଦେବତାମାନଙ୍କୁ ତିଳୁଆ ବା ତିଳମିଶ୍ରିତ ଖଜା ଓ ପିଠା ଭୋଗ କରାଯାଏ ।]

ତିଳେ—ଦେ. କ୍ରି. ବିଣ—୧ । ଏକକ୍ଷଣ ସୁଦ୍ଧା—
Tile 1. Even a moment.
তিলমাত্র; তিলেক ୨ । ଟିକିଏ ମାତ୍ର (ସ୍ଥାନ, ସମୟ ବା ପରିମାଣ)—
ज़रासी 2. Even a little; slightly (in
(ତିଳେକ, ତିଳେ ମାତ୍ର—ଅନ୍ୟରୂପ) point of time, place or quantity).
ସେ ପ୍ରତିଜ୍ଞା ନକେ ତିଳେ ନ ବଢ଼ାଇ । ରାଧାନାଥ. ଦରବାର ।
ଦେ. ବିଣ—ଲେଶମାତ୍ର; ଅତି ସାମାନ୍ୟ—
In the slightest degree.
ଏଣେ ଆସିବାକୁ ତିଳେ ନାହିଁ ଅବସର । ରାଧାନାଥ. ବେଣୀସଂହାର ।

ତିଳେହେଁ—ଦେ. କ୍ରି. ବିଣ—ତିଳେ (ଦେଖ)
Tilehen Tile (See)
ତେଜେ ବଳେ ବଢ଼ିଗଲେ
ତିଳେହେଁ ନ ଦଶେ ଅନ୍ଧାର । ଜଗନ୍ନାଥ. ଭାଗବତ ।

ତିଳେ ହେଲେ—ଦେ. କ୍ରି. ବିଣ—ତିଳେ (ଦେଖ)
Tile hele Tile (See)
ତଥାପିତ ତିଳେ ହେଲେ ତୋ ସ୍ନେହେ ନ ରସିଲିରେ ।
କବିସୂର୍ଯ୍ୟ. କଳୋଲିଚମ୍ପୂ ଓ. ଗୀତ ।

ତିଳୋତ୍ତମା—ସଂ. ବି. ସ୍ତ୍ରୀ. (ତିଳ+ଉତ୍ତମା=ସୁନ୍ଦରୀ ସ୍ତ୍ରୀ)—
Tilottamā ପରମରୂପବତୀ ଅପ୍ସରୋବିଶେଷ—
Name of a heavenly nymph.
[ଦ୍ର—ବିଧାତା ହିରଣ୍ୟାକ୍ଷର ଦୁଇ ପୁତ୍ର ସୁନ୍ଦ ଓ ଉପସୁନ୍ଦ ନାମକ ଅସୁରଦ୍ୱୟଙ୍କ ବଧାର୍ଥ ବ୍ରହ୍ମାଣ୍ଡର ସମସ୍ତ ବସ୍ତୁରୁ ତିଳତିଳ ମାତ୍ର ସୌନ୍ଦର୍ଯ୍ୟ ସଂଗ୍ରହ କରି ଏ ସ୍ତ୍ରୀକୁ ନିର୍ମାଣ କରିଥିଲେ । ସୁନ୍ଦ ଉପସୁନ୍ଦ ଦୁଇ ଭାଇ ତପସ୍ୟାଦ୍ୱାରା ବର ପାଇଥିଲେ ଯେ ତାଙ୍କୁ ଅନ୍ୟ କେହି ମାରି ପାରିବ ନାହିଁ, ସେ ଦୁହେଁ ପରସ୍ପର ସହିତ ଯୁଦ୍ଧ କରି ମରିବେ । କିନ୍ତୁ ଦୁଇ ଭାଇଙ୍କ ମଧ୍ୟରେ ଖୁବ୍ ସୌହାର୍ଦ୍ଦ୍ୟ ଥିବାରୁ ତାଙ୍କ ମଧ୍ୟରେ ବିବାଦ ହେଉ ନ ଥିଲା । ସେ ଦୁହେଁ ବଳଦୃପ୍ତ ହେବାରୁ ଦେବତାମାନେ ଉଦ୍ବିଗ୍ନ ହୋଇ ବ୍ରହ୍ମାଙ୍କଠାରେ ପହଞ୍ଚିବାରୁ ବ୍ରହ୍ମା ତିଳୋତ୍ତମାକୁ ସୃଷ୍ଟି କଲେ । ତିଳୋତ୍ତମା ଏ ଦୁଇ ଭାଇଙ୍କ ବାସସ୍ଥାନ ବିନ୍ଧ୍ୟାଚଳକୁ ଗଲା । ଏ ଦୁହେଁ ତାକୁ ଦେଖି ମୁଗ୍ଧ ହେଲେ ଓ ତାକୁ ପାଇବା ପାଇଁ ଦୁଇ ଭାଇ ବିବାଦ କଲେ ଓ ପରସ୍ପର ଯୁଦ୍ଧ କରି ମଲେ—ହି. ଶବ୍ଦସାଗର ।]

ତିଳୋଦକ—ସଂ. ବି. (ମ. ପ. ଲୋ. କର୍ମଧା; ତିଳ+ଉଦକ)—
Tilodaka ୧ । ତିଳାଞ୍ଜଳି (ଦେଖ)—
1. Tilāñjali (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ନ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୨ । ପିତୃ ତର୍ପଣରେ ବ୍ୟବହୃତ ତିଳମିଶ୍ରିତ ଜଳ— 2. Water mixed with sesamum seeds offered to the manes of one's ancestors.

ତିଳୌଦନ—ସଂ. ବି. (ମ. ଷ. ଲୋ. କର୍ମଧା; ତିଳ+ଓଦନ)— Tilaudana (ପିଣ୍ଡରେ ଦିଆଯିବା) ତିଳ ମିଶ୍ରିତ ଅନ୍ନ— Boiled rice mixed with sesamum seeds.

ତିଲ୍ୱ—ସଂ. ବି. (ତିଲ+ବ)—ଲୋଧ୍ର; ଶ୍ୱେତବର୍ଣ୍ଣ ବୃକ୍ଷବିଶେଷ; ଲୋଧ Tilwa ଗଛ—A tree; the bark of which is used in dying; Symplocus Recemosa.
[ଦ୍ର—ଏହାର ଛେଲି ରଙ୍ଗ କରିବାରେ ବ୍ୟବହୃତ ହୁଏ ।]

ତିଲ୍ୟ—ସଂ. ବି. (ତିଳ+ଯୋଗ୍ୟାର୍ଥରେ ଯ)—ସୃଷ୍ଟିବିଲ; ସୃଷ୍ଟି ବୁଣିବା Tilya ଲାଗି ଉପଯୁକ୍ତ କ୍ଷେତ—A field fit for raising sesamum crop.

ତିଶାଖା—ଦେ. ବଣ. (ସଂ. ତ୍ରିଶାଖ)—ତ୍ରିଶାଖ (ଦେଖ) Tisakha Trisakha (See)
তেশাখা तिशाखा (ତିଶାଖିଆ—ଅନ୍ୟରୂପ)

ତିଶିରା—ପ୍ରା. ବି (ସଂ. ତ୍ରିଶିରା)—ରାମଙ୍କ ଦ୍ୱାରା ନିହତ ରାକ୍ଷସବିଶେଷ; Tisira ତ୍ରିଶିରା ରାକ୍ଷସ—Name of a demon killed by Ramchandra.

ତିଶେଣିଆଁ—ଦେ. ବଣ—ତିନିଶେଣିଆଁ; ଯେଉଁ ଘରର ସ୍ଥଳରେ ତିନି Tiseniañ ଗୋଟି ଶେଣୀ ଦିଆ ଯାଇଥାଏ—(a house) Having a gabled roof with 3 side-beams or plates only.

ତିଷ୍ଠଦ୍ଗୁ—ସଂ. ବି—(ସ୍ଥା ଧାତୁରୁ ସ.ତିଷ୍ଠତ୍ =ସ୍ଥିତ ହେବା+ଗୋ; Tishthadgu ଯେଉଁ ସମୟରେ ଗାଈଗୋରୁ ବାହାରୁ ଚରି ଚରି ଗୁହାଳକୁ ଫେରି ଆସି ଥାଆନ୍ତି)-ଗୋଧୂଳି;ସନ୍ଧ୍ୟାବେଳ— Dusk; evening.

ତିଷ୍ଠା—ସଂ. ବି. (ନାମ)—ହିମାଳୟରୁ ବାହାରି ବଙ୍ଗଦେଶ ନିକଟରେ Tishtha ଗଙ୍ଗାରେ ମିଳିଥିବା ନଦୀବିଶେଷ; ତିସ୍ତା— A tributary of the Ganges; the Tista.

ତିଷ୍ଠିବା—ଦେ. କ୍ରି (ସଂ. ସ୍ଥା ଧାତୁ)—୧ । ରହିବା—1. To stay. Tishthiba ୨ । ବାସ କରିବା—2. To live.
तिष्ठन; तिष्ठना ୩ । ବଞ୍ଚିବା;ଜୀବନ ଧାରଣ କରିବା—3. To exist.
[ତିଷ୍ଠା(ଷ୍ଠେ)ଇବା—ଣିଜନ୍ତରୂପ]

ତିଷ୍ୟ—ସଂ. ବି. ପୁଂ (ତୁଷ୍ ଧାତୁ ଣିଚ୍, ତୋଷିଧାତୁ=ତୁଷ୍ଟ Tishya କରାଇବା+କର୍ତ୍ତୃ ଯ; ନିପାତନ)—୧ । ଅଷ୍ଟମ ନକ୍ଷତ୍ର; ପୁଷ୍ୟା ନକ୍ଷତ୍ର—1. The 8th of the 27 lunar mansions in Hindu astronomy.
୨ । ପୌଷ ମାସ—2. The lunar month of Pausha (December and January).
୩ । କଳିଯୁଗ—3. The Kali age.

ତିଷ୍ୟପୁଷ୍ପା—ସଂ. ବି.-ଆମଳକୀ; ଅଁଳା—Embellic myrobalan. Tishya-pushpa (ତିଷ୍ୟା ଅନ୍ୟରୂପ)

ତିସନ୍—ପ୍ରାଦେ (ଲରିଆ) ଅ. (ସଂ. ତେସନ)— Tisan ସେହିପରି; ତାଦୃଶ—Like that; similar to that.

ତିସରା—ଦେ. ବ (ସଂ. ତ୍ରିବାସର)—୧ । ତୃତୀୟ ଦିବସ— Tisara (ତିସିରା—ଅନ୍ୟରୂପ) 1. Third day.
তেস্রা ୨ । ତୃତୀୟ ବ୍ୟକ୍ତି—
तीसरा 2. A third person; outsider.
୩ । ତିସରି (ଦେଖ)—3. Tisari (See).
ଦେ. ବଣ—୧ । ତୃତୀୟ—1. Third.
(ଯଥା—ଦିନ ଅସି ତିସରା ପହର ହେଲାଣି ।)
୨ । ତିସରି (ଦେଖ) —2. Tisari (See).

ତିସରି—ଦେ. ବ (ସଂ. ତ୍ରିସର)—ତିନିଗୋଟି ସୋରି ବା ସୂତା— Tisari (ତିସରା, ତିସରିଆ—ଅନ୍ୟରୂପ) Three strings.
তেনরি ଦେ. ବଣ—ତିନିସରିଆ; ତିନିର; ତିନି ସୋରିଯୁକ୍ତ; ତ୍ରିଗୁଣିତ
तिलड़ी ହାର ଆଦି)—Three-stringed (necklace).

ତିସରେଇବା—ଦେ. କ୍ରି—୧ । ତିନିସର କରିବା; ତ୍ରିଗୁଣିତ କରିବା— Tisareiba 1. To treble a thread or string.
তিনপাট করা ୨ । ତିନିଭାଙ୍ଗ କରିବା—
तेहराना 2. To fold into three.

ତିସୀ—ଦେ. ବ (ସଂ. ଅତସୀ)—ଅତସୀ (ଦେଖ) Tisi Atasi (See).

ତିସ୍ତା—ଦେ. ବ (ନାମ) (ସଂ. ତିଷ୍ଠା)—ତିଷ୍ଠା (ଦେଖ) Tista Tishtha (See).

ତିହାଇ—ଦେ. ବ (ସଂ. ତ୍ରିଘାତ)—(ସଙ୍ଗୀତ)ତାଳର ସମାପ୍ତି ବା ସମକୁ Tihai ଆସିବାର ପୂର୍ବରୁ ତିନିବାର ଆଘାତ; ତାଳର তেহাই ମାତ୍ରା ଅନୁସାରେ କରତାଳ ଦ୍ୱାରା ବା ମୃଦଙ୍ଗାଦିରେ ଆଘାତ ଦ୍ୱାରା ବିଭାଗ ଜ୍ଞାପନପୂର୍ବକ ଶେଷ ବିଭାଗ ସ୍ଥାନରେ କରତାଳ ନ ଦେବା— (music) The 3 final strokes given before the conclusion of a particular musical measure or beating to time.

ତିହାର୍—ପ୍ରାଦେ (ସମ୍ବଲପୁର) (ସଂ. ତିଥି+ବାର) ଦେ. ବ. (ଭୁଲ ହି. Tihar ଏହି ଅର୍ଥରେ ବ୍ୟୋହାର)—ଉତ୍ସବ; ପର୍ବ— Festival.

ତିହାରି—ପ୍ରାଦେ (ସମ୍ବଲପୁର) ବ—ମହାପ୍ରସାଦବନ୍ଧ ପରେ ଓ ବିବାହ Tihari ପୂର୍ବରୁ ବର ଘରୁ କନ୍ୟା ଘରକୁ ଏବଂ କନ୍ୟା ଘରୁ ବର ଘରକୁ ପଠାଯିବା ଲୁଗା, ମିଷ୍ଟାନ୍ନାଦି ଉପଢୌକନ—Exchange of presents of clothes and sweetmeats between the bride's and the bridegroom's families after betrothal and beforemarriage.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଗ,ଷ	ଙ୍କ	ଇଂ	ଭ୍ୟ	ଉ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଗଂ୍ୟ	ଇଅ	ଞ	ନ

ତିହୁଡ଼ି—ଦେ. ବି (ସଂ. ତ୍ରିବୃତ୍ତ)—୧ । (ବାୟୁସାଧକମାନଙ୍କ ଭାଷା)
Tihurdi ଶରୀରମଧ୍ୟସ୍ଥ ଗୁପ୍ତସ୍ଥାନବିଶେଷ (ଯେଉଁଠାରେ ଇଡ଼ା
(ତିହୁଡି—ଅନ୍ୟରୂପ) ପିଙ୍ଗଳା ଓ ସୁଷୁମ୍ନା ନାଡ଼ୀ ମିଳିତ ହୋଇ-
ଅଛନ୍ତି)—1. An imaginary centre in the human system where the 3. principal air-channels meet.
୨ । ତିଉଡ଼ି (ଦେଖ)—2. Tiurdi (See).

ତିହୋରି—ଦେ. ବିଣ (ସଂ. ତ୍ରିଗୁଣିତ)—୧ । ତ୍ରିଗୁଣିତ; ତିନି ପରସ୍ତ କରି ଯାଇଥିବା—1. Folded thrice.
Tihori
ତେପାଟ, तिहरा ୨ । ତିନିସରିଆ—2. Three-stringed.

ତିହୋରେଇବା—ଦେ. କ୍ରି—୧ । ତିନିପରସ୍ତ କରିବା—
Tihoreibā 1. To fold into three.
ତେପାଟ କরা ୨ । କୌଣସି କର୍ମ ତିନିଥର କରିବା—
तिहराना 2. To do a work thrice.

ତିହ୍ନି (ଇତ୍ୟାଦି)—ଗ୍ରା. ବି. ଓ ବିଣ—ତିନି ଇତ୍ୟାଦି (ଦେଖ)
Tihni (etc) Tini etc (See).

ତୀକ୍ଷ—ଦେ. ବିଣ (ସଂ. ତୀକ୍ଷ୍ଣ)—୧ । ତୀକ୍ଷ୍ଣ—1. Sharp.
Tiksha ରୁକ୍ମ ପାଇଁ କରୁଛେ ଶାସ୍ତ୍ର ଦ୍ରୋଣ ପ୍ରାଣ,
ତিখ, তিক্ষ্ণ —କେବା କହ ଅଛେ ଏଭଣ ତୀକ୍ଷ ବାଣ—
तिखा, तीक्ष्ण କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।
୨ । ଖଣ୍ଡାଧାରିଆ; ଖଣ୍ଡା ଦାଢ଼ ପରି ଉଚ୍ଚା; ଅତଡ଼ିଆ—2. Precipitous.
୩ । ଅତ୍ୟୁଚ୍ଚ—3. Very high.
୪ । ଗରମ—4. Hot; warm.
୫ । ଦ୍ରୁତ—5. Swift.
୬ । କଡ଼ା; କ୍ରୋଧଯୁକ୍ତ (ମିଜାଜ)—6. Hot; wrathful (temper).
୭ । ଚିଡ଼ଚିଡ଼ିଆ—7. Irritable; surly.

ତୀକ୍ଷଣ—ଗ୍ରା. (ପଦ୍ୟ) ବିଣ—ତୀକ୍ଷ (ଦେଖ)
Tikshana Tiksha (See)
(ତୀକ୍ଷଣ-ଅନ୍ୟରୂପ)
ଏତୁଷଣି ତୀକ୍ଷଣ କାଣ୍ଡରେ ତୋ ମୁଣ୍ଡ—କୃଷ୍ଣସିଂହ. ମହାଭାରତ. ବନ ।
ଦେ. ବି—ତୀକ୍ଷ୍ଣତା—Sharpness.
ଇକ୍ଷଣର କଟାକ୍ଷ ତୀକ୍ଷଣ କହୁ
କପାଳ ସାର ସାରଙ୍ଗ ନକଂ ଉହୁଁ—ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ତୀକ୍ଷମୁନା—ଦେ. ବି—ଏକପ୍ରକାର ମୁନିଆଁ ଅସ୍ତ୍ର—A kind of sharp
Tiksha-munā pointed weapon or dart.

ତୀକ୍ଷ୍ଣ—ସଂ. ବିଣ (ତିଜ୍ ଧାତୁ + କର୍ତ୍ତୃ ସ୍ନ)—୧ । ଧାରୁଆ; ଶାଣିତ—
Tikshna 1. Sharp; whetted.
(ତୀକ୍ଷ୍ଣତା, ତୀକ୍ଷ୍ଣତ୍ୱ—ବି) ୨ । ରୁଗା—2. Pungent.
୩ । ପ୍ରଖର; ତୀବ୍ର—3. Keen; acute.
୪ । ଚଞ୍ଚଳ; ଖର; ଅନଳସ—4. Active; quick.
୫ । ଉଷ୍ଣ—5. Warm; hot.
୬ । ରୁକ୍ଷ—6. Rude.
୭ । ବୁଦ୍ଧିମାନ—7. Intelligent.
୮ । ଆତ୍ମତ୍ୟାଗୀ—8. Self-denying.
୯ । ମୁନିଆଁ—9. Sharp-pointed.
୧୦ । କ୍ରୋଧୀ; ଚଡ଼ଲ (ସ୍ୱଭାବ)—10. Irritable; irascible (nature).
୧୧ । କର୍ଣ୍ଣକଟୁ (ସ୍ୱର)—11. Harsh (sound).
୧୨ । ଉଗ୍ର; ପ୍ରଚଣ୍ଡ—12. Violent.
୧୩ । କଡ଼ା; କଡ଼ୁଆ—13. Acrid.
ସଂ. ବି—୧ । ଶସ୍ତ୍ର—1. Weapon.
୨ । ଉଗ୍ରତା—2. Keenness.
୩ । ଉଷ୍ଣତା; ଗରମି—3. Warmth; heat.
୪ । ବିଷ—4. Poison.
୫ । ଇସ୍ପାତ; ଲୌହବିଶେଷ—5. Steel.
୬ । ଯୁଦ୍ଧ—6. Battle.
୭ । ମୃତ୍ୟୁ—7. Death.
୮ । ସୋରା; ଯବକ୍ଷାର—8. Saltpetre; nitre.
୯ । ସାମୁଦ୍ରିକ ଲବଣ; କରକଚ; ପଙ୍ଗାଲୁଣ—9. Sea-salt.
୧୦ । ବଚ—1. The sweet flag (a medicinal roo
୧୧ । କଟୁତା—11. Harshness; pungency.
୧୨ । ବତ୍ସନାଭ; ମହୁରା (ହି. ଶବ୍ଦସାଗର)—12. Aconite.
୧୩ । ମୁଷ୍କକ (ହି. ଶବ୍ଦସାଗର)—13. A kind of tree.
୧୪ । ଚବ୍ୟ (ହି. ଶବ୍ଦସାଗର)—14 Piper Chaba,
୧୫ । ଯୋଗୀ (ହି. ଶବ୍ଦସାଗର)—15. An anchorite.
୧୬ । (ଜ୍ୟୋତିଷ) ମୂଳା, ଆର୍ଦ୍ରା, ଜ୍ୟେଷ୍ଠା ଓ ଅଶ୍ଳେଷା ନକ୍ଷତ୍ର (ହି. ଶବ୍ଦସାଗର)—16. The 19th, 6th, 18th and 9th asterisms.
୧୭ । ପୂର୍ବ ଭାଦ୍ରପଦ, ଉତ୍ତର ଭାଦ୍ରପଦ, ଜ୍ୟେଷ୍ଠା, ଅଶ୍ୱିନୀ ଓ ରେବତୀ ନକ୍ଷତ୍ରମାନଙ୍କ ମଧ୍ୟରେ ବୁଧ ଗ୍ରହର ଗତି (ହି. ଶବ୍ଦସାଗର)—17. The passage of the planet Mercury through the 25th, 26th, 18th, 1st and 27th asterisms.

ତୀକ୍ଷ୍ଣକଣ୍ଟକ—ସଂ. ବି. (ବହୁବ୍ରୀହି; ତୀକ୍ଷ୍ଣ + କଣ୍ଟକ)—
Tikshna kantaka ୧ । ଧାତୁରା ଗଛ; ଦୁତୁରା—
1. The Dhaturā plant.
୨ । ଇଙ୍ଗୁଦୀ ଗଛ (ଦେଖ)—2. Ingudi tree (See)
୩ । ବଂଶ; ବାଉଁଶ—3. Bamboo.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଣ୍ଣୋ ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୪ । (କର୍ମଧାରୟ) ଦାଢ଼ୁଆ କଣ୍ଟା—
4. Sharp pointed thorn.
ସଂ. ବିଣ—ତୀକ୍ଷ୍ଣ କଣ୍ଟକ ଯୁକ୍ତ—Thorny.

ତୀକ୍ଷ୍ଣ ଗନ୍ଧ—ସଂ. ବି. (ବହୁବ୍ରୀହି; ତୀକ୍ଷ୍ଣ+ଗନ୍ଧ)—
Tīkshṇa gandha ୧ । ସୋଭାଞ୍ଜନ ବା ସଜନା ଗଛ—
(ତୀକ୍ଷ୍ଣଗନ୍ଧକ—ଅନ୍ୟରୂପ) 1. Hyperanthera Morunga.
୨ । ରକ୍ତ ତୁଳସୀ—2. The red variety of the Holy Basil plant.

ତୀକ୍ଷ୍ଣଗନ୍ଧା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ତୀକ୍ଷ୍ଣ+ଗନ୍ଧ+ସ୍ତ୍ରୀ. ଆ)—
Tīkshṇagandhā ୧ । ଛୋଟ ଅଳାଇଚ; ସୂକ୍ଷ୍ମଏଳା—
1. Small cardamom.
୨ । ଶ୍ୱେତବଚ—2. A medicinal plant; Acorus Calamus.

ତୀକ୍ଷ୍ଣତଣ୍ଡୁଳା—ସଂ. ବି. ସ୍ତ୍ରୀ—ପିପ୍ପଳୀ—
Tīkshṇa-taṇḍulā Long pepper.

ତୀକ୍ଷ୍ଣତା—ସଂ. ବି. (ତୀକ୍ଷ୍ଣ+ଭାବ. ତା)—୧ । ଦାଢ଼ଥିବା ଅବସ୍ଥା;
Tīkshṇatā ଧାରଯୁକ୍ତତା—1. Sharpness.
(ତୀକ୍ଷ୍ଣତ୍ୱ—ଅନ୍ୟରୂପ) ୨ । ପ୍ରାଖର୍ଯ୍ୟ; ଉଗ୍ରତା—2. Keenness.
୩ । ରାଗୁଆ ସ୍ୱାଦ—3. Pungency.

ତୀକ୍ଷ୍ଣ ଦଂଷ୍ଟ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ତୀକ୍ଷ୍ଣ+ଦଂଷ୍ଟ୍ରା)—
Tīkshṇa daṁshṭra ଦାଢ଼ୁଆ ଦାନ୍ତବିଶିଷ୍ଟ—
Having sharp teeth.
ସଂ. ବି—ବାଘ—Tiger.

ତୀକ୍ଷ୍ଣ ଦନ୍ତ—ସଂ. ବି. (କର୍ମଧା; ତୀକ୍ଷ୍ଣ+ଦନ୍ତ)—ଦାଢ଼ୁଆ ଦାନ୍ତ—
Tīkshṇa danta Sharp tooth.
ସଂ. ବିଣ. (ବହୁବ୍ରୀହି)-ଦାଢ଼ୁଆଦାନ୍ତବିଶିଷ୍ଟ—
Sharp-toothed.

ତୀକ୍ଷ୍ଣ ଧାର—ସଂ. ବିଣ. (ବହୁବ୍ରୀହି; ତୀକ୍ଷ୍ଣ+ଧାର)—ଦାଢ଼ୁଆ; ଶାଣିତ—
Tīkshṇa dhāra Sharp-edged.
ସଂ. ବି (କର୍ମଧା)—(ଅସ୍ତ୍ରାଦିର) ଦାଢ଼ୁଆ ବା ତୀକ୍ଷ୍ଣ ଦାଢ଼—
Sharp edge.

ତୀକ୍ଷ୍ଣ ପୁଷ୍ପ—ସଂ. ବି (ବହୁବ୍ରୀହି; ତୀକ୍ଷ୍ଣ+ପୁଷ୍ପ)—ଲବଙ୍ଗ—
Tīkshṇa pushpa Cloves.

ତୀକ୍ଷ୍ଣପୁଷ୍ପା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ତୀକ୍ଷ୍ଣ=ତୀବ୍ର+ପୁଷ୍ପ+ସ୍ତ୍ରୀ. ଆ)—
Tīkshṇa-pushpā କେତକୀ—The Ketakī plant; a kind of screwpine.

ତୀକ୍ଷ୍ଣ ରସ—ସଂ. ବି (ବହୁବ୍ରୀହି; ତୀକ୍ଷ୍ଣ+ରସ)—୧ । ଯବକ୍ଷାର—
Tīkshṇa rasa 1. Saltpetre; nitre.
୨ । ବିଷ—2. Poison.
ସଂ. ବିଣ—ତୀକ୍ଷ୍ଣସ୍ୱାଦଯୁକ୍ତ; ରାଗ—Pungent.

ତୀକ୍ଷ୍ଣ ସାର—ସଂ. ବି (ବହୁବ୍ରୀହି; ତୀକ୍ଷ୍ଣ+ସାର)—ଲୁହା—
Tīkshṇasāra Iron.

ତୀକ୍ଷ୍ଣା—ସଂ. ବି. ସ୍ତ୍ରୀ—୧ । ବଚ—
Tīkshṇā 1. Acorus Calamus (a plant).
୨ । ସୋଭାଞ୍ଜନ ବା ସଜନା ଗଛ—(ହରେକୃଷ୍ଣ. ଦ୍ରବ୍ୟଗୁଣ)
2. The Horse-radish.
୩ । ବିଛୁଆତି (ହରେକୃଷ୍ଣ. ଦ୍ରବ୍ୟଗୁଣ)—
3. The Stinging nettle.

ତୀକ୍ଷ୍ଣାୟସ—ସଂ. ବି (କର୍ମଧା; ତୀକ୍ଷ୍ଣ+ଅୟସ୍=ଲୁହା)—ଇସ୍ପାତ—
Tīkshṇāyasa Steel.

ତୀଖ—ଦେ. ବି (ସଂ. ତୀକ୍ଷ୍ଣ)—ତୀକ୍ଷ୍ଣ (ଦେଖ)
Tīkha Tīksha (See)
(ତୀକ୍ଖ—ଅନ୍ୟରୂପ) କାହିଁକି ସେ ମର ଅଛି ଏଡ଼େ ତୀଖ ଗତ
ଗୋଡ଼ାଇଣ ଗୀତ ପଛେ ଭେଦବ ତା କତ—ଅଭିମନ୍ୟୁ-'ଶବ୍ଦ ଓ ଗୀତ'

ତୀଖ(ଖି)ଡ଼ିବା—ଦେ. କ୍ରି (ସଂ. ତୀକ୍ଷ୍ଣ)—୧ । କ୍ରୋଧରେ ଡେଇଁ ଉଠିବା—
Tīkha(khi)ṛḍibā 1. To spring up in anger or
[ତୀଖ(ଖି)ରିବା—ଅନ୍ୟରୂପ] ଖେପା तेखना vexation.

ତୀଖଡ଼େଇବା
ତୀଖାଡ଼ିବା
ତିଖଡେଇବା
ତିଖାରିବା } —ଣିଜନ୍ତରୂପ

୨ । ଉତ୍ତେଜିତ ହେବା—
2. To be excited.
୩ । ସ୍ୱସ୍ଥାନରୁ ବାହାରିଯିବା; ସ୍ୱସ୍ଥାନଭ୍ରଷ୍ଟ ହେବା—
3. To move away from the original position; to be displaced.
୪ । କୌଣସି ପକ୍ଷ ଛାଡ଼ି ପଳେଇଯିବା—
4. To leave a party.

ତୀଖା—ଦେ. ବି (ସଂ. ତୀକ୍ଷ୍ଣ)—ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧିବା ସରୁଆ
Tīkhā ଓ ଦାଢ଼ୁଆ ବଳୟ; ଧାତୁ ବା କାଚର ପାତଳଆ ପର
(ତୀଗା—ଅନ୍ୟରୂପ) ଏକପ୍ରକାର ଖଡ଼ୁ—A very thin and sharp-edged bracelet of metal or glass used by females.
କେମାନଣି ମଣିବନ୍ଧରେ ଅଳ ଖଞ୍ଜିଲେ ତୀଖା—
କଦମ୍ବୂର୍ଯ୍ୟ ଚନ୍ଦ୍ରକଳା।

ତୀଖାଡ଼ିବା—ଦେ. କ୍ରି. (ସଂ. ତୀକ୍ଷ୍ଣ)—
Tīkhāṛḍibā ୧ । ଉତ୍ତେଜିତ କରିବା; ମତାଇବା—
তিখড়ান 1. To excite; to incite.
तिखारना ୨ । କୌଣସି ବ୍ୟକ୍ତିର ମନକୁ ବିଗାଡ଼ିବା—
ତୀଖଡ଼େଇବା, ତୀଖଡ଼ା ତୀଖଡ଼ି କରିବା, ତୀଖାରିବା } ଅନ୍ୟରୂପ 2. To spoil or poison the mind of a person.
୩ । କୌଣସି ବିଷୟ ଦୃଢ଼ କରି ଜାଣିବା ପାଇଁ ବାରମ୍ବାର ପୁଚ୍ଛିବା—3, To inquire into a matter repeatedly.

୧	ଠ	ଡ଼	ଋ,ଋ	ଞ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଁ	ଉଁଅ	ଓ
୨	ଢ	ଢ଼	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ୟ	ଇଅ	●	ନ୍ତ

ତୀବ୍ (ଧାତୁ)—ସଂ.—ସ୍ଥୂଳ ହେବା—
Tīb (root) To become stout or thick.

ତୀବର—ସଂ. ବି. (ତୃ ଧାତୁ=ପାର ହେବା + କର୍ତ୍ତୃ. ବର)—
Tībara ୧ । ମତ୍ସ୍ୟଜୀବୀ ଜାତିବିଶେଷ; ଢୀଅର—
(ତୀବରୀ—ସ୍ତ୍ରୀ) 1. A caste of fishermen.
୨ । (+କର୍. ବର) ସମୁଦ୍ର—2. The sea.
୩ । ବ୍ୟାଧ—3. Hunter.

ତୀବ୍ର—ସଂ. ବି. (ତୀବ୍ ଧାତୁ + କର୍ତ୍ତୃ. ର)—୧ । ଆଧିକ୍ୟ—
Tībra 1. Excess.
୨ । ତୀକ୍ଷ୍ଣତା—2. Sharpness.
୩ । ଉଗ୍ରତା; କଟୁତା—3. Pungency.
୪ । ଉଷ୍ଣତା—4. Warmth.
୫ । ଶିବ; ମହାଦେବ—5. Śiba.
ସଂ. ବିଣ—୧ । ଉଗ୍ର; ତୀବ୍ର—1. Strong; violent.
୨ । ତୀକ୍ଷ୍ଣ—2. Sharp; cutting.
୩ । ଅତ୍ୟଧିକ—3. Excessive.
୪ । କଠୋର; ଦୁଃସହ—
4. Harsh; unbearable; bitter.
୫ । କଡ଼ା; କଟୁ; ରାଗୁଆ—5. Pungent; acrid.
୬ । ଉଷ୍ଣ—6. Hot.

ତୀର୍ (ଧାତୁ)—ସଂ—୧ । ଉଚ୍ଚତାରେ ପହଞ୍ଚିବା; ସୀମାରେ ପହଞ୍ଚିବା—
Tīr (root) 1. To get at the boundary or height.
୨ । ସମାପ୍ତ ହେବା—2. To end.

ତୀର—ସଂ. ବି. (ତୀର୍ ଧାତୁ + କର୍ତ୍ତୃ. ଅ)—୧ । କୂଳ— . Shore.
Tīra ୨ । ନୈକଟ୍ୟ—2. Vicinity.
୩ । ଟିଣ; ଧାତୁବିଶେଷ—3. Tin (metal).
୪ । ସୀସା—4 Lead.
୫ । ପ୍ରାନ୍ତ; ଧାର—5 Edge; brim.
ଦେ. ବି. (ଆଧୁନିକ ପ୍ରୟୋଗ)—ତୀର ଆକୃତିବିଶିଷ୍ଟ ଚିହ୍ନ (ଯଥା— →)—Arrow-mark.
[ଦ୍ର—ନଦୀର ସ୍ରୋତର ଦିଗ କିମ୍ବା ଅନ୍ୟ କୌଣସି ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ପୁସ୍ତକାଦିରେ ଓ ନକ୍ସାରେ ଏପରି ଚିହ୍ନ ଦିଆ ଯାଇଥାଏ ।]

ତୀର ବୈଦେ. ବି. (ଫା.)—କାଣ୍ଡ; ଶର; ବାଣ—
तीर Arrow.
[ଦ୍ର—ପଞ୍ଚଦଶୀ ଆଦି କେତେକ ବେଦାନ୍ତ ଗ୍ରନ୍ଥରେ ଏ ଶବ୍ଦର ଏହି ଅର୍ଥ ମିଳେ, କିନ୍ତୁ ଏହା ଫାରସୀ ଶବ୍ଦ—ହି. ଶବ୍ଦସାଗର ।]

ତୀର ଘର—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ଏହି ଅର୍ଥରେ ବ. ଏହି ଶବ୍ଦ)—ପ୍ରଥମ ରଜସ୍ୱଳା ବାଳିକା ପ୍ରଥମ ତିନି ଦିନ ଯେଉଁ ନିର୍ଜନ ଘରେ ରହେ—The lonely room to which a girl retires for 3 days after her first menses.
Tīra ghara

ତୀରନ୍ଦାଜ—ବୈଦେ. ବି. (ଫା)—ଶରନିକ୍ଷେପକ ସୈନ୍ୟ—
Tīrandāja Archer.
তীরন্দাজ ଯେନ କମାଣ କରରେ ତୂଣୀର
तीरंदाज କେତେ ତୀରନ୍ଦାଜ ହେଲେ ବାହାର—ବ୍ରଜନାଥ, ସମରତରଙ୍ଗ ।

ତୀରବର୍ତ୍ତୀ—ସଂ. ବିଣ. (ତୀର+ବୃତ୍ ଧାତୁ + କର୍ତ୍ତୃ. ଇନ୍; ୧ମା.୧ବ)—
Tīrabartti ୧ । ନଦୀ ଆଦିର କୂଳରେ ଅବସ୍ଥିତ—
1. Situated on the bank.
୨ । ନିକଟବର୍ତ୍ତୀ—2. Adjacent.
(ତୀରବର୍ତ୍ତିନୀ—ସ୍ତ୍ରୀ) ୩ । ନଦୀ ଆଦିର କୂଳରେ ଉପସ୍ଥିତ—
3 Present on the shore.

ତୀର ବେଗ—ଦେ. ବି. (ଫା. ତୀର+ସଂ. ବେଗ)—ତୀରର ବେଗ ବା ଗତି ପରି ଦ୍ରୁତ ଗତି—Speed of an arrow; very high speed.
Tīra bega

ତୀର ଭୁକ୍ତି—ସଂ. ବି. (ନାମ) (ଗଙ୍ଗା, ଗଣ୍ଡକୀ ଓ କୌଶିକୀ ନଦୀତ୍ରୟର କୂଳରେ ଅବସ୍ଥିତ ଦେଶ)—ତ୍ରିହୁତ (ଦେଖ)
Tīra bhukti Trihuta (See)

ତୀରସ୍ଥ—ସଂ. ବିଣ. (ତୀର + ସ୍ଥା ଧାତୁ + କର୍ତ୍ତୃ. ଅ)—
Tīrastha ୧ । ତୀରବର୍ତ୍ତୀ (ଦେଖ)
1 Tīrabartti (See)
(ତୀରସ୍ଥା—ସ୍ତ୍ରୀ) ୨ । ଆସନ୍ନମୃତ୍ୟୁ—2. Dying; about to die.

ତୀରାଟ—ସଂ. ବି—ଲୋଧ (ଦେଖ)
Tīrāṭa Lodha (See)

ତୀରୁ—ସଂ. ବି—୧ । ଶିବ; ମହାଦେବ—
Tīru 1. Śiba.
୨ । ଶିବଙ୍କ ସ୍ତୁତି (ହି. ଶବ୍ଦସାଗର)—
2. Prayer to god Śiba.

ତୀର୍ଣ୍ଣ—ସଂ. ବିଣ (ତୃ ଧାତୁ=ପାର ହେବା+କର୍ତ୍ତୃ. ତ)—
Tīrṇṇa ୧ । ଉତ୍ତୀର୍ଣ୍ଣ; ପାରଗତ—1. Having crossed or passed; having got over.
୨ । ଅତିକ୍ରାନ୍ତ—2 Overcome.
୩ । ଅପ୍ଳୁତ; ସ୍ନାତ—
3; Flooded; irrigated; wetted; bathed.

ତୀର୍ଣ୍ଣ ପଦା(ଦୀ)—ସଂ. ବି.ସ୍ତ୍ରୀ.(ତୀର୍ଣ୍ଣ+ପଦ+ସ୍ତ୍ରୀ. ଅ; ଈ)—ତାଳମୂଳୀ—
Tīrṇṇa padā(dī) A medicinal plant.

ତୀର୍ଥ—ସଂ. ବି. (ତୃ ଧାତୁ=ପାର ଗମନ କରିବା+କର୍ମ. ଥ)—
Tīrtha ୧ । ପାପମୋଚନ କ୍ଷେତ୍ର; ପୁଣ୍ୟ ସ୍ଥାନ; ପାପରୁ ଉଦ୍ଧାର ପାଇବା ନିମନ୍ତେ ଲୋକେ ଯେଉଁ ସ୍ଥାନକୁ ଯାଆନ୍ତି—
1. Holy place; a place of pilgrimage.
(ଦ୍ର—ତଳେ ଟୀକା ୧ ଦେଖ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା'ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

୨ । ପୁଣ୍ୟଜଳ; ଋଷିସେବିତ ଜଳ; ପୁଣ୍ୟତୋୟା ନଦୀ-ତଡ଼ାଗାଦି—2. Sacred bathing place; holy stream or reservoir.

୩ । ନଦୀତରଣସ୍ଥାନ ବା ସ୍ନାନଘାଟ—3. A place for landing or bathing; bathing ghat; ferry-ghat.

୪ । ଉତ୍ତମ ଓ ପୁଣ୍ୟ କର୍ମ; ଶ୍ରେଷ୍ଠ କର୍ମ; ଯେଉଁ କର୍ମମାନ ଦ୍ୱାରା ମନୁଷ୍ୟ ଦୁଃଖସାଗରରୁ ଉତ୍ତୀର୍ଣ୍ଣ ହୁଏ (ଯଥା— ବିଦ୍ୟାଭ୍ୟାସ, ସୁଚରିତ୍ର, ଈଶ୍ୱରୋପାସନା, ଧର୍ମାନୁଷ୍ଠାନ, ସତ୍ୟାଶ୍ରୟ, ବ୍ରହ୍ମଚର୍ଯ୍ୟ ଇତ୍ୟାଦି)—
4. Meritorious or pious acts.

୫ । (+କରଣ. ଥ) ରାଜମନ୍ତ୍ରୀ; ଉପଦେଷ୍ଟା—
5. A counsellor; king's adviser; minister.

୬ । ଆଗମ ଶାସ୍ତ୍ର—6. Holy books; the śāstras; the scriptures of the Hindus.

୭ । (ଅଧିକରଣ. ଥ) ଉପାୟ—7. Means.

୮ । କ୍ଷେତ୍ର—8. A field.

୯ । ପାତ୍ର—9. A vessel.

୧୦ । ଗୁରୁ; ଶିକ୍ଷକ; ଉପାଧ୍ୟାୟ (ତଳେ ଟୀକା ୩ ଦେଖ)—
10. A preceptor.

୧୧ । ବିପ୍ର; ବ୍ରାହ୍ମଣ—11. A Brāhmaṇa.

୧୨ । ସ୍ତ୍ରୀ ରଜଃ—12. The menstrual flux.

୧୩ । ଯୋନି—13. The vulva; vagina.

୧୪ । ଯଜ୍ଞ—14. Vedic sacrifice; oblations to fire.

୧୫ । ଉତ୍ପତ୍ତିସ୍ଥାନ—15. Source; origin.

୧୬ । ଦର୍ଶନ ଶାସ୍ତ୍ର—16. Bedānta Philosophy.

୧୭ । ଅଗ୍ନି—17. Fire.

୧୮ । ନିଦାନ—18. Prime or remote cause.

୧୯ । ନିଦାନ ଶାସ୍ତ୍ର—
19 The science of the symptoms of diseases.

୨୦ । ବ୍ରାହ୍ମଣର ଦକ୍ଷିଣ କର୍ଣ୍ଣ (ପ୍ରକୃତିବାଦ)—
20. The right ear of a Brāhmaṇa.

୨୧ । ଡାହାଣ ହାତର କରତଳର ନିର୍ଦ୍ଦିଷ୍ଟ ଅଂଶ (ଯଥା — ପିତୃତୀର୍ଥ, ବ୍ରହ୍ମତୀର୍ଥ, ପ୍ରାଜାପତ୍ୟତୀର୍ଥ, ଦୈବତୀର୍ଥ)
21. Particular parts of the right palm.
(ଦ୍ର—ତଳେ ଟୀକା ୨ ଦେଖ)

୨୨ । ଅବସର; ସୁଯୋଗ (ହି. ଶବ୍ଦସାଗର)—
22. Opportunity.

୨୩ । ଚରଣାମୃତ; ପାଦୋଦକ (ହି. ଶବ୍ଦସାଗର)—
23. Water with which the feet of an idol or holy person is washed.

୨୪ । ପୁଣ୍ୟ କାଳ (ହି. ଶବ୍ଦସାଗର)—
24. Holy time.

୨୫ । ଦଶନାମୀ ସନ୍ନ୍ୟାସୀଙ୍କ ଉପାଧିବିଶେଷ—
25. A title assumed by Daśanāmī Sannyāsis.
(ଯଥା—ଦଶନାମୀ ସନ୍ନ୍ୟାସୀ ତଳେ ନୋଟ ଦେଖ ।)

୨୬ । ପାର କରନ୍ତା ନାଉରୀ (ହି. ଶବ୍ଦସାଗର)—
26. A person who ferries or takes another across a river.

୨୭ । ଈଶ୍ୱର (ହି. ଶବ୍ଦସାଗର)—27. God.

୨୮ । ମାତା ଓ ପିତା (ହି. ଶବ୍ଦସାଗର)—28. Parents.

୨୯ । ଅବତାର (ହି. ଶବ୍ଦସାଗର)—29. Incarnation.

୩୦ । ଅତିଥି (ହି. ଶବ୍ଦସାଗର)—
30. Honoured guest.

୩୧ । (ରାଷ୍ଟ୍ର ନୀତି) ରାଷ୍ଟ୍ରର ୧୮ଟି ସମ୍ପତ୍ତି—
31. (Hindu Political Science) The 18 items constituting the wealth of a kingdom.

[ଦ୍ର—ଏ ୧୮ଟି ତୀର୍ଥ ଯଥା—୧. ମନ୍ତ୍ରୀ, ୨. ପୁରୋହିତ, ୩. ଯୁବରାଜ, ୪. ରାଜା, ୫. ଦ୍ୱାରପାଳ, ୬. ଅନ୍ତର୍ବେଶିକ ବା ଅନ୍ତଃପୁର ରକ୍ଷକ, ୭. କାରାଗାରାଧ୍ୟକ୍ଷ, ୮. ଦ୍ରବ୍ୟ ସଞ୍ଚୟକାରକ, ୯. କୃତ୍ୟାକୃତ୍ୟ ଅର୍ଥର ବିନିଯୋଜକ, ୧୦. ପ୍ରଦେଷ୍ଟା, ୧୧. ନଗରାଧ୍ୟକ୍ଷ, ୧୨. କାର୍ଯ୍ୟ ନିର୍ମାଣକାରକ, ୧୩. ଧର୍ମାଧ୍ୟକ୍ଷ, ୧୪. ସଭ୍ୟାଧ୍ୟକ୍ଷ, ୧୫. ଦଣ୍ଡପାଳ, ୧୬. ଦୁର୍ଗପାଳ, ୧୭. ରାଷ୍ଟ୍ରାନ୍ତପାଳ ଓ ୧୮. ଅଟବୀପାଳ । ହି. ଶବ୍ଦସାଗର ।]

[ଦ୍ର—ଟୀକା (୧) ହିନ୍ଦୁ ଶାସ୍ତ୍ର ମତରେ ତୀର୍ଥ ୩ ଶ୍ରେଣୀର, ଯଥା—ଜଙ୍ଗମ ତୀର୍ଥ=ବ୍ରାହ୍ମଣ, ସାଧୁ, ଗୁରୁଜନ । ସ୍ଥାବର ତୀର୍ଥ— ଗଙ୍ଗା, ଗୋଦାବରୀ, କାଶୀ, ପ୍ରୟାଗ, ପୁରୁଷୋତ୍ତମ ଆଦି । ମାନସ ତୀର୍ଥ=ସତ୍ୟ, କ୍ଷମା, ଦୟା, ଇନ୍ଦ୍ରିୟସଂଯମ, ଦାନ, ଦମ, ସନ୍ତୋଷ, ସରଳତା, ବ୍ରହ୍ମଚର୍ଯ୍ୟ, ପୁଣ୍ୟକର୍ମ, ଜ୍ଞାନ, ମନଃଶୁଦ୍ଧି, ପ୍ରିୟବାଦିତା ଓ ଧୃତି ।

ଟୀକା (୨) ଦେବ ଓ ପିତୃ କାର୍ଯ୍ୟାଦିରେ ଡାହାଣ ହାତର ନିମ୍ନଲିଖିତ ଅଂଶମାନ ତୀର୍ଥରୂପେ କଳ୍ପିତ ହୁଏ । ଅଙ୍ଗୁଳିମାନଙ୍କର ଅଗ୍ରଭାଗ—ଦୈବତୀର୍ଥ; କନିଷ୍ଠା ଓ ଅନାମିକାର ଅଗ୍ରଭାଗ— ପ୍ରାଜାପତ୍ୟ ବା କାୟତୀର୍ଥ, ଅଙ୍ଗୁଷ୍ଠ ଓ ତର୍ଜନୀର ମଧ୍ୟଭାଗ—ପିତୃ ବା ପୈତୃ ତୀର୍ଥ; ଅଙ୍ଗୁଷ୍ଠର ମୂଳଭାଗ—ବ୍ରହ୍ମତୀର୍ଥ । ଦୈବତୀର୍ଥଦ୍ୱାରା ଦେବକାର୍ଯ୍ୟ, ପ୍ରାଜାପତ୍ୟତୀର୍ଥଦ୍ୱାରା ତର୍ପଣାଦି ପିତୃକାର୍ଯ୍ୟ, ପିତୃତୀର୍ଥ ଦ୍ୱାରା ପିଣ୍ଡଦାନ ଓ ବ୍ରହ୍ମତୀର୍ଥଦ୍ୱାରା ଆଚମନ କରାଯାଏ ।

ଟୀକା (୩) ବିଦ୍ୟାର କୌଣସି ଶାଖାରେ ବ୍ୟୁତ୍ପତ୍ତି ଲାଭ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ନ୍ୟାୟତୀର୍ଥ, ବ୍ୟାକରଣ-ତୀର୍ଥ, ବେଦାନ୍ତତୀର୍ଥ, କାବ୍ୟତୀର୍ଥ ଆଦି ଉପାଧି ପ୍ରଦତ୍ତ ହୋଇ-ଥାଏ । ଏ ସ୍ଥଳରେ ତୀର୍ଥ ଶବ୍ଦର ଅର୍ଥ ଆଚାର୍ଯ୍ୟ ବା ଅଧ୍ୟାପକ ।]

୧	ତ	ଡ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଶ	କ୍ଷ	ଇଂ	ଉଃ	ଝ
୨	ଈ	ଊ	ରୁ	ଲୃ	ପୈ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	୬	୮

ତୀର୍ଥକ—ସଂ. ବି (ତୀର୍ଥ+କ)—୧ । ବ୍ରାହ୍ମଣ—
Tirthaka 1. A Brāhmaṇa.
୨ । ତୀର୍ଥକର (ଦେଖ)—2. Tirthakara (See)
୩ । ତୀର୍ଥକୁ ଯାତ୍ରା କରୁଥିବା ବ୍ୟକ୍ତି—
3. A person about to start on pilgrimage.

ତୀର୍ଥକର—ସଂ. ବି. (ତୀର୍ଥ=ଶାସ୍ତ୍ର+କୃ ଧାତୁ+କର୍ତ୍ତୃ. ଅ)—
Tirthakara ୧ । ଜୈନ ଶାସ୍ତ୍ରପ୍ରଣେତା—1. Author of
(ତୀର୍ଥଙ୍କର—ଅନ୍ୟରୂପ) Jaina religious books.
୨ । ଜିନ ବା ବୌଦ୍ଧମତ-ପ୍ରବର୍ତ୍ତକ ମୁନି; ଜୈନ ଧର୍ମଗୁରୁ—
2. A Buddhist or Jaina saint.
[ଦ୍ର—ତୀର୍ଥକରମାନେ ଜୈନମାନଙ୍କର ଉପାସ୍ୟଦେବ । ଏମାନଙ୍କୁ ଜୈନମାନେ ଦେବତାଙ୍କଠାରୁ ଶ୍ରେଷ୍ଠ, ମୁକ୍ତିଦାତା ଓ ସର୍ବଦୋଷ ଘାତକ ବୋଲି ମାନନ୍ତି । ଏମାନଙ୍କର ଦିଗମ୍ବର (ନଗ୍ନ) ମୂର୍ତ୍ତି ସ୍ଥାପିତ କରି ଜୈନମାନେ ପୂଜା କରନ୍ତି । କେବଳ ଭିନ୍ନ ଭିନ୍ନ ତୀର୍ଥଙ୍କରଙ୍କର ବର୍ଣ୍ଣ ଓ ସିଂହାସନର ଆକାର ଭିନ୍ନ ଅଟେ । ଗତ ଅବସର୍ପିଣୀ (ଜୈନ ଯୁଗ)ରେ ୨୪ ତୀର୍ଥକର ଅବତୀର୍ଣ୍ଣ ହୋଇଥିଲେ । ଯଥା—୧. କେବଳଜ୍ଞାନୀ, ୨. ନିର୍ବାଣୀ, ୩. ସାଗର, ୪. ମହାଯଶ ୫. ବିମଳନାଥ, ୬. ସର୍ବାନୁଭୂତି, ୭ ଶ୍ରୀଧର, ୮. ଦତ୍ତ, ୯. ଦାମୋଦର, ୧୦. ସୁତେଜ, ୧୧. ସ୍ୱାମୀ, ୧୨ ମୁନି ସୁବ୍ରତ, ୧୩. ସୁମତି, ୧୪. ଶିବଗତି, ୧୫. ଅସ୍ତାଗ, ୧୬. ନେମୀଶ୍ୱର, ୧୭. ଅନିଲ, ୧୮. ଯଶୋଧର, ୧୯. କୃତାର୍ଥ, ୨୦. ଜିନେଶ୍ୱର, ୨୧. ଶୁଦ୍ଧମତି, ୨୨ ଶିବକର, ୨୩. ସ୍ୟନ୍ଦନ ଓ ୨୪ ସମ୍ପ୍ରତି ।
ବର୍ତ୍ତମାନ ଅବସର୍ପିଣୀର ଆରମ୍ଭରୁ ଯେଉଁ ତୀର୍ଥକର ମାନେ ଅବତୀର୍ଣ୍ଣ ହୋଇଅଛନ୍ତି ସେମାନଙ୍କ ନାମ, ଯଥା—୧. ଋଷଭ ଦେବ, ୨. ଅଜିତନାଥ, ୩. ସମ୍ଭବନାଥ, ୪. ଅଭିନନ୍ଦନ, ୫. ସୁମତିନାଥ, ୬. ପଦ୍ମପ୍ରଭ, ୭. ସୁପାର୍ଶ୍ୱନାଥ, ୮. ଚନ୍ଦ୍ରପ୍ରଭ, ୯. ସୁବୁଦ୍ଧିନାଥ, ୧୦. ଶୀତଳନାଥ, ୧୧. ଶ୍ରେୟାଂସ ନାଥ, ୧୨. ବାସୁ ପୂଜ୍ୟ ସ୍ୱାମୀ, ୧୩. ବିମଳନାଥ, ୧୪. ଅନନ୍ତ ନାଥ, ୧୫. ଧର୍ମନାଥ, ୧୬. ଶାନ୍ତିନାଥ, ୧୭. କୁନ୍ଥୁନାଥ, ୧୮. ଅମରନାଥ, ୧୯. ମଲ୍ଲିନାଥ, ୨୦. ମୁନି ସୁବ୍ରତ, ୨୧ ନମିନାଥ, ୨୨. ନେମିନାଥ, ୨୩. ପାର୍ଶ୍ୱନାଥ ବା ପରେଶନାଥ ଓ ୨୪. ମହାବୀର ସ୍ୱାମୀ । ଏଥି ମଧ୍ୟରୁ ଋଷଭ, ବାସୁପୂଜ୍ୟ ଓ ନେମିନାଥଙ୍କ ମୂର୍ତ୍ତିମାନ ଯୋଗାସନରେ ବସିଥିବା ଆକାରରେ ନିର୍ମିତ, ଅନ୍ୟମାନଙ୍କର ଦଣ୍ଡାୟମାନ ମୂର୍ତ୍ତି । କଲିକତାରେ ଅପର ସର୍କୁଲାର୍ ରୋଡ୍‌ର ପୂର୍ବ ଦିଗରେ କାରୁକାର୍ଯ୍ୟ ସୁଶୋଭିତ ବିଖ୍ୟାତ ମନ୍ଦିରରେ ପ୍ରତିଷ୍ଠିତ ପରେଶନାଥ ଉପରୋକ୍ତ ତୀର୍ଥଙ୍କରମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ହି. ଶବ୍ଦସାଗର]
୩ । ବିଷ୍ଣୁ—3. Bishṇu.

ତୀର୍ଥ କରିବା—ଦେ. କ୍ରି—ପୁଣ୍ୟ କ୍ଷେତ୍ର ଦର୍ଶନ କରି ସେଠାରେ ବିଧିମତେ
Tirtha kariba ଦେବଦର୍ଶନାଦି ଅନୁଷ୍ଠାନ ସମ୍ପାଦନ କରିବା—
तीर्थ करना To visit a place of pilgrimage and
तीरथ करनो perform due rites there.

ତୀର୍ଥ କାକ—ସଂ. ବି. (ତୀର୍ଥରେ କାକ ପରି)—
Tirtha kāka ୧ । ତୀର୍ଥ ସ୍ଥାନମାନଙ୍କରେ ଥିବା କୁଆମାନଙ୍କ ପରି ଲୋଭୀ ବ୍ୟକ୍ତି ; ଲୋଲୁପ ବ୍ୟକ୍ତି—
One who (like the crows frequenting places of pilgrimage) is extremely avaricious.
୨ । (୭ମୀ ତତ୍) ତୀର୍ଥ ସ୍ଥାନରେ ଥିବା କାକ—
2. The crows frequenting holy places of pilgrimage.

ତୀର୍ଥକୃତ୍—ସଂ. ବି. (ତୀର୍ଥ=ଶାସ୍ତ୍ର+କୃତ୍=ଯେ କରେ)—
Tirthakṛut ୧ । ତୀର୍ଥକର (ଦେଖ)—
(ତୀର୍ଥଂକୃତ୍—ଅନ୍ୟରୂପ) Tirthakara (See)
୨ । ଶାସ୍ତ୍ରକାର—2. The author of religious works.

ତୀର୍ଥଙ୍କର—ସଂ. ବି.—(ତୀର୍ଥଂ+କୃ ଧାତୁ+କର୍ତ୍ତୃ ଅ)-ତୀର୍ଥକର (ଦେଖ)
Tirthaṅkara Tirthakara (See)

ତୀର୍ଥ ଦେବ—ସଂ. ବି.—ଶିବ; ମହାଦେବ (ହି. ଶବ୍ଦସାଗର)
Tirtha deba Śiba.

ତୀର୍ଥ ପତି—ସଂ. ବି. (୬ଷ୍ଠୀ ତତ୍; ତୀର୍ଥ+ପତି)—ତୀର୍ଥ ରାଜ (ଦେଖ)
Tirtha pati Tirtha rāja (See)

ତୀର୍ଥ ପାଦ—ସଂ. ବି.—(ବହୁବ୍ରୀହି; ତୀର୍ଥ+ପାଦ)-ବିଷ୍ଣୁ-(ହି. ଶବ୍ଦସାଗର)-
Tirtha pāda Bishṇu

ତୀର୍ଥପାଦୀୟ—ସଂ. ବି.—(ତୀର୍ଥପାଦ+ଈୟ)—ବୈଷ୍ଣବ (ହି. ଶବ୍ଦସାଗର)-
Tirthapādiya A devotee of Bishṇu.

ତୀର୍ଥବାକ—ସଂ. ବି. (ତୀର୍ଥ+ବଚ୍ ଧାତୁ+କର୍ତ୍ତୃ. ଅ)—କେଶ; ବାଳ—
Tirthabāka The hair.

ତୀର୍ଥ ବାସ—ସଂ. ବି. (୭ମୀ ତତ୍; ତୀର୍ଥ+ବାସ)—ପୁଣ୍ୟକ୍ଷେତ୍ରରେ
Tirtha bāsa ଅବସ୍ଥାନ—Residence in a holy place.
[ଦ୍ର—ମୁକ୍ତି କାମନାରେ ଲୋକେ ବୃଦ୍ଧାବସ୍ଥାରେ ବା ଜୀବନର ଶେଷଭାଗରେ ତୀର୍ଥରେ ବାସ କରି ରହି ଥାଆନ୍ତି ।]

ତୀର୍ଥ ବାସୀ—ସଂ. ବିଣ. ପୁଂ (ତୀର୍ଥ+ବାସୀ=ଯେ ବାସ କରେ)—
Tirtha bāsi ୧ । ଯେଉଁମାନେ ତୀର୍ଥରେ ବାସ କରନ୍ତି—
(ତୀର୍ଥବାସିନୀ—ସ୍ତ୍ରୀ) 1. Inhabiting a sacred place.
୨ । ମୁକ୍ତି କାମନାରେ ଯେଉଁମାନେ ବୃଦ୍ଧାବସ୍ଥା ବା ଶେଷ ଜୀବନରେ କୌଣସି ତୀର୍ଥରେ ବାସ କରନ୍ତି—
2. Taking up residence at some sacred place to pass the last days of life.
ସଂ.ବି.—୧ । ଯେଉଁ ବ୍ରାହ୍ମଣମାନେ କୌଣସି ତୀର୍ଥରେ ବାସ କରନ୍ତି ଓ ଯାହାଙ୍କୁ ତୀର୍ଥରେ ଦାନାଦି କରିବା ପ୍ରଶସ୍ତ ଅଟେ—
1. Brahmans who are residents of a tirtha and to whom gifts are enjoined in the Hindu śāstras.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ ।

୨ । ପଣ୍ଡା—2. A priest who guides a pilgrim through the shrines of a particular holy place.

ତୀର୍ଥ ଭୂତ—ସଂ. ବି. (ତୀର୍ଥ + ଭୂତ)-- ତୀର୍ଥରେ ପରିଣତ; ପବିତ୍ରିତ—
Tirtha bhūta Sanctified.

ଦେଖି ମୋ ଅସ୍ଥି କୁତକୁତ,
ତେହ୍ନିକୁ କଲ ତୀର୍ଥଭୂତ । ଜଗନ୍ନାଥ. ଭାଗବତ ।

ତୀର୍ଥ ମୃତ୍ୟୁ—ସଂ. ବି. (୭ମୀ ତତ୍, ତୀର୍ଥ+ମୃତ୍ୟୁ)—କୌଣସି ତୀର୍ଥ ବା
Tirtha mṛutyu ପୁଣ୍ୟସ୍ଥାନରେ ମରଣ—Death at a holy place.

[ଦ୍ର—ତୀର୍ଥସ୍ଥାନରେ ମୃତ୍ୟୁ ହେଲେ ସ୍ୱର୍ଗଲାଭ ହୁଏ ବୋଲି ହିନ୍ଦୁଙ୍କର ବିଶ୍ୱାସ ।].

ତୀର୍ଥମୃତ୍ୟୁ ଯୋଗ—ସଂ. ବି. (୭ମୀ ଓ ୬ଷ୍ଠୀ ତତ୍; ତୀର୍ଥ+ମୃତ୍ୟୁ+
Tirthamṛutyu joga ଯୋଗ)—ଫଳିତ ଜ୍ୟୋତିଷୋକ୍ତ ଯୋଗବିଶେଷ—A special conjunction of stars and planets in a person's horoscope which enables him to pass his last days at some sacred place.

[ଦ୍ର—ଜାତକରେ କେତେକ ବିଶିଷ୍ଟ ଗ୍ରହଙ୍କ ମିଳନରେ ଏ ଯୋଗ ଘଟେ । ଜାତକରେ ଯେବେ ନବମାଧିପତି ଗ୍ରହ ନବମକୁ ଦେଖୁଥିବେ, ଲଗ୍ନାଧିପ ଲଗ୍ନକୁ ଦେଖୁଥିବେ, ଅଷ୍ଟମାଧିପତି ଅଷ୍ଟମକୁ ଦେଖୁଥିବେ କିମ୍ବା ଲଗ୍ନର ଅଷ୍ଟମ ସ୍ଥାନରେ ବୃହସ୍ପତି ଥିବେ ତାହା ହେଲେ ଏ ଯୋଗ ହୁଏ । ଯାହାଙ୍କର ଜାତକରେ ଏ ଯୋଗ ଥାଏ କୌଣସି ସୁତୀର୍ଥରେ ତାଙ୍କର ମୃତ୍ୟୁ ହୁଏ— ଶବ୍ଦରତ୍ନ ପଞ୍ଜିକା ।]

ତୀର୍ଥ ଯାତ୍ରା—ସଂ. ବି. (୪ର୍ଥୀ ତତ୍, ତୀର୍ଥ କରିବାପାଇଁ ଯାତ୍ରା)—
Tirtha jātrā ୧ । ତୀର୍ଥକୁ ଗମନ— . Pilgrimage.

୨ । କୌଣସି ତୀର୍ଥକୁ ଯିବାପାଇଁ ଘରୁ ଅନୁକୂଳ କରି ବାହାରିବା—2. Starting on pilgrimage.

ତୀର୍ଥ ଯାତ୍ରୀ—ସଂ. ବି. (ତୀର୍ଥ + ଯାତ୍ରୀ)—ଯାତ୍ରୀ; ତୀର୍ଥକୁ ଯାଉଥିବା
Tirtha jātri ବ୍ୟକ୍ତି—A pilgrim.

ତୀର୍ଥ ରାଜ—ସଂ. ବି (୬ଷ୍ଠୀ ତତ୍; ତୀର୍ଥ + ରାଜନ୍)—୧ । ଶ୍ରେଷ୍ଠତୀର୍ଥ—
Tirtha rāja 1. Most sacred place.

(ତୀର୍ଥପତି—ଅନ୍ୟରୂପ) ୨ । ଗୟା—2. Gya

୩ । କାଶୀ—3. Benares.

୪ । ପ୍ରୟାଗ—4. Allahabad

୫ । ପୁରୁଷୋତ୍ତମ; ପୁରୀ – 5. Puri.

୬ । ସମୁଦ୍ର—6. The ocean.

ତୀର୍ଥ ରାଜୀ—ସଂ.ବି.ସ୍ତ୍ରୀ(ବହୁବ୍ରୀହି; ତୀର୍ଥ + ରାଜୀ—ଶ୍ରେଣୀ; ଯେଉଁଠାରେ ଅନେକ
Tirtha rāji ତୀର୍ଥ ଥିବାରୁ)—କାଶୀ; ବାରାଣସୀ—Benares.

ତୀର୍ଥ ସେବୀ—ସଂ. ବିଣ. (ବହୁବ୍ରୀହି; ତୀର୍ଥ+ସେବନ୍; ୧ମା. ୧ବ.)—
Tirtha sebi ତୀର୍ଥବାସୀ—Residing in a holy place.

ସଂ. ବି.—ବକପକ୍ଷୀ; ବଗ—An aquatic bird; Ardea Nivea.

ତୀର୍ଥାଟନ—ସଂ. ବି. (ତୀର୍ଥ+ଅଟନ)—୧ । ତୀର୍ଥଦର୍ଶନ; କୌଣସି
Tirthāṭana ତୀର୍ଥକୁ ଯିବା—2. Pilgrimage.

ତୀର୍ଥ ପର୍ଯ୍ୟଟନ, ତୀର୍ଥ ଭ୍ରମଣ }—ଅନ୍ୟରୂପ ୨ । ନାନା ତୀର୍ଥ ଦର୍ଶନ କରିବା ପାଇଁ ଭ୍ରମଣ—
1. Peregrination or travelling about various sacred places.

ତୀର୍ଥିକ—ସଂ. ବି. (ତୀର୍ଥ+ଇକ)— ୧ । ତୀର୍ଥଙ୍କର (ଦେଖ)
Tirthika 1. Tirthakara (See)

୨ । କୌଣସି ତୀର୍ଥର ପଣ୍ଡା—2. A priest belonging to a particular centre of pilgrimage.

୩ । (ବୌଦ୍ଧମତରେ) ବୌଦ୍ଧଧର୍ମବିଦ୍ୱେଷୀ ବ୍ରାହ୍ମଣ—
3. (according to theBudhists) A Brāhmaṇa who is inimically disposed towards Buddhism.

ତୀର୍ଥୋଦକ—ସଂ. ବି. (୬ଷ୍ଠୀ ତତ୍; ତୀର୍ଥ + ଉଦକ)—ଗଙ୍ଗା ଆଦି
Tirthodaka ତୀର୍ଥର ପବିତ୍ର ଜଳ—Water from sacred reservoirs.

[ଦ୍ର—ବିଭିନ୍ନ ସ୍ଥାନରୁ ତୀର୍ଥଜଳ ଆଣିଯାଇ ଦେବତା ପ୍ରତିଷ୍ଠା, ଜଳାଶୟ ପ୍ରତିଷ୍ଠା, ଗୃହପ୍ରତିଷ୍ଠା, ରାଜାଙ୍କ ଅଭିଷେକ, ଯଜ୍ଞ, ହୋମ ଆଦି ଅନୁଷ୍ଠାନରେ ବ୍ୟବହୃତ ହୁଏ ।]

ତୀର୍ଥ୍ୟ—ସଂ. ବି.—(ତୀର୍ଥ + ଯ)—୧ । ରୁଦ୍ରବିଶେଷ—
Tirthya 1. Name of one of the Rudra Deities.

୨ । ସହପାଠୀ; ଏକ ଗୁରୁଙ୍କ ନିକଟରେ ବିଦ୍ୟାଶିକ୍ଷା କରୁଥିବା ଛାତ୍ରଗଣ—The students reading under the same preceptor.

ତୁ—ସଂ. ଅ—ପାଦପୂରଣାର୍ଥ—A conjunction used in conclu-
Tu ding a sentence.

[ଦ୍ର—ଏହା ସଂସ୍କୃତରେ ବ୍ୟବହୃତ ହୁଏ; ଓଡ଼ିଆରେ ବ୍ୟବହୃତ ହୁଏ ନାହିଁ ।]

(ତୁତ୍—ଅନ୍ୟରୂପ) ଦେ. ଅ.—କୁକୁରକୁ ପାଖକୁ ଡାକିବାର ଶବ୍ଦ—
A shout to call a dog to one's side.

तुई ଦେ. ସର୍ବ. (ସଂ. ତ୍ୱଂ; ପ୍ରା. ତୁଂ)—(ଅମାନ୍ୟାର୍ଥ ୨ୟ ପୁରୁଷ
तू • ୧ବଚନ) 'ତୁମ୍ଭେ'ର ଅମାନ୍ୟାର୍ଥକ ରୂପ—
Thou (contemptuously used).

[ଦ୍ର—ସ୍ନେହ ଓ ବାତ୍ସଲ୍ୟାର୍ଥରେ ମଧ୍ୟ 'ତୁ' ବ୍ୟବହୃତ ହୁଏ । ଅତି ଭକ୍ତିରେ ଈଶ୍ୱରଙ୍କୁ ମଧ୍ୟ 'ତୁ' ବୋଲି ସମ୍ବୋଧନ କରାଯାଏ; ଯଥା—ତୁ ନାଥ ପରମ ଦୟାଳୁ, ଦୁଷ୍ଟ ନବାର ସନ୍ଥ ପାଳୁ ।]

ତୁଅ(ଅ)—ଦେ. ବି—ଥର; ବାର—Time.
Tua (ã) (ଯଥା—ଆଜି ତିନି ତୁଅ ବରଷା ହେଲାଣି ।)
बार वार

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	ଜ୍ଞ	ଇଅ	ଉଅ	ଣ
୨	ଈ	ଊ	ରୁ	ଳ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଓ	ନ

ତୁଆଇବା—ଦେ. କ୍ରି—କୌଣସି କାର୍ଯ୍ୟ ଥରକୁଥର କରିବା—
Tuāibā To do a work over and over; to repeatedly do a work.

ତୁଆଇ ତୁଆଇ—ଦେ. କ୍ରି ଵଣ—୧ । ଥରକୁ ଥର—
Tuāi tuāi 1. Repeatedly; again and again.
(ତୁଆତୁଆ—ଅନ୍ୟରୂପ) ତୁଆଇ ତୁଆଇ ପୁଣ ଦେଉଥିଲେ
বারবার ଲୁହା କ ହୋଇବ ସୁନା ? ଡଗ ।
बार'बार
୨ । ଅବଶ୍ରାନ୍ତଭାବରେ—2 Unremittingly.

ତୁଇ—ଗ୍ରା. ସର୍ବ. ('ତୁମ୍ଭେ'ର ଅନାଦରାର୍ଥକ ରୂପ)—୧ । ନିଶ୍ଚୟ ତୁ—
Tui তুই तूइ 1. Certainly thou.
୨ । ତୁ—2. Thou.

ତୁଉଟା—ଦେ. ସର୍ବ. (ଅନାଦରାର୍ଥକ)—ତୁ ଛାର ଲୋକ—
Tu-uṭā তুটা तुहैं Thou despicable person.

ତୁଁଡ଼୍—ପ୍ରାଦେ. (ସମ୍ବଲପୁର) ବି—ତୁଣ୍ଡ; ପାଟି—
Tuṅḍ Mouth.
କେଁକଡ଼ା ଠାଣ୍ଡୁ, ଛେଳର ମୁଁଡ଼୍
ଖାଇଲେ ସଫଲ ହେବା ତୁଁଡ଼୍ । ଢଗ ।

ତୁକ୍—ସଂ. ବି. (ତୁଜ୍ ଧାତୁ=ପାଳନ କରିବା+କର୍ମ. କ୍ୱିପ୍)—
Tuk ସନ୍ତାନ; ଅପତ୍ୟ—Offspring; child.

ତୁକାର—ଦେ. ବି—୧ । ଅଶିଷ୍ଟ ସମ୍ବୋଧନ; ଅମାନ୍ୟ ବଚନ—
Tukāra 1. Slang language; derisive or
তুই তুকারী disrespectful words.
तुकार ୨ । ଭର୍ତ୍ସନା—2. Rebuke.
ଦେ. ବଣ—ଅବମାନନାସୂଚକ—
Disrespectful; slang.
(ଯଥା—ସେ କାହାର ତୁକାର ପଦ ସହିବ ନାହିଁ ।)

ତୁକାରିବା—ଦେ. କ୍ରି—ଅମାନ୍ୟ ବଚନ କହିବା; 'ତୁ, ତା, ରେ, ରି'
Tukāribā କହିବା—To rebuke with slang
তুই তুকারী করা language.
तुकारना ଶାକୁନ୍ତଳୁ ମଧ୍ୟ ସେ ବୋଇଲା ତୁକାଇ । କୃଷ୍ଣସିଂହ, ମହାଭାରତ ସଭା ।

ତୁଖଡ଼୍—ବୈଦେ. ବି. (ଫା. ତଖ୍ଖଡ଼୍)—୧ । ବିବାଦ—
Tukhaṛd 1. Dispute.
(ତୁଖୁଡ଼୍—ଅନ୍ୟରୂପ) ୨ । ବିବାଦ ବିସମ୍ବାଦ; କଳିକଜିଆ—
তুখড়; তোখড় 2. Quarrel.
तगड़ा ବଣ—୧ । ବଳିଷ୍ଠ—1. Strong; mighty.
୨ । ନିପୁଣ—2. Skilful.
୩ । କର୍ମଠ—3. Active.
୪ । ଚାଲାକ; ଚତୁର—4. Clever.

ତୁଗା—ସଂ. ବି—ବଂଶଲୋଚନା—
Tugā The manna of bamboo.
(ତୁଗା କ୍ଷୀରୀ—ଅନ୍ୟରୂପ)

ତୁଙ୍ଗ—ସଂ. ବଣ. (ତୁନଜ୍ ଧାତୁ=ବଳିଷ୍ଠ ହେବା+କର୍ତ୍ତୃ. ଅ)—
Tuṅga ୧ । ଉଚ୍ଚ; ଉନ୍ନତ—1. High; elevated; lofty; prominent.
୨ । ଢେଙ୍ଗା—2. Tall.
୩ । ପ୍ରଧାନ; ଶ୍ରେଷ୍ଠ—3. Chief; superior.
୪ । ଉଗ୍ର; ପ୍ରଚଣ୍ଡ—4. Fierce; violent.
୫ । ମହାକାୟ—5. Stupendous.
୬ । ଉତ୍କୃଷ୍ଟ—6. Excellent.
ସଂ. ବି—୧ । ପୁଷ୍ପର କିଞ୍ଜଳ୍କ ବା କେଶର—
1. Filaments of a flower.
୨ । ପୁନ୍ନାଗ; ନାଗକେଶର (ଦେଖ)
2. Mesua Ferra (tree and flower).
୩ । ପର୍ବତ—3. Mountain.
୪ । ମେଷାଦି ରାଶି—4. Name of the solar mansions or signs (Hindu astronomy).
୫ । ବୁଧଗ୍ରହ—5. The planet Mercury.
୬ । ଅତ୍ରିମୁନିଙ୍କ ପୁତ୍ର—
6. Name of the son of sage Atri.
୭ । ତାଳ, ନଡ଼ିଆ ଆଦି ଢେଙ୍ଗା ଗଛ—7. Cocoanut and similar tall trees; the palms.
୮ । ଶିବ (ହି. ଶବ୍ଦସାଗର) (ଦେଖ)—1. Siba See)

ତୁଙ୍ଗକ—ସଂ. ବି. (ତୁଙ୍ଗ+କ)—ନାଗେଶ୍ୱର ଗଛ—
Tuṅgaka Mesua Ferra (tree)

ତୁଙ୍ଗତା—ସଂ. ବି. (ତୁଙ୍ଗ+ଭାବ. ତା.)—ଉଚ୍ଚତା—
Tuṅgatā Height; elevation; altitude.

ତୁଙ୍ଗନାଥ—ସଂ. ବି—ହିମାଳୟ ଉପରେ ଥିବା ଶିବଲିଙ୍ଗ ଓ ତୀର୍ଥସ୍ଥାନ-
Tuṅganātha Name of a Siba Liṅga and holy place on the Himalayas.

ତୁଙ୍ଗଭଦ୍ର—ସଂ. ବି. (ତୁଙ୍ଗ+ଭଦ୍ର)—ମତ୍ତହସ୍ତୀ—
Tuṅga bhadra A maddened or excited male elephant; a restive elephant.

ତୁଙ୍ଗଭଦ୍ରା—ସଂ. ବି. ସ୍ତ୍ରୀ—ଦକ୍ଷିଣଭାରତର କୃଷ୍ଣାନଦୀର ଶାଖାନଦୀ-
Tuṅga bhadrā ବିଶେଷ—Name of a river in
(ତୁଙ୍ଗବେଣୀ—ଅନ୍ୟନାମ) Southern India.
[ଦ୍ର—ପଶ୍ଚିମଘାଟ (ସହ୍ୟାଦ୍ରି) ପର୍ବତରୁ ତୁଙ୍ଗା ଓ ଭଦ୍ରାନାମକ ଦୁଇଟି ହ୍ରଦ୍ ନଦୀ ବାହାରି ଦାକ୍ଷିଣାତ୍ୟର ହାଇଦ୍ରାବାଦ ରାଜ୍ୟର ଦକ୍ଷିଣସୀମା ଦେଇ କୃଷ୍ଣାନଦୀ ସଙ୍ଗେ ମିଳିତ ହେବା ପରେ ପୂର୍ବାଭିମୁଖରେ ବଙ୍ଗୋପସାଗରରେ ପଡ଼ିଅଛନ୍ତି । କୃଷ୍ଣାନଦୀର ପ୍ରଥମ ଅଂଶକୁ ତୁଙ୍ଗଭଦ୍ରା ବୋଲଯାଏ ।]

ତୁଙ୍ଗ ଶେଖର—ସଂ. ବି. (ବହୁବ୍ରୀହି; ତୁଙ୍ଗ+ଶେଖର)—
Tuṅga śekhara ଅତି ଉଚ୍ଚ ପର୍ବତ Very high mountain.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଣ' ଖୋଜିବେ; 'କୃଅ' ନ ମିଳିଲେ 'କ୍ରଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ, 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତୁଙ୍ଗ ସାର—ଦେ. ବଣ—ଅତ୍ୟୁଚ୍ଚ—
Tunga sāra Very high.
ଦବର ବଗେଳିକ ତୁଙ୍ଗସାର ଧ୍ୱଜ ତୁହାର ବସ୍ତଲ ହବ ।
ଉଦ୍ଧ. ବୈଦେହୀଶବିଳାସ ।

ତୁଙ୍ଗା—ସଂ. ବ. ସ୍ତ୍ରୀ (ତୁଙ୍ଗ+ଆ)—୧ । ବଂଶଲୋଚନା—
Tungā 1. The manna of bamboo.
୨ । ଶମୀ ଗଛ (ଦେଖ)—2. Śamī tree (See)
ଦେ. ବ—ତୁଙ୍ଗା; ଅରଣ୍ୟଜାତ ମୂଳବିଶେଷ—
A kind of edible bulbous root growing wild.
[ଦ୍ର—ଶବର ଆଦି ଜାତିର ଲୋକେ ଏହି ମୂଳ ସିଝା କରି ଖାଆନ୍ତି ।]

ତୁଙ୍ଗାଦ୍ରି—ସଂ. ବି. (ତୁଙ୍ଗ+ଅଦ୍ରି)—ଅତି ଉଚ୍ଚ ପର୍ବତ—
Tungādri Very high mountain.

ତୁଙ୍ଗିମା—ସଂ. ବି. (ତୁଙ୍ଗ+ଭାବ. ଇମନ୍)—ଉଚ୍ଚତା; ଔନ୍ନତ୍ୟ—
Tungimā Altitude; elevation; height.

ତୁଙ୍ଗୀ—ସଂ. ବିଣ. ପୁଂ. (ତୁଙ୍ଗ+ଇନ୍ ୧ମା. ୧ବ)—
Tungī ଉଚ୍ଚସ୍ଥାନରେ ସ୍ଥିତ—Situated on high.
ସ. ବି. ପୁଂ (ଜ୍ୟୋତିଷ)—ଉଚ୍ଚ ସ୍ଥାନଗତ ଗ୍ରହ—
(astrology) A planet appearing at a high point.
ସ. ବି. ସ୍ତ୍ରୀ. (ତୁଙ୍ଗ+ସ୍ତ୍ରୀ. ଈ)—୧ । ହଳଦୀ—
1. Turmeric.
୨ । ରାତ୍ରି—2. Night.
୩ । ଛତ୍ରଭୁଙ୍ଗ; ମହା ଶତାବରୀ—
3. A kind of juicy medicinal root; Asparagus root.
୪ । ବଣତୁଳସୀ (ହି. ଶବ୍ଦସାଗର)—
4. Wild Basil plant.

ତୁଙ୍ଗୀପତି—ସ. ବ. (୬ଷ୍ଠୀ ତତ୍; ତୁଙ୍ଗୀ=ରାତ୍ରି+ପତି)—ଚନ୍ଦ୍ର—
Tungī pati The moon.

ତୁଙ୍ଗୀଶ—ସ. ବ (୬ଷ୍ଠୀ ତତ୍; ତୁଙ୍ଗୀ=ରାତ୍ରି+ଈଶ)—୧ । ଚନ୍ଦ୍ର—
Tungīsa 1 The moon.
୨ । ସୂର୍ଯ୍ୟ—The sun.
୩ । ଶିବ—3. Śiba.
୪ । ଶ୍ରୀକୃଷ୍ଣ—4. Śrīkrushṇa.

ତୁଚ୍ଛ—ସ. ବଣ (ତୁଚ୍ ଧାତୁ=ଗଣନା କରିବା; ଓଜନ କରିବା+କର୍ମ. Tuchchha ଛ, ଯାହାକୁ ଅକିଞ୍ଚିତ୍କର ରୂପେ ଗଣନା କରାଯାଏ)—
୧ । ଅଳ୍ପ—1. Little.
୨ । ଅକିଞ୍ଚିତ୍କର; ସାମାନ୍ୟ—2. Insignificant.
୩ । ମୂଲ୍ୟହୀନ; ନଗଣ୍ୟ—3 Trifling; valueless.
୪ । ସାନ, କ୍ଷୁଦ୍ର—4. Small.
(ତୁଚ୍ଛତା—ବି) ୫ । ହୀନ; ହେୟ—5. Mean; contemptible.
୬ । ଅସାର—6. Worthless; unsubstantial.
୭ । ଶୂନ୍ୟ; ଖାଲି; ଫୋମ୍ପା—7. Empty;
୮ । ବର୍ଜିତ—8. Abandoned.
୯ । ନୀଚ—9. Low.
ସ. ବ—୧ । ତୁଷ; ଭୁଷି—1. Chaff.
୨ । ତୁତିଆ—2. Blue vitriol.
୩ । ନୀଳ ଗୁଳ୍ମ—Indigo plant.

ତୁଚ୍ଛକ—ଦେ (ପ୍ରାଚୀନ ପଦ୍ୟ) ବଣ—ଯାହାରକୁ ନିନ୍ଦା କରୁଥିବା ବା
Tuchchaka ବଳ ପଡ଼ୁଥିବା—Excelling.
ତରକୁଣ ପୃଥୁକୁହୁକ କୁନ୍ତଳା—ଉଦ୍ଧ. ବୈଦେହୀଶବିଳାସ
ସ. ବ—କଳା ଓ ଶାଗୁଆ ରଙ୍ଗର ମରକତ (ଏହା ଅତି ତୁଚ୍ଛ ବୋଲି ଜଣେ ଲେଖକ)—Black and green emerald.

ତୁଚ୍ଛ ଜ୍ଞାନ—ସ. ବ—ଘୃଣା; ଅବମାନନା—
Tuchchha jñāna Contempt; disregard.

ତୁଚ୍ଛତା—ସ. ବ. (ତୁଚ୍ଛ+ଭାବ. ତା)—୧ । ନୀଚତା—
Tuchchhatā 1. Meanness.
(ତୁଚ୍ଛତ୍ୱ—ଅନ୍ୟରୂପ) ୨ । ଅସାରତା—2. Worthlessness.
୩ । ଶୂନ୍ୟତା—3. Hollowness.

ତୁଚ୍ଛ ତାଚ୍ଛ(ଚ୍ଛି)ଲ୍ୟ—ଦେ. ବ—(ସ. ତୁଚ୍ଛ ଓ ତାଚ୍ଛଲ୍ୟ)—
Tuchchha tāchchha(chchhi)lya ୧ । ତୁଚ୍ଛଜ୍ଞାନ; ହେୟ ଜ୍ଞାନ—1. Disregard.
ତୁଚ୍ଛତାଚ୍ଛଲ୍ୟ
୨ । ଅପମାନ; ଅସମ୍ମାନ—2. Disgrace.
୩ । ଘୃଣା—3. Contempt.
୪ । ପରିହାସ—4. Derision; banter.

ତୁଚ୍ଛ ତାଚ୍ଛଲ୍ୟ କରିବା—ଦେ. କ୍ରି.—୧ । ଅବମାନନା କରିବା—
Tuchchha tāchchhalya kariba 1. To treat with derision; to despise.
ছোতাচ্ছিল্য করা
তুচ্ছ মাননা ୨ । ଘୃଣା କରିବା—2. To hold in contempt.

ତୁଚ୍ଛଦ୍ରୁ—ସ ବ (ତୁଚ୍ଛ=ଅସାର+ଦ୍ରୁ=ବୃକ୍ଷ)—ଗବଗଛ; ଏରଣ୍ଡ ବୃକ୍ଷ—
Tuchchhadru The castor-seed plant.

ତୁଚ୍ଛ ଧାନ୍ୟକ—ସ. ବ (ତୁଚ୍ଛ+ଧାନ୍ୟ+ସ୍ୱାର୍ଥେ. କ)—ଅଗାଡ଼ି—
Tuchchha dhānyaka. Chaff.

ତୁଚ୍ଛା—ସ. ବ (ତୁଚ୍ଛ+ଆ)—୧ । ନୀଳ ଗୁଳ୍ମ—
Tuchchhā 1. Indigo plant.
୨ । ତୁତିଆ—2. Blue vitriol.
୩ । ସୂକ୍ଷ୍ମଏଳା; ଛୋଟ ଅଳେଇଚ—
3. Small white cardamom.
ଦେ. ବଣ—ତୁଚ୍ଛା (ଦେଖ)—Tuchhā (See)

ତୁଚ୍ଛାତିତୁଚ୍ଛ—ସ. ବଣ (ତୁଚ୍ଛ+ଅତି ତୁଚ୍ଛ; ତୁଚ୍ଛଠାରୁ ମଧ୍ୟ ତୁଚ୍ଛତର)—
Tuchchhāti-tuchchha ୧ । ଅତ୍ୟଳ୍ପ ହେୟ—1. Very despicable; insignificant.

୧	ଠ	ଙ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଛ	ଇପ୍ସ	ତ୍ଥ	ଘ
୨	ଢ	ଉ	ରୁ	ଳ	ଫ୍ର	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଙ୍କ	ନ

୨ । ଅତି କ୍ଷୁଦ୍ର—2 Very small; minute.

ତୁଚ୍ଛା ମାଠିଆ ମିଶ୍ର—ଦେ. ବି (ନାମ)—ବଂଶୋପାଧିବିଶେଷ—
Tuchchhā māṭhiā miśra A family-title of certain Brahmans of Puri district

[ଦ୍ର—ଉତ୍କଳର ଗଙ୍ଗବଂଶ ରାଜା ମଦନମହାଦେବ ଓ ତାହାଙ୍କ ରାଣୀଙ୍କ ମଧ୍ୟରେ ଥରେ ବ୍ରାହ୍ମଣ ବଡ଼ ନା ବୌଦ୍ଧ ବଡ଼ ବୋଲି ତର୍କ ହେଲା । ରାଣୀ ବୌଦ୍ଧଙ୍କ ପକ୍ଷ ଏବଂ ରାଜା ବ୍ରାହ୍ମଣଙ୍କ ପକ୍ଷ ସମର୍ଥନ କଲେ । ତେଣୁ ଏ ବିଷୟ ପରୀକ୍ଷା ହେବାର ସ୍ଥିର ହେଲା । ଉଭୟ ପକ୍ଷର ଅଜ୍ଞାତରେ ଗୋଟିଏ ମାଠିଆରେ ସାପଟିଏ ରଖା ଯାଇ ମାଠିଆର ମୁହଁ ବନ୍ଦ କରାଗଲା ଏବଂ ମାଠିଆରେ କଅଣ ଅଛି ବୋଲି ଉଭୟ ପକ୍ଷଙ୍କୁ ପଚରା ଗଲା । ବୌଦ୍ଧମାନେ କହିଲେ, "ସର୍ପ ଅଛି" ମାତ୍ର ବ୍ରାହ୍ମଣମାନେ କହିଲେ, "ଭସ୍ମ ଅଛି" । ମାଠିଆ ଖୋଲାଯିବାରୁ ଦେଖାଗଲା ଯେ ସତକୁ ସତ ଭସ୍ମ ଅଛି । ଏଥିରେ ବୌଦ୍ଧମାନେ ପରାସ୍ତ ହୋଇ ପଳାୟନ କଲେ । ଯେଉଁ ବ୍ରାହ୍ମଣମାନଙ୍କ ତପୋବଳରେ ସର୍ପପୂର୍ଣ୍ଣ ମାଠିଆ ତୁଚ୍ଛା ମାଠିଆ ହେଲା ସେମାନେ ଏହି 'ତୁଚ୍ଛା ମାଠିଆ ମିଶ୍ର' ପଦ ପାଇଲେ । ଜଗବନ୍ଧୁ. ପ୍ରାଚୀନ. ଉତ୍କଳ ।]

ତୁଚ୍ଛୋଦରୀ—ଦେ. ବିଣ. ସ୍ତ୍ରୀ—(ତୁଚ୍ଛ+ଉଦର+ସ୍ତ୍ରୀ. ଈ)--କୃଶୋଦରୀ;
Tuchchhodarī କ୍ଷୀଣ କଟିବିଶିଷ୍ଟା (ସ୍ତ୍ରୀ)—Thin or slender-waisted (woman).

ତୁଛ—ଗ୍ରା. ବିଣ (ସଂ. ତୁଚ୍ଛ)—ତୁଚ୍ଛ (ଦେଖ)
Tuchha Tuchchha (See)

ତୁଛା—ଦେ. ବିଣ (ସଂ. ତୁଚ୍ଛ, ପ୍ରା. ତୁଚ୍ଛ)—୧ । ତୁଚ୍ଛ (ଦେଖ)—
Tuchhā 1. Tuchchha (See)
খালি ତୁଛା ଶଙ୍କା ଧରି ନ ପଡ଼ ନଳ ମୋହେ—
खालि, छुछा, छूँछा କୃଷ୍ଣସିଂହ. ମହାଭାରତ. ବନ ।

୨ । ଶୂନ୍ୟ; ରିକ୍ତ; ଫମ୍ପା—2. Empty.

୩ । ଏକାକୀ—3. Alone.

୪ । ଅନ୍ୟ କୌଣସି ପଦାର୍ଥର ସଙ୍ଗରହିତ—
4. Not accompanied by any other thing.

୫ । ଅଳଙ୍କାରହୀନ—
5. Bare; devoid of ornaments.

(ଯଥା—ବିଧବାର ତୁଛା ହାତ ।)

୬ । ଅର୍ଥଶୂନ୍ୟ (ହାତ)—6. Penniless.

୭ । କର୍ମଶୂନ୍ୟ; ବେକାର—7. Without employment.

୮ । ଯାହାଠାରେ ବୋଝ ବା ଅନ୍ୟ କୌଣସି ଦାୟିତ୍ୱ ନାହିଁ—8. Unencumbered.

୯ । ଅନଧିକୃତ—9. Unoccupied.

ଯଥା—ତୁଛା ଘର; ତୁଛା ପଲଙ୍କ ।)

ଝଟ ଉଠିଲେ ରଙ୍ଗ ବତ୍ସ, ଯେଉଁ ବନ୍ଧୁ ଥିଲେ ବିଦେଶ ଗଲେଣି,
ପଲଙ୍କ ପଡ଼ିଛି ତୁଛା । ଭଗ ।

ଦେ. କ୍ରି. ବିଣ—୧ । ତୁଛା; ଖାଲି; ମାତ୍ର; କେବଳ—
1. Simply; only; solely; merely.
বৃথা ତୁଛ ବସିଥିଲେ ହୋଇବ ସୃଷ୍ଟି କିସ । କୃଷ୍ଣସିଂହ. ମହାଭାରତ. ସଭା ।
बेफायदा ୨ । ବୃଥାରେ—2. In vain.
ତୁଛ ତୁମ୍ଭ ଭାଇମାନେ କଯ କୋଧ କଲେ—କୃଷ୍ଣସିଂହ, ମହାଭାରତ. ଆଦି ।

ତୁଛା(ଛେ)ଇବା—ଦେ. କ୍ରି --୧ । ଅଜାଡ଼ିବା—
Tuchhā(chhe)ibā 1. To pour down.
ঢালা ୨ । ପାତ୍ରାଦିକୁ ଶୂନ୍ୟ କରିବା—
ढालना 2. To empty a pot of its contents.
[ତୁଛା(ଛେ)ଇବା—ଅନ୍ୟରୂପ]

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ନେବା, ପକା(କେ)ଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ତୁଛାକୁ—ଦେ କ୍ରି. ବିଣ—ଅକାରଣରେ; ବୃଥା—
Tuchhāku বৃথা **खामख्वाह** In vain.
ତୁଛାକୁ ଏତେ, ମୂଳ ନାହିଁ ଗୋଡ଼ କମ୍ପୁଡ଼ କେତେ—ଭଗ ।
(ତୁଛାକୁ, ତୁଛଠାକୁ, ତୁଛରେ, ତୁଛଠାରେ—ଅନ୍ୟରୂପ)

ତୁଛାକୁ ତୁଛା—ଦେ. କ୍ରି. ବିଣ—ତୁଛାକୁ (ଦେଖ)
Tuchhāku tuchhā Tuchhāku (See).
(ତୁଛାକୁତୁଛା—ଅନ୍ୟରୂପ) ତୁଛକୁ ତୁଛ, ତୁଛ କାଣ୍ଡି ପାଣି ମନମୁକୁର—ଭଗ ।

ତୁଛା ଭାତ—ଦେ. ବି—ଖାଲି ଭାତ; ଡାଲି ତରକାରୀ ଆଦି ନ ଥାଇ
Tuchhā bhāta ଖିଆଯିବା ଅନ୍ନ—Rice taken without any curry.
(ତୁଛା ଭାତ—ଅନ୍ୟରୂପ)
শুধু ভাত **छुछा भात**

ତୁଛା ମାଠିଆ—ଦେ. ବି—ଯେଉଁ ମାଠିଆରେ ଜଳ ଆଦି ନାହିଁ—
Tuchhā māṭhiā Empty water-pitcher.

ତୁ ଛାର—ଦେ. ସର୍ବ—ତୋ ପରି ଘୃଣ୍ୟ ବ୍ୟକ୍ତି—
Tu chhāra A despicable being like thee.
তোর মত ছার লোক ତୁ ଛାର ସେ ଅର୍ଜୁନ କଲୁ ସେ ଦୂଷଣ ।
କୃଷ୍ଣସିଂହ. ମହାଭାରତ. ଆଦି ।

ତୁଛା ହାତ—ଦେ. ବି—୧ । ଶୂନ୍ୟ ହସ୍ତ; ରିକ୍ତ ହସ୍ତ; ଯେଉଁ ହାତରେ କିଛି ଧରାଯାଇ ନାହିଁ—1. Empty hand.
Tuchhā hāta
খালি হাত ଥରେ ସେ ବିକ ଭିକ୍ଷା ପାଇଁ ଯାଇଥିଲେ
छुछा हात ନ ପାଇବାରୁ ତୁଛା ହାତରେ ଆସିଲେ ।
(ତୁଛା ହାତ—ଅନ୍ୟରୂପ) କୃଷ୍ଣସିଂହ. ମହାଭାରତ. ଅଶ୍ୱମେଧ ।

୨ । ବଳୟାଦିବର୍ଜିତ ହସ୍ତ—
2, A hand having no wristlet.

ଦେ. ବିଣ. (ଲକ୍ଷଣାର୍ଥ)—କର୍ମହୀନ (ବ୍ୟକ୍ତି); ଯାହା ହାତରେ କିଛି କାମ ନାହିଁ—(figurative) (a person) without any employment; unemployed.

(ଯଥା—ଭାଷାକୋଷ କାମ ସରିଗଲେ ମୁଁ ତୁଛା ହାତ ହୋଇ ବସିବି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ, ବୃଅ ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅର୍ଦ୍ଧା ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ତୁଚ୍ଛେଇଁ—ଦେ. କ୍ରି. ବିଣ—ବୃଥା; ଅକାରଣରେ—
Tuchheiñ In vain; for nothing.
ତୁଚ୍ଛେଇଁ, ତୁଛାଇ, ତୁଚ୍ଛେଇଁକି —ଅନ୍ୟରୂପ
ବୃଥା **नाहक**
(ଯଥା— ତୁଚ୍ଛେଇଁ ଅପଣା ଅପଣା ଘରରେ କଳି କରୁଁ ।]

ତୁଟ୍ (ଧାତୁ)—ସଂ.—କଳହ କରିବା—
Tuṭ (root) To quarrel.

ତୁଟ—ଦେ. ବି (ସଂ. ତ୍ରୁଟି)—୧ । ତ୍ରୁଟି; ଦୋଷ—
Tuṭa 1. Deficiency; defect; flaw-
ଟୁଟି, ଟুট **টুট**
୨ । କ୍ଷତି; ଲୋକସାନ—
2. Loss; damage; injury.
୩ । ବ୍ୟବସାୟ ବାଣିଜ୍ୟରେ ଲୋକସାନ ବା କ୍ଷତି—
3. Loss in trade or business.
୪ । ନ୍ୟୂନତା; ହାନି; ପ୍ରଥମ ପରିମାଣରୁ କମି ହେବା—
4. Shortage; wastage.
[ଦ୍ର—ଶସ୍ୟାଦିକୁ ଅମାର, ଖଣି, ଗାଳ ପ୍ରଭୃତିରେ କେତେକ ସମୟ ରଖି ପରେ ତାକୁ ତହିଁରୁ କାଢ଼ି ମାପିଲେ ପୂର୍ବ ମାପ ଅପେକ୍ଷା ତାହା ମାପରେ କିଛି କମତି ହେବାର ଦେଖାଯାଏ; ପଣ୍ୟ-ଦ୍ରବ୍ୟାଦି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଲା ପରେ ତାହାର ଓଜନ କିଛି କମିବାର ଦେଖାଯାଏ । ଏହିସବୁ କମତିକୁ ଅମାର ତୁଟ, ଖଣି ତୁଟ, ପ୍ରଚାଳ ତୁଟ ବା ରାସ୍ତା ତୁଟ ବୋଲାଯାଏ ।]
୫ । କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି ବା ହେଳା—
5. Neglect of one's duties.

ତୁଟା—ଦେ. ବିଣ (ସଂ. ତ୍ରୁଟିତ)—୧ । ଭଙ୍ଗା; ଭଗ୍ନ; ଭାଙ୍ଗି ଯାଇଥିବା; ଖଣ୍ଡିତ—1. Broken; maimed.
Tuṭā
ଟୁଟା **टूटा**
୨ । ଛିଣ୍ଡା; କ୍ଷୟପ୍ରାପ୍ତ—
2. Damaged; torn; injured,
୩ । ଯେ ତୁଟେ ବା ଭାଙ୍ଗେ—
3. One who breaks; breaking.
(ଯଥା—ସେ ମୋହବତ ତୁଟା ମନୁଷ୍ୟଟାଏ; ତୁମେ ତ ବନ୍ଧୁ ତୁଟା ଲୋକ ।)
୪ । ଯେ ବା ଯାହା ତୁଟିଯାଏ ବା ଭାଙ୍ଗିଯାଏ; ଆହତ—
4. One who is or that which is maimed or broken; hurt; wounded.
(ଯଥା—ସୈନ୍ୟଯ କ ରଣତୁଟା ହୋଇ ପଳେଇ ଗଲେ ।)
[ଦ୍ର—(୩ ଓ ୪) ଏହି ଅର୍ଥରେ 'ତୁଟା' ଶବ୍ଦ ଅନ୍ୟ ଶବ୍ଦ ସହିତ ବ୍ୟବହୃତ ହୁଏ ।]
ଦେ. ବି.—ଗାଳି ଦେବା; ତୁଟିବା; ମୁଣ୍ଡ ତୁଟିବା—
Calling names; abusing.
ଦେ. ସର୍ବ—ତୁଅ ଟା (ଦେଖ)
Tu-uṭā (See).

ପ୍ରାଦେ (ସମ୍ବଲପୁର; 'ଓ' ସ୍ଥାନରେ 'ଉ' ଉଚ୍ଚାରଣ) ବି—
(ଆମ୍ବ) ତୋଟା—(mango) Tope; orchard.

ତୁଟା(ଟେ)ଇବା—ଦେ. କ୍ରି. (ସଂ. ତ୍ରୁଟ୍ ଧାତୁ=ଛେଦନ କରିବା; 'ତୁଟିବା'ର ଣିଜନ୍ତ ରୂପ)—
Tuṭā(ṭe)ibā
ଟୁଟান, ତୁଟান **टूटवाना, तुड़वाना**
୧ । (ବିବାଦ) ନିଷ୍ପତ୍ତି କରିବା—
1. To decide; to settle (a dispute).
(ଯଥା—ଜମିଦାର ମୋ ଅଡ଼ୁଆ ତୁଟାଇଲେ ମୁଁ ନିସ୍ତିନ୍ତ ହୁଅନ୍ତି ।)
୨ । ଭଙ୍ଗାଇବା—2. To cause to break up.
୩ । ହିସାବ ନିକାଶ କରିବା—
3. To settle an account.
୪ । ବିଚ୍ଛିନ୍ନ କରିବା—4 To cut.
(ଯଥା—ତାଙ୍କ ସଙ୍ଗେ ମୁଁ ଆଜଠାରୁ ବନ୍ଧୁତା ତୁଟାଇଲି ।)
୫ । ଦେୟ ବା ଋଣ ପରିଶୋଧ କରିବା—
5. To liquidate or clear off one's debt.
ପ୍ରାଦେ. (ଲରିଆ) କ୍ରି—ଭାଙ୍ଗିବା—To break.
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ତୁଟା ତୁଟି—ଦେ. ବି—୧ । ଭଙ୍ଗାଭଙ୍ଗି; (ବହୁ ବସ୍ତୁ ବା ବହୁଥର) ଭାଙ୍ଗିଯିବା—1. Breaking (of many things or several times).
Tuṭā tuṭi
ଟুটাটুটি, ତୁଟାତୁଟି **टूटाटूटि**
୨ । ବିବାଦ ଅବିର ନିଷ୍ପତ୍ତି—2. Final decision of disputes.
୩ । ହିସାବର ମୀମାଂସା—
3. Settlement of accounts.
(ଯଥା—ଆଜି ମହାଜନ ସଙ୍ଗେ ଦଶ ବର୍ଷର ହିସାବ-ତୁଟାତୁଟି ହୋଇଗଲା ।)

ତୁଟା ଫ(ଫୁ)ଟା—ଦେ. ବିଣ (ଏକାର୍ଥକ ସହଚର; ସଂ. ତ୍ରୁଟିତ + ସ୍ଫୁଟିତ; ବହୁବଚନ ଦ୍ୟୋତକ)—ଭଗ୍ନ ଓ ବିଦୀର୍ଣ୍ଣ—Broken and punctured.
Tuṭā pha (phu)ṭā
ଟুটাফাটা **टूटाफुटा**
ଦେ. ବିଣ—ପରସ୍ପର ତୁଡ଼ାତୁଡ଼ି ହୋଇ ଗାଳି ଦିଅଦେଇ ହେଉଥିବା—Mutually calling names.

ତୁଟି—ଗ୍ରା. ବି—ତୁଟ (ଦେଖ)
Tuṭi Tuṭa (See)
ତুটি ଦେ. ବିଣ—(ସଂ. ତ୍ରୁଟି=ଅଣୁ, ପରମାଣୁ) ଅଳ୍ପ; ସାମାନ୍ୟ—
टुट Little; insignificant.

ତୁଟି ପଡ଼ିବା—ଦେ. ବି—୧ । କ୍ଷତିଗ୍ରସ୍ତ ହେବା; ଲୋକସାନରେ ପଡ଼ିବା; ତୁଟିରେ ପଡ଼ିବା—1. Sustaining loss or damage.—ମୋତେ ଏ ବର୍ଷ ଭାରି ତୁଟି ପଡ଼ିଲା ।)—
Tuṭi parḏibā
তূটা হওয়া **टूट पड़ना**
କ୍ରି—୧ । ଖସି ପଡ଼ିବା —1. To fall down.

୧	ଇ	ଉ	ର,ଋ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍

୨ । ଭାଙ୍ଗି ତଳେ ପଡ଼ିବା—2. To break down.

ଟୁଟିବା—ଦେ. କ୍ରି (ସଂ. ତ୍ରୁଟ୍ ଧାତୁ=ଭାଙ୍ଗିବା, ଛେଦନ କରିବା; ପ୍ରା. ତୁଟ୍ଟ ଧାତୁ)—୧ । (ଅକର୍ମକ) ସମ୍ପନ୍ନ ବା ନିଷ୍ପନ୍ନ ହେବା— 1. To be accomplished or completed.
Tuṭibā
ଟୁଟା, ତୂଟା
टूटना

୨ । (ଅକର୍ମକ) ନଷ୍ଟ ହେବା—2 To be damaged.

[ତୁଟା (ତେ)ଇବା—ନିଜନ୍ତରୂପ]

ଗଲେ ହେଲେ ତାତ ମହତ୍ୱ-ସଂପତ୍ତି ଯିବ ଟୁଟି ଲୋଟି ଯାଇ—କବିସୂର୍ଯ୍ୟ, ସଙ୍ଗୀତ ।

୩ । (ଅକର୍ମକ) ଭାଙ୍ଗି ଯିବା—
3. To break; to burst.

ଟୁଟେ କରେ କଙ୍କଣ ଝଙ୍କାରେ—ରାଧାନାଥ, ମହାଯାତ୍ରା ।

୪ । (ଅକର୍ମକ) ଛିନ୍ନ ହେବା—
4. To be cut or rent asunder.

ମାତାଙ୍କର ମୃତ୍ୟୁ ସଙ୍ଗେ ଟୁଟିଥିଲା ସଂସାରର ସ୍ନେହ-ପାଶ—
ରାଧାନାଥ, ପାର୍ବତୀ ।

୫ । (ଅକର୍ମକ) କମି ଯିବା; ଊଣା ହେବା—
5. To diminish; to be lessened; to dwindle.

ବୟସ ସଉନ୍ଦର୍ଯ୍ୟ ତୋ ନ ଟୁଟୁ ଲବେ—ଉପେ. ବୈଦେହୀଶବିଳାସ ।

୬ । (ଅକର୍ମକ) କ୍ଷୀଣ ହେବା—
6. To be emaciated.

୭ । (ଅକର୍ମକ) ପୃଥକ୍ ହେବା; ସମ୍ପର୍କଶୂନ୍ୟ ହେବା—
7. To be separated.

୮ । (ଅକର୍ମକ) (ବିବାଦ ବା ହିସାବ) ନିଷ୍ପତ୍ତି ହେବା—
8. To be settled or decided.

(ଯଥା—ତାଙ୍କର ଆମର ଅଡ଼ୁଆ ଆଜ ଟୁଟିଲା ।)

୯ । (ଅକର୍ମକ) ଅଦୃଶ୍ୟ ହେବା; ଦୂର ହେବା—
9. To disappear.

ରାଜ୍ୟବାସୀ ମନୁ ଟୁଟୁ ଦୁଃସଂଶୟ—ନନ୍ଦକିଶୋର, ସୀତାବନବାସ ।

୧୦ । (ଅକର୍ମକ) (ସଂ. ତୁଟ୍ ଧାତୁ=କଳହ କରିବା; ସଂ. ତ୍ରୋଟକ=କ୍ରୋଧମୟ ବଚନ) ମୁହଁ ଛୁଟିବା; ଦୁର୍ବାକ୍ୟରେ ଗାଳି ଦେବା—10. To call names; to be disrespectful or impudent.

(ଯଥା—ବୃଥା କାହିଁକି ଏପରି ଟୁଟୁଛୁ ?)

୧୧ । (ଅକର୍ମକ) କଳି କରିବା—11. To quarrel.

୧୨ । (ଅକର୍ମକ) କ୍ଷୟ ପାଇବା; କ୍ଷୟିତ ହେବା—
12. To waste away.

ତୋତୁ ଝୁରି ସିନା ହୃଷ୍ଟ ମୋ ସାର ଯାଉଛି ଟୁଟି—
କବିସୂର୍ଯ୍ୟ, କିଶୋରଚନ୍ଦ୍ର ଗୀତ ।

୧୩ । (ସକର୍ମକ) (ଉପରୋଧ; ଆଦେଶ) ଭାଙ୍ଗିବା; ରକ୍ଷା ନ କରିବା—13. To infringe.

ନରପରାଧେ ଅନୁରୋଧ ଟୁଟି—କବିସୂର୍ଯ୍ୟ, କବିତା ।

୧୪ । (ଅକର୍ମକ) (ଗଣ୍ଠି) ଫିଟିବା—
14. To be untied.

ଟୁଟିଲା ହେ ହୃଦ-ଗ୍ରନ୍ଥି ଚୟ—ମଧୁସୂଦନ, କବିତା ।

୧୫ । (ସକର୍ମକ) ଛାଡ଼ିବା; ତ୍ୟାଗ କରିବା—
15. To forsake.

ଯେଣୁ ସେହି ସବୁ ଲକ୍ଷ୍ମୀ ଧନୁ ଗୁଣ ମାୟା
ଟୁଟି ନ ପାରଣ ସଙ୍ଗେ ଆଣିଥିଲେ ବଳୀ—ରାଧାନାଥ, ମହାଯାତ୍ରା ।

[ଦ୍ର—ଏ ଅକର୍ମକ କ୍ରିୟାର ଅସମାପିକାରୂପ ସଙ୍ଗେ ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଟୁଟୁକା—ଦେ. ବଣ. (ସଂ. ତତ୍କାଳ; ସଂ. ତ୍ରୁଟି=କ୍ଷୁଦ୍ର ଅଂଶ)—
Tuṭukā ୧ । ସାମାନ୍ୟ—1. Ordinary; insignificant.
(ଟୁଟ୍କା—ଅନ୍ୟରୂପ) ୨ । ଆଶୁ ଫଳପ୍ରଦ—
2. Producing immediate effect.
टोटका ଦେ. ବ—ଟୁଟୁକା ଟୁଟୁକି (ଦେଖ)
टोटका, टूटका, टोट्मा Tuṭukā tuṭuki (See)

ଟୁଟୁକା ଟୁଟୁକି—ଦେ. ବ. (ସଂ. ତତ୍କାଳ; ସଂ. ତ୍ରୁଟି)—
Tuṭukā tuṭuki ୧ । ଅନାୟାସଲଭ୍ୟ ଅଥଚ ପ୍ରତ୍ୟକ୍ଷ ଫଳପ୍ରଦ
टोटका टूटकी ଜଡ଼ିବୁଟି ଔଷଧ—1. Ordinary herbs.
टोटका टुटकी producing immediate effect.
(ଟୁଟ୍କା ଟୁଟ୍କି—ଅନ୍ୟରୂପ) ୨ । ପ୍ରତ୍ୟକ୍ଷ ଫଳପ୍ରଦ ମନ୍ତ୍ରଯନ୍ତ୍ର—
2. Incantations and charms producing immediate effect.

ଟୁଟା—ପ୍ରାଦେ. (ଗଞ୍ଜାମ) ବି—ତୋଟା; ବଗିଚା—
Tuṭṭā Garden.

ଟୁଠ—ଦେ. ବି. (ସଂ. ତୀର୍ଥ)—୧ । ନଦୀ ପୁଷ୍କରିଣୀ ଆଦିରେ ସ୍ନାନ କରିବାର ସ୍ଥାନ; ଗାଧୁଆପାଧୁଆ କରିବାର ଘାଟ—
Tuṭha
घाट 1. Bathing ghat.
घाट ୨ । ଜଳାଶୟର ଯେଉଁ ଘାଟରେ ୧୦ ଦିନ ପର୍ଯ୍ୟନ୍ତ ମୃତ ବ୍ୟକ୍ତିର ଶ୍ରାଦ୍ଧ କରାଯାଏ; ଦଶଟୁଠ—
(ତୋଠ—ଅନ୍ୟରୂପ)
2. A place on the bank of a river or pond where piṇḍas or funeral offerings are cooked and offered to the ghost of the deceased during the 10 days of the funerals amongst the Hindus.

୩ । ମୃତାହର ଦଶମ ଦିନ ଟୁଠରେ କରାଯିବା କ୍ଷୌର, ସ୍ନାନ, ଓ ଶ୍ରାଦ୍ଧ କର୍ମ—3. The funeral rites and shaving done on the bank of water on the 10th day of the funerals amongst the Hindus.

୪ । ଧୋବା ଲୁଗା କାଚିବା ସ୍ଥାନ—
4. The place on the bank of water where washermen wash clothes.

୫ । ନଈପାର ଘାଟ—5. Landing place; ferry.

୬ । ନଦୀର ଯେଉଁ ସ୍ଥାନରେ ଲୋକେ ଜଳରେ ପଶି ପାରି ହୋଇ ପାରନ୍ତି; ଥଳ—6. A ford in a river; a place where a river can be forded.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର୍' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଂଧ' ନ ପାଇଲେ 'ଅଗ୍ନ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟୁଠ ପଥର—ଦେ. ବି—୧ । ଗାଧୁଆ ଟୁଠରେ ବା ଧୋବା ଟୁଠରେ ପଡ଼ିଥିବା ପଥର—1. A slab of stone put at the bathing ghat.
Tutha pathara
ঘাটের পাথর

ସେ ନଗ୍ନର ଟୁଠପଥର ପର ହାତ
ବଜିଲେ ଭୁଇ କେତେ ଲୁଣ୍ଠନ୍ତେ ପ୍ରାଣ ମଣ୍ଡି—କୃଷ୍ଣସିଂହ. ମହାଭାରତ, ବସନ୍ତ ।

[ଦ୍ର—ଗାଧୁଆ ଟୁଠରେ ପଡ଼ିଥିବା ପଥରରେ ଗାଧୋଇବା ଲୋକେ ଗୋଡ଼ ଘଷନ୍ତି ଏବଂ ଧୋବାର ଟୁଠପଥରରେ ଧୋବା ଲୁଗା କାଚେ ।]

୨ । (ଲକ୍ଷଣାର୍ଥ) ଯେଉଁ ବ୍ୟକ୍ତି ସମସ୍ତଙ୍କର ଗାଳି ମାଡ଼ ବା ଅତ୍ୟାଚାର ସହେ; ଅତ୍ୟନ୍ତ ସହିଷ୍ଣୁ ବ୍ୟକ୍ତି—
2. (figurative) A very patient and forbearing person

ଟୁଡ୍ (ଧାତୁ)—ସଂ—୧ । ଭେଦ କରିବା—
Turd (root) 1. To pierce.
୨ । ଆଘାତ କରିବା—2. To strike; to hurt.

ଟୁଡ୍‌କା—ଦେ. ବି—ଗୋରୁଙ୍କୁ ଧରିବା ଶରଦ ରୋଗବିଶେଷ—
Turdkā A disease of the cattle (due to cold).
(ଟୁଡୁକା—ଅନ୍ୟରୂପ) [ଦ୍ର—ଏ ରୋଗରେ ଗୋରୁଙ୍କ ମୁହଁ ଫୁଲି ଯାଇ ପାଟିରୁ ଲାଳ ବହେ ।]

ଟୁଡ଼ି—ପ୍ରାଦେ. (ମେଦିନୀପୁର ଓ ସିଂହଭୂମ) ବି—୧ । ଘଡ଼ିବାଣ—
Turdi 1. A kind of fire-work.
୨ । ଗୋଡ଼ ମାଛ—2. A kind of fish.

ଟୁଡ଼ୁକ(କ)—ବୈଦେ. ବି. (ଫା. ତୁରୁକ୍; ଇଂ. ଟର୍କ; ସଂ. ତୁରୁଷ୍କ ପ୍ରା. ତୁରୁକ)—୧ । ମୁସଲମାନ; ପଠାଣ—
Turduk(ka) 1. A Mahomedan; Muslim.
তুরকী
तुरक; तुरकटा
[ତୁରୁକ(କ)—ଅନ୍ୟରୂପ]

ଟୁଡ଼ୁକେ କରେ ଭର ଗଡ଼କମାନଙ୍କୁ
ପୋଷ ବର ଛୋଡ଼ବ ଦେଲେ ମଦବନ୍ତୁ—
କୃଷ୍ଣସିଂହ. ମହାଭାରତ, ଅଦ ।

୨ । ତୁରସ୍କ ଦେଶୀୟ ବ୍ୟକ୍ତି—2. A Turk.

ଟୁଡ୍ଡ (ଧାତୁ)—ସଂ—ଅନାଦର କରିବା—
Tudda To treat with contempt.

ଟୁଡ୍ଡକ—ସଂ. ବଣ. ପୁଂ. (ଟୁଡ୍ଡ ଧାତୁ+କର୍ତ୍ତୃ. ଅକ)—ଭର୍ତ୍ସନାକାରୀ; ତାଡ଼ନାକାରୀ—Chastising.
Tuddaka
(ଟୁଡ୍ଡିକା—ସ୍ତ୍ରୀ)

ଟୁଡ୍ଡନ—ସଂ. ବି. (ଟୁଡ୍ଡ ଧାତୁ+ଭାବ. ଅନ)—ଭର୍ତ୍ସନା; ତାଡ଼ନା—
Tuddana Chastisement; rebuke.

ଟୁଣ—ଗ୍ରା. ବି. (ସଂ. ଚେମନ)—୧ । ଟିଅଣ (ଦେଖ)
Tuna 1. Tiana (See)
୨ । ଟୂଣ (ଦେଖ)—2. Tūna (See)

ଟୁଣି—ସଂ. ବି—ତୁନ୍ ଗଛ (ହ୍ର. ଶବ୍ଦସାଗର)—
Tuni The Toon tree.

ଟୁଣ୍ଡ୍ (ଧାତୁ)—ସଂ—୧ । ବଧ କରିବା—
Tund (root) 1. To kill.
୨ । ପୀଡ଼ନ କରିବା—2. To press.
୩ । ଭେଦ କରିବା— 3. To pierce.
୪ । ପେଷଣ କରିବା—4 To grind.

ଟୁଣ୍ଡ—ସଂ. ବି. (ଟୁଣ୍ଡ୍ ଧାତୁ+କର୍ତ୍ତୃ ଅ)—
Tunda ୧ । ପାଟି; ମୁହଁ—1. Mouth.
୨ । ଓଷ୍ଠାଧର—2. Lips.
(ତୁଣ୍ଡ—ଅନ୍ୟରୂପ) ୩ । ଥଣ୍ଟ; ଚଞ୍ଚୁ—3. Beak.
୪ । ଶିବ; ମହାଦେବ—4. Siba.
୫ । ରାକ୍ଷସବିଶେଷ—5. Name of a demon.
୬ । ଖଡ୍ଗର ଅଗ୍ର ଭାଗ (ହ୍ର. ଶବ୍ଦସାଗର)—
6. The point of a sword.
୭ । ଥୋମଣି—Sout.

ଦେ. ବି—୧ । ପାଟିର ଶବ୍ଦ—1. Voice.
গলা ୨ । ଉଚ୍ଚସ୍ୱର—2. Loud voice.
गला ୩ । ଗଳାର ସ୍ୱର—3. Tone of one's voice.
୪ । (ଲକ୍ଷଣାର୍ଥ) କଥା; ବଚନ—
4. (figurative) Word; speech.

ଏଥିରୁ ଅନ ବୋଲିବାକୁ ଟୁଣ୍ଡ ନାହିଁ । କୃଷ୍ଣସିଂହ. ମହାଭାରତ. ବନ ।

ଟୁଣ୍ଡ ଅଇଁଠା କରିବା—ଦେ. କ୍ରି—ନାମମାତ୍ର ଖାଇବା; ଖାଇ ବସିବା
Tunda aiñtha kariba କିଛି ବି ନ ଖାଇବା—
মুখ এঁঠোকরা Not to eat any thing at the meal.
मुहँ जुठारना

ଟୁଣ୍ଡ କରିବା—ଦେ. କ୍ରି—ବଡ଼ ପାଟି କରିବା—
Tunda kariba To speak out; to talk loudly.
গলা করা जोरसे बोलना

ଟୁଣ୍ଡକେରି—ସଂ. ବି. (ଟୁଣ୍ଡକ=ମୁଖ+କୃ ଧାତୁ=ଗମନ କରିବା+ଅ+ସ୍ତ୍ରୀ. ଈ; ଏହାର ପାଚିଲା ଫଳ ଓଷ୍ଠ ସଙ୍ଗେ ତୁଳନା କରାଯାଇ ଥିବାରୁ)—
Tundakeri
୧ । କଇଁଚକାକୁଡ଼ି (ଦେଖ)—
1. Kaiñchi kākurdi (See)
୨ । କପା (ହ୍ର. ଶବ୍ଦସାଗର)—2 Cotton.

ଟୁଣ୍ଡ ଖସିଯିବା—ଦେ. ବି—ଅସାବଧାନରେ ହୋଇ ଅକଥ୍ୟ କଥା କହିବା—Careless saying of things which had better left unsaid.
Tunda khasi jiba

ଟୁଣ୍ଡ ଘା—ଦେ. ବି—ଓଠ ଓ ଜିଭରେ ହେବା ବ୍ରଣ ରୋଗବିଶେଷ—
Tunda ghā A kind of disease in the mouth
(ଟୁଣ୍ଡଘାଅ, ଟୁଣ୍ଡଘା—ଅନ୍ୟରୂପ) (consisting of eruptions on the lips and the tongue); sores in the mouth.
মুখের ঘা
मुहँ फटना

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଏ	ତ୍ଥ	ୱ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ଁ

ତୁଣ୍ଡ ପକା—ଦେ. ବ—୧ । ଯେଉଁ ପଦାର୍ଥ ତୁଣ୍ଡରେ ପକାଇବାକୁ ହୁଏ—
Tunda pakā 1. That which is put to the mouth; chewing gum.
खैनी

୨ । ଚୂନପତ୍ର; ପାଟିରେ ପକାଇବା ଧୂଆଁ ପତ୍ର—
2. Tobacco (which is chewed by some persons)

ତୁଣ୍ଡ ପୋଡ଼ା—ଦେ. ବ. (ସ. ଅଗ୍ନି କୁମାର)—
Tunda porḍā ଜାରଙ୍ଗାଦି ବର୍ଗର ବନ୍ୟ କଣ୍ଟକୀ କ୍ଷୁପବିଶେଷ—
ଅନ୍ୟ. ସ. ନାମ—ତୁଣ୍ଡୀସ୍ୟ A kind of throny shrub
ତୀକ୍ଷ୍ଣପତ୍ର, କୁମରଚଳ, with pungent leaves;
କୁମାର ପତ୍ର Toddalia Aculeata.
(ତଣ୍ଡପୋଡ଼ା—ଅନ୍ୟରୂପ) [ବୃ—ଏହାର ପତ୍ର ତ୍ରିପର୍ଣ୍ଣ, ପତ୍ରର
ଅଗ୍ନିକୁମାର ପିଠିରେ ମଧ୍ୟ କଣ୍ଟା ଥାଏ; ପତ୍ର କଟୁଗନ୍ଧବିଶିଷ୍ଟ
ଚେ. ଅଗ୍ନିବେଣ୍ଣୁ ଏବଂ ତାହା ଚୋବାଇଲେ ତୁଣ୍ଡ ପୋଡ଼େ । ଏହାର
ଫୁଲ ଏକଲିଙ୍ଗ, ଫଳ ଗୋଲାକାର ଓ କ୍ଷୁଦ୍ର ।]

ତୁଣ୍ଡ ଫିଟା(ଟେ)ଇବା—ଦେ. କି—୧ । କଥା କହିବା—
Tunda phiṭā(ṭe)ibā 1 To speak out.
মুখ খোলা ୨ । ମାଗିବା—2. To ask for.
मुहँ फाड़कर कहना ଖାଇବୁଁ ବୋଲି ତୁଣ୍ଡ ଫିଟାଇଲେ ନାହିଁ ।
କୃଷ୍ଣସିଂହ. ମହାଭାରତ. ବନ ।

ତୁଣ୍ଡ ବଜା—ଦେ. ବ—(ସଂ. ତୁଣ୍ଡ+ବାଦନ)—କଳହ—
Tunda bajā Quarrelling.

ତୁଣ୍ଡ ବାଇଦ—ଦେ. ବ. (ସ. ତୁଣ୍ଡ ବାଦ୍ୟ)—
Tunda bāida ୧ । ଜନରବ; ତୁଣ୍ଡ ଦ୍ୱାରା ପ୍ରଚାରିତ କଥା; ଜନଶ୍ରୁତି—1. A report transmitted from place to place by word of mouth; rumour.
(ତୁଣ୍ଡବାଜା—ଅନ୍ୟରୂପ)
ଚମ-ବାଇଦ କୋଟେ, ତୁଣ୍ଡ ବାଇଦ ସହସ୍ର କୋଶ—ଢଗ ।

୨ । ତୁଣ୍ଡ ଦ୍ୱାରା କରାଯିବା ବମ୍ ବମ୍ ଶବ୍ଦ—
2. The sound of bom-bom made by the mouth.
୩ । କଳିକଜିଆ; ବାଦାନୁବାଦ; ବଚସା—
3. Wrangling quarrel.

ତୁଣ୍ଡ ବାଦ୍ୟ—ସ. ବ. (ତୁଣ୍ଡ+ବାଦ୍ୟ)—ତୁଣ୍ଡ ବାଇଦ (ଦେଖ)
Tunda bādya Tunda bāida (See)

ତୁଣ୍ଡ ମାରିବା—ଦେ କି. (ଲକ୍ଷଣାର୍ଥ)—ଖାଦ୍ୟ ଦ୍ରବ୍ୟରେ ମୁହଁ ଲଗାଇବା
Tunda māribā ଖାଇବାକୁ ବସିବା ବା କିଛିମାତ୍ର ନ ଖାଇବା—
মুহঁ মারনা Not to eat at all.

ତୁଣ୍ଡ ମୁଣ୍ଡ ବାଜିବା—ଦେ. ବ—୧ । କୌଣସି ଲୋକର ପାଟି ଶୁଭିବା-
Tunda munda bājibā 1. A person's voice being heard.
গলা শোনা যাওয়া

୨ । ଶୁଣାଯିବା ଉଚ୍ଚ ସ୍ୱର—2. An audible loud voice.
(ଯଥା—ତାଙ୍କ ଘରେ ପିଲାଙ୍କର ତୁଣ୍ଡ ମୁଣ୍ଡ ବାଜିବାକୁ ନାହିଁ ।)

ତୁଣ୍ଡରୁ ଛଡ଼ା(ଡ଼େ)ଇ ନେବା—ଦେ. କି.—କୌଣସି ବ୍ୟକ୍ତି କୌଣସି
Tundaru chharḍā(rḍe)i nebā କଥା କହିବା ପୂର୍ବରୁ
मुहसे बात छिनना; ଅନ୍ୟଜଣ ସେହି କଥା (ଅନ୍ୟ ଢଙ୍ଗରେ) କହି
मुहँसे बात उचकना ଦେବା—To speak out what
মুখথেকে কথা কেড়ে লওআ another was just going to speak.

ତୁଣ୍ଡରେ ଧରିବା—ଦେ. କି.—(କୌଣସି କଥା) କହିବା—
Tundare dharibā To speak; to utter (anything).
মুখে ধরা ମିଥ୍ୟା କଥା ମୋ ଅଗେ ତୁଣ୍ଡରେ ନ ଧର ।
मुहँपर लाना କୃଷ୍ଣସିଂହ. ମହାଭାରତ. ଅଦ ।
(ତୁଣ୍ଡରେ ଆଣିବା—ଅନ୍ୟରୂପ)

ତୁଣ୍ଡରେ ପକା(କେ)ଇବା—ଦେ. କି.—ଚୋବାଇବା ବା ଖାଇବା
Tundare pakā(ke)ibā ନିମନ୍ତେ କୌଣସି ବସ୍ତୁ ପାଟିକୁ କ୍ଷେପ
মুখে ফেলা କରିବା—To put any thing into one's
मुहमे देना mouth for eating or chewing.

ତୁଣ୍ଡଲା—ଦେ. ବ.—କୌଣସି ବ୍ୟକ୍ତି ଠିଆ ହେଲେ ତଳୁ ତାହାର
Tundaḷā ତୁଣ୍ଡ ବା ପାଟି ପର୍ଯ୍ୟନ୍ତ ମାପରେ ଯେଉଁ ଗଭୀରତା ହୁଏ;
এক গলা ପ୍ରାୟ ୫ ଫୁଟ ଗଭୀରତା—Depth of water
(ତୁଣ୍ଡୁଲା—ଅନ୍ୟରୂପ) measured from the bottom upto the mouth of a person standing in water; a depth of about 5 feet.
(ଯଥା—ସେ ପୋଖରୀରେ ପାଣି ତୁଣ୍ଡଲାଏ ।
ଦେ. ବଣ—ମନୁଷ୍ୟର ତୁଣ୍ଡ ପର୍ଯ୍ୟନ୍ତ ଗଭୀର—Lip-deep.

ତୁଣ୍ଡ ଲଗିବା—ଦେ. ବ.—ପାଟି ଖନା ହେବା; ଖନେଇ ଖନେଇ
Tunda lāgibā କଥା କହିବା—Stammering.
তোতলা হওয়া. **तुतला होना**

ତୁଣ୍ଡ ଲେଉଟିବା—ଦେ. ବ.—୧ । କୌଣସି ଶବ୍ଦ ବା ବାକ୍ୟାଂଶ
Tunda leuṭibā ସ୍ପଷ୍ଟଭାବରେ ଉଚ୍ଚାରଣ କରିବାକୁ ସମର୍ଥ ହେବା—
মুখে আসা 1. Being able to distinctly utter any word.
୨ । କୌଣସି କଥା କହିବାପାଇଁ ସାହସ ହେବା ବା ପାଇବା-
2. Having enough courage to say something.

ତୁଣ୍ଡ(ଣ୍ଡୁ)ଲି—ଦେ. ବ.—ଅସ୍ତ୍ରବିଶେଷ—
Tunda(ndu)li A kind of weapon.

ତୁଣ୍ଡ ଶୁଘି(ଭି)(ବି)ବା—ଦେ. ବ.—କୌଣସି ବ୍ୟକ୍ତିର କଣ୍ଠସ୍ୱର ଅନ୍ୟର
Tunda śughi(bhi)(bi)bā ଶ୍ରବଣଗୋଚର ହେବା—
গলা শুনা যাওয়া One's voice being heard by or audible to another person.

ତୁଣ୍ଡ ଶୁଣା(ଣେ)ଇବା—ଦେ. କି.—୧ । ଆପଣାର କଣ୍ଠସ୍ୱର ଅନ୍ୟବ୍ୟକ୍ତି
Tunda śunā(ṇe)ibā ଶୁଣିପାରିବା ଭଳି କଥା କହିବା—
আবাজ দেওয়া 1. To talk loudly so that one's voice will be audible to another.
मुहँ फाड़कर कहना
(ଯଥା—ଅନ୍ୟଲୋକଙ୍କ ଘରରେ ବାହା ଖୁଆଇ ହେଲେ ମଝିରେ ମଝିରେ ତୁଣ୍ଡ ଶୁଣାଉ ଥାଏ ।)

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଧାଡ଼ିର ଅକ୍ଷର ଓ ମାତ୍ରା ଏବଂ ୨ ଧାଡ଼ିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଧାଡ଼ିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଧାଡ଼ିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଷ' ନ ମିଳିଲେ 'କ୍ରୁଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଳବତ' ନ ପାଇଲେ 'ଅଲ୍‌ବତ୍ର' ଦେଖିବେ

मुख फूटे चाओना ୨। କୌଣସି ଲୋକର ଆଗରେ ଆପଣାର ମନୋଗତ ଭାବ ବା ପ୍ରାର୍ଥନା ଜଣାଇବା—
2. To express one's prayer or thoughts before another by word of mouth.
(ଯଥା—ବାବାଙ୍କୁ ତୁଣ୍ଡ ଶୁଣାଇଲେ ଉତ୍ତରର ଦୁଃଖ ମେଣ୍ଟିଯିବ।)

ତୁଣ୍ଡ ସଙ୍ଖାଳି—ଦେ. ବିଣ.—ବଚନସର୍ବସ୍ୱ; କଥାବାର୍ତ୍ତାରେ ପଟୁ—
Tunda saṅkhāḷi Expert in words; having
वचनसार nothing but hollow words; braggart

ତୁଣ୍ଡ ସମ୍ଭାଳିବା—ଦେ. କ୍ରି.—ବାକ୍‌ସଂଯମ କରିବା—
Tunda sambhāḷibā To control one's tongue.
मुख सामलान मुहँ सँभालना

ତୁଣ୍ଡ ସେଇଁବା—ଦେ. କ୍ରି.—୧। ଜାଣେ କିଛି କଥା ନ କହି ଚୁପ୍ ହୋଇ
Tunda seiṅbā ରହିବା—1. To keep studiously
मुहँ सीना मुख सेलाइकरा silent.
(ତୁଣ୍ଡ ସିଲେଇ କରିବା—ଅନ୍ୟରୂପ) ୨। ଅନ୍ୟ ବ୍ୟକ୍ତିକୁ କଥା କହିବାକୁ ନ ଦେବା—2. Not to allow another to speak.

ତୁଣ୍ଡା—ଦେ. ବି.—ବନ୍ୟ ତରୁବିଶେଷ—
Tundā Umnitzera Racemosa (Haines).
[ଦ୍ର—ଏହାର ବକଳା ଅତି ବନ୍ଧୁର। ଏହା ମହାନଦୀର ମୁହାଣ ପାଖେ ଥିବା କୂପକୂଳର ଜଙ୍ଗଲରେ ଜନ୍ମେ।]
(ତୁଣ୍ଡୀ, ତୁଣ୍ଡେଇ—ସ୍ତ୍ରୀ) ଦେ. ବିଣ. ପୁଂ (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ, ଯଥା ଉଚ୍ଚତୁଣ୍ଡା; ଖୁତୁଣ୍ଡା)—ତୁଣ୍ଡବିଶିଷ୍ଟ—
(a particle added to other words) Having voice or voiced (as. in loud-voiced.)

ତୁଣ୍ଡାଗ୍ର—ସଂ. ବି. (ଷଷ୍ଠୀ ତତ୍; ତୁଣ୍ଡ+ଅଗ୍ର)—ଜିଭର ଅଗ—
Tundāgra The tip of the tongue

ତୁଣ୍ଡାଟ—ଦେ.ବି.—ଯେଉଁ ପଟା ଘରର ଓଳିପାଖର ଚାଳର ନଡ଼ାକୁ ଅଟକାଇ ରଖିବାପାଇଁ ଭୁଆମାନଙ୍କ ଅଗରେ ମରାଯାଇ
Tundāṭa
(ତୁଣ୍ଡାଟ ପଟା—ଅନ୍ୟରୂପ) ଥାଏ—A long and broad plate attached to and running along the lower end of rafters to hold back the straw of the thatch and prevent them from falling down.

ପିଣ୍ଡାଗଣ୍ଡି ହଳ ତୁଣ୍ଡଟା ଭିଡ଼ାଇ
ଧଳଅ ଓଷ୍ଠା ଛୋଳିଲେ। ଉକାଷ. ସାଅନ୍ତଅବାହା।

ତୁଣ୍ଡି—ସଂ. ବି. (ତୁଣ୍ଡ୍ ଧାତୁ+ଇ)—୧। ବଦନ; ମୁହଁ—
Tundi 1. Face
୨। ନାଭି—2. The navel.
୩। ଚଞ୍ଚୁ; ଥଣ୍ଟ—3. Beak.
ଦେ. ବି. (ସଂ. ତୁଣ୍ଡ)—୧। ଗୋରୁଅଙ୍କ ମୁହଁ ଚାରିପାଖେ
मुखड़ ବନ୍ଧାଯିବା ପାଶବିଶେଷ—1. Curb; a noose or
मुसिका strap put round the mouth of beasts to prevent them from biting; a muzzle.

ଭଜନ୍ତି ବଧିବ ଛାଡ଼ିଦେଇ ମୃଗ।
ତୁଣ୍ଡେ ବନ୍ଧ-ତୁଣ୍ଡି ଦେଇ। ଉଷାକାଅ. ଯଯାତି।

मुण्डली ୨। ଘରର ଛଣଖାଇ; ବତାରେ ଗୁଡ଼ିଆ ହୋଇ ଘରର ଓଳିରେ ବନ୍ଧାଯିବା ଛଣବିଡ଼ା—2. A plait of straw woven round a rod and attached to the edge of the eaves, over which the layers of straw are laid.
୩। ତୁଣ୍ଡାଟ (ଦେଖ)—3. Tundāṭa (See)

ତୁଣ୍ଡିଆ—ଦେ. ବିଣ. ପୁଂ—୧। ବଡ଼ପାଟିଆ; ଯାହାର କଣ୍ଠସ୍ୱର ବେଶି
Tundiā ଉଚ୍ଚ; ମୁଖର—1. Loud-voiced.
वाचाल ୨। ଯେ ପାଟି କରି ଗୋଳମାଳ କରେ—
मुहँजोर 2. Noisy; brawling.
(ତୁଣ୍ଡେଇ—ସ୍ତ୍ରୀ) ୩। କଳହକୁଡ଼ା; କଳହପ୍ରିୟ—
3. Quarrelsome; querulous.
୪। ବକୁଆ; ବାଚାଳ—4 Talkative; garrulous.
ଦେ. ବି—ତୁଣ୍ଡାଟ (ଦେଖ)—Tundāṭa (See)

ତୁଣ୍ଡିକା—ସଂ. ବି (ତୁଣ୍ଡ+କ+ସ୍ତ୍ରୀ. ଆ)—୧। ତଣ୍ଟି (ହ୍ର.ଶବ୍ଦସାଗର)-
Tundikā 1. Throat.
୨। ଥଣ୍ଟ (ହ୍ର. ଶବ୍ଦସାଗର)—2. Beak.
୩। କଇଁଚକାକୁଡ଼ି (ଦେଖ)
3. Kaiñchi kākurḍi (See)

ତୁଣ୍ଡିକେଶୀ—ସଂ. ବି—କଇଁଚକାକୁଡ଼ି (ଦେଖ)
Tundikeśī Kaiñchi kākurḍi (See)

ତୁଣ୍ଡି ପଟା—ପ୍ରାଦେ. (ଗଞ୍ଜାମ) ବି—ଝିଙ୍କର ତୁଅଣି ପରେ ଦିଆଯାଇ
Tundi paṭā ଥିବା କାଠର ପାଣିପାଟିଆ; ଖପରଲି ଘରର ତୁଣ୍ଡାଟ ପଟା—A long plate attached to the lower end of the rafters of a tiled house.

ତୁଣ୍ଡି ବତା—ଦେ. ବି—ପାଣିପାଟିଆକୁ ଚାଳଉପରକୁ ଟାଣି ରଖିବା
Tundi batā ବତା—The split bamboo which keeps the end-plate of the eaves in position.
ପ୍ରାଦେ (ଗଞ୍ଜାମ) ବି—ଚାଳଘରର ପାଣିପାଟିଆ; ତୁଣ୍ଡାଟ (ଦେଖ)—Tundāṭa (See)

ତୁଣ୍ଡିଭ—ସଂ. ବିଣ. ପୁଂ (ତୁଣ୍ଡି=ନାଭି+ପ୍ରଶସ୍ତାର୍ଥରେ. ଭ)—
Tundibha ୧। ପେଟୁଆ; ସ୍ଥୂଳୋଦର; ଥଳ୍ଥଳପେଟିଆ—
(ତୁଣ୍ଡିଭା—ସ୍ତ୍ରୀ) 1. Pot-bellied.
୨। ଧୁଣ୍ଡା; ମୋଟାସୋଟା—2. Corpulent; fat.
୩। ବୃହତ୍ ନାଭିଯୁକ୍ତ—3. Having a big navel.

ତୁଣ୍ଡିଳ—ସଂ. ବିଣ. ପୁଂ (ତୁଣ୍ଡ+ପ୍ରଶସ୍ତାର୍ଥରେ. ଳ)—ତୁଣ୍ଡିଭ (ଦେଖ)
Tundiḷa (ତୁଣ୍ଡିଳା ସ୍ତ୍ରୀ) Tundibha (See).

୧	ଇ	ଉ	ଋ,ୠ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଃ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଓ	ନ

ତୁଣ୍ଡୀ—ସଂ. ବଣ. ପୁଂ. (ତୁଣ୍ଡ+ଇନ୍; ୧ମା. ୧ବ)—୧ । ଥଣ୍ଟଯୁକ୍ତ—
Tundi 1. Having beak.
(ତୁଣ୍ଡିନୀ—ସ୍ତ୍ରୀ) ୨ । ଥୋମଣିଯୁକ୍ତ—2. Snouted.

ତୁଣ୍ଡୀ ଗୁଦପାକ—ସଂ. ବ (ତୁଣ୍ଡୀ+ଗୁଦ+ପଚ୍ ଧାତୁ+ଅ)—ବାଳରୋଗ
Tundi gudapāka ବିଶେଷ—An infantile disease.
[ଦ୍ର—ଏଥିରେ ଶିଶୁର ନାଭିରେ ପୀଡ଼ା ହୁଏ ଓ ଗୁହ୍ୟଦ୍ୱାର ପାଚିଯାଏ—ହି. ଶବ୍ଦସାଗର ।]

ତୁଣ୍ଡୁରି—ପ୍ରାଦେ. (ଗଡ଼ଜାତ) ବ—କୁନ୍ଦୁରି (ଦେଖ)
Tunduri Kunduri (See)

ତୁଣ୍ଡୁରୁ—ପ୍ରାଦେ. (ଜୟପୁର) ବ—କୁନ୍ଦୁରି (ଦେଖ)
Tunduru Kunduri (See)

ତୁତ୍—ବୈଦେ. ବ. (ଫା. ତୁତ୍; ତୁଲ. ସଂ. ତୂତ M. W.).
Tut ଶୀତବର୍ଦ୍ଧିଷ୍ଣୁ କୃଷିଜାତ ବୃକ୍ଷବିଶେଷ—
তুৎ; তুঁত The Mulberry plant; Morus Indica;
तुत, तुति (ତୁଁତ—ଅନ୍ୟରୂପ) Morus Alba.
[ଦ୍ର—ଏ ଗଛର ପତ୍ର ଶୀତକାଳରେ ଝଡ଼ିଲେ; ଏହା ଓସ୍ତପତ୍ର ପରି । ଏହି ପତ୍ର ରେଶମପୋକର ଖାଦ୍ୟ । ଏହି ଗଛର କୋଳି ପାଚିଲେ ଖଟା ମିଠା ଲାଗେ । ଲୋକେ ଏହାକୁ ଖାଆନ୍ତି । ଏ ଫଳ ଶୀତଦିନେ ପାଚେ । ଏ ଇଉରୋପର ଗଛ ଓ ଏସିଆର ଶୀତ ପ୍ରଧାନ ଦେଶମାନଙ୍କରେ ଜନ୍ମେ ।]

ତୁତ୍କାର—ଦେ. ବ—୧ । କୁକୁରକୁ ଡାକିବା 'ତୁତୁ' ଶବ୍ଦ—
Tut-kāra The sound used in calling dogs.
তুইতোকারী ୨ । ତୁକାର (ଦେଖ)—2. Tukāra (See)
तोता, तुतुकार (ତୁତୁକାର—ଅନ୍ୟରୂପ)

ତୁତ୍କାରିବା—ଦେ. କ୍ରି—କୁକୁରକୁ 'ତୁ ତୁ' କରି ଡାକିବା—
Tut-kāribā 1. To call a dog by making the
তুইতোকারী করা 'tu, tu' sound.
तुतुकार करना ୨ । ତୁକାରିବା (ଦେଖ)
(ତୁତୁକାରିବା—ଅନ୍ୟରୂପ) 2. Tukāribā (See)

ତୁତ୍ ପୋକ—ଦେ. ବ—ଯେଉଁ ପୋକ ତୁତ୍‌ଗଛର ପତ୍ର ଖାଇ ବଞ୍ଚନ୍ତି;
Tut-poka ଗୋଟିପୋକ; ପାଟପୋକ—The silk-insect.
তুতপোকা तुतकीड़ा (ତୁଁତ୍‌ପୋକ—ଅନ୍ୟରୂପ)

ତୁତା କରିବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ଅବଜ୍ଞାସୂଚକ
Tutā karibā ସମ୍ବୋଧନ କରିବା; ଅପମାନନାସୂଚକ କଥା
তুইতোকারী করা ବା ତୁକାର ପ୍ରୟୋଗ କରିବା—1. To use
तुतुकार करना slang terms (thou and thee) to a
ତୁ ତା ରେ ରି କରିବା } ଅନ୍ୟରୂପ person; to use scornful
ତୁ ତା ବେ ବା କରିବା } address or foul words.
তোতোকার করা; তুইতোকারি করা ୨ । ଭର୍ତ୍ସନା କରିବା—
अरियाना, तूतूमेमे करना 2. To recriminate.

ତୁତି—ବୈଦେ. ବ. (ଫା)—୧ । କ୍ଷୁଦ୍ର ପକ୍ଷିବିଶେଷ—
Tuti 1. The rose finch (bird); the canary
তুতী bird; Carpodacus Erythrinus; Serinus
तूती Canarius.
(ତୁତି, ତୋତି—ଅନ୍ୟରୂପ) ସାରି, ଶୁଆ ଶ୍ୟାମା, ତୁତି, ଚଷ ପୁଅ । ଦୟାକୁ ପୁଣି ମୂନଅ । ରାଧାନାଥ. ଯଯାତି ।
तूती [ଦ୍ର—ଏହା ଶାଖାଶ୍ରୟୀ ବର୍ଗର ପକ୍ଷୀ; ୭॥ ଅଙ୍ଗୁଳ ଲମ୍ବ । ଏହାର ମୁଣ୍ଡ, ଗଳା ଓ ଛାତି ଗୋଲାପୀ ରଙ୍ଗ; ପିଠି ଖଇରା ଏବଂ ବସନ୍ତକାଳରେ ରକ୍ତବର୍ଣ୍ଣ ହୁଏ । ଏହାର ଆଖି ଧଳା । ଏ 'ତୁତିଭିତି' ମଧୁର ଶବ୍ଦ ଉଚ୍ଚାରଣ କରେ । ଏଥିପାଇଁ ଲୋକେ ଏହାକୁ ପୋଷନ୍ତି । ଏ ତୁତ୍‌କୋଳିର ପ୍ରିୟ ଥିବାରୁ ଏହାର ଏପରି ନାମକରଣ ହୋଇଅଛି ।]

୨ । ଏକପ୍ରକାର ଛୋଟ ଶୁଆ—
2. A small species of parrot.
[ଦ୍ର—ଏହାର ଥଣ୍ଟ ହଳଦିଆ, ବେକ ବାଇଗଣୀ ଓ ପକ୍ଷ ଏବଂ ପିଠି ଶାଗୁଆ ।]

ତୁତିଆ—ଦେ. ବ (ସଂ. ତୁତ୍ଥ)—ତାମ୍ରଘଟିତ ନୀଳବର୍ଣ୍ଣ ଉପରସବିଶେଷ;
Tutiā ମୟୂରଗିରିଆ—Blue vitriol; copper
তুতিয়া, তুঁতিয়া, তুঁতে sulphate.
तुतिया [ଦ୍ର—ଏହା ଦୁଇପ୍ରକାର—ମୟୂରତୁତ୍ଥ ଓ ଡେ=ମୟୂରତୁଥ୍ୟ ଖର୍ପରତୁତ୍ଥ ।]
(ଅନ୍ୟ ସଂ. ନାମ—ତୁତ୍ଥ, ମୟୂରଗ୍ରୀବକ, ନୀଳାଞ୍ଜନ)

ତୁତି ଭିତି—ଦେ. ଅ—ତୁତି ପକ୍ଷୀର ଡାକ ବା ଶବ୍ଦ—
Tuti bhiti The sound made by the rose-finch.
(ତୁତ୍‌ଭିତ୍—ଅନ୍ୟରୂପ)

ତୁ ତୁ—ଦେ. ଅ—କୁକୁରକୁ ଡାକିବା ଶବ୍ଦ—
Tu tu The voice used in calling dogs.
তুতু तु

ତୁତୁରି—ଦେ. ବ (ସଂ. ତୂରମ୍)—ଶିଙ୍ଗା; ତୂରୀ—
Tuturi A trumpet; a horn for blowing.
তুতুরী तुरही, तुड्डम

ତୁତ୍ଥ—ସଂ. ବ (ତୁଥ୍ ଧାତୁ=ବ୍ୟଥିତ କରିବା ବା କଷ୍ଟଦେବା+କର୍ତ୍ତୃ. ଥ)
Tuttha ୧ । ତୁତିଆ—1. Blue vitriol; copper sulphate.
୨ । ରସାଞ୍ଜନ—2. Antimony.
୩ । ଅଗ୍ନି—3. Fire.

ତୁତ୍ଥକ—ସଂ. ବ (ତୁତ୍ଥ+ସ୍ୱାର୍ଥରେ କ)—ତୁତ୍ଥ (ଦେଖ)
Tutthaka Tuttha (See).

ତୁତ୍ଥା—ସଂ. ବ. ସ୍ତ୍ରୀ (ତୁତ୍ଥ+ସ୍ତ୍ରୀ ଆ)—୧ । ଛୋଟ ଅଳେଇଚ—
Tutthā 1. Small cardamom.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ଉପସ୍ଥ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ବୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ'ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ନୀଳ ଗୁଳ୍ମ—2. Indigo plant.

ତୁତ୍ଥାଞ୍ଜନ—ସଂ. ବ (ତୁତ୍ଥ+ଅଞ୍ଜନ)—୧ । ତୁତିଆ— Tutthañjana 1. Blue vitriol.
୨ । ଆଖିରେ ଘେନିବା କଜ୍ଜଳ— 2. Black powder or collyrium used as a pigment to paint the eyelids.

ତୁତ୍ସା—ଦେ. ବଣ (ସଂ. ତୁଚ୍ଛ)—ତୁଚ୍ଛ (ଦେଖ)—Tuchchha (See).
Tutsā ଦେଖି:ଛବ ମୂର୍ଖ ତୁତ୍ସା ନାୟକ
ରମା ଲୋକ ସଜ୍ଜ ଦେବେ ଚହଳି—ଅଭିମନ୍ୟୁ ବଡଗୁଡ଼ସାମନ୍ତ ।

ତୁଦ୍ (ଧାତୁ)—ସଂ.—ପୀଡ଼ା ଦେବା—
Tud (root) To cause pain; to oppress.

ତୁଦନ—ସଂ.ବ (ତୁଦ ଧାତୁ=ପୀଡ଼ା ଦେବା+ଭାବ ଅନ)—
Tudana ୧ । ପୀଡ଼ନ—1. Tormenting.
୨ । ପୀଡ଼ା; ବ୍ୟଥା—2. Aching.

ତୁ ଧଃ—ଦେ. ଅ—କୌଣସି ଜୀବକୁ ଆକ୍ରମଣ କରିବା ନିମନ୍ତେ
Tu dhaḥ କୁକୁରକୁ ତାକି ଦେଖାଇ ଦେବା ବ୍ୟକ୍ତିର ଉଚ୍ଚାରିତ
ଧଃ; ଧଃଧଃ ଡାକ—A halloo used in setting a dog to chase the prey.

ତୁନ୍—ଦେ. ବ (ସଂ.ତୁନ୍ନ; ତୁଣୀ)—ବନ୍ୟବୃକ୍ଷବିଶେଷ—A wild tree; the Toon tree; Cedrela Toona.
Tun
(ତୁନ୍—ଅନ୍ୟରୂପ) [ଦ୍ର—ଏହା ଉତ୍କଳର ସ୍ଥାନେ ସ୍ଥାନେ ଜନ୍ମେ ।
तुन तुन, तुणी ଏହାର ଉଚ୍ଚତା ୬୦ ହାତ ଓ ବେଢ଼ ୧୨
ସଂ. ନାମ—ତୁନ୍ନ, ତୁଣୀ, ହାତ ପର୍ଯ୍ୟନ୍ତ ହୁଏ; ପତ୍ର ନିମ୍ବ ପତ୍ର ପରି ।
ତୁନ୍ନକ, ଆପୀନ, ତୁଣିକ, ଶୀତକାଳରେ ଏ ପତ୍ର ଝଡ଼ିପଡ଼େ । ବସନ୍ତ
କଚ୍ଛପ, କୁଠେରକ, କାଳରେ ଏ ଗଛରେ ଫୁଲ ଫୁଟେ । ଏ
କାନ୍ତଲକ, ନନ୍ଦିବୃକ୍ଷ, ଫୁଲ ନିମ୍ବ ଫୁଲ ପରି ଧଳା ଓ ଉତ୍ତର
ନନ୍ଦକ, ମହାନିମ୍ବ ଡାଳଦିଆ । ଫୁଲରୁ ଏକପ୍ରକାର ବସନ୍ତ
ରଙ୍ଗ ତିଆରି ହୁଏ । ଏ ଗଛର କାଠ ନାଲି ଓ ମଜବୁତ୍ । ଏ କାଠରେ ଉଇ ବା ପୋକ ଲାଗନ୍ତି ନାହିଁ । ଏଥିରେ ମେଜ ଆଦି ଓ ଘରଦ୍ୱାର ଆଦି ତିଆରି ହୁଏ; ବୈଦ୍ୟଶାସ୍ତ୍ର ମତରେ ଏହା କଟୁବିପାକ, କଷାୟମଧୁରତିକ୍ତରସ, ଲଘୁ, ଧାରକ, ଶୀତବୀର୍ଯ୍ୟ ଓ ଶୁକ୍ରବର୍ଦ୍ଧକ; ଏହା ବ୍ରଣ, କୁଷ୍ଠ ଓ ରକ୍ତପିତ୍ତନାଶକ । ଏହା ମାହାଲଗଛ ପରି]
ପ୍ରାଦେ (ସମ୍ବଲପୁର) ବ—ତିଅଣ—Curry.

ତୁନି—ଦେ. ବଣ (ସଂ. ତୁଷ୍ଣୀଂ)—୧ । ନିର୍ବାକ୍; ନୀରବ; ଚୁପ୍—
Tuni 1. Silent.
चुप ନୋହିଲେ କାଠି ଦେଇ ରହ ହୋଇ ତୁନି ।
चुपका କୃଷ୍ଣସିଂହ. ମହାଭାରତ. ସଭା ।
୨ । ଲୁକ୍କାୟିତ; ଗୁପ୍ତ—2. Concealed.
୩ । ଜସ୍ତୁବ୍ଧ—3. Calm and quiet.
ଦେ. ବ—୧ । ନୀରବତା—Silence.
୨ । ଜସ୍ତବ୍ଧତା—2. Quiet.

चुप्पी ୩ । କାନ୍ଦ ବା କଥା ବନ୍ଦ କରିବା—
(ତୁନ୍ନି—ଅନ୍ୟରୂପ) 3. Stopping of talking or crying.
ଦେ. କ୍ରି. ବଣ—୧ । ନୀରବରେ—1 Silently; quietly.
চুপকরে चुपके ୨ । ଗୁପ୍ତଭାବରେ—2. Stealthily.

ତୁନି କ(କି)ରି—ଦେ. କ୍ରି. ବଣ—୧ । ନୀରବରେ—
Tuni ka(ki)ri 1. Silently.
চুপকরে ୨ । ଗୁପ୍ତଭାବରେ—2. Stealthily.
चुपते

ତୁନି କରିବା—ଦେ. କ୍ରି (ସଂ. ତୁଷ୍ଣୀଂ)—୧ । କଥା କହୁଥିବା ବା
Tuni kariba କାନ୍ଦୁଥିବା ବ୍ୟକ୍ତିକୁ ସାନ୍ତ୍ୱନା ଦେଇ ବା ଭୟଦେଇ
চুপ করা ତାହାର କଥା ବା କାନ୍ଦ ବନ୍ଦ କରାଇବା—1. To stop
चुप करना the crying or talking of a person.
୨ । ଅନ୍ୟର ମୁହଁ ବନ୍ଦ କରିବା; ଅନ୍ୟ ବ୍ୟକ୍ତିକୁ କଥା କହିବାକୁ ନ ଦେବା—2. To stop the mouth of a person; not to let a person speak.
[ତୁନିକରା(ରେ)ଇବା—ଅନ୍ୟରୂପ]

ତୁନିକା—ଗ୍ରା. ବଣ. ଓ କ୍ରି. ବଣ—ତୁନି (ଦେଖ)
Tunika Tuni (See)
(ତୁନିକାର—ଅନ୍ୟରୂପ) ଦେ. ବଣ—ଚୁପ୍ ସଇତାନ୍ (ଦେଖ)
Chūp saitān (See)

ତୁନି ତାନ୍(ନି)—ଦେ. ବ. ଓ ବଣ. ଓ କ୍ରି. ବଣ—ତୁନି (ଦେଖ)
Tuni tān (ni) Tuni (See)
চুপচাপ ବଡ ପଦର କ ସରକ ଅଉ ସବୁ ସାର ତୁନିତାନ୍—
चुपचाप ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ତୁନିତାନି କରିବା—ଦେ. କ୍ରି—ତୁନି କରିବା (ଦେଖ)
Tunitāni kariba Tuni kariba (See)

ତୁନିବା—ପ୍ରାଦେ (ସମ୍ବଲପୁର) କ୍ରି (ସଂ. ତୁନ୍ନ=ଚିରା ଲୁଗା)—ଚିରା
Tuniba ଲୁଗା ଆଦିକୁ ସିଲାଇ କରିବା—To sew torn cloth etc.

ତୁନି ମୁନି—ଦେ. ବ ଓ ବଣ.—(ବ୍ୟଙ୍ଗାର୍ଥ)—ଚୁପ୍ ସଇତାନ୍ ଲୋକ;
Tunimuni ଯେଉଁ ବ୍ୟକ୍ତି ବାହାରେ ମୁନି ପରି ଚୁପ୍‌ଚାପ୍ ରହି ସାଧୁ
চুপসয়তান্ ଓ ବାକ୍‌ସଂଯମୀ ବୋଲି ଜଣାଯାଏ, କିନ୍ତୁ ଭିତରେ
चुपसयतान ଭାରି ଦୁଷ୍ଟ ବା ଖଳ—(ironical) One who assumes a silent exterior but is inwardly vicious.

ତୁନି ହେବା—ଦେ. କ୍ରି—(ସଂ. ତୁଷ୍ଣୀଂଭାବ)—୧ । ଚୁପ୍ ହେବା; ନୀରବ
Tuni heba ହେବା—1. To be silent; to keep quiet.
চুপ হওয়া ୨ । କାନ୍ଦ ବା କଥା ବନ୍ଦ କରିବା—
चुप्‌होना 2. To stop crying or talking.

ତୁନ୍ଦ—ସଂ. ବ (ତୁଦ୍ ଧାତୁ=ପୀଡ଼ା ଦେବା+କର୍ତ୍ତୃ.ଅ; ନ ଆଗମ)—
Tunda ଉଦର; ପେଟ—Belly; abdomen.
तुंद ବୈଦେ. ବଣ. (ଫା)—ପ୍ରଚଣ୍ଡ; ତୀବ୍ର—Violent.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ଥ	ଉଥ	ଘ
୨	ଈ	ଊ	ରୁ	ଲୃ	ଯ୍ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଶ୍ୟ	ଇଥ	ଷ	ଜ୍ଞ

ତୁଣ୍ଡ—ସ.ବ (ତୁଦ୍. ଧାତୁ+କର୍ତ୍ତୃ.ଇ; ମ ଆଗମ)—୧ । ଉଦର;ପେଟ—
Tundi 1. Belly.
୨ । ନାଭ—2. Navel.
୩ । ଗନ୍ଧର୍ବବିଶେଷ—3. Name of a Gandharba.

ତୁଣ୍ଡିକ(ଭ)(ଲ)—ସ. ବଣ.ପୁଂ (ତୁଣ୍ଡ+ଅସ୍ତ୍ୟର୍ଥରେ, ଇକ,ଇଭ, ଇଲ)
Tundika(bha) (la) ୧—ପେଟା;ସ୍ଥୂଳୋଦର;ଥଲ୍ଲପେଟିଆ—
(ତୁଣ୍ଡିକା(ଭା) (ଲା)-ସ୍ତ୍ରୀ) Pot-bellied; fat.

ତୁଣ୍ଡୀ—ସ. ବ (ତୁଣ୍ଡ+ସ୍ତ୍ରୀ. ଈ)—ନାଭ—Navel.
Tundī

ତୁନ୍ଦୁର—ବୈଦେ (ଅ. ତନ୍ଦୁର୍)—ତନ୍ଦୁର (ଦେଖ)
Tundur Tandur (See)
ପ୍ରାଦେ (ମେଦନୀପୁର) ବ. ଗର୍ତ୍ତ—Pit; hole.

ତୁନ୍ନ—ସ. ବଣ (ତୁଦ୍. ଧାତୁ=ପୀଡ଼ା ଦେବା+କର୍ମ.ତ)—
Tunna ୧ । ବ୍ୟଥିତ—1. Tormented.
୨ । ଚିରା; ଛିନ୍ନ—2. Torn.
୩ । ସ୍ୟୂତ; ସିଲାଇ କରାଯାଇଥିବା—3. Sewn.
ସ. ବ.—୧ । ଚିରା ଲୁଗା—1. Torn cloth.
୨ । ଛିଣ୍ଡା କନା—2. Rag.
୩ । ତୁନ୍ (ଦେଖ)—3. Tun (See).

ତୁନ୍ନବାୟ—ସ. ବ (ତୁନ୍ନ=ଛିନ୍ନ ବସ୍ତ୍ର+ବେଧାତୁ=ସିଲେଇ
Tunnabāya କରିବା+କର୍ତ୍ତୃ. ଅ)—ଦରଜୀ—A tailor.

ତୁପିବା—ପ୍ରାଦେ (ସିଂହଭୂମ୍) କ୍ରି—(ତୁଲ. ହି. ଚୋପ୍‌ନା=ଲୁଚାଇବା)
Tupibā ପୋତିବା—To bury.

ତୁଫଙ୍ଗ—ବୈଦେ. ବ (ଅ; ତୁଲ. ଆ. ତୁଫାନ୍=ଝଡ଼, ବାତ୍ୟା)—
Tuphang ବାୟୁ ଚାଳିତ ବନ୍ଧୁକ—Air-gun.
ତୁଫଙ୍ଗ; तुफङ्ग

ତୁଫାନ (ଇତ୍ୟାଦି)—ବୈଦେ. ବ.—ତୋଫାନ ଇତ୍ୟାଦି (ଦେଖ)
Tuphāna (etc) Tophāna etc (See)

ତୁବର—ସ. ବ (ତୁ. ଧାତୁ=ପୀଡ଼ା କରିବା+କର୍ତ୍ତୃ. ବର)—
Tubara ୧ । କଷାୟ ରସ—1. Astringent taste or flavour;
୨ । ହରଡ଼ (ହି. ଶବ୍ଦସାଗର)—2. A kind of pulse; the pigeon-pea.
୩ । ନଦୀ ଓ ସମୁଦ୍ର ତଟରେ ଜନ୍ମିବା ଗୁଳ୍ମବିଶେଷ—Name of a plant growing on the bank of rivers or the sea.
[ଦ୍ର—ଏହାର ଫଳ କର୍ଣ୍ଣ (ତେନ୍ତୁଳୀ) ପରି । ଏ ଫଳ ଖାଇଲେ ଗାଈ ଇତ୍ୟାଦି ପଶୁ ବେଶି ଦୁଧ ଦଅନ୍ତି । ହି. ଶବ୍ଦସାଗର]
ବଣ.—୧ । କଷା—1. Astringent.
୨ । (ପୁଂ) ମାଖୁନା; ଯେଉଁ ପୁରୁଷର ଅଦୌ ଦାଢ଼ି ବା ନିଶ ଉଠେ ନାହିଁ—2. (a person) In whom no beard or mustaches grow.

ତୁବରକ—ସ. ବ (ବୈଦ୍ୟକ)—ଚାଉଳମୁଗୁରା (ଦେଖ) (ଦ୍ରବ୍ୟଗୁଣ
Tubaraka କଳ୍ପଦ୍ରୁମ)—Chāuḷa mugurā (See).
(ଅନ୍ୟନାମ. କୁଷ୍ଠଳ)

ତୁବରିକା—ସ. ବ. (ତୁବର+କ+ସ୍ତ୍ରୀ.ଆ)—୧ । ଗୋପୀଚନ୍ଦନ
Tubarikā (ଦେଖ) (ହି. ଶବ୍ଦସାଗର)—Gopī-chandana (See).
୨ । ହରଡ଼ (ହି.ଶବ୍ଦସାଗର)—2. A kind of pulse. Cajanus Indicus; the pigeon-pea.

ତୁବରୀ—ସ. ବ. (ତୁବର+ସ୍ତ୍ରୀ.ଈ)—୧ । ବବ୍‌ରୀ;ତୁଳସୀ (ଦ୍ରବ୍ୟଗୁଣ)
Tubarī 1. Ocimum Gratissimum.
୨ । ସୌରାଷ୍ଟ୍ରୀ ମୃତ୍ତିକା (ଦ୍ରବ୍ୟଗୁଣ)—2. Coloured earth found in Gujerat.
୩ । ରାଇ ସୋରିଷ (ଦ୍ରବ୍ୟଗୁଣ)—3. Rye; mustard.

ତୁବି—ସ. ବ (ତୁ ଧାତୁ=ପୀଡ଼ା ଦେବା+କର୍ତ୍ତୃ ସଂଜ୍ଞାର୍ଥେ ବି)—
Tubi ୧ । ତୁଂବା; ପିତା ଲାଉ (ହି. ଶବ୍ଦସାଗର)—1. Bitter gourd.
୨ । ତୁମ୍ବା (ଦେଖ)—2. Tumbā (See).

ତୁମ୍‌ତଡ଼ାକ୍(କା)—ବୈଦେ. ବ. (ଫା.) ଧୁମ ଧାମ୍; ଆଡ଼ମ୍ବର; ଆଡ଼ମ୍ବର
Tum-tardāk(kā) ସହିତ ଗୋଳମାଳ—Pomp and noise;
ତୁମ୍‌ତଡ଼ାକ୍; तुमतड़ाक ado; grand show.

ତୁମ—ଦେ. ସର୍ବନାମ (ତୁଲ. ସ. ଯୁଷ୍ମଦ୍ ଶବ୍ଦର ୧ମା ୧ ବଚନ ତୁମ୍ ଓ
Tuma ୬ଷ୍ଠୀ ବିଭକ୍ତି ୧ ବଚନ ତବ;) ଅଳ୍ପ ପରିଚିତ ବ୍ୟକ୍ତି ପ୍ରତି
ପ୍ରଯୁକ୍ତ)—ତୁମ୍ଭର (ଦେଖ)
(ତୁମର-ଅନ୍ୟରୂପ) Tumbhara (See).

ତୁମଡ଼ୀ—ଦେ. ବ. (ସ. ତୁମ୍ବୀ=ଲାଉ; ତୁମ୍ବିକା)—୧ । ପିତା ଲାଉର
Tumardī ତୁମ୍ବୀରେ ନିର୍ମିତ ବଂଶୀ ବିଶେଷ; ଭଲ୍ଲରୀ; ସ୍ୱରସ୍ୱରୀ—
ତୁବଡ଼ୀ; ତୁମଡ଼ୀ 1. Bagpipe made of narrow-necked
तुमड़ी and big-billied bitter gourd.
[ଦ୍ର—ଏହାର ମଧ୍ୟଂଅଂଶ ମୋଟ ଓ ଦୁଇପାଖ ସରୁ । ହିନ୍ଦୁମାନଙ୍କର ପ୍ରାଚୀନ ବଂଶୀ ଯନ୍ତ୍ର ଏହାଦ୍ୱାରା ନିର୍ମିତ ହେଉଥିଲା । ସାପୁଆ କେଳାମାନେ ଏହା ବଜାଇ ସାପ ଖେଳାନ୍ତି । ଏହାର ଅଗରେ ସଚ୍ଛିଦ୍ର ଦୁଇଟି ନଳ ଲାଗିଥାଏ, ମଧ୍ୟଅଂଶ ଗୋଟିଏ ପିତା ଲାଉର ଖୋଳପା, ଓ ମୂଳଅଂଶ ଗୋଟିଏ ନଳ; ଶୋଷୋକ୍ତ ନଳକୁ ଫୁଙ୍କାଯାଏ । କେହି କେହି ଏହାକୁ ନାକରେ ବଜାନ୍ତି । ପୃଥିବୀର ପ୍ରାୟ ସମସ୍ତ ପ୍ରାଚୀନ ଜାତି ଏହିପରି ବଂଶୀ ବ୍ୟବହାର କରୁଥିଲେ । ଭିନ୍ନ ଭିନ୍ନ ଦେଶରେ ଏହାର ନାମ ଭିନ୍ନ ଭିନ୍ନ ଯଥା—ଇଂଲଣ୍ଡରେ ବାଗ୍‌ପାଇପ୍ (Bagpipe);ସାଇବେରିଆରେ ତିତ୍ତି (Titti), ପାରସ୍ୟରେ ନଅମ୍ଳା, ମିଶରଦେଶରେ ଜୁକ୍କାରା, ଇଟାଲୀରେ ଜାମ୍ପୋନା । ବାଇବଲରେ ଏହି ଯନ୍ତ୍ରର ନାମ ସାମ୍ଫୋନିଆ ବୋଲି ଲିଖିତ ହୋଇଅଛି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଁଖା ନ ପାଇଲେ 'ଅଖା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଏକପ୍ରକାର ବିଷାକ୍ତ କୀଟ—
2. A kind of poisonous insect.

୩ । ତୁମ୍ବା; ଲାଉ ଖୋଳପାରେ ନିର୍ମିତ ଥାଳ—3. A bowl made of the shell of the gourd.

ତୁମର(ରି)—ଦେ. ସର୍ବନାମ—ତୁମ୍ଭର (ଦେଖ)
Tumara (ri) Tumbhara (See)

ତୁମା—ପ୍ରାଦେ (ସମ୍ବଲପୁର) ବି (ସଂ. ତୁମ୍ବୀ)—୧ । ଲାଉ—
Tumā Bottle gourd.

୨ । ତୁମ୍ବା (ଦେଖ)—2, Tumbā (See)

ତୁମି—ପ୍ରାଦେ. (ସମ୍ବଲପୁର) ବି—ଶଗଡ଼ ଚକର ମଝି ବାଣ୍ଡି; ତୁମ୍ବ—
Tumi The nave of a wheel.

ତୁମୁଡ଼ୀ—ଦେ. ବି—ତୁମଡ଼ୀ (ଦେଖ)
Tumur̤di Tumar̤di (See)

ତୁମୁଳ—ସଂ. ବିଣ ଓ ବି (ତୁ ଧାତୁ=ବଧ କରିବା+ଅଧିକରଣ ଓ କର୍ମ. ମୁଲ)—ତୁମୂଳ (ଦେଖ) Tumul̤a Tumūl̤a (See)

ବିଶ୍ୱକର୍ମା ସୁତ ହନୁମନ୍ତ କପିପତି ସୁନୁ ସମରବେ ଆରମ୍ଭେ ତୁମୁଳ—
ଉପେ. ବୈଦେହୀଶବିଳାସ ।

ତୁମୂଳ—ସଂ. ବିଣ (ତୁ ଧାତୁ=ବଧ କରିବା+କର୍ମ. ମୂଳ)—
Tumūl̤a ୧ । ଗୋଳମାଳ ଗୋଲମାଲ ପୂର୍ଣ୍ଣ—1. Tumultuous.

୨ । ଅତ୍ୟଧିକ—2. Excessive.

୩ । ଭୟଙ୍କର; ଭୟାନକ—3. Dreadful; terrible.

୪ । ଉତ୍କଟ; ଅତି ପ୍ରବଳ—4. Violent.

୫ । ଘୋର—5. Serious; grave.

ବି—(+ଅଧିକରଣ. ମୂଳ)—୧ । ମାରପିଟ—1. Brawl; affray.

୨ । କଳହ—2. Quarrel.

୩ । ଗଣ୍ଡଗୋଳ—3. Uproar; tumult.

୪ । ଯୁଦ୍ଧ—4. Conflict; fighting.

୫ । ଯୁଦ୍ଧରେ ପରସ୍ପରବିରୋଧୀ ଦୁଇ ସୈନ୍ୟଙ୍କ ଗହଳ ଚହଳ—5. Bustle created by the movement of opposing soldiers in a fight.

୬ । ବାହାଡ଼ା ଗଛ (ହି. ଶବ୍ଦସାଗର)—
6. Beleric Myrobalan.

ତୁମେ—ଦେ. ସର୍ବନାମ (ଏକବଚନ ଓ ବହୁବଚନ; ପରିଚିତ ବ୍ୟକ୍ତିଙ୍କ ପ୍ରତି
Tume ବ୍ୟବହୃତ; ସଂ. ଯୁଷ୍ମଦ୍ ଶବ୍ଦର ପ୍ରଥମା ବିଭକ୍ତି ୧ ବଚନ
तुमि ତ୍ୱଂ; ପ୍ରା. ତୁମ୍ହେ)—ତୁମ୍ଭେ (ଦେଖ)
तुम Tumbhe (See)

[ଏ ଶବ୍ଦର ଗ୍ରାମ୍ୟ ରୂପ ତମେ, ଛମେ, ତେମେ]

ତୁମେ ଗୁଡ଼ାକ—ଦେ.ସର୍ବନାମ (ଅନାଦରାର୍ଥକ ବହୁବଚନ)—ତୁମ୍ଭମାନଙ୍କ
Tume gur̤dāka ପରି ନଗଣ୍ୟ ଲୋକମାନେ,ନଗଣ୍ୟ ତୁମ୍ଭେମାନେ
তুমরাসব, तुमलोगों You fellows.

ତୁମେ ମାନେ—ଦେ. ସର୍ବନାମ (ବହୁବଚନ)—ତୁମ୍ଭେମାନେ—
Tumemāne (ତୁମେ ଶବ୍ଦ—ଅନ୍ୟରୂପ) (plural) You.

ତୁମ୍ପୁଡ଼ା—ଦେ. ବିଣ (ସଂ. ସଙ୍କୁଚିତ)—୧ । ଶୁଷ୍କ—
Tumpur̤dā 1. Withered.

(ତୁଂପୁଡ଼ା—ଅନ୍ୟରୂପ) ୨ । ସଙ୍କୁଚିତ; ସେମେଟା—
2. Contracted; wrinkled; shrunk.

ତୁମ୍ବ୍ (ଧାତୁ)—ସ—୧ । ବଧ କରିବା—1. To kill.
Tumb (root)

୨ । କଷ୍ଟ ଦେବା—2. To distress; to trouble.

୩ । ଆଘାତ କରିବା—3. To hurt.

ତୁମ୍ବ—ସଂ. ବି (ତୁମ୍ବ ଧାତୁ+କର୍ମ. ଅ)—୧ । ଲାଉ; ଅଲାବୁ—
Tumba 1. White gourd; Lagenarea Vulgaris.

୨ । ପିତା ଲାଉ—2. Bottle gourd.

୩ । ବୀଣା—3. Harp.

୪ । ସିତାର ଆଦି ଯନ୍ତ୍ରର ଲାଉ—The bulb of a guitar or harp.

୫ । କମ୍ବୀ; କଇଁଚ କାକୁଡ଼ି (ଦ୍ରବ୍ୟଗୁଣ)—5. Kaiñchi kākur̤di (See)

ଦେ. ବି—୧ । ଧାନ୍ୟାଦି ମାପିବାର ପାତ୍ର—1. A measure for corn.

୨ । ବଡ଼ ଗଛର ଗଣ୍ଡିରୁ ଗଢ଼ କର ସେହି ଗଡ଼ରେ କମ୍ବା ଗୋଟିଏ ବଡ଼ ଗଡ଼ରେ ଗୋଟିଏ ଗଭୀର ଛିଦ୍ର କର ସେ ଛିଦ୍ରରେ ବାରୁଦ ଭର୍ତ୍ତି କରି କରାଯିବା ବାଣ—
2. A kind of fire work.

୩ । ଶଗଡ଼ ଚକର ବାଣ୍ଡି—
3. The hub of a wheel.

ତୁମ୍ବକ—ସଂ. ବି—ତୁମ୍ବ (ଦେଖ)
Tumbaka Tumba (See)

ତୁମ୍ବର—ସଂ. ବି—୧ । ତୁମ୍ବୁରୁ (ଦେଖ)
Tumbara 1. Tumburu (See)

୨ । ବାଦ୍ୟବିଶେଷ—
2. A kind of musical instrument (Apte).

ତୁମ୍ବରୁ—ସଂ. ବି—ତୁମ୍ବୁରୁ (ଦେଖ)
Tumbaru Tumburu (See)

ତୁମ୍ବା—ଦେ. ବି. (ସଂ. ତୁମ୍ବ; ତୁମ୍ବକ)—
Tumbā ୧ । ଶୁଖିଲା ଲାଉ ଖୋଳର ପାତ୍ର; ଲାଉ ଥାଳ—
तुंबड़ी 1. A bowl made from a gourd; the
तुमड़ी, तुंबा hollow shell of a gourd.

୨ । ବୀଣାଦି ଯନ୍ତ୍ରର ବାଣ୍ଡି ବା ପାଟ—2. The gourd or bowl or bulb at the back of a guitar or other stringed instrument.

୧	ଇ	ଉ	ର୍,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଣ,ଷ	ଜ୍ଞ	ଇସ୍ତ	ଉଥ	ଘ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଥ	ଙ	ନ

୩ । ବାୟାଁ; ତୁରୀ—
3. The left-hand-piece of a double-drum.

୪ । ଯୋଗୀ ଥାଳ—4. Begger's bowl.

୫ । ଲାଉ ତୁମ୍ବିର ମୁହଁରେ ନଳ ଖୋଷା ଯାଇ ତିଆର କରାଯିବା ଫୁଙ୍କା ବାଜା—5. A kind of musical pipe made of bottle gourd; bagpipe.

୬ । ପିତା ଲାଉ (ହି. ଶବ୍ଦସାଗର)—
6. B tter ourd.

୭ । ନଦୀ ଓ ଜଳାଶୟ କୂଳରେ ମନକୁ ଉଠିବା ଏକପ୍ରକାର ଧାନ (ହି. ଶବ୍ଦସାଗର)—7. A kind of paddy growing wild on the banks of tanks and rivers.

ତୁମ୍ବି—ସଂ. ବି—ତୁମ୍ବ (ଦେଖ)
Tumbi Tumba (See)

ତୁବଡ଼ୀ ଦେ. ବି—୧ । ଏକପ୍ରକାର ବାଣ; ବଡ଼ ଘଣ୍ଟି ବାଣ—
तुमड़ी 1. A firework having powder pushed inside a ball or hole made in the feled trunk of a big tree.

[ଦ୍ର—ଶ୍ରେଷ୍ଠ ମୁହଁ ଥିବା ମୋଟ ମାଟି ଘଡ଼ି ମଧ୍ୟରେ ବାରୁଦ ଚୂନ ତହିଁ ସଙ୍ଗେ ଲୁହାର ସରୁ ଗୁଣ୍ଡ ଭରତି କରାଯାଇ ଯେଉଁ ବାଣ ତିଆରି ହୁଏ ତାକୁ ଚମ୍ପା ବା ଘଡ଼ିବାଣ ବା କୁମ୍ଭି ବୋଲାଯାଏ । ଏ ଘଡ଼ିର ମୁହଁରେ ନିଆଁ ଲଗାଇଲେ ଲୁହା ଚୂନା ଅଗ୍ନି ସଂଯୋଗରେ ଅଗ୍ନିମୟ ଚମ୍ପାଫୁଲ ଆକାରରେ ଫୁଟିଥିବା ପରି ଉପରକୁ ଉଠେ । ଲାଉତୁମ୍ବା ଆକାରର ବଡ଼ ମାଟି ଘଡ଼ିରେ ବାରୁଦ ଓ ଲୁହା ଗୁଣ୍ଡ ପୂର୍ଣ୍ଣ ତିଆରି କରାଯିବା ବାଣକୁ ତୁମ୍ବି ବୋଲାଯାଏ । କରି, ତିନ୍ତୁଳି ଆଦି ଗଛର ଗଣ୍ଡିକୁ ଗଡ଼ି କରି କାଟି ଆଣି ତାକୁ ଭୂମିରେ ପକାଇ ତାହା ମଝିରେ କହାଣ୍ଡିଦ୍ୱାରା ୧ ଫୁଟ ଗଭୀର ଗୋଲ ଗର୍ତ୍ତ କରାଯାଏ । ସେ ଗର୍ତ୍ତରେ ବାରୁଦ ଓ ଲୁହା ଗୁଣ୍ଡ ଖୁବ୍ ଖୁନ୍ଦା ଯାଏ ଓ ଖୁବ୍ ମାଡ଼ି ଦେଇ ତା ମୁହଁରେ ଗୋଟିଏ ଶ୍ରେଷ୍ଠ କଣା ରଖାଯାଏ । ସେହି ମେଲା ମୁହଁରେ ଅଗ୍ନି ସଂଯୋଗ କଲେ ସେ ବାରୁଦ ଓ ଲୁହା ଗୁଣ୍ଡର ଅଗ୍ନିସ୍ଫୁଲିଙ୍ଗ ୩୦।୪୦ ଫୁଟ ଉଚ୍ଚକୁ ଉଠେ ଓ ଖୁବ୍ ଗର୍ଜନ ହୁଏ । ଏହି ବାଣକୁ ତୁମ୍ବ ବୋଲାଯାଏ । ଶ୍ରେଷ୍ଠ ତୁମ୍ବକୁ ତୁମ୍ବି ବୋଲାଯାଏ ।]

୨ । ଶସ୍ୟାଦି ମାପିବା ପାତ୍ରବିଶେଷ—
2. A measure for corn.

୩ । ତୁମ୍ବା (ଦେଖ)—3. Tumbā (See)

ତୁମ୍ବି ଖାଲେ ଜାତି ଚର୍ମ କାଟିରେ—ପ୍ରାଚୀ. ପରବେଗୀତ ।

ତୁମ୍ବୀ—ସଂ. ବି. (ତୁମ୍ବ୍ ଧାତୁ + ସଂଜ୍ଞାର୍ଥେ. ଇ)—ତୁମ୍ବ (ଦେଖ)
Tumbī Tumba (See)
(ତୁମ୍ବିକା—ଅନ୍ୟରୂପ)

ଏବେ କହୁଅଛ ତୁମ୍ବୀ (୧) ଅବଲମ୍ବ ସେ କାଳରେ
କରେ କରବ—ଭକ୍ତ, ପ୍ରେମସୁଧାନିଧି ।

ଦେ. ବି—ତୁମ୍ବି (ଦେଖ)—Tumbi (See)

କତ କପୂରଭ ବଢଉ ହେଲ ତୁମ୍ବୀ ଭ୍ରୂଡଳ
ନ ବୁଝ ଶରଳ ସଲଳ ଉପରେ ଯା ଖସିଲ—ଭକ୍ତ. ଲାବଣ୍ୟବତୀ ।

ତୁମ୍ବଡ଼ି—ଦେ. ବି—ଏକପ୍ରକାର ବିଷାକ୍ତ କୀଟ—
Tumbardi A kind of poisonous insect.

ତୁମ୍ବୁକ—ସଂ. ବି—ଲାଉ (ହି. ଶବ୍ଦସାଗର)—
Tumbuka Gourd.

ତୁମ୍ବୁର—ଦେ. ବି—ଅନେକ ବାଦ୍ୟବିଶେଷ; ବଡ଼କାଠ—
Tumbura A bigdrum.

ତୁମ୍ବୁର—ସଂ. ବି. ପୁଂ. (ତୁମ୍ବ୍ ଧାତୁ + ଉର)—କୁକୁର—
Tumburā (ତୁମ୍ବୁରୀ—ସ୍ତ୍ରୀ) Dog.

ତୁମ୍ବୁରୀ—ସଂ. ବି. ସ୍ତ୍ରୀ. (ତୁମ୍ବୁର + ଈ)—୧ । ଧନିଆ—
Tumburi 1. Coriander.

୨ । କୁକୁରୀ; ମାଈକୁକୁର—2. Bitch.

ତୁମ୍ବୁରୁ—ସଂ. ବି. (ତୁମ୍ବ୍ ଧାତୁ + ଉରୁ)—୧ । ଗନ୍ଧର୍ବବିଶେଷ—
Tumburu 1. Name of a heavenly chorister

ତୁମ୍ବୁରୁ ତାହା ଦେଖି ସହି ନ ପାରିଲେ
ଏକଣ ତାମ୍ରବର୍ଣ୍ଣ ଘୋଡ଼ା ଅଣାଇଲେ—କୃଷ୍ଣସିଂହ. ମହାଭାରତ. ସଭା ।

[ଦ୍ର—ଏ ସଙ୍ଗୀତ ବିଦ୍ୟାରେ ବିଶେଷ ପାରଦର୍ଶୀ ଥିଲେ ଓ ତୁମ୍ବୁରୁ ବାଦ୍ୟ ଆବିଷ୍କାର କରିଥିଲେ । ଏ ଚୈତ୍ର ମାସରେ ସୂର୍ଯ୍ୟଙ୍କ ରଥରେ ଅବସ୍ଥାନ କରନ୍ତି । ଏ ବିଷ୍ଣୁଙ୍କର ଜଣେ ପ୍ରିୟ ପାର୍ଷଦ—ହି. ଶବ୍ଦସାଗର ।]

୨ । ବୃକ୍ଷବିଶେଷ—2. Name of a tree.

तेजबल ୩ । ନାରଙ୍ଗାଦି ବର୍ଗର ଶ୍ରେଷ୍ଠ କଣ୍ଟକୀ ତରୁବିଶେଷ—
3. Xanthoxylum Alatum.

[ଦ୍ର—ଏହାର କାଠ ଧଳା । ପତ୍ର ଘନ, ପତ୍ରର ଡେଙ୍ଗାରେ ପକ୍ଷ ଅଛି । ଫୁଲ ହଳଦିଆ ଓ ଶ୍ରେଷ୍ଠ । ପୁଂ, ଓ ସ୍ତ୍ରୀ. ବୃକ୍ଷ ପୃଥକ୍ । ଫଳ ପାଚିଲେ ଫାଟି ଯାଏ । ମଞ୍ଜି ଉଜ୍ଜ୍ୱଳ କୃଷ୍ଣବର୍ଣ୍ଣ । ଏହା ନେପାଳୀ ଧନିଆଁ ନାମରେ ବଜାରରେ ବିକ୍ରି ହୁଏ । ଶୂଳଘ୍ନ ବୋଲି ଏହା ଔଷଧରେ ଲାଗେ । ହିମାଳୟ ଓ ଖାସିଆ ପାହାଡ଼ରେ ଏ ଗଛ ଜନ୍ମେ । ଏଗାଛ ଦେଖିବାକୁ ଧନିଆ ମଞ୍ଜି ପରି । ଏହା ଖାଇ କଟୁ (ରାଗୁଆ) ଓ ଏହାକୁ ପାଣିରେ ପକାଇଲେ ପାଣି ଭୁରୁଭୁରୁ ହୁଏ ଓ ପାଣିରୁ ଖୁବ୍ ଲାଲ ବହେ । ଦାନ୍ତ ବଥିଲେ ଲୋକେ ଏହାକୁ ପାଣିରେ ଚୋବାନ୍ତି । ବୈଦ୍ୟଶାସ୍ତ୍ରମତରେ ଏହା ଗରମ, କଡ଼ୁଆ, ଅଗ୍ନିଦୀପକ ଏବଂ କଫ, ବାତ ଓ ଶୂଳ ଦୂର କରେ ।]

୪ । ଋଷି ବିଶେଷ—4. Name of a sage.

୫ । ଧନିଆଁ (ହି. ଶବ୍ଦସାଗର)—5. Coriander.

ଦେ. ବି—ବଡ଼କାଠ ବାଜା—Big drum.

ତୁମ୍ଭ—ଦେ. ବି—୧ । ଶଗଡ଼ାଦି ଚକର ମଧ୍ୟସ୍ଥଳ; ଶଗଡ଼ ଚକର ଡାଣ୍ଡି—
Tumbha 1. The centre or nave of a wheel; the hub of a wheel.
ତୁବଡ଼ୀ

ସାଧାରଣ ଲୋକେ ଅପର ପୃଷ୍ଠାରେ ଧରିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

तुमड़ी ୨ । କାଠର ବଡ଼ ଗଡ଼ ମଧ୍ୟରେ ଗଭୀର ଗର୍ତ୍ତ କରି ତହିଁ
(ତୁମ୍ବ—ଅନ୍ୟରୂପ) ମଧ୍ୟରେ ବାରୁଦ ଖୁନ୍ଦି ତିଆରି କରାଯିବା ବାଣ—
2. A firework made by pushing gunpowder into a deep hole dug in a log of wood.

[ଦ୍ର—ବଡ଼ ଲମ୍ବା ତେନ୍ତୁଳିର ଗଡ଼କାଠରେ ୩।୪ ଇଞ୍ଚ ବ୍ୟାସରେ ଗୋଟିଏ ଗୋଲକାର ଗାତ ଖୋଳାଯାଏ; ଆଉ ପାଖ ଫୁଟିବାକୁ ପ୍ରାୟ ୪ ଅଙ୍ଗୁଳ ବାକି ଥାଏ, ତଳ ପାଖର ବାକି ଅଂଶରେ ଲୁହା ଭଅଁର ଦ୍ୱାରା ବୁଢ଼ା ଅଙ୍ଗୁଳି ମୋଟରେ ଗୋଟିଏ କଣା କରାଯାଏ । ସେହି କଣାକୁ ଛିଣ୍ଡା କନା ଦ୍ୱାରା ବା ଡଭା ଦଉଡ଼ିର ବଣ୍ଡା ଦ୍ୱାରା ବନ୍ଦ କରାଯାଏ । ପରେ ବଡ଼ ଗାତରେ ଅଙ୍ଗୁଳିକର ୩ ଭାଗରୁ ଭାଗେ ପରିମାଣରେ ମାଟି ପକାଇ ଗଞ୍ଜଦ୍ୱାରା (ଯେଉଁ କାଠ ଖଣ୍ଡର ମାପରେ ଗାତ ଖୋଳା ଯାଇ ଥାଏ ତାହାଦ୍ୱାରା) ଖୁନ୍ଦି ପୁଣି ଭଅଁର ଦ୍ୱାରା ପୂର୍ବୋକ୍ତ କଣା ସହିତ ସମାନ କରି କଣା କରାଯାଏ । ସେ ଗାତରେ ବାରୁଦ ଭର୍ତ୍ତି ହୋଇ ଖୁନ୍ଦା ଯାଏ । ତା ଉପରେ ଗାତର ମୁହଁର ବ୍ୟାସ ପରିମାଣରେ ମାଟିର ପ୍ରସ୍ତ ଦିଆଯାଇ ବାଡ଼ିଆ ଯାଏ । ସେ ମାଟିକୁ ମାଟିକଳ ବୋଲାଯାଏ । ସେ ମାଟିକଳ ଟାଣ ହୋଇ ବାଡ଼ିଆ ହେଲା ପରେ ଗଡ଼କୁ ଲେଉଟାଇ ଛିଦ୍ର ମୁହଁରୁ ବଣ୍ଡା କଢ଼ାଯାଏ ଓ ସେ କଣାରେ ସାମାନ୍ୟ ବାରୁଦ ଭର୍ତ୍ତି କରାଯାଇ ଛିଦ୍ର ମୁହଁରେ ନିଆଁ ଲଗାଯାଏ ।]

তুমার ସର୍ବନାମ—ତୁମ୍ଭର (ଦେଖ)
तुमारा Tumbhara (See)

ତୁମ୍ଭ ତହିଁ—ଦେ. (ପ୍ରାଚୀନ) ସର୍ବନାମ—ତୁମ୍ଭଠାରେ (ଦେଖ)
Tumbha tahiñ In you (See)
তোমাতে तुमसे

ତୁମ୍ଭ ତହୁଁ—ଦେ. (ପ୍ରାଚୀନ) ସର୍ବନାମ—୧ । ତୁମ୍ଭଠାରୁ—
Tumbha tahuñ 1. From you.
(ତୁମ୍ଭଠୁଁ—ଅନ୍ୟରୂପ) ୨ । ତୁମ୍ଭ ଅପେକ୍ଷା—2. Than you.
তোমা থেকে तुमसे

ତୁମ୍ଭନ୍ତ—ଦେ. (ପ୍ରାଚୀନ ପ୍ରୟୋଗ) ସର୍ବନାମ. —ତୁମ୍ଭଙ୍କୁ—
Tumbhanta To you.

ତୁମ୍ଭ ପାଟିଆ—ଦେ. ବି— ଶଗଡ଼ଚକିର ଧୁର ପାଖେ ଲଗାଯାଇଥିବା
Tumbha pātiā ଲୁହାର ବଳା—Iron ring put round the hub of a wheel.

ତୁମ୍ଭ ବାଡ଼ିଆ—ଦେ. ବି—ତୁମ୍ଭରେ ବାରୁଦ ଖୁନ୍ଦା କର୍ମ—
Tumbha bārdiā Pushing or ramming of gunpowder into the hole of a log of wood.

ତୁମ୍ଭ ବାଡ଼େଇବା—ଦେ. କ୍ରି—ତୁମ୍ଭରେ ବାରୁଦ ଖୁନ୍ଦିବା—
Tumbha bārdeibā To push or ram gunpowder into a log-hole.

ତୁମ୍ଭର—ଦେ. ସର୍ବନାମ (ତୁମ୍ଭେ ଶବ୍ଦର ଷଷ୍ଠୀ ବିଭକ୍ତି ଏକ ବଚନ)—
Tumbhara ଆପଣଙ୍କର—Your.
(ତୁମ୍ଭରି—ଅନ୍ୟରୂପ) କେ ଅଛି ନିସ୍ତାରେ ଧନ ପ୍ରାଣ ମାୟା ତେଜି
তোমার, তোমারি ତୁମ୍ଭଙ୍କୁ ତୁମ୍ଭର ଲାଗି ଭଜିବ ଏ ଭବେ ।
तुम्हारा ସୁଧାକାଥ, ମହାଯାତ୍ରା ।

ତୁମ୍ଭରେ—ଦେ. (ପ୍ରାଚୀନ ପଦ୍ୟ) ସର୍ବନାମ—୧ । ତୁମ୍ଭଠାରେ—
Tumbhare 1. With you; in you.
তোমাতে ୨ । ତୁମ୍ଭ ନିକଟରେ—2. Near you.
तुमसे

ତୁମ୍ଭେ—ଦେ. ସର୍ବନାମ (ସଂ. ଯୁଷ୍ମଦ୍ ଶବ୍ଦ. ୧ମା. ୧ବ. ଦ୍ୱଂ. ପ୍ରା. ତୁମ୍ହେ; ଆଦରାର୍ଥେ ଓ ଅତ୍ୟନ୍ତ ପରିଚିତ ସ୍ଥଳରେ) ମଧ୍ୟମ
Tumbhe
তুমি ପୁରୁଷ; ଏକ ବଚନ—You.
तुम [ଦ୍ର—ସଂ. ଯୁଷ୍ମଦ୍, ଓ. ତୁମ୍ଭେ ଶବ୍ଦର ରୂପ :—

	ଏକ ବଚନ	ବହୁବଚନ
୧ମା—	ତୁମ୍ଭେ	ତୁମ୍ଭେମାନେ
୨ୟା—	ତୁମ୍ଭଙ୍କୁ	ତୁମ୍ଭମାନଙ୍କୁ
୩ୟା—	ତୁମ୍ଭ ଦ୍ୱାରା	ତୁମ୍ଭମାନଙ୍କ ଦ୍ୱାରା
୫ମୀ—	ତୁମ୍ଭଠାରୁ	ତୁମ୍ଭମାନଙ୍କଠାରୁ
୬ଷ୍ଠୀ—	ତୁମ୍ଭ, ତୁମ୍ଭର	ତୁମ୍ଭମାନଙ୍କର
୭ମୀ—	ତୁମ୍ଭରେ, ତୁମ୍ଭଠାରେ	ତୁମ୍ଭମାନଙ୍କଠାରେ

ତୁମ୍ହର—ପ୍ରାଦେ. (ଉତ୍ତର ଭାଷା) ସର୍ବନାମ—ତୁମ୍ଭର—
Tumhara Your; yours.

ତୁମ୍ହି—ପ୍ରାଦେ. (ଉତ୍ତର ଭାଷା) ସର୍ବନାମ—ତୁମ୍ଭେ—
Tumhi You.

ତୁୟ—ପ୍ରାଦେ. (ଉତ୍ତର ଭାଷା) ସର୍ବନାମ—ତୁ—
Tuya You.

ତୁର ତୁର—ଦେ. ବିଣ—ତୁରୁ ତୁରୁ (ଦେଖ)
Tur tur Turu turu (See)

ତୁରତୁରିଆ—ଦେ. ବିଣ—ତୁରୁତୁରିଆ (ଦେଖ)
Tur-turiā Turuturiā (See)

ତୁରପା —ଦେ. ବି. (ସଂ. ତଳ+ଉପର)—
Tur-pā ଛାଗା ଗଳା ସିଧା ସିଲେଇ—
তুরপা Straight single stitching.
तुरपन (ଦ୍ର—ଏହା ବଖିଆ ସିଲେଇର ବିପରୀତ ।)

ତୁରପିବା—ଦେ. କ୍ରି. (ଘା)—
Tur-pibā ଛାଗା ଗଳାଇ ସିଲେଇ କରିବା—
তুরপা To make long single stitches.
तुरपना

ତୁର—ଦେ. କ୍ରି. ବିଣ. (ସଂ. ତ୍ୱର)—ଶୀଘ୍ର; ଚଞ୍ଚଳ—
Tura Quickly.
ବି. (ସଂ. ତୂର୍ଯ୍ୟ) ତୂରୀ; କାହାଳୀ— Trumpet.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ସ୍ୱରାକ୍ଷର	ଷ	ଜ	ଶ,ଷ	କ୍ଷ	ଇଂ	ଉଂ	ଛ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	୭	କ୍ଷ

ସଂ. ବି—ବେଗ—Speed; velocity.

ତୁରକ୍—ବୈଦେ. ବି ଓ ବିଣ. (ଫା. ତୁର୍କ୍; ତୁଳ. ସଂ. ତୁରୁଷ୍କ; ଇଂ. Turak ଟର୍କ)—ତୁର୍କ (ଦେଖ)—Turka (See)
ତୁରକ ତୁରକମାନେ ତୁଇ ତାହାଙ୍କୁ ସଙ୍ଗରୁ ପକାଇଲେ।
तुरक ଫକୀରମୋହନ, ଗଳ୍ପସ୍ୱଳ୍ପ।

ତୁରକ୍ ସବାର—ବୈଦେ. ବି. (ଇଂ. ଟ୍ରୁପର୍=ଅଶ୍ୱାରୋହୀ ସୈନିକ)—
Turak sabār ୧। ରାଜାଙ୍କର ଅଶ୍ୱାରୋହୀ ଦେହରକ୍ଷୀ ସୈନିକ— ତୁରାক শওয়ার 1. A king's body-guard riding on तुर्कसवार a horse.
(ତୁରକ୍ ସଓାର—ଅନ୍ୟରୂପ) ୨। (ଫା. ତୁର୍କ୍=ତୁରସ୍କଦେଶୀୟ +ସବାର=ଘୋଡାଚଢ଼ା)—ତୁରସ୍କଦେଶୀୟ ମୁସଲମାନ ଅଶ୍ୱାରୋହୀ ପଲଟଣ—2. A Mahomedan cavalry officer; a Turk trooper or horse-man.

ତୁରକୀ—ଦେ. ବି. ଓ ବିଣ—ତୁର୍କୀ (ଦେଖ)
Turaki Turkī (See)

ତୁରଗ—ସଂ ବି. ପୁଂ (ତୁର+ଗମ୍ ଧାତୁ+କର୍ତ୍ତୃ. ଅ; ନିପାତନ.)—
Turaga ୧। ଘୋଟକ; ଅଶ୍ୱ; ଘୋଡ଼ା—
(ତୁରଗୀ—ସ୍ତ୍ରୀ) 1. Horse.
୨। ମନ; ଚିତ୍ତ—2. The mind.
୩। ସାତ ସଂଖ୍ୟା—3. The number seven.

ତୁରଗ ଦାନବ—ସଂ. ବି.—ଅଶ୍ୱାକୃତି ରାକ୍ଷସବିଶେଷ—
Turaga dānaba Name of a demon in the shape of a horse.
[ଦ୍ର—କେଶୀନାମକ ଦାନବ କଂସର ଆଦେଶ ଅନୁସାରେ କୃଷ୍ଣଙ୍କୁ ମାରି ପକାଇବାକୁ ଅଶ୍ୱରୂପ ଧାରଣ କରିଥିଲା, କିନ୍ତୁ କୃଷ୍ଣ ତାକୁ ବଧ କଲେ।]

ତୁରଗବକ୍ତ୍ର—ସଂ.ବିଣ.(ବହୁବ୍ରୀହି; ତୁରଗ+ବକ୍ତ୍ର)—ତୁରଗାନନ(ଦେଖ)
Turaga baktra Turagānana (See)
ସଂ. ବି.—କିନ୍ନର (ଦେଖ)—Kinnara (See)
(ତୁରଗବଦନ; ତୁରଗାନନ—ଅନ୍ୟରୂପ)

ତୁରଗ ବ୍ରହ୍ମଚର୍ଯ୍ୟ—ସଂ. ବି. (୬ଷ୍ଠୀ ତତ୍; ତୁରଗ+ବ୍ରହ୍ମଚର୍ଯ୍ୟ)—ସ୍ତ୍ରୀ
Turaga brahmacharjya ଅଭାବରୁ ମନୁଷ୍ୟ ବାଧ୍ୟହୋଇ ଯେଉଁ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରେ (ହି. ଶବ୍ଦସାଗର)—Continence observed by a person for the sole reason that he gets no woman to satisfy his lust.

ତୁରଗ ଶାଳା—ସଂ. ବି.—ଘୋଡ଼ାଶାଳ; ଅସ୍ତାବଲ—
Turaga sālā Stable.

ତୁରଗ ସାଦୀ—ସଂ. ବି. (ତୁରଗ+ସଦ୍ ଧାତୁ+ଇନ୍; ୧ମା ୧ବ)—
Turaga sādi ଅଶ୍ୱାରୋହୀ ସୈନ୍ୟ—Horse-man; cavalier.

ତୁରଗାନନ—ସଂ. ବିଣ. (ବହୁବ୍ରୀହି)—ଘୋଟକମୁଖ; ଘୋଡ଼ାମୁହାଁ;
Turagānana ଯାହାର ମୁହଁ ଘୋଡ଼ାପରି—
Having a face like that of a horse.
ସଂ. ବି.—କିନ୍ନର (ଦେଖ)—Kinnara (See)

ତୁରଗାରି—ସଂ. ବି. (୬ଷ୍ଠୀତତ୍; ତୁରଗ+ଅରି—କଣିଅର (ଦେଖ)
Turagāri Kaniara (See)

ତୁରଗୀ—ସଂ. ବି. ପୁଂ—(ତୁରଗ+ଇନ୍; ୧ମା; ୧ବ.)—ଘୋଡ଼ାସବାର;
Turagi ଅଶ୍ୱାରୋହୀ—A horseman; horse-rider; a cavalier.
ସ୍ତ୍ରୀ.—୧। (ତୁରଗ+ସ୍ତ୍ରୀ. ଈ)—୧। ଘୋଟକୀ; ଘୋଡ଼ୀ; ମାଈଘୋଡ଼ା—1. A mare.
୨। ଅଶ୍ୱଗନ୍ଧା (ଦେଖ)—2 Aśwagandhā (See)

ତୁରଙ୍ଗ (ଇତ୍ୟାଦି)—ସଂ. ବି. ପୁଂ—ତୁରଗ ଇତ୍ୟାଦି (ଦେଖ)
Turanga (etc) Turaga etc (See)
ସଂ. ବିଣ.—ଶୀଘ୍ରଗାମୀ—Swift.
ବୈଦେ. ବି.—(ଇଂ ଟ୍ରଙ୍କ୍) ଟିଣର ବା ଲୁହାର ପେଟେରା—
A tin or steel trunk.

ତୁରଙ୍ଗ ପ୍ରିୟ—ସଂ. ବି. (୬ଷ୍ଠୀ ତତ୍; ତୁରଙ୍ଗ+ପ୍ରିୟ)—ଯବ; ଯଅ ଧାନ
Turanga priya (ହି. ଶବ୍ଦସାଗର)—Barley.

ତୁରଙ୍ଗମ(ଇତ୍ୟାଦି)—ସଂ. ବି. ପୁଂ—ତୁରଗ ଇତ୍ୟାଦି (ଦେଖ)
Turangama (etc) Turaga etc (See)
ବିଣ. ପୁଂ—ବେଗଗାମୀ—Swift.

ତୁରଙ୍ଗୀ—ସଂ. ବି. ସ୍ତ୍ରୀ. ଓ ପୁଂ—ତୁରଗୀ (ଦେଖ)
Turangi Turagi (See)

ତୁରଞ୍ଜ—ବୈଦେ. ବି. (ଫା. ତରଂଜ୍; ଅ. ତୁର୍ଜ)—୧। ଟାଭ୍ ଜାତୀୟ
Turanja ଏକପ୍ରକାର ଫଳ—1. Lemon; Citrus;
ସଂ. ନାମ—ମାତୁଲଙ୍ଗ, Medica, var. Typica; citron;
ବୀଜପୂର Lunonum (Kirtikar).
ତେ. ନିମ୍ମପଣ୍ଡୁ, ନାରଦାବା
ସ୍ତ. ନାରତ୍ତମ ପଜ୍ଞାମ୍;
ଏଲୁମିଚ ଚମ୍ପାଙ୍ଗାମ୍
ଗୁ. ବଜୋରୁ, ତୁରଙ୍ଗ
ମ. ମହାଲଙ୍ଗ
টাবানেবু, ছোলঙ্গ
तुरंज, बिजौरा, नीबु
୨। ଲୁଗାବି ପିଠିପାଖରେ, ଶାଲର କଣରେ ଆମ୍ବ ବା ପାନପତ୍ର ଆକାରର ଛିଅର ଚୁଣ୍ଡକାମ—2. A needle-work resembling a mango or betel leaf worked on the back of a coat or the corners of a shawl.

ତୁରନ୍ତ—ଦେ. କ୍ରି. ବିଣ.—(ସଂ. ତ୍ୱରିତ; ତରସ୍=ବେଗ)—
Turanta ୧। ଅତିଶୀଘ୍ର—1. Quickly.
(ତୁରଂତ—ଅନ୍ୟରୂପ) ବୋଇଲେ ଏ ବୃଷ ତୁରନ୍ତ ମରୁ। ଭାଇବନ୍ଧୁଙ୍କର ଭାଙ୍ଗି ନାହିଁ ଏରୁ।
তাড়াতাড়ি, তুরন্ত ନନ୍ଦକିଶୋର, କର୍ଣ୍ଣ।
तुरंत, तुरत ୨। ହଠାତ; ତତ୍‌କ୍ଷଣାତ୍—
2. Immediately; at once.

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖା' ନ ପାଇଲେ 'ଅଙ୍ଖା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତୁରପା—ଦେ. ବି.—ତୁର୍‌ପା (ଦେଖ)
Turapā — Tur-pā (See)

ତୁରପିବା—ଦେ. କ୍ରି.—ତୁର୍‌ପିବା (ଦେଖ)
Turapibā — Tur-pibā (See)

ତୁରଷ୍କ - ଦେ. ବି. (ନାମ) (ସଂ. ତୁରୁଷ୍କ)—୧ । ତୁର୍କୀଦେଶ; ଇଉରୋପ
Turashka ଅନ୍ତର୍ଗତ ମୁସଲମାନ ରାଜ୍ୟ ବା ରୁମ୍— 1. Turkey.
୨ । ଏସିଆଟିକ ତୁରଷ୍କ — 2. Turkey in Asia or Asia minor.
୩ । ତୁର୍କୀସ୍ଥାନ (ଦେଖ)—3. Turkistan (See)
[ଦ୍ର—ଆଗେ ଇଉରୋପୀୟ ତୁରଷ୍କ ସୁଲ୍‌ତାନଙ୍କ ଦ୍ୱାରା ଶାସିତ ହେଉଥିଲା । ଏହି ସୁଲ୍‌ତାନ ପୃଥିବୀର ସମସ୍ତ ମୁସଲମାନ ସମାଜର ଧର୍ମଗୁରୁ ବା ଖଲିଫା ଥିଲେ । ବିଗତ ଜର୍ମାନୀ ସମର ପରେ ମୁସଲ୍‌ମାନମାନେ ସୁଲତାନଙ୍କୁ ସିଂହାସନଚ୍ୟୁତ କରି ବର୍ତ୍ତମାନ ଏ ରାଜ୍ୟରେ ସାଧାରଣତନ୍ତ୍ର ଶାସନ ପ୍ରଣାଳୀ ପ୍ରବର୍ତ୍ତାଇଅଛନ୍ତି ।]

ତୁରାଣୀ(ଣି)—ସ୍ତ୍ରୀ. ପ୍ରାଦେ. (ମେଦିନୀପୁର) ବି—ତୋଡ଼ାଣି (ଦେଖ)
Turāni(ni) — Tordāni (See)

ତୁରାନ୍—ବୈଦେ.ବି.(ଫା) (ନାମ)—ପାରସ୍ୟର ଉତ୍ତରପୂର୍ବ ମଧ୍ୟଏସିଆର
Turān ଦେଶଖଣ୍ଡ—Turkistan; Turan.
[ଦ୍ର—ଏହା, ତୁର୍କୀ, ତାତାର, ଓ ମୋଗଲଅଙ୍କ ଆଦିମ ବାସସ୍ଥାନ । ଏହାର ପୂର୍ବରେ ଚୀନ, ପଶ୍ଚିମରେ ଅଲଟାଇ ପର୍ବତ, ଦକ୍ଷିଣରେ ହିମାଳୟ ଓ ହିନ୍ଦୁକୁଶ ଓ ଉତ୍ତରରେ ରୁଷିଆ । ଏ ଦେଶବାସୀଙ୍କ ପ୍ରାଚୀନ ସଂସ୍କୃତ ନାମ ଶକ । ପ୍ରାଚୀନ ତୁରାନୀମାନେ ଅଗ୍ନି ଉପାସକ ଥିଲେ ଓ ପଶୁବଳ ଦେଉଥିଲେ । ଏମାନେ ପୂର୍ବେ ସମସ୍ତ ଇଉରୋପ, ଏସିଆ ଓ ଭାରତକୁ ଆକ୍ରମଣ କରୁଥିଲେ । ଚେଙ୍ଗିସ୍ ଖାଁ, ତୈମୁର୍ ଓ ଉସ୍‌ମାନ୍ ପ୍ରଭୃତି ଏହି ଦେଶୀୟ ଥିଲେ (ହି. ଶବ୍ଦସାଗର) ।]

ତୁରାଣୀ—ପ୍ରାଦେ. (ସମ୍ବଲପୁର, ମେଦିନୀପୁର) ବି—ତୋଡ଼ାଣୀ—
Turāni — Cold rice gruel.
ବୈଦେ. ବିଣ. (ଫା)—ତୁରାନ ଦେଶବାସୀ— Turanian.

ତୁରାସାଟ୍—ସଂ. ବି. (ତୁରା=ବେଗ+ସହ. ଧାତୁ+କର୍ତ୍ତୃ. କ୍ୱିପ୍)—
Turāsat ଦେବରାଜ ଇନ୍ଦ୍ର—An epithet of Indra.
(ତୁରାଷାଟ୍, ତୁରାସାହ୍—ଅନ୍ୟରୂପ)

ତୁରି—ସଂ. ବି. (ତୁର ଧାତୁ+କର୍ତ୍ତୃ. ଇ)—୧ । ତନ୍ତୁବାୟର ମାକୁ ବା
Turi କଣ୍ଡା—1. A shuttle (used in weaving).
୨ । ଚିତ୍ରକରର ତୁଳି—2. Painter's brush.
୩ । ବାଦ୍ୟଯନ୍ତ୍ର ବିଶେଷ— A kind of musical instrument.
୪ । ଯୁଦ୍ଧାସ୍ତ୍ରବିଶେଷ— 4 A kind of military weapon.

ତୁରି ଦେ. ବି. (ସଂ. ତୂର୍ଯ୍ୟ; ତୂର)—୧ । ବଗୁଲ୍; ଉଚ୍ଚଧ୍ୱନିଯୁକ୍ତ
तुरही ଧାତୁ ନିର୍ମିତ ଲମ୍ବା ଶିଙ୍ଗା ବିଶେଷ—
1. A bugle; a clarion; trumpet.
[ଦ୍ର—ପେଁ ପେଁ ବା ଭେଁଭେଁ ଧ୍ୱନିକାରୀ ଶିଙ୍ଗାକୁ ଭେରୀ ବା ପେଁଏଁକାଳୀ ବୋଲାଯାଏ ।]
ପ୍ରାଦେ. (ସମ୍ବଲପୁର) ବି—ବାଉଁଶ ପାତିଅରେ ଟୋକେଇ, ଖୋଗେଇ ଆଦି ବୁଣି ବିକି ଜୀବିକା ନିର୍ବାହ କରିବା ଅନାର୍ଯ୍ୟ ଜାତି ବିଶେଷ—A non-aryan caste living on preparing and selling baskets etc with split bamboo.

ତୁରିତ—ଦେ. କ୍ରି. ବିଣ. (ସଂ. ତ୍ୱରିତ)—୧ । ସତ୍ୱର; ଚଞ୍ଚଳ;
Turitā ଅତିଶୀଘ୍ର—1. Hastily; in haste; quickly;
तुरित speedily.
तुरत ତୁରତେ ଧର ସେହିମତ, କୃଷ୍ଣକୁ ଲଭିଲ ତୁରତ ।
(ତୁରତେ—ଅନ୍ୟରୂପ) ଭୂପତି. ପ୍ରେମପଞ୍ଚାମୃତ ।
୨ । ତତ୍‌କ୍ଷଣାତ୍; ହଠାତ୍— 2. Suddenly; at once; immediately.
ତୁରତେ ଉଳଖାସବତି ବଡ଼ାଇ ତଣ୍ଡଦ୍ରୁମ ଗଲ ଭାସି ।
କବିସୂର୍ଯ୍ୟ. ସଙ୍ଗୀତ ।

ତୁରୀ—ସଂ. ବି—ତୁରି (ଦେଖ)
Turi — Turi (See)
ଦେ. ବି—ତୁରି (ଦେଖ)—Turi (See)

ତୁରୀୟ—ସଂ. ବିଣ. (ଚତୁର୍=ଚତୁଃସଂଖ୍ୟା+ପୂରଣାର୍ଥ ଛୟ. ନିପାତନ)—
Turiya ୧ । ଚତୁର୍ଥ—1 Fourth.
୨ । (ତୁର+ଈୟ) ତ୍ୱରାନ୍ୱିତ; ଶୀଘ୍ରଗତି—2. Swift.
୩ । ପରିତ୍ରାଣକାରୀ (ଶବ୍ଦ କଳ୍ପଦ୍ରୁମ)—3 Redeeming.
ବି—୧ । ସମାଧିର ଅବସ୍ଥା ବିଶେଷ (ଯେତେବେଳେ ସାଧକର ଆତ୍ମା ପରମାତ୍ମା ବା ପରଂବ୍ରହ୍ମରେ ସମ୍ମିଳିତ ହୁଏ)—
1. A stage attained in spiritual meditation when the Infinite is attained i. e. when 'God in Man becomes one with Man in God').
[ଦ୍ର—ବେଦାନ୍ତରେ ପ୍ରାଣୀର ୪ଟି ଅବସ୍ଥା ବର୍ଣ୍ଣିତ ହୋଇଅଛି ଯଥା—ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ । ତୁରୀୟ ଅବସ୍ଥାରେ ଭେଦଜ୍ଞାନ ଲୁପ୍ତ ହୁଏ ଓ ଆତ୍ମା ବ୍ରହ୍ମଚୈତନ୍ୟରେ ଲୀନ ହୁଏ ।]
୨ । ପରଂବ୍ରହ୍ମ—2. The Supreme Being.
୩ । (ବେଦାନ୍ତ ଦର୍ଶନ)—ମାୟାର ଅତୀତ ୪ର୍ଥ ତତ୍ତ୍ୱ—
3. The 4th Essence beyond the worldly illusion (Hindu Philosophy).
୪ । ବେଦ ଅନୁସାରେ ବାଣୀ ବା ବାକ୍ୟର ଏକଶ୍ରେଣୀ—
4. A class of utterance according to the Bedas.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଏ୍ୟ	ତ୍ଥ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ଡ଼

[ଦ୍ର—ବେଦରେ ବାଣୀ ବା ବାକ୍ୟକୁ ୪ ଶ୍ରେଣୀରେ ବିଭକ୍ତ କରାଯାଇଅଛି, ଯଥା—୧ ପରା, ୨ ପଶ୍ୟନ୍ତୀ, ୩ ମଧ୍ୟମା, ୪ବୈଖରୀ ବା ତୁରୀୟ । ଯେଉଁ ନାଦାତ୍ମକ ବର୍ଣ୍ଣ ମୂଳାଧାରରୁ ଉଠିଛି ଓ ଯାହା ନିରୂପିତ ହୋଇ ନ ପାରେ ତାହା ପରା; ଯେଉଁ ନାଦକୁ କେବଳ ଯୋଗସାଧକମାନେ ଜାଣି ପାରନ୍ତି ତାହା ପଶ୍ୟନ୍ତୀ । ଯେତେବେଳେ ବାଣୀ ବୁଦ୍ଧିଗତ ହୋଇ କହିବାର ଇଚ୍ଛା ଉତ୍ପନ୍ନ କରେ ସେତେବେଳେ ତାହାର ନାମ ମଧ୍ୟମା । ଯେତେବେଳେ ବାଣୀ ମୁଖ ପର୍ଯ୍ୟନ୍ତ ଆସି ଉଚ୍ଚାରିତ ହୁଏ ତାହା ବୈଖରୀ ବା ତୁରୀୟ—ହି. ଶବ୍ଦସାଗର ।]

ତୁରୀୟ ଜ୍ଞାନ—ସଂ. ବି. (କର୍ମଧା; ତୁରୀୟ+ଜ୍ଞାନ)—ଯେଉଁ ଜ୍ଞାନର Turīya jñāna ଫଳରେ ମନୁଷ୍ୟ ମୁକ୍ତିଲାଭ କରେ— Knowledge through which a person attains salvation or beattitude.

ତୁରୀୟ ବର୍ଣ୍ଣ—ସଂ. ବି—ହିନ୍ଦୁ ଜାତିର ୪ର୍ଥ ବର୍ଣ୍ଣ; ଶୂଦ୍ର ଜାତି— Turīya barṇṇa The 4th or lowest caste; the Sūdra caste.

ତୁରୀୟ ବ୍ରହ୍ମ—ସଂ. ବି—ପରଂବ୍ରହ୍ମ— Turīya brahma The Supreme Soul.

ତୁରୀୟ ଯନ୍ତ୍ର—ସଂ. ବି. (ଜ୍ୟୋତିଷ)—ସୂର୍ଯ୍ୟଙ୍କ ଗତି ଜାଣିବା ପାଇଁ Turīya jantra ବ୍ୟବହୃତ ଯନ୍ତ୍ରବିଶେଷ—Quadrant; an (ତୁରୀ ଯନ୍ତ୍ର—ଅନ୍ୟରୂପ) astronomical instrument.

ତୁରୁକ୍ (ଇତ୍ୟାଦି)—ବୈଦେ. ବି. ଓ ବିଣ—ତୁର୍କ୍ ଇତ୍ୟାଦି (ଦେଖ) Turuk (etc) Turk etc (See)

ତୁରୁକା—ପ୍ରାଦେ. (ବସ୍ତର) ବି—ଚିତାବାଘ— Turukā A small tiger; leopard.

ତୁରୁକି—ଦେ. ବି—ତୁରସ୍କଦେଶୀୟ ଟାଙ୍ଗଣ ଘୋଡ଼ା— Turuki Turkish pony.

କେହୁ ତୁରୁକି ପିଠିରେ ବସି ଢାଲ ବରଛି ଧରିଛି କଷି
କର୍ଣ୍ଣରେ କଣ ଦେଇଛି ଖୋସି ଲମ୍ବିଛି ଡାଢ଼ି ଯେ—
ବ୍ରଜନାଥ, ସମରତରଙ୍ଗ ।

ଦେ. ବିଣ—ତୁର୍କୀ (ଦେଖ)—Turkī (See)

ତୁରୁଙ୍ଗ—ଦେ. ବି. (ତୁଳ. ଇଂ. ଟ୍ରଙ୍କ୍)—୧ । ଅପରାଧୀ ବ୍ୟକ୍ତିକୁ ଦଣ୍ଡ Turuṅga ଦେବା କାମରେ ତାହାର ଗୋଡ଼ ହାତକୁ କାଷ୍ଠ ମଧ୍ୟସ୍ଥ ତୁରୁମ; ତୁଡୁଙ୍ଗ ଛିଦ୍ରରେ ଠୁକି ବନ୍ଦ କରି ରଖିବାର ଯନ୍ତ୍ରବିଶେଷ; ହଡ଼ି ହରକାଠ—1. A pair of stocks for punishing a man.
୨ । ବେଡ଼ି—2. Shackles.

ତୁରୁଙ୍ଗ ଠୁକିବା—ଦେ. କ୍ରି—ଅପରାଧୀ ବ୍ୟକ୍ତିକୁ ହରିକାଠରେ ପକାଇ Turuṅga thukibā କୋଲପ ପକାଇବା—To put a man (ତୁରୁଙ୍ଗ ଠୁକିବା—ଅନ୍ୟରୂପ) in the stocks.

ତୁରୁଜା—ପ୍ରାଦେ. (କଟକପୁର) ବି—କମାଣି ବା କମାଖାଡ଼ ମାଛ— Turujā A kind of fresh-water fish.

ତୁରୁଡ଼ା—ପ୍ରାଦେ (ଗଞ୍ଜାମ) ବି—କଇଁଞ୍ଚକାକୁଡ଼ି— Turuṛdā Cephalandra Indica; wild liquorice.

ତୁରୁତିଅ—ଗ୍ରା. ବିଣ (ସଂ. ତୃତୀୟର ଅଶୁଦ୍ଧ ଉଚ୍ଚାରଣ)—ତୃତୀୟ— Turutia Third.

ତୁରୁତିଆ—ଗ୍ରା. ବି. (ସଂ. ତୃତୀୟାର ଅଶୁଦ୍ଧ ଉଚ୍ଚାରଣ) ତୃତୀୟା ତିଥି— Turutiā The 3rd day of a lunar fortnight. तृतिआ, तीज

ତୁରୁତୁରିଆ—ଦେ. ବିଣ (ସଂ. ତ୍ୱରାନ୍ୱିତ)—୧ । ଚପଳ ସ୍ୱଭାବ— Turuturiā 1. Hasty. (ତୁରୁତୁରୀ—ସ୍ତ୍ରୀ) ୨ । ଅସ୍ଥିର—2. Restless. ବ୍ୟସ୍ତ ବାଗୀଶ तुर तुरा ୩ । ଅଧୀର—3. Impatient.

ତୁରୁତୁରୁ—ଦେ. ବିଣ (ସଂ. ତ୍ୱରା)—ତରତରିଆ; ଚପଳ; ଅସ୍ଥିର— Tuturuturu Restless; hasty.
କ୍ରି. ବିଣ—୧ । ତରତର ହୋଇ—1. Hastily.
୨ । ଅତି ଶୀଘ୍ର—2. Very quickly.
୩ । ଅଧୀର ଭାବରେ—3. Impatiently.

ତୁରୁପ(ଫ୍)—ବୈଦେ. ବି (ଇଂ. ଟ୍ରମ୍ପ; ପର୍ତ୍ତୁଗୀଜ୍, ତୁରୁଫୋ)— Turup(ph) ୧ । ଏକପ୍ରକାର ତାସ ଖେଳ; ରଙ୍ଗଖେଳ— तुरूप 1. A kind of card play.
तुरुप [ଦ୍ର—ଏଥିରେ ଯେଉଁ ରଙ୍ଗରେ ତାସ୍ କଟା ହୋଇଥାଏ ସେହି ରଙ୍ଗର ଅଳ୍ପ ମୂଲ୍ୟର ତାସ ପକାଇ ଅନ୍ୟ ରଙ୍ଗର ଉଚ୍ଚ ମୂଲ୍ୟର ତାସମାନଙ୍କୁ ଜିତି ଏକପିଠି ନେବାକୁ ହୁଏ । ଏହି ରଙ୍ଗର ତାସକୁ ତୁରୁପ୍ ବୋଲାଯାଏ ।]
୨ । କଟା ହୋଇଥିବା ରଙ୍ଗର ତାସ— 2. Trump card.

ତୁରୁପ୍ କରିବା—ଦେ. କ୍ରି—କଟା ହୋଇଥିବା ରଙ୍ଗର ତାସ ପକାଇ Turup karibā ବଦରଙ୍ଗର ତାସମାନଙ୍କୁ ଜିତିବା—To ruff in card playing.

ତୁରୁପା—ବୈଦେ. ବି (ଫା)—ତୁରପା (ଦେଖ) Turupā Turapā (See)
ଦେ. ବି—ଗୋରୁଙ୍କର ମୁହଁ ଫାଟିଯିବା ରୋଗ—Mouth disease in cattle.
[ଦ୍ର—କୌଣସି କୌଣସି ଅଞ୍ଚଳରେ ଏହି ରୋଗକୁ ଫାଟୁଆ ମଧ୍ୟ କୁହାଯାଏ ।]

ତୁରୁପିବା—ଦେ. କ୍ରି—ତୁରପିବା (ଦେଖ) Turupibā Turapibā (See)

ତୁରୁମ (ଇତ୍ୟାଦି)—ତୁରୁଙ୍ଗ ଇତ୍ୟାଦି (ଦେଖ) Turuma (etc) Turuṅga etc (See)

ତୁରୁଷା—ଗ୍ରା. ବି. (ସଂ. ତୃଷା)—ଶୋଷ— Turushā Thirst.

ତୁରୁଷ୍କ—ସଂ. ବି (ତୁର+ଅଧିକରଣ ଉସ୍; କ ଯୋଗ)—୧ । ତୁର୍କୀସ୍ଥାନ Turushka ଦେଶ—1. Turkey.

ସାଧାରଣ ଭାବରେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

[ଦ୍ର—ଭାଗବତ ଓ ବିଷ୍ଣୁପୁରାଣରେ ହିମାଳୟର ଉତ୍ତର ପଶ୍ଚିମବାସୀ ତୁରସ୍କ ଜାତି ବୋଲି ସୂଚିତ ।]

୨ । ଅଗାଢ଼ ହରିତ ମଣିବିଶେଷ—
2. Turquois; torquay (a bluish yellow gem).

୩ । ଲୋବାନ୍ (ଏହା ତୁରସ୍କ ଦେଶରୁ ଆସୁଥିବାରୁ)—
3. Olibanum.

୪ । ତୁର୍କୀ ଜାତି—4. Turk.

ତୁର୍କ୍—ବୈଦେ. ବି ଓ ବିଣ—ତୁର୍କୀ (ଦେଖ)
Turk   Turki (See)

ତୁର୍କସବାର୍—ବୈଦେ. ବି (ଫା)—ତୁରକ୍‌ସବାର୍ (ଦେଖ)
Turk-sabār   Turak-sabār (See)

ତୁର୍କୀ—ବୈଦେ. ବି (ଫା; ସଂ. ନାମ. ତୁରୁସ୍କ)—୧ । ତୁରସ୍କଦେଶ—
Turki   1. Turkey.
तुर्क, तुरक   ୨ । ତୁରସ୍କ ଦେଶବାସୀ ବ୍ୟକ୍ତି—2. A Turk.
तुरुक, तुरक, तुरकी   ୩ । ତୁରସ୍କ ସେନା—3. A Turk soldier.
୪ । ତୁରସ୍କ ଦେଶୀୟ ଘୋଡ଼ା—
4. A Turkish or Arab pony.
୫ । ତୁରସ୍କ ଦେଶୀୟ ଭାଷା—
5. The Turkish language.

[ଦ୍ର—ଇଉରୋପ ମହାଦେଶରେ ଗୋଟିଏ ଦେଶର ନାମ ତୁରସ୍କ ବା ତୁର୍କୀ । ଏହା ପୂର୍ବେ ସୁଲ୍‌ତାନ୍ ଉପାଧିଧାରୀ ରାଜାଙ୍କ ଶାସନାଧୀନ ଥିଲା । ବର୍ତ୍ତମାନ ଏହା ପ୍ରଜାତନ୍ତ୍ର ହୋଇଅଛି । ଏ ଦେଶକୁ ହିନ୍ଦୀରେ ରୂମ୍ ବୋଲାଯାଏ । ଅସିଆ ମହାଦେଶରେ ଥିବା ତୁରସ୍କ (ଆସିୟିକ ତୁରସ୍କ, Turkey in Asia) ଆରବର ଉତ୍ତର ଓ ପାରସ୍ୟ ରାଜ୍ୟର ପଶ୍ଚିମ । ଏ ଦୁଇ ତୁରସ୍କ ଦେଶର ମଧ୍ୟରେ ମର୍ମରସାଗର ବ୍ୟବହିତ ।]

ବିଣ—୧ । ତୁରସ୍କ ସମ୍ବନ୍ଧୀୟ—1. Pertaining to Turkey.
୨ । ତୁରସ୍କ ଦେଶ ଜାତ—2. Turkish.
୩ । ତୁରସ୍କ ଦେଶବାସୀ—3. Residing in Turkey.

ତୁର୍କୀସ୍ଥାନ୍—ବୈଦେ. ବି° ଫା.(ନାମ)--ଅସିଆ ମହାଦେଶରେ ଥିବା ଦେଶ-
Turkistān   ବିଶେଷ—Turkistan.
(ତୁର୍କୀସ୍ତାନ—ଅନ୍ୟରୂପ)   [ଦ୍ର—ଏ ଦେଶ ଅସିୟିକ ତୁରସ୍କ ଠାରୁ ସ୍ୱତନ୍ତ୍ର; ଏହା ଦୁଇ ଭାଗରେ ବିଭକ୍ତ । ୧ । ରୁଷିଆ ସାମ୍ରାଜ୍ୟର ଅନ୍ତର୍ଗତ ତୁର୍କୀସ୍ତାନ (ପଶ୍ଚିମାଂଶ) ଓ ୨ । ଚୀନ ସାମ୍ରାଜ୍ୟର ଅନ୍ତର୍ଗତ ତୁର୍କୀସ୍ତାନ (ପୂର୍ବାଂଶ) ।]

ତୁର୍ତିଅ—ଗ୍ରା. ବିଣ. (ସଂ. ତୃତୀୟର ଅଶୁଦ୍ଧ ଉଚ୍ଚାରଣ)—ତୃତୀୟ (ଦେଖ)
Turtia   Trutiya (See)

ତୁର୍ତିଆ—ଗ୍ରା. ବି (ସଂ. ତୃତୀୟାର ଅଶୁଦ୍ଧ ଉଚ୍ଚାରଣ)—
Turtiā   ତୃତୀୟା (ଦେଖ)
    Trutiyā (See)

ତୁର୍ତୁର(ରୁ)—ଦେ. ବିଣ ଓ କ୍ରି. ବିଣ—ତୁରୁତୁରୁ (ଦେଖ)
Turtur(ru)   Turuturu (See)

ତୁର୍ତୁରିଆ—ଦେ. ବିଣ—ତୁରୁତୁରିଆ (ଦେଖ)
Turturiā   Turuturiā (See)

ତୁର୍ବସୁ—ସଂ. ବି (ନାମ)—ଦେବଯାନୀଙ୍କ ଗର୍ଭଜାତ ଯଯାତିଙ୍କ ପୁତ୍ର—
Turbasu   Name of a son of king Jajāti.

[ଦ୍ର—ଏ ଅପଣା ପିତା ଯଯାତିଙ୍କ ବାର୍ଦ୍ଧକ୍ୟ ଗ୍ରହଣ କରିବାକୁ ଅସ୍ୱୀକାର କରିବାରୁ ଯଯାତିଙ୍କ ଶାପରେ ବହୁ ଦୁଃଖ ଭୋଗ କରିଥିଲେ ।]

ତୁର୍ଯ୍ୟ—ସଂ. ବିଣ (ଚତୁର୍=ଚାରି ସଂଖ୍ୟା+ଯ. ନିପାତନସିଦ୍ଧ)—
Turjya   ଚତୁର୍ଥ; ଚତୁର୍ଥ—Fourth.
ବିଣ—୧ । ଚତୁର୍ଥ ଅବସ୍ଥା—1 The fourth or last stage attained in meditation.
୨ । ଚତୁର୍ଥ; ଚତୁର୍ଥ ଅଂଶ—
2. A quarter or 4th part.

ତୁର୍ଯ୍ୟା—ସଂ. ବି (ତୁର୍ଯ୍ୟ+ଆ)—ତୁରୀୟ ଜ୍ଞାନ (ଦେଖ)
Turjyā   Turiya Jnyāna (See).

ତୁଳ୍ (ଧାତୁ)—ସଂ.—୧ । ତୁଳନା କରିବା—
Tul (root)   1. To compare.
୨ । ଓଜନକରିବା—2. To weigh.
୩ । ସଦୃଶ ହେବା—3. To be equal.

ତୁଲ୍‌କଲାମ୍—ବୈଦେ. ବି (ଅ. ତୁଲ୍‌କାଲାମ୍=ଦୀର୍ଘ ବାକ୍ୟବିନ୍ୟାସ)—
Tul-kalām   ତୁମୁଳ ଝଗଡ଼ା; ବିସମ୍ବାଦ—
ତୁଲ୍‌କଲାମ୍, ତୁଲ୍‌କାଲାମ୍, ତୁଲ୍‌କାଲାମ୍—ଅନ୍ୟରୂପ   Brawl; noisy
तुलकालाम   तुलकालाम   quarrel.

ତୁଲ୍‌ଙ୍ଗି—ପ୍ରାଦେ (ସମ୍ବଲପୁର) ବି—କଛା—
Tul-ngi   The end of the loin-cloth which is tucked backwards.

ତୁଲ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି—ତୋଳିବା—
Tul-bā   To pluck.

ତୁଳ—ସଂ. ବି (ତୁଲ୍ ଧାତୁ+ଅ)—୧ । ତରାଜୁଦଣ୍ଡି—
Tula   1. Weighing yard or rod.
୨ । ପରିମାଣଦଣ୍ଡ; ସେର ତରାଜୁ—
2. A pair of scales; weighing instrument.
ଦେ. ବି (ସଂ. ତୁଳନ)—୧ । ଓଜନ—1. Weight.
୨ । ଓଜନ କରିବା—2. Weighment.
୩ । ତୁଳ; ତୁଳନା—3. Comparision.

ତୁ ତ ପ୍ରବେଶେ ତୁଳ ମୁଁ କେବେ ନ ଚିହ୍ନେ ଏବ ଅବଗାହି ।
ବଡ଼ସୂର୍ଯ୍ୟ. ସଙ୍ଗୀତ ।

୪ । ଜନ୍ୟ ମାସର ପରବର୍ତ୍ତୀ ସୌରମାନ ମାସ; ସୌରମାନ କାର୍ତ୍ତିକ ମାସ—4. Solar month of Kartika.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	ଜ୍ଞ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍	ଇଅ	ଞ	ନ୍

ତୁଲରେ ଗୋଇଲେ ମୂଲରେ ପଲେ—କୃଷିବଚନ ।

ବଣ—୧ । ଉଚ୍ଚ—1. High.

୨ । ତୁଲ, ସମକକ୍ଷ—2 Equal in comparision.

(ପଗା—କପସ୍ଥିତ) ୩ । କୋଡ଼, କାଙ୍କ ବା କୁରାଡ଼ିର ବେଣ୍ଟ ଗଳବା କଣାର ଉପର-ମୁହାଁ ହେବା ଅବସ୍ଥା—

3. (a spade) Of which the eye has been made in such a manner that the handle when thrust into it bulges up.

[ଦ୍ର—କଣାଟ ଉପରମୁହାଁ ହୋଇ ରହିବାରୁ ବେଣ୍ଟ ସିଧା ନ ରହି ଉପରମୁହାଁ ହୁଏ । ତେଣୁ ସେ ଯନ୍ତ୍ରରେ ହାଣିବାକୁ ବଡ଼ ଅସୁବିଧା ହୁଏ ।]

ଦେ.କି (ତୁଳବା କିମ୍ବାର ଅନୁଜ୍ଞା ରୂପ)—୧ । ତୁଳନା କର—
1. (you) Compare.

୨ । ଓଜନ କର—2. (you) Weigh.

[ଦ୍ର—ଏ ଅଭିଧାନରେ କୌଣସି ଶବ୍ଦ ସଙ୍ଗେ ଅନ୍ୟ ଭାଷାର ଶବ୍ଦାଦି ତୁଳନା କରି ସେ ଦୁହିଙ୍କ ସାଦୃଶ୍ୟ ଲକ୍ଷ କରିବାକୁ ସୂଚନା ଦିଆଯାଇଥିବା ସ୍ଥଳରେ ଏହି 'ତୁଳ' ଶବ୍ଦ ଲେଖା ଯାଇଅଛି ।]

ତୁଲ—ଦେ, ବଣ (ସଂ. ତୁଲ୍ୟ)—୧ । ସମକକ୍ଷ; ତୁଲ୍ୟ; ସମାନ—
Tula 1. Equal; similar.

ରୂପ ଓଟରେ କାହିଁ ତା ତୁଲେ ମଣି—ସ୍ୱଧାନାଥ ନେହିବୁଭ ।

समान ୨ । ସମତଳ—2. Level; of the same level.

ମୃତ୍ତିକା ପକାଇଣ ତୁଲ କଲେ
ରକ୍ଷ କପିବଳ ସୁଖେ ଚଳଲେ—ବିଶ୍ୱନାଥ, ବିଚିତ୍ର ରାମାୟଣ ।

କି. ବଣ—୧ । (ସଂ. ତୁଲ୍ୟ) ତୁଲ୍ୟ; ପରି; ପ୍ରକାରେ—
1. Like.

୨ । ସଦୃଶ—2. Similarly.

ବି—୧ । ତୁଳନା—1. Comparision..

୨ । ସମାନତା; ସାମ୍ୟ—
2. Equality; likeness; similarity.

୩ । ଗୃହୋପକରଣ—
3. Fittings; furnitures; utensils.

ତୁଲକ—ଦେ. ଅ—ତୁଲ୍ୟ; ସଦୃଶ—
Tulaka Like.

समान ପୋଛ ବାଳକ ମୋର ତଳକ ବଙ୍କ ତୁଲକ ନାହିଁ
बराबर ସେନ ତୁଲକେ ଡାପ ଜାଲକେ ଭବେ ଅଳକେ ଲହି ।
ଭକ୍ତ. ପ୍ରେମସୁଧାନିଧି ।

ତୁଲ କସଟ—ଦେ, ବି—ନିକିତି ଦ୍ୱାରା ତଉଲ—
Tula kasata Weighment by a balance

ରଜା ମସ୍ତାନ, ବାହାଦୁରଙ୍କ ସଭା
ତୁଲ କସଟ ପ୍ରାୟେ ଅଟଇ ଶୋଭା—ବ୍ରଜନାଥ ସମରତରଙ୍ଗ ।

ତୁଲଣ—ଗ୍ରା. ବି—ତୁଲଣା (ଦେଖ)
Tulana Tulanā (See).

ତୁଲଣ ଦେବାକୁ ତୁଲ୍ୟ ତୁଲଇ ନାହିଁ—ପ୍ରାଚୀ ରସବାରିଧି ।

ତୁଲଣା—ଗ୍ରା. ବି (ସଂ. ତୁଲନା)—
Tulanā ତୁଲନା (ଦେଖ)
(ତୁଲଣା—ଅନ୍ୟରୂପ) Tulanā (See).

ଶୁକ୍ୟର ଅସ୍ତି ନାସ୍ତି କହି
ଏଣୁ ତୋ ତୁଲଣା ଏ କୋହି—ଭୂପତି ପ୍ରେମପଞ୍ଚାମୃତ ।

ତୁଲନ—ସଂ. ବି (ତୁଲ୍ ଧାତୁ + ଭାବ ଅନ)—୧ । ଉପମାନ—
Tulana 1. Act of comparing.

୨ । ପରିମାଣ କରିବା—2. Measurement.

୩ । ସମାନ କରିବା—3. Equalising.

ଦେ. ବି—ଓଜନ କରିବା—Weighment.

ଧର୍ମ ତପଜ୍ଜରେ ସବୁ ତୁଲନ ହେଉଛି—ପ୍ରାଚୀ ବ୍ରହ୍ମନିରୂପଣଗୀତା ।

ତୁଲନା—ସଂ. ବି ସ୍ତ୍ରୀ (ତୁଲ୍ ଧାତୁ + ଭାବ ଅନ + ସ୍ତ୍ରୀ. ଆ)—
Tulanā ୧ । ଉପମା—1. Comparision.

୨ । ସାଦୃଶ୍ୟ—2. Equality; similarity.

୩ । ଦୃଷ୍ଟାନ୍ତ—3. Instance; illustration.

୪ । ପରିମାଣ—4. Measure.

ତୁଲନା କରିବା—ଦେ. କି—୧ । ଉପମା କରିବା—
Tulanā kariba 1. To compare.
তুলনা করা ୨ । ସମକକ୍ଷ କରିବା—2. To liken.
तुलना करना

ତୁଲ ପାତ୍ର—ଦେ. ବି—ନିକିତି—
Tula pātra Balance; scales.

ବସାଇ ବହିଛତ ତୁଲ ପାତ୍ରେ ତୁଲ ଦେଇ ସିନା ପ୍ରେମ ଧନରେ ।
ଭକ୍ତ. ବୈଦେହୀଶବିଳାସ ।

ତୁଲରେ—ଦେ. ଅ—ତୁଲେ; ସହିତ—
Tulare With.

সনে ଶର୍ମିକ ବର୍ମିକ ଏ ଦୁହିଙ୍କ ତୁଲରେ, ପ୍ରୀତି କଲେ ଖ୍ୟମ ବାର କହିତୁକରେ ।
बराबर (ତୁଲେ, ତୁଲେ-ଅନ୍ୟରୂପ) କୃଷ୍ଣସିଂହ. ମହାଭାରତ. ସଭ.

ତୁଲସା—ଗ୍ରା. ବି. (ସଂ. ତୁଲସୀ)—ତୁଲସୀ (ଦେଖ)
Tulasā Tulasi (See)
(ତୁଳସା—ଅନ୍ୟରୂପ) ବୃନ୍ଦ ଅଙ୍ଗ ଧରଣ ସେ ଅଛନ୍ତି ତୁଳସା ।
ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ତୁଲସା ରାଣୀ—ଗ୍ରା. ବି. (ସଂ. ତୁଲସୀ ଓ ରାଜ୍ଞୀ)—
Tulasā rāni ତୁଲସୀ ଚଉରାରେ ପ୍ରତିଷ୍ଠିତ ତୁଲସୀ ଗଛ
(ତୁଳସା ରାଣୀ—ଅନ୍ୟରୂପ) ରୂପ ଦେବୀ ବା ଠାକୁରାଣୀ—
The holy Basil plant regarded as a Goddess.

ତୁଳସା ରାଣୀ ! ଜାଣି କି ଜାଣି (ମୁଁ) ଦେଉଛି ପାଣି,
(ତୁ) କରିଥା ଛାଣି : ... ... ଗୀତ ।

ତୁଲସୀ—ସଂ. ବି. ସ୍ତ୍ରୀ. (ତୁଲା = ସାଦୃଶ୍ୟ + ସୋ ଧାତୁ = ନାଶ କରିବା
Tulasi + କର୍ତ୍ତୃ. ଅ + ସ୍ତ୍ରୀ. ଈ; ପୃଥିବୀରେ ଯାହା ନିକଟରେ
ସଂ. ସୁଭଗା, ଗୌରୀ, ପାବନୀ, ସମସ୍ତ ସାଦୃଶ୍ୟ ଲୋପ ପାଇଅଛି,

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ସ୍ଥଳେ ଯଥାକ୍ରମେ ତତ୍ପର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଁା' ନ ପାଇଲେ 'ଅଁଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବିଷ୍ଣୁବଲ୍ଲଭା, ସୁରେଜ୍ୟା, ସୁରସା, କାୟସ୍ଥା, ସୁରଦୁନ୍ଦୁଭି, ସୁରଭି, ବହୁପତ୍ରୀ, ମଞ୍ଜରୀ, ହରିପ୍ରିୟା, ଅପେତ ରାକ୍ଷସୀ, ଶ୍ୟାମା, ଗୌରୀ, ତ୍ରିଦଶମଞ୍ଜରୀ, ଭୂତଘ୍ନୀ, ଭୂତପତ୍ରୀ, ପର୍ଣ୍ଣାସ ବୃନ୍ଦା, କଠିଞ୍ଜରା, କୁଠେରକ, ବୈଷ୍ଣବୀ, ପୁଣ୍ୟା, ପବିତ୍ରା, ମାଧବୀ, ଅମୃତା, ପତ୍ରପୁଷ୍ପା, ସୁଗନ୍ଧା, ଗନ୍ଧହାରିଣୀ, ସୁରବଲ୍ଲୀ, ପ୍ରେତରାକ୍ଷସୀ, ସୁବହା, ଗ୍ରାମ୍ୟା, ସୁଲଭା, ବହୁମଞ୍ଜରୀ, ଦେବଦୁନ୍ଦୁଭି ।

ହି. ତୁଲସୀ

ବେ. ତୁଳସି, ଗଗେରଚେଟ୍ଟୁ, ଇସୁଲସି

ମ. ତୁଲସିଚେ ଝାଡ଼

ତୁଲସୀ

ତୁଲସୀ, ବାବୋଡ଼ା

ଅର୍ଥାତ୍ ପୃଥିବୀରେ ଯାହା ସଙ୍ଗେ ଅନ୍ୟ କୌଣସି ବସ୍ତୁ ତୁଳନା କରାଯାଇ ନ ପାରେ)—ପ୍ରସିଦ୍ଧ କ୍ଷୁପ; ତୁଳସୀଗଛ—
The Holy Basil plant; Ocymum Sanctum (Haines).

[ବି—ବୈଦ୍ୟଶାସ୍ତ୍ର ମତରେ ତୁଳସୀ ୫ ପ୍ରକାର ଯଥା—୧ । କୃଷ୍ଣତୁଳସୀ =କଳାତୁଳସୀ, ୨ । ଶ୍ୱେତ ତୁଳସୀ = ଧଳାତୁଳସୀ, ୩ । ବର୍ବରୀ ତୁଳସୀ= ଲଣ୍ଡାବଗୁଲି, ୪ । ଉଗ୍ରଗନ୍ଧ ବା ବନ୍ୟଗନ୍ଧ ତୁଳସୀ, ବନତୁଳସୀ=ଦୁଲଭା । ୫ । କ୍ଷୁଦ୍ରପତ୍ର ତୁଳସୀ=ଗନ୍ଧତୁଳସୀ, ବଣ ତୁଳସୀ । ତୁଳସୀ ହିନ୍ଦୁ ଗୃହସ୍ଥର ଗୋଟିଏ ଆଦରଣୀୟ କ୍ଷୁପ; ଏହାର ପତ୍ର ଓ ମଞ୍ଜରୀ ଦ୍ୱାରା ବିଷ୍ଣୁ ପୂଜା ହୁଏ । ଆମଦେଶରେ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ଆପଣାର ଖଞ୍ଜାରେ ଗୋଟିଏ ସ୍ତୂପ ବା ଚଉରା ନିର୍ମାଣ କରି ତାହା ଉପରେ ତୁଳସୀ ଗଛ ଗୋଟିଏ ଲଗାଇ ଥାଆନ୍ତି । ଏହି ଗଛର ଗଣ୍ଡିରୁ ବୃନ୍ଦ ହିନ୍ଦୁମାନେ ମାଳ କରନ୍ତି । ଏ ମାଳକୁ ବୈଷ୍ଣବମାନେ ଜପନ୍ତି ଓ କଣ୍ଠରେ ଧାରଣ କରନ୍ତି । ଏହାର ଫୁଲ ପେନ୍ଥା ପେନ୍ଥା ଓ ଜଟାଭଳି ହୁଏ । । ଧଳା ଓ କଳା ପତ୍ର ଭେଦରେ ଗଛ ୨ ପ୍ରକାର । ବଣରେ ମଧ୍ୟ ଅନେକପ୍ରକାର ଏହି ଜାତୀୟ ଗଛ ଅଛି, ଯଥା—ଗନ୍ଧତୁଳସୀ ବଣତୁଳସୀ, ଦୁଲଭା, ଲଣ୍ଡାବଗୁଲି, ଇତ୍ୟାଦି । ତୁଳସୀଗଛ ଓ କାଠକୁ ହିନ୍ଦୁମାନେ ଅତି ପବିତ୍ର ଜ୍ଞାନ କରନ୍ତି ଓ ଚନ୍ଦନକାଠ ଅଭାବରେ ଏହି କାଠକୁ ଚିତାନଳରେ ମିଶାଇ ଶବଦାହ କରନ୍ତି । ତୁଳସୀପତ୍ର, ତମ୍ବା ଓ ଶାଳଗ୍ରାମ ଧରି ଲୋକେ ହଲପ କରି ଥାଆନ୍ତି । କନ୍ୟା ପ୍ରଦାନ ପୂର୍ବରୁ କନ୍ୟାକର୍ତ୍ତା ବରକର୍ତ୍ତାଙ୍କ ହାତକୁ ତୁଳସୀମାଳା ଟେକି ଦେଲେ ବିବାହର 'ନିର୍ବନ୍ଧ' ହୁଏ ।

ବିଷ୍ଣୁଙ୍କର ଏ ପତ୍ର ଅତି ପ୍ରିୟ । ବିଷ୍ଣୁ ଓ ଶାଳଗ୍ରାମଙ୍କଠାରେ ଏ ପତ୍ର ଓ ମଞ୍ଜରୀ ଦିଆଯାଏ । ନୈବେଦ୍ୟ ଉପରେ ମଧ୍ୟ ଏ ପତ୍ର ପକାଇ ବିଷ୍ଣୁଙ୍କୁ ଅର୍ପଣ କରାଯାଏ ।

ତୁଳସୀ ହିନ୍ଦୁମାନଙ୍କର ପୂଜ୍ୟା, ତେଣୁ 'ତୁଳସୀ'ର ଲକ୍ଷଣାର୍ଥ ଭଲ ଲୋକ ସୁଶୀଳ ବ୍ୟକ୍ତି । ଏହାର ଗନ୍ଧ ଅତି ମନୋହର, ତେଣୁ ଲୋକେ, ବାଳକ ବାଳିକାମାନଙ୍କୁ 'ତୁଳସୀ ଦୁଇ ପତ୍ରରୁ ବାସେ ଓ ବଢୁଆଡି ଦୁଇ ପତ୍ରରୁ ଚିହ୍ନେଇ ହୁଏ' ବୋଲି ଉପମା ଦିଅନ୍ତି । ଏହାର ତାତ୍ପର୍ଯ୍ୟ ଏହି ଯେ ଯେପରି ତୁଳସୀ ଗଛର ଅଙ୍କୁର ବାହାରିବା ମାତ୍ରକେ ସୁଗନ୍ଧ ଯୁକ୍ତ ହୁଏ ଓ ବଢୁଆଡି ଗଛ ପତ୍ର ହେବା ମାତ୍ରକେ ଦେହରେ ଲାଗିଲେ ଗଲୁ ହୁଏ, ସେହିପରି ବାଲ୍ୟକାଳରୁ ବାଳକ ବାଳିକାମାନଙ୍କର ପ୍ରକୃତି ସେମାନଙ୍କ କାର୍ଯ୍ୟରୁ ଜଣାପଡ଼େ ।

ଏହି ତୁଳସୀ ଗଛ ପ୍ରତି ହିନ୍ଦୁମାନଙ୍କର ଏପରି ଭକ୍ତି ଯେ ତୁଳସୀ ଗଛ 'ମରିଗଲା' ବୋଲି ନ କହି "ନାରାୟଣ ପାଇଲେ" ବୋଲି କହନ୍ତି । ବୈଦ୍ୟଶାସ୍ତ୍ର ମତରେ ଏହା କଫହାରକ ଓ ଏହାର ରସ ଅନ୍ୟାନ୍ୟ ଔଷଧ ସଙ୍ଗେ ଅନୁପାନରୂପେ ବ୍ୟବହୃତ ହୁଏ । ତୁଳସୀର ପୌରାଣିକ ଉତ୍ପତ୍ତି ସମ୍ବନ୍ଧେ ପୁରାଣମାନଙ୍କରେ ବିଭିନ୍ନ ମତ ଦେଖାଯାଏ । ବ୍ରହ୍ମପୁରାଣ ଅନୁସାରେ ପ୍ରଥମେ ଏ ରାଧିକାଙ୍କର ସଖୀ ଥିଲେ । ଏହାଙ୍କର ନାମ ବୃନ୍ଦାବତୀ ଥିଲା । ରାଧିକାଙ୍କ ଶାପରେ ଏ ଧର୍ମଧ୍ୱଜ ନାମକ ରାଜାଙ୍କର କନ୍ୟା ହୋଇ ମାଧବୀଙ୍କ ଗର୍ଭରେ ପୁନର୍ଜନ୍ମ ଲାଭ କରି ତୁଳସୀ ନାମରେ ଅଭିହିତା ହେଲେ । ପରେ ଏ ଶଙ୍ଖଚୂଡ଼ ନାମକ ଦୈତ୍ୟର ପତ୍ନୀ ହେଲେ । ଶଙ୍ଖଚୂଡ଼ କୃଷ୍ଣଙ୍କ ଦ୍ୱାରା ହତ ହେବାରୁ ଏ ସ୍ୱାମୀଙ୍କ ସଙ୍ଗେ ସହମୃତା ହେଲେ; ପରେ ଶ୍ରୀକୃଷ୍ଣଙ୍କ ବରରେ ଏହାଙ୍କର କେଶରୁ ତୁଳସୀ ଗଛର ଉତ୍ପତ୍ତି ହେଲା ।

ପଦ୍ମପୁରାଣ ମତରେ—ଜଳନ୍ଧର ନାମକ ଅସୁରର ବୃନ୍ଦା ନାମ୍ନୀ ପତ୍ନୀ ଥିଲେ । ଏ କାଳନେମୀ ଦୈତ୍ୟର କନ୍ୟା । ଜଳନ୍ଧର ଇନ୍ଦ୍ରଙ୍କ ପରାସ୍ତ କରି ସ୍ୱର୍ଗରେ ରାଜା ହେବାରୁ ଇନ୍ଦ୍ର ମହାଦେବଙ୍କ ଶରଣାପନ୍ନ ହେଲେ । ଏ ଦୈତ୍ୟ ପାର୍ବତୀଙ୍କ ପ୍ରତି କାମାସକ୍ତ ହୋଇ ପାର୍ବତୀ ଦେବା ନିମନ୍ତେ ମହାଦେବଙ୍କୁ ଆଦେଶ କରିବାରୁ ମହାଦେବ ଏହା ଉପରେ କ୍ରୁଦ୍ଧ ହୋଇ ଏହା ସଙ୍ଗେ ଯୁଦ୍ଧ କଲେ । କିନ୍ତୁ ବହୁ ଯୁଗ ପର୍ଯ୍ୟନ୍ତ ଏହାକୁ ପରାସ୍ତ କରି ପାରିଲେ ନାହିଁ । କାରଣ ଏହାର ପତ୍ନୀ ପତିପରାୟଣା ସତୀ ବୃନ୍ଦା ବିଷ୍ଣୁ ପୂଜା କରି ପତିର ମଙ୍ଗଳ ପ୍ରାର୍ଥନା କରୁଥାଆନ୍ତି । ବିଷ୍ଣୁ ମାୟାରେ ଜଳନ୍ଧର ରୂପ ଧାରଣ କରି ବୃନ୍ଦା ନିକଟରେ ଉପସ୍ଥିତ ହେବାରୁ ବୃନ୍ଦାର ତପସ୍ୟା ଭଗ୍ନ ହେଲା ଓ ଜଳନ୍ଧର ହତ ହେଲା । ପରେ ବୃନ୍ଦା ବିଷ୍ଣୁଙ୍କର ଏହି କୂଟ ଜାଣି ପାରି ବିଷ୍ଣୁଙ୍କୁ ଅଭିଶାପ ଦେବାକୁ ଉଦ୍ୟତ ହେବାରୁ କ୍ରୋଧାନ୍ୱିତା ସାଧ୍ୱୀଙ୍କୁ ଶାନ୍ତ କରିବା ନିମନ୍ତେ ବିଷ୍ଣୁ ତାଙ୍କୁ କହିଲେ ଯେ, ତୁମ୍ଭେ ସ୍ୱାମୀଙ୍କ ସଙ୍ଗେ ସହମୃତା ହୁଅ ଓ ତୁମ୍ଭ ଚିତାଭସ୍ମରୁ ତୁଳସୀ, ଧାତ୍ରୀ, ପଳାଶ ଓ ଅଶ୍ୱତ୍ଥ ଏହି ୪ଟି ବୃକ୍ଷ ଜନ୍ମି ଯୁଗେ ଯୁଗେ ପୂଜା ପାଇବେ ।]

ଦେ. ବି—୧ । (ଭାଗବତ) ତୁଳସୀ ଦେବୀ; ବୃନ୍ଦାବତୀ—
1. Name of a woman who was transformed into the Holy Tu_lasi plant.

୨ । ତୁଳସୀ ଗଛର ପତ୍ର—
2. The leaf of a Tu_lasi plant.

୩ । ତୁଳସୀ ନାମ୍ନୀ ସ୍ତ୍ରୀର ଡାକ ନାମ—
3. Name for calling Tu_lasi.

ତୁଳସୀ କଣ୍ଠି—ଦେ. ବି—ତୁଳସୀ ମାଳି (ଦେଖ)
Tu_lasi kanthi Tu_lasi mā_li (See)

ତୁଳସୀ କ୍ଷେତ୍ର—ଦେ. ବି—କଟକ ଜିଲ୍ଲାର କେନ୍ଦ୍ରାପଡ଼ା—
Tu_lasi kshetra A mythological name of Kendrāpa_rdā in the district of Cuttack.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ୱଅ	ଐ
୨	ଈ	ଊ	ୠ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ୱ	୯

ପଢନ୍ତି ତୁଳସୀକ୍ଷେତ୍ର ବହୁ ମୂଢ
ବଇକୁଣ୍ଠ ଯହିଁ ପ୍ରଭୁ ହଳାୟୁଧ—ରାଧାନାଥ. ନନ୍ଦିକେଶ୍ୱରୀ ।

[ଦ୍ର—ଲଳାଟେନ୍ଦୁକେଶରୀ ଜଳନ୍ଧରକୁ ସଂହାର କରି ବଳରାମ ତାହାର କନ୍ୟା ତୁଳସୀଙ୍କୁ ବିବାହ କରିଥିବାର ସ୍ଥାନୀୟ କିମ୍ବଦନ୍ତୀ ଅଛି । ଏଣୁ କେନ୍ଦ୍ରାପଡ଼ାର ଅନ୍ୟତମ ନାମ ତୁଳସୀକ୍ଷେତ୍ର । ବଳଦେବ ଜୀଉ କେନ୍ଦ୍ରାପଡ଼ାର ପ୍ରଧାନ ଦେବତା ।]

ତୁଳସୀ ଚଉଁରୀ—ଦେ. ବି—ତୁଳସୀ ଚଉରା ୧ (ଦେଖ)
Tulasi chauṅri   Tualsi chaurā 1 (See)

ସମ୍ଭ୍ରମେ କୃଷ୍ଣ କରି
ଥାପିଲେ ତୁଳସୀ ଚଉଁରୀ—ଭୂପତି. ପ୍ରେମପଞ୍ଚାମୃତ ।

ତୁଳସୀ ଚଉରା—ଦେ. ବି. (ସଂ. ତୁଳସୀ+ଚତୁଷ୍କ)—୧ । ଯେଉଁ
Tulasi chaurā ଚଉରା ବା ବେଦୀ ଉପରେ ତୁଳସୀ ଗଛ ଲଗା ଯାଇଥାଏ—1. A mound of earth or platform on which the Tulasi plant is planted.

[ଦ୍ର—ତୁଳସୀ ଗଛ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥଙ୍କ ଘରେ ପୂଜା ପାଏ । ଏହାର ଚଉରାର ମୂଳ ଲିପାପୋଛା କରି ସନ୍ଧ୍ୟାବେଳେ ଘିଅଦୀପ ଦିଆଯାଏ । କାର୍ତ୍ତିକ ମାସରେ ବିଧବାମାନେ ଏହା ମୂଳରେ ପଞ୍ଚବର୍ଣ୍ଣୀ ମୁରୁଜରେ ଚିତ୍ର ଅଙ୍କନ କରି କାର୍ତ୍ତିକପୂଜା ଓ ଦୀପଦାନ ଆଦି କରନ୍ତି । ପଣାସଂକ୍ରାନ୍ତି ଦିନ ଏହା ଉପରେ ଖମ୍ବା କରି ବସୁନ୍ଧରା ଘଡ଼ି ଟାଙ୍ଗନ୍ତି; ଏହି ଘଡ଼ିର ତଳେ ଥିବା ଛିଦ୍ର ବାଟେ ଗଛ ଉପରେ ଜଳଧାର ପଡ଼ୁଥାଏ ।]

୨ । ପୁରୀଜିଲ୍ଲାର ମାଳତୀପାଟପୁରରେ ଥିବା ପ୍ରସିଦ୍ଧ ତୁଳସୀଗଛର ଚଉରା ଓ ତନ୍ନାମକ ଗ୍ରାମ—
2. Name of a mound cnotaining the Tulasi plant and a village some 4 or 5 miles on the road to Puri.

ସୁଖ ସମୁଦ୍ର ମଧ୍ୟେ ଭାସି
ତୁଳସୀ ଚଉରା ପ୍ରବେଶି—ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ମାଳତୀପାଟପୁର ଗ୍ରାମରେ ଜଗନ୍ନାଥ ସଡ଼କ ଉପରେ ଗୋଟିଏ ତୁଳସୀ ଚଉରା ଅଛି । ତାହାକୁ ଦର୍ଶନ କରିବା ପାଇଁ ଯାତ୍ରୀମାନେ ଜଗନ୍ନାଥ ଦର୍ଶନ ସାରି ଏଠାକୁ ଆସନ୍ତି । ପୁରୀକୁ ଦର୍ଶନାର୍ଥ ଆସୁଥିବା ଯାତ୍ରୀମାନେ ଏହିଠାରେ ପ୍ରଥମେ ଜଗନ୍ନାଥ ଦେଉଳର ଚୂଡ଼ା ଦର୍ଶନ କରନ୍ତି ।]

ତୁଳସୀ ଚଢ଼ା(ଢେ)ଇବା—ଦେ. କ୍ରି—ମନୋରଥ ସିଦ୍ଧି ନିମିତ୍ତ ବିଷ୍ଣୁ
Tulasi chardhā(rdhe)ibā ପ୍ରତିମା ବା ଶାଳଗ୍ରାମଙ୍କଠାରେ ତୁଳସୀ ଅର୍ପଣ କରିବା—
To put Tulasi leaves on a Deity.

ତୁଳସୀ ଚୂରା—ପ୍ରାଦେ. (ମେଦିନାପୁର) ବି—ତୁଳସୀ ଚଉରା (ଦେଖ)
Tulasi chārā   Tulasi chaurā (See)

ତୁଳସୀ ଜଟା—ଦେ. ବି—ତୁଳସୀ ଗଛର ପୁଷ୍ପମଣ୍ଡିତ ଲମ୍ବ ଗୁଚ୍ଛ—
Tulasi jaṭā The flower-bunch of the Holy Basil plant.
(ତୁଳସୀ ଜଟ—ଅନ୍ୟରୂପ)

ତୁଳସୀ ଦାସ—ଦେ. ବି (ନାମ)—ଉତ୍ତର ପଶ୍ଚିମ ଭାରତବାସୀ ସୁପ୍ରସିଦ୍ଧ
Tulasi dāsa ଭକ୍ତପ୍ରବର ଓ କବି—A name of a Hindi poet and devotee of Rāmachandra.

[ଦ୍ର—ଏହାଙ୍କର ହିନ୍ଦୀ ପଦ୍ୟରେ ରଚିତ ରାମଚରିତମାନସ ଓ କବିତ୍ୱରାମାୟଣ ଭାରତପ୍ରସିଦ୍ଧ । ଏ ସରଯୂକୂଳବାସୀ ଦୁବେ ବ୍ରାହ୍ମଣ ଥିଲେ । ଏ ଖ୍ରୀଷ୍ଟୀୟ ୧୫୮୩ (ଅନ୍ୟ ମତରେ ୧୫୮୨)ରେ ଜନ୍ମଗ୍ରହଣ କରିଥିଲେ । କେହି କେହି କହନ୍ତି ଯେ ଚିତ୍ରକୂଟ ନିକଟସ୍ଥ ରାଜାପୁର ଏହାଙ୍କ ଜନ୍ମସ୍ଥାନ ଓ ଏଠାରେ ଏହାଙ୍କ ହାତ-ଲେଖା ରାମାୟଣ ଗ୍ରନ୍ଥ ଅଛି । କଥିତ ଅଛି ଯେ, ଏ ଯୁବାକାଳରେ ଆପଣାର ସ୍ତ୍ରୀଙ୍କ ପ୍ରତି ବିଶେଷ ଆସକ୍ତ ଥିଲେ । ଥରେ ସ୍ତ୍ରୀ ବାପଘରେ ଥିବା ସମୟରେ ସ୍ତ୍ରୀଙ୍କ ସଙ୍ଗେ ଦେଖା କରିବାକୁ ଏ ସେଠାକୁ ଗଲେ । ସ୍ତ୍ରୀ ତାଙ୍କୁ ତିରସ୍କାର କରି କହିଲେ, ତୁମେ ମୋଠାରେ ଯେପରି ଆସକ୍ତି ରଖିଅଛ ଯେବେ ସେପରି ଆସକ୍ତି ରାମଙ୍କଠାରେ ରଖନ୍ତ ତେବେ ମୁକ୍ତି ପାଇଯାଆନ୍ତ । ଏହା ଶୁଣି ତୁଳସୀ ଦାସ ବିରକ୍ତ ହୋଇ କାଶୀ ଆସିଲେ ଓ ସେଠାରେ ଗୋଟିଏ ବ୍ରହ୍ମରାକ୍ଷସ ସଙ୍ଗେ ଭେଟ ହେବାରୁ ତାଙ୍କ ଅନୁଗ୍ରହରୁ ଏ ସ୍ୱଶରୀରରେ ହନୁମାନ୍ ଓ ରାମ ଲକ୍ଷ୍ମଣଙ୍କର ଦର୍ଶନ ପାଇଲେ ଓ ସେହି ଦିନଠାରୁ ରାମଭକ୍ତ ହେଲେ ଏବଂ ସାଧନାଦ୍ୱାରା କବିତ୍ୱ ଲାଭ କଲେ ।

ଏ ଖ୍ରୀ: ୧୬୨୩ ରେ ଗଙ୍ଗାକୂଳସ୍ଥ କାଶୀରେ ଅସୀଘାଟରେ ଦେହ ତ୍ୟାଗ କଲେ । ଏହାଙ୍କ ରଚିତ ହିନ୍ଦୀ ଗ୍ରନ୍ଥମାନ ଯଥା—ରାମଚରିତ ମାନସ ବା ରାମାୟଣ, ଦୋହାବଳୀ, ଗୀତାବଳୀ, କବିତ୍ୱରାମାୟଣ, ବିନୟପତ୍ରିକା, ରାମାଜ୍ଞା, ଜାନକୀମଙ୍ଗଳ, ପାର୍ବତୀମଙ୍ଗଳ, ବୈରାଗ୍ୟସନ୍ଦୀପନୀ, କୃଷ୍ଣଗୀତାବଳୀ, ବରଵୈ ରାମାୟଣ, ରାମଲଲାନହଛୁ, ହନୁମାନ ବାହୁକେ—ହି. ଶବ୍ଦସାଗର ।]

ତୁଳସୀ ଦେବା—ଦେ. କ୍ରି—ତୁଳସୀ ଚଢ଼ାଇବା (ଦେଖ)
Tulsi debā   Tulasi chardhāibā (See)

ତୁଳସୀ ଦ୍ୱେଷା—ସଂ. ବି—ବନ ତୁଳସୀ; ବର୍ବରୀ (ହି. ଶବ୍ଦସାଗର)—
Tulasi dweshā A wild variety of the Holy Basil plant.

ତୁଳସୀ ପତ୍ର ପାତ୍ର କରି ଟେକି ଦେବା—ଦେ. କ୍ରି—କନ୍ୟାକୁ ଗୋଟିଏ
Tulasi patra pātra kari ṭeki debā ତୁଳସୀ ପତ୍ର ସହିତ ଜାମାତାଙ୍କ ହସ୍ତରେ ଅର୍ପଣ କରି ଦେବା—
To hand over one's daughter to the bridgegroom elect along with a 'Tulasi' leaf (in the case of a poor father).

[ଦ୍ର—ଯେଉଁ ଗରିବ କନ୍ୟାପିତା ଆପଣାର ଘରକୁ ଜୋଇଁଙ୍କୁ ଆଣି କନ୍ୟାକୁ ଆପଣା ଘରେ ସାଡ଼ମ୍ବର ବିବାହ ଦେଇ ନ ପାରନ୍ତି ସେ ଗୋଟିଏ ତୁଳସୀ ପତ୍ର ସହିତ ଆପଣା କନ୍ୟାକୁ ଜାମାତାଙ୍କ ହସ୍ତରେ ଅର୍ପଣ କରି ଦିଅନ୍ତି । ଜାମାତା ଉକ୍ତ କନ୍ୟାକୁ ଆପଣା ଗୃହକୁ ନେଇ ସେଠାରେ ବିବାହ କର୍ମମାନ ସମ୍ପନ୍ନ କରନ୍ତି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ/ଗାଈ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଣ୍ଣୋ ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତୁଳସୀପତ୍ରିଆ କବି—ଦେ. ବି. (ବ୍ୟଙ୍ଗାର୍ଥ)—
Tulasī patriā kabi ରାଧାକୃଷ୍ଣ ଆଦିଙ୍କ ପ୍ରଣୟ ବର୍ଣ୍ଣନା ଛଳରେ ଯେଉଁ କବିମାନେ ଆଦିରସାତ୍ମକ କବିତା ରଚନା କରନ୍ତି—(ironical) Poets who write on love themes under the guise of describing the love intrigues between Rādhā and Kṛushṇa.

ତୁଳସୀ ବଣ—ଦେ. ବି. (ସଂ. ତୁଳସୀ ବନ)—
Tulasī baṇa ତୁଳସୀ ଗଛରେ ପୂର୍ଣ୍ଣ ହୋଇଥିବା ବଗିଚା—
A garden which is full of Holy Basil plants.

ତୁଳସୀ ବଣରେ ବାଘ—ଢଗ ।

[ଦ୍ର—ଏହି ଢଗର ପ୍ରକୃତ ଭାବାର୍ଥ ଏହି ଯେ, ପ୍ରକୃତ ବାଘ ମହାଦ୍ରୁମାକୀର୍ଣ୍ଣ ଘୋର ଜଙ୍ଗଲ ମଧ୍ୟରେ ନିଜର ପରାକ୍ରମ ଦେଖାଏ । ତୁଳସୀ ପରି ସାମାନ୍ୟ ଗଛ ଥିବା ସ୍ଥାନରେ ବିରାଡ଼ି ଆପଣାକୁ ବାଘ ବୋଲି ବିଚାର କରି ସ୍ୱଶକ୍ତି ଦେଖାଇବା ଭଳି ଛୋଟଲୋକ ବା ଅଶିକ୍ଷିତ ଲୋକଙ୍କ ମଧ୍ୟରେ ସାମାନ୍ୟ ଗୁଣ ଥିବା ବ୍ୟକ୍ତି ଆପଣାର ଅଧିକାର ଦେଖାଇ ହୁଏ । ଅଳ୍ପ ପଢ଼ାପଢ଼ି କରିଥିବା ବ୍ୟକ୍ତି ବିଦ୍ୱାନ୍‌ଙ୍କ ସମାଜରେ ଆପଣାର ଗର୍ବ ଦେଖାଇ ପାରେ ନାହିଁ, କିନ୍ତୁ ମୂର୍ଖମାନଙ୍କ ମଧ୍ୟକୁ ଯାଇ ଆପଣାର ବଡ଼ାଇ ଦେଖାଇ ହେବା ସ୍ଥଳରେ ଏ ଢଗ ପ୍ରଯୁଜ୍ୟ ହୁଏ । ଏହାର ସମାନାର୍ଥକ ପ୍ରବଚନ । ଯଥା— ଚନ୍ଦ୍ର ସାହିରେ କଠୋଉ ମହାବଳ ।]

ତୁଳସୀ ବନ—ସଂ. ବି. (୬ଷ୍ଠୀ ତତ୍)—୧ । ତୁଳସୀ ବଣ (ଦେଖ)
Tulasī bana 1. Tulasī baṇa (See)
୨ । ବୃନ୍ଦାବନ (ହି. ଶବ୍ଦସାଗର) (ଦେଖ)
2. Bṛundābana (See)

ତୁଳସୀ ବାସ—ଦେ. ବି—ଏକ ପ୍ରକାର ସରୁ ଶାରଦ ଧାନ—
Tulasī bāsa A kind of fine winter paddy.
तुलसी बास

ତୁଳସୀ ବିବାହ—ଦେ. ବି—କାର୍ତ୍ତିକ କୃଷ୍ଣ ଦ୍ୱାଦଶୀ ଦିନ ବିଷ୍ଣୁଙ୍କ ସହିତ
Tulasī bibāha ବୃନ୍ଦାବତୀ ବା ତୁଳସୀ ଚଉରାରେ ଥିବା ତୁଳସୀ ଗଛର ବିବାହ ରୂପକ ଉତ୍ସବ—
The formal ceremony of marriage between Bishṇu and the Holy Basil plant on the 12th day of the dark fortnight of Kārttika.

ତୁଳସୀ ମଞ୍ଜରୀ—ସଂ. ବି. (୬ଷ୍ଠୀ ତତ୍ ପୁରୁଷ; ତୁଳସୀ+ମଞ୍ଜରୀ)—
Tulasī mañjarī ତୁଳସୀ ଗଛର କୋମଳ ପତ୍ର କଳିକା—
The tender shoots of the Tulasī plant.

ତୁଳସୀ ମାଳି—ଦେ. ବି (ସଂ. ତୁଳସୀ+ମଞ୍ଜରୀ)—ତୁଳସୀ ଗଛର କାଣ୍ଡରୁ
Tulasī māḻi ପ୍ରସ୍ତୁତ ବେଢ଼ରେ ପିନ୍ଧିବା ଓ ଜପିବା ମାଳା—
[ତୁଳସୀ ମା(ଳ)ଳା—ଅନ୍ୟରୂପ] String of beads made from the stem of the Tulasī plant.
তুলসী মালা
तुलसी माला

ତୁଳସୀ ଲାଗି—ଦେ. ବି.—(ବିଷ୍ଣୁ ବିଗ୍ରହଙ୍କର) ତୁଳସୀ ପତ୍ର ବା ମାଳ
Tulasī lāgi ଗ୍ରହଣ—The putting of Tulasī leaves on an image of Bishṇu.

ତୁଳା—ସଂ. ବି. ସ୍ତ୍ରୀ. (ତୁଲ ଧାତୁ=ଓଜନ କରିବା+କରଣ. ଅ+
Tulā ସ୍ତ୍ରୀ. ଆ)—୧ । ତୁଳା ଯନ୍ତ୍ର; ତରାଜୁ; ନିକିତି—
1. A pair of scales.
୨ । ତୁଳା ଦଣ୍ଡ; ପରିମାଣ ଦଣ୍ଡ ବା ବିଶାର କାଠି; ତଉଲିବା କଣ୍ଟା—2. A steel yard or wooden beam used for weighing.
୩ । ସୁନା ରୂପାର ଶହେ ପଲ ପରିମାଣ (ପ୍ରାୟ ଛଟଙ୍କା ଊଣ ସେର)—3. A standard weight of gold or silver.
୪ । ଓଜନ କରିବା—4. Weighing; weighment,
୫ । ଜ୍ୟୋତିଷୋକ୍ତ ୭ମ ରାଶି—
5, The sign of Libra in the zodiac,
୬ । ଆପଣା ଶରୀରର ଓଜନ ସଙ୍ଗେ ସମାନ ସୁନା ବା ରୁପା ଧାତୁ—6. One's own weight of gold or silver.
୭ । (+ଭାବ. ଅ) ସାମ୍ୟ—7. Equality.
୮ । ସାଦୃଶ୍ୟ; ତୁଳନା—8. Likeness; similarity.
୯ । (+କର୍ମ. ଅ) ଗୃହର ଉପରସ୍ଥ ଶେଣି; ଚାଳଘରର ଯେଉଁ ଶେଣୀ ସବୁ ଉପରେ ଥାଏ—9. The timber or plate which occupies the highest position in the gabled roof of a thatched house.

ଦେ. ବି. (ସଂ. ତୂଲ)—୧ । କପା ଓ ଶିମିଳି ଆଦିର
তুলা, তুলো ଫଳକୋଷରୁ ଉତ୍ପନ୍ନ ତନ୍ତୁମୟ କୋମଳ ବସ୍ତୁ—
तुला, रुई 1. Picked cotton.
[ଦ୍ର—କପା ଗଛରୁ କପା ତୁଳା, ଶିମିଳି ଗଛରୁ ଶିମିଳି ତୁଳା ଓ ଅରଖ ଗଛରୁ ଅରଖ ତୁଳା ବାହାରେ ।]
୨ । (ସଂ. ତୁଲ ଧାତୁ) କଷିବା; ପରୀକ୍ଷା କରିବା—
2. Testing.
୩ । ତୁଳନା—3. Comparision.
ଉଚିତକର ତୁଳା ହୋଇ, ରତି କରିବରବଦନା ଊଣା ହେବ ।
କବିସୂର୍ଯ୍ୟ, ସଙ୍ଗୀତ ।

ବିଣ. (ସଂ. ତୁଲ୍ୟ) ୧ । ସମାନ—1. Similar; like.
ପୁଷ୍ପଦଳ ଉପୁଳ ଯେ ତନୁ ତୁଳା—କବିସୂର୍ଯ୍ୟ. ସଙ୍ଗୀତ ।
୨ । ତୁଳା ପରି କୋମଳ—
2. As soft as picked cotton.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଞ,ଣ	ଜ୍ଞ	ଇଅ	ଊଅ	ଷ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଈ	ନ୍

(ଯଥା—ମାଙ୍ଗିସ ସିଝି ତୁଲା ହୋଇ ଯାଇଛି ।)

ତୁଲ୍—ପ୍ରାଦେ. (ସମ୍ବଲପୁର) ବି (ଓ ସ୍ଥାନରେ ଉ ଏବଂ ଲ ସ୍ଥାନରେ
Tulā ଲ ଉଚ୍ଚାରଣ)—ତୋଳା (ଦେଖ)—Toḷā (See)

ତୁଲଇ—ଦେ. ବି—ତୁଳନା—Comparision.
Tulāi ତୁଲଣ ଦେବାକୁ ତୁଲ୍ୟ ତୁଲଇ ନାହିଁ—ପ୍ରାଚୀ. ରସବାରିଧି ।
(ତୁଲାଇ—ଅନ୍ୟରୂପ)

ତୁଲା(ଲେ)ଇବା—ଦେ. କ୍ରି.—(ତୁଲିବା କ୍ରିୟାର ଣିଜନ୍ତରୂପ;
Tuḷā(ḷe)ibā The causative form of 'Tuḷibā').
तुलाना ଅନ୍ୟଦ୍ୱାରା ଓଜନ କରାଇବା—
तुलवाना, तुलाना To cause to be weighed.

ତୁଲା(ଲେ)ଇବା—ଦେ. କ୍ରି. (ତୁଳ· ତା—ତୁଲେଇ=ଶେଷକରିବା)-
Tuḷā(le)ibā ୧ । କୌଣସି କାର୍ଯ୍ୟକୁ ସମାଧାନ କରିବା—
1. To accomplish a work; to bring a thing to its conclusion.
ପଡ଼ିଲେ କଷ୍ଟକାର୍ଯ୍ୟ ଦେବ ମୁଁ ତୁଲଇ । କୃଷ୍ଣସିଂହ. ମହାଭାରତ. ବନ ।
୨ । କୌଣସି ଆପଦ ବା ଘଟଣାକୁ ସମ୍ଭାଳିବା—
2. To cope with an emergency or difficulty.
୩ । ଦାୟିତ୍ୱ ବା କର୍ତ୍ତବ୍ୟ ନିଷ୍ପନ୍ନ କରିବା; ଚଳାଇ ନେବା—
3. To discharge a duty or onus or responsibility.
ପାଞ୍ଚ ପାଇକ ଭାଇମାନେ ତୁଲନ୍ତି । ଦୁର୍ଲଭାଭ୍ରମାସ. ନଅଭୁଣୀ ।
୪ । ସମାନ କରିବା—4. To equilise; to smooth.
୫ । ସମତଳବିଶିଷ୍ଟ କରିବା—
5. To level up; to smooth.
୬ । ଏକବସ୍ତୁ ଅନ୍ୟବସ୍ତୁ ସଙ୍ଗେ ସମାନ ହେବା ପରି କରିବା-
6. To cause a thing to tally with another thing.
୭ । ତୁଲ୍ୟ ହେବା—7. To be equal to.
ହେ ଉଲ କହନ୍ତି ବର କାହିଁ ଲକ୍ଷ୍ୟ ସୁନ୍ଦରୀଙ୍କ ଅଙ୍କ ତୁଲଇ ।
ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୮ । ତୁଳନା କରିବା—8. To compare.
ହୁଁ ହୁଁ ହୁଁ ହୁଁ ନା ନା ମନ୍ଦ ଇଷି ଭାଷାକୁ କେସ ତୁଲଇବ ।
ଉଞ୍ଜ. ପ୍ରେମସୁଧାନିଧି ।

ତୁଲାଏବା—ପ୍ରାଦେ. (ସମ୍ବଲପୁର) କ୍ରି.—ତୋଳାଇବା—
Tulāebā To cause to pluck.

ତୁଲା କାଠି—ଦେ. ବି.—୧ । ଯେଉଁ କାଠି ଅଗରେ ତୁଳା ଗୁଡ଼ା
Tuḷā kāṭhi ହୋଇ ଥାଏ—A small twig with cotton
(ତୁଲା କାଢ଼ି—ଅନ୍ୟରୂପ) wound at the top.
[ଦ୍ର—ଏହାଦ୍ୱାରା କାନ ଆଦି କୁଣ୍ଡାଇବାକୁ ହୁଏ, ଏ କାଠିକୁ ଅଗରରେ ବୁଡ଼ାଇ ହାତରେ ଓ ନାକ ପାଖରେ ଧରା ଯାଏ ଓ ଏ କାଠି ଘିଅରେ ବୁଡ଼ାହୋଇ, ତହିଁରେ ନିଆଁ ଲଗି ଦେବତାଙ୍କ ଆଗରେ ଆରତି କରାଯାଏ ।]

୨ । ତରାଜାଠି ବା ଓଜନ କରିବାରେ ବ୍ୟବହୃତ ତରାଜୁ ପ୍ରଭୃତି—2 Weighing yard or beam.

ତୁଲା କୋଟି(ଟୀ)—ସଂ. ବି. ସ୍ତ୍ରୀ (ତୁଲା=ଉକ୍ତି+କୁଟ ଧାତୁ=ପରିମାଣ
Tuḷā koṭi(ṭī) କରିବା+ଇ;+ଈ)—୧ । ନୂପୁର—
1. A twinkling anklet.
ବଳା ତୁଲାକୋଟୀ ଶଙ୍ଖଲେ ପାଦେ । ଉଞ୍ଜ. ବୈଦେହୀଶବିଳାସ ।
୨ । ତୁଲାଦଣ୍ଡର ଅଗ୍ରଭାଗ ବା ମୁଣ୍ଡ—2. The end of the scale-yard or beam of a balance.
୩ । ପରିମାଣବିଶେଷ—3. A standard weight.
୪ । ଅର୍ବୁଦ ସଂଖ୍ୟା—4 One hundred millions.
ଦେ. ବି.—ଉପମା ସମୂହ—
A number of comparisions.

ତୁଲା ଦଣ୍ଡ—ସଂ. ବି. (୬ଷ୍ଠୀ ତତ୍; ତୁଲ+ଦଣ୍ଡ)—୧ । ଓଜନ କରିବାର
Tuḷā daṇḍa କଣ୍ଟା; ଧଡ଼ା; ଦଣ୍ଡୀ—1. The steel yard of a scale; the beam of a balance.
୨ । ତରାଜାଠି—2. The weighing yard.

ତୁଲା ଦାନ—ସଂ. ବି.—ତୁଲା ପୁରୁଷ (ଦେଖ)—
Tuḷā dāna Tuḷā purusha (See)

ତୁଲା ଧଟ—ସଂ. ବି. (୬ଷ୍ଠୀ ତତ୍; ତୁଲା+ଧଟ)—ତୁଲା ଦଣ୍ଡ (ଦେଖ)
Tuḷā dhaṭa Tuḷā daṇḍa (See)

ତୁଲାଧର—ସଂ. ବି. (ତୁଲା=ତୁଲାରାଶି+ଧୃ ଧାତୁ+କର୍ତ୍ତୃ. ଅ)—
Tuḷādhara ସୂର୍ଯ୍ୟ—The sun.

ତୁଲାଧାର—ସଂ. ବିଣ. (ତୁଲା=ନିକିତି+ଧୃ ଧାତୁ+କର୍ତ୍ତୃ. ଅ)—
Tuḷādhāra ୧ । ବ୍ୟବସାୟରତ; ବ୍ୟବସାୟକାରୀ—
2. Trading; engaged in trade.
୨ । ଯାହା ତୁଲାଦଣ୍ଡରେ ଝୁଲି ଯାଇ ଥାଏ—2. Held suspended by the weighing beam.
ବି.—୧ । ବଣିକ; ବ୍ୟବସାୟୀ—
1. A tradesman; merchant.
୨ । (ତୁଲା+ଆଧାର) ନିକିତିର ପଲା—
2. The scales of a balance.
୩ । ତରାଜୁ ଦଣ୍ଡିରୁ ଓହଳିଥିବା ଡୋର, ଯହିଁରେ ପଲା ଲାଗି ଥାଏ—(ବୃ. ଶବ୍ଦସାଗର)—3. The strings of a balance.
୪ । ଜ୍ୟୋତିଷୋକ୍ତ ତୁଲାରାଶି—
4. The sign of Libra in the zodiac.
୫ । କିରଣ—5. Ray.

ତୁଲା ଧାରୀ—ସଂ. ବି.—(ତୁଲା+ଧୃ ଧାତୁ+କର୍ତ୍ତୃ. ଇନ୍. ୧ମା ୧ବ)—
Tuḷā dhārī ଓଜନ କଲାବାଲା—Weigh-man.

ତୁଲା ପରୀକ୍ଷା—ସଂ. ବି. ସ୍ତ୍ରୀ—ନିକିତିଦ୍ୱାରା ଓଜନ କରାଯାଇ ପାପ ବା
Tuḷā parikshā ଅପରାଧ ପରୀକ୍ଷା କରାଯିବାର ବିଧି—An ordeal

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କ୍ରଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ୟା'ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ ଦେଖିବେ

prescribed in the śāstras by which the accused had to be weighed in a balance.

• [ଦ୍ର—ପ୍ରାଚୀନ କାଳରେ ଅଗ୍ନିପରୀକ୍ଷା ପରି ଅଭିଯୁକ୍ତ ବ୍ୟକ୍ତିର ଏହା ମଧ୍ୟ ଏକ ପ୍ରକାର ପରୀକ୍ଷା ଥିଲା । ଯଜ୍ଞକାଷ୍ଠରେ ଗୋଟିଏ କଣ୍ଟା (ବଡ଼ ତରାଜୁ) ନିର୍ମାଣ କରି ସେଥିରେ ଅଭିଯୁକ୍ତ ବ୍ୟକ୍ତିକୁ ତଉଲା ଯାଉଥିଲା । ପୁଣି କିଛି ସମୟ ପରେ ଆଉଥରେ ତଉଲିଲେ ଯେବେ ତାହାର ଓଜନ ବେଶି ହେବାର ଦେଖା ଯାଉଥିଲା ତେବେ ସେ ଦୋଷୀ ଥିବାର ସାବ୍ୟସ୍ତ ହେଉଥିଲା ।—(ହି. ଶବ୍ଦସାଗର) ।]

ତୁଳା ପାତ୍ର—ଦେ. ବି.—ନିକିତି—
Tulā pātra A pair of scales; balance.

ବନ୍ଧୁତଦକୁ ତୁଳାପାତ୍ର କରି,
ବେନି ଦ୍ରବ୍ୟକୁ ତୁଳିଲେ ହରି । ପ୍ରାଚୀ. ଭଗବାନଧ୍ୟ ।

ତୁଳା ପୁରୁଷ—ସଂ. ବି. ପୁଂ—ଆପଣା ଦେହର ସମାନ ଓଜନର ସୁନା ବା ରୁପା ବ୍ରାହ୍ମଣଙ୍କୁ ଦାନ କରିବା ବିଧି—A gift of gold or silver weighing as much as one's own weight (prescribed in the śāstras).
Tulā purusha
(ତୁଳାପୁରୁଷ ଦାନ—ଅନ୍ୟରୂପ)

ତୁଳା ବୀଜ—ସଂ.ବି. (ମ. ପ. ଲୋ; ତୁଳା=ଓଜନ+ବୀଜ; ଯେଉଁ ବୀଜ ସାହାଯ୍ୟରେ ସୁନା ରୂପା ଆଦି ଓଜନ କରାଯାଏ)-ଚାଇଁଚ-
Tulā bija A seed used by goldsmiths for weighing gold or other metals; the seed of Abrus Precatorius.

ତୁଳା ଭିଣା—ଦେ. ବି (ସଂ. ଧୂନନ)—ତୁଳାକୁ ଭିଣିବା ଜାତିବିଶେଷ—
Tulā bhiṇā A caste which picks cotton into wool.
ଧୁନାରୀ; ଧୁନାରୁ **धुनिया, बेहना**

ତୁଳା ଭିଣିବା—ଦେ. କ୍ରି. (ତୁଳା+ସ. ଧୂ, ଧୂ. ଧାତୁ=କମ୍ପନର ଧୂନୋଭିର ଅପଭ୍ରଂଶ ଭିଣିବା)—ତୁଳାକୁ ଧନୁଆକାର ଯନ୍ତ୍ରର ଗୁଣର ଆଘାତରେ ନରମ କରିବା— To card cotton; to pick crude cotton into soft cotton wool.
Tulā bhiṇibā
তুলা ধুনা
तुला धुनना

ତୁଳା ମାନ—ସ. ବି—ତୁଳାଦଣ୍ଡଦ୍ୱାରା ଓଜନ ସ୍ଥିର କରିବା—
Tulā māna Weighing by the scales

ତୁଳା ମେଘ—ଦେ. ବି—ତୁଳା ପରି ଭାସୁଥିବା ମେଘ—
Tulā megha The cirrus or fleecy cloud.

ତୁଳାମେଘ ପରି ଭାସଇ ଧୂମ । ଖଣ୍ଡକାବ୍ୟ, ଖାରବେଳ ।

ତୁଳା ଯନ୍ତ୍ର—ସଂ. ବି—ନିକିତି—
Tulā jantra The scales; balance.

ତୁଳା ଯଷ୍ଟି—ସ.ବି—ତୁଳା ଦଣ୍ଡ (ଦେଖ)
Tulā jashti Tulā daṇḍa (See)

ତୁଳା ଯି(ହେ)ବା—ଦେ. କ୍ରି. (ତୁଳିବାର କର୍ମବାଚ୍ୟ ରୂପ)—
Tulā ji(he)bā ୧ । ତୌଲିହେବା; ଓଜନ କରାଯିବା—
তুলা যাওয়া 1. To be weighed.
तुलना ୨ । କୌଣସି ବସ୍ତୁ ସଙ୍ଗେ ତୁଳନା କରାଯିବା—
2. To be compared with another thing.

ତୁଳାରାମ୍—ଦେ. ବିଣ—ଭୟରେ ହୃତ୍‌କମ୍ପ ଯୁକ୍ତ—
Tulārām Having throbbing or palpitation of the heart due to sudden fear.

ତୁଳାଶା—ଦେ ବି (ସ. ତୁଳ+ଆଶା)—ତୁଳନା କରିବାର ଇଚ୍ଛା—
Tulāsa A wish to compare.

ଜଫଳକ ଶିବ ସେବା ତୁଳାଶା । ଉକ୍ତ. ବୈଦେହୀଶବିଳାସ ।

ତୁଳି—ଦେ. ବି. (ସ. ତୂଳ)—୧ । ତୁଳା—
Tuli 1. Cotton.

୨ । ତୁଳାରେ ତିଆରି ଶଯ୍ୟା; ଶେଜ; ତୋଷକ; ଲେପ—
2. A quilt; a cushion stuffed with cotton wool.

କାଠ ଉତ୍ତରାସ, ଚାରି କନ୍ଥାତପ, ହଂସତୁଳ ତୁଳିର ପାଟ । ପ୍ରାଚୀନ. ସଙ୍ଗୀତ ।

•। (ସ. ତୁଲ. ଧାତୁ=ଉପରକୁ ଉଠାଇବା)—ଘରର ଶୀର୍ଷ ସ୍ଥାନ—3. The ridge of a triangular thatch or gabled roof.

ସ. ବି—୧ । ଚିତ୍ରକରର ବର୍ତ୍ତିକା—3. Painter's brush; painter's hair-pencil.

[ଦ୍ର—ଶରେ କାଠିର ଅଗରେ ଗୋଟିଏ ଛୋଟ ବାଳ ବନ୍ଧାଯାଇ ତୁଳି ତିଆରି କରାଯାଏ ।]

୨ । ତନ୍ତୁବାୟର ତୁରୀ; ନାଲି—
2. A shuttle used by the weaver.

ଦେ. ବିଣ—ତୁଳା ନିର୍ମିତ—Made of cotton.

(ଯଥା—ତୁଳି ସୂପାଟି ।)

ତୁଳିଆ—ଦେ. ବିଣ—ଘରଚାଳର ତୁଳି ବା ସର୍ବୋଚ୍ଚ ଅଂଶ ବା ମଥାନ ସମ୍ବନ୍ଧୀୟ—Appertaining to the ridge or highest part of a triangular or gabled roof.
Tuliā

ତୁଳିଆ—ଦେ. ବି—ତୁଳିଆ ଖୁଣ୍ଟ—
Tuliā The higher pillars of a thatched house.

ଉଦେ ଅସ୍ତ ମେରୁ ଚନ୍ଦ୍ର ହୋଇଛି ତୁଳିଆ । ପ୍ରାଚୀ. ବୃନ୍ଦାବନଗୁପ୍ତଗୀତା ।

ପ୍ରାଦେ. (ସମ୍ବଲପୁର) ବି—ଛାତ—Roof.

ତୁଳିଆ ଖୁଣ୍ଟ—ଦେ. ବି. (ସ. ତୁଲ ଧାତୁ=ଉପରକୁ ଉଠାଇବା)—
Tuliā khunṭa ନାଦାଘରଳିଆ ବା ଛପରଶେଣିଆ ଘରର ସର୍ବୋଚ୍ଚ ଖୁଣ୍ଟଦ୍ୱୟ (ଯାହା ଉପରେ ତୁଳିଆ ଶେଣୀ ରଖାଯାଏ ।)—The higher pillars of a gabled house; the higher pair of pillars supporting the highest ridge-plate.
(ତୁଳିଆ ଖମ୍—ଅନ୍ୟରୂପ)
ପାରିଆ ଖୁଣ୍ଟ } ବିପର୍ଯ୍ୟୟ
ପାଡ଼ିଆ ଖୁଣ୍ଟ }

ତୁଳିଆ ଶେଣୀ—ଦେ. ବି—ନାଦାଘରଳିଆ ଘରର ଚାଳର ମଥାନ ବା ସର୍ବୋଚ୍ଚ ଅଂଶ ତଳେ ଯେଉଁ ଶେଣୀ ଦିଆଯାଇ ଥାଏ; ତ୍ରିଭୁଜାକାର ଚାଳର ଶୀର୍ଷ
Tuliā śeṇi
(ପାରିଆ ଶେଣୀ—ବିପର୍ଯ୍ୟୟ)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇ୍ୟ	ତ୍ଥ	ଡ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ;	ଯ	ସ	ଙ୍ଗ୍ୟ	ଇଅ	ୠ	ନ୍ତ

ଶ୍ରେଣୀ—The central or ridge-plate running under the highest points of a gabled roof; ridge-piece.

ତୁଳକ—ସଂ. ବି. (ତୂଳ+ସ୍ୱାର୍ଥେ. କ)—ଲେଖନୀ; କଲମ—
Tuḻika Pen.

ତୁଳକା—ସଂ. ବି. (ତୁଳ୍ ଧାତୁ=ପରିମାଣ କରିବା+କରଣ. ଇ+କ+ଅ)—୧ । ତୂଳ (ଦେଖ)—1. Tuḻi
Tuḻikā

୨ । ଖଞ୍ଜନ ତୁଲ୍ୟ କ୍ଷୁଦ୍ର ପକ୍ଷିବିଶେଷ—
2. A kind of small bird.

ତୁଳ କାଠ—ଦେ. ବି. (ସଂ. ତୂଳ)—ତନ୍ତୀମାନଙ୍କ ଲୁଗା ବୁଣିବା କାଠ; ଯହିଁରେ ଲୁଗାର ବୁଣା ଅଂଶ ଗୁଡ଼ାଯାଏ—
Tuḻi kāṭha
Weaver's roller; beam or back-beam of a hand-loom.

ତୁଳ କାଠି—ଦେ. ବି—ଚିତ୍ରକରର ବର୍ତ୍ତିକା—
Tuḻi kāṭhi Painter's brush.

ତୁଳତ—ସଂ. ବିଣ. (ତୁଳ ଧାତୁ+କର୍ମ. ତ)—୧ । ପରିମିତ—
Tuḻita 1. Measured.

୨ । ଓଜନ କରାଯାଇ ଥିବା—2. Weighed.

୩ । ତୁଳନା କରାଯାଇ ଥିବା; ଉପମିତ—
3. Compared.

୪ । ଉପରକୁ ଉଠାଯାଇ ଥିବା; ଉତ୍କ୍ଷିପ୍ତ—
4. Lifted; raised.

୫ । ଚାଳିତ—5. Moved.

ତୁଳନୀ—ସଂ. ବି—ଶାଲ୍ମଳୀ ବୃକ୍ଷ (ହି. ଶବ୍ଦସାଗର)—
Tuḻinī The silk-cotton tree.
(ତୁଳଫଳା—ଅନ୍ୟରୂପ)

ତୁଳବା—ଦେ. କ୍ରି. (ସଂ. ତୁଳ୍ ଧାତୁ)—ଓଜନ କରିବା—
Tuḻibā 1 To we gh.
ତୁଳା
ତୁଲନା

ପୂର୍ବେ ଦେବ ଋଷି ଏକଠା ହୋଇଲେ
ତୁଳିବାକୁ ତୁଳାଦଣ୍ଡେକ ଆଣିଲେ—କୃଷ୍ଣସିଂହ. ମହାଭାରତ, ଆଦି ।

୨ । ଉପମା କରିବା; ତୁଳନା କରିବା; କଷିବା—
2. To compare.

ତୁଦ ବିକଶନ ତା କେଶ ହସନ ତୁଇ ଶୋଭ ନେନେ ତୁଳିବାକୁ—
କବିସୂର୍ଯ୍ୟ, ସଙ୍ଗୀତ ।

୩ । ସମାନ କରିବା—3. To equalise.

୪ । କଷିବା—4. To test.

ପ୍ରାଦେ. (ବାଲେଶ୍ୱର)—ତୋଳିବା—To pick.

ତୁଳ ମାରିବା—ଦେ. କ୍ରି—ଦେଉଳର ମୁଣ୍ଡି ମାରିବା ପରି ଚାଳଘରର ମଥାନର ସର୍ବୋଚ୍ଚ ଅଂଶର ଛୁଆଣି କାର୍ଯ୍ୟ ସମାପନ କରିବା—To complete the thatching of the highest ridge of a gabled house.
Tuḻi māribā

ତୁଳ ସୁପାତି—ଦେ. ବି—ତୁଳା ଭର୍ତ୍ତି ନରମା ଶେଯ—
Tuḻi supātī Soft quilt stuffed with cotton wool.

ତୁଳୀ—ସଂ. ବି—ତୁଳ (ଦେଖ)
Tuḻī Tuḻi (See)
ଦେ. ବି. ଓ ବିଣ—ତୁଳ (ଦେଖ)—Tuḻi (See)

ତୁଳୁବ—ସଂ. ବି (ନାମ)—ସହ୍ୟାଦ୍ରି ଓ ସମୁଦ୍ର ମଧ୍ୟରେ ଥିବା ପ୍ରାଚୀନ ଭାରତର ଏକ ପ୍ରଦେଶ (ଆଧୁନିକ ଉତ୍ତର କାନାଡ଼ା (ହି. ଶବ୍ଦସାଗର)—The north Karnatac country of ancient India.
Tuḻuba.

ତୁଳୁସୀ (ଇତ୍ୟାଦି)—ଗ୍ରା. ବି (ସଂ. ତୁଳସୀ)—
Tuḻusī etc) ତୁଳସୀ ଇତ୍ୟାଦି (ଦେଖ)—Tuḻasī etc. (See)

ତୁଳେ—ଦେ. କ୍ରି. ବିଣ (ସଂ. ତୁଲ୍ୟ)—୧ । (ଅନ୍ୟ ବ୍ୟକ୍ତିର) ସହିତରେ-
Tule 1. With.
ସନେ
साथ

ସଞ୍ଜବେଳରୁ କଞ୍ଜ ଫୁଟିବା ଯାଏ,
ଭୃଙ୍ଗଗୃହେ ତୋ ତୁଳେ ପରି ଲାଗେ ଲୋ । କବିସୂର୍ଯ୍ୟ. ସଙ୍ଗୀତ ।

୨ । (ଅନ୍ୟ ବସ୍ତୁର) ସହିତରେ; ସଙ୍ଗେ—
2. With; together with.

ଘୋଟ୍ଟ କଦମ୍ବମୂଳ, ଘୋର ଘୋର ଜାଙ୍ଗଳ, କହିର ତୁଳେ ତାହା ପିଇଲୁରେ—
କବିସୂର୍ଯ୍ୟ. କଣୋସବଦ୍ଧ ସ. ଗୀତ ।

୩ । ତୁଲ୍ୟ; ପ୍ରକାରେ; ପରି; ସମାନରେ—
3. Equally with; like.

ସୁକୁମାରୀ ପଣେ ନଳକୀ ତୁଳେ କେ ଅଛି ଅନ—ରାଧାନାଥ. ଚନ୍ଦ୍ରଭାଗା ।

ତୁଳେଣ—ଦେ. (ପଦ୍ୟ) ଅ—୧ । ସଙ୍ଗେ; ସହିତ—
Tuleṇa 1. With.

୨ । ଠାରେ; ନିକଟରେ—2. At; near.

ରାଧା ବଚନ ଅନ୍ତରେଣ ଦୂତିକା ଶ୍ରୀକୃଷ୍ଣ ତୁଳେଣ ସମ୍ବାଦ—ପ୍ରାଚୀ. ରସବାରିଧି ।

ତୁଲ୍ୟ—ସଂ. ବିଣ (ତୁଳା=ସାଦୃଶ୍ୟ+ସନ୍ନିହିତାର୍ଥେ. ଯ)—୧ । ଅନୁରୂପ; ସଦୃଶ—1. Similar; resembling.
Tulya

୨ । ସମ; ସମାନ—2. Equal.

ତୁଲ୍ୟକୋଣିକ—ସଂ. ବିଣ (ଜ୍ୟାମିତିର ପାରିଭାଷିକ ଶବ୍ଦ; ତୁଲ୍ୟ+କୋଣ+ଇକ)—ଯାହାର (ଯେଉଁ କ୍ଷେତ୍ରର) ସମସ୍ତ କୋଣ ସମାନ—(geometry) Equiangular.
Tulya koṇika

ତୁଲ୍ୟତା—ସଂ. ବି (ତୁଲ୍ୟ+ଭାବ. ତା)—ସାଦୃଶ୍ୟ; ସମାନତା—
Tulyatā Similarity; equality; similitude.
(ତୁଲ୍ୟତ୍ୱ—ଅନ୍ୟରୂପ)

ତୁଲ୍ୟ ପାନ—ସଂ. ବି—ସ୍ୱଜାତୀୟ ଲୋକଙ୍କ ସହିତ ଏକସଙ୍ଗେ ବସି ପାନ ଭୋଜନାଦି (ହି. ଶବ୍ଦସାଗର)—Dining in the company of one's castemen.
Tulya pāna

ତୁଲ୍ୟ ପ୍ରଧାନ ବ୍ୟଙ୍ଗ—ସଂ. ବି—କାବ୍ୟାଲଙ୍କାରବିଶେଷ, ଯହିଁରେ ବାଚ୍ୟାର୍ଥ ଓ ବ୍ୟଙ୍ଗାର୍ଥ ଏକ ଥିବାର ଦେଖାଯାଏ (ହି. ଶବ୍ଦସାଗର)—A figure
Tulya pradhāna byaṅga

ସାଧାରଣ ଲୋକେ ଆଗର ପୃଷ୍ଠାରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ଉପସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

in rhetoric in which the literary and implied meanings of a sentence are the same.

ତୁଲ୍ୟ ବୟସ୍କ—ସଂ. ବିଣ. ପୁଂ (ତୁଲ୍ୟ + ବୟସ୍ + କ)—ଏକବୟସୀ; ସମବୟସ୍କ—Of the same age; coeval.
Tulya bayaska
(ତୁଲ୍ୟବୟସ୍କା— ସ୍ତ୍ରୀ)

ତୁଲ୍ୟ ମୂଲ୍ୟ—ସଂ. ବିଣ (ବହୁବ୍ରୀହି; ତୁଲ୍ୟ + ମୂଲ୍ୟ)—୧ । ଏକମୂଲ୍ୟବିଶିଷ୍ଟ; ସମାନ ଦରର—1. Of equal value; of the same price.
Tulya mūlya
୨ । ସଦୃଶ—2. Similar.
୩ । ପ୍ରାୟ ସମାନ; ସମକକ୍ଷ—
3. Almost equal; nearly same.
୪ । ଯୋଗ୍ୟ; ଉପଯୁକ୍ତ—4. Fit.

ତୁଲ୍ୟ ଯୋଗିତା—ସଂ. ବି (ତୁଲ୍ୟଯୋଗିନ + ତା)—୧ । କାବ୍ୟାଳଙ୍କାରବିଶେଷ (ଯେଉଁ ଅଳଙ୍କାରରେ ପ୍ରସ୍ତାବିତ ବା ଅପ୍ରସ୍ତାବିତ ବସ୍ତୁର କୌଣସି ଗୁଣ ବା ଧର୍ମ ସଙ୍ଗେ ଅନ୍ୟ ବସ୍ତୁର ଧର୍ମ ବା ଗୁଣ ତୁଳନା ଦ୍ୱାରା ସମ୍ବନ୍ଧ ହୁଏ)— 1. A figure of rhetoric having reference to similitude of two things; simile.
Tulya jogitā
୨ । ସାମ୍ୟ; ସମଗୁଣବିଶିଷ୍ଟତା—
2. Similitude; similarity.

ତୁଲ୍ୟଯୋଗୀ—ସଂ. ବିଣ (ତୁଲ୍ୟ + ଯୁଜ ଧାତୁ + କର୍ତ୍ତୃ. ଇନ୍; ୧ମା.୧ବ) ଯେ ସମାନ ସମ୍ବନ୍ଧ ରଖେ—Maintaining a similar or equal relationship.
Tulyajogi

ତୁଲ୍ୟ ରୂପ—ସଂ. ବିଣ (ବହୁବ୍ରୀହି; ତୁଲ୍ୟ + ରୂପ)—ସମାନ ରୂପ ବା ଆକାରବିଶିଷ୍ଟ—Similar in shape or form.
Tulya rūpa
(ତୁଲ୍ୟରୂପତା— ବି)

ତୁଲ୍ୟ ଶୋଧନ—ସଂ.ବି (ପାରିଭାଷିକ ଶବ୍ଦ)—(ବୀଜଗଣିତ) ସମୀକରଣର ସରଳତା ସମ୍ପାଦନ—(algebra) Simplification of equation; reduction of an algebrical equation by removing the like magnitudes on both sides.
Tulya śodhana

ତୁଲ୍ୟାକୃତି—ସଂ. ବି (ତୁଲ୍ୟ+ଆକୃତି) (କର୍ମଧା)—ସମାନ ଆକାର—Similar shape.
Tulyākṛuti
ବିଣ (ବହୁବ୍ରୀହି)—ସମାନ ଆକାର ବିଶିଷ୍ଟ—Of similar shape or form; similar in shape.

ତୁଲ୍ୟେ—ପ୍ରା. କ୍ରି. ବିଣ—(ଅନ୍ୟ ବ୍ୟକ୍ତି) ସହିତରେ; ସଙ୍ଗେ—With.
Tulye

ନଳ ଭାରିଜା ସମ ସର, ତାହାଙ୍କ ତୁଲ୍ୟେ ପ୍ରୀତ କର ।
ଭୂପତି, ପ୍ରେମପଞ୍ଚାମୃତ ।

ତୁଷ୍ (ଧାତୁ)—ସଂ—୧ । ସନ୍ତୁଷ୍ଟ ହେବା—1. To be satisfied.
Tush (root)
୨ । ସନ୍ତୁଷ୍ଟ କରିବା—2. To satisfy (Apte).

ତୁଷ—ସଂ. ବି (ତୁଷ ଧାତୁ + କର୍ତ୍ତୃ. ଅ)—୧ । ତଷ; ଶ୍ଲେକଡ଼; ଧାନ୍ୟାଦି ଶସ୍ୟର ଖୋସା; ତୁଷି—1. Chaff; husk of grain.
Tusha
୨ । ବହେଡ଼ା ବା ବାହାଡ଼ାଗଛ—
2. The Beleric Myrobalan (tree).
୩ । ଡିମ୍ବର ଖୋଳପା (ହି. ଶବ୍ଦସାଗର)—
3. The shell of an egg.

ତୁଷ ଗ୍ରହ—ସଂ. ବି (ତୁଷ=ତଷ + ଗ୍ରହ ଧାତୁ + କର୍ତ୍ତୃ. ଅ)—ଅଗ୍ନି—Fire.
Tusha graha

ତୁଷ ସାର—ସଂ. ବି (ବହୁବ୍ରୀହି; ତୁଷ + ସାର)—ଅଗ୍ନି—The fire.
Tusha sāra

ତୁଷାନଳ—ସଂ. ବି (ମ. ପ. ଲୋ. ତୁଷ ଦ୍ୱାରା ପ୍ରାପ୍ତ ଅନଳ)—୧ । ତଷ ନିଆଁ A fire made of chaff.
Tushānala
(ତୁଷାଗ୍ନି—ଅନ୍ୟରୂପ) [ଦ୍ର—ଶୁଖିଲା ଘାସ କୁଟା ଓ ଘଷିର ନିଆଁକୁ ମଧ୍ୟ ତୁଷାନଳ ବୋଲାଯାଏ —ହି. ଶବ୍ଦସାଗର ।]
୨ । ତଷ ନିଆଁ ଦ୍ୱାରା ଶରୀରଦାହରୂପ ପ୍ରାୟଶ୍ଚିତ୍ତବିଶେଷ—
2. A kind of expiation for sin by being burnt to death
[ଦ୍ର—କୁମାରିଲ ଭଟ୍ଟ ତୁଷାନଳ ଦ୍ୱାରା ଦଗ୍ଧ ହୋଇ ମରିଥିଲେ—ହି. ଶବ୍ଦସାଗର ।]

ତୁଷାମ୍ବୁ—ସଂ. ବି (ମ. ପ. ଲୋ. ତୁଷ ମିଶ୍ରିତ ଅମ୍ବୁ)—ତଷ ସହିତ ଯବଧାନକୁ କୁଟି ତାହାକୁ ସଡ଼ାଇ ତିଆର କରିବା ଏକପ୍ରକାର କାଞ୍ଜି—A kind of fermented gruel made with barley grains pounded with chaff and put in water.
Tushāmbu
(ତୁଷୋତ୍ଥ, ତୁଷୋଦକ—ଅନ୍ୟରୂପ)
[ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଅଗ୍ନିଦୀପକ, ପାଚକ, ହୃଦୟଗ୍ରାହୀ ଓ ତୀକ୍ଷ୍ଣ—ହି. ଶବ୍ଦସାଗର ।]

ତୁଷାର—ସଂ. ବି (ତୁଷ. ଧାତୁ + କର୍ତ୍ତୃ. ଅର)—୧ । ଜଳକଣା—1. Minute particles of water.
Tushāra
୨ । ନୀହାର; କାକର—2. Hoar-frost; dew.
୩ । ବରଫ—3. Ice; snow.
୪ । ଶୀତ; ହିମ—4. Cold.
୫ । କୁହୁଡ଼ି—5. Mist; fog.
୬ । ଏକପ୍ରକାର କର୍ପୂର; ଚୀନା କର୍ପୂର—
6. A kind of camphor
୭ । ପ୍ରାଚୀନ ଦେଶବିଶେଷ—
7. Name of an ancien t country.
[ଦ୍ର—ଏହା ହିମାଳୟର ଉତ୍ତର । ଏହା ଉତ୍କୃଷ୍ଟ ଘୋଡ଼ା ପାଇଁ ପ୍ରସିଦ୍ଧ ଥିଲା; ଏହି ଦେଶବାସୀ ଶକ ଜାତିର ଶାଖା ଅଟନ୍ତି । ହି. ଶବ୍ଦସାଗର ।]

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଷ,ଷ	ଙ୍କ	ଇଦୃ	ଉଅ	ଓ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଔ	ନା

ବିଣ—ଅତ୍ୟନ୍ତ ଶୀତଳ—Very cold.

ତୁଷାର ଋତୁ—ଦେ. ବି—ଶୀତଋତୁ—
Tushāra ṛutu The winter season.

ତୁଷାର କଣ(ଣା)—ସଂ. ବି (୬ଷ୍ଠୀ ତତ୍; ତୁଷାର+କଣ, କଣା)—
Tushārakaṇa(ṇā) ୧ । ବରଫର କ୍ଷୁଦ୍ର ଖଣ୍ଡ—
1. Minute flakes of snow.
୨ । କାକରର କ୍ଷୁଦ୍ର କ୍ଷୁଦ୍ର ବିନ୍ଦୁ—
2. Minute drops of dew.

ତୁଷାର ଗିରି—ସଂ. ବି (ମ. ପ. ଲୋ. ତୁଷାରପୂର୍ଣ୍ଣ ଗିରି)—
Tushāra giri ହିମାଳୟ ପର୍ବତ—The Himalayan mountain.
(ତୁଷାରପର୍ବତ, ତୁଷାରଶିଖରୀ, ତୁଷାରାଦ୍ରି, ତୁଷାରଶୃଙ୍ଗୀ—ଅନ୍ୟରୂପ)

ତୁଷାର ଗୌର—ସଂ. ବିଣ—ବରଫ ପରି ଧଳା—
Tushāra gaura Snow-white.
ସଂ. ବି—କର୍ପୂର (ହି. ଶବ୍ଦସାଗର)—Camphor.

ତୁଷାର ଧବଳ—ସଂ. ବିଣ-୧ । (ତୁଷାରବତ୍ ଧବଳ; ରୂପକ କର୍ମଧା)—
Tushāra dhabaḷa ବରଫ ପରି ଧଳା—
1. White as snow; snow-white.
୨ । (୭ମୀ ତତ୍)—ଉପରେ ବରଫ ପଡ଼ିଥିବାରୁ ଧଳା—
2. Snow-covered and looking white.

ତୁଷାର ପାତ—ସଂ. ବି (୬ଷ୍ଠୀତତ୍;ତୁଷାର+ପାତ)—୧ । ବରଫ ପଡ଼ିବା—
Tushāra pāta 1. Snow-fall.
୨ । କାକର ପଡ଼ିବା—2. Fall of dew.

ତୁଷାର ମୂର୍ତ୍ତି—ସଂ. ବି (ବହୁବ୍ରୀହି; ତୁଷାର+ମୂର୍ତ୍ତି; ତୁଷାର ପରି ଶୀତଳ
Tushāra mūrtti ମୂର୍ତ୍ତି ଯାହାର)—ତୁଷାରାଂଶୁ (ଦେଖ)
Tushārāṁśu (See).

ତୁଷାର ରେଖା—ଦେ. ବି (ଭୌଗୋଳିକ ପରିଭାଷା)—ଯେଉଁ କଳ୍ପିତ
Tushāra rekhā ଉଚ୍ଚସୀମା ବା ରେଖା ଉପରେ ପଡ଼ିବା
ବରଫ ବର୍ଷକଯାକ ଅଦୌ ତରଳେ ନାହିଁ—
(geography) Snow-line.

ତୁଷାର ଶିଖର—ସଂ. ବି (ବହୁବ୍ରୀହି; ତୁଷାର+ଶିଖର)—
Tushāra śikhara ତୁଷାର ଗିରି (ଦେଖ)
(ତୁଷାର ଶୃଙ୍ଗ—ଅନ୍ୟରୂପ) Tushāra giri (See)
ସଂ. ବିଣ—ଯେଉଁ ପର୍ବତର ଶୃଙ୍ଗ ତୁଷାରାବୃତ—
Snow-topped (mountain).

ତୁଷାର ସାର—ସଂ. ବି (୬ଷ୍ଠୀ. ତତ୍; ତୁଷାର+ସାର)—ଶୀତଳତା—
Tushāra sāra Coolness
ଚୂର୍ଣ୍ଣିତବନଜଳାର ସାର, ଚନ୍ଦ୍ରକାତପ ତୁଷାର ସାର ।
କବିସୂର୍ଯ୍ୟ; କଳୋଗାବତମ୍ବୁ ତ. ଗୀତ ।

ତୁଷାରାଂଶୁ—ସଂ. ବି (ବହୁବ୍ରୀହି; ତୁଷାର+ଅଂଶୁ; ତୁଷାର ଅର୍ଥାତ୍
Tushārāṁśu ଶୀତଳ ଅଟେ ଅଂଶୁ ଯାହାର)—ହିମାଂଶୁ;
ତୁଷାର କର } ଚନ୍ଦ୍ରମା;ଚନ୍ଦ୍ର—The moon.
ତୁଷାର ରଶ୍ମି }—ଅନ୍ୟରୂପ

ତୁଷାରାଚ୍ଛନ୍ନ—ସଂ. ବିଣ (୩ୟା ତତ୍; ତୁଷାର+ଆଚ୍ଛନ୍ନ)—ତୁଷାର
Tushārāchhanna (କୁହୁଡ଼ି ବା ବରଫ) ଦ୍ୱାରା ଆଚ୍ଛନ୍ନ)—
(ତୁଷାରାବୃତ-ଅନ୍ୟରୂପ) Covered with snow or fog;
foggy; snow-clad.

ତୁଷାରାଦ୍ରି—ସଂ.ବି (ମ.ପ.ଲୋ; ତୁଷାର+ଅଦ୍ରି)—ତୁଷାର ଗିରି (ଦେଖ)
Tushārādri Tushāra giri (See)

ତୁଷିତ—ସଂ. ବି. (ତୁଷ୍ ଧାତୁ+ସଂଜ୍ଞାର୍ଥେ ଇତ)—୧ । ଗଣଦେବତା-
Tushita ବିଶେଷ—1 Name of a class of collective
Dieties.
[ଦ୍ର—ଏ ଗଣଦେବତାମାନେ ସଂଖ୍ୟାରେ ୧୨ ଅଟନ୍ତି ଓ
ମନ୍ୱନ୍ତର ଅନୁସାରେ ଏମାନେ ଆପଣା ଆପଣା ଭିତରେ ନାମ ବଦଳା-
ବଦଳି କରନ୍ତି—ହି. ଶବ୍ଦସାଗର]—
୨ । ବିଷ୍ଣୁ (ହି. ଶବ୍ଦସାଗର)—A name of Bishṇu.
୩ । ବୌଦ୍ଧ ଶାସ୍ତ୍ରୋକ୍ତ ସ୍ୱର୍ଗବିଶେଷ—3 Name of a
heaven of the Buddhists.

ତୁଷ୍ଟ—ସଂ. ବିଣ (ତୁଷ. ଧାତୁ+କର୍ତ୍ତୃ. ତ)—୧ । ଆହ୍ଲାଦିତ;ଆନନ୍ଦିତ—
Tushṭa 1. Gladdened.
(ତୁଷ୍ଟତା, ତୁଷ୍ଟି-ବିଶେଷ୍ୟ) ୨ । ତୃପ୍ତ—2. Gratified; pleased.
୩ । ସନ୍ତୁଷ୍ଟ—3. Satisfied; content.

ତୁଷ୍ଟି—ସଂ. ବି (ତୁଷ. ଧାତୁ+ଭାବ. ତି)—୧ । ସନ୍ତୋଷ—
Tushṭi 1 Contentment,
୨ । ତୃପ୍ତି—2 Gratification; satisfaction.
[ଦ୍ର—ସାଂଖ୍ୟ ମତରେ ତୁଷ୍ଟିକୁ ଆଧ୍ୟାତ୍ମିକ ୪ ପ୍ରକାର ଓ ବାହ୍ୟିକ
୫ ପ୍ରକାର, ଏପରି ୯ ଶ୍ରେଣୀରେ ବିଭକ୍ତ କରାଯାଇଅଛି, ହି.ଶ.ସା]
୩ । ଆନନ୍ଦ; ହର୍ଷ—3. Pleasure; gladness.
୪ । କଂସର ଆଠ ଭାଇ ମଧ୍ୟରୁ ଏକ (ହି. ଶବ୍ଦସାଗର)—
4. One of the 8 brothers of king Kaṁsa.
୫ । ତନ୍ତ୍ରୋକ୍ତ ଷୋଡ଼ଶମାତୃକା ମଧ୍ୟରୁ ଏକତମା—
5. The name of one of t[illegible] mother-
Goddesses of the Tantras.

ତୁଷ୍ଟିଁଭାବ—ଗ୍ରା. ବି. (ସଂ. ତୁଷ୍ଣୀଂଭାବର ଅଶୁଦ୍ଧ ଉଚ୍ଚାରଣ)—
Tushṭiṅ bhāba ତୂଷ୍ଣୀଂ ଭାବ (ଦେଖ)—Tūshṇiṁ-bhāba
(See).

ତୁଷ୍ଟିଁଭୂତ—ଗ୍ରା. ବିଣ (ସଂ. ତୂଷ୍ଣୀଂ ଭୂତର ଅଶୁଦ୍ଧ ଉଚ୍ଚାରଣ)—
Tushṭiṅ bhuta ତୂଷ୍ଣୀଂଭୂତ (ଦେଖ) Tūshṇiṁbhuta (See)

ତୁଷ୍ଟିମାନ୍—ସଂ. ବିଣ (ତୁଷ୍ଟି+ଅସ୍ତି ଅର୍ଥେ ମତ୍)—ସନ୍ତୋଷଯୁକ୍ତ—
Tushṭimān Contented.
ବି. (ଭାଗବତ) ଉଗ୍ରସେନର ପୁତ୍ର;କଂସର ଭାଇ (ଅନ୍ୟନାମ ତୁଷ୍ଟି)
A brother of King 'Kaṁsa'.

ତୁଷ୍ଟୁ—ସଂ. ବି—(ତୁଷ୍ ଧାତୁ=ସନ୍ତୁଷ୍ଟ କରିବା+କର୍ତ୍ତୃ ତୁ)—
Tushṭu କର୍ଣ୍ଣସ୍ଥ ମଣି—A gem worn in the ear.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ଦେଖିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତୁସ୍ (ଧାତୁ)—ସ.—ଶବ୍ଦ କରିବା—To make a sound.
Tus (root)

ତୁସ—ସ୍ତ୍ରୀ. ବି—ତୁଷ (ଦେଖ)—Tūsha (See)
Tusa

ତୁସ୍ତ—ସ. ବି (ତୁସ୍ ଧାତୁ+ଭାବ. ତ)—୧ । ଚୂନା; ଧୂଳି—
Tusta 1. Dust; powder
୨ । ସୂକ୍ଷ୍ମ ଅଣୁ—2. Minute particle.
୩ । ପୁଷ୍ପ ରଜଃ—3. The farina or pollen of a flower.
୪ । ସ୍ତ୍ରୀ ରଜଃ—4. The menstrual flux.

ତୁଷ୍ଟି—ଗ୍ରା. ବି. (ସ. ସ୍ତୁତିର ଅଶୁଦ୍ଧ ଉଚ୍ଚାରଣ)—
Tusti ୧ । ସ୍ତୁତି; ସ୍ତବ—1. Prayer.
(ନିନ୍ଦା—ବିପରୀତ) ୨ । ପ୍ରଶଂସା—2 Praise.

ତୁହ୍ (ଧାତୁ)—ସ—ପୀଡ଼ା ଦେବା—
Tuh (root) To give pain; to trouble

ତୁହା—ଦେ. ବି—ତୁଅ; ଥର; ବାର—
Tuhā Time; occasion.
बार ଥରକେ ଯେବେ ଲୋକ, ନୋହିବ ଜାଗରୁକ, କହିବା କେତେ ତୁହା
दफा ତୁହାକୁ ଗୋ । ବନସ ସଂ. ସଙ୍ଗୀତ ।

ତୁହାଇ—ଦେ. କ୍ରି. ବିଣ—ବାରମ୍ବାର—
Tuhāi Repeatedly.
बारबार ମାଗିଲି ପଣ କଥ ସେ ତୁହାଇ ।
•बारंबार ବୃନ୍ଦା ଦି. ମହାଭାରତ. ଅବ ।

ତୁହାଇବା—ଦେ. କ୍ରି. (ସ. ଦ୍ୱିବାର, ତ୍ରିବାର)—
Tuhāibā ୧ । ବାରମ୍ବାର କହିବା—1. To rapeat saying of thing.
दुहराना
୨ । ଥରକୁଥର କୌଣସି କାର୍ଯ୍ୟ କରିବା; ଲଗେଇବା—
2. To do a thing repeatedly.

ତୁହାଇ ତୁହାଇ—ଦେ. କ୍ରି. ବିଣ—ବାରମ୍ବାର; ଥରକୁ ଥର—
Tuhāi tuhāi Repeatedly; over and over.
बारंबार ତୁହାଇ ତୁହାଇ ପୁଣ ଦେଖ ଥଲେ ଲୁହା ନ ହୋଇବ ସୁନା—ଚଗ ।
बारंबार

ତୁହାକୁ ତୁହା—ଦେ. କ୍ରି. ବିଣ—ତୁହାଇ ତୁହାଇ (ଦେଖ)
Tuhāku tuhā Tuhāi tuhāi (See)
ତୁହାକୁ ତୁହା ବର୍ଷା ହେଉଛି । ଫକୀରମୋହନ. ଛମାଣ.ଅଠଗୁଣ୍ଠ ।
(ତୁହା ତୁହାକୁ—ଅନ୍ୟରୂପ)

ତୁହି—ଦେ. ସର୍ବନାମ (ସ. ତ୍ୱଂ. ପ୍ରା. ତୁହ)—
Tuhi (ଘୃଣା, ଅତି ପରିଚୟ ଓ ଅନାଦରାର୍ଥ) ତୁଇ—
तुई Thou (used is contempt, familiarity and disregard).
तू
ତ୍ରିପୁ ସହୁ ! ପରମାଦ ବଡ଼ ତୁହି ଗୋ । କବିସୂର୍ଯ୍ୟ, କଲୋଲାଚମ୍ପୂ, ୫ ଗୀତ ।

ତୁହିନ—ସ. ବି (ତୁହ୍ ଧାତୁ=ପୀଡ଼ାଦେବା+କର୍ତ୍ତୃ. ଇନ)—
Tuhina ୧ । ହିମ—1. Cold.
୨ । କୁହୁଡ଼ି—2. Mist; fog.
୩ । କାକର—3. Dew; hoarfrost.
୪ । ଚନ୍ଦ୍ରକିରଣ; ଜ୍ୟୋତ୍ସ୍ନା—4. Moonlight.
ବିଣ—୧ । ଶୀତଳ; କାକର; ଥଣ୍ଡା—
1. Cold; cool.
୨ । ହେମ କାକର; ବରଫ ପରି ଥଣ୍ଡା—2. Ice-cold.
ଗ୍ରା (ପଦ୍ୟ) ବାକ୍ୟ (ଓ. ତୁ+ସ. ହୀନ) ତୁ ହୀନ ଅଟୁ—
Thou art mean.
କହାଲା ତୁହିନ ବୋଲିଛ ଜାଣି
ତଦର୍ଥ କରୁ ତ ପଡ଼ିଶ୍ରେଣୀ—ଉପେନ୍ଦ୍ର, ବୈଦେହୀଶବିଳାସ ।

ତୁହିନ କର—ସ. ବି (ବହୁବ୍ରୀହି; ତୁହିନ+କର)—୧ । ଚନ୍ଦ୍ର—
Tuhina kara 1. The moon.
(ତୁହିନରଶ୍ମି, ତୁହିନାଂଶୁ—ଅନ୍ୟରୂପ) ୨ । କର୍ପୂର—
2. Camphor.

ତୁହିନ ଗିରି—ସ. ବି (ମ.ପ. ଲୋ. ତୁହିନାବୃତ ଗିରି)—ହିମାଳୟପର୍ବତ—
Tuhina giri The Himalayan mountain.
(ତୁହିନଶିଖରୀ, ତୁହିନାଦ୍ରି—ଅନ୍ୟରୂପ)

ତୂ (ଧାତୁ)—ସ.—୧ । ହିଂସା କରିବା; ବଧ କରିବା—
Tū root) 1. To envy; to kill.
୨ । ବୃଦ୍ଧିପାଇବା—2. To increase.

ତୂଣ୍ (ଧାତୁ)—ସଂ—ପୂର୍ଣ୍ଣ ହେବା—
Tūṇ (root) To be filled.

ତୂଣ—ସ. ବି (ତୂଣ୍ ଧାତୁ+କର୍ତ୍ତୃବାଚ୍ୟ. ଅ; ଯାହା ବାଣରେ ପୂର୍ଣ୍ଣ ଥାଏ)—
Tūṇa ୧ । ଶରମୁଣା; ବାଣ ରଖିବାର ଥଳି ବା ଖୋଳ; ଶରଧି—
(ତୂଣୀ—ଅନ୍ୟରୂପ) 1. A quiver (for arrows).
୨ । ତୂଣକ (ଦେଖ)—Tūṇaka (See)
ଗ୍ରା. ବି. (ସ. ତେମନ; ତୂଣାନ୍ନ)—ବ୍ୟଞ୍ଜନ; ତିଅଣ—Curry.

ତୂଣକ—ସ. ବି—ସଂସ୍କୃତର ଛନ୍ଦୋବିଶେଷ; ଏଥିରେ ୧୫ ଗୋଟି
Tūṇaka ଅକ୍ଷର ଥାଏ; ଏଥିର ଅଯୁଗ୍ମ ବର୍ଣ୍ଣମାନ ଗୁରୁ ଓ ଯୁଗ୍ମ ବର୍ଣ୍ଣମାନ ଲଘୁ—A measure of verse with 15 letters in which the odd letters are long and even letters short.
(ଯଥା—ଗ୍ଲମ ଗ୍ଲମ ଗ୍ଲମ ଗ୍ଲମ ଗ୍ଲମ ଗ୍ଲମ ଗ୍ଲମ ଗେ ।)

ତୂଣୀ—ସ. ବି. (ତୂଣ ଧାତୁ+ସ୍ୱାର୍ଥେ. ଈ)—୧ । ତୂଣ; ଶରମୁଣା—
Tūṇi 1. Quiver for arrows.
୨ । ନୀଳଗଛ—2. Indigo plant.
୩ । ମୂତ୍ରାଶୟରୁ ବ୍ୟଥା ଉଠିବା ବାତରୋଗବିଶେଷ (ହି. ଶବ୍ଦସାଗର)—3. A kind of disease.
ସ. ବିଣ. ପୁଂ. (ତୂଣ+ଇନ୍; ୧ମା. ୧ବ)—ତୂଣଧାରୀ—
Bearing a quiver.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍ଥ	ଉଥ	ଞ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଂ୍ୟ	ଇଅ	୭	ନ୍ନ

ତୂଣୀକ— ସଂ. ପୁ—ତୁନ୍ ଗଛ (ଦ୍ର. ଶବ୍ଦସାଗର) (ଦେଖ)
Tūṇika — The toon tree; Tun (See)

ତୂଣୀର—ସଂ. ପୁ. (ତୂଣ ଧାତୁ+କର୍ମ ଈର)—ତୂଣ (ଦେଖ)
Tūṇira — Tūṇa (See)

ତୂତକ—ସଂ. ପୁ—ତୁତିଆ—
Tūtaka — Blue vitriol; copper sulphate.

ତୂଦା—ଦେଶଜ. ବି. (ପା.)—୧ । ରାଶି; ଗଦା —
Tūdā — 1. Heap.
ତୁଦା ୨ । ସୀମାର ଚିହ୍ନ—2. Boundary-mark.
तूदा ୩ । ତୀର, ବନ୍ଧୁକ ଆଦିଦ୍ୱାରା ଲକ୍ଷ୍ୟଭେଦ ଶିକ୍ଷା କରିବା ପାଇଁ ପ୍ରସ୍ତୁତ ମାଟି ଗଦା —
3. A mound of earth to which beginners aim arrows and bullets during target-practice.

ତୂବର—ସଂ. ପୁ. (ତୂ ଧାତୁ+ବର)—୧ । ଅଜାତଶୃଙ୍ଗ ଗୋରୁ—
Tūbara — 1. Cattle which has not yet grown horns.
(ତୁବରକ—ଅନ୍ୟରୂପ)
୨ । ଶୃଙ୍ଗହୀନ ବୃଷ—2. A hornless bull.
୩ । ମାଖୁନ୍ଦା ବା ଶ୍ମଶ୍ରୁହୀନ ଲୋକ—
3. A beardless man.
୪ । ନପୁଂସକ—4. An eunoch,
୫ । କଷାୟ ରସ—5. Astringent taste.
ବରତମାନରେ ତାହା ସ୍ୱାଦନ କଲେ ଅତି ତୂବର—
ଉପେ. ବୈଦେହୀଶବିଳାସ ।
ବିଣ—୧ । କଷା —1. Of astringent taste.
୨ । ନପୁଂସକ—2. Neuter; unmanly.

ତୂବରିକା—ସଂ. ସ୍ତ୍ରୀ. (ତୂବର+ଇକ+ସ୍ତ୍ରୀ. ଆ)—ଫିଟକରି; ଟାଙ୍କଣା—
Tūbarikā — Borax

ତୂବରୀ—ସଂ. ସ୍ତ୍ରୀ. (ତୂବର+ସ୍ତ୍ରୀ. ଈ)—ସୌରାଷ୍ଟ୍ର ମୃତ୍ତିକା—
Tūbarī — Earth or yellow soil of Gujerat.

ତୂର୍ (ଧାତୁ)—ସଂ । ୧ । ଶୀଘ୍ର ଗମନ କରିବା—
Tūr (root) — 1. To move quickly or swiftly.
୨ । ହିଂସା କରିବା—
2. To injure; to kill; to envy.

ତୂର—ସଂ. ପୁ. (ତୂର୍ ଧାତୁ=ଶୀଘ୍ର ଗମନ କରିବା+କର୍ତ୍ତୃ ଅ)—
Tūra ୧ । ତୂର୍ଯ୍ୟ; ଭେରୀ—1. A bugle; trumpet.
୨ । କାହାଳୀ; ପେଁପେଁ କାଳୀ; ପିତ୍ତଳ ନିର୍ମିତ ମହୁରୀ—
2. Clarionet.
ଅଗରେ ବାଜନ୍ତି ଯେ ବାଜଇ ସାର ତୂର
ବୋଷାଧୁ ବୋଲଇ ତୁମ୍ଭେ ଶୁଣ ସବନର—ଜଗନ୍ନାଥ. ବଦନସ୍ତମାସ୍ତଣ ।
୩ । (+ଭାବ. ଅ) ବେଗ—3. Speed (Apte).
୪ । (+କର୍ତ୍ତୃ.ଅ) ହରକରା; ଧାଉଡ଼ିଆ—
4. Courier (Apte).
୫ । (+ଭାବ. ଅ) ତ୍ୱରାନ୍ୱିତ ହେବା—
5. Hastening (Apte).

ତୂରୀ—ସଂ. ସ୍ତ୍ରୀ. (ତୂର୍ ଧାତୁ+ଈ)—୧ । ତୂର (ଦେଖ)
Tūrī — 1. Tūra (See)
ସିଂହଦ୍ୱାରେ ବହି ବଜାଇଲେ ଢୋଲ ତୂରୀ
ନୃପଙ୍କ ଛାମୁରେ ଯାଇଁ ଜଣାଇଲେ ଦ୍ୱାରୀ ଯେ—ଉପେ. ଲାବଣ୍ୟବତୀ ।
୨ । ଧୁତୁରା—2. Thorn apple (Apte)

ତୂର୍ଣ୍ଣ—ସଂ. ବିଣ. (ତୂର୍ ଧାତୁ=ଶୀଘ୍ର ଗମନ କରିବା+କର୍ତ୍ତୃ. ତ)—
Tūrṇṇa ତ୍ୱରାନ୍ୱିତ ବେଗୀ; ଦ୍ରୁତ—
Speedy; hasty; brisk; swift.
ସଂ. କ୍ରି. ବିଣ. (ସଂ. ତୂର୍ଣ୍ଣଂ; ତୂର୍ ଧାତୁ+ତ)—ଅବିଳମ୍ବେ; ଅତିଶୀଘ୍ର; ସତ୍ୱର; ତ୍ୱରିତ; ତୁରନ୍ତ—
Sharp; speedily; swiftly; hastily.
ପାଞ୍ଚେହ ଯିବ ଉଠି ତାହାକୁ ତୂର୍ଣ୍ଣରେ—କୃଷ୍ଣସିଂହ. ମହାଭାରତ. ବନ ।

ତୂର୍ଣ୍ଣି—ସଂ. ସ୍ତ୍ରୀ. (ତୂର୍ ଧାତୁ+ଭାବ ନି)—୧ । ବେଗ—
Tūrṇṇi — 1. Speed; force; swiftness.
୨ । (+କର୍ତ୍ତୃ. ନି) ମଳ; ବିଷ୍ଠା—2. Excrement.
୩ । ମନ—3. The mind.
୪ । (+ଭାବ. ନି) ତ୍ୱରା—4, Haste.
୫ । (+କର୍ତ୍ତୃ. ନି) ଶ୍ଳୋକ—5. A stanza.

ତୂର୍ଯ୍ୟ—ସଂ. ପୁ. (ତୂର୍ ଧାତୁ+କର୍ମ. ଯ; ବା ଚତୁର+ଯ)—
Tūrjya ୧ । ବାଦ୍ୟଯନ୍ତ୍ରବିଶେଷ—
(ତୂର୍ଯ—ଅନ୍ୟରୂପ) 1. A musical instrument.
୨ । ଏକତ୍ର ବାଦିତ ବହୁଧ ବାଦ୍ୟ—
2. Many musical instrments struck simultaneously; a band of musical instruments.
୩ । (ଚତୁର+ସମ୍ବନ୍ଧାର୍ଥେ. ଯ; ଚତୁର ସ୍ଥାନରେ ତୁର୍ ଆଦେଶ) ଚତୁର୍ଥାଂଶ —
3. A fourth part; a quarter.
୪ । ଯୋଗର ଚତୁର୍ଥ ଅବସ୍ଥା; ତୁରୀୟ ଅବସ୍ଥା—
4. The fourth step in joga-practice.

ତୂର୍ଯ୍ୟଖଣ୍ଡ—ସଂ. ପୁ—ଖଞ୍ଜଣୀ—
Tūrjya khaṇḍa — Tabor (Apte; M. W.).
(ତୂର୍ଯ୍ୟ ଗଣ୍ଡ—ଅନ୍ୟରୂପ)

ତୂର୍ଯ୍ୟାଚାର୍ଯ୍ୟ—ସଂ. ପୁ. (ଷଷ୍ଠୀ ତତ୍; ତୂର୍ଯ୍ୟ+ଆଚାର୍ଯ୍ୟ)—ବାଦ୍ୟଶିକ୍ଷକ; ଓସ୍ତାଦ୍—
Tūrjyāchārjya — Music master; band-master.

ତୂର୍ଯ୍ୟାଜୀବ—ସଂ. ପୁ. (ବହୁବ୍ରୀହି; ତୂର୍ଯ୍ୟ=ବାଦ୍ୟ+ଆଜୀବ=ଜୀବିକା ଯାହାର)—ବାଜାବାଲା; ବାଦ୍ୟ ବ୍ୟବସାୟୀ—
Tūrjyājība — A musician by profession.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତୂଲ୍ (ଧାତୁ)— ସଂ.— ୧ । ଓଜନ କରିବା—
Tūl (root) 1. To weigh
୨ । ଘଉଡ଼ି ଦେବା—2. To drive out (Apte).
୩ । ପୂର୍ତ୍ତି କରିବା—3 To fill (Apte).
୪ । ମାପିବା—4. To measure.

ତୂଳ— ସଂ. ବି. (ତୂଲ୍ ଧାତୁ=ଓଜନ କରିବା+ଅ)— ୧ । ତୁଳା—
Tūla 1. Picked cotton.
୨ । ଶିମିଳିତୁଳା— 2. Simmul cotton; silk cotton
୩ । ଆକାଶ—3. The sky
୪ । ତେନ୍ତୁଳି ଗଛ—4. Tamarind tree.
୫ । ତୁଟ ଗଛ—
5. The mulberry tree.
୬ । ଘାସର ବିଡ଼ା—
6. A tuft of grass (Apte).
୭ । ଧାତୁରା—7. Thorn apple (Apte).
୮ । ବାୟୁ ମଣ୍ଡଳ—8. Atmosphere; air (Apte).
୯ । ଫୁଲର କେଣ୍ଡା—
9. A panicle of flowers (Apte).

ତୂଳକ— ସଂ. ବି. (ତୂଳ+ସ୍ୱାର୍ଥେ. କ)— କପା—
Tūlaka Picked cotton.

ତୂଳ କାର୍ମ୍ମୁକ— ସଂ. ବି. (ତୂଳ+କାର୍ମ୍ମୁକ)—
Tūla kārmmuka ତୁଳା ଧୁଣିବାର ଧନୁଆକାର ଯନ୍ତ୍ର—
(ତୂଳଚାପ, ତୂଳଧନୁଃ—ଅନ୍ୟରୂପ) The cotton-carding bow.

ତୂଳ ନାଳ(ଳୀ)— ସଂ. ବି. (୬ଷ୍ଠୀ ତତ୍; ତୂଳ+ନାଳ; ନାଳୀ)—
Tūla nāli(lī) ତୁଳାର ବରଣା; ତୁଳା ବଳା ହୋଇ କଟା
(ତୂଳ ନାଳିକା—ଅନ୍ୟରୂପ) ଯାଇଥିବା ଲମ୍ବ ପିଣ୍ଡ—
A skein of cotton; twist cotton; a thick roll of cotton drawn out for spinning.

ତୂଳ ବୃକ୍ଷ— ସଂ. ବି— ଶିମିଳି ଗଛ—
Tūla bruksha. The silk-cotton tree.

ତୂଳ ଶର୍କରା— ସଂ. ବି. (ତୂଳ=ତୁଳା+ଶର୍କରା=ଗୋଡ଼ି)—
Tūla śarkarā ତୁଳା ମଞ୍ଜି— Cotton seed.

ତୂଳ ସେଚନ— ସଂ. ବି. (୬ଷ୍ଠୀ ତତ୍; ତୂଳ=ତୁଳା+ସିଚ୍ ଧାତୁ=
Tūla sechana ସେଚନ କରିବା+ଭାବ, ଅନ)—
ତୁଳାରୁ ସୂତା କାଟିବା—Act of spinning.

ତୂଳା— ସଂ. ବି. (ତୂଳ ଧାତୁ+କର୍ମ୍ମ ଅ+ଆ)—
Tūlā ୧ । କପା ଗଛ—1. The cotton tree.
୨ । ଦୀପର ବତି; ବଳିତା—
2. The wick of a lamp (Apte).

ତୂଳା କୋଟୀ— ସଂ. ବି— ତୁଳା କୋଟୀ ୧ (ଦେଖ)
Tūlā koṭī Tulā koṭī 1 (See)

ତୂଳି— ସଂ. ବି— ତୁଳି (ଦେଖ)
Tūli Tuli (See)
ଗୁଳି ଫୁଲମାଳୀ ମାଳୀ ଗ୍ରାସ୍ରେ ପାତ ତୂଳି ତୂଳ ତୂଳକେ ତନ ଲେଖିବ ଘନ ଘନ ।
ଉତ୍କ· ପ୍ରେମସୁଧାନିଧି ।

ତୂଳିକ— ଦେ. ବି— ତୁଳିକ (ଦେଖ)
Tūlika Tulika (See)
ଗୁଳି ଫୁଲ ମାଳୀ ମାଳୀ ଗ୍ରାସ୍ରେ ପତ ତୂଳିତୂଳ ତୂଳକେ ତନ ଲେଖିବ ଘନ ଘନ ।
ଉତ୍କ· ପ୍ରେମସୁଧାନିଧି ।

ତୂଳିକା— ସଂ. ବି (ତୂଳ+କ+ଆ)— ୧ । ତୁଳି (ଦେଖ)
Tūlikā 1. Tuli (See)
୨ । କାଠକୁ ଛିଦ୍ର କରିବା ଯନ୍ତ୍ର—
2. A boring instrument (Apte).
୩ । ଧାତୁ ତରଳା ହୋଇ ଛାଞ୍ଚ ହେବା ଯନ୍ତ୍ର—
3. An ingot mould (Apte).
୪ । ଘାଆର ଗଭୀରତା ପରୀକ୍ଷାର୍ଥ ବ୍ୟବହୃତ କାଠି—
4. A probing rod (Apte).

ତୂଳିନୀ— ସଂ. ବି. ସ୍ତ୍ରୀ. (ତୂଳ+ଇନ୍+ସ୍ତ୍ରୀ. ଈ)— ଶିମିଳି ଗଛ—
Tūlinī The silk cotton tree; Bombax
(ତୂଳଫଳା—ଅନ୍ୟରୂପ) Malabarica.

ତୂଳୀ— ସଂ. ବି. (ତୂଳ ଧାତୁ+ଈ)—
Tūlī ୧ । ତୁଳା—1. Cotton.
୨ । ଦୀପର ବତି—
2. The wick of a lamp (Apte).
୩ । ତନ୍ତୀର ତାଷଣ—3. A weaver's fibrous stick or brush (Apte).
୪ । ଚିତ୍ରକରର ଚିତ୍ର-ଲେଖନୀ—
4. A painter's brush (Apte).
୫ । ନୀଳ ଗୁଳ୍ମ—5 The indigo plant (Apte).

ତୂଷ୍ (ଧାତୁ)— ୧ । ତୃପ୍ତ ହେବା—
Tūsh (rot) 1. To be satisfied.
୨ । ତୃପ୍ତ କରିବା—2. To satisfy; to please.

ତୂଷ— ସଂ. ବି— ତୁଷ ୧ (ଦେଖ)
Tūsha Tusha 1 (See)
ଏ ସବ ମାଗର ଯେମନ୍ତେ
ତୂଷ ମାଗିବା ଅନନ୍ତେ । ଜଗନ୍ନାଥ. ଭାଗବତ ।

ତୂଷ୍ଣୀ— ଦେ. ଅ. (ସଂ. ତୂଷ୍ଣୀଂ)— ତୂଷ୍ଣୀଂ (ଦେଖ)
Tūshṇī Tūshṇīm (See)

ତୂଷ୍ଣୀଂ— ସଂ. ଅ. (ତୂଷ୍ ଧାତୁ+ଣୀଂ)— ୧ । ନୀରବରେ; ମୌନ ହୋଇ—
Tūshṇīm 1. Silently.
୨ । ଶୀଘ୍ର; ଦ୍ରୁତପଦଃ—2. Quickly (Apte).
୩ । ଗୋଳମାଳ ନ କରି—
3 Without noise (Apte).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଜ୍ଞ	ଇସ୍ତ	ଋଅ	ଛ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଐ	କ୍ଷ

ତୂଷ୍ଣୀଂ ଭାବ—ସଂ. ବ—ମୌନାବସ୍ଥା; ନୀରବତା—
Tūshṇimbhāba Silence; reticence.

ତୂଷ୍ଣୀଭାବ—ଦେ. ବ—ତୂଷ୍ଣୀଂ ଭାବ (ଦେଖ)
Tūshṇi bhāba Tūshṇim bhāba (See)

ତୂଷ୍ଣୀଭୂତ—ଦେ. ବଣ. (ସଂ. ତୂଷ୍ଣୀମ୍ଭୂତ)—ତୂଷ୍ଣୀମ୍ଭୂତ (ଦେଖ)
Tūshṇibhūta Tūshṇimbhūta (See)

ତୂଷ୍ଣୀମ୍ଭୂତ—ସଂ. ବଣ. ପୁଂ. (ତୂଷ୍ଣୀଂ+ଭୂତ)—ନୀରବ; ମୌନୀ—
Tūshṇimbhūta Silent; become silent or grave
(ତୂଷ୍ଣୀଂଭୂତ—ଅନ୍ୟରୂପ) (ତୂଷ୍ଣୀମ୍ଭୂତା—ସ୍ତ୍ରୀ)

ତୂଷ୍ଣୀଂଶୀଳ—ସଂ. ବଣ. ପୁଂ—୧ । ମୌନୀ—
Tūshṇim śiḷa 1. Silent; taciturn.
(ତୂଷ୍ଣୀଂ ଶୀଳା—ସ୍ତ୍ରୀ) ୨ । ଗମ୍ଭୀର—2. Grave.

ତୂଷ୍ଣୀକ—ସଂ. ବଣ. ପୁଂ. (ତୂଷ୍ଣୀଂ+ଇକ)—ମୌନୀ; ନୀରବ—
Tūshṇika Silent; grave; taciturn.
(ତୂଷ୍ଣୀକା—ସ୍ତ୍ରୀ) (ତୂଷ୍ଣୀଂମକ, ତୂଷ୍ଣୀମିକ—ଅନ୍ୟରୂପ)

ତୂସ ବୈଦେ. ବି. (ହିନ୍ଦୀଭାଷା—ଥୋସ୍)—୧ । ହିମାଳୟର ଅତି
Tūs ଶୀତଳ ପ୍ରଦେଶରେ ବିଚରଣ କରୁଥିବା ଏକଜାତୀୟ
तूम ଛେଳିର ଖୁବ ପତଳା ଲୋମ; ପଶମ—1. Fine wool
तूस obtained from a kind of goat found in the coldest regions of the Himalayas and the Altai mountains.

[ଦ୍ର—ତୂସ୍ ଉତ୍ପାଦନକାରୀ ଛେଳି ହିମାଳୟର ଉଚ୍ଚତମ ଓ ଶୀତଳତମ ପ୍ରଦେଶରେ କାଶ୍ମୀରଠାରୁ ଭାରତର ଉତ୍ତର ପଶ୍ଚିମ ଅଲଟାଇ ପର୍ବତପର୍ଯ୍ୟନ୍ତ ବିଚରଣ କରନ୍ତି । ଏ ଛେଳିର ଚମଡ଼ା ଉପରେ ଖୁବ୍ ଘନ ଲୋମର ସ୍ତର ଥାଏ ଓ ଉକ୍ତ ଲୋମର ମୂଳରେ ଖୁବ୍ ପତଳା ଓ ଲୁକାପର ଯେଉଁ ନରମ ପଶମ ଥାଏ ତାହାକୁ ତୂସ୍ ବୋଲିଯାଏ । ଏହି ତୂସ୍ ପଶମର ବର୍ଣ୍ଣ ଫିକାକଳା ବା ସ୍ଲେଟ୍ର ରଙ୍ଗପରି । ଏହି ତୂସ୍‌ରେ ବୁଣା ଶାଲ ବହୁ ମୂଲ୍ୟବାନ୍ । ଏହି ଛେଳିର ଚମର ଉପର ପାଖେ ଯେଉଁ ଲୋମ ଥାଏ ତାହା ତୂସ୍ ଅପେକ୍ଷା ଟାଣୁଆ ଓ ମୋଟ ଓ ସେହି ଲୋମରେ ସୂତା ବଳାଯାଇ ପଟ୍ଟୁ ନାମକ ବସ୍ତ୍ର ତିଆରି ହୁଏ; ହି. ଶବ୍ଦସାଗର ।]

୨ । ତୂସ୍ ପଶମରେ ତିଆରି କମ୍ବଳ—2. Blanket made from the fine wool of the above goat.

ତୂସୀ—ବୈଦେ. ବଣ.—(ହିନ୍ଦୀଭାଷା. ଥୋସ୍)—୧ । ସ୍ଲେଟର ରଙ୍ଗପରି
Tūsi ଫିକା କଳା—1. Slate-coloured.
तूसी ୨ । ତୂସ୍ ଲୋମ ନିର୍ମିତ—
तुसी 2. Made of the Tūs wool.

ବୈଦେ. ବ.—ତୂସ୍ ଲୋମରେ ବୁଣା ଉତ୍କୃଷ୍ଟ ବହୁମୂଲ୍ୟ ଶାଲ—
Shawl made from the fine Tūs wool.

ତୂସ୍ତ—ସଂ. ବ. (ତୂସ୍ ଧାତୁ+ତ)—୧ । ଜଟା—
Tūsta 1. Matted hair (Apte).
୨ । ଧୂଳି—2. Dust (Apte).
୩ । ଅଣୁ; କଣିକା—3. Atom; minute particle.
୪ । ପାପ—4. Sin (Apte).
୫ । ସ୍ତୂପ; ଧନୁଃ (ହି. ଶବ୍ଦସାଗର)—5. Bow.

ତୃକ୍ଷ୍ (ଧାତୁ)—ସଂ.—ଗତି କରିବା; ଯିବା—
Tṛuksh (root) To go; to move.

ତୃକ୍ଷ—ସଂ. ବ.—(ତୃକ୍ଷ୍ ଧାତୁ+କର୍ତ୍ତୃ. ଅ)—କଶ୍ୟପ ଋଷି—
Tṛuksha The sage Kaśyapa.

ତୃଖ—ସଂ. ବ.—ଜାତିଫଳ; ଜାଇଫଳ (ହି. ଶବ୍ଦସାଗର)—
Tṛukha Nutmeg (Apte).

ତୃଟିକ—ଦେ. ବ.—ଅଳ୍ପକ୍ଷଣ—
Tṛuṭika Very short time.
ତୁମ୍ଭଙ୍କୁ ନ ଦେଖି ଅସ୍ଥିର, ତୃଟିକ ଯୁଗକ ଆକାର । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ତୃଣ୍ (ଧାତୁ)—ସଂ.—୧ । ଭକ୍ଷଣ କରିବା—
Tṛuṇ (root) 1. To eat.
୨ । ଘାସ ଚରିବା—2. To graze (Apt)

ତୃଣ—ସଂ. ବ.—(ତୃଣ୍ ଧାତୁ+କର୍ମ. ଅ; ଯାହାକୁ ଗୋମେଷାଦି ଭକ୍ଷଣ
Tṛuṇa କରନ୍ତି; କିମ୍ବା ତୃହ୍ ଧାତୁ=ଆଘାତ କରିବା+ଣ; ଯାହାକୁ ସମସ୍ତେ ଗୋଡ଼ଦ୍ୱାରା ମାଡ଼ି ଆଘାତ କରନ୍ତି; କିମ୍ବା ତୃହ୍ ଧାତୁ =ବୃଦ୍ଧି ପାଇବା+କର୍ତ୍ତୃ. ଣ; ଯାହା ବିନା ଯତ୍ନରେ ବଢ଼େ)
୧ । ଘାସ—1. Grass.

[ଦ୍ର—ତୃଣ କାଣ୍ଡରେ ମଞ୍ଜ ନଥାଏ, ଏହାର କାଣ୍ଡ ବା ଡାଙ୍ଗ ଫମ୍ପା ଏବଂ ଗଣ୍ଠିଆ; ଦୁଇଗଣ୍ଠି ମଧ୍ୟସ୍ଥ ଅଂଶକୁ ପବ ବୋଲିଯାଏ, ଧାନ ଗଛ ଓ ବାଉଁଶଗଛ ମଧ୍ୟ ତୃଣ ଶ୍ରେଣୀର ।]

୨ । କୁଟା—2. Straw.
୩ । ଗନ୍ଧତୃଣ—3. Scented grass.
୪ । ବାଉଁଶ—4. Bamboo.
୫ । କାଣ୍ଡଶର, ନଳ, କେଶା, କୁଶଆଦି—5. Reeds.
୬ । (ଅଶସ୍ତାର୍ଥ) ଘାସପରି ନୀଚ, ନଗଣ୍ୟ ବା ତୁଚ୍ଛ ବ୍ୟକ୍ତି ବା ବସ୍ତୁ—6. A thing or person beneath one's contempt or notice; a thing or person of no worth or substance.

ଗ୍ରା. ବ.—(ସଂ. ତୂଣୀର) କାଣ୍ଡମୁଣା; ତୂଣୀର—A quiver.
ଲକ୍ଷେ ବାଣ ତୃଣ କାଢ଼ି ଗୁଣେ ବସାଇଲେ,
ଦୈତ୍ୟ ଉପରକୁ କୋପେ ନଟାଇ ମାରିଲେ । ଶାରଳା. ବଳଙ୍କାସମ୍ଭୂଣ ।

ତୃଣ କରି ଗଣିବା—ଦେ. କ୍ରି—ତୃଣ ଜ୍ଞାନ କରିବା (ଦେଖ)
Tṛuṇa kari gaṇibā Tṛuṇa jñāna kari bā (See)
तृण ज्ञानकरा ହିଭ ହୋଇ ଏକଠାବେ ରହେ ମହାବଳୀ,
तुच्छ जानना ମହାବଳ ଅବଦଳ ତୃଣ କରି ଗଣି । ରାଧାନାଥ. ମହାଯାତ୍ରା ।

ତୃଣ କୁଙ୍କୁମ—ସଂ. ବ.—୧ । ରୋହିଷତୃଣ; ସୁଗନ୍ଧ ଘାସ—
Tṛuṇa kuṅkuma (ହି. ଶବ୍ଦସାଗର)—
A kind of scented grass.

ସାଧାରଣ ଯେବେ ଅପର ପୃଷ୍ଠାରେ ଦ୍ୱିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଏହାର ଅନ୍ୟ ସଂ. ନାମ ତୃଣାସ୍ର, ଗନ୍ଧତୃଣ, ଶୋଣିତ, ତୃଣପୁଷ୍ପ, ଗନ୍ଧାଢ୍ୟକ, ତୃଣୋତ୍ଥ, ତୃଣଗୌର ଓ ଲୋହିତ । ବୈଦ୍ୟଶାସ୍ତ୍ର ମତରେ ଏହା କଟୁରସ, ତୀକ୍ଷ୍ଣବୀର୍ଯ୍ୟ, ଉଷ୍ଣ ଏବଂ କଫ, ବାୟୁ, ଶୋଥ, କଣ୍ଡୁ, ପାମା, କୁଷ୍ଠ ଓ ଅମଦୋଷ ନାଶକ— ଦେବେନ୍ଦ୍ର—ଦ୍ରବ୍ୟଗୁଣ ।]

୨ । ସୁଗନ୍ଧବିଶେଷ—
2. A variety of perfume (Apte).

ତୃଣ କୁଟୀର—ସଂ. ବି.—(ଷଷ୍ଠୀ ତତ୍; ତୃଣ+କୁଟୀର)—କୁଡ଼ିଆଘର;
Truna kutira ଘାସକୁଡ଼ିଆ ଘର—A thatched hut; a hut of straw.
(ତୃଣକୁଟୀ—ଅନ୍ୟରୂପ)

ତୃଣ କୂଟ—ସଂ. ବି.—ଘାସ ବା କୁଟାର ଗଦା—
Truna kūta A heap of grass or straw.
(ତୃଣକାଣ୍ଡ—ଅନ୍ୟରୂପ)

ତୃଣ କେତୁ—ସଂ. ବି.—(ବହୁବ୍ରୀହି; ତୃଣ+କେତୁ)—୧ । ବାଉଁଶ ଗଛ—
Truna ketu 1. The Bamboo tree.
(ତୃଣକେତୁକ—ଅନ୍ୟରୂପ) ୨ । ତାଳଗଛ—
2. The palmyra tree.

ତୃଣ ଗ୍ରାହୀ—ସଂ. ବି.—ନୀଳକାନ୍ତ ମଣି; ନୀଳା—
Truna grāhi Sahphire.

ତୃଣଚର—ସଂ. ବିଣ. (ତୃଣ+ଚର ଧାତୁ+କର୍ତ୍ତୃ. ଅ)—ଯେଉଁ ଜୀବ
Trunachara ଘାସ ଆଦି ଚରନ୍ତି—(animals) Grazing on grass; graminivorous.
ସଂ. ବି.—ଗୋମେଦ ମଣି (ହି. ଶବ୍ଦସାଗର)—
A kind of gem (Apte); topaz.

ତୃଣ ଜମ୍ଭ—ସଂ. ବିଣ. (ବହୁବ୍ରୀହି, ତୃଣ+ଜମ୍ଭ=ଖାଦ୍ୟ ଯାହାର)—
Truna jambha ୧ । ତୃଣାଦ; ତୃଣଭକ୍ଷକ—Herbivorous.
୨ । ହରିଦ୍ୱର୍ଣ୍ଣ ଦନ୍ତବିଶିଷ୍ଟ—Having green teeth.

ତୃଣ ଜଳାୟୁକା—ସଂ. ବି. (ତୃଣ+ଜଳ+ଓକସ୍)—୧ । ସମ୍ବାଳୁଅ—
Truna jalāyukā 1. Caterpillar (Apte).
(ତୃଣଜଳୁକା, ତୃଣଜଳୌକା—ଅନ୍ୟରୂପ) ୨ । ଏକପ୍ରକାର ଜୋକ (ହି. ଶବ୍ଦସାଗର)—1. A kind of leech.
[ଦ୍ର—ତୃଣଜଳୌକାନ୍ୟାୟ—ଯେଉଁ ପରି ସମ୍ବାଳୁଅ ଜୋକ ବାନ୍ଧ ତହିଁରେ ଆବଦ୍ଧ ହୋଇ ନିଜ ଶରୀରକୁ ତ୍ୟାଗ କରି ପ୍ରଜାପତି ରୂପଧାରଣ କରେ, ଜମ୍ବା ଜୋକ ଗୋଟିଏ ତୃଣକୁ ଛାଡ଼ି ଅନ୍ୟ ତୃଣରେ ଯାଇ ଲାଗେ, ସେହିପରି ଆତ୍ମା ଏକ ଶରୀର ତ୍ୟାଗ କରି ଶରୀରାନ୍ତର ଧାରଣ କରିବା ସମ୍ପର୍କରେ ନୈୟାୟିକମାନେ ଏ ନ୍ୟାୟ ପ୍ରୟୋଗ କରନ୍ତି ।]

ତୃଣ ଜୀବୀ—ସଂ. ବିଣ. (ତୃଣ+ଜୀବ୍ ଧାତୁ+ଇନ୍; ୧ମା. ୧ବ.)—
Truna-jibi ଯେ ଘାସ ଖାଇ ବଞ୍ଚେ; ତୃଣାଦ—
Herbivorous; graminivorous; living on grass.

[ଦ୍ର—ଗୋରୁ, ମେଣ୍ଢା, ଘୋଡ଼ା, ଛେଳିଆଦି ତୃଣଖାଇ ବଞ୍ଚନ୍ତି ବୋଲି ଏମାନଙ୍କୁ ତୃଣଜୀବୀ ବୋଲାଯାଏ ।]

ତୃଣ ଜ୍ଞାନ କରିବା—ଦେ. କ୍ରି—ଅବଜ୍ଞା କରିବା; କୌଣସି ବ୍ୟକ୍ତିକୁ
Truna jnāna karibā ଘାସପରି ହେୟ ମନେ କରିବା; ତୃଣ-ଗୁଣଜ୍ଞାନକରା ଜ୍ଞାନ କରିବା—To disregard; to look down upon with contempt.
तुच्छजानना
(ଯଥା—ସେ ମୋ କଥାକୁ ତୃଣଜ୍ଞାନ କଲା ।)

ତୃଣ ଜ୍ୟୋତିଃ—ସଂ. ବି—ଜ୍ୟୋତିଷ୍ମତୀ ଗୁଳ୍ମ—
Truna jyotih The Staff tree.

ତୃଣ ଜ୍ୟୋତିଷ୍ମତୀ—ଦେ. ବି. (ବୈଦ୍ୟକ)—ଔଷଧ ଗୁଳ୍ମ ବିଶେଷ—
Truna jyotishmati A kind of medicinal plant.
[ଦ୍ର—ଏହାର ମୂଳ ଦୁଗ୍ଧ ସହିତ ବାଟି ପାନ କଲେ ଏହା ଉତ୍ସଣାର ରକ୍ତରୂପେ ପରିଣତ ହୁଏ ।]

ତୃଣତା—ସଂ. ବି. (ତୃଣ+ଭାବ. ତା)—୧ । ତୃଣତ୍ୱ (ଦେଖ)
Trunatā 1. Trunatwa (See)
୨ । (ଯାହା ତୃଣପରି ନଇଁଯାଏ) ଧନୁ—2. A bow.

ତୃଣତ୍ୱ—ସଂ. ବି. (ତୃଣ+ଭାବ. ତ୍ୱ)—୧ । ତୃଣର ଅବସ୍ଥା—
Trunatwa 1. The quality of a grass.
୨ । ଲଘୁତା—2. Lightness.
୩ । ଗ୍ଳାନତା; ଦୈନ୍ୟ—3. Humility; lowness.
[ଦ୍ର—ତୋଫାନ ବା ସ୍ରୋତ ବଡ଼ ବଡ଼ ଗଛମାନଙ୍କୁ ଉପାଡ଼ି ପକାଏ, କିନ୍ତୁ ତୃଣ ନଇଁ ପଡ଼ିବାରୁ ତାହାର ତୋଫାନରେ କିଛି ଅନିଷ୍ଟ ହୁଏ ନାହିଁ, ଏହି ଲକ୍ଷଣରୁ ଦୈନ୍ୟ ଅର୍ଥ ସୂଚିତ ହୋଇଅଛି ।]

ତୃଣ ଦ୍ରୁମ—ସଂ. ବି. (ମ. ପ. ଲୋ)—ତୃଣପରି ଶାଖାହୀନ ଦ୍ରୁମ (ବାଉଁଶ,
Truna druma ନଡ଼ିଆ, ତାଳ, ଖଜୁରୀ, କେତକୀ, ଗୁଆଗଛ
(ତୃଣବୃକ୍ଷ—ଅନ୍ୟରୂପ) ଆଦି)—The trees resembling the grass (e. g bamboo, palm, cocoanut, screw pine etc).

ତୃଣ ଧାନ୍ୟ—ସଂ. ବି. (ଷଷ୍ଠୀ ତତ୍; ତୃଣ+ଧାନ୍ୟ)—
Truna dhānya ୧ । ତଙ୍କାର; ବାଲୁଙ୍ଗାଧାନ—
1. Paddy growing wild.
୨ । କୋଦୁଅ, ଶ୍ୟାମା, ଚିନାଆଦି ଅସନ୍ନ ବର୍ଦ୍ଧିତ ଶସ୍ୟ—
2. Tares; grains growing wild.
୩ । କ୍ଷୁଦ୍ର ଧାନ୍ୟ; କୁଧାନ୍ୟ—
3. Inferior kinds of grains
[ଦ୍ର—ବୈଦ୍ୟକମତରେ ଏହା କଷାୟ ମଧୁର ରସ, କଟୁବିପାକ ଲଘୁ, ଲେଖନ ଗୁଣଯୁକ୍ତ, ରୁକ୍ଷ, କ୍ଳେଦନାଶକ, ବାୟୁବର୍ଦ୍ଧକ, ମଳରୋଧକ ଏବଂ ପିତ୍ତ, ରକ୍ତ ଓ କଫନାଶକ ।]

ତୃଣ ଧ୍ୱଜ—ସଂ. ବି—ତୃଣକେତୁ (ଦେଖ)
Truna dhwaja Truna ketu (See)

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇମ୍ବ	ଉଅ	ଉ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍

ତୃଣନିମ୍ବ—ସଂ. ବି—ଚିରାଇତା (ଦେଖ)
Tṛuṇa nimba Chirāitā (See)

ତୃଣପୁଷ୍ପ—ସଂ. ବି—୧ । ତୃଣ କୁଙ୍କୁମ (ଦେଖ)
Tṛuṇa pushpa 1. Tṛuṇa kuṅkuma (See)
୨ । ଗ୍ରନ୍ଥିପର୍ଣ୍ଣୀ (ହି. ଶବ୍ଦସାଗର) (ଦେଖ)
2. Granthi parṇṇī (See)

ତୃଣବତ୍—ସଂ. ଅ. (ତୃଣ + ସଦୃଶାର୍ଥେ ବତ୍)—ଘାସପରି; ତୃଣସଦୃଶ-
Tṛuṇa bat Like grass.
ବିଣ—୧ । ଅକିଞ୍ଚିତ୍କର; ନଗଣ୍ୟ; ଘାସପରି ହେୟ—
1. Beneath notice (as one looks down upon the grass).
୨ । ତୁଚ୍ଛ—2. Contemptible; worthless.
୩ । (ତୃଣ + ଅସ୍ତି ଅର୍ଥରେ ବତ୍)—ତୃଣପୂର୍ଣ୍ଣ—
3. Grassy; full of grass.

ତୃଣ ବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ତୃଣ + ବୃତ୍ତି)—ତୃଣତ୍ୱ (ଦେଖ)
Tṛuṇa bṛutti Tṛuṇatwa (See)

ତୃଣ ଭୋଜୀ—ସଂ. ବିଣ. (ତୃଣ + ଭୁଜ୍ ଧାତୁ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—ତୃଣ ଜୀବୀ (ଦେଖ)
Tṛuṇa bhojī Tṛuṇa jībī (See)

ତୃଣ ମଣି—ସଂ. ବି—ଏକପ୍ରକାର ସବୁଜ ବର୍ଣ୍ଣ ମଣି—
Tṛuṇa maṇi A gem; amber.

ତୃଣ ମତ୍କୁଣ—ସଂ. ବି—ପ୍ରତିଭୂ; ଯାମିନ—
Tṛuṇa matkuṇa A bail or surety.
[ଦ୍ର—ଶବ୍ଦକଳ୍ପଦ୍ରୁମ ଏ ଶବ୍ଦ ଋଣମତ୍କୁଣ ଶବ୍ଦର ଭ୍ରାନ୍ତ ପାଠ ବୋଲି ଅସ୍ୱୀକାର୍ଯ୍ୟ ଅପ୍ରେ ଉଦ୍ଧୃତ ।]

ତୃଣମୟ—ସଂ. ବିଣ. (ତୃଣ + ପ୍ରାଚୁର୍ଯ୍ୟାର୍ଥେ ମୟ)—
Tṛuṇamaya ୧ । ତୃଣରଚିତ; ତୃଣଦ୍ୱାରା ନିର୍ମିତ—
1. Made of grass.
୨ । ଘାସପୂର୍ଣ୍ଣ; ତୃଣପୂର୍ଣ୍ଣ—2. Full of grass.
୩ । ତୃଣ ବହୁଳ—3. Overgrown with grass.

ତୃଣରାଜ—ସଂ. ବି.—୧ । ତାଳଗଛ—
Tṛuṇarāja 1. The palm tree.
୨ । ନଡ଼ିଆଗଛ—2. Cocoanut tree.
୩ । ତୃଣଦ୍ରୁମ—3. Trees having some qualities of grass (e. g bamboo; palm etc).
୪ । ଆଖୁ—4. Sugarcane (Apte).
୫ । ଖଜୁରି (ହି. ଶବ୍ଦସାଗର)—5. Date palm.

ତୃଣ ଶଯ୍ୟା—ସଂ. ବି—୧ । ତୃଣରଚିତ ଆସନ; ଘାସ ବା କୁଟାରେ
Tṛuṇa śajyā ତିଆରି ହେବା ବିଛଣା—1. A bed of grass or straw.
୨ । ଚଟେଇ; ମସିଣା—2. A mat of reeds.

ତୃଣଶୀତ—ସଂ. ବି—୧ । ସୁଗନ୍ଧ ତୃଣ—
Tṛuṇaśīta 1. A kind of scented grass.
୨ । ଜଳ ପିପ୍ପଳୀ (ଦେଖ)—2. Jaḷa pippaḷī (See)

ତୃଣ ଶୂନ୍ୟ—ସଂ. ବିଣ—୧ । ଯେଉଁଠାରେ ଘାସ ନାହିଁ—
Tṛuṇa śūnya 1. Grassless.
(ତୃଣ ସ୍ଥାନ—ଅନ୍ୟରୂପ) ୨ । ଟାଙ୍କି; ଟାଙ୍ଗି (ସ୍ଥାନ)—
2. Barren; hilly (ground).
ବି—୧ । ମଲ୍ଲୀଫୁଲ—1. The jasmine flower; Jasminum Zambac.
୨ । କେତକୀ ଫୁଲ—2. The screwpine flower; Pandanus Odoratissimus.

ତୃଣ ଷଟ୍ପଦ—ସଂ. ବି—ବରଡ଼ (ପ୍ରକୃତିବାଦ)—
Tṛuṇa shaṭpada , Wasp,

ତୃଣସ—ସଂ. ବିଣ. (ତୃଣ + ବାହୁଲ୍ୟାର୍ଥେ ସ; ତୁଳ. ଲୋମଶ)—
Tṛuṇasa ତୃଣ ମୟ (ଦେଖ)—Tṛuṇamaya (See)

ତୃଣସାରା—ସଂ. ବି. ସ୍ତ୍ରୀ. (ତୃଣ + ସାର + ସ୍ତ୍ରୀ ଆ)—କଦଳୀଗଛ—
Tṛuṇasārā The plantain tree,

ତୃଣା—ସଂ. ବି—ତୃଣାବର୍ତ୍ତ (ଦେଖ)
Tṛuṇā Tṛuṇābartta (See)

ତୃଣାଗ୍ନି—ସଂ. ବି. (ମ. ପ. ଲୋ; ତୃଣ + ଅଗ୍ନି)—୧ । ଘାସ କୁଟା ଆଦିର
Tṛuṇāgni ନିଆଁ—1. Fire kindled with grass or straw; hay-fire,
୨ । ଯେଉଁ ନିଆଁ ସହଜରେ ବା ଶୀଘ୍ର ଲିଭିଯାଏ—
2, Quickly extinguished fire.
୩ । ଅପରାଧୀ ବା ଦଣ୍ଡିତ ବ୍ୟକ୍ତିର ଦେହରେ ଘାସ, କୁଟା ଆଦି ଗୁଡ଼ାଇ ତହିଁରେ ନିଆଁ ଲଗାଯାଇ ତାକୁ ପୋଡ଼ି ଦେବା ରୀତି—3 Burning of a criminal by entwining straw round his body and then setting it on fire (Apte).

ତୃଣାଙ୍କୁର—ଦେ. ବି. (୬ଷ୍ଠୀ ତତ୍; ତୃଣ + ଅଙ୍କୁର)—ବାଲୁଙ୍ଗା ଧାନର
Tṛuṇāṅkura ଶୁଙ୍ଗ—The beard of wild paddy.

ବଲ୍କଳ ଅଙ୍ଗ ଲୁଚାଇ, ତୃଣାଙ୍କୁରେ ଭେଦ ହୋଇ
ଗଣ୍ଡକର ଦେହ ତଥା ଏହୁ ଯେ । ଉପେ. ବୈଦେହୀଶବିଳାସ ।

ତୃଣାଞ୍ଜନ—ସଂ. ବି. (ତୃଣ + ଅଞ୍ଜନ)—ଏଣ୍ଡୁଅ—
Tṛuṇāñjana Chameleon (Apte)

ତୃଣାଟବୀ—ସଂ. ବି.—(ମ. ପ. ଲୋ; ତୃଣ + ଅଟବୀ) ଯେଉଁ ଜଙ୍ଗଲରେ
Tṛuṇāṭabī ଖୁବ୍ ଘାସ ବଢ଼ିଥାଏ—A forest or prairie abounding in grass.

ତୃଣାନ୍ନ—ସଂ. ବି. (ତୃଣ + ଅନ୍ନ)—ବାଲୁଙ୍ଗା ଧାନ—
Tṛuṇānna Rice growing wild (Apte).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରସ୍ଥ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଁା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

ତୃଣାବର୍ତ୍ତ—ସଂ. ବି.—(ନାମ)—୧। କଂସର ଅନୁଚର ଦୈତ୍ୟବିଶେଷ—
Tṛuṇābartta 1. Name of a demon killed by Kṛushṇa.
[ଦ୍ର—ଏ କଂସର ଆଦେଶରେ ତୃଣ ଓ ଧୂଳିର ଘୂର୍ଣ୍ଣିବାୟୁର ରୂପ ଧାରଣ କରି କୃଷ୍ଣଙ୍କୁ ଉଡ଼ାଇ ନେଇ ବଧ କରିବାକୁ ଆସିଥିଲା, କିନ୍ତୁ ଶେଷରେ କୃଷ୍ଣଙ୍କଦ୍ୱାରା ନିହତ ହୋଇଥିଲା।]

ପୋଡ଼ୁ ସେ ତୃଣାବର୍ତ୍ତପଣ; ପୋଡ଼ୁ ପୂତନା ବଷସ୍ତନ।
ଭୂପତି. ପ୍ରେମପଞ୍ଚାମୃତ।

୨। ଘୂର୍ଣ୍ଣିବାୟୁ; ଗଣ୍ଡିଅଳିଆ— 2. A tornado; whirlwind

ତୃଣାବ୍ରତ—ଗ୍ରା. ବି. (ସଂ. ତୃଣାବର୍ତ୍ତ)—ତୃଣାବର୍ତ୍ତ ୧ (ଦେଖ)
Tṛuṇābrata Tṛuṇā bartta 1 (See)

ତୃଣାମ୍ଳ—ସଂ. ବି. (ତୃଣ+ଅମ୍ଳ)—ଅମ୍ଳଲୋଣୀ; ଅମିଳିଆ ଶାଗ—
Tṛuṇāmḻa Indian sorrel (pot herb).

ତୃଣାସନ—ସଂ. ବି.—(ମ. ପ. ଲୋ; ତୃଣ+ଆସନ)—୧। ତୃଣରଚିତ ଆସନ—
Tṛuṇāsana 1. A bed of straw or grass.
୨। ଚଟେଇ; ସପ ମସିଣା; ମୁନ୍ଦୁରି; ପଟୁଆ; ହେଁସ— 2 A reed mat.

ତୃଣୀକୃତ—ସଂ. ବିଣ. (ତୃଣ+ଅଭୂତ ତଦ୍ଭାବେ. ଚ୍ୱି+କୃତ)—
Tṛuṇīkṛuta ୧। ଯାହାକୁ ତୃଣବତ୍ ଘୃଣ୍ୟ ଜ୍ଞାନ କରାଯାଇ ଥାଏ—
(ତୃଣୀକରଣ—ବି) 1. Treated with contempt.
୨। ଯାହାକୁ ଅନ୍ୟ କେହି ଘୋଡ଼ାଇ ପକାଏ— 2. Eclipsed; obscured.

ତୃଣେନ୍ଦ୍ର—ସଂ. ବି. (୬ଷ୍ଠୀ ବା ୭ମୀ ତତ୍; ତୃଣ+ଇନ୍ଦ୍ର)—
Tṛuṇendra ତାଳଗଛ—Palmyra tree.

ତୃଣୋଲ୍କା—ସଂ. ବି.—ତୃଣଜାତ ଉଲ୍କା; ମ. ପ. ଲୋ.)—
Tṛuṇoḻkā ୧। ତୃଣାଗ୍ନିରୁ ସଂଭୂତ ଅଗ୍ନିକଣା— 1. Sparks from a hay-fire.
୨। କୁଟାରେ ତିଆରି ହୁଳା; ନିଆଁ ବଡ଼ିଆ; ନିଆଁ ଅଠା— 2. A firebrand or torch made of straw.

ତୃଣୌକଃ—ସଂ. ବି (ମ. ପ ଲୋ; ତୃଣ=ତୃଣ ନିର୍ମିତ+ଓକସ୍=
Tṛuṇaukaḥ ଗୃହ) ଖୁଲିଘର; ଛପର ଘର—
(ତୃଣହର୍ମ୍ୟ—ଅନ୍ୟରୂପ) A thatched hut; a hut of straw.

ତୃଣ୍ୟା—ସଂ. ବି. ସ୍ତ୍ରୀ. (ତୃଣ+ସମୂହାର୍ଥେ ଯ+ସ୍ତ୍ରୀ. ଆ)—ଘାସ ବା କୁଟା
Tṛuṇyā ଗଦା—A heap of straw or hay; hay-stack

ତୃତିଆ—ଗ୍ରା. ବି. (ତୃତୀୟାର ଅଶୁଦ୍ଧ ଉଚ୍ଚାରଣ ଓ ଲେଖନ)—
Tṛutiā ତୃତୀୟା (ଦେଖ)—Tṛutiyā (See)

ତୃତୀୟ—ସଂ. ବିଣ. ପୁଂ. ଓ କ୍ଲୀ (ତ୍ରି+ପୂରଣାର୍ଥେ ତୀୟ)—
Tṛutīya ୧। ତିନିର ପୂରକ; ଦ୍ୱିତୀୟର ପରବର୍ତ୍ତୀ—1. Third.
(ତୃତୀୟା—ସ୍ତ୍ରୀ) ୨। ତ୍ରିଗୁଣିତ—3. Thrice the quantity of.

ତୃତୀୟ ତ୍ରସରେଣୁ ଯେହୁ,
ତାହାକୁ ତ୍ରୁଟି ବୋଲି କହୁ—ଜଗନ୍ନାଥ ଭାଗବତ।

ଦେ. ବିଣ (ପଦ୍ୟ) ତିନି—Three.

ତୃତୀୟ ନିମେଷରେ କ୍ଷଣ
ପଞ୍ଚ କ୍ଷଣରେ କାଷ୍ଠା ପୁଣ—ଜଗନ୍ନାଥ ଭାଗବତ।

ତୃତୀୟକ—ସଂ. ବିଣ. ପୁଂ. (ତୃତୀୟ+ସ୍ୱାର୍ଥେ. କ)—
Tṛutīyaka ତିନି ଦିନ ଅନ୍ତରରେ ଘଟୁଥିବା—Taking place every third day; tertian.
ବି—ପାଳି ଜ୍ୱର; ତିନି ଦିନରେ ଥରେ ହେଉଥିବା ଜ୍ୱର— Tertian fever; intermittent fever.

ତୃତୀୟ ପନ୍ଥା—ସଂ. ବି—ଦୁଇ ନିର୍ଦ୍ଦିଷ୍ଟ ପଥରୁ ଭିନ୍ନ ପଥ; ଏକ ସ୍ୱତନ୍ତ୍ର
Tṛutiya panthā ବାଟ—A third way; yet another way.

ତୃତୀୟ ପୁରୁଷ—ସଂ. ବି. (ବ୍ୟାକରଣ)—୧। ଆମ୍ଭେ ଓ ତୁମ୍ଭେ ଛଡ଼ା
Tṛutīya purusha ଅନ୍ୟ ବ୍ୟକ୍ତି ବା ବସ୍ତୁବାଚକ ପଦ (ସେ, ତାହା)—1. Third person in grammsr (e. g. He, she, it).
୨। ବାହାରର ଲୋକ; ନିଃସମ୍ପର୍କୀୟ ଲୋକ— 2. An outsider; disinterested person.

ତୃତୀୟ ପ୍ରକୃତି—ସ. ବିଣ. (ବହୁବ୍ରୀହି; ତୃତୀୟା+ପ୍ରକୃତି)—
Tṛutīya prakṛuti କ୍ଲୀବ; ନପୁଂସକ—
(ତୃତୀୟ ପ୍ରକୃତିକ—ଅନ୍ୟରୂପ) Neuter; impotent.

ତୃତୀୟ ଯୁଗ—ସଂ. ବି—ଦ୍ୱାପର ଯୁଗ—
Tṛutīya juga The tertiary age of the world according to the Hindus.

ତୃତୀୟା—ସଂ. ବି. ସ୍ତ୍ରୀ (ତୃତୀୟ+ଆ)—୧। ପୂର୍ଣ୍ଣିମା ବା ଅମାବାସ୍ୟାର
Tṛutīyā ପରବର୍ତ୍ତୀ ତୃତୀୟ ତିଥି; ପକ୍ଷର ତୃତୀୟା ତିଥି— 1. The third day of the lunar fortnight.
[ଦ୍ର—ମାସ ମଧ୍ୟରେ ଶୁକ୍ଳ ଓ କୃଷ୍ଣ ପକ୍ଷରେ ଦୁଇଟି ତୃତୀୟା ତିଥି ହୁଏ।]
୨। ତୃତୀୟା ବିଭକ୍ତି (ଦେଖ) 2. Tṛutīyā bibhakti (See)
୩। ତୃତୀୟା ବିଭକ୍ତିର ପ୍ରତ୍ୟୟ—3. The termination of the instrumental case.

ତୃତୀୟାଂଶ—ସଂ. ବି. (କର୍ମଧା; ତୃତୀୟ+ଅଂଶ)—
Tṛutīyāmśa ଏକ ତୃତୀୟାଂଶ; କୌଣସି ପଦାର୍ଥର ତିନି ଭାଗରୁ ଏକ ଭାଗ—One third of any thing.

ତୃତୀୟାକୃତ—ସଂ. ବି—ତିନି ଓଡ଼ ଚଷା ଯାଇଥିବା (କ୍ଷେତ୍ର)—
Tṛutīyākṛuta Thrice ploughed field (Apte).

ତୃତୀୟା ତତ୍ପୁରୁଷ—ସଂ. (ବ୍ୟାକରଣ)—ଯେଉଁ ତତ୍ପୁରୁଷ
Tṛutīyā tat-purusha ସମାସରେ ୧ମ ଶବ୍ଦର ତୃତୀୟା ବିଭକ୍ତିର ଚିହ୍ନ ଲୋପ ହୋଇଥାଏ—(grammar) The ins-

୧	ଇ	ଢ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ଼ୃ	ଉଅ	ୠ
୨	ଈ	ଡ଼	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ଙ

trumental compound; a compound composed of words, the first component having the 3rd case termination which vanishes from the compound word.

ତୃତୀୟା ପ୍ରକୃତି—ସଂ. ବିଣ. (ବହୁବ୍ରୀହି)—କ୍ଳୀବ; ନପୁଂସକ—
Trutiyā prakruti Neuter; eunoch; genderless; sexless.

ସଂ. ବି.—୧ । (କର୍ମଧା) କ୍ଳୀବତ୍ୱ—1. Impotence.

୨ । କ୍ଳୀବ ବ୍ୟକ୍ତି—
2. An eunoch; a hermaphrodite.

୩ । (ବ୍ୟାକରଣ) କ୍ଳୀବ ଲିଙ୍ଗ—
3. The neuter gender.

ତୃତୀୟା ବିଭକ୍ତି—ସଂ. (ବ୍ୟାକରଣ)—ଦ୍ୱାରା, କର୍ତ୍ତୃକ, ରେ ପ୍ରଭୃତି
Trutiyā bibhakti ଚିହ୍ନ ଯୁକ୍ତ କରଣକାରକର ବିଭକ୍ତି—
The third case of nouns; the instrumental case in grammar.

[ଦ୍ର—ସାଧାରଣତଃ କରଣ କାରକରେ ତୃତୀୟା ବିଭକ୍ତି ହୁଏ; ତା ଛଡ଼ା ସଂସ୍କୃତର ଅନ୍ୟ ସ୍ଥାନରେ ବିଭିନ୍ନ ଅର୍ଥରେ ମଧ୍ୟ ତୃତୀୟା ବିଭକ୍ତି ଯୁକ୍ତ ହୁଏ ।]

ତୃତୀୟାଶ୍ରମ—ସଂ. ବି—ବାନପ୍ରସ୍ଥାଶ୍ରମ (ଦେଖ)
Trutiyāsrama Bānaprasthāsrama (See)

ତୃଦ୍ (ଧାତୁ)—ସଂ—୧ । ଫଟାଇବା; ଚିରିବା —
Trud (root) 1. To cleave; to split.

୨ । ବଧ କରିବା; ବିନାଶ କରିବା—
2. To kill; to destroy.

୩ । ମୁକ୍ତ କରିବା —3. To set free.

୪ । ଖାତିର ନ କରିବା—4. To disregard (Apte).

ତୃତୀୟୀ—ସଂ. ବିଣ. ପୁଂ (ତୃତୀୟ+ଇନ୍; ୧ମା. ୧ବ)—
Trutiyi ୧ । ଏକ ତୃତୀୟାଂଶ ଧନ ପାଇବାର ଅଧିକାରୀ—
1. Entitled to a third portion of a property.

୨ । ତୃତୀୟ ସ୍ଥାନର ଅଧିକାରୀ—
2. Occupying the third rank (Apte.)

ତୃପ୍ (ଧାତୁ)—ସଂ.—୧ । ସନ୍ତୁଷ୍ଟ ହେବା—
Trup (root) 1. To be satisfied.

୨ । ସନ୍ତୁଷ୍ଟ କରିବା—2. To please; to gratify.

୩ । ଜାଳିବା; ଜଳାଇବା—
3. To kindle; to light up (Apte);

ତୃପତ୍—ସଂ. ବି (ତୃପ୍ ଧାତୁ+କର୍ତ୍ତୃ. ଅତ୍)—୧ । ଚନ୍ଦ୍ର—
Trupat 1. The moon.

୨ । ଛତା—2. Umbrella.

ତପତ—ଗ୍ରା. (ପଦ୍ୟ) ବିଣ (ସଂ. ତୃପ୍ତ) —ତୃପ୍ତ (ଦେଖ)
Trupata Trupta (See)

(ତୃପୁତ—ଅନ୍ୟରୂପ) ନଭ ଦେଖୁଥିଲେ ପ୍ରୀତ ବଢ଼ୁଥାଇ ତୃପତ
ତୃପତ — ନୂତନ ଚଉ ଗୋ ମିତ—ବନମାଳୀ. ସଙ୍ଗୀତ ।

तृपित ସଂ. ବି (ତୃପ୍ ଧାତୁ+କର୍ତ୍ତୃ. ଅତ)—ଚନ୍ଦ୍ର—The moon (Apte).

ତୃପତି – ଗ୍ରା (ପଦ୍ୟ) ବି (ସଂ. ତୃପ୍ତି)—ତୃପ୍ତି (ଦେଖ)
Trupati Trupti (See)

ବିଣ (ସଂ.ତୃପ୍ତ)-ତୃପ୍ତ—Satiated.

(ତୃପୁତି—ଅନ୍ୟରୂପ) ଅରଜୁନ ଅଗ୍ନିକି କଲେ ତୃପତି—
ତୃପତି — କୃଷ୍ଣସିଂହ. ମହାଭାରତ. ସଭା ।

तृपति

ତୃପଲା—ସଂ. ବି—୧ । ଲତା (ହି. ଶବ୍ଦସାଗର)—
Trupalā 1. Creeper.

୨ । ତ୍ରିଫଳା (ହି. ଶବ୍ଦସାଗର) (ଦେଖ)—
2. Triphalā (See)

ତୃପ୍ତ—ସଂ. ବିଣ. ପୁଂ (ତୃପ୍ ଧାତୁ+କର୍ତ୍ତୃ. ତ)—୧ । ସନ୍ତୁଷ୍ଟ;
Trupata ପରିତୁଷ୍ଟ—1. Satisfied; satiated; gratified; contented.
(ତୃପ୍ତା—ସ୍ତ୍ରୀ)

୨ । ପ୍ରସନ୍ନ—2. Pleased; cheerful.

ତୃପ୍ତି—ସଂ. ବି (ତୃପ୍ ଧାତୁ+ଭାବ. ତି)—୧ । ସନ୍ତୋଷ; ପରିତୋଷ;
Trupti ଇଚ୍ଛା ପୂର୍ଣ୍ଣ ହେବାରୁ ମନରେ ଜନ୍ମିବା ଆନନ୍ଦ—
1. Satisfaction; gratification; satiety; fulfilment of one's desire; contentment.

୨ । କ୍ଷୁଧାର ନିବୃତ୍ତି—3. Gratification of hunger; satiety.

୩ । ଆହ୍ଲାଦ—3. Gladness.

୪ । ତୃଷ୍ଣା ନିବୃତ୍ତି—4. Satiation of thirst.

୫ । ପ୍ରସନ୍ନତା—5. Pleasure; cheerfulness.

ତୃପ୍ର—ସଂ. ବି (ତୃପ୍ ଧାତୁ+କର୍ତ୍ତୃ. ର)—୧ । ପୁରୋଡାଶ—
Trupra 1. A sacrificial cake.

୨ । ଘୃତ; ଘିଅ—2. Ghee; clarified butter.

୩ । ଦୁଃଖ—3. Sorrow; suffering.

(ତୃପ୍ରା—ସ୍ତ୍ରୀ) ସଂ. ବିଣ. ପୁଂ—ତୃପ୍ତ କରିବା ବ୍ୟକ୍ତି—
Gratifying.

ତୃଷ୍ (ଧାତୁ)—ସଂ—୧ । ତୃଷାର୍ତ୍ତ ହେବା—
Trush (root) 1. To be thirsty; to thirst.

୨ । ଲାଳାୟିତ ହେବା—
2. To hanker after; to wish eagerly.

୩ । ଇଚ୍ଛା କରିବା—3. To wish.

୪ । ଲୋଭ କରିବା—
4. To covet; to be greedy (Apte).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଜୁଅ' ନ ମିଳିଲେ 'ଯୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ତୃଷା—ସଂ. ବି (ତୃଷ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—୧ । ପିପାସା; ତୃଷ୍ଣା; ଶୋଷ—1 Thirst.
Tṛushā
• ୨ । ପ୍ରବଳ ଇଚ୍ଛା; ଆକାଙ୍କ୍ଷା—2. Strong desire.
୩ । ଲୋଭ—3. Avarice; covetuousness.
୪ । କଳଅର (ହ୍ରୁ. ଶବ୍ଦସାଗର)—
4. A kind of bracelet.

ତୃଷା କରିବା—ଦେ, କ୍ରି—ଶୋଷ ହେବା; ପିପାସୁ ହେବା; ଶୋଷେଇବା
Tṛushā karibā The feeling of thirst; being thirsty.
তিষ্কা পাওআ पयास लगना

ତୃଷାତୁର—ସଂ. ବିଣ. ପୁଂ (୭ମୀ ତତ୍ ବା ୩ୟା ତତ୍; ତୃଷା+ଆତୁର)—
Tṛushātura ତୃଷାହେତୁ ଆତୁର; ତୃଷାର୍ତ୍ତ—
(ତୃଷାତୁରା—ସ୍ତ୍ରୀ) (ତୃଷାତୁରତା—ବି) Thirsty.

ତୃଷା ଦେଖା(ଖେ)ଇବା—ଦେ. କ୍ରି—ତୃଷା କରିବା (ଦେଖ)
Tṛushā dekhā(khe)ibā Tṛushā karibā (See).

ତୃଷାନ୍ୱିତ—ସଂ. ବିଣ. ପୁଂ (ତୃତୀୟା ତତ୍; ତୃଷା ଦ୍ୱାରା ଅନ୍ୱିତ)—
Tṛushānwita ୧ । ତୃଷାର୍ତ୍ତ—1. Thirsty.
(ତୃଷାନ୍ୱିତା—ସ୍ତ୍ରୀ) ୨ । ଲୁବ୍ଧ—2. Covetuous; greedy of gain.
୩ । ଇଚ୍ଛୁକ; ଲାଳାୟିତ—
3. Desirous; hankering.

ତୃଷାବାନ୍—ସଂ. ବିଣ. ପୁଂ (ତୃଷା+ବତ୍; ୧ମା. ୧ବ)—ଯାହାକୁ ଶୋଷ କରୁଥାଏ; ଶୋଷୀ—Thirsty.
Tṛushābān
• (ତୃଷାବତୀ—ସ୍ତ୍ରୀ)

ତୃଷାଭୂ—ସଂ. ବି—ପେଟ ମଧ୍ୟରେ ଯେଉଁ ସ୍ଥାନରେ ଜୀବ ପିଇଥିବା ପାଣି ମୂତ୍ରାଶୟକୁ ଯିବା ପୂର୍ବରୁ ଜମା ରହେ—
Tṛushābhū
(ତୃଷା ସ୍ଥାନ—ଅନ୍ୟରୂପ) The bladder; that part of the belly where the water which an animal drinks, accumulates before passing into the kidney.

ତୃଷାର୍ତ୍ତ—ସଂ. ବିଣ. ପୁଂ (୩ୟା ତତ୍; ତୃଷା+ଅର୍ତ୍ତ)—
Tṛushārtta ଶୋଷ ଦ୍ୱାରା ଜର୍ଜରିତ; ପିପାସା ଦ୍ୱାରା କାତର—
(ତୃଷାର୍ତ୍ତା—ସ୍ତ୍ରୀ) Very thirsty; pained with thirst.

ତୃଷାର୍ତ୍ତି(ର୍ଥି)—ଗ୍ରା. ବିଣ (ସଂ ତୃଷାର୍ତ୍ତ)—ତୃଷାର୍ତ୍ତ (ଦେଖ)
Tṛushārtti(rthi) Tṛushārtta (See).

ତୃଷାଳୁ—ସଂ. ବିଣ (ତୃଷା+ଆଳୁ; ତୁଳ. ନିଦ୍ରାଳୁ)—
Tṛushāḻu ତୃଷିତ; ପିପାସିତ (ହ୍ରୁ. ଶବ୍ଦସାଗର)—
Thirsty.

ତୃଷିତ—ସଂ. ବିଣ. ପୁଂ (ତୃଷ୍ ଧାତୁ+କର୍ତ୍ତୃ. ତ)—ତୃଷାନ୍ୱିତ (ଦେଖ)
Tṛushita Tṛushānwita (See).
(ତୃଷିତା—ସ୍ତ୍ରୀ)

ତୃଷ୍ଣା—ସଂ. ବି. ସ୍ତ୍ରୀ. (ତୃଷ ଧାତୁ+ଭାବ. ଣ+ସ୍ତ୍ରୀ. ଆ)—
Tṛushṇā ୧ । ଶୋଷ; ତୃଷା; ପିପାସା—1. Thirst.
୨ । କୌଣସି ବସ୍ତୁ ପାଇବା ନିମନ୍ତେ ପ୍ରବଳ ଇଚ୍ଛା; ଲାଳସା—
2. Inordinate desire or longing after a thing.
୩ । ଲୋଭ—3. Covetousness; greed.
[ଦ୍ର—ଏହା ଅନ୍ୟ କେତେକ ଶବ୍ଦ ପରେ ବ୍ୟବହୃତ ହୁଏ; ଯଥା—ଧନତୃଷ୍ଣା; ବିଷୟତୃଷ୍ଣା; ମୃଗତୃଷ୍ଣା ଇତ୍ୟାଦି ।]

ତୃଷ୍ଣା କ୍ଷୟ—ସଂ. ବି. (୬ଷ୍ଠୀ ତତ୍; ତୃଷ୍ଣା+କ୍ଷୟ)—
Tṛushṇā kshaya ତୃଷ୍ଣା ନିବୃତ୍ତି (ଦେଖ)
Tṛushṇā nibṛutti (See)

ତୃଷ୍ଣା ଦୂର କରିବା—ଦେ. କ୍ରି—ପିପାସା ବା ତୃଷ୍ଣା ନିବୃତ୍ତି କରିବା—
Tṛushṇā dūra karibā To quench one's thirst.
তৃষ্ণা দূর করা पयास दूर करना

ତୃଷ୍ଣା ନିବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ତୃଷ୍ଣା+ନିବୃତ୍ତି)—
Tṛushṇā nibṛutti ୧ । ପିପାସାର ଉପଶମ ବା ତୃପ୍ତି—
1 Satiety of thirst; quenching of thirst.
୨ । ବାସନା କ୍ଷୟ; ବୈରାଗ୍ୟ; ସାଂସାରିକ ବିଷୟ ପ୍ରତି ଆସକ୍ତିର ଅଭାବ—
3. Renunciation of worldly desires.
୩ । ତୃପ୍ତି—2. Contentment.
୪ । ମନର ଶାନ୍ତି—4. Tranquility of mind.

ତୃଷ୍ଣାନ୍ୱିତ—ସଂ. ବିଣ. ପୁଂ. (୩ୟା ତତ୍; ତୃଷ୍ଣା+ଅନ୍ୱିତ)—ତୃଷିତ—
Tṛushṇānwita Thirsty.
(ତୃଷ୍ଣାନ୍ୱିତା—ସ୍ତ୍ରୀ)

ତୃଷ୍ଣାର୍ତ୍ତ—ସଂ. ବିଣ. ପୁଂ:(୩ୟା ତତ୍; ତୃଷ୍ଣା+ଅର୍ତ୍ତ)—ତୃଷ୍ଣାନ୍ୱିତ (ଦେଖ)
Tṛushṇārtta Tṛushṇānwita (See)
(ତୃଷ୍ଣାର୍ତ୍ତା—ସ୍ତ୍ରୀ)

ତୃଷ୍ଣାଳୁ—ସଂ. ବିଣ. (ତୃଷ୍ଣା+ଯୁକ୍ତାର୍ଥେ ଆଳୁ; ତୁଳ. ଦୟାଳୁ)—
Tṛushṇāḻu ପିପାସାର୍ତ୍ତ—Thirsty.

ତୃଷ୍ୟ—ସଂ ବିଣ. (ତୃଷ୍ ଧାତୁ+ କର୍ମ. ଯ)—ଲୋଭନୀୟ; ବାଞ୍ଛନୀୟ—
Tṛushya Desirable; sought after.
ବି—(ତୃଷ୍ ଧାତୁ+ଭାବ. ଯ)—୧ । ଲୋଭ—
1. Avarice; greed.
୨ । ଶୋଷ—2. Thirst (Apte).

ତେ—ପ୍ରାଦେ. (ପ୍ରତ୍ୟୟ) (ବଙ୍ଗଳା ଭାଷାର ବ୍ୟବହାରରୁ ବାଲେଶ୍ୱର ମେଦିନୀପୁର ଆଦି ଅଞ୍ଚଳରେ ବ୍ୟବହୃତ, ଅସମାପିକା କ୍ରିୟା ସଙ୍ଗେ ଲାଗେ)—
Te
তে
नेको ୧ । ନିମିତ୍ତ ବା ହେତୁ ଅର୍ଥକ ବିଭକ୍ତି—
1. An ending attached to the present participle of verbs to denote (for).

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ	ଲ୍ଥ	ଖ
୬	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ	ଯ	ସ	ଙ୍	ଇଅ	ଞ	ନ

ବାମେ ଭ୍ରମାଇ ଭଦ୍ୟ ତର
ଜାଣିଛେ ଭକ୍ତ କ ଅଭକ୍ତ—ଜଗନ୍ନାଥ, ଭାଗବତ ।

[ଦ୍ର—ଏହା ମଧ୍ୟ ବୈଷ୍ଣବ ଯୁଗର କବିତାରେ ଓ ଜଗନ୍ନାଥଙ୍କ ଭାଗବତରେ ଦେଖାଯାଏ ।]

ତେଇଁ—ଗ୍ରା. ଅ—ତହିଁ (ଦେଖ)
Teiñ — Tahiñ (See)
(ତେହିଁ—ଅନ୍ୟରୂପ)

ତେଇଁକି—ଗ୍ରା. ଅ—ତହିଁକି (ଦେଖ)
Teiñki — Tahiñki (See)
(ତେହିଁକି—ଅନ୍ୟରୂପ) (ଯଥା—ତାଙ୍କୁ ଖୋଜିବାକୁ ମୁଁ ଗ୍ରାମରେ ଯାଇ ପହଞ୍ଚିଲି, ତେଇଁକି ସେ ଗ୍ରାମରେ ନାହାନ୍ତି)

ତେଇଶ(ଶି)—ଦେ. (ସଂଖ୍ୟାବାଚକ) (ସଂ. ତ୍ରୟୋବିଂଶ; ପ୍ରା. ତେବୀସ; ତେଇସ) ବି—୨୩ ସଂଖ୍ୟା—
Teisa(śi) — The number 23; twentythree.
তেইশ
तेइस

ତେଇଶେ ଣ—୧ । ୨୩ ସଂଖ୍ୟକ—1. Numbering twenty three.
तेइसवाँ
୨ । ତ୍ରୟୋବିଂଶ—2. Twentythird.

ତେଇଶା ଦୁଇଶ—ଦେ. ବି ଓ ଣ—ଦୁଇଶ ତେଇଶ—
Teisā duisa — 223; Two hundred and twenty three.
(ତେଇଶା ଦୁଇଶହ—ଅନ୍ୟରୂପ)

ତେଇଶା ଶଏ(ହେ)—ଦେ. ବି ଓ ଣ—ଏକଶ ତେଇଶ—
Teisā śae(he) 123; One hundred and twenty three.

ତେଉଆରି—ଦେ. ବି. (ସଂ. ତ୍ରିବେଦୀ)—ପଶ୍ଚିମା ବ୍ରାହ୍ମଣଙ୍କ ଉପାଧି ବିଶେଷ—Tewari; a family title of up-country Brāhmaṇa.
Teuāri
তেওয়ারী
तिवारी [ଦ୍ର—ଏହା ଉତ୍କଳର ତ୍ରିପାଠୀ ବା ତିହାଡ଼ୀ ଉପାଧି ପରି ।]

ତେଉ(ହୁ)ଡ଼ି—ଦେ. ବି—ତିଉଡ଼ି (ଦେଖ)
Teu(hu)ṛdi — Tiuṛdi (See)

ତେଏଷଠି—ଦେ. ବି ଓ ଣ—ତେଷଠି (ଦେଖ)
Te-eshaṭhi — Teshaṭhi (See)

ତେଓଡ଼—ଦେ. ଣ. (ସଂ. ତୃତୀୟକ)—ତେଢ଼ା (ଦେଖ)
Teoṛda (ṛdā) — Terḍhā (See)
तिकार, ताखा ବି—କ୍ଷେତର ତୃତୀୟ ଥର ଚଷ—
Third time of ploughing of a field.

ତେଁଟୁ—ପ୍ରାଦେ. (ଲଉଥ) ବି—ତଣ୍ଟି; ଗଳା—
Teñṭu — Throat.

ତେଁତର—ପ୍ରାଦେ. (ବସ୍ତର)—ବି—ତେନ୍ତୁଳି—
Teñtara — Tamarind.

ତେକଚ୍ଛି ଦେ. ବି. (ସଂ. ତ୍ରିକଚ୍ଛ)—ତକଚ୍ଛି; ଲୁଗାର ତିନିକାନ
Tekachchhi ଖୋସି ଲୁଗା ପିନ୍ଧିବାର ଢଙ୍ଗ—Wearing
তেকোঁচা of cloth with three of the corners
तिकछी tucked up

ତେକାଲ—ଦେ.ବି. (ସଂ. ତ୍ରିକଣ୍ଟକ)—ତିନି ମୁନ ଥିବା ଅସ୍ତ୍ର; ତେଣ୍ଟା;
Tekālā ତ୍ରିଶୂଳ—A three pronged harpoon; trident.
তেকড়কা

ତେଘାଟି—ଦେ. ବି. (ସଂ. ତ୍ରି ଓ ଘାଟ)—ତିନି ଘାଟ ଯୁକ୍ତ ପର୍ବତ ବା
Te-ghāṭi ତ୍ରିସଙ୍କଟ ସ୍ଥାନ—A hill or place having
তেঘাটী three mountain passes.

ତେଘ ତୁଟାଗଳ ତେଘାଟ ଅଚଳେ
ଏଣେ ଚଳଠାଅ ଦାଉ ଦାଇ କଲେ—ଅକସ୍ମୃତଚନ୍ଦ୍ର, ଶେଷବର୍ତ୍ତୀ ।

ଣ— ତିନିଘାଟଥିବା; ତିନି ଘାଟବିଶିଷ୍ଟ (ଜଳାଶୟ)—
(a tank) Having three wharves or bathing places.

ତେଙ୍ଗଡ଼ା—ଦେ. ବି (ସଂ. ତ୍ର୍ୟଙ୍ଗ=ଶିକା)—
Tengaṛdā ୧ । ହାଣ୍ଡି ଆଦି ରଖିବା ନିମନ୍ତେ ଦୁଇ କାନ୍ଥର
কোলঙ্গা; তেকাটা କଣରେ ଖଣ୍ଡିଏ କାଠି ମାରି ପ୍ରସ୍ତୁତ କରାଯିବା
ताखा ତ୍ରିକୋଣାକାର ସ୍ଥାନ—1. A bracket
(ତେଙ୍ଗେଡ଼ା—ଅନ୍ୟରୂପ) made by driving a stick into the corner of 2 walls to put cooking pots on it.

୨ । ରନ୍ଧନଶାଳାରେ ହାଣ୍ଡି ରଖିବା ନିମନ୍ତେ ମଲା କରାଯାଇଥିବା ପିଣ୍ଡି—2. A platform with grooves made on it to put the round bottomed cooking pots on them.

୩ । ଝର ଝମ୍ପା (ଦେଖ)
3. Jhara jhampā (See) (Haines)

ତେଙ୍ଗୁଡ଼ିବା—ଦେ.କ୍ରି. (ସଂ. ତ୍ର୍ୟଙ୍ଗ)—ଥରେ ପାକରେ ବ୍ୟବହୃତ ହୋଇ
Tenguṛdibā ଥିବା ପାକପାତ୍ରଗୁଡ଼ିକ ଧୁଆଧୋଇ କରି ପୁଣି ପାକ
ତେଙ୍ଗଡ଼ିବା
ତେଙ୍ଗଡ଼ା ତେଙ୍ଗୁଡ଼ି କରିବା } ଅନ୍ୟରୂପ କରିବା ପୂର୍ବରୁ ସେଗୁଡ଼ିକ ହାଣ୍ଡିଶାଳ ଘରର ତେଙ୍ଗଡ଼ାରେ ସଜ୍ଜିତ କରି
ତେଙ୍ଗେଡ଼ିବା
ରଖିବା—To arrange the empty pots in the niches in order after washing them when they are emptied of their contents.

ତେଜ୍ ଆମ ଗରମୀ—ଦେ. ବି—କୋଠା ଗରମ ହେବା; ପେଟ ଉତରେ
Tej āma garamī ଗରମ ହେବା ରୋଗ (ଯହିଁ ଯୋଗୁଁ ନାଳ-ରକ୍ତ ଝାଡ଼ା ହୁଏ)—Heat in the abdomen resulting in dysentery.

ତେଜ—ଦେ. ବି. (ସଂ. ତେଜସ୍)—୧ । କାନ୍ତି; ଦୀପ୍ତି; ଦ୍ୟୁତି—
Teja 1. Glamour; radiance.
তেজ ତବାରେ କ ତେଜ ବଢୁଛ ପର୍ବତର । କୃଷ୍ଣସିଂ. ମହାଭାରତ. ବନ ।
तेज ୨ । ପରାକ୍ରମ; ପ୍ରତାପ—2. Might; prowess.
୩ । ରାଗ—3. Anger; wrath.

ସାଧାରଣ ଲୋକେ ଅ ୀର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଆଉ ଯଥାକ୍ରମେ ଉକ୍ତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଉନ୍ମାଦନ—4. Irritation; excitement.

ଭଜେଁଟ ଅଖିର ଖୀର ଜାତ ମୋ ଭମାର ମାର ତେଜେ ସୁମନ ସାପର ପର ହେ
ଉପେ. ପ୍ରେମସୁଧାନିଧି ।

୫ । ଶକ୍ତି; ଫୂର୍ତ୍ତି; ଚାଞ୍ଚଲ୍ୟ—
5. Energy; spirit; activity.

୬ । ଦାଉ; ଜୋର—6. Force; brunt.

୭ । କଥା ଉପରେ ଦଆଯିବା ଜୋର—
7. Stress; emphasis.

ତୈଦେ. ବି. (ଫା. ତେଜ୍)—୧ । ତୀକ୍ଷ୍ଣ; ତୀବ୍ରତା—

ତେଜ 1. Sharpness; keenness; acuteness.

तेज, तेजी ୨ । ଅସହ୍ୟତା—2. Unbearableness.

୩ । ତେଜୀ (ଦେଖ)—3. Tejī (See)

୪ । ଶୀଘ୍ରଗାମିତା; ବେଗ—
4. Swiftness of motiou; velocity.

ଦେ. ବିଣ. (ଫା. ତେଜ୍)—

୧ । ଦୁର୍ମୂଲ୍ୟ; ମହର୍ଘ; ମହଙ୍ଗା (ବସ୍ତୁ)—
1. Dear (in price); of high price.
(ଯଥା—ଏଥର ବଜାର ଭାଉ ତେଜ ହୋଇଅଛି ।)

୨ । ତୀକ୍ଷ୍ଣ; ଧାରୁଆ—2. Sharp-edged.

୩ । ଶୀଘ୍ରଗାମୀ; ବେଗବାନ୍—
3. Fleet of foot; swift.

୪ । କଡ଼ା; କଡ଼ୁଆ; ଝାଗା—4. Pungent; acrid.

୫ । ଉଗ୍ର; ପ୍ରଚଣ୍ଡ—5. Acute; violent.

ଦେ. ବିଣ—୧ । ବିଚକ୍ଷଣ—1 Intelligent; of sharp intellect.

୨ । ଆଶୁ ଫଳପ୍ରଦ—2. Instantaneous in effect.

୩ । ଚପଳ; ଚଞ୍ଚଳ, ଅସ୍ଥିର—3. Restless; fickle-minded.

୪ । କଡ଼ା ମିଜାଜ—4. Of irritable temper.

ତେଜ ଘରର ସେଜ ପିଇ, ମାଇଗୁଲିଆ ଘରର ଭାତ ନ ଖାଇ—ଢଗ ।

ତେଜଃ—ସଂ. ବି. (ତେଜସ୍ ଶବ୍ଦ, ତିଜ୍ ଧାତୁ=ତୀକ୍ଷ୍ଣ କରିବା+

Tejaḥ କର୍ତ୍ତୃ. ଅସ୍)—୧ । ଉତ୍ତାପ—1. Heat.

୨ । ଦୀପ୍ତି; ଜ୍ୟୋତି; ଆଭା; ଚମକ—2. Glamour; lustre; glow; glare; splendour; brilliance.

୩ । ଆଲୋକ—3. Light.

୪ । ଘୋଡାର ବେଗ—4. Velocity; swiftness; the speed of a horse.

୫ । ଦାଉ; ପ୍ରତାପ; ପ୍ରଭାବ—5. Spirit; ardour; energy; vigour.

୬ । ଜୋର; ବଳ; ଶକ୍ତି; ପରାକ୍ରମ
6. Might; force; strength; brunt; power.

୭ । ରେତଃ; ଶୁକ୍ର; ବୀର୍ଯ୍ୟ—
7. Semen; semen seed; semen virile.

୮ । ସତ୍ତ୍ୱ; ପୌରୁଷ; ପୁରୁଷପଣିଆ—
8. Virility; vitality.

୯ । ଘୃତ—9. Ghee.

୧୦ । ଦର୍ପ; ଅହଙ୍କାର; ଉଦ୍ଧତ ପଣ—
10. Haughtiness; arrogance.

୧୧ । ପିତ୍ତ—11. Bile.

୧୨ । ସୁବର୍ଣ୍ଣାଦି ଧାତୁ—12. Metal (e.g. gold, silver)

୧୩ । ବ୍ରହ୍ମ—13. Brahma or the prime Essence of the universe.

୧୪ । ମଗଜ; ମଜ୍ଜା—14. Brain; marrow.

୧୫ । କୌଣସି ବସ୍ତୁର ସାର ଭାଗ—15. Essence; pith; quintessence.

୧୬ । ସୁନା (ହ୍ର. ଶବ୍ଦସାଗର)—16. Gold.

୧୭ । ମଖନ; ଲହୁଣି; (ହ୍ର. ଶବ୍ଦସାଗର)—17. Butter.

୧୮ । (ଦର୍ଶନ ଶାସ୍ତ୍ର) ସତ୍ତ୍ୱ ଗୁଣରୁ ଉତ୍ପନ୍ନ ଲିଙ୍ଗଶରୀର —
18. (Hindu philosophy) The material body born of the Satwa element of nature.

୧୯ । ପଞ୍ଚ ମହାଭୂତରୁ ଏକତମ; ଅଗ୍ନି—19. Fire, one of the 5 elements of nature according to the Hindu philosophy.

[ଦ୍ର—ଏଥିର ଗୁଣ-ଶବ୍ଦ, ସ୍ପର୍ଶ ଓ ରୂପ; ଏଥିରୁ ତାପ ଓ ଆଲୋକ ବାହାରେ ।]

୨୦ । ମନୁଷ୍ୟ ଦେହରେ ପ୍ରକାଶିତ ଉଜ୍ଜ୍ୱଳତା ବା ଆଭା—
23. The bright appearance of the human body (Apte).

୨୧ । ସାହସ; ସାହସ—21. Courage; valour (Apte).

୨୨ । ସାହସସୂଚକ ପ୍ରଭା—
22. Martial or heroic lustre (Apte).

୨୩ । ସାହସିକ ପ୍ରଭାବଶିଷ୍ଟ ବ୍ୟକ୍ତି—
23. One possessed of heroic lustre (Apte).

୨୪ । ଚରିତ୍ର ବଳ (ଯାହା ଅପମାନ ବା ମନ୍ଦ ବ୍ୟବହାର ସହ୍ୟ କରି ପାରେ ନାହିଁ)—24. The strength of character which does not brook insult or ill treatment (Apte).

୨୫ । ଗୌରବ; ମହତ୍ତ୍ୱ—
25. Majesty; dignity (Apte).

୨୬ । ଚକ୍ଷୁର ପ୍ରଭା ବା ନିର୍ମଳତା—
26. Clearness of the eyes (Apte).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଂ	ଉଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ତ୍ମ

୨୭ । ଉଜ୍ଜ୍ୱଳ ବସ୍ତୁ—
27. A shining or luminous body (Apte).

୨୮ । ପ୍ରଚଣ୍ଡତା; ଖରତା—28. Violence; fierceness; ferocity (Apte).

୨୯ । ଅଧୀରତା—29. Impatience (Apte).

୩୦ । ପ୍ରଚଣ୍ଡତା; ଉଗ୍ରତା—
30. Smartness; acuteness; keenness.

୩୧ । ସୂର୍ଯ୍ୟ (ଗାଙ୍ଗୁଲି)—31. The sun.

ତେଜ କଲମ—ଦେ. ବି—ତେଜୀ କଲମ (ଦେଖ)
Teja kalama   Tejī kalama (See)

ତେଜ କାଢ଼ିବା—ଦେ. କ୍ରି—୧ । ରାଗ ଦେଖାଇବା—
Teja kārdhibā   1. To give vent to one's anger.
তেজ বাহির করা   ୨ । ପ୍ରଭାବ ଦେଖାଇବା—2. To show
तेज निकालना, तमकना   one's mettle or spirit or energy.
[ତେଜଦେଖା(ଖେ)ଇବା—ଅନ୍ୟରୂପ]

୩ । ଗର୍ବ ଦେଖାଇବା—3. To show haughtiness.

୪ । ବାହାଦୁରି କରିବା—4. To arrogate; to brag.

ତେଜ ଚକ୍ର—ଦେ. ବି. (ସଂ. ତେଜଃ+ଚକ୍ର)—୧ । ତେଜସମୂହ; ତେଜୋରାଶି—1. A mass of lustre.
Teja chakra

୨ । ତେଜୋମୟ ଚକ୍ର—2. Luminous wheel.

ବୋଲେ କେ ଖଗବର ପକ୍ଷଭର
ବିଶେଷରେ ତେଜଚକ୍ର ସମ୍ଭବ । ଉପେ. ବୈଦେହୀଶବିଳାସ ।

ତେଜଣା—ଦେ. ବି. (ସଂ. ତେଜନ)—୧ । ତୀକ୍ଷ୍ଣୀକରଣ; ପଜାଇବା—
Tejaṇā   1. Act of whetting; sharpening.

୨ । ଜଳୁଥିବା ପ୍ରଦୀପର ବଳତାକୁ ତେଜିବା ନିମନ୍ତେ ବ୍ୟବହୃତ ଶଲାକା ବା କାଠି—2. A pick used to trim or push up the wick of a burning oil lamp; a trimmer.

୩ । ଦୀପକୁ ତେଜିବା—3. The trimming of the wick of a lamp; the act of pushing up the wick of a burning lamp.

ତେଜନ—ସଂ. ବି. (ତିଜ୍ ଧାତୁ+ଭାବ. ଅନ)—୧ । ତୀକ୍ଷ୍ଣୀକରଣ—
Tejana   1. Sharpening.

୨ । ଦୀପ୍ତକରଣ—2. Illuminating.

୩ । (+କର୍ମ ଅନଟ୍)—ବାଉଁଶ—3. Bamboo.

୪ । ମୁଞ୍ଜତୃଣ; ମୂରୁଗାଘାସ; କାଣ୍ଡଘର—
4. The Muñja grass.

(ତେଜନକ—ଅନ୍ୟରୂପ)   ୫ । ଶରତୃଣ—5 The sara reed.

ତେଜନୀ—ସଂ. ବି—୧ । ତେଜୋବତୀ (ଦେଖ)
Tejanī   1. Tejobatī (See)

୨ । ଚବ୍ୟ; ଚଇକାଠ—2. Piper Chaba.

ସଂ. ବିଣ—ମୂର୍ଖ (ହି. ଶବ୍ଦସାଗର)—Illiterate

ତେଜ ପତ୍ର—ସଂ. ବି. (ସଂ. ତ୍ୱକ୍‌ପତ୍ର)—ନାତିଦୀର୍ଘ ଚିରଶ୍ୟାମଳ ତରୁ ବିଶେଷର ସୁବାସିତ ପତ୍ର—
Teja patra   The scented leaves of cassia cinnamon; Tolia Malabathy; Cinnamonium Obtusifolium (Kirtikar.)

ସଂ. ଭୃଙ୍ଗ, ବରାଙ୍ଗ, ରାମେଷ୍ଟ, ବଲ୍କଲ, ତ୍ୱଚ, ଉତ୍କଟ, ଚୋଲ, ସୁରଭିବଲ୍କଲ, ସୂତକଣ୍ଠ, ଗନ୍ଧଜାତ, ମୁଖଶୋଧନ, ସିଂହଳ, ସୁରସ, କାମବଲ୍ଲଭ, ବହୁଗନ୍ଧ, ପତ୍ର, ପତ୍ରକ, ଚୋଚ, ବନପ୍ରିୟ, ଲଟପର୍ଣ୍ଣ, ଗନ୍ଧବଲ୍କଲ, ବର, ଶୀତ, ରାମବଲ୍ଲଭ, ତ୍ୱକ୍‌ପତ୍ର, ପାକରଞ୍ଜନ, ତମାଲପତ୍ର, ତ୍ୱକ୍
তেজপাতা; তেজপাত
तेजपत्ता, तेजपात
ମ ଓ ଗୁ. ତମାଲପତ୍ର
ତେ. ଅକୁପତ୍ରୀ
ଫା. ସାଦରସୁ
ଆ. ସାଜାଜ୍

[ଦ୍ର—ଦାରୁଚିନି ବା ଡାଲଚିନି ଗଛକୁ ମଧ୍ୟ ସଂସ୍କୃତରେ ତ୍ୱକ୍‌ପତ୍ର ବା ତ୍ୱଚ ବୋଲାଯାଏ । ଡାଲଚିନି ଗଛର ପତ୍ର ମଧ୍ୟ ବାସନାଯୁକ୍ତ, କିନ୍ତୁ ତେଜପତ୍ର ଗଛ ଓ ଡାଲଚିନି ଗଛ ପୃଥକ୍ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା କାଶ, ଆମ, କଣ୍ଡୁ, ଅରୁଚି କ୍ରିମି, ପୀନସଆଦି ରୋଗ ପକ୍ଷରେ ଉପକାରୀ ଓ ଧାତୁବର୍ଦ୍ଧକ ଓ ବଳକାରକ । ଏହାର ମଞ୍ଜିରୁ ଚାରା ଉଠାଇ ଗଛ ୫ ବର୍ଷର ହେଲେ ଲୋକେ ନେଇ ବାଡ଼ିରେ ପୋତନ୍ତି । ଏ ଗଛକୁ ଖରାରୁ ବଞ୍ଚାଇବା ପାଇଁ ଉପରେ ଛପର କରାଯାଏ ଓ ୨ ବର୍ଷ ପରେ ଏଥିରୁ ପତ୍ର ଓ ସାନ ସାନ ଡାଳ ଛିଣ୍ଡାଇ ଶୁଖାଇ ରଖାଯାଏ । ପ୍ରତିବର୍ଷ ଆଶ୍ୱିନଠାରୁ ମାର୍ଗଶିର ପର୍ଯ୍ୟନ୍ତ ଏଥିର ପତ୍ର ଛିଣ୍ଡାଯାଏ । ପ୍ରତି ଗଛରୁ ବର୍ଷକେ ୧୦।୧୫ ସେର ପତ୍ର ବାହାରେ । ଏ ଗଛ ପୂର୍ବ ହିମାଳୟ, ଖାସିଆ ପାହାଡ଼, ତ୍ରିପୁରାଆଦି ପୂର୍ବଭାରତୀୟ ଅଞ୍ଚଳର ନାତିଦୀର୍ଘ ଚିରହରିତ ବୃକ୍ଷ ଅଟେ । ଏ ପତ୍ର ଔଷଧରେ ଓ ତରକାରୀରେ ମସଲାରୂପେ ବ୍ୟବହୃତ ହୁଏ ।]

ତେଜବତୀ—ଦେ. ବି—ତେଜୋବତୀ (ଦେଖ)
Tejabatī   Tejobatī (See)

ତେଜବନ୍ତ—ଦେ. ବିଣ. (ସଂ. ତେଜୋବତ୍)—ତେଜୋବାନ୍ (ଦେଖ)
Tejabanta   Tejobān (See)
तेजवन्त
(ତେଜଧାରୀ—ଅନ୍ୟରୂପ)

ସୁନ୍ଦର ସ୍ୱର ତେଜବନ୍ତ
ସକଳ ସୁବିଦ୍ୟା ପଣ୍ଡିତ । ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—ସଂ. ବତୁପ୍ ଓ ମତୁପ୍ ପ୍ରତ୍ୟୟ ନିଷ୍ପନ୍ନ ପଦମାନ ଯଥାକ୍ରମେ ଓଡ଼ିଆରେ ପୁଂ. ବନ୍ତ (ପ୍ରାଚୀନ ପଦ୍ୟାଦିରେ ବନ୍ତା) ଓ ସ୍ତ୍ରୀ ବନ୍ତୀ ଏବଂ ପୁଂ. ମନ୍ତ, (ପ୍ରାଚୀନ—ମନ୍ତା) ଓ ସ୍ତ୍ରୀଲିଙ୍ଗରେ ମନ୍ତୀ ହୋଇ ବ୍ୟବହୃତ ହୁଏ ।]

ତେଜବର—ପ୍ରାଦେ. (ବାଲେଶ୍ୱର) ବି. (ଭୁଲ. ବ. ଏହି ଅର୍ଥରେ ଏହି ଶବ୍ଦ)—ଯେ ତିନୋଟି ଥର ବିବାହ କରିଅଛି—
Tejabara   A person who has married three times in succession.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଓଲଟା ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝଙ୍କାଟା ଠିକ ହେଉଁ ହେଉଁ ବରର ବୟସ ହୋଇ ଗଲଣି ପଚିଶ,
କନ୍ୟା ଧନବନ୍ତ ଲୋକ ନୋଳବର ଓ ତେଜବର ବୟସ ଷାଠିଏ ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ତେଜମୟ—ଦେ. ବଣ. ପୁଂ. (ସ. ତେଜୋମୟ)—ତେଜୋମୟ (ଦେଖ)
Tejamaya — Tejomaya (See)

ରୁଦ୍ର ନାସବ ତେଜମୟ
ପ୍ରକାଶ ସୂର୍ଯ୍ୟ ରଶ୍ମି ପ୍ରାୟ । ଜଗନ୍ନାଥ. ଭଗବତ ।

ତେଜ(ଜା)ରତ—ବୈଦେ. ବ. (ଅ. ତିଜାରତ୍)—ତିଜାରତ (ଦେଖ)
Teja(jā)rāt — Tijārata (See)

ତେଜ(ଜା)ରତି—ବୈଦେ. ବଣ. (ଅ. ତିଜାରତି)—
Teja(jā)rāti ତିଜାରତି (ଦେଖ)
(ତେଜାରତି—ଅନ୍ୟରୂପ) Tijārati (See)

ତେଜ(ଜୁ)ରି—ବୈଦେ. ଗ୍ରା. ବ. (ଇଂ. ଟ୍ରେଜରି)—
Teja(ju)ri ଟ୍ରେଜରି (ଦେଖ)
[ତେରଜ(ଜୁ)ରି—ଅନ୍ୟରୂପ] Trejari (See)

ତେଜରର—ଗ୍ରା. ବୈଦେ. ବ. (ଇଂ. ଟ୍ରେଜରର)—ଟ୍ରେଜରର (ଦେଖ)
Tejarara — Trejarara (See)

ତେଜଲ—ସ. ବ. (ତିଜ୍ ଧାତୁ + ସଜ୍ଞାର୍ଥେ. ଅଲ)—୧ । କପିଞ୍ଜଳ ପକ୍ଷୀ;
Tejaḻa ଗୌରତିତିର—1. Brown swallow.
୨ । ଗୃଡକ ପକ୍ଷୀ—2. Coccyster bird.

ତେଜସ୍—ସ. ବ.—ତେଜଃ (ଦେଖ)
Tejas — Tejaḥ (See)

ତେଜସ୍କର—ସ. ବଣ. (ତେଜସ୍ + କୃ. ଧାତୁ + କର୍ତ୍ତୃ. ଅ)—
Tejaskara ୧ । ପ୍ରଭାବଶାଳୀ—1. Glorious.
(ତେଜସ୍କରୀ—ସ୍ତ୍ରୀ) ୨ । ଦୀପ୍ତିଶାଳୀ—2. Glamorous.
୩ । ଉଦ୍ଦୀପକ—3. Invigorating; exciting.
୪ । ବଳକାରକ—4. Strengthening; strength-giving.
୫ । ଯଦ୍ଦ୍ୱାରା ତେଜୋବୃଦ୍ଧି ହୁଏ—
5. Increasing vigour; energy-giving.

ତେଜସ୍ୱ—ସ. ବ. (ତେଜସ୍ + ବ)—ମହାଦେବ; ଶିବ (ହ. ଶବ୍ଦସାଗର)
Tejaswa — Śiba.

ତେଜସ୍ୱତୀ—ସ. ବ. ସ୍ତ୍ରୀ (ତେଜସ୍ୱାନ୍ + ସ୍ତ୍ରୀ. ଈ)—ଚଇ; ବଣ ପିପଳୀ;
Tejaswatī ଗଜପିପ୍ପଳୀ—A medicinal creeper.
• ସ. ବଣ. ସ୍ତ୍ରୀ.—ତେଜସ୍ୱାନ୍‌ର ସ୍ତ୍ରୀଲିଙ୍ଗ—
Feminine of Tejasbān (See)

ତେଜସ୍ୱାନ୍—ସ. ବଣ. ପୁଂ (ତେଜସ + ଅସ୍ତ୍ୟର୍ଥେ ବତ୍;)—
Tejaswān ତେଜସ୍ୱତ୍ ଶବ୍ଦ ୧ମା ୧ବ.)—୧ । ଦୀପ୍ତିମାନ୍—
(ତେଜସ୍ୱତୀ—ସ୍ତ୍ରୀ) 1. Shining; briliiant.
୨ । ପ୍ରଭାବଶାଳୀ—2. Powerful.
୩ । ବଳବାନ୍—3. Vigorous.
୪ । ଶକ୍ତିଶାଳୀ—4. Energetic.

ତେଜସ୍ୱିନୀ—ସଂ. ବ. ସ୍ତ୍ରୀ—(ତେଜସ୍ୱୀନ୍ + ସ୍ତ୍ରୀ. ଈ)—୧ । ମହାଜ୍ୟୋତି-
Tejaswinī ସ୍ୱର୍ଣ୍ଣ ଲତା —1. A kind of phosphorescent herb.
୨ । ତେଜୋବିଶିଷ୍ଟା ସ୍ତ୍ରୀ—2. A vigorous woman.
୩ । ତେଜୋବତୀ (ଦେଖ)
3. Tejobatī (See)
ସ. ବଣ ସ୍ତ୍ରୀ—ତେଜସ୍ୱୀର ସ୍ତ୍ରୀଲିଙ୍ଗ—
Feminine of Tejaswī (See).

ତେଜସ୍ୱୀ—ସଂ. ବଣ. ପୁଂ. (ତେଜସ୍ + ଅସ୍ତ୍ୟର୍ଥେ. ବିନ୍; ତେଜସ୍ୱିନ୍
Tejaswī ୧ମା. ୧ବ.)—୧ । ଦୀପ୍ତିଶାଳୀ; ତେଜୋବିଶିଷ୍ଟ—
(ତେଜସ୍ୱିନୀ—ସ୍ତ୍ରୀ) 1. Lustrous; splendid.
(ତେଜସ୍ୱିତା—ବି) ୨ । ପରାକ୍ରାନ୍ତ—2. Vigorous; splendid.
୩ । ବଳବାନ୍—3. Mighty; powerful; mettled.

ତେଜା—ଦେ. ବ. (ସଂ. ତେଜନ)—୧ । ଦୀପ ତେଜିବା—
Tejā 1. Trimming the wick of a lamp.
তেজা ୨ । ଉତ୍ତେଜନ—
उसकाना 2. Incitement.

ତେଜା(ଜେ)ଇବା—ଦେ. କ୍ରି.—୧ । ତେଜିବା କ୍ରିୟାର ଣିଜନ୍ତରୂପ—
Tejā(je)ibā 1. The causative form of 'Tejibā'.
তেজান ୨ । ତ୍ୟାଗ କରାଇବା—
उसकाना To cause to quit.
তেজান ବଳସାର ଯଥା ଅଳକା ତେଜାଇ ଈଶ୍ୱରଙ୍କୁ ଶମଶାନେ ।
तेजाना ଭକ୍ତ: ବୈଦେହୀଶ ବିଳାସ ।

ତେଜାବ୍—ବୈଦେ. ବ. (ଫା.)—ଏସିଡ୍; ଅମ୍ଳସାର—
Tejāb — Acid.
অম্লদ্রাবক तेजाब

ତେଜାଲ—ବୈଦେ ବ.—(ପର୍ତ୍ତୁଗୀଜ୍—ତିଜେଲା—ମାଟିର ଷ୍ଟୋଭ
Tejāḻa ହାଣ୍ଡି)—ମାଟିର ଉଠା ଚୁଲ୍ଲୀ—A portable earthen oven.
তিজাল
उठल्ल चुल्हा ଦେ. ବଣ.—ତେଜସ୍ୱୀ—
তেজাল Energetic.
तेज़ी

ତେଜି (ଧାତୁ)—ସଂ.—(ତିଜ୍ ଧାତୁ + ଣିଚ୍)—୧ । ତୀକ୍ଷ୍ଣ କରାଇବା—
Teji (root) 1. To sharpen.
୨ । ଉତ୍ତେଜିତ କରିବା—2. To incite.

ତେଜି ଉଠିବା—ଦେ. କ୍ରି.—୧ । ଭାରି ରାଗିଯିବା—
Teji uṭhibā 1. To be very angry.
କହୁଁ କହୁଁ ଏ ବୃଦ୍ଧଙ୍କର କ୍ରୋଧ ତେଜି ଉଠିଲା ।
ମଧୁସୂଦନ. ଉତ୍ତର ରାମଚରିତ ।
୨ । ଅପେକ୍ଷାକୃତ ତେଜସ୍ୱୀ ହେବା—
2. To be brighter to some extent

ତେଜିତ—ସଂ. ବଣ.—(ତିଜ୍ ଧାତୁ ଣିଚ୍ = ତେଜି ଧାତୁ + କର୍ମ. ତ)—
Tejita ୧ । ଶାଣିତ—1. Sharpened.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଂସ୍ତ	ଉଂଅ	ଓ
୨	ଈ	ଊ	ଋୃ	ଌୢ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ୱ	ନ୍

୨ । ମାର୍ଜିତ—2. Purified; trimmed.

୩ । ଉତ୍ତେଜିତ—2. Excited.

[ଦ୍ର—ଏହା ଯଜୁର୍ବେଦାନ୍ତର୍ଗତ ୮୬ ଶାଖା ମଧ୍ୟରୁ ଏକତମ । ଏହା ଅନ୍ତେୟ ଅନୁକ୍ରମଣିକା ଓ ପାଣିନଙ୍କ ଅନୁସାରେ ପ୍ରୋକ୍ତ । ପୁରାଣରେ ଲେଖାଅଛି ଯେ, ଏକଦା ବୈଶମ୍ପାୟନ ବ୍ରହ୍ମହତ୍ୟା କରିଥିଲେ । ଏଥିର ପ୍ରାୟଶ୍ଚିତ୍ତ ପାଇଁ ସେ ଆପଣା ଶିଷ୍ୟମାନଙ୍କୁ ଯଜ୍ଞ କରିବାକୁ ଆଦେଶ ଦେଲେ । ଆଦେଶ ଅନୁସାରେ ସବୁ ଶିଷ୍ୟମାନେ ଯଜ୍ଞ କରିବାକୁ ପ୍ରସ୍ତୁତ ହେଲେ, କିନ୍ତୁ ଯାଜ୍ଞବଲ୍କ୍ୟ ପ୍ରସ୍ତୁତ ହୋଇ ନ ଥିବାର ଦେଖି ବୈଶମ୍ପାୟନ କୁପିତ ହୋଇ କହିଲେ ତୁମ୍ଭେ ଆମ୍ଭର ଶିଷ୍ୟତ୍ୱ ପରିତ୍ୟାଗ କର । ଏଥିରେ ଯାଜ୍ଞବଲ୍କ୍ୟ ଗୁରୁଙ୍କଠାରୁ ଯାହା ଯାହା ଶିକ୍ଷା କରିଥିଲେ ତାହା ସବୁ ବାନ୍ତି କରି ପକାଇଲେ । ଏହା ଦେଖି ତାଙ୍କ ସହପାଠିମାନେ ତିତ୍ତିର ପକ୍ଷୀରୂପ ଧାରଣ କରି ତାହା ଖୁଣ୍ଟି ନେଲେ । ଏହାହିଁ ତୈତ୍ତିରୀୟ ଶାଖା ହେଲା । ଏହି ଶାଖାର ଉପନିଷଦ ୩ ଭାଗରେ ବିଭକ୍ତ । ପ୍ରଥମ ଭାଗର ନାମ ସଂହିତୋପନିଷଦ ବା ଶିକ୍ଷାବଲ୍ଲୀ; ଏଥିରେ ବ୍ୟାକରଣ ଓ ଅଦ୍ୱୈତବାଦର ଚର୍ଚ୍ଚା ହୋଇଅଛି, ୨ୟ ଭାଗ ଆନନ୍ଦବଲ୍ଲୀ ଓ ୩ୟ ଭାଗ ଭୃଗୁବଲ୍ଲୀ; ୨ୟ ଓ ୩ୟ ଭାଗକୁ ସମ୍ମିଳିତଭାବରେ ବାରୁଣୀ ଉପନିଷଦ କୋହିଯାଏ । ତୈତ୍ତିରୀୟ ଉପନିଷଦରେ ବ୍ରହ୍ମବିଦ୍ୟା, ଶ୍ରୁତି, ସ୍ମୃତି, ଇତିହାସ ବିଷୟର ଚର୍ଚ୍ଚା ହୋଇଅଛି । ଶଙ୍କରାଚାର୍ଯ୍ୟ ଏହି ଉପନିଷଦର ଗୋଟିଏ ଉତ୍କୃଷ୍ଟ ଭାଷ୍ୟ କରିଅଛନ୍ତି—ହ୍ର. ଶବ୍ଦସାଗର ।]

୨ । ଉପରୋକ୍ତ ଶାଖାର ଉପନିଷଦବିଶେଷର ନାମ—
2. A treatise of Upanishada on the above section of the Jajurbeda.

ତୈତ୍ତିରୀୟକ—ସଂ. ବଣ—ଯଜୁର୍ବେଦାନ୍ତର୍ଗତ ତୈତ୍ତିରୀୟ ଶାଖାଧ୍ୟାୟୀ—
Taittiriyaka Reading the Taittariya chapter of the Jajurbeda.

ତୈତ୍ତିରୀୟାରଣ୍ୟକ—ସଂ. ବ. (ତୈତ୍ତିରୀୟ+ଆରଣ୍ୟକ)—
Taittiriyāraṇyaka ତୈତ୍ତିରୀୟ ଶାଖାର ଆରଣ୍ୟକ ଅଂଶ (ଏଥିରେ ବାନପ୍ରସ୍ଥ ଅବଲମ୍ବନ ପାଇଁ ଉପଦେଶ ଅଛି)—
Name of a part of the Taittiriya Śākhā.

ତୈନ୍—ବୈଦେ. ବ ଓ ବଣ. (ଅ)—ତଇନ୍ (ଦେଖ)
Tain Tain (See)

ତୈନାତ୍(ତି)—ବୈଦେ. ବ ଓ ବଣ. (ଅ)—ତଇନାତ (ଦେଖ)
Taināt(ti) Taināta (See)

ତୈୟାର—ବୈଦେ. ବଣ. (ଅ)—ତିଆର (ଦେଖ)
Taiyāra Tiāra (See)

ତୈୟାରି—ବୈଦେ. ବ (ଅ)—ତିଆରି (ଦେଖ)
Taiyāri Tiāri (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଣ୍ଡ ନ ମିଳିଲେ 'ଗାଣ୍ଡ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଯ୍ୟା' ନ ପାଇଲେ 'ଅର୍ଯ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବଣ—ତୁଆର (ଦେଖ)—Tiāra (See)

ତୈର—ସଂ. ବି—ଗୁଳ୍ମବିଶେଷ—
Taira Name of a bushy plant.
ଅନ୍ୟ ସଂ. ନାମ—ତୈରଣୀ, (ଦ୍ର—ବୈଦ୍ୟକମତରେ ଏହାର ପତ୍ର ଭୂମ୍ଳାଲି, ସୁଗନ୍ଧ ଇକ୍ଷୁ ଓ ବ୍ରଣନାଶକ—ହି. ଶବ୍ଦସାଗର ।)

ତୈର୍ଥ—ସଂ. ବି. (ତୀର୍ଥ+ଭୂତ୍ୟାର୍ଥେ ଅ)—ତୀର୍ଥକୃତ୍ୟକର୍ମ; ତୀର୍ଥରେ
Tairtha କରାଯିବା କର୍ମ—The pious acts and rituals enjoined in the Sastras to be performed at particular holy places.

ତୈର୍ଥିକ—ସଂ. ବି. (ତୀର୍ଥ=ଦର୍ଶନ ଶାସ୍ତ୍ର+ଭବାର୍ଥେ ଇକ)—
Tairthika କପିଳ, କଣାଦଆଦି ଦର୍ଶନଶାସ୍ତ୍ରପ୍ରଣେତା—An author of a treatise on Hindu Philosophy; Philosopher.

ତୈଳ—ସଂ. ବି. (ତିଳ+ବିକାରାର୍ଥେ ଅ)—୧ । ରାଶିତେଲ—
Taila 1. Sesamum oil.
୨ । ତେଲ, ମାଳସା—2. Oil.
୩ । ଚିକ୍କଣ ବା ସ୍ନେହ ଦ୍ରବ ପଦାର୍ଥ—3. Oily liquid.
୪ । ଲୋବାନ୍—4. Benzoin (Apte).
୫ । ଆୟୁର୍ବେଦୋକ୍ତ ପ୍ରକ୍ରିୟାରେ ପ୍ରସ୍ତୁତ ତେଲ—
5. Mediciated oil.

ତୈଳକନ୍ଦ—ସଂ. ବି—ତେଲିଆ କନ୍ଦ (ଦେଖ)
Tailakanda Teliā kanda (See)

ତୈଳକଲ୍କ—ସଂ. ବି. (୬ଷ୍ଠୀ ତତ୍; ତୈଳ+କଲ୍କ)—ପିଡ଼ିଆ—
Tailakalka Oil cake.

ତୈଳକାର—ସଂ ବି. (ତୈଳ+କୃ ଧାତୁ+କର୍ତ୍ତୃ. ଅ)—
Tailakāra ତେଲି—Oilman.
[ଦ୍ର—ବ୍ରହ୍ମବୈବର୍ତ୍ତପୁରାଣ ମତରେ ଏ ଜାତିର ଉତ୍ପତ୍ତି କୋଟକ ଜାତୀୟା ସ୍ତ୍ରୀ କୁମ୍ଭୀରଜାତୀୟ ପୁରୁଷଠାରୁ ଉତ୍ପତ୍ତି—ହି. ଶବ୍ଦସାଗର ।]

ତୈଳକିଟ୍ଟ—ସଂ. ବି (୬ଷ୍ଠୀ ତତ୍)—୧ । ତେଲର ତାଣ୍ଡି—
Tailakitta 1. Sediment of oil deposited at the bottom of a pot.
ପିଡ଼ିଆ—2. Oil cake

ତୈଲଙ୍ଗ—ସଂ. ବି. ନାମ—୧ । ଦାକ୍ଷିଣାତ୍ୟର ପୂର୍ବ ଉପକୂଳସ୍ଥ ଅଞ୍ଚଳ—
Tailanga 1. The Telangana or Carnatic (Apte).
୨ । ତୈଲଙ୍ଗ ଦେଶବାସୀ ବ୍ୟକ୍ତି—2. An inhabitant of the Telanga country.
[ଦ୍ର—ପ୍ରାଚୀନ ତୈଲଙ୍ଗ ଦେଶ ଶ୍ରୀଶୈଳଠାରୁ ଚୋଳ ଦେଶ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କେତେକଙ୍କ ମତରେ ଏ ଦେଶରେ କାଳେଶ୍ୱର, ଶ୍ରୀଶୈଳ ଓ ଭୀମେଶ୍ୱର ନାମକ ତିନ ପାହାଡ଼ରେ ଥିବା ୩ ଗୋଟି ଶିବଲିଙ୍ଗ (ତ୍ରିଲିଙ୍ଗ) ଥିବାରୁ ଏ ନାମ ହୋଇଅଛି । କେହି କେହି କହନ୍ତି ଏହା ତ୍ରିକଳିଙ୍ଗର ଅପଭ୍ରଂଶ । ଓଡ଼ିଶାର ଦକ୍ଷିଣରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଭାରତ ଉପକୂଳ ତୈଲଙ୍ଗ ଦେଶ ଅଟେ ।]

ତୈଲଙ୍ଗୀ—ଦେ. ବଣ—ତେଲଙ୍ଗୀ (ଦେଖ)
Tailangi Telangi (See).
(ତୈଲଙ୍ଗୀସ୍ତ—ଅନ୍ୟରୂପ)

ତୈଲଚୋ(ଚୌ)ରିକା—ସଂ. ବି. ସ୍ତ୍ରୀ—ଅସରପା—
Tailacho(chau)rikā Cockroach.

ତୈଳଦ୍ରୋଣୀ—ସଂ. ବି (ମ. ପ. ଲୋ. ତୈଳପୂର୍ଣ୍ଣ ଦ୍ରୋଣୀ=କାଷ୍ଠପାତ୍ର)-
Tailadroni ୧ । ତେଲପୂର୍ଣ୍ଣ କାଠପିମ୍ପା—
1. Oil can; wooden cans full of oil.
୨ । ତୈଳପୂର୍ଣ୍ଣ ବଡ଼ ଲମ୍ବ ପାତ୍ର—
1. A tub filled with oil.
[ଦ୍ର—ଏ ପାତ୍ର ମଧ୍ୟରେ ମନୁଷ୍ୟ ଶୋଇ ପାରିବା ଭଳି ଏହା ଲମ୍ବ ହୋଇ ପ୍ରସ୍ତୁତ ହେଉଥିଲା । ଏଥିରେ ତୈଳ ପୂର୍ଣ୍ଣ ହୋଇ ମୃତଦେହକୁ ରଖା ଯାଉଥିଲା । ଶବକୁ ତୈଳଦ୍ରୋଣୀରେ ରଖିବାରୁ ତାହା ଶୀଘ୍ର ସଢ଼ୁ ନ ଥିଲା । ରାଜା ଦଶରଥଙ୍କ ଶବ ଭରତଙ୍କ ଆଗମନ ଅପେକ୍ଷାରେ ତୈଳଦ୍ରୋଣୀରେ ସଞ୍ଚିତ କରି ଯାଇଥିଲା ।]

ତୈଳପକ—ସଂ. ବି. ପୁଂ (ତୈଳ+ପା ଧାତୁ=ପିଇବା+କର୍ତ୍ତୃ. ଅ+
Tailapaka କ)—ତୈଳଚୋରିକା (ଦେଖ)
Tailachorikā (See).

ତୈଳପକ୍ୱ—ସଂ. ଢଣ (ତୃତୀୟା ତତ୍; ତୈଳ+ପକ୍ୱ)—ତେଲରେ
Tailapakwa ପାକ କରି ଯାଇଥିବା; ତେଲରେ ଭଜା ଯାଇଥିବା—
Fried in oil.

ତୈଳପର୍ଣ୍ଣିକ—ସଂ. ବି (ତୈଳପର୍ଣ୍ଣୀ=ଚନ୍ଦନକାଷ୍ଠ+କ)—
Tailaparnnika ହରିଚନ୍ଦନ; ଶ୍ୱେତଚନ୍ଦନ—White sandal wood.
(ତୈଳପର୍ଣ୍ଣୀ—ଅନ୍ୟରୂପ)

ତୈଳପା—ସଂ. ବି. ସ୍ତ୍ରୀ (ତୈଳ+ପା ଧାତୁ=ପିଇବା+କର୍ତ୍ତୃ. ଅ)—
Tailapā ତୈଳଚୋରିକା (ଦେଖ)—Tailachorikā (See)
(ତୈଳପାୟିକା, ତୈଳପାୟୀ—ଅନ୍ୟରୂପ)

ତୈଳପିଷ୍ଟକ—ସ. ବି—ପିଡ଼ିଆ—
Tailapishtaka Oil cake.

ତୈଳବଲ୍ଲୀ—ସଂ. ବି—ଶତାବରୀ; ଶତମୂଳୀ—
Tailaballi Asparagus.

ତୈଳମର୍ଦ୍ଦନ—ସଂ. ବି (୬ଷ୍ଠୀ ତତ୍; ତୈଳ+ମର୍ଦ୍ଦନ)—
Tailamarddana ୧ । ଦେହରେ ତେଲ ମାଲିସ୍ କରିବା; ତେଲ ମାଖିବା—1. Anointing or rubbing oil on the body.
ଦେ. ବି (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଖୋସାମତ ବା ସ୍ତୁତି କରିବା—(Figurative) Flattering a person.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇପ୍ସ	ଉଥ	ଛ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଞ	ନ୍

ତୈଳମାଳୀ—ସଂ. ବ—ତେଲର ବଳତା—
Tailamāli A wick saturated with oil.

ତୈଳଯନ୍ତ୍ର—ସଂ. ବ (ମ. ପ. ଲୋ. ତୈଳନିଷ୍କାସକ ଯନ୍ତ୍ର)—ଘଣା—
Tailajantra Oil mill.

ତୈଳଶାଳା—ସଂ. ବ (୬ଷ୍ଠୀ ତତ୍; ତୈଳ+ଶାଳା)—ତେଲଶାଳ—
Tailaśālā A house where oil mill is worked.
(ତୈଳଶାଳା—ଅନ୍ୟରୂପ)

ତୈଳସାଧନ—ସଂ. ବ (ତୈଳ+ସିଧ୍ ଧାତୁ ଣିଚ୍=ସାଧ୍ ଧାତୁ ନିଷ୍ପାଦନ
Tailasādhana କରିବା+କର୍ତ୍ତୃ. ଅନ)—୧ । ଗନ୍ଧଦ୍ରବ୍ୟ-
ବିଶେଷ—1. Perfume for scented oils.
୨ । ଶୀତଳଚିନି; କବାବଚିନି—2. Cubebs.

ତୈଳସେକ—ସଂ. ବ (୬ଷ୍ଠୀ ତତ୍; ତୈଳ+ସେକ)—ଦେହରେ ଗରମ
Tailaseka ତେଲ ମାଲିସ—Rubbing warm oil over the body.

ତୈଳ ସ୍ଫଟିକ—ସଂ. ବ—୧ । ଅମ୍ବର ନାମକ ଗନ୍ଧଦ୍ରବ୍ୟ; ଅମ୍ବର—
Taila sphaṭika Amber-gris.
[ଦ୍ର—ଏହା ଏକପ୍ରକାର ସମୁଦ୍ରଜାତ ସୁଗନ୍ଧ ଦ୍ରବ୍ୟ । ଏହା ତିମି ମାଛର ଅନ୍ତ୍ରରୁ ବାହାରି ସମୁଦ୍ରରେ ଭାସି ଆସେ । ଆଉ ଏକ ପ୍ରକାର ଅମ୍ବର ଖଣିରୁ ମିଳେ ଏହାକୁ ଇଂରାଜୀରେ (fossil amber) ବୋଲାଯାଏ; କେହି କେହି କହନ୍ତି ଏହା ସମୁଦ୍ରଗର୍ଭ-ଜାତ ଏକପ୍ରକାର ଘନୀଭୂତ ଉଦ୍ଭିଦ ପଦାର୍ଥ ।]

ତୈଳା—ଦେ. ବ ଓ ବଣ—ତଇଳା (ଦେଖ)
Tailā Tailā (See)

ତୈଳାକ୍ତ—ଦେ. ବଣ (୩ୟା ତତ୍; ତୈଳ+ଅକ୍ତ=ଲିପ୍ତ)—
Tailākta ୧ । ତେଲ ସରସର—1. Besmeared with oil.
୨ । ତେଲିଆ—2. Oily.

ତୈଳାକ୍ଷ୍ୟ—ସଂ. ବ—ଶିଳାରସ (ଦେଖ)
Tailākshya Śilārasa (See)

ତୈଳାଟ—ସଂ. ବ (ତୈଳ+ଅଟ୍ ଧାତୁ+କର୍ତ୍ତୃ. ଅ)—ବରୁଡ଼ି
Tailāṭa (ହି ଶବ୍ଦସାଗର)—Wasp.

ତୈଳାଧାର—ସଂ. ବ (୬ଷ୍ଠୀ ତତ୍; ତୈଳ+ଆଧାର)—ତେଲ ରଖିବା
Tailādhāra ପାତ୍ର—A receptacle for oil.

ତୈଳାଭ୍ୟଙ୍ଗ—ସଂ. ବ (୬ଷ୍ଠୀ ତତ୍; ତୈଳ+ଅଭ୍ୟଙ୍ଗ=ମର୍ଦ୍ଦନ)—
Tailābhyanga ଦେହରେ ତେଲ ମାଲିସ କରିବା—
Anointing the body with oil.

ତୈଳିକ—ଦେ. ବି. ପୁଂ (ତୈଳ+ବ୍ୟବସାୟାର୍ଥେ. ଇକ)—ତେଲି—
Tailika Oil man.
(ତୈଳିକା—ସ୍ତ୍ରୀ) ବଣ (+ସମ୍ବନ୍ଧାର୍ଥେ. ଇକ) ତୈଳ ସମ୍ବନ୍ଧୀୟ—
Relating to oil.

ତୈଳିକ ଯନ୍ତ୍ର—ସଂ. ବ (କର୍ମଧା; ତୈଳିକ+ଯନ୍ତ୍ର)—ତେଲଘଣା—
Tailika jantra Oil mill.

ତୈଳିନୀ—ସଂ. ବ—୧ । ତେଲୁଣୀ ପୋକ—
Tailini Galley worm; myrapod.
୨ । ବଳତା—2. Lamp wick.

ତୈଳୀ—ସଂ. ବି. ପୁଂ (ତୈଳ+କରିବା ଅର୍ଥରେ. ଇନ୍)—
Taili ତୈଳିକ (ଦେଖ)
(ତୈଳିନୀ—ସ୍ତ୍ରୀ) Tailika (See)

ତୈଷ—ସଂ. ବ (ତୈଷୀ ଅର୍ଥାତ୍ ପୁଷ୍ୟା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା+କାଳାର୍ଥେ. ଅ)
Taisha ପୁଷମାସ—The month Pusha.

ତୋ—ଦେ. ଅ—(ବାକ୍ୟର ପୂରଣାର୍ଥେ, ଦୂରବସ୍ଥୁ ପ୍ରଦର୍ଶନାର୍ଥେ
To ବ୍ୟବହୃତ; ସଂ. ତୁ)—ତ; ତେବେ—Too.
तो (ଯଥା—ହେଇ ତୋ ! ବଡ଼ ଦେଉଳର ଗାଲଚକ୍ର ବାନା
তো ଦେଖାଗଲାଣି ।)
तोर ସର୍ବନାମ (ସଂ. ତେ; ଅନାଦରାର୍ଥକ; ଓ ତୁ ଶବ୍ଦର ୬ଷ୍ଠୀ
তেরা ବିଭକ୍ତି ୧ବଚନ) ; ତୋର; ତୁମ୍ଭର—Thine.

ତୋକମାରି—ବୈଦେ. ବ (ଫା. ତୁଖମଲଙ୍ଗା)—ଛୋଟ ଗୋଲ ଲଣ୍ଡାବଗୁଲି
Tokmāri ମଞ୍ଜି ପରି ଏକପ୍ରକାର ମଞ୍ଜି—The seed of tooly
तोकमारी hook; Lallemantia Roybana.
তোকমারী [ଦ୍ର—ଏ ଗୁଳ୍ମ ତୁଳସ୍ୟାଦିବର୍ଗର ବନ୍ୟ କ୍ଷୁଦ୍ର କ୍ଷୁପ; ଏଥିର ମଞ୍ଜିକୁ ଗରମ ପାଣିରେ ପକାଇଲେ ଲଣ୍ଡାବଗୁଲି ମଞ୍ଜି ପରି ଚାହା ଫୁଲି ଉଠେ । ଏହାକୁ କଥ ଉପରେ ଦେଲେ ଅଳ୍ପ ସମୟ ମଧ୍ୟରେ କଥ ଫାଟିଯାଏ ।]

ତୋକ—ସଂ. ବି. ପୁଂ (ତୁ ଧାତୁ=ବୃଦ୍ଧି ପାଇବା+କ)—୧ । ଶିଶୁ;
Toka ଛୋଟ ପିଲା—1. Child; boy.
(ତୋକା—ସ୍ତ୍ରୀ) ୨ । (ନାମ) ଶ୍ରୀକୃଷ୍ଣଙ୍କର ଜଣେ ସଖା—
2. Name of a companion of Śrikṛushṇa.

ତୋକେ—ପ୍ରାଦେ (କଳାହାଣ୍ଡି) ସର୍ବନାମ (ତୁଳ. ବଂ ତୋକେ)—
Toke ତୋତେ—To thee.

ତୋକ୍ମ—ସଂ. ବ—୧ । ଅଙ୍କୁର; ଗଜା (ହି. ଶବ୍ଦସାଗର)—
Tokma 1. Sprout.
୨ । ଯବଧାନର ନୂଆ ଗଜା—2. Sprout of barley.
୩ । କଞ୍ଚା ଯବଧାନ—3. Unripe barley.
୪ । ହଳଦିଆ ବର୍ଣ୍ଣ—4. Yellow colour.
୫ । ମେଘ (ହି. ଶବ୍ଦସାଗର)—5. Cloud.
୬ । କାନର ମଳ, କାନଗୁହ (ହି. ଶବ୍ଦସାଗର)—
6. Ear wax.

ତୋଖଡ଼ ମୋଖଡ଼—ବୈଦେ. ବ (ଅ) (ସହଚର ଶବ୍ଦ)—
Tokharda mokharda ଟିଖଡ଼ (ଦେଖ)
Tikharda (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସେ ଅବଧାନଙ୍କ ସଙ୍ଗରେ ବ ତୋଖଡ଼ ମୋଖଡ଼ ଲଗାଇଲେଣି—
ଫଙ୍କାରମୋହନ. ଗଳ୍ପସ୍ବଳ୍ପ ।

ତୋଖମ୍—ବୈଦେ. ବି (ଫା. ତୁଖ୍. ସଂ. ତୋକ୍=ପିଲା)—
Tokham ଜନ୍ମ; କୁଳ—Birth; lineage.
তোখম ତୋଖମ୍, ତାଗମ୍ ଖୋବର୍ ଅସଲ—ଫାରସୀ. ପଦ ।
तोख़म

ତୋଟ୍ରି—ଦେ. ବି—ଧାନ ଗଛର ରୋଗବିଶେଷ—
Totri A kind of pest attacking paddy plants.
ତୋଟର } ଅନ୍ୟରୂପ
ତୋଟୁର }
[ଦ୍ର—ଏ ରୋଗରେ ଧାନ କେଣ୍ଡା ବାହାରିବା ପୂର୍ବରୁ ଗଛ ଶୁଖିଯାଏ ।]

ତୋଟକ—ଦେ. ବି (ସଂ. ତ୍ରୋଟକ)—ପ୍ରତ୍ୟେକ ଚରଣରେ ୧୨ ଗୋଟି
Totaka ଲେଖାଏଁ ଅକ୍ଷର ଥିବା ଛନ୍ଦୋବିଶେଷ—The name of a Sanskrit metre of 12 letters.
[ଦ୍ର—ଏହାର ପ୍ରତ୍ୟେକ ଚରଣର ଅକ୍ଷରକୁ ଚାରି ଅଂଶରେ ବିଭକ୍ତ କଲେ ପ୍ରତି ଅଂଶର ପ୍ରଥମ ଦୁଇ ଅକ୍ଷର ଲଘୁ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ଯଥା—
୧ । ଦ୍ୱିଜରାଜମୁଖୀ ମୃଗରାଜକଟୀ
୨ । ଗଜରାଜବିରାଜିତମନ୍ଦଗତିଃ ।
୩ । ଯଦି ସା ରମଣୀ ହୃଦୟେ ରମତେ
୪ । କ୍ୱ ଜପଃ କ୍ୱ ତପଃ କ୍ୱ ସମାଧିବିଧିଃ ।
ଏହି ଛନ୍ଦରେ ଓଡ଼ିଆ ଓ ବଙ୍ଗଳାରେ ମଧ୍ୟ କବିତା ରଚିତ ହୋଇ ଅଛି । ଏ ଶବ୍ଦ ହି. ଶବ୍ଦସାଗରରେ ସଂସ୍କୃତ ଥିବାର ଲେଖାଅଛି]

ତୋଟକା (ଇତ୍ୟାଦି)—ତୁଟ୍‌କା (ଇତ୍ୟାଦି) (ଦେଖ)
Totakā etc Tutkā etc. (See)

ତୋଟା— ଦେ. ବି (ସଂ. ତୁଟ୍. ଧାତୁ=ଛେଦନ କରିବା; ତେ. ତୋଟା);
Totā ୧ । ଆରାମ ଉପବନ—1. Pleasure garden.
টোটা, তোটা बाग ୨ । ଆମ୍ବ ବଗିଚା—2. Mango-tope.
୩ । ଫଳବୃକ୍ଷବହୁଳ ଉପବନ; ଫଳ ବଗିଚା; ବଗାଏତ— 3. A plantation of fruit garden; orchard.
ତୋଟାରେ ଏହି ଯେତେବେଳେ ଥିବ ଶୋଇ
ମାରିବ ମୁଁ ତାକୁ ଖୋରେ ଦେଇ । କୃଷ୍ଣସିଂହ. ମହାଭାରତ ଅଦି ।
୪ । (ଲୌକିକ ବ୍ୟବହାର) ଫୁଲ ବଗିଚା—4. A flower garden.
ରାମ କୃଷ୍ଣ ଦୁହେଁ ତୋଟାକୁ ଗଲେ ବାଛ ପକାଇଲେ ମାଳତ ।
ଭକ୍ତଚରଣ ମଥୁରା. ମଙ୍ଗଳ ।
[ଦ୍ର— ଫଳ ବା ବଡ଼ ଗଛର ଉଦ୍ୟାନକୁ ତୋଟା ବା ବଗାଏତ କୁହାଯାଏ, ଯଥା—ଆମ୍ବ ତୋଟା, ବଉଳ ତୋଟା ଇତ୍ୟାଦି ଓ ଫୁଲ ବା ସାନ ସାନ ଗଛର ଉଦ୍ୟାନକୁ ବଗିଚା କୁହାଯାଏ । ଯଥା—ତୁଳସୀ ବଗିଚା, ମଲ୍ଲି ବଗିଚା ଇତ୍ୟାଦି । ତାଳ, ବାଉଁଶ ଆଦି ବୃକ୍ଷ ଓ ବନ୍ୟ ବୃକ୍ଷବହୁଳ ସ୍ଥାନକୁ ବଣ କୁହାଯାଏ । ଯଥା—ତାଳ ବଣ, ବାଉଁଶ ବଣ ଇତ୍ୟାଦି ।]
୫ । ଟୋଟା (ଦେଖ) Ṭotā (See)

ତୋଟା ଗୋପୀନାଥ—ପ୍ରାଦେ (ପୁରୀ) ବି—୧ । ପୁରୀ ନିକଟସ୍ଥ ବଡ଼
Totāgōpīnātha ଆମ୍ବ ତୋଟାରେ ଥିବା ବିଷ୍ଣୁମୂର୍ତ୍ତି—
1. Name of an image of Bishnu in a mango tope in the suberb of the town of Puri
୨ । ସତ୍ୟବାଦୀ ବଉଳ ତୋଟାରେ ଥିବା ଗୋପାଳଜୀଉ ଠାକୁର—2. A name of the Idol Gopaljiu at Sakhigopal in the District of Puri.

ତୋଟାଳ—ଦେ. ବି—ତୋଟା ରକ୍ଷାକାରୀ; ତୋଟା ଜଗୁଆଳ; ଉପବନ-
Totāla ରକ୍ଷକ ମାଳୀ—A person watching a garden; a servant in charge of a garden.

ତୋଟାଳିଆ—ଦେ. ବି—ତୋଟାଳ (ଦେଖ)
Totāliyā Totāla (See)
ଦେ. ବିଣ.—ଯେ ତୋଟାକୁ ଜଗିଥାଏ—Watching an orchard.
ଦ୍ରବ୍ୟ ଥାଇ ଯାର କାର୍ଯ୍ୟକୁ ନ ଆସଇ
ତୋଟାଳୀଆ ମାନବ ପରି ଜାଣ ସେହି । କୃଷ୍ଣସିଂହ. ମହାଭାରତ. ବନ

ତୋଟି—ଦେ. ବି (ସଂ. ତ୍ରୋଟି; ତ୍ରୋଟୀ; (ତୁଲ) ଇଂ ଥ୍ରୋଟ୍; ତୁଟ୍
Toti ଧାତୁ=ଛେଦନ କରିବା)—୧ । ଘଣ୍ଟି; ତଣ୍ଟି; ଗଳଦେଶର
টুটি, টুঁটি ସମ୍ମୁଖ ଭାଗ—1. Throat.
टेंटुआ ୨ । ଗଳା; କଣ୍ଠନାଳ—2. Larynx.
ତୋଟିକି ଚିପିଧରି ତୁଷା । ବଳଦୃପ୍ୟ. ଉଶୋଭ ଚମ୍ପୂ ତ. ଗୀତ ।
୩ । ଗଳାର ସ୍ୱର—3. Voice.
(ଯଥା—ଗୀତ ଗାଇ ଗାଇ ମୋ ତୋଟି ବସିଗଲା)

ତୋଟିକଟା—ଦେ. ବିଣ—୧ । ଗଳାକଟା; ତଣ୍ଟିକଟା; ଯେ ତୋଟି
Totikatā କାଟି ଦେଇ ମନୁଷ୍ୟକୁ ମାରେ—1. Cut-throat.
টুঁটিটেপা बटमार ପରତେ ନ ଯିବୁ ତୋଟିକଟାକୁ । ପ୍ରଭ ।
୨ । ନରହନ୍ତା—2. A murderer.
୩ । ବିଶ୍ୱାସଘାତକ—3. A faithless person.
୪ । କୌଣସି ଲୋକର ତୋଟି କାଟି ତାଠାରୁ ଅପହୃତ (ଧନ) 4. Obtained by cutting a man's throat.
ବି.—ତୋଟିକୁ କାଟିବା—Cutting of the man's throat.

ତୋଟି କାଟିବା—ଦେ. କ୍ରି—୧ । ମନୁଷ୍ୟର ତଣ୍ଟି କାଟି ମାରିବା;
Toti kātibā 1. To kill a person by cutting his throat.
গলা কাটা गलाकाटना
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ସର୍ବନାଶ କରିବା— 2. (figurative) To ruin a person.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଶ	କ୍ଷ	ଇଯ଼ୁ	ଉଅ	ଘ
୨	ଈ	ଊ	ରୁ	ଲ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ଦ

୩ । ବିଶ୍ୱାସଘାତକତା ଆଚରଣ କରିବା—3. To do a faithless act; to act perfideously.

ସମସ୍ତେ ତାକୁ ତୋଣ୍ଟକ, ସଖା ଲକ୍ଷଣ ଏହୁ କ । ବଇସୁର୍ଯ୍ୟ, ସଙ୍ଗୀତ ।

ତୋଣ୍ଟିଗଡ(ଲ)ଗଡ(ଲ)ହେବା—ଦେ. କ୍ରି—ଖାଇବାରୁ ଗଳା ଭିତର କୁଣ୍ଡାଇ ହେବା—Aching in the throat.
Toṭigaṭa(la)gaṭa(la)hebā
ଗଲା ଖସଖସ କରା
ଗଲା ଘුନଘුනାନା, ଗଲା କନକନାନା

ତୋଣ୍ଟି ଚିପା—ଦେ. ବ—ନିଶ୍ୱାସ ବନ୍ଦ କରି ପ୍ରାଣନାଶାର୍ଥ କୌଣସି ବ୍ୟକ୍ତିର ତୋଣ୍ଟକୁ ଚିପିବା; ଗଳା ଚିପିବା—Strangling a person by the throat.
Toṭi chipā
ଟୁଁଟିଟେପା, ଗଲାଟିପା
ଗଲା ଟୋପା, ଟେଁଟୁଆ ଦବାନା
ଗଳାଟେପା
ଗଲାଟୋଘା

ଚଣ—୧ । ଯେ ତୋଣ୍ଟକୁ ଚିପି ମନୁଷ୍ୟଙ୍କୁ ମାରେ—1. Strangler.

୨ । ଯେଉଁ ଲୋକ ପରର ତଣ୍ଟିକି ଚିପି ତାହାର ମୁହଁ ପାଖରୁ ଖାଦ୍ୟ ଛଡ଼ାଇ ଅଣେ—2. One who wrests away the food from another's mouth by strangling him.

୩ । ଅନ୍ୟ ବ୍ୟକ୍ତିର ତଣ୍ଟି ଚିପି ଜବରଦସ୍ତି ଅଣା ଯାଇଥିବା (ଧନ)—3. Obtained by strangling.

୪ । (ଲକ୍ଷଣାର୍ଥ) ଯେଉଁ ଧନ ପରକୁ ଉତ୍ପୀଡ଼ିତ କରି ସଂଗୃହୀତ ହୋଇ ଥାଏ—4. (figurative) (money) Obtained by oppression or extortion.

(ଯଥା—ପ୍ରଜାଙ୍କ ତୋଣ୍ଟଚିପା ଧନରେ ସେ ରଜା ବଡ଼ ଲୋକ ବୋଲଉଛୁ ।)

ତୋଣ୍ଟି ଚିପିବା—ଦେ. କ୍ରି—୧ । ତୋଣ୍ଟକୁ ଅଙ୍ଗୁଠି ଦ୍ୱାରା ବନ୍ଦ କରି ନିଶ୍ୱାସ ବନ୍ଦ କରିବା—1. To suffocate or strangle a person by holding his throat tightly; to throattle.
Toṭi chipibā
ଟୁଁଟିଟେପା
ଗଲାଟୋପନା

୨ । ନିଶ୍ୱାସ ରୁଦ୍ଧ କରି ବା ଗଲା କାଟି ମାରି ପକାଇବା—2. To strangle a person to death.

୩ । ଅନ୍ୟର ଖାଦ୍ୟଦ୍ରବ୍ୟ ବଳପୂର୍ବକ ଅପହରଣ କରିବା ନିମନ୍ତେ ତାହାର ଗଳାକୁ ଚିପିବା—3. To suffocate a person with a view to wrest away his food from his mouth.

୪ । (ଲକ୍ଷଣାର୍ଥ) ଧନ ଆଦାୟ କରିବା ପାଇଁ ଜବରଦସ୍ତି ବା ଉତ୍ପୀଡ଼ନ କରିବା—4. (figurative) To oppress or extort money from a person.

ତୋଣ୍ଟି ଦରଜ—ଦେ. ବ. (ସଂ. ତ୍ରୋଟ+ଫା. ଦର୍ଦ)—ଗଲା ବା କଣ୍ଠନାଳୀ ଭିତରେ ବ୍ୟଥା ଓ ଦରଜର ଅନୁଭୂତି—Having pain in the larynx.
Toṭi daraja
ଗଳାରଦର୍ଦ
ଗଲାଫଟନା

୫ । (ଲକ୍ଷଣାର୍ଥ) ଯନ୍ତ୍ରଣା ଦେଇ ମାରି ପକେଇବା—(figurative) To kill a person by inflicting much pain.

୬ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ତାହାର ଜୀବିକାରୁ ବଞ୍ଚିତ କରିବା—6. (figurative) To deprive a person of his livelihood.

୭ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ସର୍ବନାଶ ଘଟାଇବା—7. (figurative) To bring ruin upon a person.

ସେହିରୂପରେ ଅବଳମ୍ବି ଦେହେ ତୋଣ୍ଟ
କାଳକୁ ସଙ୍ଗେ ଘେନି ଚିପିବ ତୋଣ୍ଟ —ବ୍ରଜନାଥ. ମହାଭାରତ. ଉଦ୍ୟୋଗ

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକେଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ତୋଣ୍ଟି ଧରିବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର ତଣ୍ଟିକୁ ଚିପି ତାକୁ ଅବଶ ବା ଆକ୍ରାନ୍ତ କରିବା—1. To overcome a person by holding his throat tightly.
Toṭi dharibā
ଟୁଁଟିଧରା
ଗଲାପକଡ଼ନା

୨ । ନାଛୋଡ଼ବନ୍ଦା ହୋଇ କୌଣସି ବ୍ୟକ୍ତି ସହିତ ଅଳି କରିବା; ବିବ୍ରତ କରିବା; ଅତ୍ୟନ୍ତ ବ୍ୟସ୍ତ କରିବା—2. To pester a person by importunities; to ply a person with importunity.

ଦେ. ବି—ଗଲାଫୁଲା; କଣ୍ଠନାଳୀ ଓ କଣ୍ଠ ଦେଶର ଫୁଲା ଓ ଦରଜ ହେବା—Swelling and pain in the throat.

ତୋଣ୍ଟି ପଡ଼ିବା—ଦେ. ବ—ତୋଣ୍ଟ ବସିବା (ଦେଖ)
Toṭi paṛibā Toṭi basibā (See)
(ତୋଣ୍ଟ ପଡ଼ିଯିବା—ଅନ୍ୟରୂପ)

ତୋଣ୍ଟି ବସିବା—ଦେ. ବ—୧ । ତଣ୍ଟି ବସିବା; ବହୁତ ପାଟି କରିବା ବା ଶରଦି ଆଦି ଯୋଗୁଁ ଗଳାର ସ୍ୱର କମିଯିବା; କଣ୍ଠସ୍ୱର ମନ୍ଦ ହେବା—1. Hoarseness of one's voice (due to cold etc).
Toṭi basibā
ଗଳାବସା
ଗଲାବୈଠଜାନା
(ଗଳା ବସିଯିବା—ଅନ୍ୟରୂପ)

୨ । ଶରଦିଆଦି ଯୋଗୁଁ ମନୁଷ୍ୟର ସ୍ୱର ଆଦୌ ଶୁଣା ନ ଯିବା—2. Low or subdued voice due to cold or over straining of the larynx.

ତୋଣ୍ଟିରେ ଲାଗିବା—ଦେ. କ୍ରି—କୌଣସି ଖାଦ୍ୟଦ୍ରବ୍ୟ (ଯଥା ଶୁଖିଲା ରୁକ୍ଷ ବସ୍ତୁ, ମାଛକଣ୍ଟା) ତଳକୁ ନ ଖସି ଗଳାରେ ଅଟକି ରହିବା—(a food) To stick in the throat.
Toṭire lāgibā
ଗଳାରେ ଲାଗା
ଗଲା ପକଡ଼ନା, ଗଲାମେ ବୈଠନା

ଦେ. ବ—କଣ୍ଠରେ ଶ୍ଳେଷ୍ମା ବା ଅନ୍ୟ କୌଣସି ବସ୍ତୁ ଅଟକି ଯାଇ କଣ୍ଠ ଅବରୁଦ୍ଧ ହେବା—Sticking of phlegm or any other substance in the throat.

[ଦ୍ର—ସାଧାରଣଙ୍କର ବିଶ୍ୱାସ ଯେ କେହି ତୁମକୁ ବହୁତ ମନେ କରୁଥିଲେ ତୁମେ ଖାଉଥିବେଳେ ବା ପାଣି ପିଉଥିବେଳେ ତୁମର ତୋଣ୍ଟରେ ଲାଗେ]

> ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ବାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ।

ତୋଠ— ଦେ. ବି. (ସଂ. ତୀର୍ଥ)—ତୁଠ— (ଦେଖ)
Toṭha — Tuṭha (See)

ତୋଠର ପଥର ପ୍ରାଏ କର ଡୋର ହୃଅ । ପ୍ରାଚୀ. ବୃନ୍ଦାବନଗୋପାଳଗୀତା ।

ତୋଠଉଁ—ଦେ. ସର୍ବନାମ (ଅନାଦରାର୍ଥକ)—୧ । ତୋ ଠାରୁ; ତୋ ନିକଟରୁ—1. From thee.
Toṭhauṅ

ତୋଠାଉଁ, ତୋଠୁଁ }—ଅନ୍ୟରୂପ

୨ । ତୋ ଅପେକ୍ଷା— 2. Than thee.

তোথেকে

୩ । ତୋଠୁ ବଳି— 3. Excelling thee.

तिजसे

ତୋଠାଇଁ—ଦେ. ସର୍ବନାମ (ଅନାଦରାର୍ଥକ)—୧ । ତୋଠାରେ— 1. In thee.
Toṭhāiṅ

ତୋଠି, ତୋଠେଇଁ }—ଅନ୍ୟରୂପ

୨ । ତୋ ନିକଟରେ— 2. Near you or thee.

তোরঠাইঁ

ତୋଠାକୁ—ଦେ. ସର୍ବନାମ (ଅନାଦରାର୍ଥକ)—ତୋ ନିକଟକୁ— To thee.
Toṭhāku

তোরকাছে

(ତୋଠିକି—ଅନ୍ୟରୂପ)

ତୋଠେଇଁକି—ଦେ. ସର୍ବନାମ—୧ । ତୋଠାକୁ— 1. To thee.
Toṭheiṅki

তোচ্ছে ୨ । ତୋ ଅପେକ୍ଷା—2. Than thee.

ତୋଡ଼—ଦେ. ବି (ସଂ. ତୁଡ୍ ଧାତୁ=ଆଘାତ କରିବା; ସଂ. ତୂର୍ଣ୍ଣି=ବେଗ. ତୁଳ. ସଂ. ତରଙ୍ଗ (ଯୋଗେଶ୍ୱର୍))—
Torḍa

তোড়

तोड़

୧ । ଜଳସ୍ରୋତର ବଳପୂର୍ଣ୍ଣ ବେଗ ବା ପ୍ରଚଣ୍ଡତା— 1. The violence or force of a stream or current of water.

୨ । ସ୍ରୋତର କ୍ଷିପ୍ରଗତି— 2. Swiftness of a current.

ଉପର ପାଣି ତୋଡ଼ ପଡ଼ୁଛି ସମ୍ଭାଳ ହେଉ ନାହିଁ । ପଲ୍ଲୀଉନ୍ନୋଦକ. ଛମାଣ ଆଠଗୁଣ୍ଠ ।

୩ । ବେଗ—3. Speed; rapidity.

୪ । ଉଗ୍ରତା; ଜୋର; ବଳ— 4. Strength; violence; force.

୫ । ରାଗ; କ୍ରୋଧ—5. Anger; wrath.

୬ । ରାଗର ଦଶା ବା ଥର— 6. A fit of anger or temper.

୭ । ଆକ୍ରମଣର ଉଗ୍ରତା—7. Strain or brunt of some attack.

୮ । ବିବାଦ—8. Dispute.

୯ । କଳିକଜିଆ—0. Wrangling; quarrel.

୧୦ । ପ୍ରଚଣ୍ଡତା—10. Violence; vehemence.

ତୋଡ଼କା—ଗ୍ରା. ବି—୧ । କୌଣସି ଖାଦ୍ୟ ବସ୍ତୁ ଚୋରାଇ ଖାଇବା— 1. Eating a thing by stealth.
Torḍakā

୨ । ଯୋଡ଼ିବା; ଗ୍ରାସିବା; ବେଶି ପରିମାଣରେ ଗଳାଧଃକରଣ କରିବା—2. Gulping; swallowing.

ମାଗି ଅଣିଲୁ ତଥଣ ତୋଡ଼କାଏ—ତଗ ।

ଦେ. ବିଣ.ପୁ.—୧ । ଖାଦ୍ୟ ଚୋର; ଯେ ଚୋରି କରି ଖାଏ— 1. One who eats a thing stealthly.
(ତୋଡ଼କୀ—ସ୍ତ୍ରୀ)

୨ । ଯେ ବେଶି ପରିମାଣରେ ଗ୍ରାସିକରି ଖାଏ— 2. Habituated to gulping down food.

ସଞ୍ଜଘାଣି ନାକା ବହୁ ତୋଡ଼କା—ବ୍ୟଙ୍ଗ ବଚନ ।

ତୋଡ଼କିବା—ଦେ. କ୍ରି—ଚୋରାଇ କରି ଖାଇବା—
Torḍakibā — To eat a thing stealthly.

ତୋଡ଼କୁଣୀ—ଦେ. ବି. ସ୍ତ୍ରୀ—ତୋଡ଼କୀ; ଖାଇଚୋରଣୀ—
Torḍakuṇi — A woman who eats things stealthly.

ତୋଡ଼ଙ୍ଗ—ଗ୍ରା. ବୈଦେ. ବି. (ଇଂ. ଟ୍ରଙ୍କ)—
Torḍaṅg

ଟ୍ରଙ୍କ; ଧାତୁନିର୍ମିତ ଲମ୍ବ ପେଟରା— A trunk made of steel or tin-plates.

(ତୋଡ଼ଂ—ଅନ୍ୟରୂପ)

তোড়ং

तुड़ंग

ତୋଡ଼ ଜୋଡ଼—ଦେ. ବି. (ସଂ. ତ୍ରୁଟ ଧାତୁ ଓ ଯୁଜ ଧାତୁ)—
Torḍa jorḍa

তোড়জোড়

तोड़जोड़

୧ । କୌଣସି ପଦାର୍ଥକୁ ଭାଙ୍ଗିବା ଓ ଯୋଡ଼ିବା— 1. Breaking and repairing a thing.

୨ । କୌଣସି କାର୍ଯ୍ୟ ସମାଧାନ କରିବା ନିମନ୍ତେ ଯେ କୌଣସି ଉପାୟରେ ଉପକରଣ ବା ଧନର ସଂଗ୍ରହ; ବନ୍ଦୋବସ୍ତ ବା ତଦାରଖ ଦ୍ୱାରା ସଞ୍ଚୟ କରିବା— 2. Collecting the necessary materials by any means.

(ଯଥା—ମହାଜନ ଦେଲା ମୁଁ ତୋଡ଼ଜୋଡ଼ କରି ଅଣ୍ଟ ସୁଝି ଦେଲି ।)

୩ । ସାଜସରଞ୍ଜାମ; ଉପକରଣ— 3. Materials; fittings; outfit.

୪ । କାର୍ଯ୍ୟ ସାଧନର ଉପାୟ ଓ ଉପକରଣମାନ— 4. Means and materials for a work.

୫ । ଦଶା; ଉଗ୍ରତା—5 Pressure; fit; brunt.

(ଯଥା—ତାଙ୍କ ତୋଠା ଭିଅରି କାମ ଗୁଡ଼ ତୋଡ଼ଜୋଡ଼ରେ ଚାଲିଛି ।)

୬ । ଦାଉପେଚ; ନାନା ଉପାୟ— 6. Means fair or foul.

ତୋଡ଼ ତାଡ଼—ଦେ. ବି—୧ । ବାଦବିବାଦ; ବାଦବିସମ୍ବାଦ— 1. Dispute.
Torḍa tārḍa

୨ । ବାକ୍ କଳହ— 2. Noisy quarrel; wordly quarrel.

୧	ଇ	ଜ	ର୍‌,ର୍ବ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	କ୍ଷ	ଇସ୍ତ	ଋ	ଞ
୨	ଈ	ଉ	ରୁ	ଲୁ	ସ୍ତେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୠ	ନ

ତୋଡ଼ପ—ଦେ. ବ—ଭୂମିରେ ବା ଶଗଡ଼ ଚକର ହାଣ୍ଡିରେ ଲଗାଯିବା ପାଉଥ ବା ବଳୟ—A flat ring put round the nave of a cart-wheel.
Tordapa

ତୋଡ଼ପା—ଦେ. ବ—୧ । ତରଳିଆ ଖାଦ୍ୟକୁ ହାପୁରିବା—
Tordapā 1. Gulping of any liquid food.

୨ । ଥରେ ହାପୁରିବାରେ ଯେତିକି ପରିମିତ ଦ୍ରବ୍ୟ ପାଟିକୁ ଯାଏ—2. That much of a liquid food which can be taken in at one gulp.

କାଞ୍ଜି କଲ ତୋଡ଼ପାଏ, ମୁଁ ଗଲାବେଳ ବୋଲ କାନ୍ଦୁଥିଲୁ ଲେ ଶୁଖିଥିଲ ବାଟ ପାଏ । ବଳୀଆର ଅନୁଚନ୍ଦ୍ରା ।

୩ । ଗଉଡ଼ୁଣୀମାନେ ହାଣ୍ଡିରୁ ଦହି କାଢ଼ିକରି ବିକି କରିବା ବେଳେ ମାପି ଦେବାର ବ୍ୟବହୃତ ଧାତୁ ବା ସଚ୍ଛେଇ ପାତ୍ର—3. A cup used by cowherd females in measuring out churned curd to purchasers.

ତୋଡ଼ ମାଡ଼—ଦେ. ବ—୧ । ତୋଡ଼ମାଡ଼; ପ୍ରହାର; ତୋଳମାଡ଼; ଅତ୍ୟାଚାର; ଯୁଲୁମ—1. Oppression; sound beating.
Torda mārda

୨ । ପ୍ରଚଣ୍ଡ ବେଗ—2. Violent force.

ତୋଡ଼ର—ଦେ. ବ—ଶୃଙ୍ଖଳବିଶିଷ୍ଟ ପାଦର ବଳାବିଶେଷ—
Tordara A kind of anklet consisting of chain.
तोड़ा

ତୋଡ଼ର ମଲ୍ଲ—ଦେ. ବ. (ନାମ)—ଟୋଡ଼ର ମଲ୍ଲ (ଦେଖ)
Tordara malla Tordara malla (See)

ତୋଡ଼ା—ବୈଦେ. ବ. (ସ. ତୁଣ=ଶର ମୁଣା)—
Tordā ୧ । ଥଳି; ଟଙ୍କା ଆଦିର ମୁଣା; ଥଳି—
1. A purse or bag of money.

ପଡ଼ୁ ଚ ରହୁଛି ସୁନା ରୂପା ତୋଡ଼ା । ଜଗନ୍ନାଥ. ଦରବାର ।

[ଦ୍ର—ସାଧାରଣତଃ ପାଞ୍ଚ ଶହ, ହଜାରେ, ଦୁଇ ହଜାର ଟଙ୍କା ସମ୍ଭାଳିବା ଭଳି ତୋଡ଼ା ତିଆରି ହୁଏ ।]

୨ । (ଅ. ତୁର୍‌ରହ୍=ଫୁଲର ଝେନ୍ଦା)—
তোড়া ଫୁଲର ସଙ୍କେତ ଗୁଚ୍ଛ ବା ତେଣ୍ଡା—2. A cluster or
तोड़ा bunch of flowers; nosegay.

୩ । ବନ୍ଧୁକରେ ନିଆଁ ଲଗାଇବା ପାଇଁ ବ୍ୟବହୃତ ଜଳା ବା ଝୋଟ ଆଦିର ଦଉଡ଼ି ବା କାଠି; ସଳିତା—
3. A match or wick to ignite a matchlock gun.

ଦେ.ବ—୧ । (ସ. ତୁଡ୍‌ ଧାତୁ) ଭାଙ୍ଗିବା; ଖଣ୍ଡ ଖଣ୍ଡ କରିବା—
1. Breaking to pieces; demolition.

୨ । ଗାଲକୁ ଚିମୁଟିବା; ଗାଲକୁ ତୋଡ଼ିବା—
2. Pinching of the cheek.

୩ । ରୁପା ତାର ଓ ଘୁଙ୍ଗୁରନିର୍ମିତ ଗୋଡ଼ର ଏକ ପ୍ରକାର ବଳା—3. A kind of anklet made of silver
तोड़ा wires and fitted with tinkling bells.

ତୋଡ଼ା ଅଜାଡ଼ିବା—ଦେ. କି.—(ବ୍ୟଙ୍ଗ)—ବହୁ ଧନ ଦେବା—
Tordā ajārdibā To loosen one's purse strings.
तोड़े उलटना

ତୋଡ଼ା (ଡ଼େ)ଇବା—ଦେ. କି.—ତୋଡ଼ିବା କ୍ରିୟାର ଣିଜନ୍ତ ରୂପ—
Tordā(rde)ibā The causative form of Tordibā.
তোড়ান ୨ । ଅନ୍ୟଦ୍ୱାରା ତୋଡ଼ିବା କର୍ମ କରାଇବା; ଭଙ୍ଗାଇବା—
तुड़ाना तुड़वाना; तोड़ाना 2. To cause to be broken or demolished.

୨ । ଅନ୍ୟଦ୍ୱାରା ଗାଲ ଚିମୁଟାଇବା—2. To cause one's cheeks to be pinched by another person.

ତୋଡ଼ାଣି—ଦେ. ବ. (ସ. ତୋୟ+ଅନ୍ନ; ଙ୍କୁମା ସ. ତୁତ୍=ତୃଷା+
Tordāni ନିବାରଣୀ=ତୃଷ୍ଣାବାରଣୀ: ଯାହାଦ୍ୱାରା ତୃଷା ନିବୃତ୍ତ
তোড়ানি, অমানি ହୁଏ)—ତୋରାଣି; ପଖାଳ ଭାତରେ ମିଶିଥିବା
तुर्शि, माँड़ ପାଣି; ପଖାଳରୁ ଭାତ କାଢ଼ି ନେଲେ ଯେଉଁ ଜଳୀୟ ଅଂଶ ରହେ—Cold rice gruel; water left after taking out the rice from pakhāla (watered boiled rice.)

[ଦ୍ର—ରନ୍ଧା ଭାତ ଗରମ ଥାଉଁ ଥାଉଁ ତହିଁରେ ପାଣି ମିଶାଇ ଦେଲେ ଗୁଣ୍ଡପଖାଳ ହୁଏ । ଥଣ୍ଡା ହୋଇଥିବା ଭାତରେ ପାଣି ମିଶାଇଲେ ତାହା ସଜପଖାଳ ହୁଏ । ସଜପଖାଳ ଦିନକରୁ ବେଶୀ ରହିଲେ ତାହା ବାସିପଖାଳ ହୁଏ । ପଖାଳରୁ ଭାତତକ କାଢ଼ି ନେଲେ ଯେଉଁ ଅବଶିଷ୍ଟ ଜଳୀୟ ଅଂଶ ରହେ ତାକୁ ତୋଡ଼ାଣି କହନ୍ତି ।]

ତୋଡ଼ାଣିଆ—ଦେ. ବ.—ଏକପ୍ରକାର ଲତା ଗୁଳ୍ମ—
Tordāniā A medicinal creeper.

[ଦ୍ର—ଏହାର ମୂଳ ଗୋରୁଙ୍କ ପାଇଁ ଔଷଧରେ ବ୍ୟବହୃତ ହୁଏ ଓ ମନୁଷ୍ୟ ଦେହରେ ବାହାର ଥିବା ବଥରେ ଏହି ମୂଳକୁ ବାଟି ଲେପ ଦେଲେ ଅଳ୍ପ ସମୟ ମଧ୍ୟରେ ବଥ ଫାଟି ଯାଏ ।]

ବଣ.—୧ । ତୋଡ଼ାଣି ମାତ୍ର ଖାଇ ଜୀବନ ଧାରଣ କରୁଥିବା; ଅତ୍ୟନ୍ତ ଗରିବ—1. Very poor; subsisting on gruel water only.

୨ । ତୋଡ଼ାଣି ମିଶ୍ରିତ—
2. Mixed with gruel water.

୩ । ପରଘରେ ତୋଡ଼ାଣି ପିଇ ବଞ୍ଚିଥିବା; ପରାନ୍ନଭୋଜୀ—
3. Subsisting on another person's liberality.

ପ୍ରାଦେ. (ଯାଜପୁର) ବଣ.—ତୋଡ଼ାଣିରେ ଖାଇବା ପାଇଁ ଉପଯୁକ୍ତ—Fit for being taken with Tordāni.

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'ବ୍ରଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଯଥା—ଅମ୍ଭକଥି ତୋଡ଼ାଣିଆ ହେଲାଣି ।)

ତୋଡ଼ାଦାର—ଦେ. ବି.—ଯେଉଁ ବାରୁଦରେ ନିଆଁ ଧରାଇବା ନିମନ୍ତେ ବନ୍ଧ ବା ଦଉଡ଼ିଯୁକ୍ତ ଦରକାର ହୁଏ—A matchlock gun.
Tordādāra
তোড়াদার
तोड़ादार; तोड़ेदार

ତୋଡ଼ାବନ୍ଧି—ବିଦେ. ବି. (ଅ· ଭୁରସ୍ବନ୍ଦ୍)—ଟଙ୍କାକୁ ତୋଡ଼ାରେ ଭର୍ତ୍ତି କରି ମୁଦିବା—Sealing a bag after filling it with money.
Tordābandi
তোড়াবন্দী
तोड़ाबन्द ବି.—ତୋଡ଼ାରେ ବନ୍ଦ କରାଯାଇଥିବା (ମୁଦ୍ରାଦି)—(money) Sealed in a bag.
(ତୋଡ଼ା ବନ୍ଦ—ଅନ୍ୟରୂପ)

ତୋଡ଼ି—ଦେ. ବି. (ସଂ. ତୋଷ୍ଟ; ତୋଷ୍ଠୀ; ଅନ୍ୟ ସଂ. ନାମ କଙ୍କ ତ୍ରୋଟ)
Tordi ୧ । ଏକପ୍ରକାର ଅଲ୍ପ ସ୍ୱଚ୍ଛ କାଈଯୁକ୍ତ ମାଛ—1. A small fresh water fish resembling the garfish; the bill fish.
তোড়া, কাকলামাছ
कौआमछलि
[ବି—ଏମାନେ ଲମ୍ବରେ ଏକ ଫୁଟରୁ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କର ଥଣ୍ଟ ଗୋଲିଆ, ଦେହ ନାଲିଆ । ପଙ୍କରେ ରହନ୍ତି; ଏମାନେ ଶୁଖିଲା ପଙ୍କ ମଧ୍ୟରେ ଅନେକ କାଳ ପର୍ଯ୍ୟନ୍ତ ବଞ୍ଚି ରହିବାର ଦେଖାଯାଏ । ଯେଉଁମାନଙ୍କ ଦେହରେ ଧଳା ଗାର ଥାଏ ସେମାନଙ୍କୁ ଗଣିଆତୋଡ଼ି ବୋଲଯାଏ ।]

୨ । ରାଗିଣୀବିଶେଷ—2. Name of a musical tune; a metre in Oriya poetry.

ତୋଡ଼ିପେଟା—ଦେ. ବିଣ. ପୁଂ—ପୁରୁଷ ଲୋକଙ୍କ ପ୍ରତି ପ୍ରଯୁଜ୍ୟ ଗାଳି—A term of abuse applied to males.
Tordipeṭā

ତୋଡ଼ିବା—ଦେ. କ୍ରି. (ସଂ. ତ୍ରୁଟ୍ ଧାତୁ=ଭାଙ୍ଗିବା; ତୁଡ଼୍ ଧାତୁ ଭେଦନ)
Tordibā ୧ । ଭାଙ୍ଗିବା—1 To break.
তুড়া ୨ । ଗାଲକୁ ଚିମୁଟିବା; ଗାଲକୁ ଅଙ୍ଗୁଠିରେ ଚିପିବା—2. To pinch the cheek with the fingers.
तोड़ना
(ତୋଡ଼ିଦେବା—ଅନ୍ୟରୂପ)

ତୋଡ଼ିମୁହାଁ—ଦେ. ବିଣ. ପୁଂ (ଗାଳିରେ ବ୍ୟବହୃତ)—ଯେଉଁମାନଙ୍କ ମୁହଁ ଗୋଲିଆ; ଗୋଲାମୁହାଁ—(a term of abuse) Having pointed lips.
Tordimuhāñ
(ତୋଡ଼ିମୁହାଁ—ସ୍ତ୍ରୀ)

ତୋଡ଼ିଶିମ୍ବ—ଦେ. ବି.—ତୋଡ଼ିମାଛ ପରି ସରୁ ଓ ଲମ୍ବା ଏକପ୍ରକାର ଶିମ୍ବ—A kind of lean bean.
Tordi śimba

ତୋଢ଼ର—ଦେ. ବି.—ଏକ ପ୍ରକାର ପାଦଭୂଷଣ; ତୋଡ଼ର—A kind of anklet.
Tordhara
ସେ ବାମା । ତୋଢ଼ର ନୂପୁର ବହି । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ତୋତଲ(ଲା)—ଦେ. ବିଣ.—(ବଙ୍ଗଳାରୁ ଅନୁକୃତ; ସଂ. ତ୍ରୁଟ୍ ଧାତୁ=ଭାଙ୍ଗିବା)—ଖନା; ଯାହାର ପାଟି ଲାଗେ; ଯେ କଥା କହିଲା ବେଳେ ଅକ୍ଷରମାନଙ୍କୁ ଏକାଧିକ ଥର ଉଚ୍ଚାରଣ କରେ—Stammering.
Totalā(lā)
তোতোলা
तोतला

ତୋତଲ(ଲା)(ଲେ)(ଲେ)ଇବା—ଦେ. କ୍ରି.—(ସଂ. ତ୍ରୁଟ୍ ଧାତୁ ଜନ୍ମା କଥା କହିଲାବେଳେ ତୋ—ତୋ ହେବା ଧ୍ୱନ୍ୟନୁକରଣ)—ଖନେଇବା; ଅକ୍ଷରମାନ ଏକାଧିକ ଥର ଉଚ୍ଚାରଣ କରି କଥା କହିବା—To stammer
Totalā (lā) (le)(le)ibā
তোতলান
तोतलाना; तुतलाना

ତୋତା—ବିଦେ. ବି. (ଫା)—ଶୁଆ; ଶୁକପକ୍ଷୀ—Parrot.
Totā

ତୋତାପୁରି—ଦେ.ବି. (ନାମ)—ଶ୍ରୀରାମକୃଷ୍ଣ ପରମହଂସଙ୍କ ସନ୍ନ୍ୟାସୀ ଗୁରୁ—The ascetic preceptor of Śri Rāmakṛushṇa Paramahaṁsa.
Totāpuri

ତୋତି—ବିଦେ. ବି. (ଫା)—ତୁତି (ଦେଖ)—Tuti (See)
Toti

ତୋତେ—ଦେ. ସର୍ବନାମ (ଅମାନ୍ୟାର୍ଥକ)—'ତୁ'ର ୨ୟା ବିଭକ୍ତି ଏକବଚନ—To thee.
Tote
তোকে, **तोजको** ତୋତେ ସେବକେ ସେହି ବନ ପକେ—ଉପେନ୍ଦ୍ରଭଞ୍ଜ. ମେଘଦୂତ ।

ତୋତ୍ର—ସଂ. ବି. କ୍ଲୀ. (ତୁଦ୍ ଧାତୁ=ପୀଡ଼ା ଦେବା+କରଣ. ତ୍ର)—
Totra ୧ । ଗୋରୁଜଗା ପାଞ୍ଚଣ; ଛଟେଣୀ—1. A wand or stick for driving cattle; a cowherd's wand.
(ତୋତ୍ର—ଅନ୍ୟରୂପ)
୨ । ହାତୀ ଅଙ୍କୁଶ; ଅଙ୍କୁଶ—2. An iron hook for driving elephants; elephant-goad.

ତୋତ୍ରବେତ୍ର—ସଂ. ବି. (ବେତ୍ର ପରି ସରୁ ତୋତ୍ର) (ଶ୍ରୀକୃଷ୍ଣଙ୍କ ଧୃତ)—ଗୋରୁ ଜଗା ସରୁ ପାଞ୍ଚଣ—Name of a thin wand used by Śrikṛushṇa while he was tending kine at Bṛundābana.
Totrabetra

ତୋଦ—ସଂ. ବି. (ତୁଦ୍ ଧାତୁ+ଭାବ. ଅ)—୧ । ପୀଡ଼ା—1. Pain; pang; anguish.
Toda
୨ । ବ୍ୟଥା; ବଥାଇବା—2. Aching.

ତୋଦନ—ସଂ. ବି. (ତୁଦ୍ ଧାତୁ+ଭାବ. ଅନ)—୧ । ପୀଡ଼ା ଦେବା—1. Giving pain.
Todana
୨ । ବେଦନା; ପୀଡ଼ା—2. Ailing; pain; pang; anguish.
୩ । (+କରଣ. ଅନ)—ଅଙ୍କୁଶ—3. An iron goad or hook for driving an elephant.
୪ । ମୁଖ—4 Face.
୫ । ଦଣ୍ଡ—5. A stick.

ତୋନାଲ୍ ମୋନାଲ୍—ବିଦେ. ବିଣ. (ଫା)—୧ । ବିଶେଷ ଜ୍ୟୋତିଯୁକ୍ତ—1. Refulgent.
Tonāl monāl
୨ । ଜାଜ୍ୱଲ୍ୟମାନ—2. Shining.
୩ । ଉଜ୍ଜ୍ୱଳବର୍ଣ୍ଣବିଶିଷ୍ଟ—3. Having bright colour.

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଘ
୨	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଥ	ଊ	ଦ୍ବ

ତୋନିକ—ଦେ. ଅ. (ଅନାଦରାର୍ଥକ)—ତୋ ପରି—
Toniki তোরমতন Like thee.
(ତୋପରି—ଅନ୍ୟରୂପ)

ତୋପ—ବୈଦେ. ବି. (ତୁର୍କୀ. ତୋପ୍)—୧ । କମାଣ—
Topa 1. Cannon; artillery.
୨ । କମାଣର ଶବ୍ଦ—2. Report of a cannon.

ତୋପ ଅ(ଆ)ବାଜ୍—ବୈଦେ. ବି. (ତୁର୍କୀ ତୋପ୍+ଫା. ଅୱାଜ୍)—
Topa a(ā)bāj ତୋପ ଫୁଟିବାର ଶବ୍ଦ; ଗୁଡୁମ୍ ଗୁଡୁମ୍ ଶବ୍ଦ—
তোপের আবাজ The booming of a cannon.
तोपकी अवाज् (ତୋପଅଉଜ୍, ତୋପଅବାଜ୍, ତୋପଅୱାଜ୍,—ଅନ୍ୟରୂପ)

ତୋପ ଆବାଜ୍ କରିବା—ଦେ. କ୍ରି—ତୋପରେ ବାରୁଦରେ କର୍ଣ୍ଣ-
Topa ābāj karibā ଲଗାଇ ଶବ୍ଦ କରାଇବା—
তোপ আবাজ করা To fire a cannon.
तोपकी आवाज करना (ତୋପ ଦାଗିବା; ତୋପ ଫାୟର କରିବା; ତୋପଫୁଟା(ଟେ)ଇବା—ଅନ୍ୟରୂପ)

ତୋପଖାନା—ବୈଦେ.ବି. (ତୁର୍କୀ. ତୋପ୍+ଫା. ଖାନା)—
Topakhānā ଯେଉଁଠାରେ ତୋପ ରଖାଯାଏ—
তোপখানা, **तोपखाना** A place for cannon; a battery.

ତୋପଚି—ବୈଦେ. ବି. (ତୁର୍କୀ ତୋପ୍+ଫା. ଚୀ)—
Topachi ଯେଉଁ ସୈନିକ ତୋପ ଫାୟର କରେ—
তোপচি Artillery man; a gunner.
तोपची

ତୋପଚିନି—ବୈଦେ. ବି. (ଫା. ଚୋବ୍‌ଚିନି)—ତୋବ୍ ଚିନି (ଦେଖ)
Topachini Tob chini (See)
তোপচীনী [ଦ୍ର—ଭୁଲ ପ୍ରକାଶରେ ଏହା ସ୍ୱତନ୍ତ୍ର ଶବ୍ଦରୂପେ
तोपचीनी କଳ୍ପିତ । ଅନ୍ୟ ସଂ. ନାମ ଦ୍ୱୀପାନ୍ତରବଚ ।]

ତୋପବାଜି—ବୈଦେ. ବି. (ଫା)—ବୋମା; ତୋପ ପରି ଶବ୍ଦ କରିବା
Topabāji ଏକପ୍ରକାର ବାଣ—A kind of firework;
তোপবাজী bomb.
तोपबाजी [ଦ୍ର—ଏହା ବମ୍ବାଠାରୁ ଅପେକ୍ଷା ଅଧିକତର ଧ୍ୱନି କରେ ।]

ତୋପିବା—ପ୍ରାଦେ. (ସମ୍ବଲପୁର) କ୍ରିୟା (ହି. ତୋପ୍‌ନା=ଲୁଚାଇବା)—
Topibā ପୋତିବା—To bury.

ତୋଫା—ବୈଦେ.ଗୁଣ. (ଅ. ତୋହ୍‌ଫା)—୧ । ଅପୂର୍ବ; ଅସାଧାରଣ—
Tophā 1. Extraordinary; uncommon; rare;
তোফা singular.
तोफा ୨ । ଉତ୍କୃଷ୍ଟ—2. Excellent; admirable.
୩ । ଉଜ୍ଜ୍ୱଳ—3. Bright.
୪ । ସୁନ୍ଦର—4. Beautiful; charming.

ତୋଫାନ—ବୈଦେ. ବି. (ଅ. ତୁଫାନ୍)—୧ । ଝଞ୍ଜାବାୟୁ; ବାତ୍ୟା;
Tophāna ପ୍ରବଳ ଝଡ଼—1. Tempest; hurricane.
তুফান, **तुफान** ଉତ୍କଳଲକ୍ଷ୍ମୀରେ ଗର୍ଜଇ ତୋଫାନେ । ରାଧାନାଥ. ଦରବାର ।
୨ । ଝଡ଼ ସହିତ ବର୍ଷା—2. Wind and rain.

ତୋଫାନ ଉଠା(ଠେ)ଇବା—ଦେ. କ୍ରି—ପ୍ରବଳ ଝଡ଼ର ଉଦ୍ୟମ—
Tophāna uthā(the)ibā The coming of tempest;
তুফানউঠা, **तुफानउठाना** the brewing of tempest.

ତୋଫାନିଆଁ—ବୈଦେ. ଗୁଣ. (ଫା. ତୁଫାନି)—୧ । ବାଚାଳ—
Tophāniān 1. Talkative.
তুফানী ୨ । ବାଗାଡ଼ମ୍ବର ପୂର୍ଣ୍ଣ—
तुफानी 2. Full of bombast; bombastic (person).
(ତୋଫାନୀ—ଅନ୍ୟରୂପ) ୩ । ଜଘନ୍ୟ ମିଛୁଆ (ବ୍ୟକ୍ତି)—
তুফানী 3. Lying person.
तुफानी ୪ । ଜଘନ୍ୟ ମିଛକଥାରେ ପୂର୍ଣ୍ଣ (ବାକ୍ୟ)—
4. Totally false.
(ଯଥା—ସେ ତୋଫାନିଆଁ କଥା ଖୁଆଏ କହୁଛି ।)
୫ । ଫିସାଦିଆ—5. Artful; roguish.
୬ । ପ୍ରଚଣ୍ଡ—6. Fierce; violent.

ତୋବ୍‌ଚିନି—ବୈଦେ. ବି (ଫା. ଚୋବ୍‌ଚିନୀ) ଏକପ୍ରକାର ବିଦେଶୀ ଚେର
Tobchini ବା ଗଣ୍ଠିଆ ମୂଳ—China root; smilax china;
ସଂ. ତୋପଚିନି, ଚୋବ୍‌ଚିନି, smilax Macrophylla
ଦ୍ୱୀପାନ୍ତରବଚ, ଓ ତୋପଚିନି, [ଦ୍ର—ଏହା ଅଗ୍ନିଦୀପକ, ଧାତୁ
ତୋବଚିନ ପୁଷ୍ଟିକର, ରସାୟନ ଓ ବଳବର୍ଦ୍ଧକ,
তোপচিনি, কালবচ, কুমারিকা ମଳମୂତ୍ରଶୋଧକ, ଉନ୍ମାଦୋଷ
तोपचिनि, चोब् चिनि ନାଶକ, ବାତ, ଆମବାତ, ଶୂଳ,
ତେ. ଫରଙ୍ଗିଚେକ୍କା ଅପସ୍ମାର ଓ ଫିରଙ୍ଗି ରୋଗରେ
ମ. ଚୋପଚିନି ଉପକାରୀ । ଏହା ସେବନ କରିବା
ଗୁ. ଚୋପଚିନି ରୋଗୀର ଲବଣ ଖାଇବା ନିଷିଦ୍ଧ ।]
ଫା. ଏବନ୍, ଖସିଲ୍‌ଯୁଦ୍ଧ ଅଷ୍ପସିନା
ଅ. ଏବନ୍

ତୋବଡ଼ା—ବୈଦେ. ବି (ଅ. ତୋବରା)—୧ । ଝୁଟ, ଚୋଲଥ ଅବ
Tobardā ଦାନାପୂର୍ଣ୍ଣ ଥଳି, ଯାହା ଘୋଡ଼ା ମୁହଁରେ ବାନ୍ଧି ମୁଣ୍ଡରୁ
তোবড়া ଲଟକାଇ ଦିଆଯାଏ—1. A horse mouth-bag;
तोबड़ा nose-bag.
୨ । ଡାକବାଲାର ଥଳି—2. A postman's bag.

ତୋବା(ବ୍ବା)—ବୈଦେ. ଅ (ଅ. ତୌବହ୍; ତଓବାହ୍ ମୁସଲମାନୀ ଭାଷା)
Tobā (bbā) (ମୁସଲମାନମାନଙ୍କ ଉଚ୍ଚାରିତ)—ହା ହରେ ! ହାୟ !
তোবা ଛି ଛି ! ରାମ୍ ରାମ୍ !—(an interjection of
तोबा regret or repentance) God forbid !
Alas
[ଦ୍ର—କୌଣସି ନିଷିଦ୍ଧ କଥା ଶୁଣିଲେ, ଦେଖିଲେ ବା ଛୁଇଁଲେ
ବା ଉକ୍ତର କୌଣସି ପାପ ବା ଅନ୍ୟାୟ ସ୍ମରଣ କଲେ ମୁସଲମାନ-

ସାଧାରଣ ଲେକେ ଅପର ପୃଷ୍ଠାରେ ୪ଥତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚପସର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

ମାନେ ପ୍ରାୟଶ୍ଚିତ୍ତ ବା ଖେଦସୂଚକ ବା ଅନୁତାପସୂଚକ ଏହି ଅବ୍ୟୟ ଉଚ୍ଚାରଣ କରନ୍ତି ।]

ତୋବା(ବ୍ବା)ତୋବା (ବ୍ବା)—ବୈଦେ. ଅ (ଅ) (ମୁସଲମାନୀ ଭାଷା)—Tobā(bbā)tobā(bbā) ତୋବା (ଦେଖ) Tobā (See) তোবা তোবা ଅଶୁଦ୍ଧ ଧଡ଼ ପଡ଼ ହୋଇ ଉଠି ପଡ଼ "ତୋବା ତୋବା" **তোবা তোবা** ବହୁ ଚାଡ଼ି ଖାଇବାକୁ ଲାଗିଲେ । ଫକୀରମୋହନ ଛମାଣ ଅଠଗୁଣ୍ଠ ।

ତୋବା ତୋବା କରିବା—ଦେ. କି (ଅ. ତୌବହ୍) (ମୁସଲମାନୀ ଭାଷା) Tobā tobā karibā ଗଭୀର ଅନୁତାପ ବା ଶୋକ ପ୍ରକାଶ তোবা তোবা করা କରିବା—To give vent to utter **তাবাতিলা করো** grief or repentance.

ତୋମତି—ଦେ. ଅ (ଅନାଦରାର୍ଥକ)—ତୋଭଳି; ତୋପରି—Tomati তোরমতন Like thee.

ତୋମର—ସଂ. ବି—(ତୁ=ହିଂସା କରିବା+ମୃ. ଧାତୁ+କରଣ. ଅ; Tomara ବା; ତମ୍ ଧାତୁ=ଗ୍ଲାନି କରିବା+ଅର)—
୧ । ହସ୍ତକ୍ଷେପ୍ୟ ଶାଣ୍ଣାଗ୍ର ଲୌହାସ୍ତ୍ରବିଶେଷ; ଚେଷ୍ଟା; ବର୍ଚ୍ଛା; ଶୂଳ—Javellin; an iron crow; lance.
ଭୁଶୁଣ୍ଡି ଶକତି ଗଦା ତୋମର ପଟ୍ଟିଶ
ପଡ଼ନ୍ତେ ଅଗ୍ନି ପରି ଦେଖିଲେ ଦୃଶ—କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।
[ଦ୍ର—ଏହା ଅଗ୍ନିଦେବଙ୍କ ଅସ୍ତ୍ର । ଏଥିରେ ଦେଶ ଲାଗିଥାଏ ।]
୨ । ଖ୍ରୀଷ୍ଟ ୮ମ ଠାରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦିଲ୍ଲୀରେ ରାଜତ୍ୱ କରୁଥିବା କ୍ଷତ୍ରିୟ ରାଜବଂଶ—2. The name of a royal family of Kshatriyas who reigned over Delhi between the eighth and the twelfth century A. D.

ତୋମରଧର—ସଂ ବି (ତୋମର+ଧୃ. ଧାତୁ=ଧାରଣ କରିବା+ Tomaradhara କର୍ତ୍ତୃ. ଅ)—୧ । ଅଗ୍ନି ଦେବତା—1. The God of fire.
୨ । ଅଗ୍ନି—2. Fire.
ସଂ. ବିଣ—ତୋମରଧାରୀ; ଯେ ତୋମର ଅସ୍ତ୍ର ଧାରଣ କରିଥାଏ—Holding a javellin.

ତୋୟ—ସଂ. ବି (ତାୟୃ. ଧାତୁ=ପାଳନ କରିବା କର୍ତ୍ତୃ. ଅ; ତୁ. ଧାତୁ= Toya ପୂର୍ଣ୍ଣ କରିବା+କର୍ତ୍ତୃ. ଯ)—୧ । ଜଳ—1. Water.
୨ । ପୂର୍ବାଷାଢ଼ା ନକ୍ଷତ୍ର—2. The 20th asterism in Hindu Astronomy.

ତୋୟ କର୍ମ—ସଂ.ବି. (ମ. ପ. ଲୋ; ତୋୟଦ୍ୱାରା କୃତ କର୍ମ) ତର୍ପଣ—Toyakarma Offering of water to the manes.

ତୋୟକାମ—ସଂ. ବିଣ (ଉପପଦତତ୍ପୁରୁଷ ସମାସ; ତୋୟ+କାମ)—Toyakāma ୧ । ଜଳାଭିଳାଷୀ—1. Wanting water.
୨ । ପିପାସୁ—2. Thirsty.
ବି—୧ । ଉଦ୍ଭିଦ—Plant.
୨ । ଜଳ ବେତସ; ବାନୀର—2. A kind of a aquatic ratan.

ତୋୟକୃଚ୍ଛ୍ର—ସଂ. ବି (ମ. ପ. ଲୋ; ତୋୟ=ପାନରୂପ+କୃଚ୍ଛ୍ର= Toyakṛuchhra ବ୍ରତ)—ଜଳମାତ୍ର ପାନ କରି ଜୀବନଧାରଣ ରୂପ ପ୍ରାୟଶ୍ଚିତ୍ତ ବ୍ରତ—A penance consisting of living on a diet of water only.
[ଦ୍ର—ଏଥିରେ ଏକ ମାସ ପର୍ଯ୍ୟନ୍ତ କେବଳ ଜଳପାନ କରି ରହିବାକୁ ହୁଏ—ହି. ଶବ୍ଦସାଗର]

ତୋୟଡିମ୍ବ—ସଂ. ବି—କରକା; ଭୂଅପଥର—Hail-stone. Toyaḍimba

ତୋୟଦ—ସଂ. ବି—(ତୋୟ+ଦା. ଧାତୁ+କର୍ତ୍ତୃ.ଅ)—Toyada ୧ । ମେଘ; ଜଳଦ—1. Cloud.
୨ । ମୁସ୍ତକ; ମୁଥା—2. Bulbuous root of grass.
୩ । ଘୃତ—3. Ghee.
ବିଣ—ଜଳଦାତା—Giving water.

ତୋୟଦାଗମ—ସଂ. ବି (୬ଷ୍ଠୀ ତତ୍; ତୋୟଦ+ଆଗମ)—ଜଳଦାଗମ; Toyadāgama ବର୍ଷାକାଳ—The rainy season.

ତୋୟଧର—ସଂ.ବି (ତୋୟ+ଧୃ. ଧାତୁ=ଧାରଣ କରିବା+କର୍ତ୍ତୃ.ଅ)—Toyadhara ୧ । ଜଳଧର; ମେଘ—1. Cloud.
(ତୋୟଧାର-ଅନ୍ୟରୂପ) ୨ । ମୁଥା—2. Bulbuous root of grass.

ତୋୟଧି—ସଂ. ବି (ତୋୟ+ଧା. ଧାତୁ+ଅଧିକରଣେ. ଇ)—ଜଳଧି; Toyadhi ସମୁଦ୍ର—The ocean.

ତୋୟନିଧି—ସଂ. ବି (ବହୁବ୍ରୀହି; ତୋୟ+ନିଧି)—ସମୁଦ୍ର—Toyanidhi The ocean.

ତୋୟନୀବୀ—ସଂ. ବି (ବହୁବ୍ରୀହି; ତୋୟ+ନୀବୀ; ସାଗର ବା ଜଳ ଯାହାକୁ Toyanībi ନୀବୀ ପରି ଘେରିଛି)—ପୃଥିବୀ—The earth.

ତୋୟ ପ୍ରସାଦନ—ସଂ.ବି. (ବହୁବ୍ରୀହି; ତୋୟର ପ୍ରସାଦନ ବା ନିର୍ମଳତା Toya prasādana ହୁଏ ଯାହାଦ୍ୱାରା)—ନିର୍ମଳୀଫଳ—The clearing nut.

ତୋୟବଲ୍ଲୀ—ସଂ. ବି (ମ. ପ. ଲୋ; ତୋୟ+ବଲ୍ଲୀ)—କଲରାଲତା—Toyaballi The memordica charantia creeper.
(ତୋୟପର୍ଣ୍ଣୀ }
ତୋୟବେଲ୍ଲ } —ଅନ୍ୟ ନାମ

ତୋୟବିମ୍ବ—ସଂ. ବି—ଜଳବିମ୍ବ; ଜଳବୁଦ୍‌ବୁଦ୍; ପାଣି ଫୋଟକା—Toyabimba A bubble of water.

ତୋୟସୂଚକ—ସଂ ବି (୬ଷ୍ଠୀ ତତ୍; ତୋୟ=ଜଳ+ସୂଚକ=ଜ୍ଞାପକ; Toyasūchaka ଯାହାର ରବ ଶୁଣିଲେ ଶୀଘ୍ର ବୃଷ୍ଟି ହେବ ବୋଲି ବୋଧ ହୁଏ)—୧ । ଭେକ; ବେଙ୍ଗ—1. Frog.
୨ । ଜ୍ୟୋତିଷରେ ବର୍ଷାକାରକ ଯୋଗବିଶେଷ—2. Name of an astrological conjunction of stars which foretells a shower.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଙ	ଞ	ଣ,ନ	ଙ୍ଗ	ଞ୍ଚ	ଣ୍ଟ	ଲ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍	ଞ	ଣ	ଗଂ	ଉଞ	ଣ୍ଟ	ଳ

ତୋୟାଧାର—ସ. ତ (୬ଷ୍ଠୀ ତତ୍; ତୋୟ + ଆଧାର) ଜଳାଶୟ; ପୋଖରୀ—
Toyādhāra Tank; reservoir of water.

ତୋୟେଶ—ସ. ତ. (୬ଷ୍ଠୀ ତତ୍; ତୋୟ + ଈଶ)—ବରୁଣ ଦେବ—
Toyeśa Neputune, the sea Deity.

ତୋର—ଦେ. ସର୍ବନାମ (ସ. ଯୁଷ୍ମଦ୍ ଶବ୍ଦର ୧ମା ବିଭକ୍ତି ଏକବଚନ
Tora 'ତ୍ୱଂ' ଓ ୬ଷ୍ଠୀ ଏକବଚନ 'ତେ')—୧। (ଅନାଦରାର୍ଥ)
তোর ତୋ—1. Thine.
तेरा ସେ କଥା ମୁହିଁ ତୋର ପାଟେ, କହିବ ଭକ୍ତଜନ ସୁଖେ—
ଜଗନ୍ନାଥ. ଭାଗବତ।
(ତୋଅର, ତୋଓର, ତୋହର, ତୋହୋର—ଅନ୍ୟରୂପ)

ତୋରଇ—ଦେ. ସର୍ବନାମ—ତୋଅଇ; କେବଳ ତୋର—
Torai Certainly yours; yours only.
তোরি, तेराहिँ (ତୋଇ—ଅନ୍ୟରୂପ)

ତୋରଙ୍ଗ—ଗ୍ରା. ବୈଦେ. ବ (ଇଂ. ଟ୍ରଙ୍କ)—ଟିଣ ପେଟରା—
Toranga Trunk.
তোড়ং, तुरंग

ତୋରଡ଼ା—ଦେ. ବ (ସ. ତୁଣ୍ଡିକର)—ତରଡ଼ା (ଦେଖ)
Torarḍā Tararḍā (See)
ପ୍ରାଦେ. (ଗଞ୍ଜାମ) ବ—କୁଆମଉଡା—A kind of kitchen fruit; Sephalandra Indica. (Kirtikar).

ତୋରଡ଼ିବା—ଦେ. କ୍ରି—୧। ଶୁଖି ସେମଟି ଯିବା—
Torarḍibā 1. To wither.
তোবড়ান ୨। ତରଡ଼ା ପରି ସଙ୍କୁଚିତ ହୋଇଯିବା—
सिकुड़ना 2. To shrivel up; to wrinkle.

ତୋରଣ—ସ. ବ (ତୁର ଧାତୁ=ବେଗରେ ଗମନ କରିବା + ଅଧିକରଣ
Toraṇa ଅନ)—୧। ବହିର୍ଦ୍ୱାର; ସିଂହଦ୍ୱାର—1 Lion's gate; gate-way.
୨। ଖିଲାଣଯୁକ୍ତ ସ୍ତମ୍ଭଦ୍ୱୟ; ଫାଟକ; ଗେଟ୍—2. Gate; an arch supported by two pillars; arched portal.
୩। ଦୁଆରବନ୍ଧ; ଚଉକାଠ—
3 Portal; door frame.
୪। ବାରଣ୍ଡା—4 Veranda; portico, porch.
୫। ଚାନ୍ଦନୀ; ମଣ୍ଡପ—5. An open building supported by four pillars and open on all sides.
୬। ଉତ୍ସବାଦି ଉପଲକ୍ଷରେ ଦୁଇ ସ୍ତମ୍ଭ ବା ଦୁଆରବନ୍ଧ, ଫାଟକ ଓ କାନ୍ଥରେ ଟଙ୍ଗା ଯିବା ତୋରଣାକାରମାଳ—
6. Festoon.

ତୋରଣ ଦ୍ୱାର—ଦେ. ବ (ମ. ପ. ଲୋ. ତୋରଣସହିତ ଦ୍ୱାର)—
Toraṇa dwāra କାରୁକାର୍ଯ୍ୟଯୁକ୍ତ ବହିର୍ଦ୍ୱାର—An ornamental gate-way; a triumphal arch.

ତୋରଣ ସ୍ଫଟିକା—ସ. ବ (ବହୁବ୍ରୀହି; ତୋରଣ + ସ୍ଫଟିକ + ଆ)—
Toraṇa sphaṭikā ପାଣ୍ଡବମାନଙ୍କ ପାଇଁ ମୟଦାନବଦ୍ୱାରା ନିର୍ମିତ ସଭାମଣ୍ଡପର ଅନୁକରଣରେ ଈର୍ଷ୍ୟାରେ ରଚିତ ଦୁର୍ଯ୍ୟୋଧନଙ୍କ ସଭାମଣ୍ଡପ—The audience hall or royal court which Duriyodhana got built out of envy to rival the artistic pavillion built by Mayadānaba for the Pāṇḍabas.

ତୋରଣ-ହସଣ—ଦେ. (ପ୍ରାଚୀନ) ବ—ତାରନିର୍ମିତ ଅଣ୍ଟାମୁଦା—
Toraṇa-hasana A wire-woven waist-chain.
ତହିଁ ଉପରେ ମଣିମୟ ରଶନା ତୋରଣ-ହସଣ ଜାଣି—ପ୍ରାଚୀ. ରସକଲ୍ଲୋଳ।

ତୋରଣା—ଦେ. ବ (ସ. ତୋରଣ)—୧। ତୋରଣ (ଦେଖ)
Toraṇā 1. Toraṇa (See)
তোরন ୨। ତୋଣା; ଦୁଇ ସ୍ତମ୍ଭ ମଧ୍ୟରେ ଝୁଲିଥିବା ଫୁଲ ବା
तोरन ପତ୍ରର ମାଳା—Festoon.
ସରଣୀରେ ଉର୍ଦ୍ଧ୍ୱେ ଲମ୍ବିତ ହୋଇଛି ସପୁଷ୍ପ-ପର୍ଣ୍ଣ-ତୋରଣା—ରାଧାନାଥ. ପାର୍ବତୀ।

ତୋରା—ଦେ. ବିଣ. (ସ. ତ୍ୱରା)—
Torā ୧। ତ୍ୱରିତ; ତ୍ୱରାଯୁକ୍ତ; ତ୍ୱରାନ୍ୱିତ; ଚଞ୍ଚଳ—
(ତୋରାଏ—ଅନ୍ୟରୂପ) 1. Swift; in haste.
ଶାଲ୍ୱ ଶିଶୁପାଳ ବଧରୁ କ୍ରୋଧ ବହି
ସଜଡ଼ ପୁର ଯାଳେ ବର୍ଷି ତୋରା ହୋଇ। କୃଷ୍ଣସିଂହ. ମହାଭାରତ. ବନ।
୨। ଚୋପା; ଉଜ୍ଜ୍ୱଳ—2. Bright; dazzling; gay.
ସୁବର୍ଣ୍ଣ କେତକୀ ତୋରା, ଦଳର ଯେମନ୍ତ ତୋରା,
ସେହି ରୂପେ କରଇ ମନକୁ ଚୋରା। ଗାନକୃଷ୍ଣ. ରସକଲ୍ଲୋଳ।
୩। ସୁନ୍ଦର—3. Graceful; fine.
ତାହାଙ୍କ ମନ୍ଦହାସ କରୁଛି ତୋରା। କୃଷ୍ଣସିଂହ. ମହାଭାରତ. ଆଦି।
୪। ଅସ୍ଥିର; ଶୃଙ୍ଖଳାଯୁକ୍ତ; ବ୍ୟଗ୍ର—4. Restless; eager.
ସୁବର୍ଣ୍ଣ କେତକୀ ତୋରା, ଦଳର ଯେମନ୍ତ ତୋରା
ସେହି ରୂପେ କରଇ ସେ ମନକୁ ତୋରା। ଗାନକୃଷ୍ଣ. ରସକଲ୍ଲୋଳ।
କ୍ରି. ବିଣ—ଚଞ୍ଚଳ; ଶୀଘ୍ର; ତ୍ୱରନ୍ତ—Swiftly; hastily.
ବ—ରାଗ; କ୍ରୋଧ; କ୍ରୋଧର ବେଗ—
A bit of anger; paroxysm of rage.
(ଯଥା—ସେ ମୋ ଉପରେ ତୋରା ଦାଉଛି।)
ପ୍ରାଦେ. (ଗଞ୍ଜାମ)—ଏକ ପ୍ରକାର ଗଛ—Name of a tree.

ତୋରାଣି (ଇତ୍ୟାଦି)—ଗ୍ରା. ବ—ତୋଡ଼ାଣି ଇତ୍ୟାଦି (ଦେଖ)
Torāṇi (etc) Torḍāṇi etc (See)

ତୋରାବର—ଦେ. ବିଣ ଓ କ୍ରି. ବିଣ. (ସ. ତ୍ୱରାବାନ୍)—
Torābara ଶୀଘ୍ର; ତରବର; ଚଞ୍ଚଳ; ତ୍ୱରାନ୍ୱିତ—
तोरबान Hasty; hastily; in hot haste.
(ତୋରା ବୋରା—ଅନ୍ୟରୂପ)

ତୋରି—ଦେ. ସର୍ବନାମ—ତୋହୋର; ତୋହରହିଁ—
Tori Thine only.
(ତୋଅର, ତୋଓର, ତୋହର, ତୋହଇ—ଅନ୍ୟରୂପ)
তোরই तेराहि

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୃଷ ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତୋରେ—ଦେ. (ପ୍ରାଚୀନ ପଦ୍ୟ) ସର୍ବନାମ—୧ । ତୋଠାରେ—
Tore — 1. In thee.
তোরে
ମୁରଲି ! ତୋରେ ଶରଣ ଗଲି
ହରେ ନ ଭାବକୁ ବଧିବା ବୋଲି । ସଙ୍ଗୀତ ।
୨ । ତୋତେ—2. To thee.

ତୋରେଇ—ପ୍ରାଦେ. (ବସ୍ତର) (ଭୁଲ. ହୁ. ଏହି ଅର୍ଥରେ)—ଜହ୍ନି—
Torei — Luffa Acutangula.

ତୋଳ—ସଂ. ବି. (ତୁଲ୍ ଧାତୁ=ଓଜନ ନିରୂପଣ କରିବା+କରଣେ ଅ;
Tola ଯାହା ଦ୍ୱାରା ସୁନା, ରୁପା, ମଣି ଆଦିର ଓଜନ ନିରୂପିତ ହୁଏ)—
ତୋଲା; ଭରି; ୧୦ (ବା ମତାନ୍ତରରେ ୧୨) ମଷା; ୮୦ ରତି ଓଜନ; ଏକ ଟଙ୍କା ଓଜନ—A unit of weight; a weight of one silver rupee; a tola; 208 grains troy.

ତୋଳକ—ସଂ. ବିଣ. ପୁଂ. (ତୁଲ୍ ଧାତୁ+ଅକ)—
Tolaka — ଯେ ଓଜନ କରେ; ପରିମାପକ—
(ତୋଳକା—ସ୍ତ୍ରୀ) Weighing.
ବି—୧ । ତୋଳ (ଦେଖ)—1. Tola (See)
୨ । ନିକିତି; ତରାଜୁ—2. A balance; scale.
୩ । ବଟକରା—3. Standard weights.
୪ । (ପୁଂ) ମାପୁଣି—4. Weighman.

ତୋଳନ—ସଂ. ବି. (ତୁଲ୍ ଧାତୁ+ଭାବ. ଅନ)—
Tolana ୧ । ତଉଲିବା—1 Weighment.
୨ । ଉଠାଇବା—2. Lifting.
୩ । ପ୍ରସଙ୍ଗ କରଣ; ଉତ୍ଥାପନ—3. The putting up of a matter for consideration; adducing; the raising of a question.

ତୋଳ ପାଡ଼—ଦେ. ବି. (ସଂ. ତୁଲ୍, ଧାତୁ=ଉଠାଇବା; ପତ୍ ଧାତୁ
Tola pārda ଣିଚ୍ ପାତି=ପକାଇବା; ବଙ୍ଗଳାରୁ ଅନୁକୃତ)—
তোলপাড় ୧। ପକାଉଠା; ଲେଉଟପାଲଟ; ଆନ୍ଦୋଳନ;
হালাডালা ଘଣ୍ଟାଘାଣ୍ଟି; ଆଲୋଡ଼ନ—1. Violent agitation; topsyturvfication; commotion.
୨ । ଭୁମୁଲ ଝଗଡ଼ା; ଝଟାପଟା—2 Violent brawl.
୩ । ଦୌରାତ୍ମ୍ୟ; ଅତ୍ୟାଚାର—3. Oppression; disturbance.
ବିଣ.—୧ । ଆଲୋଡ଼ିତ; ଘଣ୍ଟାଘାଣ୍ଟି ହୋଇଥିବା—
1. Agitated.
୨ । ଲେଉଟପାଲଟ ହୋଇଥିବା—
2. Stirred up; disturbed.
୩ । ଉପଦ୍ରୁତ—3. Oppressed.

ତୋଳପାଡ଼ କରିବା—ଦେ. କ୍ରି.—୧ । ଭୟାନକ ଆନ୍ଦୋଳନ କରିବା;
Tolapārda kariba ଆଲୋଡ଼ନ କରିବା—
তোলপাড় করা 1. To agitate violently.
হলা ডালা করনা ୨ । ଲେଉଟପାଲଟ କରିବା—
2. To stir up briskly.

ତୋଳା—ସଂ. ବି. (ତୁଲ୍ ଧାତୁ=ଓଜନ କରିବା+ଭାବ. ଅ)—
Tolā ଓଜନ—Weighing.
ଦେ. ବି. (ସଂ. ତୁଲ୍ ଧାତୁ; ତୋଳ; ତୋଳକ)—୧ । ଏକଟଙ୍କା
তোলা ଓଜନ; ଏକ ଭରି; ଦଶମଷା ପରିମାଣ—
तोला 1 A tola; weight of one rupee.
୨ । ଚୟନ; ଗଛରୁ ଫଳ ବା ଫୁଲ ସଂଗ୍ରହ କରିବା; ତୋଳିବା—
2. Plucking (of flowers and fruits.
୩ । ନଡ଼ିଆ ଆମ୍ବ ଆଦି ଗଛରୁ ଫଳ ଆଦି ତୋଳାଯିବାର ଥର—3. One plucking occasion of fruits etc from a tree or trees.
(ଯଥା—ଏ ବର୍ଷ ପୀତାମ୍ବରଙ୍କର ବଗିଚାରେ ନଡ଼ିଆଗଛରୁ ପହିଲି ତୋଳାରେ ପୂରାପଣ ସୁଦ୍ଧା ନଡ଼ିଆ ମିଳିଲା ନାହିଁ ।)
୪ । ଘର ଆଦି ତୋଳିବା ବା ତିଆରି କରିବା; ନିର୍ମାଣ—
4. Building; raising of a structure; structures.
(ଯଥା—ଶିବେଇ ସାଆନ୍ତଙ୍କ ଦେଉଳ ତୋଳା ନ୍ୟାୟ ।)
তোলা ୫ । (ଭୁଲ. ଇଂ. ଟୋଲ୍)—ହାଟ ତୋଳା; ହାଟରେ ପଣ୍ୟ-
हटमहसूल ବିକେତାଙ୍କ ଠାରୁ ହାଟର ସ୍ୱାମୀଙ୍କପକ୍ଷରୁ ଆଦାୟ କରାଯିବା ଶୁଳ୍କ—5. A toll in money or kind levied from the stall-keepers and vendors in a market; market toll.
[ଦ୍ର—ଏହା ପଣ୍ୟଦ୍ରବ୍ୟ ଆକାରରେ କମ୍ ଅର୍ଥାକାରରେ ନିଆଯାଏ ।]
୬ । (ସଂ. ଉତ୍+ତୋଳନ) ଉଠାଇବା; ଉତ୍ତୋଳନ—
6. To lift; raise; take up.
୭ । ଗୋଟାଇ ପକାଇବା—7. Picking up.
ବିଣ.—୧ । ତୋଳକ; ଯେ ଓଜନ କରେ—1. Weighing
୨ । ଉତ୍ତୋଳିତ—2. Raised; lifted.
୩ । ନିର୍ମିତ—3. Constructed.
ଆଶ୍ରମ ତୋଳା ହୋଇଅଛି ଯେ ଅନେକ ।
କୃଷ୍ଣସିଂ. ମହାଭାରତ. ବନ ।
ପ୍ରାଦେ. (ଗଡ଼ଜାତ) ବି.—ତୋଳା ଅବାଦ (ଦେଖ)
Tolā ābādi (See)

ତୋଲା—ପ୍ରାଦେ. (ସମ୍ବଲପୁର) ସର୍ବନାମ—(ଅନାଦରାର୍ଥକ) ତୋତେ;
Tolā ତୁମ୍ଭକୁ—To you; to thee.

ତୋଳା ଅବାଦ—ପ୍ରାଦେ. (ଗଡ଼ଜାତ) ବି.—ନୂଆବାଦ; ନୂତନ ଚାଷ
Tolā ābādi କରାଯିବା ପଡ଼ିଆ ଜମି—Newly reclaimed land.

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଅ	ଉଅ	ଓ
୨	ଈ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ବ	ନ୍

ତୋଳା(ଳେ)ଇବା—ଦେ. କ୍ରି.—ତୋଳିବା କ୍ରିୟାର ଣିଜନ୍ତରୂପ—
Tolā(le)ibā The causative form of Tolibā.
তোলন ୨ । (ଗୃହ ଆଦି) ଅନ୍ୟଦ୍ୱାରା ନିର୍ମାଣ କରାଇବା—
खड़ा करना 2. To cause (houses) to be erected.
তুড়বানা ଉନ୍ନତ ଅମରାବତୀ ପ୍ରାସାଦ ସେ ନଗରୀ,
उठवाना ତୋଳାଇଲେ ମନ୍ଦ୍ର ରାଜା ନଳେ ଉନ୍ନ ସର । ମଧୁସୂଦନ ବାଳରାମ ସ୍ୱଣ ।
୨ । ଅନ୍ୟଦ୍ୱାରା ଗଛରୁ ଫଳ ଫୁଲ ଆଦି ଛିଣ୍ଡାଇବା—
2. To cause to be plucked.
୩ । ଭୂମିରେ ଶୁଖୁଥିବା ଲୁଗାଆଦିକୁ ଅନ୍ୟ ଲୋକଦ୍ୱାରା ଗୋଟାଇ ନେବା ବା ଉଠାଇ ନେବା—
3. To cause a cloth (which has been spread on the ground) to be taken up or picked up.
[ଦ୍ର—ଏ କ୍ରିୟାର ଅସମାପିକା ରୂପସଙ୍ଗେ ଆଣିବା, ଦେବା ନେବା, ପକାଇବା କ୍ରିୟାର ସମାପିକା ଯୁକ୍ତ ହୁଏ ।]

ତୋଳା କନ୍ୟା—ଦେ. ବି. (ସଂ. ତୁଲ୍ ଧାତୁ=ଟେକି ଦେବା+କନ୍ୟା)—
Tolā kanyā ଅଭାବଗ୍ରସ୍ତ ପିତା ବିବାହବ୍ୟୟ ବହନ କରିବାକୁ ଅକ୍ଷମ ହୋଇ ଯେଉଁ କନ୍ୟାକୁ ବିବାହ ପୂର୍ବେ ବର ହସ୍ତରେ ତୁଳସୀପତ୍ର ସହିତ ସମର୍ପଣ କରେ ଏବଂ ବର ନିଜ ଗୃହରେ ସେଉଁ କନ୍ୟାର ପାଣିଗ୍ରହଣ କରେ—
A maiden who is given away by her poor parents to the bridegroom elect who has the marriage ceremony performed at his house instead of the maiden's father.
[ଦ୍ର—ହିନ୍ଦୁଶାସ୍ତ୍ର ମତରେ କନ୍ୟାପିତା ବରଙ୍କୁ ନିଜ ଘରକୁ ନିମନ୍ତ୍ରଣ କରି ଧନରତ୍ନବିଭୂଷିତା କନ୍ୟାକୁ ବେଦୀ ଉପରେ ବରଙ୍କୁ ସମର୍ପଣ କରନ୍ତି ଓ ବିବାହର ସମସ୍ତ ବ୍ୟୟ ନିଜେ ବହନ କରନ୍ତି, କିନ୍ତୁ ଯେଉଁ ଗରିବ କନ୍ୟାକର୍ତ୍ତାଙ୍କର ଏ ବ୍ୟୟାଦି ବହନ କରିବାର ଶକ୍ତି ନ ଥାଏ ସେ ଗୋଟିଏ ତୁଳସୀପତ୍ର ସହିତ କନ୍ୟାକୁ ବର ଘରକୁ ନେଇ ସେଠାରେ ବିବାହ କର୍ମ ଓ ବିବାହ ଉତ୍ସବାଦି କରନ୍ତି; ବରଙ୍କ ହସ୍ତକୁ ଏହିରୂପେ ଉତ୍ତୋଳିତା କନ୍ୟାକୁ ତୋଳାକନ୍ୟା ବୋଲାଯାଏ ।]

ତୋଳା କରିବା—ଦେ. କ୍ରି—ହାଟତୋଳା କରିବା; ହାଟରେ ପଣ୍ୟ
Tolā karibā ବିକ୍ରେତାମାନଙ୍କଠାରୁ ପଣ୍ୟଦ୍ରବ୍ୟର କିଛିଅଂଶ
তোলাতোলা ବା ନଗଦ ଧନ ଶୁଳ୍କରୂପେ ଆଦାୟ କରିବା—
ତୋଳାନେବା } ଅନ୍ୟରୂପ To levy a toll from the
ତୋଳାତୋଳିବା } stall keepers and vendors in a market in money or kind.

ତୋଳି—ପ୍ରାଦେ. (ଅଚ) ବି—ସରାଳି (ଦେଖ)
Toli Sarāli (See)

ତୋଳିଦେବା—ଦେ. କ୍ରି—୧ । ତୋଳିବା (ଦେଖ)
Tolidebā 1. Tolibā (See)
তুলেদেওআ ୨ । ପ୍ରତିଜ୍ଞା ପୂର୍ବେ ଆବଦ୍ଧ ସ୍ୱରୂପ କୌଣସି ପଦାର୍ଥ
सौंपदेना ଅନ୍ୟର ହାତକୁ ଟେକି ଦେବା—2. To hand over a thing to another as a promised gift.
ବାର ତୋଳି ଦେଲେ ଶଙ୍ଖେ ଶଙ୍ଖେ ଉଚ୍ଚ ।
ଉପେ. ବୈଦେହୀଶବିଳାସ ।

ତୋଳି ଧରିବା—ଦେ. କ୍ରି—୧ । ଆଦର ଓ ଯତ୍ନ କରିବା—
Toli dharibā 1. To take proper care; to
তুলেধরা look after.
संभालना ତୋଳି ଧରିବାକୁ ତାଙ୍କୁ ଅସିହିନ୍ତ ଧାଇଁ ଡକ ପ୍ରିୟତମ ଗଣ ।
ଭକ୍ତକବି. ରତ୍ନମାଳୀ ।
୨ । ତୋଳିନେବା (ଦେଖ)—2. Tolinebā (See)
୩ । ତଳେପଡ଼ିଥିବା ବସ୍ତୁ ବା ବ୍ୟକ୍ତିକୁ ଟେକି ଧରିବା—
3, To hold up a thing or person fallen on the ground by lifting it or him up.

ତୋଳିନେବା—ଦେ. କ୍ରି—ଭୂମିରୁ ଉଠାଇ ନେବା—
Tolinebā To pick up,
তুলেনেওয়া ତୋଳି ନେଇ ଗଛ ଯାଉଥିବା ଫଳ ଫୁଲବରଣ ।
उठालेना ସ୍ୱପ୍ନ କାଥ. ଲଷା ।

ତୋଳିବା—ଦେ. କ୍ରି. (ସଂ. ତୁଲ୍ ଧାତୁ)—୧ । (ଗଛରୁ ପୁଷ୍ପାଦି) ଚୟନ
Tolibā କରିବା—1, To pluck (fruits and flowers).
[ତୋଳା(ଳେ)ଇବା—ଣିଜନ୍ତ] ଜାଇ ଫୁଲ ତୋଳ ତୋଳ ଉଠଣ—
তোলা କବିସୂର୍ଯ୍ୟ, ସଙ୍ଗୀତ ।
ताड़ना ୨ । ଗୃହ ଆଦି ନିର୍ମାଣ କରିବା—
2. To erect; build (a structure).
उठाना, खड़ा करना ବୋଇଲେ ତୋଳ ବସା ଏଠାରେ ମୋ ପାଇଁ—
କୃଷ୍ଣସିଂହ ମହାଭାରତ, ବନ ।
୩ । ତଳୁ ଗୋଟାଇବା—
3. To pick up from the ground.
बटोरना ୪ । ସଞ୍ଚୟ କରିବା—4. To gather; to collect.
उठाना ୫ । ଉତ୍ତୋଳନ କରିବା; ଉଠାଇବା, ତଳୁ ଉର୍ଦ୍ଧ୍ୱକୁ ଟେକିବା—5. To raise up; to lift up.
ଉଦ୍ଧବବାଦେ ବନମାଳୀ, ପର୍ବତ ବାମ କରେ ତୋଳି—
ଜଗନ୍ନାଥ. ଭାଗବତ ।

(ତୋଳାଯି(ହ)ବା—କର୍ମବାଚ୍ୟରୂପ) ୬ । (ସ୍ୱରକୁ) ଉଚ୍ଚତର କରିବା—
6. To raise one's voice; to make one's voice louder.
ସ୍ୱରା ଦେଖେ ମୁହିଁ ତୋଳୁଥିଲି ଯେବେ ସ୍ୱରରେ ଗୀତଲହରୀ—
ସ୍ୱାଧୀନାଥ. ପାବନୀ ।
୭ । (ଶଯ୍ୟାଦି) ଟେକିବା ବା ଗୋଟାଇବା; ଭୂମିରୁ ଉଠାଇବା—
7. To take up from the ground (e.g. a bed or mat).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣା'ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୮ । (ମସ୍ତକାଦି) ଉପରକୁ ଟେକ ବା ହାତ ବା ମୁଣ୍ଡକୁ ସିଧା କରି ଉଠାଇବା—8. To raise up one's head or arm.

ସନ୍ଧି ଧ ଲକ୍ଷଣ ଭଗବତଙ୍କର, ତୋଳନ୍ତନ୍ତି ଶୁଣ୍ଡ କଣ୍ଠକେଶରେ— ଗ୍ଲଧ୍ୟାକ, ଲେଖା ।

[ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଅଣିବା, ଦେବା, ନେବା, ଧରିବା, ରଖିବା ପକା(ଡେ)ଇବାର ସମାପିକାରୂପ ଯୁକ୍ତ ହୁଏ ।]

ତୋଳିହେବା—ଦେ. କ୍ରି—୧ । ଧଇଁ ବା ଅଣନ୍ଧାସ ପବନ ଯୋଗେ Tolihebā ମନୁଷ୍ୟ ପେଟ ହେବା ବା ଉଠିବା ପଡ଼ିବା— 1. To gasp violently.

୨ । (ତୋଳିବା କ୍ରିୟାର କର୍ମବାଚ୍ୟରୂପ)—ଉତ୍ତୋଳିତ ହେବା; ଟେକି ହେବା—2. To be raised.

କହିବାକୁ ସଙ୍ଗୀଯ ତୋ ଅଟେ ଯେ, ସକେ ତୋଳି ନୁହେ ମଥା— କବିସୂର୍ଯ୍ୟ, ସଙ୍ଗୀତ ।

ତୋଷ—ସଂ. ବି (ତୁଷ୍. ଧାତୁ=ତୁଷ୍ଟ ହେବା+ଭାବ. ଅ)— Tosha ୧ । ସନ୍ତୋଷ; ତୃପ୍ତି—1. Satisfaction; gratification.

୨ । ହର୍ଷ; ଆହ୍ଲାଦ; ଆନନ୍ଦ—2. Pleasure; joy; gladness.

୩ । ସୁଖ—3. Happiness.

୪ । (ତୋଷି ଧାତୁ+ଭାବ. ଅ) ସନ୍ତୁଷ୍ଟ କରାଇବା; ସନ୍ତୋଷ ଉତ୍ପାଦନ; ତୋଷଣ—4. Act of gratifying (any one)

୫ । ଶ୍ରୀକୃଷ୍ଣଙ୍କର ଏକ ସଖାଙ୍କ ନାମ (ହି. ଶବ୍ଦସାଗର)— 5. Name of a campanion of Śrikrushṇa,

ଦେ. ବିଣ—ସନ୍ତୁଷ୍ଟ—Satisfied.

ଏହାଶୁଣି ଉତ୍କର୍ଷ ତୋଷ ହେଲେ । କୃଷ୍ଣସିଂହ ମହାଭାରତ. ବନ ।

ତୋଷକ—ସଂ. ବି ପୁଂ. (ତୁଷ୍. ଧାତୁ ଣିଚ୍; ତୋଷି. ଧାତୁ+ଅକ)— Toshaka ସୁଖଦ; ସନ୍ତୋଷପ୍ରଦ—Pleasing; that which (ତୋଷିକା-ସ୍ତ୍ରୀ) gives pleasure or comfort; gratifying.

ବୈଦେ. ବି (ତୁର୍କୀ-ତୋଶକ୍=ଗଦି) ଭୁଲ. ସଂ. ତୋଷକ)— ତୋষক ୧ । କପାଭୁଲା ବା ନଡ଼ିଆକତା ପୂରା ଯାଇଥିବା ପତଳା तोशक ଶେଯ; ଲେପ—1. Quilt; thin cotton mattress; mattress stuffed with cotton or coir,

୨ । ଗଦି—2, Cushion,

ତୋଷାଖାନା—ବୈଦେ. ବି (ଫା. ତୋଷାଖାନା;)—୧ । ଯେଉଁ ଘରେ Toshākhānā ରଜା ଅଦିଙ୍କ ପୋଷାକପତ୍ର ଓ ଅଳଙ୍କାରାଦି ରହେ— ତোষাখানা तोषाखाना 1, Ward-robe of a Raja; a room where a Raja's dress and ornaments are kept,

(ତୋଷାଖାନା—ଅନ୍ୟରୂପ) ୨ । ଧନାଗାର; ଭଣ୍ଡାର— 2, A store room,

[ଦ୍ର—ଫାର୍ସୀରେ ତୋଷା ଶବ୍ଦର ଅର୍ଥ ବାଟରେ ଖାଇବା ପାଇଁ ଯାତ୍ରୀ ଅପଣା ସାଙ୍ଗରେ ଯେଉଁ ଖାଦ୍ୟ ଦ୍ରବ୍ୟ (victuals) ସାଙ୍ଗରେ ନେଇଥାଏ ।]

ତୋଷଣ—ସଂ. ବି. (ତୁଷ୍ ଧାତୁ=ତୁଷ୍ଟ ହେବା+ଭାବ. ଅନ)— Toshaṇa ୧ । ସନ୍ତୋଷ; ତୃପ୍ତି— 1, Satisfaction; pleasure.

୨ । ସନ୍ତୋଷ ଉତ୍ପାଦନ—2. Act of satisfying or pleasing.

୩ । (+କରଣ. ଅନ) ସନ୍ତୋଷ ସାଧନ ବସ୍ତୁ—Object of pleasure,

ବିଣ—୧ । (+କର୍ତ୍ତୃ. ଅନ) —ସନ୍ତୋଷ ଉତ୍ପାଦକ; ଆନନ୍ଦଦାୟକ—2 Pleasing; producing satisfaction.

୨ । ସନ୍ତୋଷଯୁକ୍ତ—2. Contented.

ତୋଷଦାନ୍—ବୈଦେ. ବି. (ଇଂ. କାର୍ଟ୍ରିଜ୍‌ରୁ ଉତ୍ପନ୍ନ ଉର୍ଦ୍ଦୁ କର୍ତ୍ତୂଜ+ Toshadān ଫା, ପ୍ରତ୍ୟୟ ଦାନ୍=ଉର୍ଦ୍ଦୁ ତୋଷଦାନ୍; ଯୋଗେଶ୍ବର୍ଦ୍ଦ ତোষদান ଫା. ତୋଷଦାନ୍—ଖିଲେନ୍ଦ୍ର)—ଗୁଳି ବାରୁଦ ଅଦି तोषदान ରଖିବାର ମୁଣି— A cartridge and powder pouch.

ତୋଷଦାଣି—ଦେ. ବିଣ—ତୋଷକ (ଦେଖ) Toshadāni Toshaka (See)

ବଖରକୁ ତୋଷଦାଣି ନେଇ ମଉରେ—ଭକ୍ତ. ବୈଦେହୀଶବିଳାସ ।

ବୈଦେ. ବି. (ଫା)—ତୋଷଦାନ୍ (ଦେଖ) Toshadān (See)

ତୋଷଭର--ଦେ. ବିଣ—ସନ୍ତୁଷ୍ଟ; ଆନନ୍ଦ— Toshabhara Satisfied; pleased.

କନ୍ଦ୍ରେକସ୍ ରଜା ଯେ ହୋଇ ତୋଷଭର—କୃଷ୍ଣସିଂହ. ମହାଭାରତ, ଆଦି

ତୋଷମନ—ଦେ. ବିଣ. (ତୋଷ+ମନସ୍; ତୁଷ୍ଟମନାଃ)—ସନ୍ତୁଷ୍ଟ— Toshamana Satisfied; pleased.

ତାହା ଜାଣି ପାରି ହୋଇଲେ ତୋଷମନ—କୃଷ୍ଣସିଂହ, ମହାଭାରତ, ଆଦି

ତୋଷଳ—ଦେ. ବି—୧ । ପ୍ରାଚୀନ ଉତ୍କଳର ନଗର ଓ ରାଜ୍ୟବିଶେଷ— Toshaḷa 1. Name of a kingdom and town of ancient Orissa.

[ଦ୍ର—ମହାନଦୀର ଉତ୍ତର ଭାଗରୁ ବଙ୍ଗର ଉତ୍କଳର ସମସ୍ତ ଭୂଭାଗକୁ ଉତ୍ତର ତୋଷଳ ଏବଂ ଦକ୍ଷିଣ ଭାଗରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଭୂଭାଗକୁ ଦକ୍ଷିଣ ତୋଷଳ ବୋଲି କୁହା ଯାଉଥିଲା । ଯାଜପୁର ତୋଷଳର ରାଜଧାନୀ ଥିଲା । ତୋଷଳରେ କର ବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଗ୍ରୀକ୍ ଐତିହାସିକ ଟୋଲେମିଙ୍କ ମାନଚିତ୍ରରେ ବୈତରଣୀ କୂଳର ତୋଷଳ ନାମକ ଏକ ସହର ନିର୍ଦ୍ଦେଶିତ ହୋଇଅଛି—ଦୈନିକ ଆଶା. ୨୬।୮।୨୯ ।

ଅଧୁନାତନ ଖଲ୍ଲିକୋଟ, ଘୁମୁସର, ବାଣପୁର, ଖୋର୍ଦ୍ଧା, ନୂଆଗଡ଼, ରଣପୁର, ପୁରୀ ସଦରଡିଭିଜନର କେତେକ ଅଂଶ, କଟକ ଜିଲ୍ଲାର

୯	ଲ	ଞ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଜ୍ଞ	ଇଅ	ଉଅ	ଢ
୬	ଲ଼	ଞ	ଋ	ଌ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	●	ଢ଼

ବାଙ୍କି ଓ ଓଲାସ ପ୍ରଗନା କେଁଉ ଏହା ଗଠିତ—ନାଗ୍ଵପୁଣ ବଂଶୀମାନଙ୍କ ଉତ୍କଳ କରବଂଶୀୟ ରାଜାମାନଙ୍କ ଶାସନ ।]

୬ । ପ୍ରାଚୀନ ଉତ୍କଳର ଯୋଦ୍ଧୃଜାତିବିଶେଷ—2. Name of a warrior nation of ancient Utkal.

[ଦ୍ର—ହରିବଂଶ, ଅଥର୍ବବେଦ ଓ ୬ଷ୍ଠ ଶତାବ୍ଦୀରେ ଭରତର ନାଟ୍ୟ ଶାସ୍ତ୍ରରେ ତୋଷଲ ଗୋଟିଏ ଯୋଦ୍ଧୃଜାତି ଥିବାର କଥିତ ଅଛି । ସମ୍ଭବତଃ ସେମାନେ ଉତ୍କଳୀୟ ଜାତି ହୋଇଥିବେ—ବୈଦିକଅଣ୍ଡା. ୬୫।୮।୬୯ ।]

ସଂ. ବି—୧ । ମୂଷଳ; ଅସ୍ତ୍ରବିଶେଷ (କ୍ଲୀବେଲ୍. ପ୍ରକୃତିବାଦ)—1. A kind of lethal weapon; mace.

୬ । କଂସର ଏକ ଅସୁର ମଲ୍ଲ ଯାହାକୁ ଧନୁର୍ଯଜ୍ଞରେ ଶ୍ରୀକୃଷ୍ଣ ବଧ କରିଥିଲେ—2. Name of a wrestler-demon retained by Kamsa and killed by Srikrushna.

ତୋଷାମତ(ଦ)—ବୈଦେ. ବି. (ଫା. ଖୁଶ୍ ଅମଦ; ତୁଲ. ସଂ. ତୋଷ + ଅମୋଦ)—୧ । ଖୁସାମତ; ଖୋସାମଦ; ଅନ୍ୟର ମନ ଜଗେଇବା; ମନରଖା; ସ୍ତୁତି—1. Flattery.
Toshāmata(da)
তোষামদ
खुसामद

ତୋଷାମୋଦ } ଅନ୍ୟରୂପ ୬ । ସ୍ତୁତି; ପରର ମନଜଗା କଥା—2 Flattering words
ତୋଷାମୋଦ }

ତୋଷାମତି(ଦି)—ବୈଦେ. ବି. (ଫା. ଖୁଶ୍ଅମୋଦୀ)—ସ୍ତୁତିରୁଚି—Habitual flattering.
Toshāmati(di)
(ତୋଷାମୋଦି, ତୋଷାମୋଦି—ଅନ୍ୟରୂପ)

ତୋଷାମତି(ଦି)ଆ—ବୈଦେ. ଵଣ. (ଫା. ଖୁଶ୍ଅମୋଦୀ)—
Toshāmati(di)ā ୧ । ସ୍ତୁତିକାରୀ—
তোষামুদে **खुसामदी**
ତୋଷାମୋଦିଆ } ଅନ୍ୟରୂପ 1. Flattering (person).
ତୋଷାମୋଦିଆ } ୬ । ସ୍ତୁତିପ୍ରିୟ—2. Fond of being flattered.

୩ । ସ୍ତୁତିପୂର୍ଣ୍ଣ (ବାକ୍ୟ)—3. Flattering (words)

ବି—ସ୍ତୁତିକାରୀ ବ୍ୟକ୍ତି—A flatterer.

ତୋଷାଲ(ଳି)—ଦେ. ବି. (ନାମ)—ପ୍ରାଚୀନ ଉତ୍କଳର ରାଜଧାନୀବିଶେଷ-
Toshāli(li) Name of the capital of ancient Utkal (Orissa) from the 4th B. C. to the 15th century A. D.

[ଦ୍ର—ଏହା ଖ୍ରୀଷ୍ଟପୂର୍ବ ୪୦୦ରୁ ୧୫୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବିଖ୍ୟାତ ଥିଲା । ଏହା ଧଉଳି ପାହାଡ଼ ଓ ଖଣ୍ଡଗିରି ପାହାଡ଼ ଏବଂ ଭୁବନେଶ୍ୱରର ନିକଟବର୍ତ୍ତୀ ଥିଲା । ଏହା ପ୍ରାଚୀନ ଉତ୍କଳର ସମୃଦ୍ଧିଶାଳୀ ରାଜଧାନୀ ଥିଲା । ଅଶୋକ କଳିଙ୍ଗ ଜୟ କରିବା ପରେ ତୋଷାଲିରେ ତାଙ୍କର ଗୋଟିଏ ପୁତ୍ରକୁ ଶାସନକର୍ତ୍ତା ନିଯୁକ୍ତ କରିଥିଲେ—(ପୁରୀ ଡିଷ୍ଟ୍ରିକ୍ଟ ଗେଜେଟିଅର୍ ଓ, ଲୁଆସିକ୍ . ଉତ୍କଳ ଇତିହାସ।)]

ତୋଷି (ନାମ ଧାତୁ)—(ତୁଷ୍ ଧାତୁ ଣିଚ୍)—
Toshi (root) ସନ୍ତୋଷ ଉତ୍ପାଦନ କରିବା—To please; to gratify.

ତୋଷିତ—ସଂ. ଵଣ. ପୁଂ. (ତୁଷ୍ ଧାତୁ ଣିଚ୍=ତୋଷି ଧାତୁ + କର୍ମ. ତ)-
Toshita ସନ୍ତୋଷିତ; ତର୍ପିତ—Satisfied; pleased; gratified.

ତୋଷିତା—ଦେ. ଵଣ. (ପ୍ରାଚୀନ ପଦ୍ୟ)—ତୁଷ୍ଟ—
Toshitā Pleased.

ବହୁରୂପା କନକ ଭାବ ଧାଇରେ ସୀତା,
ତକାଇଁ ରୂପରେ ସେ ସମସ୍ତ ତୋଷିତା । ଉପେ. ବୈଦେହୀଶବିଳାସ ।

ତୋଷିବା—ଦେ. (ପଦ୍ୟ) କ୍ରି.—(ସଂ. ତୋଷି ଧାତୁ)—୧ । ସନ୍ତୁଷ୍ଟ କରିବା— . To gratify to please.
Toshibā
তুষা

ତୋ ଶ୍ରବଣ ତୋଷିବ ଭଣନ୍ତି ଶିକ୍ଷିତ;
तुषना, तोषना ବୀଣାଝଙ୍କାରରେ ମଧୁ ସଙ୍ଗୀତ । ରାଧାନାଥ ମେଘଦୂତ ।

୬ । (ସଂ. ତୁଷ୍ ଧାତୁ)—ତୁଷ୍ଟ ହେବା—2. To be pleased or gratified.

ଯେ ଯାହା ସୁଖେ ପଦ୍ମ ନେଲେ
ସର୍ବେ ତୋଷିଲେ ମଣ୍ଡଳେ । ଜଗନ୍ନାଥ. ଭାଗବତ ।

ତୋଷୀ—ସଂ. ଵଣ. ପୁଂ (ତୁଷ୍ ଧାତୁ=ସନ୍ତୁଷ୍ଟ ହେବା+କର୍ତ୍ତୃ. ଇନ୍;
Toshi ୧ମା. ୧ବ)—ତୁଷ୍ଟ; ସନ୍ତୁଷ୍ଟ; ଆନନ୍ଦିତ—
(ତୋଷିଣୀ—ସ୍ତ୍ରୀ) Pleased; delighted

ପୂର୍ବରେ କେଉଁ ଜନମାନେ ହୋଇ ତୋଷୀ ।
ଏ ମହାଭାରତକୁ କହୁଥିଲେ ବସି । କୃଷ୍ଣସିଂହ. ମହାଭାରତ, ଆଦି ।

୬ । (ତୁଷ୍ ଧାତୁ ଣିଜନ୍ତ ତୋଷି ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବି)
ଯେ ଅନ୍ୟକୁ ତୁଷ୍ଟ କରଏ—
2. Satisfying; pleasing (person).

୩ । ସନ୍ତୋଷଜନକ; ସନ୍ତୋଷପ୍ରଦ—
3. Satisfactory (matter).

ତୋହ(ହୋ)—ଦେ. ସର୍ବନାମ (ଆଦରାର୍ଥକ)—ତୋ—
Toha(ho) Thine.
তোর

ତୋହ ଅଗମ କାଳେ ଯାହା ଉପୁଜ
तोहरा, तेरा ତୋତେ ସେବକେ ସେହୁ ବକପଙ୍କତ । ରାଧାନାଥ. ମେଘଦୂତ ।

ତୋହଠଉଁ—ଦେ. ସର୍ବନାମ—ତୋଠଉଁ (ଦେଖ)
Tohathaun̐ Tothaun̐ (See)
(ତୋହଠଁ, ତୋହଠଉଁ, ତୋହ ଠାରୁ—ଅନ୍ୟରୂପ)

ତୋହଠି—ଦେ. ସର୍ବନାମ—ତୋଠାଇଁ (ଦେଖ)
Tohathin̐ Tothāin̐ (See)
(ତୋହଠେଇଁ—ଅନ୍ୟରୂପ)

ତୋହମତ(ତି)—ବୈଦେ. ବି. (ଅ. ତୋହ୍ମତ୍)—
Tohamat (ti) ୧ । ମିଥ୍ୟା ଅଭିଯୋଗ—
তোহমত 1. False charge against a person.
तोहमत ୬। ମିଥ୍ୟା ଅପବାଦ; ମିଥ୍ୟା କଳଙ୍କ—
2. False imputation or scandal.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବିଣ – ମିଥ୍ୟା ଅପବାଦଯୁକ୍ତ—False and defamatory; scandalous.

କ୍ରି. ବିଣ—୧ । ବୃଥା—1. To no purpose; in vain.

(ଯଥା— ପିଲାଟା ପାଠପଢ଼ା ଛାଡ଼ି ଦିନ ରାତି ତୋହୋମତ୍ ବୁଲୁଛି ।)

୨ । ସର୍ବଦା; ଦିବାରାତ୍ରି—

2. Day and night; incessantly.

ତୋହମତିଆ—ବୈଦେ. ବିଣ—ବୃଥା—

Tohamatiā Vain; fruitless; useless.

(ତୋହମତ—ଅନ୍ୟରୂପ) (ଯଥା—ମୁଁ ତୋହମତିଆ କଥାଗୁଡ଼ାକ

তোহমতী तोहमती ଶୁଣିବାକୁ ଇଚ୍ଛା କରୁ ନାହିଁ ।)

୨ । ମିଥ୍ୟା ଅଭିଯୋଗକାରୀ—

2. Making false charges against a person.

୩ । ମିଥ୍ୟା ଅପବାଦ ପ୍ରବର୍ତ୍ତକ (ବ୍ୟକ୍ତି)—

3. Propagating malicious gossip.

୪ । ମିଥ୍ୟା ଅପବାଦଯୁକ୍ତ (ବିଷୟ, ବାକ୍ୟ)—

4. Scandalous.

ତୋହର—ଦେ. ସର୍ବନାମ—ତୋହ (ଦେଖ)

Tohara Toha (See)

ତୋହରେ—ଦେ. ସର୍ବନାମ—୧ । ତୋ ଦ୍ୱାରା—

Tohare 1. By thee.

୨ । ତୋଠାରେ—2. In thee.

ତୋହୋ (ଇତ୍ୟାଦି)—ତୋହ (ଦେଖ)

Toho (etc) Toha etc. (See)

ତୌକ୍ଷିକ—ସଂ. ବି. (ଜ୍ୟୋତିଷ)—ଧନୁରାଶି (ହ. ଶବ୍ଦସାଗର)—

Taukshika (astronomy) The zodiacal sign of Sagittarius; Sagitta.

ତୌଜି (ଇତ୍ୟାଦି)—ତଉଜି ଇତ୍ୟାଦି (ଦେଖ)

Tauji (etc) Tauji etc. (See)

[ଦ୍ର—ଯେଉଁ ଦେଶଜ ଓ ବୈଦେଶିକମାନଙ୍କ ଆଦ୍ୟରେ 'ତୌ' ଅଛି ସେମାନଙ୍କ ପାଇଁ ଏ ଭାଷାକୋଷରେ 'ତଉ' ଆଦ୍ୟ ଯୁକ୍ତ ହୋଇଥିବା ଶବ୍ଦମାନ ଦେଖ ତୌଜି, ତୌଜି ।]

ତୌତାତିତ—ସଂ.ବି—୧ । ଜୈନମାନଙ୍କ ଶ୍ରେଣୀବିଶେଷ(ହ.ଶବ୍ଦସାଗର)-

Tautātita 1 A sect of the Jainas.

୨ । କୁମାରିଲ ଭଟ୍ଟଙ୍କର ଏକ ନାମ (ହ. ଶବ୍ଦସାଗର)—

2. A name of the Hindu religious reformer Kumārila Bhatta.

ତୌତିକ—ସଂ. ବି—୧ । ମୁକ୍ତା—1. Pearl.

Tautika ୨ । ଶୁକ୍ତି; ଶାମୁକା—2. A mussel; cuckle; oyster.

୩ । ମୁକ୍ତା ଉତ୍ପାଦକ ଶୁକ୍ତି—3. Pearl-oyster.

ତୌରେତ୍—ବୈଦେ. ବି. (ହେବ୍ରୁ ଭାଷା)—

Tauret ଇହୁଦୀମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ—

तौरेत The scripture of the Jews.

[ଦ୍ର—ଏହା ମହାତ୍ମା ମୁସା (Moses) ଙ୍କ ଦ୍ୱାରା ପ୍ରକଟିତ । ଏଥିରେ ସୃଷ୍ଟି ଓ ଆଦାମଙ୍କ ଉତ୍ପତ୍ତି ବିଷୟ ବର୍ଣ୍ଣିତ ହୋଇଅଛି । ହ. ଶବ୍ଦସାଗର ।]

ତୌର୍ଯ୍ୟ—ସଂ. ବି. (ତୂର୍ଯ୍ୟ + ସମୂହାର୍ଥେ. ଅ)—

Taurjya ୧ । ତାଳ ଅନୁସାରେ ବାଦିତ ଶଙ୍ଖ ବା ମୃଦଙ୍ଗର ସ୍ୱର; ମୃଦଙ୍ଗାଦିର ଧ୍ୱନି—1. The sound of tabor set to measure; harmony.

୨ । ଢୋଲ ଓ ଶଙ୍ଖ ଆଦି ଆନଦ୍ଧ ବାଦ୍ୟ—

2. Drums and tabors.

ତୌର୍ଯ୍ୟତ୍ରିକ—ସଂ. ବି. (ତୌର୍ଯ୍ୟ + ତ୍ରି + କ)—

Taurjyatrika ୧ । ଗୀତ, ବାଦ୍ୟ ଓ ନୃତ୍ୟ ଏହି ତିନିଙ୍କର ଏକତ୍ର ମିଳନ; ଏକ ସଙ୍ଗେ ନାଚ, ଗାୟନ ଓ ବାଜଣା—

1. Song, music and dancing; dancing accompanied by vocal and instrumental music; symphonic dance; dance to the accompaniment of music and song.

୨ । ଗାୟନ ବାଜଣା—

2. Music (vocal and instrumental).

[ଦ୍ର:—ମନୁ ଏହାକୁ କାମଜ ବ୍ୟସନରୂପେ ଗଣନା କରିଅଛନ୍ତି ଓ ଏହା ତ୍ୟାଜ୍ୟ ବୋଲି କହି ଅଛନ୍ତି । ହ. ଶବ୍ଦସାଗର]

ତୌଲ—ସଂ. ବି. (ତୁଲା + ଅ)—

Taula ୧ । ତରାଜୁ; ନିକିତି (ହ. ଶବ୍ଦସାଗର)—

1. Weighing instrument; balance.

୨ । (ଜ୍ୟୋତିଷୋକ୍ତ) ତୁଳା ରାଶି (ହ. ଶବ୍ଦସାଗର)—

2. The Zodiacal sign Libra.

ତୌଳ (ଇତ୍ୟାଦି)—ଦେ. ବି. (ସଂ. ତୁଲ୍ ଧାତୁ)—

Taula (etc) ତଉଳ ଇତ୍ୟାଦି (ଦେଖ) Taula etc (See)

ତୌଲା (ଇତ୍ୟାଦି)—ଦେ. ବି ଓ ବିଣ—ତଉଲା ଇତ୍ୟାଦି (ଦେଖ)

Taulā (etc) Taulā etc (See)

ତୌଲା(ଲେ)ଇବା—ଦେ. କ୍ରି—ତଉଲାଇବା (ଦେଖ)

Taulā(le)iba Taulāiba (See)

ତୌଲିଆ—ବୈଦେ. ବି. (ଇଂ)—ତଉଲିଆ (ଦେଖ)

Tauliā Tauliā (See)

ତୌଳିକ—ସଂ. ବି. (ତୂଲୀ + ଇକ)—୧ । ଚିତ୍ରକର—

Taulika 1. Painter.

୨ । ଓଜନକାରୀ—2. One who weights; weighman

୧	ଋ	ଌ	ର୍‌,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	ଙ୍କ	ଇୟ	ଉଅ	ଉ
'	ଋ	ୠ	ଋ	ଌ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ	ଇଅ	ୱ	ନ

ତୌଳିକକ—ସଂ. ବି. (ତୂଳିକା+ଇକ)—ତୌଳିକ (ଦେଖ)
Taulikika — Taulika (See)

ତୌଲିବା—ଦେ. କ୍ରି—ତଉଲିବା (ଦେଖ)
Tauliba — Taulia (See)

ତୌଷାର—ସଂ. ବି. (ତୁଷାର+ଭବ ଅର୍ଥରେ ଅ)—
Taushāra ୧ । କୁହୁଡ଼ି; କାକର—1. Frost.
୨ । ବରଫ—2. Ice; snow.
୩ । କାକର—3. Dew.
୪ । ବରଫ ତରଳିଥିବା ପାଣି (ହି. ଶବ୍ଦସାଗର)—
4 Water collected by the thawing or melting of ice.
ସଂ. ବିଣ—ତୁଷାର ସମ୍ବନ୍ଧୀୟ—
Relating to dew or ice.

ତ୍ୱ—ସଂ. ପ୍ରତ୍ୟୟ—ଭାବାର୍ଥ ଓ ଗୁଣବାଚକ ପ୍ରତ୍ୟୟ—A suffix
Twa denoting the state or quality of something.
(ଯଥା—ନବତ୍ୱ; ଶୁକ୍ଳତ୍ୱ ।)
[ତ୍ୱ—ଏହା ବିଶେଷ୍ୟ ଓ ବିଶେଷଣ ପରେ ଯୁକ୍ତ ହେଲେ ଭାବ ବା ଗୁଣବାଚକ ବିଶେଷ୍ୟ ପଦ ନିଷ୍ପନ୍ନ ହୁଏ ।]

ତ୍ୱକ୍—ସଂ ବି. ସ୍ତ୍ରୀ. (ତ୍ୱଚ୍ ଧାତୁ=ଆବରଣ କରିବା+କର୍ତ୍ତୃ. କ୍ୱିପ୍)—
Twak ୧ । ଛାଲ; ଦେହର ଚମ—1. Skin; hide.
୨ । ଛେଲି; ଗଛର ବକଳ—2. Bark of a tree.
୩ । ସ୍ପର୍ଶେନ୍ଦ୍ରିୟ—3. The organ of touch.
[ତ୍ୱ—ଏ ପାଞ୍ଚ ଜ୍ଞାନେନ୍ଦ୍ରିୟ ମଧ୍ୟରୁ ଏକତମ; ଏହା ପ୍ରାଣୀର ରକ୍ତମାଂସାସ୍ଥି ସମନ୍ୱିତ ଦେହ ଉପରେ ବସ୍ତୁତ; ଏହାଦ୍ୱାରା ତାପ, ଶୈତ୍ୟ, କୋମଳତା, ଦୃଢ଼ତା, ମସୃଣତା, ରୁକ୍ଷତା ଅନୁଭୂତ ହୁଏ ।]
୪ । ଫଳର ଚୋପା—4. The rind of a fruit; peel.
୫ । ଡାଲଚିନି—5. Cinnamon.
୬ । ତେଜପତ୍ର—6. The cassia cinnamon; the cassia leaves.
୭ । ଶତାବରୀ (ହରେକୃଷ୍ଣ ଦ୍ରବ୍ୟଗୁଣ)—
7. Asparagus Racemosus.

ତ୍ୱକ୍‌କ୍ଷୀରା(ରୀ)—ସଂ. ସ୍ତ୍ରୀ. (ତ୍ୱକ୍+କ୍ଷୀର+ଆ; ଈ)—ବଂଶଲୋଚନା—
Twak-kshirā(ri) The manna of bamboo.

ତ୍ୱକ୍‌ଛଦ—ସଂ. ବି. (ତ୍ୱକ୍+ଛଦ୍ ଧାତୁ+କର୍ତ୍ତୃ. ଅ)—ଶଶକନ୍ଦ (ଦେଖ)
Twak-chhada Śaśakanda (See)

ତ୍ୱକ୍‌ଚ୍ଛେଦ—ସଂ. ବି. (୬ଷ୍ଠୀ ତତ୍; ତ୍ୱକ୍+ଛେଦ)—
Twakchheda ଇହୁଦୀ ଓ ମୁସଲମାନମାନଙ୍କ ସୁନ୍ନତ୍—
(ତ୍ୱକ୍‌ଛେଦନ—ଅନ୍ୟରୂପ) Circumcision amongst the Mahomedans and the Jews.

ତ୍ୱକ୍‌ପତ୍ର—ସଂ. ବି—୧ । ତେଜପତ୍ର—
Twakpatra 1. The cassia leaves.
୨ । ଡାଲଚିନି—2. Cinnamon.

ତ୍ୱକ୍‌ପତ୍ରୀ—ସଂ. ବି. ସ୍ତ୍ରୀ. (ତ୍ୱକ୍+ପତ୍ର+ଈ)—
Twakpatri ୧ । ହେଙ୍ଗୁପତ୍ରୀ; ଏକପ୍ରକାର ଗୁଳ୍ମ—
1. A medicinal plant; Mimosa Octandra.
୨ । କଦଳୀଗଛ—2. Plantain tree.

ତ୍ୱକ୍‌ପୁଷ୍ପ—ସଂ. ବି—୧ । ରୋମାଞ୍ଚ—1. Horripilation.
Twakpushpa ୨ । ଶୁଖିଲା ଖୁଣ୍ଡିଆ—2. Dry scabs.
(ତ୍ୱକ୍‌ପୁଷ୍ପିକା—ଅନ୍ୟରୂପ)

ତ୍ୱକ୍‌ସାର—ସଂ. ବିଣ. (ବହୁବ୍ରୀହି; ତ୍ୱକ୍+ସାର)—ଫମ୍ପା—
Twaksāra Empty.
ବି—୧ । ବାଉଁଶ ଗଛ—1 Bamboo.
୨ । ଦାରୁଚିନି—2. Cinnamon.
୩ । ନଳିତା ବା ଝୋଟ ଗଛ—3 Jute plant.

ତ୍ୱକ୍‌ସାରା—ସଂ. ବି. (ତ୍ୱକ୍‌ସାର+ଆ)—ବଂଶଲୋଚନା; ବାଉଁଶ ମଧ୍ୟରେ
Twaksārā ଥିବା ଶ୍ୱେତବର୍ଣ୍ଣ ଔଷଧଦ୍ରବ୍ୟବିଶେଷ—
Tabashir; a salicious deposit found inside the bamboo; the manna of bamboo.

ତ୍ୱକ୍ଷ (ଧାତୁ)—ସଂ—କାଠଆଦି ଚାଞ୍ଛିବା—
Twaksh (root) To pare wood.

ତ୍ୱଗ୍‌ଦୋଷ—ସଂ. ବି. (୬ଷ୍ଠୀ ତତ୍; ତ୍ୱକ୍+ଦୋଷ)—୧ । ଚର୍ମରୋଗ—
Twagdosha 1. Skin disease.
(ତ୍ୱଗ୍‌ରୋଗ—ଅନ୍ୟରୂପ) ୨ । କୁଷ୍ଠରୋଗ—2. Leprosy.

ତ୍ୱଗ୍‌ଦୋଷୀ—ସଂ. ବିଣ. ପୁଂ. (ତ୍ୱକ୍ ଦୋଷ+ଇନ୍ ୧ମା. ୧ବ)—
Twagdoshi କୁଷ୍ଠରୋଗାକ୍ରାନ୍ତ; କୋଢ଼ିଆ—Leprous.
(ତ୍ୱଗ୍‌ଦୋଷିଣୀ—ସ୍ତ୍ରୀ) ସଂ. ବି. ପୁଂ—କୁଷ୍ଠରୋଗାକ୍ରାନ୍ତ ବ୍ୟକ୍ତି—
A leper.

ତ୍ୱଗ୍‌ସୁଗନ୍ଧା—ସଂ. ବି. (ବହୁବ୍ରୀହି; ତ୍ୱକ୍+ସୁଗନ୍ଧ+ଆ)—
Twag-sugandhā ୧ । ଏଲବାଲ (ଦେଖ)
1. Elabāla (See)
୨ । ଗୁଜରାତି; ଶ୍ୱେତ ଅଳାଇଚ—
2. The small white variety of cardamom.

ତ୍ୱଗଙ୍କୁର—ସଂ. ବି. (୬ଷ୍ଠୀ ତତ୍; ତ୍ୱକ୍+ଅଙ୍କୁର)—ରୋମାଞ୍ଚ—
Twagankura The bristling of the hairs of one's body; horripilation.

ତ୍ୱଗାକ୍ଷୀରୀ—ସଂ. ବି—ବଂଶଲୋଚନା (ହି. ଶବ୍ଦସାଗର)—
Twagākshiri The manna of bamboo.

ତ୍ୱଗିନ୍ଦ୍ରିୟ—ସଂ. ବି. (ଦ୍ୱନ୍ଦ୍ୱ; ତ୍ୱକ୍+ଇନ୍ଦ୍ରିୟ; କର୍ମଧାରୟ)—
Twagindriya ୧ । ସ୍ପର୍ଶେନ୍ଦ୍ରିୟ; ଯେଉଁ ଇନ୍ଦ୍ରିୟଦ୍ୱାରା ପ୍ରାଣୀ ଅନ୍ୟ ବସ୍ତୁର ସ୍ପର୍ଶ ଅନୁଭବ କରେ—
1. The sense of touch.
୨ । ଚର୍ମ; ଚମଡ଼ା—2. Skin.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚକ୍ଷ୍ଟର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ଟର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ଟର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଆଉ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷ୍ଟର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂଁ'କି ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତ୍ୱଗ୍‌ଗନ୍ଧ—ସଂ. ବି. (ବହୁବ୍ରୀହି; ତ୍ୱକ୍+ଗନ୍ଧ; ଯାହାର ଛାଲି ସୁଗନ୍ଧ)—
Twaggandha ନାରଙ୍ଗ ଗଛ (ଦେଖ)—
Nāraṅga tree (See)

ତ୍ୱଚ୍ (ଧାତୁ)—ସଂ.—ଆବରଣ କରିବା—
Twach (root) 1. To cover.

ତ୍ୱଚ୍—ସଂ. ବି. ସ୍ତ୍ରୀ—୧ । ତ୍ୱକ୍ (ଦେଖ)
Twach 1. Twak (See)
୨ । ସାପକାତି (ହି ଶବ୍ଦସାଗର)—
2. The slough of a snake.

ତ୍ୱଚ—ଦେ. ବି. (ସଂ. ତ୍ୱଚ୍)—ତ୍ୱକ୍ (ଦେଖ)
Twacha Twak (See)

ବୃକ୍ଷରେ ରୂପଙ୍କୁ ସହିତେ,
ତ୍ୱଚଙ୍କୁ ସ୍ପର୍ଶରେ ସଂହିତେ । ଜଗନ୍ନାଥ. ଭାଗବତ ।

ତ୍ୱଚା—ସଂ. ବି.—ତ୍ୱକ୍ (ଦେଖ)
Twachā Twak (See)

ତ୍ୱଚିସାର—ସଂ. ବି. (ଅଲୁକ୍ ସମାସ; ତ୍ୱଚି=ତ୍ୱକ୍‌ରେ+ସାର) ବାଉଁଶ—
Twachi sāra Bamboo.

ତ୍ୱଚିସୁଗନ୍ଧା—ସଂ. ବି. (ଅଲୁକ୍ ସମାସ; ତ୍ୱଚି+ସୁଗନ୍ଧା)—କ୍ଷୁଦ୍ରସ୍ୱଳ; ଛୋଟ
Twachi sugandhā ଅଳେଇଚ)—The small variety of cardamon.

ତ୍ୱତ୍—ସଂ. ବିଣ. (ଯୁଷ୍ମଦ୍ ଶବ୍ଦ ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୋଇ ସମାସରେ
Twat ଧାରଣ କରିବା ଆକାର)—ତୁମ୍ଭର—Yours; your.
[ଦ୍ର—ଯୁଷ୍ମଦ୍ ସମାସରେ ଏରୂପ ହୁଏ । ଯଥା—ତ୍ୱତ୍ ସମ; ତ୍ୱଦୀୟ; ତ୍ୱଦ୍‌ବିଧ ।]

ତ୍ୱତ୍ସମ—ସଂ. ବିଣ.—ତ୍ୱଦ୍‌ବିଧ (ଦେଖ)
Twatsama Twadbidha (See)
(ତ୍ୱତ୍ସମତା—ବି)
(ତ୍ୱତ୍ସଦୃଶ—ଅନ୍ୟରୂପ)

ତ୍ୱଦୀୟ—ସଂ. ବିଣ. (ଯୁଷ୍ମଦ୍+ସମ୍ବନ୍ଧାର୍ଥେ. ଈୟ)—ତୁମ୍ଭର; ଭବଦୀୟ—
Twadīya Thine; yours; your.
(ତ୍ୱଦୀୟା—ସ୍ତ୍ରୀ)

ତ୍ୱଦ୍‌ବିଧ—ସଂ. ବିଣ. (ତ୍ୱତ୍+ବିଧ=ପ୍ରକାର)—ତୁମ୍ଭ ପରି—
Twadbidha Like you; similar to you.
(ତ୍ୱଦ୍‌ବିଧା—ସ୍ତ୍ରୀ)

ତ୍ୱର (ଧାତୁ)—ସଂ.—୧ । ବେଗରେ ଗମନ କରିବା—
Twar (root) 1. To go briskly; to hasten.
୨ । ତ୍ୱରାନ୍ୱିତ ହେବା—
2. To be in haste; to make haste.

ତ୍ୱରମାଣ—ସଂ. ବିଣ. (ତ୍ୱର ଧାତୁ+କର୍ତ୍ତୃ. ଆନ)—ସତ୍ୱର; ତ୍ୱରାନ୍ୱିତ
Twaramāṇa Quick; swift; hastening.
(ତ୍ୱରମାଣା—ସ୍ତ୍ରୀ)

ତ୍ୱରା—ସଂ. ବି. ସ୍ତ୍ରୀ.—(ତ୍ୱର ଧାତୁ+ଭାବ. ଅ+ସ୍ତ୍ରୀ. ଆ)—୧ । ବେଗ
Twarā 1. Velocity; speed.
୨ । ଦ୍ରୁତତା—2. Swiftness; haste; hurry.
୩ । ଜରୁର—3. Urgency.
୪ । ଶୀଘ୍ରତା—4. Quickness.
ଦେ. (ପଦ୍ୟ) ବିଣ.—(ସଂ. ତ୍ୱରାବାନ୍)—୧ । ତ୍ୱରାନ୍ୱିତ—
1. In haste.

ଦମୟନ୍ତୀ ଶୁଣିଣ ଅତି ତ୍ୱରା ହୋଇ । କୃଷ୍ଣସିଂହ. ମହାଭାରତ ବନ ।

୨ । ଉତ୍କଣ୍ଠିତ—2. Anxious.

ଏହା ମୋର ଆଗେ କହ ତ ଯମ ରାଜେ,
ଶୁଣିବାକୁ ମୋ ମନ ଅତି ତ୍ୱରା ହୁଏ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

୩ । ଆଗ୍ରହାନ୍ୱିତ—3. Eager.

କାହାର ସେ ପୁତ୍ର ବୋଲଇ ରୁକ୍ମିଣୀ,
ଶୁଣିବାକୁ ତୋର ତ୍ୱରା ହୁଏ ମୋ କର୍ଣ୍ଣ ବେନି । କୃଷ୍ଣସିଂହ ମହାଭାରତ. ଅନୁଶାସିକ ।

ତ୍ୱରାନ୍ୱିତ—ସଂ. ବିଣ. (ତୃତୀୟା ତତ୍; ତ୍ୱରା+ଅନ୍ୱିତ)—୧ । ସତ୍ୱର—
Twarānwita 1. Quick; hasty; hurried.
୨ । ଆଗ୍ରହାନ୍ୱିତ—2. Eager.

ତ୍ୱରିତ—ସଂ. ବିଂ (ତ୍ୱର୍+ଯୁକ୍ତାର୍ଥେ. ଇତ)—ସତ୍ୱର—
Twarita Swift; quick; hasty.
କ୍ରି. ବିଣ.—ଶୀଘ୍ର; ତ୍ୱରାସହକାରେ—
Swiftly; hastily.

ତ୍ୱରିତା—ସଂ. ବି.—ଦେବୀବିଶେଷ—
Twaritā Name of a Goddess.
[ଦ୍ର—ଯୁଦ୍ଧରେ ଜୟଲାଭ କରିବାପାଇଁ ଏ ଦେବୀଙ୍କର ପୂଜା କରିବ । ତନ୍ତ୍ରରେ ଉପଦେଶ ଦିଆଯାଇଅଛି । ହି. ଶବ୍ଦସାଗର ।]

ତ୍ୱରିତାନନ୍ଦ ମୌଜ—ଦେ. ବି.—(ବ୍ୟଙ୍ଗ), ତୁରୀୟାନନ୍ଦ)—ଗଞ୍ଜେଇ ଖାଇ
Twaritānanda mauja ମୌଜ କରିବା—(ironical)
Smoking ganja in company and making merry.

ପୋଖରୀ ବନ୍ଧରେ ବସି ଅଧସ୍ତ ଯାଏ ତ୍ୱରିତାନନ୍ଦ ମୌଜ କରନ୍ତି ।
ଫକୀରମୋହନ ଗଳ୍ପସ୍ୱଳ୍ପ ।

ତ୍ୱରିତେ—ଦେ. କ୍ରି. ବିଣ (ସଂ. ତ୍ୱରିତଂ)—ତୁରନ୍ତ—
Twarite Swiftly; hastily; hurriedly.
तुरन्त, तुरत

ତ୍ୱଲଗ—ସଂ. ବି—ପାଣିରେ ରହୁଥିବା ସର୍ପବିଶେଷ (ହି. ଶବ୍ଦସାଗର)—
Twalaga The water snake.

ତ୍ୱଷ୍ଟା—ସଂ. ବି (ତ୍ୱକ୍ଷ୍ ଧାତୁ+କର୍ତ୍ତୃ. ତୃ=ତ୍ୱଷ୍ଟୃ; ୧ମା. ୧ବ)—
Twashṭā ୧ । ବିଶ୍ୱକର୍ମା—1. The heavenly architect according to the Hindus.
[ଦ୍ର—ଭବିଷ୍ୟପୁରାଣ ମତରେ ସୂର୍ଯ୍ୟଙ୍କର ୭ ଜଣ ସାରଥି ମଧ୍ୟରୁ ଏ ଜଣେ ।]
୨ । ବଢ଼େଇ—2. Carpenter.

୧	ଇ	ଉ	ଋ,ଋ	ଌ	ଏ	ମଧ୍ୟସ୍ଥ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଣ,ଷ	ଙ୍କ	ଇୟ୍	ତ୍ଥ	ଭ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଓ	ନ୍ଦ

(ତ୍ୱଷ୍ଟା—ସ୍ତ୍ରୀ) ୩ । ସୂର୍ଯ୍ୟ—3. The Sun God.
୪ । ମହାଦେବ—4. God Siba.
୫ । ବୃତ୍ରାସୁରର ପିତା—5. Father of Brutra.
୬ । ଦ୍ୱାଦଶାଦିତ୍ୟ ମଧ୍ୟରୁ ଏକାଦଶ (ଏ ଚୈତ୍ରର ଅଧିଷ୍ଠାତା ଦେବ)—6. Name of the eleventh solar Deity.
୭ । ଚିତ୍ରା ନକ୍ଷତ୍ରର ଅଧିଷ୍ଠାତା ଦେବ—7. The Deity presiding over the 14th asterism.
୮ । ବୈଦିକ ଦେବତାବିଶେଷ—
8. Name of a Vedic Deity.
[ତ୍ୱ—ଏ ପ୍ରାଣୀଙ୍କ ଗର୍ଭସ୍ଥ କାର୍ଯ୍ୟକୁ ବିଭାଗ କରନ୍ତି ବୋଲି ବର୍ଣ୍ଣିତ ହୋଇଅଛନ୍ତି ।]
୯ । ବର୍ଣ୍ଣସଙ୍କର ଜାତିବିଶେଷ; ସୂତ୍ରଧାର—
9. Name of a caste of mixed blood; carpenter.
ସ. ବିଣ—ତକ୍ଷଣକର୍ତ୍ତା; ଯେ କାଠ ଚାଞ୍ଛେ—Scraping wood.

ତ୍ୱଷ୍ଟି—ସ. ବି (ତ୍ୱକ୍ଷ୍ ଧାତୁ+ତି)—ମନୁସଂହିତାରେ ବର୍ଣ୍ଣିତ ବର୍ଣ୍ଣସଙ୍କର
Twashti ଜାତିବିଶେଷ (ହ. ଶବ୍ଦସାଗର) Name of a mixed caste according to Manu.

ତ୍ୱାଷ୍ଟ୍ରା—ସ. ବି (ଜ୍ୟୋତିଷ)—ଚିତ୍ରା ନକ୍ଷତ୍ର—
Twashtrā (astrology) The 14th asterism.

ତ୍ୱାଦୃକ୍—ସ. ବିଣ (ଯୁଷ୍ମଦ୍=ତ୍ୱତ୍+ଦୃଶ୍ ଧାତୁ+କର୍ମ. କ୍ୱିପ୍)—ତ୍ୱଦ୍ୱିଧ;
Twadruk ତୁମ୍ଭ ପରି—Like you; resembling thee.

ତ୍ୱାଦୃକ୍ଷ—ସ. ବିଣ—ତ୍ୱାଦୃକ୍ (ଦେଖ)
Twādruksha Twādruk (See)
(ତ୍ୱାଦୃକ୍ଷୀ—ଅନ୍ୟରୂପ)

ତ୍ୱାଦୃଶ—ସ. ବିଣ (ଯୁଷ୍ମଦ୍+ଦୃଶ୍ ଧାତୁ+କର୍ମ. ଅ)—ତ୍ୱାଦୃକ୍ (ଦେଖ)
Twādrusha Twādruk (See)
(ତ୍ୱାଦୃଶୀ—ସ୍ତ୍ରୀ)

ତ୍ୱାଷ୍ଟ୍ର—ସ. ବି (ତ୍ୱଷ୍ଟୃ+ଅ)—୧ । (ବିଶ୍ୱକର୍ମାଙ୍କ ନିର୍ମିତ) ବଜ୍ର—
Twāshtra 1. Thunder bolt.
୨ । (ଏ ତ୍ୱଷ୍ଟାଙ୍କ ପୁତ୍ର ଥିବାରୁ) ବୃତ୍ରାସୁରର ଏକ ନାମ—
2. A name of Brutrāsura.
୩ । (ତ୍ୱଷ୍ଟାଙ୍କ ଅଧିଷ୍ଠିତ) ଚିତ୍ରା ନକ୍ଷତ୍ର—The 14th asterism according to the Hindu astrology.

ତ୍ୱାଷ୍ଟ୍ରୀ—ସ. ବି (ତ୍ୱଷ୍ଟୃ+ଅ+ସ୍ତ୍ରୀ ଈ)—୧ । ବିଶ୍ୱକର୍ମାଙ୍କ କନ୍ୟା
Twashtri ସୂର୍ଯ୍ୟଙ୍କ ପତ୍ନୀ ଓ ଅଶ୍ୱିନୀକୁମାର ଦ୍ୱୟଙ୍କ ମାତା ସଂଜ୍ଞା ଦେବୀ—1. Name of one of the two wives of the Sun God.
୨ । ଅଶ୍ୱିନୀ ନକ୍ଷତ୍ର—2. The 1st asterism of the Hindu astrology.

ତ୍ୱିଟ୍—ସ. ବି. ସ୍ତ୍ରୀ (ତ୍ୱିଷ=ଦୀପ୍ତି ପାଇବା+କର୍ତ୍ତୃ. କ୍ୱିପ୍ ୧ମା. ୧ବ)—
Twit ୧ । ଶୋଭା—1. Beauty.
୨ । ଦୀପ୍ତି; ପ୍ରଭା—2. Brilliance.
୩ । ଆଲୋକ—3. Light.
୪ । ବ୍ୟବସାୟ—4. Trade.
୫ । ବାକ୍—5. Speech.

ତ୍ୱିଷ (ଧାତୁ)—ସ ଦୀପ୍ତି ପାଇବା—
Twish (root) To shine.

ତ୍ୱିଷ୍—ସ. ବି. ସ୍ତ୍ରୀ—ତ୍ୱିଟ୍ (ଦେଖ)
Twish Twit See)

ତ୍ୱିଷା—ସ. ବି. ସ୍ତ୍ରୀ (ତ୍ୱିଷ୍ ଧାତୁ+ଭାବ. ଅ+ଆ)—୧ । ଦୀପ୍ତି—
Twishā 1. Brilliance; lustre.
୨ । ଶୋଭା—2. Beauty.

ତ୍ୱିଷାଂପତି—ସ. ବି. (୬ଷ୍ଠୀ ତତ୍ ଓ ଅଲୁକ୍; ତ୍ୱିଷାଂ=ଦୀପ୍ତିସମୂହ+
Twishāmpati ପତି=ସ୍ୱାମୀ)—ସୂର୍ଯ୍ୟ—The sun.
(ତ୍ୱିଷାମ୍ପତି, ତ୍ୱିଷାମୀଶ—ଅନ୍ୟରୂପ)

ତ୍ୱିଷି—ସ. ବି (ତ୍ୱିଷ ଧାତୁ+କର୍ତ୍ତୃ. ଇ)—କିରଣ; ତେଜଃ—
Twishi Ray; beam of light.

ତ୍ୟ—ସ. ବିଣ (ପ୍ରତ୍ୟୟ)—ଅବ୍ୟୟରେ ଭବ ବା ଜାତ ଅର୍ଥବୋଧକ
Tya ପ୍ରତ୍ୟୟବିଶେଷ—A suffix denoting situate in.
(ଯଥା—ଅତ୍ରତ୍ୟ; ତତ୍ରତ୍ୟ ଇତ୍ୟାଦି ।)

ତ୍ୟକତ—ଗ୍ରା. (ପଦ୍ୟ) ବିଣ—ତ୍ୟକ୍ତ (ଦେଖ)
Tyakata Tyakta (See)
ଜଳକୁ ରସ ଅବା ଅନ୍ତର ହୋଇବେ,
ତେଜ ଅବା ରୂପକୁ ତ୍ୟକତ କରିବେ । କୃଷ୍ଣସିଂହ. ମହାଭାରତ, ଅବ ।

ତ୍ୟକ୍ତ—ସ. ବିଣ (ତ୍ୟଜ୍ ଧାତୁ+କର୍ମ. ତ)—୧ । ବର୍ଜିତ; ଯାହାକୁ
Tyakta ପରିତ୍ୟାଗ କରି ଯାଇଅଛି; ବିସୃଷ୍ଟ; ପରିତ୍ୟକ୍ତ—
(ତ୍ୟକ୍ତା—ସ୍ତ୍ରୀ) 1. Left; abandoned; deserted; given
(ତ୍ୟାଗ—ବି) up; forsaken; relinquished.
୨ । ବିଷୟବିରକ୍ତ; ବୈରାଗୀ; ବିଷୟତ୍ୟାଗୀ 2. One who has renounced the world; retired.
୩ । ଦତ୍ତ—3. Given; bestow.
୪ । ବିକ୍ଷିପ୍ତ; ଫୋପଡ଼ା ହୋଇଥିବା—
4 Strewn; thrown away.

ତ୍ୟକ୍ତ ଜୀବିତ—ସ. ବିଣ. ପୁଂ (ବହୁବ୍ରୀହି; ତ୍ୟକ୍ତ+ଜୀବିତ=ଜୀବନ)—
Tyakta jibita ମଲା; ମୃତ—Dead; deceased.
(ତ୍ୟକ୍ତଜୀବିତା—ସ୍ତ୍ରୀ)

ତ୍ୟକ୍ତ ବିରକ୍ତ—ଦେ. ତଣ (ସହଚର ପଦ; ସ. ତ୍ୟକ୍ତ+ବିରକ୍ତ)—
Tyakta birakta ଅତ୍ୟନ୍ତ ବିରକ୍ତ ଓ ବ୍ୟସ୍ତ; କିଂକର୍ତ୍ତବ୍ୟବିମୂଢ଼—Perturbed; bewildered; bothered; pestered.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଢ଼ି' ନ ପାଇଲେ 'ବଢ଼ୀ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବଟ' ନ ପାଇଲେ 'ଅଲବଟ୍ଟ' ଦେଖିବେ

ତ୍ୟକ୍ତବ୍ୟ—ସଂ. ବଣ (ତ୍ୟଜ୍ ଧାତୁ + କର୍ମ ତବ୍ୟ)—ଯାହାକୁ ତ୍ୟାଗ
Tyaktabya କରିବା ଉଚିତ—Deserving to be abandoned
(ତ୍ୟକ୍ତବ୍ୟା—ସ୍ତ୍ରୀ) or shunned.

ତ୍ୟକ୍ତଲଜ୍ଜ—ସଂ. ବଣ. ପୁଂ (ବହୁବ୍ରୀହି; ତ୍ୟକ୍ତ + ଲଜ୍ଜା)—ନିର୍ଲ୍ଲଜ୍ଜ—
Tyakta lajja Shameless
(ତ୍ୟକ୍ତଲଜ୍ଜା—ସ୍ତ୍ରୀ)

ତ୍ୟକ୍ତା—ସଂ. ବଣ. ପୁଂ (ତ୍ୟଜ୍ ଧାତୁ + କର୍ତ୍ତୃ. ତୃ; ୧ମା. ୧ବ)—
Tyaktā ତ୍ୟାଗକାରୀ—Abandoning; renouncing.
(ତ୍ୟକ୍ତ୍ରୀ—ସ୍ତ୍ରୀ) ସଂ. ବଣ. ସ୍ତ୍ରୀ (ତ୍ୟକ୍ତ + ଆ)—ତ୍ୟକ୍ତର ସ୍ତ୍ରୀଲିଙ୍ଗ—
Feminine of Tyakta.

ତ୍ୟଜ୍ (ଧାତୁ)—ସଂ—ତ୍ୟାଗ କରିବା; ଛାଡ଼ିବା—
Tyaj (root) To give up.

ତ୍ୟଜନ—ସଂ. ବି (ତ୍ୟଜ୍ ଧାତୁ + ଭାବ. ଅନ)—୧ । ତ୍ୟାଗ; ବର୍ଜ୍ଜନ—
Tyajana 1. Relinquishment; giving up;
(ତ୍ୟକ୍ତ; ତ୍ୟଜନୀୟ; ତ୍ୟାଜ୍ୟ—ବଣ) abandonment.
୨ । ବୈରାଗ୍ୟ—2. Renunciation.
୩ । ଦାନ—3. Gift; act of giving; bestowing

ତ୍ୟଜନୀୟ—(ତ୍ୟଜ୍ ଧାତୁ + କର୍ମ. ଅନୀୟ)—ତ୍ୟକ୍ତବ୍ୟ (ଦେଖ)
Tyajaniya Tyaktabya See)

ତ୍ୟଜିବା—ଦେ. (ପଦ୍ୟ) କ୍ରି—(ବିରଳ ବ୍ୟବହାର) ତ୍ୟାଗ କରିବା(ଦେଖ)
Tyajibā Tyāgakaribā (See)
ত্যজা, तयागना

ତ୍ୟଜପୁତ୍ର—ଗ୍ରା. ବି (ସଂ. ତ୍ୟାଜ୍ୟପୁତ୍ରର ଅଶୁଦ୍ଧ ବ୍ୟବହାର)—
•Tyajyaputra ତ୍ୟାଜ୍ୟପୁତ୍ର (ଦେଖ)
তেজিপুত্র Tyājyaputra (See)

ତ୍ୟଜ୍ୟମାନ—ସଂ. ବଣ. ପୁଂ (ତ୍ୟଜ୍ ଧାତୁ + କର୍ମ. ଅନ)—ଯାହାକୁ
Tyajyamāna ତ୍ୟାଗ କରାଯାଉଅଛି—Which is being
(ତ୍ୟଜ୍ୟମାନା—ସ୍ତ୍ରୀ) forsaken or abandoned.

ତ୍ୟଜ୍ୟା—ଗ୍ରା. ବି (ସଂ. ତ୍ୟଜ୍ ଧାତୁ)—ତ୍ୟାଗ (ଦେଖ)
Tyajyā Tyaga (See)

ତ୍ୟାଗ—ସଂ. ବି. (ତ୍ୟଜ୍ ଧାତୁ + ଭାବ. ଅ)—୧ । ବର୍ଜ୍ଜନ; ପରିତ୍ୟାଗ;
Tyāga ବିସର୍ଜ୍ଜନ; କୌଣସି ପଦାର୍ଥକୁ ଆପଣାଠାରୁ ଅଲଗା କରିବା
କର୍ମ—1. Abandonment; forsaking.
୨ । ବୈରାଗ୍ୟ; ସଂସାରର ମାୟାମମତା ତୁଟାଇବା—
2 Renunciation of worldly ties.

[ଦ୍ର—ହିନ୍ଦୁଶାସ୍ତ୍ରମାନଙ୍କରେ ତ୍ୟାଗ ବା ବୈରାଗ୍ୟର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି । ତ୍ୟାଗୀ ଲୋକ ନିଷ୍କାମ ଓ ପରୋପକାରରତ ହୋଇ ବିଷୟବାସନା ଓ ସୁଖଭୋଗ ସଙ୍ଗେ କିଛି ସମ୍ବନ୍ଧ ରଖେ ନାହିଁ । ଏପରି ତ୍ୟାଗୀ ବ୍ୟକ୍ତି ମୁକ୍ତିର ଅଧିକାରୀ ଅଟେ । ଭଗବଦ୍ଗୀତାର ଅଷ୍ଟାଦଶ ଅଧ୍ୟାୟରେ ତ୍ୟାଗକୁ ସାତ୍ତ୍ୱିକ (୯ମ ଶ୍ଳୋକ) ରାଜସିକ (୮ମ ଶ୍ଳୋକ) ଓ ତାମସିକ (୭ମ ଶ୍ଳୋକ) ଏପରି ତିନି ଭାଗରେ ବିଭକ୍ତ କରାଯାଇଅଛି । ତ୍ୟାଗ ସନ୍ନ୍ୟାସର ଏକ ଅବସ୍ଥା; କାମ୍ୟ ଧର୍ମର ପରିତ୍ୟାଗ ସନ୍ନ୍ୟାସ ଅଟେ ଓ କର୍ମଫଳର ଆଶା ନ କରିବା ତ୍ୟାଗ ଅଟେ । ଗୀତାର ମତରେ ଯଜ୍ଞ, ଦାନ ଓ ତପଃ କର୍ମମାନ ତ୍ୟାଗ କରିବା ଉଚିତ ନୁହେଁ । ମନୁଷ୍ୟ କର୍ମକୁ ତ୍ୟାଗ କରି ପାରିବ ନାହିଁ କିନ୍ତୁ କର୍ମଫଳକୁ ତ୍ୟାଗ କରି ପାରିବ; ମନୁସଂହିତା ମତରେ ସଂସାରରେ ପିତା, ମାତା, ସ୍ତ୍ରୀ ଓ ସନ୍ତାନଙ୍କୁ ଛାଡ଼ି ଅନ୍ୟ ସବୁକୁ ତ୍ୟାଗ କରାଯାଇ ପାରେ— ହି. ଶବ୍ଦସାଗର ।]
୩ । ଦାନ—3. Bestowal; gift.
୪ । ଉତ୍ସର୍ଗ—5. Sacrifice.
୫ । ନିକ୍ଷେପ 5. Throwing away.
୬ । ଛାଡ଼ିବା—6 Giving up.
୭ । ଛାଡ଼ି ଚାଲିଯିବା— 7. Desertion; quitting.
୮ । କୌଣସି ବସ୍ତୁରୁ ଆପଣା ସମ୍ପର୍କ କାଟିବା—
8. Cutting off one's connection with any thing.
୯ । କର୍ମଫଳର ତ୍ୟାଗ (ଭଗବଦ୍ଗୀତା)—9. Absence of hankering after the result of one's actions.

[ଦ୍ର—ତ୍ୟାଗ ଶବ୍ଦ ଭିନ୍ନ ଭିନ୍ନ ଶବ୍ଦମାନଙ୍କ ପରେ ବ୍ୟବହୃତ ହୋଇ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ । ଯଥା—ଅସ୍ତ୍ରତ୍ୟାଗ, ସ୍ୱାର୍ଥତ୍ୟାଗ, ସଂସାରତ୍ୟାଗ, ବିଷୟତ୍ୟାଗ, ସର୍ବସ୍ୱତ୍ୟାଗ, ଦେହତ୍ୟାଗ ରାଜ୍ୟତ୍ୟାଗ, ସଙ୍ଗତ୍ୟାଗ, କ୍ରୋଧତ୍ୟାଗ, ସ୍ତ୍ରୀତ୍ୟାଗ, ଅଭ୍ୟାସତ୍ୟାଗ, ଅସତ୍ୟତ୍ୟାଗ, ଇତ୍ୟାଦି ।]
ଦେ. ବି—ସ୍ୱାର୍ଥତ୍ୟାଗ—Self-denial; self-sacrifice.
ଦେ. ବଣ—ତ୍ୟକ୍ତ—Deserted.
ତପ କରନ୍ତେ ଏ ତନ ବର୍ଣ୍ଣ ସେ
ଯେଣୁ ତ୍ୟାଗବର୍ଣ୍ଣ ଧର୍ମମାନ ସେ । ବିଶ୍ୱନାଥ ବଚନସମାପ୍ତ ।

ତ୍ୟାଗ କରିବା—ଦେ. କ୍ରି. (ସଂ. ତ୍ୟଜ୍ ଧାତୁ)—ଛାଡ଼ିବା—
Tyāga karibā To give up; to leave; to abandon;
ত্যাগকরা तयागना forsake,

ତ୍ୟାଗପତ୍ର—ସଂ ବି. (ସଂ. ପଦ, କିନ୍ତୁ ଦେଶଜରୂପେ ବ୍ୟବହୃତ)—
Tyāgapatra ୧ । ତଲ୍ଲାକନାମା; ଛାଡ଼ପତ୍ର; ସ୍ୱାମୀ ସ୍ତ୍ରୀକୁ ତ୍ୟାଗ କଲେ ଯେଉଁ ଦଲିଲ ଲେଖି ଦିଏ—
1. Deed of divorce,
୨ । କୌଣସି ବିଷୟରୁ ସ୍ୱତ୍ୱ ପରିତ୍ୟାଗ କରିବା ନିମନ୍ତେ କରିବନାମା; ନାଦାବୀ ପତ୍ର—2, Deed of relinquishment.
୩ । ଇସ୍ତଫା—3. Resignation,

ତ୍ୟାଗଶୀଳ—ସଂ. ବଣ ପୁଂ. (ବହୁବ୍ରୀହି; ତ୍ୟାଗ + ଶୀଳ)—
Tyāgasila ୧ । ତ୍ୟାଗପ୍ରବୃତ୍ତିକ; ଦାନୀ—1. Liberal,
(ତ୍ୟାଗଶୀଳା—ସ୍ତ୍ରୀ) ୨ । ସ୍ୱାର୍ଥତ୍ୟାଗୀ—2. Self-denying;
(ତ୍ୟାଗଶୀଳତା—ବି) self-sacrificing,

୯	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଜ୍ଞ	ଢ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଞ	୮

ତ୍ୟାଗିଅ(ୟ) — ଦେ. ବଣ. (କଟକିଆ ଭାଷା; ସଂ. ତ୍ୟାଜ୍ୟ) —
Tyāgia(ya) ତ୍ୟାଗ କରାଯାଇ ଥିବା; ମୃତ ବ୍ୟକ୍ତିଦ୍ୱାରା ତ୍ୟକ୍ତ;
ত্যাগীয় ମୃତବ୍ୟକ୍ତି ଛାଡ଼ି ଯାଇଥିବା—Left; left by the deceased,
(ଯଥା—ମହାନ୍ତଙ୍କ ତ୍ୟାଗିଅ ସମ୍ପତ୍ତିରେ ଚେଲା ମାଲିକ ହେଲେ ।)

ତ୍ୟାଗିବା — ଦେ. କ୍ରି. (ସଂ. ତ୍ୟଜ୍ ଧାତୁ)—ତ୍ୟଜିବା; ତ୍ୟାଗ କରିବା;
Tyāgibā ଛାଡ଼ିବା; ତେଜିବା—To give up.
ত্যজা ମାତାଙ୍କ ସ୍ନେହ ତ୍ୟାଗି ଗଲେ
ত্যাগনা ଯୀଣ ନ୍ୟ ହରେ ପ୍ରବେଶିଲେ । ଜଗନ୍ନାଥ, ଭାଗବତ
(ତ୍ୟାଗିଯିବା—ଅନ୍ୟରୂପ)

ତ୍ୟାଗିଲା — ଦେ. ବଣ. — ତ୍ୟକ୍ତ ହୋଇଥିବା; ତ୍ୟାଗ କରାଯାଇ ଥିବା —
Tyāgilā Abandoned.
ତ୍ୟାଗିଲା ପିଣ୍ଡରେ କେଉଁ ପୂରାଇବ ପ୍ରାଣ । ପ୍ରାଚୀ. ରହସ୍ୟମଞ୍ଜରୀ ।

ତ୍ୟାଗୀ — ସଂ. ବଣ. — (ତ୍ୟାଗ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ) —
Tyāgī ୧ । ଯେ ତ୍ୟାଗ କରେ—1. Abandoning; forsaking; relinquishing; renouncing.
(ତ୍ୟାଗିନୀ—ସ୍ତ୍ରୀ)
(ଯଥା—ସ୍ୱାର୍ଥତ୍ୟାଗୀ; ଗୃହତ୍ୟାଗୀ; ସଂସାରତ୍ୟାଗୀ ଇତ୍ୟାଦି ।)
୨ । ଦାତା—2. Liberal.
୩ । ସ୍ୱାର୍ଥତ୍ୟାଗୀ—3. Self-sacrificing.
ବି. — ବୈରାଗୀ; ଯୋଗୀ—An ascetic; a recluse.

ତ୍ୟାଜ — ଦେ. (ପ୍ରାଚୀନ ପଦ୍ୟ) ବଣ. — ବହିର୍ଗତ—
Tyāja Coming out.
ବଢ଼ାଇ ଦେଇ ଭୁଜ ଭୁଜଙ୍ଗ କପି ସମାନ ନାସାକର୍ଣ୍ଣରନ୍ଧ୍ରରେ ତ୍ୟାଜ ସେ ।
ଉପେ. ବୈଦେହୀଶବିଳାସ ।

ତ୍ୟାଜ୍ୟ — ସଂ. ବଣ. ପୁଂ — (ତ୍ୟଜ ଧାତୁ + କର୍ମ. ଯ) — ୧ । ବର୍ଜନୀୟ;
Tyājya ଯାହା ତ୍ୟାଗ କରିବା ଉପଯୁକ୍ତ—1. Fit to be forsaken or given up.
(ତ୍ୟାଜ୍ୟା—ସ୍ତ୍ରୀ)
୨ । ତ୍ୟକ୍ତ—2. Forsaken; given up.
୩ । ପିତୃ ଧନରୁ ବଞ୍ଚିତ ହେବାର ଉପଯୁକ୍ତ (ପୁତ୍ର) —
3. (a son) Deserving to be disinherited.

ତ୍ୟାଜ୍ୟପତ୍ର — ଦେ. ବି. (ସଂ. ତ୍ୟାଗପତ୍ର) — (କଟକିଆ ଭାଷା) —
Tyājyapatra ୧ । ଆପଣା ଅନ୍ତେ ଆପଣାର ପୁତ୍ର ତାଙ୍କୁ ସମ୍ପତ୍ତିରେ ଅଧିକାରୀ ହେବ ନାହିଁ ବୋଲି ପିତା ଯେଉଁ ଦଲିଲ ଲେଖି ଦିଏ—1. A deed disinheriting one's son.
୨ । ତ୍ୟାଗପତ୍ର; ଛାଡ଼ପତ୍ର—2. A deed of divorce.

ତ୍ୟାଜ୍ୟପୁତ୍ର — ସଂ. ବି. (କର୍ମଧା; ତ୍ୟାଜ୍ୟ + ପୁତ୍ର) — ଯେଉଁ ପୁଅକୁ
Tyājyaputra ପିତା ଆପଣା ସମ୍ପତ୍ତିରୁ ବଞ୍ଚିତ କରନ୍ତି—
A son disowned or disinherited by the father.

ତ୍ୟାଜ୍ୟପୁତ୍ର କରିବା — ଦେ. କ୍ରି. — ବଞ୍ଚି ଥାଉ ଥାଉ ଦୁଷ୍ଟ ପୁତ୍ରକୁ ଆପଣା
Tyājyaputra karibā
তেজপুত্র করা ସମ୍ପତ୍ତିରୁ ବଞ୍ଚିତ କରିବା—To disinherit; to cut off (one's son) with a shilling.

ତ୍ର — ସଂ. (ପ୍ରତ୍ୟୟ) — ସ୍ଥାନାଧିକରଣ ଅର୍ଥରେ ପ୍ରତ୍ୟୟ; ଠାରେ—
Tra A suffix denoting in; at (a place)
(ଯଥା—ଯତ୍ର, ତତ୍ର, ଅତ୍ର ଅନ୍ୟତ୍ର ସର୍ବତ୍ର ।)

ତ୍ରଙ୍ଗ — ସଂ. ବି. (ନାମ) ରାଜା ହରିଶ୍ଚନ୍ଦ୍ରଙ୍କ ରାଜଧାନୀ (ହି. ଶବ୍ଦସାଗର) —
Tranga The name of the capital of Rājā Harischandra.

ତ୍ରପ୍ (ଧାତୁ) — ସଂ. — ଲଜ୍ଜିତ ହେବା —
Trap (root) To be ashamed.

ତ୍ରପ — ସଂ. ବି. ପୁଂ. — (ତ୍ରପ୍ ଧାତୁ + ଭାବ. ଅ) — ଲଜ୍ଜା —
Trapa Shame.

ତ୍ରପମାଣ — ସଂ. ବଣ. ପୁଂ. (ତ୍ରପ୍ ଧାତୁ + କର୍ତ୍ତୃ. ଆନ) — ଯେ ଲଜ୍ଜା ପାଉ
Trapamāṇa
(ତ୍ରପମାଣା — ସ୍ତ୍ରୀ) ଅଛି—Feeling ashamed; bashful.

ତ୍ରପା — ସଂ. ବି. ସ୍ତ୍ରୀ. — (ତ୍ରପ୍ ଧାତୁ + ଭାବ. ଅ + ସ୍ତ୍ରୀ. ଆ) — ୧ । ଲଜ୍ଜା-
Trapā ଶୀଳତା—1. Embarrassment; shyness; bashfulness; coyness.
୨ । ଲଜ୍ଜା; ଲାଜ—2. Shame.
୩ । ବିନୟ—3. Humility; modesty.
୪ । ଯଶଃ; କୀର୍ତ୍ତି—4. Reputation; fame; renown.
୫ । କୁଳ; ବଂଶ—5. Family; lineage.
୬ । କୁଳଟା—6. Adulteress,
୭ । ବେଶ୍ୟା — 7, Prostitute; whore.

ତ୍ରପିତ — ସଂ. ବଣ. ପୁଂ (ତ୍ରପ୍ ଧାତୁ + କର୍ତ୍ତୃ. ତ) — ଲଜ୍ଜିତ—
Trapita Ashamed; abashed; embarrassed.
(ତ୍ରପିତା — ସ୍ତ୍ରୀ)

ତ୍ରପିଷ୍ଠ — ସଂ. ବଣ. ପୁଂ. (ତ୍ରପା = ଲଜ୍ଜା + ଅତ୍ୟର୍ଥେ. ଇଷ୍ଠ) —
Trapishṭha ୧ । ଅତ୍ୟନ୍ତ ଲଜ୍ଜାଶୀଳ—1. Very coy. shy; coy; modest.
(ତ୍ରପିଷ୍ଠା — ସ୍ତ୍ରୀ)
୨ । ଲାଜକୁଳା — 2. Bashful.

ତ୍ରପୀ — ସଂ. ବଣ. ପୁଂ. (ତ୍ରପ୍ ଧାତୁ + ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ) —
Trapī ଲଜ୍ଜାଶୀଳ—Coy; modest.
(ତ୍ରପିଣୀ — ସ୍ତ୍ରୀ)

ତ୍ରପୀୟାନ — ସଂ. ବି. ପୁଂ. (ତ୍ରପା + ଅସ୍ତି ଅର୍ଥରେ ଈୟସ୍; ୧ମା. ୧ବ) —
Trapiyān ଲାଜକୁଳା; ଲଜ୍ଜାଶୀଳ—Shy; coy; modest.
(ତ୍ରପୀୟସୀ — ସ୍ତ୍ରୀ)

ତ୍ରପୁ — ସଂ. ବି. (ତ୍ରପ୍ ଧାତୁ + ସଂଜ୍ଞାର୍ଥେ. କର୍ତ୍ତୃ. ଉ) —
Trapu ୧ । ସୀସା ଧାତୁ—1 Lead (metal).
୨ । ଦସ୍ତା—2. Zinc
୩ । ରଙ୍ଗ; ରାଙ୍ଗ ବା ଟିନ—3. Tin (metal).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦେଉଥିବା ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂତ' ନ ମିଳିଲେ 'ଭୂତ' ଦେଖିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଂକୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ ।

ତ୍ରପୁଳ—ସଂ. ବି. (ତ୍ରପ୍ ଧାତୁ+ସଂଜ୍ଞାର୍ଥେ. ଉଳ)—ସୀସା; ଟିଣ—
Trapula Tin (metal).

ତ୍ରପୁଷ—ସଂ. ବି. (ତ୍ରପ୍ ଧାତୁ+ସଂଜ୍ଞାର୍ଥେ. ଉଷ)—
Trapusha ୧ । ଟିଣ (ଧାତୁ)—1. Tin (metal).
୨ । କଙ୍କଡ଼ି ଫଳ; କାକୁଡ଼ି—2. Cucumber.
୩ । ଶିମିଳି ବୃକ୍ଷ—3. The silk cotton tree; Bombax; malaborika.

ତ୍ରପୁଷା—ସଂ. ବି. ସ୍ତ୍ରୀ. (ତ୍ରପୁଷ+ସ୍ତ୍ରୀ. ଆ)—କାକୁଡ଼ି ଲତା—
Trapushā Cucumber creeper.

ତ୍ରପୁସୀ—ସଂ. ବି—୧ । କଣ୍ଟିଆଳି କାକୁଡ଼ି (ଦେଖ)
Trapusī 1. Kanṭiāḻi kākurdi (See)
୨ । ଇନ୍ଦ୍ରଯବ (ଦେଖ)—2. Indrajaba (See)

ତ୍ରପ୍ସା—ସଂ. ବି. (ତ୍ରପ୍ ଧାତୁ+ସା)—
Trapsā ଛାତି ବା କଣ୍ଠରେ ହୋଇଥିବା ଶ୍ଳେଷ୍ମା ବା କଫ (ଦ୍ର. ଶବ୍ଦସାଗର)—Phlegm coagulated in the breast or throat.

ତ୍ରୟ—ସଂ. ବି. କ୍ଲୀ (ତ୍ରି+ସଂଜ୍ଞାର୍ଥେ. ଅୟ)—
Traya ୧ । ତିନି ସଂଖ୍ୟାର ସମାହାର—
(ତ୍ରୟୀ—ସ୍ତ୍ରୀ) 1. Triplate; an aggregate of three.
୨ । ତିନି ଜଣ ବ୍ୟକ୍ତି—2. Three persons; trio.
୩ । ତିନି ସଂଖ୍ୟା—3. Number three.
୪ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏହି ତିନି ଭୁବନ—
4. The earth, the heaven and the nether world.
୫ । ବ୍ରହ୍ମା, ବିଷ୍ଣୁ, ଶିବ ଏହି ତିନି ମୂର୍ତ୍ତି—
5. The Hindu Trinity; Traid.
୬ । ଋକ୍, ସାମ, ଯଜୁଃ ଏହି ତିନି ବେଦ—
6. The three Vedas.
୭ । ଗୃହିଣୀ—7. House-wife.
୮ । ଦୁର୍ଗା—8 Goddess Durgā.
ବିଣ—୧ । ତ୍ରିଗୁଣଯୁକ୍ତ; ତ୍ରିଗୁଣିତ—1. Triple.
୨ । ତ୍ରିସଂଖ୍ୟକ—2. Numbering three.
୩ । ତୃତୀୟ—3. Third.

ତ୍ରୟଃ ପଞ୍ଚାଶତ୍—ସଂ ବି ଓ ବିଣ—ପଚାଶରୁ ତିନି ଅଧିକ; ୫୩—
Trayaḥ panchāśat 53; Fifty-three.

ତ୍ରୟମ୍ବକ ଦେ. ବି. (ସଂ. ତ୍ର୍ୟମ୍ବକ)—ତ୍ର୍ୟମ୍ବକ; ଶିବ; ମହାଦେବ—
Trayambaka God Śiba.

ତ୍ରୟ ଲୋଚନ—ଗ୍ରା. ବି. (ସଂ. ତ୍ରିଲୋଚନ)—ତ୍ରିଲୋଚନ (ଦେଖ)
Traya lochana Trilochana (See)

ଯେଉଁ ପ୍ରୀତି କରିଥିଲେ ତ୍ରୟଲୋଚନ, ନାରଦ ଅର୍ଦ୍ଧ ଅଙ୍ଗରେ ବସାଇଛନ୍ତି
ରଙ୍ଗରେ ପ୍ରୀତି ଯୋଗୁଁ ସର୍ବ ଅଙ୍ଗେ ଚଢାଉଛନ୍ତି ଲୋଚନ ।
ପ୍ରାଚୀନ ସଙ୍ଗୀତ ।

ତ୍ରୟସ୍ତ୍ରିଂଶ—ସଂ. ବିଣ. (ତ୍ରୟସ୍ତ୍ରିଂଶତ୍+ପୂରଣାର୍ଥେ. ଅ)—
Trayastrimśa ୩୩ ସଂଖ୍ୟାର ପୂରଣ—Thirty-third.

ତ୍ରୟସ୍ତ୍ରିଂଶତ୍—ସଂ. ବି ଓ ବିଣ (ତ୍ରୟ+ତ୍ରିଂଶତ୍)—
Trayastrimśat ତିରିଶି ଅପେକ୍ଷା ତିନି ଅଧିକ ସଂଖ୍ୟା; ତେତିଶି । Thirty-three

ତ୍ରୟୀତନ(ନୁ)—ସଂ. ବି—ସୂର୍ଯ୍ୟ—The Sun.
Trayītana(nu) [ଦ୍ର—ବେଦମାନ ସୂର୍ଯ୍ୟଙ୍କଠାରୁ ପ୍ରବର୍ତ୍ତିତ ହୋଇଥିବାର ଶାସ୍ତ୍ରରେ ପ୍ରସିଦ୍ଧ ।]

ତ୍ରୟୀ ଧର୍ମ—ସଂ. ବି—ଋକ୍; ସାମ; ଯଜୁର୍ବେଦୋକ୍ତ କର୍ମକାଣ୍ଡ—
Trayī dharma The body of rites prescribed in the Vedas.

ତ୍ରୟୀମୟ—ସଂ. ବି. (ତ୍ରୟୀ+ମୟ)—
Trayīmaya ୧ । ସୂର୍ଯ୍ୟ—1. The Sun.
୨ । ପରମେଶ୍ୱର—2. God.

ତ୍ରୟୀମୁଖ—ସଂ. ବି. (ବହୁବ୍ରୀହି; ତ୍ରୟୀ+ମୁଖ)—
Trayīmukha (୩ ବେଦ ପାଠ କରିଥିବା) ବ୍ରାହ୍ମଣ—
A Brahmaṇa (versed in the three Vedas)

ତ୍ରୟୋଦଶ—ସଂ. ବି. (ମ. ପ. ଲୋ; କର୍ମଧାରୟ ସମାସ; ତ୍ରି ଅଧିକ ଦଶନ୍)—୧ । ଦଶ ଅପେକ୍ଷା ତିନି ଅଧିକ ସଂଖ୍ୟା;
Trayodaśa ୧୩ ସଂଖ୍ୟକ—1. Thirteen.
୨ । ତେର ସଂଖ୍ୟକ—1. Numbering thirteen.
ସଂ. ବିଣ—୧୩ ସଂଖ୍ୟାର ପୂରଣ; ତେର ସ୍ଥାନୀୟ—
Thirteenth.

ତ୍ରୟୋଦଶୀ—ସଂ. ବି. ସ୍ତ୍ରୀ. (ତ୍ରୟୋଦଶ+ଈ)—
Trayodaśī ଚନ୍ଦ୍ରର ତ୍ରୟୋଦଶ କଳାର ହ୍ରାସ ବା ବୃଦ୍ଧିଜନିତ
তিরোদসী ତିଥି; ଚାନ୍ଦ୍ରପକ୍ଷର ତ୍ରୟୋଦଶ ଦିବସ—The 13th
तेरस् day of lunar fortnight.
[ଦ୍ର—ଏକ ମାସ ମଧ୍ୟରେ ଦୁଇ ଗୋଟି ତ୍ରୟୋଦଶୀ ତିଥି ପଡ଼େ ଯଥା—ଶୁକ୍ଳା ତ୍ରୟୋଦଶୀ ଓ କୃଷ୍ଣା ତ୍ରୟୋଦଶୀ ।]

ତ୍ରୟୋବିଂଶ—ସଂ. ବିଣ. (ତ୍ରୟୋବିଂଶତି+ପୂରଣାର୍ଥେ. ଅ)—
Trayobimśa ୨୩ ସଂଖ୍ୟାର ପୂରଣ—Twenty third.

ତ୍ରୟୋବିଂଶତି—ସଂ. ବି ଓ ବିଣ. (ମ. ପ. ଲୋ; କର୍ମଧାରୟ; ତ୍ରି ଅଧିକ ବିଂଶତି)—କୋଡ଼ିଏରୁ ତିନି ଅଧିକ ସଂଖ୍ୟା—
Trayobimśati Twenty three.

ତ୍ରୟୋବିଂଶତି ତତ୍ତ୍ୱ—ସଂ.ବି. (ଦ୍ୱନ୍ଦ୍ୱ ସ୍ପଷ୍ଟ)—ମହତ୍ ତତ୍ତ୍ୱ, ଅହଙ୍କାର ତତ୍ତ୍ୱ,
Trayobimśati tattwa ପଞ୍ଚ ତନ୍ମାତ୍ର, ପଞ୍ଚ ମହାଭୂତ ଏବଂ ଏକାଦଶ ଇନ୍ଦ୍ରିୟ—The 23 elements of nature according to the Hindu philosophy.

ସେ କାଳ ଶକ୍ତି ରୂପ ଧରି
ତ୍ରୟୋବିଂଶତି ତତ୍ତ୍ୱେ ପୂରି । ଜଗନ୍ନାଥ. ଭାଗବତ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ମ	ଉଷ୍ମ	ଢ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଂ୍ୟ	ଇଅ	ଞ	ନ୍

ତ୍ରସ୍ (ଧାତୁ)—୧ । ଗମନ କରିବା—1. To go.
Tras (root) ୨ । ଭୀତ ହେବା—2. To be frightened.

ତ୍ରସ—ସଂ. ବିଣ. (ତ୍ରସ୍ ଧାତୁ + କର୍ତ୍ତୃ. ଅ)—ଗମନଶୀଳ—Moving.
Trasa ବି. (+ ଅଧିକରଣ. ଅ)—ବନ; ଜଙ୍ଗଲ—Forest; woods.

ତ୍ରସନ—ସଂ. ବି. (ତ୍ରସ୍ ଧାତୁ + ଭାବ. ଅନ)—
Trasana ୧ । ଭୟ; ତ୍ରାସ—1. Fright; fear.
୨ । ଉଦ୍‌ବେଗ—2. Anxiety through fear.
୩ । ଆଶଙ୍କା—3. Apprehension.
ବିଣ—୧ । ତ୍ରାସଯୁକ୍ତ—1. Frightened.
୨ । ଆଶଙ୍କିତ—2. Apprehensive.

ତ୍ରସର—ସଂ. ବି. (ତ୍ରସ୍ ଧାତୁ + ଅର)—ତନ୍ତୁବାୟର ଭୁଦି; କଣ୍ଡା—
Trasara Weaver's shuttle.

ତ୍ରସରେଣୁ—ସଂ. ବି. (ତ୍ରସ = ଗମନଶୀଳ + ରେଣୁ = କଣା)—
Trasareṇu ୧ । ସୂର୍ଯ୍ୟଙ୍କର ଜଣେ ପତ୍ନୀ—
1. A wife of the Sun-god.
୨ । ୩୦ ଗୋଟି ପରମାଣୁର ସମଷ୍ଟି—
2. 30 molecules; a mote.
୩ । ଅତି ସୂକ୍ଷ୍ମ କଣା—3. Very slender particle.
୪ । ଝରକା ଅବର ଛିଦ୍ର ବାଟେ ପଡ଼ୁଥିବା ସୂର୍ଯ୍ୟକିରଣର ରେଖାରେ ଯେଉଁ ଧୂଳି ଉଡ଼ିବାର ଦେଖାଯାଏ—
4. Mote in a sunbeam; minute particles of dust seen floating in a sunbeam passing through a fissure.
[ଦ୍ର—ମନୁଙ୍କ ମତରେ ୧ ତ୍ରସରେଣୁ = ୩ ପରମାଣୁ; ବୈଦ୍ୟଙ୍କ ମତରେ ୧ ତ୍ରସରେଣୁ = ୩୦ ପରମାଣୁ—ଦ୍ର. ଶବ୍ଦସାଗର ।]

ତ୍ରସୁର—ସଂ. ବି. ପୁଂ. (ତ୍ରସ୍ ଧାତୁ + କର୍ତ୍ତୃ. ଉର)—
Trasura ୧ । ପେଚ୍ଚା; ପେଚକ—1. An owl.
୨ । ବିଲୁଆ; ଶୃଗାଳ—2. Jackal
୩ । ଭାଲୁ; ଭଲ୍ଲୁକ—3. A bear.
(ତ୍ରସୁରା—ସ୍ତ୍ରୀ) ବିଣ. ପୁଂ—ଭୀରୁ; ଡରୁଆ—Timid.

ତ୍ରସ୍ତ—ସଂ. ବିଣ. ପୁଂ. (ତ୍ରସ୍ ଧାତୁ + ଶୀଳାଦ୍ୟର୍ଥେ. କର୍ତ୍ତୃ. ତ)—
Trasta ୧ । ଭୀତ—1. Terrified; afraid; frightened.
(ତ୍ରସ୍ତା—ସ୍ତ୍ରୀ) ୨ । ଶଶବ୍ୟସ୍ତ; ତ୍ରାସଯୁକ୍ତ; ଚକିତ—
2. Affrighted; alarmed.
୩ । ଚରଚ; ଭୟକମ୍ପିତ; ଥରଥର—
3. Trembling with fear.
୪ । ପୀଡ଼ିତ (ଦ୍ର. ଶବ୍ଦସାଗର)—4. Sickened.

ତ୍ରସ୍ତ ବ୍ୟସ୍ତ—ସଂ. ବିଣ. (ସହଚର ଶବ୍ଦ; ତ୍ରସ୍ତ + ବ୍ୟସ୍ତ)—
Trasta byasta ବ୍ୟସ୍ତସମସ୍ତ; ଅତ୍ୟନ୍ତ ଭୀତ; ଅତରଛ; ଥରଥର—
Very much afraid; alarmed.

ତ୍ରସ୍ତେ ବ୍ୟସ୍ତେ—ଦେ. କ୍ରି. ବିଣ—ଅତ୍ୟନ୍ତ ଭୀତ ହୋଇ; ଅତରଛ ହୋଇ—Being very much affrighted.
Traste byaste
ত্রস্তেব্যস্তে
ତ୍ରସ୍ତେ ବ୍ୟସ୍ତେ ଦୁଃଶାସନ ଅନ୍ୟ ଅସ୍ତ୍ର ମାରେ । ରାଧାନାଥ, ବେଣୀସଂହାର ।

ତ୍ରସ୍ନୁ—ସଂ ବିଣ. (ତ୍ରସ୍ ଧାତୁ + ଅତ୍ୟର୍ଥେ କର୍ତ୍ତୃ. ନୁ)—
Trasnu ୧ । ସ୍ୱଭାବତଃ ଭୟଯୁକ୍ତ; କାପୁରୁଷ—1. Coward.
୨ । ଭୟାକୁଳ; ଅତଚ୍ଛିଆ; କଣ୍ଠକଗୁର—2. Timid.

ତ୍ରହ୍ୟସ୍ପର୍ଶ—ଦେ. ବି. (ସଂ. ତ୍ର୍ୟହସ୍ପର୍ଶ)—ତ୍ର୍ୟହସ୍ପର୍ଶ (ଦେଖ)
Trahyasparśa Tryahasparśa (See)
তেরস্পর্শ

ତ୍ରାଟକ—ସଂ. ବି—ଯୋଗର ଷଟ୍ କର୍ମରୁ ଷଷ୍ଠ କର୍ମ ବା ସାଧନ—
Trāṭaka The Joga exercise of concentrating the vision on a fixed point.
[ଦ୍ର—ଏଥିରେ ଅନିମେଷ ନୟନରେ ବହୁକ୍ଷଣ ପର୍ଯ୍ୟନ୍ତ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ଦୃଷ୍ଟି ରଖିବାକୁ ଅଭ୍ୟାସ କରାଯାଏ ।]

ତ୍ରାଣ—ସଂ. ବି. (ତ୍ରୈ ଧାତୁ + ଭାବ. ଅନ)—୧ । ରକ୍ଷା—
Trāṇa 1. Preservation; protection.
୨ । ମୁକ୍ତି; ମୋକ୍ଷ—2. Salvation; redemption.
୩ । ବିପଦରୁ ଉଦ୍ଧାର—3. Deliverance from. danger.
୪ । ତ୍ରାୟମାଣା (ଦେଖ)—Trāyamāṇā (See)
ବିଣ.—(+ କର୍ତ୍ତୃ. ଅନ)—୧ । ରକ୍ଷାକର୍ତ୍ତା; ରକ୍ଷକ; ତ୍ରାତା—
1. Rescuing; delivering; saving.
୨ । (+ କର୍ମ.ତ) ରକ୍ଷିତ—
2. Saved; protected; rescued.

ତ୍ରାଣକ—ସଂ. ବି. ପୁଂ. (ତ୍ରୈ ଧାତୁ + କର୍ତ୍ତୃ. ଅକ)—ତ୍ରାତା (ଦେଖ)
Trāṇaka Trātā (See)
(ତ୍ରାଣିକା—ସ୍ତ୍ରୀଲିଙ୍ଗ)

ତ୍ରାଣ କର୍ତ୍ତା—ସଂ. ବି. ପୁଂ—ଉଦ୍ଧାରକର୍ତ୍ତା; ରକ୍ଷକ—
Trāṇa karttā Saviour; deliverour; protector.
(ତ୍ରାଣକର୍ତ୍ତ୍ରୀ—ସ୍ତ୍ରୀ) ସଂ. ବିଣ—ତ୍ରାତା—Redeeming.

ତ୍ରାତ—ସଂ. ବିଣ. (ତ୍ରୈ ଧାତୁ + କର୍ମ ତ)—୧ । ରକ୍ଷିତ—
Trāta 1. Preserved; saved.
୨ । ବିପଦରୁ ଉଦ୍ଧାର ହୋଇ ଥିବା—2. Saved; delivered or rescued from danger.

ତ୍ରାଣା—ସଂ. ବି. (ତ୍ରୈ ଧାତୁ + କର୍ତ୍ତୃ. ଅ + ଆ)—ତ୍ରାୟମାଣା (ଦେଖ)
Trāṇā Trāyamāṇā (See)

ତ୍ରାତା—ସ ବିଣ. ପୁଂ. (ତ୍ରୈ ଧାତୁ + କର୍ତ୍ତୃ. ତୃନ୍; ତ୍ରାତୃ ଶବ୍ଦ ୧ମା. ୧ବ)—୧ । ରକ୍ଷାକର୍ତ୍ତା—1. Saving.
Trātā
(ତ୍ରାଣୀ—ସ୍ତ୍ରୀ) ୨ । ଉଦ୍ଧାରକର୍ତ୍ତା—2. Delivering.
(ତ୍ରାତାର—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ। ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ କ୍ରମାନ୍ୱୟେ ଚକ୍ରର ଅପର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ, ବୃଷ ନ ମିଳିଲେ 'ବୃଷ' ଦେଖିବେ; 'ବଧୂ'ନ ପାଇଲେ 'ବଧୂ' ଦେଖିବେ; ଅର୍ଣ୍ଣ ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବଚ' ନ ପାଇଲେ 'ଅଲ୍‌ବଚ' ଦେଖିବେ।

ତ୍ରାପୁଷ—ସଂ. ଵଣ. (ତ୍ରପୁସ୍ + ବିକାରାର୍ଥେ ଅ)—ଟିଣ ଧାତୁରେ ନିର୍ମିତ—
Trāpusha Made of tin; tinned.

ତ୍ରାୟନ୍ତୀ—ସଂ. ବି. (ବୈଦ୍ୟକ)—ତ୍ରାୟମାଣା (ଦେଖ)
Trāyanti Trāyamāṇā (See)

ତ୍ରାୟମାଣ—ସଂ. ଵଣ. ପୁଂ. (ତ୍ରୈ ଧାତୁ + କର୍ମ. ଅନ)—
Trāyamāṇa ୧। ଯେ ଉଦ୍ଧାର ପାଉଅଛି; ଯାହାକୁ ତ୍ରାଣ
(ତ୍ରାୟମାଣା—ସ୍ତ୍ରୀ) କରାଯାଉଅଛି—1. Saved; protected; delivered.
୨। (+କର୍ତ୍ତୃ. ଅନ) ତ୍ରାଣକାରୀ—2. Delivering.
ସଂ. ବି—ତ୍ରାୟମାଣା (ଦେଖ)—Trāyamāṇā (See)

ତ୍ରାୟମାଣା—ସଂ. ବି. (ବୈଦ୍ୟକ)—ପାର୍ବତ୍ୟ ଔଷଧ ଲତାବିଶେଷ;
Trāyamāṇā ଉଦ୍‌ଭିଦଜାତୀୟ ଲତା—A herbarious
ସଂ. ବଳଭଦ୍ରା, ତ୍ରାୟନ୍ତୀ, creeper; Thalictrum
ତ୍ରାଣ, ତ୍ରାୟମାଣ, ତ୍ରାତା, Faliolosum.
ଗିରିଜା, ଗିରିସାନୁଜା, [ଦ୍ର—ଏହା କଷାୟ ତିକ୍ତରସ।
ଉତ୍ପଳାଦିକା, ଅନୁଜା, ଏହାର ସମୂଳ ପତ୍ରର କ୍ୱାଥ ବା ଚୂର୍ଣ୍ଣ
ଦେବବାଳା, ଭକ୍ଷିଣୀ, କଫ, ପିତ୍ତ, କୃମି, ରକ୍ତଗୁଲ୍ମ, ଜ୍ୱର,
ବଳଭଦ୍ରା, ଅବନୀ, ପାଳନୀ, ଅର୍ଶଃ, ପ୍ଲୀହା, ହୃଦ୍ରୋଗ, କାମଳ,
ତ୍ରାୟମାଣିକା ଶୋଥ, ଭ୍ରମ, ଶୂଳ ଓ ବିଷ ପ୍ରଶମକ।]
ବଳାଡୁମୁର; বনভাদুলিয়া; ত্রায়মাণা
त्रायमान; त्रायमाणा
ମ. ତ୍ରାୟମାଣ ଗୁ. ତ୍ରାହମାନ୍
ପା. ଅଷ୍ଟକ୍ ତେ. ତ୍ରାୟମାଣା

ତ୍ରାସ—ସଂ. ବି. (ତ୍ରସ୍ ଧାତୁ + ଭାବ. ଅ)—୧। ଭୀତି; ଭୟ; ଶଙ୍କା—
Trāsa 1. Fear; fright.
(ତ୍ରସ୍ତ—ଵଣ) ୨। ଅତ୍ୟନ୍ତ ଭୟ; ଚମକ—
2. Alarm; terror; dread.
୩। ମଣିର କଳଙ୍କ ବା ଦୋଷ—3. Flaw in a gem.
୪। ବିରକ୍ତି—4. Vexation.
ଦେ. ବି—୧। ତାପ; ଅଗ୍ନି ବା ସୂର୍ଯ୍ୟର ଝାଞ୍ଜି—
তরাস 1 Heat of fire or sun's rays.
ସ୍ୱକାଶୃ ଜଳେ କରି ବାସ
ଯେସନ୍ତେ କାଷ୍ଠରେ ଅଗ୍ନି ତ୍ରାସ। ଜଗନ୍ନାଥ. ଭାଗବତ।
୨। ତରାଜୁ—2. Scales; balance.
୩। (ଶରୀର ତାପରୁ ରକ୍ଷା କରିବାକୁ) ଅଡ଼ାଣି; ରାଜା ବା ଦେବତାଙ୍କ ପାଖରେ ଧରାଯିବା ଅଡ଼ାଛତ—
3. A fan-shaped umbrella for protecting a king or idol, while in procession, from the side-rays of the sun.
ଉଡ଼ଇ ପତାକା ଝଟକଇ ତ୍ରାସ। ଜଗନ୍ନାଥ. ଦରବାର।
୪। ଆଲୁଅର ମଣ୍ଡଳ—4. A halo of light.

ଜଣେ କୌସ୍ତୁଭ ମଣି ହାସେ। ତୁଷାର ପ୍ରଭବସ୍ତି ନ ସେ।
ଭୂପତି. ପ୍ରେମପଞ୍ଚାମୃତ।

ତ୍ରାସକ—ସଂ. ଵଣ. ପୁଂ. (ତ୍ରସ୍ ଣିଚ୍ ତ୍ରାସି ଧାତୁ + କର୍ତ୍ତୃ. ଅକ)—
Trāsaka ୧। ଭୀତିକାରକ—1. Frightening.
(ତ୍ରାସିକା—ସ୍ତ୍ରୀ) ୨। ନିବାରକ—2. Preventing.

ତ୍ରାସନ—ସଂ. ବି. (ତ୍ରାସି ଧାତୁ + ଭାବ ଅନ)—ଡରାଇବା—
Trāsana Frightening.
ସଂ. ଵଣ. (+କର୍ତ୍ତୃ. ଅନ)—ତ୍ରାସକ (ଦେଖ)
Trāsaka (see)

ତ୍ରାସ ବିକାଶ—ସଂ. ବି. (୬ଷ୍ଠୀ ତତ୍; ତ୍ରାସ + ବିକାଶ)—
Trāsa bikāsa ମନରେ ଭୟର ଉଦ୍ରେକ ବା ସଞ୍ଚାର—
The feeling or reigning of fear in mind.
ଝଙ୍କାଏ ହେଲେ ସେ ଉଡନ୍ତି ସଙ୍ଗେ ନୋହିବ ତ୍ରାସ ବିକାଶ।
ବିଦଗ୍ଧଚିନ୍ତା. ଚଣ୍ଡୀ, ୫. ଗୀତ।

ତ୍ରାସି (ଧାତୁ)—ସଂ. (ତ୍ରସ୍ ଧାତୁ + ଣିଚ୍)—ଭୀତ କରାଇବା—
Trāsi (root) To frighten; to terrify.

ତ୍ରାସିତ—ସଂ. ଵଣ. (ତ୍ରସ୍ ଧାତୁ. ଣିଚ୍. ତ୍ରାସି ଧାତୁ + କର୍ମ. ତ)—
Trāsita ଯାହାକୁ ଭୟ ଦେଖାଯାଇଅଛି; ବିଭ୍ରାନ୍ତିତ—
Terrified; affrighted; alarmed.

ତ୍ରାସିବା—ଦେ. (ପଦ୍ୟ) କ୍ରି—୧। (ସଂ. ତ୍ରସ୍ ଧାତୁ) ଭୟ କରିବା; ଡରିବା—
Trāsiba 1. To fear.
তরাসা ତ୍ରାସିଲେ ଦାନବନାଶ ବାସବ ଅପନେ। ଜଗନ୍ନାଥ, ବେଣୀହାର।
त्रसन ୨। (ସଂ. ତ୍ରାସି ଧାତୁ) ଭୟ ଦେଖାଇବା; ଧମକିବା—
2. To threaten.
ଚରଣ ଶରଣ ସେବକକୁ ତ୍ରାସିବା କଥା ନ ଉଚିତ ନୋହି।
ଭକ୍ତ, ପ୍ରେମସୁଧାନିଧି।

ତ୍ରାହି—ଦେ. ଅ. (ସଂ. ତ୍ରୈ ଧାତୁ=ରକ୍ଷା କରିବା; ସଂ. ଅନୁଜ୍ଞାରେ ରୂପ;
Trāhi ଏହାର ଅର୍ଥ ଉଦ୍ଧାର କର; ତ୍ରାଣ କର)—ରକ୍ଷା କର—
ত্রাহি त्राहि (interjection) Oh ! save me; deliver me.
ବହୁଜନେ ବହୁଜନେ ତ୍ରାହି ସୀତା ମାତେ। ଭକ୍ତ. ବୈଦେହୀଶବିଳାସ।
ଦେ. ବି—ରକ୍ଷଣ; ଉଦ୍ଧାର—Deliverance; protection.

ତ୍ରାହିକ ଜ୍ୱର—ଦେ. ବି. (ସଂ. ତ୍ର୍ୟାହିକ ଜ୍ୱର)—ତିନଦିନ ଅନ୍ତରେ
Trahika jwara ଥରେ ହେବା ଜର—Tertian fever.
ত্রাহিক জ্বর

ତ୍ରାହି କରିବା—ଦେ. କ୍ରି.—ଉଦ୍ଧାର କରିବା; ରକ୍ଷା କରିବା—
Trāhi kariba To protect; to save; to deliver.
ত্রাহি করা ଲକ୍ଷଣ ତ୍ରାହିକର ବୋଇଲୁ ଏ ବାଣୀ। କୃଷ୍ଣସିଂହ. ମହାଭାରତ. ବନ।
त्राहि करना

ତ୍ରାହି ତ୍ରାହି—ଦେ. ଅ.—ତ୍ରାହି (ଦେଖ)
Trāhi trāhi Trāhi (See)
ত্রাহি ত্রাহি ତ୍ରାହି ତ୍ରାହି ନଜାଦେ ସତତ ଭଗ। ନନ୍ଦକିଶୋର. କର୍ଣ୍ଣଭୂଷଣୀ।
त्राहि त्राहि

ତ୍ରାହି ତ୍ରାହି ଡାକ ପାର(ଡ଼ି)ବା—ଦେ. କ୍ରି.—ତ୍ରାହି ତ୍ରାହି ଡାକିବା
Trāhi trāhi ḍāka pāri (rḍi) bā (ଦେଖ)—
Trāhi trāhi ḍākibā (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଦ୍ଧ	ଢ଼ଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ୠ	ଢ଼

ତ୍ରାହି ତ୍ରାହି ଡକା ପାଇ ଧର୍ମଦ୍ରୋହୀ,
କେ କାହିଁ ପଡ଼ିଲେ ଛନ୍ନଭନ୍ନ ହୋଇ । ରାଧାନାଥ, ଚନ୍ଦ୍ରିକା ।

ତ୍ରାହି ତ୍ରାହି ଡାକ—ଦେ. ବି.—(ସଂ. ତ୍ରୈ ଧାତୁ)—ବିପଦରୁ ଉଦ୍ଧାର
Trāhi trāhi ḍāka ପାଇବା ଉଦ୍ଦେଶ୍ୟରେ ବିପନ୍ନ ବ୍ୟକ୍ତିର ଡାକ
ত্রাহিত্রাহি রাব ବା ଆର୍ତ୍ତନାଦ—Cry for mercy; supplication for deliverance.
ତ୍ରାହିରବ
ତ୍ରାହି ତ୍ରାହି ରବ } ଅନ୍ୟରୂପ
ତ୍ରାହି ତ୍ରାହି ରାବ

ତ୍ରାହି ତ୍ରାହି ଡାକିବା—ଦେ. କି.—ମୋତେ ଉଦ୍ଧାର କର ବୋଲି
Trāhi trāhi ḍākibā ଆର୍ତ୍ତସ୍ୱର କରିବା—To supplicate for mercy or deliverance from a danger.
ତ୍ରାହି ତ୍ରାହି କରିବା
ତ୍ରାହି ତ୍ରାହି ଡକା ଛାଡ଼ିବା } —ଅନ୍ୟରୂପ
ତ୍ରାହି ତ୍ରାହି ଡକା ପକାଇବା
ত্রাহি ত্রাহি ডাকা त्राहि त्राहि डाकना
ত্রাহি ত্রাহি করা त्राहि त्राहि करना

ତ୍ରି—ସଂ. ବି.—ତିନି ସଂଖ୍ୟା—The number three.
Tri ବିଣ.—ତିନି ସଂଖ୍ୟକ—Numbering three.

[ଦ୍ର—ଏହି ଶବ୍ଦଟି ସଂସ୍କୃତରେ 'ତ୍ରି', ଇଂରାଜୀରେ ଥ୍ରୀ (three), ଗ୍ରୀକ୍‌ରେ ଟ୍ରେଇସ Treis, ଲାଟିନରେ ଟ୍ରେସ (tres), ଗେଲିକ୍‌ରେ ତ୍ରି (Tri), ଗଥିକ୍‌ରେ ଥ୍ରାଇସ୍ (Thrais); ହିନ୍ଦି, ଫାର୍ସୀ ଓ ବଙ୍ଗଳାରେ ତିନ୍ ଓ ଓଡ଼ିଆ ଭାଷାରେ ତିନି ବୋଲି କୁହାଯାଏ ।

ସଂସ୍କୃତ ଉପପଦରୂପେ ପ୍ରୟୋଗ ହେଉଥିବା 'ତ୍ରି' ହିନ୍ଦୀରେ 'ତି,' ବଙ୍ଗଳାରେ 'ତେ' (ଯଥା—ତେପେଟ), ଓଡ଼ିଆରେ 'ତି' (ଯଥା—ତିପଟ) ଓ ଲାଟିନରେ ତ୍ରି-Tri ରୂପେ ପ୍ରୟୋଗ ହୁଏ । ଏହି ଶବ୍ଦ ଅନ୍ୟାନ୍ୟ ଶବ୍ଦମାନଙ୍କ ପୂର୍ବେ ଯୋଗ ହୋଇ ଅନେକ ପଦ ଉତ୍ପନ୍ନ ହୁଏ । ଯଥା—ତ୍ରିଅଗ୍ନି—ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ ନାମକ ବୈଦିକ ଅଗ୍ନିତ୍ରୟ । ତ୍ରିଗୁଣ—ସତ୍ତ୍ୱ, ରଜଃ ଓ ତମଃ ଗୁଣତ୍ରୟ । ତ୍ରିଲୋକ—ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଲୋକତ୍ରୟ । ତ୍ରିକାଳ—ଭୂତ, ବର୍ତ୍ତମାନ ଓ ଭବିଷ୍ୟତ୍ । ତ୍ରିସନ୍ଧ୍ୟା—ସକାଳ, ଦ୍ୱିପହର, ଓ ସନ୍ଧ୍ୟା । ତ୍ରିଋଣ—ଦେବଋଣ, ପିତୃଋଣ ଓ ଋଷିଋଣ । ତ୍ରିକର୍ମ—କାୟିକ, ବାଚକ ଓ ମାନସିକ । ତ୍ରିମଦ—ବିଦ୍ୟାମଦ, ଧନମଦ ଓ ଆଭିଜାତ୍ୟମଦ । ତ୍ରିଧାତୁ—ବାତ, ପିତ୍ତ ଓ କଫ । ତ୍ରିତାପ—ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ । ତ୍ରିବେଦ—ଋକ୍, ସାମ ଓ ଯଜୁଃ । ତ୍ରିବର୍ଗ—ଧର୍ମ, ଅର୍ଥ ଓ କାମ । ତ୍ରିଦେବ—ବ୍ରହ୍ମା, ବିଷ୍ଣୁ ଓ ଶିବ । ତ୍ରିଅବସ୍ଥା—ବାଲ୍ୟ, ଯୌବନ ଓ ଜରା କିମ୍ବା ଜନ୍ମ, ଜୀବନଧାରଣ, ଓ ମୃତ୍ୟୁ କିମ୍ବା ସୃଷ୍ଟି, ସ୍ଥିତି ଓ ପ୍ରଳୟ । ତ୍ରିଲିଙ୍ଗ—ସ୍ତ୍ରୀ, ପୁଂ ଓ ନପୁଂସକ ।]

ତ୍ରିଅ—ଗ୍ରା. ବି. ଓ ବିଣ (ସଂ. ତ୍ରି)—ତିନି—Three.
Tria
(ଯଥା—ତ୍ରିଅଲୋଚନ ।)

ତ୍ରିଅମ୍ବକ—ଗ୍ରା. ବି. (ସଂ. ତ୍ର୍ୟମ୍ବକ; ତ୍ରିଅମ୍ବକ)—ମହାଦେବ—
Triambaka Siba.

[ଦ୍ର—ଲୋକେ ଅନ୍ୟ ବ୍ୟକ୍ତି ପ୍ରତି ବିରକ୍ତ ହୋଇ ଏ ଶବ୍ଦକୁ ବ୍ୟବହାର କରି ଥାଆନ୍ତି । ଯଥା—ଗେଲବସରିଆ ପୁଅ ଅଳ୍ପରୁ ୧୦ ବରଷ ହେଲା ପାଠ ପଢ଼ି ପଢ଼ି ତ୍ରିଅମ୍ବକଟା ହେଲାଣି ! ଏହିପରି ମଧ୍ୟ ଲେମ୍ବୁ, ଲୁଣ, ଲେଫଡ଼ା ଆଦି ଶବ୍ଦର ବ୍ୟବହାର ହୁଏ ।]

ତ୍ରିଓଦଶୀ—ଗ୍ରା. ବି. (ସଂ. ତ୍ରୟୋଦଶୀ)—ତ୍ରୟୋଦଶୀ (ଦେଖ)
Triodaśī Trayodaśī (See)
ত্রিয়োদশী तेरस

ତ୍ରିଂ—ଦେ.—(ଧ୍ୱନ୍ୟନୁକରଣ) ଅ—ସୀତାର, ଏକତାରା, ଗୋପୀଯନ୍ତ୍ରର
Triṁ ତାର ବାଜିବାର ଶବ୍ଦ—(onomatopoic) The twang
(ତ୍ରିଂ ତ୍ରିଂ—ଅନ୍ୟରୂପ) of the wires of the guitar and other stringed instruments.

ତ୍ରିଂଶ—ସଂ. ବିଣ.—(ତ୍ରିଂଶତ୍+ପୂରଣାର୍ଥେ ଅ)—୧ । ତିରିଶି ସଂଖ୍ୟାର
Triṁśa ପୂରକ—1. Thirtieth.
୨ । ତିରିଶ ସଂଖ୍ୟା ସଙ୍ଗେ ଯୁକ୍ତ—
2. Joined with thirty (Apte).
୩ । ତିରିଶ ସଂଖ୍ୟକ—3. Consisting of thirty (Apte).
୪ । (ଜ୍ୟୋତିଷ) ରାଶିର ୧/୩୦ ଅଂଶ—
4. (astronomy) $\frac{1}{30}$ of a sign of the zodiac; a degree (Apte).

ତ୍ରିଂଶତ୍—ସଂ. ବି. ଓ ବିଣ. (ତ୍ରି+ଦଶନ୍)—ଦଶ ସଂଖ୍ୟାର ତିନି ଗୁଣ;
Triṁśat ୩୦ ସଂଖ୍ୟା—Thirty.

ତ୍ରିଂଶତ୍କ—ସଂ. ବିଣ.—(ତ୍ରିଂଶତ୍+କ)—ତ୍ରିଂଶ—
Tirṁśatka Thirti-eth

ତ୍ରିଂଶତ୍ପତ୍ର—ସଂ. ବି. (ବହୁବ୍ରୀହି; ତ୍ରିଂଶତ୍+ପତ୍ର)—ଧଳା କଇଁ—
Triṁśat-patra White water-lily.

ତ୍ରିଂଶତ୍ତମ—ସଂ. ବିଣ. (ତ୍ରିଂଶତ୍+ତମ)—ତ୍ରିଂଶ—
Triṁśattama Thirtieth.

ତ୍ରିଂଶାଂଶ—ସଂ. ବି.—(ଦ୍ୱିଗୁ; ତ୍ରିଂଶ+ଅଂଶ)—୧ । କୌଣସି ପଦାର୍ଥର
Triṁśāṁśa ତିରିଶି ଭାଗରୁ ଏକ ଭାଗ—1. One thirtieth of any thing.
୨ । (ଜ୍ୟୋତିଷ) ରାଶିର ୩୦ ଭାଗରୁ ଏକ ଭାଗ—
2. One thirtieth of a sign of the zodica

ତ୍ରିକ—ସଂ. ବି. (ତ୍ରି+କ)—୧ । ମେରୁଦଣ୍ଡର ନିମ୍ନ ପ୍ରଦେଶ—
Trika 1. The base of the spine.
୨ । କଟି—2. The loin.
୩ । ତିନି ସଂଖ୍ୟା—3. The number three.
୪ । ତିନି ପଦାର୍ଥର ସମଷ୍ଟି—
4. An aggregate of three.
୫ । ତିକିଡ଼ି; ତିମୁହାଣୀ—
5. Meeting place of three roads.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା'ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୬ । ତ୍ରିଫଳା; ହରଡ଼ା, ବାହାଡ଼ା ଓ ଅଁଳା—
6. The aggregate of the three fruits-Myrablan, Embelic Myrablan and Belleric Myrablan.

୭ । ତ୍ରିକଟୁ; ଶୁଣ୍ଠି, ପିପ୍ପଳି ଓ ମରିଚ—7. The aggregate of the three pungent fruits:—dried ginger, long pepper and black pepper.

୮ । ତ୍ରିମଦ (ଦେଖ)—8. Trimada (See)

୯ । ଶତକଡ଼ା ତିନି ଟଙ୍କା (ସୁଧ, ଲାଭ)—
9. Rate of three per cent.

ତ୍ରିକଚ୍ଛ—ସଂ. ବଣ—ତିନି କାନି ଖୋସି ଲୁଗା ପିନ୍ଧିଥିବା—Wearing
Trikachchha cloth tucked up at the three corners.
[ଦ୍ର—ଆମ୍ଭେମାନେ ସାଧାରଣତଃ ତିନି କାନି ଖୋସି ଲୁଗା ପିନ୍ଧୁଁ, ଅର୍ଥାତ୍ ପିନ୍ଧିବା ଲୁଗାର ବାମ ପାଖର ଦୁଇ କାନି ଅଣ୍ଟା ପଛଆଡ଼େ ଖୋସିଥାଉଁ ଓ ଡାହାଣ ପାଖର ଉପର କାନି କୁଞ୍ଚ ସଙ୍ଗେ ଗାଣ୍ଡି ପାଖରେ ଖୋସୁଁ ଓ ତଳ କାନି ତଳକୁ ଲମ୍ବିଥାଏ । ଲୁଗା ବେଶି ଓସାରିଆ ହେଲେ କୁଞ୍ଚପାଖର ତଳ କାନିକୁ ମଧ୍ୟ ଦୋହରା କରି ନାଭି ପାଖରେ ଖୋସୁଁ, ଅର୍ଥାତ୍ ଚାରି କାନି ଖୋସୁଁ ।]

ତ୍ରିକଟୁ—ସଂ. ଉ. (ଦ୍ୱିଗୁ; ତ୍ରି = ୩ ସଂଖ୍ୟକ; କଟୁ = ରାଗୁଆ ଫଳ)—
Trikaṭu (ବୈଦ୍ୟକ) ଶୁଣ୍ଠି, ପିପ୍ପଳି ଓ ଗୋଲମରିଚ ଏହି ତିନି-
(ତ୍ରିକଟୁକ—ଅନ୍ୟରୂପ) ଗୋଟି ରାଗ ଫଳର ସମାହାର—
The aggregate or mixture of three pungent drugs; e. g. dried ginger, long pepper and black pepper (used in medical prescriptions).

ତ୍ରିକଣ୍ଟ—ସଂ. ବି. (ବହୁବ୍ରୀହି; ତ୍ରି = ତିନି ସଂଖ୍ୟକ + କଣ୍ଟ = କଣ୍ଟା
Trikaṇṭa ଯାହାର)—୧ । ଗୋଖୁରୁ—
ସଂ. ଗୋକ୍ଷୁର 1. A kind of horned berry used as medi-
গোক্ষুরা cine; Tribulus Terrestis.
ସଂ. ବଜ୍ରଦ୍ରୁ ୨ । ତିନିକଣ୍ଟା ସିଜୁ; କଣ୍ଟା ସିଜୁ—
তেকণ্টাসীজ 2. Euphorbia Tirucalli.
[ଦ୍ର—ଏହାର ପତ୍ର ମୂଳରେ ଗଛର ଦେହରେ ଏକସ୍ଥାନରେ ତିନୋଟି ଲେଖାଏଁ କଣ୍ଟା ଉଠି ଥାଏ ।]
টেঙ্গরা মাছ ୩ । ଶିଙ୍ଗୀ ବା କଣ୍ଟିଆ ମାଛ—3. Maecronis
टेङ्गरा मछली Vittartus; Silurus Aacila (a small
(ତ୍ରିକଣ୍ଟକ—ଅନ୍ୟରୂପ) fresh water fish having three stinging horns).
[ଦ୍ର—ଏମାନଙ୍କର ଗାଲସି ତଳେ ୨ଟି ଓ ବେକ ଉପରେ ଗୋଟିଏ, ଏପରି ୩ଟି କଣ୍ଟା ଥାଏ ।]
୪ । ତ୍ରିଶୂଳ—4. Trident
୫ । ଜବାଶା (ଦେଖ)—5. Jabāśā (See)

ତ୍ରିକତ୍ରୟ—ସଂ.ବ.(ବୈଦ୍ୟକ)—ତ୍ରିଫଳା (ହରଡ଼ା, ବାହାଡ଼ା ଓ ଅଁଳା),
Trika traya ତ୍ରିକଟୁ (ଶୁଣ୍ଠି, ପିପଳି ଓ ମରିଚ) ଓ ତ୍ରିମେଦ (ମୁଥା, ଚିତାମୂଳ ଓ ବାଇବିଡଙ୍ଗ)ର ସମାହାର—
An aggregate of three trios of drugs.

ତ୍ରିକନା—ଦେ. ଉ. (ତ୍ରିକଣ୍ଠ)—ତିନି ମୁନିଆ ଅସ୍ତ୍ର—
Trikanā A spear with 3 prongs; a three
তেশাখা तिशाखा pronged weapon.
ବଣ—ତିନିଶାଖାବିଶିଷ୍ଟ—Three pronged.

ତ୍ରିକର୍ମା—ସଂ. ବଣ—୧ । ଯଜନ, ଅଧ୍ୟୟନ ଓ ଦାନକାରୀ (ବ୍ରାହ୍ମଣ)—
Trikarmā 1. (a Brahman) Practising vedic sacrifice, Shedies and gift.
୨ । ଯାଜନ, ଅଧ୍ୟାପନ ଓ ପ୍ରତିଗ୍ରହକାରୀ (ବ୍ରାହ୍ମଣ)—
2. (a Brāhman) Practising priest-hood, teaching and accepting gifts.
୩ । ତ୍ରିକର୍ମର ଅନୁଷ୍ଠାନକାରୀ—
3. Performing the threefold duties.
[ଦ୍ର—ବ୍ରାହ୍ମଣର ଅନୁଷ୍ଠେୟ ଷଟ୍‌କର୍ମ ମଧ୍ୟରୁ ସେ ଜୀବିକା-ନିର୍ବାହ ପାଇଁ ଯାଜନ, ଅଧ୍ୟାପନ ଓ ପ୍ରତିଗ୍ରହ କରିବେ ଏବଂ ଧର୍ମଲାଭ ଉଦ୍ଦେଶ୍ୟରେ ଯଜନ, ଅଧ୍ୟୟନ ଓ ଦାନ କରିବେ ।]

ତ୍ରି କଳିଙ୍ଗ—ସଂ. ବି—ତିନୋଟି ଅଂଶଯୁକ୍ତ କଳିଙ୍ଗ ରାଜ୍ୟ (ଯଥା—ଉତ୍ତର
Tri kaḻiṅga କଳିଙ୍ଗ ବା ଉତ୍କଳିଙ୍ଗ; ମଧ୍ୟ କଳିଙ୍ଗ ବା ମୁଦ୍‌କଳିଙ୍ଗ ଓ ଦକ୍ଷିଣ କଳିଙ୍ଗ)—The ancient Kaḻiṅga kingdom consisting of 3 parts (north, middle and south).
[ଦ୍ର—କଳିଙ୍ଗ ତଳେ ନୋଟ୍ ଦ୍ରଷ୍ଟବ୍ୟ । ଉତ୍କଳ, କୋଙ୍ଗଦ ଓ କଳିଙ୍ଗ ଏହି ତିନୋଟି ରାଜ୍ୟ ପୃଥକ ହୋଇଥିଲେ ମଧ୍ୟ ଖ୍ରୀଷ୍ଟଜନ୍ମର ବହୁ ଶତାବ୍ଦୀ ପୂର୍ବରୁ ରାଜନୀତିକ ସୂତ୍ରରେ ଏକତ୍ର ଆବଦ୍ଧ ରହି 'ତ୍ରିକଳିଙ୍ଗ' ନାମରେ ଅଭିହିତ ହେଉଥିଲେ—ବିନାୟକ. ଉତ୍କଳ ସାହିତ୍ୟ ଇତିହାସ ।]

ତ୍ରିକା—ସଂ. ଉ. ସ୍ତ୍ରୀ. (ତ୍ରିକ+ସ୍ତ୍ରୀ. ଆ)—
Trikā ୧ । ତିକାଠିଆ; କାନ୍ଥରେ ମରାଯିବା ତିନିଖଣ୍ଡି କାଠିଯୁକ୍ତ
তেকাঠা ସ୍ଥାନ—1. A triangular bracket consisting of three pegs driven into the wall.
୨ । କୂଅର ପିନ୍ଧ ଉପରେ ପକାଯିବା ତିନିକୋଣିଆ କାଠ; କୂପନେମି—2. A triangular frame of wood put at the mouth of a well.

ତ୍ରିକାଣ୍ଡ—ସଂ. ଉ. (ନାମ)—୧ । (ଏ ଗ୍ରନ୍ଥରେ ତିନୋଟି କାଣ୍ଡ ଥିବାରୁ)
Tri kāṇḍa ଅମରକୋଷ ଅଭିଧାନ—1. A name of the Sanscrit dictionary named Amarakosha
୨ । (ତିନି କାଣ୍ଡ ଥିବାରୁ) ନିରୁକ୍ତ (ଦେଖ)
2. Nirukta (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ତ୍ପ୍ର	ତ୍ତ୍ୱ	ଧ
୧	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ତ୍ଥ	ତ୍ତ	ନ୍ଧ

ତ୍ରିକାଣ୍ଡ କୋଷ—ସଂ. ବି—ଗୋଟିଏ ସଂସ୍କୃତ ଅଭିଧାନର ନାମ—Name of a Sanscrit Lexicon by Raja Purushottama Deb.
Trikāṇḍa kosha
(ତ୍ରିକାଣ୍ଡ ଶେଷ—ଅନ୍ୟରୂପ)

[ଦ୍ର—ଏହା ଉତ୍କଳର ରାଜା ପୁରୁଷୋତ୍ତମ ଦେବ (ଖ୍ରୀ. ୧୪୬୭-୧୪୯୭) ରଚନା କରିଥିଲେ । ଏହା ବର୍ତ୍ତମାନ ସଂସ୍କୃତ ଭାଷାକୋଷ ଗ୍ରନ୍ଥମାନଙ୍କ ମଧ୍ୟରେ ଗୋଟିଏ ପ୍ରାମାଣିକ ଗ୍ରନ୍ଥରୂପେ ଗଣ୍ୟ ।]

ତ୍ରିକାଳ—ସଂ. ବି (ଦ୍ୱିଗୁ; ତ୍ରି+କାଳ)—୧ । ତିନିକାଳ; ଭୂତ, ଭବିଷ୍ୟତ ଓ ବର୍ତ୍ତମାନ; ସମୟର ତିନି ବିଭାଗ—1. The past, the present and the future.
Trikā̱la

୨ । (ବ୍ୟାକରଣ) କ୍ରିୟାର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କାଳ—2. (grammar) The three tenses of a verb.

୩ । ଦିନର ତିନି ବେଳ; ପ୍ରାତଃ, ମଧ୍ୟାହ୍ନ ଓ ସାୟାହ୍ନ—3. Morning, noon and evening of the day.

ତ୍ରିକାଳଜ୍ଞ—ସଂ. ବିଣ. ପୁଂ (ତ୍ରିକାଳ+ଜ୍ଞା ଧାତୁ+କର୍ତ୍ତୃ. ଅ)—ଯେ ତିନିକାଳର ଘଟଣା ଜାଣିପାରେ—One who knows the events of the past, the present and the future; omniscient.
Trikā̱lajña
(ତ୍ରିକାଳଜ୍ଞା—ସ୍ତ୍ରୀ)
(ତ୍ରିକାଳଜ୍ଞତା—ବି)
(ତ୍ରିକାଳଜ୍ଞାତା—ଅନ୍ୟରୂପ)

ବି—୧ । ବୁଦ୍ଧଦେବ—1. The Buddha.

୨ । ଶିବ; ମହାଦେବ—2. God Śiba.

୩ । ଭୂତ, ବର୍ତ୍ତମାନ ଓ ଭବିଷ୍ୟତ ଘଟଣା ଜାଣିବା ବ୍ୟକ୍ତି—3. A seer; prophet.

ତ୍ରିକାଳଦର୍ଶିତା—ସଂ. ବି—ତ୍ରିକାଳଜ୍ଞତ୍ୱ—The state of being a seer.
Trikā̱la darśitā

ତ୍ରିକାଳ ଦର୍ଶୀ—ସଂ. ବି ଓ ବିଣ—ତ୍ରିକାଳଜ୍ଞ (ଦେଖ)—Trikā̱lajña (See)
Trikā̱la darśi
(ତ୍ରିକାଳଦର୍ଶିନୀ—ସ୍ତ୍ରୀ)
(ତ୍ରିକାଳଦର୍ଶନ, ତ୍ରିକାଳଦର୍ଶିତା ବି.)

ତ୍ରିକୁଟ—ଦେ. ବି (ସଂ. ତ୍ରିକୂଟ)—୧ । ଯୋଗ ବା ତନ୍ତ୍ର ଶାସ୍ତ୍ରୋକ୍ତ ଶରୀର ମଧ୍ୟସ୍ଥ ବ୍ରହ୍ମରନ୍ଧ୍ର; ତ୍ରିମୁନା; ଦୁଇ ଭ୍ରୂ ମଧ୍ୟସ୍ଥ ସ୍ଥାନ—1. The imaginary point in the human body on which attention is concentrated during the practice of 'J̄oga'. the point between the two eye-brows.
Tri kuṭa
ত্রিকুট
त्रिकुट

୨ । ମହା ବିଷମ ସମସ୍ୟା—2. A trilema; insoluble difficulty.

ତ୍ରିକୁଳ—ସଂ. ବି (ଦ୍ୱିଗୁ; ତ୍ରି+କୁଳ)—ତିନି କୁଳ; ମନୁଷ୍ୟର ସମ୍ପର୍କୀୟ ତିନି ବଂଶ; ପିତୃ କୁଳ, ମାତୃ କୁଳ ଓ ଶ୍ୱଶୁର କୁଳ—The three families with which a person is connected, viz, that of one's father, of one's mother and of one's father-in-law.
Tri ku̱la

ତ୍ରିକୂଟ—ସଂ. ବିଣ (ବହୁବ୍ରୀହି; ତ୍ରି=ତିନି, କୂଟ=ଶୃଙ୍ଗ ସାହାନ୍ତୁ)—ତିନି ଶୃଙ୍ଗବିଶିଷ୍ଟ—Three-horned; three-peaked; having three peaks.
Tri kūṭa

ବି—୧ । (ପୁରାଣ ମତେ) ଲବଣ ସମୁଦ୍ର ମଧ୍ୟରେ ଅବସ୍ଥିତ ତିନିଗୋଟି ଶିଖରବିଶିଷ୍ଟ ପର୍ବତ (ଯାହା ଉପରେ ଲଙ୍କା ଅବସ୍ଥିତ)—1. Name of a mythological sea-girt mountain with three peaks on which Ceylon stands (Hindu mythology).

୨ । (ପୁରାଣ ମତେ) କ୍ଷୀର ସମୁଦ୍ରସ୍ଥ ପର୍ବତ, ଯହିଁରେ ସୁନା, ରୁପା ଓ ଲୌହର ୩ଟି ଶୃଙ୍ଗ ଅଛି ଓ ଯହିଁରେ ବୈକୁଣ୍ଠ ଅବସ୍ଥିତ—2. Name of a mythological mouhtain with three peaks (of gold, silver and iron respectively) in the mythical ocean of milk on which stands Bishnu's abode.

ପର୍ବତ ତ୍ରିକୂଟ ସେ ନାମ, ସର୍ବ ସମ୍ପଦ ମୂଳ ଧାମ—ଜଗନ୍ନାଥ. ଭାଗବତ ।

୩ । ସାମୁଦ୍ରିକ ଲବଣ—3. Sea-salt

୪ । ଯୋଗ ଶାସ୍ତ୍ରୋକ୍ତ ଶରୀରାଭ୍ୟନ୍ତରସ୍ଥ ସ୍ଥାନ; ତ୍ରିକୁଟ—4. Name of an imaginary point inside the body of man on which one has to concentrate his inner sight while practising 'J̄oga'.

ଅକାର ମକାର ଉକାର ତିନି, ତ୍ରିକୂଟ ତାହାକୁ ବୋଲି ଘାଲ୍ଲୁନି—
ପ୍ରାଚୀ. ପରଚେଗୀତା ।

ପ୍ରାଦେ. (ଗଞ୍ଜାମ) ବି—ତିନିଗୋଟି ଗ୍ରାମର କେନ୍ଦ୍ର ସ୍ଥଳ—The centre of three villages.

ତ୍ରିକୋଣ—ସଂ. ବି (ତ୍ରି+କୋଣ)—୧ । (ଦ୍ୱିଗୁ) ତିନି କଣ; ତିନି କୋଣ—1. Three corners; three angles.
Tri koṇa

୨ । (ବହୁବ୍ରୀହି) ସ୍ତ୍ରୀଚିହ୍ନ; ଯୋନି—2. The vulva; vagina.

୩ । (ଫଳିତ ଜ୍ୟୋତିଷ) ଲଗ୍ନର ପଞ୍ଚମ ଓ ନବମ ସ୍ଥାନ—3. (astrology) The 5th and 9th places or positions counted from the 'lagna' in a person's horoscope.

୪ । (ଗଣିତ) ତ୍ରିଭୁଜ—4. A triangle.

୫ । ତ୍ରିଭୁଜାକୃତି ସ୍ଥାନ ବା ବସ୍ତୁ—5. A triangular place or thing.

୬ । ଆସାମ ଦେଶସ୍ଥ କାମରୂପର ତୀର୍ଥବିଶେଷ—6. Name of a place of pilgrimage in Kamarupa in Assam.

ବିଣ—ତିନିକଣିଆ; ତ୍ରିକୋଣବିଶିଷ୍ଟ; ତ୍ରିଭୁଜାକୃତି—Triangular; trigonal.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ୍ୟ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ'କୁ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' କୁ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ତ୍ରିକୋଣ ଭୂମି—ସଂ.ବି—(ଭୌଗୋଳିକ ପରିଭାଷା)—ନଦୀର ମୁହାଣରେ Trikoṇa bhūmi କାଳକ୍ରମେ ପଙ୍କ ଜମାହୋଇ ସୃଷ୍ଟ ହୋଇଥିବା ବଦ୍ୱୀପ ତିନିକଣିଆ ଭୂମି; ଡେଲ୍ଟା—(geography) Delta.

त्रिकोण धरती (ତ୍ରିକୋଣମଣ୍ଡିତ ଭୂମି—ଅନ୍ୟରୂପ)

ତ୍ରିକୋଣମିତି—ସଂ. ବି (ଗଣିତ ପରିଭାଷା)—ରେଖା ଓ କୋଣ ସମ୍ବନ୍ଧୀୟ Trikoṇamiti ଗଣିତ ଶାସ୍ତ୍ରବିଶେଷ— Trigonomety. [ଦ୍ର—ପୂର୍ବେ ଏଶାସ୍ତ୍ରରେ ତ୍ରିଭୁଜର କୋଣ ମାପିବାର ନିୟମ ଥିଲା । ବର୍ତ୍ତମାନ ଚତୁର୍ଭୁଜ ଓ ବହୁଭୁଜର କୋଣ ମାପିବା ବିଷୟ ମଧ୍ୟ ଏଥିରେ ଭୁକ୍ତ ଅଛି ।]

ତ୍ରିକୋଣାକାର—ସଂ. ବି (କର୍ମଧା; ତ୍ରିକୋଣ+ଆକାର)— Tri koṇākāra ତିନି କୋଣିଆ ଆକୃତି; ତ୍ରିଭୁଜ ପରି ଆକାର—(ତ୍ରିକୋଣାକୃତି—ଅନ୍ୟରୂପ) Triangular shape.

ବିଣ (ବହୁବ୍ରୀହି)—ତିନିକୋଣିଆ; ତ୍ରିଭୁଜ ପରି ଆକାରଯୁକ୍ତ— Three-cornered; triangular; triangle-shaped.

ତ୍ରିକ୍ଷାର—ସଂ. ବି (ଔଷଧଦ୍ରବ୍ୟ)—ଯବକ୍ଷାର, ସାଚକ୍ଷାର ଓ ଟାଙ୍ଗଣା ଏହି Tri kshāra ତିନି କ୍ଷାରର ସମାହାର (ବୈଦ୍ୟକୋକ୍ତ ଦ୍ରବ୍ୟଗୁଣ)— An aggregate of 3 salts used in medicine.

ତ୍ରି କ୍ଷୁର—ସଂ. ବି. (ବହୁବ୍ରୀହି; ତ୍ରି+କ୍ଷୁର) କୋଇଲେଖା (ଦେଖ) Tri kshura Koilekhā (See).

ତ୍ରିଖ—ସଂ. ବି—୧ । ସୀସା—1. Lead.
Trikha ୨ । କାକୁଡ଼ି—2. Cucumber.
୩ । ଟିଣ (ଧାତୁ)—3. Tin (metal).

ତ୍ରିଗଙ୍ଗ—ସଂ. ବି (ବହୁବ୍ରୀହି; ତ୍ରି+ଗଙ୍ଗା; ୩ ଗୋଟି ଗଙ୍ଗାର ମିଳନ Triganga ସ୍ଥାନ)—୧ । ମହାଭାରତୋକ୍ତ ତୀର୍ଥବିଶେଷ— 1. Name of a place of pilgrimage mentioned in the Mahābhārata.
୨ । ୩ ଗୋଟି ନଦୀର ସଙ୍ଗମସ୍ଥଳ— 2. A place where three rivers meet.
୩ । ପ୍ରୟାଗ; ତ୍ରିବେଣୀ (ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀମାନଙ୍କ ମିଳନ ସ୍ଥାନ)—3. A name of Allahabad.

ତ୍ରିଗଣ—ସଂ. ବି (ସମାହାର ଦ୍ୱିଗୁ; ତ୍ରି+ଗଣ)—ଧର୍ମ, ଅର୍ଥ ଓ କାମ ଏହି Trigaṇa ତ୍ରିବର୍ଗ—The three main worldly pursuits (viz, duty, riches,and love or virtue, wealth and desire).

ତ୍ରିଗର୍ତ୍ତ—ସଂ. ବି (ତ୍ରି=ତିନି+ଗର୍ତ୍ତ=ନିମ୍ନ ଭୂମି; ଗଙ୍ଗା, ବ୍ରହ୍ମପୁତ୍ର ଓ Tri gartta ସିନ୍ଧୁ, ଏହି ତିନିଗୋଟି ଗର୍ତ୍ତ ଯେଉଁଠାରେ (ତ୍ରିଗର୍ତ୍ତିକ—ଅନ୍ୟରୂପ) ଅଛି)—୧ । ତିବତ ଦେଶ—1. Tibet (country).
୨ । ପଞ୍ଜାବ ପ୍ରଦେଶଅନ୍ତର୍ଗତ ଜିଲ୍ଲା; ଜଳନ୍ଧର— 2. The Jalandhar district in the Punjab Precidency.
୩ । ଗଣିତଶାସ୍ତ୍ରବିଶେଷ—3. Name of a branch of mathematices.
୪ । ତ୍ରିଗର୍ତ୍ତଦେଶବାସୀ ଲୋକ—4. A resident of the district of Jalandhar.

ଅଗେ ଗଲେ ତ୍ରିଗର୍ତ୍ତେ ବିରାଟ ନଗରକୁ
ସେ ଦେଶର ଧେନୁ ନେଲେ ଅସିବାକୁ—କୃଷ୍ଣସିଂହ. ମହାଭାରତ, ବିରାଟ ।

ତ୍ରିଗର୍ତ୍ତା—ସଂ. ବି. ସ୍ତ୍ରୀ (ତ୍ରିଗର୍ତ୍ତ+ସ୍ତ୍ରୀ. ଆ)—୧ । ଭୋଗାଭିଳାଷିଣୀ ସ୍ତ୍ରୀ; Trigarttā କାମୁକୀ ସ୍ତ୍ରୀ—1. A lustful woman.
୨ । ଛିନାଳୀ; ପୁଂଶ୍ଚଳୀ—2. Adulteress.
୩ । ଘୁର୍ଘୁରିକା; ନାଟୁ—3. A spinning top,
୪ । ଘୁର୍ଘୁରିଆ ପୋକ; ଗୁଣ୍ଡୁର ପୋକ—4. A kind of insect which bores into the dust.

ତ୍ରିଗୁଣ—ସଂ. ବି—୧ । ଗୁଣତ୍ରୟ; ସତ୍ତ୍ୱ, ରଜଃ ଓ ତମ ଏହି ତିନି ଗୁଣ; Triguṇa ସୁଖ, ଦୁଃଖ ଓ ମୋହ—1. The three inherent or fundamental qualities of Nature or the Universe (viz good,medium and bad or heavenly, worldly and hellish).
୨ । ତିନିଗୋଟି ଡୋର ବା ଖିଅ—2. Three strings or strands.
୩ । ତିନିଗୁଣ; ତିନିଓଡ଼ା, ତିନିଥର; ତିନିଦଫା— 3. Three times.
ବିଣ—୧ । ତିନି ଗୁଣ୍ଡିଆ—1. Having three strands; trebled.
୨ । ତ୍ରିସୂତ୍ର; ତିନିଖିଅଯୁକ୍ତ—2. Three stringed; consisting of three cords or threads.
୩ । ତିନିଦୋହ; ତିନିପୁଣିଆ— 3. Threefold; folded thrice.
୪ । ଗୁଣତ୍ରୟଯୁକ୍ତ—4. Having the 3 inherent qualities of nature.
୫ । ତିନିଗୁଣା—5. Triple.
୬ । ତିନିଥର—6. Thrice.

ତ୍ରିଗୁଣନେତ୍ର—ସଂ. ବିଣ. ପୁଂ (ବହୁବ୍ରୀହି: ତ୍ରିଗୁଣନେତ୍ର+ସ୍ତ୍ରୀ. ଈ)— Triguṇanetra ଯାହାର ଚକ୍ଷୁରେ ଶୁକ୍ଳ, କୃଷ୍ଣ ଓ ରକ୍ତ ଏହି ୩ ବର୍ଣ୍ଣର ଆଭାସ ଥାଏ—With tricoloured (ତ୍ରିଗୁଣନେତ୍ରୀ-ସ୍ତ୍ରୀ) eyes.

ତ୍ରିଗୁଣନେତ୍ରୀର ନେତ୍ର କାମଜୟୀ ପାଶୀ—ବିଶ୍ୱନାଥ, ବିଚିତ୍ର ରାମାୟଣ ।

ତ୍ରିଗୁଣା—ସଂ. ବି. ସ୍ତ୍ରୀ (ତ୍ରିଗୁଣ+ସ୍ତ୍ରୀ. ଆ)—୧ । ଦୁର୍ଗା— Triguṇā 1. Goddess Durgā.
୨ । ମାୟା—2. Illusion

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଙ	ଢ଼

ତ୍ରିଗୁଣାତ୍ମକ—ସଂ. ବଣ. ପୁଂ. ଓ କ୍ଲୀ (ବହୁବ୍ରୀହି; ତ୍ରି ଗୁଣ+ଆତ୍ମା+ କ)—୧ । (ସାଂଖ୍ୟମତ) ତ୍ରିଗୁଣଯୁକ୍ତ; ତ୍ରିଗୁଣବିଶିଷ୍ଟ; ସତ୍ତ୍ୱ, ରଜଃ ଓ ତମଃ ଏହି ତିନିଗୁଣବିଶିଷ୍ଟ—1. Consisting of or having the three primeval attributes, viz, Satwa, Rajaḥ and Tamaḥ.
Trigunātmaka
(ତ୍ରିଗୁଣାତ୍ମିକା—ସ୍ତ୍ରୀ)

୨ । ତିନିଗୁଣା—2. Thrice; triple.

୩ । ତିନି ଭଙ୍ଗୁଣିଆ—3. Three-stringed; three-stranded.

ସଂ. ବି—(ବେଦାନ୍ତ ଦର୍ଶନ) ଅଜ୍ଞାନ—(Bedanta philosophy) Ignorance.

ତ୍ରିଗୁଣିତ—ସଂ. ବି° (ତ୍ରିଗୁଣ+ଯୁକ୍ତାର୍ଥେ. ଇତ)—୧ । ତିନି ଭଙ୍ଗୁଣିଆ—1. Three stringed; trebled; folded thrice.
Trigunita

୨ । ତିନି ଦ୍ୱାରା ଗୁଣା ହୋଇଥିବା;—2. Multiplied by three.

୩ । (ଏକ ରାଶି) ସେହି ରାଶି ସଙ୍ଗେ ଆଉ ଦୁଇଥର ଗୁଣା ଯାଇ ଥିବା—3. (a number) Multiplied twice by itself.

୪ । ତିନିଗୁଣ—4. Threefold.

ତ୍ରିଗୁଣୀ—ସଂ. ବି. (ତ୍ରିଗୁଣ+ଈ)—ବେଲଗଛ (ଏ ଗଛର ପତ୍ର ତିନି ଶାଖାଯୁକ୍ତ ଥିବାରୁ)—The Bel tree.
Triguṇi

ତ୍ରିଗୁଣୀକୃତ—ସଂ. ବଣ. (ତ୍ରିଗୁଣ+ଅଭୂତ ତଦ୍ଭାବେ ଚ୍ୱି+କୃତ)—୧ । ତିନିଭଙ୍ଗୁଣିଆ—1 Trebled.
Triguṇikṛuta

୨ । ତିନିପରସ୍ତ ଭଙ୍ଗା ଯାଇ ଥିବା—2. Made into three-folds.

ତ୍ରିଗୁଢ଼—ସଂ. ବି.—ସ୍ତ୍ରୀ ବେଶ ଧାରଣ କରିଥିବା ପୁରୁଷର ନୃତ୍ୟ—
Tri gūrḍha Dance by a male attired in female dress.

ତ୍ରିଚକ୍ର—ସଂ. ବି.—(ବହୁବ୍ରୀହି; ତ୍ରି+ଚକ୍ର)—୧ । ତିନିଚକିଆ ଗାଡ଼ି—1. Tricycle.
Trichakra
(ତ୍ରିଚକ୍ରଯାନ—ଅନ୍ୟରୂପ) ୨ । ଅଶ୍ୱିନୀକୁମାରଦ୍ୱୟଙ୍କ ରଥ—2. The three-wheeled car of the 'Aświnī kumāras.

ସଂ. ବଣ.—ତିନିଚକିଆ—Three-wheeled.

ତ୍ରିଚକ୍ଷୁଃ—ସଂ. ବଣ. (ବହୁବ୍ରୀହି; ତ୍ରି+ଚକ୍ଷୁସ୍)—ତିନି ଆଖିଆ—Three-eyed.
Tri chakshuḥ

ବି.—ମହାଦେବ—Śiba (the three-eyed God.)

ତ୍ରିଚତ୍ୱାରିଂଶ—ସଂ. ବଣ. (ତ୍ରିଚତ୍ୱାରିଂଶତ୍+ପୂରଣାର୍ଥେ. ଅ)—୪୩ ସଂଖ୍ୟାର ପୂରଣ—Forty-third.
Tri chatwārimśa

ତ୍ରିଚତ୍ୱାରିଂଶତ୍—ସଂ. ବି. ଓ ବଣ.—(ତ୍ରି ଅଧିକ ଚତ୍ୱାରିଂଶତ୍, ମ. ପ. ଲୋ. କର୍ମଧା;)—୧। ତେୟାଳିଶି; ଚାଳିଶିରୁ ତିନି ଅଧିକ ସଂଖ୍ୟା—1. Fortythree; 43.
Trichatwārimśat

୨ । ତେୟାଳିଶି ସଂଖ୍ୟକ—2 Numbering 43.

ତ୍ରିଚତ୍ୱାରିଂଶତ୍ତମ—ସଂ. ବଣ.—ତ୍ରିଚତ୍ୱାରିଂଶ (ଦେଖ) Tri chatwārimśa (See)
Tri chatwārimśattama

ତ୍ରିଚିନାପଲ୍ଲୀ—ଦେ. ବି.—କାବେରୀ ନଦୀ କୂଳରେ ଅବସ୍ଥିତ ଦାକ୍ଷିଣାତ୍ୟର ନଗରବିଶେଷ—Name of a town in the Deccan situated on the bank of the Kaveri river; Trichy.
Tri chināpallī

[ଦ୍ର—ଇଂରେଜମାନେ ସଂକ୍ଷେପରେ ଏହାକୁ 'ଟ୍ରିଚି' ବୋଲି କହନ୍ତି ଓ ଲେଖନ୍ତି । ଖ୍ରୀ. ୧୮୪୫ ସାଲ ପୂର୍ବରୁ ଏଠାରେ ଗୋଟିଏ ବିଖ୍ୟାତ ପାର୍ବତ୍ୟ ଦୁର୍ଗ ଥିଲା । ପର୍ବତ ଉପରେ ଗଣେଶଙ୍କ ମନ୍ଦିର ଅଛି । ପର୍ବତର କାନ୍ଥିରେ ମଥୁରଭୂତେଶ୍ୱରଙ୍କ ମନ୍ଦିର ଅଛି । ଏ ପର୍ବତ ଚାରିପାଖର କ୍ଷେତ୍ରଭୂମିରୁ ୬୦୦ ଫୁଟ ଉଚ୍ଚ । ଏଠାରୁ ଶ୍ରୀରଙ୍ଗମ୍ ଓ ଶ୍ରୀରଙ୍ଗମ୍‌ର ଗୋପୁରମାନ ଦେଖାଯାଏ ଓ କାବେରୀ ନଦୀର ଦୁଇ ଶାଖା ମଧ୍ୟ ଦିଶେ । ଏହାର ପୂର୍ବ ନାମ ତ୍ରିଶିରାପଲ୍ଲୀ । ଏଠାରେ ରାମଚନ୍ଦ୍ର ତ୍ରିଶିରା ରାକ୍ଷସକୁ ବଧ କରିଥିଲେ ।]

ତ୍ରିଜଗତ୍—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ଜଗତ୍)—ସ୍ୱର୍ଗ୍ୟ, ମର୍ତ୍ତ୍ୟ ଓ ପାତାଳ ଏହି ତିନିଲୋକ; ବିଶ୍ୱବ୍ରହ୍ମାଣ୍ଡ; ତିନିଭୁବନ—The universe; the created world consisting of the heaven, the earth and the nether world according to the Hindus.
Tri jagat

ତ୍ରିଜଗତୀ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ଜଗତ୍+ଈ)—ତ୍ରିଜଗତ୍ (ଦେଖ) Trijagat (See)
Trijagatī

ତ୍ରିଜଟ—ସଂ. ବଣ. ପୁଂ. (ବହୁବ୍ରୀହି; ତ୍ରି+ଜଟ)—ଯାହାମୁଣ୍ଡରେ ତିନୋଟି ଜଟ ଥାଏ—Having three plaits or braids of hair.
Tri jaṭa
(ତ୍ରିଜଟା—ସ୍ତ୍ରୀ)
(ତ୍ରିଜଟୀ—ଅନ୍ୟରୂପ) ସଂ. ବି—୧ । ମହାଦେବ—1. God Śiba.

୨ । ଜଣେ ବ୍ରାହ୍ମଣର ନାମ—2 Name of a Brāhmaṇa.

[ଦ୍ର—ରାମଚନ୍ଦ୍ର ବନଯାତ୍ରା ସମୟରେ ଏହାଙ୍କୁ ଅନେକ ଗ୍ରାମ ଦାନ କରିଥିଲେ—ହି. ଶବ୍ଦସାଗର ।

ତ୍ରିଜଟା—ସଂ. ବି. ପୁଂ. (ବହୁବ୍ରୀହି; ତ୍ରି+ଜଟା)—୧ । ମହାଦେବ—1 God Śiba
Trijaṭā

୨ । (ଏହାର ପତ୍ର ତ୍ରିଶାଖା ଥିବାରୁ) ବେଲଗଛ—2. The Bel tree.

ସ୍ତ୍ରୀ.—ରାବଣର ଲଙ୍କାସ୍ଥ ରାକ୍ଷସୀବିଶେଷ; ବିଭୀଷଣର କନ୍ୟା (ଏ ବନ୍ଦିନୀ ସୀତାଙ୍କର ପକ୍ଷପାତିନୀ ଥିଲା)—Name of a demoness, deputed by Rābaṇa to keep watch over Sitā, but who was always kind to her ward; the daughter of Bibhīshana.

ବଇଦେହୀ ରୂପକୀ ଭେଟ ତ୍ରିଜଟା ଛଥର ଯେ ।
ଉପେ. ବୈଦେହୀଶବିଳାସ ।

ସାଧାରଣ ଲେଖେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉକ୍ତ ଉପଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଣ୍ଠି' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଚ' ନ ପାଇଲେ 'ଅଲ୍ଗବଚ' ଦେଖିବେ ।

ତ୍ରିଜାତକ—ସଂ. ବ.—(ବୈଦ୍ୟକ) ସମାହାର ଦ୍ୱିଗୁ; ତ୍ରି+ଜାତକ— Trijātaka ଡାଲଚିନି (ମହାଳୁଙ୍ଗରେ ଜାଯ୍ଫଳୀ), ଅଳେଇଚ ଓ ତେଜ- (ତ୍ରିଗନ୍ଧକ—ଅନ୍ୟନାମ) ପତ୍ରର ସମଷ୍ଟିରେ ପ୍ରସ୍ତୁତ ସୁଗନ୍ଧ ଔଷଧବିଶେଷ— A mixture of three spices prescribed by the Ayurbeda (viz. cinnamon or mace; cardamom and cassia leaves.)

[ଦ୍ର—ଏଥିରେ ନାଗେଶ୍ୱର ମିଶିଲେ ଚତୁର୍ଜାତକ ହୁଏ । ବୈଦ୍ୟ ଶାସ୍ତ୍ର ମତରେ ତ୍ରିଜାତକ ରେଚକ, ରୂକ୍ଷ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ମୁଖର ଦୁର୍ଗନ୍ଧନାଶକ, ପିତ୍ତବର୍ଦ୍ଧକ, ଏ. ବାୟୁଦୋଷ ଓ ବିଷନାଶକ ଅଟେ ।]

ତ୍ରିଜୀବୀ—ଦେ. ବିଣ (ସ. ଚିରଂଜୀବୀ)—ଚିରଂଜୀବୀ— Trijibi Long-lived.

ତ୍ରିଜୀବୀ ହେବାକୁ ବର ପାଇଥିଲ, ସୀତା ହରଣ କାହିଁକି କଲ ହେ, ରଜନ— ଉପେନ୍ଦ୍ରନାଥ. ଉଚନ ସମାପ୍ତ ।

ତ୍ରିଣା ରିଣା—ଦେ (ଧ୍ୱନ୍ୟନୁକରଣ) ଅ—ବାଦ୍ୟର ନାଦବିଶେଷ— Triṇā riṇā A sound of musical instruments.

ଝେଙ୍କେ ଝେଙ୍କ ଝଙ୍କ ଝଙ୍କାଳ ବଜେ,
ଝେଙ୍ଗୁଣା ତ୍ରିଣାରିଣା ଗୁଣିତ ଗୁଣାଜେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ତ୍ରିତୟ—ସଂ. ବ (ତ୍ରି+ପୂରଣାର୍ଥେ ଓ ଅବୟବାର୍ଥେ, ତୟ)— Tritaya ୧ । ଧର୍ମ, ଅର୍ଥ ଓ କାମ ଏହି ତିନିର ସମାହାର— 1. The aggregate of piety, riches and worldly desire.

ତ୍ରିତୟୀ } ସ୍ତ୍ରୀ
ତ୍ରିତୟୀ }

୨ । ତିନି ସଂଖ୍ୟା—2. Three.

ସଂ. ବିଣ—ତ୍ରିସଂଖ୍ୟାବିଶିଷ୍ଟ—Numbering three

ତ୍ରିତୟା—ଗ୍ରା. ବି (ସଂ. ତ୍ରେତା)—ତ୍ରେତାଯୁଗ— Tritayā The second age of the world according to the Hindu.

ତ୍ରିତଳ—ସଂ. ବିଣ (ବହୁବ୍ରୀହି; ତ୍ରି+ତଳ)—ତିନି ମହାଲାଯୁକ୍ତ— Tritaḷa Three-storied.

ବି—ତୃତୀୟ ମହଲା—Second storey.

ତ୍ରିତାପ—ସଂ. ବି (ସମାହାର ଦ୍ୱିଗୁ; ତ୍ରି+ତାପ)— ସଂସାରରେ ମନୁଷ୍ୟ Tri tāpa ଭୋଗ କରିବା ତ୍ରିବିଧ ଦୁଃଖ; ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ ଦୁଃଖ—The three classes of worldly troubles to which man is liable, viz, spiritual or mental, bodily and those inflicted by Divine a agency.

ତ୍ରିଦଣ୍ଡ—ସଂ. ବି (ସମାହାର ଦ୍ୱିଗୁ; ତ୍ରି+ଦଣ୍ଡ)—୧ । ସନ୍ନ୍ୟାସ ଆଶ୍ରମର Tri daṇḍa ଚିହ୍ନ; ଏକତ୍ରୀକୃତ ତିନି ଖଣ୍ଡ ଯଷ୍ଟି; ସନ୍ନ୍ୟାସୀମାନେ ହାତରେ ବହନ କରିବା ଖଣ୍ଡିଏ ବଡ଼ ଯଷ୍ଟିର ଅଗ୍ର ଭାଗରେ ଆଉ ଦୁଇ ଖଣ୍ଡ ଛୋଟ କାଠି ବନ୍ଧା ହୋଇଥିବା ଦଣ୍ଡ—1. A staff with a cross attached at the top, carried by a class of ascetics; the sacred triple staff of an ascetic.

୨ । ମନ, ବାକ୍ୟ ଓ କାର୍ଯ୍ୟର ନିଗ୍ରହ; ମନଃସଂଯମ, ବାକ୍ ସଂଯମ ଓ ଦେହସଂଯମ—2. Control over one's thoughts, words and actions; triple self control

୩ । ସନ୍ନ୍ୟାସାଶ୍ରମ—3. The state of a Sannyāsi or ascetic.

୪ । ମନୋଦଣ୍ଡ, ବାଗ୍‌ଦଣ୍ଡ ଓ କାୟଦଣ୍ଡ, ଏହି ତ୍ରିତୟ— 4. Three kinds of punishment viz. on the mind, on one's utterances and one's body.

ତ୍ରିଦଣ୍ଡୀ—ସ. ବିଣ. (ତ୍ରିଦଣ୍ଡ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)— Tridandi ୧ । ତ୍ରିଦଣ୍ଡବିଶିଷ୍ଟ—1. Consisting of three sticks.

୨ । ତ୍ରିଯଷ୍ଟିବାହକ—2. Carrying three sticks.

୩ । ତ୍ରିଦଣ୍ଡଧାରୀ—3. Carrying the triple staff.

ବି—୧ । ଯେଉଁ ବ୍ୟକ୍ତି ଆପଣାର କାୟମନୋବାକ୍ୟ (ମନ ବଚନ ଓ କର୍ମ ଏହି ତିନି) କୁ ସଂଯମ କରିଅଛି— 1. One who has succeeded in controlling his mind, body and action.

୨ । ତ୍ରିଦଣ୍ଡଧାରୀ ପରିବ୍ରାଜକ ସନ୍ନ୍ୟାସୀବିଶେଷ— 2. A class of wandering ascetics carrying the triple staff.

୩ । ଯଜ୍ଞୋପବୀତ (ଏଥିରେ ତିନି ସରରେ ତିନୋଟି ଲେଖାଏ ଗ୍ରନ୍ଥି ଥାଏ)—3. The sacred thread worn by the 3 higher castes amongst the Hindus.

ତ୍ରିଦଳ—ସ. ବିଣ—୧ । ଯାହାର ତିନିଗୋଟି ପତ୍ର ଥାଏ— Tridaḷa 1. Having three leaves.

(ତ୍ରିଦଳା—ସ୍ତ୍ରୀ) ୨ । ଯେଉଁ ପତ୍ରର ତିନିଗୋଟି ଶାଖା ଥାଏ— 2. (leaf) Having three branches.

ସ. ବି—ବେଲ ଗଛ—The Bel tree.

ତ୍ରିଦଳା—ସ. ବି. (ତ୍ରିଦଳ+ଆ)—ଗୋଧାପଦୀ (ଦେଖ) Tridaḷā Godhāpadi (See)

ତ୍ରିଦଶ—ସ. ବି. (ତ୍ରି=ତାପତ୍ରୟ+ଦଶ ଧାତୁ=ନାଶ କରିବା+କର୍ତ୍ତୃ. Tridaśa ଅ; ଯେଉଁମାନେ ଜୀବର ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ ତାପମାନ ବିନାଶ କରନ୍ତି)—ଦେବତା; ଅମର—The Gods; the Immortals.

ସ. ବିଣ. (ତ୍ରିଅଧିକ ବା ତ୍ରିଗୁଣିତ ଦଶ)—୩୩ ସଂଖ୍ୟା ବିଶିଷ୍ଟ (ଯଥା—ଆଦିତ୍ୟ ୧୨, ରୁଦ୍ର ୧୧, ବସୁ ୮, ଅଶ୍ୱିଦେବ ୨=୩୩ଦେବ)—Numbering 33.

ଦେ. ଓ ବ. ବିଣ. (ସ. ତ୍ରୟୋଦଶ)—୧୩ ସଂଖ୍ୟା — The number thirteen.

୧	ଇ	ଢ଼	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ସ	ଙ୍କ	ଇସ୍ତ	ଢ଼ଅ	ଞ୍ଚ
୨	ଈ	ଉ	ଋୃ	ଌୁ	ଯ୍ରୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଙ୍ଗ	ନ୍ଦ

ତ୍ରିଦଶ ଅଧ୍ୟାପ୍ ସ୍ୱର୍ଗ୍ଗ
ଶ୍ରୀକୃଷ୍ଣ ଗୁଣ ଗଣ ଧାନ । ପ୍ରାଚୀ, ପୂର୍ଣ୍ଣଚନ୍ଦ୍ରୋଦୟ ।

ତ୍ରିଦଶ ଗୁରୁ—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଗୁରୁ)—ବୃହସ୍ପତି—
Tridaśa guru The spiritual preceptor of the Gods; Bruhaspati.
(ତ୍ରିଦଶାଚାର୍ଯ୍ୟ—ଅନ୍ୟରୂପ)

ତ୍ରିଦଶ ଗୋପ—ସଂ. ବି—ସାଧବ ଘର ବୋହୂ ପୋକ; ଇନ୍ଦ୍ରଗୋପକୀଟ—
Tridaśa gopa The cocculus insect ;cochenial.

ତ୍ରିଦଶ ଦୀର୍ଘିକା—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଦୀର୍ଘିକା)—
Tridaśa dirghikā ମନ୍ଦାକିନୀ ବା ସ୍ୱର୍ଗ ଗଙ୍ଗା—
The sacred Ganges said to flow in the Heaven.

ତ୍ରିଦଶ ପତି—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ପତି)—
Tridaśa pati ଦେବରାଜ; ଇନ୍ଦ୍ର—Indra, the king amongst the Gods.
ତ୍ରିଦଶାଧିପତି, ତ୍ରିଦଶାଧିପ, ତ୍ରିଦଶାଧୀଶ } ଅନ୍ୟରୂପ

ତ୍ରିଦଶ ପୁଷ୍ପ—ସଂ. ବି—ଲବଙ୍ଗ—
Tridaśa pushpa Clove.

ତ୍ରିଦଶ ବଧୂ—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ତ୍ରିଦଶ+ବଧୂ)—ଦେବ ସ୍ତ୍ରୀ; ଅପ୍ସରା—The nymphs of the Gods;
Tridaśa badhū the heavenly maidens; the fairies of the Hindus.
(ତ୍ରିଦଶବନିତା—ଅନ୍ୟରୂପ)

ତ୍ରିଦଶ ମଞ୍ଜରୀ—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ମଞ୍ଜରୀ)—
Tridaśa mañjari ତୁଳସୀ ଗଛ—The sacred Basil plant.

ତ୍ରିଦଶାଙ୍କୁଶ—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଅଙ୍କୁଶ)—ବଜ୍ର—
Tridaśāṅkuśa Thunder bolt.

ତ୍ରିଦଶାୟନ—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଅୟନ)—ବିଷ୍ଣୁ—
Tridaśāyana Bishṇu.

ତ୍ରିଦଶାୟୁଧ—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଆୟୁଧ)—
Tridaśāyudha ୧ । ବଜ୍ର; ଚଡ଼କ—1. Thunderbolt.
୨ । ଇନ୍ଦ୍ରଧନୁ—2 The rainbow.

ତ୍ରିଦଶାରି—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଅରି)—
Tridaśāri ଅସୁର; ରାକ୍ଷସ; ଦାନବ; ଦୈତ୍ୟ—
A demon; a titan

ତ୍ରିଦଶାଳୟ—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଆଳୟ)—
Tridaśālaya ୧ । ସ୍ୱର୍ଗ; ଦେବଲୋକ—1. The heaven.
(ତ୍ରିଦଶାବାସ—ଅନ୍ୟରୂପ) ୨ । ସୁମେରୁ ପର୍ବତ—
2. The Sumeru mountain.

ତ୍ରିଦଶାହାର—ସଂ. ବି. (୬ଷ୍ଠୀ ତତ୍; ତ୍ରିଦଶ+ଆହାର)—
Tridaśāhāra ଅମୃତ; ସୁଧା—Nectar; ambrosia

ତ୍ରିଦଶେଶ୍ୱର—ସଂ. ବି. ପୁଂ. (୬ଷ୍ଠୀ ତତ୍; ତ୍ରିଦଶ+ଈଶ୍ୱର)—
Tridaśeśwara ୧ । ଇନ୍ଦ୍ର—1. Indra.
(ତ୍ରିଦଶେଶ୍ୱରୀ—ସ୍ତ୍ରୀ) ୨ । ମହାଦେବ—2. Siba.
୩ । ବିଷ୍ଣୁ—3. Bishṇu.

ତ୍ରିଦଶେଶ୍ୱରୀ—ସଂ. ବି. ସ୍ତ୍ରୀ—୧ । ଇନ୍ଦ୍ରାଣୀ; ଶଚୀ—
Tridaśeśwari 1. The wife of Indra.
୨ । ଦୁର୍ଗା; ପାର୍ବତୀ—1. Pārbati.
୩ । ଲକ୍ଷ୍ମୀ—3. Lakshmi.

ତ୍ରିଦଶ୍ୟ—ଦେ. ବି. (ସଂ. ତ୍ରିଦଶାଳୟ)—ସ୍ୱର୍ଗ—
Tridaśya Heaven.
ସେ ସବୁ ଭୁଲେ ଦୟା ଚଳ
ଦର୍ଶିଲେ ତ୍ରିଦଶ୍ୟ ବସନ୍ତ । ଜଗନ୍ନାଥ, ଭାଗବତ ।

ତ୍ରିଦିବ—ସଂ. ବି. କ୍ଳୀ. (ତ୍ରି=ବ୍ରହ୍ମା, ବିଷ୍ଣୁ, ଶିବ+ଦିବ୍ ଧାତୁ=କ୍ରୀଡ଼ା
Tridiba କରିବା+ଅଧିକରଣ. ଅ; ଯେଉଁଠାରେ ଦେବତାମାନେ ବିହାର କରନ୍ତି)—୧ । ସ୍ୱର୍ଗ—1. Heaven.
୨ । ଆକାଶ—2. The sky; welkin.
୩ । ସୁଖ—3 Happiness.

ତ୍ରିଦିବା—ସଂ. ବି. ସ୍ତ୍ରୀ. (ତ୍ରିଦିବ+ସ୍ତ୍ରୀ. ଆ)—ନଦୀବିଶେଷ—
Tridibā Name of a river,

ତ୍ରିଦିବେଶ—ସଂ. ବି. ପୁଂ. (୬ଷ୍ଠୀ ତତ୍; ତ୍ରିଦିବ+ଈଶ)—ଦେବତା—
Tridibeśa A God; Deity.

ତ୍ରିଦୃକ୍—ସଂ. ବି. ପୁଂ. (ବହୁବ୍ରୀହି; ତ୍ରି+ଦୃଶ୍=ଚକ୍ଷୁ)—ତ୍ରିଲୋଚନ;
Tridṛuk ଶିବ—The three eyed God, Śiba.

ତ୍ରିଦେବ—ସଂ. ବି. (ଦ୍ୱିଗୁ; ତ୍ରି+ଦେବ)—ବ୍ରହ୍ମା ବିଷ୍ଣୁ ଓ ଶିବ—
Trideba The Hindu Trinity.

ତ୍ରିଦୋଷ—ସଂ. ବି. (ଆୟୁର୍ବେଦ ମତେ) ବାତ, ପିତ୍ତ ଓ କଫଜନିତ
Tridosha ଶରୀରର ବିକାର ବା ପ୍ରକୋପ; ସନ୍ନି; ସନ୍ନିପାତ ବିକାର—Derangement of the three humours of the body (wind, bile and phlegm) according to Āyurbeda; collapse.

ତ୍ରିଦୋଷଘ୍ନ—ସଂ. ବିଣ. (ତ୍ରିଦୋଷ+ହନ୍ ଧାତୁ=ନାଶ କରିବା+
Tridoshaghna କର୍ତ୍ତୃ. ଅ)—ଯାହା ବାତ, ପିତ୍ତ ଓ କଫର ପ୍ରକୋପକୁ ନାଶ କରେ—(medicine) Which sets the three disordered humours right.

ତ୍ରିଦୋଷଜ—ସଂ. ବିଣ. (ତ୍ରିଦୋଷ+ଜନ୍ ଧାତୁ+କର୍ତ୍ତୃ. ଅ)—
Tridoshaja ବାତ, ପିତ୍ତ ଓ କଫ ଦୋଷରୁ ଉତ୍ପନ୍ନ (ରୋଗାଦି)—
Due to the derangement of the three humours of the body.
ତ୍ରିଦୋଷଜନିତ, ତ୍ରିଦୋଷଜାତ } ଅନ୍ୟରୂପ

ସଂ. ବି—ସନ୍ନିପାତ—Collapse.

ତ୍ରିଧା—ସଂ. ଅ. (ତ୍ରି+ପ୍ରକାରାର୍ଥେ ଧା)—୧ । ତିନି ପ୍ରକାରରେ—
Tridhā 1. In three ways; in three kinds.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

୨ । ତିନିଗୁଣ—2. Threefold.
୩ । ତିନିଥର—3. Thrice.
୪ । ତିନି ଖଣ୍ଡରେ—4. In three pieces.
୫ । ତିନିଭାଗରେ—5. In three parts; into three.
୬ । ତିନିଆଡ଼େ—6. In three directions.

ବିଣ—୧ । ତିନି ପ୍ରକାରର—1. Of three kinds.
୨ । ତ୍ରିଗୁଣିତ—2. Threefold; trebled.

ତ୍ରିଧାତୁ—ସଂ. ବି. (ତ୍ରି+ଧାତୁ; ସମାହାର)—୧ । ସୁନା, ରୁପା ଓ ତମ୍ବା-
Tridhātu 1. Gold, silver and copper.
୨ । ଶରୀରସ୍ଥ କଫ, ବାତ ଓ ପିତ୍ତ—2. The 3 humours of the body; phlegm, wind and bile.

ତ୍ରିଧାମା—ସଂ. ବି. ପୁଂ. (ବହୁବ୍ରୀହି; ତ୍ରି+ଧାମନ୍=ବାସସ୍ଥାନ ଯାହାର; ତ୍ରିଧାମନ୍; ୧ମା ୧ବ)—୧ । ବ୍ରହ୍ମା—
Tridhāmā 1. Brahma.
୨ । ବିଷ୍ଣୁ—2. Bishṇu.
୩ । ଶିବ—3. Siba.
୪ । ଅଗ୍ନି—4. Fire.
୫ । ମୃତ୍ୟୁ—5. Death.
୬ । ସ୍ୱର୍ଗ—6. Heaven.

ସଂ. ବିଣ—ତ୍ରିସଂଖ୍ୟାନ୍ୱିତ—Numbering three.

ତ୍ରିଧାର—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ଧାର)—
Tridhāra ତିନିଗୋଟି ଧାରର ସମାହାର—Three streams flowing or meeting together.

ବିଣ—୧ । ତିନି ଧାରାବିଶିଷ୍ଟ—
1. Having three streams.
୨ । ତିନି ଧାରାରେ ବୋହି ଯାଉଥିବା—
2. Flowing in three streams.

ତ୍ରିଧାରା—ସଂ. ବି. ସ୍ତ୍ରୀ. (ଦ୍ୱିଗୁ ଓ କର୍ମଧା; ତ୍ରି+ଧାରା)—
Tridhārā ୧ । ତିନିଗୋଟି ଧାରା ବା ପାଣି ବହିବା ଧାର—
1. Three streams flowing together.
୨ । (ବହୁବ୍ରୀହି) ତିନି ଧାରାରେ ବହୁଯାଉଥିବା ନଦୀ, ଗଙ୍ଗା—
2. The Ganges flolwing in three streams.
[ଦ୍ର—ପୁରାଣମତରେ ଗଙ୍ଗାର ପ୍ରଥମ ଧାରା ମନ୍ଦାକିନୀରୂପେ ସ୍ୱର୍ଗରେ, ଦ୍ୱିତୀୟ ଧାରା ଭାଗୀରଥୀରୂପେ ମର୍ତ୍ତ୍ୟରେ ଓ ତୃତୀୟ ଧାରା ଭୋଗବତୀରୂପେ ପାତାଳରେ ବହୁ ଅଛି ।]
୩ । ଦେଉଁତିଆ ସିଜୁ—
3. A kind of cactus.

ତ୍ରିନବତି—ସଂ. ବି ଓ ବିଣ. (ମ. ପ. ଲୋ; କର୍ମଧାରୟ ତ୍ରି ଅଧିକ
Trinabati ନବତି)—ତେୟାନବେ; ୯୩—Ninety three.

ତ୍ରିନୟନ—ସଂ. ବ. ପୁଂ. (ବହୁବ୍ରୀହି; ତ୍ରି+ନୟନ)—୧ । ମହାଦେବ—
Trinayana 1. The three-eyed God Siba.
(ତ୍ରିନେତ୍ର, ତ୍ରିଲୋଚନ—ଅନ୍ୟରୂପ) ୨ । (କର୍ମଧାରୟ) ଲୋଚନ-
(ତ୍ରିନୟନା—ସ୍ତ୍ରୀ) ତ୍ରୟ—2. Three eyes.
ବିଣ. ପୁଂ—ତିନି ଚକ୍ଷୁବିଶିଷ୍ଟ; ତିନିଆଖିଆ—
Three-eyed.

ତ୍ରିନୟନା—ସଂ. ବି. ସ୍ତ୍ରୀ—କାଳୀ; ଦୁର୍ଗା; ବଗଳାମୁଖୀ—
Trinayanā Goddess Kāli.
(ତ୍ରିନେତ୍ରା—ଅନ୍ୟରୂପ) ବିଣ—ଲୋଚନତ୍ରୟଯୁକ୍ତା; ତ୍ରିଚକ୍ଷୁ-
ର୍ବିଶିଷ୍ଟା—Three-eyed (female); having three eyes.

ତ୍ରିନାଥ—ସଂ. ବି. (ସମାହାର; ତ୍ରି+ନାଥ)—ତ୍ରିଦେବ (ଦେଖ)
Trinātha Trideba (see)

ତ୍ରିନାଥ ମେଳା—ଦେ. ବି—ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଉଦ୍ଦେଶ୍ୟରେ
Trinātha meḻā ପୂଜା—A worship, for some time in vogue in Orissa, of the Hindu Trinity.

> ତ୍ରିନାଥ ମେଳା, ସତ୍ୟନାରାୟଣ ପୂଜା, ଗ୍ରାମ ଦେବତା ମାନସା
> ଦୁଇକଣଯାକ ତେର ତେର ଅର୍ଥବ୍ୟୟ କଲେ ।
>
> ଫକୀରମୋହନ, ଗଳ୍ପସ୍ୱଳ୍ପ ।

[ଦ୍ର—ଏହା କୌଣସି ଶାସ୍ତ୍ରାନୁମୋଦିତ ନୁହେ । ଏଥିରେ ପଇସାକର ପାନ, ପଇସାକର ତେଲ ଓ ପଇସାକର ଗଞ୍ଜେଇ ତିନି ଦେବତାଙ୍କ ନାମରେ ଉତ୍ସର୍ଗ କରାଯାଏ ଓ ଗୀତ ବୋଲାଯାଏ । ତେଲ ସାପରେ ଜଳେ, ପାନ ଓ ଗଞ୍ଜେଇକୁ ଉପସ୍ଥିତ ଭକ୍ତମାନେ ଖାଆନ୍ତି ।]

ତ୍ରିପକ୍ଷୀ—ଦେ. ବି (ସଂ. ତ୍ରିପକ୍ଷୀୟ)—ମୃତ ବ୍ୟକ୍ତିର ମୃତ୍ୟୁ ଦିବସଠାରୁ
Tripakshi ୪୫ ଦିନ ପରେ କରାଯିବା ଶ୍ରାଦ୍ଧ—A Sraddha performed on the forty-fifth day of one's death.

ତ୍ରିପଞ୍ଚାଶତ୍—ସଂ. ବି ଓ ବିଣ (ତ୍ରିଅଧିକ ପଞ୍ଚାଶତ୍; ମ. ପ. ଲୋ.)—
Tripañchāsat ତେପନ; ୫୩—Fifty-three.

ତ୍ରିପଟା—ଦେ. ବି (ସଂ. ତ୍ରିପୁଟା)—ତିନିତାଳବିଶିଷ୍ଟ ସଙ୍ଗୀତ—
Tripaṭā A song having three stops.

ତ୍ରିପଣ୍ଡ—ସଂ. ବିଣ. (ତ୍ରି=ଧର୍ମ, ଅର୍ଥ, କାମ+ପଣ୍ଡ=ବ୍ୟର୍ଥ; ଯେ ଧର୍ମ,
Tripaṇḍa ଅର୍ଥ କାମକୁ ପଣ୍ଡ କରେ)—୧ । ଦୁରାତ୍ମା; ଦୁର୍ବୃତ୍ତ—
1. Wicked.
୨ । ଖଳ; ଶଠ; ପ୍ରତାରକ—
2. Cheating; fraudulent; deceitful.

ଦେ. ବି.—୧ । ବଦାକାର—1. Ugly.

ବିଶେଷ ବିଣ.—୧ । ଭୟଙ୍କରରୂପେ; ଭୟାନକରୂପେ—
1. Frightfully.
୨ । ଅତ୍ୟନ୍ତ—2. Very.

୧	ଇ	ଉ	ରୂ,ଋ	ଋ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍ୟ	ଉ୍ଥ	ଘ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୠ	ନ

ତ୍ରିପଣ୍ଡ କଳା—ଦେ. ବଣ.—ଘୋର କୃଷ୍ଣବର୍ଣ୍ଣ—
Tripanda kala — Very black coloured.
(ତ୍ରିପଣ୍ଡ କାଳଆ—ଅନ୍ୟରୂପ) ମୁଣ୍ଡଃ ବଡ଼ପଣ୍ଡା ମୁଣ୍ଡପର ତ୍ରିପଣ୍ଡ କଳା ।
(ତ୍ରିପଣ୍ଡ କାଳୀ—ସ୍ତ୍ରୀ) ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ତ୍ରିପତାକ—ସଂ. ବଣ. (ବହୁବ୍ରୀହି; ତ୍ରି+ପତାକା; ପତାକା ପର ତନ୍ତ୍ର-
Tripataka ତ୍ରୟବିଶିଷ୍ଟ)—ପତାକାତ୍ରୟବିଶିଷ୍ଟ —Having three flags.
(ତ୍ରିପତାକା—ଅନ୍ୟରୂପ)
ବି.—୧ । ପତାକାବତ୍ ରେଖାତ୍ରୟ ଅଙ୍କିତ ଲଲାଟ—
1. A brow having three flag-like lines or folds.
୨ । ମଧ୍ୟମା ଓ ଅନାମିକା ଅଙ୍ଗୁଳ ଛଡ଼ା ଅନ୍ୟ ତିନ ଅଙ୍ଗୁଳ ବିଶିଷ୍ଟ ହସ୍ତ—2. A palm of hand having three fingers only (i.e without the middle and the ring fingers).

ତ୍ରିପତି—ଦେ. ବି. (ନାମ)—(ସଂ. ତ୍ରି+ପତି)—୧ । ମାନ୍ଦ୍ରାଜ
Tripati ପ୍ରଦେଶର ଆରକଟ ଜିଲ୍ଲାର ଚନ୍ଦ୍ରଗିରି ତାଲୁକାର ପ୍ରଧାନ ନଗର; ତିରୁପତି—1. Name of a sub-division town and place of pilgrimage in Madras presidency; Tirupati.

[ଦ୍ର—ଏହା ଭାରତର ଗୋଟିଏ ସୁପ୍ରସିଦ୍ଧ ତୀର୍ଥ । ଏସ୍ଥାନର ତିରୁମଲ ପର୍ବତ ଉପରେ ଦେବମନ୍ଦିର ପ୍ରତିଷ୍ଠିତ । ଏହି ପର୍ବତ ସପ୍ତଶୃଙ୍ଗବିଶିଷ୍ଟ । ଛଅଗୋଟି ଶୃଙ୍ଗ ଅତିକ୍ରମ କରି ଗଲେ ଶେଷାଚଳ ନାମକ ସପ୍ତମ ଶୃଙ୍ଗରେ ଶ୍ରୀନିବାସ ଦେବଙ୍କର ମନ୍ଦିର ଦୃଷ୍ଟିଗୋଚର ହୁଏ । ଏହାର ଅନ୍ୟ ନାମ ବେଙ୍କଟାଦ୍ରି । ଏ ଦେବବିଗ୍ରହ ଶ୍ରୀନିବାସଦେବ ବାଲାଜି ନାମରେ ବୈଷ୍ଣବମାନଙ୍କଦ୍ୱାରା ଅଭିହିତ ହୁଅନ୍ତି । ବାଲାଜି, ଶ୍ରୀ ଓ ଭୂ ଶକ୍ତିଦ୍ୱୟସମନ୍ୱିତ କୃଷ୍ଣପ୍ରସ୍ତରନିର୍ମିତ ଚତୁର୍ଭୁଜ ବିଷ୍ଣୁମୂର୍ତ୍ତି । ଏଠାରେ ସ୍ୱାମୀ ତୀର୍ଥ, ପାଣ୍ଡବ ତୀର୍ଥ ଓ କପିଳ ତୀର୍ଥମାନ ଅଛି । ଏଠାରେ ରାମାନୁଜ ଜନ୍ମଗ୍ରହଣ କରିଥିଲେ । (ମଦନମୋହନ. ତୀର୍ଥଦର୍ଶନ) । ଏ ମନ୍ଦିରର ଖଞ୍ଜା ବୃତ୍ତିରୁ ବାର୍ଷିକ ୧୨ ଲକ୍ଷ ଟଙ୍କା ଅଦାୟ ହୋଇ ଏହି ଦେବଙ୍କ ସେବାପୂଜାରେ ବ୍ୟୟିତ ହୁଏ ।
୨ । ଭଗବାନ; ବିଷ୍ଣୁ—2. Bishnu.
ତ୍ରିପତି ପାଦେ ମୋ ପ୍ରଣତି
ଯେଷେ ହୋଇବ ମୋର ଗତି । ଜଗନ୍ନାଥ. ଭାଗବତ ।

ତ୍ରିପତ୍ର—ସଂ. ବଣ. (ବହୁବ୍ରୀହି; ତ୍ରି+ପତ୍ର) – ତିନ ଗୋଟି ପତ୍ରବିଶିଷ୍ଟ—
Tripatra Trefoil; having three leaves attached to a stalk.
ବି.—୧ । ବେଲପତ୍ରୀ—1. The Bel leaves (having three leaves together.
୨ । ବେଲଗଛ—2. The Bel tree.
୩ । କୁଶତ୍ରୟରେ ରଚିତ ଦୈବ ଓ ପୈତ୍ରକାର୍ଯ୍ୟରେ ବ୍ୟବହୃତ ମୋଡ଼ା—3. Three blades of kusa grass coiled together.

ତ୍ରିପତ୍ରୀ—ଦେ. ବି.(ସଂ ତ୍ରି+ପତ୍ରୀ)—ତିନଗୋଟି କାଣ୍ଡ—
Tripatri Three arrows.
ଯେବେ ତେତେକା ପାଉଥିଲେ ପତନ ହୋଇ ତ୍ରିପତ୍ରୀ ମନ୍ତ୍ର ପୂରଃ ମାରିଁ ସେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

ତ୍ରିପଥ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ପଥ)—୧ । ତିଛକି; ତିନ
Tripatha ଛକି ବାଟ—1. The meeting of three roads.
୨ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—2. Heaven, earth and the nether regions.
୩ । ତିନଗୋଟି ବାଟ—3. Three ways.
୪ । ଧର୍ମ ସାଧନର ତିନି ମାର୍ଗ (କର୍ମ, ଜ୍ଞାନ ଓ ଉପାସନା)—
4. The three ways for worshipping.

ତ୍ରିପଥଗା—ସ.ବି.ସ୍ତ୍ରୀ—(ତ୍ରିପଥ=ସ୍ୱର୍ଗ, ମର୍ତ୍ତ୍ୟ. ପାତାଳ+ଗମ୍+କର୍ତ୍ତୃ.ଅ)
Tripathaga ଗଙ୍ଗା—The Ganges (flowing in the
(ତ୍ରିପଥଗାମିନୀ—ଅନ୍ୟରୂପ) Heaven, the earth and the nether world).
ବଣ. ସ୍ତ୍ରୀ.—ତିନ ବାଟରେ ବୋହି ଯାଉଥିବା—
Flowing in three ways.

ତ୍ରିପଦ—ସଂ. ବଣ. (ତ୍ରି+ପଦ)—ଯାହାର ତିନଟି ଗୋଡ଼ ଥାଏ;
Tripada ତିନଗୋଡ଼ିଆ—Three-legged.
(ତ୍ରିପଦା—ସ୍ତ୍ରୀ) ସଂ. ବି—୧ । ତିପାଇ; ତିନଗୋଡ଼ିଆ ଷ୍ଟୁଲ ବା ଟେବଲ—1 Tripod.
୨ । ତ୍ରିଭୁଜ—2. Triangle.

ତ୍ରିପଦା—ସଂ. ବି. (ତ୍ରିପଦ+ଆ)—ଗାୟତ୍ରୀ (ଦେଖ)
Tripada Gayatri (See)

ତ୍ରିପଦିକା—ସଂ. ବି. ସ୍ତ୍ରୀ—ତ୍ରିପଦୀ (ଦେଖ)
Tripadika Tripadi (See)

ତ୍ରିପଦୀ—ସଂ. ବି. ସ୍ତ୍ରୀ. (ତ୍ରି+ପଦ+ସ୍ତ୍ରୀ. ଈ)—
Tripadi ୧ । ତିପାହି; ତିନଗୋଡ଼ିଆ ଟେବଲ—1. Tripod.
(ତ୍ରିପଦିକା—ଅନ୍ୟରୂପ) ୨ । ଛନ୍ଦୋବିଶେଷ—
2. Name of a metre; Trochæ.
[ଦ୍ର—ଏହି ଛନ୍ଦର ପ୍ରଥମାର୍ଦ୍ଧରେ ତିନି ଚରଣ ଥାଏ ଓ ତିନି ସ୍ଥାନରେ ଯତିପାତ ହୁଏ ।]
୩ । ହସ୍ତୀର ପଦବନ୍ଧନ ରଜ୍ଜୁ—3. The chain with which the legs of an elephant are tied.
୪ । ତିନଗୋଡ଼ିଆ ଶଙ୍ଖାଧାର—
4. A tripod for putting conch on it.
୫ । ଗୋଧାପଦୀ ବା ହଂସପଦୀ ଗୁଳ୍ମ—
5. A kind of plant.
୬ । ତିନଶ୍ଲୋକବିଶିଷ୍ଟ କବିତା—
6. A poem with tree stanzas.

୭ । ବଣିଆଙ୍କ ଝଟେଇ—7. A three-legged stool used by goldsmiths.

୮ । ଗାୟତ୍ରୀ (ଦେଖ)—8. Gāyatrī (See)

ତ୍ରିପର୍ଣ୍ଣ—ସଂ. ବି—ପଳାଶବୃକ୍ଷ—A kind of tree; (Butea Frondosa).
Triparṇṇa

ବିଣ—ତିନି ପତ୍ରଯୁକ୍ତ—Trifoliate.

ତ୍ରିପର୍ଣ୍ଣୀ—ସଂ. ବି. ସ୍ତ୍ରୀ—୧ । ଶାଳପର୍ଣ୍ଣୀ ଶାକ—
Triparṇṇī 1. A medicinal potherb; Gangetic Hedysarum.
(ତ୍ରିପର୍ଣ୍ଣିକା—ଅନ୍ୟରୂପ)

୨ । ପୃଶ୍ନିପର୍ଣ୍ଣୀ ଶାକ—
2. A medicinal potherb.

୩ । ବନକାର୍ପାସ—
3. A wild variety of cotton tree.

୪ । ଶାଳପର୍ଣ୍ଣୀ (ଦେଖ)—
4. Śālaparṇṇī (See)

ତ୍ରିପାଠୀ—ସଂ. ବିଣ—ଯେ ତିନି ବେଦ ପାଠ କରିଅଛି—
Tripāṭhī Learned in the 3 Bedas.

ବି—ବ୍ରାହ୍ମଣମାନଙ୍କର ଉପାଧିବିଶେଷ; ତିବାଡ଼ୀ; ତେବାରୀ—
A family-title of certain Brāhmaṇs.

ତ୍ରିପାଦ—ସଂ. ବି. (ବହୁବ୍ରୀହି; ତିନି ଗୋଟି ପାଦ ଯାହାର; ବାମନ
Tripāda ଅବତାରରେ ବିଷ୍ଣୁ ୩ ଗୋଟି ପାଦ ଧାରଣ କରିଥିବାରୁ)—

୧ । ବିଷ୍ଣୁ—1. Bishṇu.

୨ । ଜ୍ୱର—2. Fever.

[ଦ୍ର—ଜ୍ୱରପୁରୁଷର ତିନି ଗୋଟି ଗୋଡ଼ ଥିବାର ପୁରାଣରେ ଲେଖା ଅଛି ।]

୩ । ତ୍ରେତାଯୁଗର ଧର୍ମସ୍ୱରୂପ ବୃଷ—3. A three-legged bull said to represent the piety observed duing the 2nd mythical age of the Hindus.

ବିଣ—ତିନି ପାଦପରିମିତ—
Measured by three foot-steps.

ତ୍ରିପିଟକ—ସଂ. ବି. (ତ୍ରି+ପିଟକ=ବୌଦ୍ଧଧର୍ମଗ୍ରନ୍ଥ)—ବୌଦ୍ଧଧର୍ମ
Tripiṭaka ଗ୍ରନ୍ଥ—The Buddhist scripture.

[ଦ୍ର—ବୁଦ୍ଧଙ୍କ ଉପଦେଶମାନ ତାଙ୍କ ମୃତ୍ୟୁ ପରେ ତାଙ୍କ ଭକ୍ତମାନେ ସଂଗ୍ରହ କରି ଏ ଗ୍ରନ୍ଥ ରଚନା କରିଥିଲେ । ଏହା ୩ ଭାଗ (ପିଟକ)ରେ ବିଭକ୍ତ, ଯଥା—ସୂତ୍ରପିଟକ, ବିନୟପିଟକ ଓ ଅଭିଧର୍ମପିଟକ । ୧. ସୂତ୍ରପିଟକରେ ବୁଦ୍ଧ ଭିନ୍ନ ଭିନ୍ନ ଘଟଣାରେ ଦେଇଥିବା ସାନ ବଡ଼ ଉପଦେଶମାନ ଲିଖିତ ହୋଇଅଛି । ୨. ବିନୟପିଟକରେ ବୌଦ୍ଧ. ଭିକ୍ଷୁ ଓ ଶ୍ରାବକମାନଙ୍କ ଅନୁସରଣୀୟ ନିୟମମାନ ରହିଅଛି । ୩. ଅଭିଧର୍ମପିଟକରେ ତତ୍ତ୍ୱ, ନୈତିକ ଧର୍ମ ଓ ନିର୍ବାଣ ବର୍ଣ୍ଣିତ ହୋଇଅଛି । ଏହି ଅଭିଧର୍ମପିଟକ ବୌଦ୍ଧ ଦର୍ଶନର ମୂଳଭୂଅ । ବୌଦ୍ଧମାନେ ମହା ଯାନ, ମଧ୍ୟମ ଯାନ ଓ ହୀନ ଯାନ ଏହି ପରି ତିନିଗୋଟି ସଂପ୍ରଦାୟରେ ବିଭକ୍ତ । ମହାଯାନ ତ୍ରିପିଟକ ସଂସ୍କୃତ ଭାଷାରେ ଲିଖିତ ଓ ଏହା ନେପାଳ, ତିବ୍ବତ, ଚୀନ, ଆସାମ, ଭୁଟାନ, ରୁଷିଆ ଓ ଜାପାନରେ ଆଦୃତ । ହୀନଯାନ ତ୍ରିପିଟକ ପାଲି ଭାଷାରେ ଲିଖିତ ଓ ଏହା ବ୍ରହ୍ମଦେଶ, ଶ୍ୟାମ ଓ ଲଙ୍କାରେ ଦୃତ । ତ୍ରିପିଟକର ମଧ୍ୟମଯାନ ସଂସ୍କରଣ ବର୍ତ୍ତମାନ ମିଳୁ ନାହିଁ ।

ବୁଦ୍ଧଙ୍କ ନିର୍ବାଣ ପରେ ତାଙ୍କ ଶିଷ୍ୟମାନେ ତ୍ରିପିଟକକୁ ସଂଗ୍ରହ କରି ରାଜଗୃହ ନିକଟସ୍ଥ ଏକ ଗିରିଗୁହାରେ ରଖିଥିଲେ । ପରେ ଅଶୋକ ଗୋଟିଏ ବୌଦ୍ଧଭିକ୍ଷୁ ସମ୍ମିଳନୀ ଆହ୍ୱାନ କରି ତହିଁରେ ଆଲୋଚନା ପରେ ତ୍ରିପିଟକର ଗୋଟିଏ ବିଶୁଦ୍ଧ ସଂସ୍କରଣ ପାଲି ଭାଷାରେ ସମ୍ପାଦନ କଲେ । ଏହାହିଁ ହୀନଯାନମାନଙ୍କ ଗ୍ରନ୍ଥ । ତ୍ରିପିଟକରେ ନାରାୟଣ, ଜନାର୍ଦ୍ଦନ, ଶିବ, ବ୍ରହ୍ମା, ବରୁଣ ଆଦି ଦେବତାମାନଙ୍କର ନାମ ଉଲ୍ଲେଖ ଅଛି—ହି. ଶବ୍ଦସାଗର ।]

ତ୍ରିପିବ—ସଂ. ବି. (ତ୍ରି+ପା ଧାତୁ+ଅ)—ଏକ ପ୍ରକାର ଲମ୍ବ କାନ
Tripiba ଥିବା ଅଣ୍ଡିରା ଛେଳି—
A kind of long-eared he-goat.

[ଦ୍ର—ଏ ପାଣି ପିଉଥିବେଳେ ଏହାର ଦୁଇ କାନ ପାଣିରେ ଲାଗେ । ମନୁଙ୍କ ମତରେ ଏପରି ଛେଳିର ମାଂସ ପିତୃକର୍ମ ପାଇଁ ବିଶେଷ ଉପଯୁକ୍ତ ।]

ତ୍ରିପିଷ୍ଟପ—ସଂ. ବି. (ତ୍ରି+ପିଷ୍ଟପ+ଭୁବନ)—
Tripishṭapa ୧ । ତୃତୀୟ ଭୁବନ, ସ୍ୱର୍ଗ—1. Heaven.

୨ । ତ୍ରିଲୋକ; ତ୍ରିଭୁବନ—
2. The three worlds (heaven, earth and nether world).

୩ । ଆକାଶ—3. The sky.

ତ୍ରିପୁଟ—ସଂ. ବି. (ବହୁବ୍ରୀହି; ତ୍ରି+ପୁଟ=ଆଚ୍ଛାଦନ ଯାହାର)—
Tripuṭa ୧ । ମସୁର; ଖେସାରି—
1. A kind of pulse; Lathyrus Sativus.

୨ । ଶର; ତୀର—2. Arrow.

୩ । ତଟ; ତୀର—3. Shore.

୪ । ତାଲା; କୋଲପ—4. A padlock.

୫ । ଗୋକ୍ଷୁର (ଦେଖ)—
5. Gokshura (See).

୬ । ମଟର (ହି. ଶବ୍ଦସାଗର)—6. Pea.

ବିଣ—ତ୍ରିଗୁଣିତ—Threefold (M. W.).

ତ୍ରିପୁଟା—ସଂ. ବି. ସ୍ତ୍ରୀ. (ତ୍ରିପୁଟ+ସ୍ତ୍ରୀ. ଆ)—୧ । ମଲ୍ଲୀଫୁଲ—
Tripuṭā 1. Jasmine flower; Arabian jasmine(M.W).

୨ । ବଡ଼ ଅଲେଇଚ—2. The large cardamom.

୩ । ସୂକ୍ଷ୍ମଏଳା; ଛୋଟ ଅଲେଇଚ—
3. The small cardamom.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଞ୍ଚ	ଙ୍ଗ	ଯ
୨	ଈ	ଊ	ଋୂ	ଌୂ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଗଁ	ଞ୍ଚ	ଙ୍ଗ	ନ୍

୪ । ତନ୍ତ୍ର—4. The Tantras.

୫ । ତନ୍ତ୍ରୋକ୍ତ ଅଧିଷ୍ଠାତ୍ରୀ ଦେବୀବିଶେଷ—
5. Name of a Goddess.

୬ । ସଙ୍ଗୀତର ରାଗିଣୀବିଶେଷ—
6. A name of a mode in music.

ତ୍ରିପୁଟୀ—ସଂ. ବି. ସ୍ତ୍ରୀ. (ତ୍ରିପୁଟ + ସ୍ତ୍ରୀ. ଈ)—୧ । ଏରଣ୍ଡ ଗଛ; ଗବ
Triputi ଗଛ—1. The castor plant.

୨ । ଖେସାରୁ—2. A kind of pulse.

୩ । ତିହୁଡ଼ି (ଦେଖ)—3. Tihurdi (See)

ତ୍ରିପୁଣ୍ଡ (ଇତ୍ୟାଦି)—ଦେ. ବିଣର ବିଣ—ତ୍ରିପଣ୍ଡ ଇତ୍ୟାଦି (ଦେଖ)
Tripunda (etc) Tripanda etc (See)

ତ୍ରିପୁଣ୍ଡ୍ର—ସଂ. ବି. (ସମାହାର ଦ୍ୱିଗୁ; ତ୍ରି + ପୁଣ୍ଡ୍ର—ଅଙ୍କ; ଅଙ୍କ ପର
Tripundra ଲମ୍ବ ୩ ରେଖା)—ଭସ୍ମଚନ୍ଦନାଦିଦ୍ୱାରା କପାଳରେ
(ତ୍ରିପୁଣ୍ଡ୍ରକ—ଅନ୍ୟରୂପ) କଟାଯିବା ସମାନ୍ତର ୩ଟି ଗାର—
A triple sectarian mark on the forehead with ashes or paste consisting of three parallel horizontal lines or streaks.
[ଦ୍ର—ଏହି ଚିତାକୁ ଶୈବମାନେ ତିନିଗୋଟି ଆଡ଼ବାଗିଆ ଗାରରୂପେ କପାଳରେ ଧାରଣ କରନ୍ତି ।]

୨ । ବୈଶ୍ୟମାନେ କପାଳରେ କାଟିବା ଚିତା—
2. The sandal paste mark put on the brow by the Baisyas
(ଏଥିର ଶାସ୍ତ୍ରବଚନ—ଊର୍ଦ୍ଧ୍ୱ ପୁଣ୍ଡ୍ରଂ ବ୍ରାହ୍ମଣସ୍ୟ କ୍ଷତ୍ରିୟସ୍ୟ ଦ୍ୱିପୁଣ୍ଡ୍ରକଂ ତ୍ରିପୁଣ୍ଡ୍ରକଂ ତୁ ବୈଶ୍ୟସ୍ୟ ବର୍ତ୍ତୁଳଃ ଶୂଦ୍ର ଜାତସ୍ତୁ ।)

ତ୍ରିପୁତି—ଗ୍ରା. ବି. (ସଂ. ତୃପ୍ତି)—ତୃପ୍ତି; ସନ୍ତୋଷ—
Triputi Satisfaction; contentment; satiety,
ত্রিপ্তি ବିଣ.(ସଂ. ତୃପ୍ତ)—ତୃପ୍ତ; ସନ୍ତୁଷ୍ଟ—
ত্রিপিতি Satisfied; contented.
ଶୁଣି କରୁ ସ୍ନାନ କଲେ ସେ, ଖାଇ ତ୍ରିପୁତି ହୋଇଲେ ସେ ।

ତ୍ରିପୁର—ସଂ. ବି.—(ଦ୍ୱିଗୁ; ତ୍ରି + ପୁର)—୧ । ମୟଦାନବ ନିର୍ମିତ
Tripura ସୁନା, ରୁପା ଓ ଲୁହାର ତିନିଗୋଟି ନଗର ବା ଦୁର୍ଗ—
1, Three fabulous cities or fortresses constructed by the Titan Mayadānaba,
[ଦ୍ର—ଏଥିରେ ତାରକାସୁରର ତିନି ପୁଅ ତାରକାକ୍ଷ, କମଳାକ୍ଷ ଓ ବିଦ୍ୟୁନ୍ମାଳୀ ବାସ କରୁଥିଲେ । ସ୍ୱର୍ଣ୍ଣପୁର ସ୍ୱର୍ଗରେ, ରୌପ୍ୟପୁର ଅନ୍ତରୀକ୍ଷରେ ଓ ଲୌହପୁର ମର୍ତ୍ତ୍ୟରେ ଥିଲା । ଶିବ ଗୋଟିଏ ବାଣରେ ଏ ତିନିପୁରକୁ ପୋଡ଼ି ଏ ତିନି ଅସୁରଙ୍କୁ ମାରି ପକାଇଥିଲେ ।]

୨ । ତ୍ରିପୁରାସୁର; ତାରକାସୁରର ତିନି ପୁତ୍ର—
2. Name of three demons; sons of Tārakāsura,

୩ । ବାଣାସୁର (ଦେଖ)—3. Bānāsura (See).

୪ । ତାରକାସୁର (ଦେଖ)—4. Tārakāsura (See).

୫ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—5 The Heaven, the earth and the nether worlds.
ତ୍ରିଗୁଣ, ତ୍ରିବେଦ, ତ୍ରିପୁର—ଅଣିଷା ଶକ୍ତି ଏ ତେ·ହର । ଭୂପତି. ପ୍ରେମପଞ୍ଚାମୃତ ।

ତ୍ରିପୁରଘ୍ନ—ସଂ. ବି. ପୁଂ—(ତ୍ରିପୁର + ହନ ଧାତୁ + କର୍ତ୍ତୃ. କ୍ୱିପ୍)—
Tripuraghana ମହାଦେବ—Śiba.
(ତ୍ରିପୁରଦହନ, ତ୍ରିପୁର ମର୍ଦ୍ଦନ, ତ୍ରିପୁରାରି, ତ୍ରିପୁରାନ୍ତକ—ଅନ୍ୟରୂପ)

ତ୍ରିପୁର ପର—ସଂ. ବି.—ମହାଦେବ—
Tripura para Śiba.
ତ୍ରିପୁରପର ଦମନ କର ନୂପୁର ଝମକ ଉଠ ସଂଗ୍ରାମ ଠମକ କେତେ ଜମକ ।
ଭକ୍ତ. ପ୍ରେମସୁଧାନିଧି ।

ତ୍ରିପୁର ଭୈରବୀ—ସଂ. ବି. ସ୍ତ୍ରୀ—କାଳିକା ପୁରାଣୋକ୍ତ ଦେବୀବିଶେଷ—
Tripura bhairabi An incarnation of Durgā mentioned in the Kālikā purāna.

ତ୍ରିପୁର ମଲ୍ଲୀ—ସଂ. ବି.—ତିବାଇମଲ୍ଲୀ; ମଗୁରି ମଲ୍ଲି—
Tripura malli Treble-pettalled jasmine.
(ତ୍ରିପୁର ମଲ୍ଲିକା—ଅନ୍ୟରୂପ)

ତ୍ରିପୁରା—ସଂ. ବି. ସ୍ତ୍ରୀ—୧ । ତନ୍ତ୍ରୋକ୍ତ ଦେବୀବିଶେଷ—
Tripurā 1. Name of a Goddess.
ତିନି ପୁରେଣ ଏକ ଦେହୀ,
ତେଣୁ ତ୍ରିପୁରା ନାମ ହୋଇ । ଯଶୋବନ୍ତ. ପ୍ରେମଭକ୍ତି ଗୀତା ।

୨ । ଦୁର୍ଗା—2. Durgā.

୩ । ଆସାମର କାମାକ୍ଷ୍ୟା ଦେବୀଙ୍କର ଏକ ମୂର୍ତ୍ତି—
3. An image of the Goddess Kāmākhyā in Assam.

୪ । ପ୍ରାଚୀନ ଦେଶୀ ରାଜ୍ୟ; ଆଧୁନିକ ତ୍ରିପୁରା ଦେଶ; ଟିପାରା—
4. Tipperah (state, district and town in Bengal).

ଦେ. ବି—ତିନିପରସ୍ତ ପାଖୁଡ଼ା ଥିବା (କଳା ଓ ଧଳା) ଧୂତୁରା ଫୁଲ—The treble petalled Dhatura flower.

ତ୍ରିପୁରାରି ଦାସ—ଦେ. ବି (ନାମ)—ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ କବି-
Tripurāri dāsa ବିଶେଷ—Name of an Oria poet of the eighteenth century A. D.
[ଦ୍ର—କେବଳଗୀତା, କଠପାସ୍ତ୍ର, ରାଧାକୃଷ୍ଣ କେଳିକଲ୍ଲୋଳ ଓ ରାମକୃଷ୍ଣ କେଳିକଲ୍ଲୋଳ ଏହି କବିଙ୍କ ବିରଚିତ ଗ୍ରନ୍ଥ । (ଭାରଣୀ-ଉତ୍କଳ-ସାହିତ୍ୟ, ଇତିହାସ) । ଏ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗର କବି ଅଟନ୍ତି । (ଜଗବନ୍ଧୁ ପ୍ରାଚୀନ ଉତ୍କଳ) ।]

ତ୍ରିପୁରୀ—ସଂ. ବି. ସ୍ତ୍ରୀ—ଟିପାରା ଜିଲ୍ଲା, ରାଜ୍ୟ ଓ ନଗର—
Tripuri Tipperah district, town and state (in Bengal).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ'ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ ଦେଖିବେ

ତ୍ରିପୁଷ—ଦେ. ବି (ନାମ)—ପ୍ରାଚୀନ ଉତ୍କଳର ଜଣେ ବଣିକ୍—
Tripusha Name of a merchant of ancient Utkal.

[ଦ୍ର—ଏ ଭଲ୍ଲିକ ନାମରେ ଅନ୍ୟ ଜଣେ ବଣିକ ସଙ୍ଗରେ ପଣ୍ୟଭରା ଶକଟରେ ପଣ୍ୟଦ୍ରବ୍ୟ ନେଇ ମଗଧକୁ ଯାଉଥିଲେ । ବାଟରେ ଏ ଦୁହେଁ ବୁଦ୍ଧଦେବଙ୍କୁ ଦେଖିଲେ ଓ ବୁଦ୍ଧ ତପସ୍ୟା ସାଧନ ପରେ କ୍ଷୁଧାର୍ତ୍ତ ଥିବାରୁ ଏମାନେ ତାଙ୍କୁ ମହୁ ଆଦି ଦେଲେ ଓ ଓ ବୁଦ୍ଧଙ୍କ ଦ୍ୱାରା ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ । ଚୈତ୍ୟ ନିର୍ମାଣ ପାଇଁ ବୁଦ୍ଧ ଏମାନଙ୍କୁ ନିଜର ନଖ ଓ କେଶ ଦେଇଥିଲେ । ଏ ଦୁହେଁ ଦେଶକୁ ଫେରିଆସି ଶିଳାଗନ୍ଧି ନାମରେ ଗୋଟିଏ ଚୈତ୍ୟ ତିଆରି କରିଥିଲେ । ବନାସ୍ପୁଟ ଶିଳ୍ପ ସଙ୍କାର ୧୦।୧୦ ।]

ସଂ. ବି—୧ । କାକୁଡ଼ି—1. Cucumber.

୨ । ଗହମ—2. Wheat.

ତ୍ରିପୁଷ୍କର—ସଂ. ତ (ସମାହାର ଦ୍ୱିଗୁ; ତ୍ରି+ପୁଷ୍କର)—୧ । ପୁଷ୍କର ତିଥି,
Tripushkara ପୁଷ୍କର ନକ୍ଷତ୍ର ଓ ପୁଷ୍କର ବାରରେ ଘଟିବା ମୃତ୍ୟୁଯୋଗବିଶେଷ—An inauspicious combination of certain days at the time of one's death.

[ଦ୍ର—ପୁଷ୍କର ତିଥି ଯଥା—୨ୟା, ୭ମୀ ଓ ଦ୍ୱାଦଶୀ । ପୁଷ୍କର ନକ୍ଷତ୍ର ଯଥା—ପୁନର୍ବସୁ, ଉତ୍ତରାଷାଢ଼ା, କୃତ୍ତିକା, ଉତ୍ତରଫାଲ୍‌ଗୁନୀ, ପୂର୍ବାଫାଲ୍‌ଗୁନୀ ଓ ବିଶାଖା । ପୁଷ୍କର ବାର ଯଥା—ରବି, ଶନି ଓ ମଙ୍ଗଳ । ଯାହାର ମୃତ୍ୟୁ ସମୟରେ ଏହି ତିନିଗୋଟି ପୁଷ୍କର ଘଟେ ତାହାର ତ୍ରିପୁଷ୍କର ଦୋଷ ଘଟେ । ଏହି ଦୋଷ ଘଟିଲେ ମୃତବ୍ୟକ୍ତିର ବଂଶ ଓ ବାସ୍ତୁ ବିନଷ୍ଟ ହୁଏ; ଏହି ଯୋଗରେ ଜନ୍ମିବା ସନ୍ତାନର ଜାରଜ ଯୋଗ ବୋଲି ଜ୍ୟୋତିଷୀମାନେ କହନ୍ତି । ତ୍ରିପୁଷ୍କରରେ କୌଣସି ଦାନ ଘଟିଲେ ସେହିପରି ଦାନ ପରେ ଆଉ ଦୁଇ ଥର ଘଟିବ ଓ ଲାଭ ଘଟିଲେ ସେହିପରି ଲାଭ ଆଉ ଦୁଇ ଥର ଘଟିବ ବୋଲି ଜ୍ୟୋତିଷିକମାନେ ବିଶ୍ୱାସ କରନ୍ତି ।]

୨ । ବ୍ରହ୍ମାଙ୍କକୃତ ତୀର୍ଥବିଶେଷ—
2. Name of a place of Hindu pilgrimage.

୩ । କନିଷ୍ଠା, ମଧ୍ୟମା ଓ ଜନଷ୍ଠାକୁ ଟେକିଲେ କରତଳରେ ଯେଉଁ ଆଧାର ଗଠିତ ହୁଏ (ପ୍ରକୃତିବାଦ)—
3. The cup-shaped palm formed by erecting the little finger, the middle finger and the thumb.

ତ୍ରିପୁଷ—ସଂ. ବି—ରଙ୍ଗା; ଟିଣ ଧାତୁ (ହରେକୃଷ୍ଣ ଦ୍ରବ୍ୟଗୁଣ)—
Tripusa Tin (metal).

ତ୍ରିଫଳା—ସଂ. ବି. ସ୍ତ୍ରୀ (ତ୍ରି+ଫଳ; ସମାହାର ଦ୍ୱିଗୁ)—ହରିଡ଼ା,
Triphalā ବାହାଡ଼ା ଓ ଅଁଳା ଏହି ତିନି ଫଳର ସଂଯୋଗ—
(ତ୍ରିଫଳୀ—ଅନ୍ୟରୂପ) A combination of myrobalan, belleric myrobalan and emblic myrobalan (prescribed in the Āyurbeda).

[ଦ୍ର—ବୈଦ୍ୟଶାସ୍ତ୍ର ମତରେ ଏହା ଚକ୍ଷୁର ହିତକର, ଅଗ୍ନିଦୀପକ, ରୁଚିକାରକ ଓ ସାରକ; ଏହା କଫ, ପିତ୍ତ, ମେହ, କୁଷ୍ଠ ଓ ବିଷମ ଜ୍ୱର ବିନାଶକ; ଏଥିର ଚୂର୍ଣ୍ଣ କରିବାକୁ ହେଲେ ୧ ଭାଗ ହରିଡ଼ା, ୨ ଭାଗ ବାହାଡ଼ା ଓ ୩ ଭାଗ ଅଁଳା ମିଶାଇବାକୁ ହୁଏ । ତ୍ରିଫଳାରେ ନାନାପ୍ରକାର କ୍ୱାଥ, ପାଚନ, ଘୃତ ଓ ତୈଳ ପ୍ରସ୍ତୁତ ହୁଏ ।]

ତ୍ରିବର୍ଗ—ସଂ. ବି (ସମାହାର ଦ୍ୱିଗୁ; ତ୍ରି+ବର୍ଗ)—୧ । ସଂସାରୀର
Tri barga ତିନିଗୋଟି ଉଦ୍ଦେଶ୍ୟ, ଯଥା—ଧର୍ମ୍ମ, ଅର୍ଥ ଓ କାମ—
1. The three pursuits or desires of a worldly man, viz. virtue, wealth, and desires.

୨ । ସୃଷ୍ଟି, ସ୍ଥିତି ଓ ଲୟ—
2. Creation, preservation and destruction.

୩ । ସତ୍ତ୍ୱ, ରଜଃ ଓ ତମଃ—3. The three primary qualities of Nature (good, medium and evil).

୪ । ତ୍ରିଫଳା—4. The three myrobalans.

୫ । ତ୍ରିକଟୁ—5. The three pungent drugs.

୬ । ଆୟ, ସ୍ଥିତି ଓ ବ୍ୟୟ—
6. Income, saving and expenditure.

ତ୍ରିବର୍ଗ ସାଧନ—ସଂ. ବି—ସଂସାରୀର ପ୍ରଧାନ ତିନିଗୋଟି ଆକାଂକ୍ଷାର
Tribarga sādhana ପୂରଣ—Consummation or fulfilment of the three main aims of a worldly man.

ଣ—ଯାହାଦ୍ୱାରା ତ୍ରିବର୍ଗ ସିଦ୍ଧ ହୁଏ—Bringing about the fulfilment of the threefold aim of man.

ତ୍ରିବର୍ଣ୍ଣ—ସଂ. ବି—୧ । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ—
Tribarnna 1. The three higher castes amongst the Hindus.

୨ । ବଣକପା—2. The wild variety of cotton.

ବି—ତିନିରଙ୍ଗଯୁକ୍ତ—Tricoloured.

ତ୍ରିବର୍ଷିକା—ସଂ. ବି. ସ୍ତ୍ରୀ (ତ୍ରି+ବର୍ଷ+କ+ସ୍ତ୍ରୀ. ଆ)—ତିନିବର୍ଷୀୟା
Tribarshikā ମାଈ ବାଛୁରୀ ବା ତଡ଼ା—A she-calf or heifer 3 years old.

ତ୍ରିବଳି—ସଂ. ବି (ସମାହାର ଦ୍ୱିଗୁ; ତ୍ରି+ବଳି=ଶ୍ଳଥଚର୍ମ)—ଉଦର,
Tribali କପାଳ ଓ କଣ୍ଠଦେଶ ପ୍ରଭୃତି ସ୍ଥାନରେ ମାଂସ ଓ ଚର୍ମର
ତ୍ରିବଳୀ—ଅନ୍ୟରୂପ) ସଙ୍କୋଚ ଜନିତ ରେଖାତ୍ରୟ—The three folds or wrinkles of skin appearing in the belly, brow or neck of some persons.

ତ୍ରିବଳୀକ—ସଂ. ବି—୧ । ପାୟୁ; ମଳଦ୍ୱାର—
Tribalīka 1. The anus.

୨ । ବାୟୁ (ହ. ଶବ୍ଦସାଗର)—2. The air.

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇସ୍ପ	ଉଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍	ଇଅ	●	ଢ଼

ତ୍ରିବାର୍ଷିକ—ସଂ. ବି (ତ୍ରିବର୍ଷ + ଇକ)—୧ । ତିନିବର୍ଷରେ ଥରେ
Tribārshika ଘଟୁଥିବା—1. Happening once in three years.
୨ । ତିନିବର୍ଷ ସମୟର ସୀମା ପରେ ଘଟୁଥିବା—
2 Happening at the end of three years.

ତ୍ରିବିକ୍ରମ—ସଂ. ବି (ତ୍ରି = ପାଦତ୍ରୟ ଦ୍ୱାରା + ବିକ୍ରମ = ଆକ୍ରମ, ଅଧିକାର
Tri bikrama ହୋଇଅଛି ଯାହାଙ୍କର, ଅର୍ଥାତ୍ ଯେ ବାମନ ଅବତାରରେ ତ୍ରିପଦଦ୍ୱାରା ତ୍ରିଲୋକକୁ ଆକ୍ରମଣ କରିଥିଲେ; ବା ତ୍ରିଲୋକ ମଧ୍ୟରେ ଯାହାଙ୍କର ବିକ୍ରମ ପାପ୍ୟମାନ ଅଛି)—୧ । ବାମନରୂପୀ ବିଷ୍ଣୁ—
1. Bishṇu in the incarnation of Bāmana.
୨ । ତ୍ରିଲୋକ ଆକ୍ରମଣ—
2. An attack on the 3 worlds.

ତ୍ରିବିକ୍ରମ ଭଞ୍ଜ—ଦେ. ବି (ନାମ)—ଜଣେକ ଗଡ଼ଜାତର ରଜା ଓ ଓଡ଼ିଆ
Tribikrama bhañja କବି—Name of an Oria poet and Raja of a Hill-state.
[ଦ୍ର—ଏ 'କନକଲତା' ନାମରେ ଖଣ୍ଡିଏ କାବ୍ୟ ଲେଖିଥିଲେ (ଚାରଣୀ-ଉତ୍କଳ-ସାହିତ୍ୟ ଇତିହାସ ।]

ତ୍ରିବିଂଶ—ଦେ. ବି ଓ ବିଣ (ସଂ. ତ୍ରୟୋବିଂଶ)—ତେଇଶି; ୨୩—
Tribimśa 23; twenty-three.
ଚତୁର୍ଥ ସ୍କନ୍ଧେ ଭାଗବତ,
ତ୍ରିବିଂଶ ଅଧ୍ୟାୟ ଚରିତ । ଜଗନ୍ନାଥ, ଭାଗବତ ।

ତ୍ରିବିଣୀ (ଇତ୍ୟାଦି)—ଗ୍ରା. ବି—ତ୍ରିବେଣୀ ଇତ୍ୟାଦି (ଦେଖ)
Tribiṇī (etc) Tribeṇī etc (See)

ତ୍ରିବିଦ୍ୟା—ସଂ. ବି (ସମାହାର ଦ୍ୱିଗୁ; ତ୍ରି + ବିଦ୍ୟା)-ତ୍ରିବେଦ (ଦେଖ)
Tribidyā Tribeda (See)

ତ୍ରିବିଧ—ସଂ. ବିଣ. ପୁଂ ଓ କ୍ଲୀ (ତ୍ରି + ବିଧ = ପ୍ରକାର)—ତିନି
Tribidha ପ୍ରକାରର—Of three kinds.
(ତ୍ରିବିଧା—ସ୍ତ୍ରୀ)

ତ୍ରିବିଷ୍ଟପ—ସଂ. ବି.—ତ୍ରିପିଷ୍ଟପ (ଦେଖ)—Tripishṭapa (See)
Tribishṭapa

ତ୍ରିବୃତ୍—ସଂ. ବି. ସ୍ତ୍ରୀ (ତ୍ରି + ବୃ ଧାତୁ = ଯୋଷଣ କରିବା + କର୍ତ୍ତୃ କ୍ୱିପ୍)
Tribṛut ୧ । ତିହୁଡ଼ି (ଦେଖ)—
1. Tihurdi (See)
ତ୍ରିବୃତା, ତ୍ରିବୃତ୍ତି, ତ୍ରିବେଲା, ତ୍ରିଭଣ୍ଡୀ } ଅନ୍ୟରୂପ
୨ । ମସୂର ବା ଖେସାରି—
2. A kind of pulse; Lathyrus Sativus.

ତ୍ରିବୃତ୍ପର୍ଣ୍ଣୀ—ସଂ. ବି. ସ୍ତ୍ରୀ—ହିଡ଼ିମିଚ୍ଛ ଶାଗ; ହିଲମୋଚିକା ଶାକ—
Tribṛut-parṇṇī Name of a medicinal potherb; Hingsta Repens.

ତ୍ରିବୃତ—ସଂ. ବିଣ—ବେଦବିହିତ ସଗୁଣ; ତ୍ରିଗୁଣାତ୍ମକ; ତ୍ରିଗୁଣମୟ—
Tribṛuta Consisting of the 3 qualities of Nature.
ତ୍ରିବୃତ ଧର୍ମର ଲକ୍ଷଣ,
ଏ ଯଜ୍ଞ କର୍ମେ ଅଷ୍ଟ ମନ । ଜଗନ୍ନାଥ, ଭାଗବତ ।

ତ୍ରିବୃତ ବ୍ରହ୍ମ—ସଂ. ବି (ତ୍ରିବୃତ୍ = ଅ, ଉ ଓ ମ + ବ୍ରହ୍ମ)—ଓଁକାର—
Tribṛuta brahma The mystic syllable 'Om'.
ଅଭ୍ୟାସ କରି ଶୁଦ୍ଧ ମନେ,
ତ୍ରିବୃତ ବ୍ରହ୍ମ ସ୍ମରଣେ । ଜଗନ୍ନାଥ. ଭାଗବତ ।

ତ୍ରିବୃତ୍ତ—ସଂ. ବିଣ. ପୁଂ ଓ କ୍ଲୀ (ତ୍ରି + ବୃତ୍ = ଗୁଣିତ)—ତ୍ରିଗୁଣିତ—
Tribṛutta Threefold; multiplied by three.
(ତ୍ରିବୃତ୍ତା—ସ୍ତ୍ରୀ)

ତ୍ରିବୃତ୍ତ ଯମକ—ଦେ. ବି—ଗୀତର ପ୍ରତ୍ୟେକ ପଦରେ ତିନି ସ୍ଥାନରେ
Tribṛutta jamaka ପଡ଼ିବା ଯମକ—Alliteration at three places in a line in poetic composition.
ଘମା ଶିଶିରେ ଘୋର ନିଶିରେ କୁଞ୍ଜଘଣିରେ ଭାସି,
ବସି ଏକାନ୍ତ ମାନସେ କାନ୍ତ ସ୍ୱରୂପ କାନ୍ତ ଘୋଷି ।
ଭକ୍ତ. ପ୍ରେମସୁଧାନିଧି ।

ତ୍ରିବେଣୀ—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ତ୍ରି + ବେଣୀ = ପ୍ରବାହ ଯାହାର)—
Tribeṇī ୧ । ଗଙ୍ଗା, ଯମୁନା ଓ ସରସ୍ୱତୀର ସଙ୍ଗମ ସ୍ଥଳ; ପ୍ରୟାଗ-
1 Allahabad, the junction of the three streams, the Ganges, the Jamunā and the Saraswatī.
[ଦ୍ର—ଏହି ତିନି ନଦୀ ପ୍ରଥମେ ପ୍ରୟାଗରେ (ଏଲାହାବାଦରେ) ମିଳିତ ହୋଇ ଅଛନ୍ତି ବୋଲି ଉକ୍ତ ସ୍ଥାନକୁ ଯୁକ୍ତବେଣୀ ଓ ବଙ୍ଗଦେଶ ହୁଗୁଳି ନିକଟରେ ମୁକ୍ତ ହୋଇ ଅଛନ୍ତି ବୋଲି ଉକ୍ତ ସ୍ଥାନକୁ ମୁକ୍ତବେଣୀ ବୋଲାଯାଏ ।]
୨ । ମୁଣ୍ଡ ବାଳରେ କରାଯାଇଥିବା ତିନି ଗୋଟି ବେଣୀ—
2. The hair of the head plaited into three braids.
୩ । ହଠଯୋଗ ଅନୁସାରେ ଶରୀରାଭ୍ୟନ୍ତରରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ୀ ତ୍ରୟର ସଙ୍ଗମ ସ୍ଥାନ—
3. The imaginary meeting place of the three principal air—channels inside the body.
ଦେ. ବି—୧ । ପୁରୀ ଜିଲ୍ଲାରେ ପ୍ରାଚୀ ନଦୀର ଗୋଟିଏ ତୀର୍ଥସ୍ନାନ-
ଘାଟ—1. Name of a sacred bathing place in the old Prāchī river in the district of Puri.
[ଦ୍ର—ଏହା ବାଲିପାଟଣା ଥାନା ଅନ୍ତର୍ଗତ ବନମାଳୀପୁର ନିକଟରେ ଅବସ୍ଥିତ । ଏଠାରେ ମାଘ ଅମାବାସ୍ୟା ଦିନ ବୁଡ଼ ପଡ଼େ ଓ ୭ ଦିନ ପର୍ଯ୍ୟନ୍ତ ମେଳା ହୁଏ ।]
୨ । ବଙ୍ଗଦେଶରେ ଗଙ୍ଗା ଓ ଭାଗୀରଥୀଙ୍କ ସଙ୍ଗମସ୍ଥଳ—
ତ୍ରିବେଣୀଘାଟ (ଦେଖ)—Name of a place in the Hooghli district of Bengal where two other rivers meet the Ganges.
[ଦ୍ର—ଏଠାରେ ମାଘ ଅମାବାସ୍ୟା ଦିନ ସ୍ନାନଯୋଗ ପଡ଼େ ।]

ସାଧାରଣ ଲୋକେ ଅ ାର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ଖାଣ୍ଠି ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତ୍ରିବେଣୀ ଅମାବାସ୍ୟା — ଦେ. ବି.— ମାଘ ଅମାବାସ୍ୟା । ଏ ଦିନ ପ୍ରୟାଗରେ
Tribeṇī amābāsyā ମକରସ୍ନାନ ଯୋଗ ଘଟେ—The new moon day of the month of Māgha.

ତ୍ରିବେଣୀ ଘାଟ —ଦେ. ବି.—ଭାଗୀରଥୀ ବା ଗଙ୍ଗା ନଦୀ କୂଳରେ
Tribeṇī ghāṭa ସୁପ୍ରସିଦ୍ଧ ଘାଟ—Name of a place in the Hooghli district where three rivers meet.
[ଦ୍ର—ଇ. ଆଇ. ଆର୍. ରେଲ୍‌ୱେର ଯେଉଁ ଶାଖା ନବଦ୍ୱୀପକୁ ଯାଇଅଛି ତହିଁ କଲିକତାରେ ହାବଡ଼ାଠାରୁ ୩୦ମାଇଲ ଦୂରରେ ହୁଗ୍‌ଲୀ ଜିଲ୍ଲାରେ ଭାଗୀରଥୀ ସଙ୍ଗେ ଅନ୍ୟ ଦୁଇଟି ନଦୀ ମିଳିତ ହୋଇଅଛି । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଏହିଠାରେ ଗୋଟିଏ ଘାଟ ନିର୍ମାଣ କରାଇଥିଲେ । ଏହା ଗୋଟିଏ ତୀର୍ଥସ୍ଥାନ; ଯେଉଁମାନେ ଗଙ୍ଗାରେ ଅସ୍ଥି ଦେବାକୁ ଯାଆନ୍ତି ସେମାନେ ଏହିଠାରେ ଶ୍ରାଦ୍ଧ କରି ଅସ୍ଥି ନିକ୍ଷେପ କରନ୍ତି ଓ ଏଠାରେ ତ୍ରିବେଣୀ ଅମାବାସ୍ୟା ଦିନ ଗୋଟିଏ ବଡ଼ ମେଳା ହୁଏ ।]

ତ୍ରିବେଣୀ ସ୍ନାନ — ସଂ. ବି—ମାଘ ଅମାବାସ୍ୟାରେ ତ୍ରିବେଣୀରେ
Tribeṇī snāna (ପ୍ରୟାଗଆଦି ତୀର୍ଥରେ) ହିନ୍ଦୁମାନଙ୍କର ସ୍ନାନ— Bathing in the junction of three rivers in Prayāga (Allāhābad) and other holy bathing places on the new moon of Māgha.

ତ୍ରିବେଦ —ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ବେଦ)—
Tri beda ତ୍ରୟୀ; ଋକ୍, ସାମ ଓ ଯଜୁଃ ଏହି ତିନି ବେଦ— The three Bedas; Ṛuk, Sāma and Jajur.
[ଦ୍ର—ଅଥର୍ବବେଦ ପରେ ରଚିତ ହୋଇଥିଲା ।]

ତ୍ରିବେଦୀ —ସଂ. ବିଣ. (ତ୍ରିବେଦ+ଇନ୍; ୧ମା. ୧ବ)—
Tribedī ତିନି ବେଦରେ ପାରଙ୍ଗମ — Learned in the three Bedas.
ଦେ. ବି—ତ୍ରିପାଠୀ; ତେବାରୀ ଉପାଧିଧାରୀ ବ୍ରାହ୍ମଣ— A Brāhmana holding the family-title of Tebāri or Tripāṭhi.

ତ୍ରିଭଙ୍ଗ — ସଂ. ବିଣ. (ତ୍ରି+ଭଙ୍ଗ)—ତିନିସ୍ଥାନରେ ବଙ୍କା—
Tri bhaṅga Crooked at three places.
(ତ୍ରିଭଙ୍ଗୀ—ସ୍ତ୍ରୀ)

ତ୍ରିଭଙ୍ଗି — ଦେ. ବିଣ. (ସଂ. ତ୍ରିଭଙ୍ଗୀ)—ତ୍ରିଭଙ୍ଗିମ (ଦେଖ)
Tribhaṅgi Tribhaṅgima (See)
ପାଦକେ ପାଦ ଛନ୍ଦିଦେଇ,
ତ୍ରିଭଙ୍ଗି ଭଙ୍ଗେ ଛିଡ଼ା ହୋଇ—ଉପେନ୍ଦ୍ର. ପ୍ରେମପୀୟୂଷମୃଦ୍ଧ ।

ତ୍ରିଭଙ୍ଗିମ —ଦେ. ବିଣ (ସଂ. ତ୍ରିଭଙ୍ଗୀ)— ଠିଆହେବାବେଳେ ଶରୀର ତିନି
Tribhaṅgima ଯାଗାରେ ବଙ୍କା ହୋଇଥିବା (ଅବସ୍ଥା ବା ଠାଣି)
(ତ୍ରିଭଙ୍ଗିମା—ଅନ୍ୟରୂପ) (A pose or posture of standing) Having three bends in the body; bent at three places.
[ଦ୍ର—ଶ୍ରୀକୃଷ୍ଣ ବଂଶୀ ଧରି ପାଦାଗ୍ରରୁ ପାଦର ଆଣ୍ଠୁ ପର୍ଯ୍ୟନ୍ତ ଏକ ଭାଙ୍ଗ, ଆଣ୍ଠୁରୁ କଟି ପର୍ଯ୍ୟନ୍ତ ଏକ ଭାଙ୍ଗ ଓ କଟିର ଉପରକୁ ଏକ ଭାଙ୍ଗ, ଏପରି ତିନି ଯାଗାରେ ବଙ୍କ ହୋଇ ଠିଆହେବା ଠାଣିକୁ ତ୍ରିଭଙ୍ଗିମ ଠାଣି ବୋଲାଯାଏ । ଏହି ଠାଣିରେ ଠିଆ ହୋଇଥିବା ମୁରଲୀଧାରୀ ଶ୍ରୀକୃଷ୍ଣଙ୍କୁ ସାଧକମାନେ ଧ୍ୟାନ କରନ୍ତି ।]

ତ୍ରିଭଙ୍ଗି ଯମକ —ଦେ. ବି—ତ୍ରିବୃତ୍ତ ଯମକ (ଦେଖ)
Tribhaṅgi jamaka Tribṛutta jamaka (See)

ତ୍ରିଭଙ୍ଗୀ —ସଂ.ବି. (ସଙ୍ଗୀତ)—୧ । ଭାରତର ୬୦ ମୁଖ୍ୟ ଭେଦର ଏକତମ-
Tribhaṅgī 1. One of the 63 musical modes.
[ଦ୍ର—ଏଥିରେ ଏକ ଗୁରୁ, ଏକ ଲଘୁ ଓ ଏକ ପ ତ ମାତ୍ରା ଥାଏ ।]
୨ । ଶୁଦ୍ଧ ରାଗର ଏକତମ— 2. One of the pure tunes in music.
୩ । ପ୍ରତ୍ୟେକ ଚରଣରେ ୩୨ ମାତ୍ରା ଯୁକ୍ତ ଛନ୍ଦ— 3. Name of a metre of 32 syllables.
ସଂ. ବିଣ — ତ୍ରିଭଙ୍ଗିମ (ଦେଖ)— Tribhaṅgima (See)

ତ୍ରିଭଜ୍ୟା —ସଂ. (ଜ୍ୟାମିତି)—ବ୍ୟାସାର୍ଦ୍ଧ (ଦ୍ର. ଶବ୍ଦସାଗର)—
Tribhajyā (geometry) Radius.
(ତ୍ରିଜ୍ୟା, ତ୍ରିଭଜୀବା—ଅନ୍ୟରୂପ)

ତ୍ରିଭାଗ —ସଂ. ବି —୧ । ତିନି ଅଂଶ—1. Three parts.
Tribhāga ୨ । ତିନି ଖଣ୍ଡ—2. Three pieces.
୩ । ତୃତୀୟ ଭାଗ—3. The third part.

ତ୍ରିଭାରି —ଦେ. ବି—ରାଜୋପକରଣବିଶେଷ—
Tribhāri Royal paraphernalia.

ତ୍ରିଭୁକ୍ତି —ସଂ. ବି (ନାମ)—ତ୍ରିହୁତ (ଦେଖ)
Tribhukti Trihuta (See)

ତ୍ରିଭୁଜ — ସଂ. ବି. (ବହୁବ୍ରୀହି; ତ୍ରି+ଭୁଜ=ବାହୁ, ଯାହାର)—
Tribhuja (ଜ୍ୟାମିତି) ତିନି ଗୋଟି ସରଳ ରେଖା ଦ୍ୱାରା ଆବଦ୍ଧ କ୍ଷେତ୍ର—(geometry) Triangle.
[ଦ୍ର—ବାହୁ ଭେଦରେ ତ୍ରିଭୁଜ ୩ ପ୍ରକାର, ଯଥା—ସମବାହୁ, ସମଦ୍ୱିବାହୁ ଓ ବିଷମବାହୁ । କୋଣ ଭେଦରେ ମଧ୍ୟ ତ୍ରିଭୁଜ ୩ ପ୍ରକାର ଯଥା—ସମକୋଣୀ, ସ୍ଥୂଳକୋଣୀ ଓ ସୂକ୍ଷ୍ମକୋଣୀ ।]
ବିଣ— ତିନି ବାହୁବିଶିଷ୍ଟ—Having three arms.

ତ୍ରିଭୁଜାକାର — ସଂ. ବି. (କର୍ମଧା; ତ୍ରିଭୁଜ+ଆକାର)—
Tribhujākāra ତ୍ରିଭୁଜର ଗଠନ— Form of a triangle.
(ତ୍ରିଭୁଜାକୃତି—ଅନ୍ୟରୂପ) ବିଣ.—(ବହୁବ୍ରୀହି) ତ୍ରିଭୁଜାକୃତିବିଶିଷ୍ଟ— Triangular in shape.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଷ	ଙ୍କ	ଇଷ୍ଟ	ଉଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଂ୍ୟ	ଇଥ	ଓ	ନ୍

ତ୍ରିଭୁବନ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ଭୁବନ)—
Tribhubana ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ; ତ୍ରିଲୋକ—
The three worlds (heaven, earth and the nether world.

ତ୍ରିଭୁବନ ବିଜୟୀ—ସଂ. ବିଣ—ଯେ ତ୍ରିଭୁବନକୁ ଜୟ କରେ—
Tribhubana bijayi Conquerer of the three worlds.

ତ୍ରିଭୂମ—ସଂ. ବି. (ତ୍ରି+ଭୂମି)—
Tribhūma ତିନି ମହାଲା କୋଠା; ତ୍ରିତଳ ପ୍ରାସାଦ—
A three storied building.

ତ୍ରିମଣ୍ଡୀ—ଦେ. ବି—ତ୍ରିମୁଣ୍ଡୀ (ଦେଖ)
Trimaṇḍi Trimuṇḍi (See)

ତ୍ରିମଦ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ମଦ)—
Trimada ମୁଥା, ଧଳାଚିତା ମୂଳ ଓ ବାଇବିଡ଼ଙ୍ଗ—
The aggregate of three herbs (viz, root of grass, leadwort and a vermicide seed).
୨ । ବିଦ୍ୟା ମଦ, ଧନ ମଦ ଓ ଆଭିଜାତ୍ୟ ମଦ ଏହି ତ୍ରିବିଧ ମତ୍ତତା—2. The conciet arising from the possession of worldly prosperity,wealth and high lineage.

ତ୍ରିମଧୁ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ମଧୁ)—
Trimadhu ୧ । ମହୁ, ଘିଅ ଓ ଚିନିର ସମାହାର—
1. A mixture of honey, ghee and sugar.
୨ । ଋଗ୍‌ବେଦର ଅଂଶବିଶେଷ—2. Name of a part of the Rugbeda.

ତ୍ରିମାତ୍ର—ସଂ. ବିଣ. (ତ୍ରି+ମାତ୍ରା)—ତ୍ରିମାତ୍ରିକ (ଦେଖ)
Trimātra Trimātrika (See)
ତ୍ରିମାତ୍ର, ଦ୍ରୁତରେ ଉତ୍ତମ ଅଛି । ଉତ୍କ. କୋଷ୍ଟୁତ୍ରାଣସ୍ତୁତିସ ।

ତ୍ରିମାତ୍ରିକ—ସଂ. ବିଣ. (ତ୍ରି+ମାତ୍ରା+ଇକ)—
Trimātrika ୧ । ଯେଉଁ ସ୍ଥଳରେ ତିନି ମାତ୍ରା ଥାଏ—
1. (metre) Having three measures or strokes.
୨ । ପ୍ଲୁତ (ଉଚ୍ଚାରଣ); ୧, ୨ ଓ ୩ ଗଣିବାକୁ ଯେତେ ସମୟ ଲାଗେ ସେତିକି ସମୟରେ ଉଚ୍ଚାରିତ ଦୀର୍ଘ (ସ୍ୱର)-
2. Extra-long (sound of a vowel.)

ତ୍ରିମାର୍ଗ—ସଂ. ବି. (ସମାହାର ଦ୍ୱିଗୁ+ତ୍ରି+ମାର୍ଗ)—
Trimārga ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—Heaven, earth and the nether regions.

ତ୍ରିମାର୍ଗୀ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ମାର୍ଗ+ଈ)—
Trimārgi ୧ । ତିନି ଛକିଆ ବାଟ—
1. A meeting place of three roads.
୨ । ତ୍ରିମାର୍ଗଗାମିନୀ; ଗଙ୍ଗା ନଦୀ—
2. The river Ganges.

ତ୍ରିମୁକୁଟ—ସଂ. ବି. (ତ୍ରି=ତିନି+ମୁକୁଟ=ଶୃଙ୍ଗ)—
Trimukuṭa ତ୍ରିକୂଟ ପର୍ବତ—The mythological Trikūṭa mountain.

ତ୍ରିମୁଖ—ସଂ. ବିଣ (ବହୁବ୍ରୀହି)—ତିନି ଗୋଟି ମୁଖବିଶିଷ୍ଟ—
Trimukha Having three mouths or faces.
ବି—୧ । ଶାକ୍ୟ ମୁନି—1. A name of the Buddha.
୨ । ଗାୟତ୍ରୀ ଜପିବାର ୨୪ ମୁଦ୍ରା ମଧ୍ୟରୁ ଗୋଟିଏ ମୁଦ୍ରା—
2. One of the 24 postures assumed while counting the Gāyatri formula in the rosary.

ତ୍ରିମୁଣ୍ଡ—ସଂ. ବିଣ (ବହୁବ୍ରୀହି)—ତିନି ମୁଣ୍ଡବିଶିଷ୍ଟ—
Trimuṇḍa Three-headed.
ସଂ. ବି—୧ । ତ୍ରିଶିରା ରାକ୍ଷସ—1. Name of a three-headed demon killed by Rāmachandra.
୨ । ଜ୍ୱର ପୁରୁଷ—2. The demon personifying the fever-disease.

ତ୍ରିମୁଣ୍ଡୀ—ଦେ. ବି (ସଂ. ତ୍ରିମୁଣ୍ଡ)—ତିନୋଟି ସ୍ୱତନ୍ତ୍ର ଜଟ ପକାଇ ବାନ୍ଧିବା
Trimuṇḍi କେଶବିନ୍ୟାସ—A chignon made up of three stuffs of hair wound up separately; a three stuffed chignon.
ଶିରେ ତ୍ରିମୁଣ୍ଡୀ କି ଅବା ମଣି ଥୋଇଛି ଉଦ୍ଧରି—
ଉଦ୍ଧବ ଦାସ, ମଥୁରାମଙ୍ଗଳ ।

ତ୍ରିମୁଣ୍ଡୀ ଗଭା—ଦେ. ବି—ଏକପ୍ରକାର ତ୍ରିଶାଖାଯୁକ୍ତ ଫୁଲତୋଡ଼ା—
Trimuṇḍi gabhā Three-stuffed nosegay.

ତ୍ରିମୂର୍ତ୍ତି—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ମୂର୍ତ୍ତି)—୧ । ବ୍ରହ୍ମା, ବିଷ୍ଣୁ ଓ
Trimūrtti ଶିବ, ଏହିରୂପ ଈଶ୍ୱରଙ୍କର ତ୍ରିରୂପାତ୍ମକ ପ୍ରକାଶ—
The Hindu Trinity or the threefold manifestation of the Hindu God-head (viz. Brahmā the Creator, Bishṇu the Preserver and Siba the Destroyer); the Hindu Triad.
୨ । ବ୍ରହ୍ମଶକ୍ତିବିଶେଷ—2. Name of a Divine energy of the Brahmā.
ବିଣ—ତିନି ମୂର୍ତ୍ତିବିଶିଷ୍ଟ—Manifest in three forms; having three forms.

ତ୍ରିମେଦ—ସଂ. ବି (ସମାହାରଦ୍ୱିଗୁ; ତ୍ରି+ମେଦ)—ତ୍ରିମଦ (ଦେଖ)
Trimeda Trimada (See)

ତ୍ରିୟ—ଦେ. ବି. (ସଂ. ତ୍ରି)—ତିନି—
Triya Three.
ସେ ତ୍ରିୟ ଭଗ୍ନ ବୋଲଇ । ଯଶୋବନ୍ତ. ପ୍ରେମଭକ୍ତି ଗୀତା ।

ତ୍ରିୟ ତତ୍ତ୍ୱ—ଦେ. ବି. (ସଂ. ତ୍ରିତତ୍ତ୍ୱ)—୧ । (ତନ୍ତ୍ରଶାସ୍ତ୍ର ତାନ୍ତ୍ରିକ ବା
Triya tattwa ଶକ୍ତିଭେଦ, ସାଧକମାନଙ୍କ ସାଧନାର ଅଙ୍ଗ-
ବିଶେଷ)—ହ୍ରୀଂ, କ୍ଲୀଂ, କ୍ରୀଂ—1. The three

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଟାକୁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

mystic particles uttered by the mystics of Orissa during their esoteric exercises.

[ଦ୍ର—ଏମାନ ଯଥାକ୍ରମେ ରମା ବା ଲକ୍ଷ୍ମୀବୀଜ, ପଦ୍ମ ବା ଦୁର୍ଗା (ମତାନ୍ତରରେ ବିଷ୍ଣୁ) ବୀଜ ଓ କାମବୀଜ ଅଟେ ।]

୨ । (ତାନ୍ତ୍ରିକ ସାଧନ) ବ୍ରହ୍ମା, ବିଷ୍ଣୁ ଓ ଶିବ—
2. (Tantric) The mystic reference for the Hindu Trinity.

ତ୍ରିପ୍ର ଉତ୍ତରେ ମନ୍ତ୍ର ଦେଲେ
ତୀର୍ଥର ଫଳ ଲଭେ ହେଲେ । ପ୍ରାଚୀ. ନର୍ମଦାମାହାତ୍ମ୍ୟ ।

ତ୍ରିୟମ୍ବକ— ସଂ. ବି. (ବହୁବ୍ରୀହି; ତ୍ରି=ତିନି+ଅମ୍ବକ=ଚକ୍ଷୁଃ)
Triyambaka ତ୍ର୍ୟମ୍ବକ; ମହାଦେବ; ଶିବ—
The three-eyed God Śiba.

[ଦ୍ର—ଏହି ଶବ୍ଦ ସାଧାରଣତଃ 'ତ୍ର୍ୟମ୍ବକ' ରୂପେ ବ୍ୟବହୃତ ହୁଏ । କେବଳ ମାତ୍ର କବି କାଳିଦାସ 'ତ୍ରିୟମ୍ବକ' ଶବ୍ଦ ବ୍ୟବହାର କରିଅଛନ୍ତି ।

ଏହି ଶବ୍ଦ ତ୍ରିଅମ୍ବକରୂପେ ଦେଶଜରୂପରେ ବ୍ୟବହୃତ ହୁଏ ।]

ତ୍ରିୟଲୋଚନ—ଦେ. ବି. (ସଂ. ତ୍ରିଲୋଚନ)—ତ୍ରିଲୋଚନ (ଦେଖ)
Triyalochana Trilochana (See)

ତ୍ରିଯାନ—ସଂ. ବି—ବୌଦ୍ଧଧର୍ମର ୩ ଭେଦ (ମହାଯାନ, ମଧ୍ୟମଯାନ ଓ
Trijana ହୀନଯାନ)—The three branches of the Buddhist faith.

ତ୍ରିଯାମା—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ତ୍ରି+ଯାମ=ପ୍ରହର+ସ୍ତ୍ରୀ. ଆ)—
Trijāmā ୧ । ରାତ୍ରି; ରଜନୀ—1 Night.

୨ । ଯମୁନା ନଦୀ—2. The Jamunā river.

୩ । ହରିଦ୍ରା; ହଳଦୀ—3. Turmeric.

[ଦ୍ର—ରାତ୍ରିର ପ୍ରଥମ ଚାରି ଦଣ୍ଡ ଓ ଶେଷ ଚାରିଦଣ୍ଡ ଦିବସର ଅନ୍ତର୍ଗତ ବୋଲି ରାତ୍ରିକୁ ତ୍ରିଯାମା ବୋଲାଯାଏ ।]

୪ । କଳା ତିହୁଡ଼ି (ଦେଖ)
4 (the black) Tihurdi (See)

୫ । ନୀଳ ଗୁଳ୍ମ—5. The indigo plant.

ତ୍ରିଯୁଗ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ଯୁଗ)—
Trijuga ୧ । ତିନିଗୋଟି ଯୁଗ; ସତ୍ୟ, ତ୍ରେତା ଓ ଦ୍ୱାପର ଯୁଗ—
1. The three ages (Satya, Tretā and Dwāpara) of the world according to the Hindus.

୨ । ଋତୁତ୍ରୟ (ବସନ୍ତ, ବର୍ଷା ଓ ଶରତ୍)—
2. The three seasons of the year; (spring, rains and autum)

୩ । ବିଷ୍ଣୁ (ହି. ଶବ୍ଦସାଗର)—3. A name of Bishṇu.

ତ୍ରିଯୁଗୀ ନାରାୟଣ—ଦେ. ବି. (ନାମ)—ଉତ୍ତର ଭାରତର ତୀର୍ଥବିଶେଷ—
Trijugi nārāyaṇa Name of a place of pilgrimage in Northern India.

[ଦ୍ର—ଏହା ରୁଦ୍ରପ୍ରୟାଗଠାରୁ ୩୨ ମାଇଲ ଦୂରରେ ଅବସ୍ଥିତ । ଏଠାରେ ଅଷ୍ଟ ଧାତୁ ନିର୍ମିତ ଚତୁର୍ଭୁଜ ବିଷ୍ଣୁମୂର୍ତ୍ତି ତ୍ରିଯୁଗୀ ନାରାୟଣଙ୍କର ମନ୍ଦିର ଅବସ୍ଥିତ । ଏହି ମନ୍ଦିର ସମ୍ମୁଖରେ ଗୋଟିଏ ଅଗ୍ନିକୁଣ୍ଡ ସର୍ବଦା ପ୍ରଜ୍ୱଳିତ ରହିଅଛି ।

ଶ୍ରୀହରପାର୍ବତୀଙ୍କ ବିବାହ ସମୟରେ ପ୍ରଜ୍ୱଳିତ ହୋମକୁଣ୍ଡର ଅଗ୍ନି ତିନିଯୁଗ ହେଲା ଜାଗ୍ରତ ଅବସ୍ଥାରେ ରଖା ହୋଇଥିବାର ବିଶ୍ୱାସ କାଳକ୍ରମେ ଚଳି ଆସୁଅଛି । ଏଠାର ପଣ୍ଡାମାନେ କୁଣ୍ଡମଧ୍ୟରେ କାଷ୍ଠ ନିକ୍ଷେପ କରି ଅଗ୍ନିକୁ ସର୍ବଦା ପ୍ରଜ୍ୱଳିତ ଅବସ୍ଥାରେ ରଖିଅଛନ୍ତି । ଯାତ୍ରୀମାନଙ୍କର ଏହି ଅଗ୍ନିକୁଣ୍ଡରେ ହୋମ କରିବାର ବିଧାନ ଅଛି (ମଦନମୋହନ ତୀର୍ଥଦର୍ଶନ) ।]

ତ୍ରିଯୂହ—ସଂ. ବି—ଧଳା ରଙ୍ଗର ଘୋଡ଼ା (ହି. ଶବ୍ଦସାଗର)—
Trijūha A horse of white colour.

ତ୍ରିରାତ୍ର—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ରାତ୍ରି)—
Trirātra ୧ । ତିନିରାତ୍ରି ପରିମିତ କାଳ—
(ତ୍ରିରାତ୍ରି—ଅନ୍ୟରୂପ) 1. Time covered by three successive nights (i.e. three successive nights and two days between them).

[ଦ୍ର—ତୀର୍ଥ ଯାତ୍ରୀଙ୍କର ତୀର୍ଥରେ ତ୍ରିରାତ୍ର ଯାପନ କରିବାର ବିଧି ଅଛି ।]

୨ । ରାତ୍ରି ସହିତ ଦିବସତ୍ରୟ—2. Three days and nights following each other.

୩ । ତିନି ଦିନ ଉପବାସ କରିବା ବ୍ରତବିଶେଷ—
3. A vow consisting of fasting for 3 days consecutively.

୪ । ଗର୍ଗ-ତ୍ରିରାତ୍ର ନାମକ ଯାଗ—
4. Name of a Vedic sacrifice.

ତ୍ରିରାତ୍ରାଶୌଚ—ସଂ. ବି—ବ୍ୟକ୍ତିବିଶେଷର ଜନ୍ମ ବା ମୃତ୍ୟୁରେ ଶାସ୍ତ୍ର
Trirātrā śaucha ବିଧାନ ଅନୁସାରେ ମନୁଷ୍ୟର ତିନି ରାତି ପର୍ଯ୍ୟନ୍ତ ପାଳିବା ଅଶୌଚ—Impurity extending over three nights observed by a person on the death or brith of specific relations (as enjoined by the Hindu Sāstras).

ତ୍ରିରେଖ—ସଂ. ବି. (ସମାହାର ଦ୍ୱିଗୁ; ତ୍ରି+ରେଖା)—୧ । ତିନି
Trirekha ରେଖାର ସମାହାର; ରେଖାତ୍ରୟ——1 An aggregate of three lines.

୨ । (ବହୁବ୍ରୀହି) ଶଙ୍ଖ—2. Conch.

ତ୍ରିରୋରି—ଦେ. ବି. (ନାମ)—ଥାନେଶ୍ୱରର ନିକଟବର୍ତ୍ତୀ ସ୍ଥାନବିଶେଷ;
Trirori ତିରୋରୀ—Name of a place near Thāneśwar; Tirouri.
(ତିରୋରୀ; ତ୍ରିରୌରି—ଅନ୍ୟରୂପ)

[ଦ୍ର—ଏଠାରେ ମହମ୍ମଦ ଘୋରୀ ଓ ପୃଥ୍ୱୀରାଜଙ୍କ ମଧ୍ୟରେ ଘୋର ଯୁଦ୍ଧ ହୋଇଥିଲା । ସେହି ଯୁଦ୍ଧରେ ପୃଥ୍ୱୀରାଜ ପରାସ୍ତ

୯	ଇ	ଢ଼	ଋ,ହ୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଲ୍ପ	ତ୍ଥ	ଢ
୯	ଈ	ଉ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଲଥ	ଔ	ନ୍ତ

ହୋଇ ମୃତ ହେଲେ । ସେହି ଦିନରୁ ଭାରତରୁ ହିନ୍ଦୁ ସ୍ୱାଧୀନତା ଲୋପ ପାଇଲା ।]

ତ୍ରିଲିଙ୍ଗ—ସ. ବିଣ.—(ବ୍ୟାକରଣ) ସ୍ତ୍ରୀ. ପୁଂ ଓ ନପୁଂସକ ଲିଙ୍ଗବିଶିଷ୍ଟ (ଶବ୍ଦ)—Trilinga (grammar) Having three genders.

ବି.—୧ । ସ୍ତ୍ରୀଲିଙ୍ଗ, ପୁଂଲିଙ୍ଗ ଓ ନପୁଂସକ ଲିଙ୍ଗ—1. The three genders (masculine, feminine and neuter).

୨ । ତୈଲଙ୍ଗ (ଦେଖ)—2. Tailanga (See)

[ଦ୍ର—ତୈଲଙ୍ଗ ବା ତେଲଙ୍ଗା ଶବ୍ଦର ଏହି ଶବ୍ଦ ମୂଳସ୍ୱରୂପ ଶବ୍ଦ ଥିବାର କେହି କେହି କହନ୍ତି; କିନ୍ତୁ ଏହା ଠିକ ନ ଥିବାର ଜଣା ଯାଏ ।]

ତ୍ରିଲୋକ—ସ. ବି. କ୍ଲୀ (ସମାହାର ଦ୍ୱିଗୁ; ତ୍ରି+ଲୋକ)—ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଏହି ତିନି ଭୁବନ; ତ୍ରିଭୁବନ—Triloka The three worlds; the heaven, the earth and the nether world. (ତ୍ରିଲୋକୀ—ସ୍ତ୍ରୀ)

ତ୍ରିଲୋକନାଥ—ସ. ବି. (୬ଷ୍ଠୀ ତତ୍; ତ୍ରିଲୋକ+ନାଥ)—୧ । ବିଷ୍ଣୁ—Triloka nātha 1. Bishṇu (the Lord of the three worlds.) (ତ୍ରିଲୋକପତି—ଅନ୍ୟରୂପ)

୨ । ମହାଦେବ; ବିଶ୍ୱେଶ୍ୱର; ବିଶ୍ୱନାଥ—2. Śiba.

୩ । ସୂର୍ଯ୍ୟ—3. The sun.

୪ । ତ୍ରିଲୋକର ଈଶ୍ୱର—4. The Lord of the three worlds.

ତ୍ରିଲୋକୀ—ସ. ବି. (ସମାହାର ଦ୍ୱିଗୁ; ତ୍ରି+ଲୋକ)—ତ୍ରିଭୁବନ—Trilokī The three worlds.

ତ୍ରିଲୋକୀ ନାଥ—ସ.ବି. (୬ଷ୍ଠୀ ତତ୍; ତ୍ରିଲୋକୀ+ନାଥ)—Trilokī nātha ୧ । ବିଷ୍ଣୁ—1. Bishṇu

୨ । ମହାଦେବ—2. Śiba.

ତ୍ରିଲୋକେଶ—ସ. ବି. (୬ଷ୍ଠୀ ତତ୍; ତ୍ରିଲୋକ+ଈଶ)—Trilokeśa ତ୍ରିଲୋକନାଥ (ଦେଖ)—Trilokanātha (See)

ତ୍ରିଲୋକେଶ୍ୱର—ସ. ବି. (୬ଷ୍ଠୀ ତତ୍; ତ୍ରିଲୋକ+ଈଶ୍ୱର)—Trilokeśwara ତ୍ରିଲୋକନାଥ (ଦେଖ)—Trilokanātha (See)

ତ୍ରିଲୋଚନ—ସ. ବି. ପୁଂ (ବହୁବ୍ରୀହି; ତ୍ରି+ଲୋଚନ)—Trilochana ୧ । ମହାଦେବ—1. Śiba (the three-eyed God). (ତ୍ରିଲୋଚନା, ତ୍ରିଲୋଚନୀ—ସ୍ତ୍ରୀ)

୨ । କାଶୀସ୍ଥ ଶିବଲିଙ୍ଗବିଶେଷ—2. Name of a Śiba-linga of Benares.

ଦେ. ବି. ପୁଂ—ଲୋକଙ୍କୁ ଦିଆଯିବା ନାମ—A name given to males.

ସ. ବିଣ. ପୁଂ.—ଲୋଚନତ୍ରୟଯୁକ୍ତ—Three-eyed.

ତ୍ରିଲୋଚନ ଗୁଣା—ଦେ. ବି.—(ବଣିଆ ଶବ୍ଦ)—ତିନି ଗୋଟି ବେଢ଼ ଥିବା ସୁନାରେ ତିଆରି ଗୁଣା—Trilochana guṇā A kind of nose-flower made up of 3 circuits or circular strips.

ତ୍ରିଲୋଚନ ଦ୍ୱିଜ—ଦେ. ବି. (ନାମ)—ପ୍ରାଚୀନ ଓଡ଼ିଆ କବିବିଶେଷ—Trilochana dwija Name of an ancient Orissa poet.

[ଦ୍ର—ଏ ପଦ୍ମପୁରାଣାନ୍ତର୍ଗତ ପ୍ରାଚୀନମାହାତ୍ମ୍ୟର ଉତ୍କଳାନୁବାଦ କରି ଥିଲେ । ଏ ଭକ୍ତ ଜଗନ୍ନାଥ ଦାସଙ୍କ ପରବର୍ତ୍ତୀ ବା ସମସାମୟିକ ଲେଖକ ଅଟନ୍ତି । ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ତ୍ରିଲୋଚନା—ସ. ବି. ସ୍ତ୍ରୀ (ତ୍ରିଲୋଚନ+ସ୍ତ୍ରୀ. ଆ)—ପାର୍ବତୀ; ଦୁର୍ଗା—Trilochanā Durgā; Pārbatī.

(ତ୍ରିଲୋଚନୀ—ଅନ୍ୟରୂପ) ସ. ବିଣ. ସ୍ତ୍ରୀ—ତ୍ରିଲୋଚନର ସ୍ତ୍ରୀଲିଙ୍ଗ—Feminine of Trilochana.

ତ୍ରିଲୋ(ଲୌ)ହ—ସ. ବି.—(ସମାହାର ଦ୍ୱିଗୁ; ତ୍ରି+ଲୋହ; ଲୌହ)—ସୁନା, ରୂପା ଓ ତମ୍ବା—Trilo(lau)ha The three metals; gold, silver and copper. (ତ୍ରିଲୌହକ—ଅନ୍ୟରୂପ)

ତ୍ରିଶ—ଦେ. ବି. ଓ ବିଣ (ସ. ତ୍ରିଂଶ)—ତିରିଶି; ୩୦—Triśa 30; Thirty.

ত্রিংশ तीस

ତ୍ରିଶକଟ ଗୁଣ୍ଡ—ଦେ. ବି.—ଯେଉଁ ଲମ୍ବ ଓ ବଡ଼ ତୋପକୁ ତିନୋଟି ଶଗଡ଼ ଲଗାଇ ବୋହି ନିଅନ୍ତି—Triśakaṭa gunḍa A big cannon carried on 3 carts put together.

ତୋପ କମାଣ ତ୍ରିଶକଟ ଗୁଣ୍ଡ, କବାଳ କମ୍ବୁର ନାଦ ପ୍ରଚଣ୍ଡ ।
ବ୍ରଜନାଥ. ସମରତରଙ୍ଗ ।

ତ୍ରିଶକ୍ତି—ସ. ବି. ସ୍ତ୍ରୀ—ଦୁର୍ଗାଙ୍କର ତିନି ମୂର୍ତ୍ତି; କାଳୀ, ତାରା ଓ ତ୍ରିପୁରା—Triśakti The three manifestations of Goddess Durgā (viz. Kāḷi, Tārā and Ṭripurā.

ତ୍ରିଶଙ୍କୁ—ସ. ବି. (ନାମ)—୧ । ସୂର୍ଯ୍ୟବଂଶୀୟ ରାଜା ହରିଶ୍ଚନ୍ଦ୍ରଙ୍କ ପିତା ଓ ପୃଥୁରାଜାଙ୍କ ପୁତ୍ର—Triśanku 1. Name of a king of the solar dynasty of ancient India who was stationed in a void space intermediate between the heaven and the earth.

[ଦ୍ର—ଅଯୋଧ୍ୟା ଏହାଙ୍କର ରାଜଧାନୀ ଥିଲା । ଏ ସଶରୀରେ ସ୍ୱର୍ଗକୁ ଯିବାପାଇଁ ଯଜ୍ଞ କରିବାକୁ ଇଚ୍ଛା କରି ଆପଣାର କୁଳଗୁରୁ ବଶିଷ୍ଠ ଓ ତାଙ୍କର ପୁତ୍ରମାନଙ୍କୁ କହିବାରୁ ସେମାନେ ଅସ୍ୱୀକାର କଲେ । ତତ୍ପରେ ଏ ବିଶ୍ୱାମିତ୍ରଙ୍କ ଶରଣାପନ୍ନ ହେବାରୁ ବିଶ୍ୱାମିତ୍ର ସ୍ୱୀୟ ତପଃ ପ୍ରଭାବରେ ଏହାଙ୍କୁ ସଶରୀରେ ସ୍ୱର୍ଗକୁ ପଠାଇଲେ । ଏ ସ୍ୱର୍ଗକୁ ଯିବାରୁ ଦେବତାମାନେ ଏହାଙ୍କୁ ବାଟ ଛାଡ଼ି ଦେଲେ ନାହିଁ । ଏଥିରେ ବିଶ୍ୱାମିତ୍ର କ୍ରୁଦ୍ଧ ହୋଇ ଏହାଙ୍କ ପାଇଁ ପୁଣି ଗୋଟିଏ ସ୍ୱର୍ଗଲୋକ ସୃଷ୍ଟି କରିବାକୁ ବସିବାରୁ ଦେବତାମାନେ ଅବଶ୍ୟ ଭୀତ ହୋଇ ଏ ଋଷି ପଡ଼ିଥିବା ଅର୍ଦ୍ଧପଥ ଅନ୍ତରୀକ୍ଷ ପଥରେ

ସାଧାରଣ ସୂଚନା ଅପର ପୃଷ୍ଠାରେ ଦିଆଯାଇଛି ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଁଳା ନ ପାଇଲେ 'ଅଁଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଏହାଙ୍କୁ ରହିବା ପାଇଁ ଅନୁମତି ଦେଲେ। ତଦବଧି ଏ ତିନିଗୋଟି ଉଜ୍ଜ୍ୱଳ ନକ୍ଷତ୍ର ରୂପେ ନଭୋମଣ୍ଡଳର ଦକ୍ଷିଣରେ ଅବସ୍ଥାନ କରୁଅଛନ୍ତି।]

୨ । ବିରାଡ଼ି—2. A cat.

୩ । ଶଲଭ; ଝିଣ୍ଟିକା—3. A locust.

୪ । ଚଟକପକ୍ଷୀ—4. A kind of swallow.

୫ । ଖଦ୍ୟୋତ—5. A firefly.

୬ । ଦକ୍ଷିଣ ଆକାଶରେ ଧ୍ରୁବ ନକ୍ଷତ୍ରର ଉତ୍ତରରେ ଥିବା ଛକ ପରି ସ୍ଥିତ ନକ୍ଷତ୍ରପୁଞ୍ଜ ମଧ୍ୟରୁ ଉପରର ତିନିଗୋଟି— 6. The three upper stars in the constellation of the Southern cross in the southern sky.

ତ୍ରିଶତ—ସଂ. ବି. ଓ ବିଣ. (ମ. ପ. ଲୋ; କର୍ମଧା; ତ୍ରିଗୁଣିତ ଶତ)—
Triśata ତିନିଶହ—Three hundred.

ତ୍ରିଶାଖ—ସଂ. ବିଣ. କ୍ଲୀ. (ବହୁବ୍ରୀହି; ତ୍ରି+ଶାଖା)—
Triśākha ୧ । ତିନି ଶାଖା ବା ଡାଳବିଶିଷ୍ଟ—
(ତ୍ରିଶାଖା—ସ୍ତ୍ରୀ) 1. Having three branches.
୨ । ତିନିମୁନା—2. Three forked; three pronged.
ସଂ. ବି—ବେଲପତ୍ର—
The leaf of the Bel tree.

ତ୍ରିଶିଖ—ସଂ. ବି. (ବହୁବ୍ରୀହି; ତ୍ରି+ଶିଖ)—୧ । ତ୍ରିଶୂଳ—
Triśikha 1. A trident.
୨ । କିରୀଟ—2. A crown.
୩ । ରାବଣର ପୁତ୍ରବିଶେଷ—
3. Name of a son of Rābaṇa.
୪ । ବେଲ ଗଛ—
4. The Bel tree; Aegle Marmelos.
(ତ୍ରିଶିଖା—ସ୍ତ୍ରୀ) ବିଣ. ପୁଂ. ଓ କ୍ଲୀ—ତିନି ଶାଖାବିଶିଷ୍ଟ—
Three forked.

ତ୍ରିଶିର—ଦେ. ବି. (ସଂ. ତ୍ରିଶିରସ୍)—ତ୍ରିଶିରା ୩ (ଦେଖ)
Triśira Triśirā 3 (See)

ବଗଡବେଦାନ୍ତକ ତ୍ରିଶିର ନରାନ୍ତକ ମହୋଦର ଅତ କାମୁକ—
ଉପେନ୍ଦ୍ର: ବୈଦେହୀଶବିଳାସ।

ତ୍ରିଶିରା—ସଂ. ବିଣ. (ତ୍ରିଶିରସ୍ ଶବ୍ଦ, ବହୁବ୍ରୀହି; ତ୍ରି+ଶିରସ୍, ୧ମା. ୧ବ)—ତିନିମୁଣ୍ଡିଆ—Three-headed.
Triśirā
ବି—୧ । କୁବେର—1. God Kubera.
୨ । ଜ୍ୱର ପୁରୁଷ—2. The demon presiding over fever; fever personified as a Deity.
[ଦ୍ର—ହରିବଂଶରେ ଲେଖା ଅଛି ଯେ ବାଣାସୁରର ସହାୟତା କରିବା ପାଇଁ ମହାଦେବ ନିଜ ଶରୀରରୁ ଏହାଙ୍କୁ ଉତ୍ପନ୍ନ କରିଥିଲେ। ଏହାର ୩ ମୁଣ୍ଡ, ୩ ଗୋଡ଼, ୬ ହାତ ଓ ୯ ଆଖି।]
୩ । (ରାମାୟଣୋକ୍ତ) ଖରର ସେନାପତି; ରାକ୍ଷସବିଶେଷ—
3. Name of a demon; a commander of the demon Khara.
[ଦ୍ର—ଏ ରାବଣର ଏକ ଭାଇ। ଏ ଖର ଦୂଷଣଙ୍କ ସଙ୍ଗେ ଦଣ୍ଡକାରଣ୍ୟରେ ରହୁଥିଲା। ରାମଚନ୍ଦ୍ର ଏହାଙ୍କୁ ବଧ କଲେ।]
୪ । ତ୍ୱଷ୍ଟା ପ୍ରଜାପତିଙ୍କର ଏକ ପୁତ୍ର—
4. Name of a son of Twashṭā.

ତ୍ରିଶିରାପଲ୍ଲୀ—ଦେ. ବି. (ନାମ)—ତ୍ରିଚିନାପଲ୍ଲୀ (ଦେଖ)
Triśirāpalli Trichināpalli (See)

ସା ଶରେ ତ୍ରିଶିରାପଲ୍ଲୀ ଅଭିରାମ
ବଧିଲେ ତ୍ରିଶିରା ରକ୍ଷେ ଯହିଁ ରାମ—ଚନ୍ଦ୍ରାମଣି. ମହୋଦଧି।

ତ୍ରିଶୀର୍ଷକ—ସଂ. ବିଣ. (ବହୁବ୍ରୀହି; ତ୍ରି+ଶୀର୍ଷ+କ)—ତିନିମୁଣ୍ଡିଆ—
Triśirshaka Three-headed.
ବି—ତିନି ଫଳକଯୁକ୍ତ ଅସ୍ତ୍ର; ତ୍ରିଶୂଳ—
Trident; a three-pronged weapon.

ତ୍ରିଶୂଳ—ସଂ. ବି. (ବହୁବ୍ରୀହି; ତ୍ରି+ଶୂଳ ଯାହାର)—
Triśūla ୧ । ତ୍ରିଫଳକଯୁକ୍ତ ମହାଦେବଙ୍କ ଅସ୍ତ୍ର—
1. The trident; the weapon of Śiba.
୨ । ତିନି ତେଣ୍ଟିଆ ମୁନା ଅସ୍ତ୍ର—
2. A pitchfork.

ତ୍ରିଶୂଳ ଧାରିଣୀ—ସଂ. ବି. ସ୍ତ୍ରୀ—ଦୁର୍ଗା—
Triśūla dhāriṇī Goddess Durgā.
(ତ୍ରିଶୂଳଧାରୀ—ପୁଂ) ବିଣ—ତ୍ରିଶୂଳ ଧରିଥିବା (ସ୍ତ୍ରୀ)—
(a female) Holding the trident.

ତ୍ରିଶୂଳଧାରୀ—ସଂ. ବି. ପୁଂ. (ତ୍ରିଶୂଳ+ଧୃ ଧାତୁ ଇନ୍; ୧ମା. ୧ବ)—
Triśūladhārī ମହାଦେବ—Śiba.
(ତ୍ରିଶୂଳଧାରିଣୀ—ସ୍ତ୍ରୀ) ବିଣ—ତ୍ରିଶୂଳ ଧରିଥିବା ବ୍ୟକ୍ତି—
Holding the trident.

ତ୍ରିଶୂଳିନୀ—ସଂ. ବି. ଓ ବିଣ. (ତ୍ରିଶୂଳ+ଅସ୍ତି ଅର୍ଥରେ ଇନ୍+ସ୍ତ୍ରୀ. ଈ)—ତ୍ରିଶୂଳଧାରିଣୀ (ଦେଖ)
Triśūlini Triśūladhāriṇī (See)

ତ୍ରିଶୂଳୀ—ସଂ. ବି. ଓ ବିଣ. (ତ୍ରି+ଶୂଳ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—ତ୍ରିଶୂଳଧାରୀ (ଦେଖ)
Triśūlī Triśūladhārī (See)

ତ୍ରିଶୂଳୀ ବାତ—ଦେ. ବି—ଏକପ୍ରକାର ଭୟଙ୍କର ବାତ ରୋଗ—
Triśūlī bāta A kind of fatal fit.

ତ୍ରିଶୃଙ୍ଗ—ସଂ. ବି. (ବହୁବ୍ରୀହି; ତ୍ରି+ଶୃଙ୍ଗ)—୧ । ତ୍ରିକୂଟ ପର୍ବତ—
Triśṛuṅga 1. Name of a three headed mountain.
୨ । ତ୍ରିକୋଣ; ତ୍ରିଭୁଜ—2. Triangle.
ସଂ. ବିଣ—୧ । ତିନୋଟି ଶିଙ୍ଗବିଶିଷ୍ଟ (ପଶୁ)—
1. Three horned (animal).

୧	ଇ	ଉ	ଋ,ଝ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଡ଼	ଣ,ଶ	କ୍ଷ	ଇଯ୍	ଉଅ	ଢ଼
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଔ	ନ

୨ । ତିନୋଟି ଶୃଙ୍ଗବିଶିଷ୍ଟ (ପର୍ବତ)—
2. (mountain) Having three peaks.

ତ୍ରିଶୃଙ୍ଗୀ—ସ. ବି. (ତ୍ରି + ଶୃଙ୍ଗ + ଇନ୍; ୧ମା. ୧ବ)—
Trisṛungi ୧ । ରୋହିମାଛ—1. Name of a big fresh water fish (Rohita) Cyprinus Rohita.
୨ । ଶିଙ୍ଗିମାଛ—2. Sacco branchus fossillis.
୩ । ରୁଦ୍ରାନୁଚରବିଶେଷ—
3. Name of an attendant of Śiba.

ତ୍ରିଷଷ୍ଟି—ସ. ବି. ଓ ବିଣ. (ମ. ପ. ଲୋ; କର୍ମଧା; ତ୍ରି + ଷଷ୍ଟି)—
Trishashṭi ଷାଠିଏରୁ ତିନି ଅଧିକ; ତେଷଠି; ୬୩—
63; Sixty three.

ତ୍ରିଷଷ୍ଟ—ସ. ଭଣ. (ତ୍ରିଷଷ୍ଟୀ + ଅ)—ତେଷଠିର ପୂରଣ—
Trishashṭha Sixty three.

ତ୍ରିଷ୍ଟ—ସ. ବି—ତିନି ଚକିଆ ଗାଡ଼ି—
Trishṭa Tricycle.

ତ୍ରିଷ୍ଟୁପ୍—ସ. ବି—ପ୍ରତ୍ୟେକ ଚରଣରେ ୧୧ ଅକ୍ଷର ଥିବା ବୈଦିକ
Trishṭup ଛନ୍ଦୋବିଶେଷ—A vedic metre having
(ତ୍ରିଷ୍ଟୁଭ୍—ଅନ୍ୟରୂପ) eleven syllables in every foot
[ଦ୍ର—ସୁମୁଖୀ, ଇନ୍ଦ୍ରବଜ୍ରା, ଉପେନ୍ଦ୍ରବଜ୍ରା, କୀର୍ତ୍ତି, ବାଣୀ, ମାଳା, ଶାଳା, ହଂସୀ, ମାୟା, ଜାୟା, ବାଳା, ଆର୍ଦ୍ରା, ଭଦ୍ରା, ପ୍ରେମା, ରାମା, ରଥୋଦ୍ଧତା, ଦୋଧକ, ଋଦ୍ଧି, ସିଦ୍ଧି, ବୁଦ୍ଧି ଏ ଛନ୍ଦର ପ୍ରଧାନ ଭେଦ ।]

ତ୍ରିସନ୍ଧି—ସ. ବି—ସଦାବିହାରୀ ଫୁଲ—Name of a flower;
Trisandhi Periwinkle.
ଏ ଫୁଲର ଅନ୍ୟ ସ. ନାମ—
ସାନ୍ଧ୍ୟକୁସୁମା, ସନ୍ଧିବଲ୍ଲୀ, ସଦାଫଳା,
ତ୍ରିସନ୍ଧ୍ୟକୁସୁମା, କାଣ୍ଡା,
ସୁକୁମାର ସନ୍ଧିଜା
(ତ୍ରିସନ୍ଧ୍ୟକୁସୁମ—ଅନ୍ୟରୂପ)
[ଦ୍ର—ଏହା ଧଳା ଓ ରକ୍ତ ନାଲି ଉଭୟ ରଙ୍ଗର ଦେଖାଯାଏ ।]
ଦେ. ବି—ବିଷମ ସମସ୍ୟା—
Trelemma; a puzzle

ତ୍ରିସନ୍ଧ୍ୟ—ସ. ବି. (ଦ୍ୱିଗୁ, ତ୍ରି + ସନ୍ଧ୍ୟା)—ସକାଳ, ଦ୍ୱିପହର ଓ
Trisandhya ସନ୍ଧ୍ୟାବେଳ ଦିନର ଏହି ତିନିକାଳ—
Morning, noon and evening.

ତ୍ରିସନ୍ଧ୍ୟା—ସ. ବି. (କର୍ମଧାରୟ; ତ୍ରି + ସନ୍ଧ୍ୟା = ମିଳନକାଳ)—
Trisandhyā ସକାଳ, ଦ୍ୱିପହର ଓ ସନ୍ଧ୍ୟାବେଳ; ଦିବସର ତିନି ବେଳ; ତ୍ରିକାଳ—Dawn. noon and eve; the three diurnal junctions

ତ୍ରିସପ୍ତ—ସ. ବି. ଓ ବିଣ. (ତ୍ରି = ତ୍ରିଗୁଣିତ + ସପ୍ତ)—୨୧ ସଂଖ୍ୟା—
Trisapta Twenty one; 21

ତ୍ରିସପ୍ତତି—ସ. ବି. ଓ ବିଣ. (ତ୍ରି ଅଧିକ + ସପ୍ତତି = ସତୁରି)—
Trisaptati ସତୁରି ଅପେକ୍ଷା ତିନି ଅଧିକ ସଂଖ୍ୟା; ତେସ୍ତୁରି; ୭୩—
Seventy three; 73.

ତ୍ରିସବନ—ସ. ବି (ତ୍ରି + ସବନ = ସ୍ନାନ)—ଦିନ ମଧ୍ୟରେ ତିନିଥର
Trisabana ସ୍ନାନ; ତ୍ରିସନ୍ଧ୍ୟାରେ ସ୍ନାନ—Bathing thrice during the day (viz in the morning, at noon and in the evening).

ତ୍ରିସମ—ସ. ବି (ଆୟୁର୍ବେଦୋକ୍ତ)—ସମାନଭାବରେ ହରିଡ଼ା, ନାଗର
Trisama ମୁଥା (ମତାନ୍ତରରେ ଶୁଣ୍ଠି) ଓ ଗୁଡ଼ ମିଶ୍ରିତ ଔଷଧ—
A medicinal preparation consisting of three equal quantities of myrabolan, grass-root and molasses mixed together.

ତ୍ରିସର—ସ. ବି—୧ । ଚାଉଳ ଓ ରାଶିରେ ପ୍ରସ୍ତୁତ ଏକପ୍ରକାର ଖେଚୁଡ଼ି—
Trisara 1. A dish composed of rice and sessamum seeds boiled together.
୨ । ଖେସାରୁ—2. Lathyrus Sativus.

ତ୍ରିସରି ମୁଦି—ଦେ. ବି—ହାତ ଅଙ୍ଗୁଠିରେ ପିନ୍ଧାଯିବା ଏକପ୍ରକାର
Trisari mudi ମୁଦି—(ଗୋଟିଏ ତାରକୁ ତିନିଥର ବୁଲାଯାଇ ଏ ମୁଦି ତିଆରି ହୋଇଥାଏ)—A kind of finger ring for the hands.

ବାମ କରର ଅଙ୍ଗୁଳି,
ତ୍ରିସରି ମୁଦିରେ ଝଳ—ଭଞ୍ଜ. ପ୍ରେମସୁଧାନିଧି ।

ତ୍ରିସାମା—ସ. ବି. ପୁଂ (ତ୍ରିସାମନ୍ ଶବ୍ଦ ୧ମା. ୧ବ)—(ବିଷ୍ଣୁସହସ୍ର
Trisāmā ନାମୋକ୍ତ) ବିଷ୍ଣୁଙ୍କ ନାମ—A name of Bishṇu.
ସ୍ତ୍ରୀ—(ଭାଗବତ) ମହେନ୍ଦ୍ର ପର୍ବତରୁ ବାହାରିଥିବା ନଦୀବିଶେଷ—
Name of a river rising from the Mahendra mountain.

ତ୍ରିସାହସ୍ର—ସ. ବି (ତ୍ରି + ସାହସ୍ର)—ତିନିହଜାର ପରିମିତ—
Trisāhasra Numbering three thousand; consisting of three thousand.

ତ୍ରିସିତା—ସ. ବି (ସମାହାର ଦ୍ୱିଗୁ; ତ୍ରି + ସିତା)—(ବୈଦ୍ୟକ) ଗୁଡ଼, ଚିନି ଓ ମିଶ୍ରିର ସମାହାର—(Ayurveda) A mixture of three kinds of sugar (i. e. molasses, refined sugar and sugar candy.)

ତ୍ରିସୀତ୍ୟ—ସ. ବିଣ (ତ୍ରି + ସୀର ଧାତୁ = ଚାଷ କରିବା + କର୍ମ. ଯ)—
Trisitya ତିନି ଓଡ଼ ହଳ ହୋଇଥିବା; ତିନିଥର ଚଷା ଯାଇଥିବା; ତ୍ରିବାର କର୍ଷିତ—Thrice tilled or ploughed; thrice furrowed (land).

ତ୍ରିସୀମା—ଦେ. ବି—ସନ୍ନିଧି; ନିକଟ; ସମୀପ—
Trisimā Proximity; vicinity.
ত্রিসীমা (ଯଥା—ସେ ବିଦ୍ୟାଳୟର ତ୍ରିସୀମା ମାଡ଼ି ନାହାନ୍ତି, ସେ
त्रिसीमा ପଣ୍ଡିତ ବୋଲି ପୂଜା ପାଉଅଛନ୍ତି ।)

> ସାଧାରଣ ଲେଖେ ଅପର ପୃଷ୍ଠାରେ ସତତ ୧ ଚକ୍ର ଅଙ୍କ ୨ ଓ ମାତ୍ରା ଏବଂ ୨ ଚକ୍ର ଅକ୍ଷର ଓ ମାତ୍ରା ମାନରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ତ୍ରିସୁଗନ୍ଧି—ସଂ. ନ (ସମାହାର ଦ୍ୱନ୍ଦ୍ୱ; ତ୍ରି+ସୁଗନ୍ଧ)—(ବୈଦ୍ୟକ)
Trisugandhi ଡାଲଚିନି, ଅଳେଇଚ ଓ ତେଜପତ୍ରର ସମାହାର—
(Ayurveda) A mixture of three scented articles (viz. cinnamon, cardamom and Cassia leaves.

ତ୍ରିସ୍କନ୍ଧ ଜ୍ୟୋତିଷ—ସଂ. ନ (ଜ୍ୟୋତିଷ)—ତିନିଗୋଟି ଶାଖା (ଗଣିତ,
Triskandha jyotisha ସଂହିତା ଓ ହୋରା) ବିଶିଷ୍ଟ ଜ୍ୟୋତିଷ ଗ୍ରନ୍ଥ—Hindu Astronomy consisting of three sections.

ତ୍ରିସ୍ପୃଶା—ସଂ. ବି. ସ୍ତ୍ରୀ (ତ୍ରି+ସ୍ପୃଶ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Trisprusā ଯେଉଁ ଏକାଦଶୀରେ ଏକାଦଶୀର କ୍ଷୟ ହୋଇ
(ତ୍ରିସ୍ପର୍ଶା—ଅନ୍ୟରୂପ) ପରେ ଦ୍ୱାଦଶୀ ଓ ରାତ୍ରି ଶେଷରେ ତ୍ରୟୋଦଶୀର ସଂଯୋଗ ହୁଏ—A day on which Ekādasī, Dwādasi and Trayodasi the 3 lunar days fall in the course of one solar day.
[ଦ୍ର—ଏହା ପୁଣ୍ୟ କାର୍ଯ୍ୟ କରିବା ପାଇଁ ପ୍ରଶସ୍ତ ତିଥି ଅଟେ ।]

ତ୍ରିସ୍ରୋତାଃ—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ତ୍ରି+ସ୍ରୋତସ୍)—ତିନି
Trisrotāḥ ଧାରରେ ବୋହି ଯାଉଥିବା—Flowing in three currents.
ବି—ତ୍ରିପଥଗା; ଗଙ୍ଗାନଦୀ; ଭାଗୀରଥୀ—The river Ganges (said to flow through three worlds).

ତ୍ରିହଲ୍ୟ—ସଂ. ବିଣ—ତ୍ରିସୀତ୍ୟ (ଦେଖ)
Trihalya Trisītya (See)

ତ୍ରୈହାୟଣ—ସଂ. ବିଣ. ପୁଂ (ତ୍ରି+ହାୟନ=ବର୍ଷ, ଯାହାର)—
Trihāyaṇa ୧ । ତିନି ବର୍ଷ ବୟସ୍କ (ଗବାଦି)—1. (a calf)
(ତ୍ରିହାୟଣୀ—ସ୍ତ୍ରୀ) Aged three years.
୨ । ତିନି ବର୍ଷର—Of three years.

ତ୍ରିହାୟଣୀ—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ତ୍ରି+ହାୟନ+ସ୍ତ୍ରୀ. ଈ)—
Trihāyaṇī ୧ । ତିନି ବର୍ଷୀୟା ଗାଈ; ଗାଭୀ—1. A heifer three years old.
୨ । (ପୁରାଣ ମତରେ ତିନିଯୁଗରେ ଜନ୍ମଗ୍ରହଣ କରିଥିବା ସ୍ତ୍ରୀ) ଦ୍ରୌପଦୀ—2. Draupadi.
[ଦ୍ର—ଏ ସତ୍ୟ ଯୁଗରେ ବେଦବତୀ, ତ୍ରେତାରେ ଜାନକୀ, ଦ୍ୱାପରରେ ଦ୍ରୌପଦୀ ରୂପେ ଜନ୍ମଗ୍ରହଣ କରିଥିଲେ ।]

ତ୍ରିହୁତ—ଦେ. ବି (ନାମ) ସଂ. ତୀରଭୁକ୍ତି)—ତିରହୁତ୍; ମିଥିଳା ଅନ୍ତର୍ଗତ
Trihuta ଦେଶ; ଆଧୁନିକ ବିହାରର ଦ୍ୱାରଭଙ୍ଗା ଓ ମଜଫରପୁର
ত্রিহুত ଜିଲ୍ଲା—Tirhoot.
त्रिहुत [ଦ୍ର—ଏହାକୁ ଗଙ୍ଗା, ଗଣ୍ଡକୀ ଓ କୌଶିକୀ ଏହି ତିନି ଗୋଟି ନଦୀ ଘେରି ରହିଅଛି ।]

ତ୍ରୁଟ୍ (ଧାତୁ)—ସ—ଛିନ୍ନ ହେବା—
Truṭ (root) 1. To break into pieces.
୨ । କଟିବା—2. To diminish; to dwindle.

ତ୍ରୁଟି—ସଂ. ବି. ସ୍ତ୍ରୀ (ତ୍ରୁଟ୍ ଧାତୁ+କର୍ମ. ଇ)—୧ । ଅଂଶ; ଖଣ୍ଡ; କ୍ଷୁଦ୍ର
Truṭi ଖଣ୍ଡ—1. A small bit; fragments.
(ତ୍ରୁଟୀ—ଅନ୍ୟରୂପ) ୨ । କାର୍ତ୍ତିକେୟଙ୍କର ଏକମାତୃକା—
2. One of the foster mothers of Kārttikeya.
୩ । କମତି; ନ୍ୟୂନତା; ଅଳ୍ପତା—
3. Defect; omission; deficit.
୪ । କ୍ଷତି; ନୋକସାନ—4. Loss.
୫ । ଅଭାବ—5 Want.
୬ । ଅପଚୟ—6. Waste; deterioration.
୭ । ଅନିଷ୍ଟ, ହାନି—7. Loss; injury; mischief.
୮ । ଭୁଲ—8. Mistake.
୯ । ଦୋଷ; ଅପରାଧ—
9. Fault; crime; neglect of duty.
୧୦ । ଅଙ୍ଗୀକାର ଭଙ୍ଗ—10. Breach of promise.
୧୧ । ସ୍ଖଳନ—11. Act of slipping away; deviation from the path of rectitude.
୧୨ । କ୍ଷଣକାଳ; ଦୁଇ, (ମତାନ୍ତରରେ) ଚାରି ଓ (ମତାନ୍ତରରେ) ପାଞ୍ଚ କ୍ଷଣ ପରିମିତ କାଳ—12 A short space of time; a moment.

ତ୍ରୁଟି ହେଲେ କରିଣ, ଏବେ ମୋର କି ଦୋଷୁଁ
କୁଟିଳାକ୍ଷୀ ତୋ ସ୍ନେହ ଭୁଟିଲା ରେ । କବିସୂର୍ଯ୍ୟ. ସଙ୍ଗୀତ ।

୧୩ । ଛୋଟ ଅଳେଇଚ; ଗୁଜରାତି—
13 Small cardamom.
୧୪ । ସଂଶୟ; ସନ୍ଦେହ—14. Doubt.

ତ୍ରୁଟିତ—ସଂ. ବିଣ (ତ୍ରୁଟ୍. ଧାତୁ+କର୍ମ. ତ)—୧ । କଟା ଯାଇଥିବା—
Truṭita 1. Cut.
୨ । ଭଗ୍ନ; ଭଙ୍ଗା—2. Broken.
୩ । ସ୍ଖଳିତ—3. Deviated.
୪ । ଆଘାତପ୍ରାପ୍ତ; ଆହତ—4. Hurt; injured.

ତ୍ରେତୟା—ଗ୍ରା. ବି—(ସଂ. ତ୍ରେତା)—ତ୍ରେତା ୧ (ଦେଖ)
Tretayā Tretā 1 (See).

ତ୍ରେତୟା ଯୁଗ ହେଲ ଅନ୍ତେ
ଦ୍ୱାପର ଯୁଗ ଉପଗତେ—ଜଗନ୍ନାଥ. ଭାଗବତ ।

ତ୍ରେତା—ସଂ. ବି (ତ୍ରୈ. ଧାତୁ=ରକ୍ଷା କରିବା+ଇତ=ପ୍ରାପ୍ତ+ଅ;
Tretā ଅଥବା ତ୍ରି+ଇତ+ଅ)—୧ । ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏହି ଚାରି ଯୁଗ ମଧ୍ୟରୁ ଦ୍ୱିତୀୟ ଯୁଗ—
1. The age of the world between the Satya and Dwāpara ages according to the Hindns.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	ଙ୍ଗ	ଇୟ	ତ୍ଥ	ଣ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍ଦ

[ଦ୍ର—ଏହାର ବର୍ଷ ସଂଖ୍ୟା ୧୨୯୬୦୦୦ ବର୍ଷ । କାର୍ତ୍ତିକ ଶୁକ୍ଳ ନବମୀ ଦିନ ଏ ଯୁଗ ଆରମ୍ଭ ହୋଇଥିଲା । ଏ ଯୁଗରେ ପରଶୁରାମ ଓ ଶ୍ରୀରାମ ଅବତାର ଗ୍ରହଣ କରିଥିଲେ ।]

୨ । ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ ନାମକ ଅଗ୍ନିତ୍ରୟ—
2. The three sacrificial fires.

୩ । ପଶାଖେଳରେ ତିନିଗୋଟି କାଠିରେ ତିନିଟି ମାତ୍ର ଚିହ୍ନ ଲେଉଟିବା ଅବସ୍ଥା—3. A throw of the dice resulting in three dots turning up

୪ । କଉଡ଼ି ଖେଳରେ ତିନି କଉଡ଼ି ଚିତ ହୋଇ ପଡ଼ିବା ଦାନ—4. A throw in a game at cowries in which three cowries fall with their ventral side upwards.

ତ୍ରେତାଗ୍ନି—ସଂ. ବି—ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ ଏହି ତିନି ପ୍ରକାର ଅଗ୍ନି—Three kinds of sacrificial fires.
Tretāgni

ତ୍ରେତାପୁରୀ—ଦେ. ବି (ନାମ)—ହିମାଳୟର ପାଦଦେଶସ୍ଥ [illegible] ଗୋଟିଏ ବୌଦ୍ଧତୀର୍ଥ—Name of a Buddhist sacred place at the foot of the Himalayas.
Tretāpurī

ତ୍ରେଧା—ସଂ. ଅ (ତ୍ରି+ଧା)—ତ୍ରିଧା; ତିନି ଥର; ତିନି ପ୍ରକାରେ; ତିନି ଭାଗରେ—In three; thrice
Tredhā
(ତ୍ରୈଧା, ତ୍ରୈଧ—ଅନ୍ୟରୂପ)

ତ୍ରୈ (ଧାତୁ)—ସଂ.—ରକ୍ଷା କରିବା—To save.
Trai (root)

ତ୍ରୈକାଳିକ—ସଂ. ବିଣ (ତ୍ରିକାଳ+ସମ୍ବନ୍ଧାର୍ଥେ. ଇକ)—୧ । ତ୍ରିକାଳ (ଭୂତ, ଭବିଷ୍ୟତ ଓ ବର୍ତ୍ତମାନ) ସମ୍ବନ୍ଧୀୟ—1. Eternal; appertaining to all the time.
Traikālika

୨ । ସକାଳ, ସନ୍ଧ୍ୟା ଓ ଦ୍ୱିପ୍ରହରସମ୍ବନ୍ଧୀୟ—
2. Done during the three periods of the day.

ତ୍ରୈଗୁଣିକ—ସଂ. ବିଣ (ତ୍ରିଗୁଣ+ଇକ)—୧ । ତିନିଗୁଣା—1. Thrice as much.
Traiguṇika

୨ । ତିନିଗୁଣ ଗ୍ରହଣକାରୀ—2. Taking thrice as much.

୩ । ଯେଉଁ ମହାଜନ ମୂଳଧନର ତିନିଗୁଣ ସୁଧ ନିଏ—
3. An exorbitant creditor taking thrice as much of the capital advanced.

ତ୍ରୈଗୁଣ୍ୟ—ସଂ. ବି (ତ୍ରିଗୁଣ+ସ୍ୱାର୍ଥେ. ଯ)—୧ । ସତ୍ତ୍ୱ, ରଜଃ, ତମଃ ଏହି ତିନି ଗୁଣର ସମଷ୍ଟି—1. The aggregate of the three primordial attributes of nature.
Traiguṇya

୨ । ଦଉଡ଼ି ତିନି ସର ଲଗା ହେବା ଅବସ୍ଥା—
2. The state of having been twested or wrought with three strings.

୩ । ତିନିଗୁଣର ଭାବ—3, The state of containing the three attributes.

ବିଣ—ତ୍ରିଗୁଣସମ୍ବନ୍ଧୀୟ—Relating to three fundamental attributes of nature.

[ଦ୍ର—ତ୍ରି ସଂଯୁକ୍ତ ଶବ୍ଦମାନଙ୍କରେ, ସ୍ୱାର୍ଥରେ, ବ୍ୟାପ୍ତ୍ୟର୍ଥେ, ସମ୍ବନ୍ଧାର୍ଥେ, ଜାତାର୍ଥେ, ଅ, ଯ ଆଦି ପ୍ରତ୍ୟୟ ହୋଇ 'ତ୍ରୈ' ଆଦ୍ୟାକ୍ଷର ଶବ୍ଦ ନିଷ୍ପନ୍ନ ହୁଏ, ଯଥା—ତ୍ରୈଧାତୁକ—ତିନିଧାତୁ ମିଶ୍ରିତ । ତ୍ରୈପୁର—ତ୍ରିପୁର ସମ୍ବନ୍ଧୀୟ । ତ୍ରୈପୁରୁଷ—ତ୍ରିପୁରୁଷ ସମ୍ବନ୍ଧୀୟ । ତ୍ରୈବର୍ଗ୍ୟ ଓ ତ୍ରୈବର୍ଗିକ—ତ୍ରିବର୍ଗ ସମ୍ବନ୍ଧୀୟ । ତ୍ରୈବର୍ଣ୍ଣିକ—ତ୍ରିବର୍ଣ୍ଣ ସମ୍ବନ୍ଧୀୟ । ତ୍ରୈବାର୍ଷିକ—ତ୍ରିବର୍ଷ ସମ୍ବନ୍ଧୀୟ । ତ୍ରୈମାସିକ—ତ୍ରିମାସ ସମ୍ବନ୍ଧୀୟ । ତ୍ରୈବିକ୍ରମ—ତ୍ରିବିକ୍ରମ ସମ୍ବନ୍ଧୀୟ । ତ୍ରୈବିଧ—ତ୍ରିବିଧ ଭାବ । ତ୍ରୈଶଙ୍କବ—ତ୍ରିଶଙ୍କୁ ସମ୍ବନ୍ଧୀୟ ଇତ୍ୟାଦି ।]

ତ୍ରୈପୁରୁଷ—ସଂ. ବିଣ. (ତ୍ରିପୁରୁଷ+ସମ୍ବନ୍ଧାର୍ଥେ. ଅ)—ତିନିପୁରୁଷ ବ୍ୟାପୀ—Extending over three generations.
Traipurusha

ତ୍ରୈବାର୍ଷିକ—ଦେ. ବିଣ. (ତ୍ରିବାର୍ଷିକର ଅଶୁଦ୍ଧ ପ୍ରୟୋଗ)—ତ୍ରିବାର୍ଷିକ (ଦେଖ) Tribārshika (See)
Traibārshika

ତ୍ରୈବିଦ୍ୟ—ସଂ. ବିଣ. (ତ୍ରିବିଦ୍ୟା+ଜ୍ଞାନାର୍ଥେ. ଅ)—ତ୍ରିବେଦୀ; ତ୍ରିବେଦାଧ୍ୟାୟୀ—Learned in three Vedās.
Traibidya

ତ୍ରୈବିଧ୍ୟ—ସଂ. ବି. (ତ୍ରିବିଧ+ଭାବ. ଯ)—୧ । ତିନିପ୍ରକାର—1. Three sorts;
Traibidhya

୨ । ତ୍ରିବିଧତ୍ୱ—2. The state of being of three kinds.

ତ୍ରୈମାତୁର—ସଂ. ବି. (ତ୍ରି+ମାତୃ+ଉର)—(କୌଶଲ୍ୟା ଓ କୈକେୟୀଙ୍କ ପ୍ରଦତ୍ତ ଚରୁର ଫଳରେ ସୁମିତ୍ରାଙ୍କ ଗର୍ଭଜାତ ସନ୍ତାନ) ଲକ୍ଷ୍ମଣ—Lakshmaṇa (a brother of Rāma).
Traimātura

ତ୍ରୈମାସିକ—ସଂ. ବିଣ. (ତ୍ରିମାସ+ଇକ)—୧ । ତିନିମାସରେ ଘଟିବା—1. Quarterly.
Traimāsika

୨ । ତିନିମାସ ଅନ୍ତରେ ପ୍ରକାଶିତ—
2. Appearing once in three months published quarterly.

ତ୍ରୈରାଶିକ—ସଂ. ବି.—(ତ୍ରିରାଶି+ପରିମାଣାର୍ଥେ. କ)—(ଗଣିତ) ତିନି ଗୋଟି ରାଶିର ପରସ୍ପର ଘଟିତ ଅଙ୍କପ୍ରଣାଳୀ—(Arithmetic) The rule of three.
Trairāśika

[ଦ୍ର—ଏହାଦ୍ୱାରା ତିନିଗୋଟି ଦତ୍ତ ରାଶି ସାହାଯ୍ୟରେ ୪ର୍ଥ ଅଜ୍ଞାତ ରାଶି ଜଣା ପଡ଼େ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମାନଙ୍କରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଯଥା—ଜଣକୁ ଟ ୧୦୧ ଦିଅଗଲେ ୧୫ ଜଣକୁ କେତେ ଦିଆଯିବ । ଏହାକୁ ତ୍ରୈରାଶିକ ପ୍ରଣାଳୀରେ କଲେ

୧ : ୧୫ : ଟ ୧୦ : ଅଜ୍ଞାତ;

ଏଥିର ସାଧନ; ଅଜ୍ଞାତ $\frac{୧୫ \times ୧୦}{୧}$ = $\frac{୧୫୦}{୧}$ = ଟ ୧୫୦ ।]

ବିଣ.—ଜ୍ୟୋତିଷୋକ୍ତ ତିନଗୋଟି ରାଶି ସମ୍ବନ୍ଧୀୟ—
Belonging to three signs of zodiac.

ତ୍ରୈଲୋକ୍ୟ—ସଂ. ବି.— (ତ୍ରିଲୋକ + ସ୍ୱାର୍ଥ. ଯ)—ତ୍ରିଲୋକ; ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ—The three worlds together.
Tr**ai**lokya

ତ୍ରୈଲୋକ୍ୟ ବିଜୟ—ସଂ. ବି.—୧ । ତ୍ରିଲୋକକୁ ଜିଣିବା—
Tr**ai**lokya bijaya 1. Victory over three worlds.

ବିଣ.—ଯେ ତ୍ରିଲୋକକୁ ଜୟ କରିଅଛି—
Victorious over the three worlds.

ତ୍ରୈଲୋକ୍ୟ ବିଜୟା—ସଂ. ବି. ସ୍ତ୍ରୀ.—ଭାଙ୍ଗ; ସିଦ୍ଧି—A decoction or paste made of the leaves of Canabis Indica, inducing intoxication.
Tr**ai**lokya bijayā

ତ୍ରୈଲୋକ୍ୟ ମୋହନ—ସଂ. ବିଣ. ପୁଂ—୧ । ତ୍ରିଲୋକର ବଶକାରୀ—
Tr**ai**lokoya mohana One who enchants the three worlds.
(ତ୍ରୈଲୋକ୍ୟମୋହନା, ତ୍ରୈଲୋକ୍ୟମୋହିନୀ—ସ୍ତ୍ରୀ)

୨ । ଅତ୍ୟନ୍ତ ସୁନ୍ଦର—
2. Very charming; beautiful.

ତ୍ରୈଲୋକ୍ୟମୋହିନୀ—ଦେ. ବି. ସ୍ତ୍ରୀ—(ସଂ. ତ୍ରୈଲୋକ୍ୟମୋହିନୀ)—
Tr**ai**lokya mhoanī ଅତି ସୁନ୍ଦରୀ—Very beautiful (woman).

ତ୍ରୈଲୋକ୍ୟ ମୋହେନୀ,
ତ୍ରୈଲୋକ୍ୟମୋହୋନୀ } ଅନ୍ୟରୂପ

ତ୍ରୋଟକ—ସଂ. ବିଣ.—(ତ୍ରୁଟ୍ ଧାତୁ+କରଣ. ଅକ)—ଛେଦକ—
Troṭaka Cutting.

ବି—୧ । ଦୃଶ୍ୟ କାବ୍ୟ ବା ନାଟକବିଶେଷ—
1. A species of drama (M.W)

[ଦ୍ର—ଏଥିରେ ୫ ଠାରୁ ୯ ଗୋଟି ଅଙ୍କ ଥାଏ । ସ୍ୱର୍ଗୀୟ ଓ ପାର୍ଥିବ ବିଷୟ ବ୍ୟାପାର ଏହାର ପ୍ରଧାନ ବର୍ଣ୍ଣନୀୟ ବିଷୟ । ଏଥିରେ ଶୃଙ୍ଗାର ପ୍ରଧାନ ରସ ।]

୨ । ବିଷଧର ପୋକବିଶେଷ—2. Name of venomous insect (M. W.)

୩ । କ୍ରୋଧମୟ ବାକ୍ୟ—3. Angry speech (M.W.)

ତ୍ରୋଟକୀ—ସଂ. ବି. ସ୍ତ୍ରୀ. (ତ୍ରୁଟ୍ ଧାତୁ + ଅକ + ଈ)—
Troṭakī ଛନ୍ଦୋବିଶେଷ—Name of a metre.

ତ୍ରୋଟି—ସଂ ବି. ସ୍ତ୍ରୀ. (ତ୍ରୁଟ୍ ଧାତୁ + କର୍ତ୍ତୃ. ଇ; ତୁଳ. ଇଂ. ଥ୍ରୋଟ୍)—
Troṭi ୧ । ପକ୍ଷୀର ଥଣ୍ଟ; ଚଞ୍ଚୁ—1. Beak; bill.

ବୈଦେହୀ ଶାହି କହି ଦେହି ବିଚାର ମୁଖ ତ୍ରୋଟି ହେଲୁ ।
ଉପେ. ବୈଦେହୀଶବିଳାସ ।

୨ । ମାଛର ମୁହଁ—2. The mouth of a fish (M.W)

୩ । ତୋଡ଼ି ମାଛ—
3. A kind of fresh water fish.

୪ । କଙ୍କ ପକ୍ଷୀ—4. The Kaṅka bird (M. W.)

୫ । କାଫଳ ବା କଟଫଳ ଗଛ—
5. A medicinal tree (Myric Nagi)

ତ୍ରୋଟିତ—ସଂ. ବି. (ତ୍ରୁଟ୍ ଧାତୁ+କର୍ମ. ତ)—
Troṭita ଭଗ୍ନ; ଯାହା ତୁଟି ଯାଇଅଛି—Broken (M. W).

ତ୍ରୋଟୀ—ସଂ. ବି. (ତ୍ରୁଟ୍ ଧାତୁ+ଅ+ଈ)—
Troṭī ୧ । ତଣ୍ଟି; ତୋଣ୍ଟ (ହି. ଶବ୍ଦସାଗର)—1. Throat.
୨ । ଚଞ୍ଚୁ; ଥଣ୍ଟ—2. Beak of a bird.

[ଦ୍ର—ତ୍ରୋଟୀ ଶବ୍ଦର ତୋଣ୍ଟ ବା ତଣ୍ଟି ଅର୍ଥ ଅପ୍ରେ, ମନିଅର ଉଇଲିଅମ୍‌ସ୍ ଓ ପ୍ରକୃତିବାଦରେ ନାହିଁ; ଜ୍ଞାନେନ୍ଦ୍ରଙ୍କ ବଙ୍ଗଳା ଅଭିଧାନରେ ତ୍ରୋଟି ଓ ତ୍ରୋଟୀ ଶବ୍ଦର ଏକ ଅର୍ଥ ଛନ୍ତି, ନରକଣ୍ଠର ଚଞ୍ଚୁବତ୍ ଉନ୍ନତ ଅସ୍ଥି ବୋଲି ଲେଖା ଅଛି ।]

ତ୍ରୋଣ—ଦେ. ବି. (ସଂ. ତୂଣ)—ଶରତୂଣ—
Troṇa A quiver.
तोण

ସ୍ୱର୍ଣ୍ଣ ନିର୍ମିତ ଧନୁ ତ୍ରୋଣ
ଅଭେଦ କବଚ ଭୂଷଣ—ଜଗନ୍ନାଥ. ଭାଗବତ ।

ତ୍ରୋଣା—ଦେ. ବି. (ସଂ. ତୋରଣ)—ଦୁଇ ଖୁଣ୍ଟରେ ବନ୍ଧା ହେବା ମାଳା; ତୋରଣ—A garland hung on two posts; festoon.
Troṇā
তোরনা
तोरना

ତ୍ରୋଣା ଲମ୍ବାଇ ଗୃହ ମଧ୍ୟେ
ଚନ୍ଦନ ଛେରା ସଙ୍ଗେବାଧ୍ରେ—ଜଗନ୍ନାଥ, ଭାଗବତ ।

ତ୍ରୋତଳ—ସଂ. ବିଣ—ତୋତଳା (ଦେଖ)
Trotaḷa Totalā (See)

ତ୍ରୋତ୍ର—ସଂ. ବି. (ତ୍ରୈ ଧାତୁ=ରକ୍ଷା କରିବା+ସଂଜ୍ଞାର୍ଥେ ତ୍ରୁଚ୍)—
Trotra ୧ । ପାଞ୍ଚଣ—1. A staff; a cowherd's or driver's staff.
୨ । ଚାବୁକ—2. Whip.
୩ । ରୋଗବିଶେଷ—3. A disease.

ତ୍ର୍ୟଂଶ—ସଂ. ବି. (ତ୍ରି=ତୃତୀୟ+ଅଂଶ)—ତୃତୀୟ ଅଂଶ—
Tryaṁśa One third.

ତ୍ର୍ୟକ୍ଷ—ସଂ. ବି. ପୁଂ. (ବହୁବ୍ରୀହି; ତ୍ରି+ଅକ୍ଷି)—ମହାଦେବ; ତ୍ରିଲୋଚନ—
Tryaksha God Śiba.
(ତ୍ର୍ୟକ୍ଷା—ସ୍ତ୍ରୀ) ସଂ. ବିଣ. ପୁଂ - ଯାହାର ତିନି ଗୋଟି ଆଖି—
Three-eyed.

ତ୍ର୍ୟକ୍ଷର—ସଂ. ବିଣ. (ବହୁବ୍ରୀହି; ତ୍ରି+ଅକ୍ଷର)—ତିନି ଅକ୍ଷରଯୁକ୍ତ—
Tryakshara Consisting of three letters.

ବି—୧ । ପ୍ରଣବ; ଓଁକାର (ଏହି ଅ· ଉ. ମ. ଏହି ୩ ଅକ୍ଷରର ସମଷ୍ଟି)—1. The mystic sound 'Om' uttered by the Hindus.

୧	ଇ	ଈ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ୍ଟ,ଷ	ଙ୍କ	ଙ୍ଗ	ଞ୍ଚ	ଣ୍ଡ
୨	ଇ	ଈ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଜ୍ଞ	ଷ	ଙ୍ଗ୍ୟ	ଞ୍ଚ	ଣ୍ଡ	ନ୍ତ

୨ । ତିନି ଅକ୍ଷରଯୁକ୍ତ ବର୍ଣ୍ଣ—2. A trigraph.
୩ । ବିବାହର ଘଟକ—3. A marriage-broker.

ତ୍ର୍ୟକ୍ଷା—ସ. ତ. ସ୍ତ୍ରୀ. (ତ୍ର୍ୟକ୍ଷ+ଆ)—ଦୁର୍ଗା—
Tryakshā Durgā,

ତ୍ର୍ୟଙ୍ଗଟ—ସ. ବି. (ତ୍ରି+ଅଙ୍ଗ+ଟ)—୧ । ତିନିକୋଣିଆ ବା ତିନି
Tryangata ପଟରୁ ଲାଗିଥିବା ଶିକାବିଶେଷ—
1. A hanging shelf.
୨ । ତେଙ୍ଗଡ଼ା—2, A grooved bracket in the corner of a wall for putting unstable pots.
୩ । ଈଶ୍ୱର—3. The supreme Being.
୪ । ଚନ୍ଦ୍ରମା—4. The moon.

ତ୍ର୍ୟମ୍ବକ—ସ. ବ. ପୁଂ. (ବହୁବ୍ରୀହି; ତ୍ରି+ଅମ୍ବକ=ଚକ୍ଷୁ)—
Tryambaka ତ୍ରିଲୋଚନ; ମହାଦେବ—Siba,

ତ୍ର୍ୟମ୍ବକା—ସ. ବି. ସ୍ତ୍ରୀ. (ତ୍ର୍ୟମ୍ବକ+ଆ)—ଦୁର୍ଗା—
Tryambakā Durgā.

ତ୍ର୍ୟଶୀତି—ସ. ବି ଓ ବିଣ. (ତ୍ରି+ଅଶୀତି)—ଅଶୀ ଅପେକ୍ଷା ତିନି ଅଧିକ
Tryasīti ସଂଖ୍ୟା; ତେୟାଅଶୀ; ୮୩—83; Eighty three.

ତ୍ର୍ୟଶୀତିତମ—ସ. ବିଣ—୮୩ ସଂଖ୍ୟାର ପୂରକ—
Tryasītitama Eighty third,

ତ୍ର୍ୟସ୍ର—ସ. ବି. (ବହୁବ୍ରୀହି; ତ୍ରି+ଅସ୍ର)—
Tryasra ୧ । ତିନିଗୋଟି କୋଣ—1. Three angles.
୨ । ତ୍ରିଭୁଜ—2. Triangle.

ତ୍ର୍ୟହସ୍ପର୍ଶ—ସ. ବି. (ତ୍ରି+ଅହନ୍+ସ୍ପର୍ଶ)—ଏକ ସୌର ଦିନରେ
Tryahasparsa ତିନି ତିଥିର ଭୋଗ—A day occupied by
(ତ୍ର୍ୟହସ୍ପୃଶ—ଅନ୍ୟରୂପ) parts of three lunar days.

ତ୍ର୍ୟାହିକ—ସ. ବିଣ. (ତ୍ର୍ୟହନ୍+ଇକ)—ତିନି ଦିନରେ ଘଟିତ—
Tryāhika Tertian; occurring every third day.
तिजारी ବି—ତିନି ଦିନେ ଘଟିବା ଜ୍ୱର—
Remittent fever occuring every third day; tertian fever.

ତ୍ସରୁ—ସ. ବି—୧ । ଖଡ୍ଗର ମୁଠା—1. The handle or hilt of
Tsaru a sword.
୨ । ଖଣ୍ଡାର ଖୋଳ—2. Scabbard.

ତ୍ହ—ଦେ. ବି. (କଚେରିଆ ଓ କରଣୀ ବ୍ୟବହାର; ସାଙ୍କେତିକ)—
T-ha ତହବିଲ ଓ ତହସିଲର ସାଙ୍କେତିକ ଚିହ୍ନ—
Abbreviation for 'Tahabil' or 'Tahasil'.

ତ୍ହଦାର—ଦେ. ବି. (କଚେରିଆ ଓ କରଣୀ ବ୍ୟବହାର)—
T-hadāra ତହସିଲଦାର (ଦେଖ)—Tahasildāra (See)

ତ୍ହବିଲ (ଇତ୍ୟାଦି)—ଦେ. ବି. (କଚେରିଆ ଓ କରଣୀ ବ୍ୟବହାର)—
T-habil (etc) ତହବିଲ (ଇତ୍ୟାଦି) (ଦେଖ)
Tahabila (etc) (See)

ତ୍ହସିଲ (ଇତ୍ୟାଦି)—(କଚେରିଆ ଓ କରଣୀ ବ୍ୟବହାର)—
T-ahsil (etc) ତହସିଲ (ଇତ୍ୟାଦି) (ଦେଖ)
Tahasila (etc) (See)

ଥ

ଥ—ସ—ସପ୍ତଦଶ ବ୍ୟଞ୍ଜନ ବର୍ଣ୍ଣ; ତ ବର୍ଗର ଦ୍ୱିତୀୟ ବର୍ଣ୍ଣ । ଏଥିର
Tha ଉଚ୍ଚାରଣ ସ୍ଥାନ ଦନ୍ତ, ତେଣୁ ଏହା 'ଦନ୍ତ୍ୟ' ବର୍ଣ୍ଣ—
The 17th letter of the consonants corresponding to the sound of 'th' in path.

ବି. (ସ୍ଥା ଧାତୁ=ରହିବା+କର୍ତ୍ତୃ. ଅ)—
୧ । ପର୍ବତ—1. Mountain,
୨ । (+ଭାବ. ଅ) ଭକ୍ଷଣ—2. Eating.
୩ । ଭୟତ୍ରାତା—3. Deliverer from fear.
୪ । ଭୟ ଚିହ୍ନ—4. Sign of fear.
୫ । ରକ୍ଷଣ—5. Protection.
୬ । (+କରଣ. ଅ) ଭୟ—6. Fear; terror.
୭ । ମଙ୍ଗଳ—7. Welfare.

ପ୍ରାଦେ. (ପୁରୀ) କ୍ରି. (ପୁରୀ ଜିଲ୍ଲା ବ୍ରାହ୍ମଣଙ୍କ ବ୍ୟବହୃତ ମଧ୍ୟମ
(ଥଅ—ଅନ୍ୟରୂପ) ପୁରୁଷ ଅନୁଜ୍ଞା ଏକ)—(ତୁମ୍ଭେ) ଥାଅ—
(you) Do stay,

ଥଇଥାନ—ଦେ. ବିଣ. (ସ. ସ୍ଥିର)—ଧୀରସ୍ଥିର—
Thaithān Calm and quiet.

ଥଇଲ—ପ୍ରାଦେ. (ସିଂହଭୂମ) ବିଣ. (ସ. ସ୍ଥଳ)—ସମତଳ—
Thaila Levelled up; level.
(ଯଥା—ଅମେ ପାହାଡ଼ ଭାଙ୍ଗି ଥଇଲ କଲୁଁ ।)

ଥଉଳ—ଦେ. ବିଣ. (ସ. ସ୍ଥୂଳ)—ସ୍ଥୂଳ; ମୋଟା—
Thaula Fat; thick.
थूल

ଥଏ—ଗ୍ରା. ବିଣ—ଥୟ (ଦେଖ)
Thae Thaya (See)

ପ୍ରଣୟୀଙ୍କୁ କର ଥଏ, କୃପେ ପଢ଼ନ୍ତୁ ସିଂହ ପ୍ରାୟେ ।
ଉପେ. ପ୍ରେମସୁଧାନିଧି ।

କ୍ରି. ବିଣ— ଥୟ (ଦେଖ)—Thaya (See)

ସାଧାରଣ ସେତେବେଳେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ'ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଥକ୍—ଦେ. ବଣ. (ସଂ. ସ୍ତବ୍ଧ)—ଥକା (ଦେଖ)
Thak — Thakā (See)

ଥକ କରି—ଦେ. କ୍ରି. ବଣ. (ସଂ. ସ୍ତଗିତ)—
Thak kari — ୧ । ଥକା ମାରିଲା ପରି ହୋଇ— 1. Being dumbfounded.
ଥକ୍‌କନା(କ), ଥକ୍ କରି, ଥକ୍ ହୋଇ } ଅନ୍ୟରୂପ — ୨ । ହଠାତ; ଅକସ୍ମାତ ଭାବେ— 2. Suddenly; accidentally.
थककरे थककर

ଥକ୍ ଖାଇବା—ଦେ. କ୍ରି. (ସଂ. ସ୍ତମ୍ଭ୍ ଧାତୁ; ପ୍ରା. ଥକ୍କ ଧାତୁ)—
Thak khāibā — ୧ । ଅବସନ୍ନ ହେବା—1. To be exhausted; to sink down.
थका
ठहरजाना, थकना — ୨ । କହୁ କହୁ ହଠାତ୍ ଚୁପ ହେବା—
2. To stop suddenly while speaking.
୩ । ଗତିରହିତ ହେବା—3. To stop.
୪ । ନିର୍ବାକ୍ ହେବା; ଅବାକ୍ ହେବା—4. To become dumb through fear or exhaustion.
୫ । ନିବୃତ୍ତ ହେବା—5. To cease from any work.

ଥକତ୍—ଦେ. ବଣ. (ସଂ. ସ୍ତଗିତ)—୧ । ଅବସନ୍ନ; କ୍ଳାନ୍ତ; ଥକାମରା—
Thakat — 1. Tired; weary.
थकित — (ଯଥା—ତାକୁ ଯାବତା କାମ କରି ଥକତ୍ ହୋଇ ଗଲଣି ।)
थकित — ବି.—କ୍ଳାନ୍ତି; ଶ୍ରାନ୍ତି—Weariness.
थका — (ଯଥା—ଚାଲି ଚାଲି ମତେ ଥକତ୍ ଲାଗିଲାଣି ।)
थकावट

ଥକ(କା) ମକ(କା)—ଦେ. ବଣ.—୧ । ଅପ୍ରତିଭ—
Thaka(kā)maka(kā) — 1. Bewildered; confused,
थतमत — ୨ । ଶ୍ରାନ୍ତ, କ୍ଳାନ୍ତ; ଅବସନ୍ନ—
थकित — 2. Tired,

ଥକା—ଦେ. ବଣ.—(ସଂ. ସ୍ତଗିତ; ପ୍ରା. ଥକ୍କିତ)—୧ । ସ୍ତଗିତ; ଗତିରହିତ—1 Stopped; motionless.
Thakā
(ଥକ୍‌କା—ଅନ୍ୟରୂପ) — ୨ । ଅବସନ୍ନ; ଶ୍ରାନ୍ତ; କ୍ଳାନ୍ତ—
थकित — 2. Tired; pulled down; fatigued.
थकाहुआ थकामाँदा — ୩ । ନିର୍ବାକ୍—3. Speechless; silent.
୪ । କିଂକର୍ତ୍ତବ୍ୟବିମୂଢ଼—
4. Dumbfounded; bewildered.
୫ । ମୁଗ୍ଧ—5. Enchanted.
୬ । ମୂଢ଼; ନିର୍ବୋଧ—6. Foolish.
(ଯଥା—ଥକା ମନ ଭୁଲି ଯିବା, ତକାନସୂନ ଦେଖିବା-ଭଜନ ।)
୭ । ଭୀତ; ତ୍ରସ୍ତ—7. Alarmed.
୮ । ବାସିଥକା; କାଲିଠାରୁ ବାକି ରହିଯିବା (କୌଣସି କାର୍ଯ୍ୟ)—
8. Pending; left unfinished from yesterday.
(ଯଥା—ଆଜି ଯେତେ ସବୁ ହେଉ ପଛକେ ସବୁକୁ ସେପରି ଅସିଦ୍ଧ, କାଲିକି ଥକା ରହିବ ନାହିଁ ।)

ଥକା— ଦେ. ବି.—୧ । ଅବସାଦ—
थकावट — 1. Weariness; exhaustion.
୨ । ଦେଉଳର ଦହିନଉତି ଓ ଚକ୍ରର ମଧ୍ୟବର୍ତ୍ତୀ ସ୍ଥାନ—
2. The space or portion of a temple between the dahi-nauti and the discus at the top.

ଥକା(କେ)ଇ ଥକା(କେ)ଇ—ଦେ. ଅ.—୧ । ରହି ରହି; ଧୀରେ ଧୀରେ; ଅଳ୍ପେ ଅଳ୍ପେ—
Thakā(ke)i thakā(ke)i
थेकेथेके — 1. Slowly; by degrees.
रहरहके — ୨ । ମଝିରେ ମଝିରେ ବନ୍ଦ ହୋଇ—
2. At intervals.
(ଯଥା—ଆଜି ଦିନଯାକ ଥକେଇ ଥକେଇ ବରଷା ହଉଛି ।)

ଥକା(କେ)ଇବା—ଦେ. କ୍ରି.—(ସଂ. ସ୍ତଗିତ; ଥକିବା କ୍ରିୟାର ଣିଜନ୍ତ ରୂପ)—୧ । ସ୍ତଗିତ କରିବା—
Thakā(ke)ibā
थेकान, थाकान — 1. To stop.
थकाना — ନିଜ ନୟନେ ଥକାଇ ଶରକୁ । କବିସୂର୍ଯ୍ୟ- ସଙ୍ଗୀତ ।
୨ । ସ୍ତମ୍ଭିତ କରିବା—2. To make dumb.
୩ । ଶ୍ରାନ୍ତ କରାଇବା—3. To tire.
୪ । କଥା କହୁ କହୁ ମଝିରେ ମଝିରେ ଚୁପ ହୋଇଯିବା—
4. To stop or halt during a talk.

ଥକାମରା—ଦେ. ବଣ. (ସଂ. ସ୍ତଗିତ; ସ୍ତମ୍ଭିତ)—୧ । ଅବସନ୍ନ—
Thakā marā — 1. Weary.
(ଥକ୍‌କାମରା—ଅନ୍ୟରୂପ) — ୨ । ଶ୍ରାନ୍ତ—
थकित — 2. Fatigued; pulled down.
थकामांदा — ୩ । ଅବାକ୍—3. Dumbfoundered; dumbfounded.

ଥକା ମାରିବା—ଦେ. କ୍ରି.—ଥକ୍ ଖାଇବା (ଦେଖ)
Thakā māribā — Thak khāibā (See)
(ଥକ୍‌କା ମାରିବା—ଅନ୍ୟରୂପ)

ଥକାସି—ଗ୍ରା. ବଣ.—(ସଂ. ସ୍ତଗିତ)—ଶ୍ରାନ୍ତ; କ୍ଳାନ୍ତ—
Thakāsi — Tired; fatigued.
थकित — ସାଆନ୍ତ ବଡ଼ ଥକାସି ହୋଇ ଗଲେଣି ।
थाकाहुआ — କୁନ୍ତଳାକୁମାରୀ- ନଅଭୁଣୀ ।

ଥକି(ଗି)ତ—ଦେ. ବଣ. (ସଂ. ସ୍ତଗିତ; ପ୍ରା. ଥକ୍କିଅ)—୧ । କ୍ଳାନ୍ତ; ଅବସନ୍ନ—1. Tired; fagged; fatigued; worne.
Thaki(gi)ta
(ଥଗିତ—ଅନ୍ୟରୂପ)
थकित — ୨ । ଅବାକ୍; ସ୍ତମ୍ଭିତ; ସ୍ତବ୍ଧ—
थकित, थगित — 2. Dumbfounded; mute.
୩ । ସ୍ଥିର—3. Motionless.
ପବନ ହୋଇଲା ଥକିତ, ଅଚଳ ଚଳ ହପସତ ।
ଭୂପତି- ପ୍ରେମପଞ୍ଚାମୃତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଜ୍ଞ	ଇଏ	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	●	ଢ଼

ଥକିବା—ଦେ. କ୍ରି.—(ସ୍ଥଗ୍ ଧାତୁ=ସ୍ଥିର ହେବା; ପ୍ରା. ଥଗ୍ ଧାତୁ; Thakibā ଥକ୍ ଧାତୁ)—୧ । ଅଶକ୍ତ ହେବା—
(ଥକିବା—ଅନ୍ୟରୂପ) 1. To be unable.
थमका, थका ୨ । ଥକାମସ୍ତ ହେବା; ଶ୍ରାନ୍ତ ହେବା—
थकना तकना 2. To become tired or fatigued.
ଭଜେ ଗୁରୁଜନ ହେଲେ ବୁଝେଇ ବୁଝେଇ ଥକଇଣ ।
ଫକୀରମୋହନ ଭ୍ରମଣ ଅଠର୍ଗଣ୍ଡ ।
୩ । ସ୍ଥିର ହେବା—3. To become motionless,
୪ । ମାନ୍ଦା ବା ଢିଲା ପଡ଼ିବା—4. To become slack.
୫ । ସ୍ତମ୍ଭିତ ହେବା—5 To be dumbfounded.
ପଡ଼ିଲ ସେହିରୂପେ ଚକିତ ହୋଇ ଥକ । ରାଧାନାଥ, ଚିଲିକା

ଥଙ୍ଗ ଥଙ୍ଗ—ଦେ. ବିଣ.—(ସ. ସ୍ତମ୍ଭିତ)—୧ । କୌଣସି କାର୍ଯ୍ୟ Thanga thanga କରିବାକୁ ପଶ୍ଚାତ୍ପଦ—1. Hesitating
थङ थङ थतमत or scrupling to do a work.
धकामांदा ୨ । କାର୍ଯ୍ୟ କରୁ କରୁ ମଝିରେ ସ୍ତମ୍ଭିତ ହେଉଥିବା—
(ଥଙ୍ଗେଇ ଥଙ୍ଗେଇ—ଅନ୍ୟରୂପ) 2. Pausing at intervals; halting (in the course of doing something.)
ଚଳି ନ ପାରି ହେଲେ ଥଙ୍ଗ ଥଙ୍ଗ । କବିସୂର୍ଯ୍ୟ, ଚକ୍ରକଳା ।
୩ । ସନ୍ଦିଗ୍ଧ—3. Suspicious; doubtful.
୪ । ଅଟକି ଅଟକି କଥା କହୁଥିବା—
4. Speaking with pauses.
ବାଣୀକି ଥଙ୍ଗ ଥଙ୍ଗ କରି ସେ ଯୁବତୀ
କଲେ ଭକ୍ତି ମୁକୁନ୍ଦ ଗୁହି ଏ ଯୁବତୀ । କୃଷ୍ଣସିଂହ, ମହାଭାରତ ବନ ।
୫ । ମଝିରେ ଅଟକି ଅଟକି କୁହାଯାଉ ଥିବା (କଥା)—
5. Spoken at intervals between utterances.

ଥଙ୍ଗଥଙ୍ଗ ହେବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍-Thangathanga hebā ପଦ ହେବା—1. To scruple to
थतमत हओया; थता do a work.
झिझकना ୨ । ମଧ୍ୟେ ମଧ୍ୟେ ସ୍ତମ୍ଭିତ ହେବା; ଅଟକିବା—
ଥଙ୍ଗେଇବା
ଥଙ୍ଗେଇ ଥଙ୍ଗେଇ ହେବା } ଅନ୍ୟରୂପ 2. To pause; to halt during a work or talk.

ଥଟବାଜ୍—ଦେ. ବିଣ—ଥଟିଲ (ଦେଖ)
Thaṭabāj Thaṭila (See)

ଥଟଲି—ଦେ. ବିଣ—୧ । ଥଟିଲ (ଦେଖ)
Thaṭali 1. Thaṭila (See)
ঠাট ঠাবাজ ୨ । ବ୍ୟଙ୍ଗାର୍ଥକ (କଥା)—2 Ironical.
ठठोल

ଥଟା(ଟ୍ଟା)—ଦେ. ବି. (ସ. ଅଟ୍ଟହାସ; ଭୁଲ. ଭା. ଉଡ୍ଡୁ=ଗାଳିଦେବା; Thaṭā(ṭṭā) ଭୁଲ. ସଂ. ଅଟ୍ଟହାସ)—୧ । ଉପହାସ; ବ୍ୟଙ୍ଗ—
ঠাট্টা 1. Irony; satire; innuendo; redicule.
ठट्ठा, ठठा ୨ । ପରିହାସ—2. Joke; jest.
୩ । କୌତୁକ ବାକ୍ୟ—3. Wit and humour; fun.
୪ । ଚାପଲ୍ୟ—4. Practical joke.
ବିଣ—ଥଟା ଖେଳିବାର ଉପଯୁକ୍ତ (ବ୍ୟକ୍ତି)—
(a person) Fit to be joked with.

ଥଟା(ଟ୍ଟା) କରିବା—ଦେ. କ୍ରି. (ସ. ଅଟ୍ଟହାସ)—୧ । ପରିହାସ କରିବା—
Thaṭā(ṭṭā) karibā 1. To cut jokes; to jest.
ঠাট্টাকরা ଲୁଚିବସି କାଳ କରେ ଯାଉ ଥଟା । ରାଧାନାଥ, ଦରବାର ।
ठट्टाकरना ୨ । ବ୍ୟଙ୍ଗବିଦ୍ରୂପ କରିବା—2. To satirise.

ଥଟା(ଟ୍ଟା) ଖେଳିବା—ଦେ. କ୍ରି—ଚାପଲ୍ୟ ଖେଳିବା—
Thaṭā(ṭṭā) kheḷibā To cut practical jokes.
ঠাট্টাখেলা **ठट्टाउड़ाना**
[ଥଟାଲଗା(ଗେ)ଇବା—ଅନ୍ୟରୂପ]

ଥଟା ତ(ତା)ମ(ମା)ସା—ଦେ. ବି. (ସହଚର ଶବ୍ଦ; ସ. ଅଟ୍ଟହାସ+ଫା. Thaṭā ta(tā)ma(mā)sā ତମାସା)—ପରିହାସ; ବ୍ୟଙ୍ଗ ବିଦ୍ରୂପ
ঠাট্টাতামাসা; ঠাট্টাবাট্‌খরা Joking in words and actions;
ठट्ठातमासा satire and practical joke.

ଥଟା ପରିହାସ—ଦେ. ବି. (ସହଚର ଶବ୍ଦ; ସ. ଅଟ୍ଟହାସ+ସ. ପରିହାସ)—
Thaṭā parihāsa ଥଟା ତାମସା (ଦେଖ)
Thaṭā tāmasā (See)

ଥଟା ମୁସ୍କୁଲି—ଦେ. ବି. (ସହଚର ଶବ୍ଦ)—ଥଟା ତାମସା (ଦେଖ)
Thaṭā muskuli Thaṭā tāmasā (See)
(ଥଟାମୁସୁକୁଲି—ଅନ୍ୟରୂପ)

ଥଟା(ଟ୍ଟା)ରି—ଦେ. ବି. (ସ. ସ୍ଥାଳକାର; କିମ୍ବା ଧ୍ୱନ୍ୟର୍ଥକ)—
Thaṭā(ṭṭā)ri ୧ । କଂସାରି—1. Brazier; brass-
ঠাটারী founder.
ठठेरा ୨ । ଯେଉଁ ବ୍ୟକ୍ତି ପିତଳ ଓ କଂସାର ବାସନ ଓ
(ଥଟାରୁଣୀ—ସ୍ତ୍ରୀ) ଗହଣାଆଦି ତିଆରି କରେ—2. One who manufactures bellmetal articles.
ଥଟାରି ଘର ପାଖ, (ଡାକୁ) ହୃଦ ଡମ ଡମ ଡମ—ଡଗ ।

ଥଟା(ଟ୍ଟା)ବାଜ୍—ଦେ. ବିଣ—ଥଟିଲ; ପରିହାସପ୍ରିୟ—
Thaṭā(ṭṭā)bāj Fond of jest.
ঠাট্টাবাজ **ठट्ठेबाज**
(ଠଟ୍ଟାବାଜୀ—ବି)

ଥଟିଲ୍—ଦେ. ବିଣ—୧ । ଥଟ୍ଟାପ୍ରିୟ—1. Witty; given to
Thaṭila jesting; fond of jests; jestive.
ঠাট্টাবাজ ୨ । ବ୍ୟଙ୍ଗପୂର୍ଣ୍ଣ—2. Full of wit or satire.
ठट्ठिल

ଥଣ୍ଟ—ଦେ. ବି. [ସ. କୋଷ୍ଠ, ତୁଣ୍ଡ (Beams)]—ପକ୍ଷୀର ଚଞ୍ଚୁ—
Thanṭa Beak of a bird.
ঠোঁট ଥଣ୍ଟରେ ତୁଳି ତୁଳି କରିଣ ଗାଇଲେ ।
टोंट, ठोर କୃଷ୍ଣସିଂହ, ମହାଭାରତ ଅଦି ।

ସାଧାରଣ ଲୋକେ ଅନ୍ତର ପୃଷ୍ଠାରେ ମୂଳର ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଖାଠି ଯଥାକ୍ରମେ ପଙ୍କ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂପ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବିଣ—ଏକାଥରକେ ଥଣ୍ଟରେ ଯେତେ ପରିମାଣ ପଦାର୍ଥ ସମ୍ମେଇବ ସେତିକି ପରିମିତ—As much as can be contained within the beak of a bird.
(ଯଥା—ଧାନ ମୁନ୍ଦାରୁ କୁଆ ଥଣ୍ଟେ ନେଲେ ସରିଯିବ ନାହିଁ ।)

ଥଣ୍ଟ ବୋହିବା—ଗ୍ରାଦେ. (ସମ୍ବଲପୁର) ବି—ଅନ୍ୟଲୋକଠାରୁ ଧନ ଗ୍ରହଣ କରିବା—Taking of riches from a person.
Thanṭa bohibā
(ଯଥା—ତୁମର ଧନ ଦିନକୁ ଦିନ ଅଧିକରୁ ଅଧିକ ହେଉ, ଆଉ ଆମ ଥଣ୍ଟ ସବୁବେଳେ ବୋହୁଥାଉ ।)

ଥଣ୍ଟ ମାରିବା—ଦେ. କ୍ରି—କୌଣସି ଫଳ ଆଦିକୁ ଥଣ୍ଟ ଦ୍ୱାରା ଆଘାତ କରିବା; ଖୁମ୍ପିବା—To peck at a thing with the beak.
Thanṭa māribā
ଠୌଁଟ୍‌ମାରା
चोँच मारना

ଥଣ୍ଟିଆ—ଦେ. ବିଣ—ବଡ଼ ଥଣ୍ଟବିଶିଷ୍ଟ—Having a large beak.
Thanṭiā
चोँचवाला

ଥଣ୍ଟିଆ କୁମ୍ଭୀର—ଦେ. ବି—ଲମ୍ବଥଣ୍ଟବିଶିଷ୍ଟ କୁମ୍ଭୀର—The gavial of the Ganges; (having a long pair of snouts and webfooted); Gavialis Gangeticus.
Thanṭiā kimbhira
मगर

ନୂଆ ବୋହୂଟି, କହକ ଗାଧୋଇ ଯିବୁ ନାହିଁଟି,
ଥଣ୍ଟିଆ କୁମ୍ଭୀର ଜଗିବସିଛି, ହାକୁଟକ ଗିଳ ପକେଇ । ଶିଶୁଗୀତ ।

[ଦ୍ର—ଏମାନଙ୍କର ଥଣ୍ଟ ବା ପାଟିର ଦୁଇପାଳ ଅଣ୍ଟଣର ଦନ୍ତଯୁକ୍ତ ଓ ହାତେ ଦେଢ଼ ହାତ ଲମ୍ବ । ଏମାନେ ସାଧାରଣତଃ ମାଛ ଖାଇ ବଞ୍ଚନ୍ତି ଓ ଲମ୍ବରେ ୧୦।୧୫ ହାତଯାଏ ବଢ଼ନ୍ତି । ଏମାନେ ମନୁଷ୍ୟ ପଶୁଆଦିଙ୍କୁ ଆକ୍ରମଣ କରିବାର ଦେଖା ନାହିଁ ।]

ଥଣ୍ଡ୍—ଦେ. ବିଣ (ସଂ. ସ୍ତବ୍ଧ; ପ୍ରା. ଠଡ୍ଢ)—୧ । ଶୀତଳ; ଥଣ୍ଡା—1. Cold.
Thanḍ
ଠାଣ୍ଡା ୨ । ଶୀତଳ କରାଯାଇଥିବା—2. Cooled.
ठंड ୩ । ଶାନ୍ତ; ଶମିତ—3. Appeased.
ଦେ. ବି—ଶୀତଳତା—Coolness.

ଥଣ୍ଡା—ଦେ. ବିଣ (ସଂ. ସ୍ନିଗ୍ଧ କିମ୍ବା ଶାନ୍ତ; ପ୍ରା. ଠଡ୍ଢ—ହି. ଶବ୍ଦସାଗର)—
Thanḍā ୧ । କାକର‌ଥିବା; ଶୀତଳ—1 Cold; cool.
(ଗରମ—ବିପରୀତ) ୨ । ସହ୍ୟ; ଦେହରେ ସହି ହେଲା ଭଳି—2. Agreeable.
ଠାଣ୍ଡା
ठंड, ठंडक ୩ । ନିବୃତ୍ତ; ଉପଶାନ୍ତ; ସନ୍ତୋଷିତ—3. Appeased; cooled; assuaged; satisfied.
୪ । ସ୍ଥିର—4. Calm.
୫ । ଶାନ୍ତିପ୍ରଦ; ଯାହା ଥଣ୍ଡା କରେ—5. Cooling; refreshing; soothing.
୬ । ଶାନ୍ତପ୍ରକୃତିକ—6. Meek; mild.
୭ । ଯାହା ଉଗ୍ର ନୁହେଁ—7. Gentle; not ferocious.
୮ । ବିଶ୍ରାମ ଦ୍ୱାରା ଯାହାର କ୍ଲାନ୍ତି ଦୂର ହୋଇଥାଏ—8. Refreshed after rest; soothed.
୯ । ଉଦାସୀନ—9. Indifferent.
୧୦ । ଦମିତ—10. Checked.
୧୧ । ସନ୍ତୁଷ୍ଟ; ତୃପ୍ତ—11. Satisfied.
୧୨ । ସ୍ଥିର; ଶାନ୍ତିମୟ—12. Tranquil; calmed.
୧୩ । ସ୍ତବ୍ଧ; ସ୍ତମ୍ଭିତ—13. Stopped; quiet.
୧୪ । ନିବୃତ୍ତକ୍ରୋଧ; ଯାହାର କ୍ରୋଧ ଉପଶାନ୍ତ ହୋଇଅଛି—14. One whose rage has abated.
୧୫ । ନିଶ୍ଚେଷ୍ଟ; ଜଡ଼—15. Motionless; inert.
୧୬ । (ଯେଉଁ ବଜାର ବା ସମୟରେ) ପଣ୍ୟଦ୍ରବ୍ୟମାନଙ୍କ ମୂଲ୍ୟ ପୂର୍ବାପେକ୍ଷା ସସ୍ତା ହୋଇଥାଏ; ମାନ୍ଦା—16. (a market or time) In which the price of commodities have gone down considerably.
(ଯଥା—ଆଜିକାଲି ଘିଅର ବଜାର ଥଣ୍ଡା ହୋଇଅଛି ।)
ବି—୧ । ହିମ—1. Coolness.
୨ । ଶୈତ୍ୟ—2. Cold.
୩ । ଶୀତ—Feeling of cold.
୪ । ନିବୃତ୍ତି—4. Appeasement; satiety.
୫ । ଧୀରତା—5. Mildness.
୬ । ସର୍ଦ୍ଦି—6. Catching cold.
୭ । ଆରାମ; ଶାନ୍ତି—7. Comfort; refreshment.
୮ । ବିଶ୍ରାମ—8. Rest.
୯ । ବିରାମ—9. Cessation.
୧୦ । ଧୀରତା—10 Slowness.

ଥଣ୍ଡା ଉପଚାର—ଦେ. ବି—ଥଣ୍ଡା ଚିକିତ୍ସା (ଦେଖ)
Thanḍā upachāra Thanḍā chikitsā (See)

ଥଣ୍ଡାଏ ଥଣ୍ଡାଏ ଯିବା—ଦେ. କ୍ରି—ସକାଳେ ଓ ସନ୍ଧ୍ୟାବେଳେ ବାଟ ଚାଲିବା—To travel during the cool hours of the day (morning, evening, and night).
Thanḍāe thanḍāe jibā
ଠାଣ୍ଡାଏ ଠାଣ୍ଡାଏ ଯାଓୟା
ठंडे ठंडे चलेजाना
[ଦ୍ର—ଏହି ସମୟରେ ସୂର୍ଯ୍ୟ କିରଣର ତାପ ସହିବାକୁ ହୁଏ ନାହିଁ, ଏଥିପାଇଁ ଏ ସମୟକୁ ଶୀତଳ ବା ଥଣ୍ଡା ସମୟ ବୋଲାଯାଏ ।]

ଥଣ୍ଡା କରିବା—ଦେ. କ୍ରି—୧ । ଶୀତଳ କରିବା—1. To make cool; to lower the temperature of.
Thanḍā karibā
ଠାଣ୍ଡାକରା
ठंडा करना ୨ । ଉପଶମ କରିବା; ଶାନ୍ତ କରିବା—2. To appease; to satiate.

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଂ	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଁ	ଔ	ନ୍

୩ । ସାନ୍ତ୍ୱନା ଦେବା—3. To comfort; to soothe.

ବନ୍ଧୁ ସେଠାରୁ ଆସି ତାଙ୍କୁ ବୁଝାଇ ସୁଝାଇ ଥଣ୍ଡା କରି ଦେଲେ—

ନୀଳକଣ୍ଠଦାସ- ପିଲାଙ୍କ ରାମାୟଣ ।

୪ । ପ୍ରକୃତିସ୍ଥ କରିବା—

4. To bring one to one's senses.

୫ । ଦମନ କରିବା—5. To check a person; to teach a lesson; to reduce a person to meekness.

ଏପରି କଲେ ରାମ, ଲକ୍ଷ୍ମଣ ଆସି ତୋତେ ଥଣ୍ଡା କରି ଦେବେ ।

ନୀଳକଣ୍ଠଦାସ- ପିଲାଙ୍କ ରାମାୟଣ ।

୬ । ଶୀତଳ ଉପଚାର ପ୍ରୟୋଗ କରିବା—

6. To apply soothing remedies.

ଥଣ୍ଡା ଚିକିତ୍ସା—ଦେ. ବି—ଯେଉଁ ଔଷଧାଦି ପ୍ରୟୋଗଦ୍ୱାରା ଶରୀରର
Thaṇḍā chikitsā ଉତ୍ତାପ କମିଯାଏ—Soothing treatment.
(ଥଣ୍ଡା ଚିକିଛା— ଅନ୍ୟରୂପ)
ঠাণ্ডা চিকিচ্ছা **ठंडि चिकित्सा**

ଥଣ୍ଡା ଥଣ୍ଡା—ଦେ. ବିଣ— ପ୍ରାତଃକାଳୀନ ବା ସାୟଂକାଳୀନ ଶୀତଳତା—
Thaṇḍā thaṇḍā The cool of the morning or evening.
ঠাণ্ডাঠাণ্ডা **ठंडेठंडे**

ଥଣ୍ଡା ପ୍ରକୃତି—ଦେ. ବି— ଶାନ୍ତ ପ୍ରକୃତି—
Thaṇḍā prakṛuti Meek or gentle nature.
(ଥଣ୍ଡା ମିଜାଜ୍, ଥଣ୍ଡା ମିଜାସ୍— ଅନ୍ୟରୂପ)
ঠাণ্ডা মেজাজ **ठंढमिजाज**

ଥଣ୍ଡା ମିଜାଜି } ଅନ୍ୟରୂପ ବିଣ—ଶାନ୍ତପ୍ରକୃତିକ—
ଥଣ୍ଡା ମିଜାଜୀ } Meek; gentle.
ঠণ্ডমিজাজী **ठंढमिजाजी**

ଥଣ୍ଡା ବିଜୁଳି—ଦେ. ବି. (ଆଧୁନିକ ପ୍ରୟୋଗ)—
Thaṇḍā bijuḷi ବୈଦ୍ୟୁତିକ ବ୍ୟାଟେରି ବା ପ୍ରବାହଯୁକ୍ତ ତାରଦଣ୍ଡର
(ଗରମ ବିଜୁଳି—ବିପରୀତ) ମୁଣ୍ଡରେ ବର୍ତ୍ତୁଳ ପ୍ରାନ୍ତ (negative)
ঠাণ্ডা বিজলী ନାମକ ନିଦ୍ୟୀଣୀନ ବୈଦ୍ୟୁତିକ ଶକ୍ତି—
ठाढी बिजली Negative electricity.

ଥଣ୍ଡା ବେଳ— ଦେ. ବି—୧ । ଦିବସର ଯେଉଁ ସମୟରେ ସୂର୍ଯ୍ୟକିରଣର
Thaṇḍā beḷa ପ୍ରଖରତା ନ ଥାଏ (ସନ୍ଧ୍ୟା, ସକାଳ ଓ ରାତି)—
ঠাংডা বেলা 1. Cool time of the day (viz. morning,
ठंडा वक्त evening and night); cool hours of the day.

୨ । ଦିବସର ଯେଉଁ ସମୟରେ ଶୀତ ଅନୁଭୂତ ହୁଏ—

2. Time of the day when it is cold or when one may catch cold.

ଥଣ୍ଡା ଲାଗିବା—ଦେ. କ୍ରି—୧ । ଶୀତଳ ବୋଧ ହେବା—
Thaṇḍā lāgibā 1. Feeling of a cool sensation.
ঠাণ্ডা লাগা ୨ । ସର୍ଦ୍ଦି ଧରିବା—2 Catching of cold;
ठंडा मालुम होना being effected by chill.

୩ । ଦେହରେ କାକର ବା ଥଣ୍ଡା ପବନ ଲାଗିବା—

3. Being affected by cold air or dew.

କ୍ରି—ହାତକୁ ବା ସ୍ପର୍ଶକୁ କାକରିଆ ଲାଗିବା—

To appear cold to one's touch.

ଥଣ୍ଡାଳିଆ—ଦେ. ବିଣ—ଈଷତ୍ ଥଣ୍ଡା—
Thaṇḍāḷiā A bit cool.

ठंढासा ଦେ. ବି— ଚିଲିକାରେ ଦେଖାଯିବା ଏକ ପ୍ରକାର ପକ୍ଷୀ—
A species of bird found in the Chilkā lake.

ଥଣ୍ଡା ହେବା—ଦେ. କ୍ରି (ଲକ୍ଷଣାର୍ଥ)—୧ । କୌଣସି ଅସନ୍ତୋଷର
Thaṇḍā hebā କାରଣର ନିବୃତ୍ତି ପରେ ମନରେ ଶାନ୍ତି
ঠাংডা হওয়া ଉପଭୋଗ କରିବା—1. (figurative) To
ठाण्डा होना be pacified after one's grievance is remedied.

(ଯଥା—ନବାବଙ୍କୁ ପରୁଣ ପରୁଣ ଟଙ୍କା ଭୋଗମାନ କରିବାରୁ ନୁହେଇମାନେ ଥଣ୍ଡା ହୋଇଗଲେ ।)

୨ । (ଲକ୍ଷଣାର୍ଥ) କ୍ଷୁଧା ତୃଷ୍ଣାଦିର ନିବୃତ୍ତି ପରେ ଶାନ୍ତ ହେବା—
2 (figurative) To be satiated after satisfaction of hunger, thirst etc.

(ଯଥା—ସନ୍ଧ୍ୟା ବେଳକୁ ଯାଇ ଅନ୍ନ ମୁଠିଏ ପଡ଼ିବାରୁ ପେଟ ଥଣ୍ଡା ହେଲା ।)

୩ । ଶୀତଳ ହେବା—3. To become cold.

ଥଣ୍ଡିଲ—ଦେ. ବି. (ସଂ. ସ୍ଥଣ୍ଡିଳ)—
Thaṇḍiḷa ହୋମ କରିବା ନିମନ୍ତେ ପ୍ରସ୍ତୁତ ବାଲିର ବେଦୀ—
An altar of sand raised for performing 'Homa' thereon.

ଥଥ୍ରା—ପ୍ରାଦେ. (ସମ୍ବଲପୁର) ବିଣ— ତୋତଲା; ଖନା; ଯାହାର ପାଟି
Thath-rā ଲାଗେ—Stammering.
(ଥଥୋ— ଅନ୍ୟରୂପ)

ଥନ୍—ପ୍ରାଦେ. (ସମ୍ବଲପୁର) ବି—ଥନ (ଦେଖ)
Than Thana (See)

ଥନ ଥନ୍— ପ୍ରାଦେ. (ସମ୍ବଲପୁର) ବିଣ ଓ ବି—ଥନ ଥନ (ଦେଖ)
Than than Thana thana (See)

ଥନ—ଦେ ବି. (ସଂ. ସ୍ତନ; ତୁଳ. ପ୍ରା. ଥଣ)—
Thana ୧ । ଦୁଧ; କୁଚ—1. The female bosom or
মাই breast.
थन, स्तन ୨ । ମାତୃସ୍ତନ—2. A mother's breast; the mamma.

୩ । ସ୍ତନ୍ୟ; ମାତୃ ସ୍ତନରେ ଥିବା ଦୁଧ—

3. Milk from the mother's breast.

ନମ୍ର ପୂତନାଥନ ପଲ୍ଲବଶୀର୍ଥ । ପ୍ରାଚୀ- ଉଦ୍ଧବସମ୍ବାଦ ।

ଥନ ଖାଇବା—ଦେ. କ୍ରି—(ଶିଶୁ) ମାତୃ ସ୍ତନ୍ୟ ପାନ କରିବା—
Thana khāibā To suck the mother's breast (said of a child).
মাই খাওয়া **छाति पीना**

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ... ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଇଁଶ' ନ ପାଇଲେ 'ଅଈଁଶ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଥନ ଛାଡ଼ିବା—ଦେ. କ୍ରି—ଶିଶୁ ସ୍ତନ୍ୟପାନ ତ୍ୟାଗ କରିବା—
Thana chhārdibā — To cease sucking the breast (said of a child); to be weaned.
माई छाड़ना
दुध छोड़ना

ଥନ ଥନ—ଦେ. ବି (ସଂ. ସ୍ତନ)—୧ । କାନ୍ଦିବାର ଉନ୍ମୁଖ ଅବସ୍ଥା—
Thana thana — 1. Readiness to weep.
୨ । ଚକ୍ଷୁର ଲୋତକପୂର୍ଣ୍ଣ ଅବସ୍ଥା—2. The state of the eyes being filled with tears.
छलछलाना

ସ୍ୱାମୀଙ୍କର ବଚନ ଶୁଣି ପାଞ୍ଚାଳୀ
କ୍ରୋଧରେ ନୟନକୁ କରି ଥନ ଥନ । କୃଷ୍ଣସିଂହ· ମହାଭାରତ, ଦ୍ରୋଣ ।

ବିଣ—ଲୋତକପୂର୍ଣ୍ଣ (ଚକ୍ଷୁ)—Tearful; brimming (eyes).

ଗୋପୀ ଲୋଚନ ଥନ ଥନ
ନ ଜାନ କାହିଁକି ବଧାନ । ଭୂପତି· ପ୍ରେମପଞ୍ଚାମୃତ ।

ଥନ ଦେବା—ଦେ. କ୍ରି—ଶିଶୁକୁ ଆପଣାର ସ୍ତନ୍ୟପାନ କରାଇବା—
Thana debā — To suckle a child at one's breast.
माईदेओया **छाती पिलाना**

ଥନ ଧରିବା—ଦେ. କ୍ରି—ଥନ ଖାଇବା (ଦେଖ)
Thana dharibā — Thana khāibā (See)

ଥନ ଭାଙ୍ଗି କ୍ଷୀରଦେବା—ଦେ. କ୍ରି—ଆପଣାର ସ୍ତନରୁ ଶିଶୁକୁ ସ୍ତନ୍ୟପାନ କରାଇବା—To suckle a child at one's breast.
Thana bhāṅgi kshīradebā
सातोसोआका दुधपिलाना
(ଥନ ଭାଙ୍ଗିବା—ଅନ୍ୟରୂପ)

କୋଳରେ ଲେ ଅଙ୍କରେ କ୍ଷୀରପାନ ଦେଇ ।
କେଶବ କୋଇଲି ।

ଥନ ଯଉବନ—ଦେ. ବି. (ସଙ୍କର ଶବ୍ଦ; ସଂ. ସ୍ତନ ଓ ଯୌବନ)—
Thana jaubana — ଯୁବତୀର ସ୍ତନ ଉଠିବାର ଶୋଭା—
The beauty of a youthful girl due to having swollen breasts.

ଅଗେରେ କାଳିଆ ! ନାହିଁ କରୁଥିଲୁ ସଂସାରି ଲୋକକୁ ଦେଖି,
ଏବେରେ କାଳିଆ ! ଝୁରି ମରୁଅଛୁ ଥନ ଯଉବନ ଦେଖି । ଭକ୍ତ ।

ଥନବରା—ଦେ. ବି. (ସଂ. ସ୍ତନ୍ୟଜ୍ୱର)—ସ୍ତନରେ ଉଷ୍ଣପଡ଼ିବା ରୋଗ—
Thanabarā — An inflammatory affectation of the breast; a disease of the mammary glands; mammitis; mammary abscess.
थनैला
ଥନଘରା } ଅନ୍ୟରୂପ
ଥନଭରା }

ଥନ୍ତ(ନ୍ଥ)ରା(ଡ଼ା)—ଦେ. ବିଣ. (ସଂ. ଦନ୍ତୁର)—ମୁନ ବା ଧାର ଖରାପ ହୋଇ ଯାଇଥିବା (ଅସ୍ତ୍ର); ଦନ୍ତୁର; ମୁଣ୍ଡା—Blunt; dull-edged.
Thanta(ntha)rā(rdā)
ভোঁতা **थोथरा**

ଥନ୍ତରା(ରେ)ଇବା—ଦେ. କ୍ରି—ଅସ୍ତ୍ରାଦିର ଧାରକୁ ଛେଚଡ଼ା କରିବା—
Thantarā(re)ibā — To blunt the edge of a sharp instrument by beating or staving.
থেঁতলা
थोथराना
(ଥନ୍ତଡ଼ାଇବା—ଅନ୍ୟରୂପ)

ଥନ୍ତ(ନ୍ଥ)ଲ(ଳ)—ଦେ. ବିଣ. (ସଂ. ଉଦ୍ଦଲ ବା ସ୍ଥୂଳ)—ପୃଥୁଳ; ସ୍ଥୂଳ—
Thanta(ntha)la(la) — Fat; corpulent.
ভুঁড়িয়া [ଦ୍ର—ଏହା କେବଳ ପେଟର ବିଶେଷଣରୂପେ ବ୍ୟବହୃତ ହୁଏ ।]
थलथल

ଥନ୍ତଲ ପେଟ—ଦେ. ବି—ସ୍ଥୂଳୋଦର—
Thantala peṭa — Pot-belly; corpulence.
ভুঁড়ী **थलथलपेट**

ଥନ୍ତଲ ପେଟା—ଦେ· ବିଣ. ପୁଂ—ଥନ୍ତଲ ପେଟିଆ (ଦେଖ)
Thantala peṭā — Thantala peṭiā (See)
ভুঁড়ে **थलथल पेटवाला** (ଥନ୍ତଲପେଟୀ—ସ୍ତ୍ରୀ)

ଥନ୍ତଲ ପେଟିଆ—ଦେ. ବିଣ—ସ୍ଥୂଳୋଦର ବଶିଷ୍ଟ—
Thantala peṭiā — Pot-bellied; corpulent.
(ଥନ୍ତଲ ପେଟେଈ—ସ୍ତ୍ରୀ)

ଥନ୍ତଲ ପେଟିଆ 'ଥ' ତହିଁ ନଇଁଥାଏ 'ଧ' ।
ଅକ୍ଷର ପରିଚୟ ସମ୍ବନ୍ଧେ· ଶିଶୁଗୀତ ।

ଥପଡ଼(ଡ଼ା) (ଇତ୍ୟାଦି)—ଦେ. ବି. (ସଂ. ତପେଟ)—
Thaparda(rdā) (etc) — ଥାପଡ଼ ଇତ୍ୟାଦି (ଦେଖ)
(ଥାପଡ଼—ଅନ୍ୟରୂପ) — Thāparda etc (See)

ଥପଡ଼ା(ଡ଼େ)ଇବା—ଦେ. କ୍ରି—ଥାପଡ଼ାଇବା (ଦେଖ)
Thapardā(rde)ibā — Thāpardāibā (See)

ଥପ(ଫ) ଥପ(ଫ)—ଦେ. (ଧ୍ୱନ୍ୟନୁକରଣ) ଅ. (ସଂ. ସ୍ଥା ଧାତୁ ଣିଜନ୍ତ ସ୍ଥାପି ଧାତୁଜ)—ଟପ ଟପ; ତରଳ ବସ୍ତୁ ଠୋପା ଠୋପା ହୋଇ ପଡ଼ିବାର ଶବ୍ଦ; ବିନ୍ଦୁ ବିନ୍ଦୁ ହୋଇ ପଡ଼ିବା ଶବ୍ଦାନୁକରଣ—Sound of liquids falling in drops.
Thapa(pha) thapa(pha)
টপটপ; টপাস টপাস
टपटप
(ଥପ—ଅନ୍ୟରୂପ

କ୍ରି. ବିଣ—ଠୋପା ଠୋପା ହୋଇ; ବିନ୍ଦୁ ବିନ୍ଦୁ ହୋଇ—
Drop by drop; in dribles.

ଦ୍ୱିଧା ହୋଇ ମୁଣ୍ଡ, ଭଗ୍ନ ଦଧିଭାଣ୍ଡ ଯଥା
ପଡ଼ିଲା ମସ୍ତିଷ୍କ ତଳେ ଥପ ଥପ ହୋଇ । ରାଧାନାଥ, ମହାଯାତ୍ରା ।

ଥପା(ପେ)ଇବା—ଦେ. କ୍ରି (ସଂ. ସ୍ଥାପି ଧାତୁ)—୧ । ଥାପିବା; ସ୍ଥାପନ କରିବା—1. To set.
Thapā(pe)ibā
थपवाना
୨ । ଲାଗିଲା ପରି କରିବା; ଲଗାଇବା—
2. To cause a thing to stick.

ଥପା କାଣ୍ଡ—ପ୍ରାଦେ. (ସମ୍ବଲପୁର) ବି—ଶରବିଶେଷ (ଏ ଶରର ୩ଗୋଟି ଅଙ୍କୁଶା ପରି ମୁନ ଥାଏ)—A kind of arrow with three barbed points.
Thapā kāṇḍ
(ଥପା କାଣ୍ଡ—ଅନ୍ୟରୂପ)

ଥପା ଜାଲ—ପ୍ରାଦେ. (ସମ୍ବଲପୁର) ବି—ଜାଲପୋଢ଼ୁଅ (ଦେଖ)
Thapā jāla — Jāla porḍhua (See)

ଥପା ସୁଧ—ଦେ. ବି—କରଜ ଦିଆଯାଇ ଥିବା ଧାନ ଉପରେ ସାଧାରଣ ସୁଧ—Simple interest on paddy lent.
Thapā suhda

ଽ	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ୠ
ଽ	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଔ	ଦ୍ବ

ଥବିର—ଦେ. ବଣ. (ସଂ. ସ୍ଥବିର)—୧ । ବୃଦ୍ଧ—
Thabira 1. Old; aged.
୨ । ସ୍ଥିର—2. Tranquil.
ସେହିଠାରୁ ରଥ ଯେ ଚଳି ମହାବୀର
ସ୍ୱର୍ଗଦ୍ୱାରେ ଚଳିଲେ ହୋଇଣ ଥବିର । କୃଷ୍ଣସିଂହ, ମହାଭାରତ ବନ ।

ଥମ୍ ଖାଇବା—ଦେ. କ୍ରି. (ସଂ. ସ୍ତନଭ୍ ଧାତୁ)—
Tham khāibā ୧ । ହଠାତ୍ ସ୍ଥିର ହେବା; ହଠାତ୍ ଥମିଯିବା—
থমকান 1. To come to a sudden stand-
थम्हना still; to stop at once.
୨ । ହତ୍ଚକିତ ହେବା – 2. To be taken aback.

ଥମକା(କେ)ଇବା—ଦେ. କ୍ରି—୧ । ଥମକିବା କ୍ରିୟାର ଣିଜନ୍ତରୂପ—
Thamakā(ke)ibā 1. The causative form of
থামান Thamakibā.
थम्हाना ୨ । ଥମାଇବା (ଦେଖ)—2. Thamāibā (See)

ଥମକିବା—ଦେ. କ୍ରି—ଥମ୍ ଖାଇବା (ଦେଖ)
Thamakibā Tham khāibā (See)
(ଥମକିଯିବା—ଅନ୍ୟରୂପ)

ଥମ ଥମ—ଦେ. ଅ. (ସଂ. ସ୍ତମ୍ଭିତ)—ମଠ ମଠ; ବିଳମ୍ବିତ—
Thama thama Dilatory; delaying.
থমথম ଯିବାଠାରୁଁ ଅସିବା ବେଳଯାଏଁ ସେ ଖାଲି ଥମ ଥମ ହେଉଛି ।
थमथमकर ସହକାର ।

ଥମା—ଦେ. ବି. (ସଂ. ସ୍ତମ୍ଭ)—୧ । ନିବୃତ୍ତି; ଥାମିବା—
Thamā 1. Stopping; cessation.
থামা ୨ । ଥକିବା—
थम्ब 2. Halting.

ଥମା(ମେ)ଇବା—ଦେ. କ୍ରି.—(ସଂ. ସ୍ତନ୍ଭ୍ ଧାତୁ; ସ୍ତମ୍ଭନ, ପ୍ରା. ଥଂଭନ)
Thamā(me)ibā ୧ । ଥମିବା କ୍ରିୟାର ଣିଜନ୍ତ ରୂପ—
থামাও 1. The causative form of 'Thamibā'.
थमाना ୨ । ବନ୍ଦ କରିବା—2. To stop; to cause to stop; to bring to a standstill.
୩ । ଶାନ୍ତ କରିବା—3. To appease; to quiet.
୪ । ଥଣ୍ଡା କରିବା 4. To cool down.
୫ । ଅଟକାଇବା—5. To detain; to restrain.

ଥମିବା—ଦେ. କ୍ରି. (ସଂ. ସ୍ତନ୍ଭ୍ ଧାତୁ ସଂ. ସ୍ତମ୍ଭନ, ପ୍ରା. ଥଂଭନ)—
Thamibā ୧ । ବନ୍ଦ ହେବା—1. To cease; to stop.
କାହିଁ ଥମି ଗଲ କରେଶ । ମଧୁସୂଦନ. ଉତ୍ତରରାମଚରିତ ।
থামা ୨ । ଥମ୍ ଖାଇବା—2. To come to a standstill; to be taken aback.
थामना, थमना
୩ । କଥା ବନ୍ଦ କରିବା—3. To cease speaking; to desist from speaking.
୪ । ଗତି କରୁ କରୁ ଅଟକି ଯିବା—
4. To halt; to pause.
୫ । (ମେଘ, ଜୁଆର ଆଦି) କମିବା; ଉପଶାନ୍ତ ହେବା—
5. To slack (as the tide or rain).

ଥମ୍ବ—ଗ୍ରା. ବି. (ସଂ. ସ୍ତମ୍ଭ; ପ୍ରା. ଥଂଭ)—ଖମ୍ବ; ଖୁଣ୍ଟ—
Thamba Post; pillar; column.
থাম ବଣ.—ଅଚଳ—
थम्ह, थाम 2. Motionless.
ଥମ୍ବ ପ୍ରତିମା ପ୍ରାୟେକ ବେନି ବାମା ନ ପାରନ୍ତି କଥା କହି ।
ପ୍ରତାପ. ଶଶିସେଣା ।

ଥମ୍ବନ—ଗ୍ରା. ବି.—ସ୍ତମ୍ଭନ (ଦେଖ)
Thambana Stambhana (See)
থামা ଅର୍ଦ୍ଧି ଅମ୍ବନ ମୁଁ କଲଇଁ ସତ୍ୟି,
थम्हना ଜାଣି ଚରଣ ପଳାଇଲେ ଚଳ୍ଲି । ପ୍ରତାପ. ଶଶିସେଣା ।

ଥମ୍ବା—ଦେ. ବି.—ଥମା (ଦେଖ)
Thambā Thamā (See)

ଥମ୍ବା(ମ୍ବେ)ଇବା—ଦେ. କ୍ରି.—ଥମାଇବା (ଦେଖ)
Thambā(mbe)ibā Thamāibā (See)

ଥମ୍ବିବା—ଦେ. କ୍ରି.—୧ । ମନ୍ତ୍ରାଦିଦ୍ୱାରା ସ୍ତମ୍ଭନ କରିବା—
Thambibā 1. To charm or enchant a person.
থামা ଅର୍ଦ୍ଧି କାଳକ୍ରେ ଅମ୍ବିଲ ସହେଣୀ
थामना ଅନେକ କାଳେ ନ ଛାଡଇ ପାଣି । ପ୍ରତାପ. ଶଶିସେଣା ।
୨ । ଥମିବା (ଦେଖ)—2, Thamibā (See).
ଭୀମଙ୍କ ଭୁଜେ ରଣ ଗୋଳ ଆରମ୍ଭିଲେ,
ଭୟ ଜାତ ହେଲେ ତା ଦମ୍ଭରେ ଥମ୍ବିଲେ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

ଥୟ—ଦେ. ବଣ. (ସଂ. ସ୍ଥେୟ)—୧ । ସ୍ଥିର—
Thaya 1. Quite; still.
থ ୨ । ନିଶ୍ଚଳ—2. Calm; serene.
थाह ୩ । ନିଶ୍ଚିତ—3. Certain: fixed.
୪ । ସ୍ଥିରୀକୃତ—4. Settled; ascertained.
ଦମ୍ଭ କରି ଥୟ କୁପେ ସିଂହ, ପ୍ରାୟ ବୁଢ ଭୁ ମର ନା ।
ଉତ୍କ. ବୈଦେହୀଶବିଳାସ ।
୫ । ନିଶ୍ଚିନ୍ତ—5. Freed from anxiety.
୬ । ଶାନ୍ତ—6. Assuaged.
থই ବି.—୧ । ସ୍ଥିରତା—1. Certainty; fixity.
ପଥ ହୋଇସ ତୃଣମୟ
ବାଟର ନ ମିଳଇ ଥୟ । ଜଗନ୍ନାଥ—ଭାଗବତ ।
୨ । ଠିକଣା—2. Ascertainment; settlement.
ହସ୍ତରେ ଅଛ ମୋ ଉପାୟ ।
ଖଣ୍ଡିଲେ ନ ପାଇବ ଥୟ । ଜଗନ୍ନାଥ—ଭାଗବତ ।
୩ । ନିଶ୍ଚଳତା—3. Standstill.
୪ । ଶାନ୍ତି; ନିଶ୍ଚିନ୍ତ ଅବସ୍ଥା—4. Calmness; peace.
୫ । ନିଶ୍ଚିତ ସଂବାଦ—5- Correct information.
ଥବିର ପଣେ ମାୟାଗତ ଥୟ ନ ଜାଣେ ବେଦପତ ।
କମଳଲୋଚନ. ଚଉତିଶା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍କ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ।

୬। କିଂକର୍ତ୍ତବ୍ୟବିମୂଢ଼ତା; ବିସ୍ମୟରେ ଜଡ଼ବତ୍ ଅବସ୍ଥା—
6. The state of being taken aback.
୭। ନିର୍ବାକ୍ ଅବସ୍ଥା—7. Silence.

ଥୟ କରିବା—ଦେ. କ୍ରି.—୧। ସ୍ଥିର କରିବା—
Thaya kariba 1. To settle.
ঠৈ পাওয়া থ করা ପାଇ ଯେ ହଜାଇଛି ଧନ।
थाहना କେ ଥୟ କରିବ ଭା ମନ। ଭୂପତି, ପ୍ରେମପଞ୍ଚାମୃତ।
୨। ଠିକଣା କରିବା; ନିଶ୍ଚିତ ସଂବାଦ ବୁଝିବା—
2. To acertain.
୩। ନିଶ୍ଚଳ କରିବା—3. To fix up.

ଥୟ ଥାୟ—ଦେ. ବିଣ.—(ଥୟ ସଙ୍ଗେ ଦ୍ୱିତ୍ୱାନୁକାରୀ ନିରର୍ଥକ ଥାୟ
Thaya thaya ଶବ୍ଦର ଯୋଗ)—ଥୟ (ଦେଖ)
Thaya (See)

ଥୟ ଧରିବା—ଦେ. କ୍ରି—୧। ନିଶ୍ଚିନ୍ତ ହେବା—
Thaya dhariba 1. To be certain
(ଥୟହେବା—ଅନ୍ୟରୂପ) ୨। ସ୍ଥିର ହୋଇ ରହିବା—
ঠাণ্ডা হওয়া 2. To be settled.
थिर रहना ୩। ବିଶ୍ରାମ କରିବା—3. To rest; to take rest.

ଥୟ ପାଇବା—ଦେ. କ୍ରି—୧। ଠିକଣା ପାଇବା—
Thaya paiba 1. To fathom; to ascertain.
(ଥୟ ଲଗାଇବା—ଅନ୍ୟରୂପ) ୨। ନିଶ୍ଚିତ ସମ୍ବାଦ ପାଇବା—
থই পাওয়া 2. To get correct news.
थाह पाना

ଥୟେ—ଗ୍ରା. ବି ଓ ବିଣ—ଥୟ (ଦେଖ)
Thaye Thaya (See)
ଏମନ୍ତ ମୂରତି ଦେଖି କରିବ କେ ଥୟେ। ଗ୍ରାମ୍ୟଭକ୍ତି ଗୀତ।
କ୍ରି. ବିଣ—୧। ନିଶ୍ଚୟରେ—1. Certainly.
୨। ସ୍ଥିରଭାବରେ—2. Calmly.

ଥର—ଦେ. ବି. (ସଂ. ଅସ୍ଥିର)—୧। କମ୍ପ—
Thara 1. Trembling; shiver; trepidation.
থর ବହିଲ ଯେ ଥର ଭୟେ ହୃଦୟ ପଥର।
थर ଭଞ୍ଜ, ବୈଦେହୀଶବିଳାସ।
୨। (ସଂ. ସ୍ତର) ବାର—2. Times.
ସପତ୍ନି ମୋରରେ ସହ ଏହି ଥରରେ। କବିସୂର୍ଯ୍ୟ, କଣ୍ଠୋପବନ୍ଧ୍ୟ ଗୀତ।

ଥର(ରେ)କ—ଦେ. ଅ—ଏକବାର ମାତ୍ର—
Thara(re)ka Once only.
বারেক एकबार

ଥରକର—ଗ୍ରା. ଅ—ଥରେ; ଦିନେ—
Tharakara Once upon a time.
বারেক ଦେ. ବିଣ—ଏକବାରର (ଘଟଣା)—
एकबारका Appertaining to a time.

ଥରକୁଥର—ଦେ. କ୍ରି. ବିଣ—୧। ପୁନଃ ପୁନଃ—
Tharaku thara 1. Again and again; from time to time.
রবাবার
बारबार ୨। ବହୁବାର ଉପର୍ଯ୍ୟୁପରି—
2. Several times; repeatedly; times without number.
ଥରକୁଥରି ମହାମୋହ ପାଉଥିଲେ,
ତାହାଙ୍କୁ ସଞ୍ଜୟ ଏ ବଚନ କହୁଲେ।—କୃଷ୍ଣସିଂହ, ମହାଭାରତ, ଅଦି

ଥରକେ—ଦେ. ଅ—୧। ଏକବାରରେ—1. Once.
Tharake ୨। ପ୍ରତିଥର ବା ବାରରେ—
एकबारमें 2. Each time; every time.

ଥରଥର—ଦେ. ବିଣ. (ସଂ. ଅସ୍ଥିର କମ୍ପ। ସ୍ଥିର=ବୃକ୍ଷ; ବୃକ୍ଷମାନେ
Tharathara କମ୍ପନ୍ତି ବୋଲି)—୧। କମ୍ପିତ; କମ୍ପାନ୍ୱିତ—
থরথর 1. Shaking; shivering; trembling.
थरथर; थरथरी ସେ କୁର ଜନକ ଅଙ୍କରେ ବୃତାସୁର।
ଦେହରେ ରହି ଭୁଦ କଲ ଥରଥର।
କୃଷ୍ଣସିଂହ, ମହାଭାରତ ଶାନ୍ତି।
୨। ଅଥୟପା; ଅସ୍ଥିର—2. Tottering.
୩। ଚକିତ; ଭୟରେ ଅଧୀର—
3. Shaking through fear.
୪। ଶୀତରେ ଥୁରୁ ଥୁରୁ ବା କମ୍ପମାନ—
4. Shivering through cold.
କ୍ରି. ବିଣ—୧। ବିଶେଷ କମ୍ପର ସହିତ; ଠକ୍ ଠକ୍ ହୋଇ (କମ୍ପିବା)—1. With much trembling.
(ଯଥା—ପିଲାଏ ଅବଧାନଙ୍କୁ ଦେଖି ଥରଥର କମ୍ପୁଛନ୍ତି।)
[ଦ୍ର—ଥରଥରଠାରୁ ଲଘୁତର କମ୍ପକୁ 'ଥୁରୁ ଥୁରୁ' ବୋଲାଯାଏ।]
বারবার ୨। ଥରକୁଥର (ଦେଖ)
बारबार 2. Tharakuthara (See)

ଥରଥର କମ୍ପନ—ଦେ. ବିଣ—ଉପର୍ଯ୍ୟୁପରି କମ୍ପନ—
Tharathara kampana Shaking; shivering.
থরথরকাঁপা ସେକର ଦରଶନେ ଥରଥର କମ୍ପନେ ଥରିଲୁ ବେଗେ ହରହର।
थरथराहट ମଧୁସୂଦନ, କବିତା।

ଥରଥର କମ୍ପିବା—ଦେ. କ୍ରି. (ଭୟରେ)—ଠକ୍‌ଠକ୍ ହୋଇ କମ୍ପିବା
Tharathara kampiba To tremble violently (in fear).
থরথরকরিয়া কাঁপা थरथराना, थरथर करना

ଥରଥର କରି—ଦେ. କ୍ରି. ବିଣ—ଥରକୁଥର (ଦେଖ)
Tharathar kari Tharakuthara (See)

ଥର ଥରକେ—ଦେ. ଅ—ଥରେ ଥରେ; କୌଣସି କୌଣସି ସମୟରେ—
Thara tharake At times.
বারবার ଥର ଥରକେ ମୋ ଅଙ୍ଗ, ଅଙ୍ଗଅଙ୍ଗ ଝୁଏ କାମ ଶର ବାଜେ।
बारबार କବିସୂର୍ଯ୍ୟ, ଚନ୍ଦ୍ରା ଗୀତ।

୧	ଇ	ଉ	ର,ର୍	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଡ଼ଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍

ଥର ଥର ହେବା—ଦେ. କ୍ରି—ଥର ଥର କମ୍ପିବା (ଦେଖ)
Thara thara hebā — Thara thara kampibā (See)
ଥର ଥର ହୁଏ କାମ ଶର ଘାତେ । କବିସୂର୍ଯ୍ୟ. ରାମ୍ଭା ଗୀତ ।

ଥରଥରା—ଦେ. ବିଣ. ପୁଂ—ଥରଥରିଆ (ଦେଖ)
Tharatharā — Tharathariā (See)
(ଥରଥରୀ—ସ୍ତ୍ରୀ)
ଦେ. ବି—ଥରଥର କମ୍ପନ (ଦେଖ)
Tharathara kampana (See)

ଥରଥରାଥର—ଦେ· ବିଣ—ସର୍ବାଙ୍ଗବ୍ୟାପୀ କମ୍ପନଯୁକ୍ତ; ଯହିଁରେ ସର୍ବାଙ୍ଗ କମ୍ପିତ ହେଉଥାଏ—
Tharatharāthara
(ଥରଥରାଥର—ଅନ୍ୟରୂପ)
थरथराधर, थरथराहट
Shivering throughout the limbs; trepidating.

ଥରଥରା ବାତ—(ସ. ଅସ୍ଥିରତା+ବାତ)—
Tharatharā bāta
थरथरानि, थराबात, थरहरी बाइ
ଏକ ପ୍ରକାର ବାତ ଯାହାର ଆକ୍ରମଣରେ ରୋଗୀ ବାରମ୍ବାର କମ୍ପେ— A fit accompanied by repeated tremours.

ଥରଥରି(ରୁ)ଆ—ଦେ. ବିଣ. ପୁଂ—୧ । ଯେ ସାମାନ୍ୟ ଭୟର କାରଣ ଉପସ୍ଥିତ ହେଲେ ଥରେ; ଥରୁଆ; ଭୟାଳୁ—
Tharathari(ru)ā
(ଥରଥରେଇ—ସ୍ତ୍ରୀ)
थरथरे, थरथरनिवाला
1. Given to trembling at slight causes; timid.
୨ । ଭୟରେ ଅସ୍ଥିର—2. Shaking through fear; trembling.
୩ । ଅଥିରପାଦ; ଅସ୍ଥିରତା—3. Tottering.
ବି—କମ୍ପକମ୍ପା; ଏକ ପ୍ରକାର ଗୁଡ଼ି ଅଣୀ— A kind of slender and long-legged insect (which is seen trembling) Pholcus Phalangioidos.

ଥରହର—ଦେ.ବିଣ. (ଥର ଶବ୍ଦ ସଙ୍ଗେ ଧ୍ୱନ୍ୟନୁକାରୀ ହର ଶବ୍ଦ ଯୋଗ)—
Tharahara — ଥରଥର (ଦେଖ)—Tharathara (See)
थरहर, थरथर
ତାହା ଦେଖିଣ ଇନ୍ଦ୍ର ହୋଇ ଥରହର
ମନେ କଲେ ମୋ ପ୍ରାଣ ନେବ ଏ ଅସୁର । କୃଷ୍ଣସିଂହ. ମହାଭାରତ, ଶାନ୍ତି ।
[ଦ୍ର—ଥରଥର ଓ ଥରହର ଏକାର୍ଥବୋଧକ । ମାତ୍ର ଭୟର ଆଧିକ୍ୟ ବୁଝାଇଲେ ଥରହର ଶବ୍ଦର ପ୍ରୟୋଗ କରାଯାଏ ।]

ଥରହର(ରି)କମ୍ପିବା—ଦେ. କ୍ରି—ଥରଥର କମ୍ପିବା (ଦେଖ)
Tharahara(ri)kampibā — Tharathara kampibā(See)
थरहरिकाँपा, थरहराना
ଚମ୍ପୋଳ ସେ କାଳେ କରୁ ଘୋର ଧ୍ୱନି
ଥରହର ହୋଇ କମ୍ପିଲା ଅବନୀ । ରାଧାନାଥ. ଚିଲିକା ।

ଥରା—ଦେ. ବି—ଥରିବା; କମ୍ପ—
Tharā — Trembling; trepidation.
थरथरानि, थरथराहट
ବିଣ. ପୁଂ ଓ ସ୍ତ୍ରୀ—ଥରୁଥିବା— Trembling; shivering.

ଥରା(ରେ)ଇବା—ଦେ. କ୍ରି—୧ । ଥରିବା କ୍ରିୟାର ଣିଜନ୍ତ ରୂପ—
Tharā(re)ibā — 1. The causative form of 'Tharibā.'
थरान, थराना, थरकाना, थरथराहेता
୨ । କମ୍ପାଇବା; କମ୍ପିତ କରାଇବା— 2. To shake; to cause to tremble.
ପଳାଇଲେ ଭୟେ ଥରାଇ ତାଙ୍କ ଗାତ୍ର । କୃଷ୍ଣସିଂହ. ମହାଭାରତ. ବନ ।

ଥରା ବାତ—ଦେ. ବି—୧ । ଏକ ପ୍ରକାର ବାତ ରୋଗ; ଯହିଁରେ ରୋଗୀ ବାରମ୍ବାର କମ୍ପେ—1. A fit of severe shivering.
Tharā bāta
थराबात, थरथरी बाइ
[ଦ୍ର—ଏହି ବାତ ହେଲେ ରୋଗୀର ଦେହ ସର୍ବଦା କମ୍ପୁଥାଏ ।]
୨ । ଭୟଜନିତ ମୁହୁର୍ମୁହୁଃ କମ୍ପନ— 2. Violent trepidation due to fear.

ଥରିତ—ଦେ. ବିଣ—ମୁହୁର୍ମୁହୁଃ କମ୍ପିତ—
Tharita — Trembling; quaking.
थरथर, थरथर
ବାଳକା ପ୍ରାୟେ ବପୁ ଦର୍ଶନେ ଥରିତ ।
ବୈଦେହୀଶବିଳାସ ।

ଥରିବା—ଦେ. କ୍ରି. (ସ. ଅସ୍ଥିର; ଋଗ୍‌ବେଦ ଓ ବାଜସନେୟୀ ସଂହିତାରେ ଅଥର୍ଯ୍ୟ=କମ୍ପୁଥିବା ଓ ଅଥର୍ଯ୍ୟନ୍ତ=ଥରୁଛି ଅର୍ଥରେ ବ୍ୟବହୃତ ହେବା ମନ୍ତ୍ରଅର ଉଇଲ୍‌ଅମ୍ସ ଲେଖି ଅଛନ୍ତି)—୧ । (ଭୟରେ) କମ୍ପିବା—
Tharibā
(ଥରାଇବା—ଅନ୍ୟରୂପ)
थरा, थराना, थरथराना
1. To shiver; to tremble; to quake with fear.
ଏହା ଜାଣିଣ ଦୁର୍ଯ୍ୟୋଧନାଦି ଭୟରେ
ଅହର୍ନିଶ ହିଁ ଥରିଲେ ନିରନ୍ତରେ । କୃଷ୍ଣସିଂହ. ମହାଭାରତ. ଆଦି ।
୨ । ଉପର୍ଯ୍ୟୁପରି ହଲିବା— 2. To shake repeatedly

ଥରୁଆ—ଦେ. ବି—୧ । ଭୟରେ ଥରିବାର ଅଭ୍ୟାସଯୁକ୍ତ; ଅତ୍ୟନ୍ତ ଭୟାଳୁ—1. Very timid; tremulous.
Tharuā
थरथरे, थरथरा
୨ । କମ୍ପିତ—2. Trembling.

ଥରେ—ଦେ. କ୍ରି. ବିଣ—୧ । ଏକ ସମୟରେ—
Thare — 1. Once upon a time.
एकबार, एकबार
୨ । ଏକବାର—2. Once.
କହିବ ଥରେ ପ୍ରାଣ ନାଥରେ ମରେ ନବନଳିନୀ । ଗୋପାଳ ଛନ୍ଦରେଖା !
୩ । ଏକ ଥର ମାତ୍ର—3. Once only.
ନିରେଖି ଭଲାଭୁ ଥରେ ଅହା । କବିସୂର୍ଯ୍ୟ. କଳୋଗଣ ଗୀତ ।
୪ । ଏକ ଥର ସୁଦ୍ଧା—4. Even once.

ଥରେକ(କେ)—ପ୍ରତ୍ୟେକ ବାରରେ—
Thareka(ke) — Every time; on each occasion.
फिबार हरदफा

ଥରେ ଥରେ—ଦେ. କ୍ରି. ବିଣ—ବେଳେ ବେଳେ; କେବେ କେବେ—
Thare thare — 1. Some times; at times.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଟର ୧ ଚକ୍ଷ୍ଣର ଅଂର ଓ ମାତ୍ରା ଏବଂ ୨ ଚକ୍ଷ୍ଣର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତାନାହିଁ । ଅତଏବ ୧ କିମ୍ବା ୨ ଚକ୍ଷ୍ଣର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷ୍ଣର ଦପଗ୍ରତ ୨ ବା ୧ ଚଲ୍ଛିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ, 'ଅର୍ଚ୍ଚ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଚ' ନ ପାଇଲେ 'ଅଲ୍‌ବଚ' ଦେଖିବେ

କଖନ୍ କଖନ — ମଦନେ ଥରେ ଲୁବ ପଥରେ ଶୁଅନ୍ତି ଥରେ ଥରେ ।
କଭି କଭି — ଭକ୍ତ. ପ୍ରେମସୁଧାନିଧି ।

୨ । ଥରକୁ ଥର; ବାରଂବାର—
2. Time after time; repeatedly.

ଥର୍ମା(ର୍ମୋ)ମି(ମେ)ଟର—ବୈଦେ. ବି. (ଇଂ. ଥର୍ମୋମେଟର୍)—
Tharmā(rmo)mi(me)ṭar — ଉଷ୍ଣତାମାନଯନ୍ତ୍ର ତାପକର୍ଣ୍ଣୀଯୁକ୍ତ ଯନ୍ତ୍ର; ତାପମାନ ଯନ୍ତ୍ର)—Thermometer.
ଥର୍ମ୍ମାମିଟର୍
ଥର୍ମାମିଟର [ଦ୍ର—ଗୋଟିଏ କାଚର ଫମ୍ପା ଗୋଲାକମୁଣ୍ଡରେ ଗୋଟିଏ ଲମ୍ବ ନଳ ଲାଗିଥାଏ । ଗୋଲାମଧ୍ୟରେ ପାରଦ ଭର୍ତ୍ତି କରାଯାଏ ଓ ନଳର କେତେକ ଅଂଶ ଖାଲିଥାଏ । ଖାଲିଥିବା ନଳର ଅଂଶକୁ ବାୟୁଶୂନ୍ୟ କରାଯାଏ । ଉକ୍ତ ଯନ୍ତ୍ରକୁ ମନୁଷ୍ୟ ଦେହରେ ବା ପାଣିରେ ବା ଅନ୍ୟବସ୍ତୁରେ ଲଗାଇଲେ ଦେହର ବା ପାଣିଆଦିର ଉଷ୍ଣତା ବା ଶୀତଳତା ଅନୁସାରେ ଗୋଲାମଧ୍ୟରେ ଥିବା ପାରଦର ଆକାର ବଢ଼େ ବା କମିଯାଏ । ବଢ଼ିଗଲେ ପାରଦ ନଳରେ କେତେ ଉଚ୍ଚତା ପର୍ଯ୍ୟନ୍ତ ଉଠିଆସେ ଓ କମିଗଲେ ପାରଦ ନଳରେ କେତେଦୂର ତଳକୁ ଖସିଆସେ । ଫୁଟନ୍ତା ପାଣିରେ ଉକ୍ତ ଯନ୍ତ୍ରକୁ ରଖିଲେ ନଳରେ ପାରା ଯେଉଁ ସୀମାପର୍ଯ୍ୟନ୍ତ ଉଠେ ତାହାକୁ ୧୨୦ ଡିଗ୍ରି ଧରାଯାଇ କାଚନଳର ସେହି ସୀମାରେ ୧୨୦ ଚିହ୍ନ ଦିଆଯାଏ । ବରଫ ପାଣିରେ ରଖିଲେ ପାରା ଯେଉଁ ସୀମା ପର୍ଯ୍ୟନ୍ତ ଖସେ ତାକୁ ୦ (ଶୂନ) ଡିଗ୍ରୀ ବୋଲି ଚିହ୍ନିତ କରାଯାଏ । ଶୂନ-ଠାରୁ ୧୨୦ ଡିଗ୍ରି ପର୍ଯ୍ୟନ୍ତ ସ୍ଥାନକୁ ୧୨୦ ସମାନ ଭାଗରେ ଚିହ୍ନିତ କରାଯାଏ; କୌଣସି ଗରମ କିମ୍ବା ଥଣ୍ଡା ପଦାର୍ଥରେ ଏ ଯନ୍ତ୍ରକୁ ଲଗାଇଲେ ପାରା ଯେଉଁ ରେଖାପର୍ଯ୍ୟନ୍ତ ଉଠିବାର ବା ଖସିବାର ଦେଖାଯାଏ ଉକ୍ତ ବସ୍ତୁର ସେତେ ଡିଗ୍ରି ଉତ୍ତାପ ବୋଲି ଧରାଯାଏ ।]

ଥଳ—ଦେ. ବି. (ସଂ. ସ୍ଥଳ)—୧ । ନଦୀର ଅଳ୍ପଜଳ ଥିବା ସ୍ଥାନ; ନଦୀର ଯେଉଁଠାରେ ଲୋକେ ଜଳରେ ପଶି ପାର ହୋଇ ପାରନ୍ତି—1. Ford in a river.
Thaḻa
ଥହ
ଥଲ, ଥାହ — ୨ । ଜଳର ତଳ—2 Ground at the bottom of water.

୩ । ସ୍ଥିତ—3. Position.

୪ । ସ୍ଥଳ; ଭୂଭାଗ; ଜଳହୀନ ଭୂଭାଗ—4. Land.
ଥଳ ଦେଖି ଜଳ ମଧ୍ୟରେ ଦେଖି ପଶିଲେ ଯେତେ । ପ୍ରତାପ ଶଶିରେଖା ।

୫ । ସ୍ଥାନ; ଜାଗା—5. Place.

୬ । ପାଣି ଭିତରେ ଠିଆ ହେବାର ସ୍ଥାନ—
6. A footing found in water.
ନଦୀ ହଏ ଥଳ, ବନ୍ଧୁ ହଏ ବଳ । ଚଗ ।

୭ । କ୍ଷେତ୍ର; ତୀର୍ଥ—7. Holy place.
କପୋତେଶ୍ୱର ଦୂଶିବ ଥଳ,
ନିକଟେ ଶୁଣି ନୀଳାଚଳ । ଭୂପତି. ପ୍ରେମପଞ୍ଚାମୃତ ।

ଥୈ — ବିଣ—ମନୁଷ୍ୟ ପାଦରେ ପଶି ପାର ହୋଇଯିବା ଯୋଗ୍ୟ
ଥାହର; ଥାହ — (ନଦ୍ୟାଦି) ଅଗଭୀର—Fordable (water); not deep.

ବନ୍ଧାଅ ସେତୁ ବାନ୍ଧ ଅତଳ,
ମୁଁ ପୁଣି କରି ହୋଇବ ଥଳ,
ପାର ହୋଇବେ ସକଳ ବଳ,
କଷ୍ଟାଇ ଭଲ ହେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଥଳକମଳ—ଦେ. ବି—ସ୍ଥଳକମଳ (ଦେଖ)
Thaḻakamaḻa — Sthaḻakamaḻa (See)
ଥଲପଦ୍ମ ଥଲକମଲ
(ଥଳପଦ୍ମ—ଅନ୍ୟରୂପ)

ଥଳକୂଳ—ଦେ. ବି. (ସଂ. ସ୍ଥଳ ଓ କୂଳ)—୧ । ଗଭୀରତାର ପରିମାଣ ଓ ନଦ୍ୟାଦିର ଅପର ପାରର ଉପଲବ୍ଧି—
Thaḻakūḻa
ଥଇ — 1. Ascertainment of the depth and the
ଥାହ — opposite shore of an expanse of water.
ନ ପାଇ ତାର ଥଳକୂଳ, ଏରୂପେ ସେ କାରୁଣ୍ୟ ଜଳ ।
ଭୂପତି. ପ୍ରେମପଞ୍ଚାମୃତ ।

୨ । ସ୍ଥିରତା; ନିଶ୍ଚୟତା—2. Certainty.
(ଯଥା—ତା କଥାରେ ମୁଁ କିଛି ଥଳକୂଳ ପାଉନାହିଁ ।)

ଥଳଚର—ଦେ. ବି. (ସଂ. ସ୍ଥଳଚର)—ସ୍ଥଳଭାଗରେ ଚଳପ୍ରଚଳ ହେଉଥିବା; ସ୍ଥଳଚର—Moving on land; living on dry land.
Thaḻachara
ଥଲଚର

ଥଲଥଲ—ଦେ. ବିଣ. (ସଂ. ଶିଥିଳ; ଢୋଲ; ଢାଳୁଆ; ନରମ ଓ ମେଞ୍ଚା ମେଞ୍ଚା; ଦଲଦଲିଆ—1 Flabby; flaccid; soft and loose; soft and fleshy.
Thalathala
ଥଲଥଲ ଥକଥକିଆ ଥଲଥଲେ
ଥଲଥଲ

୨ । ଥାଲୁଲ; ସ୍ଥୂଳକାୟ—
2. Fat; corpulent.

ଥଳଥଳ
ଥଲଥଲିଆ
ଥଳଥଳିଆ } ଅନ୍ୟରୂପ
ଥଲଥଲିଆ
ଥଲଥଲିଆ

୩ । ଉତ୍ତମରୂପେ କାଠୁଆ ହୋଇ ନ ଥିବା; ନରମ ଓ ଘନ—3. coagulated but not hardened; soft and thick; condensed.

ଥଲଥଲେଇବା—ଦେ. କ୍ରି—୧ । ଥଲଥଲ ହେବା; ନରମ ମାଂସ ମେଞ୍ଚାପରି ହେବା—1. To be flaccid or flabby.
Thalathaleibā
ଥଲଥଲକରା ଥଲଥଲାନ
ଥଲଥଲାନା, ଥଲକନା — ୨ । ଥାଲୁଲ ଥାଲୁଲ ହେବା; ଖୁବ ମୋଟ
(ଥଲଥଲାଇବା—ଅନ୍ୟରୂପ) — ବା ସ୍ଥୂଳ ହେବା—
2. To be corpulent.

୩ । ଧୁଣ୍ଡା ଓ ଥଲ୍ଲିଲ ପେଟଅ ମନୁଷ୍ୟଙ୍କ ପେଟରୁ ଘୁଣ୍ଠି ବା ଅଙ୍ଗରୁ ମାଂସ ଓହଳ ପଡ଼ିବା—3. To dangle loosely or laxly as the flabby folds of flesh of a corpulent man.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ୱ	ନ

ଥଳପଥ—ଦେ. ବି—ସ୍ଥଳପଥ (ଦେଖ)
Thalapatha Sthalapatha (See)
स्थलमार्ग

ଥଳପଦ୍ମ (ଦ୍ମ)—ଦେ. ବି—ସ୍ଥଳକମଳ (ଦେଖ)
Thalapadmañ(dma) Sthalakamala (See)

ଥଳା—ଦେ. ବି. (ସଂ. ସ୍ଥାଲୀ)—୧ । ଥାଳି; ଛୋଟ ଥାଳି—
Thalā 1. A plate; small tray; platter.
थाली ୨ । (ଗୋରୁ) ଗଳକମ୍ବଳ—
लोर 2. Dewlap.
ବେକର ଥଳାଟା ଅଛ ଗାଈଠାରୁ ବଡ଼ ଝୁଲୁଛି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଥଳା(ଲେ)ଇବା—ପ୍ରାଦେ. (ବାଲେଶ୍ୱର) କ୍ରି. (ସଂ. ତଳ)—
Thalā(le)ibā ସମତଳ କରିବା—To level up.

ଥଳାଥଳି—ଦେ. ବି—ସମତଳ କରିବା—
Thalāthali Levelling up.

ଥଳି—ଦେ. ବି. (ସଂ. ସ୍ଥଳୀ)—୧ । ସମତଳ ପଡ଼ିଆ ଭୂମି—
Thali 1. A level field.
समतल ୨ । ସ୍ଥାନ—2. A place.
ଓଥଳୀ ନାମେ ପ୍ରାଚୀଗରେ ସ୍ଥିତ ପ୍ରଥମ ଏ ମଣ୍ଡଳରେ—
ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।
୩ । ଥଳୀ (ଦେଖ)—3. Thali (See)

ଥଳିଆ—ଦେ. ବି—ଥଳୀ (ଦେଖ)
Thaliā Thali (See)
ପ୍ରାଦେ (ଯାଜପୁର) ବି—ଗୋରୁଙ୍କ ବେକରେ ଥିବା ଗଳକମ୍ବଳ—
A bull's or cow's dewlap.

ଥଳିଆଟୁ—ପ୍ରାଦେ (ଗଡ଼ଜାତ) ବି—କୋଠା ଛାତପରି ସମତୁଲ ହୋଇ
Thaliāṭu ଥିବା ଅଟୁ—Flat earthen roof below a thatch.

ଥଳୀ—ଦେ. ବି (ସଂ. ସ୍ଥଳୀ; ପ୍ରା. ଥୁଲ=ଉନ୍ନ)—୧ । ଟଙ୍କା ଆଦି
Thali ରଖିବାର ମୁଣି; ବଟୁଆ—1. A bag; a pouch.
थली, थलिया ୨ । ଥଳ (ଦେଖ)
थैला, थैली 2. Thali (See)

ଥଳେଇ ଦେବା—ପ୍ରାଦେ (ବାଲେଶ୍ୱର) କ୍ରି—ସମତୁଲ କରିବା—
Thalei debā To level the earth.
(ଥଳେଇବା—ଅନ୍ୟରୂପ) (ଯଥା—ଏଠାରେ ମାଟି ଥଳେଇ ଦେ ।)

ଥା—ଦେ. ବି (ସଂ. ସ୍ଥା ଧାତୁ)—୧ । ଠା; ସ୍ଥାନ—
Thā 1. Place.
था ୨ । (କଟେଉଥ ସାଙ୍କେତିକ) ଥାନା (ଦେଖ)
थल 2. Thānā (See)
ବିଣ—ସ୍ଥିର; ନିଶ୍ଚିତ—Fixed; certain.
थाई ଅ—(ଅନାଦରାର୍ଥକ)—୧ । ଏଠାରେ ଅବସ୍ଥାନ କର—
1. (you) Stay.
थाक ୨ । ଅପେକ୍ଷାକର—2. Wait.
୩ । ବନ୍ଦକର—3 Stop.
ठहरो କ୍ରି—(ମଧ୍ୟମ ପୁରୁଷ ଅନୁଜ୍ଞା ଅନାଦରାର୍ଥ ଭୂ)—୧ । ସ୍ଥିର ହୁଅ;
ଏଠାରେ ରହ—1. (you) Please stay here.
ଚୁଙ୍କେଲ ମୂର୍ତ୍ତି ସେ ଚୁଙ୍କେଲ ମୂର୍ତ୍ତି, ଥାକ ଭରଣକ ଚାଲଥା ବସି
ତୁ ଥା ମୁଁ ଯାଉଛି ବୁଝି—ଶିଶୁଶଙ୍କର. ପଦ ।
୨ । (ଅନ୍ୟ କ୍ରିୟାର ଅସମାପିକାରୂପ ସଙ୍ଗେ ଯୁକ୍ତ) ଅମୁକ
କ୍ରିୟା କର—2. (you) Please do (such an act).
(ଥାଅ—ଅନ୍ୟରୂପ) ଶୁଣିଥା ମୋହ ଠାରୁ ଧ୍ରୁବସଙ୍ଗ ଗୃହ
(ଥାଅ—ଅଦରାର୍ଥକ ରୂପ) ଗଡ଼ା ଫଙ୍କି ଖାଇ ଦେବ ତୋ କାନ୍ଧୁ ଅଷ୍ଟ ।
(ଥାଅନ୍ତୁ, ଥାଉନ୍ତୁ—ମାନ୍ୟାର୍ଥକରୂପ) କୃଷ୍ଣସିଂହ. ମହାଭାରତ. ସଭା ।
[ଦ୍ର—ସଂ. ସ୍ଥା ଧାତୁରୁ ଓଡ଼ିଆ 'ଥା' ରୂପ ହୋଇ ଥିବା,
ଥିଲା, ଥାଇ, ଥାଏ, ଥା, ଥାଅ, ଥାଅ, ଥାନ୍ତି, ଥାଅନ୍ତି, ଥିଲେ,
ଥାଉ, ଥାନ୍ତୁ, ଥାଅନ୍ତୁ, ଥାଉନ୍ତୁ, ଥାଅନ୍ତେ ଇତ୍ୟାଦି ରୂପ ହୁଏ ।
ଗଞ୍ଜାମରେ 'ଥାଉଛି' ଶବ୍ଦ 'ଅଛି' ଅର୍ଥରେ ବ୍ୟବହୃତ ହୁଏ ।]

ଥାଅ—ଦେ. କ୍ରି (ଥିବା କ୍ରିୟାର ମଧ୍ୟମ ପୁରୁଷ ଏକବଚନ ଅଦରାର୍ଥକ
Thā-a (ତୁମ୍ଭେ) ଓ ବହୁବଚନ (ତୁମ୍ଭେମାନେ) ସଙ୍ଗେ ବ୍ୟବହୃତ)
ଥା (ଦେଖ)—Thā (See)

ଥାଆ—ଦେ. କ୍ରି—ଥା (ଦେଖ)
Thāa Thā (See)

ଥାଇ—ଦେ. କ୍ରି (ଥିବା କ୍ରିୟାର ଅସମାପିକା ରୂପ)—ସ୍ଥିତ ହୋଇ;
Thāi ରହି—Staying
थेके (ଯଥା— ସେଠି ତୁ ଥାଇ କଣ କରିପାରିବୁ ନାହିଁ ।)
रहके

ଥାଇରି—ଦେ. ବିଣ (ସଂ. ସ୍ଥିର)—ଅବସ୍ଥିତ; ଦୃଢ଼; ନିଶ୍ଚିନ୍ତ; ନିଶ୍ଚଳ—
Thāiri Stayble; certain; quiet; settled; fixed.
स्थिर, थाई

ଥାଈ—ବିଣ (ସଂ. ସ୍ଥାୟୀ)—୧ । ଚିରସ୍ଥାୟୀ—
Thāi 1. Permanent.
(ଥାଇତ୍, ଥାଇତ—ଅନ୍ୟରୂପ) ୨ । ଚିର—2. Lasting.
ঠৌর ୩ । ଥୟ; ସ୍ଥିର; ସୁଦୃଢ଼—
थाई 3. Permanently settled.
୪ । ସଂସାରରେ ସଚ୍ଛଳ ଅବସ୍ଥାରେ ଅବସ୍ଥିତ—
4. Comfortably settled in the world.
୫ । ବିପଦରୁ ରକ୍ଷାପ୍ରାପ୍ତ—5. Saved from danger.
ବି—(ସଂ. ସ୍ଥିରତା)—ସ୍ଥିରତା—Certainty.

ଥାଉ—ଦେ. ଅ—୧ । (କୌଣସି କାର୍ଯ୍ୟ) ଏହିଠାରେ ବନ୍ଦ ହେଉ—
Thāu 1. Let us stop.
थाक ୨ । ବନ୍ଦକର; ସ୍ଥଗିତ କର—2. Stop.
रहनेदो ୩ । ଅପେକ୍ଷା କର—3. Wait.
କ୍ରି. (ଅସମାପିକା)—ଥାଇ (ଦେଖ)—Thāi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମାନଙ୍କ ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥାନରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ

ଧନ ବା ଘର ବାହ ଥାଉ
ବାହ ନଗ୍ନଙ୍କ ଥାଉ ପଡ଼ରେ । ପ୍ରତାପ. ଶଶିଶେଣା ।

ଥାଉଁ (ଉ) ଥାଉଁ (ଉ)—ଦେ. ଅ—ଥିବାସ୍ଥଳେ; ଥିବାସତ୍ତ୍ୱେ ଥିଲେମଧ୍ୟ—
Thāuñ(u)thāuñ(u) Inspite of; inspite of the presence of.
থাকতে থাকতে
रहते रहते ନ ବଶର ଅଶି ଥାଉଁ ଥାଉଁ ପଥ । ବଡସୂର୍ଯ୍ୟ. ସଙ୍ଗୀତ ।

ଥାଏ—ଗ୍ରା. ବଣ—ଥାଇ ୪ (ଦେଖ)
Thāe Thāi 4 (See)
ମୁଁ ସତ୍ୟ ଲଙ୍ଘିବ ନାହିଁ,
ରେଳଣ୍ଡ ପେଷ୍ଟକ ଥାଏ କହବ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଥାଏତ୍—ଦେ. ବ. (ସଂ. ସ୍ଥାୟିତ୍ୱ)—ସ୍ଥାୟିତ୍ୱ—
Thāet Permanence.
ঠৌর ବଣ—ଥାଇ (ଦେଖ)
थाइत Thāi (See)
ପ୍ରାଦେ. (ସମ୍ବଲପୁର) କି. (ତୁମ୍ଭେ)—ଥାଅନ୍ତ—
(you) Might have stayed; might have.

ଥାଏତି—ପ୍ରାଦେ. (ସମ୍ବଲପୁର) କି. (ମୁଁ, ସେ, ସେମାନେ)—ଥାଆନ୍ତି—
Thāeti (I, he, they) Might have been.

ଥାକ—ଦେ. ବ. ସଂ. ସ୍ତବକ; ସ୍ତୋମକ; ତୁଳ ଇଂ. ଷ୍ଟାକ୍=ରାଶି; ଗଦା; ଷ୍ଟକ୍=ଭଣ୍ଡାର)—୧ । ପ୍ରସ୍ଥ; ପରସ୍ତ; ସ୍ତର—
Thāka
থাক 1. Layer; fold; stratum.
थाक ୨ । ଧାରାବାହିକ; ଶ୍ରେଣୀ—2. Series.
୩ । ଧାଡ଼ି; ପଂକ୍ତି; ଶ୍ରେଣୀ—3. Line; row.
୪ । ଛୋଟ ଗଦା—4. Small heap; stack.
তাক ବୈଦେ. ବ. (ଅ. ତାକ)—
ताक ୧ । କାନ୍ଥଲୁଗା; କାନ୍ଥ ଦେହରେ ଦ୍ରବ୍ୟାଦି ରଖିବାର ଠଣା—
1. A niche in the wall; a recess in a wall.
୨ । ଆଲମାରିର ଗୋଟିଏ ଥାକ—
2. A shelf of an almirah.
ବଣ—ଛୋଟ—Small.

ଥାକ କରିବା—ଦେ. କି—୧ । ସ୍ତରେ ସ୍ତରେ ସଜ୍ଜିତ କରିବା—
Thāka kariba 1. To arrange in layers.
(ଥାକ ମାରିବା—ଅନ୍ୟରୂପ) ୨ । ଛୋଟ ଛୋଟ ଗଦାରେ ସଜ୍ଜିତ କରିବା—2. To arrange in small heaps or stacks.
•থাক করা, থাক দেওয়া
थांक लगाना
୩ । ଶ୍ରେଣୀ ବିଭାଗ କରିବା—
3. To sort; to classify.
୪ । ଲୁଗା ଆଦିକୁ ପ୍ରସ୍ତ ପ୍ରସ୍ତ କରି ଭାଙ୍ଗିବା—
4. To fold.

ଥାକ ଥାକ—ଦେ. କି. ବଣ—୧ । ସ୍ତରେ ସ୍ତରେ; ପ୍ରସ୍ତ ପ୍ରସ୍ତ କରି—
Thāka thāka 1. In layers; in folds; one over the other.
(ଥାକେ ଥାକେ—ଅନ୍ୟରୂପ)
থাকে থাকে ୩ । ଛୋଟ ଛୋଟ ଗଦାରେ—
थाक थाक 3. In small heaps.
ଷ୍ଟୁପ ଗଲା ମୋତ କର ଥାକ ଥାକ । ଉପେନ୍ଦ୍ର. ଗୀତଲହରୀ ।

ଥାକ ବନ୍ଦି—ଦେ. ବ—ସୁସଜ୍ଜିତ ବା ଶ୍ରେଣୀବଦ୍ଧ କରାଯିବା—
Thāka bandi Classification; arrangement in layers.
থাক বন্দি
थाकबंदी ସଂ. ଉ—୧ । ଶ୍ରେଣୀବଦ୍ଧ—1. Classified.
୨ । ସୁସଜ୍ଜିତ—2. Well arranged.

ଥାକବସ୍ତ (ସ୍ତି)—ବୈଦେ.ବ. (ହି.ଥୋକବସ୍ତ; ଥାକ=ଗାଆଁର ସରହଦ)-
Thākabasta(sti) ୧ । ଜମିର ସୀମା ନିର୍ଦ୍ଧାରଣସୂଚକ ମାପ ବା ଜରିପ୍—1. Cadastral survey.
থাকবস্ত
थाकबस्त ୨ । ଭିନ୍ନ ଭିନ୍ନ କ୍ଷେତ୍ରର ସୀମା ନିର୍ଦ୍ଧାରଣ—
2. Ascertainment or filing up of the boundaries of different plots.
୩ । ଭିନ୍ନ ଭିନ୍ନ କ୍ଷେତ୍ରର ଶ୍ରେଣୀ ନିରୂପଣ—
3. Classification of different classes of lands.
୪ । ଜମିର ସୀମା ଆଦି ନିରୂପକ କାଗଜପତ୍ର—
4. Zamindari papers relating to cadastral survey.

ଥାକିତି ବଳଦ—ପ୍ରାଦେ. (ଗଞ୍ଜାମ) ବ—ବାଆଁ ପାଖରେ ଯୋଚା ଯିବା ବଳଦ—
Thākiti baḻada The ox yoked in the left side of the plough.

ଥାକିବା—ଦେ. କି—୧ । ରହିବା—
Thākibā 1. To stay.
থাকা ୨ । ଥାକ ମାରିବା—2. To arrange in layers.
थाकना ୩ । ଏକାବେଳକେ ଥକି ଯିବା—
3. To lose the strength altogether.

ଥାକୁଲ (ଲୁ) ଥାକୁଲ (ଲୁ)—ଦେ. ବଣ (ସଂ. ସ୍ଥୂଳ)—୧ । ଥଲ୍‌ଥଲିଆ; ସ୍ଥୂଳକାୟ ଓ ଦେହରୁ ମାଂସପୁଷ୍ଟା ଓହଳ ପଡ଼ୁଥିବା—1. Corpulent; stout.
Thākul (lu)thākul(lu)
ଥାକୁଲ ଥୁକୁଲ
ଥାକୁଲୁ ଥାକୁଲୁ } ଅନ୍ୟରୂପ
ଥାକୁଲୁ ଥୁକୁଲୁ
থাকুড় থুকুড় ଗଛ ତଳେ ଅଧାଉଦିଆ ଥାକୁଲ ଥାକୁଲ—
लथपथ ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୨ । ଥଲ ଥଲ; କୋମଳ ଓ ବାଦୁଆ—
2. Flabby; soft and thick.
୩ । ଲେସଡ଼ା ପଡ଼ୁଥିବା—3. Soft and waxy.

ଥାକୁଲା—ଦେ. ବଣ. ପୁଂ (ସଂ. ସ୍ଥୂଳକାୟ)—ସ୍ଥୂଳକାୟ; କୋଧା—
Thākulā Corpulent; fat; very stout.
(ଥାକୁଲୀ—ସ୍ତ୍ରୀ) ବଡ ହୋଇଥିଲେ ଥାକୁଲାଟାକୁ କୃତାକୁ ଖାଇବାକୁ—ଠଗ ।
ভুড়িয়া, **थलथल**

୧	ଐ	ଔ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ୍ଞ	ଶ,ସ	ଙ୍କ	ଚ୍ଛ	ଡ଼,ଢ଼	ୟ
୨	ଈ	ଊ	ଋ	ଌ	ଙ୍କ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଷ୍ୟ	ସ	ଶ	ଙ୍ଗ	ଛ୍ଥ	ଡ଼	ଂ

ଥାଟ—ଦେ. ବି. (ସଂ. ସ୍ଥିତ; ସଂ. ସ୍ଥାତୃ; ସ୍ଥାତା=ସ୍ଥିର ହେଶୀଳ; ଦଣ୍ଡାୟମାନ)—୧ । ସୈନ୍ୟଦଳ—1. Army.
Thāṭa
ঠাট ଶାଃ ଦୀ ଦକ୍ଷଳ-ଥାରେ ପ୍ରବେଶଲ୍ଲେ, ଜକାଳପଣ୍ଡଙ୍କ ଥାଟ ।
ठाट, थाट ରଘୁନାଥ. ପାବନୀ ।

୨ । ପ୍ରତିମାର ମେଢ଼; ଢାଞ୍ଚା—2. A frame work for an image's frame.

୩ । ଧଡ଼; କଙ୍କାଳ—3. Skeleton.

୪ । ଘରର ବାଉଁଶନିର୍ମିତ ଅବରଣ—4. The frame work for a thatched roof.

